# ଚଳନ୍ତି ଓଡ଼ିଆ ଅଭିଧାନ

# ଚଳନ୍ତି ଓଡ଼ିଆ ଅଭିଧାନ

ସମ୍ପାଦନା

ରାଜକିଶୋର ମିଶ୍ର

ଶୁଭେନ୍ଦୁ ମୁଣ୍ଡ

ଗୌରାଙ୍ଗ ଚରଣ ଦାଶ

ଓଡ଼ିଶା ସାହିତ୍ୟ ଏକାଡେମୀ

ଭୁବନେଶ୍ୱର

# ଚଳନ୍ତି ଓଡ଼ିଆ ଅଭିଧାନ

ଚନ୍ଦ୍ରଶେଖର ରଥ
ଅଧ୍ୟକ୍ଷ

**ସଂକଳକମଣ୍ଡଳୀ**

ବାସୁଦେବ ନନ୍ଦ, ବାସୁଦେବ ସାହୁ
ଶୁଭେନ୍ଦୁ ମୁଣ୍ଡ, ଗୌରାଙ୍ଗ ଚରଣ ଦାଶ,
ଅଜୟ କୁମାର ମିଶ୍ର, ଶିବରାମ ପାତ୍ର,
ବୈରାଗୀ ଚରଣ ଜେନା, ଶରତ ଚନ୍ଦ୍ର ପ୍ରଧାନ,
ବାବାଜୀ ଚରଣ ପଟ୍ଟନାୟକ, ଶ୍ୟାମାପ୍ରସନ୍ନ ମିଶ୍ର

ପ୍ରକାଶକ : ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର
ପ୍ରଥମ ସଂସ୍କରଣ : ୨୦୧୭
ମୁଦ୍ରଣ : ଦିବ୍ୟ ମୁଦ୍ରଣୀ, ଭୁବନେଶ୍ୱର
ପ୍ରଚ୍ଛଦ : ରମାକାନ୍ତ ସାମନ୍ତରାୟ
ମୂଲ୍ୟ : ଟ. ୫୦୦.୦୦

# Chalanti Odia Abhidhan

Chandra Sekhar Rath
Chairman

***Compiled by***

Basudeb Nanda, Basudeb Sahu,
Subhendu Mund , Gouranga Charan Dash
Ajay Kumar Mishra, Sibaram Patra,
Bairagi Charan Jena, Sarat Chandra Pradhan,
Babaji Charan Pattnaik, Shyama Prasanna Mishra

Published by Odisha Sahitya Akademi , Bhubaneswar
First Edition : 2017

*Printed by :* Divya Mudrani, Bhubaneswar
***Cover Design :*** Ramakanta Samantaray
Price : ₹ 500.00

## ପ୍ରାଗ୍‌ଭାଷ

ଚଳନ୍ତି ଓଡ଼ିଆ ଭାଷାର ଏଇ ଅଭିଧାନ ଅଗଣିତ ପାଠକ ପାଠିକାଙ୍କ ଅପରିମିତ ଆଗ୍ରହ ଓ ସଦିଚ୍ଛାର ବାସ୍ତବାୟନ। ଅନ୍ୟ ଦିଗରେ ବହୁ ବର୍ଷ ଧରି ଓଡ଼ିଶା ସାହିତ୍ୟ ଏକାଡେମୀ ତାରି ସହଯୋଗିତାର ହାତକୁ ଏଇ ପ୍ରକଳ୍ପପାଇଁ ସୁଦୂରପ୍ରସାରୀ କରିଛି। ନାନା କାରଣରୁ ଏହାର ପ୍ରକାଶନରେ ଯଥେଷ୍ଟ ବିଳମ୍ବ ଘଟିଛି। ତେବେ ଦୀର୍ଘ ପ୍ରୟାସଜନିତ ଫଳପ୍ରସୂ ସମୟ ଏବେ ଉପସ୍ଥିତ।

କହିବା ବାହୁଲ୍ୟ, ଓଡ଼ିଆ ପ୍ରାୟ ଚାରି କୋଟି ଲୋକଙ୍କର ମାତୃଭାଷା। ଏହାକୁ କେନ୍ଦ୍ରକରି ପରିଧିରେ ବହୁ ଭାଷା ଓ ଉପଭାଷା ରହିଛି । ଓଡ଼ିଶା ଭଳି ବିସ୍ତୀର୍ଣ୍ଣ ଭୂଖଣ୍ଡର ଭୌଗୋଳିକ ସୀମାର ଚୌହଦି ଭିତରେ ଯେଉଁ ଭାଷା ବହୁ ମଣିଷଙ୍କ ମୁଖନିଃସୃତ, ତାହା ମାନକ ଓଡ଼ିଆ ଭାଷାଠୁ କେତେ ଦୂରରେ ବା ନିକଟରେ, ସେକଥା ବ୍ୟବହାରକାରୀ ତଥା ଭାଷାବିଜ୍ଞାନୀମାନଙ୍କୁ ବେଶ୍ ଜଣାଅଛି। ପ୍ରସାରର ମାଧ୍ୟମ ଭାବରେ ବୈଦ୍ୟୁତିକ ଗଣମାଧ୍ୟମ, ଖବର କାଗଜ, ପାଠ୍ୟ ତଥା ଅନ୍ୟାନ୍ୟ ପୁସ୍ତକ ଆଦି ସାହିତ୍ୟିକ ପ୍ରୟାସର ସବୁ ସ୍ତରରେ ଏହି ଭାଷା ତାହାରି ପ୍ରାଥମିକତା ବଜାୟ ରଖିଆସିଛି। ତେବେ ବୃତ୍ତ ମଧ୍ୟସ୍ଥ କେନ୍ଦ୍ରବିନ୍ଦୁ ଉପରେ ଛିଡ଼ା ହୋଇ ପରିଧି ଆଡ଼କୁ ଆଖି ପକେଇଲେ ଯେଉଁ ଚେତନା ଜାଗ୍ରତ ହୁଏ, ତାହାହିଁ ଭାଷାପ୍ରେମୀଙ୍କୁ ପ୍ରଲୁବ୍ଧ କରେ ଚଳନ୍ତି ଭାଷାର ଏଭଳି ଖଣ୍ଡେ ଅଭିଧାନପାଇଁ ।

ଏହି ପ୍ରୟାସର ପ୍ରାରମ୍ଭିକ ପଦକ୍ଷେପ ନେବାବେଳଠୁ ଆଜିଯାକେ ଯେଉଁମାନେ ଆମ ସହିତ ରହିଆସିଛନ୍ତି ଓ ଥିଲେ ସେମାନଙ୍କ ମଧ୍ୟରେ ଭାଷା ଓ ସାହିତ୍ୟର ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ଚନ୍ଦ୍ର ଶେଖର ରଥଙ୍କୁ ମୁଁ ସର୍ବାଗ୍ରେ ସ୍ମରଣ କରୁଛି। ତାଙ୍କ ସହିତ ଭାଷାବିଜ୍ଞାନୀ ବାସୁଦେବ ନନ୍ଦ, ପ୍ରଫୁଲ୍ଲ କୁମାର ତ୍ରିପାଠୀ, ବାସୁଦେବ ସାହୁ, ବୈରାଗୀ ଚରଣ ଜେନା, ଶ୍ୟାମାପ୍ରସନ୍ନ ମିଶ୍ର, ଶରତ ଚନ୍ଦ୍ର ପ୍ରଧାନ, ବାବାଜୀ ଚରଣ ପଟ୍ଟନାୟକ, ଶିବରାମ ପାତ୍ର, ଅଜୟ କୁମାର ମିଶ୍ର ପ୍ରଭୃତିଙ୍କ ନାମ ସ୍ୱତଃ ମନେ ପଡ଼ି ଯାଉଛି। ତେବେ ପୂର୍ଣ୍ଣାଙ୍ଗ ହେବାବେଳକୁ ଯେଉଁ ତିନି ଜଣ ସାରସ୍ୱତ ବ୍ୟକ୍ତିତ୍ୱ ଆମକୁ ନିରନ୍ତର ଅନୁପ୍ରେରିତ କରିଛନ୍ତି ସେମାନେ ହେଲେ ରାଜକିଶୋର ମିଶ୍ର, ଶୁଭେନ୍ଦୁ ମୁଣ୍ଡ ଓ ଗୌରାଙ୍ଗ ଚରଣ ଦାଶ। ଏଇମାନେ ସମ୍ପାଦନା କାର୍ଯ୍ୟକୁ ନିଷ୍ଠାର ସହିତ ସମ୍ଭାଳିଥିବାରୁ ଆମର ଧନ୍ୟବାଦାର୍ହ।

ଏଇ ଦଶକରେ ପ୍ରଚଳିତ ଶବ୍ଦାବଳୀ ହିଁ ଅଭିଧାନର ସମ୍ପଦ-ଯେଉଁଥିରେ ନୂଆ, ପୁରୁଣା, ସାଧାରଣ କଥିତ, ଶବ୍ଦସମୂହର ସଂଖ୍ୟା ପ୍ରାୟ ୪୩,୦୦୦ । ସମାଜର ବୃହତ ପାଠକ ବର୍ଗ ଏହି ଅଭିଧାନରୁ ଉପକୃତ ହୋଇପାରିଲେ ଓଡ଼ିଶା ସାହିତ୍ୟ ଏକାଡେମୀର ଶ୍ରମ ସାର୍ଥକ ହେଲା ବୋଲି ବୁଝିବାକୁ ହେବ ।

ଅଶ୍ୱିନୀ କୁମାର ମିଶ୍ର
ସଚିବ
ଓଡ଼ିଶା ସାହିତ୍ୟ ଏକାଡେମୀ

## ‘ଚଳନ୍ତି ଓଡ଼ିଆ ଅଭିଧାନ’ ସମ୍ପର୍କରେ

ଲୋକମୁଖରେ ବହୁ ପ୍ରଚଳିତ ଶବ୍ଦକୁ ଅଭିଧାନ ଅନ୍ତର୍ଭୁକ୍ତ କରି ଓଡ଼ିଆ ଭାଷାର ପ୍ରୟୋଗପକ୍ଷକୁ ଅଧିକ ସମୃଦ୍ଧ ଓ ବ୍ୟାପକ କରିବା ହିଁ ‘ଚଳନ୍ତି ଓଡ଼ିଆ ଅଭିଧାନ’ ପ୍ରସ୍ତୁତିର ମୂଳ ଲକ୍ଷ୍ୟ। ସେଥିପାଇଁ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ କଥିତ ଶବ୍ଦସମୂହକୁ ଯଥାସମ୍ଭବ ସଂଗ୍ରହ କରି ମୂଳସ୍ରୋତରେ ସାମିଲ କରାଯାଇଛି। ଓଡ଼ିଆ ଭାଷାର ଅବିଭାଜ୍ୟ ସମ୍ପଦକୁ ଅବ୍ୟାହତ ରଖିବା ଉଦ୍ଦେଶ୍ୟରେ ଶବ୍ଦ ପରିଚୟକ୍ରମରେ ଆଞ୍ଚଳିକତାର ସୂଚନା ଦିଆଯାଇନାହିଁ।

ସାଧାରଣ ବ୍ୟବହାର-ବହିର୍ଭୂତ, ଅଥଚ ଅଭିଧାନଗୁଡ଼ିକରେ ସଙ୍କଳିତ ଅଧିକାଂଶ ତତ୍ସମ ଓ ତଦ୍‌ଭବ ଶବ୍ଦଗୁଡ଼ିକୁ ନିଆଯାଇନାହିଁ। କିନ୍ତୁ ଇଂରାଜୀ ତଥା ଅନ୍ୟ ଭାଷାର ବହୁଳ ଭାବରେ ବ୍ୟବହୃତ ଅନେକ ଶବ୍ଦକୁ ଗ୍ରହଣ କରାଯାଇଛି। ଯେଉଁ ଶବ୍ଦଗୁଡ଼ିକ ଲୋକମୁଖରେ କଥିତ ଅଥବା ପ୍ରଚଳିତ ଲେଖା ମାଧ୍ୟମରେ ବ୍ୟବହୃତ ଓ ସାମ୍ପ୍ରତିକ ଜୀବନଧାରାରେ ଭାବବିନିମୟପାଇଁ ପ୍ରତ୍ୟକ୍ଷ ଭାବରେ ସହାୟକ, ସେଗୁଡ଼ିକ ‘ଚଳନ୍ତି’ ଭାଷା ରୂପେ ସ୍ୱୀକାର କରାଯାଇଛି। ସେଥିପାଇଁ ବହୁ ସଂସ୍କୃତଭିତ୍ତିକ ଶବ୍ଦ, ପୁରାଣ ଓ ଧର୍ମଗ୍ରନ୍ଥରୁ ଆହରିତ ଦେବଦେବୀଙ୍କର ନାମ ତଥା ଉପାଖ୍ୟାନଗୁଡ଼ିକୁ ଭାଷାତାତ୍ତ୍ୱିକ କିମ୍ବା ସାଂସ୍କୃତିକ ମହତ୍ତ୍ୱ ସତ୍ତ୍ୱେ ବ୍ୟବହାରସିଦ୍ଧ ହେଉନଥିବାରୁ ଗ୍ରହଣ କରାଯାଇନାହିଁ।

ଓଡ଼ିଆ ବର୍ଣ୍ଣମାଳାରେ ଚନ୍ଦ୍ରବିନ୍ଦୁ, ଅନୁସ୍ୱାର, ବିସର୍ଗ ଅନ୍ୟ ଅଭିଧାନରେ ବ୍ୟବହୃତ କ୍ରମରେ ହିଁ ଏହି ଗ୍ରନ୍ଥରେ ବିନ୍ୟସ୍ତ କରାଯାଇଛି।

‘କ୍ଷ’ ଅକ୍ଷରକୁ ‘ହ’ ପରେ ବର୍ଣ୍ଣମାଳାର ଶେଷ ବ୍ୟଞ୍ଜନ ରୂପେ ସ୍ୱୀକାର କରିବା ଓଡ଼ିଆରେ ‘ଚଉତିଶା’ ଆଦି ପରମ୍ପରାସମ୍ମତ ହୋଇଥିବାରୁ ଚଳନ୍ତି ଓଡ଼ିଆ ଅଭିଧାନରେ ତାହାକୁ ସ୍ୱତନ୍ତ୍ର ଭାବେ ସ୍ଥାନିତ କରାଯାଇଛି।

ସବୁ ଯୁକ୍ତାକ୍ଷର, ମାତ୍ରା ଓ ଫଳାଦିଘଟିତ ଅକ୍ଷରଗୁଡ଼ିକୁ ପାରମ୍ପରିକ ରୂପରେ ହିଁ ଲେଖା ଯାଇଛି। ଲିପିସଂସ୍କାର ଏକ ସ୍ୱତନ୍ତ୍ର ଦାୟିତ୍ୱ ହୋଇଥିବାରୁ ସେହି ଦିଗରେ ‘ଚଳନ୍ତି ଓଡ଼ିଆ ଅଭିଧାନ’ରେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏଣୁ ବର୍ଣ୍ଣାନୁକ୍ରମରେ ଙ, ଞ, ଣ, ନ, ମ ସଂଯୋଗରେ ପ୍ରସ୍ତୁତ ଯୁକ୍ତାକ୍ଷରକୁ ଙ୍କ, ଞ୍ଚ, ଣ୍ଟ, ନ୍ତ, ମ୍ପ ତଥା ତ, ୟ, ର, ଲ ଫଳାଯୁକ୍ତ ଅକ୍ଷରକୁ କ୍ତ, କ୍ୟ, କ୍ୟ, କ୍ର, ର୍କ, କ୍ଲ ରୂପେ ପାରମ୍ପରିକ ଲିଖନ ଶୈଳୀରେ ଗ୍ରହଣ କରାଯାଇଛି।

ସେହିପରି ରେଫ୍‌ଯୁକ୍ତ ବର୍ଣ୍ଣର ସବୁ କ୍ଷେତ୍ରରେ ଦ୍ୱିତ୍ୱ କରାଯାଇନାହିଁ। କେବଳ ଯାହା ବ୍ୟବହାରସିଦ୍ଧ, ତାହାକୁ ସ୍ୱୀକାର କରାଯାଇଛି।

ଆଞ୍ଚଳିକ ଶବ୍ଦ ସଂକଳନ, ଯଥା - ପୁରୀବୋଲି, ସାନ୍ତାଳି ଶବ୍ଦକୋଷ, ସମ୍ବଲପୁରୀ ଓଡ଼ିଆ ଶବ୍ଦକୋଷ ଇତ୍ୟାଦିରୁ ଅତ୍ୟନ୍ତ ସହଜ, ସରଳ ଓ ବହୁଳ ଭାବେ ବ୍ୟବହୃତ ଅନେକ ଶବ୍ଦକୁ ମୂଳସ୍ରୋତରେ ସାମିଲ କରାଯାଇଛି। ଏହି କାର୍ଯ୍ୟରେ ନିଯୁକ୍ତ ସହଯୋଗୀ ବିଦ୍ୱାନ୍‌ମାନଙ୍କର ଉପଲବ୍ଧ ଜ୍ଞାନ ତଥା ବିଭିନ୍ନ ଅଞ୍ଚଳ ସହିତ ସେମାନଙ୍କର ବ୍ୟକ୍ତିଗତ ସମ୍ପର୍କରୁ ସଂଗୃହୀତ ଶବ୍ଦାବଳୀ ଏଥିରେ ସନ୍ନିବେଶିତ ହୋଇଛି। କେତେକ ସୀମିତ କ୍ଷେତ୍ରରେ ଗୋଟିଏ ଶବ୍ଦର ଉଚ୍ଚାରଣଗତ ବିଭେଦକୁ ସ୍ୱତନ୍ତ୍ର ମାନ୍ୟତା ଦେବାକୁ ପଡ଼ିଛି।

ଅବର୍ଗ୍ୟ 'ଯ' 'ୟ' ଠାରୁ ସ୍ୱତନ୍ତ୍ର ଏବଂ 'ୱ' ଏକ ସ୍ୱତନ୍ତ୍ର  ବର୍ଣ୍ଣ ରୂପେ ଗୃହୀତ ହୋଇଛି।

କହିବା ବାହୁଲ୍ୟ ଯେ, ଅଭିଧାନ କୌଣସି ନିଷ୍ପନ୍ନ କର୍ମ ନୁହେଁ। ତାହା ଏକ କ୍ରମବର୍ଦ୍ଧମାନ ଓ ପ୍ରସରଣଶୀଳ କ୍ରିୟା । ଏଣୁ 'ଚଳନ୍ତି ଓଡ଼ିଆ ଅଭିଧାନ' ତାର କିଛି କିଛି ମୌଳିକତା ଓ ନୂତନତା ସତ୍ତ୍ୱେ ସର୍ବଦା ଏକ ମାର୍ଜିତ ଓ ବର୍ଦ୍ଧିତ ସଂସ୍କରଣର ଅପେକ୍ଷା ରଖିବା ସ୍ୱାଭାବିକ।

ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗର ଯୋଜନା ଅନୁସାରେ ଓଡ଼ିଶା ସାହିତ୍ୟ ଏକାଡେମୀର ତତ୍ତ୍ୱାବଧାନରେ ଏହି ଅଭିଧାନ କାର୍ଯ୍ୟ ସମ୍ପାଦନ ସମ୍ଭବ ହୋଇପାରିଛି। ଯେଉଁ ବିଦ୍ୱାନ୍‌ମାନଙ୍କର ଅକୁଣ୍ଠ ଓ ଅକ୍ଳାନ୍ତ ସହଯୋଗ ବିନା 'ଚଳନ୍ତି ଓଡ଼ିଆ ଅଭିଧାନ' ଲୋକଲୋଚନକୁ ଆସିପାରିନଥାନ୍ତା ସେମାନେ ସର୍ବଶ୍ରୀ : ବାସୁଦେବ ନନ୍ଦ, ବୈରାଗୀ ଚରଣ ଜେନା, ଶିବରାମ ପାତ୍ର, ଶ୍ୟାମାପ୍ରସନ୍ନ ମିଶ୍ର, ଶୁଭେନ୍ଦୁ ମୁଣ୍ଡ, ବାବାଜୀ ଚରଣ ପଟ୍ଟନାୟକ, ଅଜୟ କୁମାର ମିଶ୍ର, ଗୌରାଙ୍ଗ ଚରଣ ଦାଶ ।

ଏମାନେ ସମସ୍ତେ ଏକକ ଓ ସାମୂହିକ ଭାବରେ ଆନ୍ତରିକ ଧନ୍ୟବାଦର ପାତ୍ର। ସେଥିମଧ୍ୟରୁ ଅଭିଧାନଟିକୁ ବାରମ୍ବାର ସଂଶୋଧନ କରି ଚୂଡ଼ାନ୍ତ ରୂପ ଦେବାରେ ଶ୍ରୀ ରାଜକିଶୋର ମିଶ୍ର, ଡକ୍ଟର ଶୁଭେନ୍ଦୁ ମୁଣ୍ଡ ଓ ଡକ୍ଟର ଗୌରାଙ୍ଗ ଚରଣ ଦାଶଙ୍କ ଶ୍ରଦ୍ଧା ସ୍ୱତନ୍ତ୍ର ଭାବରେ ଉଲ୍ଲେଖନୀୟ।

ଚନ୍ଦ୍ରଶେଖର ରଥ<br>ଅଧ୍ୟକ୍ଷ

# ଭୂମିକା

ଓଡ଼ିଆ ଅଭିଧାନ/ଶବ୍ଦକୋଷ ପ୍ରଣୟନର ଇତିହାସ ଏତେ ଅଧିକ ପୁରୁଣା ନୁହେଁ : ଏହାର ଜନକ ଉପେନ୍ଦ୍ର ଭଞ୍ଜ। ଭଞ୍ଜଙ୍କର **ଗୀତାଭିଧାନ** କବିତାରେ ଏହାର ସୂଚନା ମିଳେ। ଆଧୁନିକ ଅଭିଧାନ ପ୍ରଣୟନର ପରମ୍ପରା ପ୍ରାୟ ଦୁଇଶହ ବର୍ଷର, ଊନବିଂଶ ଶତାବ୍ଦୀର ଆଦ୍ୟଭାଗ। ବିଦେଶୀ ଖ୍ରୀଷ୍ଟିୟାନ୍ ମିଶନାରୀମାନଙ୍କ ଧର୍ମପ୍ରଚାର ଏବଂ ଔପନିବେଶିକ ଶାସକମାନଙ୍କ ସୁବିଧା ନିମନ୍ତେ ଅଭିଧାନ, ବ୍ୟାକରଣ ଆଦି ପୁସ୍ତକର ଆବଶ୍ୟକତା ଅନୁଭୂତ ହୋଇଛି। ପାଦ୍ରୀମାନେ ଭାରତୀୟ ଭାଷାଗୁଡ଼ିକରେ ବିଭିନ୍ନ ପ୍ରକାରର 'ଆଧୁନିକ' ଶବ୍ଦକୋଷ ସଂକଳନ କରିଛନ୍ତି। ସ୍ଥାନୀୟ ପଣ୍ଡିତମାନଙ୍କ ସାହାଯ୍ୟ ନେଇଛନ୍ତି, ଏବଂ ପରବର୍ତ୍ତୀ କାଳରେ ଓଡ଼ିଆ ଆଭିଧାନିକମାନେ ଆପଣା ଜାତିର ଆବଶ୍ୟକତା ପୂରଣ ଉଦ୍ଦେଶ୍ୟରେ ଏହି ଆୟାସସାଧ୍ୟ ଓ ପ୍ରୀତିପ୍ରଦ କାର୍ଯ୍ୟ ସମ୍ପାଦନପାଇଁ ଶ୍ରଦ୍ଧାଶୀଳ ହୋଇଛନ୍ତି।

ସେକାଳରେ, ପ୍ରାୟ ଦୁଇଶହ ବର୍ଷ ତଳେ ବିଦେଶୀ ବିଦ୍ୱାନ୍‌ମାନଙ୍କ ଅଭିଧାନରେ ଓଡ଼ିଆ ଭାଷାର ସାମର୍ଥ୍ୟ ଅନୁଭୂତ ହୋଇଛି। ଏପରିକି ଓଡ଼ିଆ ବ୍ୟାକରଣ, ଅଭିଧାନ ଆଦିରେ ସଂସ୍କୃତର ସାର୍ବଭୌମ ପ୍ରଭାବକୁ ଅଣଦେଖାକରି, ଓଡ଼ିଆ ସ୍ୱରୂପ ଚିହ୍ନାଇଦେବାର ଉଦ୍ୟମ କରାଯାଇଛି। ଏଭଳି ନିରୁତା ଶବ୍ଦଗୁଡ଼ିଏ, ଯାହା ଉଚ୍ଚ ସମାଜର ବର୍ଜ୍ୟ, ସେଗୁଡ଼ିକ ମଧ୍ୟ ଅଭିଧାନର ପୃଷ୍ଠା ମଣ୍ଡନ କରିଛି ।

ବିଦେଶୀମାନଙ୍କ ଶବ୍ଦବୋଧ ପ୍ରତିଧ୍ୱନିତ ହୋଇଛି ଗୋପୀନାଥ ନନ୍ଦଶର୍ମାଙ୍କ *ଶବ୍ଦତତ୍ତ୍ୱବୋଧ ଅଭିଧାନ* (୧୯୧୬) ଓ ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ *ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ* (୧୯୩୧-୪୦)ରେ। ପ୍ରହରାଜ ସ୍ପଷ୍ଟ କରି ଦେଇଛନ୍ତି, ଅଭିଧାନକାରର କର୍ତ୍ତବ୍ୟ ଏକ ଭାଷାଭାଷୀ ଅଞ୍ଚଳରେ କଥିତ ଓ ପ୍ରଚଳିତ ଶବ୍ଦଗୁଡ଼ିକର ସଂଗ୍ରହ ଓ ସଂକଳନ । ଏହା ଏକ ଜାତିର ସମ୍ପଦ। ସାହିତ୍ୟରେ ସେଗୁଡ଼ିକ ବ୍ୟବହୃତ ହେଉଥାଉ ବା ନଥାଉ, ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ।

ବିଗତ ପ୍ରାୟ ଦୁଇଶହ ବର୍ଷ ଅବଧିରେ ଓଡ଼ିଆ ଭାଷାରେ ଶତସଂଖ୍ୟକ ବିଭିନ୍ନ ଆକାର ଓ ପ୍ରକାରର ଅଭିଧାନ ଅବଶ୍ୟ ପ୍ରକାଶପାଇଛି । କହିବା ବାହୁଲ୍ୟ, ଏହି ***ଚଳନ୍ତି ଓଡ଼ିଆ ଅଭିଧାନ*** ସେହି ମହାର୍ହ ପରମ୍ପରାର ଅନ୍ୟତମ ଫଳଶ୍ରୁତି ମାତ୍ର। ପ୍ରତ୍ୟେକ ନୂଆ ପରିଯୋଜନାରେ କିଛି ନୂତନତ୍ୱ ଥାଏ । ଏଥିରେ ମଧ୍ୟ ଅଛି। ଆମମାନଙ୍କ ବିଚାରରେ ଏହି ଅଭିଧାନର ସବୁଠାରୁ ବଡ଼ ସଫଳତା, ଚଳନ୍ତି ଓଡ଼ିଆ ଶବ୍ଦସମ୍ଭାରର ସଂଯୋଜନ।

ଓଡ଼ିଆ ଜାତିର ସାଂସ୍କୃତିକ ଜୀବନ ଓ ଜୀବନଚର୍ଯ୍ୟା ଇତିହାସର ବିଭିନ୍ନ ସମୟରେ ବହୁଧା ବିଚ୍ଛିନ୍ନ ଓ ବିଭିନ୍ନ ହେବାର ଆଶଙ୍କା ମଧ୍ୟରେ ଗତି କରିଛି। ଏହା ଐତିହାସିକ ସତ୍ୟ ଯେ, ଯେଉଁ ସମୟଖଣ୍ଡରେ ଓଡ଼ିଆ ଭାଷା ପ୍ରତି ସବୁଠାରୁ ବେଶି ବିପଦ ଦେଖା ଦେଇଥିଲା, ସେହି କାଳରେ ହିଁ ଏହାର ସଶକ୍ତୀକରଣର ଯୋଜନାବଦ୍ଧ ଉଦ୍ୟମ ହୋଇଛି। କିନ୍ତୁ ଏପର୍ଯ୍ୟନ୍ତ ସମଗ୍ର ଓଡ଼ିଆ ଜାତିର ମୁହଁର ଭାଷା ଗୋଟିଏ ଭାଷା ରୂପେ ଏକ ଗ୍ରନ୍ଥରେ ସଂକଳିତ ହୋଇ ନ ଥିଲା। ଚଳନ୍ତି ଓଡ଼ିଆ ଅଭିଧାନରେ ଆମେ ସେହି ବିଚ୍ଛିନ୍ନତା ଓ ବ୍ୟବଧାନକୁ ଦୂର କରିବାକୁ ଉଦ୍ୟମ କରିଛୁ। ଅନ୍ୟ ଭାଷାଗୁଡ଼ିକ ଭଳି ଓଡ଼ିଆରେ ମଧ୍ୟ ତଥାକଥିତ

ସଂସ୍କୃତ-ମନସ୍କତା ରହି ଆସିଛି। ଏହି ଦୃଷ୍ଟିଭଙ୍ଗୀ ସମ୍ପୂର୍ଣ୍ଣ ଭୁଲ ମଧ୍ୟ ନୁହେଁ। ଆମ ଭାଷାରେ ଆମେ ସଂସ୍କୃତର ସମ୍ମାନିତ ଉପସ୍ଥିତିକୁ ସ୍ୱୀକାର କରିବା ସଙ୍ଗେ ସଙ୍ଗେ ବିଭିନ୍ନ ଓଡ଼ିଆଭାଷୀ ଅଞ୍ଚଳର ଶବ୍ଦବିଭବକୁ ଏଠାରେ ସ୍ଥାନିତ କରିବାକୁ ଚେଷ୍ଟା କରିଛୁ। ସେଥିପାଇଁ ଆମେ ସମସ୍ତ ଉପଲବ୍ଧ ଶବ୍ଦକୋଷର ସହାୟତା ନେଇଛୁ ଏବଂ ଅଭିଜ୍ଞ ସଂକଳକମାନଙ୍କର ପରାମର୍ଶର ଉପଯୋଗ କରିଛୁ।

ଆମେ ଜାଣୁ, ଜାତି ଗଢ଼ଣରେ ଭାଷା ଏକ ଶକ୍ତିଶାଳୀ ଯୋଡ଼ଣ। ଅନୁରୂପ ଭାବରେ ଏହା ମଧ୍ୟ କୁହାଯାଇ ପାରିବ, ଭାଷା-ରାଜନୀତି ଗୋଟିଏ ଜାତିର ରାଜନୀତିକ ଓ ସାଂସ୍କୃତିକ ବିଭକ୍ତୀକରଣର ମଧ୍ୟ କାରଣ ହୋଇଥାଏ। ସମାଜବିଜ୍ଞାନରେ ଏହା କ୍ଷମତାକେନ୍ଦ୍ର ଓ ଉପାନ୍ତ ରାଜନୀତି । ମାତ୍ର ଆମେ ଭାଷା ମାଧ୍ୟମରେ 'କେନ୍ଦ୍ର' ଓ 'ଉପାନ୍ତ' ମଧ୍ୟବର୍ତ୍ତୀ ଦୂରତ୍ୱକୁ ହ୍ରାସ କରିବା ନିମନ୍ତେ ଶପଥ ନେଇଛୁ। ତେଣୁ ସ୍ଥାନୀୟତା ଭେଦରେ ଶବ୍ଦର ବର୍ଗୀକରଣ କରିନାହୁଁ । ପାରମ୍ପରିକ ଅଭିଧାନରେ ବ୍ୟବହୃତ ତତ୍‌ସମ, ତଦ୍‌ଭବ, ଯାବନିକ, ଦେଶଜ ଆଦି ଶବ୍ଦର ଉତ୍ସ ନିର୍ଦ୍ଦେଶ ଓ ବର୍ଣ୍ଣନା ରହିଥାଏ । ଏଥିପାଇଁ ସ୍ୱତନ୍ତ୍ର ଶବ୍ଦକୋଷ ତିଆରି ଏକ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା । କିନ୍ତୁ ଗୋଟିଏ ଚଳନ୍ତି, ଜୀବନ୍ତ ଭାଷାରେ ତାହାର ବିଶେଷ ଆବଶ୍ୟକତା ନଥାଏ ବୋଲି ଆମର ବିଶ୍ୱାସ। ଯେକୌଣସି ସମର୍ଥ ଭାଷା ଆହରିତ ଶବ୍ଦଦ୍ୱାରା ପରିପୁଷ୍ଟ ହୋଇଥାଏ ଏବଂ ବ୍ୟାପକ ଅର୍ଥବୋଧ ହାସଲ କରିଥାଏ। ସମ୍ପ୍ରତି ଜଗତିକରଣ, ବହୁରାଷ୍ଟ୍ରୀୟ ବିଧିବ୍ୟବସ୍ଥା ତଥା ସୂଚନା ଓ ପ୍ରଯୁକ୍ତି ବିଜ୍ଞାନର ଉତ୍‌ଥାନ ଯୋଗୁଁ ଅନ୍ୟ ଭାଷାଗୁଡ଼ିକ ଭଳି ଓଡ଼ିଆ ଭାଷାରେ ମଧ୍ୟ ସ୍ୱାଭାବିକ ଭାବରେ ଆହରଣଶୀଳତା ବୃଦ୍ଧି ପାଇଛି। ଏହା ସହିତ ଗଣମାଧ୍ୟମ ଜରିଆରେ ମଧ୍ୟ ବହୁ ଶବ୍ଦ ପ୍ରତିଦିନ ଆମ ବ୍ୟବହାର ପରିସରକୁ ସ୍ୱତଃ ପ୍ରବେଶ କରୁଛନ୍ତି। ଅନେକେ ଏହିଭଳି ଅନୁପ୍ରବେଶକୁ ସହଜରେ ଗ୍ରହଣ କରିପାରନ୍ତି ନାହିଁ। ଓଡ଼ିଆ ଭାଷାର 'ଓଡ଼ିଆତ୍ୱ' କ୍ରମେ ଲୋପ ପାଇଯାଉଛି ବୋଲି ଯୁକ୍ତି କରନ୍ତି। କିନ୍ତୁ ଏପରି ଧାରଣା ଉଚିତ ନୁହେଁ। ବିଶ୍ୱର ସବୁଠାରୁ ବ୍ୟାପକ-ବ୍ୟବହୃତ ଇଂଲିଶ ଭାଷା କେବଳ ଆହରଣ ମାଧ୍ୟମରେ ହିଁ ତା'ର ଶକ୍ତି ଓ ସାମର୍ଥ୍ୟ ବୃଦ୍ଧି କରିଚାଲିଛି। ଆହରିତ ଶବ୍ଦ ଯେକୌଣସି ଭାଷାପାଇଁ ଶୁଭଙ୍କର ଏବଂ ସ୍ୱାଗତଯୋଗ୍ୟ।

ସାଂସ୍କୃତିକ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ କଥିତ ଓ ଲିଖିତ ଶବ୍ଦଗୁଡ଼ିକର ଓଡ଼ିଆ ଭାଷା ସହିତ ସମ୍ମିଶ୍ରଣ ଫଳରେ ଓଡ଼ିଆ ଭାଷାର ସାମର୍ଥ୍ୟ ବୃଦ୍ଧି ହେବ, ଏବଂ ତାହା ସହିତ ବିଭିନ୍ନ ଅଞ୍ଚଳର ଲୋକେ ଅନ୍ୟ ଅଞ୍ଚଳର କଥା ବୁଝିବାରେ କ୍ଷମ ହେବେ। ଏହା ଅଖଣ୍ଡ ସାଂସ୍କୃତିକ ଓ ରାଜନୀତିକ ଓଡ଼ିଆ ଗଢ଼ଣର କାରଣ ହେବ। ତାହା ସହିତ ଓଡ଼ିଆ ଭାଷାର ଶବ୍ଦ-ସାମର୍ଥ୍ୟ ଆମର ଆତ୍ମବିଶ୍ୱାସ ବୃଦ୍ଧି କରିବ ଏବଂ ସାହିତ୍ୟ ଓ ଗଣମାଧ୍ୟମରେ ସେଗୁଡ଼ିକର ବ୍ୟବହାରଦ୍ୱାରା ଭାବପ୍ରକାଶ ସହଜ ଓ ବ୍ୟାପକ ହେବ।

ଓଡ଼ିଆ ଭାଷାରେ ବିଭିନ୍ନ ବସ୍ତୁର ଏକାଧିକ ନାମ ରହିଛି। 'ପିଜୁଳି' ଏଭଳି ଏକ ଫଳ, ଯାହାର ସବୁଠାରୁ ଅଧିକ ନାମ ରହିଛି (ଚାଉଳିଆ, ମାୟା, ମେଘୁଆ, ଜାମ୍, ପେଢ଼ା ଇତ୍ୟାଦି)। କ୍ଷେତବାରି, ମାଛଧରା, ଘରତିଆରି ଆଦିରେ ବ୍ୟବହୃତ ହଜାର ହଜାର ମୌଳିକ ଶବ୍ଦ ଆମେ ଏଥିରେ ସଂଗୃହୀତ କରିପାରିଛୁ। ଏଭଳି ଶବ୍ଦଗୁଡ଼ିକ କ୍ରମେ ବିଲୁପ୍ତ ହେଇଯାଉଛନ୍ତି ଏବଂ ନୂଆ ଶବ୍ଦଗୁଡ଼ିକ ସେହି ଶୂନ୍ୟସ୍ଥାନଗୁଡ଼ିକୁ ପୂରଣ କରୁଛନ୍ତି। ହଳ, ନଙ୍ଗଳ, ବଳଦଗାଡ଼ି ଆଦି ସହିତ ସମ୍ପୃକ୍ତ ଶବ୍ଦଗୁଡ଼ିକ ମଧ୍ୟ କ୍ରମେ ହଜିଯିବେ। ଠିକ୍ ସେହିଭଳି, ଆମ କାବ୍ୟକବିତାରେ ବ୍ୟବହୃତ ବିଭିନ୍ନ ସଂସ୍କୃତ-ମୂଳ (ତତ୍‌ସମ, ତଦ୍‌ଭବ) ଶବ୍ଦ ମଧ୍ୟ ହଜିଯିବେ। ଏଭଳି ଅଜସ୍ର ଶବ୍ଦ ଆମ ସମୂହ ଚେତନାରେ କିନ୍ତୁ ବଞ୍ଚି ରହିଛନ୍ତି।

ଏଗୁଡ଼ିକ ହୁଏତ 'ଚଳନ୍ତି' ହୋଇ ନପାରନ୍ତି, କିନ୍ତୁ ସାହିତ୍ୟ ଅଧ୍ୟୟନ/ରଚନା କ୍ଷେତ୍ରରେ ଏଗୁଡ଼ିକ ଜୀବନ୍ତ ରହିଥିବେ। ତେଣୁ ଆମେ ସେଭଳି ଶବ୍ଦଗୁଡ଼ିକୁ ମଧ୍ୟ ଅଭିଧାନରେ ଅନ୍ତର୍ଭୁକ୍ତ କରିଛୁ (ଯଥା, ସରୋବର, ପୁଷ୍କରିଣୀ, ଗଗନ, ବିଭାବରୀ ଆଦି)।

ବିଭିନ୍ନ ଓଡ଼ିଆ ଭାଷା-ଭାଷୀ ଅଞ୍ଚଳର ଅନେକ ଶବ୍ଦ ସାମାନ୍ୟ ଉଚ୍ଚାରଣଗତ ଭିନ୍ନତା (allophonic variation) ସହ ଉଚ୍ଚାରିତ ହୋଇଥାନ୍ତି (ଯଥା-ପାଣି, ପାନି, ପାଏନ୍, ପେନ୍ ବା ଡାଲି, ଦାଲି, ଦେଲ୍, ଦାଏଲ୍)। ଆମେ ସେଭଳି ସମସ୍ତ ଶବ୍ଦ ଏହି ଅଭିଧାନରେ ଅନ୍ତର୍ଭୁକ୍ତ କରିବାପାଇଁ ଉଦ୍ୟମ କରିଛୁ, ଯାହା ଆଞ୍ଚଳିକ ବୈଷମ୍ୟ ଦୂରୀକରଣରେ ସହାୟକ ହୋଇପାରିବ।

ଓଡ଼ିଆ ଭାଷାରେ ବର୍ଣ୍ଣକ୍ରମ ଆଜି ମଧ୍ୟ ଏକ ବିବଦମାନ ବିଷୟ। ଏହି ଅଭିଧାନରେ ଆମେ ଏହାର ବ୍ୟାବହାରିକ ଦିଗ ଉପରେ ଗୁରୁତ୍ୱ ଆରୋପ କରି ବର୍ଣ୍ଣକ୍ରମ ସ୍ଥିର କରିଛୁ। ମାତ୍ର ଆମପାଇଁ ଆଦର୍ଶ ହୋଇଛି ଚଉତିଶା। ଏହି କ୍ରମର ପରମ୍ପରା ପ୍ରାୟ ପାଞ୍ଚଶହ ବର୍ଷରୁ ଅଧିକ କାଳଧରି ପରୀକ୍ଷିତ ଓ ସର୍ବ ସ୍ୱୀକୃତ। ସେଥିପାଇଁ ଆମେ ରଣଧନ୍ଦୋଳ ଭିତରକୁ ପଶିବାକୁ ଉଚିତ ମଣିନାହୁଁ। 'କ୍ଷ' ବର୍ଣ୍ଣାଦ୍ୟ ଶବ୍ଦ 'କ' ଶେଷ ପରିବର୍ତ୍ତେ ଗ୍ରନ୍ଥର ଶେଷରେ ରଖିଛୁ ।

'ଙ୍କ' ଆମ ଭାଷାର ବର୍ଣ୍ଣକ୍ରମରେ ସ୍ୱତନ୍ତ୍ର ଭାବରେ ଏକ ବର୍ଣ୍ଣର ମର୍ଯ୍ୟାଦା ପାଇନାହିଁ। କିନ୍ତୁ ଶବ୍ଦର ଆଦ୍ୟାକ୍ଷର ରୂପେ ବ୍ୟବହାରର ବ୍ୟାପକତାକୁ ସମ୍ମାନ ଜଣାଇ ଆମେ 'ଙ୍କ' କୁ ଏକ ସ୍ୱତନ୍ତ୍ର ବର୍ଣ୍ଣ ଭାବରେ ବ୍ୟବହାର କରିଛୁ।

ଓଡ଼ିଆ ଭାଷାରେ ଅବର୍ଗ୍ୟ 'ବ'ର ବ୍ୟବହାର ଥିବା ସତ୍ତ୍ୱେ ସ୍ୱତନ୍ତ୍ର ଲିପି ନଥିବାରୁ ଉଚ୍ଚାରଣ ଏବଂ ଲିପି ମଧ୍ୟରେ ଯୋଗଯୋଗ ହୋଇପାରେ ନାହିଁ। ଓଡ଼ିଆ ଭାଷାରେ ସମ୍ପ୍ରତି ଅନ୍ୟଭାଷାଗୁଡ଼ିକର (ବିଶେଷତଃ, ଇଂଲିଶ ଓ ହିନ୍ଦୀ)ର ସ୍ୱଚ୍ଛନ୍ଦ ପ୍ରଭାବ ଫଳରେ ଆମ ଭାଷାରେ ଏହି ବର୍ଣ୍ଣ-ଆଦ୍ୟ ଶବ୍ଦଗୁଡ଼ିକ ବହୁଳ ପ୍ରବେଶ ଘଟିଛି (ୱାଟରକୁଲର, ୱାପସ୍, ୱାଇଫାଇ ଆଦି)। ତେଣୁ ଉଚ୍ଚାରଣକୁ ଦୃଷ୍ଟିରେ ରଖି ଆମେ 'ୱ' କୁ ଏକ ସ୍ୱତନ୍ତ୍ର ବର୍ଣ୍ଣ ରୂପେ ବ୍ୟବହାର କରିଛୁ। ପ୍ରହରାଜ ଏହି ପରମ୍ପରା ଆରମ୍ଭ କରିଥିଲେ। ସ୍ୱରବର୍ଣ୍ଣରେ ଫଳାଯୁକ୍ତ ହେବା ବ୍ୟାକରଣିକ ନିୟମ ବିରୁଦ୍ଧ ଯୋଗୁଁ, ସେକାଳରେ ତାଙ୍କୁ ସମାଲୋଚିତ ହେବାକୁ ପଡ଼ିଛି। ଆମେ କିନ୍ତୁ ବିଦେଶୀ ଭାଷା ଲିଖନ କାଳରେ 'ୱ' ଲିପିର ସ୍ୱାତନ୍ତ୍ୟ ସ୍ୱୀକାର କରିବା। ବିଶ୍ୱାସ, ବିଦ୍ୱତ୍‌ମଣ୍ଡଳୀ ଆମକୁ ଗ୍ରହଣ କରିବେ। ଆମ ଅଭିଧାନଗୁଡ଼ିକ ସାଧାରଣତଃ ପ୍ରତିଶବ୍ଦକୋଷ। ଗୋପାଳଚନ୍ଦ୍ର ପ୍ରହରାଜ ଶବ୍ଦଗୁଡ଼ିକର ଅର୍ଥ ଅବବୋଧପାଇଁ ସେଗୁଡ଼ିକର ବର୍ଣ୍ଣନା ବା ବ୍ୟାଖ୍ୟା ଉପରେ ଗୁରୁତ୍ୱ ଦେଇଛନ୍ତି। ଅନ୍ୟମାନେ ଏହି ଆଦର୍ଶକୁ ପ୍ରାୟତଃ ଗ୍ରହଣ କରିନାହାନ୍ତି। ଆମେ ଉଦ୍ୟମ କରିଛୁ, ମାତ୍ର ସକଳ କ୍ଷେତ୍ରରେ ସଫଳ ହୋଇ ପାରିନାହୁଁ । ଭବିଷ୍ୟତରେ ଆଦର୍ଶ ପାଳନରେ ସମର୍ଥ ହୋଇପାରିବୁ ବୋଲି ପ୍ରତିଶ୍ରୁତି ଦେଉଛୁ।

ଏହି ଅଭିଧାନରେ ଆମେ ଶବ୍ଦଗୁଡ଼ିକର ବ୍ୟାକରଣିକ ପରିଚୟ ପ୍ରଦାନ ସହିତ ସେଗୁଡ଼ିକର ବ୍ୟବହାର ବୈଚିତ୍ର୍ୟ ଏବଂ କ୍ରମାନୁସାରେ ଅର୍ଥ/ପ୍ରତିଶବ୍ଦ/ବର୍ଣ୍ଣନା ପ୍ରଦାନ କରିଛୁ। ଯେଉଁ ଶବ୍ଦଗୁଡ଼ିକର ଏକାଧିକ ବନାନ ପ୍ରଚଳିତ, ସେହି ଭିନ୍ନତା ମଧ୍ୟ ଏକତ୍ର ଦେଖାଇଛୁ। ଆମେ ଶବ୍ଦର ବନାନ ବା ଅର୍ଥଜ୍ଞାପନ ଆଦିକୁ ମାନକତା ପ୍ରଦାନ କରିବାର ଅପଚେଷ୍ଟା କରିନାହୁଁ।

ଆମମାନଙ୍କର ସଯତ୍ନ ଉଦ୍ୟମ ସତ୍ତ୍ୱେ ତ୍ରୁଟି ରହି ଯାଇଥିବା ସ୍ୱାଭାବିକ। କେତେକ ସ୍ଥଳରେ ଆମେ ଜାଣିଶୁଣି ଆପାତ ଭ୍ରାନ୍ତିଗୁଡ଼ିକୁ ମଧ୍ୟ ସ୍ଥାନ ଦେଇଛୁ। ଆମର ବିଶ୍ୱାସ, ପରବର୍ତ୍ତୀ ସଂସ୍କରଣରେ ଏହି ଅଭିଧାନରେ ରହିଯାଇଥିବା ଇଚ୍ଛାକୃତ ବା ଅନିଚ୍ଛାକୃତ ପ୍ରମାଦର ସଂଶୋଧିତ ଓ ଉପଯୁକ୍ତ ରୂପ ପ୍ରଦାନ କରିପାରିବୁ।

***ଚଳନ୍ତି ଓଡ଼ିଆ ଅଭିଧାନ*** ପ୍ରଣୟନର ପରିକଳ୍ପନା ପ୍ରାୟ ବାରବର୍ଷ ଅତୀତର । ବିଭିନ୍ନ କାରଣରୁ ଏହି କାର୍ଯ୍ୟ ବିଳମ୍ବିତ ହୋଇଛି। ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ତଥା ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରତ୍ୟକ୍ଷ ଉଦ୍ୟମର ଫଳଶ୍ରୁତି ଏହି ଅଭିଧାନ। ତତ୍କାଳୀନ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ଓ ବର୍ତ୍ତମାନର ଉନ୍ନୟନ କମିଶନର ଶ୍ରୀ ଆର୍. ବାଲକ୍ରିଷ୍ଣନ୍ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ଶ୍ରୀ ସାତକଡ଼ି ହୋତା, ବର୍ତ୍ତମାନର ସଭାପତି ଶ୍ରୀ ହରିହର ମିଶ୍ର ଓ ସଚିବ ଶ୍ରୀ ଅଶ୍ୱିନୀ କୁମାର ମିଶ୍ରଙ୍କ ପ୍ରଗାଢ଼ ଉଦ୍ୟମ ଫଳରେ ଆରମ୍ଭ ହୋଇଥିବା ଏହି ପରିଯୋଜନା ଆଜି ସମ୍ପୂର୍ଣ୍ଣ ହୋଇଛି। ଏହି ଅବସରରେ ଅଭିଧାନ ପ୍ରଣୟନ କାର୍ଯ୍ୟ ସହିତ ପ୍ରତ୍ୟକ୍ଷ ତଥା ପରୋକ୍ଷ ଭାବରେ ସମ୍ପୃକ୍ତ ବ୍ୟକ୍ତିମାନେ ଆମ କୃତଜ୍ଞତାର ପାତ୍ର।

ପ୍ରଖ୍ୟାତ ସାହିତ୍ୟିକ ଶ୍ରୀ ଚନ୍ଦ୍ରଶେଖର ରଥ ଏହି ଅଭିଧାନ ପ୍ରଣୟନ କମିଟିର ମୁଖ୍ୟ ଭାବରେ ଆରମ୍ଭରୁ ଆମମାନଙ୍କପାଇଁ ପ୍ରେରଣାର ଉତ୍ସ ହୋଇ ରହିଛନ୍ତି। ବହୁ ଜଟିଳ ପ୍ରଶ୍ନଗୁଡ଼ିକର ସମାଧାନର ସୂତ୍ର ଆମପାଇଁ ବାହାର କରିଛନ୍ତି। ତେଣୁ ତାଙ୍କୁ ଆମର ବିନମ୍ର ଧନ୍ୟବାଦ।

ଅଭିଧାନ ପ୍ରଣୟନ କାର୍ଯ୍ୟର ଆରମ୍ଭରୁ ବହୁ ଗୁଣୀ ବ୍ୟକ୍ତି ଏପର୍ଯ୍ୟନ୍ତ ଆମ ସହିତ ବିଭିନ୍ନ ସମୟରେ, ବିଭିନ୍ନ ଭୂମିକାରେ ସହଯୋଗ କରି ଆସିଛନ୍ତି। ଶ୍ରୀ ବାସୁଦେବ ନନ୍ଦ ଏବଂ ଶ୍ରୀ ପ୍ରଫୁଲ୍ଲ କୁମାର ତ୍ରିପାଠୀ – ଦୁଇ ବିଶିଷ୍ଟ ଭାଷାବିଦ୍ ଆମକୁ ଦିଗ୍‌ଦର୍ଶନ ଦେଇଛନ୍ତି। ଅଭିଧାନରେ ସଂକଳକ ରୂପେ ଆମ ସହିତ କାର୍ଯ୍ୟ କରିଛନ୍ତି ସର୍ବଶ୍ରୀ ବାସୁଦେବ ନନ୍ଦ, ବୈରାଗୀ ଚରଣ ଜେନା, ଶ୍ୟାମା ପ୍ରସନ୍ନ ମିଶ୍ର, ବାସୁଦେବ ସାହୁ, ଶରତ ଚନ୍ଦ୍ର ପ୍ରଧାନ, ବାବାଜୀ ଚରଣ ପଟ୍ଟନାୟକ, ଶିବରାମ ପାତ୍ର ଓ ଅଜୟ କୁମାର ମିଶ୍ର । ସମସ୍ତଙ୍କୁ ଆମର କୃତଜ୍ଞତା।

ଅଭିଧାନ ପ୍ରଣୟନରେ ଆମେ ଅନେକ ଗ୍ରନ୍ଥ/ପୁସ୍ତକର ସହାୟତା ନେଇଛୁ। ପୁସ୍ତକଗୁଡ଼ିକର ତାଲିକା ଅନ୍ୟତ୍ର ପ୍ରଦତ୍ତ ହୋଇଛି। ଏହି ଅବସରରେ ଅଭିଧାନ/ଶବ୍ଦକୋଷ/ପୁସ୍ତକର ସଂକଳକ/ ସମ୍ପାଦକ/ ଲେଖକମାନଙ୍କୁ ଆମର ସଶ୍ରଦ୍ଧ କୃତଜ୍ଞତା ।

ଦୀର୍ଘ ବାରବର୍ଷ ଧରି ଏହି ଅଭିଧାନ ପ୍ରଣୟନ କାର୍ଯ୍ୟ ଓଡ଼ିଶା ସାହିତ୍ୟ ଏକାଡେମୀର କାର୍ଯ୍ୟାଳୟ ଏବଂ କିଛି କାଳ ରାଜ୍ୟ ଅଭିଲେଖାଗାରରେ ସମାହିତ ହୋଇଛି। ଏହି କାର୍ଯ୍ୟରେ ଆମମାନଙ୍କୁ ସମସ୍ତ ସୁବିଧା ଓ ସ୍ୱାଚ୍ଛନ୍ଦ୍ୟ ଅକାତରେ ଯୋଗାଇ ଦେଇଥିବା କର୍ମକର୍ତ୍ତାମାନଙ୍କୁ ଆମର ଧନ୍ୟବାଦ।

ଅଭିଧାନର ଡିଟିପି କାର୍ଯ୍ୟ ସୁଚାରୁ ରୂପେ କରିଥିବାରୁ ଶ୍ରୀ ରାଜ କିଶୋର ସେଠୀ ଆମର ଧନ୍ୟବାଦ ଓ ପ୍ରଶଂସାର ପାତ୍ର।

ଏଭଳି ଏକ ଦୁରୂହ କାର୍ଯ୍ୟ ସାମୂହିକ ସାହାଯ୍ୟ ସହଯୋଗ ବିନା ସାଧିତ ହୋଇପାରେ ନାହିଁ। ଯେଉଁମାନେ ଏହି ଦୀର୍ଘ ଯାତ୍ରାରେ ଆମମାନଙ୍କୁ ସାହାଯ୍ୟ ଓ ଉତ୍ସାହିତ କରିଛନ୍ତି, ସେମାନଙ୍କୁ ଆମର ସକୃତଜ୍ଞ ଧନ୍ୟବାଦ।

**ରାଜକିଶୋର ମିଶ୍ର, ଶୁଭେନ୍ଦୁ ମୁଣ୍ଡ, ଗୌରାଙ୍ଗ ଚରଣ ଦାଶ**

# ସଂକେତସୂତ୍ର

## ଅକ୍ଷରକ୍ରମ

**ଅ, ଆ, ଇ, ଈ, ଉ, ଊ, ଋ, ଏ, ଐ, ଓ, ଔ, କ, ଖ, ଗ, ଘ, ଚ, ଛ, ଜ, ଝ, ଞ, ଟ, ଠ, ଡ, ଢ, ତ, ଥ, ଦ, ଧ, ନ ପ, ଫ, ବ, ଭ,  ମ, ଯ, ୟ, ର,ଳ, ଲ, ୱ, ଶ, ଷ, ସ, ହ, କ୍ଷ**

ଏହି ଅଭିଧାନରେ ବିଭିନ୍ନ ମାତ୍ରା ଓ ଫଳାର କ୍ରମ ଉପରେ ଅନୁସୃତ ପ୍ରଣାଳୀ ହୋଇଛି । ଁ, ଂ, ଃ, ା, ି, ୀ, ୁ, ୂ, ୃ, େ, ୈ, ୋ, ୌ, ୍ୟ, ୍ୱ, ୍ର, ୍ଳ, । ମାତ୍ର ରେଫ୍ ( ର୍ ) ବ୍ୟବହୃତ ଶବ୍ଦସବୁ ସ୍ଥାନଗତ 'ର' ବର୍ଣ୍ଣ ପରେ ପ୍ରଦତ୍ତ ହୋଇଛି । ଯୁକ୍ତାକ୍ଷର ସମ୍ବଳିତ ଶବ୍ଦସବୁ ବର୍ଣ୍ଣମାଳାର କ୍ରମ ଅନୁସାରେ ସଜାଇ ରଖାଯାଇଛି ।

## ଅଭିଧାନରେ ବ୍ୟବହୃତ ସଂକେତ ସମୂହ :-

*ଅ* - ଅବ୍ୟୟ, *ଉଦା* - ଉଦାହରଣ, *ଜ୍ୟୋ*- ଜ୍ୟୋତିଷ ଶାସ୍ତ୍ର, *ବି* - ବିଶେଷ୍ୟ, *ବିଂ* - ବିଶେଷଣ, *କ୍ରି* - କ୍ରିୟା, *କ୍ରି.ବିଂ.* - କ୍ରିୟା ବିଶେଷଣ, *ପ.ପ୍ର* - ପଶ୍ଚାତ୍/ପର ପ୍ରୟୋଗ, *ପୁଂ* - ପୁଂଲିଙ୍ଗ, ପୁ. ପୁରାଣ, *ପୂ.ପ୍ର* - ପୂର୍ବ ପ୍ରୟୋଗ, *ବିପ* - ବିପରୀତ, *ସ* - ସର୍ବନାମ, *ବ୍ୟାକ* - ବ୍ୟାକରଣ, *ସ୍ତ୍ରୀ* - ସ୍ତ୍ରୀଲିଙ୍ଗ ।

## ସହାୟକ ଅଭିଧାନ/ଭାଷାକୋଷ


କର, ପଣ୍ଡିତ କୃଷ୍ଣଚନ୍ଦ୍ର (ସଂ.)। ୧୯୬୬। *ତରୁଣ ଶବ୍ଦକୋଷ* । ପରିବର୍ଦ୍ଧିତ ଦ୍ୱିତୀୟ ସଂସ୍କରଣ।୨୦୦୦। କଟକ : ଗ୍ରନ୍ଥ ମନ୍ଦିର ।

ଗ୍ଲୁଣ୍ଡି, ରେଭ. ଆର.ଜେ. (ସଂ) ।୧୯୨୮। *ଦି କନ୍‌ସାଇଜ୍ ଓରିୟା- ଇଂଲିଶ୍ ଡିକ୍‌ସନାରୀ* । କଟକ, ଓଡ଼ିଶା ମିଶନ ପ୍ରେସ୍ ।

ତ୍ରିପାଠୀ, ପ୍ରଫୁଲ୍ଲ କୁମାର (ସଂ.)।୧୯୮୭। *ସମ୍ଲପୁରି ଓଡ଼ିଆ ଶବ୍ଦକୋଷ* । ଭୁବନେଶ୍ୱର : ଓଡ଼ିଶା ସାହିତ୍ୟ ଏକାଡେମୀ, ୨୦୦୧।

ଦାଶ, ପଣ୍ଡିତ କୁଳମଣି, କାବ୍ୟତୀର୍ଥ (ସଂ.)।୧୯୩୨। *ସରଳ ଉତ୍କଳ ଅଭିଧାନ* । ୨ୟ ସଂସ୍କରଣ । କଟକ : ଉତ୍କଳ ସାହିତ୍ୟ ପ୍ରେସ୍, ୧୯୪୨।

ଦାସ, ସତ୍ୟପ୍ରସାଦ । ୧୯୮୮। *ଦକ୍ଷିଣ ଓଡ଼ିଶାର କଥିତ ଓଡ଼ିଆ ଭାଷା* । ଭୁବନେଶ୍ୱର : ଓଡ଼ିଶା ସାହିତ୍ୟ ଏକାଡେମୀ ।

ଦେବ, ପ୍ରମୋଦ ଚନ୍ଦ୍ର ପଟ୍ଟାୟତ (ସଂ.) । ୧୯୪୨। *ପ୍ରମୋଦ ଅଭିଧାନ* । କଟକ : ଅମ୍ବିକା ପ୍ରେସ୍ ।

ନନ୍ଦଶର୍ମା, ଗୋପୀନାଥ ।୧୯୧୬। *ଶବ୍ଦତତ୍ତ୍ୱବୋଧ ଅଭିଧାନ* । ପ୍ରକାଶକ : ଗୋପୀନାଥ ନନ୍ଦଶର୍ମା ।

ପାଢ଼ୀ, ବିନାୟକ (ସଂ.)।୧୯୫୫। *ଆନନ୍ଦ ଓଡ଼ିଆ-ଓଡ଼ିଆ-ଇଂଲିଶ୍ ଡିକ୍‌ସନାରୀ* । ୨ୟ ସଂସ୍କରଣ । ବ୍ରହ୍ମପୁର : ଓଡ଼ିଶା ପ୍ରିଣ୍ଟିଙ୍ଗ୍ ୱାର୍କ୍‌ସ, ୧୯୫୬।

ପ୍ରହରାଜ, ଗୋପାଳ ଚନ୍ଦ୍ର (ସଂ.)। ୧୯୩୧-୪୦। *ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ* । ୭ ଖଣ୍ଡ । କଟକ : ଭାଷାକୋଷ ଆଶ୍ରମ ।

ମହାପାତ୍ର, ନଗେନ୍ଦ୍ରନାଥ ।୧୯୯୭। *ଉତ୍ତରପୂର୍ବ ଉପାନ୍ତ ଓଡ଼ିଶାର ଭାଷା ସାହିତ୍ୟ ଓ ସଂସ୍କୃତି* । ଭୁବନେଶ୍ୱର, ଓଡ଼ିଶା ସାହିତ୍ୟ ଏକାଡେମୀ ।

ମହାପାତ୍ର, ସିଦ୍ଧେଶ୍ୱର । ୧୯୯୬। *ପୁରୀ ବୋଲି* । ଭୁବନେଶ୍ୱର : ଓଡ଼ିଶା ସାହିତ୍ୟ ଏକାଡେମୀ ।

ମୁଣ୍ଡ, ଶୁଭେନ୍ଦୁ (ମୁଖ୍ୟ ସଂଯୋଜକ) । ୨୦୦୦। *ବ୍ୟୁରୋସ୍ ଇଂଲିଶ୍-ଓରିୟା ଡିକ୍‌ସନାରୀ* । ଭୁବନେଶ୍ୱର : ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା ।

ସଟନ୍, ଆମୋସ୍ ଏବଂ ଭୁବନାନନ୍ଦ ନ୍ୟାୟାଳଂକାର ।୧୮୪୨। *ଆନ୍ ଓରିୟା ଡିକ୍‌ସନାରୀ ଇନ୍ ଥ୍ରୀ ଭଲ୍ୟୁମ୍‌ସ୍* । ଦ୍ୱିତୀୟ ଭାଗ । କଟକ : ଓଡ଼ିଶା ମିଶନ, ପ୍ରେସ୍ ।

# ଅ

**ଅ** ***ବି.*** ୧. ଓଡ଼ିଆ ବର୍ଣ୍ଣମାଳାର ପ୍ରଥମ ବର୍ଣ୍ଣ, ପ୍ରଥମ ସ୍ୱରବର୍ଣ୍ଣ ୨. ପରଂବ୍ରହ୍ମ, ବିଷ୍ଣୁ ୩. ପ୍ରଣବ ଓଁକାରର ପ୍ରଥମ ଅକ୍ଷର (ଅ+ଉ+ମ); ***ଅ.*** ଅଭାବ ସାଦୃଶ୍ୟ ଆଦି ଛ'ଟି ନଞର୍ଥବୋଧକ ପୂର୍ବପ୍ରୟୋଗ (*ଉଦା.* ଅବ୍ରାହ୍ମଣ, ଅନିୟମ, ଅସୁର) ।

**ଅଁକ୍‌ରିଆ** ***ବିଂ.*** ୧. ଅହଂକାରୀ, ଈର୍ଷାଳୁ ୨. ଯେଉଁ ବ୍ୟକ୍ତି ଆପଣାର ବ୍ୟକ୍ତିତ୍ୱ ପ୍ରତିଷ୍ଠା ପାଇଁ ସଦା ତତ୍‌ପର ।

**ଅଁକରା** ***ବି.*** ଅଗକୁ ବଙ୍କା କରାଯାଇଥିବା ଏକ ତାରଲଗା ବାଡ଼ି – ଯାହା ସାହାଯ୍ୟରେ ଗଛରୁ ଫୁଲ, ଫଳ, ପତ୍ର ସଂଗ୍ରହ କରାଯାଏ, ଆଙ୍କୁଡ଼ି, ନଗି, ଅଙ୍କରା ।

**ଅଁକସା** ***ବି.*** ଅଂକୁଶ ।

**ଅଁଚାଡ୍** ***ବି.*** ଅଖ, ଶଗଡ଼ ଆଦି ଯାନର ସମାନ୍ତରାଳ ଦୁଇ ଚକକୁ ପରସ୍ପର ସହିତ ଧରି ରଖିବାରେ ବ୍ୟବହୃତ ଶକ୍ତ ଦଣ୍ଡ ।

**ଅଁଛିବା** ***କ୍ରି.*** ୧. ବେଙ୍ଗଳା ପରେ ପୁଆଳ ବା ପାଳକୁ ସଜାଡ଼ି ବିଡ଼ା ବାନ୍ଧିବା ୨. ଲାଳନପାଳନ କରିବା, ଯତ୍ନ ନେବା ।

**ଅଁଡ୍‌ରା** ***ବି.ବିଂ.*** ଅଣ୍ଡିରା ।

**ଅଁତ୍** ***ବି.*** ପେଟ ଭିତରର ନାଡ଼ି, ଅନ୍ତନାଡ଼ି, ଅଁତି ।

**ଅଁତ୍‌କୁହା** ***ବିଂ.*** ଯେଉଁ ବ୍ୟକ୍ତି ନିଜ ମନ ବା ଅନ୍ତର କଥା ଖୋଲି କୁହେ ନାହିଁ, ଯାହାର ହୃଦୟ ନିର୍ମଳ ନୁହେଁ ।

**ଅଁତ୍‌ରା** ***ବି.*** ଜଳନ୍ତା ଅଙ୍ଗାର ଥିବା ପାତ୍ର ବା କାଠଗଣ୍ଡି ।

**ଅଁତ୍‌ରା କାଟିବା** ***କ୍ରି.*** ଜମି ହଳ କଲାବେଳେ ସୋରା ସୋରା କରି ଚଷିବା ।

**ଅଁତ୍‌ରାଶାଲ୍** ***ବି.*** ଅନ୍ତୁଡ଼ିଶାଳ, ଏନ୍ତୁଡ଼ିଘର, ଯେଉଁ ଘରେ ପିଲା ଜନ୍ମ ହୁଏ ।

**ଅଁତ୍‌ରି** ***ବି.*** ଅନ୍ତୁଡି, ଏନ୍ତୁଡ଼ି ।

**ଅଁତି** ***ବି.*** ଅନ୍ତନାଡ଼ି, ଅନ୍ତ ।

**ଅଁଳା** ***ବି.*** ୧. ଆମଳକ, ଧାତ୍ରିଫଳ, ଔଷଧୀୟ ଗୁଣଯୁକ୍ତ ଫଳ ବିଶେଷ ୨. ମନ୍ଦିରର ଦଧିନଉତିର ତଳ ଚକଡ଼ା ।

**ଅଁଳାବେଢ଼ା** ***ବି.*** ମନ୍ଦିରର ଶିଖରକୁ ବେଢ଼ିଥିବା ଆମଳକୀ ବା ଅଁଳା କୋଳି ସହିତ ସାଦୃଶ୍ୟ ଥିବା ଅଂଶ ।

**ଅଂଶ** ***ବି.*** ୧. ଭାଗ, ହିସ୍‌ସା ୨. ଦେହର ବିଭିନ୍ନ ଅବୟବ ୩. ଦେବତାଙ୍କଠାରୁ ପ୍ରାପ୍ତ ଶକ୍ତି ।

**ଅଂଶଗ୍ରହଣ** ***ବି.*** କାର୍ଯ୍ୟକ୍ରମ, ଉତ୍ସବପ୍ରଭୃତିରେ ଭାଗ ନେବା ।

**ଅଂଶଧନ** ***ବି.*** କମ୍ପାନୀରେ ଲଗାଇଥିବା ଧନର ପରିମାଣ, ସେୟାର ।

**ଅଂଶା** ***ବି.*** ୧. ଗଛର ମଞ୍ଜ, ଗଛର ଟାଣ ଅଥଚ ସୂକ୍ଷ୍ମ ତନ୍ତୁ ୨. ପତ୍ରର ଆଂଶୁ ।

**ଅଂଶାଇ** ***ବି.*** ଅଂଶେଇ, କୃମିପୋକ, ମଳରେ ରହୁଥିବା ଧଳାରଙ୍ଗର ଅତି ସରୁ ଓ ଛୋଟ ପୋକ, ଦଶିପୋକ ।

**ଅଂଶା ମାରିବା** ***କ୍ରି.*** କାଠ ଉପର ଅଂଶକୁ ଚାଞ୍ଛି ଚିକ୍କଣ କରିବା ।

**ଅଂଶିତ ଧନ** ***ବି.*** ଅଂଶଧନ, ବିନିଯୋଗ କରାଯାଇଥିବା ଟଙ୍କାର ପରିମାଣ ବା ଭାଗ ।

**ଅଂଶୀ** ***ବିଂ.*** ଜୀବ ବା ବସ୍ତୁର ଯେ କୌଣସି ଗୁଣର ସଂକେତ ବହନକାରୀ , *ଉଦା.* ଦେବଅଂଶୀ, ଦାନବଅଂଶୀ, ମାନବଅଂଶୀ ।

**ଅଂଶୀଦାର** ***ବି.*** ଭାଗୀଦାର, ସମୁଦାୟ ବା ସମଗ୍ରର କୌଣସି ନିର୍ଦ୍ଦିଷ୍ଟ ଅଂଶର ଅଧିକାରୀ ।

**ଅଂଶୁ** ***ବି.*** ୧. କିରଣ ବା ତେଜ ୨. ପତ୍ରର ପିଠିପଟରେ ଥିବା ସୂକ୍ଷ୍ମ ଅଥଚ କଣ୍ଟାଳିଆ ଅଂଶ ୩. ସୂତାର ସୂକ୍ଷ୍ମାଂଶ, ଖିଅ ।

**ଅଂଶୁକ** ***ବି.*** ୧. ସରୁ ପତଳା ଲୁଗା ୨. ତେଜଃ, ସୂର୍ଯ୍ୟ ।

**ଅଂଶୁଘାତ** ***ବି.*** ପ୍ରଚଣ୍ଡ ଖରା ବା ଝାଞ୍ଜି ଯୋଗୁଁ ଶରୀରର ଜଳୀୟଅଂଶ ହ୍ରାସ ପାଇବାଜନିତ ଅସୁସ୍ଥତା ।

**ଅଂଶୁମାନ** ***ବି.*** ସୂର୍ଯ୍ୟ; ***ବିଂ.*** ଦୀପ୍ତିମାନ, ତେଜୋଦୀପ୍ତ ।

**ଅଂଶୁମାଳୀ** ***ବି.*** ସୂର୍ଯ୍ୟ, ତପନ, ରବି ।

**ଅଂଶେଇ** ***ବି.*** ଅଂଶାଇ ।

**ଅଂସ** ***ବି.*** କାନ୍ଧ, ବାହୁର ଉପର ଭାଗ ।

**ଅଇଁଠା** ***ବି.*** ଉଚ୍ଛିଷ୍ଟ, ଖାଇବା ପରେ ପାତ୍ରରେ ରହିଥିବା ଖାଦ୍ୟ ଅଥବା ଭୁକ୍ତାବଶେଷ ।

**ଅଇଁଠା ଅଣ୍ଡୋଳ** ***ବିଂ.*** ଅଇଁଠା ଲାଗିବା ଯୋଗୁ ଅପବିତ୍ର ।

**ଅଇଁଠାଖାଇ** ***ବି. ବିଂ.*** ୧. ଅଇଁଠା ଖାଉଥିବା (ନାରୀ) ୨. ନୀଚମନା (ନାରୀ) ।

**ଅଇଁଠାଖିଆ** ***ବି. ବିଂ.*** ଯେ ଅନ୍ୟର **ଛାଡ଼ିଥିବା** ବା ଅଧାଖିଆ ଖାଦ୍ୟ ଖାଏ ( *ସା.* ଅମର୍ଯ୍ୟାଦା ବା ଅପମାନସୂଚକ ଗାଳି, ସମୟେ ସମୟେ ପାତ୍ରବିଶେଷରେ ଅତି ଶ୍ରଦ୍ଧାରେ ମଧ୍ୟ ଏହି ଶବ୍ଦ ପ୍ରୟୋଗ କରାଯାଏ ) ।

**ଅଇଁଠାଚଣ୍ଡ** ***ବି.*** ଅଇଁଠାପତ୍ରରୁ ଖାଦ୍ୟଖିଆ କଥିତ ପ୍ରେତ, ଅଇଁଠାବୀର ।

**ଅଇଁଠାପତ୍ରଚଟା** ***ବି.*** ୧. ଅନ୍ୟ ଉପରେ ନିର୍ଭରଶୀଳ ବ୍ୟକ୍ତି ୨. ଅନ୍ୟପ୍ରତି ଅତ୍ୟନ୍ତ ଅବଜ୍ଞା ବା ଅମର୍ଯ୍ୟାଦାସୂଚକ ଗାଳି ।

**ଅଇଁନ୍** ***ବି.*** ଅଇନା ।

**ଅଇଁଠାପୋଛା** ***ବି.*** ମାଟି ଉପରେ ପଡ଼ିଥିବା ଅଇଁଠା ପୋଛିବା ପାଇଁ ବ୍ୟବହୃତ ଛିଣ୍ଡାକନା ।

**ଅଇଁଠାବୀର** *ବି.* ଅଇଁଠାଖିଆ ଆଠ ପ୍ରକାର ପ୍ରେତ - ହାଣ୍ଡିଆ, ଚାଣ୍ଡାଳିଆ, ଆମୁଆ, ଖାଙ୍କରା, ଭାଲୁଙ୍କା, ରାକ୍ଷସୀ, କ୍ଷେପଣୀ, କ୍ଷେତ୍ରପାଳା ।

**ଅ ଆ** *ବି.* ଯେ କୌଣସି କାର୍ଯ୍ୟର ପ୍ରାଥମିକ ସ୍ତର ବା ଆରମ୍ଭ ।

**ଅଇ** *ବି.* ୧. ବାନ୍ତି ୨. ବାନ୍ତି ଉଠାଇବା ୩. ବାନ୍ତି ଉଠାଇବା ପୂର୍ବ ଅବସ୍ଥା ।

**ଅଇଉଠା** *ବି.* ବାନ୍ତି ଲାଗିବା, ବାନ୍ତି ଉଠାଇବା ।

**ଅଇକା, ଅବିକା** *ଅ.* ଏବେ, ଏହିକ୍ଷଣି, କାଳବିଳମ୍ବ ନ କରି, ଆଖି ପିଛୁଳାକେ, ବର୍ତ୍ତମାନ ।

**ଅଇଘରା, ଅଇରା** *ବି.* ଅଗ୍ନିଉତ୍ସବ, ମାଘ ମାସ ପୂର୍ଣ୍ଣିମାର ରାତିରେ ଲୋକେ ଗାଁର କୌଣସି ସ୍ଥାନରେ ଏକାଠି ହୋଇ ଛଣ ଓ କୁଟାଗଦାରେ ନିଆଁ ଜଳାଇ ପୂଜା କରନ୍ତି ।

**ଅଇଛୁଣି** *ଅ.* ଅବିକା, ଏହିକ୍ଷଣି , ଏବେ ।

**ଅଇଣ୍ଡିଆ** *ବି.* ମାଆ ପୁନଶ୍ଚ ଗର୍ଭବତୀ ହେଲେ ତାର ସ୍ତନ୍ୟ ପାନ କରି ସାନଛୁଆର ଅଜୀର୍ଣ୍ଣ ଝାଡ଼ା ଓ ଦୁର୍ବଳତା ।

**ଅଇନା** *ବି.* ୧. ଯେଉଁଥିରେ ବସ୍ତୁ ବା ପଦାର୍ଥର ପ୍ରତିବିମ୍ବ ଦିଶେ ୨. ଆଇନା, ଆରିଶି, ଦର୍ପଣ, ମୁକୁର ।

**ଅଇନି** *ବି.* ୧. ଜିଗର୍, ଜିଦ୍, ଆପତ୍ତି ଅଭିଯୋଗ ୨. ଅନ୍ୟର ପରାମର୍ଶ, ଉପଦେଶ ବା କଥା ନ ଶୁଣିବା ବା ବେଖାତିର କରିବା ।

**ଅଇରି** *ବି.* ୧. ଶତ୍ରୁ ୨. ବିରୋଧୀ ୩. ପ୍ରତିବାଦୀ ।

**ଅଇରିଗୌଡ଼** *ବି.* ୧. ଗାଈଗୋରୁ ରଖି ପେଟ ପୋଷୁଥିବା ଏକ ଉପଜାତି ୨. ହାତ ଓ ସୂତା କଣ୍ଢେଇ ଖେଳ ଦେଖାଉଥିବା ଭ୍ରାମ୍ୟମାଣ କେଳା ସମ୍ପ୍ରଦାୟର ଏକ ଗୋଷ୍ଠୀ ।

**ଅଇଲେ** *କ୍ରି.* ଆସିଲେ; *ଅ.* ଏଇଲେ, ଏବେ, ବର୍ତ୍ତମାନ ।

**ଅଉଡା** *ବି.* ଦିନର ଏକଓଳି ବା ଅଧାଦିନ ।

**ଅଉଲ** *ବିଂ.* ୧. ପ୍ରଥମଶ୍ରେଣୀୟ ୨. ଖାଣ୍ଟି, ଅବିମିଶ୍ରିତ, ଉତ୍କୃଷ୍ଟ ।

**ଅଉଲ ଆଖର** *କ୍ରି.ବିଂ.* ମୂଳରୁ ଶେଷ ପର୍ଯ୍ୟନ୍ତ ।

**ଅଉଲ କିସମ** *ବିଂ.* ପ୍ରଥମ ବା ଉତ୍ତମ ଶ୍ରେଣୀର, ଅତିଭଲ, ଖାଣ୍ଟି , ଏକନମ୍ବରୀ ।

**ଅଉଲ ନମ୍ବର ମାଲ** *ବି.* ଏକ ନମ୍ବର ଜିନିଷ, ଅତି ଉତ୍କୃଷ୍ଟ ପଦାର୍ଥ ।

**ଅଋଣୀ** *ବିଂ.* ଋଣ କରି ନଥିବା, ଦାୟମୁକ୍ତ ।

**ଅଏଁଛା** *ବି.* ପୂଜାପରେ ଭୂତକୁ ନେଇ ଗୁଣିଆ ନିକାଞ୍ଚନ ସ୍ଥାନରେ ଛାଡ଼ିବା ; *ବିଂ.* ପାଳ ବା କୁଟାକୁ ଦୁଇ ହାତରେ ଧରି ଅଦରକାରି ଅଂଶକୁ ବାଦ୍‌ଦେଇ ସଜଡା ହୋଇଥିବା ।

**ଅଏଁଛିବା** *କ୍ରି.* ପାଳ ବା କୁଟାକୁ ଦୁଇ ହାତରେ ଟାଣି ସଜାଡ଼ିବା, ଅଁଛିବା ।

**ଅଏଁନ୍** *ବିଂ.* ୧. ସୁନ୍ଦର ୨. ପ୍ରଶଂସନୀୟ ୩. ରୁଚିପୂର୍ଣ୍ଣ ।

**ଅଏଁଠା** *ବି.* ଛିଣ୍ଡାଲୁଗା ବା ପାଳକୁ ମୋଡ଼ି ତିଆରି କରାଯାଇଥିବା ଗୋଲାକାର ମଳା ବା ବେଇନି- ଯାହାକୁ ମୁଣ୍ଡରେ ଥୋଇ ବା ତଳେ ରଖି ତାହା ଉପରେ ମାଠିଆ ପ୍ରଭୃତି ରଖାଯାଏ ।

**ଅଏଁଳା** *ବି.* ଅଏଁଲା, ଅଁଳା, ଆମଳକ ।

**ଅଏଁସା** *ବି.* ଆଇଁଷ, ମାଛମାଂସରୁ ପ୍ରସ୍ତୁତ ଖାଦ୍ୟ ।

**ଅଏରସ୍** *ବି.* ଅର୍‌ସା, ଚାଉଳର ଚୂନା ଓ ଗୁଡ଼ରେ ପାଗ ହୋଇ ପ୍ରସ୍ତୁତ ଏକ ଘିଅଛଣା ପିଠା, ଆରିସା ପିଠା ।

**ଅଏଲ୍** *ବି.* ତେଲ, ପେଡ଼ା ଯାଇଥିବା ତୈଳବୀଜର ତରଳ ସାରଅଂଶ ।

**ଅଏଲ୍ କ୍ଲଥ** *ବି.* ପାଣି ଧରୁନଥିବା/ଓଦା ହେଉନଥିବା କନା ।

**ଅଏଲ୍ ପେଣ୍ଟିଂ** *ବି.* ତୈଳଚିତ୍ର ।

**ଅଏସ୍** *ବି.* ଅୟସ, ବିଳାସ, ଅତିଶୟ ସୁଖ ବା ଆନନ୍ଦ ।

**ଅକ୍‌ଲିଆ** *ବିଂ.* ଅକଳିଆ; *ବି.* ଅସୁବିଧାଜନକ ଅବସ୍ଥା ବା ପରିସ୍ଥିତି ।

**ଅକଚ** *ବିଂ.* ବାଳ ନଥିବା, ଲଣ୍ଡା, ଟାଙ୍ଗରା ।

**ଅକଚା** *ବିଂ.* ସଫା ହୋଇନଥିବା, ମଇଳା ।

**ଅକଛା** *ବିଂ.* ଲୁଗା ପିନ୍ଧିବା ବେଳେ କଛା ମାରିନଥିବା, ଫାଲଟାମରା, ଲୁଙ୍ଗିପିନ୍ଧା ।

**ଅକଟବିକଟ** *ବିଂ.* ଅରୁଚିକର, ବିରକ୍ତିକର, ଭଲ ଲାଗୁନଥିବା ।

**ଅକଟା** *ବିଂ.* ୧. କଟା ହୋଇନଥିବା ୨. ଗୋଟାଳିଆ ।

**ଅକଟା ଅବଟା** *ବିଂ.* କଟା ବା ବଟା ହୋଇନଥିବା ।

**ଅକଡ଼** *ବି.* ଅସୁବିଧାଜନକ ପରିସ୍ଥିତି,ବିପଦ, ସମସ୍ୟା, ବାଧା ।

**ଅକଡ଼ବାଜିଆ** *ବିଂ.* ଏକଜିଦିଆ, ନିଜ ବିଚାରରୁ ଓହରୁ ନଥିବା ।

**ଅକଡ଼ିଆ** *ବିଂ.* ଅବାଗିଆ, ଅସୁବିଧାଜନକ ।

**ଅକଡ଼େଇବା** *କ୍ରି.* ୧. ଖାଲ/ବିପଦ/ ସମସ୍ୟାରେ ପକାଇବା ୨. ଏକୁଟିଆ କରିଦେବା ୩. ଧମକାଇବା ୪. ଜଣକର ସାମର୍ଥ୍ୟକୁ କଳନା କରି ବିପଦରେ ପକାଇବା ୫. ଅଟକାଇବା ।

**ଅକଣ୍ଟକ** *ବିଂ.* ୧. କଣ୍ଟାଶୂନ୍ୟ ୨. ବିପଦ ଅଥବା ଶତ୍ରୁଶୂନ୍ୟ, ନିଧଡ଼କ, ନିଶ୍ଚିନ୍ତ, ଅବାଧ ।

**ଅକଣ୍ଡା, ଅକାଣ୍ଡିଆ** *ବିଂ.* ଅସଫା (ଧାନ ପ୍ରଭୃତି), ମଳିଛା, ଅପରିଷ୍କୃତ ।

**ଅକଥନୀୟ ବିଂ.** ୧. ଅବର୍ଣ୍ଣନୀୟ ୨. କହି ହୋଇପାରୁନଥିବା, ଅବ୍ୟକ୍ତ, ଅପ୍ରକାଶ୍ୟ ।

**ଅକଥା ବି.** ୧. ଅପ୍ରୀତିକର, ମୂଲ୍ୟହୀନ କଥା ୨. ଅଶ୍ଳୀଳ, ଅସୁନ୍ଦର, ଅଯୌକ୍ତିକ ବା ଅନୁଚିତ କଥା ବା ପ୍ରସଙ୍ଗ।

**ଅକଥ୍ୟ ବିଂ.** ଯାହା କହି ହେବନାହିଁ, ଅକଥନୀୟ, ଅବର୍ଣ୍ଣନୀୟ ।

**ଅକପଟ ବିଂ.** କପଟ ନ ଥାଇ, ଛଳନାହୀନ, ଖୋଲା, ମୁକ୍ତ, ନିର୍ବିକାର।

**ଅକବି ବି.** ଯେ କବି ନୁହେଁ ।

**ଅକମ୍ପନ ବି.** ଅବିଚଳନ, ସ୍ଥିରତା, ନିଶ୍ଚଳତା ।

**ଅକମ୍ପିତ ବିଂ.** ୧. କମ୍ପୁନଥିବା, ସ୍ଥିର, ନିଶ୍ଚଳ ୨. ଅପ୍ରଭାବିତ ।

**ଅକରକରା ବି.** ଏକ ପ୍ରକାର ଗୁଳ୍ମ – କଫକତୁରୀ ।

**ଅକରା ବିଂ.** ଅତିପିତା, ତିକ୍ତ ।

**ଅକରି ବି.** ୧. ଶତ୍ରୁ, ବିରୋଧୀ, ଭଗାରି ୨. ବିପଦ ସୃଷ୍ଟିକାରୀ ।

**ଅକରୁଣ ବିଂ.** ୧. ଦୟାହୀନ, ନିର୍ମମ, ନିଷ୍କରୁଣ ୨. ରୁକ୍ଷ ।

**ଅକରୁଣା ବିଂ.** ଦୟାଶୂନ୍ୟ, ନିଷ୍କରୁଣ, ନିର୍ଦ୍ଦୟ, ନିର୍ମମ, ନିଷ୍ଠୁର ।

**ଅକର୍ତ୍ତବ୍ୟ ବିଂ.** ଯାହା କରିବା ଠିକ୍ ନୁହେଁ, ଅବିଧେୟ, ଅକରଣୀୟ ।

**ଅକର୍ମ ବି.** ଖରାପ କାମ, କୁକର୍ମ, ଅନନୁମୋଦିତ ଆଚରଣ, କର୍ମଶୂନ୍ୟତା ।

**ଅକର୍ମଣ୍ୟ, ଅକର୍ମା ବି.** ଯାହାଦ୍ୱାରା କୌଣସି କାର୍ଯ୍ୟ ହୋଇ ପାରେ ନାହିଁ, ବେକାରିଆ, ନିକମା ।

**ଅକର୍ମଶିଳା ବି.** ୧. ଏକ ପ୍ରକାର ଟାଣପଥର – ଯେଉଁଥିରେ କୌଣସି କାରୁକାର୍ଯ୍ୟ ହୁଏ ନାହିଁ ୨. ବ୍ୟବହାରପାଇଁ ଅଯୋଗ୍ୟ ବସ୍ତୁ ।

**ଅକଳ ବି.** ଅସୁବିଧା, ସମସ୍ୟା, ବିପଦ ।

**ଅକଳକଳ ବି.** ସୁବିଧା ଅସୁବିଧା ।

**ଅକଳଙ୍କ ବିଂ.** କଳଙ୍କହୀନ ୨. ତ୍ରୁଟିହୀନ, ଭୁଲ ନଥିବା ୩. ନିର୍ମଳ ୪. ଦାଗ ଲାଗିନଥିବା ୫. ନିର୍ଦ୍ଦୋଷ ୬. ଅପବାଦମୁକ୍ତ ।

**ଅକଳନ ବିଂ.** ୧. ଯାହାର ଗୁଣ/ଆୟତନକୁ ମାପି ହୁଏନାହିଁ, ସଂଖ୍ୟାଧିକ, ଅଗଣିତ, ଅସୁମାରି, କଳନାତୀତ, ଅସୀମ ୨. ଅଭାବିତ।

**ଅକଳନ୍ତା ବିଂ.** ଯାହା ମାପିହୁଏନାହିଁ, ଅକଳନୀୟ ।

**ଅକଳିଆ ବିଂ.** ଅସୁବିଧାବେଳେ ବିପଦରେ ପକାଉଥିବା ।

**ଅକଳ୍ପିତ ବିଂ.** ବାସ୍ତବ, ଅକୃତ୍ରିମ, ଆଗରୁ ଚିନ୍ତା କରାଯାଇନଥିବା (କେତେକ ସ୍ଥଳରେ ଅତିକଳ୍ପନା ବା ଉଦ୍ଭଟ ଅର୍ଥରେ ମଧ୍ୟ ବ୍ୟବହାର କରାଯାଇଥାଏ) ।

**ଅକଲ ବି.** ବିବେକ, କାଣ୍ଡଜ୍ଞାନ, ବୁଦ୍ଧି ।

**ଅକଲଗୁଡୁମ୍ ହେବା କ୍ରି.** ବୁଦ୍ଧି ହଜିଯିବା, ଅସୁବିଧାରେ ପଡ଼ିବା ଯୋଗୁଁ ଭବିଷ୍ୟତ କାର୍ଯ୍ୟପନ୍ଥା ନିରୂପଣ କରି ନ ପାରିବା ।

**ଅକଲବନ୍ତ ବିଂ.** ବିବେକୀ, ଗୁଣୀ, ବିଚାରବନ୍ତ ।

**ଅକଲସଲାମି ବି.** ପଛରେ ବୁଦ୍ଧି ଶିଖି ପଇସା ଖର୍ଚ୍ଚ କରିବା ।

**ଅକଲ୍ୟାଣ ବି.** ଅଭିଶାପ, ଅଶୁଭ ; **ବିଂ.** ହତଭାଗ୍ୟ, ଅଭିଶପ୍ତ ।

**ଅକସ୍ ବି.** ପ୍ରତିଶୋଧ, ଦାଉ, ପ୍ରତିହିଂସା, ଘୋର ଶତ୍ରୁତା, ଅହନ୍ତା।

**ଅକସ୍ମାତ୍ ଅ.** ହଠାତ୍, ତତ୍‌କ୍ଷଣାତ୍, ପୂର୍ବରୁ କୌଣସି ସୂଚନା ବା ସଂକେତ ନଥାଇ ଘଟୁଥିବା ଘଟଣା ।

**ଅକାଇଲ୍ ବିଂ.** ନିର୍ଦ୍ଦୋଷ ।

**ଅକାଟ୍, ଅକାଟ୍ୟ ବିଂ.** ଯାହାକୁ କେହି ଖଣ୍ଡନ କରିପାରେନାହିଁ, ଅପ୍ରତିହତ, ଅଚ୍ଛେଦ୍ୟ, ଅକର୍ତ୍ତନୀୟ ।

**ଅକାଟୁ ବିଂ.** ୧. ଅବ୍ୟର୍ଥ, ଅକାଟ୍ୟ ୨. ଅଫଳପ୍ରଦ ୩. ଧାର ନଥିବା ଅସ୍ତ୍ର ।

**ଅକାଠିଆ ବିଂ.** ଦାନ୍ତ ପରିଷ୍କାର କରି ନ ଥିବା, ଦାନ୍ତ ଅଘଷା ।

**ଅକାଢୁଆ ବିଂ.** କୌଣସି କାମ କରିବା ପାଇଁ ଅସମର୍ଥ, ଅପାରଗ, ନିପାରିଲା, ସାମର୍ଥ୍ୟହୀନ, ଦୁର୍ବଳ ।

**ଅକାତ, ଅକାତକାତ ବିଂ.** ନଦୀ, ହ୍ରଦ ପ୍ରଭୃତି ଯେଉଁଠି କାତ ପାଏ ନାହିଁ, ଯାହାର ଗଭୀରତା ମାପି ହୁଏନାହିଁ, ଅତି ଗହୀର ।

**ଅକାତର ବିଂ.** ୧. ନିର୍ଭୟ, ଭୀତିହୀନ, ନିଃଶଙ୍କ ୨. ଅକୁଣ୍ଠିତ, ଅକୃପଣ ।

**ଅକାତୁ, ଅକାତୁଆ ବିଂ.** ସାମର୍ଥ୍ୟହୀନ, ନିପାରଗ, ଅପାରଗ ।

**ଅକାନବିନ୍ଦୁ ବି.** ମାଟି ଉପରେ ମାଡୁଥିବା ଛୋଟ, ଗୋଲାକାର ଓ କୁଞ୍ଚୁକୁଞ୍ଚିଆ ପତ୍ର ଥିବା କଥିତ ସର୍ବରୋଗହାରକ ଲତା ଓ ତାହାର ପତ୍ର ।

**ଅକାପକା ବିଂ. ଅଣନିଃଶ୍ୱାସୀ, ଅସ୍ତବ୍ୟସ୍ତ ।**

**ଅକାବକା ବିଂ.** ବିସ୍ମିତ, ଅବାକ୍, ଚକିତ ହୋଇ ଦେଖୁଥିବା, ଶୁଣୁଥିବା କଥାକୁ ସହଜରେ ବିଶ୍ୱାସ ନ କରିପାରିବା ।

**ଅକାବୁ ବିଂ.** ୧. ବଳ ହରାଇଥିବା ୨. ଅଣାୟତ୍ତ ।

**ଅକାମିକା ବିଂ.** ଯେଉଁ ବ୍ୟକ୍ତି କୌଣସି କାର୍ଯ୍ୟ କରିବା ନିମନ୍ତେ ଯୋଗ୍ୟ ନୁହେଁ, ଚଳତ୍‌ଶକ୍ତିହୀନ, କର୍ମକୁଣ୍ଠ ।

**ଅକାମୀ ବିଂ.** ୧. କୌଣସି କାମକୁ ଆସୁ ନ ଥିବା, ବିଗିଡ଼ି ଯାଇଥିବା ୨. ଅଚଳ, ଶକ୍ତିହୀନ ।

**ଅକାରଣ ବିଂ.** ୧. କାରଣ ନଥାଇ, ଉଦ୍ଦେଶ୍ୟରହିତ ୨. ତୁଚ୍ଛାଟାରେ, ବୃଥା ।

**ଅକାଳ** *ବି.* ୧. ଖରାପ ସମୟ, ଅସମୟ ୨. ଦୁର୍ଭିକ୍ଷ ୩. ଅପୂର୍ଣ୍ଣ ସମୟ ।

**ଅକାଳକାଣ୍ଡ** *ବି.* ଆକସ୍ମିକ ବିପଦ ।

**ଅକାଳକୁଷ୍ମାଣ୍ଡ** *ବି.* ୧. ଅଦିନରେ ଫଳିଥିବା ପାଣିକଖାରୁ ୨. ଅଯୋଗ୍ୟ ବା ଅଦରକାରୀ ବସ୍ତୁ ୩. କୁଳାଙ୍ଗାର ।

**ଅକାଳବୋଧନ** *ବି.* ମୁକ୍ତି ବା ସୁଖପାଇଁ ନିବେଦନ ବା ପ୍ରାର୍ଥନା ।

**ଅକାଳମରଣ** *ବି.* ଅଳ୍ପ ବୟସରୁ କୌଣସି କାରଣରୁ ମରିଥିବା ।

**ଅକାଳି** *ବି.* ଗୁରୁଦ୍ୱାରା ପ୍ରଶାସନର ସଂସ୍କାର ପାଇଁ ଧାର୍ମିକ ଆନ୍ଦୋଳନ ।

**ଅକାଳେସକାଳେ** *ଅ.* କେବେ କେମିତି, ସମୟ ଅସମୟରେ ।

**ଅକିଞ୍ଚନ** *ବିଂ.* ସାଧାରଣ, ସାମାନ୍ୟ, ଅତି କ୍ଷୁଦ୍ର, ନଗଣ୍ୟ, ଗୁରୁତ୍ୱହୀନ, ତୁଚ୍ଛ ।

**ଅକିଞ୍ଚିତ୍, ଅକିଞ୍ଚିତ୍କର** *ବିଂ.* ଅତି ହେୟ, ତୁଚ୍ଛ, ସାମାନ୍ୟ, ଅତି ସାଧାରଣ ।

**ଅକୁଣ୍ଠ** *ବିଂ.* କୁଣ୍ଠା ବା ସଂଶୟ ନ ରଖି, ଉଦାର, ଅକାତର, ସଙ୍କୋଚହୀନ, ବିକାରହୀନ ।

**ଅକୁତୋଭୟ** *ବିଂ.* ଯିଏ ସଂସାରରେ କୌଣସି ଶକ୍ତିକୁ ଭୟ କରେନାହିଁ, ନିର୍ଭୀକ, ବୀର ।

**ଅକୁଳାନ, ଅକୁଳଣ** *ବି.* ଅଘଟ, ଅଭାବ, ନିଅଣ୍ଟ, ନଖଟ ।

**ଅକୁଳୀନ** *ବିଂ.* ଉଚ୍ଚ ବଂଶରେ ଜନ୍ମିନଥିବା, ଆଭିଜାତ୍ୟହୀନ ।

**ଅକୂପାର** *ବି.* ଯେଉଁ ଜଳରାଶିକୁ ଅତିକ୍ରମ କରିବା ପ୍ରାୟତଃ ଅସମ୍ଭବ, ସମୁଦ୍ର ; *ବିଂ.* ଅସୀମ ।

**ଅକୂଳ** *ବିଂ.* କୂଳରେ ନଥିବା ।

**ଅକୃତକାର୍ଯ୍ୟ, ଅକୃତାର୍ଥ** *ବିଂ.* ଅସଫଳ, ପରାଜୟ, ବିଫଳ ।

**ଅକୃତଜ୍ଞ** *ବିଂ.* ଯେଉଁ ବ୍ୟକ୍ତି ଉପକାରୀର ମହାନତାକୁ ସ୍ୱୀକାର କରେନାହିଁ, କୃତଘ୍ନ ।

**ଅକୃତଦାର** *ବିଂ.* ଅବିବାହିତ, ଯେ ଦାରା କି ପତ୍ନୀ ଗ୍ରହଣ କରି ନ ଥାଏ ।

**ଅକୃତ୍ରିମ** *ବିଂ.* ୧. ଯାହା କୃତ୍ରିମ ବା ମନୁଷ୍ୟସୃଷ୍ଟ ନୁହେଁ ୨. ନୈସର୍ଗିକ, ପବିତ୍ର ୩. ଅବିମିଶ୍ର ୪. ସ୍ୱାଭାବିକ, ପ୍ରାକୃତିକ ୫. କପଟତାହୀନ ।

**ଅକୈତବ** *ବିଂ.* ଅକପଟ, ଛଳନାହୀନ, ମେଲାଖୋଲା ।

**ଅକ୍ତିଆର, ଅକ୍ତିୟାର** *ବି.* ଅଧିକାର, ଜବତ୍, ଆୟତ୍ତରେ ରଖିବା, ଅନ୍ୟର ସ୍ୱାଧୀନତା ଅପହରଣ ।

**ଅକ୍ରୂର** *ବିଂ.* ଯେଉଁବ୍ୟକ୍ତି ଅନ୍ୟ ପ୍ରତି କ୍ରୁର ବା ନିଷ୍ଠୁର ଆଚରଣ କରେନାହିଁ ; ଶାନ୍ତ, ଅକ୍ରୋଧୀ ।

**ଅକ୍ରୋଧ** *ବି.* କ୍ରୋଧଶୂନ୍ୟତା, ଶାନ୍ତି ।

**ଅକ୍ରୋଧୀ** *ବିଂ.* ରାଗୁ ନଥିବା, କୋପ କରୁ ନଥିବା, ଉଦାରମନା ।

**ଅକ୍ଳାନ୍ତ** *ବିଂ.* ୧. କ୍ଳାନ୍ତିରହିତ, ଯେଉଁ ବ୍ୟକ୍ତି କୌଣସି କାର୍ଯ୍ୟରେ ଥକିପଡ଼େ ନାହିଁ, ଯାହାକୁ ଅବସାଦ ଛୁଇଁନାହିଁ, ଯେ ଆନନ୍ଦ ବା ସ୍ଫୁର୍ତ୍ତିର ସହିତ କାର୍ଯ୍ୟ ସଂପାଦନ କରେ ୨. ନିରବଚ୍ଛିନ୍ନ ।

**ଅକ୍ଲେଶ** *ବି.ବିଂ.* ୧. ସହଜ, ଅନାୟାସ ୨. ଯେଉଁ ପ୍ରାଣୀ କାର୍ଯ୍ୟ ସଂପାଦନ କାଳରେ କଷ୍ଟ ଅନୁଭବ କରେନାହିଁ ।

**ଅକ୍ସର୍** *ଅ.* ସାଧାରଣତଃ ।

**ଅକ୍ସିଜେନ୍** *ବି.* ଅମ୍ଳଜାନ ବାଷ୍ପ, ଏକ ବର୍ଣ୍ଣହୀନ ମୌଳିକ ବାଷ୍ପ – ଯାହା ଜୀବନଧାରଣପାଇଁ ଏକାନ୍ତ ଅପରିହାର୍ଯ୍ୟ ।

**ଅଖ** *ବି.* ଶଗଡ଼ ବା ରଥ ଆଦି ଦୁଇ, ଚାରି ଅଥବା ତତୋଽଧିକ ଚକଥିବା ଯାନରେ ସମାନ୍ତରାଳ ଭାବରେ ଥିବା ଦୁଇଚକକୁ ମଝିରୁ ସଂଯୋଗ କରୁଥିବା ଲୁହା ଅଥବା ଅନ୍ୟ କୌଣସି ବସ୍ତୁରେ ତିଆରି ଗୋଲାକାର ଦଣ୍ଡ–ଯାହା ଚକଗୁଡ଼ିକ ଘୁରିବାରେ ସହାୟକ ହୋଇଥାଏ, ଅକ୍ଷାଡ଼ ।

**ଅଖଜ** *ବି.* ଅସୁବିଧାଜନକ, ଅସଂଯୋଜିତ, ବିଗିଡ଼ି ଯାଇଥିବା, ଅଡୁଆରେ ପଡ଼ିଥିବା ଅବସ୍ଥା ।

**ଅଖଜା** *ବିଂ.* ଅସଜଡ଼ା, ଅବିନ୍ୟସ୍ତ ।

**ଅଖଜିଆ** *ବିଂ.* ୧. ଗର୍ଭିଣୀ ୨. ଅସୁବିଧାରେ ପଡ଼ିଥିବା, ଅକଡ଼ିଆ ।

**ଅଖଟ** *ବିଂ.* କଠିନ, ଟାଣ ।

**ଅଖଟୁ** *ବିଂ.* ଅଳସୁଆ, କାମଚୋର ।

**ଅଖଡ଼** *ବି.* ୧. ଆକସ୍ମିକ, ହଠାତ୍ ୨. ଗୋଳମାଳ ।

**ଅଖଣ୍ଡ** *ବିଂ.* ୧. ଖଣ୍ଡିଆ ହୋଇନଥିବା, ନିଖୁଣ ୨. ଲାଗିରହିଥିବା ୩. ଅନାହତ ୪. ଅବିରତ ।

**ଅଖଣ୍ଡଦୀପ** *ବି.* ଦେବତାଙ୍କ ପାଖରେ ନିରବଚ୍ଛିନ୍ନ ଭାବରେ ଜଳିବା ଦୀପ ।

**ଅଖଣ୍ଡ ନାମଯଜ୍ଞ** *ବି.* ଯେଉଁ ଧାର୍ମିକ ଅନୁଷ୍ଠାନରେ ଏକ ନିର୍ଦ୍ଧାରିତ ସମୟ ପର୍ଯ୍ୟନ୍ତ ଦେବତାଙ୍କ ନାମ ଓ ଗୁଣଗାନ କରାଯାଏ ଏବଂ ସେଇ ସମୟଖଣ୍ଡରେ ଆଦୌ ବିରତି ବା ବିଶ୍ରାମ ନିଆଯାଏ ନାହିଁ ।

**ଅଖଣ୍ଡିତ** *ବିଂ.* ନିକ, ନିଖୁଣ, ଖଣ୍ଡିଆ ହୋଇନଥିବା ।

**ଅଖବା** *ବିଂ.* ମୂର୍ଖ, ଅମାର୍ଜିତ, ବୁଦ୍ଧି ବିଚାର ଓ ବିବେକହୀନ, ଶୃଂଖଳା ଓ ଜ୍ଞାନହୀନ, କୌଶଳ ଜାଣିନଥିବା, ହୁଣ୍ଡା ।

**ଅଖା** *ବି.* ଝୋଟ, ଛଣପଟ ଅଥବା ପ୍ଲାଷ୍ଟିକ ଡୋରରେ ତିଆରି ବସ୍ତା, ବଡ଼ଥଳି, ବ୍ୟାଗ, ବୋରା ଆଦି ।

**ଅଖାଇ** *ବିଂ.* ଯେଉଁ ନାରୀ ଖାଇ ନଥାଏ ବା ଅଳ୍ପ ଖାଇଥାଏ ।

**ଅଖାଇ ନାନୀ** *ବି.* ଯେଉଁ ନାରୀ ସବୁ ଖାଇ ମଧ୍ୟ ନ ଖାଇଥିବାର ଅଭିନୟ ବା ଛଳନା କରୁଥାଏ ।

**ଅଖାଡୁ, ଅଖାଡୁଆ** *ବିଂ.* ଅବାଗିଆ, ବିଚାରଶୂନ୍ୟ, ବାଗବାଇସ ନଥିବା, ଅଶୃଙ୍ଖଳିତ ।

**ଅଖାତର** *ବି.* ଅମାନ୍ୟ, ଅସମ୍ମାନ, ବେଖାତରି ।

**ଅଖାଦ** *ବି.* ଖାଦ/ ଭେଜାଲ ହୋଇନଥିବା, ବିଶୁଦ୍ଧ ।

**ଅଖାଦଉଡ଼** *ବି.* ଦୁଇପାଖ ମେଲାଥାଇ ଅଖାକୁ ପାଦଠାରୁ ଅଣ୍ଟା ପର୍ଯ୍ୟନ୍ତ ପୂରାଇ ଦୌଡ଼ ପ୍ରତିଯୋଗିତା ।

**ଅଖାଦ୍ୟ** *ବିଂ.* ୧. ଯେଉଁ ଖାଦ୍ୟପଦାର୍ଥ ଖାଇବା ଯୋଗ୍ୟ ନୁହେଁ ୨. ଦୂଷିତ ଖାଦ୍ୟ ୩. ଯେଉଁ ଖାଦ୍ୟ ଦେହପାଇଁ କ୍ଷତିକାରକ ।

**ଅଖିଆ** *ବିଂ.* ଖାଇନଥିବା, ଉପାସ ରହିଥିବା ।

**ଅଖିଆଅପିଆ** *ବି.* ଖାଇନଥିବା କି ପିଇ ନ ଥିବା ।

**ଅଖିଳ** *ବିଂ.* ୧. ସମଗ୍ର, ସମସ୍ତ ୨. ପରିବ୍ୟାପ୍ତ ୩. ସଂପୂର୍ଣ୍ଣ ।

**ଅଖୁଣ** *ବିଂ.* ୧. ନିକ, ଖୁଣ ନଥିବା ୨. ଗୋଟାଳିଆ ।

**ଅଖ୍ୟାତ** *ବିଂ.* ଖ୍ୟାତି ପାଇନଥିବା, ବିଶେଷ ଜ୍ଞାତ ନଥିବା, ଅପ୍ରତିଷ୍ଠିତ, ଅବିଦିତ ।

**ଅଖ୍ୟାତି** *ବି.* ଅପଯଶ, ଅପନିନ୍ଦା, ବଦ୍‌ନାମ୍ ।

**ଅଗ୍‌ଡ଼ମ୍ ବଗ୍‌ଡ଼ମ୍** *ବିଂ.* ଯାହା ଇଚ୍ଛା ତାହା, ମନକୁ ଯାହା ଆସିବା, ଯାହିତାହି ।

**ଅଗ୍‌ଲାଉଛ୍‌ଲା** *ବିଂ.* ୧. ପ୍ରଚୁର ୨. କୂଳ ଡେଇଁ ବହିଯାଉଥିବା ।

**ଅଗ୍‌ଲିବା** *କ୍ରି.* ବଳକା ହେବା, ଆବଶ୍ୟକତାଠାରୁ ଅଧିକ ହେବା ।

**ଅଗ, ଅଗ୍ର** *ବି.* ୧. ଶୀର୍ଷ ୨. ଚୂଡ଼ା, ତୀଖ ।

**ଅଗକରା** *ବିଂ.* ଖବିସା, ଦୁଷ୍ଟ ।

**ଅଗଖୁଣ୍ଟା** *ବିଂ.* ୧. ଡଙ୍କ ମୋଡୁଥିବା, ଅଗକଟା ୨. ବିକାଶର ବାଧକ ୩. ସବୁ କଥାରେ ପ୍ରଥମେ ଖିଅ କାଢୁଥିବା ୪. ଅନୁକୂଳରୁ ବିଘ୍ନ ଘଟାଉଥିବା ।

**ଅଗଠଣ** *ବିଂ.* ୧. ଅସୁନ୍ଦର ୨. ଅସୁଠାମ ।

**ଅଗଠିତ** *ବିଂ.* ତିଆରି ହୋଇନଥିବା ।

**ଅଗଢ଼ା** *ବିଂ.* ଯାହା ଗଠିତ ବା ତିଆରି ହୋଇନାହିଁ ।

**ଅଗଣନ, ଅଗଣନୀୟ** *ବିଂ.* ଯାହା ଗଣନା କରିବା ଅସମ୍ଭବ, ସଂଖ୍ୟାଧିକ, ଅସୁମାରି, ଅନେକ, ବହୁତ, ଅସଂଖ୍ୟ ।

**ଅଗଣା** *ବି.* ୧. ପ୍ରାଙ୍ଗଣ, ଘର ଆଗରେ ଥିବା ସମତଳ ସ୍ଥାନ, ଦୁଆର, ବାରି ଆଁଗନ୍, *ବିଂ.* ୨. ଯେଉଁ ବ୍ୟକ୍ତିର ଗଣାପୋଛା ହୋଇ ଜନ୍ମ ରାଶି, ନକ୍ଷତ୍ର ସ୍ଥିର ହୋଇ ନାହିଁ, ୩. ଯାହାର ସଂଖ୍ୟା ବା ପରିମାଣ ନିରୂପଣ କରାହୋଇନାହିଁ ।

**ଅଗଣିତ** *ବିଂ.* ଅଗଣ୍ୟ, ଯାହା ଗଣି ହେବନାହିଁ, ଅସଂଖ୍ୟ ।

**ଅଗଣ୍ଡ** *ବିଂ.* ଅମାପ, ଅପରିମିତ, କାହିଁରେ କେତେ ।

**ଅଗଣ୍ୟ** *ବିଂ.* ହେୟ, ନଗଣ୍ୟ, ତୁଚ୍ଛ, ଅତି ସାଧାରଣ ।

**ଅଗତି** *ବି.* ୧. ବେଗ ହରାଇଥିବା ୨. ସାମର୍ଥ୍ୟ ନଥିବା ।

**ଅଗତ୍ୟା** *କ୍ରି.ବିଂ.* ହଠାତ୍ ନିରୁପାୟ ହେବାରୁ ଅନ୍ୟ କୌଣସି ବିକଳ୍ପ ଖୋଜି ନ ପାଇବାରୁ ଉପାୟଶୂନ୍ୟ ହୋଇ ଅନ୍ୟ କୌଣସି ଗତି ବା ମାର୍ଗ ନଥିବା ଅବସ୍ଥାରେ ବାଧ୍ୟହୋଇ ।

**ଅଗନାଅଗନି, ଅଗ୍ନାଅଗ୍ନି** *ବିଂ.* ନିବିଡ଼, ଅତି ଅଗମ୍ୟ, ଦୁର୍ଗମ, ଜନମାନବଶୂନ୍ୟ, ଘଞ୍ଚ, ଗହନ ।

**ଅଗନ୍ତବ୍ୟ** *ବିଂ.* ଯେଉଁ ସ୍ଥାନକୁ ଯିବା ନିଷେଧ ବା ମନା ।

**ଅଗପଚା** *ବିଂ.* ଯେଉଁ ଶସ୍ୟ ବା ଫଳର ଅଗ ପାଚି ଯାଇଥାଏ ଏବଂ ଅବଶିଷ୍ଟ ଅଂଶ କଞ୍ଚା ଥାଏ ।

**ଅଗଭଙ୍ଗା** *ବି.* ଯେ ଆଉ କାହାର ସ୍ୱାଭାବିକ ବିକାଶ, ସମୃଦ୍ଧି ଓ ଗତିକୁ ଆହତକରେ ବା ବାଧାଦିଏ, ଅଗଖୁଣ୍ଟା ୨. ଖଳ, ନିନ୍ଦୁକ, ଅସହିଷ୍ଣୁ ।

**ଅଗମ୍ୟ** *ବିଂ.* ୧. ଯେଉଁ ସ୍ଥାନକୁ ଯାଇ ହେବ ନାହିଁ ୨. ଯେଉଁ ବିଦ୍ୟାରେ ପ୍ରବେଶ ଅସମ୍ଭବ ୩. ଅଭେଦ୍ୟ ।

**ଅଗମ୍ୟଗମନ** *ବି.* ୧. ଅଜାଗାକୁ ଯିବା ୨. ତନ୍ତ୍ର ବା ଅଭିଚାର ସାଧନାରେ ନିମଗ୍ନ ହେବା ।

**ଅଗମ୍ୟା** *ବିଂ.* ସହବାସ ପାଇଁ ଶାସ୍ତ୍ରନିଷେଧ କରିଥିବା ନାରୀ : ଯଥା - ଭଉଣୀ, ମା, ଗୁରୁପତ୍ନୀ ।

**ଅଗର** *ବି.* ୧. ବଢ଼େଇ ବ୍ୟବହାର କରୁଥିବା କାଠ କଣାକରିବା ଯନ୍ତ୍ର ୨. ଭଅଁର ୩. ଅଗୁର ; *ଅ.* ଯଦି ।

**ଅଗରବତୀ** *ବି.* ଧୂପକାଠି, ଉଦ୍‌ବତୀ ।

**ଅଗରା** *ବି.* ୧. କଣ୍ଟାକୁସୁମ ଗଛ - ଏହା ଏକ ଔଷଧୀୟ ଗଛ ଭାବରେ ପରିଚିତ ୨. ବାଉଁଶଗଛର ଅଗ୍ରଭାବ ବା ଅଗ୍ରଅଂଶ ୩. ଏକ ପ୍ରକାର ତୈଳବୀଜ ।

**ଅଗରାହୀ** *ବି.* କୌଣସି ଦଳର ଆଗରେ ଯାଉଥିବା ବ୍ୟକ୍ତି ।

**ଅଗରିଆ, ଅଘରିଆ** *ବି.* ଓଡ଼ିଶା ତଥା ପଡ଼ୋଶୀ ରାଜ୍ୟଗୁଡ଼ିକରେ ସ୍ଥାୟୀ ଭାବରେ ବସବାସ କରୁଥିବା ଏକ ଜାତି ।

**ଅଗରୁ, ଅଗୁରୁ** *ବି.* ଏକ ପ୍ରକାର ସୁବାସିତ ଦ୍ରବ୍ୟ ଯାହା ପ୍ରସାଧନ ସାମଗ୍ରୀ ଭାବରେ ବ୍ୟବହୃତ ହୁଏ ।

**ଅଗଲା** *ବିଂ.* ଆଗରେ ଯାଉଥିବା, ବଳକା ।

**ଅଗା** *ବିଂ.* ନିର୍ବୋଧ, ଜ୍ଞାନହୀନ, ଅଗାବଗାଖଗା ।

**ଅଗାଡ଼ି** *ବି.* ୧. ଶସ ନଥିବା ଧାନ ବା ବୀଜ ୨. ମୂଲ୍ୟହୀନ, ଅର୍ଥହୀନ ୩. ଯାହାର ଗାଡ଼ି ବା ଯାନ ନଥାଏ ।

**ଅଗାଣ୍ଡିଆ** *ବି.* ଯେଉଁ ପଦାର୍ଥର ତଳ ଗୋଲାକାର ହୋଇଥିବାରୁ ମାଟି ଉପରେ ରଖିଲେ ଗଡ଼ିପଡେ, ବଇଠି ନ ଥିବା ପାତ୍ର ; *ବିଂ.* ମୂର୍ଖ, ମୂଢ଼, ଜ୍ଞାନହୀନ ।

**ଅଗାଧ** *ବିଂ.* ୧. ଗାଧୋଇ ନ ଥିବା ୨. ପ୍ରଗାଢ଼ ।

**ଅଗାଧୁଆ** *ବିଂ.* ନ ଗାଧୋଇ, ଗାଧୋଇବା ପୂର୍ବରୁ ।

**ଅଗା ବଗା ଖଗା** *ବି.* ଯୋଗ୍ୟତା ବା ଜ୍ଞାନ ନଥିବା ଲୋକ ।

**ଅଗି** *ବି.* ୧. ଅଗ୍ନି, ନିଆଁ ୨. ଅଗିଲା, କୋମଳ ଅଗ୍ର ଅଂଶ ।

**ଅଗିଆବାତ** *ବି.* ଏକ ପ୍ରକାର ଚର୍ମ ରୋଗ-ଯାହାଦ୍ୱାରା ସଂକ୍ରମିତ ବ୍ୟକ୍ତିର ଦେହ ଠାଏ ଠାଏ ଫୁଲିଯାଏ ଏବଂ ଫୁଲା ଅଂଶ ଲାଲ ଦିଶେ ।

**ଅଗିଜଳା** *ବି.* ଅଇଘରା ।

**ଅଗିରା** *ବି.* ୧. ବାଉଁଶ ଗଛର ଶୀର୍ଷ ଭାଗ ୨. ଅଗ୍ନିଉତ୍ସବ, ଅଇଘରା ।

**ଅଗିରାପୂନେଇଁ** *ବି.* ମାଘମାସ ପୂର୍ଣ୍ଣମୀ-ଯେଉଁଦିନ ଛଣ, ପାଳ, କାଠ ଜଳାଯାଇ ଅଗ୍ନିଦେବତାଙ୍କୁ ପୂଜା କରାଯାଏ ।

**ଅଗିରାବଢ଼ା** *ବି.* ଅଗିରା ପୂର୍ଣ୍ଣିମାର ଶେଷଦିନ - ଯେଉଁଦିନ ସକାଳୁ ଅଗି ପୋଡ଼ା ଯାଇଥିବା ସ୍ଥାନକୁ ଲିପାପୋଛା କରି ଅଗ୍ନିଦେବତାଙ୍କୁ ପୂଜାର୍ଚ୍ଚନା କରିବା ସହିତ ପାଉଁଶକୁ ବିଲରେ ପକାଯାଏ ।

**ଅଗିଲା** *ବିଂ.* ଅଗ ଅଂଶରେ ଥିବା ।

**ଅଗୁଆଁର** *ବିଂ.* ଅଜ୍ଞ, ଅଚତୁର ।

**ଅଗୁଣ** *ବି.* ଦୋଷ, ତ୍ରୁଟି, ଖରାପ ଅଭ୍ୟାସ ।

**ଅଗୁରୁ** *ବିଂ.* ୧. ଯେଉଁ ପଦାର୍ଥ ଗୁରୁ ବା ଭାରି ନୁହେଁ ୨. ହାଲକା, ସହଜରେ ବହନ ବା ସ୍ଥାନାନ୍ତର କରାଯାଇପାରୁଥିବା ୩. ଗୁରୁ କରିନଥିବା ୪. ଗୁରୁ ହେବାପାଇଁ ଅଯୋଗ୍ୟ ; *ବି.* ଏକ ପ୍ରକାର ସୁବାସିତ ଚନ୍ଦନ ।

**ଅଗୁରୁ ବିଦ୍ୟା** *ବି.* ୧. ଯେଉଁ ବିଦ୍ୟା ଅନୁଭବ ଆଧାରିତ, ଯେଉଁ ବିଦ୍ୟା ସାଧିବାପାଇଁ ଗୁରୁଙ୍କର ଆବଶ୍ୟକତା ନ ଥାଏ ୨. କାମ ଶାସ୍ତ୍ର ।

**ଅଗ୍ରସାର** *ବିଂ.ବି.* ୧. ସମସ୍ତଙ୍କ ଆଗ ବା ସମ୍ମୁଖରେ ଯାଉଥିବା (ଲୋକ) ୨. ପ୍ରଥମ ୩. ଦୁଃସାହସୀ ।

**ଅଗୋଚର** *ବିଂ.* ୧. ଅଜଣା, ଅଜ୍ଞାତ ୨. ଅଦୃଶ୍ୟ, ଅନାଲୋକିତ ।

**ଅଗ୍ନି** *ବି.* ନିଆଁ, ବହ୍ନି, ଜୁଏ, ଯାହାର ଦାହିକା ବା ଦହନ ଶକ୍ତି ଥାଏ ।

**ଅଗ୍ନିଉତ୍ସବ** *ବି.* ଅଗିରାପୂର୍ଣ୍ଣିମା ।

**ଅଗ୍ନି ଉଦ୍‌ଗିରଣ** *ବି.* ପର୍ବତ ସନ୍ଧିରୁ ନିର୍ଗତ ତରଳ ପଦାର୍ଥ, ଆଗ୍ନେୟଗିରିରୁ ଲାଭା ସହିତ ନିଆଁ ଓ ଧୂଆଁ ଉପରକୁ ଆସିବା ।

**ଅଗ୍ନିକାଣ୍ଡ** *ବି.* ୧. ବିସ୍ତୀର୍ଣ୍ଣ ଅଞ୍ଚଳରେ ଲାଗିଥିବା ନିଆଁ ୨. ନିଆଁର ଭୟଙ୍କର ରୂପ, ଅଗ୍ନ୍ୟୁତ୍ପାତ ।

**ଅଗ୍ନିକୁଣ୍ଡ** *ବି.* ଘିଅ ଆହୁତି ଦିଆଯାଉଥିବା କୁଣ୍ଡ, ଯଜ୍ଞକୁଣ୍ଡ, ହୋମକୁଣ୍ଡ ।

**ଅଗ୍ନିକୋଣ** *ବି.* ପୂର୍ବ ଓ ଦକ୍ଷିଣ ଦିଗର ମଝି କୋଣ ।

**ଅଗ୍ନିପରୀକ୍ଷା** *ବି.* କଠିନ ପରୀକ୍ଷା, ବିଷମ ସମସ୍ୟା ।

**ଅଗ୍ନିମାନ୍ଦ୍ୟ** *ବି.* ବଦହଜମି ରୋଗ ।

**ଅଗ୍ନିଶର୍ମା** *ବି.* ଅତିଶୟ କ୍ରୋଧାବସ୍ଥା ।

**ଅଗ୍ନିସେବା ସଂସ୍ଥା** *ବି.* ମୁଖ୍ୟତଃ ଘରପୋଡ଼ି ଓ ଅନ୍ୟ ବିପଦ ବେଳେ ସେବାପ୍ରଦାନ କରୁଥିବା ସଂସ୍ଥା, ଫାୟାର ବ୍ରିଗେଡ୍ ।

**ଅଗ୍ନିସ୍ନାତ, ଅଗ୍ନିସ୍ନାତା** *ବିଂ.* ୧. ନିଆଁରେ ଗାଧୋଇଥିବା ୨. କଠୋର ପରୀକ୍ଷାରେ ଉତ୍ତୀର୍ଣ୍ଣହୋଇଥିବା ; *ବି.* ଯାଜ୍ଞସେନୀ, ଦ୍ରୌପଦୀ ।

**ଅଗ୍ର** *ବିଂ.* ୧. ସବା ଆଗ, ଆଦ୍ୟ ୨. ପ୍ରଧାନ ୩. ଶିଖର ।

**ଅଗ୍ରଗାମୀ** *ବିଂ.* ଆଗରେ ଯାଉଥିବା, ପୁରୋଗାମୀ ।

**ଅଗ୍ରଜ** *ବି.* ପ୍ରଥମେ ଜନ୍ମ ହୋଇଥିବା ଭାଇ, ବଡ଼ଭାଇ ।

**ଅଗ୍ରଜା** *ବି.* ବଡ଼ଭଉଣୀ, ଅପା, ନାନୀ ।

**ଅଗ୍ରଣୀ, ଅଗ୍ରଗଣ୍ୟ** *ବିଂ.* ୧. ଶ୍ରେଷ୍ଠ ୨. ପ୍ରଧାନ ୩. ଆଗୁଆ ।

**ଅଗ୍ରଦୂତ** *ବିଂ. ବି.* ୧. ନୂତନ ଚେତନାର ପ୍ରଥମ ବାର୍ତ୍ତାବହ ୨. ଆଗୁଆ, ପ୍ରଥମ ।

**ଅଗ୍ରପୂଜ୍ୟ** *ବିଂ.* ପ୍ରଥମେ ପୂଜା ପାଉଥିବା ; *ବି.* ଗଣେଶ ।

**ଅଗ୍ରଭାଗ** *ବି.* ୧. ଶୀର୍ଷ ୨. ସର୍ବପ୍ରଥମ ସ୍ଥାନ ୩. ପ୍ରଥମ ଅଂଶ ୪. ସାମନା ।

**ଅଗ୍ରଲେଖ** *ବି.* କୌଣସି ବହି/ଖବରକାଗଜ ବା ପତ୍ରିକାର ମୁଖବନ୍ଧ, ଆମୁଖ, ସମ୍ପାଦକୀୟ ।

**ଅଗ୍ରସର** *କ୍ରି.* ଆଗକୁ ଯିବା, ଆଗେଇବା ।

**ଅଗ୍ରାଧିକାର** *ବି.* ସବୁ କିଛିକୁ ପ୍ରଥମେ ଗ୍ରହଣ ବା ଉପଭୋଗ କରିବାର ଅଧିକାର ।

**ଅଗ୍ରାହ୍ୟ** ***ବିଂ*** ପ୍ରତ୍ୟାଖ୍ୟାନ, ଅସ୍ୱୀକାର, ମନା ବା ବାରଣ, ନାମଞ୍ଜୁର, ଗ୍ରହଣ ଅଯୋଗ୍ୟ ।

**ଅଗ୍ରିମ** ***ବିଂ*** କିଛି ପାଇବାପାଇଁ ଆଗରୁ ପ୍ରଦତ୍ତ ଅର୍ଥ, ବଇନା, ଆଡ୍‌ଭାନ୍‌ସ ।

**ଅଘ** ***ବି.*** ୧. ପାପ ୨. କଳଙ୍କ ୩. ଅନୀତି, ବ୍ୟଭିଚାର ୪. ଦୁଷ୍କର୍ମ ।

**ଅଘଟ** ***ବି.*** ୧. ଅକୁଳାନ, ନିଅଣ୍ଟ ୨. ଯାହା ଘଟେ ନାହିଁ ୩. ଯାହା ଅଣ୍ଟେ ନାହିଁ ।

**ଅଘଟଘଟ** ***ବି.*** ଅଣ୍ଟନିଅଣ୍ଟ, ପାଇବା ନ ପାଇବା ।

**ଅଘଟଣ, ଅଘଟଣା** ***ବି.*** ୧. ଦୁର୍ଘଟଣା, ଅଘଟନୀୟ ୨. ଅସୁନ୍ଦର ।

**ଅଘରଦୁଆରି** ***କ୍ରି.ବିଂ.*** ଘରେ ଘରେ, ପ୍ରତି ପରିବାରରେ; ***ବିଂ.*** ଘର ଦୁଆର ନଥିବା ।

**ଅଘରିଆ** ***ବି.*** ୧. ଘର ନଥିବା ଲୋକ ୨. ଆଖୁର ଉପର ଅଂଶ ୩. ଜାତି ବିଶେଷ ।

**ଅଘରୀ** ***ବିଂ*** ଯାହାର ଘରଦ୍ୱାର ନଥାଏ, ବାରବୁଲା, ଯାଯାବର ।

**ଅଘରୁଆ** ***ବିଂ*** ବୁନିଆଦି ବା ବଂଶପରମ୍ପରା ନ ଥିବା ।

**ଅଘଷା** ***ବିଂ*** ୧. ଅମଜା, ଅପରିଷ୍କୃତ, ଘଷାମଜା ହୋଇନଥିବା ୨. ଅଚିକ୍କଣ ୩. ଦାନ୍ତ ଘଷିନଥିବା ।

**ଅଘଷାଖିଆ** ***ବିଂ*** ଦାନ୍ତ ନ ଘଷି ଖାଉଥିବା ।

**ଅଘାପଛା** ***ବି.*** ଆଗିଲା ପିଛିଲା, ଆଗପଛ ହୋଇ ଜଣକ ପରେ ଜଣେ କ୍ରମରେ ।

**ଅଘେଇ ଯିବା** ***କ୍ରି.*** ଗୋଟିଏ ଖାଦ୍ୟ ବାରମ୍ବାର ଖାଇବାଦ୍ୱାରା ଆଉ ଖାଇବାକୁ ଇଚ୍ଛା ନ ହେବା, ଆଧିକ୍ୟ ଯୋଗୁଁ ଚିଟା ଧରିବା ।

**ଅଘୋଡ଼ା** ***ବିଂ*** ୧. ଘୋଡ଼ା ଯାଇନଥିବା, ଖୋଲା, ଢଙ୍କା ହୋଇନଥିବା ୨. ଅଲୁକ୍କାୟିତ, ଅନାବୃତ ।

**ଅଘୋର** ***ବିଂ*** ୧. ସୌମ୍ୟ ୨. ଆଖିକୁ ସୁନ୍ଦର ଦିଶୁଥିବା; ***ବି.*** ଶିବ ।

**ଅଘୋର ନିଦ୍ରା** ***ବି.*** ଗାଢ଼ନିଦ ।

**ଅଘୋରା** ***ବିଂ*** ଘୋରା ହୋଇନଥିବା ।

**ଅଘୋରୀ, ଅଘୋରପନ୍ଥୀ** ***ବିଂ*** ୧. କାୟାସାଧନା ଉପରେ ବିଶ୍ୱାସ ରଖୁଥିବା ବ୍ୟକ୍ତି-ସେଉଁମାନଙ୍କୁ ସମାଜର ସାଧାରଣ ମଣିଷ ଭୟମିଶ୍ରିତ ଭକ୍ତିକରେ ଏବଂ ସେମାନେ ଅଲୌକିକ ଶକ୍ତିର ଅଧିକାରୀ ବୋଲି ବିଶ୍ୱାସ କରେ ୨. ସହଜଯାନ / କୌଳମାର୍ଗ / ବାମମାର୍ଗରେ ବିଶ୍ୱାସୀ ୩. ମଦ୍ୟ, ମାଂସ, ମୈଥୁନ, ମତ୍ସ୍ୟ ଓ ମୁଦ୍ରା ଆଦି ପଞ୍ଚ ମକାରଆବିଷ୍ଟ ସାଧକ, କାପାଳିକ, ଅମାର୍ଗୀ ।

**ଅଙ୍କ** ***ବି.*** ୧. ଗଣିତବିଦ୍ୟା ୨. ସଂଖ୍ୟାସୂଚକ ଚିହ୍ନ ୩. ନାଟକର ପରିଚ୍ଛେଦ ୪. ଚିହ୍ନ ୫. କୋଳ ୬. ରାଜାଙ୍କ ରାଜୁତିର ବର୍ଷ ୭. କଳଙ୍କ, ଦୋଷ ।

**ଅଙ୍କ କଷିବା** ***କ୍ରି.*** ୧. ହିସାବ କରିବା ୨. ଗଣିତର ସମାଧାନ କରିବା ।

**ଅଙ୍କଗଣନା** ***ବି.*** ୧. ସଂଖ୍ୟା ଗଣିବା ୨. ରାଜାଙ୍କର ଶାସନ ବର୍ଷର ହିସାବ ।

**ଅଙ୍କଗଣିତ** ***ବି.*** ପାଟୀଗଣିତ ।

**ଅଙ୍କଦ୍ରବ୍ୟ** ***ବି.*** ବ୍ୟବହାର୍ଯ୍ୟ ଓ ଆବଶ୍ୟକୀୟ ପଦାର୍ଥ ।

**ଅଙ୍କନ** ***ବି.*** ୧. ରେଖାରେ ଛବି ବା ଚିତ୍ର ଲିଖନ ୨. ଚିତ୍ରଣ, ବର୍ଣ୍ଣନା ୩. ଚିହ୍ନଦେବା ।

**ଅଙ୍କମାପଣ(ନ)** ***ବି.*** ଯାହା ସାହାଯ୍ୟରେ ସ୍ଥାନ ସ୍ଥାନ ବା ବସ୍ତୁ ବସ୍ତୁ ମଧ୍ୟରେ ଥିବା ଦୂରତାକୁ ମପାଯାଏ, ସ୍କେଲ୍ ।

**ଅଙ୍କରାନ୍ତି** ***ବି.*** କଣ୍ଟକାରି ଫଳ, ଔଷଧୀୟ ଗୁଣଯୁକ୍ତ ଫଳବିଶେଷ -ଯାହାର ଆକୃତି ଛୋଟ ବାଇଗଣ ପରି (ଏହି ଫଳର ଗଛ କଣ୍ଟାଲିଆ) ।

**ଅଙ୍କଲ୍** ***ବି.*** ୧. ମା କିମ୍ବା ବାପାଙ୍କ ଭାଇ, ମାଉସୀ ବା ପିଉସୀଙ୍କ ସ୍ୱାମୀ ୨. ଯେ କୌଣସି ପୁରୁଷଲୋକଙ୍କୁ ସମ୍ବୋଧନ ।

**ଅଙ୍କଲକ୍ଷ୍ମୀ** ***ବି.*** ପତ୍ନୀ, ସ୍ତ୍ରୀ ।

**ଅଙ୍କା** ***ବିଂ*** ଚିତ୍ରିତ ହୋଇଥିବା, ରେଖାରେ ନିର୍ଦ୍ଦିଷ୍ଟ ରୂପ ପାଇଥିବା ।

**ଅଙ୍କାବଙ୍କା** ***ବିଂ*** ସାପର ଗତିପରି ମୋଡବାଙ୍କଥିବା, ସର୍ପିଳ, ବଙ୍କାଟଙ୍କା ।

**ଅଙ୍କିତ** ***ବିଂ*** ୧. ଚିତ୍ରିତ ୨. ବର୍ଣ୍ଣିତ ୩. ଲିଖିତ ।

**ଅଙ୍କିରା** ***ବି.*** ବାଡ଼, ଅଟେଇ, ନକ୍ସାମୁତାବକ ମାଟି ଉପରେ କଟା ଯାଇଥିବା ଗାର ।

**ଅଙ୍କୁର** ***ବି.*** ୧. ମଞ୍ଜି ଅଥବା ଗଛର ଅଗରୁ ବାହାରୁଥିବା ସୂକ୍ଷ୍ମ ଅଂଶ, ଗଜା ୨. ମୁକୁଳ ୩. ଶରୀରର ଲୋମ ବା ରୁମ ୪. ଆତ୍ମପ୍ରକାଶ ।

**ଅଙ୍କୁରାରୋପଣ** ***ବି.*** କୌଣସି ଶୁଭକାର୍ଯ୍ୟର ଆରମ୍ଭ ।

**ଅଙ୍କୁରିତ** ***ବିଂ*** ମୁକୁଳିତ, ପଲ୍ଲବିତ ।

**ଅଙ୍କୁରିବା** ***କ୍ରି.*** ଗଜାମାରିବା, କଅଁଳିବା ।

**ଅଙ୍କୁରୋଦ୍‌ଗମ** ***ବି.*** ମଞ୍ଜିରୁ ଗଜା ବାହାରିବା ପ୍ରକ୍ରିୟା ।

**ଅଙ୍କୁଶ** ***ବି.*** ୧. ମୁନିଆ ବଙ୍କା ଅଗଥିବା ଲୁହା କୁନ୍ତ - ଯାହା ହାତୀକୁ ଆୟତ୍ତ କରିବାପାଇଁ ବ୍ୟବହୃତ ୨. ନିୟନ୍ତ୍ରଣ ବା ନିୟନ୍ତ୍ରକ ସାଧନ ୩. ଆଙ୍କୁଡ଼ି ।

**ଅଙ୍କୁଶ ଲଗାଇବା** ***କ୍ରି.*** ୧. ଗତିରୋଧ କରିବା, ବାଧା ଦେବା ୨. ବାରଣ କରିବା ୩. ନିୟନ୍ତ୍ରଣକୁ ଆଣିବା ୪. ଖାପଚରେ ପକାଇବା ।

**ଅଙ୍କେଇ ବଙ୍କେଇ ଯିବା** ***କ୍ରି.*** ସାପପରି ଇତସ୍ତତଃ ଭାବରେ ଗତି କରିବା ।

**ଅଙ୍ଗ୍‌ଛି** ***ବି.*** ଗାମୁଛା ।

**ଅଙ୍ଗ୍‌ଟା** ***ବି.*** ଗୋଡ଼ମୁଦି ।

**ଅଙ୍ଗ୍‌ଠା** ***ବି.*** ବଡ଼ ଗାମୁଛା ।

**ଅଙ୍ଗ୍‌ଠି** ***ବି.*** ନିଆଁ ଜଳାଇ ରଖିବାର ଆଧାର, ଉହ୍ନେଇ ।

**ଅଙ୍ଗ୍‌ରା** ***ବି.*** ଜଳନ୍ତା ଅଙ୍ଗାର ।

**ଅଂଗ୍ ସଂଗ୍** ***ବି.*** ସହବାସ, ନାରୀ ପୁରୁଷଙ୍କ ଶାରୀରିକ ମିଳନ ।

**ଅଙ୍ଗ** ***ବି.*** ୧. ପ୍ରାଣୀର ଦେହ ବା ଶରୀରର ଅଂଶ ୨. ଉପକରଣ ୩. ବସ୍ତୁର ଯେକୌଣସି ଅଂଶ ବିଶେଷ ୪. ସ୍ୱୀକାର ୫. ଭାରତର ଏକ ପ୍ରାଚୀନ ଦେଶର ନାମ ୬. ବୌଦ୍ଧ ଧର୍ମଶାସ୍ତ୍ର ବିଶେଷ ।

**ଅଙ୍ଗଘଷା** ***ବିଂ.*** ୧. ଦେହରେ ଲଗାଯାଉଥିବା ୨. ଦେହଘଷା, ନିକଟତମ ।

**ଅଙ୍ଗଘାତ** ***ବି.*** ପକ୍ଷାଘାତ ରୋଗ, ଅଙ୍ଗପଡ଼ିବା, ପାରାଲିସସ୍ ।

**ଅଙ୍ଗଚାଳନା** ***ବି.*** ବ୍ୟାୟାମ, ଶରୀରସାଧନ ବିଦ୍ୟା, ବିଭିନ୍ନ ଅବୟବର ଅର୍ଥବାହୀ ଇଙ୍ଗିତ ।

**ଅଙ୍ଗଚ୍ଛେଦନ** ***ବି.*** ଦେହର କୌଣସି ଅଙ୍ଗକୁ କାଟିବା ।

**ଅଙ୍ଗଜ** ***ବି.*** ୧. ଶରୀର ବା ଦେହର ଅଂଶରୁ ବା ଅଙ୍ଗରୁ ଜାତ ୨. ସନ୍ତାନସନ୍ତତି ୩. ରକ୍ତ ୪. କାମଭାବ ୫. କେଶ ୬. କନ୍ଦର୍ପ ।

**ଅଙ୍ଗନ** ***ବି.*** ଅଗଣା, ଘରର ଆଗ ବା ମଝିରେ ଥିବା ଖାଲିସ୍ଥାନ, ଦୁଆର, ଚଉତରା, ପ୍ରାଙ୍ଗଣ ।

**ଅଙ୍ଗନା** ***ବି.*** ୧. ଅଙ୍ଗନର ଅଧିକାରିଣୀ ୨. ପ୍ରମଦା ୩. ନାରୀ ।

**ଅଙ୍ଗନ୍ୟାସ** ***ବି.*** ମନ୍ତ୍ର ଉଚ୍ଚାରଣ କରି ଶରୀରର ନିର୍ଦ୍ଦିଷ୍ଟ ଅଂଶକୁ ଛୁଇଁବା କ୍ରିୟା ।

**ଅଙ୍ଗପ୍ରତ୍ୟଙ୍ଗ** ***ବି.*** ଶରୀରର ବିଭିନ୍ନ ଅଂଶ ।

**ଅଙ୍ଗବାସ** ***ବି.*** (ଶ୍ରୀ ଜଗନ୍ନାଥଙ୍କ ଭୋଗ ପଦାର୍ଥ) ମିଠା ଦହି, ମରିଚି ପଣା, ଅଦା ପଖାଳ ଆଦି ରହୁଥିବା ଏକ ମାଟି ଓଳି ।

**ଅଙ୍ଗବିକାର** ***ବି.*** ୧. ରୋଗ ଯୋଗୁ ଦେହର ବିଭିନ୍ନ ଅଂଶର କଦାକାର ଅବସ୍ଥା ୨. ମୃଗୀ ରୋଗ ୩. ଅଭିନୟ ଓ ନାଚରେ ଶରୀରର ବିଭିନ୍ନ ଅଙ୍ଗଚାଳନା ମାଧ୍ୟମରେ ଭାବପ୍ରକାଶ ।

**ଅଙ୍ଗବିଜ୍ଞାନ** ***ବି.*** ଶରୀରର ବିଭିନ୍ନ ଅଙ୍ଗ ମାଧ୍ୟମରେ ଭାବପ୍ରକାଶ ।

**ଅଙ୍ଗବିକ୍ଷେପ** ***ବି.*** ଆଙ୍ଗିକ ଅଭିନୟ ।

**ଅଙ୍ଗଭଙ୍ଗୀ** ***ବି.*** ୧. ଅଙ୍ଗପ୍ରତ୍ୟଙ୍ଗର ଚାଳନା ମାଧ୍ୟମରେ ସଂକେତ ୨. ଶରୀରର ଭାଷା/ମନୋଭାବ ପ୍ରକାଶ ।

**ଅଙ୍ଗଭାଷା** ***ବି.*** ଶରୀରର ଅଙ୍ଗଭଙ୍ଗୀରୁ ମନୋଭାବର ସୂଚନା ।

**ଅଙ୍ଗମାର୍ଜନ** ***ବି.*** ଦେହ ସଫା କରିବା, ଦେହ ଶୁଦ୍ଧକରିବା ।

**ଅଙ୍ଗରଖା** ***ବି.*** ଦେହକୁ ନିରାପତ୍ତା ଦେଉଥିବା ପୋଷାକପରିଚ୍ଛଦ, ସାଂଜୁ ।

**ଅଙ୍ଗରକ୍ଷକ** ***ବି.*** ବ୍ୟକ୍ତିର ନିରାପତ୍ତାପାଇଁ ଜଗୁଆଳି, ସିପାହୀ, ବଡିଗାର୍ଡ ।

**ଅଙ୍ଗରା** ***ବି.*** ଜଳନ୍ତା ଅଙ୍ଗାର ।

**ଅଙ୍ଗରାଗ** ***ବି.*** ପ୍ରସାଧନ ସାମଗ୍ରୀ, ଶରୀରର ଶୋଭାବର୍ଦ୍ଧକ ପ୍ରଲେପ ବା ଲୋସନ୍ ।

**ଅଙ୍ଗଲାଗି** ***ବିଂ.*** ଦେବତା, ରାଜା ବା ବିଶିଷ୍ଟ ବ୍ୟକ୍ତିମାନଙ୍କ ଦେହରେ ଲାଗୁଥିବା ବା ବ୍ୟବହୃତ ହେଉଥିବା ।

**ଅଙ୍ଗସଂଗ** ***ବି.*** ସହବାସ, ନାରୀ ପୁରୁଷଙ୍କ ଶାରୀରିକ ମିଳନ ।

**ଅଙ୍ଗସଂସ୍କାର** ***ବି.*** ଶରୀରଶୋଧନ ।

**ଅଙ୍ଗସେବକ** ***ବି.*** ଦାସ, ସେବାକାରୀ, ଅଙ୍ଗଲଗା ।

**ଅଙ୍ଗସୌଷ୍ଠବ** ***ବି.*** ଦେହର ସୁନ୍ଦରତା ।

**ଅଙ୍ଗଲଗା** ***ବିଂ.*** ୧. ଅତି ନିଜର ୨. ଦେହ ଓ ହୃଦୟ ସହିତ ଅତି ଅନ୍ତରଙ୍ଗ ଭାବରେ ଜଡ଼ିତ ୩. ଅଙ୍ଗ ସେବାକାରୀ ।

**ଅଙ୍ଗଲାଗି** ***ବି.*** ଶରୀରଚର୍ଯ୍ୟା ବା ଦେହର ଶୋଭାବର୍ଦ୍ଧନପାଇଁ ବ୍ୟବହୃତ ପ୍ରସାଧନ ସାମଗ୍ରୀ, କସ୍‌ମେଟିକ୍‌ସ ।

**ଅଙ୍ଗଶୁଦ୍ଧି** ***ବି.*** ଶରୀରମାର୍ଜନ ।

**ଅଙ୍ଗହାନି** ***ବି.*** ୧. କୌଣସି ଅଙ୍ଗର ଅଭାବ, ଅସମ୍ପୂର୍ଣ୍ଣ ଅବୟବ ୨. ଦେହର କୌଣସି ଅଙ୍ଗ ହରାଇବା ୩. ସ୍ୱଜନ/ ବନ୍ଧୁ ବା ସହଯୋଗୀଙ୍କୁ ହରାଇଥିବା ଜନିତ କ୍ଷତି ।

**ଅଙ୍ଗା, ଅଙ୍ଗୀ** ***ବି.*** ୧. ଲୁଗା, ଗାମୁଛା, ପୋଛା, ଅଙ୍ଗିଆ, ଅଂଗ୍‌ଛି ।

**ଅଙ୍ଗାଅଙ୍ଗିଭାବ** ***ବି.*** ଘନିଷ୍ଠ ଆତ୍ମୀୟତା ।

**ଅଙ୍ଗାଏ** ***ବିଂ.*** ଭାରର ଗୋଟିଏ ପାଖ ବା ଅଧା, ଅର୍ଦ୍ଧେକ ।

**ଅଙ୍ଗାପଟିଆ** ***ବିଂ.*** ଭାରର ଦୁଇପଟ ସମାନ ଓଜନର ନହେବା।

**ଅଙ୍ଗାବରଣ** ***ବି.*** ୧. ପୋଷାକ ୨. ସାଞ୍ଜୁ ୩. ଚଦର ।

**ଅଙ୍ଗାଭରଣ** ***ବି.*** ନାରୀ ବା ପୁରୁଷର ଅଳଙ୍କାର ।

**ଅଙ୍ଗାର** ***ବି.*** ୧. ଅଧାପୋଡ଼ା କାଠ, ପୋଡ଼ା କୋଇଲା, କାଠକୋଇଲା ୨. କାଳିମା ।

**ଅଙ୍ଗାରକ** ***ବି.*** ୧. ଚୁଲିର ଅଙ୍ଗାର ବା ପୋଡ଼ାକାଠ ସଫା କରୁଥିବା ବ୍ୟକ୍ତି ବା ସେବକ ୨. ମଙ୍ଗଳଗ୍ରହ ୩. ବିଶୁଦ୍ଧ କୋଇଲା ।

**ଅଙ୍ଗାରକାମ୍ଳ** ***ବି.*** ଅଙ୍ଗାର ଓ ଅମ୍ଳଜାନର ଯୌଗିକ ମିଶ୍ରଣ ପ୍ରକ୍ରିୟାରୁ ସୃଷ୍ଟ ବାଷ୍ପ, କାରବନ୍ ଡାଇଅକ୍‌ସାଇଡ ।

**ଅଙ୍ଗାରଦାନି ବି.** ଅଙ୍ଗାର ପୂରେଇ ନିଆଁ ଧରାଯାଉଥିବା ପାତ୍ର ।

**ଅଙ୍ଗି ବି.** ଜାମା, କାଞ୍ଚଲା, ବ୍ରା, କୁରୁତା ।

**ଅଙ୍ଗିଆ ବି.** ଅଙ୍ଗା ।

**ଅଙ୍ଗିକା ବି.** ବକ୍ଷବନ୍ଧନୀ, କାଞ୍ଚୁଲା, ବ୍ରା ।

**ଅଙ୍ଗିରସ ବି.** ୧. କାବ୍ୟର ପ୍ରଧାନ ଉପଜୀବ୍ୟ ରସ ୨. ବୃହସ୍ପତି ।

**ଅଙ୍ଗିଲା ବି.** ୧. ଅଙ୍ଗଲଗା, ନିଜ (ଜଗନ୍ନାଥଙ୍କ ଅଙ୍ଗଲାଗି ସେବକମାନଙ୍କୁ ଅଙ୍ଗିଲା ସେବକ ଏବଂ ସେମାନଙ୍କ ଯାତ୍ରୀମାନଙ୍କୁ ଅଙ୍ଗିଲା ଯାତ୍ରୀ କୁହାଯାଏ ) **୨. ଭାରର କୌଣସି ଗୋଟିଏ ପାଖ କମ କିମ୍ବା ବେଶି, ଅଙ୍ଗାପଟିଆ।**

**ଅଙ୍ଗୀ ବିଂ.** ଦେହଥିବା, ଦେହୀ ।

**ଅଙ୍ଗୀକରଣ ବି.** ସମ୍ମତି ପ୍ରଦାନ, ରାଜି, ସହମତି ।

**ଅଙ୍ଗୀକାର ବି.** ଅନ୍ୟର ମତକୁ ସ୍ୱୀକାର କରିବା, ସହମତି, ଅନ୍ୟକୁ କଥାଦେବା ବା ଅନ୍ୟର କଥା ରଖିବା ।

**ଅଙ୍ଗୀକାରପତ୍ର ବି.** ୧. ସ୍ୱୀକୃତିପତ୍ର ୨. ଏଗ୍ରିମେଣ୍ଟ, ଚୁକ୍ତିନାମା ।

**ଅଙ୍ଗୀକୃତ ବିଂ.** ସ୍ୱୀକୃତ, ଗୃହୀତ ।

**ଅଙ୍ଗୀଭୂତ ବିଂ.** ଅନ୍ୟ ସହିତ ମିଶିଯିବା, ଶରୀରସ୍ଥ, ଅନ୍ତର୍ଭୁକ୍ତ, ଏକାତ୍ମ।

**ଅଙ୍ଗୁଟ୍ ବି.** ବିରକ୍ତି, ଚିଡ଼ିଚିଡ଼ାଭାବ ।

**ଅଙ୍ଗୁଟିଆ ବି.** ୧. ଚିଡ଼ିଚିଡ଼ା ୨. ଅବୁଝା ।

**ଅଙ୍ଗୁଠ ବି.** ବୁଢ଼ା ଆଙ୍ଗୁଳି, ଅଙ୍ଗୁଷ୍ଠ ।

**ଅଙ୍ଗୁର ବି.** ଦ୍ରାକ୍ଷାଲତାର ଫଳ ।

**ଅଙ୍ଗୁରୀୟ ବି.** ହାତ ଓ ପାଦ ଆଙ୍ଗୁଳିର ଅଳଙ୍କାର ବିଶେଷ, ମୁଦି ।

**ଅଙ୍ଗୁଳି ବି.** ଆଙ୍ଗୁଠି ।

**ଅଙ୍ଗୁଳିନିର୍ଦ୍ଦେଶ ବି.** ୧. ନିର୍ଦ୍ଦିଷ୍ଟ ଭାବରେ ଦେଖାଇଦେବା ୨. ଦୋଷାରୋପ କରିବା ।

**ଅଙ୍ଗେଇତ ବି.** ଜଳାଲୁହା ।

**ଅଙ୍ଗେଇତ ଖଣ୍ଡା ବି.** ଜଳା ଲୁହାରେ ତିଆରି ଖଣ୍ଡା ।

**ଅଙ୍ଗେନ୍ ବି.** ଜଡ଼ା ରନ୍ଧାହୋଇ ପ୍ରସ୍ତୁତ ବହଳିଆ ତେଲ-ଯାହା ଗାଡ଼ିର ଅଖରେ ଦିଆଯାଏ ।

**ଅଙ୍ଗେ ନିଭାଇବା କ୍ରି.** ଅନୁଭବ କରିବା ।

**ଅଙ୍ଗ୍ରେଜ୍ ବି.** ଇଂଲିଶ୍, ଇଂରେଜ, ଇଂଲଣ୍ଡର ଅଧିବାସୀ ।

**ଅଚ୍‌କନ ବି.** ଦେହର ଉପର ଭାଗରେ ପିନ୍ଧା ହେଉଥିବା ଲମ୍ବା କୁର୍ତ୍ତା, ଲାଲ୍‌ଚି ।

**ଅଚ୍‌କିବା କ୍ରି.** ଅଟକିବା, ଝୁଲିବା ।

**ଅଚକରା ବି.** ଜାରଜସନ୍ତାନ, ବାପା ଜଣାନଥିବା ସନ୍ତାନ ।

**ଅଚକାର ବି.** ବହିନା, କୌଣସି ପଦାର୍ଥ କିଣିବା ପୂର୍ବରୁ ନିଶ୍ଚିତ ହେବାପାଇଁ ଦିଆଯାଇଥିବା ଅଗ୍ରିମ ଅର୍ଥ ।

**ଅଚଞ୍ଚା ବିଂ.** ୧. ଚଞ୍ଚା ହୋଇ ନଥିବା, ଅମସୃଣ, ଅମାର୍ଜିତ ୨. ଅନଭିଜ୍ଞ, ଅସଂସ୍କୃତ ।

**ଅଚଣ୍ଡ ବିଂ.** ଶାନ୍ତ, ଧୀର ।

**ଅଚତୁର ବି.** ବୋକା, ଅଚାଲାକ, ନିର୍ବୋଧ ।

**ଅଚର ବି.** ଚଳତ୍‌ଶକ୍ତିହୀନ, ସ୍ଥାବର, ସ୍ଥାୟୀ ।

**ଅଚଳ ବିଂ.** ୧. ଅବିଚଳିତ ୨. ସ୍ଥିର ୩. ଦୃଢ଼ ୪. **ସ୍ଥାଣୁ; ବି.** ପାହାଡ଼ ।

**ଅଚଳନ୍ତି ବିଂ.** ୧. ସ୍ଥାବର ୨. ବହୁପରିମାଣର ୩. ସମ୍ପ୍ରତି ଚାଲୁନଥିବା, ଅଚଳ ୪. ଅଦରକାରୀ, ଅବ୍ୟବହୃତ ।

**ଅଚଳନ୍ତି ପ୍ରତିମା ବି.** ଯେଉଁ ଦେବ ବିଗ୍ରହ ଆକାରରେ ବଡ଼ ଅଥବା ସ୍ଥିର ଭାବରେ ରଖା ହୋଇଥିବା ଯୋଗୁଁ ଯାତ୍ରା ସମୟରେ ବାହାରକୁ ଯାଇପାରନ୍ତି ନାହିଁ ।

**ଅଚଳା ବି.** ୧. ପୃଥିବୀ **ବିଂ. ଚଳନଶକ୍ତିହୀନା** ।

**ଅଚଳାଚଳ ବିଂ.** ସ୍ଥାବର ଓ ଅସ୍ଥାବର, ଏକତ୍ର, ବହୁତ, ଅମାପ ।

**ଅଚଳାଚଳ ସମ୍ପତ୍ତି ବି.** ବିପୁଳ ପରିମାଣର ଧନ ।

**ଅଚଲନ୍ ବି.** ୧. ଅସଦାଚାର, ଅନୀତି ୨. ଅଶ୍ଳୀଳ କଥା ବା କାମ।

**ଅଚା ବି.** ୧. ଅଳ୍ପ ପରିମିତ ଜମି ବା ଭୂମି ୨. ବିଲରେ ହଳ ବୁଲାଇଲା ବେଳେ ଲଙ୍ଗଳ ଗାରରେ ସୃଷ୍ଟ ଅଣ୍ଡାକାର କ୍ଷେତ୍ର ।

**ଅଚାଏ ବିଂ.** ଅଳ୍ପ ପରିମାଣର (ଭୂମି) ।

**ଅଚା କାଟିବା କ୍ରି.** ଲଙ୍ଗଳରେ ହଳପାଇଁ ଗୋଲାକାର ସିଆର କାଟିବା ।

**ଅଚାନକ ବିଂ.** ୧. ହଠାତ୍, ଆକସ୍ମିକ, ଅଭାବିତ, ଅପ୍ରତ୍ୟାଶିତ, ପୂର୍ବରୁ କୌଣସି ସୂଚନା ନ ଥାଇ ଘଟୁଥିବା ଘଟଣା ।

**ଅଚାନ ଛାଡ଼ିବା କ୍ରି.** ନିର୍ଦ୍ଧାରିତ ସୀମାର ବାହାରକୁ ନ ଯିବା ।

**ଅଚାବୁଆ ବିଂ.** ୧. ଚକିତ, ଆତଙ୍କିତ, ଭୀତତ୍ରସ୍ତ ୨. ଅଦକ୍ଷ, ଅନିପୁଣ ୩. ବ୍ୟସ୍ତବିବ୍ରତ, କିଂକର୍ତ୍ତବ୍ୟବିମୂଢ଼ ।

**ଅଚିନ୍ତା ବିଂ.** ନିଶ୍ଚିନ୍ତ, ଭୟଶୂନ୍ୟ, ନିରୁଦ୍‌ବେଳିତ, ନିରୁଦ୍‌ବିଗ୍ନ ।

**ଅଚିନ୍ତା ପହଣ୍ଡ ବି.** ଜଗନ୍ନାଥଙ୍କ ରୋଷଘରୁ ଭୋଗ ମଣ୍ଡପକୁ ରନ୍ଧା ହୋଇଥିବା ଅମଣିଆ ବୁହାହେବା ପାଇଁ ଗଳିରାସ୍ତା ।

**ଅଚିନ୍ତିତ ବିଂ.** ଯାହା ଚିନ୍ତା ହୋଇ ନାହିଁ, ଅକଳ୍ପିତ ।

**ଅଚିନ୍ତ୍ୟ ବିଂ.** ଚିନ୍ତା ବା ବିଚାରର ଊର୍ଦ୍ଧ୍ୱରେ, ଯେଉଁ ପ୍ରସଙ୍ଗରେ ଚିନ୍ତା କରାଯାଇନପାରେ ; ଧାରଣା ଓ ଭାବନାର ଅତୀତ ।

**ଅଚିର ବିଂ.** ଯାହା ସବୁଦିନପାଇଁ ରୁହେ ନାହିଁ, ଯାହା ଚିରସ୍ଥାୟୀ ନୁହେଁ, କ୍ଷଣିକ ।

**ଅଚିରସ୍ଥାୟୀ ବିଂ.** ଯାହାର ସ୍ଥିତି ଅଳ୍ପକାଳପାଇଁ ।

**ଅଚିରେ କ୍ରି.ବିଂ.** ତତ୍‌କ୍ଷଣାତ, କାଳବିଳମ୍ବ ନ କରି, ସାଙ୍ଗେସାଙ୍ଗେ ।

**ଅଚିହ୍ନା ବିଂ.** ଯାହା ସହିତ ପୂର୍ବରୁ ପରିଚୟ ନଥାଏ, ଯାହା ଚିହ୍ନି ବା ଜାଣି ହୁଏନାହିଁ, ଚିହ୍ନାଜଣା ନଥିବା ।

**ଅଚେତ, ଅଚେତନ, ଅଚେତା ବିଂ.** ଚେତନାରହିତ, ବାହ୍ୟଜ୍ଞାନଶୂନ୍ୟ, ସଂଜ୍ଞାହୀନ, ମୂର୍ଚ୍ଛିତ, ବେହୋସ, ଜଡ଼ ।

**ଅଚେଷ୍ଟ ବିଂ.** ୧. ଅଚେତ, ନିଶ୍ଚେଷ୍ଟ ୨. ଯାହାର ଚେଷ୍ଟା ନାହିଁ ।

**ଅଚ୍ୟୁତ ବି.ବିଂ.** ୧. ଯାହାର ସ୍ଖଳନ ବା ଚ୍ୟୁତି ନଥାଏ, ସ୍ଥିର, ଅବିଚଳିତ ୨. ଶ୍ରୀକୃଷ୍ଣ ।

**ଅଛଙ୍କା ବିଂ.** ୧. ଯେଉଁ ତରକାରି ତେଲ ଫୁଟଣଦ୍ୱାରା ବଘରା ହୋଇନଥାଏ (ଅଛଙ୍କା ବା ଅବଘରା ତରକାରି, ଯାହା ପ୍ରେତକର୍ମ ପାଳନକାଳରେ ଖିଆଯାଏ) ୨. ଅଛଣା, ଅପରିଷ୍କୃତ ।

**ଅଛଟକ କ୍ରି.ବିଂ.** ୧. ଆଖି ପିଛୁଡାକେ, ଚାହୁଁ ଚାହୁଁ, ହଠାତ୍, ଆକସ୍ମିକ ଭାବରେ, ଚଟ୍‌କରି । ।

**ଅଛଡ଼ା ବିଂ.** ୧. ଯେଉଁ ପଦାର୍ଥର ଚୋପା, ଉପର ଅଂଶ ବା ବହିର୍ଭାଗ ପରିଷ୍କାର ବା ସଫା କରାଯାଇ ନଥାଏ, ଅପାଛୁଡା, ଅଛରା ୨. ଅପରିଷ୍କୃତ ; ବି. ୧. ଯାହା ତ୍ୟାଗ କରିହୁଏନାହିଁ ୨. ଅନବରତ, ଅବିଶ୍ରାନ୍ତ, ଲାଗି ରହିଥିବା ।

**ଅଛଣା ବିଂ.** ଛଣା ହୋଇନଥିବା ।

**ଅଛଦରା ବିଂ.** ୧. ଅଚ୍ଛେଦ୍ୟ ୨. ଅପରିଷ୍କୃତ, ଅସଂସ୍କୃତ ୩. ବଣ୍ୟ ।

**ଅଛନ୍ କ୍ରି.** ଅଛନ୍ତି ।

**ଅଛନ୍ତି କ୍ରି.** ବହୁବଚନ ବା ସମ୍ମାନାର୍ଥେ ବ୍ୟବହୃତ ବର୍ତ୍ତମାନ କାଳର କ୍ରିୟାପଦ, ଅଛନ୍ ।

**ଅଛନ୍ଦା ବି.** ୧. ଖୋଲା, ମୁକ୍ତ ୨. ଗୋଡ଼ ବନ୍ଧା ହୋଇନଥିବା ।

**ଅଛନ୍ଦା ଗାଈ ବି.** ଦୁଧ ଦୁହିଁବା କାଳରେ ଯେଉଁ ଗାଈର ଗୋଡ଼କୁ ବାନ୍ଧିବାକୁ ପଡ଼େନାହିଁ ।

**ଅଛନ୍ଦା ନଈ ବି.** ଯେଉଁ ନଈର ପାଣିରେ ପଶି ଏକୂଳରୁ ଆର କୂଳକୁ ଚାଲିଯିବା ସମ୍ଭବ ହୁଏନାହିଁ ।

**ଅଛପର, ଅଛାଆଣି ବିଂ.ବି.** ଯେଉଁ ଘରର ଉପର ବା ଛାତ/ ମଥାନ ଛଣ, ପତ୍ର ଅଥବା ଅନ୍ୟ କୌଣସି ପଦାର୍ଥଦ୍ୱାରା ଆଚ୍ଛାଦିତ ହୋଇ ନ ଥାଏ ଅର୍ଥାତ୍ ଖୋଲାଥାଏ ।

**ଅଛପା ବିଂ.** ୧. ଯାହା ଗୋପନୀୟ ନୁହେଁ, ଖୋଲା, ମୁକ୍ତ ୨. ଛପା ବା ମୁଦ୍ରିତ ହୋଇ ନଥିବା ।

**ଅଛବ ବିଂ.** ୧. ଯାହାକୁ ଛୁଆଁଯାଏନାହିଁ, ଅସ୍ପୃଶ୍ୟ, ଅଛୁଆଁ ୨. ଅବହେଳିତ ।

**ଅଛମର ବିଂ.** ଯାହା ମରେନାହିଁ ବା ସହଜରେ ନଷ୍ଟ ହୁଏନାହିଁ, ସବୁକାଳକୁ ରହିଯାଏ ।

**ଅଛରାତଳି ବି.** ଧାନ ଗଜାକରି କାଦୁଅ ଜମିରେ ପକାଇ ରୋଇବା ପାଇଁ ଉପୁଡ଼ା ଯାଇଥିବା ଚାରା ।

**ଅଛାରିଏନ୍ ବି.** ଶଗଡ଼ର ଅଖ ।

**ଅଛାରିବା କ୍ରି.** କୁଲାରେ ପାଛୁଡ଼ିବା ।

**ଅଛିଣ୍ଡା ବିଂ.** ୧. ମୀମାଂସିତ ହୋଇନଥିବା ୨. ଭାଗ ଭାଗ ହୋଇନଥିବା, ଲାଗି ରହିଥିବା, ଅବିଭକ୍ତ ୩. ଯେଉଁ ସଂଖ୍ୟାକୁ ଅନ୍ୟ ସଂଖ୍ୟାଦ୍ୱାରା ଭାଗକଲେ ଭାଗଶେଷ ରହିଯାଏ ।

**ଅଛୁଆଁ ବିଂ.** ୧. ଅଛବ, ଅସ୍ପୃଶ୍ୟ ୨. ଅପବିତ୍ର, ଛୁଇଁବା ପାଇଁ ଅଯୋଗ୍ୟ ୩. ଛପର ହୋଇ ନଥିବା ।

**ଅଛୁଆଣି ବିଂ.** ଛପର ହୋଇ ନ ଥିବା ।

**ଅଛୁଟଣ ବିଂ.** ବିରାମହୀନ, ଅବିଶ୍ରାନ୍ତ, ଶେଷ ନ ହେବା, ଅନବରତ ଲାଗି ରହିବା ; କ୍ରି.ବିଂ. କ୍ରମାଗତ ଭାବରେ ।

**ଅଛିଦ୍ର ବିଂ.** ୧. ଯେଉଁ ପଦାର୍ଥରେ କଣା ବା ଛିଦ୍ର ନଥାଏ, ରନ୍ଧ୍ରହୀନ ୨. କଳଙ୍କରହିତ, ନିର୍ଦ୍ଦୋଷ, ଭ୍ରମରହିତ ।

**ଅଚ୍ଛେଦ୍ୟ ବିଂ.** ୧. ଯାହା ଛେଦ ବା କଟା ହେବାପାଇଁ ଅଯୋଗ୍ୟ, ଅକାଟ୍ୟ ୨. ଅପବାଦରହିତ, ଅବିଭକ୍ତ ।

**ଅଜ୍‌ମାଇବା କ୍ରି.** ୧. ଅଙ୍ଗେ ନିଭାଇବା ୨. ପରୀକ୍ଷା କରିବା ।

**ଅଜ୍ ରଖିବା କ୍ରି.** ପେଶ୍ କରିବା, ଦାଖଲ କରିବା ।

**ଅଜ ବି.** ୧. ପରମବ୍ରହ୍ମ, ଈଶ୍ୱର ୨. ଛେଳି, ମେଣ୍ଢା ୩. ମେଷରାଶି ୪. ଜନ୍ମରହିତ ୫. ମାୟା, ପ୍ରକୃତି ।

**ଅଜଗର ବି.** ବିଷହୀନ ବିରାଟକାୟ ସାପ ।

**ଅଜଗିଳା ବି.ବିଂ.** ଯେ ତଣ୍ଟି ପର୍ଯ୍ୟନ୍ତ ଖାଇଥାଏ, ଯିଏ ଆବଶ୍ୟକତାଠାରୁ ଅଧିକ ପରିମାଣର ଖାଦ୍ୟ ଗିଳିଥାଏ ।

**ଅଜଟ, ଅଝଟ ବିଂ.** ଅବୁଝା, ଏକବାଗିଆ, ଅଇନିଆ, ଜିଦ୍‌ଖୋର, ଅଝଟିଆ ।

**ଅଜଟ (ଅଝଟ) କରିବା କ୍ରି.** ଜିଦ୍‌ଧରିବା ।

**ଅଜଟା ବି.** କଣ୍ଟକାରକ ଲତାବିଶେଷ, ବାଇଡଙ୍କ ।

**ଅଜଡ଼ା ବିଂ.** ଢଳା ହୋଇନଥିବା ।

**ଅଜଣା ବିଂ.** ଯାହା ଜଣା ବା ଗୋଚର ନଥାଏ, ଅଜ୍ଞାତ ।

**ଅଜନ୍ତରା ବିଂ.** ଅସଜଡ଼ା, ଅଶୃଂଖଳିତ, ଇତସ୍ତତଃ, ବିକ୍ଷିପ୍ତ ।

**ଅଜପା ବିଂ.** ୧. ଯାହା ଉଚ୍ଚାରଣ କରାଯାଇ ପାରେନାହିଁ; **ବି.** ୨. ଜପ ବିଶେଷ, ସନ୍ଥସାଧକମାନଙ୍କର ରହସ୍ୟମୟ ମନ୍ତ୍ର ସାଧନା ।

**ଅଜପାଜପ ବି.** ବିନା ଭଜନ କୀର୍ତ୍ତନରେ, ଯୋଗସାଧନ ବଳରେ ଈଶ୍ୱରଙ୍କ ଠାରେ ଲୟ ରଖିବା ।

**ଅଜବ୍ ବିଂ.** ଅଦ୍‌ଭୁତ, ବିଚିତ୍ର, ଅବିଶ୍ୱାସ୍ୟ ।

**ଅଜର ବିଂ.** ୧. ଜରାରହିତ, ଯାହାକୁ ଜରା ବା ବାର୍ଦ୍ଧକ୍ୟ ଛୁଇଁପାରେ ନାହିଁ, ଚିରତରୁଣ ୨. ଅତି କଠିନ ।

**ଅଜରା ବିଂ.** ୧. ଯେ ଜରେ ନାହିଁ; ବାରମ୍ବାର ଅନ୍ୟର ଉପଦେଶ, ପରାମର୍ଶ, ଗାଳିଖାଇ ମଧ୍ୟ ଯେ ନିଜର ଦୁର୍ବଳତା ବା ଭୁଲ୍ ସୁଧାରିପାରେ ନାହିଁ ୨. ଅଲାଜୁକ ।

**ଅଜଲ ବି.** ଅରୁଚି, ମନ ନ ଘେନିବା ।

**ଅଜସ୍ର ବିଂ.** ପ୍ରଚୁର,ବହୁତ, ଅପରିମିତ, ଅମାପ ।

**ଅଜା ବି.** ୧. ବୋଉ ବା ମାଙ୍କ ବାପା, ମାତାମହ, ମାମୁଁଙ୍କ ବାପା ୨. ବାପାଙ୍କ ବାପା, ପିତାମହ ୩. ମାଇଛେଳି, ମାଇମେଣ୍ଢା ବା ମେଣ୍ଢୀ ।

**ଅଜାଗ ବିଂ.** ସୁପ୍ତ, ନିଦ୍ରିତ, ଅଚେତନ ।

**ଅଜାଗଳସ୍ତନ ବି.** ୧. ଛେଳିର ବେକତଳେ ଓହଳିଥିବା ଅନାବଶ୍ୟକ ମାଂସ ପିଣ୍ଡ ୨. ଅନାବଶ୍ୟକ ବସ୍ତୁ ।

**ଅଜାଗ୍ରତ ବିଂ.** ୧. ଅସଚେତନ, ସୁପ୍ତ ୨. ଅସତର୍କ, ଶୋଇଥିବା ।

**ଅଜାଡ଼ିବା କ୍ରି.** ୧. ଢାଳିବା, ବାଢ଼ିବା ୨. ଦାନ କରିବା, ଦେବା ।

**ଅଜାଣ ବି.** ୧. ଅଜ୍ଞ, ମୂର୍ଖ ୨. ଅନଭିଜ୍ଞ ।

**ଅଜାଣତ କ୍ରି. ବିଂ.** ନ ଜାଣିଥିବା, ଅଗୋଚର, ନ ଜାଣି, ଅଜ୍ଞାତସାର ।

**ଅଜାତ ବିଂ.** ଯେ ଜନ୍ମି ନାହିଁ, ଅଜ ।

**ଅଜାତଶତ୍ରୁ ବିଂ.** ଯାହାର କେହି ଶତ୍ରୁ ଜନ୍ମ ହୋଇନାହିଁ, ଶତ୍ରୁହୀନ, ବିରୋଧଶୂନ୍ୟ; **ବି.** ଯୁଧିଷ୍ଠିର ୨. ପ୍ରାଚୀନ ମଗଧର ଜଣେ ରାଜା ।

**ଅଜାତଶ୍ମଶ୍ରୁ ବିଂ.** ୧. ଯାହାର ଦାଢ଼ି ଉଠିନାହିଁ ୨. ବାଳକ ୩. ଅପରିପକ୍ୱ, ଜ୍ଞାନହୀନ ।

**ଅଜାତି ବିଂ.** ଜାତିଚ୍ୟୁତ ; **ବି.** ଭିନ୍ନଜାତି ।

**ଅଜାତିଆ, ଅଜାତିକା ବି.** ଯାହାର ଜାତି ନ ଥାଏ ।

**ଅଜାମର ବିଂ.** ଅମର, ଅଜର, ଅକ୍ଷୟ, ଅଜରାମର ବା ଅଜ୍ରାମର ।

**ଅଜାଶୁର ବି.** ସ୍ୱାମୀ ଅଥବା ପତ୍ନୀଙ୍କର ଅଜା ।

**ଅଜିତ ବିଂ.** ଯେ ହାରି ନାହିଁ, ଅଜେୟ, ଅବିଜିତ, ଅପରାଜିତ ।

**ଅଜିନ ବି.** ୧. କୃଷ୍ଣମୃଗର ଚମଡା ୨. ଛେଳିର ଚମଡ଼ା ବା ଛାଲ ୩. ରୋମଯୁକ୍ତ ବାଘଛାଲ ୪. ପଶୁଚର୍ମ ।

**ଅଜିରନ୍ ବି.** ହଜମ ନହେବା, ଅଜୀର୍ଣ୍ଣ ।

**ଅଜୀର୍ଣ୍ଣ ବି.** ଖାଦ୍ୟ ପଦାର୍ଥ ହଜମ ହୋଇ ନ ଥିବା ଅବସ୍ଥା, ବଦହଜମି ରୋଗ ।

**ଅଜୁଆଁ ବିଂ.** ୧. ଜୁଆଁ ହୋଇନଥିବା ୨. ମସଲା ଓ ତେନ୍ତୁଳି ପ୍ରଭୃତି ଦେଇ ସାଜି ନଥିବା ।

**ଅଜୁଏନ୍ ବି.** ଜୁଆଣି ।

**ଅଜେୟ ବି.** ଯାହାକୁ ଜିଣି ହେବନାହିଁ ।

**ଅଜୋଡ଼ ବିଂ.** ଯାହା ଅନ୍ୟ କାହା ସହିତ ଯୋଡ଼ା ହୋଇନାହିଁ, ଅଯୁଗ୍ମ ।

**ଅଜ୍ରାମର ବିଂ.** ଅଜର ଓ ଅମର - ଯାହାର ମୃତ୍ୟୁ ନାହିଁ ।

**ଅଜ୍ଞ ବିଂ.** ୧. ଯେ କିଛି ଜାଣି ନଥାଏ ୨. ଅଶିକ୍ଷିତ, ଜ୍ଞାନହୀନ, ମୂର୍ଖ, ୨. ଚେତନାହୀନ ।

**ଅଜ୍ଞତା ବି.** ୧. ଜାଣି ନଥିବା ଅବସ୍ଥା ୨. ମୂର୍ଖାମି ।

**ଅଜ୍ଞାତ ବିଂ.** ଅଜଣା, ଅପ୍ରକାଶିତ ।

**ଅଜ୍ଞାତକୁଳଶୀଳ ବିଂ.** ଯାହାର ନାଁ, କୁଳ, ଜାତି ଜଣାନଥାଏ, ପରିଚୟହୀନ, ଅଜ୍ଞାତନାମା ।

**ଅଜ୍ଞାତନାମା ବି.** ଅତି ସାଧାରଣ ବ୍ୟକ୍ତି ବା ବସ୍ତୁ -ଯାହାର ନାଁ ସାଧାରଣରେ ଅଜଣା ।

**ଅଜ୍ଞାତବାସ ବି.** ଅନ୍ୟ କେହି ଜାଣି ନପାରିବା ପରି ନିଜକୁ ଲୁଚେଇ ରଖିବା ।

**ଅଜ୍ଞାତଯୌବନା ବିଂ.** ଯେଉଁ ନାରୀ ନିଜର ଯୁବତୀ ଅବସ୍ଥାକୁ ଅନୁଭବ କରିପାରେନାହିଁ, ଆଲୁରୀ ।

**ଅଜ୍ଞାତସାର ବିଂ.** ୧. ଅନୁଭୂତି ନଥିବା ୨. ଜାଣିପାରି ନଥିବା ।

**ଅଜ୍ଞାନ ବିଂ.** ୧. ଯାହାର ଜ୍ଞାନ ନାହିଁ, ମୂର୍ଖ ୨. ଚେତାଶୂନ୍ୟ, ଅଚେତ ।

**ଅଜ୍ଞାନକୃତ ବିଂ.** ଅଜାଣତରେ ବା ଭୁଲରେ ଯାହା କରାଯାଇଥାଏ ।

**ଅଜ୍ଞେୟ ବିଂ.** ଯାହା ଜାଣି ହୁଏ ନାହିଁ, ବୁଦ୍ଧିର ଅତୀତ, ରହସ୍ୟମୟ, ଅବିଜ୍ଞେୟ, ଅବୋଧ୍ୟ ।

**ଅଝଟ, ଅଝଟିଆ ବିଂ.** ଅଜଟ, ଅବୁଝା ।

**ଅଝାଡୁଆ ବିଂ.** ଅସଭ୍ୟ, ଅସଂସ୍କୃତ ।

**ଅଝାଲ ବି.** ଡଙ୍ଗା, ଜାହାଜ ପ୍ରଭୃତିରେ ଲାଗିବା ପାଲ - ଯାହା ତାହାର ଗତିଶୀଳ ହେବାରେ ସହାୟକ ହୋଇଥାଏ ।

**ଅଝାଲଖୁଣ୍ଟ** *ବି.* ଅଝାଲ ବନ୍ଧାଯାଉଥିବା ଖୁଣ୍ଟ ।

**ଅଞ୍ଚଳ** *ବି.* ୧. ନିର୍ଦ୍ଦିଷ୍ଟ ଭୂଭାଗ ୨. ଜାଗା, ଜନବସତି ୩. ଶେଷ ଭାଗ ୪. କାନି, ପଣତ, ଆଞ୍ଚଲ ।

**ଅଞ୍ଚାଅଞ୍ଚି** *କ୍ରିବିଂ.* ପରସ୍ପରକୁ ଆକ୍ରମଣ କରିବାପାଇଁ ହମ୍ ହମ୍ ହେବା ।

**ଅଞ୍ଜନ** *ବି.* ୧. ପ୍ରସାଧନ ସାମଗ୍ରୀ ଭାବରେ ଆଖିରେ ଲଗାଯାଉଥିବା କଳା, କଜଳ, ଘିଅମିଶା ଦୀପକଳା ୨. ଆଖିକୁ ପରିଷ୍କାର ବା ରୋଗମୁକ୍ତ କରିବା ପାଇଁ ବ୍ୟବହୃତ ଔଷଧୀୟ ଗୁଣଯୁକ୍ତ ମଲମ ୩. କାଳିମା ୪. ଚିହ୍ନ ୫. ଲକ୍ଷଣ ।

**ଅଞ୍ଜନକାଠି** *ବି.* ଆଖିରେ କଳା ଲଗାଇବାପାଇଁ ବ୍ୟବହୃତ ସରୁ କାଠି ।

**ଅଞ୍ଜଳି** *ବି.* ଦୁଇ ହାତ ପାପୁଲିକୁ ଯୋଡ଼ି ପାତ୍ରର ଆକାର ଦେବା, କରପୁଟ, ଆଞ୍ଜୁଳା ।

**ଅଟକ** *ବିଂ.* ବାସନ୍ଦ, ଅବରୋଧ, ବିନା ଅନୁମତିରେ ବାହାରକୁ ଯିବା ସୁଯୋଗରୁ ବଞ୍ଚିତ ।

**ଅଟକ ରଖିବା** *କ୍ରି.* ବାହାରକୁ ଯିବାକୁ ଅନୁମତି ନ ଦେବା, ବନ୍ଦୀ କରି ରଖିବା ।

**ଅଟକଳ** *ବି.* ଖର୍ଚ୍ଚର ଆନୁମାନିକ ପୂର୍ବ ହିସାବ, ଅନ୍ଦାଜ ।

**ଅଟକାଇବା** *କ୍ରି.* ୧. ବାଧାଦେବା, ଆକଟ କରିବା, ଗତିରୋଧ କରିବା ୨. ଘରେ ରହିବାପାଇଁ ବନ୍ଧୁମାନଙ୍କୁ ଅନୁରୋଧ କରିବା ।

**ଅଟକାଳି** *ବି.* ଚାଉଳଚୂନା ଅଥବା ଅଟାରେ ପ୍ରସ୍ତୁତ ଘନ ତରଳ ପଦାର୍ଥ, ବହଳ ଖିରି, କୋଳଥ ଜାଉ, ପଇତି ।

**ଅଟକି ଯିବା** *କ୍ରି.* ଆଗକୁ ଯାଇ ନପାରିବା, ଗତିହରାଇବା, ଲାଖିଯିବା, ରହିଯିବା ।

**ଅଟଙ୍କା,ଅଟଙ୍ଗା** *ବି.* ଫସଲ କଟାବେଳେ ହାତମୁଠାରେ ଧରି ହେଉଥିବା ପରିମାଣ, ଶକ୍ତ ନଡ଼ାଗୁଚ୍ଛ ।

**ଅଟପା** *ବିଂ.* ୧. ଅତିକ୍ରମ କରି ପାରୁ ନ ଥିବା ୨. ଅସୁବିଧାଜନକ ।

**ଅଟବି(ବୀ)** *ବି.* ୧. ଜଙ୍ଗଲ, ବଣ, ଗଛବୃଛରେ ପରିପୂର୍ଣ୍ଣ ସ୍ଥାନ ୨. ଉଦ୍ୟାନ ।

**ଅଟଳ** *ବିଂ.* କୌଣସି ସିଦ୍ଧାନ୍ତ ବା କାର୍ଯ୍ୟରେ ଦୃଢ଼ ନିଶ୍ଚିତ, ସ୍ଥିର, ଦୃଢ଼, ଅବିଚଳିତ, ଅଚଞ୍ଚଳ ।

**ଅଟଳ ବଚନ** *ବି.* ଅଙ୍ଗୀକାର, ସ୍ୱୀକୃତି, ନିର୍ଭର ପ୍ରତିଶ୍ରୁତି ।

**ଅଟଳମଟଳ** *ବିଂ.* ଅସ୍ଥିର ।

**ଅଟା** *ବି.* ୧. ଚାଉଳ, ବିରି, ଗହମ, କୋଳଥ ଆଦି ଶସ୍ୟରୁ ପ୍ରସ୍ତୁତ ଚୂନା ୨. ଲଦା, ନିଆଁବରିଆ ୩. ଅଂଶ, ପରିମାଣ ୪. ପେଡ଼ା ହୋଇଥିବା ମୁଗ, ବିରି, କୋଳଥ ଆଦି ଲଟାର ପୁଳା ବା ବିଡ଼ା ।

**ଅଟାକଳ** *ବି.* ଯେଉଁ କଳ ବା ମିଲ୍‌ରେ ଗହମ ପେଷାହୋଇ ଅଟା ହୁଏ ।

**ଅଟାଚକି** *ବି.* ଅଟା ପେଷାଯାଉଥିବା ପଥର ଚକି ।

**ଅଟାଚଲା** *ବି.* ଚୂନାଛଣା ଚାଲୁଣି ।

**ଅଟା ପେଷିବା** *କ୍ରି.* ଗହମ ଶସ୍ୟକୁ ଚୂନାକରିବା ।

**ଅଟାଳି** *ବିଂ.* ଇଟା ଅଥବା ପଥରରେ ତିଆରି ସୁଦୃଶ୍ୟ କୋଠାଘର, ପ୍ରାସାଦ, ସୌଧ, ଅଟ୍ଟାଳିକା ।

**ଅଟାଲି** *ବି.* ମାଟିଘରର ଉପର ମହଲା ।

**ଅଟେଇ** *ବି.* ୧. ଅମାର, ମରେଇ, ଶସ୍ୟାଦି ରଖିବାପାଇଁ ଉଦ୍ଦିଷ୍ଟ ସ୍ଥାନ ୨. ଗୋରୁ ବା ଗୃହପାଳିତ ପଶୁମାନଙ୍କୁ ଅଟକ ରଖିବାପାଇଁ ଛୋଟଘର ବା ଖୁଆଡ଼ ।

**ଅଟୋ** *ବି.* ଅଟୋରିକ୍ସା, ସ୍କୁଟର୍-ରିକ୍ସା ।

**ଅଟୋମେଟିକ୍** *ବି.* ୧. ଆପେ ଚାଲୁହେବା ବା ଚାଲିବା ଯନ୍ତ୍ର ; *ବିଂ.* ଆପେ ଆପେ ।

**ଅଟୋମୋବାଇଲ୍** *ବି.* ନିଜ ଇଞ୍ଜିନ ବଳରେ ଚାଲୁଥିବା ଯାନବାହନ, ଯଥା - କାର, ଟ୍ରକ, ବସ୍ ପ୍ରଭୃତି ।

**ଅଟୋରିକ୍ସା** *ବି.* ଇଞ୍ଜିନଚାଳିତ ରିକ୍ସା, ଅଟୋ, ସ୍କୁଟର ରିକ୍ସା ।

**ଅଟ୍ଟହାସ, ଅଟ୍ଟହାସ୍ୟ** *ବି.* ୧. ଉଚ୍ଚସ୍ୱରରେ ହସିବା, ଠୋ, ଠୋ ହସିବା ୨. ଅନ୍ୟପ୍ରତି ଅବଜ୍ଞାସୂଚକ ଉଚ୍ଚ ହସ ।

**ଅଟ୍ଟାଳିକା** *ବି.* ଅଟ୍ଟାଳି, କୋଠା, ରାଜପ୍ରାସାଦ ।

**ଅଠଉର** *ବିଂ.* ୧. ଅଜଣା ୨. ଅସ୍ଥିର ୩. ଭ୍ରମଣଶୀଳ ।

**ଅଠଚାଳିଶ** *ବି.* ୪୮ ସଂଖ୍ୟା ।

**ଅଠତିରିଶ** *ବି.* ୩୮ ସଂଖ୍ୟା ।

**ଅଠର** *ବି.* ୧୮ ସଂଖ୍ୟା ।

**ଅଠରନଳା** *ବି.* ମୂଷା ନଈ ଉପରେ ପୁରୀ ସହରର ପ୍ରବେଶଦ୍ୱାରରେ ଥିବା ଅଠର ଖମ୍ବ ବିଶିଷ୍ଟ ଏକ ପୋଲ (ଏହାର ନଳା ସଂଖ୍ୟା ଉଣେଇଶ)- ଏହିପରି ଏକ ପୋଲ ଯାଜପୁରରେ ମଧ୍ୟ ଅଛି ।

**ଅଠଷଠି** *ବି.* ୬୮ ସଂଖ୍ୟା ।

**ଅଠସ୍ତରି** *ବି.* ୭୮ ସଂଖ୍ୟା ।

**ଅଠା** *ବି.* ୧. ଗଛଲତା ପ୍ରଭୃତିରୁ ବାହାରୁଥିବା ଲାଳୁଆ ପଦାର୍ଥ, ଗଛର ରସ ୨. ଏଭଳି ରସ ବା ଅନ୍ୟ ପଦାର୍ଥରୁ ତିଆରି ଅର୍ଦ୍ଧତରଳ ବସ୍ତୁ-ଯାହା ଲଗାଇଲେ ଜିନିଷ ଲାଖିଯାଏ, ଗମ୍ ।

**ଅଠାଅଶି** *ବି.* ୮୮ ସଂଖ୍ୟା ।

**ଅଠାଇଶ *ବି.*** ୨୮ ସଂଖ୍ୟା ।

**ଅଠାକାଠି, ଅଠାକାଣ୍ଡିଆ *ବି.*** କେଳାମାନେ ଚଢ଼େଇ ଧରିବାପାଇଁ ଅଗ୍ରଭାଗକୁ ଅଠାଯୁକ୍ତ କରିଥିବା ନଳ ।

**ଅଠାଟିକି, ଅଠାଠକି *ବି.*** ବ୍ୟତିବ୍ୟସ୍ତ ବା ବିଚଳିତ ଅବସ୍ଥା ।

**ଅଠାନବେ *ବି.*** ୯୮ ସଂଖ୍ୟା ।

**ଅଠା ବୋଳିବା *କ୍ରି.*** ୧. ଅନ୍ୟାୟ ଭାବରେ ଅନ୍ୟ ଉପରେ ଦୋଷ ଲଦିବା ୨. ଦୋଷଦୁଷ୍ଟ କରିବା, ଅପବାଦ ଦେବା ।

**ଅଠାଳିଆ *ବିଂ.*** ଅଠାଯୁକ୍ତ, ଅଠାଳ, ଅଠାଭଳି ତରଳ ଅଥବା ବହଳ ।

**ଅଠେଇଶ *ବି.*** ୨୮ ସଂଖ୍ୟା ।

**ଅଡ଼ *ବି.*** ୧. ପ୍ରତିବନ୍ଧକ, ବାଧା, ଗତିରୋଧକ ବସ୍ତୁ ୨. ଜିଦି, ଅଭିମାନ ।

**ଅଡ଼ଉଲ *ବିଂ.*** ଅସୁନ୍ଦର, ବେଢ଼ଙ୍ଗ ।

**ଅଡ଼ଙ୍ଗ *ବିଂ.*** ୧. ବୋକା ୨. ଯାହାର ଢଙ୍ଗ ବା ବେଶପୋଷାକ ଓ ଆଚରଣରେ ଶୃଙ୍ଖଳା ନଥାଏ ; ***ବି.*** ବାରଣ୍ଡା ।

**ଅଡ଼ଙ୍ଗା, ଅଣଙ୍ଗା *ବି.*** ଆଚାର, ଆଚାରର ରସ ବା ଝୋଳ ।

**ଅଡ଼ପଟିଆ *ବିଂ.*** ଏକପାଖିଆ, ଅସୁବିଧାଜନକ ଅବସ୍ଥା, ପାର୍ଶ୍ୱରେ ରହିଥିବା ।

**ଅଡ଼ଭୂଷା *ବିଂ.*** କଳିହୁଡ଼ା, କାଣ୍ଡଜ୍ଞାନ ଶୂନ୍ୟ, ଅବାଗିଆ; ***ବି.*** ଅଖାଡୁଆ ।

**ଅଡ଼ର୍ *ବି.*** ଆଦେଶ, ନିର୍ଦ୍ଦେଶ ।

**ଅଡ଼ର୍‌ଲି *ବି.*** ପଦସ୍ଥ ବ୍ୟକ୍ତିଙ୍କ ବୋଲହାକ କରୁଥିବା ଖାସ୍ କର୍ମଚାରୀ ।

**ଅଡ଼ରସ ଚାଏ *ବି.*** ବରାଦ ମୁତାବକ ଜିନିଷ ଯୋଗାଣ ।

**ଅଡ଼ରା *ବି.*** ଖରାପ, ମନ୍ଦ ।

**ଅଡ଼ରୁଆ *ବିଂ.*** ନିର୍ଭୟ, ନିଃଶଙ୍କ, ସାହସୀ ।

**ଅଡ଼ା(ଢ଼ା) *ବି.*** ୧. ଖାଦ୍ୟଶସ୍ୟ ମାପିବାପାଇଁ ବ୍ୟବହୃତ ମାପପାତ୍ର ବିଶେଷ ୨. ପଶୁମାନଙ୍କୁ ଆକଟକରି ରଖିବାପାଇଁ ତିଆରି କ୍ଷେତ୍ର ୩. ମୋଟା ବାଉଁଶ ବାଡ଼ି, ୪. ଟସରର ପୋକପାଳନ ବୃତ୍ତି ; ***ବିଂ.*** ଆଡ଼, ପ୍ରତିବନ୍ଧକ, ବାଧାସୃଷ୍ଟିକାରୀ ।

**ଅଡ଼ାଇବା *କ୍ରି.*** ୧. ପଛରୁ ଆଗକୁ ଗତିଶୀଳ କରାଇବା ବା ଚଳାଇବା ୨. ବହିର ପୃଷ୍ଠା ଆଉଡାଇବା, ଓଲଟାଇବା ।

**ଅଡ଼ାଚଟ୍‌ରା *ବି.*** ଜିନିଷପତ୍ର ସଜାଇବାପାଇଁ ଏପଟ ସେପଟ କରିବା ।

**ଅଡ଼ାବନ୍ଧ *ବି.*** ପାଞ୍ଚ ବା ସାତ ସେଣି ଘରର ଓରାର ଦୁଇ ଗୁଜ ମଧ୍ୟରେ ଥିବା ଅଂଶ ।

**ଅଡ଼ାରି *ବି.*** ଅର୍ଡର ଦେଇ ଆଣିଥିବା ଦ୍ରବ୍ୟ ।

**ଅଡ଼ିଆ, ଅଢ଼ିଆ *ବି.*** ଖାଦ୍ୟପାଇଁ ସାମଗ୍ରୀ, ଖାଦ୍ୟ ।

**ଅଡ଼ିଟ୍ *ବି.*** ଖର୍ଚ୍ଚ ବା କାର୍ଯ୍ୟର ତନଖି ବା ଜାଞ୍ଚ ।

**ଅଡିଟର *ବି.*** ହିସାବ ତନଖିକାରୀ, ନିରୀକ୍ଷକ ।

**ଅଡ଼ିପଟ *ବି.*** ଯେଉଁ ଦାନ ପଶାକାଠିରେ ସହଜରେ ପଡେନାହିଁ ।

**ଅଡ଼ି ବସିବା *କ୍ରି.*** ଜିଦ୍ ଧରିବା, ମତ ପରିବର୍ତ୍ତନ ପାଇଁ ବାଧ କରିବା ।

**ଅଡ଼ିବା *କ୍ରି.*** ବିରୋଧ କରିବା, ଜିଦ୍ ଧରିବା, କୌଣସି ପରିସ୍ଥିତିରେ ଅନ୍ୟ ସହିତ ସାଲିସ ନ କରିବା,ନିଜ ବିଚାରକୁ କାର୍ଯ୍ୟକାରୀ କରିବା ପାଇଁ ଅନ୍ୟର ମତାମତକୁ ଉପେକ୍ଷା କରିବା ।

**ଅଡ଼ିବାଜି *ବି. ବିଂ.*** ଅଖାଡ଼, ଅବାଗ, ଖରାପ ।

**ଅଡ୍ଡୁଆ *ବିଂ.*** ସମାଧାନ ବା ସଜଡ଼ା ହୋଇପାରୁ ନ ଥିବା, ଗୋଳମାଳିଆ, ଜଟିଳ, ବିଷମ, ଅମୀମାଂସିତ, ଅସୁବିଧାଜନକ ।

**ଅଡୁଆ ଚୂଳ *ବି.*** ଅଲରା ବାଳ ।

**ଅଡୁଆ ମଡୁଆ *ବି. ବିଂ.*** ଝିଂଝଟ, ଛନ୍ଦିବାନ୍ଧି ।

**ଅଡୁଆ ସୂତା *ବି.*** ୧. ଅସମାହିତ ଅବସ୍ଥା ୨. ଫିଟୁନଥିବା ସୂତାବିଣ୍ଡା । ।

**ଅଡ଼େଇବା *କ୍ରି.*** ଗାଇ ଗୋରୁ ପ୍ରଭୃତିକୁ ପଛରୁ ଆଗକୁ ଚାଳନା କରିବା, ଶୃଙ୍ଖଳିତ କରିବା ୨. ଭଗେଇ ଦେବା ।

**ଅଢ଼ଙ୍କା *ବିଂ.*** ଯାହା ଘୋଡା ହୋଇ ନ ଥାଏ, ଅଘୋଡ଼ା, ଖୋଲା ।

**ଅଢ଼ଙ୍ଗ *ବିଂ.*** ଢଙ୍ଗ ନ ଥିବା, ବେଢଙ୍ଗ ।

**ଅଢ଼ମ୍ପା *ବିଂ.*** ଘୋଡ଼ିଆ ହୋଇ ନ ଥିବା, ଢ଼ପା ହୋଇନଥିବା ।

**ଅଢ଼ା *ବି.*** ୧. ବେଣ୍ଟ ଲାଗିଥିବା କାଠ ତିଆରି ଲୁଣଦାନି ୨. ଅଡ଼ା, ଶସ୍ୟ ଆଦି ମାପିବା ପାତ୍ର ।

**ଅଢ଼ା ଆଙ୍ଗୁଳି *ବି.*** କଣନଖା, ନଖମୂଳର ଘା' ।

**ଅଢ଼େଇ *ବିଂ.*** ୧. ଦୁଇ ଯୁକ୍ତ ଅଧା ପରିମାଣ ବିଶିଷ୍ଟ ୨. ସାଢ଼େ ଦୁଇ ।

**ଅଢ଼େଇ କିଆରିଆ *ବିଂ.*** ତମ୍ପ ସାପ (ଯିଏ ଏକ ଖେପାକେ ଅଢ଼େଇ କିଆରୀ ଡ଼େଇଁପାରେ ବୋଲି ଲୋକବିଶ୍ୱାସ ରହିଛି ) ।

**ଅଢ଼େଇଦିନିଆ *ବିଂ.*** ଅଳ୍ପକାଳସ୍ଥାୟୀ, ନଶ୍ୱର, କ୍ଷଣସ୍ଥାୟୀ ।

**ଅଣ *ବି.*** ତରକାରିର ଝୋଳ; ***ଅ.*** ନାସ୍ତି ବା ଅଭାବସୂଚକ ପୂର୍ବ ପ୍ରତ୍ୟୟ (*ଉଦା.* ଅଣଓସାରିଆ, ଅଣବାବୁଆ) ।

**ଅଣଅଜା *ବି.*** ଅଜାଙ୍କ ବାପା, ପ୍ରମାତାମହ ।

**ଅଣଅନୁଦାନ *ବି.*** ସରକାରୀ ଆର୍ଥିକ ସାହାଯ୍ୟ ନ ପାଇବା ଅବସ୍ଥା ।

**ଅଣଆଉଟା *ବିଂ.*** ଯାହା ଆଉଟା ହୋଇ ନାହିଁ (କ୍ଷୀର) ।

**ଅଣଆଖିଆ *ବିଂ.*** ଆଖିର ଆଢୁଆଳରେ ରଖିବା, ଉପେକ୍ଷା, ଅବଜ୍ଞା ।

**ଅଣଆଖୁ ବି.** ଆଖୁପରି ଦିଶୁଥିବା ଏକ ତୃଣ – ଯାହା ଆଖୁ ନୁହେଁ, ଅଣଖୁଆ ।

**ଅଣଆଦର ବି.** ଅନାଦର, ଅଶ୍ରଦ୍ଧା, ସ୍ନେହ ନ କରିବା, ହତାଦର ।

**ଅଣଆୟତ୍ତ ବିଂ.** ନିୟନ୍ତ୍ରଣ ସୀମା ବହିର୍ଭୂତ, ଅସହାୟ ଅବସ୍ଥା, ନାକେଦମ୍ ଅବସ୍ଥା ।

**ଅଣଉଚିତ ବିଂ.** ଅନୁଚିତ, ଅବିଧେୟ ।

**ଅଣଉଦିଆ ବି.** ସୂର୍ଯ୍ୟ ଉଦୟ ହୋଇନଥିବା ଅବସ୍ଥା ବା ସମୟ ।

**ଅଣଉପ୍ରୋଧ ବିଂ.** ଦୟା ବା ବିଚାରହୀନ, ଅନୁଦାର, ନିର୍ମମ, ରୁକ୍ଷ, କଠୋର, ନିର୍ବିଚାର ।

**ଅଣଉହାଡ଼ ବିଂ.** ଆବରଣରହିତ, ଖୋଲା, ମୁକ୍ତ ।

**ଅଣଓର ବିଂ.** ସିଧା ଠିଆ ଅବସ୍ଥାରେ ମଧ୍ୟ ହାତ ନ ପାଇବା ।

**ଅଣଓଲା ବିଂ.** ଖରକା ହୋଇନଥିବା, ଝାଡ଼ୁ ମରାହୋଇ ନଥିବା ।

**ଅଣଓସାରିଆ ବିଂ.** ଅଳ୍ପ ଚଉଡାବିଶିଷ୍ଟ କ୍ଷେତ୍ର ବା ଲୁଗା, ଅପ୍ରଶସ୍ତ ।

**ଅଣକ, ଅଣକା ବି.** ନଡ଼ିଆ ସଢ଼େଇରେ ତିଆରି ଏକ ପ୍ରକାରର ଉପକରଣ – ଯେଉଁଥିରେ ତରଳ ଖାଦ୍ୟ ପଦାର୍ଥ ପରଷାଯାଏ, ଡଙ୍କା ।

**ଅଣକଘୋରା ବିଂ.** ଅଣକଦ୍ୱାରା ଘୋରା ହୋଇଥିବା (ଡାଲି) ।

**ଅଣକଦଳିଆ ବି.** ଯେଉଁ କଦଳୀ ଗଛ ଫଳ ଧରେନାହିଁ ।

**ଅଣକୀଳା ବି.** ଶଗଡ଼ର ଚକକୁ ଅଖ ସହିତ ଧରି ରଖିବାପାଇଁ ବ୍ୟବହୃତ ଏକ କୀଳା– ଯାହା ଅଖର ଶେଷମୁଣ୍ଡରେ ଥିବା ଏକ କଣାରେ ଖପାଯାଇଥାଏ ।

**ଅଣଗଳା ବିଂ.** ପେଜ ଗଳାହୋଇ ନଥିବା (ଭାତ) ।

**ଅଣଗୁରୁଆ ବିଂ.** ଯେ ଗୁରୁ କରିନାହିଁ, ଯାହାର ଗୁରୁନାହିଁ ।

**ଅଣଚତୁରା ବି.** ଯେ ଚତୁର ନୁହେଁ, ବୋକା ।

**ଅଣଚାଳିଶ ବି.** ୩୯ ସଂଖ୍ୟା ।

**ଅଣଚାଶ ବିଂ.** ୪୯ ସଂଖ୍ୟା, ଅଣପଚାଶ, ଊନପଂଚାଶତ; **ବି.** ୧. ଅଣଚାଶ ପବନ, ମୃତ୍ୟୁ ପୂର୍ବରୁ ଶରୀରରୁ ବହୁଥିବା ଖର ନିଃଶ୍ୱାସ ବା ଦୀର୍ଘ ନିଃଶ୍ୱାସ ୨. ଅସହାୟ ଅବସ୍ଥା ।

**ଅଣଚାଶ ବହିବା, ଉଠିବା ବି.** ମୃତ୍ୟୁ ପୂର୍ବରୁ ପବନ ବେଗର ସହିତ ଜୀବର ଶ୍ୱାସଯନ୍ତ୍ରରେ ଚଳପ୍ରଚଳ ହେବା ।

**ଅଣଟିକସ ବି.** ଯେଉଁ ଆୟରୁ ଟିକସ ବା କର ଆଦାୟ ହୁଏ ନାହିଁ ।

**ଅଣଢ଼ଙ୍କା ବିଂ.** ଢଙ୍କା ହୋଇନଥିବା, ଢ଼ାଙ୍କୁଣିଦ୍ୱାରା ଘୋଡା ଯାଇ ନଥିବା ।

**ଅଣତରକା ବିଂ.** ଅସତର୍କ ।

**ଅଣତିରିଶ ବି.ବିଂ.** ୨୯ ସଂଖ୍ୟା ।

**ଅଣନାତି ବି.** ନାତିର ପୁଅ ।

**ଅଣନାତୁଣୀ ବି.** ନାତିର ଝିଅ ।

**ଅଣନିଃଶ୍ୱାସୀ ବି.** ଅସ୍ତବ୍ୟସ୍ତ, ବିଚଳିତ ଅବସ୍ଥା, ନାକେଦମ୍ ।

**ଅଣପଖଳା ବିଂ.** ୧. ଯାହା ପଖଳା ହୋଇନାହିଁ ୨. ଯାହା ପାଣିରେ ଧୁଆ ହୋଇନାହିଁ ।

**ଅଣପୁରୁଷିଆ ବିଂ.** ୧. ପୁରୁଷତ୍ୱହୀନ, ନପୁଂସକ, ନିର୍ବୀର୍ଯ୍ୟ ୨. ଡରୁଆ, ଭୀରୁ, କାପୁରୁଷ ।

**ଅଣଫୁଟା ବିଂ.** ୧. ଯାହା ଫୁଟି ନାହିଁ, ଯାହା ଏପର୍ଯ୍ୟନ୍ତ ଫୁଟି ନାହିଁ , ଦରଫୁଟା ୨. ଅଣବଘରା, **ଅଫୁଟା, ଅପରଜା ।**

**ଅଣବଘରା ବିଂ.** ବଘରା ବା ପରଝା ହୋଇ ନଥିବା ।

**ଅଣବାବୁଆ ବିଂ.** ଯେଉଁ ବ୍ୟକ୍ତିର ବାପର ପରିଚୟ ଜଣାନାହିଁ ।

**ଅଣବାହୁଡ଼ା ବିଂ.** ଅଫେରନ୍ତି, ଅଣଲେଉଟା, ଯେ ଏ ପର୍ଯ୍ୟନ୍ତ ଫେରି ନାହିଁ ବା ବାହୁଡ଼ି ନାହିଁ, ଯାହାର ବାହୁଡ଼ିବାର ନାହିଁ, ଅବ୍ୟର୍ଥ (ଶର) ।

**ଅଣବିକାର ବିଂ.** ବିକାରହୀନ, ନିର୍ବିକାର, ସର୍ବଗ୍ରାହ୍ୟ ।

**ଅଣବେଉଷା ବିଂ.** ବେଉଷଣ ହୋଇନଥିବା, ଚାଷ ହୋଇନଥିବା ।

**ଅଣଯୋଜନା ବ୍ୟୟ ବି.** ଯେଉଁ ଖର୍ଚ୍ଚ ବରାଦ ବା ଖର୍ଚ୍ଚ ଯୋଜନା ପରିସରରେ ହୋଇନାହିଁ ।

**ଅଣଲେଉଟା ବିଂ.** ଯାହା ଲେଉଟେ ନାହିଁ, ଲେଉଟି ଫେରି ଆସୁ ନଥିବା ।

**ଅଣଶୁଦ୍ଧିଆ ବି.** ଅଶୌଚ, ମୁଖ୍ୟତଃ ମୃତକାଶୌଚ ।

**ଅଣଷଠି ବି.** ୫୯ ସଂଖ୍ୟା ।

**ଅଣସର ବି.** ଦେବସ୍ନାନ ପୂର୍ଣ୍ଣିମାଠାରୁ ନେତ୍ରଉତ୍ସବ ପର୍ଯ୍ୟନ୍ତ ପନ୍ଦର ଦିନ ଶ୍ରୀମନ୍ଦିରରେ ଦିଅଁମାନଙ୍କର ଗୁପ୍ତପୂଜା ସମୟ– ନବକଳେବର ସମୟରେ ଏହାର ଅବଧି ଏକମାସ ଅଧିକ ହୋଇଥାଏ ।

**ଅଣସର ଗୁଳୁଗୁଳି ବି.** ଶ୍ରୀଜୀଉମାନଙ୍କ ଅଣସର କାଳରେ ଖରାର ତେଜ କମିଯାଇଥିଲେ ସୁଦ୍ଧା ଅସହ୍ୟ ଗୁଳୁଗୁଳି ଅନୁଭୂତ ହୁଏ ଏବଂ ଟାଣ ଖରାଠାରୁ ଏହା ଅଧିକ କଷ୍ଟ ଦେଇଥାଏ ।

**ଅଣସର ଘର ବି.** ଶ୍ରୀମନ୍ଦିରର ଜଗମୋହନରେ ଚନ୍ଦନ ଅର୍ଗଳି ପଛପଟେ ଥିବା ଅସ୍ଥାୟୀ ସ୍ଥାନ, ନିରୋଧ ଗୃହ ।

**ଅଣସର ଟାଟି ବି.** ଶ୍ରୀଜୀଉଙ୍କ ଅଣସର ନୀତି ବା ଗୁହ୍ୟ ପୂଜାର୍ଚ୍ଚନା ସଂପନ୍ନ ନିମିତ୍ତ ତାଳବରଡ଼ାରେ ପ୍ରସ୍ତୁତ ଟାଟି ସାହାଯ୍ୟରେ ନିର୍ମିତ ଅସ୍ଥାୟୀ ବାଡ଼ – ଭକ୍ତମାନଙ୍କ ଠାରୁ ଦେବତାମାନଙ୍କୁ ଗୋପନ ରଖିବା ହିଁ ଏହାର ଉଦ୍ଦେଶ୍ୟ ।

**ଅଣସର ପଟି ବି.** ଅଣସର ସମୟରେ ଦେବଦେବୀଙ୍କର ଚିତ୍ର ଅଙ୍କିତ ପଟି ବାହାରେ ଥାଏ – ଯାହା ଭକ୍ତମାନେ ଦର୍ଶନ କରନ୍ତି ।

**ଅଣସରପଣା** *ବି.* ଅଣସର ଘରେ ଥିବାବେଳେ ଜଗନ୍ନାଥଙ୍କ ପାଖରେ ଲାଗି ହେଉଥିବା ଏକ ବିଶେଷ ପ୍ରକାରର ବହଳ ପାନୀୟ ।

**ଅଣସୋରିଷ** *ବି.* ସୋରିଷ ମଞ୍ଜିପରି ଦିଶୁଥିବା ଏକ ପ୍ରକାର ବଣୁଆ ଶସ୍ୟ ।

**ଅଣସ୍ତରି** *ବି.* ୬୯ ସଂଖ୍ୟା ।

**ଅଣହଳଦିଆ** *ବି.ବିଂ.* ୧. ଯେଉଁ ତରକାରି ବା ଡାଲିରେ ହଳଦୀ ପଡ଼ି ନ ଥାଏ ୨. ହଳଦୀ ପତୁ ନ ଥିବା ।

**ଅଣହୁତା** *ବିଂ.* ଯେଉଁ ଲୋକ ମରିଯାଇଛି ବୋଲି ସ୍ଥିର ନିଶ୍ଚିତ ହୋଇ ଶବକୁ ମଶାଣିକୁ ନିଆଯାଇଥାଏ, ମାତ୍ର ବଞ୍ଚିଥିବା ଜଣାପଡ଼ିବା ପରେ ପୁଣି ଘରକୁ ଅଣାଯାଏ ; *କ୍ରି.ବି.* ଭ୍ରମ ପ୍ରମାଦ ବିନା ।

**ଅଣହେତୁ** *ବିଂ.* ୧. ଅଚେତନ ୨. ଅକାରଣ ।

**ଅଣହେଳା** *ବି.* ଅବହେଳା, ଅନାଦର, ଅଯତ୍ନ ।

**ଅଣା** *ବି.* ଟଙ୍କାକର ଷୋହଳ ଭାଗରୁ ଏକ ଭାଗ, ଚାରିପଇସା ; *ବିଂ.* ଆନୀତ, ଆନୟନ କରାଯାଇଥିବା।

**ଅଣାଅଣି** *ବି.* କଡ଼େଇ ହୋଇ ଶୋଇବା ।

**ଅଣାଅଶି** *ବି.* ୭୯ ସଂଖ୍ୟା ।

**ଅଣାଇବା, ଅଣିଆଇବା** *କ୍ରି.* ୧. ଅନ୍ୟ କାହାଦ୍ୱାରା କୌଣସି ପଦାର୍ଥ ଆଣିବା ।

**ଅଣାକାର** *ବି.* ଯାହାର ଆକାର ନାହିଁ, ଈଶ୍ୱର ।

**ଅଣାନବେ** *ବି.* ୮୯ ସଂଖ୍ୟା ।

**ଅଣାଯିବା** *କ୍ରି.* ୧. କୌଣସି ବ୍ୟକ୍ତି ବା କାହାଦ୍ୱାରା ନିକଟକୁ ଆଣିବା କାର୍ଯ୍ୟ ।

**ଅଣାୟତ୍ତ** *ବିଂ.* ଯାହାକୁ ନିୟନ୍ତ୍ରଣ କରିବା ଅସମ୍ଭବ ।

**ଅଣା(ଣ)କ୍ଷର** *ବିଂ.* ଯାହା ଅକ୍ଷରରେ ପ୍ରକାଶିତ ହୋଇନଥାଏ ।

**ଅଣି** *ବି.* ୧. ପୂର୍ବେ ପ୍ରଚଳିତ ଚାରି ପଇସା, ସେହି ମୁଦ୍ରା ୨. ଶଗଡ଼ ବା ଗାଡ଼ିର ଚକ ଅଖରୁ ବାହାରି ନ ଯିବାପାଇଁ ଏହାର ମୁଣ୍ଡ ବା ଶେଷରେ ଥିବା ଖିଲ ବା କୀଳା, ଅଣକୀଳା ୩. ମୁନ ।

**ଅଣିକାଠି** *ବି.* ଯେଉଁ କାଠିରେ ଗାଡ଼ିର ଚକର ଅରମାନ ପହି ସହିତ ଭିଡ଼ା ହୋଇ ରହିଥାଏ ।

**ଅଣି ଧରିବା** *କ୍ରି.* କୌଣସି ବ୍ୟକ୍ତି ବା ପଦାର୍ଥକୁ ନିଜ ଆଡ଼କୁ ଅଣାଇ ରଖିବା ।

**ଅଣିମା** *ବି.* ୧. ଅଲୌକିକ ଶକ୍ତି - ଯାହାଦ୍ୱାରା ବ୍ୟକ୍ତି ଆପଣା ଶରୀରକୁ ସୂକ୍ଷ୍ମ କରି ସମସ୍ତଙ୍କ ଅଲକ୍ଷ୍ୟରେ ଗତି କରିପାରେ ୨. ଅଷ୍ଟ ଐଶ୍ୱର୍ଯ୍ୟ ମଧ୍ୟରୁ ଅନ୍ୟତମ, ସୁକ୍ଷ୍ମତ୍ୱ ।

**ଅଣୀୟାନ** *ବିଂ.* କ୍ଷୁଦ୍ରାତିକ୍ଷୁଦ୍ର, ଅତ୍ୟନ୍ତ ଛୋଟ ଆକାର, ସୂକ୍ଷ୍ମ ।

**ଅଣୁ** *ବି.* ୧. ମୌଳିକ ବସ୍ତୁର ସୁକ୍ଷ୍ମତମ ଅଂଶ ୨. ଟିକିଏ, ଧାପେ, ସାମାନ୍ୟ ।

**ଅଣୁଘଟକ** *ବିଂ.* ରାସାୟନିକ ପ୍ରକ୍ରିୟା କ୍ଷିପ୍ରତର କରିବାପାଇଁ ବ୍ୟବହୃତ ରାସାୟନିକ ପଦାର୍ଥ, କାଟାଲିଷ୍ଟ ।

**ଅଣୁପ୍ରମାଣ** *ବିଂ.* ଅତି କ୍ଷୁଦ୍ର ପରିମାଣ, ଅତ୍ୟନ୍ତ କ୍ଷୁଦ୍ର ପରିମାଣ ବା ଆକାର ।

**ଅଣୁବୀକ୍ଷଣ** *ବି.* ଏକ ଯନ୍ତ୍ର- ଯାହା ସାହାଯ୍ୟରେ ଅଣୁ ବା ପଦାର୍ଥର ସୁକ୍ଷ୍ମତମ ଅଂଶକୁ ଦେଖିହୁଏ, ମାଇକ୍ରୋସ୍କୋପ୍ ।

**ଅଣୁବ୍ରତ** *ବି.* ଜୈନମାନଙ୍କର ବାରଗୋଟି ବ୍ରତ ବା ଓଷା ।

**ଅଣୁମାତ୍ର** *ବିଂ.* ୧. ଟିକିଏ ୨. ଅତିଛୋଟ ୩. ସାମାନ୍ୟ ପରିମାଣର ।

**ଅଣେଇବା** *କ୍ରି.* ୧. ଏକ ପାଖକୁ ଢ଼ଳେଇ ଦେବା ୨. ଏକ ପାଖିଆ କରିଦେବା ।

**ଅଣ୍ଟା** *ବି.* ଦେହର ମଝି ଅଂଶ, କଟିପ୍ରଦେଶ ।

**ଅଣ୍ଟାଇବା** *କ୍ରି.* ୧. ଶୁଖାଇବା ୨. ଗୋରସ, ତରକାରି ପ୍ରଭୃତି ଚୁଲିରେ ବସାଇ ଜଳୀୟ ଅଂଶ କମାଇ ଦେବା ୩. ସାହାଯ୍ୟ କରିବା ।

**ଅଣ୍ଟାଏ** *ଅ.* ଅଣ୍ଟା ପର୍ଯ୍ୟନ୍ତ ।

**ଅଣ୍ଟାଗୁଞ୍ଜା** *ବି.* କାର୍ଯ୍ୟ ସାଧନପାଇଁ ଅନ୍ୟକୁ ବେନିୟମ ଭାବରେ ଅର୍ଥ କି ପଦାର୍ଥ ଦେବା, ଲାଞ୍ଚ, ଘୁସ୍, ରିସ୍‌ପତ ।

**ଅଣ୍ଟା ଦରାଣ୍ଡିବା** *କ୍ରି.* ଅଣ୍ଟା ଚାରିପାଖର ଲୁଗାକୁ ଅଣ୍ଡାଳିବା(କୌଣସି ପଦାର୍ଥ ଖୋଜିବା) ।

**ଅଣ୍ଟା ଧରିବା** *ବି.* ଅଣ୍ଟାରେ ଯନ୍ତ୍ରଣା ଅନୁଭବ କରିବା ।

**ଅଣ୍ଟାପାଣି** *ବି.* ଅଣ୍ଟା ପର୍ଯନ୍ତ ଗାଧୋଇବା, ଅଧାଗାଧୁଆ ।

**ଅଣ୍ଟାପିଠି ଲାଗିଯିବା** *କ୍ରି.* ବହୁତ ସମୟ କାମ କରିବା ଯୋଗୁ ଥକି ପଡ଼ିବା ।

**ଅଣ୍ଟାବା** *କ୍ରି.* ଆବଶ୍ୟକତା ପୂରଣ ହେବା, ଅଣ୍ଟିବା, ଅଳ୍ପ ଜିନିଷ (*ବିଶେ.* ତରକାରି ପ୍ରଭୃତି ବହୁ ଲୋକଙ୍କୁ ବାଣ୍ଟି କାମ ଚଳାଇବା) ।

**ଅଣ୍ଟା ଭାଙ୍ଗିଯିବା** *କ୍ରି.* ବଳ କମିଯିବା, ହତୋତ୍ସାହିତ ହେବା ।

**ଅଣ୍ଟାସୂତା, ଅଣ୍ଟାପଇଁଚି** *ବି.* ଅଣ୍ଟାରେ ପିନ୍ଧା ଯାଉଥିବା ଅଳଙ୍କାର, କଟିସୂତା, କଟିମେଖଳା, ଓଡ଼ିଆଣୀ ।

**ଅଣ୍ଟି** *ବି.* ପିନ୍ଧାଲୁଗାର ମୁଣା ବା ପାତ୍ରାକୃତି ଅଂଶ ।

**ଅଣ୍ଟିଧନ** *ବି.* ୧. ଅନ୍ୟର ଆଖି ଆଢୁଆଳରେ ଅତି ଯତ୍ନରେ ସଂପାଦି ରଖିଥିବା ପଦାର୍ଥ ୨. ପ୍ରିୟ ପଦାର୍ଥ ବା ମଣିଷ, ଅତି ନିଜର ।

**ଅଣ୍ଟିନିଆଁ** *ବିଂ.* ନିଜଦ୍ୱାରା ଅଥବା ନିଜ ଲୋକମାନଙ୍କଦ୍ୱାରା କରାଯାଇଥିବା ଅପକର୍ମ ।

**ଅଣ୍ଟି ପଣେଇବା** ***କ୍ରି.*** କୌଣସି ବସ୍ତୁ ପାଇବାପାଇଁ ଆଶା କରିବା ।

**ଅଣ୍ଟିପୂରା** ***ବିଂ.*** ଯଥେଷ୍ଟ ପରିମାଣର ।

**ଅଣ୍ଟିବା** ***କ୍ରି.*** ଯଥେଷ୍ଟ ହେବା, ପାଇବା ।

**ଅଣ୍ଟେସଣ୍ଟେ** ***ବିଂ.*** ଥିବା ନଥିବାରେ, କଷ୍ଟେମଷ୍ଟେ, ଭଲମନ୍ଦରେ ।

**ଅଣ୍ଡ** ***ବି.*** ଡିମ୍ବ, ଅଣ୍ଡକୋଷ, ଶୁକ୍ରାଧାର ।

**ଅଣ୍ଡକୋଷ** ***ବି.*** ମୁଷ୍କ, ପୁରୁଷଲିଙ୍ଗର ନିମ୍ନଭାଗସ୍ଥ ଅଣ୍ଡାକୃତି ଅଂଶ, ପେଳ, କୁରୁଣ୍ଡ, ଡିମ୍ ।

**ଅଣ୍ଡଜ** ***ବି.*** ପକ୍ଷୀ, ସାପ, ଏଣ୍ଡୁଅ ଆଦି ଜୀବ-ଯେଉଁମାନେ ଅଣ୍ଡାରୁ ଜନ୍ମ ହୋଇଥାନ୍ତି ।

**ଅଣ୍ଡବୃଦ୍ଧି** ***ବି.*** କୋଷବୃଦ୍ଧି, ପେଳ ବଢ଼ିବା, ଏକଶିରା ରୋଗ ।

**ଅଣ୍ଡର୍ ଗ୍ରାଜୁଏଟ୍** ***ବିଂ.*** ବି.ଏ. ପାସ୍ କରିନଥିବା ।

**ଅଣ୍ଡର୍ ସେକ୍ରେଟାରି** ***ବି.*** ସରକାରଙ୍କ କୌଣସି ବିଭାଗର ଅଧସ୍ତନ ଅଧିକାରୀ, ଅନୁଶାସନ ସଚିବ ।

**ଅଣ୍ଡର୍‌ୱିଅର୍** ***ବି.*** ଅନ୍ତର୍ବାସ, ପୋଷାକ ଭିତରେ ପିନ୍ଧା ଯାଉଥିବା ଜଂଘିଆ ପ୍ରଭୃତି ଛୋଟ ବସ୍ତ୍ର ।

**ଅଣ୍ଡା** ***ବି.*** ଡିମ୍ବ, ଡିମ୍, ଗାର୍ ।

**ଅଣ୍ଡା ଉଷୁମେଇବା** ***କ୍ରି.*** ପକ୍ଷୀମାନେ ଅଣ୍ଡାଦେବା ପରେ ଛୁଆ ବାହାରିବା ପୂର୍ବରୁ ତା ଉପରେ ବସି ଉଷୁମ କରିବା ।

**ଅଣ୍ଡାକାର** ***ବିଂ.*** ଡିମ୍ବପରି ଗୋଲାକାର ।

**ଅଣ୍ଡା ପାଡ଼ିବା** ***କ୍ରି.*** ଅଣ୍ଡାଦେବା ।

**ଅଣ୍ଡାବଚ୍ଚା** ***ବି.*** ପିଲାକବିଲା, ପିଲାଛୁଆ ।

**ଅଣ୍ଡାଳିବା** ***କ୍ରି.*** ଆଖିକୁ ଦିଶୁ ନ ଥିବା ପଦାର୍ଥ ଅଥବା ବ୍ୟକ୍ତିକୁ ହାତରେ ପାଇବାପାଇଁ ଖୋଜିବା, ଦରାଣ୍ଡିବା, ଲୋଡ଼ିବା ।

**ଅଣ୍ଡାଳି ହେବା** ***କ୍ରି.*** ଦରାଣ୍ଡିଦେବା, ବିକଳ ହୋଇ ଖୋଜିବା ।

**ଅଣ୍ଡି** ***ବି.*** ଛୋଟ ବା ସାନ ପିଲା; ***ବିଂ.*** ଶକ୍ତିହୀନ, ଦୁର୍ବଳ ।

**ଅଣ୍ଡିଆ** ***ବି.*** ୧. ଅଣ୍ଡିରା ବାଛୁରି ୨. ସମର୍ଥ ବ୍ୟକ୍ତିତ୍ୱ, ଶକ୍ତିଶାଳୀ, ବୀର ।

**ଅଣ୍ଡିରା** ***ବି.ବିଂ.*** ୧. ପୁରୁଷଜାତୀୟ ୨. ସ୍ୱାମୀ ୩. ଅଫଳନ୍ତି ଗଛ ।

**ଅଣ୍ଡିରାଚଣ୍ଡୀ** ***ବିଂ.ବି.*** ପୁରୁଷପରି ବ୍ୟବହାର ବା ଆଚରଣ କରୁଥିବା ନାରୀ, ପ୍ରଭାବଶାଳୀ ନାରୀ, ଦୁଃସାହସିନୀ ।

**ଅଣ୍ଡିରାପଣ** ***ବି.*** ସାମର୍ଥ୍ୟ, ପାରିଲାପଣ, ପୌରୁଷ ।

**ଅଣ୍ଡିରା ପୁଅ** ***ବି.*** ଅଣ୍ଡିରିପୁଅ, ସମର୍ଥପୁରୁଷ ।

**ଅଣ୍ଡିରି** ***ବିଂ.*** ୧. ପୁରୁଷର ଗୁଣ ଓ ଆଚରଣଥିବା ନାରୀ ୨. ଅଣ୍ଡିରିଚଣ୍ଡୀ ।

**ଅତଃ** ***ଅ.*** ଏହି କାରଣରୁ, ଏଣୁ, ଏହିହେତୁ ।

**ଅତଃପର** ***ଅ.*** ଅତଏବ, ଏହାପରେ, ଏହା ଉତ୍ତାରୁ ।

**ଅତଉଲା** ***ବିଂ.*** ଯାହା ତଉଲ ବା ଓଜନ ହୋଇନାହିଁ ।

**ଅତଏବ** ***ଅ.*** ଏଥିଯୋଗୁଁ, ସୁତରାଂ ।

**ଅତଡା, ଅତଡ଼ି** ***ବି.*** ୧. ନଈ/ ପୋଖରୀ କୂଳ ବା କୌଣସି ଖାଲୁଆ ସ୍ଥାନର ଉପର ବା ଧାରକୁ ଲାଗିରହିଥିବା ଭୂଭାଗ ବା ମାଟି ୨. ଉଚ୍ଚ ଶବ୍ଦ ହେତୁ କାନ ତାବଦା ହେବା, (ଉ. ବାଜା ଶବ୍ଦରେ କାନ ଅତଡ଼ା ପଡ଼ିଗଲା) ୩. ତଡ଼ା ଖାଇ ନଥିବା ।

**ଅତଡ଼ା ଖସିବା** ***କ୍ରି.*** ନଦୀ ତଟରୁ ପାଣି ହାବୁକାରେ ମାଟି ଧସିଯିବା ।

**ଅତଡ଼ା ପଡ଼ିବା** ***କ୍ରି.*** ୧. ଅତଡ଼ା ଖସିବା ୨. କାନ ବଧିରା ହେବା ।

**ଅତନୁ** ***ବି.*** କାମଭାବର ଦେବତା, କାମ, ଅନଙ୍ଗ, କନ୍ଦର୍ପ ; ***ବିଂ.*** ଯାହାର ଦେହ ନଥାଏ ।

**ଅତନ୍ଦ୍ର** ***ବିଂ.*** ୧. ନିଦ୍ରା ପରିହାର କରିଥିବା, ଉନ୍ନିଦ୍ର ୨. ସତର୍କ, ଜାଗ୍ରତ ।

**ଅତର** ***ବି.*** ସୁବାସିତ ତରଳପଦାର୍ଥ, ଫୁଲର ଅର୍କ ବା ନିର୍ଯାସ, ସେଣ୍ଟ, ଏସେନ୍‌ସ ।

**ଅତର୍କ** ***ବି.*** ଯୁକ୍ତିର ଅଭାବ, ଅଯୌକ୍ତିକତା ।

**ଅତର୍କିତ** ***ବିଂ.*** ହଠାତ୍, ଆକସ୍ମିକ, ଅନଚ୍ଚୁତି ।

**ଅତର୍ଚ୍ଛ** ***ବି.*** ମହାଭୟ, ଉଦ୍‌ବେଗ, ଅତିବେଗ, ଅତିମାତ୍ରାରେ ଆତଙ୍କିତ ଅବସ୍ଥା ।

**ଅତଳ** ***ବିଂ.*** ଯାହାର ତଳ ଅର୍ଥାତ୍ ନିମ୍ନଭାଗ ନଥିଲାପରି ଲାଗେ, ଅତିଗଭୀର, ସୁଗଭୀର ।

**ଅତଳତଳ** ***ବିଂ.*** ଅତି ଗଭୀର ।

**ଅତଳସ୍ପର୍ଶୀ** ***ବିଂ.*** ଯାହାର ତଳକୁ ଛୁଇଁ ହୁଏନାହିଁ ।

**ଅତସ** ***ବି.*** ଛଣପଟ ତନ୍ତୁରେ ବୁଣା ଲୁଗା ୨. ଆତ୍ମା, ବାୟୁ ।

**ଅତସୀ** ***ବି.*** ୧. ଫେସି ୨. ଛଣପଟ ଗଛ ୩. ଅଲ୍‌ସି, ଏକ ତୈଳବୀଜ ଜାତୀୟ ଗଛ - ଯାହାର ଫୁଲ ଈଷତ ନୀଳରଙ୍ଗ ।

**ଅତା** ***ବି.*** ମା ବା ବଡ଼ଭଉଣୀକୁ ସମ୍ବୋଧନ ।

**ଅତାଳି(ଳୁ)ଆ** ***ବି.*** ୧. ଯାହାର ତାଳଜ୍ଞାନ ନ ଥାଏ ୨. ଅଶୃଙ୍ଖଳିତ ।

**ଅତି** ***ଅଂ.*** ଅଧିକ ।

**ଅତିକଥନ** ***ବି.*** ଅନାବଶ୍ୟକ ବା ବୃଥା ବକ୍ତବ୍ୟ ।

**ଅତିକଳ୍ପନା** ***ବି.*** ଯେଉଁ ବର୍ଣ୍ଣନାରେ ବାସ୍ତବତା ସହିତ ପ୍ରାୟତଃ ସମ୍ପର୍କ ନଥାଏ, ଫାଣ୍ଟାସି ।

**ଅତିକାୟ** ***ବିଂ.*** ବୃହତ ଆକାରବିଶିଷ୍ଟ, ଅତିବଡ଼ ।

**ଅତିକ୍ରମ** ***ବି.*** ଡେଇଁଯିବା, ଟପିଯିବା, ଅନ୍ୟ ଜଣଙ୍କର ଆଗକୁ ଚାଲିଯିବା, ଉଲଂଘନ ।

**ଅତିକ୍ରାନ୍ତ ବିଂ.** ଗତ, ଅତୀତ, ଲଙ୍ଘିଯାଇଥିବା ।

**ଅତିକ୍ରିୟା ବି.** ଯେ କୌଣସି କାର୍ଯ୍ୟର ଆଧିକ୍ୟ ।

**ଅତିଗହନ ବି.** ବୁଦ୍ଧିର ଅଗୋଚର, ଅତିଗଭୀର ; **ବିଂ.** କଷ୍ଟସାଧ୍ୟ, ଅଭେଦ୍ୟ ।

**ଅତିଥି ବି.** ୧. ଜଣେ ପୂର୍ବରୁ ସୂଚନା ନ ଦେଇ ଯେ କୌଣସି ଦିନ ଅନ୍ୟ ଜଣକ ଘରେ ପହଞ୍ଚିଥାଏ ୨. ବିଶେଷ ଭାବରେ ନିମନ୍ତ୍ରିତ/ ଆହୁତ ବ୍ୟକ୍ତି ।

**ଅତିଥି ଅଭ୍ୟାଗତ ବି.** ଅତିଥି, ଆଗନ୍ତୁକ, କୁଣୁହା, ହଠାତ୍ ଉପସ୍ଥିତ ମାନ୍ୟଗଣ୍ୟବ୍ୟକ୍ତି ।

**ଅତିଥି ଭବନ ବି.** ସରକାରୀ ବା ବେସରକାରୀ ବ୍ୟକ୍ତିମାନଙ୍କର ସାମୟିକ ରହଣି ପାଇଁ କୌଣସି ସଂସ୍ଥାର ଆବାସସ୍ଥାନ ।

**ଅତିଥିଶାଳା ବି.** ଯେଉଁ ଘର ଅତିଥିମାନଙ୍କର ରହିବା ପାଇଁ ନିର୍ଦ୍ଧାରିତ ।

**ଅତିଥି ସତ୍କାର ବି.** ଅତିଥି ଚର୍ଚ୍ଚା, ଅତିଥି ସେବା ।

**ଅତିଦାନୀ ବିଂ.** ଖୋଲା ହୃଦୟରେ, ଅନ୍ୟକୁ ନିଜର ପ୍ରିୟତମ ପଦାର୍ଥକୁ ଦାନ ଦେଇ ପାରୁଥିବା ।

**ଅତିପ୍ରଶ୍ନ ବି.** ଅନାବଶ୍ୟକ ଅତିରିକ୍ତ ପ୍ରଶ୍ନ, ମର୍ଯ୍ୟାଦା ଉଲ୍ଲଙ୍ଘନ କରି ପଚାରିଥିବା ପ୍ରଶ୍ନ ।

**ଅତିବଡି ବି.** ଓଡ଼ିଶାର ଏକ (ମହାପୁରୁଷ ଜଗନ୍ନାଥ ଦାସ ପ୍ରବର୍ତ୍ତିତ) ବୈଷ୍ଣବ ସଂପ୍ରଦାୟ ।

**ଅତିବାଦ ବି.** ଅପ୍ରିୟ ବକ୍ତବ୍ୟ ବା କଥା ।

**ଅତିବାହିତ ବିଂ.** ପାରି ହୋଇଯାଇଥିବା, ସମୟ କାଟିବା, ଚାଲିଯାଇଥିବା (ସମୟ) ।

**ଅତିବୃଷ୍ଟି ବି. ବିଂ.** ଅତିରିକ୍ତ ବର୍ଷା ।

**ଅତିଭକ୍ତି ବି.** ବାହାର ଦେଖାଣିଆ ଭକ୍ତି ।

**ଅତିମାତ୍ରା ବି.** ଆବଶ୍ୟକ ବା ପ୍ରୟୋଜନରୁ ଅଧିକ ।

**ଅତିମାନସ ବିଂ.** ମନସ୍ତରକୁ ଅତିକ୍ରମ କରିଥିବା ।

**ଅତିମାନୀ ବିଂ.** ଅତ୍ୟନ୍ତ ସ୍ୱାଭିମାନ ସଚେତନ ।

**ଅତିମାନୁଷ ବିଂ.** ୧. ଅଲୌକିକ ୨. ଅସାଧାରଣ ।

**ଅତିରଞ୍ଜନ ବି.** କୌଣସି ସାଧାରଣ କଥାକୁ ଅଧିକ ପଲ୍ଲବିତ କରି ବର୍ଣ୍ଣନା ବା ଉପସ୍ଥାପନ ।

**ଅତିରଞ୍ଜିତ ବିଂ.** ପଲ୍ଲବିତ, ବହୁଳ ଭାବେ ବର୍ଣ୍ଣିତ ।

**ଅତିରିକ୍ତ ବି.** ଆବଶ୍ୟକ ଠାରୁ ଅଧିକ ।

**ଅତିରିକ୍ତ ଶାସନ ସଚିବ ବି.** ସରକାରଙ୍କ କୌଣସି ବିଭାଗର ଶାସନ ସଚିବ ପାହ୍ୟାର ଅତିରିକ୍ତ ବା ଅନ୍ୟତମ ପ୍ରଶାସକ ।

**ଅତିରେକ ବିଂ.** ଦୁଃସହ, ଅତ୍ୟଧିକ, ଅତ୍ୟନ୍ତ ।

**ଅତିଶୟ ବିଂ.** ଯଥେଷ୍ଟ, ଅଧିକ, ଅତ୍ୟନ୍ତ, ବଳକା ।

**ଅତିଶୟୋକ୍ତି ବି.** କଥା, ବ୍ୟାଖ୍ୟାନ ବା ବର୍ଣ୍ଣନାରେ ଆଧିକ୍ୟ ବା ପ୍ରଗଲ୍‌ଭତା - ସାହିତ୍ୟର ଏହା ଏକ ଅର୍ଥାଳଙ୍କାର ନାମରେ କଥିତ ।

**ଅତିଷ୍ଠ ବିଂ.** ଅସ୍ଥିର, ବିବ୍ରତ ।

**ଅତିସାର ବି.** କ୍ରମାଗତ ତରଳ ଝାଡ଼ା ହେବା ରୋଗ ।

**ଅତିହସିତ ବି.** ହୋ ହୋ ହସ, ଉଚ୍ଚ ଧ୍ୱନିକରି ହସିବା ।

**ଅତୀତ ବିଂ.** ଗତ, ଅତିକ୍ରାନ୍ତ, ଭୂତ, ପଛଦିନ ।

**ଅତୀତ କାଳ ବି.** ୧. ଯେଉଁ ସମୟ ଗତ ହୋଇଅଛି ୨. ବ୍ୟାକରଣରେ ଅତୀତ ଘଟଣା ସୂଚାଇବାର କ୍ରିୟାରୂପ ।

**ଅତୀନ୍ଦ୍ରିୟ ବିଂ.** ଇନ୍ଦ୍ରିୟର ଅତୀତ, ଇନ୍ଦ୍ରିୟର ଊର୍ଦ୍ଧ୍ୱରେ ।

**ଅତୀବ ବିଂ.** ଅତିଶୟ, ଅଧିକ ।

**ଅତୁଙ୍ଗ ବିଂ.** ୧. କମ୍ ଉଚ୍ଚତାବିଶିଷ୍ଟ ୨. ଛୋଟ ୩. ବାମନ, ଖର୍ବ ।

**ଅତୁଟ ବିଂ.** ଅକ୍ଷତ, ଅଖଣ୍ଡିତ, ପରିପୂର୍ଣ୍ଣ, ଯାହାର ପ୍ରାକୃତିକ ଅବସ୍ଥା ଅପରିବର୍ତ୍ତିତ ହୋଇ ରହିଥାଏ ।

**ଅତୁଠ ବି.** ନଈ, ପୋଖରୀର ଯେଉଁ ସ୍ଥାନରେ ସର୍ବସାଧାରଣ ନିଜ ନିଜର ସ୍ନାନାଦି ସକଳ କାର୍ଯ୍ୟ ସମ୍ପନ୍ନ କରନ୍ତିନାହିଁ, ଯେଉଁଠି ତୁଠ ନାହିଁ ।

**ଅତୁଳ ବି. ବିଂ.** ଯାହାର ତୁଳନା ନାହିଁ, ସ୍ୱୟଂସଂପୂର୍ଣ୍ଣ, ଏକକ, ଯାହାକୁ ଅନ୍ୟ ସହିତ ପରିମାପ କରାଯାଇପାରିବ ନାହିଁ ।

**ଅତୁଳନୀୟ ବିଂ.** ଯାହାର ତୁଳନା ନାହିଁ, ଅତି ସୁନ୍ଦର, ଅଦ୍ୱିତୀୟ ।

**ଅତୃପ୍ତ ବିଂ.** କୌଣସି କାର୍ଯ୍ୟରେ ତୃପ୍ତି ବା ସନ୍ତୋଷ ଲାଭ ନ କରିବା, ଅଭାବବୋଧରେ ଘାରିହେବା ।

**ଅତୃପ୍ତି ବି.** ଅସନ୍ତୋଷ, ଖାଲିଖାଲି ଭାବ ।

**ଅତ୍ୟଧିକ ବି.** ଆବଶ୍ୟକଠାରୁ ଅତିରିକ୍ତ ପରିମାଣ ।

**ଅତ୍ୟନ୍ତ ବିଂ.** ୧. ଅତିବେଶି ୨. ଅତି ମାତ୍ରାରେ ୩. ଯାହାର ସୀମା ନାହିଁ ।

**ଅତ୍ୟଳ୍ପ ବିଂ** ଖୁବ୍ କମ୍ ପରିମାଣବିଶିଷ୍ଟ, ଟିକିଏ, ଧାପେ ।

**ଅତ୍ୟାଚାର ବି.** ଅସଦ୍ ବ୍ୟବହାର, ମାତ୍ରାଧିକ ଶାରୀରିକ ଓ ମାନସିକ ଯନ୍ତ୍ରଣା, ଉପଦ୍ରବ ।

**ଅତ୍ୟାଚାରିତ ବିଂ.** ଉପଦ୍ରୁତ, ଶାରୀରିକ ଓ ମାନସିକ ଯନ୍ତ୍ରଣା ପାଇଥିବା ।

**ଅତ୍ୟାଚାରୀ ବିଂ. ବି.** ଅତ୍ୟାଚାର କରୁଥିବା, ଦମନକାରୀ ।

**ଅତ୍ୟାହାରୀ ବିଂ.** ବହୁଭୋଜୀ, ବହୁ ପରିମାଣର ଖାଦ୍ୟଲାଳସୀ ।

**ଅତ୍ୟୁକ୍ତି ବି.** ଅତିରଞ୍ଜିତ ବର୍ଣ୍ଣନା, ଅତିକଥନ ।

**ଅତ୍ର** ***ଅ.*** ଏହିଠାରେ, ଏହି ସ୍ଥାନରେ ।

**ଅତ୍ରତତ୍ର** ***ଅ.*** ଏଠିସେଠି, ବିକ୍ଷିପ୍ତ ।

**ଅଥ** ***ଅ.*** ଅନନ୍ତର, ଅତଏବ, ଏହିକ୍ଷଣି ।

**ଅଥକ୍** ***ବିଂ.*** ଅକ୍ଳାନ୍ତ, ଥକି ନ ପଡ଼ିବା, ଅବିଶ୍ରାନ୍ତ ।

**ଅଥଚ** ***ଅ.*** ଆହୁରି, ଅଧିକନ୍ତୁ ।

**ଅଥବା** ***ଅ.*** କିମ୍ବା, ବା ।

**ଅଥର୍‌ପା,ଅଥର୍‌ବା** ***ବିଂ.*** କୌଣସି କାର୍ଯ୍ୟ କରିବାପାଇଁ ଅସମର୍ଥ, ଅଶକ୍ତ ।

**ଅଥର** ***ବିଂ.*** ଅସ୍ଥିର, ଚଞ୍ଚଳ, ତରତର ।

**ଅଥରା** ***ବିଂ.*** ଯେଉଁ ବ୍ୟକ୍ତି ବେଶି ବୟସ ପର୍ଯ୍ୟନ୍ତ ବିବାହ କରିନଥାଏ, ଓଥରା ।

**ଅଥର୍ବ** ***ବି.*** ଅନ୍ୟତମ ବେଦ ; ***ବିଂ.*** ପଙ୍ଗୁ, ଅତିବୃଦ୍ଧ ।

**ଅଥଳ** ***ବିଂ.*** ୧. ଯାହାର ତଳ ବା ସ୍ଥଳ ନାହିଁ ୨. ଯାହାର ଗଭୀରତାକୁ ମାପି ହେବନାହିଁ, ସୁଗଭୀର ।

**ଅଥଳଥଳ** ***ବି.*** ଯେଉଁ ଭାଗରେ ଠାଏ ଠାଏ ଗୋଡ଼ ପାଏ ଓ ଠାଏ ଠାଏ ପାଏନାହିଁ ।

**ଅଥୟ** ***ବିଂ.*** ବିଚଳିତ, ଅସ୍ଥିର, ଦୋଦୁଲ୍ୟମାନ ।

**ଅଥା** ***ବିଂ.*** କ୍ଳାନ୍ତ, ହାଲିଆ, ଥକା ; ***ବି.*** ଥକିପଡ଼ିବା ଅବସ୍ଥା ।

**ଅଥାଥୋଥାଲି** ***ବି.*** ଅସ୍ଥିର ଅବସ୍ଥା, ବିକ୍ଷିପ୍ତ ମାନସିକତା ।

**ଅଥାନ** ***ବି.*** ଅଜାଗା, ଅଖାଡୁଆ ଜାଗା, ଗୋପନୀୟ ସ୍ଥାନ, ନିଷିଦ୍ଧାଞ୍ଚଳ ।

**ଅଥାନଥାନ** ***ବି.*** ଜାଗା ଅଜାଗା, ଗୋପନୀୟ ଜାଗା, ଭିତର ବାହାର ।

**ଅଥାନନ୍ତର** ***ଅ.*** ବର୍ତ୍ତମାନ,ଏହିଠାରୁ, ଏହାପରେ ।

**ଅଥାନବାଉଳା** ***ବିଂ.*** ଭୋଳା, ଏକ ସ୍ଥାନରେ ଥିବା ବସ୍ତୁକୁ ଅନ୍ୟ ସ୍ଥାନରେ ଖୋଜୁଥିବା ।

**ଅଥାବିଥା** ***ବିଂ.*** ସମ୍ପୂର୍ଣ୍ଣ ହାଲିଆ, କ୍ଳାନ୍ତଶ୍ରାନ୍ତ, ପରିଶ୍ରାନ୍ତ ।

**ଅଥାର** ***ବି.*** ମୁହଁରେ କନାବାନ୍ଧି ଚୁଲିରେ ବସାଇ ପାଣିରୁ ବାହାରୁଥିବା ବାମ୍ପଦ୍ୱାରା ପିଠା ତିଆରି କରାଯାଉଥିବା ଏକ ଚଉଡାମୁହାଁ ମାଟିହାଣ୍ଡି ।

**ଅଥାରମୁହାଁ** ***ବି. ବିଂ.*** ଅତ୍ୟନ୍ତ ଅଭିମାନ ବା କ୍ରୋଧରେ ମୁହଁ ଫଣଫଣ କରିଥିବା ।

**ଅଥାରୁଆ** ***ବିଂ.*** ୧. ଯାହାର ସ୍ତ୍ରୀ ମରି ଯାଇଛି, ମୃତଦାର ୨. ଯେ ଦରବୁଢ଼ା ହେବାଯାଏ ବିଭା ହୋଇନାହିଁ, ଓଥରା ।

**ଅଥିର** ***ବିଂ.*** ୧. ଅସ୍ଥିର, ଉତ୍କଣ୍ଠିତ ୨. ଦୁଃଖିତ ।

**ଅଥୁରି** ***ବି.*** ଛୋଟ ମାଟିପାତ୍ର, ମାଟିହାଣ୍ଡି ।

**ଅଦ୍‌ଲାଇବା** ***କ୍ରି.*** ୧. ଆଉଜାଇବା, ଠେସଦେଇ ବସିବା ।

**ଅଦଉତି** ***ବି.*** ଅହନ୍ତା, ଆକ୍ରୋଶ, ଅକଶ, ପ୍ରତିକ୍ରିୟାଶୀଳ ମାନସିକତା ।

**ଅଦଉତିଆ** ***ବିଂ.*** ୧. ପ୍ରତିଶୋଧ ପରାୟଣ ୨. ପ୍ରତିକ୍ରିୟାଶୀଳ ।

**ଅଦଛ** ***ବି.*** ୧. ଅପଯଶ, ନିନ୍ଦା, ଦୁର୍ନାମ ୨. ଅମଙ୍ଗଳ ।

**ଅଦଣ୍ଡନୀୟ** ***ବିଂ.*** ନିରପରାଧ, ନିର୍ଦ୍ଦୋଷ, ଦଣ୍ଡର ଅଯୋଗ୍ୟ ।

**ଅଦମ୍** ***ବିଂ.*** ଅଦମ୍ଯ, ଦମ୍ଭହୀନ, ଦୁର୍ବଳ, ନମନୀୟ ।

**ଅଦମନୀୟ** ***ବିଂ.*** ଯାହା (ଯାହାକୁ) ଆଦୌ ଅଧିକାର ବା ଦମନ କରାଯାଇପାରେ ନାହିଁ, ଅବିଜିତ, ଅଜେୟ ।

**ଅଦମ୍ଭିଲା** ***ବିଂ.*** ଦୁର୍ବଳ ।

**ଅଦମ୍ୟ** ***ବିଂ.*** ଦମନ କରିନପାରିବା, ଅବଦମିତ, ଅନିୟନ୍ତ୍ରିତ ।

**ଅଦରକାରୀ** ***ବିଂ.*** ଯାହା କୌଣସି ଆବଶ୍ୟକତାରେ ଆସେନାହିଁ, ଅନୁପଯୋଗୀ ।

**ଅଦରବା, ଅଦର୍ବା** ***ବିଂ.*** ୧. ଅଥର୍‌ବା ୨. ଦରଖଣ୍ଡିଆ, ଅଦରକାରୀ, ଅଯୋଗୀ ।

**ଅଦର୍ଶନ** ***ବି.*** ଦେଖା ନ ହେବା, ଅସାକ୍ଷାତ୍ ।

**ଅଦଳବଦଳ** ***ବି.*** ହସ୍ତାନ୍ତର, ବିନିମୟ, ଅଧିକାର ପରିବର୍ତ୍ତନ, ସ୍ଥାନ ପରିବର୍ତ୍ତନ ।

**ଅଦଳା** ***ବିଂ.*** ୧. ଯାହା ଦଳା ବା ଚକଟା ହୋଇନାହିଁ ୨. ଘିକୁଆଁରୀ ଗୁଳ୍ମ ।

**ଅଦକ୍ଷ** ***ବିଂ.*** କୌଣସି କାର୍ଯ୍ୟ ସାଧନପାଇଁ ମାନସିକ ଓ ଶାରୀରିକ କ୍ଷମତାରହିତ, ଅକ୍ଷମ, ଅସମର୍ଥ ।

**ଅଦା** ***ବି.*** ଅଦ୍ରକ, ଏକ ଗୁଳ୍ମ ବିଶେଷ – ଯାହାର ମୂଳର ଫୁଲା ଅଂଶ ବା କନ୍ଦାକୁ ମସଲା ଓ ଔଷଧ ଭାବରେ ବ୍ୟବହାର କରାଯାଏ, ଶୃଙ୍ଗବେର ।

**ଅଦାତା** ***ବିଂ.*** କୃପଣ, ଖର୍ଚ୍ଚ କରିବାକୁ ବା ଦାନ ଦେବାକୁ ସୁଖ ପାଉନଥିବା ।

**ଅଦାନ୍ତିଆ** ***ବିଂ.*** ୧. ଦାନ୍ତହୀନ ୨. ଯେଉଁ ଦାମୁଡ଼ିର ଦାନ୍ତ ଉଠିନାହିଁ ।

**ଅଦା ବେପାରୀ** ***ବି.*** ୧. ଯେ ଅଦା ବ୍ୟବସାୟ କରେ ୨. ଛୋଟ ବେପାରୀ ।

**ଅଦାମିକା ବିଂ.** ୧. ଶସ୍ତା, କମ୍ ମୂଲ୍ୟର ୨. ମୂଲ୍ୟହୀନ ।

**ଅଦାଲତ ବି.** କଚେରି, ବିଚାରାଳୟ ।

**ଅଦାଲତ ଅବମାନନା ବି.** ଅଦାଲତର ବିଧିବିଧାନ ବା ବିଚାରପତିଙ୍କ ଅସମ୍ମାନ ବା ନ୍ୟାୟାଳୟର ରାୟକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କାର୍ଯ୍ୟକାରୀ ବା ଗ୍ରହଣ ନ କରିବା ଜନିତ ଅପରାଧ ।

**ଅଦାଲତ କରିବା କ୍ରି.** ନ୍ୟାୟ ପାଇବାପାଇଁ ବିଚାରାଳୟରେ ଅନ୍ୟ ବିରୋଧରେ ଅଭିଯୋଗପତ୍ର ଦାଖଲ କରିବା ।

**ଅଦି ବି.** ବିକ୍ରୟ ପରିମାଣର ଏକକ; ମଦ ପ୍ରଭୃତି ପାନୀୟର ମାପ ।

**ଅଦିଆ ବି.** ଭଲ ମନରେ ଦେଉନଥିବା ।

**ଅଦିନ ବି.** ୧. ଅସମୟ, ଅବେଳା ୨. ଖରାପ ସମୟ ।

**ଅଦିନମେଘ ବି.** ୧. ବର୍ଷାଋତୁ ଭିନ୍ନ ଅନ୍ୟ ସମୟରେ ଉଠିବା ମେଘ ବା ବର୍ଷାପାତ ୨. ଅପ୍ରତ୍ୟାଶିତ ଘଟଣା ।

**ଅଦିନିଆ ବିଂ.** ନିର୍ଦ୍ଦିଷ୍ଟ ଦିନ ବା କାଳ ବ୍ୟତୀତ ଅନ୍ୟ ସମୟରେ ଦେଖା ଦେଇଥିବା ବା ଆସୁଥିବା ବା ଫଳୁଥିବା ।

**ଅଦିବ୍ୟ ବିଂ.** ପାର୍ଥିବ, ଯାହା ସ୍ୱର୍ଗୀୟ ନୁହଁ, ପ୍ରାପଞ୍ଚିକ ।

**ଅଦୂର ବିଂ.** ୧. ପାଖ, ନିକଟ ୨. ଦୂର ନୁହେଁ ।

**ଅଦୂରଦର୍ଶିତା ବି.** ସୀମିତ ବୁଦ୍ଧି ଓ ବିଚାର ।

**ଅଦୂରଦର୍ଶୀ ବିଂ.** ଅପରିଣାମଦର୍ଶୀ, ଯେଉଁ ବ୍ୟକ୍ତି ଭବିଷ୍ୟତ ସଂକ୍ରାନ୍ତରେ ଅନୁମାନ କରିପାରନ୍ତି ନାହିଁ ।

**ଅଦୂଷିତ ବି.** ୧. ଖରାପ ହୋଇ ନ ଥିବା ୨. ଶୁଦ୍ଧ ୩. ନିର୍ଦ୍ଦୋଷ ।

**ଅଦୃଶ୍ୟ ବିଂ.** ଯାହା ଆଖିକୁ ଦିଶେ ନାହିଁ, ଅଦେଖା ।

**ଅଦୃଶ୍ୟ ହସ୍ତ ବି.** ଏକ ଅଜଣା ଶକ୍ତିର ସାମର୍ଥ୍ୟ ଲାଭ ବା ସେହି ଅନୁଭବ, ଅନୁଭବରେ ଏକ ପରିକଳ୍ପିତ ଓ ଅଚିନ୍ତ୍ୟ ଶକ୍ତିର ସ୍ପର୍ଶଲାଭ ।

**ଅଦୃଷ୍ଟ ବିଂ.** ୧. ଯାହା ଦିଶେ ନାହିଁ, ଅଦୃଶ୍ୟ ୨. ବି. ଭାଗ୍ୟ ।

**ଅଦୃଷ୍ଟପୂର୍ବ ବିଂ.** ଯାହା ପୂର୍ବରୁ ଅତୀତରେ କେବେ ଦେଖା ଦେଇ ନ ଥିଲା ।

**ଅଦୃଷ୍ଟଫଳ ବି.** କର୍ମଫଳ, ଭାଗ୍ୟଫଳ ।

**ଅଦୃଷ୍ଟବାଦୀ ବିଂ.** ୧. ଭାଗ୍ୟବାଦୀ, ଯେଉଁ ବ୍ୟକ୍ତି ଭାଗ୍ୟ ଓ ଭଗବାନନିର୍ଭର ଜୀବନ ବଞ୍ଚୁଥାଏ ୨. ଅକର୍ମା ।

**ଅଦେଇ ବିଂ.** ନିକୁଛିଆଣୀ, ଦେବାକୁ ଭଲ ପାଉନଥିବା, କାମ୍ପୀ ।

**ଅଦେଖା ବିଂ.** ଯାହା ଦେଖା ଯାଇନାହିଁ, ଅଦୃଷ୍ଟ ।

**ଅଦେଖି ବିଂ.** ଯାହାର କୌଣସି ଅନୁଭୂତି ନାହିଁ ।

**ଅଦେୟ ବିଂ.** ଯାହା କାହାକୁ ଦିଆ ଯାଇପାରେ ନାହିଁ ।

**ଅଦୋଷ ବିଂ.ବି.** ଯାହା ଦୋଷାବହ ନୁହେଁ, ନିଷ୍ପାପ, ସାଧୁ ।

**ଅଦ୍ୱିତୀୟ ବିଂ.** ଯାହାର ବିକଳ୍ପ ନାହିଁ, ଅବିକଳ୍ପ ବା ବିକଳ୍ପହୀନ, ସ୍ୱତନ୍ତ୍ର, ଅସାଧାରଣ ।

**ଅଦ୍ୱୈତ ବିଂ.** ଏକକ, ସ୍ୱୟଂସଂପୂର୍ଣ୍ଣ, ଯାହାର ଦ୍ୱିତୀୟ ନାହିଁ ।

**ଅଦ୍ୱୈତବାଦ ବି.** ଏକ ବ୍ରହ୍ମ ସୋଽହମ୍ ଦର୍ଶନ ସଂକ୍ରାନ୍ତ ବିଚାର ।

**ଅଦ୍ୱୈତବାଦୀ ବିଂ.** ଏକେଶ୍ୱରଦର୍ଶନ ବିଶ୍ୱାସୀ ।

**ଅଦ୍ଭୁତ ବିଂ.** ବିସ୍ମୟକର, ବିଶ୍ୱାସ ବହିର୍ଭୂତ, ଯାହା ଆଗରୁ ଦେଖା ବା ଶୁଣା ଯାଇନଥିଲା ।

**ଅଦ୍ଭୁତକର୍ମା ବିଂ.** ଆଶ୍ଚର୍ଯ୍ୟଜନକ କର୍ମ କରିବା ବ୍ୟକ୍ତି ।

**ଅଦ୍ଭୁତରସ ବି.** ଯେଉଁ ରସଦ୍ୱାରା ମନରେ ବିସ୍ମୟ ଭାବ ଜନ୍ମନିଏ ।

**ଅଦ୍ଭୁତୋପମା ବି.** ଅସାମାନ୍ୟ ଉପମା ।

**ଅଦ୍ୟ ଅ.** ଆଜି, ସଂପ୍ରତି, ଏବେ ।

**ଅଦ୍ୟାପି ଅ.** ଆଜିସୁଦ୍ଧା, ବର୍ତ୍ତମାନ ପର୍ଯ୍ୟନ୍ତ, ଅଦ୍ୟାବଧି ।

**ଅଦ୍ୟାବଧି ଅ.** ଆଜିପର୍ଯ୍ୟନ୍ତ, ଆଜିଠାରୁ ।

**ଅଦ୍ରବ ବିଂ.** ଯାହା ଦ୍ରବୀଭୂତ ହୁଏନାହିଁ, ଯାହା ଅନ୍ୟ ତରଳ ପଦାର୍ଥରେ ସଂପୂର୍ଣ୍ଣ ରୂପରେ ମିଳାଇଯାଏନାହିଁ, ଘନ ।

**ଅଦ୍ରି ବି.** ୧. ପର୍ବତ ୨. ଯିଏ ପଳାୟନ କରେ ନାହିଁ ୩. ସ୍ଥିର, ଅଚଳ ୪. ସୂର୍ଯ୍ୟ ୫. ଗଛ ।

**ଅଦ୍ରୋହ ବି.** ଈର୍ଷା ବା ଶତ୍ରୁତାର ଅଭାବ, ଦ୍ରୋହ ଆଚରଣ ନ କରିବା ।

**ଅର୍ଦ୍ଦଳି ବି.** ହାକିମ ବା ବିଶିଷ୍ଟ ବ୍ୟକ୍ତିଙ୍କ ଖାସ୍ ଅନୁଚର, ଅଡ଼ର୍ଲି ।

**ଅଧଃ ବି.** ତଳ, ନିମ୍ନ, ପାତାଳ ।

**ଅଧଃକରଣ ବି.** ତଳକୁ ଫିଙ୍ଗିବା, ତଳକୁ ନେବା ।

**ଅଧଃପତନ, ଅଧୋପତନ ବି.** ଅବନତି, ତଳେ ପଡ଼ିଯିବା ।

**ଅଧ ବି.** ୧. ଅଧା ୨. ମଧ୍ୟସ୍ଥଳ, ଅର୍ଦ୍ଧ ।

**ଅଧକ୍ ବିଂ.** ଭୟଶୂନ୍ୟ, ନିଶ୍ଚିନ୍ତ, ନିଧଡ଼କ ।

**ଅଧକ ବି.ବିଂ.** ଅଧା ।

**ଅଧକପାଳି ବି.** ଫାଳେ ମୁଣ୍ଡ (ବିନ୍ଧା) ।

**ଅଧକୁରୀ, ଅଧଖୁରି ବି.** ୧. କିଶୋରୀ ୨. ବୟଃପ୍ରାପ୍ତିର ପୂର୍ବ ଶାରୀରିକ ଅବସ୍ଥା ।

**ଅଧଖିଆ ବି.** ପେଟ ନ ପୂରିବା ଖିଆ, ଦରଖିଆ ।

**ଅଧଡ଼ ବିଂ.** ଦୁର୍ବଳ ଶରୀରବିଶିଷ୍ଟ ।

**ଅଧଡ଼କ ବିଂ.** ନିଧଡ଼କ, ନିର୍ଭୟ, ନିଶ୍ଚିନ୍ତ ।

**ଅଧଡ଼ଧଡ଼ ବି.** ବାର୍ଦ୍ଧକ୍ୟ ବା ରୋଗ ହେତୁ ଅତି ଶୀର୍ଣ୍ଣ ; **ବିଂ.** ଭଙ୍ଗା, ହୁଗୁଳା, ଜୀର୍ଣ୍ଣଶୀର୍ଣ୍ଣ ।

**ଅଧ(ଧା)ପନ୍ତରିଆ** ***ବିଂ.*** ଅପୂର୍ଣ୍ଣ, ଅଧାଗଢ଼ା ।

**ଅଧପାଆ** ***ବି.*** ଏକ ପାଆର ଅଧେ, ଏକ ସେରର ଏକ ଅଷ୍ଟମାଂଶ ।

**ଅଧପେଟ** ***ବିଂ.*** ଖାଇବାରେ ଯାହାର ପେଟ ପୂରିନଥାଏ, ଅଧାଖିଆ ।

**ଅଧବାଟ** ***ବି.*** ନିର୍ଦ୍ଦିଷ୍ଟ ଦୂରତ୍ୱର ଅଧା ।

**ଅଧବେଲା** ***ବି.*** ଛୋଟ ବା ସାନକଂସା ।

**ଅଧମ** ***ବିଂ.*** ୧. ଅଜ୍ଞାନ, ହୀନ, ଛୋଟ, ନୀଚ, ମନ୍ଦ ୨. ମୂର୍ଖ, ହେୟ, ନଗଣ୍ୟ ।

**ଅଧମ କବି** ***ବି.*** ଅନ୍ୟ କବିମାନଙ୍କର ନିନ୍ଦାଗାନ କରୁଥିବା ଲେଖକ ।

**ଅଧମ କାବ୍ୟ** ***ବି.*** ୧. ବ୍ୟଂଗ୍ୟାର୍ଥ ନଥିବା ରଚନା ୨. ଚିତ୍ରକାବ୍ୟ ।

**ଅଧମର୍ଣ୍ଣ** ***ବି.*** ଋଣୀ, ଖାତକ, କରଜଦାର, ଋଣଗ୍ରସ୍ତ ।

**ଅଧମରା** ***ବିଂ.*** ଆଘାତ ପାଇ ଦୁର୍ବଳ ହୋଇ ପଡ଼ିଥିବା, ଦରମରା ।

**ଅଧମାଙ୍ଗ** ***ବି.*** ୧. ଶରୀରର ଅଣ୍ଟା ତଳକୁ ଥିବା ଅଙ୍ଗ ୨. ମୁଣ୍ଡ ବ୍ୟତୀତ ଶରୀରର ଅନ୍ୟ ଅଂଶ ।

**ଅଧମାଧମ** ***ବିଂ.*** ଅତି ସାମାନ୍ୟ, ଅତି ନୀଚ, ଅତି ସାଧାରଣ ।

**ଅଧମା ନାୟିକା** ***ବି.*** ଯେଉଁ ନାରୀ ଆପଣାର ପ୍ରିୟତମ ବା ହିତକାରୀମାନଙ୍କୁ ଖରାପ ବ୍ୟବହାର କରେ, ନୀଚନାରୀ ।

**ଅଧର୍ମ** ***ବି.*** ୧. ପାପ ୨. ଅନୁଚିତ କର୍ମ ୩. ଅନୀତି ।

**ଅଧର୍ମବିତ୍ତ** ***ବିଂ.*** ଅସଦ୍ ଉପାୟରେ ଅର୍ଜିତ ସଂପତ୍ତି ।

**ଅଧର୍ମାଚାରୀ** ***ବିଂ.*** ଅନ୍ୟାୟ ଆଚରଣ କରୁଥିବା ବା ଅସତ୍ କାର୍ଯ୍ୟ କରୁଥିବା ।

**ଅଧର୍ମୀ** ***ବିଂ.*** ୧. ଅନ୍ୟାୟକାରୀ ୨. ଧର୍ମବିରୋଧୀ ।

**ଅଧର** ***ବି.*** ଓଠର ତଳ ଭାଗ ।

**ଅଧରପଣା** ***ବି.*** ବାହୁଡ଼ାଯାତ୍ରା ଶେଷରେ ରଥ ଉପରେ ଦିଅଁମାନଙ୍କୁ ଭୋଗ ଲଗାଯାଉଥିବା ଛେନା ଓ ପାଚିଲା କଦଳୀ ଆଦି ପଦାର୍ଥରେ ପ୍ରସ୍ତୁତ ଏକ ପ୍ରକାରର ବିଶେଷ ପାନୀୟ ବା ପଣା ।

**ଅଧରମ** ***ବି.*** ଅଧର୍ମ, ଅନ୍ୟାୟ, ପାପ, ଅନୁଚିତ କାର୍ଯ୍ୟ ।

**ଅଧରମିଆ** ***ବି.*** ଧର୍ମକାର୍ଯ୍ୟ କରୁନଥିବା ।

**ଅଧରାତିଆ** ***ବିଂ.*** ୧. କୌଣସି କାର୍ଯ୍ୟ ଅଧାରାତିରେ କରିବା ଯାହାର ଅଭ୍ୟାସ ୨. ଅଧରାତିରେ ଆସି ଉପସ୍ଥିତ ହେବା ।

**ଅଧରାମୃତ** ***ବି.*** ୧. ଗୁରୁଜନ ବା ଦୀକ୍ଷାଗୁରୁଙ୍କ ଉଚ୍ଛିଷ୍ଟ ୨. ଚୁମ୍ବନ ୩. ମୁଖନିଃସୃତ ବାଣୀ।

**ଅଧରି ଯିବା** ***କ୍ରି.*** ତଳକୁ ଖସରି ଆସିବା ।

**ଅଧରୋଷ୍ଠ** ***ବି.*** (ପାଟିର) ଓଠ ଓ ଅଧର ।

**ଅଧସେର** ***ବିଂ.*** ସେରର ଅଧା, ଦୁଇପାଆ ।

**ଅଧସ୍ତନ** ***ବିଂ.*** ଅଧୀନ, ନିମ୍ନସ୍ଥ, ତଳୁଆ ।

**ଅଧା** ***ବି. ବିଂ.*** ଅର୍ଦ୍ଧ, କୌଣସି ପଦାର୍ଥ ବା କ୍ଷେତ୍ରର ଦୁଇଭାଗରୁ ଏକ ଭାଗ ।

**ଅଧାଅଧା** ***ବି.*** କୌଣସି ପଦାର୍ଥର ସମାନ ଦୁଇଭାଗ ।

**ଅଧାଅଧି** ***ବିଂ.*** ପ୍ରାୟତଃ ଅଧା, ପାଖାପାଖି ।

**ଅଧାଉମର** ***ବି.*** ଅଧାବୟସ, ଯୁବାକାଳ ।

**ଅଧାକପାଳି** ***ବି.*** କପାଳର ଡାହାଣ କିମ୍ବା ବାମପାଖ ।

**ଅଧାକପାଳି ଗୁଆ** ***ବି.*** ଯେଉଁ ଗୁଆର ଗୋଟିଏ ପାଖ ଚେପଟା ହୋଇଥାଏ ।

**ଅଧାକାଣ୍ଡିଆ** ***ବିଂ.*** ଭଲ ଭାବେ ସଫା କରାହୋଇନଥିବା ଚାଉଳ, ଦରକାଣ୍ଡିଆ ।

**ଅଧାକାନ୍ଥ** ***ବି.*** ଅଳ୍ପ ଉଚ୍ଚକାନ୍ଥ, ପାରାପେଟ୍ ।

**ଅଧାଗଢ଼ା** ***ବିଂ.*** ଖଣ୍ଡିଆ, ଅସମ୍ପୂର୍ଣ୍ଣ ।

**ଅଧାଟିଆ** ***ବିଂ.*** ୧. ଅଧା ପାଚିଥିବା, ଦରପଚା, ବନିଲା ୨. ଦରପନ୍ତରା ।

**ଅଧାଡ଼ିଆ** ***ବିଂ.*** ଅପାଠୁଆ, ଅସାମାଜିକ, ଅଭଦ୍ର ।

**ଅଧାଡୁଆ** ***ବିଂ.*** ୧. ସମ୍ପୂର୍ଣ୍ଣ ପାକଳ ହୋଇନଥିବା ( ନଡ଼ିଆ ) ୨. ହଡା ହୋଇନଥିବା ବଳଦ ୩. ଦରବୁଢ଼ୀ, ମଧ୍ୟବୟସ୍କ ।

**ଅଧାପନ୍ତରିଆ** ***ବି.*** ଅସମ୍ପୂର୍ଣ୍ଣ, ଦରପନ୍ତରିଆ, ଅସମାପ୍ତ ।

**ଅଧାପାଠୁଆ** ***ବିଂ.*** ୧. ଦରପାଠୁଆ ୨. ଯେ ପାଠପଢ଼ା ଶେଷ ନ କରି ସ୍କୁଲ ଛାଡ଼ିଥାଏ ।

**ଅଧାପ୍ରାଣ** ***ବିଂ.*** ଅଧାମରା, ଅତିଶୟ କ୍ଳାନ୍ତ, ଅତି ଦୁର୍ବଳ ।

**ଅଧାବୟସ** ***ବି.*** ଦରବୁଢ଼ା, ପ୍ରୌଢ଼ାବସ୍ଥା ।

**ଅଧାମ** ***ବି.*** ସିଝାକ୍ଷୀରର ଅତି ଗାଢ଼ ଅବସ୍ଥା, ରାବିଡ଼ି ।

**ଅଧାର** ***ବି.*** ଖାଦ୍ୟ, ଆହାର ।

**ଅଧାର୍ତାବନ୍ଧା** ***ବିଂ.*** ଯିଏ କାହାଠାରୁ ଋଣ କରିନାହିଁ, ଅଋଣୀ ।

**ଅଧାସରି** ***ବିଂ.*** ପ୍ରାୟ ଅଧା ଶେଷ ହୋଇଥିବା ୨. ଅଧାପର୍ଯ୍ୟନ୍ତ ପଶିଥିବା ।

**ଅଧିଆ** ***ବି.*** ମନସ୍କାମନା ପୂର୍ଣ୍ଣ ପାଇଁ କୌଣସି ଦେବତାଙ୍କ ପାଖରେ ଉପବାସରେ ରହି ପ୍ରାର୍ଥନା କରିବା ।

**ଅଧିକ, ଅଧିକା** ***ବିଂ.*** ଆବଶ୍ୟକଠାରୁ ବେଶି, ଅତିରିକ୍ତ ।

**ଅଧିକନ୍ତୁ** ***ଅ.*** ୧. ପୁନଶ୍ଚ ୨. ଆବଶ୍ୟକାତାଠାରୁ ଆହୁରି ଅଧିକ ।

**ଅଧିକ ପ୍ରସଙ୍ଗ** ***ବି.*** ଆବଶ୍ୟକତା ବା ଅଧିକାର ନ ଥାଇ କଥା କହିବା ବା କାର୍ଯ୍ୟ କରିବା ।

**ଅଧିକରଣ** ***ବି.*** ୧. ବ୍ୟାକରଣରେ ସପ୍ତମୀବିଭକ୍ତି ସୂଚକ କାରକ ୨. ଦଖଲ କରିବା, ପ୍ରଭୁତ୍ୱ ।

**ଅଧିକାଂଶ** ***ବି.*** ଅଧାରୁ ଅଧିକ ପରିମାଣବିଶିଷ୍ଟ, ବେଶିଭାଗ ।

**ଅଧିକାର** ***ବି.*** ୧. କ୍ଷମତା ବା କର୍ତ୍ତୃତ୍ୱ ପ୍ରୟୋଗ, ଦଖଲ, ଅନ୍ୟକୁ ଅଧୀନସ୍ଥ କରିବା ୨. ଯୋଗ୍ୟତା, ସ୍ୱାମିତ୍ୱ ।

**ଅଧିକାରୀ** ***ବି.*** ୧. ଯୋଗ୍ୟମାଲିକ ୨. ଦଖଲଦାର ୩. ଅଫିସର ୪. ହକ୍‌ଦାର ।

**ଅଧିକୃତ** ***ବିଂ.*** ୧. ଆୟତ୍ତ ୨. କ୍ଷମତା ବା ବୁଦ୍ଧିଦ୍ୱାରା ଲବ୍ଧ ୩. ଦଖଲ କରାଯାଇଥିବା ।

**ଅଧିକ୍ରମ** ***ବି.*** ୧. ଚଢ଼ାଉ ୨. ଆକ୍ରମଣ ୩. ଆରୋହଣ ।

**ଅଧିଗତ** ***ବିଂ.*** ୧. ଆୟ କରିଥିବା, ଉପାର୍ଜିତ ୨. ସ୍ୱୀକୃତ ।

**ଅଧିଗମ** ***ବି.*** ଲାଭ, ଉପାର୍ଜନ, ପ୍ରାପ୍ତି ।

**ଅଧିଗମ୍ୟ** ***ବିଂ.*** ଯାହା ସାଧନ ବା ଭେଦ କରାଯାଇପାରେ ।

**ଅଧିଗ୍ରହଣ** ***ବି.*** ସରକାରୀ କାର୍ଯ୍ୟ ବା ଯୋଜନା ନିମନ୍ତେ ଲୋକଙ୍କ ଅଧିକାରରେ ଥିବା ଜମିର ବିଧିବଦ୍ଧ ଗ୍ରହଣ ।

**ଅଧିଜିହ୍ୱା** ***ବି.*** ଘଣ୍ଟିକା, କଣ୍ଠପାଖର ଛୋଟଜିଭ ।

**ଅଧିତ୍ୟକା** ***ବି.*** ପାହାଡ ବା ପର୍ବତର ଉପରେ ଥିବା ବିସ୍ତୀର୍ଣ୍ଣ ସମତଳଭୂମି ।

**ଅଧିଦେବ** ***ବି.*** ୧. କୁଳଦେବତା ୨. ଗ୍ରାମର ଇଷ୍ଟଦେବ ।

**ଅଧିନାୟକ** ***ବି.*** ଅଧ୍ୟକ୍ଷ, ଏକ ଦଳ ବା ଗୋଷ୍ଠୀର ନେତୃତ୍ୱ ନେଉଥିବା ବ୍ୟକ୍ତି , ପରିଚାଳକ, ମୁଖ୍ୟ ସଞ୍ଚାଳକ, କ୍ୟାପ୍‌ଟେନ୍ ।

**ଅଧିନିୟମ** ***ବି.*** ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ପ୍ରସ୍ତୁତ ନିୟମାବଳୀ ।

**ଅଧିପତି** ***ବି.*** ୧. ସମସ୍ତଙ୍କ ମଧ୍ୟରେ ଶ୍ରେଷ୍ଠ ୨. ସ୍ୱାମୀ, ପ୍ରଭୁ ୩. ଅଧିକାରୀ, ସର୍ବୋଚ୍ଚ କର୍ତ୍ତା ।

**ଅଧିବର୍ଷ** ***ବି.*** ୧. ମଳମାସଯୁକ୍ତ ବର୍ଷ ୨. ଲିପ୍ ଇଅର ।

**ଅଧିବାସ** ***ବି.*** ଅଷ୍ଟପ୍ରହରୀ, ପୂଜାପାର୍ବଣ ଓ ବିବାହବ୍ରତ ଆଦି ମାଙ୍ଗଳିକ କାର୍ଯ୍ୟ ସଂପାଦନ ପୂର୍ବରୁ କରାଯାଉଥିବା ସଂକଳ୍ପମୂଳକ ଶୁଭାରମ୍ଭ ।

**ଅଧିବାସୀ** ***ବି.*** କୌଣସି ନିର୍ଦ୍ଦିଷ୍ଟ ସ୍ଥାନରେ ବାସ କରୁଥିବା ବ୍ୟକ୍ତି ବା ଗୋଷ୍ଠୀ, ବାସିନ୍ଦା ।

**ଅଧିବିଦ୍ୟା** ***ବି.*** ୧. ଆଇନ ଶାସ୍ତ୍ର ୨. ଆଧ୍ୟାତ୍ମିକ ଜ୍ଞାନ ।

**ଅଧିବେଶନ** ***ବି.*** କୌଣସି ଅନୁଷ୍ଠାନର ବୈଠକ ବା ସମ୍ମେଳନ ।

**ଅଧିଷ୍ଠାତା** ***ବିଂ.*** ଅଧିକାରୀ, ଅଧିକାରିଣୀ; ***ବି.*** **ଅନୁଷ୍ଠାନ, ସଂସ୍ଥା ପ୍ରଭୃତିର** ପ୍ରତିଷ୍ଠାତା ।

**ଅଧିଷ୍ଠାନ** ***ବି.*** ୧. ଆବିର୍ଭାବ, ଉପସ୍ଥିତି ୨. ଉପବେଶନ ବା ସଂସ୍ଥାପନ, ପ୍ରତିଷ୍ଠାନ ।

**ଅଧିଷ୍ଠିତ** ***ବିଂ.*** ଅବସ୍ଥିତ, ସ୍ଥାପିତ, ବିରାଜିତ ।

**ଅଧୀତ** ***ବିଂ.*** ୧. ପଠିତ, ପଢ଼ାଯାଇଥିବା ୨. ସାଧିଥିବା ।

**ଅଧୀତବିଦ୍ୟ** ***ବି. ବିଂ.*** କୃତବିଦ୍ୟ, ବହୁ ବିଦ୍ୟା ଅର୍ଜନ କରିଥିବା, ବେଦବିତ୍ ।

**ଅଧୀନ** ***ବି.ବିଂ.*** ୧. ଅନୁଗତ, ଶାସନ/ଶ୍ରଦ୍ଧା ଅନ୍ତର୍ଗତ, ଅନୁଶାସିତ, ଆୟତ୍ତ ।

**ଅଧୀର** ***ବିଂ.*** ୧. ଚଞ୍ଚଳ ୨. ଧୈର୍ଯ୍ୟହୀନ ୩. ବିଚଳିତ, ବିବ୍ରତ ।

**ଅଧୀରତା** ***ବି.*** ବ୍ୟସ୍ତତା, ଅସ୍ଥିର ମାନସିକତା ।

**ଅଧୀରା** ***ବିଂ.*** ବିଚଳିତା, ଚଞ୍ଚଳା ।

**ଅଧୀଶ, ଅଧୀଶ୍ୱର** ***ବି.*** ୧. କର୍ତ୍ତା, ପ୍ରଭୁ, ସ୍ୱାମୀ ୨. ସମ୍ରାଟ, ମହାରାଜ, ଅଧିପତି ।

**ଅଧୀକ୍ଷକ** ***ବି.*** ୧. ଆୟବ୍ୟୟ ଓ ହିସାବପତ୍ରର ତଦାରଖକାରୀ, ସମୀକ୍ଷକ ୨. ପରୀକ୍ଷା ନିରୀକ୍ଷଣ ବା ପରିଚାଳନା ଅଧିକାରୀ ।

**ଅଧୁଆ** ***ବିଂ.*** ଧୁଆ ହୋଇନଥିବା, ଅଗାଧୁଆ, ଅଶୌଚ ।

**ଅଧୁଆମୁହାଁ** ***ବିଂ.*** ୧. ଶେଯରୁ ଉଠି ମୁହଁ ଧୋଇ ନ ଥିବା ୨. ଅଶୁଭକର ।

**ଅଧୁନା** ***ଅ.*** ଆଜିକାଲି, ସଂପ୍ରତି, ଏବେ ।

**ଅଧୁନାତନ** ***ବିଂ.*** ଅତ୍ୟାଧୁନିକ ।

**ଅଧେ** ***ବିଂ.*** ଅଧା ପରିମାଣ ।

**ଅଧୋଗତି** ***ବି.*** ତଳକୁ ଖସିଯିବା, ଦୁର୍ଦ୍ଦଶା, ଖରାପ ଅବସ୍ଥା, ଅବନତି ।

**ଅଧୋଗାମୀ** ***ବିଂ.*** ନିମ୍ନଗାମୀ, ତଳକୁ ଗତି କରୁଥିବା ବା ତଳକୁ ଖସୁଥିବା ।

**ଅଧୋପତନ** ***ବି.*** **ଅଧଃପତନ ।**

**ଅଧୋବାୟୁ** ***ବି.*** ଅପାନ ପବନ, ଗୁହ୍ୟଦ୍ୱାରରୁ ନିର୍ଗତ ପବନ, ପାଦ଼ ।

**ଅଧୋମୁଖ** ***ବିଂ.*** ତଳକୁ ମୁହଁ ପୋତିଥିବା ବା ତଳକୁ ଚାହିଁଥିବା, ନତମୁଖ ।

**ଅଧ୍ୟବସାୟ** ***ବି.*** ଗଭୀର ନିଷ୍ଠାର ସହିତ ପରିଶ୍ରମ, ସଶ୍ରଦ୍ଧ ପ୍ରୟାସ ବା ପ୍ରଚେଷ୍ଟା, କାର୍ଯ୍ୟ ହାସଲ ପାଇଁ ନିରନ୍ତର ସାଧନା ।

**ଅଧ୍ୟବସାୟୀ** ***ବିଂ.*** ସାଧନାନିଷ୍ଠ, ମନନଶୀଳ ।

**ଅଧ୍ୟୟନ** ***ବି.*** ୧. ପଠନ ୨. ଅନୁଶୀଳନ ୩. ବ୍ୟାଖ୍ୟା ୪. ପର୍ଯ୍ୟବେକ୍ଷଣ ।

**ଅଧ୍ୟକ୍ଷ** ***ବି.*** ୧. କୌଣସି ଅନୁଷ୍ଠାନର ସର୍ବୋଚ୍ଚ କର୍ତ୍ତା ୨. ପ୍ରଧାନ ପରିଚାଳକ, ସଭାପତି ୩. ଚେୟାରମ୍ୟାନ, ପ୍ରିନ୍‌ସପାଲ, ପ୍ରେସିଡେଣ୍ଟ, ଚେୟାର୍‌ପର୍ସନ ଆଦି କାର୍ଯ୍ୟ ବା ପଦବୀ ।

**ଅଧ୍ୟକ୍ଷତା** *ବି.* ସଭାପତିତ୍ୱ, ଅଧିନାୟକତ୍ୱ ।

**ଅଧ୍ୟା** *ବି.* ଅଧିଆ ।

**ଅଧ୍ୟାତ୍ମ** *ବିଂ.* ଆତ୍ମା ଓ ପରମାତ୍ମା ବିଷୟକ ।

**ଅଧ୍ୟାତ୍ମତତ୍ତ୍ୱ** *ବି.* ଆତ୍ମା ଓ ପରମାତ୍ମା ସଂପର୍କୀୟ ବିଦ୍ୟା ବା ବିଚାର ।

**ଅଧ୍ୟାତ୍ମତତ୍ତ୍ୱବିତ୍** *ବିଂ.* ଆତ୍ମା ପରମାତ୍ମା ତତ୍ତ୍ୱ ଅବଗାହୀ, ଆତ୍ମା ସମ୍ବନ୍ଧିତ ବିଦ୍ୟାର ବିଶ୍ଳେଷକ ।

**ଅଧ୍ୟାତ୍ମବାଦୀ** *ବିଂ.* ସାତ୍ତ୍ୱିକ ଭାବସମ୍ପନ୍ନ ।

**ଅଧ୍ୟାଦେଶ** *ବି.* ଶାସନ ସଂକ୍ରାନ୍ତ କୌଣସି ପ୍ରସ୍ତାବ ଆଇନ ବା ବିଧିରେ ପରିଣତ ହେବା ପୂର୍ବରୁ ଜାରି କରାଯାଇଥିବା ଆଦେଶ, ମଧ୍ୟବର୍ତ୍ତୀକାଳୀନ ଆଦେଶ ବା ନିର୍ଦ୍ଦେଶ, ଅର୍ଡିନାନ୍ସ ।

**ଅଧ୍ୟାପକ** *ବି.* ୧. ଶିକ୍ଷକ, ଆଚାର୍ଯ୍ୟ, ଗୁରୁ ୨. ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ପ୍ରଭୃତିରେ ଶିକ୍ଷକ ।

**ଅଧ୍ୟାପନା** *ବି.* ଶିକ୍ଷାଦାନ, ପାଠପଢ଼ାଇବା, ବିଦ୍ୟା ସଂକ୍ରାନ୍ତ ଚର୍ଚ୍ଚା ।

**ଅଧ୍ୟାପିକା** *ବି.* ଶିକ୍ଷିକା, ଶିକ୍ଷୟିତ୍ରୀ, ଶିକ୍ଷାଦାତ୍ରୀ ।

**ଅଧ୍ୟାୟ** *ବି.* ୧. ଏକ ଗ୍ରନ୍ଥର ବିଭିନ୍ନ ପରିଚ୍ଛେଦ, ସର୍ଗ, ଛାନ୍ଦ, ପଟଳ ୨. ପର୍ଯ୍ୟାୟ ।

**ଅଧ୍ୟାୟୀ** *ବିଂ. ବି.* ଅଧ୍ୟୟନକାରୀ, ଛାତ୍ର, ଶିଷ୍ୟ ।

**ଅଧ୍ୟାସ** *ବି.* ୧. କୌଣସି ଏକ ବସ୍ତୁ ବା ପଦାର୍ଥରେ ଅନ୍ୟ ବସ୍ତୁର ଗୁଣର ଆରୋପଣ, ଏକ ବସ୍ତୁରେ ଅନ୍ୟ ବସ୍ତୁର କଳ୍ପନା ୨. ଗଭୀର ଅନୁଶୀଳନ ୩. ବସିବା ।

**ଅଧ୍ୟୁଷିତ** *ବିଂ.* ଯେଉଁଠି ବାସ କରାଯାଇଥାଏ, ଅଧିଷ୍ଠିତ ।

**ଅଧ୍ରୁବ** *ବିଂ.* ୧. ଅସତ୍ୟ, ଅନିଶ୍ଚିତ ୨. କ୍ଷଣସ୍ଥାୟୀ, ନଶ୍ୱର ।

**ଅନ୍‌କୁଳିଆ** *ବି. ବିଂ.* ଯାହାର କୁଳଗୋତ୍ର ଜଣାନଥାଏ ।

**ଅନ୍‌ଜାତିଆ** *ବିଂ.* ଅଜାତିଆ ।

**ଅନ୍‌ମୁନ୍‌ସିଆ** *ବିଂ.* ଅମାନବିକ, ଅମଣିଷପଣିଆ , ମଣିଷର ସ୍ୱଭାବ ନଥାଇ, ଅଣପୁରୁଷା ।

**ଅନ୍‌ପଢ଼୍** *ବିଂ.* ଅପାଠୁଆ, ମୂର୍ଖ ।

**ଅନ୍‌ସରା** *ବିଂ.* ଅନ୍ୟ ଉପରେ ନିର୍ଭରଶୀଳ,ଉପସର୍ଗ।

**ଅନ, ଅଣ** *ବି.* ତରକାରୀର ଝୋଳ ।

**ଅନଉତି, ଅନହୁତି** *ଅ.* ହଠାତ୍, ଆକସ୍ମିକ ଭାବରେ ।

**ଅନଙ୍ଗ** *ବି.* କନ୍ଦର୍ପ, କାମଦେବ, ପ୍ରେମ ଓ କାମଭାବର ଦେବତା ।

**ଅନଗ୍ରସର** *ବିଂ.* ପଛୁଆ, ଅନୁନ୍ନତ, ଅବିକଶିତ ।

**ଅନଟନ** *ବି.* ଅଭାବ, ନିଅଣ୍ଟ, ଡିରୋଟ ।

**ଅନତିକ୍ରମ୍ୟ** *ବିଂ.* ଯାହାର ଅତିକ୍ରମଣ ଅସମ୍ଭବ, ଯାହାକୁ ଟପିପାଇ ହୁଏନାହିଁ ।

**ଅନତିଦୀର୍ଘ** *ବିଂ.* ଅଳ୍ପ ଦୂରତାବିଶିଷ୍ଟ, ଅଳ୍ପଲମ୍ବା, ନାତିଦୀର୍ଘ ।

**ଅନଧିକ** *ବିଂ.* ଅଳ୍ପ, ସ୍ୱଳ୍ପ ।

**ଅନଧିକାର ଚର୍ଚ୍ଚା** *ବି.* ଅଧିକାର ବା ଅଭିଜ୍ଞତା ନ ଥିବା ବିଷୟରେ ଆଲୋଚନା, ଅବାଞ୍ଛିତ ହସ୍ତକ୍ଷେପ ।

**ଅନଧିକାର ପ୍ରବେଶ** *ବି.* ବିନାନୁମତିରେ ଭିତରକୁ ଯିବା ।

**ଅନଧିକୃତ** *ବିଂ.* ୧. ଅଧିକାର ନ ଥାଇ ୨. ଯାହା ଦଖଲ କରାଯାଇନାହିଁ ।

**ଅନଧିଗତ** *ବି.* ୧. ଯାହା ଲାଭ କରାଯାଇନାହିଁ, ଅଜ୍ଞାତ, ଅବିଦିତ ।

**ଅନନୁକରଣୀୟ** *ବିଂ.* ଯାହାର ଅନୁକରଣ ଅସମ୍ଭବ, ଯାହାକୁ କେହି ଅନୁକରଣ କରି ନପାରେ ।

**ଅନନୁଜ୍ଞାତ** *ବିଂ.* ୧. ଯାହା ପାଇଁ ଅନୁମତି ମିଳି ନଥାଏ ୨. ଅସ୍ୱୀକୃତ ।

**ଅନନୁପାତ, ଅନନୁପାତିକତା** *ବି.* ଏକ ରାଶି ସହିତ ଅନ୍ୟ ଏକ ରାଶିର ବିଷମ ସମ୍ବନ୍ଧ ।

**ଅନନୁଭୂତ** *ବିଂ.* ଯାହା ଅନୁଭବରେ ଆସିନାହିଁ ।

**ଅନନୁମିତ** *ବିଂ.* ଅନୁମାନ ବା କଳ୍ପନାରେ ଆସିନଥିବା ।

**ଅନନୁମେୟ** *ବିଂ.* ଯାହା ଅନୁମାନ ବା କଳ୍ପନାର ଅତୀତ, ଅକଳ୍ପିତ, ଅଭାବିତ ।

**ଅନନୁରୂପ** *ବିଂ.* ଯାହା ଭଳି ଆଉ କେହି ବା କିଛି ନାହିଁ, ଅପ୍ରତିମ ।

**ଅନନ୍ତ** *ବିଂ.* ୧. ଶେଷହୀନ, ଚିର, ଅସୀମ ୨. ଅକ୍ଷୟ ।

**ଅନନ୍ତ କାଳ** *ବି.* କାଳାତୀତ, ଅଶେଷ କାଳ ।

**ଅନନ୍ତବ୍ରତ** *ବି.* ଭାଦ୍ରବ ମାସ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀରେ ନାଗପୂଜା ସଂକ୍ରାନ୍ତ ବ୍ରତ ।

**ଅନନ୍ତର** *ଅ.* ଏହାପରେ, ଏଥି ଉତ୍ତାରେ ।

**ଅନନ୍ତଶଯ୍ୟା** *ବି.* ପ୍ରଳୟ କାଳରେ ବିଷ୍ଣୁଙ୍କ ଯୋଗନିଦ୍ରା ।

**ଅନନ୍ତଶୟନ** *ବି.* ପୁରାଣୋକ୍ତ ଅନନ୍ତ ନାଗ ଉପରେ ବିଷ୍ଣୁଙ୍କର ଶୟନ ।

**ଅନନ୍ତା** *ବି.* ହୁଣ୍ଡା, ନିଷ୍କର୍ମା ।

**ଅନନ୍ୟ** *ବିଂ.* ଅତୁଳନୀୟ, ଏକକ, ଅଦ୍ୱିତୀୟ, ସ୍ୱୟଂସଂପୂର୍ଣ୍ଣ ।

**ଅନନ୍ୟଗତି** *ବିଂ.* ୧. ଉପାୟହୀନ ୨. ନାଚାର ୩. ଯାହାର ଅନ୍ୟ ପନ୍ଥା ନଥାଏ ।

**ଅନନ୍ୟସାଧାରଣ** *ବିଂ.* ଅସାଧାରଣ, ଅଲୌକିକ ଶକ୍ତିସମ୍ପନ୍ନ ।

**ଅନନ୍ୟୋପାୟ** *ବିଂ.* ଅନ୍ୟ ଉପାୟ ନ ଥିବା, ଉପାୟଶୂନ୍ୟ ।

**ଅନପଚୟ** *ବିଂ.* ୧. ଯାହାର ବିନାଶ ସମ୍ଭବ ନୁହେଁ ୨. ଅବ୍ୟୟ, ଖର୍ଚ୍ଚ ହୋଇନଥବା ।

**ଅନପରାଧ** *ବି.* ଦୋଷହୀନତା, ଅପରାଧହୀନତା ।

**ଅନପରାଧୀ** *ବିଂ.* ୧. ଅପରାଧମୁକ୍ତ ୨. ଅପାପୀ, ଧାର୍ମିକ ୩. ସତ୍‌କର୍ମକାରୀ ।

**ଅନବଚ୍ଛିନ୍ନ** *ବିଂ.* ଧାରାବାହିକ, ଅବିଶ୍ରାନ୍ତ, କ୍ରମାଗତ ।

**ଅନବଦ୍ୟ** *ବିଂ.* ୧. ପ୍ରଶଂସନୀୟ ୨. ସ୍ୱତନ୍ତ୍ର ୩. ଅନିନ୍ଦ୍ୟ ୪. ଦୋଷରହିତ ।

**ଅନବଧାନ** *ବିଂ.* ଅମନଯୋଗୀ, ଅସାବଧାନ ।

**ଅନବଧାରିତ** *ବିଂ.* ଯାହା ସଂପର୍କରେ ନିର୍ଦ୍ଦିଷ୍ଟ ଅନୁମାନ ବା ଧାରଣା ଅସମ୍ଭବ ।

**ଅନବରତ** *ବିଂ.କ୍ରି ବିଂ.* ସବୁସମୟ, ଅବିଶ୍ରାନ୍ତ, ବିରାମହୀନ, ସତତ ।

**ଅନବସର** *ବି.* ୧. ବିଶ୍ରାମର ଅଭାବ ୨. ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଅଣସର ସମୟ-ସ୍ନାନପୂର୍ଣ୍ଣିମା ଠାରୁ ନେତ୍ରୋତ୍ସବ ପର୍ଯ୍ୟନ୍ତ ସମୟ ।

**ଅନବହିତ** *ବିଂ.* ମନ ଦେଉନଥିବା, ଖାମଖିଆଲି, ଅମନୋଯୋଗୀ ।

**ଅନଭିଜାତ** *ବି.* ୧. ସାଧାରଣ ୨. ନୀଚବଂଶଜ ୩. ଆଭିଜାତ୍ୟ ନଥିବା ।

**ଅନଭିଜ୍ଞ** *ବିଂ.* ୧. ଅନିପୁଣ, ଅଜ୍ଞ ୨. ଅନୁଭୂତିଜନିତ ଜ୍ଞାନର ଅଭାବଥିବା ।

**ଅନଭିପ୍ରେତ** *ବିଂ.* ୧. ଯାହା ବାଞ୍ଛିତ ବା ଉଦ୍ଦିଷ୍ଟ ନୁହେଁ, ଅବାଞ୍ଛିତ ୨. ଅନୁଦ୍ଦିଷ୍ଟ ।

**ଅନଭିବ୍ୟକ୍ତ** *ବିଂ.* ଯାହା କୁହାଯାଇ ନାହିଁ, ପ୍ରଚ୍ଛନ୍ନ ।

**ଅନଭ୍ୟସ୍ତ** *ବିଂ.* କାର୍ଯ୍ୟ ସଂପାଦନରେ ଅନିପୁଣ, କାମ କରିବାରେ ଅଭିଜ୍ଞତା ନ ଥିବା ।

**ଅନମ୍ବର** *ବିଂ.* ଆକାଶ, ମହାଶୂନ୍ୟ,ଗଗନ ।

**ଅନରାରି** *ବିଂ.* ଅବୈତନିକ, କାର୍ଯ୍ୟ ପାଇଁ ବେତନ ବା ପାରିତୋଷିକ ପାଉ ନ ଥିବା ।

**ଅନର୍ଗଳ** *ବିଂ.* ଅବାଧ, ବିରାମହୀନ, ନିର୍ବିରୋଧ, ଅଟକି ନ ଯାଇ, ଝୁଣ୍ଟି ନ ପଡ଼ି ।

**ଅନର୍ଗଳା** *ବିଂ.* ଅତିଦ୍ରୁତ, ବଳିଷ୍ଠ, ଅବାଧ ।

**ଅନର୍ଥ** *ବି.* ୧. ଯାହା ପ୍ରକୃତ ଅର୍ଥ ନୁହେଁ ୨. ଅମଙ୍ଗଳ, ଅଶୁଭ ୩. କଳହ, ଦ୍ୱନ୍ଦ୍ୱ ; *ବିଂ.* ଅନର୍ଥକ ।

**ଅନର୍ଯ୍ୟାପ** *ବିଂ.* ବହୁତ, ଅଗଣିତ ।

**ଅନଳ** *ବି.* ନିଆଁ, ଅଗ୍ନି ।

**ଅନଳନଳ** *ଅ.* ଅନିୟମିତ ଭାବରେ, ଭଲମନ୍ଦ ସବୁକୁ ନିର୍ବିଚାରରେ ମିଶାଇବା ।

**ଅନଶନ** *ବି.* ଉପବାସ, ଅନାହାର ।

**ଅନଶନ କରିବା** *କ୍ରି.* କାର୍ଯ୍ୟ ବା ଦାବି ହାସଲପାଇଁ ଉପବାସ ରହି ପ୍ରତିବାଦ କରିବା ।

**ଅନସୂୟା** *ବି.ବିଂ.* ଈର୍ଷା/ଘୃଣାଭାବହୀନ, ପବିତ୍ରହୃଦୟ ।

**ଅନସ୍ୱୀକାର୍ଯ୍ୟ** *ବିଂ.* ସ୍ୱୀକାର୍ଯ୍ୟ, ଗ୍ରହଣୀୟ ।

**ଅନା** *କ୍ରି.* ଚାହାଁ, ଅନାଇବା, ଚାହିଁବା; *ବି.* ୧. ଛୋଟ ଓ ସରୁ ପାଣିନାଳୀ ୩. ଅନି, ଭଣି ୪. ପଶୁଙ୍କର ପଦ୍ମ ୫. ଚାହାଁଣି ।

**ଅନାଅନି** *ବି.* ପରସ୍ପରକୁ ଚାହିଁବା ବା ଦେଖିବା ।

**ଅନାଇବା** *କ୍ରି.* ଚାହିଁବା, ଦେଖିବା ।

**ଅନାଗତ** *ବିଂ.* ୧. ଭବିଷ୍ୟତ, ଆସି ନ ଥିବା, ଆଗାମୀ ୨. ଅନୁପସ୍ଥିତ, ଅପ୍ରାପ୍ତ ।

**ଅନାଘ୍ରାତ** *ବିଂ.* ଯାହା ଶୁଙ୍ଘାଯାଇନାହିଁ ।

**ଅନାଚାର** *ବି.* ଖରାପ ଆଚରଣ, ଅମାର୍ଜିତ ଜୀବନଚର୍ଯ୍ୟା, ମନ୍ଦ ଆଚାର, ଅନିୟମ ।

**ଅନାଚାରୀ** *ବିଂ.* ଆଚାରହୀନ, ବିଧର୍ମୀ, ବିଶୃଙ୍ଖଳ ।

**ଅନାଜ** *ବି.* ଖାଦ୍ୟଶସ୍ୟ ।

**ଅନାଜ୍ଞାତ** *ବିଂ.* ଯାହା ଜଣାଯାଇନାହିଁ, ଅଜ୍ଞାତ ।

**ଅନାଡ଼ି** *ବିଂ.* ୧. ଅଯୋଗ୍ୟ, ନିର୍ବୋଧ, ଓଲୁ, ଅନଭିଜ୍ଞ ୨. ଅନାର୍ଯ୍ୟ ।

**ଅନାତ୍ମୀୟ** *ବିଂ.* ୧. ପର, ବିପକ୍ଷ, ବିଦ୍ୱେଷୀ, ନିଜ ବଂଶର ହୋଇନଥିବା ।

**ଅନାଥ** *ବିଂ.* ପ୍ରଭୁହୀନ, ସହାୟହୀନ, ନିରାଶ୍ରୟ ।

**ଅନାଥା, ଅନାଥିନୀ** *ବିଂ.* ୧. ଆଶ୍ରୟହୀନ ୨. ସ୍ୱାମୀହୀନା ୩. ଅନ୍ୟ ଉପରେ ନିର୍ଭରଶୀଳା ।

**ଅନାଥାଳୟ** *ବି.* ଅନାଥ ପିଲାମାନେ ରହୁଥିବା ଘର ।

**ଅନାଦର** *ବି.* ଅଶ୍ରଦ୍ଧା, ଅବଜ୍ଞା, ଅଯତ୍ନ, ଅବହେଳା, ଉପେକ୍ଷା ।

**ଅନାଦରଣୀୟ** *ବିଂ.* ଯେ ଆଦର ପାଇବାପାଇଁ ଯୋଗ୍ୟ ନୁହେଁ ।

**ଅନାଦାୟ** *ବି.* ବାକି ; *ବିଂ.* ଅସଂଗୃହୀତ ।

**ଅନାଦି** *ବିଂ.* ୧. ଯାହାର ଆଦି ନାହିଁ, ଉତ୍ପତ୍ତି ରହିତ ୨. ପରମବ୍ରହ୍ମ, ଈଶ୍ୱର ।

**ଅନାଦିକାରଣ** *ବି.* ପରମେଶ୍ୱର, ପରମବ୍ରହ୍ମ ।

**ଅନାଦିଷ୍ଟ** *ବିଂ.* ଯାହା କରିବାପାଇଁ ଆଦେଶ ଦିଆଯାଇନଥାଏ ।

**ଅନାଦେୟ** *ବିଂ.* ୧. ଆଦାୟ ନ ହୋଇ ରହିଯାଇଥିବା ୨. ଅଗ୍ରହଣୀୟ ।

**ଅନାଧୁନିଆ** *ବିଂ.* କୌଣସି କାରଣ ନଥାଇ, ଅନ୍ଧାଧୁନିଆ ।

**ଅନାବନା** *ବିଂ.* ୧. ଇତସ୍ତତଃ, ଏଣୁତେଣୁ, ବିକ୍ଷିପ୍ତ ୨. ଅନାବଶ୍ୟକ ।

**ଅନାବନା ଗଛ** *ବି.* ବାରିବଗିଚା ଓ ଫସଲ କିଆରିରେ ଉଠୁଥିବା ଅନାବଶ୍ୟକ ଗଛଲତା ଓ ଗୁଳ୍ମ ।

**ଅନାବନା ଶାଗ ବି.** ବିଭିନ୍ନ ପ୍ରକାର ଗଛଲତାର ଖାଦ୍ୟଯୋଗ୍ୟ ପତ୍ର ।

**ଅନାବରଣ ବି.** ୧. ଆବରଣମୋଚନ ୨. ଉଦ୍‌ଘାଟନ ୩. ଉନ୍ମୋଚନ ।

**ଅନାବଶ୍ୟକ ବିଂ.** ବେଦରକାରୀ, ଅପ୍ରୟୋଜନୀୟ, ଅଲୋଡ଼ା ।

**ଅନାବାଦି ବିଂ.** ୧. କାହା ଅଧିକାରଭୁକ୍ତ ହୋଇ ନ ଥିବା ୨. ସର୍ବସାଧାରଣ ବ୍ୟବହାର କରୁଥିବା ୩. ପତିତ (ଜମି) ।

**ଅନାବିଳ ବିଂ.** ୧. ଗୋଳିଆ ହୋଇନଥିବା ୨. ଅକଳୁଷିତ ୩. ସ୍ୱଚ୍ଛ, ନିର୍ମଳ ୪. ନିଃସନ୍ଦେହ ।

**ଅନାବିଷ୍କୃତ ବିଂ.** ଲୋକେ ଜାଣି ନଥିବା, ଅଜଣା ।

**ଅନାବୃତ ବିଂ.** ଖୋଲା, ମୁକ୍ତ, ଅଘୋଡ଼ା ।

**ଅନାବୃଷ୍ଟି ବି.** ୧. ବର୍ଷାର ଅଭାବ ୨. ମରୁଡ଼ି ।

**ଅନାମ ବି. ବିଂ.** ୧. ଯାହାର ନାମ ନାହିଁ ୨. ସର୍ବନାମ, ଯାହାକୁ ଯେଉଁ ନାମରେ ସମ୍ବୋଧନ/ଆହ୍ୱାନ କରାଯାଇପାରେ ୩. ଅଣାକାର ବ୍ରହ୍ମ, ଅନାମିକା, ନାମହୀନ ।

**ଅନାମଧେୟ ବିଂ.** ୧. ଯାହାର ନାଁ ଅନ୍ୟମାନଙ୍କୁ ଅଜଣା, ଅଖ୍ୟାତ ୨. ଅତିସାଧାରଣ ।

**ଅନାମିକା ବି.** ପରିଆଙ୍ଗୁଠି, କାଣିଆଙ୍ଗୁଠି ପାଖ ଆଙ୍ଗୁଠି, ମୁଦିପିନ୍ଧା ଆଙ୍ଗୁଳି ; **ବିଂ.** ଯାହାର ନିର୍ଦ୍ଦିଷ୍ଟ ନାମକରଣ କରାଯାଇପାରିନାହିଁ ।

**ଅନାର ବି.** ୧. ଡାଳିମ୍ବ ୨. କୁମ୍ଭିବାଣ, ଘଡ଼ିବାଣ ।

**ଅନାୟତ୍ତ ବିଂ.** ୧. ସ୍ୱାଧୀନ, ଯାହାକୁ ଅଧୀନରେ ରଖିବା ଅସମ୍ଭବ ୨. କ୍ଷମତାହୀନ ।

**ଅନାର୍ଯ୍ୟ ବିଂ.** ୧. ଆର୍ଯ୍ୟେତର ୨. ବର୍ବର, ଅସଂସ୍କୃତ, ଅସଭ୍ୟ, ବଣ୍ୟ ୩. ବିଚାର ବୁଦ୍ଧି ଓ ବିବେକହୀନ ।

**ଅନାୟାସ ବି.** ୧. ଅକ୍ଳେଶ, ସହଜ ୨. ହେଳା ।

**ଅନାଳାପ ବି.** ୧. କଥା ନ କହିବା ୨. ଲୋକଙ୍କ ସହିତ ନ ମିଶିବା ।

**ଅନାଳାପୀ ବିଂ.** ଅମେଳାପୀ, ନ ମିଶିବା, ଅନ୍ୟମାନଙ୍କ ସହିତ ମିଳାମିଶାପାଇଁ ବିମୁଖ ।

**ଅନାଲୋଚନୀୟ ବିଂ.** ଯେଉଁ ପ୍ରସଙ୍ଗ ବା ବିଷୟ ଚର୍ଚ୍ଚା ବା ଆଲୋଚନା ପାଇଁ ଅନୁପଯୁକ୍ତ ।

**ଅନାଲୋଚିତ ବିଂ.** ୧. ଯେଉଁ ପ୍ରସଙ୍ଗ ଆଲୋଚିତ ବା ଚର୍ଚ୍ଚିତ ହୋଇନାହିଁ ୨. ଅସମାଲୋଚିତ ।

**ଅନାଶ୍ରିତ ବିଂ.** ଆଶ୍ରୟହୀନ, ଅବଲମ୍ବନହୀନ ।

**ଅନାସକ୍ତ ବିଂ.** ୧. ଆସକ୍ତିଶୂନ୍ୟ, ଦୁର୍ବଳତାରହିତ, ମମତାହୀନ ୨. ବିକାରହୀନ ।

**ଅନାସକ୍ତି ବି.** ଉଦାସୀନତା, ଅସମ୍ପୃକ୍ତି ।

**ଅନାସ୍ଥା ବି.** ୧. ଅବିଶ୍ୱାସ ୨. ଅନାଦର ୩. ବେଖାତିର ।

**ଅନାସ୍ଥା ପ୍ରସ୍ତାବ ବି.** ବିଧାନସଭା ବା ସଂସଦରେ କ୍ଷମତାସୀନ ଦଳ ପ୍ରତି ବିରୋଧୀ ଦଳର ବିଶ୍ୱାସହୀନତା ପ୍ରତିପାଦନ କରିବା ପାଇଁ ଆଗତ ପ୍ରସ୍ତାବ ।

**ଅନାସ୍ୱାଦିତ ବିଂ.** ଯାହାର ସ୍ୱାଦ ଭୋଗ କରିବାର ଆନନ୍ଦ ଅନୁଭୂତ ହୋଇନାହିଁ, ଅଚଖା ।

**ଅନାହତ ବିଂ.** ୧. ଅକ୍ଷତ, ଖଣ୍ଡିଆ ହୋଇନଥିବା ୨. ଯାହା ଆଘାତ ପାଇ ନାହିଁ ବା ଆହତ ହୋଇନାହିଁ ।

**ଅନାହାର ବି.** ଆହାର ବା ଖାଦ୍ୟର ଅଭାବ, ଉପବାସ, ଅଭୁକ୍ତ ।

**ଅନାହୂତ ବିଂ.** ଯାହାକୁ କେହି ଡାକି ନାହାନ୍ତି, ଅନିମନ୍ତ୍ରିତ, ଅଡକା, ଅଲୋଡ଼ା ।

**ଅନାଦୃତ ବିଂ.** ୧. ଯିଏ ଆଦର ବା ଶ୍ରଦ୍ଧା ପାଇ ନାହିଁ ୨. ଅଲୋଡ଼ା ।

**ଅନିଆଅନି ବି.** ପରସ୍ପରକୁ ଚାହାଁଚୁହିଁ, ଦେଖାଦେଖି ।

**ଅନିଆଚାର ବି.** ଅନାଚାର, ଅନୀତି, ବିଚାରହୀନ ଆଚରଣ ।

**ଅନିଆଚାରୀ ବିଂ.** ଅନୀତିଗ୍ରସ୍ତ, ଅତ୍ୟାଚାରୀ ।

**ଅନିକେତ, ଅନିକେତନ ବି. ବିଂ.** ଅଘରି, ଘର ନଥିବା ।

**ଅନିଗ୍ରହ ବି.** ୧. ଦୋଷ ନ ମାନିବା ୨. ବାଧାର ଅଭାବ, ଯାହା ଯୁକ୍ତିଦ୍ୱାରା କରାଯାଇନାହିଁ ।

**ଅନିଚ୍ଛା ବି.** ଆଗ୍ରହର ଅଭାବ ।

**ଅନିଚ୍ଛାକୃତ ବିଂ.** ଇଚ୍ଛା ନଥାଇ କରାଯାଇଥିବା ।

**ଅନିଚ୍ଛୁ, ଅନିଚ୍ଛୁକ ବିଂ.** ଯାହାର ଆଗ୍ରହ ବା ମନ ନ ଥାଏ, ଇଚ୍ଛା ନ ଥିବା ।

**ଅନିତ୍ୟ ବିଂ.** ନଶ୍ୱର, ଅଚିରସ୍ଥାୟୀ, ଅସ୍ଥାୟୀ, ପରିବର୍ତ୍ତନଶୀଳ ।

**ଅନିତ୍ୟ ସମାସ ବି.** ଯେଉଁ ସମାସରେ ସମସ୍ତ ପଦକୁ ଅଲଗା ରଖିଲେ ମଧ୍ୟ ଭାବବୋଧରେ ଅସୁବିଧା ହୁଏ ନାହିଁ ।

**ଅନିଦ୍ରା ବି.** ନିଦ୍ରାହୀନତା; **ବିଂ.** ଉଜାଗର, ଅସୁପ୍ତ, ଜାଗ୍ରତ୍ ।

**ଅନିନ୍ଦ୍ୟ ବିଂ.** ପ୍ରଶଂସନୀୟ, ପ୍ରଶଂସାଯୋଗ୍ୟ, ଅନବଦ୍ୟ, ଯାହା ନିନ୍ଦା କରିହେବନାହିଁ ।

**ଅନିନ୍ଦ୍ୟସୁନ୍ଦରୀ ବିଂ.** ଅତିସୁନ୍ଦରୀ ।

**ଅନିର୍ଦ୍ଧାର୍ଯ୍ୟ ବିଂ.** ଅସ୍ଥିରୀକୃତ, ଅନିର୍ଦ୍ଦିଷ୍ଟ ।

**ଅନିପୁଣ ବିଂ.** ଅଦକ୍ଷ, ଅଣକୁଶଳ ।

**ଅନିବନ୍ଧ** ***ବିଂ.*** ଗତିଶୀଳ, ମୁକ୍ତ, ସ୍ୱାଧୀନ, ଚକବନ୍ଦୀଭୁକ୍ତ ହୋଇ ନଥିବା ।

**ଅନିବାର** ***ବିଂ.*** ଯାହାକୁ ବାରଣ/ମନା କରାଯାଇନାହିଁ, ଅବାରିତ ।

**ଅନିବାରିତ** ***ବିଂ.*** ଯାହା ନିବାରିତ ବା ବନ୍ଦ ହୋଇନାହିଁ ।

**ଅନିବାର୍ଯ୍ୟ** ***ବିଂ.*** ଯାହା ନିବାର୍ଯ୍ୟ ନୁହେଁ, ନିଶ୍ଚିତ, ଅବଶ୍ୟମ୍ଭାବୀ, ଅବଧାରିତ, ଦୁର୍ନିବାର ।

**ଅନିମିଷ, ଅନିମେଷ** ***ବିଂ.*** ଆଖିପତା ପଡ଼ୁ ନଥିବା, ପଲକହୀନ, ଅବିଚଳିତ, ସ୍ଥିର ; ***ବି.*** ଦେବତା, ମାଛ ।

**ଅନିରୂପଣ** ***ବି.*** ଅନିର୍ଣ୍ଣୟ, ଏକ ନିର୍ଦ୍ଦିଷ୍ଟ ରୂପରେଖର ଅଭାବ ।

**ଅନିର୍ଦ୍ଦିଷ୍ଟ** ***ବିଂ.*** ୧. ଯାହା ଭଲ ଭାବରେ ଚିହ୍ନିତ ହୋଇନାହିଁ ବା ନିରୂପିତ ହୋଇନାହିଁ ୨. ଯାହାର ଲକ୍ଷ୍ୟ ବା କାର୍ଯ୍ୟଧାରା ସ୍ପଷ୍ଟ ନୁହେଁ ।

**ଅନିର୍ବଚନୀୟ** ***ବିଂ.*** ଯାହା ବାକ୍ୟ ବା ଭାଷାରେ ପ୍ରକାଶ କରାଯାଇ ପାରେନାହିଁ, ବର୍ଣ୍ଣନାତୀତ ।

**ଅନିର୍ବାଣ** ***ବିଂ.*** ଅଲିଭା, ଚିରଦୀପ୍ତ ।

**ଅନିଯୁକ୍ତ** ***ବିଂ.*** ୧. କାର୍ଯ୍ୟ କରିବାପାଇଁ ଅନୁମତି ପାଇନଥିବା ୨. କ୍ଷମତା ପାଇନଥିବା ।

**ଅନିୟତ** ***ବିଂ.*** ୧. ଅନିର୍ଦ୍ଦିଷ୍ଟ ୨. ସାମୟିକ, ଅସ୍ଥାୟୀ ।

**ଅନିୟନ୍ତ୍ରିତ** ***ବି.*** ଯେ ନିୟନ୍ତ୍ରଣର ବାହାରେ, ବିଶୃଙ୍ଖଳ, ଉଦ୍ଦାମ, ଅଶୃଙ୍ଖଳିତ ।

**ଅନିୟମ** ***ବିଂ.*** ଅବିଧି, ଅବ୍ୟବସ୍ଥା ।

**ଅନିୟମିତ** ***ବିଂ.*** ୧. ନିୟମରହିତ ୨. ଯାହା ନିୟମିତ ନୁହେଁ ୩. ସାମୟିକ ।

**ଅନିୟୋଜିତ** ***ବିଂ.*** ଅନିଯୁକ୍ତ, ଯିଏ କୌଣସି କାର୍ଯ୍ୟରେ ନିଯୁକ୍ତ ହୋଇନଥାଏ ।

**ଅନିଳ** ***ବି.*** ୧. ପବନ, ବାୟୁ ୨. ପ୍ରାଣବାୟୁ ।

**ଅନିଶ୍ଚିତ** ***ବିଂ.*** ଅସ୍ଥିର, ସନ୍ଦେହାଛନ୍ନ, ଅନିର୍ଦ୍ଦିଷ୍ଟ ; ***ବି.*** ଅନିଶ୍ଚିତତା ।

**ଅନିଷା** ***ବି.*** ୧. ଅପେକ୍ଷା, ପ୍ରତୀକ୍ଷା ୨. ଚାହିଁ ରହିବା ଭାବ ।

**ଅନିଷ୍ଟ** ***ବି.*** ହାନି, ଅପକାର, କ୍ଷତି, ଅମଙ୍ଗଳ ।

**ଅନୀତି** ***ବି.*** ବିଧି ବା ନିୟମବିରୁଦ୍ଧ ଆଚରଣ, ଦୁର୍ନୀତି, କୁନୀତି ।

**ଅନୀହା** ***ବିଂ.*** ଯେଉଁ ନାରୀର କୌଣସି ଆସ୍ପୃହା ବା ଆସକ୍ତି ନାହିଁ, ଉଦାସୀନ ।

**ଅନୁ-** ***ଉପସର୍ଗ.*** ପଶ୍ଚାତ, ଅଧୀନ, ପରି, ସହିତ, ସମୀପ ଅଂଶ ଆଦି ଅର୍ଥକୁ ବହନ କରେ (**ଅନୁଗମନ, ଅନୁଚର, ଅନୁରୂପ** ଆଦି) ।

**ଅନୁକମ୍ପା** ***ବି.*** ଦୟା, ସମବେଦନା, କୃପା ।

**ଅନୁକରଣ** ***ବି.*** କୌଣସି ଜିନିଷ ଦେଖି ସେଭଳି କରିବା, ନକଲ, ପ୍ରତିରୂପୀକରଣ ।

**ଅନୁକରଣୀୟ** ***ବିଂ.*** ଅନୁକରଣ କରିବା ଯୋଗ୍ୟ ।

**ଅନୁକଳ୍ପ** ***ବି.*** ୧. ପ୍ରତିନିଧି ୨. ଗୌଣନିୟମ ବା ବିଧି ।

**ଅନୁକର୍ଷ** ***ବି.*** ୧. ତଳୁ ଉପରକୁ ଟାଣିବା ୨. ଯେଉଁ କାଠଦ୍ୱାରା ରଥ ବା ଗାଡ଼ି ଟଣାଯାଏ ।

**ଅନୁକାରୀ** ***ବିଂ.*** ଯେ ଅନ୍ୟକୁ ଅନୁକରଣ କରେ, ନକଲକାରୀ ।

**ଅନୁକୂଳ** ***ବି.*** କୌଣସି କାର୍ଯ୍ୟର ଶୁଭାରମ୍ଭ ; ***ବିଂ.*** ଅବାଧ, ପ୍ରତିବନ୍ଧକ ରହିତ, ଅଭିମୁଖୀ ।

**ଅନୁକୂଳତା** ***ବି.*** ଅନୁଗ୍ରହ, ସହାୟତା ।

**ଅନୁକୃତି** ***ବି.*** ଜଣଙ୍କର କୃତି ଅନୁରୂପ ଅନ୍ୟ ଏକ କୃତି ।

**ଅନୁକ୍ତ** ***ବିଂ.*** ଯାହା କୁହାଯାଇନାହିଁ, ଅକଥିତ, ଅସୂଚିତ ।

**ଅନୁକ୍ରମ, ଅନୁକ୍ରମଣ** ***ବି.*** ୧. କ୍ରମରକ୍ଷା ୨. କ୍ରମ-ଅନୁରୂପ କାର୍ଯ୍ୟ ସମ୍ପାଦନ ।

**ଅନୁକ୍ରମଣିକା** ***ବି.*** ପୁସ୍ତକର ପୂର୍ବସୂଚନା, ଭୂମିକା, ମୁଖବନ୍ଧ, ଉପୋଦ୍‌ଘାତ, ବିଷୟସୂଚନା ।

**ଅନୁକ୍ରମେ** ***ଅ.*** ଯଥାକ୍ରମେ, ଅନୁସାରେ ।

**ଅନୁଗତ** ***ବିଂ.*** ୧. ବିଶ୍ୱସ୍ତ, ଆଜ୍ଞାକାରୀ ୨. ସେବକ, ଆଶ୍ରିତ ।

**ଅନୁଗମନ** ***ବି.*** ପଛେ ପଛେ ଯିବା ।

**ଅନୁଗାମୀ** ***ବିଂ.*** ୧. ଅନ୍ୟର ପଶ୍ଚାତ୍‌ଗାମୀ, ଅନୁସରଣ କରୁଥିବା ୨. ଧର୍ମ ବା ଦର୍ଶନରେ ବିଶ୍ୱାସ କରୁଥିବା ।

**ଅନୁଗୃହୀତ** ***ବିଂ.*** ଅନ୍ୟର ଦୟା ବା କରୁଣାପ୍ରାପ୍ତ ।

**ଅନୁଗ୍ରହ** ***ବି.*** ୧. ଦୟା ୨. ଉପକାର ।

**ଅନୁଗ୍ରାହୀ** ***ବିଂ.*** ଦୟା ଦେଖାଉଥିବା, ଦୟାକରୁଥିବା ।

**ଅନୁଚର** ***ବି.*** ୧. ଅନୁଗାମୀ, ପଛରେ ଯାଉଥିବା ବ୍ୟକ୍ତି ୨. ଚାକର, ଭୃତ୍ୟ ।

**ଅନୁଚିତ** ***ବିଂ.*** ୧. ଅବିଧେୟ, ଅସଂଗତ ୨. ଅନୁପଯୁକ୍ତ ।

**ଅନୁଚିନ୍ତନ** ***ବି.*** ୧. ଅତୀତ ବିଷୟରେ ଭାବନା ୨. ଗଭୀର ଅନୁଶୀଳନ ।

**ଅନୁଚିନ୍ତା** ***ବି.*** କୌଣସି ଘଟଣା ଘଟିବା ପରେ ତତ୍‌ସଂକ୍ରାନ୍ତ ବିଚାର, ପଛକଥା ସମ୍ପର୍କରେ ଭାଳେଣି ।

**ଅନୁଚ୍ଚ** ***ବିଂ.*** ୧. ସାନ, କମ୍ ଉଚ୍ଚତାବିଶିଷ୍ଟ, କ୍ଷୁଦ୍ରକାୟ, ବାଙ୍ଗରା, ବୁଟି ୨. ଧୀର ।

**ଅନୁଚ୍ଚାରଣୀୟ** *ବି.* ଉଚ୍ଚାରଣ କରାଯାଇପାରୁନଥିବା।

**ଅନୁଚ୍ଚାରିତ** *ବିଂ.* ଯାହା ବ୍ୟକ୍ତ ହୋଇନାହିଁ ।

**ଅନୁଚ୍ଛେଦ** *ବି.* କୌଣସି ଗଦ୍ୟ ରଚନାର ଭାଗ, ବାକ୍ୟାବଳୀ, ପାରାଗ୍ରାଫ।

**ଅନୁଜ** *ବି.ବିଂ.* ପଛରେ ଜନ୍ମିତ, ସାନଭାଇ ।

**ଅନୁଜୀବୀ** *ବିଂ.* ୧. ଅନ୍ୟର ଦୟାରେ ବଞ୍ଚୁଥିବା ଜୀବନ ୨. ସହଚର ।

**ଅନୁଜ୍ଜ୍ୱଳ** *ବିଂ.* ସ୍ତିମିତ, ମିଞ୍ଜିମିଞ୍ଜି ।

**ଅନୁଜ୍ଞା** *ବି.* ୧. ଆଜ୍ଞା, ଆଦେଶ ୨. ଅନୁମତି

**ଅନୁଜ୍ଞାତ** *ବିଂ.* ଆଜ୍ଞାପ୍ରାପ୍ତ, ଆଦେଶ ପାଇଥିବା ।

**ଅନୁଜ୍ଞାପତ୍ର** *ବି.* ଆଦେଶପତ୍ର, ଆଦେଶନାମା।

**ଅନୁତପ୍ତ** *ବିଂ.* ଦୁଃଖିତ, ସନ୍ତପ୍ତ ।

**ଅନୁତାପ** *ବି.* ପଛରେ ଦୁଃଖପ୍ରକାଶ, କରିଥିବା କାର୍ଯ୍ୟ ବା କହିଥିବା କଥାଯୋଗୁଁ ଦୁଃଖ ବା ଗ୍ଲାନି ।

**ଅନୁତ୍ତମ** *ବିଂ.* ଖରାପ, ମନ୍ଦ, ନିକୃଷ୍ଟ, ନ୍ୟୁନ, ଊଣା ।

**ଅନୁତ୍ତର** *ବିଂ.* ଉତ୍ତର ଦେଇ ପାରିନଥିବା ।

**ଅନୁତ୍ତରିତ** *ବିଂ.* ୧. ଯେଉଁ ପ୍ରଶ୍ନର ଉତ୍ତର ଦିଆଯାଇନାହିଁ, ୨. ଉତ୍ତର ଦେଇ ନ ଥିବା, ୩. ପାର ବା ଅତିକ୍ରମ କରି ନଥିବା ।

**ଅନୁତ୍ପାଦକ** *ବିଂ.* ଯେ ଜନକ ବା ଉତ୍ପନ୍ନକାରୀ ନୁହେଁ।

**ଅନୁତ୍ପାଦୀ** *ବିଂ.* ଯାହା ଅମଳଯୋଗ୍ୟ ନୁହେଁ ।

**ଅନୁତ୍ସାହ** *ବି.* ଅନାଗ୍ରହ, ଉତ୍ସାହହୀନତା, ଉଦାସୀନତା ।

**ଅନୁଦ୍‌ବିଗ୍ନ** *ବିଂ.* ଅବିଚଳିତ, ଶାନ୍ତ, ଉଦ୍‌ବେଗରହିତ, ନିରୁଦ୍‌ବିଗ୍ନ

**ଅନୁଦାତ୍ତ** *ବିଂ.* ୧. ଯାହା ଉଦାତ୍ତ ବା ଉଚ୍ଚ ଭାବଯୁକ୍ତ ନୁହେଁ ୨. ନୀଚ ସ୍ୱରବିଶିଷ୍ଟ, ଧୀର ।

**ଅନୁଦାନ** *ବି.* ଅର୍ଥ-ସାହାଯ୍ୟ।

**ଅନୁଦାର** *ବିଂ.* ୧. ଗର୍ବୀ, ଅହଂକାରୀ ୨. ନିଷ୍କରୁଣ, ଦୟାହୀନ ୩. ନୀଚମନା ୪. ଅସାଧୁ ୫. ସଂକୀର୍ଣ୍ଣମନା, କ୍ଷୁଦ୍ରମନା, ନୀଚମନା ୬. ହୀନ ।

**ଅନୁଦିନ** *ଅ.* ପ୍ରତ୍ୟହ, ପ୍ରତିଦିନ, ଦିନେ ଦିନେ।

**ଅନୁଧାବନ** *ବି.* ଅନ୍ୟ ପଛରେ ଗୋଡ଼ାଇବା ବା ଦଉଡ଼ିବା ।

**ଅନୁଧାୟୀ** *ବିଂ.* ଯେ ଅନୁଧ୍ୟାନ କରେ, ଅନୁଚିନ୍ତାକାରୀ ।

**ଅନୁଧ୍ୟାନ** *ବିଂ.* ବିଶେଷ ଅଧ୍ୟୟନ, ଶ୍ରଦ୍ଧାଶୀଳ ପରିଶୀଳନ, ଗଭୀରମନନ, ବିଶ୍ଳେଷଣ ।

**ଅନୁନୟ** *ବି.* ବିନୟ, ପ୍ରାର୍ଥନା, ଅନୁରୋଧ, ଖୋସାମତ ।

**ଅନୁନୟ ବିନୟ** *ବି.* ନିଉଛାଳି, ଅତି ଖୋସାମତି, ଅତି ନମ୍ରଭାବ ।

**ଅନୁନାସିକ** *ବିଂ.* ନାକ ବାଟ ଦେଇ ଉଚ୍ଚାରିତ ।

**ଅନୁନାସିକ ବର୍ଣ୍ଣ** *ବି.* ବର୍ଣ୍ଣମାଳାର ଯେଉଁ ବର୍ଣ୍ଣ ଉଚ୍ଚାରଣ ସମୟରେ ନାସାଦ୍ୱାରର ପ୍ରାଧାନ୍ୟ ରହିଥାଏ ।

**ଅନୁନ୍ନତ** *ବିଂ.* ୧. ଉପରକୁ ଉଠିନଥିବା ୨. ଅବିକଶିତ, ନିମ୍ନ, ତଳପଟିଆ, ପଛୁଆ ।

**ଅନୁପକାରୀ** *ବି.* ଅପକାର କରୁ ନ ଥିବା, ଅପକାରୀ, ଅନିଷ୍ଟକାରୀ।

**ଅନୁପମ** *ବିଂ.* ଉପମାରହିତ, ଅତୁଳନୀୟ, ବିକଳ୍ପହୀନ, ଅତିସୁନ୍ଦର ।

**ଅନୁପଯୁକ୍ତ** *ବିଂ.* ୧. ଅଯୋଗ୍ୟ ୨. ଅସମର୍ଥ ।

**ଅନୁପଯୋଗୀ** *ବିଂ.* ୧. ଅଦରକାରୀ ୨. ଅନାବଶ୍ୟକ ।

**ଅନୁପଲବ୍ଧ** *ବିଂ.* ୧. ଯାହା ମିଳିନାହିଁ ୨. ଯାହା ଅନୁଭୂତ ହୋଇନାହିଁ ।

**ଅନୁପସ୍ଥିତ** *ବି.* ଗରହାଜିରି ; *ବିଂ.* ଅନୁପସ୍ଥିତ, ଆସି ନଥିବା, ଉପସ୍ଥିତ ନ ରହିବା ।

**ଅନୁପାତ** *ବି.* ଏକ ରାଶି ବା ସଂଖ୍ୟା ସହିତ ଅନ୍ୟ ଏକ ରାଶିର ଭାଗସମ୍ବନ୍ଧ, ସମଭାବ ।

**ଅନୁପାନ** *ବି.* ୧. ଔଷଧ ସହିତ ସେବନ କରାଯାଉଥିବା ଅନ୍ୟ ଦ୍ରବ୍ୟର ସେବନ ବିଧି, ୨. ପରିମାଣ ।

**ଅନୁପୂରକ** *ବିଂ.* ଯାହା ଅପୂର୍ଣ୍ଣକୁ ପୂର୍ଣ୍ଣକରେ ।

**ଅନୁପ୍ରବେଶ** *ବି.* ୧. ଲୁଚିଛପି ଅନ୍ୟର ସୀମା ଭିତରେ ପଶିବା ୨. କୌଣସି ଏକ ପ୍ରସଙ୍ଗ ବା ବିଷୟର ଗଭୀରତାକୁ ଭେଦିବା ।

**ଅନୁପ୍ରସ୍ଥ** *କ୍ରି.ବିଂ.* ୧. କୌଣସି ଏକ ଆୟତନର ଅନ୍ତଃପ୍ରବେଶ ୨. ଆଡବାଗରେ ।

**ଅନୁପ୍ରସ୍ଥାନକାରୀ** *ବିଂ.* (ବିପରୀତ) ଗୋପନୀୟ ଭାବରେ ଅନ୍ୟ ସ୍ଥାନକୁ ପଳାୟନକାରୀ ।

**ଅନୁପ୍ରାଣିତ** *ବିଂ.* ଅନ୍ୟଦ୍ୱାରା ଉତ୍ସାହିତ, ପ୍ରେରଣାପ୍ରାପ୍ତ, ପ୍ରଭାବିତ, ଉଦ୍‌ବୋଧିତ ।

**ଅନୁପ୍ରାସ** *ବି.* କୌଣସି କାବ୍ୟ/କବିତାର ପଦ ସଂରଚନା କାଳରେ ଅନୁସୃତ ଏକ ଅଳଂକାର ବିଶେଷ – ଯହିଁରେ ଏକ ବର୍ଣ୍ଣ ଏକାଧିକ ବାର ପ୍ରୟୋଗ ହୋଇଥାଏ ।

**ଅନୁପ୍ରେରଣା** *ବି.* ଉତ୍ସାହ ।

**ଅନୁପ୍ରେରିତ** *ବିଂ.* ଅନ୍ୟଦ୍ୱାରା ପଠାହୋଇଥିବା ।

**ଅନୁବନ୍ଧ** *ବିଂ.* ଅଧୀନ, ବିଶେଷ ଭାବରେ ସମ୍ପୃକ୍ତ, ବାଧ୍ୟ ।

**ଅନୁବନ୍ଧ** *ବି.* ୧. ସମ୍ବନ୍ଧ ୨. ଅନୁରୋଧ ୩. ଉପକ୍ରମ ୪. ପ୍ରସଙ୍ଗ, ଉପଲକ୍ଷ ୫. କ୍ରମ ।

**ଅନୁବନ୍ଧିତ** *ବିଂ.* ସମ୍ବନ୍ଧିତ, ସୂତ୍ରାୟିତ, ସଂଯୁକ୍ତ ।

**ଅନୁବର୍ତ୍ତନୀ** ***ବି.*** କୌଣସି ପତ୍ରିକା ଅଥବା ଗ୍ରନ୍ଥର ଶେଷରେ ଲିଖିତ ଅଭିମତ ବା ବିଚାର ।

**ଅନୁବର୍ତ୍ତୀ** ***ବିଂ.*** ୧. ବଶବର୍ତ୍ତୀ ୨. ଅନୁସରଣକାରୀ ।

**ଅନୁବାଦ** ***ବି.*** ମୂଳଲେଖା ଅନୁରୂପ ଅନ୍ୟ ଭାଷାରେ ଲିଖନ, ଭାଷାନ୍ତର ।

**ଅନୁବାଦକ** ***ବି.ବିଂ.*** ଭାଷାନ୍ତରକାରୀ, ଯେ ଅନୁବାଦ କରେ ।

**ଅନୁବାଦିତ** ***ବିଂ.*** ଗୋଟିଏ ଭାଷାରୁ ଅନ୍ୟ ଏକ ଭାଷାକୁ ଅନୁବାଦ ହୋଇଥିବା ।

**ଅନୁବାଦୀ** ***ବି.*** ଯାହା ଅନୁବାଦ କରିବାର ଆବଶ୍ୟକ/ ଯୋଗ୍ୟ ; ***ବିଂ.*** ସଦୃଶ୍ୟ, ଅନୁରୂପ ।

**ଅନୁବିଭାଗ** ***ବି.*** ଏକ ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ସହଯୋଗୀ ବିଭାଗ ବା ଦପ୍ତର ; ***ବିଂ.*** ଅନୁବିଭାଗୀୟ ।

**ଅନୁବଂଶ** ***ବି.*** କୌଣସି ଜୀବର ଜିନ୍ ବା ଗୁଣସୂତ୍ର ।

**ଅନୁବ୍ରତ** ***ବିଂ.*** ୧. ଆସକ୍ତ ୨. ଭାବାବିଷ୍ଟ ।

**ଅନୁବ୍ରତେ** ***କ୍ରି.ବିଂ.*** ସବୁସମୟରେ, ଅନବରତ ।

**ଅନୁଭବ** ***ବି.*** ଉପଲବଧି, ବୋଧ, ଇନ୍ଦ୍ରିୟ ମାଧ୍ୟମରେ ଉପଲବ୍ଧି ।

**ଅନୁଭବସିଦ୍ଧ, ଅନୁଭବୀ** ***ବିଂ.*** ଅଙ୍ଗେ ନିଭାଇଥିବା ।

**ଅନୁଭାବ** ***ବି.*** କାବ୍ୟତତ୍ତ୍ୱ / ରସତତ୍ତ୍ୱ ଅନୁସାରେ କୌଣସି ଘଟଣାର ଶରୀରରେ ପ୍ରଭାବ ଏବଂ ଶାରୀରିକ ପ୍ରତିକ୍ରିୟା, ରସାନୁଭୂତିର ଶାରୀରିକ ପ୍ରକ୍ରିୟା ।

**ଅନୁଭୂତ** ***ବିଂ.*** ୧. ଅଙ୍ଗେନିଭା ହୋଇଥିବା, ୨. ଅବଗତ ।

**ଅନୁଭୂତି** ***ବି.*** ଉପଲବ୍ଧି, ବୋଧି, ଜ୍ଞାନ ।

**ଅନୁମତ** ***ବି.*** ଆଜ୍ଞାପ୍ରାପ୍ତ, ଅଧିକାର ପାଇଥିବା, ସ୍ୱୀକୃତ ।

**ଅନୁମତି** ***ବି.*** ୧. ସମ୍ମତି ୨. ଆଦେଶ ୩. ଇଚ୍ଛାଲାଭ ।

**ଅନୁମତିପତ୍ର** ***ବି.*** ସମ୍ମତିପତ୍ର, ଇଚ୍ଛାପତ୍ର ।

**ଅନୁମତେ** ***କ୍ରି.ବିଂ.*** ଇଚ୍ଛାମୁତାବକ, ମତାନୁସାରେ, ଅନୁରୋଧ ଅନୁସାରେ ।

**ଅନୁମସ୍ତିଷ୍କ** ***ବିଂ*** ମସ୍ତିଷ୍କର ଅଭ୍ୟନ୍ତର ବା ଭିତର ।

**ଅନୁମାନ** ***ବି.*** ୧. ହେତୁ ବା କାରଣଦ୍ୱାରା ନିର୍ଣ୍ଣୟ, ଅନ୍ଦାଜ, କଳ୍ପନା, ବୋଧ ୨. ଅର୍ଥ ଅଳଙ୍କାର ବିଶେଷ ।

**ଅନୁମାନିକ, ଆନୁମାନିକ** ***ବିଂ.*** ୧. ଅନୁମାନକାରୀ ୨. ପ୍ରାୟ ।

**ଅନୁମିତ** ***ବିଂ.*** ବୋଧଦ୍ୱାରା ନିଶ୍ଚିତ, କଳ୍ପିତ ।

**ଅନୁମିତି** ***ବି.*** ଅନୁମାନ ଜାତ ଅନୁଭବ ।

**ଅନୁମେୟ** ***ବି.*** ଅନୁମାନଯୋଗ୍ୟ, ଅନୁମାନଦ୍ୱାରା ଯାହା ଲାଭ କରାଯାଏ ।

**ଅନୁମୋଦକ** ***ବି.*** ଅନୁମୋଦନକାରୀ, ଯେ ଅନୁମୋଦନ ବା ସମ୍ମତି ପ୍ରଦାନ କରେ, ସ୍ୱୀକୃତି ପ୍ରଦାନକାରୀ ।

**ଅନୁମୋଦନ** ***ବି.*** ଏକ ସିଦ୍ଧାନ୍ତ ବା ପ୍ରସ୍ତାବ ପ୍ରତି ଅନୁକୂଳ ମତଦାନ, ସମ୍ମତି ।

**ଅନୁମୋଦନୀୟ** ***ବିଂ.*** ୧. ଯାହା ଅନୁମୋଦନ ବା ସମ୍ମତି ଆବଶ୍ୟକ କରେ ୨. ଯାହା ଅନୁମୋଦନ ହେବା ଉଚିତ ।

**ଅନୁମୋଦିତ** ***ବିଂ.*** ସ୍ୱୀକୃତିପ୍ରାପ୍ତ, ଅନୁମତିପ୍ରାପ୍ତ ।

**ଅନୁଯାନ** ***ବି.*** ୧. ଯେଉଁ ଗାଡ଼ି ବା ଯାନର ଡାଲାର ଉପର ଖୋଲା ଥାଏ, ୨. ଯିବାପାଇଁ ଅନୁମତି ।

**ଅନୁଯାୟୀ** ***ବିଂ.*** ୧. ଅନୁସାରୀ, ଅନୁରୂପ, ସଦୃଶ୍ୟ, ପରି ୨. ଅନୁଗାମୀ, ଅନୁଚର, ସେବକ ; ***କ୍ରି.ବିଂ.*** ଅନୁରୂପ, ଅନୁସାରେ

**ଅନୁଯୋଗ** ***ବି.*** ୧. ପ୍ରଶ୍ନ ୨. ତିରସ୍କାର, ଆକ୍ଷେପ, ଦୋଷାରୋପ, ଅଭିଯୋଗ ।

**ଅନୁଯୋଜକ** ***ବିଂ.*** ୧. ପ୍ରଶ୍ନ କରୁଥିବା, ୨. ତିରସ୍କାର କରୁଥିବା ।

**ଅନୁରକ୍ତ** ***ବିଂ.*** ପ୍ରୀତ, ଆସକ୍ତ, *ସ୍ତ୍ରୀ.* ଅନୁରକ୍ତା ।

**ଅନୁରକ୍ତି** ***ବି.*** ୧. ଆସକ୍ତି, ଆହ୍ଲାଦଭାବ, ଆଦର, ୨. ସନ୍ତୋଷ ।

**ଅନୁରଞ୍ଜକ** ***ବିଂ.*** ୧. ପ୍ରୀତିପ୍ରଦାୟକ, ସୁଖଦାୟକ, ପ୍ରୀତିଦାୟକ, ୨. ରଙ୍ଗ କରୁଥିବା ।

**ଅନୁରଞ୍ଜନ** ***ବି.*** ୧. ସନ୍ତୋଷଜନକ ପ୍ରୀତି ସମ୍ପାଦନ, ୨. ରଙ୍ଗକରିବା କାର୍ଯ୍ୟ ।

**ଅନୁରଣନ** ***ବି.*** ଧାତବ ପଦାର୍ଥ ପଦାର୍ଥ ମଧ୍ୟରେ ଆଘାତଜନିତ କମ୍ପନରୁ ସୃଷ୍ଟ ମୃଦୁ ଧ୍ୱନି/ନାଦ, ଗୁଞ୍ଜରିତ ଧ୍ୱନି।

**ଅନୁରଣିତ** ***ବିଂ.*** ପଦାର୍ଥର ସଂଘର୍ଷରୁ ସୃଷ୍ଟ ।

**ଅନୁରାଗ** ***ବି.*** ଆଦର, ସ୍ନେହ, ଶ୍ରଦ୍ଧା, ଆସକ୍ତି, ପ୍ରୀତି ।

**ଅନୁରାଗୀ** ***ବିଂ.*** ଆସକ୍ତ, ସ୍ନେହୀ ।

**ଅନୁରାଧା** ***ବି.*** ଜ୍ୟୋତିଷ ଶାସ୍ତ୍ରରେ ବର୍ଣ୍ଣିତ ସପ୍ତଦଶ ନକ୍ଷତ୍ର ।

**ଅନୁରୂପ** ***ବିଂ.*** ସମ, ତୁଲ୍ୟ, ସଦୃଶ, ଅନୁଯାୟୀ, ଯୋଗ୍ୟ; *ସ୍ତ୍ରୀ.* ଅନୁରୂପା ; ***କ୍ରି.ବିଂ.*** ଅନୁସାରେ ।

**ଅନୁରୋଧ** ***ବି.*** ଅଭୀଷ୍ଟପୂରଣପାଇଁ ପ୍ରାର୍ଥନା।

**ଅନୁରୋଧକ, ଅନୁରୋଧକାରୀ** ***ବିଂ.*** କାର୍ଯ୍ୟ ସମ୍ପାଦନପାଇଁ ପ୍ରାର୍ଥନାକାଙ୍କ୍ଷୀ ।

**ଅନୁଲଗ୍ନ** ***ବି.*** ୧. ସଂଯୁକ୍ତ, ସଂଲଗ୍ନକ, ସ-ୃକ୍ତ ୨. ଲଙ୍ଗଳା ହୋଇ ନଥିବା ।

**ଅନୁଲେଖ, ଅନୁଲେଖନ** ***ବି.*** କୌଣସି ରଚନା ବା ଲେଖାର ନକଲ ବା ପ୍ରତିଲିପି, ସହିନକଲ ।

**ଅନୁଲେପ** ***ବି.*** ପ୍ରଲେପ, ମଲମ ।

**ଅନୁଲେପନ** ***ବି.*** ତରଳ ଦ୍ରବ୍ୟଦ୍ୱାରା ଲେପନ, ବୋଳିବା ।

**ଅନୁଲୋମ** ***ବି.*** ଅନୁକ୍ରମ, ଯଥାକ୍ରମ ।

**ଅନୁଲୋମ ବିବାହ** ***ବି.*** ସମାଜ ବ୍ୟବସ୍ଥାରେ ଉତ୍ତମ ଜାତିର ପୁରୁଷ ଓ ଅଧମ ଜାତିର ନାରୀ ମଧ୍ୟରେ ବିବାହ ।

**ଅନୁଲୋମ ବିଲୋମ** ***ବି.*** କବିତା ରଚନାର ଏକ ରୀତି – ଯେଉଁଥିରେ ସମସ୍ତ ପାଦକୁ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପଢ଼ିଗଲେ ଯାହା, ଶେଷରୁ ଆରମ୍ଭ ପର୍ଯ୍ୟନ୍ତ ପଢ଼ି ଆସିଲେ ତାହା ।

**ଅନୁଶାସକ** ***ବିଂ.*** ୧. ଶାସନ କରୁଥିବା ୨. ଆଦେଶ ଦେଉଥିବା ।

**ଅନୁଶାସନ** ***ବି.*** ୧. ଉପଦେଶ, ନିଯୋଗ ୨. ଶୃଙ୍ଖଳା, ଉପଯୁକ୍ତ ମାର୍ଗଦର୍ଶନ ।

**ଅନୁଶାସନ ପତ୍ର** ***ବି.*** ସରକାରୀ ଆଦେଶନାମା, ନିୟୋଗପତ୍ରିକା ।

**ଅନୁଶାସନ ପର୍ବ** ***ବି.*** ୧. ଯଥାର୍ଥ ଶାସନ, ଶାସନର ଦୃଢ଼ ଓ ବିଚାରନିଷ୍ଠ ପରିଚାଳନା ୨. ମହାଭାରତରେ ଭୀଷ୍ମ ଶରଶଯ୍ୟାରେ ଶୋଇଥିବା କାଳରେ ପାଣ୍ଡବମାନଙ୍କୁ ଦେଇଥିବା ଶାସନ ସଂକ୍ରାନ୍ତ ଉପଦେଶ ।

**ଅନୁଶାସନ ସଚିବ** ***ବି.*** ସରକାରଙ୍କର ଅଧସ୍ତନ ଅଧିକାରୀ, ଅଣ୍ଡର ସେକ୍ରେଟାରୀ ।

**ଅନୁଶାସନିକ** ***ବିଂ.*** ଉପଦେଶ ସଂକ୍ରାନ୍ତ ।

**ଅନୁଶାସିତ** ***ବିଂ.*** ୧. ପାଳିତ ୨. ଶାସନର ବଶବର୍ତ୍ତୀ ।

**ଅନୁଶୀଳନ** ***ବି.*** ବିଶଦ ଚର୍ଚ୍ଚା, ସମୀକ୍ଷା, ଆଲୋଚନା, ବିଶ୍ଳେଷଣ ।

**ଅନୁଶୀଳନୀ** ***ବି.*** ପଠନ ଅଭ୍ୟାସପାଇଁ ପ୍ରଦତ୍ତ ପାଠ୍ୟ ।

**ଅନୁଶୋଚନା** ***ବି.*** ଅବାଞ୍ଛିତ କର୍ମ ପାଇଁ ଦୁଃଖ ବା ଖେଦ, ଅନୁତାପ ।

**ଅନୁଷଙ୍ଗ** ***ବି.*** ୧. ଦୟା, କରୁଣା ୨. ସମ୍ମତି, ସ୍ୱୀକୃତି ୩. ସ୍ନେହ ୪. ପରିଣତି ।

**ଅନୁଷ୍ଟୁପ** ***ବି.*** ଅଷ୍ଟାକ୍ଷର ବିଶିଷ୍ଟ ବୈଦିକ ଛନ୍ଦ ।

**ଅନୁଷ୍ଠାତା** ***ବିଂ.*** କାର୍ଯ୍ୟ ସଂପାଦନକାରୀ ।

**ଅନୁଷ୍ଠାନ** ***ବି.*** ୧. ସଂପାଦନ, ନିର୍ବାହ ୨. ଲୋକହିତକର ସଙ୍ଗଠନ ।

**ଅନୁଷ୍ଠିତ** ***ବିଂ.*** ସଂଘଟିତ, ଘଟିତ, ସମ୍ପାଦିତ ।

**ଅନୁଷ୍ଣ** ***ବିଂ.*** ୧. ଅଳପ ଉଷୁମ ୨. ଜଡ଼ ।

**ଅନୁସଙ୍ଗ** ***ବି.*** ୧. ସଂପର୍କ, ସମ୍ବନ୍ଧ, ପ୍ରସଙ୍ଗ ୨. ଦୟା, ସ୍ନେହ, ପ୍ରେମଭାବ ।

**ଅନୁସର୍ଜନ** ***ବି.*** ସିଧାସଳଖ ଅନୁବାଦ ନ କରି ମୂଳ ପାଠର ସୃଜନଶୀଳ ଭାଷାନ୍ତର, ଅନୁସୃଜନ ।

**ଅନୁସନ୍ଧାନ** ***ବି.*** ଅନ୍ୱେଷଣ, ଖୋଜିବା, ସତ୍ୟ ଜାଣିବାପାଇଁ ପ୍ରୟାସ ବା ଅନ୍ୱେଷଣ ।

**ଅନୁସନ୍ଧାନୀ** ***ବିଂ.*** ଗୋପନୀୟ ବା ଗୂଢ଼ ବା ଅଜଣା ତଥ୍ୟ ବା ତତ୍ତ୍ୱକୁ ଜାଣିବାପାଇଁ ଉତ୍ସୁକ ।

**ଅନୁସନ୍ଧିତ୍ସା** ***ବି.*** ଖୋଜିବାର ଇଚ୍ଛା ।

**ଅନୁସନ୍ଧିତ୍ସୁ** ***ବିଂ.*** ଖୋଜିବାପାଇଁ ଇଚ୍ଛୁକ ବା ବ୍ୟଗ୍ର ।

**ଅନୁସରଣ** ***ବି.*** ୧. ପାଇବା ଆଶାରେ ଅପେକ୍ଷା, ଅନୁରୂପ ଆଚରଣ, ୨. ଅନ୍ୟର ଦୟା ବା କରୁଣା ଲାଭପାଇଁ ଅପେକ୍ଷା, ୩. ଅନୁଗମନ, ପଛରେ ଯିବା, ୪. ଅନୁରୂପୀକରଣ ।

**ଅନୁସରଣିଆ** ***ବି.ବିଂ.*** ୧. ଅନୁସରଣ କରି ବା ସାଥିରେ ଯିବା ଲୋକ, ୨. ବଚସ୍କର, ଖୋସାମତି(ଦି)ଆ ।

**ଅନୁସରିତ** ***ବିଂ.*** ଆଶ୍ରିତ, ନିର୍ଭରଶୀଳ ।

**ଅନୁସରିବା** ***କ୍ରି.*** ପାଇବାପାଇଁ ପଛରେ ଗୋଡାଇବା, ଅନୁନୟ ବିନୟ କରିବା ।

**ଅନୁସାରୀ** ***ବିଂ.*** ୧. ଅନୁସରଣକାରୀ, ୨. ଅନୁରୂପ, ଅନୁଯାୟୀ ୩. ଅନୁଚର, ଭୃତ୍ୟ ।

**ଅନୁସାରେ** ***କ୍ରି.ବିଂ.*** ୧. ଅନୁଯାୟୀ, ସେହିପରି, ପୂର୍ବପରି ୨. ପାଳନକରି, ଲଙ୍ଘନ ନ କରି ୩. ସମାନ ଭାବରେ ।

**ଅନୁସିଦ୍ଧାନ୍ତ** ***ବି.*** କୌଣସି ଏକ ଉପପାଦ୍ୟ ବା ପ୍ରସଙ୍ଗରୁ ଆଗତ ସାରକଥା ।

**ଅନୁସୂଚିତ** ***ବିଂ.*** ୧. ନିର୍ଦ୍ଦେଶ ମୁତାବକ ୨. ନିର୍ଦ୍ଦିଷ୍ଟ ସୂଚୀ ବା ତାଲିକାରେ ଉଲ୍ଲିଖିତ, ସେଡ୍ୟୁଲଡ୍ ।

**ଅନୁସୂଚିତ ଜନଜାତି** ***ବି.*** ସେଡ୍ୟୁଲଡ୍ ଟ୍ରାଇବ୍, ଆଦିବାସୀ ।

**ଅନୁସୂଚିତ ଜାତି** ***ବି.*** ସମାଜବ୍ୟବସ୍ଥାରେ ଅବିକଶିତ ଜାତି ବା ଜନଜାତି, ସେଡୁଲ୍ଡ୍ କାଷ୍ଟ ।

**ଅନୁସୂଚୀ** ***ବି.*** ନିର୍ଦ୍ଦେଶ, ସୂଚନା ।

**ଅନୁସୃତ** ***ବିଂ.*** ଯାହା ଅନୁସରଣ କରାଯାଇଛି ।

**ଅନୁସ୍ୱର** ***ବି.*** ଯାହା ସ୍ୱର ସହିତ ରୁହେ ।

**ଅନୁସ୍ୱାର** ***ବି.*** ମାତ୍ରା ବା ବର୍ଣ୍ଣ ବିଶେଷ, ଅଯୋଗବାହ ବର୍ଣ୍ଣ ।

**ଅନୁକ୍ଷଣ** ***ଅ.କ୍ରି.ବିଂ.*** ମୁହୂର୍ତ୍ତକୁ ମୁହୂର୍ତ୍ତ, କ୍ଷଣକୁ କ୍ଷଣ, ପ୍ରତିମୁହୂର୍ତ୍ତ ।

**ଅନୂଦିତ** ***ବିଂ.*** ଅନୁବାଦ ହୋଇଥିବା, ଅନୁବାଦିତ ।

**ଅନୃତ** ***ବି.*** ଅସତ୍ୟ, ମିଛ ।

**ଅନେଇ** ***କ୍ରିବିଂ. ଅ.*** ଚାହିଁକରି, ଅନିଷାକରି ।

**ଅନେଇବା** ***କ୍ରି.*** ଚାହିଁବା, ଦେଖିବା ।

**ଅନେକ** ***ବିଂ.*** ୧. ଏକାଧିକ, ଏକରୁ ଅଧିକ, ପ୍ରଭୂତ, ଯଥେଷ୍ଟ ୨. ବିସ୍ତର ୩. ବହୁତ ।

**ଅନେକତଃ** ***କ୍ରି.ବିଂ.*** ବହୁବିଧ, ନାନାପ୍ରକାର ।

**ଅନେକାର୍ଥକ** ***ବିଂ.*** ବହୁ ଅର୍ଥବ୍ୟଂଜକ ।

**ଅନେଶତ** ***ବି.*** ୯୯ ସଂଖ୍ୟା ।

**ଅନୈକ୍ୟ** ***ବି.*** ୧. ଅସମ, ଅମେଳ, ୨. ବିରୋଧ,ଏକତାର ଅଭାବ ।

**ଅନୌପଚାରିକ** ***ବିଂ.*** ବିଧିସମ୍ମତ ନୁହେଁ, ପ୍ରାକ୍ ପ୍ରସ୍ତୁତିରହିତ, ପୂର୍ବସୂଚନାରହିତ ।

**ଅନ୍ତଃକରଣ** ***ବି.*** ୧. ମନ, ହୃଦୟ ୨. ଗୁପ୍ତ ଇନ୍ଦ୍ରିୟ : ଯଥା ଚିତ୍ତ, ବୁଦ୍ଧି, ଅହଂକାର ।

**ଅନ୍ତଃପୁର** ***ବି.*** ଅନ୍ଦରମହଲ, ଭିତରଘର, ଘରର ଯେଉଁ ଅଂଶରେ ନାରୀମାନେ ରୁହନ୍ତି, ନାରୀମହଲ ।

**ଅନ୍ତଃସତ୍ତ୍ୱା** ***ବିଂ.*** ଗର୍ଭବତୀ, ସନ୍ତାନସମ୍ଭବା, ପେଟ ହୋଇଥିବା ।

**ଅନ୍ତଃସଲିଳା** ***ବିଂ.*** ଯେଉଁ ନଦୀରେ ଅଦୃଶ୍ୟ ଭାବରେ ଜଳ ପ୍ରବାହିତ ହେଉଥାଏ ।

**ଅନ୍ତଃସାର** ***ବି.*** ୧. କୌଣସି ପଦାର୍ଥର ଅନ୍ତର୍ନିହିତ ନିର୍ଯାସ ବା ଶ୍ରେଷ୍ଠ ଅଂଶ ୨. ମୌଳିକ ବିଷୟ, ସାମର୍ଥ୍ୟ, ସାର ।

**ଅନ୍ତଃସ୍ଥ** ***ବି.*** ମଧ୍ୟସ୍ଥ, ମଝିରେ ଥିବା ।

**ଅନ୍ତଃସ୍ଥ ବର୍ଣ୍ଣ** ***ବି.*** ବର୍ଣ୍ଣମାଳା ମଧ୍ୟସ୍ଥ ବର୍ଣ୍ଣ ଯ, ଲ, ୱ ।

**ଅନ୍ତଃସାରହୀନ** ***ବିଂ.*** ଗୁଣରହିତ ବ୍ୟକ୍ତି ବା ପଦାର୍ଥ, ନିଜତ୍ୱହୀନ ।

**ଅନ୍ତ** ***ବି.*** ୧. ଶେଷ ୨. ପ୍ରାନ୍ତ ୩. ବିନାଶ ୪. ସୀମା ୫. ଉଦରର ନାଡ଼ି ।

**ଅନ୍ତକ** ***ବିଂ.*** ୧. ଯେ ବିନାଶ କରେ, ହତ୍ୟାକାରୀ ୨. ଯମ ।

**ଅନ୍ତକପଟ** ***ବି.*** ହୃଦୟର ଆବିଳତା ବା ଛଳନା ।

**ଅନ୍ତକପଟିଆ** ***ବିଂ.*** କୁଟୁଳିଆ, ଛଳୁଆ, କପଟାଚାରୀ ।

**ଅନ୍ତକାଳ** ***ବି.*** ୧. ଜୀବନର ଶେଷସମୟ, ମରଣକାଳ ୨. ଚରମସମୟ ।

**ଅନ୍ତତଃ** ***ଅ.*** ନିତାନ୍ତ ପକ୍ଷରେ, ଅତି କମ୍‌ରେ ।

**ଅନ୍ତପ୍ରଦାହ** ***ବି.*** ଅନ୍ତନାଡ଼ିର ଘାଆ ବା କ୍ଷତଜନିତ ଯନ୍ତ୍ରଣା ।

**ଅନ୍ତବୁଜୁଳା** ***ବି.*** ପେଟ ଭିତରେ ଥିବା ନଳି ପ୍ରଭୃତ-ଯାହା ଏକତ୍ର ବୁଜୁଳା ବା ପିଣ୍ଡୁଳା ପରି ଦେଖାଯାଏ ।

**ଅନ୍ତର** ***ବି.*** ୧. ଭିତର ୨. ହୃଦୟ, ଆତ୍ମା ୩. ଅବକାଶ ୪. ଭେଦ, ତାରତମ୍ୟ, ଦୂରତ୍ୱ ୫. ଫେଡାଣ ୬. ବାହାର କରିଦେବା ।

**ଅନ୍ତରକ** ***ବି.*** କୌଣସି ଛାଞ୍ଚ ବା ଫ୍ରେମ୍ ସଂକୁଚିତ ନ ହେବାପାଇଁ ବ୍ୟବହୃତ ଦଣ୍ଡ ।

**ଅନ୍ତର କରିବା** ***କ୍ରି.*** ଦୂରେଇ ଦେବା, ବହିଷ୍କାର କରିଦେବା ।

**ଅନ୍ତରଙ୍ଗ** ***ବିଂ.*** ଅତି ନିଜର, ଘନିଷ୍ଠ, ଆତ୍ମୀୟ ।

**ଅନ୍ତରଙ୍ଗତା** ***ବି.*** ଆତ୍ମୀୟତା, ସୌହାର୍ଦ୍ଦ୍ୟଭାବ ।

**ଅନ୍ତରପୁଅ** ***ବି.*** ରକ୍ଷିତା ଗର୍ଭରୁ ଜନ୍ମିତ ସନ୍ତାନ, ପୋଇଲିପୁଅ ।

**ଅନ୍ତରଭାଇ** ***ବି.*** ବାପାଙ୍କ ରକ୍ଷିତାର ଗର୍ଭରୁ ଜନ୍ମିତ ସନ୍ତାନ ।

**ଅନ୍ତରସ୍ଥ** ***ବିଂ.*** ଭିତରେ ଥିବା ।

**ଅନ୍ତରାତ୍ମା** ***ବି.*** ୧. ହୃଦୟ ୨. ଜୀବାତ୍ମା, ମନଭିତର ।

**ଅନ୍ତର୍ଗତ** ***ବିଂ.*** ଭିତରେ ଥିବା, ଭିତରେ ଥିବା ଅଂଶ ।

**ଅନ୍ତର୍ଘାତୀ** ***ବିଂ.*** ୧. ଶରୀର ବା ଦେହ ଭିତରୁ ଅନିଷ୍ଟସାଧନ କରୁଥିବା ୨. ଗୋପନୀୟ ଭାବରେ ଜାତିର କ୍ଷତି ସାଧନକାରୀ ।

**ଅନ୍ତର୍ଜାତୀୟ** ***ବିଂ.*** କୌଣସି ଜାତି, ଦେଶ ଅଥବା ଜନସମୁଦାୟଗୁଡ଼ିକ ଭିତରେ ପରସ୍ପର ସହିତ ସମ୍ପର୍କିତ ବା ସମ୍ବନ୍ଧିତ ।

**ଅନ୍ତର୍ଜ୍ୱଳନ** ***ବି.*** ଦେହ ଓ ମନ ଭିତରେ ପୋଡ଼ାଜଳା ।

**ଅନ୍ତର୍ଦାହ** ***ବି.*** ମାନସିକ ଯନ୍ତ୍ରଣା, ଅବ୍ୟକ୍ତ ଦୁଃଖ, ହୃଦୟ/ମନ ପୋଡ଼ିଯିବା ପରି ଅନୁଭବ ।

**ଅନ୍ତର୍ଦାହୀ** ***ବିଂ.*** ଭିତରେ ଭିତରେ ଜାଳିପୋଡ଼ି ଦେଉଥିବା (ଅନୁଭବ) ।

**ଅନ୍ତର୍ଦୃଷ୍ଟି** ***ବି.*** ଗଭୀର ଅବବୋଧ, ସୂକ୍ଷ୍ମ ବିଚାରଶକ୍ତି, ଅନ୍ୟକୁ ଅନୁଭବ କରିପାରିବା ପରି ମାନସିକତା ।

**ଅନ୍ତର୍ଦ୍ଦେଶ** ***ବି.*** ଦୁଇ ପର୍ବତର ମଧ୍ୟବର୍ତ୍ତୀ ଅଞ୍ଚଳ ।

**ଅନ୍ତର୍ଦ୍ଧାନ** ***ବି.*** ୧. ଆଖି ଆଗରେ ହଠାତ୍ ଅଦୃଶ୍ୟ ହୋଇଯିବା, ଉଭେଇ ଯିବା ୨. ତିରୋଧାନ, ଉଭାନ ।

**ଅନ୍ତର୍ନିହିତ** ***ବିଂ.*** ମନ/ହୃଦୟ ଅଥବା ବସ୍ତୁ ମଧ୍ୟରେ ଲୁକ୍କାୟିତ (ବିଭବ ବା ଗୁଣ), ଭିତରେ ଥିବା ।

**ଅନ୍ତର୍ବର୍ତ୍ତୀ** ***ବିଂ.*** ମଧ୍ୟବର୍ତ୍ତୀ, ମଧ୍ୟରେ ଥିବା ।

**ଅନ୍ତର୍ବାଣିଜ୍ୟ** ***ବି.*** କୌଣସି ଏକ ଅଞ୍ଚଳ ବା ଦେଶର ଲୋକମାନଙ୍କର ମଧ୍ୟରେ ବାଣିଜ୍ୟ ବା ବ୍ୟାବସାୟିକ ସମ୍ପର୍କ ବା କାରବାର ।

**ଅନ୍ତର୍ବାସ** ***ବି.*** ବାହାର ପୋଷାକ ତଳେ ପିନ୍ଧାହେବା ବସ୍ତ୍ର-କୌପୀନ, ବ୍ରା, ପେଣ୍ଟି, ଚଡ଼ି ଇତ୍ୟାଦି ।

**ଅନ୍ତର୍ବାହ** ***ବି.*** ପାଣି ଭିତରର ସ୍ରୋତ, ତଡ଼ିତ ।

**ଅନ୍ତର୍ବିପ୍ଳବ** ***ବି.*** ଦେଶ ମଧ୍ୟରେ ବିଭିନ୍ନ ଗୋଷ୍ଠୀ, ଜାତି ବା ସଂପ୍ରଦାୟ ବା ମତବାଦର ମଣିଷମାନଙ୍କ ମଧ୍ୟରେ ପରସ୍ପର ବିବାଦ, ବାଦ ବା କଳହ; ଗୃହଯୁଦ୍ଧ ।

**ଅନ୍ତର୍ବିବାହ** ***ବି.*** ଆପଣା କୁଳ, ଗୋତ୍ର ଅଥବା ଜାତି ମଧ୍ୟରେ ସ୍ଥାପିତ ବୈବାହିକ ସମ୍ପର୍କ ।

**ଅନ୍ତର୍ବିଭାଗ** ***ବି.*** ଏକ ମୁଖ୍ୟ ଦପ୍ତର ମଧ୍ୟରେ ଥିବା ସହଯୋଗୀ ବିଭାଗ ।

**ଅନ୍ତର୍ବୋଧ** ***ବି.*** ଆପଣା ବୁଦ୍ଧିରେ କୌଣସି ସତ୍ୟ ସଂକ୍ରାନ୍ତ ଅନୁଭବ, ନିଜେ ବୁଝିଥିବା କଥା ।

**ଅନ୍ତର୍ଭୁକ୍ତ** *ବି.* ମଧ୍ୟସ୍ଥ, ଭିତରେ ଥିବା, ଗୃହୀତ, ଅଧିକୃତ ।

**ଅନ୍ତର୍ଯାମୀ** *ବି. ବିଂ.* ଅନ୍ତର ବା ହୃଦୟର କଥା ଜାଣିପାରୁଥିବା, ସକଳ ରହସ୍ୟ ବା ଗୋପନୀୟତାକୁ ଭେଦି ପାରୁଥିବା, ଭଗବାନ।

**ଅନ୍ତର୍ଲିପି** *ବି.* ଶବ୍ଦାଳଙ୍କର ବିଶେଷ ।

**ଅନ୍ତର୍ହିତ** *ବିଂ.* ୧. ତିରୋହିତ ୨. ଅଦୃଶ୍ୟ ହୋଇଯିବା ୩. ବିଲୁପ୍ତ ।

**ଅନ୍ତରା** *ବି.* ସ୍ୱରବଦ୍ଧ ଗୀତର ସ୍ଥାୟୀ ପଦଛାଡ଼ି ଅନ୍ୟ ପଦ ।

**ଅନ୍ତରାତ୍ମା** *ବି.* ବିବେକ, ପ୍ରାଣ, ଜୀବାତ୍ମା, ଚେତନଶକ୍ତି ।

**ଅନ୍ତରାୟ** *ବି.* ବାଧା, ପ୍ରତିବନ୍ଧକ, ବିଭେଦକ, ବିପଦ ସୃଷ୍ଟିକାରୀ, ବିକାଶ ବା ଗତିର ଅବରୋଧକାରୀ ।

**ଅନ୍ତରାଳ** *ବି.* ୧. ଭିତର, ଉହାଡ଼ ୨. ପଛ ୩. ବ୍ୟବଧାନ; *ବିଂ.* ଗୋପନୀୟ, ଲୁକ୍କାୟିତ ।

**ଅନ୍ତରିକ୍ଷ ମଣ୍ଡା** *ବି.* ଶ୍ରୀମନ୍ଦିରର ଜୀଉମାନଙ୍କ ପାଖରେ ଲାଗି ହେଉଥିବା ଏକ ବିଶେଷ ପ୍ରକାର ପିଠା, ଏଣ୍ଡୁରିପିଠା ।

**ଅନ୍ତରିକ୍ଷ, ଅନ୍ତରୀକ୍ଷ** *ବି.* ୧. ଆକାଶ, ଶୂନ୍ୟ, ମହାକାଶ ୨. ଆଖିର ଅପହଞ୍ଚ, ସୀମାହୀନ ଆୟତନ ।

**ଅନ୍ତରୀଣ** *ବିଂ.* ୧. ଆଭ୍ୟନ୍ତରୀଣ ୨. ମଧ୍ୟବର୍ତ୍ତିକାଳୀନ ।

**ଅନ୍ତରୀପ** *ବି.* ଯେଉଁ ସ୍ଥଳଭାଗର ତିନି ପାଖକୁ ପାଣି ଘେରି ରହିଥାଏ ଅଥବା ଯେଉଁ ସ୍ଥଳଭାଗ ଏକ ନାସି ପରି ପାଣି ଭିତରକୁ ପଶିଯାଇଥାଏ।

**ଅନ୍ତହୀନ** *ବିଂ.* ଯାହାର ଶେଷ ନାହିଁ, ଯାହାର ଅନ୍ତ ନାହିଁ, କେବେ ସରୁ ନ ଥିବା ।

**ଅନ୍ତାକ୍ଷରୀ** *ବି.* ପଦ୍ୟାନ୍ତ ଭଳି ମନୋରଞ୍ଜନ ପ୍ରତିଯୋଗିତା- ଯେଉଁଥିରେ ଦୁଇଦଳ ପଦର ଶେଷ ଅକ୍ଷରରୁ ଆରମ୍ଭ ହେବା ଗୀତ ଗାଇଥାନ୍ତି ।

**ଅନ୍ତିମ** *ବିଂ.* ଶେଷ, ସବାଶେଷ ।

**ଅନ୍ତିମକାଳ** *ବି.* ଶେଷକାଳ, ମରଣସମୟ ।

**ଅନ୍ତିମଯାତ୍ରା** *ବି.* ମଶାଣିକୁ ଯାତ୍ରା, ଶବଯାତ୍ରା ।

**ଅନ୍ତୁଡ଼ି/ଏନ୍ତୁଡ଼ି** *ବି.* ସୂତିକା ବା ପୋଖତୀ ରହୁଥିବା କୋଠରୀର ଏକ କୋଣରେ ଜଳୁଥିବା ନିଆଁ, ଅଁତ୍ରା ।

**ଅନ୍ତୁଡ଼ି ଉଠିବା** *କ୍ରି.* ପ୍ରସବର ସାତ ଦିନ ପରେ ଏନ୍ତୁଡ଼ି ପାଉଁଶ ଆଦି କଢ଼ାଯାଇ ଘର ସଫା ହେବା ।

**ଅନ୍ତୁଡ଼ିଶାଳ** *ବି.* ପ୍ରସୂତି ରହୁଥିବା କୋଠରି, ଏନ୍ତୁଡ଼ିଶାଳ, ଅଁତ୍ରାଶାଳ ।

**ଅନ୍ତେ** *ବି.* ପରେ, ଶେଷରେ, ସବାପରେ, ମରଣ ପରେ ।

**ଅନ୍ତେବାସୀ** *ବି.* ବିଦ୍ୟାଳୟର ଛାତ୍ରାବାସରେ ରହୁଥିବା ଛାତ୍ର, ଆବାସିକ ବିଦ୍ୟାଳୟ, ଅତିଥିଶାଳା ପ୍ରଭୃତିରେ ରହୁଥିବା ବ୍ୟକ୍ତି, *ସ୍ତ୍ରୀ.* ଅନ୍ତେବାସିନୀ; *ବିଂ.* ନିକଟବର୍ତ୍ତୀ ।

**ଅନ୍ତ୍ୟଜ** *ବି.* ପ୍ରାଚୀନ ଜାତିପ୍ରଥା ଅନୁସାରେ ନୀଚକୁଳରେ ଜାତ ।

**ଅନ୍ତ୍ୟବର୍ଣ୍ଣ** *ବି.* ପଦର ସବାଶେଷ ଅକ୍ଷର ।

**ଅନ୍ତ୍ୟେଷ୍ଟି, ଅନ୍ତ୍ୟେଷ୍ଟିକ୍ରିୟା** *ବି.* ମୃତ୍ୟୁପରର ସଂସ୍କାର ବା ଶୌଚୀକରଣ, ପ୍ରେତକର୍ମ, ଚରମସଂସ୍କାର, ଶବଦାହ ।

**ଅନ୍ତ୍ୟୋଦୟ ଯୋଜନା** *ବି.* ଆର୍ଥିକ ଦୃଷ୍ଟିରୁ ପଛୁଆ ଲୋକଙ୍କ ଅଭିବୃଦ୍ଧି ପାଇଁ ସରକାରୀ ଯୋଜନା ।

**ଅନ୍ଦର** *ବି.* ଭିତର, ଅଭ୍ୟନ୍ତର ।

**ଅନ୍ଦରମହଲ** *ବି.* ନାରୀମାନେ ରହୁଥିବା ଭିତରଘର, ଅନ୍ତଃପୁର ।

**ଅନ୍ଦାଜ** *ବି.* ଅନୁମାନ, କଳପନା ।

**ଅନ୍ଦାଜି** *ବି.* ଅନ୍ଦାଜିଆ, ଅନୁମାନିଆ ।

**ଅନ୍ଧରିଆ** *ବିଂ.* ଅନ୍ଧାରରେ ଘନ, ଅନ୍ଧାରିଆ, ଅନ୍ଧାରୁଆ ।

**ଅନ୍ଧ** *ବିଂ.* ଦେଖିପାରୁନଥିବା ବ୍ୟକ୍ତି, ଦୃଷ୍ଟିଶକ୍ତିହୀନ, *ସ୍ତ୍ରୀ.* ଅନ୍ଧୁଣୀ ।

**ଅନ୍ଧକାର** *ବି.* ୧. ଅନ୍ଧାର, ଆଲୋକ ନ ଥିବା ଅବସ୍ଥା ୨. ପାପ, ଅନ୍ୟାୟ, ଆସୁରିକ ଶକ୍ତି ।

**ଅନ୍ଧକାର ଯୁଗ** *ବି.* ଯେଉଁ କାଳ ବା ସମୟର ଇତିହାସ ଅଜ୍ଞାତ ।

**ଅନ୍ଧକାରାଚ୍ଛନ୍ନ** *ବିଂ.* ୧. ଅନ୍ଧାର ଘୋଟିରହିଥିବା ୨. ଅନାଲୋକିତ ୩. ଅବିକଶିତ ।

**ଅନ୍ଧକୂପ** *ବି.* ୧. ଅବ୍ୟବହୃତ କୂଅ ୨. ନରକ ବିଶେଷ ।

**ଅନ୍ଧପୁଟୁଳି** *ବି.* ଦେଖି ନ ପାରିବାପାଇଁ ଆଖିରେ ବନ୍ଧାଯିବା କନାର ପଟି ବା ଆବରଣ ।

**ଅନ୍ଧବିଶ୍ୱାସ** *ବି.* ପରମ୍ପରା ପ୍ରତି ବିଚାରହୀନ ଓ ବିବେକହୀନ ସ୍ୱୀକୃତି, ଯୁକ୍ତିରହିତ ବିଶ୍ୱାସ ।

**ଅନ୍ଧ ବୁଝାମଣା** *ବି.* ଏକ ଦେଶଦର୍ଶୀ/ଭ୍ରାନ୍ତ ବିଚାର ବା ସିଦ୍ଧାନ୍ତ, ପ୍ରମାଦପୂର୍ଣ୍ଣ ବିଚାର ।

**ଅନ୍ଧର ଲଉଡ଼ି** *ବି.* ୧. ଅସହାୟର ଏକ ମାତ୍ର ଭରସା, ବହୁମୂଲ୍ୟ ବା ବହୁକଷ୍ଟରେ ପାଇଥିବା ବସ୍ତୁ ୨. ସନ୍ତାନ ।

**ଅନ୍ଧଶାସନ** *ବି.* ଯେଉଁ ଶାସନରେ କୌଣସି ନୀତି ନିୟମ ନ ଥାଏ, ମନମୁଖୀ ଶାସନ ।

**ଅନ୍ଧାଧୁନିଆ** *ବିଂ.* ୧. କୌଣସି ବାଛ ବିଚାର ନ ଥାଇ, ଆଖିବୁଜି ୨. ଅନ୍ଧଭାବରେ ଅହଂକାର ସାବ୍ୟସ୍ତ କରୁଥିବା ୩. ବିନା ବିଚାରରେ ।

**ଅନ୍ଧାନ୍** *ବିଂ.* ଭାତ ରାନ୍ଧିବାପାଇଁ ହାଣ୍ଡି ବା ଡେକଚିରେ ଦିଆ ହେବା ପାଣି ।

**ଅନ୍ଧାର** *ବି.* ଆଲୋକ ନ ଥିବା ଅବସ୍ଥା, ଅନାଲୋକିତ, ଆଖିକୁ କିଛି ଦିଶୁନଥିବା ପରିବେଶ ।

**ଅନ୍ଧାରକଣା** *ବି.* ରାତିରେ ଆଖିକୁ ଦିଶୁନଥିବା ରୋଗ ଏବଂ ସେହି ରୋଗରେ ଆକ୍ରାନ୍ତ ବ୍ୟକ୍ତି ।

**ଅନ୍ଧାର କିଟିକିଟି** *ବି.* ଘନ ଅନ୍ଧାର, ବହଳ ଅନ୍ଧାର, ଅନ୍ୟର ଅସ୍ପଷ୍ଟ ଛାଇ ଦିଶୁନଥିବା ପରିବେଶ ।

**ଅନ୍ଧାରପକ୍ଷ** *ବି.* କୃଷ୍ଣପକ୍ଷ, ଚନ୍ଦ୍ରର ଅବକ୍ଷୟ ପକ୍ଷ, ପୂର୍ଣ୍ଣିମା ପରେ ପ୍ରତିପଦାଠାରୁ ଅମାବାସ୍ୟା ଯାଏ ପନ୍ଦର ଦିନ ।

**ଅନ୍ଧାରବିଜେ, ଅନ୍ଧାରିବିଜେ** *ବି.* କୌଣସି ଉଦ୍ଦେଶ୍ୟ ସହ ରାତିରେ ଗୋପନରେ ବା ଛଦ୍ମବେଶରେ ବିଭିନ୍ନ ସ୍ଥାନରେ ବୁଲିବା ।

**ଅନ୍ଧାରି** *ବିଂ.* ଅନ୍ଧାରୁଆ, ଅନ୍ଧାର ।

**ଅନ୍ଧାରିଆ, ଅନ୍ଧାରୁଆ** *ବିଂ.* ଅନ୍ଧାର ଘୋଟି ରହିଥିବା, ତମସାଚ୍ଛନ୍ନ ।

**ଅନ୍ଧାରିମୁଲକ** *ବି.* ଅନୁନ୍ନତ ଅଞ୍ଚଳ, ଅବିକଶିତ ଅଞ୍ଚଳ ।

**ଅନ୍ଧାରୁଆ** *ବିଂ.* ୧. ଅନ୍ଧାରରେ ପରିପୂର୍ଣ୍ଣ, ତମସାଚ୍ଛନ୍ନ ୨. ଜ୍ଞାନହୀନ ।

**ଅନ୍ଧିସନ୍ଧି** *ବି.* କୋଣ ଅନୁକୋଣ, ଭିତରି ସ୍ଥାନ, ଗୁପ୍ତସ୍ଥାନ ।

**ଅନ୍ଧୁ** *ବି.* ୧. ଅଳଂଦୁ/ଅଳନ୍ଦୁ, ଘରଭିତରେ ବିଭିନ୍ନ ସ୍ଥାନରେ ଲାଗିଥିବା କଳାଗୁଣ୍ଡ , ୨. କୂଅ ।

**ଅନ୍ଧୁଣି** *ବି.* ଖଡ଼ିକା ବା ବାଉଁଶକାଠିରେ ତିଆରି ମାଛଧରା ଯନ୍ତ୍ର (ଏହାର ଭିତର ବାକ୍ସ ପରି କୋଠରୀମୟ ଏବଂ ପରସ୍ପର ସଂଯୁକ୍ତ । ଗୋଟିଏ କୋଠରୀରୁ ଅନ୍ୟ କୋଠରୀକୁ ଯିବା ପାଇଁ କବାଟ ପରି ଶୂନ୍ୟସ୍ଥାନ ଥାଏ-ଥରେ ଭିତରକୁ ପଶିଗଲେ, ଆଉ ବାହାରିବା ସମ୍ଭବ ହୁଏନାହିଁ) ।

**ଅନ୍ଧୁଣୀ** *ବି.ବିଂ.* ଦେଖିପାରୁନଥିବା ନାରୀ, ଦୃଷ୍ଟିଶକ୍ତିହୀନା ।

**ଅନ୍ନ** *ବି.* ୧. ଖାଦ୍ୟ, ୨.ଭାତ ।

**ଅନ୍ନକଷ୍ଟ** *ବି.* ଖାଇବା ନ ମିଳିବା ଯୋଗୁଁ ହେବା କଷ୍ଟ ।

**ଅନ୍ନକୁଡ଼ିଆ** *ବି.* ଜଗନ୍ନାଥଙ୍କ ମହାପ୍ରସାଦ ରନ୍ଧା ଯାଉଥିବା ମାଟିପାତ୍ର ।

**ଅନ୍ନଛତ୍ର** *ବି.* ଖାଦ୍ୟପଦାର୍ଥ ବିତରଣ ସ୍ଥାନ ।

**ଅନ୍ନଜଳ** *ବି.* ଖାଇବା ଓ ପିଇବା, ଦାନାପାଣି ।

**ଅନ୍ନଦା, ଅନ୍ନଦାତ୍ରୀ** *ବି.* ୧. ଅନ୍ନପୂର୍ଣ୍ଣା ୨. ଖାଇବାକୁ ଦେଉଥିବା ।

**ଅନ୍ନଧ୍ୱଂସ କରିବା** *କ୍ରି.* କୌଣସି କାମ ନ କରି ବସିବସି ଖାଇବା ।

**ଅନ୍ନପ୍ରାଶନ** *ବି.* ଶିଶୁର ପ୍ରଥମ ଖାଦ୍ୟ ଗ୍ରହଣ ସଂସ୍କାରବିଶେଷ ।

**ଅନ୍ନବସ୍ତ୍ର** *ବି.* ଖାଦ୍ୟ ଓ ବସ୍ତ୍ର, ଖୋରାକିପୋଷାକ ।

**ଅନ୍ନବିକାର** *ବି.* ୧. ମଳ, ଗୁହ ୨. ରେତ ।

**ଅନ୍ନବ୍ରହ୍ମ** *ବି.* ଅନ୍ନକୁ ବ୍ରହ୍ମ ସହିତ ତୁଳନା ବା କଳ୍ପନା ।

**ଅନ୍ନସଂସ୍ଥାନ** *ବି.* ଜୀବିକାନିର୍ବାହ ବ୍ୟବସ୍ଥା ।

**ଅନ୍ୱୟ** *ବି.* ୧. ବାକ୍ୟ ବା ପଦଗୁଡ଼ିକ ମଧ୍ୟରେ ପରସ୍ପର ସମ୍ପର୍କ ୨. ବଂଶ, ଆଦିପୁରୁଷ ।

**ଅନ୍ୱେଷକ, ଅନ୍ୱେଷୀ** *ବିଂ.* ଅନୁସନ୍ଧାନକାରୀ, ଖୋଜାଳୀ ।

**ଅନ୍ୱେଷଣ** *ବି.* ଅନୁସନ୍ଧାନ, ଖୋଜ୍ ।

**ଅନ୍ୟ** *ବିଂ.* ତଦ୍‌ଭିନ୍ନ, ଅପର, ଅନ୍ୟକେହି ।

**ଅନ୍ୟତମ** *ବିଂ.* ବହୁ ବା ଏକାଧିକ ମଧ୍ୟରୁ ଜଣେ ।

**ଅନ୍ୟତର** *ବିଂ.* ପୃଥକ, ଅଲଗା ।

**ଅନ୍ୟତ୍ର** *ଅ.* ଅନ୍ୟ ସ୍ଥାନରେ, ଅପର ବିଷୟରେ ।

**ଅନ୍ୟଥା** *ଅ.* ଅନ୍ୟପ୍ରକାର ।

**ଅନ୍ୟଥା କରିବା** *କ୍ରି.* ଅମାନ୍ୟ କରିବା, ନ ମାନିବା ।

**ଅନ୍ୟଥାଚରଣ** *ବି.* ବିପରୀତ ବ୍ୟବହାର, ବିରୋଧ କାର୍ଯ୍ୟ, ଆଦେଶଲଙ୍ଘନ ।

**ଅନ୍ୟବିଧ** *ବିଂ.* ଅନ୍ୟ ପ୍ରକାର, ଭିନ୍ନ ପ୍ରକାର, ଅଲଗା ପ୍ରକାର ।

**ଅନ୍ୟମନସ୍କ** *ବି.* ଅମନଯୋଗୀ, ଆନମନା, ଅନ୍ୟ ବିଷୟରେ ମଗ୍ନ ।

**ଅନ୍ୟାନ୍ୟ** *ବିଂ.* ଅନ୍ୟ ପ୍ରସଙ୍ଗଗୁଡ଼ିକ, ଏହାଛଡ଼ା, ଅନ୍ୟଗୁଡ଼ିକ ।

**ଅନ୍ୟାୟ** *ବି.ବିଂ.* ୧. ବେଆଇନ, ନ୍ୟାୟବିରୋଧୀ କାର୍ଯ୍ୟ ୨. ଅନୁଚିତ କାର୍ଯ୍ୟ, ପ୍ରମାଦପୂର୍ଣ୍ଣ କାର୍ଯ୍ୟ ୩. ଅବିଚାର ।

**ଅନ୍ୟାୟୀ** *ବିଂ.* ନୀତିହୀନ କାର୍ଯ୍ୟ କରୁଥିବା, ଉତ୍‌ପୀଡକ ।

**ଅନ୍ୟୁନ** *ବିଂ.* ବେଶି, ଅଧିକ, ଯାହାଠାରୁ ନ୍ୟୁନ ବା ଊଣାନୁହେଁ, ଅତି କମ୍‌ରେ ।

**ଅପ୍** *ବି.* ପାଣି, ଜଳ ।

**ଅପ୍‌ନା** *ଅ.* ୧. ଆପଣା, ନିଜ ୨. ଆପନେ, ଆପଣ ।

**ଅପ୍‌ରାଇଟ୍** *ବିଂ.* ନିରପେକ୍ଷ, ସ୍ୱଚ୍ଛ, ଅବିଚଳିତ, ସୁଦକ୍ଷ ।

**ଅପ୍‌ସର** *ବି.* ସଂକୋଚ, ଲାଜଭାବ ।

**ଅପ୍‌ସରା, ଅପସରୀ** *ବି.* ପୁରାଣବର୍ଣ୍ଣିତ ସ୍ୱର୍ଗବେଶ୍ୟା, ସମୁଦ୍ରମନ୍ଥନ କାଳରେ ବାହାରିଥିବା ଦେବନାରୀ, ନାଚ, ଗୀତ ଓ ବାଦ୍ୟରେ ପ୍ରବୀଣା ସୁନ୍ଦରୀ।

**ଅପ-** *ପୂ.ପ୍ର.* ଖରାପ ବା ଅନୁଚିତ ଅର୍ଥକ ପୂର୍ବ-ପ୍ରତ୍ୟୟ (*ଉଦା.* ଅପକର୍ମ) ।

**ଅପକର୍ମ** *ବି.* ଖରାପ କାମ, ଖରାପ କାର୍ଯ୍ୟ, ନିନ୍ଦିତ କର୍ମ ।

**ଅପକର୍ଷ** *ବି.* ୧. ନୀଚତା, ୨. ନ୍ୟୁନତା, ଅପ୍ରଧାନତା ।

**ଅପକର୍ଷଣ** *ବି.* ୧. ଖରାପ ବା ମନଖରାପ କରିବାପାଇଁ ଉସ୍‌କେଇବା ୨. ତଳକୁ ଟାଣିବା ।

**ଅପକାର** *ବି.* ଅମଙ୍ଗଳ, ହାନି, କ୍ଷତିସାଧନ, ବିଘ୍ନସାଧନ ।

**ଅପକାରକ, ଅପକାରୀ ବିଂ.** କ୍ଷତି କରୁଥିବା, ଅମଙ୍ଗଳ ବା ଅହିତ କରୁଥିବା ।

**ଅପକୀର୍ତ୍ତି ବି.** ଅପଖ୍ୟାତି, ଦୁର୍ନାମ, ବଦନାମ, ଅପବାଦ, କଳଙ୍କ ।

**ଅପକୃଷ୍ଟ ବିଂ.** ୧. ନିମ୍ନମାନର, ନିକୃଷ୍ଟ ୨. ନୀଚ, ସଂକୀର୍ଣ୍ଣ ।

**ଅପକ୍ୱ ବିଂ.** ୧. ପାଚି ନ ଥିବା, କଞ୍ଚା ୨. ଦରସିଝା ।

**ଅପକ୍ରିୟା ବି.** ୧. ମନ୍ଦକାମ, ଖରାପକାମ ୨. ଅପକାର ୩. କୁକର୍ମ ।

**ଅପଖ୍ୟାତ ବିଂ.** ଅପବାଦ ପାଇଥିବା, ନିନ୍ଦିତ, ଖରାପ କାର୍ଯ୍ୟ କରିଥିବା ଯୋଗୁ ସମାଲୋଚିତ ।

**ଅପଖ୍ୟାତି ବି.** ନିନ୍ଦା, ଦୁର୍ନାମ ।

**ଅପଗଣ୍ଡ ବିଂ.** ମୂର୍ଖ, ହିତାହିତଜ୍ଞାନଶୂନ୍ୟ ।

**ଅପଘନ ବି.** ଦେହ, ଶରୀର, ଅବୟବ ।

**ଅପଘାତ ବିଂ.** ଦୁର୍ଘଟଣାଜନିତ ମରଣ, ଅପମୃତ୍ୟୁ, ଆକସ୍ମିକ ମରଣ ।

**ଅପଘିଚା ବି.** ନେଇଥିବା ପଦାର୍ଥ ଫେରାଇ ଦେବାପାଇଁ ପ୍ରତିଶ୍ରୁତି ।

**ଅପଙ୍ଗୁ ବିଂ.** ୧. ସବଳ ୨. ସୁସ୍ଥ ୩. ଟାଣ ।

**ଅପଚୟ ବି.** ୧. ଅନାବଶ୍ୟକ ଖର୍ଚ୍ଚ, ଅର୍ଥ ବା କୌଣସି ପଦାର୍ଥର ଅନାବଶ୍ୟକ ବ୍ୟବହାର ବା ଉପଯୋଗ, ଅପବ୍ୟୟ, ୨. ହ୍ରାସ, କ୍ଷତି, ନାଶ ।

**ଅପଚାର ବି.** ୧. ଅହିତାଚାର, ଆପଣା ଧର୍ମ - ବହିର୍ଭୂତ ଆଚରଣ ବା ଚର୍ଯ୍ୟା, ୨. ଅଖାଦ୍ୟ / ଅପଥ୍ୟଗ୍ରହଣ, ୩. ବାମ/କୌଳମାର୍ଗୀ/ ତନ୍ତ୍ର ସାଧକମାନଙ୍କ ଜୀବନଚର୍ଯ୍ୟା ।

**ଅପଚେଷ୍ଟା ବି.** ମନ୍ଦ ଉଦ୍ଦେଶ୍ୟରେ ପ୍ରୟାସ, ଅପପ୍ରୟାସ ।

**ଅପଚେଷ୍ଟିତ ବିଂ.** ଖରାପ କାମପାଇଁ ଚେଷ୍ଟା କରୁଥିବା ।

**ଅପଚ୍ଛାୟା ବି.** ଅଶରୀରୀର ଅସ୍ପଷ୍ଟ ରୂପ, ଝାପ୍‌ସା ।

**ଅପଜା ବିଂ.** ପଜା ବା ଧାର ହୋଇନଥିବା ।

**ଅପଟ୍ ବିଂ.** ନିତାନ୍ତ, ନିପଟ, ପୂରାପୂରି ।

**ଅପଟଝଟ୍ ବିଂ.** ଅତିକାୟ, ନିପଟ, ବହୁତ ।

**ଅପଟୁ ବିଂ.** ଦକ୍ଷତା ନଥିବା, ଅଣକୁଶଳୀ, ଅଦକ୍ଷ, ଅସମର୍ଥ ।

**ଅପଡ଼ ବି.** ମନ ଅମେଳ, ମନୋମାଳିନ୍ୟ, ମନ ସହ ମନ ନ ମିଳିବା ।

**ଅପଢୁଆ ବିଂ.** ମୂର୍ଖ, ପାଠ ପଢ଼ି ନ ଥିବା ।

**ଅପଣା ବିଂ.** ଧାନକୁଟା ବେଳେ ଭରାଣ୍ଡିରେ ଅଧାକୁଟା ହୋଇ ବାହାରେ ଥିବା ଧାନ, ପଣା ହୋଇ ନ ଥିବା ।

**ଅପଣ୍ଡିତ ବିଂ.** ମୂର୍ଖ, ଅନ୍‌ପଢ଼୍, ଅଜ୍ଞାନ ।

**ଅପତିଆରା ବିଂ.** ୧. ଆତ୍ମବିଶ୍ୱାସର ଅଭାବ ୨. ଅବିଶ୍ୱାସ ।

**ଅପତ୍ୟ ବି.** ସନ୍ତାନ, ପୁତ୍ରକନ୍ୟା ।

**ଅପଥ ବି.** ଖରାପବାଟ, କୁପଥ, ଅପମାର୍ଗ, ଅବାଟ ।

**ଅପଥ୍ୟ ବିଂ.** ୧. ଯାହା ପଥି ନୁହେଁ, ରୋଗୀର ଖାଇବାପାଇଁ ନିଷେଧ ଖାଦ୍ୟ, ସ୍ୱାସ୍ଥ୍ୟପାଇଁ କ୍ଷତିକାରକ ଖାଦ୍ୟ ୨. ଅନିଷ୍ଟକାରକ ଖାଦ୍ୟ ବା ଔଷଧ ।

**ଅପଦସ୍ଥ ବି.** ୧. ଅପ୍ରସ୍ତୁତ ଅବସ୍ଥା ୨. ପଦମର୍ଯ୍ୟାଦାହାନି ୩. ଅପଯଶ, ଦୁର୍ନାମ ୪. ଅପମାନିତ ।

**ଅପଦାର୍ଥ ବିଂ.** ୧. ଅକର୍ମଣ୍ୟ ୨. ଅଯୋଗ୍ୟ, ନିମ୍ନମାନର ପଦାର୍ଥ ୩. ଅସାର ।

**ଅପଦେବତା ବି.** ୧. କ୍ଷତିକାରକ ଦେବତା ୨. ଭୂତ-ପ୍ରେତ-ପିଶାଚାଦି-ଦୁଷ୍ଟଶକ୍ତି ୩. ଅପୂଜା ରହିଥିବା ଦେବଦେବୀ ।

**ଅପନୋଦନ ବି.** ୧. ଉପଶମନ ୨. ଅପସାରଣ ୩. ଦୂରୀକରଣ ୪. ଖଣ୍ଡନ ୫. ହରଣ ।

**ଅପପ୍ରଚାର ବି.** ସତ୍ୟର କୁତ୍ସାରଟନା, ନିନ୍ଦାରଚନା ।

**ଅପପ୍ରୟୋଗ ବି.** ତ୍ରୁଟିପୂର୍ଣ୍ଣ ବ୍ୟବହାର, ଅଶୁଦ୍ଧ ପ୍ରୟୋଗ, ନିୟମ ବିରୋଧ ବ୍ୟବହାର ।

**ଅପପ୍ରେରିତ ବିଂ.** ଭୁଲ୍ ଠିକଣାରେ ପଠାଯାଇଥିବା ।

**ଅପବର୍ଗ ବି.** ମୋକ୍ଷ, ମୁକ୍ତି, ପରିତ୍ରାଣ ।

**ଅପବର୍ଗଦାତା ବିଂ.** ୧. ମୋକ୍ଷକର୍ତ୍ତା, ୨. ଈଶ୍ୱର, ହରି ।

**ଅପବାଦ ବି.** ଅପଯଶ, କୁତ୍ସା, ନିନ୍ଦା, ବଦନାମ ।

**ଅପବିତ୍ର ବିଂ.** ୧. ଅଶୁଦ୍ଧ ୨. ମିଶ୍ରିତ ୩. ମାରା ହୋଇଥିବା ।

**ଅପବ୍ୟବହାର ବି.** ୧.ଅନାବଶ୍ୟକ ବା ଅନୁଚିତ ଆଚରଣ ୨. ଅସଦ୍‌ବ୍ୟବହାର, ମନ୍ଦ ଆଚରଣ, ଦୁର୍ବ୍ୟବହାର, ୩. ଆବଶ୍ୟକତାଠାରୁ ଅଧିକ ଉପଯୋଗ ।

**ଅପବ୍ୟୟ ବି.** ଅନାବଶ୍ୟକ ଖର୍ଚ୍ଚ, ବୃଥାବ୍ୟୟ, ବଦଖର୍ଚ୍ଚ ।

**ଅପବ୍ୟୟୀ ବିଂ.** ବଦଖର୍ଚ୍ଚୀ, ସାହାଖରଚୀ ।

**ଅପଭାଷା ବି.** ୧. ଅଶ୍ଳୀଳ ବା ଇତରଜନୋଚିତ ଭାଷା ୨. କୁଭାଷା, କୁବଚନ, ଅକଥା ୩.ଗ୍ରାମ୍ୟଭାଷା, ଲୋକଭାଷା ୪. ପ୍ରାକୃତଭାଷା ।

**ଅପଭ୍ରଂଶ ବି.** ୧. ରୂପାନ୍ତର ପ୍ରାପ୍ତି ୨. ମୂଳ ଶବ୍ଦରୁ ଜାତ ପରିବର୍ତ୍ତିତ ରୂପ ୩. ସ୍ଖଳନ, ଅବନତି, ଚ୍ୟୁତ ।

**ଅପଭ୍ରଷ୍ଟ ବିଂ.** ରୂପାନ୍ତରିତ, ପରିବର୍ତ୍ତିତ, ପତିତ ।

**ଅପମାନ ବି.** ଅବଜ୍ଞା, ଅମର୍ଯ୍ୟାଦା, ମାନହାନି, ସମ୍ମାନହାନି ।

**ଅପମାନଜନକ ବିଂ.** ଯାହା ସମ୍ମାନ ହାନିକରେ, ନିନ୍ଦାଦାୟକ ।

**ଅପମାନିତ ବିଂ.** ଅପମାନପ୍ରାପ୍ତ, ଅସମ୍ମାନିତ ।

**ଅପମାର୍ଗ** ***ବି.*** ୧.କୁପଥ, ଖରାପ ରାସ୍ତା, ଭୁଲ ବାଟ ୨. ମନ୍ଦ ଅଭ୍ୟାସ ।

**ଅପମାର୍ଗୀ** ***ବିଂ.*** କୁପଥଯାତ୍ରୀ, ଖରାପବାଟରେ ଯାଉଥିବା ।

**ଅପମାରଙ୍ଗ** ***ବି.*** ଔଷଧୀୟ ଗୁଳ୍ମ ବିଶେଷ ।

**ଅପମିଶ୍ରଣ** ***ବି.*** ଲାଭ ଆଶାରଖି କୌଣସି ଏକ ପଦାର୍ଥ ସହିତ ସମଜାତୀୟ ଅଳ୍ପମୂଲ୍ୟବିଶିଷ୍ଟ ଅନ୍ୟ ପଦାର୍ଥର ମିଶ୍ରଣ, ଭେଜାଲୀକରଣ ।

**ଅପମିଶ୍ରିତ** ***ବିଂ.*** ମନ୍ଦ ଉଦ୍ଦେଶ୍ୟରେ ମିଶାଯାଇଥିବା ।

**ଅପମୃତ୍ୟୁ** ***ବି.*** ଅକାଳମରଣ, ଦୁର୍ଘଟଣାଜନିତ ମୃତ୍ୟୁ ।

**ଅପନାଶ, ଅପଯଶଃ** ***ବି.*** କଳଙ୍କ, ଅଖ୍ୟାତି, ନିନ୍ଦା, ଦୁର୍ନାମ ।

**ଅପର୍‌ଛନିଆ** ***ବିଂ.*** ବେଶପୋଷାକ ଓ ଆଚରଣରେ ଅମାର୍ଜିତ, ଅପରିଚ୍ଛନ୍ନ ।

**ଅପର୍‌ଝା** ***ବିଂ.*** କେବଳ ସିଝା, ଅବଘରା, ଅଫୁଟା ।

**ଅପର** ***ବିଂ.*** ୧. ଅନ୍ୟ, ଭିନ୍ନ ୨. ବିପରୀତ ।

**ଅପରତ, ଅପରତିଆଣି** ***ବି.*** ୧. ଅପର୍ତିଆଣି, ଯାହାର ଜନ୍ମ ଆଗରୁ ବଡ଼ ଭାଇ ଅଥବା ଭଉଣୀ ମରିଥାଏ ୨. ଯେଉଁ ସନ୍ତାନ ବଞ୍ଚିବାର ଆଶା ନ ଥାଏ ।

**ଅପରତେ** ***ବି.*** ପରତେ ନ ଯିବା, ବିଶ୍ୱାସ ନ କରିବା; ***ବିଂ.*** ଅବିଶ୍ୱାସ୍ୟ ।

**ଅପରପକ୍ଷ** ***ବି.*** ୧. ପିତୃପକ୍ଷ, ଆଶ୍ୱିନ କୃଷ୍ଣପକ୍ଷ ୨. ଅନ୍ୟ ଗୋଷ୍ଠୀ/ଦଳ ।

**ଅପରପର** ***ବିଂ.*** ଭିନ୍ନ ଭିନ୍ନ, ଅଲଗା ଅଲଗା, ନିଆରା ନିଆରା ।

**ଅପରବଳ** ***ବି.*** ୧. ଅତ୍ୟଧିକ ୨. ପ୍ରବଳ ୩. ପ୍ରଚୁର ।

**ଅପରଭୋଜୀ** ***ବିଂ.*** ଅନ୍ୟର ଖାଦ୍ୟ ଉପରେ ନିର୍ଭରଶୀଳ, ମଲାଙ୍ଗ ।

**ଅପରା** ***ବିଂ.*** ଆଧିଭୌତିକ, ପାରତ୍ରିକ ।

**ଅପରାଜିତ** ***ବିଂ.*** ଅଜିତ, ଯେ ପରାସ୍ତ ହୋଇ ନାହିଁ ବା ହାରି ନାହିଁ, ଅଜେୟ ।

**ଅପରାଜିତା** ***ବିଂ.*** ୧. ଲତା ବିଶେଷ ଓ ତାର ଘନନୀଳ କିମ୍ବା ଧଳାରଙ୍ଗର ଫୁଲ ୨. ଦୁର୍ଗା ।

**ଅପରାଜେୟ** ***ବିଂ.*** ଯାହାକୁ ପରାଜିତ କରାଯାଇ ନ ପାରେ, ଅଜେୟ, ଅଦମ୍ୟ ।

**ଅପରାଧ** ***ବି.*** ୧. ଦୋଷ, ତ୍ରୁଟି ୨. ବେଆଇନ ବା ନିୟମ ବହିର୍ଭୂତ କାମ ୩. ସାମାଜିକ ଅନାଚାର ।

**ଅପରାଧ ବିଜ୍ଞାନ** ***ବି.*** ଅପରାଧ ସଂକ୍ରାନ୍ତ ବିଶେଷ ଜ୍ଞାନ ।

**ଅପରାଧବୋଧ** ***ବି.*** ଦୋଷାନୁଭବ ।

**ଅପରାଧୀ** ***ବିଂ. ବି.*** ଦୋଷୀ, ଅଭିଯୁକ୍ତ ବ୍ୟକ୍ତି ।

**ଅପରାନ୍ତ** ***ବି.*** ଭବିଷ୍ୟତ, ଆଗାମୀ, ଆଗକାଳ ।

**ଅପରାପର** ***ଅ.*** ଅନ୍ୟାନ୍ୟ, ଅଲଗା ଅଲଗା ପଦାର୍ଥ ।

**ଅପରାବିଦ୍ୟା** ***ବି.*** ଗୁପ୍ତବିଦ୍ୟା, ତନ୍ତ୍ରବିଦ୍ୟା ।

**ଅପରାହ୍ଣ(ହ୍ନ)** ***ବି.*** ଉପରବେଳା, ମଧ୍ୟାହ୍ନ ପରବର୍ତ୍ତୀକାଳ ।

**ଅପରିଗ୍ରହ** ***ବି.*** ୧. ଦାନ ଗ୍ରହଣ ନ କରିବା, ୨. ଅସ୍ୱୀକାର କରିବା ।

**ଅପରିଚିତ** ***ବିଂ.*** ଅଚିହ୍ନା, ଅଜଣା, ପରିଚୟ ନ ଥିବା, ***ସ୍ତ୍ରୀ.*** ଅପରିଚିତା ।

**ଅପରିଚ୍ଛନ୍ନ** ***ବିଂ.*** ଅପରିଷ୍କୃତ, ମଳିଛା, ମଳିନ, ଦୋଷଦୁଷ୍ଟ ।

**ଅପରିଜ୍ଞାତ** ***ବିଂ.*** ଅଜଣା, ଅଜ୍ଞାତ ।

**ଅପରିଣତ** ***ବିଂ.*** କଞ୍ଚା, ଅନଭିଜ୍ଞ, ଅପକ୍ୱ, ଅପାକଳ ।

**ଅପରିଣାମ** ***ବି.*** ଶେଷ ବା ସମାପ୍ତି-ପୂର୍ବ ।

**ଅପରିଣାମଦର୍ଶିତା** ***ବି.*** ଫଳ ସଂପର୍କରେ ନ ଭାବିବା ।

**ଅପରିଣାମଦର୍ଶୀ** ***ବିଂ.*** ଯେ କୌଣସି କାର୍ଯ୍ୟର ଫଳ ଅନୁମାନ କରିପାରେନାହିଁ ।

**ଅପରିଣୀତ** ***ବିଂ.*** ଅବିବାହିତ, ***ସ୍ତ୍ରୀ.*** ଅପରିଣୀତା, ଅବିବାହିତା ।

**ଅପରିତୃପ୍ତ** ***ବିଂ.*** ତୋଷ ବା ସନ୍ତୁଷ୍ଟ ହୋଇ ନ ଥିବା, ଅତୃପ୍ତ, ଅସନ୍ତୁଷ୍ଟ ।

**ଅପରିପକ୍ୱ** ***ବିଂ.*** ୧. ପାକଳ ହୋଇ ନ ଥିବା, କଞ୍ଚା, ଦରପାଚିଲା, ୨. ଅନଭିଜ୍ଞ, ଅଦକ୍ଷ ।

**ଅପରିବର୍ତ୍ତନୀୟ** ***ବିଂ.*** ଯାହାକୁ ବଦଳାଯିବା ଅସମ୍ଭବ ।

**ଅପରିବର୍ତ୍ତିତ** ***ବିଂ. କ୍ରିବିଂ.*** ଅବଦଳ, ପୂର୍ବ ଅନୁରୂପ, ପୂର୍ବପରି ।

**ଅପରିବାହୀ** ***ବିଂ.*** ୧. ଯାହା ପରିବହନ ବା ସ୍ଥାନାନ୍ତରୀକରଣର ଅନୁପଯୋଗୀ ୨. ବିଦ୍ୟୁତ୍ ବା ତାପ ପରିବହନରେ ଅକ୍ଷମ, ନନ୍-କଣ୍ଡକ୍ଟର୍ ।

**ଅପରିମିତ, ଅପରିମେୟ** ***ବିଂ.*** ଯାହାର ପରିମାଣ ନିର୍ଦ୍ଧାରିତ ହୋଇପାରେ ନାହିଁ, ଅସୀମ, ଅତ୍ୟନ୍ତ ।

**ଅପରିଶୀଳନ** ***ବି.*** ଭଲ ଭାବରେ ବିଚାର ବା ବ୍ୟାଖ୍ୟାର ଅଭାବ ।

**ଅପରିଶୀଳିତ** ***ବିଂ.*** ଭଲ ଭାବରେ ବ୍ୟାଖ୍ୟା ବା ଆଲୋଚିତ ହୋଇ ନ ଥିବା, ଅପରୀକ୍ଷିତ ।

**ଅପରିଶୋଧିତ** ***ବିଂ.*** ଅପବିତ୍ର, ଅସଂଶୋଧିତ, ଅସଂସ୍କୃତ, ଅପବିତ୍ର, ପରିଷ୍କୃତ ହୋଇ ନ ଥିବା ।

**ଅପରିଷ୍କାର** ***ବିଂ.*** ଅନିର୍ମଳ, ମଇଳା, ଦୂଷିତ ପଦାର୍ଥଯୁକ୍ତ, ଅସଫା, ଅଶୋଧିତ ।

**ଅପରିସୀମ** ***ବିଂ.*** ଯାହାର ସୀମା ନାହିଁ, ଅସୀମ, ସର୍ବବ୍ୟାପ୍ତ ।

**ଅପରିସ୍ଫୁଟ** ***ବିଂ.*** ୧. ଅପ୍ରକଟ, ଅବ୍ୟକ୍ତ ୨. ଅସ୍ପଷ୍ଟ, ଅନାଲୋକିତ ୩. ଅଫୁଟା ।

**ଅପରିହାର୍ଯ୍ୟ ବିଂ.** ୧. ଯାହାର ଆବଶ୍ୟକତାକୁ ଅସ୍ୱୀକାର କରିହୁଏ ନାହିଁ ୨. ନିଶ୍ଚିତ ।

**ଅପରୁଚି ବି.** ମନ୍ଦ ଅଭ୍ୟାସ, କୁରୁଚି, ନିକୃଷ୍ଟ ମାନସିକତା, ମନ୍ଦ ଆଚାର ଓ ବିଚାର ।

**ଅପରୂପ ବିଂ.** ଯାହାର ରୂପ ବା ଆକୃତି ତୁଳନାରହିତ, ଅଦ୍‌ଭୁତ, ବିସ୍ମୟକର ।

**ଅପରେଟର୍ ବି.** କୌଣସି ଯନ୍ତ୍ର ଚଳାଇବା ଲୋକ, ଯନ୍ତ୍ରଚାଳକ ।

**ଅପରେସନ୍ ବି.** ୧. ଶଲ୍ୟ ଚିକିତ୍ସା ୨. ବିଶେଷ ଅଭିଯାନ ବା ପ୍ରକଳ୍ପ (*ଉଦା.* ଅପରେସନ୍ ବ୍ଲାକବୋର୍ଡ) ।

**ଅପରେସନ୍ ଥିଏଟର ବି.** ଅସ୍ତ୍ରୋପଚାରପାଇଁ ଡାକ୍ତରଖାନାରେ ବିଶେଷ ଭାବରେ ପ୍ରସ୍ତୁତ ପ୍ରକୋଷ୍ଠ ।

**ଅପରେସନ୍ ବ୍ଲାକବୋର୍ଡ଼୍ ବି.** ସର୍ବଶିକ୍ଷା କାର୍ଯ୍ୟକ୍ରମ ।

**ଅପରୋକ୍ଷ ବିଂ.** ପ୍ରତ୍ୟକ୍ଷ, ସିଧାସଳଖ ।

**ଅପର୍ତ୍ତିଆଣୀ ବିଂ.** ଯାହାର ଉପର ଭାଇ ବା ଭଉଣୀ ମରିଯାଇଥା'ନ୍ତି ।

**ଅପର୍ଯ୍ୟାପ୍ତ ବିଂ.** ୧. ଅଳ୍ପ, ଯାହା ଯଥେଷ୍ଟ ନୁହେଁ ୨. ଆବଶ୍ୟକତାଠାରୁ ବହୁ ଅଧିକ, ପ୍ରଚୁର ।

**ଅପଳାପ ବି.** ୧. ମିଥ୍ୟା ୨. ଅସ୍ୱୀକାର ୩. ଭଣ୍ଡନ ।

**ଅପଲକ ବିଂ.** ଆଖିପତା ନ ପଡ଼ିବା, ପଲକହୀନ, ନିର୍ନିମେଷ, ଏକସ୍‌କଁଟି ।

**ଅପଶବ୍ଦ ବି.** ୧. ଅଶ୍ଳୀଳ ଶବ୍ଦ ୨. ବ୍ୟାକରଣ ବିରୁଦ୍ଧ ଶବ୍ଦ ୩. ଅପଭ୍ରଂଶ ଶବ୍ଦ ।

**ଅପସଂସ୍କୃତି ବି.** ସଂସ୍କୃତି ନାମରେ ଆଚରିତ ବିଭିନ୍ନ ନିକୃଷ୍ଟ ପର୍ବପର୍ବାଣୀ, ରୀତିନୀତି, ନୃତ୍ୟ, ଗୀତ ପ୍ରଭୃତି ।

**ଅପସନ୍ଦ ବି.** ୧. ମନକୁ ନ ଘେନିବା ବା ପାଇବା, ଅରୁଚିକର ୨. ଯାହା ପସନ୍ଦଯୋଗ୍ୟ ନୁହେଁ ।

**ଅପସବ୍ୟ ବିଂ.** ୧. ବିପରୀତ ୨. ପିଣ୍ଡଦାନ କାଳରେ ଡାହାଣ କାନ୍ଧରେ ପଇତା ପିନ୍ଧା, ପଇତାର କାନ୍ଧ ବଦଳ ୩. ଡାହାଣ ।

**ଅପସରଣ ବି.** ପଳାଇଯିବା, ଘୁଞ୍ଚିଯିବା, ସ୍ଥାନାନ୍ତରଣ ।

**ଅପସରା ବି.** ୧. ସ୍ୱର୍ଗବେଶ୍ୟା ୨. ଅତି ସୁନ୍ଦରୀ ୩. ମାନ, ଅଭିମାନ, ରୁଷା ।

**ଅପସାରଣ ବି.** ୧. ଘୁଞ୍ଚାଇଦେବା ୨. କାଢ଼ିନେବା, ଦୂରୀକରଣ ।

**ଅପସାରିତ ବିଂ.** ସ୍ଥାନାନ୍ତରିତ, ଘୁଞ୍ଚାଯାଇଥିବା ।

**ଅପସୃୟମାନ ବିଂ.** ଦୂରେଇ ଯାଉଥିବା ।

**ଅପସୃତ ବିଂ.** ଦୂରକୁ ନିଆଯାଇଥିବା ।

**ଅପସ୍ଥାପନ ବି.** କୌଣସି ପଦାର୍ଥକୁ ଯଥା ସ୍ଥାନରେ ନ ରଖିବା, ପ୍ରମାଦପୂର୍ଣ୍ଣ ସଂଯୋଜନ, ବିଶୃଙ୍ଖଳ ଭାବରେ ରହିଥିବା ।

**ଅପସ୍ନାନ ବି.** ଶବଗାଧୁଆ ।

**ଅପସ୍ମାର ବି.** ମୂର୍ଚ୍ଛାରୋଗ, ମୂର୍ଚ୍ଛାରୋଗ, ସ୍ନାୟବିକ ରୋଗ ବିଶେଷ ।

**ଅପହଞ୍ଚ ବିଂ.** ୧. ଯେଉଁଠିକି ପହଞ୍ଚିବା/ପ୍ରବେଶ କରିବା ଅସମ୍ଭବ ୨. ହାତ ନ ପାଇବା (ଉଚ୍ଚତା) ।

**ଅପହଡ଼ ବିଂ.** ୧. ନିଦରୁ ଉଠିଥିବା ୨. ନିଦ୍ରାରହିତ, ଅନିଦ୍ରିତ ।

**ଅପହନ୍ତା ବିଂ.** ହତ୍ୟାକାରୀ, ବିନାଶକାରୀ, ଘାତକ ।

**ଅପହରଣ ବି.** ବ୍ୟକ୍ତି ବା ଅନ୍ୟର ପଦାର୍ଥକୁ ତାର ଅଜାଣତରେ ନେଇଯିବା, ଚୋରି ।

**ଅପହର୍ତ୍ତା ବିଂ.ବି.** ଚୋର ।

**ଅପହନି, ଅପହୁନି ବି.** ୧. ପହଞ୍ଚି ପାରୁନଥିବା ୨. ବହୁ ଦୂରତା ଥିବା ।

**ଅପହସିତ ବି.** ବଡ଼ପାଟିରେ ହସିବା ।

**ଅପହାର ବି.** ୧. ରିଆତି, ଡ଼ିସକାଉଣ୍ଟ ୨. ଅପଚୟ ୩. ଚୋରି ।

**ଅପହାସ ବି.** ବିକୃତ ହସ, ପରିହାସ, ଅସଂଯତ ହସ ।

**ଅପହୃତ ବିଂ.** ୧. ଜାଣି ଲୁଚାଇବା ୨. ଚୋରି ଯାଇଥିବା ।

**ଅପା ବି.** ୧. ବଡ଼ଭଉଣୀ, ନାନୀ, ବାପାଙ୍କର ବଡ଼ ଭଉଣୀ ୨. ପିଉସୀ ନାନୀ ।

**ଅପାକ ବିଂ.** ୧. ସିଦ୍ଧ ହୋଇନଥିବା ୨. ଅଜୀର୍ଣ୍ଣଜନିତ ।

**ଅପାକଳ ବିଂ.** ପାକଳ ହୋଇନଥିବା, ବନି ନଥିବା, ପୂରା କଞ୍ଚା, ଅପରିପକ୍ୱ, ଅପୋଖତ ।

**ଅପାଂକ୍ତେୟ ବିଂ.** ୧. ଅଲୋଡ଼ା, ଅନାବଶ୍ୟକ, ଏକଘରିଆ ୨. ବର୍ଜନୀୟ, ୩. ପଙ୍କ୍ତି ଭୋଜନରେ ଯାହାକୁ ବର୍ଜନ କରାଯାଏ ।

**ଅପାଙ୍ଗ ବି.** ୧. ଖଣ୍ଡାର ଅଗ ୨. କଟାକ୍ଷ, ତେର୍ଛା/ଆଡ଼ଚାହାଣି ; **ବିଂ.** ଅଙ୍ଗହୀନ ।

**ଅପାଙ୍ଗୁ ବିଂ.** ୧. କୋଢ଼ିଆ, କାମଚୋର ୨. ବିକଳାଙ୍ଗ ।

**ଅପାଟବ ବିଂ.** ୧. ଅଦକ୍ଷ ୨. ଅସୁନ୍ଦର ୩. ଅରୁଚିକର ।

**ଅପାଠୁଆ ବିଂ.** ଯେ ପାଠ ପଢ଼ି ନ ଥାଏ, ମୂର୍ଖ, *ସ୍ତ୍ରୀ.* ଅପାଠୋଇ ।

**ଅପାଠ୍ୟ ବିଂ.** ୧. ଯାହା ପଢ଼ିହେବ ନାହିଁ ୨. ଯାହା ପଠନୀୟ ନୁହେଁ ।

**ଅପାଣିଆ ବି.ବିଂ.** ୧. ଠେଙ୍ଗା (ଜମି), ଡିଗ୍‌ରା, ଯେଉଁ ଜମିରେ ପାଣି ମାଡେ ନାହିଁ ୨. ତର୍ପଣ କରିବାକୁ କେହି ନ ଥିବା ୩. ପିତୃଲୋକ/ ନିର୍ଜଳ ।

**ଅପାଣ୍ଡବା ବି.** ୧. ଯେଉଁ ସ୍ଥାନ ବା ଅଞ୍ଚଳକୁ ପାଣ୍ଡବମାନେ ଯାଇ ନାହାନ୍ତି ୨. ଯେଉଁ ଅଞ୍ଚଳର ଲୋକମାନଙ୍କର ବ୍ୟବହାର ଅମାର୍ଜିତ, ଅସଭ୍ୟ, ବର୍ବର ।

**ଅପାଣ୍ଡୁ** ***ବିଂ*** ୧. ଅଯୋଗ୍ୟ ୨. ଅସଭ୍ୟ, ଅମାର୍ଜିତ ୩. କୁଳାଙ୍ଗାର ।

**ଅପାଣ୍ଡୁଳ** ***ବିଂ*** ଅପାଣ୍ଡବା, ଅପଦାର୍ଥ, ଅଯୋଗ୍ୟ ।

**ଅପାତ୍ର** ***ବିଂ*** ଅଯୋଗ୍ୟ, ଅନୁପଯୁକ୍ତ ।

**ଅପାତ୍ରଦାନ** ***ବି.*** ଅଯୋଗ୍ୟ ବ୍ୟକ୍ତିଙ୍କ ପ୍ରତି ଦୟା ବା ସଦ୍ ବ୍ୟବହାର ।

**ଅପାଦାନ** ***ବି.*** ୧. ଯାହାଠାରୁ କୌଣସି ବସ୍ତୁ ଗୃହୀତ କିମ୍ବା ବିଚ୍ଛିନ୍ନ ହୁଏ ୨. ପଞ୍ଚମୀ ବିଭକ୍ତିର କାରକ ।

**ଅପାନ** ***ବି.*** ଯୋଗଶାସ୍ତ୍ର ବର୍ଣ୍ଣିତ ପାଞ୍ଚବାୟୁ ମଧ୍ୟରୁ ନାଭିକେନ୍ଦ୍ରସ୍ଥିତ ବାୟୁ ।

**ଅପାନବାୟୁ** ***ବି.*** ଅଧୋବାୟୁ, ମଳଦ୍ୱାରରୁ ନିର୍ଗତ ଦୂଷିତ ପବନ, ପାଦ଼ ।

**ଅପାପବିଦ୍ଧ** ***ବି.ବିଂ*** ଯାହାକୁ ପାପ ଛୁଇଁନାହିଁ ।

**ଅପାପୀ** ***ବି.*** ସାଧୁ, ପୁଣ୍ୟବାନ ।

**ଅପାମାରଙ୍ଗ, ଅପାମର** ***ବି.*** ଔଷଧୀୟ ଗୁଣଯୁକ୍ତ ଗୁଳ୍ମ ବିଶେଷ ।

**ଅପାର** ***ବିଂ*** ସୀମାହୀନ, ଅନତିକ୍ରମ୍ୟ, ଆଶାତୀତ ଭାବରେ ଅଧିକ ।

**ଅପାରକାଳ** ***ଅଂ*** ବହୁଦିନ ପର୍ଯ୍ୟନ୍ତ ।

**ଅପାରଗ** ***ବିଂ*** ଅସମର୍ଥ, ଅପାରଙ୍ଗମ, କମଜୋର, ଅକ୍ଷମ, ନିପାରିଲା ।

**ଅପାରୁ** ***ବିଂ*** ଅପାରଗ ।

**ଅପାର୍ଥିବ** ***ବିଂ*** ୧. ଅସାଂସାରିକ ୨. ଆଧିଜାଗତିକ ୩. ଦିବ୍ୟ ୪. ପରମ, ସ୍ୱର୍ଗୀୟ ।

**ଅପାଳକ** ***ବି.*** ୧. ଅନାବୃଷ୍ଟି ଯୋଗୁ ଶସ୍ୟହାନି ୨. ଅପଶାସନ, ଅରାଜକ ।

**ଅପାଲଟା** ***ବିଂ*** ୧. ଅପରିବର୍ତ୍ତନୀୟ ୨. ଖୋଲା ଯାଇନଥିବା, ୩. ହକଳାଯାଇ ନ ଥିବା ୪. ଯାହା ଲକ୍ଷ୍ୟ ସ୍ଥାନକୁ ନ ଭେଦି ଫେରେନାହିଁ, ଅଣଲେଉଟା ।

**ଅପାୟ** ***ବି.*** ୧. ଅଶୁଭ, ବିପଦ, ବିଘ୍ନ ୨. ଉପାୟଶୂନ୍ୟ ।

**ଅପାସୋରା** ***ବିଂ*** ଅଭୁଲା, ଅବିସ୍ମରଣୀୟ ।

**ଅପିବା** ***କ୍ରି.*** ୧. ସ୍ୱୀକାରକରିବା, ଗ୍ରହଣକରିବା, ରାଜିହେବା ୨. କୁଳେଇବା ।

**ଅପିଲ୍** ***ବି.*** ନିବେଦନ, ଅନୁରୋଧ, ଫେରାଦ ।

**ଅପିଲ କରିବା** ***କ୍ରି.*** ତଳ ଅଦାଲତର ଫଇସଲା ବିରୋଧରେ ଉପର ଅଦାଲତରେ କେସ୍‌ର ବିଚାରପାଇଁ ଅନୁରୋଧ କରିବା ।

**ଅ(ଆ)ପୁଅା** ***ବି.ବିଂ*** ୧. ଅଫିମଖୋର, ଅଫିମିଆ, ଗୁଲିଖୋର ୨. ଯେଉଁ ଗଛରେ ପୁଆ ବା ପିଲ ନ ଥାଏ ୩. ଅପୁତ୍ରକ ।

**ଅପୁଛା** ***ବିଂ*** ପଚରାଯାଇ ନ ଥିବା, ଅପଚରା ।

**ଅପୁତ୍ରକ** ***ବିଂ*** ପୁତ୍ରହୀନ, ଆଣ୍ଟୁକୁଡ଼ା ।

**ଅପୂଜା** ***ବିଂ*** ୧. ପୂଜା ହୋଇ ନ ଥିବା ୨. ଯେଉଁ ଦେବୀ ବା ଦେବତାଙ୍କୁ ପୂର୍ବରୁ ପୂଜା କରାଯାଇନାହିଁ ।

**ଅପୂଜିତ** ***ବିଂ*** ଯେଉଁ ଦେବତାଙ୍କୁ ନିୟମିତ ପୂଜା କରାଯାଏ ନାହିଁ ।

**ଅପୂରଣୀୟ** ***ବିଂ*** ଯାହା ପୂରଣ ହୋଇପାରେ ନାହିଁ ।

**ଅପୂର୍ଣ୍ଣ** ***ବିଂ*** ଅସମାପ୍ତ, ଅଧୁରା ।

**ଅପୂର୍ଣ୍ଣାଙ୍ଗ** ***ବିଂ*** ପୂରା ହୋଇ ନ ଥିବା ।

**ଅପୂର୍ବ** ***ବିଂ*** ବହୁମୂଲ୍ୟ, ଦୁର୍ଲ୍ଲଭ, ଅତି ଚମତ୍‌କାର, ଅଭିନବ, ପୂର୍ବରୁ ନ ଥିବା, ଅତିଭଲ ।

**ଅପେୟ** ***ବି.*** ଯାହା ପିଆ ହେବାପାଇଁ ଅନୁପଯୁକ୍ତ ।

**ଅପେରା** ***ବି.*** ୧. ଯାତ୍ରା, ଲୋକନାଟକ, ନୃତ୍ୟ ଓ ସଙ୍ଗୀତ ପ୍ରଧାନ ଆମୋଦଧର୍ମୀ ନାଟକ ୨. ପାଶ୍ଚାତ୍ୟ ସଙ୍ଗୀତ ପ୍ରଧାନ ନାଟ୍ୟକଳା ବିଶେଷ ।

**ଅପେକ୍ଷଣୀୟ** ***ବିଂ*** ଯାହାଙ୍କୁ ଅପେକ୍ଷା କରାଯାଇପାରେ ।

**ଅପେକ୍ଷମାଣ** ***ବିଂ*** ଅପେକ୍ଷା କରି ରହିଥିବା ।

**ଅପେକ୍ଷା** ***ବି.*** ୧. ପ୍ରତୀକ୍ଷା ୨. ଅଭୀପ୍‌ସା, ଆଶା; ***ଅ.*** ତୁଳନାରେ, ଠାରୁ ।

**ଅପେକ୍ଷାକୃତ** ***ବିଂ.କ୍ରିବିଂ*** ତୁଳନାରେ, ସମ୍ପର୍କିତ ।

**ଅପେକ୍ଷିତ** ***ବି.*** ଅପେକ୍ଷା କରିଥିବା, ଇପ୍‌ସିତ, ଆକାଂକ୍ଷିତ, ଯାହାକୁ ଅପେକ୍ଷା କରାଯାଇଥାଏ ।

**ଅପୋଗଣ୍ଡ** ***ବି.ବିଂ*** ୧. ନାବାଳକ, ଯୌବନ ପ୍ରାପ୍ତିର ପୂର୍ବାବସ୍ଥା, ପାଞ୍ଚରୁ ପନ୍ଦର ବର୍ଷ ବୟସ ମଧ୍ୟସ୍ଥ ବାଳକ ୨. ଅଜ୍ଞାନ, ମୂର୍ଖ ।

**ଅପୋଡ଼ା** ***ବିଂ*** ୧. ପୋଡ଼ା ହୋଇ ନ ଥିବା ୨. ପରିତ୍ୟକ୍ତ ୩. ଯେଉଁଠାରେ କେହି ରହି ନାହିଁ ।

**ଅପୋଡ଼ା ପିଣ୍ଡ** ***ବି.*** କୃଷ୍ଣଙ୍କର ଅଦାହ୍ୟ ଅସ୍ଥି (ସାରଳା ମହାଭାରତ) ।

**ଅପୋଡା ପୃଥିବୀ** ***ବି.*** ୧. ଯେଉଁ ସ୍ଥାନରେ କେହି କେବେ ଘରଦ୍ୱାର କରି ରହି ନାହିଁ ୨. ଯେଉଁଠାରେ ଚୁଲି ଜଳି ନାହିଁ ।

**ଅପୋଢ଼** ***ବି.ବିଂ*** ୧. ଯୁକ୍ତି ମାଧ୍ୟମରେ ଭ୍ରମ ବା ଭ୍ରାନ୍ତ ଧାରଣା ଦୂର କରିବା ୨. ବିତାଡ଼ିତ, ପରିତ୍ୟକ୍ତ, ଅତିକ୍ରାନ୍ତ ।

**ଅପୋଷା** ***ବିଂ*** ଯାହାକୁ ପୋଷା ବା ପାଳନ କରା ଯାଏ ନାହିଁ ବା ଯାଇ ନାହିଁ ।

**ଅପୌରୁଷ** ***ବିଂ*** ୧. ପୁରୁଷତ୍ୱହୀନ ୨. ବ୍ୟକ୍ତିତ୍ୱରହିତ, ଶୌର୍ଯ୍ୟହୀନ, ଦୁର୍ବଳ ୩. ଅତିମାନୁଷ ।

**ଅପୌରୁଷେୟ** ***ବିଂ.ବି.*** ୧. ଯାହା ମଣିଷକର୍ତ୍ତୃକ ନୁହେଁ ୨. ବେଦ ୩. ଅଲୌକିକ, ଅକୃତ୍ରିମ ।

**ଅପ୍ରକଟ** ***ବିଂ*** ୧. ଅପ୍ରକାଶିତ, ଅନାଲୋକିତ, ଗୁପ୍ତ, ଅଦୃଶ୍ୟ ୨. ଅବ୍ୟକ୍ତ ।

**ଅପ୍ରକାଶ** ***ବି.*** ଗୋପନ; ***ବିଂ.*** ୧. ଗୋପନୀୟ, ଅବ୍ୟକ୍ତ, କୁହାଯାଇ ନ ଥିବା ୨. ଲୁକ୍କାୟିତ, ଗୁପ୍ତ, ଅପ୍ରକାଶ୍ୟ ।

**ଅପ୍ରକାଶିତ** ***ବିଂ.*** ୧. ଯାହା ଏ ଯାବତ ମୁଦ୍ରିତ ବା ଛପା ହୋଇନାହିଁ, ଅମୁଦ୍ରିତ ପାଣ୍ଡୁଲିପି ୨. ଯାହା ସମ୍ବନ୍ଧରେ ଏ ଯାବତ କେହି କିଛି ଜାଣି ନାହାନ୍ତି, ଅଜ୍ଞାତ ୩. ଯାହାକୁ କେହି ଦେଖିନାହାନ୍ତି, ଅଦୃଶ୍ୟ ।

**ଅପ୍ରକୃତ** ***ବି.*** ୧. ଅବାସ୍ତବ ୨. ଅଯଥାର୍ଥ ୩. ଅସତ୍ୟ, ମିଛ ।

**ଅପ୍ରଘଟ** ***ବିଂ.*** ଜନସାଧାରଣଙ୍କ ଗୋଚର ହୋଇନଥିବା, ପ୍ରଚାରିତ ହୋଇନଥିବା।

**ଅପ୍ରଚଳିତ** ***ବିଂ.*** ଯାହା ସାଧାରଣରେ ବ୍ୟବହୃତ ବା ଆଚରିତ ହୁଏ ନାହିଁ, ଅକାମି ।

**ଅପ୍ରଚୁର** ***ବିଂ.*** ଅଳ୍ପ, ଯାହା ଯଥେଷ୍ଟ ନୁହେଁ ।

**ଅପ୍ରଚ୍ଛନ୍ନ** ***ବିଂ.*** ଖୋଲା, ପ୍ରକାଶିତ, ମୁକ୍ତ ।

**ଅପ୍ରତିଦ୍ୱନ୍ଦ୍ୱୀ** ***ବିଂ.*** ପ୍ରତିବାଦୀଶୂନ୍ୟ, ଅବିରୋଧୀ, ଅପ୍ରତିହତ, ସମସ୍ତଙ୍କ ଦ୍ୱାରା ସ୍ୱୀକୃତ ।

**ଅପ୍ରତିପାଦ୍ୟ** ***ବିଂ.*** ଅପ୍ରମାଣିତ ।

**ଅପ୍ରତିଭ** ***ବିଂ.*** ଅପ୍ରସ୍ତୁତ, କିଂକର୍ତ୍ତବ୍ୟବିମୂଢ଼, ଅସ୍ଥିର, ପ୍ରତିଭାଶୂନ୍ୟ ।

**ଅପ୍ରତିଷ୍ଠ** ***ବିଂ.*** ୧. ମାମୁଲି, ସାଧାରଣ, ଅଖ୍ୟାତ, ଅଜଣା ୨. ଯଶହୀନ; ପ୍ରତିଷ୍ଠାର ଅଭାବ ।

**ଅପ୍ରତିଷ୍ଠା** ***ବି.*** ପ୍ରତିଷ୍ଠାର ଅଭାବ ।

**ଅପ୍ରତିହତ** ***ବିଂ.*** ଅବାଧ, ଅନାହତ, ପ୍ରତିବାଦଶୂନ୍ୟ, ଅପ୍ରତିଦ୍ୱନ୍ଦ୍ୱୀ ।

**ଅପ୍ରତୁଳ** ***ବିଂ.*** ଅଳ୍ପ, ଆବଶ୍ୟକତାଠାରୁ କମ୍, ଅପ୍ରଚୁର, ନଅଣ୍ଟ ।

**ଅପ୍ରତ୍ୟାଶିତ** ***ବିଂ.*** ଆକସ୍ମିକ, ହଠାତ୍, ଅନହୁତି, ଅଚାନକ ।

**ଅପ୍ରଧାନ** ***ବିଂ.*** ୧. ଗୌଣ ୨. ଅଧୀନସ୍ଥ ୩. ସାଧାରଣ, ନିକୃଷ୍ଟ ।

**ଅପ୍ରବର୍ତ୍ତିତ** ***ବିଂ.*** ୧. ଆବଶ୍ୟକତାରେ ବିନିଯୋଗପାଇଁ ଅନ୍ୟ କାହା ଦ୍ୱାରା ପ୍ରବର୍ତ୍ତିତ ହୋଇନଥିବା ୨. କାର୍ଯ୍ୟରୁ ଅଲଗା ହୋଇଥିବା ୩. ପରିବର୍ତ୍ତନ ହୋଇନଥିବା ।

**ଅପ୍ରବଳ** ***ବିଂ.*** ୧. ଅତି ଶକ୍ତିଶାଳୀ ୨. ଅଧିକ, ଅପର୍ଯ୍ୟାପ୍ତ ।

**ଅପ୍ରମାଣ** ***ବିଂ.*** ଯାହାର ପ୍ରମାଣ ନାହିଁ, ଆବଶ୍ୟକୀୟ ତଥ୍ୟର ଅଭାବ ।

**ଅପ୍ରମାଦ** ***ବି.*** ୧. ପ୍ରମାଦ ବା ଭ୍ରମର ଅଭାବ ୨. ସତର୍କତା ।

**ଅପ୍ରମିତ** ***ବିଂ.*** ଅପରିମିତ, ଅଗଣିତ, ଅସଂଖ୍ୟ, ଆଶାତୀତ, ଅଧିକ, ବହୁତ, ଅଗଣନ ।

**ଅପ୍ରମେୟ** ***ବିଂ.*** ଅମାପ, ଅକଳନୀୟ, ଯାହାର ପରିମାଣ ନାହିଁ, ଅପରିମେୟ ।

**ଅପ୍ରଯତ୍ନ** ***ବି.*** ଯତ୍ନ ବା ପରିପାଳନର ଅଭାବ ।

**ଅପ୍ରଶସ୍ତ** ***ବିଂ.*** ୧. ଅଣଓସାରିଆ, ସଂକୀର୍ଣ୍ଣ, ତୋକଡ଼ ୨. ଛୋଟ ।

**ଅପ୍ରଶିକ୍ଷିତ** ***ବିଂ.*** ତାଲିମ ପାଇନଥିବା, ନିର୍ଦ୍ଦିଷ୍ଟ ବିଷୟରେ ସ୍ୱତନ୍ତ୍ର ଶିକ୍ଷା ପାଇନଥିବା ।

**ଅପ୍ରସଙ୍ଗ** ***ବି.*** ସଂଗତିହୀନତା, ହେତୁରହିତ, ପୂର୍ବାପର ସମ୍ପର୍କଶୂନ୍ୟତା, ***ବିଂ.*** ଅପ୍ରାସଙ୍ଗିକ ।

**ଅପ୍ରସନ୍ନ** ***ବିଂ.*** ୧. ଅତୃପ୍ତ, ଅସନ୍ତୁଷ୍ଟ ୨. ରାଗୀ ।

**ଅପ୍ରସିଦ୍ଧ** ***ବିଂ.*** ସାଧାରଣ, ମାମୁଲି, ଅଖ୍ୟାତ, ଅସିଦ୍ଧ ।

**ଅପ୍ରସ୍ତୁତ** ***ବିଂ.*** ୧. ଲଜ୍ଜିତ, ଅପ୍ରତିଭ, ଅପଦସ୍ଥ ୨. ଅଜାଗ୍ରତ, ଅସଚେତନ ।

**ଅପ୍ରାକୃତ** ***ବିଂ.*** ୧. ଦିବ୍ୟ, ଅଲୌକିକ ୨. ଅସାଧାରଣ, ଆଧିଭୌତିକ, ଅବାସ୍ତବ ।

**ଅପ୍ରାକୃତିକ** ***ବିଂ.*** କୃତ୍ରିମ, ଅସ୍ୱାଭାବିକ, ଯାହା ପ୍ରାକୃତିକ ନୁହେଁ ।

**ଅପ୍ରାକୃତିକତା** ***ବି.*** ଅସ୍ୱାଭାବିକତା, କୃତ୍ରିମତା ।

**ଅପ୍ରାଧ** ***ବି.*** ଅପରାଧ, ଦୋଷ, ଭୁଲ ।

**ଅପ୍ରାଧିକୃତ** ***ବିଂ.*** ବିଶେଷ ଅଧିକାର ପାଇ ନଥିବା ।

**ଅପ୍ରାପ୍ତ** ***ବିଂ.*** ଅଲବ୍ଧ, ଯାହା ମିଳିନାହିଁ ବା ଲାଭ ହୋଇ ନ ଥାଏ ।

**ଅପ୍ରାପ୍ତବୟସ୍କ** ***ବି. ବିଂ.*** ନାବାଳକ, ଆଇନତଃ ବୟସ୍କ ବା ସାବାଳକ ହେବା ବୟସରୁ କମ୍ ବୟସର ।

**ଅପ୍ରାପ୍ତଯୌବନ** ***ବିଂ.*** ଯେ ପୁରୁଷତ୍ୱ/ ନାରୀତ୍ୱ ପାଇନାହିଁ, କିଶୋର ।

**ଅପ୍ରାପ୍ତି** ***ବି.*** ନ ପାଇବା, ଅଲଭ୍ୟ ।

**ଅପ୍ରାପ୍ୟ** ***ବିଂ.*** ୧. ଯାହା ସହଜଲବ୍ଧ ନୁହେଁ, ଦୁର୍ଲଭ ୨. ଯାହା ପାଉଣା ନୁହେଁ ।

**ଅପ୍ରାମାଣିକ** ***ବିଂ.*** ଯାହା ତଥ୍ୟ ଅଭାବରୁ ପ୍ରମାଣ ହୋଇନାହିଁ, ଯାହା ଉଦାହରଣ ଭାବରେ ଗୃହୀତ ହୋଇନାହିଁ ।

**ଅପ୍ରାମାଣ୍ୟ** ***ବି.*** ଯାହା ପ୍ରମାଣଯୋଗ୍ୟ ନୁହେଁ ।

**ଅପ୍ରାସଙ୍ଗିକ** ***ବିଂ.*** ପୂର୍ବାପର ସଙ୍ଗତ ନ ଥିବା, ସମ୍ପୃକ୍ତିରହିତ ।

**ଅପ୍ରିୟ** ***ବିଂ.*** ଯାହା ପ୍ରୀତିଦାୟକ ନୁହେଁ, ଅବସାଦପ୍ରଦ, ଅସୁଖକର, ଅରୁଚିକର, ଭଲ ଲାଗୁ ନ ଥିବା ।

**ଅପ୍ରିୟ କଥା** ***ବି.*** କଟୁକଥା ।

**ଅପ୍ରିୟବାଦୀ** ***ବିଂ.*** କଡ଼ାକଥା କହୁଥିବା, ଲାଜ ନ ରଖି ସତକଥା କହୁଥିବା ।

**ଅପ୍ରିୟ ସତ୍ୟ** ***ବି.*** ଯେଉଁଥିରେ ସତ୍ୟତା ଥିଲେ ସୁଦ୍ଧା ତାହାର ପ୍ରକାଶ ଅନ୍ୟପାଇଁ କ୍ଷତିକାରକ ବା କଷ୍ଟଦାୟକ, କଟୁସତ୍ୟ ।

**ଅପ୍ରୀତି** ***ବି.*** ଭଲ ପାଇବାର ଅଭାବ, ଅସନ୍ତୋଷ, ପ୍ରେମହୀନତା ।

**ଅପ୍ରୀତିକର** ***ବିଂ.*** ଅସୁନ୍ଦର, ଅଶାଳୀନ, ଦୁଃଖଦାୟକ / ଯନ୍ତ୍ରଣାଦାୟକ, ଉତ୍‌ପୀଡ଼କ ।

**ଅଫ୍‌ସେଟ୍ ମୁଦ୍ରଣ** ***ବି.*** ଏକ ପ୍ରକାର ଛାପା ପ୍ରକ୍ରିୟା-ଯେଉଁଥିରେ ଅନ୍ତଃଲୋପ ବିନା ସାହାଯ୍ୟ ବା ଲେଡ୍‌ରେ ଏହି କାର୍ଯ୍ୟ ସମାହିତ ହୋଇଥାଏ ।

**ଅଫର୍** ***ବି.*** ୧. ଯାଚିବା ୨. ବିକ୍ରିପାଇଁ ମୂଲ୍ୟର ପ୍ରସ୍ତାବ ।

**ଅଫଳା ଗଛ** ***ବି.*** ଯେଉଁ ଗଛ ଫଳ ଧରିନାହିଁ, ବାଞ୍ଝ ।

**ଅଫଳନ୍ତି, ଅଫଳା** ***ବିଂ.*** ଯାହା ଫଳିନାହିଁ ।

**ଅଫଳନ୍ତୀ** ***ବିଂ.*** ୧. ଯେଉଁ ଗଛ ବା ଲତାରେ ଫଳ ଧରେନାହିଁ ୨. ବନ୍ଧ୍ୟା ସ୍ତ୍ରୀ ବା ଗାଈ ।

**ଅଫା** ***ବି.*** ଝିଣ୍ଟିକା ।

**ଅଫିଟା** ***ବିଂ.*** ଖୋଲା ହୋଇ ନ ଥିବା, ଫିଟି ନ ଥିବା, ଫିଟା ହୋଇ ନ ଥିବା ।

**ଅଫିମ** ***ବି.*** ଆପୁ, ଅହିଫେନ, ପୋସ୍ତ ଫଳରୁ ପ୍ରସ୍ତୁତ ଏକ ମାଦକ ଦ୍ରବ୍ୟ ।

**ଅଫିମଖୋର୍.ଅଫିମିଆ** ***ବିଂ.*** ଅଫିମ ସେବନ କରିବାରେ ଅଭ୍ୟସ୍ତ, ଅଫିମିଆ, ଆପୁଆ ।

**ଅଫିସ୍** ***ବି.*** କାର୍ଯ୍ୟାଳୟ, କୌଣସି ଅନୁଷ୍ଠାନର ପ୍ରଧାନ ବା କେନ୍ଦ୍ରୀୟ କାର୍ଯ୍ୟାଳୟ, ଦପ୍ତର ।

**ଅଫିସର** ***ବି.*** ୧. କୌଣସି ଅଫିସ୍‌ର ମୁଖ୍ୟ ୨. ପଦାଧିକାରୀ, ଅଧିକାରୀ ୩. ପଦସ୍ଥ ସରକାରୀ କର୍ମଚାରୀ ।

**ଅଫିସିଆଲ୍** ***ବିଂ.*** ୧. ସରକାରୀ ୨. ବିଧିବିଦ୍ଧ ।

**ଅଫୁଟନ୍ତା.ଅଫୁଟା** ***ବିଂ.*** ୧. ଯାହା ଫୁଟିନାହିଁ ବା ପ୍ରକାଶିତ ହୋଇ ନାହିଁ ୨. ଛୁଙ୍କ ହୋଇ ନ ଥିବା (ଫୁଟଣ), ଫୁଟି ନ ଥିବା, ଅବଘରା, ଫୁଟି ନ ଥିବା ।

**ଅଫୁଟୀ** ***ବି.*** ରଜୋବତୀ ହୋଇ ନ ଥିବା, ଅରଜୋବତୀ, କୁମାରୀ ।

**ଅଫୁରନ୍ତ** ***ବିଂ.*** ଅସରନ୍ତି, ନିରବଚ୍ଛିନ୍ନ ।

**ଅଫେରା** ***ବିଂ.*** ୧. ଯାହା ଫେରିନାହିଁ ୨. ଯାହା ଫେରିବାର ଆଶା ନାହିଁ ।

**ଅବ୍‌ଖୁରା** ***ବି.*** ଛୋଟ ଢାଳ ।

**ଅବ୍‌ଗୁନିଆ** ***ବିଂ.*** ସବୁକଥାରେ ନାକ ଟେକୁଥିବା, ଖରାପ ଅଭ୍ୟାସଥିବା ।

**ଅବ୍‌ଜ** ***ବି.*** ପଦ୍ମ, ସାରସ, ଅମ୍ବୁଜ ।

**ଅବ୍‌ଦ** ***ବି.*** ୧. ବର୍ଷ ୨. ମେଘ ୩. ମୁଥା- ଏକ ଜାତୀୟ ତୃଣ ଯାହାର ମୂଳ ଗୋଟାଳିଆ ଓ ବାସ୍ନାଯୁକ୍ତ ।

**ଅବ୍‌ଲେଖା** ***ବିଂ.*** ଅଣ୍ଡିରା ଚଣ୍ଡୀ, ଯେଉଁ ନାରୀ ପୁରୁଷଙ୍କ ପରି ବ୍ୟବହାର କରେ ।

**ଅବକାରି** ***ବି.*** ସ୍ନାୟୁ ଉତ୍ତେଜକ ପଦାର୍ଥ ତିଆରି ପାଇଁ ଶୁଳ୍କ ।

**ଅବକାରି ମାଲ୍** ***ବି.*** ନିଶା ପଦାର୍ଥ ବା ମାଦକ ଦ୍ରବ୍ୟ ।

**ଅବକାଶ** ***ବି.*** ୧. ଛୁଟି, ବିଶ୍ରାମ, ଅବସର, ଫୁରସତ୍ ୨. ସୁଯୋଗ ୩. ପରିପ୍ରେକ୍ଷୀ ।

**ଅବକାଶ ମେକାପ** ***ବି.*** ଜଗନ୍ନାଥଙ୍କ ଅବକାଶ ସମୟରେ ବେଶଭୂଷା ଯୋଗାଉଥିବା ସେବକ ।

**ଅବକ୍ତବ୍ୟ** ***ବିଂ.*** ଯାହା କହିବା ଅଯୋଗ୍ୟ, ଅକଥନୀୟ ।

**ଅବଖୁରା.ଅବଖୁରୀ** ***ବି.*** ଛୋଟ ଢାଳ, ଗଡୁ, ଝରିଗଡୁ ।

**ଅବଗଣନା** ***ବି.*** ପ୍ରତିଲୋମରେ ସଂଖ୍ୟାଗଣନା, କାଉଣ୍ଟଡାଉନ୍ ।

**ଅବଗତ** ***ବିଂ.*** ଗୋଚରୀଭୂତ, ଜାଣତ, ଜ୍ଞାତ, ବିଦିତ ।

**ଅବଗତି** ***ବି.*** ଜାଣିବା, ସଂକେତ ପ୍ରାପ୍ତି ।

**ଅବଗାହ, ଅବଗାହନ** ***ବି.*** ୧. ସ୍ନାନ, ଗାତ୍ର ବା ଶରୀର ମାର୍ଜନ, ଗାଧୋଇବା ୨. ନିମଜ୍ଜନ ୩. ଗଭୀର ପ୍ରବେଶ, ଆତ୍ମନିମଜ୍ଜନ, ପୂର୍ଣ୍ଣସଚେତନ ।

**ଅବଗାହିବା** ***କ୍ରି.*** ୧. ପୁରା ଗାଧୋଇବା ୨. ଭଲ ଭାବରେ ଅବଗତ ହେବା ୩. ଅନୁଭବରେ ଧରିରଖିବା ।

**ଅବଗାହୀ** ***ବିଂ.*** ଅନୁଭବୀ ।

**ଅବଗୁଣ, ଅବିଗୁଣ** ***ବି.*** ଗୁଣର ଅଭାବ, ଦୋଷ ।

**ଅବଗୁଣ୍ଠନ** ***ବି.*** ୧. ଓଢ଼ଣା, ମଥାବସ୍ତ୍ର ୨. ପୂଜା ସମୟରେ କରାଯାଉଥିବା ମୁଦ୍ରା ବିଶେଷ ।

**ଅବଗୁଣ୍ଠିତା** ***ବିଂ.*** ଓଢ଼ଣାରେ ମଥାକୁ ଆଚ୍ଛାଦିତ କରିଥିବା ନାରୀ ।

**ଅବଘରା** ***ବିଂ.*** ଯାହା ବଘରା ଯାଇନାହିଁ, ଅଛୁଙ୍କା ।

**ଅବଘାତ** ***ବି.*** ଜୋର ପ୍ରହାର, ଭଲ କରି ବାଡେଇବା, କୁନ୍ଦନ ।

**ଅବଚାପନ** ***ବି.*** ଚାପହ୍ରାସ, ଚାପର ଶିଥିଳୀକରଣ ।

**ଅବଚେତନ** ***ବି.*** ମନର ଏକ ମାନସିକ ଅବସ୍ଥା- ଯାହା ବ୍ୟକ୍ତିର ଆଚରଣକୁ ପ୍ରଭାବିତ/ନିୟନ୍ତ୍ରିତ କରୁଥାଏ ।

**ଅବଛା** ***ବିଂ.*** ବଛା ଯାଇ ନ ଥିବା, ସଫା ହୋଇ ନ ଥିବା, ଅପରିଷ୍କୃତ ।

**ଅବଚ୍ଛେଦ** ***ବି.*** ଖଣ୍ଡ, ସୀମା, ବିଭାଗ, ପରିଚ୍ଛେଦ ।

**ଅବଜରିଆ** ***ବିଂ.*** ୧. ଅରୁଚିକର ୨. ଅଶ୍ଳୀଳ ୩. ଜରି ନ ଥିବା ।

**ଅବଜ୍ଞା** ***ବି.*** ହେୟଜ୍ଞାନ, ଅନ୍ୟପ୍ରତି ନ୍ୟୂନଭାବ, ଅସମ୍ମାନ ପ୍ରଦର୍ଶନ, ହତାଦର, ଉପେକ୍ଷା, ବେଖାତିର ଭାବ ।

**ଅବଜ୍ଞାତ** ***ବିଂ.*** ୧. ଅଜଣା, ଅଜ୍ଞାତ, ୨. ଅପମାନିତ, ଉପେକ୍ଷିତ ।

**ଅବଟା** ***ବିଂ.*** ୧. ବଟାଯାଇ ନ ଥିବା ୨. ପେଷା ଯାଇ ନଥିବା ।

**ଅବଟା ଅକଟା** ***ବି.*** ବଟା ଓ କଟା ଯାଇ ନଥିବା, ଗୋଟାଳିଆ ।

**ଅବଢ଼ା** ***ବି.*** ଅଭଡ଼ା, ଶ୍ରୀଜଗନ୍ନାଥଙ୍କ ଅନ୍ନଭୋଗ, ମହାପ୍ରସାଦ – ଯାହା ବଢ଼ା ଯାଏନାହିଁ ।

**ଅବଣ୍ଟା** ***ବିଂ.*** ୧. ଅନ୍ୟମାନଙ୍କ ମଧ୍ୟରେ ଭାଗ ଭାଗ ହୋଇ ଦିଆଯାଇ ନ ଥିବା ୨. ଅବିଭକ୍ତ ।

**ଅବତଂସ** ***ବି.*** ୧. ଭୂଷଣ, ୨. ଅଳଙ୍କାର ।

**ଅବତବ** ***ବି.*** ୧. ଅଣାୟତ୍ତ ଅବସ୍ଥା ୨. ଅସହାୟ ଅବସ୍ଥା ।

**ଅବତର** ***ବିଂ.*** ବତର ନ ଥିବା, ଶୁଖି ଯାଇଥିବା ।

**ଅବତରଣ** ***ବି.*** ୧. ତଳକୁ ଆସିବା, ଓହ୍ଲାଇବା, ଖସିବା ୨. ଆବିର୍ଭାବ, ଅବତରିବା ; ***କ୍ରି.*** ଅବତାର ନେବା ।

**ଅବତରଣିକା** ***ବି.*** ୧. ଗ୍ରନ୍ଥର ଭୂମିକା, ମୁଖବନ୍ଧ, ଉପକ୍ରମଣିକା ୨. ଆଦ୍ୟକଥନ, ଉପୋଦ୍‌ଘାତ ।

**ଅବତରିବା** ***କ୍ରି.*** ୧. ଅବତାର ଗ୍ରହଣ କରିବା ୨. ନିର୍ଦ୍ଦିଷ୍ଟ ରୂପ ନେବା ୩. ଓହ୍ଲାଇ ଆସିବା ୪. ଜନ୍ମଦେବା ୫. **ଅସ୍ୱାଭାବିକ କାର୍ଯ୍ୟ** କରିବା ।

**ଅବତଳ** ***ବି.*** କୌଣସି ଏକ ବସ୍ତୁର ସୀମା-ଯାହା ଏକ ବୃତ୍ତର ଭିତର ପରି ତିଆରି ହୋଇଥାଏ ।

**ଅବତାର** ***ବି.*** କୌଣସି ଐଶୀଶକ୍ତିର ପୃଥିବୀରେ ଶରୀର ଧାରଣ, ଏକ ଶକ୍ତିର ପ୍ରମୂର୍ତ୍ତାୟନ ।

**ଅବତାରଣା** ***ବି.*** ଭୂମିକା, ଉପୋଦ୍‌ଘାତ, ପ୍ରାକ୍‌କଥନ, ପ୍ରସ୍ତାବନା ।

**ଅବତାରବାଦ** ***ବି.*** ସଂସାରକୁ ପାପ ଓ ଦୁଷ୍ଟଶକ୍ତିଙ୍କ ସଂକ୍ରମଣରୁ ରକ୍ଷା କରିବାପାଇଁ ପରଂବ୍ରହ୍ମ ବା ଅବତାରୀ ପୁରୁଷ ବିଭିନ୍ନ ରୂପରେ ଜନ୍ମ ଗ୍ରହଣ କରିଥାନ୍ତି ବୋଲି ବିଶ୍ୱାସ କରାଯାଉଥିବା ମତବାଦ ବା ଦର୍ଶନ ।

**ଅବତାରିବା** ***କ୍ରି.*** ମୁକ୍ତ କରିବା ।

**ଅବତାରୀ** ***ବି.*** ପରଂବ୍ରହ୍ମ – ଯାହାଙ୍କ ଚେତନାର ଅଂଶ ପୃଥିବୀରେ ବିଭିନ୍ନ ରୂପରେ ଜନ୍ମ ନିଅନ୍ତି, ***ବିଂ.*** **ଅବତାର ଶକ୍ତିର ଅଧିକାରୀ** ।

**ଅବତୀର୍ଣ୍ଣ** ***ବିଂ.*** ୧. ନିମ୍ନକୁ ଗତି, ତଳକୁ ଓହ୍ଲେଇଥିବା ୨. ଆବିର୍ଭୂତ, ଉପସ୍ଥିତ ।

**ଅବଦାନ** ***ବି.*** ୧. ପ୍ରଶଂସନୀୟ ବା ଉଲ୍ଲେଖଯୋଗ୍ୟ କର୍ମ ୨. ସମ୍ପାଦିତ କର୍ମ ୩. ପୂଜାପାଇଁ ଦାନ ।

**ଅବଧାନ** ***ବି.*** ୧. ଗ୍ରାମବାସୀଙ୍କଦ୍ୱାରା ପରିଚାଳିତ ପାଠଶାଳାର ଶିକ୍ଷକ, ଚାଟଶାଳିର ଗୁରୁ, ଓଝା ୨. ନମସ୍କାର ୩. ମନୋଯୋଗ, ମନୋନିବେଶ ।

**ଅବଧାନି** ***ବି.*** ଅବଧାନଙ୍କ ପାଉଣା ।

**ଅବଧାରକ** ***ବିଂ.*** ଯେ ଧାରଣ କରିଥାଏ, କର୍ତ୍ତବ୍ୟ ନିର୍ବାହକାରୀ ।

**ଅବଧାରଣ** ***ବି.*** ନିରୂପଣ,ଅବବୋଧ, ବିଚାର, ଭଲ ଭାବରେ ବୁଝିବା ।

**ଅବଧାରିତ** ***ବିଂ.*** ନିରୂପିତ, ପୂର୍ବନିର୍ଦ୍ଧାରିତ, ଅବଧାର୍ଯ୍ୟ, ନିର୍ଣ୍ଣୀତ ।

**ଅବଧି** ***ଅ.*** ଠାରୁ, ପର୍ଯନ୍ତ ; ***ବି.*** ନିର୍ଦ୍ଧାରିତ ସମୟ, ସମୟସୀମା, କାଳବ୍ୟବଧାନ ।

**ଅବଧୂତ** ***ବି.*** ୧. ତନ୍ତ୍ରସାଧକ, ଶିବ/ଶକ୍ତିସାଧକ, ୨. ମହାଯୋଗୀ, ସଂସାରର ମାୟାମୁକ୍ତ ବ୍ୟକ୍ତିତ୍ୱ ।

**ଅବଧ୍ୟ** ***ବିଂ.*** ୧. ଯିଏ ବଧ ବା ବଳିର ଯୋଗ୍ୟ ନୁହେଁ ୨. ଯାହାକୁ ହତ୍ୟା କରାଯାଏ ନାହିଁ ।

**ଅବନତ** ***ବିଂ.*** ୧. ତଳକୁ ନଇଁପଡ଼ିଥିବା ୨. ବିନମ୍ର ।

**ଅବନତି** ***ବିଂ.*** ପତନ, ବିପର୍ଯ୍ୟୟ, ଅଧୋଗତି, ସ୍ଖଳନ ।

**ଅବନଦ୍ଧ** ***ବିଂ.*** ୧.ଯାହାକୁ ବନ୍ଧା ଯାଇଅଛି ୨.ଆକଟ ବା ଅଧୀନରେ ଥିବା ।

**ଅବନମନ** ***ବି.*** ତଳକୁ ଆଣିବା, ନିମ୍ନାୟନ, ନୋଇଁବା, ନୁଆଁଇବା

**ଅବନମିତ** ***ବିଂ.*** ନଇଁ ପଡ଼ିଥିବା, ତଳକୁ ଖସାଯାଇଥିବା, ନିମ୍ନାୟିତ ।

**ଅବନା** ***ବିଂ.*** ୧. ବନା ବା ତିଆରି ହୋଇ ନ ଥିବା, କଟା ହୋଇ ନ ଥିବା, ୨. ଅସ୍ୱରବର୍ଣ୍ଣଯୁକ୍ତ ଅକ୍ଷରବିଶିଷ୍ଟ – ଏଥିରେ ଅକାରାଦି ବର୍ଣ୍ଣ ନ ଥାଏ ୩. ବନାନ ବ୍ୟବହାର କରାଯାଇ ନ ଥିବା ।

**ଅବନି,ଅବନୀ** ***ବି.*** ୧. ପୃଥିବୀ, ଧରିତ୍ରୀ ୨. ଦେଶ ।

**ଅବନିତଳ** ***ବି.*** ପାତାଳ, ଧରାତଳ ।

**ଅବନିପତି** ***ବି.*** ରାଜା, ସମ୍ରାଟ ।

**ଅବନିମଣ୍ଡନା** ***ବି.ବିଂ.*** ଜଗତର ଶୋଭା ବଢ଼ାଉଥିବା ନାରୀ ।

**ଅବନ୍ଧା** ***ବିଂ.*** ୧. ବନ୍ଧନମୁକ୍ତ ୨. ବନ୍ଧା ହୋଇ ନ ଥିବା, ମୁକୁଳା, ଖୋଲା, ମୁକ୍ତ ୩. ଯାହା ବନ୍ଧକ ଦିଆ ଯାଇନାହିଁ ।

**ଅବନ୍ଧ୍ୟା** ***ବିଂ.*** ସନ୍ତାନବତୀ, ଫଳପ୍ରସୂ ।

**ଅବବାହିକା** ***ବି.*** ନଈର ଉପକୂଳରେ ଥିବା ଭୂମି ।

**ଅବବୋଧ** ***ବି.*** ୧. ବୁଝିବା ଶକ୍ତି ୨. ଅନୁଭବ ୩. ବିଶେଷଜ୍ଞାନ ୪. ବିଚାର ।

**ଅବମାନନା** ***ବି.*** ୧. ପ୍ରଭୁତ୍ୱ ବା ଗୁଣର ଅସ୍ୱୀକାର ୨. ଅପମାନ ୩. ବେଖାତିର

**ଅବମାନିତ** ***ବିଂ.*** ଅପମାନିତ ।

**ଅବମୂଲ୍ୟାଙ୍କନ** ***ବି.*** ସାମଗ୍ରିକ ଆକଳନ, ବିଶଦ ବ୍ୟାଖ୍ୟା

**ଅବମୂଲ୍ୟାୟନ** ***ବି.*** ୧. ବିଶେଷ ତର୍କଣା, ଗଭୀର ବିଶ୍ଳେଷଣ ୨. ମୂଲ୍ୟ ବା ମୂଲ୍ୟବୋଧ ହ୍ରାସ, ଦରଦାମ ଉଚିତ ସ୍ତରରୁ ତଳକୁ ଖସିବା ।

**ଅବରଖ** ***ବି.*** ଅଭ୍ର, ଚକ୍ ଚକ୍ କରୁଥିବା ଏକ ଧାତୁ ।

**ଅବରଜ** ***ବି.ବିଂ.*** ସାନଭାଇ, ପରେ ଜନ୍ମ ହୋଇଥିବା ।

**ଅବରଣିଆ** ***ବିଂ.*** ନିମନ୍ତ୍ରଣ ବିନା, ବରଣ ବା ନିମନ୍ତ୍ରଣ କରାଯାଇନଥିବା (ଅତିଥି) ।

**ଅବରତିଆ** ***ବି.*** ୧. ବ୍ରତ ହୋଇ ନ ଥିବା ୨. ଧରା ହୋଇ ନ ଥିବା, ଖାସ୍ ହୋଇ ନ ଥିବା ।

**ଅବରବର୍ଗ** ***ବି.*** ୧. ନିମ୍ନଶ୍ରେଣୀ ୨. ଭିନ୍ନଶ୍ରେଣୀ ।

**ଅବରୁଦ୍ଧ** ***ବିଂ.*** ୧. ଅଟକେଇ ଦିଆଯାଇଥିବା, ବନ୍ଦୀ ୨. ଆବଦ୍ଧ, ବେଷ୍ଟିତ ୩. ଆଚ୍ଛାଦିତ ।

**ଅବରୋଧ** ***ବି.*** ୧. ପ୍ରତିରୋଧ, ପରିବେଷ୍ଟନ ୨. ଆକଟ, ଅଟକ ୩. ଅନ୍ତଃପୁର, ଅନ୍ଦରମହଲ ।

**ଅବରୋଧକ** ***ବିଂ.*** ଅବରୋଧକାରୀ, ପ୍ରତିବାଦକାରୀ, ଅଟକ ରଖୁଥିବା ।

**ଅବରୋଧ ପ୍ରଥା** ***ବି.*** ବିବାହିତ ନାରୀକୁ ପରପୁରୁଷ ଆଖିର ଆଢୁଆଳରେ ରଖିବା ସାମାଜିକ ପ୍ରଥା ।

**ଅବରୋହ** ***ବି.*** ୧. ଅବରୋହଣ, ତଳକୁ ଖସିବା ବା ଓହ୍ଲାଇବା ୨. ଶାସ୍ତ୍ରୀୟ ସଙ୍ଗୀତରେ ଉଚ୍ଚରୁ କ୍ରମେ ତଳ ସ୍ୱରକୁ ଆସିବା ।

**ଅବରୋହଣ** ***ବି.*** ତଳକୁ ଆସିବା ବା ଓହ୍ଲାଇବା, ଖସିବା ।

**ଅବରୋହୀ** ***ବିଂ.*** ୧. ଅବରୋହକ, ଅବତରଣକାରୀ, ଓହ୍ଲାଳି ୨. ଗଛର ଓହଳ ।

**ଅବର୍ଗୀକୃତ** ***ବିଂ.*** ୧. ଭାଗଭାଗ ହୋଇ ନ ଥିବା ୨. ଅବିଭକ୍ତ ୩. ବିଶୃଙ୍ଖଳିତ ।

**ଅବର୍ଗ୍ୟ** ***ବିଂ.*** ୧. ଯେଉଁ ବ୍ୟଞ୍ଜନ ବର୍ଣ୍ଣଗୁଡ଼ିକ ପାଞ୍ଚଟି ବର୍ଗ ମଧ୍ୟରେ ଅନ୍ତର୍ଭୁକ୍ତ ନୁହନ୍ତି ୨. କୌଣସି ଗୋଷ୍ଠୀର ହୋଇ ନ ଥିବା ।

**ଅବର୍ଣ୍ଣନୀୟ** ***ବିଂ.*** ଯାହା ବର୍ଣ୍ଣନା ବା ବ୍ୟାଖ୍ୟା କରାଯାଇ ପାରିବ ନାହିଁ, ବର୍ଣ୍ଣନାତୀତ, ବ୍ୟାଖ୍ୟାତୀତ, ଅକଥିତ ।

**ଅବର୍ତ୍ତମାନ** ***ବି.*** ୧. ମୃତ, ପରଲୋକଗତ ୨. ଅନୁପସ୍ଥିତି ।

**ଅବଲମ୍ବନ** ***ବି.*** ନିର୍ଭର, ଆଶ୍ରୟ, ଭାରା, ଢ଼ିରା, ଉପାୟ, ସହାୟ ।

**ଅବଲମ୍ବନୀୟ** ***ବିଂ.*** ଆଶ୍ରୟଯୋଗ୍ୟ ।

**ଅବଲମ୍ବିତ** ***ବିଂ.*** ୧. ଆଶ୍ରିତ ୨. ନିର୍ଭରଶୀଳ, ଅନୁସରଣକାରୀ ।

**ଅବଲିଆ** ***ବିଂ.*** ଅବେଳିଆ, ଅସମୟରେ ଆସିଥିବା ବା ଘଟିଥିବା ।

**ଅବଲୀଳା** ***ବି.*** ୧. କାର୍ଯ୍ୟକଳାପ, ଖେଳ ୨. ଅକ୍ଳେଶ, ଅନାୟାସ ।

**ଅବଲୀଳାକ୍ରମେ** ***କ୍ରି.ବିଂ.*** ସହଜରେ, ଅନାୟାସରେ, ବିନା ବାଧାରେ ।

**ଅବଲୁଣ୍ଠନ** ***ବି.*** ୧. ମାଟି ଉପରେ ପଡ଼ିବା ୨. ଚୋରି, ଡକାୟତି ।

**ଅବଲୁଣ୍ଠିତ** ***ବିଂ.*** ଭୂଲୁଣ୍ଠିତ, ମାଟି ଉପରେ ପଡ଼ିଥିବା ।

**ଅବଲୁପ୍ତ** ***ବିଂ.*** ହଜି ଯାଇଥିବା, ଲୋପ ପାଇଯାଇଥିବା, ନିଶ୍ଚିହ୍ନ, ସଂପୂର୍ଣ୍ଣ ବିଲୁପ୍ତ, ଧ୍ୱଂସପ୍ରାପ୍ତ ।

**ଅବଲୁପ୍ତି** ***ବି.*** ସମ୍ପୂର୍ଣ୍ଣ ସତ୍ତା ହରାଇବା, ବିଲୋପପ୍ରାପ୍ତି ।

**ଅବଲେପ** ***ବି.*** ୧. ବୋଳ, ପ୍ରଲେପ ୨. ଅହଂକାର, ଦର୍ପ, ଦାମ୍ଭିକତା ୩. ହିଂସା, ଆକ୍ରୋଶ ।

**ଅବଲେପନ** ***ବି.*** ୧. ଲିପିବା କାର୍ଯ୍ୟ ୨. ଲେପନ କରିବା, ବୋଳିବା ୩. ଦର୍ପପ୍ରକାଶ ।

**ଅବଲେହ** ***ବି.*** ୧. ଚାଟି ଖାଇବାଯୋଗ୍ୟ ଖାଦ୍ୟ ୨. ଚଟଣି ।

**ଅବଲେହନକାରୀ** ***ବିଂ.*** ତୋଷାମଦକାରୀ, ଖୋସାମତିଆ ।

**ଅବଲୋକ, ଅବଲୋକନ** ***ବି.*** ୧. ଦେଖିବା, ଦର୍ଶନ ୨. ଖୋଜା, ଅନୁସନ୍ଧାନ ୩. ଚାହାଣି ।

**ଅବଲୋକିତ** ***ବିଂ.*** ୧. ଦେଖାଯାଇଥିବା ୨. ପରୀକ୍ଷିତ ୩. ପରିଦୃଷ୍ଟ ।

**ଅବଳ** ***ବିଂ.*** ସାମର୍ଥ୍ୟହୀନ, ଅସମର୍ଥ, ଦୁର୍ବଳ ।

**ଅବଳା** ***ବିଂ.*** ୧. ଦୁର୍ବଳ ୨. ଶକ୍ତିହୀନା, ନାରୀ ।

**ଅବୟବ** ***ବି.*** ଦେହ, ଶରୀରର ଅଙ୍ଗ ।

**ଅବଶ** ***ବିଂ.*** ୧. କ୍ଳାନ୍ତ, ଜଡ଼, ଦୁର୍ବଳ ୨. ହାଲିଆ, ଅବସନ୍ନ ୩. ସ୍ୱାଧୀନ, ଅପରାଧୀନ ।

**ଅବଶିଷ୍ଟ** ***ବିଂ.*** ଶେଷକୁ ରହିଯାଇଥିବା, ବାକି, ବଳକା, ଉଦ୍‌ବୃତ୍ତ, ପରିଶିଷ୍ଟ ।

**ଅବଶିଷ୍ଟାଂଶ** ***ବି.*** ବଳକା ରହିଯାଇଥିବା ଭାଗ ।

**ଅବଶେଷ** ***ବି.*** ଶେଷ, ପରିଶେଷ, ସମାପ୍ତି, ଅନ୍ତ, ଅବସାନ, ସର୍ବଶେଷ, ବାକି ରହିଯାଇଥିବା ଅଂଶ ।

**ଅବଶୋଷଣ** ***ବି.*** ୧. ଆତ୍ମସାତ୍‌କରଣ, ଅନ୍ୟର ସଂପତ୍ତି ଆଦି ଶୋଷଣ ୨. ଶୁଷ୍କୀକରଣ ୩. ପୋଖରୀ, କୂଅ ପ୍ରଭୃତିର ପାଣିକୁ ଶୁଖାଇବା ।

**ଅବଶ୍ୟ** ***ଅ.*** ନିଶ୍ଚୟ, ନିଃସନ୍ଦେହ; ***ବିଂ.*** ନିଶ୍ଚିତ ।

**ଅବଶ୍ୟମ୍ଭାବୀ** ***ବିଂ.*** ଯାହା ନିଶ୍ଚୟ ଘଟିବ, ଯେଉଁ ଘଟଣାକ୍ରମର ପ୍ରତିକାର ଅସମ୍ଭବ, ଅନିବାର୍ଯ୍ୟ ।

**ଅବସନ୍ନ** ***ବିଂ.*** ଶାରୀରିକ ଓ ମାନସିକ ସ୍ତରରେ ଦୁର୍ବଳ, ଥକ୍‌କା, କ୍ଳାନ୍ତ, ବିଷଣ୍ଣ, ଅବସାଦଭରା, ବିମର୍ଷ ।

**ଅବସନ୍ନତା** ***ବି.*** ବିମର୍ଷତା, କ୍ଳାନ୍ତି ।

**ଅବସର** ***ବି.*** ୧. ବିଶ୍ରାମ, ଛୁଟି, ମୁକ୍ତି ୨. ସୁଯୋଗ ୩. ବୃତ୍ତିଗତ ବା ଚାକିରିରୁ ଜୀବନର ଅବଶିଷ୍ଟକାଳପାଇଁ ନିବୃତ୍ତି ୪. କାର୍ଯ୍ୟର ସୀମା ।

**ଅବସରକାଳୀନ** ***ବିଂ.*** ୧. ଚାକିରି ବା ନିଯୋଗରୁ ବିଶ୍ରାମକାଳୀନ ୨. ଫୁରୁସତ ସମୟ ବେଳେ ।

**ଅବସରକ୍ରମେ** ***କ୍ରି.ବିଂ.*** ୧. ଫୁରୁସତ ଥିବା ସମୟରେ ୨. ସୁଯୋଗ ମୁତାବକ ।

**ଅବସରପ୍ରାପ୍ତ** ***ବିଂ.*** ୧. ଅବସର ନେଇଥିବା, ସେବାନିବୃତ୍ତ ୨. ବିଶ୍ରାମ ନେଉଥିବା ।

**ଅବସାଦ** ***ବି.*** ମାନସିକ ବା ଶାରୀରିକ ଶିଥିଳତା, ଅବଶତା, ନିରୁତ୍ସାହିତ ମନ, କ୍ଳାନ୍ତି, ନିସ୍ତେଜ ଅବସ୍ଥା, ନୈରାଶ୍ୟ ।

**ଅବସାନ** ***ବି.*** ୧. ଶେଷ, ଅନ୍ତ ୨. ମୃତ୍ୟୁ ୩. ସମାପ୍ତି ।

**ଅବସୋସ** ***ବି.*** ୧. ଅତୃପ୍ତି, ଅସନ୍ତୋଷ ୨. ଦୁଃଖ, ଅପ୍ରାପ୍ତିଜନିତ ଦୁଃଖ ୩. ଅନୁତାପ, ମନସ୍ତାପ ।

**ଅବସ୍ଥା** ***ବି.*** ୧. ଦଶା ୨. ପ୍ରତିଷ୍ଠା ୩. ସ୍ଥିତି ୪. ପରିସ୍ଥିତି ୫. ଜୀବନର ଭିନ୍ନ ଭିନ୍ନ ସମୟ ।

**ଅବସ୍ଥାନ** ***ବି.*** ବାସ, ରହିବା, ସ୍ଥିତି ।

**ଅବସ୍ଥାନ୍ତର** ***ବି.*** ଭିନ୍ନ ଅବସ୍ଥା, ଅନ୍ୟ ଅବସ୍ଥା ।

**ଅବସ୍ଥାପନ** ***ବି.*** ସଂସ୍ଥାପନ, ରଖିବା ।

**ଅବସ୍ଥାପନ୍ନ** ***ବିଂ.*** ସ୍ୱଚ୍ଛଳ, ଆର୍ଥିକ ଦୃଷ୍ଟିରୁ ଭଲ ଅବସ୍ଥା ଥିବା ।

**ଅବସ୍ଥାପିତ** ***ବିଂ.*** ୧. ସନ୍ନିବେଶିତ, ସଂସ୍ଥାପିତ ୨. ରଖାଯାଇଥିବା, ରଖାଯିବା ।

**ଅବସ୍ଥିତ** ***ବିଂ.*** ୧. ଥିବା ୨. ରହିଥିବା, ବାସକରୁଥିବା ।

**ଅବସ୍ଥିତି** ***ବି.*** ରହିବାର ସ୍ଥାନ, ସ୍ଥିତି, ଆବାସ ।

**ଅବହସିତ** ***ବି.*** ବଡ଼ପାଟିରେ ହୋ ହୋ ହୋଇ ହସୁଥିବା ।

**ଅବହିତ** ***ବିଂ.*** ୧. ଜାଣିଥିବା, ସଚେତନ, ସତର୍କ, ଜ୍ଞାତ ୨. ମନଯୋଗୀ ।

**ଅବହେଳା** ***ବି.*** ୧. ଅଯତ୍ନ, ଅନାଦର, ଅବଜ୍ଞା ୨. ବିଳମ୍ବ, ଡ଼େରି ।

**ଅବହେଳିତ** ***ବିଂ.*** ଯାହା ପ୍ରତି ଅବହେଳା/ ଅଯତ୍ନ କରାଯାଉଛି ।

**ଅବହେଳେ** ***କ୍ରି.ବିଂ.*** ସହଜରେ, ଅନାୟାସରେ ।

**ଅବକ୍ଷୟ** ***ବି.*** କ୍ରମହ୍ରାସ, କ୍ରମବିଲୟପ୍ରାପ୍ତି, ଅବସାନ, ଆସ୍ତେ ଆସ୍ତେ ନଷ୍ଟ ବା କ୍ଷୟହେବା ପ୍ରକ୍ରିୟା ।

**ଅବାଂମୁଖ** ***ବିଂ.*** କଥା ନ କହି ତଳକୁ ମୁହଁ କରିଥିବା, ନତବଦନ, ତଳମୁହାଁ ।

**ଅବା** ***ଅଂ*** ବା, ଅଥବା, କିମ୍ବା ।

**ଅବାଇଜ** ***ବିଂ.ବି.*** ସାମାଜିକ ସ୍ୱୀକୃତି ପାଇ ନ ଥିବା ନାରୀ ପୁରୁଷଙ୍କ ସହବାସରୁ ଜନ୍ମିତ, ଜାରଜ, ଦୁଷ୍ଟ, ବେଧପିଲା ।

**ଅବାକ୍** ***ବିଂ.*** ୧. ଆବାକାବା, ଆଶ୍ଚର୍ଯ୍ୟ, ଚକିତ ୨. ବିସ୍ମୟଯୋଗୁଁ ବାକ୍‌ଶୂନ୍ୟ ।

**ଅବାଗ, ଅବାଗିଆ** ***ବିଂ.*** ୧. ଶୃଙ୍ଖଳାହୀନ, ବିଶୃଙ୍ଖଳିତ, କୌଣସି କାର୍ଯ୍ୟ ସମ୍ପାଦନରେ ଯାହାର ବାଗ ବା ଶୃଙ୍ଖଳା ନ ଥାଏ ୨. ଡେଢ଼ା ୩. ଖରାପ, ମନ୍ଦ ।

**ଅବାଚୀ** ***ବି.*** ଦକ୍ଷିଣ ଦିଗ ।

**ଅବାଟ** ***ବି.*** ୧. ଯେଉଁଟା ବାଟ ନୁହେଁ ୨. ଖରାପ ରାସ୍ତା, ଅମଡ଼ାବାଟ ୩. ଭୁଲ ସିଦ୍ଧାନ୍ତ ୪. ମନ୍ଦ ଅଭ୍ୟାସ ।

**ଅବାଡ଼ିଆ** ***ବିଂ.*** ବାଡ଼ିଆ ହୋଇ ନ ଥିବା, ଗୋଟାଳିଆ ଥିବା ।

**ଅବାତୁଅ** ***ବିଂ.*** ବାହା ହୋଇ ନ ଥିବା ।

**ଅବାଣିଆ** ***ବିଂ.*** ମାପ ନ ହୋଇ ତିଆରି ହୋଇଥିବା ।

**ଅବାଧ** ***ବିଂ.*** ବାଧା ବା ପ୍ରତିବନ୍ଧକହୀନ, ସ୍ୱାଧୀନ ; ***କ୍ରି.ବିଂ.*** ବିନା ବାଧାରେ ।

**ଅବାଧ ବାଣିଜ୍ୟ** ***ବି.*** ମୁକ୍ତ ବାଣିଜ୍ୟ, ବିନାଶୁଳ୍କରେ ଦ୍ରବ୍ୟ କାରବାର ।

**ଅବାଧରେ** ***କ୍ରି.ବିଂ.*** ସହଜରେ, ବିନା ବାଧାରେ ।

**ଅବାଧ୍ୟ** ***ବିଂ.*** ଅମାନିଆ, ଅବୋଲକରା, ଅନାୟତ୍ତ, ଡେଢ଼ା ।

**ଅବାଞ୍ଛିତ** ***ବିଂ.*** ୧. ଅଦରକାରୀ, ଅନୁପଯୋଗୀ ୨. ଅନିଚ୍ଛାକୃତ ୩. ଆଶାତୀତ, କଳ୍ପନାତୀତ ।

**ଅବାନ୍ତର** ***ବିଂ.*** ୧. ଅପ୍ରାସଙ୍ଗିକ ୨. ଅମୂଳକ, ଭିତ୍ତିହୀନ ୩. ଅଯୌକ୍ତିକ, ବାଜେ ୪. ଅପ୍ରଧାନ ।

**ଅବାନ୍ଧବ** ***ବିଂ.*** ଯାହାର ବନ୍ଧୁ ବା ମିତ୍ର ନ ଥାନ୍ତି, ବନ୍ଧୁହୀନ, ମିତ୍ରହୀନ ।

**ଅବାରିତ** ***ବିଂ.*** ୧. ବାରଣ ବା ବାଧା ନ ମାନି ୨. ମୁକ୍ତ, ସ୍ୱଚ୍ଛନ୍ଦ ୩. ନିରନ୍ତର, କ୍ରମାଗତ ।

**ଅବାସ୍ତବ** ***ବିଂ.*** ୧. ଯାହା ବାସ୍ତବ ନୁହେଁ, କଳ୍ପିତ ୨. ଅମୂଳକ, ଅସତ୍ୟ ୩. ଅଯଥାର୍ଥ ୪. ଭ୍ରମାତ୍ମକ ।

**ଅବି** ***ଅ.*** ଏହିକ୍ଷଣ, ଏବେ, ଏଇନେ ।

**ଅବିଆଣି** ***ବି.*** ୧. ଛୁଆ ଜନ୍ମ କରି ନ ଥିବା ନାରୀ ୨. ଅଭିଆଡ଼ୀ ।

**ଅବିକଳ** ***ବିଂ.*** ଅନ୍ୟ କାହାର ଅନୁରୂପ, ଅବିକୃତ, ପୂର୍ବପରି, ଅପରିବର୍ତ୍ତିତ ; ***କ୍ରି.ବିଂ.*** ମୂଳ ରୂପର କୌଣସି ପରିବର୍ତ୍ତନ ନ ଥାଇ ।

**ଅବିକଳ ନକଲ** ***ବି.*** ପ୍ରତିଲିପି, ମୂଳ ବସ୍ତୁର ପ୍ରତିରୂପ ବା ପ୍ରତିଛବି ।

**ଅବିକଶିତ** ***ବିଂ.*** ୧. ବିକାଶ ଲାଭ କରି ନ ଥିବା, ପୂର୍ଣ୍ଣତା ପାଇ ନ ଥିବା ୨. ଅପୁଷ୍ଟ ।

**ଅବିକା** ***ଅ.*** ଏହିକ୍ଷଣି, ସଙ୍ଗେସଙ୍ଗେ, ଏବେ ।

**ଅବିକାର** ***ବିଂ.*** ୧. ବିକାରହୀନ ୨. ଘୃଣାନଥିବା, ପ୍ରାକୃତିକ ଅବସ୍ଥା ।

**ଅବିକୃତ** ***ବିଂ.*** ୧. ଅପରିବର୍ତ୍ତିତ, ଅବିକଳ, ପୂର୍ବପରି ୨. ଅନ୍ୟ କୌଣସି ପଦାର୍ଥ ସହିତ ମିଶି ନ ଥିବା ।

**ଅବିଗୁଣ** *ବି.* ଦୋଷ, ବଦଭ୍ୟାସ, ଅସନ୍ତୋଷ ।

**ଅବିଗୁଣ ପାଇବା** *କ୍ରି.* ୧. ଅଭିମାନ କରିବା ୨. ଅସନ୍ତୁଷ୍ଟ ହେବା ।

**ଅବିଚଳ, ଅବିଚଳିତ** *ବିଂ.* ଅଚଞ୍ଚଳ, ପ୍ରଶାନ୍ତ, ସ୍ଥିର, ଦୃଢ଼, ଅଟଳ ।

**ଅବିଚାର** *ବି.* ୧. ଅନ୍ୟାୟ, ୨. ଅସଙ୍ଗତ ଓ ନୀତିହୀନ ବିଚାର ୩. ଭ୍ରାନ୍ତ ସିଦ୍ଧାନ୍ତ ୪. ଆଚାର ବା ରୀତିରେ ଆଧିକ୍ୟ ।

**ଅବିଚାରିତ** *ବି. ବିଂ.* ବିନା ବିଚାରରେ, ଅବାଧରେ, ଖାମଖିଆଲି ଭାବ ।

**ଅବିଚାରୀ** *ବିଂ.* ୧. ବିଚାରହୀନ, ମୂଢ଼ ୨. ଅହଂକାରୀ ।

**ଅବିଚ୍ଛିନ୍ନ** *ବିଂ.* ୧. ଧାରାବାହିକ, ବିରତିହୀନ, ଅବିରାମ, ନିରବଚ୍ଛିନ୍ନ, କ୍ରମାଗତ ୨. ସଂଲଗ୍ନ, ସଂଯୁକ୍ତ, ଅଲଗା ହୋଇ ନ ଥିବା ।

**ଅବିଜା** *ବିଂ. ବି.* ଜାରଜ, ବେଧଛୁଆ, ଯାହାର ବାପା ଜଣା ନ ଥାଏ ।

**ଅବିଜ୍ଞ** *ବିଂ.* ୧. ବୁଦ୍ଧିବୃତ୍ତି ନ ଥିବା, ଜାଣି ନ ଥିବା ୨. ଜ୍ଞାନହୀନ ୩. ଅଦୂରଦର୍ଶୀ ।

**ଅବିଜ୍ଞତା** *ବି.* ମୂର୍ଖତା, ଅଜ୍ଞାନତା ।

**ଅବିଜ୍ଞାତ** *ବିଂ.* ଅଜଣା, ଅଜ୍ଞାତ, ଜଣା ନ ଥିବା ।

**ଅବିଜ୍ଞେୟ** *ବିଂ.* ଯାହା ଧାରଣା, ଜ୍ଞାନ ଓ ଅନୁଭବର ଅତୀତ ।

**ଅବିତରଣ** *ବି.* ବଣ୍ଟନ ନ ହେବା ।

**ଅବିତରିତ** *ବିଂ.* ୧. ବଣ୍ଟା ହୋଇ ନ ଥିବା ୨. ଗଚ୍ଛିତ, ଜମା ।

**ଅବିଦିତ** *ବିଂ.* ଅଜଣା, ଅଜ୍ଞାତ, ଅଖ୍ୟାତ, ମାମୁଲି, ସାଧାରଣ ।

**ଅବିଦ୍ୟମାନ** *ବି.* ୧. ଅନୁପସ୍ଥିତ, ନ ଥିବା ୨. ମୃତ ।

**ଅବିଦ୍ୟା** *ବି.* ୧. ଅନ୍ୟର କ୍ଷତିକାରକ ବିଦ୍ୟା, ଅହିତକର ସାଧନ ୨. ଜୀବର ପ୍ରବୃତ୍ତି ପ୍ରବୋଦକ ବିଦ୍ୟା ୩. ତନ୍ତ୍ରସାଧକମାନଙ୍କ ଆଚରିତ ପନ୍ଥା ବା ଜୀବନଚର୍ଯ୍ୟା ୪. ଜଡ଼ ପ୍ରକୃତି, ପଞ୍ଚଭୂତ ।

**ଅବିଧାନ** *ବିଂ.* ନୀତି ନିୟମହୀନତା, ବେନିୟମ ବା ଅବିଧେୟ କାର୍ଯ୍ୟ ।

**ଅବିଧି** *ବି.* ବେନିୟମ, ଅନିୟମ ।

**ଅବିଧେୟ** *ବିଂ.* ଯେଉଁ କାର୍ଯ୍ୟ ସମ୍ପାଦନା କରିବା ଅନୁଚିତ, ନିୟମ ବା ବିଧି ବହିର୍ଭୂତ, ଅନୁଚିତ ।

**ଅବିନଶ୍ୱର, ଅବିନାଶୀ** *ବିଂ.* ଅମର, ଚିରସ୍ଥାୟୀ, ଶାଶ୍ୱତ, ସାର୍ବକାଳିକ, ଅକ୍ଷୟ, ଦିବ୍ୟ ।

**ଅବିନାଶ** *ବି.* ଯାହାର ଧ୍ୱଂସ ବା ପତନ ନାହିଁ, ଅଜର, ଅମର ।

**ଅବିନାଶୀ** *ବିଂ.* ୧. ମୃତ୍ୟୁ ଓ ଚିରସ୍ଥାୟୀ ୨. ସାର୍ବକାଳିକ ।

**ଅବିନୀତ** *ବିଂ.* ୧. ଉଦ୍ଧତ, ଦୁଷ୍ଟ ୨. ତେଢ଼ା, ଅଶିକ୍ଷିତ, ଅବିନୟୀ ।

**ଅବିବାଦିଆ, ଅବିବାଦି** *ବିଂ.* ଯେଉଁ ଜମିବାଡ଼ି ଉପରେ କୌଣସି ପ୍ରକାର ବିବାଦ ନ ଥାଏ ।

**ଅବିବାହିତ** *ବି.ବିଂ.* ବିବାହ କରି ନ ଥିବା, ବାଡୁଅ, କୁମାର ।

**ଅବିବାହିତା** *ବି.ବିଂ.* ବାହା ହୋଇ ନ ଥିବା ନାରୀ ।

**ଅବିବେକିତା** *ବି.* ମୂଢ଼ତା, ଖଳତା, ହୀନମତିତା ।

**ଅବିବେକୀ** *ବିଂ.* ଦୁଷ୍ଟ, ମନ୍ଦବୁଦ୍ଧିସଂପନ୍ନ, ମୂଢ଼, ବିଚାର ବୁଦ୍ଧିହୀନ, ଅବିଚାରୀ ।

**ଅବିଭକ୍ତ** *ବିଂ.* ଭାଗ ଭାଗ ହୋଇ ନ ଥିବା, ଖଣ୍ଡ ଖଣ୍ଡ ହୋଇ ନ ଥିବା, ଅଖଣ୍ଡିତ ।

**ଅବିଭାଇ** *ବିଂ.* ବାହା ହୋଇ ନ ଥିବା, ଅବିବାହିତ ।

**ଅବିଭାଜ୍ୟ** *ବିଂ.* ୧. ଯାହା ଭାଗ କରି ହୁଏନାହିଁ ୨. ଭାଗ ଭାଗ ବା ବିଭକ୍ତ ହୋଇ ନ ଥିବା, ଅବିଭକ୍ତ ୩. ଓଜ ବା ବିଷମ ସଂଖ୍ୟା ।

**ଅବିମିଶ୍ର** *ବିଂ.* ବିଶୁଦ୍ଧ, ଖାଣ୍ଟି, ଅମିଶ୍ରିତ ।

**ଅବିମୃଷ୍ୟ(ଶ୍ୟ)** *ବିଂ.* ଭଲ ଭାବରେ ବିଚାର ଆଲୋଚନା ନ କରି, ଅବିବେକ ।

**ଅବିମୃଷ୍ୟ(ଶ୍ୟ)କାରିତା** *ବି.* ବିଚାରହୀନ କାର୍ଯ୍ୟ, ଅବିବେକିତା ।

**ଅବିମୃଷ୍ୟ(ଶ୍ୟ)କାରୀ** *ବିଂ.* ଯେ ଅବିଚାରିତ ଭାବରେ କାର୍ଯ୍ୟ ସଂପାଦନ କରେ, ମୂଢ଼, ଅଦୂରଦର୍ଶୀ, ଅବିବେକୀ ।

**ଅବିର** *ବି.* ଫଗୁ, ରକ୍ତବର୍ଣ୍ଣ ଚୂର୍ଣ୍ଣ ବିଶେଷ – ଯାହା ପ୍ରଧାନତଃ ହୋଲି ଉତ୍ସବ ପାଳନ କାଳରେ ପ୍ରେମଭାବର ପ୍ରତୀକ ରୂପରେ ଲୋକେ ପରସ୍ପର ଦେହରେ ବୋଳିଥାନ୍ତି ।

**ଅବିରତ** *ବିଂ.* ବିରାମହୀନ, ଅବିଶ୍ରାନ୍ତ, ଅନବରତ ; ***କ୍ରି.ବିଂ.*** ସଦା ସର୍ବଦା, ନିରନ୍ତର, ସବୁବେଳେ ।

**ଅବିରଳ** *ବିଂ.* ୧. ଧାରାବାହିକ ୨. ଘଞ୍ଚ, ନିବିଡ଼, ଘନ, ସୁଲଭ ।

**ଅବିରାମ** *ବି.* ଅବିରତ, **ସଦାସର୍ବଦା, ପ୍ରତିନିଧିତ୍ୱ** ।

**ଅବିରୋଧ** *ବି.* ବାଧା/ପ୍ରତିବନ୍ଧକହୀନ, ନିର୍ବିଘ୍ନ, ବିବାଦରହିତ ।

**ଅବିରୋଧୀ** *ବିଂ.* ଯାହା ବିରୋଧ କରେନାହିଁ, ଅନୁକୂଳ, ସୁସଙ୍ଗତ ।

**ଅବିଳମ୍ବ** *ବିଂ.ବି.* ଯଥାଶୀଘ୍ର, ଡେରି ନ କରି ।

**ଅବିଳମ୍ବେ** *କ୍ରି.ବିଂ.* କାଳ ବିଳମ୍ବ ନ କରି, ଡେରି ନ କରି, ସମୟ ଅପଚୟ ନ କରି ।

**ଅବିଶୁଦ୍ଧ** *ବିଂ.* ୧. ଦୂଷିତ ୨. ମିଶ୍ରିତ ୩. ଅପରିଷ୍କୃତ ୪. ଦୋଷଦୁଷ୍ଟ ।

**ଅବିଶ୍ୱସ୍ତ** *ବିଂ.* ଅବିଶ୍ୱାସୀ, ଯାହାକୁ ବିଶ୍ୱାସ କରି ହେବନାହିଁ ।

**ଅବିଶ୍ୱାସ** *ବି.* ବିଶ୍ୱାସର ଅଭାବ, ଅପତିଆରା, ସନ୍ଦେହ, ପରତେ ନ ଯିବା ।

**ଅବିଶ୍ୱାସୀ** *ବିଂ.* ୧. ଯେ ପରତେ ନ ଯାଏ, ଯେ ବିଶ୍ୱାସ କରେ ନାହିଁ, ୨. ସନ୍ଦେହୀ ।

**ଅବିଶ୍ୱାସ୍ୟ** *ବିଂ.* ବିଶ୍ୱାସର ଅଯୋଗ୍ୟ, ଅବିଶ୍ୱସନୀୟ ।

**ଅବିଶ୍ରାନ୍ତ** *ବିଂ.* ଅବିରାମ, ଅବିରତ ।

**ଅବିସଂବାଦିତ** *ବିଂ.* ସର୍ବସ୍ୱୀକୃତ, ବିରୋଧ ନ ଥାଇ, ଅବିରୋଧିତ ।

**ଅବିସଂବାଦୀ** *ବିଂ* ବିରୋଧ ବା ମତାନୈକ୍ୟ ନ ଥାଇ, ଅବିରୋଧୀ ।

**ଅବିସ୍ମରଣୀୟ** *ବିଂ* ଯାହା ସବୁ ଦିନପାଇଁ ମନେ ରହିଯାଏ, ଯାହା ପାସୋର ଯାଏନାହିଁ, ଅପାସୋରା, ଅଭୁଲା ।

**ଅବିହରା** *ବିଂ* ଅବିବାହିତ, ବାହା ହୋଇ ନ ଥିବା ।

**ଅବିହାରୀ** *ବିଂ* ୧. ଅଭିଆଡ଼ୀ ୨. ବିବାହ ନ କରି ରହିବା, ଯେଉଁ ସମୟ ପର୍ଯ୍ୟନ୍ତ ବିବାହ ହୋଇନାହିଁ ୩. ସମଗ୍ର ଜୀବନ ଅବିବାହିତ ହୋଇ ରହିବା ।

**ଅବିହିତ** *ବି.* ୧. ଯାହା ହେବା ଅନୁଚିତ ୨. ଅସଙ୍ଗତ ୩. ନିଷିଦ୍ଧ ।

**ଅବିହୁଡ଼ା** *ବିଂ* ବେଉଷଣ ବା ବିହୁଡ଼ା ହୋଇ ନ ଥିବା ।

**ଅବିକ୍ଷତ** *ବିଂ* ଆଘାତ ପାଇ ନ ଥିବା, ଅଖୁଣ, ଖଣ୍ଡିଆ ହୋଇ ନ ଥିବା ।

**ଅବିକ୍ଷୁବ୍ଧ** *ବିଂ* ଶାନ୍ତ, ସ୍ଥିର, ଅବିଚଳିତ, ପ୍ରଶାନ୍ତ ।

**ଅବୀଜା** *ବିଂ* ୧. ବୀଜ ବା ମଞ୍ଜି ନ ଥିବା ୨. କୁଳଗୋତ୍ର ଠିକ୍ ନ ଥିବା ।

**ଅବୁଝ,ଅବଝା** *ବିଂ* ଯେ ବୁଝେନାହିଁ, ଜିଦ୍‌ଖୋର, ଏକବାଗିଆ,

**ଅବୁଝାମଣା** *ବି.* ସମଝୋତାର ଅଭାବ, ମତାନୈକ୍ୟ, ଅନ୍ୟାୟ ବିଚାର ।

**ଅବେଉଷା, ଅବେଉଷଣ** *ବିଂ* ଚାଷ ହୋଇ ନ ଥିବା, ପଡ଼ିଆ ପଡ଼ିଥିବା ।

**ଅବେଭାର** *ବି.* ୧. ଖରାପ ଆଚରଣ ୨. ଅନୁଚିତ ବିଚାର ।

**ଅବେଳ** *ବି.* ଅସୁବିଧା ସମୟ, ନିର୍ଦ୍ଦିଷ୍ଟ କାର୍ଯ୍ୟ ସୁବିଧାଜନକ ସମୟରେ ନ ହୋଇ ଅନ୍ୟ ସମୟ ।

**ଅବେଳା** *ବି.* ୧. ଖରାପ ସମୟ, ଦୁଃସମୟ ୨. ଅନୁପଯୁକ୍ତ କାଳ ।

**ଅବେଳା ବେଳ** *ବି.* ଯେ କୌଣସି ସମୟ, ବେଳ ଅବେଳ ।

**ଅବୈତନିକ** *ବିଂ* ୧. ଯେଉଁ କାର୍ଯ୍ୟପାଇଁ ପାରିଶ୍ରମିକ/ମଜୁରି/ବେତନ ନିଆଯାଏ ନାହିଁ ୨. ସ୍ୱେଚ୍ଛାସେବା ।

**ଅବୈଧ** *ବିଂ* ନିୟମବିରୁଦ୍ଧ, ଅନୈତିକ, ବେଆଇନ, ଅବିହିତ ।

**ଅବୈଧପ୍ରଣୟ** *ବି.* ସାମାଜିକ ସ୍ୱୀକୃତି ପାଇ ନ ଥିବା ନାରୀ-ପୁରୁଷଙ୍କ ଶାରୀରିକ ସମ୍ପର୍କ ।

**ଅବୈଧ ସନ୍ତାନ** *ବି.* ଜାରଜ, ବେଧଛୁଆ, ଯେଉଁ ସନ୍ତାନର ବାପା ଅଜ୍ଞାତ ।

**ଅବୈଧାନିକ** *ବିଂ* ଯାହା ବିଧି/ ନିୟମ ବା ଆଦର୍ଶସଂଗତ ନୁହେଁ ।

**ଅବୋଧ** *ବିଂ* ୧. ବୋଧଶକ୍ତିରହିତ ୨. ଅଜ୍ଞାନ ୩. ଅବୁଝା ।

**ଅବୋଧଗମ୍ୟ, ଅବୋଧ୍ୟ** *ବିଂ* ଯାହା ବୁଝିହୁଏ ନାହିଁ, ଯାହା ମଗଜକୁ ଭେଦେ ନାହିଁ, ବୋଧାତୀତ ।

**ଅବୋଲକରା** *ବିଂ* ଅବାଧ୍ୟ, ମନାକରିବା ସତ୍ତ୍ୱେ କଥା ମାନୁ ନ ଥିବା ।

**ଅବ୍ୟକ୍ତ** *ବିଂ* ୧. ଅକଥିତ, ଅକୁହା, ଅପ୍ରକାଶିତ, ୨. ଅସ୍ପଷ୍ଟ ।

**ଅବ୍ୟକ୍ତ ଗଣିତ** *ବି.* ବୀଜଗଣିତ, ଆଲ୍‌ଜେବ୍ରା ।

**ଅବ୍ୟକ୍ତ ରାଗ** *ବି.ବିଂ* ଇଷତ୍ ଲୋହିତ ବର୍ଣ୍ଣ ।

**ଅବ୍ୟବସ୍ଥା** *ବି.* ବିଶୃଙ୍ଖଳା, ଉଚିତ ବ୍ୟବସ୍ଥାର ଅଭାବ ।

**ଅବ୍ୟବସ୍ଥିତ** *ବିଂ* ୧. ଠିକ୍ ଭାବରେ ରଖା ହୋଇ ନ ଥିବା, ଅସ୍ତବ୍ୟସ୍ତ ୨. ଚଞ୍ଚଳ ୩. ବିଚଳିତ ।

**ଅବ୍ୟବସ୍ଥିତ ଚିତ୍ତ** *ବିଂ* ୧. ମାନସିକ ଅସନ୍ତୁଳିତ ୨. ଅସ୍ଥିରମନା, ଚଞ୍ଚଳମନା ।

**ଅବ୍ୟବହାର୍ଯ୍ୟ** *ବିଂ* ଯାହାର ବ୍ୟବହାର ବା ଉପଯୋଗ ହୋଇ ପାରିବ ନାହିଁ, ଅନୁପଯୋଗୀ ।

**ଅବ୍ୟବହିତ** *ବିଂ* ୧. ବ୍ୟବଧାନ ବା ଦୂରତାରହିତ, ଅତିପାଖ, ନିକଟବର୍ତ୍ତୀ ୨. ସଂଲଗ୍ନ ।

**ଅବ୍ୟବହୃତ** *ବିଂ* ୧. ଯାହା ବ୍ୟବହାର କରାଯାଇ ନାହିଁ ୨. ଯାହାର ଆଉ ବ୍ୟବହାର ନାହିଁ ।

**ଅବ୍ୟଭିଚାର** *ବି.* ୧. ସହଜ ୨. ସ୍ୱାମୀ-ସ୍ତ୍ରୀ ପରସ୍ପର ପ୍ରତି ଶ୍ରଦ୍ଧାଶୀଳ ୩. ନିଜ ନିଜଠାରୁ ଅଲଗା ନ ହେବା ଭାବ ।

**ଅବ୍ୟୟ** *ବି.ବିଂ* ୧. ବ୍ୟୟ ରହିତ, ଅକ୍ଷୟ, ଅବିନାଶୀ ୨. ବ୍ୟାକରଣ ଅରୂପାନ୍ତରିତ ଶବ୍ଦ (*ଉଦା.* ଓ, ଏବଂ, ଏବଂବିଧ) ।

**ଅବ୍ୟୟିତ** *ବିଂ* ଖର୍ଚ୍ଚ ହୋଇ ନ ଥିବା, ସଂରକ୍ଷିତ ।

**ଅବ୍ୟୟୀଭାବ ସମାସ** *ବି.* ଯେଉଁ ସମାସରେ ମୂଳ ଶବ୍ଦର ଅର୍ଥର କୌଣସି ପରିବର୍ତ୍ତନ ହୁଏନାହିଁ ।

**ଅବ୍ୟର୍ଥ** *ବିଂ* ୧. ଯାହା ବ୍ୟର୍ଥ ହୁଏ ନାହିଁ ୨. ନିଷ୍ଫଳ ହୋଇ ନ ଥିବା ୩. ନିଶ୍ଚିତ ଫଳପ୍ରଦ, ଅମୋଘ ।

**ଅବ୍ୟର୍ଥ ଲକ୍ଷ୍ୟ** *ବି. ବିଂ* ଗୁଳି ଅଥବା ଶର ଚାଳନା କାଳରେ ଯାହା ଲକ୍ଷ୍ୟ ସ୍ଥାନରେ ପହଞ୍ଚେ, ଯାହାର ବାଣ ଲକ୍ଷ୍ୟଭେଦୀ ।

**ଅବ୍ୟାପାର** *ବି.* ୧. ଯାହା କରିବା ଅନୁଚିତ ୨. ଯାହା ନିଜର କାମ ନୁହେଁ ୨. ବେକାରଧନ୍ଦା ।

**ଅବ୍ୟାହତ** *ବିଂ* ବ୍ୟାଘାତରହିତ, ଅନାହତ, ଅପ୍ରତିହତ, ମୁକ୍ତ, ଅବାଧ, ସ୍ୱାଭାବିକ ।

**ଅବ୍ୟାହତି** *ବି.* ରିଆତି, ମୁକ୍ତି, ଛାଡ଼, ଅବସର ।

**ଅବ୍ରାହ୍ମଣ** *ବି.* ବ୍ରାହ୍ମଣ ବ୍ୟତୀତ ଅନ୍ୟ ଜାତିର ଲୋକ ।

**ଅର୍ବାଚୀନ** *ବିଂ.* ୧. ନୂତନ, ଯାହା ପ୍ରାଚୀନ ନୁହେଁ ୨. ଅଧମ, ନୀଚ ।

**ଅଭକତିଆ, ଅଭକ୍ତ** *ବି.* ୧. ଗୁରୁଜନମାନଙ୍କୁ ଯଥାର୍ଥ ଶ୍ରଦ୍ଧା ଦେଖାଉ ନ ଥିବା ୨. ପୂଜା କରୁ ନ ଥିବା ।

**ଅଭଙ୍ଗ** *ବିଂ.* ଅଖୁଣ, ଯାହା ଅବିକଳ ରହିଅଛି, ଅବିଭକ୍ତ ।

**ଅଭଙ୍ଗଶ୍ଲେଷ** *ବି.* କାବ୍ୟତତ୍ତ୍ୱରେ ଏକ ପ୍ରକାରର ଅର୍ଥାଳଙ୍କାର ।

**ଅଭଙ୍ଗା** *ବିଂ.* ୧. ଯାହା ଭାଙ୍ଗି ନ ଥାଏ, ଅଖୁଣ ୨. ଯାହା ଭାଙ୍ଗେ ନାହିଁ ।

**ଅଭକ୍ତି** *ବି.* ବିଶ୍ୱାସର ଅଭାବ, ଭକ୍ତି ବା ନିଷ୍ଠାର ଅଭାବ ।

**ଅଭଡ଼ା, ଅବଢ଼ା** *ବି.* ଶ୍ରୀଜଗନ୍ନାଥଙ୍କର ମହାପ୍ରସାଦ ।

**ଅଭଦ୍ର** *ବିଂ.* ୧. ଅଶ୍ଳୀଳ, ଅଶିଷ୍ଟ ୨. ମୂର୍ଖ, ଅମାର୍ଜିତ, ଅସଂସ୍କୃତ ।

**ଅଭଦ୍ରତା, ଅଭଦ୍ରାମି** *ବି.* **ଅଶିଷ୍ଟ,** ଅଶାଳୀନ ବା ଅଭଦ୍ର ବ୍ୟବହାର, ଅମାର୍ଜିତ ଚାଲିଚଳଣ ବା ବ୍ୟବହାର ।

**ଅଭୟ** *ବି.* ୧. ଭୟ ନ କରିବାପାଇଁ ନିର୍ଭର ଆଶ୍ୱାସନା ୨. ବେଣାମୂଳ; **ବିଂ.** ୧. ଯାହାର ଭୟ ନାହିଁ, ଭୟଶୂନ୍ୟ, ନିର୍ଭୟ ୨. ନିର୍ଭୀକ, *ସ୍ତ୍ରୀ.* ଅଭୟା, ହରିଡ଼ା ।

**ଅଭୟଦାତା** *ବିଂ.* ବିପଦମୁକ୍ତ ଜୀବନ ବଞ୍ଚିବାପାଇଁ ସୁଯୋଗ ଦେଉଥିବା ବ୍ୟକ୍ତି, ମୋକ୍ଷଦାତା, ରକ୍ଷାକର୍ତ୍ତା, ବିପଦରୁ ଉଦ୍ଧାର କରୁଥିବା **ଶକ୍ତି** ।

**ଅଭୟବଚନ** *ବି.* ନିର୍ଭରଯୋଗ୍ୟ ପ୍ରତିଶ୍ରୁତି, ଆଶୀର୍ବଚନ ।

**ଅଭୟବର** *ବି.* ଆଶ୍ରିତକୁ ବିପଦରୁ ରକ୍ଷା କରିବାପାଇଁ କୌଣସି ଶକ୍ତି ଅଥବା ବ୍ୟକ୍ତିଙ୍କ ନିର୍ଭର ପ୍ରତିଶ୍ରୁତି ।

**ଅଭଲ** *ବିଂ.* ଖରାପ, ମନ୍ଦ ।

**ଅଭକ୍ଷ୍ୟ** *ବି.* **ବିଂ.** ଅଖାଦ୍ୟ, ଅଭୋଜ୍ୟ, ଖାଇବାପାଇଁ ଅନୁପଯୁକ୍ତ ଜିନିଷ, କ୍ଷତିକାର ଖାଦ୍ୟ ; **ବିଂ.** ଭୋଜନର ଅଯୋଗ୍ୟ, ଖାଇବାପାଇଁ ଅନୁପଯୁକ୍ତ ।

**ଅଭକ୍ଷ୍ୟଭକ୍ଷ** *ବି.* ଅଖାଦ୍ୟ ବା ମନା କରାଯାଇଥିବା ଖାଦ୍ୟ ଖାଇବା ।

**ଅଭାଗ** *ବିଂ.* ଭାଗ ହୋଇ ନ ଥିବା, ଅବିଭକ୍ତ, ଏକତ୍ର ।

**ଅଭାଗା** *ବିଂ.* ହତଭାଗ୍ୟ, ଭାଗ୍ୟହୀନ, *ସ୍ତ୍ରୀ.* ଅଭାଗୀ/ଅଭାଗିନୀ, ହତଭାଗ, ହତଭାଗିନୀ ।

**ଅଭାଜନ** *ବିଂ.* ଅଯୋଗ୍ୟ, ଅସମର୍ଥ ।

**ଅଭାବ** *ବି.* ୧. ଅର୍ଥ, ବିଦ୍ୟା, ବୁଦ୍ଧି ଓ ବଳ ପ୍ରଭୃତିରେ ଅପୂର୍ଣ୍ଣତା ୨. ସ୍ନେହଶୂନ୍ୟତା ୩. ମୃତ୍ୟୁ, ବିନାଶ ।

**ଅଭାବଗ୍ରସ୍ତ** *ବି.* ଦୁଃସ୍ଥ, ଅତି ଗରିବ ।

**ଅଭାବନୀୟ** *ବି.* ଯାହା ଭାବନାର ଅତୀତ, ଯାହା ଭାବି ହୁଏନାହିଁ, ଅକଳ୍ପିତ ।

**ଅଭାବ ପକ୍ଷରେ** *କ୍ରି.ବିଂ.* ୧. ଅନ୍ତତଃ ୨. କିଛି ନ ମିଳିଲେ ।

**ଅଭାବିତ** *ବି.* ଭାବନା ବା କଳ୍ପନାର ଅତୀତ ।

**ଅଭାବୀ, ଅଭାବିଆ** *ବିଂ.* ୧. ଆର୍ଥିକ ଅନଗ୍ରସର, ଅସ୍ୱଚ୍ଛଳ ୨. ଭାବର ଅଭାବ ।

**ଅଭାବେ** *ଅ. କ୍ରିବିଂ.* ଅନ୍ତତଃ, ଅଭାବ ପଡ଼ିଲେ, ପ୍ରତିବଦଳରେ ।

**ଅଭାଷା** *ବି.* ୧. ଖରାପକଥା ୨. ଗାଳି ୩. କୁଭାଷା ୪. ଅଶ୍ଳୀଳ କଥା ।

**ଅଭିଆଢ଼ା** *ବି.ବିଂ.* ବାହା ହୋଇ ନ ଥିବା, ଅବିବାହିତ ।

**ଅଭିଆଡ଼ୀ** *ବି.ବିଂ.* ବାହା ହୋଇ ନ ଥିବା (ନାରୀ) ।

**ଅଭିଆଡ଼ୀ ସୂତା** *ବି.* ବିବାହ କାଳରେ ବର କନ୍ୟାଙ୍କ ହାତରେ ବନ୍ଧା ଯାଉଥିବା ସୂତାକେରା, ଅଷାଢୁଆ ସୂତା, କୌତୁକସୂତ୍ର ।

**ଅଭିକର୍ତ୍ତା** *ବି.* ପ୍ରତିନିଧି, ଏଜେଣ୍ଟ, କା' ।

**ଅଭିକା(ଅବିକା)** *ଅ.* ଏହିକ୍ଷଣି, ଅଇଛା, ଏବେ, ସାଙ୍ଗେସାଙ୍ଗେ ।

**ଅଭିକ୍ରମ, ଅଭିକ୍ରମଣ** *ବି.* ୧. ଆରମ୍ଭ ୨. କ୍ରମଶଃ ଆଗକୁ ଯିବା, ଆରୋହଣ ୩. ଯୁଦ୍ଧ ବା ଲଢ଼େଇ ପାଇଁ ପ୍ରସ୍ତୁତ ।

**ଅଭିଗଠନ** *ବି.* ପୁନର୍ଗଠନ, ପ୍ଲାଷ୍ଟିକ-ସର୍ଜରି ।

**ଅଭିଗମ** *ବି.* ୧. ଆଶ୍ରୟ, ରହିବା ସ୍ଥାନ ୨. ପ୍ରାପ୍ତି, ପାଇବା ୩. ସାଙ୍ଗରେ ମିଶିବା ୪. ସଂଗମ, ସହବାସ ୫. ପାଛୋଟି ନେବା ୬. ଆଶ୍ରୟ ।

**ଅଭିଗମନ** *ବି.* ୧. ପ୍ରାପ୍ତି ୨. ସେବା ୩. ସଙ୍ଗମ ।

**ଅଭିଗ୍ରହଣ** *ବି.* ଆଖି ଆଗରେ ଚୋରି ବା ଅପହରଣ, ଅନ୍ୟାୟ କାର୍ଯ୍ୟ କରିବା, ଦେଖୁ ଦେଖୁ କୌଣସି ପଦାର୍ଥ ଛଡ଼େଇ ନେବା ।

**ଅଭିଘାତ** *ବି.* ହତ୍ୟା, ଆଘାତ, ମାଡ଼, ଯାତନା ।

**ଅଭିଘାତକ, ଅଭିଘାତୀ** *ବିଂ.* ଶତ୍ରୁ, ହତ୍ୟାକାରୀ, ଘାତକ, ଆଘାତକାରୀ ।

**ଅଭିଚାର** *ବି.* ଅନ୍ୟର ଅନିଷ୍ଟସାଧନ ଉଦ୍ଦେଶ୍ୟରେ ଆୟୋଜିତ ତନ୍ତ୍ରସାଧନ, ମୋହନ ଓ ବଶୀକରଣ ଆଦି ତନ୍ତ୍ରୋକ୍ତ ବିଦ୍ୟା ସାଧନ ।

**ଅଭିଜାତ** *ବିଂ.* ୧. ସଦ୍‌ବଂଶଜାତ, କୁଳୀନ ବଂଶରେ ଜାତ ୨. ପୂର୍ବ ପୁରୁଷଙ୍କ ବାସସ୍ଥାନ ।

**ଅଭିଜାତତନ୍ତ୍ର** *ବି.* ସଂଭ୍ରାନ୍ତମାନଙ୍କଦ୍ୱାରା ଶାସନ, ଆରିଷ୍ଟୋକ୍ରାସି ।

**ଅଭିଜିତ** *ବି.* ଉତ୍ତରାଷାଢ଼ ଓ ଶ୍ରବଣାର ମଝିରେ ଥିବା ନକ୍ଷତ୍ର ; **ବିଂ.** ଅପରାଜିତ, ବିଜିତ ।

**ଅଭିଜ୍ଞ** *ବି.ବିଂ.* ବିଷୟ ଅନୁଭବୀ, ବିଜ୍ଞ, ବିଶେଷଜ୍ଞ, ପଣ୍ଡିତ, ଜ୍ଞାନୀ, *ସ୍ତ୍ରୀ.* ଅଭିଜ୍ଞା ।

**ଅଭିଜ୍ଞତା *ବି.*** ୧. ଅନୁଭବ ୨. ଅଧ୍ୟୟନଦ୍ୱାରା ଅର୍ଜିତ ଜ୍ଞାନ ୩. ବହୁଦର୍ଶିତା ।

**ଅଭିଜ୍ଞାନ *ବି.*** ୧. ଯାହା ଦେଖିଲେ ଅତୀତ ମନେ ପଡ଼ିଯାଏ ୨. ସନ୍ତକ, ସ୍ମାରକ, ସ୍ମୃତିଉଦ୍ରେକକାରୀ ଚିହ୍ନ ।

**ଅଭିଜ୍ଞାନପତ୍ର *ବି.*** ସୂଚକପତ୍ର, ପରିଚୟପତ୍ର, ଆଇଡେଣ୍ଟିଟି କାର୍ଡ଼, ଆଇକାଡ୍ ।

**ଅଭିଜ୍ଞାପନ *ବି.*** ମେମୋରେଣ୍ଡମ୍, ସୂଚନା, ଜ୍ଞାପକପତ୍ର ।

**ଅଭିଧା *ବି.*** ୧. ସଂଜ୍ଞା, ନାମ ୨. ଶବ୍ଦର ଶକ୍ତି ୩. ଶବ୍ଦର ନିର୍ଦ୍ଦିଷ୍ଟ ବା ପ୍ରସିଦ୍ଧ ଅର୍ଥ ।

**ଅଭିଧାନ *ବି.*** ୧. କୌଣସି ଭାଷାର ଶବ୍ଦ ଓ ସେଗୁଡ଼ିକର ଅର୍ଥ ଦିଆଯାଇଥିବା ପୁସ୍ତକ, ଶବ୍ଦକୋଷ, ଭାଷାକୋଷ ।

**ଅଭିନନ୍ଦନ *ବି.*** ୧. ସମ୍ମାନ ଓ ପ୍ରଶଂସା ୨. ଅନ୍ୟର ସଫଳତା ବା ପ୍ରସିଦ୍ଧିରେ ଆହ୍ଲାଦ ପ୍ରକାଶ ୩. ବଧେଇ ।

**ଅଭିନନ୍ଦନିକା *ବି.*** ପ୍ରଶଂସାପତ୍ର ।

**ଅଭିନନ୍ଦନୀୟ *ବିଂ.*** ଅଭିନନ୍ଦନର ଯୋଗ୍ୟ, ପ୍ରଶଂସାଯୋଗ୍ୟ ।

**ଅଭିନନ୍ଦିତ *ବିଂ.*** ପ୍ରଶଂସିତ, ଅଭ୍ୟର୍ଥିତ ।

**ଅଭିନବ *ବିଂ.*** ୧. ନୂଆ ୨. ଅପୂର୍ବ ୩. ସଜ, ତଟକା ।

**ଅଭିନୟ *ବି.*** ଅଙ୍ଗଭଙ୍ଗୀଦ୍ୱାରା ମନୋଭାବ ପ୍ରକାଶ, ନାଟକ ପ୍ରଭୃତିରେ କୌଣସି ଚରିତ୍ରର ରୂପାୟନ ।

**ଅଭିନିବିଷ୍ଟ *ବିଂ.*** ଅତ୍ୟନ୍ତ ମନୋଯୋଗୀ ।

**ଅଭିନିବେଶ *ବି.*** ଗଭୀର ମନଯୋଗ, ଆଗ୍ରହ, ଏକାଗ୍ରତା ।

**ଅଭିନୀତ *ବିଂ.*** ଯାହା ଅଭିନୟ କରାଯାଇଛି, ଅଭିନୟ କରିଥିବା ।

**ଅଭିନେତା *ବି.*** ଯେ ଅଭିନୟ କରେ, ନଟ; *ସ୍ତ୍ରୀ.* ଅଭିନେତ୍ରୀ ।

**ଅଭିନେତ୍ରୀ *ବି.*** ଅଭିନୟ କରୁଥିବା ନାରୀ ।

**ଅଭିନେୟ *ବିଂ.*** ଯାହା ଅଭିନୟର ପ୍ରସଙ୍ଗ ।

**ଅଭିନ୍ନ *ବିଂ.*** ୧. ସମାନ ୨. ଭେଦରହିତ, ପାର୍ଥକ୍ୟ ବା ଭିନ୍ନତା ନ ଥିବା ।

**ଅଭିନ୍ୟାସ *ବି.*** ସଜ୍ଜୀକରଣ ।

**ଅଭିପାନ *ବି.*** ୧. ମାନସିକ ଆଘାତ ୨. ବିଭିନ୍ନ ସ୍ତର ବା ମାଧ୍ୟମ ଦେଇ ତରଳ ପଦାର୍ଥର ପରିଶୋଧନ ନିମନ୍ତେ କ୍ଷରଣ, ମଇଳା ପାଣି ପରିଷ୍କାର କରିବାପାଇଁ ବ୍ୟବହୃତ ପଦ୍ଧତି ।

**ଅଭିପ୍ରାୟ *ବି.*** ୧. ମନକଥା, ଇଚ୍ଛା, ଉଦ୍ଦେଶ୍ୟ ୨. ତାତ୍ପର୍ଯ୍ୟ, ମତ, ଭାବ ।

**ଅଭିପ୍ରେତ *ବିଂ.*** ବାଞ୍ଛିତ, ଇପ୍ସିତ, ଅଭୀଷ୍ଟ ।

**ଅଭିବର୍ଦ୍ଧକ *ବିଂ.*** ଯାହା ଅଭିବୃଦ୍ଧିରେ ବା ବଢ଼ିବାରେ ସହାୟକ ।

**ଅଭିବର୍ଦ୍ଧନ *ବି.*** ବଢ଼ାଇବା ।

**ଅଭିବାଦକ *ବିଂ.*** ଯେ ସମ୍ମାନ ପ୍ରଦାନ କରେ, ସମ୍ମାନ ଦେଖାଉଥିବା ।

**ଅଭିବାଦନ *ବି.*** ସସମ୍ମାନ ସ୍ୱୀକୃତି, ସମ୍ମାନ ପ୍ରଦର୍ଶନ,ବନ୍ଦନା, ନମସ୍କାର ।

**ଅଭିବୃଦ୍ଧି *ବି.*** ୧. ସମୃଦ୍ଧି ୨. କ୍ରମଶଃ ଉନ୍ନତି ।

**ଅଭିବ୍ୟକ୍ତ *ବିଂ.*** ୧. ପ୍ରକାଶିତ ୨. ବିଶେଷଭାବରେ କଥିତ ୩. ସୁପ୍ରମାଣିତ ।

**ଅଭିବ୍ୟକ୍ତି *ବି.*** ପ୍ରକାଶ, ବକ୍ତବ୍ୟ ; ***ବି.* ଅଭିବ୍ୟକ୍ତିବାଦ** (ସାହିତ୍ୟ ଓ କଳାରେ) ଏକ୍ସପ୍ରେସନିଜମ୍ ।

**ଅଭିଭାବକ *ବି.*** ୧. ଆଶ୍ରୟଦାତା, ରକ୍ଷକ ୨. ତତ୍ତ୍ୱାବଧାରକ, ମୁରବି, ଗାର୍ଜନ ।

**ଅଭିଭାଷଣ *ବି.*** ସଭା ବା ସମ୍ମେଳନରେ ଅନେକଙ୍କୁ ଲକ୍ଷ୍ୟକରି ପ୍ରଦତ୍ତ ବକ୍ତୃତା ବା ଉଦ୍‌ବୋଧନ ।

**ଅଭିଭୂତ *ବିଂ.*** ୧. ବିହ୍ୱଳ, ସମାହିତ ଅବସ୍ଥା, ଅବଶ ୨. ପରାଭୂତ, ପରାଜିତ, ପରାହତ ।

**ଅଭିମତ *ବି.*** ମନୋଭାବ, ମନ୍ତବ୍ୟ, ବିଚାର, ଅଭିପ୍ରାୟ ।

**ଅଭିମନ୍ତ୍ର *ବି.*** ବିଶେଷ ବିଚାର, ଅନୁଭବ-ସଂଜାତ ଜ୍ଞାନ ।

**ଅଭିମନ୍ତ୍ରିତ *ବିଂ.*** ବିଶେଷ ସିଦ୍ଧିକୃତ, ନିମନ୍ତ୍ରିତ ।

**ଅଭିମନ୍ତ୍ରୀକରଣ *ବି.*** ମନ୍ତୁରେଇବା, ମନ୍ତ୍ର ପାଠକରି ଶୁଦ୍ଧ ବା ପବିତ୍ର କରିବା ।

**ଅଭିମାନ *ବି.*** ୧. ପ୍ରିୟଜନର ଅସ୍ୱୀକୃତି ବା ଶ୍ରଦ୍ଧାହୀନ ଆଚରଣପାଇଁ ମନରେ ବିଷାଦ ଭାବ ୨. ଗର୍ବ/ ଦର୍ପ/ଅହଂକାର ୩. ଆତ୍ମମର୍ଯାଦା ବୋଧ ।

**ଅଭିମାନିଆ *ବିଂ.*** ୧. ଅଭିମାନୀ ୨. ଅଭିମାନ ଭାବଯୁକ୍ତ ।

**ଅଭିମାନୀ *ବିଂ.*** ୧. ଅଭିମାନଯୁକ୍ତ ୨. ଅଳ୍ପକେ ଅଭିମାନ କରୁଥିବା ୩. ଗର୍ବୀ, ଅହଂକାରୀ ।

**ଅଭିମୁଖ *ବି.*** ସମ୍ମୁଖ, ଆଗଦିଗ ।

**ଅଭିମୁଖୀ, ଅଭିମୁଖୀନ *ବିଂ.*** ସମ୍ମୁଖବର୍ତ୍ତୀ, ଆଗରେ ଥିବା ।

**ଅଭିଯାତ୍ରା *ବି.*** ଭଲ ଭାବରେ ଆଗକୁ ଯିବା, ଦୁର୍ଗମ ପଥର ଯାତ୍ରା, ଆଡଭେଞ୍ଚର । ।

**ଅଭିଯାତ୍ରୀ *ବିଂ.*** ୧. ନିର୍ଭୀକ ଯାତ୍ରୀ ୨. ପର୍ଯ୍ୟଟକ ।

**ଅଭିଯାନ *ବି.*** ୧. ଅନ୍ୟକୁ ପରାଭୂତ କରିବାପାଇଁ ସଦଳବଳ ଯାତ୍ରା ୨. ସାହସିକ କାର୍ଯ୍ୟ ୩. ମହତ୍ ଉଦ୍ଦେଶ୍ୟରେ କରାଯାଉଥିବା କାର୍ଯ୍ୟ ୪. ଯୁଦ୍ଧଯାତ୍ରା ୫. ଆକ୍ରମଣ, ଉଦ୍‌ଯୋଗ ।

**ଅଭିଯୋଗ** ***ବି.*** ଦୋଷାରୋପ, ନାଲିସ, ବିରୋଧମତ ।

**ଅଭିଯୋଜକ** ***ବିଂ.*** ସଂଯୋଜକ, ଯୋଡୁଥିବା ।

**ଅଭିଯୋଗକାରୀ** ***ବି.ବିଂ.*** ଯେଉଁ ବ୍ୟକ୍ତି ଅଭିଯୋଗ କରେ, ଯେ ଅନ୍ୟ ଉପରେ ଦୋଷାରୋପ କରେ ।

**ଅଭିଯୋଜନ** ***ବି.*** ସଂଯୋଜନ, ଯୋଡ଼ଣ ।

**ଅଭିଯୁକ୍ତ** ***ବିଂ.*** ଯାହା ଉପରେ ଦୋଷାରୋପ ହୋଇଥାଏ, ଦୋଷଦୁଷ୍ଟ।

**ଅଭିରଚନା** ***ବି.*** ସଂରଚନା, ଲେଖା ।

**ଅଭିରାମ** ***ବିଂ.*** ଅତ୍ୟନ୍ତ ସୁନ୍ଦର, ମନୋହର ।

**ଅଭିରୁଚି** ***ବି.*** ପ୍ରବୃତ୍ତି, ବିଶେଷ ଆଗ୍ରହ, ସ୍ପୃହା ।

**ଅଭିଳଷିତ** ***ବିଂ.*** ଇପ୍‌ସିତ, ବାଞ୍ଛିତ, ପାଇବାପାଇଁ ଆଶା କରାଯାଉଥିବା ।

**ଅଭିଳାଷ** ***ବି.*** ଇଚ୍ଛା, ବାଞ୍ଛା, ଆଶା, ମନୋକାମନା ।

**ଅଭିଳାଷୀ** ***ବିଂ.*** ଇଚ୍ଛୁକ, ଆଗ୍ରହୀ, ଆଶାବାଦୀ ।

**ଅଭିଲା, ଅଭେଲା** ***ବିଂ.*** ଲାଜହୀନ, ଅଯୌକ୍ତିକ, ଛୋପରା ।

**ଅଭିଶପ୍ତ** ***ବିଂ.*** ୧. ଅଭିଶାପ ପାଇଥିବା, ଯାହାକୁ ଅଭିଶାପ ଦିଆ ଯାଇଥାଏ, ଅଭିଶାପଗ୍ରସ୍ତ ୨. ଅଭାଗା, ଚିରଦୁଃଖୀ ।

**ଅଭିଶାପ** ***ବି.*** ୧. ଅନ୍ୟର କାର୍ଯ୍ୟରେ ଅସନ୍ତୁଷ୍ଟ ହୋଇ ଅନିଷ୍ଟ କାମନା, ଦୋଷାରୋପ ୨. ଅଭିସଂପାତ ୩. ଦୈବଦଣ୍ଡ।

**ଅଭିଶାପଗ୍ରସ୍ତ** ***ବିଂ.*** ଅଭିଶାପ ପାଇଥିବା, ଅଭିଶପ୍ତ ।

**ଅଭିଷିକ୍ତ** ***ବିଂ.*** ୧. ଯାହାର ଅଭିଷେକ ହୋଇଛି ୨. କୌଣସି କାର୍ଯ୍ୟରେ ସମ୍ମାନର ସହ ନିୟୋଜିତ ।

**ଅଭିଷେକ** ***ବି.*** ୧. ମନ୍ତ୍ରପୂତ ଜଳରେ ସ୍ନାନ ୨. ଦେବତାଙ୍କ ଉପରେ ପାଣିଢ଼ାଳା(ଯଥା/ ରୁଦ୍ରାଭିଷେକ) ୩. ସିଂହାସନ ଆରୋହଣ ୪. କୌଣସି କାର୍ଯ୍ୟରେ ନିଯୁକ୍ତି ।

**ଅଭିସନ୍ଧି** ***ବି.*** ୧. ବିଶେଷ ଅଭିପ୍ରାୟ ୨. ଅସ୍ପଷ୍ଟ ବା ମନ୍ଦ ଉଦ୍ଦେଶ୍ୟ, ଗୂଢ଼ ଉଦ୍ଦେଶ୍ୟ, ପେଞ୍ଚପାଞ୍ଚ ।

**ଅଭିସମ୍ପାତ** ***ବି.*** ୧. ଅଭିଶାପ ୨. ଅନିଷ୍ଟ ଇଚ୍ଛା ।

**ଅଭିସାର** ***ବି.*** ମିଳନପାଇଁ ନାୟକ ନାୟିକାଙ୍କ ନିର୍ଦ୍ଧାରିତ ସ୍ଥଳକୁ ଗମନ।

**ଅଭିସାରିକା, ଅଭିସାରିଣୀ** ***ବି.*** ନାୟକ ସହିତ ମିଳନପାଇଁ ସଂକେତ ପାଇ ଯାଉଥିବା ପ୍ରେମାସକ୍ତା ନାରୀ ।

**ଅଭିହିତ** ***ବିଂ.*** ଉକ୍ତ, କଥିତ, ଉଲ୍ଲିଖିତ, ଆଖ୍ୟାତ, ବର୍ଣ୍ଣିତ ।

**ଅଭୀପ୍ସା** ***ବି.*** ଇଚ୍ଛା, ଅଭିଳାଷ, ଆକାଙ୍‌କ୍ଷା, କାମନା ।

**ଅଭୀପ୍ସିତ** ***ବିଂ.*** ବାଂଛିତ, ଆକାଙ୍‌କ୍ଷିତ, ଇଚ୍ଛିତ ।

**ଅଭୀରୁ** ***ବି.*** ଶତାବରୀ, ଔଷଧୀୟ ଗୁଣଯୁକ୍ତ ଏକ ଲତା- ଯାହାର ଚେର ଅସ୍ୱାଭାବିକ ଭାବରେ ଫୁଲିଯାଇଥାଏ, ଛତୁଆରୀ; ***ବିଂ.*** ନିର୍ଭୀକ ।

**ଅଭୀଷ୍ଟ** ***ବିଂ.*** ଅଭିଳଷିତ, ପ୍ରିୟ, ବାଞ୍ଛିତ, ପାଇବାପାଇଁ ଆଶା କରାଯାଇଥାଏ ।

**ଅଭୂତପୂର୍ବ** ***ବିଂ.*** ଯାହା ପୂର୍ବରୁ ଘଟି ନାହିଁ, ଘଟି ନ ଥିବା ।

**ଅଭେକା** ***ବିଂ.*** ୧. ଖାଇବା ପିନ୍ଧିବାକୁ ପାଉ ନ ଥିବା ୨. ଦରିଦ୍ର ।

**ଅଭେଦ** ***ବିଂ.*** ପାର୍ଥକ୍ୟହୀନ, ଏକ, ଅଭିନ୍ନ ।

**ଅଭେଦ୍ୟ** ***ବିଂ.*** ଯାହାକୁ ଭେଦ କରିହୁଏ ନାହିଁ, ଦୃଢ଼, ସୁସଙ୍ଗଠିତ, ଏକୀଭୂତ ।

**ଅଭେଲ** ***ବି.*** ୧. ରହସ୍ୟମୟ ଆଚରଣ ୨. ନାଲିଛାଲି, ନିଉଛାଳି ।

**ଅଭୋଗ୍ୟ** ***ବିଂ.*** ୧. ଯାହା ଉପଭୋଗଯୋଗ୍ୟ ନୁହେଁ ୨. ଯେଉଁ ପଦାର୍ଥ ଭୋଗକରିବା ଉଚିତ ନୁହେଁ ।

**ଅଭୋଜ୍ୟ** ***ବିଂ.*** ଯାହା ଖାଇବା ଉପଯୋଗୀ ନୁହେଁ, ଅଖାଦ୍ୟ ।

**ଅଭ୍ୟନ୍ତର** ***ବି.*** ୧. ଭିତର, ମଧ୍ୟ ୨. ଅନ୍ତରାଳ ୩. ପ୍ରଭେଦ ।

**ଅଭ୍ୟନ୍ତରୀଣ** ***ବିଂ.*** ଭିତରେ ରହିଥିବା, ଦୁଇଟିର ମଝିରେ ରହୁଥିବା ।

**ଅଭ୍ୟର୍ଥନା** ***ବି.*** ସମ୍ବର୍ଦ୍ଧନା, ଆଗନ୍ତୁକଙ୍କ ସଶ୍ରଦ୍ଧ ସତ୍କାର, ସ୍ୱାଗତ ସମ୍ଭାଷଣ ।

**ଅଭ୍ୟସ୍ତ** ***ବିଂ.*** ୧. ଯାହା ସାଧନାଦ୍ୱାରା ଲାଭହୋଇ ଅଛି ୨. ଯାହା ଅଭ୍ୟାସଦ୍ୱାରା ସୁଚାରୁ ସଂପାଦିତ ୩. **କୌଣସି କାର୍ଯ୍ୟର ଅଭ୍ୟାସ ଥିବା ।**

**ଅଭ୍ୟାଗତ** ***ବି.*** ଅତିଥି, ଆକସ୍ମିକ ଭାବେ ଉପସ୍ଥିତ ।

**ଅଭ୍ୟାଗମ** ***ବି.*** ୧. ପହଞ୍ଚିବା ୨. ପାଖକୁ ଆସିବା, ଅତିଥିକୁ ସଂଖୋଳିବା ପାଇଁ ଉଠିବା ।

**ଅଭ୍ୟାସ** ***ବି.*** ୧. ବାରମ୍ବାର କୌଣସି କାର୍ଯ୍ୟ କରିବା ୨. ପୁନଃ ପୁନଃ କଥନ, ଆବୃତ୍ତି ବା ଉଚ୍ଚାରଣ ।

**ଅଭ୍ୟୁତ୍‌ଥାନ** ***ବି.*** ୧. ଅତିଥିଙ୍କ ସମ୍ମାନାର୍ଥେ ଆସନରୁ ଉଠିବା ୨. ଉନ୍ନତି, ବିକାଶ ୩. ଅଭ୍ୟୁଦୟ, ଉଦୟ ।

**ଅଭ୍ୟୁଦୟ** ***ବି.*** ୧. ଉତ୍‌ଥାନ, ବିକାଶ, ଉନ୍ନତି, ବଢ଼ତି ୨. ଆରମ୍ଭ ।

**ଅଭ୍ର** ***ବି.*** ୧. ଆକାଶ, ମହାଶୂନ୍ୟ ୨. ମେଘ, ବାରିବାହ ୩. ଅଭ୍ରକ, ଚକ୍‌ଚକ୍ କରୁଥିବା ଏକ ଧାତୁ ।

**ଅଭ୍ରଭେଦୀ** ***ବିଂ.*** ଆକାଶକୁ ଅତିକ୍ରମ କରିପାରୁଥିବା ।

**ଅଭ୍ରାନ୍ତ** ***ବିଂ.*** ୧. ପ୍ରମାଦଶୂନ୍ୟ, ଭ୍ରମଶୂନ୍ୟ ୨. **ଯାହା ଭୁଲ ହେବନାହିଁ,** ଅପବାଦରହିତ ।

**ଅମ୍‌ଟା** ***ବିଂ.*** ଅମ୍ଳଯୁକ୍ତ, ଆମ୍ବିଳିଆ, ଖଟାଳିଆ ।

**ଅମ୍‌ରିବା** ***କ୍ରି.*** ୧. ଅଣ୍ଟିବା ୨. ପହଞ୍ଚିବା ।

**ଅମ୍‌ରୁତ** ***ବି.*** ପିଜୁଳି, ମାୟା, ଚାଉଳିଆ, ବିହି, ଜାମି, ମେଗୁଆ, ଅମୃତ ।

**ଅମ୍‌ରୁଦ୍** ***ବି.*** ଖଟା ଫଳ ବିଶେଷ ଓ ସେହି ଗଛ ।

**ଅମ** *ବି.* ଆମ୍ବିଳ ତରକାରି, ଖଟା, ଟକ ।

**ଅମଙ୍ଗ** *ବିଂ.* ଅନିଚ୍ଛୁକ, ନାରାଜ, ଅରାଜି ।

**ଅମଙ୍ଗଳ, ଅମଙ୍ଗଳକର** *ବିଂ.* ଅଶୁଭକର, ଅନିଷ୍ଟଦାୟକ ; *ବି.* ଅଶୁଭ ।

**ଅମଙ୍ଗଳିଆ** *ବିଂ.* ୧. ଅଶୁଭର ସୂଚକ ୨. ଖରାପ, ଦୁଷ୍ଟ ।

**ଅମଙ୍ଗୁଳା** *ବିଂ.* ୧. ବିବାହପାଇଁ ମଙ୍ଗୁଳା ହୋଇ ନ ଥିବା କୁମାରୀ ୨. ଶୁଭକାର୍ଯ୍ୟରେ ଅଂଶ ଗ୍ରହଣପାଇଁ ଅଯୋଗ୍ୟା ।

**ଅମଜା** *ବିଂ.* ଅପରିଷ୍କୃତ, ସଫା ହୋଇ ନ ଥିବା, ମଜା ହୋଇ ନ ଥିବା ।

**ଅମଠା** *ବି.* ଯାହା ପାଲିସ ବା ଚିକ୍‌କଣ ହୋଇନାହିଁ ।

**ଅମଡ଼ା** *ବି.ବିଂ.* ୧. ମଡ଼ା ହୋଇ ନ ଥିବା, ଗତଗତ ନ ଥିବା ୨. ଲୋକେ ଯେଉଁ ବାଟରେ ଯିବା ଆସିବା କରନ୍ତିନାହିଁ, ୩. ସାଧ୍ୟାତୀତ (*ଉଦା.* ଅମଡ଼ାବାଟ, ଅମଡ଼ାପାଠ) ।

**ଅମଡାମଡା** *ବି.* ବାଟ ଅବାଟ, ଯେଣେ ଇଚ୍ଛା ତେଣେ, ୟାଡେସ୍ୟାଡେ ।

**ଅମଣ, ଅମଣିଆ** *ବିଂ.* ୧. ମଣ ହୋଇ ନ ଥିବା, ଅପ୍ରଶିକ୍ଷିତ ୨. ଅବାଧ୍ୟ, ତେଢ଼ା ୩. ଅନଭ୍ୟସ୍ତ, ବଣ୍ୟ ।

**ଅମଣିଷ** *ବି.ବିଂ.* ମଣିଷ ହୋଇ ମଧ୍ୟ ମଣିଷପଣ ନ ଥିବା, ମନୁଷ୍ୟତାହୀନ, ପଶୁସ୍ୱଭାବସ-ନ୍ନ, ବିଚାରବିବେକହୀନ ।

**ଅମତ** *ବି.ବିଂ.* ୧. ଅସମ୍ମତ, ଅରାଜି ୨. ରୋଗ ।

**ଅମନୋଯୋଗ** *ବି.* ଏକାଗ୍ରତାର ଅଭାବ, ମନ ନ ଥାଇ, ଖାମଖିଆଲ ଭାବ ।

**ଅମନୋଯୋଗୀ** *ବିଂ.* କୌଣସି କାର୍ଯ୍ୟରେ ଏକାଗ୍ରତା ଦେଖାଉ ନ ଥିବା, ଅନ୍ୟମନସ୍କ ।

**ଅମର** *ବିଂ.* ୧. ଯିଏ ମରେନାହିଁ, ଚିରନ୍ତନ ୨. ଚିରସ୍ମରଣୀୟ ୩. ଦେବତା ୪. ପାରଦ ।

**ଅମରକୋଷ** *ବି.* ୧. ଯେଉଁ ପୁସ୍ତକରେ ଏକ ଭାଷାର ଶବ୍ଦାବଳୀ ସଂକଳିତ ହୋଇରହେ ୨. ସଂସ୍କୃତ ଅଭିଧାନ ଗ୍ରନ୍ଥ - ଯେଉଁଥିରେ ଗୋଟିଏ ଶବ୍ଦର ସମପର୍ଯ୍ୟାୟଭୁକ୍ତ ଶବ୍ଦମାନ ରହିଛି ।

**ଅମରପକ୍ଷୀ** *ବି.* ଗ୍ରୀକ୍ ପୁରାଣ ବର୍ଣ୍ଣିତ ଫିନିକ୍ସ୍ ନାମକ ପକ୍ଷୀ (ପୋଡ଼ିଯିବା ପରେ ପାଉଁଶ ଭିତରୁ ପୁଣି ବଞ୍ଚି ଉଠୁଥିବା ପକ୍ଷୀ) ।

**ଅମରପୋଇ** *ବି.* ଏକ ପ୍ରକାର ସିଜୁ-ଯାହାର ପତ୍ରରୁ ବଂଶବୃଦ୍ଧି ହୁଏ ।

**ଅମରମଣ୍ଡା** *ବିଂ.* ଉଦ୍‌ବାର୍ଯ୍ୟ, ଅତ୍ୟନ୍ତ ବିଶୃଙ୍ଖଳ, କାହାକୁ ମାନୁ ନ ଥିବା ।

**ଅମରାବତୀ** *ବି.* ଦେବତାମାନଙ୍କର ବାସସ୍ଥାନ, ସ୍ୱର୍ଗ, ଇନ୍ଦ୍ରପୁରୀ ।

**ଅମରୀ** *ବି.* ଏକ ପ୍ରକାର ଗଛ-ଯାହା ସହଜରେ ମରେ ନାହିଁ ଏବଂ ସାଧାରଣତଃ ବାଡ଼ ଦେବାରେ ବ୍ୟବହୃତ ହୋଇଥାଏ, ଆଇପୋମିଆ ।

**ଅମରେଶ** *ବି.* ପୁରାଣବର୍ଣ୍ଣିତ ଦେବତା-ଶିବ ।

**ଅମର୍ଯ୍ୟାଦା** *ବି.* ୧. ଅସମ୍ମାନ ୨. ଅନାଦର ଭାବ, ଉଚିତ ସମ୍ମାନର ଅଭାବ ୩. ମର୍ଯ୍ୟାଦାହାନି ।

**ଅମଲ** *ବି.* ୧. ଉତ୍ପାଦନ, ଆମଦାନୀ ୨. ଜୀବନକାଳ, ସମଗ୍ରଜୀବନ ୩. ନିର୍ମଳ, ମଳବିହୀନ, ସ୍ୱଚ୍ଛ ୧. ଶାସନ କାଳ ।

**ଅମଳ କରିବା** *କ୍ରି.* ୧. ଫସଲ ଆଦାୟ କରିବା ୨. ଭୋଗ କରିବା ।

**ଅମଳଣ** *ବିଂ.* ଯାହା ମଳିନ ପଡ଼େନାହିଁ, ଚିର ସତେଜ, ସଫା ।

**ଅମଳପାଣି** *ବି.* ମାଦକଦ୍ରବ୍ୟ, ସ୍ନାୟୁ ଉତ୍ତେଜକ ଓ କ୍ଷତିକାରକ ପଦାର୍ଥ ।

**ଅମଳିନ** *ବି.* ଅଁଳା, ଔଷଧୀୟ ଗୁଣଯୁକ୍ତ ଫଳ ; *ବିଂ.* ୧. ମଳିନ ପଡ଼ି ନ ଥିବା ୨. ସ୍ୱଚ୍ଛ, ସଫା ୩. ପବିତ୍ର ।

**ଅମଲା** *ବି.* କିରାଣି ଆଦି କର୍ମଚାରୀ ।

**ଅମଲାତନ୍ତ୍ର** *ବି.* କର୍ମଚାରୀ ସମୂହ ଦ୍ୱାରା ପରିଚାଳିତ ଶାସନବ୍ୟବସ୍ଥା ।

**ଅମହତ** *ବିଂ.* ବେମହତ, ମହତହୀନ, ସମ୍ମାନବୋଧ ଓ ଜ୍ଞାନହୀନ ।

**ଅମା** *ଅ.* ସହିତ, ନିକଟ ; *ବି.* ୧. ଅମାବାସ୍ୟା ୨. ଅନ୍ଧାର, କାଳିମା, ଘନ ଅନ୍ଧାର ।

**ଅମାତ୍ୟ** *ବି.* ମନ୍ତ୍ରୀ, ମନ୍ତ୍ରଦାତା, ପରାମର୍ଶଦାତା ।

**ଅମାନତ୍** *ବି.* ୧. ଦୁଇପକ୍ଷ ମଧ୍ୟରେ ସଂଘଟିତ ବିବାଦ ସମାଧାନ ହେବା ପର୍ଯ୍ୟନ୍ତ ପଣ ସ୍ୱରୂପ ବିଚାରକମାନଙ୍କ ପାଖରେ ଉଭୟ ପକ୍ଷ ପ୍ରଦତ୍ତ ଗଚ୍ଛିତ ଅର୍ଥ ବା ପଦାର୍ଥ ୨. କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟ ପାଇଁ ଜମା ଦିଆ ହେବା ବସ୍ତୁ ବା ଟଙ୍କା ପଇସା ।

**ଅମାନତନାମା** *ବି.* ୧. ଅମାନତକାର ଲେଖୁଥିବା ଦଲିଲ୍ ୨. ଅମାନତକାରୀ ଲେଖିଥିବା ସର୍ତ୍ତଗୁଡ଼ିକର ଦଲିଲ ।

**ଅମାନତି** *ବିଂ.* ଅମାନତ ବାବଦକୁ ରଖାଯାଇଥିବା ଅର୍ଥ ବା ଧନ ।

**ଅମାନବିକତା** *ବି.* ମଣିଷପଣିଆ ନ ଥିବା ଭଳି ବ୍ୟବହାର ଓ ସ୍ୱଭାବ ବା କାର୍ଯ୍ୟ ।

**ଅମାନବୀୟ** *ବିଂ.* ମନୁଷ୍ୟତାହୀନ, ପଶୁପ୍ରାୟ, ବିବେକ ଓ ବିଚାରରହିତ, ହିଂସ୍ର ।

**ଅମାନିଆ** *ବିଂ.* ୧. ଯେ ମାନେନାହିଁ, ଅବାଧ୍ୟ ୨. ଦୁଷ୍ଟ ।

**ଅମାନିକ** *ବିଂ.* ଯାହାର ମାନ, ମୂଲ୍ୟ ବା ସଂଖ୍ୟା ନିରୂପିତ ହୋଇନାହିଁ ।

**ଅମାନୁଷିକ** ***ବିଂ.*** ଅମାନବିକ, ଯେଉଁଭଳି କାର୍ଯ୍ୟ ମଣିଷ ସମ୍ପାଦନ କରିବା ଉଚିତ ନୁହେଁ, ପାଶବିକ ।

**ଅମାନ୍ୟ** ***ବିଂ.*** ଯେ ମାନ୍ୟ ନୁହେଁ, ଅମାନନୀୟ; ***ବି.*** ଅସ୍ୱୀକାର, ଅନାଦର, ଅଗ୍ରାହ୍ୟ, ଅସମ୍ମାନ ।

**ଅମାପ** ***ବିଂ.*** ଯାହାର ପରିମାଣ ନିର୍ଦ୍ଧାରଣ କରାଯାଇନାହିଁ, ଅପରିମିତ, ବହୁତ ।

**ଅମାବାସ୍ୟା** ***ବି.*** କୃଷ୍ଣପକ୍ଷର ଶେଷ ତିଥି- ଯେଉଁଦିନ ଚନ୍ଦ୍ର ରାତ୍ରିରେ ଦେଖାଯା'ନ୍ତି ନାହିଁ, ଉଆଁସ ।

**ଅମାର** ***ବି.*** ଖାଦ୍ୟଶସ୍ୟ, ବିଶେଷତଃ ଧାନ ରଖାଯାଉଥିବା କୋଠରୀ, ଖମାର, ଧାନକୋଠି, ଶସ୍ୟାଗାର ।

**ଅମାଲୁ** ***ବି.*** ଚାଉଳ ଓ ଗୁଡ଼ରେ ପାଗହୋଇ ଘିଅରେ ଛଣାଯାଇଥିବା ପିଠାବିଶେଷ, ମାଲପୁଆ ।

**ଅମାୟିକ** ***ବିଂ.*** ଅଖଳୁଆ, ସରଳ, କପଟହୀନ, ଛଳନାରହିତ ।

**ଅମାୟିକତା** ***ବି.*** ଅହଂକାରଶୂନ୍ୟତା, ଅତ୍ୟନ୍ତ ସରଳ ଓ ଭଦ୍ରପଣିଆ, ନିଷ୍କପଟତା ।

**ଅମିତ** ***ବିଂ.*** ଅପରିମିତ, ସୀମାହୀନ, ଅପରିକଳ୍ପିତ, ପର୍ଯ୍ୟାପ୍ତ ।

**ଅମିତବିକ୍ରମ** ***ବିଂ.*** ଅତିବଳୁଆ, ପରାକ୍ରମୀ ।

**ଅମିତବ୍ୟୟୀ** ***ବି.*** ଯେଉଁ ବ୍ୟକ୍ତି ଆୟଠାରୁ ଅଧିକ ଖର୍ଚ୍ଚକରେ, ବଦଖର୍ଚ୍ଚୀ, (*ବିପ*-ମିତବ୍ୟୟୀ) ।

**ଅମିତ୍ର** ***ବିଂ.*** ୧. ଶତ୍ରୁ ୨. ବନ୍ଧୁହୀନ ।

**ଅମିତ୍ରାକ୍ଷର ଛନ୍ଦ** ***ବି.*** ଅକ୍ଷର ମେଳ ନ ଥିବା ପଦରଚନା-ଯେଉଁ ପଦର ପ୍ରଥମ ଧାଡ଼ିର ଶେଷ ଅକ୍ଷର ସହିତ ପର ଧାଡ଼ିର ଶେଷ ଅକ୍ଷର ମିଳେନାହିଁ ।

**ଅମିନ** ***ବି.*** ଭୂମି ମାପକାରୀ କର୍ମଚାରୀ ।

**ଅମିୟ** ***ବି.*** ଯାହା ମଣିଷକୁ ଅମରତ୍ୱ ପ୍ରଦାନ କରେ, ଅମୃତ ।

**ଅମିର୍** ***ବି. ବିଂ.*** ୧. ବିତ୍ତଶାଳୀ, ଶେଠ୍, ଧନୀ, ସଂପତ୍ତିସଂପନ୍ନ ବ୍ୟକ୍ତି, ୨. ରାଜା, ଜମିଦାର, ନବାବ ।

**ଅମିଶା, ଅମିଶ୍ର** ***ବିଂ.*** ଶୁଦ୍ଧ, ଖାଣ୍ଟି, ଅବିମିଶ୍ର, ଅନ୍ୟ ପଦାର୍ଥ ମିଶି ନ ଥିବା ।

**ଅମିଶ୍ରରାଶି** ***ବି.*** ଯେଉଁ ସଂଖ୍ୟାରେ ଅନ୍ୟ ବିଭାଜକ ସଂଖ୍ୟା ମିଶି ନ ଥାଏ, ପୂର୍ଣ୍ଣସଂଖ୍ୟା ।

**ଅମିଶ୍ରିତ** ***ବିଂ.*** ୧.ଖାଂଟି, ଅବିମିଶ୍ର ୨. ଶୁଦ୍ଧ ।

**ଅମୀମାଂସିତ** ***ବିଂ.*** ସମାଧାନ ହୋଇ ନ ଥିବା, ବିବାଦୀୟ, ଅସମାହିତ ।

**ଅମୁକ** ***ବି.*** ଅମୁକେଇ - ସମୁକେଇ, ଅନିର୍ଦ୍ଦିଷ୍ଟ ବ୍ୟକ୍ତି ବା ବସ୍ତୁର ନାମ ।

**ଅମୁକସମୁକ** ***ସ.*** ଇଏସିଏ, ଅମକାଢ଼ମ୍କା ।

**ଅମୁଣିଆ** ***ବି.*** ଦେବତାଙ୍କ ଭୋଗପାଇଁ ନିର୍ଦ୍ଦିଷ୍ଟ ଥିବା ପଦାର୍ଥ, ନୈବେଦ୍ୟ ।

**ଅମୁଦା** ***ବିଂ.*** ଯାହା ମୁଦା ବା ବନ୍ଦ ହୋଇନାହିଁ, ଖୋଲା, ମୁକ୍ତ ।

**ଅମୁଦ୍ରିତ** ***ବିଂ.*** ଛପା ହୋଇ ନ ଥିବା, ଅପ୍ରକାଶିତ ।

**ଅମୁହାଁ** ***ବିଂ.*** ମୁହଁ ନ ଥିବା, ପ୍ରବେଶ ପଥ ନ ଥିବା ।

**ଅମୁହାଁଦେଉଳ** ***ବି.*** ଯେଉଁ ମନ୍ଦିରର ଭିତରକୁ ଯିବାକୁ ବାଟ ନ ଥାଏ ବା ମୁହଁ ବନ୍ଦଥାଏ ।

**ଅମୂର୍ତ୍ତ** ***ବିଂ.*** ମୂର୍ତ୍ତି ବା ଆକୃତି ନ ଥିବା, ରୂପରହିତ, ଅଣାକାର, ଦିବ୍ୟ ।

**ଅମୂଳକ** ***ବିଂ.*** କାଳ୍ପନିକ, ମିଥ୍ୟା, ଅପ୍ରାମାଣିକ, ଭ୍ରମାତ୍ମକ, ଭିତ୍ତିହୀନ ।

**ଅମୂଲମୂଲ** ***ବିଂ.*** ୧. ଯେଉଁ ପଦାର୍ଥର ମୂଲ୍ୟ ମାତ୍ରାଧିକ ୨. ଯାହାର ମୂଲ୍ୟ ନିର୍ଦ୍ଧାରଣ ଅସମ୍ଭବ ।

**ଅମୂଲ୍ୟ** ***ବିଂ.*** ଯାହାର ମୂଲ୍ୟ କଳନା କରାଯାଇ ନ ପାରେ, ମହାର୍ଘ ।

**ଅମୃତ** ***ବି.*** ୧. ଦେବପାନୀୟ - ଯାହା ଅମରତ୍ୱ ପ୍ରଦାନ କରେ, ସୁଧା ୨. ପାଣି ୩. ଘିଅ, ଦୁଧ ; ***ବିଂ.*** ଅମର ।

**ଅମୃତକୁଣ୍ଡ** ***ବି.*** କଦଳୀ, ଦୁଧ, ନବାତ, ମହୁ, ଘିଅ ଓ ନଡ଼ିଆରେ ପ୍ରସ୍ତୁତ ଖାଦ୍ୟବିଶେଷ ।

**ଅମୃତଘଷା** ***ବି.*** ଚୁଡ଼ା, ଘିଅ, ମହୁ, ନବାତ, କର୍ପୂର, ଗୋଲମରିଚ ପ୍ରଭୃତି ଘର୍ଷଣରେ ତିଆରି ଖାଦ୍ୟ ବିଶେଷ ।

**ଅମୃତପାଣି** ***ବି.*** ଏକ ପ୍ରକାର ସୁସ୍ୱାଦୁ ପାଚିଲାକଦଳୀ ।

**ଅମୃତବେଳା** ***ବି.*** ଜ୍ୟୋତିଷମାନେ ଗଣନା କରିଥିବା ଶୁଭ ମୁହୂର୍ତ୍ତ ।

**ଅମୃତବେହିୟା** ***ବିଂ.*** ଅତି ନିର୍ଲଜ, ଭଣ୍ଡ ।

**ଅମୃତଭଣ୍ଡା** ***ବି.*** ଏକ ଜାତୀୟ ଫଳ, ପପିତା, ପପେୟା ।

**ଅମୃତଭାଷୀ** ***ବିଂ.*** ୧. ମିଠାକଥା କହୁଥିବା ୨. ଯାହାର କଣ୍ଠସ୍ୱର ମଧୁର ।

**ଅମୃତମଣୋହି** ***ବି.*** ୧. ଜଗନ୍ନାଥଙ୍କ ପାଖରେ ଲାଗିହେଉଥିବା ଭୋଗ ବିଶେଷ ୨. ଜଗନ୍ନାଥଙ୍କନିମିତ୍ତ ଉଦ୍ଦିଷ୍ଟ ସ୍ୱତନ୍ତ୍ର ଭୂସମ୍ପତ୍ତି ।

**ଅମୃତଯୋଗ** ***ବି.*** ଶୁଭଲଗ୍ନ, ଭଲସମୟ ।

**ଅମୃତହସ୍ତା** ***ବିଂ.*** ସିଦ୍ଧହସ୍ତ, ସୁଦକ୍ଷ, ଯଶସ୍ୱୀ ।

**ଅମୃତି** *ବି.* ଅଧିକ ପରିମାଣର ବିରି ଓ ଚାଉଳଚୂନାରେ ତିଆରି ଜଲିପି ।

**ଅମେଇସା** *ବି.* ଅମାବାସ୍ୟା, କୃଷ୍ଣପକ୍ଷର ଶେଷ ତିଥି ।

**ଅମେଣ୍ଟଣ** *ବିଂ.* ୧. ଅମୋଘ, ଅବ୍ୟର୍ଥ ୨. ସମାଧାନ ହୋଇ ପାରୁ ନ ଥିବା ।

**ଅମେଧ୍ୟ** *ବିଂ.* ଅପବିତ୍ର, ଦୂଷିତ ; *ବି.* ଗୁହ, ମଳ, ବିଷ୍ଠା

**ଅମେରୁଦଣ୍ଡୀ** *ବିଂ.* ୧. ଯେଉଁ ଜୀବର ମେରୁଦଣ୍ଡ ନ ଥାଏ – ଜିଆ, ଜୋକ ଆଦି ଜୀବ ୨. ବ୍ୟକ୍ତିତ୍ୱହୀନ, ଫମ୍ପା ।

**ଅମେଳ** *ବି.* ୧. ପାର୍ଥକ୍ୟ, ବିବିଧତା, ବୈଷମ୍ୟ ୨. ଅପଡ଼ ।

**ଅମେଳକ** *ବି.* ୧. ପରସ୍ପର ସହିତ ମନ/ଭାବ ନ ମିଳିବା ୨. ଜ୍ୟୋତିଷଶାସ୍ତ୍ର ଅନୁସାରେ ବର ଓ କନ୍ୟାପାତ୍ରର କୋଷ୍ଠି ଅମେଳ ହେବା ।

**ଅମେଳାପୀ** *ବିଂ.* ଅନ୍ୟସହିତ ଆଳାପ ବିମୁଖ, ଯିଏ ଅନ୍ୟମାନଙ୍କ ସହିତ ମିଶିବାପାଇଁ ଅନାଗ୍ରହୀ ।

**ଅମୋଘ** *ବିଂ.* ୧. ଅବ୍ୟର୍ଥ, ଅପରାଜିତ, ସାର୍ଥକ ୨. ନିଶ୍ଚିତ ।

**ଅମୋଚନୀୟ** *ବିଂ.* ୧. ଯାହା ମୁକ୍ତି ଦିଏ ନାହିଁ ୨. ଯାହା ପରିତ୍ୟାଗ କରିହୁଏ ନାହିଁ ।

**ଅମୋହ** *ବିଂ.* ମୋହଶୂନ୍ୟ, ଆସକ୍ତିମୁକ୍ତ ।

**ଅମୋକ୍ଷ** *ବିଂ.* ୧. ମୁକ୍ତି ପାଇ ନ ଥିବା ୨. ସଂସାର ଜାଲରେ ଛନ୍ଦି ହୋଇପଡ଼ିଥିବା ୩. ପାପୀ ।

**ଅ-ାୟାର** *ବି.* କ୍ରିକେଟ/ ଫୁଟବଲ ଆଦି ଖେଳର ନିର୍ଣ୍ଣାୟକ ବ୍ୟକ୍ତି ।

**ଅମ୍ବର** *ବି.* ୧. ଆକାଶ, ଶୂନ୍ୟ ୨. କପା, ବସ୍ତ୍ର ୩. ପରିଧେୟ ।

**ଅମ୍ବୁ** *ବି.* ପାଣି, ଜଳ ।

**ଅମ୍ବୁକଣା** *ବି.* ଜଳବିନ୍ଦୁ ।

**ଅମ୍ବୁଜ** *ବି.* ୧. ଜଳରୁ ଜାତ ୨. ପଦ୍ମ ୩. ଶଙ୍ଖ ୪. ଜହ୍ନ ।

**ଅମ୍ବୁଜା** *ବି.* ୧. ଲକ୍ଷ୍ମୀ ୨. ପଦ୍ମଫୁଲରେ ପରିପୂର୍ଣ୍ଣ ପୋଖରୀ ।

**ଅମ୍ବୁଜାକ୍ଷି(କ୍ଷୀ)** *ବି.* ପଦ୍ମପାଖୁଡ଼ା ପରି ଯେଉଁ ନାରୀର ଆଖି।

**ଅମ୍ବୁଦ** *ବି.* ଯେ ଜଳ ଦାନକରେ, ଜଳଧର, ମେଘ ।

**ଅମ୍ବୁଧି** *ବି.* ଜଳ ଯାହାର ନିଧି ବା ସମ୍ପଦ, ସମୁଦ୍ର ।

**ଅମ୍ଳ** *ବିଂ.* ୧. ଆମ୍ବିଳ ରସ ୨. ତେନ୍ତୁଳିଗଛ ୩. ପାକସ୍ଥଳିରୁ ବାହାରୁଥିବା ରସ-ଯାହା ଖାଦ୍ୟ ହଜମରେ ସହାୟକ ।

**ଅମ୍ଳଜାନ** *ବି.* ଅକ୍‌ସିଜେନ୍, ବର୍ଣ୍ଣହୀନ ଓ ଅଦୃଶ୍ୟ ବାଷ୍ପ– ଯାହା ପବନ ଓ ପାଣିର ମୌଳିକ ଉପାଦାନ/ ଜଳିବାରେ ସାହାଯ୍ୟ କରେ ଏବଂ ପ୍ରଶ୍ୱାସରେ ପ୍ରାଣୀର ଦେହ ଭିତରକୁ ଯାଏ ତଥା ଜୀବନ ରକ୍ଷା କରେ ।

**ଅମ୍ଳତ** *ବିଂ.* ଖଟାଳିଆ ।

**ଅମ୍ଳାତିସାର** *ବି.* ଅତ୍ୟଧିକ ଅମ୍ଳ ଯୋଗୁ ହେଉଥିବା ପେଟରୋଗ ।

**ଅମ୍ଳାନ** *ବିଂ.* ଆବିଳତାହୀନ, ବିମଳ, ସ୍ୱଚ୍ଛ, ସତେଜ, ହୃଷ୍ଟ, ତାଜା ।

**ଅମ୍ଳୀକରଣ** *ବି.* କୌଣସି ବସ୍ତୁରେ ଅମ୍ଳର ସଂଯୋଗ, ଅମ୍ଳ ବା ଏସିଡର ପ୍ରୟୋଗ ଫଳରେ ହେଉଥିବା ରାସାୟନିକ ପ୍ରକ୍ରିୟା ।

**ଅଯତ୍ନ** *ବି.* ଅବହେଳା, ଅନାଦର ।

**ଅଯଥା** *ବିଂ.* କାରଣ ନଥାଇ, ଅମୂଳକ, ଅର୍ଥହୀନ, ବୃଥା ; *କ୍ରି.ବିଂ.* ବିନା କାରଣରେ, ଅନୁଚିତ ଭାବରେ ।

**ଅଯଥାର୍ଥ** *ବିଂ.* ୧. ଯାହା ଠିକ୍ ନୁହେଁ, ଅପ୍ରକୃତ ୨. ଅନୁଚିତ ୩. ମିଛ ୪. ଅମୂଳକ ।

**ଅଯାଚିତ** *ବିଂ.* ଅପ୍ରାର୍ଥିତ, ଅଲୋଡ଼ା, ଯାହା ମଗାଯାଇ ନ ଥାଏ ।

**ଅଯୁଗ୍ମ** *ବିଂ.* ୧. ବେଯୋଡ଼ା, ବିଷମ ୨. ଅଲଗା, ପୃଥକ ୩. ଯାହା ଯୋଡା ହୋଇ ନ ଥାଏ ୪. ଯାହା ଦୁଇରେ ବିଭାଜ୍ୟ ନୁହେଁ ।

**ଅଯୋଗ** *ବି.* ୧. ଦୁର୍ଯୋଗ ୨. ବିଚ୍ଛେଦ ୩. ଖରାପ କାଳ ୪. ଧ୍ୟାନର ଅଭାବ ।

**ଅଯୋଗବାହ** *ବି.* ଯେଉଁ ବର୍ଣ୍ଣଗୁଡ଼ିକ ଅନ୍ୟ ବର୍ଣ୍ଣର ବିନା ଆଶ୍ରୟରେ ଉଚ୍ଚାରିତ ହୋଇ ପାରନ୍ତି ନାହିଁ, ଯଥା – ଅନୁସ୍ୱାର, ବିସର୍ଗ, ଚନ୍ଦ୍ରବିନ୍ଦୁ ।

**ଅଯୋଗା.ଅଯୋଗ୍ୟ** *ବିଂ.* ଅନୁପଯୁକ୍ତ, ଅକ୍ଷମ, ଅପଟୁ, ଅଦକ୍ଷ ।

**ଅଯୋଗ୍ୟତା** *ବି.* ଅକ୍ଷମତା, ଅଯୋଗ୍ୟପଣ ।

**ଅଯୋନି** *ବିଂ.* ଯୋନି ବାଟେ ଜନ୍ମ ହୋଇନଥିବା ।

**ଅଯୋନିସମ୍ଭବା** *ବି.* ଯିଏ ମାତୃଗର୍ଭରୁ ଯୋନି ବାଟ ଦେଇ ଜନ୍ମ ହୋଇ ନ ଥାଏ (ଯଥା – ସୀତା, ଦ୍ରୌପଦୀ); *ବିଂ.* ଅଯୋନିସମ୍ଭୂତା।

**ଅଯୌକ୍ତିକ** *ବିଂ.* ୧. ଯାହା ଯୁକ୍ତି ସଂଗତ ନୁହେଁ, ହେତୁବହିର୍ଭୂତ ୨. ସଂଗତିହୀନ, ପ୍ରସଙ୍ଗରହିତ ; *ବି.* ଅଯୌକ୍ତିକତା ।

**ଅୟନ** *ବି.* ୧. ରାସ୍ତା, ପଥ, ମାର୍ଗ, ଗତି ୨. ଆଶ୍ରୟ ୩. ଶାସ୍ତ୍ର ୪. ରୂପାୟନ ।

**ଅୟନମଣ୍ଡଳ** *ବି.* ଗ୍ରୀଷ୍ମ କଟିବନ୍ଧ ।

**ଅୟସ୍କାନ୍ତ** *ବି.* ୧. ଚୁମ୍ବକ ପଥର ୨. ମଣିବିଶେଷ ।

**ଅୟସ** *ବି.* ସୁଖଭୋଗ, ମଉଜମଜଲିସ୍ ।

**ଅର୍‌ଖି** *ବି.* ଖଜୁରିଗଛ ରସରୁ ପ୍ରସ୍ତୁତ ମଦ୍ୟ ।

**ଅର୍ଗଡ଼ା** ***ବି.*** ଦ୍ୱାରକୁ ସୁରକ୍ଷା ଦେବାପାଇଁ ଓସାର ବାଗରେ ଦିଆଯାଇଥିବା ଶକ୍ତ କାଠତିଆରି ବାଡ଼ି ।

**ଅର୍ଘା** ***ବି.*** ଅନିଦ୍ରାଜନିତ କ୍ଲାନ୍ତି ।

**ଅର୍ଘାଘଣ୍ଟି** ***ବି.*** ଗଳାର ଘଣ୍ଟିକା ।

**ଅର୍ଘାବଛା** ***ବି.*** ଖାସୁ ହୋଇ ନ ଥିବା ଅଣ୍ଡିରା ବାଛୁରି ।

**ଅର୍ଜି, ଅର୍ଜି** ***ବି.*** ଦରଖାସ୍ତ, ପ୍ରାର୍ଥନାପତ୍ର ।

**ଅର୍ଚା** ***ବି.*** ଅରୁଚି, ଖାଇବାପାଇଁ ଅନିଚ୍ଛା, ଅଇ ।

**ଅର୍ଜେଣ୍ଟ** ***ବିଂ.*** ଜରୁରୀ, ଯଥାଶୀଘ୍ର, ତୁରନ୍ତ ।

**ଅର୍ନିଆ** ***ବିଂ.*** ୧. କଥା ମାନୁ ନ ଥିବା (ପୋଷାଜୀବ) ୨. ଉଦ୍ଧତ ୩. ବେପରୁଆ ୪. ଜଙ୍ଗଲି ।

**ଅର୍ଶା** ***ବି.*** ଆରିସା, ଚାଉଳ ଚୂନା ଓ ଗୁଡ଼ରେ ତିଆରି ଏକ ପ୍ରକାର ଛଣାପିଠା ।

**ଅର୍ସଲା** ***ବିଂ.*** ୧. ଯିଏ କୌଣସି କାମକୁ ଯୋଗ୍ୟ ନୁହେଁ ୨. ଅବ୍ୟବସ୍ଥିତ ।

**ଅର** ***ବି.*** ଚକର ପକ୍ଷ, ବ୍ୟାସାର୍ଦ୍ଧ; ***କ୍ରି.ବିଂ.*** ଶୀଘ୍ର, ଚଞ୍ଚଳ ।

**ଅରଖ** ***ବିଂ.*** ସଂପୂର୍ଣ୍ଣ, ପୁରାପୁରି, ଖାଣ୍ଟି; ***ବି.*** ଏକ ଗଛ-ଯାହାର ଫୁଲ ଶିବଙ୍କର ପ୍ରିୟ ଏବଂ ଏହାର ପତ୍ର ଓ ଡାଙ୍ଗକୁ ଭାଙ୍ଗି ଦେଲେ ଧଳାରଙ୍ଗର ଗାଢ଼ ଓ ଅଠାଳିଆ କ୍ଷୀର ବାହାରେ ।

**ଅରଘଟ** ***ବି.*** ୧. ପଥରବନ୍ଧେଇ ବଡ଼କୂଅ ୨. କୂଅରୁ ପାଣି ଉଠାଇବାପାଇଁ ବ୍ୟବହୃତ ଉପକରଣ, କପିକଳ, ଘିଡ଼ିଘିଡ଼ି ।

**ଅରଜିବା** ***କ୍ରି.*** ରୋଜଗାର କରିବା, ଉପାର୍ଜନ କରିବା, ଅର୍ଜିବା ।

**ଅରଟ** ***ବି.*** ସୂତାକଟା ଯନ୍ତ୍ର ।

**ଅରଣା** ***ବିଂ.*** ଯେ ମଣ ବା ଶୃଙ୍ଖଳିତ ହୋଇନାହିଁ, ବଣ୍ୟ, ଉନ୍ମତ୍ତ ।

**ଅରଣା ମଇଁଷି** ***ବି.*** ବଣୁଆମଇଁଷି ।

**ଅରଣି, ଅରଣୀ** ***ବି.*** ଯେଉଁ କାଠ ଦୁଇଖଣ୍ଡ (ଯଥା-ହରଡ଼ କାଠ) ଘଷି ନିଆଁ ବାହାର କରାଯାଏ ।

**ଅରଣ୍ୟ** ***ବି.*** ବଣ, ଜଙ୍ଗଲ ।

**ଅରଣ୍ୟଗାଳି** ***ବି.*** ୧. ବାଲୁଙ୍ଗା, କୌଣସି ଧାନ କିଆରିରେ ସମଜାତୀୟ ବା ପ୍ରକାରର ଧାନଠାରୁ ଭିନ୍ନ, ଲମ୍ବା ଶିଙ୍ଗଥିବା ଏବଂ ପାଚିଲା ମାତ୍ରେ ଝଡ଼ି ପଡୁଥିବା ଏକ ପ୍ରକାରର ଧାନ, ନିବାରବୀଜ ୨. ଦୁଷ୍ଟଲୋକ ।

**ଅରଣ୍ୟଚାରୀ** ***ବି.*** ବନଚାରୀ, ଜଙ୍ଗଲରେ ବିଚରଣ କରୁଥିବା ।

**ଅରଣ୍ୟରୋଦନ** ***ବି.*** ୧. ନିରର୍ଥକ ବକ୍ତବ୍ୟ ୨. ବୃଥା ଅନୁରୋଧ ।

**ଅରଣ୍ୟାନୀ** ***ବି.*** ଅରଣ୍ୟ, ଜଙ୍ଗଲ ।

**ଅରନ୍** ***ବି.*** ଅନ୍ନ, ଖାଦ୍ୟ ।

**ଅରପିବା** ***କ୍ରି.*** ଅର୍ପଣକରିବା, ଦେଇଦେବା, ସମର୍ପଣ କରିବା, ଅର୍ପିବା ।

**ଅରବିନ୍ଦ** ***ବି.*** ୧. ପଦ୍ମ ୨. ସାରସ ପକ୍ଷୀ ।

**ଅରମା** ***ବିଂ.*** ଅପରିଷ୍କୃତ, ବଣୁଆ, ଗୁଳ୍ମାଦି ପରିପୂର୍ଣ୍ଣ ।

**ଅରମାନ୍** ***ବି.*** ଇଚ୍ଛା, ଲାଳସା, ବାସନା ।

**ଅରଷ୍ଟି କରିବା** ***କ୍ରି.*** ୧. ଅନିଷ୍ଟ କରିବା ୨. ଗଣ୍ଡଗୋଳ କରିବା ।

**ଅରସ୍ଟି** ***ବି.*** ଅମାନିଆ, ଅଝଟ ।

**ଅରସିକ** ***ବିଂ.*** ରସଜ୍ଞାନହୀନ, ନିରସ, ବେରସିକ, ମାଖୁନା ।

**ଅରକ୍ଷ, ଅରକ୍ଷିତ** ***ବି.*** ଯାହାର ରକ୍ଷାକର୍ତ୍ତା ବା ସୁରକ୍ଷାଦାତା କେହି ନଥାନ୍ତି, ନିରାଶ୍ରୟ ।

**ଅରା, ଅରାଏ** ***ବିଂ.*** ସମୀପ, ପାଖ ; ***ବି.*** ୧. ଅଳ୍ପ ପରିମିତ ସ୍ଥାନ ବା ଭୂମି ୨. ଓଡ଼ ବା ଥର ।

**ଅରାଗୀ** ***ବିଂ.*** ଶାନ୍ତ, କ୍ରୋଧ ପ୍ରକାଶ କରୁ ନ ଥିବା, ବିରକ୍ତ ହେଉ ନ ଥିବା ।

**ଅରାଜକ** ***ବିଂ.*** ୧. ଯେଉଁ ଦେଶରେ ରାଜା ନ ଥାନ୍ତି ୨. ଶାସନହୀନ, ଅପାଳକ ।

**ଅରାଜକତା** ***ବି.*** ଶୃଙ୍ଖଳାହୀନ ଶାସନ, ନୀତି ନିୟମ ନ ଥିବା ଶାସନ ବ୍ୟବସ୍ଥା ।

**ଅରାଜି** ***ବି.*** ଅସମ୍ମତି, ବିରୋଧ, ପ୍ରତିବାଦ ।

**ଅରାତି** ***ବି.*** ଶତ୍ରୁ, ବିରୋଧୀ ।

**ଅରି** ***ବି.*** ଶତ୍ରୁ, ରିପୁ ।

**ଅରିମାନା** ***ବି.*** ମନର ଗୋପନୀୟ ଇଚ୍ଛା ।

**ଅରିଷ୍ଟ** ***ବି.*** ୧. ଅନିଷ୍ଟ, ଖରାପ, ବିପର୍ଯ୍ୟୟ ୨. ଅନ୍ତୁଡ଼ିଶାଳ, ସୁତିକାଘର ୩. ଘୋଳଦହି ୪. ମୃତ୍ୟୁସୂଚକ ଚିହ୍ନ ୫. ଇଠାଫଳ ।

**ଅରୁଆ, ଅରୁଆ ଚାଉଳ** ***ବିଂ. ବି.*** ୧. ଅସିଝା ଧାନରୁ ପ୍ରସ୍ତୁତ ଚାଉଳ ୨. ରୁଆ ହୋଇ ନ ଥିବା ।

**ଅରୁଚି** ***ବି.*** ୧. ଖାଇବାରେ ଅନିଚ୍ଛା ୨. ଅଶ୍ରଦ୍ଧା, ଅପ୍ରୀତି, ବିରାଗ, ବିତୃଷ୍ଣା ।

**ଅରୁଚିକର** ***ବିଂ.*** ଅପ୍ରୀତିକର, ଅସୁନ୍ଦର, ଭଲ ଲାଗୁ ନ ଥିବା ।

**ଅରୁଣ** ***ବି.*** ସୂର୍ଯ୍ୟଙ୍କ ରଥର ସାରଥି, ବାଳସୂର୍ଯ୍ୟ ; ***ବିଂ.*** ରକ୍ତବର୍ଣ୍ଣ ।

**ଅରୁଣାଭ** ***ବିଂ.*** ଉଦୟକାଳୀନ ସୂର୍ଯ୍ୟଙ୍କପରି କାନ୍ତି ଯାହାର ।

**ଅରୁଣିମା** ***ବି.*** ରକ୍ତିମା, ଈଷତ୍ ରକ୍ତବର୍ଣ୍ଣ ।

**ଅରୂପ** ***ବିଂ.*** ଯାହାର ରୂପ ବା ଆକାର ନ ଥାଏ, ନିରାକାର, ଅମୂର୍ତ୍ତ ।

**ଅର୍କ** ***ବି.*** ୧. ସୂର୍ଯ୍ୟ ୨. କୌଣସି ପଦାର୍ଥର ନିର୍ଯାସ ୩. ଅତର, ସେଣ୍ଟ ୪. ଅରଖଗଛ ୫. ସ୍ଫଟିକ ୬. ଇନ୍ଦ୍ର ୭. ବିଷ୍ଣୁ ।

**ଅର୍କପାଦପ** *ବି.* ଅରଖଗଛ ।

**ଅର୍କକ୍ଷେତ୍ର** *ବି.* ୧. ସୂର୍ଯ୍ୟପୂଜା କ୍ଷେତ୍ର ୨. କୋଣାର୍କ, ପଦ୍ମକ୍ଷେତ୍ର ।

**ଅର୍ଖ ନୂଆ** *ବିଂ.* ୧. ସଦ୍ୟ ତିଆରି ହୋଇଥିବା, ସମ୍ପୂର୍ଣ୍ଣ ଭାବରେ ନୂତନ ୨. ପୂର୍ବରୁ ଅବ୍ୟବହୃତ ।

**ଅର୍ଗଳ, ଅର୍ଗଳି** *ବି.* ୧. କବାଟର କିଳଣି, ଅରଗଡ଼ା ୨. କାଠରେ ତିଆରି ଏକ ପ୍ରତିବନ୍ଧକ, ହରିକାଠ ଯାହା ଭିତରେ ଜୀବମାନଙ୍କ ବେକ ପୂରାଇ ବଳି ଦିଆଯାଏ - ଥରେ ଏହା ଭିତରେ ପଶିଗଲେ ସେମାନେ ବାହାରି ପାରନ୍ତି ନାହିଁ ।

**ଅର୍ଗାନ୍** *ବି.* ୧. ଶରୀରର ଅଙ୍ଗପ୍ରତ୍ୟଙ୍ଗ ୨. ବାଦ୍ୟଯନ୍ତ୍ର ବିଶେଷ ।

**ଅର୍ଘାଡିଆ** *ବି. ବିଂ.* ଡେଙ୍ଗା ଓ ହୃଷ୍ଟପୁଷ୍ଟ, ଚଉହାତିଆ ।

**ଅର୍ଘାସୁର** *ବି.* ହୃଷ୍ଟପୁଷ୍ଟ ଓ ବୃହଦ୍‌କାୟ ଲୋକ ।

**ଅର୍ଘ୍ୟ** *ବି.* ପୂଜାଯୋଗ୍ୟ ପାଣିରେ ବ୍ୟବହାର ।

**ଅର୍ଘ୍ୟପତ୍ର** *ବି.* ପୂଜା ଉପକରଣ ସଜା ହୋଇ ରହିଥିବା ଥାଳି ।

**ଅର୍ଚ୍ଚନା** *ବି.* ୧. ପୂଜା, ବନ୍ଦନା, ସ୍ତୁତି ୨. ସସମ୍ମାନ ନିମନ୍ତ୍ରଣ ।

**ଅର୍ଜନ** *ବି.* ୧. ରୋଜଗାର, ଉପାର୍ଜନ ୨. ପରିଶ୍ରମରେ ନିଜର କରିଥିବା ଜମିବାଡ଼ି/ଧନ ପ୍ରଭୃତି ପଦାର୍ଥ ଅଥବା ଜ୍ଞାନ ଓ ଅନୁଭବ ।

**ଅର୍ଜି** *ବି.* ୧. ଦରଖାସ୍ତ ୨. ଗୁହାରି, ନ୍ୟାଯ୍ୟ ଦାବି ।

**ଅର୍ଜିତ** *ବିଂ.* ଉପାର୍ଜନ କରିଥିବା ।

**ଅର୍ଜିବା** *କ୍ରି.* ୧. ରୋଜଗାର କରିବା ୨. କର୍ମଫଳ ଭୋଗକରିବା ।

**ଅର୍ଜୁନ** *ବି.* ୧. ଏକପ୍ରକାର ଗଛ ଓ ତାହାର ଫୁଲ ୨. ମହାଭାରତ ବର୍ଣ୍ଣିତ ପଣ୍ଡୁ ଓ କୁନ୍ତୀଙ୍କ ପୁଅ ।

**ଅର୍ଣ୍ଣ** *ବି.* ପାଣି, ଜଳ ।

**ଅର୍ଣ୍ଣବ** *ବି.* ସମୁଦ୍ର, ଜଳଧି ।

**ଅର୍ଣ୍ଣବତରୀ** *ବି.* ଡଙ୍ଗା, ଜାହାଜ ।

**ଅର୍ଥ** *ବି.* ୧. ଧନ, ଟଙ୍କାପଇସା ୨. କୌଣସି ଶବ୍ଦର ପ୍ରତିଶବ୍ଦ ବା ପରିଭାଷା, ମାନେ ୩. ହେତୁ, କାରଣ, ଅଭିପ୍ରାୟ ୪. ପ୍ରୟୋଜନ ୫. ଇଚ୍ଛା, ଅଭିଳାଷ ।

**ଅର୍ଥକର(ରି)** *ବିଂ.* ଲାଭଜନକ, ସୁବିଧାଜନକ ।

**ଅର୍ଥଗୌରବ** *ବି.* କୌଣସି ଶବ୍ଦ, ପଦ ବା କାବ୍ୟର ଗୂଢ଼ାର୍ଥ ।

**ଅର୍ଥଗ୍ରାହୀ** *ବିଂ.* ୧. ଧନ ଗ୍ରହଣ କରୁଥିବା ୨. କଳା ଓ ସାହିତ୍ୟର ଭାବାର୍ଥ ବା ସୌନ୍ଦର୍ଯ୍ୟ ଅନୁଭବରେ ସମର୍ଥ ।

**ଅର୍ଥଦଣ୍ଡ** *ବି.* ଜୋରିମାନା ସ୍ୱରୂପ ଟଙ୍କା ଆଦାୟ ।

**ଅର୍ଥଦୋଷ** *ବି.* ଅଳଙ୍କାରଶାସ୍ତ୍ରବର୍ଣ୍ଣିତ ଦୋଷ ( ଯଥା - ଗ୍ରାମ୍ୟତା, ଅପୁଷ୍ଟତା, ଅଶ୍ଳୀଳତା) ।

**ଅର୍ଥନୀତି** *ବି.* କୌଣସି ବ୍ୟକ୍ତି, ଜାତି ବା ରାଷ୍ଟ୍ରର ଅର୍ଥ ପରିଚାଳନା ତଥା ଆୟବ୍ୟୟ ସଂକ୍ରାନ୍ତ ନିୟମ ।

**ଅର୍ଥନୀତି ବିଜ୍ଞାନ** *ବି.* ଅର୍ଥନୀତି ବିଷୟକ ତତ୍ତ୍ୱ ବା ବିଶେଷ ଜ୍ଞାନ ।

**ଅର୍ଥନୀତିଜ୍ଞ** *ବି. ବିଂ.* ଅର୍ଥନୀତି ବିଶାରଦ ।

**ଅର୍ଥପିଶାଚ** *ବି. ବିଂ.* ଧନ ଲୋଭରେ ଯେ କୌଣସି କାର୍ଯ୍ୟ କରିପାରୁଥିବା ।

**ଅର୍ଥବୋଧ** *ବି.* ଶବ୍ଦ, ପଦ, ରଚନା ପ୍ରଭୃତିର ମର୍ମ ଅନୁଭବ ।

**ଅର୍ଥବ୍ୟବସ୍ଥା** *ବି.* ଧନର ସୁପରିଚାଳନା ପାଇଁ ନିର୍ଦ୍ଧାରିତ ପଦ୍ଧତି ।

**ଅର୍ଥଭେଦ** *ବି.* କୌଣସି ଶବ୍ଦ ବା ବାକ୍ୟର ଭିନ୍ନ ଭିନ୍ନ ଅର୍ଥ ।

**ଅର୍ଥମିତି** *ବି.* ଅର୍ଥଶାସ୍ତ୍ର ସଂକ୍ରାନ୍ତ ଗାଣିତିକ ସୂକ୍ଷ୍ମବିଦ୍ୟା ।

**ଅର୍ଥଶାସ୍ତ୍ର** *ବି.* ଯେଉଁ ଗ୍ରନ୍ଥରେ ଅର୍ଥନୀତି ବିଷୟ ଚର୍ଚ୍ଚା କରାଯାଇଥାଏ ।

**ଅର୍ଥସାପେକ୍ଷ** *ବିଂ.* ଯେଉଁ କାର୍ଯ୍ୟସାଧନ ଅର୍ଥବିନା ଅସମ୍ଭବ ।

**ଅର୍ଥହୀନ** *ବି.* ୧. ଦରିଦ୍ର, ଧନ ନ ଥିବା ୨. ମାନେ ନ ଥିବା, ବାଜେ ୩. ଅନାବଶ୍ୟକ ।

**ଅର୍ଥାଗମ** *ବି.* ଆୟ, ଅର୍ଥ ଉପାର୍ଜନ ।

**ଅର୍ଥାତ୍** *ଅ.* ଏହାର ଅର୍ଥ ବା ମାନେ, ବିକଳ୍ପ ।

**ଅର୍ଥାନ୍ତର** *ବି.* ୧. ଅନ୍ୟ ଅଭିପ୍ରାୟ, ଅନ୍ୟଭାବରେ ୨. ବ୍ୟାଖ୍ୟାନ ; *ଅ.* ଅନ୍ୟପକ୍ଷରେ, ଭିନ୍ନଶବ୍ଦରେ ।

**ଅର୍ଥାନ୍ତରନ୍ୟାସ** *ବି.* ସାହିତ୍ୟବିଦ୍ୟାରେ ଅଳଙ୍କାର ବିଶେଷ ।

**ଅର୍ଥାର୍ଥୀ** *ବିଂ.* ଜ୍ଞାନ ବା ଧନ ଅର୍ଜନପାଇଁ ଇଚ୍ଛୁକ ।

**ଅର୍ଥାଳଙ୍କାର** *ବି.* ସାହିତ୍ୟ ବିଦ୍ୟାରେ ଅର୍ଥଗତ ଚମତ୍କାରିତା ପ୍ରକଟନ ଶୈଳୀ ।

**ଅର୍ଥୀ** *ବିଂ.* ୧. ଅଭିଳାଷୀ ୨. ଧନବାନ ୩. ଅର୍ଥପ୍ରାର୍ଥୀ, ଭିକ୍ଷୁକ, ଯାଚକ, ୪. ସେବାକାରୀ ୫. ଆଶାୟୀ ୬. ଅର୍ଥ ଜାଣିଥିବା ।

**ଅର୍ଥେ** *ଅ.* ପାଇଁ, ଉଦ୍ଦେଶ୍ୟରେ, ମତଲବ୍‌ରେ ।

**ଅର୍ଦ୍ଦଳି** *ବି.* ଅଡର୍ଲି, ଆଜ୍ଞାକାରୀ, ପିଅନ ।

**ଅର୍ଦ୍ଧ** *ବି. ବିଂ.* ୧. ଅଧା ୨. କୌଣସି ବସ୍ତୁ ବା ପରିମାଣର ଦୁଇଭାଗରୁ ଏକଭାଗ ।

**ଅର୍ଦ୍ଧକୁଶଳୀ** *ବି. ବିଂ.* କୌଣସି ବୃତ୍ତି ବା କର୍ମରେ ପୂର୍ଣ୍ଣଦକ୍ଷତା ନଥିବା ବ୍ୟକ୍ତି ।

**ଅର୍ଦ୍ଧଚନ୍ଦ୍ର** *ବି.* ୧. ଗଳାଧକ୍କା, ତଣ୍ଟିଆ ୨. ଚନ୍ଦ୍ରର ଅଧା ।

**ଅର୍ଦ୍ଧନାରୀଶ୍ୱର** *ବି.* ହର ପାର୍ବତୀଙ୍କ ଯୁଗଳ ମୂର୍ତ୍ତି ।

**ଅର୍ଦ୍ଧସାମରିକବାହିନୀ** *ବି.* ବି.ଏସ.ଏଫ, ଇଣ୍ଡୋ-ତିବ୍ବତ ବାହିନୀ ପ୍ରଭୃତି ସୈନ୍ୟବାହିନୀ ସଦୃଶ ସେନା ।

**ଅର୍ଦ୍ଧାଙ୍ଗୀ, ଅର୍ଦ୍ଧାଙ୍ଗିନୀ *ବି.*** ପତ୍ନୀ, ସ୍ତ୍ରୀ ।

**ଅର୍ଦ୍ଧାହାର *ବି.*** ଅଧାପେଟ ଖାଇବା, ଅଧାଖିଆ ଅବସ୍ଥା ।

**ଅର୍ପଣ *ବି.*** ୧. ପ୍ରଦାନ,ଦାନ ୨. ସ୍ଥାପନ, ଅର୍ପଣ କରାଯାଇଥିବା ।

**ଅର୍ପଣୀୟ *ବିଂ.*** ଦାନଯୋଗ୍ୟ, ସମର୍ପଣଯୋଗ୍ୟ ।

**ଅର୍ପିତ *ବିଂ.*** ଦିଆଯାଇଥିବା ।

**ଅର୍ପିବା *କ୍ରି.*** ଦେବା, ଅର୍ପଣକରିବା ।

**ଅର୍ଫନେଜ *ବି.*** ବାପା ମାଆ ଆତ୍ମୀୟସ୍ୱଜନ ହରାଇଥିବା ପିଲାମାନେ ରହୁଥିବା ସ୍ଥାନ, ଅନାଥାଶ୍ରମ ।

**ଅର୍ଫାନ୍ *ବିଂ.*** ବାପା ମାଆ ଜ୍ଞାତିପରିଜନ ହରାଇଥିବା, ଅନାଥ ।

**ଅର୍ବାଚୀନ *ବିଂ.*** ୧. ନୂତନ, ଆଧୁନିକ ୨. ନୀଚ, ଅପ୍ରବୀଣ ।

**ଅର୍ବାନ୍ *ବିଂ.*** ସହର ସମ୍ବନ୍ଧିତ ।

**ଅର୍ବୁଦ *ବି.*** ଦଶକୋଟି ସଂଖ୍ୟା, ***ବିଂ.*** ଦଶକୋଟି ସଂଖ୍ୟକ ।

**ଅର୍ଶ *ବି.*** ମଳଦ୍ୱାର ବା ମଳନାଳୀର ରୋଗ ବିଶେଷ, ପାଇଲ୍‌ସ୍ ।

**ଅର୍ହତ୍ *ବି.*** ବୌଦ୍ଧ ବା ଜୈନ ସନ୍ନ୍ୟାସୀ ।

**ଅଲଂ *ଅ.*** ୧. ଭୂଷଣ, ମଣ୍ଡନ ୨. ନିଷେଧ, ବାରଣ ୩. ସମର୍ଥ ୪. ପ୍ରୟୋଜନ ବହିର୍ଭୂତ ।

**ଅଳକ *ବି.*** କପାଳ ଉପରର ଛୋଟ ଛୋଟ କେଶ, ଚୂର୍ଣ୍ଣକୁନ୍ତଳ ।

**ଅଳକା *ବି.*** ଭାରତୀୟ ବିଶ୍ୱାସରେ ଧନର ଅଧିପତି କୁବେରଙ୍କ ବାସସ୍ଥାନ ।

**ଅଳକ୍ତକ, ଅଳତା *ବି.*** ଅଳତା, ଲାକ୍ଷା, ପାଦରେ ଲଗାଯାଉଥିବା ଲାଲ ରଙ୍ଗର ଦ୍ରବଣ ।

**ଅଳଙ୍କାର *ବି.*** ୧. ଭୂଷଣ, ଆଭରଣ, ସାଜ, ଗହଣା ୨. କାବ୍ୟର ଶୋଭାବର୍ଦ୍ଧକ ବା ଉତ୍କର୍ଷ ସାଧନ କରୁଥିବା ରଚନାଶୈଳୀ ।

**ଅଳଙ୍କୃତ *ବିଂ.*** ଭୂଷିତ, ଅଳଙ୍କାରଦ୍ୱାରା ଶୋଭାବନ୍ତ ।

**ଅଳତାସିନ୍ଦୁର *ବି.*** ବିବାହ କାଳରେ ଶାଶୁ ଜ୍ୱାଇଁର ପାଦରେ ଅଳତା ଓ ମଥାରେ ସିନ୍ଦୂର ନାଇ ଦେବାର ବିଧି ।

**ଅଳତି *ବି.*** ଚର୍ମରୋଗ ବିଶେଷ ।

**ଅଳନ୍ଧୁ *ବି.*** କଳାଧୂଆଁବୋଳା ବୁଢ଼ିଆଣୀ ଜାଲ, ଧୁଂଧୁମାର ।

**ଅଳପେଇସା *ବିଂ.*** ୧. ଅଳ୍ପ ଆୟୁଷବିଶିଷ୍ଟ ୨. ଅଳ୍ପ ବୟସରେ ମରିବାଯୋଗ୍ୟ (ଗାଳି) ।

**ଅଳସ *ବି.*** ଶରୀରର ନିଦୁଆ ଓ ନିସ୍ତେଜ ଅବସ୍ଥା ।

**ଅଳସ ଭାଙ୍ଗିବା *କ୍ରି.*** ମୋଡ଼ି ଭିଡ଼ିହୋଇ ଶରୀରକୁ ସତେଜ କରିବା ।

**ଅଳସା, ଅଳସୁଆ *ବିଂ.*** ମଠୁଆ, ନିଷ୍ଠିଆ, କର୍ମକୁଣ୍ଠ, କାମ କରିବାକୁ ସୁଖ ମଣୁ ନ ଥିବା ; ***ବି.*** ଆଳସ୍ୟ, ମଠ, ଅଳସୁଆପଣ ।

**ଅଳସି *ବି.* ଅଲ୍‌ସି,** ଈଷତ ନୀଳରଙ୍ଗର ଫୁଲ ଫୁଟୁଥିବା ଏକ ଛୋଟ ଗଛ – ଯାହାକୁ ତୈଳବୀଜ ଭାବରେ ଚାଷ କରାଯାଏ ।

**ଅଳସୁଆ *ବିଂ.*** କାମଚୋର, ଶାରୀରିକ ପରିଶ୍ରମକୁ ଭୟ କରୁଥିବା ।

**ଅଳି *ବି.*** ୧. ଅନୁରୋଧ, ଦୟିନି, କଟାଳ, ପ୍ରାର୍ଥନା ୨. ଭଅଁର, ଭ୍ରମର, ମଧୁପ ।

**ଅଳିଆ *ବି.*** ଝାଟୁଆ, ଆବର୍ଜନା, ବର୍ଜ୍ୟବସ୍ତୁ, କଚରା ।

**ଅଳିଆମଳିଆ *ବି.*** ୧. ଅବ୍ୟବସ୍ଥିତ ଭାବରେ ଥିବା ବିଭିନ୍ନ ଦରକାରୀ– ଅଦରକାରୀ ବସ୍ତୁ ୨. ଅଳିଆଆବର୍ଜନା ।

**ଅଳିନ୍ଦ *ବି.*** ୧. ପିଣ୍ଡା, ବାରଣ୍ଡା ୨. ହୃତପିଣ୍ଡର ଡାହାଣ ପାଖ କୋଠରୀ ।

**ଅଳୀକ *ବିଂ.*** ୧. ଅସତ୍ୟ, ମିଛ ୨. ଅମୂଳକ ୩. **କ୍ଷଣସ୍ଥାୟୀ** ।

**ଅଳ୍ପ *ବିଂ.*** ୧. ସାମାନ୍ୟ, କମ୍ ୨. ତୁଚ୍ଛ ୩. ଈଷତ ।

**ଅଳ୍ପପ୍ରାଣ *ବିଂ.*** ୧. କ୍ଷଣଜୀବୀ, ଦୁର୍ବଳ ୨. ଯେଉଁ ବର୍ଣ୍ଣଗୁଡ଼ିକର ଉଚ୍ଚାରଣରେ ଅଳ୍ପ ବାୟୁ ଶ୍ୱାସଯନ୍ତ୍ରରୁ ନିର୍ଗତ ହୁଏ ।

**ଅଳ୍ପବିଦ୍ୟା *ବି.*** ଅଳ୍ପପାଠ, କମ୍‌ପଢ଼ା ।

**ଅଳ୍ପଭାଷୀ *ବିଂ.*** କମ୍ କଥା କହୁଥିବା ।

**ଅଳ୍ପ ମାତ୍ର *ବିଂ.*** ଖୁବ୍ ସାମାନ୍ୟ, ଧାପେ, ଟିକିଏ ।

**ଅଳ୍ପାୟୁ *ବିଂ.*** ଯେ ବେଶି ଦିନ ବଞ୍ଚେନାହିଁ, ସ୍ୱଳ୍ପକାଳଜୀବୀ ।

**ଅଳ୍ପାହାରୀ *ବିଂ.*** ଅଳ୍ପ ପରିମାଣର ଖାଦ୍ୟ ଖାଉଥିବା ।

**ଅଳ୍ପେସଳ୍ପେ *କ୍ରି.ବିଂ.*** ଅଳ୍ପ ପରିମାଣ ଥିବା ସତ୍ତ୍ୱେ, ଅଳ୍ପ ପରିମାଣରେ ।

**ଅଲ୍‌ଗୁନି *ବି.*** ଅଳୁଗୁଣି, ଲୁଗାପଟା ରଖିବାପାଇଁ ଘରର ଶେଣି /ରୁଅ ଅଥବା କାଛରୁ ଝୁଲା ହୋଇଥିବା ଦଉଡ଼ି ବା ସରୁବାଉଁଶ ।

**ଅଲ୍‌ଚିକି *ବି.*** ସାନ୍ତାଳୀ ଲିପି/ବର୍ଣ୍ଣମାଳା ।

**ଅଲ୍‌ଝିବା *କ୍ରି.*** ୧. ଅଟକିରହିବା ୨. ଲାଖିରହିବା ୩. ଖସି ନ ପଡ଼ିବା ।

**ଅଲ୍‌ଟ୍ରାସାଉଣ୍ଡ *ବି.*** ଶବ୍ଦର ପ୍ରତିଧ୍ୱନି ସାହାଯ୍ୟରେ ଶରୀରର ଆଭ୍ୟନ୍ତରୀଣ ରୋଗ ନିରୂପଣ ପ୍ରକ୍ରିୟା ।

**ଅଲ୍‌ତା *ବି.*** ଅଳତା, ପାଦରେ ଲଗା ଯାଉଥିବା ଲାଲରଙ୍ଗ, ଅଲକ୍ତକ ।

**ଅଲ୍‌ତି, ଅଳତି *ବି.*** ଏକ ପ୍ରକାରର ଚର୍ମରୋଗ, ଏକ୍‌ଜିମା ।

**ଅଲ୍‌ଗୁନା *ବି.*** ଓଲ୍‌ଗୁନି, ଅଲ୍‌ଗୁନି, ଲୁଗା ଟାଙ୍ଗିବା ପାଇଁ ଛାତରୁ ଝୁଲା ହେବା ବାଉଁଶ ବା ଦଉଡ଼ି ।

**ଅଲ୍‌ପିନା** *ବି.* ଝୋଟି, କୋଠରୀ ବା ଘରର ଚଟାଣରେ ଅଙ୍କାଯାଉଥିବା ଛବି ବା ଚିତ୍ର ।

**ଅଲ୍‌ବତ୍** *କ୍ରି.ବିଂ.* ନିଶ୍ଚୟ, ଯେମିତି ହେଲେ, ଯେନତେନ ପ୍ରକାରେ ।

**ଅଲ୍‌ରାଉଣ୍ଡର୍** *ବିଂ.* ସବୁବିଷୟ ଜାଣିଥିବା, ଦକ୍ଷ, ସବୁକାମରେ ଧୁରନ୍ଧର ।

**ଅଲଂଘ୍ୟ** *ବିଂ.* ଯାହା ଅତିକ୍ରମଣର ଅଯୋଗ୍ୟ, ଅଟପା ।

**ଅଲଗା** *ବିଂ.* ନିଆରା, ଭିନ୍ନେ, ଛଡ଼ାଛଡ଼ି, ପୃଥକ ।

**ଅଲଗାଅଲଗା** *କ୍ରି. ବିଂ.* ବାବଦବାବଦ, ନିଆରାନିଆରା, ଛଡ଼ାଛଡ଼ା ।

**ଅଲଗାଇବା** *କ୍ରି.* ୧. ଭିନେକରିବା ୨. ଘୁଞ୍ଚାଇବା ବା ଉଠାଇନେବା ।

**ଅଲଗୁଣି** *ବି.* ଅଲଗୁନି, ଲୁଗାପଟା ରଖିବାପାଇଁ ଦଉଡ଼ି/ କାଠ ଅଥବା ସରୁ ବାଉଁଶର ଝୁଲା ।

**ଅଲଜ୍ୟା** *ବିଂ.* ଲାଜ ନ ଥିବା, ବେସରମ, ନିର୍ଲଜ, ବେଲଜ୍ୟା ।

**ଅଲଣା** *ବିଂ.* ୧. ଯହିଁରେ ଲୁଣ ପଡ଼ିନାହିଁ ୨. ଅଦରକାରୀ, ଅସାର, ମୂଲ୍ୟହୀନ ।

**ଅଲଣାକଥା** *ବି.* ମୂଲ୍ୟହୀନକଥା, ଅସାରକଥା , ବାଜେକଥା ।

**ଅଲଣା ସୁଆଗ** *ବି.* ଆନ୍ତରିକତା ନଥାଇ ଭଲପାଇବା, ଉପର ଠାଉରିଆ ପ୍ରେମ ।

**ଅଲବତ୍** *ବି.* ନିଶ୍ଚୟ, ଯାହା ହେଲେ ବି ।

**ଅଲବଲ** *ବି.* ଉଦ୍ଦେଶ୍ୟହୀନ ଭାବରେ କାମ ।

**ଅଲରା** *ବିଂ.* ବିପର୍ଯ୍ୟସ୍ତ, ଅସଜଡ଼ା, ଏଣେତେଣେ ପଡ଼ିଥିବା ।

**ଅଲକ୍ଷଣା, ଅଲକ୍ଷଣୀ** *ବିଂ.* ଲକ୍ଷ୍ମୀଛଡ଼ା, ଅମଙ୍ଗଳିଆ, ଅମଙ୍ଗଳେଇ ।

**ଅଲକ୍ଷିତ, ଅଲକ୍ଷ୍ୟ** *ବିଂ.* ଅଜାଣତ, ଯାହା ଆଖିରେ ପଡ଼ିନାହିଁ ।

**ଅଲକ୍ଷ୍ମା** *ବିଂ.* ଯାହାକୁ ଲକ୍ଷ୍ମୀ ପ୍ରସନ୍ନ ହୋଇ ନ ଥା'ନ୍ତି, ଯାହାର ଭାଗ୍ୟରେ ପଇସା ଉପାର୍ଜନ କରିବା ନାହିଁ ।

**ଅଲକ୍ଷ୍ମୀ** *ବି.* ଲକ୍ଷ୍ମୀଙ୍କ ବଡ଼ଭଉଣୀ, ଦାରିଦ୍ର୍ୟର ଦେବୀ ।

**ଅଲାଜିଆ, ଅଲାଜୁକ** *ବିଂ.* ଲଜ୍ଜାହୀନ, ନିର୍ଲଜ, ବେସରମ ।

**ଅଲାଣ୍ଡୀ** *ବି.ବିଂ.* ବିଶୃଙ୍ଖଳିତା ନାରୀ, ଆଲୁରୀ ।

**ଅଲାବୁ** *ବି.* ୧. ଲାଉ ୨. ଏକ ପ୍ରକାର ଫଳ -ଯାହା ପାଣିରେ ବୁଡ଼ିଯାଏ ନାହିଁ ।

**ଅଲାର୍** *ବିଂ.* ଅସହାୟ, ନିଃସ୍ୱ, କିଂକର୍ତବ୍ୟବିମୂଢ଼, ଉପାୟଶୂନ୍ୟ ।

**ଅଲିଅଳ** *ବିଂ.* ସ୍ନେହରେ ଲାଳିତ, ସୁକୁମାର; *ସ୍ତ୍ରୀ.* ଅଲିଅଳୀ ।

**ଅଲିଖିତ** *ବିଂ.* ଯାହା ଲେଖାଯାଇ ନାହିଁ, ପରମ୍ପରା କ୍ରମେ ପ୍ରଚଳିତ, ଶ୍ରୁତିରେ ଜୀବନ୍ତ ।

**ଅଲିଗୋସିନ** *ବି.* ପ୍ରାରମ୍ଭିକ ପେଲିଓଜିନ ଭୂତାତ୍ତ୍ୱିକ କାଳ ।

**ଅଲିଙ୍ଗୀ** *ବିଂ.* ୧. ଯାହାର ଲିଙ୍ଗ ବା ଇନ୍ଦ୍ରିୟ ନ ଥାଏ ୨. ବ୍ୟକ୍ତିତ୍ୱହୀନ, ଦୁର୍ବଳ ।

**ଅଲିବଲିଆ** *ବିଂ.* ବିଶୃଙ୍ଖଳିତ ।

**ଅଲିଭ୍** *ବି.* ଏକ ଜାତୀୟ ଗଛ – ଯାହାର ଫଳରୁ ପ୍ରସ୍ତୁତ ତେଲ ଶରୀରପାଇଁ ଉପଯୋଗୀ ।

**ଅଲିମ୍ପିକ୍** *ବି.* ବିଶ୍ୱସ୍ତରୀୟ ଖେଳ/କ୍ରୀଡ଼ା ପ୍ରତିଯୋଗିତା ।

**ଅଲେଖ** *ବି.* ନିରାକାର, ନିରଞ୍ଜନ ।

**ଅଲେଖ ଧର୍ମ** *ବି.* ମହିମା ଗୋସାଇଁଙ୍କଦ୍ୱାରା ପ୍ରବର୍ତ୍ତିତ ନିରାକାରବାଦୀ ଦର୍ଶନପୁଷ୍ଟ ଏକ ଧର୍ମ, କୁମ୍ଭୀପଟିଆ ଧର୍ମ ।

**ଅଲେଖା** *ବିଂ.* ୧. ଯହିଁରେ ଲେଖା ହୋଇନାହିଁ ୨. ଯାହା ଲେଖା ହୋଇ ନ ଥାଏ ୩. ପ୍ରଚୁର, ଅନେକ, ବହୁତ ।

**ଅଲେବଲେ** *ବିଂ.* ଅବାଧ, ଅବୋଲକରା ।

**ଅଲୋଡ଼ା** *ବିଂ.* ଦରକାରରେ ଆସୁ ନ ଥିବା, ଅନାବଶ୍ୟକ, ତୁଚ୍ଛ, ଅଖୋଜା ।

**ଅଲୌକିକ** *ବିଂ.* ଯାହା ଲୋକ ବା ସଂସାରରେ ଦୁର୍ଲ୍ଲଭ, ଦିବ୍ୟ, ସ୍ୱର୍ଗୀୟ, ଅସାମାନ୍ୟ, ପାରମାର୍ଥିକ ।

**ଅଶକତ** *ବିଂ.* ୧. ଦୁର୍ବଳ ଓ ଅସୁସ୍ଥ ୨. କଷ୍ଟିହେବା ୩. ବିନ୍ଧାଛିଟିକା ହେବା ୪. ଅସ୍ୱାଭାବିକ ।

**ଅଶକ୍ତ** *ବିଂ.* ଦୁର୍ବଳ, ଅକ୍ଷମ, ଯାହା ଶକ୍ତ ବା ଟାଣୁଆ ନୁହେଁ, ଅସମର୍ଥ ।

**ଅଶନ** *ବି.* ୧. ଭୋଜନ ୨. ଏକ ଜାତୀୟ ଦ୍ରୁମ ।

**ଅଶନି** *ବି.* ଘଡ଼ଘଡ଼ି, ବଜ୍ର ।

**ଅଶରୀରୀ** *ବିଂ.* ଦେହ ନ ଥିବା, ନିରାକାର, ଶୂନ୍ୟ ।

**ଅଶାଖା** *ବିଂ.* ୧. ବନ୍ଧୁହୀନ ୨. ଏକାଏକା ୩. (ଗଛରେ) ଶାଖା ନ ଥିବା ।

**ଅଶାନ୍ତ** *ବିଂ.* ଚଞ୍ଚଳ, ବିକ୍ଷୁବ୍ଧ, ଅସ୍ଥିର, ଆନ୍ଦୋଳିତ ।

**ଅଶାନ୍ତି** *ବି.* ଅସନ୍ତୋଷ, ଉଦ୍‌ବେଗ, ଅସ୍ଥିରତା, ଅତୃପ୍ତି, ଚିଡ଼ିଚିଡ଼ା ଭାବ ।

**ଅଶାସନ** *ବି.* ଅରାଜକତା, ଶାସନର ଅଭାବ ।

**ଅଶାସନିଆ** *ବିଂ.* କୌଣସି ପ୍ରକାର ଶାସନ ମାନୁନଥିବା, ନିୟନ୍ତ୍ରଣର ବାହାରେ ଥିବା, ବେମୁରବିଆ ।

**ଅଶାସ୍ତ୍ର** *ବି.* ଲୋକାଚାରବିରୁଦ୍ଧ ବିଚାର ।

**ଅଶାସ୍ତ୍ରୀୟ** *ବିଂ.* ଶାସ୍ତ୍ର-ଅସ୍ୱୀକୃତ, ଦୋଷଦୁଷ୍ଟ, ଅବୈଧ, ବିଧି – ବହିର୍ଭୂତ ।

**ଅଶିବ *ବି.*** ଅମଙ୍ଗଳ, ହାନି ; ***ବିଂ.*** କ୍ଷତିକାରକ, ଅଶୁଭଜନକ, ହାନିକର ।

**ଅଶିଷ୍ଟ *ବିଂ.*** ଦୁଷ୍ଟ, ଦୁର୍ଦ୍ଦାନ୍ତ, ଦୁର୍ବୃତ୍ତ, ଖଳ, ଅଭଦ୍ର, ବ୍ୟବହାର ଜାଣି ନଥିବା ।

**ଅଶିକ୍ଷା *ବି.*** ୧. ଶିକ୍ଷାର ଅଭାବ ୨. ମନ୍ଦବିଦ୍ୟା, ବ୍ୟକ୍ତି ବା ସମାଜର କ୍ଷତିକାରକ ଶିକ୍ଷା ।

**ଅଶିକ୍ଷିତ *ବିଂ.*** ୧. ଶିକ୍ଷା ପାଇ ନ ଥିବା ୨. ମୂର୍ଖ, ଅଜ୍ଞ ।

**ଅଶୁଆର *ବିଂ.*** ଘୋଡ଼ାଚଢ଼ାଳି, ଅଶ୍ୱାରୋହୀ ।

**ଅଶୁଚି *ବିଂ.*** ଅପବିତ୍ର, ଅଶୁଦ୍ଧ, ବିଚାର ଆଚାରହୀନ ।

**ଅଶୁଚିବନ୍ତ *ବିଂ.*** ଅପବିତ୍ର ହୋଇଥିବା ।

**ଅଶୁଣା *ବିଂ.*** ପୂର୍ବରୁ ଯାହା ଘଟି ଥିବାର ଶୁଣାଯାଇ ନାହିଁ, ଅଶ୍ରୁତ ।

**ଅଶୁଦ୍ଧ *ବିଂ.*** ୧. ଭୁଲ, ଭ୍ରମାତ୍ମକ, ପ୍ରମାଦଯୁକ୍ତ ୨. ଅପବିତ୍ର ।

**ଅଶୁଦ୍ଧତା *ବି.*** ଅଶୁଦ୍ଧି, ଅପବିତ୍ରତା ।

**ଅଶୁଭ *ବିଂ.*** ଅମଙ୍ଗଳ, ଅକୁଶଳ, କ୍ଷତିକାରକ ।

**ଅଶେଷ *ବିଂ.*** ୧. ଯାହାର ଶେଷ ନାହିଁ, ଅନନ୍ତ, ଅସୀମ ୨. ସମୁଦାୟ ୩. ବହୁତ ।

**ଅଶୋକ *ବି.*** ୧. ଏକ ଗଛ-ଯାହାର ଫୁଲ ଲାଲ ଏବଂ ବଳ୍କଳ ଔଷଧୀୟ ଗୁଣଯୁକ୍ତ ; ***ବିଂ.*** ଶୋକହୀନ ।

**ଅଶୋଧିତ *ବିଂ.*** ୧. ଅପରିଚ୍ଛନ୍ନ, ପରିଷ୍କାର ହୋଇ ନ ଥିବା ୨. ପବିତ୍ର ହୋଇ ନ ଥିବା ।

**ଅଶୋଭନ *ବିଂ.*** ୧. ଅସୁନ୍ଦର ୨. ନିନ୍ଦନୀୟ, ଅସୁଖକର, ଅପ୍ରୀତିପ୍ରଦ, ଅରୁଚିକର, ଖରାପ ।

**ଅଶୌଚ *ବି.*** ୧. ଅଶୁଦ୍ଧି, ଅପବିତ୍ରତା ୨. କୁଟୁମ୍ବରେ ଜନ୍ମ ଓ ମରଣ କାଳରେ ଶାରୀରିକ ଅଶୁଦ୍ଧି ।

**ଅଶ୍ରଦ୍ଧା *ବି.*** ଅନାଦର, ଘୃଣା, ଅବଜ୍ଞା, ନାକଟେକା ଭାବ ।

**ଅଶ୍ରାବ୍ୟ *ବିଂ.*** ୧. ଯାହା ଶୁଣିବା ଯୋଗ୍ୟ ନୁହେଁ ୨. ଯାହା ଶୁଣି ହୁଏ ନାହିଁ ୩. ଅଶ୍ଳୀଳ, ଧଣ୍ଡସଣ୍ଡ, ଅମାର୍ଜିତ ।

**ଅଶ୍ରୁ *ବି.*** ଲୁହ, ଦୁଃଖ ଯନ୍ତ୍ରଣା ବା ଅନ୍ୟ କାରଣଯୋଗୁଁ ଆଖିରୁ ଝରୁଥିବା ପାଣି ।

**ଅଶ୍ରୁଳ *ବିଂ.*** ଲୁହ ଛଳଛଳ, ଲୁହଭର୍ତ୍ତି, ଲୋତକପୂର୍ଣ୍ଣ ।

**ଅଶ୍ରୁତ *ବିଂ.*** ଯେଉଁ କଥା ବା ଘଟଣା ସଂପର୍କରେ ଶୁଣାଯାଇ ନାହିଁ, ଅଶୁଣା ।

**ଅଶ୍ରୁତପୂର୍ବ *ବିଂ.*** ଯାହା ଆଗରୁ କେବେ ଶୁଣାଯାଇନାହିଁ ।

**ଅଶ୍ଳୀଳ *ବିଂ.*** ୧. ଶାଳୀନତାହୀନ, କୁରୁଚିପୂର୍ଣ୍ଣ ୨. ଅସୁନ୍ଦର, ବେହେଡ଼ା, ଅତି ଖରାପ ।

**ଅଶ୍ଳୀଳତା *ବି.*** କୁତ୍ସିତତା, ଅରୁଚିକରତା ।

**ଅଶ୍ୱ *ବି.*** କ୍ଷିପ୍ର ଗତିରେ ଦଉଡ଼ି ପାରୁଥିବା ଏକ ଚାରି ଗୋଡ଼ିଆ ପଶୁ, ଘୋଡ଼ା, ଘୋଟକ ।

**ଅଶ୍ୱଗନ୍ଧା *ବି.*** ଔଷଧୀୟ ଗୁଳ୍ମ ବିଶେଷ ।

**ଅଶ୍ୱତ୍ଥ *ବି.*** ବୃକ୍ଷ ବିଶେଷ- ଯାହାକୁ ହିନ୍ଦୁମାନେ ଫଳପ୍ରାପ୍ତିପାଇଁ ପୂଜା କରନ୍ତି, ପିପ୍ପଳ, ନ୍ୟଗ୍ରୋଧ, ଜରି ।

**ଅଶ୍ୱପାଳ *ବି.*** ଘୋଡାଜଗୁଆଳ, ଘୋଡାପାଳକ ।

**ଅଶ୍ୱମେଧ *ବି.*** ୧. ବୈଦିକ କାଳରେ ଅନୁଷ୍ଠିତ ଏକ ଯଜ୍ଞ - ଯେଉଁଥିରେ ଘୋଡ଼ାକୁ ବଳି ଦିଆଯାଉଥିଲା ।

**ଅଶ୍ୱାରୋହୀ *ବିଂ.*** ୧. ଘୋଡ଼ାଚଢ଼ାଳୀ ୨. ଘୋଡ଼ାରେ ବସି ଯୁଦ୍ଧ କରୁଥିବା ସୈନିକ, ଘୋଡ଼ାସବାର ।

**ଅଷାଢୁଆ *ବି.*** ଆଷାଢ଼ମାସରେ ମିଳୁଥିବା ଏକ ଫଳ; ***ବିଂ.*** ଆଷାଢ଼ ମାସରେ ଫଳୁଥିବା (*ଉଦା*-ଅଷାଢୁଆ ପଣସ) ।

**ଅଷାଢୁଆ ସୂତା *ବି.*** ବିବାହ କାଳରେ ବର ଓ କନ୍ୟା ହାତରେ ବନ୍ଧା ଯାଉଥିବା ଦୁବ ବରକୋଳି ପତ୍ର ବନ୍ଧା ସୂତା ।

**ଅଷ୍ଟକ *ବି.*** ୧. ଆଠ ମୁଖ୍ୟ ଅଂଶ ୨. ଆଠପରସ୍ତ ୩. ସଙ୍ଗୀତର ଆଠଟି ସ୍ୱରଗ୍ରାମ ୪. ଆଠପଦ ବିଶିଷ୍ଟ ରଚନା; ***ବିଂ.*** ଅଷ୍ଟମ ସଂଖ୍ୟକ ।

**ଅଷ୍ଟକୀଳା *ବି.*** ପୃଥିବୀକୁ ସ୍ଥିର ଭାବେ ରଖିଥିବା କଳ୍ପିତ ଆଠଟି ପର୍ବତ ।

**ଅଷ୍ଟଗ୍ରହକୂଟ *ବି.*** *ଜ୍ୟୋତିଷଶାସ୍ତ୍ର* ଯେଉଁ ଦିବସରେ ଆଠଟି ଗ୍ରହ ଏକତ୍ର ଗୋଟିଏ ରାଶିରେ ଅବସ୍ଥାନ କରେ ଓ ତଜ୍ଜନିତ ଅଶୁଭ ସୂଚନା ।

**ଅଷ୍ଟଘଡ଼ି *ବି.*** ସବୁସମୟ, ସଦାସର୍ବଦା ।

**ଅଷ୍ଟଦଣ୍ଡପାଟ *ବି.*** ବିନାକାମରେ ସବୁଆଡେ (ସବୁ ଦଣ୍ଡପାଟ ଓ ପ୍ରଗଣାଗୁଡ଼ିକରେ ) ବୁଲୁଥିବା ବ୍ୟକ୍ତି ।

**ଅଷ୍ଟଦିକ୍‌ପାଳ, ଅଷ୍ଟଦିଗପାଳ *ବି.*** ଆଠଦିଗର ଅଧିପତି, ପୁରାଣ କଳ୍ପିତ ଆଠ ଜଣ ଦେବତା - ଇନ୍ଦ୍ର, ଅଗ୍ନି, ଯମ, ନୈରୁତ, ବରୁଣ, ମରୁତ, କୁବେର, ଈଶାନ ।

**ଅଷ୍ଟଦିଗ୍‌ଗଜ *ବି.*** ପୃଥିବୀର ଆଠକୋଣରେ ଜଗି ରହିଥିବା ଆଠଟି କଳ୍ପିତ ହାତୀ, ଯଥା- ଐରାବତ, ପୁଣ୍ଡରୀକ, ବାମନ, କୁମୁଦ, ଅଞ୍ଜନ, ପୁଷ୍ପଦନ୍ତ, ସାର୍ବଭୌମ, ସୁପ୍ରତିଜ୍ଞ ।

**ଅଷ୍ଟଧାତୁ *ବି.*** ଆଠ ପ୍ରକାରର ଧାତୁ, ଯଥା- ସୁନା, ରୁପା, ସୀସା, ଟିଣ, ଲୁହା, କଂସା, ପିତଳ ।

**ଅଷ୍ଟନାଗ *ବି.*** ପୁରାଣ ବର୍ଣ୍ଣନାରେ ପୃଥିବୀକୁ ଫଣା ଉପରେ ଧାରଣ କରିଥିବା ଆଠଗୋଟି ସର୍ପ ଯଥା-ଅନନ୍ତ, ବାସୁକୀ, ପଦ୍ମ, ମହାପଦ୍ମ, ତକ୍ଷକ, କୁଳକୀ, କର୍କୋଟକ ।

**ଅଷ୍ଟପଦୀ ବି.** ଆଠପଦବିଶିଷ୍ଟ ଗୀତ ବା କବିତା ।

**ଅଷ୍ଟପ୍ରହର ବି.** ୧. ଦିନର ସମସ୍ତ ଆଠଟି ପ୍ରହର ୨. ଦିନରାତି, ସବୁବେଳେ, ସବୁସମୟ ।

**ଅଷ୍ଟପ୍ରହରୀ ବି. ବିଂ.** ଚବିଶ ଘଣ୍ଟାପାଇଁ ଅହୋରାତ୍ର ଚାଲିଥିବା ଶ୍ରୀହରିଙ୍କ ନାମ ସଂକୀର୍ତ୍ତନ ।

**ଅଷ୍ଟଭୁଜା ବି. ବିଂ.** ଆଠଟି ହାତ ଯାହାର, ଯେଉଁ ଦେବୀଙ୍କ ଆଠଟି ଭୁଜ, ଦୁର୍ଗା ।

**ଅଷ୍ଟମଙ୍ଗଳା ବି.** ବିବାହ/ବ୍ରତର ଅଷ୍ଟମ ଦିନ,ବିବାହର ଅଷ୍ଟମ ଦିନରେ ଆୟୋଜିତ ଉତ୍ସବ ।

**ଅଷ୍ଟାଙ୍ଗ ବି.** ପାଦ, ଜଙ୍ଘ, ହାତ, ଛାତି, ବୁଦ୍ଧି, ମୁଣ୍ଡ, ଦୃଷ୍ଟି ଓ ବାକ୍ୟ- ଆଠଅଙ୍ଗ ।

**ଅସ୍କଟ୍ ବିଂ.** ୧. ଅସୁନ୍ଦର ୨. ବିଚିକିଟିଆ ୩. ମଇଳା, ଅସନା ।

**ଅସ୍କଟାବା କ୍ରି. ବିଂ.** ଘୃଣା କରିବା, ନାକ ଟେକିବା ।

**ଅସ୍କରା ବି.** ମଇଳା, ଆବର୍ଜନା ଅଳିଆ ।

**ଅସ୍‌ଗୁନିଆ ବି.ବିଂ.** ଅମଙ୍ଗଳିଆ, ଯାହା ଜୀବନରେ କୌଣସି ସୌଭାଗ୍ୟ ନାହିଁ ।

**ଅସ୍‌ପାତାଲ ବି.** ଡାକ୍ତରଖାନା, ଚିକିତ୍ସାଳୟ, ହାସ୍‌ପାତାଳ, ହସ୍‌ପିଟାଲ ।

**ଅସଂକୋଚ ବି.** କିଛୁ ନ ରଖି, ଦ୍ୱିଧାହୀନତା, କୁଣ୍ଠାହୀନତା ; **ବିଂ.** ଅସଙ୍କୁଚିତ ।

**ଅସଂଖ୍ୟ ବି.** ବହୁତ, ଅନେକ, ଅଗଣିତ, ଅସୁମାରି ।

**ଅସଂଗଠିତ ବିଂ.** ୧. ବିଷମ ୨. ସଂପର୍କରହିତ ୩. ସଂଗତିହୀନ ୪. ବିଶୃଙ୍ଖଳ ।

**ଅସଂଗତ ବିଂ.** ବେଖାପ, ପୂର୍ବାପରପ୍ରସଂଗହୀନ, ଯୁକ୍ତିବିରୁଦ୍ଧ, ଖାପଛଡ଼ା, ଅବାନ୍ତର ।

**ଅସଂବୃତ୍ତ ବିଂ.** ଖୋଲା, ମୁକ୍ତ ।

**ଅସଂଭ୍ରମ ବିଂ.** ଅଶାଳୀନ, ଅମର୍ଯ୍ୟାଦାକର, ଲଜ୍ଜାସଂକୋଚହୀନ ।

**ଅସଂଯତ ବିଂ.** ଅଶୃଙ୍ଖଳିତ, ଅନିୟନ୍ତ୍ରିତ, ଉଚ୍ଛୃଙ୍ଖଳ ।

**ଅସଂରକ୍ଷଣ ବି.** ୧. ନିର୍ଦ୍ଦିଷ୍ଟ ଭାବରେ ନ ରଖିବା ୨. ସମସ୍ତଙ୍କ ପାଇଁ ଉଦ୍ଦିଷ୍ଟ ସ୍ଥାନ; **ବିଂ.** ଅସଂରକ୍ଷିତ ।

**ଅସଂଲଗ୍ନ ବିଂ.** ବେଖାପ, ସଂଗତିହୀନ, ଅସମ୍ବନ୍ଧିତ ।

**ଅସଂଶ୍ଳିଷ୍ଟ ବି.** ଅସମ୍ପୃକ୍ତ, ସମ୍ପର୍କ ନ ଥିବା ।

**ଅସଂଶୋଧନ ବି.** ଅପରିମାର୍ଜନ, ଅଶୋଧନ ।

**ଅସଂଶୋଧନୀୟ ବିଂ.** ଯାହା ସଂଶୋଧନ କରି ହେବନାହିଁ ।

**ଅସଂଶୋଧିତ ବିଂ.** ଯାହା ପରିଷ୍କୃତ ହୋଇନାହିଁ, ସଜଡ଼ା ହୋଇ ନଥିବା ।

**ଅସଂସ୍କୃତ ବିଂ.** ବର୍ଣ୍ୟ, ଅମାର୍ଜିତ, ଅସଂଶୋଧିତ, ଅମଣିଆ ।

**ଅସଜ ବିଂ.** ଅସୁବିଧାଜନକ, ଅସହଜ, ଅସ୍ୱାଭାବିକ ।

**ଅସଜ ସ୍ତ୍ରୀ ବି.** ଗର୍ଭବତୀ ନାରୀ ।

**ଅସଜଡ଼ା ବିଂ.** ସଜଡ଼ା ହୋଇନଥିବା, ବିଶୃଙ୍ଖଳ, ଅବ୍ୟବସ୍ଥିତ, ବିକ୍ଷିପ୍ତ, ଅପରିଷ୍କୃତ ।

**ଅସଜିଆ ବିଂ.** ଅସଜ ।

**ଅସତର୍କ ବିଂ.** ସତର୍କ ବା ସଚେତନ ନ ଥିବା ।

**ଅସତିଆ ବିଂ. ବି.** ୧. ମିଛୁଆ ୨. ପତ୍ନୀ ପ୍ରତି ଅବିଶ୍ୱସ୍ତ ପୁରୁଷ ।

**ଅସତୀ ବିଂ.** ସ୍ୱାମୀ ବ୍ୟତୀତ ଅନ୍ୟ ପୁରୁଷ ସହିତ ଶାରୀରିକ ସଂପର୍କ ରଖିଥିବା ନାରୀ, ଚରିତ୍ରହୀନା, ଭ୍ରଷ୍ଟା, କୁଳଟା ।

**ଅସତ୍ୟ ବିଂ.** ମିଛ, ଜ୍ଞାତସାରରେ ସତ୍ୟକୁ ଅସ୍ୱୀକାର ।

**ଅସଦ୍‌ଭାବ ବି.** ସୁସମ୍ପର୍କର ଅଭାବ, ମନୋମାଳିନ୍ୟ, ଶତ୍ରୁତା ।

**ଅସନ ବି.** ୧. ସାହାଜ ଗଛ - ଯାହାର କାଠ ଦେଖିବାକୁ ଈଷତ୍ ହଳଦିଆ ଏବଂ ହାଲୁକା -ଏହା ଘରର କବାଟ, ପଲଙ୍କ ଆଦି ତିଆରିରେ ବ୍ୟବୃହତ ହୋଇଥାଏ ।

**ଅସନା ବିଂ.** ଅପରିଷ୍କୃତ, ଖରାପ, ମନ୍ଦ, କୁତ୍ସିତ ।

**ଅସନ୍ତୁଷ୍ଟ ବିଂ.** ଅତୃପ୍ତ, ବିରକ୍ତ, ଅଖୁସି, ସନ୍ତୋଷରହିତ ।

**ଅସନ୍ତୋଷ ବି.** ବିରକ୍ତି, ଅତୃପ୍ତି ।

**ଅସନ୍ଦିଗ୍ଧ ବିଂ.** ୧. ନିଶ୍ଚିତ, ସନ୍ଦେହମୁକ୍ତ ୨. ସ୍ପଷ୍ଟ ୩. ସ୍ଥିର ।

**ଅସପତ୍ନ ବିଂ.** ୧. ସଉତୁଣୀ ନ ଥିବା ୨. ନିଷ୍କଣ୍ଟକ, ବିରୋଧୀ/ ଶତ୍ରୁହୀନ ।

**ଅସଭ୍ୟ ବିଂ.** ବଣୁଆ, ଜଙ୍ଗଲୀ, ଅଭଦ୍ର, ଅଶିଷ୍ଟ, ଅମାର୍ଜିତ, ଇତରଶ୍ରେଣୀୟ ।

**ଅସଭ୍ୟତା ବି.** ୧. ଅସଭ୍ୟ ବ୍ୟବହାର ୨. ସଭ୍ୟତା ନ ଥିବା ଅବସ୍ଥା ୩. ଅଭଦ୍ରତା, ଅଶିଷ୍ଟତା ।

**ଅସମ ବିଂ.** ୧. ଅସମାନ, ଅସଦୃଶ, ବନ୍ଧୁର ୨. ଅସାଧାରଣ, ଅନୁପମ ।

**ଅସମଞ୍ଜସ ବିଂ.** ଅସଙ୍ଗତ, ଅସଦୃଶ, ବେଖାପ; **ବି. ଦ୍ୱିଧା, ସଂଶୟ ।**

**ଅସମତଳ ବିଂ.** ଆବଡ଼ାଖାବଡ଼ା, ଉଚ୍ଚନୀଚ, ଖାଲଢ଼ିପ, ବନ୍ଧୁର, ତଳ ସମାନ ନ ଥିବା ।

**ଅସମତୁଲ ବିଂ.** ସମାନ ଭାବରେ ତୁଳିତ ହୋଇ ନ ଥିବା ।

**ଅସମର୍ଥ ବିଂ.** ନପାରିଲା, ଅକ୍ଷମ, ସାମର୍ଥ୍ୟହୀନ, ଦୁର୍ବଳ, ଅଯୋଗ୍ୟ ।

**ଅସମୟ ବି.** ୧. ଖରାପସମୟ, ଦୁଷ୍କାଳ, ଦୁଃଖସମୟ ୨. ଅଭାବବେଳ, ତିରୋଟ ।

**ଅସମାପିକା କ୍ରିୟା ବି.** ଯେଉଁ କ୍ରିୟାର ପ୍ରୟୋଗରେ କାର୍ଯ୍ୟ ସମାପ୍ତ ହୁଏ ନାହିଁ ।

**ଅସମାପ୍ତ ବିଂ.** ବାକି ରହିଥିବା, ଶେଷ ହୋଇ ନ ଥିବା, ଅନିଷ୍ପନ୍ନ ।

**ଅସମିଆ ବି.** ଅସମୟ, **ବିଂ.** ଆସାମ ସମ୍ବନ୍ଧୀୟ ।

**ଅସମୀଚୀନ ବିଂ.** ୧. ଅଯଥାର୍ଥ, ଅସଙ୍ଗତ ୨. ବାଜେ, ଅଯୌକ୍ତିକ ୩. ଅନୁଚିତ ।

**ଅସମ୍ପୂର୍ଣ୍ଣ ବିଂ.** ପୂରା ହୋଇ ନ ଥିବା, **ଅସମାପ୍ତ,** ବାକି ରହିଯାଇଥିବା ।

**ଅସମ୍ପୃକ୍ତ ବିଂ.** ସଂପର୍କରହିତ, ଅସମ୍ବନ୍ଧିତ, ସଂଯୋଗ ନ ଥିବା ।

**ଅସମ୍ଭବ ବିଂ.** ଯାହାର ସଂପାଦନ ବା କାର୍ଯ୍ୟକାରିତା ସମ୍ଭବ ନୁହେଁ, ଯାହା କୌଣସି ଉପାୟରେ ହୋଇପାରେନାହିଁ ।

**ଅସମ୍ଭାବିତ ବିଂ.** ୧. ଯାହା କଳ୍ପନାରେ ଆସି ନ ଥାଏ ୨. ହଠାତ୍, ଅକସ୍ମାତ୍ ।

**ଅସମ୍ଭାବ୍ୟ ବିଂ.** ଯାହା ସମ୍ଭବ ନୁହେଁ ।

**ଅସମ୍ଭାଳ ବିଂ.** ୧. ଅନିୟନ୍ତ୍ରିତ, ଅସ୍ତବ୍ୟସ୍ତ ୨. ଅସଂଯତ ୩. ବିଚଳିତ, ଉଦ୍‌ବିଗ୍ନ ୪. ବ୍ୟଗ୍ର ୫. ଅଣାୟତ୍ତ ।

**ଅସମ୍ମତ ବିଂ.** ଅରାଜି, ସମ୍ମତ ନ ଥିବା, ରାଜି ନ ଥିବା, ଚାହୁଁ ନ ଥିବା ।

**ଅସମ୍ମତି ବି.** ଅସ୍ୱୀକୃତି, ଅରାଜି, ମତ ନ ଥିବା ।

**ଅସମ୍ମାନ ବି.** ଖରାପ ବ୍ୟବହାର, ଅନାଦର, ଅପମାନ ।

**ଅସରନ୍ତି ବିଂ.** ୧. ଶେଷ ହେଉ ନ ଥିବା ୨. ଅକ୍ଷୟ, ପ୍ରଚୁର ।

**ଅସରପା ବି.** ୧. **ଝୁଡ଼୍‌ଡ଼ା, ଝୁର୍ଲା,** ପତଙ୍ଗ ବିଶେଷ ୨. ଅଯୋଗ୍ୟ ।

**ଅସରପି ବି.** ୧. ଅସରଫି, ସୁନାମୋହର ୨. ଧନ ସମ୍ପତ୍ତି, ଟଙ୍କାସୁନା ।

**ଅସରମି ବିଂ.** ଲାଜ ଲାଗୁ ନ **ଥିବା,** ବେସରମ, ନିର୍ଲଜ, ବେହିଆ ।

**ଅସରଳ ବିଂ.** ଜଟିଳ, କୁଟିଳ, ବଙ୍କା, ଅସହଜ ।

**ଅସରା ବିଂ.** ଯାହା ଶେଷ ହୁଏନାହିଁ ; **ବି.** ଧାରାବାହିକ ବର୍ଷା, ଏକକାଳୀନ ବର୍ଷା ।

**ଅସରାଏ ବିଂ. କ୍ରିବିଂ.** ୧. ଗୋଟିଏ ଅସରା ୨. ଥରକପାଇଁ ।

**ଅସଲ ବିଂ.** ୧. ପ୍ରକୃତ, ଯଥାର୍ଥ ୨. ମୂଳ, ପ୍ରଧାନ ; **ବି.** ମୂଳଧନ, ପୁଞ୍ଜି ।

**ଅସଲି ବିଂ.** ୧. ସଚ୍ଚା, ଖାଣ୍ଟି, ଅମିଶ୍ରିତ ୨. ପ୍ରକୃତ, ଠିକ୍ ।

**ଅସହଣି, ଅସହଣିକ ବିଂ.** ଅସହିଷ୍ଣୁ, ଅନ୍ୟକୁ ସହଜରେ ସ୍ୱୀକାର/ଗ୍ରହଣ କରିପାରୁ ନ **ଥିବା,** ଅଧୀର, କାତର, ପରଶ୍ରୀକାତର ।

**ଅସହନ ବି.** ସହନ ଶକ୍ତିର ଅଭାବ ।

**ଅସହନୀୟ ବିଂ.** ଯାହା ସହି ହୁଏନାହିଁ, ଦୁଃସହ, କଷ୍ଟକର, ଯନ୍ତ୍ରଣାଦାୟକ ।

**ଅସହଯୋଗ ବି.** ୧. ସହିତ ବା ମିଳିମିଶି କାମ ନ କରିବା, ସଂପୃକ୍ତିର ଅଭାବ ୨. ପ୍ରଶାସନ ସହିତ ବିରୋଧାଚରଣ ।

**ଅସହଯୋଗୀ ବିଂ.** ଅନ୍ୟକୁ କାର୍ଯ୍ୟରେ ସାହାଯ୍ୟ କରୁ ନ ଥିବା ।

**ଅସହାୟ ବିଂ.** ୧. ଏକୁଟିଆ, ନିଃସଂଗ ୨. ସାହାହୀନ ୩. କିଂକର୍ତ୍ତବ୍ୟବିମୂଢ଼ ।

**ଅସହିଷ୍ଣୁ ବିଂ.** ୧. ଅନ୍ୟକୁ ଦେଖି ସହିପାରୁ ନ ଥିବା, ଈର୍ଷାପର, ପରଶ୍ରୀକାତର ୨. ଅସହନଶୀଳ, ଧୈର୍ଯ୍ୟହୀନ, ଅଧୀର ; **ବି.** ଅସହିଷ୍ଣୁତା ।

**ଅସହ୍ୟ ବିଂ.** ୧. ଅସହନୀୟ ୨. ଶରୀର, ମନ ଓ ପ୍ରାଣ ଗ୍ରହଣ କରିପାରୁ ନ ଥିବା ୩. ଅତ୍ୟନ୍ତ ପୀଡ଼ାଦାୟକ ; **ବି.** ଅସହନୀୟତା, ସହିନପାରିବା ଅବସ୍ଥା ।

**ଅସା ବି. ଶସ,** ଅଗାଡ଼ି, ଶସହୀନ; **ବିଂ.** ନିଷ୍ଫଳ, ବ୍ୟର୍ଥ ।

**ଅସାଏଦ ବି.** ୧. ସାଧନାର ଅତୀତ ୨. ଯାହା ଆୟତ୍ତ ବା ଅଧିକାର–ଭୁକ୍ତ କରାଯାଇପାରେ ନାହିଁ, **ଅସାଧ,** ଦୁଷ୍କର ।

**ଅସାଡ଼ ବିଂ.** ୧. ହାତଗୋଡ଼ ହଲଚଲ ନ ହେବା ୨. ଜଡ଼, ଅସମର୍ଥ ।

**ଅସାଡୁଆ, ଅଷାଢୁଆ ବି.** ଅସମୟରେ ଫଳୁଥିବା ଏକ ଫଳ ।

**ଅସାର୍ଥକ ବିଂ.** ନିଷ୍ଫଳ, ନିରର୍ଥକ, ବ୍ୟର୍ଥ ।

**ଅସାଧାରଣ ବିଂ.** ୧. ଅସାମାନ୍ୟ, ବିଖ୍ୟାତ ୨. ପ୍ରତିଭାସମ୍ପନ୍ନ ।

**ଅସାଧିତ ବି.** ୧. ଯାହା ସାଧନ କରାଯାଇ ନାହିଁ ୨. ଯେଉଁ କାର୍ଯ୍ୟଟି ହୋଇପାରିନାହିଁ ।

**ଅସାଧୁ ବିଂ.** ଠକ, ପ୍ରବଞ୍ଚକ, ଅନ୍ୟାୟୀ, ଦୁଷ୍ଟ, ଅସତ୍ ।

**ଅସାଧୁତା ବି.** ଠକାମି, ଅନ୍ୟାୟ ।

**ଅସାଧ୍ୟ ବିଂ.** ୧. ଅସମ୍ଭବପରି ଲାଗୁଥିବା ୨. ନିୟନ୍ତ୍ରଣ କରାଯାଇ ପାରୁ ନ ଥିବା ।

**ଅସାବଧାନ ବିଂ.** ୧. ଅସତର୍କ, ବେହୁସିଆର ୨. ଅମନଯୋଗୀ ।

**ଅସାବଧାନତା ବି.** ବେହୁସିଆରି ।

**ଅସାମଞ୍ଜସ୍ୟ ବି.** ସାଦୃଶ୍ୟର ଅଭାବ, ଅସଙ୍ଗତି ।

**ଅସାମର୍ଥ୍ୟ ବି.** ଅକ୍ଷମତା, ଅଯୋଗ୍ୟତା ।

**ଅସାମୟିକ ବିଂ.** ବେଳେବେଳେ, ସମୟେସମୟେ, କେବେକେବେ ।

**ଅସାମାଜିକ ବିଂ.** ୧. ସମାଜବ୍ୟବସ୍ଥା ବିରୋଧୀ ୨. ନୈତିକତାହୀନ ୩. ସମାଜର ଅହିତକାରକ ।

**ଅସାମାନ୍ୟ** ***ବିଂ.*** ୧. ଅସାଧାରଣ ୨. ବିସ୍ମୟକର ।

**ଅସାମ୍ପ୍ରଦାୟିକ** ***ବିଂ.*** ସଂପ୍ରଦାୟ/ଗୋଷ୍ଠୀ/ଦଳ ନିରପେକ୍ଷ, ଜାତି/ଧର୍ମ/ବର୍ଣ୍ଣଗତ ସଦ୍‌ଭାବବିଶ୍ୱାସୀ ।

**ଅସାର** ***ବିଂ.*** ନିକୃଷ୍ଟ, ନିଷ୍ଫଳ, ସାମାନ୍ୟ, ସାରହୀନ, ଅପଦାର୍ଥ, ଅସାରତା; ***ବି.*** ନିକୃଷ୍ଟତା ।

**ଅସାରୀ** ***ବି.*** ତନ୍ତରେ ବ୍ୟବହାର କରାଯାଉଥିବା ନଟେଇ ।

**ଅସାର୍ଥକ** ***ବିଂ.*** ବିଫଳ, ନିଷ୍ଫଳ, ବ୍ୟର୍ଥ, ନିରର୍ଥକ ।

**ଅସାଷ୍ଟମ** ***ବିଂ.*** ଅଚେତ, ଚେତନାରହିତ, ବେହୋସ, ସଂଜ୍ଞାହୀନ ।

**ଅସି** ***ବି.*** ହାଣିବାପାଇଁ ବ୍ୟବହୃତ ଲମ୍ବା ଓ ଚଉଡ଼ା ପତିଥିବା ଏକ ଧାରୁଆ ଅସ୍ତ୍ର, ଖଣ୍ଡା, ଖଡ୍ଗ, ତରବାରି, ତଲୱାର ।

**ଅସିଆଁ** ***ବିଂ.*** ସିଲେଇ ହୋଇନଥିବା ।

**ଅସିଝା** ***ବିଂ.*** ସିଝା ହୋଇ ନ ଥିବା ।

**ଅସିତ** ***ବିଂ.*** କଳା, କୃଷ୍ଣରଙ୍ଗ ।

**ଅସିଦ୍ଧ** ***ବିଂ.*** ୧. ଅକୃତକାର୍ଯ୍ୟ ୨. ଅପ୍ରମାଣିତ ୩. ଅପକ୍ୱ ୪. ଅସଫଳ ୫. ଅନୁଚିତ ୬. ସିଝି ନଥିବା ।

**ଅସିପତ୍ର** ***ବି.*** ଯେଉଁ ଖଣ୍ଡାର ଦୁଇପାଖରେ ଆଖୁଗଛର ପତ୍ର ପରି ଧାର ଥାଏ ।

**ଅସୀମ** ***ବିଂ.*** ଯାହାର ସୀମା ଅନିରୂପିତ, ସୀମାହୀନ, ଅନନ୍ତ, ସୁପରିବ୍ୟାପ୍ତ ।

**ଅସୁକ** ***ବିଂ.*** ଅରୁଚିକର, ମନକୁ ପାଉ ନ ଥିବା ।

**ଅସୁକୁ** ***ବି.*** ଘୃଣା, ଅସୂୟା, ନାକଟେକା ।

**ଅସୁଖ** ***ବି.*** ୧. ଅସୁସ୍ଥତା ୨. ଦୁଃଖ, ନିରାନନ୍ଦ ୩. ଅସନ୍ତୋଷ, ବିରକ୍ତି ୪. କ୍ଳେଶ ।

**ଅସୁଖୀ** ***ବିଂ.*** ପୀଡ଼ିତ, ଦୁଃଖୀ, ସନ୍ତାପୀ ।

**ଅସୁଦ** ***ବି.*** ଔଷଧ, ଓଷଦ, ଦବେଇ, ଓଷ, ଉଷୁଅ, ଉଷଦ ।

**ଅସୁଦିଆ** ***ବି.*** ଅଶୌଚ ।

**ଅସୁନ୍ଦର** ***ବିଂ.*** ୧. ଯାହା ସୁନ୍ଦର ନୁହେଁ, କୁତ୍ସିତ, କୁରୂପ ୨. ଅନୁଚିତ, ନିନ୍ଦନୀୟ, ଖରାପ ।

**ଅସୁବିଧା** ***ବି.*** ୧. ସୁଯୋଗ ସୁବିଧାର ଅଭାବ ୨. କଷ୍ଟକର, ଅସହଜ ଅବସ୍ଥା ୩. ଖତରା ।

**ଅସୁମାରି** ***ବିଂ.*** ଅସଂଖ୍ୟ, ଅଗଣିତ, ବହୁତ, ଅକଳିତ ।

**ଅସୁର** ***ବି.*** ୧. ସୁର ବା ଦେବତାବିରୋଧୀ ୨. ଦାନବ, ଦୈତ୍ୟ, *ସ୍ତ୍ରୀ.* ଅସୁରୀ, ଅସୁରୁଣୀ ।

**ଅସୁରକ୍ଷିତ** ***ବିଂ.*** ନିରାପତ୍ତାର ଅଭାବ, ବିପଦସଂକୁଳ ।

**ଅସୁଲ** ***ବି.*** ଆଦାୟ ।

**ଅସୁଲକାରୀ** ***ବିଂ.*** ଆଦାୟ କରୁଥିବା ।

**ଅସୁସ୍ଥ** ***ବିଂ.*** ପୀଡ଼ିତ, ରୁଗ୍‌ଣ, ଶାରୀରିକ ଓ ମାନସିକ ସୁଖନଥିବା ।

**ଅସୁସ୍ଥତା** ***ବି.*** ପୀଡ଼ିତାବସ୍ଥା, ରୋଗାବସ୍ଥା ।

**ଅସୂୟା** ***ବି.*** ଅନ୍ୟ ଉପରେ ଦୋଷାରୋପ, ଈର୍ଷା, ଦ୍ୱେଷ, ପରଶ୍ରୀକାତରତା ।

**ଅସୂୟାପରବଶ** ***ବିଂ.*** ଈର୍ଷାଯୁକ୍ତ, ଈର୍ଷାଳୁ ।

**ଅସୂର୍ଯ୍ୟଂପଶ୍ୟା** ***ବି.*** ୧. ଯେଉଁ ନାରୀ ସୂର୍ଯ୍ୟଙ୍କୁ ଦେଖିନାହିଁ ଅଥବା ଯେଉଁ ନାରୀ ଦେହରେ ସୂର୍ଯ୍ୟକିରଣ ପଡ଼ିନାହିଁ ୨. ଅନ୍ତଃପୁରବାସିନୀ ।

**ଅସ୍କରା** ***ବି.*** ମଇଳା, ଆବର୍ଜନା, ଅଳିଆ ।

**ଅସ୍ତ** ***ବି.*** ୧. ଚନ୍ଦ୍ର ଓ ସୂର୍ଯ୍ୟଙ୍କର ପଶ୍ଚିମ ଦିଗରେ ଅଦୃଶ୍ୟ ହେବା, ବୁଡ଼ିଯିବା, ବିଲୁପ୍ତ ହେବା ୨. ମୃତ୍ୟୁ ୩. ଶେଷ, ଅବସାନ ।

**ଅସ୍ତଗାମୀ** ***ବିଂ.*** ୧. ବୁଡ଼ିବାକୁ/ବିଲୀନ ହେବାକୁ ଯାଉଥିବା ୨. ମୃତପ୍ରାୟ ।

**ଅସ୍ତଗିରି** ***ବି.*** ପଶ୍ଚିମ ଦିଗର ଚକ୍ରବାଳ ବା ଚୂଡ଼ା ।

**ଅସ୍ତବଳ, ଅସ୍ତବଲ୍** ***ବି.*** ଘୋଡାଶାଳ ।

**ଅସ୍ତବ୍ୟସ୍ତ** ***ବିଂ.*** ଅସ୍ଥିର, ଚଞ୍ଚଳ, ବ୍ୟସ୍ତବିବ୍ରତ ।

**ଅସ୍ତମିତ** ***ବିଂ.*** ଅବସାନପ୍ରାପ୍ତ, ବୁଡ଼ିଯାଉଥିବା ।

**ଅସ୍ତର** ***ବି.*** ପୋଷାକର ଭିତର ପଟେ ଦିଆଯାଇଥିବା ଏକ ପରସ୍ତ ଶକ୍ତ ପତଳା କନା ।

**ଅସ୍ତି** ***ବି.*** ସ୍ଥିତିବାଚକ, ସମ୍ମତିବାଚକ ଶବ୍ଦ, ବର୍ତ୍ତମାନ ସ୍ଥିତି, ବିଦ୍ୟମାନତା; ଅଛି ।

**ଅସ୍ତିତ୍ୱ** ***ବି.*** ସତ୍ତା, ସ୍ଥାୟିତ୍ୱ, ବିଦ୍ୟମାନତା, ସ୍ଥିତିଶୀଳତା ।

**ଅସ୍ତିନ୍, ଆସ୍ତିନ୍** ***ବି.*** ପୋଷାକର ବାହୁ ଘୋଡାଉଥିବା ଅଂଶ ।

**ଅସ୍ତୁ** ***ଅ.*** ଏଭଳି ହେଉ ।

**ଅସ୍ତେୟ** ***ବିଂ.*** ୧. ଯୋଗଶାସ୍ତ୍ରରେ ସାଧନାର ବିଭିନ୍ନ ସ୍ତର- ଯଥା ଧ୍ୟାନ, ଧାରଣା ଇତ୍ୟାଦିରେ ୨. ପରସ୍ୱ ଅପହରଣ ନ କରିବା ।

**ଅସ୍ତ୍ର** ***ବି.*** ଅନ୍ୟକୁ ଆଘାତ ବା ନିୟନ୍ତ୍ରଣ କରିବାପାଇଁ ବ୍ୟବହୃତ ପଦାର୍ଥ ବା ହତିଆର ।

**ଅସ୍ତ୍ରଶସ୍ତ୍ର** ***ବି.*** ୧. ଯୁଦ୍ଧରେ ବ୍ୟବହୃତ ମାରଣାସ୍ତ୍ର ୨. ହାତ ହତିଆର ।

**ଅସ୍ତ୍ରାଗାର** ***ବି.*** ଯେଉଁ ଘରେ ଅସ୍ତ୍ରଶସ୍ତ୍ର ସଂଚିତ କରି ରଖାଯାଇଥାଏ, ଅସ୍ତ୍ରଭଣ୍ଡାର ।

**ଅସ୍ତ୍ରୋପଚାର ବି.** ଶଲ୍ୟଚିକିତ୍ସା, ରୋଗ ଚିକିତ୍ସାପାଇଁ ଅସ୍ତ୍ରଦ୍ୱାରା ଶରୀର କାଟିବା, ସୂକ୍ଷ୍ମ ଯନ୍ତ୍ରପାତି ସାହାଯ୍ୟରେ ରୋଗୀର ଅଙ୍ଗପ୍ରତ୍ୟଙ୍ଗର ଚିକିତ୍ସା, ଅସ୍ତ୍ର ଚିକିତ୍ସା, ସର୍ଜରୀ, ସର୍ଜିକାଲ୍ ଅପରେସନ୍ ।

**ଅସ୍ଥାନ ବିଂ.** ୧. ଅଥାନ, ଖରାପ ଜାଗା, ଜନମାନବଶୂନ୍ୟ ସ୍ଥାନ ୨. ଶରୀରର ଗୋପନୀୟ ଅଂଶ ।

**ଅସ୍ଥାବର ବିଂ.** ଯାହା ସ୍ଥିର ବା ସ୍ଥିତିବାନ ନୁହେଁ, ଗତିଶୀଳ, ହସ୍ତାନ୍ତରଯୋଗ୍ୟ ।

**ଅସ୍ଥାୟୀ ବିଂ.** ଅଳ୍ପକାଳପାଇଁ କାର୍ଯ୍ୟକ୍ଷମ, କାମଚଳା ।

**ଅସ୍ଥି ବି.** ହାଡ଼, ଦେହ ଭିତରେ ଥିବା ଟାଣ ଅଂଶ ।

**ଅସ୍ଥିକଙ୍କାଳସାର ବିଂ.** ଅତିଦୁର୍ବଳ, ହାଡୁଆ ।

**ଅସ୍ଥି ପକାଇବା କ୍ରି.** ମୃତବ୍ୟକ୍ତିର ଦାହ ସଂସ୍କାର ପରେ ସଂଗୃହୀତ ଅସ୍ଥି ତ୍ରିବେଣୀ ବା ଗଙ୍ଗାରେ ବିସର୍ଜନ କରିବା ।

**ଅସ୍ଥିର ବିଂ.** ଚଞ୍ଚଳ, ବିଚଳିତ, ବିକ୍ଷୁବ୍ଧ, ଅନିଶ୍ଚିତ ; **ବି.** ଅସ୍ଥିରତା, ଆକୁଳତା ।

**ଅସ୍ପତାଲ୍ ବି.** ଡାକ୍ତରଖାନା, ହସ୍ପିଟାଲ୍, ଚିକିତ୍ସାଳୟ ।

**ଅସ୍ପଷ୍ଟ ବିଂ.** ୧. ଯାହା ଭଲ ରୂପେ ବୁଝିହୁଏନାହିଁ ବା କହିହୁଏନାହିଁ ୨. ଝାପସା, ଅସ୍ଫୁଟ ।

**ଅସ୍ପୃଶ୍ୟ ବିଂ.** ଯାହା ଛୁଇଁବା ମନା ।

**ଅସ୍ଫୁଟ ବିଂ.** ୧. ଫୁଟି ନ ଥିବା, ଅମୁକୁଳିତ, ଅଫୁଟା ୨. ଖୋଲି ନ ଥିବା ।

**ଅସ୍ୱଚ୍ଛ ବିଂ.** ଯାହା ଭିତର ଦେଇ କିଛି ଦେଖି ହୁଏନାହିଁ, ଆବିଳ, ଗୋଳିଆ ।

**ଅସ୍ୱଚ୍ଛଳ ବିଂ.** ଅଭାବପୀଡ଼ିତ, ନଥିଲାବାଲା ।

**ଅସ୍ୱସ୍ତି ବି.** ମାନସିକ ଅଥବା ଶାରୀରିକ ଅବସାଦ, ଅପ୍ରୀତିପ୍ରଦ ଅବସ୍ଥା ।

**ଅସ୍ୱାଦ,ଅସ୍ୱାଦୁ ବି.** ଅରୁଚିକର ସ୍ୱାଦ, ମନ୍ଦସ୍ୱାଦ, ଖରାପ ଲାଗିବା ।

**ଅସ୍ୱାଭାବିକ ବିଂ.** ୧. କୃତ୍ରିମ ୨. ଅପ୍ରାକୃତିକ ୩. ସ୍ୱଭାବବିରୁଦ୍ଧ ।

**ଅସ୍ୱାସ୍ଥ୍ୟ ବି.** ଅସୁସ୍ଥତା, ଦେହ ଅଥବା ମନର ପୀଡ଼ା, ଶାରୀରିକ ଖରାପ ଅବସ୍ଥା ।

**ଅସ୍ୱାସ୍ଥ୍ୟକର ବିଂ.** ଶାରୀରିକ/ ମାନସିକ ସ୍ୱାସ୍ଥ୍ୟର ପ୍ରତିକୂଳ ।

**ଅସ୍ୱୀକାର ବି.** ମନା, ଅସମ୍ମତି, ପ୍ରତ୍ୟାଖ୍ୟାନ, ଅଗ୍ରାହ୍ୟ ।

**ଅସ୍ମଦ୍ ସ.** ମୁଁ-ଉତ୍ତମପୁରୁଷ ।

**ଅସ୍ମିତା ବି.** ମୁଁପଣ, ଅହଂଜ୍ଞାନ, ମୁଁଭାବ, ମୁଁ ଅଛି-ଏହିଭାବ, ଆତ୍ମପରିଚିତି ।

**ଅହଂକାର ବି.** ମୁଁ ଭାବ, ମୁଁକାର, ଗର୍ବ, ଦମ୍ଭ ।

**ଅହଂକାରୀ ବିଂ.** ଗର୍ବୀ, ଆତ୍ମାଭିମାନୀ ।

**ଅହଂବଳ ବି.** ଆତ୍ମବଳ, ଆପଣା ସାମର୍ଥ୍ୟ, ଆତ୍ମବିଶ୍ୱାସ ।

**ଅହଂବାଦ ବି.** ନିଜ ଅଥବା ନିଜ ଜାତି, ଧର୍ମ, ଗୋଷ୍ଠୀର ଶ୍ରେଷ୍ଠତ୍ୱ ପ୍ରତିଷ୍ଠାବିଶ୍ୱାସୀ ଦର୍ଶନ ।

**ଅହଂବାଦୀ ବିଂ.** ଆପଣାସର୍ବସ୍ୱ, ଆତ୍ମକୈନ୍ଦ୍ରିକ, ନିଜକୁ ସର୍ବୋତ୍ତମ ମଣୁଥିବା ।

**ଅହଣବେଳ ବି.** ଅପରାହ୍ଣ, ଉପରବେଳା, ଉପରଓଳି ।

**ଅହନ୍ତା କ୍ରି.** ପ୍ରତିହିଂସା, ଶତ୍ରୁତା, ପ୍ରତିକ୍ରିୟାଶୀଳତା ।

**ଅହନ୍ତା ରଖିବା ବି.** ରାଗ ରଖିବା, ପ୍ରତିଶୋଧପରାୟଣ ହେବା ।

**ଅହମ୍ ସ.** ମୁଁ, ମୁଁକାର, ଅହଂକାର, ଅହଂଭାବ ।

**ଅହମିକା ବି.** ଗର୍ବ, ଆତ୍ମାଭିମାନ ।

**ଅହରହ କ୍ରିବିଂ.** ସବୁବେଳେ, ସଦା, ନିରନ୍ତର ।

**ଅହର୍ନିଶ ବି.** ଦିନରାତି, ସବୁ ସମୟରେ, ଅହୋରାତ୍ର ।

**ଅହିଂସ୍ର ବିଂ.** ଶାନ୍ତ, ଦୟାଶୀଳ, କରୁଣାବନ୍ତ ।

**ଅହି ବି.** ୧. ସାପ ୨.ସୂର୍ଯ୍ୟ ୩. ରାହୁ ୪. ଅଫିମ ।

**ଅହିଅ, ଅହ୍ୟ ବି.ବିଂ.** ବିଧବା ହୋଇ ନ ଥିବା ନାରୀ, ସଧବା ।

**ଅହିଅକଉଡ଼ି ବି.** ସଧବା ପତ୍ନୀର ଶବ ଶ୍ମଶାନକୁ ନେଲାବେଳେ ତା ସ୍ୱାମୀ ଶବ ଆଗରେ ଯେଉଁ ଖଇ ଓ କଉଡ଼ି (ପଇସା) ବିଞ୍ଚି ବିଞ୍ଚି ଯାଆନ୍ତି ।

**ଅହିଅ(ଅହ୍ୟ) ଡେଙ୍ଗୁରା ବି.** ସଧବା ନାରୀର ଶବଯାତ୍ରା କାଳରେ ବଜାଯାଉଥିବା ବାଦ୍ୟ ।

**ଅହିଆ ବି.** ରୋଷେଇପାଇଁ ଅସ୍ଥାୟୀ ଭାବରେ ତିଆରି ବଡ଼ଚୁଲି ।

**ଅହିତ ବି.** ଅମଙ୍ଗଳ ;**ବିଂ.** ମନ ଓ ଶରୀରର ଅନୁପଯୋଗୀ ।

**ଅହିତକର ବିଂ.** କ୍ଷତିକାରକ, ବିପଦ୍‌ଜନକ, ଅମଙ୍ଗଳକର ।

**ଅହିନକୁଳ ସମ୍ବନ୍ଧ ବି.** ଘୋର ଶତ୍ରୁତା, ପରସ୍ପର ମଧ୍ୟରେ ଅତ୍ୟନ୍ତ ବିରୋଧପୂର୍ଣ୍ଣ ସମ୍ପର୍କ(ଠିକ୍ ସାପ ଓ ନେଉଳ ଭଳି) ।

**ଅହିଫେନ ବି.** ୧. ଅଫିମ -ଏକ ପ୍ରକାର ମାଦକ ଦ୍ରବ୍ୟ ୨. ସାପଗରଳ ।

**ଅହିର ଗଉଡ଼ ବି.** ଏକ ଯାଯାବର ସଂପ୍ରଦାୟ - ଯେଉଁମାନେ କଣ୍ଢେଇନାଟ, ନାନା ପ୍ରକାର ଭୋଜବାଜି ଓ କୌତୁକ ଖେଳ ଦେଖାଇ ପେଟ ପୋଷନ୍ତି (ଗୋପାଳ ବା ଗଉଡ଼ ଜାତିର ଏକ ଶାଖା) ।

**ଅହିରାଜ ବି.** ବିରାଟକାୟ ସାପ ବିଶେଷ ।

**ଅହେତୁକ ବିଂ.** ୧. କାରଣ ନ ଥାଇ, ନିରର୍ଥକ ୨. ଆକସ୍ମିକ, ହଠାତ୍ ।

**ଅହୋ** *ଅ.* ୧. ସଂବୋଧନ ୨. ବିସ୍ମୟ, ପ୍ରଶଂସା ।

**ଅହୋରାତ୍ର** *ବି.* ଦିନରାତି, ସବୁ ସମୟ, ଅବିରତ ।

**ଅକ୍ଷ** *ବି.* ୧. ଅଖ, ଅଁଚାଡ଼, ଶଗଡ଼ ବା ରଥଚକର ମଧ୍ୟଭାଗ ବା ତୁମ୍ବି ୨. ଆତ୍ମା ୩. ଗରୁଡ଼ ୪. ଜନ୍ମାନ୍ଧ ୫. ଇନ୍ଦ୍ରିୟ ୬. ଗ୍ରହମାନଙ୍କର କକ୍ଷପଥ ୭. ପଶାକାଠି ୮. ରୁଦ୍ରାକ୍ଷ ।

**ଅକ୍ଷକ୍ରୀଡ଼ା** *ବି.* ପଶାଖେଳ, ସତରଞ୍ଚ ଖେଳ ।

**ଅକ୍ଷତ** *ବିଂ.* ୧. ଶରୀରରେ କୌଣସି କ୍ଷତ ନ ଥାଇ, ଖୁଣ ନ ଥିବା, ଅଖଣ୍ଡିତ ୨. ଗୋଟା ୩. ନିରାପଦ ୪. ଅରୁଆଚାଉଳ ।

**ଅକ୍ଷତଯୋନି** *ବି.*ଯେଉଁ ନାରୀ ସହବାସ କରିନାହିଁ ।

**ଅକ୍ଷଦଣ୍ଡ** *ବି.* ଶଗଡ଼ ବା ରଥଚକର ଅଖ, ଅଆଡ଼ ।

**ଅକ୍ଷମ** *ବିଂ.* ଅପାରଗ, ଅସମର୍ଥ, ଅଯୋଗ୍ୟ, କ୍ଷମତାରହିତ, ଦୁର୍ବଳ ।

**ଅକ୍ଷର** *ବିଂ.* ଶାଶ୍ୱତ ; *ବି.* ବର୍ଣ୍ଣମାଳାର ଏକକ ବର୍ଣ୍ଣ ।

**ଅକ୍ଷରେଖା** *ବି.* *ଭୂଗୋଳ* ପୃଥିବୀର ପୂର୍ବ-ପଶ୍ଚିମ କ୍ରମରେ ପରିବୃତ୍ତ କଳ୍ପିତ ରେଖା ।

**ଅକ୍ଷୟ** *ବିଂ.* ଯାହାର କ୍ଷୟ ନାହିଁ, ସଦା ପରିପୂର୍ଣ୍ଣ, ଅବିନାଶୀ, ଅସରନ୍ତି, ଅଶେଷ, ଚିରସ୍ଥାୟୀ ।

**ଅକ୍ଷାଂଶ** *ବି.* *ଭୂଗୋଳ* ଅକ୍ଷବୃତ୍ତର ତିନିଶହ ଷାଠିଏ ଡ଼ିଗ୍ରୀ ଅଂଶରୁ ଏକ ଭାଗ ।

**ଅକ୍ଷି** *ବି.* ଆଖି, ଯେଉଁ ଇନ୍ଦ୍ରିୟ ସାହାଯ୍ୟରେ ଜୀବ ଦେଖିପାରେ, ଚକ୍ଷୁ ।

**ଅକ୍ଷିତୃତୀୟା** *ବି.* **ଅକ୍ଷୟ ତୃତୀୟା,** ବୈଶାଖମାସ ଶୁକ୍ଳପକ୍ଷର ତୃତୀୟା ତିଥି ।

**ଅକ୍ଷିମୁଠି** *ବି.* ଅକ୍ଷୟ ତୃତୀୟା ଦିନ ଚାଷୀମାନେ କ୍ଷେତରେ ଯେଉଁ ଧାନ ବିହନ ବୁଣନ୍ତି ।

**ଅକ୍ଷୁଣ୍ଣ** *ବିଂ.* ୧. ଯାହାର ଆକାର ପ୍ରକାର ଓ ଗତିର ପରିବର୍ତ୍ତନ ଘଟି ନଥାଏ ୨. ଅବିକଳ, ଅବିକୃତ ୩. ଅକ୍ଷତ, ପୂର୍ଣ୍ଣ ୪. ଖୁଣରହିତ ।

**ଅକ୍ଷୌହିଣୀ** *ବି.* ଚତୁରଙ୍ଗ ସେନାର ସମ୍ପୂର୍ଣ୍ଣ ରୂପ ।

# ଆ

**ଆ** ***ବି.*** ୧. ଓଡ଼ିଆ ବର୍ଣ୍ଣମାଳା ଏବଂ ସ୍ୱରବର୍ଣ୍ଣର ଦ୍ୱିତୀୟ ଅକ୍ଷର ୨. ଆ'କାର (।) ୩. ସଂଗୀତସାଧନାର ଦୀର୍ଘ ଧ୍ୱନି; ***କ୍ରି.*** ଆହ୍ୱାନସୂଚକ ଶବ୍ଦ, ଆସ ; ***ଅ.*** ବ୍ୟାପ୍ତି, ଈଷତ୍, ବିପରୀତ, ସମ୍ୟକ୍, ସୀମା ପ୍ରଭୃତି ଅର୍ଥରେ ବ୍ୟବହୃତ ଉପସର୍ଗ ବିଶେଷ, ଯଥା– ଆଜୀବନ, ଆକୁଞ୍ଚନ, ଆଦାନ, ଆରକ୍ତ, ଆକୁମାରୀହିମାଳୟ ।

**ଆଁ** ***ବି.*** ମେଲାପାଟି, ପାଟି ମେଲାକରିବା ।

**ଆଁଛି** ***ବି.*** ୧. ଏକ ପ୍ରକାର ଗୁଡ଼ରଙ୍ଗ ୨. ରଙ୍ଗିନ ସୁତା ୩. ଧୋତି ବା ଶାଢ଼ିର ଧଡ଼ି ।

**ଆଁଟ୍** ***ବିଂ*** ଆଣ୍ଟ, ଟାଣ ; ***ବି.*** ଉଚ୍ଚଜମି, ଢିପଜମି ।

**ଆଁଟ୍‌ବା** ***କ୍ରି.*** ମୋଡ଼ିବା ।

**ଆଁଟା** ***ବି.*** ପଡ଼ିଆର ଶେଷ ମୁଣ୍ଡରେ ଥିବା ଅଳ୍ପ ଉଚ୍ଚ ହିଡ଼ ।

**ଆଁଠି** ***ବି.*** ୧. ମଂଜି ୨. ଟାକୁଆ, ଆମ୍ବ ଭିତରେ ଥିବା ଟାଣ ଅଂଶ ।

**ଆଁଡ୍‌ବାଲା** ***ବି.*** ଦୁଷ୍ଟାମି ।

**ଆଂଶିକ** ***ବିଂ*** ୧. ଅଂଶ ସମ୍ବନ୍ଧୀୟ ୨. କେତେକ, ସମସ୍ତ ନୁହେଁ ୩. ଅସମ୍ପୂର୍ଣ୍ଣ ।

**ଆଂଶୁ(ସୁ)** ***ବି.*** କାଠ, ପତ୍ର ଆଦିରେ ଥିବା କଣ୍ଟାଭଳି ସୂକ୍ଷ୍ମ ମୁନିଆ ଅଂଶ ଓ ଧାର ।

**ଆଃ** ***ଅ.*** ଆହା, ହାୟ, ଯନ୍ତ୍ରଣା ଅଥବା ବିସ୍ମୟସୂଚକ ଧ୍ୱନି ।

**ଆଅ** ***କ୍ରି.*** ଅଟ ।

**ଆଇଁଗିଣିଆ** ***ବିଂ*** ପାଟିକୁ ସୁଆଦ ନ ଲାଗି ଏକ ପ୍ରକାର କଞ୍ଚା ବାଇଗଣର ବାସ୍ନା ଆସୁଥିବା ଖାଦ୍ୟ ।

**ଆଇଁଷ୍‌ବିସର୍** ***ବି.*** ଆମିଷ ଜାତୀୟ ଖାଦ୍ୟ ପଦାର୍ଥ ।

**ଆଇଁଷ** ***ବି.*** ଆମିଷ; ମାଛ, ମାଂସ, ଡ଼ିମ୍ବ ଆଦି ପ୍ରାଣୀଜ ଖାଦ୍ୟ ।

**ଆଇଁଷପାଛିଆ** ***ବି.*** ଛୋଟ ଛୋଟ କଣାଥିବା ସାନ ବେତା, ବାଉଁଶିଆ, ମାଛ ଓ ମାଂସ ଧୁଆଯାଉଥିବା ଛୋଟ ଛୋଟ କଣାଥିବା ପାଛିଆ ।

**ଆଇଁଷିଣିଆ, ଆଇଁଷିଆ** ***ବିଂ*** ୧. ଆମିଷ ସମ୍ବନ୍ଧୀୟ ୨. ଆମିଷଗନ୍ଧଯୁକ୍ତ ୩. ଅଶ୍ଳୀଳ, ଯୌନ ସମ୍ବନ୍ଧିତ ।

**ଆଇ.ଇ.ଏସ୍.** ***ବି.*** ଇଣ୍ଡିଆନ୍ ଇକୋନମିକ୍ ସର୍ଭିସ (ଭାରତୀୟ ଆର୍ଥନୀତିକ ସେବା) ।

**ଆଇ.ଏ.** ***ବି.*** ଅତୀତରେ ପ୍ରଚଳିତ ମେଟ୍ରିକ ଓ ବି.ଏ.ର ମଧ୍ୟବର୍ତ୍ତୀ କଳା ବିଭାଗର ଦୁଇବର୍ଷିଆ ପାଠ୍ୟ, **ଇଣ୍ଟରମିଡ଼ିଏଟ୍ ଆର୍ଟସ୍** ।

**ଆଇ.ଏ.ଏସ୍.** ***ବି.*** ଇଣ୍ଡିଆନ ଏଡମିନିଷ୍ଟ୍ରେଟିଭ୍ ସର୍ଭିସ୍, ଭାରତୀୟ ପ୍ରାଶାସନିକ ସେବା ।

**ଆଇ.ଏଫ୍.ଏସ୍.** ***ବି.*** ୧. ଇଣ୍ଡିଆନ ଫରେନ୍ ସର୍ଭିସ, ଭାରତୀୟ ବିଦେଶ ସେବା ୨. ଇଣ୍ଡିଆନ ଫରେଷ୍ଟ ସର୍ଭିସ, ଭାରତୀୟ ବନସେବା ୩. ଇଣ୍ଡିଆନ ଫାଇନାନ୍ସ୍ ସର୍ଭିସ, ଭାରତୀୟ ଅର୍ଥସେବା ।

**ଆଇ.ଏସ୍‌ସି.** ***ବି.*** ଅତୀତରେ ପ୍ରଚଳିତ ମେଟ୍ରିକ୍ ଓ ବି.ଏସ୍.ସି. ମଧ୍ୟବର୍ତ୍ତୀ ଦୁଇବର୍ଷିଆ ବିଜ୍ଞାନ ପାଠ୍ୟକ୍ରମ ।

**ଆଇଖାଡ଼ି** ***ବି.*** ଦହି ମନ୍ଥିବା ବାଡ଼ି, ଖୁଆଦଣ୍ଡ ।

**ଆଇଟମ୍** ***ବି.*** ୧. ଏକତମ ବସ୍ତୁ, ଗୋଟିଏ ପଦାର୍ଥ ୨. ପ୍ରସ୍ତୁତ ଖାଦ୍ୟ ସାମଗ୍ରୀରୁ ନିର୍ଦ୍ଦିଷ୍ଟ ଗୋଟିଏ ପ୍ରକାର ୩. ସଂଗୃହୀତ ସମ୍ବାଦଗୁଡ଼ିକ ମଧ୍ୟରୁ ନିର୍ଦ୍ଦିଷ୍ଟ ଗୋଟିଏ ସମ୍ବାଦ ।

**ଆଇଡ଼ିଆ** ***ବି.*** ୧. ଧାରଣା ୨. କଳ୍ପନା ୩. ଉପାୟ, କୌଶଳ ।

**ଆଇତି ସାଇତି** ***କ୍ରି.ବିଂ*** ଜଗିରଖି, ଯତ୍ନ ସହକାରେ ।

**ଆଇନ୍** ***ବି.*** ରାଜବିଧି, ବ୍ୟବସ୍ଥା, ନିୟମ ।

**ଆଇନ୍ କାଢ଼ିବା** ***କ୍ରି.*** ୧. ଆଇନ୍ ପ୍ରଣୟନ କରିବା ୨. ଆଇନ୍‌ର ନୂଆ ତର୍ଜମା କରି ଦେଖେଇବା ୩. ଜିଦ୍ କରିବା ।

**ଆଇନ୍‌ଜୀବୀ** ***ବି.*** ଆଇନ୍‌କୁ ଜୀବିକା ଭାବରେ ଗ୍ରହଣ କରିଥିବା (ବ୍ୟକ୍ତି), ଓକିଲ ।

**ଆଇନଜ୍ଞ** ***ବି.ବିଂ*** ୧. ଆଇନ୍ ବିଶାରଦ ୨. ଓକିଲ ।

**ଆଇନ୍ ପଏଣ୍ଟ୍** ***ବି.*** ଆଇନ୍ ସମ୍ବନ୍ଧୀୟ ସୂକ୍ଷ୍ମ ବିଷୟ ।

**ଆଇନ୍‌ଶୃଙ୍ଖଳା** ***ବି.*** ୧. ଆଇନ୍ ଓ ଶୃଙ୍ଖଳା ୨. ଶୃଙ୍ଖଳା ଆଣିବା ପାଇଁ ଯେଉଁଠି ଆଇନ୍ ପ୍ରୟୋଗ ଆବଶ୍ୟକ ପଡ଼େ ।

**ଆଇନା, ଅଇନା** ***ବି.*** ରୂପର ପ୍ରତିଚ୍ଛବି ଦିଶୁଥିବା ଉପକରଣ, ଦର୍ପଣ, ଆରିସି, ଆଦରଶ ।

**ଆଇନି(ଲି)** ***କ୍ରି.*** ଆସିଲି ।

**ଆଇନିବାଜିଆ** ***ବିଂ*** ମକଦ୍ଦମାଖୋର, ଆଇନକାନୁନ୍ ଜଣାଥିବା ।

**ଆଇନ୍ଦା, ଆଏନ୍ଦା** ***ବିଂ*** ଆଗାମୀ, ଭବିଷ୍ୟତ, ଆସନ୍ତା; ***କ୍ରି.ବିଂ*** ଏଣୁ, ଏଣିକି, ଆଗକୁ ।

**ଆଇ.ପି.ଏସ୍.** ***ବି.*** ଇଣ୍ଡିଆନ୍ ପୁଲିସ୍ ସର୍ଭିସ୍, ଭାରତୀୟ ପୁଲିସ ସେବା ।

**ଆଇବା** ***କ୍ରି.*** ଆସିବା ।

**ଆଇରନ୍** ***ବି.*** ୧. ଲୁହା ୨. ଲୌହସାର ୩. ଲୁଗାପଟା ଇସ୍ତ୍ରୀ କରିବା ଉପକରଣ ।

**ଆଇଲେଣ୍ଡ୍ *ବି.*** ଚାରିପଟେ ଜଳ ଘେରିଥିବା ଭୂଖଣ୍ଡ, ଟାପୁ, ଦ୍ୱୀପ ।

**ଆଇସ୍ *ବି.*** ୧. ବରଫ, ପାଣିର କଠିନ ରୂପ ୨. ଆୟୁ ।

**ଆଇସ୍‌କ୍ରିମ୍ *ବି.*** କ୍ଷୀର, ଚିନି ପ୍ରଭୃତିରେ ତିଆରି ବରଫ-ମିଠା ।

**ଆଇସ୍‌ଥିଲା *କ୍ରି.*** ଆସିଥିଲା ।

**ଆଇସ୍‌ବ୍ୟାଗ *ବି.*** ବରଫଥଳି ।

**ଆଇ.ସି.ଏସ୍. *ବି.*** ଇଣ୍ଡିଆନ୍ ସିଭିଲ୍ ସର୍ଭିସ୍, ଭାରତୀୟ ପ୍ରଶାସନ ସେବା ।

**ଆଇ *ବି.*** ୧. ମାତାମହୀ, ମାଆ ର ମା' ୨. ପିତାମହୀ, ବାପାଙ୍କ ମାଆ ୩. ମା (ପ୍ରାଚୀନ ଓଡ଼ିଆ) ।

**ଆଇମା' *ବି.*** ଆଇ, ପିତାମହୀ, ଠାକୁରମା, ଜେଜେମା, ବୁଢ଼ୀମା ।

**ଆଇଶାଶୁ *ବି.*** ସ୍ୱାମୀ ବା ସ୍ତ୍ରୀଙ୍କ ଶଶୁର ବା ଶାଶୁଙ୍କ ମା ।

**ଆଉଁ *କ୍ରି.*** ଅଟୁ ।

**ଆଉଁଡ଼ *ବି.*** ଆବର୍ତ୍ତ, ଗୋଳେଇହେବା ।

**ଆଉଁଡ଼ିବା *କ୍ରି.*** ଭଉଁରି ବୁଲିବା ।

**ଆଉଁରିଆ *ବି.*** ବାତରୋଗ ବିଶେଷ; ***ବିଂ.*** ଆଉଁରିଆ ବାତରେ ପୀଡ଼ିତ ।

**ଆଉଁରିଆ ଘାସ *ବି.*** ଏକ ପ୍ରକାର ଶୀଘ୍ର ବଢୁଥିବା ଘାସ ।

**ଆଉଁଳ ବାଉଁଳ *ବିଂ.*** ଅସ୍ତବ୍ୟସ୍ତ, ଅଡୁଆତଡୁଆ, ଇତସ୍ତତଃ, ତ୍ରସ୍ତବ୍ୟସ୍ତ, ପାଗଳପରି ।

**ଆଉଁଷା *ବି.*** ୧. ଦେହ ଉପରେ କୋମଳ ଭାବରେ ହାତ ବୁଲାଇବା ୨. ସ୍ନେହ ଓ ଆଦର ଦେବା ।

**ଆଉଁଷାଘଷା *ବି.*** ଦେହକୁ କୋମଳ ଭାବରେ ଆଉଁଷିବା ଓ ଜୋର୍‌ରେ ଘଷିବା କର୍ମ ।

**ଆଉଁଷିବା *କ୍ରି.*** ସ୍ନେହରେ ଦେହରେ ହାତ ଚାଳିବା, ସୁଆଁଳିବା ।

**ଆଉ *ଅ.*** ୧. ଆହୁରି, ଆହୁରି ମଧ୍ୟ ୨. ଅନ୍ୟ ୩. ଏହାପରେ ୪. ପୁଣି ୫. ଏବଂ ।

**ଆଉଜା *ବି.*** ଆଉଜିବା କର୍ମ, ଅଣେଇ ହେବା ; ***ବିଂ.*** ଅଣେଇ ବା ଆଉଜା ହୋଇଥିବା ।

**ଆଉଜାଇବା *କ୍ରି.*** ମେଲାଥିବା କବାଟକୁ କିଳିଣି ନ ଦେଇ ବନ୍ଦ କରିବା ।

**ଆଉଜି ପଡ଼ିବା *କ୍ରି.*** ୧. ନିଜେ ଏକ ପାଖକୁ ଲଦି ହେବା ୨. ଆଶ୍ରୟ ଲୋଡ଼ିବା ୩. ପକ୍ଷଭୁକ୍ତ ହେବା ୪. ଅନ୍ୟ ଉପରେ ଢଳିପଡ଼ିବା ।

**ଆଉଜିବା *କ୍ରି.*** ୧. ଏକ ପାର୍ଶ୍ୱକୁ ଢ଼ଳିବା ୨. ଅଣେଇବା, ତକିଆ ଆଦିରେ ଭରାଦେବା ।

**ଆଉଟ୍ *ବି.*** ୧. ବାହାର, ସୀମା ବାହାର ୨. କ୍ରିକେଟ ଖେଳରେ ଜଣେ ବ୍ୟାଟସ୍‌ମ୍ୟାନ ଯେଉଁ ପରିସ୍ଥିତିରେ ଖେଳ ପଡ଼ିଆରୁ ପାଭିଲିଅନକୁ ଫେରେ, ଯଥା – କ୍ୟାଚ୍ ଆଉଟ୍, ବୋଲଡ୍ ଆଉଟ୍ ୩. (ଫୁଟବଲ୍, ଟେନିସ୍ ପ୍ରଭୃତି) ବଲ୍ ପଡ଼ିଆ ବାହାରେ ପଡ଼ିବା ।

**ଆଉଟ୍ କରିଦେବା *କ୍ରି.*** ୧. ହଟାଇ ଦେବା, ପରାଜିତ କରିବା ୨. *କ୍ରିକେଟ* ବ୍ୟାଟସ୍‌ମ୍ୟାନ୍‌କୁ ପଡ଼ିଆରୁ ଫେରାଇ ଦେବା ।

**ଆଉଟ୍‌ଡ଼ୋର୍ *ବିଂ.*** ବାହାର, ପଦାରେ ଥିବା, ବହିର୍ବିଭାଗ ।

**ଆଉଟ୍‌ଡୋର୍ ଗେମ୍ *ବି.*** ଖୋଲାପଡ଼ିଆରେ ଖେଳା ଯାଉଥିବା ଖେଳ ।

**ଆଉଟ୍‌ଡ଼ୋର୍ ପେସେଣ୍ଟ୍ *ବି.*** ବାହାରେ ରହି ବା ଡାକ୍ତରଖାନାରେ ଭର୍ତ୍ତି ନ ହୋଇ ଚିକିତ୍ସିତ ରୋଗୀ ।

**ଆଉଟ୍‌ଡୋର୍ ସୁଟିଂ *ବି.*** ଷ୍ଟୁଡ଼ିଓ ବାହାରେ ଖୋଲା ଜାଗାରେ ଉଠାଯାଉଥିବା ସିନେମାଚିତ୍ର ।

**ଆଉଟ୍‌ପୋଷ୍ଟ *ବି.*** ସ୍ୱଳ୍ପସଂଖ୍ୟକ ସିପାହୀ ଥିବା ପୁଲିସ ଫାଣ୍ଡି ।

**ଆଉଟପାଉଟ, ଆଉଟୁପାଉଟୁ *ବିଂ.*** ଭୋକ ବା ଯନ୍ତ୍ରଣାରେ ଅସ୍ଥିର, ଦହଗଞ୍ଜ, ଛଟପଟ ; ***ବି.*** ବିକଳ ଭାବ ।

**ଆଉଟା *ବିଂ.*** ଚୁଲିରେ ବସାଇ ଜଳୀୟ ଅଂଶ କମା ଯାଇଥିବା ।

**ଆଉଟାଇବା, ଆଉଟିବା *କ୍ରି.*** ଚୁଲିରେ ବସାଇ କ୍ଷୀର ପ୍ରଭୃତିର ପାଣି ମାରିବା ।

**ଆଉ ଟିକେ *ଅ*** ସାମାନ୍ୟ, ଅଳ୍ପ ।

**ଆଉଟିଙ୍ଗ୍ *ବି.*** ବିନୋଦ ଭ୍ରମଣ, ଖୁସି ମନାଇବା ପାଇଁ ବାହାରକୁ ବୁଲିଯିବା ।

**ଆଉଟିବା *କ୍ରି.*** ୧. ଘାଣ୍ଟିବା ୨. ତରଳାଇବା ୩. ଫେଣ୍ଟିବା ୪. ତରଳ ପଦାର୍ଥକୁ ନିଆଁରେ ଫୁଟାଇ ଜଳୀୟ ଅଂଶ କମାଇବା ।

**ଆଉଡ଼ା *ବିଂ.*** ହାଉଡ଼ା, ଓଲୁ, ନିର୍ବୋଧ ; ***ବି.*** ପାଠ ଆଦିର ଆବୃତ୍ତି ବା ପୁନରାବୃତ୍ତି ।

**ଆଉଡାଇବା *କ୍ରି.*** ୧. ଖୋଲିବା, ଓଲଟାଇବା ୨. ମୁଖସ୍ଥ ବିଷୟ ବୋଲିଯିବା, ପାଟିକରି ପଢ଼ିବା ୩. ମୁଖସ୍ଥ କରିବା, ମୁହେଁ ମୁହେଁ ବୋଲିଯିବା , ଘୋଷିବା ।

**ଆଉଡ଼ି *ବି.*** ଏଉଡ଼ି, ହାକୁଡ଼ି ।

**ଆଉଣ୍ଡିବା *କ୍ରି.*** ୧. ଦରାଣ୍ଡିବା ୨. ଭଉଁରିବୁଲିବା ୩. ଗୋଳେଇ ତୋଳେଇ ହେବା ।

**ଆଉଣ୍ଡୁପାଉଣ୍ଡୁ *ବିଂ.*** ଦରାଣ୍ଡି ହେଉଥିବା, ବିକଳରେ ଲୁଙ୍ଗୁପୁଙ୍ଗୁ ହେଉଥିବା ।

**ଆଉତି *ବି.*** ଆସିବା ।

**ଆଉନ୍‌ସ୍ *ବି.*** ତରଳ ବସ୍ତୁର ମାପ ବିଶେଷ, ପ୍ରାୟ ୨୮ ଗ୍ରାମ ।

**ଆଉମାନେ *ବି.*** ଅନ୍ୟମାନେ ।

**ଆଉର୍** *ଅ.* ୧. ଆଉ, ଆହୁରି ୨. ପୁଣି ୩. ଏବଂ ।

**ଆଉରି** *ଅ.* ବିସ୍ମୟ ବା ଆଧିକ୍ୟସୂଚକ ପଦ ।

**ଆଉଳବାଉଳ** *ବିଂ.* ଅସ୍ତବ୍ୟସ୍ତ, ଅଡୁଆତଡୁଆ, ବିକ୍ଷିପ୍ତ, ଭୟବିହ୍ୱଳ, ଆଉଳିପାଉଳି ।

**ଆଉଳି ପାଉଳି ହେବା** *କ୍ରି.* ଅସ୍ତବ୍ୟସ୍ତ ହେବା ।

**ଆଉଲା, ଆହୁଲା** *ବି.* କ୍ଷେପଣି, ଡଙ୍ଗାକୁ ଗତିଶୀଳ କରିବା ପାଇଁ ବ୍ୟବହୃତ ଉପକରଣ - ଯାହାର ଗୋଟିଏ ପାଖ ଚେପଟା ଓ ଅନ୍ୟ ପାଖ ବେଣ୍ଟଯୁକ୍ତ ।

**ଆଉଲା ମାରିବା, ପକାଇବା** *କ୍ରି.* ଡଙ୍ଗାକୁ ଚଳାଇବା ପାଇଁ ପାଣିରେ ଆହୁଲା ଚଲାଇବା ।

**ଆଉସ୍** *ବି.* ହେମନ୍ତ ଋତୁରେ ଅମଳ ହେଉଥିବା ଧାନ ।

**ଆଏଁଖ୍** *ବି.* ଦର୍ଶନେନ୍ଦ୍ରିୟ, ଆଖି, ଚକ୍ଷୁ, ନୟନ ।

**ଆଏଁଖ୍ ବଥ** *ବି.* ଆଖି ପତାରେ ହେବା ବଥ, ସନ୍‌ବିରଲି, ଆଖିଆଲୁଅ ବା ବ୍ରଣ ।

**ଆଏଁଶ୍** *ବି.* ଆଇଁଷ ।

**ଆଏ** *ବି.* ଆୟ, ଅର୍ଜନ ; *କ୍ରି.* ୧. ଅଟେ, ଅଛି ୨. ଆସ ।

**ଆଏ ଅଲଙ୍କାର** *ବି.* ଦେହରେ ଥିବା ଅଳଙ୍କାର ସମୂହ, ଅଳଙ୍କାର ଓ ଧନାଦି ।

**ଆଏ ଗୋ** *ଅ.* ଆଗୋ, *ସା.* ସ୍ୱାମୀର ସ୍ତ୍ରୀ ପ୍ରତି ବା ସ୍ତ୍ରୀର ସ୍ୱାମୀ ପ୍ରତି ସମ୍ବୋଧନ ।

**ଆଏତ୍** *ବି.ବିଂ.* ଆୟତ୍ତ, ନିୟନ୍ତ୍ରଣାଧୀନ ।

**ଆଏଶ୍** *ବି.* ଅଏସ୍, ଅୟସ, ମଉଜ, ସୁଖ ।

**ଆଏଶି** *ବିଂ.* ଯେଉଁ ବ୍ୟକ୍ତି ମଉଜରେ ଚଳେ ବା ଚଳିବାକୁ ସୁଖ ପାଏ ।

**ଆଏସି ବାଏସି** *ବି.* ସମବୟସ୍କ ଦୁଇଜଣ, ସମବୟସୀ ବ୍ୟକ୍ତିଦ୍ୱୟ ।

**ଆକ୍ତା** *ବିଂ.* ହାଲିଆ, କ୍ଳାନ୍ତଶ୍ରାନ୍ତ, (ପାଣିରେ) ଅଣନିଃଶ୍ୱାସୀ ।

**ଆକ୍ତାମାକ୍ତା** *ବିଂ.* ଅଣନିଃଶ୍ୱାସୀ, ଛଟପଟ ।

**ଆକଟ** *ବି.* ୧. ତାଗିଦ୍, ଅଟକ, ପ୍ରତିରୋଧ, ନିଷେଧ ୨. ତୀବ୍ର ଆଦେଶ ୩. ସ୍ନେହପୂର୍ଣ୍ଣ ପ୍ରତିବାଦ, ପରାମର୍ଶ ।

**ଆକଟ କରିବା** *କ୍ରି.* ତିଆରିବା, ତାଗିଦ୍ କରିବା, ନିଷେଧ କରିବା ।

**ଆକଟିବା** *କ୍ରି.* ଆକଟ କରିବା, ବାଧାଦେବା, ତାଗିଦ୍ କରିବା, ଅଟକାଇବା ।

**ଆକଣ୍ଠ** *ବିଂ.କ୍ରିବିଂ.* ତଣ୍ଟିଯାଏ, ଗଳାପର୍ଯ୍ୟନ୍ତ ।

**ଆକର** *ବି.* ୧. ଖଣି ୨. ଆଧାର ୩. ଉତ୍ପତ୍ତି ସ୍ଥଳ ।

**ଆକର୍ଣ୍ଣ** *ବିଂ.ଅ.* କାନ ପର୍ଯ୍ୟନ୍ତ, କର୍ଣ୍ଣଗତ ।

**ଆକର୍ଷ** *ବି.* ୧. ଆକର୍ଷଣ, ଟାଣିବା ୨. ଲତାର ସୂତାଭଳି ଅଂଶ ଯାହା ରଞ୍ଜାରେ ମାଡ଼େ, ତଙ୍କର ଗୋଡ଼, ୩. ଚୁମ୍ବକପଥର ।

**ଆକର୍ଷକ** *ବିଂ.* ୧. ଯେ ଆକର୍ଷଣ କରେ, ନିଜ ଆଡ଼କୁ ଟାଣୁଥିବା ୨. ଆକର୍ଷଣୀୟ, ଚିତ୍ତରଞ୍ଜକ, ମନଲୋଭା ।

**ଆକର୍ଷଣ** *ବି.* ଟାଣିବା, ଝିଙ୍କିବା, ଅନ୍ୟର ମନକୁ ବଶୀଭୂତ କରିବା ।

**ଆକର୍ଷଣୀୟ** *ବିଂ.* ଦେଖିଲା ଭଳି, ଅତି ସୁନ୍ଦର, ମନଲୋଭା, ରମ୍ୟ ।

**ଆକର୍ଷିବା** *କ୍ରି.* ଟାଣିବା, ଆକର୍ଷଣ କରିବା ।

**ଆକସ୍ମିକ** *ବିଂ.* ହଠାତ୍, ଅପ୍ରତ୍ୟାଶିତ, ଅତର୍କିତ, ଅଚାନକ ।

**ଆକଳନ** *ବି.* ୧. ଗଣନା, କଳନା ୨. ଅଟକଳ, ନିର୍ଦ୍ଧାରଣ, ମୂଲ୍ୟାୟନ ।

**ଆକଳିତ** *ବିଂ.* ପରିଗଣିତ, ହିସାବ ହୋଇଥିବା ।

**ଆକଳ୍ପ** *କ୍ରିବିଂ.* ପ୍ରଳୟକାଳ ପର୍ଯ୍ୟନ୍ତ ; *ବି.* ଆନନ୍ଦ, ଅଳଙ୍କାର, କଳ୍ପନା, ବେଶଭୂଷା ।

**ଆକାଂକ୍ଷା** *ବି.* ୧. ଇଚ୍ଛା, ବାସନା, ଅଭିଳାଷ, ସ୍ପୃହା ୨. *ବ୍ୟାକରଣ*- କୌଣସି ଶବ୍ଦର ବା ଭାବର ଅର୍ଥ ସମ୍ପୂର୍ଣ୍ଣ କରିବାପାଇଁ ଅନ୍ୟ ଶବ୍ଦର ଅପେକ୍ଷା ।

**ଆକାଂକ୍ଷିତ** *ବିଂ.* ଇଚ୍ଛାଯୁକ୍ତ, ଇଚ୍ଛାଥିବା ।

**ଆକାଂକ୍ଷୀ** *ବିଂ.* ଅଭିଳାଷୀ ।

**ଆକାଉଣ୍ଟ୍** *ବି.* ୧. ହିସାବପତ୍ର, ବ୍ୟବସାୟ ଆଦିର ହିସାବ ୨. ବେଙ୍କ୍‌ରେ ଜମାଖାତା ୩. ଇଣ୍ଟରନେଟ୍‌ର ବିଶେଷ ବ୍ୟବହାର ପାଇଁ ପଞ୍ଜୀକରଣ ।

**ଆକାଉଣ୍ଟାଣ୍ଟ୍** *ବିଂ.ବି.* ହିସାବରକ୍ଷକ ।

**ଆକାମାବୈ** *ବି.* ୧. ଆଶ୍ୱିନ, କାର୍ତ୍ତିକ, ମାର୍ଗଶିର, ବୈଶାଖ -ଏହି ଚାରିମାସର ଆଦ୍ୟ ଅକ୍ଷର ଚାରିଗୋଟିର ସମଷ୍ଟି ୨. ଏହି ଚାରି ମାସର ପୂର୍ଣ୍ଣିମା ତିଥି ୩. ଚାରିମାସର କୃତପୁଣ୍ୟ ୪. କାର୍ତ୍ତିକ ପୂର୍ଣ୍ଣିମା ତିଥିରେ ବୋଇତ ବନ୍ଦାଣ ସମୟରେ ଉଚ୍ଚାରିତ ମଙ୍ଗଳ ବାକ୍ୟ ।

**ଆକାର** *ବି.* ୧. ଯାହାଦ୍ୱାରା ବସ୍ତୁ ବା ବ୍ୟକ୍ତିକୁ ଚିହ୍ନା ଯାଏ, ଆକୃତି, ରୂପ ୨. ଚେହେରା ୩. ଗଢ଼ଣ ୪. ଆ ସ୍ୱରବର୍ଣ୍ଣ ବ୍ୟଞ୍ଜନ ବର୍ଣ୍ଣର ଯୁକ୍ତ ହେବା ଚିହ୍ନ ବା ମାତ୍ରା ( ା ) ।

**ଆକାରଣ** *ବି.* ନିମନ୍ତ୍ରଣ, ଡକାଇବା, ବିପକ୍ଷକୁ ଶ୍ରଦ୍ଧାପୂର୍ବକ ଆହ୍ୱାନ ।

**ଆକାରତନ୍ତ୍ର** *ବି.* ଆକାର ବା ଆକୃତି ବିଷୟର ବିଦ୍ୟା ।

**ଆକାରପ୍ରକାର** *ବି.* ଢଙ୍ଗଢାଙ୍ଗ, ଚେହେରା ଓ ଆଚରଣ ।

**ଆକାରବନ୍ତ** *ବିଂ.* ଦେହଧାରୀ ।

**ଆକାରବାନ୍ ବିଂ.** ୧. ଯେ ଆକାର ଧାରଣ କରିଥାଏ ୨. ସୁଗଠିତ, ସୁନ୍ଦର ଆକାରବିଶିଷ୍ଟ ।

**ଆକାଶ ବି.** ପୃଥିବୀ ଉପରିସ୍ଥ ଶୂନ୍ୟସ୍ଥାନ, ଶୂନ୍ୟ, ଗଗନ, ବ୍ୟୋମ ।

**ଆକାଶକଇଁଆ ବି.** ଅସମ୍ଭବ କଳ୍ପନା, ଅନିଶ୍ଚିତ ଅବସ୍ଥା ।

**ଆକାଶ କୁସୁମ ବି.** ୧. ଯାହା ନାହିଁ, କଳ୍ପନା ମାତ୍ର; ଯାହା ବାସ୍ତବରେ ନାହିଁ ୨. ଅପ୍ରାପ୍ୟ ବସ୍ତୁ ।

**ଆକାଶଗଙ୍ଗା ବି.** ସ୍ୱର୍ଗଗଙ୍ଗା, ଗାଲାକ୍ସି, ମନ୍ଦାକିନୀ ।

**ଆକାଶଗରୁଡ଼ ବି.** ନିର୍ମୂଳୀଲତା ।

**ଆକାଶଗାମୀ ବିଂ.** ଆକାଶ ଆଡ଼କୁ ଗତି କରୁଥିବା ।

**ଆକାଶଚମ୍ପା ବି.** ଆକାଶରେ ଫୁଟିବାପାଇଁ ଉଦ୍ଦିଷ୍ଟ ଏକ ପ୍ରକାର ବାଣ ।

**ଆକାଶଚର ବିଂ.** ଶୂନ୍ୟରେ ବିଚରଣ କରୁଥିବା (ପକ୍ଷୀ ପ୍ରଭୃତି) ।

**ଆକାଶଦୀପ ବି.** କାର୍ତ୍ତିକ ମାସରେ ପିତୃପୁରୁଷ/ ଦେବତାଙ୍କ ଉଦ୍ଦେଶ୍ୟରେ ଉଚ୍ଚା ବାଉଁଶର ଡୀଖରେ ରଶି ସାହାଯ୍ୟରେ ଝୁଲାଇ ଫୋଡଥିବା ହାଣ୍ଡିରେ ରଖାଯାଇଥିବା ଜଳନ୍ତା ଦୀପ ।

**ଆକାଶପାତାଳ ବି.** ୧. ବସ୍ତୁ ବସ୍ତୁ ବା ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଆଦୌ ସମ୍ବନ୍ଧିତ ହୋଇ ନ ପାରିବା ସମ୍ପର୍କ ୨. ସମ୍ପର୍କର ସୁଦୂରତା ; **ବିଂ.** ପରସ୍ପର ବିରୋଧୀ ବା ବିପରୀତଧର୍ମୀ ।

**ଆକାଶ ଫାଟିବା ବି.** ଉଚ୍ଚ ଶବ୍ଦରେ ଆକାଶ କମ୍ପି ଉଠିବା ।

**ଆକାଶବାଣୀ ବି.** ୧. ଦୈବବାଣୀ, ଶୂନ୍ୟବାଣୀ ୨. ବେତାର ମାଧ୍ୟମରେ ପ୍ରସାରଣ ୩. ଭାରତ ସରକାରଙ୍କଦ୍ୱାରା ପରିଚାଳିତ ବେତାର ସେବା ।

**ଆକାଶବାଣୀ କେନ୍ଦ୍ର ବି.** ବେତାରକେନ୍ଦ୍ର, ରେଡ଼ିଓ ଷ୍ଟେସନ୍ ।

**ଆକାଶବାହିନୀ ବି.** ବାୟୁସେନା ।

**ଆକାଶବିହାର ବି.** ଶୂନ୍ୟରେ ଯିବା ଆସିବା, ଉଡାଜାହଜ ଓ ଅନ୍ୟ ମହାକାଶଯାନରେ ଆକାଶ ପରିଭ୍ରମଣ ।

**ଆକାଶମଣ୍ଡଳ ବି.** ନଭୋମଣ୍ଡଳ, ଦିଗନ୍ତବିସ୍ତାରୀ ଶୂନ୍ୟତା, ଗ୍ରହ ନକ୍ଷତ୍ର ବିରାଜିତ ଆକାଶ ।

**ଆକାଶମଲ୍ଲୀ ବି.** ୧. ଏକ ପ୍ରକାର ଡେଙ୍ଗାଗଛ-ଶରତ ଋତୁରେ ସେଥିରେ ଫୁଟୁଥିବା ସୁବାସିତ ଧଳାଫୁଲ ୨. ନକ୍ଷତ୍ର, ତାରା ୩. ଏକ ପ୍ରକାର ବାଣ ।

**ଆକାଶଯାନ ବି.** ବ୍ୟୋମଯାନ, ଉଡାଜାହାଜ, ବିମାନ, ରକେଟ ।

**ଆକାଶଲତା ବି.** ବିଜୁଳି ।

**ଆକାଶିଆ ବି.** ୧. ଏକ ପ୍ରକାର ଶୀଘ୍ର ବଢୁଥିବା ଗଛ ୨. ବାହାପିଆ ବ୍ୟକ୍ତି ; **ବିଂ.** ୧. ଆକାଶଛୁଆଁ, କାଳ୍ପନିକ, ଅସମ୍ଭବ ୨. ଆକାଶ ସମ୍ବନ୍ଧୀୟ ୩. ଆକାଶ ସଦୃଶ ।

**ଆକାଶୀ ବିଂ.** ଆକାଶ ସମ୍ବନ୍ଧୀୟ, ଅତିଉଚ୍ଚ ।

**ଆକୀର୍ଣ୍ଣ ବିଂ.** ବିକ୍ଷିପ୍ତ, ଆଚ୍ଛାଦିତ ।

**ଆକୁ, ୟାକୁ ସ.** ଏହାକୁ ।

**ଆକୁଞ୍ଚନ ବି.** ୧. ସଂକୋଚନ ୨. ପରିସୀମାରୁ କେନ୍ଦ୍ରକୁ ଚାଲି ଆସିବା ।

**ଆକୁଞ୍ଚିତ ବିଂ.** ସଂକୁଚିତ, ଈଷତ୍ କୁଞ୍ଚିତ, ଈଷତ୍ ବକ୍ର ।

**ଆକୁତି ବି.** ବିକଳପ୍ରାର୍ଥନା, ମିନତି ।

**ଆକୁତିମିନତି ବି.** ଅତି ବିକଳ ଭାବ ସହ ପ୍ରାର୍ଥନା ବା ବିନତି ।

**ଆକୁଳ ବିଂ.** ୧. କାତର ୨. ବ୍ୟଗ୍ର ୩. ଅସ୍ଥିର ।

**ଆକୁଳତା ବି.** କାତରତା, ବ୍ୟଗ୍ରତା ।

**ଆକୁଳବିକଳ ବିଂ.** ଅତ୍ୟନ୍ତ କାତର ଓ ଅସ୍ଥିର ।

**ଆକୁଳିଆ ବିଂ.** ଅସ୍ଥିର, ବ୍ୟସ୍ତ ।

**ଆକୃତି ବି.** ୧. ଶରୀର ୨. ରୂପ ୩. ନମୁନା ୪. ଶ୍ରେଣୀ ୫. ଆକାର ।

**ଆକୃଷ୍ଟ ବିଂ.** ୧. ମୁଗ୍ଧ, ମୋହିତ, ପ୍ରଲୁବ୍ଧ, ଆସକ୍ତ ୨. ଆକର୍ଷିତ, ଟଣା ହୋଇଥିବା, ଝିଙ୍କା ହୋଇଥିବା ।

**ଆକ୍ଟ ବି.** ୧. ଯେ କୌଣସି ବିଷୟରେ ସରକାରଙ୍କ ଆଇନ, ବିଧି ୨. ନାଟକର ଅଙ୍କ ୩. ନାଟକ ପ୍ରଭୃତିରେ ଅଭିନୟ ।

**ଆକ୍ଟର୍ ବି.** ଅଭିନେତା ।

**ଆକ୍ଟିଙ୍ଗ୍ ବି.** ୧. ଅଭିନୟ ୨. ଛଳନାତ୍ମକ ଆଚରଣ ; **ବିଂ.** କୌଣସି ସ୍ଥାୟୀ କର୍ମଚାରୀଙ୍କ ଅନୁପସ୍ଥିତି ବା ଛୁଟି ସମୟରେ ତାଙ୍କ ସ୍ଥାନରେ ଅସ୍ଥାୟୀରୂପେ କାମକରୁଥିବା (କର୍ମଚାରୀ) ।

**ଆକ୍ଟିଭ୍ ବିଂ.** ୧. କାର୍ଯ୍ୟକ୍ଷମ ୨. ଉଦ୍ୟୋଗୀ, ଚଞ୍ଚଳିଆ, ସକ୍ରିୟ, କର୍ମତତ୍ପର ।

**ଆକ୍ରମଣ ବି.** ଚଢ଼ାଉ, ଅଧିକାର ଜାହିରପାଇଁ ବଳପ୍ରୟୋଗ ।

**ଆକ୍ରାନ୍ତ ବିଂ.** ୧. ଯାହାକୁ ଆକ୍ରମଣ କରାଯାଇଛି ୨. ବଳପୂର୍ବକ ଅଧିକୃତ ୩. ପରାଭୂତ ୪. ଆବୃତ ୫. ରୋଗ, ଜୀବାଣୁ ପ୍ରଭୃତି ଦ୍ୱାରା ସଂକ୍ରମିତ ।

**ଆକ୍ରାମକ ବିଂ.** ୧. ଆକ୍ରମଣକାରୀ ୨. ଆକ୍ରମଣମୂଳକ ।

**ଆକ୍ରୋଶ ବି.** ଅକଶ, ପ୍ରତିହିଂସା, ଦାଉ, କ୍ରୋଧ ।

**ଆଖଡ଼ି ବି.** ୧. ଆଡ଼ମ୍ବର ୨. ରଙ୍ଗଢଙ୍ଗ, ଚାଲିଚଳଣ ।

**ଆଖିରି ବିଂ.** ୧. ସର୍ବଶେଷ ୨. ସୀମାନ୍ତବର୍ତ୍ତୀ ।

**ଆଖଡ଼ା** *ବି.* ବ୍ୟାୟାମ/ ମଲ୍ଲବିଦ୍ୟା ବା ଗୀତ-ବାଦ୍ୟ ଚର୍ଚ୍ଚାର ସ୍ଥାନ ବା ଆଡ଼ା ।

**ଆଖଡ଼ା କରିବା** *କ୍ରି.* ୧. ବ୍ୟାୟାମ ବା ନୃତ୍ୟଗୀତାଦି ଶିଖାଇବା ଓ ତାଲିମ ଦେବା ୨. ଏକାଠି ରୁଣ୍ଡ ହେବା ।

**ଆଖଡ଼ାଗୁରୁ** *ବି.* ନାଚଶିକ୍ଷକ, ନୃତ୍ୟଗୁରୁ, ଓସ୍ତାଦ, ନିର୍ଦ୍ଦେଶକ ।

**ଆଖଡ଼ାଘର** *ବି.* ନାଚ, ଗୀତ, ବ୍ୟାୟାମ ଆଦି ଶିଖାଯାଉଥିବା ସ୍ଥାନ ।

**ଆଖଡ଼ା ଜମାଇବା** *କ୍ରି.* ୧. ନୃତ୍ୟଗୀତାଦିପାଇଁ ଦଳଗଠନ କରିବା ୨. ମନ୍ଦ କାର୍ଯ୍ୟ ବା ଅବସର ବିନୋଦନପାଇଁ ବହୁ ଲୋକ ଏକାଠି ହେବା ।

**ଆଖଣ୍ଡଳ** *ବି.* ଯେ ବଜ୍ରଦ୍ୱାରା ପର୍ବତ ଭେଦ କରିଥିଲେ, ଇନ୍ଦ୍ର ।

**ଆଖପାଖ** *କ୍ରି.ବିଂ.* ନିକଟରେ, ସାହିପଡ଼ିଶାରେ ।

**ଆଖପାଖିଆ** *ବିଂ.* ନିକଟବର୍ତ୍ତୀ ।

**ଆଖର୍‌ପାଖର୍‌** *ବିଂ.* ସାହିପଡ଼ିଶା ।

**ଆଖର** *ବିଂ.* ୧. ଶେଷ, ଅନ୍ତ ୨. ପାଖେଇ ଆସୁଥିବା ; *ଅ.* ତଥାପି ।

**ଆଖରୋଟ୍‌** *ବି.* ବୃକ୍ଷ ବିଶେଷ ଓ ତାର ଫଳ, ପୁଷ୍ଟିକାରକ ଶୁଖିଲା ମଞ୍ଜିଫଳ ।

**ଆଖି** *ବି.* ୧. ଦର୍ଶନେନ୍ଦ୍ରିୟ, ଚକ୍ଷୁ, ନେତ୍ର ୨. ବାଉଁଶ ଓ ଆଖୁପବର ଗଣ୍ଠି ୩. କତାଛଡ଼ା ନଡ଼ିଆର ତିନୋଟି ରନ୍ଧ୍ର ଚିହ୍ନ ୪. ମୟୂର ଚନ୍ଦ୍ରିକାରେ ଥିବା ଚିହ୍ନ ୫. ଛୁଞ୍ଚିର କଣା ।

**ଆଖି ଖୋଲିବା** *କ୍ରି.* ୧. ଆଖି ଫିଟିବା, ଚାହିଁବା ୨. ନିଜ ଭୁଲ୍‌ ବୁଝିପାରିବା ।

**ଆଖି ଖୋସିବା** *କ୍ରି.* ଆଖି ଟେକିବା, ଆଶ୍ଚର୍ଯ୍ୟ ହେବା ।

**ଆଖି ଖୋସି ହୋଇଯିବା** *କ୍ରି.* ଛାନିଆ ହେବା, ଆଶ୍ଚର୍ଯ୍ୟ ହେବା ।

**ଆଖିଛଟା** *ବି.* ଅପାଙ୍ଗ, ଆଖିରେ ଇସାରା, ଆଖିମାରିବା, ଇଙ୍ଗିତପୂର୍ଣ୍ଣ ଚାହାଣି, ଆଖିଠାର, କଟାକ୍ଷ, ଆଡ଼ଆଖି ।

**ଆଖି ଛଳଛଳ କରିବା** *କ୍ରି.* କାନ୍ଦକାନ୍ଦ ହେବା ।

**ଆଖି ଛଳଛଳ ହେବା** *କ୍ରି.* ଆଖିରେ ଲୁହ ଜମିବା ।

**ଆଖି ଛୁଇଁବା** *କ୍ରି.* ଆଖି ଛୁଇଁ ପ୍ରତିଜ୍ଞା କରିବା, ରାଣ ଖାଇବା ।

**ଆଖିଠାର** *ବି.* ଆଖିରେ ସଂକେତ ଦେବା, ଆଖିମାରିବା ।

**ଆଖିଡ଼ି** *ବି.* ବତାରେ ବୁଣାହୋଇଥିବା ତଲେଇ ।

**ଆଖିଡିଆଁ** *ବି.* କୌଣସି କାରଣରୁ ଆଖିପତା ଛଟପଟ ହେବା, ଆଖି ଡେଇଁବା, ଆଖିପତା ଫଡ଼କିବା ।

**ଆଖି ଡେଇଁବା** *କ୍ରି.* ଆଖିପତା ଥରିବା, ଶୁଭାଶୁଭ ସୂଚନା ମିଳିବା ।

**ଆଖିଦୃଷ୍ଟିଆ, ଆଖିଦୃଶିଆ** *ବିଂ.* ୧. ସ୍ପଷ୍ଟ ବାରିହେଉଥିବା ୨. ଦେଖିଲା ମାତ୍ରେ ଆକର୍ଷଣ କରୁଥିବା, ଯାହାକୁ ଲୋକେ ଲାଳସାପୂର୍ଣ୍ଣ ଦୃଷ୍ଟିରେ ଦେଖନ୍ତି ।

**ଆଖି ଦେଖାଇବା** *କ୍ରି.* ଡରାଇବା, ଭୟ ସୃଷ୍ଟିକରିବା, ଧମକାଇବା ।

**ଆଖି ଦେବା** *କ୍ରି.* ୧. ଲୋଭାଇବା, ଆସକ୍ତ ହେବା ୨. ସତର୍କ ଦୃଷ୍ଟି ରଖିବା, ନଜର ରଖିବା ।

**ଆଖିଧରା** *ବି.* ଆଖିରୋଗ ବିଶେଷ ।

**ଆଖି ଧରିବା** *କ୍ରି.* ଆଖି ରୋଗଗ୍ରସ୍ତ ହେବା ।

**ଆଖି ନ ପାଇବା** *କ୍ରି.* ୧. ଶେଷ ସୀମା ପର୍ଯ୍ୟନ୍ତ ଆଖିରେ ଦେଖା ନଯିବା ୨. କୌଣସି ପରିଯୋଜନାକୁ ରୂପ ଦେବା ପାଇଁ ଅସହାୟତାବୋଧ କରିବା ।

**ଆଖି ପକାଇବା** *କ୍ରି.* ୧. ନଜର ପକାଇବା ୨. ଲୋଭ କରିବା ୩. ଉପର ଠାଉରିଆ ଭାବରେ ଦେଖିବା ।

**ଆଖିପତା** *ବି.* ଆଖିକୁ ଢାଙ୍କି ରଖୁଥିବା ପତଳା ଚମଡ଼ା ।

**ଆଖିପତା କଷା ନ ହେବା** *କ୍ରି.* ଅନିଦ୍ରା ହେବା, ନିଦ ନ ଆସିବା ।

**ଆଖି ପଲକରେ** *କ୍ରି.ବିଂ.* ଖୁବ ଚଞ୍ଚଳ, ମୁହୂର୍ତ୍ତକରେ ।

**ଆଖିପାଣି** *ବି.* ଲୁହ, ଲୋତକ ।

**ଆଖି ପାଣି ଆଖିରେ ମରିବା** *କ୍ରି.* ବହୁକାଳ ଅପେକ୍ଷା କରି ନିରାଶ ହେବା ।

**ଆଖି ପିଛଡ଼ା(ପିଛୁଳା)** *ବି.* ଚକ୍ଷୁର ପଲକ ।

**ଆଖିପିଛଡ଼ାକେ** *କ୍ରି.ବିଂ.* ପଲକ ମାତ୍ରକେ, ଆଖି ପିଛୁଳାକେ ।।

**ଆଖିପୁଅ** *ବି.* ଆଖି ଡୋଳାର ମଝିରେ ଥିବା କଳାଅଂଶ ।

**ଆଖି ଫିଟିବା** *କ୍ରି.* ୧. ଇତର ପ୍ରାଣୀଙ୍କର ପ୍ରଥମେ ଆଖି ପତା ଖୋଲିଯିବା ୨. ଜ୍ଞାନ ଉଦୟ ହେବା ।

**ଆଖି ଫୁଟିବା** *କ୍ରି.* ଆଖି ନଷ୍ଟ ହେବା, ଅନ୍ଧହେବା ।

**ଆଖି ଫେରାଇବା** *କ୍ରି.* ଚାରି ଆଡ଼କୁ ଚାହିଁବା – ତଦାରଖ କରିନେବା ।

**ଆଖିବୁଜା** *ବିଂ. କ୍ରିବିଂ.* ଦୟାମାୟା ବା ଉତ୍ପ୍ରୋଧ ନରଖି, ନିର୍ଦ୍ଦୟ ଭାବରେ ।

**ଆଖି ବୁଜିବା** *କ୍ରି.* ୧. ଶୋଇପଡ଼ିବା ୨. ଆଖି ବନ୍ଦ କରିବା ୩. ମରିଯିବା ୪. ଦୋଷତ୍ରୁଟି ନ ଦେଖିବା ୫. ଉଦାସୀନ ରହିବା ।

**ଆଖି ବୁଲାଇବା** *କ୍ରି.* ୧. ରାଗରେ ଆଖି ଡୋଳା ଏଣେତେଣେ ଫେରାଇବା ୨. ଖୋଜିବା ।

**ଆଖି ମାରିବା** *କ୍ରି.* ଆଖିଦ୍ୱାରା ସଂକେତ ଦେବା, ଗୋଟିଏ ଆଖି ବନ୍ଦ କରି ଇଙ୍ଗିତ ଦେବା ।

**ଆଖି ମିଟିକା** *ବି.* ଘନଘନ ଆଖି ପିଛୁଡ଼ା ପକାଇବା ।

**ଆଖି ମିଟିକା ମାରିବା** *କ୍ରି.* ୧. ବାରମ୍ବାର ଆଖି ପତା ପକାଇବା ୨. ଛଳନା କରିବା, ତାଚ୍ଛଲ୍ୟ କରିବା ୩. ପରିହାସପୂର୍ଣ୍ଣ ଭାବରେ ଅନାଇବା ୪. ଜାଣିଶୁଣି ନ ଦେଖିଲାଭଳି ବ୍ୟବହାର କରିବା ।

**ଆଖି ମିଟିମିଟି କରିବା *କ୍ରି.*** ଆଖି ପତାକୁ ଘନଘନ ବୁଜିବା ଓ ଖୋଲିବା , ତୀବ୍ର ଆଲୁଅକୁ ଖୋଲା ଆଖିରେ ଚାହିଁ ନ ପାରିବା।

**ଆଖିରୁ ଜୁଳୁଜୁଳିଆ ପୋକ ବାହାରିବା *କ୍ରି.*** ହତଜ୍ଞାନ ହେବା ।

**ଆଖିରୁ ପାଣି ବୋହିବା *କ୍ରି.*** କାନ୍ଦିବା, ଧୂଳି ପଡ଼ି ବା ଆଲୁଅ ବାହାରି ଆଖି ଖୁଞ୍ଚି ହୋଇ ପାଣି ଝରିବା ।

**ଆଖିରୁ ପାଣି ମରିବା *କ୍ରି.*** ୧. ଦୃଷ୍ଟିଶକ୍ତି ଲୋପ ହେବା ୨. ଅପେକ୍ଷା କରି ସମୟସୀମା ପାରି ହୋଇଯିବା ।

**ଆଖିରେ ଆଙ୍ଗୁଠି ଗେଞ୍ଜିବା *କ୍ରି.*** ଠକିଦେବା, ବିରକ୍ତ କରିବା ।

**ଆଖିରେ ଧୂଳି ପକାଇବା *କ୍ରି.*** ଠକିଦେବା ।

**ଆଖିରେ ନ ଯିବା *କ୍ରି.*** ସହି ନ ପାରିବା, ପସନ୍ଦ ନ ହେବା ।

**ଆଖିରେ ନାଚିବା *କ୍ରି.*** ମନେପଡ଼ିବା ।

**ଆଖିରେ ପଡ଼ିବା *କ୍ରି.*** ଦୃଷ୍ଟିକୁ ଆସିବା ।

**ଆଖିରେ ଶୁଖୁଆ କଣ୍ଟା ଗେଞ୍ଜିବା *କ୍ରି.*** ଠକିବା ।

**ଆଖି ଲାଗିବା *କ୍ରି.*** ନିଦ ଆସିବା, ଘୁମ ମାଡ଼ିଲେ ପତା ପଡ଼ିଯିବା, ଆଖି ନ ଫିଟିବା ।

**ଆଖି ଲାଞ୍ଜି *ବି.*** ଆଖିର ପ୍ରାନ୍ତ ବା ଶେଷ ଭାଗ ।

**ଆଖିଲୋଭା *ବିଂ.*** ସୁନ୍ଦର, ଚକ୍ଷୁର ପ୍ରୀତିକର ।

**ଆଖୁ *ବି.*** ୧. ଇକ୍ଷୁ, ମଧୁର ରସଯୁକ୍ତ ମୋଟା ତୃଣଦଣ୍ଡ, କୁସାରି ୨. ମୂଷା ।

**ଆଖୁକଳ *ବି.*** ଆଖୁ ପେଡ଼ିବାର କଳ ।

**ଆଖୁ କିଆରୀରେ ପଶିବା *କ୍ରି.*** ୧. ନିଷ୍ପତ୍ତି ନେଇ ନ ପାରିବା, ଦ୍ୱିଧାରେ ପଡ଼ିବା ୨. ଲୋଭନୀୟ ବିକଳ୍ପରୁ ଗୋଟିକୁ ବାଛି ନ ପାରିବା ।

**ଆଖୁଖାଇ *ବି.*** ୧. ଆଖୁଖଦା ୨. ଆଖୁପେଡ଼ା କଳ ।

**ଆଖୁଛେଦା *ବି.*** ଆଖୁର ରସଶୂନ୍ୟ ଚୋପା ।

**ଆଖୁଦଣ୍ଡା *ବି.*** ଗୋଟାଏ ଆଖୁଗଛ, ଗଛେ ଆଖୁ ।

**ଆଖୁ ଦୋରୁଅ *ବି.*** ପେଡ଼ା ହୋଇ ବାହାରିଥିବା ଆଖୁରସ ।

**ଆଖୁନ୍ *ବି.*** ପାର୍ସି ଓ ଆରବୀ ପଢ଼ାଉଥିବା ଏବଂ କୋରାନ ଶିଖାଉଥିବା ଶିକ୍ଷକ ।

**ଆଖୁପବ *ବି.*** ଆଖୁ ଦଣ୍ଡାର ଦୁଇଟି ଗଣ୍ଠି ଭିତରେ ଥିବା ଅଂଶ ।

**ଆଖୁପେଡ଼ା *ବି.*** ଆଖୁକୁ ଖାଇରେ ପେଡ଼ିବା ବା ଚିପୁଡ଼ିବା ।

**ଆଖୁଶାଳ *ବି.*** ଯେଉଁଠି ଆଖୁ ପେଡ଼ାହୋଇ ଗୁଡ଼ ରନ୍ଧାଯାଏ ।

**ଆଖେଇବା *କ୍ରି.*** ଦେଖିବା, ଦୃଷ୍ଟି ପକାଇବା, ନଜର ରଖିବା, ଲୋଭାତୁର ଦୃଷ୍ଟି ଦେବା ।

**ଆଖେଟ *ବି.*** ୧. ମୃଗୟା, ଶିକାର, ପାରିଧି, ବେଣ୍ଟ ୨. ଭୟ, ତ୍ରାସ ।

**ଆଖେଟକ *ବି.*** ଶିକାରି ; ***ବିଂ.*** ତ୍ରାସ ସୃଷ୍ଟିକାରୀ, ଭୟ ଦେଖାଉଥିବା ।

**ଆଖେଟନ *ବି.*** ମୃଗୟା, ପାରିଧି, ପଶୁ ଶିକାର ।

**ଆଖ୍ୟା *ବି.*** ୧. ନାମ ୨. ଉପାଧି ୩. ସଞ୍ଜ୍ଞା, ସାଂଗିଆ ।

**ଆଖ୍ୟାତ *ବିଂ.*** କଥିତ, ବିଦିତ, ନାମିତ, ବିଜ୍ଞାପିତ, ପ୍ରଚାରିତ ।

**ଆଖ୍ୟାଧାରୀ *ବିଂ.*** ନାମଧାରୀ ।

**ଆଖ୍ୟାନ *ବି.*** କାହାଣୀ, କଥାନି, କିମ୍ବଦନ୍ତୀ, କଳ୍ପିତବୃତ୍ତାନ୍ତ ।

**ଆଖ୍ୟାୟକ *ବି.ବିଂ.*** କଥକ, ପ୍ରଚାରକ, ବକ୍ତା ।

**ଆଖ୍ୟାୟିକା *ବି.*** ଜନଶ୍ରୁତିରେ ଜୀବନ୍ତ କାଳ୍ପନିକ କାହାଣୀ, ରୂପକ, ଲୋକକଥା ।

**ଆଗ୍‌ବସା *ବି.*** ମହୁଫେଣା ।

**ଆଗ୍‌ଲା *ବିଂ.*** ସାମନା, ଆଗାମୀ, ପରବର୍ତ୍ତୀ ।

**ଆଗ *ବି.*** ୧. ସମ୍ମୁଖ, ପୁରୋଭାଗ ୨. ପୂର୍ବକାଳ, ଭବିଷ୍ୟତ, ବଡ଼ ମହୁମାଛି ; ***ବିଂ.*** ୧. ପୂର୍ବବର୍ତ୍ତୀ ୨. ଅଗ୍ରସର ୩. ପ୍ରଥମ ।

**ଆଗକା *ବିଂ.*** ୧. ପଛଦିନ ୨. ଆଗାମୀ (ଏହା ଅତୀତ ଓ ଭବିଷ୍ୟତ ଉଭୟ କାଳରେ ବ୍ୟବହୃତ ହୁଏ) ।

**ଆଗକୁହା *ବି.ବିଂ.*** ନ ପଚାରିଲେ ବି ଉପରେ ପଡ଼ି କଥା କହୁଥିବା ।

**ଆଗଚଲା *ବିଂ.*** ନିର୍ଦ୍ଦେଶ ନ ପାଇଲେ ମଧ୍ୟ ଅନ୍ୟମାନଙ୍କ ଆଗରେ ଚାଲୁଥିବା, ତୁରତୁରିଆ ।

**ଆଗଡ଼ *ବି.*** ଫାଟକ ।

**ଆଗତ *ବିଂ.*** ୧. ଆଗାମୀ, ଭବିଷ୍ୟତ ୨. ଆସି ପହଞ୍ଚିଥିବା, ଉପସ୍ଥିତ ।

**ଆଗତକୁହା *ବିଂ.*** ବାହାପିଆ କଥା କହିବା (ଲୋକ) ***ବି.*** ଯେ ଅତୀତ ଓ ଭବିଷ୍ୟତ କଥା କହେ ।

**ଆଗତପଞ୍ଚା *ବିଂ.*** ଭବିଷ୍ୟତପାଇଁ ପୂର୍ବରୁ ଚିନ୍ତା କରୁଥିବା, ଆଗରୁ ଯୋଜନା କରୁଥିବା ।

**ଆଗତପଥ *ବି.*** ଆସିବା ବାଟ ।

**ଆଗତ ପାଞ୍ଚ *ବି.*** ଭବିଷ୍ୟତ ଉପରେ ଚିନ୍ତା କରିବା ।

**ଆଗତ ବନ୍ଧକ *ବି.*** ୧. କୌଣସି ସମ୍ପତ୍ତିକୁ ହସ୍ତାନ୍ତର କରିବା ପୂର୍ବରୁ ମହାଜନ ନିକଟରୁ ଟଙ୍କା ଆଣି ସମ୍ପତ୍ତିକୁ ବନ୍ଧକ ଦେବା ୨. ଆସନ୍ତା ଫସଲରୁ ଟଙ୍କା ଦିଆଯିବା ସର୍ତ୍ତରଖି ମହାଜନ ନିକଟରୁ ଋଣ ଆଣିବା ।

**ଆଗତୁରା *ବିଂ.*** ନିର୍ଦ୍ଦିଷ୍ଟ ସମୟର ପୂର୍ବବର୍ତ୍ତୀ, ପୂର୍ବରୁ ଦିଆଯାଇଥିବା, ଅଗ୍ରିମ ।

**ଆଗନ୍ତୁକ *ବି.*** ଆସିଥିବା ଲୋକ, ନବାଗତ ବ୍ୟକ୍ତି, ଅତିଥି, ଅଭ୍ୟାଗତ ।

**ଆଗପଛ** ***ବି.*** ୧. ସର୍ବପ୍ରଥମ ଓ ସର୍ବଶେଷ ୨. ସମ୍ମୁଖ ଓ ପଶ୍ଚାତ୍ ୩. ପୂର୍ବକାଳ ଓ ପରବର୍ତ୍ତୀକାଳ ୪. ପ୍ରଥମ ଓ ତତ୍‌ପରବର୍ତ୍ତୀ ବ୍ୟକ୍ତି ୫. କାରଣ ଓ ପରିଣାମ ; ***ବିଂ.*** ୧. ପ୍ରଥମ ଓ ତତ୍ ପରବର୍ତ୍ତୀ ୨. ସର୍ବପ୍ରଥମ ଓ ସର୍ବଶେଷ ୩. ପ୍ରଥମେ ଘଟିଥିବା ଓ ପରେ ଘଟିଥିବା ।

**ଆଗପଛ ଭାବିବା** ***କ୍ରି.*** କାରଣ ଓ ପରିଣାମ ବିଷୟରେ ସଚେତନ ହେବା, ସତର୍କ ହେବା ।

**ଆଗପତରିଆ** ***ବିଂ.*** ସମୂହ ଭୋଜିରେ ଯେଉଁ ବ୍ୟକ୍ତିଙ୍କ ପତ୍ରରେ ଆଗେ ଖାଦ୍ୟ ପରିବେଷଣ କରାଯାଏ, କୌଣସି ଗୋଷ୍ଠୀର ପ୍ରମୁଖ ବ୍ୟକ୍ତି ।

**ଆଗପେଲା** ***ବିଂ.*** ଯେ ଆଗକରି ପଶିଯାଏ ।

**ଆଗ ବଢ଼ିବା** ***କ୍ରି.*** ଅଗ୍ରସର ହେବା, ଆଗ ଚଳିବା ।

**ଆଗବୋଲା** ***ବି.ବିଂ.*** ଆଗକୁହା ।

**ଆଗଭର** ***ବିଂ.*** ଆଗୁଆ, ଆଗୁସାର ।

**ଆଗମ** ***ବି.*** ୧. ତନ୍ତ୍ର ବା ବେଦାନ୍ତାଦି ଶାସ୍ତ୍ର ୨. ବୃଦ୍ଧି ।

**ଆଗମନ** ***ବି.*** ୧. ଆସିବା ୨. ପ୍ରବେଶ ୩. ଉପସ୍ଥିତି, ଆବିର୍ଭାବ ।

**ଆଗର** ***ଅ.*** ଆଗେ, ପୂର୍ବର, ଅତୀତର ।

**ଆଗଲା** ***ବିଂ.*** ଅଗ୍ରବର୍ତ୍ତୀ ।

**ଆଗହୁଁ** ***ଅ.*** ପୂର୍ବରୁ, ଆଗଠାରୁ ।

**ଆଗ ହେବା** ***କ୍ରି.*** ନେତୃତ୍ୱ ନେବା, ପ୍ରଥମ ହେବା, ସମସ୍ତଙ୍କ ଆଗରେ ରହିବା ।

**ଆଗା** ***ବି.*** ୧. ପୂର୍ବ ସୂଚନା ୨. ଆଗପାଖ ୩. ପୂର୍ବରୁ ସତର୍କ କରିଦେବା ୪. ମୃଦଙ୍ଗର ଡାହାଣ ପାଖ ୫. ବେକ ।

**ଆଗାଡ଼ି** ***ବି.*** ୧. ଦେହର ଆଗ ପାଖ ୨. ପଶୁର ଆଗ ଗୋଡ଼ ; ***ବିଂ.*** ଅଗ୍ରବର୍ତ୍ତୀ, ଅଗ୍ରଗାମୀ ; ***କ୍ରି. ବିଂ.*** ଆଗରେ, ଆଗେ ଆଗେ, ସର୍ବପ୍ରଥମେ, ପୂର୍ବେ ।

**ଆଗାଡ଼ି ପିଛାଡ଼ି** ***ବିଂ.*** ଆଗ ପାଖର ଓ ପଛ ପାଖର ; ***ବି.*** ଆଗପାଖ ଓ ପଛପାଖ ।

**ଆଗାମୀ** ***ବିଂ.*** ଯାହା ଆସିବ ବା ଘଟିବ, ଭାବୀ, ଆସନ୍ତା ।

**ଆଗାର** ***ବି.*** ୧. ଗୃହ ୨. ଭଣ୍ଡାର, ଅମାର ।

**ଆଗି** ***ବି.*** ଅଗ୍ନି, ନିଆଁ ।

**ଆଗିଆଣି, ଆଗୁଆଣି** ***ବିଂ.*** ଅଗ୍ରଗାମୀ, ଆଗରେ ଯାଉଥିବା ।

**ଆଗିପେଟି** ***ବି.*** ଦିଆସିଲି ପେଡ଼ି ।

**ଆଗିଲା** ***ବିଂ.*** ଅଗ୍ରବର୍ତ୍ତୀ, ଆଗରେଥିବା ।

**ଆଗିଲାପିଛିଲା** ***ବି.ବିଂ.*** ଆଗପଛ ।

**ଆଗୁ** ***ବି.*** ମୁଣ୍ଡ ; ***କ୍ରି.ବିଂ.*** ଆଗରୁ, ପ୍ରଥମରୁ, ପୂର୍ବରୁ ।

**ଆଗୁଆ** ***ବିଂ.*** ଅଗ୍ରଗାମୀ, ଆଗୁସାର, ପ୍ରଗତିଶୀଳ, ଆଗୁଆଳ, ଆଗଭର, ଆଗୁଆଣି ।

**ଆଗୁଆ ସେନା** ***ବି.*** ଯେଉଁ ସେନାଦଳର ଆଗରେ ଥାଏ, ଆଗୁଆଣି ଥାଟ ।

**ଆଗୁଳ** ***ବି.*** ଅଟକ, ଓଗାଳ, ପ୍ରତିବନ୍ଧକ ।

**ଆଗୁଳା** ***ବି.*** ୧. ମୁଦି ଆଗରେ ପିନ୍ଧା ଯିବା ଲୁହା ମୁଦି ୨. ସମ୍ମୁଖରୁ ଗତିରୋଧ ।

**ଆଗୁଳିବା** ***କ୍ରି.*** ଗତିରୋଧ କରିବା, ବାଧାଦେବା, ପ୍ରତିବନ୍ଧକ ହେବା, ଅଟକାଇବା ।

**ଆଗୁସାର** ***ବି.*** ଆଗକୁ ବଢ଼ିବା, ଅଗ୍ରସର ।

**ଆଗେ** ***ଅ.*** ୧. ଆଗରେ, ପ୍ରଥମରେ, ସମ୍ମୁଖରେ ୨. ପୂର୍ବକାଳରେ ୩. ତୁଳନାତ୍ମକ ଯୋଗ୍ୟତାସୂଚକ ।

**ଆଗେଆଗେ** ***ଅ.*** ସମ୍ମୁଖରେ, ପ୍ରଥମରେ ।

**ଆଗେଇବା** ***କ୍ରି.*** ଆଗକୁ ଆଗକୁ ଯିବା, ଅଗ୍ରସର ହେବା, ଆଗେଇ ରଖିବା ।

**ଆଗ୍ନେୟ** ***ବିଂ.*** ୧. ଅଗ୍ନି ସମ୍ବନ୍ଧୀୟ ୨. ଅଗ୍ନି ଉତ୍ପାଦକ ୩. ଉତ୍ତେଜକ, ୪. ଦୃଢ଼ ୫. ଅନିର୍ବାପିତ ।

**ଆଗ୍ନେୟ କୋଣ** ***ବି.*** ଦକ୍ଷିଣ-ପୂର୍ବ କୋଣ ବା ଦିଗ ।

**ଆଗ୍ନେୟଗିରି** ***ବି.*** ଯେଉଁ ପର୍ବତରୁ ଅଗ୍ନି ଉଦ୍‌ଗିରଣ ହୁଏ ।

**ଆଗ୍ନେୟାସ୍ତ୍ର** ***ବି.*** ୧. ବନ୍ଧୁକ, କମାଣ ପ୍ରଭୃତି ନିଆଁ ବାହାରିବା ଅସ୍ତ୍ର ୨. ଅଭିମନ୍ତ୍ରିତ ବାଣ ।

**ଆଗୋ** ***ଅ.*** ସମ୍ବୋଧନ ବିଶେଷ, ନାରୀମାନଙ୍କ ପ୍ରତି ସମ୍ମାନ ଓ ସ୍ନେହଯୁକ୍ତ ସମ୍ବୋଧନ, ଆହେ, ଗୋ ।

**ଆଗ୍ରହ** ***ବି.*** ତୀବ୍ର ଆକାଂକ୍ଷା, ପ୍ରବୃତ୍ତି, ଅଭିନିବେଶ, ଆସକ୍ତି, ଝୁଙ୍କ ।

**ଆଗ୍ରହାନ୍ୱିତ** ***ବିଂ.କ୍ରିବିଂ.*** ଅଭିନିବିଷ୍ଟ, ଉତ୍ସୁକ, ଅତି ବ୍ୟଗ୍ର ।

**ଆଗ୍ରହୀ** ***ବି.ବିଂ.*** କୌଣସି ବିଷୟରେ ଆଗ୍ରହ ବା ଇଚ୍ଛା ରଖିଥିବା (ବ୍ୟକ୍ତି) ।

**ଆଘ** ***ବିଂ.*** ୧. ଆଗ, ପ୍ରଥମେ, ପହିଲେ ୨. ଅତୀତରେ, ପୂର୍ବେ ।

**ଆଘର୍ ମିତାନ୍** ***ଅ.*** ପୂର୍ବପରି, ଆଗଭଳି ।

**ଆଘାତ** ***ବି.*** ପ୍ରହାର, ମାଡ଼, ଚୋଟ ।

**ଆଘାତକ** ***ବିଂ.*** ୧. ଯେ ଆଘାତ କରେ ୨. ଯେ ଆଙ୍ଗୁଠିରେ ଠୁକେଇ ବା ଯନ୍ତ୍ରଦ୍ୱାରା ପିଟି ରୋଗୀକୁ ପରୀକ୍ଷା କରେ ; ***ବି.*** ବନ୍ଧୁକ ଓ ରାଇଫଲ୍‌ର ଘୋଡ଼ା ।

**ଆଘାତ କରିବା** ***କ୍ରି.*** କ୍ଷତି କରିବା, ପ୍ରହାର କରିବା ।

**ଆଘ୍ରାଣ** ***ବି.*** ଶୁଙ୍ଘିବା ।

**ଆଘ୍ରାତ** ***ବିଂ.*** ଶୁଙ୍ଘା ହୋଇଥିବା ।

**ଆଙ୍କୁଡ଼ାଇ ଧରିବା** ***କ୍ରି.*** ଟାଣି ଧରିବା ।

**ଆଙ୍କିବା** ***କ୍ରି.*** ୧. ଅଙ୍କନ କରିବା, ଚିତ୍ର କରିବା ୨. ତତଲା ଲୁହାରେ ଚଡ଼ୁଦେବା ୩. ଦାଗିବା ୪. ନିଆଁ ଲଗେଇବା ।

**ଆଙ୍କୁଡ଼ା, ଆଙ୍କୁଡ଼ି** ***ବି.*** ନଗି, ଲଗି, ଅଗବଙ୍କା ଲମ୍ବଦଣ୍ଡ ।

**ଆଙ୍କୁଡ଼ାଇବା** ***କ୍ରି.*** ଅଗ୍ର ବଙ୍କା ଯୋଗୁ ଅଟକିଯିବା ।

**ଆଙ୍କୁଡ଼ା ପୋକ** ***ବି.*** ଏକ ପ୍ରକାର କୃମି କୀଟ, ହୁକ୍‌ଓ୍ୱର୍ମ୍ ।

**ଆଙ୍କୁଡ଼ି** ***ବି.*** ଆଙ୍କୁଡା ।

**ଆଙ୍କୁପାଙ୍କୁ** ***ବିଂ.*** ଉତ୍କଣ୍ଠିତ ।

**ଆଙ୍କୁଲକୋଳି** ***ବି.*** ଆଙ୍କୁଲ ଗଛର କୋଳି ।

**ଆଙ୍କୁଶ, ଆଙ୍କୁଶୀ** ***ବି.*** ହାତୀ ନିୟନ୍ତ୍ରଣ କରିବାପାଇଁ ମୁନିଆଁ ଲୁହା ଦଣ୍ଡ, ଅଙ୍କୁଶ ।

**ଆଙ୍କୁଶ.ଅଙ୍କୁଶ ଲଗାଇବା** ***କ୍ରି.*** ନିୟନ୍ତ୍ରଣ କରିବା, ଜବତ କରିବା ।

**ଆଙ୍ଗ** ***ବି.*** ଅହଙ୍କାର, ଗର୍ବ, ଅଭିମାନ ।

**ଆଙ୍ଗିକ** ***ବିଂ.*** ୧. ଅଙ୍ଗଦ୍ୱାରା ନିଷ୍ପନ୍ନ ୨. ଅଙ୍ଗ ସଂକ୍ରାନ୍ତ, ଅଙ୍ଗ ସମ୍ବନ୍ଧୀୟ ୩. ସାହିତ୍ୟତତ୍ତ୍ୱ, ରୂପ ବା ଫର୍ମ୍ ସମ୍ବନ୍ଧୀୟ ୩. ଅଙ୍ଗ ସଞ୍ଚାଳନ ଜନିତ (ଅଭିନୟ) ।

**ଆଙ୍ଗିକ ଅଭିନୟ** ***ବି.*** ଅଭିନେତା / ଅଭିନେତ୍ରୀମାନଙ୍କର ଅଙ୍ଗଚାଳନା ମାଧ୍ୟମରେ ଭାବ ପ୍ରକାଶ ।

**ଆଙ୍ଗୁଆ** ***ବିଂ.*** ଅବୁଝା, ଜିଦ୍‌ଖୋର ।

**ଆଙ୍ଗୁଠି** ***ବି.*** ହାତ ବା ଗୋଡ଼ର ଆଙ୍ଗୁଳି ।

**ଆଙ୍ଗୁଠି ଦେଖାଇବା** ***କ୍ରି.*** ୧. ଅବଜ୍ଞା ପ୍ରଦର୍ଶନ କରିବା ୨. ଅଭିଯୋଗ ଆଣିବା ।

**ଆଙ୍ଗୁଠି ମାରିବା** ***କ୍ରି.*** ୧. ଆଙ୍ଗୁଠିଦ୍ୱାରା ସଂକେତ ଦେବା ୨. ବସ୍ତୁକୁ ପରୀକ୍ଷା କରିବାକୁ ଆଙ୍ଗୁଠିରେ ଦବେଇବା ।

**ଆଙ୍ଗୁଳି** ***ବି.*** ଆଙ୍ଗୁଠି ।

**ଆଚମନ** ***ବି.*** ୧. ଖାଇସାରି ଆଞ୍ଚେଇବା ୨. ହାତ ମୁହଁ ଧୋଇବା ୩. ଭୋଜନର ପୂର୍ବେ ଓ ପରେ ହାତରେ ସାମାନ୍ୟ ଚୁଷିବା ପାଣି ।

**ଆଚମନ କରିବା** ***କ୍ରି.*** ପୂଜା ବା ଭୋଜନ ପୂର୍ବରୁ ଗଣ୍ଡୁଷଦ୍ୱାରା ଅଳ୍ପ ପାଣି ମୁଖକୁ ନେବା ।

**ଆଚମନୀ** ***ବି.*** ଅବଖୁରା, ଛୋଟଗଡ଼ୁ ।

**ଆଚମ୍ବିତ** ***ବିଂ.*** ଆଶ୍ଚର୍ଯାନ୍ୱିତ, ବିସ୍ମିତ, ଅସମ୍ଭାବିତ, ବିସ୍ମୟକର ।

**ଆଚରଣ** ***ବି.*** ୧. ବ୍ୟବହାର, ଚାଲିଚଳଣ, ରୀତି, ଆଚାର ୨. ସ୍ୱଭାବ, ଚରିତ୍ର ୩. ପାଳନ ୪. ଅନୁଷ୍ଠାନ ।

**ଆଚରଣୀୟ** ***ବିଂ.*** ଆଚରଣ କରିବା ଯୋଗ୍ୟ, ପାଳନୀୟ ।

**ଆଚରିତ** ***ବିଂ.*** ଅନୁଷ୍ଠିତ, ବ୍ୟବହୃତ, ପାଳିତ ।

**ଆଚରିତ ବିଧି** ***ବି.*** ଶାସନ ବ୍ୟବସ୍ଥାରେ ଉଲ୍ଲିଖିତ ଆଚରଣ ସଂପର୍କୀୟ ନିୟମ ବା ବିଧି ବ୍ୟବସ୍ଥା ।

**ଆଚା** ***ବି.*** ଆତା, ପିଇସୀ, ନାନା, ବାପାଙ୍କ ଭଉଣୀ ।

**ଆଚାର** ***ବି.*** ୧. ରୀତି, ପ୍ରଥା ୨. ଚାଲିଚଲଣ ୩. ନିୟମ, ପଦ୍ଧତି ୪. ଲୋକାଚାର, ବ୍ୟବହାର ୫. ତେଲ ମସଲା ଦେଇ ଆମ୍ବ, ଲେମ୍ବୁ ପ୍ରଭୃତିରୁ ତିଆରି ଖଟାଳିଆ ଖାଦ୍ୟଦ୍ରବ୍ୟ ବିଶେଷ ।

**ଆଚାରଚ୍ୟୁତ** ***ବିଂ.*** ଅନାଚାରୀ, ଶିଷ୍ଟ ବ୍ୟବହାର ବହିର୍ଭୂତ ବା ଲଙ୍ଘନକାରୀ ।

**ଆଚାରତନ୍ତ୍ର** ***ବି.*** ବୌଦ୍ଧତନ୍ତ୍ରର ଏକ ପ୍ରକାରଭେଦ ।

**ଆଚାରନିଷ୍ଠ** ***ବିଂ.*** ସଦାଚାରୀ, ଆଚରଣରେ ନିଷ୍ଠାଥିବା ।

**ଆଚାରବନ୍ତ** ***ବିଂ.*** ଭଲ ଆଚରଣ ଥିବା, ସଦାଚାରୀ ।

**ଆଚାରବିଚାର** ***ବି.*** ଆଚାର ଓ ଚିନ୍ତାଧାରା, ଚାଲିଚଳଣ ଓ ବିଚାରଧାରା ।

**ଆଚାରବିରୁଦ୍ଧ** ***ବିଂ.*** ଲୋକାଚାର ବିରୁଦ୍ଧ, ଯାହା ସାଧାରଣ ଭାବରେ କୌଣସି ସମାଜରେ ପ୍ରଚଳିତ ନୁହେଁ ।

**ଆଚାର ବ୍ୟବହାର** ***ବି.*** ଶିଷ୍ଟାଚାର, ରୀତିନୀତି ।

**ଆଚାରଭେଦ** ***ବି.*** ଆଚାରଗତ ପାର୍ଥକ୍ୟ, ଚାଲିଚଳଣ, ଆଚାର ବ୍ୟବହାର ପ୍ରଭୃତିରେ ଭିନ୍ନତା ।

**ଆଚାରଭ୍ରଷ୍ଟ** ***ବିଂ.*** ଅନାଚାରୀ, ବିଧିକୁ ମାନୁନଥିବା ।

**ଆଚାରସଂହିତା** ***ବି.*** ଆଚରଣବିଧି, କୋଡ୍ ଅଫ୍ କଣ୍ଡକ୍ଟ ।

**ଆଚାରୀ** ***ବିଂ.*** ସଦାଚାରୀ, ଆଚାରପୂତ ।

**ଆଚାର୍ଯ୍ୟ** ***ବି.*** ୧. ଶିକ୍ଷାଗୁରୁ, ଅଧ୍ୟାପକ ୨. ଯଜ୍ଞ କର୍ମରେ ପୁରୋଧା ।

**ଆଚୁ** ***ବି.*** ଅଳତା ରଙ୍ଗ, ଗାଢ଼ ନାଲିରଙ୍ଗ ।

**ଆଚେ** ***କ୍ରି.*** ଅଛି ।

**ଆଚ୍ଛୁ** ***ବି.*** ମୁଖ୍ୟତଃ ନଇକୂଳରେ ବଢୁଥିବା ଡେଙ୍ଗା ଝଙ୍କାଳିଆ ଗଛ- ଯାହା ଖରାଦିନେ ସମ୍ପୂର୍ଣ୍ଣ ପତ୍ରହୀନ ହୋଇଯାଏ ।

**ଆଚ୍ଛନ୍ନ** ***ବିଂ.*** ୧. ଆବୃତ, ଘୋଡ଼େଇ ହୋଇଥିବା ୨. ବ୍ୟାପ୍ତ ୩. ଅଭିଭୂତ ।

**ଆଚ୍ଛା** ***ଅ.*** ୧. ହେଉ, ତଥାସ୍ତୁ ୨. ସତେ, ସତରେ ୩. ହଁ, ହଉ ; ***ବିଂ.*** ଭଲ, ଉତ୍ତମ, ସୁସ୍ଥ ।

**ଆଚ୍ଛାକରି** ***କ୍ରି.ବିଂ.*** ଉତ୍ତମରୂପେ, ସମ୍ପୂର୍ଣ୍ଣରୂପେ, ଭଲ ଭାବରେ ।

**ଆଚ୍ଛା କରିବା** ***କ୍ରି.*** ୧. ଉତ୍ତମ କାର୍ଯ୍ୟ କରିବା ୨. ଆରୋଗ୍ୟ କରିବା ।

**ଆଚ୍ଛାଦ** ***ବି.*** ୧. ଆଚ୍ଛାଦନ ୨. ଘୋଡ଼ଣି, ଢାଙ୍କୁଣି ୩. ବସ୍ତ୍ର ।

**ଆଚ୍ଛାଦକ** ***ବିଂ.*** ଆବରକ, ଯେ ଘୋଡ଼ାଏ ।

**ଆଚ୍ଛାଦନ** ***ବି.*** ଆବରଣ, ଘୋଡଣି ।

**ଆଚ୍ଛାଦନୀୟ** ***ବିଂ.*** ଆବରଣଯୋଗ୍ୟ ।

**ଆଚ୍ଛାଦିତ** ***ବିଂ.*** ଘୋଡା ହୋଇଥିବା ।

**ଆଚ୍ଛାଦିବା** ***କ୍ରି.*** ଘୋଡାଇବା, ଆବୃତ କରିବା ।

**ଆଚ୍ଛା ହେଉ** ***ଅ.*** ଠିକ୍ ଅଛି; ଏୟା ହେଉ; ଏହା ଅନୁମୋଦନ କଲି ।

**ଆଜକ** ***କ୍ରି.ବିଂ.*** ଆଜିକ, ଆଜି ଦିନକ ।

**ଆଜନ୍ମ** ***ବିଂ.*** ଜନ୍ମାବଧି, ଜନ୍ମଠାରୁ ଆରମ୍ଭ କରି ।

**ଆଜହୁଁ** ***କ୍ରି.ବିଂ.*** ଆଜିଠାରୁ ।

**ଆଜାନୁ** ***ବିଂ.*** ଆଣ୍ଠୁ ପର୍ଯ୍ୟନ୍ତ ।

**ଆଜାନୁଲମ୍ବିତ** ***ବିଂ.*** ଆଣ୍ଠୁଯାଏ ଲମ୍ବିଥିବା ।

**ଆଜି** ***ଅ.*** ୧. ଏହି ଦିନ, ବର୍ତ୍ତମାନ ୨. ଆଇ ।

**ଆଜିକ** ***ଅ.*** ଆଜକ, ମାତ୍ର ଆଜି ଦିନକ ।

**ଆଜିକା** ***ବିଂ.*** ୧.ଏବକାର ୨. ଆଜିକାର ।

**ଆଜିକାର** ***ବିଂ.*** ଆଜି ଦିନର ।

**ଆଜିକାଲି** ***ଅ.*** ଏବେ, ସଂପ୍ରତି, ଅଧୁନା ।

**ଆଜି କାଲି କରିବା** ***କ୍ରି.*** ବେଳ ଗଡ଼ାଇବା ।

**ଆଜିକାଲିକା** ***ବିଂ.*** ବର୍ତ୍ତମାନ ସମୟର ।

**ଆଜୀବକ** ***ବି.*** ବୌଦ୍ଧ ଓ ଜୈନ ସମ୍ପ୍ରଦାୟର ସାଧୁ ବିଶେଷ ।

**ଆଜୀବନ** ***ବିଂ.*** ପ୍ରାଣ ଥିବା ପର୍ଯ୍ୟନ୍ତ, ମୃତ୍ୟୁଯାଏ; ***ବି.*** ସମଗ୍ରଜୀବନ, ଯାବତଜୀବନ ।

**ଆଜେବାଜେ** ***ବିଂ.*** ୧. ଏଣୁ ତେଣୁ, ଏଆଡୁ ସେଆଡୁ ୨. ନିକୃଷ୍ଟ ଧରଣର ।

**ଆଜ୍ୟ** ***ବି.*** ଯଜ୍ଞଘୃତ, ହୋମ କ୍ରିୟାରେ ଯାହା ଅଗ୍ନିରେ ଆହୁତି ଦିଆଯାଏ ।

**ଆଝୁଁ** ***କ୍ରି.ବିଂ.*** ଆଜିହୁଁ, ଆଜିଠାରୁ ।

**ଆଜ୍ଞା** ***ବି.*** ୧. ଆଦେଶ, ନିୟୋଗ, ହୁକୁମ ୨. ଅନୁମତି ୩. ଶିକ୍ଷକ ୪. ସମ୍ବୋଧନସୂଚକ ଶବ୍ଦ ; ***ଅ.*** ୧. ହେ ମହାଶୟ ୨. ପ୍ରତ୍ୟୁତ୍ତରସୂଚକ ଅବ୍ୟୟ ୩. ସ୍ୱୀକାରସୂଚକ ଅବ୍ୟୟ, ହଁ ।

**ଆଜ୍ଞାକର** ***ବି.*** ଭୃତ୍ୟ, ସେବକ ।

**ଆଜ୍ଞାକର୍ତ୍ତା** ***ବି. ବିଂ.*** ଆଦେଶ ପ୍ରଦାନକାରୀ, ଆଜ୍ଞାକାରୀ, ଆଜ୍ଞାଦାତା ।

**ଆଜ୍ଞାକାରୀ** ***ବି.ବିଂ.*** ବୋଲ ମାନୁଥିବା, ବଶମ୍ବଦ, ଆଜ୍ଞା ପାଳନ କରୁଥିବା ।

**ଆଜ୍ଞାକ୍ରମେ** ***କ୍ରି. ବିଂ.*** ଆଦେଶ ଅନୁସାରେ ।

**ଆଜ୍ଞାଗତ** ***ବିଂ.*** ଯେ ଆଦେଶ ପାଇଅଛି, ଆଦେଶପ୍ରାପ୍ତ ।

**ଆଜ୍ଞାଚକ୍ର** ***ବି.*** ଯୋଗ ସାଧନରେ ଭ୍ରୂମଧ୍ୟସ୍ଥ ଷଷ୍ଠଚକ୍ର ।

**ଆଜ୍ଞାଦାତା** ***ବି. ବିଂ.*** ଯେ ହୁକୁମ ଦିଅନ୍ତି ।

**ଆଜ୍ଞାଧୀନ** ***ବିଂ.*** ଆଦେଶର ଅନୁବର୍ତ୍ତୀ, ଆଜ୍ଞାପାଳକ, ଆଜ୍ଞାବହ ।

**ଆଜ୍ଞାନୁକ୍ରମେ** ***କ୍ରି.ବିଂ.*** ଆଦେଶ ଅନୁସାରେ ।

**ଆଜ୍ଞାନୁବର୍ତ୍ତିତା** ***ବି.*** ଆଦେଶ ପାଳନ ।

**ଆଜ୍ଞାନୁବର୍ତ୍ତୀ** ***ବିଂ.*** ଆଦେଶ ପାଳନକାରୀ, ଆଜ୍ଞାବହ ।

**ଆଜ୍ଞାପତ୍ର, ଆଜ୍ଞାପତ୍ରିକା** ***ବି.*** ହୁକୁମନାମା, ଆଜ୍ଞାଲିପି, ଆଦେଶପତ୍ର, ଲିଖିତ ଆଦେଶ ।

**ଆଜ୍ଞାପାଳନ** ***ବି.*** ଆଦେଶ ମାନିବା ।

**ଆଜ୍ଞାପ୍ରମାଣେ** ***କ୍ରି.ବିଂ.*** ଆଜ୍ଞାନୁସାରେ, ହୁକୁମ ଅନୁସାରେ ।

**ଆଜ୍ଞାବହ** ***କ୍ରି.*** ଯେ ଆଜ୍ଞାକୁ ବହନ କରେ, ଦୂତ, ଅନୁଗତ, ବିଶ୍ୱସ୍ତ ।

**ଆଜ୍ଞାମାଳ** ***ବି.*** ଦେବୀ ବା ଦେବତାଙ୍କ ଆଦେଶସ୍ୱରୂପ ଆଜ୍ଞାପାଳନକାରୀ ବ୍ୟକ୍ତି ନିକଟକୁ ପଠାଯାଉଥିବା ଦେବତାଙ୍କର ଧଣ୍ଡାମାଳ ।

**ଆଜ୍ଞା ହେବା** ***କ୍ରି.*** ଆଦେଶ ହେବା ।

**ଆଞ୍ଚ** ***ବି.*** ୧. ସାମାନ୍ୟ ଆଘାତ ୨. ନିଆଁଧାସ ୩. ନିଆଁ ।

**ଆଞ୍ଚ ଆସିବା** ***କ୍ରି.*** ସମ୍ମାନ ବା ମର୍ଯ୍ୟାଦା କ୍ଷୁଣ୍ଣହେବା, କ୍ଷତି ସାଧିତ ହେବା, କ୍ଷତି ଘଟିବା ।

**ଆଞ୍ଚ କରିବା** ***କ୍ରି.*** ୧. ଅନ୍ଦାଜ କରିବା ୨. ଅନୁମାନ କରିବା ୩. ଚୁଲିରେ ନିଆଁ ଧରାଇବା ।

**ଆଞ୍ଚଳିକ** ***ବିଂ.*** କୌଣସି ଅଞ୍ଚଳ ସମ୍ବନ୍ଧିତ, ପ୍ରାନ୍ତୀୟ, କ୍ଷେତ୍ରୀୟ, ଦେଶର ଅଂଶ ବିଷୟକ ।

**ଆଞ୍ଚଳିକତା** ***ବି.*** ଆଞ୍ଚଳିକ ମନୋବୃତ୍ତି, ନିର୍ଦ୍ଦିଷ୍ଟ ଅଞ୍ଚଳର ପ୍ରବୃତ୍ତି ।

**ଆଞ୍ଚଳିକତାବାଦ** ***ବି.*** ଆଞ୍ଚଳିକ ମନୋଭାବସଂପନ୍ନ ମତବାଦ ।

**ଆଞ୍ଚଲ୍** ***ବି.*** ୧. ପଣତ, ଶାଢ଼ିମୁହଁ ୨. ଉତ୍ତରୀୟ, ଓଢ଼ଣି ।

**ଆଞ୍ଚିବା, ଆଞ୍ଚେଇବା** ***କ୍ରି.*** ୧. ଖାଇବା ପରେ ମୁହଁ ଧୋଇବା ୨. ଟାଣିବା, ନୁଆଁଇବା ୩. ଜାଳିବା ୪. ଦଉଡ଼ିଆ ଖଟର ଗୋଡ଼ପଟର ରସି ଭିଡ଼ି ସଜାଡ଼ିବା ।

**ଆଞ୍ଜୁଡ଼ା** ***ବିଂ.*** ଘଷିହୋଇ ରାମ୍ପୁଡ଼ି ହେବା ।

**ଆଞ୍ଜୁଡ଼ିବା** ***କ୍ରି.*** ରାମ୍ପୁଡ଼ିବା ।

**ଆଞ୍ଜୁଳା** ***ବି.*** ଦୁଇ ହାତପାପୁଲିକୁ ପାତ୍ରାକାର କରିବା, ଅଞ୍ଜଳି ।

**ଆଞ୍ଜୁଳା ପକାଇବା** ***କ୍ରି.*** ଫୁଲ ଓ ଅରୁଆଚାଉଳ ଆଦିକୁ ଆଞ୍ଜୁଳାରେ ଧରି ଦେବତାଙ୍କୁ ସମର୍ପଣ କରିବା ।

**ଆଞ୍ଜୁଳି** ***ବି.*** ଅଞ୍ଜଳି, ଆଞ୍ଜୁଳା ।

**ଆଟ୍** ***ବି.*** ୧. ଢ଼ିପଜମି, ଜମିର ପ୍ରକାରବିଶେଷ (ମାଲ, ବାହାଲ, ବେରନା, ଆଟ-ଚାରି ପ୍ରକାର ଜମି) ୨. ପିଣ୍ଡା, ଅଳିନ୍ଦ ୩. ଚାରୁ କଳା ।

**ଆଟ୍‌ଲାସ** ***ବି.*** ଭୂଚିତ୍ରାବଳୀ, ମାନଚିତ୍ରାବଳୀ ।

**ଆଟଣା** ***ବି.*** ମଝିଆଳିଆ ହାଣ୍ଡି, ବଡ଼ ଆଟିକା, ସାନ ନଉତି ।

**ଆଟବିକ** ***ବିଂ.*** ବନ୍ୟ, ଆରଣ୍ୟକ, ବଣୁଆ; ***ବି.*** ବଣରେ ଶିକାର କରୁଥିବା ବ୍ୟକ୍ତି, ଆଦିବାସୀ ।

**ଆଟମ୍** ***ବି.*** ଅଣୁ, ମୌଳିକ ପଦାର୍ଥର କ୍ଷୁଦ୍ରତମ ଅବିଭାଜ୍ୟ ଅଂଶ ।

**ଆଟମ୍ ବମ୍** ***ବି.*** ଆଣବିକ ବା ପରମାଣୁ ବୋମା ।

**ଆଟର୍ଣ୍ଣି ଜେନେରାଲ୍** ***ବି.*** ସରକାରୀ ମୋକଦ୍ଦମା ପରିଚାଳନା କରିବା ତଥା ଆଇନ ପରାମର୍ଶ ଦେବାପାଇଁ କେନ୍ଦ୍ର ସରକାରଙ୍କଦ୍ୱାରା ନିଯୁକ୍ତ ଆଇନଜ୍ଞ ।

**ଆଟା** ***ବି.*** ମୋଟାପଟା, ମଲାଟ ବା କଭର ଭାବରେ ବ୍ୟବହୃତ କାଡ୍‌ବୋଡ୍ ।

**ଆଟାକ୍** ***ବି.*** ଆକ୍ରମଣ ।

**ଆଟାଚି** ***ବି.*** ହାତପେଡ଼ି, ହାତବାକ୍‌ସ, ଛୋଟ ସୁଟ୍‌କେସ୍ ।

**ଆଟି** ***ବି.*** ଗୋଛା, ହଳାର ବୋଝ, ନଡ଼ାବିଡ଼ା ।

**ଆଟିକା** ***ବି.*** ଛୋଟ ମାଟିହାଣ୍ଡି ।

**ଆଟିକା ଚୁହାଁ** ***ବିଂ.ବି.*** ରନ୍ଧା ଖାଦ୍ୟଦ୍ରବ୍ୟପ୍ରତି ଲୋଭାସକ୍ତ ।

**ଆଟିକା ପିଟା** ***ବି.*** ୧. ଯେଉଁ ବ୍ରାହ୍ମଣ ଦଶାହ କର୍ମରେ ପ୍ରେତକର୍ମ କରନ୍ତି ୨. ଦଶତୁଠରେ କ୍ରିୟାଧାରୀ ବ୍ୟକ୍ତି ଭସାଇ ଦିଆଯାଇଥିବା ଜଳନ୍ତା ହାଣ୍ଡିକୁ କାଠଫାଳିଆଦ୍ୱାରା ପ୍ରହାର ; ***ବିଂ.*** କ୍ରୋଧୀ

**ଆଟିକା ବାନ୍ଧିବା** ***କ୍ରି.*** ଯାତ୍ରୀ ଜଗନ୍ନାଥଙ୍କଠାରେ ସ୍ଥାୟୀ ଭୋଗ ଲାଗିବା ପାଇଁ ପଣ୍ଡାଙ୍କ ମାର୍ଫତରେ ଦିଆଯିବା ଅର୍ଥ ।

**ଆଟିକାଭୋଗ** ***ବି.*** ଜଗନ୍ନାଥଙ୍କ ନିକଟରେ ସ୍ଥାୟୀ ଭୋଗ ।

**ଆଟୁ** ***ବି.*** ଘରର କାନ୍ଥ ଉପରେ କାଠ, ବାଉଁଶ ଓ କାଦୁଅରେ ତିଆରି ଛାତ ।

**ଆଟୁଘର** ***ବି.*** ଆଟୁଥିବା ଘର-ଯେଉଁଘର ଉପରେ ନଡ଼ା ବା ଛଣର ଚାଳ ଓ ଭିତରେ ମାଟିର ଛାତ ଥାଏ ।

**ଆଟେଣ୍ଡ୍ କରିବା** ***କ୍ରି.*** ଯୋଗ ଦେବା, ଉପସ୍ଥିତ ହେବା ।

**ଆଟେଣ୍ଡାଣ୍ଟ୍** ***ବି.*** ବୋଲହାକ କରୁଥିବା ବ୍ୟକ୍ତି, ଜଗାରଖା କରୁଥିବା ବ୍ୟକ୍ତି, ପରିଚାରକ ।

**ଆଟେଣ୍ଡେନ୍‌ସ୍** ***ବି.*** ଯୋଗଦାନ, ଉପସ୍ଥାନ ।

**ଆଟେଷ୍ଟ୍ କରିବା** ***କ୍ରି.*** ମୂଳ ପ୍ରମାଣପତ୍ର, ଫଟୋ ପ୍ରଭୃତିର ସହୀକରଣ ବା ଅନୁପ୍ରମାଣ କରିବା ।

**ଆଟୋପ** ***ବି.*** ଗର୍ବ, ଅହଂକାର, ଆଡ଼ମ୍ବର ।

**ଆଠଅଣା** ***ବି.*** ୧. ଏକ ଟଙ୍କାର ଅଧା, ପଚାଶ ପଇସା ୨. ଅଧାଅଧି ।

**ଆଠକଉଡ଼ି** ***ବି.*** ଏକ ପ୍ରକାର କଉଡ଼ି ଖେଳ ।

**ଆଠକାଠ** ***ବି.*** କାମ କରିବାକୁ ପଶ୍ଚାତ୍‌ପଦ ଭାବ ।

**ଆଠକାଠି** ***ବିଂ.*** ଅତିଶୟ କ୍ଲାନ୍ତ ।

**ଆଠକାଠିଆ** ***ବି.*** ଆଠଟି କାଠି ସାହାଯ୍ୟରେ ହେଉଥିବା ପିଲାଙ୍କ ଖେଳ ।

**ଆଠକାଳି ବାରମାସୀ** ***ବି.*** ବର୍ଷସାରା, ବର୍ଷକ ଯାକ ।

**ଆଠଘଡ଼ି** ***ବିଂ.*** ଆଠଟା ବେଳେ; ***ବି.*** ଆଠଟା ବାଜିବା, ବେଳ ।

**ଆଠଣି, ଆଠେଣି** ***ବି.*** ୧. ଆଠଅଣା ମୂଲ୍ୟର ମୁଦ୍ରା, ପଚାଶ ପଇସା ୨. ଅଧା ।

**ଆଠତାଳି** ***ବି.*** ସଙ୍ଗୀତର ତାଳ ବିଶେଷ ।

**ଆଠପଣ** ***ବି.*** ଏକ ପଣର ଅର୍ଦ୍ଧେକ, ଅଧାଭାଗ ବା ଅଂଶ ।

**ଆଠପହର** ***ବି.*** ଦିନ ଚାରି ପହର ଓ ରାତି ଚାରି ପହର, ଅହର୍ନିଶ ।

**ଆଠମଙ୍ଗଳା** ***ବି.*** ଅଷ୍ଟମଙ୍ଗଳା, ବିବାହର ଅଷ୍ଟମ ଦିବସ ।

**ଆଠମାସିଆ** ***ବି.ବିଂ.*** ଗର୍ଭର ଅଷ୍ଟମ ମାସରେ ଜନ୍ମ ହୋଇଥିବା ଶିଶୁ ।

**ଆଠୁଆରି ଗାଧୁଆ** ***ବି.*** ପ୍ରସବ କରିବାର ଅଷ୍ଟମ ଦିବସରେ ପ୍ରସୂତୀର ସ୍ନାନ, ଉଠିଆରି ।

**ଆଡ୍‌ଜଷ୍ଟ୍ କରିବା** ***କ୍ରି.*** ୧. ଅସୁବିଧା ସତ୍ତ୍ୱେ ଚଳାଇ ନେବା ୨. କୌଣସି ମତେ ଚଳିଯିବା ।

**ଆଡ୍‌ବୁଝା** ***ବିଂ.*** କଥାକୁ ଯେ ଓଲଟା ବୁଝେ ।

**ଆଡ୍‌ଭାନ୍‌ସ୍** ***ବି.*** ଅଗ୍ରିମ, ବଇନା ।

**ଆଡ୍‌ଭୋକେଟ** ***ବି.*** ଓକିଲାତି କରିବାପାଇଁ ଅନୁମତିପ୍ରାପ୍ତ ବ୍ୟକ୍ତି, ଓକିଲ ।

**ଆଡ୍‌ଭୋକେଟ୍ ଜେନେରାଲ୍** ***ବି.*** ସରକାରଙ୍କ ପକ୍ଷରୁ ମକଦ୍ଦମା ଚଳାଇବାପାଇଁ ନିଯୁକ୍ତ ମୁଖ୍ୟ ଆଇନ ପରାମର୍ଶଦାତା ।

**ଆଡ଼ମଇ ବି.** ହଳ କରାଯାଇଥିବା କ୍ଷେତକୁ ଭଲ ଭାବରେ ସମତଳ କରିବା ପାଇଁ କୋଣ ଓ କଡ଼ ଅଚାରେ ବ୍ୟବହୃତ ମଇ ।

**ଆଡ଼ମିଟ୍ ବି.** ୧. ପ୍ରବେଶ ଅନୁମତି ୨. ସ୍ୱୀକାର ୩. ମାନିବା ୪. ଗ୍ରହଣ।

**ଆଡ୍‌ମିଟ୍ କରିବା କ୍ରି.** ୧. ଦାଏର ହେବା ମକଦ୍ଦମା ବା ଅପିଲକୁ ବିଚାର ପାଇଁ ବିଚାରାଳୟ ଗ୍ରହଣ କରିବା ୨. ସ୍ୱୀକାର କରିବା, ମାନିନେବା ୩. ଦୋଷ ମାନିବା ୪. ସ୍କୁଲ ବା କଲେଜରେ ନାମ ଲେଖାଇବା ୫. ଚିକିତ୍ସା ପାଇଁ ରୋଗୀକୁ ଡାକ୍ତରଖାନାରେ ଭର୍ତ୍ତି କରିବା ୬. ଆସିବାକୁ ଅନୁମତି ଦେବା ।

**ଆଡ୍‌ମିଟ୍ କାର୍ଡ୍ ବି.** ଯେଉଁ କାର୍ଡ୍ ବା କାଗଜଦ୍ୱାରା ପ୍ରବେଶାଧିକାର ମିଳେ, ପ୍ରବେଶାଧିକାରପତ୍ର ।

**ଆଡ୍‌ମିସନ୍ ବି.** ୧. କୌଣସି ମକଦ୍ଦମା ବା ଅପିଲର ଗ୍ରହଣ ୨. ଛାତ୍ରର ନାମଲେଖା ୩. ଦଲିଲ ସ୍ୱୀକାର ୪. ଚିକିତ୍ସାଳୟରେ ରୋଗୀର ପ୍ରବେଶ ।

**ଆଡ୍‌ମିସନ୍ ଫି ବି.** ପ୍ରବେଶ ମୂଲ୍ୟପାଇଁ ନିଆଯାଉଥିବା ଅର୍ଥ ।

**ଆଡ଼ ବି.** ୧. ପାର୍ଶ୍ୱ, ଦିଗ, ପକ୍ଷ ୨. ଔରସ ୩. ପ୍ରସ୍ଥ ୪. ଆଢୁଆଳ ।

**ଆଡ଼ଅନ୍ତର ବିଂ.** ପାଖଛଡ଼ା ।

**ଆଡ଼ଅନ୍ଧାର ବି.** ଅଳ୍ପ ଅନ୍ଧାରିଆ ସ୍ଥାନ ।

**ଆଡ଼ଆଖି ବି.** ଈଷତ୍ ଦୃଷ୍ଟି, କଟାକ୍ଷ ।

**ଆଡ଼ଆଖିଆ ବିଂ.** ଟେରା ।

**ଆଡ଼ଆଖିରେ ଚାହିଁବା କ୍ରି.** ଅବହେଳା ବା ଅବଜ୍ଞାସୂଚକ ବ୍ୟବହାର କରିବା।

**ଆଡ଼ଆଡ଼ ବିଂ.** ଏକପାଖିଆ, ସଂକୋଚବୋଧ, ଦୂରଛଡ଼ା।

**ଆଡ଼ କରିବା କ୍ରି.** ଦୂର କରିବା, ପାଖେଇବା, ପର କରିବା, ଯତ୍ନ ନ ନେବା, ସମ୍ପର୍କ ତୁଟେଇବା, ପରିତ୍ୟାଗ କରିବା, ପ୍ରସ୍ଥ(ଆଡ଼)ବାଗରେ ପକାଇବା, ଏକ ପାଖକୁ ବୁଲାଇ ଦେବା ।

**ଆଡ଼କାଠ ବି.** ୧. ତନ୍ତର ବାଁ ପାଖରୁ ଡାହାଣ ପାଖକୁ ଲଗାଯାଇଥିବା ଦଣ୍ଡ ୨. ଓଗ ୩. ଅର୍ଗଳ ୪. ହରିକାଠ ୫. ଧନ୍ଦା ୬. ଅଖଜିଆ ଅବସ୍ଥା ୭. ଆଡ଼ବାଗରେ ପଡ଼ିଥିବା ଲମ୍ବାକାଠ, ପଶୁବଳି ଦେବାପାଇଁ ବ୍ୟବହୃତ ଅର୍ଗଳ।

**ଆଡ଼କୁ ଅ.** ଦିଗକୁ, ତରଫକୁ, ନିକଟକୁ, ପକ୍ଷକୁ, ଉଦ୍ଦେଶ୍ୟକରି ।

**ଆଡ଼କେ ଅ.** ଏକ ଦିଗରେ, ଏକ ପାଖରେ, ଏକ ମୁଣ୍ଡରେ, ଏକ ଦଳରେ।

**ଆଡ଼ଖରା ବି.** ତେରେଛା ଖରା ।

**ଆଡ଼ଖୋଷା ବି.** ଦକ୍ଷିଣିଖୋଷା, ଢ଼ଳିଆଖୁଷା, ଲହସାଖୋଷା ।

**ଆଡ଼ଘିଅ ବି.** ପିଠା ଓ ପୁରି ଛଣାହେବା ପରେ କଡ଼େଇରେ ବଳିପଡ଼ିଥିବା ଘିଅ ।

**ଆଡ଼ଙ୍ଗ ବି.** ଲୁଣ ପୋକ୍ତାନି ହୋଇ ଠୁଳହେବା ସ୍ଥାନ, ଲୁଣକାଣ୍ଡି, ଲୁଣଗୋଲା ।

**ଆଡ଼ଚକ୍ଷୁ ବି.** ଟେରାଆଖି, ବକ୍ରଦୃଷ୍ଟି, କାକଦୃଷ୍ଟି ।

**ଆଡ଼ଚାଳ ବି.** ଛୋଟଚାଳ, ଚାଳିଘର ।

**ଆଡ଼ଚାହାଣି ବି.** ବାଙ୍କଚାହାଣି, ତେରଛାଦୃଷ୍ଟି ।

**ଆଡ଼ଚିରା ବି.** ୧. ଏକ ପାଖକୁ ଡ଼େଇଁବା ୨. ନାଚିଲା ବେଳେ ଏକ ପାଖକୁ ବୁଲିଯିବା ।

**ଆଡ଼ଛଡ଼ା ବି.** ଅଲଗା ।

**ଆଡ଼ଛାଟ ବି.** ତେରେଛାଭାବରେ ପଡୁଥିବା ବର୍ଷାପାଣି ।

**ଆଡ଼ଣି, ଆଢ଼ଣି ବି.** କନାତିଆରି ପଙ୍ଖା ।

**ଆଡ଼ତ ବି.** ଗଞ୍ଜ, ଗୋଲା, ମଣ୍ଡି, ପଣ୍ୟଦ୍ରବ୍ୟ ବିକ୍ରୟ କେନ୍ଦ୍ର, ପେଣ୍ଠ ।

**ଆଡ଼ତଦାର ବି.** ଯେଉଁ ଲୋକ ଅନ୍ୟର ମାଲ ନିଜ ଗୋଦାମରେ ରଖି ବିକେ, ଦଲାଲ, ଆଡ଼ତିଆ, ଦଣ୍ଡିଦାର ।

**ଆଡ଼ତି ବି.** ପାଇଟି, ଘରକାମ, ସାଧାରଣ କର୍ମ ।

**ଆଡ଼ଦୀର୍ଘ ବି.** ପ୍ରସ୍ଥ ଓ ଦୈର୍ଘ୍ୟ, କ୍ଷେତ୍ରଫଳ ; **ବିଂ.** ପ୍ରଶସ୍ତ ଓ ଦୀର୍ଘ ।

**ଆଡ଼ନୟନ ବି.** ବକ୍ରଦୃଷ୍ଟି, ସାମାନ୍ୟଦୃଷ୍ଟି ।

**ଆଡ଼ପ ଅଭଡ଼ା ବି.** ଗୁଣ୍ଡିଚାଘରେ ଥିବା ସମୟରେ ଯେଉଁ ଅନ୍ନ ବ୍ୟଞ୍ଜନ ରନ୍ଧାହୋଇ ଜଗନ୍ନାଥଙ୍କୁ ଭୋଗ ଲାଗେ ।

**ଆଡ଼ ପକେଇବା କ୍ରି.** ଅନ୍ୟର ଗତିରୋଧ କରିବା ବା ଅନ୍ୟର ଚଳଣିରେ ବାଧା ସୃଷ୍ଟି କରିବା ।

**ଆଡ଼ପଟିଆ ବିଂ.** ଏକପାଖିଆ, ଏକତରଫା, ଅଣେଇ ହୋଇଥିବା ।

**ଆଡ଼ପଟେ କ୍ରି.ବିଂ.** ଏକ ପାଖରେ, ଚଉଡ଼ା ବାଗରେ ।

**ଆଡ଼ପଣନ୍ତ ବି.** ପିନ୍ଧାଲୁଗାର କାନି ।

**ଆଡ଼ପ ମଣ୍ଡପ ବି.** ଗୁଣ୍ଡିଚାମଣ୍ଡପ ।

**ଆଡ଼ପାଗଳା ବିଂ.** ସାମାନ୍ୟ ବାୟା, ଆଡ଼ବାୟା ।

**ଆଡ଼ବନ୍ଧ, ଆଡ଼ିବନ୍ଧ ବି.** ନଦୀ ବା ନାଳ ଉପରେ ଦିଆଯାଇଥିବା ବନ୍ଧ, ଆଡ଼ିବନ୍ଧ ।

**ଆଡ଼ବାଗ ବି.** ପ୍ରସ୍ଥ ବା ଚଉଡ଼ାବାଗ ।

**ଆଡ଼ବାଙ୍କ ବିଂ.** ଈଷତ୍‌ବକ୍ର, କପଟ, ଛଳପୂର୍ଣ୍ଣ, କଥାକହିବା ଭଙ୍ଗୀ; **ବି.** ସାମାନ୍ୟ ବ୍ୟତିକ୍ରମ ।

**ଆଡ଼ବାଙ୍କା ବିଂ.** ସାମାନ୍ୟ ବଙ୍କା, ବ୍ୟତିକ୍ରମଯୁକ୍ତ ।

**ଆଡ଼ବାୟା ବିଂ.ବି.** ଆଡ଼ପାଗଳା, ଅର୍ଦ୍ଧବାତୁଳ, ଅର୍ଦ୍ଧପାଗଳ ।

**ଆଡ଼ଭାରିଆ ବି.** ଯାଯାବର ଜାତିବିଶେଷ ।

**ଆଡ଼ମୁହଁ *ବି.*** ଯେଉଁ ଘରର ଦୁଇ ବିପରୀତ ଦିଗରେ ଦୁଆର ପରସ୍ପର ସମ୍ମୁଖରେ ନ ଥାଏ ।

**ଆଡ଼ମୁହିଁ *ବିଂ.*** ଯେଉଁ ଘରର ବିପରୀତମୁଖୀ କବାଟ ସାମନା ସାମନି ନ ଥାଏ ।

**ଆଡ଼ମୁହାଁ *ବିଂ.*** ମୁହଁ ବୁଲାଇ ରୁଷି ବସିଥିବା, ଅଭିମାନ କରିଥିବା ।

**ଆଡ଼ମୋଡ଼ା *ବି.*** ଅଳସଭାଙ୍ଗିବା, ଅଙ୍ଗଡାଇ ।

**ଆଡ଼ମ୍ବର *ବି.*** ୧. ଜାକଯମକ, ସମାରୋହ ୨. ବାହୁଲ୍ୟ ।

**ଆଡ଼ମ୍ବରିଆ *ବିଂ.*** ଆଡ଼ମ୍ବରପ୍ରିୟ ।

**ଆଡ଼ର *ବିଂ.*** ୧. ପାଖର ୨. ତରଫର ୩. ପଟର ।

**ଆଡ଼ରୁ *ଅ.*** ଆଡୁ, ଗର୍ଭରୁ, ଔରସରୁ ।

**ଆଡ଼ରୁଷା *ବି.*** ଅଳପ ବା ଅବ୍ୟକ୍ତ ଅଭିମାନ ।

**ଆଡ଼ସରା *ବି.*** ଗୁହାଳରେ ଲାଗୁଥିବା ଅର୍ଗଳ ୨. ଛାମୁଡ଼ିଆର ଆଡ଼ବାଗରେ ପକାଯାଇଥିବା କାଠ ।

**ଆଡ଼ ହେବା *କ୍ରି.*** ଭାଇବୋହୂ ଦେଢ଼ଶୁରଙ୍କ ସମ୍ମୁଖରୁ ଆଡ଼େଇ ଯିବା, ଆଢୁଆଳରେ ରହିବା, ଅନ୍ତରାଳକୁ ଚାଲିଯିବା ।

**ଆଡ଼ା *ବି.*** ୧. ଆଡ଼ମ୍ବର ୨. ଆୟତନ ୩. ନିୟମିତ ବସାଉଠା କରିବା ଜାଗା, ଆମୋଦ ପ୍ରମୋଦର ବୈଠକ ୪. ଶୁଆ ବସିବା ପାଇଁ ତିନିଖଣ୍ଡ କାଠି ଲାଗିଥିବା ଅର୍ଦ୍ଧ ବୃତ୍ତାକାର ଖୋଲା ପଞ୍ଜୁରୀ ୫. ମାଛଧରା ଖଇଁଚି ; ***ବିଂ.*** ବକ୍ର, ବକ୍ରଗତି ।

**ଆଡ଼ାଚଉଡ଼ା *ବି.*** ୧. ବଡ଼ପଣିଆ ଦେଖାଇହେବା ୨. ବିସ୍ତୃତ ପରିସର।

**ଆଡ଼ାମେଣ୍ଟ୍ *ବିଂ.*** ଜିଦ୍‌ଖୋର, ଅବୁଝା ।

**ଆଡ଼ି *ବି.*** ୧. ବନ୍ଧ, ହିଡ଼, ହୁଡା ୨. ଶିକାର କରିବାପାଇଁ ଭାଡ଼ି, ମଞ୍ଚା ୩. ଶିକାର, ମୃଗୟା ।

**ଆଡ଼ିକା *ବିଂ.*** ଏପଟର, ଏପାଖର ।

**ଆଡ଼ିବା *କ୍ରି.*** ୧. ଅଟକାଇବା ୨. ଖେଳରେ ବାଜି ମାରିବା ।

**ଆଡ଼ିଶା କଣ୍ଟା *ବି.*** ନାଗଫେଣୀ-ସେହି କଣ୍ଟା ବା ଗଛ ।

**ଆଡୁ *ଅ.*** ଦିଗରୁ, ପକ୍ଷରୁ, ତରଫରୁ ।

**ଆଡୁଆ *ବିଂ.*** ୧. କୌଣସି ବ୍ୟକ୍ତି, ଦଳ ବା ଗୋଷ୍ଠୀର ପକ୍ଷନେବା ବା ତରଫ ଗ୍ରହଣ କରିବା ୨. ପାଖୁଆ ୩. ପ୍ରସ୍ଥ ବା ଓସାରପଟ ।

**ଆଡୁଆ ଅନ୍ଧାର *ବି.*** ଈଷତ୍ ଅନ୍ଧାର ।

**ଆଡ଼େ *ଅ.*** ରେ, ହେ ଭଳି ସମ୍ବୋଧନ ସୂଚକ ଉଚ୍ଚାରଣ ***; କ୍ରି.ବିଂ.*** ପଟେ, ଦିଗରେ ।

**ଆଡ଼େଇ ଦେବା *କ୍ରି.*** ୧. ଏକ ପାଖକୁ ଘୁଞ୍ଚାଇ ଦେବା ୨. ପାଖରୁ ତଡ଼ିଦେବା ୩. ଆଡ଼ କରିଦେବା ୪. ଉପେକ୍ଷା କରିବା ।

**ଆଡ଼େଇ ଯିବା *କ୍ରି.*** ଅଲଗା ହୋଇଯିବା ।

**ଆଢ଼କ *ବି.*** ୧. ଶସ୍ୟ ମାପିବାର ପାତ୍ରବିଶେଷ, ଅଢ଼ା/ଅଡ଼ା ୨. ଆଠ ସେର ଧରୁଥିବା ଗଉଣି ।

**ଆଢ଼ଣି *ବି.*** ଆଡମ୍ବର, ଜାକଜମକ ।

**ଆଢୁଆଳ *ବି.*** ଅନ୍ତରାଳ, ଉଢ଼ାଳ, ଉହାଡ ।

**ଆଢ୍ୟ *ବିଂ.*** ଧନୀ, ବିଭବଶାଳୀ; ***ପ.ପ୍ର.*** ସଂପନ୍ନ, ବିଶିଷ୍ଟ ବା ପ୍ରୌଢ଼ିସୂଚକ (*ଉଦା.* ଧନାଢ଼୍ୟ, ବର୍ଣ୍ଣାଢ଼୍ୟ) ।

**ଆଣ *ବି.*** ପାଣି ଓ ଲୁଣ ପଡ଼ି ଗୋଳା ହୋଇଥିବା ପିଠଉ ; ***କ୍ରି.*** ଆଣିବାପାଇଁ ଆଦେଶ ବା ଅନୁରୋଧ।

**ଆଣବିକ *ବିଂ.*** ଅଣୁ ସମ୍ବନ୍ଧୀୟ, ଅଣୁ ସଂପର୍କିତ ।

**ଆଣବୀଜ *ବି.*** ଉପଯୁକ୍ତ ବିହନ ।

**ଆଣି *ବି.*** ଟେକ, ଗର୍ବ, ଆଡ଼ମ୍ବର, ବଡ଼ିମା, ଟାଣପଣ ।

**ଆଣିବା *କ୍ରି.*** ଆନୟନ କରିବା, ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନ ବା ପାଖକୁ ପହଞ୍ଚାଇବା ।

**ଆଣ୍ଟ *ବିଂ.*** ଦୃଢ଼, କଠିନ, ଟାଣ, ଶକ୍ତ ; ***ବି.*** ୧. ଗର୍ବ ୨. ବଳ।

**ଆଣ୍ଟପାକୁଡ଼ି *ବି.*** ଟାଣ ପାଗରେ ଛଣା ପକୁଡ଼ି ।

**ଆଣ୍ଟିବା *କ୍ରି.*** କଷିବା, ଦୃଢ଼କରି ଲଗାଇବା ।

**ଆଣ୍ଟିନା *ବି.*** ବେତାର, ଟେଲିଭିଜନ ପ୍ରଭୃତିର ବୈଦ୍ୟୁତିକ ତରଙ୍ଗର ପ୍ରସାରଣ ଓ ଗ୍ରହଣପାଇଁ ବ୍ୟବହୃତ ଉପକରଣ ବିଶେଷ।

**ଆଣ୍ଟୁଆ *ବିଂ.*** ଟାଣୁଆ, ବଳୁଆ, ଗର୍ବୀ ।

**ଆଣ୍ଠିଏ, ଆଣ୍ଠୁଏ *ବିଂ.*** ଆଣ୍ଠୁଏ ଉଚ୍ଚ ବା ଗଭୀର ।

**ଆଣ୍ଠୁ *ବି.*** ଗୋଡ଼ର ପେଣ୍ଡା ଓ ଜଙ୍ଘର ମଧ୍ୟବର୍ତ୍ତୀ ଗଣ୍ଠି ।

**ଆଣ୍ଠୁଆ *ବି.*** ୧. ଆଣ୍ଠୁଦ୍ୱାରା ଆଘାତ ୨. ଏକ ପ୍ରକାର ଛତୁ ; ***ବିଂ.*** ଯେ ଆଣ୍ଠୁ ମାଡ଼ି ବସିଥାଏ ।

**ଆଣ୍ଠୁଆ ଗୋପାଳ *ବି.*** ୧. ଶ୍ରୀକୃଷ୍ଣଙ୍କ ଗୁରୁଣ୍ଠୁଥିବା ରୂପ ୨. ଯେ କୌଣସି କାମପାଇଁ ଅଯୋଗ୍ୟ ଲୋକ ୩. ଅପୋଗଣ୍ଡ, ଅର୍ବାଚୀନ ।

**ଆଣ୍ଠୁଆଣି *ବିଂ.*** ଆଣ୍ଠୁଏ ପରିମିତ ଗଭୀର ।

**ଆଣ୍ଠୁକୁଡ଼ା *ବିଂ.*** ପୁଅ ଝିଅ ନ ଥିବା, ନିଃସନ୍ତାନ, ଅପତ୍ୟହୀନ; *ସ୍ତ୍ରୀ.* ଆଣ୍ଠୁକୁଡ଼ୀ ।

**ଆଣ୍ଠେଇବା *କ୍ରି.*** ୧. ଭୂମିରେ ଆଣ୍ଠୁ ଲଗାଇବା ୨. ହଇରାଣରେ ପଡ଼ିବା ୩. ପରାଜିତ ହେବା ।

**ଆଣ୍ଡବାଜ୍ *ବିଂ.*** କାମୁକ, ଇନ୍ଦ୍ରିୟପରାୟଣ ।

**ଆଣ୍ଡବାଜି *ବି.*** ଛତରାମି, ଦୁଷ୍ଟାମି ।

**ଆଣ୍ଡୁଆ *ବିଂ.*** ଅଖାଡୁଆ, ଅବାଗିଆ, ଏକଜିଦିଆ, ଅବୁଝା ।

**ଆତ** *ବି.* ସୀତାଫଳ, ରାମଫଳ, ରାଏକଟା, ବଢ଼ିଅଳ ।

**ଆତଙ୍କ** *ବି.* ଭୟ, ଶଙ୍କା, ବିପଦର ଆଶଙ୍କା ବା ଭୟ ।

**ଆତଙ୍କବାଦ** *ବି.* ରାଜନୀତିକ ବା ଅନ୍ୟକୌଣସି ଉଦ୍ଦେଶ୍ୟରେ ଭୀତତ୍ରସ୍ତ କରିବା ପାଇଁ ହିଂସାତ୍ମକ ନୀତି ଓ କାର୍ଯ୍ୟରେ ବିଶ୍ୱାସ ।

**ଆତଙ୍କବାଦୀ** *ବିଂ.* ନିଜ ମତ ସାବ୍ୟସ୍ତ କରିବା ପାଇଁ ଭୟପ୍ରଦ ପନ୍ଥା ଅବଲମ୍ବନକାରୀ ।

**ଆତଙ୍କିତ** *ବିଂ.* ଭୀତ; ଭୟ ବା ଆଶଙ୍କାରେ ରହିଥିବା ।

**ଆତଙ୍ଗ** *ବି.* ଆତଙ୍କ, ଭୟ ।

**ଆତତାୟୀ** *ବି. ବିଂ.* ୧. ହିଂସ୍ର ଆକ୍ରମଣକାରୀ, ହତ୍ୟାଉଦ୍ୟମକାରୀ ୨. ଘାତକ, ଘୋର ଅନିଷ୍ଟକାରୀ ବ୍ୟକ୍ତି ।

**ଆତପ** *ବି.* ରୌଦ୍ର, ଟାଣଖରା, ସୂର୍ଯ୍ୟକିରଣ ।

**ଆତଯାତ** *ବି.* ୧. ଯାଆସ, ଯିବା ଆସିବା, ଚଳପ୍ରଚଳ ୨. ଜନ୍ମମରଣ ।

**ଆତର** *ବି.* ନାଆ ଭଡ଼ା ।

**ଆତସ** *ବି.* ଅଗ୍ନି, ନିଆଁ ; *ବିଂ.* ଅଗ୍ନି ଉତ୍ପାଦକ ।

**ଆତସବାଜି** *ବି.* ବିଭିନ୍ନ ଧରଣର ବାଣଫୁଟା ।

**ଆତା** *ବି.* ବାପାଙ୍କ ଭଉଣୀ, ନାନୀ, ପିଉସୀ ।

**ଆତାପି** *ବି.* ଲେମ୍ବୁଜାତୀୟ ଖଟାଫଳ ବିଶେଷ, ବାତାପି ।

**ଆତାପୀ** *ବି.* ଚିଲପକ୍ଷୀ, ଶିକାରୀ ପକ୍ଷୀ ବିଶେଷ ।

**ଆତିଥେୟ** *ବିଂ.* ଅତିଥି ସେବାପରାୟଣ, ଅତିଥିସେବକ; *ବି.* ଆତିଥେୟତା, ଅତିଥି ସେବା ।

**ଆତିଥ୍ୟ** *ବି.* ଅତିଥିସତ୍କାର ।

**ଆତିଶଯ୍ୟ** *ବି.* ଆଧିକ୍ୟ, ପ୍ରାବଲ୍ୟ, ପ୍ରାଚୁର୍ଯ୍ୟ ।

**ଆତୁର** *ବିଂ.* କାତର, ଆର୍ତ୍ତ, ଅଧୀର ; *ବି.* ଆତୁରତା, କାତରତା, ଅଧୀରତା ।

**ଆତୁରିଆ** *ବିଂ.* ବିକଳିଆ, ଅଳ୍ପକେ ଆତୁର ହେଉଥିବା ।

**ଆତେଇବା** *କ୍ରି.* ୧. ଆୟତ୍ତ କରିବା ୨. ହାତେଇବା, ନିଜ ପାଖକୁ ଆଣିବା ।

**ଆତ୍ମ** *ବିଂ.* ୧. ଆତ୍ମା ସମ୍ବନ୍ଧୀୟ ୨. ନିଜର ।

**ଆତ୍ମକଥା** *ବି.* ନିଜ ଲିଖିତ ଜୀବନ ଚରିତ, ଆତ୍ମଚରିତ, ଆତ୍ମଜୀବନୀ ।

**ଆତ୍ମକଳହ** *ବି.* ନିଜ ନିଜ ଭିତରେ କଳହ ।

**ଆତ୍ମକୃତ** *ବିଂ.* ସ୍ୱକୃତ, ନିଜଦ୍ୱାରା କରା ହୋଇଥିବା ।

**ଆତ୍ମଗତ** *ବିଂ.* ସ୍ୱଗତ, ମନେମନେ, ଆତ୍ମନିଷ୍ଠ ।

**ଆତ୍ମଗର୍ବ** *ବି.* ୧. ଆତ୍ମଗରିମା, ନିଜ ବଡ଼େଇ, ଅହଂକାର ୨. ଆତ୍ମଗୌରବ ।

**ଆତ୍ମଗୋପନ** *ବି.* ୧. ନିଜକୁ ଲୁଚାଇବା ୨. ନିଜ ମନୋଭାବ ଲୁଚାଇବା ।

**ଆତ୍ମଗୌରବ** *ବି.* ଆତ୍ମାଭିମାନ, ଆତ୍ମଗର୍ବ, ସ୍ୱାଭିମାନ, ନିଜର ଗୁରୁତ୍ୱ ।

**ଆତ୍ମଗ୍ରାହୀ** *ବିଂ.* ସ୍ୱାର୍ଥପର, ଲୋଭୀ ।

**ଆତ୍ମଗ୍ଲାନି** *ବି.* ନିଜ ପ୍ରତି ଧିକ୍କାର, ନିଜ କଲାକର୍ମପାଇଁ ଦୁଃଖ ଓ ଅନୁଶୋଚନା ।

**ଆତ୍ମଘାତୀ** *ବିଂ.* ନିଜ କ୍ଷତି ନିଜେ କରୁଥିବା; ଆତ୍ମହତ୍ୟାକାରୀ ।

**ଆତ୍ମଘୋଷ** *ବି.* ଆପଣାର ଘୋଷଣା, ସ୍ୱ ବିଜ୍ଞାପନ, ଆପଣାର ବଡ଼େଇ ।

**ଆତ୍ମଚରିତ** *ବି.* ଆତ୍ମକଥା, ଆତ୍ମକାହାଣୀ, ଆତ୍ମଜୀବନୀ, ବ୍ୟକ୍ତି ଦ୍ୱାରା ଲିଖିତ ନିଜ ଜୀବନ କଥା ।

**ଆତ୍ମଜ** *ବି.* ପୁଅ, ପୁତ୍ର ।

**ଆତ୍ମଜା** *ବି.* ଝିଅ, କନ୍ୟା ।

**ଆତ୍ମଜିଜ୍ଞାସା** *ବି.* ୧. ନିଜକୁ ଜାଣିବାର ଇଚ୍ଛା ୨. ଆତ୍ମା ସଂକ୍ରାନ୍ତରେ ଜାଣିବାର ଇଚ୍ଛା ।

**ଆତ୍ମଜୀବନୀ** *ବି.* ନିଜଦ୍ୱାରା ଲିଖିତ ନିଜ ଜୀବନଭିତ୍ତିକ ବିବରଣୀ ।

**ଆତ୍ମଜ୍ଞ** *ବିଂ.* ୧. ଯେ ଆତ୍ମାର ତତ୍ତ୍ୱ ଜାଣେ ୨. ଯେ ନିଜର ଦୋଷଗୁଣ ବା ସ୍ୱଭାବ ଜାଣେ ।

**ଆତ୍ମଜ୍ଞାନ** *ବି.* ୧. ଆତ୍ମା ସମ୍ବନ୍ଧୀୟ ଜ୍ଞାନ ୨. ପରମବ୍ରହ୍ମଙ୍କ ସ୍ୱରୂପ ବିଷୟରେ ଜ୍ଞାନ ।

**ଆତ୍ମତତ୍ତ୍ୱ** *ବି. ବିଂ.* ଆତ୍ମାର ପ୍ରକୃତ ସ୍ୱରୂପ ।

**ଆତ୍ମତତ୍ତ୍ୱଜ୍ଞ** *ବି.* ଯେ ବ୍ରହ୍ମସ୍ୱରୂପ ସମ୍ପର୍କରେ ଜାଣେ ।

**ଆତ୍ମତୁଷ୍ଟି** *ବି.* ନିଜର ସନ୍ତୋଷ, ଆତ୍ମତୃପ୍ତି ।

**ଆତ୍ମତ୍ୟାଗ** *ବି.* ୧. ଆତ୍ମୋତ୍ସର୍ଗ, ସର୍ବତୋଭାବରେ ସ୍ୱାର୍ଥତ୍ୟାଗ ୨. ଆତ୍ମବଳି, ଆତ୍ମବିସର୍ଜନ ୩. ମହତ୍ କର୍ମରେ ଜୀବନ ଦାନ ।

**ଆତ୍ମଦର୍ଶନ** *ବି.* ୧. ଆପଣା ବିଷୟରେ ବିଚାର ୨. ଆତ୍ମଜ୍ଞାନ, ଆତ୍ମସମୀକ୍ଷା ୩. ସମସ୍ତ ପ୍ରାଣୀଙ୍କୁ ନିଜ ପରି ଦେଖିବା ୪. ନିଜେ ନିଜର ସମୀକ୍ଷା କରିବା ।

**ଆତ୍ମଦର୍ଶୀ** *ବିଂ.* ପଣ୍ଡିତ, ଆତ୍ମଜ୍ଞ, ନିଜ ବିଷୟରେ ବିଶେଷ ଜ୍ଞାନ ଥିବା ବ୍ୟକ୍ତି ।

**ଆତ୍ମଦାନ** *ବି.* ୧. ଆତ୍ମତ୍ୟାଗ, ନିଜକୁ ଉତ୍ସର୍ଗ କରିବା ୨. ସ୍ୱାର୍ଥ ବିସର୍ଜନ ୩. ଦେହତ୍ୟାଗ ।

**ଆତ୍ମଦ୍ରୋହ** *ବି.* ନିଜେ ନିଜର ଅନିଷ୍ଟ କରିବା ।

**ଆତ୍ମଦ୍ରୋହୀ** *ବିଂ.* ଯେ ନିଜର କାର୍ଯ୍ୟଦ୍ୱାରା ନିଜର ଅନିଷ୍ଟ କରେ, ଯେ ନିଜେ ହିଁ ନିଜର ବିରୋଧାଚରଣ କରେ ।

**ଆତ୍ମନ୍ *ବି.*** ନିଜେ ନିଜକୁ ସମ୍ବୋଧନ କରିବା ।

**ଆତ୍ମନିର୍ଣ୍ଣୟ *ବି.*** ନିଜକୁ ଭଲଭାବରେ ଜାଣିବା ।

**ଆତ୍ମନିବେଦନ *ବି.*** ଆତ୍ମୋତ୍ସର୍ଗ, ସ୍ୱାର୍ଥତ୍ୟାଗ, ସମର୍ପଣ ।

**ଆତ୍ମନିର୍ଭର *ବି.*** ନିଜର କ୍ଷମତା ଉପରେ ନିର୍ଭର, ନିଜ ଉପରେ ନିର୍ଭରଶୀଳ, ସ୍ୱାବଲମ୍ବୀ।

**ଆତ୍ମନିର୍ଭରଶୀଳ *ବିଂ.*** ସ୍ୱାବଲମ୍ବୀ ।

**ଆତ୍ମନିୟନ୍ତ୍ରଣ *ବି.*** ଆତ୍ମସଂଯମ, ନିଜକୁ ବିଶେଷତଃ, କାମ, କ୍ରୋଧ, ଲୋଭ, ମୋହ ପ୍ରଭୃତିକୁ ନିୟନ୍ତ୍ରଣରେ ରଖିବା ।

**ଆତ୍ମନିଷ୍ଠ *ବିଂ.*** ଆତ୍ମଜ୍ଞାନରେ ନିଷ୍ଠାଯୁକ୍ତ, ବ୍ରହ୍ମନିଷ୍ଠ ।

**ଆତ୍ମନେପଦ *ବି.*** *ବ୍ୟାକରଣ* ଯେଉଁ କ୍ରିୟାର ବିଭକ୍ତି ଆତ୍ମଫଳ-ଭାଗିତ୍ୱ ପ୍ରକାଶ କରେ ।

**ଆତ୍ମପର *ବି.*** ନିଜର ଓ ଅପରବ୍ୟକ୍ତି, ନିଜେ ଓ ଅନ୍ୟ ବ୍ୟକ୍ତି, ସ୍ୱପକ୍ଷ ଓ ବିପକ୍ଷ ବିଭେଦ ଜ୍ଞାନ; ***ବିଂ.*** ସ୍ୱାର୍ଥପର।

**ଆତ୍ମପରିଚୟ *ବି.*** ୧. ନିଜର ପରିଚୟ, ନିଜ ସମ୍ପର୍କିତ ସୂଚନା ୨. ନିଜର ପରିଚିତି।

**ଆତ୍ମପରୀକ୍ଷା *ବି.*** ନିଜର କାର୍ଯ୍ୟକଳାପକୁ ଉତ୍ତମ ରୂପେ ବିଚାର, ଆତ୍ମସମୀକ୍ଷା ।

**ଆତ୍ମପକ୍ଷ *ବି.*** ୧. ନିଜପକ୍ଷ ୨. ନିଜଦଳ ।

**ଆତ୍ମପ୍ରକାଶ *ବି.*** ୧. ଅନ୍ତରର ଭାବନା ପ୍ରକାଶ କରିବା ୨. ସ୍ୱରୂପ ପ୍ରକଟନ ।

**ଆତ୍ମପ୍ରତ୍ୟୟ *ବି.*** ଆତ୍ମବିଶ୍ୱାସ, ନିଜ ଉପରେ ଆସ୍ଥା ।

**ଆତ୍ମପ୍ରଶଂସା *ବି.*** ନିଜ ପ୍ରଶଂସା ।

**ଆତ୍ମପ୍ରସାଦ *ବି.*** ନିଜର ମନରେ ସନ୍ତୋଷ ବା ତୃପ୍ତି ।

**ଆତ୍ମବଞ୍ଚନା *ବି.*** ନିଜେ ନିଜକୁ ଠକିବା ବା ପ୍ରତାରଣା କରିବା ।

**ଆତ୍ମବତ୍ *ବିଂ.*** ଆପଣା ସମାନ, ନିଜପରି ।

**ଆତ୍ମବଳି *ବି.*** ନିଜକୁ ବଳି ଦେବା, ସ୍ୱାର୍ଥତ୍ୟାଗ ।

**ଆତ୍ମବଶ *ବିଂ.*** ସ୍ୱ ଅଧୀନ, ନିଜର ବଶ ।

**ଆତ୍ମବିକାଶ *ବି.*** ଆପଣାର ଆଧ୍ୟାତ୍ମିକ ବା ବୋଧଶକ୍ତିର ଉନ୍ମେଷ ।

**ଆତ୍ମବିଦ୍ୟା *ବି.*** ଯେଉଁ ବିଦ୍ୟାଦ୍ୱାରା ଆତ୍ମା ସମ୍ବନ୍ଧରେ ଜ୍ଞାନ ଲାଭ ହୁଏ ।

**ଆତ୍ମବିସ୍ମୃତ *ବିଂ.*** ଆତ୍ମହରା, ବିହ୍ୱଳ, ନିଜକୁ ବା ନିଜ ସ୍ଥିତିକୁ ଭୁଲି ଯାଇଥିବା ।

**ଆତ୍ମବିସ୍ମୃତି *ବି.*** ୧. ନିଜର ଅସ୍ତିତ୍ୱ ଭୁଲିଯିବା ୨. ତନ୍ମୟତା ୪. ସ୍ମୃତିଲୋପ ୫. ଆତ୍ମବିସ୍ମରଣ ।

**ଆତ୍ମବୋଧ *ବି.*** ୧. ଆତ୍ମା ସମ୍ବନ୍ଧରେ ଜ୍ଞାନ ୨. ଉପଲବ୍ଧି ୩. ନିଜେ ନିଜକୁ ବୋଧ ଦେବା ।

**ଆତ୍ମମର୍ଯ୍ୟାଦା *ବି.*** ଆତ୍ମସମ୍ମାନ, ନିଜର ମାନ ବା ମର୍ଯ୍ୟାଦା, ଆତ୍ମଗୌରବ ।

**ଆତ୍ମମ୍ଭରି *ବିଂ.*** ସ୍ୱାର୍ଥପର, ଅହଂସର୍ବସ୍ୱ, ଦମ୍ଭୀ ।

**ଆତ୍ମମ୍ଭରିତା *ବି.*** ଅହଂସର୍ବସ୍ୱତା, ହାମ୍ବଡ଼ା ମନୋଭାବ ।

**ଆତ୍ମରତି *ବି.*** ନିଜକୁ ନିଜେ ଭଲ ପାଇବା ।

**ଆତ୍ମରକ୍ଷା *ବି.*** ନିଜକୁ ବଞ୍ଚାଇବା, ନିଜର ରକ୍ଷା ।

**ଆତ୍ମଶକ୍ତି *ବି.*** ୧. ନିଜର ବଳ, ସ୍ୱସାମର୍ଥ୍ୟ ୨. ଆଧ୍ୟାତ୍ମିକ ସାମର୍ଥ୍ୟ ।

**ଆତ୍ମଶୁଦ୍ଧି *ବି.*** ଆପଣାର ଅନ୍ତଃଶୁଦ୍ଧି ।

**ଆତ୍ମଶ୍ଳାଘା *ବି.*** ନିଜର ଗୌରବ କଥନ, ନିଜ ବଡ଼ିମା ପ୍ରଦର୍ଶନ ।

**ଆତ୍ମଶ୍ଳାଘୀ *ବିଂ.*** ଯେ ନିଜର ବଡ଼େଇ ଦେଖେଇ ହୁଏ ।

**ଆତ୍ମସଂଯମ *ବି.*** ଆପଣାର ଇନ୍ଦ୍ରିୟ ବୃତ୍ତିର ନିୟନ୍ତ୍ରଣ, ନିଜକୁ ସଂଯତ କରିବା ।

**ଆତ୍ମସଂଳାପ *ବି.*** ସ୍ୱଗତୋକ୍ତି, ନିଜ ସହିତ ନିଜେ କଥା ହେବା ।

**ଆତ୍ମସମର୍ପଣ *ବି.*** ୧. ନିଜକୁ ସମର୍ପିଦେବା, ସଂପୂର୍ଣ୍ଣ ରୂପେ ଅନ୍ୟର ବଶ୍ୟତା ସ୍ୱୀକାର କରିବା ୨. ନିଜକୁ ଉତ୍ସର୍ଗ କରିଦେବା ।

**ଆତ୍ମସମ୍ମାନ *ବି.*** ନିଜର ମର୍ଯ୍ୟାଦା, ନିଜର ଗୌରବ ।

**ଆତ୍ମସମ୍ବରଣ *ବି.*** ସୁଖ ଦୁଃଖାଦିର ସଂଯମ, ନିଜେ ନିଜକୁ ନିୟନ୍ତ୍ରଣ କରିବା ।

**ଆତ୍ମସାତ୍ *ବି. ବିଂ.*** ୧. ଅନ୍ୟାୟଭାବରେ ଗୃହୀତ ବା ହସ୍ତଗତ ୨. ପରର ଧନ ସମ୍ପତ୍ତି ନିଜର କରିବା ।

**ଆତ୍ମସାତ୍ କରିବା *କ୍ରି.*** ଅନ୍ୟାୟଭାବେ ପରଧନକୁ ନେଇ ଯିବା ।

**ଆତ୍ମସିଦ୍ଧି *ବି.*** ସିଦ୍ଧି ଲାଭ କରିବା, ମୋକ୍ଷ ।

**ଆତ୍ମହତ୍ୟା *ବି.*** ନିଜଦ୍ୱାରା ନିଜର ପ୍ରାଣନାଶ, ନିଜଦ୍ୱାରା ନିଜର ହତ୍ୟା ।

**ଆତ୍ମହନ୍ତା *ବିଂ.*** ଆତ୍ମଘାତୀ, ନିଜେ ନିଜକୁ ହତ୍ୟା କରିଥିବା, ଆତ୍ମହା ।

**ଆତ୍ମହରା *ବିଂ.*** ଆନନ୍ଦ ବା ବିସ୍ମୟରେ ବିହ୍ୱଳ, ଆତ୍ମବିସ୍ମୃତ ।

**ଆତ୍ମହା *ବିଂ.*** ଆତ୍ମଘାତୀ, ଆତ୍ମହନ୍ତା।

**ଆତ୍ମା *ବି.*** ୧. ସ୍ୱୟଂ ୨. ବ୍ରହ୍ମ ୩. ଜୀବାତ୍ମା ୪. ସ୍ୱଭାବ ୫. ହୃଦୟ ୬. ସତ୍ତା ।

**ଆତ୍ମାପୁରୁଷ *ବି.*** ପ୍ରାଣବାୟୁ, ହୃଦୟର ଆତ୍ମା ।

**ଆତ୍ମାଭିମାନ *ବି.*** ୧. ନିଜର ବଡ଼ିମା, ଅହଂକାର ୨. ସ୍ୱମର୍ଯାଦା ସଚେତନତା ।

**ଆତ୍ମାଭିମାନୀ *ବିଂ.*** ୧. ଯେ ନିଜର ବଡ଼ିମା ଦେଖାଏ ୨. ଯେ ନିଜ ମର୍ଯ୍ୟାଦା ସମ୍ପର୍କରେ ସଚେତନ ।

**ଆତ୍ମାରାମ** *ବିଂ. ବି.* ୧. ଆତ୍ମଜ୍ଞାନ ହେତୁ ତୃପ୍ତ ୨. ଯେ ନିଜର ଆତ୍ମା ସହିତ କ୍ରୀଡ଼ା କରେ ୩. ବ୍ରହ୍ମଜ୍ଞାନୀ ।

**ଆତ୍ମିକ** *ବିଂ.* ଆତ୍ମୀୟ, ନିଜ ସମ୍ବନ୍ଧୀୟ ।

**ଆତ୍ମୀୟ** *ବିଂ.* ୧. ରକ୍ତ ସମ୍ପର୍କୀୟ, ନିଜଲୋକ ୨. ଅନ୍ତରଙ୍ଗ, ସ୍ୱକୀୟ, ନିଜର; *ବି.* ସ୍ୱଜନ, ଜ୍ଞାତି, କୁଟୁମ୍ବ ।

**ଆତ୍ମୀୟତା** *ବି.* ବନ୍ଧୁତା, ପ୍ରୀତି, ସୁସମ୍ପର୍କ।

**ଆତ୍ମୀୟସ୍ୱଜନ** *ବି.* ବନ୍ଧୁ, କୁଟୁମ୍ବ, ନିଜ ଲୋକ ।

**ଆତ୍ମୋତ୍କର୍ଷ** *ବି.* ଆତ୍ମୋଦୟ, ନିଜର ଉନ୍ନତି ।

**ଆତ୍ମୋନ୍ନତି** *ବି.* ନିଜର ବା ନିଜ ସ୍ୱଭାବର ଉନ୍ନତି, ଆତ୍ମୋତ୍କର୍ଷ, ନିଜର ମାନସିକ, ନୈତିକ ଓ ବୈଷୟିକ ଉନ୍ନତି।

**ଆତ୍ମୋପମ** *ବିଂ.* ନିଜତୁଲ୍ୟ, ନିଜଭଳି ।

**ଆତ୍ୟନ୍ତିକ** *ବିଂ.* ଅଶେଷ, ଅତ୍ୟଧିକ ।

**ଆଦ୍‌ମି** *ବି.* ୧. ପୁରୁଷ ବ୍ୟକ୍ତି ୨. ମଣିଷ ।

**ଆଦ୍‌ରି** *ବି. ବିଂ. ସ୍ତ୍ରୀ.* ସ୍ନେହୀ, ଆଦରଶୀଳା ।

**ଆଦ୍‌ରି ଦେବା** *କ୍ରି.* କଚାଡ଼ି ଦେବା ।

**ଆଦ୍‌ରିବା** *କ୍ରି.* ୧. ଆଦର କରିବା ୨. ଗ୍ରହଣ, ପାଳନ ବା ସ୍ୱୀକାର କରିବା ୩. ଗର୍ଭଧାରଣ କରିବା ୪. ଛେଚିବା ୫. ବାହାପାଇଁ ପସନ୍ଦ କରିବା।

**ଆଦତ୍** *ବି.* ୧. ଅଭ୍ୟାସ ୨. ରୀତି, ସ୍ୱଭାବ ।

**ଆଦବ୍** *ବି.* ଶିଷ୍ଟାଚାର ।

**ଆଦବକାଇଦା** *ବି.* ଶିଷ୍ଟାଚାରସମ୍ମତ ନିୟମ, ଭଦ୍ର ସମାଜର ଆଦରଣୀୟ ଚଳଣି ।

**ଆଦର** *ବି.* ୧. ସ୍ନେହ, ସୁଆଗ ୨. ମର୍ଯ୍ୟାଦା ୩. ଯତ୍ନ ୪. ଶ୍ରଦ୍ଧା ।

**ଆଦରଣୀୟ** *ବିଂ.* ଆଦର ବା ମର୍ଯ୍ୟାଦାର ପାତ୍ର, ଶ୍ରଦ୍ଧାର ଯୋଗ୍ୟ ।

**ଆଦରିଣୀ** *ବିଂ.* ଆଦରର ପାତ୍ରୀ, ଗେହ୍ଲେଇ, ଗେଲବସରୀ ।

**ଆଦରିବା** *କ୍ରି.* ୧. ଆଦରରେ ଗ୍ରହଣ କରିବା ୨. ସ୍ନେହ ଯୋଗୁଁ ଅନ୍ୟର ବଶ ହେବା ।

**ଆଦର୍ଶ** *ବି.* ୧. ଅନୁକରଣୀୟ ଶ୍ରେଷ୍ଠ ବିଷୟ ବା ବ୍ୟକ୍ତି, ନମୁନା ୨. ଦର୍ପଣ ; *ବିଂ.* ଶ୍ରେଷ୍ଠ, ଅନୁକରଣୀୟ ।

**ଆଦାନ** *ବି.* ଗ୍ରହଣ, ସ୍ୱୀକାର ।

**ଆଦାନପ୍ରଦାନ** *ବି.* ନେଣଦେଣ, ଦେବାନେବା, ବିନିମୟ, ଘେନାଘେନି, ସାମାଜିକ ବ୍ୟବହାର ।

**ଆଦାମ୍** *ବି.* ବାଇବେଲ୍ ମତରେ ଈଶ୍ୱର ସୃଷ୍ଟ ମର୍ତ୍ତ୍ୟର ପ୍ରଥମ ପୁରୁଷ ।

**ଆଦାୟ** *ବି.* ୧. ଅମଳ ୨. ଅସୁଲ ୩. ସଂଗ୍ରହ ୪. ଆମଦାନି ।

**ଆଦି** *ବି. ବିଂ.* ୧. ଆରମ୍ଭ, ପ୍ରଥମ ୨. ଉତ୍ପତ୍ତିସ୍ଥଳ ୩. ଭାଗ ଚାଷରେ ଅମଳର ଅଧା ପାଇବା ବ୍ୟବସ୍ଥା; *ବିଂ.* ପ୍ରାଚୀନ, ପୂର୍ବ, ପ୍ରାଥମିକ, ପ୍ରଥମ, *ଅ.* ପ୍ରଭୃତି ।

**ଆଦିଅନାଦି** *ବି.* ୧. ଯାହାର ମୂଳ ଓ ଶେଷ ଜଣାନାହିଁ ୨. ଈଶ୍ୱର ।

**ଆଦିଆ** *ବି.* ଘରଭଡ଼ା ।

**ଆଦିକନ୍ଦ** *ବି.* ଆଦିମୂଳ, ଭଗବାନ ।

**ଆଦିକବି** *ବି.* ୧. ପ୍ରଥମ କବି ୨. ବାଲ୍ମୀକି ।

**ଆଦିକରି** *ଅ.* ଓଗେର, ଇତ୍ୟାଦି ।

**ଆଦିକାରଣ** *ବି.* ୧. ମୂଳ ହେତୁ, ପ୍ରଥମ କାରଣ, ନିଦାନ, ଉତ୍ପତ୍ତି କାରଣ ୨. ପରମେଶ୍ୱର ।

**ଆଦିକାଳ** *ବି.* ୧. ଅତି ପୂର୍ବକାଳ ୨. ସତ୍ୟଯୁଗ ।

**ଆଦିଜୀବକ** *ବି.* ଏକକୋଷୀଜୀବ – ଯାହା କେବଳ ଅଣୁବୀକ୍ଷଣ ଯନ୍ତ୍ରରେ ଦେଖାଯାଏ, ଏମିବା ।

**ଆଦିତ୍ୟ** *ବି.* ୧. ସୂର୍ଯ୍ୟ ୨. ଦେବତା ।

**ଆଦିତ୍ୟବାର** *ବି.* ରବିବାର ।

**ଆଦିତ୍ୟମଣ୍ଡଳ** *ବି.* ସୂର୍ଯ୍ୟମଣ୍ଡଳ ।

**ଆଦିନାରୀ** *ବି.* ବାଇବେଲ ମତରେ ଈଶ୍ୱର ସୃଷ୍ଟ ମର୍ତ୍ତ୍ୟର ପ୍ରଥମ ନାରୀ, ଇଭ୍ ।

**ଆଦିପୁରାଣ** *ବି.* ବ୍ରହ୍ମପୁରାଣ ।

**ଆଦିପୁରୁଷ** *ବି.* ୧. କୌଣସି ବଂଶ ବା ଗୋତ୍ରର ପ୍ରଥମ ବ୍ୟକ୍ତି ବା ପ୍ରବର୍ତ୍ତକ ୨. ସୃଷ୍ଟି ପ୍ରବର୍ତ୍ତକ, ବ୍ରହ୍ମା, ପରମେଶ୍ୱର ।

**ଆଦିବାସୀ** *ବି.* ଆଦିମ ଅଧିବାସୀ, ଜନଜାତି, ଗିରିଜନ; *ବିଂ.* ସର୍ବପ୍ରଥମ ନିବାସୀ ।

**ଆଦିଭୂତ** *ବିଂ.* ପ୍ରଥମେ ଉତ୍ପନ୍ନ, ମୂଳ ସ୍ୱରୂପ; *ବି.* ବ୍ରହ୍ମା, ବିଷ୍ଣୁ ।

**ଆଦିଭୋଗ** *ବି.* ୧. କୋଠଭୋଗ ୨. ଯଜମାନି ଭୋଗ ୩. ଉପାଧିଭୋଗ ୪. ଆଦ୍ୟ ସଂବୋଧନୀ ପୂଜା ୫. ଗୋପାଳବଲ୍ଲଭ ନୀତି ୬. ଶ୍ରୀମନ୍ଦିରରେ ଜଗନ୍ନାଥଙ୍କୁ ଅର୍ପିତ ପ୍ରଥମଭୋଗ ।

**ଆଦିମ** *ବିଂ.* ଅତି ପ୍ରାଚୀନ, ଆଦ୍ୟ, ପ୍ରଥମ, ଆଦ୍ୟରେ ଘଟିଥିବା ।

**ଆଦିମକାଳ** *ବି.* ପୂର୍ବକାଳ, ସୃଷ୍ଟିର ଆରମ୍ଭ କାଳ ।

**ଆଦିମପ୍ରବୃତ୍ତି** *ବି.* ଆଦିମ ମଣିଷର ମୌଳିକ ପଶୁପ୍ରବୃତ୍ତି (ଯଥା, ହିଂସ୍ରତା, ଯୌନ ଅସଂଯମ) ।

**ଆଦିମଯୁଗ** *ବି.* ପ୍ରାଚୀନତମ କାଳ, ଆଦିଯୁଗ ।

**ଆଦିମାତା** ***ବି.*** ଆଦ୍ୟାଶକ୍ତି, ଦୁର୍ଗା ।

**ଆଦିମାନବ** ***ବି.*** ୧. ପ୍ରଥମମାନବ, ମନୁ ୨. ଆଦାମ (ବାଇବେଲ୍) ୩. ଆଦିମ ମଣିଷ ।

**ଆଦିମୂଳ** ***ବି.*** ବିଷ୍ଣୁ, ପରମେଶ୍ୱର, ସୃଷ୍ଟିର ପ୍ରାରମ୍ଭ ।

**ଆଦିରସ** ***ବି.*** ଶୃଙ୍ଗାରରସ, ସାହିତ୍ୟରେ ବର୍ଣ୍ଣିତ ରସଗୁଡ଼ିକ ମଧ୍ୟରେ ପ୍ରଥମ ଓ ପ୍ରଧାନ ରସ ।

**ଆଦିଷ୍ଟ** ***ବିଂ.*** ୧. ଯାହା ଉପରେ ହୁକୁମ ଜାରି କରାଯାଇଥାଏ ୨. ଅନ୍ୟଦ୍ୱାରା ଆଜ୍ଞାପ୍ରାପ୍ତ ।

**ଆଦୃତ** ***ବିଂ.*** ୧. ଆଦରପ୍ରାପ୍ତ ୨. ଆନନ୍ଦ ଓ ଆଦର ସହ ଗୃହୀତ ।

**ଆଦେଶ** ***ବି.*** ୧. ଆଜ୍ଞା, ଅନୁମତି, ଅନୁଜ୍ଞା ୨. *ବ୍ୟାକରଣ* ଏକ ବର୍ଣ୍ଣ ସ୍ଥାନରେ ଅନ୍ୟ ବର୍ଣ୍ଣର ଆରୋପ ବା ପ୍ରୟୋଗ ।

**ଆଦେଶପତ୍ର** ***ବି.*** ଆଜ୍ଞାପତ୍ରିକା, ହୁକୁମନାମା ।

**ଆଦୌ** ***ଅ.*** ୧. ମୋଟେ ୨. କିଛିମାତ୍ର, ମୂଳତଃ ; ***ବିଂ.*** ଆଗେ, ପ୍ରଥମେ, ପ୍ରଥମରେ ।

**ଆଦ୍ୟ** ***ବିଂ.*** ୧. ଆଦିମ ୨. ପ୍ରଥମଜାତ ୩. ପ୍ରଥମେ ଘଟିଥିବା ୪. ମୂଳ, ଆରମ୍ଭ ।

**ଆଦ୍ୟନ୍ତ** ***ବି.*** ଆଦି ଓ ଅନ୍ତ, ମୂଳ ଓ ଶେଷ, ଆଦ୍ୟପ୍ରାନ୍ତ, ଆମୂଳଚୂଳ ।

**ଆଦ୍ୟପ୍ରାନ୍ତ** ***ବି.*** ଆରମ୍ଭ ଓ ଶେଷ ।

**ଆଦ୍ୟମାସ** ***ବି.*** (ବୈଦିକ ସଂସ୍କୃତିରେ) ମାର୍ଗଶିର ମାସ ।

**ଆଦ୍ୟକ୍ଷର** ***ବି.*** ପ୍ରଥମ ଅକ୍ଷର, ଅ ।

**ଆଦ୍ୟା** ***ବି.*** ଆଦିଶକ୍ତି, ପ୍ରକୃତି, ଯୋଗମାୟା, ମହାବିଦ୍ୟା, ଦୁର୍ଗା, କାଳୀ, ଭଗବତୀ ଆଦି ଦେବୀ ; ***ବିଂ.*** ଆଦିଭୂତା ।

**ଆଦ୍ୟାନୁପ୍ରାସ** ***ବି.*** (ଶବ୍ଦାଳଙ୍କାର) ପଦର ଆଦ୍ୟରେ ବ୍ୟଞ୍ଜନବର୍ଣ୍ଣର ବାରମ୍ବାର ପ୍ରୟୋଗ ।

**ଆଦ୍ୟାଶକ୍ତି** ***ବି.*** ଯୋଗମାୟା, ପ୍ରକୃତି, ଦୁର୍ଗା ।

**ଆଧାର** ***ବି.*** ୧. ପାତ୍ର ୨. ସ୍ଥାନ ୩. ଆଶ୍ରୟ ୪. ଅବଲମ୍ବନ ୫. ଆହାର, ଖାଦ୍ୟ ।

**ଆଧାରଆଧେୟଭାବ** ***ବି.*** ପାତ୍ର ଓ ପାତ୍ର ଭିତରେ ଥିବା ବସ୍ତୁ ମଧ୍ୟରେ ଯେଉଁ ସମ୍ବନ୍ଧ ।

**ଆଧାର କାର୍ଡ଼** ***ବି.*** ଭାରତ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଜଣେ ବ୍ୟକ୍ତିର ସମ୍ପୂର୍ଣ୍ଣ ବିବରଣୀ ଯୁକ୍ତ ପରିଚୟ ପତ୍ର ।

**ଆଧାରଚକ୍ର** ***ବି.*** (ତନ୍ତ୍ରଶାସ୍ତ୍ର) ମୂଳାଧାର ଚକ୍ର ।

**ଆଧାରଶକ୍ତି** ***ବି.*** ପ୍ରକୃତି, ମାୟା, ମୂଳାଧାର ଶକ୍ତି ।

**ଆଧାରଶିଳା** ***ବି.*** ଭିତ୍ତିପଥର, ମୂଳଦୁଆ ।

**ଆଧି** ***ବି.*** ୧. ଅଧିକାର ୨. ଆଡ଼ମ୍ବର ୩. ମାନସିକ ପୀଡ଼ା ।

**ଆଧିକରଣିକ** ***ବି.*** ନ୍ୟାୟାଧୀଶ, ବିଚାରପତି, ଜଜ୍ ।

**ଆଧିକାରିକ** ***ବି.*** ଉଚ୍ଚ କର୍ମଚାରୀ, ଅଫିସର ସମ୍ବନ୍ଧିତ ; ***ବିଂ.*** ସ୍ୱତ୍ୱ ବା ଅଧିକାର ସମ୍ବନ୍ଧୀୟ ।

**ଆଧିକ୍ୟ** ***ବି.*** ୧. ଅଧିକତା, ଆବଶ୍ୟକତାରୁ ଅଧିକ, ଆତିଶଯ୍ୟ, ବହୁତ ବେଶି ୨. ପ୍ରାଧାନ୍ୟ ୩. ବଳିଯିବା ୪. ଉଦ୍‌ବୃତ୍ତ ଅଂଶ ।

**ଆଧିଦୈବିକ** ***ବିଂ.*** ୧. ଦୈବଜାତ, ଦୈବୀ ୨. ଅତିବୃଷ୍ଟି, ଭୂକମ୍ପ ପ୍ରଭୃତି ଦୁର୍ବିପାକ ।

**ଆଧିପତ୍ୟ** ***ବି.*** ପ୍ରଭୁତ୍ୱ, କର୍ତ୍ତୃତ୍ୱ, ରାଜତ୍ୱ, ସାର୍ବଭୌମତ୍ୱ, ଅଧିକାରବୋଧ ।

**ଆଧିବ୍ୟାଧି** ***ବି.*** ସମସ୍ତ ପ୍ରକାରର ଶାରୀରିକ, ମାନସିକ ଓ ବୈଷୟିକ ଦୁଃଖ ।

**ଆଧିଭୌତିକ** ***ବିଂ.*** ଜଡ଼, ଚେତନଜଗତ ବା ପଞ୍ଚ ମହାଭୂତ (କ୍ଷିତି, ତେଜ, ଅପ୍, ମରୁତ ଓ ବ୍ୟୋମ) ସମ୍ପର୍କିତ ।

**ଆଧୁନିକ** ***ବିଂ.*** ୧. ନୂତନ, ନବ୍ୟ ୨. ଆଜିକାଲିକା, ଅଧୁନାତନ, ବର୍ତ୍ତମାନ ପ୍ରଚଳିତ ।

**ଆଧୁନିକତା** ***ବି.*** ୧. ଅର୍ବାଚୀନତା ୨. ନୂତନତା ୩. ପରିବର୍ତ୍ତିତ ବା ନୂତନ ଚିନ୍ତାଧାରା ବା ଜୀବନଯାପନ ୪. ସାହିତ୍ୟରେ ବିଂଶ ଶତାବ୍ଦୀର ଏକ ନିର୍ଦ୍ଦିଷ୍ଟ ଗୁଣ ବା କାଳ ।

**ଆଧୁନିକ ଯୁଗ** ***ବି.*** ବିଜ୍ଞାନ ଓ କାରିଗରୀ କୌଶଳ ତଥା ନୂତନ ଚିନ୍ତାଧାରାର ପ୍ରବେଶ ଫଳରେ ଘଟିଥିବା ପରିବର୍ତ୍ତନର ଯୁଗ ।

**ଆଧେୟ** ***ବିଂ.*** ୧. ସ୍ଥାପନଯୋଗ୍ୟ ୨. ଆଧାରସ୍ଥିତ ; ***ବି.*** ଆଧାରସ୍ଥ ବସ୍ତୁ ।

**ଆଧ୍ୟାତ୍ମିକ** ***ବିଂ.*** ପରମାତ୍ମା ସମ୍ବନ୍ଧୀୟ, ଈଶ୍ୱର ବିଷୟକ ।

**ଆଧ୍ୟାତ୍ମିକତା** ***ବି.*** ଆତ୍ମା ଓ ବ୍ରହ୍ମ ବିଷୟକ ଭାବନା, ଭଗବତ୍‌ବିଶ୍ୱାସ ।

**ଆନ୍** ***କ୍ରି.*** ଅଟନ୍ତି; ***ବି.*** ୧. ଆଶା, ଶପଥ ୨. ରାଣ, ଜିଦ୍ ; ***ଅ.*** କ୍ରିୟାପଦରେ ଆନ୍ ଯୁକ୍ତ ହେଲେ ବିଶେଷ୍ୟ ହୁଏ (ଯଥା: ଛେକରୁ ଛେକାନ୍, ଉଡ୍‌ରୁ ଉଡ଼ାନ୍) ।

**ଆନ୍‌ବା** ***କ୍ରି.*** ୧. ଆଣିବା ୨. (ଜର) ହେବା ।

**ଆନ୍‌ଭିନ୍** ***ବି.*** ତଫାତ୍, ପାର୍ଥକ୍ୟ ।

**ଆନ୍‌ମାନ୍** ***ବି.*** ୧. ସନ୍ତୋଷ ୨. ଆନନ୍ଦ ୩. ଅନୁମାନ ।

**ଆନ୍‌ସାର୍** ***ବି.*** ଉତ୍ତର, ଫଳାଫଳ ।

**ଆନ** ***ବିଂ.*** ୧. ଅନ୍ୟ, ଭିନ୍ନ, ପୃଥକ୍ ୨. ପରବର୍ତ୍ତୀ ୩. ବିପରୀତ ୪. ଇତର ୫. ପର ।

**ଆନଆନ** ***ବିଂ.*** ଭିନ୍ନ ଭିନ୍ନ ପ୍ରକାରର, ଅପୂର୍ବ, ଅନ୍ୟାନ୍ୟ, ବିଚିତ୍ର ।

**ଆନ କରିବା** ***କ୍ରି.*** (କଥା) ଲଙ୍ଘନ କରିବା, ନ ମାନିବା, ଅନ୍ୟଥା କରିବା, ରଦ୍ଦ କରିବା ।

**ଆନତ** ***ବିଂ.*** ୧. ନଇଁ ପଡ଼ିଥିବା, ଝୁଙ୍କି ପଡ଼ିଥିବା ୨. ଈଷତ୍ ନତ, ଅବନତ ।

**ଆନନ** *ବି.* ମୁଣ୍ଡର ସମ୍ମୁଖ ଭାଗ ବା ଆଗ ଅଂଶ, ମୁହଁ, ମୁଖ ।

**ଆନନ୍ଦ** *ବି.* ୧. ଖୁସି, ହର୍ଷ, ଆହ୍ଲାଦ ୨. ସୁଖ, ସୁଖମୟ ଅବସ୍ଥା ୩. ମଉଜମଜଲିସ ।

**ଆନନ୍ଦଜନକ** *ବିଂ.* ଯାହା ଆନନ୍ଦ ଦିଏ ।

**ଆନନ୍ଦପ୍ରଦ** *ବିଂ.* ଯାହା ଆନନ୍ଦ ପ୍ରଦାନ କରେ ।

**ଆନନ୍ଦିତ** *ବିଂ.* ହର୍ଷଯୁକ୍ତ, ଖୁସି, ପୁଲକିତ ଭାବ ।

**ଆନମନ** *ବି.* ଅଳ୍ପ ନୁଆଁଇବା, ବଙ୍କାଇବା ।

**ଆନମନା** *ବିଂ.* ଅନ୍ୟମନସ୍କ, ଅମନୋଯୋଗୀ ।

**ଆନୟନ** *ବି.* ଆଣିବା ।

**ଆନାଟୋମି** *ବି.* ଶରୀରର ଅଙ୍ଗପ୍ରତ୍ୟଙ୍ଗ ସଂକ୍ରାନ୍ତ ବିଦ୍ୟା ।

**ଆନାରସ** *ବି.* ସପୁରି ।

**ଆନିକଟ** *ବି.* ନଈର ଦୁଇ କୂଳସ୍ପର୍ଶୀ ଫୁଙ୍କାରଯୁକ୍ତ ପଥରବନ୍ଧ- ଯାହା ସାହାଯ୍ୟରେ ପାଣିସ୍ରୋତ ନିୟନ୍ତ୍ରିତ ହୁଏ ।

**ଆନୀତ** *ବିଂ.* ଯାହା ଅଣା ହୋଇଛି ।

**ଆନୁଆନ** *ସ.* କେତେକ, ଅନ୍ୟ ।

**ଆନୁକୂଲ୍ୟ** *ବି.* ସହାୟତା, ପୋଷକତା, ଅନୁଗ୍ରହ, ଅନୁକୂଳତା ।

**ଆନୁକ୍ରମିକ** *ବିଂ.* କ୍ରମ ଅନୁସାରେ, ଗୋଟିଏ ପରେ ଗୋଟିଏ ।

**ଆନୁଗତ୍ୟ** *ବି.* ୧. ଅନୁସରଣ ୨. ବଶତା, ଅଧୀନତା, ଅନୁଗ୍ରହ ପ୍ରାପ୍ତି ଆଶାରେ ସେବା ।

**ଆନୁପୂର୍ବ** *ବି.* ଯଥାକ୍ରମତା, ପରମ୍ପରା ।

**ଆନୁପୂର୍ବିକ** *ବିଂ.* କ୍ରମାନୁସାରୀ, ଧାରାବାହିକ, ପୂର୍ବ କାର୍ଯ୍ୟ ବା କଥାର ଅନୁସାରୀ ।

**ଆନୁବଂଶିକ** *ବିଂ.* ବଂଶାନୁକ୍ରମିକ, ଗୁଣସୂତ୍ର ସମ୍ପର୍କିତ ।

**ଆନୁବଂଶିକତା** *ବି.* ବଂଶାନୁକ୍ରମିକତା, ବଂଶାନୁକ୍ରମ ।

**ଆନୁଭୂମିକ** *ବିଂ.* ଭୂମି ସହିତ ସମାନ୍ତରାଳ (ଯଥା-ଆନୁଭୂମିକ ଲମ୍ବ) ।

**ଆନୁମାନିକ** *ବିଂ.* ଅନୁମାନ ଅନୁସାରେ, ଅନୁମାନସିଦ୍ଧ, ଅନ୍ଦାଜିଆ ।

**ଆନୁରୂପ୍ୟ** *ବି.* ରୂପସାମ୍ୟ, ସାଦୃଶ୍ୟ ।

**ଆନୁଷଙ୍ଗିକ** *ବିଂ.* ୧. ମୂଳ ବିଷୟ ସହ ସଂଯୁକ୍ତ, ସଂଲଗ୍ନ ୨. ଗୌଣ, ଅପ୍ରଧାନ ।

**ଆନୁଷ୍ଠାନିକ** *ବିଂ.* ୧. ବିଧିସମ୍ମତ, ଅନୁଷ୍ଠାନ ଅନୁଯାୟୀ ୨. ଅନୁଷ୍ଠାନ ବା କ୍ରିୟାକଳାପ ସମ୍ବନ୍ଧୀୟ ।

**ଆନେ** *ଅ.* ଏବଂ, ମଧ୍ୟ, ପୁନଶ୍ଚ, ଯେହେତୁ ; *ସ.* ଆଉ, ଅନ୍ୟ ।

**ଆନ୍ତରିକ** *ବିଂ.* ୧. ମନୋଗତ, ହାର୍ଦ୍ଦିକ ୨. ଅନ୍ତରର ସହିତ ୩. ଅନ୍ତର୍ଗତ ।

**ଆନ୍ତରିକତା** *ବି.* ୧. ସହୃଦୟତା ୨. କୌଣସି କାର୍ଯ୍ୟ କରିବା ପାଇଁ ଉତ୍ସାହ ବା ଇଚ୍ଛା ।

**ଆନ୍ତରୀଣ** *ବିଂ.* ଅନ୍ତରସ୍ଥ, ଅନ୍ତର୍ବର୍ତ୍ତୀ ।

**ଆନ୍ତର୍ଜାତିକ** *ବିଂ.* ୧. ନାନା ଜାତି ବା ରାଷ୍ଟ୍ର ସଂପର୍କିତ ୨. ଜାତି ଜାତି ମଧ୍ୟରେ ।

**ଆନ୍ତର୍ଦେଶୀୟ** *ବିଂ.* ଦେଶ ଦେଶ ମଧ୍ୟରେ, ବିଭିନ୍ନ ଦେଶର ପରସ୍ପର ସମ୍ବନ୍ଧ ସମ୍ପର୍କିତ ।

**ଆନ୍ତ୍ର, ଆନ୍ତ୍ରିକ** *ବିଂ.* ଶରୀରର ଅନ୍ତ୍ର ସମ୍ବନ୍ଧୀୟ ।

**ଆନ୍ତ୍ର/ଆନ୍ତ୍ରିକଜ୍ୱର** *ବି.* ଟାଇଫଏଡ଼, ଅନ୍ତ୍ର ସମ୍ବନ୍ଧୀୟ ଜ୍ୱରରୋଗ ।

**ଆନ୍ନା** *ବି.* ବଡ଼ଭାଇ, ଭାଇ ।

**ଆନ୍ଦାଜ** *ବି.* ଅନୁମାନ, କଳ୍ପନା, ହେଜ, ଅନ୍ଦାଜ୍ ।

**ଆନ୍ଦୋଳନ** *ବି.* ୧. ଦୋଳନ, ଦୋହଲିବା ୨. ଆଲୋଡ଼ନ, ବିକ୍ଷୋଭ, ପ୍ରଚାର ବା ଆଲୋଚନାଦ୍ୱାରା ଉତ୍ତେଜନା ସଞ୍ଚାର ୩. କୌଣସି ଆଦର୍ଶ ପ୍ରତିଷ୍ଠା ନିମନ୍ତେ ସାମୂହିକ ପ୍ରତିବାଦ ।

**ଆନ୍ଦୋଳା** *ବି.* ପାଲିଙ୍କି, ଦୋଳା, ଖଟିଆ, ହାନ୍ଦୋଳା ।

**ଆନ୍ଦୋଳିତ** *ବିଂ.* ୧. ବିବ୍ରତ, ବ୍ୟସ୍ତ ୨. ବିଚଳିତ ୩. ଆଲୋଡ଼ିତ ୪. ହଲୁଥିବା, ଦୋହଲୁଥିବା ।

**ଆନ୍ଦୋଳିତ ହେବା** *କ୍ରି.* ୧. ବିଚଳିତ ହେବା, ବିବ୍ରତ ହେବା, ବ୍ୟସ୍ତ ହେବା ୨. ଘାଣ୍ଟିହେବା ।

**ଆନ୍ଦୋଳିବା** *କ୍ରି.* ୧. ଅଳ୍ପ କମ୍ପିତ ବା ଦୋଳାୟମାନ ହେବା; ୨. ତର୍କବିତର୍କ କରିବା ।

**ଆନ୍ଧ୍ୟ** *ବି.* ଦୃଷ୍ଟିହୀନତା, ଅନ୍ଧତା ।

**ଆପ୍ରରୁଚି** *ବିଂ. ଅ.* ନିଜର ରୁଚି ଅନୁସାରେ ।

**ଆପ** *ବି.* ଜଳ, ଜଳରାଶି ।

**ଆପକ୍ୱ** *ବିଂ.* ୧. ଦରସିଝା, ଅଧାସିଝା ୨. ଅଧାପାଚିଲା, ଦରପାଚିଲା ।

**ଆପଟ** *ବି.* ୧. ଆବରଣ, ଘୋଡ଼ଣି ୨. ସବାରିବାହକ ୩. ଅନ୍ତରାଳ ।

**ଆପଟିବା** *କ୍ରି.* ୧. ପୋଟାଳିବା, ପୋଟାଳିଧରିବା ୨. ପ୍ରବର୍ତ୍ତାଇବା ।

**ଆପଣ** *ସ.* ୧. (ମାନ୍ୟାର୍ଥକ) ସମ୍ମୁଖରେ ଥିବା ସମ୍ମାନନୀୟ ବ୍ୟକ୍ତି ୨. ଦୋକାନ ୩. ଚାହାଳିର ଅବଧାନ, ଶିକ୍ଷକ, (ସମ୍ବୋଧନରେ) ଆପଣେ ।

**ଆପଣା** *ବିଂ.* ନିଜର ।

**ଆପଣାକିଆ** *ବିଂ.* ନିଜେ କରିଥିବା ।

**ଆପଣିକ** *ବି.* ଦୋକାନୀ ; *ବିଂ.* ବିକାକିଣା ସମ୍ବନ୍ଧୀୟ, ଦୋକାନ ବିଷୟକ ।

**ଆପଣେ** ***ସ.*** ନିଜେ, ଆପଣ, ଅବଧାନ, ସେ ମହାଶୟ, ***ବି.*** ସମ୍ମାନ ସୂଚକ ପଦ, ଯଥା, ଦାସେ ଆପଣେ ।

**ଆପତ୍** ***ବି.*** ବିପଦ ।

**ଆପତ୍କାଳ** ***ବି.*** ବିପଦ ଘଟିବା ବେଳ, ଅସମୟ, ଅଖଞ୍ଜାବେଳ ।

**ଆପତ୍କାଳୀନ ଅବସ୍ଥା** ***ବି.*** ଦେଶରେ ରାଜନୀତିକ ବା ଆର୍ଥନୀତିକ ପରିସ୍ଥିତି ଯୋଗୁଁ ଜାରି ହେବା ସାମ୍ବିଧାନିକ କଟକଣା ଅବସ୍ଥା ।

**ଆପତ୍ତି** ***ବି.*** ୧. ଗୁହାରି ୨. ବିରୋଧପ୍ରକାଶ ୩. ବିରୋଧୀ ମତ ।

**ଆପଦ୍** ***ବି.*** ବିପଦ, ଦୁଃଖ, ଅପ୍ରୀତିକର ଅବସ୍ଥା ।

**ଆପନ୍ନ** ***ବିଂ.*** ବିପନ୍ନ, ବିପଦଗ୍ରସ୍ତ, ବିପଦରେ ପଡ଼ିଥିବା ।

**ଆପରାହ୍ଣିକ** ***ବିଂ.*** ଅପରାହ୍ଣରେ ଘଟିତ, ଉପରଓଳି ସମ୍ବନ୍ଧୀୟ ।

**ଆପଲ୍** ***ବି.*** ସେଓ, ଫଳ ବିଶେଷ ।

**ଆପାତ** ***ବି.*** ୧. ତତ୍‌କାଳ ୨. ଆରମ୍ଭ ୩. ପତନ, ପଡ଼ିବା ; ***ବିଂ.*** *ପୂର୍ବ ପ୍ରୟୋଗ* ମନେ ହେଉଥିବା, ସଦୃଶ, ପ୍ରାୟ ।

**ଆପାତତଃ** ***ଅ.*** ୧. ପ୍ରଥମତଃ ୨. ଅନ୍ତତଃ ୩. **ସମ୍ଭବତଃ** ।

**ଆପାଦ** ***ଅ.*** ପାଦ ପର୍ଯ୍ୟନ୍ତ ।

**ଆପାଦମସ୍ତକ** ***ଅ.*** ଗୋଡ଼ଠାରୁ ମୁଣ୍ଡ ପର୍ଯ୍ୟନ୍ତ ।

**ଆପାଦଲମ୍ବିତ** ***ବିଂ.*** ବେକରୁ ବା ମୁଣ୍ଡରୁ ଗୋଡ଼ ପର୍ଯ୍ୟନ୍ତ ଲମ୍ବିଥିବା ।

**ଆପାମର** ***ବିଂ.*** ପାମର ପର୍ଯ୍ୟନ୍ତ ।

**ଆପୁ** ***ବି.*** ସ୍ନାୟୁ ଉତ୍ତେଜକ ପଦାର୍ଥ, ଅଫିମ, ଅହିଫେନ ।

**ଆପୁଆ** ***ବିଂ.*** ଅଫିମଖିଆ, ଅଫିମିଆ ।

**ଆପୁଆପୁ ହେବା** ***କ୍ରି.*** ପାଟିରୁ କଥା ନ ବାହାରିବା ।

**ଆପୁଖଟି** ***ବି.*** ଅଫିମଖଟି, ଗୁଲିଖଟି, ଏକତ୍ର ଅଫିମ ଖାଇବା ଜାଗା ।

**ଆପୁଖୋର** ***ବିଂ.*** ଅଫିମିଆ, ଅଫିମ ଖାଇବା ଅଭ୍ୟାସ ଥିବା ବ୍ୟକ୍ତି ।

**ଆପୁଲି** ***ବି.ବିଂ.*** ଆପୁଖୋର, ଆପୁଆ ।

**ଆପୂର୍ତ୍ତି** ***ବି.*** ପୂର୍ଣ୍ଣତା, ପୂର୍ଣ୍ଣ ସନ୍ତୋଷ ।

**ଆପେ** ***ସ.*** ସ୍ୱୟଂ, ନିଜେ, ଅପନେ ।

**ଆପେଆପେ** ***ସ.*** ନିଜେ ନିଜେ ; ***କ୍ରି.ବିଂ.*** ସ୍ୱେଚ୍ଛାକ୍ରମେ, ଅନାହୁତ ଭାବେ ।

**ଆପେକ୍ଷିକ** ***ବିଂ.*** ୧. ତୁଳନାତ୍ମକ ୨. ପରସ୍ପର ନିର୍ଭରଶୀଳ ।

**ଆପେକ୍ଷିକ ଗୁରୁତ୍ୱ** ***ବି.*** *ବିଜ୍ଞାନ* ଜଳର ଓଜନ ତୁଳନାରେ ଅନ୍ୟ ବସ୍ତୁର ଓଜନ ବା ଭାର ।

**ଆପେକ୍ଷିକ ତତ୍ତ୍ୱ** ***ବି.*** *ବିଜ୍ଞାନ* ଆଇନଷ୍ଟାଇନଙ୍କ ତତ୍ତ୍ୱ, ଆଲୋକର ନିର୍ଦ୍ଦିଷ୍ଟ ବେଗ ଉପରେ ପର୍ଯ୍ୟବସିତ ତତ୍ତ୍ୱ : ପ୍ରତ୍ୟେକ ଗତି ଆପେକ୍ଷିକ, ଏହା ସ୍ଥାନ ଓ ସମୟ ଉପରେ ନିର୍ଭରଶୀଳ-ଏହି ତତ୍ତ୍ୱ (Theory of Relativity) ।

**ଆପୋସ** ***ବିଂ.*** ଉଭୟ ପକ୍ଷର ସମ୍ମତିକ୍ରମେ/ ବିଶ୍ୱାସକ୍ରମେ, ଅଦାଲତ ନ ଯାଇ ଦୁଇପକ୍ଷର ବୁଝାମଣା ।

**ଆପୋସ ବୁଝାମଣା** ***ବି.*** ପାରସ୍ପରିକ ବୁଝାମଣା ।

**ଆପୋସୀ** ***ବିଂ.*** ପାରସ୍ପରିକ (ବୁଝାମଣା) ।

**ଆପ୍ତ** ***ବିଂ.*** ୧. ଲବ୍ଧ, ପ୍ରାପ୍ତ ୨. ନିର୍ଭରଯୋଗ୍ୟ, ଅଭ୍ରାନ୍ତ ୩. ହିତକର ।

**ଆପ୍ତବଚନ** ***ବି.*** ୧. ଅଭ୍ରାନ୍ତ ବାକ୍ୟ ବା ବାଣୀ ୨. ପରୀକ୍ଷିତ ବା ଅନୁଭୂତ ସତ୍ୟକଥା (ଢ଼ଗଢ଼ମାଳି) ।

**ଆପ୍ତବାକ୍ୟ** ***ବି.*** ଋଷିବଚନ, ସତ୍ୟବଚନ, ହିତକଥା ।

**ଆପ୍ୟାୟନ** ***ବି.*** ୧. ତୃପ୍ତି ୨. ପ୍ରୀତିସଂପାଦନ ୩. ଅଭ୍ୟର୍ଥନା ।

**ଆପ୍ୟାୟିତ** ***ବିଂ.*** ପ୍ରୀତ, ତୃପ୍ତ, ଅଭ୍ୟର୍ଥିତ, ସମ୍ବର୍ଦ୍ଧିତ ।

**ଆପ୍ରନ୍** ***ବି.*** ପୋଷାକ ମଇଳା ନ ହେବା ପାଇଁ ଉପରେ ପିନ୍ଧା ଯାଉଥିବା ଆବରଣ ।

**ଆପ୍ରାଣ** ***କ୍ରି.ବିଂ.*** ପ୍ରାଣପଣେ, ପାରୁ ପର୍ଯ୍ୟନ୍ତ; ***ବିଂ.*** ଯଥାସାଧ୍ୟ, ପ୍ରାଣାନ୍ତକ, ପ୍ରାଣ ଥିବାଯାଏ ।

**ଆପ୍ରୁଭାଲ୍** ***ବି.*** ଅନୁମୋଦନ, ସ୍ୱୀକାର ।

**ଆପ୍ରେଣ୍ଟିସ୍** ***ବି.*** ନିପୁଣ ଲୋକଙ୍କ ପାଖେ ତାଲିମ ପାଇବାପାଇଁ ରହିଥିବା ବ୍ୟକ୍ତି, ଶିକ୍ଷାନବିସ ।

**ଆପ୍ରୋଚ୍ କରିବା** ***କ୍ରି.*** ୧. ଅନୁରୋଧ କରିବା ୨. ଧରାଧରି କରିବା ।

**ଆପ୍ଲାବିତ** ***ବିଂ.*** ପାଣି ମାଡ଼ି ଯାଇଥିବା, ଜଳରେ ପୂର୍ଣ୍ଣ ।

**ଆପ୍ଲୁତ** ***ବିଂ.*** ଜଳପ୍ଲାବିତ, ଜଳସିକ୍ତ, ପାଣି ମାଡ଼ି ଯାଇଥିବା ।

**ଆପ୍ଲାଇ କରିବା** ***କ୍ରି.*** ୧. ଆବେଦନ କରିବା ୨. ପ୍ରୟୋଗ କରିବା ।

**ଆପ୍ଲିକେସନ୍** ***ବି.*** ୧. ଆବେଦନପତ୍ର, ଦରଖାସ୍ତ ୨. ପ୍ରୟୋଗ ।

**ଆଫାଆଫା ହେବା** ***କ୍ରି.***(ପାଟି) ଶୁଖିଯିବା, ପାଟିରୁ କଥା ନ ବାହାରିବା ।

**ଆଫା କରିବା** ***କ୍ରି.*** ଆଖିରେ ଗୁଣ୍ଡ ଆଦି ପଡ଼ିଲେ କନା ବା ଲୁଗାକୁ ପୁଡ଼ାକରି ସେହି କନା ବିଣ୍ଡା ଉପରେ ଫୁଙ୍କି ତାକୁ ଆଖିରେ ମାଡ଼ିବା ।

**ଆବ୍‌ଡ଼ାଖାବ୍‌ଡ଼ା** ***ବିଂ.*** ଆବୁଡ଼ାଖାବୁଡ଼ା, ବନ୍ଧୁର, ଖାଲଉଚ୍ଚ ।

**ଆବ୍‌ଦାର** ***ବି.*** ଜିଦ୍, ଜିଗର, ଅଳି ।

**ଆବ୍‌ରାଆବରି** ***କ୍ରି.ବିଂ.*** ପରସ୍ପର ଲଗାଲଗି ହୋଇ ।

**ଆବ୍‌ରା କର୍‌ବା** ***କ୍ରି.*** ଯଥାବିଧି ନିର୍ବନ୍ଧସାରି ବରପକ୍ଷ କନ୍ୟାକୁ ସ୍ୱୀକାର କରିବା ।

**ଆବଦ୍ଧ** ***ବିଂ.*** ୧. ଅଟକ, ବନ୍ଦୀ ୨. ସଂଲଗ୍ନ ୩. ରୁଦ୍ଧ ୪. ବନ୍ଧକ ପଡ଼ିଥିବା ।

**ଆବର** ***ଅ.*** ୧. ପୁଣି ୨. ଏବଂ ୩. ଆଉ ୪. ଅଧିକରେ ୫. ଅପର, ଅନ୍ୟ ; ***ବିଂ.*** ଅନ୍ୟ ।

**ଆବରକ** ***ବିଂ.*** ଆଚ୍ଛାଦନକାରୀ ।

**ଆବରଣ** ***ବି.*** ୧. ଆଚ୍ଛାଦନ, ଖୋଳ ୨. ଢ଼ାଙ୍କୁଣି, ଘୋଡ଼ଣି, ଚାଦର ୩. ଢାଲ, ପର୍ଦା ୪. ଯେଉଁ ବସ୍ତ୍ରଦ୍ୱାରା ଢଙ୍କାଯାଏ ୫. ଲୁଚାଇବା ।

**ଆବରଣି** ***ବି.*** ଘୋଡ଼ଣି, ଢ଼ାଙ୍କୁଣି ।

**ଆବରଣୀୟ** ***ବିଂ.*** ଆଚ୍ଛାଦନଯୋଗ୍ୟ, ଯାହା ଘୋଡ଼ାଇବା ବା ଲୁଚାଇବା ଯୋଗ୍ୟ ।

**ଆବରା** ***ବି.*** ଲୁଣ ମାରିବାରେ ବ୍ୟବହୃତ କିଆରି ବା ପାତ୍ର ।

**ଆବରିତ** ***ବିଂ.*** ଯାହାକୁ ଆଚ୍ଛାଦନ କରାଯାଇଛି, ଆବୃତ ।

**ଆବରିବା, ଆବୋରିବା** ***କ୍ରି.*** ୧. ସଂରକ୍ଷଣ କରିବା ୨. ନିଜ ଅଧିକାରକୁ ଆଣିବା ୩. ମାଡ଼ି ବସିବା ୪. ଚାରିପାଖେ ବାଡ଼ ବୁଲାଇବା ।

**ଆବର୍ଜନା** ***ବି.*** ଅଳିଆ, ଝାଟୁଆ, କତରା, ଜଞ୍ଜାଳ ।

**ଆବର୍ତ୍ତ** ***ବି.*** ୧. ଜଳଭଉଁରି ୨. ଘୂର୍ଣ୍ଣିବାତ୍ୟା, ଖଣ୍ଡିଆଭୂତ ୩. ମେଘ ବିଶେଷ ; ୪. କେନ୍ଦ୍ର ଚାରିପାଖେ ଥରେ ଘୂରି ଆସିବା ।

**ଆବର୍ତ୍ତକ** ***ବି.*** ବର୍ଷା ଋତୁରେ ମେଘ ; ***ବିଂ.*** ବାଦଲ ଢାଙ୍କି ରହୁଥିବା ।

**ଆବର୍ତ୍ତନ** ***ବି.*** ୧. ଘୂର୍ଣ୍ଣନ ୨. ମନ୍ଥନ ୩. ବେଷ୍ଟନ ୪. ଆଉଟିବା ୫. ପୁନରାଗମନ ।

**ଆବର୍ତ୍ତନବାଦ** ***ବି.*** ପୁନର୍ଜନ୍ମରେ ବିଶ୍ୱାସ କରୁଥିବା ଦର୍ଶନ ।

**ଆବର୍ତ୍ତନ ସାରଣୀ** ***ବି.*** ପର୍ଯ୍ୟାୟସାରଣୀ, ମୌଳିକ ବସ୍ତୁକୁ ପରମାଣୁ ସଂଖ୍ୟାନୁଯାୟୀ ସଜା ହୋଇଥିବା ସାରଣୀ ।

**ଆବର୍ତ୍ତିତ** ***ବିଂ.*** ଆଲୋଡ଼ିତ, ମଥିତ, ଘୂର୍ଣ୍ଣିତ ।

**ଆବଳି** ***ବି.*** ଶ୍ରେଣୀ, ପଂକ୍ତି, ଧାଡ଼ି, ସମୂହ ।

**ଆବଶ୍ୟକ** ***ବିଂ.*** ଦରକାରୀ, ଯାହା ନ ହେଲେ ନ ଚଳେ ।

**ଆବଶ୍ୟକତା** ***ବି.*** ୧. ଯାହା ନ ହେଲେ ନ ଚଳେ, ପ୍ରୟୋଜନ ୨. ଦରକାରୀ ବସ୍ତୁ ।

**ଆବହ** ***ବିଂ.*** ୧. ବାହକ, ଧାରକ ୨. ଉତ୍ପାଦକ ୩. ସ୍ୱାଗତ, ପ୍ରାରମ୍ଭିକ ଆରମ୍ଭ ; ***ବି.*** ୧. ପୃଥିବୀ ପୃଷ୍ଠରେ ପ୍ରବାହିତ ପବନ ୨. ସମୂହ ।

**ଆବହଚିତ୍ର** ***ବି.*** ପାଣିପାଗ ସମ୍ପର୍କିତ ଚିତ୍ର ।

**ଆବହନ** ***ବି.*** ୧. ଉତ୍ପାଦନ ୨. ସମ୍ୟକ୍ ଭାବେ ବହନ ।

**ଆବହବାୟୁ** ***ବି.*** ଜଳବାୟୁ, ପାଣିପାଗ ।

**ଆବହବିଜ୍ଞାନ** ***ବି.*** ଜଳବାୟୁ ବିଜ୍ଞାନ, ପାଣିପାଗ ଅଧ୍ୟୟନ ସମ୍ପର୍କିତ ବିଜ୍ଞାନ ।

**ଆବହମଣ୍ଡଳ** ***ବି.*** ଜଳବାୟୁ ପରିମଣ୍ଡଳ ।

**ଆବହମାନ** ***ବିଂ.*** କ୍ରମାଗତ, ଚିରପ୍ରଚଳିତ, ପୂର୍ବରୁ ଗଡ଼ି ଆସୁଥିବା, ପରମ୍ପରାକ୍ରମେ ।

**ଆବହସଙ୍ଗୀତ** ***ବି.*** ପ୍ରାରମ୍ଭିକ ସଙ୍ଗୀତ, ଆବାହନୀ ସଙ୍ଗୀତ ।

**ଆବହାଓ୍ୱା** ***ବି.*** ଜଳବାୟୁ, ପାଣିପାଗ, ପରିବେଶ ।

**ଆବାକାବା** ***ବିଂ.*** ବିସ୍ମିତ, ଆଶ୍ଚର୍ଯ୍ୟଚକିତ, ବିହ୍ୱଳିତ ।

**ଆବାଖାବା** ***ବିଂ.*** ଅସଜଡ଼ା, ଆବଡ଼ାଖାବଡ଼ା ।

**ଆବାଜ୍** ***ବି.*** ସ୍ୱର, ଧ୍ୱନି, ନାଦ ।

**ଆବାଦ** ***ବି.*** ୧. ଅମଳ, କର୍ଷଣ ୨. ଲୋକ ରହୁଥିବା ବା ଜନପୂର୍ଣ୍ଣ ସ୍ଥାନ ।

**ଆବାଦୀ** ***ବିଂ.*** ୧. ଜନଗହଳି, ଜନଅଧିକୃତ ୨. ଚାଷଯୋଗ୍ୟ, କର୍ଷିତ ।

**ଆବାଲ୍ୟ** ***ଅ.*** ପିଲାଦିନଠାରୁ ।

**ଆବାସ** ***ବି.*** ବସା, ଘର, ବାସସ୍ଥାନ ।

**ଆବାସିକ** ***ବିଂ.*** ୧. ବାସସ୍ଥାନ ବା ବାସଗୃହ ସମ୍ବନ୍ଧୀୟ ୨. ଛାତ୍ରାବାସରେ ରହୁଥିବା ୩. ସମସ୍ତ ଛାତ୍ରଛାତ୍ରୀଙ୍କ ରହିବା ବ୍ୟବସ୍ଥା ଥିବା (ଶିକ୍ଷାନୁଷ୍ଠାନ) ।

**ଆବାସିକ ବିଦ୍ୟାଳୟ** ***ବି.*** ଯେଉଁ ବିଦ୍ୟାଳୟରେ ସମସ୍ତ ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କର ରହିବାର ବ୍ୟବସ୍ଥା ଥାଏ ।

**ଆବାହନ** ***ବି.*** ୧. (ମନ୍ତ୍ରଦ୍ୱାରା) ଆହ୍ୱାନ, ନିମନ୍ତ୍ରଣ, ଆମନ୍ତ୍ରଣ, ପୂଜାସ୍ଥାନକୁ ଆମନ୍ତ୍ରଣ ।

**ଆବାହନୀ** ***ବି.*** ଆବାହନ ସଂଗୀତ, ଆବାହନ ଉଦ୍ଦେଶ୍ୟରେ ରଚିତ ସ୍ତୁତି ; ***ବିଂ.*** ଆବାହନ ସମ୍ବନ୍ଧୀୟ ।

**ଆବିର୍ଭାବ** ***ବି.*** ୧. ପ୍ରକାଶ, ଉତ୍‌ଥାନ, ଉଦୟ, ଜନ୍ମ ୨. ଅଧିଷ୍ଠାନ, ଉପସ୍ଥିତି ୩. ପୃଥିବୀରେ ଅବତରଣ ।

**ଆବିର୍ଭୂତ** ***ବିଂ.*** ୧. ଉପସ୍ଥିତ ୨. ପ୍ରକଟିତ ୩. ଉଦିତ ।

**ଆବିଳ** ***ବିଂ.*** ୧. ଗୋଳିଆ, କଲୁଷିତ, ଅସ୍ୱଚ୍ଛ ୨. ପାପୀ , ଆବିଳତା, ***ବି.*** ଗୋଳିଆ ବା କଲୁଷିତ ଅବସ୍ଥା ।

**ଆବିଷ୍କାର** ***ବି.*** ଆକସ୍ମିକ ଭାବରେ ପାଇବା ।

**ଆବିଷ୍କାରକ** ***ବି. ବିଂ.*** ଯେ ଆବିଷ୍କାର କରେ ।

**ଆବିଷ୍କ୍ରିୟା** ***ବି.*** ପ୍ରକଟନ, ଉଦ୍‌ଭାସନ ।

**ଆବିଷ୍ଟ** ***ବିଂ.*** ୧. ଘାରି ହେଉଥିବା ୨. ଭୂତାଦିଗ୍ରସ୍ତ, ଭୂତ ବା ତୁମା ଲାଗିଥିବା ୩. ଆସକ୍ତ ୪. ଅଧିଷ୍ଠିତ ୫. ଅଭିଭୂତ, ମଜ୍ଜିଯାଇଥିବା ।

**ଆବୁ** ***ବି.*** ୧. ଶରୀରରେ ଗୋଲାକୃତି ମାଂସ ବୃଦ୍ଧି ୨. ଗଛର ଗଣ୍ଠି ବା ଶାଖାରେ ବାହାରିଥିବା ଗୋଟାଳିଆ ବୃଦ୍ଧି ।

**ଆବୁଆ** ***ବିଂ.*** ଆବୁଯୁକ୍ତ, ଆବୁଡ଼ାଖାବୁଡ଼ା ।

**ଆବୁଡ଼ାଖାବୁଡ଼ା** ***ବିଂ.*** ବନ୍ଧୁର, ଅସମାନ, ଅସମତଳ, ଉଚ୍ଚନୀଚ, ଖାଲଢ଼ିପ ଥିବା ।

**ଆବୁଡ଼ା ପଡ଼ିବା** ***କ୍ରି.*** ଉପରେ ପଡ଼ି କାମ କରିବା, ଦରକାର ନ ଥାଇ କାର୍ଯ୍ୟ କରିବା ।

**ଆବୁରାଆବୁରି** ***ବି.*** ୧. ସମସ୍ତଙ୍କୁ ଟପି କାର୍ଯ୍ୟକରିବା ୨. ପରସ୍ପରକୁ ନିଜର କରିବା ।

**ଆବୁରିଆ** ***ବିଂ.*** ଶ୍ରଦ୍ଧାଦ୍ୱାରା ଆପଣାର କରୁଥିବା, ସ୍ନେହରେ ଆବୋରି ନେଇଥିବା ।

**ଆବୁରିବା** ***କ୍ରି.*** ୧. ଆବୋରିବା ୨. ବଳ ପ୍ରୟୋଗ ବା ଲୋଭାସକ୍ତ ହୋଇ ନିଜର କରିବା ।

**ଆବୃତ** ***ବିଂ.*** ଘୋଡ଼େଇ ହୋଇଥିବା, ଢାଙ୍କି ହୋଇଥିବା, ଆଚ୍ଛାଦିତ ।

**ଆବୃତ ବୀଜ** ***ବି.*** ଯେଉଁ ବୀଜ ବା ମଞ୍ଜିଟି ଆବୃତ ହୋଇ ରହିଥାଏ, ଚୋପା ଲାଗିଥିବା ମଞ୍ଜି ।

**ଆବୃତି** ***ବି.*** ଆବରଣ, ଆଚ୍ଛାଦନ, ବେଷ୍ଟନ ।

**ଆବୃତ୍ତ** ***ବିଂ.*** ୧. ଯାହା ଆବୃତ୍ତି କରାଯାଇଛି ୨. ବାରମ୍ବାର ପଠିତ, ବାରମ୍ବାର ଅଭ୍ୟାସ କରାଯାଇଥିବା ୩. ପୁନଃପୁନଃ ଆଗତ ।

**ଆବୃତ୍ତି** ***ବି.*** ୧. ମୁଖସ୍ଥ ବିଷୟର ପାଠ ୨. ପୁନଃ ପୁନଃ ୩. ଘୋଷିବା ୪. ପାଟି କରି ପଢ଼ିବା, କବିତା ପ୍ରଭୃତି ପାଠ କରିବା ।

**ଆବେ** ***ଅ.*** ବେ, ଅବଜ୍ଞାସୂଚକ ସମ୍ବୋଧନ ।

**ଆବେଗ** ***ବି.*** ୧. ମନର ବ୍ୟାକୁଳତା ୨. ଉତ୍କଣ୍ଠା ୩. ଚିତ୍ତଚାଞ୍ଚଲ୍ୟ ୪. ଭାବପ୍ରବଣତା ।

**ଆବେଗିକ** ***ବିଂ.*** ୧. ଆବେଗ ସମ୍ବନ୍ଧୀୟ ୨. ବ୍ୟାକୁଳ, ଭାବପ୍ରବଣତା ସହ ।

**ଆବେଗୀ** ***ବିଂ.*** ଆବେଗିକ, ଆବେଗପ୍ରବଣ ।

**ଆବେଦକ** ***ବିଂ.*** ଯେ ଆବେଦନ କରେ, ପ୍ରାର୍ଥୀ, ଆବେଦନକାରୀ, ନିବେଦକ ।

**ଆବେଦନ** ***ବି.*** ୧. ପ୍ରାର୍ଥନା, ନିବେଦନ ୨. ଅଭିଯୋଗ ୩. ଦରଖାସ୍ତ ୪. ନାଲିସ ।

**ଆବେଦନୀୟ** ***ବିଂ.*** ନିବେଦନ କରିବାଯୋଗ୍ୟ, ଆବେଦନ ପାଇଁ କାରଣ ଥିବା ।

**ଆବେଦନପତ୍ର** ***ବି.*** ଦରଖାସ୍ତ, ଅର୍ଜି, ଆପ୍ଲିକେସନ୍ ।

**ଆବେଶ** ***ବି.*** ୧. ବିହ୍ୱଳତା ୨ ଅଭିନିବେଶ ୩. ଭୂତାଦିର ଅଧିଷ୍ଠାନ ।

**ଆବେଷ୍ଟକ** ***ବିଂ.*** ଯାହାଦ୍ୱାରା ଘୋଡାଇ ଦିଆଯାଇଛି, ଆବେଷ୍ଟନକାରୀ, ଆବରଣକାରକ ; ***ବି.*** ୧. ବେଢ଼ା, ପାଚିରି ୨. ଯାହା ଘୋଡ଼ାଇ ବା ଘେରାଇ ରଖେ ।

**ଆବେଷ୍ଟନ** ***ବି.*** ୧. ପରିବେଷ୍ଟନ, ଘେରଉକରଣ, ଘେରେଇବା ୨. ଆଲିଙ୍ଗନ ।

**ଆବେଷ୍ଟନୀ** ***ବି.*** ୧. ପରିବେଶ, ପରିମଣ୍ଡଳ, ଚତୁର୍ଦ୍ଦିଗର ଅବସ୍ଥା ୨. ବେଢ଼ା, ପାଚେରି ।

**ଆବେଷ୍ଟିତ** ***ବିଂ.*** ପରିବେଷ୍ଟିତ, ଘେରା ହୋଇଥିବା, ବାଡ଼ ଦିଆଯାଇଥିବା ।

**ଆବ୍ରୁ** ***ବି.*** ୧. ମହତ, ଇଜ୍ଜତ ୨. ଲଜ୍ଜାବୋଧ ।

**ଆବ୍ଲେ** ***ଅ.*** ପୁଣି ଥରେ ।

**ଆଭରଣ** ***ବି.*** ୧. ଗହଣା, ଭୂଷଣ, ଅଳଙ୍କାର ୨. ପୋଷାକ ପରିଚ୍ଛଦ ୩. ସମ୍ୟକ୍ ଭରଣପୋଷଣ ।

**ଆଭା** ***ବି.*** ୧. ଉଜ୍ଜ୍ୱଳତା, ପ୍ରଭା, ଦୀପ୍ତି ୨. ଶୋଭା, କାନ୍ତି ।

**ଆଭାର** ***ବି.*** ୧. ଅର୍ଥନୀତି ଅଧିବନ୍ଧନ, ଦେୟତା ୨. କୃତଜ୍ଞତା ।

**ଆଭାରୀ** ***ବିଂ.*** କୃତଜ୍ଞ ।

**ଆଭାଷ** ***ବି.*** ୧. ଅବତରଣିକା, ମୁଖବନ୍ଧ, ଭୂମିକା ୨. ସଂଳାପ ।

**ଆଭାଷଣ** ***ବି.*** ୧. ସମ୍ଭାଷଣ ୨. ବନ୍ଧୁସହ ଆଳାପ ୩. ଉକ୍ତି ପ୍ରତ୍ୟୁକ୍ତି ।

**ଆଭାସ** ***ବି.*** ୧. ଅସ୍ପଷ୍ଟ ପ୍ରକାଶ ୨. ସୂଚନା, ଇଙ୍ଗିତ ।

**ଆଭାସମାନ** ***ବିଂ.*** ପ୍ରକାଶମାନ, ପ୍ରତୀୟମାନ ।

**ଆଭାସିବା** ***କ୍ରି.*** ୧. ସୂଚନା ଦେବା ୨. ବୋଧହେବା ।

**ଆଭିଚାରିକ** ***ବିଂ.*** ୧. ପରହିଂସୁକ ୨. ଗୁଣି ଗାରିଡିଆ (ବ୍ୟକ୍ତି); ***ବି.*** ତନ୍ତ୍ରବିଦ୍ୟାର ଅଭିଚାର ମନ୍ତ୍ର ।

**ଆଭିଜାତ୍ୟ** ***ବି.*** ୧. ବଂଶମର୍ଯ୍ୟାଦା, କୌଳିନ୍ୟ ୨. ଉଚ୍ଚକୁଳରେ ଜାତ ହୋଇଥିବା ହେତୁ ଗର୍ବ ବା ମର୍ଯ୍ୟାଦାବୋଧ ।

**ଆଭିଧାନିକ** ***ବିଂ.*** ୧. ଅଭିଧାନଭୁକ୍ତ ୨. ଅଭିଧାନ ସଂକ୍ରାନ୍ତ ।

**ଆଭିମୁଖ୍ୟ** ***ବି.*** ୧. ଦୃଷ୍ଟିଭଙ୍ଗୀ ୨. ଉଦ୍ଦେଶ୍ୟ, ଲକ୍ଷ୍ୟ ୩. କୌଣସି କାର୍ଯ୍ୟ ବା ବିଷୟର ଯୋଜନା ୪. ଆନୁକୂଲ୍ୟ ।

**ଆଭୀର** ***ବି.*** ୧. ଗୋପାଳ, ଗଉଡ ୨. ପ୍ରାଚୀନ ଦେଶ ବିଶେଷ ।

**ଆଭ୍ୟୁଦୟିକ ଶ୍ରାଦ୍ଧ** ***ବି.*** ମଙ୍ଗଳାର୍ଥରେ କରାଯାଉଥିବା ପିତୃଲୋକଙ୍କ ଶ୍ରାଦ୍ଧ-ଯେଉଁ ଶ୍ରାଦ୍ଧ କଲେ ମଙ୍ଗଳ ହୁଏ ; ଯଥା-ନାନ୍ଦିମୁଖୀ ଶ୍ରାଦ୍ଧ ।

**ଆଭ୍ୟନ୍ତର** ***ବିଂ.*** ୧. ଭିତର(ରି) ୨. ଅଭ୍ୟନ୍ତର ସମ୍ପର୍କିତ ।

**ଆଭ୍ୟନ୍ତରୀଣ** ***ବିଂ.*** ୧. ଆଭ୍ୟନ୍ତର, ଭିତରି ।

**ଆମ୍** ***ବି.*** ଆମ୍ବ, ଗ୍ରୀଷ୍ମ ଋତୁର ଏକ ରସାଳ ଫଳ ।

**ଆମ୍‌ଚୁର୍** ***ବି.*** ୧. ଶୁଖିଲା କଂଚା ଆମ୍ବର ଗୁଣ୍ଡ ୨. ଆମ୍ବୁଲ ଚୁରା ।

**ଆମ୍ ବାହାର** ***ବି.*** ଆମାଶୟ ଝାଡ଼ା, ନାଳରକ୍ତ ଝାଡ଼ା ।

**ଆମ୍ବୁରେଇ** ***ବି.*** ଆମ୍ବତୋଟା ।

**ଆମ୍‌ଲେଟ୍** ***ବି.*** ଅଣ୍ଡାଭଜା, ଅଣ୍ଡାଚକୁଳି ।

**ଆମ୍ବସଢ଼ା, ଆମ୍ବସରା** ***ବି.*** ପାଚିଲା ଆମ୍ବରସକୁ ଚିପୁଡ଼ି ଶୁଖାଇ ତିଆରି ଖଟା ବା ଆଚାର ବିଶେଷ ।

**ଆମ** *ସ.* ଆମ୍ଭ, ଆମ୍ଭମାନଙ୍କର; *ବିଂ.* ଅପକ୍ୱ, ଅରନ୍ଧା, କଞ୍ଚା; *ବି.* ଆମରୋଗ, ଆମବାତ, ଆମଝାଡ଼ା ।

**ଆମଜର** *ବି.* ପେଟରେ ନାଳ ହେବା କାରଣରୁ ହେଉଥିବା ଜର ।

**ଆମଞ୍ଚିବା** *କ୍ରି.* ୧. ଦଉଡ଼ି, ସୂତା, ଧନୁର ଗୁଣ ପ୍ରଭୃତି ଆକର୍ଷିବା ୨. ଜୋରରେ ଟାଣିବା ବା ଭିଡ଼ିବା ।

**ଆମଠା** *ବିଂ.* ଖଟାଳିଆ, ଅଳ୍ପଖଟା, ପୁରାଖଟା ହୋଇ ନ ଥିବା ।

**ଆମଦାନି** *ବି.* ୧. ଅନ୍ୟ ଦେଶରୁ ପଣ୍ୟଦ୍ରବ୍ୟ ଆଣିବା ୨. ଆୟ, ଅମଳ ।

**ଆମଦାନୀ** *ବିଂ.* ୧. ଯାହା ଆମଦାନି କରାଯାଇଥାଏ ୨. ଅନ୍ୟ ସ୍ଥାନରୁ ଅଣାହୋଇଥିବା ।

**ଆମନ୍ତ୍ରଣ** *ବି.* ୧. ନିମନ୍ତ୍ରଣ ୨. ଆହ୍ୱାନ, ଡାକରା ୩. ସାଦର ସ୍ୱାଗତ ।

**ଆମନ୍ତ୍ରିତ** *ବିଂ.* ନିମନ୍ତ୍ରିତ, ଡକାଯାଇଥିବା, ଆବାହନ କରାଯାଇଥିବା ।

**ଆମବାଇ** *ବି.* ଅଜୀର୍ଣ୍ଣଜନିତ ବାୟୁରୋଗ ।

**ଆମବାତ** *ବି.* ଆଣ୍ଠୁଗଣ୍ଠି ଧରିବା ବାତ, ଆଣ୍ଠୁଗଣ୍ଠିଧରା ରୋଗ ।

**ଆମବାତୁଆ** *ବିଂ.* ଆମବାତ ରୋଗଗ୍ରସ୍ତ ବ୍ୟକ୍ତି ।

**ଆମର** *ସ.* ଆମ୍ଭର, ଆମ୍ଭମାନଙ୍କର ।

**ଆମରକ୍ତ** *ବି.* ରକ୍ତାତିସାର, ଝାଡ଼ା ସଂଗେ ନାଳ ଓ ରକ୍ତପଡ଼ିବା ରୋଗ, ଡ଼ିସେଣ୍ଟ୍ରି ।

**ଆମରଣ** *ବିଂ.* ମୃତ୍ୟୁପର୍ଯ୍ୟନ୍ତ, ମଲାଯାଏ ।

**ଆମଳକ** *ବି.* ଅଁଳା, କଷାଳିଆ ଓ ଔଷଧୀୟ ଗୁଣଯୁକ୍ତ ଫଳ ଓ ତାହାର ଗଛ ।

**ଆମଳକଶିଳା** *ବି.* ଦେଉଳର ଅଁଳାବେଢ଼ି ।

**ଆମୟ** *ବି.* ରୋଗ, ବ୍ୟାଧି, ଦେହର ପୀଡ଼ା ।

**ଆମଶୂଳ** *ବି.* ପେଟମରା ।

**ଆମାତିସାର** *ବି.* ଆମାଶୟ, ନାଳରକ୍ତ ଝାଡ଼ା ।

**ଆମାଶୟ** *ବି.* ୧. ପେଟର ଅନ୍ତ୍ରରୁ ନିଃସୃତ ନାଳ ୨. ନାଳଝାଡ଼ା, ଡିସେଣ୍ଟ୍ରି ।

**ଆମିଲ୍** *ବିଂ.ବି.* ଆମ୍ବିଳା, ଖଟା; *ବି.* ଦହି, ମହି (ଚଲ୍‌ହା), ତେନ୍ତୁଳି ବା ଅମ୍ଳଲ ପାଣିରେ ପ୍ରସ୍ତୁତ ବ୍ୟଞ୍ଜନ।

**ଆମିଷ** *ବି.* ଆଇଁଷ, ମାଛ, ଅଣ୍ଡା, ମାଂସ ପ୍ରଭୃତି ଏବଂ ସେଥିରେ ତିଆରି ଖାଦ୍ୟ ।

**ଆମିଷାଶୀ** *ବିଂ.* ମାଛ/ ମାଂସ/ ଅଣ୍ଡା ଖାଉଥିବା (ଲୋକ), ଆମିଷଭୋଜୀ ।

**ଆମୁଖ** *ବି.* ୧. ଗ୍ରନ୍ଥର ମୁଖବନ୍ଧ, ଭୂମିକା ୨. ନାଟକରେ ପ୍ରସ୍ତାବନା ।

**ଆମୂଳ** *ଅ.* ମୂଳଠାରୁ, ଆରମ୍ଭରୁ , ପ୍ରଥମରୁ ।

**ଆମୂଳଚୂଳ** *ବିଂ.* ମୂଳରୁ ଚୂଳ ପର୍ଯ୍ୟନ୍ତ, ମୂଳରୁ ଶେଷ ପର୍ଯ୍ୟନ୍ତ, ଆଦ୍ୟରୁ ପ୍ରାନ୍ତ, ଆମୂଳାନ୍ତ ।

**ଆମୃତ୍ୟୁ** *ଅ.* ଆମରଣ, ମୃତ୍ୟୁପର୍ଯ୍ୟନ୍ତ, ଜୀବନ ଥିବାତକ ।

**ଆମେ** *ସ.* ଆମ୍ଭେ, ଆମ୍ଭେମାନେ ('ମୁଁ' ର ବହୁବଚନ)

**ଆମୋଦ** *ବି.* ୧. ହର୍ଷ, ଆନନ୍ଦ ୨. ସୁଗନ୍ଧ ୩. କ୍ରୀଡ଼ାକୌତୁକ ।

**ଆମୋଦକର** *ବିଂ.* ଆମୋଦଦାୟକ, ଆନନ୍ଦ ଦେଉଥିବା ।

**ଆମୋଦପ୍ରମୋଦ** *ବି.* କ୍ରୀଡ଼ାକୌତୁକ, ମଉଜମଜଲିସ୍ ।

**ଆମୋଦିତ** *ବିଂ.* ୧. ଆନନ୍ଦିତ, ହର୍ଷଯୁକ୍ତ ୨. ସୁରଭିତ ।

**ଆମୋଦିବା** *କ୍ରି.* ଆନନ୍ଦ ଦେବା, ବାସିବା ।

**ଆମୋଦୀ** *ବିଂ.* ହର୍ଷବିଶିଷ୍ଟ, ସୁଗନ୍ଧଜନକ ।

**ଆମୋନିଆ** *ବି.* ରଙ୍ଗହୀନ କଟୁଗନ୍ଧଯୁକ୍ତ ଓ ଜଳରେ ଦ୍ରବଣୀୟ ଗ୍ୟାସ ବିଶେଷ ଓ ସେଥିରୁ ପ୍ରସ୍ତୁତ ସାର ।

**ଆମ୍ପୁଡ଼ା** *ବିଂ.ବି.* ରାମ୍ପୁଡ଼ା, ନଖରେ ରାମ୍ପିବା ।

**ଆମ୍ପୁଡ଼ା ଝାମ୍ପୁଡା ହେବା** *କ୍ରି.* ବିରକ୍ତ ହେବା ।

**ଆମ୍ପୁଡ଼ିବା** *କ୍ରି.* ନଖରେ ରାମ୍ପିବା, ଆଁପ୍ରିବା ।

**ଆମ୍ବ** *ବି.* ଆମ୍ର, ଆମ୍, ଆମ୍ବ ଫଳ ବା ଗଛ ।

**ଆମ୍ବଅଦା** *ବି.* ଆମ୍ବକଷିର ବାସ୍ନାବିଶିଷ୍ଟ ଏକ ପ୍ରକାର ଅଦା ।

**ଆମ୍ବ ଅମାବାସ୍ୟା** *ବି.* ବଉଳ ଅମାବାସ୍ୟା ।

**ଆମ୍ବଆମ୍ବୁଆ** *ବିଂ.* ଆମ୍ବଭଳି ।

**ଆମ୍ବକଷି** *ବି.* କଷି ଅବସ୍ଥାର ଆମ୍ବ, ପାକଳ ହୋଇ ନ ଥିବା ଆମ୍ବ।

**ଆମ୍ବକଷି ଅଦା** *ବି.* ଆମ୍ବ ଅଦା ।

**ଆମ୍ବଡ଼ା** *ବି.* ଆମ୍ବ ଆକୃତିର ଖଟାଫଳ ବିଶେଷ, ଆମ୍ରାତକ, ଆମଡ଼ା ।

**ଆମ୍ବତାହାଣୀ** *ବି.* ଆମ୍ବଗଛ ବେଢ଼ିରହୁଥିବା ମାଛି ଜାତୀୟ ଛୋଟ ଛୋଟ କଳାପୋକ ।

**ଆମ୍ବତୋଟା** *ବି.* ଆମ୍ବବଗିଚା, ଆମ୍ବବୁରେଇ ।

**ଆମ୍ବବଉଳ** *ବି.* ଆମ୍ବର ମୁକୁଳ ବା ଫୁଲ ।

**ଆମ୍ବଲସି** *ବି.* ଛୋଟ ଆମ୍ବ ଛିଣ୍ଡାଇଲେ ତେମ୍ପରୁ ବାହାରୁଥିବା ତରଳ ପଦାର୍ଥ ।

**ଆମ୍ବିଳ** *ବି.* ଖଟାରସ, ଖଟେଇ ତିଅଣ, ଆମିଲ୍ ; *ବିଂ.* ଆମ୍ବିଳା, ଖଟା ।

**ଆମ୍ବିଳି** *ବିଂ.* ଖଟା, ଖଟାଳିଆ, ଆମିଲ୍ ।

**ଆମ୍ବିଳି ତୋରାଣି** *ବି.* ଖଟା ତୋରାଣି, ଦିନକରୁ ଅଧିକ ରହି ଆମ୍ବିଳା ହୋଇଥିବା ତୋରାଣି ।

**ଆମ୍ବିଳି ବେହିଆ** *ବିଂ.* ନିପଟ ଅଲାଜୁକ ।

**ଆମ୍ବିଳିମୁହାଁ** *ବିଂ.* ସବୁବେଳେ ମୁହଁ ଆମ୍ବିଳା କରିଥିବା, ବିରସମୁହାଁ (ବ୍ୟକ୍ତି) ।

**ଆମ୍ବିଳି ହାକୁଟି** *ବି.* ଅଜୀର୍ଣ୍ଣ ହେଲେ ପାଟିବାଟେ ବାହାରୁଥିବା ଅମ୍ଳ ହାକୁଟି ବା ଢକାର ।

**ଆମ୍ବୁଲ** *ବି.* ଲୁଣରେ ଜୁଆ ହୋଇଥିବା ଶୁଖିଲା ଆମ୍ବଖଣ୍ଡ, ଆମ୍ବୁଲ୍ ।

**ଆମ୍ବୁଲ ବାୟା** *ବିଂ.* ପାଗଳ, ଅର୍ଦ୍ଧପାଗଳ ।

**ଆମ୍ବୁଲ ରାଇ** *ବି.* ଆମ୍ବୁଲ, ବଟା ସୋରିଷ, ଗୁଡ଼ ଓ ନଡ଼ିଆ କୋରା ମିଶା ଖଟା ଖାଦ୍ୟବିଶେଷ ।

**ଆମ୍ବୁଲାନ୍ସ୍** *ବି.* ରୋଗୀର ଚିକିତ୍ସାପାଇଁ ନେବା ଆଣିବା ଯାନ ।

**ଆମ୍ବୁଲିଆ** *ବିଂ.* ୧. ଦରଶୁଖିଲା, ଅଳ୍ପଓଦା ୨. ବୁଲେଇ ବଙ୍କେଇ (କହିବା) ୩. ଶୀତୁଆ ।

**ଆମ୍ବୁଲିବାଇ** *ବି.* ୧. କ୍ଷଣିକ ଉନ୍ମାଦ ବା ମତ୍ତତା ୨. କୌଣସି କାର୍ଯ୍ୟ କରିବା ପାଇଁ ମଣିଷ ମନର ତୀବ୍ର ଉତ୍ତେଜନା ବା ଜିଗର ।

**ଆମ୍ବୁଲି ମାଇଆ** *ବିଂ.* ନିପଟ ମାଇଚିଆ ।

**ଆମ୍ଭ** *ସ.* ଆମ, ଆମ୍ଭର, ମୋର, ଆମ୍ଭମାନଙ୍କର (ମାନ୍ୟାର୍ଥେ ପ୍ରୟୋଗ -ଆମ୍ଭେ) ।

**ଆମ୍ର** *ବି.* ୧. ଆମ୍ବଫଳ ୨. ଆମ୍ବଗଛ ।

**ଆମ୍ରାତକ** *ବି.* ଆମ୍ବଡ଼ାଫଳ ଓ ସେହି ଗଛ ।

**ଆମ୍ଳି** *ବି.* ଖଟାଶାଗ ।

**ଆୟ** *ବି.* ୧. ଅର୍ଥାଗମ, ରୋଜଗାର ୨. ଆଦାୟ, ଆମଦାନି ୩. ଲାଭ ୪. ଜନ୍ମଲଗ୍ନରେ ଏକାଦଶ ସ୍ଥାନ (ଜ୍ୟୋତିଷ) ।

**ଆୟଅଳଙ୍କାର** *ବି.* ଦେହସଜ୍ଜାର ସମସ୍ତ ପ୍ରକାର ଅଳଙ୍କାର ।

**ଆୟକର** *ବି.* ବ୍ୟକ୍ତି, ବ୍ୟାବସାୟିକ ପ୍ରତିଷ୍ଠାନ, ଶିଳ୍ପ ସଂସ୍ଥା ଆଦିର ଆୟ ଉପରେ ନିର୍ଦ୍ଧାରିତ କର, ଇନ୍‌କମ୍ ଟାକ୍ସ ।

**ଆୟତ** *ବିଂ.* ୧. ବିସ୍ତୃତ, ବିଶାଳ ୨. ପ୍ରସାରିତ, ଓସାରିଆ ।

**ଆୟତନ** *ବି.* ୧. ପରିସର, ବିସ୍ତାର ୨. ସ୍ଥାନର ପରିମାଣ ୩. ଜ୍ୟାମିତିକ କ୍ଷେତ୍ରର କ୍ଷେତ୍ରଫଳ ।

**ଆୟତକ୍ଷେତ୍ର** *ବି.* ସମକୋଣୀ ଚତୁର୍ଭୁଜ କ୍ଷେତ୍ର ।

**ଆୟତ୍ତ** *ବିଂ.* ୧. ଅଧିକାରଭୁକ୍ତ ୨. ବଶୀଭୂତ ୩. ଅଧୀନ ।

**ଆୟତ୍ତ କରିବା** *କ୍ରି.* ବଶୀଭୂତ କରିବା, ଅଧୀନସ୍ଥ କରିବା ।

**ଆୟନ୍** *ବି.* (ପଦାର୍ଥ ବିଜ୍ଞାନ) ଗୋଟିଏ ପରମାଣୁରୁ ଏକ ବା ଏକାଧିକ ଇଲେକଟ୍ରନ ବାହାର କରିନେଲେ ଯାହା ବାକି ରହେ ।

**ଆୟନମଣ୍ଡଳ** *ବି.* ପୃଥିବୀର ୯୦ ରୁ ୯୦୦ କିଲୋମିଟର ଉଚ୍ଚତା ପର୍ଯ୍ୟନ୍ତ ବିଦ୍ୟମାନ ବାୟୁମଣ୍ଡଳ, ଆୟୋନୋସ୍ଫିଅର ।

**ଆୟବ୍ୟୟ** *ବି.* ଆୟ ଓ ବ୍ୟୟ, ଅର୍ଜନ ଓ ଖର୍ଚ୍ଚ ।

**ଆୟବ୍ୟୟ ଫର୍ଦ୍ଦ** *ବି.* ଆୟବ୍ୟୟର ହିସାବଥିବା ପୃଷ୍ଠା, ବାଲାନ୍ସ୍ ସିଟ୍ ।

**ଆୟା** *ବି.* ୧. ଧାଇ, ଧାତ୍ରୀ, ଶିଶୁ ପାଳନ କରୁଥିବା ମହିଳା ୨. ସେବିକା ।

**ଆୟାତ** *ବିଂ.* ଆଗତ, ଆସିଥିବା, ଆମଦାନୀ; *ବି.* ଆଗମନ, ଆମଦାନି ।

**ଆୟାତ ଶୁଳ୍କ** *ବି.* ଆମଦାନୀ ଶୁଳ୍କ, ବାହାରୁ ଆମଦାନୀ କରାଯାଉଥିବା ବସ୍ତୁ ଉପରେ ଶୁଳ୍କ, ଟିକସ ।

**ଆୟାମ** *ବି.* ୧. ସଂଯମ ୨. ଦୈର୍ଘ୍ୟ ୩. ବିସ୍ତାର ।

**ଆୟାସ** *ବି.* ପରିଶ୍ରମ, ଶ୍ରମ, ଚେଷ୍ଟା ।

**ଆୟାସସାଧ୍ୟ** *ବିଂ.* ଯାହାକୁ ପରିଶ୍ରମଦ୍ୱାରା ହାସଲ କରାଯାଏ ।

**ଆୟାସହୀନ** *ବିଂ.* ବିନା ପରିଶ୍ରମରେ, ଆରାମରେ, ଅନାୟାସରେ ।

**ଆୟୁ** *ବି.* କୌଣସି ପ୍ରାଣୀ ବଞ୍ଚିରହିବା ସମୟ, ଜୀବନକାଳ, ଜୀବଦ୍ଦଶା ।

**ଆୟୁକ୍ତ** *ବିଂ.* ୧. ସଂଯୁକ୍ତ, ସଂଶ୍ଲିଷ୍ଟ ୨. ନିଯୁକ୍ତ, ଭାରପ୍ରାପ୍ତ ; *ବି.* କମିଶନ, ଆୟୋଗ ଅଧିକାରୀ, ନିୟୋଜକ ।

**ଆୟୁଧ** *ବି.* ହାତହତିଆର, ଅସ୍ତ୍ରଶସ୍ତ୍ର, ଯୁଦ୍ଧାସ୍ତ୍ର, ଦେବଗଣ ବ୍ୟବହାର କରୁଥିବା ସ୍ୱତନ୍ତ୍ର ଅସ୍ତ୍ରଶସ୍ତ୍ର ବିଶେଷ ।

**ଆୟୁଧ ବେଢା** *ବି.* ଦଶହରା ଦିନ ଘଣ୍ଟ, ଛତା, କାହାଳୀ ସହ ତଲିଛ ଓ ପ୍ରଧାନୀ ପଟୁଆରରେ ତିନିବାଡ ନିମନ୍ତେ ଆୟୁଧ ସହ (ବଡ ବାଡରେ ମୂଷଳ, ମଝିବାଡରେ ତଡଗୀ, ମହାପ୍ରଭୁଙ୍କ ବାଡରେ ଶଂଖ, ଚକ୍ର ) ବଡଦେଉଳ ବେଢା ତିନିଥର ବୁଲିଯିବା ।

**ଆୟୁଧଶାଳା** *ବି.* ଅସ୍ତ୍ରାଗାର, ଅସ୍ତ୍ରଶାଳା ।

**ଆୟୁଧାଗାର** *ବି.* ଯେଉଁଠାରେ ଅସ୍ତ୍ରଶସ୍ତ୍ର ରଖାଯାଏ ।

**ଆୟୁର୍ବେଦ** *ବି.* ୧. ଭାରତୀୟ ପାରମ୍ପରିକ ଚିକିତ୍ସା ବିଜ୍ଞାନ, କବିରାଜି ଚିକିତ୍ସା ପଦ୍ଧତି ।

**ଆୟୁର୍ବେଦ ସଂହିତା** *ବି.* ଅଥର୍ବବେଦରୁ ଗୃହୀତ ଏକ ଲକ୍ଷ ଶ୍ଲୋକଥିବା ଗ୍ରନ୍ଥବିଶେଷ ।

**ଆୟୁର୍ବେଦୀୟ** *ବିଂ.* ଆୟୁର୍ବେଦ ସମ୍ବନ୍ଧୀୟ ।

**ଆୟୁଷ** *ବି.* ଆୟୁ, ପରମାୟୁ, ଜୀବନକାଳ ।

**ଆୟୁଷ୍ମାନ୍** *ବିଂ.* ଦୀର୍ଘଜୀବୀ, *ସ୍ତ୍ରୀ.* ଆୟୁଷ୍ମତୀ ।

**ଆୟୋଗ** ***ବି.*** ୧. ବିଶେଷଜ୍ଞ ସମିତି ୨. ବିଶେଷ କାର୍ଯ୍ୟ ସଂପାଦନ ପାଇଁ ଗଠିତ କ୍ଷମତାପନ୍ନ କମିଟି ବା କମିଶନ (*ଉଦା.* ଓଡ଼ିଶା ଲୋକ ସେବା ଆୟୋଗ) ।

**ଆୟୋଜକ** ***ବି. ବିଂ.*** ଆୟୋଜନ କରିବା ଲୋକ, ବ୍ୟବସ୍ଥାପକ ।

**ଆୟୋଜନ** ***ବି.*** ୧. ଯୋଗାଡ଼, ଉଦ୍‌ଯୋଗ ୨. ଆନୁପୂର୍ବିକ ବ୍ୟବସ୍ଥା, ଉପକରଣ ଆହରଣ ବା ସଂଗ୍ରହ ।

**ଆୟୋଜିତ** ***ବିଂ.*** ଅନୁଷ୍ଠିତ, ଆୟୋଜନ ବା ବ୍ୟବସ୍ଥା କରାଯାଇଥିବା ।

**ଆର୍** ***ଅ.*** ଆହୁରି, ଏବଂ, ଓ, ଅନ୍ୟ ।

**ଆର୍‌ଚର୍** ***ବି.*** ତୀରନ୍ଦାଜ୍, ଶରଚାଳକ ।

**ଆର** ***ବିଂ.*** ଅନ୍ୟ, ଅପର ; ***ଅ.*** ଆଉ, ଆହୁରି ।

**ଆର ଓଳି** ***ବି.*** ଦିବସର ଅନ୍ୟ ଅର୍ଦ୍ଧ, ଅପରାହ୍ଣ, ଉପରବେଳା, ଉପରଓଳି ।

**ଆରକ** ***ସ.*** ୧. ଅନ୍ୟବ୍ୟକ୍ତି ୨. ଅନ୍ୟବିଷୟ ।

**ଆରକ୍ତ** ***ବିଂ.*** ଈଷତ୍ ନାଲିଆ, ରକ୍ତିମ ।

**ଆରକ୍ତିମା** ***ବି.*** ଈଷତ୍ ନାଲିରଙ୍ଗ ।

**ଆରଣ୍ୟ** ***ବିଂ.*** ବନଜାତ, ବଣୁଆ, ବନବାସୀ, ଅରଣା ।

**ଆରଣ୍ୟକ** ***ବି.*** ୧. ବନବାସୀ ଲୋକ ୨. ସଂହିତା ଓ ବ୍ରାହ୍ମଣ ପରେ ବେଦର ଜ୍ଞାନକାଣ୍ଡ ବା ଉପନିଷଦ୍ ୩. ଯେ ବାନପ୍ରସ୍ଥ ଅବଲମ୍ବନ କରିଅଛି ୪. ଝାଡୁଆ (ବ୍ରାହ୍ମଣ) ; ***ବିଂ.*** ଆରଣ୍ୟ, ବନଜାତ, ବଣୁଆ ।

**ଆରତ** ***ବିଂ.*** ଦୁଃଖ ବା ବିପଦପୂର୍ଣ୍ଣ ।

**ଆରତି** ***ବି.*** ୧. ଆଳତି, ଦେବଦେବୀଙ୍କ ଉଦ୍ଦେଶ୍ୟରେ ଦୀପ ପ୍ରଦାନ ୨. ମିନତି ।

**ଆରପଟ** ***ବି.*** ଅପରଦିଗ, ଅନ୍ୟପାଖ ।

**ଆରପାର** ***ବି.*** ୧. ନଦୀ ବା ଜଳାଶୟର ବିପରୀତ କୂଳ ୨. ପରପାର, ପରଲୋକ ।

**ଆରବ** ***ବି.*** ୧. ଉଚ୍ଚଶବ୍ଦ, ଧ୍ୱନି ୨. ଆରବ ଦେଶ ।

**ଆରବ୍ଧ** ***ବିଂ.*** ଆରମ୍ଭ କରାଯାଇଥିବା, ଅନୁଷ୍ଠିତ ।

**ଆରବୀ** ***ବି.ବିଂ.*** ୧. ଆରବ ଦେଶୀୟ ୨. ଭାଷା ବିଶେଷ ।

**ଆରଭଟି** ***ବି.*** ୧. ମହିମା, ଗୌରବ ୨. ଅଭିନୟ ୩. ବୀର ।

**ଆରମ୍ଭ** ***ବି.*** ଉପକ୍ରମ, ଉଦ୍‌ଯୋଗ ।

**ଆରମ୍ଭକ** ***ବିଂ.*** ୧. ଆରମ୍ଭକାରୀ ୨. ଉତ୍ପାଦକ ।

**ଆରସି** ***ବି.*** ଆରିସି, ଦର୍ପଣ, ଆଇନା ।

**ଆରକ୍ଷକ** ***ବି.*** ଆରକ୍ଷୀ, ଯେ ରକ୍ଷାକରେ, ପୁଲିସ କର୍ମଚାରୀ, ପ୍ରହରୀ, ରକ୍ଷାକାରୀ, ପହରାଦାର ।

**ଆରକ୍ଷଣ** ***ବି.*** ୧. ସଂରକ୍ଷଣ, କୌଣସି ବ୍ୟକ୍ତି ବା ଅନୁଷ୍ଠାନପାଇଁ ବିଶେଷ ଦୃଷ୍ଟିରୁ ନିର୍ଦ୍ଧାରିତ କାର୍ଯ୍ୟ ୨. (ରେଳ ପ୍ରଭୃତିରେ) ସ୍ଥାନ ରିଜର୍ଭେସନ ୩. ସ୍ଥାନ ସଂରକ୍ଷଣ, ରିଜର୍ଭେସନ୍ ।

**ଆରକ୍ଷିତ** ***ବିଂ.*** ୧. ଆବଶ୍ୟକତା ବା ସଂକଟ ସମୟ ପାଇଁ ରଖା ଯାଇଥିବା ୨. କୌଣସି ନିର୍ଦ୍ଦିଷ୍ଟ ବର୍ଗ ବା ଶ୍ରେଣୀପାଇଁ ସ୍ୱତନ୍ତ୍ର ଭାଗ ଭାବେ ଉଦ୍ଦିଷ୍ଟ ।

**ଆରକ୍ଷୀ** ***ବିଂ.*** ପୁଲିସ, ନିରାପତ୍ତାଦାତା ।

**ଆରା** ***ବି.*** ଶଗଡ଼ ଚକର ଅର ।

**ଆରାତ୍ରିକ** ***ବି.*** ଆଳତି, ନିରାଜନା, ବନ୍ଦାପନା ।

**ଆରାଧକ** ***ବି. ବିଂ.*** ଯେ ଆରାଧନା କରେ, ପୂଜକ, ଉପାସକ, ସେବକ, *ସ୍ତ୍ରୀ.* ଆରାଧିକା ।

**ଆରାଧନା** ***ବି.*** ୧. ପୂଜା, ଉପାସନା ୨. ତୁଷ୍ଟୀକରଣ, ସେବା ୩. ପ୍ରାର୍ଥନା ।

**ଆରାଧନୀୟ** ***ବିଂ.*** ପୂଜା ପାଇବାପାଇଁ ଯୋଗ୍ୟ, ଆରାଧ୍ୟ ।

**ଆରାଧିତ** ***ବିଂ.*** ପୂଜିତ, ଉପାସିତ ।

**ଆରାଧିବା** ***କ୍ରି.*** ଆରାଧନା କରିବା, ପୂଜା କରିବା ।

**ଆରାବ** ***ବି.*** ଶବ୍ଦ, ପ୍ରତିଧ୍ୱନି ।

**ଆରାମ** ***ବି.*** ୧. ଆରୋଗ୍ୟ, ସୁସ୍ଥତା ୨. ଉପବନ, ବଗିଚା ୩. ସ୍ୱାଚ୍ଛନ୍ଦ୍ୟ ୪. ବିଶ୍ରାମ ୫. ନିଶ୍ଚିନ୍ତତା ।

**ଆରାମ କରିବା** ***କ୍ରି.*** ବିଶ୍ରାମ ନେବା ।

**ଆରାମ ଚେୟାର୍** ***ବି.*** ଆର୍ମ ଚେୟାର, ଆରାମଚୌକି, ହାତଥିବା ଚଉକି ।

**ଆରାରୁଟ୍** ***ବି.*** ଏକ ପ୍ରକାର ଗଛର କନ୍ଦା ଓ ତାହାର ଚୂର୍ଣ୍ଣ-ଯାହା ରୋଗୀର ପଥ୍ୟ ବା ଲଘୁଖାଦ୍ୟ ଭାବରେ ବ୍ୟବହାର କରାଯାଏ ।

**ଆରି** ***ବି.*** ୧. ଏକ ପ୍ରକାର ମାଛ ୨. ଆରିପାତ, କରତ ।

**ଆରିସା** ***ବି.*** ଅରୁଆ ଚାଉଳ ଚୂନା ଓ ଗୁଡ଼ ପ୍ରଭୃତିରୁ ତିଆରି ହେଉଥିବା ତେଲ ବା ଘିଅଛଣା ପିଠା, ଅର୍‌ସା ।

**ଆରୂଢ଼** ***ବିଂ.*** ଯେ ଆରୋହଣ କରିଛି, ଚଢ଼ିଥିବା, ଆରୋହଣ କରିଥିବା ।

**ଆରେ** ***ଅ.*** ସମ୍ବୋଧନାତ୍ମକ, ଅବଜ୍ଞାସୂଚକ ବା ଆତ୍ମୀୟତାସୂଚକ ଶବ୍ଦ ।

**ଆରେଇବା** ***କ୍ରି.*** ସୁବିଧାଜନକ ମନେହେବା, ଆଦରିଯିବା, ସୁହାଇବା ।

**ଆରେକ** ***ବିଂ.*** ଅନ୍ୟଟି, ଆଉଏକ ।

**ଆରେଖ** ***ବି.*** ରେଖାଦ୍ୱାରା ଅଙ୍କିତ ଚିତ୍ର, ରେଖାଚିତ୍ର ।

**ଆରୋଗ୍ୟ** ***ବି.*** ୧. ରୋଗରୁ ମୁକ୍ତି ୨. ରୋଗଶୂନ୍ୟତା ।

**ଆରୋଗ୍ୟକର** ***ବିଂ.*** ଯାହା ରୋଗମୁକ୍ତ କରେ, ଆରୋଗ୍ୟପ୍ରଦ ।

**ଆରୋପ** ***ବି.*** ୧. ବିନା କାରଣରେ ଦାୟୀ କରିବା ୨. ଅର୍ପଣ, ନିବେଶ, ସ୍ଥାପନ ୩. କଲମି ୪. ନ୍ୟାସ ।

**ଆରୋପଣ** ***ବି.*** ୧. ଏକ ବସ୍ତୁରେ ଅନ୍ୟ ବସ୍ତୁର ସ୍ଥାପନ ୨. ଆରୋପ, ଆରୋହଣ ୩. ଧନୁରେ ଗୁଣ ଚଢ଼ାଇବା ୪. ଏକ ସ୍ଥାନରୁ ଆଣି ଅନ୍ୟତ୍ର ସ୍ଥାପନ ।

**ଆରୋପଣୀୟ** ***ବିଂ.*** ଆରୋପଣର ଯୋଗ୍ୟ ।

**ଆରୋପିତ** ***ବିଂ.*** ଆରୋପ କରାଯାଇଥିବା, ସ୍ଥାପିତ, ନିବେଶିତ, ସମ୍ୟକ୍ ସ୍ଥାପିତ, ସମ୍ୟକ୍ ରୋପିତ ।

**ଆରୋପିବା** ***କ୍ରି.*** ଆରୋପଣ କରିବା, ସ୍ଥାପନକରିବା ।

**ଆରୋହ** ***ବି.*** ଉଚ୍ଚକୁ ଯାଉଥିବା ସ୍ୱର (ସଙ୍ଗୀତ); ***ବିପ*** ଅବରୋହ ।

**ଆରୋହଣ** ***ବି.*** ଚଢ଼ିବା, ଉପରକୁ ଉଠିବା କାର୍ଯ୍ୟ ।

**ଆରୋହିବା** ***କ୍ରି.*** ଆରୋହଣ କରିବା, ଉଠିବା, ଚଢ଼ିବା ।

**ଆରୋହୀ** ***ବି.ବିଂ.*** ୧. ଆରୋହଣକାରୀ, ଆରୋହକ ୨. କ୍ରମଶଃ ଊର୍ଦ୍ଧ୍ୱକୁ ଗତି କରୁଥିବା (ସ୍ୱର) ୩. ଉପରକୁ ଉଠୁଥିବା ।

**ଆରୋହୀ ପାଦପ** ***ବି.*** *ଉଦ୍ଭିଦବିଜ୍ଞାନ* ଅନ୍ୟକୁ ଆଶ୍ରୟ କରି ଉଠୁଥିବା ଉଦ୍ଭିଦ ।

**ଆରୋହୀ ବଳାଘାତ** ***ବି.*** *ଭାଷାତତ୍ତ୍ୱ* ଉଚ୍ଚ ବଳାଘାତ, ଉଚ୍ଚାରଣ ବେଳେ ଶବ୍ଦର ଯେଉଁ ଅଂଶଗୁଡ଼ିକରେ ଜୋର ଦିଆଯାଏ, ଷ୍ଟ୍ରେସ୍ ।

**ଆରୋହୀ ମୂଳ** ***ବି.*** *ଉଦ୍ଭିଦବିଜ୍ଞାନ* ମୂଳ ସାହାଯ୍ୟରେ ଉପରକୁ ଉଠୁଥିବା ।

**ଆର୍କିଟାଇପ୍** ***ବି.*** ଆଦ୍ୟପ୍ରାରୂପ, ମୂଳରୂପ, ସାର୍ବଜନୀନ ପ୍ରତୀକ ।

**ଆର୍କିଟେକ୍ଟ** ***ବି.*** ସ୍ଥପତି, ବାସ୍ତୁବିଦ୍, ବାସ୍ତୁକାର ।

**ଆର୍ଟ୍** ***ବି.*** ୧. କଳା ୨. ଶିଳ୍ପକଳା ୩. ଚାରୁକଳା, କାରୁକଳା ୪. କୌଶଳ, ଦକ୍ଷତା ।

**ଆର୍ଟ୍ସ୍** ***ବି.*** କଲେଜସ୍ତରରେ କଳାବିଭାଗ ।

**ଆର୍ଟିକଲ୍** ***ବି.*** ୧. ଲେଖା ୨. ଦଫା, ଧାରା ।

**ଆର୍ଟିଷ୍ଟ୍** ***ବି.*** କଳାକାର, ନୃତ୍ୟ, ସଙ୍ଗୀତ, ବାଦ୍ୟ , ଚିତ୍ର ଆଦି ଯେକୌଣସି କଳାର ଶିଳ୍ପୀ ।

**ଆର୍ଟିଷ୍ଟିକ୍** ***ବିଂ.*** ୧. କଳାତ୍ମକ ୨. ମନଲୋଭା ।

**ଆର୍ତ୍ତ** ***ବିଂ.*** କାତର, ପୀଡ଼ିତ, ବିପନ୍ନ, ଆତୁର, ଜର୍ଜରିତ ।

**ଆର୍ତ୍ତତ୍ରାଣ** ***ବି.ବିଂ.*** ଦୁଃଖହରଣକାରୀ ।

**ଆର୍ତ୍ତନାଦ** ***ବି.*** କାତରଧ୍ୱନି, ବିକଳଡାକ ।

**ଆର୍ତ୍ତି** ***ବି.*** ୧. କାତରତା ୨. ଦୁଃସହକଷ୍ଟ ୩. ଆକୁଳ ଡାକ ୪. ମାନସିକ ପୀଡ଼ା ୫. ବିପତ୍ତି ।

**ଆର୍ଥନୀତିକ** ***ବିଂ.*** ୧. ଅର୍ଥନୀତି ବିଷୟକ ୨. ଅର୍ଥନୀତିଗତ ୩. ଅର୍ଥ ସମ୍ପର୍କିତ ।

**ଆର୍ଥିକ** ***ବିଂ.*** ଅର୍ଥ ବିଷୟକ, ଟଙ୍କା ପଇସା ସମ୍ବନ୍ଧୀୟ ।

**ଆର୍ଥୀ** ***ବିଂ.*** ଅର୍ଥ ବିଶାରଦ, ଭିନ୍ନ ଭିନ୍ନ ଅର୍ଥ ଜାଣିଥିବା (ବ୍ୟକ୍ତି)

**ଆର୍ଥୀ ବ୍ୟଞ୍ଜନା** ***ବି.*** ଅର୍ଥ ଜନିତ ବିଶେଷଭାବବୋଧକ ଶବ୍ଦଶକ୍ତି ।

**ଆର୍ଦୋଳି** ***ବି.*** ଅଳି, ଜଞ୍ଜାଳ, ଝଞ୍ଜଟ୍, ଦାଉ ।

**ଆର୍ଦ୍ର** ***ବିଂ.*** ୧. ଓଦା, ଓଲ୍ ୨. ସିକ୍ତ ୩. ସନ୍ତସନ୍ତିଆ ।

**ଆର୍ଦ୍ରା** ***ବି.*** ନକ୍ଷତ୍ର ବିଶେଷ (ଷଷ୍ଠ ନକ୍ଷତ୍ର) ।

**ଆର୍ଯ୍ୟ** ***ବି.*** ୧. ମାନବ ଜାତି ବିଶେଷ ୨. ଗୁରୁଜନ ; ***ବିଂ.*** ମାନ୍ୟ, ଶ୍ରେଷ୍ଠ ।

**ଆର୍ଯ୍ୟପୁତ୍ର** ***ବି.*** ୧. ଶଶୁରଙ୍କ ପୁତ୍ର ୨. ସ୍ୱାମୀ, କର୍ତ୍ତା ।

**ଆର୍ଯ୍ୟଭଟ୍ଟ** ***ବି.*** ୧. ଭାରତୀୟ ଜ୍ୟୋତିର୍ବିଜ୍ଞାନର ପ୍ରତିଷ୍ଠାତା ୨. ତାଙ୍କ ନାମରେ ନାମିତ ଭାରତୀୟ ମହାକାଶଯାନ ।

**ଆର୍ଯ୍ୟସମାଜ** ***ବି.*** ଦୟାନନ୍ଦ ସରସ୍ୱତୀଙ୍କଦ୍ୱାରା ପ୍ରତିଷ୍ଠିତ ସଂସ୍କାରକାମୀ ଅନୁଷ୍ଠାନ ।

**ଆର୍ଯ୍ୟାବର୍ତ୍ତ** ***ବି.*** ଆର୍ଯ୍ୟଦେଶ, ହିମାଳୟଠାରୁ ବିନ୍ଧ୍ୟ ପର୍ବତମାଳା ଯାଏ ଭାରତର ଉତ୍ତର ଅଂଶ, ଉତ୍ତରାପଥ ।

**ଆର୍ଷ** ***ବିଂ.*** ଋଷି ସମ୍ବନ୍ଧୀୟ ।

**ଆର୍ଷ ପ୍ରୟୋଗ** ***ବି.*** ଋଷି ଶ୍ରେଣୀୟ ସର୍ବମାନ୍ୟ ବ୍ୟକ୍ତିଙ୍କଦ୍ୱାରା ପ୍ରାଚୀନ ସାମାଜିକ ବ୍ୟତିକ୍ରମ ।

**ଆର୍ଷ ବଚନ** ***ବି.*** ଋଷିବାଣୀ, ବେଦବଚନ ।

**ଆର୍ଷ ବିବାହ** ***ବି.*** ବିବାହର ଆଠ ପ୍ରକାର ଭେଦରୁ ଗୋଟିଏ ।

**ଆର୍ହତ** ***ବି.*** ଜୈନ ସଂପ୍ରଦାୟର ସନ୍ନ୍ୟାସୀ ବିଶେଷ, ଜିନ ସଙ୍ଘ ବିଶେଷ ।

**ଆଳ** ***ବି.*** ୧. ବାହାନା, ଛଳନା ୨. ଘର ।

**ଆଳଙ୍କାରିକ** ***ବିଂ.*** ୧. କାବ୍ୟରେ ବର୍ଣ୍ଣନାର ଛଟା ସମ୍ବନ୍ଧୀୟ, କାବ୍ୟ ତତ୍ତ୍ୱ ସଂକ୍ରାନ୍ତ ୨. ଅଳଙ୍କାରଯୁକ୍ତ; ***ବି.*** ଅଳଂକାର/ ଶାସ୍ତ୍ରଜ୍ଞ ।

**ଆଳତି** ***ବି.*** ନିରାଜନା, ପ୍ରଦୀପ ଜାଳି ମନ୍ତ୍ରପାଠ ପୂର୍ବକ ଦେବମୂର୍ତ୍ତି ବରଣ, ବନ୍ଦାପନା ।

**ଆଳବାଳ** ***ବି.*** ଗଛମୂଳରେ ପାଣି ଦେବାର ମନ୍ଦା ବା ମଳା ।

**ଆଳୟ** ***ବି.*** ଘର, ବାସସ୍ଥାନ, ଗୃହ ।

**ଆଳସ୍ୟ** ***ବି.*** ଅଳସପଣ, ଅଳସୁଆମି, କାର୍ଯ୍ୟକରିବାରେ ହେଳା ।

**ଆଳସ୍ୟ ଭାଙ୍ଗିବା** ***କ୍ରି.*** ଆଳସ୍ୟ ମେଣ୍ଟାଇବା, ଅଳସଭାଙ୍ଗିବା, ମୋଡ଼ିଭିଡ଼ି ହେବା ।

**ଆଳାପ** ***ବି.*** ୧. କଥୋପକଥନ, କଥାବାର୍ତ୍ତା ୨. *ସଙ୍ଗୀତ* ସ୍ୱରର ଆଦ୍ୟ ବିସ୍ତାର।

**ଆଳାପନ** ***ବି.*** ସଂଭାଷଣ, କଥାବାର୍ତ୍ତା, କଥୋପକଥନ ।

**ଆଳାପ୍ୟ** ***ବିଂ.*** ଆଳାପର ଯୋଗ୍ୟ।

**ଆଳାପୀ** ***ବି.ବିଂ.*** ଆଳାପକାରୀ, ମେଳାପୀ ।

**ଆଳି** ***ବି.*** ୧. କ୍ଷେତର ହିଡ, ଆଡ଼ି ୨. ସମୂହ ୩. ସଖୀ ୪. ଯୁବତୀ ସ୍ତ୍ରୀ ।

**ଆଳିପଣା** ***ବି.*** ୧. ବରପକ୍ଷ ସଂଗେ କନ୍ୟାପକ୍ଷର ପ୍ରଥମ ଆଳାପ ଉଦ୍ଦେଶ୍ୟରେ ଖିଆପିଆ ୨. ଉପନୟନର ସଂଧ୍ୟାରେ ପ୍ରଦତ୍ତ ନିସଂଖୁଡ଼ି ଭୋଜନ ।

**ଆଳିମାଳିକା** ***ବି.*** ୧. ପେଡ଼ି ସାଇତା ହରେକ ରକମର ଛୋଟ ବଡ଼ ଦରକାରି ଦ୍ରବ୍ୟ ୨. ଏଣୁ ତେଣୁ ବସ୍ତୁ ।

**ଆଳୁ** ***ବି.*** ଖାଦ୍ୟଭାବରେ ବ୍ୟବହୃତ ମୂଳ ବା କନ୍ଦା ( ଦେଶୀଆଳୁ, ବିଲାତି ଆଳୁ); ***ଅ.*** ଶୀଳାର୍ଥକ ପ୍ରତ୍ୟୟ (*ଦ୍ର:* ଭୟାଳୁ, ନିଦ୍ରାଳୁ) ।

**ଆଳୁମଣ୍ଡିଆ ଲୁଗା** ***ବି.*** ମଣ୍ଡଦିଆ ଧଳାଲୁଗା ।

**ଆଲ୍‌କାତରା** ***ବି.*** ପଥରକୋଇଲାରୁ ବାହାରୁଥିବା ତୀବ୍ର ଗନ୍ଧଯୁକ୍ତ ନିର୍ଯାସ, ଡାରୁ, ପିଚୁ, କୋଲଟାର୍ ।

**ଆଲ୍‌ଟି ଦେବା** ***ବି.*** ୧. ମୋଡ଼ିଦେବା ୨. ବଳ ପ୍ରୟୋଗ ପୂର୍ବକ ଓଲଟାଇ ଦେବା ।

**ଆଲ୍‌ପିନ୍** ***ବି.*** କାଗଜଗୁଚ୍ଛା ପିନ୍‌କଣ୍ଟା।

**ଆଲ୍‌ମାଲ୍** ***ଅ.*** ଦୈବାତ୍, କାଳେ, ଯଦି, ହୁଏତ, ସମ୍ଭବତଃ ।

**ଆଲ୍‌ମିରା** ***ବି.*** ଆଲମାରି ।

**ଆଲ** ***ବି.*** ଆଲୁଅ, ଆଲୋକ ।

**ଆଲକୁଚି ମାଲ୍‌କୁଚି** ***ବି.*** ଆଳିମାଳିକା, ଏଣୁତେଣୁ ।

**ଆଲଗ୍ନି** ***ବି.*** ଅଲଗୁଣି ।

**ଆଲଟ** ***ବି.*** ବଡ଼ପଙ୍ଖା, ଆଡଣି, ବଡ଼ ଆକାରର ବ୍ୟଜନ ବିଶେଷ ।

**ଆଲଟଚାମର** ***ବି.*** ଆଲଟ ସହ ଚାମର ।

**ଆଲଣା** ***ବି.*** ଗୋଡ଼ଲଗା କାଠ ଅଲ୍‌ଗୁଣି ।

**ଆଲମାରି** ***ବି.*** ଜିନିଷପତ୍ର ସାଇତି ରଖିବାପାଇଁ କବାଟ ଥିବା ଆଧାର, ଆଲ୍‌ମିରା।

**ଆଲମ୍ବ** ***ବି.*** ୧. ଆଶ୍ରୟ, ଭିରା ୨. ତଳକୁ ଟଣା ଯାଇଥିବା ଲମ୍ବ ସରଳରେଖା ।

**ଆଲମ୍ବନ** ***ବି.*** ୧. ଯାହାକୁ ଆଶ୍ରୟ କରି ବୀର କରୁଣାଦି ରସ ବା ଭାବ ଉଦ୍ଦୀପ୍ତ ହୁଏ (ସାହିତ୍ୟ) ୨. ଝୁଲିବା, ୩. ଅବଲମ୍ବନ ।

**ଆଲମ୍ବିତ** ***ବିଂ.*** ଝୁଲିଥିବା, ଓହଳି ଥିବା ।

**ଆଲାନ** ***ବି.*** ହାତୀ ପ୍ରଭୃତି ପଶୁଙ୍କୁ ବାନ୍ଧିବା ସ୍ତମ୍ଭ, ହାତୀବନ୍ଧା ଖୁଣ୍ଟ ।

**ଆଲାରାମ୍, ଆଲାର୍ମ** ***ବି.*** ୧. ସତର୍କ ଘଣ୍ଟି, ବିପଦସଂକେତ, ନିଦରୁ ଉଠାଇବାପାଇଁ ବା କାମ ମନେ ପକେଇଦେବାପାଇଁ ଘଣ୍ଟା ମୋବାଇଲ ଫୋନ୍ ପ୍ରଭୃତିରେ ଦିଆଯାଇଥିବା ଘଣ୍ଟି ।

**ଆଲିଙ୍ଗନ** ***ବି.*** କୁଣ୍ଢେଇ ଧରିବା, ଆଶ୍ଳେଷ, କୋଳାକୋଳି, କୁଣ୍ଢା କୁଣ୍ଢି, ଅଙ୍ଗମିଳନ ।

**ଆଲିମ୍ପନ** ***ବି.*** ୧. ମୁରୁଜରେ ଚିତା ୨. ଝୋଟିଚିତା ୩. ଲିପାପୋଛା ।

**ଆଲୁଅ** ***ବି.*** ୧. ଆଲୋକ, ଉକିଆ ୨. ଆଖିପତାର ବ୍ରଣ, ସନ୍‌ବିର୍ଲି ।

**ଆଲୁଅପଖ** ***ବି.*** ଶୁକ୍ଳପକ୍ଷ ।

**ଆଲୁଆନ** ***ବି.*** ରେଶମତିଆରି ଶୀତବସ୍ତ୍ର ।

**ଆଲୁମିନିଅମ୍** ***ବି.*** ଧଳାରଙ୍ଗର ଧାତୁବିଶେଷ, ଗିଲ୍‌ଟି, ରସଧାତୁ ।

**ଆଲୁରି** ***ବି.*** ନିଜ ବେଶବାସ ପ୍ରତି ସଚେତନ ନ ଥିବା ସରଳ ପ୍ରକୃତିର ନାରୀ ।

**ଆଲୁରୁବାଲୁରୁ** ***ବିଂ.*** ଅବ୍ୟବସ୍ଥିତ, ଲୁଗାପଟା ଜିନିଷପତ୍ର ପ୍ରଭୃତି ଅସଜଡ଼ା ଥିବା, ଅଯତ୍ନରକ୍ଷିତ ।

**ଆଲୁଳାୟିତ** ***ବିଂ.*** ଆଲୁବାଲୁ, ମୁକୁଳା, ଇତସ୍ତତଃ ବିକ୍ଷିପ୍ତ (କେଶ) ।

**ଆଲେଖ୍ୟ** ***ବି.*** ୧. ଚିତ୍ରଅଙ୍କନ ୨. ଦୃଶ୍ୟପଟ୍ଟ ।

**ଆଲେପନ** ***ବି.*** ୧. ମଲମ, ପ୍ରଲେପ ୨. ବୋଳିବା ।

**ଆଲେପିତ** ***ବିଂ.*** ଲେପା ହୋଇଥିବା, ବୋଳାଯାଇଥିବା ।

**ଆଲୋ** ***ଅ.*** ନାରୀମାନଙ୍କ ଉଦ୍ଦେଶ୍ୟରେ ସ୍ନେହପୂର୍ଣ୍ଣ ସମ୍ବୋଧନ ।

**ଆଲୋକ** ***ବି.*** ୧. ଆଲୁଅ, ଉକିଆ ୨. କିରଣ ୩. ଜ୍ୟୋତି, ଦୀପ୍ତି ୪. ଦୃଷ୍ଟିପାତ ।

**ଆଲୋକ ଅବଶୋଷଣ** ***ବି.*** ପତ୍ରଦ୍ୱାରା ସୂର୍ଯ୍ୟକିରଣରୁ ଖାଦ୍ୟ ଗ୍ରହଣ, ଅଙ୍ଗାର ଆତ୍ମୀକରଣ, ଫୋଟୋସିନ୍ଥେସିସ୍ ।

**ଆଲୋକଚିତ୍ର** ***ବି.*** ଫଟୋ, ଫଟୋଗ୍ରାଫ୍ ।

**ଆଲୋକପକ୍ଷ** ***ବି.*** ଶୁକ୍ଳପକ୍ଷ ।

**ଆଲୋକପାତ** ***ବି.*** ୧. ଆଲୋକ ନିକ୍ଷେପ ୨. ସମ୍ୟକ୍ ବର୍ଣ୍ଣନା ।

**ଆଲୋକ ବର୍ଷ** ***ବି.*** ଆଲୋକର ଗତି ସାହାଯ୍ୟରେ ଗ୍ରହ ନକ୍ଷତ୍ରର ଦୂରତ୍ୱ ମାପିବା ପାଇଁ ଏକକ, ଲାଇଟ୍ ଇୟର୍ ।

**ଆଲୋକମଣ୍ଡଳ** ***ବି.*** ଗ୍ରହ ନକ୍ଷତ୍ରପ୍ରଭୃତିର ଆଲୋକିତ ବଳୟ ।

**ଆଲୋକସଂବେଦୀ** ***ବିଂ.*** ଆଲୋକ ପ୍ରତି ସମ୍ବେଦନଶୀଳ, ଆଲୋକ ସୁଗ୍ରାହୀ, ଫଟୋ ସେନ୍‌ସିଟିଭ୍ ।

**ଆଲୋକ ସଂଶ୍ଳେଷଣ** ***ବି.*** *ବିଜ୍ଞାନ* ଆଲୋକ ବିକୀରଣଦ୍ୱାରା ଅଙ୍ଗାରକାମ୍ଳ ଓ ଜଳରୁ ଉଦ୍‌ଭିଦର ଶ୍ୱେତସାର ପ୍ରସ୍ତୁତି ।

**ଆଲୋକସ୍ତମ୍ଭ** ***ବି.*** ବତୀଖୁଣ୍ଟ, ବତିଘର ।

**ଆଲୋକିତ** ***ବିଂ.*** ପ୍ରକାଶିତ, ଦୀପ୍ତ , ଉଜ୍ଜ୍ୱଳ ।

**ଆଲୋକୀୟ** ***ବିଂ.*** ଆଲୋକ ସମ୍ବନ୍ଧୀୟ

**ଆଲୋକୀୟ ଅକ୍ଷ** ***ବି.*** (ପଦାର୍ଥ ବିଜ୍ଞାନ) ଚଷମା ଯବକାଚର ଅକ୍ଷ ।

**ଆଲୋକୀୟ କାଚ** ***ବି.*** ଯବକାଚ, ଚଷମାକାଚ ।

**ଆଲୋଚନ** ***ବି.*** ୧. ବିଚାର, ଅନୁଶୀଳନ, ଚର୍ଚ୍ଚା ୨. ଆଖି ପର୍ଯ୍ୟନ୍ତ, ଲୋଚନ ଯାଏ ।

**ଆଲୋଚନା** ***ବି.*** ଚର୍ଚ୍ଚା, ବିଚାର, ତର୍କ ବିତର୍କ ।

**ଆଲୋଚିତ** ***ବିଂ.*** ଚର୍ଚ୍ଚିତ, ଆଲୋଚନା କରାଯାଇଥିବା, ଅନୁଶୀଳିତ ।

**ଆଲୋଚ୍ୟ** ***ବିଂ.*** ବିଚାରଯୋଗ୍ୟ, ବିଚାର ବିମର୍ଶଯୋଗ୍ୟ ।

**ଆଲୋଡ଼ନ** ***ବି.*** ୧. ମନ୍ଥନ, ଆଉଟିବା କାମ, ଘାଣ୍ଟିବା କାମ ୨. ବହୁଳ ଚର୍ଚ୍ଚା, ଘଣ୍ଟାଚକଟା ।

**ଆଲୋଡ଼ିତ** ***ବିଂ.*** ମଥିତ, ବହୁଚର୍ଚ୍ଚିତ ।

**ଆଲୋଳ** ***ବିଂ.*** ଈଷତ୍ ଚଞ୍ଚଳ, ବିକ୍ଷିପ୍ତ ।

**ଆଲ୍ଲା** ***ବି.*** ଇସଲାମ ଧର୍ମରେ ଈଶ୍ୱର ।

**ଆୱାଜ୍** ***ବି.*** ୧. ଧ୍ୱନି, ଶବ୍ଦ ୨. ସ୍ୱର ୩. ଡାକରା ।

**ଆୱାରା** ***ବିଂ.ବି.*** ୧. ଉଦ୍ଦେଶ୍ୟହୀନ ଭାବେ ବୁଲୁଥିବା ୨. ବେକାର ।

**ଆୱାର୍ଡ୍** ***ବି.*** ପୁରସ୍କାର, ସଫଳତାପାଇଁ ପ୍ରଦତ୍ତ ସମ୍ମାନ ।

**ଆଶ** ***ବି.*** ବାସନା, ଆଶା, ଇଚ୍ଛା ।

**ଆଶଙ୍କା** ***ବି.*** ଭୟ, ସନ୍ଦେହ, ସଂକୋଚ, ଅନିଶ୍ଚୟତା ।

**ଆଶଙ୍କିତ** ***ବିଂ.*** ଭୀତ, ଆଶଙ୍କାଯୁକ୍ତ ।

**ଆଶୟ** ***ବି.*** ୧. ଉଦ୍ଦେଶ୍ୟ, ଅଭିପ୍ରାୟ ୨. ଆଧାର, ପାତ୍ର ୩. ଅନ୍ତଃକରଣ ୪. ଆଶ୍ରୟସ୍ଥଳ ।

**ଆଶୟାର୍ଥ** ***ବି.*** ଆକ୍ଷରିକ ଅର୍ଥ ବ୍ୟତୀତ ଲେଖକର ଗୂଢ଼ ଅଭିପ୍ରାୟ ସୂଚକ ଶବ୍ଦ ।

**ଆଶା** ***ବି.*** ୧. ବାଞ୍ଛା, ଇଚ୍ଛା, ଇପ୍ସିତ ବସ୍ତୁଲାଭର ଅପେକ୍ଷା, ଅଭିଳାଷ, କାମନା ୨. ଦିଗ ।

**ଆଶାବରୀ** ***ବି.*** ଦିନର ପ୍ରଥମ ପ୍ରହରରେ ଗୀତ ହେବାର ବିଧି , ଏକ ପ୍ରକାର ଶାସ୍ତ୍ରୀୟ ରାଗ ।

**ଆଶାବାଡ଼ି** ***ବି.*** ୧. (ଚାଲିବାରେ ସାହାଯ୍ୟ ପାଇଁ) ଆଶ୍ରୟ ବାଡ଼ି, ସହାୟକ ବାଡ଼ି ୨. ଅବଲମ୍ବନ ।

**ଆଶାବାଦୀ** ***ବିଂ.*** ଜଗତ ଓ ଜୀବନପ୍ରତି ଆସ୍ତିସୂଚକ ମନୋଭାବ ପୋଷଣକାରୀ, ଆଶାୟୀ ।

**ଆଶା ବୈତରଣୀ** ***ବି.*** ଆଶା ରୂପକ ବୈତରଣୀ, ଏକମାତ୍ର ଭରସା ।

**ଆଶାଭଙ୍ଗ** ***ବି.*** ନୈରାଶ୍ୟ, ଆଶାଲୋପ ।

**ଆଶାଭରସା** ***ବି.*** ସାହାରା, ସହାୟ ।

**ଆଶିଷ** ***ବି.*** ଆଶୀର୍ବାଦ, ଶୁଭେଚ୍ଛା, କଲ୍ୟାଣ ।

**ଆଶୀ** ***ବି.*** ବିଷବନ୍ତ, ବିଷଥିବା ।

**ଆଶୀବିଷ** ***ବି.*** ସାପ ।

**ଆଶୀର୍ବାଦ** ***ବି.*** ଆଶିଷ, କଲ୍ୟାଣ, ଗୁରୁଜନକର୍ତ୍ତୃକ ଶୁଭକାମନା ବାକ୍ୟ ।

**ଆଶୀର୍ବାଦକ** ***ବିଂ.*** ଯେ ଆଶୀର୍ବାଦ କରେ ।

**ଆଶୀର୍ବାଦ ଘର** ***ବି.*** ପୁଆଣିଘର ।

**ଆଶୀର୍ବାଦ ଚାଉଳ** ***ବି.*** ମାଙ୍ଗଳିକ ଅନୁଷ୍ଠାନରେ କର୍ତ୍ତାଙ୍କ ମୁଣ୍ଡରେ ପୁରୋହିତ ପକାଉଥିବା ମନ୍ତ୍ରିତ ଚାଉଳ, ମଙ୍ଗଳ ଚାଉଳ ।

**ଆଶୁ** ***ବିଂ.*** ଯଥାଶୀଘ୍ର, କାଳବିଳମ୍ବ ନକରି ତତ୍କାଳ; ***କ୍ରି.ବିଂ.*** ଅବିଳମ୍ବେ ।

**ଆଶୁକବି** ***ବି.*** ତତ୍କ୍ଷଣାତ୍ କବିତା ରଚନାକାରୀ ।

**ଆଶୁତୋଷ** ***ବି.*** ଶିବ ; ***ବିଂ.*** ଯେ ଶୀଘ୍ର ତୁଷ୍ଟ ହୁଏ ।

**ଆଶୁଲିପି** ***ବି.*** କ୍ଷିପ୍ରଲିପି, ଶୀଘ୍ର ଲେଖିବାପାଇଁ ବ୍ୟବହୃତ ବିଶେଷ ଧରଣର ଲିପି, ସର୍ଟହ୍ୟାଣ୍ଡ ।

**ଆଶ୍ଚର୍ଯ୍ୟ** ***ବି.*** ବିସ୍ମୟ, ଚମତ୍କାର ; ***ବିଂ.*** ବିସ୍ମୟକର, ଅଦ୍ଭୁତ, ଅପୂର୍ବ, ଆଚମ୍ବିତ ।

**ଆଶ୍ଚର୍ଯ୍ୟଜନକ** ***ବିଂ.*** ଯାହା ମନରେ ବିସ୍ମୟ ଜନ୍ମାଏ, ବିସ୍ମୟକର ।

**ଆଶ୍ଚର୍ଯ୍ୟାନ୍ୱିତ** ***ବିଂ.*** ବିସ୍ମିତ, ଚମତ୍କୃତ, ଆଚମ୍ବିତ ।

**ଆଶ୍ୱସ୍ତ** ***ବି.*** ଆଶ୍ୱାସନାପ୍ରାପ୍ତ, ପ୍ରବୋଧିତ ।

**ଆଶ୍ୱସ୍ତି** ***ବି.*** ଉଦ୍‌ବେଗ ବା ଆଶଙ୍କା ହ୍ରାସ, ପ୍ରବୋଧପ୍ରାପ୍ତି ।

**ଆଶ୍ୱାସ** ***ବି.*** ପ୍ରବୋଧ, ସାନ୍ତ୍ୱନା ।

**ଆଶ୍ୱାସନା** ***ବି.*** ପ୍ରବୋଧନା, ସାନ୍ତ୍ୱନା ।

**ଆଶ୍ୱିନ** ***ବି.*** ଅଶିଣ ମାସ, ଭାଦ୍ରବ ପରେ ଓ କାର୍ତ୍ତିକ ପୂର୍ବରୁ ପଡୁଥିବା ମାସ ।

**ଆଶ୍ରମ** ***ବି.*** ୧. ମଠ, ତପସ୍ୟାର ସ୍ଥାନ, ମୁନିବସତି, ତପୋବନ ୨. ଜୀବନଯାତ୍ରାର ଚାରି ଅବସ୍ଥା (ବ୍ରହ୍ମଚର୍ଯ୍ୟ, ଗାର୍ହସ୍ଥ୍ୟ, ବାନପ୍ରସ୍ଥ, ସନ୍ନ୍ୟାସ) ୩. ଆଶ୍ରୟସ୍ଥାନ (ଯଥା-ବିଧବାଶ୍ରମ, ଅନାଥାଶ୍ରମ, କୁଷ୍ଠାଶ୍ରମ)

**ଆଶ୍ରମଭ୍ରଷ୍ଟ** ***ବିଂ.*** ଆଶ୍ରମୋଚିତ କର୍ତ୍ତବ୍ୟର ତ୍ରୁଟି ଯୋଗୁଁ ଆଶ୍ରମରୁ ବହିଷ୍କୃତ ବା ବିତାଡ଼ିତ ।

**ଆଶ୍ରମିକ, ଆଶ୍ରମୀ** ***ବି.ବିଂ.*** ୧. ଆଶ୍ରମବାସୀ ୨. ଆଶ୍ରମ ଧର୍ମାଚାରୀ ।

**ଆଶ୍ରୟ** ***ବି.*** ୧. ଆଧାର ୨. ଶରଣ ୩. ଅବଲମ୍ବନ ୪. ଗୃହ, ଘର ; ***ବି.ବିଂ.*** ସହାୟକ, ରକ୍ଷକ ।

**ଆଶ୍ରା** ***ବି.*** ଅବଲମ୍ବନ, ସାହା ।

**ଆଶ୍ରାବତ୍ସଳ ବିଂ.** ଆଶ୍ରିତ ବ୍ୟକ୍ତି ପ୍ରତି ସ୍ନେହଶୀଳ, ଶରଣବତ୍ସଳ ।

**ଆଶ୍ରିତ ବିଂ.** ଆଶ୍ରୟପ୍ରାପ୍ତ, ଶରଣ ପାଇବା, ଆଶ୍ରାରେ ଥିବା ।

**ଆଶ୍ରିବା କ୍ରି.** ଆଶ୍ରୟ କରିବା, ଶରଣ ନେବା ।

**ଆଶ୍ଳିଷ୍ଟ ବିଂ.** ଆଲିଙ୍ଗିତ, ଜଡ଼ିତ, ମିଳିତ ।

**ଆଶ୍ଳେଷ ବି.** ଆଲିଙ୍ଗନ, ବାହୁବନ୍ଧନ ।

**ଆଶ୍ଳେଷାର୍ଥ ବିଂ.** ଏକପଦଦ୍ୱାରା ଏକାଧିକ ଅର୍ଥବୋଧ ଶ୍ଳେଷାର୍ଥ, ଶବ୍ଦର ଅର୍ଥ ବିଶେଷ ।

**ଆଶ୍ଳେଷିତ ବିଂ.** ଆଲିଙ୍ଗିତ ।

**ଆଷାଢ଼ ବି.** ୧. ଜ୍ୟେଷ୍ଠ ଓ ଶ୍ରାବଣ ମଧ୍ୟବର୍ତ୍ତୀ ମାସ ୨. ମଳୟପର୍ବତ ।

**ଆଷାଢ଼ଶୁକ୍ଳ ବି.** ୧. ଶାସ୍ତ୍ରୀୟ ସଙ୍ଗୀତରେ ରାଗ ବିଶେଷ ୨. ବାକ୍ୟଛନ୍ଦ ବିଶେଷ ।

**ଆଷାଢ଼ୀ ବିଂ.** ଆଷାଢ଼ ମାସ ସମ୍ବନ୍ଧୀୟ; **ବି.** ୧. ଆଷାଢ଼ ପୂର୍ଣ୍ଣିମା ୨. ଚାତୁର୍ମାସ୍ୟା ବ୍ରତ ।

**ଆ(ଅ)ଷାଢୁଆ ବି.** ଆଷାଢ଼ ମାସରେ ଫଳୁଥିବା କାଙ୍କଡ଼ ଜାତୀୟ ଫଳ ବିଶେଷ ।

**ଆସ୍‌ଟ୍ରେ ବି.** ବିଡ଼ି ସିଗାରେଟ ପ୍ରଭୃତିର ପାଉଁଶଦାନି ।

**ଆସ୍‌ମାନ ବି.** ଆକାଶ, ଅନ୍ତରୀକ୍ଷ ।

**ଆସ୍‌ମାନୀ ବିଂ.** ୧. ଆକାଶ ରଙ୍ଗ ପରି ଫିକା ନୀଳ ୨. ଆକାଶ ସମ୍ବନ୍ଧୀୟ ।

**ଆସ କ୍ରି.** ଆସିବାପାଇଁ ଅନୁରୋଧ ବା ଆଦେଶ; **ବି.** ୧. ଧନୁ ୨. ଆସନ ୩. ସ୍ଥିତି ।

**ଆସକ୍ତ ବିଂ.** ୧. ଅତି ଅନୁରକ୍ତ ୨. ସଂଲଗ୍ନ, ଲାଗିଥିବା ୩. ଆବିଷ୍ଟ ।

**ଆସକ୍ତି ବି.** ୧. ବିଶେଷ ଅନୁରକ୍ତି ୨. ଭୋଗବିଳାସ ୩. ଅଭିନିବେଶ ୪. ସହାବସ୍ଥାନ ।

**ଆସଙ୍ଗ ବି.** ୧. ମିଳନ, ସଂଗ, ସହାବସ୍ଥାନ ୨. ଅନୁରାଗ, ଅଭିନିବେଶ ।

**ଆସଙ୍ଗଲିପ୍ସା ବି.** ସଂଗଲାଳସା, ସହବାସବାସନା ।

**ଆସଙ୍ଗଲିପ୍ସୁ ବିଂ.** ସହବାସ କରିବାକୁ ବା ମିଳିତ ହେବାକୁ ଇଚ୍ଛୁକ, ଏକତ୍ର ସଙ୍ଗ ହେବାର ଇଚ୍ଛା କରୁଥିବା ।

**ଆସଂଜନ ବି.** ସଂଯୋଗ, ସଂଶ୍ଳେଷ ।

**ଆସଂଯୋଜକ ବିଂ.** ଯୋଡୁଥିବା, ସଂଯୋଗକାରୀ

**ଆସତ୍ତି ବି.** ୧. ମିଳନ, ସନ୍ନିଧି, ନିକଟ ହେବା, ସମୀପତା ୨. ପ୍ରାପ୍ତି, ଲାଭ ୩. ପଦ ପାଖରେ ପଦ ବସାଣ (ବ୍ୟାକରଣ) ।

**ଆସନ ବି.** ୧. ବସିବା ସ୍ଥାନ ୨. ପିଢ଼ା, ମଶିଣାଦି ବସିବା ଉପକରଣ ୩. ଯୋଗସାଧନର ବିଭିନ୍ନ ପ୍ରଣାଳୀ ।

**ଆସନ ଟଳିବା କ୍ରି.** ୧. କାହା ଭୟରେ ବା କାହାର ଶକ୍ତିଯୋଗୁଁ ଅସୁରକ୍ଷିତ ବୋଧକରିବା ୨. ବସିବା ସ୍ଥାନରେ ଥୟହୋଇ ବସି ନ ପାରିବା ।

**ଆସନବନ୍ଧ ବି.** ୧. ଯୋଗ କରିବା ପାଇଁ ଉପବେଶନ ବିଧି ୨. ସଙ୍ଗମାର୍ଥ ଉପବେଶନ ବିଧି ବିଶେଷ ।

**ଆସନି ବି.** ଛୋଟ ଗାଲିଚା, ଚଟେଇ ଆଦି ଆସନ ।

**ଆସନ୍ତା ବିଂ.** ଆଗାମୀ, ଆସୁଥିବା, ନିକଟ ଭବିଷ୍ୟତ (କାଳ) ।

**ଆସନ୍ତାକାଲି ବି.** ଆଗାମୀ କାଲି, ଆଜିର ପରବର୍ତ୍ତୀ ଦିନ ।

**ଆସନ୍ନ ବିଂ.** ନିକଟବର୍ତ୍ତୀ, ଆଗତପ୍ରାୟ ।

**ଆସନ୍ନକାଳ ବି.** ମୃତ୍ୟୁର ଅବ୍ୟବହିତ ମୁହୂର୍ତ୍ତ, ମୃତ୍ୟୁ/ପୂର୍ବକାଳ ।

**ଆସନ୍ନପ୍ରସବା ବିଂ.** ଯେଉଁ ସ୍ତ୍ରୀର ପ୍ରସବକାଳ ଆଗତପ୍ରାୟ ।

**ଆସବ ବି.** ୧. ମଦ୍ୟ ୨. ମହୁ ୩. ଅର୍କ ।

**ଆସବାବ୍ ବି.** ଘରକରଣା ଜିନିଷପତ୍ର, ଗୃହସଜ୍ଜା ଉପକରଣ ।

**ଆସମୁଦ୍ର ଅ.** ସମୁଦ୍ର ପର୍ଯ୍ୟନ୍ତ, ସମୁଦ୍ର ଯାଏ ।

**ଆସର ବି.** ସମାରୋହ, ମଜଲିସ, ସଭା ।

**ଆସାମୀ ବି.ବିଂ.** ଅହମିଆ, ଆସାମର ଲୋକ ବା ଭାଷା; **ବି.** ୧. ଅଭିଯୁକ୍ତ ବ୍ୟକ୍ତି ୨. କୌଣସି ମାମଲାରେ ଜଡ଼ିତ ଲୋକ ।

**ଆସାର ବି.** ବୃଷ୍ଟିପାତ, ଜଳସ୍ରାବ, ଅସରା ।

**ଆସି କ୍ରି.** ଆଗମନ କରି ।

**ଆସିବା କ୍ରି.** ୧. ଆଗମନ କରିବା ୨. ଜାଣିଥିବା, ଜ୍ଞାନ ଥିବା ୩. ପଇଟିବା ୪. ଉପଯୋଗୀ ହେବା ।

**ଆସିଷ୍ଟାଣ୍ଟ୍ ବି.** ୧. ସହକାରୀ, ସାହାଯ୍ୟକାରୀ ୨. କାର୍ଯ୍ୟାଳୟରେ କିରାଣି ।

**ଆସୀନ ବିଂ.** ବସିଥିବା, ଉପବିଷ୍ଟ ।

**ଆସୁଣୁ ଯାଉଣୁ କ୍ରି.ବିଂ.** ବାରମ୍ବାର ।

**ଆସୁରିକ ବିଂ.** ୧. ଅସୁର ସମ୍ବନ୍ଧୀୟ ୨. ଅସୁରଙ୍କ ପ୍ରଥାନୁଯାୟୀ ୩. ଅସୁର ଭଳି ।

**ଆସୁରୀ ବି.** ୧. ଅସୁରସମ୍ବନ୍ଧୀୟ ୨. ଅପବିତ୍ର ୩. ଭୟଙ୍କର ।

**ଆସେମ୍ବ୍ଲି ବି.** ରାଜ୍ୟ ବିଧାନସଭା ।

**ଆସେସ୍ କରିବା କ୍ରି.** କୌଣସି କାର୍ଯ୍ୟ ବା ସମ୍ପଦର ମୂଲ୍ୟ ନିରୂପଣ କରିବା ।

**ଆସୋସିଏସନ୍ ବି.** କିଛି ସମଭାବାପନ୍ନ ଲୋକ ମିଶି ଗଢ଼ିଥିବା ଅନୁଷ୍ଠାନ, ସମିତି, ସଂଘ ।

**ଆସ୍ତନାସ୍ତ *ବିଂ.*** ଅସ୍ତବ୍ୟସ୍ତ, ଛତ୍ରଛାଉଳ ।

**ଆସ୍ତରଣ *ବି.*** ୧. ଆଚ୍ଛାଦନ ୨. ସ୍ତର ୩. ଶଯ୍ୟା ୪. ଆସନ ୫. ଅସ୍ତର, ପୋଷାକ ବା କୁର୍ତ୍ତା ତଳେ ଦିଆଯାଉଥିବା କନା ।

**ଆସ୍ତାନ *ବି.*** ୧. ମୁସଲମାନ ପୀର ଦେବତା ବା ମହାପୁରୁଷଙ୍କ ଅଧିଷ୍ଠାନ ସ୍ଥାନ, ଯେଉଁ ଆସନରେ ସତ୍ୟପୀର ଠାକୁରଙ୍କ ଆବିର୍ଭାବର କଳ୍ପନା କରାଯାଇଥାଏ, ବସିବା ପାଇଁ ଆସନ ପଡ଼ିଥିବା ନିର୍ଦ୍ଦିଷ୍ଟ ସ୍ଥାନ ।

**ଆସ୍ତାନ ପଢ଼ିଆରୀ *ବି.*** ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ସେବକ ବିଶେଷ – ବେହରଣ କରିବା ଓ ପରିଛାକୁ ଉଆସରେ ଛାଡ଼ିବା କାମ କରୁଥବା ସେବକ ।

**ଆସ୍ତିକ *ବିଂ.*** ଈଶ୍ୱରବାଦୀ, ଭଗବତ୍‌ବିଶ୍ୱାସୀ, ଈଶ୍ୱର ଅଛନ୍ତି ଓ ପରଲୋକ ଅଛି – ଏହି ଭାବନାରେ ଆସ୍ଥା ରଖୁଥିବା ।

**ଆସ୍ତିକତା *ବି.*** ୧. ଈଶ୍ୱରବିଶ୍ୱାସ, ଈଶ୍ୱରବାଦିତା, ଭଗବତ୍ ସତ୍ତାର ବିଶ୍ୱାସ ୨. ଆସ୍ତିକର ବ୍ୟବହାର ।

**ଆସ୍ତିନ୍ *ବି.*** କୁର୍ତ୍ତାର ହାତ ।

**ଆସ୍ତିନାସ୍ତି, ଅସ୍ତିନାସ୍ତି *ବି.*** ହଁ କି ନାହିଁ–ଗୋଟିଏ ନିଶ୍ଚିତ କଥା ।

**ଆସ୍ତିବାଡ଼ି *ବି.*** ଚଳନ୍ତି, ଅଚଳନ୍ତି ସମ୍ପତ୍ତି ।

**ଆସ୍ତେ *କ୍ରି.ବିଂ.*** ୧. ଧୀରେ ୨. ନିଃଶବ୍ଦରେ ୩. କୋମଳଭାବରେ ।

**ଆସ୍ଥା *ବି.*** ବିଶ୍ୱାସ ।

**ଆସ୍ଥାନ *ବି.*** ୧. ବିଶ୍ରାମ ସ୍ଥାନ ୨. ପୀଠ/ ମଠ/ଗୃହାଦିରେ ଠାକୁରଙ୍କ ବସିବା ସ୍ଥାନ ।

**ଆସ୍ଥା ପ୍ରସ୍ତାବ *ବି.*** ବିଶ୍ୱାସପ୍ରସ୍ତାବ, ସଂସଦ, ବିଧାନସଭା ପ୍ରଭୃତିରେ ସଂଖ୍ୟାଗରିଷ୍ଠତା ପ୍ରମାଣ କରିବାପାଇଁ ପ୍ରସ୍ତାବ ।

**ଆସ୍ଥାଭୋଟ *ବି.*** ସଂଖ୍ୟାଗରିଷ୍ଠତା ପ୍ରମାଣପାଇଁ ଭୋଟ(ମତ) ଦାନ ।

**ଆସ୍ପଦ *ବି.*** ୧. ପାତ୍ର, ଆଧାର ୨. ଯୋଗ୍ୟ ।

**ଆସ୍ପର୍ଦ୍ଧା *ବି.*** ୧. ଅନୁଚିତ ଉଚ୍ଚ ଆକାଂକ୍ଷା ୨. ଦର୍ପ ୩. ପ୍ରତିଦ୍ୱନ୍ଦ୍ୱିତା, ଚାଲେଞ୍ଜ ।

**ଆସ୍ପର୍ଦ୍ଧିତ *ବିଂ.*** ଦର୍ପିତ, ତାଡ଼ିତ, ଅହଂପୀଡ଼ିତ ।

**ଆସ୍ପୃହା *ବି.*** ତୀବ୍ର କାମନା, ଆକାଂକ୍ଷା, ଅଭିଳାଷ ।

**ଆସ୍ଫାଳନ *ବି.*** ୧. ଦମ୍ଭ ବା ଦର୍ପପ୍ରକାଶ ୨. ଜୋରରେ ଅସ୍ତ୍ରସଞ୍ଚାଳନ ୩. ଫୁଟାଣି ୪. ତୋଡ଼ ।

**ଆସ୍ଫୋଟ *ବି.*** ୧. ଫୁଟକି ଶବ୍ଦ ୨. ସଶବ୍ଦ ଆଘାତ ୩. ଫୋଡ଼ ।

**ଆସ୍ୱାଦ *ବି.*** ସ୍ୱାଦ, ପାନ/ ଭୋଜନ/ ମଧୁରାଦି ରସ ।

**ଆସ୍ୱାଦକ *ବିଂ.*** ସ୍ୱାଦଗ୍ରହଣକାରୀ, ସ୍ୱାଦଗ୍ରାହୀ ।

**ଆସ୍ୱାଦନ *ବି.*** ଚାଖିବା, ସ୍ୱାଦଗ୍ରହଣ, ରସାନୁଭବ ।

**ଆସ୍ୱାଦିତ *ବିଂ.*** ଯାହା ଚଖାଯାଇଅଛି ।

**ଆସ୍ୱାଦ୍ୟ, ଆସ୍ୱାଦନୀୟ *ବିଂ.*** ସ୍ୱାଦଯୋଗ୍ୟ, ଗ୍ରହଣଯୋଗ୍ୟ ।

**ଆସ୍ୟ *ବି.*** ୧. ମୁହଁ, ମୁଖମଣ୍ଡଳ ୨. ଅଭିପ୍ରାୟ ।

**ଆସ୍ରବ *ବି.*** ଝରିବା, ନିର୍ଗତ ହେବା ।

**ଆହତ *ବିଂ.*** ଆଘାତପ୍ରାପ୍ତ, କ୍ଷତ ହୋଇଥିବା ।

**ଆହବ *ବି.*** ୧. ଯୁଦ୍ଧ, ସଂଗ୍ରାମ ୨. ଯଜ୍ଞ, ହୋମ ।

**ଆହରଣ *ବି.*** ୧. ସଂଗ୍ରହ ୨. ସଞ୍ଚୟ ୩. ଉପାର୍ଜନ ୪. ସଂକଳନ ୫. ଗ୍ରହଣ ।

**ଆହରଣୀୟ *ବିଂ.*** ସଂଗ୍ରହର ବା ସଂକଳନର ଯୋଗ୍ୟ ।

**ଆହା *ଅ.*** ଅନୁତାପ, ଆକ୍ଷେପ, ଦୁଃଖ ଏବଂ ସ୍ଥଳ ବିଶେଷରେ ବିସ୍ମୟ ସୂଚକ ଅବ୍ୟୟ ପଦ ; ***କ୍ରି.*** ନଜର ଲାଗିବା, ମୋହଯିବା ।

**ଆହା କରିବା *କ୍ରି.*** ସହାନୁଭୂତି ପ୍ରକାଶ କରିବା, କରୁଣା ବା ଦୟା ପ୍ରଦର୍ଶନ କରିବା ।

**ଆହାର୍ *ବି.*** ପୋଖରୀ, ବନ୍ଧ, ଜଳାଶୟ ।

**ଆହାର *ବି.*** ଭୋଜନ, ଖାଦ୍ୟବସ୍ତୁ ।

**ଆହାରଛଟା *ବି.*** ମୂର୍ଚ୍ଛାବାତ, ମୃଗୀବାତ ।

**ଆହାର ଢୋକିବା *କ୍ରି.*** ଧାନଗଛ ଫୁଲ ଉଡ଼ାଇବା ପରେ ଧାନରେ ଧଳା ଶସ ଜାତ ହେବା ।

**ଆହାର ବିହାର *ବି.*** ଭୋଜନ ଭ୍ରମଣାଦି, ଖିଆପିଆ ବୁଲାଚଲା ।

**ଆହାରୀ *ବିଂ.*** ଭୋଜନପଟୁ; ***ବି.*** ଏକ ରାଗ ବିଶେଷ ।

**ଆହାର୍ଯ୍ୟ *ବିଂ.*** ଭୋଜନୋପଯୋଗୀ, ଭକ୍ଷ୍ୟ;***ବି.*** ନାଟକରେ କଳାକାରମାନଙ୍କର ବେଶଭୂଷା ।

**ଆହାଲ୍ ଆହାଲ୍ *କ୍ରି.ବିଂ.*** ୧. ହାଲ୍‌ହାଲ୍, ଅତି ତତଲା ୨. ଭୟଙ୍କର, ଅସହ୍ୟ ।

**ଆହାସାହା *ବି.*** ସାହାଭରସା ।

**ଆହୁଟ *ବି.*** ୧. ଆବର୍ତ୍ତନ, ଆବର୍ତ୍ତ ୨. ନିଆଁରେ ଫୁଟା ଯାଉଥିବା ୩. ଖରାଦିନରେ ପ୍ରବଳ ଗରମ ଓ ପବନ ବୋହୁନଥିବାରୁ ବ୍ୟାକୁଳ ଅବସ୍ଥା ।

**ଆହୁତ *ବିଂ.*** (ଘୃତ, ଚରୁଆଦି) ହୋମାଗ୍ନିରେ ନିକ୍ଷିପ୍ତ ।

**ଆହୁତି *ବି.*** ହୋମ /ଯଜ୍ଞାଗ୍ନିରେ ଘୃତାଦି ନିକ୍ଷେପ ।

**ଆହୁତି ଦେବା *କ୍ରି.*** ୧. ଅଗ୍ନିରେ ଘୃତାଦି ନିକ୍ଷେପ କରିବା ୨. ବିସର୍ଜନ କରିବା ।

**ଆହୁରି** ***ବିଂ.*** ୧. ଯାହା ଅଛି ତାଠାରୁ ଅଧିକ, ଅଧିକ ୨. ପୁଣି ୩. ଏହା ଉତ୍ତାରୁ, ଏହାପରେ ।

**ଆହୁଲା** ***ବି.*** ଡଙ୍ଗା ବାହିବାରେ ବ୍ୟବହୃତ ଉପକରଣ, ଆଉଲା ।

**ଆହୁଲାଇବା** ***କ୍ରି.*** ଆହୁଲା ପକାଇବା, ନୌକା ଚଳାଇବା ।

**ଆହୂତ** ***ବିଂ.*** ଆମନ୍ତ୍ରିତ, ସଂବୋଧିତ, ଡାକରା ପାଇ ଆସିଥିବା ।

**ଆହୃତ** ***ବିଂ.*** ସଂଗୃହୀତ, ସଂଚିତ, ଉପାର୍ଜିତ ; ***ବି.*** ଆୟୋଜିତ, ସଞ୍ଚିତ, ସଙ୍କଳିତ ।

**ଆହେ** ***ଅ.*** ସଂବୋଧନ ସୂଚକ ଶବ୍ଦ ।

**ଆହ୍ନିକ** ***ବିଂ.*** ଦୈନିକ ; ***ବି.*** ସଂଧ୍ୟା ବନ୍ଦନାଦି ନିତ୍ୟକର୍ମ ।

**ଆହ୍ନିକ ଗତି** ***ବି.*** ୧. (ଭୂଗୋଳ)ପ୍ରତ୍ୟହ ପୃଥିବୀର ନିଜ ଅକ୍ଷ ଚାରିପାଖରେ ଏକବାର ଆବର୍ତ୍ତନ (ପ୍ରାୟ ଚବିଶି ଘଣ୍ଟା ସମୟ) ୨. ଦୈନିକ କରୁଥିବା ପୂଜାବିଧି, ନିତ୍ୟକର୍ମ ।

**ଆହ୍ୱାନ** ***ବି.*** ୧. ନିମନ୍ତ୍ରଣ ୨. ଡାକରା ୩. ସଂବୋଧନ ୪. ପ୍ରତିଦ୍ୱନ୍ଦ୍ୱିତା ପାଇଁ ଡାକରା, ଚାଲେଞ୍ଜ ।

**ଆହ୍ୱାନକାରୀ** ***ବିଂ.*** ଯେ ଆହ୍ୱାନ କରେ ବା ଡାକେ ।

**ଆହ୍ଲାଦ** ***ବି.*** ୧. ଆନନ୍ଦ, ହର୍ଷ, ଆମୋଦ ୨. ତୋଷ ୩. ପୁଲକ ।

**ଆହ୍ଲାଦକ** ***ବିଂ.*** ଆନନ୍ଦଦାୟକ, ପୁଲକପ୍ରଦ ।

**ଆହ୍ଲାଦନ** ***ବି.*** ଆନନ୍ଦ, ତୋଷ, ପ୍ରୀତି ।

**ଆହ୍ଲାଦିତ** ***ବିଂ.*** ଆନନ୍ଦିତ, ପୁଲକିତ ।

**ଆହ୍ଲାଦିନୀ** ***ବିଂ.*** ଆହ୍ଲାଦ ବା ଆନନ୍ଦ ପ୍ରଦାନ କରୁଥିବା (ନାରୀ) ; ***ବି.*** ବିଜୁଳି, ବିଦ୍ୟୁତ ।

**ଆହ୍ଲାଦୀ** ***ବିଂ.*** ହର୍ଷପ୍ରକୃତିର, ଆନନ୍ଦ ପ୍ରଦାନ କରୁଥିବା ।

**ଆକ୍ଷପାଦ** ***ବି.*** ଭାରତୀୟ ଦର୍ଶନରେ ନ୍ୟାୟଦର୍ଶନର ପ୍ରବକ୍ତା ଗୌତମ ମୁନି ।

**ଆକ୍ଷରିକ** ***ବିଂ.*** ୧. ଅକ୍ଷର ସମ୍ବନ୍ଧୀୟ ୨. ଅକ୍ଷରାନୁଯାୟୀ ୩. ଅବିକଳ ।

**ଆକ୍ଷିପ୍ତ** ***ବିଂ.*** ଫିଙ୍ଗା ହୋଇଥିବା, ଫୋପଡ଼ା ଯାଉଥିବା ।

**ଆକ୍ଷେପ** ***ବି.*** ୧. ଦୋଷାରୋପ, ଅଭିଯୋଗ ୨. ଫୋପାଡ଼ିବା ୩. ଧନୁଷ୍ଟଙ୍କାର ବାତ ।

**ଆକ୍ଷେପକ** ***ବିଂ.*** ୧. ଯେ ଆକ୍ଷେପ କରେ, ଯେ ଫିଙ୍ଗେ ୨. ଭର୍ତ୍ସନାକାରୀ ; ***ବି.*** ନିନ୍ଦୁକ ।

# ଇ

**ଇ** ***ବି.*** ସ୍ୱରବର୍ଣ୍ଣର ତୃତୀୟ ଅକ୍ଷର ।

**ଇଁଟ୍** ***ବି.*** ହିଡ଼କଡ଼ ଓଦାମାଟିକୁ କୋଦାଳରେ କାଟି ପ୍ରସ୍ତୁତ ଘନାକୃତି ଖଣ୍ଡ ।

**ଇଁଟ୍ଲା, ଇଟ୍ଲା** ***ବି.*** ୧. ଅସ୍ଥାୟୀ ଚୁଲି ବା ଖନ୍ଦା ୨. ଭଙ୍ଗା ଇଟା ଖଣ୍ଡ ।

**ଇଂକଡ଼, ଇଂକର** ***ବି.*** ପାନ ବରଜରେ ବ୍ୟବହୃତ ହେଉଥିବା ଏକପ୍ରକାର ତୃଣ ।

**ଇଂରାଜ, ଇଂରେଜ** ***ବି.*** ଇଂଲଣ୍ଡର ଅଧିବାସୀ ।

**ଇଂରାଜୀ, ଇଂରେଜୀ** ***ବିଂ.*** ଇଂରେଜ ଜାତିର ଭାଷା, ଇଂଲିଶ୍ ; ***ବିଂ.*** ଇଂରେଜ ସମ୍ବନ୍ଧୀୟ, ଇଂଲଣ୍ଡ ସମ୍ବନ୍ଧୀୟ ।

**ଇଂଲଣ୍ଡ୍** ***ବି.*** ଇଂରେଜମାନଙ୍କ ଦେଶ, ବିଲାତ ।

**ଇଂଲଣ୍ଡୀୟ** ***ବିଂ.*** ୧. ଇଂଲଣ୍ଡ ଦେଶ ସମ୍ବନ୍ଧୀୟ ୨. ଇଂଲଣ୍ଡ ବାସିନ୍ଦା ।

**ଇଂଲିଶ୍** ***ବିଂ.*** ଇଂଲଣ୍ଡ ଦେଶ ସଂକ୍ରାନ୍ତ, ବିଲାତି ; ***ବି.*** ଇଂରେଜୀ ଭାଷା ।

**ଇଅଁଳା** ***ବି.*** ଇଡ଼ାନାଡ଼ି, ଦେହର ବାମ ପାଖର ନାଡ଼ି, ରକ୍ତ ଓ ବାୟୁବାହିକା ନାଡ଼ି ।

**ଇଆଦ** ***ବି.*** ସ୍ମରଣ, ମନେପକାଇବା ।

**ଇଉରେସୀୟ** ***ବିଂ.*** ଇଉରୋପ୍ ଓ ଏସିଆର ଅଧିବାସୀ ଓ ସେହି ଅଞ୍ଚଳ ସମ୍ବନ୍ଧୀୟ ।

**ଇଉରୋପ** ***ବି.*** ପାଶ୍ଚାତ୍ୟ ମହାଦେଶ ବିଶେଷ ।

**ଇଉରୋପୀୟ** ***ବିଂ.*** ଇଉରୋପ୍ ମହାଦେଶୀୟ ; ***ବି.*** ଇଉରୋପ୍‌ର ଅଧିବାସୀ ।

**ଇଏ** ***ସ.*** ୧. ସେ ଏହି ବ୍ୟକ୍ତି ୨. ସ୍ୱାମୀ ନିମନ୍ତେ ସ୍ତ୍ରୀର ପରୋକ୍ଷ ସମ୍ବୋଧନ ।

**ଇଏଣ୍** ***ବି.*** ପୁରୁଷର ଲିଙ୍ଗ, ପୁଂ ଯୌନାଙ୍ଗ ।

**ଇକ୍ଠା** ***ବିଂ.*** ଏକତ୍ର ।

**ଇକାର** ***ବି.*** 'ଇ' ସ୍ୱରବର୍ଣ୍ଣର ସୂଚକ ମାତ୍ରା ( ି ) ।

**ଇଖ୍ନି, ଇଘଡ଼ି** ***ଅ.*** ଏଇକ୍ଷଣି, ବର୍ତ୍ତମାନ, ଏବେ ।

**ଇଗଲ୍, ଇଗଲ** ***ବି.*** ଏକପ୍ରକାର ଶିକାରୀ ପକ୍ଷୀ ।

**ଇଙ୍ଗିତ** ***ବି.*** ଠାର, ଇସାରା, ସଂକେତ, ସୂଚନା ।

**ଇଙ୍ଗିତି, ଇଙ୍ଗିତିଆଳି** ***ବିଂ.*** ଯାହାକୁ ଥଟ୍ଟା କରାଯାଏ ।

**ଇଙ୍ଗୁଦ, ଇଙ୍ଗୁଦୀ** ***ବି.*** ତେଲ ବାହାରୁ ଥିବା ଗୋଲାକାର ଓ ଟାଣ ଖୋଳପାଯୁକ୍ତ ବଣୁଆ ଫଳ ଓ ଏହାର ଗଛ, ପୁଂନ୍ନାଗଫଳ ।

**ଇଛେନ୍** ***କ୍ରି.ବିଂ.*** ଏବେ, ଏଇ ସାଙ୍ଗେ ସାଙ୍ଗେ ।

**ଇଚ୍ଛା** ***ବି.*** ବାସନା, କାମନା, ଆକାଂକ୍ଷା, ସ୍ପୃହା ।

**ଇଚ୍ଛାମୟ** ***ବି.*** ଆପଣା ଇଚ୍ଛାରେ କ୍ରିୟାଶୀଳ, ପରମେଶ୍ୱର, ଭଗବାନ ।

**ଇଚ୍ଛାମୟୀ** ***ବି.*** ପରମେଶ୍ୱରୀ, ଭଗବତୀ ।

**ଇଚ୍ଛିତ** ***ବିଂ.*** ଇଚ୍ଛା କରୁଥିବା, ଆଶା କରିଥିବା, ବାଞ୍ଛିତ, ଇପ୍ସିତ ।

**ଇଚ୍ଛୁ, ଇଚ୍ଛୁକ** ***ବିଂ.*** ପାଇବା ପାଇଁ ଚାହୁଁଥିବା, ଇଚ୍ଛାକାରୀ ।

**ଇଜ୍ରି** ***ବି.*** ଆଇନତଃ ଜବତ କରିବା ପୂର୍ବରୁ ଦିଆଯାଇଥିବା ନୋଟିସ୍ ।

**ଇଜତ, ଇଜ୍ଜତ** ***ବି.*** ୧. ମାନମର୍ଯ୍ୟାଦା ୨. ମହତ୍ତ୍ୱ ୩. ସମ୍ମାନ ।

**ଇଜମାଲି** ***ବିଂ.*** କୋଠ, ବହୁଲୋକଙ୍କ ଭୋଗ୍ୟ, ଯୁକ୍ତ-ଅଧିକାରଥିବା ।

**ଇଜରା** ***ବି.*** ୧. ଠିକା ୨. ନିର୍ଦ୍ଦିଷ୍ଟ ଖଜଣାରେ ସାମୟିକ ପଟ୍ଟା ।

**ଇଜ୍ଲାସ୍** ***ବି.*** ୧. ମିସଲ, ବିଚାରସ୍ଥଳ ୨. ବିଚାରପତିଙ୍କ କାର୍ଯ୍ୟସ୍ଥଳ, ବିଚାରାଳୟ, କୋର୍ଟ ।

**ଇଜହାର** ***ବି.*** ସାକ୍ଷ୍ୟ ପ୍ରଦାନ, ସାକ୍ଷୀ ଦେବା ।

**ଇଜିଚେଆର** ***ବି.*** ଆରାମ ଚୌକି ।

**ଇଜ୍ଜଳ** ***ବି.*** ହିଂଜଳ ଗଛ ।

**ଇଝାର** ***ବି.*** ୧. ଢୁଗୁଳା ପାଇଜାମା ୨. ସାକ୍ଷ୍ୟ, ସାକ୍ଷ୍ୟ ପ୍ରଦାନ ।

**ଇଞ୍ଚ୍** ***ବି.*** ଏକ ଫୁଟର ବାରଭାଗରୁ ଏକ ଭାଗ, ଅଢ଼େଇ ସେଣ୍ଟିମିଟର ପରିମାପ ।

**ଇଞ୍ଚ୍ରାଇବା** ***କ୍ରି.*** ୧. ଗୋଟି ଗୋଟି କରି ଦେଖିବା, ତନ୍ନତନ୍ନକରି ଖୋଜିବା ୨. ଉଖୁରାଇବା ।

**ଇଞ୍ଚଡ଼, ଇଞ୍ଚଡା** ***ବି.*** କଷି ପଣସ, ପଣସକଠା ।

**ଇଞ୍ଚପଟା** ***ବି.*** ଇଂଚ ଚିହ୍ନସୂଚକ ସରୁ ପଟା, ସ୍କେଲ୍, ରୁଲର୍ ।

**ଇଞ୍ଜଙ୍କ୍ସନ୍** ***ବି.*** ରହିତାବସ୍ଥା, କଚେରିର ମଧ୍ୟବର୍ତ୍ତୀ ନିଷେଧ ଆଦେଶ ।

**ଇଞ୍ଜାମ** ***ବି.*** ୧. ଯଥୋଚିତ ବ୍ୟବସ୍ଥା, ଉପଯୁକ୍ତ ଆୟୋଜନ ୨. ଅଭିଯୋଗ ୩. ପରିଣାମ ।

**ଇଞ୍ଜିନ୍** ***ବି.*** ଯାନାଦିର ଚାଳନକାରକ କଳ ।

**ଇଞ୍ଜିନିୟର୍** ***ବି.*** ଯନ୍ତ୍ରୀ, କଳବିଦ୍ୟା ଅଭିଜ୍ଞ ।

**ଇଞ୍ଜିନିୟରିଙ୍ଗ** ***ବି.*** ଯାନ୍ତ୍ରିକବିଦ୍ୟା ।

**ଇଞ୍ଜେକସନ** ***ବି.*** ନଳିଛୁଞ୍ଚି ସାହାଯ୍ୟରେ ଦେହରେ ଔଷଧ ପ୍ରୟୋଗ ।

**ଇଟଳା** ***ବି.*** ପୋଡ଼ାଇଟା ରଙ୍ଗର ଅଁଳାଫୁଲ ।

**ଇଟା** *ବି.* ଘର ତିଆରିରେ ବ୍ୟବହୃତ ଆୟତ ଘନାକାର ପୋଡ଼ା ମାଟିଖଣ୍ଡ ; *ସ.* ଏଇଟା, ଏହା ।

**ଇଟାଭାଟି** *ବି.* ଇଟା ପୋଡ଼ା ସ୍ଥାନ ଅଥବା ପୋଡ଼ଣପାଇଁ ସ୍ୱତନ୍ତ୍ର ଭାବରେ ଖଞ୍ଜା ଯାଇଥିବା ଇଟାର ଗଦା, ପୋଡ଼ାଇଟାର ଗଦା ।

**ଇଟାଳିଆ** *ବିଂ.* ୧. ଇଟାରଙ୍ଗ ଭଳି ଫିକା ନାଲିଆ ୨. ଇଟାପରି ଟାଣୁଆ ।

**ଇଟାଲୀୟ, ଇତାଲୀୟ** *ବିଂ.* ୧. ଇଟାଲୀଦେଶୀୟ ୨. ଇଟାଲୀ ସମ୍ବନ୍ଧିତ ।

**ଇଟିଲି** *ବି.* ଇଡ଼ଲି, ବିରି ଓ ଚାଉଳବଟାରେ ପ୍ରସ୍ତୁତ ଏକ ପ୍ରକାର ବାମ୍ପ ସିଝା ପିଠା ।

**ଇଟିଲି ଛାଞ୍ଚ** *ବି.* ଇଟିଲି ତିଆରିପାଇଁ ବ୍ୟବହୃତ ଛାଞ୍ଚ ।

**ଇଠାନ୍** *ସ.* ଏହି ସ୍ଥାନ ।

**ଇଠାନ୍‌କେ** *ସ.* ଏହି ଜାଗାକୁ, ଏଠାକୁ ।

**ଇଠାନୁ** *ସ.* ଏହି ଜାଗାରୁ, ଏଠାରୁ ।

**ଇଠାନେ** *ସ.* ଏହି ଜାଗାରେ, ଏଠାରେ ।

**ଇଡ୍** *ବି.* ହିଡ଼, ଆଡ଼ି ।

**ଇଡ଼ଲି** *ବି.* ଇଟିଲି ।

**ଇଡ଼ା** *ବି.* ରକ୍ତ ଓ ବାୟୁବାହିକା ଇଅଁଳା ନାଡ଼ି ।

**ଇଡ଼ି** *ବିଂ.* ଛୋଟ, ସାନ, କ୍ଷୁଦ୍ର ।

**ଇଡ଼ିବା** *କ୍ରି.* ତରଳ ପଦାର୍ଥ ଢାଳିବା ।

**ଇଡ଼ି ହେବା** *କ୍ରି.* ଢ଼ାଳି ହୋଇଯିବା ।

**ଇଣ୍ଟରନେଟ୍** *ବି.* ଦୂର ସଞ୍ଚାର ବା ଯୋଗାଯୋଗ ବ୍ୟବସ୍ଥା- ଯାହା ସାହାଯ୍ୟରେ ବିବିଧ ବିଷୟକ ଖବର, ବିବରଣୀ ବା ଜ୍ଞାନ ଉପଲବ୍ଧ ହୁଏ ।

**ଇଣ୍ଟର୍‌ଭିଉ** *ବି.* ୧. କୌଣସି ନିଯୁକ୍ତିପାଇଁ ମୌଖିକ ପରୀକ୍ଷା ୨. ସାକ୍ଷାତ୍‌କାର ।

**ଇଣ୍ଟେରେଷ୍ଟିଙ୍ଗ୍** *ବିଂ.* କୌତୂହଳଜନକ, ମନୋମୁଗ୍ଧକର ।

**ଇଣ୍ଟେଲିଜେଣ୍ଟ୍** *ବିଂ.* ବୁଦ୍ଧିଆ , ପ୍ରତିଭାସମ୍ପନ୍ନ ।

**ଇଣ୍ଟେଲିଜେନ୍‌ସ** *ବି.* ୧. ସରକାରଙ୍କ ଗୁଇନ୍ଦା ବିଭାଗ ୨. ବୁଦ୍ଧି ।

**ଇଣ୍ଡା** *ବି.* ଚୁଲିର ଉପର ଭାଗ ।

**ଇତଃ** *ଅ.* ଏଠାରୁ, ଏଠାରେ ।

**ଇତ** *ବିଂ.* ଗତ, ପ୍ରାପ୍ତ ।

**ଇତକ୍** *ଅ.* ଏହି ସ୍ଥାନ ପର୍ଯ୍ୟନ୍ତ, ଏ ପର୍ଯ୍ୟନ୍ତ, ଏତକ ।

**ଇତର** *ବିଂ.* ୧. ତଳସ୍ତରର, ଅଧମ, ନିମ୍ନ ଶ୍ରେଣୀୟ ୨. ଭିନ୍ନ, ଅପର ।

**ଇତସ୍ତତଃ** *କ୍ରିବିଂ.* ଏଣେତେଣେ, ଏଠିସେଠି ।

**ଇତାର୍** *ସ.* ଏହାର, ଏଇ ବ୍ୟକ୍ତିର ।

**ଇତାର୍‌ନେ** *ଅ.* ଏହାଠାରେ, ଏହା ପାଖରେ ।

**ଇତି** *ବି.* ୧. ଶେଷ, ସମାପ୍ତି ୨. ଏହି ହେତୁ, ଏହା, ଏହି ପ୍ରକାର ।

**ଇତିପୂର୍ବେ** *ଅ.* ଏହା ପୂର୍ବରୁ, ଏଥି ପୂର୍ବରୁ, ଏହା ଆଗରୁ ।

**ଇତିବୃତ୍ତ** *ବି.* ପୁରୁଣାକଥା, ପୂର୍ବବୃତ୍ତାନ୍ତ, ଇତିହାସ ।

**ଇତିହ** *ବି.* ପରମ୍ପରାଗତ, ଇତିକଥା, ପୁରୁଣା କଥା ।

**ଇତିହାସ** *ବି.* ଅତୀତର ସମୟାନୁକ୍ରମିକ ବିବରଣୀ ।

**ଇତିହାସବିତ୍** *ବି.ବିଂ.* ଐତିହାସିକ, ଇତିହାସ ଲେଖକ ।

**ଇତୁନ୍** *ଅ.* ଏହିଠାରୁ ।

**ଇତ୍ୟବସରରେ** *ଅ.* ଏଇ ଅବସରରେ, ଇତି ମଧ୍ୟରେ, ଏଇ ସୁଯୋଗରେ ।

**ଇତ୍ୟାଦି** *ଅ.* ଏହା ଓ ଏଇ ଶ୍ରେଣୀର, ପ୍ରଭୃତି ।

**ଇଥର୍** *ବି.* ବାଷ୍ପ ବିଶେଷ, ଶୂନ୍ୟ ପରିପୂରକ ଉପାଦାନ ।

**ଇଥି** *ଅ.* ଏଠାରେ, ଏଥିରେ ।

**ଇଥିର୍** *ଅ.* ଏଥିର, ଏହାର ।

**ଇଥୁନ୍** *ଅ.* ଏହିଠାରୁ ।

**ଇଦ୍** *ଅ.* ମୁସଲମାନମାନଙ୍କ ପର୍ବ ବିଶେଷ, ବିଶେଷତଃ ଇଦ୍-ଅଲ୍-ଅଧା ଓ ଇଦୁଲ୍‌ଫିତର ।

**ଇଦାନୀ** *ଅ.* ବର୍ତ୍ତମାନ, ଅଧୁନା, ସମ୍ପ୍ରତି ।

**ଇଦାନୀନ୍ତନ,ଇଦାନୀଂ** *ବିଂ.* ଆଧୁନିକ, ନବ୍ୟ, ଅଧୁନାତନ, ଏବକା, ଆଜିକାଲିକା ।

**ଇଦି** *ଅ.* ଏ ଆଡ଼କୁ, ଏ ଦିଗକୁ ।

**ଇନ୍‌କମ୍** *ବି.* ଆୟ, ରୋଜଗାର, କମେଇ ।

**ଇନ୍‌କମ୍ ଟାକ୍ସ** *ବି.* ଉପାର୍ଜନକୁ ଆଧାର କରି ସରକାରଙ୍କୁ ପ୍ରଦତ୍ତ କର, ଆୟକର ।

**ଇନ୍‌କିଲାବ୍** *ବି.* ଆନ୍ଦୋଳନ, ବିଦ୍ରୋହ ।

**ଇନ୍‌କିଲାବ୍ ଜିନ୍ଦାବାଦ** *ବି.* ବିପ୍ଳବର ଜୟ ହେଉ- ସ୍ୱାଧୀନତା ସଂଗ୍ରାମ ବେଳେ ବିପ୍ଳବୀ ମାନଙ୍କର ଧ୍ୱନି ।

**ଇନ୍‌କ୍ୱାରି** *ବି.* ଅନୁସନ୍ଧାନ, ତଦନ୍ତ ।

**ଇନ୍‌ଟର୍‌ଭାଲ୍** *ବି.* ମଧ୍ୟାନ୍ତର, ସିନେମା ଆଦିରେ ମଧ୍ୟବର୍ତ୍ତୀ ବିରାମ ।

**ଇନ୍‌ତା** *ସ.* ଏମିତି, ଏପରି, ଏଭଳି ।

**ଇନ୍‌ତାନ** *ବି.* ପରୀକ୍ଷା, ଇମ୍‌ତିହାନ୍ ।

**ଇନ୍‌ଭିଜିଲେଟର** *ବି.* ନୀରିକ୍ଷକ, ପରୀକ୍ଷାକକ୍ଷର ପରିଚାଳକ ।

**ଇନ୍‌ଭିଜିଲେସନ** *ବି.* ପରୀକ୍ଷା ସମୟରେ ପରୀକ୍ଷାର୍ଥୀଙ୍କୁ ଜଗିବା କାମ ।

**ଇନ୍‌ଭେଲିଡ୍** *ବିଂ.* ୧. ଅକର୍ମଣ୍ୟ, ଚଳତ୍‌ଶକ୍ତିହୀନ ୨. ନାକଚ୍, ନାପାସ୍ ।

**ଇନ୍‌ଭେଷ୍ଟିଗେସନ୍‌** *ବି.* ତଦନ୍ତ, ସତ୍ୟାସତ୍ୟ ନିରୂପଣ, ଅନୁସନ୍ଧାନ ।

**ଇନ୍‌ଷ୍ଟିଚ୍ୟୁଟ, ଇନ୍‌ଷ୍ଟିଚ୍ୟୁସନ** *ବି.* ଅନୁଷ୍ଠାନ, ପ୍ରତିଷ୍ଠାନ ।

**ଇନ୍‌ଷ୍ଟ୍ରକ୍ଟର** *ବି.* ତାଲିମ ଦେଉଥିବା ବ୍ୟକ୍ତି, ପ୍ରଶିକ୍ଷକ ।

**ଇନ୍‌ଷ୍ଟ୍ରକ୍ସନ୍‌** *ବି.* ପରାମର୍ଶ, ନିର୍ଦ୍ଦେଶ ।

**ଇନ୍‌ସଲ୍‌ଟ୍‌** *ବି.* ଅପମାନ, ବେଇଜ୍ଜତି, ମର୍ଯାଦାହାନି ।

**ଇନ୍‌ସା ଆଲ୍ଲା** *କ୍ରି.ବି°.* ଆଲ୍ଲାଙ୍କ ମର୍ଜିରେ ।

**ଇନ୍‌ସାନ୍‌** *ବି.* ମଣିଷ ।

**ଇନ୍‌ସାନିଅତ୍‌** *ବି.* ମନୁଷ୍ୟତ୍ୱ, ମାନବିକତା ।

**ଇନ୍‌ସୁରାନ୍‌ସ** *ବି.* ନିର୍ଦ୍ଧାରିତ ଅର୍ଥ ବିନିମୟରେ ଜୀବନ / ସମ୍ପତ୍ତିବାଡ଼ି/ ଗାଡ଼ି ମଟର ଆଦିର ଦୁର୍ଘଟଣା/ମୃତ୍ୟୁ ଆଦି ପାଇଁ ସୁରକ୍ଷା ପ୍ରଦାନ, ବୀମା ।

**ଇନ୍‌ସୁଲିନ୍‌** *ବି.* ଶରୀର ଅଗ୍ନ୍ୟାଶୟରେ ପ୍ରସ୍ତୁତ ହର୍ମୋନ୍‌ ବିଶେଷ-ଯାହା ଶର୍କରାର ନିୟନ୍ତ୍ରଣରେ ସାହାଯ୍ୟ।

**ଇନ୍‌ସ୍ପେକ୍ଟ୍‌** *କ୍ରି.* ଯାଞ୍ଚ ବା ପରିଦର୍ଶନ କରିବା ।

**ଇନ୍‌ସ୍ପେକ୍ଟର** *ବି.* ପରିଦର୍ଶକ, ତଦାରଖକାରୀ ।

**ଇନସ୍ପେକସନ୍‌** *ବି.* ପରିଦର୍ଶନ, ତଦାରଖ ।

**ଇନ, ଇନ୍ନ** *ଅ.* ଏଇଠି, ଏଇଠାରେ ।

**ଇନାମ୍‌** *ବି.* ପୁରସ୍କାର, ପାରିତୋଷିକ ।

**ଇନାମ ଭୂମି** *ବି.* ନିଷ୍କରଜମି, ଲାଖରାଜଭୂମି ।

**ଇନାମୀ** *ବି.* ରାଜାଙ୍କଠାରୁ ପ୍ରାପ୍ତ ନିଷ୍କର ଭୂମି ।

**ଇନୁ, ଇନୁନ୍‌** *ଅ.* ଏଠୁ, ଏଠାରୁ ।

**ଇନେ** *ଅ.* ଏଠାରେ, ଏଇ ସ୍ଥାନରେ ।

**ଇନ୍ତଜାମ** *ବି.* ଯଥୋଚିତ ବ୍ୟବସ୍ଥା ।

**ଇନ୍ତା, ଏନ୍ତା** *ଅ.* ଏହିପରି ।

**ଇନ୍ଦରି** *ବି.* ୧. ଇନ୍ଦ୍ରିୟ, ପୁରୁଷ ଜନନାଙ୍ଗ , ଲିଙ୍ଗ ୨. ଦେବତାମାନଙ୍କ ରାଜା, ଇନ୍ଦ୍ର ।

**ଇନ୍ଦା** *ବି.* ଚୁଲିଝିଙ୍କା ।

**ଇନ୍ଦାରା** *ବି.* ବଡ଼କୂଅ, ବାଙ୍ଗି, ପଥର ବା ଇଟାବନ୍ଧା ଚାରିକୋଣିଆ କୂଅ ।

**ଇନ୍ଦିରା** *ବି.* **ଲକ୍ଷ୍ମୀ, ବିଷ୍ଣୁଙ୍କ ପତ୍ନୀ, ଧନର ଦେବୀ ।**

**ଇନ୍ଦିବର, ଇନ୍ଦୀବର** *ବି.* ନୀଳକଇଁ, ନୀଳପଦ୍ମ ।

**ଇନ୍ଦୁ** *ବି.* ଚନ୍ଦ୍ର, ଜହ୍ନ ।

**ଇନ୍ଦୁର, ଇନ୍ଦୁର** *ବି.* ମୂଷା ।

**ଇନ୍ଦ୍ର** *ବି.* ୧. ଦେବତାମାନଙ୍କ ରାଜା ୨. ଶ୍ରେଷ୍ଠ, ପ୍ରଧାନ, ଐଶ୍ୱର୍ଯ୍ୟଶାଳୀ, *ସ୍ତ୍ରୀ.* ଇନ୍ଦ୍ରାଣୀ ।

**ଇନ୍ଦ୍ରଗୋପ** *ବି.* ସାଧବବୋହୂ ପୋକ, ଲାଲ୍‌ରଙ୍ଗ କୀଟ ବିଶେଷ, ମଖ୍‌ମେଲ୍‌ କିରା ।

**ଇନ୍ଦ୍ରଚାପ** *ବି.* ଇନ୍ଦ୍ରଧନୁ ।

**ଇନ୍ଦ୍ରଜାଲ** *ବି.* କୁହୁକ, ଭୋଜବାଜି, ଯାଦୁ, କିମିଆ, **ସମ୍ମୋହନ** ବିଦ୍ୟା ।

**ଇନ୍ଦ୍ରଜାଲିକ(ଐନ୍ଦ୍ରଜାଲିକ)** *ବି.* ଯାଦୁକର, କୌଶଳ ପ୍ରୟୋଗ କରି ସତ୍ୟର ଭ୍ରମ ସୃଷ୍ଟିକାରୀ କଳାକାର ।

**ଇନ୍ଦ୍ରତ୍ୱ** *ବି°.* ୧. ଇନ୍ଦ୍ରପଦ ୨. ଶ୍ରେଷ୍ଠତ୍ୱ, ମୁଖ୍ୟତ୍ୱ ।

**ଇନ୍ଦ୍ରଧନୁ** *ବି.* ଇନ୍ଦ୍ରଚାପ, ଝିପିଝିପି ବର୍ଷା ଯୋଗୁଁ ଆକାଶରେ ଦେଖାଯାଉଥିବା ସାତରଙ୍ଗବିଶିଷ୍ଟ ଧନୁ ଆକାରର ସୂର୍ଯ୍ୟକିରଣର ପ୍ରତିଫଳନ ।

**ଇନ୍ଦ୍ରନୀଳ, ଇନ୍ଦ୍ରନୀଳ ମଣି** *ବି.* ନୀଳକାନ୍ତ ମଣି, ମରକତ ମଣି ।

**ଇନ୍ଦ୍ରପ୍ରସ୍ଥ** *ବି.* ମହାଭାରତରେ ବର୍ଣ୍ଣିତ ପାଣ୍ଡବଙ୍କ ରାଜଧାନୀ, ପ୍ରାଚୀନ ଦିଲ୍ଲୀ ।

**ଇନ୍ଦ୍ରଲୁପ୍ତ** *ବି.* ମୁଣ୍ଡର ଚନ୍ଦାରୋଗ ।

**ଇନ୍ଦ୍ରାୟୁଧ** *ବି.* ୧. ଇନ୍ଦ୍ରଧନୁ ୨. ବଜ୍ର ।

**ଇନ୍ଦ୍ରିୟ** *ବି.* ଆଖି, କାନ, ନାକ, ଜିଭ, ଚର୍ମ ଓ ଅଙ୍ଗ (ପାଞ୍ଚ ଜ୍ଞାନେନ୍ଦ୍ରିୟ)- ଯାହାଦ୍ୱାରା ପଦାର୍ଥ ସମ୍ବନ୍ଧରେ ଜ୍ଞାନ ଜନ୍ମେ ; **ପାଞ୍ଚ କର୍ମେନ୍ଦ୍ରିୟ-ମୁଖ, ହସ୍ତ, ପାଦ, ମଳମୂତ୍ରଦ୍ୱାର, ଜନନେନ୍ଦ୍ରିୟ** ।

**ଇନ୍ଦ୍ରିୟଗମ୍ୟ, ଇନ୍ଦ୍ରିୟଗ୍ରାହ୍ୟ** *ବି°.* ଯାହା ଇନ୍ଦ୍ରିୟଦ୍ୱାରା ଜଣାଯାଏ, ପ୍ରତ୍ୟକ୍ଷ, ବୋଧଗମ୍ୟ ।

**ଇନ୍ଦ୍ରିୟପରତନ୍ତ୍ର** *ବି°.* ଯେ କେବଳ ଶାରୀରିକ ସୁଖଭୋଗକୁ ଶ୍ରେଷ୍ଠ ମନେକରେ, ବିଳାସୀ, ଭୋଗୀ ।

**ଇନ୍ଦ୍ରିୟପରାୟଣ** *ବି°.* ଯେ ଦେହ ସୁଖଭୋଗକୁ ସାର ମଣେ ।

**ଇନ୍ଦ୍ରିୟବୃତ୍ତି** *ବି.* ଇନ୍ଦ୍ରିୟମାନଙ୍କର କର୍ମ ବା ଶକ୍ତି ।

**ଇନ୍ଧନ** *ବି.* ଜାଳେଣି, କାଠ/ କୋଇଲା / ତେଲ ପ୍ରଭୃତି ଦହନଯୋଗ୍ୟ ପଦାର୍ଥ ।

**ଇଭ୍‌** *ବି.* ଖ୍ରୀଷ୍ଟିୟାନ୍‌ ବିଶ୍ୱାସରେ ପୃଥିବୀର ପ୍ରଥମ ନାରୀ ।

**ଇମାନ୍‌** *ବି.* ୧. ମର୍ଯ୍ୟାଦା ୨. ବିଶ୍ୱାସ ୩. ବିବେକ ୪. ସାଧୁତା ।

**ଇମାନ୍‌ସେ** *ବି.* କହୁଥିବା କଥା ସତ ବୋଲି ପ୍ରମାଣ କରିବା ପାଇଁ ରାଣ ।

**ଇମାନ୍‌କର୍‌** *ସ.* ଏମାନଙ୍କର ।

**ଇମାନ୍‌ଦାର୍‌** *ବି°.* ସଚ୍ଚା, ସାଧୁ, ସଚ୍ଚୋଟ ।

**ଇ-ମେଲ୍‌** *ବି.* ଇଣ୍ଟରନେଟ୍‌ ଜରିଆରେ ବାର୍ତ୍ତା ବା ଚିଠି ପ୍ରେରଣ, ଇଣ୍ଟରନେଟ୍‌ ଡାକ ।

**ଇରା** *ବି.* ୧. ପୃଥିବୀ ୨. ଜଳ ୩. ରାତି ୪. ମଦ୍ୟ ୫. ସରସ୍ୱତୀ ।

**ଇରାନ୍‌** *ବି.* ମଧ୍ୟପ୍ରାଚ୍ୟର ପ୍ରାଚୀନ ଦେଶ ବିଶେଷ, ପାରସ୍ୟ ଦେଶ ।

**ଇରାନୀ** *ବି°.* ପାରସ୍ୟଦେଶୀୟ ।

**ଇରୋଟ ତେଲ** ***ବି.*** ବାଦାମତେଲ ।

**ଇଲକେ** ***କ୍ରି.ବିଂ.*** ଏଇଠି, ଏଇ ଜାଗାରେ।

**ଇଲମ୍** ***ବି.*** ୧. କାଇଦା, କୌଶଳ, ଚାଲାକି ୨. ରହସ୍ୟ ।

**ଇଲାକା** ***ବି.*** ୧. ଆୟତ୍ତ ବା ଅଧିକାରର ସୀମା ୨. ଅଞ୍ଚଳ ୩. ବିଚରଣ ଭୂମି ।

**ଇଲାଚି** ***ବି.*** ଏକପ୍ରକାର ସୁବାସିତ ଫଳ, ଅଳେଇଚ ।

**ଇଲିଇଲି କରିବା** ***କ୍ରି.*** ଖତେଇ ହେବା, ବେଖାତିର କରିବା ।

**ଇଲିଶି, ଇଲ୍ଲିଶ** ***ବି.*** ଲୁଣି ଓ ମଧୁର ପାଣିର ମିଳନ ସ୍ଥଳରେ ରହୁଥିବା ଏକ ପ୍ରକାର ମାଛ, ଇଲ୍ଲିଶ ।

**ଇଲେଇତି** ***ବି.*** ଅପମାନ, ଅବମାନନା ।

**ଇଲେକ୍‌ଟ୍ରିକ୍** ***ବି.ବିଂ.*** ବିଜୁଳି ବା ବିଦ୍ୟୁତ୍ ସମ୍ବନ୍ଧୀୟ ।

**ଇଲେକ୍‌ଟ୍ରିକ୍ ଲାଇଟ୍** ***ବି.*** ବିଜୁଳିବତୀ, ବିଦ୍ୟୁତ୍‌ଶକ୍ତିରେ ଜଳୁଥିବା ଆଲୋକ ।

**ଇଲେକ୍‌ଟ୍ରୋନିକ୍‌ସ** ***ବି.*** ୧. ଇଲେକ୍‌ଟ୍ରନ୍ ସମ୍ବନ୍ଧୀୟ ବିଶେଷ ଜ୍ଞାନ ୨. କମ୍ପ୍ୟୁଟର୍ ଟେଲିଭିଜନ ପ୍ରଭୃତି ଯନ୍ତ୍ର ।

**ଇୟତ** ***ବିଂ.*** ଏତିକି, ଏହି ପରିମିତ ।

**ଇୟତ୍ତା** ***ବି.*** ୧. ପରିମାଣ, ସଂଖ୍ୟା, ସୀମା, ପତ୍ତା ୨. ହିସାବ ।

**ଇଶାଣ** ***ବି.*** ୧. ଈଶାନ, ଉତ୍ତରପୂର୍ବ ମଧ୍ୟବର୍ତ୍ତୀ କୋଣ ୨. ଗୃହରକ୍ଷା କରିବା ଦେବତା ।

**ଇଶାଦ, ଇଶାଦୀ** ***ବି.*** ସାକ୍ଷୀ ।

**ଇଶାରା, ଇସାରା** ***ବି.*** ଇଙ୍ଗିତ, ଠାର, ସଙ୍କେତ ।

**ଇଷିକା** ***ବି.*** କାଶତଣ୍ଡୀ, ତୃଣଜାତୀୟ ଅରଣ୍ୟ, ତୃଣବିଶେଷ ।

**ଇଷିକାର** ***ବି.*** ମୈଥୁନ କାଳରେ ଅସଚେତନ ଭାବରେ ସୃଷ୍ଟ ଧ୍ୱନି ।

**ଇଷୁ** ***ବି.*** ଶର, ତୀର ।

**ଇଷ୍ଟ** ***ବିଂ.*** ୧. ମଙ୍ଗଳକର, କଲ୍ୟାଣକର, ଅଭିଳଷିତ ୨. ଇଚ୍ଛାକରାଯାଉଥିବା; ***ବି.*** ଇଚ୍ଛା ।

**ଇଷ୍ଟ ଇଣ୍ଡିଆ କମ୍ପାନୀ** ***ବି.*** ଭାରତରେ ଉପନିବେଶ ସ୍ଥାପନ ପୂର୍ବରୁ ବାଣିଜ୍ୟ କରୁଥିବା ଇଂରେଜ୍ କମ୍ପାନୀ ।

**ଇଷ୍ଟକ** ***ବି.*** ନିର୍ଦ୍ଦିଷ୍ଟ ଆକାରର ଛାଞ୍ଚରେ ତିଆରି ପୋଡ଼ା ମାଟିର ପଦାର୍ଥ, ଇଟା ।

**ଇଷ୍ଟଦେବ** ***ବି.*** ବଂଶର ଉପାସ୍ୟ ଦେବତା, କୁଳଦେବତା ।

**ଇଷ୍ଟମନ୍ତ୍ର** ***ବି.*** ଇଷ୍ଟଦେବତାଙ୍କୁ ପୂଜା କରିବା ମନ୍ତ୍ର ।

**ଇଷ୍ଟର** ***ବି.*** ଖ୍ରୀଷ୍ଟିୟାନମାନଙ୍କର ବିଶେଷ ପର୍ବ – ମାର୍ଚ୍ଚ ୨୧ ପରବର୍ତ୍ତୀ ପ୍ରଥମ ରବିବାର ଓ ସୋମବାର ଦିନ ପାଳିତ ।

**ଇଷ୍ଟଲାଭ** ***ବି.*** ମନୋବାଞ୍ଛା ପୂରଣ ।

**ଇଷ୍ଟସିଦ୍ଧି** ***ବି.*** କାମନାପୂରଣ, ମନୋବାଞ୍ଛା ପୂରଣ ।

**ଇଷ୍ଟି** ***ବି.*** ୧. ଯଜ୍ଞ ୨. ଇଚ୍ଛା ।

**ଇଷ୍ଟେଟ୍** ***ବି.*** ୧. ଜମିଦାରି ୨. ଜମିବାଡ଼ି ପ୍ରଭୃତି ସ୍ଥାବର ସମ୍ପତ୍ତି ।

**ଇସ୍** ***ଅ.*** ବିକାର, ଘୃଣା ବା ଦୁଃଖସୂଚକ ଶବ୍ଦ ।

**ଇସ୍‌କୁଲ୍** ***ବି.*** ଅଧ୍ୟୟନ ସ୍ଥାନ, ବିଦ୍ୟାଳୟ, ସ୍କୁଲ ।

**ଇସ୍‌କୁଲିଆ** ***ବିଂ.*** ବିଦ୍ୟାଳୟ ସମ୍ବନ୍ଧୀୟ ।

**ଇସ୍‌ଘଡ଼ି** ***ଅ.*** ଏଇନେ, ଏକ୍ଷଣି, ବର୍ତ୍ତମାନ ।

**ଇସ୍‌ତକ୍** ***ଅ.*** ଏ ପର୍ଯ୍ୟନ୍ତ, ଅବଧି, ସୀମା; ***ବି.*** ତାସଖେଳରେ ରଙ୍ଗଘର ସାହେବ ବିବିଙ୍କ ଏକ ହାତରେ ମିଳନ ।

**ଇସ୍‌କାପାନ** ***ବି.*** ତାସଖେଳର କଳାପାନ ପତା ।

**ଇସ୍‌ବି** ***ବି.*** ମସିହା ।

**ଇସ୍‌ଲାମ୍** ***ବି.*** ମୁସଲମାନ ଧର୍ମ ।

**ଇସର୍‌ଜଂଟ୍** ***ବି.*** ଈଶ୍ୱରଜଟ, ଏକ ପ୍ରକାର ଗୁଳ୍ମର ଫୁଲ ।

**ଇସୁ** ***ବି.*** ୧. ସମସ୍ୟା ୨. ପ୍ରେରଣ ୩. ଛୁଆ ୪. ପତ୍ରପତ୍ରିକା ପ୍ରକାଶନର ନିର୍ଦ୍ଦିଷ୍ଟ ସଂଖ୍ୟା ।

**ଇସୁ ରେଜିଷ୍ଟର୍** ***ବି.*** କାର୍ଯ୍ୟାଳୟରୁ ଯାଉଥିବା ଡାକ ସମ୍ବନ୍ଧୀୟ ବିବରଣୀ ଲେଖାହେବା ଖାତା, ଡାକବହି ।

**ଇସ୍ତଫା, ଇସ୍ତିଫା** ***ବି.*** ପଦତ୍ୟାଗ, ଚାକିରି ଛାଡ଼ିଦେବା, ଇଚ୍ଛାରେ କର୍ମତ୍ୟାଗ ।

**ଇସ୍ତମରାରି** ***ବିଂ.*** ଚିରସ୍ଥାୟୀ (ଜମିଜମା ସଂକ୍ରାନ୍ତ) ।

**ଇସ୍ତାହାର** ***ବି.*** ୧. ବିଜ୍ଞାପନ ୨. ଘୋଷଣାପତ୍ର ।

**ଇସ୍ତିରି, ଇସ୍ତ୍ରି** ***ବି.*** ୧. ଲୁଗା ଜାମା ଆଦିକୁ ପାଲିସ୍ କରିବା ପାଇଁ ବ୍ୟବହୃତ ଏକ ତତଲା ଉପକରଣ, ଆଇରନ୍ ୨. ଇସ୍ତ୍ରିର ପ୍ରୟୋଗ ।

**ଇସ୍ପାତ୍** ***ବି.*** ଉତ୍କୃଷ୍ଟ ଲୁହା ।

**ଇହ** ***ଅ.*** ୧. ଏଇ ସ୍ଥାନରେ ୨. ଏଇ ସମୟରେ ୩. ଏହି ପୃଥିବୀରେ ୪. ଏଇ ଜୀବନରେ ।

**ଇହକାଳ** ***ବି.*** ମଣିଷର ଜନ୍ମରୁ ମରଣ ପର୍ଯ୍ୟନ୍ତ ସମୟ ।

**ଇହଜୀବନ** ***ବି.*** ଜନ୍ମରୁ ମରଣ ଯାଏ ସମୟ ।

**ଇହଲୀଳା** ***ବି.*** ସଂସାର, ଜୀବନ, ସଂସାରଖେଳ ।

**ଇହଲୋକ** ***ବି.*** ଏହି ଦୃଶ୍ୟମାନ ଜଗତ, ପୃଥିବୀ, ମର୍ତ୍ତ୍ୟ ।

**ଇହା** ***ସ.*** ନିର୍ଦ୍ଦିଷ୍ଟ ଶବ୍ଦ ନ ମିଳିଲେ ତା ପାଇଁ ଉଚ୍ଚାରିତ ଶବ୍ଦ ।

**ଇହି** ***ଅ.*** ଘୃଣାବ୍ୟଞ୍ଜକ ଉଚ୍ଚାରଣ ।

**ଇହାଛିନି** ***ଅ.*** ଏହିକ୍ଷଣି, ବର୍ତ୍ତମାନ ।

**ଇହୁଦୀ** ***ବି.*** ଇସ୍‌ରାଇଲ୍ ଦେଶର ମୂଳ ଅଧିବାସୀ, ଜୀଉ, ଜୋରାଥୁଷ୍ଟଙ୍କ ପ୍ରଚାରିତ ଧର୍ମର ଅନୁଗାମୀ ।

**ଇକ୍ଷୁ** ***ବି.*** ମିଠାରସ ଥିବା ଏକଜାତୀୟ ତୃଣ, ଆଖୁ, କୁସାରି ।

**ଇକ୍ଷ୍ୱାକୁ** ***ବି.*** ୧. ସୂର୍ଯ୍ୟବଂଶର ପ୍ରଥମ ରାଜା ୨. ପିତା ଲାଉ ।

# ଈ

**ଈ** *ବି.* ସ୍ୱରବର୍ଣ୍ଣର ଚତୁର୍ଥ ଅକ୍ଷର ।

**ଈ କାର** *ବି.* ସ୍ୱରବର୍ଣ୍ଣର ମାତ୍ରା (ୀ) ।

**ଈଗଲ୍, ଇଗଲ୍** *ବି.* ଏକ ଜାତୀୟ ବଡ଼ ଶିକାରୀ ପକ୍ଷୀ ।

**ଈଦୃକ୍** *ବିଂ.* ଏପ୍ରକାର, ଏଭଳି ।

**ଈଦୃଶ** *ବିଂ.* ଏକ ପ୍ରକାର, ଏଭଳି ।

**ଈପ୍ସା** *ବି.* ପାଇବା ଇଚ୍ଛା, ଲାଭ କରିବାର ଆଶା ।

**ଈପ୍ସିତ** *ବିଂ.* ଇଚ୍ଛିତ, ଯାହା ପାଇବାପାଇଁ ଇଚ୍ଛା କରାଯାଇଛି, ଅଭିଳଷିତ ।

**ଈପ୍ସୁ** *ବିଂ.* ପାଇବା ପାଇଁ ଇଚ୍ଛୁକ ।

**ଈର୍ଷା** *ବି.* ଅନ୍ୟର ସୁଖ ବା ଭଲ ସହି ନ ପାରିବା, ହିଂସା, ଅସହିଷ୍ଣୁତା ।

**ଈର୍ଷାଳୁ** *ବିଂ.* ଯେ ଈର୍ଷା କରେ, ଯେ ଅନ୍ୟର ଭଲ ବା ସୁଖ ସହି ପାରେ ନାହିଁ ।

**ଈଶ** *ବି.* ୧. ଈଶ୍ୱର, ପ୍ରଭୁ ୨. ସ୍ୱାମୀ ୩. ରାଜା ୪. ଶିବ ୫. ଲଙ୍ଗଳ ଦଣ୍ଡ ; *ସ୍ତ୍ରୀ.* ଈଶା ।

**ଈଶାନ** *ବି.* ୧. ମହେଶ୍ୱର, ଶିବ ୨. ଉତ୍ତର ପୂର୍ବ ଦିଗ ବା କୋଣ।

**ଈଶାନୀ** *ବି.* ଦୁର୍ଗା, ଶିବଙ୍କ ପତ୍ନୀ ।

**ଈଶ୍ୱର** *ବି.* ୧. ଶିବ ୨. ପରମେଶ୍ୱର ୩. ସ୍ୱାମୀ, ପ୍ରଭୁ ।

**ଈଶ୍ୱରୀ** *ବି.* ୧. ଦୁର୍ଗା ୨. ଲକ୍ଷ୍ମୀ ୩. ସରସ୍ୱତୀ ୪. ଶକ୍ତି ୫. ସ୍ୱାମିନୀ ।

**ଈଶ୍ୱରୀକରଣ** *ବି.* ଅନ୍ୟଠାରେ ଈଶ୍ୱରତ୍ୱ ଆରୋପ ।

**ଈଶ୍ୱରୀୟ** *ବିଂ.* ଈଶ୍ୱର ସମ୍ବନ୍ଧୀୟ ।

**ଈଷ** *ବି.* ୧. ଲଙ୍ଗଳର ଦଣ୍ଡ ୨. ଆଶ୍ୱିନ ମାସ ।

**ଈଷତ୍** *ବିଂ.* ୧. ଅଳ୍ପ, କିଛି ୨. ସାମାନ୍ୟ ୩. ଝାପ୍ସା ।

**ଈଷଦୁଷ୍ଣ** *ବିଂ.* ଅଳ୍ପ ଉଷୁମ, ଟିକିଏ ତତଲା, ନଖ ଉଷୁମ ।

**ଈଷା** *ବି.* ଈଷ, ଲଙ୍ଗଳର ଦଣ୍ଡ - ଯାହାର ଗୋଟିଏ ପାଖ କଣ୍ଟି ଓ ଅନ୍ୟ ପାଖ ଯୁଆଳି ସହିତ ଯୁକ୍ତ ହୋଇଥାଏ ।

**ଈହା** *ବି.* ଚେଷ୍ଟା, ଇଚ୍ଛା ।

**ଈହିତ** *ବିଂ.* ଉଦ୍ୟମଶୀଳ ।

**ଈକ୍ଷକ** *ବିଂ.ବି.* ଦର୍ଶକ, ଦେଖଣାହାରି ।

**ଈକ୍ଷଣ** *ବି.* ୧. ଦେଖିବା ୨. ଚକ୍ଷୁ, ଆଖି ।

**ଈକ୍ଷିତ** *ବିଂ.* ଦୃଷ୍ଟ, ଦେଖା ହୋଇଥିବା ।

# ଉ

**ଉ** ***ବି.*** ଓଡ଼ିଆ ବର୍ଣ୍ଣମାଳାର ପଞ୍ଚମ ସ୍ୱରବର୍ଣ୍ଣ ।

**ଉଆଁସ** ***ବି.*** ୧. ଅମାବାସ୍ୟା, ଅମେଇସା ୨. ବହଳ ଅନ୍ଧାର ।

**ଉଆଁସପକ୍ଷ** ***ବି.*** ପୂର୍ଣ୍ଣିମା ପରଠାରୁ ଅମାବାସ୍ୟା ପର୍ଯ୍ୟନ୍ତ ୧୫ ଦିନ, କୃଷ୍ଣପକ୍ଷ ।

**ଉଆଁସୀ** ***ବିଂ.*** ଅମାବାସ୍ୟା ତିଥିରେ ଜନ୍ମ ହୋଇଥିବା (କନ୍ୟା) ।

**ଉଆ** ***ବିଂ.*** ୧. ଅରୁଆ ୨. ସଫା, ପରିଷ୍କୃତ ।

**ଉଆକା, ଉଆକିଆ** ***ବିଂ.*** ଉଡା (ଖବର), ଶୁଣାଶୁଣିରେ ଅସମର୍ଥିତ (ସମ୍ବାଦ) ।

**ଉଆକିଆ କଥା** ***ବି.*** ଶୁଣାଶୁଣି କଥା, ଉଡ଼ାଖବର, ଅସମର୍ଥିତ ସମ୍ବାଦ, ଉଡ଼ାକଥା ।

**ଉଆଚାଉଳ** ***ବି.*** ଖରାରେ ଶୁଖା ଧାନରୁ ପ୍ରସ୍ତୁତ ଚାଉଳ, ଅରୁଆ ଚାଉଳ ।

**ଉଆପଖିଆ** ***ବିଂ.*** ଗରମ ପାଣିରେ ପଡ଼ି ଖରାରେ ଶୁଖା ଧାନରୁ ପ୍ରସ୍ତୁତ (ଚାଉଳ) ।

**ଉଆସ** ***ବି.*** ୧. ନଅର, ରାଜଗୃହ ୨. ସୁଦୃଶ୍ୟ ପ୍ରାସାଦ ।

**ଉଇଁବା** ***କ୍ରି.*** ୧. ଉଦିତ ହେବା, ଉଦିବା ୨. ପ୍ରକାଶିତ ହେବା ୩. ଦେଖାଦେବା ।

**ଉଇ** ***ବି.*** ପିମ୍ପୁଡ଼ି ଜାତୀୟ ଧଳା କୀଟ ବିଶେଷ, ଡିଆଁ ।

**ଉଇଖିଆ** ***ବିଂ.*** ୧. ଉଇ ଚରିଥିବା ୨. ନଷ୍ଟ ହୋଇଥିବା ।

**ଉଇଟାଙ୍କୁ** ***ବି.*** ହୁଙ୍କାରେ ଥିବା ଉଇମାନଙ୍କ ବସା ।

**ଉଇଟିକିରା** ***ବି.*** ଉଇହୁଙ୍କା ।

**ଉଇମରା** ***ବି.*** ଉଇ ମାରିବାପାଇଁ କୀଟନାଶକ ରାସାୟନିକ ପଦାର୍ଥ ।

**ଉଇମାଟି** ***ବି.*** ଉଇ ହୁଙ୍କାର ମାଟି, ଭିଣାମାଟି ।

**ଉଇଲ୍** ***ବି.*** ୧. ମୃତ୍ୟୁ ପୂର୍ବରୁ ସମ୍ପତ୍ତିର ଉତ୍ତରାଧିକାରୀ ମନୋନୟନ ସଂକ୍ରାନ୍ତ ଦଲିଲ ବିଶେଷ, ଇଚ୍ଛାପତ୍ର ୨. ଉଲି, ପିଆଜ ।

**ଉଇଲଗା** ***ବିଂ.*** ଉଇ ଖାଇଥିବା, ଉଇ ଲାଗିଯାଇଥିବା, ଉଇ ଚରିଥିବା ।

**ଉଇହୁଙ୍କା** ***ବି.*** ଉଇମାନଙ୍କଦ୍ୱାରା ତିଆରି ସ୍ତୂପୀକୃତ ମାଟିର ବସା ।

**ଉକାର** ***ବି.*** 'ଉ' ସ୍ୱରବର୍ଣ୍ଣ ସୂଚେଇବାପାଇଁ ବ୍ୟବହୃତ ଚିହ୍ନ ( ୁ )

**ଉକାଳ** ***ବି.*** ବାନ୍ତି, ବମନ, ଉକାର ।

**ଉକାଳିବା** ***କ୍ରି.*** ପାକସ୍ଥଳିର ଖାଦ୍ୟ ପଦାର୍ଥ ମୁହଁ ଦେଇ ବାହାରି ଆସିବା, ବାନ୍ତି କରିବା ।

**ଉକିଆ** ***ବି.*** ଆଲୋକ, ଆଲୁଅ ।

**ଉକୁ** ***ବି.*** ୧. ଆରମ୍ଭ ୨. ଉଦ୍ଭବ ୩. ଅପରାଧ ଘଟିବା ।

**ଉକୁଚିବା** ***କ୍ରି.*** ଟଙ୍ଗା ହୋଇ ଲମ୍ବିବା, ଲଟକିବା, ଟାଙ୍ଗିବା, ଓଲାଇବା ।

**ଉକୁଟ** ***ବି.*** ୧. ବାଦ୍ୟବାଦନର ଶୈଳୀବିଶେଷ ୨. ବୋଲ୍ ୩. ଛୋଟ ପିଲାଙ୍କ ଦେହରେ ତେଲହଳଦୀ ଘଷିବା କାଳରେ ବାହାରୁଥିବା ମଳି ୪. ଦେହମଳି ୫. ଧାତୁପାତ୍ରରେ ରହି ସ୍ୱାଦ ଖରାପ ହୋଇଥିବା ଖାଦ୍ୟ ।

**ଉକୁଟାଇବା** ***କ୍ରି.*** ୧. ଦେହରେ ବୋଳି ହେବା ୨. ଛୁଞ୍ଚିଦ୍ୱାରା ଚିତ୍ରଣ କରିବା, ଫୁଟାଇବା ୩. ଦେହରେ ବୋଳା ହୋଇଥିବା ହଳଦୀ ଆଦିକୁ ହାତରେ ଘଷି ଛଡ଼ାଇବା ୪. ବ୍ୟକ୍ତକରିବା ।

**ଉକୁଟିବା** ***କ୍ରି.*** ୧. ପ୍ରସ୍ଫୁଟିତ ହେବା, ଫୁଟିବା ୨. ପ୍ରକଟିତ ହେବା, ଭିତରୁ ପଦାକୁ ବାହାରିଆସିବା ।

**ଉକୁଣି** ***ବି.*** କେଶ ବା ରୋମ ମୂଳରେ ଜନ୍ମୁଥିବା ଓ ବଢୁଥିବା କୀଟ, ଉକୁନ୍, ଉଖିନ୍ ।

**ଉକୁଣିଆ ପୋକ** ***ବି.*** ପୁରୁଣା ଧାନ କିମ୍ବା ଶସ୍ୟରେ ରହୁଥିବା ଉକୁଣି ପରି ଦେଖାଯାଉଥିବା ଏକ ପ୍ରକାର କୀଟ, ଗମାପୋକ ।

**ଉକୁଣି ଦେଖିବା/ ବାଛିବା** ***କ୍ରି.*** ମୁଣ୍ଡବାଳରୁ ଉକୁଣି ଖୋଜି ବାହାର କରିବା ।

**ଉକୁଣି ମାରିବା** ***କ୍ରି.*** ୧. ବାଳରୁ ଉକୁଣି ବାହାର କରି ମାରିବା ୨. ପରର ଅନିଷ୍ଟ କାମନା କରିବା ।

**ଉକୁନ୍** ***ବି.*** ଉକୁଣି, ଉଖିନ୍ ।

**ଉକୁନ୍‌ମୁଣ୍ଡୀ** ***ବିଂ.*** ୧. ଯେଉଁ ଝିଅ ବା ନାରୀର ମୁଣ୍ଡବାଳରେ ଉକୁଣି ହୋଇଥାନ୍ତି ୨. ଆଲୁରୀ ।

**ଉକୁନ୍ଦରା** ***ବି.*** ବଣୁଆ ଛଚିନ୍ଦ୍ରା ।

**ଉକୁବୁକୁ** ***ବିଂ.*** ଅଣନିଃଶ୍ୱାସୀ, ଶ୍ୱାସରୁଦ୍ଧ, ଆକ୍ରାମାକ୍ରା ।

**ଉକୁବୁକେଇବା** ***କ୍ରି.*** ବହୁ ଅଧିକ ହେବା, ବଳିପଡ଼ିବା, ବାହାରିଆସିବା ।

**ଉକୁସ୍ଥଳ** ***ବି.*** ଅପରାଧ ଘଟିଥିବା ସ୍ଥାନ ।

**ଉକେଇଯିବା** ***ବି.*** ପିତଳ ଏବଂ ତମ୍ବା ଆଦି ଧାତୁପାତ୍ରରେ ଥିବା ଖାଦ୍ୟଦ୍ରବ୍ୟ ଖରାପ ହୋଇଯିବା ୨. ଅନ୍ୟ ବସ୍ତୁର ସଂସ୍ପର୍ଶରେ ଆସି ଧାତୁତିଆରି ବାସନ ବିବର୍ଣ୍ଣ ହେବା, ଉକୁଟେଇ ଯିବା ।

**ଉକେନ୍** ***ବି.*** ଉକୁଣି ।

**ଉକ୍ତ** ***ବିଂ.*** କୁହାଯାଇଥିବା, କଥିତ ।

**ଉକ୍ତପୂର୍ବ** ***ବିଂ.*** ପୂର୍ବରୁ କଥିତ ।

**ଉକ୍ତି** ***ବି.*** ୧. କଥା, ବଚନ ୨. ବାକ୍ୟ ୩. ପ୍ରବଚନ ।

**ଉକ୍ତିପ୍ରତ୍ୟୁକ୍ତି** ***ବି.*** ୧. ଉତ୍ତର ପ୍ରତ୍ୟୁତ୍ତର ୨. କଥୋପକଥନ ।

**ଉଖ୍ରା** ***ବି.*** ୧. ଉଖୁଡ଼ା ୨. ଘରକଥା ବାହାରେ ପ୍ରକାଶକରିବା ।

**ଉଖାଡ଼ିବା** ***କ୍ରି.*** ଓପାଡ଼ିବା, ଉପାଡ଼ିଦେବା, ଭିତରୁ ବାହାରକରିବା ।

**ଉଖାରିବା *କ୍ରି.*** ୧. ଘଣ୍ଟାଘଣ୍ଟି କରିବା ୨. କଥାକହି ଅନ୍ୟକୁ ଉତ୍ତେଜିତ କରିବା, ଟିହାଇବା ୩. ଭିତରେ ଥିବା ପଦାର୍ଥ ବା ସତ୍ୟକୁ ପଦାକୁ ଆଣିବାପାଇଁ ବୁଦ୍ଧି ଖଟାଇବା ୪. କେଞ୍ଚି ଖୋଳିବା ୫. ଖୋଳି ବାହାରକରିବା ।

**ଉଖି *ବି.*** ବାହାନା, ପେଖନା, ଛଳନା ।

**ଉଖିନ୍ *ବି.*** ଉକୁଣି, ଉକୁନ୍ ।

**ଉଖୁଡ଼ା *ବି.*** ଗୁଡ଼ ବା ଚିନିରେ ପାଗ ହୋଇଥିବା ଖଇ ବା ଲିଆ ।

**ଉଖୁଣି *ବି.*** ଧାନ ବେଙ୍ଗଳାରୁ ପାଳକୁଟା ବାହାର କରିବାପାଇଁ ବ୍ୟବହୃତ ଅଗ ବଙ୍କାଥିବା ବାଡ଼ି ।

**ଉଖୁରାଇବା *କ୍ରି.*** ୧. ଆଦାୟ ବା ଅସୁଲ୍ କରିବା ୨. ଉସୁକେଇବା ୩. କୌଣସି ପୁରୁଣା କଥା ଉଦ୍ଦେଶ୍ୟପୂର୍ଣ୍ଣ ଭାବେ ମନେ ପକାଇଦେବା ।

**ଉଖୁରିଆ *ବିଂ.*** ଉସ୍କାଉଥିବା ; ***ବି.*** ଚୁଲି ବା ଖନ୍ଦା ଭିତରର ନିଆଁକୁ ଖେଞ୍ଚି ଜଳାଇବାପାଇଁ ବ୍ୟବହୃତ ବାଡ଼ି ।

**ଉଖୁରେଇବା *କ୍ରି.*** ୧. ନଖରେ ତାଡ଼ିବା ୨.ବିବାଦ ଉପୁଜେଇବା ୩. ଗୋଇଖୋଳି ଚିଡ଼େଇବା ।

**ଉଗାରିବା *କ୍ରି.*** ଖୋଲିଦେବା, ଖୋଲି ବାହାର କରିବା ।

**ଉଗାଳ *ବି.*** ୧. ସାମ୍ନାରୁ ଗତିରୋଧ, ଅଟକ ୨. ଓଗାଳ, ପ୍ରଶ୍ନୋତ୍ତର ଗୀତ ।

**ଉଗାଳିବା *କ୍ରି.*** ଆଗରେ ରହି ଅଟକାଇବା, ବାଟ ଛେକିବା ।

**ଉଗୁଜା *ବିଂ.*** ଲୁଣପାଣିରେ ଉତ୍ତାପରେ ପାଗ ହୋଇଥିବା ।

**ଉଗୁଜିବା *କ୍ରି.*** ଚୁଲି ଉପରେ ଲୁଣପାଣି ଦେଇ କୌଣସି ଶସ୍ୟକୁ ପାଗ କରିବା ।

**ଉଗୁଡ଼ା *ବିଂ.*** ମୁହଁ ତଳକୁ କରି ରଖାଯାଇଥିବା ।

**ଉଗ୍ର *ବିଂ.*** ୧. ପ୍ରଚଣ୍ଡ ୨. କ୍ରୁଦ୍ଧ, କ୍ରୂର ୩. ହିଂସାଜନକ, ନିଷ୍ଠୁର ।

**ଉଗ୍ରକର୍ମା *ବିଂ.*** ଯେ ଭୟାନକ ବା ହିଂସାଜନକ କାର୍ଯ୍ୟକରେ ।

**ଉଗ୍ରଚଣ୍ଡୀ *ବି.ବିଂ.*** ୧. ଅଠର ହାତ ଥିବା ଦେବୀମୂର୍ତ୍ତି, ଚାମୁଣ୍ଡାଦେବୀ ୨. କଳିହୁଡ଼ୀ ବା ଉଗ୍ର ସ୍ୱଭାବର ନାରୀ ।

**ଉଗ୍ରତାରା *ବି.*** ବୌଦ୍ଧଧର୍ମର ଦେବୀ ବିଶେଷ ।

**ଉଗ୍ରପନ୍ଥୀ *ବିଂ.*** ୧. ଚରମପନ୍ଥୀ ୨. ସନ୍ତ୍ରାସବାଦୀ ୩. ରାଜନୀତିକ ଉଦ୍ଦେଶ୍ୟ ସାଧନପାଇଁ ହିଂସାତ୍ମକ କାର୍ଯ୍ୟରେ ବିଶ୍ୱାସ କରୁଥିବା ।

**ଉଗ୍ରମୂର୍ତ୍ତି *ବି.*** ୧. ଭୟାନକ ଚେହେରା ବା ରୂପ ୨. ପ୍ରଚଣ୍ଡ ରାଗିଥିବା ଅବସ୍ଥା ।

**ଉଘ୍ରା *ବିଂ.*** ପାଲଟା, ଦେହରୁ କଢ଼ା ଯାଇଥିବା ବା ହକଳା ।

**ଉଘ୍ରାବା *କ୍ରି.*** ଫିଟାଇବା, ଖୋଲିବା, ଅନାବୃତ କରିବା ।

**ଉଘାଇବା, ଉଘେଇବା *କ୍ରି.*** ପରର ଦୋଷ ବା ଗୋଇ କହି ଗାଳିଦେବା, ଅନ୍ୟର ଛିଦ୍ର କଥା କହି ମନସାଧ ମେଣ୍ଟେଇବା ।

**ଉଘାଣ *ବି.*** ଛନ୍ଦକଥା କହିବା, ଛିଦ୍ରକଥା କଥନ ।

**ଉଙ୍କାରିବା *କ୍ରି.*** କଥା ଆରମ୍ଭ କରିବା, ପ୍ରାଥମିକ ସୂଚନା ଦେବା ।

**ଉଙ୍କି *ବି.*** ୧. ଗୋପନଦୃଷ୍ଟି ୨. ଲୁଚି ଲୁଚି ଚାହିଁବା କାର୍ଯ୍ୟ ।

**ଉଙ୍କିବା, ଉଙ୍କି ମାରିବା *କ୍ରି.*** ଲୁଚି ରହି ଦେଖିବା, ଉପରକୁ ମୁଣ୍ଡ ଟେକି ଚାହିଁବା, ଉଣ୍ଡିବା, ତୁଙ୍ଗିବା ।

**ଉଙ୍ଘେଇବା *କ୍ରି.*** ଢୋଳାଇବା, ଅଧାଚିଆଁ-ଅଧାଶୁଆ ଅବସ୍ଥା ହେବା ।

**ଉଚ୍କାବା *କ୍ରି.*** ୧. ଝୁଲାଇବା ୨. ଉକୁଟିବା ୩. ଫୁଟି ଉଠିବା, ପ୍ରକାଶିତ ହେବା ।

**ଉଚ୍କି ହେବା *କ୍ରି.*** ଗଳାରେ ଦଉଡି ଦେଇ ଆତ୍ମହତ୍ୟା କରିବା, ଦଉଡ଼ି ଦେବା ।

**ଉଚ୍ଲାଇବା *କ୍ରି.*** ଗଛର ଛେଲି ବା ଡାଳ ଆଦିକୁ ଟାଣିକରି ଛିଣ୍ଡାଇବା, ଚୋପା ଛଡ଼ାଇବା ।

**ଉଚିତ *ବିଂ.*** ୧. ଯଥାର୍ଥ, ଠିକ୍, ନ୍ୟାୟସଙ୍ଗତ, ଯୁକ୍ତିସିଦ୍ଧ ୨. ଯୋଗ୍ୟ, ଉପଯୁକ୍ତ ୩. ପ୍ରକୃତ ।

**ଉଚ୍ଚ *ବିଂ.*** ୧. ଭୂମିରୁ ଉପରକୁ ଉଠିଥିବା, ଡେଙ୍ଗା ୨. ବଡ଼ ୩. ଉନ୍ନତ ୪. ଉଦାର ୫. ଶ୍ରେଷ୍ଠ ୬. ଚଢ଼ା(ମୂଲ୍ୟ) ୭. ତୀବ୍ର ବା ଜୋର୍ (ପାଟି,ସ୍ୱର) ।

**ଉଚ୍ଚକିତ *ବିଂ.*** ୧. ଉଚ୍ଚସ୍ୱରଯୁକ୍ତ ୨. ମାର୍ଜିତ ୩. ଉନ୍ନତ ୪. ଆଶ୍ଚର୍ଯ୍ୟବୋଧକ ।

**ଉଚ୍ଚତମ *ବିଂ.*** ୧. ସମସ୍ତଙ୍କ ଠାରୁ ଉଚ୍ଚ ୨. ସବୁଠାରୁ ଉଞ୍ଚ ।

**ଉଚ୍ଚତର *ବିଂ.*** ଦୁଇଟି ମଧ୍ୟରେ ଉଚ୍ଚ ।

**ଉଚ୍ଚତା *ବି.*** ୧. ଉଞ୍ଚା, ଡେଙ୍ଗା ଅବସ୍ଥା ୨. ସମୁନ୍ନତ ଅବସ୍ଥା ୩. ସ୍ୱର ପ୍ରଭୃତିର ତୀବ୍ରତା ।

**ଉଚ୍ଚନୀଚ *ବିଂ.*** ୧. ବଡ଼-ସାନ ୨. ଡେଙ୍ଗା ସହିତ ଗେଡା ୩. ଅସମତଳ, ବନ୍ଧୁର ।

**ଉଚ୍ଚପଦ *ବି.*** ୧. ବଡ଼ପାହିଆ ବା ଅଧିକାର, ଉଚ୍ଚ ବା ଉନ୍ନତ ପଦବୀ ।

**ଉଚ୍ଚବାଚ *ବି.*** କଳି, ଝଗଡ଼ା, ପରସ୍ପର ମଧ୍ୟରେ ବୋଲାବୋଲି, ତୁଣ୍ଡକୁ ତୁଣ୍ଡ କଳି ।

**ଉଚ୍ଚବାଚ କରିବା *କ୍ରି.*** ଝଗଡ଼ା କରିବା, ପାଟିତୁଣ୍ଡ କରିବା ।

**ଉଚ୍ଚମନା *ବିଂ.*** ହୃଦୟବାନ, ଉଦାର ଭାବାପନ୍ନ ।

**ଉଚ୍ଚମାନ *ବିଂ.*** ଉନ୍ନତ ବା ଉତ୍କୃଷ୍ଟ ଗୁଣବତ୍ତା, ଉନ୍ନତଧରଣ ।

**ଉଚ୍ଚ ରକ୍ତଚାପ *ବି.*** ଦେହରେ ସ୍ୱାଭାବିକ ଅପେକ୍ଷା ଅଧିକ ବେଗରେ ରକ୍ତ ସଞ୍ଚାଳନ ।

**ଉଚ୍ଚା, ଉଞ୍ଚା *ବିଂ.*** ମାଟି ଉପରକୁ ଠିଆ ଭାବରେ ଉଠିଥିବା, ଡେଙ୍ଗା ।

**ଉଚ୍ଚାଙ୍ଗ *ବିଂ.*** ୧. ଉନ୍ନତ, ସମୃଦ୍ଧ ୨. ଉଚ୍ଚକୋଟୀର, ଉନ୍ନତ ବା ଶ୍ରେଷ୍ଠ ମାନବିଶିଷ୍ଟ ।

**ଉଚ୍ଚାଟ *ବି.*** ଉତ୍କଣ୍ଠା, ପ୍ରବଳ ଅସ୍ଥିରତା, ମାନସିକ ଚଞ୍ଚଳତା, ଉଦ୍ବେଗ ।

**ଉଚ୍ଚାଟନ *ବି.*** ୧. ଉତ୍କଣ୍ଠା, ଉଦ୍ବେଗ, ବିହ୍ୱଳ ମାନସିକତା ୨. ତନ୍ତ୍ର କ୍ରିୟାଦ୍ୱାରା ଅନ୍ୟର ମନକୁ ବାଉଳା ବା ବିଚଳିତ କରିବା ।

**ଉଚ୍ଚାରଣ *ବି.*** ୧. ମୁଖଦ୍ୱାରା ଧ୍ୱନି ବା ଶବ୍ଦ ପ୍ରକାଶ ବା କଥନ ୨. କହିବାର ଭଙ୍ଗୀ ।

**ଉଚ୍ଚାରଣୀୟ, ଉଚ୍ଚାର୍ଯ୍ୟ *ବିଂ.*** ୧. କଥ୍ୟ, କଥନୀୟ ୨. ଉଚ୍ଚାରଣ କରିବାର ଯୋଗ୍ୟ ।

**ଉଚ୍ଚାରିତ *ବିଂ.*** ୧. କଥିତ, ବ୍ୟକ୍ତ ୨. ଉଚ୍ଚାରଣ କରାଯାଇଥିବା ।

**ଉଚ୍ଚାରିବା *କ୍ରି.*** କହିବା, ଶବ୍ଦ ମାଧ୍ୟମରେ ଭାବ ପ୍ରକାଶ କରିବା, ତୁଣ୍ଡ ଖୋଲିବା ।

**ଉଚ୍ଚାସନ *ବି.*** ୧. ଉଚ୍ଚ ଆସନ ୨. ଉଚ୍ଚ ପଦବୀ ୩. ସମ୍ମାନ ।

**ଉଚ୍ଚନ୍‌କାକର *ବି.*** ଚିତ୍ତଚାଞ୍ଚଲ୍ୟ, ଅତିଶୟ ମାନସିକ ଚଞ୍ଚଳ ଅବସ୍ଥା ।

**ଉଚ୍ଛାଡ଼ିବା *କ୍ରି.*** ଛିଞ୍ଚାଡ଼ିବା, ଫୋପାଡ଼ିବା, ଫିଙ୍ଗିବା, ଝିଙ୍କିବା ।

**ଉଚ୍ଛାଳ *ବି.*** ପାକସ୍ଥଳୀରୁ ହଜମ ହୋଇନଥିବା ପଦାର୍ଥ ବାହାରି ଆସିବା, ବାନ୍ତି, ବମନ, ଉଦ୍‌ଗିରଣ ।

**ଉଚ୍ଛୁର *ବି.*** ଯଥା ସମୟରେ ସଂପନ ନହୋଇ ପାରିବା, ଡେରି, ବିଳମ୍ବ ।

**ଉଚ୍ଛୁଳିବା *କ୍ରି.*** ୧. ତରଳ ଦ୍ରବ୍ୟ ଆଧାର ବାହାରକୁ ଚାଲିଆସିବା ୨. ପୂର୍ଣ୍ଣହେବା ୩. ଉଦ୍ଧତହେବା ।

**ଉଚ୍ଛନ୍ନ *ବିଂ.*** ୧. ଧ୍ୱସ୍ତ, ନଷ୍ଟ, ସମୂଳେ ଲୁପ୍ତ ୨. ବ୍ୟାକୁଳ, ବ୍ୟସ୍ତ, ଅସ୍ଥିର ।

**ଉଚ୍ଛନ୍ନ କରିବା *କ୍ରି.*** ୧. ସର୍ବନାଶ କରିବା, ସମୂଳେ ନଷ୍ଟ କରିବା ୨. ବ୍ୟସ୍ତ କରିବା ।

**ଉଚ୍ଛବ *ବି.*** ବିଧିବିଧାନ ସହ ବିଶେଷ ଭାବରେ ଆୟୋଜିତ ଧାର୍ମିକ, ସାଂସ୍କୃତିକ, ସାମାଜିକ ଓ ଆନୁଷ୍ଠାନିକ କାର୍ଯ୍ୟକ୍ରମ, ଉତ୍ସବ ।

**ଉଚ୍ଛଳ *ବିଂ.*** ୧. ସବୁଆଡ଼େ ବ୍ୟାପିଥିବା, ସର୍ବତ୍ର ବ୍ୟାପ୍ତ ୨. ବାହାରକୁ ଚାଲିଆସିଥିବା ।

**ଉଚ୍ଛଳନ *ବି.*** ଉଚ୍ଛୁଳିବା, ଉଦ୍‌ଗମନ, ପୂର୍ଣ୍ଣହୋଇ ପଦାକୁ ବାହାରିଯିବା ।

**ଉଚ୍ଛିଷ୍ଟ *ବି.*** ଅଇଁଠା, ଖାଇବା ପାତ୍ର ବା ଥାଳିରେ ବଳିଥିବା ଖାଦ୍ୟ ପଦାର୍ଥ ।

**ଉଚ୍ଛିଷ୍ଟଭୋଜୀ *ବିଂ.*** ୧. ଅଇଁଠାଖିଆ ୨. ଅନ୍ୟର ଦାନରେ ବଞ୍ଚୁଥିବା ।

**ଉଚ୍ଛୃଙ୍ଖଳ *ବିଂ.*** ଯେ ଶୃଙ୍ଖଳା ବା ନିୟମର ଅଧୀନ ନୁହେଁ, ଯାହାର ଆଚରଣରେ ବାଡ଼ବତା ନାହିଁ, ଯଥେଚ୍ଛାଚାରୀ, ଅନିୟନ୍ତ୍ରିତ, ଅସଂଯତ, ଯେ ଶୃଙ୍ଖଳା ନ ମାନି ମନଇଚ୍ଛା କାମ କରେ ।

**ଉଚ୍ଛୃଙ୍ଖଳତା *ବି.*** କୌଣସି ନିୟମ, ଶୃଙ୍ଖଳା ନ ମାନି ମନଇଚ୍ଛା କାମ କରିବା ସ୍ୱଭାବ ।

**ଉଚ୍ଛେଦ *ବି.*** ୧. ସମୂଳେ ବିନାଶ, ଉତ୍ପାଟନ, ଉନ୍ମୂଳନ ୨. ହଟାଇବା, ଉଠାଇ ଦେବା ।

**ଉଚ୍ଛେଦକ *ବିଂ.*** ୧. ଯେ ବେଦଖଲ କରାଏ ୨. ବିନାଶକାରୀ, ଧ୍ୱଂସକାରୀ ।

**ଉଚ୍ଛେଦନୀୟ *ବିଂ.*** ଉଚ୍ଛେଦର ଯୋଗ୍ୟ, ଯାହାକୁ ଉଠାଇଦେବା କଥା ।

**ଉଚ୍ଛ୍ୱସିତ *ବିଂ.*** ୧. ସ୍ଫୀତ ୨. ବିକଶିତ ୩. ବିଭୋର, ବିହ୍ୱଳ ୪. ଆନନ୍ଦିତ ।

**ଉଚ୍ଛ୍ୱାସ *ବି.*** ୧. ଫୁଲିବା, ସ୍ଫୀତି ୨.ବିକାଶ, ସ୍ଫୁରଣ ୩. ଆବେଗଭରା ନିଃଶ୍ୱାସ ୪. ବିଭୋରତା, ହର୍ଷ ଓ ଶୋକ ଆଦିର ପ୍ରବଳତା ହେତୁ ସୃଷ୍ଟ ଆବେଗ ୫. ପୁସ୍ତକର ପରିଚ୍ଛେଦ ।

**ଉଜଳା *ବି.ବିଂ.*** ୧. ଧୋବା ୨. ଯେ ଉଜ୍ଜ୍ୱଳ ବା ପରିଷ୍କାର କରେ ।

**ଉଜଲ୍ *ବିଂ.*** ୧. ଉଜ୍ଜ୍ୱଳ, ଆଲୋକିତ ୨. ସଫା ୩. କାନ୍ତିଯୁକ୍ତ ; ***ବି.*** ଧୋବା ।

**ଉଜଲ୍‌ଘର *ବି.*** ୧. ଧୋବାଘର ୨. ଚୂନଲିପା ଘର ।

**ଉଜାଗର *ବି.*** ୧. ଅନିଦ୍ରା, ଓଷ୍‌ନିଦ୍ରା, ଉସ୍‌ନିଦା ୨. ଉପବାସପୂର୍ବକ ରାତ୍ରି ଜାଗରଣ ; ***ବିଂ.*** ଜାଗ୍ରତ, ଆଦୌ ଶୋଇନଥିବା ।

**ଉଜାଡ଼ *ବି.*** ପୂରା କ୍ଷତି, ସର୍ବନାଶ ।

**ଉଜାଡ଼ିବା *କ୍ରି.*** ୧. ନଷ୍ଟ କରିବା ୨. ଅପବ୍ୟୟ କରିବା ୩. ଶେଷ କରିଦେବା ।

**ଉଜାଣି *ବି.*** ସ୍ରୋତର ବିପରୀତ ଗତି ।

**ଉଜାଣିଆ *ବିଂ.*** ସ୍ରୋତର ବିପରୀତରେ ଗତି କରୁଥିବା ।

**ଉଜାବା, ଉଜେଁଇବା *କ୍ରି.*** ୧. ବ୍ରତ ଉଦ୍‌ଯାପନ କରିବା ୨. ପୂଜା ସରିବା ପରେ ସମସ୍ତ ସାମଗ୍ରୀ ଜଳରେ ପକାଇ ଦେବା ୩. ପାଖେଇ ଦେବା, ଏକପାଖିଆ କରିଦେବା ୪. ପରିତ୍ୟାଗ କରିଦେବା, ତେଜ୍ୟା କରିଦେବା ।

**ଉଜିବା *କ୍ରି.*** ୧. ଉଦ୍‌ଯାପନ କରିବା ୨. ଶେଷକରିବା ୩. ମୁଢ଼ି ତିଆରି ପାଇଁ ଲୁଣପାଣିରେ ଚାଉଳକୁ ଚୁଲିରେ ବସାଇ ପାଗ କରିବା ।

**ଉଜୁଆଁ *ବି.*** ବ୍ରତ ସମାପ୍ତି, କର୍ମାନୁଷ୍ଠାନର ପରିସମାପ୍ତି, ଦିଅଁପୂଜାର ଉଦ୍‌ଯାପନ; ***ବିଂ.*** ଉଜୁଆଁ ହୋଇଥିବା (ଚାଉଳ) ।

**ଉଜୁଡ଼ା *ବିଂ.*** ନଷ୍ଟ, ଅପବ୍ୟୟିତ, ଗୁଣ ହରାଇଥିବା ।

**ଉଜୁଡ଼ିବା *କ୍ରି.*** ସମୂଳେ ନଷ୍ଟ ହେବା, ଧ୍ୱଂସ ହେବା ।

**ଉଜ୍ଜୀବନ *ବି.*** ମୃତପ୍ରାୟ ଶରୀରରେ ଚେତନାର ସଞ୍ଚାର, ପୁନର୍ଜୀବନାୟନ ।

**ଉଜ୍ଜୀବିତ *ବିଂ.*** ୧. ମୂର୍ଚ୍ଛା ପରେ ପୁଣି ଚେତନା ପ୍ରାପ୍ତ ୨. ପୁନର୍ଜୀବିତ ୩. ଜଡ ଦେହରେ ଚେତନାର ସଞ୍ଚାର ହୋଇଥିବା ।

**ଉଜ୍ଜ୍ୱଳ *ବିଂ.*** ୧. ଆଲୋକିତ ୨. ଦୀପ୍ତ, ଚକ୍‌ଚକ୍ ୩. ତୋଫା ।

**ଉଜ୍ଜ୍ୱଳତା *ବି.*** ୧. ଔଜଲ୍ୟ, ଦୀପ୍ତି ୨. ଚାକଚକ୍ୟ ୩. ସ୍ୱଚ୍ଛତା ।

**ଉଝଟ, ଉଝଟିଆ *ବିଂ.*** ଜିଦ୍‌ଖୋର, ଅଝଟ, ଅବୁଝା, ଏକଜିଦିଆ ।

**ଉଝାଳିବା *କ୍ରି.*** ୧. ପାଣି ତଳୁ ପଙ୍କ କାଢ଼ିଦେବା ୨. ପଙ୍କାଦି ମଇଳା ପରିଷ୍କାର କରିବା ପାଇଁ କୂଅ ପ୍ରଭୃତିରୁ ପାଣି ବାହାର କରିବା ୩. ସଫା କରିବା ୪. ଘରର ଗୁମର ପ୍ରଘଟ କରିବା ।

**ଉଞ୍ଚ, ଉଞ୍ଚା *ବି.ବିଂ.*** ଉଚ୍ଚ, ଉଚ୍ଚା, ଡେଙ୍ଗା ।

**ଉଖେଇବା *କ୍ରି.*** ୧. ଟେକିବା ୨. ଉଠେଇବା, ଉଠେଇ ଧରିବା ୩. ଧମକେଇବା ।

**ଉଛିବା *କ୍ରି.*** ଚାଛିବା, ମୂଳରୁ ଛିଣ୍ଡେଇ/ କାଟି ବା ଖୋଳି ଆଣିବା ।

**ଉଟ *ବି.*** ୧. ଲମ୍ବା ଲମ୍ବା ଗୋଡ଼, ଚଉଡ଼ା ପାଦ ଓ ପିଠିରେ କୁଜଥିବା ଜୀବ ବିଶେଷ-ଯିଏ ପାଣି ନ ପିଇ ଅଧିକକାଳ ରହିପାରେ ଏବଂ ମରୁଭୂମିରେ ଯାତାୟତରେ ସହାୟକ ହୋଇଥାଏ, ଓଟ ୨. ଘାସ, ତୃଣ ୩.ପତ୍ର ।

**ଉଟଜ *ବି.*** ପତ୍ରକୁଡ଼ିଆ, ଝାଟିମାଟି ଘର ।

**ଉଠ୍‌ବସ୍ *ବି.*** ୧. ବାରମ୍ବାର ଠିଆ ହେବା ଓ ବସିବା ୨. ଉଠିବା ଓ ବସିବା ରୂପକ ଦଣ୍ଡ ୩. ହଇରାଣ ହରକତ ।

**ଉଠ୍‌ବା *କ୍ରି.*** ୧. ଠିଆହେବା ୨. ନିଦରୁ ଜାଗ୍ରତ ହେବା ୩. ଉଠିବା ।

**ଉଠ୍‌ମନ୍ *ବି.*** ଉପବାସ ପାଳନ ପୂର୍ବଦିନର ପ୍ରସ୍ତୁତି, ଅଧିବାସ, ଏକବାର ।

**ଉଠନ୍ତା *ବିଂ.*** ୧. ଉଠୁଥିବା ୨. ଉଠିଥିବା, ବାହାରିଥିବା ୩. ଉନ୍ନତି କରୁଥିବା, ଉନ୍ନତ ।

**ଉଠା *ବି.*** ୧. ଉଠିବା ୨. ନିଦରୁ ଉଠିବା ୩. ଅଙ୍କୁରୋଦ୍‌ଗମ୍ ୪. ଉପରକୁ ଗତି କରିବା ୫. ଠିଆହେବା ୬. ଉପର ଶ୍ରେଣୀକୁ ଯିବା ; ***ବିଂ.*** ୧. ଉଠିଥିବା, ଉଦିତ ୨. ଯାହା ସହଜରେ ଉଠେଇ ନିଆଯାଇପାରେ ୩. ଅସ୍ଥାୟୀ (*ଉଦା-* ଉଠା ଦୋକାନ) ।

**ଉଠା ଜଳସେଚନ *ବି.*** ତଳପାଣିକୁ ଉପରକୁ ଉଠାଇବା ବ୍ୟବସ୍ଥା ।

**ଉଠାଣ *ବି.*** ୧. ଉପରକୁ ଉଠାଇବା, ଉତ୍ତୋଳନ ୨. ବେଙ୍କରୁ ଟଙ୍କା ଉଠାଇବା ୩. ଅନେକ ମଧ୍ୟରୁ ଗୋଟି ଗୋଟି କରି କୌଣସି ପଦାର୍ଥ ବାହାରକୁ ଆଣିବା ।

**ଉଠାଣି *ବି.*** ଚଢ଼ାଣି, ତଳୁ ଉପରକୁ ଉଠିଥିବା ପଥ, ଚଘେନ୍, ଉଚ୍ଚାଭୂମି ।

**ଉଠା ଦୋକାନ *ବି.*** ଅସ୍ଥାୟୀ ଦୋକାନ, ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ନିଆଯାଇପାରୁଥିବା ଦୋକାନ ।

**ଉଠାପକା *ବି.*** ୧. ଉଠାଇବା ଓ ପକାଇବା କାର୍ଯ୍ୟ ୨. ବ୍ୟତିବ୍ୟସ୍ତ, ହଇରାଣ ହରକତ ।

**ଉଠାପକା ଖେଳ *ବି.*** ଢିଙ୍କିଆ ଦୋଳି ଖେଳ ।

**ଉଠା ଫସଲ *ବି.*** ବିଲରେ ଅମଳ ଉପଯୋଗୀ ଫସଲ ।

**ଉଠା ମାଛ *ବି.*** ୧. ଚଘେନ୍ ମାଛ, ଚଘେନ୍ ଝୁରି, ପାଣି ସୁଅର ପ୍ରତିକୂଳରେ ଉପର ମୁଣ୍ଡକୁ ଉଠୁଥିବା ମାଛ, କଉମାଛ ।

**ଉଠା ମେଘ *ବି.*** ହଠାତ୍ ଆକାଶରେ କୌଣସି ଦିଗରୁ ଘୋଟି ଆସୁଥିବା ମେଘ ।

**ଉଠାଲୋକ *ବି.*** ନିଜ ଭିଟାମାଟି ଛାଡ଼ି ଅନ୍ୟ ଏକ ସ୍ଥାନର ସ୍ଥାୟୀ ବାସିନ୍ଦା ।

**ଉଠିଆ *ବି.*** ୧. ମାଗଣା ଖାଇବାକୁ ମିଳିବା ପଦାର୍ଥ ୨. ନୂଆ ଫସଲ ୩. ଆବାଦ ହୋଇଥିବା ଜମି ; ***ବିଂ.*** ୧. ଉନ୍ନତିଶୀଳ, ଖରାପରୁ ଭଲ ଅବସ୍ଥାକୁ ଆସିଥିବା ୨. **ଫସଲ ଅମଳ ପରବର୍ତ୍ତୀ କ୍ଷେତ** ।

**ଉଠିଆଖିଆ *ବି.*** ୧. ଫସଲ ଉଠାଣି ପରେ ଜମିରେ ଚରିବାକୁ ଗୋରୁ ଛାଡ଼ିବା ୨. ଉପୁରି ଭୋଜନ ।

**ଉଠିଆରି *ବି.*** ଶିଶୁ ଜନ୍ମହେବାର ସପ୍ତମ, ଅଷ୍ଟମ ବା ନବମ ଦିନର ଏନ୍ତୁଡ଼ି ନିଆଁ ଲିଭାଇବା ।

**ଉଠିଆ ହବା *କ୍ରି.*** ୧. ଘର ବସାଇବା, ସଂସାର କରିବା ୨. ପ୍ରତିଷ୍ଠିତ ହେବା, ଉନ୍ନତି କରିବା ।

**ଉଠୁଣୁବସୁଣୁ *କ୍ରି.ବିଂ.*** ସବୁବେଳେ, ପ୍ରତିକ୍ଷଣ, ସର୍ବଦା ।

**ଉଠେନ୍ *ବି.*** ଛୁଆଙ୍କୁ ନିଦରୁ ଉଠାଇବା ପାଇଁ ବୋଲାଯାଉଥିବା ଗୀତ ।

**ଉଡ଼ନ୍‌ଛୁ *କ୍ରି.ବିଂ.*** ଚମ୍ପଟ ମାରିବା, ଖସିଚାଲିଯିବା, ପଲକମାତ୍ରେ ଅନ୍ତର୍ହିତ ହେବା ।

**ଉଡ଼ନ୍ତ, ଉଡ଼ନ୍ତା *ବିଂ.*** ୧. ଉଡୁଥିବା ୨. ଉଡ଼ିପାରୁଥିବା ।

**ଉଡ଼ପବନ *ବି.*** ଘୂର୍ଣ୍ଣିବାୟୁ, ଖଣ୍ଡିଆଭୂତ ।

**ଉଡ଼ା *ବି.*** ୧. ଉଡ଼ିବା କର୍ମ, ଉଡ଼ିବା, ଆକାଶମାର୍ଗରେ ଗତି କରିବା ୨. ଉଡ଼ାଣପର୍ବ, ଶୂନ୍ୟରେ ପଟାରେ ଝୁଲିବା ଖେଳ ୩. **କଥିତ ମନ୍ତ୍ରବଳରେ ଗାଈ ପହ୍ନାରୁ ଦୁଧ ହରିନେବା ଅଭିଚାର; *ବିଂ.*** ୧. ବାହାରୁ ଆସିଥିବା ୨. ବିଦେଶୀ ୩. **ଯିଏ ଉଡ଼ିପାରେ ୪. ଗୁଜବ** ।

**ଉଡ଼ାଇ ଦେବା *କ୍ରି.*** ୧. ଯୋଗ୍ୟକରି ଛାଡ଼ିଦେବା, ସାମର୍ଥ୍ୟ ଭରିଦେବା ୨. ଛିନ୍‌ଛତ୍ର କରିବା ୩. ପରାଭୂତ କରିବା, ଅସହାୟ କରିଦେବା ୪. ନଷ୍ଟଭ୍ରଷ୍ଟ କରିଦେବା ।

**ଉଡ଼ାଇବା *କ୍ରି.*** ପବନ ବା ଶୂନ୍ୟରେ ଗତିକରାଇବା ।

**ଉଡ଼ାକଳ *ବି.*** ଶୂନ୍ୟରେ ଗତିଶୀଳ ଯାନ – ଯେଉଁ ଯାନରେ ଆକାଶରେ ଉଡ଼ା ଯାଇପାରେ ।

**ଉଡ଼ାଖବର *ବି.*** ଗୁଜବ, ଅନିଶ୍ଚିତ ସମ୍ବାଦ, ରାବା, ଶୁଣାଖବର ।

**ଉଡ଼ାଜାହାଜ *ବି.*** ବ୍ୟୋମଯାନ, ଏରୋପ୍ଲେନ ।

**ଉଡ଼ାଣ *ବି.*** ୧. ଉଡ଼ିବା, ଉଡ଼ାଇବା କର୍ମ ୨. ଉଡ଼ାଜାହାଜର ଆକାଶପଥରେ ଯିବା ଓ ଏକ ସ୍ଥାନରୁ ଅନ୍ୟ ସ୍ଥାନରେ ପହଞ୍ଚିବା ।

**ଉଡ଼ାଣ ଭରିବା *କ୍ରି.*** ଉଡାଜାହାଜ ଆକାଶରେ ଗତିକରିବା ପାଇଁ ପ୍ରସ୍ତୁତ ହେବା ।

**ଉଡ଼ାଣିଆ *ବିଂ.*** ୧. ବଦଖର୍ଚ୍ଚୀ ୨. ଅବିଶ୍ୱାସ୍ୟ ।

**ଉଡ଼ାପର୍ବ *ବି.*** ଶିବ ଓ ଶକ୍ତି ଉପାସନା କୈନ୍ଦ୍ରିକ ବ୍ରତ – ଯେଉଁଥିରେ ବିଷୁବ ସଂକ୍ରାନ୍ତି ବେଳେ ଭୋକ୍ତା ପିଠିରେ କଣ୍ଟା ଫୋଡ଼ି ବାଉଁଶ ଖମ୍ବରେ ଲାଗିଥିବା ଓ ଭୂମି ସହିତ ସମାନ୍ତରାଳ ଦଣ୍ଡରେ ଝୁଲିଥାନ୍ତି ।

**ଉଡ଼ାରୋଗ *ବି.*** ଡିଆଁରୋଗ – ଯେଉଁ ରୋଗର ଜୀବାଣୁ ପବନ ସାହାଯ୍ୟରେ ସଂକ୍ରମିତ ହୋଇଥାନ୍ତି ।

**ଉଡ଼ିବା** ***କ୍ରି.*** ୧. ଆକାଶରେ ବା ଶୂନ୍ୟରେ ଗତି କରିବା ୨. ଦ୍ରୁତଗତିରେ ଯିବା ୩. ଅଦୃଶ୍ୟ ବା ବିଲୀନ ହେବା ୪. ରୋଗ ଡ଼େଇଁବା ।

**ଉଡ଼ିଯିବା** ***କ୍ରି.*** ୧. ରଙ୍ଗ, ବାସ୍ନା, ଜଳୀୟ ଅଂଶ, ତରଳ ପଦାର୍ଥ ପ୍ରଭୃତି ମୂଳ ବସ୍ତୁରୁ ବାହାରି ଯିବା ୨. ଟଙ୍କା ପଇସା ଖର୍ଚ୍ଚ ହୋଇଯିବା ୩. କୌଣସି କାର୍ଯ୍ୟ ସଫଳ ନ ହେବା ।

**ଉଡୁ** ***ବି.*** ନକ୍ଷତ୍ର, ତାରା ।

**ଉଡୁପ** ***ବି.*** ୧. ଡଙ୍ଗା ୧. ଭେଳା ୩. ଚନ୍ଦ୍ର ୪. ପଦାର୍ଥ ନେବା ଆଣିବାପାଇଁ ବ୍ୟବହୃତ ପାଣି ଉପରେ ଭାସମାନ ଯାନ ।

**ଉଡ଼େ** ***ବି.*** ଶୁଖିଲା ପାଗ, ଖରାଟିଆ ପାଗ, ବାଦଲ ଢ଼ାଙ୍କିନଥିବା ଦିନ ।

**ଉଡ୍ଡୀୟାନ** ***ବି.*** ପ୍ରାଚୀନ ଉଡ୍ର ଦେଶର ତନ୍ତ୍ରଶାଖା ।

**ଉଢ଼ଣା** ***ବି.*** ୧. ମୁହଁ ଢ଼ାଙ୍କିବା ବସ୍ତ୍ର, ଅବଗୁଣ୍ଠନ, ଓଢ଼ଣା, ଉପରାଣ ବସ୍ତ୍ର ୨. ଘୋଡ଼େଇ ହେବା ପାଇଁ ଚାଦର ଆଦି ।

**ଉଢ଼ିବା, ଓଢ଼ିବା** ***କ୍ରି.*** ୧. ଘୋଡ଼ାଇ ହେବା ୨. ପିନ୍ଧିବା ।

**ଉଢ଼ାଳ** ***ବି.*** ଆଢୁଆଳ, ଉହାଡ଼, ଅନ୍ତରାଳ, ଅନ୍ୟକେହି ଦେଖିପାରୁ ନଥିବା ସ୍ଥାନ ।

**ଉଢ଼ିବା** ***କ୍ରି.*** ୧. ଘୋଡ଼େଇ ହେବା ୨. ଲୁଗାକୁ ଦେହରେ ବେଢ଼ାଇ ହେବା ।

**ଉଢ଼େନ୍** ***ବି.*** ଘୋଡ଼ାଇ ହେବା ଚାଦର, ପୁଛ୍‌ରା ।

**ଉଣ୍ଡାଉଣ୍ଡି** ***ବି.*** ୧. ଛପିରହି ଦେଖିବା ୨. ଏକତ୍ର କରିବା ।

**ଉଣ୍ଡାଳିବା** ***କ୍ରି.*** ୧. ଅଣ୍ଡାଳିବା, ଦରାଣ୍ଡିବା ୨. ବିକଳରେ ଖୋଜିବା, ଏଣେତେଣେ ଖୋଜିବା ।

**ଉଣ୍ଡିବା** ***କ୍ରି.*** ୧. ଅନିଷା କରିବା ୨. ସନ୍ଧାନ ଉଦ୍ଦେଶ୍ୟରେ ଆଖି ବୁଲାଇବା ୩. ଠଉରାଇବା ୪. ଅଣ୍ଡା ଉଷୁମେଇବା ୫. କବାଟ, ଝରକା କଡ଼ରୁ ଭିତରକୁ ଚାହିଁବା, ଡୁଙ୍ଗିବା ।

**ଉତ୍‌କା** ***ବି.*** ଉପରକୁ ଡ଼େଇଁବା ।

**ଉତ୍‌କାଇବା** ***କ୍ରି.*** ବକଳା/ଚୋପା ପ୍ରଭୃତି ଖୋଲି ବା ରାମ୍ପି ବାହାର କରିବା ।

**ଉତ୍‌କିବା** ***କ୍ରି.*** ୧. ଉପରକୁ ଡିଆଁ ମାରିବା ୨. ଲେପ ଛାଡ଼ିଯିବା ୩. ପିଠା ଓଲଟାଇବା ୪. ଉଦ୍‌ବାର୍ଜିଆ ହେବା ।

**ଉତ୍‌କେନ୍ଦ୍ର** ***ବି.*** କେନ୍ଦ୍ର ଅପସାରୀ, କେନ୍ଦ୍ରରୁ ଦୂରେଇଯିବା ଅବସ୍ଥା ।

**ଉତ୍‌କେନ୍ଦ୍ରକ** ***ବିଂ.*** କେନ୍ଦ୍ରାପସାରୀ, ବିକେନ୍ଦ୍ରକ, କେନ୍ଦ୍ରତ୍ୟାଗୀ, ଉତ୍‌କେନ୍ଦ୍ରୀ ।

**ଉତ୍‌କେନ୍ଦ୍ର ଶକ୍ତି** ***ବି.*** କେନ୍ଦ୍ରାପସାରୀ ଶକ୍ତି, ଅପକେନ୍ଦ୍ରୀ ଶକ୍ତି ।

**ଉତ୍‌କ୍ରମ, ଉତ୍‌କ୍ରମଣ** ***ବି.*** ୧. ସୀମା ଲଙ୍ଘନ, ସୀମା ଅତିକ୍ରମ, ବ୍ୟତିକ୍ରମ ୨. ଉପରକୁ ଡ଼େଇଁବା, କୁଦିବା ୩. ନିର୍ଗମନ, ନିଃସରଣ ।

**ଉତ୍‌ଖନନ** ***ବି.*** ୧. ଖୋଳିବା କାମ, ଖୋଦନ କରିବା, ଖୋଳି ବାହାର କରିବା ୨. ସତ୍ୟ ଉଦ୍‌ଘାଟନ ।

**ଉତ୍‌ଖାତ** ***ବି.*** ୧. ଉପୁଡ଼ା ହୋଇଥିବା, ଉତ୍‌ପାଟିତ ୨. ବିଦାରିତ ।

**ଉତ୍‌ଥାନ** ***ବି.*** ୧. ଅଭ୍ୟୁଦୟ, ଉନ୍ନତି ୨.ଉଠିବା, ଠିଆହେବା ୩. ନିଦରୁ ଉଠିବା ।

**ଉତ୍‌ଥାପନ** ***ବି.*** ୧. ଟେକିବା, ଉପରକୁ ଉଠାଇବା ୨. ପ୍ରସ୍ତାବ ଆଣିବା, ପହିଲେ ପ୍ରସଙ୍ଗ ପକାଇବା, ଉପସ୍ଥାପନା, ପ୍ରସ୍ତାବନା ।

**ଉତ୍‌ଥିତ** ***ବିଂ.*** ଉଠିଥିବା, ଉଠି ସାରିଥିବା, ଉଠି ଠିଆହୋଇଥିବା ।

**ଉତ୍‌ପ୍ରେରକ** ***ବି.*** ବିଘଟକ ବା କାଟାଲିଷ୍ଟ୍, ଯେଉଁ ବାହାର ପଦାର୍ଥ ରାସାୟନିକ ପ୍ରତିକ୍ରିୟାର ହ୍ରାସ ବା ବୃଦ୍ଧିକରେ ଅଥଚ ନିଜେ ଅକ୍ଷୁଣ୍ଣ ରହେ ।

**ଉତ୍‌ପ୍ରେକ୍ଷା** ***ବି.*** ୧. ଅନୁମାନ, ବିତର୍କ, ତର୍କଣା ୨. ପ୍ରକୃତ ବସ୍ତୁର ଅପ୍ରକୃତ ବସ୍ତୁର ତର୍କଣାଜନିତ ଅର୍ଥାଳଙ୍କାର ।

**ଉତ୍‌ପ୍ଲାବନ** ***ବି.*** ବଢ଼ି ମାଡ଼ିଯିବା, ତରଳ ପଦାର୍ଥ ଉଛୁଳି ପଡ଼ିବା ।

**ଉତ୍‌ଫୁଲ୍ଲ** ***ବିଂ.*** ୧. ଆନନ୍ଦରେ ବିଭୋର, ଆନନ୍ଦିତ ୨. ବିକଶିତ ।

**ଉତ୍‌ଫୁଲ୍ଲତା** ***ବି.*** ଆନନ୍ଦଭାବ, ବିଭୋରତା ।

**ଉତ୍‌ରା** ***ବି.*** ୧. ଉତୁରିବା ୨. ଓହ୍ଲାଇବା, ଅବତରଣ, ତଳକୁ ଆସିବା ।

**ଉତ୍‌ରାଇବା** ***କ୍ରି.*** ୧. ଗାଈ ଗର୍ଭଧାରଣ କରିବା ୨. ଫୁଟାଇବା ।

**ଉତ୍‌ରାବା, ଉତାରିବା** ***କ୍ରି.*** ୧. ଅନ୍ୟର ଲେଖାକୁ ନକଲ କରିବା, ୨. ଅନ୍ୟକୁ ଉପରୁ ତଳକୁ ଆଣିବା ୩. ପୋଷାକ ପରିଚ୍ଛଦ ଓ ଗହଣାଦି କାଢ଼ିଦେବା ୪. ଫସଲ ଅମଳ କରିବା ୫. ଯୋଗ୍ୟଛାତ୍ର/ଶିଷ୍ୟ ପ୍ରଭୃତି ତିଆରିକରିବା । ।

**ଉତ୍‌ରେନ୍** ***ବି.*** ଗଡ଼ାଣି, ତଲ୍‌ଘରେନ୍ ।

**ଉତ୍‌କ୍ଷେପକ** ***ବିଂ.*** ଯେ ଉପରକୁ ଫିଙ୍ଗେ ।

**ଉତ୍‌କ୍ଷେପଣ** ***ବି.*** ଉପରକୁ କ୍ଷେପଣ କରିବା ବା ଫୋପାଡ଼ିବା ।

**ଉତଳା, ଉତାଲ** ***ବିଂ.*** ୧. ଅସ୍ଥିର, ବ୍ୟଗ୍ର, ଅଧୀର, ଚଞ୍ଚଳ, ଶୀଘ୍ର ଶୀଘ୍ର ୨. ପ୍ରବଳ ରୂପେ ବଢୁଥିବା ୩. ପ୍ରମତ୍ତ ; ***ବି.***ଉତ୍ସୁକତା, ଅଧିରତା ।

**ଉତାରିବା** ***କ୍ରି.*** ୧. ଲେଖିବା ୨. ନକଲ କରିବା ।

**ଉତିଆଣି** ***ବିଂ.*** ୧. ଦୁଧ ଖାଉଥିବା(ଶିଶୁ) ୨. ଅତି ସାନ ।

**ଉତିବା** ***କ୍ରି.*** ୧. କୌଣସି ତରଳ ପଦାର୍ଥ ପାତ୍ରର ବାହାରକୁ ଆସିବା, ଉତୁରିବା ୨. ଉଦ୍‌ବାର୍ଯ୍ୟ ହେବା ।

**ଉତୁକିରା** *ବି.* କଣାକରି ମାଟି ଭିତରେ ରହୁଥିବା ପୋକ ବିଶେଷ ।

**ଉତ୍ତୁ(ପ୍ଲୁ)ରାଣ, ଉତୁରି** *ବି.* ୧. ଉତ୍ତରୀୟ, ଚାଦର, ପାଛୁଡ଼ା, ଦେହର ଅଣ୍ଟା ଉପରକୁ ପିନ୍ଧା ବେଢ଼ାଣ, ଦୋସଡ଼ା ୨. ହରିନାମାବଳି ଲେଖାଥିବା ବସ୍ତ୍ର ୩. ନଅଖିଅ ପଇତାରୁ ଛଅଖିଅ ପଇତାକୁ ଛାଡ଼ି ବାକି ତିନିଖିଅ; *କ୍ରି.* ୧. କାଢ଼ିବା, ଓହ୍ଲାଇବା ୨. ନକଲ କରିବା ।

**ଉତୁରିବା, ଉତୁରିଯିବା** *କ୍ରି.* ୧. ଓହ୍ଲାଇବା, ଅବତୀର୍ଣ୍ଣ ହେବା ୨. ଦୁଧ ପ୍ରଭୃତି ଅଧିକ ଗରମ ହୋଇ ଉପରକୁ ଫୁଲିଉଠି ପାତ୍ର ବାହାରକୁ ବହିଯିବା ୩. ସଫଳ ହେବା ୪. ଫସଲ ଅମଳ ହେବା ୫. ଗର୍ବରେ ଫାଟିପଡ଼ିବା ୬. ବିପଦରୁ ଉଦ୍ଧାର ପାଇବା ।

**ଉତ୍କଟ** *ବିଂ.* ୧. ତୀବ୍ର, ଉଗ୍ର ୨. ଦୁଃସାଧ୍ୟ ୩. ଭୟାନକ ।

**ଉତ୍କଣ୍ଠ, ଉତ୍କଣ୍ଠିତ** *ବିଂ.* ୧. ଉଦବିଗ୍ନ ୨. ଉତ୍ସୁକ ୩. ବିଳମ୍ବ ହେତୁ ଧୈର୍ଯ୍ୟଚ୍ୟୁତ ।

**ଉତ୍କଣ୍ଠା** *ବି.* ୧. ଉତ୍ସୁକତା ୨. ବିଳମ୍ବ ଯୋଗୁ ଉଦ୍‌ବେଗ, ପରବର୍ତ୍ତୀ ଘଟଣା ବା ସତ୍ୟ ଜାଣିବାପାଇଁ ଅତିଶୟ ଆଗ୍ରହ ।

**ଉତ୍କଣ୍ଠିତା** *ବିଂ.* ପ୍ରିୟ ପୁରୁଷର ଆଗମନକୁ ଅପେକ୍ଷାମାଣା ।

**ଉତ୍କର୍ଣ୍ଣ** *ବିଂ.* କାନଡ଼େରି ଶୁଣିବାକୁ ବ୍ୟଗ୍ର, କାନ ଡେରିଥିବା ।

**ଉତ୍କଳ** *ବି.* ଓଡ଼ିଶାର ଅନ୍ୟତମ ପ୍ରାଚୀନ ନାମ ।

**ଉତ୍କଳ ଭାଷା** *ବି.* ଓଡ଼ିଶାର ଜନସମୁଦାୟଙ୍କର ଭାଷା, ଓଡ଼ିଆ ।

**ଉତ୍କଳିକା** *ବିଂ.* ୧. ଢେଉ, ଲହରୀ ୨. ଫୁଲର କଢ଼ ।

**ଉତ୍କଳୀୟ** *ବିଂ.* ୧. ଓଡ଼ିଆ, ଓଡ଼ିଆଭାଷୀ ୨. ଉତ୍କଳୀ, ଉତ୍କଳ ବା ଓଡ଼ିଶା ସମ୍ବନ୍ଧିତ ।

**ଉତ୍କର୍ଷ** *ବି.* ୧. ଶ୍ରେଷ୍ଠତା ୨. ବୃଦ୍ଧି ୩.ଉନ୍ନତି ।

**ଉତ୍କର୍ଷଣ** *ବି.* ୧. ଟାଣିନେବା ୨. ଅପସାରଣ ।

**ଉତ୍କୀର୍ଣ୍ଣ** *ବିଂ.* ଯାହା ଖୋଦେଇ ହୋଇଛି, ଖୋଳା, ଖୋଦିତ ।

**ଉତ୍କୂଳ** *ବିଂ.* ୧. କୂଳ ଲଙ୍ଘିବା ଅବସ୍ଥା ୨. ଘରଛଡ଼ା ।

**ଉତ୍କୂଳିତ** *ବିଂ.* ୧. କୂଳକୁ ଲଂଘିଥିବା ୨. ଉଛୁଳିଥିବା, ଉଛୁଳା, ସୀମା ଟପିବାପାଇଁ ଉଦ୍ୟତ ।

**ଉତ୍କୃଷ୍ଟ** *ବିଂ.* ସବୁଠାରୁ ଭଲ, ଶ୍ରେଷ୍ଠ, ଉତ୍ତମ ।

**ଉତ୍କୋଚ** *ବି.* କାର୍ଯ୍ୟ ସମ୍ପାଦନପାଇଁ ଅନ୍ୟଠାରୁ ଅର୍ଥ ବା ପଦାର୍ଥ ଗ୍ରହଣ, ଲାଞ୍ଚ, ରିସ୍‌ପତ୍, ଘୁଷ୍, ଅଣ୍ଟାଗୁଞ୍ଜା ।

**ଉତ୍ତପ୍ତ** *ବିଂ.* ୧. ଅଧିକ ତାତିଲା, ଅତି ଗରମ, ତତଲା, ତପ୍ତ୍ଲା ୨. ଉତ୍ତେଜିତ ୩. ଗରମ କରାଯାଇଥିବା ।

**ଉତ୍ତମ** *ବିଂ.* ୧. ଭଲ, ଶ୍ରେଷ୍ଠ, ଉତ୍କୃଷ୍ଟ ୨. ଉପାଦେୟ ; *ଅ.* ଆଚ୍ଛା, ଭଲ, ବେଶ୍ ।

**ଉତ୍ତମପୁରୁଷ** *ବି.* ୧. ପ୍ରଥମ ପୁରୁଷ (ବ୍ୟାକରଣ) ୨. ଶ୍ରେଷ୍ଠ ବ୍ୟକ୍ତି ।

**ଉତ୍ତମମଧ୍ୟମ** *ବି.* ୧. ଶ୍ରେଷ୍ଠ ଓ ଶ୍ରେଷ୍ଠରୁ ନିଉନ ୨. ମାଡ଼, ଛେଚା ।

**ଉତ୍ତମର୍ଣ୍ଣ** *ବି.* ସାହୁକାର, ମହାଜନ, ଋଣଦାତା ।

**ଉତ୍ତମା** *ବିଂ.* ୧. ସ୍ୱାମୀଅନୁରକ୍ତା ୨. ପରମା ୩. ସର୍ବଗୁଣସମ୍ପନ୍ନା ।

**ଉତ୍ତମାଙ୍ଗ** *ବି.* ଦେହର ଶ୍ରେଷ୍ଠ ଅଙ୍ଗ, ମସ୍ତକ, ଶିର, ମୁଣ୍ଡ ।

**ଉତ୍ତର** *ବି.* ୧. ପ୍ରଶ୍ନର ଜବାବ ୨. ଚିଠି ବା ଡାକର ଜବାବ ୩. ଦିଗ ବିଶେଷ ; *ବିଂ.*୧. ପରବର୍ତ୍ତୀ ୨. ଶ୍ରେଷ୍ଠ ୩. ଭବିଷ୍ୟତ ।

**ଉତ୍ତରକାଣ୍ଡ, ଉତ୍ତରାକାଣ୍ଡ** *ବି.* ରାମାୟଣର ସପ୍ତମ ଓ ଶେଷ ଭାଗ ।

**ଉତ୍ତରକାଳ** *ବି.* ଭବିଷ୍ୟତ, ଆଗାମୀ ସମୟ ।

**ଉତ୍ତରକ୍ରିୟା** *ବି.* ମୃତ୍ୟୁକାଳୀନ ସଂସ୍କାର କାର୍ଯ୍ୟ, ଅନ୍ତ୍ୟେଷ୍ଟିକ୍ରିୟା ।

**ଉତ୍ତରଖଣ୍ଡ** *ବି.* ପରବର୍ତ୍ତୀ ଖଣ୍ଡ ।

**ଉତ୍ତରଙ୍ଗ** *ବିଂ.* ଉଚ୍ଚା ଲହରୀପୂର୍ଣ୍ଣ ।

**ଉତ୍ତରଣ** *ବି.* ୧. ଆରୋହଣ, ଉପରକୁ ଉଠିବା ୨. ଅତିକ୍ରମ କରିବା, ପାରିହେବା ; *ବିଂ.* ଉତ୍ତୀର୍ଣ୍ଣ ।

**ଉତ୍ତରଦାୟାଦ** *ବି.* ୧. ପରବର୍ତ୍ତୀ ପୀଢ଼ି ୨. ବଂଶଧର ।

**ଉତ୍ତରଦାୟିତ୍ୱ** *ବି.* କୌଣସି କାର୍ଯ୍ୟ ସମ୍ପାଦନ ଏବଂ ତାର ପରବର୍ତ୍ତୀ ଅବସ୍ଥାପାଇଁ ଦାୟୀ ରହିବା ବା ଦାୟିତ୍ୱ ନେବା ।

**ଉତ୍ତରଦାୟୀ** *ବି.ବିଂ.* ୧. କୌଣସି କାର୍ଯ୍ୟ ଓ ତା'ର ପରିଣତିପାଇଁ ଦାୟୀ ରହିବା ବା ରହୁଥିବା ୨. ଉତ୍ତର, ସ୍ପଷ୍ଟୀକରଣ ବା କୈଫିଅତ୍ ଦେବାପାଇଁ ଦାୟୀ କର୍ମକର୍ତ୍ତା ।

**ଉତ୍ତରଳ** *ବିଂ.* ୧. ଅତି ଚଞ୍ଚଳ ୨. ଉତୁରୁଥିବା ୩. ଥରୁଥିବା ।

**ଉତ୍ତରସାଧକ** *ବି.* ପୂର୍ବବର୍ତ୍ତୀ ସାଧକଙ୍କ ଅନୁସରଣକାରୀ ବ୍ୟକ୍ତି, ଆଗରୁ ଆରମ୍ଭ କରାଯାଇଥିବା କାର୍ଯ୍ୟକୁ ଆଗେଇ ନେଉଥିବା ଲୋକ ।

**ଉତ୍ତରସାକ୍ଷୀ** *ବି.* ଯେ ପରମୁହଁରୁ ଘଟଣା ଶୁଣି ସାକ୍ଷ୍ୟ ଦିଏ, ସଫେଇ ସାକ୍ଷୀ ।

**ଉତ୍ତରା** *ବି.* ଉତ୍ତରଦିଗରୁ ବହୁଥିବା ପବନ ; *ବିଂ.* ୧. ନକଲ କରାଯାଇଥିବା ୨. ଉତ୍ତର ଦିଗ ସମ୍ପର୍କୀୟ ।

**ଉତ୍ତରା କାଣ୍ଡ** *ବି.* ଉତ୍ତରକାଣ୍ଡ, ରାମାୟଣର ସପ୍ତମ କାଣ୍ଡ ।

**ଉତ୍ତରାଧିକାର** *ବି.* ପୈତୃକ ଅଧିକାର, ବଂଶସୂତ୍ରରେ ଲାଭ କରିଥିବା ସମ୍ପତ୍ତିର ଆଇନଗତ ଅଧିକାର, ଓ୍ୱାରିସ ସ୍ୱତ୍ତ୍ୱ ।

**ଉତ୍ତରାଧିକାରୀ** *ବି.* ପୈତୃକ ବା ବଂଶଗତ ସମ୍ପତ୍ତିର ଆଇନଗତ ଅଧିକାର ପାଇଥିବା ବ୍ୟକ୍ତି, ଓ୍ୱାରିସ୍ ।

**ଉତ୍ତରା ଫାଲ୍‌ଗୁନୀ** ***ବି.*** ନକ୍ଷତ୍ର ବିଶେଷ, ଦ୍ୱାଦଶ ନକ୍ଷତ୍ର ।

**ଉତ୍ତରାୟଣ** ***ବି.*** ଡିସେମ୍ବର ୨୨ ତାରିଖରୁ ଜୁନ୍ ୨୧ ତାରିଖ ପର୍ଯ୍ୟନ୍ତ ସୂର୍ଯ୍ୟର କ୍ରମଶଃ ଉତ୍ତର ଦିଗକୁ ଗତି ; (ମତାନ୍ତରେ ମକର ସଂକ୍ରାନ୍ତି ଠାରୁ କର୍କଟ ସଂକ୍ରାନ୍ତି ପର୍ଯ୍ୟନ୍ତ) ସୂର୍ଯ୍ୟଙ୍କର ବିଷୁବରେଖାର ଉତ୍ତରକୁ ଗମନ।

**ଉତ୍ତରାଶା** ***ବି.*** ୧. ଉତ୍ତର ଦିଗ ୨. ଭବିଷ୍ୟତପାଇଁ ଆଶା ।

**ଉତ୍ତରାଷାଢ଼ା** ***ବି.*** ଜ୍ୟୋତିଃଶାସ୍ତ୍ରରେ ଉଲ୍ଲିଖିତ ସତେଇଶି ସଂଖ୍ୟକ ନକ୍ଷତ୍ର ମଧ୍ୟରେ ଏକୋଇଶତମ ।

**ଉତ୍ତରୀ,ଉତ୍ତରୀୟ** ***ବି.*** ୧. ଚାଦର, ଓଢ଼ଣି, ଉପୁରାଣ, ଓଡ଼ା ୨. ପଇତା ।

**ଉତ୍ତରୋତ୍ତର** ***ବିଂ.*** ଅଧିକତର, ଉଚ୍ଚତର; ***କ୍ରି.ବିଂ.*** କ୍ରମେ କ୍ରମେ, ପଛକୁ ପଛ, ଆହୁରି ଆହୁରି, ଅଧିକରୁ ଅଧିକ ।

**ଉତ୍ତଳ** ***ବିଂ.*** ୧. ଉନ୍ନତ ତଳ ୨. ଯବକାଚ ବିଶେଷ ।

**ଉତ୍ତଳ ଯବକାଚ** ***ବି.*** ଗୋଟିଏ ପାଖ ଉଚ୍ଚ ଥିବା ଯବକାଚ ବା ଲେନ୍‌ସ, କନକେଭ୍ ଲେନ୍‌ସ ।

**ଉତ୍ତାନ** ***ବିଂ.*** ଚିତ୍, ଉର୍ଦ୍ଧ୍ୱମୁଖରେ ସ୍ଥିତ, ଛେତ୍‌କା।

**ଉତ୍ତାନପାଦ** ***ବି.*** ୧. ଉର୍ଦ୍ଧ୍ୱମୁଖୀଥିବା ପାଦ ୨. ଜ୍ଞାନୀ ।

**ଉତ୍ତାନମୁଖ** ***ବିଂ.*** ଉପରକୁ ମୁହଁ କରିଥିବା ବ୍ୟକ୍ତି ।

**ଉତ୍ତାନଶାୟୀ** ***ବିଂ.*** ମୁହଁ ଉପରକୁ କରି ବା ଚିତ୍‌ହୋଇ ଶୋଇଥିବା ।

**ଉତ୍ତାପ** ***ବି.*** ତାତି, ଗରମ, ଉଷ୍ଣତା ।

**ଉତ୍ତାରୁ, ଉତ୍ତାରେ** ***ଅ.*** ପରେ, ପଛେ ।

**ଉତ୍ତାଳ** ***ବିଂ.*** ୧. ଅତିଉଚ୍ଚ ୨. ଉନ୍ନତ ।

**ଉତ୍ତାଳିଆ** ***ବିଂ.*** ୧. ଚଗଲା, ଦୁଷ୍ଟା ୨. ଅଧୀର ।

**ଉତ୍ତାଲା** ***ବିଂ.*** ୧. ଅଧୀର ୨. ଉଚ୍ଛନ୍ନ ।

**ଉତ୍ତେଜକ** ***ବିଂ.*** ଯାହା ମନ ଓ ଦେହରେ ଉତ୍ତେଜନା ସୃଷ୍ଟିକରେ, ଉଦ୍ଦୀପକ, ଯେ ମତାଏ, ଯେ ତେଜାଏ, ଯେ ଟିହାଏ ।

**ଉତ୍ତେଜନା** ***ବି.*** ୧. ଉତ୍ତ୍ୟକ୍ତ ଅବସ୍ଥା ୨. କ୍ରୋଧ ୩. ଉତ୍ସାହ, ଉତ୍ସାହିତ ଅବସ୍ଥା, ଉଦ୍ଦୀପନ ୪. ମତାଇବା, ପ୍ରବର୍ତ୍ତନ, ଟିହାଣ, ଟେହିବା, ଉସୁକାଣ ।

**ଉତ୍ତେଜିତ** ***ବିଂ.*** ୧. ଉତ୍ତ୍ୟକ୍ତ ୨. କ୍ରୁଦ୍ଧ, ରାଗି ଯାଇଥିବା ୩. କ୍ରୋଧ, କାମନା ପ୍ରଭୃତିଯୋଗୁଁ ଅସ୍ଥିର ବା ଆତୁର।

**ଉତ୍ତୋଳକ** ***ବିଂ.*** ଯେ ଉପରକୁ ଟେକେ ବା ଉଠାଏ ।

**ଉତ୍ତୋଳକ ଯନ୍ତ୍ର** ***ବି.*** ଭାରି ପଦାର୍ଥକୁ ଉପରକୁ ଉଠାଇବା କଳ, କ୍ରେନ୍, କପିକଳ, ଭାରଦଣ୍ଡ ।

**ଉତ୍ତୋଳନ** ***ବି.*** ଟେକିବା, ଉପରକୁ ଉଠାଇବା ।

**ଉତ୍ତ୍ୟକ୍ତ** ***ବିଂ.*** ୧. ରାଗରେ ପରିତ୍ୟାଗ କରାଯାଇଥିବା ୨. କ୍ରୁଦ୍ଧ, ଉତ୍ତେଜିତ, ରାଗିଯାଇଥିବା ।

**ଉତ୍ପତ୍ତି** ***ବି.*** ଜନ୍ମ, ଆବିର୍ଭାବ, ଉଦ୍ଗମ, ସୃଷ୍ଟି, ଆରମ୍ଭ ।

**ଉତ୍ପନ୍ନ** ***ବିଂ.*** ୧. ଜାତ ୨. ଉଦ୍ଗତ ୩. ସୃଷ୍ଟ ।

**ଉତ୍ପନ୍ନ** ***ବି.*** ୧. କ୍ଷେତ ବା ବୃକ୍ଷରୁ ମିଳିଥିବା ଫଳାଦି ୨. ଅମଳ ୩. ଆୟ, ବାର୍ଷିକ ଆୟ ୪. ଶିଳ୍ପଜାତ ଦ୍ରବ୍ୟ ।

**ଉତ୍ପଳ** ***ବି.*** ୧. କଇଁଫୁଲ ୨. ପଦ୍ମ, ସରୋଜ ।

**ଉତ୍ପାଟକ** ***ବିଂ.*** ୧. ଯେ ମୂଳ ସହିତ ଓପାଡ଼ି ଦିଏ ୨. ବିନାଶକାରୀ, ସମୂଳେ ଧ୍ୱଂସକାରୀ ।

**ଉତ୍ପାଟନ** ***ବି.*** ୧. ମୂଳ ସହିତ ଉପାଡ଼ିବା ୨. ବିନାଶ କରିବା ।

**ଉତ୍ପାଟିତ** ***ବିଂ.*** ୧. ଯାହା ଉପୁଡ଼ା ଯାଇଛି ୨. ନଷ୍ଟ କରାଯାଇଥିବା ।

**ଉତ୍ପାତ** ***ବି.*** ୧. ଉପଦ୍ରବ ୨. ଦୈବୀ ବା ପ୍ରାକୃତିକ ଦୁର୍ଘଟଣା ।

**ଉତ୍ପାତିଆ** ***ବିଂ.*** ଦୁଷ୍ଟ, ବଦମାସିଆ, ଉତ୍ପାତକାରୀ, ହଇରାଣ କରୁଥିବା ।

**ଉତ୍ପାଦକ** ***ବିଂ.*** ଯେ ଉତ୍ପାଦନ ବା ତିଆରି କରେ, ଉତ୍ପତ୍ତିକାରକ, ଜନ୍ମ କରାଉଥିବା; ***ବି.*** ୧.(ଗଣିତ) ମୌଳିକ ଗୁଣନୀୟକ ୨. ଜନ୍ମକର୍ତ୍ତା ।

**ଉତ୍ପାଦନ** ***ବି.*** ୧. ଜନ୍ମାଇବା ୨. ଅମଳ ୩. କାରଖାନା ପ୍ରଭୃତିରୁ ତିଆରି ପଦାର୍ଥ ।

**ଉତ୍ପୀଡ଼କ** ***ବିଂ.*** ଉପଦ୍ରବକାରୀ, ଅତ୍ୟାଚାରୀ, ଯେ ଅତ୍ୟନ୍ତ କ୍ଳେଶ ଦିଏ ।

**ଉତ୍ପୀଡ଼ନ** ***ବି.*** ୧. କ୍ଳେଶଦାନ, ନିର୍ଯାତନା, ନିଗ୍ରହ ୨. ଉପଦ୍ରବ, ଉତ୍ପାତ, ଅତ୍ୟାଚାର ।

**ଉତ୍ସ** ***ବି.*** ୧. ଝରଣା, ପ୍ରସ୍ରବଣ ୨. ମୂଳ, ଉତ୍ପତ୍ତିସ୍ଥଳ ।

**ଉତ୍ସଙ୍ଗ** ***ବି.*** ୧. ପର୍ବତର ଢାଲୁ, ଅଧିତ୍ୟକା, ଗିରିସାନୁ ୨. ଖୋଲ ୩. ପର୍ବତର ଅଗ୍ରଭାଗ ୪. କୋଳ ।

**ଉତ୍ସବ** ***ବି.*** ଆନନ୍ଦଜନକ ଆନୁଷ୍ଠାନିକ ମଉଜ ଓ ଆମୋଦପୂର୍ଣ୍ଣ କାର୍ଯ୍ୟକ୍ରମ, ମେଳା, ଉଚ୍ଛବ ।

**ଉତ୍ସର୍ଗ** ***ବି.*** ୧. ସତ୍ ଉଦ୍ଦେଶ୍ୟରେ ଅର୍ପଣ ୨. ଦେବତାଙ୍କୁ ନିବେଦନ ୩. ତ୍ୟାଗ, ଦାନ ୪. ସଂକଳ୍ପ ବା ପାଣି ଛଡ଼ାଇବା ।

**ଉତ୍ସର୍ଗପତ୍ର** ***ବି.*** ବହିର ଆରମ୍ଭରେ କାହାକୁ ସମର୍ପଣ କରାଯାଇ ଲେଖାଯାଇଥିବା ପୃଷ୍ଠା ।

**ଉତ୍ସାହ ବି.** ୧. କାମପ୍ରତି ଆଗ୍ରହ ୨. ପ୍ରେରଣା ୩. ଉଦ୍ୟମ, ଉଦ୍‌ଯୋଗ, ତତ୍ପରତା, ପ୍ରଯତ୍ନ ୪. ବୀରରସର ସ୍ଥାୟିଭାବ ।

**ଉତ୍ସାହକ ବିଂ.** ଯେ ଉତ୍ସାହ ଦିଏ, ପ୍ରେରଣାଦାତା ।

**ଉତ୍ସାହନ ବି.** ପ୍ରେରଣା ଦାନ, ପ୍ରଚୋଦନା ପ୍ରଦାନ ।

**ଉତ୍ସାହିତ ବିଂ.** ଆଗ୍ରହାନ୍ୱିତ, ଆଗ୍ରହୀ, ତତ୍ପର ।

**ଉତ୍ସାହୀ ବିଂ.** ଉଦ୍ୟମଶୀଳ, ଆଗ୍ରହୀ, ତତ୍ପର ।

**ଉତ୍ସୁକ ବିଂ.** ୧. ବିଶେଷ ଉଦ୍‌ଯୋଗୀ ୨. ବ୍ୟଗ୍ର ୩. ଅତ୍ୟନ୍ତ ତତ୍ପର ୪. ଆଗ୍ରହାନ୍ୱିତ, ଉତ୍କଣ୍ଠିତ ।

**ଉତ୍ସୁକତା ବି.** ବ୍ୟଗ୍ରତା, ତତ୍ପରତା, ଆଗ୍ରହ, ଉତ୍କଣ୍ଠା ।

**ଉତ୍ସୃଷ୍ଟ ବିଂ.** ନିବେଦିତ, ପ୍ରଦତ୍ତ, ସତ୍ ଉଦ୍ଦେଶ୍ୟରେ ଅର୍ପିତ ୨. ତ୍ୟକ୍ତ ।

**ଉଦ୍‌ଗତ ବିଂ.** ୧. ବାହାରି ଆସିଥିବା, ବହିର୍ଗତ; ୨. ଉତ୍ପନ୍ନ ୩. ଉଠିଥିବା, ଉତ୍‌ଥିତ ।

**ଉଦ୍‌ଗତି ବି.** ୧. ଉପରକୁ ଗତି ୨. ଉପରକୁ ଦେଖାଯିବା, ବାହାରକୁ ବାହାରିବା ।

**ଉଦ୍‌ଗମ ବି.** ୧. ଗଜାହେବା ୨. ରୋମାଦି ଟାଙ୍କୁରିବା ୩. ଉତ୍‌ଥାନ, ଉଦ୍‌ଭବ ।

**ଉଦ୍‌ଗାତା ବିଂ.** ଯେ ଉଚ୍ଚ ସ୍ୱରରେ ଗାଏ, ଉଚ୍ଚସ୍ୱରରେ ଗାନକର୍ତ୍ତା ; **ବି.** ସାମବେଦ ଗାୟକ ।

**ଉଦ୍‌ଗାର ବି.** ୧. ଭିତରୁ ବାହାରି ଆସିବା ୨. ବାନ୍ତି ୩. ହାକୁଟି ।

**ଉଦ୍‌ଗାରିବା କ୍ରି.** ୧. ବାନ୍ତିକରିବା, ଗାଳି ପକାଇବା ୨. ପଦାକୁ ବାହାରକରିବା ।

**ଉଦ୍‌ଗାରୀ ବିଂ.** ବାନ୍ତି କରୁଥିବା ।

**ଉଦ୍‌ଗିରଣ ବି.** ଉଦ୍‌ଗାର ।

**ଉଦ୍‌ଗୀତ ବିଂ.** ଉଚ୍ଚସ୍ୱରରେ ଗାନ କରାଯାଇଥିବା ।

**ଉଦ୍‌ଗୀତି ବି.** ଗାନ, ଗୀତ ।

**ଉଦ୍‌ଗୀର୍ଣ୍ଣ ବିଂ.** ୧. ବାନ୍ତି ହୋଇଥିବା ୨. ଉତ୍‌କ୍ଷିପ୍ତ ।

**ଉଦ୍‌ଗ୍ରୀବ ବିଂ.** ୧. ଯେ ବେକକୁ ଟେକିଥାଏ ୨. ଅତ୍ୟନ୍ତ ଆଗ୍ରହାନ୍ୱିତ, ଉତ୍କଣ୍ଠିତ ।

**ଉଦ୍‌ଘାଟକ ବିଂ.** ଯେ ନୂଆକରି ଅନୁଷ୍ଠିତ କାର୍ଯ୍ୟକୁ ଉଦ୍‌ଘାଟନ କରେ, ଯେ ଅନାବରଣ କରେ ବା ଖୋଲେ, ଉନ୍ମୋଚନ କରେ ।

**ଉଦ୍‌ଘାଟନ ବି.** ୧. ଉନ୍ମୋଚନ, ଖୋଲିବା, ଅନାବରଣ କରିବା ୨. ବାହାର କରିବା ୩. ପ୍ରକାଶ କରିବା ।

**ଉଦ୍‌ଘାଟିତ ବିଂ.** ୧. ଉନ୍ମୋଚିତ ୨. ପ୍ରକାଶିତ ୩. ଅଭିବ୍ୟକ୍ତ ।

**ଉଦ୍‌ଘୋଷକ ବିଂ. ବି.** ଦେଖୁଥିବା ଦୃଶ୍ୟକୁ ତୁଣ୍ଡରେ କହୁଥିବା, ଘୋଷଣାକାରୀ, ସମ୍ବାଦାଦି ପରିବେଷକ ।

**ଉଦ୍‌ଘୋଷଣ ବି.** ଉଚ୍ଚସ୍ୱରରେ ସର୍ବ ସାଧାରଣରେ ଜଣାଇବା, ଉଚ୍ଚସ୍ୱରରେ ପ୍ରକାଶ, ବିଜ୍ଞାପନ ।

**ଉଦ୍‌ଘୋଷିକା ବି.** କୌଣସି ଦୃଶ୍ୟ ଅଥବା ପ୍ରସଙ୍ଗକୁ ଅନ୍ୟମାନଙ୍କ ପାଖରେ କହୁଥିବା ନାରୀ ।

**ଉଦ୍‌ଜାନ ବି.** ଏକ ମୌଳିକ ଓ ଦହନଶୀଳ ବାଷ୍ପ, ହାଇଡ୍ରୋଜେନ୍ ।

**ଉଦ୍‌ଜାନ ବୋମା ବି.** ଭାରୀ ଉଦ୍‌ଜାନ ଓ ଟ୍ରାଇଟିୟମ ମିଶ୍ରଣରେ ପ୍ରସ୍ତୁତ ଏକ ଶକ୍ତିଶାଳୀ ଧ୍ୱଂସକାରୀ ଅଣୁ ଅସ୍ତ୍ର, ହାଇଡ୍ରୋଜେନ୍ ବୋମା ।

**ଉଦ୍‌ବତୀ ବି.** ଧୂପକାଠି, ଧୂପବତୀ, ଅଗରବତୀ ।

**ଉଦ୍‌ବର୍ତ୍ତନ ବି.** ୧. ବିକାଶକ୍ରମ ୨. ଓଲଟପାଲଟ ୩. ଆଉଟିବା ୪. ଦେହ ମାଲିସକରିବା ୫. ଉପରକୁ ଉଠିବା ।

**ଉଦ୍‌ବର୍ତ୍ତିତ ବିଂ.** ୧. ଓଲଟପାଲଟ ହୋଇଥିବା ୨. ଆଉଟା ଯାଇଥିବା ୩. ଉପରକୁ ଉଠିଥିବା ।

**ଉଦ୍‌ବାୟୀ ବିଂ.** ୧. ଯାହା ବାୟୁରେ ପରିଣତ ହୁଏ ୨. ପବନ ବା ଉତ୍ତାପ ସଂସ୍ପର୍ଶରେ ବାଷ୍ପରେ ପରିଣତ ହୋଇଯାଉଥିବା ।

**ଉଦ୍‌ବାର୍ଯ୍ୟ ବିଂ.** ଅତି ଉଦ୍ଧତ, ଉଚ୍ଛୃଙ୍ଖଳ, ଉଦ୍‌ବାର୍ଯିଆ, ଅମାନିଆ, ଅବୀଜା ।

**ଉଦ୍‌ବାସ୍ତୁ ବିଂ.** ୧. ଗୃହହୀନ, ନିଜ ଭିଟାମାଟିରୁ ବେଦଖଲ କରାଯାଇଥିବା, ବାସ୍ତୁହରା, ସର୍ବହରା ୨. ଅତି ଦରିଦ୍ର, ଗୃହଶୂନ୍ୟ, ଠା' ଶୂନ୍ୟ । ।

**ଉଦ୍‌ବାହ ବି.** ନାରୀ ଓ ପୁରୁଷ ମଧ୍ୟରେ ସାର୍ବକାଳିକ ସମ୍ପର୍କ, ବିବାହ, ପରିଣୟ ।

**ଉଦ୍‌ବାହୁ ବିଂ.** ଯାହାର ବାହୁ ଉପରକୁ ଟେକା ହୋଇଛି, ଊର୍ଦ୍ଧ୍ୱବାହୁ ।

**ଉଦ୍‌ବିଗ୍ନ ବିଂ.** ଉତ୍କଣ୍ଠିତ, ବ୍ୟସ୍ତଚଞ୍ଚଳ, ବିଚଳିତ ।

**ଉଦ୍‌ବିଗ୍ନତା ବି.** ଉଦ୍‌ବେଗ, ବିଚଳିତ ମାନସିକତା, ଅସ୍ଥିରମନ ।

**ଉଦ୍‌ବିଗ୍ନମନା ବିଂ.** ଉତ୍କଣ୍ଠିତ, ବ୍ୟତିବ୍ୟସ୍ତ, ବିବ୍ରତ ।

**ଉଦ୍‌ବୁଦ୍ଧ ବିଂ.** ୧. ଯାହାର ଜ୍ଞାନ ଆସିଛି ୨. ବିକଶିତ ୩. ଅନୁସୃତ ୪. ଅନୁପ୍ରାଣିତ ।

**ଉଦ୍‌ବୃତ୍ତ ବିଂ.** ବଳକା, ଅବଶିଷ୍ଟ, ବାକିଆ, ବଳିପଡ଼ିଥିବା ।

**ଉଦ୍‌ବେଗ ବି.** ଉତ୍କଣ୍ଠା; ମନର ଆବେଗ, କ୍ଷୋଭ, ଆକୁଳତା, ଚଞ୍ଚଳତା, ଆତୁରତା, ତତ୍ପରତା ।

**ଉଦ୍‌ବେଳ, ଉଦ୍‌ବେଳିତ ବିଂ.** ୧. ଉଚ୍ଛଳିତ, ସୀମାତିକ୍ରାନ୍ତ, ଉଚ୍ଛୁଳା ୨. କୂଳକୁ ଯାହା ମାଡ଼ିଯାଇଥାଏ, ଉତ୍‌କୂଳ ।

**ଉଦ୍‌ବୋଧ ବି.** ୧. ଚେତନାର ଉଦୟ ୨. ସ୍ମରଣ ।

**ଉଦ୍‌ବୋଧକ ବିଂ.** ସ୍ମାରକ, ଯାହା ଚେତନାର ଉଦ୍ରେକ କରେ, ଜ୍ଞାନ ଉତ୍ପାଦକ, ଉତ୍ତେଜକ, ଯେ ନିଦ ଭଙ୍ଗାଏ ।

**ଉଦ୍‌ବୋଧନ ବି.** ୧. ଚେତନାର ସଞ୍ଚରଣ, ସ୍ମରଣରେ ଅଣାଇବା, ଜାଗରଣ, ବୋଧ ଜନ୍ମାଇବା ୨. ନିଦରୁ ଉଠାଇବା ।

**ଉଦ୍‌ବୋଧନୀ ବିଂ.** ଉଦ୍‌ବୋଧନକାରୀ, ଜାଗରିଣୀ ।

**ଉଦ୍‌ମା ବିଂ.** ଖୋଲା, ମୁକ୍ତ (ଦେହ)।

**ଉଦ୍‌ଯାପନ ବି.** କାର୍ଯ୍ୟର ଶେଷ, ନିର୍ବାହ, ସମାପନ, ଉଜୁଆଁ ।

**ଉଦ୍‌ଯାପିତ ବିଂ.** ଶେଷ ହୋଇଥିବା, ସମାପ୍ତିପ୍ରାପ୍ତ ।

**ଉଦ୍‌ଯୋକ୍ତୃ,ଉଦ୍ୟୋକ୍ତା ବିଂ.** ୧. ଯେ ଆୟୋଜନ ବା ଯୋଗାଡ଼ କରେ, ୨. ଚେଷ୍ଟାବାନ୍, ଉଦ୍ୟମୀ ।

**ଉଦ୍‌ଯୋଗ ବି.** ଚେଷ୍ଟା, ଉଦ୍ୟମ, ଆୟୋଜନ, ଯୋଗାଡ଼, ପ୍ରସ୍ତୁତ କରିବା, ପ୍ରାରମ୍ଭିକତା ।

**ଉଦ୍‌ଯୋଗୀ,ଉଦ୍ୟୋଗୀ ବିଂ.** କାର୍ଯ୍ୟକରିବାପାଇଁ ଆଗ୍ରାହୀ, ଉଦ୍ୟମୀ, ଚେଷ୍ଟାବାନ୍, ଉତ୍ସାହୀ, ଉଦ୍‌ଯୋଗଶୀଳ, ଅଧ୍ୟବସାୟୀ।

**ଉଦ୍‌ଲିଆ ବି.** ସାମାଜିକ ଅନୁମୋଦନ ବିନା ଦୁଇ ଯୁବକ ଓ ଯୁବତୀଙ୍କ (ପ୍ରେମିକ-ପ୍ରେମିକାଙ୍କ) ସ୍ଥାୟୀ ପଳାୟନ ।

**ଉଦ୍‌ଲିବା, ଉଧିଲିବା କ୍ରି.** ୧. ଡିଆଁ ମାରିବା ୨. ଡିଆଁଡେଇଁ କରିବା ।

**ଉଦକ ବି.** ପାଣି, ପାନି, ପାଏନ୍, ଜଳ ।

**ଉଦଗ୍ର ବିଂ.** ୧. ତୀବ୍ର, ଉତ୍କଟ ୨. ଉଚ୍ଚ, ଊର୍ଦ୍ଧ୍ୱାଭିମୁଖୀ ।

**ଉଦଧି ବି.** ସମୁଦ୍ର, ସାଗର, ପାରାବାର ।

**ଉଦନ୍ତ ବି.** ଖବର, ସମ୍ବାଦ, ବାର୍ତ୍ତା, ବୃତ୍ତାନ୍ତ ।

**ଉଦୟ ବି.** ୧. ଉଇଁବା, ଆବିର୍ଭାବ ୨. ଉପରକୁ ଉଠିବା ୩. ଉନ୍ନତି ୪. ପ୍ରଥମ ପ୍ରକାଶ ୫. ଉତ୍ପତ୍ତି ।

**ଉଦୟଗିରି ବି.** ପୁରାଣକଳ୍ପିତ ପୂର୍ବଦିଗର ପର୍ବତ- ଯେଉଁଠାରେ ସୂର୍ଯ୍ୟ ଉଏଁ ।

**ଉଦୟମାନ ବିଂ.** ୧. ଉଇଁ ଆସୁଥିବା ୨. ଉପରକୁ ଉଠୁଥିବା ୩. ପ୍ରକାଶମାନ ।

**ଉଦର ବି.** ପେଟ, ଜଠର, ଗର୍ଭ ।

**ଉଦରସାତ୍ ବିଂ.** ଆତ୍ମସାତ୍, ଗର୍ଭସାତ୍, ପେଟରେ ପକାଇ ଦେଇଥିବା, ଖାଇଦେଇଥିବା ।

**ଉଦରସ୍ଥ ବିଂ.** ୧. ପେଟ ଭିତରକୁ ନିଆଯାଇଥିବା, ଗର୍ଭସ୍ଥ ୨. ଭକ୍ଷିତ ।

**ଉଦରାମୟ ବି.** ପେଟ ଅସୁସ୍ଥି, ଅଜୀର୍ଣ୍ଣ ଝାଡ଼ା, ନାଳରକ୍ତ ଝାଡ଼ା, ଆମାଶୟ ।

**ଉଦରି ବି.** ଜଳୋଦରି ରୋଗ, ପେଟରେ ପାଣି ଜମି ରହିବା ରୋଗ ।

**ଉଦା ବି.** ନୂଆ ଉଠିଥିବା ଧାନଗଛ ; **ବିଂ.** ମାଗଣା, ଉପୁରି, ଉଠିଆ ।

**ଉଦାଖିଆ ବିଂ.** କିଛି କାମ ନ କରି କିମ୍ବା ଅନ୍ୟକୁ କିଛି ନ ଦେଇ ଖାଉଥିବା, ଉପୁରିଖିଆ ।

**ଉଦାତ୍ତ ବି.** ୧. ସଙ୍ଗୀତର ଉଚ୍ଚସ୍ୱର ବିଶେଷ ୨. ବେଦ ଉଚ୍ଚାରଣର ଧ୍ୱନି ବିଶେଷ, ଉଚ୍ଚସ୍ୱରବିଶିଷ୍ଟ ; **ବିଂ.** ୧. ଉଚ୍ଚକିତ ୨. ଭାବଗମ୍ଭୀର ।

**ଉଦାନ ବି.** କଣ୍ଠସ୍ଥିତ ବାୟୁ ।

**ଉଦାର ବିଂ.** ମହତ୍, ବଦାନ୍ୟ, ପ୍ରଶସ୍ତ, ମହାନୁଭବୀ ।

**ଉଦାରତା ବି.** ୧. ଔଦାର୍ଯ୍ୟ, ମହନୀୟତା ୨. ଦାନଶୀଳତା ୩. ପ୍ରଶାନ୍ତଭାବ, ଗାମ୍ଭୀର୍ଯ୍ୟ ।

**ଉଦାରପନ୍ଥୀ ବିଂ.** କୋହଳ ନୀତିକୁ ସମର୍ଥନ କରୁଥିବା ବ୍ୟକ୍ତି ।

**ଉଦାରମନା ବିଂ.** ୧. ଯାହାର ମନ ସଂକୀର୍ଣ୍ଣ ନୁହେଁ, ଉଦାର ପ୍ରକୃତିର, ଉଦାରଚେତା ୨.ଶାନ୍ତସ୍ୱଭାବସମ୍ପନ୍ନ ।

**ଉଦାସ ବିଂ.** ୧. ବିଷୟବିରାଗୀ, ଯାହାର ଉତ୍ସାହ ଓ ଅନୁରାଗ କିଛି ନାହିଁ ୨. ସଂସାରସୁଖ ବିମୁଖ, ଅନାସକ୍ତ ୩. ବିଷଣ୍ଣ , ଦୁଃଖିତ; **ବି.** ସଂସାର ସୁଖ ପ୍ରତି ବିତୃଷ୍ଣା, ଆସକ୍ତିଶୂନ୍ୟତା, ବିରାଗ, ନିର୍ଲିପ୍ତ ଭାବ ।

**ଉଦାସୀ, ଉଦାସୀନ ବିଂ.** କୌଣସି ପ୍ରସଙ୍ଗ ସହିତ ସମ୍ପୃକ୍ତ ନ ରହି ଅଲଗା ରହୁଥିବା, ଅନାସକ୍ତ, ନିର୍ଲିପ୍ତ, ସ୍ପୃହାହୀନ, ବିରାଗୀ, ସଂସାର-ସୁଖ-ବିମୁଖ ।

**ଉଦାହରଣ ବି.** ୧. କୌଣସି ବିଷୟ ବା ତର୍କର ପ୍ରମାଣପାଇଁ ଉପଯୋଗୀ ଦୃଷ୍ଟାନ୍ତର ଅବତାରଣା ୨. ଦୃଷ୍ଟାନ୍ତ, ନିଦର୍ଶନ, ନମୁନା ୩. ଆଦର୍ଶ ।

**ଉଦାହରଣୀୟ ବିଂ.** ଦୃଷ୍ଟାନ୍ତ ରୂପେ କଥିତ ହେବା ଯୋଗ୍ୟ ।

**ଉଦିଆ ବିଂ.** ଉଇଁଆସୁଥିବା ।

**ଉଦିତ ବିଂ.** ୧. ଉଇଁଥିବା ୨. ଆବିର୍ଭୂତ ୩. ପ୍ରଥମେ ପ୍ରକାଶିତ ୪. ଉତ୍‌ଥିତ ।

**ଉଦିବା କ୍ରି.** ୧. ଉଇଁବା ୨. ପ୍ରକାଶିତ ହେବା ୩. ଦୃଶ୍ୟମାନ ହେବା ।

**ଉଦୀଚୀ ବି.** ଉତ୍ତର ଦିଗ ।

**ଉଦୀୟମାନ ବିଂ.** ୧. ଯେ ଯୋଗ୍ୟତା ବଳରେ ଉନ୍ନତି କରିବାକୁ ବା ସୁନାମ ଅର୍ଜିବାକୁ ଆରମ୍ଭ କରୁଥାଏ ୨. ବିକାଶମୁଖୀ ।

**ଉଦୀୟାନ୍ ବିଂ.** ଉଠି ଆସୁଥିବା, ଉଇଁ ଆସୁଥିବା, ପ୍ରକାଶିତ ହେଉଥିବା ।

**ଉଦୁଆଁ ବିଂ.** ଖୋଲା, ମେଲା, ମୁକୁଳା ।

**ଉଦୁଉଦିଆ** ***ବିଂ.*** ୧. ପ୍ରଚଣ୍ଡ, ତୀବ୍ର (ଉତ୍ତାପ) ୨. ପ୍ରଚଣ୍ଡ ଦୀପ୍ତିଯୁକ୍ତ ।

**ଉଦୁଖଳ** ***ବି.*** ହେମଦସ୍ତା, ଧାନ ପ୍ରଭୃତି କାଣ୍ଡିବାପାଇଁ ଲୁହା ଅଥବା କାଠରେ ତିଆରି ପାତ୍ର ବିଶେଷ, ଢ଼ିଙ୍କି ଭରାଣ୍ଡି, ଖଲ ।

**ଉଦୁନଙ୍ଗଳା** ***ବିଂ.*** ଦେହରେ କୌଣସି ପୋଷାକ ପିନ୍ଧିନଥିବା, ପୂରା ନଙ୍ଗଳା ।

**ଉଦୁମ୍** ***ବିଂ.*** ଉଷୁମ, ଉଷ୍ଣ, ଗରମ, ତତଲା ।

**ଉଦୁମୁଦା** ***ବି.*** ୧. ଅଣନିଃଶ୍ୱାସୀ ୨. ଭୁକୁବୁକୁ, ରୁନ୍ଧି ଲାଗୁଥିବା ।

**ଉଦୁମୁଦୁମା** ***ବିଂ.*** ୧. ବଗୁଲିଆ, ଖେଚଡା ୨. ଅଶାନ୍ତ ୩. ଦୁର୍ଦ୍ଦାନ୍ତ ।

**ଉଦୁମ୍ବର** ***ବି.*** ଟାଆଁସିଆ ରୁମୁରୁମିଆ ପତ୍ରଥିବା ଛୋଟ ଗଛ-ଏହାର ଫଳ ପ୍ରାୟ ଗୋଲାକାର, ମାତ୍ର ଫୁଲ ଦିଶେ ନାହିଁ; ଅଡ଼ିମ୍ବିରି , ଡୁମେର, ଡିମ୍ବିରି।

**ଉଦୁର୍ଚ୍ଛା** ***ବିଂ.*** ଉଗ୍ର, ଅସଂଯତ, ଉତ୍ପାତିଆ, ବଗୁଲିଆ, ଉଦ୍ଧତ ।

**ଉଦେ** ***ବି.*** ଆରମ୍ଭ, ଉତ୍ପତ୍ତି, ଉଦୟ ; ***ବିଂ.*** ଦୃଶ୍ୟମାନ, ଦେଖାଯାଉଥିବା ।

**ଉଦେ ହେବା** ***କ୍ରି.*** ୧. ପ୍ରକାଶିତ ହେବା ୨. ଦେଖାଦେବା ୩. ବ୍ୟକ୍ତହେବା ୪. ଉଇଁବା ।

**ଉଦଂଶ** ***ବି.*** ବିଛଣାରେ ରହି ଦେହରୁ ରକ୍ତ ପିଉଥିବା କୀଟ, ଛାରପୋକ, ଓଡ଼ଶ, ଡେକୁନ୍ ।

**ଉଦ୍ଦଣ୍ଡ** ***ବିଂ.*** ୧. ପ୍ରତାପୀ, ଅବାଧ୍ୟ ୨. ଯେ ମାରିବାପାଇଁ ଲାଠି ଧରିଥାଏ, ଅଶାସନୀୟ, ଅମାନିଆ, ଅବାଗିଆ ; ***ସ୍ତ୍ରୀ.*** ଉଦ୍ଦଣ୍ଡୀ ।

**ଉଦ୍ଦଣ୍ଡ କୀର୍ତ୍ତନ** ***ବିଂ.*** ହାତ ଉପରକୁ ଟେକି ଡେଇଁ ଡେଇଁ ନାଚି ନାଚି ବିହ୍ୱଳ ଭକ୍ତି ଭାବାତ୍ମକ ଗାନାବାଜଣାସହ କରାଯାଉଥିବା କୀର୍ତ୍ତନ ।

**ଉଦ୍ଦାମ** ***ବିଂ.*** ଯେ କାହାରି ଅଟକ ବା ବାଧା ମାନେନାହିଁ, ଉଚ୍ଛୃଙ୍ଖଳ, ଦୁର୍ଦ୍ଦାନ୍ତ, ବାଧାରହିତ, ପ୍ରବଳ ।

**ଉଦ୍ଦାମତା** ***ବି.*** ୧. ଉତ୍କଟ ସ୍ୱେଚ୍ଛାଚାରିତା, ଉଚ୍ଛୃଙ୍ଖଳତା ୨. ପ୍ରମତ୍ତତା, ଅଟକାଇ ନ ହେବା ଅବସ୍ଥା ।

**ଉଦ୍ଦିଷ୍ଟ** ***ବିଂ.*** ୧. ଅଭିପ୍ରେତ, ଲକ୍ଷ୍ୟ କରାଯାଇଥିବା ୨. ଯାହା ବିଷୟରେ କୁହାଯାଇଛି ।

**ଉଦ୍ଦୀପକ** ***ବିଂ.*** ୧. ଯେ ମତାଏ ବା ଉସୁକାଏ, ଯେ ଖୁବ୍ ଉତ୍ସାହଦିଏ ୨. ଉତ୍ତେଜକ ୩. ତେଜୀୟାନ ।

**ଉଦ୍ଦୀପନା** ***ବି.*** ୧. ମତେଇବା, ଉସ୍‌କାଇବା, ଦୀପ୍ତ କରାଇବା, ବଢ଼ାଇବା, ପ୍ରଜ୍ୱଳନ, ଉତ୍ସାହଦେବା, କାର୍ଯ୍ୟ ସାଧନପାଇଁ ପ୍ରେରଣାଦାନ, ତେଜେଇବା ୨. ଉଦ୍ରେକ କରିବା, ଉତ୍ତେଜିତ କରିବା ୩. ଉତ୍ସାହମୂଳକ ପ୍ରେରଣା, ପ୍ରବଳ ପ୍ରବର୍ତ୍ତନା ।

**ଉଦ୍ଦୀପିତ** ***ବିଂ.*** ୧. ଦୀପ୍ତ କରାହୋଇଥିବା ୨. ପ୍ରବଳ ଭାବରେ ମତା ଯାଇଥିବା ୩. ଉତ୍ସାହଦ୍ୱାରା ବଢ଼ାଯାଇଥିବା ୪. **ଜ୍ୱଳନ୍ତ, ପ୍ରଜ୍ୱଳିତ** ୪. ପ୍ରକାଶ ପ୍ରାପ୍ତ।

**ଉଦ୍ଦୀପ୍ତ** ***ବିଂ.*** ପ୍ରଜ୍ୱଳିତ, ପ୍ରକାଶପ୍ରାପ୍ତ, ଅତ୍ୟନ୍ତ ତେଜୀୟାନ ।

**ଉଦ୍ଧତ** ***ବିଂ.*** ଯେ କାହାରି ଆକଟ ବା କଥା ମାନେନାହିଁ, ଉପରମୁହାଁ, ଅବିନୀତ, ଦୁରନ୍ତ, ଗର୍ବୀ, ଦିମାକିଆ ।

**ଉଦ୍ଧରଣ** ***ବି.*** ୧. ମୁକ୍ତିପ୍ରଦାନ ୨. ଋଣଶୋଧ, ଉଦ୍ଧାର, ବନ୍ଧକ ପଦାର୍ଥକୁ ମୁକୁଳାଇବା ୩. ଉତ୍ତୋଳନ ୪. କୌଣସି ଲେଖା ବା ଉକ୍ତିକୁ ଅବିକଳ ସୂଚାଇବା ବା ପ୍ରକାଶ କରିବା ।

**ଉଦ୍ଧରିବା** ***କ୍ରି.*** ୧. ଉଦ୍ଧାର ବା ମୁକ୍ତ କରିବା ୨. ଶାନ୍ତି ପ୍ରଦାନ କରିବା ୩. ତାପ ହରଣକରିବା ।

**ଉଦ୍ଧାର** ***ବି.*** ୧. ପରିତ୍ରାଣ, ମୁକ୍ତି ୨. ଲୁପ୍ତ ବସ୍ତୁକୁ ଲୋକ ଲୋଚନକୁ ଆଣିବା, ଅନ୍ୟର ହସ୍ତଗତ ବସ୍ତୁକୁ ପୁଣି ହାତକୁ ଆଣିବା ୩. ଉତ୍ତୋଳନ ।

**ଉଦ୍ଧୃତ** ***ବିଂ.*** ୧. ଉତ୍ତୋଳିତ ୨. ଉଦ୍ଧାରପ୍ରାପ୍ତ ୩. ପୁଣି ଅଧିକୃତ ୪. ଅନ୍ୟର ଉକ୍ତି ବା ଲେଖାରୁ ଅବିକଳ ଗୃହୀତ ।

**ଉଦ୍ଧୃତି ଚିହ୍ନ** ***ବି.*** ନିର୍ଦ୍ଦିଷ୍ଟ କରୁଥିବା ଚିହ୍ନ ବା ସଙ୍କେତ (" ") ।

**ଉଦ୍ଭଟ** ***ବିଂ.*** ୧. ସଂହତିବିହୀନ, ସମ୍ପର୍କରହିତ ୨. ଅଦ୍ଭୁତ ୩. କଳ୍ପନାପ୍ରସୂତ ୪. ବିସ୍ମୟସୂଚକ ୫. ଚମତ୍କାର ।

**ଉଦ୍ଭବ** ***ବି.*** ଉତ୍ପତ୍ତି, ଜନ୍ମ, ସୃଷ୍ଟି ।

**ଉଦ୍ଭାବକ** ***ବିଂ.*** ଯେ ନୂଆକରି କୌଣସି ବସ୍ତୁ ସୃଷ୍ଟିକରେ ।

**ଉଦ୍ଭାବନ** ***ବି.*** କୌଣସି ବସ୍ତୁ ବା ତଥ୍ୟର ଆଦ୍ୟ ପ୍ରକାଶ ।

**ଉଦ୍ଭାବିତ** ***ବିଂ.*** ନୂଆକରି ତିଆରି ହୋଇଥିବା ।

**ଉଦ୍ଭାସ** ***ବି.*** ପ୍ରକାଶ, ଅଭିବ୍ୟକ୍ତି ।

**ଉଦ୍ଭାସକ** ***ବିଂ.*** ଯେ ପ୍ରଥମେ ଚିହ୍ନାଏ, ପ୍ରକାଶକ ।

**ଉଦ୍ଭିଦ** ***ବି.*** ମାଟି ଭିତରୁ ଫୁଟି ବାହାରୁଥିବା ଗଛ, ଲତା, ଗୁଳ୍ମ ପ୍ରଭୃତି।

**ଉଦ୍ଭେଦ** ***ବି.*** ଭେଦକରି ଉପରକୁ ଉଠିବା, ବିକାଶ, ଉଦ୍‌ଗମ ।

**ଉଦ୍ଭ୍ରାନ୍ତ** ***ବିଂ.*** ବ୍ୟସ୍ତବିଚଳିତ, ଉଚ୍ଛୃଙ୍ଖଳଭାବେ ବୁଲୁଥିବା, ଆକୁଳ, ଅସ୍ଥିର ଚିତ୍ତ ।

**ଉଦ୍ୟତ** ***ବିଂ.*** ୧. କାର୍ଯ୍ୟ ଆରମ୍ଭ କରିବାକୁ ତତ୍ପର ୨. ଉଠାହୋଇଥିବା ।

**ଉଦ୍ୟମ** ***ବି.*** ଚେଷ୍ଟା, ଉଦ୍‌ଯୋଗ, ତତ୍ପରତା, ଯୋଗାଡ଼ ।

**ଉଦ୍ୟମୀ** ***ବିଂ.*** ଉଦ୍‌ଯୋଗୀ, ଯୋଗାଡ଼ିଆ, ଚେଷ୍ଟାବାନ୍, ଅଧ୍ୟବସାୟୀ ।

**ଉଦ୍ୟାନ ବି.** ଫୁଲଫଳ ଗଛରେ ପରିପୂର୍ଣ୍ଣ ରମଣୀୟ ସ୍ଥାନ, ବଗିଚା, ଉପବନ ।

**ଉଦ୍ୟାନପାଳ ବି.** ମାଳୀ, ବଗିଚାର ରଖୁଆଳ ।

**ଉଦ୍ୟାନବାଟିକା ବି.** ବଗିଚାରେ ଥିବା ଘର ।

**ଉଦ୍ରେକ ବି.** ୧. ସଞ୍ଚାର, ବୃଦ୍ଧି, ଉଦୟ ୨. ଉପକ୍ରମ, ଆରମ୍ଭ ; **ବିଂ.** ଉଦ୍ରିକ୍ତ ।

**ଉଧା ବି.** ବାଡ଼ଆଦିକୁ ଆଶ୍ରୟ ଦେଇ ବାନ୍ଧି ମଜଭୁତ କରିବାପାଇଁ ପୋତା ହୋଇଥିବା ସାହାଯ୍ୟକାରୀ ଖମ୍ବ ବା ଖୁଣ୍ଟ ।

**ଉଧାମୂଲ ବି.** ମୁଖ୍ୟ ଖମ୍ବ ।

**ଉଧାର ବି.** କରଜ, ବିନା ସୁଧରେ ଅଳ୍ପ ସମୟପାଇଁ ନିଆଯାଇଥିବା ଅର୍ଥ ଅଥବା ପଦାର୍ଥ ।

**ଉଧାରଧାର ବି.** କାଳିବାକି ।

**ଉଧାରି ବିଂ.** ୧. ଋଣ ୨. ବାକିଆ, ଅଦେୟ ରହିଯାଇଥିବା ।

**ଉଧାରିବା ବି.** ୧. ଧାର କରିବା ୨. ମୁକ୍ତ କରିବା ।

**ଉଧି ବି.** ୧. କଦଳୀପୁଆ ୨. ଶଗଡ଼ର ଅଖ ଓ ଦଣ୍ଡା ମଝିରେ ଲାଗୁଥିବା ପଟି, ଶଗଡ଼ଦଣ୍ଡି ।

**ଉଧୁରିବା କ୍ରି.** ୧. ରକ୍ଷା ପାଇବା ୨. ମୁକୁଳିବା ।

**ଉଧେଇବା କ୍ରି.** ୧. ଅନୁକୂଳ ଅବସ୍ଥା ପାଇ ବଢ଼ିବା ୨. ବିକଶିତ ହେବା ।

**ଉନ୍ ବି.** ପଶମ, ମେଣ୍ଢାଲୋମରୁ ତିଆରି ସୂତା, ଉଲ ।

**ଉନ୍ମୁନାବା କ୍ରି.** ନୀରବ ରହିବା, ନିରୁତ୍ତର ରହିବା, ଚୁପ୍ ରହିବା, କିଛି ନ କହିବା ।

**ଉନ୍ନତ ବିଂ.** ୧. ଉଚ୍ଚ ୨. ମହତ, ଗୌରବାନ୍ୱିତ ୩. ଶ୍ରେଷ୍ଠ ୪. ବିକଶିତ ।

**ଉନ୍ନତି ବି.** ୧. ସଂବୃଦ୍ଧି, ସୌଭାଗ୍ୟ ୨.ଗୌରବ ୩. ଉତ୍କର୍ଷ ୪. ଉଦୟ ୫. ଉଚ୍ଚତା ୬. ଅଭ୍ୟୁଦୟ ।

**ଉନ୍ନୟନ ବି.** ଉନ୍ନତିସାଧନ, ବିକାଶସାଧନ, ପ୍ରଗତି ।

**ଉନ୍ନିଦ୍ର ବି.** ଅନିଦ୍ରା, ଉଜାଗର, ନିଦ ନ ଯିବା, ଚେଇଁରହିବା ; **ବିଂ.** ନିଦ୍ରାହୀନ, ଜାଗ୍ରତ ।

**ଉନ୍ନୀତ ବିଂ.** ୧. ଉପରକୁ ଉଠାଯାଇଥିବା, ଉନ୍ନତିପ୍ରାପ୍ତ, ଉନ୍ନତ ହୋଇଥିବା ୨. ଉଚ୍ଚ ।

**ଉନ୍ମତ୍ତ ବିଂ.** ୧. ମତୁଆଲ, ବାତୁଳ, ପାଗଳ ୨. ବାହ୍ୟଜ୍ଞାନଶୂନ୍ୟ, କାଣ୍ଡଜ୍ଞାନ ହଜାଇଥିବା, ଉନ୍ମାଦିତ ।

**ଉନ୍ମନା ବିଂ.** ୧. ଆନମନା, ଅନ୍ୟମନସ୍କ ୨. ଉତ୍କଣ୍ଠିତ ଚିତ୍ତ ।

**ଉନ୍ମାଦ ବି. ବିଂ.** ପାଗଳ, ମତିବିଭ୍ରମ, ଉତ୍ତେଜିତ ଆଚରଣ, ବାତୁଳତା ।

**ଉନ୍ମାଦକ ବିଂ.** ଉତ୍ତେଜନା ସୃଷ୍ଟିକାରୀ, ଯାହା ବିଚଳିତ କରାଏ ।

**ଉନ୍ମାଦନ ବି.** ୧. ଚିତ୍ତବିଭ୍ରମ ୨. କନ୍ଦର୍ପର ପଞ୍ଚବାଣ ମଧ୍ୟରୁ ଅନ୍ୟତମ ।

**ଉନ୍ମାର୍ଗ ବି. ବିଂ.** ୧. ଅବାଟ, ଅପଥ ୨. ଅସାମାଜିକ ଆଚରଣ ।

**ଉନ୍ମାର୍ଗୀ ବିଂ.** ବିପଥଗାମୀ, ଅବାଟରେ ଯାଉଥିବା ।

**ଉନ୍ମୀଳନ ବି.** ୧. ଖୋଲିବା, ମେଲିବା ୨. ଫିଟିବା ।

**ଉନ୍ମୀଳିତ ବିଂ.** ଖୋଲିଯାଇଥିବା, ମୁକୁଳିତ ।

**ଉନ୍ମୁକ୍ତ ବିଂ.** ୧. ଖୋଲା ୨. ବନ୍ଧନମୁକ୍ତ, ଖଲାସ ୩. ଅନାବୃତ, ମୁକୁଳା ୪. ଖୋଲାମେଲା ।

**ଉନ୍ମୁଖ ବିଂ.** ୧. ସତ୍ୟ ଜାଣିବାପାଇଁ ଆଗ୍ରହୀ ୨. ଉଦ୍ୟତ ୩. ତତ୍ପର, ଉତ୍ସୁକ ୪. ଆଗ୍ରହାନ୍ୱିତ ୫. ଆତୁର ।

**ଉନ୍ମୂଳନ ବି.** ମୂଳ ସହିତ ଉପାଡ଼ିବା, ସମୂଳେ ଉଚ୍ଛେଦ, ଉତ୍ପାଟନ, ସ୍ଥାନଚ୍ୟୁତି ।

**ଉନ୍ମେଷ ବି.** ୧. ଆଦ୍ୟ ପ୍ରକାଶ, ଉଦୟ ୨. ଆଖି ଖୋଲିବା, ଉଦ୍ରେକ, ଉନ୍ମୀଳନ ।

**ଉନ୍ମେଷିତ ବିଂ.** ଯାହା ସାମାନ୍ୟ ପ୍ରକାଶିତ ।

**ଉନ୍ମୋଚକ ବିଂ.** ୧. ଅନାବରଣ କରୁଥିବା, ପ୍ରଥମେ ଖୋଲୁଥିବା ୨. ଉଦ୍‌ଘାଟକ ।

**ଉନ୍ମୋଚନ ବି.** ୧. ଖୋଲିବା, ଫିଟାଇବା ୨. ମୁକ୍ତ କରିବା ।

**ଉପ୍‌କାବା କ୍ରି.** ୧. କଥା ବାହାର କରିବା ୨. ଉସ୍‌କେଇବା ୩. ପାଣି ଭିତରୁ ଉଠି ଭାସିବା ।

**ଉପ୍‌କିବା କ୍ରି.** ୧. ବୁଡାପାଣିରୁ ଉପରକୁ ମୁଣ୍ଡଟେକିବା ୨. ଅସ୍ୱାଭାବିକ ଭାବେ ଉଚ୍ଚ ହେବା ।

**ଉପ୍‌ଚାବା କ୍ରି.** ବାନ୍ତିକରିବା, ପାକସ୍ଥଳିରେ ଥିବା ଖାଦ୍ୟପଦାର୍ଥ କୌଣସି କାରଣରୁ ମୁହଁ ଦେଇ ପଦାକୁ ବାହାରି ଆସିବା ।

**ଉପରା(ଣ)ଣି ବି.** ମୁଣ୍ଡ ଘୋଡ଼ାଇବାପାଇଁ ବ୍ୟବହୃତ ବସ୍ତ୍ର, ଓଢ଼ଣି ।

**ଉପ୍‌ରିଆ ବିଂ.** ୧. ବାହାରିବା ୨. ଅଧିକା ୩. ବିନା ପରିଶ୍ରମରେ, ସହଜରେ ।

**ଉପ୍‌ଲିବା କ୍ରି.** ୧. ଉଶ୍ୱାସ ବା ହାଲୁକା ହେତୁ ଭାସିବା ୨. ଉତୁରି ପଡ଼ିବା ।

**ଉପକଣ୍ଠ ବି.** ୧. କଣ୍ଠର ନିକଟବର୍ତ୍ତୀ ଅଂଶ ବା ଗଳାର ଚାରିପାଖ ୨. ସାମୀପ୍ୟ ୪. ସହରତଳି ୫. ଗ୍ରାମର ସୀମାନ୍ତ ।

**ଉପକଥା ବି.** ମୂଳ କଥାଭାଗକୁ ପୁଷ୍ଟକରିବାପାଇଁ ସଂଯୋଜିତ ଛୋଟ ଛୋଟ କାହାଣୀ ।

**ଉପକରଣ** ***ବି.*** କାର୍ଯ୍ୟ ସମ୍ପାଦନପାଇଁ ଆବଶ୍ୟକ ସାମଗ୍ରୀ, ସରଞ୍ଜାମ, ଉପାଦାନ, ସଂଭାର, ସାଧନସାମଗ୍ରୀ ।

**ଉପକକ୍ଷ** ***ବି.*** ମୁଖ୍ୟ କୋଠରିର ସଂଲଗ୍ନ କୋଠରି, ସଂଲଗ୍ନ ପ୍ରକୋଷ୍ଠ ।

**ଉପକାର** ***ବି.*** ହିତ, କଲ୍ୟାଣ, ସାହାଯ୍ୟ ।

**ଉପକାରକ** ***ବିଂ.*** ୧. ଯେ ଉପକାର କରେ, ଉପକାରୀ, ସାହାଯ୍ୟକାରୀ ୨. ଫଳୋତ୍ପାଦକ ।

**ଉପକୂଳ** ***ବି.*** ପାଣି ପାଖରେ ଥିବା ଭୂଇଁ, ନଦୀ ବା ସମୁଦ୍ରାଦିର କୂଳବର୍ତ୍ତୀ ସ୍ଥାନ, ବେଳାଭୂମି, ନଦୀତଟ ଭୂମି ।

**ଉପକୋଷ** ***ବି.*** ଶରୀର ମଧ୍ୟସ୍ଥ ଚର୍ମକୋଷ ବିଶେଷ ।

**ଉପକୋଷିକା** ***ବି.*** କୋଷ ବିଭାଜନ ପ୍ରକ୍ରିୟାର ଏକ ଅବସ୍ଥା ।

**ଉପକ୍ରମ** ***ବି.*** ୧. ଆରମ୍ଭ, ଉଦ୍‌ଯୋଗ ୨. ଚେଷ୍ଟା ୩. ସୂତ୍ରପାତ ।

**ଉପକ୍ରମଣିକା** ***ବି.*** ୧. ଅବତରଣିକା ୨. ଆଲୋଚ୍ୟ ବିଷୟର ସଂକ୍ଷିପ୍ତ ସୂଚନା, କୁହାଯିବା ବିଷୟର ପୂର୍ବାଭାସ ।

**ଉପଖଣ୍ଡ** ***ବି.*** ୧. ନିର୍ଦ୍ଦିଷ୍ଟ ଅଞ୍ଚଳର ଅଂଶ, ସୀମା ବିଭାଗ ୨. ସବ୍‌ଡ଼ିଭିଜନ ।

**ଉପଖଣ୍ଡ ଅଧିକାରୀ** ***ବି.*** ସବଡ଼ିଭିଜନ୍ ବା ଉପଖଣ୍ଡର ଶାସକ ।

**ଉପଗତ** ***ବିଂ.*** ୧. ନିକଟରେ ଉପସ୍ଥିତ, ପହଞ୍ଚିଥିବା ୨. ପ୍ରାପ୍ତ ।

**ଉପଗ୍ରନ୍ଥି** ***ବି.*** ଆମନାଡ଼ି, ଅଣ୍ଡକୋଷକୁ ତଳିପେଟ ସଙ୍ଗେ ସଂଯୋଗ କରୁଥିବା ନାଡ଼ି ।

**ଉପଗ୍ରହ** ***ବି.*** ଗ୍ରହରୁ ବିଚ୍ଛିନ୍ନ କ୍ଷୁଦ୍ର ଅଂଶ- ଯାହା ତାହାର ଚାରିପାଖରେ ଘୂରୁଥାଏ ।

**ଉପଚାର** ***ବି.*** ୧. ସେବା, ଚିକିତ୍ସା ୨. ପୂଜା ସାମଗ୍ରୀ ୩. ଉପକରଣ ।

**ଉପଚାରକ** ***ବି.ବିଂ.*** ସେବାକାରୀ, ଚିକିତ୍ସାକାରୀ ।

**ଉପଚାରିକା** ***ବି.ବିଂ.*** ସେବିକା, ସେବାକାରିଣୀ ।

**ଉପଚିକୀର୍ଷା** ***ବି.*** ଉପକାର କରିବା ଇଚ୍ଛା, ହିତସାଧନ ।

**ଉପଚିକୀର୍ଷୁ** ***ବିଂ.*** ଉପକାର କରିବାପାଇଁ ଇଚ୍ଛୁକ ।

**ଉପଛଦ** ***ବି.*** ୧. ଚାଦର ୨. ଢାଙ୍କୁଣି ୩. ପରଦା ୪. ଆବରଣ ।

**ଉପଛାୟା** ***ବି.*** ଅସ୍ପଷ୍ଟଛାୟା, ଝାପ୍‌ସାଛାଇ ।

**ଉପଜାତ** ***ବି.*** ମୂଳପଦାର୍ଥର ରୂପାନ୍ତର ବା ବିକାର ।

**ଉପଜାତି** ***ବି.*** ୧. ଜାତିର ଉପବିଭାଗ ୨. ଛନ୍ଦ ବିଶେଷ ।

**ଉପଜିଲ୍ଲାପାଳ** ***ବି.*** ଉପ-ଜିଲ୍ଲାର ପ୍ରାଶାସନିକ ଅଧିକାରୀ, ସବ୍‌କଲେକ୍ଟର ।

**ଉପଜିହ୍ୱା** ***ବି.*** ଘଣ୍ଟିକା, ତାଳୁତଳେ ଥିବା କ୍ଷୁଦ୍ର ମାଂସଖଣ୍ଡ, ଅଧିଜିହ୍ୱା ।

**ଉପଜୀବିକା** ***ବି.*** ରୋଜଗାରର ଅତିରିକ୍ତ ପନ୍ଥା, ପେଟ ପୋଷିବାର ଉପାୟାନ୍ତର, ଜୀବିକା ନିର୍ବାହର ଅପର ଉପାୟ ।

**ଉପଜୀବୀ** ***ବିଂ.*** ଆଶ୍ରିତ, ନିର୍ଭରଶୀଳ ।

**ଉପଜୀବ୍ୟ** ***ବିଂ.*** ଅବଲମ୍ବନୀୟ, ନିର୍ଭରଶୀଳ ; ***ବି.*** ଜୀବିକାର ଅବଲମ୍ବନ ।

**ଉପଡାକଘର** ***ବି.*** ପ୍ରଧାନ ଡାକଘର ଅଧୀନରେ ଥିବା ଶାଖା ଡାକଘର ।

**ଉପଢ୍ୌକନ** ***ବି.*** ଶ୍ରଦ୍ଧାରେ ଦିଆଯାଉଥିବା ସାମଗ୍ରୀ, ଉପହାର, ଭେଟି ।

**ଉପତ୍ୟକା** ***ବି.*** ୧. ପର୍ବତର ପାଦଦେଶର ସମତଳ ଭୂମି ୨. ଦୁଇ ପର୍ବତର ମଧ୍ୟବର୍ତ୍ତୀ ସମତଳ ଭୂମି ।

**ଉପଦଂଶ** ***ବି.*** ଗରମିରୋଗ, ଫିରଙ୍ଗିବେମାରି, ସହବାସଜନିତ ଯୌନରୋଗ (ଗନେରିଆ, ସିଫିଲିସ୍ ଆଦି) ।

**ଉପଦେବ,ଉପଦେବତା** ***ବି.*** ମୁଖ୍ୟଦେବତାଙ୍କ ପାଖରେ ଥିବା ଗୌଣ ଦେବତା ।

**ଉପଦେବୀ** ***ବି.*** ପ୍ରଧାନଦେବୀଙ୍କ ପାଖରେ ରହୁଥିବା ଗୌଣଦେବୀ, ଦେବୀଙ୍କ ସହଚରୀ ।

**ଉପଦେଶ** ***ବି.*** ୧. ପରାମର୍ଶ, ଶିକ୍ଷାବାକ୍ୟ, କର୍ତ୍ତବ୍ୟ ସମ୍ବନ୍ଧରେ ନିର୍ଦ୍ଦେଶ ୨. ଅନୁଶାସନ ।

**ଉପଦେଶନୀୟ** ***ବିଂ.*** **ଶିକ୍ଷଣୀୟ,** ଉପଦେଶ ଦାନର ଯୋଗ୍ୟ ।

**ଉପଦେଷ୍ଟା** ***ବିଂ.*** ୧. ଯେ ଉପଦେଶ ଦିଏ, ଉପଦେଶଦାତା ୨. ଗୁରୁ, ଶିକ୍ଷକ ।

**ଉପଦ୍ୱାର** ***ବି.*** ପାର୍ଶ୍ୱଦ୍ୱାର, ପକ୍ଷଦ୍ୱାର, ନିରାପଦ ମୁକ୍ତିପଥ, ଗଳିବାଟ ।

**ଉପଦ୍ୱୀପ** ***ବି.*** ତିନି ପାଖରେ ଜଳବେଷ୍ଟିତ ଭୂଖଣ୍ଡ ।

**ଉପଦ୍ରକ** ***ବି.*** ଫୁଲ ପାଖୁଡ଼ାତଳେ ଡେମ୍ଫ ଉପରେ ଥିବା ଅଂଶ – ଯାହା କଢ଼ିକୁ ଢାଙ୍କି ରଖିଥାଏ ।

**ଉପଦ୍ରବ** ***ବି.*** ଅନିଷ୍ଟକର ଆଚରଣ ବା କାର୍ଯ୍ୟ, ଉତ୍ପାତ, ଦୌରାତ୍ମ୍ୟ ।

**ଉପଦ୍ରୁତ** ***ବିଂ.*** ୧. ବିକ୍ଷୁବ୍‌ଧ, ଅସ୍ଥିର ୨. ଉତ୍ପୀଡ଼ିତ, ଯାହା ଉପରେ ଉପଦ୍ରବ କରାଯାଇଛି ।

**ଉପଧର୍ମ** ***ବି.*** ୧. ଅପ୍ରଧାନ ଧର୍ମ , ଗୌଣ ଧର୍ମ ୨. ଗୌଣ ଆଚରଣ ।

**ଉପଧା** ***ବି.*** ଶବ୍ଦର ଅନ୍ତ୍ୟବର୍ଣ୍ଣର ଅବ୍ୟବହିତ ପୂର୍ବବର୍ତ୍ତୀ ସ୍ୱର ।

**ଉପଧାତୁ** ***ବି.*** ନିକୃଷ୍ଟ ଧାତୁ (ଦ୍ର. ମାକ୍ଷିକ, ତୁତିଆ, ଅଭ୍ର, କଂସା, ସିନ୍ଦୂର, ଶିଳାଜତୁ ଓ ହରିଣକ-ଏହି ସାତ ଉପଧାତୁ) ।

**ଉପଧାୟକ** ***ବିଂ.*** ୧. ଉତ୍ପାଦକ ୨. ଜନକ ୩. ଉପଯୋଗୀ ।

**ଉପଧାରା** *ବି.* ୧. କୌଣସି ନିୟମ ବା ବିଧି ଅନ୍ତର୍ଗତ ସହଯୋଗୀ ଧାରା ୨. ଅନ୍ତର୍ଧାରା, ଅଧିନିୟମ ୩. ଉପବାକ୍ୟ ।

**ଉପନଦୀ** *ବି.* ଯେଉଁ ଜଳଧାର ପ୍ରଧାନ ନଦୀ ସହିତ ମିଶେ, ମୁଖ୍ୟ ଧାରର ସହଯୋଗୀ ପୋଷକ ଧାର ।

**ଉପନୟନ** *ବି.* ୧. ପଇତା ଘେନିବା କର୍ମ, ବ୍ରତଘର, ବଡୁଘର, ପ୍ରଥମ ପଇତା ଗ୍ରହଣ, ବ୍ରତବିଧି ୨. ଗୁରୁଙ୍କ ନିକଟକୁ ପ୍ରେରଣ ।

**ଉପନାମ** *ବି.* ୧. ଶ୍ରଦ୍ଧାନାମ, ଆଦରର ଡାକ ନାମ ୨. ଛଦ୍ମନାମ ।

**ଉପନାୟକ** *ବି.* ୧. ଗୌଣନାୟକ, ପାର୍ଶ୍ୱନାୟକ ୨. ସହଯୋଗୀ ନାୟକ ।

**ଉପନାୟିକା** *ବି.* ୧. ନାୟିକାର ପ୍ରଧାନ ସହାୟିକା, ପାର୍ଶ୍ୱନାୟିକା ୨. ଦ୍ୱିତୀୟ ନାୟିକା ।

**ଉପନିବେଶ** *ବି.* ଅନ୍ୟସ୍ଥାନ ବା ଦେଶରେ ଅସ୍ଥାୟୀ ବାସସ୍ଥାନ, ଦେଶାନ୍ତରବାସ ।

**ଉପନିବେଶବାଦ** *ବି.* ଅନ୍ୟ ଦେଶର ଅଧିବାସୀଙ୍କ ଉପରେ ବଳ ପ୍ରୟୋଗ କରି ଅଧିକାର ସାବ୍ୟସ୍ତ କରିବା ଭାବାଦର୍ଶ ।

**ଉପନିବେଶବାଦୀ** *ବିଂ.* ଔପନିବେଶିକ ଚିନ୍ତାଧାରାରେ ବିଶ୍ୱାସୀ, ଉପନିବେଶ ସ୍ଥାପନରେ ପ୍ରୟାସୀ ।

**ଉପନିୟମ** *ବି.* ଗୌଣ-ନିୟମ, କୌଣସି ନିୟମ ଅନ୍ତର୍ଗତ ହୋଇଥିବା ଶାଖା-ନିୟମ ।

**ଉପନିର୍ବାଚନ** *ବି.* କୌଣସି କାରଣରୁ ନିର୍ବାଚନ ମଣ୍ଡଳୀର ପ୍ରତିନିଧିଙ୍କ ସ୍ଥାନ ନିର୍ଦ୍ଧାରିତ ସମୟସୀମା ଭିତରେ ଖାଲି ଥିଲେ ସେହି ସ୍ଥାନପାଇଁ ପ୍ରତିନିଧି ଚୟନ ।

**ଉପନିଷଦ** *ବି.* ବେଦର ପରିଶିଷ୍ଟ, ଜ୍ଞାନକାଣ୍ଡ, ବେଦାନ୍ତ ।

**ଉପନୀତ** *ବିଂ.* ୧. ପହଞ୍ଚିଥିବା, ଉପଗତ ୨. ନିକଟକୁ ଆନୀତ ।

**ଉପନେତା** *ବି.* ସହକାରୀ ନେତା, ଦ୍ୱିତୀୟ ମୁଖ୍ୟନେତା ।

**ଉପନ୍ୟାସ** *ବି.* ୧ ଗଦ୍ୟକାବ୍ୟ ୨.କଳ୍ପିତ ବୃତ୍ତାନ୍ତ ୩. ସମୀପ ସ୍ଥାପନ ବା ପାଖରେ ଥୋଇବା ୪. ବହୁ ଚରିତ୍ର ଓ ଜଟିଳ କାହାଣୀ ବିଶିଷ୍ଟ ଆଖ୍ୟାନ ଗ୍ରନ୍ଥ, ନବନ୍ୟାସ ।

**ଉପନ୍ୟାସକାର** *ବି.* ଔପନ୍ୟାସିକ, ଉପନ୍ୟାସ ଲେଖକ ।

**ଉପପତି** *ବି.* ଜାରପୁରୁଷ,ଅନ୍ୟ କାହାରି ପତ୍ନୀ ପ୍ରତି ପ୍ରଣୟାସକ୍ତ ବ୍ୟକ୍ତି ।

**ଉପପତ୍ନୀ** *ବି.* ରକ୍ଷିତା, ରଖେଇମାଇପ, ପତ୍ନୀ ଭିନ୍ନ ଅନ୍ୟ ଉପଭୋଗ୍ୟା ।

**ଉପପତ୍ର, ଉପପତ୍ରକ** *ବି.* ଡେମ୍ଫମୂଳରେ ଥିବା ଛୋଟପତ୍ର, ପତ୍ର ପୂର୍ବରୁ ଥିବା ଛୋଟପତ୍ର ଦ୍ୱୟ, ଫୁଲଡେମ୍ଫରେ ଥିବା ପ୍ରଥମ ଜାତ ଛୋଟପତ୍ର ।

**ଉପପଥ** *ବି.* ଗଳିବାଟ, ସଂକୀର୍ଣ୍ଣ ପଥ, ପାର୍ଶ୍ୱପଥ, କଡ଼ବାଟ ।

**ଉପପାଦକ** *ବିଂ.* ପ୍ରତିପାଦନକାରୀ, ପ୍ରମାଣକାରୀ ।

**ଉପପାଦନ** *ବି.* ୧. ସମ୍ପାଦନ, ଯୁକ୍ତିଦ୍ୱାରା ସମର୍ଥନ ୨. ଥୋଇବା ।

**ଉପପାଦିତ** *ବିଂ.* ୧. ପ୍ରମାଣିତ ହୋଇଥିବା, ପ୍ରମାଣଦ୍ୱାରା ଗୃହୀତ ।

**ଉପପାଦ୍ୟ** *ବିଂ.* ମୀମାଂସ୍ୟ, ଯୁକ୍ତିପାଇଁ ଉପସ୍ଥାପନୀୟ, ଯାହା ପ୍ରମାଣ ବା ଯୁକ୍ତିପାଇଁ ଉଦ୍ଦିଷ୍ଟ ; *ବି.* ଜ୍ୟାମିତିର ଯେଉଁ ପ୍ରତିଜ୍ଞା ବା ସିଦ୍ଧାନ୍ତକୁ ପ୍ରମାଣ କରିବାକୁ ହୁଏ ।

**ଉପପୁରାଣ** *ବି.* ଅଷ୍ଟାଦଶ ପୁରାଣ ବାହାରେ ଆଉ ଅଠରଟି ପୁରାଣ ।

**ଉପବନ** *ବି.* ୧. ବଗିଚା, ଉଦ୍ୟାନ ୨. ବନ ସମୀପରେ ଥିବା ପତ୍‌ରା ଜଙ୍ଗଲ, ଜଙ୍ଗଲ ପାଖରେ ଥିବା ପତଳା ବୃକ୍ଷଗହଳ ଭୂମି, ମନାରି ।

**ଉପବାସ** *ବି.* ୧. ଖାଇ ନ ଥିବା ଅବସ୍ଥା, ଓପାସ, ଅନାହାର ୨. ବ୍ରତ ପାଳନଯୋଗୁଁ ଖାଦ୍ୟ ଗ୍ରହଣ ନ କରିବା ।

**ଉପବିଧି** *ବି.* କୌଣସି ନିୟମର ଆନୁଷଙ୍ଗିକ ବିଧାନ ।

**ଉପବିଷ୍ଟ** *ବିଂ.* ବସିଥିବା, ଆସୀନ ।

**ଉପବୀତ** *ବି.* ପଇତା, କାନ୍ଧରେ ପକାଯାଉଥିବା ଯଜ୍ଞସୂତ୍ର ।

**ଉପବୃତ୍ତ** *ବି.* ଅଣ୍ଡାକାର ପଥ ।

**ଉପବେଦ** *ବି.* ବ୍ୟାବସାୟିକ ବୃତ୍ତିର ବିଦ୍ୟା : ଯଥା – ଧନୁର୍ବେଦ, ଆୟୁର୍ବେଦ, ସ୍ଥାପତ୍ୟବେଦ, ଗାନ୍ଧର୍ବବେଦ, ଶିଶୁବେଦ ।

**ଉପବେଶନ** *ବି.* ବସିବା, ଆସନ ଗ୍ରହଣ ।

**ଉପବେଶିତ** *ବିଂ.* ବସିଥିବା, ଉପବିଷ୍ଟ ।

**ଉପଭାଷା** *ବି.* ୧. ବୋଲି, ଜନମୁଖର ଭାଷା ୨. କୌଣସି ଜନସମୁଦାୟର କଥିତ ମାନକଭାଷାର ଆଦ୍ୟରୂପ ।

**ଉପଭୁକ୍ତ** *ବି.ବିଂ.* ଯାହା ଉପଭୋଗ କରା ହୋଇଅଛି, ବ୍ୟବହୃତ ।

**ଉପଭୋକ୍ତା** *ବିଂ.ବି.* ଉପଭୋଗକର୍ତ୍ତା, ଖାଉଟି, ଉପଭୋଗକାରୀ ।

**ଉପଭୋଗ** *ବି.* ୧. ଇନ୍ଦ୍ରିୟର ସୁଖସାଧନ ୨. ବିଳାସ ।

**ଉପଭୋଗ୍ୟ** *ବିଂ.* ଇନ୍ଦ୍ରିୟ ତୃପ୍ତିପାଇଁ ଉଦ୍ଦିଷ୍ଟ ।

**ଉପମନ୍ତ୍ରୀ** *ବି.* ସହାୟକ ମନ୍ତ୍ରୀ ।

**ଉପମା** *ବି.* ୧. ସାଦୃଶ୍ୟ, ତୁଳନା ୨. ସମାନ ଧର୍ମ ବିଶିଷ୍ଟ ଉପମାନ ଓ ଉପମେୟର ସାଦୃଶ୍ୟ କଥନ ରୂପ ଅର୍ଥାଳଙ୍କାର ବିଶେଷ, ୩. ସୁଜି ଅଥବା ଚାଉଳ ଖୁଦରେ ତିଆରି ଜଳଖିଆ ବିଶେଷ ।

**ଉପମାତା** *ବି.* ୧. ଧାଇ, ପାଳନ୍ତୀ ମା' ୨. ବିମାତା ।

**ଉପମାନ** *ବି.* ଯାହା ସହିତ ଅନ୍ୟ ବସ୍ତୁକୁ ତୁଳନା କରାଯାଏ ।

**ଉପମିତ** *ବିଂ.* ତୁଳନା କରାଯାଇଥିବା, ତୁଳିତ ।

**ଉପମିତି** *ବି.* ୧. ସାଦୃଶ୍ୟ ୨. ଉପମାର୍ଥକ ଅନୁମାନ ।
**ଉପମେୟ** *ବିଂ.* ତୁଳନୀୟ, ଯାହା ସହିତ ତୁଳନା କରାଯାଏ ।
**ଉପଯାଚକ** *ବିଂ.* ନିଜେ ଯାଚିହୋଇ ମାଗନ୍ତା, ଯେ ନିଜେ ଉପସ୍ଥିତ ହୋଇ ମାଗେ ।
**ଉପଯାଚନ** *ବି.* ଭିକ୍ଷା, ମାଗୁଣି ।
**ଉପଯୁକ୍ତ** *ବିଂ.* ୧. ଯୋଗ୍ୟ, ପାରିବାର, ସମକକ୍ଷ ୨. ସମର୍ଥ ୩. ଉଚିତ ୪. ଅନୁରୂପ ।
**ଉପଯୁକ୍ତତା** *ବି.* ୧. ଯୋଗ୍ୟତା ୨. ବୈଧତା ୩. ଯୁକ୍ତିଯୁକ୍ତତା ।
**ଉପଯୋଗ** *ବି.* ୧. ବ୍ୟବହାର ୨. ଲଗାଇବା ୩. ପ୍ରୟୋଗ ।
**ଉପଯୋଗିତା** *ବି.* ୧. ଆବଶ୍ୟକତା ୨. ସାମର୍ଥ୍ୟ ।
**ଉପଯୋଗୀ** *ବିଂ.* ୧. ଯୋଗ୍ୟ ୨. ସମକକ୍ଷ ୩. ଉପଯୁକ୍ତ ।
**ଉପଯୋଜନା** *ବି.* ପରିବେଶ ସହ ମିଶାଇବା, ଅନୁକଳନା ।
**ଉପର** *ବି.* ୧. ଅଗ୍ରଭାଗ, ଉର୍ଦ୍ଧ୍ୱଭାଗ ୨. ବାନ୍ତି ; *ବିଂ.* ପୂର୍ବ, ତଳ ।
**ଉପର ଆୟ** *ବି.* ୨. ନିର୍ଦ୍ଧାରିତ ପରିମାଣରୁ ଅତିରିକ୍ତ ଉପାର୍ଜନ ୨. ଉପୁରି, ଉତ୍କୋଚ , ପ୍ରାପ୍ୟ ବହିର୍ଭୂତ ଆୟ ।
**ଉପରଓଳା** *ବି.* ଅପରାହ୍ଣ, ଦିନ ଦ୍ୱିପ୍ରହର ପରବର୍ତ୍ତୀ ଓ ସନ୍ଧ୍ୟା ପୂର୍ବର ସମୟ ।
**ଉପରଘର** *ବି.* ୧. ଆଗ ସାହାଲା, ଆଗପାଖରେ ଥିବା ଘର ୨. ଉପର ମହଲାଘର ।
**ଉପରଠାଉରିଆ** *ବିଂ.* ବାହ୍ୟିକ, ଆନ୍ତରିକତାହୀନ, ମର୍ମକୁ ନ ପଶି ଉପରେ ଭାସୁଥିବା ।
**ଉପରତ୍ନ** *ବି.* ରତ୍ନପରି ଦିଶୁଥିବା କାଚ, ସ୍ଫଟିକ, ପ୍ରବାଳ, ଶଙ୍ଖ ଆଦି ଦ୍ରବ୍ୟ ।
**ଉପରନ୍ତୁ** *ଅ.* ଏହାଛଡ଼ା, ପୁଣି, ଏଥିପରେ ।
**ଉପରପାଟି** *ବି.* ପାଟିର ଉପରଫାଳ ।
**ଉପରପାହିଆ** *ବି.* ୧. ଉଚ୍ଚତର ସ୍ଥାନ ୨. ଉଚ୍ଚତର ମର୍ଯାଦାଯୁକ୍ତ ପଦ ।
**ଉପରବାଲା** *ବି.* ୧. ଭଗବାନ ୨. ଉପରହାକିମ ।
**ଉପରବୋଲା** *ବିଂ.ବି.* ଯେ ଅନାହୁତ ହୋଇ କଥା କହେ, ଉପରେ ପଡ଼ି କଥାକୁହା, ଉପୁଚିଆ ।
**ଉପରମୁହାଁ** *ବିଂ.ବି.* କଥା ମାନୁ ନ ଥିବା, ଅମାନିଆଁ, ଅବିନୀତ, ଥେଣ୍ଟା, ଅବାଧ୍ୟ ।
**ଉପରାଗ** *ବି.* ୧. ଚନ୍ଦ୍ରଗ୍ରହଣ, ସୂର୍ଯ୍ୟପରାଗ ୨. ବିରାଗ ୩. ଅପବାଦ ।
**ଉପରାଜ୍ୟପାଳ** *ବି.* କେନ୍ଦ୍ରଶାସିତ ଅଞ୍ଚଳର ଶାସନମୁଖ୍ୟ, ଛୋଟ ଲାଟ୍ ।
**ଉପରାଣ** *ବି.* ଓଢ଼ଣି ବସ୍ତ୍ର, ନାରୀମାନଙ୍କ ପିନ୍ଧିବା ଲୁଗା ଉପରେ ଘୋଡ଼ିହେବା ଚାଦର ।
**ଉପରାଷ୍ଟ୍ରପତି** *ବି.* ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ନିର୍ବାଚିତ ଉଚ୍ଚ ପଦାଧିକାରୀ-ଯେ ରାଷ୍ଟ୍ରପତିଙ୍କ ଅନୁପସ୍ଥିତିରେ ତାଙ୍କ କାର୍ଯ୍ୟ ନିର୍ବାହ କରନ୍ତି ।
**ଉପରି** *ଅ.* ଉପରେ, ପରେ ; *ବିଂ.* ମାଗଣା, ଉର୍ଦ୍ଧ୍ୱତନ, ଅଧିକା, ଅତିରିକ୍ତ; *ବି.* ଉପୁରି, ରିସପତ, ଲାଞ୍ଚ, ଭେଟି ।
**ଉପରିଆ** *ବିଂ.* ୧. ବାହାରର, ବାହାରୁ ଆସିଥିବା, ବାହ୍ୟ ୨. ଅତିରିକ୍ତ ୩. ଉତ୍କୋଚ ।
**ଉପରିତନ** *ବିଂ.* ଉର୍ଦ୍ଧ୍ୱରେ ସ୍ଥିତ, ପ୍ରତିଷ୍ଠା ବା ପଦମର୍ଯ୍ୟାଦାରେ ଉଚ୍ଚତର, କ୍ରମରେ ଉଚ୍ଚରେ ଥିବା ।
**ଉପରିଭାଗ** *ବି.* ୧. ଉପରଦିଗ, ଆଗଅଂଶ, ବହିର୍ଭାଗ ୨. ଦ୍ରବ୍ୟାଦିର ପିଠିପଟ ।
**ଉପରିଲିଖିତ** *ବିଂ.* ଯାହା ଉପରେ ଲେଖା ହୋଇଅଛି, ଉପରେ ସୂଚିତ, ଉପର୍ଯ୍ୟୁକ୍ତ ।
**ଉପରିସ୍ଥ** *ବିଂ.* ଉପରେ ବା ଉର୍ଦ୍ଧ୍ୱରେ ସ୍ଥିତ, ଉର୍ଦ୍ଧ୍ୱତନ, ଉପରେ ଥିବା ।
**ଉପରେନ୍** *ବି.* ଉତ୍ତରୀୟ, ସ୍ତ୍ରୀଲୋକଙ୍କର ଉପରି ବସ୍ତ୍ର ।
**ଉପରୋଧ** *ବି.* ୧. ଅତ୍ୟନ୍ତ ଆଗ୍ରହପୂର୍ଣ୍ଣ ଅନୁରୋଧ ୨. ଚକ୍ଷୁଲଜ୍ଜା ୩. ଖାତିର ୪. ଅଟକ, ବାଧା ।
**ଉପରୋଧକ,ଉପରୋଧିଆ** *ବିଂ.* ଯେ ବାଧାଦିଏ, ଅନୁରୋଧକର୍ତ୍ତା ।
**ଉପର୍ଯ୍ୟୁକ୍ତ** *ବିଂ.* ଉଲ୍ଲିଖିତ, ପୂର୍ବବର୍ଣ୍ଣିତ, ଉପରେ ଲିଖିତ ।
**ଉପର୍ଯ୍ୟୁପରି** *ଅ.* ୧. ଗୋଟିକ ଉପରେ ଆଉ ଗୋଟିଏ ୨. ଏହିପରି ୩. ପଛକୁ ପଛ ୪. ଥରକୁ ଥର ୫. ଉପରକୁ ଉପର ।
**ଉପଳ** *ବି.* ପଥର, ଶିଳା ।
**ଉପଳଖଣ୍ଡ** *ବି.* ଛୋଟ ପଥରଖଣ୍ଡ, ବାଲିଗରଡା ।
**ଉପଲବ୍ଧ** *ବିଂ.* ୧. ଜ୍ଞାତ, ଅନୁଭୂତ, ପ୍ରାପ୍ତ ୨. ଅର୍ଜିତ ୩. ମର୍ମ ବୁଝା ଯାଇଥିବା ।
**ଉପଲବ୍ଧି** *ବି.* ୧. ବୋଧ, ଅନୁଭବ ୨. ଜ୍ଞାନ ୩. ପ୍ରାପ୍ତି ୪. ବୁଝିବା ।
**ଉପଲଭ୍ୟ** *ବିଂ.* ୧. ପ୍ରାପ୍ୟ ୨. ଜ୍ଞେୟ ୩. ଅନୁମେୟ ୪. ଅନୁଭବ୍ୟ ୫. ସାଧ୍ୟ ।
**ଉପଲକ୍ଷ** *ବି.* ୧. ଆଧାର ୨. ପ୍ରୟୋଜନ ୩. ଉଦ୍ଦେଶ୍ୟ ୪. ଛଳନା, ଆଳ ।
**ଉପଲକ୍ଷଣ** *ବି.* ଚିହ୍ନ, ସୂଚନା, ଆଭାସ ।
**ଉପଲକ୍ଷିତ** *ବିଂ.* ସୂଚିତ, ଉଦ୍ଦିଷ୍ଟ, ଅନୁମିତ ।

**ଉପଲକ୍ଷିବା** ***କ୍ରି.*** ଆଭାସ ବା ସୂଚନା ଦେବା ।

**ଉପଲେପ, ଉପଲେପନ** ***ବି.*** ୧. ଉପରେ ଦିଆଯିବା ଲେପ ୨. ବୋଳିବା ୩. ମଲମ ୪. ଲିପିବା ।

**ଉପଲେପିତ** ***ବିଂ.*** ଲିପା ଯାଇଥିବା, ଉପରେ ବୋଳାଯାଇଥିବା ।

**ଉପଶମ** ***ବି.*** ୧. ହ୍ରାସ ୨. ନିବୃତ୍ତି ୩. ଶାନ୍ତି, ଇନ୍ଦ୍ରିୟନିଗ୍ରହ, ଲାଘବ ।

**ଉପଶମକ** ***ବିଂ.*** ଯେ ଉପଶମ କରେ, ଯାହାଦ୍ୱାରା ଉପଶମ ହୁଏ, ଭଲ କରୁଥିବା, ହ୍ରାସକାରକ ।

**ଉପଶମନ** ***ବି.*** ଇନ୍ଦ୍ରିୟଦମନ, ହ୍ରାସକରଣ, ଶାନ୍ତାୟନ ।

**ଉପଶମିତ** ***ବିଂ.*** ଶାନ୍ତ, ନିବୃତ୍ତ ।

**ଉପଶାଖା** ***ବି.*** ଶାଖାର ଶାଖା, ପ୍ରଶାଖା ।

**ଉପଶାନ୍ତ** ***ବିଂ.*** ନିବୃତ୍ତ, ହ୍ରାସପ୍ରାପ୍ତ ।

**ଉପଶିରା** ***ବି.*** ସୂକ୍ଷ୍ମଶିରା ।

**ଉପଶିଷ୍ୟ** ***ବି.*** ଶିଷ୍ୟର ଶିଷ୍ୟ, ଛାତ୍ରର ଛାତ୍ର, ପ୍ରଶିଷ୍ୟ ।

**ଉପସଂହରଣ** ***ବି.*** ସଂକୋଚନ, ନିବର୍ତ୍ତନ, ସମାପ୍ତୀକରଣ ।

**ଉପସଂହାର** ***ବି.*** ସମାପ୍ତି, ଶେଷ, ଉଦ୍‌ଯାପନ ।

**ଉପସଂହିତା** ***ବି.*** ସଂହିତାର ଶାଖା ।

**ଉପସର୍ଗ** ***ବି.*** ୧. ଉତ୍ପାତ ୨. ବିଘ୍ନ, ରୋଗରୁ ଜାତ ବିକାର ୩. ମୂଳରୋଗର ଆନୁଷଙ୍ଗିକ ଅନ୍ୟରୋଗ ୪. *ବ୍ୟାକରଣ* ଧାତୁର ପୂର୍ବରୁ ଯୁକ୍ତ ଅର୍ଥ ପରିବର୍ତ୍ତନ କରୁଥିବା ପ୍ର, ପରା, ସମ୍ ଆଦି କୋଡ଼ିଏଟି ଅବ୍ୟୟ ।

**ଉପସଚିବ** ***ବି.*** ଯୁଗ୍ମ-ସଚିବଙ୍କ ନିମ୍ନବର୍ତ୍ତୀ ପଦବୀ, ଡେପୁଟି ସେକ୍ରେଟାରୀ ।

**ଉପସଭାପତି** ***ବି.*** ସଭାପତିଙ୍କ ଅନୁପସ୍ଥିତିରେ ତାଙ୍କ କାର୍ଯ୍ୟ ତୁଲାଉଥିବା ବ୍ୟକ୍ତି ଓ ସେହି ପଦବୀ ।

**ଉପସାଗର** ***ବି.*** ତିନି ପାଖେ ସ୍ଥଳ ବେଷ୍ଟିତ ସାଗରାଂଶ : ଯଥା - ବଙ୍ଗୋପସାଗର ।

**ଉପସେବନ** ***ବି.*** ଉପଭୋଗ, ଇନ୍ଦ୍ରିୟସାଧନ ।

**ଉପସ୍ଥ** ***ବିଂ.*** ନିକଟସ୍ଥ, ସମୀପବର୍ତ୍ତୀ ; ***ବି.*** ୧. ଲିଙ୍ଗ, ଶିଶ୍ନ ୨. ଜନନେନ୍ଦ୍ରିୟ, ଯୋନି ।

**ଉପସ୍ଥାନ** ***ବି.*** ହାଜିରା, ଉପସ୍ଥିତି ।

**ଉପସ୍ଥାନ ଗୃହ** ***ବି.*** ସଭାଘର ।

**ଉପସ୍ଥାନ ସଂଖ୍ୟା** ***ବି.*** ଉପସ୍ଥିତ ବ୍ୟକ୍ତିଙ୍କ ସଂଖ୍ୟା ।

**ଉପସ୍ଥାପକ** ***ବିଂ.*** ଯେ ଉପସ୍ଥିତ କରାଏ, ଯେ ପ୍ରସ୍ତାବ ଆଣେ ବା ପେସ୍ କରାଏ, ପ୍ରସ୍ତାବକାରୀ, ପ୍ରସ୍ତାବକ ।

**ଉପସ୍ଥାପନ** ***ବି.*** ପେସ୍ କରିବା, ପ୍ରସ୍ତାବନ, ସଭାରେ ଆଗତ କରିବା, ଅଣାଇବା ।

**ଉପସ୍ଥାପିତ** ***ବିଂ.*** ପ୍ରସ୍ତାବିତ, ଯାହା ଅଣାଯାଇଛି ବା ପେସ୍ କରାହୋଇଛି ।

**ଉପସ୍ଥିତ** ***ବିଂ.*** ୧. ବର୍ତ୍ତମାନଥିବା, ବିଦ୍ୟମାନ ୨. ଆଗତ, ହାଜର ୩. ନିକଟସ୍ଥ ୪. ବର୍ତ୍ତମାନ ସଂଘଟିତ ୫. ସମ୍ମୁଖବର୍ତ୍ତୀ ।

**ଉପସ୍ଥିତ ବକ୍ତା** ***ବି.*** ଯେ ଆଗରୁ ପ୍ରସ୍ତୁତ ନ ହୋଇ ବକ୍ତୃତା ଦେଇପାରେ ।

**ଉପସ୍ଥିତ ବୁଦ୍ଧି** ***ବି.*** ଆଶୁବୁଦ୍ଧି, ପ୍ରତିଭା, ପ୍ରତ୍ୟୁତ୍ପନ୍ନମତି, ଫିକର, ସଙ୍ଗେ ସଙ୍ଗେ କର୍ତ୍ତବ୍ୟ ସ୍ଥିର କରିବାର କଳା-କୌଶଳ ।

**ଉପସ୍ଥିତି** ***ବି.*** କୌଣସି ସ୍ଥାନରେ ଥିବାର ଅବସ୍ଥା, ହାଜିରି ।

**ଉପହସନୀୟ** ***ବିଂ.*** ଥଟ୍ଟା କରିବାର ଯୋଗ୍ୟ, ଉପହାସଯୋଗ୍ୟ ।

**ଉପହସିତ** ***ବି.*** ଥଟ୍ଟା କରାଯାଇଥିବା, ପରିହାସ କରାଯାଇଥିବା ।

**ଉପହାର** ***ବି.*** ୧. ଭେଟି, ପ୍ରୀତିର ସହିତ ପ୍ରଦତ୍ତ ଦ୍ରବ୍ୟ, ଉପଢ଼ୌକନ ୨. ଚିକ, ଗଳାର ଅଳଙ୍କାର ।

**ଉପହାସ** ***ବି.*** ୧. ଥଟ୍ଟା ପରିହାସ ୨. ବିଦ୍ରୂପ, ଘୃଣାଯୁକ୍ତ ହାସ୍ୟ ୩. ଅନ୍ୟ ଜଣେ ଆଘାତ ପାଇବା ପରି ହସ ।

**ଉପାଖ୍ୟାନ** ***ବି.*** ୧. ଗପ ୨. କଳ୍ପିତ ବୃତ୍ତାନ୍ତ ସଂବଳିତ ଗଦ୍ୟ ରଚନା ୩. ମୂଳ ଆଖ୍ୟାନ ଅନ୍ତର୍ଗତ କ୍ଷୁଦ୍ରକଥା ୪. ଇତିବୃତ୍ତ ।

**ଉପାଙ୍ଗ** ***ବି.*** ୧. ଅଙ୍ଗର ଅଂଶ , ପ୍ରତ୍ୟଙ୍ଗ ୨. ପରିଶିଷ୍ଟ ୩. ଧର୍ମ ସମ୍ପ୍ରଦାୟର ଚିହ୍ନ ସ୍ୱରୂପ ଦେହର ଭିନ୍ନ ଭିନ୍ନ ଅଂଶରେ ଘେନାଯିବା ତିଳକ ବିଶେଷ ୪. ବେଦର ଅଂଶ ବିଶେଷ ।

**ଉପାଚାର୍ଯ୍ୟ** ***ବି.*** କୁଳପତି, ଦୀକ୍ଷାଗୁରୁଙ୍କ ସହକାରୀ, ଆଚାର୍ଯ୍ୟଙ୍କ ସହଯୋଗୀ ।

**ଉପାଡ଼ିବା** ***କ୍ରି.*** ମୂଳରୁ ଟାଣିଆଣିବା, ଘିଚିଆଣିବା ।

**ଉପାଦାନ** ***ବି.*** ୧. ମୂଳସାମଗ୍ରୀ ୨. ଉପକରଣ ୩. ସରଞ୍ଜାମ ।

**ଉପାଦେୟ** ***ବିଂ.*** ଉତ୍କୃଷ୍ଟ, ଉତ୍ତମ, ଯୁକ୍ତିଯୁକ୍ତ, ହିତକାରକ ।

**ଉପାଦେୟତା** ***ବି.*** ଯୌକ୍ତିକତା, ଉତ୍କର୍ଷ, ଆବଶ୍ୟକତା ।

**ଉପାଧାନ** ***ବି.*** ମୁଣ୍ଡତଳେ ଦିଆଯାଉଥିବା ତୁଳାରେ ତିଆରି ଉଚ୍ଚା ଓ ମୋଟା ଗଦି, ମାଣ୍ଡି, ତକିଆ, ମୁତୁଳା ।

**ଉପାଧି** ***ବି.*** ୧. ପଦବୀ, ନାମ ସହିତ ବ୍ୟବହୃତ ସମ୍ମାନ ସୂଚକ ବା ବିଦ୍ୟାବତ୍ତାସୂଚକ ପଦ, ସାଂଜ୍ଞା ୨. ଜାତି ବା ବଂଶସୂଚକ ଉପନାମ ।

**ଉପାଧିପତ୍ର** *ବି.* ସନନ୍ଦ, ଉପାଧି ପାଇବାର ନିଦର୍ଶନ, ଯୋଗ୍ୟତା ନିର୍ଦ୍ଦେଶକ ପ୍ରମାଣପତ୍ର ।

**ଉପାଧ୍ୟାୟ** *ବି.* ଶିକ୍ଷାଗୁରୁ, ଅଧ୍ୟାପକ, ଆଚାର୍ଯ୍ୟ (*ସ୍ତ୍ରୀ.* ଉପାଧ୍ୟାୟିନୀ) ।

**ଉପାଧ୍ୟାୟା** *ବି.* ଶିକ୍ଷୟିତ୍ରୀ, ଅଧ୍ୟାପିକା ।

**ଉପାନ୍ତ** *ବି.* ସୀମା, ପ୍ରାନ୍ତ ;*ବିଂ.* ୧. ନିକଟ ୨. ଉପକଣ୍ଠ ।

**ଉପାନ୍ତ୍ୟ** *ବିଂ.* ସମୀପସ୍ଥ, ଶେଷ ଅଥବା ଆରମ୍ଭର ଠିକ୍ ପୂର୍ବବର୍ତ୍ତୀ ।

**ଉପାନ୍ତ୍ୟବର୍ଣ୍ଣ** *ବି.* ଶବ୍ଦର ଶେଷ ଅକ୍ଷରର ପୂର୍ବବର୍ତ୍ତୀ ସ୍ୱରବର୍ଣ୍ଣ ।

**ଉପାୟ** *ବି.* ୧. ଅବଲମ୍ବନ ୨. ପ୍ରତିକାର ୩. ଧନ ଉପାର୍ଜନ ୪. କୌଶଳ ୫. ଅଭୀଷ୍ଟ ଲାଭର ପ୍ରଣାଳୀ ୬. ପଦ୍ଧତି ୭. ଜୀବିକା ୮. ଯନ୍ତ୍ରମନ୍ତ୍ରର ପ୍ରୟୋଗ ।

**ଉପାୟନ** *ବି.* ୧. ଭେଟି, ଉପହାର, ପାରିତୋଷିକ ୨. ସମୀପଗମନ ୩.ବ୍ରତାଦି ଅନୁଷ୍ଠାନ ।

**ଉପାର୍ଜକ** *ବିଂ.* ଯେ ରୋଜଗାର କରେ, ଅର୍ଜନକାରୀ ।

**ଉପାର୍ଜନ** *ବି.* ଆୟ, ରୋଜଗାର, ଅର୍ଥଲାଭ, କମାଣି ; *ବିଂ.* ଉପାର୍ଜିତ ।

**ଉପାସ** *ବି.* ୧. ଅନାହାର, ଉପବାସ, ଓପାସ ୨. ମାନସିକ ରଖି କାର୍ଯ୍ୟ ହାସଲ ଉଦ୍ଦେଶ୍ୟରେ ନ ଖାଇବା ।

**ଉପାସକ** *ବିଂ.* ୧. ଅଭୀଷ୍ଟ ପୂରଣପାଇଁ ଅନ୍ୟର ସେବା କରୁଥିବା ପୂଜକ, ସାଧକ, ଆରାଧକ ୨. ଅନୁଗତ ସେବକ, ଅନୁସରଣିଆ ।

**ଉପାସନା** *ବି.* ଆରାଧନା, ପୂଜା, ଈଶ୍ୱରଚିନ୍ତା, ପ୍ରାର୍ଥନା ।

**ଉପାସିଆ** *ବିଂ.* କିଛି ଖାଇ ନ ଥିବା, ଓଷା ପାଳନ ଅବକାଶରେ ଖାଇ ନ ଥିବା ।

**ଉପାସ୍ଥି** *ବି.* ନରମା ହାଡ଼ ।

**ଉପାସ୍ୟ** *ବିଂ.* ଉପାସନାଯୋଗ୍ୟ, ଆରାଧ୍ୟ, ପୂଜ୍ୟ, ବନ୍ଦନୀୟ ।

**ଉପାସ୍ୟ ଦେବତା** *ବି.* ଯେଉଁ ଶକ୍ତିକୁ ପୂଜା କରାଯାଏ, ଇଷ୍ଟଦେବତା ।

**ଉପିବା** *କ୍ରି.* ୧. ମାଠିବା ୨. ଚିକ୍କଣ କରିବା ୩. ବୋଳିବା ୪. ଆଣ୍ଟିବା ୫. ରାଜି ହେବା ।

**ଉପୁଚିଆ** *ବିଂ.* ଅଯଥା ହସ୍ତକ୍ଷେପ କରୁଥିବା ବ୍ୟକ୍ତି, ଜବରଦସ୍ତିଆ ।

**ଉପୁଚିବା** *କ୍ରି.* ଉପରକୁ ଉଚ୍ଛୁଳି ପଡ଼ିବା ।

**ଉପୁଜିବା** *କ୍ରି.* ୧. ଜନ୍ମିବା ୨. ଘଟିବା ୩. ସୃଷ୍ଟି ହେବା ।

**ଉପୁଜେଇବା** *କ୍ରି.* ଜନ୍ମକରିବା, ସୃଷ୍ଟିକରିବା, ଭିଆଇବା, ଭେଇବା ।

**ଉପୁରି** *ବି.* ୧. ବେତନ ବାହାରେ ଅଧିକା ଆୟ ୨. ଘୁଷ୍, ଲାଞ୍ଚ, ରିସ୍‌ପତ୍ ।

**ଉପେକ୍ଷକ** *ବିଂ.* ଯେ ହତାଦର କରେ, ବେଖାତିର କରୁଥିବା ।

**ଉପେକ୍ଷଣ** *ବି.* ୧. ଉଦାସୀନତା ୨. ଛାଡ଼ିବା, ତ୍ୟାଗକରିବା, ବର୍ଜନ ୩. ତାଚ୍ଛଲ୍ୟ ।

**ଉପେକ୍ଷଣୀୟ** *ବିଂ.* ହେୟ, ନଗଣ୍ୟ, ଉପେକ୍ଷାର ଯୋଗ୍ୟ ।

**ଉପେକ୍ଷା** *ବି.* ଅବହେଳା, ଅବଜ୍ଞା, ଅସ୍ୱୀକାର ।

**ଉପେକ୍ଷିତ** *ବିଂ.* ୧. ଅବଜ୍ଞାପ୍ରାପ୍ତ, ବର୍ଜିତ, ଅନାଦୃତ ୨. ଛାଡ଼ିଥିବା, ତ୍ୟକ୍ତ ।

**ଉପୋଦ୍‌ଘାତ** *ବି.* ୧. ଉପକ୍ରମ, ଗ୍ରନ୍ଥର ଅବତରଣିକା ୨. ଆରମ୍ଭ ୩. ଭୂମିକା, ପ୍ରସ୍ତାବନା ।

**ଉପ୍ରୋଧ** *ବି.* ୧. ମୁଲାଇଜା, ବନ୍ଧୁତ୍ୱଖାତିର ୨. ଅନୁଚିତ ଶ୍ରଦ୍ଧା ।

**ଉପ୍ରୋଧୀ** *ବିଂ.* ସାହାଯ୍ୟକାରୀ, ଶ୍ରଦ୍ଧାଳୁ, ମୁହଁଇଲାଜକାରୀ ।

**ଉବ(ବୁ)ରିବା** *କ୍ରି.* ଜଣକ ଉପରେ ଜଣେ ପଡ଼ିବା, ବଳି ପଡ଼ିବା, ଆବରା ପଡ଼ିବା ।

**ଉବାଚ** *ବି.* ବଚନ, କଥା, ବକ୍ତବ୍ୟ ; *କ୍ରି.* କହିଲେ ।

**ଉବୁଡ଼ା** *ବିଂ.* ୧. ତଳମୁହାଁ ରଖାଯାଇଥିବା ୨. ଘୋଡା ହୋଇଥିବା ।

**ଉବୁଡ଼ାଇବା** *କ୍ରି.* ଓଲଟାଇ ରଖିବା, ମୁହଁ ତଳକୁ କରି ରଖିବା ।

**ଉବୁରା ପଡ଼ିବା** *କ୍ରି.* ଆବୋରି ବସିବା, ଉପରେ ପଡ଼ି ଅଧିକାର ଜାହିର କରିବା ।

**ଉଭ୍‌ଡା** *ବିଂ.* ଉପରେ ପଡ଼ିବା ।

**ଉଭୟ** *ସ. ବିଂ.* ଦୁଇ, ଏକତ୍ର ଦୁଇ, ଦୁହେଁ, ଯୁଗଳ ।

**ଉଭୟଚର** *ବିଂ.* ଜଳ ଓ ସ୍ଥଳ – ଉଭୟ ସ୍ଥାନରେ ଯେ ବିଚରଣ କରେ ବା ରହେ ।

**ଉଭୟତଃ** *ଅ.* ଦୁଇଦିଗରେ, ଦୁଇପକ୍ଷରେ ।

**ଉଭୟତ୍ର** *ଅ.* ଦୁଇସ୍ଥାନରେ ।

**ଉଭୟଥା** *ଅ.* ଦୁଇପ୍ରକାରେ ।

**ଉଭୟେ** *ସର୍ବ.* ଦୁଇଜଣଯାକ, ଦୁହେଁଯାକ ।

**ଉଭା** *ବିଂ.* ୧. ଠିଆ, ଛିଡ଼ା ୨. ଆବିର୍ଭୂତ ; *ବି.* ଉଚ୍ଚତା ।

**ଉଭାନ** *ବିଂ.* ଆଖି ଆଢୁଆଳକୁ ଚାଲି ଯାଇଥିବା, ଅଦୃଶ୍ୟ, ତିରୋହିତ ।

**ଉଭାରତି** *ବି.* ଠିଆ ଅବସ୍ଥାରେ ଯୌନସଙ୍ଗମ ।

**ଉଭାରିବା** *କ୍ରି.* ଟେକିବା, ଠିଆ କରାଇବା ।

**ଉଭେଇବା** *କ୍ରି.* ଅଦୃଶ୍ୟ ହେବା, ଲୋପପାଇବା, ଗୋପ୍ୟ ହୋଇଯିବା ।

**ଉମ୍‌ରା** *ବିଂ.* ଅବାଧ୍ୟ, ଅମାନିଆ ।

**ଉମର** *ବି.* ବୟସ, ଆୟୁ, ଜୀବନକାଳ ।

**ଉମେଦାର** ***ବିଂ.*** ପ୍ରାର୍ଥନାକାରୀ ; ***ବି.*** ଚାକିରିପାଇଁ ପ୍ରାର୍ଥୀ ।

**ଉମେଦାରି** ***ବି.*** ଅନୁଗ୍ରହନିମିତ୍ତ ପ୍ରାର୍ଥନା ବା ଅନୁସରଣ, ଚାକିରି ପ୍ରାର୍ଥୀ ।

**ଉରସିଜ, ଉରୋଜ** ***ବି.*** ନାରୀର ସ୍ତନ, ବକ୍ଷୋଜ ।

**ଉରସ୍ତ୍ରାଣ** ***ବି.*** ଆଘାତ ସମ୍ଭାଳିବାପାଇଁ ଛାତିରେ ପିନ୍ଧା ଯାଉଥିବା କଠିନ ପଦାର୍ଥ, ସାଞ୍ଜୁ, ବର୍ମ ।

**ଉର୍ବର** ***ବିଂ.*** ପ୍ରଚୁର ଉତ୍ପାଦିକା ଶକ୍ତିଯୁକ୍ତ ।

**ଉର୍ବରକ** ***ବି.*** ସାର, ଶକ୍ତିବର୍ଦ୍ଧକ ପଦାର୍ଥ ।

**ଉର୍ବରତା** ***ବି.*** ପ୍ରଚୁର ଉତ୍ପାଦିକା ଶକ୍ତି ।

**ଉର୍ବରା** ***ବିଂ.*** ଅଧିକ ଶକ୍ତିସମ୍ପନ୍ନ, ଅଧିକ ଉତ୍ପାଦନକାରୀ ।

**ଉଲ୍** ***ବି.*** ପଶମ, ମେଣ୍ଢାଲୋମରୁ ପ୍ରସ୍ତୁତ ପଦାର୍ଥ ।

**ଉଲ୍କା** ***ବି.*** ୧. ଆକାଶରୁ ପଡୁଥିବା ଜ୍ୱଳନ୍ତ ଧାତବ ପିଣ୍ଡ ବା ଶିଳାଖଣ୍ଡ ୨. ଅଗ୍ନିକଣା, ନିଆଁଲୁଣ୍ଡା ।

**ଉଲ୍କାପିଣ୍ଡ** ***ବି.*** ଆକାଶରୁ ପତିତ ଜ୍ୟୋତିର୍ମୟ ଶିଳାଖଣ୍ଡ ।

**ଉଲ୍‌ଖୁଣା** **ବି. ୧. ତୁଳନା ୨. ଦୃଷ୍ଟାନ୍ତ, ଉଦାହରଣ ।**

**ଉଲଗି ହେବା** ***କ୍ରି.*** **ପ୍ରଣାମ କରିବା, ମୁଣ୍ଡିଆ ମାରିବା, ଜୁହାର କରିବା।**

**ଉଲଗ୍ନ** ***ବିଂ.*** ୧. ଲଙ୍ଗଳା, ବିବସ୍ତ୍ର, ନଗ୍ନ, ବସ୍ତ୍ରହୀନ, ଆବରଣହୀନ ୨. ମେଲା ।

**ଉଲା ବିଂ. ଓଲା, ବୋକା, ସହଜରେ ବୁଝି ପାରୁ ନ ଥିବା।**

**ଉଲାଖ** ***ବି.*** ୧. ତୁଳନା ୨. ଚିଠି ଉପରେ ଲେଖାଯିବା ଠିକଣା ୩. ପ୍ରମାଣ ୪. ଦୃଷ୍ଟାନ୍ତ ୫. ଉଲ୍ଲେଖ ।

**ଉଲାର** ***ବି.*** ଶଗଡ଼ ପଛପାଖର ଭାର ଆଗ ପଟର ଭାର ଅପେକ୍ଷା ଅଧିକ ହେଲେ ଜୁଆଳି ନ ଉଠିବାପାଇଁ ଦିଆଯାଉଥିବା ଚାପ ।

**ଉଲାର ବହିବା** ***କ୍ରି.*** ତୁହାକୁ ତୁହା ପବନ ବହିବା ।

**ଉଲାରିବା** ***କ୍ରି.*** ଘର ଛପରରୁ ଛଣ ବାହାରକରିବା, ଗଦାରୁ ଛଣ ବା କୁଟା ଟାଣି ବାହାରକରିବା ।

**ଉଲି** ***ବି.*** ୧. ଏକପ୍ରକାର ବଡ଼ ପିଆଜ ୨. ପିଆଜ, **ଉଇଲ୍,** ଓଏଲ ।

**ଉଲୁ** ***ବି.*** ପେଚା, ଉଲ୍ଲୁକ ;**ବି.ବିଂ.** ବୋକା, ଭକୁଆ।

**ଉଲୁଖଳ** ***ବି.*** ମେଖଳା, କଟିବସ୍ତ୍ର ।

**ଉଲୁଗୁଣା** ***ବି.*** ୧. ଉଘା, ଗୋହି ୨.ଗଞ୍ଜଣା ୩. ଗାଳି ୪. ବୋଲଣା ୫. ଖୁଣ୍ଟା ।

**ଉଲୁଗୁନ୍** ***ବି.*** ବୋହୁ ମାନନୀୟ ବ୍ୟକ୍ତିଙ୍କୁ ଓଳଗି ହେଉଥିବା ବେଳେ ମଥାରେ ଥିବା ମାନ୍ୟବସ୍ତ୍ର ।

**ଉଲୁଛିଆ** ***ବିଂ.*** ଖୁସି, ଆନନ୍ଦିତ, ଉଲ୍ଲସିତ ।

**ଉଲୁଫତ୍** ***ବି.*** ମାହାଳିଆ, ଉପୁରି ।

**ଉଲୁରା** ***ବିଂ.*** ମେଲାଖୋଲା, ଏଣେତେଣେ, ବିକ୍ଷିପ୍ତ, ଅବିନ୍ୟସ୍ତ, ମୁକୁଳା, ଆଲୁଳାୟିତ ।

**ଉଲୁସା** ***ବି.*** ଅତ୍ୟଧିକ ଖୁସି; ***କ୍ରି.*** ଫଉଲି ଉଠିବା, ରୋମ ଟାଙ୍କୁରିବା ।

**ଉଲୁସିବା** ***କ୍ରି.*** ଖୁସିହେବା, ପ୍ରଫୁଲ୍ଲିତହେବା, ରୋମାଞ୍ଚିତହେବା ।

**ଉଲୁକ** ***ବି.*** ଗୋଲ, ଡିମା ଆଖି ଏବଂ ଛୋଟ ବେକଥିବା ରାତ୍ରିଚର ପକ୍ଷୀ, ପେଚା ।

**ଉଲୁକବିଦ୍ୟା** ***ବି.*** କଥିତ କୁହୁକବିଦ୍ୟା ବିଶେଷ – ଯେଉଁ ବିଦ୍ୟା ସାଧନ କଲେ ପେଚାକୁ ଦେଖାଗଲା ପରି ରାତିରେ ବାଟ ଦିଶେ, ଲୁଚା କଥା ଧରାପଡ଼ିଯାଏ ।

**ଉଲୁଖଳ** ***ବି.*** କୌଣସି ପଦାର୍ଥ ଛେଚିବାପାଇଁ ବ୍ୟବହୃତ ମଝି ଖାଲଥିବା କାଠ, ପଥର ବା ଲୁହା ତିଆରି ଉପକରଣ, ଉଦୂଖଳ, ହେମଦସ୍ତା, ଖଲ, ଢ଼େଙ୍କିଭରାଣ୍ଡି ।

**ଉଲୁଳୁ** ***ବି.*** ମୁଖ ଗହ୍ୱରରେ ଜିଭ ସାହାଯ୍ୟରେ ସୃଷ୍ଟ ଧ୍ୱନି, ହୁଳହୁଳି, ଉଲୁଧ୍ୱନି, ମାଙ୍ଗଳିକ ଧ୍ୱନି ।

**ଉଲ୍ଲଙ୍ଘନ** ***ବି.ବିଂ.*** ୧. ଅତିକ୍ରମ ୨. ବିରୁଦ୍ଧାଚରଣ, ନିୟମଭଙ୍ଗ, ଅମାନ୍ୟକରଣ ।

**ଉଲ୍ଲଙ୍ଘନୀୟ** ***ବିଂ.*** ଯାହାକୁ ଅତିକ୍ରମ କରାଯାଇ ପାରେ, ଯାହାକୁ ଡେଇଁଯାଇ ହୁଏ, ଅତିକ୍ରମଣୀୟ ।

**ଉଲ୍ଲମ୍ଫ,ଉଲ୍ଲମ୍ଫନ** ***ବି.*** ଉପରକୁ ଡ଼ିଆଁ, ଉର୍ଦ୍ଧ୍ୱଲମ୍ଫନ ।

**ଉଲ୍ଲମ୍ବ** ***ବିଂ.*** (ବିଜ୍ଞାନ) ଭୂଲମ୍ବ, ଶୀର୍ଷ, ଉର୍ଦ୍ଧ୍ୱ ।

**ଉଲ୍ଲଳିତ** ***ବିଂ.*** କମ୍ପିତ, ଆନ୍ଦୋଳିତ, ଚାଳିତ ।

**ଉଲ୍ଲସିତ** ***ବିଂ.*** ୧. ଆନନ୍ଦିତ, ଆହ୍ଲାଦିତ, ଉତ୍‌ଫୁଲ୍ଲ ୨. ରୋମାଞ୍ଚିତ, ଆନନ୍ଦରେ ଫୁଲିଥିବା ୩. ପ୍ରକାଶିତ ।

**ଉଲ୍ଲସିବା** ***କ୍ରି.*** ଆନନ୍ଦରେ ଫୁଲିଉଠିବା, ରୋମାଞ୍ଚିତ ହେବା ।

**ଉଲ୍ଲାସ** ***ବି.*** ଆନନ୍ଦ, ଆହ୍ଲାଦ, ଅତିଖୁସି ।

**ଉଲ୍ଲାସକ** ***ବିଂ.*** ଆନନ୍ଦକାରକ, ବିହ୍ୱଳକ ।

**ଉଲ୍ଲାସୀ** ***ବିଂ.*** ଆହ୍ଲାଦକାରୀ, ଆନନ୍ଦଦାୟକ ।

**ଉଲ୍ଲିଖିତ, ଉଲ୍ଲେଖି** ***ବିଂ.*** ୧. ଖୋଦିତ, ଉତ୍‌କୀର୍ଣ୍ଣ ୨. ପୂର୍ବେ କଥିତ ୩. ଉପଯୁକ୍ତ ୪. ବର୍ଣ୍ଣିତ ୫. ଉଦ୍ଧୃତ ।

**ଉଲ୍ଲେଖ** ***ବି.*** ୧. ଲେଖିବା ୨. ଖୋଦନ, ଖୋଦେଇ କରିବା ୩. ବର୍ଣ୍ଣନ, କଥନ, ପ୍ରକାଶନ ୪. ବାକ୍ୟାଦିର ଉଦ୍ଧାର ୫. କାବ୍ୟାଳଙ୍କାର ବିଶେଷ- ଏକ ପଦାର୍ଥକୁ ବିବିଧ ପ୍ରକାରରେ ଉଲ୍ଲେଖ କଲେ ଉଲ୍ଲେଖ ଅଳଙ୍କାର ହୁଏ ।

**ଉଲ୍ଲେଖନୀୟ, ଉଲ୍ଲେଖ୍ୟ** ***ବିଂ.*** ଲିଖିତ ବା ବର୍ଣ୍ଣିତ ହେବା ଯୋଗ୍ୟ ।

**ଉଲ୍ଲୋଳ** ***ବିଂ.*** ୧. ଦୋହଲୁଥିବା, ଦୋଦୁଲ୍ୟମାନ ୨. ଚଞ୍ଚଳ, ଚଳନଶୀଳ, ଗତିଶୀଳ; ***ବି.*** ବଡ଼ଢେଉ, ବଡ଼ତରଙ୍ଗ, କଲ୍ଲୋଳ ।

**ଉଶୀର, ଉଷୀର** ***ବି.*** ବେଣାଚେର ।

**ଉଶ୍ବାସ** ***ବିଂ.*** ୧. ହାଲୁକା, ଅଳ୍ପ ଓଜନିଆ, ଲଘୁ ୨. ସହଜ ।

**ଉଷସୀ** ***ବି.*** ସନ୍ଧ୍ୟା, ସୂର୍ଯ୍ୟାସ୍ତ ସମୟ ।

**ଉଷ୍ମ** ***ବିଂ.*** ତପ୍ତ, ତାତିଲା, ପ୍ରଖର ।

**ଉଷ୍ମତା** ***ବି.*** ୧. ତାପ, ତାପମାତ୍ରା ୨. ତୀବ୍ରତା ୩. ଫୁର୍ତ୍ତି ।

**ଉଷ୍ମବର୍ଣ୍ଣ** ***ବି.*** ଯେଉଁ ବର୍ଣ୍ଣ ଉଚ୍ଚାରଣ ବେଳେ ଘର୍ଷଣ ସୃଷ୍ଟି କରେ ଯଥା-ପ, ଟ, କ ।

**ଉଷା** ***ବି.*** ବଡ଼ିଭୋର, ପ୍ରତ୍ୟୁଷ, ପ୍ରଭାତ, **ସୂର୍ଯ୍ୟୋଦୟର** ପୂର୍ବଅବସ୍ଥା, ଝଟଝଟିଆ ।

**ଉଷିତ** ***ବିଂ.*** ସଢ଼ା, ବାସି ।

**ଉଷୁଆଁ** ***ବିଂ.*** ଦରସିଝା, ଅଧାସିଝା ।

**ଉଷୁନା** ***ବିଂ.*** ସିଝା ଧାନରୁ ପ୍ରସ୍ତୁତ (ଚାଉଳ) ।

**ଉଷୁମ** ***ବିଂ.*** ତାତିଲା, ଗରମ ; ***ବି.*** ତାତି, ଉଷ୍ମତା ।

**ଉଷୁମାଇବା** ***କ୍ରି.*** ୧. ନିଆଁରେ ଗରମ କରିବା ୨. ଅଣ୍ଡାକୁ ଫୁଟିବା ଉପଯୋଗୀ କରିବାକୁ ମା' ପକ୍ଷୀ ଡିମ୍ବକୁ ଉତ୍ତାପ ଦେବା ।

**ଉଷେଇଁବା** ***କ୍ରି.*** ଧାନକୁ ପାଣିରେ ସିଝାଇବା ।

**ଉଷୋ** ***ବି.*** ଓଷଦ, ଓଷୋ ।

**ଉଷ୍ଟ୍ର** ***ବି.*** ମରୁଭୂମିରେ ଅଧିକ ସମୟ ଖାଦ୍ୟ ଓ ପାଣି ନ ପିଇ ରହିପାରୁଥିବା ଲମ୍ବଗୋଡ଼ ଓ ବେକ ଏବଂ ପିଠିରେ କୁଜ ଥିବା ପଶୁ, ଓଟ ।

**ଉଷ୍ଣ** ***ବିଂ.*** ୧. ଗରମ, ତପ୍ତ ୨. କ୍ରୁଦ୍ଧ ୩. ପ୍ରଖର ; ***ବି.*** ୧. ଗ୍ରୀଷ୍ମକାଳ, ରୌଦ୍ର, ଖରା, ଆତପ, କ୍ରୋଧ ।

**ଉଷ୍ଣପ୍ରସ୍ରବଣ** ***ବି.*** ସ୍ୱତଃ ଭୂଗର୍ଭରୁ ବାହାରୁଥିବା ଗରମ ପାଣିର ଉତ୍ସ, ଉଷୁମ ପାଣିର ଝର ।

**ଉଷ୍ଣୀଶ** ***ବି.*** ଠେକା, ପଗଡ଼ି, ପାଗ, ମସ୍ତକାବରଣ ।

**ଉସତ,ଉଷତ** ***ବିଂ.*** ଆହ୍ଲାଦିତ, ଉଲ୍ଲସିତ, ଆନନ୍ଦିତ ।

**ଉସ୍ମୂଳିଆ** ***ବିଂ.ବି.*** ଝାଳୁଆଗନ୍ଧ, ବିକୃତଗନ୍ଧ ।

**ଉସିନ୍ଦ୍ରା** ***ବିଂ.*** ଅନିଦ୍ରା, ଉଜାଗ, ରାତିରେ ଜାଗିରହିବା, ଓଷ୍ନିଦ୍ରା ।

**ଉସ୍କାଇବା** ***କ୍ରି.*** ମତାଇବା, ପ୍ରବର୍ତ୍ତାଇବା, ଉତ୍ସାହିତ କରିବା, ଉଖାରିବା, ଚିହାଇବା ।

**ଉସ୍କାଣ, ଉସୁକାଣ** ***ବି.*** ଚିହାଣ, ପ୍ରବର୍ତ୍ତାଣ, ପ୍ରବର୍ତ୍ତନା, ପ୍ରଚୋଦନା ।

**ଉହା** ***ବି.*** ୧. କମାର ଓ କୁମ୍ଭାରର ଚୁଲି ୨. ନାକରୋଗ, ନାକ ଭିତରେ ଉଠିଥିବା ବ୍ରଣ ୩. ଅନୁମାନ, ବିଚାର, ତର୍କଣା ୪. ଲୁହା ଘଷିବାପାଇଁ ବ୍ୟବହୃତ ଉପକରଣ ବିଶେଷ ୫. ଧାତୁଆଦି ଆଉଟିବା ପାତ୍ର ।

**ଉହାଡ଼** ***ବି.*** ଅନ୍ତରାଳ, ଆବରଣ, ଆଡୁଆଳ ।

**ଉହାଡ଼ିଆ** ***ବିଂ.*** ଦେଖାଯାଉନଥିବା, ଅଦୃଶ୍ୟରେ ରହିଥିବା ।

**ଉହୁଙ୍କିବା** ***କ୍ରି.*** ଉପରକୁ ଲମ୍ଫ ଦେବା, ଆକ୍ରମଣ କରିବାକୁ ଉଦ୍ୟତ ହେବା, ମାରିବାକୁ ଉଞ୍ଚେଇବା ।

**ଉ ହେବା** ***କ୍ରି.*** ଘା' ହେବା ।

**ଉହ୍ଲେଇ** ***ବି.*** ନିଆଁ ରଖାଯାଉଥିବା ପଲମ, ଅଙ୍ଗାରଧାନିକା, ଅଙ୍ଗାର ପାତ୍ର, ଉଠାଚୁଲି ।

# ଊ

**ଊ** *ବି.* ଓଡ଼ିଆ ବର୍ଣ୍ଣମାଳାର ଷଷ୍ଠ ଅକ୍ଷର, ଷଷ୍ଠ ସ୍ୱରବର୍ଣ୍ଣ ।

**ଊ କାର** *ବି.* ବ୍ୟଞ୍ଜନ ବର୍ଣ୍ଣର ତଳେ ଦିଆଯିବା (ୂ) ଚିହ୍ନ ବା 'ଊ' ମାତ୍ରା ।

**ଊଢ଼** *ବିଂ.* ବିବାହିତ, ନବୋଢ଼, *ସ୍ତ୍ରୀ.* ଊଢ଼ା ।

**ଊଣା** *ବିଂ.* ୧. କମ୍, ଅଳ୍ପ ୨. ନୀଚ, ତୁଚ୍ଛ, ସାମାନ୍ୟ ୩. କମିଥିବା ୪. ନିକୃଷ୍ଟ, ନ୍ୟୂନ; *ବି.* ୧. କମି, ନଅଣ୍ଟହେବା ୨. ଲୋକସାନ ୩. ତୁଳନାରେ କମ୍ ।

**ଊତ** *ବିଂ.* ୧. ବୁଣା ହୋଇଥିବା ୨. ଗୁନ୍ଥା ହୋଇଥିବା ୩. ସିଆଁ ହୋଇଥିବା ।

**ଊତପ୍ରୋତ** *ବିଂ.* ୧. ନିବିଡ଼ ଭାବରେ ବୁଣା ହୋଇଥିବା ୨. ଛନ୍ଦଣିମନ୍ଦଣି ।

**ଊନ** *ବିଂ.* ୧. ଊଣା ୨. ନ୍ୟୂନ, ନିକୃଷ୍ଟ, ହୀନ ୩. କ୍ଷୁଦ୍ରତର ୪. ଅସଂପୂର୍ଣ୍ଣ ୫. ଦୁର୍ବଳ ।

**ଊନଚାଳିଶ** *ବି.* ଅଣଚାଳିଶ, ଚାଳିଶରୁ ଏକ କମ୍, ୩୯ ।

**ଊନତ୍ରିଂଶ** *ବି.* ଅଣତିରିଶ, ତିରିଶରୁ ଏକ କମ୍, ୨୯ ।

**ଊନପଞ୍ଚାଶ** *ବି.* ଅଣଚାଶ, ପଚାଶରୁ ଏକ କମ୍, ୪୯ ।

**ଊନବିଂଶ** *ବି.* ଉଣେଇଶ, କୋଡ଼ିଏରୁ ଏକ କମ୍, ୧୯ ।

**ଊନବିଂଶତମ** *ବିଂ.* ଉଣେଇଶସ୍ଥାନୀୟ, ଉଣେଇଶ ସଂଖ୍ୟାର ପୂରକ ।

**ଊନବିଂଶତି** *ବି.* ଉଣେଇଶ, କୋଡ଼ିଏରୁ ଏକ କମ୍, ୧୯ ।

**ଊନଷଷ୍ଠୀ** *ବି.* ଅଣଷଠି, ଷାଠିଏରୁ ଏକ କମ୍, ୫୯ ।

**ଊନସପ୍ତତି** *ବି.* ଏକ କମ୍ ସତୁରି, ଅଣସ୍ତରି, ୬୯ ।

**ଊନାଶୀତି** *ବି.* ଅଣାଅଶୀ, ଅଶୀରୁ ଏକ କମ୍, ୭୯ ।

**ଊ ଫଳା** *ବି.* ଉକାର, ଉମାତ୍ରା ( ୂ ) ।

**ଊରୁ** *ବି.* ଜଙ୍ଘ, ଆଣ୍ଠୁର ଉପରିସ୍ଥ ଅଂଶ ।

**ଊରୁଜ** *ବି.* ବୈଶ୍ୟ, ଯେଉଁ ଜାତି ବ୍ରହ୍ମାଙ୍କ ଜଙ୍ଘରୁ ଜାତ ବୋଲି ବିଶ୍ୱାସ ।

**ଊରୁପୂର୍ବ** *ବି.* ଆଣ୍ଠୁ ।

**ଊରୁଭଙ୍ଗ** *ବି.* ଜାନୁଭଙ୍ଗ ।

**ଊରୁସନ୍ଧି** *ବି.* ଜଙ୍ଘର ସନ୍ଧି ।

**ଊର୍ଜଃ** *ବି.* ୧. ତେଜ ୨. ଶକ୍ତି, ବଳ ୩. ଉତ୍ସାହ ।

**ଊର୍ଜସ୍ୱଳ** *ବିଂ.* ୧. ବଳବାନ୍, ମହାବଳ ୨. ତେଜସ୍ୱୀ ।

**ଊର୍ଜସ୍ୱୀ** *ବିଂ.* ବଳବାନ ୨. ତେଜସ୍ୱୀ ୩. କାବ୍ୟାଳଙ୍କାର ବିଶେଷ ।

**ଊର୍ଜା** *ବି.* ୧.ଶକ୍ତି ୨.ବିଜୁଳି ଶକ୍ତି ୩. ବଳ, କାର୍ଯ୍ୟ କରିବାର କ୍ଷମତା ।

**ଊର୍ଣ୍ଣନାଭ** *ବି.* ଶରୀରରୁ ସରୁ ସୂତା ତିଆରି କରୁଥିବା ଏକ ପ୍ରକାର ପୋକ, ବୁଢ଼ିଆଣୀ, ମାଙ୍କଡସା, ମକରା ।

**ଊର୍ଣ୍ଣା** *ବି.* ୧. ବୁଢ଼ିଆଣୀ ସୂତା ୨. ପଶମ, ମେଣ୍ଢାଦି ପଶୁଙ୍କ ଲୋମ ।

**ଊର୍ଣ୍ଣାବସ୍ତ୍ର** *ବି.* ପଶମକପଡ଼ା ।

**ଊର୍ଦ୍ଧ୍ୱ** *ବି.* ୧. ଉପର ୨. ଉଚ୍ଚତା ୩. ସ୍ୱର୍ଗ ୪. ଆକାଶ; *ବିଂ.* ୧. ଉପରିସ୍ଥ ୨. ଉଚ୍ଚ ୩. ଅଧିକ ।

**ଊର୍ଦ୍ଧ୍ୱକ** *ବି.* ୧. ମୃଦଙ୍ଗ ବିଶେଷ ୨. ବଡକାଠ ।

**ଊର୍ଦ୍ଧ୍ୱକେଶ** *ବି.* ଶିବ, ଯାହାଙ୍କ କେଶ ଊର୍ଦ୍ଧ୍ୱମୁଖୀ ।

**ଊର୍ଦ୍ଧ୍ୱଗ** *ବିଂ.* ୧. ଉପରକୁ ଉଠୁଥିବା ୨. ଆରୋହୀ ୩. ଆକାଶଗାମୀ ୪. ସ୍ୱର୍ଗଗାମୀ ।

**ଊର୍ଦ୍ଧ୍ୱଗତି** *ବି.* ଉପରକୁ ଗତି ।

**ଊର୍ଦ୍ଧ୍ୱଗାମୀ** *ବିଂ.* ୧. ଉପରକୁ ଉଠୁଥିବା, ଉପରକୁ ଗତି କରୁଥିବା ୨. ମୃତବ୍ୟକ୍ତିର ଉତ୍ତର ପୁରୁଷର ଉତ୍ତରାଧିକାରୀମାନଙ୍କୁ ପ୍ରାପ୍ତ ହେଉଥିବା (ସମ୍ପତ୍ତି) ୩. ପୁଣ୍ୟାତ୍ମା ।

**ଊର୍ଦ୍ଧ୍ୱଚରଣ** *ବିଂ.* ଯାହାର ପାଦ ଉପରକୁ, ଊର୍ଦ୍ଧ୍ୱପାଦ ; *ବି.* ୧.ଶରଭ, ଅଷ୍ଟପାଦବିଶିଷ୍ଟ ପୌରାଣିକ ଜୀବ ୨. ଝିଣ୍ଟିକା ୩. ଗୋଡ଼ଟେକି ତପସ୍ୟା କରୁଥିବା ବ୍ୟକ୍ତି ।

**ଊର୍ଦ୍ଧ୍ୱତନ** *ବିଂ.* ଉପରିସ୍ଥ, ପଦମର୍ଯ୍ୟାଦାରେ ଉପରେ ଥିବା ।

**ଊର୍ଦ୍ଧ୍ୱତମ** *ବିଂ.* ସବୁଠାରୁ ଉଚ୍ଚ ।

**ଊର୍ଦ୍ଧ୍ୱତର** *ବିଂ.* ଅପେକ୍ଷାକୃତ ଊର୍ଦ୍ଧ୍ୱ, ଉଚ୍ଚତର ।

**ଊର୍ଦ୍ଧ୍ୱତାଳ** *ବି.* ସଙ୍ଗୀତର ଏକ ତାଳ ବିଶେଷ ।

**ଊର୍ଦ୍ଧ୍ୱଦୃଷ୍ଟି** *ବି.* ଉପରକୁ ଦୃଷ୍ଟି ।

**ଊର୍ଦ୍ଧ୍ୱଦେବ** *ବି.* ୧. ଆକାଶରେ ଥିବା ଦେବତା, ସୂର୍ଯ୍ୟ ୨. ବିଷ୍ଣୁ ।

**ଊର୍ଦ୍ଧ୍ୱଦେହ** *ବି.* ମରଣାନ୍ତର ଦେହ, ସୂକ୍ଷ୍ମଶରୀର ।

**ଊର୍ଦ୍ଧ୍ୱପାତନ** *ବି.* ଉତ୍ତପ୍ତ କଲେ ବସ୍ତୁ ତରଳ ଅବସ୍ଥାକୁ ନ ଯାଇ ସିଧା ବାଷ୍ପୀୟ ଅବସ୍ଥାକୁ ଚାଲିଯିବା ପ୍ରକ୍ରିୟା ।

**ଊର୍ଦ୍ଧ୍ୱପାଦ** *ବିଂ.* ଗୋଡ ଉପରକୁ ଓ ମୁଣ୍ଡ ତଳକୁ ହୋଇଯିବା ।

**ଊର୍ଦ୍ଧ୍ୱପୁଣ୍ଡ୍ର** *ବି.* ଠିଆଚିତା, ଊର୍ଦ୍ଧ୍ୱମୁଖ ତିଳକ ।

**ଊର୍ଦ୍ଧ୍ୱବାୟୁ** *ବି.* ୧. ହାକୁଟି, ଏଉଡ଼ି ୨. ଖର ନିଃଶ୍ୱାସ ୩. ମୃତ୍ୟୁକାଳୀନ ଉପରକୁ ଉଠିବା ବାୟୁ ।

**ଊର୍ଦ୍ଧ୍ୱବାହୁ** *ବି.* ସର୍ବଦା ବାହା ଉପରକୁ ଟେକି ତପସ୍ୟା କରୁଥିବା ତପସ୍ୱୀ ; *ବିଂ.* ଉପରକୁ ହାତ ଟେକିଥିବା ।

**ଊର୍ଦ୍ଧ୍ୱବିନ୍ଦୁ** *ବି.* ୧. ଶୀର୍ଷ, ଶୀର୍ଷବିନ୍ଦୁ ୨. ଚରମ ସୀମା ୩. ମସ୍ତକ ଉପରର ଶୀର୍ଷତମ ବିନ୍ଦୁ ।

**ଊର୍ଦ୍ଧ୍ୱଭଙ୍ଗ *ବି.*** ପଥରର ଖିଲାଣ ସଦୃଶ ଫାଟ ।

**ଊର୍ଦ୍ଧ୍ୱମୁଖ *ବିଂ.*** ଉପରମୁହାଁ, ଯେ ଉପରକୁ ମୁହଁ ଟେକି ରହିଥାଏ ।

**ଊର୍ଦ୍ଧ୍ୱମୁହାଁ *ବିଂ.*** ୧. ଉପର ମୁହାଁ ୨. ଉଚ୍ଚାକାଙ୍‌କ୍ଷାଗ୍ରସ୍ତ ।

**ଊର୍ଦ୍ଧ୍ୱରେତ, ଊର୍ଦ୍ଧ୍ୱରେତା *ବିଂ.*** ୧. ଯେଉଁ ବ୍ୟକ୍ତିର ଶୁକ୍ର ବା ବୀର୍ଯ୍ୟ ସ୍ଖଳିତ ହୁଏ ନାହିଁ ୨. ଇନ୍ଦ୍ରିୟ ସଂଯମକାରୀ, ବ୍ରହ୍ମଚର୍ଯ୍ୟ ବ୍ରତଧାରୀ ; ***ବି.*** ୧. ଇନ୍ଦ୍ରିୟ ସଂଯମୀ ଋଷି, ବ୍ରହ୍ମଚାରୀ ୨. ଶିବ ୩. ହନୁମାନ ।

**ଊର୍ଦ୍ଧ୍ୱଲିଙ୍ଗ *ବି.*** ଶିବ ।

**ଊର୍ଦ୍ଧ୍ୱଲୋକ *ବି.*** ସ୍ୱର୍ଗଲୋକ, ଆକାଶ ।

**ଊର୍ଦ୍ଧ୍ୱଶାୟୀ *ବିଂ.*** ଚିତ୍ ହୋଇ ଶୋଇଥିବା, ଉପରକୁ ମୁହଁକରି ଶୋଇଥିବା ।

**ଊର୍ଦ୍ଧ୍ୱଶ୍ୱାସ *ବି.*** ୧. ଅଣଚାଶ ବହିବା ୨. ଧଇଁସଇଁ ହେବା, ଖର ନିଃଶ୍ୱାସ ୩. ଧକାଇବା ।

**ଊର୍ଦ୍ଧ୍ୱାୟନ *ବି.*** ଉପରକୁ ଗତି, ଉତ୍ତରଣ ।

**ଊର୍ଦ୍ଧ୍ୱାରୋହଣ *ବି.*** ସ୍ୱର୍ଗଗମନ, ମୃତ୍ୟୁ ।

**ଊର୍ମ *ବି.*** ପ୍ରକୃତି ଓ ଦେହର ପାଞ୍ଚକଳା ମଧ୍ୟରୁ ଏକତମ (ଊର୍ମ, ଧୂର୍ମ, ଜ୍ୟୋତି, ଜ୍ୱାଳା, ବିନ୍ଦୁ) ।

**ଊର୍ମି *ବି.*** ଢେଉ, ତରଙ୍ଗ, ଲହରୀ ।

**ଊର୍ମିମାଳୀ *ବି.*** ସମୁଦ୍ର ।

**ଊର୍ମିଳ *ବିଂ.*** ତରଙ୍ଗମୟ, ଲହରୀଯୁକ୍ତ ।

**ଊଲୁକ୍ *ବି.*** ପେଚା ।

**ଊଷ *ବି.*** ୧. ଲୁଣିମାଟି, ଖାରିଆମାଟି ୨. ପ୍ରତ୍ୟୁଷ, ବଡ଼ିଭୋର ୩. କଅଁଳ କାକର ।

**ଊଷର *ବିଂ.*** ୧. ଖାରିଆ, ଲୁଣିଆ ୨. ଅନୁର୍ବର ।

**ଊହିବା *କ୍ରି.*** ତର୍କଣା କରିବା, ବିଚାର କରିବା ।

**ଊହ୍ୟ *ବିଂ.*** ୧. ପୂରଣଯୋଗ୍ୟ ଶୂନ୍ୟ ୨. ଅନୁକ୍ତ ହେଲେହେଁ ଅନୁମେୟ ୩. ବାକ୍ୟ ମଧ୍ୟରେ ଲୁପ୍ତ ୪. ଗୋପନୀୟ ।

# ଋ

**ଋ ବି.** ସପ୍ତମ ଓଡ଼ିଆ ସ୍ୱରବର୍ଣ୍ଣ ।

**ଋକ୍ ବି.** ବେଦମନ୍ତ୍ର ।

**ଋକାର ବି.** ବ୍ୟଞ୍ଜନ ବର୍ଣ୍ଣର ତଳେ ଯୋଗ ହେବା ( ୃ ) ଚିହ୍ନ ।

**ଋଗ୍‌ବେଦ ବି.** ବ୍ୟାସଦେବଙ୍କଦ୍ୱାରା ଚାରିଗୋଟି ଭାଗ (ଋକ୍, ସାମ, ଯଜୁଃ, ଅଥର୍ବ)ରେ ସମ୍ପାଦିତ ଭାରତୀୟ ଅନୁଭବ, ଜୀବନ ଦର୍ଶନ ଓ ଜ୍ଞାନଗ୍ରନ୍ଥର ପଦ୍ୟମୟ ବେଦମନ୍ତ୍ର ।

**ଋଗ୍‌ବେଦ ସଂହିତା ବି.** ଋକ୍‌ବେଦର ସୂକ୍ତସମ୍ବଳିତ ଗ୍ରନ୍ଥ ।

**ଋଜୁ ବିଂ.** ୧. ସହଜ, ସରଳ, ସାଧାସିଧା ୨. ଯାହା ବକ୍ର ନୁହେଁ ୩. ପବିତ୍ର ୪. କୋମଳ (ହୃଦୟ) ।

**ଋଜୁତା ବି.** ସରଳତା, ଛଳନାହୀନ ।

**ଋଣ ବି.** ସୁଧ ଦେଇ ଟଙ୍କା ନେବା, କରଜ ।

**ଋଣକର୍ତ୍ତା ବି.** ଯେ ଋଣ କରେ, ଖାତକ, କରଜକାରୀ ।

**ଋଣଗ୍ରସ୍ତ ବିଂ.** କରଜରେ ବୁଡ଼ିଥିବା ।

**ଋଣଗ୍ରାହୀ ବିଂ.** ଯେ କରଜ ନିଏ, ଖାତକ ।

**ଋଣଦାତା ବି.** ଯେ ଋଣ ଦେଇଥାଏ, ମହାଜନ, ସାହୁକାର ।

**ଋଣପତ୍ର ବି.** ଋଣ ତମସୁକ, ଋଣ ଗ୍ରହଣ ନିମିତ୍ତ ଚୁକ୍ତିପତ୍ର ।

**ଋଣବ୍ୟବସ୍ଥା ବି.** ଋଣ ଦେବାର ସୁଯୋଗ, ଋଣ ଦେବାର ସୁବିଧା ।

**ଋଣମୁକ୍ତ ବିଂ.** କରଜ ଶୁଝି ଦାୟମୁକ୍ତ ।

**ଋଣଶୋଧ ବି.** ଦେଣା ପରିଶୋଧ, ଦେଣା ଶୁଝିବା ।

**ଋଣସଙ୍କଟ ବି.** ଋଣରେ ବୁଡ଼ିବା ଅବସ୍ଥା, ଋଣ ଶୁଝି ନ ପାରିବା ଅବସ୍ଥା, ଦେବାଳିଆ ଅବସ୍ଥା ।

**ଋଣସ୍ଫୀତି ବି.** ଋଣର ବହୁଳତା, କରଜର ଆଧିକ୍ୟ ।

**ଋଣୀ ବିଂ. ବି.** ୧. ଋଣ କରିଥିବା, ଅନ୍ୟଠାରୁ କରଜ ଆଣିଥିବା(ବ୍ୟକ୍ତି), ଖାତକ ୨. ଉପକାରୀ ନିକଟରେ କୃତଜ୍ଞ ।

**ଋତ ବି.** ୧. ପରମ୍‌ବ୍ରହ୍ମ ୨. ସତ୍ୟ ୩. ପାଣି ୪. କଳ୍ପନା ।

**ଋତୁ ବି.** ୧. ପୃଥିବୀ ସହିତ ସୂର୍ଯ୍ୟଙ୍କ ଆପେକ୍ଷିକ ସ୍ଥିତି ଅନୁସାରେ ବର୍ଷର ଏକ ଷଷ୍ଠାଂଶ ୨. ନିର୍ଦ୍ଦିଷ୍ଟ ପ୍ରାକୃତିକ ପରିବର୍ତ୍ତନ ଦେଖାଦେଉଥିବା ଦୁଇ ମାସର ସମୟ ୩. ନାରୀମାନଙ୍କର ଜରାୟୁରୁ ନିର୍ଗତ ମାସିକ ରଜସ୍ରାବ ।

**ଋତୁ ଅଋତୁ ବି.** ସମୟ ଅସମୟ, ବେଳ ଅବେଳ ।

**ଋତୁକାଳ ବି.** ୧. ଋତୁର ଭୋଗ ସମୟ ୨. ନାରୀମାନଙ୍କ ରଜସ୍ରାବର ସମୟ ।

**ଋତୁଗତ ବିଂ.** ଋତୁକାଳୀନ, ଋତୁଭିତ୍ତିକ ।

**ଋତୁପତି ବି.** ବସନ୍ତକାଳ, ଋତୁଗୁଡ଼ିକ ମଧ୍ୟରେ ଶ୍ରେଷ୍ଠ ।

**ଋତୁ ପରିବର୍ତ୍ତନ ବି.** ଋତୁବଦଳ, ଗୋଟିଏ ଋତୁ ପରେ ଅନ୍ୟ ଋତୁର ପ୍ରବେଶ ।

**ଋତୁମତୀ ବିଂ.** ପୁଷ୍ପବତୀ, ରଜୋବତୀ, ବାଳିକା ଶରୀରରେ ଯୌବନ ସଞ୍ଚାରଜନିତ ଦୈହିକ ପରିବର୍ତ୍ତନ ।

**ଋତୁମୁଖ ବି.** ଋତୁ ଆରମ୍ଭ ହେବା କାଳ, ଋତୁ ଆଦ୍ୟାବସ୍ଥା ।

**ଋତୁମେଘ ବି.** ବର୍ଷାକାରୀ ମେଘ ।

**ଋତୁରାଜ ବି.** ବସନ୍ତଋତୁ ।

**ଋତୁସନ୍ଧି ବି.** ଦୁଇ ଋତୁର ମିଳନ କାଳ ।

**ଋତୁସ୍ନାନ ବି.** ରଜୋଦର୍ଶନର ଚତୁର୍ଥ ଦିବସର ଶୁଦ୍ଧସ୍ନାନ ।

**ଋତ୍ୱିକ୍ ବି.** ୧. ପୁରୋହିତ ୨. ବରଣ ହୋଇ ଯଜ୍ଞ କରିବା ବ୍ୟକ୍ତି ୩. ଋଗ୍‌ବେଦବିତ୍ ।

**ଋଦ୍ଧି ବି. ସମ୍ପତ୍ତି, ସମୃଦ୍ଧି, ଲକ୍ଷ୍ମୀ ।**

**ଋଦ୍ଧିମନ୍ତ ବିଂ.** ସମୃଦ୍ଧ, ସୁଗୁଣ ବା ବିଭବ ଯୁକ୍ତ ।

**ଋଦ୍ଧିମାନ ବିଂ.** ଧନଶାଳୀ, ଲକ୍ଷ୍ମୀବନ୍ତ ।

**ଋଫଳା ବି.** ଲିପିରେ 'ଋ'ର ସଂଯୋଗ ଦର୍ଶାଉଥିବା ଚିହ୍ନ ( ୃ ) ।

**ଋଷଭ ବି.** ୧. ଷଣ୍ଢ ୨. ପ୍ରଧାନ ବ୍ୟକ୍ତି ୩. ସଙ୍ଗୀତଶାସ୍ତ୍ରର ସପ୍ତସ୍ୱର ମଧ୍ୟରୁ ଦ୍ୱିତୀୟ ସ୍ୱର, ରି ସ୍ୱର ୪. ଜୈନମୁନି ବିଶେଷ ।

**ଋଷି ବି.** ୧. ମୁନି ୨. କବି ୩. ମନ୍ତ୍ରଦ୍ରଷ୍ଟା ୪. ତପସ୍ୱୀ ।

**ଋଷିକଳ୍ପ ବିଂ.** ଋଷିଙ୍କ ସଦୃଶ, ଋଷିତୁଲ୍ୟ ।

**ଋଷ୍ୟ ବି.** ଦେହରେ ଧଳା ଚିହ୍ନ ଥିବା ଦ୍ରୁତ ଗତିଶୀଳ ହରିଣ ବିଶେଷ ।

**ଋକ୍ଷ ବି.** ୧. ଭାଲୁ ୨. ପର୍ବତ ୩. ନକ୍ଷତ୍ର, ତାରା ।

**ଋକ୍ଷପତି ବି.** ୧. ଚନ୍ଦ୍ର ୨. ଜାମ୍ବବାନ ।

# ଏ

**ଏ** ***ବି.*** ଦଶମ ସ୍ୱରବର୍ଣ୍ଣ ; ***ଅ.*** ସଂବୋଧନ ବିଶେଷ ; ***ସର୍ବ.*** ଏହା, ଏଇ ।

**ଏଁ** ***ଅ.*** ଓହୋ, ଆଶ୍ଚର୍ଯ୍ୟସୂଚକ ଉଚ୍ଚାରଣ ।

**ଏ, ଏଇ** ***ସ.*** ନିକଟସ୍ଥ ଦୃଶ୍ୟମାନ ବସ୍ତୁ ପ୍ରଭୃତିକୁ ନିର୍ଦ୍ଦେଶ କରିବା ପାଇଁ ସର୍ବନାମ ; ***ଅ.*** ସ୍ୱାମୀ/ସ୍ତ୍ରୀ ପରସ୍ପରଙ୍କୁ କରୁଥିବା ସଂବୋଧନ ।

**ଏଇଆ** ***ସ.*** ଏହା, ଏତିକି ମାତ୍ର,ଏଇକଥା ।

**ଏଇଛୁଣି** ***ଅ.*** ଏବେ, ବର୍ତ୍ତମାନ, ଏହିକ୍ଷଣି, ଇଛେନ୍ ।

**ଏଇଟା** ***ସ.*** ଏହା, ଏହି ।

**ଏଇଠଉଁ** ***ଅ.*** ଏହିଠାରୁ, ଏହିସ୍ଥାନରୁ ।

**ଏଇନାଗେ** ***ଅ.*** ଏହିକ୍ଷଣି, ଏବେ, ଟିକିଏ ପୂର୍ବରୁ ।

**ଏଉଡ଼ି** ***ବି.*** ହାକୁଟି, ଖାଦ୍ୟ ଖାଇସାରି ପାଣି ପିଇବା ପରେ ପେଟ ଭିତରୁ ପାଟି ବାଟେ ବାହାରୁଥିବା ବାୟୁର ଶବ୍ଦ, ଢେକାର୍, ଉଦ୍ଗାର ।

**ଏଉତ୍ତାରୁ** ***ଅ.*** ଏହାପରେ, ଏହି କାର୍ଯ୍ୟ ସମ୍ପାଦନ ପରେ ।

**ଏକ୍କା** ***ବି.*** ଗୋଟିଏ ଘୋଡ଼ା ବା ବଳଦଦ୍ୱାରା ଟଣା ଦୁଇଚକିଆ ଗାଡ଼ି ; ***ଅ.*** ନିଶ୍ଚୟବୋଧକ ଶବ୍ଦ ।

**ଏକ୍‌ଜାମିନ୍** ***କ୍ରି.*** ପରୀକ୍ଷା କରିବା ।

**ଏକ୍‌ଜାମିନେସନ୍** ***ବି.*** ୧. ଗୁଣଦୋଷ ବା ଯୋଗ୍ୟତା ନିରୂପଣ ୨. ପରୀକ୍ଷା ।

**ଏକ୍‌ଜିକିଉଟିଭ** ***ବି.*** ୧. ପ୍ରଶାସନ ୨. ପ୍ରାଶାସନିକ ଅଧିକାରୀ, କାର୍ଯ୍ୟନିର୍ବାହୀ ଅଧିକାରୀ ।

**ଏକ୍‌ଜିକିଉଟିଭ ସର୍ଭିସ** ***ବି.*** ପ୍ରାଶାସନିକ ସେବାବୃତ୍ତି ।

**ଏକ୍‌ଜିଟ୍ ପୋଲ୍** ***ବି.*** ନିର୍ବାଚନ ପୂର୍ବରୁ ଜନମତ ସର୍ବେକ୍ଷଣ ।

**ଏକ୍‌ଜିବିସନ** ***ବି.*** ୧. ପ୍ରଦର୍ଶନୀ ୨. ସର୍ବସମକ୍ଷରେ ଉପସ୍ଥାପନ ୩. ଜ୍ଞାପନ ।

**ଏକ୍‌ଜିମା** ***ବି.*** ଅଳତି, ଚର୍ମରୋଗ ବିଶେଷ ।

**ଏକ୍‌ଟିଂ** ***ବିଂ.*** ଅସ୍ଥାୟୀ, କାମଚଳା, ଭାରପ୍ରାପ୍ତ ; ***ବି.*** ଅଭିନୟ ।

**ଏକ୍‌ଠନିଆ** ***ବିଂ.*** ଏକାଠି ରହୁଥିବା, ***ବି.*** ସହାବସ୍ଥାନ ।

**ଏକ୍‌ତାରା** ***ବି.*** ଗୋଟିଏ ମାତ୍ର ତାରଥିବା ବାଦ୍ୟଯନ୍ତ୍ର ।

**ଏକ୍‌ପରଛିଆ** ***ବି.*** ମହାଚାଳିଆ, ଗୋଟିଏ ପାଖକୁ ଛପର ହୋଇଥିବା ଘର, ଏକ ଚାଳିଆ ।

**ଏକ୍‌ପହରି** ***ବି.*** ମଧ୍ୟାହ୍ନରେ ବିଶ୍ରାମ ନ ନେଇ ସକାଳ ପହରରୁ ଉପରବେଳା ପର୍ଯ୍ୟନ୍ତ ଶ୍ରମ ।

**ଏକନ୍‌ଗୁଡ଼ି** ***ବିଂ.*** ଏକଗୋଡ଼ିକିଆ ।

**ଏକନ୍‌ମୁଡ଼ିଆ** ***ବିଂ.*** ଅବୁଝା, ଏକବାଗିଆ, ଏକବୁଝା ।

**ଏକ** ***ବି.*** ୧. ସଂଖ୍ୟା ୨. ପରିସ୍ରାପାଇଁ ସଙ୍କେତ ଶବ୍ଦ; ***ବିଂ.*** ୧. ଗୋଟିଏ, ଗୋଟିକ ୨. ସମାନ ।

**ଏକଅଙ୍ଗୀବାତ** ***ବି.*** ଦେହର ଗୋଟିଏ ପାଖ ପୁରା ଅଚଳ ହୋଇଯିବା ରୋଗ, ପକ୍ଷାଘାତ ରୋଗ, ପାରାଲିସିସ୍ ।

**ଏକ ଉଷୁଆଁ** ***ବିଂ.*** ଥରେ ସିଝା ହୋଇଥିବା (ଧାନ) ।

**ଏକ ଓଳିକିଆ** ***ବିଂ.*** ଏକପହରି, ସକାଳରୁ ମଧ୍ୟାହ୍ନ ।

**ଏକକ** ***ବିଂ.*** ୧. ଏକାକୀ ୨. ଏକରୁ ନଅ ପର୍ଯ୍ୟନ୍ତ ସଂଖ୍ୟା ; ***ବି.*** ୧. ଏକ ଖନ୍ଦା ପଣିକିଆ ୨. ୟୁନିଟ୍ ।

**ଏକ କଡ଼କିଆ** ***ବିଂ.*** ଗୋଟିଏ ପାଖରେ ଥିବା ।

**ଏକ କରିବା** ***କ୍ରି.*** ପରିସ୍ରା କରିବା, ମୂତିବା ।

**ଏକ କାନିକିଆ** ***ବିଂ.*** ୧. ଦେହରେ କେବଳ ଖଣ୍ଡିଏ ମାତ୍ର ବସ୍ତ୍ର ପିନ୍ଧିଥିବା ୨. ସାଙ୍ଗରେ ଆଉ କାହାକୁ ନ ଆଣିବା ।

**ଏକକାଳୀନ** ***ବିଂ.*** ଏକାବେଳକେ, ଏକ ସମୟରେ ।

**ଏକଗୁୟାଁ** ***ବିଂ.*** ଏକଜିଦିଆ, ଅବାଧ୍ୟ, ଜିଦ୍‌ଖୋର ।

**ଏକଘରିଆ, ଏକଘରକିଆ** ***ବିଂ.*** ସମାଜଦ୍ୱାରା ବାଛନ୍ଦ କରାଯାଇଥିବା, ଜାତିଚ୍ୟୁତ ।

**ଏକଚକ୍ର** ***ବି.*** ୧. ସୂର୍ଯ୍ୟ ୨. ସୂର୍ଯ୍ୟଙ୍କ ଏକଚକିଆ ରଥ ।

**ଏକଚାଟିଆ** ***ବିଂ.*** ଏକାଧୀନ, ଜଣଙ୍କର ଅଧିକାରଭୁକ୍ତ, ଗୋଟିଏ ବ୍ୟାବସାୟିକ ସଂସ୍ଥା ବା ସଂଘର ଆୟତ୍ତାଧୀନ ।

**ଏକଚାଳିଶ** ***ବି.ବିଂ.*** ୪୧ ସଂଖ୍ୟା ।

**ଏକଚ୍ଛତ୍ର** ***ବିଂ.*** ୧. ଗୋଟିଏ ପ୍ରଭୁଶକ୍ତିର ଅଧୀନରେ ଥିବା, ଗୋଟିଏ ଶାସକର ଅଧୀନରେ ଥିବା ୨. ସମସ୍ତ କ୍ଷମତା ଜଣେ ଭୋଗ କରୁଥିବା ।

**ଏକଚ୍ଛତ୍ରୀ** ***ବିଂ.*** ସବୁ କ୍ଷମତା ନିଜ ହାତରେ ରଖିଥିବା, ଏକାଙ୍ଗ ଚକ୍ରବର୍ତ୍ତୀ, ଡିକ୍‌ଟେଟର ।

**ଏକଛିଣ୍ଡା** ***ବିଂ.*** ଏକୁଟିଆ ଗାଁ ବାହାରେ ଥିବା ।

**ଏକଜାତିଆ** ***ବିଂ.*** ଏକ ପ୍ରକାରର, ଏକ ମାନସିକତାର ।

**ଏକଜିଦିଆ** ***ବିଂ.*** ଯେତେ ବୁଝାଇଲେ କିଛି ନ ବୁଝି ନିଜ ବିଚାର ବା କଥାକୁ ଠିକ୍ ବୋଲି ଭାବୁଥିବା ।

**ଏକଜୁଟ, ଏକଜୋଟ** ***ବିଂ.*** ମିଳିତ, ଦଳବଦ୍ଧ, ସମବେତ ।

**ଏକଜୋଡା** ***ବି.*** ୧. ଏକତ୍ର ୨. ଦୁଇଖଣ୍ଡ, ହଳେ ।

**ଏକତ୍** ***ବିଂ.*** ଏକବାଗିଆ, ଯାହା ବୁଝୁଥିବ ସେଇଆ ; ***ଅ.*** ଏ ପାଖ, ଗୋଟିଏ ପାଖ ବା ପଟ ।

**ଏକତ୍‌ମୁଡ଼ିଆ** ***ବିଂ.*** ଏକବୁଝା, ଏକଜିଦିଆ ।

**ଏକଣା** ***ବିଂ.*** ଏକକୋଣିଆ, ନିଛାଟିଆ ସ୍ଥାନରେ ଥିବା ।

**ଏକତନ୍ତ୍ର** ***ବି.*** ଏକ ଶାସନ ପ୍ରଣାଳୀ, ଜଣଙ୍କଦ୍ୱାରା ଶାସନ ।

**ଏକତମ** ***ବିଂ.*** ୧. ଅନେକଙ୍କ ମଧ୍ୟରେ ଏକ ୨. ଏକମାତ୍ର ।

**ଏକତରଫା** *ବିଂ.* କେବଳ ଗୋଟିଏ ପକ୍ଷର ଯୁକ୍ତି, ବିଚାର ବା ସିଦ୍ଧାନ୍ତ ସମ୍ବନ୍ଧିତ ।

**ଏକତା, ଏକତ୍ୱ** *ବି.* ମେଣ୍ଟ, ମିଳନ, ଅଭେଦ ଭାବ ।

**ଏକତାନ** *ବି.* ଏକସ୍ୱର ବା ସମସ୍ୱରବିଶିଷ୍ଟ ସଙ୍ଗୀତ ।

**ଏକତାରା** *ବି.* ତାର ବାଦ୍ୟ ବିଶେଷ, ଗୋପୀଯନ୍ତ୍ର, ଗୋଟିଏ ତାରଥିବା ବାଦ୍ୟଯନ୍ତ୍ର ।

**ଏକତାଳ** *ବିଂ.* ୧. ପୁରୁଷେ ଉଚ୍ଚ ୨. ସମତାଳ, ଗୋଟିଏ ମତ ବିଶିଷ୍ଟ; *ବି.* ଏକତାଳି, ରାଗ ସଙ୍ଗୀତର ଏକ ନିର୍ଦ୍ଦିଷ୍ଟ ବାଦ୍ୟବାଦନ ପଦ୍ଧତି ।

**ଏକତାଲା** *ବି.* ଏକ ମହଲାବିଶିଷ୍ଟ ଛାତଘର ବା କୋଠା ।

**ଏକତ୍ର** *ବିଂ. କ୍ରିବିଂ.* ଏକାଠି, ଏକସ୍ଥାନରେ, ଠୁଳ, ସମବେତ, ମିଳିତ ।

**ଏକତ୍ରିଂଶ** *ବିଂ.* ଏକତିରିଶି ସ୍ଥାନରେ ଆସୁଥିବା; *ବି.* ୩୧ ସଂଖ୍ୟା ।

**ଏକତ୍ରିତ** *ବିଂ.* ଏକାଠି ହୋଇଥିବା, ସମବେତ ।

**ଏକତ୍ରୀକରଣ** *ବି.* ଏକାଠି ଠୁଳାଇବା, ଏକାଠି କରିବା ।

**ଏକତ୍ରୀକୃତ, ଏକତ୍ରୀଭୂତ** *ବିଂ.* ଏକାଠି କରାଯାଇଥିବା ।

**ଏକଦମ୍** *କ୍ରି.ବିଂ.* ୧. ଏକ ନିଃଶ୍ୱାସରେ ୨. ଏକାଥରକେ ୩. ସମ୍ପୂର୍ଣ୍ଣ ଭାବରେ, ପୂରାପୂରି ।

**ଏକଦା** *କ୍ରି.ବିଂ.* କୌଣସି ଏକ ସମୟରେ ।

**ଏକଦିବସୀୟ** *ବିଂ.* ଦିନକିଆ, ଦିନକରେ ଶେଷ ହେଉଥିବା ।

**ଏକଦେଶଦର୍ଶୀ** *ବିଂ.* ପକ୍ଷପାତୀ, କୌଣସି ବିଷୟର କେବଳ ଗୋଟିଏ ମାତ୍ର ଦିଗ ଦେଖିପାରୁଥିବା ; *ବି.* ଏକଦେଶଦର୍ଶିତା ।

**ଏକନିଷ୍ଠ** *ବିଂ.* ଗୋଟିଏ ବିଷୟ ପ୍ରତି ପୂର୍ଣ୍ଣ ଅନୁରାଗୀ, ଏକାଗ୍ର ।

**ଏକନିଷ୍ଠତା** *ବି.* ଏକାଗ୍ରତା, ଏକାଗ୍ରଚିତ୍ତ ।

**ଏକପଟା** *ବି.* ଦୋସଡ଼ା, ଚାଦର ।

**ଏକପଟିଆ** *ବିଂ.* ଏକତରଫା, ଗୋଟିଏ ପାଖର ।

**ଏକପତ୍ନିକ** *ବିଂ.* ଗୋଟିଏ ଭାର୍ଯ୍ୟା ବା ଏକ ମାତ୍ର ସ୍ତ୍ରୀ ଯାହାର ।

**ଏକପତ୍ନୀବ୍ରତ** *ବି.* ନିଜର ଏକମାତ୍ର ବିବାହିତା ପତ୍ନୀ ପ୍ରତି ଅନୁରକ୍ତି ।

**ଏକପଦିଆ** *ବି.* ଯେଉଁ ଗୀତରେ ଗୋଟିଏ ମାତ୍ର ପଦ ବା ଧାଡ଼ି ଥାଏ, *ବିଂ.* ୧. ଏକ ଗୋଡ଼ିକିଆ ୨.ଏକମାତ୍ର ପଦ ବା ଧାଡ଼ି ବିଶିଷ୍ଟ (ଗୀତ) ୩. ଓ୍ୱାରିଜା ହୋଇଥିବା, ଶ୍ରେଣୀବଦ୍ଧ ହୋଇଥିବା ।

**ଏକପଦୀ** *ବିଂ.* ୧. ଅଣଓସାରିଆ (ରାସ୍ତା) ୨. ଏକ ପଦବିଶିଷ୍ଟ (ଗୀତ) ।

**ଏକପରଛି** *ବିଂ.* ଏକଚାଳିଆ (ଘର) ।

**ଏକପହରିଆ** *ବିଂ.* ଏକକାଳୀନ ଦୁଇପ୍ରହର ବା ଦୁଇ ଓଳିର (କାର୍ଯ୍ୟ), ଏକଓଳିଆ,ଏକ୍‌ପହରିଆ ।

**ଏକପାଖିଆ** *ବିଂ.* ୧. ଏକପକ୍ଷୀୟ ୨. ଭାରସାମ୍ୟହୀନ ।

**ଏକପାଣିଆ** *ବି.* ଯଥା ସମୟରେ ବର୍ଷା ନ ହୋଇ ବିଳମ୍ବରେ ଏକ ସମୟରେ ଅଧିକ ବର୍ଷା ହେବା ।

**ଏକପାଦ** *ବି.* ଗୋଟିଏପାଦ ବିଶିଷ୍ଟ ଶିବ, ଭୈରବ ।

**ଏକପୁରୁଷ** *ବି.* ଗୋଟିଏ ପିଢ଼ି, ବଂଶର ଏକ ପର୍ଯ୍ୟାୟ ।

**ଏକପୁରୁଷା** *ବିଂ.* ଏକ ପିଢ଼ିବିଶିଷ୍ଟ ।

**ଏକପ୍ରକାର** *ଅ.* ୧. ଭଲ ନୁହେଁ କି ମନ୍ଦ ନୁହେଁ, ଏକରକମ୍ ୨. ଗୋଟିଏ ପ୍ରକାରର, ସମାନ ଧରଣର ।

**ଏକ ଫାଳିଆ** *ବିଂ.* ଫାଳକରେ ଅବସ୍ଥିତ, ଏକପଟିଆ ।

**ଏକ ବଚନ** *ବି.* ଏକ ସଂଖ୍ୟାସୂଚକ ବିଶେଷ୍ୟ ବା ପଦ ।

**ଏକବନୀ** *ବିଂ.* ଗୋଟିଏ ରଙ୍ଗର, ଏକବର୍ଣ୍ଣୀ, ଏକରଙ୍ଗୀ ।

**ଏକବରଗି** *ବିଂ.* ଏକବର୍ଗୀ, ଏକ ଶ୍ରେଣୀୟ ।

**ଏକବରଗି ଘର** *ବି.* ଗୋଟିଏ ମାତ୍ର ଶେଣୀ ଥିବା ଘର ।

**ଏକବସ୍ତ୍ର** *ବିଂ.* ୧. କେବଳ ପିନ୍ଧା ଲୁଗା ବ୍ୟତୀତ ଯାହା ଦେହରେ ଅନ୍ୟ ପରିଚ୍ଛଦ ନାହିଁ ୨. ସମ୍ବଳହୀନ ।

**ଏକବାଗିଆ,ଏକବାଜିଆ** *ବିଂ.* ୧. ଯେ ନିଜ ମତ ବଦଳାଏ ନାହିଁ, ଆଣ୍ଟୁଆ, ଏକବୁଝା, ଅବୁଝା ୨. ଏକପାଖିଆ ।

**ଏକବାଡ଼ିଆ** *ବିଂ.* ୧. ଥରେ ପିଟାହୋଇ ଅମଳ ହୋଇଥିବା ୨. ଗୋଟିଏ ପଟରେ ଥିବା ।

**ଏକବାର** *ବି.* ୧. ସିଧାସଳଖ ବା ଥରେମାତ୍ର ୨. ଓଷା ବ୍ରତର ପୂର୍ବଦିନ ଓଳିଏ (ଥରୁଟିଏ) ମାତ୍ର ସାତ୍ତ୍ୱିକ ଭୋଜନ ୩. ଥର କରେ ଯାହା ବଢ଼ା ହେଲା ସେତକ ଖାଦ୍ୟ ହିଁ ଖାଇବା ନିୟମ ।

**ଏକବାରିକ୍** *କ୍ରି.ବିଂ.* ସଂପୂର୍ଣ୍ଣରୂପେ, ପୂରାପୂରି, ଏକବାରେ ।

**ଏକବୁଝା** *ବିଂ.* ଯେ ଥରେ ଯାହା ବୁଝିଥାଏ ଆଉ କୌଣସି ପ୍ରକାରେ ତାହା ବଦଳାଏ ନାହିଁ, ଆଣ୍ଟୁଆ ।

**ଏକଭାଷୀ** *ବିଂ.* ୧. ଗୋଟିଏ ମାତ୍ର ଭାଷା ଜାଣିଥିବା ୨. ସମାନ ମତବାଦୀ ।

**ଏକମଛା** *ବି.* ଏକ ପ୍ରକାର ବସ୍ତୁ ; *ବିଂ.* ଏକମଥା, ଏକାପ୍ରକାରର ।

**ଏକମତ** *ବିଂ.* ସହ ବା ସମାନ ମତବିଶିଷ୍ଟ ।

**ଏକମତି** *ବି.* ସହମତି, ସମସ୍ତଙ୍କର ଏକମନ/ଏକ ବିଚାର ।

**ଏକମନ** *ବି.* ଗୋଟିଏ ମନ, ସହମତି ।

**ଏକମୁଖ** *ବି.* ସମସ୍ୱର, ଗୋଟିଏ ପ୍ରକାର ମାନସିକତା/ବିଚାର ।

**ଏକମୁଖୀ** *ବିଂ.* ଗୋଟିଏ ଦିଗକୁ ମୁହଁଥିବା ।

**ଏକମୁଖୀ ରୁଦ୍ରାକ୍ଷ** *ବି.* ଗୋଟିଏ ମାତ୍ର ଘାଇଥିବା ରୁଦ୍ରାକ୍ଷ ଫଳ ।

**ଏକମୁନା** *ବି.* ଏକ ମୁନଥିବା ଶସ୍ତ୍ର ବିଶେଷ, ତେଣ୍ଟା ।

**ଏକମୁହାଁ** *ବିଂ.* ଗୋଟିଏ ଆଡ଼କୁ ମୁହେଁଇଥିବା ; *କ୍ରି.ବିଂ.* ଅନ୍ୟ କୁଆଡ଼କୁ ଆଖି ନ ପକାଇ କେବଳ ଗୋଟିଏ ଦିଗରେ ।

**ଏକମେଳ** ***ବିଂ.*** ସମବେତ, ଏକତ୍ର ।

**ଏକର୍** ***ବି.*** ଭୂମି ପରିମାଣ ବିଶେଷ, ଓଡ଼ିଶାରେ ୨୪ ଦସ୍ତି ପଦିକାରେ ପ୍ରାୟ ୧ମାଣ, ୧୦୦ ଡେସିମିଲ ବା ୨୫ ଗୁଣ୍ଠ; ୪୮୪୦ ବର୍ଗଗଜର କ୍ଷେତ୍ର ।

**ଏକରକମ** ***ଅ.କ୍ରି.ବିଂ.*** ଏକପ୍ରକାର ।

**ଏକରାର୍** ***ବି.*** ସ୍ୱୀକାର, ଗ୍ରହଣ ।

**ଏକରାର୍‌ନାମା** ***ବି.*** ସ୍ୱୀକାରପତ୍ର, ଚୁକ୍ତିପତ୍ର ।

**ଏକରାହା** ***ବି.*** ଏକା ନିଃଶ୍ୱାସରେ ସ୍ୱର ଟୋଳି ରଖିବା, ବନ୍ଦ ହେଉ ନ ଥିବା କାନ୍ଦ; ***ବିଂ.*** ମତ ପରିବର୍ତ୍ତନ କରୁ ନ ଥିବା ।

**ଏକଲଗି** ***ବିଂ.*** ଲଗାଏତ, ଅବିଚ୍ଛିନ୍ନ ଭାବରେ, ଫୁର୍‌ସତ ନ ଦେଇ ।

**ଏକଲା** ***ବିଂ.*** ଏକା, ଏକୁଟିଆ, ଏକାକୀ, ସଙ୍ଗରେ କେହି ନ ଥିବା ।

**ଏକଶିଙ୍ଗା** ***ବିଂ.*** ଯେ ଅନ୍ୟର କଥା ନ ଶୁଣି ନିଜ ଅନୁସାରେ କାମ କରେ ।

**ଏକଶିରା** ***ବି.*** ଏକପାଖ ଅଣ୍ଡକୋଷ ବଢ଼ିଥିବା ରୋଗ ବିଶେଷ, ଏକ୍ ଚାଉଳିଆ ।

**ଏକଷଠି** ***ବି.*** ୬୧ ସଂଖ୍ୟା ।

**ଏକସରିଆ** ***ବିଂ.*** ୧. ଗୋଟିଏ ସୂତାରେ ଗୁନ୍ଥା ହୋଇଥିବା ୨. ଏକ ଫେର ବା ଘେରବିଶିଷ୍ଟ ।

**ଏକସାଳିଆ** ***ବିଂ.*** ଗୋଟିଏ ଧାଡ଼ିରେ ପରସ୍ପରକୁ ଲାଗି ରହିଥିବା ।

**ଏକସ୍ତରି** ***ବି.*** ୭୧ ସଂଖ୍ୟା ।

**ଏକହାତିଆ** ***ବିଂ.*** କେବଳ ଜଣେ ବ୍ୟକ୍ତିଦ୍ୱାରା ସମ୍ପନ୍ନ ୨. ଏକ ହାତ ପରିମିତ ।

**ଏକା** ***ବିଂ.*** ଏକାକୀ, ଏକମାତ୍ର, ଏକୁଟିଆ ; ***ଅ.*** ନିଶ୍ଚେ, ସିନା ।

**ଏକାଏକା** ***ବିଂ.*** ଏକୁଟିଆ ।

**ଏକାକାର** ***ବିଂ.*** ଅଭିନ୍ନ ଭାବରେ ମିଶିଯାଇଥିବା, ଅଲଗା ବାରି ହେଉ ନ ଥିବା ।

**ଏକାକୀ** ***ବିଂ.*** ଏକୁଟିଆ, ଅସହାୟ, ଏକଲା; ***ସ୍ତ୍ରୀ.*** ଏକାକିନୀ ।

**ଏକାଗ୍ର** ***ବିଂ.*** କୌଣସି ଏକ ବିଷୟରେ ନିବିଷ୍ଟ ।

**ଏକାଗ୍ରଚିତ୍ତ** ***ବିଂ.*** ଗୋଟିଏ ବିଷୟରେ ଗଭୀର ଭାବରେ ନିବିଷ୍ଟଥିବା ।

**ଏକାଗ୍ରତା** ***ବି.*** ଗୋଟିଏ ବିଷୟରେ ନିଶ୍ଚଳ ଭାବେ ଅଭିନିବେଶ ।

**ଏକାଗ୍ରମନା** ***ବିଂ.*** ଗୋଟିଏ ବିଷୟରେ ଯାହାର ମନ ନିବିଷ୍ଟ ।

**ଏକାଙ୍ଗ** ***ବି.*** ୧. ମସ୍ତକ ୨. ଏକଅଙ୍ଗ ।

**ଏକାଙ୍ଗଚକ୍ରବର୍ତ୍ତୀ** ***ବି.*** ଏକଛତ୍ର ସମ୍ରାଟ ବା ଶାସକ– ଯାହାର ଅଧିକାର ଉପରେ କେହି ପ୍ରତିବାଦ କରିପାରେ ନାହିଁ ।

**ଏକାଙ୍ଗପୀଡ଼ା** ***ବି.*** ପକ୍ଷାଘାତ, ଦେହର କୌଣସି ଅଂଶ ଅଚଳ ହୋଇଯିବା ।

**ଏକାଙ୍ଗୀ** ***ବିଂ.*** ୧. ଏକମାତ୍ର ବସ୍ତ୍ର ପରିହିତ ୨. ସୁଗନ୍ଧ ଔଷଧ ବିଶେଷ ।

**ଏକାଙ୍ଗୀ ବାତ** ***ବି.*** ପକ୍ଷାଘାତ, ଯେଉଁ ବାତ ରୋଗରେ ଦେହର ଗୋଟିଏ ଅଙ୍ଗ ବା ପାଖ ଅଚଳ ହୋଇଯାଏ ।

**ଏକାଟିଆ** ***ବିଂ.*** ଏକୁଟିଆ, ଏକାକୀ, କାହାକୁ ସାଙ୍ଗରେ ନ ନେଇ ।

**ଏକାଠି** ***ଅ.*** ଏକସ୍ଥାନରେ, ଏକତ୍ର ; ***ବିଂ.*** ମିଳିତ, ଏକାନ୍ନ ।

**ଏକାଡେମୀ** ***ବି.*** ଶିକ୍ଷାନୁଷ୍ଠାନ, କ୍ରୀଡ଼ା, ସାହିତ୍ୟ ବା ସାଂସ୍କୃତିକ ସଂସ୍ଥା, ଜ୍ଞାନର ଆଲୋଚନା ଓ ଚର୍ଚ୍ଚା ହେଉଥିବା ସ୍ଥାନ ।

**ଏକାଣୋଇ.ଏକାନବେ** ***ବି.*** ୯୧ ସଂଖ୍ୟା ।

**ଏକାଥରକେ** ***ଅ.*** ଏକାବେଳକେ ।

**ଏକାର୍ଥକ** ***ବିଂ.*** ସମ ଅର୍ଥବାଚକ ।

**ଏକାର୍ଥବୋଧକ** ***ବିଂ.*** ଗୋଟିଏ ପ୍ରକାରର ଅର୍ଥ ବୁଝାଉଥିବା ।

**ଏକାଦଶ** ***ବି.*** ଏଗାର ; ***ବିଂ.*** ୧୧ ସଂଖ୍ୟକ, ଦଶଟି ପରେ ଆସୁଥିବା ।

**ଏକାଦଶୀ.ଏକାଦିଶି** ***ବି.*** ଶୁକ୍ଳ ବା କୃଷ୍ଣପକ୍ଷର ଏଗାର ଦିନ ଏବଂ ଏଇ ତିଥିରେ ପାଳନ କରାଯାଉଥିବା ବ୍ରତ ଓ ଉପବାସ ।

**ଏକାଦିକ୍ରମେ** ***କ୍ରି.ବିଂ.*** ପ୍ରଥମରୁ ଆରମ୍ଭ କରି ତା ପର କ୍ରମରେ, ଏକ ପରେ ଏକ କ୍ରମରେ, କ୍ରମାଗତ ଭାବରେ ।

**ଏକାଦୁକା** ***ବିଂ.*** ୧. ଅଳ୍ପ ସଂଖ୍ୟକ ୨. କେବଳ ଗୋଟିଏ ଯୋଡ଼ିଏ ୩. ବିରଳ ।

**ଏକାଧାର** ***ବି.*** ଯେଉଁଠାରେ ଏକାଧିକ ଦ୍ରବ୍ୟ ବା ଗୁଣର ସମାହାର ଘଟିଥାଏ ।

**ଏକାଧିକ** ***ବିଂ.*** ଏକରୁ ଅଧିକ, ଅନେକ ।

**ଏକାଧିପତ୍ୟ** ***ବି.*** ସବୁରି ଉପରେ କେବଳ ଜଣକର ଅଖଣ୍ଡ ପ୍ରଭୁତ୍ୱ, କର୍ତ୍ତୃତ୍ୱ ।

**ଏକାନ୍ତ** ***ବିଂ.*** ୧. ଏକାକୀ ୨. ଅତ୍ୟନ୍ତ, ନିତାନ୍ତ ୩. ଗୋପନୀୟ ୪. ନିରୋଳା, ନିର୍ଜନ; ***ବି.*** ନିଭୃତମିଳନ ।

**ଏକାନ୍ତର** ***ବିଂ.*** ଗୋଟିଏ ଛାଡ଼ି ଗୋଟିଏ ।

**ଏକାନ୍ତର କୋଣ** ***ବିଂ.*** ଦୁଇଟି ସମାନ୍ତର ସରଳରେଖାକୁ ଛେଦ କରୁଥିବା ରେଖାର ଏକ ପାର୍ଶ୍ୱରେ ଥିବା କୋଣ ।

**ଏକାନ୍ତରେ** ***କ୍ରି. ବିଂ*** ନିରୋଳାରେ, ଗୁପ୍ତଭାବରେ ।

**ଏକାନ୍ନ** ***ବିଂ.*** କୋଠ ରୋଷେଇ, ରନ୍ଧନ ଓ ଭୋଜନର ଏକତ୍ର ବ୍ୟବସ୍ଥାଥିବା(ଯୌଥ ପରିବାର) ।

**ଏକାନ୍ନବର୍ତ୍ତୀ** ***ବିଂ.*** ଏକ ରୋଷେଇରେ ଚଳୁଥିବା (କୋଠପରିବାର) ।

**ଏକାବନ** ***ବି.*** ୫୧ ସଂଖ୍ୟା ।

**ଏକାବଳୀ** ***ବି.*** ଏକସରିଆ ହାର ।

**ଏକାମାଡ଼କେ** ***କ୍ରି.ବିଂ.ଅ.*** ଏକାଥରକେ ।

**ଏ କାର** ***ବି.*** ଏ ସ୍ୱରପାଇଁ ବ୍ୟବହୃତ ମାତ୍ରା ( େ )

**ଏକାହାର** ***ବି.*** ଦୈନିକ ଥରେ ମାତ୍ର ଆହାର ବା ଭୋଜନ, ହବିଷ୍ୟ ।

**ଏକାହାରୀ** ***ବିଂ. ବି.*** ଦୈନିକ ଥରେ ମାତ୍ର ଭୋଜନ କରୁଥିବା (ବ୍ୟକ୍ତି) ।

**ଏକାକ୍ଷର** ***ବି. ବିଂ.*** ପ୍ରଣବ, ଏକ ଅକ୍ଷରବିଶିଷ୍ଟ ।

**ଏକି** ***ଅ.*** ଏହା କଣ ।

**ଏକୀକରଣ, ଏକୀଭବନ** ***ବି.*** ସମାନୀକରଣ, ଅନେକ ଦ୍ରବ୍ୟକୁ ମିଶାଇବା, ମିଶାଇ ଏକତ୍ର କରିବା ।

**ଏକୀଭୂତ** ***ବିଂ.*** ଯାହା ମିଳିତ ହୋଇ ଏକ ବା ସମାନ ହୋଇଛି ; ***ବି.*** ଏକୀଭବନ ।

**ଏକୁଆ,ଏକୋଇ** ***ବିଂ.*** ୧. ଦିନେ ମାତ୍ର ହେଉଥିବା (ଜର) ୨. ଗୋଟିଏ ମାତ୍ର ।

**ଏକୁଆରେକ** ***ବି.*** ଅନ୍ୟ ଅନ୍ୟରେ, ଜଣକୁ ଜଣେ ।

**ଏକୁନ୍** ***ବି. ବିଂ.*** ସମଷ୍ଟି, ମୋଟ୍ ।

**ଏକେ,ଏକେତ** ***ଅ.*** ଏକ, ପ୍ରଥମତଃ ।

**ଏକେବାରେ** ***ଅ.*** ୧. ଅତ୍ୟନ୍ତ ୨. ପୂରାପୂରି ୩. ମୋଟାମୋଟି ।

**ଏକେଲା** ***ବିଂ.*** ଏକଲା, ଏକାକୀ ।

**ଏକେଶ୍ୱର** ***ବି.*** ପରମେଶ୍ୱର, ସୃଷ୍ଟିକର୍ତ୍ତା ।

**ଏକେଶ୍ୱରବାଦ** ***ବି.*** ଈଶ୍ୱର ଏକ ଓ ଅଦ୍ୱିତୀୟ-ଏଇ ମତ, ଏକ ଈଶ୍ୱରବିଶ୍ୱାସ ।

**ଏକେଶ୍ୱରବାଦୀ** ***ବିଂ.*** ବିଶ୍ୱର ସୃଷ୍ଟିକର୍ତ୍ତା ଭାବରେ ଏକମାତ୍ର ଶକ୍ତିକୁ ବିଶ୍ୱାସ କରୁଥିବା ।

**ଏକୋଇଜର** ***ବି.*** ପ୍ରତିଦିନ ହେଉଥିବା ଜ୍ୱର, ପାଳିଜର ।

**ଏକୋଇଶ** ***ବି.*** ୨୧ ସଂଖ୍ୟା

**ଏକୋଇଶା, ଏକୋଇଶିଆ** ***ବି.*** ଶିଶୁ ଜନ୍ମର ଏକୋଇଶ ଦିନରେ ପାଳିତ ଉତ୍ସବ ।

**ଏକ୍ସ** ***ବି.*** ***ପୂ.ପ୍ର.*** ପୂର୍ବତନ, ଭୂତପୂର୍ବ ।

**ଏକ୍ସପର୍ଟ୍** ***ବିଂ. ବି.*** ପୋଖତ, ବିଶେଷଜ୍ଞ, ଦକ୍ଷ ।

**ଏକ୍ସପୋର୍ଟ୍** ***ବି. କ୍ରି.*** ରପ୍ତାନି, ବହିର୍ବାଣିଜ୍ୟ ।

**ଏକ୍ସଟ୍ରା** ***ବିଂ.*** ୧. ଆବଶ୍ୟକତା ବା ଧାର୍ଯ୍ୟଠାରୁ ଅଧିକା ୨.ଅତିରିକ୍ତ ୩. ଫାଲ୍‌ତୁ ।

**ଏକ୍ସମାସ୍** ***ବି.*** ଡିସେମ୍ବର ମାସ ୨୫ ତାରିଖ, ଖ୍ରୀଷ୍ଟମାସ୍, ବଡ଼ଦିନ ।

**ଏକ୍ସପାୟାର୍ଡ** ***ବିଂ.*** ୧. ମୃତ ୨. ବ୍ୟବହାର ସମୟ ଅତିକ୍ରାନ୍ତ (ଔଷଧ ପ୍ରଭୃତି) ।

**ଏକ୍ସପେରିମେଣ୍ଟ** ***ବି.*** ପରୀକ୍ଷଣ, ପରୀକ୍ଷାମୂଳକ କାର୍ଯ୍ୟ ।

**ଏକ୍ସରସାଇଜ୍** ***ବି.*** ୧. ବ୍ୟାୟାମ ୨. ଅଭ୍ୟାସ ।

**ଏକ୍ସରସାଇଜ୍ ଖାତା** ***ବି.*** ଛାତ୍ରଛାତ୍ରୀମାନଙ୍କର ଅଭ୍ୟାସ ପାଇଁ ଉଦ୍ଦିଷ୍ଟ ଖାତା ।

**ଏକ୍ସରେ** ***ବି.*** ରଞ୍ଜନରଶ୍ମି ।

**ଏକ୍ସାଇଜ୍** ***ବି.*** ଅବକାରୀ ।

**ଏଖନି, ଏଛନି** ***ଅ. କ୍ରି.ବିଂ.*** ଏବେ, ଇଛେନ୍, ଏକ୍ଷଣି ।

**ଏଖରାଜାତ** ***ବି.*** ଖଇରାତଜନିତ ବ୍ୟୟ ।

**ଏଖେଇ** ***ଅ.*** କେବଳ ଗୋଟିଏ, ବିକଳ୍ପହୀନ ।

**ଏଖେଇଠାନେ** ***ଅ. କ୍ରି.ବିଂ.*** କେବଳ ଗୋଟିଏ ସ୍ଥାନରେ ।

**ଏଗାର** ***ବି.*** ୧୧ ସଂଖ୍ୟା ।

**ଏଙ୍ଗାର** ***ବି.*** ଅଙ୍ଗାର, ଜାଳେଣି ପଦାର୍ଥର ଅଧାପୋଡ଼ା ଅଂଶ ।

**ଏଗୁଡା** ***ସ.*** ଏଗୁଡାକ, ଏ ବସ୍ତୁ ବା ବ୍ୟକ୍ତିଗଣ ।

**ଏଗ୍ରିମେଣ୍ଟ** ***ବି.*** ଚୁକ୍ତି, ଚୁକ୍ତିନାମା, ରାଜିନାମା, ବୁଝାମଣା, ଏକରାରନାମା ।

**ଏଘାନ୍ତି** ***ଅ.*** ଏଥରକ, ଏହିକ୍ଷଣି, ବର୍ତ୍ତମାନ, ଏକାଥରକେ ।

**ଏଘିନି** ***ଅ.*** ଏଇଥିପାଇଁ, ଏଥିଯୋଗୁଁ ।

**ଏଛନି, ଏଛେନି** ***ଅ.*** ଏହିକ୍ଷଣି, ଇଛେନ୍, ବର୍ତ୍ତମାନ ।

**ଏଛୁଣୁକା** ***ଅ.*** ଏଇକ୍ଷଣି, ବର୍ତ୍ତମାନ ।

**ଏଜ୍‌ଲାସ, ଇଜ୍‌ଲାସ** ***ବି.*** ୧. ବିଚାରାଳୟ ୨. ବୈଠକଘର ।

**ଏଜ୍‌ହାର, ଇଜ୍‌ହାର** ***ବି.*** ବକ୍ତବ୍ୟ ଉପସ୍ଥାପନ, ସାକ୍ଷ୍ୟଦାନ, ଏତଲା ।

**ଏଜନ୍** ***ସ.*** ଏହା ବା ଏହି ବିଷୟସୂଚକ, ଉପରଲିଖିତ ଶବ୍ଦସୂଚକ ।

**ଏଜାତିଆ** ***ବିଂ.*** ଏହି ପ୍ରକାରର ।

**ଏଜେଣ୍ଟ** ***ବି.*** ପ୍ରତିନିଧି, କାର୍ଯ୍ୟ ସମ୍ପାଦନପାଇଁ ନିଯୁକ୍ତ ବ୍ୟକ୍ତି ।

**ଏଟା** ***ଅ. ସ.*** ଏହା, ଇଟା, ଏହି ।

**ଏଠା** ***ବି.*** ଏହି ସ୍ଥାନ ; ***ବିଂ.*** ଏହି ସ୍ଥାନର ।

**ଏଠାଇଁ,ଏଠେଇଁ, ଏଠି** ***ଅ.*** ଏ ସ୍ଥାନରେ, ଏଠାରେ ।

**ଏଠାକାର** ***ବିଂ.*** ଏ ସ୍ଥାନର ।

**ଏଠିସେଠି** ***ଅ.*** ସବୁଆଡେ, ଯେଉଁଠି ମନ ସେଠି, ବିପର୍ଯ୍ୟସ୍ତ ।

**ଏଡ୍** ***ବି.*** ୧. ସହାୟତା, ଅନୁଦାନ ୨. ବିଜ୍ଞାପନ ।

**ଏଡ୍‌ସ୍** ***ବି.*** ଶରୀରର ରୋଗ ପ୍ରତିରୋଧକ ଶକ୍ତି ହ୍ରାସ କରିଦେଉଥିବା ମାରାତ୍ମକ ରୋଗ ବିଶେଷ ।

**ଏଡ଼** ***ବିଂ.*** କାଲ ; ***ବି.*** ମେଣ୍ଢା (***ସ୍ତ୍ରୀ.*** ଏଡ଼ା) ।

**ଏଡ଼ାଇ ଦେବା** ***କ୍ରି.*** ୧. ଗୁରୁତ୍ୱ ନ ଦେବା ୨. କୌଣସି ପ୍ରସଙ୍ଗ ଉପରେ ମତାମତ ନ ଦେବା ।

**ଏଡ଼ି** ***ବି.*** ୧. ଗୋଇଠି ୨. ବିରୋଧ, ପ୍ରତିବାଦ ।

**ଏଡ଼ିକି** ***ବିଂ.*** ୧. ଏହି ବାଗର ୨. ଏତେ ବଡ଼ ।

**ଏଡ଼ିଟର** ***ବି.*** (ପତ୍ରପତ୍ରିକା, ସିନେମା ଆଦିର) ସମ୍ପାଦକ ।

**ଏଡ଼ିଟିଙ୍ଗ୍** ***କ୍ରି.*** ସମ୍ପାଦନା ।

**ଏଡ଼ିବା** ***କ୍ରି.*** ୧. ଲଂଘନ କରିବା ୨. ସମ୍ମୁଖୀନ ନ ହେବା ୩. ଅମାନ୍ୟ କରିବା ।

**ଏଡୁଟେ** ***ବିଂ.*** ଏତେ ବଡ଼ଟିଏ ।

**ଏଡ଼େ** ***ଅ.*** ଆକୃତିସୂଚକ, ଏତେ ; ***ବିଂ.*** ଅତି ।

**ଏଣିକି** ***ଅ.*** ଏଆଡ଼କୁ, ଏହି ସ୍ଥାନକୁ ୨. ବର୍ତ୍ତମାନରୁ, ଏ ସମୟରୁ ।

**ଏଣୀ** ***ବି.*** ହରିଣୀ, ମାଈହରିଣ (*ପୁଂ*-ଏଣ) ।

**ଏଣୁ** ***ଅ.*** ୧. ଅତଏବ, ଏହି କାରଣରୁ ୨. ଏଆଡ଼ୁ ।

**ଏଣେତେଣେ** ***ଅ.*** ଏଆଡ଼େ ସେଆଡ଼େ, ଚାରିଆଡ଼େ ।

**ଏଣ୍ଟ୍ରାନ୍ସ୍** ***ବି.*** ୧. ପ୍ରବେଶିକା ୨. ଶିକ୍ଷାନୁଷ୍ଠାନ ପ୍ରଭୃତିରେ ନାମ ଲେଖା ପରୀକ୍ଷା ୩. ପ୍ରବେଶଦ୍ୱାର ।

**ଏଣ୍ଟ୍ରି** ***ବି.*** ପ୍ରବେଶ, ଭିତରକୁ ଯିବା ।

**ଏଣ୍ଡ** ***ବି.*** ୧. ପୁରୁଷର ଯୌନାଙ୍ଗ ୨. ଶେଷ, ସମାପ୍ତି ।

**ଏଣ୍ଡାଓମେଣ୍ଟ୍** ***ବି.*** ଦେବୋତ୍ତର ବିଭାଗ ।

**ଏଣ୍ଡି** ***ବି.*** ଟସର ବା ରେଶମ ।

**ଏଣ୍ଡିଆ** ***ବିଂ.ବି.*** ଅଣ୍ଡିରା, ପୁରୁଷ ।

**ଏଣ୍ଡିପୋକ** ***ବି.*** ଟସର ବା ଗୋଟିପୋକ ଖୋସା ତିଆରି କରୁଥିବା ପୋକ ।

**ଏଣ୍ଡିରା** ***ବି.ବିଂ.*** ଅଣ୍ଡିରା ।

**ଏଣ୍ଡୁଅ** ***ବି.*** ଟେଣ୍ଟକୋ, ଗଛରେ ରହୁଥିବା ବଡ଼ମୁଣ୍ଡିଆ ଚତୁଷ୍ପଦ ସରୀସୃପ ବିଶେଷ ।

**ଏଣ୍ଡୁରି** ***ବି.*** ବିରି ଓ ଚାଉଳର ପିଠୋଉକୁ ପତ୍ରଖୋଳ (ଓଉ ବା କଦଳୀ ପତ୍ର) ଭିତରେ ରଖି ଅଥାରରେ ତିଆରି ଏକ ପ୍ରକାର ସିଝା ପିଠା ।

**ଏଣ୍ଡୁଲା** ***ବି.*** କିଆକେରେଣ୍ଡା ମାଛ, ନିଟୋଳ ଆଖିଥିବା ଏକ ପ୍ରକାର ମାଛ ।

**ଏତକ** ***ସ.*** ଏହି ପରିମାଣର, ଏହା ।

**ଏତଦ୍** ***ଅ.*** ଏହିପରି, ଏହା ।

**ଏତଦ୍‌ବ୍ୟତୀତ** ***ଅ.*** ଏହାଛଡ଼ା ।

**ଏତଦ୍‌ଭିନ୍ନ** ***ଅ.*** ଏହାଛଡ଼ା, ଏହା ବ୍ୟତୀତ ।

**ଏତଦ୍‌ରୂପ** ***ଅ.*** ଏହିପ୍ରକାର, ଏହିପରି ; ***ବିଂ.*** ଏହି ଆକାରର ।

**ଏତଲା, ଏତାଲା** ***ବି.*** ୧. ପ୍ରାଥମିକ ରିପୋର୍ଟ ୨. କୌଣସି ଘଟଣା ସମ୍ପର୍କରେ ଥାନାରେ ଦିଆଯିବା ପ୍ରାଥମିକ ଅଭିଯୋଗ, ଏଫ୍.ଆଇ.ଆର ।

**ଏତହୁଁ, ଏହାତହୁଁ** ***ଅ.*** ଏହାଠାରୁ ।

**ଏତା** ***ସ.*** ଏହା, ଏତା, ଏହି ।

**ଏତାକେତା** ***ବିଂ.*** ଟିକିଟିକି, ଛିନିଭିନି, ଛିନ୍‌ଭିନ୍ ।

**ଏତାଦୃଶ** ***ଅ.*** ଏହି ପ୍ରକାରର, ଏହିପରି ।

**ଏତାବତ୍** ***ଅ.କ୍ରି.ବିଂ.*** ଏପର୍ଯ୍ୟନ୍ତ, ଆଜିଯାକେ ।

**ଏତିକି** ***ବିଂ.*** ନିର୍ଦ୍ଦିଷ୍ଟ ପରିମାଣର, ପରିମାଣବିଶିଷ୍ଟ ।

**ଏତେ** ***ବିଂ.*** ପରିମାଣ ବିଶିଷ୍ଟ, ଏ ସଂଖ୍ୟାର ।

**ଏତେକାଳେ** ***ଅ.*** ଏତେବେଳେ, ଏହି ସମୟରେ ।

**ଏତେଗୁଡାଏ** ***ଅ.*** ବହୁ ପରିମାଣର, ବହୁ ଅଧିକ ।

**ଏତେଦୂର** ***ଅ.*** ୧. ଏତେ ବାଟ ୨. ଏହି ଅବସ୍ଥା ।

**ଏତେବେଳେ** ***ଅ.*** ଏହି ସମୟକୁ, ବର୍ତ୍ତମାନକୁ ।

**ଏତେସରି** ***ବି.*** ଏପରି ଅବସ୍ଥା ।

**ଏଥକୁ** ***ଅ.*** ଏହି କଥା ଉପରେ ।

**ଏଥର** ***ଅ.*** ଏଣିକି, ଏବେ, ଏଇଠୁ, ଏହିଥର ।

**ଏଥି** ***ଅ.*** ଏଠାର, ଏ ବିଷୟରେ ।

**ଏଥିକି** ***ଅ.*** ଏଥିପାଇଁ ।

**ଏଥିପାଇଁ** ***ଅ.*** ଏହି କାରଣରୁ, ଏହି ଭାବରୁ ।

**ଏଥୁଁ** ***ଅ.*** ୧. ଏଠାରୁ ୨. ଏହା ।

**ଏଦି** ***ଅ.*** ଏହି ଦିଗରେ ।

**ଏଦିସେଦି** ***ଅ.*** ଏଠିସେଠି, ବିପର୍ଯ୍ୟସ୍ତ ।

**ଏଧସ୍** ***ବି.*** ଜାଳେଣି କାଠ ।

**ଏନ୍‌କ୍ୱାରି** ***ବି.*** ଅନୁସନ୍ଧାନ, ଛାନ୍‌ଭିନ୍, ଖୋଜ୍ ।

**ଏନ୍‌ଗେଜ୍‌ମେଣ୍ଟ୍** ***ବି.*** ୧. ନିୟୋଜନ ୨. କାର୍ଯ୍ୟବ୍ୟସ୍ତତା ୩. ବିବାହ ପାଇଁ ସହମତି, ନିର୍ବନ୍ଧ ୪. ଚୁକ୍ତି ।

**ଏନ୍‌ଜୟ୍ କରିବା** ***କ୍ରି.*** ଉପଭୋଗ କରିବା ।

**ଏନ୍‌ତା** ***ଅ.*** ଏପରି, ଏହି ପ୍ରକାର ।

**ଏନାମେଲ୍** ***ବି.*** ୧. କଲେଇ ବା ପୁଟଦିଆ ରଙ୍ଗ ୨. ଦାନ୍ତର ଉପର ପ୍ରସ୍ତ ।

**ଏନ୍ତୁଡି ନିଆଁ** ***ବି.*** ସଦ୍ୟଜାତ ଶିଶୁକୁ ସେକିବାପାଇଁ ଅଙ୍ଗାର ବା ନିଆଁ ।

**ଏନ୍ତୁଡ଼ିଶାଳ** ***ବି.*** ଯେଉଁ କୋଠରିରେ ଶିଶୁ ଜନ୍ମ ହୋଇଥାଏ, ପୋଖତିଘର ।

**ଏପଟ** ***ଅ.*** ଏହି ପାଖ, ଏହି ଦିଗ ।

**ଏପଟ ସେପଟ** ***ଅ.*** ଏପାଖ ସେପାଖ, ବିପର୍ଯ୍ୟସ୍ତ ।

**ଏପରି** ***ଅ.*** ଏହିପରି, ଏହି ଅନୁରୂପ, ଏହି ପ୍ରକାର ।

**ଏପର୍ଯ୍ୟନ୍ତ** ***ଅ.*** ଆଜିଯାକେ, ଏହି ସମୟ ଯାଏଁ, ଏତେଦୂର ଯାଏଁ ।

**ଏପାରି** ***ବି.*** ନଈ ବା ପୋଖରୀର ଗୋଟିଏ ପାଖ ।

**ଏପାରି ସେପାରି** ***ବି.*** ଜଳଧାର ବା ଜଳାଶୟର ଉଭୟ ପାଖ ।

**ଏପିକ୍** ***ବି.*** ମହାକାବ୍ୟ ।

**ଏପିଡ୍ରେମିକ୍** ***ବି.*** ମହାମାରି, ସଂକ୍ରାମକ ରୋଗ ।

**ଏପିସୋଡ୍** ***ବି.*** ୧. ଟିଭି ଧାରାବାହିକର ଅଧ୍ୟାୟ ୨. ବଡ଼ କାହାଣୀର ଗୋଟିଏ ଭାଗ ୩. ଘଟଣା ।

**ଏଫିସିଏଣ୍ଟ୍ *ବିଂ.*** କାର୍ଯ୍ୟଦକ୍ଷ, ସୁଯୋଗ୍ୟ ।

**ଏବଂ *ଅ.*** ଓ, ଆଉ, ପୁଣି ।

**ଏବଂବିଧ, ଏବଂଭୂତ *କ୍ରି.ବିଂ.*** ଏହିପରି, ଏହିପ୍ରକାରର ।

**ଏବ *ବି.ବିଂ.*** ବର୍ତ୍ତମାନ, ଆଧୁନିକ, ଆଜିକାଲି ।

**ଏବକା, ଏବକାର *ବିଂ.*** ବର୍ତ୍ତମାନ କାଳର ।

**ଏବର *ବିଂ.*** ବର୍ତ୍ତମାନ ସମୟର ।

**ଏବେ *ଅ.*** ୧. ଆଜିକାଲି ୨. ଆଜିକାଲି ସମୟରେ ୩. ବର୍ତ୍ତମାନ ।

**ଏଭର୍ *ବିଂ.*** ଏହିସମୟର, ସାମ୍ପ୍ରତିକ, ଏବର ।

**ଏଭଳି *ଅ.*** ଏହିପରି ।

**ଏ ଭିତରେ *ଅ.*** ଏହି ସମୟ ଭିତରେ, ନିର୍ଦ୍ଦିଷ୍ଟ ଅବଧିରେ ।

**ଏଭେଁ *ଅ.*** ଏବେ, ଆଜିକାଲି ।

**ଏମ୍ପ୍ଲଏମେଣ୍ଟ୍ *ବି.*** କର୍ମନିଯୁକ୍ତି ।

**ଏମନ୍ *ଅ.*** ଏହିପରି, ଏମିତିକା ।

**ଏମନ୍ ତେମନ୍ *ଅ.*** ଏଣୁତେଣୁ ।

**ଏମନ୍ତ *ଅ.*** ଏପରି, ଏଭଳି ।

**ଏମେଲେ *ବି.*** ଏମ୍.ଏଲ୍.ଏ., ବିଧାନସଭାର ସଦସ୍ୟ, ବିଧାୟକ ।

**ଏମ୍ପ୍ଟି *ବି.*** ଖାଲି, ଫମ୍ପା, ଶୂନ୍ୟ ।

**ଏମ୍ବାସି *ବି.*** ଦୂତାବାସ, ଅନ୍ୟଦେଶରେ ଥିବା କୌଣସି ରାଷ୍ଟ୍ରର ପ୍ରତିନିଧିଙ୍କ କାର୍ଯ୍ୟାଳୟ ।

**ଏମ୍ବ୍ରଏଡରି *ବି.*** ପୋଷାକ ଉପରେ ହୋଇଥିବା ସୁନ୍ଦର ସୂଚିକାମ ।

**ଏୟା *ସ.*** ଏହା, ଏ ବିଷୟରେ ।

**ଏୟାର୍ *ବି.*** ପବନ, ଆକାଶ ।

**ଏୟାର କଣ୍ଡିସନର *ବି.*** ଶୀତତାପ ନିୟନ୍ତ୍ରଣକାରୀ ଯନ୍ତ୍ର ।

**ଏୟାର୍‌ପୋର୍ଟ୍ *ବି.*** ବିମାନଘାଟି, ବିମାନବନ୍ଦର ।

**ଏୟାର୍‌ଲାଇନ୍ *ବି.*** ଆକାଶପଥ ।

**ଏୟାର୍ ହୋଷ୍ଟେସ୍ *ବି.*** ବିମାନ ପରିଚାରିକା ।

**ଏର୍‌ବାଡ଼ି *ବି.*** ଗୋରୁ ଅଡ଼ାଇବାପାଇଁ ମୁନିଆ କଣ୍ଟା ଲାଗିଥିବା ବାଡ଼ି, କେଣ୍ଟିବାଡ଼ି ।

**ଏରକା *ବି.*** ଶରତୃଣ, ଗଣ୍ଠି ନ ଥିବା ତୃଣ ବିଶେଷ ।

**ଏରଣ୍ଡ *ବି.*** ଜଡ଼ା, ଗବଗଛ ।

**ଏରା *ବି.*** ଏକପ୍ରକାର ଧଳା ଜଳଚର ପକ୍ଷୀ ।

**ଏରିଆ *ବି.*** ୧. କ୍ଷେତ୍ର, ଇଲାକା ୨. ଅଞ୍ଚଳ ୩. ସ୍ଥାନବିଶେଷ ୪. କ୍ଷେତ୍ରଫଳ ।

**ଏରୁଣ୍ଡି, ଏରୁଣ୍ଡିବନ୍ଧ *ବି.*** ଦୁଆରବନ୍ଧ, ଦେହଳୀ, ଚଉକାଠର ତଳବନ୍ଧ ।

**ଏରୂପ *ବି.*** ଏପ୍ରକାରର ।

**ଏରୋପ୍ଲେନ୍ *ବି.*** ଉଡ଼ାଜାହାଜ, ବ୍ୟୋମଯାନ, ଆକାଶପୋତ ।

**ଏଲାକା *ବି.*** ଇଲାକା, ଅଞ୍ଚଳ ।

**ଏଲାଗେ, ଏଇଲାଗେ *ଅ.*** ବର୍ତ୍ତମାନ, ଏହିକ୍ଷଣି ।

**ଏଲାଚି, ଇଲାଚି *ବି.*** ଅଳେଇଚ, ଏକପ୍ରକାର ସୁବାସିତ ଫଳ ।

**ଏଲିମେଣ୍ଟାରି *ବି.*** ପ୍ରାଥମିକ, ଆରମ୍ଭିକାଳୀନ ।

**ଏଲେମ୍ *ବି.*** ୧. ଜ୍ଞାନ ୨. କାରଣ ୩. ଇଲମ ।

**ଏଲୋପାଥି *ବି.*** ଆଧୁନିକ ପ୍ରଣାଳୀରେ ଡାକ୍ତରୀ ଚିକିତ୍ସା ।

**ଏଷଣା *ବି.*** ୧. ଗବେଷଣା, ଖୋଜିବା ୨. ଅନ୍ୱେଷଣ ୩. ବାଞ୍ଛା, ଅଭିଳାଷ ୪. ନିକିତି ।

**ଏଷ୍ଟାବ୍ଲିସ୍‌ମେଣ୍ଟ୍ *ବି.*** ୧. ପ୍ରତିଷ୍ଠାନ ୨. ପ୍ରଚଳିତ ବ୍ୟବସ୍ଥା ।

**ଏଷ୍ଟିମେଟ୍ *ବି.*** ପ୍ରାକ୍‌କଳନ, ଆକଳନ ।

**ଏସ୍କିମୋ *ବି.*** ଉତ୍ତରମେରୁର ଅତି ଶୀତପ୍ରଧାନ ଅଞ୍ଚଳରେ ବାସ କରୁଥିବା ଜନଜାତି ବିଶେଷ ।

**ଏସ୍.ପି *ବି.*** ସୁପରିଣ୍ଟେଡେଣ୍ଟ ଅଫ୍ ପୋଲିସ, ଜିଲ୍ଲାର ପୁଲିସ ମୁଖ୍ୟ, ଆରକ୍ଷୀ ଅଧୀକ୍ଷକ ।

**ଏସ୍ରାଜ *ବି.*** ତାରଯୁକ୍ତ ବାଦ୍ୟଯନ୍ତ୍ର ବିଶେଷ ।

**ଏସନ *ଅ.*** ଏହିପରି, ଏହିଭଳି ; ***ବି.*** ଏହି ବର୍ଷ ।

**ଏସନେ *ଅ.*** ଏହି ପ୍ରକାରେ, ଏହିରୂପେ ।

**ଏସରିକି *ଅ.*** ଏତେ ସରିକି, ଏତେ କାଳ ବା ଏହିଭଳି ପରିସ୍ଥିତି ପର୍ଯ୍ୟନ୍ତ ।

**ଏସା *ଅ.*** ଏମିତି, ସେମିତି, ଏପରି ।

**ଏସିଡ୍ *ବି.*** ୧. ପ୍ରଦାହିକା ଶକ୍ତିଥିବା ତରଳ ପଦାର୍ଥ ବିଶେଷ ୨. ଅମ୍ଳକ୍ଷାର ।

**ଏସୀୟ *ବିଂ.*** ଏସିଆ ମହାଦେଶ ସମ୍ବନ୍ଧୀୟ, ଏସିଆ ମହାଦେଶ ଜାତ ।

**ଏସୁଁ *ବି.*** ଏହି ବର୍ଷ, ଏହି ସନ ।

**ଏସୁର୍ *ବି.*** ଏବର୍ଷ, ଚଳିତ ସମ୍ବତ୍ସର ।

**ଏସେନସ୍ *ବି.*** ୧. ପୁଷ୍ପାଦିର ସୁଗନ୍ଧନିର୍ଯ୍ୟାସ ୨. ମୂଳତତ୍ତ୍ୱ ।

**ଏହା, ଏହି *ସ.*** ଏ, ଏଇ ।

**ଏହିସା *ଅ.*** ଓଜନିଆ ପଦାର୍ଥ ଉଠାଇବା ବେଳେ ଏକାଧିକ ଶ୍ରମିକଙ୍କ ଉତ୍ସାହବାଚକ ଧ୍ୱନି ।

**ଏହିକ୍ଷଣି, ଏକ୍ଷଣି *ଅ.*** ଏହିକ୍ଷଣି, ବର୍ତ୍ତମାନ, ଏଇନା ।

**ଏହେଁ, ଏହୁଁ *ବିଂ.*** ବଡ଼ ଆକାରର, ବିରାଟକାୟ ।

**ଏହ୍ନେ *ଅ.*** ଏହି ପ୍ରକାରେ, ଏସନେ ।

# ଐ

**ଐ ବି.** ୧. ବର୍ଣ୍ଣମାଳାର ଏକାଦଶ ସ୍ୱରବର୍ଣ୍ଣ ୨. ଶିବ ।

**ଐକ ବିଂ.** ଏକ ସମ୍ବନ୍ଧୀୟ ।

**ଐକତାନ ବି.** ବିବିଧ ବାଦ୍ୟ ଯନ୍ତ୍ରର ସମସ୍ୱରରେ ସମକାଳୀନ ବାଦନ।

**ଐକତାନିକ ବିଂ.** ସାମସ୍ୱରିକ, ଏକଲୟ ବିଶିଷ୍ଟ ।

**ଐକବାକ୍ୟ ବି.** ସମାନ ଉକ୍ତି, ଏକା ପ୍ରକାରର କଥା ବା ମତ ।

**ଐକମତ ବି.** ମତର ଏକତା, ବିଚାରଗତ ସାମ୍ୟ ।

**ଐକାଗ୍ର୍ୟ ବି.** ଏକାଗ୍ରତା, ସ୍ଥିର ମାନସିକ ଅବସ୍ଥା, ଅବିଚଳିତ ମାନସିକତା ।

**ଐକାନ୍ତିକ ବିଂ.** ୧. ଏକନିଷ୍ଠ, ଦୃଢ଼ନିଶ୍ଚିତ ୨. ଅନନ୍ୟ ।

**ଐକାନ୍ତିକତା ବି.** ଏକାଗ୍ରତା, ମନୋଯୋଗିତା ।

**ଐକାର ବି.** ବ୍ୟଞ୍ଜନବର୍ଣ୍ଣରେ ଐ ମାତ୍ରା ( ୈ ) ।

**ଐକାହିକ ବିଂ.** ଏକଦିବସୀୟ (ଜ୍ୱର ଆଦି ) ।

**ଐକ୍ୟ ବି.** ଏକତା, ମେଳ, ସମତା ।

**ଐଚ୍ଛିକ ବିଂ.** ଇଚ୍ଛାନୁଯାୟୀ, ଇଚ୍ଛାଧୀନ, ଇଚ୍ଛାଗତ ।

**ଐତିହାସିକ ବିଂ.** ୧. ଇତିହାସ ସମ୍ବନ୍ଧୀୟ ୨. ଇତିହାସ ସୃଷ୍ଟି କରିବା ଭଳି ; **ବି.** ଇତିହାସକାର, ଅତୀତବେତ୍ତା ।

**ଐତିହାସିକତା ବି.** ଇତିହାସସିଦ୍ଧତା ।

**ଐତିହ୍ୟ ବି.** ୧.ଐତିହାସିକତା, ପରମ୍ପରା, ଇତିହାସ କଥା ୨. ପରମ୍ପରାଗତ ପ୍ରମାଣବାକ୍ୟ, ପ୍ରବାଦ ବାକ୍ୟ, କିମ୍ବଦନ୍ତୀ ।

**ଐନ୍ଦ୍ରଜାଲିକ ବିଂ.** ୧. ଯାଦୁବିଦ୍ୟା ସମ୍ବନ୍ଧୀୟ ୨. ମାୟାବୀ ; **ବି.** ବାଜିକର, କୁହୁକବାଲା, ଯାଦୁକର ।

**ଐର ବି.** କଳିଙ୍ଗ ସମ୍ରାଟ ଖାରବେଳଙ୍କ ବଂଶର ନାମ ।

**ଐରାବତ ବି.** ପୁରାଣ ବର୍ଣ୍ଣିତ ଦେବରାଜ ଇନ୍ଦ୍ରଙ୍କ ହାତୀର ନାମ ।

**ଐରାବତୀ ବି.** ୧. ରାବୀ ନଦୀ ୨. ବିଦ୍ୟୁତ୍ ।

**ଐରି ବି** ୧. ଅଇରି, ଶତ୍ରୁ ୨. ଗୋପାଳ ବା ଗଉଡ଼ମାନଙ୍କ ଉପଜାତି ବିଶେଷ, ଅହିର ।

**ଐଶାନ୍ୟ ବି.** ଈଶାନକୋଣ, ଉତ୍ତରପୂର୍ବ ଦିଗର କୋଣ ।

**ଐଶିକୀ ବିଂ.** ଈଶ୍ୱର ସମ୍ବନ୍ଧୀୟ, ଈଶ୍ୱରଦତ୍ତ, ଦୈବୀ ।

**ଐଶୀ ବିଂ.** ଈଶ୍ୱରୀୟ ।

**ଐଶ୍ୱର୍ଯ୍ୟ ବି.** ୧. ଈଶ୍ୱରତ୍ୱ ୨. ଧନସମ୍ପତ୍ତି, ପ୍ରଭୁତ୍ୱ, ମହିମା ୩. ଅଣିମାଦି ଅଷ୍ଟବିଧ ଶକ୍ତି ମଧ୍ୟରେ ଅନ୍ୟତମ ।

**ଐଶ୍ୱର୍ଯ୍ୟବାନ୍ ବିଂ.** ଐଶ୍ୱର୍ଯ୍ୟଶାଳୀ, ଐଶ୍ୱର୍ଯ୍ୟାନ୍ୱିତ, ସମ୍ପତ୍ତି ଥିବା, ଧନଶାଳୀ ।

**ଐଷ୍ଟିକ ବିଂ.** ଯଜ୍ଞ ସମ୍ବନ୍ଧୀୟ ।

**ଐହ, ଐହିକ ବିଂ.** ଇହକାଳ ବା ଇହଲୋକ ସମ୍ବନ୍ଧୀୟ, ପାର୍ଥିବ ।

# ଓ

**ଓ ବି.** ଦ୍ୱାଦଶ ସ୍ୱରବର୍ଣ୍ଣ ; **ଅ.** ୧. ଏବଂ ୨. ପୁଣି, ଆଉ ୩. କାହାରି ଡାକର ଉତ୍ତର ।

**ଓଁ ଅ.ବି.** ପ୍ରଣବ, ଓଁକାର, ବ୍ରହ୍ମଙ୍କ ପ୍ରତୀକ ।

**ଓଃ ଅ.** ବିରକ୍ତି, କ୍ଲାନ୍ତି, ଦୁଃଖ ବା ବିସ୍ମୟ ଭାବସୂଚକ ଚିହ୍ନ ।

**ଓଇଲା କ୍ରି.** ହୋଇଲା, କାର୍ଯ୍ୟ ସରିଲା ।

**ଓଉ ବି.** ଉଆଉ, ପାଞ୍ଚଫଡ଼ାଯୁକ୍ତ ଖଟାଳିଆ ଫଳ ବିଶେଷ ।

**ଓଉଦାଣ୍ଡିଆ ବିଂ.** ଲମ୍ବ ଭାବରେ ଥିବା ; **କ୍ରି.ବିଂ.** ସିଧାରେ ସିଧାରେ।

**ଓଉଫାଳିଆ ବିଂ.** ଓଉର ଫଡାପରି (*ଉଦା.* ଓଉଫାଳିଆ ଗାଲ) ।

**ଓଏସିସ୍ ବି.** ମରୁଦ୍ୟାନ, ମରୁଭୂମିରେ ସ୍ଥାନେ ସ୍ଥାନେ ଥିବା ଜଳାଶୟ ଓ ବୃକ୍ଷରାଜି ।

**ଓକ୍ ବି.** ବହୁ ବର୍ଷ ବଞ୍ଚିରହୁଥିବା ଅତି ଉଚ୍ଚ ଓ ମୋଟା ଏକ ଜାତିର ଗଛ ।

**ଓକଟ ବି.** ଉକୁଟ, ବାଜା ବଜାଇବା ସମୟରେ ତାଳର ବୋଲ ବା ଡାକ ।

**ଓକର ବି.** ୧. ଗୋପନୀୟ କଥା, ଗୋଇ ୨. ଘରଛିଦ୍ର ।

**ଓ କରିବା କ୍ରି.** ଜବାବ ଦେବା, ଡାକ ଶୁଣିବା, ଉପସ୍ଥିତି ଜଣାଇବା ।

**ଓକାଳ, ଓକି ବି.** ହଜମ ହୋଇନଥିବା ଖାଦ୍ୟ ପାକସ୍ଥଳୀରୁ ବାହାରି ଆସିବା, ଅଇ, ବାନ୍ତି, ବମନ ।

**ଓକାଳ /ଓକି ଲାଗିବା କ୍ରି.** ବାନ୍ତି ଉଠାଇବା ।

**ଓକି କରିବା, ଓକିବା କ୍ରି.** ବାନ୍ତି କରିବା ।

**ଓକିଲ ବି.** ଆଇନଜୀବୀ, ଆଡ଼ଭୋକେଟ୍, ଲୟର, ବିଚାରାଳୟରେ ବାଦୀ/ପ୍ରତିବାଦୀଙ୍କ ପ୍ରତିନିଧି ।

**ଓକିଲାତି ବି.** ୧. ଆଇନ ବ୍ୟବସାୟ ୨. ଜଣକର ପକ୍ଷ ନେଇ ଯୁକ୍ତି ।

**ଓକେ ଅ.** ୧. ହଁ, ଠିକ ଅଛି ୨. ଠିକ୍‌ଠାକ୍ ।

**ଓଖ ବି.** ଆଦତ୍, ଅଭ୍ୟାସ, ବାରମ୍ବାର ଆଚରଣ ଯୋଗୁଁ ପ୍ରାପ୍ତ ସ୍ୱଭାବ ।

**ଓଖର ବି.** ଗାଈକ୍ଷୀର, ଗୋରସ, ଦୁଗ୍‌ଧ, ଦୁଧ, ନିତ୍ୟାନି ।

**ଓଖି ବି.** ଉଖି, ଛଳନା, ବାହାନା ।

**ଓଗାଳ ବି.** ୧. ଅଟକାଇବା, ଆଗରେ ରହି ବାଧା ସୃଷ୍ଟି ୨. ଗୋପାଳମାନେ ଦୋଳ ଉତ୍ସବରେ ଗାଉଥିବା ଗୀତ ।

**ଓଗାଳିବା କ୍ରି.** ବାଧାଦେବା, ପ୍ରତିବନ୍ଧକ ସୃଷ୍ଟିକରିବା, ଆଗୁଳିବା ।

**ଓଗେର ଅ.** ଆଦି, ପ୍ରଭୃତି, ଇତ୍ୟାଦି ।

**ଓଘ ବି.** ୧. ସମୂହ ୨. ଜଳସ୍ରୋତ ୩. ଉପଦେଶ ।

**ଓଛ୍‌ନା ବି.** ଶେଯ, ବିଛଣା ।

**ଓଛ୍‌ନା ପାଏନ୍ ବି.** ବର୍ଷା ହେବାବେଳେ ଛାତରୁ ବା ଉଚ୍ଚସ୍ଥାନରୁ ଗଡ଼ି ଆସୁଥିବା ପାଣି, ଓଳିଗଡ଼ା ।

**ଓଛେଇବା କ୍ରି.** ଶେଯ ବିଛାଇବା, ବିଛଣା ପାରିବା ।

**ଓଜଃ ବି.** ୧. ତେଜ, ଦୀପ୍ତି ୨. ବଳ, ପରାକ୍ରମ ୩. ତ୍ରିଗୁଣ ମଧ୍ୟରୁ ଏକ ଗୁଣ ବିଶେଷ ।

**ଓଜ ବି.** ୧. ବିଷମ ସଂଖ୍ୟା ୨. ଓଜନ ୩. ଗାମ୍ଭୀର୍ଯ୍ୟ ୪. ତେଜ, ଦୀପ୍ତି ।

**ଓଜନ ବି.** ୧. ତଉଲ, ଭାରି, ବସ୍ତୁ କେତେ ଭାରି ତାହାର ପରିମାଣ ନିରୂପଣ ୨. କଦର, ଗୁରୁତ୍ୱ ।

**ଓଜନଯନ୍ତ୍ର ବି.** ପଦାର୍ଥ କେତେ ଭାରି ତାହା ମାପ କରାଯାଉଥିବା ଯନ୍ତ୍ର, ତୁଳାଦଣ୍ଡ, ୱେଇଙ୍ଗ ମେସିନ୍ ।

**ଓଜନିଆ ବିଂ.** ୧. ବହନ କରିପାରିବାର ସାମର୍ଥ୍ୟଠାରୁ ଅଧିକ ପରିମାଣ ବିଶିଷ୍ଟ, ଓଜନଦାର, ଭାରୀ ୨. ଗମ୍ଭୀର, ବ୍ୟକ୍ତିତ୍ୱସମ୍ପନ୍ନ ।

**ଓଜର ବି.** ଆପତ୍ତି, ଅଭିଯୋଗ ।

**ଓଜସ୍ୱିନୀ ବିଂ.** ତେଜସ୍ୱୀ, ଓଜସ୍ୱୀ, ଓଜଗୁଣ ବିଶିଷ୍ଟ ।

**ଓଜିର ବି.** ଓ୍ୱଜିର୍, ମନ୍ତ୍ରୀ ।

**ଓଜୋନ୍ ବି.** କଡ଼ାଗନ୍ଧ ଥିବା ନୀଳରଙ୍ଗବିଶିଷ୍ଟ ବାଷ୍ପ ବିଶେଷ ।

**ଓଜୋନ୍ ସ୍ତର ବି.** ପୃଥିବୀପୃଷ୍ଠଠାରୁ ପ୍ରାୟ ୨୦-୩୦ କିଲୋମିଟର ଦୂରତାରେ ଥିବା ବାୟୁମଣ୍ଡଳର ଏକ ସ୍ତର- ଯାହା ସୂର୍ଯ୍ୟ କିରଣର କୁପ୍ରଭାବରୁ ପୃଥିବୀକୁ ରକ୍ଷା କରିଥାଏ ।

**ଓଝ ବି.** ୧. ପରିମାଣ ୨. ରାଶିର ବର୍ଗମୂଳ ।

**ଓଝା ବି.** ୧. ଗାଁ ଚାଟଶାଳିରେ ପଢ଼ାଉଥିବା ମାଟିବଂଶ ଅବଧାନ ୨. କମାର, ଲୁହାକାମ କରୁଥିବା ଜାତି ୩. ମନ୍ତ୍ର-ଚିକିତ୍ସକ ୪. ଭୂତ ଛଡାଉଥିବା ଗୁଣିଆ ୫. ବଢ଼େଇ ୬. କେଉଟ, ମାଛଧରାଳି ।

**ଓଝା ମହାରଣା ବି.** ଶ୍ରୀମନ୍ଦିରର କମାର ସେବକ ।

**ଓଝାଳିବା କ୍ରି.** ୧. କୂଅ ଅଥବା ବାମ୍ଫି ଭିତରର ମଇଳା ପରିଷ୍କାର କରିବାପାଇଁ ପାଣି ବାହାର କରିବା ୨. ପରର ଅବିଗୁଣକୁ ପ୍ରକାଶ କରିବା ।

**ଓଟ ବି.** ଲମ୍ବା ଗୋଡ଼, ଲମ୍ବା ବେକ ଓ କୁଜାପିଠିଆ ଜୀବ- ମରୁଭୂମିର ଭାରବାହୀ ପଶୁ ।

**ଓଟପକ୍ଷୀ ବି.** ଉଡ଼ି ପାରୁନଥିବା ଏକପ୍ରକାର ବଡ଼ ପକ୍ଷୀ ।

**ଓଟରା ବି.** ଘୋସରା, ପଛରୁ ଟଣା ।

**ଓଟରା ଓଟରି** ***ବି.*** ଟଣାଟଣି, ଝିଙ୍କାଝିଙ୍କି, ଭିଡାଭିଡ଼ି ।

**ଓଟାର** ***ବି.*** ୧. ବାନ୍ତି ଆସିବା ୨. ଘର ଛପର କାଳରେ ଛଣ ଉପରେ ବତା ରଖି ଲଇ ବା ଦଉଡ଼ିରେ ଭିଡ଼ିବା କାର୍ଯ୍ୟ ।

**ଓଟାରିବା** ***କ୍ରି.*** ୧. ଘୋଷାରିବା ୨. ନିଜ ଆଡ଼କୁ ଟାଣିବା ୩. ପକ୍ଷଭୁକ୍ତ କରିବା ।

**ଓଠ** ***ବି.*** ମୁଖଦ୍ୱାର : ଏହାର ଉପର ଅଂଶ ଓଠ ଓ ତଳ ଅଂଶ ଅଧର ।

**ଓଡ଼** ***ବି.*** ୧. ଓଡ୍ର, ଓଡ଼ିଶାର ପ୍ରାଚୀନ ଅପଭ୍ରଷ୍ଟ ନାମ ୨. ହାକୁଟି (ଡ଼ି), ଏଉଡ଼ି, ଖାଇବା ପରେ କିମ୍ବା ଖାଦ୍ୟ ହଜମ ହୋଇ ନ ଥିଲେ ପାକସ୍ଥଳିରୁ ପାଟି ବାଟେ ନିର୍ଗତ ପବନ ୩. କାସ୍, ଜମି ହଳକରିବା ଥର ୪. କୃଷିକର୍ମ କରିବା ଜାତି ୫. ଥର ସଂଖ୍ୟା ୬. ପାଇକ ଜାତି ।

**ଓଡ଼ଚଷା** ***ବି.*** ହଳ କରୁଥିବା ଜାତି ।

**ଓଡ଼ଣ** ***ବି.*** ସୀସା, ପେନ୍‌ସିଲ୍ ।

**ଓଡ଼ନା, ଓଡ଼ଣା** ***ବି.*** ୧. ଓଢ଼ଣା, ନାରୀମାନଙ୍କ ପିନ୍ଧା ଶାଢ଼ିର ମୁଣ୍ଡ ଘୋଡେଇଥିବା ଅଂଶ ୨. ଘୋଡେଇ ହେବା ଲୁଗା ୩. ଓଢ଼ଣି, କମିଜ ସହିତ ବ୍ୟବହୃତ ନାରୀମାନଙ୍କ ବୁକୁବସ୍ତ୍ର ।

**ଓଡ଼ଶ** ***ବି.*** ବିଛଣାରେ ରହୁଥିବା ରକ୍ତପିଆ ପୋକ ବିଶେଷ, ଛାରପୋକ, ଢେକୁନ୍, ଖଟ୍‌ମଲ୍ ।

**ଓଡ଼ାଇବା, ଓଡ଼େଇବା** ***କ୍ରି.*** ଉପରୁ ତଳକୁ ନୁଆଁଇବା ।

**ଓଡ଼ାଙ୍କ** ***ବି.*** ୧. ଏକ ପ୍ରକାର ମିଶାଣ ପ୍ରଣାଳୀ ୨. ମିଶାଣ ଫଳ ।

**ଓଡ଼ାମଡ଼ା** ***ବି.*** ଏକପ୍ରକାର ଗାଳି, କୁବାକ୍ୟ ।

**ଓଡ଼ିଆ** ***ବି.*** ୧. ଓଡ଼ିଶା ରାଜ୍ୟର ଅଧିବାସୀ ୨. ଓଡ଼ିଶାର ଲୋକଙ୍କ ମାତୃଭାଷା ।

**ଓଡ଼ିଆଣି** ***ବି.*** ଅଣ୍ଟାସୂତା, ଅଣ୍ଟାରେ ପିନ୍ଧା ଯାଉଥିବା ଅଳଙ୍କାର, କଟିମେଖଳା ।

**ଓଡ଼ିଆଣୀ** ***ବି.*** ଓଡ଼ିଶାର ନାରୀ ।

**ଓଡ଼ିଶା** ***ବି.*** ଭାରତବର୍ଷର ଓଡ଼ିଆ ଭାଷାଭାଷୀ ପ୍ରଦେଶ ।

**ଓଡ଼ିଶୀ** ***ବିଂ.*** ଓଡ଼ିଶା ସମ୍ପର୍କିତ, ଓଡ଼ିଶାର ପ୍ରାକୃତିକ ଓ ସାଂସ୍କୃତିକ ଐତିହ୍ୟ ସୂଚକ ।

**ଓଡ଼ିଶୀ କୀର୍ତ୍ତନ** ***ବି.*** ଅଧିକ ସଂଖ୍ୟକ ଝାଞ୍ଜ ଓ ମୃଦଙ୍ଗ ବାଦ୍ୟଯନ୍ତ୍ର ଭାବରେ ବ୍ୟବହାର କରାଯାଉଥିବା କୀର୍ତ୍ତନ ରୀତି ।

**ଓଡ଼ିଶୀ ନୃତ୍ୟ** ***ବି.*** ଓଡ଼ିଶାର ପ୍ରାଚୀନ ଶାସ୍ତ୍ରୀୟ ନୃତ୍ୟଶୈଳୀ ।

**ଓଡ଼ିଶୀ ସଂଗୀତ** ***ବି.*** ଓଡ଼ିଶାର ସଙ୍ଗୀତ ଗାୟନର ସ୍ୱତନ୍ତ୍ର ପର-ରା ଓ ଶୈଳୀ ।

**ଓଡ୍ର** ***ବି.*** ଓଡ଼ିଶା ରାଜ୍ୟ ; ***ବିଂ.*** ଓଡ଼ିଶା ସମ୍ବନ୍ଧୀୟ ।

**ଓଡ୍ର ବିଭାଷା** ***ବି.*** ଓଡ୍ରର ଲୋକଙ୍କ ଭାଷା (ଭାଷା ଇତିହାସରେ ଏହା ଅନ୍ୟତମ ପ୍ରାକୃତ ଭାଷା ଭାବରେ ପରିଚିତ), ଉଡ୍ରଭାଷା ।

**ଓଢ଼ଣ ଷଷ୍ଠୀ** ***ବି.*** ମାର୍ଗଶିର ମାସ ଶୁକ୍ଳପକ୍ଷ ଷଷ୍ଠୀ ତିଥିରେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିରରେ ଠାକୁରମାନଙ୍କ ଦେହରେ ଶୀତବସ୍ତ୍ର ଲାଗି ଉତ୍ସବ, ଘୋଡଲାଗି ବିଧି, ପ୍ରାବରଣ ଷଷ୍ଠୀ ।

**ଓଢ଼ଣା** ***ବି.*** ମୁଣ୍ଡ ଉପରେ ପଡ଼ିଥିବା ଛୋଟବସ୍ତ୍ର ବା ଉତ୍ତରୀୟ, ଉପରାଣ, ଶାଢ଼ିପ୍ରାନ୍ତରେ ମୁଣ୍ଡ ଘୋଡାଇବା ବିଧି ।

**ଓଢ଼ଣି** ***ବି.*** ୧. ନାରୀ ପୋଷାକର ଉପର ଭାଗ, ଓଢ଼ନି, ଦୁପଟ୍ଟା, ଓ୍ୱାଣି ୨. ଘୋଡ଼ାଇବା ଲୁଗା ।

**ଓଢ଼ିବା** ***କ୍ରି.*** ଘୋଡେଇ ହେବା, ଦେହ ଢ଼ାଙ୍କିବା ।

**ଓତପ୍ରୋତ** ***ବିଂ.*** ୧. ସବୁଠି ପରିବ୍ୟାପ୍ତ ୨. ନିବିଡ଼ ଭାବରେ ଜଡ଼ିତ ।

**ଓତା** ***ବି.*** ୧. ଚଦର, ପାଛୁଡ଼ା, ଉତ୍ତରୀୟ ୨. ହୋତା, ଯଜ୍ଞ କରୁଥିବା ବ୍ରାହ୍ମଣମାନଙ୍କ ସାଙ୍ଗିଆ ।

**ଓଥରା** ***ବି.*** ୧. ବୟସ ହୋଇଥିଲେ ମଧ୍ୟ ବାହା ହୋଇ ନ ଥିବା ପୁରୁଷ ୨. ଅନ୍ୟର ନିନ୍ଦା / ପ୍ରଶଂସା ପ୍ରତି ଉଦାସୀନ ବ୍ୟକ୍ତି ।

**ଓଦନ** ***ବି.*** ୧. ଭାତ ୨. ଭୋଜନ ଦ୍ରବ୍ୟ ।

**ଓଦର** ***ବି.*** ୧. ଶସ୍ୟାଦି ରଖିବାନିମିତ୍ତ ବାଉଁଶ ପାତିଆରେ ତିଆରି ବଡ଼ ଆଧାର ୨. ଶଗଡ ଉପରେ ରଖାଯାଉଥିବା ଲମ୍ବାକୃତି ବଡ଼ ଡୋଲି, ଲୁଦର୍ ।

**ଓଦା** ***ବି.ବିଂ.*** ଆର୍ଦ୍ର, ତିନ୍ତା, ଭିଜା, ଓଲ, ସିକ୍ତ ।

**ଓଦାଖିଆ** ***ବିଂ.*** କାମ ନ କରି ଖାଉଥିବା, ମାହାଳିଆ ଖାଉଥିବା ।

**ଓଦାଳିଆ** ***ବିଂ.*** ଭିଜାଭିଜା, ହାତକୁ ତିନ୍ତିଲା ପରି ଲାଗୁଥିବା ।

**ଓଧ, ଓଧୁଅ** ***ବି.*** ପାଣି ଭିତରୁ ଖାଦ୍ୟ ସଂଗ୍ରହ କରିପାରୁଥିବା ବିରାଡ଼ି ପରି ଜୀବ ବିଶେଷ, ପାଣିବିରାଡି ।

**ଓଧାଣି** ***ବି.*** ଭାତ ରାନ୍ଧିବାପାଇଁ ଚୁଲିରେ ବସାଯାଇଥିବା ପାଣି ହାଣ୍ଡି, ଅନ୍ଧାନ୍ ।

**ଓପି** ***ବି.*** ୧. କଦଳୀପୁଆ, କଦଳୀଗଛର ମୁଣ୍ଡା ୨. ଶଗଡ଼ର ଝୁରାମୁଣ୍ଡି ।

**ଓପାଡ଼ିବା** ***କ୍ରି.*** ଉପାଡ଼ିବା, ମୂଳ ଉତ୍‌ପାଟନ କରିବା, ମାଟି ଭିତରୁ ଘିଚି ଆଣିବା ।

**ଓପାସ** ***ବି.*** ଉପାସ, ଉପବାସ, ଅଖିଆ ।

**ଓପାସ କରିବା** ***କ୍ରି.*** ମାନସିକ କରି ଫଳଲାଭ ଆଶାରେ ପୂଜା ଶେଷ ନ ହେବା ପର୍ଯ୍ୟନ୍ତ କିଛି ନଖାଇ ଖାଲି ପେଟରେ ରହିବା ।

**ଓପାସିଆ** ***ବିଂ.*** ଯେ ନ ଖାଇ ରହିଥାଏ, ଅଭୁକ୍ତ, ଅଖିଆ ।

**ଓପ୍ରୋଧ** ***ବି.*** ୧. ଉପରୋଧ, ଦୟା ୨. ଅନୁଗ୍ରହ ୩. ମୁହଁଚାହାଁ ଭାବ ୪. ପ୍ରୀତିଭାବ ।

**ଓଭନ୍ *ବି.*** ୧. ଭାଟି, ବନ୍ଦଚୁଲା ୨. କେକ୍‌ପ୍ରଭୃତି ତିଆରିପାଇଁ ଉପକରଣ ।

**ଓଭର୍ *ବିଂ.*** ୧. ଅଧିକ, ବେଶି ୨. ଅତିକ୍ରାନ୍ତ, ଶେଷ ହୋଇଯାଇଥିବା; ***ବି.*** କ୍ରିକେଟ୍ ଖେଳରେ ୬ଟି ବଲ୍ ବୋଲିଂ କରିବାର ପର୍ଯ୍ୟାୟ ।

**ଓଭର୍‌କୋଟ୍ *ବି.*** ଲମ୍ବାକୋଟ୍, ଆଣ୍ଠୁ ପର୍ଯ୍ୟନ୍ତ ଝୁଲି ରହିଥିବା କୋଟ୍ ।

**ଓଭର୍‌ଟାଇମ୍ *ବି.*** କାମ କରିବାପାଇଁ ନିର୍ଦ୍ଧାରିତ ସମୟ ଠାରୁ ଅଧିକ ।

**ଓଭର୍‌ଟେକ୍ କରିବା *କ୍ରି.*** ପଛରୁ ଆସି ଅନ୍ୟକୁ ଟପିଯିବା ।

**ଓଭର୍‌ଡିଉ *ବି.ବିଂ.*** ୧. ସମୟ ଅତିକ୍ରମ କରି ଯାଇଥିବା ୨. ପୁରୁଣା ପ୍ରାପ୍ୟ ।

**ଓଭର୍‌ଡୋଜ୍ *ବିଂ.ବି.*** ମାତ୍ରାଧିକ, ଅନୁପାନରୁ ଅଧିକ ।

**ଓଭର୍‌ଡ୍ରାଫ୍‌ଟ୍ *ବି.*** ବ୍ୟାଙ୍କ ଜମା ବା ସଞ୍ଚୟଠାରୁ ଅଧିକ ଅର୍ଥ ଉଠାଣ ।

**ଓଭର୍ ଫାଜିଲ୍ *ବି.*** ୧. ବେଶି ଦୁଷ୍ଟ ୨. ଛତରା, ଫୁଟାଣିଆ ।

**ଓଭର୍‌ବ୍ରିଜ୍ *ବି.*** ରାସ୍ତାପ୍ରଭୃତିର ଉପରେ ତିଆରି ଅନ୍ୟ ଏକ ରାସ୍ତା ।

**ଓର *ବି.*** ୧. ଟେର୍ ୨. ସୁଯୋଗ, ସୁବିଧା ୩. ଉପାୟ, ଖଞ୍ଜ ।

**ଓର ଉଣ୍ଡିବା *କ୍ରି.*** ୧. ସୁଯୋଗ ଖୋଜିବା ୨. ଗୁମରକଥା ଜାଣିବା ପାଇଁ ପ୍ରୟାସ କରିବା ।

**ଓରଫ୍ *ବି.*** ୧. ପ୍ରତିନିଧି ୨. ମାର୍‌ଫତ୍ ୩. ନାମାନ୍ତର ।

**ଓର ବୁଝିବା *କ୍ରି.*** କାହାରି ଅଜାଣତରେ ପିଛା ଧରିବା, ଅନ୍ୟର ଗତିବିଧିକୁ ଲକ୍ଷ୍ୟ କରିବା ।

**ଓରମାନ, ଓରିମାନା *ବି.*** ୧. ଅନ୍ୟପ୍ରତି ମନରେ ଥିବା ମନ୍ଦ ଭାବନା ୨. ଲାଳସା, ସାଧ ।

**ଓରା *ବି.*** ୧. ଛାଉଣି ଘରର କାଛ ଉପରେ ଲମ୍ବ ହୋଇପଡ଼ିଥିବା ଶକ୍ତ ଓ ମୋଟା କାଠ – ଯାହାଉପରେ ଶେଣି ରଖାଯାଏ ୨. ଖଜୁରୀ ମଦ ସଂଗ୍ରହ ପାଇଁ ଗଛରେ ଟଙ୍ଗା ଯାଉଥିବା ଠେକି ବା ଛୋଟ ମାଠିଆ ।

**ଓରାକଟା *ବିଂ.ବି.*** ଖଜୁରୀ ଗଛରୁ ମଦଘଡ଼ା ଚୋରି କରୁଥିବା(ଲୋକ) ।

**ଓରାଣି *ବି.*** ଭାତହାଣ୍ଡିରେ ଚାଉଳ ପଡ଼ିବା ପରର ଫୁଟନ୍ତା ପାଣି ।

**ଓରି *ବି.*** ୧. ପଟାଳି, ଛୋଟ କିଆରି ୨. ଅଭ୍ୟାସ ୩. ଦାମ୍ଭିକତା, ଅଭିମାନ, ଗର୍ବ ।

**ଓରିଆ *ବି.*** ଜଗନ୍ନାଥଙ୍କ ଛପନ ଭୋଗ ମଧ୍ୟରୁ ଅନ୍ୟତମ, ଘୃତାନ୍ନ, ଘିଅଅନ୍ନ ।

**ଓଲଗି, ଓଳିକି *ବି.*** ହାତଯୋଡ଼ି ନମସ୍କାର, ଦଣ୍ଡବତ, ପ୍ରଣାମ ।

**ଓଲଗିବା *କ୍ରି.*** ନମସ୍କାର କରିବା ।

**ଓଳମ *ବି.*** କାନ୍ଥ / ପାଚିରି ପ୍ରଭୃତି ସମଭାବରେ ଉପରକୁ ଉଠୁଚି କି ନାହିଁ ଜାଣିବାପାଇଁ ରାଜମିସ୍ତ୍ରୀ ବ୍ୟବହୃତ ନଟୁପରି ଯନ୍ତ୍ର ବିଶେଷ ।

**ଓଳମ କରିବା *କ୍ରି.*** ଉପରକୁ କାନ୍ଥ ସିଧା ଉଠିବା କାର୍ଯ୍ୟ ସମ୍ପନ୍ନ କରିବା ।

**ଓଳମିବା *କ୍ରି.*** ଓହଳିବା, ତଳକୁ ଝୁଲିରହିବା ।

**ଓଳି *ବି.*** ୧. ଘରର ଛପରର ସବା ତଳଅଂଶ ୨. ଦିନର ଅଧା ସମୟ (*ଉଦା.* ସକାଳ ଓଳି, ଉପରଓଳି) ୩. ପୋଡ଼ା ମାଟିର ଛୋଟ ପାତ୍ର; ***ଅ.*** ପରି, ସଦୃଶ, ଅନୁରୂପ (*ଉଦା.* ବାପ ଓଳି ପୁଅ)

**ଓଳିଆ *ବି.*** ଧାନ ପ୍ରଭୃତି ଶସ୍ୟରଖିବା ପାଇଁ କୁଟା/ଛଣ, ପାଳରେ ତିଆରି ଗୋଲାକାର ନିବୁଜ ଆଧାର, **ପୁଡ଼ା,** ପୁଡୁଗ ।

**ଓଳିଆପେଟିଆ, ଓଳିଆପେଟା *ବିଂ.*** ବଡ ପେଟବିଶିଷ୍ଟ ।

**ଓଳିକିଆ *ବିଂ.*** ଦିନରେ ଓଳିଏ ବା ବେଳାଏ ମାତ୍ର କାମ କରୁଥିବା ବା ଖାଉଥିବା ।

**ଓଳିଗଡ଼ା *ବିଂ.*** ଚାଳର ଓଳିରୁ ନିଗିଡୁଥିବା ବର୍ଷାଜଳ, ଓଳିପାଣି, ଓଛନା ପାଏନ୍ ।

**ଓଳିତଳ *ବି.*** ୧. ଛପରରୁ ପାଣିଗଡ଼ି ମାଟିରେ ଯେଉଁ ସ୍ଥାନରେ ପଡ଼େ ୨. ପିଣ୍ଡାତଳ ୩. ପରାଧୀନ, ଅଧୀନ *(ଉଦା.* ମୁଁ କାହା ଓଳି ତଳେ ଘର କରି ନାହିଁ) ।

**ଓଳେଇବା *କ୍ରି.*** ଝାଡୁ ମାରିବା, ପହଁରିବା, ଖରକିବା, ଘର/ବାରି/ ଦାଣ୍ଡର ତଳ ପରିଷ୍କାର କରିବା ।

**ଓଲ୍ *ବିଂ.*** ଓଦା ; ***ବି.*** ମାଟିର ବତରଥିବା ଅବସ୍ଥା ।

**ଓଲ *ବି.*** ଓଲୁଅ ଗଲୁ କରୁଥିବା କନ୍ଦା ବିଶେଷ ।

**ଓଲକୋବି *ବି.*** ଗଣ୍ଠିକୋବି, ଏକପ୍ରକାର କନ୍ଦାଜାତୀୟ ପରିବା ।

**ଓଲଗୁନା *ବି.*** ଅଲଗୁନି, ଲୁଗାପଟା ରଖିବାପାଇଁ ଘରର ଚାଳରୁ ଝୁଲି ରହିଥିବା ଦଉଡ଼ି ଅଥବା ଦୁଇ ପାଖ ଦଉଡ଼ିରେ ବନ୍ଧା ଲମ୍ବା ସରୁ ବାଉଁଶ ବା କାଠଖଣ୍ଡ, ଅଲଗୁଣି ।

**ଓଲଟ *ବି.*** ବିପରୀତ, ଉପର ପାଖ ତଳକୁ ଓ ତଳ ପାଖ ଉପରକୁ ।

**ଓଲଟଚାହାଣି *ବି.*** ମୁହଁ ବୁଲାଇ ପଛ ଆଡ଼କୁ ଚାହିଁବା ।

**ଓଲଟଦୋଳି *ବି.*** ଚକ୍ରଭଳି ତଳୁ ଉପରକୁ ବୁଲୁଥିବା ଦୋଳି ।

**ଓଲଟପାଲଟ *ବି.*** ୧. ବଦଳାବଦଳି ୨. ଏପଟସେପଟ ୩. ସମ୍ପୂର୍ଣ୍ଣ ପରିବର୍ତ୍ତନ ।

**ଓଲଟ ବୁଝାମଣା *ବି.*** ଅବୁଝାମଣା, ଓଲଟା ଅର୍ଥ ବା ନିଷ୍ପତ୍ତି ।

**ଓଲଟବୃକ୍ଷ *ବି.*** ୧. ଉପରକୁ ମୂଳ ଓ ତଳକୁ ଡାଳ ଥିବା କଳ୍ପିତ ବୃକ୍ଷ ୨. ଯୋଗଶାସ୍ତ୍ରରେ ମାନବ ଶରୀର ।

**ଓଲଟଶୁଆ** ***ବି.*** ଓଡ଼ିଶୀ ପଟ୍ଟଚିତ୍ର ରଥ/ ମନ୍ଦିରର ଚୂଡ଼ା / ଭିତ୍ତିଚିତ୍ରରେ ଓଲଟା ଭଙ୍ଗୀରେ ଅଙ୍କିତ ଶୁଆର ଚିତ୍ର ।

**ଓଲଟା** ***ବିଂ.*** ୧. ବିପରୀତ ୨. ଖୋଲା ।

**ଓଲଟାଇବା** ***କ୍ରି.*** ୧. ଖୋଲିବା ୨. ଆଉଡାଇବା ୩. ସମ୍ପୂର୍ଣ୍ଣ ବଦଳାଇ ଓଲଟା କରିଦେବା ୪. ଗଡ଼ାଇ ଦେବା ।

**ଓଲଟି** ***ଅ.*** ପରନ୍ତୁ, ବରଂ, ବିପରୀତ ଭାବରେ ।

**ଓଲଟି ଯିବା** ***କ୍ରି.*** ୧. ମତ ବା ବକ୍ତବ୍ୟ ବଦଳାଇ ପୁରା ଓଲଟା କଥା କହିବା ବା କରିବା ୨. ଛତା ମାରିବା, ଗାଡ଼ି ମଟର ଦୁର୍ଘଟଣା ଗ୍ରସ୍ତ ହୋଇ ତଳପଟ ଉପରମୁହାଁ ହେବା।

**ଓଲଧୂଆଁ** ***ବି.*** ଅଳମୁଚ, ଅଳନ୍ଧୁ, କାନ୍ଥରେ ଲାଗିଥିବା ଧୂଳିଧୂଆଁ ।

**ଓଲମ୍ବିଲମ୍** ***ବି.*** ସାମାନ୍ୟ ଏପଟ ସେପଟ, ଟିକିଏ ବ୍ୟତିକ୍ରମ ।

**ଓଲମ** ***ବିଂ.*** ସରସା ଜମି ।

**ଓଲମା, ଓଲା** ***ବିଂ.*** ଓଲୁ, ବୋକା ।

**ଓଲା** ***ବିଂ. ବି.*** ବୋକା, ଦୁର୍ବଳ, ବୋଧଶକ୍ତିଥିବା ।

**ଓଲାଉଠା** ***ବି.*** ହଇଜାରୋଗ, ଡାଇରିଆ ।

**ଓଲାନି** ***ବି.*** ଶିକା, ଜିନିଷପତ୍ର ରଖିବାପାଇଁ ଘରର ଶେଣିରେ ଓହଳା ଯାଇଥିବା ଦଉଡ଼ି ତିଆରି ଝୁଲା ।

**ଓଲାରିବା** ***କ୍ରି.*** କୁଟା ବା ଛଣ ଆଦି ଗଦା ବା ଛପରରୁ ଟାଣିବା ।

**ଓଲିଆ** ***ବିଂ.*** ଲୁଚେଇ ଖାଉଥିବା; ***ସ୍ତ୍ରୀ.*** ଓଲେଇ ।

**ଓଲୀ** ***ବିଂ.*** ବୋକୀ, ବେଢ଼ି, ବେଚାଲାକ୍ (ଝିଅ) ।

**ଓଲୁ** ***ବିଂ.*** ବୋକା, ନିର୍ବୋଧ, ଅଚତୁର ।

**ଓଲୁଅ** ***ବି.*** ଓଲ, ଉଲ୍ଵ, କନ୍ଦ ବିଶେଷ - ଯାହା ଖାଇବା ପରେ ପାଟି ଗଲୁ କରେ ।

**ଓଲେଇ** ***ବିଂ.*** କୌଣସି ଉଦ୍ଦେଶ୍ୟରେ ଏଠି ସେଠି ପଶିଯାଉଥିବା।

**ଓ ଲୋ** ***ଅ.*** ଆଲୋ, ହଇଲୋ ।

**ଓଷ, ଓଷଦ, ଓଷଧୀ** ***ବି.*** ୧. ଓଷୁଅ, ଦବେଇ, ମେଡ଼ିସିନ୍ ୨. ପୋଡାଜଳା ୩. କୁହୁଡ଼ି, କାକର ।

**ଓଷଦିଆ** ***ବିଂ.*** ଓଷଦ ଗନ୍ଧଯୁକ୍ତ ।

**ଓଷା** ***ବି.*** ମନୋବାଞ୍ଛା ପୂରଣପାଇଁ ବା ରୀତି ଅନୁଯାୟୀ ପ୍ରଧାନତଃ ନାରୀମାନଙ୍କ ଆଚରିତ ଦେବଦେବୀ ଆରାଧନା ।

**ଓଷା ଉଠୁଆଁ** ***ବି.*** ବ୍ରତ ସମାପନ, ଓଷା ଉଜୁଆଁ ।

**ଓଷୁଅ** ***ବି.*** ୧. ଔଷଧ, ଦବେଇ ୨. ରାଶି ତେଲ, ଝୁଣା ଓ ପାଣିରେ ତିଆରି ଏକ ପ୍ରକାର ଅଠା - ଯାହା ଶ୍ରୀ ମନ୍ଦିରର ଦେବତାମାନଙ୍କ ମୁହଁରେ ନବକଳେବର ଓ ଅଣସର ଘରେ ଥିବା କାଳରେ ବ୍ୟବହାର କରାଯାଏ ।

**ଓଷେଇତୀ** ***ବିଂ.*** ଓଷା ପାଳନକାରିଣୀ ।

**ଓଷ୍ଠ** ***ବି.*** ପାଟିର ଓଠ ।

**ଓଷ୍ଠ୍ୟବର୍ଣ୍ଣ** ***ବି.*** ଯେଉଁ ବର୍ଣ୍ଣ ଓଠରୁ ଉଚ୍ଚାରିତ ହୋଇଥାଏ ଯଥା- ପ, ଫ, ବ, ଭ, ମ ।

**ଓସ୍** ***ବି.*** ଶିଶିର, କାକର ।

**ଓସ୍‌ରିବା** ***କ୍ରି.*** ଦୂରକୁ ଚାଲିଯିବା, ଅପସରି ଯିବା, ଘୁଞ୍ଚିଯିବା, ଖସ୍‌ରିବା ।

**ଓସା** ***ବି.*** ପଲସ୍ତରା ଚିକ୍କଣ କରିବାକୁ ବ୍ୟବହୃତ ପଟା ।

**ଓସାର** ***ବି.*** ୧. ଚଉଡ଼ା, ପ୍ରସ୍ଥ ୨. ବିସ୍ତାର

**ଓସାରିଆ** ***ବିଂ.*** ପ୍ରଶସ୍ତ , ଚଉଡ଼ା ।

**ଓସୋ** ***ବି.*** ଔଷଧ, ଦବେଇ ।

**ଓସ୍ତ** ***ବି.*** ଅଶ୍ଵତ୍ଥ ଗଛ, ପିପ୍‌ପଳ ଗଛ ।

**ଓସ୍ତାତ, ଓସ୍ତାଦ୍** ***ବି.*** ଗୁରୁ, ମାଷ୍ଟର ; ***ବିଂ.*** ଦକ୍ଷ, ନିପୁଣ, ସିଦ୍ଧହସ୍ତ, କାର୍ଯ୍ୟ-କୁଶଳ ।

**ଓସ୍ତାଦି** ***ବି.*** ଦକ୍ଷତା, କୌଶଳ ।

**ଓସ୍ତାନି** ***ବି.*** ଘରୋଇ କାଗଜପତ୍ରର ନଥି ।

**ଓହର** ***ବି.*** ୧. ପରାଜୟ ୨. ପଛଘୁଞ୍ଚା ।

**ଓହର୍‌ବା, ଓହରିବା** ***କ୍ରି.*** ୧. ପଛେଇବା, କ୍ଷାନ୍ତହେବା ୨. କାମରୁ ନିଜକୁ ଦୂରେଇ ଦେବା ୩. କାମ ଛାଡ଼ିଦେବା, ନିବୃତ୍ତହେବା ୪. ଗାଈ ଗୋରୁ ଗୁହାଳକୁ ଲେଉଟିବା ।

**ଓହରାଇବା** ***କ୍ରି.*** ୧. ସଂଗ୍ରହ କରିବା ୨. ଓହଳାଇବା, ବିଭିନ୍ନ ସ୍ଥାନରେ ଚରି ବୁଲୁଥିବା ଗାଈଗୋରୁଙ୍କୁ ଅଡେଇ ଗୁହାଳକୁ ଆଣିବା ।

**ଓହଳ** ***ବି.*** ଗଛ ଡାଳରୁ ତଳକୁ ଲମ୍ବିଥିବା ଚେର ପରି ଅଂଶ ।

**ଓହଳା** ***ବିଂ.*** ଚାଳଘରକୁ ଲାଗିଥିବା ଛୋଟ ଚାଳିଆ ।

**ଓହଳାଇବା** ***କ୍ରି.*** ଲଟକାଇବା, ଝୁଲାଇବା ।

**ଓହଳିବା** ***କ୍ରି.*** ଲମ୍ବ ହୋଇ ତଳକୁ ଝୁଲିବା ।

**ଓହ୍ଲାବା** ***କ୍ରି.*** ୧. ଗୃହପାଳିତ ପଶୁମାନଙ୍କୁ ଅଡ଼ା ବା ଗୁହାଳରେ ପୂରାଇବା ୨. ମଂଜି ବୁଣା ପରେ ପାଣିଦେଇ ଗଜା କରିବା ୩. ବୋହଲାବା, ପାଣିରେ ଭସାଇଦେବା ।

**ଓହୋ** ***ଅ.*** ଦୁଃଖ, କଷ୍ଟ ଓ ବିସ୍ମୟ ଭାବ ସୂଚକ ଅଭିବ୍ୟକ୍ତି ; ***ବିଂ.*** ଉଭୟ, ଦୁଇପକ୍ଷ ।

**ଓହ୍ଲାଇବା** ***କ୍ରି.*** ୧. ଉପରୁ ତଳକୁ ଖସିବା ବା ଆସିବା ୨. ଶରୀରର ବେଶ ପୋଷାକ ବା ଗହଣା ଖୋଲିବା ବା କାଢ଼ିବା, ଅନାବରଣ କରିବା ୩. ଗାଡ଼ି ମଟରରୁ ବାହାରିବା ।

# ଔ

**ଔ ବି.** ବର୍ଣ୍ଣମାଳାର ତ୍ରୟୋଦଶ ସ୍ୱରବର୍ଣ୍ଣ ।

**ଔକାତ୍ ବି.** ୧. ସାମାଜିକ ପ୍ରତିଷ୍ଠା ୨. ଶକ୍ତି, ବଳ ।

**ଔଚିତ୍ୟ ବି.** ପ୍ରାସଙ୍ଗିକତା, ଯଥାର୍ଥତା ।

**ଔଚିତ୍ୟବାଦ ବି.** କାବ୍ୟରଚନା ସଂକ୍ରାନ୍ତ କ୍ଷେମେନ୍ଦ୍ରଙ୍କ ବିଚାର : ଯେଉଁଥିରେ କାବ୍ୟ ଅବବୋଧରେ ଯଥାର୍ଥ ବର୍ଣ୍ଣନା ଉପରେ ଗୁରୁତ୍ୱ ଦିଆଯାଇଛି ।

**ଔଜ୍ଜଲ୍ୟ ବି.** ଉଜ୍ଜ୍ୱଳତା, ଦୀପ୍ତି ।

**ଔଜସିକ ବିଂ.** ତେଜସ୍ୱୀ, ବଳଶାଳୀ ।

**ଔଡ୍ର ବିଂ.** ଓଡ଼ିଆ, ଉତ୍କଳୀୟ ।

**ଔଡ୍ରୀ ବି.** ଓଡ଼ିଆଭାଷା ।

**ଔଦାର୍ଯ୍ୟ ବି.** ୧. ଉଦାରତା, ମହାନତା ୨. ଦାନଶୀଳତା ।

**ଔଦାସୀନ୍ୟ ବି.** ଉଦାସୀନ ଭାବ, ଉଦାସୀନତା, ଅନାସକ୍ତି, ବିମୁଖତା, ଅନାନ୍ତରିକତା, ନିସ୍ପୃହତା ।

**ଔଦାସ୍ୟ ବି.** ଉପେକ୍ଷା, ବୈରାଗ୍ୟ, ଅମନୋଯୋଗ ।

**ଔଦ୍ଧତ୍ୟ ବି.** ଅତି ଗର୍ବଭାବ, ବେଖାତିର ମନୋଭାବ, ଅବିନୟ, ଫୁଟାଣି ।

**ଔଦ୍ୟୋଗିକ ବିଂ.** ୧. ଉଦ୍‌ଯୋଗ ସଂକ୍ରାନ୍ତ ୨. ଶିଳ୍ପଦ୍ରବ୍ୟ ଉତ୍ପାଦନ ସମ୍ବନ୍ଧୀୟ ।

**ଔପଚାରିକ ବିଂ.** ୧. ନିୟମଗତ ୨. ଉପଚାର ସମ୍ବନ୍ଧୀୟ ୩. ବିଧି ମୁତାବକ ।

**ଔପନିବେଶିକ ବିଂ.** ୧. ଉପନିବେଶ ସଂକ୍ରାନ୍ତ ୨. ଉପନିବେଶବାଦ ସମ୍ବନ୍ଧିତ ୩. ଉପନିବେଶ ସହିତ ସମ୍ପୃକ୍ତ ।

**ଔପନ୍ୟାସିକ ବିଂ.** ଉପନ୍ୟାସକାର, ଉପନ୍ୟାସ ଲେଖକ, ଗଦ୍ୟକାବ୍ୟ ରଚୟିତା ।

**ଔପସର୍ଗିକ ବିଂ.** ଉପସର୍ଗ ବା ଲକ୍ଷଣ ସମ୍ବନ୍ଧୀୟ ।

**ଔପାଧିକ ବି.** ଉପାଧି ସମ୍ବନ୍ଧୀୟ ।

**ଔରତ ବି.** ୧. ପତ୍ନୀ, ଭାର୍ଯ୍ୟା ୨. ନାରୀ, ସ୍ତ୍ରୀଲୋକ ।

**ଔରସ ବିଂ.** ପିତାର ବୀର୍ଯ୍ୟ, ପିତୃତ୍ୱ ।

**ଔଲାଦ୍ ବି.** ୧. ସନ୍ତାନ ୨. ଉତ୍ତରାଧିକାରୀ ।

**ଔଷଧ ବି.** ରୋଗ ଆରୋଗ୍ୟକାରୀ ବସ୍ତୁ, ଓଷଦ, ଓଷୋ, ଦବେଇ ।

**ଔଷଧାଳୟ ବି.** ଔଷଧ ବିକ୍ରୟ ସ୍ଥାନ, ଓଷଦ ଦୋକାନ ।

**ଔଷ୍ଠ୍ୟ ବିଂ.** ଓଠ ସାହାଯ୍ୟରେ ଉଚ୍ଚାରିତ (ଧ୍ୱନି) ।

**ଔଷ୍ଣ ବି.** ଉଷ୍ଣତା, ଉତ୍ତାପ, ସନ୍ତାପ ।

# କ

**କ** ***ବି.*** ୧. ଓଡ଼ିଆ ବର୍ଣ୍ଣମାଳାର ପ୍ରଥମ ବ୍ୟଞ୍ଜନ ବର୍ଣ୍ଣ ୨. ଜଳ ୩. କେଶ ୪. ମସ୍ତକ ୫. ପକ୍ଷୀ ; ***କ୍ରି.*** କହ ।

**କଁକ୍ରା** ***ବି.*** ଦଶଗୋଡ଼ଥିବା ଜଳଚର ଜୀବ, କଙ୍କଡ଼ା ।

**କଁକ୍ରା ବିଛୁ** ***ବି.*** କଙ୍କଡ଼ା ପରି ଦୁଶୁଥିବା ବଡ଼ ବିଛା, କଙ୍କଡା ବିଛା ।

**କଁକରଲୋ** ***ବି.*** କାଙ୍କଡ ଓ ସେହି ଲତା, କୋରକୋଏଟ୍ ।

**କଁଟ୍‌କେ କଁଟ୍** ***କ୍ରି.ବିଂ.*** କଣ୍ଟାକଣ୍ଟି, କମ୍ ନୁହେଁ କି ବେଶି ନୁହେଁ ।

**କଁଟ୍‌ଦେବା** ***କ୍ରି.*** ୧. (ପୋଷାକ, ଜୋତା ପ୍ରଭୃତି ପାଇଁ) ମାପଦେବା ୨. ପ୍ରତିଶ୍ରୁତି ଦେବା ।

**କଁଟି** ***ବି.*** ବ୍ୟବହାର ପାଇଁ ଅନୁପଯୋଗୀ କଂସା ବାସନ ।

**କଁଟି ହେବା** ***କ୍ରି.*** ୧. ଅନ୍ୟ ସହିତ ନିଜର ତୁଳନା କରିବା ୨. ନିଜକୁ ଅନ୍ୟ କାହାଠାରୁ ବଡ଼ ବା ଭଲ ପ୍ରତିପାଦନ କରିବା ୩. ଆଂଶୁଲାଗି ଦେହ କୁଣ୍ଡେଇ ହେବା ।

**କଁଠ୍‌ଲିଯିବା** ***କ୍ରି.*** କାନ୍ଦିବା ବେଳେ ଅଣନିଃଶ୍ୱାସୀ ହେବା ।

**କଁଠ୍‌ଲୁ** ***ବିଂ.ବି.*** କଷ୍ଟ ସହି ମଧ୍ୟ ଚୁପ୍ ରହିବା (ଲୋକ), ସହିଷ୍ଣୁ ।

**କଁଠା** ***ବି.*** ୧. ଚିହ୍ନ ୨. ଧାନର ଅଗାଡ଼ି ।

**କଁଠେ** ***ବିଂ.କ୍ରି.ବିଂ.*** କଡ଼ରେ, କଡରେ ଥିବା ।

**କଁଡ୍‌ରି** ***ବି.*** କାଠ ହାଣିବାପାଇଁ ଫାଳରେ ଧାରଥିବା ଲୁହାର ଉପକରଣ, କଟୁରି, ଭୁଜାଲି ।

**କଁଡ୍‌ରିଆ** ***ବି.*** ହାତରେ ପିନ୍ଧିବାପାଇଁ ନାରୀମାନଙ୍କ ଆଭୂଷଣ ବିଶେଷ ।

**କଁଥ୍** ***ବି.*** ୧. ଘର, ଦୁଆର ପ୍ରଭୃତିକୁ ବିଭାଜିତ କରୁଥିବା ଅନୁଚ୍ଚ କାନ୍ଥ ୨. ଘରର କାନ୍ଥଭଳି ଉଠିଥିବା ଅଂଶ ୩. ଝରକାର ତଳ ।

**କଂକର** ***ବି.*** ୧. ବାଲିଗରଡ଼ା ୨. ଗୋଡ଼ି ।

**କଂକରିଳ** ***ବିଂ.*** ବାଲିଗରଡା, ବାଲି, ଗୋଡ଼ି ପ୍ରଭୃତିରେ ଭର୍ତ୍ତି (ସ୍ଥାନ) ।

**କଂକାଇ, କଂକେଇ** ***ବି.*** ପାନିଆ, ଚିରୁଣି, କଂଘା, କଂଗେଇ ।

**କଂକାଳ** ***ବି.*** ମାଂସ ନଥିବା ଶରୀରର ଛାଞ୍ଚ, ଅସ୍ଥିପଞ୍ଜର ।

**କଂକୁଆ** ***ବି.*** ପାନିଆ, ଚିରୁଣି ।

**କଂଶକାର,କଂସକାର** ***ବି.*** କଂସାରି ଜାତି, ଯେ କଂସା ବାସନ ତିଆରି କରେ ।

**କଂସା** ***ବି.*** ୧. ତମ୍ବା ଓ ଦସ୍ତାମିଶା ଧାତୁ ଓ ଏଥିରେ ତିଆରି ପାତ୍ର ବିଶେଷ ୨. ଖୁରି ।

**କଂସାଇ** ***ବି.*** ୧. ଖାଦ୍ୟନିମନ୍ତେ ପଶୁ ହାଣିବା ଜାତି ବିଶେଷ ଓ ସେହି କାର୍ଯ୍ୟ କରୁଥିବା ଲୋକ ୨. ଅତି ନିର୍ମମ ଲୋକ।

**କଂସାରି** ***ବି.*** ୧. କଂସାବାସନ ଗଢୁଥିବା ବା ବ୍ୟବସାୟ କରୁଥିବା ବ୍ୟକ୍ତି ବିଶେଷ ଓ ଏହି କାମ କରୁଥିବା ଜାତି ୨. କଇଁସାରି ଲଟା ୩. କୃଷ୍ଣ ।

**କଂସାଳ** ***ବି.*** କଂସାଧାତୁରେ ତିଆରି ଝାଞ୍ଜ, କସ୍‌ତାଲ୍ ।

**କଅଁ କଅଁ** ***ଅ.*** ଶରୀରରେ ଅତି ଯନ୍ତ୍ରଣା ଯୋଗୁଁ ପାଟିରୁ ବାହାରୁଥିବା ବିକଳ ଧ୍ୱନି ।

**କଅଁରା, କଏଁରା** ***ବିଂ.*** କହରା, ଫିକା ନାଲିଆ ।

**କଅଁଳ** ***ବିଂ.*** ଅତି ନରମ, ମୃଦୁ, କୋମଳ ।

**କଅଁଳକଥା** ***ବି.*** କୋମଳ କଥା, ମନ ଭୁଲାଣିଆ କଥା ।

**କଅଁଳକୁହା** ***ବି.*** ନରମ କଥା ; ***ବିଂ.*** କଅଁଳ କଥା କହୁଥିବା, ମିଷ୍ଟ ଭାଷୀ ।

**କଅଁଳଚମ** ***ବି.*** ୧. ଶିଶୁର ତ୍ୱକ୍ ୨. ଘା' ପ୍ରଭୃତି ଶୁଖିବା ପରେ ଉଠୁଥିବା ନୂଆ ଚମ ।

**କଅଁଳପୁଳି** ***ବି.*** ଶ୍ରୀମନ୍ଦିରର ଛପନଭୋଗ ମଧ୍ୟରେ ଅନ୍ତର୍ଭୁକ୍ତ ଏକ ପ୍ରକାର ପିଠା ।

**କଅଁଳଭାତ** ***ବି.*** ଦୋରନ୍ଧା କରି ବା ଅଧିକ ସମୟ ସିଝାଇ ପ୍ରସ୍ତୁତ ଭାତ ।

**କଅଁଳ ମାଂସ** ***ବି.*** ଦେହର ନରମ ଅଂଶ ।

**କଅଁଳା** ***ବିଂ.*** ସଦ୍ୟଜାତ, ଅଳ୍ପ ବୟସର ।

**କଅଁଳା ଗାଈ** ***ବି.*** ସଦ୍ୟବାଛୁରୀ ଜନ୍ମ କରିଥିବା ଗାଈ ।

**କଅଁଳା ପିଲା** ***ବି.*** ସଦ୍ୟଜାତ ବା ଖୁବ ଅଳ୍ପ ଦିନର ଶିଶୁ ।

**କଅଁଳା ବାଛୁରୀ** ***ବି.*** ସଦ୍ୟ ଜନ୍ମ ହୋଇଥିବା ବାଛୁରୀ ।

**କଅଁଳିଆ** ***ବିଂ.*** ନରମା, କୋମଳ, ନୂଆ(ପତ୍ର) ।

**କଅଁଳିବା** ***କ୍ରି.*** ୧. ଗଜୁରିବା, ଜନ୍ମିବା, ମୁକୁଳିତ ହେବା ୨. ଛୁଆ ଜନ୍ମ କରିବା ।

**କଅଁଳେଇ** ***କ୍ରି.ବିଂ.*** ଗେହ୍ଲାଳିଆ ଭାବରେ, ନରମ ଭାବରେ ସାକୁଲେଇ, ତେଲେଇ ।

**କଅଁଳେଇବା** ***କ୍ରି.*** ପିଲା ଜନ୍ମକରିବା, ଛୁଆଦେବା ।

**କଅଁଳ୍ ପାଏବା** ***କ୍ରି.*** କାହାକୁ ଦୁର୍ବଳ ବା ଶକ୍ତିହୀନ ମନେକରି ଅନୁରୂପ ଆଚରଣ କରିବା ।

**କଅଁଲାବା** ***କ୍ରି.*** ପ୍ରସବକରିବା ।

**କଅଁଲି, କଏଁଲି** ***ବିଂ.*** କୋମଳ, ନରମ ।

**କଅଣ, କଣ** *ଅ.* କି, କିସ, କାଣା, କିଅଣ ।

**କଇଁ** *ବି.* ପାଣିରେ ଫୁଟୁଥିବା ପଦ୍ମ ଜାତୀୟ ଫୁଲ-ଏହାର ନାଡ଼ କଣ୍ଟାହୀନ, କୁମୁଦ ।

**କଇଁଆ, କୟିଁା** *ବି.* ଏକ ଖଟାଳିଆ ଫଳ, କଞ୍ଚାତେନ୍ତୁଳି, ତେନ୍ତୁଳି ।

**କଇଁକଇଁ** *ଅ.* କୋହ ଉଠୁଥିବା ବେଳେ ଧକେଇ ଧକେଇ କାନ୍ଦର ଶବ୍ଦ।

**କଇଁଚି** *ବି.* ୧. କତୁରି ୨. ଚାଳ ଛପର ଘରର ଶେଣୀକୁ ଧରି ରଖୁଥିବା କାଠ ଯୋଡ଼ା ।

**କଇଁଛ** *ବି.* କଛିମ, କଚ୍ଛପ, ମୋଟା ଖୋଳପା ଭିତରେ ମୁହଁ ଓ ଗୋଡ଼ ଲୁଚାଇ ପାରୁଥିବା ଏବଂ ଧୀର ଗତିରେ ଚାଲୁଥିବା ଉଭୟଚର ପ୍ରାଣୀ ।

**କଇଁଥ** *ବି.* କପିଥ, ଟାଣ ଖୋଳପାଥିବା ଫଳ ବିଶେଷ ଓ ସେହି ଗଛ ।

**କଇଁଥା** *ବିଂ.* ୧. ଦରସିଝା ୨. ଗଣ୍ଡପୂପ, ଘା ବା ବଥ ପାଚିଯାଇଥିବା କିନ୍ତୁ ଫାଟି ନ ଥିବା ଅବସ୍ଥା ୩. ଆଘାତ ହେତୁ ସିଝି ଯାଇଥିବା ।

**କଇଁବେଣ୍ଟ** *ବି.* କଇଁ ଫୁଲର ନାଡ଼ ।

**କଇଁରୀ, କଏଁରୀ** *ବିଂ.* କହରା, ଧୂସର, କହରା ବା ଧୂସର ରଙ୍ଗବିଶିଷ୍ଟ (ପଶୁ ପକ୍ଷୀ, ମଣିଷ) ।

**କଇଁସାରି** *ବି.* କାନସିରି, ବାଲିରେ ମାଡୁଥିବା ଏକ ପ୍ରକାରର ଲତା ।

**କଇଞ୍ଚିକାକୁଡ଼ି** *ବି.* ପାଚିଗଲେ ଗାଢ଼ ଲାଲ ଦିଶୁଥିବା ଫଳ ଓ ତାହାର ଲତା, ବିମ୍ବଫଳ, କୁଆମଇତା ।

**କଇଦ, କଏଦ** *ବି.* ଜେଲ ଭୋଗିବା, କାରାଦଣ୍ଡ ।

**କଇଦୀ, କଏଦୀ** *ବି.* କାରାଗାରରେ ବନ୍ଦୀ ଜୀବନ ବିତାଉଥିବା ।

**କଇଦୀଖାନା** *ବି.* ଜେଲ୍‌ଖାନା, ବନ୍ଦୀଶାଳା, କାରାଗାର ।

**କଇଫତ, କଇଫିଅତ, କୈଫିୟତ** *ବି.* ଦୋଷର ସଫେଇ ପାଇଁ କାରଣ ପ୍ରଦର୍ଶନ ।

**କଉଁ** *ସ.* କେଉଁ ।

**କଉ** *ବି.* ପିଠିରେ ବେକ ପାଖରୁ ଲାଞ୍ଜ ପର୍ଯ୍ୟନ୍ତ ଧାରେ କଣ୍ଟା ଥିବା ଏକ ପ୍ରକାର ପଙ୍କୁଆ ମାଛ ।

**କଉଡ଼ି** *ବି.* ୧. ଧନ, ଅର୍ଥ, ପଇସା ୨. ସମୁଦ୍ରରେ ରହୁଥିବା ଶଙ୍ଖ ଜାତୀୟ ଜୀବର କଠିଣ ଖୋଳପା ୩. ଅତୀତରେ ମୁଦ୍ରା ଭାବରେ ବ୍ୟବହୃତ ହେଉଥିବା ପଦାର୍ଥ ।

**କଉଡିଆ** *ବି.* ବିରି / ମୁଗ ପ୍ରଭୃତିରେ ଲାଗୁଥିବା ଧଳାରଙ୍ଗର ଏକ ପ୍ରକାର ପୋକ ; *ବିଂ.* ମୂଲ୍ୟବାନ ।

**କଉପୁନି, କୌପୁନି** *ବି.* ଅଣ୍ଟାରେ ପିନ୍ଧାଯାଉଥିବା ଛୋଟବସ୍ତ୍ର, ଲେଙ୍ଗୁଟି, ଲେଙ୍ଗଟି , କଚ୍ଛା ।

**କଏଁଚି** *ବିଂ.* କଇଁଚି ।

**କଏଁଟ୍** *ବି.* ୧. ଲଙ୍ଗଳର କଣ୍ଠି ୨. ବିଛା ଲାଙ୍ଗୁଡର ଶେଷାଂଶ, ବିଛାର ନାହୁଡ ।

**କଏଁରି କଁଟିଆ** *ବି.* ବିଛା, କହରା ରଙ୍ଗର ବିଛା, କଏଁରିବିଛୁ ।

**କଏଁରି ବିଛୁ** *ବି.* ବିଛା, କଏଁରି କଁଟିଆ ।

**କଏଁରୁ** *ବି.* ନଳିତାଗଛ, ନଳିତାକାଠି ।

**କଏନ୍** *ବି.* ପଇସା, ମୁଦ୍ରା ।

**କଏନି** *ବି.* କାହାଣୀ, କଥାନି, ଗପ ।

**କଏର୍** *ବି.* ୧. ନଡ଼ିଆ କତା ୨. ନଡ଼ିଆ କତାରେ ତିଆରି ପଦାର୍ଥ ।

**କଏଲ୍** *ବି.* ୧. ଇସ୍ତ୍ରୀ, ହିଟର ପ୍ରଭୃତି ବିଦ୍ୟୁତ୍ ଚାଳିତ ଉପକରଣରେ ବ୍ୟବହୃତ ତାରର ବୃତ୍ତାକାର ସ୍ପ୍ରିଙ୍ଗ୍ ୨. ଅନ୍ୟ ବସ୍ତୁରେ ପ୍ରସ୍ତୁତ କଏଲ ( *ଉଦା.* ମଶାଧୂପର କଏଲ୍ ) ।

**କଏସା ବାଡ଼ି** *ବି.* ଗଉଡ଼ ସମ୍ପ୍ରଦାୟରେ ପ୍ରଚଳିତ ବାଡ଼ିଖେଳ ।

**କକ୍‌ରୋ** *ବି.* କାଙ୍କଡ, କୋର୍‌କୋଏଟ୍ ।

**କକଡ଼ା** *ବି.* ୧. ଦଶଗୋଡ଼ବିଶିଷ୍ଟ ଜଳଚର ଜୀବ, କଙ୍କଡା, କଁକ୍‌ରା ୨. ଶ୍ରାବଣମାସ ୩. କର୍କଟ ରାଶି ।

**କକ(ଦେ)ର୍ଥନା** *ବି.* ଯନ୍ତ୍ରଣା ଓ ଦୁଃଖରେ ସନ୍ତୁଳି ହେବା, ଅକଥନୀୟ ଦୁର୍ଦ୍ଦଶା ଭୋଗିବା ।

**କକବାୟ, କକୋବାୟା** *ବି.* ଲୋକଗୀତ ଓ ଲୋକକାହାଣୀ ବର୍ଣ୍ଣିତ କଳ୍ପିତ ଭୟଙ୍କର ଜୀବ – ମା'ମାନେ ଅଝଟ ପିଲାଙ୍କୁ ମନେଇବାପାଇଁ ସାଧାରଣତଃ ଏହି ଜୀବର ଉଲ୍ଲେଖ କରିଥାନ୍ତି ।

**କକମିନା, କକୋମିନା** *ବି.* କକବାୟା, ପିଲାଙ୍କୁ ଡରାଇବା ପାଇଁ କୁହାଯାଉଥିବା ଏକ କାଳ୍ପନିକ ଜୀବ ।

**କକରଛନିଆ** *ବିଂ.* ଆକୁଳବିକଳ, ଉଦ୍‌ଭଳବିକଳ ।

**କକା, କକେଇ** *ବି.* ବାପାଙ୍କ ସାନଭାଇ ।

**କକୁଆ** *ବି.* କୋକୁଆ, କଳ୍ପିତଭୟ ।

**କକୁଭ** *ବି.* ଦିଗ ।

**କକୁଦ** *ବି.* ୧. ଷଣ୍ଢର ଚୂଳ ୨. ପର୍ବତର ଶୃଙ୍ଗ ।

**କକ୍ରଲୋ, କକର୍ଲୋ** *ବି.* କାଙ୍କଡ, କକ୍‌ରୋ, କୋର୍‌କୋଏଟ୍ ।

**କଖାରୁ** *ବି.* ୧. ବୋଇତାଳୁ, ମାଖନ୍, କୁମୁଡା ୨. ପାଣିକଖାରୁ ।

**କଙ୍କ** *ବି.* ବଗ, ଲମ୍ବା ଗୋଡ଼ଥିବା ଓ ମାଛପ୍ରିୟ ଧଳା ରଙ୍ଗର ଚଢ଼େଇ ।

**କଙ୍କଡ଼ା** *ବି.* ଦଶଗୋଡ଼ ଥିବା ଜଳଚର ଜୀବ , କଁକ୍‌ରା, କର୍କଟ ।

**କଙ୍କଡ଼ାବିଛା** *ବି.* କଳାରଙ୍ଗର ବିଷଧର ବିଛା ବିଶେଷ ।

**କଙ୍କଣ** *ବି.* ୧. ହାତଖଡୁ, ବଳୟ ୨. ବାହାଘର ବେଳେ ବର ହାତରେ ବନ୍ଧାଯାଉଥିବା ସୂତା ୩. ଲୁହବିନ୍ଦୁ ।

**କଙ୍କତିକା** *ବି.* ପାନିଆ, ଚିରୁଣି, ମୁଣ୍ଡକୁଣ୍ଡା ଉପକରଣ ।

**କଙ୍କପତ୍ର** *ବି.* ୧. ଏକ ପ୍ରକାର ଶର ୨. କଙ୍କପକ୍ଷୀର ପର ।

**କଙ୍କର** *ବି.* ଛୋଟ ଛୋଟ ଗୋଡ଼ି, ବାଲି ରଗଡ଼ା ; *ବିଂ.* କର୍କଶ, କଠିନ ।

**କଙ୍କରିଳ** *ବିଂ.* ଗୋଡ଼ିବହୁଳ, କଙ୍କରଯୁକ୍ତ ।

**କଙ୍କାଳ** *ବି.* ୧. ସ୍କେଲିଟନ, ଦେହର ହାଡ଼-ଛାଞ୍ଚ ୨. ପଞ୍ଜରାହାଡ଼ ।

**କଙ୍କାଳସାର** *ବି.ବିଂ.* ଅତିଶୀର୍ଣ୍ଣ, ହାଡ଼ ଗଣିହେଉଥିବା ଶରୀର ।

**କଙ୍କିଆ** *ବି.* ଗଭାରେ ବ୍ୟବହୃତ ରୁପା ଅଳଙ୍କାର ବିଶେଷ ।

**କଙ୍ଗାର** *ବି.* ପାଣିକଖାରୁ ।

**କଙ୍ଗାରୁ** *ବି.* ଅଷ୍ଟ୍ରେଲିଆ ମହାଦେଶରେ ଦେଖାଯାଉଥିବା ଦୁଇଟି ଗର୍ଭଥିବା ବଣୁଆ ପ୍ରାଣୀ ବିଶେଷ ।

**କଙ୍ଗାଳ, କାଙ୍ଗାଳ** *ବିଂ.* ୧. ଅତି ଦରିଦ୍ର ୨. ମାଗିଖିଆ, *ସ୍ତ୍ରୀ.* କାଙ୍ଗାଳୁଣୀ ।

**କଚ୍‌କଚ୍** *ବି.* ୧. ଅସୁବିଧା ୨. ଜଞ୍ଜାଳ, ବ୍ୟସ୍ତତା ୩. କଳି, କଳହ ୪. ଗୋଳମାଳ ; *ବିଂ.* କଚକଚିଆ ।

**କଚଟ** *ବିଂ.* ଚେମଡ଼ା, ଲୋଚାକୋଚା ।

**କଚଟି** *ବି.* ୧. ମଣିବନ୍ଧ, ଦେହର ପାପୁଲି ଓ ହାତ ସଂଯୋଗ କରୁଥିବା ଗଣ୍ଠି ୨. ମଣିବନ୍ଧରେ ପିନ୍ଧାଯାଉଥିବା ଗହଣା ।

**କଚଡ଼ା** *ବି.* ୧. ବିଲରେ କଟାହୋଇ ପଡ଼ିଥିବା ଧାନଗଛ ୨. ଗୋଡ଼ଖସି ତଳେ ପଡ଼ିଯିବା ।

**କଚଡ଼ା ଉଠା** *କ୍ରି.ବିଂ.* ୧. ତଳେ ପଡ଼ିବା ଏବଂ ପୁଣି ଉଠିବା ୨. ବିଲରେ କଟା ହୋଇ ପଡ଼ିଥିବା ଧାନ କଳେଇ ଉଠେଇବା ।

**କଚଡା ଖାଇବା** *କ୍ରି.* ୧. ଗୋଡ଼ ଖସି ତଳେ ପଡ଼ିବା ୨. କୌଣସି ଭୁଲ କାମ ଯୋଗୁଁ କଷ୍ଟ ପାଇବା ।

**କଚଡା ପଡ଼ିବା** *କ୍ରି.* କଟାଧାନକୁ ପାହି ବିଛାଇବା, କଟାଧାନ ଗଛକୁ କିଆରିରେ ବିଛାଇ ରଖିବା ।

**କଚର୍ କଚର୍** *ବି.* ୧. ପାଟିଗୋଳ ୨. ଅଯଥା ବାକ୍‌ବିତଣ୍ଡା, ଗୋଳମାଳ ୩. ବାଜେକଥା ।

**କଚର୍‌ଲି** *ବି.* ଅଯଥା ବା ଅଧିକ କଥାକହିବା ।

**କଚରା** *ବି.* ୧. ଅଳିଆ ୨. ଆବର୍ଜନା ୩. ଝଗଡ଼ା ; *ବିଂ.* ସନ୍ତସନ୍ତିଆ, କାଦୁଆ ।

**କଚରା ଡବା** *ବି.* ଅଳିଆ ପକାଇବାପାଇଁ ବ୍ୟବହୃତ ପାତ୍ର ବା ଡବା ।

**କଚରାବାଲା** *ବି.* ବିଭିନ୍ନ ସ୍ଥାନରୁ ଅଳିଆ ସଂଗ୍ରହ କରି ନିର୍ଦ୍ଦିଷ୍ଟ ସ୍ଥାନରେ ପକାଇବାପାଇଁ ନିଯୁକ୍ତ କର୍ମଚାରୀ ବା ଶ୍ରମିକ ।

**କଚା** *ବିଂ.* ୧. ଧୁଆ ୨. ସଫା ୩. ପରିଷ୍କୃତ ।

**କଚାକଚି** *ବି.* ଲୁଗାପଟା କାଚିବା କାର୍ଯ୍ୟ ।

**କଚାଡି ପଡ଼ିବା** *କ୍ରି.* ତଳେ ହଠାତ୍ ଜୋରରେ ପଡ଼ିଯିବା ।

**କଚାଡିବା** *କ୍ରି.* ଜୋରରେ ତଳେ ପିଟିବା, ଛେଚିବା, କଚିବା ।

**କଚିକାଚି** *ବିଂ.* ଛେଚିକୁଟି (ବର୍ଷା) ।

**କଚିବା** *କ୍ରି.* ୧. ଛେଚିବା ୨. କଚାଡିବା ୩. ଜୋରରେ ତଳେ ପକାଇଦେବା ୪. ମାଡ଼ ମାରିବା, ବାଡ଼େଇବା ।

**କଚିରି, କଚେରି** *ବି.* ବିଚାରାଳୟ, ଗୁହାରିସ୍ଥାନ ।

**କଚିରିଆ, କଚେରିଆ** *ବିଂ.* କଚେରିରେ କାମ କରୁଥିବା ।

**କଚୁ** *ବି.* ୧. ଗଲୁଆ କନ୍ଦା ବିଶେଷ, ସାରୁ ୨. ତୁଚ୍ଛ, ବେକାରିଆ, ଅସାର ।

**କଚୁଆନ** *ବି.* ଘୋଡାଗାଡ଼ିର ଚାଳକ ।

**କଚୁରି** *ବି.* କଚୁଡ଼ି, ମେଥିପୁରଥିବା ମଇଦାରେ ତିଆରି ଛଣାପିଠା ।

**କଚେପୁଅ ବାର** *ବି.* ୧. ପଶାଖେଳରେ କଚେ(ଛ), ପାଞ୍ଚ ତଥା ଏକ (ପୁଅ) ଏକ ସଙ୍ଗେ ପଡ଼ିବାର ଦାନ ୨. ଅତ୍ୟନ୍ତ ସୁବିଧାଜନକ ବା ଭଲ ଅବସ୍ଥା ।

**କଞ୍ଚା** *ବିଂ.* ୧. ମାଟି ତିଆରି ୨. ଅଦୃଢ଼ ୩. ଅପଟୁ, ଅସ୍ଥାୟୀ ୪. ଢ଼ିଲା, ଖଇଚା ୫. କଞ୍ଚା, ହୁଗୁଳା ।

**କଞ୍ଚାଘର** *ବି.* ମାଟିଯୋଡେଇ ଘର, ମାଟିକାନ୍ଥ ଘର ।

**କଞ୍ଚା ଯୋଡ଼େଇ** *ବି.* ୧. ସିମେଣ୍ଟ ବଦଳରେ ମାଟିରେ ଇଟା ଯୋଡ଼େଇ ୨. ଗିଲା ଯୋଡ଼େଇ ।

**କଛ** *ବି.* ୧. କଣ୍ଟ, ମାପ ୨. ବାଣ୍ଟ ୩. ତୁଳନା ୪. ପାସଙ୍ଗ ; *ବିଂ.* ସମକକ୍ଷ, ତୁଳନୀୟ ।

**କଛ କରିବା** *କ୍ରି.* ୧. ବାଣ୍ଟିନେବା ୨. ସମାନ ଭାବରେ ଭାଗ ବାଣ୍ଟିବା ୩. ମାପ କରିବା ।

**କଛା** *ବି.* ପିନ୍ଧାଧୋତିର ପଛ ଖୋସଣି ।

**କଛା କାଟିବା** *କ୍ରି.* ୧. କଛା ଖୋଲିଦେବା ୨. ବ୍ୟକ୍ତିର ଅଜାଣତରେ କ୍ଷତି ସାଧନ କରିବା ।

**କଛା ଖୋଲିଦେବା** *କ୍ରି.* ୧. ଅପ୍ରସ୍ତୁତ କରିଦେବା ୨. କଥା ବା କାର୍ଯ୍ୟଦ୍ୱାରା କାହାର ଅସଲ ରୂପ ଦେଖାଇଦେବା, ଗୁମର ଖୋଲିଦେବା ।

**କଛା ମାରିବା** *କ୍ରି.* ଧୋତି ପିନ୍ଧିବାବେଳେ ଆଗରେ ଫେର ଛାଡ଼ି ଆର କାନିକୁ ପଛରେ ଖୋଷିବା ।

**କଛାର୍** *ବି.* ୧. ନଇକୂଳ ୨. ନଇନାଳ କୂଳରେ ଥିବା ପଟୁମିଶା ବାଲିଆ ମାଟି ।

**କଛି ବି.** କଚ୍ଛ ଅଞ୍ଚଳର ଅଧିବାସୀ, ସିନ୍ଧୀ ।

**କଛିକାଛି ହେବା *କ୍ରି.*** ଦୁଇ ବା ତତୋଽଧିକ ବସ୍ତୁ, ବ୍ୟକ୍ତି ବା ଘଟଣା ତୁଳନୀୟ ବା ଏକାଭଳି ହେବା ।

**କଛିମ୍ *ବି.*** କଚ୍ଛପ, ଉପର ଟାଣ ଆବରଣ ବିଶିଷ୍ଟ ଉଭୟଚର ଜୀବ- ମୁଖ୍ୟତଃ କଇଁଛ ।

**କଚ୍ଛପ, *ବି.*** କଛିମ୍, କଇଁଛ, କୂର୍ମ ।

**କଚ୍ଛପୀ *ବି.*** ୧. ମାଇ କଇଁଛ ୨. ସରସ୍ୱତୀଙ୍କ ବୀଣା ୩. ପୃଥିବୀ ।

**କଛିବା *କ୍ରି.*** ୧. କଣ୍ଟିବା ୨. ମାପିବା ୩. ତୁଳନାକରିବା ।

**କଚ୍ଛୁ *ବି.*** କାଛୁ, ଚର୍ମରୋଗ ବିଶେଷ, ଚର୍ମବ୍ରଣ ।

**କଜ୍‌ୱେ *ବି.*** ରାସ୍ତା ଉପରେ ପାଣି ଗଡ଼ିଯିବାପାଇଁ ବାଟ ।

**କଜଳ *ବି.*** ୧. ଆଖିରେ ଲଗାଯାଉଥିବା ଦୀପକଳା ୨. ପାରଦ ଓ ଗନ୍ଧକ ମିଶ୍ରିତ ଔଷଧୀୟ ରାସାୟନିକ ଦ୍ରବ୍ୟ ।

**କଜଳପାତି *ବି.*** ୧. କଜଳ ବା କଳା ରଖିବା ଆଧାର ୨. ଖଞ୍ଜନ ପକ୍ଷୀ, ଖଞ୍ଜରୀଟ, ଦି'କାନିଆ ଲମ୍ବା ଲାଞ୍ଜବିଶିଷ୍ଟ କଳାଚଢ଼େଇ ।

**କଜଳପାତିଆ *ବିଂ*** ୧. ଝଗଡ଼ା ଲଗେଇ ଆପେ ଧରା ପଡୁନଥିବା, ଧୂର୍ତ୍ତ ୨. ଦେଖେଇ ହେଉଥିବା ।

**କଜଳପାତିଆ ଭଦ୍ରଲୋକ *ବି.*** ନିଜେ ଧରା ପଡୁନଥିବା ମାମଲତକାର, ଛଳନାପ୍ରିୟ ଲୋକ ।

**କଜଳା *ବିଂ*** କଳାରଙ୍ଗର, କାଳିଆ, କୃଷ୍ଣକାୟ ।

**କଜିଆ *ବି.*** କଳି, ଝଗଡା ।

**କଜିଆଖୋର *ବିଂ*** କଳିହା, ଝଗଡ଼ାରେ ପଟୁ (ବ୍ୟକ୍ତି), ଝଗଡିଆ, *ସ୍ତ୍ରୀ.* କଜିଆଖୋରଣୀ ।

**କଜିଆଗୋଳ *ବି.*** ଜୋରରେ ଝଗଡାଝାଟି, ବଡ଼ପାଟିରେ ପରସ୍ପର ମଧ୍ୟରେ ଉଚ୍ଚବାଚ ।

**କଜିନ୍ *ବି.*** କକା, ମାମୁଁ, ମାଉସୀ, ପିଉସୀ ବା ଦଦେଇଙ୍କ ସନ୍ତାନ (ଭାଇ ବା ଭଉଣୀ) ।

**କଜେଇ *ବି.*** ଘୋଡାପାଟିରେ ଦିଆ ଯାଉଥିବା କଡାଲଗା ଲୁହାଖଣ୍ଡ ।

**କଜ୍ଜଳ *ବି.*** କଜଳ, କଳା ।

**କଜ୍ଜଳପତ୍ରୀ *ବି.*** କଜଳପାତି, କଜଳପାତି ଚଢ଼େଇ, କଳାରଙ୍ଗର ଚଢ଼େଇ ।

**କଞ୍ଚନ *ବି.*** ରାତିରେ ଫୁଟୁଥିବା ପାଞ୍ଚ ପାଖୁଡାବିଶିଷ୍ଟ ଧଳାଫୁଲ- ଯାହାର ପତ୍ରକୁ ଶାଗ ଓ ଫୁଲକୁ ରାଇତା କରି ମଧ୍ୟ ଖିଆଯାଏ, କୋଇଲାରୀ ବା କୁଲେର୍ ଗଛ ।

**କଞ୍ଚା *ବିଂ*** ୧. ଶୁଖି ନ ଥିବା ୨. ପାଚି ନ ଥିବା ୩. ଅପରିଣତ, ଅପକ୍ୱ ୪. ଅପଚା ।

**କଞ୍ଚାଖିଆ *ବିଂ*** ଯେଉଁ ଫଳ ବା ପରିବା ପାଚିବା ପୂର୍ବରୁ ବା ରନ୍ଧା ନ ହୋଇ ମଧ୍ୟ ଖାଇହୁଏ ।

**କଞ୍ଚାଡାହାଣୀ *ବି.*** ତୀକ୍ଷ୍ଣ ଅଶୁଭ ଦୃଷ୍ଟି ପକାଏ ବୋଲି ବିଶ୍ୱାସ କରାଯାଉଥିବା ନାରୀ ।

**କଞ୍ଚାନିଦ *ବି.*** ପୂରା ବା ଗଭୀର ନିଦ ହେବା ପୂର୍ବର ଅବସ୍ଥା, ଗଭୀର ନିଦରେ ଶୋଇପଡ଼ିବାର ପୂର୍ବ ଅବସ୍ଥା ।

**କଞ୍ଚାପଇସା *ବି.*** ନଗଦ ଟଙ୍କା, ସବୁ ସମୟରେ ଘରକୁ ଆସୁଥିବା ଅର୍ଥ ।

**କଞ୍ଚା ସୁଆଦି *ବିଂ*** କଞ୍ଚା ଥିବାବେଳେ ମଧ୍ୟ ସୁଆଦିଆ ଲାଗୁଥିବା (ଆମ୍ବ ପ୍ରଭୃତି) ।

**କଞ୍ଚି *ବି.*** ୧. ନଡ଼ିଆ ଗଛର ପିଛା ୨. ବାଉଁଶକଣି ୩. ଚାବିକାଠି ।

**କଞ୍ଚି, କଞ୍ଚିକା *ବି.*** ୧. ବାଉଁଶକଣି ୨. ଚାବି ।

**କଞ୍ଚିକାଠି *ବି.*** ଚାବିକାଠି ।

**କଞ୍ଚୁ *ବି.*** ସାପକାତି ।

**କଞ୍ଚୁକ *ବି.*** ୧. ସାପକାତି ୨. କବଚ ୩. କାଞ୍ଚୁଲା ।

**କଞ୍ଚୁକୀ *ବି.*** ୧. ଅନ୍ତଃପୁର ରକ୍ଷକ ୨. ସାପ ୩. ସାଞ୍ଜୁପିନ୍ଧା ବା ବର୍ମଧାରୀ ଯୋଦ୍ଧା ।

**କଞ୍ଜ *ବି.*** ୧. ପଦ୍ମ ୨. କୋମଳ ୩. ଅମୃତ ୪. ବ୍ରହ୍ମା ।

**କଞ୍ଜୁସ୍ *ବିଂ*** କୃପଣ, କାମ୍ପି, ପଇସା ଖର୍ଚ୍ଚ କରିବାକୁ ଭଲ ପାଉ ନ ଥିବା ।

**କଟ୍‌ଆଉଟ୍ *ବି.*** ବିଦ୍ୟୁତ ସଞ୍ଚାଳନପାଇଁ ବ୍ୟବହୃତ ଉପକରଣ ୨. କାହାରି ପ୍ରତିକୃତିର କେବଳ ବାହ୍ୟରେଖା ଥାଇ ବିଶାଳକାୟ ଚିତ୍ର ।

**କଟ୍‌ପିସ୍ *ବି.*** ୧. ବଡ଼ ଥାନରୁ କଟାହୋଇ ପୋଷାକ ମାପ ଅନୁସାରେ ସ୍ୱତନ୍ତ୍ର ଭାବରେ ବିକ୍ରିହେବା କନା ୨. ପୂର୍ବରୁ କଟାହୋଇ ବିକ୍ରି ବା ବ୍ୟବହାରପାଇଁ ଥିବା ବସ୍ତୁ ।

**କଟ୍‌ସି *ବି.*** ୧. ସୌଜନ୍ୟ, ଭଦ୍ର ବ୍ୟବହାର ୨. ଭଦ୍ରତା, ସଭ୍ୟତା ।

**କଟ *ବି.*** ୧. କଉଡି ଖେଳର ଏକ କଡା ୨. ପିଚା, କଟିଦେଶ ୩. ଘାସ ତିଆରି ଦଉଡ଼ା ୪. ଚାରିଭାଗରୁ ଏକ ଭାଗ ୫. ମସିଣା ୬. ତାଟି ୭. **କଷ୍ଟ, ସମୟ ବନ୍ଧ** (କବାଲା) ।

**କଟକ *ବି.*** ୧. ରାଜଧାନୀ ୨. ପର୍ବତର ମଧ୍ୟଦେଶ ୩. ଶିବିର, ସେନାଛାଉଣି ୫. ପାଦର ବଳା, ଗୋଡ଼ଖଡୁ ୬. ଖଡୁ, ହାତର ବଳା ।

**କଟକଟ *ବି.*** ଚବର ଚବର, ବିରକ୍ତି ଅଥବା ରାଗ ଯୋଗୁଁ ବରବର ।

**କଟକଟ କରିବା ବି.** ଶରୀରର କୌଣସି ଅଂଶରେ ଯନ୍ତ୍ରଣା ଅନୁଭୂତ ହେବା ।

**କଟକଟ ହେବା କ୍ରି.** ବିରକ୍ତି ଅଥବା ରାଗରେ ବରବର ହେବା, ଅଶ୍ୱସ୍ତି ପ୍ରକାଶ କରିବା ।

**କଟକଟି ବି.** ୧. ଓଲେଇ ଗାଈର ପଛଗୋଡ଼ ଜଙ୍ଘରେ ବନ୍ଧା ହେବା ଦଉଡ଼ି ୨. ଘରଚାଳର ରୁଅ ଉପର ବତାରେ ବାଉଁଶକାଠି ଯୁକ୍ତ ଦଉଡ଼ି ବା ଲଇର ଫାଶ ।

**କଟକଟିଆ ବି.** ୧. ଏକ ଜାତିର ନାଗସାପ ୨. ଏକ ଜାତିର ବେଙ୍ଗ ୩. ପକ୍ଷୀବିଶେଷ ; **ବିଂ.** କଟକଟ ଶବ୍ଦ କରୁଥିବା ।

**କଟକଣା ବି.** ୧. ଆକଟ ୨. ଶୃଙ୍ଖଳା ।

**କଟକାଇ ବି.** ଅଭିଯାନ ବା ଯୁଦ୍ଧଯାତ୍ରା ଆରମ୍ଭ ।

**କଟଙ୍ଗ୍ ବି.** ଲମ୍ବା ଓ ପୋଲାବାଉଁଶ ।

**କଟମଟ ବିଂ.** ୧. ଟାଣ, ଦୃଢ଼ ; **କ୍ରି.ବିଂ.** ରାଗଭାବ ।

**କଟମଟ କରି ଚାହିଁବା କ୍ରି.** ୧. ମଟମଟ କରି ଅନାଇବା ୨. ରାଗରେ ଆଖି ବଡ଼ ବଡ଼ କରି ଚାହିଁବା ।

**କଟର୍ ବି.** କାଟିବା ବା କତୁରିବା ଉପକରଣ ବା ଯନ୍ତ୍ର ।

**କଟର୍ ପିନ୍ ବି.** ସାଇକେଲ ପ୍ରଭୃତିର ଚେନ୍‌କୁ ଚକ ସହ ସଂଯୋଗ କରୁଥିବା ପିନ୍ ବା କଣ୍ଟା ।

**କଟରା ବି.** କଂସା ବା ପିତଳ ତିଆରି ଗିନା, ତାଟିଆ ପ୍ରଭୃତି ପାତ୍ର ।

**କଟା ବି.** ୧. ଗଡ଼ିଯାଉଥିବା ବର୍ଷା ପାଣିକୁ ଅଟକାଇ ରଖୁଥିବା ବଡ଼ ପୋଖରୀ ୨. କର୍ତ୍ତନ, ଛେଦନ ୩. ଫେଡାଣ ; **ବିଂ.** ୧. କଟା ହୋଇଥିବା ୨. ପାଉଁଶିଆ ।

**କଟାକଟି ବି.** ୧. ଛେଦନ ୨. ହଣାହଣି ୩. ଗାଳି ଦିଆଦେଇ ୪. କଟାଛଟା, କାଟିବା ଚିହ୍ନ ।

**କଟା ଘା' ବି.** ହତିଆର ପ୍ରଭୃତିରେ ଖଣ୍ଡିଆ ହୋଇଥିବା ଘା ।

**କଟାବଟା, କଟାବଛା ବି.** ତରକାରୀ ରାନ୍ଧିବାପାଇଁ ପରିବା କାଟିବା ଓ ମସଲା ଆଦି ବାଟିବା ।

**କଟାର, କଟାରି ବି.** କଟୁରି, ଏକପାଖଧାର ଥିବା ଛୁରା ।

**କଟାଳ ବି.** ୧. ଜିଦିଯୁକ୍ତ ଅଳି ୨. ବଟକରା ।

**କଟାଳି ବି.** କାଟିଲାବାଲା, କାଟିବାଲୋକ ।

**କଟାଳିଆ ବିଂ.** ସବୁ ବେଳେ ଜିଦ୍ କରୁଥିବା, ଜିଦ୍‌ଖୋର ।

**କଟାଶ, କଟାସ ବି.** ବଣବିରାଡ଼ି, ବଣଭୁଆ ।

**କଟାହ ବି.** ୧. କରେଇ ୨. ପଲମ ।

**କଟାକ୍ଷ ବି.** ୧. ତେରଛା ନଜର, ଆଡ ଚାହାଣି, ବକ୍ରଦୃଷ୍ଟି ୨. ସାମାନ୍ୟ ଅନୁଗ୍ରହ ।

**କଟି ବି.** ୧. ଅଣ୍ଟା, କମର ୨. ଅପଡ଼ ୩. ମଧ୍ୟଭାଗ, ମଝି ।

**କଟିଙ୍ଗ୍ ବି.** ୧. କାଟିବା କାର୍ଯ୍ୟ ୨. କଟା ହୋଇଥିବା ଖଣ୍ଡ ୩. ଝୁଡଙ୍ଗ, ଝୁନ୍‌ଗା ।

**କଟିଙ୍ଗ୍ କୁସେର୍ ବି.** କଳାରଙ୍ଗର ଆଖୁ ବିଶେଷ ।

**କଟି ପକାଇବା କ୍ରି.** ଅପଡ଼ ହେବା, ସମ୍ପର୍କ କାଟିଦେବା ।

**କଟିବନ୍ଧ ବି.** ୧. ମେଖଳା, କମରପଟି ୨. ମଝିଅଂଶ ୩. ପୃଥିବୀର ଚାରିପାଖରେ ଥିବ କାଳ୍ପନିକ ସମାନ୍ତରାଳ ରେଖା ।

**କଟିବା କ୍ରି.** ୧. (ସମୟ) ବିତିବା ୨. ଫୋଡାହେବା ୩. କମତି ହେବା ୪. କଟା ହୋଇଯିବା ୫. ଅସ୍ତ୍ର ପ୍ରଭୃତିଦ୍ୱାରା ଆହତ ହେବା ୬. ହାଣ ଖାଇବା, ହଣା ହେବା ୭. ଅଯୋଗ୍ୟ ବିବେଚିତ ହେବା ।

**କଟିବାତ ବି.** ଅଣ୍ଟାଧରା ରୋଗ ।

**କଟିସୂତ୍ର ବି.** ଅଣ୍ଟାସୂତା, ଅଣ୍ଟାକୁ ବେଢ଼ି ରହିଥିବା ଅଳଙ୍କାର ।

**କଟୁ ବିଂ.** ୧. ପିତା, ତିକ୍ତ ୨. (ସ୍ୱାଦ) ଜଳା, ରାଗ ୩. କଡା ୪. କର୍କଶ, ରୁକ୍ଷ ୫. ଉଗ୍ର, ପ୍ରଖର, ତୀବ୍ର ।

**କଟୁଆଳ ବି.** କୋତ୍‌ୱାଲ, ନଗରରକ୍ଷକ କର୍ମଚାରୀ, ପ୍ରହରୀମାନଙ୍କ ମୁଖିଆ ।

**କଟୁତା, କଟୁତ୍ୱ ବି.** ୧. ତୀବ୍ରତା ୨. ରୁକ୍ଷତା, କର୍କଶତା ୩. କଡାପଣ ।

**କଟୁବଚନ ବି.** କଡ଼ାକଥା, ଅପ୍ରିୟକଥା, ମନକୁ ବାଧିବା ପରି କଥା ।

**କଟୁରି ବି.** କଟାରି, କଁଡ଼ରି, କାଟିବା ପାଇଁ ବ୍ୟବହୃତ ଅସ୍ତ୍ରବିଶେଷ ।

**କଟୂକ୍ତି ବି.** କଡା ବା ରୁକ୍ଷଭାଷା, କଡାକଥା ।

**କଟୋରା ବି.** ଗିନା, କଟରା, ଛୋଟ ଧାତୁତିଆରି ପାତ୍ର ।

**କଠ୍‌ଲାଇବା କ୍ରି.** କଷ୍ଟ ହେଉଥିଲେ ବି ସହ୍ୟକରି ତୁନି ହୋଇ ରହିବା, ସହିଯିବା ।

**କଠଉ, କଠାଉ ବି.** ଖଡ଼ମ, କାଠ ତିଆରି ପାଦୁକା ।

**କଠା ବି.** ୧. କଷି ପଣସ ୨. ମଞ୍ଜିନଡ଼ିଆ ୩. ଧାନ ମାପିବା ମାଣ ବିଶେଷ ୪. ବିଡ଼ି, ସିଗାରେଟର ବିଡ଼ା ବା ପେକେଟ ୫. ପଚାଶ ସଂଖ୍ୟକ ବିଡ଼ା ୬. ବାଘନଖର ପଦକ ଲଗା ସୁନା ଓ ପୋହଳା ମାଳି ୭. ବିଡ଼ା ୮. ବେତ ବା ବାଉଁଶରେ ତିଆରି ମାପ ସାମଗ୍ରୀ ।

**କଠାର ବି.** କଷି ପଣସ ।

**କଠିନ, କଠିଣ ବିଂ.** ୧. ଦୃଢ଼, ଟାଣ ୨. ଦୁର୍ବୋଧ୍ୟ ୩. କଷ୍ଟସାଧ୍ୟ ୪. ଶକ୍ତ ।

**କଠେଇ ବି.** ୧. ଏକ ପ୍ରକାର ଆଖୁ ୨. ଏକ ପ୍ରକାର ମାଛ ।

**କଠୋର ବିଂ.** ୧. କଠିନ, କଷ୍ଟକର, ଦୁଷ୍କର ୨. ନିର୍ମମ, ନିଷ୍ଠୁର, ନିର୍ଦ୍ଦୟ ୩. ଦୁଃସହ ୪. ଦୃଢ଼ ।

**କଠୋରତା** *ବି.* କଠୋରଭାବ, ନିର୍ମମତା, ଦୟାହୀନତା ।

**କଡ୍** *ବି.* ୧. ସଙ୍ଗୀତର ସ୍ୱର ଶ୍ରେଣୀ ୨. ତାର ।

**କଡ୍‌କଡ୍‌ଦମ** *ବି.* ଚେପଟା ମାଟି ହାଣ୍ଡିରେ ଚମଡ଼ା ଛାଉଣି ଦିଆ ବାଦ୍ୟଯନ୍ତ୍ର (ଏହାକୁ ପତଳା କାଠି ଦୁଇଖଣ୍ଡରେ ବଜାଯାଏ) ।

**କଡ୍‌କଡ଼ାବା** *କ୍ରି.* ୧. ରାଗରେ ଦାନ୍ତ କଡ଼ମଡ଼ କରିବା ୨. ଗରମ ତେଲରେ ସୋରିଷ, ଜିରା ପ୍ରଭୃତି ଫୁଟାଇବା ୩. ତେଲ ଗରମ କରିବା ।

**କଡ଼** *ବି.* ୧. ପାଖ ୨. ପଟ, ପାର୍ଶ୍ୱ ।

**କଡ଼କଡ଼** *ଅ.* ୧. ନିଆଁ ତାଉରେ ତରଳ ଦ୍ରବ୍ୟ ଫୁଟିବା ଶବ୍ଦ ୨. ଡାଳ ଭାଙ୍ଗିବା ଶବ୍ଦ ।

**କଡ଼କା** *ବିଂ.* ଉଷୁମ, ଗରମ, ତତଲା ।

**କଡ଼କାଇବା** *କ୍ରି.* ଗାଳିଦେବା, ଧମକାଇ ଶାସନକରିବା ।

**କଡ଼ଚା** *ବି.* ୧. ଦିନଲିପି ୨. ଟିପାଖାତା ।

**କଡ଼ତାପାସଙ୍ଗ** *ବି.* ତରାଜୁ ପ୍ରଭୃତିରେ ଦୁଇପାଖ ସମାନ ଓଜନ କରିବାପାଇଁ ବ୍ୟବହୃତ ଆବଶ୍ୟକ ଓଜନର ପଦାର୍ଥ ।

**କଡ଼ପା** *ବି.* ଚଟାଣ ବିଛାଇବାରେ ବ୍ୟବହୃତ ଏକପ୍ରକାର କଳାରଙ୍ଗର ପଥର ।

**କଡ଼ବାଗିଆ** *ବିଂ.* ଗୋଟିଏ କଡ଼ ବା ପାର୍ଶ୍ୱରେ ରହିଥିବା ।

**କଡ଼ମଡ଼** *ଅ.* ୧. ଦାନ୍ତ ରଗଡ଼ିବା ଶବ୍ଦ ୨. ହାଡ଼ ଚୋବାଇବା ଶବ୍ଦ ।

**କଡମା** *ବି.* ୧. ଶାରଦ ଧାନ ୨. ଧାନ କଟା ହେବା ପରେ ଧାନମୂଳରୁ ବାହାରୁଥିବା ଅଙ୍କୁର ୩. ଅକାଳ ଫଳ ୪. ପୁରୁଣା ପାନଲତାରୁ ବାହାରୁଥିବା ଷଣ୍ଢା ।

**କଡ଼ ମାଡ଼ିବା** *କ୍ରି.* ୧. ଗୋଟିଏ କଡ଼ ବା ପାଖକୁ ଶୋଇବା ୨. ଗୋଟିଏ ପାଖ ବା କଡ଼କୁ ଘୁଞ୍ଚିବା ।

**କଡ଼ମ୍ବା** *ବି.* ୧. କଡ଼ମା ୨. ବଣ୍ୟ ମୂଳବିଶେଷ ୩. ଶ୍ରୀମନ୍ଦିରର ଛପନ ଭୋଗ ମଧ୍ୟରେ ଅନ୍ତର୍ଭୁକ୍ତ ଏକ ପ୍ରକାର କ୍ଷୀରି ; *ବିଂ.* ଅଫଳନ୍ତି ବୁଢ଼ାଗଛ ।

**କଡ଼ା** *ବି.* ୧. ହାତ ବା ଗୋଡ଼ରେ ପିନ୍ଧାଯାଉଥିବା ଲୁହାବଳା ୨. ଧାତୁନିର୍ମିତ ବଳା ବା ମୁଦି ୩. ବଡ଼ କରେଇ ୪. ହଣ୍ଡା ୫. ଗଣ୍ଡାର ଚଉଠ ଅଂଶ ୬. ୫୦ଟି ପାନର ବିଡ଼ା ୭. କଉଡ଼ିର ଏକକ ୮. ଗୋଡ଼ପିନ୍ଧା ଅଳଙ୍କାର ବିଶେଷ ; *ବିଂ.* ୧. ରୁକ୍ଷ ୨. ରାଗୀ ୩. କଟୁ ୪. ଜର୍ଦ୍ଦା ବା ଗୁଣ୍ଡିଦିଆ (ପାନ) ୫. ଅପେକ୍ଷାକୃତ ଗରମ ତେଲ ବା ଆଞ୍ଚରେ (ଭଜା) ।

**କଡ଼ାକଡ଼ାକେ** *କ୍ରି.ବିଂ.* ଛୋଟ ଛୋଟ କଥାରେ, କଥାକଥାକେ ।

**କଡ଼ାଇ, କଡେଇ** *ବି.* ଲୁହା, ପିତଳ ପ୍ରଭୃତି ଧାତୁରେ ତିଆରି ରନ୍ଧାପାତ୍ର, କରେଇ ।

**କଡ଼ାକର** *ବିଂ.* ୧. ଏକ କଡ଼ା (ପୂର୍ବେ ପ୍ରଚଳିତ ମୁଦ୍ରା) ମୂଲ୍ୟର ୨. ଅତି ତୁଚ୍ଛ, ନଗଣ୍ୟ ।

**କଡ଼ାଗଣ୍ଡା** *ବି.* ପଣିକିଆ-ଯେଉଁଥିରେ କଡ଼ା, ଗଣ୍ଡା, କୋଡ଼ି, ପଣ ପ୍ରଭୃତି ହିସାବ ଯାଏ ।

**କଡ଼ାଗଣ୍ଡା ବୁଝିନେବା** *କ୍ରି.* ୧. ତନ୍ନ ତନ୍ନ କରି ହିସାବ ବୁଝିନେବା ୨. ସମସ୍ତ ହିସାବ ବୁଝିନେବା ୩. ସମସ୍ତ ସମ୍ପର୍କ ତୁଟାଇ ଦେବା ।

**କଡ଼ାପାନ** *ବି.* ଗୁଣ୍ଡି, ଜର୍ଦ୍ଦା ପ୍ରଭୃତି କଡ଼ା ମସଲାଦିଆ ପାନ ।

**କଡ଼ି** *ବି.* ୧. ଦହି ତିଆରି ଏକ ପ୍ରକାର ତରକାରୀ ୨. କୋଠା ଛାତ ତଳେ ଦିଆଯାଉଥିବା କାଠ ବା ଲୁହାଖଣ୍ଡ ୩. ହାତ ବା ଗୋଡ଼ରେ ପିନ୍ଧାଯିବା ଲୁହା ଶିକୁଳି ।

**କଡ଼ିବରଗା** *ବି.* ଘର ଛାତରେ ଲାଗୁଥିବା ବାଉଁଶ, କାଠ ବା ଲୁହା ତିଆରି ସାମଗ୍ରୀ ।

**କଢ** *ବି.* ୧. ମୁକୁଳ ୨. କଳି, ଫୁଲ ଫୁଟିବାର ପୂର୍ବ ଅବସ୍ଥା ।

**କଢ଼ା** *ବି.* ୧. କାଢ଼ିବା ବା ବାହାର କରିବା ପ୍ରକ୍ରିୟା ୨. ଅଙ୍କୁର, ଗଜା, କୁଆଁ ।

**କଢ଼ାଣ** *ବି.* ଜମିର ପ୍ରଥମ କାମ ବା ହଳକରଣ ।

**କଢ଼ାଳି** *ବି.* ୧. ଯେ କାଢ଼େ ୨. ମୁକୁଳ ୩. କଳିକା, କଢ଼, ଫୁଲ ଫୁଟିବାର ପୂର୍ବ ଅବସ୍ଥା ।

**କଢ଼ି** *ବି.* ୧. କଢ଼ ୨. ବେସନ ବା ଚାଉଳ ଗୁଣ୍ଡ ଓ ଦହି ମିଶାଇ ପ୍ରସ୍ତୁତ ଖଟାଳିଆ ଖାଦ୍ୟ ବିଶେଷ ।

**କଢ଼ିଆ** *ବି.* ୧. ଜିନିଷ ଟଙ୍ଗେଇ ରଖିବା ନିମିତ୍ତ ବ୍ୟବହୃତ ହୁକ୍ ବିଶେଷ ୨. ବାଲ୍‌ଟିକୁ ଉଠାଇବାପାଇଁ ଲାଗିଥିବା ହୁକ୍ ୩. ସରଗରା, ମଳଦ୍ୱାରରେ ବାହାରି ପଡ଼ିଥିବା ପଦ୍ମ ।

**କଢୁଆଳ** *ବିଂ.* ପଥପ୍ରଦର୍ଶକ, ବାଟଦେଖାଳି, ଆଗରେ ଯାଉଥିବା ।

**କ'ଣ** *ଅ.* କି, କିସ, କାଣା, କାଏଁଟା ।

**କଣକଣିଆ** *ବିଂ.* ଅତ୍ୟନ୍ତ ଥଣ୍ଡା (ପାଗ ବା ଅନୁଭବ), କନ୍‌କନିଆ ।

**କଣଚେସା** *ଅ.କ୍ରି.ବିଂ.* ଅଦରକାରୀ ଭାବରେ ଦୂରେଇ ରଖିବା ।

**କଣନଖା** *ବି.* ନଖ କଣର ଘା', ନଖବିର୍ଲି ।

**କଣପଶା** *ବିଂ.* ଲାଜକୁଳା, ସାମ୍ନାକୁ ଆସିବାପାଇଁ ଅନିଚ୍ଛୁକ ।

**କଣମୁଛା, କଣମାଛିଆ** *ବି.* କାଛଠଣା, ଖୋଲନା ।

**କଣା** *ବି.* ୧. ଗୋଟିଏ ଆଖି ପୂରା ଖରାପ ଥିବା ଲୋକ ୨. (ସ୍ଥଳବିଶେଷରେ) ଅନ୍ଧ; *ବି.* ୧. ଛିଦ୍ର, ରନ୍ଧ୍ର ୨. ଗୁଣ୍ଡ, ଅଣୁ ।

**କଣାସାଁପ୍ *ବି.*** ତେଲୁଣିପୋକ, ସାପ ଆକୃତିର ଛୋଟ ଜୀବ ବିଶେଷ ।

**କଣି *ବି.*** ୧. ବାଉଁଶ ଗଛର ମୁକୁଳ ବା ଶାଖାର ଅଗ, କରଡ଼ି ୨. ଶସ୍ୟର କ୍ଷୁଦ୍ର ଅଂଶ, **କଣିଚା, ଛୋଟଖଣ୍ଡ ।**

**କଣିକା *ବି.*** ୧. ଛୋଟଅଂଶ ୨. ଦାନା ୩. ଅଳ୍ପ ପରିମାଣ ୪. ଖୁଦ ।

**କଣିକାଏ *ବିଂ.*** ୧. ଟିକିଏ ୨. ଅଳ୍ପ ୩. ଟୋପେ ।

**କଣିକିଆ *ବିଂ.*** ୧. କଣ ବା କୋଣବିଶିଷ୍ଟ ୨. କଣରେ ଥିବା ୩. ଏକପାଖିଆ ।

**କଣ୍ଟ *ବି.*** ୧. ମାପ, କଛ ୨. ସମୟ, ମିଆଦ ।

**କଣ୍ଟକ *ବି.*** ୧. କଣ୍ଟା ୨. ଶତ୍ରୁ ୩. ବ୍ୟାଘାତ ।

**କଣ୍ଟକବଲା *ବି.*** ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଋଣ ପଇଠ କରିବାପାଇଁ ସମ୍ପାଦିତ ଚୁକ୍ତିପତ୍ର ।

**କଣ୍ଟ କରିବା *କ୍ରି.*** ସାକ୍ଷାତ୍, ପାଉଣା ପ୍ରଦାନ ପ୍ରଭୃତିପାଇଁ ନିର୍ଦ୍ଦିଷ୍ଟ ସମୟସୀମା ସ୍ଥିର କରିବା ।

**କଣ୍ଟକାଚ *ବି.*** ହାତର ମାପ ଜାଣିବାପାଇଁ ବ୍ୟବହାର କରାଯାଉଥିବା କାଚ ବା ଚୁଡ଼ି ।

**କଣ୍ଟକାରୀ *ବି.*** ୧. ଅଙ୍କରାନ୍ତି ୨. ଭେଜିବାଇଗଣ , ଛୋଟବାଇଗଣ ଓ ତାର ଗଛ - ଯାହା ଖାଦ୍ୟ ଭାବରେ ବ୍ୟବହୃତ ହୁଏନାହିଁ।

**କଣ୍ଟକିତ *ବିଂ.*** ୧. କଣ୍ଟାଯୁକ୍ତ ୨. କଣ୍ଟାରେ ଭର୍ତ୍ତି ୩. ରୋମାଞ୍ଚିତ ।

**କଣ୍ଟକିଳ *ବି.*** କଣ୍ଟାବାଉଁଶ ; ***ବିଂ.*** କଣ୍ଟାଳିଆ, କଣ୍ଟାବିଶିଷ୍ଟ ।

**କଣ୍ଟକୀ *ବି.*** ୧. କଣ୍ଟାଫଳ ବା ପଣସ ୨. କଣ୍ଟାବାଉଁଶ ; ***ବିଂ.*** କଣ୍ଟାମୟ ।

**କଣ୍ଟା *ବି.*** ୧. ଗଛ ଓ ପତ୍ର ପ୍ରଭୃତିର ମୁନିଆ ଅଂଶ ୨. ଲୁହା ପ୍ରଭୃତିରେ ତିଆରି ଲମ୍ବାକୃତି ମୁନିଆ ବସ୍ତୁ ୩. ଘଣ୍ଟାର ସମୟସୂଚକ ତୀର ୪. ଶତ୍ରୁ ୫. ବିଘ୍ନ ୬. ଯେ କୌଣସି ଯନ୍ତ୍ର ବା ଉପକରଣର ଗତି ଓ ତାପ ପ୍ରଭୃତି ନିର୍ଦ୍ଦେଶକ ସରୁଆ ତୀର ଭଳି ଅଙ୍ଗ ୭. ମାଛର ହାଡ଼ ୮. ମାଂସ ତରକାରୀର ହାଡ଼ ।

**କଣ୍ଟାକ୍ଟ *ବି.*** ଯୋଗାଯୋଗ, ସମ୍ପର୍କ ।

**କଣ୍ଟାକଣ୍ଟି *ବି.*** ଖାଦ୍ୟ ପଦାର୍ଥ ବା ଅନ୍ୟ କିଛି ବାଣ୍ଟିବା ବେଳେ ସମସ୍ତେ ଠିକ୍ ଭାବେ ପାଇବା ଏବଂ କିଛି ନ ବଳିବା ।

**କଣ୍ଟା ଯିବା *କ୍ରି.*** ୧. ଅସୁବିଧା ବା ପ୍ରତିବନ୍ଧକ ଦୂରହେବା ୨. ବିପଦ ସୃଷ୍ଟି କରୁଥିବା ବ୍ୟକ୍ତି ପରାଜିତ ହେବା।

**କଣ୍ଟାଳିଆ *ବିଂ.*** କଣ୍ଟକିତ, କଣ୍ଟାଯୁକ୍ତ, ବହୁଳ ବା ଘନଭାବରେ କଣ୍ଟାଥିବା ।

**କଣ୍ଟି *ବି.*** ୧. ଲଙ୍ଗଳର ଉପର ଅଂଶ ୨. କଣ୍ଟାଯୁକ୍ତ ଲତାବିଶେଷ, ୩. ମାପ ।

**କଣ୍ଟିଆ *ବି.*** ମୁଣ୍ଡର ଦୁଇ ପାଖରେ ଗାଲି ତଳକୁ କଣ୍ଟା ଥିବା ଛୋଟ ମାଛ ବିଶେଷ ।

**କଣ୍ଟିକୋଳି *ବି.*** କଳାରଙ୍ଗର ଏକପ୍ରକାର ସୁସ୍ୱାଦୁ ଜଙ୍ଗଲିଆ କୋଳି, କଣ୍ଟିକୋଇଲ୍ ।

**କଣ୍ଟିବା *କ୍ରି.*** ୧. ମାପିବା, କଛିବା ୨. ତୁଳନା କରିବା ।

**କଣ୍ଟି ହେବା *କ୍ରି.*** ୧. ତୁଳନା କରିବା, ସମକକ୍ଷ ମନେ କରିବା ୨. ଦେହ ଗଳୁହେବା ବା କୁଣ୍ଡେଇ ହେବା ।

**କଣ୍ଟ୍ରାକ୍ଟର *ବି.*** ଠିକାଦାର, କୌଣସି କାର୍ଯ୍ୟ କରିବାପାଇଁ ଠିକା ନେଇଥିବା ବ୍ୟକ୍ତି ।

**କଣ୍ଟ୍ରାସେପ୍ଟିଭ *ବି.*** ଗର୍ଭନିରୋଧ ପାଇଁ ବ୍ୟବହୃତ ସାଧନ (ଔଷଧ, କଣ୍ଡୋମ ପ୍ରଭୃତି) ।

**କଣ୍ଟ୍ରୋଲ୍ *ବି.*** ନିୟନ୍ତ୍ରଣ ; ***ବିଂ.*** ସରକାରଙ୍କଦ୍ୱାରା ରିହାତି ମୂଲ୍ୟରେ ବିକ୍ରି କରାଯାଉଥିବା ।

**କଣ୍ଟ୍ରୋଲର୍ *ବି.*** ୧. ନିୟନ୍ତ୍ରଣକାରୀ, ନିୟନ୍ତ୍ରକ ୨. ପରୀକ୍ଷା ପ୍ରଭୃତି ପରିଚାଳନାପାଇଁ ନିଯୁକ୍ତ ଅଧିକାରୀ ।

**କଣ୍ଠ *ବି.*** ୧. ତୋଟି ୨. ଗଳା, ବେକ ୩. ଗଳାର ସ୍ୱର ।

**କଣ୍ଠଗତ, କଣ୍ଠାଗତ *ବିଂ.*** ତଣ୍ଟିଯାଏ ଆସିଥିବା ।

**କଣ୍ଠନାଳୀ *ବି.*** ତଣ୍ଟି ମଧ୍ୟ ଦେଇ ପେଟ ଭିତରକୁ ଯାଇଥିବା ଖାଦ୍ୟ ନଳୀ ।

**କଣ୍ଠରୋଧ *ବି.*** ସ୍ୱର ବନ୍ଦହୋଇଯିବା, ତୋଟିରେ ଲାଗିବା, କଥା ଅଟକିବା, କିଛି କହି ନ ପାରିବା ଅବସ୍ଥା ।

**କଣ୍ଠରୋଧ କରିବା *କ୍ରି.*** ୧. ଜୋରକରି କୁହାଇ ନ ଦେବା, ମତ ପ୍ରକାଶର ସୁଯୋଗ ନ ଦେବା ୨. ତଣ୍ଟି ଚିପିଦେବା ।

**କଣ୍ଠସ୍ଥ *ବିଂ.*** ୧. ମୁଖସ୍ଥ ୨. ପୂରା ଆୟତ୍ତ ୩. କଣ୍ଠ ବା ବେକରେ ଥିବା ।

**କଣ୍ଠା *ବି.*** ୧. କଣ୍ଠହାର ୨. ବଡ଼କଣ୍ଠି ୩. ମଲା ଚାଉଳଥିବା ଧାନ ୪. ବେକ, ଗଳା ୫. ତଣ୍ଟି ୬. ବଡ଼ ଶୁଆର ବେକ ଚାରିପାଖ ଗାର ୭. ମୟୂରାଦି ପକ୍ଷୀର ଚିତ୍ରିତ ପର ।

**କଣ୍ଠାଗ୍ରତ *ବିଂ.*** ୧. ଅତି ବିପନ୍ନ ୨. ମଲାପ୍ରାୟ, ମୁମୂର୍ଷୁ ।

**କଣ୍ଠି *ବି.*** ୧. ମାଳର ଗୋଲାକାର ଦାନା ୨. ସୁନାତିଆରି ବଡ଼ ବେକପିନ୍ଧା ବଡ଼କଣ୍ଠିଥିବା ମାଳି ।

**କଣ୍ଠୀ *ବି.*** ୧. କଣ୍ଠ ୨. ବେକର ଏକସରିଆ ହାର ୩. ଘୋଡା ବେକରେ ଥିବା ଚମଡ଼ା ଦଉଡ଼ି ।

**କଣ୍ଠୀରବ *ବି.*** ୧. ସିଂହ ୨. କପୋତ ୩. ପାଗଳାହାତୀ ।

**କଣ୍ଠ୍ୟ** ***ବିଂ.*** କଣ୍ଠରୁ ଉତ୍ପନ୍ନ ଧ୍ୱନି, ଯଥା- ଅ, ଆ, କ ବର୍ଗ, ହ ।
**କଣ୍ଡକ୍ଟର୍** ***ବି.*** ୧. ବସ୍, ଟ୍ରେନ ବଗି ପ୍ରଭୃତି ଦାୟିତ୍ୱରେ ଥିବା କର୍ମଚାରୀ ୨. ତାପ ବିଦ୍ୟୁତ୍ ପ୍ରଭୃତିର ସୁପରିବାହୀ ଉପାଦାନ ।
**କଣ୍ଡନ** ***ବି.*** ଶସ୍ୟାଦି କାଣ୍ଡିବା, ଧାନ ପ୍ରଭୃତି କାଣ୍ଡିବା ବା ସଫା କରିବା ।
**କଣ୍ଡନୀ** ***ବି.*** ୧. ଢିଙ୍କିର ପାହାର ୨. ମୂଷଳ ।
**କଣ୍ଡରା** ***ବି.*** ପୂର୍ବେ ଚୌକିଦାରି କରୁଥିବା ଜାତି ବିଶେଷ ।
**କଣ୍ଡା** ***ବି.*** ୧. ଲୁଗା ବୁଣିବାରେ ବ୍ୟବହୃତ ସୁତାଗୁଡ଼ିଆ କାଠି ୨. ଚଷୁ ବାହାର କରାଯାଇଥିବା ଶସ୍ୟ ।
**କଣ୍ଡିଆ** ***ବି.*** ନଈ କୂଳରେ ଚାଷୋପଯୋଗୀ ପଠା ।
**କଣ୍ଡିତ** ***ବିଂ.*** ୧. କଣ୍ଡା ହୋଇଥିବା ୨. ସଫା ହୋଇଥିବା ।
**କଣ୍ଡିସନ୍** ***ବି.*** ଅବସ୍ଥା ।
**କଣ୍ଡିସନର୍** ***ବି.*** ୧. ତାପ ନିୟନ୍ତ୍ରଣ କରିବା ଯନ୍ତ୍ର ୨. କେଶ ପ୍ରସାଧନକୁ ଅଧିକ ସମୟ ଠିକ୍ ରଖିବାପାଇଁ ବ୍ୟବହୃତ ପ୍ରସାଧନ ସାମଗ୍ରୀ ।
**କଣ୍ଡୁ** ***ବି.*** କୁଣ୍ଡିଆ, ଖୁଜରି, ଗଲୁ ।
**କଣ୍ଡୁଆ** ***ବିଂ.*** ୧. ଗଲୁଆ ୨. ମାଡ଼ ମୁଲାଉଥିବା ।
**କଣ୍ଡୂୟନ** ***ବି.*** କୁଣ୍ଡେଇ ହେବା, ଗଲଗଲ ହେବା ।
**କଣ୍ଡୋମ୍** ***ବି.*** ସୁରକ୍ଷିତ ଯୌନ ସମ୍ଭୋଗ ଉଦ୍ଦେଶ୍ୟରେ ପୁରୁଷମାନେ ଲିଙ୍ଗରେ ବ୍ୟବହାର କରୁଥିବା ରବର ବା ଲାଟେକ୍ସ୍ ତିଆରି ମୁଣା ।
**କଣ୍ଡୋଲେନ୍ସ** ***ବି.*** ଶୋକପ୍ରକାଶ, ଶୋକସଭା ।
**କଣ୍ଢେଇ** ***ବି.*** ୧. ପିତୁଳା ୨. ଖେଳନା ।
**କତ** ***ବି.*** ୧. ରିଠାଫଳ, ନିର୍ମଳାଫଳ ୨. ପେନସିଲ ଭିତରେ ଥିବା ସରୁ ଗ୍ରାଫାଇଟ ଲେଖନୀ ।
**କତର୍ନି** ***ବି.*** କତୁରୀ, କଇଁଚି ।
**କତରଣି** ***ବି.*** ୧. ଛୋଟ କତୁରି ୨. କଇଁଚି ।
**କତରା** ***ବି.*** ଛିଣ୍ଡାକନା ବା ମସିଣା ।
**କତରାଲଗା (ଲାଗି)** ***ବିଂ.*** ୧. ଶଯ୍ୟାଶାୟୀ ୨. ମୁମୂର୍ଷୁ ୩. ରୋଗିଣା ।
**କତରିଆ,କତୁରିଆ** ***ବି.*** ଖଡୁଭଳି ଅଳଙ୍କାର ବିଶେଷ ।
**କତରିବା** ***କ୍ରି.*** ୧. ହିଡ଼ ପ୍ରଭୃତିରୁ ମାଟି ଚକଡ଼ା କାଟିବା, କତୁଆ ଦ୍ୱାରା ଓଦାମାଟି କାଟିବା ୨. ଦାନ୍ତଦ୍ୱାରା ଖଣ୍ଡିଆ କରିବା ବା କାଟିବା ।
**କତଲ** ***ବି.*** ୧. ଅସ୍ତ୍ରଦ୍ୱାରା ହତ୍ୟା ୨. ଛୋଟ ଛୋଟ ପଥର ଖଣ୍ଡ- ଯାହାକୁ ପଥର ସହିତ ପଥର ଯୋଡ଼େଇ କାନ୍ଥର ମଝିରେ ରହିଯାଉଥିବା ଖାଲି ଜାଗାରେ ପୂରାଯାଏ ।
**କତଲ କରିବା** ***କ୍ରି.*** ଅସ୍ତ୍ରଦ୍ୱାରା ହତ୍ୟା କରିବା ।
**କତା** ***ବି.*** ୧. ନଡ଼ିଆର ଚେମେଡା ଚୋପା ଓ ତହିଁରୁ ପ୍ରସ୍ତୁତ ଦଉଡ଼ା ୨. ଛୋଟ କତୁରି ।
**କତି** ***ବି.*** ୧. ପାଖ, ନିକଟ ୨. କେତେକ; ***ଅ.*** ପଟ, ଦିଗ ।
**କତିପୟ** ***ବିଂ.*** ଅଳ୍ପକେତେକ, ଅଳ୍ପସଂଖ୍ୟକ ।
**କତୁଆ** ***ବି.*** କାଠପଟାରେ ତିଆରି ଲମ୍ବାକୃତି ଉପକରଣ-ଯାହାଦ୍ୱାରା ଓଦାମାଟି କଟାଯାଏ ।
**କତୁରା** ***ବିଂ.*** କତୁରିରେ କଟା ହୋଇଥିବା; ***ବି.*** ଛୋଟ ଛୋଟ କଟାଖଣ୍ଡ ।
**କତୁରି** ***ବି.*** କଇଁଚି, ଲୁଗା, କପଡ଼ା, କାଗଜ, ଚମଡ଼ା ଆଦି ପତଳା ପଦାର୍ଥ କାଟିବାପାଇଁ ବ୍ୟବହୃତ ଯନ୍ତ୍ର ବିଶେଷ ।
**କତୁରିବା** ***କ୍ରି.*** କଇଁଚିରେ କାଟିବା ।
**କଥକ** ***ବି.ବିଂ.*** ୧. କହିଲାବାଲା, ବକ୍ତା, ବୟାନକାରୀ ୨. ପୁରାଣ କଥାର ବୟାନକାରୀ ; ***ବି.*** ଉତ୍ତର ଭାରତୀୟ ଏକ ପ୍ରକାରର ଶାସ୍ତ୍ରୀୟନୃତ୍ୟ ଶୈଳୀ ।
**କଥକତା** ***ବି.*** ୧. ଭାବଭଙ୍ଗୀ ସହିତ ପୁରାଣ କଥାର ବ୍ୟାଖ୍ୟାନ ୨. କହିବାଶୈଳୀ ।
**କଥଞ୍ଚିତ** ***ଅ.*** ଅଳ୍ପ କେତେକ ।
**କଥନ** ***ବି.*** ୧. କହିବା ୨. ବର୍ଣ୍ଣନା, ବୟାନ ୩. ବ୍ୟାଖ୍ୟା ।
**କଥନି** ***ବି.*** ଗପ, କାହାଣୀ, କଇନି ।
**କଥନିକା** ***ବି.*** ଛୋଟ କାହାଣୀ, କଥାଣି, କଥାନି ।
**କଥନୀୟ** ***ବିଂ.*** କୁହାଯିବା ପରି ବକ୍ତବ୍ୟ, କହିବାଯୋଗ୍ୟ ।
**କଥା** ***ବି.*** ୧. ବଚନ ୨. ଉକ୍ତି ୩. ଗଳ୍ପ ୪. ଆଳାପ ୫. ବୃତ୍ତାନ୍ତ ୬. ଅଙ୍ଗୀକାର ୭. ଅଭିପ୍ରାୟ ।
**କଥା କଟାକଟି** ***ବି.*** ଉକ୍ତି-ପ୍ରତ୍ୟୁକ୍ତି, ପରସ୍ପର କଥାକୁ ବିରୋଧ, କଳି, ଯୁକ୍ତିତର୍କ ।
**କଥାକଥାରେ** ***କ୍ରି.ବିଂ.*** ୧. ସବୁବେଳେ, ପ୍ରତ୍ୟେକ କଥାରେ ବା ବିଷୟରେ ୨ କଥାବାର୍ତ୍ତା ହେଉଁ ହେଉଁ ।
**କଥାକଳି** ***ବି.*** କେରଳର ପାରମ୍ପରିକ ନୃତ୍ୟଶୈଳୀ – ଯେଉଁଥିରେ ଶିଳ୍ପୀ ମୁଖା ପିନ୍ଧନ୍ତି ବା ମୁହଁକୁ ରଙ୍ଗାଇଥାନ୍ତି ।
**କଥାକଲିଆ** ***କ୍ରି.ବିଂ.*** ଯଥେଷ୍ଟ, କାହିଁରେ କ'ଣ, କାହିଁରେ କେତେ ।
**କଥା କାଟିବା** ***କ୍ରି.*** ୧. ଯୁକ୍ତି ଖଣ୍ଡନ କରିବା ୨. ଜଣେ କଥା କହୁଥିବା ବେଳେ କଥା କହି ବାଧାଦେବା, ଯୁକ୍ତିରେ ମଜ୍ଜି ରହିବା ।
**କଥାଚାଣ୍ଡିଆ** ***ବି.*** ବନେଇ ଚୁନେଇ କଥା କହିପାରୁଥିବା ଲୋକ ।
**କଥା ଛିଣ୍ଡିବା** ***କ୍ରି.*** ସହମତିରେ ସମସ୍ୟାର ସମାଧାନ କରିବା ।
**କଥାଣି** ***ବି.*** କଥାନି, କଥନିକା ବା ଛୋଟଗଳ୍ପ ।
**କଥା ଦେବା** ***କ୍ରି.*** ପ୍ରତିଶ୍ରୁତି ଦେବା, ବଚନ ଦେବା ।
**କଥାଧରା** ***କ୍ରି.ବିଂ.*** ଉପରଠାଉରିଆ, କଥାରେ କଥାରେ ।

**କଥା ଧରିବା** *କ୍ରି.* ୧. ଅନ୍ୟର ବକ୍ତବ୍ୟ, ବିଚାର ବା ମତାମତ ପ୍ରତି ସନ୍ଦେହ ପ୍ରକାଶ କରିବା ୨. ଅନ୍ୟର ବିଚାର ବା ମନ୍ତବ୍ୟର ବିରୋଧ କରିବା ୩. କାହାରି କଥାରେ ଅପମାନିତ ବୋଧକରିବା ।

**କଥାନି** *ବି.* ଗପ, କାହାଣୀ ।

**କଥା ପକାଇବା** *କ୍ରି.* ପ୍ରସ୍ତାବ ଦେବା ବା ଆଗତ କରିବା ।

**କଥାପ୍ରସଙ୍ଗ** *ବି.* କଥାବାର୍ତ୍ତା ବେଳେ କୌଣସି ବିଷୟରେ ଅବତାରଣା ।

**କଥାବସ୍ତୁ** *ବି.* ଗଳ୍ପ, କବିତା,ନାଟକ ପ୍ରଭୃତିର ସାରକଥା, ବିଷୟବସ୍ତୁ ।

**କଥାବାର୍ତ୍ତା** *ବି.* ୧. ପରସ୍ପର ସହିତ ଆଲୋଚନା ୨. ମନ୍ତ୍ରଣା ।

**କଥାଭାଷା** *ବି.* କଥାହେବା, ଆଳାପ ଆଲୋଚନା ।

**କଥା ରଖିବା** *କ୍ରି.* ଦେଇଥିବା ଜବାବ ଅନୁସାରେ କାର୍ଯ୍ୟ କରିବା, ପ୍ରତିଶ୍ରୁତି ରକ୍ଷା କରିବା ।

**କଥାସୋର, କଥାଲହସ** *ବି.* କଥା ପ୍ରସଙ୍ଗ, ଗଳ୍ପ ବାଉଳା ।

**କଥିତ** *ବିଂ.* ୧. ଯାହା କୁହାଯାଇଛି ୨. ବର୍ଣ୍ଣିତ ୩. କୁହାଯାଉଥିବା ।

**କଥିତ ଭାଷା** *ବି.* କଥାବାର୍ତ୍ତାରେ ବ୍ୟବହୃତ ଭାଷା, ତୁଣ୍ଡର ଭାଷା ।

**କଥୋପକଥନ** *ବି.* ପରସ୍ପରର କଥାବାର୍ତ୍ତା, ଆଳାପ, ଆଲୋଚନା ।

**କଥ୍ୟ** *ବିଂ.* ୧. ଯାହା କୁହାଯାଏ ୨. ଯାହା କୁହାଯିବ ୩. କହିବାଯୋଗ୍ୟ।

**କଦ୍‌ରିଆ** *ବିଂ.* **ଅଳସୁଆ, ଦୀର୍ଘସୂତ୍ରୀ ।**

**କଦନ** *ବି.* ୧. ପୀଡ଼ା ୨. କ୍ଳେଶ ୩. ପାପ ।

**କଦବା** *ଅ.* କ୍ୱଚିତ୍, ବେଳେବେଳେ, ସମୟେସମୟେ ।

**କଦମ** *ବି.* ୧. ପାହୁଣ୍ଡ, ପଦପାତ ୨. ଘୋଡ଼ାର ଗତି ୩. କଦମ୍ବ ଗଛ ଓ ଫୁଲ ।

**କଦମା, କଦମ୍ବା** *ବି.* ବତୁରା ଚୂଡ଼ା ଓ ମିଠା ମିଶ୍ରିତ ଖାଦ୍ୟ ବିଶେଷ ୨. ଦାମୁଡି ; *ବିଂ.* ୧. ତରୁଣ, ଅଳ୍ପବୟସ୍କ ।

**କଦମ୍ବ** *ବି.* ୧. କଦମ୍ବ ଫୁଲ ଓ ଗଛ ୨. ସମୂହ ୩. ପଲ ।

**କଦର** *ବି.* ୧. ମର୍ଯ୍ୟାଦା, ସମ୍ମାନ ୨. କୌଶଳ, ଉପାୟ ୩. ପାଣି ହାଣ୍ଡିର ତଳେ ଜମି ରହିଥିବା ମଇଳା ।

**କଦର୍ଥ** *ବି.* ୧. ବିକୃତ ଅର୍ଥ, କୁତ୍ସିତ ଅର୍ଥ ୨. ଭ୍ରମାର୍ଥ ।

**କଦର୍ଥନ** *ବି.* ୧. ପୀଡ଼ାଦାନ ୨. ନିର୍ଯ୍ୟାତନ ୩. କଦର୍ଥ କରିବା ।

**କଦର୍ଥନା** *ବି.* ୧. ପୀଡ଼ା ୨. ଯାତନା ୩. ଅବମାନନା ୪. ଅନୁଶୋଚନା ।

**କଦର୍ଯ୍ୟ** *ବିଂ.* ୧. କୁତ୍ସିତ, ଅସୁନ୍ଦର ୨. ଖରାପ, ନିକୃଷ୍ଟ ଧରଣର, ବାଜେ ।

**କଦକ୍ଷର** *ବି.* ଅସୁନ୍ଦର ଅକ୍ଷର, ଖରାପ ଅକ୍ଷର ।

**କଦାକାର, କଦାକୃତି** *ବିଂ.* ୧. ଅସୁନ୍ଦର ୨. ବେଢ଼ଙ୍ଗିଆ, ବିକୃତ ରୂପବିଶିଷ୍ଟ ।

**କଦାଚ** *ଅ.* କଦାପି, କେଭେଁ ।

**କଦାଚନ, କଦାଚିତ୍** *ଅ.* ଦୈବାତ୍, କେବେସୁଦ୍ଧା ।

**କଦାଚରଣ** *ବି.* କଦର୍ଯ୍ୟ ସ୍ୱଭାବ, ଅଭଦ୍ର ଆଚରଣ, ଖରାପ ବ୍ୟବହାର ।

**କଦାଚାରୀ** *ବିଂ.* ଯାହାର ଆଚରଣ ଅଶାଳୀନ, ଅଭଦ୍ର ।

**କଦାଚିତ୍** *ଅ.* କୌଣସି ଅବସରରେ, କେବେ ହେଲେ, କେବେହିଁ, କଦାପି ।

**କଦାପି** *ଅ.* କେବେ ହେଁ, କଦାଚ ।

**କଦୁକ୍ତି** *ବି.* ଖରାପ ବା ଅଶ୍ଳୀଳ କଥା ।

**କଦେଲ୍** *ବି.* କଦଳୀ ।

**କଧ୍ରା** *ବି.* ଆଳସ୍ୟ, ଅବସନ୍ନତା, କ୍ଳାନ୍ତି ।

**କଧ୍ରିଆ** *ବିଂ.* ପରିଶ୍ରମକାତର, କର୍ମକୁଣ୍ଠ, ଅଳସୁଆ, କାମଚୋର ।

**କଧ୍ରିବା** *କ୍ରି.* କାମକୁ ଅମଙ୍ଗ ହେବା ।

**କନ୍‌କନାଇବା** *କ୍ରି.* ୧. ଅତ୍ୟଧିକ ଶୀତ ହେବା ୨. କଷ୍ଟ ହେବା ୩. ରୋମାଞ୍ଚିତ ହେବା ।

**କନ୍‌ପିଛାର୍** *ଅ.* ସବୁଠାରେ, ପ୍ରତ୍ୟେକ କୋଣ ତଥା ପାଖରେ ।

**କନ୍‌ଭେନ୍‌ସନ୍** *ବି.* ୧. ପରମ୍ପରା, ରୀତିନୀତି ୨. ଜନସମାବେଶ, ସମ୍ମିଳନୀ ।

**କନ୍‌ଭୋକେସନ୍** *ବି.* ସମାବର୍ତ୍ତନ, ବିଭିନ୍ନ ପରୀକ୍ଷାରେ ଉତ୍ତୀର୍ଣ୍ଣ ବିଦ୍ୟାର୍ଥୀମାନଙ୍କୁ ବିଶ୍ୱବିଦ୍ୟାଳୟର ଉପାଧି, ସମ୍ମାନ ପ୍ରଭୃତି ପ୍ରଦାନ ।

**କନ୍‌ସଲ୍‌ଟାଣ୍ଟ** *ବି.* ବିଶେଷ କାର୍ଯ୍ୟ ବା ବୃତ୍ତି ନିମନ୍ତେ ବୈଷୟିକ ପରାମର୍ଶଦାତା ।

**କନକ** *ବି.* ହଳଦୀ ରଙ୍ଗର ଧାତୁ ବିଶେଷ, ସୁନା ।

**କନକଚମ୍ପା** *ବି.* ହଳଦିଆ ରଙ୍ଗର ସୁଗନ୍ଧିତ ଚମ୍ପାଫୁଲ ।

**କନକନ** *ବିଂ.କ୍ରି.ବି.* ଚଞ୍ଚଳ ଓ ଉଦ୍‌ବିଗ୍ନ, **ଛନଛନ** ।

**କନକନିଆ** *ବିଂ.* ୧. ତରବରିଆ, ଇତସ୍ତତଃ (ଭାବ) ୨. ଭୀଷଣ (ଜାଡ଼) ।

**କନକବତର** *ବି.* ଧାନ ପାଚି ସୁନାରଙ୍ଗ ଧାରଣ କରିବା ଅବସ୍ଥା ।

**କନକମଣ୍ଡପ** *ବି.* ୧. ମନ୍ଦିରର ଗମ୍ଭୀରାରେ ନିର୍ମିତ ବେଦି ୨. କାଠ ମଣ୍ଡପ-ଯାହା ଉପରେ ପୂଜିତ ବିଗ୍ରହ ବିଜେ କରିଥାନ୍ତି ।

**କନା** *ବି.* ୧. ବସ୍ତ୍ରର ଅଂଶ ୨. ଛିଡ଼ାଲୁଗା ୩. କପଡ଼ା ୪. ପୋଷାକ ସିଲାଇ ପାଇଁ କପଡ଼ା ।

**କନାଝଲୋ** *ବି.* ଜଙ୍ଗଲର ଗୁମ୍ଫା, ଖାଲ ।

**କନାଟ** *ବି.* ୧. ତମ୍ବୁ ୨. କନାର ପରଦା ୩. କନା; *ବିଂ.* ବସ୍ତ୍ର ନିର୍ମିତ ।

**କନାଟବାଡ଼** *ବି.* ତମ୍ବୁ ଚାରିପଟେ ଘେରାଯାଉଥିବା କନାବାଡ ।

**କନିଅର** *ବି.* କାହାଳୀପରି ଦିଶୁଥିବା ଛୋଟ ଫୁଲ ଓ ତାହାର ଗଛ ।

**କନିଆଁଦେଖା** *ବି.* ବିବାହ ନିମିତ୍ତ କନ୍ୟା ନିର୍ବାଚନ ।

**କନିଆଁ ମାଇପ** *ବିଂ.* ୧. ବାଲ୍ୟବିବାହ କରିଥିବା ନାରୀ ୨. ଅଳ୍ପବୟସ୍କା ବିବାହିତା ନାରୀ ।

**କନିଆ** *ବି.* ୧. ସ୍ତ୍ରୀ, ଭାର୍ଯ୍ୟା ୨. ବୋହୂ, ବଧୂ ।

**କନିଆ କରିବା** *କ୍ରି.* ବୋହୂ ଖୋଜିବା, ବୋହୂ ଠିକ୍ କରିବା ।

**କନିଆଘର** *ବି.* ବୋହୂ ବା ବଧୂର ବାପଘର, (ବିବାହ ବେଳେ) କନ୍ୟାପକ୍ଷ ।

**କନିଆଛିଡା** *ବି.* ବିବାହ ନିମନ୍ତେ କନ୍ୟା ନିର୍ବାଚନ, ନିର୍ବନ୍ଧ ।

**କନିଆଟୁକି[କେ]ଲ** *ବି.* (ବିବାହ ଉତ୍ସବରେ) କନ୍ୟା, ବଧୂ ।

**କନିଆ ପହୁଁଚା** *ବି.* ବିଭାଘର ପରେ କନ୍ୟା ବା ବୋହୂକୁ ନେଇ ବର ଘରେ ପହୁଞ୍ଚାଇବା ବିଧି ।

**କନିଆ ମାଙ୍ଗନି** *ବି.* ୧. ବିଭାଘରପାଇଁ ଝିଅ ଘରକୁ ଯାଇଁ ପ୍ରସ୍ତାବ ଦେବା ୨. କନ୍ୟା ନିର୍ବନ୍ଧ, ମାଙ୍ଗନି ।

**କନିଜି** *ବି.* ମାଟି ତିଆରି ପଲମ୍, ତେଲେନ୍, ବଡ଼ ଓ ଗହୀରିଆ ସରା ।

**କନିଷ୍ଠ** *ବିଂ.* ସବୁଠୁଁ ସାନ, ଛୋଟ ।

**କନିଷ୍ଠା** *ବି.* ୧. କାଣିଆଙ୍ଗୁଠି ୨. ସବା ସାନଭଉଣୀ ; *ବିଂ.* ବୟସରେ ସବୁଠୁ ସାନ ।

**କନୀନିକା** *ବି.* ୧. ଆଖିର ତାରା ୨. କାଣିଆଙ୍ଗୁଠି ୩. ସାନ ଭଉଣୀ ।

**କନୀୟସୀ** *ବି.* ଛୋଟ ଭଉଣୀ ।

**କନୀୟାନ୍** *ବିଂ.* ସାନ, ଛୋଟ; *ବି.* ସାନଭାଇ ।

**କନେଷ୍ଟବଳ** *ବି.* ସିପେଇ, ସିପାହୀ, ପୁଲିସ୍ ବିଭାଗର ତଳିଆ କର୍ମଚାରୀ ।

**କନ୍ତାର** *ବି.* ଦୁର୍ଭିକ୍ଷ ; *ବିଂ.* ଦୁଷ୍ପ୍ରାପ୍ୟ ।

**କନ୍ତାରି** *ବି.* ଏକ ପ୍ରକାରର ଆଖୁ ।

**କନ୍ଥଡା, କନ୍ଥରା** *ବି.* ଚିରାକନା ଓ ଚିରା ଲୁଗାରେ ସିଲେଇ ଶେଯ ବା ଶୀତବସ୍ତ୍ର ।

**କନ୍ଥଲି** *ବି.* କନ୍ଥଡ଼ା, ଚିରାକନା, ପୁରୁଣା ଲୁଗାପ୍ରଭୃତି ସିଲାଇକରି ପ୍ରସ୍ତୁତ କନ୍ଥା ବା ପାରିବା ଶେଯ ।

**କନ୍ଦକନ୍ଦିଆ** *କ୍ରି.ବିଂ.* କାନ୍ଦକାନ୍ଦ, କାନ୍ଦିବାର ପୂର୍ବ ଅବସ୍ଥାରେ ।

**କନ୍ଦରିଆ** *ବିଂ.* କାନ୍ଦୁରା, ସାମାନ୍ୟ କଥା ବା ଆଘାତରେ ଯେ କାନ୍ଦେ (ବ୍ୟକ୍ତି), *ସ୍ତ୍ରୀ.* କାନ୍ଦରୀ ।

**କନ୍ଦ** *ବି.* ୧. ନବାତ ୨. ଗଛର ଭୂମିତଳ ସୁସ୍ୱାଦୁ ମୂଳ ।

**କନ୍ଦମୂଳ** *ବି.* ମିଠା ମୂଳବିଶେଷ, କନ୍ଦା ।

**କନ୍ଦର, କନ୍ଦରା, କନ୍ଦରି** *ବି.* ପାହାଡ଼, ପର୍ବତର ଗୁହା; ପାହାଡ଼ ବା ପର୍ବତରେ ଥିବା ଖୋଲ ।

**କନ୍ଦର୍ପ** *ବି.* ପୁରାଣ ବର୍ଣ୍ଣିତ ପ୍ରେମର ଦେବତା, କାମଦେବ ।

**କନ୍ଦଳ** *ବି.* ୧. କଳି, ବିବାଦ ୨. ଯୁଦ୍ଧ ୩. ମଧୁର ଶବ୍ଦ ୪. ଶଗଡ଼ ଅଖରୁ ଚକ ବାହାରି ନ ଯିବାପାଇଁ ଦିଆଯାଉଥିବା କୀଳା ୫. ଯୁଆଳିର ଖିଲ, ବାକୁଲି, ଚନାଖୁଟି ୬. ପୂଜଭର୍ତ୍ତି ଘା' ।

**କନ୍ଦଳିଆ** *ବିଂ.* କଳିହା, କଳିହୁଡ଼ୀ (ସ୍ତ୍ରୀ) ।

**କନ୍ଦଳିବା** *କ୍ରି.* ଗଜୁରିବା, ପିଲଦେବା ।

**କନ୍ଦଳୀ** *ବି.* ୧. ପାଣିକେନ୍ଦୁଲୀ ଫୁଲ ଓ ତା' ମଞ୍ଜି ୨. ପଦ୍ମବୀଜ ।

**କନ୍ଦା** *ବି.* ୧. ଯେ କୌଣସି ଭୂଇଁତଳ କାଣ୍ଡ ଓ ତାହାର ମୂଳ ୨. ଦେହର ସନ୍ଧିସ୍ଥାନରେ ହେଉଥିବା ଚର୍ମରୋଗ ୩. କାନ୍ଦଣା ୪. ତାଳ, ନଡ଼ିଆ ଓ ଖଜୁରି ପ୍ରଭୃତି ଗଛର ଅଗରେ ଥିବା କୋମଳ ଅଂଶ ୫. ବୋବା, ମୂକ, କଥା କହିପାରୁନଥିବା(ଲୋକ) ୬. କନ୍ଦମୂଳ ।

**କନ୍ଦା ଖାଇବା** *କ୍ରି.* ୧. ଆଶାକରି ନିରାଶହେବା ୨. ଫତୁଆ ହେବା ୩. ପାଦ ଆଙ୍ଗୁଠି ସନ୍ଧିରେ ଘା' ହେବା ।

**କନ୍ଦାବୋବା, କନ୍ଦାକଟା** *ବି.* ଉଚ୍ଚସ୍ୱରରେ ବିଳାପ, ବାହୁନା, କନ୍ଦାକଟା, କାନ୍ଦବୋବାଳି ।

**କନ୍ଦି** *ବି.* ୧. ଛୋଟଗଳି ୨. ଅଣଓସାରିଆ ଜାଗା ୩. ଘର ମଧ୍ୟସ୍ଥ ସଂକୀର୍ଣ୍ଣ ସ୍ଥାନ ୪. କଥା କହି ପାରୁ ନ ଥିବା ନାରୀ ('କନ୍ଦା'ର ସ୍ତ୍ରୀଲିଙ୍ଗ) ।

**କନ୍ଦୁକ** *ବି.* ପେଣ୍ଡୁ, ବଲ୍ ।

**କନ୍ଦେଇବା** *କ୍ରି.* ୧. ଅନ୍ୟକୁ ଶୋକାକୁଳ କରିବା ୨. ନଡ଼ିଆ ଗଛ ଇତ୍ୟାଦି ନୂଆ ପତ୍ରଫୁଲ ଧରିବା ୩. କଷ୍ଟ ବା ଦୁଃଖ ଦେବା ।

**କନ୍ଧ** *ବି.* ୧. କାନ୍ଧ ୨. ଜନଜାତି ବିଶେଷ ।

**କନ୍ଧା** *ବି.* ଚୁଲିର ଝିଙ୍କାଗୁଡ଼ିକର ମଝିଅଂଶ ।

**କନ୍ଧୁଣୀ** *ବି.* କନ୍ଧଜାତିର ନାରୀ ।

**କନ୍ୟା** *ବି.* ୧. ଝିଅ, ଦୁହିତା ୨. ବିବାହପାଇଁ ମନୋନୀତା ବାଳିକା, କନିଆ ।

**କନ୍ୟାଦାତା** ***ବି.*** ବିବାହ ବେଳେ କନ୍ୟା ପ୍ରଦାନ କରୁଥିବା ବ୍ୟକ୍ତି, କନ୍ୟାର ପିତା ।

**କନ୍ୟାଦାନ** ***ବି.*** ୧. ବିବାହ ବେଳେ କନ୍ୟାକୁ ଜାମାତା ହାତରେ ଅର୍ପଣ ୨. ଝିଅବାହା ।

**କନ୍ୟାଦାୟ** ***ବି.*** ଝିଅ ବାହାପାଇଁ ବାପାମାଆଙ୍କ ଚିନ୍ତା, ଝିଅ ବାହାଘର ଆୟୋଜନର ଦୁରୁହ ଦାୟିତ୍ୱ ।

**କନ୍ୟାଦେଖା** ***ବି.*** ବରପାଇଁ କନ୍ୟା ବାଛିବା ନିମନ୍ତେ ଦେଖିବା କାର୍ଯ୍ୟ ।

**କନ୍ୟାପକ୍ଷ** ***ବି.*** ବିବାହବେଳେ କନ୍ୟାଘର ଲୋକ ।

**କନ୍ୟାପାତ୍ରୀ** ***ବି.*** ବିବାହ ସ୍ଥିର ହୋଇଥିବା ଝିଅ, କନିଆ ଟୁକେଲ୍ ।

**କନ୍ୟାପିତା** ***ବି.*** ବାହାଦେଉଥିବା ଝିଅର ବାପା ।

**କନ୍ୟାଯାତ୍ରୀ** ***ବି.*** ବାହାଘରରେ କନ୍ୟାପକ୍ଷର ନିମନ୍ତ୍ରିତ ବ୍ୟକ୍ତି, ଯେଉଁମାନେ କନ୍ୟା /ବଧୂକୁ ଶାଶୁଘରେ ବିଦା କରିବାପାଇଁ ଯାଇଥାନ୍ତି ।

**କନ୍ୟାଶୁଳ୍କ** ***ବି.*** ଝିଅ ବାହାଦେଇ ବରପକ୍ଷରୁ ଅଣାଯାଉଥିବା ଅର୍ଥ ।

**କନ୍ୟାସୁନା** ***ବି.*** କନ୍ୟାଶୁଳ୍କ ।

**କପ୍** ***ବି.*** ୧. ପିଆଲା ୨. ପ୍ରତିଯୋଗିତାରେ ସଫଳ ପ୍ରତିଯୋଗୀମାନଙ୍କୁ ଦିଆହେଉଥବା ପିଆଲା ଆକୃତିର ପଦାର୍ଥ ।

**କପ୍‌କପି** ***ବି.*** ୧. ପ୍ରଜାପତି ୨. କମ୍ପନ ।

**କପ୍‌ଟା** ***ବି.*** ଛୋଟ ଆକାରର ଲୁଗା ବା ଶାଢ଼ୀ ।

**କପ୍‌ଡ଼ାଲତା** ***ବି.*** ଲୁଗାପଟା, କପଡ଼ାକପଡ଼ି ।

**କପ୍‌ତାନ** ***ବି.*** ଧନୁଷ୍ଟଙ୍କାର ରୋଗ ।

**କପ୍‌ରା** ***ବି.*** ପରାତ, ବଡ଼ ପିତ୍ତଳଥାଳି ।

**କପ୍‌ଲା** ***ବି.*** ଗଛର କୋରଡ଼, ଗଛର ଖୋଲ ।

**କପ୍‌ଲାବା** ***କ୍ରି.*** ୧. ପାକୁଳିକରିବା ୨. ମାଡ଼ଖାଇ ଭୟରେ ଥରିବା ।

**କପ୍‌ସି ଦେବା** ***କ୍ରି.*** ୧. ଭୟଯୋଗୁଁ ପାଟି ପଡ଼ିଯିବା ୨. ନିରବ ବା ନିରୁତ୍ତର ରହିବା ।

**କପଟ** ***ବିଂ.*** ୧. ଛଳ, ଛଦ୍ମ, କୃତ୍ରିମ ୨. ଭଣ୍ଡ ।

**କପଟତା** ***ବି.*** ୧. ନିଜକୁ ପରିପୂର୍ଣ୍ଣ ଭାବରେ ଖୋଲି ନ ଦେବା, ମନକଥା ଗୋପନରଖିବା, ଶଠତା ୨. କୃତ୍ରିମଭାବ ।

**କପଟାଚରଣ** ***ବି.*** ଛଳନାପୂର୍ଣ୍ଣ ବ୍ୟବହାର, କପଟିଆ ଢ଼ଙ୍ଗ ।

**କପଟାଚାର** ***ବି.*** କପଟିଆ ଆଚରଣ, ଭଣ୍ଡାମି, ଶଠତା, ଧୂର୍ତ୍ତତା ।

**କପଟିଆ, କପଟୀ** ***ବିଂ.*** ୧. କପଟତାପୂର୍ଣ୍ଣ ୨. ପେଟରେ ଗୋଟିଏ କଥା ରଖି ଉପରକୁ ମଧୁର କଥା କହୁଥିବା ୩. ମନର କଥା ଗୋପନ ରଖୁଥିବା ।

**କପଟୀ, କପଟାଚାରୀ** ***ବିଂ.*** ୧. ଶଠ ୨. ଭଣ୍ଡ ୩. କୃତ୍ରିମଭାବ ପ୍ରକାଶକ ୪. ମନୋଭାବ ଗୋପନକାରୀ ।

**କପଡ଼ା** ***ବି.*** ୧. ଲୁଗା ୨. ଜାମା ପ୍ରଭୃତିର କନା ।

**କପର୍** ***ବି.*** ୧. ତମ୍ବା ୨. ଚଷା ହୋଇଥିବା ଜମିର ମାଟିକୁ ସମତଳ କରିବାପାଇଁ ବ୍ୟବହୃତ ହଳଟଣା ଉପକରଣ ।

**କପର୍‌ଟି** ***ବି.*** ଗର୍ଭନିରୋଧ ଉଦ୍ଦେଶ୍ୟରେ ନାରୀର ଜନନେନ୍ଦ୍ରିୟ ଭିତରେ ରଖାଯାଉଥିବା ତମ୍ବା ତିଆରି 'ଟି' ଆକାରର ବସ୍ତୁ ।

**କପର୍ଦ୍ଦ, କପର୍ଦ୍ଦକ** ***ବି.*** ୧. କଉଡ଼ି ୨. ପଇସା ୩. ମହାଦେବଙ୍କ ଜଟା ।

**କପର୍ଦ୍ଦକହୀନ, କପର୍ଦ୍ଦକଶୂନ୍ୟ** ***ବିଂ.*** ଅତି ଗରିବ-ଯାହା ପାଖରେ କାଣି କଉଡିଟିଏ ନଥାଏ ।

**କପା** ***ବି.*** ୧. ତୂଳା, କାର୍ପାସ୍ ୨. ତୂଳା-ଉତ୍ପାଦକ ଗଛ ।

**କପାଖାଇ** ***ବି.*** କପାରୁ ମଞ୍ଜି ଅଲଗା କରୁଥିବା ଉପକରଣ ।

**କପାଫୁଟ** ***ବି.*** ମଞ୍ଜିକପା, କପାଫଳ ।

**କପାଳ** ***ବି.*** ୧. ଲଲାଟ, ଦୁଇ ଭ୍ରୂର ଉପରିସ୍ଥ ଅଂଶ ୨. ମୁଣ୍ଡ ଖପୁରି ୩. ଖପରା ୪. ଭାଗ୍ୟ ୫. କଳସର ତଳ ମଧ୍ୟାଂଶ ।

**କପାଳଜୋର୍** ***ବି.*** ଉତ୍ତମ ଭାଗ୍ୟ, ଭାଗ୍ୟଟାଣ ।

**କପାଳଫଟା** ***ବିଂ.*** ଯାହାର ଭାଗ୍ୟ ଅନୁକୂଳ ନୁହେଁ, ଦୁର୍ଭାଗା, ଭାଗ୍ୟହୀନ, ହୀନକପାଳିଆ ।

**କପାଳ ଫାଟିବା** ***କ୍ରି.*** ଦୁର୍ଭାଗ୍ୟ ଆସି ପହଞ୍ଚିବା, ହଠାତ୍ ବିପତ୍ତି ଆସିବା ।

**କପାଳଲେଖନ** ***ବି.*** ଯାହା କପାଳରେ ଲେଖା ହୋଇଛି ବୋଲି ବିଶ୍ୱାସ, ଭାଗ୍ୟଲିଖନ ।

**କପାଳିଆ** ***ବିଂ.*** ଭାଗ୍ୟବାନ, ଭାଗ୍ୟବନ୍ତ ।

**କପାଳିନୀ** ***ବି.*** ଦୁର୍ଗା, ଶିବାନୀ, ପାର୍ବତୀ ।

**କପାଳୀ** ***ବି.*** ଖପୁରିଧାରୀ ଶିବ ।

**କପାସିଆ** ***ବି.*** ୧. ଘର ଘର ବୁଲି କପା କିଣିବା ଲୋକ ୨. ଧୂଆଁପତ୍ରବିକାଳୀ ; ***ବିଂ.*** କପା ତିଆରି ।

**କପି** ***ବି.*** ୧. ପ୍ରତିଲିପି, ନକଲ ୨. ମାଙ୍କଡ଼ ୩. ଛାପା ହେବାପାଇଁ ଲେଖା କାଗଜ, ମୁଦ୍ରଣସାମଗ୍ରୀ ।

**କପିଅର** ***ବି.*** ପ୍ରତିଲିପି ତିଆରି କରିବା ଯନ୍ତ୍ର, ଫଟୋ କପିଅର୍ ।

**କପିଆ** ***ବିଂ.*** ପରୀକ୍ଷାରେ ନକଲ କରିବା ଅଭ୍ୟାସ ଥିବା (ବ୍ୟକ୍ତି) ।

**କପିକଚ୍ଛୁ** ***ବି.*** ଏକ ପ୍ରକାରର ଲତା-ଯାହାର ପତ୍ର ଦେହରେ ଲାଗିଲେ କଣ୍ଡୁ କରେ, ବାଇଡଙ୍କ ।

**କପି କରିବା** ***କ୍ରି.*** ୧. ନକଲ କରିବା ୨. ଆଗରୁ ଲେଖିଆଣି ପରୀକ୍ଷାରେ ଉତ୍ତାରିବା ।

**କପିକଳ** ***ବି.*** ଶଗଡ଼ି, ଓଜନିଆ ଜିନିଷକୁ ଉପରକୁ ଉଠାଇବା ଯନ୍ତ୍ର, କଣ୍ଟାବିଲେଇଆ ।

**କପିଥ** ***ବି.*** ଉପର ଅଂଶ ଟାଣଥିବା ମଞ୍ଜିବହୁଳ ଖଟାଳିଆ ଫଳ ବିଶେଷ, କଇଥ ଫଳ ଓ ତାହାର ଗଛ ।

**କପିଧ୍ୱଜ** ***ବି.*** ମହାଭାରତରେ ଅର୍ଜୁନଙ୍କ ରଥ (ଯାହାର ଧ୍ୱଜ ବା ପତାକାରେ ହନୁମାନଙ୍କ ପ୍ରତିକୃତି ରହିଥିଲା ବୋଲି ବର୍ଣ୍ଣିତ) ।

**କପିରାଜ** ***ବି.*** ୧. ସୁଗ୍ରୀବ ୨. ହନୁମାନ ।

**କପିଳ** ***ବି.*** ୧. ପିଙ୍ଗଳବର୍ଣ୍ଣ ୨. ବିଷ୍ଣୁ ୩. ଅଗ୍ନି ୪. ସଗର ବଂଶ ଧ୍ୱଂସକାରୀ ମୁନି ୫. ସାଂଖ୍ୟ ଦର୍ଶନକାର ମୁନି ; ***ବିଂ.*** ପିଙ୍ଗଳ ବର୍ଣ୍ଣ ବିଶିଷ୍ଟ ।

**କପିଷ୍ଟ୍** ***ବି.*** ୧. ନକଲ କରିବା ପାଇଁ ନିଯୁକ୍ତ କର୍ମଚାରୀ ୨. କପିଆ, ପରୀକ୍ଷାରେ ନକଲ କରିବାରେ ଅଭ୍ୟସ୍ତ ବ୍ୟକ୍ତି ।

**କପୁ** ***ବି.*** ୧. ଶିଉଳି ୨. ପଙ୍କ ୩. ପଟୁମାଟି ।

**କପୁର୍‌ଛାନ୍** ***ବିଂ.*** କପଡାଛଣା, ଲୁଗା ବା କପଡ଼ାରେ ଛଣା ହୋଇଥିବା ।

**କପୋତ** ***ବି.*** କାପତା ଚଢ଼େଇ, ପଣ୍ଡ୍‌କା ।

**କପୋତବୃତ୍ତି** ***ବି.*** ସଞ୍ଚୟ କରି ପାରୁନଥିବା ଭଳି ଜୀବିକା ।

**କପୋଳ** ***ବି.*** ଗାଲ, ଗଣ୍ଡ ।

**କପୋଳକଳ୍ପନା** ***ବି.*** ୧. ଗାଲୁଗଳ୍ପ ୨. ଅବାସ୍ତବ ଘଟଣାର କଳ୍ପନା ।

**କପୋଳକଳ୍ପିତ** ***ବିଂ.*** ମନଗଢ଼ା, ସମ୍ପୂର୍ଣ୍ଣ ଭାବେ କଳ୍ପନାପ୍ରସୂତ ।

**କପ୍ତା, କାପ୍ତା** ***ବି.*** କପୋତପକ୍ଷୀ, ପଣ୍ଡ୍‌କା ।

**କପ୍ତାନ, କାପ୍ତାନ** ***ବି.*** ୧. ଜାହାଜର ଅଧ୍ୟକ୍ଷ ବା କେପ୍‌ଟେନ୍ ୨. ସେନାନାୟକ ।

**କଫ** ***ବି.*** ଲସମା, ଶ୍ଳେଷ୍ମା ।

**କଫି** ***ବି.*** ୧. ଏକ ପ୍ରକାର ଗଛ ଓ ତାହାର ଫଳ ତଥା ମଞ୍ଜି ୨. ସେହି ଗଛର ମଞ୍ଜିର ଗୁଣ୍ଡ ଓ ସେଥିରେ ପ୍ରସ୍ତୁତ ପାନୀୟ ।

**କଫିନ୍** ***ବି.*** ଶବାଧାର, ଯେଉଁ ବାକ୍ସରେ ମୁର୍ଦାର ରଖି କବର ଦିଆଯାଏ।

**କବ୍‌ରା** ***ବି.*** ୧. ବେରଙ୍ଗ ୨. ଧଳା ଓ ମାଟିଆ ମିଶା ରଙ୍ଗ ।

**କବ୍‌ରା ଚିତ୍‌ରା** ***ବିଂ.*** ଚିତ୍ରବିଚିତ୍ର, ବିଭିନ୍ନ ରଙ୍ଗର ଦାଗ ବା ଚିହ୍ନବିଶିଷ୍ଟ, ଛାପିଛାପିକିଆ ।

**କବଚ** ***ବି.*** ୧. ସାଞ୍ଜୁ ୨. ତାବିଜ ୩. ନାଗରା ୪. ଦେବ ବା ଦେବୀ ସ୍ତୁତି ; ***କ୍ରି.ବିଂ.*** ଅସଂହିତ ବା ଅପୌରୁଷିକ ଭାବରେ (କହିବା, ଲେଖିବା) ।

**କବଜ** ***ବି.*** ୧. ଅକ୍ତିଆର ୨. ବନ୍ଧନ ୩. କଠିନତା ।

**କବଜା** ***ବି.*** ୧. ମଣିବନ୍ଧର ଗଣ୍ଠି ୨. ଅକ୍ତିଆର ୩. ଦ୍ୱାରବନ୍ଧ ଓ କବାଟ ଫାଳକୁ ଯୋଡୁଥିବା ଧାତୁପତ୍ର ।

**କବଜା କରିବା** ***କ୍ରି.*** ଆପଣା ସାମର୍ଥ୍ୟ ବଳରେ ଅନ୍ୟକୁ ଆୟତ୍ତ କରିବା, ନିଜ ସାମର୍ଥ୍ୟକୁ ଆଣିବା।

**କବଟା** ***ବି.*** କପ୍‌ଟା, ମାଇପିପିନ୍ଧା ଛୋଟଲୁଗା ।

**କବନ୍ଧ** ***ବି.*** ୧. ଦେହର ମୁଣ୍ଡ ଓ ଗୋଡ଼ନଥିବା ଅଂଶ, ଗଣ୍ଡି ୨. ଜଳ ୩. ଧୂମକେତୁ ।

**କବୟିତ୍ରୀ** ***ବି.*** କବିତା ଲେଖୁଥିବା ନାରୀ ।

**କବର** ***ବି.*** ସମାଧିସ୍ଥାନ, ଶବ ପୋତାହେବା ଗାତ ।

**କବରୀ** ***ବି.*** ନାରୀର ଜୁଡ଼ା, ଖୋଷା ।

**କବଳ** ***ବି.*** ୧. ଗ୍ରାସ, ଭକ୍ଷଣ ୨. କଳ ବା ମୁଖଗହ୍ୱର ୩. ବାଳିଆ ମାଛ ୪. କଳେବଳେ ଅକ୍ତିଆର ।

**କବଳିତ** ***ବିଂ.*** ୧. ଭକ୍ଷିତ, ଗ୍ରସ୍ତ ୨. ଅକ୍ତିଆରକୃତ, ଅଧିକାରଭୁକ୍ତ, ଖାପଚ ବା ଅଧିକାର ହାସଲ କରିଥିବା ।

**କବଲା** ***ବି.*** ଜମି ବିକ୍ରୟ ଦଲିଲ୍ ।

**କବାଟ** ***ବି.*** ୧. ଦରଜା ୨. ଦରଜାର ଆବରଣ ପଟା, କୋଠରୀର ପ୍ରବେଶ ଦ୍ୱାର ଖୋଲିବା ବନ୍ଦ କରିବାପାଇଁ ବ୍ୟବହୃତ ଉପକରଣ ।

**କବାଡ଼** ***ବି.*** ବର୍ଜ୍ୟବସ୍ତୁ, ଅଦରକାରୀ ଜିନିଷ ।

**କବାଡ଼ି** ***ବି.*** ନ ଜଣ ଲେଖାଏଁ ଖେଳାଳି ଗୋଟିଏ ଦଳରେ ଥାଇ ଦୁଇ ଦଳ ଖେଳୁଥିବା ଡୁଡୁ ଭଳି ଏକ ଖେଳ ।

**କବାଡ଼ିଆ, କବାଡ଼ିବାଲା** ***ବି.*** କବାଡ଼ ବା ବ୍ୟବହୃତ ଓ ଅଦରକାରୀ ବସ୍ତୁର କାରବାର କରୁଥିବା ବ୍ୟକ୍ତି ।

**କବାବ** ***ବି.*** ନିଆଁ ବା ଅଙ୍ଗାରରେ ସିଦ୍ଧ ମାଂସ, ମାଛ ଆଦି ।

**କବାବଚିନି** ***ବି.*** ମରିଚ ଆକାରର ମସଲା ବିଶେଷ, ଶୀତଳମରିଚ ।

**କବାର୍** ***ବି.*** ୧. କାମ ୨. ନିତି ଦିନିଆ କାର୍ଯ୍ୟ ।

**କବାର୍‌ତେନ୍** ***ବି.*** ଘରୋଇ ଚାକରାଣୀ, କାମବାଲୀ ।

**କବି** ***ବି.*** ୧. କାବ୍ୟ-କବିତା ରଚୟିତା ୨. ପଣ୍ଡିତ, ବିଦ୍ୱାନ, ଶବ୍ଦ ଶିଳ୍ପୀ ୩. ବ୍ରହ୍ମା ୪. ସୃଷ୍ଟିକର୍ତ୍ତା ।

**କବିତା** ***ବି.*** ସାହିତ୍ୟର କାବ୍ୟିକ ବିଭାଗ ।

**କବିତୁଣ୍ଡ** ***ବି.*** ୧. କବି ଓ ସାହିତ୍ୟିକ କହିଥିବା କଥା ୨. ସାହିତ୍ୟରେ ପ୍ରଦର୍ଶିତ ସତ୍ୟର ବଳିଷ୍ଠତା ଓ ସର୍ବମାନ୍ୟତା ।

**କବିପ୍ରସିଦ୍ଧି** ***ବି.*** ବହୁକାଳରୁ ପ୍ରଚଳିତ କବିକଳ୍ପନା (ଯଥା:ଆକାଶ କୁସୁମ) ।

**କବିରାଜ** ***ବି.*** ୧. ଚିକିତ୍ସକ, ବୈଦ୍ୟ ୨. ଶ୍ରେଷ୍ଠକବି ।

**କବିରାଜି** ***ବି.*** ବୈଦ୍ୟବୃତ୍ତି, ଦେଶୀ ଡାକ୍ତରି ବିଦ୍ୟା ।

**କବିରାଜୀ** *ବିଂ.* ୧. କବିରାଜ ବା ଚିକିତ୍ସା ସମ୍ବନ୍ଧୀୟ ୨. ଆୟୁର୍ବେଦ ଚିକିତ୍ସା ସମ୍ବନ୍ଧୀୟ ।

**କବିନୀ** *ବି.* କବିଙ୍କ ପତ୍ନୀ ।

**କବିଲା** *ବି.* ଭାର୍ଯ୍ୟା, ସ୍ତ୍ରୀ, ପତ୍ନୀ ।

**କବୀ** *ବି.* ନାରୀକବି, କବୟିତ୍ରୀ ।

**କବୁଲ୍** *ବି.* ସ୍ୱୀକାର, ଅଙ୍ଗୀକାର, ମାନିନେବା ।

**କବୁଲତ, କବୁଲିୟତ୍** *ବି.* ସ୍ୱୀକାରପତ୍ର, ଅଙ୍ଗୀକାରପତ୍ର ।

**କବୋଷ୍ଣ** *ବିଂ.* ଅଳ୍ପଗରମ, ନଖଉଷୁମ, ନଖତାତିଲା ।

**କଭର୍** *ବି.* ୧. ଘୋଡଣି ୨. ବହି ପତ୍ରପତ୍ରିକା ପ୍ରଭୃତିର ମୁଖପୃଷ୍ଠା ୩. ସୁରକ୍ଷା ।

**କଭରେଜ୍** *ବି.* ୧. ସମ୍ବାଦ ଭାବରେ ପରିବେଷଣ ୨. ପ୍ରଭାବର ପରିସର ।

**କମ୍** *ବିଂ.* ୧. ଅଳ୍ପ ୨. ଉଣା ୩. ହୀନ ; *କ୍ରି.ବିଂ.* ଅଳ୍ପ ମାତ୍ରାରେ ।

**କମ୍‌ଚି** *ବିଂ.* ଦୋହଲୁଥିବା, ହଲୁଥିବା, ଥରୁଥିବା ।

**କମ୍‌ଜୋରି** *ବି.* ଦୁର୍ବଳତା, ଶାରୀରିକ ବା ମାନସିକ ଅସମର୍ଥତା ।

**କମ୍‌ତି** *ବି.* କମ୍ ହେବା ପରିମାଣ ।

**କମ୍‌ସେ କମ୍** *କ୍ରି.ବିଂ.* ନିକୁଛ ପକ୍ଷେ, ଅତିକମ୍‌ରେ, ସାଧାରଣ ଭାବରେ ।

**କମ** *ବି.* କାରୁକାର୍ଯ୍ୟ, ସୂକ୍ଷ୍ମଶିଳ୍ପ ।

**କମଠ** *ବି.* ୧. ଦେହ ଉପରେ ଟାଣ ଆବରଣ ଥିବା ମୁଖ୍ୟତଃ ଏକ ଜଳଚର ଜୀବ, କଚ୍ଛିମ, କଇଁଚ ୨. ସନ୍ନ୍ୟାସୀଙ୍କ ବ୍ୟବହୃତ କମଣ୍ଡଳୁ ।

**କମଣ** *ବି.* ବାରମ୍ବାର ଚାଷ ।

**କମଣ/କମାଣ କରିବା** *କ୍ରି.* ପୋଷା ମନାଇବା ଏବଂ ଲଢ଼ାଇପାଇଁ ପଶୁପକ୍ଷୀଙ୍କୁ ତାଲିମ ଦେବା ।

**କମଣ୍ଡଳୁ** *ବି.* ସନ୍ନ୍ୟାସୀଙ୍କ ବ୍ୟବହୃତ ଧାତୁ ନିର୍ମିତ ନାଡ଼ଲଗା ଜଳପାତ୍ର ।

**କମତି, କମି** *ବି.* ଅଳ୍ପତା, ନ୍ୟୂନତା, ହ୍ରାସ ।

**କମନ୍** *ବିଂ.* ସାଧାରଣ, ମାମୁଲି ।

**କମନ୍‌ରୁମ୍** *ବି.* ଛାତ୍ରଛାତ୍ରୀ, ଶିକ୍ଷକ ପ୍ରଭୃତିଙ୍କ ଉଠାବସା କରିବା କୋଠରୀ ।

**କମନୀୟ** *ବିଂ.* ୧. ସୁନ୍ଦର, ଚାରୁ, ଲୋଭନୀୟ, ମନୋମୁଗ୍ଧକର ୨. ବାଞ୍ଛନୀୟ, କାମ୍ୟ ।

**କମନୀୟତା** *ବି.* ୧. ସୌନ୍ଦର୍ଯ୍ୟ ୨. ରମଣୀୟତା ୩. ସ୍ପୃହଣୀୟତା ।

**କମର୍‌କଷ** *ବି.* ପଳାସ ଗଛର ଅଠାଳିଆ କ୍ଷୀର ।

**କମର୍ କଷିବା** *କ୍ରି.* ଅଣ୍ଟାଭିଡ଼ିବା, କୌଣସି କାର୍ଯ୍ୟପାଇଁ ପ୍ରସ୍ତୁତ ହେବା ।

**କମର** *ବି.* ଅଣ୍ଟା, କଟି ।

**କମରପଟି** *ବି.* ବସ୍ତ୍ର ଖସି ନଯିବାପାଇଁ ଅଣ୍ଟାରେ ଭିଡ଼ା ଯାଉଥିବା ଡୋର ବା ପଟି, ଅଣ୍ଟାସୂତା, ବେଲ୍‌ଟ ।

**କମର୍ସ** *ବି.* ୧. ବ୍ୟବସାୟ, ବାଣିଜ୍ୟ ୨. ବାଣିଜ୍ୟ ବିଷୟର ପାଠ୍ୟକ୍ରମ ।

**କମର୍ସିଆଲ** *ବିଂ.* ବ୍ୟାବସାୟିକ, ବ୍ୟବସାୟାତ୍ମକ, ବାଣିଜ୍ୟିକ; *ବି.* ଚଳଚ୍ଚିତ୍ର, ଟିଭି କାର୍ଯ୍ୟକ୍ରମ ପ୍ରଭୃତିରେ ମଝିରେ ମଝିରେ ପରିବେଷିତ ବିଜ୍ଞାପନ ।

**କମଳ** *ବି.* ୧. ପଦ୍ମ, ପଙ୍କୁଆ ପୋଖରୀରେ ଜନ୍ମ ନେଉଥିବା ଏକ ପ୍ରକାରର ଫୁଲ – ଯାହାର ନାଡ଼ ଲମ୍ବା ଓ କଣ୍ଟାଳିଆ, ପତ୍ର ପ୍ରାୟ ଗୋଲାକାର, ବଡ଼ ଓ ଚିକ୍‌କଣ ୨. ଜଳ ୩. ଆକାଶ ୪. ଔଷଧ ୫. କମ୍ବଳ ।

**କମଳା** *ବି.* ୧. ଗୋଲାକାର ଓ ଖଟାମିଠା ମିଶ୍ର ସ୍ୱାଦଯୁକ୍ତ ଫଳ, ଲେମ୍ବୁ ଜାତୀୟ ଫଳ ୨. ଲକ୍ଷ୍ମୀ ୩. ସୁନ୍ଦରୀ ।

**କମଳାକର** *ବି.* ୧. ପଦ୍ମପୋଖରୀ ୨. ପଦ୍ମସମୂହ ।

**କମଳାସନ** *ବି.* ବ୍ରହ୍ମା, ସୃଷ୍ଟିକର୍ତ୍ତା ।

**କମଳିନୀ** *ବି.* ୧. ପଦ୍ମଲତା ୨. ପଦ୍ମଭରା ପୋଖରୀ ।

**କମାଇ, କମେଇ** *ବି.* ରୋଜଗାର, ଆୟ, ଉପାର୍ଜନ ।

**କମାଇବା, କମେଇବା** *କ୍ରି.* ୧. ରୋଜଗାର କରିବା ୨. ହ୍ରାସ କରିବା, ଛୋଟକରିବା ୩. ପାଇଖାନା ସଫାକରିବା ୪. ବସନ୍ତ, ମିଳିମିଳା ବା ସେହିଭଳି ରୋଗ ହେବା ୫. କାଟିବା(ଦାଢ଼ି) ।

**କମାଣ** *ବି.* ୧. ଧନୁ ୨. ତୋପ ।

**କମାଣି** *ବି.* ୧. ରୋଜଗାର, ଆୟ ୨. ଭଅଁର ଫୋଡାବେଳେ ବଢ଼େଇଦ୍ୱାରା ବ୍ୟବହୃତ କାଠଦଣ୍ଡ ବିଶେଷ ୩. ବସନ୍ତ, ହାତଫୁଟି ପ୍ରଭୃତି ରୋଗ ।

**କମାଣିଧମାଣି** *ବି.* ଆୟ ବା ରୋଜଗାରର ପନ୍ଥା ।

**କମାଣ୍ଡ୍** *ବି.* ଆଦେଶ, ନିର୍ଦ୍ଦେଶ ।

**କମାଣ୍ଡର୍** *ବି.* ୧. ସାମରିକ ବା ଅର୍ଦ୍ଧ ସାମରିକ ବାହିନୀର ସଞ୍ଚାଳକ ୨. ବିଶେଷ ଉଦ୍ଦେଶ୍ୟରେ ଗଠିତ କୌଣସି ଦଳ ବା ଗୋଷ୍ଠୀର ମୁଖ୍ୟ ନିର୍ଦ୍ଦେଶକ ।

**କମାର** *ବି.* ଲୁହା-କାରିଗର ଜାତି ।

**କମାରଶାଳ** *ବି.* କମାର ଯେଉଁଠାରେ ଭାଟି ଲଗାଇ ଲୁହା କାମ କରେ ।

**କମାଲ୍** *ବିଂ.* ୧. ଖୁବ୍ ଭଲ, ସଫଳ ୨. ବିସ୍ମୟକର ୩. ନିପୁଣ ।

**କମାଲ କରିଦେବା** *କ୍ରି.* କାର୍ଯ୍ୟ ବା ଆଚରଣରେ ସମସ୍ତଙ୍କୁ ବଶୀଭୂତ, ଅଭିଭୂତ ବା ସ୍ତବ୍ଧ କରିଦେବା ।

**କମି** *ବି.* ଅଳ୍ପ, ସ୍ୱଳ୍ପ, ଉଣା ।

**କମିଆ** *ବି.ବିଂ.* କମେଇବା ବା ରୋଜଗାର କରିବା(ବ୍ୟକ୍ତି), ଉପାର୍ଜନକ୍ଷମ ।

**କମିକ୍, କମିକ୍ସ୍ *ବି.*** ଚିତ୍ରକଥା, ଚିତ୍ର ଓ କଥା ମାଧ୍ୟମରେ ସରସ ଶିଶୁକାହାଣୀ ।

**କମିଜ, କାମିଜ *ବି.*** ଜାମା, କୁରୁତା, ସାର୍ଟ୍ ।

**କମିଟ୍‌ମେଣ୍ଟ *ବି.*** ଉତ୍ତରଦାୟିତ୍ୱ, ପ୍ରତିବଦ୍ଧତା, ବଚନବଦ୍ଧତା, ଅଙ୍ଗୀକାରବଦ୍ଧତା ।

**କମିଟି *ବି.*** ଏକାଧିକ ବ୍ୟକ୍ତିଙ୍କୁ ନେଇ କୌଣସି ବିଶେଷ ଉଦ୍ଦେଶ୍ୟରେ ଗଠିତ ସଭା ବା ସମିତି ।

**କମିନା *ବିଂ*** ବଦମାସ୍, ଧୂର୍ତ୍ତ, ଧପାବାଜ ।

**କମିବା *କ୍ରି.*** ଊଣାହେବା, ହ୍ରାସହେବା ।

**କମିବେଶି *ବି.*** ଅଳ୍ପବହୁତ, କମ୍‌ଅଧିକ ।

**କମିଶନ୍ *ବି.*** ୧. ପ୍ରାଧିକରଣ, ଆୟୋଗ, ସରକାରଙ୍କଦ୍ୱାରା ଗଠିତ ବିଚାର ବା ମନୋନୟନ ସଂସ୍ଥା ୨. କିଣାବିକା ବା ଦେଣନେଣରେ ଦିଆଯିବା ଅର୍ଥ ପରିମାଣ ।

**କମିଶନର *ବି.*** ଉଚ୍ଚପାହ୍ୟାର ସରକାରୀ ଅଧିକାରୀ ।

**କମିସନି *ବି.*** ଦସ୍ତୁରି, ମୂଲଦେୟରୁ ସାମାନ୍ୟ ଛାଡ଼ ।

**କମେଇ *ବି.*** ୧. କାମ ବନ୍ଦ, କାମରେ ବିଶ୍ରାମ ୨. ରୋଜଗାର, ଅର୍ଜନ ।

**କମେଣ୍ଟ୍ *ବି.*** ୧. ବିଚାର , ମତାମତ ୨. ସମାଲୋଚନା ।

**କମେଣ୍ଟ୍ ମାରିବା *କ୍ରି.*** ୧. ଆକ୍ଷେପ କରିବା, ଅପମାନଜନକ କଥା ଶୁଣାଇ କହିବା ୨. ବୋଲିବାଣୀ କରିବା ।

**କମେଣ୍ଟ୍ରି *ବି.*** ଖେଳ ଓ ଉତ୍ସବ ପ୍ରଭୃତିର ପ୍ରତ୍ୟକ୍ଷଦର୍ଶୀ ଧାରା ବିବରଣୀ ।

**କମୋଡ୍ *ବି.*** ଚଉକିରେ ବସିବାପରି ଅବସ୍ଥାରେ ଝାଡାଯିବା ଉପକରଣ ।

**କମୋଡ଼ିଟି *ବି.*** ପଣ୍ୟଦ୍ରବ୍ୟ, କିଣାବିକାର ବସ୍ତୁ, ପଦାର୍ଥ ।

**କମ୍‌କମ୍ପା *ବି.*** ବୁଢ଼ିଆଣୀ, ମାଙ୍କଡସା ।

**କମ୍ପ *ବି.*** ୧. ରୋଗହେତୁ କମ୍ପିବା, ଥରିବା ଅବସ୍ଥା ୨. ଭୟରେ ଥରିବା ୩. ପବନଯୋଗୁଁ ହଲିବା ।

**କମ୍ପନ *ବି.*** ଥରିବା, ହଲିବା, କମ୍ପିବା, ଦୋହଲିବା ।

**କମ୍ପମାନ *କ୍ରି. ବିଂ*** କମ୍ପୁଥିବା, ଥରୁଥିବା, କମ୍ପି ଉଠୁଥିବା, ଥରୁଥିବା ଅବସ୍ଥା ।

**କମ୍ପଲସରି *ବିଂ*** ବାଧ୍ୟତାମୂଳକ ।

**କମ୍ପାଇ ଦେବା *କ୍ରି.ବିଂ*** କ୍ରୋଧ, ସଫଳତା ଅଥବା ଦୁଃଖ ଭାବ ପରିପ୍ରକାଶରେ ଅନ୍ୟମାନଙ୍କୁ ଚମତ୍‌କୃତ କରିବା ।

**କମ୍ପାଇବା *କ୍ରି.*** ୧. କମ୍ପ ଜାତକରିବା ୨. ବଡ଼ପାଟି କରିବା, ହଲ୍ଲା କରିବା, ହଇଚଇ କରିବା ୩. ଖୁବ୍ ଭଲ କରିବା ।

**କମ୍ପାଉଣ୍ଡର୍ *ବି.*** ଡାକ୍ତରଖାନାରେ ବିଭିନ୍ନ ଉପାଦାନ ମିଶାଇ ଔଷଧ ତିଆରି କରୁଥିବା ବା ଚିକିତ୍ସାରେ ସାହାଯ୍ୟ କରୁଥିବା କର୍ମଚାରୀ ।

**କମ୍ପାଉଣ୍ଡରି *ବି.*** କମ୍ପାଉଣ୍ଡରର କାର୍ଯ୍ୟ ।

**କମ୍ପାଟ୍‌ମେଣ୍ଟ *ବି.*** ୧. ରେଳବଗି, ଟ୍ରେନ୍‌ଡବା ୨. ସ୍ଥାନ ।

**କମ୍ପାଟମେଣ୍ଟାଲ୍ *ବି.ବିଂ*** ମୋଟ ପାଇଥିବା ମାର୍କ ଅନୁସାରେ କେବଳ ଫେଲ ହୋଇଥିବା ବିଷୟରେ ପୁଣି ପରୀକ୍ଷାଦେବା ବ୍ୟବସ୍ଥା ।

**କମ୍ପାନୀ *ବି.*** ବାଣିଜ୍ୟ ବ୍ୟବସାୟପାଇଁ ଗଠିତ ସଂସ୍ଥା, ଯୌଥ ବ୍ୟବସାୟ ବ୍ୟବସ୍ଥା ।

**କମ୍ପାସ୍ *ବି.*** ୧. ନକ୍ସା ମାପକ ଯନ୍ତ୍ର ୨. ଦିଗ ନିର୍ଣ୍ଣୟକ ଯନ୍ତ୍ର ।

**କମ୍ପାସ୍ ବାକ୍ସ *ବି.*** ଯେଉଁ ବାକ୍ସରେ କମ୍ପାସ ଓ ସ୍କେଲ ପ୍ରଭୃତି ରହେ ।

**କମ୍ପିତ *ବିଂ*** ଥରଥର, ଥରୁଥିବା, ଆନ୍ଦୋଳିତ ।

**କମ୍ପିବା *କ୍ରି.*** ୧. ଥରିବା, ହଲିବା ୨. ରାଗରେ ଅସ୍ଥିର ହେବା ୩. ଖୁବ ଭଲ ବା ଆଡ଼ମ୍ବର ସହକାରେ ପାଳିତ ହେବା ।

**କମ୍ପ୍ଲେନ୍ କରିବା *କ୍ରି.*** ୧. ଅଭିଯୋଗ କରିବା ୨. ଅସନ୍ତୋଷ ପ୍ରକାଶ କରିବା।

**କମ୍ପୋଜ୍ *ବି.*** ଖଞ୍ଜିବା/ଯୋଡ଼ିବା କାର୍ଯ୍ୟ, ରଚନା, ଗଢ଼ଣ, ତିଆରି ।

**କମ୍ପୋଜର *ବି.*** ସଙ୍ଗୀତ ସଂରଚନା କରିବା ବ୍ୟକ୍ତି ।

**କମ୍ପୋଜିଟର୍ *ବି.*** ଛାପା କାର୍ଯ୍ୟପାଇଁ ଅକ୍ଷର ଖଞ୍ଜୁଥିବା ବ୍ୟକ୍ତି ।

**କମ୍ପୋଷ୍ଟ୍ *ବି.*** ଘରଦ୍ୱାରର ଅଳିଆ ଆବର୍ଜନା ଓ ଗୋବର ଆଦି ଗୋଟିଏ ଗାତରେ ପକାଇ ପଚିଗଲାପରେ ତାହାକୁ ଖତ ରୂପେ ବ୍ୟବହାର କରିବା ବ୍ୟବସ୍ଥା ।

**କମ୍ପ୍ରୋମାଇଜ *ବି.*** ବୁଝାମଣା, ଆପୋଷ ମିଳାମିଶା, ପରସ୍ପର ମଧ୍ୟରେ ସମାଧାନ ।

**କମ୍ପ୍ଲେଣ୍ଟ *ବି.*** ଅଭିଯୋଗ, ବିରୋଧଭାବ ।

**କମ୍ପ୍ୟୁଟର୍ *ବି.*** ହିସାବ ଯନ୍ତ୍ର, ଗଣିତ ଓ ଲେଖାଲେଖି, ତଥ୍ୟ ସଂଗ୍ରହ, ସଂରକ୍ଷଣ ତଥା ଅନ୍ୟାନ୍ୟ କାର୍ଯ୍ୟରେ ବ୍ୟବହୃତ ଯନ୍ତ୍ର ।

**କମ୍ବଳ *ବି.*** ଶୀତଦିନେ ଘୋଡ଼ି ହେବାପାଇଁ ପଶୁଲୋମ ବା ସେହିଭଳି ଦ୍ରବ୍ୟରେ ତିଆରି ମୋଟା ଚାଦର ୨. ପଶମତିଆରି ଆସନ ।

**କମ୍ବୁ *ବି.*** ଶଙ୍ଖ, ଦେହ ଉପରେ ଏକ ଟାଣ ଖୋଳପା ଥିବା ସାମୁଦ୍ରିକ ଜୀବ ।

**କମ୍ବୁକଣ୍ଠ, କମ୍ବୁଗ୍ରୀବ *ବିଂ*** ଯାହା ଗଳାରେ ଶଙ୍ଖ ପରି ତିନୋଟି ରେଖାଥାଏ, *ସ୍ତ୍ରୀ.* କମ୍ବୁକଣ୍ଠୀ ।

**କମ୍ବୁପାଣି *ବି.*** ୧. ଭଗବାନ, ବିଷ୍ଣୁ, ନାରାୟଣ ୨. ହାତରେ ଶଙ୍ଖ ଧରିଥିବା ଦେବତା ।

**କମ୍ୟୁନାଲ୍ *ବିଂ*** ୧. ସାମ୍ପ୍ରଦାୟିକ ୨. ସମ୍ପ୍ରଦାୟ ସମ୍ବନ୍ଧିତ ।

**କମ୍ୟୁନିକେସନ୍ *ବି.*** ୧. ଗମନାଗମନ ସୁବିଧା ୨. ସଞ୍ଚାର ବ୍ୟବସ୍ଥା ୩. ଯୋଗାଯୋଗ ।

**କମ୍ୟୁନିଜମ୍ *ବି.*** ସାମ୍ୟବାଦ, କାର୍ଲ ମାର୍କସ୍‌ଙ୍କ ଦର୍ଶନ ଆଧାରିତ ରାଜନୀତି/ ଅର୍ଥନୀତି ସଂକ୍ରାନ୍ତ ମତବାଦ ।

**କମ୍ୟୁନିଟି ସେଣ୍ଟର *ବି.*** ନିର୍ଦ୍ଦିଷ୍ଟ ଅଞ୍ଚଳର ଲୋକଙ୍କ ସାମାଜିକ ମିଳନ ତଥା ଉତ୍ସବ ନିମନ୍ତେ ଥିବା ଘର ବା ସଂସ୍ଥା ।

**କମ୍ର *ବିଂ.*** ମନୋହର, କମନୀୟ, ସୁନ୍ଦର ।

**କର୍‌କଚା *ବି.*** ନାଲିଗୋଡ଼ି, ମୋରମ୍ ।

**କର୍‌କା *ବିଂ.*** କଡକା, କଠୋର, ନିଷ୍ଠୁର ।

**କର୍‌ଖା *ବିଂ.*** କୁହାଳିଆ, ବଡ଼କୁହା ।

**କର୍‌ଚା, କର୍‌ଚାଲି *ବି.*** କାଠ ଓ ବାଉଁଶ ପ୍ରଭୃତିର ଅତି ଛୋଟ ଟୁକୁଡ଼ା ବା ଖଣ୍ଡ ।

**କର୍‌ଦନ *ବି.*** ପରିଶ୍ରମ ।

**କର୍‌ଧନ୍ *ବିଂ.*** ମେଖଳା, ଅଣ୍ଟାସୂତା ।

**କର୍‌ପନ୍ *ବି.*** ୧. ଗୁମ୍ଫା, ଖୋଲ ୨. ଅଣଓସାରିଆ ଓ ଦୀର୍ଘ ପ୍ରାକୃତିକ ସୁଡଙ୍ଗ ।

**କର୍‌ପା *ବି.*** କଟାହୋଇ ଗଦାହୋଇଥିବା ଧାନଗୁଚ୍ଛ ।

**କର୍‌ଫ୍ୟୁ *ବି.*** ସାଂଧ୍ୟ ଆଇନ, ଯୁଦ୍ଧ ବା ଆଭ୍ୟନ୍ତରୀଣ ଆପତ୍‌କାଳରେ ଜାରିହେଉଥିବା କଡ଼ା ନିୟନ୍ତ୍ରଣ ବ୍ୟବସ୍ଥା ।

**କର୍‌ମା *ବି.*** ଏକ ପ୍ରକାର ଗଛ-ଯାହାକୁ ଦେବୀ ରୂପେ କଳ୍ପନା କରି ପୂଜା କରାଯାଏ ।

**କର୍‌ମାଗୀତ *ବି.*** କର୍‌ମାପରବରେ ଗାନ କରାଯାଉଥିବା ଗୀତ ।

**କର୍‌ମାନାଚ *ବି.*** କର୍‌ମାପୂଜା ସମୟରେ ଅନୁଷ୍ଠିତ ସମୂହ ନାଚ ।

**କର୍‌ମାସାନି *ବି.*** କରମା ପୂଜାର ଅଧିଷ୍ଠାତ୍ରୀ ଦେବୀ ।

**କର୍‌ଲା *ବି.*** ୧. କଲରା ଓ ତାହାର ଲତା ୨. ଏକ ପ୍ରକାର ଗଛ- ଯାହାର କାଠ ପିତା ହୋଇଥିବାରୁ ଉଈ ଲାଗନ୍ତି ନାହିଁ ୩. ଖାଦ୍ୟ ଭାବରେ ବ୍ୟବହୃତ ଏକ ପ୍ରକାରର ପିତାଫଳ ।

**କର୍‌ଲିଆ *ବି.*** ପାକଳ ହୋଇ ନ ଥିବା ବାଉଁଶ ।

**କର୍‌ହି *ବି.*** ଛୁଆ ଜନ୍ମକରି ନ ଥିବା ମେଣ୍ଢୀ ।

**କର *ବି.*** ୧. ହାତ ୨. ହାତୀଶୁଣ୍ଢ ୩. କିରଣ ୪. ଟିକସ ବା ଖଜଣା ୫. ପାଖ ; ***କ୍ରି.*** କୌଣସି କାମ କରିବାପାଇଁ ଆଦେଶଦେବା ।

**କରକ *ବି.*** ୧. ଡାଳିମ୍ବ ୨. କମଣ୍ଡଳୁ ।

**କରକଚ *ବି.*** ସମୁଦ୍ର ପାଣିରୁ ପ୍ରସ୍ତୁତ ଲୁଣ ।

**କରକଚା *ବି.*** ଚୂନମିଶା ଛୋଟଛୋଟ ଗୋଡ଼ି ।

**କରକଚି *ବିଂ.*** ୧. କଷି ୨. କଞ୍ଚା, ପାଚି ନ ଥିବା ।

**କରକା *ବି.*** ହଠାତ୍ ତାପମାନ ଶୂନ୍ୟ ଡିଗ୍ରୀରୁ କମିଯିବା ଫଳରେ ଆକାଶରେ ଭାସମାନ ମେଘଖଣ୍ଡରୁ ସୃଷ୍ଟ ଛୋଟଛୋଟ ଗୋଲାକାର ବରଫଖଣ୍ଡ, କୁଆପଥର, କରା ।

**କରକୋରକ *ବି.*** ଯୋଡ଼ହସ୍ତ, କଢ଼ଭଳି ଯୋଡ଼ି ହୋଇଥିବା ଦୁଇ ହାତ ।

**କରଗତ *ବିଂ.*** ୧. ହାତପଇଠ, ଆୟତ୍ତ ୨. ହାତରେ ପଡ଼ିବା ।

**କରଗ୍ରାହୀ *ବିଂ.ବି.*** ୧. ଖଜଣା ଆଦାୟକାରୀ ୨. ସ୍ୱାମୀ ।

**କରଙ୍କ *ବି.*** ୧. ଭିକ୍ଷାପାତ୍ର ୨. ବଟା ୩. ଡିବା ୪. କମଣ୍ଡଳ ୫. ମୁଣ୍ଡର ଖପୁରି ।

**କରଚାଲି *ବି.*** ଶୁଖିଲା କାଠ / ବାଉଁଶ ପ୍ରଭୃତିର ଛୋଟ ଖଣ୍ଡ ।

**କରଚୁଲି *ବି.*** ପିତଳ/ ଲୁହା/ ଆଲୁମିନିୟମ ପ୍ରଭୃତିରେ ତିଆରି ଅଣକ ବା ଡଙ୍କା ।

**କରଚ୍ୟୁତ *ବିଂ.*** ହାତରୁ ଖସି ପଡ଼ିଥିବା ।

**କରଜ *ବି.*** ୧. ଋଣ ୨. ହାତର ନଖ ।

**କରଞ୍ଚ *ବି.*** ପାପୁଲିର ପଛପାଖ, କରପୃଷ୍ଠ, ହାତପିଠି ।

**କରଞ୍ଜ *ବି.*** ଏକ ପ୍ରକାର ଗଛ – ଯାହାର ଫଳରୁ ତେଲ ବାହାରେ ।

**କରଞ୍ଜି *ବି.*** ମଇଦା ତିଆରି ପୁରଦିଆ କାନମୋଡ଼ା ପିଠା ।

**କରଟକ *ବି.*** କାଉ, କୁଆ, କର୍କଶ ସ୍ୱରଥିବା କଳାରଙ୍ଗର ଚଢ଼େଇ ।

**କରଟା *ବି.*** ୧. ଛୋଟ କରିଆ ୨. ଅତି କଷ୍ଟରେ ଦୁହାଁହେବା ଗାଈ ୩. ଅନ୍ତ୍ୟେଷ୍ଟିରେ ଏକାଦଶ ଦିନ ଅନୁଷ୍ଠିତ ପ୍ରଥମ ଶ୍ରାଦ୍ଧ ।

**କରଟିଆ *ବି.*** ଶ୍ରୀମନ୍ଦିର ସେବାରେ ହଡ଼ପ ନାହାକଙ୍କୁ ଗୁଆ ମସଲା ଆଦି ଯୋଗାଉଥିବା ସେବକ ।

**କରଡ଼ା *ବିଂ.*** ୧. ଟାଆଁସା ୨. କର୍କଶ ୩. ଟାଣୁଆ ; ***ବି.*** ମୁଗ, କୋଳଥ, ବିରି ପ୍ରଭୃତି ଛୁଇଁର ଫଳଶୂନ୍ୟ ଶୁଖିଲା ଚୋପା ।

**କରଡ଼ି *ବି.*** ୧. ବାଉଁଶ ଗଜା, ଗଜା ବାଉଁଶରୁ ଖସୁଥିବା ଖୋଳପା ୨. ଆମ୍ବ ଗଛରୁ ପାଚି ଝଡ଼ୁଥିବା ଆମ୍ବ ।

**କରଡ଼ିଆମାଳ *ବି.*** ଶ୍ରୀଜଗନ୍ନାଥଙ୍କ ଶ୍ରୀଭୁଜରୁ ଶ୍ରୀପୟର ପର୍ଯ୍ୟନ୍ତ ଲମ୍ବାଇ ଦିଆଯାଉଥିବା ଏକ ମୋଟା ଓ ଲମ୍ବା ଫୁଲମାଳ ।

**କରଡ଼ି ଜଳିବା *କ୍ରି.*** ପ୍ରବଳ ଭୋକ ଲାଗିବା ।

**କରଣ *ବି.*** ୧. ଓଡ଼ିଶାର ଜାତି ବିଶେଷ ୨. କାର୍ଯ୍ୟ ସାଧନ ୩. ଆଖି ଓ କାନ ପ୍ରଭୃତି ଇନ୍ଦ୍ରିୟ ୪. ହିସାବ ଲେଖିବା କର୍ମଚାରୀ ୫. ବ୍ୟାକରଣର କାରକ ବିଶେଷ ; ***ପ.ପ୍ର.*** କାର୍ଯ୍ୟସାଧନ, ଅବସ୍ଥା ପରିବର୍ତ୍ତନ ପ୍ରଭୃତି ଅର୍ଥ ପ୍ରକାଶ କରୁଥିବା ବିଶେଷ୍ୟ ଗଠନପାଇଁ ବ୍ୟବହୃତ ପର ପ୍ରତ୍ୟୟ (*ଉଦା.* ବନୀକରଣ, ଜଗତିକରଣ) ।

**କରଣି *ବି.*** ୧. କ୍ଷମତା ୨. କୃତିତ୍ୱ ୩. ମହିମା ୪. କାର୍ଯ୍ୟ ୫. ଛଟା ୬. ରାଜମିସ୍ତ୍ରୀ ବ୍ୟବହାର କରୁଥିବା ହତିଆର ବିଶେଷ ।

**କରଣି କାଟୁ କରିବା** ***କ୍ରି.*** ବୁଦ୍ଧି ବା କୌଶଳ ସଫଳ ହେବା ।

**କରଣୀୟ** ***ବିଂ.*** କର୍ତ୍ତବ୍ୟ, ଯାହା କରାଯିବା ଉଚିତ ।

**କରତ** ***ବି.*** କାଠ ଚିରିବା ଓ କାଟିବାପାଇଁ ବ୍ୟବହୃତ ଲମ୍ବା ଓ ଦାନ୍ତିଆ ଲୁହା ଉପକରଣ ।

**କରତକଳ** ***ବି.*** ଯେଉଁ କଳରେ କାଠ ଚିରାଯାଏ ।

**କରତଦାଗ** ***ବି.*** ଚିରିବା ପୂର୍ବରୁ କାଠଗଡ଼ ଉପରେ ଦିଆଯାଉଥିବା ବିଭିନ୍ନ ଆକାରରେ ଚିହ୍ନ ।

**କରତଳ** ***ବି.*** ହାତର ପାପୁଲି ।

**କରତାଡ଼ନ** ***ବି.*** ୧. ଦୁଃଖରେ ଛାତିରେ ହାତ ବାଡେଇବା ୨. ଅହଂକାର ପ୍ରଦର୍ଶନପାଇଁ ଛାତି ଓ ବାହାରେ ପାପୁଲି ବାଡେଇବା ।

**କରତାଳ** ***ବି.*** ୧. କଂସାନିର୍ମିତ ଝାଞ୍ଜ, କସ୍‌ତାଲ ୨. ହାତରେ ତାଳିମାରି ତାଳଧରିବା ।

**କରତାଳି** ***ବି.*** ହାତତାଳି, ଦୁଇ ହାତପାପୁଲିର ପରସ୍ପର ଆଘାତରେ ସୃଷ୍ଟ ଶବ୍ଦ ।

**କରତିଆ** ***ବି.*** କରତଦ୍ୱାରା କାଠ ଚିରୁଥିବା ବ୍ୟକ୍ତି ।

**କରତିବା** ***କ୍ରି.*** କରତଦ୍ୱାରା କାଠ ଚିରିବା ।

**କରତି ହେବା** ***କ୍ରି.*** ୧. ଦୁଃଖରେ ଭାଙ୍ଗିପଡ଼ିବା ୨. କୋରି ହୋଇଯିବା ।

**କରତୀ** ***ବି.*** କରତିଆ, ଯେ କରତଦ୍ୱାରା କାଠ ଚିରେ ।

**କରଦ, କରଦାତା** ***ବିଂ.*** ଯେ ଅନ୍ୟକୁ ରାଜସ୍ୱ ବା ଖଜଣା ଦିଏ, କର ଦେଉଥିବା ।

**କରଧୃତ** ***ବିଂ.*** ହାତରେ ଧରାଯାଇଥିବା, ହାତରେ ଥିବା ।

**କରନାଳ** ***ବି.*** ପ୍ରଧାନ ନାଳରୁ ବାହାରିଥିବା ସରୁ ନାଳ ବା ନାଳୀ, ଶାଖାନାଳ ।

**କରନ୍ୟାସ** ***ବି.*** ପୂଜାକାଳରେ ମନ୍ତ୍ରପାଠକରି ବୁଢ଼ାଆଙ୍ଗୁଠିଦ୍ୱାରା ଅନ୍ୟ ଅଙ୍ଗୁଳିଗୁଡ଼ିକୁ ସ୍ପର୍ଶ କରିବା ।

**କରପଇଠ, କରପଇଠି** ***ବି.*** ହାତପଇଠି, ହାତକୁ ଆସିବା, ହସ୍ତଗତ ହେବା ।

**କରପତ୍ର** ***ବି.*** ୧. ଖୋଲା ହାତପାପୁଲି ୨. କରତ ।

**କରପଲ୍ଲବ** ***ବି.*** ୧. ଆଙ୍ଗୁଳି ୨. ହାତପାପୁଲି ।

**କରପାତ୍ର** ***ବି.*** ଆଞ୍ଜୁଳା ।

**କରପୀଡନ** ***ବି.*** ୧. ବିବାହ ୨. କରମର୍ଦ୍ଦନ ୩. ହାତ ମିଳେଇବା, ହାଣ୍ଡସେକ ।

**କରପୀଡା** ***ବି.*** ଅତିରିକ୍ତ ଖଜଣା ବସିବା, ଅଧିକ ରାଜସ୍ୱ ଦେବାଜନିତ କଷ୍ଟ ।

**କରପୁଟ** ***ବି.*** ଯୋଡ଼ହାତ ।

**କରପୃଷ୍ଠ** ***ବି.*** ହାତ ପାପୁଲିର ବିପରୀତ ପାଖ ବା ପିଠିପଟ ।

**କରବା** ***ବି.*** ବଣଆଳୁ ବିଶେଷ ।

**କରବାଡ଼** ***ବି.*** ବ୍ରାହ୍ମଣ ଶାସନକୁ ଲାଗିଥିବା ବଡ଼ ଗାଁ ।

**କରବାଳ** ***ବି.*** ଏକ ପ୍ରକାରର ଯୁଦ୍ଧାସ୍ତ୍ର-ଯାହାର ଗୋଟିଏ ପାଖ ଧାରୁଆ ଓ ଅଗ ମୁନିଆ, ଖଣ୍ଡା, ତରବାରି ।

**କରବୀ, କରବୀର** ***ବି.*** ୧. ଈଷତ ଲାଲ ଅଥବା ଧଳାରଙ୍ଗର ଫୁଲ ଓ ତାହାର ଗଛ ୨. କନିଅର ।

**କରମ୍‌ପାନି** ***ବି.*** ଲୋକଦେବତା ବିଶେଷ ।

**କରମ** ***ବି.*** ୧. ଭାଗ୍ୟ, ନିୟତି ୨. କର୍ମ ।

**କରମକୋଢ଼ି** ***ବିଂ.*** କାମ କରିବାକୁ ଅନିଚ୍ଛୁକ, କାମଚୋର, ଅଳସୁଆ, କୁଢ଼ିଆ ।

**କରମଙ୍ଗା** ***ବି.*** ଏକ ପ୍ରକାର ଖଟାଫଳ ଓ ତାହାର ଗଛ ।

**କରମର୍ଦ୍ଦନ** ***ବି.*** ସମ୍ମାନ ବା ବନ୍ଧୁତ୍ୱସୂଚକ ହାତ ମିଳନ, ହାଣ୍ଡସେକ, କରପୀଡ଼ନ ।

**କରମା** ***ବି.*** ଆଦିବାସୀ ଦିଅଁ ।

**କରମୂଲ** ***ବି.*** ମଜୁରି, ପାରିଶ୍ରମିକ, ରୋଜ ।

**କରରୁହ** ***ବି.*** ୧. ହାତର ନଖ ୨. ହାତଆଙ୍ଗୁଠି ।

**କରା** ***ବି.*** କୁଆପଥର, କରକା ।

**କରାଇ, କରେଇ** ***ବି.*** କଡେଇ, ରାନ୍ଧିବାରେ ବ୍ୟବହୃତ ଧାତୁ ତିଆରି ଚଉଡ଼ା ପାତ୍ର ।

**କରାଟ,କରାଟି** ***ବି.*** ପିତଳ ବା ରୁପାର ଛୋଟ ଗୋଲଡିବା ।

**କରାଣ୍ଡି, କେରାଣ୍ଡି** ***ବି.*** ଛୋଟ ମାଛ ବିଶେଷ, କୁଜିମାଛ ।

**କରା ପଖାନ୍** ***ବି.*** ଧଳା ରଙ୍ଗର ପଥର ବିଶେଷ ।

**କରାମତ, କରାମତି** ***ବି.*** କ୍ଷମତା, ଶକ୍ତି, ସାମର୍ଥ୍ୟ, ବଳ ।

**କରାର** ***ବି.*** ୧. ଚୁକ୍ତି ୨. ଅଙ୍ଗୀକାର ।

**କରାଳ** ***ବିଂ.*** ଭୟଙ୍କର, ଭୀଷଣ; ***ବି.*** ୧. କଳା ତୁଳସୀ ୨. ଝୁଣା, ରାଶିତେଲ ଆଦିରେ ପ୍ରସ୍ତୁତ ଏକ ପ୍ରକାର ଅଠା (ଏହା ଶ୍ରୀଜଗନ୍ନାଥଙ୍କ ଅଣସର, ମହାଣସର ଆଦିରେ ବ୍ୟବହୃତ ହୁଏ) ।

**କରାଳୀ** ***ବି.*** ଚଣ୍ଡୀ, ଦେବୀଙ୍କର ଉଗ୍ରରୂପ ।

**କରାଲ୍** ***ବି.*** ଅମଳ ସମୟରେ ଧାନକୁ କୁଟା ବା ନଡାରୁ ଝାଡ଼ିବା କାମ ।

**କରାଲି** ***ବି.*** ପାଳ ପ୍ରଭୃତି ସାଉଁଟିବାପାଇଁ ବ୍ୟବହୃତ ଲମ୍ବା ବାଉଁଶରେ ଲୁହା ଲାଗି ନ ଥିବା ଉପକରଣ ।

**କରି** ***ବି.*** ୧. ମେଣ୍ଢାଛୁଆ ୨. କାତି ୩. ତରକାରି ।

**କରିଆ** *ବି.* ୧. ଛୋଟ ଗାମୁଛା ୨. ପିନ୍ଧିବା ଲୁଗା, ଧୋତି ବା ଶାଢ଼ି ।

**କରିଡ଼** *ବି.* କରଡ଼ି, ଗଜା ବାହାରିବା ସମୟରେ ବାଉଁଶର ନରମ ଅଂଶ, ବାଉଁଶ କରଡ଼ି ।

**କରିଷ** *ବି.* ଘଷି, ଶୁଖିଲା ଗୋବର, ଖରସି, ଗୋବର, ଛେନା ।

**କରୀ** *ବି.* ଶୁଣ୍ଢଥିବା ଚତୁଷ୍ପଦୀ ବୃହତ୍ତମ ପଶୁ, ହାତୀ, *ସ୍ତ୍ରୀ.* କରିଣୀ ।

**କରୁଣ** *ବିଂ.* ୧. ସମବେଦନା ବା ଦୟା କରୁଥିବା ୨. ଶୋକାବହ ; *ବି.* କାବ୍ୟର ରସ ବିଶେଷ ।

**କରୁଣା** *ବି.* ଦୟା, ଅନୁଗ୍ରହ, କ୍ଷମାସ୍ନିଗ୍ଧ ଭାବ ।

**କରେଣ୍ଟ୍** *ବି.* ୧. ବିଦ୍ୟୁତ୍ ସ୍ରୋତ ୨. ନଦୀର ସ୍ରୋତ ବେଗ ; *ବିଂ.* ସାମ୍ପ୍ରତିକ, ଚଳିତ ।

**କରେଣ୍ଟ୍ ଆକାଉଣ୍ଟ୍** *ବି.* ଉଠାଣ ସୁବିଧାଥାଇ ବ୍ୟାଙ୍କରେ ଟଙ୍କା ଜମା କରିବା ବ୍ୟବସ୍ଥା ।

**କରେଣ୍ଟ୍ ମାରିବା** *କ୍ରି.* ବିଦ୍ୟୁତ୍ ଆଘାତ ଲାଗିବା, ସକ୍ ମାରିବା ।

**କରେଲ୍** *ବି.* ମଞ୍ଜିଝଡ଼ା ରାଶିଗଛ ।

**କର୍କ୍** *ବି.* ୧. ବ୍ୟାଡମିଣ୍ଟନ ଖେଳରେ ବ୍ୟବହୃତ ବଲ୍ ୨. ସୋଲ ।

**କର୍କ** *ବି.* ୧. ନିଆଁ ୨. ଆରିସି ୩. କାକୁଡ଼ି ।

**କର୍କଟ** *ବି.* ୧. ଦଶଗୋଡ଼ ଥିବା ଜଳଜୀବ, କଁକ୍ରା, କଙ୍କଡା ୨. ରାଶିଚକ୍ରର ଚତୁର୍ଥ ରାଶି ୩. କାକୁଡ଼ି ୪. ବ୍ରଣ ବିଶେଷ ୫. ରୋଗ ବିଶେଷ ।

**କର୍କଟ କ୍ରାନ୍ତି** *ବି.* ୧. ଉତ୍ତରାୟଣର ବୃତ୍ତ ୨. ନିରକ୍ଷ ରେଖାର ୨୨ ୧/୨ ଡିଗ୍ରୀ ଉତ୍ତରକୁ ଲମ୍ବିଥିବା କାଳ୍ପନିକ ସମାକ୍ଷରେଖା ।

**କର୍କର** *ବି.* ଗେଙ୍ଗୁଟିପଥର ।

**କର୍କଶ** *ବିଂ.* ୧. ଟାଆଁସା ୨. ନିଷ୍ଠୁର ୩. ଶ୍ରୁତିକଟୁ ୪. ରୁକ୍ଷ ୫. ଟାଣୁଆ ୬. ଅମସୃଣ ।

**କର୍ଡନ୍** *ବି.* ଘେର, ସର୍ବସାଧାରଣ ପ୍ରବେଶ ବନ୍ଦକରିବାପାଇଁ ଦଉଡ଼ି ବା ଅନ୍ୟ କୌଣସି ଉପାୟରେ ଘେରାବନ୍ଦି, ସୁରକ୍ଷାବଳୟ ।

**କର୍ଡନ୍ ପାସ୍** *ବି.* ସୁରକ୍ଷାବଳୟ ବା ସୁରକ୍ଷିତ ଘେରା ଭିତରକୁ ପଶିବା ପାଇଁ ଅନୁମତିପତ୍ର ।

**କର୍ଣ୍ଣ** *ବି.* ୧. ଶରୀରର ଶୁଣିବା ଇନ୍ଦ୍ରିୟ, କାନ ୨. ଡଙ୍ଗାର ମଙ୍ଗଧରା ଦଣ୍ଡୀ ୩. ସମକୋଣୀ ତ୍ରିଭୁଜର ସମକୋଣ ସମ୍ମୁଖୀନ ବାହୁ, ଆୟତ ବା ବର୍ଗକ୍ଷେତ୍ରର ପରସ୍ପର ବିପରୀତ କୋଣକୁ ସଂଯୋଗ କରୁଥିବା ସରଳ ରେଖା ୪. ମହାଭାରତରେ ସୂର୍ଯ୍ୟଙ୍କ ଔରସରେ ଜାତ କୁନ୍ତୀଙ୍କ ପୁତ୍ର ।

**କର୍ଣ୍ଣକୁହର** *ବି.* କାନର ଉପର ଅଂଶର ଭିତରେ ଥିବା ସୂକ୍ଷ୍ମ ପରଦା ପର୍ଯ୍ୟନ୍ତ ପ୍ରସାରିତ ଭାଗ ।

**କର୍ଣ୍ଣଧାର** *ବି.* ୧. ମୁଖ୍ୟ, ପ୍ରଧାନ ୨. ମଙ୍ଗୁଆଳ ୩. ମାଝି ୪. ଚାଳକ ।

**କର୍ଣ୍ଣପଟହ** *ବି.* କାନ ଭିତରର ପତଳା ଓ ସୂକ୍ଷ୍ମ ଚମପରଦା ।

**କର୍ଣ୍ଣପାତ** *ବି.* ୧. କାନଡେରି ଶୁଣିବା ୨. ମନଦେଇ ଶୁଣିବା ୩. କାନରେ ପୂରାଇବା ।

**କର୍ଣ୍ଣବେଧ** *ବି.* କାନଫୋଡା ଓ ସେଥିପାଇଁ ପାଳିତ ଉତ୍ସବାନୁଷ୍ଠାନ ।

**କର୍ଣ୍ଣର୍** *ବି.* କୋଣ ; *ବିଂ.* କଣିକିଆ ।

**କର୍ଣ୍ଣାଟୀ** *ବି.* ୧. କର୍ଣ୍ଣାଟକଦେଶୀୟା ନାରୀ ୨. କାନଡା ରାଗ ।

**କର୍ଣ୍ଣିକା** *ବି.* ୧. କାନଗହଣା ବିଶେଷ ୨. ଲେଖନୀ ୩. ପଦ୍ମର ବୀଜକୋଷ ।

**କର୍ଣ୍ଣେଟ୍** *ବି.* ପିତଳ ତିଆରି କାହାଳୀଜାତୀୟ ଫୁଙ୍କା ବାଦ୍ୟଯନ୍ତ୍ର ବିଶେଷ ।

**କର୍ତ୍ତନ** *ବି.* କାଟିବା କାମ, ଧାରୁଆ ଅସ୍ତ୍ର ସାହାଯ୍ୟରେ କାଟିବା ।

**କର୍ତ୍ତବ୍ୟ** *ବିଂ.* ଯାହା କରିବା ଆବଶ୍ୟକ ; *ବି.* ୧. ଯଥାର୍ଥ ଆଚରଣ ୨. କରିବାଯୋଗ୍ୟ କାମ ୩. ଉପଯୁକ୍ତ କାର୍ଯ୍ୟ ।

**କର୍ତ୍ତା** *ବି.* ୧. କାର୍ଯ୍ୟ କରାଉଥିବା ଲୋକ ୨. ପ୍ରଭୁ, ମୁଖ୍ୟ ୩. ଗୃହସ୍ୱାମୀ ୪. ମାଲିକ ୫. ସ୍ରଷ୍ଟା ୬. ବ୍ୟାକରଣ ଶାସ୍ତ୍ରରେ କାରକ ବିଶେଷ ।

**କର୍ତ୍ତିତ** *ବିଂ.* କଟା ଯାଇଥିବା ।

**କର୍ତ୍ତୃକ** *ଅ.* ଦ୍ୱାରା ।

**କର୍ତ୍ତୃତ୍ୱ** *ବି.* ୧. ପ୍ରଭୁତ୍ୱ ୨. ନିୟନ୍ତ୍ରଣ ୩. ସ୍ୱାମିତ୍ୱ ୪. ଅଧିକାର ।

**କର୍ତ୍ତୃପକ୍ଷ** *ବି.* ପ୍ରଭୁସ୍ଥାନୀୟ ବ୍ୟକ୍ତିବର୍ଗ ବା ଅନୁଷ୍ଠାନ, ସର୍ବୋଚ୍ଚ ଅଧିକାରୀ ।

**କର୍ଦ୍ଦ, କର୍ଦ୍ଦମ, କର୍ଦ୍ଧମ** *ବି.* ମାଟିରେ ପାଣି ଜମି ରହିବା ଫଳରେ ପ୍ରସ୍ତୁତ ପଦାର୍ଥ, କାଦୁଅ ।

**କର୍ଦ୍ଧମାକ୍ତ** *ବିଂ.* ୧. କାଦୁଆ ୨. କାଦୁଅ ପଚପଚ, ପଙ୍କୁଆ ।

**କର୍ପର** *ବି.* ୧. ଏକ ପ୍ରକାରର ଖଣ୍ଡା ୨. ଖପରା ୩. ମୁଣ୍ଡର ଖପୁରି ।

**କର୍ପାସ** *ବି.* କପା, ଏକ ଫଳ – ଯାହାର ସୂକ୍ଷ୍ମ ତନ୍ତୁରୁ ସୂତା ତିଆରି ହୋଇଥାଏ ।

**କର୍ପାସୀ** *ବି.* କପାଗଛ ।

**କର୍ପୂର** *ବି.* ୧. କପୂର ୨. ପେଟ୍ରୋଲିୟମ୍‌ରୁ ରାସାୟନିକ ପ୍ରକ୍ରିୟାରେ ପ୍ରସ୍ତୁତ ଧଳାରଙ୍ଗର ସୁବାସିତ ବସ୍ତୁ ।

**କର୍ମ** *ବି.* ୧. କାର୍ଯ୍ୟ ୨. ବୃତ୍ତି ୩. ଚାକିରି ୪. ଭାଗ୍ୟ ୫. ପୂଜାଉଜା କାର୍ଯ୍ୟ ।

**କର୍ମକାଣ୍ଡ** *ବି.* ଧର୍ମକର୍ମାନୁଷ୍ଠାନ, ପୁରୋହିତମାନଙ୍କଦ୍ୱାରା ଆଚରିତ ସଂସ୍କାର ବିଧି ।

**କର୍ମକୁଣ୍ଠ** *ବିଂ* କାମ କରିବାକୁ ପଛାଉ ଥିବା, କୁଢ଼ିଆ, କାମଚୋର ।

**କର୍ମକୋଢ଼ି** *ବିଂ* ଅଳସୁଆମି ହେତୁ କାମ କରିବାକୁ ପଛୁଆ ।

**କର୍ମଚାରୀ** *ବି.* ୧. ଅମଲା, ଚାକିରିଆ ୨. କୌଣସି ସଂସ୍ଥାରେ ନିଯୁକ୍ତ ବ୍ୟକ୍ତି ।

**କର୍ମଠ** *ବିଂ* କାମିକା, କାମକୁ ସଦା ଉତ୍ସାହୀ, କାର୍ଯ୍ୟକୁଶଳ ।

**କର୍ମନିର୍ଘଣ୍ଟ** *ବି.* କାର୍ଯ୍ୟସୂଚୀ, କାର୍ଯ୍ୟତାଲିକା, କାମ କରିବାର ସମୟକ୍ରମ ।

**କର୍ମବାଦ** *ବି.* ୧. ପୂର୍ବଜନ୍ମର ଫଳ ଉପରେ ବିଶ୍ୱାସ କରୁଥିବା ଦର୍ଶନ ୨. ନିଷ୍ଠାର ସହ ନିଜ କାର୍ଯ୍ୟ କରିବାରେ ବିଶ୍ୱାସ ।

**କର୍ମଯୋଗ** *ବି.* ଶ୍ରୀମଦ୍ ଭଗବତଗୀତା ବର୍ଣ୍ଣିତ ଭଗବତ ପ୍ରାପ୍ତିପାଇଁ ନିଷ୍କାମ ଭାବରେ ନିଜ କର୍ମକରିବା ପନ୍ଥା ।

**କର୍ମାଣି** *ବି.* ଶାସ୍ତ୍ରବିହିତ କର୍ମକାଣ୍ଡ ।

**କର୍ମାଣିଆ** *ବିଂ* ୧. ପୁରୋହିତ ବୃତ୍ତି କରୁଥିବା ବ୍ୟକ୍ତି ୨. ଯେ ଶାସ୍ତ୍ରୀୟ କର୍ମକର୍ମାଣି କରନ୍ତି ।

**କର୍ମୀ** *ବି.* ୧. କାମିକା ଲୋକ ୨. କାମ କରିବା ଲୋକ ୩. ନେତାଙ୍କ ନିର୍ଦ୍ଦେଶରେ ଦଳୀୟ କାର୍ଯ୍ୟ କରୁଥିବା ବ୍ୟକ୍ତି ।

**କର୍ମେନ୍ଦ୍ରିୟ** *ବି.* ଶରୀରର କର୍ମ-ସହାୟକ ପାଞ୍ଚ ଇନ୍ଦ୍ରିୟ, ଯଥା: ବାକ୍, ପାଣି, ପାଦ, ପାୟୁ, ଉପସ୍ଥ ।

**କର୍ଷକ** *ବି.* ଜମି ଚାଷ କରୁଥିବା ଲୋକ, ଚଷା, କୃଷକ ।

**କର୍ଷଣ** *ବି.* ୧. ଚାଷ କରିବା ୨. ଆକର୍ଷଣ ।

**କର୍ଷଣୀୟ, କର୍ଷ୍ୟ** *ବି.* ଚଷିବାଯୋଗ୍ୟ, କର୍ଷଣଯୋଗ୍ୟ ।

**କର୍ଷିତ** *ବିଂ* କର୍ଷଣ କରାଯାଇଥିବା, ଚାଷ କରାଯାଇଥିବା ।

**କଳ୍କ** *ବି.* ୧. କାଣ୍ଟି ୨. ଦେହର କାତି ୩. ସିଠା ୪. ଛତିଆ ୫. ପିଠାଖଳି, ସିଝିବାକୁ ଥିବା ଔଷଧ ଦ୍ରବ୍ୟର ଭାଗ ।

**କଳ୍କି, କଳ୍କୀ** *ବି.* ଭାରତୀୟ ପୁରାଣରେ ବର୍ଣ୍ଣିତ ବିଷ୍ଣୁଙ୍କର ଦଶମ ଅବତାର ।

**କଳ** *ବି.* ୧. ବିଭିନ୍ନ ପଦାର୍ଥ ତିଆରିପାଇଁ ବ୍ୟବହୃତ ଯନ୍ତ୍ର ୨. ଚାତୁରୀ ୩. ମୁଖ ଗହ୍ୱର, ଦାନ୍ତ ଓ ଗାଲ ମଧ୍ୟରେ ଥିବା ସ୍ଥାନ ୪. କୌଶଳ ୫. ପାଣିନଳ ; *ବିଂ* ଶ୍ରୁତି ମଧୁର ଓ ଅସ୍ପଷ୍ଟ (ଧ୍ୱନି) ।

**କଳକଣ୍ଠ** *ବି.* କୋଇଲି, ଶ୍ରୁତି ମଧୁର ସ୍ୱର ସୃଷ୍ଟିକାରୀ କଳାରଙ୍ଗର ଚଢ଼େଇ-ଯିଏ ନିଜ ଅଣ୍ଡା ନିଜେ ଫୁଟେଇ ପାରେ ନାହିଁ *ବିଂ* ଯାହାର କଣ୍ଠସ୍ୱର ସୁଲଳିତ ଓ ମଧୁର, ଉତ୍ତମ ଗାୟକ, *ସ୍ତ୍ରୀ.* କଳକଣ୍ଠୀ ।

**କଳକବଜା** *ବି.* ୧. ଯନ୍ତ୍ରପାତି ୨. ଯନ୍ତ୍ରର ବିଭିନ୍ନ ଅଂଶ ।

**କଳକାରଖାନା** *ବି.* ଯନ୍ତ୍ରଚାଳିତ କାରଖାନା ।

**କଳଗାଉଣା** *ବି.* ଗ୍ରାମୋଫୋନ ଯନ୍ତ୍ର ।

**କଳଙ୍କ** *ବି.* ୧. ଦୁର୍ନାମ ୨. ଚିହ୍ନ, ଦାଗ ୩. ମଳିନତା, ବଦନାମ, ଅପବାଦ ।

**କଳଙ୍କି** *ବି.* ୧. ଧାତୁମଳର ଦାଗ ବା ଚିହ୍ନ ୨. ଜଳବାୟୁ ସଂସ୍ପର୍ଶରେ ଆସିବା ଫଳରେ ଧାତୁରେ ସୃଷ୍ଟ ରାସାୟନିକ ପରିବର୍ତ୍ତନ ।

**କଳଙ୍କିତ** *ବିଂ* ୧. କଳଙ୍କିଲଗା ୨. ଜଅଙ୍କଲଗା ୩. ଦାଗଯୁକ୍ତ ୪. କଳୁଷିତ ୫. ଦୋଷଦୁଷ୍ଟ ୬ ଅଭିଯୁକ୍ତ ।

**କଳତ୍ର** *ବି.* ମାଇପ, ଭାର୍ଯ୍ୟା, ପତ୍ନୀ ।

**କଳନ, କଳନା** *ବି.* ୧. ଗଣିବା କାର୍ଯ୍ୟ ୨. ଅନୁମାନ ୩. ଧାରଣା ୪. ଆକଳନ ।

**କଳନ୍ତର** *ବି.* ମୂଳ ଋଣ ଉପରେ ନିର୍ଦ୍ଧାରିତ ସୁଧ ।

**କଳପ, କଲପ** *ବି.* ୧. ଲୁଗାରେ ଦିଆଯାଉଥିବା ମଣ୍ଡ ୨. ଧଳା ବାଳରେ ବୋଳାଯିବା ରଙ୍ଗ ।

**କଳଭ** *ବି.* ୧. ହାତୀଛୁଆ ୨. ଓଟଛୁଆ ।

**କଳମ** *ବି.* ୧. ପାଣିରେ ମାଡୁଥିବା ଏକ ପ୍ରକାର ଲତା-ଯାହାର ପତ୍ର ଖିଆଯାଏ ୨. କଡ଼ମାଧାନ ୩. ବାଡ଼ କରିବା ପାଇଁ ବ୍ୟବହୃତ ଏକପ୍ରକାର ଗଛ ।

**କଳରବ** *ବି.* ଶ୍ରୁତିମଧୁର ଧ୍ୱନି, ଚଢ଼େଇମାନଙ୍କର ରାବ, କାକଳି ।

**କଳସ, କଳଶ** *ବି.* ୧. ଘଟ, ଛୋଟମାଠିଆ ୨. ମାଙ୍ଗଳିକ ଅଥବା ପୂଜା ଅର୍ଚ୍ଚନା କାଳରେ ଆଦ୍ୟ ପୂଜିତ ଦେବତା ୩. ଶକ୍ତିର ପ୍ରତୀକ ରୂପରେ ପୂଜିତା ଦେବୀ ।

**କଳସୀ** *ବି.* ମାଠିଆ, ଛୋଟକଳସ, ଛୋଟଘଟ ।

**କଳହଂସ** *ବି.* ରାଜହଂସ, ବାଲିହଂସ ।

**କଳହଂସ କେଦାର** *ବି.* ପଦ୍ୟ ରଚନାରେ ବ୍ୟବହୃତ ରାଗ ବିଶେଷ ।

**କଳହ** *ବି.* ୧. କଳି ୨. ଝଗଡ଼ା, ବିବାଦ, ପରସ୍ପର ମଧ୍ୟରେ ଅପ୍ରୀତିକର ସମ୍ପର୍କ ଜନିତ ଉଚ୍ଚବାଚ ।

**କଳା** *ବିଂ* କାଳିଆ, କୃଷ୍ଣକାୟ; *ବି.* ୧. କଳାରଙ୍ଗ ୨. କଜ୍ଜଳ ୩. ଅଳନ୍ଧୁ ୪. ଦୀପ ବା ହାଣ୍ଡିର କଳା ୫. ଲକ୍ଷଣ ୬. ସୂକ୍ଷ୍ମଅଂଶ ୭. ଚନ୍ଦ୍ର ଷୋଳଭାଗରୁ ଏକଭାଗ ୮. ସଙ୍ଗୀତ, ସାହିତ୍ୟ, ଚିତ୍ର ପ୍ରଭୃତି ସୃଷ୍ଟିଶୀଳ ବିଦ୍ୟା ।

**କଳାକର** *ବି.* ଚନ୍ଦ୍ର, ଜହ୍ନ ।

**କଳାକାର** *ବିଂ.* ସଙ୍ଗୀତ, ଚିତ୍ର ଓ ଅଭିନୟ ଆଦି ପ୍ରସ୍ତୁତ ବା ପରିବେଷଣ କରୁଥିବା ।

**କଳାକୀର୍ତ୍ତି** *ବିଂ.* ଚିତ୍ର, ଶିଳ୍ପ, ସଙ୍ଗୀତ, ସାହିତ୍ୟାଦିରେ ପ୍ରବୀଣତା ହେତୁ ଲବ୍ଧ ଯଶ ।

**କଳାକୃତି** *ବି.* ସାହିତ୍ୟ/ସଙ୍ଗୀତ/ଚିତ୍ର/ଶିଳ୍ପାଦି ରଚନା ବା ସୃଷ୍ଟି ।

**କଳାଘୁମର** *ବିଂ.* ଘନକୃଷ୍ଣ, ବହଳକଳା, ଅତିକଳା ।

**କଳାଜାଇ** *ବି.* ଦେହରେ ଥିବା ତିଳ ଭଳି ଛୋଟ କଳାଚିହ୍ନ, ମସା ।

**କଳାଝିମିରୀ, କଳାମେଘୀ** *ବି.* ଗାଢ଼ କଳାସୂତାର ପତଳା ଶାଢ଼ୀ ।

**କଳାପ** *ବି.* ୧. ମୟୂରପୁଚ୍ଛ ୨. ସମୂହ ୩. ରାଶି ।

**କଳାପଟା** *ବି.* ଶ୍ରେଣୀଗୃହରେ ପାଠପଢ଼ା ବେଳେ ଶିକ୍ଷକ ଚକ୍ ଖଡ଼ିଦ୍ୱାରା ଲେଖିବାପାଇଁ ବ୍ୟବହୃତ କାଠପଟା, ବ୍ଲାକବୋର୍ଡ, କାଛରେ କଳାରଙ୍ଗ ଦିଆଯାଇଥିବା ଲିଖନପଟା ।

**କଳାପାଣି** *ବି.* ପୂର୍ବେ ରାଜଦ୍ରୋହୀମାନଙ୍କୁ ଦିଆଯାଉଥିବା ସମୁଦ୍ର ସେପାରି ନିର୍ବାସନ ଦଣ୍ଡ (ମୁଖ୍ୟତଃ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ) ।

**କଳାପାତି** *ବି.* କଜଳ ବା କଳା ରଖିବାପାଇଁ ଧାତୁ ତିଆରି ଆଧାର, କଜଳପାତି ।

**କଳାପୀ** *ବି.* ମୟୂର, କଳକଣ୍ଠ ।

**କଳାବଜାର** *ବି.* ପଣ୍ୟବସ୍ତୁର ଅଭାବ ବା ଦରଦାମ ଚାପଯୋଗୁଁ ହେଉଥିବା ନିର୍ଦ୍ଧାରିତ ମୂଲ୍ୟଠାରୁ ଚଢ଼ା ଦରରେ ଲୁଚାଛପା କାରବାର, ବ୍ଲାକମାର୍କେଟ ।

**କଳାବଜାରି** *ବି.* ଚଢ଼ାଦରରେ ଲୁଚେଇ ଛପେଇ କାରବାର କରୁଥିବା ବ୍ୟକ୍ତି, ବ୍ଲାକମାର୍କେଟିଅର ।

**କଳାଭୁଇଁ** *ବି.* ଶ୍ରୀଜଗନ୍ନାଥଙ୍କ ଶ୍ରୀମୁଖର କୃଷ୍ଣବର୍ଣ୍ଣରେ ରଞ୍ଜିତ ଅଂଶ ।

**କଳାହାଟ ଦ୍ୱାର** *ବି.* ଶ୍ରୀମନ୍ଦିରରେ ଗର୍ଭଗୃହକୁ ପ୍ରବେଶ ଦ୍ୱାର, ଛାମୁଦୁଆର, ବଡ଼ଦୁଆର ।

**କଳି** *ବି.* ୧. କଳହ, ଦୁଇ ପରସ୍ପର ବିରୋଧୀ ପକ୍ଷ ମଧ୍ୟରେ ଉଚ୍ଚବାଚ ଓ ବାକ୍‌ବିତଣ୍ଡା, କଜିଆ ୨. ଶତ୍ରୁତା ୩. ଫୁଲର କଢ଼ ୪. କଳିଯୁଗ ; **ବିଂ.** ଅନୁମାନ କରି, ଧରି ନେଇ ।

**କଳିଆ, କଳିହା** *ବିଂ.* ୧. କଜିଆଖୋର, *ସ୍ତ୍ରୀ.* କଳିକାଣ୍ଡୋଈ ।

**କଳିକା, କଳି** *ବି.* ଫୁଲ ଫୁଟିବା ପୂର୍ବର ଅବସ୍ଥା, କଢ଼ି ।

**କଳିକାଳ** *ବିଂ.* ଭାରତୀୟ ବିଚାରରେ ଚାରିଯୁଗ (ଯଥା : ସତ୍ୟ, ତ୍ରେତୟା, ଦ୍ୱାପର ଓ କଳି) ମଧ୍ୟରେ ଅନ୍ୟତମ, ଚାରିଯୁଗର ଶେଷକାଳ, କଳିଯୁଗ , ଅନ୍ୟାୟ ଓ ପାପ ସଂକ୍ରମିତ ସମୟ ।

**କଳିକାଳିଆ** *ବିଂ.* ୧. ଅତ୍ୟାଧୁନିକ ୨. ନୀତି ନିୟମହୀନ ।

**କଳିଙ୍ଗ** *ବି.* ୧. ପ୍ରାଚୀନ ଉତ୍କଳ ୨. ବଣମଲ୍ଲୀ ୩. ଶିରୀଷ ୪. କଜଳପାତି ଜାତୀୟ ପକ୍ଷୀ ବିଶେଷ ।

**କଳିତ** *ବିଂ.* ୧. ଗଣା ଯାଇଥିବା ୨. ଅନୁମାନ କରାହୋଇଥିବା ୩. ଆଖି ଓ କାନକୁ ରୁଚୁଥିବା ।

**କଳିବା** *କ୍ରି.* ଅଟକଳ କରିବା, ବିଡ଼ିବା, କଳନା କରିବା ।

**କଳିହୁଡ଼ା** *ବିଂ.* କଳିଆ, ଝଗଡ଼ାପ୍ରିୟ, ଝଗଡ଼ାଖୋର; *ସ୍ତ୍ରୀ.* କଳିହୁଡୀ ।

**କଳୁଷ** *ବି.* ୧. ପାପ, ଅନ୍ୟାୟ ଆଚରଣ ୨. ପଙ୍କ ୩. ମଳିନତା ।

**କଳୁଷିତ** *ବିଂ.* ୧. ପାପଯୁକ୍ତ ୨. ମଳିନ ୩. ପଙ୍କୁଆ ।

**କଳେଇ** *ବି.* ୧. ଧାନହଳା ୨. ଶସ୍ୟଗୋଛା ।

**କଳେବର** *ବି.* ଦେହ, ଶରୀର ।

**କଳ୍ପ** *ବି.* ୧. ବ୍ରହ୍ମାଙ୍କର ଏକ ଦିନ (ମଣିଷଙ୍କ ପକ୍ଷରେ ୪୩୨ କୋଟି ବର୍ଷ) ୨. ଅଭୀଷ୍ଟ ୩. ଦ୍ୱିତୀୟ ବେଦାଙ୍ଗ ୪. ପ୍ରଳୟ ୫. ଗୌଣବିଧି ୬. ସଂକଳ୍ପ; **ବିଂ.** ପ୍ରାୟ ।

**କଳ୍ପକ** *ବିଂ.* କଳ୍ପନାକାରୀ ।

**କଳ୍ପତରୁ, କଳ୍ପବଟ** *ବି.* ଅଭୀଷ୍ଟଫଳ ଦାନ କରୁଥିବା କଳ୍ପିତ ସ୍ୱର୍ଗୀୟ ବୃକ୍ଷ ।

**କଳ୍ପନା** *ବି.* ୧. ଯାହା ନାହିଁ-ତାହା ଅଛି ବୋଲି ଅନୁମାନ ୨. ଆରୋପ ୩. ଉଦ୍ଭାବନ ୪. ମନେମନେ ଚିନ୍ତା ୫. ମାନସିକ ବିଚାର ।

**କଳ୍ପନାନେତ୍ର** *ବି.* ମନ ମଧ୍ୟରେ ଭାବ ଓ ବସ୍ତୁ ସଂକ୍ରାନ୍ତ ଅନୁମାନ ।

**କଳ୍ପନୀୟ** *ବିଂ.* କଳ୍ପନାଯୋଗ୍ୟ ।

**କଳ୍ପାନ୍ତ** *ବି.* ପ୍ରଳୟକାଳ, ଗୋଟିଏ ଯୁଗର ଶେଷ ସମୟ ।

**କଳ୍ପିତ** *ବିଂ.* ୧. ମନଗଢ଼ା ୨. ଉଦ୍ଭାବିତ ୩. ଆରୋପିତ ।

**କଲ୍ମଷ** *ବି.* ୧. ପାପ ୨. ମଳିନତା, ଦାଗ ୩. ଅନ୍ୟାୟ ୪. ଭୁଲ ।

**କଲବଲ** *ବିଂ.* ୧. ଅସ୍ତବ୍ୟସ୍ତ ୨. ଛଟପଟ ୩. ଦୁଃଖ ଯନ୍ତ୍ରଣାରେ ଅଧୀର ; **ବି.** ୧. କାଉଳି ୨. ଅସ୍ଥିରତା ।

**କଲମ** *ବି.* ୧. ଲେଖନୀ ୨. ଶାଖାର କାଣ୍ଡରୁ ଚେର ଜନ୍ମାଇ ସ୍ୱତନ୍ତ୍ର ଗଛ ପ୍ରସ୍ତୁତି ୩. କଲମି ଶାଖାଖଣ୍ଡ ।

**କଲମତ୍ରାସ** *ବି.* କଲମକଟା ଛୁରୀ ।

**କଲମି** *ବିଂ.* କୃତ୍ରିମ ଉପାୟରେ ଗଛରେ ରୂପାନ୍ତରିତ ଡାଳ ।

**କଲମି ଆମ୍ବ** *ବି.* କଲମିକରା ଗଛରେ ଫଳୁଥିବା ଆମ୍ବ ।

**କଲରା** *ବି.* ୧. ଖାଦ୍ୟ ଭାବରେ ବ୍ୟବହୃତ ପିତାଫଳ ଓ ତାହାର ଲତା ୨. କଲରା ପତ୍ରପରି ଦେହରେ ଦାଗଥିବା ବାଘ ।

**କଲରାପତରିଆ** *ବି.* ବାଘ, କେନ୍ଦୁଆ, ଚିତାବାଘ ।

**କଲାଜିଆଁ** ***ବି.*** ମୋଟାମୁଣ୍ଡଥିବା କଳାରଙ୍ଗର ଗଡ଼ିଶା ଜାତୀୟ ମାଛ ।

**କଲାଲୁଣ୍ଡା** ***ବି.*** ପୋଡା ପୁଆଳର କଳାପାଉଁଶ ଗୋବର ପାଣିରେ ମିଶାଇ ମାଟିଘରର ଚଟାଣ ଓ କାନ୍ଥରେ ଲେପିବାପାଇଁ ବ୍ୟବହୃତ କନା, ଲୁଣାପତା ।

**କଲି** ***ବି.*** ୧. ସିପଚୁନ ୨. ନୂଆ ବାହାରୁଥିବା ପତ୍ର ବା ଡଙ୍କ ୩. ମଣିଷର କାନ ପାଖରେ ବଢ଼ିଥିବା ବାଳ ୪. କପାଳରେ ସୂକ୍ଷ୍ମଚିତା ବା ସିନ୍ଦୂରଗାର ୫. ଗଞ୍ଜେଇ ଫୁଲର ପାଖୁଡ଼ା ।

**କଲିଆ** ***ବିଂ.*** କଳା, କଳାରଙ୍ଗବିଶିଷ୍ଟ ।

**କଲିଆର, କଡ଼ିଆର** ***ବି.*** ଘୋଡାମୁହଁ ଭିତରେ ଥିବା ଲଗାମର ଲୁହା ।

**କଲିଜା** ***ବି.*** ୧. ହୃଦୟ ୨. ଯକୃତ ୩. ଦମ୍ଭ ୪. ସାହସ ।

**କଲିଜାଘର** ***ବି.*** ୧. ଛାତିଭିତର ୨. ଗୁମରସ୍ଥାନ ।

**କଲୁଆଁ** ***ବି.*** ଭୋଗପାଇଁ ପ୍ରସ୍ତୁତ ଖାଦ୍ୟ, ନୈବେଦ୍ୟପାଇଁ ଉଦ୍ଦିଷ୍ଟ ସାମଗ୍ରୀ ।

**କଲେଇ** ***ବି.*** ୧. ତରଳା ଟିଣର ଲେପ ୨. ଝରିପୋକ ।

**କଲେଇଛଡ଼ା** ***ବିଂ.*** ରଙ୍ଗଛଡ଼ା, ଚୋପାଛଡ଼ା ।

**କଲେକଲେ** ***କ୍ରି.ବିଂ.*** ୧. ଧୀର ସ୍ୱରରେ ୨. ଆସ୍ତେ ।

**କଲେଜ୍** ***ବି.*** ମହାବିଦ୍ୟାଳୟ ।

**କଲେରା** ***ବି.*** ତରଳ ଝାଡ଼ା ଓ ବାନ୍ତି ହେଉଥିବା ସଂକ୍ରାମକ ରୋଗ, ଓଲାଉଠା ରୋଗ, ହଇଜା, ବିସୂଚିକା ।

**କଲ୍ୟାଣ** ***ବି.*** ୧. ଆଶୀର୍ବାଦ ୨. ମଙ୍ଗଳ ୩. ସୁଖ ; ***ବିଂ.*** ୧. ଶୁଭଦାୟକ ୨. ମଙ୍ଗଳଯୁକ୍ତ ।

**କଲ୍ୟାଣମଣ୍ଡପ** ***ବି.*** ବିବାହ ବ୍ରତାଦି କାର୍ଯ୍ୟ ନିମିତ୍ତ ଉଦ୍ଦିଷ୍ଟ ମଣ୍ଡପ ।

**କଲ୍ୟାଣୀୟ** ***ବିଂ.*** ଆଶୀର୍ବାଦର ଯୋଗ୍ୟ, ସ୍ନେହାସ୍ପଦ, ଶ୍ରଦ୍ଧେୟ; *ସ୍ତ୍ରୀ.* କଲ୍ୟାଣୀୟା ।

**କଲ୍ଲୋଳ** ***ବି.*** ଢେଉ, ଊର୍ମି, ତରଙ୍ଗ ।

**କଲ୍ଲୋଳିନୀ** ***ବି.*** ନଈ ; ***ବିଂ.*** ତରଙ୍ଗମାଳିନୀ ।

**କଶା, କସା, କଷା** ***ବି.*** ୧. ଚାବୁକ ୨. ଲଗାମ; ***ବିଂ.*** ୧. ରାସାୟନିକ ବା ଜୈବିକ ପଦାର୍ଥରେ ପାଗ କରାଯାଇଥିବା ୨. ତେଲରେ (ବିନା ପାଣିରେ) ଭାଜି ପ୍ରସ୍ତୁତ (ବ୍ୟଞ୍ଜନ) ।

**କଷ** ***ବି.*** ୧. ମଜଭୁତ ଦଉଡ଼ା ୨. କତାକୁ ପାଣିରେ ପକାଇ ପଚାଇବା ୩. କଦଳୀଆଦି ଗଛର ରସ ।

**କଷଟ** ***ବି.*** କୃପଣତା, କାର୍ପଣ୍ୟ ; ***ବିଂ.*** କୃପଣ ।

**କଷଟି** ***ବି.*** ସୁନାକୁ ଘଷି ତା'ର ଗୁଣବତ୍ତା ନିର୍ଣ୍ଣୟ ପାଇଁ ବ୍ୟବହୃତ ପଥର ବିଶେଷ, ନିକଷ, ପରଖପଥର ।

**କଷଣ** ***ବି.*** ୧. କଷ୍ଟ ୨. ବ୍ୟଥା ୩. ଯନ୍ତ୍ରଣା ।

**କଷ ପକେଇବା** ***କ୍ରି.*** ୧. ଗାଈ, ଛେଳି, କୁକୁର ପ୍ରଭୃତି ଋତୁମତୀ ହେବା ୨. ପାଗିବା ।

**କଷରା** ***ବିଂ.*** ଗାଢ଼ ପାଉଁଶିଆ ବା ଧୂସର ରଙ୍ଗର ।

**କଷା** ***ବିଂ.*** ୧. କଷା ସୁଆଦଯୁକ୍ତ ୨. ଈଷତ୍ ନାଲିଆ ; ***ବି.*** ୧. ସ୍ୱାଦ ବିଶେଷ ୨. ଗେରୁରଙ୍ଗ ୩. କଷିବା କାମ ୪. କୋରଡ଼ା ୫. ପରଖ ୬. ପାଣି ନ ଦେଇ କେବଳ ମସଲା ଓ ତେଲରେ ଭାଜି ରନ୍ଧାହୋଇଥିବା ତରକାରି ।

**କଷାକଷି** ***ବି.*** ସାମର୍ଥ୍ୟ ପରୀକ୍ଷା, ବଳ କଳନା ।

**କଷାପାଣି** ***ବି.*** ବିଭିନ୍ନ ଚେରମୂଳୀ ସିଝାଇ ପ୍ରସ୍ତୁତ ପାଣି ।

**କଷାୟ** ***ବି.*** ୧. କଷାରସ ୨. ନିର୍ଯ୍ୟାସ ୩. ଗେରୁଆରଙ୍ଗ ; ***ବିଂ.*** କଷାସ୍ୱାଦବିଶିଷ୍ଟ ।

**କଷାୟିତ** ***ବିଂ.*** ଆରକ୍ତ, ନାଲି ବା ଗେରୁରଙ୍ଗ ହୋଇଥିବା ।

**କଷି** ***ବି.*** ୧. ଫଳର ଆଦ୍ୟ ଅବସ୍ଥା, ପାକଳ ହୋଇନଥିବା ଫଳ ; ***ବିଂ.*** ୧. ପାଚି ନ ଥିବା, ପାକଳ ହୋଇନଥିବା ୨. ଛୋଟ, ଅପୁଷ୍ଟ, କଅଁଳିଆ ।

**କଷିବା** ***କ୍ରି.*** ୧. ପରଖିବା ୨. ଅଙ୍କ ଇତ୍ୟାଦି ହିସାବ କରିବା ୩. ଶକ୍ତ କରିବା ୪. କୋମଳ କରିବା ଲାଗି ଟାଣ ଦ୍ରବ୍ୟକୁ ବତୁରାଇବା ୫. ଭିଡ଼ିବା ୬. ପରିବା/ ମାଂସ ଆଦି ଭାଜିବା ।

**କଷୁଟିଆ** ***ବିଂ.*** ୧. ପାଉଁଶିଆ ରଙ୍ଗର ୨. **କଷା ସ୍ୱାଦବିଶିଷ୍ଟ ।**

**କଷେଇବା** ***କ୍ରି.*** ଗଛଛାଲି ଓ ମଞ୍ଜି ମିଶ୍ରିତ ପାଣିରେ ନୂତନ ବସ୍ତ୍ରକୁ ବତୁରାଇ ରଙ୍ଗ କରିବା ।

**କଷ୍ଟ** ***ବି.*** ୧. ଯନ୍ତ୍ରଣା ୨. ଆୟାସ ।

**କଷ୍ଟମ୍** ***ବି.*** ୧. ପରମ୍ପରା ୨. ବହୁକାଳରୁ ପ୍ରଚଳିତ ବିଧି ।

**କଷ୍ଟମ୍‌ସ୍** ***ବି.*** ବହିଃଶୁଳ୍କ, ବହିଃଶୁଳ୍କ ବିଭାଗ ।

**କଷ୍ଟମର୍** ***ବି.*** ଗ୍ରାହକ, ପଣ୍ୟଦ୍ରବ୍ୟର କ୍ରେତା ।

**କଷ୍ଟାର୍ଡ୍** ***ବି.*** ବହଳିଆ ସିଝାକ୍ଷୀର ବା ସେହିଭଳି ସୁମିଷ୍ଟ ତରଳ ପଦାର୍ଥରେ ପାଚିଲା ଫଳ ପ୍ରଭୃତି ମିଶାଇ ପ୍ରସ୍ତୁତ ଖାଦ୍ୟ ।

**କଷ୍ଟେମଷ୍ଟେ** ***କ୍ରି.ବିଂ.*** ବହୁ କଷ୍ଟରେ ।

**କସ୍** ***ବି.*** ଜାମ୍ ଧରିବା, **ଭିତରକୁ ସହଜରେ ନ ପଶିବା ।**

**କସ୍‌ତାଲ** ***ବି.*** କଂସା ତିଆରି ପିଟା ତାଳ, ଝାଞ୍ଜ ।

**କସ୍‌ନା** ***ବି.*** ୧. ଢେଙ୍କିର ପାହାରୁଣି ୨. ଲଙ୍ଗଳର ଲୁହାଫାଳ ।

**କସ୍‌ମସ୍** ***ବି.*** କ୍ଳାନ୍ତି ବା ଜ୍ୱରର ପୂର୍ବାଭାସଯୋଗୁଁ ଦେହ ଭିଡ଼ିମୋଡ଼ି ହେବା ଅବସ୍ଥା, ହାତଗୋଡ଼ ଘୋଳାବିନ୍ଧା ।

**କସ୍‌ରକନ୍ଦା** ***ବି.*** କସ୍‌ରୁକନ୍ଦା, ଖାଦ୍ୟ ରୂପେ ବ୍ୟବହୃତ ଏକ ଜଳଜ ଉଦ୍ଭିଦର କନ୍ଦା ବା ମୂଳ ।

**ଜସ୍‌ରିଆ** *ବି.* କେଶର ବର୍ଣ୍ଣ, ଲାଲ ଓ ଧୂସର ରଙ୍ଗର ମିଶ୍ରଣ ।

**ଜସ** *ବି.* ଛଟକ, ବାଗ, କାଇଦା ।

**ଜସମ୍** *ବି.* ରାଣ, ପ୍ରତିଜ୍ଞା, ନିୟମ ।

**ଜସରତ** *ବି.* ୧. ବ୍ୟାୟାମ, ଶାରୀରିକ ସ୍ୱାସ୍ଥ୍ୟପାଇଁ ଶ୍ରମସାଧନା ୨. ପରିଶ୍ରମ ।

**ଜସରା** *ବିଂ.* ଫିକା କାଳିଆ ।

**ଜସା** *ବି.* ରକ୍ତ, ଲହୁ ।

**ଜସୁର** *ବି.* ଦୋଷ, ଅପରାଧ ।

**ଜସେର୍** *ବି.* ଚାଉଳ ଗୁଣ୍ଡରେ ତିଆରି ବଡ଼ି ।

**ଜସ୍ତା** *ବି.* ନାଲି ବା ରଙ୍ଗୀନ ସୂତା ତିଆରି ମୋଟ ଓ ସାଧାରଣ ଶାଢ଼ୀ ।

**ଜସ୍ତୁରୀ** *ବି.* ମୃଗନାଭି, ମୃଗଠାରୁ ସୃଷ୍ଟ ସୁଗନ୍ଧ ପଦାର୍ଥ ।

**ଜସ୍ମିନ୍‌କାଳେ** *କ୍ରି.ବିଂ.* କେବେହେଲେ, କୌଣସି ସମୟରେ, କୌଣସି ପରିସ୍ଥିତିରେ ।

**ଜହର** *ବି.* ଗନ୍ଧ, ବାସ୍ନା ।

**ଜହିଲାବାଲା** *ବି.* ୧. ନିନ୍ଦୁକ, ନିନ୍ଦା କରୁଥିବା ଲୋକ ୨. ଭଲ କହିପାରୁଥିବା ବ୍ୟକ୍ତି, ବାଗ୍ମୀ ।

**ଜହୁଣି** *ବି.* ହାତର ମଝିଗଣ୍ଠି ।

**ଜହୁଣିଆ** *ବି.* ୧. ଚାଳ ବା ଛାତକୁ ଟେକି ଧରିଥିବା କାଠ ୨. ଲୁହା ବା ସିମେଣ୍ଟର ଠେସ ୩. କହୁଣିଦ୍ୱାରା ଆଘାତ ।

**ଜହୁଣିଖିଆ** *ବିଂ.* ଯେ ବାରମ୍ବାର ଭୁଲ୍ କରି କହୁଣି ମାଡ଼ଖାଏ ।

**ଜହୁଣି ମାରିବା** *କ୍ରି.* ଅନ୍ୟ ଉପରେ ରାଗି କହୁଣିରେ ଆଘାତ କରିବା ।

**ଜହେନି** *ଅ.* କୌଣସି, କେନ୍‌ସି ।

**ଜହ୍ଲାର** *ବି.* ଧଳାକଇଁ ।

**ଜକ୍ଷ** *ବି.* ୧. କୋଠରି ୨. କାଖ, ବାହୁମୂଳ ୩. ଗ୍ରହମାନଙ୍କର ଗତି ପଥ ।

**ଜକ୍ଷା** *ବି.* ୧. ହାତୀ ବେକବନ୍ଧା ଦଉଡ଼ି ୨. ଅନ୍ତଃପୁର କୋଠରି ୩. ପିନ୍ଧାଲୁଗାର କାନି ୪. ନାରୀର ଘରପିନ୍ଧା ଅଳଙ୍କାର ୫. ଘରର ମୂଳଦୁଆ ୬. ବିଦ୍ୟାଳୟରେ ଶ୍ରେଣୀ ।

**କାଁଚି** *ବି.* ୧. ଅତି ଛୋଟ ମାଟିକୁଣ୍ଡ ୨. ଅତି ସାନଗିନା ୩. ଗିନା ବା କୁଣ୍ଡି ଆକାରର ଅନ୍ୟ ବସ୍ତୁ *(ଉଦା.* ନଡ଼ିଆ କାଁଚି) ।

**କାଁଜେ** *ଅ.* କାହିଁକି, କଣପାଇଁ ।

**କାଁଡ଼୍** *ବି.* ପ୍ରାୟ ଚାଖଣ୍ଡେ ଲମ୍ବ ପରିମାଣ, ହାତର ବୁଢ଼ା ଆଙ୍ଗୁଠି ଟିପରୁ ତର୍ଜନୀ ଟିପ ପର୍ଯ୍ୟନ୍ତ ଦୈର୍ଘ୍ୟ ।

**କାଁଡ଼ିଆ** *ବି.* ଅଠାକାଠି, ଚୋପ୍ କାଁଡିଆ ।

**କାଁଥି** *ବି.* କାଛ ।

**କାଂସ, କାଂସ୍ୟ** *ବି.* କଂସାଧାତୁ ।

**କାଂସ[ସ୍ୟ]କାର** *ବି.* କଂସାରି ।

**କାଂକ୍ଷିତ** *ବିଂ.* ଇଚ୍ଛିତ, ବାଞ୍ଛିତ ।

**କା'** *ବି.* କାହାରି ବଦଳ ଭାବେ କାର୍ଯ୍ୟ କରିବାଲୋକ, ବଦଳ ।

**କାଇଁଚ, କାଇଞ୍ଚ** *ବି.* ଗୁଞ୍ଜଫଳ, ଅଧା କଳା ଓ ଅଧା ନାଲି ରଙ୍ଗ ଥିବା ଟାଣଫଳ ଏବଂ ତାହାର ଲତା ।

**କାଇଁସ୍** *ବି.* କାଶଫୁଲ, କାଶତଣ୍ଡୀ ।

**କାଇ** *ବି.* ୧. କଳା ଅଥବା ନାଲି ରଙ୍ଗର ଏକ ପ୍ରକାର ଜନ୍ଦା ୨. ହଳଦିଆ ମାଟି ।

**କାଇଣ୍ଡ୍** *ବିଂ.* ଦୟାଳୁ; *ବି.* ପ୍ରକାର, ଜାତି ।

**କାଇଦା** *ବି.* ୧. କୌଶଳ, ବାଗ ୨. ଯତ୍ନ ।

**କାଇନ୍-ହାଉସ୍** *ବି.* କାଞ୍ଜିଆପଦା, କାଞ୍ଜିହାଉସ୍, କାଞ୍ଜିଆହାଉଦା, ବେଆଇନ୍ ଭାବରେ ଚଳପ୍ରଚଳ ହେଉଥିବା ଗାଈଗୋରୁଙ୍କୁ ଆବଦ୍ଧ କରି ରଖିବା ସ୍ଥାନ ।

**କାଇଲା** *ବିଂ.* ୧. ରୁଗ୍‌ଣ, ରୋଗିଣା ୨. ଭୁଲ୍‌କରି ମାନିଯାଇଥିବା ବ୍ୟକ୍ତି ।

**କାଇଲି** *ବି.* ନିଜର ତ୍ରୁଟି, ଭୁଲ ।

**କାଇଲିଆ** *ବିଂ.* ଅନୁତପ୍ତ, ଦୋଷସ୍ୱୀକାର କରିଥିବା ।

**କାଉଁରି** *ବି.* ୧. ଗୁଣି ଗାରେଡ଼ିବିଦ୍ୟା ୨. ଗଉଡଙ୍କ ବାଡ଼ି ୩. ନଳିତା ଗଛର ଶୁଖିଲା କାଣ୍ଡ, କାଉଁରିଆ ।

**କାଉଁରିଆ** *ବି.* ନଳିତା ଇତ୍ୟାଦି ଗଛର ଚୋପାଶୂନ୍ୟ କାଣ୍ଡ ।

**କାଉଁରୀ** *ବି.* ଅଭିଆଡ଼ୀ ଝିଅ, କୁମାରୀ, ଟୁକେଲ ।

**କାଉଁଳିଆ** *ବିଂ.* କୁହୁଡ଼ିଆ ବା ମେଘୁଆ, ଥଣ୍ଡା ।

**କାଉଡ଼ି** *ବି.* ବାଡ଼ିର ଉଭୟ ପାର୍ଶ୍ୱର ପଦାର୍ଥ ବାନ୍ଧି / ରଖି କାନ୍ଧରେ ବୁହାଯାଉଥିବା ଉପକରଣ, ଭାର ।

**କାଉଡ଼ିଆ** *ବି.* ୧. ପାହାଡ଼ିଆ ଅଞ୍ଚଳରେ କାନ୍ଧରେ ଭାର ବୋହୁଥିବା ବ୍ୟକ୍ତି ୨. ଶ୍ରାବଣ ମାସରେ ପାଣିଭାର ନେଇ ଶିବ ମସ୍ତକରେ ଢ଼ାଳୁଥିବା ଭକ୍ତ ।

**କାଉଣ୍ଟର୍** *ବି.* ଟିକେଟ, ଟଙ୍କା, ଆଫିସିକ ଫର୍ମଆଦି ଆଦାନପ୍ରଦାନ କୋଠରୀ ବା ସ୍ଥାନ ।

**କାଉଣ୍ଟିଙ୍ଗ୍** *ବି.* ଗଣନା, ଗଣିବା କାର୍ଯ୍ୟ ।

**କାଉନ୍‌ସିଲ** *ବି.* ୧. ପରିଷଦ ୨. ସଭାସମିତିର ପରିଚାଳନା ସମିତି ।

**କାଉନ୍‌ସିଲର୍** *ବି.* ପୌରସଂସ୍ଥା ବା ସ୍ୱାୟତ୍ତଶାସନ ସଂସ୍ଥାର ନିର୍ବାଚିତ ବା ମନୋନୀତ ସଦସ୍ୟ ।

**କାଉଡ଼ା** ***ବିଂ.*** ୧. ଅଳସୁଆ ୨. ବିକଳମୁହାଁ ୩. ବୋକା ।

**କାଉମୁଚି** ***ବି.*** ଛୋଟ ପିଲାମାନେ ହାତମୁଠା ଖୋଲି ଓ ବନ୍ଦକରି ଖେଳୁଥିବା ଖେଳ ।

**କାଉଳି** ***ବି.*** ଆତୁରତା, ଅସ୍ଥିରତା, କାକୁତି, ଗହଳି ।

**କାଉଳିଆ** ***ବିଂ.*** ବ୍ୟସ୍ତବିବ୍ରତ, ଆତୁର ।

**କାଏଁ** ***ଅ.*** କି ।

**କାଏଁକରି** ***ଅ.*** କାହିଁକି, କେଉଁଥିପାଇଁ ।

**କାଏଁଟ୍** ***ବି.*** ତେଲ ଗରମ କଲେ ବାହାରୁଥିବା ପୋଡ଼ା ମଇଳା ଅଂଶ ।

**କାଏଁଟା** ***ସ.*** ୧. କେଉଁଟା ୨. କଣଟା ।

**କାଏଁଥି** ***ସ.*** କେଉଁଥିରେ, କେଉଁଠି ।

**କାଏମ** ***ବିଂ.*** ୧. ସ୍ଥାୟୀ, ସ୍ଥିର, ନିଶ୍ଚିତ ୨. ବଳବତ୍ତର ।

**କାଏଲ୍** ***ବି.*** କାଲି ।

**କାଏଲି ହେବା** ***କ୍ରି.*** ୧. ବିରକ୍ତି ପ୍ରକାଶ କରିବା ୨. ଭୁଲ କାମ କରିବାଯୋଗୁଁ ଦୋଷୀ ସାବ୍ୟସ୍ତ ହେବା ।

**କାକ୍‌ଟସ୍** ***ବି.*** କଣ୍ଟାଯୁକ୍ତ ଗୁଳ୍ମ ପ୍ରଜାତି ବିଶେଷ, ସିଝୁ, ନାଗଫେଣୀ ।

**କାକ** ***ବି.*** ୧. କଳାରଙ୍ଗର କର୍କଶ ସ୍ୱରବିଶିଷ୍ଟ ଏବଂ ପଚା ମାଂସଆଦି ଖାଉଥିବା ପକ୍ଷୀ ବିଶେଷ, କାଉ, କୁଆ ।

**କାକଚକ୍ଷୁ** ***ବିଂ.*** ଟେରା, ବକ୍ରଦୃଷ୍ଟି ।

**କାକଜ୍ୟୋତ୍ସ୍ନା** ***ବି.*** ପାହାନ୍ତିଆର ଭ୍ରମ ସୃଷ୍ଟିକରୁଥିବା ତୋଫା ଜହ୍ନ ଆଲୁଅ ।

**କାକତାଳିକ, କାକତାଳୀୟ** ***ବିଂ.*** ଆକସ୍ମିକ ଭାବରେ ତତ୍‌କାଳୀନ (କୁଆ ଚାଳ ଉପରେ ବସିବା ବେଳକୁ ତାଳ ଡେମ୍ଫରୁ ଖସିବା) ।

**କାକପାଦ** ***ବି.*** କାଉ ଗୋଡଭଳି ବଙ୍କା ଚିହ୍ନ ।

**କାକବନ୍ଧ୍ୟା** ***ବିଂ.*** ମାତ୍ର ଥରଟିଏ ଜନ୍ମ କରିଥିବା ନାରୀ ।

**କାକବଳି** ***ବି.*** ଶ୍ରାଦ୍ଧଆଦି ନୈମିତ୍ତିକ କର୍ମ ପରେ କୁଆପାଇଁ ଦିଆ ଯାଉଥିବା ବଳିଭୋଜ୍ୟ ।

**କାକରଛାନ୍** ***କ୍ରି.ବିଂ.*** ୧. ବ୍ୟସ୍ତବିବ୍ରତ ୨. ଆତଙ୍କିତ ୩. ତରବର, ବ୍ୟଗ୍ର ।

**କାକର** ***ବି.*** ରାତିରେ ଘାସ ଉପରେ ପଡୁଥିବା ଜଳବିନ୍ଦୁ, ଶିଶିର; ***ବିଂ.*** ଶୀତଳ ।

**କାକରପେଡ଼ି** ***ବି.*** ପଦାର୍ଥକୁ ଥଣ୍ଡା ବା ସତେଜ ରଖିବାପାଇଁ ବ୍ୟବହୃତ ଉପକରଣ, ଥଣ୍ଡେଇଯନ୍ତ୍ର, ଫ୍ରିଜ୍, ଫ୍ରିଜର୍ ।

**କାକରା** ***ବି.*** ଘିଅରେ ଛଣା ଅଟା ବା ଚାଉଳ ଗୁଣ୍ଡରେ ତିଆରି ପିଠା ବିଶେଷ ।

**କାକଳି, କାକଳୀ** ***ବି.*** କଳଧ୍ୱନି, ମଧୁର ଶବ୍ଦ, ପକ୍ଷୀର କଳରବ ।

**କାକସ୍ନାନ** ***ବି.*** ସ୍ୱଳ୍ପ ସମୟର ଗାଧୁଆ, ପାଣିଛିଞ୍ଚା ଗାଧୁଆ, ତରବରିଆ ଗାଧୁଆ ।

**କା' କା'** ***ବି.*** କାଉ ରାବିବା ଶବ୍ଦ ।

**କାକା** ***ବି.*** କକା, କକେଇ, ଖୁଡୁତା, ବାପାଙ୍କ ସାନଭାଇ, ଦାଦା ।

**କାକୀ** ***ବି.*** ଖୁଡ଼ୀ, କକାଙ୍କ ସ୍ତ୍ରୀ ।

**କାକୁ** ***ବି.*** ୧. ବକ୍ରୋକ୍ତି ୨. ଦୈନ୍ୟୋକ୍ତି ୩. ସଙ୍ଗୀତ ପରିବେଷଣରେ କଳାକାରଙ୍କର ସ୍ୱକୀୟ ଶୈଳୀର ମଧୁରତା ।

**କାକୁଡ଼ି** ***ବି.*** ଅଧିକ ଜଳୀୟ ଅଂଶ ଥିବା ଲତାଫଳ ବିଶେଷ, ଖିରା, କାଁକେର୍ ।

**କାକୁତି** ***ବି.*** ୧. କାତର ବା ଦୁଃଖାର୍ତ୍ତ ସ୍ୱର ୨. ଆକୁଳ ଅନୁରୋଧ ।

**କାକୁସ୍ତ[ସ୍ଥ]** ***ବିଂ.*** କାତର, ଭୀତ, ଅନୁନୟ ଭାବ ସହିତ ।

**କାକେରି** ***ବି.*** ସାନ ଆକାରର କାକରା ପିଠା ।

**କାଖିବିଲେଇ** ***ବି.*** କାଖଗୁଲି, କାଖସନ୍ଧିର ବଥ ।

**କାଖ** ***ବି.*** ବାହୁମୂଳର ଖୋଲ, ବଗଲ ।

**କାଖ କରିବା** ***କ୍ରି.*** କାଖେଇବା, ପାଇ କରିବା, କାଖରେ ଧରିବା ।

**କାଖଗୁଲି** ***ବି.*** କାଖର ବ୍ରଣ ବିଶେଷ ।

**କାଖେଇବା** ***କ୍ରି.*** ଛୋଟଛୁଆ ବା ଅନ୍ୟବସ୍ତୁକୁ କାଖରେ ଧରିବା, କାଖରେ ଧରି ହାତ ବେଢ଼ାଇବା

**କାଗଜ** ***ବି.*** ୧. ରାସାୟନିକ ପ୍ରକ୍ରିୟାରେ ତୃଣ ଜାତୀୟ ପଦାର୍ଥରେ ପ୍ରସ୍ତୁତ ସାମଗ୍ରୀ - ଯାହା ଲେଖା ଓ ମୁଦ୍ରଣପାଇଁ ବ୍ୟବହୃତ ହୋଇଥାଏ । ୨. ସମ୍ବାଦପତ୍ର ।

**କାଗଜପତ୍ର** ***ବି.*** ଦରକାରୀ ଚିଠିପତ୍ର, ଏକତ୍ର ଲେଖା ବା ଛାପା କାଗଜ ।

**କାଗଜା** ***ବି.*** ବଡ଼ କାଗେଜି ଲେମ୍ବୁ ।

**କାଗଜାତ୍** ***ବି.*** ୧. କାଗଜପତ୍ର ୨. ଦସ୍ତାବିଜ, ନଥିପତ୍ର ।

**କାଗଜି, କାଗେଜି** ***ବି.*** ପାତଳ ଚୋପାବିଶିଷ୍ଟ ଲେମ୍ବୁ ।

**କାଙ୍କ** ***ବି.*** ୧. ମାଟିହଣା ଲୁହା ହତିଆର ବିଶେଷ ୨. ବଗ, ଲମ୍ବା ଗୋଡ଼ ଓ ଧଳା ରଙ୍ଗର ପକ୍ଷୀ ବିଶେଷ ।

**କାଙ୍କଡ଼, କାଙ୍କଣ** ***ବି.*** ଖାଦ୍ୟଭାବରେ ବ୍ୟବହୃତ ଲତାଫଳ ବିଶେଷ ଓ ତାହାର ଲତା, କୋରକୋଏଟ୍, କୌଁକ୍‌ରୋ ।

**କାଙ୍ଗାଳ** ***ବିଂ. ବି.*** ନିଃସ୍ୱ(ବ୍ୟକ୍ତି), ଯାହାର କିଛି ନାହିଁ, ଆତୁର ଆଶାୟୀ, ***ସ୍ତ୍ରୀ.*** କାଙ୍ଗାଳୁଣୀ ।

**କାଙ୍ଗୁ** ***ବି.*** ସୁଆଁ ଜାତୀୟ ଶସ୍ୟ ବିଶେଷ ।

**କାଙ୍ଗୁଲ, କାନ୍ଥୁଲ** ***ବି.*** ବଡ଼ ହରଡ଼ ବିଶେଷ, ଡାଲିଜାତୀୟ ଶସ୍ୟ ଓ ସେହି ଗଛ ।

**କାଚ** *ବି.* ୧. ହାତର ଚୂଡ଼ି ୨. ବାଲି ଓ କ୍ଷାର ମିଶାଇ ନିଆଁରେ ତରଳାଇବାଦ୍ୱାରା ଉତ୍ପନ୍ନ ଦ୍ରବ୍ୟ ; *ବିଂ.* ସ୍ୱଚ୍ଛ ।

**କାଚକେନ୍ଦୁ** *ବିଂ.* ଅତି ସ୍ୱଚ୍ଛ ଓ ନିର୍ମଳ ।

**କାଚରା** *ବି.* କାଚ ବିକି ଜୀବନ ବଞ୍ଚୁଥିବା ଜାତି ବିଶେଷ ।

**କାଚିବା** *କ୍ରି.* ୧. ମଇଳା ଲୁଗାପଟା ହାତରେ କାଚିକୁଚି ସଫା କରିବା ୨. ନଳିତା ଇତ୍ୟାଦି ପାଣିରେ ବାଡ଼େଇ ଝୋଟ ବାହାର କରିବା ୩. ଜୋରରେ ବର୍ଷାହେବା ।

**କାଛ** *ବି.* କରିଆ, କନା ।

**କାଛଟା, କାଛଣି, କାଛା** *ବି.* ଲେଙ୍ଗୁଟି, କୌପୁନି, ସରୁ ପଟଲୁଗା ।

**କାଛୁ** *ବି.* ଚର୍ମରୋଗ ବିଶେଷ, ଖୁଜ୍‌ରି ।

**କାଛୁଆ** *ବିଂ.ବି.* କାଛୁରୋଗ ଭୋଗୁଥିବା (ଲୋକ) ।

**କାଜ** *ବି.* ୧. ପଥରରେ ତିଆରି ପାଣିଗଡ଼ା ବାଟ ୨. ପୋଷାକ ପ୍ରଭୃତିରେ ବୋତାମ ପଶିବାପାଇଁ କଣା ।

**କାଜଲ୍** *ବି.* କଜଳ, ଆଖିରେ ଲଗାଯାଉଥିବା କଳା ।

**କାଜି** *ବି.* ମୁସଲମାନ ଆଇନଜ୍ଞ ଓ ବିଚାରକ ।

**କାଜୁ** *ବି.* ଭାଲିଆ; ଏକ ପ୍ରକାର ଗଛ, ତା'ର ଫଳ ଓ ମଞ୍ଜି ।

**କାଜୁଆଲ୍** *ବିଂ.* ୧. ସାମୟିକ, ଅନିୟମିତ ୨. ଖାମଖିଆଲ ।

**କାଜୁଆଲ୍‌ଟି** *ବି.* ୧. କାଜୁଆଲ୍‌ଟି ଓ୍ୱାର୍ଡ଼, ଡାକ୍ତରଖାନାରେ ପହଞ୍ଚିବା ମାତ୍ରେ ଚିକିତ୍ସା ନିମନ୍ତେ ଯେଉଁଠି ବ୍ୟବସ୍ଥା ଥାଏ, ଆଶୁ ଚିକିତ୍ସା ବିଭାଗ ୨. ଦୁର୍ଘଟଣା, ଅଘଟଣ ।

**କାଜୁଆଲ୍ ଲିଭ୍** *ବି.* କର୍ମଚାରୀମାନେ ସାମୟିକ ଭାବରେ ପାଉଥିବା ଛୁଟି।

**କାଞ୍ଚନ** *ବି.* ୧. ହଳଦୀ ବର୍ଣ୍ଣର ଏକ ପ୍ରକାର ଧାତୁ-ଯାହା ଅଳଙ୍କାର ପ୍ରସ୍ତୁତିରେ ବହୁଳ ବ୍ୟବହୃତ, ସୁନା ୨. କଞ୍ଚନ ଫୁଲ ଓ ଗଛ ୩. ସୁନା ବା ହଳଦୀ ରଙ୍ଗ ।

**କାଞ୍ଚଲା** *ବି.* ନାରୀମାନଙ୍କ ବକ୍ଷ ପରିଧେୟ ବା ବକ୍ଷବନ୍ଧନୀ, ବ୍ରା ।

**କାଞ୍ଚି, କାଞ୍ଚୀ** *ବି.* ୧. ମେଖଳା ୨. ଘୁଙ୍ଗୁରଲଗା ଅଣ୍ଟାସୂତା ୩. ଆଧୁନିକ କଞ୍ଜିଭରମ୍‌ର ପ୍ରାଚୀନ ନାମ ।

**କାଞ୍ଚିଆ** *ବିଂ.* ୧. ଛଉକା ୨. ଛାପିଛାପିକିଆ ।

**କାଞ୍ଜି** *ବି.* ବାସି ଖଟା ତୋରାଣି ଓ ଚାଉଳରେ ପ୍ରସ୍ତୁତ ବ୍ୟଞ୍ଜନ ।

**କାଞ୍ଜିଆ** *ବିଂ.* ୧. ଅଯଥା ୨. ନଷ୍ଟ ୩. ଫସରଫଟା ।

**କାଞ୍ଜିଗାତ** *ବି.* ଭୂଇଁରେ ବା କାଠପଟାରେ ଷୋହଳଟି ଗାତ ଥାଇ ତେନ୍ତୁଳି ମଞ୍ଜି ସାହାଯ୍ୟରେ ଖେଳ ।

**କାଞ୍ଜିତୋରାଣି** *ବି.* ପେଜ ତୋରାଣି ।

**କାଟ** *ବି.* ୧. କାଟିବା ବା ଛେଦନ କରିବା କାର୍ଯ୍ୟ ୨. ପ୍ରକାର, ରକମ, ଭେଦ ୩. ତାଳ ବାଦ୍ୟର ଛେକ ୪. ଚିହ୍ନ, ଦାଗ ୫. ରିହାତି, ଛାଡ ।

**କାଟଣ, କାଟଣା** *ବି.* ୧. କାଟିବା ୨. ସୂତାକଟା ୩. କଟା ପରିବା ।

**କାଟଣି, କାଟେଣି** *ବି.* ୧. ସୂତା କାଟିବାର ଧରଣ ୨. ସୂତା କଟାଳି ୩. କଟାଯାଇଥିବା ସୂତାର ମୋଟେଇ ୪. ତେଲଦ୍ୱାରା ସଜ୍ଜିତ ମାଙ୍ଗ ୫. ବାଉଁଶ ବେଣ୍ଟ ଥିବା ତାଳପତ୍ରାଦି କାଟିବା ନିମିତ୍ତ ଲୁହାର ଦା' ପରି ଧାରୁଆ ଅସ୍ତ୍ର ୬. କୋଠାଘରର ନିଅଁଠାରୁ କାଛମୂଳକୁ ଉଠୁଥିବା ପତନ ୭. ପ୍ରକାର ।

**କାଟତି** *ବି.* ୧. ବିକ୍ରୟର ପରିମାଣ ୨. ଚାହିଦା ।

**କାଟଦିଆ** *ବି.* ଜମିରେ ଧାନାଦି ଫସଲନିମିତ୍ତ ଭାଗଚାଷୀଙ୍କୁ ନିର୍ଦ୍ଦିଷ୍ଟ ପରିମାଣର ଫସଲ ଦେବାକୁ ଚୁକ୍ତି ।

**କାଟପାଣି** *ବି.* ଗ୍ରାସିଥିବା କୌଣସି ଅଶୁଭ ଶକ୍ତିର ସଂକ୍ରମଣରୁ ମୁକ୍ତ କରିବାପାଇଁ ବ୍ୟକ୍ତି ଉପରେ ପ୍ରୟୋଗ କରାଯାଉଥିବା ମନ୍ତ୍ରରାପାଣି।

**କାଟରର୍** *ବି.* ଭୋଜନ ପ୍ରସ୍ତୁତି ଓ ପରିବେଷଣର ଠିକା ନେଉଥିବା ବ୍ୟକ୍ତି ବା ସଂସ୍ଥା ।

**କାଟରିଙ୍ଗ୍** *ବି.* ଭୋଜନ ପ୍ରସ୍ତୁତ ଓ ପରିବେଷଣ କାର୍ଯ୍ୟ, ଭୋଜନ ପ୍ରସ୍ତୁତି ଓ ଯୋଗାଣ ବ୍ୟବସ୍ଥା ।

**କାଟିବା** *କ୍ରି.* ୧. ଖଣ୍ଡନ କରିବା ୨. କମାଇବା ୩. ଛେଦନ କରିବା ୪. କଷ୍ଟ ହେବା ୫. ଗାଳିଦେବା ୬. ବିତାଇବା, ଯାପନ କରିବା ୭. ଫେଡାଣ କରିବା ୮. କପାରୁ ସୂତା କାଢ଼ିବା ୯. ଭୋଜିରେ ପରୁଶିବାପାଇଁ ମୂଳ ଆଧାର (ହଣ୍ଡା, ଡେଗଚି ପ୍ରଭୃତି)ରୁ ଖାଦ୍ୟ ବାହାର କରିବା।

**କାଟୁ** *ବି.କ୍ରି.ବିଂ.* ଫଳପ୍ରଦ, ପ୍ରଭାବପ୍ରଦ, କାର୍ଯ୍ୟକାରୀ ।

**କାଟୁଣା** *ବିଂ.* ଗାଳି ଦେବାରେ ପାରଙ୍ଗମ, *ସ୍ତ୍ରୀ.* କାଟୁଣୀ ।

**କାଟୁଣି** *ବି.* ୧. ସୂତାକଟା ମଜୁରି ୨. ସୂତାକଟାଳି ।

**କାଟୁ ବାନ୍ଧିବା** *କ୍ରି.* ଜୁଆଖେଳପାଇଁ ପଇସା ପକାଇବା ।

**କାଠ** *ବି.* ୧. ଗଛର ବକଳା ତଳର କଠିନ ଅଂଶ ୨. ଜାଳେଣି; *ବିଂ.* ୧. ଟାଣୁଆ ୨. ଶୁଖିଲା ୩. ନିଷ୍ପନ୍ଦ ୪. କିଂକର୍ତ୍ତବ୍ୟବିମୂଢ଼, ଜଡ଼ ୫. ନୀରସ ।

**କାଠଚମ୍ପା** *ବି.* ସୁଗନ୍ଧିତ ଫୁଲ ବିଶେଷ ଓ ସେହି ଗଛ ।

**କାଠମୁହାଁ** *ବିଂ.* ନିର୍ଲଜ, ଅଲାଜୁକ ।

**କାଠ ହୋଇଯିବା** *କ୍ରି.* ଭୟ, ଆଶଙ୍କା ବା ଲାଜରେ ଜଡ଼ସଡ଼ ହୋଇଯିବା, ନିସ୍ତେଜ ହୋଇଯିବା ।

**କାଠା** *ବି.* ୧. ଏକ ଦିଘାର ୨୦ ଭାଗରୁ ଭାଗେ, ୩୨୦ ବର୍ଗ ହାତ ପରିମିତ ଜମି ୨. ପଚାଶ ସଂଖ୍ୟକ ବିଡ଼ି ପ୍ରଭୃତିର ବିଡ଼ା।

**କାଠି** *ବି.* ଛୋଟ କାଠଖଣ୍ଡ, ଶଳାକା ।

**କାଠିଆ** *ବି.* ଏକ ପ୍ରକାରର କଦଳୀ ; *ବିଂ.* ସରୁଆ, ପତଳା ।

**କାଠି କରିବା** *କ୍ରି.* କାଠିଦ୍ୱାରା ଦାନ୍ତ ଘଷିବା, ଦାନ୍ତ ଘଷିବା ।

**କାଠିନ୍ୟ** *ବି.* କଠିଣତା, ଦୁର୍ବୋଧ୍ୟତା ; *ବି.* ଛୋଟ ଡଙ୍ଗା, ଛୋଟ କାଠପାତ୍ର ।

**କାଠିଭାତ, କାଠିମରା** *ବି.* ପେଜ ଗଳା ନ ହୋଇ ରନ୍ଧାଭାତ, ଚୁଆଭାତ ।

**କାଠିଲାଗି** *ବି.* ଶ୍ରୀମନ୍ଦିରରେ ଜୀଉମାନଙ୍କର ଦାନ୍ତଘଷା ନୀତି ।

**କାଠୁଆ** *ବି.* ୧. ହଳଦୀ, ଲୁଣ ଇତ୍ୟାଦି ରଖିବାପାଇଁ କାଠତିଆରି ବାସନ ୨. ହୁଲି, ଛୋଟ ଡଙ୍ଗା ; *ବିଂ.* ୧. ଟାଣୁଆ ୨. ବହଳିଆ ।

**କାଠୁରିଆ** *ବି.* କାଠକଟାଳି ।

**କାଠେଇ ଯିବା** *କ୍ରି.* ୧. ପ୍ରତିକ୍ରିୟା ପ୍ରକାଶ ନ କରି ସମ୍ଭାଳିଯିବା ୨. ଟାଣେଇ ଯିବା ।

**କାଡ଼ା** *ବି.* କମାଣ୍ଡ ଏରିଆ ଡେଭଲପମେଣ୍ଟ ଅଥରିଟି, ନିର୍ଦ୍ଦିଷ୍ଟ ଅଞ୍ଚଳର ବିକାଶ ନିମନ୍ତେ ସରକାରଙ୍କଦ୍ୱାରା ପରିଚାଳିତ ସଂସ୍ଥା; *ବିଂ.* କଡ଼ା, କାଡୁଆ।

**କାଡ଼ିଆକ୍** *ବିଂ.* ହୃତପିଣ୍ଡ ସମ୍ବନ୍ଧୀୟ, ହୃଦ୍‌ରୋଗ ସମ୍ପର୍କିତ ।

**କାଡ଼ିଓଲୋଜି** *ବି.* ହୃତପିଣ୍ଡ ସମ୍ବନ୍ଧିତ ଚିକିତ୍ସାବିଜ୍ଞାନ ।

**କାଡ଼ିଗାନ୍** *ବି.* ବିଶେଷ ଭାବରେ ସ୍ତ୍ରୀଲୋକମାନଙ୍କ ପୁରାହାତଥିବା ପଶମ କାମିଜ, ପୁଲୋଭର୍ ବା ସ୍ୱେଟର୍ ।

**କାଢ଼** *ବି.* ୧. ସମର୍ଥପଣ, ପାରିଲାପଣ ୨. ଶାରୀରିକ ବଳ, କ୍ଷମତା ।

**କାଢ଼ିଆ** *ବିଂ.* ୧. ଋଣ ୨. ଉଧାର ୩. ଧାନ ଋଣନେଇ ଧାନ ଦେଇ ଶୁଝିବା ବ୍ୟବସ୍ଥା ।

**କାଢୁ, କାଢୁଆ** *ବିଂ.* ୧. ଶକ୍ତିମାନ ୨. ସମର୍ଥ ୩. ଦକ୍ଷତାସମ୍ପନ୍ନ, ପାରଗ ।

**କାଢୁମର୍ଦ୍ଦନ** *ବିଂ.* ୧. ଶକ୍ତିମାନ ୨. ବଳଶାଳୀ ।

**କାଣ** *ବିଂ.* ଗୋଟିଏ ଆଖିକୁ ଦେଖା ଯାଉନଥିବା, କଣା, *ସ୍ତ୍ରୀ.* କାଣୀ ।

**କାଣା** *ପ୍ର.* କ'ଣ, କିସ ।

**କାଣି** *ବି.* ଅତି ସାମାନ୍ୟ ; *ବିଂ.* ଛୋଟ (କଉଡ଼ି) ।

**କାଣି ଆଙ୍ଗୁଠି** *ବି.* ହାତ ବା ପାଦର ସବା ସାନ ତଥା ଶେଷଆଙ୍ଗୁଠି, ଚିନିଆଙ୍ଗୁଠି ।

**କାଣି କଉଡ଼ି** *ବି.* ୧. ଛୋଟ ବା ସରୁ କଉଡ଼ି ୨. ସାମାନ୍ୟ ଅର୍ଥ ବା ଟଙ୍କା ।

**କାଣିଚା** *ବି.* ଅତି ସାମାନ୍ୟ ପରିମାଣ ।

**କାଣିଚାଏ** *ବିଂ.* ଅତି ଅଳ୍ପ ପରିମାଣର ।

**କାଣିଚିଆଁ** *ବି.* ଅତି ଅଳ୍ପ ବୟସର ଚଢ଼େଇଛୁଆ, କୁକୁଡ଼ା ଛୁଆ ।

**କାଣିଚିଆ** *ବି.* ଅନାବନା ତୃଣ ଓ ତାହାର ମଞ୍ଜି ।

**କାଞ୍ଜି** *ବି.* ତେଲ ପ୍ରଭୃତିର ତଳକୁ ବସିଯାଇଥିବା ବହଳ ଅଂଶ ; *ବିଂ.* ସରୁ, ପତଳା ।

**କାଞ୍ଜିଆ** *ବିଂ.* କାଞ୍ଜିଯୁକ୍ତ; *ବି.* ୧. ଏକ ପ୍ରକାରର ବଗ ୨. ରେଶମ ବା ପାଟର ମୋଟ ଚାଦର ।

**କାଣ୍ଡ** *ବି.* ୧. ଗଛର ଗଣ୍ଡି ୨. ଶର ୩. ସମୂହ ୪. ଅଧ୍ୟାୟ, ଗ୍ରନ୍ଥର ପ୍ରସଙ୍ଗ ବା ବିଭାଗ ୫. ବିଷମ ବ୍ୟାପାର ୬. ଚାଳଘରର ଶେଣୀରୁ କାନ୍ଥ ଉପର ଦେଇ ତଳକୁ ଲମ୍ବି ଥିବା କାଠ ବା ବାଉଁଶ କାଣ୍ଡ ୭. ଘଟଣା ।

**କାଣ୍ଡକାଣ୍ଡିଆ** *ବି.* ସଉପ ତିଆରିରେ ବ୍ୟବହୃତ ଏକ ପ୍ରକାରର ତୃଣ ବିଶେଷ ।

**କାଣ୍ଡଜ୍ଞାନ** *ବି.* ସାଧାରଣ ଜ୍ଞାନ, ସାମାନ୍ୟ ଜ୍ଞାନ ।

**କାଣ୍ଡବିନ୍ଧା** *ବି.* ୧. କାଣ୍ଡର କୋମଳ ଅଂଶକୁ ଖାଇ ଯାଉଥିବା ପୋକ ୨. ଲାଖବିନ୍ଧା, ତୀରମରା ।

**କାଣ୍ଡଷଣ୍ଢିଆ** *ବି.* ୧. ଭଲ ଭାବରେ ଖାସୁ କରାଯାଇନଥିବା ବଳଦ ୨. ଫସା ମାରିଯିବା ।

**କାଣ୍ଡାରି** *ବି.* ୧. ମାଝି ୨. ନାବିକ ୩. ନେତା ।

**କାଣ୍ଡି** *ବି.* ୧. ଛୋଟ ଗାଉଁଲି ଦୋକାନ ୨. ରାଶି ୩. ସ୍ତୂପ ୪. ଗୋଦାମ ୫. ହାତୀର ତଳିପା ରୋଗ ୬. ମନ୍ତ୍ରପାଠର ଏକକ।

**କାଣ୍ଡିଆ** *ବି.* ନଳୁଆକେଳାର ଚଢ଼େଇ ଧରିବାନିମିତ୍ତ ଅଠାଦିଆ ଦିଫାଳିଆ କାଠି ବିଶେଷ ; *ବିଂ.* କଣ୍ଡା ବା ସଫା କରାଯାଇଥିବା ।

**କାଣ୍ଡିଆକୁଣ୍ଡା** *ବି.* ଅତି ସୂକ୍ଷ୍ମ କୁଣ୍ଡା ।

**କାଣ୍ଡିବା** *କ୍ରି.* ୧. ଚାଉଳ କୁଟି ସଫା କରିବା ୨. ଜୋରରେ ପିଟିବା ୩. ଜୋରରେ ବର୍ଷିବା ୪. ଗଦା କରିବା ୫. ଯେକୌଣସି ପ୍ରକାରେ ହଇରାଣ ହରକତ କରିବା ।

**କାଣ୍ଡୀର** *ବି.* ତୀରନ୍ଦାଜ ; *ବିଂ.* ଶରଧାରୀ ।

**କାତ** *ବି.* ଡଙ୍ଗା ଚଳାଇବାରେ ବ୍ୟବହୃତ ଲମ୍ବ କାଠ ବା ବାଉଁଶ ।

**କାତର** *ବିଂ.* ୧. ବ୍ୟାକୁଳ ୨. ଦୁଃଖରେ ବ୍ୟତିବ୍ୟସ୍ତ ; *ବି.* ୧. ଭେଳା ୨. ଡଙ୍ଗା ।

**କାତରତା** *ବି.* ବିଚଳିତ ମନ, ଅଧୀରତା, ବ୍ୟାକୁଳତା, ଆତୁରତା ।

**କାତି** *ବି.* ୧. ଛୋଟ ଛୁରି ୨. ମାଛ ଆଦିର ଶରୀର ଉପରର ଛୋଟ ଛୋଟ ଓ ପତଳା କଠିଣ ଆବରଣ ୩. ସାପ ଦେହର ଉପର ଛାଲି ୪. ଗୁଆ କାଟିବାପାଇଁ ବ୍ୟବହୃତ ଯନ୍ତ୍ର, ସୁର୍ତ୍ତି ।

**କାତ୍ୟାୟନୀ** *ବି.* ପାର୍ବତୀ, ଦୁର୍ଗା, ଭୈରବୀ ।

**କାଦମ୍ବ** *ବି.* ୧. ବାଲିହଂସ ୨. ବାଣ ୩. ଆଖୁ ୪. କଦମ୍ବ ।

**କାଦମ୍ବର** *ବି.* ୧. ଦହିସର ୨. ଆଖୁଗୁଡ଼ ୩. ମଦ ।

**କାଦମ୍ବରୀ** *ବି.* ୧. ସାରୀ ୨. ସରସ୍ୱତୀ ୩. ଗୁଡ଼ରୁ ପ୍ରସ୍ତୁତ ମଦ ।

**କାଦମ୍ବିନୀ** *ବି.* ମେଘମାଳା ।

**କାଦୁଅ** *ବି.* ୧. ପାଣିମିଶା ମାଟି ୨. ପଙ୍କ, କାଦୋ ।

**କାଦୁଆ** *ବିଂ.* ୧. କାଦୁଅରେ ଭର୍ତ୍ତି, ପଙ୍କିଳ ୨. ବହଳିଆ, ଅଳ୍ପ ପାଣିମିଶା ।

**କାନ୍‌ଗୁଆ** *ବି.* କାନଗଇ ।

**କାନ** *ବି.* ୧. ଶ୍ରବଣେନ୍ଦ୍ରିୟ ୨. ବେହେଲା ପ୍ରଭୃତିର ବନ୍ଧା ଖିଲ ।

**କାନଜଟା** *ବି.* ଅକାନବିନ୍ଧି ଲତା **ବିଂ.** ଅତି ଚାଲାକ ।

**କାନକୁଟା** *ବି.* କାନ କୁଟୁରା, କାନ ଭିତରେ ପଶିଯାଉଥିବା ମାଟିଆ ରଙ୍ଗର ପୋକ ।

**କାନକୁହା** *ବିଂ.* ୧. ଚୁଗୁଲିଆ ୨. ଗୋପନୀୟ ଖବର ଦେଉଥିବା ।

**କାନଗଇ** *ବିଂ.* କାନରେ ଥିବା କଠିନ ମଇଳା, କାନ୍‌ଗୁଆ ।

**କାନଗୋଇ** *ବି.* ଜମିଜମା ମାପକାରୀ କର୍ମଚାରୀ, କାନୁନ୍‌ଗୋ ।

**କାନତରାଟି, କାନ୍ତରାଟି** *ବି.* ଠିକାଦାର, କଣ୍ଟ୍ରାକ୍ଟର ।

**କାନ ଦେବା** *କ୍ରି.* ଅନ୍ୟକଥାକୁ ମନଦେଇ ଶୁଣିବା, ଅନ୍ୟର କଥା ଶୁଣିବାପାଇଁ ଉତ୍ସୁକତା ପ୍ରକାଶକରିବା ।

**କାନନ** *ବି.* ୧. ବଣ ୨. ଉଦ୍ୟାନ ।

**କାନଫଟା** *ବିଂ.* ଅତି ତୀବ୍ର (ଶବ୍ଦ), କାନ ସମ୍ଭାଳି ପାରୁନଥିବା (ଧ୍ୱନି) ।

**କାନଫୋଡା** *ବି.* ୧. କର୍ଣ୍ଣବେଧ, ଦଶସଂସ୍କାର କର୍ମ ମଧ୍ୟରୁ ଏକ ସଂସ୍କାର ; **ବିଂ.** ୧. କାନରେ ଫୋଡୁଥିବା (ବ୍ୟକ୍ତି) ୨. କାନ ଫୋଡା ହୋଇଥିବା ।

**କାନମୁଣ୍ଡା** *ବି.* କାନମୂଳ ବା କାନ ତଳକୁ ଥିବା ଗାଲର ଅଂଶ ।

**କାନମୋଡା** *ବି.* ୧. କାନକୁ ମୋଡ଼ିବା ୨. ପୁରଦେଇ ବାହାର ପଟକୁ କୁଞ୍ଚି କୁଞ୍ଚି କରି ତିଆରି ପିଠା, ପଦ୍ମପୁରୀ ।

**କାନି** *ବି.* ୧. ଲୁଗାର କୋଣ, ଲୁଗାର ପ୍ରାନ୍ତ ୨. କୋଣ, ପାର୍ଶ୍ୱ ।

**କାନିକା** *ବି.* ଚିନି, ଘିଅ ଓ ମସଲା ପଡ଼ିଥିବା ସୁଆଦିଆ ଅରୁଆ ଭାତ, ମିଠାଭାତ, ମିଠାପଲଉ ।

**କାନିକିଳା** *ବି.* ଅଣକିଳା, ଅଣଖିଲ, କାନିଖିଲ, ଛୋଟଖିଲ ।

**କାନିଖିଲା** *ବି.* କାନିକିଳା, କାମିଖିଲା ।

**କାନୁନ୍** *ବି.* ଆଇନ, ଦଣ୍ଡବିଧି ବା ବ୍ୟବସ୍ଥା ।

**କାନେଇବା** *କ୍ରି.* ଗୋପନରେ କାନପାରିବା ବା କାହାର ଅଲକ୍ଷ୍ୟରେ ଅନ୍ୟମାନଙ୍କର କଥାବାର୍ତ୍ତା ଶୁଣିବା ।

**କାନେକାନେ କହିବା** *କ୍ରି.* ବାରମ୍ବାର କହିବା, ଶିଖାଇବା ।

**କାନ୍ତ** *ବି.* ୧. ସ୍ୱାମୀ ୨. ଶୋଧିତ ଲୁହା ୩. ଉଳାଲୁହା; **ବିଂ.** ୧. କମନୀୟ , କୋମଳ ୨. ପ୍ରିୟ ।

**କାନ୍ତରାଟି** *ବି.* କାନତରାଟି, ଠିକାଦାର, କଣ୍ଟ୍ରାକ୍ଟର ।

**କାନ୍ତା** *ବି.* ୧. ସୁନ୍ଦରୀ ଭାର୍ଯ୍ୟା, ପତ୍ନୀ ୨. ପ୍ରିୟଙ୍ଗୁଲତା ।

**କାନ୍ତାନୀ** *ବି.* ୧. ଡାଆଣୀ ୨. କୁରୂପା ନାରୀ ୩. ଅଲକ୍ଷଣୀ ନାରୀ ।

**କାନ୍ତାର** *ବି.* ୧. ଦୁର୍ଭିକ୍ଷ ସମୟ ୨. ଗହନବନ ୩. ଦୁର୍ଗମ ଅଞ୍ଚଳ ୪. କନ୍ତାରି ଆଖୁ ।

**କାନ୍ତି** *ବି.* ୧. ଶୋଭା ୨. ଦୀପ୍ତି, ଛଟା ୩. ଚନ୍ଦ୍ରକାନ୍ତି ।

**କାନ୍ଥ** *ବି.* ବାସସ୍ଥାନ ଆବଦ୍ଧ କରିବାପାଇଁ ଇଟା, ମାଟି, ଝାଟିମାଟି ବା ପଥର ତିଆରି ଦୃଢ଼ ଘେରା ।

**କାନ୍ଥକୁରା** *ବି.* ତିଆରି ଜିନିଷ ପତ୍ର ରଖିବା ପାଇଁ କାନ୍ଥରେ ତିଆରି ଖୋପ, ଖୋଲ୍‌ନା ।

**କାନ୍ଥଡ଼ା** *ବି.* ଭଙ୍ଗା ବା ଦରଭଙ୍ଗା କାନ୍ଥ ।

**କାନ୍ଥି** *ବି.* ୧. ଛୋଟକାନ୍ଥ ୨. ନଈ ବା ନାଳର ଅତଡ଼ି ୩. ଦିଗବଳୟର ଆକାଶ ୪. କାନ୍ଥ ।

**କାନ୍ଦ, କାନ୍ଦଣା** *ବି.* ୧. କ୍ରନ୍ଦନ ୨. ଦୁଃଖରେ ଆଖିରୁ ଲୁହ ନିଗିଡ଼ିବା ।

**କାନ୍ଦଣାଗୀତ** *ବି.* ବାହାଘର ପରେ ଝିଅ ବିଦା କାଳରେ ଝିଅ, ମାଆ, ଭଉଣୀ, ଭାଉଜ ଇତ୍ୟାଦିଙ୍କ ଶୋକଗୀତ ।

**କାନ୍ଦବୋବାଳି** *ବି.* ବିଚ୍ଛେଦ, ଭୟ ବା ବିପଦରେ କାତର କ୍ରନ୍ଦନ ।

**କାନ୍ଧି, କାନ୍ଧି** *ବି.* ପେଣ୍ଡା, ପେଛା ।

**କାନ୍ଦିବା** *କ୍ରି.* ୧. ବିଷାଦ, ରାଗ ଅଥବା ଆନନ୍ଦରେ ଲୁହ ଗଡ଼ାଇବା ୨. କ୍ରନ୍ଦନକରିବା ।

**କାନ୍ଦୁରା** *ବିଂ.* ୧. କାନ୍ଦ କାନ୍ଦ ହେଉଥିବା ୨. କାନ୍ଦୁଥିବା ୩. ଅଳ୍ପକେ କାନ୍ଦି ପକାଉଥିବା, କ୍ରନ୍ଦନଶୀଳ, *ସ୍ତ୍ରୀ.* କାନ୍ଦୁରୀ ।

**କାନ୍ଦୁଲ** *ବି.* କାଙ୍ଗୁଲ, ବଡ଼ ଫାଳବିଶିଷ୍ଟ ହରଡ଼ ଜାତୀୟ ଶସ୍ୟ ।

**କାନ୍ଧ** *ବି.* ୧. ମଣିଷର ବେକଠାରୁ ହାତ ଉପର ପର୍ଯ୍ୟନ୍ତ ଅଂଶ ୨. ପଶୁ ପକ୍ଷୀଙ୍କ ମୁଣ୍ଡ ମୂଳଠାରୁ ପିଠି ଆରମ୍ଭ ପର୍ଯ୍ୟନ୍ତ ଅଂଶ ।

**କାନ୍ଧ ଦେବା** *କ୍ରି.* ଶ୍ମଶାନକୁ ଶବ ନେବାବେଳେ ଶବାଧାର ବୋହିବା ।

**କାନ୍ଧ ଲଗେଇବା** *କ୍ରି.* କୌଣସି କାର୍ଯ୍ୟରେ ପୂର୍ଣ୍ଣ ସହଯୋଗ କରିବା ।

**କାନ୍ଧିଆ** *ବିଂ.* କାନ୍ଧରେ ଭାର ବୋହୁଥିବା; *ବି.* ଟଭାଫଳ, ଖଟା କମଳା ।

**କାନ୍ଧେଇବା** *କ୍ରି.* କାନ୍ଧରେ ବୋହିବା ।

**କାପ** *ବି.* କାନର ଅଳଙ୍କାର ବିଶେଷ ।

**କାପଟ୍ୟ** *ବି.* କପଟତା, ଛଳନା, ମିଥ୍ୟାଚାର ।

**କାପଡ଼** *ବି.* କପଡ଼ା, ଲୁଗା ।

**କାପଡଖାଇ** *ବିଂ.* କଳିହୁଡ଼ୀ, କଜିଆଖୋରଣୀ ।

**କାପଡ଼ିଆ, କାପୁଡ଼ିଆ** *ବି.* ଲୁଗା ବ୍ୟବସାୟୀ ।

**କାପତା, କାପ୍ତା** *ବି.* କପୋତପକ୍ଷୀ, *ସ୍ତ୍ରୀ.* କାପତୀ, କାପ୍ତୀ ।

**କାପାଳିକ** *ବି.* ନରକପାଳଧାରୀ ତାନ୍ତ୍ରିକ, ବାମମାର୍ଗୀ ।

**କାପାସିଟର୍** *ବି.* ବୈଦ୍ୟୁତିକ ସାମର୍ଥ୍ୟ ବୃଦ୍ଧିକରିବାପାଇଁ ବ୍ୟବହୃତ ଉପକରଣ ।

**କାପାସିଟି** *ବି.* ୧. ଧାରଣ ଶକ୍ତି ବା ପରିମାଣ ୨. କ୍ଷମତା, ଶକ୍ତି ।

**କାପୁ** *ବି.* ପାଣି ଜମିରହିବା ଫଳରେ ମାଟି ଅଥବା ପଥର ଦେହରେ ସୃଷ୍ଟ ଗୁଳ୍ମ, କପୁ, ଶିଉଳି ।

**କାପୁରୁଷ** *ବିଂ.* ଭୀରୁ, ଭୟାତୁର, ଡରକୁଳା ।

**କାଫ୍‌ତାନ୍** *ବି.* ବେକଠାରୁ ଗୋଡ଼ ପର୍ଯ୍ୟନ୍ତ ଝୁଲି ରହିଥିବା ଢ଼ିଲା ପୋଷାକ ।

**କାଫଲା** *ବି.* ତୀର୍ଥଯାତ୍ରୀ ବା ପଥିକଦଳ ।

**କାଫି** *ବିଂ.* ୧. ଯଥେଷ୍ଟ, ଯଥେଚ୍ଛା ୨. ବହୁ ଅଧିକ; *ବି. ସଙ୍ଗୀତ* ହିନ୍ଦୁସ୍ଥାନୀ ରାଗ, ଥାଟ ବିଶେଷ ।

**କାଫିର, କାଫେର୍** *ବିଂ. ବି.* ନାସ୍ତିକ, ବିଧର୍ମୀ ।

**କାବା** *ବିଂ.* ୧. ତାଟକା, ଆଶ୍ଚର୍ଯ୍ୟ, ଚକିତ ୨. ଘାବରା ।

**କାବାକାଠ** *କ୍ରି.ବିଂ.* ବିସ୍ମୟରେ ଅଭିଭୂତ, ଆଶ୍ଚର୍ଯ୍ୟ ବା ବିସ୍ମୟରେ ଜଡ଼ ପାଲିଟିଥିବା ।

**କାବାର** *ବିଂ.* ସମାପ୍ତ, ଶେଷ; *ବି.* ଲଫାଫା ।

**କାବିଲ୍** *ବିଂ.* ସମର୍ଥ, ଯୋଗ୍ୟ, ଲାଏକ ।

**କାବୁ** *ବିଂ.* ୧. ଚାରିପଟୁ ଆବଦ୍ଧ ୨. ବଶୀଭୂତ ୩. କ୍ଷମତାହୀନ ।

**କାବୁଲିବାଲା** *ବି.* ସୁଧଖୋର ମହାଜନ ।

**କାବୁଲି ଚଣା** *ବି.* ଏକପ୍ରକାର ଡାଲିଜାତୀୟ ଶସ୍ୟ ।

**କାବୁଲୀ** *ବି.* ଆଫଗାନିସ୍ଥାନର ଅଧିବାସୀ ।

**କାବ୍ୟ** *ବି.* ପଦ୍ୟଗ୍ରନ୍ଥ, ଦୀର୍ଘ ପଦ୍ୟରଚନା ; *ବିଂ.* କବି ପ୍ରତିଭା ସମ୍ବନ୍ଧୀୟ ।

**କାବ୍ୟତାରା** *ବି.* କୁଆଁତାରା, ଶୁକ୍ରତାରା, ପାହାନ୍ତିଆ ତାରା ।

**କାମ** *ବି.* ୧. କାର୍ଯ୍ୟ ୨. ପେସା ବା ବୃତ୍ତି ୩. ଚାକିରି ୪. କନ୍ଦର୍ପ ୫. ବାଞ୍ଛା, ଇଚ୍ଛା ୬. ସମ୍ଭୋଗପ୍ରବୃତ୍ତି ୭. ଷଡରିପୁ ମଧ୍ୟରୁ ପ୍ରଥମ ରିପୁ ।

**କାମକଳା** *ବି.* ନାରୀ ଓ ପୁରୁଷଙ୍କ ଶାରୀରିକ ସମ୍ଭୋଗ ସଂକ୍ରାନ୍ତ ବିଦ୍ୟା ବା ରୀତି ।

**କାମଚଳା** *ବିଂ.* ସ୍ଥାୟୀ ବ୍ୟବସ୍ଥା ହେବା ପର୍ଯ୍ୟନ୍ତ ଗ୍ରହଣ କରାଯାଉଥିବା ବା ଉପଯୋଗ କରାଯାଉଥିବା (ବ୍ୟବସ୍ଥା, ବ୍ୟକ୍ତି ବା ବସ୍ତୁ) ।

**କାମଚୋର** *ବିଂ.* କାମ କରିବାପାଇଁ ଅନିଚ୍ଛୁକ, କାମକୁ ଲୁଚୁଥିବା ।

**କାମଡ଼ା, କାମରା** *ବି.* ଚାଳଘରର ଛପର ଅଥବା ବାଡ଼କୁ ମଜଭୁତ ରଖିବା ପାଇଁ ଦୁଇ ପାଖରେ ଦିଆଯାଉଥିବା ଫାଳ ବାଉଁଶ ବା ବତାର ଚାପ ।

**କାମତୁଣୀ** *ବି.* ୧. କାମବାଲି, ଅନ୍ୟଘରେ ପାଇଟି କରି ମୂଲ ନେଉଥିବା ନାରୀ ୨. କାମୁକୀ, କାମାସକ୍ତ ନାରୀ ୩. କୁଟୁଣୀ, ପୁରୁଷ-ନାରୀ ମଧ୍ୟରେ ଦୂତୀ ଭାବରେ କାର୍ଯ୍ୟ କରୁଥିବା ନାରୀ ।

**କାମଦୁଘା[ହା]** *ବିଂ.* ସର୍ବାର୍ଥଦାୟିନୀ, କାମନାପୂରକ ; *ବି.* କାମଧେନୁ ।

**କାମ ଦେଖାଇବା** *କ୍ରି.* କୌଣସି କୌଶଳ ବା ଉଦ୍ୟମ ସଫଳହେବା ।

**କାମଧେନୁ** *ବି.* ସର୍ବାର୍ଥଦାୟିନୀ କଳ୍ପିତ ଦେବଗାଭୀ ।

**କାମନା** *ବି.* ଇଚ୍ଛା, ବାଞ୍ଛା ।

**କାମବାଣ, କାମଶର** *ବି.* କନ୍ଦର୍ପର ପାଞ୍ଚ ଫୁଲଶର, ଯଥା: ଅରବିନ୍ଦ, ଅଶୋକ, ଚୂତ, ନବମଲ୍ଲିକା, ନୀଳକଇଁ ।

**କାମବାଲି** *ବି.* କାମତୁଣୀ, ନରିଏନ୍, ଅନ୍ୟର ଘରେ ଠିକାକାମ କରୁଥିବା ନାରୀ ।

**କାମର** *ବି.* ବଖରା, କୋଠରୀ, ପ୍ରକୋଷ୍ଠ ।

**କାମରୂପ** *ବିଂ.* ଇଚ୍ଛାମତେ ରୂପ ଧାରଣକାରୀ; *ବି.* ଆସାମର ଏକ ପ୍ରାଚୀନ ଅଞ୍ଚଳର ନାମ ।

**କାମରେ ଦେଖାଇବା** *କ୍ରି.* କହୁଥିବା କଥାକୁ କାର୍ଯ୍ୟରେ କରି ଦେଖାଇବା ।

**କାମଳ** *ବି.* ୧. ଯକୃତରେ ଦେଖାଦେଉଥିବା ରୋଗ, ପାଣ୍ଡୁରୋଗ, ଜଣ୍ଡିସ୍ ୨. ବସନ୍ତଋତୁ ।

**କାମାଖ୍ୟା** *ବି.* କାମରୂପ (ଆସାମ)ର ପର୍ବତ ଓ ତହିଁରେ ପ୍ରତିଷ୍ଠିତା ଦେବୀ ।

**କାମାତୁର** *ବିଂ.* ସଂଭୋଗନିମିତ୍ତ ବିକଳ, *ସ୍ତ୍ରୀ.* କାମାତୁରା ।

**କାମାକ୍ଷୀ** *ବି.* ଦୁର୍ଗା, ତନ୍ତ୍ରଦେବୀ ।

**କାମି** *ବି.* ଶଗଡ଼ଚକରେ ଲାଗିଥିବା ଲୁହା ବଳୟ, ତୁମ୍ବି ।

**କାମିଆ** *ବି.* ଶାରୀରିକ ପରିଶ୍ରମ କରି ଜୀଇବା ବା ଋଣ ଶୁଝିବା ଲୋକ ।

**କାମିକା** *ବିଂ.* ୧. କାର୍ଯ୍ୟଦକ୍ଷ ୨. ଦରକାରୀ ।

**କାମିଖିଲା** *ବି.* କାନିଖିଲା, ଅଣଖିଲା, ତୁମ୍ବିକୁ ଶଗଡ଼ର ଅଖରୁ ବାହାରି ନଯିବାପାଇଁ ବ୍ୟବହୃତ କୀଳା ।

**କାମିନୀ** *ବି.* ୧. କାମୁକୀ ନାରୀ ୨. ମନୋହାରିଣୀ ନାରୀ ୩. ଧଳାରଙ୍ଗର ଫୁଲବିଶେଷ ।

**କାମୀ** *ବିଂ.* ୧. କର୍ମଠ ୨. କାମିକା ୩. କାମୁକ; *ବି.* କାମୁକ ପୁରୁଷ ।

**କାମୁକ** *ବିଂ.* ପ୍ରବଳ ଯୌନ ଲାଳସାଥିବା, ପ୍ରବଳ ଶରୀର ଉପଭୋଗ କ୍ଷୁଧାଥିବା ।

**କାମୁକୀ** *ବିଂ.* ପ୍ରବଳ ଯୌନ ଲାଳସାଥିବା (ନାରୀ), ଶରୀର ଉପଭୋଗ ପ୍ରବଣ (ନାରୀ) ।

**କାମୁଡ଼ା** *ବି.* ୧. ଦାନ୍ତଦ୍ୱାରା କ୍ଷତ ବା ଖଣ୍ଡିଆ କରିବା ୨. ଦଂଶନ ୩. ପେଟ ବ୍ୟଥା; *ବିଂ.* କାମୁଡ଼ିବା ଅଭ୍ୟାସ ଥିବା ।

**କାମୁଡ଼ାକାମୁଡ଼ି** *କ୍ରି. ବିଂ.* ପରସ୍ପରର ବ୍ୟକ୍ତିଗତ ଲଢ଼େଇ, ଚବାଚୁବି, ଖେମ୍ପରାଖେମ୍ପରି ।

**କାମୁଡ଼ିବା** *କ୍ରି.* ୧. ଦାନ୍ତରେ କ୍ଷତ କରିବା ୨. ଚୋବେଇବା ୩. ଦାନ୍ତରେ ଧରିବା।

**କାମ୍ପି** *ବିଂ.* କୃପଣ, ଖର୍ଚ୍ଚରେ କୁଣ୍ଠିତ ।

**କାମ୍ୟ** *ବିଂ.* ଯାହା କାମନା କରାଯାଇଥାଏ, ବାଞ୍ଛନୀୟ ।

**କାୟ** *ବି.* ୧. ଶରୀର ୨. ସମୂହ ।

**କାୟମନୋବାକ୍ୟ** *ବି.* ଶରୀର, ମନ ଓ କଥା ।

**କାୟସ୍ଥ** *ବି.* ମୂଳତଃ ଲିଖନ ଅଥବା ପ୍ରତିଲିପି ପ୍ରସ୍ତୁତକାରୀ ଜନଗୋଷ୍ଠୀ ।

**କାୟା** *ବି.* ଦେହ, ଶରୀର, ପିଣ୍ଡ ।

**କାୟିକ** *ବିଂ.* ଦେହ-ସମ୍ବନ୍ଧୀୟ, ଶାରୀରିକ ।

**କାର୍** *ବି.* ୧. ଛୋଟ ମଟର ଗାଡ଼ି ୨. ବଗି, ଡବା ବା ଗାଡ଼ି ।

**କାର୍‌ନାମା** *ବି.* ୧. କୃତିତ୍ୱ, ବିଶେଷ କାର୍ଯ୍ୟ ୨. ସଫଳତା ।

**କାର୍‌ପେଟ୍** *ବି.* ଗାଲିଚା, ଚଟାଣରେ ବିଛା ଯାଉଥିବା ପଶମ/ ଝୋଟ ପ୍ରଭୃତିରେ ତିଆରି ଦରି ।

**କାରକ** *ବିଂ.* ଯେ କରେ ବା କରାଏ ; *ବି. ବ୍ୟା.* କ୍ରିୟା ସହିତ ଯାହାର ଅନ୍ୱୟ ହୁଏ ।

**କାରଖାନା** *ବି.* ୧. ଶିଳ୍ପଶାଳା ୨. ନିର୍ମାଣଶାଳା, ଜିନିଷ ପତ୍ର ତିଆରି ହେଉଥିବା ସ୍ଥାନ ।

**କାରବାର** *ବି.* ୧. ବ୍ୟବସାୟ ୨. ନେଣଦେଣ ୩. କାର୍ଯ୍ୟକଳାପ ।

**କାରୟିତା** *ବିଂ.* ଯେ ଅନ୍ୟଦ୍ୱାରା କାମ କରାଏ, *ସ୍ତ୍ରୀ.* କାରୟିତ୍ରୀ ।

**କାରସାଦି** *ବି.* ଚାଲାକି, କୂଟ, କୌଶଳ ।

**କାରା** *ବି.* ୧. କଏଦ ୨. ଜେଲ୍, ବନ୍ଦିଗୃହ ।

**କାରାଗାର** *ବି.* ବନ୍ଦିଶାଳା, ଜେଲଖାନା ।

**କାରାବାସ** *ବି.* ୧. ଜେଲରେ ବନ୍ଦୀ ରୂପେ ରହଣି ୨. କାରାଗାର ।

**କାରାବାସୀ** *ବି.* ଜେଲ୍ ବା କାରାଗାରରେ ରହୁଥିବା ବନ୍ଦୀ।

**କାରାରୁଦ୍ଧ** *ବିଂ.* ଜେଲ୍ ବା କାରାଗାରରେ ବନ୍ଦୀ ଥିବା ।

**କାରିକା** *ବିଂ.* କର୍ମକାରିଣୀ ; *ବି.* ୧. ସୂତ୍ର ୨. ବ୍ୟାଖ୍ୟାପୁସ୍ତକ ୩. କାର୍ଯ୍ୟବିଧି ।

**କାରିଗର** *ବି.* ୧. ଶିଳ୍ପୀ ୨. ତିଆରି କଲାବାଲା ୩. ମିସ୍ତ୍ରୀ ।

**କାରିଗରି** *ବି.* ୧. ଶିଳ୍ପକଳା ୨. କାରୁକାର୍ଯ୍ୟ ୩. ଶିଳ୍ପୀର ପେସା ୪. ଶିଳ୍ପନୈପୁଣ୍ୟ ।

**କାରିଗରୀ** *ବିଂ.* ଶିଳ୍ପଚାତୁରୀ, କଳାକୌଶଳ, ଶିଳ୍ପୀର ବିଚକ୍ଷଣ କୌଶଳ ।

**କାରୁ** *ବି.* ଶିଳ୍ପବିଦ୍ୟା ।

**କାରୁକଳା** *ବି.* ଶିଳ୍ପକଳା, ମୂର୍ତ୍ତିଗଢ଼ଣ ବିଦ୍ୟା ।

**କାରୁକାର୍ଯ୍ୟ** *ବି.* ସୂକ୍ଷ୍ମ କଳାବୋଧ ।

**କାରୁଣିକ** *ବିଂ.* ୧. ଦୟାଳୁ ୨. ହୃଦୟବାନ, ବିବେକୀ ।

**କାରୁଣ୍ୟ** *ବି.* ୧. ବିଷଣ୍ଣଭାବ ୨. କରୁଣା ।

**କାର୍ଟୁନ୍** *ବି.* ୧. କାର୍ଟୁନ୍, ଜିନିଷପତ୍ର ରଖିବାପାଇଁ ବା ପ୍ୟାକିଙ୍ଗ୍ କରିବାପାଇଁ ବୁଢ଼ାପଟା, ପ୍ଲାଇ ବା ପତଳା କାଠରେ ତିଆରି ବାକ୍ସ ୨. ବ୍ୟଙ୍ଗଚିତ୍ର , ହାସ୍ୟଭାବ ଉଦ୍ରେକକାରୀ ଛବି ।

**କାର୍ଟୁନ୍ ଫିଲ୍ମ** *ବି.* ବିକୃତ ଶରୀରବିଶିଷ୍ଟ ଚରିତ୍ର ଏବଂ ସେମାନଙ୍କ ଅଙ୍ଗଭଙ୍ଗୀ ଆଧାରିତ ସିନେମା ।

**କାର୍ତ୍ତିକ** *ବି.* ୧. ଓଡ଼ିଆ ମାସ ଗଣନାର ସପ୍ତମ ମାସ ୨. ଶିବ ଓ ପାର୍ବତୀଙ୍କ ପୁତ୍ର କାର୍ତ୍ତିକେୟ ।

**କାର୍ତ୍ତିକବ୍ରତ** *ବି.* କାର୍ତ୍ତିକ ମାସରେ ପ୍ରାତଃସ୍ନାନ, ହବିଷଭୋଜନ, ପୁରାଣଶ୍ରବଣ ଓ ବାଲୁକାପୂଜାଦି କର୍ମ ।

**କାର୍ପଣ୍ୟ** *ବି.* କୃପଣତା, କଞ୍ଜୁସ, ହାତଖୋଲା ଅର୍ଥବ୍ୟୟପାଇଁ ଅନିଚ୍ଛୁକ ।

**କାର୍ପାସ** *ବି.* କପା, ତୁଳା ; *ବିଂ.* କପା ସମ୍ବନ୍ଧୀୟ ।

**କାର୍ପାସ୍ ବସ୍ତ୍ର** *ବି.* କପାସୂତା ତିଆରି ଲୁଗା ବା ପୋଷାକ ।

**କାର୍ମିକ** *ବି.* କାମିକା ବା କର୍ମଠ ବ୍ୟକ୍ତି ।

**କାର୍ମୁକ** *ବି.* ଧନୁ ।

**କାର୍ଯ୍ୟ** *ବି.* ୧. କାମ ୨. ଚାକିରି ; *ବିଂ.* ଯାହା କରଣୀୟ ।

**କାର୍ଯ୍ୟକାରୀ *ବିଂ.*** କୌଣସି ନିର୍ଦ୍ଦିଷ୍ଟ ଦାୟିତ୍ୱ ତୁଲାଉଥିବା ।

**କାର୍ଯ୍ୟକାରୀ ହେବା *କ୍ରି.*** କାର୍ଯ୍ୟରେ ପରିଣତ ହେବା ।

**କାର୍ଯ୍ୟକ୍ରମ, କାର୍ଯ୍ୟସୂଚୀ *ବି.*** କର୍ମନିର୍ଘଣ୍ଟ, ପ୍ରୋଗ୍ରାମ।

**କାର୍ଯ୍ୟଗ୍ରାହୀ *ବିଂ.*** କାର୍ଯ୍ୟ ସମ୍ପାଦନର ଦାୟିତ୍ୱ ବହନ କରିଥିବା ।

**କାର୍ଯ୍ୟଘେନା *ବିଂ.*** ଉଦ୍ଦେଶ୍ୟ ପ୍ରଣୋଦିତ, ବାଞ୍ଛିତ ।

**କାର୍ଯ୍ୟନିର୍ବାହୀ *ବିଂ.*** କାର୍ଯ୍ୟ ତୁଲାଉଥିବା ।

**କାର୍ଯ୍ୟାଳୟ *ବି.*** ଅଫିସ, କାର୍ଯ୍ୟ କରାଯାଉଥିବା ଘର / ସ୍ଥାନ ।

**କାଳ *ବି.*** ୧. ସମୟ; ୨. ***ବ୍ୟା.*** ଘଟଣା ବା କାର୍ଯ୍ୟର ସମୟ ଜ୍ଞାପକ ବିଭାଗ ୩. ମୃତ୍ୟୁ ୪. ଯମ।

**କାଳ କବଳ *ବି. ବିଂ.*** ମୃତ୍ୟୁର ଅଧୀନ ।

**କାଳକୂଟ *ବି.*** ୧. ତୀବ୍ରବିଷ ୨. ହଳାହଳ ୩. ଛୋଟ ସରୀସୃପ ବିଶେଷ।

**କାଳକ୍ରମେ *କ୍ରି. ବିଂ.*** ୧. ସମୟର ଯଥାରୀତି ଗତିରେ ୨. କିଛିକାଳ ପରେ, ସମୟକ୍ରମେ ।

**କାଳଗ୍ରାସ *ବି. ବିଂ.*** ମୃତ୍ୟୁର ଅଧୀନ, ମୃତ୍ୟୁର କବଳ ।

**କାଳଚକ୍ର *ବି.*** ୧. ଚକ୍ର ଭଳି ଘୂରୁଥିବା କାଳ, ସମୟର ବର୍ତ୍ତୁଳ ବା ଚକ୍ରାକାର ଗତି ୨. ଘଣ୍ଟା ।

**କାଳଧର୍ମ *ବି.*** ୧. କାଳଗତିରେ ଘଟୁଥିବା ସ୍ୱାଭାବିକ ପରିବର୍ତ୍ତନ ୨. ଯୁଗର ଧର୍ମ ।

**କାଳପାଶ *ବି.*** ଯମର ଦଉଡ଼ି, ଯମଫାଶ ।

**କାଳପୁରୁଷ *ବି.*** ୧. ଆକାଶରେ ଦେଖାଯାଉଥିବା ପୁରୁଷଆକୃତିର ନକ୍ଷତ୍ର ପୁଞ୍ଜ–ଯାହା ପ୍ରଳୟ, ବିପ୍ଳବ ବା ଅଶୁଭର ପୂର୍ବ ସୂଚନା ଦିଏ ବୋଲି ବିଶ୍ୱାସ ୨. କୃଷ୍ଣବର୍ଣ୍ଣ ଶରୀରବିଶିଷ୍ଟ ଯମଙ୍କ ଭୃତ୍ୟ, ଦୂତ ।

**କାଳବେଳା *ବି. ଜ୍ୟୋ.*** ଦିନର ଅଶୁଭ ସମୟ, କୁସମୟ ।

**କାଳରାତ୍ରି *ବି.*** ୧. ରାତିର ଅଶୁଭ ସମୟ ୨. କଳ୍ପାନ୍ତ ରାତି ୩. ସର୍ବନାଶ କରୁଥିବା ରାତି ।

**କାଳଶି, କାଳିସୀ *ବି.*** ଯେଉଁ ଦେବୀ–ପୂଜକକୁ ଠାକୁରାଣୀ ଲାଗନ୍ତି ।

**କାଳଶୁଦ୍ଧି *ବି. ଜ୍ୟୋ.*** ଶୁଭକର୍ମନିମିତ୍ତ ଅନୁକୂଳ ସମୟ ।

**କାଳସର୍ପ *ବି.*** ୧. ବିଷଧର ସାପ ୨. ଜନ୍ମକୁଣ୍ଡଳୀର ରାହୁ କେତୁଙ୍କ ମଧ୍ୟରେ ସମସ୍ତ ଗ୍ରହଙ୍କର ଅବସ୍ଥାନ ୩. ଚିରନ୍ତନ ସମୟ ।

**କାଳାଗୁରୁ *ବି.*** କଳାଚନ୍ଦନ ।

**କାଳାନଳ *ବି.*** ପ୍ରଳୟ ସମୟର ସର୍ବଗ୍ରାସୀ ଅଗ୍ନି ।

**କାଳି *ବି.*** ୧. ସ୍ୟାହି, ଛାପାକାଳି ୨. କଳାରଙ୍ଗ ୩. କଳଙ୍କ ୪. ଉଧାର ।

**କାଳିଆ *ବିଂ.*** ୧. କଳା, କୃଷ୍ଣକାୟ ୨. ସମୟଚିହ୍ନିତ ; ***ବି.*** ଜଗନ୍ନାଥ ।

**କାଳିକ *ବିଂ.*** ୧. ସମୟୋଚିତ ୨. ସମୟ ସମ୍ବନ୍ଧୀୟ ।

**କାଳିକା *ବି.*** ୧. ମେଘମାଳା ୨. କୁହୁଡ଼ି ୩. ଶକ୍ତିଙ୍କର ବିନାଶକାରୀ ଉଗ୍ରରୂପ, କାଳୀ ।

**କାଳିଜହ୍ନ *ବି.*** ଅସ୍ପଷ୍ଟ ଚନ୍ଦ୍ରକିରଣ, ଛାଇ ଛାଇକିଆ ଜହ୍ନଆଲୁଅ ।

**କାଳିବାକି *ବି.*** ଧାରଉଧାର ।

**କାଳିମା *ବି.*** ୧. ଅନ୍ଧାର ୨. କୃଷ୍ଣତା ।

**କାଳିମାଟି *ବି.*** ଟାଟାନଗରୀର ଲୋକ ପ୍ରଚଳିତ ନାମ ।

**କାଳିସୀ *ବି.*** କାଳଶୀ ।

**କାଳୀ *ବି.*** ୧. ଆଦ୍ୟାଶକ୍ତି ୨. ସ୍ୟାହି ୪. ଅପବାଦ ୫. ନୂଆ ମେଘମାଳା ; ***ବିଂ.*** କଳାରଙ୍ଗର ।

**କାଳୀନ *ବିଂ.*** ସାମୟିକ, ସମୟର ।

**କାଳେ *ଅ.*** ୧. କୁଆଡେ ୨. ଯଥାସମୟରେ ୩. ହୁଏତ ।

**କାଳୋଚିତ *ବିଂ.*** ଯୁଗ ଉପଯୋଗୀ, ସମୟ ଉପଯୋଗୀ, ପରିସ୍ଥିତିକୁ ଖାପ୍ ଖୁଆଇ ।

**କାଳ୍ପନିକ *ବିଂ.*** ୧. ଅବାସ୍ତବ ୨. ଆନୁମାନିକ ।

**କାଲ୍‌କି, କାଲ୍‌କେ *ବି.*** ଆସନ୍ତାକାଲି ।

**କାଲ *ବିଂ.*** ଶୁଣିପାରୁନଥିବା, ବଧିର, ବଡ଼ବୋଲା ; ***ବି.*** ଗବା, ଜଡା ।

**କାଲାକନ୍ଦ *ବି.*** ଛେନା ବା ଖୁଆ ତିଆରି ଧଳାରଙ୍ଗର ମିଷ୍ଟାନ୍ନ ବିଶେଷ ।

**କାଲାଜର *ବି.*** ମଶାଦ୍ୱାରା ସଂକ୍ରମିତ ମାରାତ୍ମକ ଜର ବିଶେଷ ।

**କାଲାଜାମୁନ୍ *ବି.*** ଖୁଆ ତିଆରି ପାଣିତୁଆ ଭଳି ମିଷ୍ଟାନ୍ନ ।

**କାଲି *ବିଂ.*** କାଏଲ୍, କେଲ୍, ଗତ ଅଥବା ଆଗାମୀ ଦିନ ।

**କାଲିଆ *ବି.*** ୧. ତିର୍ଯକ ଗତିରେ ଏଣେତେଣେ ଧାଇଁବା ୨. ମାଂସ ବା ମାଛର ତରକାରି ବିଶେଷ ୩. ଅତ୍ୟଧିକ ଥଣ୍ଡା ହେତୁ ଅଙ୍ଗର ନିସ୍ତେଜତା ।

**କାଲିକା *ବିଂ.*** ୧. ନୂଆ ଭୁଆ ୨. ଗତକାଲି ଘଟିଥିବା ୩. ହାଲି ।

**କାଲୁଆ *ବିଂ.*** ଅତି ଥଣ୍ଡା ।

**କାଲୁଆ ମାରିଯିବା *କ୍ରି.*** ୧. ଅତି ଥଣ୍ଡା ଯୋଗୁଁ ଦେହର କୌଣସି ଅଂଶ ସ୍ପର୍ଶଜନିତ ଅନୁଭବ ଶକ୍ତି ହରାଇବା ୨. ବଧିରା ପଡ଼ିଯିବା।

**କାଲୁଗା *ବି.*** ଲୋକଦେବୀ ବିଶେଷ ।

**କାଶ, କାସ *ବି.*** ୧. ଗଳା, ଶ୍ୱାସନଳୀ ବା ଫୁସ୍‌ଫୁସ୍‌ରେ ହେଉଥିବା ରୋଗ ବିଶେଷ, ଖାଁସି ୨. କାଇଁଚ ତୃଣ ।

**କାଶତଣ୍ଡୀ *ବି.*** ଶରତଋତୁରେ ଧଳାଫୁଲ ଫୁଟୁଥିବା ଲମ୍ବା କେଣ୍ଡାଯୁକ୍ତ ତୃଣ, କାଶତୃଣ, ଖରି ।

**କାଶିବା** ***କ୍ରି.*** ଶ୍ୱାସନଳୀସୃଷ୍ଟ ଶ୍ଲେଷ୍ମା ପାଟିବାଟ ଦେଇ ପଦାକୁ ଆସିବା ।

**କାଶୀ** ***ବି.*** ଉତ୍ତର ଭାରତର ବିଖ୍ୟାତ ଶୈବପୀଠ, ବାରାଣସୀ (ବନାରସ) ।

**କାଶ୍ମୀର** ***ବି.*** ୧. ଭାରତର ଉତ୍ତର ଦିଗର ସୀମାନ୍ତବର୍ତ୍ତୀ ରାଜ୍ୟ ୨.ଜାଫ୍ରାନ୍ ।

**କାଶ୍ମୀରୀ** ***ବିଂ.*** କାଶ୍ମୀର ଦେଶୀୟ ।

**କାଷାୟ** ***ବିଂ.*** ୧. ଗେରୁଆ ୨. ଅଳ୍ପ ଲାଲ ।

**କାଷ୍ଠ** ***ବି.*** ଗଛକୁ କଟାଯିବା ପରେ ତାହାର ବିଭିନ୍ନ ଅଂଶ, କାଠ ।

**କାଷ୍ଠଜୀବୀ** ***ବି.*** ୧. କାଠକାଟି ଓ ବିକି ଜୀବିକା ଅର୍ଜନ କରୁଥିବା ବ୍ୟକ୍ତି କାଠୁରିଆ ୨. କାଠପୋକ ।

**କାଷ୍ଠପାଦୁକା** ***ବି.*** କାଠରେ ତିଆରି ପାଦୁକା, ଖଡ଼ମ, କଠଉ ।

**କାଷ୍ଠା** ***ବି.*** ନିଷ୍ଠା ଓ ସଂଯମର ସହିତ, ଫଳପ୍ରାପ୍ତିପାଇଁ କଠୋର ସାଧନା; ***ବିଂ.*** ଅତି କଷ୍ଟକର ।

**କାସ୍** ***ବି.*** ଜମିରେ ହଳ କରିବାର ହିସାବ, ଓଡ଼ା ।

**କାସାର** ***ବି.*** ଛୋଟ ଜଳାଶୟ, ପୋଖରି, ଗଡ଼ିଆ ।

**କାସିନ୍ଦି ମାରିବା** ***କ୍ରି.*** କାଞ୍ଜିଗାତ ଖେଳରେ ଜିତାପଟ ହେବା ।

**କାସୁନ୍ଦି** ***ବି.*** ୧. ସୋରିଷ ବଟା ୨. ସୋରିଷ ବଟାଦିଆ ଆଚାର ।

**କାହାଣ** ***ବି.*** ଷୋଳପଣ, ୧୨୮୦ ସଂଖ୍ୟା ।

**କାହାଣୀ** ***ବି.*** ୧. ଗପ, କଥାନି, କହେନି, କାଳ୍ପନିକ କଥା ୨. ବୃତ୍ତାନ୍ତ, ବିବରଣ ।

**କାହାଳି** ***ବି.*** ଶୀତଦିନର ଥଣ୍ଡାଳିଆ ପାଗ, କୋହଲା ପାଗ ।

**କାହାଳିଆ** ***ବି.*** ୧. କାହାଳୀ ବାଦକ ୨. ଧାନ ଗଛର ପେଁକାଳିଆ ରୋଗ ; ***ବିଂ.*** ୧. କୋହଲା, ମେଘୁଆ ୨. ଝାପ୍‌ସା ।

**କାହାଳୀ** ***ବି.*** ୧. ପେଁକାଳୀ ଜାତୀୟ ଫୁଙ୍କାବାଜା ୨. ତରଳ ପଦାର୍ଥ ଢ଼ାଳିବାରେ ବ୍ୟବହୃତ ଟିଣ ବା ପ୍ଲାଷ୍ଟିକ ତିଆରି ଓସାର ମୁହଁ ଓ ନଳୀଯୁକ୍ତ କଣାଥିବା ପାତ୍ର ।

**କାହାଲି** ***ବି.*** ୧. ଧୂଆଁପତ୍ରର ହାତ ତିଆରି ପିଙ୍ଗା ୨. କାହାଳୀ ।

**କାହିଁ** ***ଅ.*** କେଉଁଠି, କେଉଁଠାରେ, କେନ୍‌ନ, କେନ୍‌ଠାନେ ।

**କାହିଁକି** ***ଅ.*** କେଉଁ କାରଣରୁ, କିପାଇଁ, କିହେତୁ, କେଁ କାଜେ, କାଏଁକରି ।

**କାହୁଲ୍** ***ବି.*** ଡଙ୍ଗା ଭିତରେ ବା ଅନ୍ୟ କୌଣସି ସ୍ଥାନରେ ଜମା ହୋଇଥିବା ପାଣି ।

**କିଂକରୀ** ***ବି.*** ୧. ଚାକରାଣୀ ୨. ଚାକରର ସ୍ତ୍ରୀ ।

**କିଂକର୍ତ୍ତବ୍ୟ** ***ବିଂ.*** କଣ କରିବା ଉଚିତ ।

**କିଂକର୍ତ୍ତବ୍ୟବିମୂଢ଼** ***ବିଂ.*** ୧. ହତବୁଦ୍ଧି ୨. କର୍ତ୍ତବ୍ୟ ନିର୍ଦ୍ଧାରଣ କରିପାରୁନଥିବା ।

**କି** ***ଅ.*** ୧. କଣ ୨. ଏପରି ୩. କାହିଁକି ।

**କିଆଁ** ***ଅ.*** କାହିଁକି, କାଁଜେ, କିମ୍ବା ।

**କିଆ ଫୁଲ** ***ବି.*** ବେଶ୍ ଲମ୍ବା ଓ କଣ୍ଟାଳିଆ ଧାରଯୁକ୍ତ ପତ୍ର ଥିବା ବୁଦାଳିଆ ଗଛ ଓ ତାହାର ଧଳା ରଙ୍ଗର ଫୁଲ-ଯାହା ଅତର ତିଆରିରେ ବ୍ୟବହୃତ ହୁଏ ।

**କିଆକଣ୍ଢ଼ା** ***ବି.*** କିଆଗଛ ଅଗ ପତ୍ରର ମୂଳଭାଗ- ଯାହା ମିଠା ଲାଗେ ।

**କିଆପଟ** ***ବି.*** କିଆଗଛର ଯୋଡ଼ିରୁ ବାହାରିଥିବା ଓହଳରୁ ପ୍ରସ୍ତୁତ ତନ୍ତୁ ।

**କିଆଯୋଡ଼ି** ***ବି.*** କିଆଗଛର ମୂଳ ।

**କିଆରି** ***ବି.*** ୧. ହିଡ଼ଦ୍ୱାରା ଆବଦ୍ଧ ଚାଷଜମି, କ୍ଷେତ ୨. ବିଲ ।

**କିଙ୍କର** ***ବି.*** ଚାକର, ଗୋଲାମ, ଭୃତ୍ୟ, ବିଶ୍ୱସ୍ତ ସେବାକାରୀ ।

**କିଛି** ***ବିଂ.*** ଅଳ୍ପ ପରିମାଣ, ସାମାନ୍ୟ, କିଞ୍ଚିତ ।

**କିଞ୍ଚିତ୍** ***ବି.*** ଅଳ୍ପକିଛି ; ***ବିଂ.*** ଅତି ସାମାନ୍ୟ ।

**କିଟିକିଟି** ***ବିଂ.*** ଘନ ବା ବହଳ (ଅନ୍ଧାର) ; ***ବି.*** ହାଡ଼ ବା ମାଂସପେଶୀର ଘୋଳାବିନ୍ଧା ।

**କିଟିକିଟିଆ** ***ବିଂ.*** ୧. ଜଟିଳିଆ, ଝଗଡାଖୋର ୨. ଘଂଚ, ନିବିଡ଼ ।

**କିଟିମିଟିଆ** ***ବିଂ.*** ୧. ଦୁରୂହ, ଜଟିଳ ୨. ଘନ, ଅତିବହଳ ।

**କିଡ୍‌ନି** ***ବି.*** ପ୍ରାଣୀ ଶରୀରର ଯକୃତ୍-ଯାହା ବର୍ଜ୍ୟ ଜଳୀୟ ଅଂଶ ପରିଷ୍କାର କରେ ।

**କିଣା** ***ବି.*** ଖରିଦ୍ ; ***ବିଂ.*** କ୍ରୀତ, କିଣା ହୋଇଥିବା, ମୂଲ୍ୟଦେଇ ଖରିଦ ହୋଇଥିବା ।

**କିଣାକିଣି** ***ବି.*** ଜିନିଷପତ୍ର ଖର୍ଦ୍ଦି ଓ ବିକ୍ରି ।

**କିଣାକିଙ୍କର, କିଣାଚାକର** ***ବି.*** ଗୋତି, ସବୁଦିନର ସେବକ ।

**କିଣାବିକା** ***ବି.*** ଖରିଦ ଓ ବିକ୍ରୟ ।

**କିଣାମୂଲ୍ୟ** ***ବି.*** ବିକ୍ରୟପାଇଁ ଉଦ୍ଦିଷ୍ଟ ବସ୍ତୁ ଯେଉଁ ମୂଲ୍ୟରେ କିଣା ହୋଇଥାଏ ।

**କିଣିକିଣି** ***ଅ.*** ଅଙ୍ଗରେ ବନ୍ଧା ଘୁଙ୍ଗୁରମାଳର ଝଣଝଣ ମଧୁର ନାଦ ।

**କିଣିଖିଆ** ***ବିଂ.*** ନିତି କିଣି ଖାଉଥିବା ।

**କିଣିବା** ***କ୍ରି.*** ଦାମ୍‌ଦେଇ ଜିନିଷପତ୍ର ନେବା ।

**କିଣ୍ଡରଗାର୍ଟନ୍** ***ବି.*** ଖେଳ ମାଧ୍ୟମରେ ଶିଶୁମାନଙ୍କ ପାଠପଢ଼ା ପାଇଁ ବିଦ୍ୟାଳୟ ।

**କିତବ** ***ବି.*** ୧. ଛଳନା ୨. ବାହାନା ୩. ଜୁଆରି ୪. ଦୁଦୁରା ; ***ବିଂ.*** ୧. ଶଠ ୨. ଖଳ ।

**କିତା** ***ବି.*** ୧. ଖଣ୍ଡ ୨. ପ୍ରସ୍ଥ ୩. ଥର ।

**କିତାପ, କିତାବ** ***ବି.*** ବହି, ପୁସ୍ତକ ।

**କିତିକିତି** *ବି.* ଡୁଡୁ ଭଳି ଖେଳ ବିଶେଷ ।

**କିନ୍‌ହାବା** *କ୍ରି.* ବିରକ୍ତି ପ୍ରକାଶ କରିବା, ରାଗିବା ।

**କିନାର, କିନାରା** *ବି.* ୧. କୂଳ ୨. ଧାର ୩. ଧାଡ଼ି ୪. ଉପାୟ ୫. ପ୍ରତିକାର ୬. ସୀମା ।

**କିନାରି** *ବିଂ.* ଧଡ଼ିଯୁକ୍ତ, ଧଡ଼ିଥିବା ( ଶାଢ଼ି, ଧୋତି ପ୍ରଭୃତି) ।

**କିନ୍ତୁ** *ଅ.* ଅଥଚ, ଅନ୍ୟପକ୍ଷରେ ।

**କିନ୍ଦରିବା** *କ୍ରି.* ୧. ବୃତ୍ତାକାରରେ ଘୂରିବା ୨. ବିନାକାରଣରେ ବୁଲାବୁଲି କରିବା ୩. ବାଟ ନ ପାଇ ଏଣେତେଣେ ବୁଲିବା ୩. ଘୂରାଫେରା କରିବା ୨. କେନ୍ଦ୍ରର ଚାରିପାଖରେ ଘୂରିବା ।

**କିନ୍ଦରୀ** *ବି.* ନାଚ ସହିତ ବୋଲାଯାଉଥିବା ଗୀତ ।

**କିନ୍ଦରେଇବା** *କ୍ରି.* ଘୂରାଇବା,ବୁଲାଇବା।

**କିନ୍ନର** *ବି.* ୧. ଦେବସଭାର ଗାୟକ ୨. ତୃତୀୟ ଲିଙ୍ଗୀ ବ୍ୟକ୍ତି ।

**କିପର୍** *ବି.* ୧. କ୍ରିକେଟ ଖେଳର ଓ୍ୱିକେଟ ରକ୍ଷକ ୨. ଦେଖାରଖା କରିବା ଲୋକ ।

**କିପରି** *ଅ.* କେଉଁଭଳି, କିଭଳି, କେନ୍ତା, କେଉଁ ପ୍ରକାରେ ।

**କିବା** *ଅ.* ୧. କିମ୍ବା, ଅବା ; *ବିଂ.* ସତେ ଯେପରି, ଯେମିତି ଅବା ।

**କି ବୋର୍ଡ୍** *ବି.* ପିଆନୋ, ଟାଇପ୍ ରାଇଟର, କମ୍ପ୍ୟୁଟର ପ୍ରଭୃତିରେ ଚାବି ସମୂହର ସ୍ଥାନ ।

**କିମତ** *ବି.* ୧. ମୂଲ୍ୟ, ଦାମ ୨. ମର୍ଯ୍ୟାଦା ।

**କିମା** *ବି.* ଟିକି ଟିକି କଟା ହୋଇଥିବା ମାଂସ ।

**କିମିଆ** *ବି.* ୧. ଗୁଣି, ଯାଦୁ ୨. ମନ୍ତ୍ରଯନ୍ତ୍ର ୩. ଇନ୍ଦ୍ରଜାଲ ।

**କିମିଆ କରିବା** *କ୍ରି.* ଯାଦୁ, ଗୁଣି ବା ତନ୍ତ୍ରବିଦ୍ୟା ପ୍ରୟୋଗଦ୍ୱାରା ଅନ୍ୟକୁ ବଶକରିବା ।

**କିମ୍ବଦନ୍ତି,କିମ୍ବଦନ୍ତୀ** *ବି.* ଜନଶ୍ରୁତି, ଲୋକମୁଖରେ ପ୍ରଚଳିତ କାହାଣୀ, ପୁରାକଥା ।

**କିମ୍ବା** *ଅ.* ଅଥବା, ବା, ପକ୍ଷାନ୍ତରେ ।

**କିମ୍ଭୂତକିମାକାର** *ବିଂ.* ୧. ବିକଟ ୨. ଅତି ଅଦ୍ଭୁତ ୩. ବିଚିତ୍ର ।

**କିୟତ୍** *ବିଂ.* କିଞ୍ଚିତ୍, କିଛି ।

**କିୟତ୍‌କାଳ** *କ୍ରି.ବିଂ.* ଅଳ୍ପସମୟ, ଟିକିଏ ।

**କିର୍‌କିରାବା** *କ୍ରି.* ୧. ଭୟ ବା ଯନ୍ତ୍ରଣାରେ ଚିତ୍କାର କରିବା ୨. ବିରକ୍ତି ପ୍ରକାଶ କରିବା, ଚିଡ଼ିବା ।

**କିରଙ୍ଗା** *ବି.* କୀଟପତଙ୍ଗ, କିରା, ପୋକଜୋକ ।

**କିର୍‌ଲାବା** *କ୍ରି.* ପାଟିକରିବା, ଚିତ୍କାରକରିବା ।

**କିରଣ** *ବି.* ୧. ତେଜ, ରଶ୍ମି ୨. ତବଲା, ପଖାଉଜ ପ୍ରଭୃତି ବାଦ୍ୟ ଯନ୍ତ୍ରର ଚମଡ଼ା ଛାଉଣି ମଧ୍ୟଭାଗରେ ଦିଆଯାଉଥିବା ବିଶେଷ ଭାବରେ ପ୍ରସ୍ତୁତ କଳାର ବହଳ ଲେପ ।

**କିରସ୍ତାନ** *ବି.* ଖ୍ରୀଷ୍ଟଧର୍ମାବଲମ୍ବୀ, ଖ୍ରୀଷ୍ଟିଆନ ।

**କିରା** *ବି.* ପୋକ, କୀଟ, କୀଡ଼ା ।

**କିରାଙ୍ଗି** *ବିଂ.* ୧. ଅସହିଷ୍ଣୁ ୨. ଯେ କାହାରି କଥା ସହିପାରେ ନାହିଁ ୩. ଈର୍ଷୁକ, ପରଶ୍ରୀକାତର ।

**କିରାଣା ଦୋକାନ** *ବି.* ତେଜରାତି ଦୋକାନ, ଡାଲିଚାଉଳ ପ୍ରଭୃତିର ଦୋକାନ ।

**କିରାଣି** *ବି.* ୧. ମୋହରିର ୨. ଛାମୁକରଣ ୩. ଅମଲା, କ୍ଲାର୍କ୍ ।

**କିରାତ** *ବି.* ୧. ଶବର, ଜନଜାତି ସମ୍ପ୍ରଦାୟର ପ୍ରାଚୀନତମ ଗୋଷ୍ଠୀ ୨. ଘୋଡାସଇସ ।

**କିରାସିନି** *ବି.* ପେଟ୍ରୋଲିୟମରୁ ପ୍ରସ୍ତୁତ ତେଲ, ମାଟିତେଲ, ଗନ୍ଧରି ଚିକନ୍, କିରୋସିନ୍, ମାଟି ମାଲପା ।

**କିରିଆ** *ବି.* ୧. କୀଟଦ୍ୱାରା ନଷ୍ଟ ବସ୍ତୁ ୨. ରାଣ, ଶପଥ ।

**କିରିଆଘର** *ବି.* ଦଶାହ ବେଳେ କ୍ରିୟା ଧରିଥିବା ଲୋକର ରହିବା ତଥା ଶୁଦ୍ଧିକ୍ରିୟା କରିବା ସ୍ଥାନ ।

**କିରିକିରି** *ବିଂ.* ଅଳ୍ପ ଧ୍ୱନିଯୁକ୍ତ ।

**କିରୀଟ** *ବି.* ମଥାର ଅଳଙ୍କାର ବିଶେଷ, ମୁକୁଟ ।

**କିରୀଟୀ** *ବିଂ.* ମଥାରେ ମୁକୁଟ ପିନ୍ଧିଥିବା ; *ବି.* ଅର୍ଜୁନ, ବିଷ୍ଣୁ ।

**କିରୁମ୍** *ବି.* କୃମି, ଗୁହର ପୋକ ।

**କିଲ୍‌ବିଷ** *ବି.* ୧. ପାପ ୨. ଅନ୍ୟାୟ ୩. ବ୍ୟାଧି ।

**କିଳଣୀ, କିଳିଣୀ** *ବି.* କବାଟ ବନ୍ଦ କରିବା ନିମିତ୍ତ ବ୍ୟବହୃତ କାଠ ବା ଲୁହାର ବାଡ଼ି ବା ଅଙ୍କୁଶ ।

**କିଳା** *ବି.* ୧. ଖିଲ, ବନ୍ଧନ ଖୁଣ୍ଟି ୨. ଏକାଧିକ ବସ୍ତୁକୁ ସଂଲଗ୍ନ କରିବାପାଇଁ ବ୍ୟବହୃତ କାଠ, ବାଉଁଶ ବା ଧାତୁ ତିଆରି କଣ୍ଟା ବା ବାଡ଼ି ୩. ସମସ୍ୟା ; *ବିଂ.* ଗୁଣିଗାରିଡ଼ି ମାଧ୍ୟମରେ ଆବଦ୍ଧ କରାଯାଇଥିବା ।

**କିଳାପୋତା** *ବି.* ୧. ଲାଞ୍ଚ, ଘୁଷ ୨. ଅନୈତିକ ଉପାୟରେ ଉପାର୍ଜିତ ଧନ ; *ବିଂ.* କିଳାପୋତିଆ ।

**କିଳାପୋତେଇ** *ବି.* ୧. ଲାଞ୍ଚ କାରବାର ୨. ଅନ୍ୟାୟ ଉପାର୍ଜନ ।

**କିଳିବା** *କ୍ରି.* ୧. ବନ୍ଦ କରିବା ୨. ମନ୍ତ୍ରଯନ୍ତ୍ରଦ୍ୱାରା ଦେହ ରକ୍ଷା କରିବା ।

**କିଲଟର** *ବି.* ଜିଲ୍ଲାପାଳ, ଜିଲ୍ଲାର ସର୍ବୋଚ୍ଚ ହାକିମ, କଲେକ୍ଟର ।

**କିଲଟରି** *ବି.* ଜିଲ୍ଲାପାଳଙ୍କ କଚେରି, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ।

**କିଲା** *ବି.* ଦୁର୍ଗ, ଗଡ଼ ।

**କିଲିବିଲି** ***କ୍ରି.ବିଂ.*** ବ୍ୟସ୍ତବିବ୍ରତ, ହଇରାଣ ହରକତ ।

**କିଶଳୟ, କିସଳୟ** ***ବି.*** କଅଁଳିଆ ପତ୍ର, ନବପଲ୍ଲବ ।

**କିଶୋର** ***ବିଂ.*** ଯୌବନର ପୂର୍ବାବସ୍ଥା, ଆପାତତଃ ଏଗାରରୁ ଚଉଦ ବର୍ଷ ବୟସ୍କ ପୁଅପିଲା, ନବୀନ ; ***ସ୍ତ୍ରୀ.*** କିଶୋରୀ ।

**କିଷାନ** ***ବି.*** ଚାଷ କରୁଥିବା ବ୍ୟକ୍ତି ବା ଜାତି, ଚଷା, କୃଷକ ।

**କିଷାନ ବିକାଶପତ୍ର** ***ବି.*** ଚାଷୀମାନଙ୍କ ସୁବିଧାପାଇଁ ଡାକବିଭାଗଦ୍ୱାରା ପ୍ରଚଳିତ ଦୀର୍ଘମିଆଦି ସଞ୍ଚୟ ଯୋଜନା ଓ ତାହାର ପ୍ରମାଣପତ୍ର ।

**କିସ୍** ***ବି.*** ଚୁମା, ଚୁମ୍ବନ, ଗେଲ ।

**କିସ୍‌ମିସ୍** ***ବି.*** ଶୁଖିଲା ଅଙ୍ଗୁର ।

**କିସ** ***ଅ.*** କଅଣ, କାଣ ।

**କିସମ** ***ବି.*** ପ୍ରକାର, ଶ୍ରେଣୀ, ରକମ ।

**କିସା** ***ବି.*** ୧. ହାତୀଦାନ୍ତ ୨. ବାହାଡ଼ା ଦାନ୍ତ ।

**କିସ୍ତି** ***ବି.*** ୧. ଦେୟ ଟଙ୍କା ପ୍ରଭୃତି ପଇଠ କରିବାର ନିର୍ଦ୍ଧାରିତ ପରିମାଣ ୨. ଥର ବା ସମୟ ।

**କିସ୍ମତ୍** ***ବି.*** ୧. ଭାଗ୍ୟ ୨. ଭାଗ ବା ଅଂଶ ।

**କୀଚକ** ***ବି.*** ୧. ପୋଲା ବାଉଁଶ ୨. *ମହାଭାରତ* ବିରାଟ ରାଜାଙ୍କ ଶଳା ।

**କୀଟ** ***ବି.*** ପୋକ, କିରା ।

**କୀଟାଣୁ** ***ବି.*** କେବଳ ଅଣୁବୀକ୍ଷଣ ଯନ୍ତ୍ରରେ ଦେଖି ହେଉଥିବା ଅତି ଛୋଟ ଜୀବ ।

**କୀର** ***ବି.*** ଶୁଆପକ୍ଷୀ, ଶୁକ ।

**କୀର୍ତ୍ତନ** ***ବି.*** ୧. ଗୁଣଗାନ, ସ୍ତୁତି ୨. ମୃଦଙ୍ଗ, ଝାଞ୍ଜ, ଗିନି ଆଦି ବାଦ୍ୟଯନ୍ତ୍ର ସାହାଯ୍ୟରେ ଆୟୋଜିତ ନୃତ୍ୟ ଓ ଗୀତ ।

**କୀର୍ତ୍ତନ କରିବା** ***କ୍ରି.*** ୧. ଦେବଦେବୀଙ୍କ ତୁଷ୍ଟୀକରଣପାଇଁ ଉଚ୍ଚ ସ୍ୱରରେ ଗାଇବା ଓ ନାଚିବା ୨. ଅନ୍ୟର ଗୁଣଗାନ କରିବା ।

**କୀର୍ତ୍ତନୀୟ** ***ବିଂ.*** କୀର୍ତ୍ତନ କରାଯିବାପାଇଁ ଯୋଗ୍ୟ ।

**କୀର୍ତ୍ତି** ***ବି.*** ୧. ସତ୍‌କର୍ମଜନିତ ଖ୍ୟାତି ୨. ଅତୀତରେ ରାଜାମହାରାଜାମାନଙ୍କଦ୍ୱାରା ତିଆରି ମନ୍ଦିର, ଦୁର୍ଗ ପ୍ରଭୃତି ।

**କୀର୍ତ୍ତିଗାନ** ***ବି.*** ଅନ୍ୟର ଗୁଣକୀର୍ତ୍ତନ ।

**କୀର୍ତ୍ତିସ୍ତମ୍ଭ** ***ବି.*** ବିଶିଷ୍ଟ ବ୍ୟକ୍ତିଙ୍କୁ ମନେରଖିବା ପାଇଁ ତିଆରି ସୁଦୃଶ୍ୟ ସ୍ତମ୍ଭ ବା ପୀଠ ।

**କୀର୍ତ୍ତିତ** ***ବି.*** ପ୍ରଶଂସା ସହ ବର୍ଣ୍ଣିତ ।

**କୀର୍ତ୍ତିମାନ** ***ବିଂ.*** ଯଶସ୍ୱୀ, ନାନା କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା; ***ବି.*** ଯଶ, ପ୍ରତିଷ୍ଠା ।

**କୀଳ, କୀଳକ** ***ବି.*** ପୋତା ଯିବାପାଇଁ ଗୋଟିଏ ପାଖ ତଳ ଆଡ଼କୁ କ୍ରମ ସୂନିଆଥିବା ବାଉଁଶ, କାଠ ତିଆରି ପଦାର୍ଥ, କିଳା, ଗୋଜ, ଖୁଣ୍ଟି, ଖିଲ ।

**କୀଳନ** ***ବି.*** ୧. ରୋଧ ୨. କିଳାକୁ ମାଟିରେ ପୋତିବା କାର୍ଯ୍ୟ ।

**କୀଳା** ***ବି.*** କିଳା ।

**କୀଳିଣି** ***ବି.*** କିଳିଣୀ ।

**କୀଲାଳ** ***ବି.*** ୧. ପାଣି ୨. ଅମୃତ ୩. ମହୁ ୪. ରକ୍ତ ।

**କୁଁଚା** ***ବି.*** ଶସ୍ୟ ମାପିବାପାଇଁ ବ୍ୟବହୃତ ପାତ୍ର ବିଶେଷ ।

**କୁଁଡ଼ୁରାବା** ***କ୍ରି.*** (ଲୋମ) ଗଙ୍କୁରି ଉଠିବା, ରୋମାଞ୍ଚିତ ହେବା ।

**କୁଁଡ଼ୁଲା** ***ବି.*** କନ୍‌ଜି ବା ହାଣ୍ଡି, ଚଉଡ଼ା ମାଟି ପାତ୍ର ।

**କୁଁଡ଼ାଭୁରି** ***ବି.*** କୁଣ୍ଡାଝଡ଼ା ବର୍ଷା ।

**କୁଁତାରୁମ୍** ***ବି.*** (ଦେହର) କହରା ରଙ୍ଗର ସରୁବାଳ ।

**କୁ-** ***ପୂ.ପ୍ର*** ୧. ନିନ୍ଦନୀୟ ୨. ମନ୍ଦ ୩. କୁତ୍ସିତ ୪. କଦାକାର ୫. ଅସତ୍ (*ଉଦା.* କୁକାର୍ଯ୍ୟ, କୁସଂସ୍କାର, କୁରୂପ) ।

**କୁଆଁ** ***ବି.*** ୧. ନବଜାତ ଶିଶୁର ପ୍ରଥମ କାନ୍ଦଶବ୍ଦ ୨. କଅଁଳ ଶାଖାର ଗଜା ୩. କୁଅ, ଚୁଆଁ ।

**କୁଆଁତାରା** ***ବି.*** ପାହାନ୍ତିଆ ତରା, ଶୁକ୍ରତାରା (ଗ୍ରହ) ।

**କୁଆଁର** ***ବି.*** କୁମାର, ବାହା ହୋଇନଥିବା, ଅଭିଆଡ଼ା, ଅବିବାହିତ ।

**କୁଆଁରପୁନିଅଁ(ପୁନେଇଁ)** ***ବି.*** କୁମାର ପୂର୍ଣ୍ଣିମା, ଅଶିଣ ମାସର ପୂର୍ଣ୍ଣିମା (କୁମାର କାର୍ତ୍ତିକେୟ ପୂଜନ ସମ୍ବନ୍ଧିତ) ।

**କୁଆଁରୀ** ***ବି.*** ୧. କୁମାରୀ, ଅଭିଆଡ଼ୀ ଝିଅ, ଅବିବାହିତା ଯୁବତୀ ୨. ଏକ ପ୍ରକାରର ମାର୍ବଲ ପଥର; ***ବିଂ.*** ଅଭିଆଡ଼ୀ ।

**କୁଆ** ***ବି.*** ରାଉରାଉ ଶବ୍ଦ କରୁଥିବା କଳାରଙ୍ଗର ଚଢ଼େଇ-କାଉ, କୋଲୁ, କାକ, ବାୟସ ।

**କୁଆପଥର** ***ବିଂ.*** ବର୍ଷା ସହିତ ପଡୁଥିବା ଘନୀକୃତ ଜଳ, କରକା, କରା ପଖାନ୍ ।

**କୁଆବୁଆ** ***ବିଂ.*** ଅସ୍ଥିର, ବ୍ୟତିବ୍ୟସ୍ତ, ବିବ୍ରତ, ଚକିତ ।

**କୁଆମଇତା** ***ବି.*** ପୋଟଳ ଭଳି ଏକ ଲଟା ଓ ତାହାର ଫଳ-ଯାହା ପାଚିଗଲେ ଗାଢ଼ ଲାଲ ଦିଶେ ।

**କୁଇ** ***କ୍ରି.ବିଂ.*** କୁଆଡ଼ୁ ; ***ବି.*** ୧. କନ୍ଧମାନଙ୍କ ଭାଷା ୨. ସୁନା ତରଳାଇବାପାଇଁ ବଣିଆ ବ୍ୟବହାର କରୁଥିବା ଛୋଟ ଅଭ୍ର ନିର୍ମିତ ପାତ୍ର ।

**କୁଇଟ୍** ***ବି.*** ୧. କୁଟା ୨. ଶସ୍ୟ ପ୍ରଭୃତିର ଶୁଖିଲା ଚୋପା ।

**କୁଏଡୁ** ***ବି.*** ମାଟିଖୋଳା ଯନ୍ତ୍ର, ଉପକରଣ, କୋଡ଼ି, ବୋଡ଼୍‌କି ।

**କୁକ୍‌ରାଡ଼କା** ***ବି.ବିଂ.*** ବଡ଼ି ସକାଳୁ କୁକୁଡ଼ା ଡାକିବା ବେଳ ।

**କୁକୁଡ଼ା** ***ବି.*** ମୁରଗି, କୁକ୍କୁଟ, ରାମପକ୍ଷୀ, କୁକ୍‌ରା, ବହୁରଙ୍ଗି ପରଥିବା ଚଢ଼େଇ ।

**କୁ[କ]କୁନ୍ଦର** *ବି.* ଅଣ୍ଟାତଳ ହାଡ଼ର ଦୁଇପାଖର ଦୁଇଖାଲ ।

**କୁକୁର୍‌ଦାନ୍ତି** *ବି.* ଅପମାର୍ଗ ଗଛ ।

**କୁକୁର** *ବି.* ଚାରିପାଦ ଓ ବଙ୍କା ଲାଙ୍ଗୁଡ଼ ଥିବା ଜୀବ, ଶ୍ୱାନ, କୁତ୍ତା ।

**କୁକ୍କୁଟ** *ବି.* ୧. ବହୁ ରଙ୍ଗ ପରବିଶିଷ୍ଟ ଏକ ପକ୍ଷୀ, କୁକୁଡ଼ା ୨. କୁଟାଲୁଣ୍ଡା ।

**କୁକ୍କୁଟାଣ୍ଡ** *ବି.* କୁକୁଡା ଡିମ୍ବ।

**କୁକ୍କୁଭ** *ବି.* ବଣୁଆକୁକୁଡ଼ା ।

**କୁଙ୍କୁଡ଼ିକାଙ୍କୁଡ଼ି** *କ୍ରି.ବିଂ.* ଅଙ୍ଗପ୍ରତ୍ୟଙ୍ଗକୁ ଯାକିଯୁକି, ସଂକୋଚନ କରି ।

**କୁଙ୍କୁଡ଼ିବା** *କ୍ରି.* ୧. ମୋଡ଼ି ହୋଇଯିବା ୨. ସାଙ୍କୁଡ଼ିଯିବା ୩. ଯାକି ହେବା ।

**କୁଙ୍କୁମ** *ବି.* ୧. ଜାଫ୍ରାନ୍ ୨. ନାରୀ ଲୋକମାନେ କପାଳରେ ବ୍ୟବହାର କରୁଥିବା ନାଲିଟୀକା ।

**କୁଚ** *ବି.* ସ୍ତନ, ଉରଜ, ବକ୍ଷୋଜ ।

**କୁଚକ୍ର** *ବି.* ୧. କପଟାଚାର ୨. ବିପଦଶଙ୍କୁଳ ପରିସ୍ଥିତି ୩. କାହାକୁ ଖାଲରେ ପକାଉଥିବା କୌଶଳ ।

**କୁଚକ୍ରୀ** *ବିଂ.* କପଟମନ୍ତ୍ରଣାକାରୀ, କପଟୀ, କୌଶଳୀ ।

**କୁଚାଢ଼େଙ୍ଗଲା** *ବି.* ୧. ଠେଲାପେଲା ୨. ଗୁଞ୍ଜାପେଲା, ସୀମିତ ସ୍ଥାନରେ ଅଧିକ ଲୋକ ରହିବା ।

**କୁଚିକୁଚି ଖୁଆଇବା** *କ୍ରି.* ବାଧ୍ୟ କରି ଆବଶ୍ୟକତାରୁ ଅଧିକ ଖୁଆଇବା।

**କୁଚିବା** *କ୍ରି.* ଗେଞ୍ଜିବା, ପୂରାଇବା ।

**କୁଚି(ଚୁ)ପୁଡ଼ି** *ବି.* ଆନ୍ଧ୍ରପ୍ରଦେଶରେ ବିକଶିତ ଶାସ୍ତ୍ରୀୟ ନୃତ୍ୟ ବିଶେଷ ।

**କୁଚେଲା** *ବି.* କୋଚିଲା ।

**କୁଛି** *ବିଂ.* ଟଙ୍କା ପଇସା ଖର୍ଚ୍ଚ କରିବାକୁ ଭଲ ପାଉନଥିବା, କୃପଣ, କଂଜୁସ, କାମ୍ପି, ଲୋଭୀ ।

**କୁଜ୍‌ଝଟି, କୁଜ୍‌ଝଟିକା** *ବି.* କୁହୁଡ଼ି, କୋହରା ।

**କୁଜ** *ବି.* ପିଠିରେ ଥିବା ଅସ୍ୱାଭାବିକ ଫୁଲା/ ଉଚ୍ଚହୋଇ ଉଠିଥିବା ଆବୁ ।

**କୁଜା** *ବିଂ.* ପିଠିରେ କୁଜଥିବା, କୁଜପିଠିଆ ।

**କୁଜୀ** *ବିଂ.* ୧. ଛୋଟ, ପାତି, ଛୋଟିଆ (ଶରୀର) ୨. ଯେଉଁ ନାରୀର ପିଠିରେ କୁଜ ଥାଏ ।

**କୁଞ୍ଚ** *ବି.* ପିନ୍ଧାଲୁଗାର ଫେର ।

**କୁଞ୍ଚକୁଞ୍ଚିଆ** *ବିଂ.* କୁଞ୍ଚ କୁଞ୍ଚ ହୋଇଥିବା, ଢେଉ ଢେଉକା ।

**କୁଞ୍ଚନ** *ବି.* ୧. ଜାକିହେବା ଅବସ୍ଥା ୨. ସଙ୍କୋଚନ ।

**କୁଞ୍ଚା** *ବି.* ସେରର ୧୬ ଭାଗରୁ ଏକ ଭାଗ, ମାପପାତ୍ର ।

**କୁଞ୍ଚି, କୁଞ୍ଚୀ** *ବି.* ୧. ମାପିବାର ପାତ୍ର ୨. କଞ୍ଚିକାଠି ୩. ଶସ୍ୟାଦିର ଆଠମୁଠା ।

**କୁଞ୍ଚିକା** *ବି.* କାଇଁଚ, ଏକ ପ୍ରକାରର ଲତା ଓ ତାହାର ଫଳ (ଫଳର ରଙ୍ଗ ଲାଲ ଓ ମୁଣ୍ଡପାଖରେ ଛୋଟ କଳା ବିନ୍ଦୁଟିଏ-ସୁନ୍ଦର ମାଳ କରି ପିନ୍ଧାଯାଏ) ।

**କୁଞ୍ଚିତ** *ବିଂ.* ଭାଙ୍ଗ ଭାଙ୍ଗ ହୋଇଥିବା, କୁଟିଳ, *ସ୍ତ୍ରୀ.* କୁଞ୍ଚିତା ।

**କୁଞ୍ଚିବା** *କ୍ରି.* କୁଞ୍ଚ କରିବା, ଲୁଗା ଫେରକୁ ଭାଙ୍ଗଭାଙ୍ଗ କରିବା ।

**କୁଞ୍ଜ** *ବି.* ୧. ଲତା ଓ ଫୁଲପତ୍ରରେ ସୁଶୋଭିତ ଏକାନ୍ତ ସ୍ଥାନ ୨. ହାତୀର ହନୁହାଡ଼ ।

**କୁଞ୍ଜର** *ବି.* କୁଲାପରି ବଡ଼ ବଡ଼ କାନ, ଥୋଡ଼ପାହାଡ଼, ଛୋଟ ଆଖି ବିଶିଷ୍ଟ ବୃହଦାକାର ଚତୁଷ୍ପଦୀ ପ୍ରାଣୀ, ହାତୀ ।

**କୁଟ** *ବି.* ୧. ପର୍ବତର ଶୃଙ୍ଗ ୨. ଦୁର୍ଗ ୩. ଗଛ ୪. ପଥର ଭଙ୍ଗା ହାତୁଡ଼ି ।

**କୁଟଜ, କୁଟଜ** *ବି.* ୧. କୁରେଇ ଫୁଲ ୨. ବଣମଲ୍ଲୀ ।

**କୁଟ(ଟ୍ଟୁ)ଣୀ** *ବି.* ଗୁପ୍ତ ପ୍ରଣୟରେ ପ୍ରେମୀ ଯୁଗଳ ମଧ୍ୟରେ ଯୋଗସୂତ୍ରକାରିଣୀ ।

**କୁଟା** *ବି.* ୧. ଶୁଖିଲା ନଡ଼ା ୨. କୁଟିବା କାମ ୩. ଧାନରୁ ଚାଉଳ ବାହାର କରିବା ପ୍ରଣାଳୀ ।

**କୁଟାଟେନ** *ବି.* ଧାନକୁଟୁଥିବା ନାରୀ, କୁଟଟୁଣୀ, କୁଟୁଟୁଣୀ ।

**କୁଟାଳି** *ବି.* କୁଟିବା ଲୋକ ।

**କୁଟି(ଟୀ)** *ବି.* ୧. ଛୋଟ କୁଡ଼ିଆ ୨. ବାଙ୍କ ; *ବିଂ.* ବଙ୍କା ।

**କୁଟିଖିଆ** *ବିଂ.* ଧାନକୁଟି ପେଟ ପୋଷୁଥିବା ।

**କୁଟିବା** *କ୍ରି.* ୧. ଛେଚିବା ୨. ମାଡ଼ଦେବା ୩. ଛୁଞ୍ଚିଦ୍ୱାରା ଦେହରେ ଚିତା କୁଟାଇବା ୪. ଧାନରୁ ଚାଉଳ ବାହାର କରିବା ।

**କୁଟିଳ** *ବିଂ.* ୧. ବଙ୍କା ୨. କୁଞ୍ଚିତ ୩. ଖଳ, କପଟମନା ୪. ଜଟିଳ ।

**କୁଟୀର** *ବି.* କୁଡ଼ିଆ, ଛୋଟ ନୁଆଣିଆ ଘର ।

**କୁଟୀର ଶିଳ୍ପ** *ବି.* ଘରେ ବସି ହାତ ଅଥବା ହାତଚାଳିତ ଯନ୍ତ୍ର ସହାୟତାରେ କରାଯାଉଥିବା ଶିଳ୍ପକାମ ।

**କୁଟୁଣୀ** *ବି.* ୧. ଧାନକୁଟି ଚଳୁଥିବା ନାରୀ ୨. କୁଟଣା ।

**କୁଟୁମ୍ବ** *ବି.* ପରିବାର, ପୋଷ୍ୟବର୍ଗ, ରକ୍ତଗତ ସମ୍ପର୍କଥିବା ଗୋଷ୍ଠୀ ।

**କୁଟୁମ୍ବିତା** *ବି.* ପାରିବାରିକ ସମ୍ପର୍କ, ରକ୍ତଗତ ସମ୍ପର୍କ ।

**କୁଟୁମ୍ବୀ** *ବିଂ.* କୁଟୁମ୍ବବିଶିଷ୍ଟ, ଘରକର୍ତ୍ତା ।

**କୁଟୁରା** *ବି.* ଜୋର୍‌ରେ ଧାଉଁଥିବା ଛୋଟ ଆକାରର ମୃଗ ଜାତୀୟ ଚାରିଗୋଡ଼ିଆ ପ୍ରାଣୀ ବିଶେଷ ।

**କୁଟୁଳିଆ** ***ବି.*** ଠୁସୁକା ପାଦ଼, ବିନା ଶବ୍ଦରେ ନିର୍ଗତ ଦୁର୍ଗନ୍ଧ ଅଧୋବାୟୁ ; ***ବିଂ.*** କୁଟିଳ ବ୍ୟକ୍ତି, କପଟାଚାରୀ ।

**କୁଟ୍ଟନ** ***ବି.*** କୁଟିବା ବା ଛେଚିବା କର୍ମ ।

**କୁଟ୍ଟ(ଟ୍ଟି)ନୀ** ***ବି.*** ୧. କୁଟୁଣୀ, ବ୍ୟଭିଚାରୀ ଦୂତୀ ୨. ଢ଼ିଙ୍କିପୁଆ ।

**କୁଟ୍ଟିମ** ***ବି.*** ୧. ରତ୍ନଖଣି ୨. ଘରର ପକ୍କା ଚଟାଣ ୩. ଡାଳିମ୍ବ ।

**କୁଠାର, କୁଠାରୀ, କୁଠାରକ, କୁଠାରିକା** ***ବି.*** କୁରାଢ଼ି , ଟାଙ୍ଗିଆ, ଲୁହାତିଆରି କାଠହଣା ଉପକରଣ ।

**କୁଠି** ***ବି.*** କୋଠରି, ରୁମ୍; ***ଅ.*** **କେଉଁଠି, କେଉଁଠାରେ ।**

**କୁଠିଆ** ***ବି.*** ହଳିଆପିଲା, କୃଷି ବା ଘରକାମପାଇଁ ନିଯୁକ୍ତ ଚାକର ।

**କୁଡ୍‌କଡ଼ି** ***ବିଂ.*** ଅର୍ଥ ଖର୍ଚ୍ଚ କରିବାକୁ ଭଲ ପାଉ ନ ଥିବା, କୃପଣ, କାମ୍ପି ।

**କୁଡ଼ିଆ** ***ବି.*** ଛୋଟ ଝାଟିମାଟି ତିଆରି ଛଣ ଅଥବା ପତ୍ରଛାଉଣି ଘର ।

**କୁଡ଼ିକା** ***ବି.*** ପାଣି ରହୁଥିବା ମାଟିତିଆରି ପାତ୍ର ।

**କୁଡୁଆ** ***ବି.*** ମାଟିତିଆରି ଅବଢ଼ାରନ୍ଧା ହାଣ୍ଡି ।

**କୁଡୁମ୍** ***ବି.*** ଧୂଳି ।

**କୁଢ଼** ***ବି.*** ୧. ସ୍ତୁପ, ଗୋଟିଏ ସ୍ଥାନରେ କୌଣସି ପଦାର୍ଥର ବହୁ ପରିମାଣର ଗଦା ୨. କୋଢ଼, କୁଷ୍ଠରୋଗ ।

**କୁଢ଼କୁଢ଼** ***ବିଂ.*** ବହୁପରିମାଣର ।

**କୁଢ଼ାଇବା, କୁଢ଼େଇବା** ***କ୍ରି.*** ଗଦା କରିବା, ଅଜାଡ଼ିବା, ବହୁ ପରିମାଣ ପଦାର୍ଥ ଗଦା କରିପକାଇବା ।

**କୁଢ଼ି, କୁଢ଼ିଆ** ***ବି.ବିଂ.*** ୧. କୁଷ୍ଠରୋଗୀ, ଅଳସୁଆ ୨. କାମଚୋର ।

**କୁଣି** ***ବି.*** **ଛୋଟ ମାଟି ହାଣ୍ଡି, କୁଣ୍ଡି ।**

**କୁଣିଆ** ***ବି.*** ଘରକୁ ଆସିଥିବା ବନ୍ଧୁ , ଅତିଥି, କୁନୁଆ ।

**କୁଣିପେଜ୍** ***ବି.*** ଛୋଟ ପିଲାଙ୍କପାଇଁ ଛୋଟହାଣ୍ଡି ବା କୁଣ୍ଡିରେ ତିଆରି ପେଜମିଶା କଅଁଳ ଭାତ ।

**କୁଣ୍ଠ, କୁଣ୍ଠିତ** ***ବିଂ.*** ୧. କାମ୍ପି, କୃପଣ ୨. ଥାଥା ମାମା ଭାବ, ଅନିଚ୍ଛା, ଶଙ୍କାକୁଳ ମାନସିକତା ।

**କୁଣ୍ଠା** ***ବି.*** ୧. ଦ୍ୱିଧା ୨. କୃପଣତା, ଅନିଚ୍ଛା ।

**କୁଣ୍ଡ** ***ବି.*** ୧. ପେଟୁଆ ଓ ଗହିରା ବଡ଼ ପାତ୍ର, ଚୌବାଚା ୨. ନିଆଁ ରହୁଥିବା ଗାଡ଼ ୩. ପରପୁରୁଷ ଔରସରୁ ଜନ୍ମିତ ସନ୍ତାନ ।

**କୁଣ୍ଡଳ** ***ବି.*** କାନ ଅଳଙ୍କାର ବିଶେଷ ।

**କୁଣ୍ଡଳୀ** ***ବି.*** ୧. ସାପ ୨. ମୟୁର ୩. ଗୋଲାକାର ରୂପ; ***ବିଂ.*** କୁଣ୍ଡଳଧାରୀ ।

**କୁଣ୍ଡା** ***ବି.*** ୧. ଚାଉଳ ବାହାରିବା ପରେ ଧାନ ଚୋପାର ଗୁଣ୍ଡ ୨. ଜାରଜ କନ୍ୟା ।

**କୁଣ୍ଡାଇବା, କୁଣ୍ଡେଇବା** ***କ୍ରି.*** ୧. ନଖରେ ରାମ୍ପିହେବା ୨. ପାନିଆଁରେ ମୁଣ୍ଡବାଳ ସାଉଁଳିବା ।

**କୁଣ୍ଡି** ***ବି.*** ୧. ଖଲ ଘୋଟିବାପାଇଁ ବ୍ୟବହୃତ ଛୋଟପଥର ପାତ୍ର ୨. ଛୋଟ ମାଟିହାଣ୍ଡି ୩. ଶିକୁଳି ବା ଜଞ୍ଜିର ଲଗାଇବାପାଇଁ ଗୋଲାକାର ବସ୍ତୁ ।

**କୁଣ୍ଡିଆ** ***ବି.*** ୧. ଗଲୁ ୨. ଚମରୋଗ, କାଛୁ ।

**କୁଣ୍ଡିଆକୁଣ୍ଡି** ***ବି.*** ପରସ୍ପରକୁ କୁଣ୍ଢେଇବା ।

**କୁଣ୍ଢ** ***ବି.*** ଦୁଇ ବାହୁର ମଧ୍ୟବର୍ତ୍ତୀ ବେଢ଼ ।

**କୁଣ୍ଢାଇବା, କୁଣ୍ଢେଇବା** ***କ୍ରି.*** ଆଲିଙ୍ଗନ କରିବା, ଦୁଇ ବାହୁରେ ଭିଡ଼ି ଧରିବା ।

**କୁଣ୍ଢିଆକୁଣ୍ଢି** ***ବି.*** ପରସ୍ପର ଆଲିଙ୍ଗନ ।

**କୁଣ୍ଢେଇ** ***ବି.*** କଣ୍ଢେଇ, ଖେଳଣା, ପିତୁଳା, ଗୁଡ଼ିଆ ।

**କୁତ୍** ***ବି.*** ମଣ୍ଡାପିଠା ତିଆରିପାଇଁ ସିଝା ଚାଉଳଗୁଣ୍ଡ, ଖଳି ।

**କୁତ୍‌କୁତ୍, କୁତୁକୁତୁ** ***ବି.*** କାଖ ବା ଅଣ୍ଟା ପ୍ରଭୃତି ସନ୍ଧିଜାଗାରେ ଅଙ୍ଗୁଳି ଚାଳନା ଜନିତ ଅନୁଭବ ।

**କୁତ** ***ବି.*** ୧. ଅନୁମାନିଆ ପରିମାଣ ନିର୍ଦ୍ଧାରଣ, ହାରାହାରି ବା ମୋଟାମୋଟି ମୂଲ୍ୟ ନିର୍ଣ୍ଣୟ ୨. ଭାଗଚାଷ ।

**କୁତି** ***ବି.*** ମାଇ କୁକୁର ; ***କ୍ରି.ବିଂ.*** ଆଡ଼କୁ, ଦିଗରେ ।

**କୁତିଆ** ***ବି.*** ୧. ମଜୁରିଆ ୨. ପାଉଣା ଛିଡ଼ାଇ ବା ଠିକ୍ କରି ସମ୍ପାଦିତ କାର୍ଯ୍ୟ ୩. ଏକ ପ୍ରକାର ପିତାମାଛ ।

**କୁତୁକୀ** ***ବିଂ.*** କୌତୁକୀ, କୁତୂହଳୀ ।

**କୁତୁରପିଆ** ***ବି.ବିଂ.*** କୁଟିଳହୃଦୟ, ଅନ୍ୟର ଅନିଷ୍ଟ ଚାହୁଁଥିବା (ବ୍ୟକ୍ତି) ।

**କୁତୁରୁପି** ***ବି.*** ଛନ୍ଦ, ଚକ୍ରାନ୍ତ, ପେଦି ।

**କୁତୁହଳ** ***ବି.*** ଆଗ୍ରହ, ଉତ୍ସୁକତା, କୌତୂହଳ, ଜାଣିବାପାଇଁ ଉତ୍କଣ୍ଠା ।

**କୁତୁହଳୀ** ***ବିଂ.*** ଆଗ୍ରହୀ, ଉତ୍ସୁକ, ଉତ୍କଣ୍ଠିତ ।

**କୁତ୍ତା** ***ବି.*** କୁକୁର, ଶ୍ୱାନ ***ସ୍ତ୍ରୀ.*** କୁତୀ, କୁତ୍ତୀ ।

**କୁତ୍ତାମଚଣ୍ଡୀ** ***ବି.*** **ଶ୍ୱାନରୂପିଣୀ ଦେବୀ/ଶକ୍ତି ।**

**କୁତ୍ର** ***ଅ.*** କେଉଁଠି, କେଉଁଠାରେ ।

**କୁତ୍ରାପି** ***ଅ.*** କେଉଁଠି ହେଲେ, କୌଣସି ସ୍ଥାନରେ ବି ।

**କୁତ୍ସା** ***ବି.*** ମନ୍ଦ ଓ ଅପ୍ରୀତିକର କଥା, ନିନ୍ଦା, ଅପବାଦ ।

**କୁତ୍ସାରଟନା** ***ବି.*** ଅପବାଦ ବା ନିନ୍ଦାଗାନ, ଅନ୍ୟସ-ର୍କରେ ଅପ୍ରୀତିକର କଥା ପ୍ରଚାର ।

**କୁତ୍ସିତ** ***ବିଂ.*** ୧. ଅସୁନ୍ଦର, କଦର୍ଯ୍ୟ, ଭୟଙ୍କର, ବୀଭତ୍ସ ୨. ନିନ୍ଦିତ ୩. ଅଶ୍ଳୀଳ, ଅରୁଚିକର ।

**କୁଦ** *ବି.* ଉଚ୍ଚଭୂମି ଖଣ୍ଡ, ସ୍ତୁପ, ଟାପୁ ।

**କୁଦା** *ବି.* ୧. ଲମ୍ଫ, ଡିଆଁ ୨. କୁଢ଼, କୁଦ।

**କୁଦାକୁଦି** *ବି.* ଡିଆଁଡେଇଁ, ବାରମ୍ବାର ଲମ୍ଫ ଦେବା ।

**କୁଦାବା** *କ୍ରି.* ୧. ଦୁଇ ଅଥବା ଗୋଟିଏ ଗୋଡ଼ ଉପରକୁ ଦେଇ ପାଦରେ ବାରମ୍ବାର ଚାପ ପ୍ରୟୋଗ କରିବା ୨. ପଛରେ ଗୋଡାଇବା, ପଶ୍ଚାତ୍‌ଧାବନ କରିବା।

**କୁଦା ମାରିବା** *କ୍ରି.* ଦୁଇଗୋଡ଼କୁ ଏକ ସମୟରେ ଉପରକୁ ଉଠେଇ ଡେଇଁବା।

**କୁଦାରି** *ବି.* ମାଟି ଖୋଳିବାପାଇଁ ବ୍ୟବହୃତ ହତିଆର ବିଶେଷ ।

**କୁଦାଳ, କୁଦ୍ଦାଳ** *ବି.* ୧. ମାଟିହଣା ଉପକରଣ, କୋଦାଳ ୨. କଞ୍ଚନଫୁଲ ଓ ଗଛ ।

**କୁଦିବା** *କ୍ରି.* ୧. ଡେଇଁବା, ଲମ୍ଫ ଦେବା ୨. ପାଦରେ ଦଳିବା, ପାଦ ମାଡ଼ି ମଇଳା କରିବା ।

**କୁଦୃଷ୍ଟି** *ବି.* ଅଶୁଭ ଦୃଷ୍ଟି, ଖରାପ ନଜର ।

**କୁନଖ** *ବି.* କଣନଖା ରୋଗ ।

**କୁନା** *ବି.* ୧. କୋଣ ୨. ଛୋଟ ପୁଅପିଲା ।

**କୁନି** *ବିଂ.* ଛୋଟ, ବକଟେ ।

**କୁନୁ** *ବିଂ.* ଛୋଟ, ଅତି ସାନ ; *ବି.* କୁନିପୁଅ ।

**କୁନୁଆ** *ବି.* ଅତିଥି, କୁଣିଆ ।

**କୁନୁମୁନି** *ବିଂ. ବି.* ଛୋଟ ଓ ସୁନ୍ଦର, ଛୋଟ ଝିଅ ପିଲା ପ୍ରତି ସ୍ନେହପୂର୍ଣ୍ଣ ସମ୍ବୋଧନ ।

**କୁନ୍ତ** *ବି.* ତେଣ୍ଟା, ଲମ୍ବ ବାଡ଼ି ଲାଗିଥିବା ଲୁହାତିଆରି ଏକମୁନା ଅସ୍ତ୍ର, ଭାଲ୍ଲା ।

**କୁନ୍ତଳ** *ବି.* କେଶଗୁଚ୍ଛ ।

**କୁନ୍ତଳା** *ବି.* ଚିକ୍‌କଣ ଓ ଲମ୍ବା କେଶଥିବା ନାରୀ ।

**କୁଛ୍‌କୁଛ୍, କୁଛୁକୁଛୁ** *ବି. କ୍ରି.ବିଂ.* ଦ୍ୱନ୍ଦ୍ୱାତ୍ମକ ମାନସିକତା, କୁଣ୍ଠିତ, ଦ୍ୱିଧାଯୁକ୍ତ ।

**କୁଛନ** *ବି.* ୧. କୁଛାଇବା ୨. ଅସ୍ୱସ୍ତିଭାବ ।

**କୁଛା, କୁଛାଣ** *ବି.* ୧. ରୋଗ ହେତୁ ବିକଳ ଧ୍ୱନି ୨. ଶ୍ୱାସରୁଦ୍ଧକର ଅବସ୍ଥା ।

**କୁଛା(ଛେ)ଇବା** *କ୍ରି.* ୧. କଷ୍ଟରେ ବ୍ୟତିବ୍ୟସ୍ତ ହେବା ୨. ହଗିବା ଅଥବା ପିଲାଜନ୍ମ କଲାବେଳେ ପେଟର ମାଂସପେଶୀକୁ ସଂଚାଳିତ କରିବା ।

**କୁନ୍ଦ** *ବି.* ୧. ଧଳାରଙ୍ଗର ସୁଗନ୍ଧିତ ଫୁଲ ବିଶେଷ ୨. କାଠକୁ ବିଭିନ୍ନ ଆକାର ଦେବାପାଇଁ ବ୍ୟବହୃତ ଯନ୍ତ୍ର, କୁନ୍ଦା, ଭ୍ରମିଯନ୍ତ୍ର ।

**କୁନ୍ଦଦନ୍ତ** *ବି.* କୁନ୍ଦକଢ଼ ଭଳି ଯାହାର ସୁନ୍ଦର ଦାନ୍ତ ଥାଏ, *ସ୍ତ୍ରୀ.* କୁନ୍ଦଦନ୍ତୀ ।

**କୁନ୍ଦନ** *ବି.* ୧. ସୁନା ୨. କୁନ୍ଦିବା କାର୍ଯ୍ୟ ୩. ମାଡ଼ ।

**କୁନ୍ଦବୁନ୍ଦା** *ବି.* ମାଡ଼, ଆଘାତ ।

**କୁନ୍ଦା** *ବି.* ୧. କୁନ୍ଦିବା ଯନ୍ତ୍ର ୨. ଶାଣଚକ ୩. ବହୁତ ମାଡ଼ ; *ବିଂ.* କୁନ୍ଦ ଯନ୍ତ୍ରରେ ଗଢ଼ା ।

**କୁନ୍ଦାକୁନ୍ଦି** *ବି.* ବାଡ଼ିର ଅଗ ଅଥବା ହାତମୁଠାରେ ଆଘାତ, ମାରପିଟ୍, ମରାମରି ।

**କୁନ୍ଦିବା** *କ୍ରି.* ୧. କୁନ୍ଦଯନ୍ତ୍ରରେ ପୂରାଇ କୌଣସି ପଦାର୍ଥକୁ ସୁନ୍ଦର ଓ ଚିକ୍‌କଣ କରିବା ୨. ମାଡ଼ ଦେବା ।

**କୁନ୍ଦା ଖାଇବା** *କ୍ରି.* ଘୁଷି ବା ହାତମୁଠାରେ ମାଡ଼ ଖାଇବା ।

**କୁନ୍ଦୁରି(ରୁ)** *ବି.* ପରିବା ଭାବରେ ବ୍ୟବହୃତ ଲଟା ଫଳ ବିଶେଷ, ତୁଣ୍ଡୁରି, କୁର୍ଦ୍ଦୁ ।

**କୁନ୍ଦୁରିଖାଇ** *ବି.* ଠଣା, କାନ୍ଥରେ ଥିବା ଖାଲିସ୍ଥାନ।

**କୁପନ** *ବି.* ସନ୍ତକପତ୍ର, ଚିର୍‌କୁଟି ।

**କୁପା** *ବି.* ସ୍ତୁପ, ଗଦା, କୁଢ଼ ।

**କୁପାତ୍ର** *ବି.* ୧. ଅଯୋଗ୍ୟ ବ୍ୟକ୍ତି ୨. ଅନୁପଯୁକ୍ତ ବା ଅଯୋଗ୍ୟବର ।

**କୁପିତ** *ବିଂ.* କ୍ରୁଦ୍ଧ, ରାଗିଥିବା, କୋପ କରିଥିବା ।

**କୁପୁତ୍ର** *ବି.* କୁଳାଙ୍ଗାର ପୁଅ, ଗୁଣହୀନ ଓ ଅବାଧ୍ୟ ସନ୍ତାନ, ବଂଶର ନାଁ ପକାଉଥିବା ସନ୍ତାନ ।

**କୁପ୍ୟ** *ବି.* ସୁନା ଓ ରୁପା ବ୍ୟତୀତ ଅନ୍ୟ ନିକୃଷ୍ଟ ଧାତୁ ।

**କୁବ୍‌ଜ** *ବି.* ୧. ପିଠିର କୁଜ ୨. ବଙ୍କାପିଠିଆ ଖଣ୍ଡା ; *ବିଂ.* କୁଜା ।

**କୁବଳୟ** *ବି.* ୧. ନୀଳକଇଁ ୨. ନୀଳପଦ୍ମ ୩. ସମୁଦ୍ର ।

**କୁବାକ୍ୟ, କୁଭାଷା** *ବି.* ୧. ଖରାପକଥା ୨. ବାଜେକଥା ୩. ଅଶ୍ଳୀଳ ବାକ୍ୟ ବା ଗାଳି ୪. ଅପ୍ରୀତିକର ଶବ୍ଦ ।

**କୁବୁଜ, କୁବୁଜା** *ବିଂ.* କୁଜା ।

**କୁବୁଜି** *ବି.* କଂସାତିଆରି ଛୋଟ ଗିନି ।

**କୁବେଣି, କୁବେଣୀ** *ବି.* ମାଛରଖା ଖାଳେଇ, ଝୁଁଟି ।

**କୁବେର** *ବି.* ୧. ପୁରାଣ ବର୍ଣ୍ଣିତ ଧନର ଦେବତା, ଯକ୍ଷରାଜ ୨. ତେଲି ଜାତି ; *ବିଂ.* କଦାକାର ।

**କୁମ୍‌ଡ଼ା** *ବି.* ବୋଇତିକଖାରୁ, ମାଖନ୍ ।

**କୁମ୍‌ନା** *ବି.* ବାଉଁଶ ବା ଜଳାଙ୍ଗି ଖାଡ଼ିରେ ବୁଣା ମୃଦଙ୍ଗାକାର ମାଛଧରା ଉପକରଣ ।

**କୁମ୍‌ପଟିଆ** *ବି.* କୁମ୍ଭୀପଟିଆ, କୁମ୍ଭି ଗଛର ଛାଲି ପ୍ରସ୍ତୁତ ଲୁଗା ପିନ୍ଧୁଥିବା ଅଲେଖ ଧର୍ମାବଲମ୍ବୀ ।

**କୁମତି** *ବି.ବିଂ.* ଦୁର୍ବୁଦ୍ଧି, ମନ୍ଦ ପ୍ରକୃତିବିଶିଷ୍ଟ (ଲୋକ) ।

**କୁମନ୍ତ୍ରଣା** *ବି.* ଖରାପ ପରାମର୍ଶ, କ୍ଷତିକାରକ ମନ୍ତ୍ରଣା।

**କୁମର** *ବି.* ୧. ପୁଅ ୨. ବାଳକ ।

**କୁମା** *ବି.* କୁଟୀର, ପତ୍ରକୁଡ଼ିଆ ।

**କୁମାର** *ବି.* ୧. ପୁଅ ୨ ରାଜାପୁଅ ୩. ଅବିବାହିତ ଯୁବକ ୪. କାର୍ତ୍ତିକେୟ ।

**କୁମାରପୂର୍ଣ୍ଣିମା** *ବି.* କୁଆଁରପୁନେଇଁ, ଆଶ୍ୱିନମାସର ପୂର୍ଣ୍ଣିମା ।

**କୁମାରୀ** *ବି.* ୧. କୁଆଁରୀ, ଅବିବାହିତା ଯୁବତୀ ୨. ଜେମା, ରାଜକନ୍ୟା ୩. ଦୁର୍ଗା ।

**କୁମାରୀଲକ୍ଷ୍ମୀ** *ବି.* ଆଶ୍ୱିନ ଶେଷରେ ପୂଜିତା ଲକ୍ଷ୍ମୀ ।

**କୁମୁଟି** *ବି.* ୧. ବ୍ୟବସାୟୀ ଜାତି ବିଶେଷ, ବୈଶ୍ୟଜାତି ୨. ଗୋରୁଙ୍କ ଗାଲୁଆ ରୋଗ ।

**କୁମୁଦ** *ବି.* କଇଁଫୁଲ ।

**କୁମୁଦବନ୍ଧୁ** *ବି.* ଚନ୍ଦ୍ର, ଜହ୍ନ ।

**କୁମେରୁ** *ବି.* ଦକ୍ଷିଣମେରୁ ।

**କୁମ୍ଫଟିଆ** *ବିଂ.* କୁମ୍ଫପଟିଆ, କୁମ୍ଭୀପଟୁଆ, କୁମ୍ଭୀଗଛର ପଟ ତିଆରି ସାମଗ୍ରୀକୁ ବସ୍ତ୍ରଭଳି ବ୍ୟବହାର କରୁଥିବା ଅଲେଖଧର୍ମର ଅନୁଗାମୀ ।

**କୁମ୍ପା** *ବି.* ତେଲ ରଖିବାପାଇଁ ବ୍ୟବହୃତ ସରୁମୁହାଁ ପାତ୍ର, ପିମ୍ପା ।

**କୁମ୍ପାନି** *ବି.* କମ୍ପାନୀ ।

**କୁମ୍ପି** *ବି.* ୧. ଛୋଟଘଡ଼ି ୨. ଏକ ପ୍ରକାର ବାଣ ।

**କୁମ୍ବିଙ୍ଗ୍ ଅପରେସନ୍** *ବି.* ସନ୍ଦିଗ୍ଧ ବ୍ୟକ୍ତି ବା ଅପରାଧୀଙ୍କୁ ଠାବ କରିବାପାଇଁ ସୁରକ୍ଷା ବାହିନୀଦ୍ୱାରା କୌଣସି ଅଞ୍ଚଳର ତନ୍ନତନ୍ନ ଜାଞ୍ଚ ।

**କୁମ୍ଭ** *ବି.* ୧. ଘଟ, ମାଠିଆ ୨. ***ଜ୍ୟୋ.*** ଏକାଦଶ ରାଶି ୩. ହାତୀ ବେକର ଉପର ଅଂଶରେ ଥିବା ଫୁଲାଅଂଶ ।

**କୁମ୍ଭକ** *ବି.* ଯୋଗସାଧନରେ ନିଃଶ୍ୱାସରୋଧ ।

**କୁମ୍ଭକାର** *ବି.* କୁମ୍ଭାର, ମାଟିରେ ବିଭିନ୍ନ ଉପକରଣ ତିଆରି କରୁଥିବା ଜାତି ।

**କୁମ୍ଭକାର କୀଟ** *ବି.* ମାଟିରେ ବସାବାନ୍ଧି ରହୁଥିବା ଏକ ପ୍ରକାରର ଭଅଁର ।

**କୁମ୍ଭକାରିକା** *ବି.* କୁମ୍ଭାରୁଣୀ, କୁମ୍ଭାରର ପତ୍ନୀ ।

**କୁମ୍ଭଜ** *ବି.* ୧. ଅଗସ୍ତି ମୁନି ୨. ବଶିଷ୍ଠ ୩. ଦ୍ରୋଣାଚାର୍ଯ୍ୟ ।

**କୁମ୍ଭ ଧରିବା** *କ୍ରି.* ଗଛ ପିଲଦେବା ।

**କୁମ୍ଭମାସ** *ବି.* ଫଗୁଣମାସ ।

**କୁମ୍ଭମେଳା** *ବି.* ୧. ପ୍ରତି ବାରବର୍ଷରେ ଫଗୁଣ ମାସରେ ପ୍ରୟାଗରେ ହେଉଥିବା ଗଙ୍ଗାସ୍ନାନ ମେଳା ୨. ବିଭିନ୍ନ ନଦୀକୂଳରେ ବା ଅନ୍ୟ ତୀର୍ଥଗୁଡ଼ିକରେ ଅନୁଷ୍ଠିତ ସେଭଳି ମେଳା ।

**କୁମ୍ଭରାଶି** *ବି.* ଜ୍ୟୋତିଷ ଶାସ୍ତ୍ରରେ ଏକାଦଶ ରାଶି ।

**କୁମ୍ଭଲଗ୍ନ** *ବି.* କୁମ୍ଭରାଶି ଉଦୟ ହେବା ପରେ ଦିବସର କାଳ ।

**କୁମ୍ଭଶାଳା** *ବି.* କୁମ୍ଭାରଶାଳ, କୁମ୍ଭାର ମାଟିରେ ବିଭିନ୍ନ ପଦାର୍ଥ ତିଆରି କରୁଥିବା ସ୍ଥାନ ।

**କୁମ୍ଭସ୍ଥଳ** *ବି.* ହାତୀର ବେକ ।

**କୁମ୍ଭାଟୁଆ** *ବି.* ୧. ଗେରୁରଙ୍ଗର ଲମ୍ବା ପରଥିବା ଏକ ପ୍ରକାରର ପକ୍ଷୀ ୨. କଣ୍ଟାଥିବା ବଣୁଆ ଲଟା ।

**କୁମ୍ଭାବାଡ଼ି** *ବି.* ହଇଜାରୋଗ ।

**କୁମ୍ଭାର** *ବି.* ମାଟିପାତ୍ରାଦି ତିଆରି କରୁଥିବା ବ୍ୟକ୍ତି ବା ଜାତି ।

**କୁମ୍ଭାର ଉହା** *ବି.* କୁମ୍ଭାରମାନେ ହାଣ୍ଡି ପ୍ରଭୃତି ପୋଡ଼ିବାପାଇଁ ବ୍ୟବହୃତ ଚୁଲି ।

**କୁମ୍ଭାରଚକ** *ବି.* ଯେଉଁ ଚକ ସାହାଯ୍ୟରେ କୁମ୍ଭାର ହାଣ୍ଡି, ମାଠିଆ ଆଦି ଗଢ଼େ ।

**କୁମ୍ଭାରପୋକ** *ବି.* ଏକ ପ୍ରକାରର ଭଅଁର ।

**କୁମ୍ଭି** *ବି.* ୧. ଡେଣ୍ଡା, ପୋଖରୀ ବା ଖାଲୁଆ ଜାଗାରୁ ଉପରକୁ ପାଣି ଉଠାଇବା ଯନ୍ତ୍ର, ଟେଣାପାଟି ୨. ଜାମୁଜାତୀୟ ଗଛ ବିଶେଷ ।

**କୁମ୍ଭିକା** *ବି.* ୧. ଛୋଟମାଠିଆ, ଠେକି, ଘଡ଼ି ୨. ବେଶ୍ୟା ୩. ବୋରଝାଞ୍ଜି ଦଳ ।

**କୁମ୍ଭିପଟ** *ବି.* କୁମ୍ଭିଗଛର ଛାଲି ବା ତନ୍ତୁ ।

**କୁମ୍ଭିପାକ ନରକ** *ବି.* ପାପର ଫଳ ଭୋଗକରିବା ପାଇଁ କଳ୍ପିତ ଯମ ଲୋକରେ ଏକ ପ୍ରକାରର ଦଣ୍ଡ ବ୍ୟବସ୍ଥା ।

**କୁମ୍ଭିପାଟିଆ, କୁମ୍ଭିପାଟୁଆ** *ବି.* ଅଲେଖଧର୍ମୀ, କୁମ୍ ପଟିଆ, କୁଂପେଟୁଆ ।

**କୁମ୍ଭିଳକ** *ବି.* ୧. ଚୋର ୨. ଶାଳଗଛ ୩. ଶାଳମାଛ ୪. ଦଶମାସ ନ ପୁରୁଣୁ ଜନ୍ମିତ ବାଳକ ।

**କୁମ୍ଭୀ** *ବି.* ୧. ହାତୀ ୨. କୁମ୍ଭାର ପୋକ ୩. କୁମ୍ଭାର ୪. ବେଶ୍ୟା ୫. ମାଛ ୬. ବିଟଫଳ ୭. ଘଡ଼ି ୮. ପୁରାଣ ବର୍ଣ୍ଣିତ ରାକ୍ଷସ ବିଶେଷ ୯. ବୋରଝାଞ୍ଜି ୧୦. ମାଟିହାଣ୍ଡି ୧୧. ଚୁଲି ୧୨. ଶସ୍ୟର ପରିମାଣ ବିଶେଷ ।

**କୁମ୍ଭୀକ** *ବି.* ୧. ପୁନ୍ନାଙ୍ଗ, ନାଗକେଶର ଗଛ ୨. ପୁରୁଷ ମୈଥୁନ ନିମିତ୍ତ ବ୍ୟବହୃତ ବାଳକ ।

**କୁମ୍ଭୀକା** *ବି.* ଆଖିପତାର ଫୁଲାରୋଗ ।

**କୁମ୍ଭୀପାକ** *ବି.* ୧. ମାଟି ହାଣ୍ଡିରେ ରନ୍ଧା ଯାଉଥିବା ଖାଦ୍ୟ ୨. ପାପଫଳ ଭୋଗ କରିବାପାଇଁ କଳ୍ପିତ ଯମଲୋକରେ ଏକପ୍ରକାର ଦଣ୍ଡ ବ୍ୟବସ୍ଥା, ନରକ ବିଶେଷ ।

**କୁମ୍ଭୀର ବି.** କିମ୍ଭିର, ମଗର, ଜଳଚର ଜୀବ ବିଶେଷ ।

**କୁମ୍ଭେଇବା କ୍ରି.** ପିଲେଇବା, ପିଲଦେବା ।

**କୁଯାତ୍ରା ବି.** ଅମଙ୍ଗଳ ସୂଚକ ଯାତ୍ରା ।

**କୁର୍‌କୁଚା ବି.** କୁଳୁକୁଞ୍ଚା, ପାଟିରେ ପାଣି ପୂରାଇ କୁଳୁକୁଳୁ କରି ପଦାକୁ କାଢ଼ିବା ।

**କୁର୍‌କୁଟି ବି.** ୧. କୌଣସି ପଦାର୍ଥର ଛୋଟଛୋଟ ଭଙ୍ଗା ବା କଟା ଅଂଶ ୨. ଛୋଟ ମଶା ; **ବିଂ.** କୁଞ୍ଚୁକୁଞ୍ଚିଆ ।

**କୁରକୁଟିଆ ବିଂ.** ୧. ପଚାଗନ୍ଧ ୨. କୁଟିଳ ୩. ଅପରିଷ୍କୃତ ପରିଧାନ ।

**କୁର୍‌କୁର୍ ବି.** ମଧୁର ଧ୍ୱନି, ଖିଲିଖିଲି ହସ ।

**କୁର୍‌କୁରି ବି.** ଘୋଡାଙ୍କର ପେଟଫୁଲା ରୋଗ ।

**କୁର୍‌ଚି ବି.** ବସିବା ପାଇଁ ଉପକରଣ, ଚୌକି , ଚେୟାର ।

**କୁର୍‌ଣ୍ଡା ବିଂ.** ଅଣ୍ଡକୋଷ ବଢ଼ିଥିବା (ରୋଗୀ) ।

**କୁର୍‌ତା ବି.** ୧. ଜାମା, ଶାର୍ଟ ୨. ଢ଼ିଲାଜାମା, ପଞ୍ଜାବି, ଲାଲ୍‌ଚି ।

**କୁର୍‌ତି ବି.** ୧. ଛୋଟଜାମା ୨. ନାରୀମାନଙ୍କ ଜାମା ୩. ବ୍ଲାଉଜ୍ ।

**କୁର୍‌ନି ବି.** ୧. କୋରଣା ୨. କ୍ଷୀରସିଝା ଆଟିକା ବା ପାତ୍ରରେ ବସିଥିବା ବହଳ ଅଂଶ, କୋରୁଅ ।

**କୁର୍‌ନିସ୍ ବି.** ନଇଁପଡ଼ି ସଲାମ ବା ନମସ୍କାର ।

**କୁର୍‌ବା କ୍ରି.** ୧. କୁଣ୍ଡାଇବା ୨. ଛେଲିବା ୩. କୋରିବା ।

**କୁର୍‌ବୁରାବା କ୍ରି.** ୧. ଅସନ୍ତୁଷ୍ଟ ବା ବିରକ୍ତ ହୋଇ ମନକୁ ମନ କହିବା ୨. ବିରକ୍ତିରେ ଗୁଣୁଗୁଣୁ ହୋଇ କହିବା ।

**କୁର୍‌ମା ବି.** ୧. ଛୋଟ କୁଡ଼ିଆ, ତାଳପତ୍ର ଓ ନଡ଼ା ପ୍ରଭୃତିରେ ତିଆରି ଅସ୍ଥାୟୀ ଖଳାଘର ୨. ଦହି ଓ ବିଭିନ୍ନ ମସଲା ଦେଇ ରନ୍ଧା ବହଳିଆ ଝୋଳ ଥିବା ବ୍ୟଂଜନ ବିଶେଷ ।

**କୁର୍‌ମି ବି.** ୧. ପୋଖରୀ ଖୋଳିବାରେ ଦକ୍ଷ ଏକ ସମ୍ପ୍ରଦାୟ ୨. ଧଳା ଫୁଲ ଫୁଟୁଥିବା ଏକ ପ୍ରକାର ଜଙ୍ଗଲି ଗଛ ୩. କୃମି ।

**କୁର୍‌ଲି, କୁର୍‌ଲୁ ବି.** ହାଲୁକା ମାଟି ଉଠାଇବା ଏବଂ ଚାଷ ଜମି ସମତୁଲ କରିବାପାଇଁ ବ୍ୟବହୃତ ପଟାରେ ତିଆରି ଉପକରଣ ।

**କୁର୍‌ଲିବା କ୍ରି.** ୧. କୁର୍‌ଲୁ ଚଳାଇବା ୨. ହଠାତ୍ ଉପାର୍ଜନ କରିବା ।

**କୁର୍‌ସି ବି.** ୧. ଚୌକି, ଚେୟାର ୨. ଉଲ୍‌ବୁଣିବା ଛୁଞ୍ଚି ।

**କୁର୍‌ସିନାମା ବି.** ବୁନିଆଦି ତାଲିକା, ବଂଶଲତା ପଂଜିକା ।

**କୁର ବି.** ଗୋଟିଏ ହାତରେ ରହି ପାରିବା ଭଳି ଧାନକେଣ୍ଡା ।

**କୁରଙ୍ଗ ବି.** ୧. ମୃଗ ୨. ବାଉଁଟିଆ ୩. ଖରାପ ଅଭ୍ୟାସ ୪. ଖରାପ ରଙ୍ଗ ।

**କୁରଞ୍ଚ ବି.** ଅଁଳେଇ ଫୁଲର ଗୁଳ୍ମ ।

**କୁରଣ୍ଡ ବି.** ରୋଗଯୋଗୁଁ ବଢ଼ିଥିବା ଅଣ୍ଡକୋଷ ।

**କୁରବ ବି.** ୧. ନିନ୍ଦା, ଦୁର୍ନାମ, ଅପବାଦ ୨. କର୍କଶ ସ୍ୱର ।

**କୁରରୀ ବି.** ୧. ମାଟିଆ ଚିଲ ୨. କପୋତୀ ୩. ମେଣ୍ଢୀ ।

**କୁରଳ ବି.** ୧. କ୍ରୌଞ୍ଚପକ୍ଷୀ ୨. ଚୂର୍ଣ୍ଣକୁନ୍ତଳ ୩. ପଟାମଇ ।

**କୁରଳି ବି.** ୧. କୁଞ୍ଚୁକୁଞ୍ଚିଆବାଳ ୨. ହାସ୍ୟଯୁକ୍ତ ଶବ୍ଦ ୩. ମଇ ।

**କୁରାଇ, କୁରେଇ ବି.** ଇନ୍ଦ୍ରଯବ, ଗିରିମଲ୍ଲିକା, ପେଛାପେଛା ଧଳା ଫୁଲ ଫୁଟୁଥିବା ଜଙ୍ଗଲୀ ଗୁଳ୍ମ ବିଶେଷ ।

**କୁରାଢ଼ି ବି.** ଟାଙ୍ଗିଆ, ବେଣ୍ଟଲଗା ଲୁହା ହତିଆର, କୁଠାର ।

**କୁରାଢ଼ିଆ ବି.** ୧. ବଣୁଆ ଶାଗ ବିଶେଷ ୨. ଘାସ ବିଶେଷ ।

**କୁରାଢ଼ିଆ ଘାସ ବି.** ପଥର ସନ୍ଧିରେ ବଢ଼ିଥିବା ରଗଡା ଘାସ ।

**କୁରାଣ୍ଟି ବି.** ଖୁରାଣ୍ଟି, ଛୋଟମୃଗ ।

**କୁରାଳ ବି.** ୧. କୁମ୍ଭାର ୨. କଳାଗୋଡ଼ ଥିବା ଫିକାନାଲିଆ ଘୋଡ଼ା ।

**କୁରାଳଚକ୍ର ବି.** ୧. କୁମ୍ଭାରଚକ ୨. **ଦୁଃସମୟ**, ଖରାପବେଳ ।

**କୁରାଳ ପଞ୍ଚମୀ ବି.** ପୌଷମାସର ଶୁକ୍ଳପଞ୍ଚମୀ ।

**କୁରାଳି ବି.** ହସ ବା କ୍ରୋଧର ଧ୍ୱନି ।

**କୁରାଳିବା କ୍ରି.** ହସ ଓ ରାଗ ଯୋଗୁ ଫଁ ଫଁ ହେବା ବା ଗର୍ଜନ କରିବା ।

**କୁରିବା କ୍ରି.** ୧. କୋରିବା ୨. ବାଡେଇବା ।

**କୁରୁ ବି.** ୧. ପୁରାଣବର୍ଣ୍ଣିତ ହସ୍ତିନାର ଚନ୍ଦ୍ରବଂଶର ରାଜା ୨. ପୁରୋହିତ ।

**କୁରୁଆଁ ବି.** ହଳଦିଆ ଓ ପାଟଳରଙ୍ଗର ଛୋଟଛୋଟ ଫୁଲ ଫୁଟୁଥିବା ଗଛ, ଦାସକେରେଣ୍ଟା ।

**କୁରୁକୁରୁ ବି.** ଅଳ୍ପ ଓ ମଧୁର ଧ୍ୱନିର ହସ, ଖିଲିଖିଲି ହସ ।

**କୁରୁଙ୍ଗା ବି.** ୧. ଠଣା, କାଛକୁରା, ଖୋଲ୍‌ନା ୨. **ସମ୍ପ୍ରଦାୟ ବିଶେଷ** ।

**କୁରୁଚି ବି.** ୧. ଚୌକି, କୁର୍ସି, ଚେୟାର ୨. ଖରାପ ଅଭ୍ୟାସ, ନିମ୍ନରୁଚି ।

**କୁରୁଡ଼ ବି.** ହଳ ହୋଇଥିବା କିଆରିକୁ ସମତଳ କରିବାପାଇଁ ବ୍ୟବହୃତ ମଇ ।

**କୁରୁଡ଼ିବା କ୍ରି.** ଚାଷମାଟିରେ ମଇଦେବା ।

**କୁରୁଣା ବି.** କୋରଣା ।

**କୁରୁଣି ବି.** ୧. ହାତକୋରଣା ୨. ବ୍ରହ୍ମଚାରୀଙ୍କ ପାତ୍ରବିଶେଷ ।

**କୁରୁଣ୍ଟକ ବି.** ୧. କାଠ କଣ୍ଟେଇ ୨. କୁରୁବକ ।

**କୁରୁଣ୍ଟୀ ବି.** ୧. କାଠ କଣ୍ଟେଇ ୨. ବ୍ରାହ୍ମଣୀ ୩. ଗୁରୁପତ୍ନୀ ।

**କୁରୁଣ୍ଡ ବି.** କୁରଣ୍ଡ, ଅଣ୍ଡକୋଷ ବୃଦ୍ଧି ରୋଗ ।

**କୁରୁବେଲି** ***ବି.*** ସୁଗନ୍ଧ ନାରଙ୍ଗୀ ରଙ୍ଗର ଫୁଲ ଫୁଟୁଥିବା ଗୁଳ୍ମ ବିଶେଷ ।

**କୁରୁମ** ***ବି.*** ୧. ବଡ଼ କଇଁଚ ୨. ଏକ ଜାତୀୟ ଗଛ; ***ବିଂ.*** ଜାତି ବିଶେଷ ।

**କୁରୁମି ମିଠେଇ** ***ବି.*** କୃମିନାଶକ ମିଠା ଔଷଧ ।

**କୁରୁଳିବା** ***କ୍ରି.*** ୧. କଳନାଦ କରିବା ୨. ପାନିଆରେ ବାଳ କୁଣ୍ଡାଇବା ୩. ଆନନ୍ଦରେ ଫାଟିପଡ଼ିବା ଭାବ ।

**କୁରୁକ୍ଷେତ୍ର** ***ବି.*** ୧. ମହାଭାରତ ବର୍ଣ୍ଣିତ କୌରବ ଓ ପାଣ୍ଡବଙ୍କ ମଧ୍ୟରେ ସଂଘଟିତ ଯୁଦ୍ଧକ୍ଷେତ୍ର ୨. ଦୁଇ ଗୋଷ୍ଠୀ ମଧରେ ଶତ୍ରୁତା ଯୋଗୁଁ ସୃଷ୍ଟ ପରିମଣ୍ଡଳ ।

**କୁରୁକ୍ଷେତ୍ର ବ୍ୟାପାର** ***ବି.*** ବିରାଟ ସଂଘର୍ଷ, ବଡ଼ଧରଣର ଗଣ୍ଡଗୋଳ ।

**କୁରୁକ୍ଷେତ୍ରୀ ଯୋଗ** ***ବି.ଜ୍ୟୋ.*** ଶୁଭଯୋଗ ।

**କୁରୂପ** ***ବି.*** କୁତ୍ସିତ ରୂପ, ଖରାପ ଚେହେରା ; ***ବିଂ.*** କୁତ୍ସିତ ରୂପଧାରୀ ।

**କୁର୍ଚୁଣ୍ଡା, କୁର୍ଚୁଣ୍ଡିଆ** ***ବିଂ.*** ଚଗଲା, ବଗୁଲିଆ, ଚଞ୍ଚଳ ପ୍ରକୃତିର ।

**କୁର୍ଦୁ** ***ବି.*** କୁନ୍ଦୁରି, କୁନ୍ଦୁରୁ ଫଳ ।

**କୁର୍ଣ୍ଣା** ***ବି.*** ଛୋଟ ଛୋଟ ଦାନ୍ତଥିବା ଲୁହା ତିଆରି ଉପକରଣ, କୋରଣା ।

**କୁର୍ଣ୍ଣି** ***ବି.*** କୁରୁନି, ଦୁଧକୋରୁଅ ।

**କୁର୍ଦନ** ***ବି.*** ୧. କୁଦିବା ୨. ଡେଇଁବା ।

**କୁର୍ପଣ** ***ବି.*** କୃପଣ, କାମ୍ପି, ଟଙ୍କା ଖରଚ କରିବାକୁ ଚାହୁଁ ନ ଥିବା ଲୋକ ।

**କୁର୍ବାନ୍** ***ବି.*** ୧. ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଦିଆଯାଉଥିବା ବଳି ୨. ବଳି ପାଇଁ ଉତ୍ସୃଷ୍ଟ ପଶୁ ।

**କୁର୍ବାନି** ***ବି.*** ୧. ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ବଳିଦାନକ୍ରିୟା ୨. ବଳିଦାନ, ତ୍ୟାଗ ।

**କୁର୍ମା** ***ବି.*** ୧. କୁରୁମା ୨. ହଳଦୀ ପଡ଼ି ନ ଥିବା ଏକ ପ୍ରକାର ମସଲାଯୁକ୍ତ ଶୁଖିଲା ତରକାରି ।

**କୁଳେଇବା** ***କ୍ରି.*** ୧. ରୁଣ୍ଡେଇବା ୨. ଗଦା କରିବା, ସଂଗ୍ରହ କରିବା ୩. ଗତି କରିବା ୪. ଅଣ୍ଟିବା, ଯଥେଷ୍ଟ ହେବା ।

**କୁଳ** ***ବି.*** ୧. ବଂଶ ୨. ଗୋଷ୍ଠୀ ୩. ପରିବାର ୪. ସମୂହ ।

**କୁଳକ୍କ** ***ବି.*** ଝାଞ୍ଜ, ତାଳ, ଘନବାଦ୍ୟ ବିଶେଷ ।

**କୁଳକ** ***ବି.*** ୧. କୋଚିଲା ୨. କୁଳଶ୍ରେଷ୍ଠ ୩. ହୁଙ୍କା ୪. ଚାରିରୁ ଅଧିକ ଶ୍ଳୋକ ସମୁଦାୟ; ***ବିଂ.*** ଉଚ୍ଚ କୁଳଜାତ ।

**କୁଳକଣ୍ଟକ** ***ବିଂ.*** କୁଳର କଳଙ୍କ, କୁଳାଙ୍ଗାର, ବଂଶକୁ ସମାଜରେ ନିନ୍ଦିତ କରୁଥିବା ।

**କୁଳକନ୍ୟା** ***ବି.*** ଉଚ୍ଚକୁଳଜାତ କନ୍ୟା ।

**କୁଳକର୍ତ୍ତା** ***ବି.*** କୁଳର ବୟୋଜ୍ୟେଷ୍ଠ ବ୍ୟକ୍ତି, ବଂଶର ପ୍ରତିଷ୍ଠାତା ।

**କୁଳକର୍ମ** ***ବି.*** ୧. କୁଳାଚାର ୨. ଉଚ୍ଚକୁଳରେ କନ୍ୟାଦାନ ୩. କୁଳର ନିୟମ ଅନୁଯାୟୀ ପୁତ୍ରକନ୍ୟାଙ୍କର ବିବାହ ।

**କୁଳକଳଙ୍କ,କୁଳକଳଙ୍କା** ***ବିଂ.*** କୁଳାଙ୍ଗାର, ନିଜ ଅପକର୍ମ ଯୋଗୁଁ କୁଳର ସୁନାମରେ କାଳିବୋଳୁଥିବା ।

**କୁଳକାମିନୀ** ***ବି.*** ୧. ଉଚ୍ଚକୁଳର ନାରୀ ୨. ସତୀନାରୀ ୩. ଗୃହିଣୀ ।

**କୁଳକିନାରା** ***ବି.*** ୧. ବଂଶର ମୂଳଭିତ୍ତି ୨. କୌଣସି ଉପାୟ ବା ଆଶାଭରସା ନ ପାଉଥିବା ଅବସ୍ଥା ।

**କୁଳକୁଟୁମ୍ବ** ***ବି.*** ବଂଶ ବା ପରିବାର ।

**କୁଳକୁଣ୍ଡଳିନୀ** ***ବି.*** ତନ୍ତ୍ରଶାସ୍ତ୍ର ପ୍ରସିଦ୍ଧ ମୂଳାଧାରରେ ଥିବା ସର୍ପିଣୀ ତୁଲ୍ୟ ଶକ୍ତି ।

**କୁଳଗୁଡ଼** ***ବି.*** ମାଠିଆରେ ଥିବା ଦେଶୀଗୁଡ଼ ।

**କୁଳଗୁରୁ** ***ବି.*** କୁଳ ପୁରୋହିତ, ବଂଶର ଗୁରୁ ।

**କୁଳଗୌରବ** ***ବି.*** ବଂଶର ସମ୍ମାନ, କୁଳର ମର୍ଯ୍ୟାଦା, କୁଳତିଳକ ।

**କୁଳଘ୍ନ** ***ବିଂ.*** କୁଳବୁଡ଼ା, ବଂଶବୁଡ଼ା, ଯେ ବଂଶ ନାଶକରେ ।

**କୁଳଚ୍ୟୁତ** ***ବିଂ.*** ୧. କୁଳଭ୍ରଷ୍ଟ, ସମାଜଛଡ଼ା ୨. ସମାଜ ପରିତ୍ୟକ୍ତ ବା ବାସନ୍ଦ ।

**କୁଳଛଡ଼ା** ***ବିଂ.*** ୧. ଯେ ବଂଶକୁ ତ୍ୟାଗକରେ ୨. ଯେ ଅନ୍ୟକୁ ତା' କୁଳରୁ ବାହାର କରିଆଣେ ।

**କୁଳଜ, କୁଳଜାତ** ***ବିଂ.*** କୁଳୀନ, କୌଳିକ, ସତ୍‌କୁଳରେ ଜାତ ।

**କୁଳଟ** ***ବି.*** ପର ସ୍ତ୍ରୀର ପ୍ରେମିକ, ବ୍ୟଭିଚାରୀ ।

**କୁଳଟା** ***ବିଂ.*** ବ୍ୟଭିଚାରିଣୀ, ନଷ୍ଟା, ଅସତୀ, ଯେଉଁ ନାରୀ ବିବାହିତ ସ୍ୱାମୀ ଭିନ୍ନ ଅନ୍ୟ ପୁରୁଷ ସହ ଶାରୀରିକ ସମ୍ପର୍କ ରଖିଥାଏ ।

**କୁଳଟାପତି** ***ବି.*** ଅଭିଚାରିଣୀର ସ୍ୱାମୀ, ଭାଡୁଆ ।

**କୁଳତିଥି** ***ବି.*** ଶୁକ୍ଳପକ୍ଷର ଚତୁର୍ଥୀ, ଅଷ୍ଟମୀ ବା ଦ୍ୱାଦଶୀ ତିଥି ।

**କୁ(କୂ)ଳଥଳ** ***ବି.*** ୧. ନିକଟ ବା ଦୂରବର୍ତ୍ତୀ ସ୍ଥାନ ୨. ପାଣିର ବଅର, ପାଣିର ଗଭୀରତା ।

**କୁଳଦୀପ** ***ବି.*** ୧. ଘରେ ଜଳିବା ଦୀପ ୨. ଯାହାଲାଗି ବଂଶ ଖ୍ୟାତି ବା ପ୍ରତିଷ୍ଠା ପାଏ ।

**କୁଳଦେବତା** ***ବି.*** ଇଷ୍ଟଦେବତା, କୁଳର ଆରାଧ୍ୟ ଦେବ ।

**କୁଳଧନ** ***ବି.*** ବଂଶର ସର୍ବଶ୍ରେଷ୍ଠ ସମ୍ପତ୍ତି ।

**କୁଳଧର୍ମ** ***ବି.*** କୁଳାଚାର, ବଂଶର କର୍ତ୍ତବ୍ୟ, ବଂଶର ମାନ ମର୍ଯ୍ୟାଦା ।

**କୁଳଧ୍ୱଂସ** *ବି.* ବଂଶଲୋପ, ବଂଶର ପ୍ରତିଷ୍ଠା ନାଶ ।

**କୁଳନକ୍ଷତ୍ର** *ବି.* ରୋହିଣୀ, ଚିତ୍ରା, ବିଶାଖା, ଜ୍ୟେଷ୍ଠା, ଶ୍ରବଣାଦି ନକ୍ଷତ୍ର ।

**କୁଳନନ୍ଦନ** *ବି.* ୧. ବଂଶର ଗୌରବ, ବଂଶପ୍ରତିଷ୍ଠା ବଢ଼ାଉଥିବା ବ୍ୟକ୍ତି ୨. ବଂଶଧର ୩. ସୁପୁତ୍ର ।

**କୁଳନାରୀ** *ବି.* ୧. କୁଳୀନା, କୁଳଶୀଳା ନାରୀ ୨. ସୁଗୃହିଣୀ ।

**କୁଳନାୟିକା** *ବି.* ବାମମାର୍ଗ ବା କୌଳଧର୍ମ ଅନୁଯାୟୀ ପଞ୍ଚମକାର ପୂଜାରେ ଯେଉଁ ନାରୀମାନଙ୍କୁ ପୂଜା କରାଯାଏ ।

**କୁଳନାଶ** *ବି.* ୧. କୁଳଧର୍ମର ଲୋପ ୨. କୁଳ ବା ବଂଶ ଲୋପ ହେବା ।

**କୁଳପତି** *ବି.* ୧. ବିଶ୍ୱବିଦ୍ୟାଳୟର ସର୍ବୋଚ୍ଚ ଅଧିକାରୀ, ଭାଇସ୍ ଚାନ୍ସେଲର ୨. ବଂଶର ପ୍ରତିଷ୍ଠାତା ୩. ପୁରା କାଳରେ ଦଶହଜାର ଶିଷ୍ୟଙ୍କୁ ଖାଦ୍ୟ ଓ ଶିକ୍ଷାଦାନ କରି ପାଖରେ ରଖୁଥିବା ଋଷି ।

**କୁଳପର୍ବତ** *ବି.* ପୃଥିବୀକୁ ଧରିରଖିଥିବା ପୁରାଣ ବର୍ଣ୍ଣିତ ଆଠ ପର୍ବତ (ମହେନ୍ଦ୍ର, ମଳୟ, ସହ୍ୟ, ଶୁକ୍ତିମାନ, ଋକ୍ଷ, ବିନ୍ଧ୍ୟ, ପରିପାତ୍ର, ହିମାଳୟ) ।

**କୁଳପାଉଁଶ** *ବିଂ. ବି.* କୁଳାଙ୍ଗାର , କୁଳର ସମ୍ମାନରେ ଆଞ୍ଚ ଆଣିଥିବା ।

**କୁଳପାଳିକା** *ବି.* ୧. ସତୀନାରୀ, କୁଳସ୍ତ୍ରୀ ୨. ପୋଖରୀ ।

**କୁଳପୁରୋହିତ** *ବି.* ବଂଶ ପରମ୍ପରାକ୍ରମେ ପରିବାରରେ ପୌରୋହିତ୍ୟ କରୁଥିବା ବ୍ୟକ୍ତି ।

**କୁଳପ୍ରଦୀପ** *ବି.* ବଂଶର ଦୀପ, ବଂଶର ସୁନାମରକ୍ଷାକାରୀ ପୁତ୍ର ।

**କୁଳବଧୂ** *ବି.* ୧. କୁଳ ବା ପରିବାରର ବୋହୂ ୨. ସତ୍‌କୁଳଜାତା ନାରୀ, ସତୀନାରୀ ।

**କୁଳ ବସିବା** *କ୍ରି.* ଜାତିଆଣ ସଭା ହେବା ।

**କୁଳବାର** *ବି.* ଶ୍ରେଷ୍ଠବାର (ମଙ୍ଗଳବାର ଓ ଶୁକ୍ରବାର) ।

**କୁଳବିଦ୍ୟା** *ବି.* ପରମ୍ପରାକ୍ରମେ ବଂଶରେ ପ୍ରଚଳିତ କର୍ମ ବା ଅଭ୍ୟାସ ।

**କୁଳବୁଡା** *ବିଂ.* ଯାହାଠାରୁ ବଂଶ ନାଶ ହୁଏ, ଯାହାର ଅକର୍ମରୁ ବଂଶନାଶ ହୁଏ, *ସ୍ତ୍ରୀ.* କୁଳବୁଡ଼େଇ ।

**କୁଳ ବୁଡାଇବା** *କ୍ରି.* ଅନ୍ୟର ବଂଶ ଲୋପକରିବା, ବଂଶ ବିନାଶ କରିବା ।

**କୁଳ ବୁଡ଼ିବା** *କ୍ରି.* କୁଳଧର୍ମ ନାଶ କରିବା, ବଂଶ ଲୋପହେବା ।

**କୁଳବୃଦ୍ଧ** *ବି.* ୧. ବଂଶ ବା ପରିବାର ମଧ୍ୟରେ ସର୍ବାପେକ୍ଷା ବୟସ୍କ ବ୍ୟକ୍ତି, ମୁରବୀ ।

**କୁଳବୃଦ୍ଧି** *ବି.* ବଂଶବୃଦ୍ଧି ।

**କୁଳମଣି** *ବିଂ.* କୁଳ ଉଜ୍ଜ୍ୱଳକାରୀ ; *ବି.* ବଂଶର ଗୌରବ ବଢ଼ାଉଥିବା ସୁପୁତ୍ର ।

**କୁଳମର୍ଯ୍ୟାଦା** *ବି.* ୧. କୁଳର ଗରିମା ବା ମହତ୍ତ୍ୱ ୨. ବଂଶର ବ୍ୟକ୍ତିଙ୍କୁ ପ୍ରଦତ୍ତ ସମ୍ମାନ ।

**କୁଳମାନ** *ବି.* ବଂଶର ମହତ୍ତ୍ୱ, ପରିବାରର ଗୌରବ ।

**କୁଳରୁ ଯିବା** *କ୍ରି.* କୁଳ, ଜାତି ବା ସମାଜଚ୍ୟୁତ ହେବା ।

**କୁଳଶୀଳ** *ବି.* ସଦ୍‌ବଂଶ ଓ ସଦାଚରଣ ।

**କୁଳଶ୍ରେଷ୍ଠ** *ବିଂ.* ବଂଶର ପ୍ରଧାନ (ବ୍ୟକ୍ତି), ବଂଶର ସୁନାମ ଆଣିଥିବା ।

**କୁଳସଚିବ** *ବି.* ବିଶ୍ୱବିଦ୍ୟାଳୟ ପ୍ରଶାସନ ଦାୟିତ୍ୱରେ ଥିବା ଅଧିକାରୀ, ରେଜିଷ୍ଟ୍ରାର ।

**କୁଳସେବକ** *ବିଂ.* ଉତ୍ତମ ସେବକ ।

**କୁଳ ସ୍ତ୍ରୀ** *ବି.* ୧. ସତୀନାରୀ ୨. କୁଳ ଭୁଆସୁଣୀ ।

**କୁଳସ୍ଥାପନା** *ବି.* ବଂଶରକ୍ଷା ।

**କୁଳକ୍ଷୟ** *ବି.* ବଂଶନାଶ, ବଂଶଲୋପ, ବଂଶମର୍ଯ୍ୟାଦା ଲୋପ ।

**କୁଳାଙ୍କୁର** *ବି.* ବଂଶଧର, ବଂଶର ଉତ୍ତମପୁରୁଷ ।

**କୁଳାଙ୍ଗନା** *ବି.* ସତୀ ନାରୀ, କୁଳଭୁଆସୁଣୀ ।

**କୁଳାଙ୍ଗାର** *ବି.* ବଂଶର ଅଯୋଗ୍ୟ ସନ୍ତାନ; *ବିଂ.* ଅସତ୍‌ଚରିତ୍ର, କୁଳମର୍ଯ୍ୟାଦା ନାଶକାରୀ ।

**କୁଳାଚାର** *ବି.* ୧. ବଂଶରେ ଚଳିଆସୁଥିବା ବିଧି ୨. କୌଳଶାସ୍ତ୍ରୋକ୍ତ ବିଧିବିଧାନ, ପ୍ରଥା ବା ରୀତି ।

**କୁଳାଚାର୍ଯ୍ୟ** *ବି.* କୁଳପୁରୋହିତ, କୁଳଗୁରୁ ।

**କୁଳାଧିପତି** *ବି.* ବିଶ୍ୱବିଦ୍ୟାଳୟର ସର୍ବୋଚ୍ଚ ପଦବୀ, ଚାନ୍ସେଲର୍ ।

**କୁଳାବାଡ଼ି** *ବି.* ତେଣ୍ଟାର ବାଉଁଶ ଦଣ୍ଡ ।

**କୁଳି** *ବି.* ୧. କୁଳୁକୁଞ୍ଚା ୨. ହାତ ୩. କୋଳି, ବରକୋଳି ।

**କୁଳିଆ** *ବି.* ଏରାବାଲା ଡଙ୍ଗା, କାଠୁଆ, ଏକ ପ୍ରକାର ଢୁଲିଡଙ୍ଗା ।

**କୁଳିକ** *ବିଂ.* ସତ୍‌କୁଳପ୍ରସୂତ ; *ବି.* ୧. ଶିକାରୀ, ବାଣୁଆ ୨. ସଦ୍‌ବଂଶୀୟ ଶିଳ୍ପୀ ୩. ଜ୍ଞାତି ୪. ହାଟୁଆଙ୍କ ଜାତିସର୍ଦ୍ଦାର ୫. କୋଇଲିଖିଆ ଗୁଳ୍ମ ୬. ଅଷ୍ଟ ନାଗରାଜ ମଧ୍ୟରୁ ଅନ୍ୟତମ ।

**କୁଳିକା** *ବି.* ଏକପ୍ରକାର କଣ୍ଟାଳିଆ ଛୋଟ ଗଛ, କୋଇଲିଖିଆ ।

**କୁଳିଶ** *ବି.* ୧. ଘଡ଼ଘଡ଼ି, କୁଳୀଶ, ବଜ୍ର ୨. ଟାଙ୍ଗିଆ, କୁରାଢ଼ୀ ।

**କୁଳୀ** *ବିଂ.* ଉଚ୍ଚବଂଶୀୟ ; *ବି.* କଣ୍ଟେଇକୋଳି ଓ ସେହି ଗୁଳ୍ମ, କଁଟିକୁଏଲ୍ ।

**କୁଳୀନ** *ବିଂ.* ସତ୍‌କୁଳୋଦ୍ଭବ, ଉଚ୍ଚଜାତିର ।

**କୁଳୀନତା** *ବି.* ସଦ୍‌ବଂଶରେ ଜନ୍ମ ନେଇଥିବା ହେତୁ ମାର୍ଜିତ ସ୍ୱଭାବ ।

**କୁଳୀର** *ବି.* ୧. କଙ୍କଡ଼ା ୨. ଜ୍ୟୋତିଷଶାସ୍ତ୍ରର କର୍କଟ ରାଶି ।

**କୁଳୀଶ** *ବି.* ୧. ବଜ୍ର ୨. ଅଗ୍ରଭାଗ ୩. କଳାବଇଁଶୀ ମାଛ ।

**କୁଳୀଶଧର** *ବି.* ଇନ୍ଦ୍ର, ଦେବତାମାନଙ୍କ ରାଜା ।

**କୁଳୁଆଁ** *ବି.* କୁଟୁଆ, ଅତିଥି, କୁଣିଆଁ ।

**କୁଳୁକ** *ବି.* ଜିଭ ଉପରେ ବସିଥିବା ଛଡିଆ ।

**କୁଳୁକୁଞ୍ଚା** *ବି.* କୁଳିକରିବା, ପାଟିରେ ପାଣି ପୁରାଇ କୁଳୁକୁଳୁ କରି ସଫା କରିବା।

**କୁଳୁକୁଳୁ** *ବି.* କଳକଳ ଧ୍ୱନି ।

**କୁଳୁଚି** *ବି.* ଦରକୁଟା ଧାନ, ଦରସିଝା ଧାନ ବା କୋଳଥ- ଯାହା ଗୋଖାଦ୍ୟ ରୂପେ ବ୍ୟବହୃତ ହୁଏ ।

**କୁଲ୍‌କାଲ୍** *ବି.* ଫୁସ୍‌ଫାସ୍, ଟୁପୁରଟାପୁରୁ ।

**କୁଲ୍‌ଜିବା** *କ୍ରି.* କିଆରିରେ କଟାହେବା ପରେ ପଡ଼ିଥିବା ଧାନକେଣ୍ଡା ଗୋଟାଇବା ।

**କୁଲ୍‌ତା** *ବି.* ପଶ୍ଚିମ ଓଡ଼ିଶାର କୃଷକ ଜାତିବିଶେଷ ।

**କୁଲ୍‌ଥ,କୁଲୁଥ୍** *ବି.* ଡାଲି ଜାତୀୟ ଶସ୍ୟ, କୋଳଥ ।

**କୁଲ୍‌ଫି** *ବି.* ଛାଞ୍ଚ ତିଆରି ଦେଶୀୟ ପଦ୍ଧତିର ଆଇସକ୍ରିମ୍ ।

**କୁଲ୍‌ବର** *ବି.* ବାହାଘରବେଳେ ବର ସହିତ ପାଲିଙ୍କି ବା ଯାନରେ ବସି ଯାଉଥିବା ପିଲା।

**କୁଲ୍‌ମୁଲାଇବା** *କ୍ରି.* ନିସ୍ତେଜ ହୋଇଯିବା, ଝାଉଁଳିବା, ଝୁର୍‌ମୁରାଇବା ।

**କୁଲ୍‌ମୋଟ୍** *ବି.* ସମୁଦାୟ ପରିମାଣ, ଗାଏମୋଟ ।

**କୁଲ୍‌ହାଲ୍** *ବି.* ସମସ୍ତ ଖବର ।

**କୁଲଗ୍ନ** *ବି.* ଅଶୁଭ ମୁହୂର୍ତ୍ତ, ଅଶୁଭ ଲକ୍ଷଣ ।

**କୁଲର୍** *ବି.* ୧. ପବନ ଥଣ୍ଡା କରୁଥିବା ବୈଦ୍ୟୁତିକ ଉପକରଣ ୨. ପାଣି ପ୍ରଭୃତି ଥଣ୍ଡା କରିବା ଉପକରଣ ।

**କୁଲକ୍ଷଣ** *ବିଂ.* ମନ୍ଦ ଲକ୍ଷଣଯୁକ୍ତ ।

**କୁଲକ୍ଷଣା, କୁଲକ୍ଷଣୀ** *ବିଂ.* ଅଲକ୍ଷଣୀ, ଦୁରାଚାରିଣୀ, ମନ୍ଦ ଲକ୍ଷଣଯୁକ୍ତା ।

**କୁଲା** *ବି.* ୧. ବାଉଁଶପାତିଆ ତିଆରି ପାଛୁଡା ଉପକରଣ, ସୂର୍ପ ୨. କୋଲା, ଲେମ୍ବୁଆଦିର ଚିରୁଡା ।

**କୁଲାଇ, କୁଲେଇ** *ବି.* ଛୋଟକୁଲା ।

**କୁଲାବୁଲା** *ବି.* କୁଲା ମନ୍ତ୍ରକରି ଚୋରଧରିବା ବିଧି ଏବଂ ସେହି କାର୍ଯ୍ୟ କରୁଥିବା ବ୍ୟକ୍ତି ।

**କୁଲାୟ** *ବି.* ୧. ଚଢ଼େଇବସା, ନୀଡ଼ ୨. ଶରୀର ୩. ଜାଲ ୪. ଆଧାର, ସ୍ଥାନ ୫. କୁକୁର ରହିବା ଘର ।

**କୁଲାଳ** *ବି.* ୧. କୁମ୍ଭାର ୨. ପେଚା ୩. ବଣକୁକୁଡା ।

**କୁଲାଳଚକ** *ବି.* କୁମ୍ଭାରଚକ, ମାଟିରେ ବିଭିନ୍ନ ଘରୋଇ ଉପକରଣ ତିଆରିପାଇଁ ବ୍ୟବହୃତ ଯନ୍ତ୍ର ।

**କୁଲାଳିକା** *ବି.* ଚିଡ଼ିଆଖାନା, ଜନସାଧାରଣ ଦେଖିବାପାଇଁ ଜୀବନ୍ତ ପଶୁପକ୍ଷୀମାନଙ୍କୁ ରଖାଯାଇଥିବା ଆବଦ୍ଧ ସ୍ଥାନ ।

**କୁଲି** *ବି.* ୧. ମଜୁରିଆ, ସାଧାରଣ ମୂଲିଆ ୨. ମୋଟ ବୁହାଳି ୩. ତନ୍ତୀମାନଙ୍କ ଏକ ଶ୍ରେଣୀ ୪. ଲୁହାଜିନିଷ ଗଢ଼ିବା ପାଇଁ ପ୍ରଦତ୍ତ ମଜୁରି; *ବିଂ.* ଛୋଟ ।

**କୁଲିଆ, କୁଲିହା** *ବି.* ମାଟିଆ ରଙ୍ଗର ଚାରିଗୋଡ଼ ବିଶିଷ୍ଟ ଶିକାରୀ ପଶୁ, ବିଲୁଆ ।

**କୁଲିଆକତରା** *ବି.* ପିଲାମାନଙ୍କ ଆଖିବୁଜି ଖେଳିବା ଖେଳ ।

**କୁଲିକପ୍‌ଟା** *ବି.* କୁଲି ବା ତନ୍ତୀଙ୍କଦ୍ୱାରା ତିଆରି ମୋଟା ଖଦି ।

**କୁଲିଗିରି** *ବି.* ମୂଲ ଲାଗିବା ବୃତ୍ତି ।

**କୁଲିହାକନ୍ଦା** *ବି.* ଏକ ପ୍ରକାର କନ୍ଦମୂଳ ।

**କୁଲୁକୁଲିଆ** *ବିଂ.* କୌତୁକିଆ, ସୁନ୍ଦରିଆ, ଗୁଲ୍‌ଗୁଲିଆ ।

**କୁଲୁକୁଲୁ** *ବିଂ.* ବ୍ୟଗ୍ର, ଚଞ୍ଚଳ, ଅଧୈର୍ଯ୍ୟ ।

**କୁଲେର୍** *ବି.* ଏକ ପ୍ରକାର ବଣୁଆ ଗଛ- ଯାହାର ପତ୍ର ଶାଗ ଭାବରେ ବ୍ୟବହୃତ ହୋଇଥାଏ ।

**କୁର୍ଲୁ** *ବି.* ୧. କୁଦୁରୁ ୨. ମଇ ଚାଷଜମିରେ ମଟାଳ ଭାଙ୍ଗି ସମତୁଲ କରିବା ଉପକରଣ ।

**କୁଲ୍ୟ** *ବି.* ୧. ଅସ୍ଥି ୨. ବାଡ଼ ୩. ମାଂସ ୪. ଶବଦାହ ।

**କୁଲ୍ୟା** *ବି.* ୧. ଗଡ଼ଖାଇ, ଛୋଟଖାତ, ଛୋଟନଈ ୨. କୁଳବଧୂ ।

**କୁଶ୍‌ଲି** *ବି.* ମଧ୍ୟମାକୃତି ଡଙ୍ଗା ।

**କୁଶ** *ବି.* ଏକ ପ୍ରକାର ତୃଣ-ଯାହା ଶ୍ରାଦ୍ଧ, ପୂଜା ଆଦିରେ ବ୍ୟବହାର କରାଯାଏ।

**କୁଶଗଣ୍ଠି** *ବି.* ୧. ବଟୁ, ଶ୍ରାଦ୍ଧ ଓ ବିବାହାଦି କର୍ମରେ କର୍ତ୍ତା ନିଜ ଆଙ୍ଗୁଠିରେ ପିନ୍ଧିଥିବା କୁଶଘାସର ମୁଦି ବା ଗଣ୍ଠି ୨. ବାଳରେ ପକାଯିବାଗଣ୍ଠି ୩. ବର-କନ୍ୟାଙ୍କର ହାତଗଣ୍ଠି ।

**କୁଶଗଣ୍ଠି ପଡ଼ିବା** *କ୍ରି.* ବିବାହ ସମ୍ପନ୍ନ ହେବା ।

**କୁଶଦାହ** *ବି.* କୌଣସି ବ୍ୟକ୍ତିର ଶବ ବଦଳରେ କୁଶ ତିଆରି ମୂର୍ତ୍ତିକୁ ଦାହ ବା ପୋଡ଼ିବା ।

**କୁଶନା** *ବି.* କୁସୁନା, ହାଣ୍ଡିଆ ମଦ ।

**କୁଶପାତ୍ର** *ବି.* ଧର୍ମାନୁଷ୍ଠାନରେ କୁଶ ଓ ଜଳାଦି ରଖିବା ନିମିତ୍ତ ତମ୍ବାପାତ୍ର ।

**କୁଶପୁତ୍ତଳିକା** *ବି.* କୁଶରେ ତିଆରି ପ୍ରତିମୂର୍ତ୍ତି, ଛଣମୂର୍ତ୍ତି ।

**କୁଶ ପୁତ୍ତଳିକା ଦାହ କରିବା** ***କ୍ରି.*** ପ୍ରତିବାଦ ପ୍ରଦର୍ଶନପାଇଁ କାହାରି କୁଶ ତିଆରି ପୁତ୍ତଳିକା ସର୍ବସାଧାରଣରେ ଜାଳିବା।

**କୁଶବଟୁ** ***ବି.*** କୁଶର ମୋଡ଼ା, କୁଶମୋଡ଼ାରେ ତିଆରି କୃତ୍ରିମ ମୁଦ୍ରିକା ।

**କୁଶବେଣ୍ଟି** ***ବି.*** ୧. କୁଶଗଣ୍ଠି ୨. କେରାଏ ବାଳ ।

**କୁଶମସିଣା** ***ବି.*** କୁଶରେ ତିଆରି ମସିଣା ।

**କୁଶଳ** ***ବି.*** କଲ୍ୟାଣ, ମଙ୍ଗଳ, ପୁଣ୍ୟ, ସାମର୍ଥ୍ୟ, ନୈପୁଣ୍ୟ; ***ବିଂ.*** ଉତ୍ତମ, ନିପୁଣ, ଶିକ୍ଷିତ, ଉପଯୁକ୍ତ, ନିରାପଦ ।

**କୁଶଳକାମ** ***ବି.*** ମଙ୍ଗଳଆଶା ।

**କୁଶଳଜିଜ୍ଞାସା** ***ବି.*** ଭଲମନ୍ଦ ପଚାରିବା ।

**କୁଶଳ ପ୍ରଶ୍ନ** ***ବି.*** ମଙ୍ଗଳ ପ୍ରଶ୍ନ ।

**କୁଶଳ ବାର୍ତ୍ତା** ***ବି.*** ମଙ୍ଗଳ ବା ଶୁଭ ଖବର ।

**କୁଶଳ ସଂବାଦ** ***ବି.*** ଶୁଭଖବର ।

**କୁଶଳି** ***ବି.*** କୁଶ୍ଳି, ମଧ୍ୟମାକୃତି ଡଙ୍ଗା ।

**କୁଶଳୀ** ***ବିଂ.*** ଅଭିଜ୍ଞ, ପାରଦର୍ଶୀ, ନିର୍ଦ୍ଦିଷ୍ଟ ବିଦ୍ୟାରେ ସୁଦକ୍ଷ ।

**କୁଶା** ***ବି.*** ୧. ଘୋଡ଼ାର କଲିଆରୀ ୨. ଲଙ୍ଗଳଲୁହା ୩. କପା ବକଡ଼ା ୪. ପଣସଖୋସା ।

**କୁଶାଗ୍ରବୁଦ୍ଧି** ***ବି.ବିଂ.*** ତୀକ୍ଷ୍ଣ ବୁଦ୍ଧି ।

**କୁଶାରୀ** ***ବି.*** ୧. କନ୍ତାରି ଆଖୁ, କୁସେର ୨. ମୃଦଙ୍ଗରେ ବ୍ୟବହୃତ ଚମ ଦଉଡ଼ି ।

**କୁଶାସନ** ***ବି.*** ୧. କୁଶରେ ତିଆରି ଆସନ ୨. ଖରାପ ଶାସନ ।

**କୁଶିକିଲା** ***ବି.*** ଶଗଡ଼ଖୁରାର କାଠଖିଲ ।

**କୁଶୀଳ** ***ବିଂ.*** ମନ୍ଦ ଆଚରଣକାରୀ ।

**କୁଶୀଲବ** ***ବି.*** ୧. ନାଟକର ଚରିତ୍ର ସମୂହ ୨. ଗାୟକ ଓ ନଟ ୩. ସମ୍ବାଦ ପ୍ରଚାରକ ।

**କୁଶୋଦକ** ***ବି.*** ମନ୍ତ୍ରରେ ପବିତ୍ର କରାଯାଇଥିବା ପାଣି ।

**କୁଷ୍ଠ** ***ବି.*** ୧. ରୋଗ ବିଶେଷ, କୁଢ଼, ବଡ଼ରୋଗ ୨. ଗଛର ଛାଲି ।

**କୁଷ୍ଠାଶ୍ରମ** ***ବି.*** କୁଷ୍ଠରୋଗୀଙ୍କ ଆଶ୍ରୟସ୍ଥଳ ବା ଚିକିତ୍ସାଳୟ ।

**କୁଷ୍ଠୀ** ***ବିଂ.ବି.*** କୁଷ୍ଠରୋଗଗ୍ରସ୍ତ ।

**କୁଷ୍ମାଣ୍ଡ** ***ବି.*** ୧. ପାଣିକଖାରୁ ୨. ଜରାୟୁ ୩. ମିଥ୍ୟାଗର୍ଭ ୪. ଭୂତ ଯୋନି ବିଶେଷ ୫. ମନ୍ତ୍ର ବିଶେଷ ୬. ଶିବାନୁଚର ବିଶେଷ ।

**କୁଷ୍ମାଣ୍ଡା, କୁଷ୍ମାଣ୍ଡୀ** ***ବି.*** ଦୁର୍ଗାଦେବୀ ।

**କୁସଂସର୍ଗ** ***ବି.*** ଖରାପଲୋକ ସଙ୍ଗେ ମିଳାମିଶା ।

**କୁସଂସର୍ଗୀ** ***ବିଂ.*** ଯେ ମନ୍ଦବ୍ୟକ୍ତି ସହିତ ମିଳାମିଶା କରେ ।

**କୁସଂସ୍କାର** ***ବି.*** ୧. ଅନ୍ଧବିଶ୍ୱାସ ୨. ସମାଜରେ ଚଳି ଆସୁଥିବା ମନ୍ଦ ପରମ୍ପରା ।

**କୁସ୍‌ଟା** ***ବି.*** ମଠା ବା ବାସ୍ତାଲୁଗା ବୁଣୁଥିବା ଏକ ତନ୍ତୀ ସମ୍ପ୍ରଦାୟ ।

**କୁସ୍‌ନା** ***ବି.*** କୁସୁନା, ଏକ ପ୍ରକାର ମଦ, ହାଣ୍ଡିଆ ।

**କୁସା** ***ବି.*** ରେଶମ ବା ଟସର୍ ପୋକର ଗୋଟି, ଖୋସା, କୋଷା ।

**କୁସାଙ୍ଗୀ** ***ବି.*** ବାଉଁଶକଣ୍ଟା ।

**କୁସାରୀ** ***ବି.*** ଆଖୁ, କୁସେର ।

**କୁସିଆ** ***ବିଂ.*** ମାଟିଆ ।

**କୁସୁମ** ***ବି.*** ୧. ଫୁଲ ୨. ରାଜା ୩. କେଶର ୪. ଆଖି ରୋଗ ୫. ଗେଣ୍ଡୁଫୁଲ ୬. ଏକ ପ୍ରକାର ଗଛ ଓ ତା'ର କାଠ ।

**କୁସୁମକାଣ୍ଡ** ***ବି.*** କାମଦେବଙ୍କ ଧନୁ ଓ ବାଣ, ଫୁଲଶର ।

**କୁସୁମକୋଦଣ୍ଡ** ***ବି.*** ୧. କାମଦେବ ୨. କନ୍ଦର୍ପଙ୍କ ଫୁଲଧନୁ ।

**କୁସୁମବତୀ** ***ବିଂ.*** ଋତୁମତୀ; ***ବି.*** ଝିଅର ଯୌବନ ସଞ୍ଚାର ।

**କୁସୁମସମୟ** ***ବି.*** ୧. ବସନ୍ତଋତୁ ୨. ନାରୀମାନଙ୍କ ଋତୁକାଳ ।

**କୁସୁମା** ***ବି.*** ଦୁଧରେ ଭାଙ୍ଗ / ଅଫିମ ମିଶା ପାନୀୟ ବିଶେଷ ।

**କୁସୁମାଞ୍ଜଳି** ***ବି.*** ଫୁଲଆଞ୍ଜୁଳା ।

**କୁସୁମି** ***ବି.*** ରଜସ୍ୱଳା, ଋତୁମତୀ ।

**କୁସୁମିତ** ***ବିଂ.*** ଫୁଲ ଫୁଟିଥିବା, ପୁଷ୍ପିତ ।

**କୁସୁମୋତ୍ସବ** ***ବି.*** ନାରୀର ଋତୁକାଳ ।

**କୁସ୍ତଗିରିକାମ** ***ବି.*** ତରବାରି ଇତ୍ୟାଦି ବେଣ୍ଟରେ ସୁନା ରୁପା କାରିଗରି କାମ ।

**କୁସ୍ତାକୁସ୍ତି** ***ବି.*** ଧରାଧରି ହୋଇ ଲଢ଼େଇ, ମଲ୍ଲଯୁଦ୍ଧ ।

**କୁସ୍ତି** ***ବି.*** ମଲ୍ଲଯୁଦ୍ଧ ।

**କୁସ୍ତି ଆଖଡ଼ା** ***ବି.*** ମଲ୍ଲଯୁଦ୍ଧ ଶିକ୍ଷା ଦିଆଯାଉଥିବା ସ୍ଥାନ ।

**କୁସ୍ତିବାଜ୍** ***ବି.*** ପହିଲିମାନ ।

**କୁସ୍ତୁମୁରୀ** ***ବି.*** ଧନିଆ, ଧନିଆ ଗୁଣ୍ଡ ।

**କୁସ୍ୱପ୍ନ** ***ବି.*** ଖରାପ ସପନ ।

**କୁସ୍ୱଭାବ** ***ବି.*** ଖରାପ ପ୍ରକୃତି, ମନ୍ଦଚରିତ୍ର ।

**କୁହଁ** ***ବି.*** କୁଅ ।

**କୁହର** ***ବି.*** ୧. ଗାତ, ଛିଦ୍ର, କଣା ୨. କାନ ୩. କୂଜନ ।

**କୁହରବ** ***ବି.*** ୧. କୋଇଲିର ରାବ ୨. ମୈଥୁନରତ ବ୍ୟକ୍ତିର ଶବ୍ଦ ।

**କୁହା** ***ବି.*** ୧. କଥନ, କହିବା ୨. ବାକ୍ୟ ୩. ଉପଦେଶ, କଥା ; ***ବିଂ.*** ପଚା, ଭୂତଖିଆ ।

**କୁହାକୁହି** ***ବି.*** କଥୋପକଥନ, କଥାବାର୍ତ୍ତା ।

**କୁହାଟ** *ବି.* ୧. ଉଚ୍ଚଧ୍ୱନି ୨. ପ୍ରହରୀଙ୍କ ଡାକ ।

**କୁହା ଢେ଼କାର** *ବି.* ଅଜୀର୍ଣ୍ଣ ହାକୁଟି, ଖଇ ଡେକାର, ଖଇ ହାକୁଟି ।

**କୁହାବୋଲା** *ବି.* ଅନୁରୋଧ କରି କହିବା, ଅନୁନୟ-ବିନୟ ।

**କୁହାର** *ବି.* ଗୋଠ, ଗୁହାଳ ।

**କୁହାର ବୋଲାର** *ବିଂ* କଥା ମାନୁଥିବା,ବଚସ୍କର ।

**କୁହାଳିଆ** *ବିଂ ବି.* ୧. ଯେ ବେଶି କଥା କହୁଥାଏ, ଭଡ଼ଭଡୁଆ ୨. ବାବଦୂକ ।

**କୁହାଳୀ** *ବି.* ଆବଶ୍ୟକତା ଠାରୁ ଅଧିକ ଅଥବା କଥାକୁ ମାଜି କହିବାରେ ସମର୍ଥା ନାରୀ ।

**କୁହି** *ବି.* କୋଇ, ଧାତୁ ଆଉଟିବା ଛୋଟ ମାଟିପାତ୍ର; *କ୍ରି.* କହିବାପାଇଁ ଅନୁରୋଧ ବା ଆଦେଶ ।

**କୁହିଯିବା** *କ୍ରି.* ପଚି ବା ସଢ଼ିଯିବା।

**କୁହୁଁରିବା** *କ୍ରି.* କଷ୍ଟଯୋଗୁଁ ଶବ୍ଦ ସୃଷ୍ଟିକରିବା ।

**କୁହୁ** *ବି.* କୋଇଲି ଡାକ, ଅବ୍ୟକ୍ତ ମଧୁର ଧ୍ୱନି ।

**କୁହୁକ** *ବି.* ଯାଦୁ, ଇନ୍ଦ୍ରଜାଲ, ଭେଲିକି, ପ୍ରତାରଣା, ମାୟା । ।

**କୁହୁକିନୀ, କୁହୁକେନ୍** *ବିଂ* ମାୟାବିନୀ (ନାରୀ), ମୁଗ୍ଧକାରିଣୀ, କୁହୁକେନ୍ ।

**କୁହୁକୀ** *ବିଂ* ୧. ମାୟାବୀ ୨. ପାଜି, କପଟୀ, ପ୍ରତାରକ ୩. ଯାଦୁକର

**କୁହୁଚିଆ** *ବି.* କଜଳପାତି, ଲମ୍ବା ଲାଞ୍ଜଥିବା କଳାରଙ୍ଗର ଚଢ଼େଇ ।

**କୁହୁଡ଼ି** *ବି.* ୧. ଭୂମିରୁ ଆକାଶ ପର୍ଯ୍ୟନ୍ତ ବ୍ୟାପିଯାଇଥିବା ଜଳକଣାର ବହଳିଆ ଆସ୍ତରଣ, କୋହରା, କୁଜ୍‌ଝଟିକା, କୁହେଳି ୨. ସୁଆଁପରି ଏକ ପ୍ରକାର ଲଘୁଶସ୍ୟ ।

**କୁହୁଡ଼ିଆ** *ବିଂ* ୧. କୁହୁଡ଼ିଯୁକ୍ତ ୨. ଝାପ୍‌ସା, ଅସ୍ୱଚ୍ଛ ।

**କୁହୁଡ଼ିପହଁରା** *ବି.* ବୃଥାଚେଷ୍ଟା, ଅସାଧ୍ୟ ସାଧନପାଇଁ ଚେଷ୍ଟା ।

**କୁହୁ(ରୁ)ଣ୍ଡା** *ବି.* କବାଟ ଓ ଚୌକାଠରେ ଲାଗିଥିବା ଲୁହାର ହୁକ୍ ।

**କୁହୁନିଶା** *ବି.* ଅମାବାସ୍ୟା ରାତି ।

**କୁହୁରବ** *ବି.* କୋଇଲିର ମିଠାସ୍ୱର ।

**କୁହୁଳା** *ବି.* ୧. ନିଆଁଜଳିବା ପୂର୍ବରୁ ଉଠୁଥିବା ଧୂଆଁ ୨. ରାଗ ଗରଗରହେବା ୩. ଧୂଆଁ ।

**କୁହୁଳାମୁହାଁ** *ବିଂ* ପୋତାମୁହାଁ, ଯେ ସବୁବେଳେ ମୁହଁକୁ ଗମ୍ଭୀର କରିଥାଏ ।

**କୁହେଳି** *ବି.* ୧. କୁହୁଡ଼ି ୨. ମେଘ ।

**କୁକ୍ଷି** *ବି.* ୧. ପେଟ ୨. ଗୁହା ୩. ଗର୍ଭ ।

**କୂଅ** *ବି.* ମାଟି ବା ପଥର ନନ୍ଦ ବସାଯାଇ ପାଣିପାଇଁ ଖୋଳାଯାଇଥିବା ଗହିରିଆ ଗାତ, ବାମ୍ପି, ଚୁଆଁ ।

**କୂଅକଣ୍ଟା** *ବି.* କୂଅରେ ପଡ଼ିଥିବା ଜିନିଷ ବାହାର କରିବାପାଇଁ ବ୍ୟବହୃତ ଲୁହାର ଅଙ୍କୁଶ, (କୂଅ) ବିଲେଇ, କୂଅବିରାଡ଼ି ।

**କୂଅଦଉଡା** *ବି.* କୂଅରୁ ପାଣି କାଢ଼ିବାପାଇଁ ବ୍ୟବହୃତ ରସି ।

**କୂଅନନ୍ଦ** *ବି.* କୂଅରେ ଦିଆହେଉଥିବା ପୋଡ଼ାମାଟି, ପଥର ବା ସିମେଣ୍ଟର ଗୋଲାକାର ଫନ୍ଦ ବା କାନ୍ଥ ।

**କୂଅଫନ୍ଦ** *ବି.* କୂଅ ଉପର ମାଟି ବା ସିମେଣ୍ଟ ତିଆରି ସରୁବନ୍ଧ ।

**କୂଅବିଲେଇ/ବିରାଡ଼ି** *ବି.* କୂଅରେ ପଡ଼ିଯାଇଥିବା ପଦାର୍ଥ ବାହାର କରିବା ପାଇଁ ବ୍ୟବହୃତ ବନିଶି କଣ୍ଟାପରି ବହୁ ସଂଖ୍ୟକ କଣ୍ଟାର ମାଳ, କୂଅକଣ୍ଟା ।

**କୂଅବେଙ୍ଗ** *ବି.* ୧. କୂପମଣ୍ଡୁକ ୨. ନିଜ ପରିସର ଭିତରେ ଥାଇ ନିଜକୁ ଖୁବ୍ ବଡ଼ ବା ଜ୍ଞାନୀ ମନେ କରୁଥିବା ଲୋକ ।

**କୂଚିକା** *ବି.* ୧. ତୂଳୀ ୨. ଚାବିକାଠି ୩. ପେନ୍‌ସିଲ ।

**କୂଜ, କୂଜନ** *ବି.* ୧. ଚଢ଼େଇ, ବିଶେଷତଃ କୋଇଲିର କୁହୁସ୍ୱର, କୁହୁରାବ ୨. ବଂଶୀ ବା ଶିଙ୍ଗାଫୁଙ୍କା ଧ୍ୱନି; *ବିଂ* କୂଜିତ ।

**କୂଟ** *ବି.* ୧. କପଟ ୨. ମାୟା ୩. ସମୂହ, ଶସ୍ୟରାଶି ୪. କପାଳ ସମ୍ମୁଖସ୍ଥ ଅସ୍ଥି ; *ବିଂ* ମିଛ, ଛଳନାପୂର୍ଣ୍ଣ, କୃତ୍ରିମ, କପଟପୂର୍ଣ୍ଣ ।

**କୂଟକ** *ବିଂ* ପ୍ରତାରଣାମୟ; *ବି.* ୧. ପ୍ରତାରଣା, ଛଳ ୨. ଲଙ୍ଗଳ ଲୁହା ।

**କୂଟକର୍ମ** *ବି.* ଛଳନାପୂର୍ଣ୍ଣ କାର୍ଯ୍ୟ, ଜାଲିଆତି ।

**କୂଟକାର** *ବିଂ* ପ୍ରତାରକ, କପଟ ଆଚରଣକାରୀ ।

**କୂଟଚକ୍ର** *ବି.* ୧. ଷଡଯନ୍ତ୍ର ୨. ବ୍ୟୂହ ୩. ବିଷମ ସମସ୍ୟା ।

**କୂଟଜ** *ବି.* ବଣମଲ୍ଲୀ, କୁରେଇଫୁଲ ।

**କୂଟବୁଦ୍ଧି** *ବି.* କପଟ ବୁଦ୍ଧି, ଅନ୍ୟକୁ ଫାନ୍ଦରେ ପକାଇବା ଭଳି ବୁଦ୍ଧି ।

**କୂଟଭାଷୀ** *ବିଂ* କପଟ କଥା କହୁଥିବା, ମୁହଁରେ ହସ ଓ ଭିତରେ ବିଷଥିବା (ବ୍ୟକ୍ତି) ।

**କୂଟଯୁଦ୍ଧ** *ବି.* ଅନ୍ୟାୟ ଯୁଦ୍ଧ ।

**କୂଟଲେଖ** *ବି.* ଜାଲ୍ ଦଲିଲ୍ ।

**କୂଣିକା** *ବି.* ପଶୁର ଶିଙ୍ଗ, ସିତାରର ଖିଲ ।

**କୂପ** *ବି.* ୧. କୂଅ, କୁଆଁ, ଚୁଆଁ ୨. ମାସ୍ତୁଲ ୩. ଛିଦ୍ର ୪. ତେଲକୁମ୍ପା ୪. ଗର୍ତ୍ତ, ଖାଲ, ଗାତ ୬. ଡଙ୍ଗା ଖଟାଇବାପାଇଁ ବ୍ୟବହୃତ ଖୁଣ୍ଟି ।

**କୂପମଣ୍ଡୁକ** *ବି.* ୧. କୂଅବେଙ୍ଗ, ସୀମିତ ଜ୍ଞାନ ବା ଅଭିଜ୍ଞତା ଥିବା କିନ୍ତୁ ନିଜକୁ ଜ୍ଞାନୀ, ଅଭିଜ୍ଞ ମନେ କରୁଥିବା ବ୍ୟକ୍ତି ୨. ବାହାର ଦୁନିଆ ନ ଦେଖି ନିଜ ସୀମିତ ପରିସର ଭିତରେ ଆବଦ୍ଧ ଲୋକ ।

**କୂପୀ** *ବି.* ୧. ନାଭି ୨. କୁମ୍ପି ୩. ସାନକୂଅ ।

**କୂର୍ମ ବି.** ଶରୀର ଉପରେ କଠିନ ଆବରଣଥିବା ଏକ ଜଳଚର ଜୀବ, କଇଁଚ ।

**କୂର୍ମବେଢ଼ା ବି.** ଶ୍ରୀମନ୍ଦିରର ଭିତର ବେଢ଼ା ।

**କୂର୍ମାବତାର ବି.** ବିଷ୍ଣୁଙ୍କ ଦ୍ୱିତୀୟ ଅବତାର ।

**କୂଳ ବି.** ୧. ତୀର ୨. ଧାର ୩. ସୀମା ୪. ଛୋଟ ଜଳାଶୟ ।

**କୂଳକିନାରା ବି.** ୧. ବିପଦରୁ ମୁକ୍ତ ହେବାପାଇଁ ବାଟ ବା ଉପାୟ ୨. ସୀମା, ପନ୍ତା, ଆଦିଅନ୍ତ ।

**କୂଳଥଳ ବି.** ୧. ଇୟତ୍ତା ୨. କୌଣସି ଆଶ୍ରୟ ।

**କୃଚ୍ଛ୍ର ବିଂ.** କଷ୍ଟକର, ପରିଶ୍ରମସାପେକ୍ଷ; **ବି.** ୧. କଷ୍ଟସାଧ୍ୟ ୨. କ୍ଳେଶ, କଷ୍ଟ, ଦୁଃଖ ।

**କୃତ ବିଂ.** ୧. ରଚିତ ୨. ନିର୍ମିତ ୩. ସୃଷ୍ଟ ୪. ବିହିତ, ଉପଯୁକ୍ତ ; **ବି.** ୧. ସତ୍ୟଯୁଗ ୨. କର୍ମ, ଅନୁଷ୍ଠାନ ୩. ଉପକାର ୪. ନୈବେଦ୍ୟ ।

**କୃତକର୍ମା ବିଂ.** ସଫଳକାମ, ଚତୁର, ନିପୁଣ, ଅନୁଭବୀ ; **ବି.** ସନ୍ନ୍ୟାସୀ ।

**କୃତକାର୍ଯ୍ୟ ବିଂ.** କରୁଥିବା କାମରେ ସଫଳ ।

**କୃତକୃତ, କୃତକୃତ୍ୟ ବିଂ.** ସନ୍ତୁଷ୍ଟ, କୃତାର୍ଥ ବା ଅନୁଗୃହୀତ ।

**କୃତଘ୍ନ ବିଂ.** ଅନ୍ୟଠାରୁ ଉପକୃତ ହୋଇ ମଧ୍ୟ ତାଙ୍କ ପ୍ରତି ଅବିଶ୍ୱସ୍ତ, ନିମକହାରାମ ।

**କୃତଜ୍ଞ ବିଂ.** ଅନ୍ୟର ଉପକାରକୁ ଯେ ମନେ ରଖିଥାଏ, ଅନ୍ୟର ଉପକାରପାଇଁ ପ୍ରତିଉପକାର କରିବାକୁ ଆଗ୍ରହୀ ।

**କୃତଦାର ବିଂ.** ବିବାହିତ ।

**କୃତବିଦ୍ୟ ବିଂ.** ବିଦ୍ୱାନ, ପଣ୍ଡିତ ।

**କୃତସଂକଳ୍ପ ବିଂ.** ଆରମ୍ଭରୁ ଯେ ସଂକଳ୍ପ କରି କୌଣସି କାର୍ଯ୍ୟ କରେ ।

**କୃତାଞ୍ଜଳି ବି.** ଯୋଡ଼ହାତ; **ବିଂ.** ହାତଯୋଡ଼ି ଠିଆ ହୋଇଥିବା ।

**କୃତାନ୍ତ ବି.** ୧. ମୃତ୍ୟୁର ଦେବତା, ଯମ ୨. ଶନିଗ୍ରହ ୩. ଦୈବ, ଭାଗ୍ୟ ।

**କୃତାର୍ଥ ବିଂ.** ୧. କାର୍ଯ୍ୟରେ ସଫଳ ୨. ସନ୍ତୁଷ୍ଟ ୩. ଅନୁଗୃହୀତ, କୃତକୃତ୍ୟ ।

**କୃତି ବି.** ୧. ରଚନା ୨.କରିବା, କରଣ ୩. ଯତ୍ନ ୪. କାର୍ଯ୍ୟ, ଚେଷ୍ଟା ।

**କୃତିତ୍ୱ ବି.** ସିଦ୍ଧହସ୍ତତା, କାର୍ଯ୍ୟସିଦ୍ଧି, ସଫଳତା ।

**କୃତୀ ବିଂ.** ୧. ପଣ୍ଡିତ ୨. ସମର୍ଥ ୩. କୃତକାର୍ଯ୍ୟ ୪. ଚତୁର ୫. କାର୍ଯ୍ୟକ୍ଷମ ୬. ନ୍ୟାୟପରାୟଣ ।

**କୃତେ ବି.** ମାର୍ଫତ, ଜରିଆରେ ।

**କୃତ୍ତି ବି.** ୧. ଗଛର ଛାଲି, ପଶୁ ଛାଲ ୩. ଭୁର୍ଜପତ୍ର ।

**କୃତ୍ତିକା ବି.** ୧. ଛଅ ତାରକାଯୁକ୍ତ ନକ୍ଷତ୍ରପୁଞ୍ଜ ୨. ଜ୍ୟୋତିଷ ମତରେ ତୃତୀୟ ନକ୍ଷତ୍ର ।

**କୃତ୍ତିକାସୁତ ବି.** କୃତ୍ତିକାଙ୍କ ସନ୍ତାନ, କାର୍ତ୍ତିକେୟ ।

**କୃତ୍ତିବାସ ବି.** ଭାରତୀୟ ବିଶ୍ୱାସରେ ଶ୍ମଶାନବାସୀ, ତ୍ୟାଗୀ, ଆଶୁତୋଷ, ନୃତ୍ୟ ଓ କୃଷିକାରୀ ଦେବତା, ଶିବ ।

**କୃତ୍ୟ ବି.** ୧. କାର୍ଯ୍ୟ ୨. କାରଣ, ଉଦ୍ଦେଶ୍ୟ, ପ୍ରୟୋଜନ ୩. କର୍ତ୍ତବ୍ୟ, କର୍ମ ୪. ବ୍ୟବସାୟ ।

**କୃତ୍ରିମ ବିଂ.** ୧. ଅପ୍ରାକୃତିକ ୨. ମନଗଢ଼ା ୩. ନକଲି, ଜାଲ୍ ।

**କୃଦନ୍ତ ବି. ବ୍ୟା.** କୃତ୍ ପ୍ରତ୍ୟୟାନ୍ତ ଧାତୁର ପ୍ରତ୍ୟୟଦ୍ୱାରା ନିଷ୍ପନ୍ନ ପଦ ।

**କୃପଣ ବିଂ.** ଧନ ଖର୍ଚ୍ଚ କରିବାକୁ ସୁଖ ପାଉ ନ ଥିବା, କାମ୍ପି, କୁଣ୍ଠିତ, ଲୋଭୀ, ବ୍ୟୟକୁଣ୍ଠ ।

**କୃପଣତା ବି.** ବ୍ୟୟକୁଣ୍ଠା ।

**କୃପଣସ୍ୱଭାବ ବିଂ.** ବ୍ୟୟକୁଣ୍ଠ, ଖର୍ଚ୍ଚ କରିବାରେ ଯେ କୁଣ୍ଠିତ ।

**କୃପା ବି.** ଦୟା, କରୁଣାଭାବ ।

**କୃପାକଟାକ୍ଷ ବି.** ଦୟାପୂର୍ଣ୍ଣ ଦୃଷ୍ଟି, ଅନୁଗ୍ରହ କରିବାର ଉଦ୍ଦେଶ୍ୟ ।

**କୃପାଣ ବି.** ଲମ୍ବା ଓ ଧାରୁଆ ଅସ୍ତ୍ରବିଶେଷ, ଖଣ୍ଡା, ଛୁରୀ, ଛୁରା ।

**କୃପାଦୃଷ୍ଟି ବି.** ଦୟାଦୃଷ୍ଟି ।

**କୃପାନିଧି ବି.** ଦୟାରସାଗର, ବିଷ୍ଣୁ, ଈଶ୍ୱର ।

**କୃପାପାତ୍ର ବି.** କୃପା ବା ଦୟାର ଯୋଗ୍ୟବ୍ୟକ୍ତି ।

**କୃପାଭିକା(ଖା)ରୀ ବିଂ.** ଅନ୍ୟର କୃପା ବା ଦୟା ପ୍ରାର୍ଥୀ ।

**କୃପାଭିକ୍ଷା ବି.** ଅନୁଗ୍ରହ ପ୍ରାର୍ଥନା ।

**କୃପାମୟ ବିଂ.ବି.** ଦୟାଳୁ ; **ବି.** ଭଗବାନ ।

**କୃପାମୟୀ ବି.** ୧. ଦେବୀଦୁର୍ଗା ୨. ଦୟାବତୀ ନାରୀ ; **ବିଂ.** ଦୟାବତୀ ।

**କୃପାଳୁ ବିଂ.** ଦୟାଳୁ ।

**କୃପାସାଗର ବିଂ.ବି.** କୃପାନିଧି, ଦୟାସାଗର, ଈଶ୍ୱର ।

**କୃମି ବି.** ୧. ମଳର ଛୋଟ କୀଟ, ଦଶିପୋକ ୨. ମଇଳା ସ୍ଥାନରେ ବଢ଼ିଥିବା କ୍ଷୁଦ୍ର କୀଟ ।

**କୃମିନାଶକ ବି.** କୃମିମରା ଔଷଧ ।

**କୃଶ ବିଂ.** ୧. ଦୁର୍ବଳ ୨. ସରୁଆ ୩. କ୍ଷୀଣ ୩. ଅଳ୍ପ ।

**କୃଶ ହେବା କ୍ରି.** ୧. ଦୁର୍ବଳ ହେବା ୨. ସୂକ୍ଷ୍ମ ହେବା ୩. କ୍ଷୟ ପାଇବା ।

**କୃଶକଟୀ** ***ବିଂ.*** ଯାହାର ଅଣ୍ଟା ସରୁ ।

**କୃଶାନୁ** ***ବି.*** ୧. ବିଷ୍ଣୁ ୨. ଅଗ୍ନି ।

**କୃଷକ** ***ବି.*** ଚଷା, ଚାଷ କାମ କରୁଥିବା ବ୍ୟକ୍ତି ।

**କୃଷି** ***ବି.*** ଚାଷକାମ, ଫସଲ।

**କୃଷିକର୍ମ** ***ବି.*** ଚାଷକାମ ।

**କୃଷିଜାତ** ***ବିଂ.*** ଚାଷରୁ ଉତ୍ପନ୍ନ ।

**କୃଷିଜୀବୀ** ***ବି.*** ଚାଷୀ, ଚଷା ; ***ବିଂ.*** କୃଷି ଯାହାର ଜୀବିକା ।

**କୃଷିବଳ** ***ବି.*** କୃଷକ, ଚଷା ।

**କୃଷ୍ଣ** ***ବି.*** ୧. ଭାରତୀୟ ବିଶ୍ୱାସରେ ନୀଳକାନ୍ତି ବିଶିଷ୍ଟ, ବଂଶୀ ଓ ଚକ୍ରଧାରୀ ପୀତବସନ ପରିହିତ ବିଶ୍ୱସ୍ରଷ୍ଟା, ଶ୍ରୀକୃଷ୍ଣ ୨. ବିଷ୍ଣୁ ୩. ବ୍ୟାସ ୪. ଅର୍ଜୁନ ୫. ଅନ୍ଧାର ପକ୍ଷ ; ***ବିଂ.*** ୧. କଳା, କାଳିଆ ୨. ଖଳ ୩. ଗାଢ଼ନୀଳ ୪. ଅନ୍ଧକାରମୟ ।

**କୃଷ୍ଣକାୟ** ***ବିଂ.*** ଯାହା ଦେହର ରଙ୍ଗ କଳା ।

**କୃଷ୍ଣଚୂଡ଼ା** ***ବି.*** ନାଲି ରଙ୍ଗର ଫୁଲ ଫୁଟୁଥିବା ଗଛ ଓ ସେହି ଗଛର ଫୁଲ ।

**କୃଷ୍ଣଦ୍ୱୈପାୟନ** ***ବି.*** ପରାଶର ଓ ମତ୍ସ୍ୟଗନ୍ଧାଙ୍କ ପୁତ୍ର, ବ୍ୟାସଦେବ ।

**କୃଷ୍ଣପକ୍ଷ** ***ବି.*** ଚାନ୍ଦ୍ରମାସର ପୂର୍ଣ୍ଣିମା ପରବର୍ତ୍ତୀ ପନ୍ଦର ଦିନ, ଅନ୍ଧାରପକ୍ଷ ।

**କୃଷ୍ଣପ୍ରିୟା** ***ବି.*** ୧. ରାଧା ୨. ତୁଳସୀ ।

**କୃଷ୍ଣବର୍ଣ୍ଣ** ***ବିଂ.*** କଳାରଙ୍ଗ, କାଳିଆ ।

**କୃଷ୍ଣଭକ୍ତି** ***ବି.*** କୃଷ୍ଣପ୍ରେମ, କୃଷ୍ଣ ଅନୁରକ୍ତି ।

**କୃଷ୍ଣରସ** ***ବି.*** କୃଷ୍ଣଭକ୍ତି, କୃଷ୍ଣ ପ୍ରେମ ଭାବରେ ସମାହିତ ।

**କୃଷ୍ଣଲବଣ** ***ବି.*** କଳାଲୁଣ, ବିଟଲୁଣ ।

**କୃଷ୍ଣଲୀଳା** ***ବି.*** କୃଷ୍ଣଙ୍କ ବାଲ୍ୟକାଳର ଲୀଳା, ଗୋପଲୀଳା ।

**କୃଷ୍ଣସର୍ପ** ***ବି.*** ୧. କାଳୀୟନାଗ, କଳାସାପ ୨. ଅବିଶ୍ୱାସୀ ।

**କୃଷ୍ଣସାର** ***ବି.*** ୧. ଚିତ୍ରମୃଗ, କଳା ଛାପି ଛାପିଆ ଦାଗ ଥିବା ହରିଣ ପ୍ରଜାତି ବିଶେଷ ୨. ଶିଶୁ ଗଛ ୩. ଖଇର ଗଛ ୪. ଶିଂଶପା ବୃକ୍ଷ ।

**କୃଷ୍ଣା** ***ବି.*** ୧. ଦ୍ରୌପଦୀ ୨. ଦୁର୍ଗାଦେବୀ ୩. ପିପ୍ପଳୀ ୪. ଦ୍ରାକ୍ଷାଫଳ ।

**କୃଷ୍ଣାଜିନ** ***ବି.*** କୃଷ୍ଣସାର ମୃଗର ଛାଲ ବା ଚମଡ଼ା ।

**କୃଷ୍ଣାଷ୍ଟମୀ** ***ବି.*** ଶ୍ରାବଣ କୃଷ୍ଣପକ୍ଷ ଅଷ୍ଟମୀ, ଜନ୍ମାଷ୍ଟମୀ, ଶ୍ରୀକୃଷ୍ଣଙ୍କର ଜନ୍ମୋତ୍ସବ ।

**କୃଷ୍ଟି** ***ବି.*** ୧. ସଂସ୍କୃତି ୨. ଫସଲ ୩. ହଳକର୍ମ ୪. ପଣ୍ଡିତ ୫. ଶିକ୍ଷକ ।

**କେଁ** ***ଅ.*** ଶଗଡ଼ ଚକ ବୁଲିବାର ଶବ୍ଦ ୨. ଅସୁବିଧା, ସମସ୍ୟା ।

**କେଁକଟର** ***ଅ.*** ୧. ବେଙ୍ଗରଡ଼ି ୨. ପକ୍ଷୀମାନଙ୍କର ଏକତ୍ର ରବ ।

**କେଁ କେଁୟା** ***ବିଂ.*** ୧. ସରୁଗଳା ବିଶିଷ୍ଟ ୨. କେଁ କେଁ ଶବ୍ଦ କରୁଥିବା ।

**କେଁଚୋ, କେଁଛୋ** ***ବି.*** କଇଁଛ, କଛିମ ।

**କେଁଛୋ ଖୁପ୍‌ଲି** ***ବି.*** କଇଁଛ ପିଠିର କଠିଣ ଆବରଣ ।

**କେଁଟ୍‌ରାଇଯିବା** ***କ୍ରି.*** ୧. ଭୀଷଣ ଶୀତଯୋଗୁଁ ଅଙ୍ଗପ୍ରତ୍ୟଙ୍ଗ ନିଶ୍ଚଳ ହୋଇପଡ଼ିବା ୨. କଇଁଥା ହେବା, ଭଲ ଭାବରେ ସିଝି ନପାରି ଖାଦ୍ୟ ପଦାର୍ଥ ଟାଣ ରହିଯିବା ।

**କେଁଟା** ***ବି.*** ଏଣ୍ଡୁଅ; ***ସ.ଅ.*** କଣ ।

**କେଁଡ଼ରାଇବା** ***କ୍ରି.*** ୧. କେଁଟରାଇବା, ରୋଷେଇ ବେଳେ ପରିବା ପ୍ରଭୃତି କୌଣସି କାରଣରୁ ଅସିଝା ରହିବା ୨. ଉତ୍ତମ ଭାବେ ବୃଦ୍ଧି ପ୍ରାପ୍ତ ନ ହେବା ।

**କେଁତ୍‌ରିବା** ***କ୍ରି.*** ୧. ଦାନ୍ତରେ ଖଣ୍ଡିଆ କରିଦେବା ୨. କେବଳ ଦାନ୍ତଲଗାଇ ଫଳ ପ୍ରଭୃତି କୋରି ଖାଇବା ।

**କେଁକାଜେ** ***ଅ.*** କାଏଁ କରି, କାହିଁକି ।

**କେ** ***ସ.*** ୧. କିଏ , କେହିଜଣେ ୨. କେଉଁ, କୌଣସି ।

**କେଆର** ***ବି.*** ଯତ୍ନ, ସେବା, ଦେଖାଶୁଣା ।

**କେଆର୍ ଅଫ୍ ବି. ମାର୍ଫତ, ଜରିଆ।**

**କେଆର୍‌ଟେକର** ***ବି.*** ୧. ଦେଖାରଖା କରିବା ଲୋକ ୨. ଘର, ବଙ୍ଗଳା ପ୍ରଭୃତିର ରକ୍ଷଣାବେକ୍ଷଣ କରୁଥିବା କର୍ମଚାରୀ ।

**କେଆର୍ ନ କରିବା** କ୍ରି. ୧. ବେଖାତିର କରିବା ୨. ନ ଡରିବା ।

**କେଇ** ***ସ.*** ୧. କେହି ୨. କେତେ ।

**କେଇଟା** ***ସ.*** କେତୋଟି, କେତେଗୋଟା ।

**କେଇଟି** ***ସ.*** କେତୋଟି ।

**କେଉଁ** ***ସ.*** କି, କିଏ, କୌଣସି ।

**କେଉଁଟା** ***ସ.*** କେଉଁଗୋଟା, କେନ୍‌ଟା ।

**କେଉଁଟି** ***ସ.*** କେଉଁ ଜଣକ, କେଉଁ ଗୋଟିକ ।

**କେଉଁଠା** ***ସ.*** କେଉଁ ସ୍ଥାନ, କେନ୍‌ନ, କେଉଁ ଜାଗା ।

**କେଉଁଠାକୁ** ***ସ.*** କେଉଁ ସ୍ଥାନକୁ, କେନ୍‌ନିକେ, କେନ୍‌ଠାନ୍‌କେ ।

**କେଉଁଠି** ***ସ.*** କେଉଁ ସ୍ଥାନରେ, କେନ୍‌ନ, କେନ୍‌ଲଗେ ।

**କେଉଁଠୁଁ** ***ସ.*** କେଉଁ ସ୍ଥାନରୁ, କେନ୍‌ନୁ, କେନ୍‌ଠାନୁ ।

**କେଉଁପରି** ***କ୍ରି.ବିଂ.*** କିପରି, କିଭଳି ଭାବରେ, କି ପ୍ରକାରେ, କେନ୍ତେଇ, କେନ୍ତା ।

**କେଉଟ** ***ବି.*** ୧. ମାଛଧରା ଯାହାର ବୃତ୍ତି ୨. ଚୁଡ଼ାକୁଟା ଯାହାର ବୃତ୍ତି ୩. ମାଛଧରି ଅଥବା ଡଙ୍ଗାବାହୀ ପେଟ ପୋଷୁଥିବା ଜାତି ବିଶେଷ ।

**କେଉଡ଼ା** ***ବି.*** କିଆଫୁଲ ଓ ତା'ର ଅର୍କ ।

**କେକର** ***ବିଂ.*** ଟେରାଆଖିଆ ।

**କେକା** ***ବି.*** ମୟୂର, ଲମ୍ବ ଓ ଚିତ୍ରିତ ପୁଚ୍ଛ ଏବଂ କର୍କଶ ସ୍ୱର ବିଶିଷ୍ଟ ଚଢ଼େଇ ।

**କେକୀ** ***ବି.*** ମୟୂରୀ ।

**କେଚ୍‌କେଚା** ***ବିଂ.*** ୧. ଅସନା, ଅପରିଷ୍କାର ୨. ଲୋଚାକୋଚା ୩. ଅସୁନ୍ଦର ୪. ବିରକ୍ତିକର ୫. ନଷ୍ଟ।

**କେଚେର୍‌ଲି** ***ବି.*** ନିର୍ବୋଧ ନାରୀ ।

**କେଛାଖୁପଲି** ***ବି.*** କଇଁଛ ପିଠି ।

**କେଜାଣି** ***ଅ.*** କିଏ ଜାଣେ, ମତେ ଅଜଣା, କି ନିମନ୍ତେ ।

**କେଞ୍ଚ** ***ବି.*** ଅତି କଷ୍ଟ ; ***କ୍ରି.*** କେଞ୍ଚିବାକୁ ଆଦେଶ ଦେବା ।

**କେଞ୍ଚଡି.କେଞ୍ଚୁଡ଼ି** ***ବିଂ.*** ୧. କଞ୍ଚା, ଅକାଳରେ ପକ୍ୱ ୨. ଅପ୍ରାପ୍ତବୟସ୍କ ।

**କେଞ୍ଚା** ***ବି.*** ୧. ତେଣ୍ଟା ୨. କଷ୍ଟ, ଦାଉ ।

**କେଞ୍ଚାଏ, କେଞ୍ଚେ** ***ବିଂ.*** ଅଳ୍ପ ।

**କେଞ୍ଚାକେଞ୍ଚି** ***କ୍ରି.ବିଂ.*** ପରସ୍ପରକୁ କଷ୍ଟଦେବା, ପରସ୍ପରକୁ ଖେଞ୍ଚିବା।

**କେଞ୍ଚିବା** ***କ୍ରି.*** ଆଙ୍ଗୁଠି ବା କୌଣସି ଲମ୍ବା ବା ମୁନିଆ ବସ୍ତୁରେ ଚାପ ଦେବା, ଆଘାତ ଦେବା ବା ଠେଲିବା ।

**କେଞ୍ଚୁଆ** ***ବି.*** ୧. ମାଟି ଅଥବା ଅନ୍ତଃନାଳିରେ ରହୁଥିବା ସୂତାପରି ଜୀବ ବିଶେଷ, ଜିଆ ୨. ପେଟରୁ ପଡ଼ିବା ବଡ଼ କୃମି ।

**କେଞ୍ଚୁଆ ମାଟି** ***ବି.*** ଜିଆ ଗାଳିଥିବା ମାଟି ।

**କେଞ୍ଚୁଡ଼ିପୋକ** ***ବି.*** ତେଲୁଣିପୋକ ।

**କେଡ଼ା** ***ବିଂ.*** ମୂର୍ଖ, ବେଡ଼ା, ଅଜ୍ଞ ।

**କେଡୁଟାଏ** ***ସ.*** କେତେ ବଡ଼, ଅତି ବଡ଼, ଖୁବ୍ ବଡ଼ଆକାରର ।

**କେଢ଼େ** ***କ୍ରି.ବିଂ.*** କେତେ ବଡ଼, କେଉଁ ଆକାରର, କେଉଁ ପରିମାଣର ।

**କେଣିକି** ***ଅ.କ୍ରି.ବିଂ.*** କେଉଁଠାକୁ, କେଉଁ ଦିଗକୁ, କେନ୍‌କେ ।

**କେଣୁ** ***କ୍ରି.ବିଂ.*** କେଉଁଠାରୁ, କେଉଁ ଆଡ଼ୁ ।

**କେଣେ** ***କ୍ରି.ବିଂ.*** ୧. କେଉଁଠାରୁ, କେଉଁଠି ୨. କେଉଁଠିକୁ, କୁଆଡ଼ିକୁ;***ଅ.*** କାହିଁକି ।

**କେଣ୍ଟା** ***ବି.*** ବଡ଼ ମୁଣ୍ଡଥିବା ଓ ବାରମ୍ବାର ଦେହର ରଙ୍ଗ ବଦଳାଉଥିବା ଜୀବ, ଟେଣ୍ଟକୋ, ଏଣ୍ଡୁଅ ।

**କେଣ୍ଡା** ***ବି.*** ୧. ଶସ୍ୟଗୁଚ୍ଛ ୨. ଫୁଲପେଛା ୩. ଧାନସିସା ୪. ବୃନ୍ତଲଗାଫୁଲ ।

**କେତକ** ***ବି.*** କିଆଗଛ ଓ ତାହାର ଫୁଲ ।

**କେତକୀ** ***ବି.*** ୧. ସୁବାସିତ ଧଳାରଙ୍ଗର ଫୁଲ ଓ ସେହି ଗଛ ୨. ଅଳଙ୍କାର ବିଶେଷ ।

**କେତକୀ ଚମ୍ପା** ***ବି.*** ମୁଚୁକୁନ୍ଦ ଫୁଲ ।

**କେତନ** ***ବି.*** ପତାକା ।

**କେତା** ***ବି.*** ଟିକି ଟିକି ଖଣ୍ଡ ।

**କେତାକେତା** ***କ୍ରି.ବିଂ.*** ଟିକି ଟିକି ।

**କେତୁ** ***ବି.*** ୧. ଗ୍ରହ ବିଶେଷ ୨. ଧୂମକେତୁ ୩. ପତାକା ୪. ଚିହ୍ନ ୫. ରୋଗ ୬. ଶତ୍ରୁ ।

**କେତେ** ***ସ.*** ୧. କେଉଁ ସଂଖ୍ୟକ ୨. କେଉଁ ପରିମାଣ ; ***ବିଂ.*** ଅନେକ, ଅଧିକ ପରିମାଣ ।

**କେତେଆଡ଼** ***ଅ.*** ଅନେକ ସ୍ଥାନ, ନାନା ଜାଗା ।

**କେତେକ** ***ଅ.*** କେଉଁ ପରିମାଣର ; ***ବିଂ.*** ଅଳ୍ପ ।

**କେତେ କଅଣ** ***ବି.*** ବହୁ, ଅନେକ ।

**କେତେକର** ***ବିଂ.*** କେତେ ମୂଲ୍ୟର, ଅତି ସାମାନ୍ୟ, ଅଳ୍ପ ପରିମାଣର ।

**କେତେକେ** ***ବିଂ.କ୍ରି.*** କେତେ ପରିମାଣରେ ।

**କେତେଟା** ***ବିଂ.*** ୧. ଅଳ୍ପ ସଂଖ୍ୟକ ୨. ସଂଖ୍ୟାରେ କେତେ ।

**କେତେମାତ୍ର** ***ବିଂ.*** ଅତି ସାମାନ୍ୟ ।

**କେତୋଟି** ***ବିଂ.*** ୧. କେତେ ସଂଖ୍ୟାରେ ୨. ଅଳ୍ପ ସଂଖ୍ୟକ ।

**କେଦାର** ***ବି.*** ୧. କିଆରୀ, କ୍ଷେତ୍ର ୨. ପର୍ବତ ୩. ରାଗ ବିଶେଷ ୪. ଅଳଙ୍କାର ବିଶେଷ ।

**କେନ୍** ***ସ.*** କେଉଁ, କିଏ ।

**କେନ୍‌ଆଡେ** ***କ୍ରି.ବିଂ.*** କେଉଁଆଡେ ।

**କେନ୍‌ଟା** ***ସ.*** କେଉଁଟା, କଅଣ ।

**କେନ୍‌ତା** ***ଅ.*** କିମିତି, କିପରି ।

**କେନ୍‌ତି** ***ଅ.*** କେଉଁଠାରେ ।

**କେନ୍‌ତିକେ** ***କ୍ରି.ବିଂ.*** କେଉଁଠିକି, କେଉଁଆଡ଼େ ।

**କେନ୍‌ନିକେ** ***ଅ.*** କେଉଁଠିକି, କେଣିକି ।

**କେନ୍‌ନେ** ***ଅ.*** ୧. କିପରି ୨. କେଉଁଠି ।

**କେନ୍‌ରକମ୍** ***ଅ.*** କିଭଳି, କିପରି ।

**କେନ୍‌ସର୍** ***ବି.*** ୧. କର୍କଟ ରୋଗ ୨. ରାଶିଚକ୍ରର କର୍କଟ ରାଶି ।

**କେନ୍‌ସି** ***ଅ.*** ୧. କେଉଁ ୨. କୌଣସି ।

**କେନା** ***ବି.*** ୧. (ଗଛର) ଶାଖା ୨. ସରୁସରୁ ଫଡା ୩. ଏକ ପ୍ରକାର ଫୁଲ ଓ ଗଛ ୪. ଏକ ପ୍ରକାର ଜଙ୍ଗଲୀ ଶାଗ ।

**କେନାକେନା** ***ବିଂ.*** ୧. ଟିକିଟିକି ୨. ବହୁ ଶାଖାପ୍ରଶାଖାବିଶିଷ୍ଟ ।

**କେନାଲ୍** ***ବି.*** ଗମନାଗମନ, ପରିବହନ ଓ ଜଳ ସେଚନପାଇଁ ଖୋଳା ହୋଇଥିବା ନାଳ ।

**କେନିବା** ***କ୍ରି.*** (ଚାଉଳ) କାଣ୍ଡିବା ।

**କେନେ** ***କ୍ରି.ବିଂ.*** ୧. କାହିଁକି ୨. କେଉଁଠାରେ ୩. କେଉଁଠିକି, କେଣେ ।

**କେନ୍ତା** ***କ୍ରି.ବିଂ.*** କି ପ୍ରକାରର, କଅଣ, କିପରି ।

**କେନ୍ତେ, କେନ୍ତେଇ** ***କ୍ରି.ବିଂ.*** କି ପ୍ରକାରେ ।

**କେନ୍ଦରି** ***ବିଂ.*** ୧. ବିବର୍ଣ୍ଣ ୨. ପାଣି ଲାଗି ହେଉଥିବା ଘାଆ ।

**କେନ୍ଦଳ** ***ବି.*** ଶଗଡ଼ର ଦୁଇ ଦଣ୍ଡାକୁ ସଂଯୋଗ କରୁଥିବା କାଠି ।

**କେନ୍ଦା** ***ବିଂ.*** ୧. ଗୌରବର୍ଣ୍ଣ ୨. କଳା ।

**କେନ୍ଦାଳିଆ** ***ବିଂ.*** ୧. ବହୁ କ୍ଷତବିଶିଷ୍ଟ (ଘାଆ) ୨. ଛେତା ପଡ଼ିଯାଇଥିବା ।

**କେନ୍ଦୁ** ***ବି.*** ସୁସ୍ୱାଦୁ ଫଳବିଶିଷ୍ଟ ଜଙ୍ଗଲୀ ଗଛ ଓ ଗୁଳ୍ମ-ବିଡ଼ି ତିଆରି ପାଇଁ ଏହି ଗଛର ପତ୍ରକୁ ବ୍ୟବହାର କରାଯାଏ ।

**କେନ୍ଦୁଆ** ***ବି.*** ତେନ୍ଦୁଆ, ଦୁଣ୍ଡାଳ, ହୁଣାର, ଗଧିଆ ।

**କେନ୍ଦୁଡ଼ି** ***ବି.*** ଫୁଲ ଫୁଟୁଥିବା ଦଳ ବିଶେଷ ।

**କେନ୍ଦୁବାଡ଼ି** ***ବି.*** ୧. କେନ୍ଦୁକାଠର ବାଡ଼ି ୨. ଗଉଡଙ୍କ ବ୍ୟବହୃତ ବାଡ଼ି ।

**କେନ୍ଦେରା** ***ବି.*** ଓଡ଼ିଶାର ତାରବାଦ୍ୟ ବିଶେଷ, ଯୋଗୀଙ୍କ ବୀଣା, ଏକତାର ବିଶିଷ୍ଟ ବାଦ୍ୟଯନ୍ତ୍ର ।

**କେନ୍ଦ୍ର** ***ବି.*** ୧. ବୃତ୍ତର ମଧ୍ୟବିନ୍ଦୁ ୨. ପ୍ରଧାନ ସ୍ଥାନ ୩. *ଜ୍ୟୋ.* ଜନ୍ମଲଗ୍ନର ଚତୁର୍ଥ, ସପ୍ତମ ଓ ଦଶମ ସ୍ଥାନ ।

**କେନ୍ଦ୍ରବର୍ତ୍ତୀ** ***ବିଂ.*** କେନ୍ଦ୍ରରେ ଅବସ୍ଥିତ ।

**କେନ୍ଦ୍ରସ୍ଥ** ***ବିଂ.*** କେନ୍ଦ୍ର ବା ମଧ୍ୟସ୍ଥଳରେ ଅବସ୍ଥିତ ।

**କେନ୍ଦ୍ରସ୍ଥାନ** ***ବି.*** ମଧ୍ୟବିନ୍ଦୁ, ପ୍ରଧାନସ୍ଥଳି ।

**କେନ୍ଦ୍ରାଭିକର୍ଷଣୀ** ***ବି.ବିଂ.*** ମାଧ୍ୟାକର୍ଷଣ, ବସ୍ତୁ ଘୁରି ଘୁରି ମଧ୍ୟବିନ୍ଦୁ ଆଡ଼କୁ ଟାଣିହେବା ।

**କେନ୍ଦ୍ରୀଭୂତ** ***ବିଂ.*** ୧. କେନ୍ଦ୍ରୀୟ ସ୍ଥାନରେ ଠୁଳୀକୃତ, ମଝିରେ ଠୁଳ ହୋଇଥିବା ୨. ଜଣକ ହାତରେ ରହିଥିବା ।

**କେନ୍ଦ୍ରୀୟ** ***ବିଂ.*** ୧. ବୃତ୍ତର କେନ୍ଦ୍ରରେ ଥିବା, କେନ୍ଦ୍ର ସମ୍ପର୍କିତ ୨. କେନ୍ଦ୍ର ସରକାର ବା ଭାରତ ସରକାରଙ୍କର ୩. କେନ୍ଦ୍ରସରକାର ସମ୍ପର୍କିତ ୪. ମୁଖ୍ୟ ବା କେନ୍ଦ୍ରସ୍ଥାନ ଭାବରେ ଗୃହୀତ ।

**କେନ୍ଦ୍ରୀୟ ବିଦ୍ୟାଳୟ** ***ବି.*** କେନ୍ଦ୍ର ସରକାରଙ୍କ ମାନବସମ୍ବଳ ବିକାଶ ବିଭାଗଦ୍ୱାରା ପରିଚାଳିତ ବିଦ୍ୟାଳୟ, ସେଣ୍ଟ୍ରାଲ ସ୍କୁଲ ।

**କେନ୍ନିକେ** ***କ୍ରି.ବିଂ.*** କେଣିକି, କେଉଁ ଦିଗକୁ ବା ଆଡକୁ ।

**କେନ୍ନେ** ***କ୍ରି.ବିଂ.*** ୧. କାହିଁ ୨. କେଣେ ୩. କେଉଁଠି ।

**କେପ୍ଟ୍** ***ବି.ବିଂ.*** ରକ୍ଷିତା, ବିବାହ ନ କରି ପୁରୁଷ ରଖିଥିବା ନାରୀ ।

**କେପ୍ସୁଲ୍** ***ବି.*** ୧. ଘୋଡ଼ଣି ୨. ଖୋଳପା ଭିତରେ ଥିବା ଔଷଧ ।

**କେବ୍‌ଡ଼ା** ***ବିଂ.*** ମୂର୍ଖ, ଅଜ୍ଞ ।

**କେବ** ***ସ.*** କେତେବେଳେ ; ***ବିଂ.*** ୧. ଦୂର ଅତୀତ ୨. ଦୂର ଭବିଷ୍ୟତ ।

**କେବକା, କେବକାର** ***ବିଂ.କ୍ରି.ବିଂ.*** ୧. କେଉଁ ସମୟର ୨. ବହୁକାଳ ପୂର୍ବର ।

**କେବକୁ** ***କ୍ରି.ବିଂ.*** କେଉଁ ଭବିଷ୍ୟତ ସମୟରେ ।

**କେବଟ** ***ବି.*** ପାଣିଗାତ, ଚୂଆ ।

**କେବଠାରୁ** ***କ୍ରି.ବିଂ.*** କେଉଁ ସମୟରୁ, ଅନେକକାଳ ପୂର୍ବରୁ ।

**କେବଣ** ***ସ.*** କେଉଁ, କିଏ, କେହି ।

**କେବର** ***କ୍ରି.ବିଂ.*** କେଉଁ ସମୟର, କେବେକାର ।

**କେବଳ** ***ବିଂ.*** ୧. ଏକମାତ୍ର, ଏକାକୀ ୨. ଅସାଧାରଣ, ବିଶୁଦ୍ଧ, ଶୁଦ୍ଧ, ସମ୍ପୂର୍ଣ୍ଣ ୩. ନିଶ୍ଚିତ ୪. ବିଶିଷ୍ଟ, ସ୍ୱତନ୍ତ୍ର, ସର୍ବୋତ୍କୃଷ୍ଟ ; ***ବି.*** ୧. ନାଟୁଆ ୨. ବନ୍ଧ ଭାଙ୍ଗିଲାବାଲା ; ***ଅ.*** ଏକମାତ୍ର, ଏକାକୀ, ଖାଲି, ସମ୍ପୂର୍ଣ୍ଣ ରୂପେ ।

**କେବଳକର୍ମ** ***ବି.*** ଯୋଗ ବିଶେଷ ।

**କେବଳୀ** ***ବି.*** ୧. ଧ୍ୟାନନିଷ୍ଠ ଯୋଗୀ ୨. ଜ୍ୟୋତିଷବିଦ୍ୟା ୩. ଜୈନ ବା ବୌଦ୍ଧ ସନ୍ନ୍ୟାସୀ, ଅର୍ହତ ୪. ଆତ୍ମା ଓ ଦେହ ଏକହେବା ବିଶ୍ୱାସ ; ***ବିଂ.*** ୧. ଏକାକୀ ୨. ଆତ୍ମା ଓ ଦେହକୁ ଏକ ବୋଲି ଯେ ବିଶ୍ୱାସ କରେ ।

**କେବ(ବ୍ଲ)ଲ୍** ***ବି.*** ମୋଟାତାର, ମାଟିତଳେ ବିଛା ଯାଇଥିବା ଶବ୍ଦବାହୀ ବା ବିଦ୍ୟୁତ୍‌ବାହୀ ତାର ।

**କେବ(ବ୍ଲ)ଲ୍ ଟିଭି** ***ବି.*** କେବଲ୍ ବା ତାର ଜରିଆରେ ବିଭିନ୍ନ କାର୍ଯ୍ୟକ୍ରମ ଟିଭିରେ ପ୍ରଦର୍ଶନ ବ୍ୟବସ୍ଥା ।

**କେବହୁଁ** ***କ୍ରି.ବିଂ.*** କେତେଦିନରୁ, କେତେବେଳଠାରୁ ।

**କେବା** ***ଅ.*** କିଏ ଅବା, କେଉଁ ବସ୍ତୁ ଅବା ।

**କେବିନ୍** ***ବି.*** ୧. କାଠତିଆରି ଛୋଟଘର ବା କୋଠରୀ ୨. ଅସ୍ଥାୟୀ ଦୋକାନଘର ୩. ବ୍ୟକ୍ତିର ବିଶେଷ କୋଠରୀ ୪. ଜାହାଜ ଆଦିର କୋଠରୀ ।

**କେବିବା** ***କ୍ରି.*** ଚିମ୍‌କି ଦେବା, ଚିମୁଟିବା ।

**କେବେ** ***କ୍ରି.ବିଂ.*** ୧. କେଉଁ ସମୟରେ ୨. କୌଣସି ସମୟରେ ୩. ବହୁକାଳ ପରେ ।

**କେବେକେବେ** ***ଅ.*** କୌଣସି କୌଣସି ସମୟରେ, କେବେ କେମିତି ।

**କେବେହେଲେ** ***ଅ.*** କଦାପି, କୌଣସି ଅବସ୍ଥାରେ ।

**କେଭିଏଟ** ***ବି.*** ନ୍ୟାୟାଳୟରେ ଆଗୁଆ ଯାଚିକା ।

**କେମନ୍ତ** *ଅ.* ୧. ସତେ, ସତେକି ?, ସତେ ? ୨. କି ! କଣ ?; *କ୍ରି.ବିଂ.* କିପରି, କିମିତି ।

**କେମନ୍ତେ** *କ୍ରି.ବିଂ.* କିପରି, କି ପ୍ରକାରେ ?

**କେମିତି, କେମିତିକା** *କ୍ରି.ବିଂ.* କେମନ୍ତ, କିପରି ।

**କେମିଷ୍ଟ୍ରି** *ବି.* ରସାୟନ ବିଜ୍ଞାନ, ରସାୟନଶାସ୍ତ୍ର ।

**କେମେରା, କ୍ୟାମେରା** *ବି.* ୧. ଫଟୋଉଠା ଯନ୍ତ୍ର ୨. କୋଠରୀ।

**କେମେରାମେନ୍** *ବି.* କେମେରା ଚଳାଉଥିବା ବ୍ୟକ୍ତି, ଫଟୋ ଉତ୍ତୋଳନକାରୀ ।

**କେମ୍ପ୍** *ବି.* ଅସ୍ଥାୟୀ ବାସସ୍ଥାନ ବା କାର୍ଯ୍ୟାଳୟ, ତମ୍ବୁଘର, ତମ୍ବୁ ।

**କେମ୍ପା** *ବିଂ.ବି.* ଯାହାର ହାତ ବା ଗୋଡ଼ ବଙ୍କା, *ସ୍ତ୍ରୀ.* କେମ୍ପୀ ।

**କେୟୁର, କେୟୂର** *ବି.* ୧. ବାହୁ ଅଳଙ୍କାର ୨. ସମାଧି ୩. ରତିବନ୍ଧ ବିଶେଷ ।

**କେର୍** *ବି.* ୧. ପାଟିର କୋଣ ୨. କୋଡଗାତ ।

**କେର୍‌କେଡ଼ିବା** *କ୍ରି.* କାମୁଡ଼ି ଖାଇବା, ଦାନ୍ତଦ୍ୱାରା କାଟିବା ।

**କେର୍‌କେଣ୍ଟ୍** *ବି.* ଏଣ୍ଟୁଅ, ଟେଣ୍ଟକୋ ।

**କେର୍ ଖାଇବା** *କ୍ରି.* ୧. ଓଠକୋଣରେ ଘା' ହେବା ୨. ଝାଳଯୋଗୁଁ କୋଡ଼ଗାତରେ ଘାଆ ହେବା ।

**କେର୍ ଧରିବା** *କ୍ରି.* ପିଚ୍ଛୁଳି ପଡ଼ିବା ।

**କେର୍‌ପାଲ** *ବି.* ରାଳ ମଡାଯାଇଥିବା ପାଲ, ମୋଟା ପାଲ, ଟାର୍ପୁଲିନ୍।

**କେର୍‌ଫାଳିଆ** *ବିଂ.* ଗୋଟିଏ ଦିଗକୁ ନଇଁ ବା ଝୁଙ୍କି ପଡ଼ିଥିବା ।

**କେରଙ୍ଗା** *ବି.* ଏକ ଜଙ୍ଗଲୀ ଗଛ- ଯାହାର ଛାଲିରୁ ସୂତା ବାହାର କରି ଗଦବାମାନେ ଲୁଗା ତିଆରିକରନ୍ତି ।

**କେରା** *ବିଂ.* ୧. ଛୋଟଗୁଚ୍ଛ ୨. ଅଳ୍ପ ପରିମାଣର ; *ବି.ବିଂ.* ବାହାରୁ ଆସି କୌଣସି ଅଞ୍ଚଳରେ ସ୍ଥାୟୀ ବସବାସ କରି ରହିଥିବା ( ଗୋଷ୍ଠୀ, ସମ୍ପ୍ରଦାୟ) ।

**କେରାବାଳ** *ବି.* ବାଳର ଛୋଟଗୁଚ୍ଛ ।

**କେରାୟା** *ବି.* ଭଡ଼ା, କିରାୟା ।

**କେରାସିନ୍** *ବି.* କିରୋସିନି, ମାଟିତେଲ, ଗନ୍ଧରି ତେଲ ।

**କେରିକେରି** *ବି.* ଅନେକ ଛୋଟ ଛୋଟ ଗୁଚ୍ଛର ସମାହାର ।

**କେରୁଆଳ** *ବି.* ୧. ଡଙ୍ଗାର ଆହୁଲା ୨. ଡଙ୍ଗାର ମଙ୍ଗଧରା ।

**କେରେଣ୍ଟ** *ବି.* ୧. ମଲ୍ଲଯୁଦ୍ଧରେ ପରାଜୟ ୨. ଯୁଦ୍ଧ ବା ଖେଳରେ ଲଗାଯିବା ବାଜି ।

**କେର୍ପା** *ବିଂ.* କେମ୍ପାଗୋଡ଼ିଆ, ଗୋଡ ବଙ୍କାଥିବା ।

**କେଳତି** *ବି.* ୧.କନ୍ଦର୍ପ ବା କାମଦେବଙ୍କ ପତ୍ନୀ, ରତିଦେବୀ ୨. ରତିକ୍ରୀଡ଼ା ।

**କେଳା** *ବି.* ବିଭିନ୍ନ ଦୁଃସାହସିକ ଖେଳ ଦେଖାଇ ଜୀବିକା ଉପାର୍ଜନ କରୁଥିବା-ବିଶେଷତଃ ଯାଯାବର ଜାତି ବିଶେଷ, *ସ୍ତ୍ରୀ.* କେଳୁଣୀ ।

**କେଳାଇବା** *କ୍ରି.* ୧. ମାଂସ କାଟିବା, ୨. ଅତି ବିରକ୍ତ କରିବା ୩. ମାଛ ବା ପରିବାକୁ କଟାକଟି ଓ ଧୁଆଧୋଇ କରି ପରିଷ୍କାର କରିବା ।

**କେଳି** *ବି.* ୧. ଖେଳ, କୌତୁକ ୨. ପରିହାସ ୩. ରତିକ୍ରୀଡ଼ା ୪. ପୃଥିବୀ ୫. ଶ୍ରୀମନ୍ଦିରରେ ଭୋଗ ହେବା ଏକପ୍ରକାର ପିଠା ।

**କେଳିକଉତୁକ** *ବି.* ପ୍ରେମ ଜନିତ ହାସ ପରିହାସ ।

**କେଳିକଦମ୍ବ** *ବି.* ୧. ବଣ୍ୟକଦମ୍ବ ୨. ବାଣ ବିଶେଷ ।

**କେଳିକଳା** *ବି.* ୧. ସରସ୍ୱତୀଙ୍କ ବୀଣା ୨. ରତିବିଦ୍ୟା ୩. କ୍ରୀଡ଼ାରେ ନିପୁଣତା ।

**କେଳିକୁସୁମ** *ବି.* ପ୍ରାୟ କଳାରଙ୍ଗର ଫୁଲ ଫୁଟୁଥିବା ଏକ ପ୍ରକାର ଛୋଟ ଗେଣ୍ଡୁ ଗଛ ।

**କେଳିଗୃହ, କେଳିପୁର** *ବି.* ୧. ଖେଳଘର ୨. ଶୟନକକ୍ଷ ।

**କେଳିଶଯ୍ୟା** *ବି.* ପଲଙ୍କ ।

**କେଳୀ** *ବି.* ୧. ଖେଳ ୨. ଯୌନକ୍ରୀଡ଼ା, ରତି ୩. ପୃଥିବୀ ।

**କେଳୁଣୀ** *ବି.* ୧. କେଳା ଜାତୀୟା ନାରୀ ୨. କେଳାର ସ୍ତ୍ରୀ ୩. ଲଜ୍ଜାନଥିବା ନାରୀ ।

**କେଲ୍‌ହା** *ବିଂ.* ପଂଗୁ, ଅକ୍ଷମ, ଦୁର୍ବଳ ଅଙ୍ଗ ଯୋଗୁଁ ଯେ ଶୀଘ୍ର ଚାଲିପାରେ ନାହିଁ ବା କାମ କରିପାରେ ନାହିଁ ।

**କେଲା** *ବି.* କଦଳୀ ।

**କେଲି** *ବି.* ଡାବଲପୁଆ ଖେଳ, ପିଲବାଡ଼ି ଖେଳ ।

**କେଶ** *ବି.* ୧. ମୁଣ୍ଡର ବାଳ ୨. ବରୁଣ, କୁରୁବେଲି ୩. ସିଂହକେଶର, କିରଣ ୪. ବିଷ୍ଣୁ ।

**କେଶକର୍ମ** *ବି.* ମୁଣ୍ଡ କୁଣ୍ଡାଇବା, କେଶବିନ୍ୟାସ କରିବା ।

**କେଶଗୁଚ୍ଛ** *ବି.* ବାଳର କେରା, କେଶସମୂହ ।

**କେଶଦାମ** *ବି.* ବାଳଗୁଚ୍ଛ ।

**କେଶପାଶ** *ବି.* ସଜ୍ଜିତ କେଶ ।

**କେଶ ପ୍ରସାଧନ** *ବି.* କେଶସଜ୍ଜା, ବାଳ କୁଣ୍ଡାଇ ସଜକରିବା ।

**କେଶବ** *ବିଂ.* ଲମ୍ବା କେଶ ଯାହାର ଅଛି *ବି.* ୧. କୃଷ୍ଣ ୨. ମାର୍ଗଶିର ମାସ ୩. ମଣ୍ଡାକୁସୁମ ।

**କେଶବନ୍ଧନ** *କ୍ରି.* ବାଳରେ ଗଣ୍ଠି ପକାଇବା ।

**କେଶ ବିନ୍ୟାସ** *ବି.* ମଥାର ବାଳ ସଜାଡ଼ିବା, ଖୋଷା, କେଶବନ୍ଧା, ବାଳଗଣ୍ଠି ।

**କେଶର** *ବି.* ୧. ଫୁଲର ମଝି ଅଂଶ ୨. ଘୋଡ଼ା ଓ ସିଂହର ବେକ ବାଳ ୩. ବଉଳଫୁଲ ଓ ଗଛ ୪. ନାଗେଶ୍ୱର ୫. ପୁଲାଙ୍ଗ ୬. କୁସୁମ ଗୁଳ୍ମ ୭. ପଦ୍ମବୀଜ ୮. ଜାଫ୍ରାନ୍‌କେଶର ୯. ଅଣ୍ଡାର ହଳଦିଆ ଅଂଶ ।

**କେଶରଦା** *ବି.* କେଶଦୁରା, କେଶଦୁଦୁରା ଗୁଳ୍ମ ।

**କେଶରପାଣ୍ଡିଆ** *ବି.* ଚକ୍ରବାକ ପକ୍ଷୀ ।

**କେଶରୀ** *ବିଂ.* ୧. କେଶରବିଶିଷ୍ଟ ୨. ରାଗୀ ୩. ଶ୍ରେଷ୍ଠ ; *ବି.* ୧. ସିଂହ ୨. ସମ୍ରାଟ ୩. ଘୋଡ଼ା ୪. ମାଙ୍କଡ଼ ୫. ହାତୀ ୬. ନାଗେଶ୍ୱର ଫୁଲ ୭. ନାଲି ସଜନାଗଛ ୮. ଜଳଚର ପକ୍ଷୀ ୯. ଇତି ରାଜବଂଶ ବିଶେଷ ।

**କେଶାକେଶି** *କ୍ରି.ବିଂ.* ଚୁଟି ଝିଙ୍କାଝିଙ୍କି ।

**କେଶି** *ବି.* ଔଷଧ ବୃକ୍ଷ ବିଶେଷ ।

**କେଶୀ** *ବିଂ.* ୧. ବାଳୁଆ ୨. ଯାହାର ମୁଣ୍ଡ ବାଳ ସୁନ୍ଦର ୩. *ପୁ.* କଂସର ଅନ୍ୟତମ ଅନୁଚର ।

**କେଶୁର** *ବି.* କେଉଟ ମୁଥା, ଏକପ୍ରକାର ମୁଥା ଘାସ ।

**କେସ୍** *ବି.* ୧. ମକଦ୍ଦମା ୨. ଚିକିତ୍ସିତ ରୋଗ ୩. ନଗଦଟଙ୍କା ୪. ଘଟଣା ।

**କେସନ** *ଅ.* କେମିତି, କି ପ୍ରକାରେ ।

**କେସବି** *ବି.ବିଂ.* ୧. ବେଶ୍ୟା ୨. ଅସତ୍‌ଚରିତ୍ରା ।

**କେସୁ** *ବି.* ବିଛଣା ଚାଦର ।

**କେସେ** *ସ.* କେଉଁ ବ୍ୟକ୍ତି, ସେ କିଏ ?

**କେସେଟ୍, କ୍ୟାସେଟ୍** *ବି.* ଟେପ୍‌ରେକଡ଼ର ଏବଂ ଭିସିଡ଼ି ପ୍ରଭୃତିରେ ଧ୍ୱନି ଓ ଦୃଶ୍ୟ ରେକଡ୍ କରିବା ଓ ବଜେଇବାପାଇଁ ଉଦ୍ଦିଷ୍ଟ ଉପକରଣ ।

**କେହି** *ସ.* କୌଣସି ବ୍ୟକ୍ତି, କିଏ ।

**କେହୁଣସି** *ସ.* କୌଣସି, ଯେ କୌଣସି ବ୍ୟକ୍ତି ।

**କେହ୍ନେ** *ଅ.* କିପରି, କେଉଁପରି ।

**କୈତବ** *ବି.* ୧. ମିଛ, କପଟ, ଠକାମି, ଛଳ ୨. ପଶାଖେଳ ୩. ଦୁଦୁରା ୪. ଜୁଆରି ।

**କୈଫିୟତ୍** *ବି.* କୌଣସି ପ୍ରଶ୍ନର ଜବାବ ବା ଉତ୍ତର, ସ୍ପଷ୍ଟୀକରଣ, କଇଫତ ।

**କୈବର୍ତ୍ତ** *ବି.* କେଉଟ, ମାଛଧରା ଜାତି ।

**କୈବଲ୍ୟ** *ବି.* ୧. ମୋକ୍ଷ ୨. ପୂର୍ଣ୍ଣ ଆନନ୍ଦ ୩. ମୁକ୍ତି ୪. ଜଗନ୍ନାଥଙ୍କ ଅନ୍ନ ମହାପ୍ରସାଦ, ମାହାର୍ଦ ।

**କୈରବ** *ବି.* ୧. କଇଁଫୁଲ ୨. ଠକ ୩. ଶତ୍ରୁ ।

**କୈଶିକ** *ବିଂ.* କେଶ ସମ୍ବନ୍ଧୀୟ ।

**କୈଶିକା ନାଡ଼ି** *ବି.* କେଶପରି ସରୁ ଶିରାପ୍ରଶିରା ।

**କୈଶୋର** *ବି.* କିଶୋର ବୟସ ବା ଅବସ୍ଥା, ବାଲ୍ୟକାଳ ପରବର୍ତ୍ତୀ ଓ ଯୌବନର ପୂର୍ବ ଅବସ୍ଥା ।

**କୋଅପରେଟିଭ୍ ସୋସାଇଟି** *ବି.* ସମବାୟ ସଂସ୍ଥା, କିଛି ଲୋକ ମିଶି ମୁଖ୍ୟତଃ ବ୍ୟବସାୟ ବା କିଣାବିକାପାଇଁ ଗଢ଼ିଥିବା ସଂସ୍ଥା ।

**କୋଆଡ଼ି** *ବି.* ଏକ ପ୍ରକାରର ଲୁଣିମାଛ ।

**କୋଇଲା** *ବି.* ୧. ଅଙ୍ଗାର ୨. ଖଣିରୁ ବାହାରୁଥିବା କଳାରଙ୍ଗର ଟାଣ ଜାଳେଣି ପଦାର୍ଥ ।

**କୋଇଲି** *ବି.* ୧. ମଧୁର ସ୍ୱରଥିବା କଳାରଙ୍ଗର ପକ୍ଷୀ ବିଶେଷ, କୋକିଳ, ପିକ ୨. ଆତ୍ମା ୩. ଆମ୍ବଟାକୁଆ ଭିତରେ ଥିବା ଶସ ୪. ପ୍ରାଚୀନ ଓଡ଼ିଆ ସମ୍ବୋଧନ ଗୀତିକା ।

**କୋଇଲିଖିଆ** *ବି.* ପାଣିକୂଳରେ ଜନ୍ମୁଥିବା କଣ୍ଟାଳିଆ ଶାଗ ଗୁଳ୍ମ ।

**କୋଇଲିପାଣି** *ବି.* ବାହାଦିନ ପାହାନ୍ତାରୁ କନ୍ୟା ସ୍ନାନ କରୁଥିବା ପାଣି ।

**କୋଇଲିପାରୁଡ଼ା** *ବିଂ.* ଗଛରେ ଥାଇ ଏକ ଅଂଶ ସେମେଟିଯାଇ ବିବର୍ଣ୍ଣ ଦିଶୁଥିବା ଆମ୍ବ ।

**କୋଇଲିବାଇ** *ବି.* ଏକ ପ୍ରକାର ଧାନ ।

**କୋଇଲିବୁଡ଼** *ବି.* କୋଇଲିପାଣି, ବାହାଦିନ ବର ଆସିବା ସମ୍ବାଦ ପାଇଲା ପରେ କନ୍ୟାର ସ୍ନାନ ।

**କୋଇଲିବୈକୁଣ୍ଠ** *ବି.* ଶ୍ରୀମନ୍ଦିର ବାହାର ବେଢ଼ାର ଉତ୍ତର ଦିଗ ସ୍ଥିତ ଉପବନ-ଯେଉଁଠି ନବକଳେବର ଅବସରରେ ପୁରୁଣା ବିଗ୍ରହମାନଙ୍କୁ ସମାଧି ଦିଆଯାଏ ।

**କୋଇଲିସୂତା** *ବି.* ୧. ଗଛରୁ ଓହଳି ଥିବା ଏକ ପ୍ରକାରର ସରୁ ଡଙ୍କ ୨. ଗୁଳୁଚି ଲଟାର ସୂତା ।

**କୋଉ** *ସ.* କେଉଁ ।

**କୋଏଚ୍, କୋଚୋ** *କ୍ରି.ବିଂ.* ଅତିଶୟ (ପିତା ବା ଲୁଣିଆ) ।

**କୋଏର୍** *ବି.* ୧. କୋଡ଼ି ୨. କୋଡ଼ିଏ ।

**କୋକ୍** *ବି.* ୧. ଜାଳେଣି କୋଇଲା ୨. ମୃଦୁ ପାନୀୟ ଶେଷ ।

**କୋକ** *ବି.* ୧. ଚକ୍ରବାକ ପକ୍ଷୀ ୨. ବେଙ୍ଗ ୩. କୋଇଲି ୪. ଏଣ୍ଡୁଅ ୫. ହେଟାବାଘ ୬. ବଳିଆକୁକୁର ।

**କୋକଦେବ** *ବି.* ରତିଶାସ୍ତ୍ର ପ୍ରଣେତା ଅନ୍ୟତମ ପଣ୍ଡିତ ।

**କୋକନଦ** *ବି.* ୧. ରକ୍ତପଦ୍ମ ୨. ନାଲିକଇଁ ୩. ସୁନା ।

**କୋକବାୟା, କୋକମିନା** *ବି.* କକବାୟା, ଶିଶୁଗପର କଳ୍ପିତ ଚରିତ୍ର ।

**କୋକାଲ** ***ବି.*** ଧଳାଘୋଡା ।

**କୋକି** ***ବି.*** କୋକିଶିଆଳି, ଗାତକରି ରହୁଥିବା ଏକ ଛୋଟ ପଶୁ ।

**କୋକିଗାତ** ***ବି.*** ୧. ପିଲାମାନେ ଓଦା ବାଲିରେ କରୁଥିବା ଗାତ ୨. କୋକି ଶିଆଳି ରହୁଥିବା ଗାତ ।

**କୋକିମୁହାଁ** ***ବିଂ.*** ଗୋଜିଆ ମୁହଁଥିବା ।

**କୋକିଳ** ***ବି.*** ୧. କୋଇଲି, ପିକ ୨. ନିଆଁଖୁଣ୍ଟା, ହୁଳା ।

**କୋକିଳକଣ୍ଠ** ***ବି.*** ମଧୁର ଗଳାର ସ୍ୱର; ***ବିଂ.*** ଯାହାର କଣ୍ଠସ୍ୱର କୋଇଲି ଭଳି ଶ୍ରୁତି ମଧୁର ।

**କୋକିଳଭାଷିଣୀ** ***ବିଂ.*** ମଧୁର ସ୍ୱରବିଶିଷ୍ଟା (ସ୍ତ୍ରୀ) ।

**କୋକିଲି** ***ବି.*** ଏକ ପ୍ରକାର ଲୁଣିମାଛ ।

**କୋକୁଆ** ***ବି.*** ୧. ସାରଳା ଦାସଙ୍କ ମହାଭାରତରେ ବର୍ଣ୍ଣିତ ଭୟସୃଷ୍ଟିକାରୀ କାଳ୍ପନିକ ଜୀବ ବିଶେଷ ୨. ନଡ଼ିଆପତ୍ରର ମୁଣ୍ଡା ।

**କୋକୁଆଭୟ** ***ବି.*** ପ୍ରାଣଘାତୀ ଅଜଣା ଭୟ ବା ଆତଙ୍କ ।

**କୋକେଇ** ***ବି.*** ୧. ଛ ଖଣ୍ଡି ବାଉଁଶରେ ତିଆରି ଶବାଧାର ୨. ଗଡ଼ାଉଠା ।

**କୋକେନ୍, କୋକିନ୍** ***ବି.*** ମାଦକ ଦ୍ରବ୍ୟ ବିଶେଷ ।

**କୋକୋଡ଼ା** ***ବି.*** ୧. ବଡ଼ ଆକାରର ବଗ ୨. ଜଙ୍ଗଲି କୁକୁଡ଼ା ।

**କୋକୋୟା** ***ବି.*** ମଧ୍ୟମ ଆକାରର ଉକୁଣୀ ।

**କୋକୋପାନା** ***ବି.*** କଂକି, ପାଟପନିଆଁ, ଫିର୍‌ଫିରି ।

**କୋଙ୍କଡ଼ାଇବା** ***କି.*** ଅଙ୍କୁଶ ଭଳି ଭିଡ଼ିଧରିବା ।

**କୋଚ୍** ***ବି.*** ୧. ରେଳବଗି, ରେଳର ବସିବା/ଶୋଇବା କୋଠରୀ ୨. ଖେଳ ପ୍ରଭୃତିର ତାଲିମ୍‌ଦାତା ୩. ଘୋଡାଗାଡ଼ି ।

**କୋଚ୍‌କି ଦେବା** ***କ୍ରି.*** ୧. କେଞ୍ଚି ଦେବା ୨. ତୀକ୍ଷ୍ଣ ଅସ୍ତ୍ରଦ୍ୱାରା ଚାପିବା ବା ଭୁସିବା ୩. ଗୁପ୍ତକଥା ଶତ୍ରୁ ଆଗରେ ପ୍ରକାଶ ମାଧ୍ୟମରେ ଉତ୍ତେଜିତ କରିବା ।

**କୋଚ୍‌ନି** ***ବି.*** ୧. ଖୁଚୁରା ବିକ୍ରେତା, ଅଳ୍ପ ପରିମାଣ ଜିନିଷ ଆଣି ଚଢ଼ା ଦରରେ ବିକୁଥିବା ବ୍ୟବସାୟୀ (*ବିଶେ.* ସ୍ତ୍ରୀଲୋକ), କୋଚଣୀ ।

**କୋଚ** ***ବି.*** ୧. ଶୁଖିଯିବା ଅବସ୍ଥା ୨. ଲୁହାକୀଳା ୩. ପାଣିସାରୁ ।

**କୋଚଟ** ***ବିଂ.*** ୧. ମଇଳା ୨. ଚେମେଡା ୩. କା-, କୃପଣ ୪. ନଛୋଡବନ୍ଧା ।

**କୋଚଟିଆ** ***ବିଂ.*** ୧. ଚେମେଡା, ନଛୋଡବନ୍ଧା ପ୍ରକୃତିର ୨. ମଳିମେଳଛିଆ ୩. ହୀନମନା ।

**କୋଚଣୀ** ***ବି.*** ୧. କୃପଣ ସ୍ୱଭାବର ନାରୀ ୨. କୋଚ୍‌ନି, ରେଜା ବେପାରୀ ୩. ଘର ଘର ବୁଲି ପନିପରିବା, ଖାଦ୍ୟପଦାର୍ଥ ବିକୁଥିବା ନାରୀ ।

**କୋଚସାରୁ** ***ବି.*** ପାଣିସାରୁ ।

**କୋଚା** ***ବି.*** ରେଜାରେ ବିକ୍ରି ***ବିଂ.*** ସବୁ କାମ ଓ କଥାରେ ଜାକିଜୁକି ହେଉଥିବା ।

**କୋଚାବେପାରୀ** ***ବି.*** କୋଚନି, ଖୁଚୁରାବେପାରୀ ।

**କୋଚିଆ** ***ବି.*** ସାପଭଳି ଦେଖା ଯାଉଥିବା ଛୋଟ ଅଥଚ ବିଷହୀନ ଜଳଚର ଜୀବ(ସରୀସୃପ), କୁଚିଆ ।

**କୋଚିଙ୍ଗ୍** ***ବି.*** ୧. ଶିକ୍ଷାଦାନ ୨. ବିଶେଷ ଭାବରେ କୌଣସି ବିଷୟରେ ବା ପରୀକ୍ଷାପାଇଁ ତାଲିମ ବା ଶିକ୍ଷାଦାନ ।

**କୋଚିଙ୍ଗ୍ ସେଣ୍ଟର** ***ବି.*** ତାଲିମ ବା ଶିକ୍ଷା ଦିଆଯାଉଥିବା ପ୍ରତିଷ୍ଠାନ ।

**କୋଚିଲା** ***ବି.*** ବଣୁଆ ଗଛ ଓ ତାହାର ଫଳ ବିଶେଷ ।

**କୋଚିଲାଖଡ଼ି** ***ବି.*** ବଳିତାଖଡ଼ି ।

**କୋଚିଲାଖାଇ** ***ବି.*** କୋଚିଲା ଫଳ ଖାଉଥିବା ଏକ ପ୍ରକାରର ଚଢ଼େଇ- ଯାହାର ମାଂସ ଆଣ୍ଠୁଗଣ୍ଠିବାତ ରୋଗ ଭଲ ହେବାପାଇଁ ଖିଆଯାଏ ।

**କୋଚିଲା ମଲାଙ୍ଗ** ***ବି.*** କୋଚିଲା ଗଛରେ ଜାତ ହେଉଥିବା ପରାଙ୍ଗପୁଷ୍ଟ ଗଛ ।

**କୋଚୁଆନ୍** ***ବି.*** ଘୋଡାଗାଡ଼ିର ଚାଳକ ।

**କୋଜାଗର ପୂର୍ଣ୍ଣିମା** ***ବି.*** ଅଶିଣପୂନେଇ ।

**କୋଟ୍** ***ବି.*** ୧. ବିଚାରାଳୟ ୨. କଚେରି ୩. ଶାର୍ଟ୍ ଉପରେ ପିନ୍ଧା ଯାଉଥିବା ବିଶେଷ ପରିଧାନ ୪. ଟେନିସ୍ ଓ ବେଡ଼ମିଣ୍ଟନ ପ୍ରଭୃତି ଇନ୍‌ଡୋର ଖେଳ ଖେଳାଯାଉଥିବା ସ୍ଥାନ ୫. ଜଙ୍ଗଲ ୬. ଉଦ୍ଧୃତି ୭. ପରସ୍ତେ ରଙ୍ଗ ବୋଳା ।

**କୋଟ୍ କଚେରୀ** ***ବି.*** ୧. ବିଚାରାଳୟ ୨. ମାଲି ମୋକଦ୍ଦମା ।

**କୋଟ୍‌ନା** ***ବି.*** ୧. ଗାତ, ଛୋଟ ଗହ୍ୱର ୨. ଢିଙ୍କିଗାତ ।

**କୋଟ୍‌ପେଣ୍ଟ** ***ବି.*** ଆଧୁନିକ ପୋଷାକ ।

**କୋଟ୍ ଫି** ***ବି.*** ବିଚାରାଳୟରେ ମାମଲାପାଇଁ ଦିଆଯାଉଥିବା ଅର୍ଥ ପରିମାଣ ଏବଂ ସେଥିପାଇଁ ବ୍ୟବହୃତ ଟିକଟ ।

**କୋଟ୍ ମାର୍ସାଲ** ***ବି.*** ପ୍ରତିରକ୍ଷା କର୍ମଚାରୀଙ୍କ ଅପରାଧ ବିଚାରନିମିତ୍ତ ଗଠିତ ଅଦାଲତ ।

**କୋଟକୀ, କୋଟରୀ** ***ବି.*** ବିବସନା ନାରୀ, ଲଙ୍ଗଳା ନାରୀ ।

**କୋଟଣା** ***ବି.*** ଭାଡୁଆ, ବେଶ୍ୟାର ସ୍ୱାମୀ ।

**କୋଟଣୀ** ***ବି.*** କୁଟ୍ଟଣୀ, ବେଶ୍ୟା ।

**କୋଟପାଳ** ***ବି.*** କୋଟ୍‌ୱାଲ୍, ଦୁର୍ଗରକ୍ଷକ, ଦୁର୍ଗ ଜଗୁଆଳି ।

**କୋଟର** ***ବି.*** ୧. ଗଛର କୋରଡ଼ ୨. ଗାତ ୩. ନିଭୃତ ଗୁମ୍ଫା ।

**କୋଟରଗତ** ***ବିଂ.*** ଗାତ ଭିତରକୁ ପଶିଯାଇଥିବା ।

**କୋଟରାକ୍ଷି** ***ବିଂ.*** ଯାହାର ଆଖି ଭିତରକୁ ପଶିଯାଇଛି ।

**କୋଟା** *ବି.* ୧. କୁଟା ୨. ଡିବା ୩. ପୂର୍ବନିର୍ଦ୍ଦିଷ୍ଟ ଭାଗ ୪. ନାମ ଲେଖା, ଚାକିରି, ବ୍ୟବହାର୍ଯ୍ୟ ବସ୍ତୁ ପ୍ରଭୃତିପାଇଁ କର୍ତ୍ତୃପକ୍ଷଙ୍କଦ୍ୱାରା ସ୍ଥିର କରାଯାଇଥିବା ସଂରକ୍ଷଣ ବା ବଣ୍ଟନ ବ୍ୟବସ୍ଥା ।

**କୋଟି** *ବି.* ୧. ଶହେଲକ୍ଷ ୨. ମୁନିଆଁଶର ୩. ଖଣ୍ଡା ପ୍ରଭୃତିର ଧାର ୪. ଧନୁର ବଙ୍କାଅଂଶର ଭାଗ ୫. **ଶ୍ରେଣୀ, ଧରଣ** ୬. ଚନ୍ଦ୍ରର ଶେଷ କୋଣ ୭. ପରାକାଷ୍ଠା ୮. ଉତ୍କର୍ଷ ୯. ଜଟିଳ ବିବାଦର ଏକ ପକ୍ଷ ୧୦. ସମକୋଣି ତ୍ରିଭୁଜର ଲମ୍ବ ୧୧. ପ୍ରତିଜ୍ଞା ୧୨. ବାଜି ୧୩. ପଶୁ ପକ୍ଷୀଙ୍କ ନଖର ଅଗ୍ରଭାଗ ୧୪. ଔଷଧୀୟ ଗୁଳ୍ମ ବିଶେଷ ।

**କୋଟିଆ** *ବି.* **କୁଟିଆ,** ଜନଜାତି ବିଶେଷ ।

**କୋଟିକମ୍, କୁଟିକମ** *ବି.* ସୂକ୍ଷ୍ମ କାରୁକାର୍ଯ୍ୟ, ନିଖୁଣଗଢ଼ଣ ।

**କୋଟିଏ** *ବି.* କୋଟିସଂଖ୍ୟା; *ବିଂ.* ଏକକୋଟି ସଂଖ୍ୟକ ।

**କୋଟିକେ ଗୋଟିଏ** *ବିଂ.* ଅତୁଳନୀୟ, ଅନେକଙ୍କ ଭିତରେ ଶ୍ରେଷ୍ଠ ।

**କୋଟିଦେବା** *କ୍ରି.* ହାଣିଦେବା, ହାଣି ମାରିଦେବା ।

**କୋଟିନିଧି** *ବି.* ୧. ଅମୂଲ୍ୟ ସମ୍ପଦ ୨. ମୂଲ୍ୟବାନ ପଦାର୍ଥ ।

**କୋଟେନ୍** *ବି.* ୧. ଭିଙ୍କିଂଗାତ ୨. ଗାତ ।

**କୋଟ୍ଟପାଳ** *ବି.* କୋଟପାଳ, ଦୁର୍ଗରକ୍ଷକ, କଟୁଆଳ ।

**କୋଟ୍ଟାର** *ବି.* ୧. ପରିଖା ଓ ପ୍ରାଚୀରବେଷ୍ଟିତ ନଗର ୨. କୂଅ ୩. କାମୁକ ବ୍ୟକ୍ତି ୪. ପୋଖରୀର ପାହାଚ ।

**କୋଠ** *ବି.* ୧. ସମୁଦାୟ, ସମୂହ ୨. ଇଜିମାଲି ପାଣ୍ଠି ବା ସମ୍ପତ୍ତି ।

**କୋଠକରଣ** *ବି.* ଛାମୁକରଣ, ଶ୍ରୀମନ୍ଦିରର ସେବକ ବିଶେଷ ।

**କୋଠଖମାର** *ବି.* ନିଜ୍‌ଚାଷ, ନିଜ୍‌ଯୋତ, ସମୂହ ବ୍ୟବହାରପାଇଁ ଗ୍ରାମବାସୀମାନଙ୍କ ପ୍ରଦତ୍ତ ଶସ୍ୟ ଓ ଅନ୍ୟ ବ୍ୟବହୃତ ସାମଗ୍ରୀ ରହୁଥିବା ସ୍ଥାନ ।

**କୋଠଘର** *ବି.* ୧. ଯୌଥ ପରିବାର ୨. ସର୍ବସାଧାରଣଙ୍କର ମିଳନ ଗୃହ ।

**କୋଠଧନ** *ବି.* ଇଜିମାଲି ପାଣ୍ଠି, ସର୍ବସାଧାରଣଙ୍କ ସମ୍ପତ୍ତି ।

**କୋଠପୁଅ** *ବି.* ୧. ଜାରଜ ସନ୍ତାନ, ବେଧୁଆ, ବେଧଛୁଆ ୨. ଗେହ୍ଲାପୁଅ, ଅତି ନିଜର ।

**କୋଠଭଣ୍ଡାର** *ବି.* ୧. ରାଜକୋଷ ୨. ସାଧାରଣ ଧନ **ସମ୍ପତ୍ତି** ଗଚ୍ଛିତ ଥିବା ଘର।

**କୋଠଭୋଗ** *ବି.* ଖଞ୍ଜାଭୋଗ, ଦେବତାଙ୍କ ନିକଟରେ ଦୈନିକ ହେଉଥିବା ସମୂହଭୋଗ ।

**କୋଠମାଗୁର** *ବି.* ସର୍ବସାଧାରଣଙ୍କ ମାଲିକାନା ଥିବା ଭଳି ବ୍ୟବହାର କରାଯାଉଥିବା ବସ୍ତୁ ବା ବ୍ୟକ୍ତି ।

**କୋଠରି** *ବି.* ପ୍ରକୋଷ୍ଠ, ବଖରା, ରୁମ୍, କମରା ।

**କୋଠରିଆ** *ବି.* କୋଠ ଭଣ୍ଡାରରକ୍ଷକ, ସେବକ, ମାର୍ଫତଦାର ।

**କୋଠସମ୍ପତ୍ତି** *ବି.* ସାଧାରଣ ସମ୍ପତ୍ତି ।

**କୋଠା** *ବି.* ୧. ଅଟ୍ଟାଳିକା, ବଡ଼ଘର ୨. ବଖରା ୩. ଛୋଟ କ୍ଷେତ ୪. ପଶାପାଲି; *ସ.* କେଉଁ ସ୍ଥାନ ।

**କୋଠାବାଡ଼ି** *ବି.* କୋଠା ଓ ଭୂସମ୍ପତ୍ତି ।

**କୋଠି** *ବି.* ୧. ଧାନାଗାର ୨. କୋଠରି ୩. ପକ୍‌କାଘର ୪. ଡାକ ବଙ୍ଗଳା ୫. ବାସସ୍ଥାନ ୬. ବାଣିଜ୍ୟ ପେଣ୍ଠ ୭. ଭୂଇଁ-ଲେଖା ମୁରୁଜ ବା ଚିତା ।

**କୋଠିଆ** *ବି.* ମୂଲିଆ, ଗୃହସ୍ଥ ଘରେ ଆବଶ୍ୟକ ବେଳେ କାମ କରିବାପାଇଁ ଚୁକ୍ତିବଦ୍ଧ ଚାକର ।

**କୋଠୁ** *ସ.* କେଉଁଠୁ ।

**କୋଡ୍** *ବି.* ୧. ସାଂକେତିକ ଶବ୍ଦ ଓ ଚିତ୍ର ଆଦି ୨. ସୁନିର୍ଦ୍ଦିଷ୍ଟ ନିୟମାବଳି ।

**କୋଡ୍‌କା** *ବି.ବିଂ.* ଦାନ୍ତୁରା, ଦାନ୍ତରା, ଛାମୁଦାନ୍ତ ବଡ଼ଥିବା (ବ୍ୟକ୍ତି), *ସ୍ତ୍ରୀ.* କୋଡ୍‌କୀ ।

**କୋଡ୍‌କି** *ବି.* ମାଟି ଖୋଳିବାପାଇଁ ବ୍ୟବହୃତ ଚଉଡା ଫାଳଥିବା ଉପକରଣ, କୋଡ଼ି, ଛୋଟ କୋଦାଳ ।

**କୋଡ଼** *ବି.* ୧. କୋଳ ୨. କୋଡ଼ିରେ ମାଟିକୋଡ଼ା ଖୋଳା ।

**କୋଡ଼ଗାତ** *ବି.* ଜଂଘ ଓ ଗୋଡ଼ ମଝିରେ ଥିବା ସନ୍ଧି ।

**କୋଡ଼ଙ୍ଗ** *ବିଂ.* କୁଳାଙ୍ଗାର, ବଂଶର ସମ୍ମାନରେ ଆଞ୍ଚ ଆଣୁଥିବା ।

**କୋଡ଼ଛୁଆ** *ବି.* ଦୁଧଖିଆ ଛୁଆ, ସାନପିଲା ।

**କୋଡ଼ପୋଛା** *ବି.* ବାପା, ମାଆର ସବା ସାନପିଲା ।

**କୋଡ଼ମାଡ଼** *ବି.* ୧. ମାଡ଼ ୨. ଅତ୍ୟାଚାର ୩. ଘଣ୍ଟାଚକଟା ।

**କୋଡ଼ମାଳ** *ବି.* ଡୋଲି, ବାଉଁଶ ପାତିଆରେ ତିଆରି ବଡ଼ଝୁଡ଼ି।

**କୋଡ଼ର** *ବିଂ.* ଦୁଧଖିଆ (ଛୁଆ) ।

**କୋଡ଼ରା** *ବି.* ୧. କୋରଡ଼ା ୨. ପାପରା, ବଳ ନ ଥିବା ।

**କୋଡ଼ା** *ବି.* ୧. ଚାବୁକ୍, ଛାଟେଣି, ବେତ ୨. ବେତ ବା ଚାବୁକ ମାଡ଼ ୨. ଗଛ କୋରଡ ୩. କୋହ୍ଲ ଜନଜାତି ୪. ମାଛ ଧରିବାପାଇଁ ବ୍ୟବହୃତ ଉପକରଣ ବିଶେଷ ; *ବିଂ.* କୋଡ଼ିରେ ହଣାଯାଇଥିବା।

**କୋଡ଼ାକୋଡ଼ି** *କ୍ରି.ବିଂ.* ଛେଚାଛେଚି, ପିଟାପିଟି, ବାଡ଼ିଆବାଡ଼ି ।

**କୋଡ଼ାବାଡ଼ି** *ବି.* ବଳଦ ବା ପୋଢ଼କୁ ଅଡେଇବାପାଇଁ ଶଗଡ଼ିଆ ବ୍ୟବହାର କରୁଥିବା ଦଉଡ଼ିବନ୍ଧା ବାଡ଼ି ।

**କୋଡ଼ି** *ବି.* ୧. ମାଟିଖୋଳା ଲୁହା ଉପକରଣ ୨. କୋଡ଼ିଏ ସଂଖ୍ୟା ପରିମାଣ ।

**କୋଡ଼ିଏ** *ବି.* ୨୦ ସଂଖ୍ୟା ; *ବିଂ.* ବିଂଶ ସଂଖ୍ୟକ ।

**କୋଡ଼ିକଚାଡ଼ି ହେବା** *କ୍ରି.* ୧. ଅତି ବିରକ୍ତ ହେବା ୨. ଛାଟିପିଟି ହେବା ୩. ପସ୍ତେଇ ହେବା ।

**କୋଡ଼ିକି** *ବି.* କୁର୍କି, କୋରକ, ଜପ୍ତି ।
**କୋଡ଼ିଙ୍ଗ୍** *ବି.* ଗୋପନୀୟତା ରକ୍ଷାପାଇଁ ଉତ୍ତର ଖାତା ପ୍ରଭୃତିରେ ରେଲ୍ ନମ୍ବର ସ୍ଥାନରେ ସାଂକେତିକ ସଂଖ୍ୟା ପ୍ରଦାନ କରିବା ।
**କୋଡିଦନ୍ତା** *ବିଂ.* ଦାନ୍ତୁରା, ଯାହାର ଦାନ୍ତଗୁଡ଼ିକ ପରସ୍ପରଠାରୁ ଛଡ଼ାଛଡ଼ି ହୋଇ ରହିଥାଏ ।
**କୋଡ଼ିପଶା** *ବି.* କୋଡ଼ିର ମୂଳ ଭାଗ – ଯେଉଁଠି ବେଣ୍ଟ ପଶେ ।
**କୋଡ଼ିବେଣ୍ଟ** *ବି.* କୋଡ଼ିରେ ଲାଗିଥିବା କାଠ ବା ବାଉଁଶର ବେଣ୍ଟ ।
**କୋଡ଼ି ମାରିବା** *କ୍ରି.* ମାଟିକୁ କୋଡ଼ିରେ ସମତୁଲ କରିବା ।
**କୋଡ଼ିହଣା** *ବି.* କୋଡ଼ିଦ୍ୱାରା ମାଟିହଣା ।
**କୋଢ଼** *ବି.* ଗଳିତକୁଷ୍ଠ ।
**କୋଢ଼ିଆ** *ବିଂ.ବି.* ୧. ପଙ୍ଗୁ ୨. ଅଳସୁଆ, କାମଚୋର, କର୍ମକୁଣ୍ଠ ୩. କୁଷ୍ଠରୋଗୀ ।
**କୋଣ** *ବି.* ୧. କୌଣସି ବସ୍ତୁର ଦୁଇପାଖର ଯୋଡ଼ସ୍ଥାନ ୨. ଦୁଇ ଅସମାନ୍ତର ସରଳରେଖା ମିଳିତ ହେଉଥିବା ବିନ୍ଦୁ ୩. ଅସ୍ତ୍ରର ଦାଢ଼ ୪. ବୀଣାଦଣ୍ଡ ୫. *ଜ୍ୟୋ.* ଶନି, ମଙ୍ଗଳ ଆଦି ଗ୍ରହ ୫. ଖଞ୍ଜଣି ଆଦି ବାଦ୍ୟ ୬. ଦିଗ।
**କୋଣକାଣ୍ଡ** *ବି.* ମଉଡ଼ ବା ଭାଡ଼ିଘରେ ଚାଳକୋଣରେ ଥିବା ଲମ୍ବା କାଠ ଅଥବା ବାଉଁଶ ଖଣ୍ଡ ।
**କୋଣକୁଣ** *ବି.* ୧. ଉଖ୍ଳନ୍, ଉକୁଣି ୨. ଛାରପୋକ, ଡେକୁନ୍ ।
**କୋଣାକୋଣି** *ଅ.* କୌଣସି ବସ୍ତୁର ଗୋଟିଏ କୋଣରୁ ଅନ୍ୟ କୋଣ ପର୍ଯ୍ୟନ୍ତ ।
**କୋଣାଘାତ** *ବି.* ଏକ ସମୟରେ ଅନେକ ବାଜା ବାଜିବା ଯୋଗୁ ସୃଷ୍ଟ ସ୍ୱର ।
**କୋଣିଆଁ** *ବିଂ.* କୋଣଯୁକ୍ତ ।
**କୋଣୀ** *ବି.* କାଠପିଟଣା; *ବିଂ.* କୋଣ ବିଶିଷ୍ଟ ।
**କୋଣ୍ଡି** *ବି.* କୁଣ୍ଡି, ମାଟିଘଡ଼ି ।
**କୋତ୍ମିବା** *କ୍ରି.* ଥାଳିର ଭାତ ମଝିରେ ଡାଲି ବା ତରକାରୀପାଇଁ ଗାତକରିବା ।
**କୋତ୍ରି** *ବି.* ଏକ ପ୍ରକାର ସାନମାଛ, କେରାଣ୍ଡି ।
**କୋତ** *ବି.* ୧. ବଡ଼ ମାଠିଆ ୨. ଚମଡା ତିଆରି ବଡ଼ ତେଲରଖା ପାତ୍ର ୩. ଭାଗଚାଷ ।
**କୋତ କରିବା** *କ୍ରି.* ପୂର୍ବାନୁମାନ କରିବା, ଅନୁମାନରେ ହିସାବ କରିବା ।
**କୋତକା** *ବି.* ଛୋଟ ଓ ମୋଟାଠେଙ୍ଗା ।
**କୋତପେଟିଆ** *ବିଂ.* ବଡ଼ ପେଟଥିବା ।
**କୋତରା** *ବି.* ୧. ମଇଳା, ମଳି ୨. କୁତୁ କୁତୁ କରିବା ୩. ଛିଣ୍ଡା ହେଂସ ; *ବିଂ.* ଅପରିଷ୍କୃତ, ମଳିନ, ଜୀର୍ଣ୍ଣ ।
**କୋତରା ଗୁଡ଼** *ବି.* କଳାରଙ୍ଗର ମଇଳା ଗୁଡ଼ ।
**କୋତରା ଧରିବା** *କ୍ରି.* ୧. ଅଚଳ ହୋଇଯିବା ୨. ରୋଗ ଓ ଦୁର୍ବଳତା ଯୋଗୁଁ ବିଛଣାରେ ପଡ଼ିରହିବା ।
**କୋତା** *ବି.* ୧. କଥା ୨. ଗପ, କାହାଣୀ ।
**କୋଥ** *ବିଂ.* ମଥିତ ; *ବି.* ୧. ଘାଆ ୨. ଦୁଃଖକଷ୍ଟ ୩. ମଥନ ।
**କୋଥମା** *ବିଂ.* ମୋଟା, ଗେଧକା ।
**କୋଥଳି** *ବିଂ.* ପୂଜାଜିନିଷ ରଖିବାପାଇଁ ବ୍ୟବହୃତ ମୋଟାକନାର ଥଳି ।
**କୋଥଲ,କୋଥଲା** *ବିଂ.* ମୋଟା, ଥାକୁଲ ଥୁକୁଲ ।
**କୋଦଣ୍ଡ** *ବି.* ୧. ଧନୁ ୨. *ଜ୍ୟୋ.* ଧନୁରାଶି ୩. ଶ୍ରୀରାମଙ୍କ ଧନୁର ନାମ ।
**କୋଦଣ୍ଡଧର** *ବିଂ.* ୧. ଧନୁର୍ଦ୍ଧର ୨. ରାମଚନ୍ଦ୍ର ।
**କୋଦଣ୍ଡ ରାମା** *ବି.* ମଟୁଆ ଶାଙ୍କୁଳି, ଆଗକାଳେ ଚାଟଶାଳିରେ ଦିଆ ଯାଉଥିବା ଦଣ୍ଡ–ତ୍ରିଭୁଜ ଆକାରର ତିନିଗୋଟି ମୁଣ୍ଡୁଳି କାଟି, ତଳ ଦୁଇ ମୁଣ୍ଡୁଳିରେ ଦୁଇପାଦ, ଉପର ମୁଣ୍ଡୁଳିରେ ଗୋଟିଏ ହାତ ଓ ଅନ୍ୟ ହାତ ବାଙ୍କକରି ଅଣ୍ଟା ଉପରେ ରଖିବା ଅବସ୍ଥାରେ ରହିବା ।
**କୋଦମା, କୋଦା** *ବିଂ.* ମୋଟାସୋଟା, *ସ୍ତ୍ରୀ.* କୋଦମୀ ।
**କୋଦାଳ** *ବି.* ମାଟି ଖୋଳିବାପାଇଁ ବ୍ୟବହୃତ ଚଉଡାମୁହାଁ ହତିଆର ବିଶେଷ, ଫାଉଣ୍ଡା, ରମ୍ପା, ରଫା ।
**କୋଦି** *ବି.* ନଖଘାଆ, କଣନଖା ।
**କୋଦିବଁକ୍** *ବି.* ଏକପ୍ରକାର ବଡ଼ ଆକାରର ବଗ ।
**କୋଦୁଅ, କୋଦୋ** *ବି.* ମାଣ୍ଡିଆ ଜାତୀୟ ରବିଶସ୍ୟ ବିଶେଷ, ଏକ ପ୍ରକାର ତୃଣ , ଶସ୍ୟ ।
**କୋଦୁଅମତ୍ତା** *ବିଂ.* ଉନ୍ମତ୍ତ, ଉଚ୍ଛନ୍ନମନା ।
**କୋନ୍** *ସ.* କୌଣସି; *ବି.* ଖଂଇଚିଭଳି ଜ୍ୟାମିତ୍ୟିକ ଚିତ୍ର ।
**କୋନ୍ଧଣା** *ବି.* ମାଟିକୋତ ବା ଘୁମ, ମାଠିଆ ।
**କୋପ** *ବି.* ୧. ରାଗ, କ୍ରୋଧ ୨. ଅସନ୍ତୋଷ ୩. ବାତ, ପିତ, ବା କଫର ଆଧିକ୍ୟ ।
**କୋପନ** *ବିଂ.* ରାଗୁଥିବା, ରାଗୀ, ରାଗୁଆ, (*ସ୍ତ୍ରୀ.* କୋପନା) ।
**କୋପବଶ** *କ୍ରି.ବିଂ.* ରାଗରେ, କ୍ରୋଧରେ ।
**କୋପଭର** *ବିଂ.* କ୍ରୋଧାନ୍ୱିତ, ରାଗିଯାଇଥିବା ; *କ୍ରି.ବିଂ.* ରାଗରେ, କ୍ରୋଧରେ ।
**କୋପରା** *ବି.* ଚଟକା ଧାତୁପାତ୍ର, ଖପୁରି ଆକୃତିର ପାତ୍ର, ପରାତ୍, କପ୍ରା ।
**କୋପାନଳ** *ବି.* କ୍ରୋଧର ନିଆଁ, କ୍ରୋଧାଗ୍ନି , ରାଗଜରଜର ଅବସ୍ଥା ।
**କୋପାନ୍ଧ** *ବିଂ.* ରାଗରେ ଅନ୍ଧ, କ୍ରୋଧରେ ବିଚାର ଓ ବିବେଚନାଶୂନ୍ୟ ।
**କୋପୀ** *ବିଂ.* ରାଗୀ, କ୍ରୋଧୀ ।
**କୋଫ** *ବି.* ଲୁହା ଜିନିଷ ଉପରେ ସୁନା ବା ରୁପାର କାରୁକର୍ମ ।
**କୋଫ୍ତା** *ବି.* ମାଛ ବା ମାଂସର କସା ବା ଭଜା ଛେନାକୁ ମସଲା ଦେଇ ଗୋଲାକାର ପ୍ରସ୍ତୁତ ରୂପରେ ତରକାରି ।
**କୋବା** *ବି.* ୧. କାଠପିଟଣା, ପାହାର, ପିଟା ୨. ମୁନିଆଁ ଦଣ୍ଡ ୩. ମାଡ଼ ।
**କୋବାକୋବି** *ବି.* ବାଡ଼ିଆବାଡ଼ି, ପିଟାପିଟି, ଖୋବାଖୋବି ।
**କୋବି** *ବି.* ପରିବା ରୂପେ ବ୍ୟବହୃତ ବିଭିନ୍ନ ପ୍ରକାରର ଗୁଳ୍ମ (ଯଥା– ଫୁଲକୋବି, ପତ୍ରକୋବି, ଗଣ୍ଠିକୋବି) ।

**କୋବିଦ** *ବି.* ପଣ୍ଡିତ, ଜ୍ଞାନୀବ୍ୟକ୍ତି ; *ବିଂ.* ବିବେକୀ, ବୁଦ୍ଧିମାନ ।

**କୋମଳ** *ବିଂ.* ୧. କଅଁଳିଆ ୨. ମୃଦୁ ୩. ସୁକୁମାର ୪. ମଧୁର ୫. ଲଳିତ ୬. ଦୟାର୍ଦ୍ର ୭. ଅନୁଚ୍ଚ ସ୍ୱରବିଶିଷ୍ଟ ।

**କୋମଳମତି** *ବିଂ.* କଅଁଳମନା, ଯାହାର ମନ କୋମଳ, ସୁକୁମାର ମତି ।

**କୋମଳାଙ୍ଗ** *ବିଂ.* ସୁକୁମାର, *ସ୍ତ୍ରୀ.* କୋମଳାଙ୍ଗୀ ।

**କୋମ୍ପାସ** *ବି.* କମ୍ପାସ, କୁମ୍ପାସ୍, ଦିଗନିର୍ଣ୍ଣୟକ ଯନ୍ତ୍ର ।

**କୋୟଞ୍ଚା** *ବି.* ପିଠା ଖଡ଼ିକା ।

**କୋୟା** *ବି.* ଆଦିବାସୀ ଜନଜାତି ବିଶେଷ ।

**କୋର୍‌କୋଏଟ୍** *ବି.* କାଙ୍କଡ଼(ଣ), କକ୍‌ରୋ ।

**କୋର୍‌ଲି** *ବି.* ଟୋକେଇ, ବାଉଁଶ ପାତିଆରେ ତିଆରି ବଡ଼ଝୁଡ଼ି ।

**କୋର** *ବି.* ୧. ଦେହର ଗଣ୍ଠି ୨. କଢ଼ି ୩. ଖଟଫିତା ୪. କୋଳ ୫. କୋରା ୬. ବତୀ ୭. ବେଲଟ୍, କମରପଟି ।

**କୋରକ** *ବି.* ୧. କଢ଼ି ୨. ମୃଣାଳ ୩. ସୁଗନ୍ଧବିଶେଷ ।

**କୋରକିତ** *ବିଂ.* କଢ଼ି ଧରିଥିବା, କଢ଼ କାଖେଇଥିବା ।

**କୋରଖ** *ବି.* ବ୍ୟକ୍ତିଗତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ନିଲାମ ଉଦ୍ଦେଶ୍ୟରେ ସରକାର ଅଧିକାରକୁ ନେବା, ଜପ୍ତି ।

**କୋରଙ୍ଗ** *ବି.* ଜଙ୍ଗଲୀ ଗଛ ବିଶେଷ ।

**କୋରଙ୍ଗା** *ବି.* ଜାତି ବିଶେଷ ।

**କୋରଟ** *ବି.* ତାଳ ବାହୁଙ୍ଗାରୁ ତିଆରି ଚିକଣିଆ ଲଇ ।

**କୋରଟିଆ** *ବିଂ.* ଚେମଡା, ଟାଣୁଆ, ଟାଆଁସା ।

**କୋରଡ଼** *ବି.* ଗୁମ୍ଫା, ଗାତ, କୋଟର ; *ବିଂ.* ଖାଲୁଆ, ପଶି ଯାଇଥିବା ।

**କୋରଡ଼ା** *ବି.* ଚାବୁକ ।

**କୋରଡାମାଡ଼** *ବି.* ଚାବୁକରେ ବାଡେଇବା ।

**କୋରଡ଼ିଆ** *ବିଂ.* ଗହୀରିଆ ।

**କୋରଣା** *ବି.* ନଡ଼ିଆ, ପାଣିକଖାରୁ ଇତ୍ୟାଦିର ଶସ ଟିକିଟିକି କରି ବାହାର କରିବାପାଇଁ ବ୍ୟବହୃତ ଉପକରଣ, ଦାନ୍ତଥିବା ଲୁହାପାତ ।

**କୋରଦିନ** *ବି.* ମାଛଧରା ଜାଲ ବୁଣାହେବାପାଇଁ ଦୁଇଥର ଭଙ୍ଗା ହୋଇ ବଳା ଯାଇଥିବା ସୁତା ।

**କୋରମ୍** *ବି.* କୌଣସି ସଭା ବା ଅଧିବେଶନରେ ଆବଶ୍ୟକ ନିର୍ଦ୍ଦିଷ୍ଟ ସଂଖ୍ୟକ ସଭ୍ୟଙ୍କ ଉପସ୍ଥିତି ।

**କୋରଳ** *ବି.* କଣ୍ଟିଯୁକ୍ତ ସମକୋଣୀ ପଟା ।

**କୋରସ୍** *ବି.* ସମୂହଗାନ, ସମ୍ମିଳିତ ଗୀତବାଦ୍ୟ ।

**କୋରା** *ବି.* ୧. କୋରା ନଡ଼ିଆରେ ଚିନିମିଶା ମିଷ୍ଟାନ୍ନ ୨. ବିଆଳି ଧାନ ୩. ମାଡ଼; *ବିଂ.* ୧. କୋରା ହୋଇଥିବା ୨. ଧୁଆ ହୋଇନଥିବା ନୂଆ (ଲୁଗା) ।

**କୋରାକୋରି** *ବି.* ମରାମରି, ବାଡ଼ିଆବାଡ଼ି ।

**କୋରାନ୍** *ବି.* ଇସ୍‌ଲାମ ଧର୍ମଗ୍ରନ୍ଥ ।

**କୋରାମୁଣ୍ଡା** *ବି.* ମୁଗୁର ।

**କୋରିଅର୍** *ବି.* ଚିଠିପତ୍ର ବା ମାଲ୍ ପରିବହନ ଏବଂ ବିତରଣ କରୁଥିବା ଘରୋଇ ସଂସ୍ଥା ।

**କୋରିବା** *କ୍ରି.* ୧. କୋରଣା ବା ସେହିଭଳି ହତିଆର ସାହାଯ୍ୟରେ ନଡ଼ିଆ ବା ପରିବାପତ୍ର କୋରି ଶସ ବାହାର କରିବା ୨. ମାଡ଼ ମାରିବା ୩. ପ୍ରଶ୍ନ ପଚାରି ବ୍ୟତିବ୍ୟସ୍ତ କରିବା ।

**କୋରି ହେବା** *କ୍ରି.* ମୁଣ୍ଡବାଳ କୁଣ୍ଡାଇବା ।

**କୋରୁଅ** *ବି.* ନଡ଼ିଆ ରସ ଅଥବା ଲହୁଣିରୁ ତେଲ ବା ଘିଅ ମାରିବା ପରେ ପାତ୍ରର ତଳ ଅଂଶରେ ବସିଥିବା ସ୍ତର ।

**କୋରୋ** *ବି.* ଗେଣ୍ଡା, ଲିଙ୍ଗ ଅଗର ମଇଳା, ଛତିଆ ।

**କୋରୋଡ୍** *ବି.* ଏକକୋଟି ।

**କୋଳ** *ବି.* ୧. କୋଡ଼ ୨. ଆଲିଙ୍ଗନ ୩. ଭିତର ୪. ଛାତି ୫. ଶନିଗ୍ରହ ୬. ଗୋଲମରିଚ ୭. ଧଳାଚିତା ୮. ରାସ୍ତା ୯. ଏକ ତୋଳା ଓଜନ ୧୦. ନୀଚ ଜାତୀୟ ବ୍ୟକ୍ତି ୧୧. ଜାହାଜ ଲାଗିବା ବନ୍ଦର ୧୨. ବରକୋଳି ।

**କୋଳଥ** *ବି.* ଏକ ଜାତୀୟ ରବି ଶସ୍ୟ, କୁଳୁଥ ।

**କୋଳଥିଆ** *ବି.* କୃଷିକର୍ମ କରୁଥିବା ଜାତି ବିଶେଷ ; *ବିଂ.* ୧. ମୋଟା ବୁଦ୍ଧିଆ ୨. କୋଳଥ ପରି ରଙ୍ଗବିଶିଷ୍ଟ ।

**କୋଳଥିଆ ନାଗ** *ବି.* କୋଳଥ ରଙ୍ଗର ନାଗ, ଗୋଖରସାପ ।

**କୋଳପୋଛା** *ବିଂ.* କୋଡପୋଛା, ଶେଷ (ସନ୍ତାନ); *ବି.* ମା' ବାପଙ୍କ ସବା ସାନପିଲା ।

**କୋଳା, କୋଲା** *ବି.* ପିପ୍‌ପଳୀ ଓ ପଣସ ଆଦି ଫଳର ଫୁଟ ବା ଏକକ ଅଂଶ, କୋଲ୍ ।

**କୋଳାକୋଳି** *ବି.* ପରସ୍ପରକୁ କୋଳେଇବା ବା କାଖେଇବା, ପରସ୍ପର ଆଲିଙ୍ଗନ ।

**କୋଳାହଳ** *ବି.* ଘୋଘା, ଉଚ୍ଚକଣ୍ଠରେ ବହୁଲୋକ କଥାବାର୍ତ୍ତା ହେବା ଶବ୍ଦ, ହୋଲୋହାଲ୍ ।

**କୋଳି** *ବି.* ୧. ବରକୋଳି, ବଦରୀ ୨. ଗୋଟିକିଆ ମଞ୍ଜିଥିବା ଛୋଟ ଫଳ ।

**କୋଲ୍** *ବିଂ.* ହାତ ବଙ୍କା ବା ଦୁର୍ବଳ ଥିବା ।

**କୋଲ୍‌କି, କୋଲ୍‌କୋଲି** *ବି.* ସଂକୀର୍ଣ୍ଣ ଗଳି, ଉପଗଳି ।

**କୋଲ୍ ଖାଇବା** *କ୍ରି.* ଝିମିଝିମି ହେବା ।

**କୋଲ୍‌ସା** *ବି.* ଘରଛାତରେ ଲାଗିଥିବା ଝୁଅ ।

**କୋଲ** *ବି.* ୧. କାକର ୨. ଅତିଶୟ ଥଣ୍ଡା ୩. କୋହ୍ଳ, ଆଦିବାସୀ ଜନଜାତି ବିଶେଷ ।

**କୋଲ ମାରିଯିବା** *କ୍ରି.* ଅତି ଥଣ୍ଡାଯୋଗୁ ଅଥବା ଦେହର ଉତ୍ତାପ କମି ଯିବା ଯୋଗୁ ପ୍ରାୟ ଜଡ଼ଅବସ୍ଥା ।

**କୋଲପ** *ବି.* ୧. ତାଲା ୨. ଖିଲ ।

**କୋଲପକାଠି** *ବି.* ଚାବିକାଠି, କୋଲପ ଖୋଲିବାପାଇଁ ବ୍ୟବହୃତ ଉପକରଣ ।

**କୋଲପି** *ବି.* ଅନ୍ଧପୁତୁଳି ।

**କୋହ୍ଲା ମାରିବା** *କ୍ରି.* କୋଲ ମାରିବା, ଅତିଶୟ ଥଣ୍ଡାଯୋଗୁ ଦେହର ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗ ନିଷ୍କ୍ରିୟ ହୋଇଯିବା ।

**କୋଲା** *ବି.* କୋଲ୍, ଫଳ ଭିତରର ଫଡା ବା ଫୁଟ ।

**କୋଲିଆ** *ବି.* ୧. ଆଖୁଘଣା ୨. ବରକୋଳି, ବଦରୀ ୩. ବିଲୁଆ, କୁଲିହା ।

**କୋଲୁ** *ବି.* କର୍କଶ ସ୍ୱର ଓ କଳାରଙ୍ଗର ଚଢ଼େଇ ବିଶେଷ, କୁଆ, କାକ ।

**କୋଶ** *ବି.* ଦୁଇ ମାଇଲ୍ ବା ପ୍ରାୟ ୩.୨ କିମି ଦୂରତ୍ୱ, ଆଠ ହଜାର ହାତ ଦୂରତ୍ୱ ।

**କୋଶଳ** *ବି.* ୧. ପ୍ରାଚୀନ ଭାରତର ରାଜ୍ୟ ବିଶେଷ ୨. ଅଯୋଧ୍ୟା ନଗର ୩. ସଙ୍ଗୀତର ରାଗ ବିଶେଷ ।

**କୋଶଳାଶାଗ** *ବି.* ଭାଜିଶାଗ ।

**କୋଶଳି** *ବିଂ.* କୁଶଳୀ; *ବି.* ମଧ୍ୟମାକାର ଡଙ୍ଗା ।

**କୋଶାମ୍ର** *ବି.* ଫଳ ।

**କୋଶିଆ** *ବିଂ.* ଏକକୋଶ ବ୍ୟାପୀ (ଦୂରତା) ।

**କୋଶ୍ଚିନ୍** *ବି.* ୧. ପ୍ରଶ୍ନ ୨. ପ୍ରଶ୍ନପତ୍ର ।

**କୋଷ** *ବି.* ୧. ପ୍ରାଣୀ ବା ଉଦ୍‌ଭିଦ ଶରୀରର କ୍ଷୁଦ୍ରତମ ଅଂଶ ୨. ଚୋପା, ଘୋଡଣି ୩. ବାକ୍ସ ବା ଆଧାର ୪. ଜଳପାତ୍ର ୫. କଢ଼ ୬. ସଂଚିତ ଧନ ୭. ଅଣ୍ଡା, ଅଣ୍ଡ ୮. ଜରାୟୁ ୯. ଫଳର ଟାକୁଆ ୧୦. ଗୋଲକ ୧୧. ଅଭିଧାନ ୧୨. ଜାଇଫଳ ୧୩. ଧନାଗାର ।

**କୋଷକ** *ବି.* ଡିମ୍ବ, ଅଣ୍ଡକୋଷ ।

**କୋଷକାବ୍ୟ** *ବି.* ପଦ୍ୟାକାରରେ ରଚିତ ଅଭିଧାନ ।

**କୋଷକାରୀ** *ବିଂ.*ଖୋଷାତିଆରି କରି ତା'ଭିତରେ ରହୁଥିବା ପୋକ ।

**କୋଷଫଳ** *ବି.* ୧. ଜାଇଫଳ ୨. ସୁଗନ୍ଧ ବିଶେଷ ।

**କୋଷବୃଦ୍ଧି** *ବି.* ୧. ସଂଚିତ ଧନର ବୃଦ୍ଧି ୧. ଅଣ୍ଡବୃଦ୍ଧି ୩. ମାଂସବୃଦ୍ଧି ।

**କୋଷଶାୟିକା** *ବି.* ୧. ଖିଲିକାତି ୨. ଖୋଳରେ ଥିବା ଛୁରି ।

**କୋଷସ୍ଥ** *ବିଂ.* କୋଷ ମଧ୍ୟରେ ଥିବା ।

**କୋଷା** *ବି.* ଖୋଷା, ଗୋଟୀ ।

**କୋଷାଗାର** *ବି.* ଧନାଗାର, ଟ୍ରେଜେରୀ ।

**କୋଷାଧ୍ୟକ୍ଷ** *ବି.* ଟଙ୍କାରକ୍ଷକ, ହିସାବରକ୍ଷକ, କେସିଅର, ଟ୍ରେଜେରି ଅଫିସର ।

**କୋଷ୍ଟାଲ୍ ଏରିଆ** *ବି.* ଉପକୂଳବର୍ତ୍ତୀ ଅଞ୍ଚଳ ।

**କୋଷ୍ଠକାଠିନ୍ୟ** *ବିଂ.* ଝାଡ଼ା ସଫା ନ ହେବା ।

**କୋଷ୍ଠତାରଲ୍ୟ** *ବିଂ.* ପତଳା ଝାଡ଼ା ।

**କୋଷ୍ଠପାଳ** *ବି.* କଟୁଆଳ, ଦୁର୍ଗରକ୍ଷକ, ଜଗୁଆଳି ।

**କୋଷ୍ଠା** *ବି.* ୧. ଜାତକ ୨. ଟିପ୍‌ପଣା ।

**କୋଷ୍ଠି, କୋଷ୍ଠୀ** *ବି.* ୧. ଜାତକ, ଜ୍ୟୋତିଷଶାସ୍ତ୍ର ଅନୁଯାୟୀ ବ୍ୟକ୍ତି ଜୀବନର ସମ୍ଭାବ୍ୟ ଘଟଣାର ସାଂକେତିକ ରୂପ ୨. ପଶାପାଲି ।

**କୋସର** *ବି.* ସେଉଳ ମାଛ; *ବିଂ.* ଅପରିପକ୍ୱ ।

**କୋହ** *ବି.* ୧. କାନ୍ଦମାଡ଼ିବା ଅବସ୍ଥା ୨. ଶୋକ, ବିକଳକାନ୍ଦଣା ।

**କୋହରା** *ବିଂ.* ୧. ଅସନ୍ତୁଷ୍ଟ ପ୍ରକୃତିର ୨. ଯେ କୋହରେଇ କାନ୍ଦେ ; *ବି.* କୁହୁଡ଼ି ।

**କୋହଳ** *ବିଂ.* ୧. ନରମ, ଶିଥିଳ ୨. ଢିଲା ; *ବି.* ସୁରାସାର, ମଦ ।

**କୋହଲା** *ବିଂ.* ମେଘ ଓ କୁହୁଡ଼ି ଘୋଟିଥିବା (ପାଗ) ।

**କୌଟିଲ୍ୟ** *ବି.* ୧. କୁଟିଳତା, କ୍ରୁରତା, ଜଟିଳତା ୨. ଅର୍ଥଶାସ୍ତ୍ରର ରଚୟିତା, ଚାଣକ୍ୟ ।

**କୌଣସି** *ସ.* କେହି ଜଣେ, କିଛି ବସ୍ତୁ ।

**କୌତୁକ** *ବି.* ୧. ଉତ୍ସୁକ ଭାବ, ଅଧୀରତା ୨. ପରିହାସ, ଥଟ୍ଟା ୩. ସୁଖ, ଆନନ୍ଦ ।

**କୌତୁକକ୍ରିୟା** *ବି.* ବିବାହ କ୍ରିୟା, ବାହାଘର ବେଳେ ଅନୁଷ୍ଠିତ ମାଙ୍ଗଳିକ ବିଧିବିଧାନ ।

**କୌତୁକପ୍ରଦ** *ବିଂ.* ଆନନ୍ଦଦାୟକ, ବିସ୍ମୟଜନକ ।

**କୌତୁକିଆ** *ବିଂ.* ୧. ମଜାଳିଆ ୨. ପ୍ରୀତିକର ୩. ଆହ୍ଲାଦକର ।

**କୌତୂହଳ** *ବି.* ୧. ଉତ୍ସୁକତା ୨. ବଳବତୀ ଇଛା ୩. ବିସ୍ମୟଭାବ ।

**କୌତୂହଳୀ** *ବିଂ.* ଉତ୍ସୁକ, ଅନୁସନ୍ଧିତ୍ସୁ ।

**କୌତୂହଳୋଦ୍ଦୀପକ** *ବିଂ.* ୧. ଉତ୍ସୁକତା ସୃଷ୍ଟି କରୁଥିବା, ବିସ୍ମୟକର ଜାଣିବାପାଇଁ ଆଗ୍ରହପ୍ରଦ ୨. ଆହ୍ଲାଦକର ।

**କୌପିନ, କୌପୁନି** *ବି.* କଉପୁନି, କଛା, କାଛିଆ, କୌପୀନ, ଲେଙ୍ଗୁଟି ।

**କୌମାର** *ବି.* ୧. ବାଳକର ତେର ଚଉଦ ବର୍ଷ ବେଳର ଅବସ୍ଥା ୨. ବାଳିକାର ତେର ଚଉଦ ବର୍ଷ ବେଳର ଅବସ୍ଥା ୩. କୁମାରୀର ପୁତ୍ର ।

**କୌମାରୀ** *ବି.* ୧. ଭୂଇଁକଖାରୁ ୨. ବାରାହୀ କନ୍ଦ ୩. ରାଗିଣୀ ବିଶେଷ ୪. ମାତୃଶକ୍ତି ୫. କାର୍ତ୍ତିକେୟଙ୍କ ଶକ୍ତି ।

**କୌମାର୍ଯ୍ୟ** *ବି.* ୧. କୁମାର ବା ଅବିବାହିତ ଅବସ୍ଥା ୨. ବୟସ୍କ ହେବାର ପୂର୍ବ ଅବସ୍ଥା ।

**କୌମୁଦୀ** *ବି.* ୧. ଜ୍ୟୋତ୍ସ୍ନା, ଚନ୍ଦ୍ରକିରଣ ୨. କୁମାରପୂର୍ଣ୍ଣିମା ୩. କଇଁଫୁଲ ୪. ଚବିଶ ଅକ୍ଷର ଥିବା ଦୁଇ ଧାଡ଼ିକିଆ ଛନ୍ଦ ।

**କୌରବ** *ବିଂ.* ମହାଭାରତରେ କୁରୁବଂଶୀୟ ।

**କୌଳ** *ବି.* ବାମାଚାର, ତନ୍ତ୍ରୋକ୍ତ ଆଚାର ବିଶେଷ ।

**କୌଳମାର୍ଗ** *ବି.* ପଞ୍ଚମକାର (ମଦ, ମାଂସ, ମୈଥୁନ, ମୁଦ୍ରା, ମତ୍ସ୍ୟ) ସାଧନା ପଦ୍ଧତି ।

**କୌଳିକ** *ବିଂ.* ୧. ବଂଶପରମ୍ପରାକ୍ରମେ ଆଚରିତ ୨. କୁଳଧର୍ମ ପ୍ରବର୍ତ୍ତକ ; *ବି.* ୧. ବାମାଚାରୀ ବ୍ୟକ୍ତି ୨. ଦାମ୍ଭିକ ବ୍ୟକ୍ତି ୩. ଶକ୍ତି ଉପାସକ ।

**କୌଳୀନ** *ବିଂ.* ୧. ସମ୍ଭ୍ରାନ୍ତ ପରମ୍ପରାଥିବା, କୁଳୀନ ୨. ପଶୁ ବା କୁକୁଡ଼ାଯୁଦ୍ଧ ;*ବି.* ୧. ଜନଶ୍ରୁତି ୨. ଶକ୍ତିଉପାସକ ୩. ପାପଯୋନି ।

**କୌଳିନ୍ୟ** *ବି.* ୧. ମଙ୍ଗଳ ୨. ଦକ୍ଷତା ୩. ସୁଖ, ସମ୍ପଦ, ସୌଭାଗ୍ୟ ୪. ଚାତୁରୀ, ଭଙ୍ଗୀ ।

**କୌଶଳୀ** *ବିଂ.* ୧. କୁଶଳୀ, ଦକ୍ଷ ୨. ସୁଚତୁର ୩. ଗହନ ବା ଗୂଢ଼ କଥା ଜାଣିଥିବା ।

**କୌସ୍ତୁଭ** *ବି.* ବିଷ୍ଣୁଙ୍କ ବେକରେ ଶୋଭିତ ହାରର ମଝିରେ ଥିବା ମଣି ।

**କ୍ୱଣ** *ବି.* ଝଣ୍‌ଝଣ ଶବ୍ଦ, ଧାତବ ପଦାର୍ଥଗୁଡ଼ିକ ସଂଘର୍ଷରୁ ସୃଷ୍ଟ ଧ୍ୱନି ।

**କ୍ୱଣନ** *ବି.* ୧. ଶବ୍ଦ ୨. ବାଦ୍ୟଧ୍ୱନି ୩. ଝଣ୍‌ଝଣ୍ ଶବ୍ଦ ୪. ଛୋଟ ମାଟିହାଣ୍ଡି ।

**କ୍ୱଣିତ** *ବିଂ.* ଅନୁରଣିତ, ରଣରଣ ଶବ୍ଦ ସୃଷ୍ଟ ।

**କ୍ୟାଁ** *ଅ.* କାହିଁକି, କେଁ କରି, କିଆଁ ।

**କ୍ୟାଚ୍** *ବି.* ୧. ଛିନିବା, ଧରିବା କାର୍ଯ୍ୟ ୨. କ୍ରିକେଟରେ ବଲ୍ ମାଟି ଛୁଇଁବା ପୂର୍ବରୁ ଧରିବା ।

**କ୍ୟାଟ୍** *ବି.* ୧. କେନ୍ଦ୍ର ସରକାରଙ୍କ କର୍ମଚାରୀମାନଙ୍କ ଚାକିରି ସଂକ୍ରାନ୍ତ ମାମଲା ବିଚାରପାଇଁ ଉଦ୍ଦିଷ୍ଟ ବିଚାରାଳୟ, ସିଏଟି, ସେଣ୍ଟ୍ରାଲ ଏଡ଼ମିନିଷ୍ଟ୍ରେଟିଭ୍ ଟ୍ରିବୁନାଲ୍ ୨. ବିଲେଇ ।

**କ୍ୟାଟ୍‌ଲଗ୍** *ବି.* ୧. ପୁସ୍ତକତାଲିକା ୨. ଯେକୌଣସି ବ୍ୟାବସାୟିକ ପ୍ରତିଷ୍ଠାନ ଦ୍ୱାରା ନିଜ ଉତ୍ପାଦିତ ଅଥବା ବିକ୍ରୟପାଇଁ ଉଦ୍ଦିଷ୍ଟ ପଦାର୍ଥର ପୂର୍ଣ୍ଣ ବିବରଣୀ ୩. ତାଲିକା ।

**କ୍ୟାଟରିଂ** *ବି.* ଖାଦ୍ୟ ପ୍ରସ୍ତୁତି ଏବଂ ପରିବେଷଣର ବ୍ୟବସ୍ଥା ।

**କ୍ୟାଟାରାକ୍ଟ୍** *ବି.* ଆଖିରେ ହେବା ପରଳ, ମୋତିଆବିନ୍ଦୁ ।

**କ୍ୟାଟ୍ରିଜ୍** *ବି.* ବନ୍ଧୁକର ଗୁଳି, କାର୍ତୁସ୍ ।

**କ୍ୟାଣ୍ଟର୍** *ବି.* ଛୋଟ ଆକାରର ଯାତ୍ରୀବାହୀ ବସ୍ ।

**କ୍ୟାଣ୍ଟିନ୍** *ବି.* ୧. ଅଫିସ୍, ସଂସ୍ଥା ପ୍ରଭୃତିଦ୍ୱାରା କେବଳ କର୍ମଚାରୀ, ଛାତ୍ରଛାତ୍ରୀ ପ୍ରଭୃତିଙ୍କପାଇଁ ପରିଚାଳିତ ଭୋଜନାଳୟ ୨. ପ୍ରତିରକ୍ଷା ବିଭାଗର କର୍ମଚାରୀମାନଙ୍କପାଇଁ ସୁଲଭ ମୂଲ୍ୟର ଖାଉଟି ଦୋକାନ ।

**କ୍ୟାପ୍** *ବି.* ୧. ମୁଣ୍ଡଟୋପି ୨. ଢ଼ାଙ୍କୁଣି ୩. ଠିପି ।

**କ୍ୟାପ୍‌ସୁଲ** *ବି.* ଆବରଣଯୁକ୍ତ ଓଷଧ ବା ସେହିଭଳି ପଦାର୍ଥ ।

**କ୍ୟାପ୍‌ଟେନ୍** *ବି.* ୧. ଜାହାଜର କପ୍ତାନ୍ ୨. ସାମରିକ ପଦବୀ, ସେନାନାୟକ ୩. ଖେଳକୁଦରେ ଦଳପତି, ଦଳର ଅଧିନାୟକ ।

**କ୍ୟାପିଟାଲ** *ବି.* ୧. ରାଜଧାନୀ ୨. ମୂଳଧନ, ପୁଞ୍ଜି ।

**କ୍ୟାମେରା** *ବି.* ଫଟୋଉଠା ଯନ୍ତ୍ର ।

**କ୍ୟାମ୍ପ** *ବି.* ୧. ଅସ୍ଥାୟୀ ବାସସ୍ଥାନ ୨. ବିଶେଷ ଉଦ୍ଦେଶ୍ୟରେ କୌଣସି ସ୍ଥାନରେ ଏକତ୍ର ହେବା ସ୍ଥାନ ( *ଉ.ଦା.* ଏନ.ସି.ସି. କ୍ୟାମ୍ପ, ସ୍ୱାସ୍ଥ୍ୟକ୍ୟାମ୍ପ) ।

**କ୍ୟାମ୍ପ୍‌କୋର୍ଟ** *ବି.* ଅଦାଲତ ବାହାରେ ବିଚାରପତିଙ୍କ ଇଜ୍‌ଲାସ୍ ।

**କ୍ୟାମ୍ପ୍‌ଫାୟାର** *ବି.* ଶିବିର ଉଦ୍‌ଯାପନନିମନ୍ତେ ଉତ୍ସବ ଓ ଭୋଜି ।

**କ୍ୟାମ୍ପସ୍** *ବି.* ଯେକୌଣସି ଅନୁଷ୍ଠାନ ବା ଶିକ୍ଷାୟତନର ପରିସର ।

**କ୍ୟାମ୍ପେନ୍** *ବି.* ପ୍ରଚାର,ସର୍ବସାଧାରଣରେ ନିଜ ବିଚାରର ଘୋଷଣା ।

**କ୍ୟାମ୍ପେନିଙ୍ଗ୍** *ବି.* ନିର୍ବାଚନ ପ୍ରଭୃତିର ପ୍ରଚାର ଅଭିଯାନ ।

**କ୍ୟାରିଅର୍** *ବି.* ୧. ଶିକ୍ଷା ବା ତାଲିମର ବିବରଣୀ ୨. ଆଜୀବିକା, ପେସା, ବୃତ୍ତି ୩. ସାଇକଲ, ମଟରସାଇକେଲ ପ୍ରଭୃତିରେ ଜିନିଷ ରଖିବା ସ୍ଥାନ ।

**କ୍ୟାରିକେଚର୍** *ବି.* ଅନ୍ୟର ଆଚରଣର ଅନୁକରଣ ।

**କ୍ୟାରିବ୍ୟାଗ୍** *ବି.* ସଉଦାପତ୍ର ରଖିବାପାଇଁ ମୁଣା ବା ଥଳି ।

**କ୍ୟାରେଜ୍** *ବି.* ମାଲ ପରିବହନପାଇଁ ଗାଡ଼ି ବା ବାହନ ।

**କ୍ୟାରେକ୍ଟର୍** *ବି.* ୧. ଚରିତ୍ର, ସ୍ୱଭାବ ୨. କମ୍ପ୍ୟୁଟରରେ ବ୍ୟବହାର କରାଯାଇଥିବା ପ୍ରତୀକ ।

**କ୍ୟାରେଟ୍** *ବି.* ସୁନା, ହୀରା ପ୍ରଭୃତିର ଗୁଣବତ୍ତା ମାନକ ।

**କ୍ୟାସ୍** *ବି.* ୧. ଟଙ୍କା, ମୁଦ୍ରା ୨. ନଗଦ ।

**କ୍ୟାସିଅର୍** *ବି.* କାର୍ଯ୍ୟାଳୟର ଟଙ୍କାପଇସା ଦାୟିତ୍ୱରେ ଥିବା କର୍ମଚାରୀ, କୋଷାଧ୍ୟକ୍ଷ ।

**କ୍ୟାସେଟ୍** *ବି.* କେସେଟ୍, ଧ୍ୱନି ଅଥବା ଚିତ୍ର ସୁରକ୍ଷିତ ଇଲେକଟ୍ରୋନିକ୍ସ ଉପକରଣ ।

**କ୍ୟୁରିଙ୍ଗ୍** *ବି.* ସିମେଣ୍ଟପୋଡ଼େଇ, ପଲସ୍ତରା, ମେଜିଆ ଆଦି କାମ ପରେ ତାହାକୁ ଶକ୍ତ କରିବାପାଇଁ କିଛିଦିନ ପାଣିରେ ଓଦା କରି ରଖିବା ପଦ୍ଧତି ।

**କ୍ୱାକ୍** *ବି.* ଡାକ୍ତରୀ ଶିକ୍ଷା ନ ପାଇ ମଧ୍ୟ ଚିକିତ୍ସା କରୁଥିବା ବ୍ୟକ୍ତି, ଛଳ ଚିକିତ୍ସକ ।

**କ୍ୱାଟର, କ୍ୱାର୍ଟର୍ସ** *ବି.* ୧. ସରକାର ବା ଅନ୍ୟ ସଂସ୍ଥାଦ୍ୱାରା ଯୋଗାଇ ଦିଆଯାଇଥିବା କର୍ମଚାରୀମାନଙ୍କ ବାସଗୃହ ୨. ରହିବାଘର ।

**କ୍ୱାସ** *ବି.* ସ୍କ୍ୱାସ, ଫଳନିର୍ଯ୍ୟାସ, ଫଳରସ, ଏକପ୍ରକାର ପାନୀୟ ।

**କ୍ୱାଲିଟି** *ବି.* ଗୁଣବତ୍ତା ।

**କ୍ରତୁ** *ବି.* ୧. ସପ୍ତର୍ଷିମଣ୍ଡଳର ନକ୍ଷତ୍ର ବିଶେଷ ୨. ଋଷି ବିଶେଷ ୩. ଯଜ୍ଞ ୪. ବିଷ୍ଣୁ ୫. ପ୍ରଜାପତି ୬. ଇନ୍ଦ୍ରିୟ ୭. ବୁଦ୍ଧି ୮. ସାମର୍ଥ୍ୟ ୯. ସଂକଳ୍ପ ୧୦. ଭଗବତ ପ୍ରେରଣା ।

**କ୍ରନ୍ଦନ** *ବି.* ରୋଦନ, ବଡ଼ପାଟିରେ କାନ୍ଦଣା ।

**କ୍ରନ୍ଦିତ** *ବିଂ.* କାନ୍ଦୁଥିବା, ରୋଦନ କରୁଥିବା, ଭୟ ଅଥବା ଯନ୍ତ୍ରଣା ଯୋଗୁଁ ଚିତ୍କାର କରୁଥିବା ।

**କ୍ରମ** *ବି.* ୧. ଗୋଟିଏ ପରେ ଗୋଟିଏ ସଜାଇ ରଖିବାର ବ୍ୟବସ୍ଥା, ଅନୁକ୍ରମ, ପର୍ଯ୍ୟାୟ ୨. ଗତି ୩. ରୀତି ।

**କ୍ରମନିମ୍ନ** *ବିଂ.* ଢାଲୁ, ଗଡ଼ାଣିଆ, କ୍ରମେ ତଳକୁ ଗଡ଼ି ଆସୁଥିବା ।

**କ୍ରମନିମ୍ନତା** *ବି.* କ୍ରମଶଃ ନିମ୍ନଗତି, ଗଡାଣି, ତଳକୁ କ୍ରମଶଃ ଗଡ଼ି ଆସିବା ।

**କ୍ରମବିକାଶ** *ବି.* ପର୍ଯ୍ୟାୟ ଅନୁଯାୟୀ ଉନ୍ନତି ବା ଅଗ୍ରଗତି, ଉପରକୁ ଯାଉଥିବା ।

**କ୍ରମଭଙ୍ଗ** ***ବିଂ.*** କ୍ରମ, ଅନୁକ୍ରମ ବା ପର୍ଯ୍ୟାୟର ନିୟମ ଅନୁସାରେ ନ ହେବା ।

**କ୍ରମଶଃ** ***ଅ.*** କ୍ରମେକ୍ରମେ, ଧୀରେଧୀରେ, ପର୍ଯ୍ୟାୟକ୍ରମେ ।

**କ୍ରମାଗତ** ***ବିଂ.*** ପରମ୍ପରାକ୍ରମେ ଗତିଶୀଳ; ***କ୍ରି.ବିଂ.*** ସର୍ବଦା, ପୁନଃପୁନଃ ।

**କ୍ରମାନୁଯାୟୀ** ***ବିଂ.*** କ୍ରମ ବା ପର୍ଯ୍ୟାୟ ଅନୁସାରେ, ଧାରାବାହିକ ଭାବରେ; ***କ୍ରି.ବିଂ.*** କ୍ରମାନ୍ୱୟରେ ।

**କ୍ରମାନ୍ୱୟ** ***ବି.*** ପର୍ଯ୍ୟାୟକ୍ରମ, ଗୋଟିକ ପରେ ଗୋଟିଏ ହେବା; ***ବିଂ.*** ଧାରାବାହିକ ରୂପେ ପ୍ରାପ୍ତ ।

**କ୍ରମିକ** ***ବିଂ.*** କ୍ରମ ଅନୁସାରେ, ଧାରାବାହିକ ।

**କ୍ରମିକତା** ***ବି.*** କ୍ରମ ରକ୍ଷାକରିବା ।

**କ୍ରମୋନ୍ନତି** ***ବି.*** ଧୀରେ ଧୀରେ ଉନ୍ନତି, ସ୍ତର ପରେ ସ୍ତର ଉନ୍ନତି ।

**କ୍ରୟ** ***ବି.*** କିଣିବା, ଅର୍ଥଦେଇ ଆଣିବା ।

**କ୍ରୟବିକ୍ରୟ** ***ବି.*** ୧. ବିକାକିଣା, ବାଣିଜ୍ୟ ୨. ଗଣିତର ଧାରା ବିଶେଷ ।

**କ୍ରୟଭୋଗ** ***ବି.*** ସମ୍ପତ୍ତି କିଣିବା ପରେ ତାହାର ଭୋଗଦଖଲ ।

**କ୍ରୟମୂଲ୍ୟ** ***ବି.*** ବ୍ୟବସାୟୀ ବିକ୍ରିପାଇଁ ଉତ୍ପାଦନକାରୀଠାରୁ କିଣୁଥିବା ପଦାର୍ଥର ମୂଲ୍ୟ ।

**କ୍ରସ୍** ***ବି.*** ୧. ଯୁକ୍ତଚିହ୍ନ (+)ପରି ଯୋଡ଼ା ଯାଇଥିବା କାଠ ୨. ଛକି ଚିହ୍ନ (X) ୩. ଖ୍ରୀଷ୍ଟଧର୍ମର ପ୍ରତୀକ ବା ସଙ୍କେତ ।

**କ୍ରସର୍** ***ବି.*** ପଥରକୁ ଭାଙ୍ଗି ଛୋଟ ଛୋଟ ଖଣ୍ଡ ବା ଗୁଣ୍ଡରେ ପରିଣତ କରୁଥିବା ଯନ୍ତ୍ର ।

**କ୍ରସିଙ୍ଗ୍** ***ବି.*** ୧. ଏକାଧିକ ରାସ୍ତାର ସଂଯୋଗ ସ୍ଥଳ ୨. ପଶୁପକ୍ଷୀଙ୍କର ଯୌନସଙ୍ଗମ (ବିଶେଷତଃ ଭିନ୍ନ ପ୍ରଜାତିର ପଶୁ/ପକ୍ଷୀ ମଧ୍ୟରେ) ।

**କ୍ରାଇସିସ୍** ***ବି.*** ସଙ୍କଟ, ଅସୁବିଧାଜନକ ପରିସ୍ଥିତି ।

**କ୍ରାନ୍ତି** ***ବି.*** ୧. ଅତିକ୍ରମଣ ୨. ବିପ୍ଳବ, ଆନ୍ଦୋଳନ ୪. ସୂର୍ଯ୍ୟଙ୍କ ଅୟନବୃତ୍ତ ୫. ଏକ କଡ଼ାର ତୃତୀୟାଂଶ ।

**କ୍ରାନ୍ତିବୃତ୍ତ** ***ବି.*** ଭୂଗୋଳର ଦୁଇ କ୍ରାନ୍ତିବୃତ୍ତ – ମକର କ୍ରାନ୍ତି ଓ କର୍କଟ କ୍ରାନ୍ତି ମଧ୍ୟରେ କଳ୍ପିତ ଦୂରତ୍ୱ ।

**କ୍ରାଶ୍ କରିବା** ***କ୍ରି.*** ୧. କମ୍ପ୍ୟୁଟର ପ୍ରଭୃତି ସମ୍ପୂର୍ଣ୍ଣ ବିଗିଡ଼ି ଯିବା ୨. ଯେ କୌଣସି ବ୍ୟବସ୍ଥା ଅଚଳ ହୋଇଯିବା ୩. ଉଡ଼ାଜାହାଜ ଦୁର୍ଘଟଣାଗ୍ରସ୍ତ ହେବା ।

**କ୍ରିଜ୍** ***ବି.*** ୧.ପୋଷାକ ସାମଗ୍ରୀର ଭାଙ୍ଗ ୨. କ୍ରିକେଟ ଖେଳରେ ବ୍ୟାଟ୍ସ୍‌ମ୍ୟାନ ରକ୍ଷା କରୁଥିବା ସ୍ଥାନ ।

**କ୍ରିଟିକାଲ୍** ***ବିଂ.*** ୧. ଉଦ୍‌ବେଗଜନକ, ସାଂଘାତିକ ୨. ସମାଲୋଚନା ମୂଳକ ।

**କ୍ରିମ୍** ***ବି.*** ୧. ଦୁଧସର ୨. ଭେସ୍‌ଲିନ୍ ୩. ସାରଅଂଶ ୪. ନିର୍ଯାସ।

**କ୍ରିୟା** ***ବି.*** ୧. କାର୍ଯ୍ୟ କରିବା, ସମ୍ପାଦନ ୨. ***ବ୍ୟା.*** ବାକ୍ୟର କାର୍ଯ୍ୟ ପ୍ରକାଶ କରୁଥିବା ପଦ ୩. ***ବ୍ୟା.*** ଧାତୁର ଅର୍ଥ, କ୍ରିୟାବାଚକ ବିଶେଷ୍ୟ ୪. ଶୁଦ୍ଧିକ୍ରିୟା, ଶୁଦ୍ଧିକାର୍ଯ୍ୟ, ଶ୍ରାଦ୍ଧତର୍ପଣ, ପ୍ରାୟଶ୍ଚିତ୍ତ ଆଦି ୫. ଚିକିତ୍ସା ଉପଚାର ୬. ଉପାୟ ୭. ଯନ୍ତ୍ର ୮. ଅଭ୍ୟାସ ୯. ଶିକ୍ଷା।

**କ୍ରିୟାକର୍ମ** ***ବି.*** ୧. ବୈଦିକକର୍ମ ସମ୍ପାଦନ ୨. ପୁଣ୍ୟକାର୍ଯ୍ୟ ୩. ଶୁଦ୍ଧିକର୍ମ ।

**କ୍ରିୟାକଳାପ** ***ବି.*** ୧. କାର୍ଯ୍ୟାବଳି, କାର୍ଯ୍ୟଧାରା ୨. ସ୍ମୃତି ଶାସ୍ତ୍ର ନିର୍ଦ୍ଦେଶିତ କର୍ମକାଣ୍ଡ ।

**କ୍ରିୟାକାର୍ଯ୍ୟ** ***ବି.*** ଅନ୍ତ୍ୟେଷ୍ଟିକ୍ରିୟା , ମୃତ୍ୟୁକାଳୀନ ଆଚାର ।

**କ୍ରିୟାନ୍ୱିତ** ***ବିଂ.*** ୧. ଶାସ୍ତ୍ରୋଚିତ (କର୍ମ) ୨. କ୍ରିୟାରେ ନିଯୁକ୍ତ ।

**କ୍ରିୟାପଟୁ** ***ବିଂ.*** କାର୍ଯ୍ୟ ସାଧନରେ ସିଦ୍ଧହସ୍ତ, ପ୍ରବୀଣ, ସୁଦକ୍ଷ, କୁଶଳୀ ।

**କ୍ରିୟାପଦ** ***ବି. ବ୍ୟା.*** ବାକ୍ୟରେ ଧାତୁ ଅର୍ଥଦ୍ୟୋତକ ପଦ (ମୁଁ ଯାଉଛି) ।

**କ୍ରିୟାବାଚକ** ***ବିଂ. ବ୍ୟା.*** ଯାହା କୌଣସି କ୍ରିୟାକୁ ବୁଝାଏ, କ୍ରିୟା ସୂଚକପଦ ।

**କ୍ରିୟାବିଶେଷଣ** ***ବି. ବ୍ୟା.*** ଯେଉଁ ପଦଦ୍ୱାରା ବିଶେଷଣ ଓ କ୍ରିୟାର ଗୁଣ ଜଣାପଡ଼େ ।

**କ୍ରିୟାଯୋଗ** ***ବି.*** ଶାରୀରିକ, ମାନସିକ ବା ଆଧ୍ୟାତ୍ମିକ ଉଦ୍ଦେଶ୍ୟ ସାଧନନିମନ୍ତେ ଆଚରଣ କରାଯାଉଥିବା ବିଶେଷ ଧରଣର ଯୋଗ ।

**କ୍ରୀଡ଼ନକ** ***ବି.*** ଖେଳନା, ଖେଳ ଉପକରଣ ।

**କ୍ରୀଡ଼ା** ***ବି.*** ୧. ଖେଳ, ଖେଳିବା ୨. ଥଟ୍ଟା, ଜଳକେଳି ।

**କ୍ରୀଡ଼ାକୌତୁକ** ***ବି.*** ୧. ଖେଳତାମସା ୩. ରତିକ୍ରୀଡ଼ା ୪. ବୃଥା କୌତୂହଳ ।

**କ୍ରୀଡ଼ାଗାର** ***ବି.*** ଖେଳଘର, ବ୍ୟାୟାମଶାଳା ।

**କ୍ରୀଡ଼ାପୁତ୍ତଳି(କା)** ***ବି.*** ୧. ଖେଳ କଣ୍ଢେଇ ୨. ଅନ୍ୟଦ୍ୱାରା ପରିଚାଳିତ ବ୍ୟକ୍ତି ।

**କ୍ରୀଡ଼ାବିତ୍** ***ବିଂ.*** ୧. ଖେଳାଳୀ, ଖେଳଓ୍ୱାଡ଼, ଖେଳିବାରେ ପଟୁ ୨. ଖେଳ ନିୟମ ଜାଣିଥିବା ।

**କ୍ରୀଡ଼ାରତ** ***ବିଂ.*** ଖେଳୁଥିବା, ଖେଳରେ ବ୍ୟସ୍ତ ।

**କ୍ରୀଡ଼ାକ୍ଷେତ୍ର, କ୍ରୀଡ଼ାପ୍ରାନ୍ତର** ***ବି.*** ଖେଳପଡ଼ିଆ, ମଲ୍ଲଭୂମି, ରଙ୍ଗଭୂମି ।

**କ୍ରୀତ** ***ବିଂ.*** ୧. କିଣା ଯାଇଥିବା ୨. ବଶୀଭୂତ, ନିଜତ୍ୱ ହରାଇଥିବା।

**କ୍ରୀତଦାସ** ***ବି.*** କିଣାଜନ, ଗୋଲାମ, କିଣାକିଙ୍କର, କିଣା ଚାକର ।

**କ୍ରୁଞ୍ଚ** ***ବି.*** କାଣ୍ଟିବଗ ।

**କ୍ରୁଦ୍ଧ** ***ବିଂ.*** ରାଗିଯାଇଥିବା, ରାଗାନ୍ୱିତ, କୋପିତ ।

**କ୍ରୂର** ***ବିଂ.*** ୧. ନିଷ୍ଠୁର, ନୃଶଂସ,ନିର୍ଦ୍ଦୟ, ନିର୍ମମ ୨. ଦୁଷ୍ଟ, ଖଳ ୩. ଅଶୁଭ ।

**କ୍ରୂରକର୍ମା** ***ବିଂ.*** ନିର୍ଦ୍ଦୟ, ନିଷ୍ଠୁର କାର୍ଯ୍ୟ କରୁଥିବା ।

**କ୍ରୂରତା** ***ବି.*** ନିଷ୍ଠୁରତା, ନିର୍ମମତା, ଦୟାମାୟାହୀନତା।

**କ୍ରୂରଦୃକ୍** ***ବି. ଜ୍ୟୋ.*** ୧. ଶନିଗ୍ରହ ୨. ମଙ୍ଗଳଗ୍ରହ ।

**କ୍ରୁଶବିଦ୍ଧ** ***ବି.*** କ୍ରୁଶ ବା କ୍ରସ୍‌ରେ କଣ୍ଟାଦ୍ୱାରା ବିଦ୍ଧ ହୋଇଥିବା (ଯୀଶୁଖ୍ରୀଷ୍ଟ) ।

**କ୍ରୁସ୍** ***ବି.*** ସ୍ୱେଟର ପ୍ରଭୃତି ବୁଣିବାପାଇଁ ବ୍ୟବହୃତ ସ୍ୱତନ୍ତ୍ର ଧରଣର କଣ୍ଟା ।

**କ୍ରୁସିଆଲ୍** ***ବିଂ.*** ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଗୂଢ଼ ।

**କ୍ରେତା** ***ବିଂ.*** କିଣିବା ବ୍ୟକ୍ତି ।

**କ୍ରେନ୍** ***ବି.*** ଓଜନିଆ ବସ୍ତୁ ଉଠାଇବା ଓ ଥୋଇବାପାଇଁ ବ୍ୟବହୃତ ମୋଟର ଚାଳିତ ଯନ୍ତ୍ର ।

**କ୍ରେପ୍ ବ୍ୟାଣ୍ଡେଜ୍ *ବି.*** ମକଚି ଯାଇଥିବା ସ୍ଥାନକୁ ସୁରକ୍ଷିତ ରଖିବା ପାଇଁ ବ୍ୟବହୃତ କ୍ରେପ୍‌କନା ତିଆରି ଫିତା ।

**କ୍ରୋଡ *ବି.*** ୧. କୋଳ, କୋଡ଼ ୨. ଛାତି, ଗାତ ୪. ଗୁହା ୫. ମଧ୍ୟସ୍ଥଳ ୬. ଅନ୍ତଃସ୍ଥଳ ୭. ଶନିଗ୍ରହ ୮. ଏକକୋଟି ।

**କ୍ରୋଡ଼ପତି *ବି.*** କୋଟିପତି, ବିତ୍ତଶାଳୀ ।

**କ୍ରୋଡପତ୍ର *ବି.*** ୧. ଖବର କାଗଜରେ ଦିଆହୋଇଥିବା ଅତିରିକ୍ତ ଖଣ୍ଡ ୨. ଅଧିକ ବିଷୟ ଲେଖାଥିବା ପୃଷ୍ଠା ୩. ସଂଶୋଧନପତ୍ର ୪. ଅତିରିକ୍ତ ଟିପ୍ପଣୀ, ଲେଖାକଡ଼ରେ ଲେଖାଥିବା ବିଷୟ ।

**କ୍ରୋଧ *ବି.*** ରାଗ, କୋପ, ରିସ୍‌ମି ।

**କ୍ରୋଧକଷାୟିତ *ବିଂ.*** ରାଗରେ ନାଲି ପଡ଼ିଥିବା ।

**କ୍ରୋଧଜର୍ଜରିତ *ବିଂ.*** ରାଗରେ ଜଳୁଥିବା ।

**କ୍ରୋଧମୁଖ *ବି. ବିଂ.*** ରାଗ ଜର୍ଜରିତ ମୁହଁ ।

**କ୍ରୋଧାଗ୍ନି *ବି.*** ଭୟଙ୍କର ରାଗ ରୂପକ ନିଆଁ ।

**କ୍ରୋଧାନ୍ଧ *ବି.*** ରାଗଯୋଗୁଁ ବିଚାର-ବିବେକଶୂନ୍ୟ ।

**କ୍ରୋଧାନ୍ୱିତ *ବିଂ.*** ରାଗିଥିବା ।

**କ୍ରୋଧୀ *ବିଂ.*** ରାଗୀ, ହିତାହିତ ଜ୍ଞାନଶୂନ୍ୟ ।

**କ୍ରୌଞ୍ଚ *ବି.*** ୧. କୁଜୀବଗ ୨. ବକାସୁର ୩. ଡାହୁକ ।

**କ୍ରୌଞ୍ଚସ୍ୱର *ବି.*** ପକ୍ଷୀର କରୁଣ ଶବ୍ଦ ।

**କ୍ଲକ୍ *ବି.*** ଘଡ଼ି, ଘଣ୍ଟା, ସମୟସୂଚକ ଯନ୍ତ୍ର ବା ଉପକରଣ ।

**କ୍ଲାନ୍ତି *ବି.*** ପରିଶ୍ରମଜନିତ, ଅବସନ୍ନତା, ଅବସାଦ ।

**କ୍ଲାନ୍ତିକର *ବିଂ.*** କଷ୍ଟକର, ଅବସାଦଜନକ ।

**କ୍ଲାମ୍ପ *ବି.*** ଦୁଇ ବସ୍ତୁକୁ ଏକତ୍ର ଦୃଢ଼ ଭାବରେ ଧରିରଖିବାପାଇଁ ବ୍ୟବହୃତ ଉପକରଣ ।

**କ୍ଲାରିଫିକେସନ୍ *ବି.*** ସ୍ପଷ୍ଟୀକରଣ, ଅଭିଯୋଗ ପ୍ରଭୃତିର ପ୍ରତ୍ୟୁତ୍ତର ଭାବେ ଦିଆଯିବା ବକ୍ତବ୍ୟ ।

**କ୍ଲାସ୍ *ବି.*** ୧. ଶ୍ରେଣୀ ୨. ସ୍ତର ।

**କ୍ଲାସ୍‌ମେଟ୍ *ବି.*** ସହାଧ୍ୟାୟୀ, ଏକ ସାଙ୍ଗରେ ପାଠ ପଢ଼ିଥିବା ବା ପଢୁଥିବା ବ୍ୟକ୍ତି ।

**କ୍ଲାସିକ୍ *ବି.*** ଧ୍ରୁପଦୀ, ଚିରନ୍ତନ ସୃଷ୍ଟି, ଯେଉଁ ସାହିତ୍ୟ ବା କଳା ନିଜ ବୈଶିଷ୍ଟ୍ୟଯୋଗୁଁ ନିଜେ ଏକ ଶ୍ରେଣୀରେ ପରିଣତ ହୋଇଯାଏ ।

**କ୍ଲାସିକାଲ୍ *ବିଂ.*** ୧. ଶାସ୍ତ୍ରୀୟ, ଶାସ୍ତ୍ରସମ୍ମତ ୨. ପାରମ୍ପରିକ ।

**କ୍ଲିଅର୍ *ବିଂ.*** ୧. ପ୍ରାଞ୍ଜଳ ୨. ପରିଷ୍କାର ପରିଚ୍ଛନ୍ନ ୩. ସ୍ୱଚ୍ଛ, ସନ୍ଦେହମୁକ୍ତ ।

**କ୍ଲିଅର୍ କରିଦେବା *କ୍ରି.*** ୧. ଫାଇଲ୍ ପ୍ରସ୍ତାବ ପ୍ରଭୃତି ଅନୁମୋଦନ କରିବା ୨. ସଫା କରିଦେବା ୩. ସନ୍ଦେହ ମୋଚନ କରିଦେବା ୪. ଦେୟ ଶୁଝିଦେବା ।

**କ୍ଲିଅରିଙ୍ଗ୍ ହାଉସ୍ *ବି.*** ବିଭିନ୍ନ ବ୍ୟାଙ୍କ ମଧ୍ୟରେ ଚେକ୍, ଡ୍ରାଫ୍‌ଟ ପ୍ରଭୃତିର ବିନିମୟ ନିୟନ୍ତ୍ରଣ କରୁଥିବା କାର୍ଯ୍ୟାଳୟ ।

**କ୍ଲିନର୍ *ବି.*** ୧. ବସ୍, ଟ୍ରକ ପ୍ରଭୃତିରେ ଡ୍ରାଇଭରର ସହଯୋଗୀ କର୍ମଚାରୀ ୨. ସଫାସଫି କରିବା ଲୋକ ।

**କ୍ଲିନ୍ନ *ବିଂ.*** ୧. ଓଦା, ଘର୍ମାକ୍ତ ୨. ପାଣି ବୋହୁଥିବା ।

**କ୍ଲିପ୍ *ବି.*** ସ୍ପ୍ରିଙ୍ଗ୍‌ଦିଆ ଛୋଟ ଚିମୁଟା- ଯାହା ବସ୍ତୁକୁ ଚିପିଧରି ରଖେ ।

**କ୍ଲିଷ୍ଟ *ବିଂ.*** ୧. କଠିନ ୨. କ୍ଳାନ୍ତ, କଷ୍ଟପ୍ରାପ୍ତ ।

**କ୍ଲିଷ୍ଟତା *ବି.*** ସହଜରେ ବୁଝି ନ ହେବା, ଦୁର୍ବୋଧ୍ୟତା ।

**କ୍ଲୀଁ *ବି.*** ଏକ ବୀଜମନ୍ତ୍ର ।

**କ୍ଲୀବ *ବିଂ.*** ୧. ନପୁଂସକ, ନାରୀ ସଙ୍ଗମଶକ୍ତିରହିତ ୨. ଭୀରୁ, ଶକ୍ତିହୀନ, କାପୁରୁଷ, ଅକ୍ଷମ ୩. ନିଷ୍ଫଳ ।

**କ୍ଲୀବଲିଙ୍ଗ *ବି. ବ୍ୟା.*** ଯାହା ପୁଂ ବାଚକ ବା ସ୍ତ୍ରୀ ବାଚକ ନୁହେଁ ।

**କ୍ଲୁ *ବି.*** ୧. ଅପରାଧବେଳେ ଅପରାଧୀ ଅଜାଣତରେ ଛାଡ଼ି ଯାଇଥିବା ଖିଅ-ଯାହା ତାକୁ ଧରିବାରେ ସାହାଯ୍ୟ କରେ ୨. ଇଙ୍ଗିତ, ସୂଚନା ।

**କ୍ଲୁପ୍ତ *ବିଂ.*** ଗୁପ୍ତ, ସଂକେତରେ ଲିଖିତ; ***ବି.*** ବିସ୍ତୃତିର ସଂକ୍ଷିପ୍ତତମ ରୂପ ।

**କ୍ଲୁପ୍ତଲିଖନ *ବି.*** ସାଙ୍କେତିକ ରୀତିରେ ଲିଖନ, ଷ୍ଟେନୋଗ୍ରାଫି ।

**କ୍ଲେଦ *ବି.*** ୧. ଆର୍ଦ୍ରତା ୨. ମଇଳା ୩. ଝାଳ; ***ବିଂ.*** କ୍ଲିନ୍ନ ।

**କ୍ଲେଶ *ବି.*** ୧. କଷ୍ଟ, ଯନ୍ତ୍ରଣା, ଦୁଃଖ, ପୀଡା ୨. ଶ୍ରମ ।

**କ୍ଲୋକ୍‌ରୁମ୍ *ବି.*** ୧. ବସ୍, ରେଳଷ୍ଟେସନ ପ୍ରଭୃତିରେ ଧାର୍ଯ୍ୟ ମୂଲ୍ୟ ବିନିମୟରେ ସୀମିତ ସମୟନିମନ୍ତେ ଜିନିଷପତ୍ର ରଖିବା ଘର ୨. ଲୁଗାପଟା ରଖାଯାଉଥିବା କୋଠରୀ ।

**କ୍ଲୋଜ୍ *ବିଂ.*** ୧. ନିକଟତର, ଅନ୍ତରଙ୍ଗ ୨. ବନ୍ଦ, ସମାପ୍ତ ।

**କ୍ଲୋଜ୍ କରିବା *କ୍ରି.*** କୌଣସି ବିଷୟ ବା ଘଟଣା ଶେଷ କରିବା, ଉପସଂହାର କରିବା ।

**କ୍ଲୋଜ୍ ସର୍କିଟ୍ *କ୍ରି.*** ସୀମିତ ସ୍ଥାନ ମଧ୍ୟରେ କାର୍ଯ୍ୟ କରୁଥିବା ବୈଦ୍ୟୁତିକ ବା ଇଲେକ୍‌ଟ୍ରୋନିକ୍ ଫଟୋ ଉତ୍ତୋଳନ ବ୍ୟବସ୍ଥା ।

**କ୍ଲୋନ୍ *ବି.*** ୧. ଜୀବ ବା ଉଦ୍ଭିଦ-କୋଷର ବୈଜ୍ଞାନିକ ପ୍ରଣାଳୀରେ ଅଭିବୃଦ୍ଧି ଘଟାଇ ଠିକ୍ ସେହି ପ୍ରକାର ଜୀବ ବା ଉଦ୍ଭିଦ ସୃଷ୍ଟି କରିବା ୨. ପ୍ରତିରୂପ, ସମରୂପୀ ବସ୍ତୁ ଆଦି ।

# ଖ

**ଖ** ***ବି.*** ବର୍ଣ୍ଣମାଳାର ଦ୍ୱିତୀୟ ବ୍ୟଞ୍ଜନବର୍ଣ୍ଣ ।

**ଖଇ** ***ବି.*** ତାତିଲା ବାଲିରେ ଭାଜି ଫୁଟାଇଥିବା ଧାନ ଓ ମକା ଆଦି ଶସ୍ୟ, ଲିଆ, ଲାଜା ।

**ଖଇକଉଡ଼ି** ***ବି.*** ସଧବା ଶବାଧାରରେ ପକାଯାଉଥିବା ଲିଆ ଓ ମୁଦ୍ରା ।

**ଖଇଖନା** ***ବିଂ.*** ଶୁଖିଲା, କୁରୂପ, କୁତ୍ସିତ, ଅସୁନ୍ଦର, କର୍କଶ ।

**ଖଇଙ୍ଗା** ***ବି.*** ଖଙ୍ଗା, ଏକ ଜାତୀୟ ଲୁଣିପାଣିର କାତିମାଛ, ଚିଲିକାର ମାଛ ବିଶେଷ ।

**ଖଇଚଲା** ***ବି.*** ବାଉଁଶପାତିଆ ବା କାଠିରେ ବୁଣା ଖଇ ଚଳାଇବାପାଇଁ ବ୍ୟବହୃତ ଚାଲୁଣି, ଘରି, ଟୁଙ୍ଗା ।

**ଖଇଚା** ***ବି.*** କାର୍ଯ୍ୟରେ ଢିଲା, ତ୍ରୁଟି ; ***ବିଂ.*** ଅଧାପନ୍ତରିଆ, ଦରପନ୍ତରିଆ, ଅସମ୍ପୂର୍ଣ୍ଣ ।

**ଖଇଞ୍ଚି** ***ବି.*** ୧. ବାଉଁଶ କାଠି ଅଥବା ଖଡ଼ିକାରେ ବୁଣା ହୋଇଥିବା ମାଛ ଧରା ଉପକରଣ ବିଶେଷ ୨. ଖଇଚାଲୁଣି ।

**ଖଇଢେକାର୍** ***ବି.*** ଖଇହାକୁଟି, ଅଜୀର୍ଣ୍ଣ ହେତୁ ଦୁର୍ଗନ୍ଧ ହାକୁଟି ।

**ଖଇତ୍, ଖଏତ୍** ***ବି.*** କ୍ଷତି, ଲୋକସାନ, ଅନିଷ୍ଟ ।

**ଖଇଧାନ** ***ବି.*** ଭଲ ଖଇ ଫୁଟିବାପାଇଁ ଉଦ୍ଦିଷ୍ଟ ଧାନ, ଲିଆଧାନ ।

**ଖଇନି** ***ବି.*** ଚୂନଦଳା ଧୂଆଁପତ୍ର ।

**ଖଇ ଫୁଟିବା** ***କ୍ରି.*** ୧. ଖଇଧାନ ଭାଜିଲାବେଳେ ଚଡ଼ଚଡ଼ ଶବ୍ଦ କରି ଖଇ ଫୁଟିବା ୨. ବିଶେଷ ତାତିଯିବା ।

**ଖଇର** ***ବି.*** ୧. ବବୁର ଜାତୀୟ ଏକ ଗଛ ୨.ଖଇର କାଠ ୩. ଖଇରକାଠର ନିର୍ଯ୍ୟାସ-ଯାହା ପାନରେ ବ୍ୟବହୃତ ହୁଏ ।

**ଖଇରଚୂଳ** ***ବି.*** ଏକ ପ୍ରକାର ମିଷ୍ଟାନ୍ନ ।

**ଖଇରନ୍** ***ବି.*** ତବଲା ଓ ମୃଦଙ୍ଗ ଆଦି ବାଦ୍ୟଯନ୍ତ୍ରର ଚମ ଛାଉଣି ଉପରେ ଦିଆଯାଇଥିବା ଗୋଲାକାର ଲେପ ।

**ଖଇରା** ***ବିଂ.*** ଖଇର ରଙ୍ଗବିଶିଷ୍ଟ ; ***ବି.*** ଖଇର ପ୍ରସ୍ତୁତକାରୀ, ଖଇର ତିଆରି କରୁଥିବା ଜାତି ବିଶେଷ, ମାକେନ୍ଦୀ ।

**ଖଇରାତ** ***ବି.*** ୧. ଦାନ, ବିତରଣ ୨. ପୁଣ୍ୟକର୍ମ ।

**ଖଇରାତି** ***ବିଂ.*** ଦାନ କରାଯାଇଥିବା, ଦତ୍ତ ।

**ଖଇରାତି ମଠ** ***ବି.*** ଯେଉଁ ମଠ ଖଇରାତି ସମ୍ପତ୍ତି(ଦେତ୍ତ) ଆୟରେ ପରିଚାଳିତ ।

**ଖଇରାବା** ***କ୍ରି.*** ଫଳପାଚିବା ପୂର୍ବରୁ ଲାଲ ଦିଶିବା ।

**ଖଇରେନ୍‌ପାନି** ***ବି.*** ଫସଲ ଅଙ୍କୁରିତ ହେବା ବେଳେ ଜମିରେ ଢ଼ଳା ଯିବା ପାଣି ।

**ଖଇହାକୁଟି** ***ବି.*** ଅଜୀର୍ଣ୍ଣ , ଏଉଡ଼ି, ଖଇ ଢକାର ।

**ଖଉରିଆ** ***ବିଂ.*** ମୁଣ୍ଡ ଓ ଦେହରେ ତେଲ ଲଗାଇ ନ ଥିବା, ନୁଖୁରା, ରୁକ୍ଷ ।

**ଖଏଁଡ୍** ***ବି.*** ନଦୀକୂଳ, ନଈଖଣ୍ଡି, ନଈଅତଡ଼ା ।

**ଖଏଙ୍ଗା** ***ବିଂ.*** ସର୍ବହରା, ଚିରାଲୁଗା ପିନ୍ଧିଥିବା ।

**ଖଏତ୍** ***ବି.*** କ୍ଷତି, ହାନି ।

**ଖଏଦାନ୍, ଖାଦାନ୍** ***ବି.*** ଖଣି, ମାଟିତଳେ ବିଭିନ୍ନ ଧାତବ ପଦାର୍ଥ ରହିଥିବା ସ୍ଥାନ ।

**ଖଏନ୍** ***ବି.*** ୧. ଖଣି ୨. ଖଇନି ।

**ଖଏନା** ***ବିଂ.*** ଅଗାଧୁଆ, ଅପରିଚ୍ଛନ୍ନ ।

**ଖଏର୍** ***ବି.*** ୧. ଖଇର ୨. ଖଇର ଗଛ ବା ତାହାର କାଠ ।

**ଖଏରା** ***ବିଂ.*** ଖଇରିଆ, ଖଇର ରଙ୍ଗବିଶିଷ୍ଟ ।

**ଖକ୍‌ରା** ***ବିଂ.*** ୧. ପଚା, ସଢ଼ିଯାଇଥିବା ୨. ଅନ୍ତଃସାରଶୂନ୍ୟ, ଖକ୍‌ସୋ ; ***କ୍ରି.*** ଖାଙ୍କୋଳିବା, ପେଟକୁ ଭିତର ଆଡ଼କୁ ସଂକୁଚିତ କରିବା ।

**ଖକ୍‌ସା** ***ବି.*** ୧. ଫୁଲ ୨. କଲିଜା ୩. ଫପ୍‌ସା ।

**ଖକ୍‌ସି.ଖଗ୍‌ସି** ***ବି.*** ଗଡ଼ିଶାମାଛ ।

**ଖକର୍‌ଲୋ** ***ବିଂ.*** ଅତ୍ୟନ୍ତ ବୃଦ୍ଧ, ଖୁବବୁଢ଼ା, ପାଚିଲାବୁଢ଼ା ।

**ଖଖ୍‌ରୋ** ***ବି.*** ଗଛର କୋରଡ଼, ପାହାଡ଼ଖୋଲ ; ***ବିଂ.*** ନିଃସ୍ୱ ।

**ଖଖାବା** ***କ୍ରି.*** କାଖେଇବା, କାଖ କରିବା ।

**ଖଗ** ***ବି.*** ୧. ଆକାଶଗାମୀ, ଚଢ଼େଇ ୨. କୁମ୍ଭୀରର ଲାଞ୍ଜ ।

**ଖଗପତି** ***ବିଂ.*** ୧. ଗରୁଡ଼ ୨. ସୂର୍ଯ୍ୟ ।

**ଖଗା** ***ବିଂ.*** ଓଲୁ, ନିର୍ବୁଦ୍ଧିଆ, ବୋକା ।

**ଖଗୋଳ** ***ବି.*** ଆକାଶମଣ୍ଡଳ, ସୌରଜଗତ ।

**ଖଙ୍କଚି** ***ବିଂ.*** ଊଣା, ଅଭାବ, କମତି ହୋଇଥିବା ।

**ଖଙ୍କର** ***ବି.*** କପାଳକୁ ଝୁଲିଥିବା ଚୂର୍ଣ୍ଣ କୁନ୍ତଳ ।

**ଖଙ୍ଗା** ***ବିଂ.*** ୧. ଶୂନ୍ୟ, ଫମ୍ପା ୨. ଭୋକିଲା, ପେଟ ପଶିଯାଇଥିବା, ଖଙ୍ଗାଳିଆ, କୋରଡପରି ଦିଶୁଥିବା ।

**ଖଙ୍ଗାର** ***ବି.*** ଗଳାରୁ ବାହାରୁଥିବା କଫମିଶ୍ରିତ ଗାଢ଼ ଛେପ ।

**ଖଙ୍ଗାଳିବା** ***କ୍ରି.*** ପେଟକୁ ଭିତରକୁ ଖାଲୁଆ କରିବା, ଖାଙ୍କେଇବା ।

**ଖଙ୍ଗ, ଖଙ୍ଗସ** ***ବି.*** ଭଲକଥାକୁ ଅବାଗିଆ ବୁଝିବା, ଖଙ୍ଗୁସ୍ ପାଇବା ।

**ଖଙ୍ଗସ ପାଇବା** ***କ୍ରି.*** ଭୁଲ ବୁଝିବା, ଅନ୍ୟଥା ଭାବିବା ।

**ଖଙ୍ଗା, ଖଇଙ୍ଗା** ***ବି.*** ଲୁଣିପାଣିରେ ରହୁଥିବା ମାଛ ବିଶେଷ ।

**ଖଙ୍ଗାର୍ ବି.** ୧. ଅଭଦ୍ର ଓ ରୁକ୍ଷଲୋକ ୨. ଡକାୟତ ।

**ଖଙ୍ଗିବା କ୍ରି.** ଊଣାହେବା, କମ୍ ପଡ଼ିବା ।

**ଖଙ୍ଗୁସ୍ ପାଇବା କ୍ରି.** ଅସୁଖ ପାଇବା, ଭୁଲ ବୁଝିବା ।

**ଖଙ୍ଗେବଢେ କ୍ରି.ବିଂ.** କମବେଶିରେ ; **ବିଂ.** ଟିକିଏ ଅଧିକ ।

**ଖଚ୍‌ଖଚାବା କ୍ରି.** ଆବଶ୍ୟକତାରୁ ଅଧିକ ହେବା, ଖଚାଖଚ୍ ଭର୍ତ୍ତି ହୋଇଥିବା ।

**ଖଚ୍‌ଖଚିଆ ବି.** ଅକାରଣରେ ବିଭିନ୍ନ ଜିନିଷରେ ହାତ ମାରୁଥିବା ଲୋକ ।

**ଖଚ୍‌ଲୋ ବିଂ.** ୧. ପାଣିଆ ୨. ସାରହୀନ ।

**ଖଚ ବି.** ଚୁଗୁଲି, ଅନ୍ୟର ଛିଦ୍ର ବା ତ୍ରୁଟି, କୁତ୍ସା ।

**ଖଚକୁହା ବିଂ.** ଅନ୍ୟ ସମ୍ପର୍କରେ ବାରମ୍ବାର ମିଛ ସତ କରି କହୁଥିବା, ଖଚୁଆ, ଚୁଗୁଲିଆ, ମିଛୁଆ ।

**ଖଚଡ଼,ଖଚଡା ବିଂ.** ୧. ଅବୈଧ ଛୁଆ ୨. ଦୁଷ୍ଟ, ବଦମାସ ।

**ଖଚଡ଼ାମି ବି.** ଚଗଲାମି, ଦୁଷ୍ଟାମି ।

**ଖଚବଚ ବି.** ଖଚକଥା ।

**ଖଚମିଛ ବି.** ଚୁଗୁଲି, ଦୁର୍ନାମ ରଟନା ।

**ଖଚର ବି.** ୧. ଘୋଡ଼ା ଓ ଗଧ ସଙ୍ଗମରୁ ଜାତ ଏକ ଭାରବାହୀ ପଶୁ ୨. ବାଣ ୩. ଅସୁର ୪. ପକ୍ଷୀ ।

**ଖଚା ବିଂ.** କଚା, ଖଇଚା, ଗିଲାକାମ ।

**ଖଚାଖଚ୍ କ୍ରି.ବିଂ.** ଭରପୂର, ଅକଳନ୍ତି ।

**ଖଚିତ ବିଂ.** ବିନ୍ୟସ୍ତ, ଗ୍ରଥିତ, ଜଡ଼ିତ, ମଝିରେ ବସା ଯାଇଥିବା, ଶୋଭିତ ।

**ଖଚୁଆ ବିଂ.** ଚୁଗୁଲିଆ, କାନକୁହା, ଗାଲୁଆ ।

**ଖଚୁଆ ତାରା ବି.** କୁଆଁତାରା, ଫୁକିଆତାରା, ଶୁକ୍ରଗ୍ରହ, ପାହାନ୍ତିଆ ତାରା ।

**ଖଜ୍‌ଖଜିଆ,ଖୁଜଖୁଜିଆ ବିଂ.** ଉତ୍‌ପାତିଆ, ସବୁ ଜିନିଷରେ ହାତ ଦେଉଥିବା ।

**ଖଜ୍‌ରିଆ ବି.** ୧. ଶତପଦୀ, ତେନ୍ତୁଳିଆ ବିଛା ୨. ଖଜୁରି ଗଛରୁ ତାଡ଼ି ସଂଗ୍ରହ କରୁଥିବା ଜାତି ବିଶେଷ ।

**ଖଜଣା ବି.** ଭୂ ରାଜସ୍ୱ, କର, ଶୁଳ୍କ, ଟିକସ୍ ।

**ଖଜଣାଖାନା ବି.** ରାଜକୋଷ, ସରକାରୀ ଧନାଗାର, ଟ୍ରେଜେରି ।

**ଖଜବଜ ବି.** ଅସ୍ଥିରତା, ଚଳଚଞ୍ଚଳତା, ତୁରୁବୁରୁ, ତରତର ଭାବ, ବ୍ୟଗ୍ରତା ।

**ଖଜବଜିଆ ବିଂ.** ଅସ୍ଥିର, ଖଜରବଜର ।

**ଖଜରା ବି.** ବଡ଼ ଖଜୁରି ।

**ଖଜା ବି.** ୧. ଏକପ୍ରକାର ମିଠେଇ, ଫେଣି ୨. ଏକ ପ୍ରକାର ପଣସର ଟାଣୁଆ ଖୋସା ।

**ଖଜା/ଖଜରା ପଣସ ବି.** ଏକ ପ୍ରକାର ତନ୍ତୁବିହୀନ ବଡ଼ ବଡ଼ ଖୋସାବିଶିଷ୍ଟ ମିଠା ପଣସ ।

**ଖଜାଖିଆ ବି.** ବକ୍‌ସିସ୍, ମିଠେଇଖିଆ, ଯାତ୍ରାଖରଚ ।

**ଖଜୁର, ଖଜୁରି ବି.** ତୃଣଜାତୀୟ ଗଛ ଓ ତାର କଠିନ ମଞ୍ଜଥିବା ମିଠାଫଳ, ଖୁଜ୍‌ରି, ଖଜୁର ।

**ଖଜୁରିଆ ବି.** ୧. କୋଠାର ଗାଛିନୀ ବା ମେଜିଆରେ ସିମେଣ୍ଟ ଦେଇ ଆଡ଼ିବାଗରେ ଇଟା ବସାଇବା ପ୍ରଣାଳୀ ୨. ଖଜୁରିଗଛର ଛେଲିକୁ ହାଣି ରସ ସଂଗ୍ରହ ପାଇଁ ହାଣ୍ଡି ବସାଉଥିବା ଗୋଷ୍ଠୀ ।

**ଖଜୁରିକନ୍ଦା ବି.** ଖଜୁରି ଗଛର କଅଁଳିଆ ବାଉଙ୍ଗାର କୋମଳ ଅଂଶ ।

**ଖଜୁରିଗୁଡ଼ ବି.** ଖଜୁରିରସରୁ ପ୍ରସ୍ତୁତ ଗୁଡ଼ ।

**ଖଞ୍ଜ ବି.** ଫିକର, ଉପାୟ, ଢଙ୍ଗ, ସୁବିଧା, କାଇଦା, ସୂତର, ସୁଆଙ୍ଗ ; **ବିଂ.** ଛୋଟା, ଲେଙ୍ଗଡା, ବିକଳାଙ୍ଗ ।

**ଖଞ୍ଜଅଖଞ୍ଜ ବି.** ସୁବିଧା ଅସୁବିଧା ।

**ଖଞ୍ଜଓଲା ବିଂ.** ଜାଣିସିଆଣା ।

**ଖଞ୍ଜଡ଼୍ ବି.** ୧. ବେଲୁଚିସ୍ଥାନ ବା ଇରାନର ଲୋକ ୨. ବିଦେଶୀ ।

**ଖଞ୍ଜଣି ବି.** ମୁଖ୍ୟତଃ ଗୋଧି ଚମଡାଛୁଆଣି ଗିନି ସଂଯୁକ୍ତ ମାଟି ବା କାଠର ଏକମୁହାଁ ବାଦ୍ୟଯନ୍ତ୍ର ।

**ଖଞ୍ଜଣି ମାଡ଼ ବି.** ଖଞ୍ଜଣି ବଜାଇବା, ଖଞ୍ଜଣି ବଜାଇ ଭଜନ ଆସର ।

**ଖଞ୍ଜନ ବି.** ଗୁଡୁକାଳିକା ଚଢ଼େଇ-ଯାହାର ଆଖି ସବୁବେଳେ ଚଞ୍ଚଳ ଓ ଗାଢ଼ କୃଷ୍ଣବର୍ଣ୍ଣ ।

**ଖଞ୍ଜରୀଟ ବି.** ଖଞ୍ଜପକ୍ଷୀ, କଜଳପାତି, କଳା ରଙ୍ଗର ଛୋଟ ଚଢ଼େଇ ।

**ଖଞ୍ଜା ବି.** ୧. ଚାରିପାଖରେ ପାଚେରି ବେଢ଼ା ଘର, ଅଗଣା, ପ୍ରାଙ୍ଗଣ ୨. ନିଯୁକ୍ତି, ନିୟମିତ କ୍ଷୀର ପ୍ରଭୃତି ଯୋଗାଇବା ବନ୍ଦୋବସ୍ତ ୩. ଉତ୍ସର୍ଗ, ଦେବସେବା ଆଦିରେ ନିୟୋଜନ ୪. ନିୟମିତ ଉତ୍ସର୍ଗୀକୃତ ବସ୍ତୁର ପରିମାଣ ୫. ଦୁଇ ହାତକୁ ଯୋଡୁଥିବା ଗଣ୍ଠି ; **ବିଂ.** ଯୋଡ଼ା, ସଜ୍ଜିତ, ଦେବଦେବୀଙ୍କ ପାଇଁ ନିୟୋଜିତ ।

**ଖଞ୍ଜାବାଡ଼ି ବି.** ଜମିବାଡ଼ି ।

**ଖଞ୍ଜିବା କ୍ରି.** ୧. ଯୋଡ଼ିବା, ମେଳକରିବା ୨. ଯୋଗାଇ ଦେବା ।

**ଖଞ୍ଜେନ୍ ବି.** ଗଣ୍ଠି,ଦେହରେ ଦୁଇଟି ବଡ଼ ହାଡ଼ ଯୋଡ଼ ହୋଇଥିବା ସ୍ଥାନ ।

**ଖଟ୍‌କା *ବି.*** ୧. କେମିତି କେମିତି ଭାବ, ଅସ୍ୱସ୍ତିକର ମାନସିକ ଅବସ୍ଥା ୨. ସମସ୍ୟା ୩. ବିବାଦ ।

**ଖଟ୍‌ଖଟ୍ *ବି.*** ୧. ଘରକଳି ୨. ଶ୍ରୁତିକଟୁ ଶବ୍ଦ ୩. ଠକ୍ ଠକ୍ ଶବ୍ଦ ।

**ଖଟ୍‌ଖଟା *ବି.*** ଲୁଗାବୁଣା କଳ, ତନ୍ତ ।

**ଖଟ୍‌ଖଟିଆ *ବିଂ.*** କଳିହା, କଳିହୁଡ଼ା, ଅସନ୍ତୁଷ୍ଟ ; ***ବି.*** କାହାଳୀ ଆକାରର ଧଳାଫୁଲ; ଖଟଖଟିଆ, ଏକ ପ୍ରକାର ଲତା, ମୁଣ୍ଡବାଳ ଧୋଇବାପାଇଁ ବ୍ୟବହୃତ ଏକପ୍ରକାର ମଞ୍ଜି, ଖର୍‌ଖଟିଆ, ରିଠାଫଳ ; ***ବିଂ.*** ୧. ହୁଗୁଳା, ନିର୍ଦ୍ଦିଷ୍ଟ ଘରାରୁ ହୁଗୁଳି ପଡ଼ିଥିବା ୨. ଗୋଳମାଳିଆ ୩. କଳିହୁଡା ।

**ଖଟ୍‌ମରୁଆ *ବି.*** ଖଟର ଖୁରା ।

**ଖଟ୍‌ଲି *ବି.*** ୧. ଛୋଟଖଟ, ଖଟିଆ ୨. ଖଟୁଲି ୩. ଆସ୍ଥାନ ।

**ଖଟ *ବି.*** ତକ୍ତପୋଷ, ଖୁରାଥିବା ଶୋଇବା ଉପକରଣ ।

**ଖଟଣି *ବି.*** ୧. ଦେବତା ବା ରାଜାଙ୍କ ଦୈନନ୍ଦିନ ସେବା ୨. ଦୈନିକ ଖଞ୍ଜା(ଭୋଗ) ୩. ଅଧିକ ପରିଶ୍ରମ, ମେହନତ ; ***ବି.*** ସେବାଦାସ, ଖଟଣିସେବକ ।

**ଖଟଣିଦାର *ବି.*** ୧. ଖଟିବାଲୋକ ୨. ଖଟଣି ଦାୟିତ୍ୱ ନେଇଥିବା ଲୋକ ।

**ଖଟମଲ୍ *ବି.*** ଛାରପୋକ, ଓଡସ, **ରକ୍ତପାୟୀ** କୀଟ ।

**ଖଟର୍‌ପେଟର୍ *ବି.*** ପରିବାରର ସମସ୍ତେ, କୁଟୁମ୍ବ ।

**ଖଟଲା *ବି.*** ରହିବା ଓ ଖାଇବାର ସୁବ୍ୟବସ୍ଥା ।

**ଖଟା *ବି.*** ଆଚାର, ଆମ୍ବିଳ ତରକାରି, ***ବିଂ.*** ଆମ୍ବିଳା, ଆମ୍ବିଳିଆ ।

**ଖଟାଇ *ବି.*** ଅମ୍ଳରସଯୁକ୍ତ ଖାଦ୍ୟ ।

**ଖଟାଇବା *କ୍ରି.*** ୧. ପ୍ରୟୋଗ କରିବା, ନିୟୋଜିତ କରିବା, କାମରେ ଲଗାଇବା ୨. ଗାଇ**ଗୋରୁଙ୍କୁ** ଦଉଡ଼ିରେ ବାନ୍ଧି **ବେକରେ କାଠଖଣ୍ଡ** ଲଟକାଇ ପଡ଼ିଆରେ ଚରିବାକୁ ଛାଡ଼ିଦେବା ।

**ଖଟାପାଳଙ୍ଗ *ବି.*** ଏକ ପ୍ରକାର ଖଟାଶାଗ ।

**ଖଟାଶ *ବି.*** କଟାଶ, ବଣଭୁଆ ।

**ଖଟି *ବି.*** ୧. ଆଡ୍ଡାଜାଗା, ମଦୁଆ ଆଦି ଲୋକଙ୍କ ମିଳନସ୍ଥାନ, ମଦ ବିକାକିଣା ଓ ପିଇବା ଜାଗା ୨. ନୋଳିଆମାନଙ୍କ ଚଟିଘର ୩. ଯେଉଁ ସ୍ଥାନରେ ମାଛ, ଶୁଖୁଆ ଆଦି କାରବାର ହୁଏ ୪. ଘାଆ ବା ବଥ ଶୁଖିଗଲା ପରେ ତା ଉପରେ ବାନ୍ଧିଥିବା ଶୁଖିଲା ଖୋଳପା ।

**ଖଟିଆ *ବି.*** ସାନଖଟ, ଦୋଳା ବା ଡୋଲି ।

**ଖଟିଆମୁଷା *ବି.*** ଏକ ପ୍ରକାର ବଡ଼ମୁଷା ।

**ଖଟିଖିଆ *ବି.*** ମଜୁରିଆ ।

**ଖଟିବା *କ୍ରି.*** ୧. ଅଧିକ ପରିଶ୍ରମ କରିବା, ସେବାରେ ଲାଗିରହିବା ୨. ଦଣ୍ଡ ଭୋଗକରିବା ୩. ନିୟୋଜିତ ହେବା ।

**ଖଟିଯିବା *କ୍ରି.*** ୧. କାମକୁ ଯିବା, କାମରେ ବାହଲ ହେବା ୨. କନ୍ୟା ବିଭାହୋଇ ଶାଶୁଘରକୁ ଯିବା ।

**ଖଟୁଳି, ଖଟୁଲି *ବି.*** ୧. ଦେବପ୍ରତିମା ଓ ଧର୍ମଗ୍ରନ୍ଥ ଆଦି ରଖିବାପାଇଁ ଉଦ୍ଦିଷ୍ଟ ଛୋଟ କାଷ୍ଠାସନ ୨. ଛୋଟବିମାନ ୩. ଛୋଟଖଟ ।

**ଖଟେଇବା *କ୍ରି.*** ୧. ପ୍ରୟୋଗ କରିବା ୨. ନିୟୋଜିତ କରିବା ୩. ଅଧିକ ଲାଭ ଆଶାରେ **ପୁଞ୍ଜି** ଲଗେଇବା ୪. **ପଶୁଙ୍କୁ** ଦଉଡ଼ିରେ ବାନ୍ଧି ରଖିବା ।

**ଖଡ଼ *ବି.*** ୧. ଅଗକଟା ଛଣବିଡ଼ା, ନଡ଼ା ୨. ଦହିକଡ଼ି ।

**ଖଡ଼ଉ *ବି.*** କାଠତିଆରି ପାଦପିନ୍ଧା ଉପକରଣ, ଖଡ଼ମ, କଠଉ ।

**ଖଡ଼ଖଡ଼ *ବିଂ.*** ୧. ଭଲ ଭାବରେ ଭାଜିହୋଇଥିବା/ଶୁଖିଥିବା ୨. ଶୁଖିଲା ପତ୍ର/ଡାଙ୍ଗ ସହ ଆଘାତରୁ ସୃଷ୍ଟ ଧ୍ୱନି ୩. ମୃଦୁଧ୍ୱନି ।

**ଖଡ଼ଖଡା *ବିଂ.*** ପୂରାଶୁଖିଲା, ମେଲା ।

**ଖଡ଼ଖଡ଼ି *ବି.*** ପାଲିଙ୍କି, ସବାରି ।

**ଖଡ଼ଖଡ଼ିଆ *ବିଂ.*** ୧. ଟାଣୁଆ ୨. ମୁସୁମୁସିଆ ୩. ତାଜା ।

**ଖଡ଼ଗ *ବି.*** ୧. ଖଡ୍ଗ, ତରବାରି, ଖଣ୍ଡା ୨. ଗଣ୍ଡାର ଶିଙ୍ଗ ୩. କୁମ୍ଭୀରର ଲାଞ୍ଜ ।

**ଖଡଙ୍ଗ *ବି.*** ୧. ଏକ ପ୍ରକାର ଆଖୁ ୨. କଠଉ ।

**ଖଡ଼ଙ୍ଗ ଲୁହା *ବି.*** ଇସ୍ପାତ, ଷ୍ଟିଲ୍ ।

**ଖଡ଼ଘର *ବି.* ଛଣ ଛପର ଘର,** ଚାଳଘର, ପୁଆଳଘର ।

**ଖଡ଼ମ *ବି.*** କଠଉ, କାଠରେ ତିଆରି ପାଦୁକା ।

**ଖଡ଼ରା *ବି.*** ବାସନକୁସନ ତିଆରି କରୁଥିବା ଜାତି, କଂସାରି ।

**ଖଡ଼ା *ବି.*** ୧. ଶାକଜାତୀୟ ଉଦ୍ଭିଦ-ଯାହାର ଡାଳପତ୍ର ଓ ମୂଳ ଖାଦ୍ୟ ରୂପରେ ବ୍ୟବହାର କରାଯାଏ ୨. ଜମି ୩. ତୋଡ଼ିମାଛ ।

**ଖଡ଼ାଖିଆ *ବିଂ.*** ୧. ନିକୃଷ୍ଟ ମାନର ୨. ଅତି ଦରିଦ୍ର ।

**ଖଡ଼ାପହରା *ବି.*** ଠିଆହୋଇ ପହରା ଦେବା, ଅହରହ ସତର୍କ ରହିବା ।

**ଖଡ଼ାବଇଠା *ବି.*** ଉଠାବସା, ଉଠ୍‌ବସ୍ ।

**ଖଡି *ବି.*** ନରମା ଓ ଧଳା ଲେଖାପଥର, ଖଡ଼ିପଥର, ଷଣଘାସ, ଖରି ।

**ଖଡ଼ି ଅବଧାନ *ବି.*** ଚାଟଶାଳିର ବିଶେଷଜ୍ଞ ଶିକ୍ଷକ ।

**ଖଡ଼ିକା *ବି.*** ୧. ତାଳ ବା ନଡ଼ିଆପତ୍ରର ମଝିଶିରା ୨. ନଡ଼ିଆ ପିଞ୍ଛର ଝାଡୁ ୩. ସରୁକାଠି ୪. ଚକ୍‌ଖଡ଼ି, ଛୋଟଖଡ଼ି ୫. ପିଠାପାତିଆ, ଖୁରୁସୁଣି, ଭାଜିବା ଉପକରଣ ।

**ଖଡ଼ିକାମୁଠା *ବି.*** ନଡ଼ିଆଖଡ଼ିକାରେ ପ୍ରସ୍ତୁତ ଝାଡୁ, ଖଡ଼ିକାଝାଡୁ, ପହଁରାମୁଠା ।

**ଖଡ଼ିକାର** ***ବି.*** ୧. ପାଞ୍ଜିକାର, ଖଡ଼ିପକାଇ ଭବିଷ୍ୟତ ଗଣନାକାରୀ, ଜ୍ୟୋତିଷ, ଗଣକ ୨. ରଙ୍ଗକାଉ ୩. ଖଡ଼ିକାରେ ଖଲି ସିଲେଇକାରୀ ।

**ଖଡ଼ି ଗଡ଼େଇବା** ***କ୍ରି.*** ଖଡ଼ିଦ୍ୱାରା ଭୂତ ଭବିଷ୍ୟତ ଗଣନା କରିବା ।

**ଖଡିଛୁଆଁ** ***ବି.*** ପାଠ ଆରମ୍ଭ ବା ବିଦ୍ୟାରମ୍ଭ ।

**ଖଡ଼ିପକା** ***ବି.*** ଜ୍ୟୋତିଷ ଗଣନା ।

**ଖଡ଼ି ପକାଇବା** ***କ୍ରି.*** ଭାଗ୍ୟଫଳ ଗଣନା କରିବା ।

**ଖଡ଼ିପାଠ** ***ବି.*** ୧. ପାଠ ଆରମ୍ଭ ୨. ମୂଳପାଠ ୩. ଜ୍ୟୋତିଷ ବିଦ୍ୟା ।

**ଖଡ଼ିବଂଶ** ***ବି.*** ଚାଟଶାଳି ପାଠ ପଢ଼ାଉଥିବା ଅବଧାନ ସମ୍ପ୍ରଦାୟ ।

**ଖଡ଼ି ବସେଇବା** ***କ୍ରି.*** ମାନସିକ ରଖି ଗଣେଶ ବା ସରସ୍ୱତୀଙ୍କ ପୂଜାଦିନ ତାଙ୍କ ଆସ୍ଥାନରେ ଖଡ଼ି, କଲମ ଇତ୍ୟାଦି ଥୋଇବା ।

**ଖଡ଼ିରତ୍ନ** ***ବି.*** ଜ୍ୟୋତିଷବିଦ୍ୟାରେ ପ୍ରବୀଣ, ନାହାକ ।

**ଖଡ଼ିଶୈଳ** ***ବି.*** ଖଡ଼ି ପଥରରେ ଗଠିତ ପାହାଡ଼, ଅତୀତରେ ଏହି ଜାତୀୟ ପଥରକୁ ଖଣ୍ଡ ଖଣ୍ଡ କରି ସିଲଟ/ମାଟି ଉପରେ ଲେଖା ଯାଉଥିଲା ।

**ଖଡୁ** ***ବି.*** ହାତର ବଳା, ହାତର ଅଳଂକାର ବିଶେଷ ।

**ଖଡୁମୁସା** ***ବି.*** ୧. ଖଡୁଦ୍ୱାରା ଆଘାତ ୨. ସ୍ତ୍ରୀଠାରୁ ଖାଉଥିବା ମାଡ଼ ବା ଗଞ୍ଜଣା ।

**ଖଡୁସ୍** ***ବି.*** ୧. କୃପଣବ୍ୟକ୍ତି ୨. ଶ୍ରୀହୀନବ୍ୟକ୍ତି ।

**ଖଣ୍ତି** ***ବି.*** ୧. ଖୁସୁଣୀ ୨. ଚଟୁ ।

**ଖଣତା** ***ବି.*** ଭୋଜିରେ ରାନ୍ଧିବାପାଇଁ ବ୍ୟବହୃତ ବଡ଼ ଆକାରର ଲୁହା ଖଡ଼ିକା, ମାଟିଖୋଳାରେ ବ୍ୟବହୃତ ବଡ଼ ବେଣ୍ଟଥିବା ଲୁହା ଖୋଳଣି ।

**ଖଣତି** ***ବି.*** ମାଟିରେ ଗାତ ଖୋଳିବାପାଇଁ ବ୍ୟବହୃତ ହତିଆର, ଖଣତା, ଖନିତ୍ର ।

**ଖଣା** ***ବି.*** ୧. ବଡଗାତ ୨. ପରିଖା, ଖାଇ ।

**ଖଣି** ***ବି.*** ୧. ବିରାଟ ଗାତ ୨. ମାଟିରେ ଧାନ ସାଇତିବାପାଇଁ ଖୋଳା ଯାଉଥିବା ଗାତ ୩. ଭଣ୍ଡାର ୪. ଭୂଗର୍ଭରେ ଥିବା ଧାତୁ ବା ମୂଲ୍ୟବାନ୍ ପଥର ଆଦିର ଭଣ୍ଡାର ।

**ଖଣି କରିବା** ***କ୍ରି.*** ସବୁ ସମ୍ପଦ ଅପହରଣ କରିଦେବା ।

**ଖଣି ଖୋଳିବା** ***କ୍ରି.*** ୧. ମାଟି ତଳେ କୌଣସି ପଦାର୍ଥ ରଖିବାପାଇଁ ଗାତ କରିବା ୨. ଅନ୍ୟପାଇଁ ବିପଦ ସୃଷ୍ଟି କରିବା ।

**ଖଣିଜ** ***ବିଂ.*** ଖଣିଜାତ ; ***ବି.*** ଖଣିରୁ ଉତ୍ତୋଳିତ ପଦାର୍ଥ ।

**ଖଣିଜଜଳ** ***ବି.*** ଔଷଧୀୟ ଗୁଣଯୁକ୍ତ ଓ ଖଣିଜ ପଦାର୍ଥ ମିଶି ରହିଥିବା ଜଳ ।

**ଖଣିଜତୈଳ** ***ବି.*** ଖଣିରୁ ଉତ୍ପନ୍ନ ତେଲ ବା ପେଟ୍ରୋଲିୟମ ।

**ଖଣିଜଲବଣ** ***ବି.*** ଲୁଣପଥର, ସୈନ୍ଧବଲବଣ, ବିଟଲୁଣ ।

**ଖଣିଜସମ୍ପଦ** ***ବି.*** ମାଟିତଳୁ ମିଳୁଥିବା କୋଇଲା / ଲୌହଗୁଣ୍ଡ / ପଥର/ ତୈଳ ଆଦି ଧାତବ ପଦାର୍ଥ ।

**ଖଣିନିଗମ** ***ବି.*** ଖଣି ସମୂହର ପରିଚାଳନାପାଇଁ ଗଠିତ ସଂସ୍ଥା ବା ନିଗମ(କର୍ପୋରେସନ) ।

**ଖଣି ପକାଇବା** ***କ୍ରି.*** ଧାନ୍ୟାଦି ଶସ୍ୟ ମାଟିତଳେ ରଖିବା ।

**ଖଣ୍ଟ** ***ବି.*** ଧମକ ଦେଇ ଧନ ଲୁଟି ନେଉଥିବା ବ୍ୟକ୍ତି ବା ଦଳ, ଡାକୁ, ଦସ୍ୟୁ, ଠଗ ।

**ଖଣ୍ଟାସିଆ** ***ବିଂ.*** ୧. ଟାଆଁସିଆ ୨. କଡା ୩. ନିଷ୍ଠୁର ।

**ଖଣ୍ଡ** ***ବି.*** ୧. ଟୁକୁରା ୨. କନ୍ଦ ୩. ନବାତ ୪. ଅଂଶ, ଏକ ଅଂଶ ବିଶେଷ, ଗୋଟିଏ ।

**ଖଣ୍ଡଅକାର** ***ବି.*** ଲୁପ୍ତ 'ଅ' କାର ବା 'ଅ' ଅକ୍ଷରର ଚିହ୍ନ(ऽ) ।

**ଖଣ୍ଡକାବ୍ୟ** ***ବି.*** ଏକ ସ୍ଥାନ ବା ଏକ କାଳକୁ ଆଧାର କରି ରଚିତ ସର୍ଗହୀନ କ୍ଷୁଦ୍ରକାବ୍ୟ ।

**ଖଣ୍ଡଖଣ୍ଡିଆ** ***ବିଂ.*** ୧. ବିଭିନ୍ନ ଅଂଶରେ ବିଭକ୍ତ ୨. ଦରୋଟି (କଥା) ୩. ଟିକି ଟିକି ଖଣ୍ଡ, ଭଙ୍ଗାଭଙ୍ଗି, ଖଣ୍ଡିତ, ଅସ୍ପଷ୍ଟ ।

**ଖଣ୍ଡଗ୍ରାସ** ***ବି.*** ଆଂଶିକ ସୂର୍ଯ୍ୟପରାଗ ।

**ଖଣ୍ଡଦୂର** ***ବି.ବିଂ.*** ଅଳ୍ପଦୂର ।

**ଖଣ୍ଡନ** ***ବି.*** ୧. କାଟି ଖଣ୍ଡଖଣ୍ଡ କରିବା, ଛେଦନ ୨. ଯୁକ୍ତିଦ୍ୱାରା କାଟିବା ।

**ଖଣ୍ଡନୀୟ** ***ବିଂ.*** ଖଣ୍ଡନଯୋଗ୍ୟ ।

**ଖଣ୍ଡପରଶୁ** ***ବି.*** ବେଣ୍ଟ ଆଡ଼କୁ ବକ୍ର ଧାରଯୁକ୍ତ ପରଶୁ ।

**ଖଣ୍ଡପାଠ** ***ବି.*** ଅଳ୍ପ ବା ଅଧା ପାଠପଢ଼ା ।

**ଖଣ୍ଡପୀଠ** ***ବି.*** କୌଣସି ମାମଲାର ବିଚାରନିମନ୍ତେ ସ୍ୱତନ୍ତ୍ର ଭାବରେ ଗଠିତ ଅଦାଲତର ବିଚାରକମଣ୍ଡଳୀ ।

**ଖଣ୍ଡପ୍ରଳୟ** ***ବି.*** ନିର୍ଦ୍ଦିଷ୍ଟ ଏକ ଅଞ୍ଚଳରେ ବନ୍ୟା, ବାତ୍ୟା ପ୍ରଭୃତି ଫଳରେ ବିପୁଳ କ୍ଷୟକ୍ଷତି, ପ୍ରାକୃତିକ ବିପର୍ଯ୍ୟୟ, ସୁନାମି ।

**ଖଣ୍ଡବସ୍ତ୍ର** ***ବି.*** କନା ଥାନର ଶେଷଅଂଶ, ଛୋଟ ବସ୍ତ୍ରଖଣ୍ଡ ।

**ଖଣ୍ଡବିଖଣ୍ଡ** ***ବିଂ.*** ଅନେକ ଖଣ୍ଡରେ ବିଭକ୍ତ, କୁଟ୍‌କୁଟା, ଟୁକୁରାଟୁକୁରା ।

**ଖଣ୍ଡମଣ୍ଡଳ** ***ବି.*** ସମଗ୍ର ପୃଥିବୀ, ଚତୁର୍ଦ୍ଦିଗ ।

**ଖଣ୍ଡମଧୁର** ***ବିଂ.*** ଖଣ୍ଡ ବା କନ୍ଦପରି ମିଠା ।

**ଖଣ୍ଡଯୁଦ୍ଧ** ***ବି.*** ବିକ୍ଷିପ୍ତ ଆକ୍ରମଣ, ଗୋଳଯୁଦ୍ଧ, ମରାମରି, ଛୋଟ କାଟିଆ ଲଢ଼େଇ ।

**ଖଣ୍ଡସାର** ***ବି.*** କନ୍ଦମୂଳରୁ ତିଆରି ଚିନି ।

**ଖଣ୍ଡସାରିସା** ***ବି.*** ନବାତ ଖଣ୍ଡ, ମିଷ୍ଟାନ୍ନ ।

**ଖଣ୍ଡକ୍ଷୀର** *ବି.* ଚିନିମିଶା କ୍ଷୀର, ନବାତ ମିଶିଥିବା ଗୋରସ ।

**ଖଣ୍ଡା** *ବି.* ଲୁହାରେ ତିଆରି ଏକ ପ୍ରକାର ପତଳା, ଲମ୍ବା ଓ ଧାରୁଆ ଅସ୍ତ୍ର-ଯାହାର ଅଗ୍ରଭାଗ ମୁନିଆ, ତରବାରୀ ।

**ଖଣ୍ଡାଇତ, ଖଣ୍ଡାଏତ** *ବି.* କ୍ଷତ୍ରିୟଜାତି ବିଶେଷ , ଲଢୁଆ ପାଇକ ଜାତି।

**ଖଣ୍ଡାବସା** *ବି.* ବିଜୟାଦଶମୀ ଦିନ ଶକ୍ତିପୀଠରୁ ଖଣ୍ଡା ଆଣି ସ୍ଥାପନ କରିବା ନିମିତ୍ତ ଉତ୍ସବ ଅନୁଷ୍ଠାନ ।

**ଖଣ୍ଡା ଲେଉଟିଆ ଜାତ୍ରା** *ବି.* ଦଶହରା ପୂଜା ବେଳେ ଦେବୀଙ୍କ ଖଣ୍ଡା ଥୋଇବା ଉତ୍ସବ ।

**ଖଣ୍ଡି** *ବି.* ୧. ଗୋଟିଏ ୨. ଖୁଣଯୁକ୍ତ ୩. କୋଡ଼ିଏ ଅଢ଼ା/ମାଣ ପରିମାପ ବିଶିଷ୍ଟ ୩. ଛୋଟଅଂଶ ।

**ଖଣ୍ଡିଆ** *ବିଂ.* ୧. ଅସମାପ୍ତ ୨. ଆଘାତପ୍ରାପ୍ତ, କଟି ଯାଇଥିବା ବା ଭାଙ୍ଗିଯାଇଥିବା ୩. କ୍ଷତ ୪. ବିକଳାଙ୍ଗ ୫. କୋଢ଼ି ୬. ଓଥରା, ଅବିବାହିତ ।

**ଖଣ୍ଡିଆଖାବରା** *ବିଂ.* କ୍ଷତବିକ୍ଷତ ।

**ଖଣ୍ଡିଆଭୂତ** *ବି.* ଚାପ ହଠାତ୍ କମିଯିବା ଫଳରେ ବାୟୁମଣ୍ଡଳରେ ସୃଷ୍ଟ ଅସ୍ୱାଭାବିକ ପରିବର୍ତ୍ତନ ଓ ତଦ୍‌ଜନିତ ଧ୍ୱଂସକାରୀ ଅବସ୍ଥା, ଘୂର୍ଣ୍ଣିବାୟୁ ।

**ଖଣ୍ଡିଉଡ଼ା** *ବି.* ଚଢ଼େଇର ପ୍ରାରମ୍ଭିକ ଉଡାଣ, ଦରଉଡ଼ା ।

**ଖଣ୍ଡିକାଶ** *ବି.* ୧. ଇଙ୍ଗିତପୂର୍ଣ୍ଣ କାଶ ୨. ସଂକେତ ୩. ରହି ରହି ହେଉଥିବା ଖୁଁ ଖୁଁ କାଶ ।

**ଖଣ୍ଡିକୁହା** *ବିଂ.* ଯେ ଅନ୍ୟକୁ ବାଧିଲା ଭଳି କଥା କହେ, ଯେ ଅନ୍ୟକୁ ଛିଗୁଲାଇ କରି କହେ, ପରିହାସପ୍ରିୟ ।

**ଖଣ୍ଡିଗିଣିଆ** *ବିଂ.* ୧. ଦୋଷଦୃଷ୍ଟିସମ୍ପନ୍ନ ୨. ଖୁଣିବା (ଲୋକ) ।

**ଖଣ୍ଡିଝୁରି** *ବି.* ବଡ଼ ଆକାରର ମାଛ-ଯାହା ସାଧାରଣତଃ ନଈରୁ ଧରାଯାଏ ।

**ଖଣ୍ଡିତ** *ବିଂ.* ୧. ଛେଦିତ, କର୍ତ୍ତିତ, ଖଣ୍ଡ ଖଣ୍ଡରେ ବିଭକ୍ତ ୨. ଯୁକ୍ତିଦ୍ୱାରା ରଦ୍ଦ, ଅପ୍ରମାଣୀକୃତ ୩. ତ୍ରୁଟିଯୁକ୍ତ ୪. ନାକଚ କରାଯାଇଥିବା, ଅସମ୍ପୂର୍ଣ୍ଣ ଥିବା।

**ଖଣ୍ଡିତା** *ବି.* କଥାଦେଇ ନାୟକ ନ ଆସିବା ଯୋଗୁଁ କ୍ଷୁବ୍ଧା ନାୟିକା ।

**ଖଣ୍ଡିପହଁରା** *ବି.* ନୂଆ ନୂଆ ଶିଖିଥିବା ପାଣିପହଁରା ।

**ଖଣ୍ଡିବା** *କ୍ରି.* ୧. ଛେଦନ କରିବା, କାଟିବା, ହାଣିବା ୨. ନିବାରଣ କରିବା ୩. ରଦ୍ଦ କରିବା ୪. ଯୁକ୍ତି ବା ପ୍ରମାଣଦ୍ୱାରା କାଟିଦେବା ୫. ଦୂରହୋଇଯିବା।

**ଖଣ୍ଡିମୁଣ୍ଡି** *ବିଂ.* ମଥାରେ ପ୍ରାୟ ବାଳ ନ ଥିବା ଅଥବା ପୁଳା ପୁଳା ବାଳଥିବା ।

**ଖଣ୍ଡୀ** *ବିଂ.* ୧. ସ୍ୱାମୀ ବା ସ୍ତ୍ରୀ ନ ଥିବା ୨. କଳିହୁଡୀ ଓ ଦୁଷ୍ଟଚରିତ୍ରା ୩. ନାକତଳ ଓ ପାଟିର ଉପର ମାଢ଼ି ମଧ୍ୟରେ ମାଂସ ନ ଥିବା ।

**ଖଣ୍ଡେ** *ବିଂ.ବି.* ଖଣ୍ଡିଏ, ଏକଖଣ୍ଡ, ଅଳ୍ପ, କିଛି, *ଅ.* ସଂଖ୍ୟାସୂଚକ (ଦୃ. ଦିନେଖଣ୍ଡେ) ।

**ଖଣ୍ଡେଇତ** *ବି.* ଖଣ୍ଡାୟତ ।

**ଖଣ୍ଡୁ** *ବିଂ.* ଖଣ୍ଡିତ ଓଠ ବା ଦାନ୍ତଥିବା ବ୍ୟକ୍ତି, ଗ୍ରହଣଖଣ୍ଡିଆ ।

**ଖଣ୍ଡୁଆ** *ବି.* ମୁଣ୍ଡର ଓଢ଼ଣି, ଏକ ପ୍ରକାର ପାଟବସ୍ତ୍ର (ଖଣ୍ଡୁଆ ପାଟ) ।

**ଖତ** *ବି.* ୧. ପଚାଗୋବର ୨. ଭୂଇଁକୁ ଉର୍ବର କରୁଥିବା ପ୍ରାକୃତିକ ସାର ।

**ଖତଜସ୍** *ବି.* କାଠପଟାରେ ଚିହ୍ନ/ଦାଗ ଦେବାପାଇଁ ବଢ଼େଇ ବ୍ୟବହାର କରୁଥିବା ଯନ୍ତ୍ର ବିଶେଷ ।

**ଖତକୁଢ଼** *ବି.* ଖତଗଦା, ଖତକୁରା ।

**ଖତକୁରା** *ବି.* ଖତକୁଢ଼, ଅଳିଆଗଦା ।

**ଖତଗଦା** *ବି.* ଗୋବର, କୁଟା, ଘାସ, ପତ୍ର ଆଦି ଖାଲ ଖୋଳି କିମ୍ବା ମାଟି ଉପରେ ସାର ହେବାପାଇଁ ଏକାଠି ରଖିବା, ଗୋବରଗଦା।

**ଖତମ୍** *ବି.* ୧. ଶେଷ, ଲୋପ ୨. ବିନାଶ, ମୃତ୍ୟୁ ।

**ଖତମା** *ବି.* କୌଣସି ବିଷୟରେ ଅନୁସନ୍ଧାନ ସରିବା ପରେ ପ୍ରଦତ୍ତ ବିବରଣୀ ବା ରିପୋର୍ଟ ।

**ଖତର୍‌ନାକ୍** *ବିଂ.* ସାଂଘାତିକ, ଭୟଙ୍କର, ବିପଜ୍ଜନକ, କ୍ଷତିକାରକ ।

**ଖତରା** *ବିଂ.* ଖତଖିଆ, ପୋରିହା, ପାପରା, ପଚରା, ପୋକରା ; *ବି.* ୧. ଥଟ୍ଟା, ପରିହାସ ୨. ବିପଦ ।

**ଖତ ହୋଇଯିବା** *କ୍ରି.* ୧. ନଷ୍ଟ ହୋଇଯିବା ୨. ଗୁଣ ହରାଇବସିବା ୩. ଖତ ଖାଇବା ।

**ଖତି** *ବି.* ଗୋବର/ଖତ କାରବାର କରୁଥିବା ନାରୀ ।

**ଖତିଆନ୍** *ବି.* ଜମିଜମା ସ୍ୱତ୍ୱ ବିବରଣର ହିସାବ ଖାତା, ଭୂସ୍ୱତ୍ୱଲିପି ।

**ଖତୁ** *ବି.* ଗୋବର, ଗୋବର ଖତ ।

**ଖତୁଆ** *ବିଂ.* ୧. ସ୍ୱାଦହୀନ, ଖାରିଆ ୨. ଉର୍ବର ।

**ଖତେଇ ହେବା** *କ୍ରି.* ବିକୃତ ମୁଖଭଙ୍ଗୀ କରି ଚିଡେଇବା, ଥଟ୍ଟାକରିବା ।

**ଖଦ୍‌ଖଦାଇବା** *କ୍ରି.* ୧. ପାଣିଦେଇ ଫୁଟାଇବା ୨. ଉପରକୁ ଫୁଟି ଉଠିବା ।

**ଖଦଡ଼** *ବି.* ୧. ହାତକଟା ସୁତାରେ ତନ୍ତବୁଣା ଲୁଗା ୨. ଖଣ୍ଡଖଣ୍ଡିଆ କ୍ଷୁଦ୍ରବସ୍ତୁ, ଖଦା।

**ଖଦଡ଼ା** *ବି.* କୌଣସି ପଦାର୍ଥ ପେଷାହେବା ପରେ ରହିଯାଇଥିବା ଛୋଟ ଛୋଟ ଖୁଦ ବା ଦାନା, ଛଣା ହେଲା ପରେ ରହିଯିବା ଖଣ୍ଡିଆ ବହଳ ଅଂଶ, ଖେଦରା, ଛେଦା ; *ବିଂ.* ଅଚିକ୍କଣ ।

**ଖଦଡ଼ିଆ** ***ବିଂ*** ୧. ଖଦଡପିନ୍ଧୁଥିବା ଲୋକ ୨. ଆବଡାଖାବଡା, ଅସମତଳ ୩. ବଗଡ଼ା, କୋରାବସ୍ତ୍ର ।

**ଖଦା** ***ବି.*** ୧. ଗରଡା, ଖଣ୍ଡ ୨. ପେଡାହେଲା ପରେ ରହିଯାଇଥିବା ରସହୀନ ଆଖୁଛେଦା ୩. ଛୁଇଁଆଦି ଟାଣ ଖାଦ୍ୟପଦାର୍ଥକୁ ଚୋବେଇ ରସ ଶୋଷିଲା ପରେ ବଳକା ବର୍ଜନୀୟ ଅଂଶ ।

**ଖଦାନ** ***ବି.*** ଖଣି ।

**ଖଦାଭୁସା** ***ବିଂ.*** ଖଦଖଦଡ଼ିଆ, ଅମସୃଣ ।

**ଖଦାଲ** ***ବି.*** ବଂଶଗତ ଭାବେ ତନ୍ତକାମ କରୁଥିବା ସମ୍ପ୍ରଦାୟ ।

**ଖଦି** ***ବି.*** ୧. ହାତବୁଣା ମୋଟାଲୁଗା, ଖଦଡ଼ ୨. ଲୁଗାପଟା ।

**ଖଦିଆ** ***ବି.*** ୧. ଲୁଗା ୨. ଧୋତି ୩. ପିନ୍ଧାଲୁଗାର କଚ୍ଛା ।

**ଖଦୁଆ** ***ବିଂ*** ବେଶି ପରିମାଣରେ ଅଧିକ ଥର ଖାଉଥିବା, ଖଦେର୍ ।

**ଖଦ୍ୟୋତ** ***ବି.*** ଜୁଳୁଜୁଳିଆ ପୋକ ।

**ଖଧେର୍** ***ବି.*** ଆହାର, ଖାଦ୍ୟ ।

**ଖନ୍‌ଖନା** ***ବିଂ*** ଅତ୍ୟଧିକ ପରିମାଣ, ବହୁତ ।

**ଖନା** ***ବିଂ*** ଅସ୍ପଷ୍ଟ କଥା କହୁଥିବା, ଯାହାର ଜିଭ ଛୋଟ ଥିବାରୁ କଥା ସ୍ପଷ୍ଟ ହୁଏ ନାହିଁ, ତୁତ୍‌ରା ; ***ବି.*** ଓଡ଼ିଶାରେ ଜନାଦୃତି ଲଭିଥିବା ଜଣେ ନାରୀ (ପ୍ରବାଦ) ।

**ଖନାବଚନ** ***ବି.*** ଖନାଙ୍କ ରଚିତ ପ୍ରବାଦବାକ୍ୟ ।

**ଖନୀ** ***ବି.*** ଜିଭ ଛୋଟଯୋଗୁ କଥାକହିବା ବେଳେ ପାଟି ଲାଗୁଥିବା ନାରୀ ।

**ଖନେଇ** ***କ୍ରି.ବିଂ*** ଅସ୍ପଷ୍ଟଭାବରେ, ତୁତ୍‌ରେଇ ।

**ଖନ୍ଦ୍** ***ବି.*** କାନ୍ଧ ।

**ଖନ୍ଦ୍‌ଗୁରା, ଖନ୍ଦ୍‌ଘୁଡା** ***ବି.*** ପିଲାଙ୍କୁ କାନ୍ଧରେ ବସାଇବା ।

**ଖନ୍ଦ** ***ବି.*** ଫସଲ ।

**ଖନ୍ଦକ** ***ବି.*** ଯନ୍ତାଗାତ, ଟ୍ରେଞ୍ଚ୍ ।

**ଖନ୍ଦଲା** ***ବି.*** ଗୋରୁଙ୍କୁ ମଣକରିବା ନିମିତ୍ତ ବ୍ୟବହୃତ ଜୁଆଳି ।

**ଖନ୍ଦଲି** ***ବି.*** ସାନ ଆକାରର ଖନ୍ଦଲା, ଗୋରୁଙ୍କୁ ମଣକରିବାପାଇଁ କାନ୍ଧରେ ବନ୍ଧାଯାଉଥିବା ଛୋଟ କାଠ ।

**ଖନ୍ଧା** ***ବି.*** ଭୋଜିଭାତପାଇଁ ତିଆରି ବଡ଼ ଓ ମେଲା ଚୁଲି ।

**ଖନ୍ଧାଘର,ଖନ୍ଧାଶାଳ** ***ବି.*** ରୋଷେଇଶାଳ, ଭୋଜିଭାତ ରୋଷେଇପାଇଁ ନିର୍ମିତ ଅସ୍ଥାୟୀ ଘର ।

**ଖପ୍‌କିନା** ***କ୍ରି.ବିଂ*** ହଠାତ୍ , ଅପ୍ରତ୍ୟାଶିତ ଭାବରେ, ଚଟକରି ।

**ଖପ୍‌ଖପ** ***କ୍ରି.ବିଂ*** ଛେକ ଛେକ କରି ଡେଇଁବା ।

**ଖପ୍‌ଖପୋ** ***ବି.ବିଂ*** ଢ଼ିଲା, ଢୁଗୁଳା ।

**ଖପ୍‌ତି** ***ବି.*** ଅର୍ଥାଭାବ, ଅଭାବ ।

**ଖପ୍‌ରି ପିଠା** ***ବି.*** ଚିତଉପିଠା, ନଡ଼ିଆ ଓ ଅରୁଆ ଚାଉଳର ପତଳା ଅଂଶକୁ ତେଲୁଣିରେ ରଖି ଉପରେ ଘୋଡ଼ଣି ଦେଇ ପ୍ରସ୍ତୁତ କରାଯାଉଥିବା ପିଠା ।

**ଖପ୍‌ରେଲ୍** ***ବି.*** *ଦେ.* ଘର ଛପରପାଇଁ ବ୍ୟବହୃତ ମାଟି ତିଆରି ପୋଡ଼ା ପଦାର୍ଥ ।

**ଖପ୍‌ସା** ***ବି.*** ଗଡ଼ିଶାଜାତୀୟ ମାଛ ।

**ଖପତ୍** ***ବି.*** ୧. ଚାହିଦା ୨. ବସ୍ତୁର ବ୍ୟବହାର ପରିମାଣ ।

**ଖପର, ଖପରଲି** ***ବି.*** ୧. ନିକୃଷ୍ଟ ଧାତୁ ବିଶେଷ ୨. ଦସ୍ତା ୩. ମୁଣ୍ଡର ଖୋଳପା ୪. ଘର ଛପରପାଇଁ ବ୍ୟବହୃତ ପୋଡ଼ାମାଟିର ଛୋଟ ଘୋଡଣି ୫. ଝିକର ।

**ଖପର ଖପର ହେବା** ***କ୍ରି.ବିଂ*** ଡେଇଁବା ।

**ଖପରା** ***ବି.*** ଭଙ୍ଗାହାଣ୍ଡି ଅଥବା ମାଠିଆର ଛୋଟଅଂଶ ।

**ଖପରାଖିଆ** ***ବିଂ*** ୧. ଖପରାରେ ଖାଉଥିବା ୨. ଅତି ଗରିବ, ସର୍ବଶୂନ୍ୟ, ନିଃସ୍ୱ, *ସ୍ତ୍ରୀ* ଖପରାଖାଇ ।

**ଖପରାଡିଆଁ** ***ବି.*** ଖପରାରେ ଖେଳିବା ଖେଳ ; ***ବିଂ*** ନିୟମନିଷ୍ଠାକୁ ଅତିଶୟ ଜଗୁଥିବା ।

**ଖପରି** ***ବି.*** ୧. ସାନଖପରା ୨. ଛୋଟ ଚଟକା ମାଟିପାତ୍ର ୩. ଖପରର ଭଙ୍ଗା ଅଂଶ ୪. ମୁଣ୍ଡର ଖପୁରି ୫. ଖପର ଆକୃତିର ମିଠା ବା ପିଠା ।

**ଖପା** ***ବି.*** ପୋଳୁହ, ସରୁ ସରୁ ବାଉଁଶକାଠିରେ ତିଆରି ମାଛଧରା ଉପକରଣ ;***ବିଂ.*** ଭଙ୍ଗା ବା ଘୋଡା ହୋଇଥିବା ।

**ଖପାଖପ୍** ***କ୍ରି.ବିଂ.*** ଶୀଘ୍ର, ତରବର, ଅତିଚଞ୍ଚଳ ; ***ଅ.*** ତରବର କରି, କ୍ଷିପ୍ର, ତୁରନ୍ତ ।

**ଖପାନ୍** ***ବି.*** ପଥରଖୋଲ, କର୍‌ପନ୍ ।

**ଖପିଯିବା** ***କ୍ରି.*** ୧. ସରିଯିବା ୨. ନିଆଁ ଜଳିଜଳି ଲିଭିଯିବା ୩. ବ୍ୟବହୃତହୋଇ ଶେଷହେବା ।

**ଖପୁରି** ***ବି.*** ୧. ମୁଣ୍ଡର ଉପର ଅଂଶ ବା ଆବରଣ ବା ଘୋଡଣି, କରୋଟୀ, ନରକପାଳ ୨. ତେଲୁଣି, ପଲମ, ମାଟିତିଆରି ବଡ ମେଲାମୁହାଁ ନଉତି ।

**ଖପେଇବା** ***କ୍ରି.*** ୧. ଖାଲିଜାଗାରେ ଭରିବା ୨. ଯୋଡ଼ିବା ୩. ତଣ୍ଟିଆ ମାରିବା ।

**ଖପ୍ପା** ***ବି.*** ୧. ରାଗ, ବିରକ୍ତି, ଗୁସ୍‌ସା ୨. ଘୋଡଣି ।

**ଖବଡ଼ାବା** ***କ୍ରି.*** ଫିଙ୍ଗିବା, ଫୋପାଡ଼ିବା ।

**ଖବଡ଼ୁବା** ***ବିଂ*** କାମଚଳା ।

**ଖବର** ***ବି.*** ୧. ସମ୍ବାଦ, ସମାଚାର , ଘଟଣାର ବିବରଣୀ ୨. ବାର୍ତ୍ତା ।

**ଖବର ଅନ୍ତର ନେବା** ***କ୍ରି.*** ଭଲମନ୍ଦ ବୁଝିବା ।

**ଖବରକାଗଜ** ***ବି.*** ସମ୍ବାଦପତ୍ର ।

**ଖବରଟବର** ***ବି.*** ଖବରଅନ୍ତର, ଭଲମନ୍ଦ ।

**ଖବରଦାର୍** ***ବି.ଅ.*** ହୁସିଆର, ସାବଧାନ ।

**ଖବିରା** ***ବିଂ.*** ଛୋଟା, ଭଲ କରି ଚାଲିପାରୁ ନଥିବା ।

**ଖବିସା** ***ବିଂ.*** ବଦମାସ୍, ପାଜି, ଦୁଷ୍ଟ ।

**ଖବୁରିବା** ***କ୍ରି.*** ୧. ଝୁଣ୍ଟି ପଡ଼ିବା ୨. ଅଟକିଯିବା ୩. ଖସିଯିବା ।

**ଖମ୍** ***ବି.*** ଖମ୍ବ, ସ୍ତମ୍ଭ ।

**ଖମ୍ଖମାଲୋ** ***ବି.*** ଧାଡ଼ିକରି ପୋତାହୋଇଥିବା ଖୁମ୍ବକୁ ଛୁଇଁ ଗୋଡ଼ିଆଗୋଡ଼ି ଖେଳ ।

**ଖମଣ** ***ବି.*** ୧. ଖାତ, ଖାଲ ୨. ଗହିର ୩. ଖମନ୍, ପର୍ବତ ତଳର ନିମ୍ନଭୂମି, ଜଙ୍ଗଲ ।

**ଖମଣା** ***ବିଂ.*** ଖାଲୁଆ, ଗହିରିଆ ।

**ଖମନ୍** ***ବି.*** ଜଙ୍ଗଲ, ବଣ ।

**ଖମା** ***ବି.*** ଖାଲ, ଗଭୀର, ଲମ୍ବାଳିଆ ଗାତ ।

**ଖମାର** ***ବି.*** ୧. ଶସ୍ୟାଦି ରଖାଯାଇଥିବା ନିବୁଜ କୋଠରି, ଚାଷଘର ୨. ଚାଷଜମିର ଚକଡ଼ା, ଅମାର, ମରେଇ ।

**ଖମାରୀ, ଖମାରିଆ** ***ବି.*** ଖମାରରକ୍ଷକ, ଖମାରିଆ, ଚାଷବାସ ବୁଝାବୁଝି କରୁଥିବା ଲୋକ ।

**ଖମାଲୁ** ***ବି.*** ବେଶି ପରିମାଣରେ ଖାଉଥିବା ହୃଷ୍ଟପୁଷ୍ଟ ଲୋକ ।

**ଖମ୍ବ,ଖମ୍ବା** ***ବି.*** ଖୁଣ୍ଟ, ସ୍ତମ୍ଭ ।

**ଖମ୍ବଆଳୁ** ***ବି.*** ମାଟିଆଳୁ (ବ୍ୟଙ୍ଗରେ) ବ୍ୟର୍ଥତାସୂଚକ ଶବ୍ଦ ।

**ଖର୍** ***ବିଂ.*** ୧. ଉଷ୍ଣ ୨. ତୀକ୍ଷ୍ଣ ୩. ତୀବ୍ର ।

**ଖର୍ଖରା** ***ବିଂ.*** ପରିଷ୍କାର, ସଫାସୁତୁରା ।

**ଖର୍ଖରି** ***ବିଂ.*** ୧.ଚଞ୍ଚଳା, ମୁଖରା ୨. ଯୌନ ଉତ୍ତେଜନା ସୃଷ୍ଟି କରୁଥିବା ।

**ଖର୍ଖସା** ***ବିଂ.*** କର୍କଶ, ଅମସୃଣ ।

**ଖର୍ଗୋସ୍** ***ବି.*** ଦୂରକୁ ଡେଇଁ ପାରୁଥିବା ଛୋଟ ତୃଣଭୋଜୀ ପଶୁ, ଠେକୁଆ ।

**ଖର୍ଚି** ***ବିଂ.ବି.*** ଖର୍ଚ୍ଚୀ, ଖୋଲା ହାତରେ ଅର୍ଥ ବ୍ୟୟ କରୁଥିବା ।

**ଖର୍ଡ଼ି** ***ବି.*** ଜମିର ଶୁଖିଲା ଅବସ୍ଥାରେ କରାଯାଉଥିବା ଚାଷ ।

**ଖର୍ଡ଼ିଆ** ***ବି.*** ବାୟାଚଢ଼େଇ ।

**ଖର୍ଡ଼ି ବତର** ***ବି.*** ଖରଡ଼ି ବୁଣାପାଇଁ ଅନୁକୂଳ ବା ଉପଯୁକ୍ତ ଅବସ୍ଥା ।

**ଖର୍ପାଗ** ***ବି.*** ନିଆଁରେ ଟାଣଭଜା ।

**ଖର୍ପାନି** ***ବି.*** ବିଂଝାଲ୍ ସମ୍ପ୍ରଦାୟରେ ଶୁଦ୍ଧିକ୍ରିୟାରେ ନବମ ଓ ଦଶମ ଦିନର ବିଧି ।

**ଖର୍ବା** ***କ୍ରି.*** ଗଛରୁ ପତ୍ର ଝଡ଼ିବା ।

**ଖର୍ମରା** ***ବିଂ.*** ଘିଅ ବା ତେଲରୁ ପାଣିମାରିଲା ବେଳେ ସାମାନ୍ୟ ଅଧିକ ସିଦ୍ଧ ।

**ଖର୍ରା** ***ବି.*** ଖତ୍ରା ।

**ଖର୍ଲାଇବା** ***କ୍ରି.*** ୧. ଉଦ୍ଦେଶ୍ୟ ରଖି ଠକିବା ୨. କୌଣସି ପ୍ରକାରେ କାମ ସାରିଦେବା ୩. ଦାୟିତ୍ୱ ଖସେଇ ଦେବା ।

**ଖର୍ଲାବା** ***କ୍ରି.*** ଅଇଁଠା ବାସନକୁ ଖାର ସାହାଯ୍ୟରେ ମାଜି ଧୋଇବା ପାଇଁ ପ୍ରସ୍ତୁତକରି ରଖିବା ।

**ଖର୍ଲି ଯିବା** ***କ୍ରି.*** ଶୁଖିଲା ଓ ଗଡ଼ାଣିଆ ସ୍ଥାନରେ ଅକସ୍ମାତ ପାଦ ଖସିବା ।

**ଖର୍ଲୁ** ***ବିଂ.*** ଅସଲ କାମ ବେଳେ ଖସି ପଳାଉଥିବା ।

**ଖର୍ସନ୍** ***ବି.*** ଦୁଷ୍ଟ ପ୍ରକୃତିର ଲୋକ ।

**ଖର୍ସଲୋ** ***ବିଂ.*** ତେଲ ନ ଲଗାଇ ଥିବା ।

**ଖର୍ସି** ***ବି.*** ଗୋବର, ଗୋରୁମାନଙ୍କ ମଳ ।

**ଖର୍ହା, ଖରା** ***ବି.*** ଠେକୁଆ ।

**ଖର** ***ବିଂ.*** ୧. କ୍ଷିପ୍ର ୨. ତୀକ୍ଷ୍ଣ ୩. ଟାଣ ୪. ଉଗ୍ର ୫. ଟାଆଁଶା ୬. ତୀବ୍ର; ***ବି.*** ୧. ନଡ଼ା, ଖଡ଼ ୨. ଗଧ ।

**ଖରକଣା** ***ବି.*** ଝାଡୁ ମାରିବାପାଇଁ ବ୍ୟବହୃତ ଗୃହଉପକରଣ, ଛାଞ୍ଚୁଣି, ଖଡ଼ିକାମୁଠା, ଝାଡୁ ।

**ଖରକା** ***ବି.*** ଛାଞ୍ଚୁଣି, ଓଳାଇବା କାର୍ଯ୍ୟ, ସଫେଇତି ; ***ବିଂ.*** ଝାଡୁ ମରାହୋଇଥିବା ।

**ଖରକା ନିଯୋଗ** ***ବି.*** ସଫେଇତି ସେବା ।

**ଖରକିବା** ***କ୍ରି.*** ୧. ଖଡ଼ିକାରେ ଓଳାଇବା, ଝାଡୁକରିବା ୨. ସଫାକରିବା ।

**ଖରକୁଟା ଟଁଢ଼େଇ** ***ବି.*** କୁଟା ମାଧ୍ୟମରେ ରକ୍ତ ଶୋଷୁଥିବା ତଥାକଥିତ ଡାହାଣୀ ।

**ଖରଖରିଆ** ***ବିଂ.*** ଚପଳ ସ୍ୱଭାବଯୁକ୍ତ, କଳିହୁଡ଼ା, ବଦ୍‌ରାଗୀ ।

**ଖରଚ** ***ବି.*** ବ୍ୟୟ ।

**ଖରଜଳ** ***ବି.*** ଲବଣଯୁକ୍ତ ପାଣି, ଖାରାପାଣି, ଯେଉଁ ପାଣିରେ ସାବୁନ ଫେଣ ହୁଏନାହିଁ ।

**ଖରଣ୍ଡତ୍** ***ବି.*** ଶରଦଗରମ ; ***ବିଂ.*** ଗରମ ଓ ଥଣ୍ଡା ।

**ଖରଡ଼ା *ବି.*** ୧. ଅଳ୍ପ ତେଲମସଲାରେ ଭଜାଯାଇଥିବା (ଯଥା-ଶାଗଖରଡା) ୨. ଘୋଡା ଦେହଘଷା ପାନିଆ ୩. ରଥର ଗତି ନିରୋଧକ କାଠ ।

**ଖରଡ଼ି *ବି.ବିଂ.*** ଶୁଖିଲା ଜମିରେ ଚାଷ କାମ ।

**ଖରଡ଼ିଆ *ବି.*** ବାୟାଚଢ଼େଇ ।

**ଖରଡ଼ି ବତର *ବି.*** ଖରଡ଼ି ଚାଷପାଇଁ ଅନୁକୂଳ ପାଗ ।

**ଖରଡ଼ିବା *କ୍ରି.*** ଶାଗ ବା ପରିବାକୁ ସାମାନ୍ୟ ଭାଜିବା ।

**ଖରଡ଼ିବୁଣା *ବି.*** ବିଲ ଶୁଖିଥିବା ଅବସ୍ଥାରେ ଚାଷକରି ବିହନ ବୁଣା କାର୍ଯ୍ୟ ।

**ଖରଦି *ବି.*** ୧. କ୍ରୟ, କିଣିବା ୨. ନିଜର କରିବା ।

**ଖରନିଃଶ୍ୱାସ *ବି.*** ଆବେଗଯୋଗୁଁ ତୀବ୍ର ନିଃଶ୍ୱାସ, ଊର୍ଦ୍ଧ୍ୱଶ୍ୱାସ, ଧଇଁସଇଁ ।

**ଖରଭଜା *ବି.*** ଅଧିକ ଟାଣଭଜା ।

**ଖରମରା *ବିଂ.*** କୌଣସି ତୈଳ ଜାତୀୟ ପଦାର୍ଥର ମାତ୍ରାଧିକ ପ୍ରସ୍ତୁତି ।

**ଖରଶାଣ *ବି.*** ତୀକ୍ଷ୍ଣଧାର, ଅଧିକ ଶାଣଦିଆ ଧାର ।

**ଖରଶ୍ୱାସ *ବି.*** ମୃତ୍ୟୁପୂର୍ବରୁ ଦୀର୍ଘଶ୍ୱାସ ।

**ଖରା *ବି.*** ୧. ସୂର୍ଯ୍ୟଙ୍କ କିରଣ ୨. ଠେକୁଆ ।

**ଖରାଇବା, ଖରେଇବା *କ୍ରି.*** କଡ଼େଇ ଓ ଡେକଚି ଆଦି ମାଜିବା ପରେ ଚୁଲିରେ ବସିବା ପରେ କଳା ନ ହେବାପାଇଁ ସେଗୁଡ଼ିକର ବାହାର ପାଖରେ ଖାର ଲେପିବା ।

**ଖରାଛୁଟି *ବି.*** ଗ୍ରୀଷ୍ମାବକାଶ, ଖରାଦିନ ଛୁଟି ।

**ଖରାଟି *ବି.*** ଖରଡ଼ି ଚାଷ ।

**ଖରାଟିଆ *ବିଂ.*** ଖରାଦିନିଆ, ଗ୍ରୀଷ୍ମକାଳୀନ ।

**ଖରାଟିଆ ଧାନ *ବି.*** ଟାଇଚୁଁ, ଖରାଦିନରେ ଚାଷ ହେଉଥିବା ଧାନ ।

**ଖରାତରା *ବି.*** ଦିନରାତି, ସବୁସମୟ ।

**ଖରାପ *ବିଂ.*** ୧. ମନ୍ଦ ୨.ନିକୃଷ୍ଟ ୩. ନିନ୍ଦନୀୟ, ଅସାଧୁ, ଅସାମାଜିକ ।

**ଖରାପ ହେବା *କ୍ରି.*** ୧. ମରିଯିବା ୨. ମନ୍ଦହେବା ୩. ଅବାଟରେ ଯିବା ।

**ଖରାପୁଆଁ *ବି.*** ଶୀତଦିନ ସକାଳେ ଖରାରେ ବସିବା, ସୂର୍ଯ୍ୟସ୍ନାନ ।

**ଖରା ମଉଳିବା *କ୍ରି.*** ଛାଇ ଲେଉଟିବା, ଉପରବେଳା ।

**ଖରି *ବି.*** ୧. ଏକ ଜାତୀୟ ତୃଣ ୨. ଧାନହଳାର ଗଦା ।

**ଖରିଆ *ବି.*** ଠେକୁଆ ।

**ଖରିଦ *ବି.*** କିଣା, କ୍ରୟ ।

**ଖରିଦଦାର *ବିଂ.ବି.*** କିଣାଳି, କ୍ରେତା ।

**ଖରି ପକାଇବା *କ୍ରି.*** ବେଙ୍ଗଳା ପକାଇବା ।

**ଖରିଫ୍ *ବି.*** ଶୀତଦିନରେ ଅମଳ ହେଉଥିବା ଫସଲ ।

**ଖରୁଆ *ବିଂ.*** ଦେହର ନିର୍ଦ୍ଦିଷ୍ଟ ସ୍ଥାନରେ ହାତର ସ୍ପର୍ଶ ଅଥବା ଅସ୍ୱାଭାବିକ ଶବ୍ଦ ଯୋଗୁ ପ୍ରତିକ୍ରିୟା ପ୍ରକାଶ କରୁଥିବା, ଚଞ୍ଚଳିଆ, ଖର ।

**ଖର୍ଚ୍ଚକାଟ *ବି.*** ବ୍ୟୟପାଇଁ ଅର୍ଥ ବିନିଯୋଗର ପରିମାଣ ଊଣା କରିବା ।

**ଖର୍ଚ୍ଚା *ବିଂ.*** ଖରଚା, ବ୍ୟୟର ଅର୍ଥ ।

**ଖର୍ଚ୍ଚାପାଣି *ବି.*** ପାରିତୋଷିକ, ଅଣ୍ଟାଗୁଞ୍ଜା, ଘୁସ୍, ଲାଂଚ, ରିସପତ ।

**ଖର୍ଚ୍ଚୀ *ବିଂ.*** ଅପବ୍ୟୟୀ, ବଦ୍‌ଖର୍ଚ୍ଚୀ, ଅନାବଶ୍ୟକ ଭାବରେ ବ୍ୟୟ କରୁଥିବା ।

**ଖ(ର୍ଜ୍ଜୁ)ର୍ଜ୍ଜୁର *ବି.*** ୧. ଖଜୁରିଗଛ ୨. ଖଜୁରିକୋଳି ।

**ଖର୍ପର *ବି.*** ଅସ୍ତ୍ରବିଶେଷ ।

**ଖର୍ବ *ବି.*** ସହସ୍ରକୋଟି ସଂଖ୍ୟା, ***ବିଂ.*** ୧. ହ୍ରାସପ୍ରାପ୍ତ ୨. ନାଶପ୍ରାପ୍ତ ୩. ବାମନ, ବାଙ୍ଗରା ।

**ଖର୍ବକାୟ *ବିଂ.*** ଅଳ୍ପ ଉଚ୍ଚତାବିଶିଷ୍ଟ, ଗେଡ଼ା, ବାମନ, ବାଙ୍ଗରା ।

**ଖର୍ବତା, ଖର୍ବତ୍ୱ *ବି.*** ହ୍ରାସ, ବାଙ୍ଗରାପଣ ।

**ଖଳ *ବିଂ.*** ଦୁର୍ଜନ, କୁଟିଳ, ଅନ୍ୟର କ୍ଷତିକାରୀ । ***ବି.*** ଅନର୍ଥ, କୂଟଚକ୍ର ।

**ଖଳଖଳ *କ୍ରି.ବିଂ.*** ୧. ସାମାନ୍ୟ ଆଘାତରେ ଖସି ପଡ଼ିବା ବା ବାହାରିଯିବା ୨. ଛାଆଁକୁ ଛାଆଁ, ସ୍ୱତଃପ୍ରବୃତ୍ତ ; ***ବିଂ.*** ୧. ସ୍ପଷ୍ଟ ବାରିହୋଇ ଯାଉଥିବା ୨. ଖୋଲା, ମୁକ୍ତ, ଅବିମିଶ୍ର ।

**ଖଳଖଳିଆ *ବିଂ.*** ୧. ଡବଡବା, ଯେଉଁ ଲୋକର ପେଟରେ କୌଣସି କଥା ରହେନାହିଁ ୨. ତରକାରିରେ ସିଝିଥିବା ପରିବାଦିର ପରସ୍ପର ଅମିଶା ଅବସ୍ଥା । ।

**ଖଳନାୟକ *ବି.*** ୧. ନାଟକରେ ନାୟକ / ନାୟିକା ବିରୋଧରେ ଆଚରଣ କରୁଥିବା ଚରିତ୍ର ୨. ଚକ୍ରାନ୍ତକାରୀ, ଅତ୍ୟନ୍ତ ଦୁଷ୍ଟ ପ୍ରକୃତିର ବ୍ୟକ୍ତି ।

**ଖଳବ *ବି.*** କଳହ, କନ୍ଦଳ, ଗଣ୍ଡଗୋଳ ।

**ଖଳବା *ବିଂ.*** କଳିହା, ଗଣ୍ଡଗୋଳ ଲଗାଉଥିବା ।

**ଖଳା *ବି.*** ୧. ଫସଲ ଜମା କରିବା ଓ ଅମଳ କରିବାର ସ୍ଥାନ ୨. କୌଣସି ବିଶେଷ ଉଦ୍ଦେଶ୍ୟରେ ବ୍ୟବହୃତ ସ୍ଥାନ (ରଥଖଳା) ।

**ଖଳାଉଠା, ଖଳାବଢ଼ା *ବି.*** ଫସଲ ଅମଳ ଶେଷହେବା ଦିନ ଖଳାରେ ଅନୁଷ୍ଠିତ ଶେଷ ପୂଜାବିଧି, ପତନିଉଠା ।

**ଖଳା କରିବା *କ୍ରି.*** ଫସଲ ଅମଳପାଇଁ ସ୍ଥାନ ତିଆରିକରିବା ।

**ଖଳାଘର *ବି.*** ଖଳାରେ ତିଆରି ଅସ୍ଥାୟୀ ଘର ।

**ଖଳାବାଡ଼ି, ଖଳାବାରି *ବି.*** ୧. ଖଳା ସଙ୍ଗେ ଲାଗିଥିବା ଜମିବାଡ଼ି ୨. ଯେଉଁ ବାରିରେ ଶସ୍ୟାଦି ଅମଳ କରାଯାଏ ।

**ଖଳାମଡ଼ା *ବି.*** ଖଳା ତିଆରିବାପାଇଁ ମାଟିକୁ ଚାଞ୍ଛି ଓ ସମତଳ କରି ଗୋବରରେ ଲିପାପୋଛା ।

**ଖଳାମୁଣ୍ଡ *ବିଂ.*** ଖଳା ପାର୍ଶ୍ୱବର୍ତ୍ତୀ ।

**ଖଳି ବି.** ୧. ପିଠା ତିଆରିରେ ବ୍ୟବହୃତ ଯନ୍ତୁଣି ୨. ଗରମ ପାଣିରେ ଘଣ୍ଟା ଅଟା ବା ଚାଉଳ ଚୂନା ୩. ଲୁଗାରେ ଦିଆଯାଉଥିବା ମଣ୍ଡ ୪. ମାଟିଗଢ଼ା ମୂର୍ତ୍ତି ଚିତ୍ରଣବେଳେ ଲଗାଯାଉଥିବା ଧଳାମଣ୍ଡ ।

**ଖଳିକାର ବି.** ୧. ସାପୁଆକେଳା ୨. ଯାଦୁକର, ଐନ୍ଦ୍ରଜାଲିକ ।

**ଖଳିମାଟି ବି.** ନରମ, ଅଠାଳିଆ ଓ କଳାରଙ୍ଗର ମାଟି-ଖରା ବାଜିଲେ ଯାହା ଟାଣହୋଇ ଫାଟିଯାଏ ।

**ଖଳିରୁଟି ବି.** ସିଝା/ଯନ୍ତା ଅଟାରେ ପ୍ରସ୍ତୁତ ରୁଟି ।

**ଖଳିଲାଗି ବି.** ଠାକୁରଙ୍କ ବନକ ବା ରଙ୍ଗଲାଗି ସେବା ।

**ଖଲୁଆ ବିଂ.** ଖଳ, ଦୁଷ୍ଟ, କଳିହା, କଳିହୁଡ଼ା, ଖଚମିଛକୁହା ।

**ଖଲ୍‌ଖଲି ବିଂ.** ହସକୁରି, ଖୋଲା ହସ ପ୍ରବଣ ।

**ଖଲ୍‌ଚୋ ବିଂ.** ପାଣିଆ, ପାଣିଚିଆ, ଝୋଲୁଆ ।

**ଖଲ ବି.** ଔଷଧ ତିଆରିପାଇଁ ବ୍ୟବହୃତ ଖାଲୁଆ ପଥର ପାତ୍ର ବିଶେଷ ।

**ଖଲଖଲ ବି.** ୧. ଖଜବଜ, ମନର କଥା କହିବାପାଇଁ ବ୍ୟଗ୍ରତା, ଉତ୍ସୁକତା ପ୍ରକାଶ ୨. କଳକଳ ଧ୍ୱନି ।

**ଖଲବଲ ବିଂ.** କଲବଲ, ବ୍ୟାକୁଳ, ଅସ୍ଥିର ।

**ଖଲାଛେଦ୍ ବି.** ଖଳାଉଠା ।

**ଖଲାସ ବି.** ୧. ମୁକ୍ତି ୨. ଅବ୍ୟାହତି ୩. ତ୍ୟାଗ ।

**ଖଲାସି ବି.** ଜାହାଜ, ରେଲ ଓ ଟ୍ରକ ଆଦିରେ ପରିବହନ କାର୍ଯ୍ୟରେ ରତ ତଳିଆ କର୍ମଚାରୀ; କୁଲି, ମାଲ ଚଢ଼ାଉତରା କରୁଥିବା ଶ୍ରମିକ ।

**ଖଲି ବି.** ୧. ଖଡ଼ିକା ସିଆଁ ଶାଳ, ଶିଆଳି ଆଦି ପତ୍ରର ପାତ୍ର, ଖଲିପତ୍ର ୨. ଗୋରୁଗାଇଙ୍କ ଗୋଡ଼ରେ ହେଉଥିବା ରୋଗ - ଯାହା ଫଳରେ ସେମାନେ ସ୍ୱାଭାବିକ ଭାବରେ ଚାଲି ପାରନ୍ତି ନାହିଁ ୩. ଥଟ୍ଟା, ପରିହାସ ।

**ଖଲିଆ ବିଂ.** ୧. ଖଲି ରୋଗାକ୍ରାନ୍ତ ୨. ପରିହାସକାରୀ, ମଖଣ୍ଡିଆ ୩. ଗୋଡ଼ ଘୋଷାରି ଚାଲୁଥିବା; *ସ୍ତ୍ରୀ.* ଖଲେଇ ।

**ଖଲିଆ ବଳଦ ବି.** ଯେଉଁ ବଳଦ ଖଲେଇ ଖଲେଇ ଚାଲେ, ଗୋଡ଼ ଘୋଷାରି ଘୋଷାରି ଚାଲୁଥିବା ବଦଳ ।

**ଖଲିଆ ମାଟି ବି.** ଚିକିଟା ମାଟି, ଚାଷର ଅନୁପଯୋଗୀ ମାଟି ।

**ଖଲିଆରି ବି.** ବର୍ଷା ସମୟରେ ବହୁଥିବା ଦକ୍ଷିଣାପବନ ।

**ଖଲିପା ବି.** ୧. ଅତିଚତୁର, ଠକ, ସିଆଣିଆ ୨. ଦର୍ଜି ୩. କୁଳଟା ।

**ଖଲିଫା ବି.** ମୁସଲମାନମାନଙ୍କ ସମ୍ମାନଜନକ ପଦବୀ ବା ପଦ, ଧର୍ମଗୁରୁ ।

**ଖଲିବା କ୍ରି.** ଖଲରେ ପେଷିବା, ଚୂନାକୁ ପତଳା କନାରେ ରଖି ହାତଚାପଦ୍ୱାରା ତାହାର ସୂକ୍ଷ୍ମତମ ଅଂଶ ବାହାରକରିବା ।

**ଖଲିହଗ୍ରା ବି. ବିଂ.** କୃତଘ୍ନ, ବିଶ୍ୱାସଘାତକ ।

**ଖଲେଇ ବି.** ମାଛ ରଖିବା ଉପକରଣ, ଖାଳେଇ ।

**ଖଲେଇ ବିଂ.** ୧. ଛୋଟେଇ ଛୋଟେଇ ଚାଲୁଥିବା ୨. ନଖରୀ, ନଷ୍ଟଚରିତ୍ରା ।

**ଖଲେଇବା କ୍ରି.** ଗୋଡ଼ ଘୋଷାରିଘୋଷାରି ଚାଲିବା ।

**ଖଲୋଖଲୋ ବିଂ.** କୁଳୁକୁଳୁ ; **ବି.** କୁଳୁକୁଳୁ ଧ୍ୱନି ।

**ଖସ୍‌କି ଦେବା କ୍ରି.** ସୂଚନା ନ ଦେଇ କୌଣସି ସ୍ଥାନରୁ ଚାଲିଯିବା ।

**ଖସ୍‌ଖସ୍ ବି.** ୧. ବେଣାଚେର ୨. ଶୁଖିଲା ପତ୍ର ଉପରେ ପାଦ ପଡ଼ିବା ଯୋଗୁଁ ସୃଷ୍ଟ ଶବ୍ଦ ୩. ପୋସ୍ତଦାନା, ***କ୍ରି.ବିଂ.*** ତରତର (ଚାଲିଯିବା) ।

**ଖସ୍‌ଖସ୍ ପଳାଇବା କ୍ରି.** ଉପେକ୍ଷା କରି ସ୍ଥାନ ଛାଡ଼ି ଚାଲିଯିବା ।

**ଖସ୍‌ଖସା କ୍ରି.** ଖର୍‌ଖସା ।

**ଖସ୍‌ରିବା କ୍ରି.** ୧. ଓଦା ବା ପିଚ୍ଛିଳ ସ୍ଥାନରେ ପାଦ ଖସିଯିବା, ପିଛଲି ଯିବା ୨. ଘୁଞ୍ଚିବା, ସ୍ଥାନଚ୍ୟୁତ ହେବା ।

**ଖସଙ୍ଗ୍‌ଖସଙ୍ଗ୍ କ୍ରି.ବିଂ.** ଉପେକ୍ଷା କରି ସ୍ଥାନ ଛାଡ଼ିଯିବା ।

**ଖସଡ଼ା ବିଂ.** ପିଚ୍ଛିଳ; **ବି.** ୧. ଚିଠା ୨. ଆଇନର ପାଣ୍ଡୁଲିପି ୩. ରାଜସ୍ୱ ବନ୍ଦୋବସ୍ତରେ ଗାଁ ଖେତଗୁଡ଼ିକର କିତାଓ୍ୱାରୀ ବିବରଣ; **ବି.** ସନନ୍ଦପତ୍ର ।

**ଖସଡ଼ା ବାଟ ବି.** ୧. ଅତ୍ୟନ୍ତ ପିଚ୍ଛିଳ ରାସ୍ତା-ଚାଲିବା କାଳରେ ଯେଉଁଠି ବ୍ୟକ୍ତିର ପାଦ ନିୟନ୍ତ୍ରଣ ହରାଏ ୨. ବିପଦଜ୍ଜନକ ପଥ ।

**ଖସର୍‌ପଟି ବିଂ.** ୧. ଅତି ନିକୃଷ୍ଟ ୨. ଯେ ନିଜର କଥା ରଖେ ନାହିଁ ।

**ଖସରା ବିଂ.** ଖସଡ଼ା, ପିଚ୍ଛିଳ ।

**ଖସା ବି.** ୧. ତିଳ, ରାଶି ୨. ଦେହର ତିଳଚିହ୍ନ ।

**ଖସାଲଡୁ ବି.** ରାଶିକୁ ଗୁଡ଼ରେ ପାଗକରି ତିଆରି ଲଡୁ ।

**ଖସିବା କ୍ରି.** ୧. ବିଚ୍ୟୁତ ହେବା ୨. ପଡ଼ିବା ୩. କମିବା ୪. ଝଡ଼ିବା ୫. ଧରା ନ ପଡ଼ିବା, ସ୍ଖଳିତ ହେବା ।

**ଖସୁ ବି.** କାଛୁ, କୁଣ୍ଡିଆ ।

**ଖସୁଆ ବି.** ୧. କଉମାଛ ପରି ଦିଶୁଥିବା ଈଷତ୍ ଧଳାକାତିଥିବା ମାଛ ୨. ଶାରଦଧାନ କିଆରିରେ ଜନ୍ମିଥିବା ଏକପ୍ରକାର ଘାସ ୩. କାଛୁକୁଣ୍ଡିଆ ; **ବିଂ.** କାଛୁଆ ।

**ଖାଆଣି ଝିଆ ବି.** ତୋରାଣିପିଆ, ଖୁଏନ୍‌ଖୁଆ, ବାହାଘର ପୂର୍ବରୁ ଝିଅମାନଙ୍କ ଜ୍ଞାତି, କୁଟୁମ୍ବ ଓ ବନ୍ଧୁବାନ୍ଧବଙ୍କ ଘରେ ନିମନ୍ତ୍ରିତ ଭୋଜନ ।

**ଖାଇ ବି.** ୧. କୃତ୍ରିମ ଜଳଥିବା ଖାତ ୨. ଗଡ଼ଖାଇ ୩. ଆଖୁପେଡ଼ା ଯନ୍ତ୍ର ୪. କପାରୁ ମଞ୍ଜି ଅଲଗାକରି ତୁଳା ବାହାରକରିବା ଯନ୍ତ୍ର ବିଶେଷ, କପାଖାଇ ।

**ଖାଇତେ** ***କ୍ରି.ବିଂ.*** ଖାଇବାପାଇଁ ।

**ଖାଇବା** ***କ୍ରି.*** ୧. ଭୋଜନ କରିବା ୨. ନଷ୍ଟ କରିବା ୩. ଶେଷ କରିବା ।

**ଖାଇବାହାତ, ଖାଇବିହାତ** ***ବି.*** ଡାହାଣ ହାତ ।

**ଖାଇହାତ** ***ବି.*** ୧. ଡାହାଣହାତ, ଭୁଜନିହାତ, ଖାଇଲିହାତ ୨. ଡାହାଣଦିଗ ।

**ଖାଉଁକିନା** ***କ୍ରି.ବିଂ.*** ୧. କାମୁଡ଼ିବାକୁ ପାଟି ମେଲାକରି ୨. କାମୁଡ଼ିବା ପାଇଁ ଶବ୍ଦକରି ।

**ଖାଉଆ** ***ବିଂ.*** ଲାଞ୍ଚଖୋର, ଦୁର୍ନୀତିଗ୍ରସ୍ତ ।

**ଖାଉଟି** ***ବିଂ.*** ଉପଭୋକ୍ତା, ନିଜ ବ୍ୟବହାରପାଇଁ ଜିନିଷ କିଣୁଥିବା ବ୍ୟକ୍ତି ।

**ଖାଉଟିଆ** ***ବିଂ.*** ଯେ ଋଣ ନେଇ ପରିଶୋଧ କରେନାହିଁ ।

**ଖାଉଡ଼** ***ବି.*** ଦଳ, ପଞ୍ଝା, ପଲ ।

**ଖାଉନ୍ଦ** ***ବି.*** ଖାମିନ୍ଦ, ମାଲିକ, ସ୍ୱାମୀ, କର୍ତ୍ତା, ପ୍ରଭୁ, ମୁନିବ, ଆଶ୍ରୟଦାତା; ***ସ୍ତ୍ରୀ.*** ଖାଉନ୍ଦାଣୀ ।

**ଖାଉରା** ***ବିଂ.*** ଯେ ଅତ୍ୟଧିକ ପରିମାଣରେ ଏବଂ ବାରମ୍ବାର ଖାଏ, ଖାଉ ।

**ଖାଉଳ** ***ବି.*** ମାଲିକ, ଅଧିକାରୀ ।

**ଖାଏଦ୍** ***ବି.*** ଖାଦ୍ୟ ।

**ଖାଏନିନ୍ଦରା** ***ବି.*** ଯାହାର ଖାଇଛି ତା'ର ନିନ୍ଦା କରୁଥିବା ଲୋକ, ନିମକହାରାମ ।

**ଖାଏସେଲ୍** ***ବି.*** ଯେ ଖାଏ, କିନ୍ତୁ କାମ କରେନାହିଁ ।

**ଖାକ୍** ***ବିଂ.*** ଶୂନ୍ୟ, ଖାଲି ; ***ବି.*** କାଖ ।

**ଖାକ୍‌ବିଲେଇ** ***ବି.*** କାଖତଳେ ବାହାରୁଥିବା ବଥ ।

**ଖାକ୍ ହେବା** ***କ୍ରି.*** ୧. ଶୂନ୍ୟହେବା, ଦରିଦ୍ର ହେବା ୨. କାଖହେବା, କାଖେଇବା ୩. ସବୁ ନଷ୍ଟ ହୋଇଯିବା ।

**ଖାକି** ***ବି.*** ୧. ପାଉଁଶିଆ ବା ମାଟିଆ ରଙ୍ଗବିଶିଷ୍ଟ ପୋଷାକ ୨. ବିଡ଼ି; ***ବିଂ.*** ପାଉଁଶିଆ, ମାଟିଆ ।

**ଖାଙ୍କର** ***ବିଂ.*** ୧. ନୁଖୁରା ୨. ମୁକୁଳା ୩. ପୋଲା ୪. ବିକଟ, ଭୟଙ୍କର ।

**ଖାଙ୍କା** ***ବିଂ.*** ପୋଲା, ଫାଙ୍କା, ଶୂନ୍ୟ ।

**ଖାଖି** ***ବି.*** କେନ୍ଦୁପତ୍ରରେ ବନ୍ଧା ହୋଇଥିବା ଧୂଆଁପତ୍ରର ଗୁଣ୍ଡ, ବିଡ଼ି ।

**ଖାଜାଞ୍ଚି** ***ବି.*** କୋଷାଧ୍ୟକ୍ଷ, ଧନଭଣ୍ଡାରର ରକ୍ଷକ ।

**ଖାଜାଞ୍ଚିଖାନା** ***ବି.*** କୋଷାଗାର, ବିତ୍ତାଗାର, ଟ୍ରେଜେରି ।

**ଖାଞ୍ଚ** ***ବି.*** ୧. ଟଣାଓଟରା, ଆକର୍ଷଣ ୨. ଗାତ ୩. ଖାପ ।

**ଖାଞ୍ଚ ମାରିବା** ***କ୍ରି.*** ୧. ପାଣିରୁ ବନ୍‌ଶି ଖାଡ଼ିକୁ ହଠାତ୍ ଉଠାଇ ମାଛମାରିବା ୨. ଖୁଣ୍ଟ ପୋତିଲା ବେଳେ ଗାତମୁହଁରେ ମାଟି ଦେଇ ଶାବଳଦ୍ୱାରା ଖୁଣ୍ଟ ମୂଳକୁ ଦୃଢ଼ କରିବା ।

**ଖାଞ୍ଚା** ***ବି.*** କୌଣସି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ନେଇ କାଛ ବା କାଠ ପ୍ରଭୃତିରେ କିଛି ଅଂଶ କାଟିବା, ଖାପ ।

**ଖାଞ୍ଚିବା** ***କ୍ରି.*** ୧. ଓଟାରିବା ୨. ତଳକୁ ନୁଆଁଇବା ୩. ଟାଣିକରି ବାନ୍ଧିବା ।

**ଖାଟ** ***ବି.*** କୋକେଇ, ଶବଯାନ ।

**ଖାଟିଣି** ***ବି.*** ଖଟଣି, କଠୋର ପରିଶ୍ରମ ।

**ଖାଟିବା** ***କ୍ରି.*** ୧. ମେହନତ କରିବା, ପରିଶ୍ରମ କରିବା, ଖଟିବା ୨. ପ୍ରଯୁଜ୍ୟ ହେବା, ଉପଯୁକ୍ତ ବିବେଚିତ ହେବା, ଖାପଖାଇବା ।

**ଖାଟୀ** ***ବି.*** ଶବାଧାର ।

**ଖାଟୁ** ***ବିଂ.*** ପରିଶ୍ରମୀ ।

**ଖାଡ଼ା** ***ବିଂ.*** ୧. ଠିଆ ୨. ହାଜର ୩. ପୂରାପୂରି ୪. ସମ୍ପୂର୍ଣ୍ଣ ।

**ଖାଡ଼ା ଉପବାସ** ***ବି.*** ନିର୍ଜଳ ଉପାସ, କାଷ୍ଠା ଉପବାସ ।

**ଖାଡା ପହରା** ***ବି.*** ବହୁ ସମୟ ଧରି ଏକୁଟିଆ ପହରା ଦେବା ବା ଜଗିକରି ରହିବା ।

**ଖାଡ଼ି** ***ବି.*** ୧. ସରୁକାଠି, ଡାଙ୍ଗ ୨. ନାଡ଼ ୩. ବାକୁଲି (ଯୁଆଳିର ଦୁଇ ମୁଣ୍ଡରେ ଲାଗିଥିବା ସରୁ ଖିଲ) ୪. ସ୍ଥଳଭାଗକୁ ସଂକୀର୍ଣ୍ଣ ହୋଇ ପଶି ଆସିଥିବା ସମୁଦ୍ର ୫. ସଜନାଛୁଇଁ ୬. ଦିଆସିଲି ।

**ଖାଡ଼ିଆ** ***ବି.*** କାଠିଜାଲ, ମାଛଧରା ଖାଡ଼ିଜାଲ ।

**ଖାଡ଼ି ଜାଲ** ***ବି.*** ମାଛଧରାପାଇଁ ବ୍ୟବହୃତ କାଠି ତିଆରି ଜାଲ ।

**ଖାଡ଼ି ବଳଦ** ***ବି.*** ଥୋରିଆ ବଳଦ, ପିଠିରେ ମାଲ ବୋହୁଥିବା ବଳଦ ।

**ଖାଡ଼ିମରା ଭାତ** ***ବି.*** କଣ୍ଟଭାତ, ପେଜ ଗଳା ହୋଇ ନ ଥିବା ଭାତ ।

**ଖାଡ଼ିମରା ସଂକ୍ରାନ୍ତି** ***ବି.*** ଗର୍ଭଣାସଂକ୍ରାନ୍ତି-ଏହି ଦିନ ଗର୍ଭଣାଗଛର ଛୋଟ ଛୋଟ ଡାଳକୁ ଚାଷୀ ବିଲରେ ମାରିଥାଏ ।

**ଖାଡ଼ିଯୋତ** ***ବି.*** ବଳଦ ବାନ୍ଧିବାପାଇଁ ଯୁଆଳିରେ ଲାଗିଥିବା ସରୁ ଦଉଡ଼ି, ସଅଳଦଉଡ଼ି ।

**ଖାଣ୍ଟି** ***ବିଂ.*** ୧. ବିଶୁଦ୍ଧ, ଅସଲି ୨. ଯଥାର୍ଥ ୩. ସଚ୍ଚୋଟ, ନିରୋଳା ୪. ନିରୁତା ୫. ଖାସା ।

**ଖାଣ୍ଡି** ***ବି.*** ମହାପ୍ରସାଦ କୁଡୁଆର ଭଙ୍ଗାଅଂଶ ବା ଖପରା ।

**ଖାଣ୍ଡିଖିଆ** ***ବି. ବିଂ.*** ୧. ଭଙ୍ଗା ମହାପ୍ରସାଦ କୁଡୁଆରେ ମାଗିକରି ଅଭଡ଼ା ଖାଉଥିବା ଭକ୍ତ ୨. ମାଗିଖିଆ ୩. ଦରିଦ୍ର ।

**ଖାଣ୍ଟୁଆ** ***ବିଂ.*** ଆଣ୍ଟୁଆ, ଗଉଁଆ, ଦିମାକିଆ, ଫୁଟାଣିଆ ।

**ଖାତ** ***ବି.*** ୧. ଗାତ,ଖାଲ ୨. ଗଡ଼ଖାଇ, ପ୍ରଣାଳୀ, ପହଣି ୩. ସିଆର ; ***ବିଂ.*** ଖୋଳା ହୋଇଥିବା ।

**ଖାତକ** ***ବି.*** ଦେଣାଦାର, ଋଣଗ୍ରସ୍ତ, ଧାରୁଆ ଲୋକ ।

**ଖାତର, ଖାତିର** ***ବି.*** ୧. ମର୍ଯ୍ୟାଦା, ସମ୍ମାନ ୨. ପରବାୟ ୩. ପ୍ରତିପତ୍ତି ।

**ଖାତର କରିବା** ***କ୍ରି.*** ୧. ସମ୍ମାନ କରିବା, ଆଦର କରିବା ୨. ମାନି ନେବା, ଗ୍ରହଣ କରିବା ।

**ଖାତା** ***ବି.*** ଲେଖିବାପାଇଁ ବନ୍ଧା ଯାଇଥିବା କିଛି କାଗଜ ।

**ଖାତା ଖୋଲିବା** ***କ୍ରି.*** ବେପାର ଆରମ୍ଭକରିବା ।

**ଖାତାପତ୍ର** ***ବି.*** ବହି ଓ ଖାତା ପ୍ରଭୃତି ।

**ଖାତାପୂଜା** ***ବି.*** ବ୍ୟବସାୟୀମାନଙ୍କ ବାର୍ଷିକ ହିସାବ ଓ ନୂଆଖାତା ଆରମ୍ଭଜନିତ ପୂଜା ।

**ଖାତିର, ଖାତିରି** ***ବି.*** ଖାତର, ଶ୍ରଦ୍ଧା, ସମ୍ମାନ ।

**ଖାତୁ** ***ବି.*** ୧. ରଙ୍ଗଢ଼ଙ୍ଗ ୨. ଆତ୍ମପ୍ରଶଂସା ୩. ଦେଖେଇ ହେବା ପ୍ରବୃତ୍ତି ୪. ଫୁଟାଣି ।

**ଖାଦ** ***ବି.*** ୧. ସୁନା, ରୁପା ଆଦି ଧାତୁ ସହିତ ମିଶା ଯାଉଥିବା ଅନ୍ୟ ଧାତୁ ୨. ଖାଇବା ୩. ମଳିନତା, ଦୁର୍ବଳତା, ଭେଲ ।

**ଖାଦକ** ***ବିଂ.*** ୧. ଭକ୍ଷକ, ଖାଉଥିବା ୨. ହିଂସ୍ର ।

**ଖାଦନ** ***ବି.*** ଭୋଜନ, ଆହାର ।

**ଖାଦାନ** ***ବି.*** ଖଏଦାନ, ଖଣି, ଖୋଲାଖଣି ।

**ଖାଦି** ***ବି.*** ୧. ଆହାର, ଖାଇବା ଜିନିଷ ୨. ଖଦଡ଼ଲୁଗା ।

**ଖାଦିପିଦି** ***ବି.*** ଭୋଜନ, ଖାଦ୍ୟ, ଚଳଣି ।

**ଖାଦ୍ୟ** ***ବି.*** ଖାଇବା ଜିନିଷ ; ***ବିଂ.*** ଖାଇବାପାଇଁ ଉପଯୁକ୍ତ, ଭୋଜ୍ୟ ।

**ଖାଦ୍ୟସାର** ***ବି.*** ଖାଦ୍ୟରେ ଥିବା ଶରୀର ପୁଷ୍ଟିସାଧନକାରୀ ଉପାଦାନ, ଭିଟାମିନ୍ ।

**ଖାନ୍‌କୀ** ***ବି.*** ବେଶ୍ୟା, ବାରାଙ୍ଗନା ।

**ଖାନ୍‌ତଲାସ୍** ***ବି.*** ୧. ସନ୍ଦେହ ମୋଚନପାଇଁ ଆଇନତଃ ଖୋଜାଖୋଜି ୨. ତନଖି ।

**ଖାନ୍‌ଦାନ୍** ***ବି.*** ବଂଶ, କୁଳ, ଆଭିଜାତ୍ୟ ।

**ଖାନ୍‌ଦାନି** ***ବିଂ.*** ଉଚ୍ଚ ବଂଶୀୟ, ସମ୍ଭ୍ରାନ୍ତ, କୁଳୀନ ।

**ଖାନ୍‌ସମା** ***ବି.*** ରୋଷେୟା (ଇଆ), ସମ୍ଭ୍ରାନ୍ତ ବ୍ୟକ୍ତିଙ୍କ ବ୍ୟକ୍ତିଗତ ରୋଷେୟା ।

**ଖାନା** ***ବି.*** ୧. ଭୋଜନ ୨. ସ୍ଥାନ, ଘର ।

**ଖାନାପିନା** ***ବି.*** ୧. ଖିଆପିଆ ୨. ଭୋଜିଭାତ ୩. ଉତ୍ସବ ।

**ଖାନାପୁରି** ***ବି.*** ଜମିର ଅଧିକାର ଓ କର ନିର୍ଦ୍ଧାରଣ ବା ବନ୍ଦୋବସ୍ତ (ସେଟେଲମେଣ୍ଟ)ର ପ୍ରାଥମିକ କାର୍ଯ୍ୟ, ଜମି କିତାଓ୍ୱାରି ମପାଯିବା ପରେ ନକ୍ସାରେ ତାହା ଯଥାସ୍ଥାନରେ ପୂରଣ କରିବା କାମ, କୌଣସି ଫାର୍ମରେ ଥିବା ଶୂନ୍ୟସ୍ଥାନ ପୂରଣ ।

**ଖାନାବାଡ଼ି** ***ବି.*** ଘରବାଡ଼ି, ବାଡ଼ିବଗିଚା ।

**ଖାପ୍‌ଚା** ***ବି.*** ୧. ଅସୁବିଧା ୨. ଅକଳ ୩. ନିୟନ୍ତ୍ରଣ ୪. ବାଉଁଶ ବା କାଠଖିଲ ।

**ଖାପ** ***ବି.*** ୧. ମେଳ, ସାମଞ୍ଜସ୍ୟ ୨. ଖୋଳ, କୋଷ ୩.ବସ୍ତ୍ରର ସୂତାଗୁଡ଼ିକ ମଧ୍ୟରେ ଥିବା ବ୍ୟବଧାନ ବା ଫାଙ୍କ ୪. ଘରା, ଖାଦି ୫. ରନ୍ଧ୍ର ୬. ଘୋଡଣି ; ***ବିଂ.*** ଖୁବ୍ ଖୁନ୍ଦିକରି ବୁଣା ହୋଇଥିବା ।

**ଖାପ ଖାଇବା** ***କ୍ରି.*** ୧. ମେଳହେବା ୨. ଯୋଡ଼ ପଡ଼ିବା ୩. ଅବାଧ ମିଶିଯିବା ।

**ଖାପଛଡ଼ା** ***ବି.*** ୧. କରଛଡ଼ା, ପାଖଛଡ଼ା, ସଚେତନ ଭାବରେ ପାଖରୁ କ୍ରମଶଃ ଦୂରେଇ ଯିବା ୨. ଅଭିମାନ ; ***ବିଂ.*** ଅମେଳ, ପରସ୍ପର ପ୍ରତି ଅନୁପଯୋଗୀ, ଅପ୍ରାସଙ୍ଗିକ, ସଙ୍ଗତିହୀନ ।

**ଖାପିଦେବା** ***କ୍ରି.*** ଓଲଟାଇ ଥୋଇବା, ଯୋଡେଇ ଦେବା ।

**ଖାପିବା** ***କ୍ରି.*** ୧. ଖାପ ଖାଇବା, ମେଳ ଖାଇବା ୨. ତେଲୁଣି, ପଲମ ପ୍ରଭୃତିଦ୍ୱାରା ଘୋଡାଇଦେବା ।

**ଖାବ୍‌ଖାବୁଆ** ***ବିଂ.*** ଉଚ୍ଚାନୀଚ୍ଚା, ଅସମତଳ, ଆବଡ଼ାଖାବଡା ।

**ଖାବତ୍** ***ବି.*** ଫୋପଡ଼, ଖାପଡ; ଲେଦା, ଆମ୍ବ, ବରକୋଳି ଆଦି ଫଳ ଝାଡ଼ିବାପାଇଁ ଫିଙ୍ଗାଯାଉଥିବା ଛୋଟ ବାଡ଼ି ।

**ଖାବରା** ***ବିଂ.*** ଖଣ୍ଡିଆଖାବରା, କ୍ଷତବିକ୍ଷତ ।

**ଖାବଳ** ***ବି.*** ଖାପଚ୍, ଅକ୍ତିଆର, ହାତମୁଠା ; ***ବିଂ.*** ମେଞ୍ଚାଏ, ପୁଳାଏ, ପେଟପୂରଣ ।

**ଖାବଲା** ***ବି.*** ୧. ଏକପ୍ରକାର ମାଛ ୨. ଖାବଳ ।

**ଖାମ୍** ***ବି.*** ୧. ଲଫାପା, କାଗଜତିଆରି ଖୋଳ, ଏନ୍‌ଭଲପ୍(ଇଂ), କାବେରା ୨. ପୁଳିନ୍ଦା ।

**ଖାମ୍‌ଖିଆଲ** ***ବି.*** ବିଚାରହୀନ ଝୁଙ୍କ୍, ମନଇଚ୍ଛା କାର୍ଯ୍ୟ, ମାନସିକ ଚପଳତା ।

**ଖାମ୍‌ଖିଆଲି** ***ବିଂ.*** ଅବ୍ୟବସ୍ଥିତ ଚିତ୍ତ, ମନୁଆ, କୌଣସି କାର୍ଯ୍ୟରେ ଗୁରୁତ୍ୱ ନେଉନଥିବା ।

**ଖାମିନ୍ଦ** ***ବି.*** ୧. ମୁନିବ, ପ୍ରଭୁ, ମାଲିକ, ଖାଉନ୍ଦ ୨. ସ୍ୱାମୀ, ରକ୍ଷାକର୍ତ୍ତା ।

**ଖାର୍‌ଖୁକ୍‌ତା** ***ବିଂ.*** ଅକିଞ୍ଚନ, ଅଭାଗ, ଛାରଖୋଖ୍‌ଲା, ଅତି ଗରିବ ।

**ଖାର** ***ବି.*** ୧. ପାଉଁଶ ୨. ସୋଡ଼ା ୩. ଲୁଗା ସଫାକରିବାପାଇଁ କଦଳୀ ବାସୁଙ୍ଗାର ପୋଡ଼ା ଅଂଶ ବା ପାଉଁଶ ୪. କ୍ଷାର ।

**ଖାରଜ** ***ବି.*** ୧. ରଦ୍ଦ, ବାତିଲ, ନାମଞ୍ଜୁର ୨. ବରଖାସ୍ତ ୩. ବର୍ଜନ ।

**ଖାରଜ ଦାଖଲ** ***ବି.*** ଦାଖଲ ଖାରଜ, ବିକ୍ରେତାର ନାମ କାଟି ସରକାରୀ ଦଲିଲ୍‌ରେ ନୂତନ କ୍ରେତା ବା ଉତ୍ତରାଧିକାରୀର ନାମ ଲିପିବଦ୍ଧ କରିବା ।

**ଖାରପାଣି** ***ବି.*** ଖାରିଆପାଣି, ଖତମିଶା ପାଣି ।

**ଖାରଭୂଇଁ** ***ବି.*** ଖାରି ବା ଲୁଣିମାଟି ।

**ଖାରା** ***ବିଂ.*** ୧. ଖାଣ୍ଟି, ସଚ୍ଚୋଟ, ଠିକ ୨. ମୌଳିକ, ନ୍ୟାୟନିଷ୍ଠ ୩. କଡ଼ା (ଗୁଣ୍ଡି ପ୍ରଭୃତି ଦିଆ)[ପାନ] ୪. କ୍ଷାରଯୁକ୍ତ, କ୍ଷାର ୫. ଲୁଣିଆ ।

**ଖାରାପ** ***ବିଂ.*** ଖରାପ, ମନ୍ଦ ।

**ଖାରି** ***ବି.*** ନାଳ ବା ନର୍ଦ୍ଦମା ପାଣି ମାଡୁଥିବା ବା ଜମିରହୁଥିବା ସ୍ଥାନ-ଯେପରି ଚାଷଜମି, ଖତିଆନ ;***ବିଂ.*** ୧. ଲୁଣିଆ, କ୍ଷାରଯୁକ୍ତ ୨. ଅସୁଆଦିଆ, ଖାରିଆ ।

**ଖାରିଆ** ***ବିଂ.*** ଖାରା, ଲୁଣିଆ ।

**ଖାରିବା** ***କ୍ରି.*** ଚମ ବା ମାଂସକୁ ଚିରିବା ବା ଫଡ଼ାଫଡ଼ା କରିବା ।

**ଖାରୁଆ** ***ବି.*** ୧. ନାଲିରଙ୍ଗର ମୋଟା ଦେଶିଲୁଗା; ***ବିଂ.*** ୧. ଅସୁଆଦିଆ ୨. ଗୋରିଆ ।

**ଖାଲ୍‌ଖାଲେଇ** ***ବିଂ.*** ଖଳଖଳେଇ, ଡବଡ଼ବୀ ।

**ଖାଲେଇ, ଖାଲୋଇ** ***ବି.*** ମାଛଧରି ରଖିବାପାଇଁ ବାଉଁଶ ପାତିଆରେ ତିଆରି ଆଧାର, ଢୁଁଟି ।

**ଖାଲ୍‌ସା** ***ବି.*** ୧. ନିଜଜୋତ୍, ସରକାରଙ୍କ ପ୍ରତ୍ୟକ୍ଷ ଅଧିକାରଭୁକ୍ତ ଜମି, ଖାସମାହାଲ ୨. ଗୁରୁ ଗୋବିନ୍ଦ ସିଂହଙ୍କଦ୍ୱାରା ପ୍ରଥମେ ଦୀକ୍ଷିତ ଶିଖମାନଙ୍କ ସମ୍ପ୍ରଦାୟ ।

**ଖାଲ** ***ବି.*** ଗାତ ; ***ବିଂ.*** ନିମ୍ନ ବା ଗହୀରା (ଜମି) ।

**ଖାଲଖମାଣ** ***ବି.*** ଖାଲଢ଼ିପ ଜମି ।

**ଖାଲଖସା** ***ବି.*** ୧. ଆବଡ଼ାଖାବଡା ୨. ଅସମତୁଲ, ବନ୍ଧୁର, ଉଚ୍ଚନୀଚ ।

**ଖାଲ ଖୋଳିବା** ***କ୍ରି.*** ୧. ଅନ୍ୟକୁ ଅସୁବିଧାରେ ପକାଇବାପାଇଁ ଯୋଜନା କରିବା ୨. ଖାତ ବା ଗାତ ଖୋଳିବା ।

**ଖାଲି** ***ବିଂ.*** ଶୂନ୍ୟ, ଭରତି ବା ପୂର୍ଣ୍ଣ ହୋଇ ନ ଥିବା; ***କ୍ରି.ବିଂ.*** ୨. କେବଳ ମାତ୍ର, ତୁଚ୍ଛା(ଚ୍ଛା)ରେ, ବ୍ୟର୍ଥଭାବରେ ।

**ଖାଲୁଆ** ***ବିଂ.*** ଖାଲଥିବା, ଚାରିପାଖ ତୁଳନାରେ ଗହୀରିଆ ।

**ଖାସ୍** ***ବିଂ.*** ୧. ବିଶେଷ ଭାବେ ୨. ନିଜର, ବ୍ୟକ୍ତିଗତ ୩. ସ୍ୱୟଂ ଅଧିକାରଭୁକ୍ତ ୪. ବିଶେଷ ଉଦ୍ଦେଶ୍ୟପାଇଁ ରକ୍ଷିତ; ***କ୍ରି.ବିଂ*** ୧. ବିଶେଷ ଉଦ୍ଦେଶ୍ୟରେ ୨. କେବଳ ୩. ଖୋଦ, ସ୍ୱୟଂ ୪. ପ୍ରଧାନତଃ ।

**ଖାସ୍ ଅପିଲ୍** ***ବି.*** ବିଶେଷ ବା ସ୍ୱତନ୍ତ୍ର ଆବେଦନ ।

**ଖାସ୍ କାମରା** ***ବି.*** ଉଚ୍ଚ ରାଜକର୍ମଚାରୀଙ୍କର କଚେରୀ ସଂଲଗ୍ନ ସ୍ୱତନ୍ତ୍ର ବିଶ୍ରାମ କକ୍ଷ ।

**ଖାସ୍‌ମହଲ୍** ***ବି.*** ଅନ୍ତଃପୁର, ରାଜା/ସାମନ୍ତମାନଙ୍କର ପତ୍ନୀ(ମାନେ) ରହୁଥିବା କକ୍ଷ ।

**ଖାସ୍‌ମାହାଲ** ***ବି.*** ନିଜ ଅଧିକାରଭୁକ୍ତ ବିଶେଷ ଜମି ।

**ଖାସ୍‌ଲୋକ** ***ବି.*** କୌଣସି ବ୍ୟକ୍ତିଙ୍କ ଘନିଷ୍ଠ ଏବଂ ବିଶ୍ୱସ୍ତ ଲୋକ ।

**ଖାସା** ***ବିଂ.*** ଉତ୍କୃଷ୍ଟ, ଆଚ୍ଛା, ଉତ୍ତମ, ଖାଣ୍ଟି, ଉପାଦେୟ ।

**ଖାସି.ଖାସୀ** ***ବି.*** ଖାସୁ ହୋଇଥିବା ଛେଳି ବା ମେଣ୍ଢା, ମେଲ୍‌ଛା ।

**ଖାସୁ** ***ବି.*** ବନ୍ଧ୍ୟାକରଣ, ପୁରୁଷତ୍ୱ ନାଶ କ୍ରିୟା ।

**ଖାସୁଆ** ***ବିଂ.*** କାଶ ରୋଗଗ୍ରସ୍ତ ।

**ଖାସ୍ତା** ***ବିଂ.*** ଦାନ୍ତରେ ସହଜରେ ଚୂନା ହୋଇ ଯାଉଥିବା, ମୁସ୍‌ମୁସିଆ (ଉଦା:ଗଜା, ନିମକି ପ୍ରଭୃତି) ।

**ଖିଅ** ***ବି.*** ୧. ସୂତାର ଏକ ସରି ୨. ସରୁ ସରୁ କଣାଥିବା ଟଣା ଜାଲ ୩. ଅଡୁଆ ସୂତାର ମୂଳ ବା ଅଗ ୪. କଥା ବା ବିଷୟ ଆଗେଇ ନେବାର ଧାରା ୫. ସମସ୍ୟା ସମାଧାନର ସୂତ୍ର, କୌଶଳ ।

**ଖିଅ କାଢ଼ିବା** ***କ୍ରି.*** ଟିକିନିଖି ବିଚାର କରିବା, କଥାର ମୂଳ ଖୋଜି ବାହାର କରିବା ।

**ଖିଅ ଖୋଜିବା** ***କ୍ରି.*** ୧. କୌଣସି ଜଟିଳ ବିଷୟର ମୂଳସୂତ୍ର ବାହାର କରିବା ବା ଉପାୟ ଖୋଜିବା ୨. ଦୋଷ ଅନୁସନ୍ଧାନ କରିବା ୩. ଖୋଳତାଡ଼ କରିବା ।

**ଖିଅଜାଲ** ***ବି.*** ମାଛଧରିବାପାଇଁ ବ୍ୟବହୃତ ସରୁସୂତା ତିଆରି ଟଣା ଜାଲ ।

**ଖିଅଦେବା** ***କ୍ରି.*** ଜାଲ ବା ଲୁଗାଦ୍ୱାରା ମାଛ ଧରିବା ।

**ଖିଅର** ***ବି.*** ଖୁର ପ୍ରଭୃତି ସାହାଯ୍ୟରେ ବାଳ ବା ଦାଢ଼ି କାଟିବା, ଭଦର ହେବା ।

**ଖିଅର କରିବା** ***କ୍ରି.*** ୧. ବାଳ, ଦାଢ଼ି ପ୍ରଭୃତି କାଟିବା ୨. ଠକିଦେବା, କଳାକନା ବୁଲାଇଦେବା ୩. ଲଣ୍ଡା କରିଦେବା ।

**ଖିଅର କାମ** ***ବି.*** ବାଳ ଓ ନଖ କଟାଇବା ପ୍ରଭୃତି କାମ ।

**ଖିଅରବାର** ***ବି.*** ସପ୍ତାହର ଯେଉଁ ବାରରେ ଖିଅର ହେବାପାଇଁ ବାରଣ ନାହିଁ ।

**ଖିଅର ହେବା** ***କ୍ରି.*** ୧. ଭଣ୍ଡାରିଦ୍ୱାରା ମୁଣ୍ଡବାଳ, ଦାଢ଼ି କାଟିବା ୨. ନିଜେ ନିଜେ ଖିଅର ହେବା ।

**ଖିଆ** ***ବି.*** ଭୋଜନ, ଖାଇବା ; ***ବିଂ.*** (ପରପ୍ରତ୍ୟୟ) ଖାଦକ (ମଣିଷ ଖିଆ), ଅଭ୍ୟସ୍ତ (ମଦଖିଆ) ।

**ଖିଆଖୋଇ** *ବି.ବିଂ.* ଖାଇବା ଓ ଖୁଆଇବା ।
**ଖିଆପିଆ** *ବି.* ଭୋଜନ, ପାନ-ଭୋଜନାଦି ।
**ଖିଆଲ** *ବି.* ୧. କଳ୍ପନା, ଝୁଙ୍କ୍ ୨. ସ୍ମରଣ ।
**ଖିଆଲି** *ବିଂ.* ୧. କଳ୍ପନାପ୍ରବଣ, ମନୁଆ ୨. ଥଟ୍ଟିଲ, ପରିହାସପ୍ରିୟ, ମଜାଳିଆ ।
**ଖିଆସ୍** *ବି.* ୧. ଖାତିର, ପରବାଏ ୨. ପରିହାସ ।
**ଖିକ୍** *ବି.* ଘୃଣା, ଅରୁଚି, ବିତୃଷ୍ଣା ।
**ଖିକ୍‌ନି, ଖିକ୍‌ରି** *ବି.* ୧. ତୁଣ୍ଡଗାଲୁ, ମୁହଁଭୁରୁଡା ୨. ଖେଳରେ ଠକୁଥିବା, ଗେନ୍ଦୁରିକରିବା, ଗୁନ୍ଦୁରେଇବା ।
**ଖିଜାଇବା** *କ୍ରି.* ୧. ଘୃଣାକରିବା ୨. ବାନ୍ତିମାଡ଼ିବା ।
**ଖିକିନି** *ବି.* ଗାଲୁ, ଗେନ୍ଦୁରି, ଭୁରୁଡ଼ି ।
**ଖିଖିଆ** *ବିଂ.* କୁତ୍ସିତା, ଅସୁନ୍ଦରୀ ।
**ଖିଙ୍କାର** *ବି.* କ୍ରୋଧ, ମୁଖବିକୃତି ।
**ଖିଙ୍କାରିବା, ଖିଙ୍କାରି ହେବା** *କ୍ରି.* ରାଗ ବା ବିରକ୍ତିରେ ମୁହଁ ବିକୃତ କରି ରୁକ୍ଷ ଭାବରେ କହିବା, ଚଦିମକଚି ହେବା, ଖିକାଇବା ।
**ଖିଚ୍‌ଡ଼ି** *ବି.* ଅରୁଆ ଚାଉଳ, ଘିଅ, ଡାଲି ଓ ପନିପରିବା ମିଶି ପ୍ରସ୍ତୁତ ଖାଦ୍ୟ; ଖେଚିଡ଼ି , ଖେଚୁଡି ।
**ଖିଚ୍‌ପିଚ୍** *ବି.* ୧. ବିରକ୍ତି ୨. ଦ୍ୱିଧା ।
**ଖିଚ୍‌ପିଚାଇବା** *କ୍ରି.* ବିରକ୍ତି ପ୍ରକାଶକରିବା, କାମକରିବାକୁ ଅନିଚ୍ଛୁକ ହେବା ।
**ଖିଚିଖିଚି** *ବି.* ବିରକ୍ତି, ଚିଡ଼ିଚିଡ଼ି ଭାବ ।
**ଖିଚିଡ଼ି** *ବିଂ.* ଖିଚ୍‌ଡ଼ି ।
**ଖିଜମତ,ଖିଦ୍‌ମତ** *ବି.* ମାଲିକର ଇଚ୍ଛାକୁ ସମ୍ମାନ ଦେଇ ବା ଜଗି କରାଯାଉଥିବା ସେବା ।
**ଖିଜମତକାର** *ବି.ବିଂ.* ସେବକ, ସେବାକାରୀ, ଅର୍ଦ୍ଦଳି, ଖଟଲିଆ, ଟହଲିଆ ।
**ଖିଜାଇବା** *କ୍ରି.* ଚିଡ଼େଇବା, ପରିହାସ କରିବା, ବିରକ୍ତ କରିବା ।
**ଖିଜାଲା** *ବି.* କଳି, କଳହ ; *ବିଂ.* କଳିହୁଡା ।
**ଖିଜିମିଜିଆ** *ବିଂ.* ଖଜବଜିଆ, ଅସ୍ଥିର ।
**ଖିଟ୍‌ଖିଟ୍** *ବି.* ବିରକ୍ତି, ଅସ୍ୱସ୍ତିଭାବ ।
**ଖିଟିଖିଟି** *ବି.* ଅତି ସାଧାରଣ କଥାକୁ ନେଇ ସର୍ବଦା ଅସନ୍ତୋଷ ।
**ଖିଡ଼ି** *ବି.* ଖିଡ଼ିକି, କବାଟ ବନ୍ଦ କରିବା ପାଇଁ ବ୍ୟବହୃତ ଉପକରଣ, କିଳିଣି ।
**ଖିଡ଼ିକି** *ବି.* ଝରକା, ଜଳାକବାଟି, ଚୋରାକବାଟ ।
**ଖିଡ଼ିକି ଦୁଆର** *ବି.* ବାଡ଼ିଦୁଆର ।
**ଖିଡ଼ିକିବାଟ** *ବି.* ଗଳିବାଟ ।
**ଖିନ୍** *ବିଂ.* କ୍ଷୀଣ, ସରୁ, ଶୀର୍ଣ୍ଣକାୟ ।
**ଖିନ୍ ଖରାପ** *ବିଂ.* ନାରଖାର, ନଷ୍ଟ, ଉଚ୍ଛନ୍ନ, ସର୍ବସ୍ୱାନ୍ତ ।
**ଖିନ୍‌ଖିନ୍** *ବିଂ.* ୧. ଟିକିନିଖି, ଖିନ୍‌ଭିନ୍, ପୁଙ୍ଖାନୁପୁଙ୍ଖ ୨. ଅତ୍ୟନ୍ତ ସୂକ୍ଷ୍ମ(ଲୁଗା) ।
**ଖିନ୍‌ଭିନ୍** *ବିଂ.* ଟିକିନିଖି, ତନ୍ନତନ୍ନ, ପୁଙ୍ଖାନୁପୁଙ୍ଖ ।
**ଖିନ୍ନ** *ବିଂ.* କ୍ଷୁଣ୍ଣ , ଦୁଃଖିତ ।
**ଖିର୍‌ପିନି** *ବି.* ୧. କାଠ ବା ବାଉଁଶର ଖିଡ଼ିକି ୨. ଧଡା ୩. ଖୋସା ବାନ୍ଧିବା ପାଇଁ ବ୍ୟବହୃତ ମୁଣ୍ଡକଣ୍ଟା ।
**ଖିର୍‌ସା** *ବି.* ୧. ଚାଉଳ, ନଡ଼ିଆ କୋରା/ରସ ଓ ଗୁଡ଼ରେ ତିଆରି ପତଳା ଅଟକାଳି ବା କ୍ଷିରି,ଖିରିସା, ପତଳା ଖିରି ବିଶେଷ ୨. ଛେନା ।
**ଖିର** *ବି.* ୧. ଦୁଗ୍ଧ ୨. ଗଛ ବା ପତ୍ରର ରସ ।
**ଖିରକୋଳି** *ବି.* କ୍ଷୀରକୋଳି, କ୍ଷୀରଯୁକ୍ତ ମିଠା କୋଳି ବିଶେଷ, ଖିର୍‌କାଞ୍ଚଲା ।
**ଖିରଗଜା** *ବି.* ଖୁଆ, ମଇଦା ଓ ଚିନିରେ ପ୍ରସ୍ତୁତ ଏକ ପ୍ରକାର ମିଠା ।
**ଖିରସ୍ତାନ** *ବି.* ଖ୍ରୀଷ୍ଟଧର୍ମାବଲମ୍ବୀ ବ୍ୟକ୍ତି, ଖ୍ରୀଷ୍ଟିୟାନ୍ ।
**ଖିରା** *ବି.* ୧. ଘନ ଆଉଟା କ୍ଷୀରରେ ଛେନା ମିଶାଇ ପ୍ରସ୍ତୁତ ସୁମିଷ୍ଟ ଖାଦ୍ୟ ୨. କାକୁଡ଼ି ।
**ଖିରି** *ବି.* ପାୟସ, ଦୁଧ, ଚାଉଳ, ଚିନି, କାଜୁ, କିସମିସ ଆଦି ପଦାର୍ଥରେ ତିଆରି ସ୍ୱାଦିଷ୍ଟ ଖାଦ୍ୟ ।
**ଖିରିପିଠା** *ବି.* ଭୋଜି ବା ଉତ୍ସବରେ ପରିବେଷିତ ହେଉଥିବା ଖିରି ଓ ପିଠା ।
**ଖିରିପୁଳି** *ବି.* ୧. ରାବିଡ଼ି ୨. ପୁରଦିଆ ପିଠା ବିଶେଷ ।
**ଖିରିସା** *ବି.* କ୍ଷୀରରେ ତିଆରି ଏକ ପ୍ରକାରର ମିଷ୍ଟାନ୍ନ ।
**ଖିଳ** *ବିଂ.* ୧. ସମଗ୍ର ୨. ପରିଶିଷ୍ଟ ; *ବି.* ୧. ବିଷ୍ଣୁ ୨. ଅଖିଳ ।
**ଖିଲ୍** *ବି.* ଚାଉଳ କୁଟିବା, ଉଦୁଖଳ ।
**ଖିଲ** *ବି.* ୧. କୀଳା, ମେଖ, ହୁଡୁକା, କବାଟର କିଳିଣି ୨. ଭଙ୍ଗାପାନ ବିଡା ୩. ଶଗଡ଼ର ଅଣଖିଲ ।
**ଖିଲକାତି, ଖିଲିକାତି** *ବି.* ଗୁଆକାତି, ଗୁଆକଟା ସାଧନ ବିଶେଷ ।
**ଖିଲାଣ** *ବି.* ଅର୍ଦ୍ଧ ଗୋଲାକାର ତୋରଣ ବିଶେଷ, ମେହେରାବି, ଉପରେ କଡ଼ି ନଥିବା ଛାତ ।
**ଖିଲାପ** *ବି.* କାମରେ ତ୍ରୁଟି, ଅବହେଳା, ଅନ୍ୟଥା ଆଚରଣ ।

**ଖିଲାପୀ** ***ବିଂ.*** ଖିଲାପକାରୀ, ଅବହେଳାକାରୀ ।

**ଖିଲି, ଖିଲିପାନ** ***ବି.*** ଭଙ୍ଗାପାନ, ପାନବିଡ଼ିଆ ।

**ଖିଲିଖିଲି** ***ବିଂ.*** ୧. ମୃଦୁ ୨. ମିଠା, ରୁଚିକର ; ***କ୍ରି.ବିଂ.*** ମନଖୋଲା, ଖୋଲାମେଲା (ଆନନ୍ଦ), ଆନନ୍ଦରେ ଫାଟିପଡୁଥିବା ।

**ଖିଲିଖିଲିଆ** ***ବିଂ.*** ଧୀର, ମୃଦୁ ।

**ଖିଶା** ***ବି.*** ଟଙ୍କାପଇସା ରଖିବା ଥଳି, କନାଥଳି, ମୁଣି, ଖଳତା ।

**ଖିସ୍‌ମିସ୍** ***ବି.*** କିସ୍‌ମିସ୍, ଶୁଖିଲା ଅଙ୍ଗୁର ।

**ଖୁଁଖ୍‌ଡା** ***ବି.*** ପୁଙ୍ଗା, ଏକପ୍ରକାର ଫୁଙ୍କା ବାଦ୍ୟ ।

**ଖୁଆ** ***ବି.*** ୧. ଦହି ଘାଣ୍ଟିବା ଦଣ୍ଡ ୨. କାନ୍ଧ ଗଣ୍ଠିପାଖ ହାଡ଼ ୩. ପେଡା ୪. କରକଚା, ଛୋଟ ଛୋଟ ଇଟା ବା ପଥର ୫. ଆଖୁପେଡା ଯନ୍ତ୍ର ବା ଖାଇ ୬. ଘନୀଭୂତ କ୍ଷୀର ; ***କ୍ରି.*** ଭୋଜନ କରେଇବା, ଖୁଆଇବା ।

**ଖୁଆଖୋଇ** ***ବିଂ.*** ପରସ୍ପର କଳି କରିବା ବା କାମୁଡ଼ା କାମୁଡ଼ି ହେବା ।

**ଖୁଆଡ଼** ***ବି.*** ୧. ବାଡ଼ବନ୍ଦି ହୋଇଥିବା ମେଲା ଗୁହାଳ ୨. ଗୋରଡ଼ା ୩. ଗୋରୁଗୋଠ ୪. କାଞ୍ଜିହାଉଦା ।

**ଖୁଆଣି** ***ବି.*** ବିବାହ ପୂର୍ବରୁ ନିକଟ ସମ୍ପର୍କୀୟମାନେ କନ୍ୟାକୁ ଡାକି ଖାଇବାକୁ ଦେବା ଲୋକାଚାର ।

**ଖୁଆନିଖିଆ, ଖୁଏନ୍‌ଖିଆ** ***ବି.*** ସନ୍ତାନ ପ୍ରସବ ପରେ ବିବାହିତା କନ୍ୟା ଅଥବା କନ୍ୟାପିତାଙ୍କ ଜାମାତା ଗୃହରେ ପ୍ରଥମ ଭୋଜନ ବିଧି ।

**ଖୁଆସ** ***ବି.*** ୧. ରୋଷେଇଆ ୨. ପରିବେଷକ ।

**ଖୁକୁଣ୍ଡି** ***ବି.*** ତାଳଗଜା, ତାଳଖୁରୁଡ ।

**ଖୁଙ୍କୁ** ***ବି.*** ଗଜୁରିଥିବା ତାଳ ଟାକୁଆ ଭିତରର ଶସ, ତାଳଗଜା ।

**ଖୁଖ୍‌ମା** ***ବି.*** ୧. କଇଁଫୁଲ ୨. ଖୁମାଣ, ରୁଷାଣ ।

**ଖୁଚା ଲାଗିବା** ***କ୍ରି.*** କଣ୍ଟା ବା ଖେଣ୍ଟାଲାଗି ଲୁଗାପଟା ଇତ୍ୟାଦି ଚିରିଯିବା ।

**ଖୁଚୁରା** ***ବି.*** ୧. ରେଜାପଇସା ୨. ଛୋଟଛୋଟ ୩. ଅଳ୍ପ ପରିମାଣରେ ବିକ୍ରି କରାଯିବା ଦ୍ରବ୍ୟ ।

**ଖୁଚୁରା କାମ** ***ବି.*** ଛୋଟକାମ ।

**ଖୁଚୁରା ବିକ୍ରି** ***ବି.*** ଦରକାର ଅନୁସାରେ ଅଳ୍ପ ପରିମାଣର ପଦାର୍ଥ ବିକ୍ରୟ ।

**ଖୁଞ୍ଚ** ***ବି.*** ୧. କଣ୍ଟା ବା ତାର ଲାଗି ଲୁଗାର ଚିରା ଅଂଶ ୨. ମାପ ୩. ଦୁର୍ବଳ ।

**ଖୁଞ୍ଚ ଲାଗିବା** ***କ୍ରି.*** କଣ୍ଟା ବା ତାର ଲାଗି ଲୁଗା ଚିରିଯିବା ।

**ଖୁଞ୍ଚା** ***ବି.*** ଖିଲ, ମେଖ ।

**ଖୁଞ୍ଚାଣିଆ** ***ବି.*** ଚୁଗୁଲିଆ ।

**ଖୁଞ୍ଚା ଦେବା** ***କ୍ରି.*** ୧. ଉଲୁରା ଚାଳରେ ନୂଆ ନଡ଼ା ଗୁଞ୍ଜିବା ୨. ଗଛ ପତଳାଥିବା କ୍ଷେତର ମଝିରେ ମଝିରେ ନୂଆ ଚାରା ଲଗାଇବା ୩. ଉଘେଇବା ୪. ପଛଦିନର କଥା କହି ଆଘାତ ଦେବା ।

**ଖୁଞ୍ଚି ହେବା** ***କ୍ରି.*** ଆଖି/ଦେହର କୌଣସି ଅଂଶ ରୁଗୁରୁଗୁ ହେବା ।

**ଖୁଜ୍‌ରି** ***ବି.*** କାଛୁକୁଣ୍ଡିଆ ।

**ଖୁଡୁବୁଜିଆ** ***ବିଂ.*** ଅସ୍ଥିର, ଚଞ୍ଚଳ, ସାମାନ୍ୟ ଦୁଷ୍ଟ, ଚଗଲା ।

**ଖୁଡୁବୁଡୁ** ***ବିଂ.*** ଚଳଚଞ୍ଚଳ, ବ୍ୟସ୍ତ ; ***ବି.*** ଚଳଚଞ୍ଚଳତା, ବ୍ୟସ୍ତତା ।

**ଖୁଟ୍‌ଲା** ***ବି.*** ୧. ବଢ଼େଇ ବ୍ୟବହାର କରୁଥିବା ମୁଗୁର ୨. ଖୁଣ୍ଟ, କାଠଗଣ୍ଡି ।

**ଖୁଟ୍‌ଲା ତରା** ***ବି.*** କୃତ୍ତିକା ନକ୍ଷତ୍ରପୁଞ୍ଜ ।

**ଖୁଟ୍‌ଲି** ***ବି.*** ୧. ଛୋଟ କାଠଗଣ୍ଡି ୨. ଜାଳେଣିକାଠ ।

**ଖୁଟା** ***ବି.*** ଖୁଣ୍ଟ ।

**ଖୁଡ଼୍‌ସ** ***ବି.*** ଦେହରେ ଲାଗିଲେ ଚର୍ମରେ ବିଷକ୍ରିୟା ସୃଷ୍ଟି କରୁଥିବା ଲତା ଓ ତାହାର ପତ୍ର, ବାଇଡ଼ଙ୍କ ।

**ଖୁଡ଼୍** ***ବି.*** କଳି ।

**ଖୁଡ଼ିଆ** ***ବିଂ.*** ୧. କଳିହୁଡା ୨. ଅଳସୁଆ, କୋଢ଼ିଆ ।

**ଖୁଡ଼ିଆ ଚଣା** ***ବି.*** ଖେସାରି ଚଣା ।

**ଖୁଡ଼ିଶାଶୁ** ***ବି.*** ଶାଶୁର ସାନଯାଆ ।

**ଖୁଡ଼ୀ, ଖୁଡେଇ** ***ବି.*** କକେଇଙ୍କ ସ୍ତ୍ରୀ, କାକୀ, ଦାଦୀ ।

**ଖୁଡୁ** ***ବି.*** ଏକ ପ୍ରକାରର ଖେଳ (ଡୁଡୁଖେଳ) ।

**ଖୁଡୁଖୁଡୁ** ***ଅ.*** ଶୁଖିଲାନଡ଼ିଆ ବା ମଞ୍ଜି ଖୋଳ ଭିତରେ ବାଜିବା ଶବ୍ଦ ।

**ଖୁଡୁତା** ***ବି.*** ବାପାଙ୍କ ସାନଭାଇ, କକେଇ, କକା, ଦାଦା ।

**ଖୁଡୁତାଶୁର** ***ବି.*** ଶଶୁରଙ୍କ ସାନଭାଇ ।

**ଖୁଣ୍** ***ବି.*** ୧. ହତ୍ୟା, ଖୁନ୍ ୨. ରକ୍ତ ; ***ବିଂ.*** ନାଲିଆଖି ବିଶିଷ୍ଟ ।

**ଖୁଣ୍‌ଖରାପ** ***ବି.*** ହତ୍ୟାକାଣ୍ଡ, ହଣାହଣି, ରକ୍ତପାତ ।

**ଖୁଣ** ***ବି.*** ୧. ଦୋଷ, ତ୍ରୁଟି, ଛିଦ୍ର ୨. ଖଣ୍ଡିଆ, କ୍ଷତ, ଆଘାତ ।

**ଖୁଣି** ***ବି.*** ନରହତ୍ୟା ।

**ଖୁଣିବା** ***କ୍ରି.*** ଦୋଷ ବାଛିବା, ତ୍ରୁଟି ଦେଖାଇବା ।

**ଖୁଣୀ, ଖୁନୀ** ***ବିଂ.*** ହତ୍ୟାକାରୀ, ହତ୍ୟାଘଟିତ ।

**ଖୁଣୀ / ଖୁନୀ ଆସାମୀ** ***ବି.*** ହତ୍ୟାକାରୀ ରୂପେ ଅଭିଯୁକ୍ତ ବ୍ୟକ୍ତି ।

**ଖୁଣୀ, ଖୁନୀ ମକଦ୍ଦମା** ***ବି.*** ହତ୍ୟାଜନିତ ମକଦ୍ଦମା ।

**ଖୁଣ୍ଟ** ***ବି.*** ୧. ଛୋଟଖମ୍ବ, ଖୁଟା ୨. ମୋଟାକିଲା, ମେଖ ୩. ମାଟିରେ ପୋତାଯାଇଥିବା ଘରଛାତର ସହାୟକ ମୋଟା କାଠ ବା ବାଉଁଶ ଦଣ୍ଡ ।

**ଖୁଣ୍ଟା, ଖୁଟା ବି.** ୧. ଗଞ୍ଜଣା, ଉଲୁଗଣା, ଅପବାଦ ୨. ଦାନ୍ତ ଖୁଣ୍ଟିବା କାଠି ୩. ଚୁଲିର ଗେଞ୍ଜଣା ୪. ମଲାଗଛର ଡାଳ ନ ଥିବା କାଣ୍ଡ ୫. ଫସଲ କଟା ପରେ ଧାନ ଆଦି ଗଛର ଅବଶିଷ୍ଟ ମୂଳକାଣ୍ଡ ।

**ଖୁଣ୍ଟି ବି.** ଛୋଟ ଛୋଟ ଖୁଣ୍ଟ, ଛୋଟମେଖ, ଛୋଟକିଲା, ଖିଅର ହେଲା ପରେ ମୁହଁର ରୁଢ଼ ।

**ଖୁଣ୍ଟିଆ ବି.** ଜଗନ୍ନାଥ ମନ୍ଦିରର ସେବକ ବିଶେଷ ।

**ଖୁଣ୍ଟିଖିଆ ବିଂ.** ୧. ଯେ ଖୁଣ୍ଟି ଖୁଣ୍ଟି ଖାଏ ୨. ଦରିଦ୍ର ।

**ଖୁଣ୍ଟିନାଣ୍ଟି ବିଂ.** ଟିକିନିଖି, ତନ୍ନତନ୍ନ ; ***କ୍ରି.ବିଂ.*** ଟିକିନିଖି ଭାବରେ, ତନ୍ନତନ୍ନ କରି ।

**ଖୁଣ୍ଟିବା କ୍ରି.** ୧. ଭୂଇଁରୁ ଗୋଟାଇବା ୨. ଦାନ୍ତସନ୍ଧିରେ ପଶିଥିବା ଖାଦ୍ୟ ଖଣ୍ଡମାନ କାଠିଦ୍ୱାରା କାଢ଼ିବା ୩. ଗଛର ଅଗ ପତ୍ରାଦି ଛିଣ୍ଡାଇବା ୪. ଥଣ୍ଟଦ୍ୱାରା ଖାଦ୍ୟ ଆହରଣ କରିବା ୫. ଚାଳରେ ଖୁଞ୍ଚାଦେବା ୬. ଆଖି ରୁଗୁରୁଗୁ ହେବା, ୭. ଅଳ୍ପ ଅଳ୍ପ ଖାଇବା ।

**ଖୁଣ୍ଟୁଣି ବି.** ୧. ଦାନ୍ତ ଖୁଣ୍ଟିବା କାଠି, ଦାନ୍ତଖୁଣ୍ଟା ୨. ଜାଲିମୁଣା ଲାଗିଥିବା ଲମ୍ବ ଓ ସରୁ ବାଉଁଶ ବା ଲଗି ।

**ଖୁତାଇବା କ୍ରି.** ୧. କାହା ଦେହରେ ଆଙ୍ଗୁଠି ଗେଞ୍ଜି ଡାକିବା ୨. କୌଣସି ସ୍ଥାନରେ ରହିଯିବା ।

**ଖୁଦ ବି.** ଚାଉଳର ଭଙ୍ଗା କ୍ଷୁଦ୍ରଅଂଶ, ଭଙ୍ଗାଚାଉଳର ଟିକିଖଣ୍ଡ ।

**ଖୁଦକଣି ବି.** ଚାଉଳକଣା, ଚାଉଳ କ୍ଷୁଦ୍ରାଂଶ ।

**ଖୁଦଜାଉ ବି.** ୧. ଖୁଦରେ ତିଆରି ଜାଉ ୨. ଝିଅ ପ୍ରଥମ ରଜସ୍ୱଳା ହେବା ସମୟରେ ବନ୍ଧାପନା ଦିନ ନାରୀମାନଙ୍କୁ ପରଷା ଯାଉଥିବା ଜାଉ ।

**ଖୁଦପିଠା ବି.** ଖୁଦରେ ତିଆରି ପିଠା ।

**ଖୁଦପିତା ବି.** ଖୁଦ ଓ ନିମ୍ବପତ୍ର ମିଶ୍ରିତ ଜାଉ, ଖୁଦୁପିତା ।

**ଖୁଦର ବି.** ଠେକୁଆ, ଶଶା ; **ବିଂ.** ଛୋଟ ।

**ଖୁଦିମହୁ ବି.** ଛୋଟ ମହୁମାଛିଦ୍ୱାରା ସଂଚିତ ମହୁ ।

**ଖୁଦୁପିତା ବି.** ବାସି ତୋରାଣି, ଖୁଦ ଓ ନିମ୍ବପିତା ମିଶା ଏକ ପ୍ରକାର ତରକାରି ବା କାଞ୍ଜି, ଖୁଦ୍‌ପିତା ।

**ଖୁଦୁରୁକୁଣି(ଣୀ) ବି.** ଭାଦ୍ରବମାସ ରବିବାରଗୁଡ଼ିକରେ ପାଳନ କରାଯାଉଥିବା ଖୁଦୁରୁକୁଣୀ ମଙ୍ଗଳାଙ୍କ ଓଷା – ତଅପୋଇ କଥା ହେଉଛି ଏହି ଓଷାର ଉପଜୀବ୍ୟ ପ୍ରସଙ୍ଗ ।

**ଖୁନ୍ ବି.** ଦେ. ଖୁଣ୍, ରକ୍ତ ।

**ଖୁନ୍ଦା ବି.** ୧. ହାତମୁଠାକରି ବୁଢ଼ାଆଙ୍ଗୁଠିଦ୍ୱାରା ଆଘାତ ୨. କହୁଣିମାଡ଼; **ବିଂ.** ଫାଙ୍କ ନ ଥିବା ।

**ଖୁନ୍ଦାଖୁନ୍ଦି *କ୍ରି.ବିଂ.*** ଜକାଜକି, ଭିଡାଭିଡ଼ି, ଲଗାଲଗି ।

**ଖୁନ୍ଦିବା କ୍ରି.** ୧. ଜାକିବା, ଠେସି ପୂରାଇବା ୨. ଢ଼ିଲାମାଟିକି ଦୃଢ଼ କରିବାକୁ ଡିହ ମାରିବା ୩. ବାରମ୍ବାର ଗୁଣ୍ଡାକୁ ଗୁଣ୍ଡା ଭାତ ପାଟିରେ ପୂରାଇବା ।

**ଖୁପଡ଼ି ବି.** ଉପାସ୍ଥିରେ ଗଠିତ ମୁଣ୍ଡର ଉପର ଅଂଶ, ଖପୁରି ; **ବିଂ.** ଆଡ଼ବାୟା, ନିର୍ବୋଧ ।

**ଖୁପି *କ୍ରି.ବିଂ.*** ଆଛାକରି, ଖୁବ୍‌କରି ; **ବିଂ.** ଅତିଛୋଟ, ଅତିକ୍ଷୁଦ୍ର ; **ବି.** ମାଟି ଖୋଳିବାପାଇଁ ଛୋଟ ଆକାରର କୋଡ଼ି ।

**ଖୁପୁରୁଖୁପୁରୁ ବିଂ.** କ୍ଷିପ୍ର ଓ ଭଙ୍ଗୀଯୁକ୍ତ (ଚାଲି) ; ***କ୍ରି.ବିଂ.*** ଜୋରରେ ଅଥଚ ସୁନ୍ଦର ଭଙ୍ଗୀରେ ।

**ଖୁବ୍ ବିଂ.** ୧. ଅତି ୨. ବେଶି ୩. ଉତ୍ତମ ; ***କ୍ରି.ବିଂ.*** ଭଲଭାବେ, ଉତ୍ତମ ରୂପେ ।

**ଖୁମାଣ ବି.** ଆଡ଼ରୁଷା, ବିରକ୍ତି, ଅଭିମାନ, ଗୁମାନ ।

**ଖୁମାଣି,ଖୁମାଣିଆ ବିଂ.** ଯେ ସାମାନ୍ୟ କଥାରେ ରୁଷିକରି ଗାରୁଗାରୁ ହୁଏ, ଅଭିମାନୀ ।

**ଖୁର୍‌ପି ବି.** ୧. ଗୁଡ଼ିଆ ବ୍ୟବହୃତ କାଠ ତିଆରି ଚଟୁ ୨. ଘାସ ଚାଂଛିବାରେ ବ୍ୟବହୃତ ହତିଆର ।

**ଖୁର ବି.** କ୍ଷୁର, ଖିଅର ହେବା ସାମଗ୍ରୀ ବିଶେଷ ।

**ଖୁରମୁଠି ବି.** ଯେଉଁ ମୁଣାରେ ଭଣ୍ଡାରୀ ଖୁର ଆଦି ରଖେ ।

**ଖୁରା ବି.** ୧. ଘୋଡ଼ା, ବଳଦ ଆଦି ପଶୁଙ୍କ ଶକ୍ତପାଦ ୨. ଖଟପାହିଆ, ଖଟଗୋଡ଼ ୩. ପାତ୍ରର ବଇଠି ୪. କ୍ଷୁର, ଛୁରା ।

**ଖୁରାଣ୍ଟି ବି.** ୧. ଛୋଟ ହରିଣ ବିଶେଷ ୨. ଏକ ପ୍ରକାର ଲୁଣିମାଛ ।

**ଖୁରି ବି.** ୧. ତରଳ ପଦାର୍ଥ ପିଇବାପାଇଁ ବ୍ୟବହୃତ ଛୋଟ ମାଟିପାତ୍ର ୨. ପଖାଳ ଖାଇବାପାଇଁ ପାତ୍ର ।

**ଖୁରି, ଖୁରିଆ ବି.** ମାଟିଗିଲାସ, ଫନ୍ଦଯୁକ୍ତ କଂସା, ପତ୍ରଦନା, ଚଉପତି ।

**ଖୁରି ଖାଇବା କ୍ରି.** ଲଢ଼େଇ/ପ୍ରତିବାଦପାଇଁ ପୂର୍ବ ପ୍ରସ୍ତୁତି କରିବା, ଉସ୍‌କେଇବା, ଉତ୍ତେଜିତ କରିବା ।

**ଖୁରୁଡ, ଖୁରୁଡୁ ବି.** ଯେଉଁ ନଡ଼ିଆ ଭିତରୁ ପାଣି ମରିଯାଇଥାଏ ।

**ଖୁରୁପି ବି.** ୧. ଘାସ ବା ଦୁବମୂଳରୁ ଉପାଡ଼ିବାନିମିତ୍ତ ହତିଆର ବିଶେଷ ୨. ମୋଚିଙ୍କ ଚମଡ଼ାଛେଲା ଯନ୍ତ୍ର, ଖୁର୍ପି ।

**ଖୁରେଇବା କ୍ରି.** ଚିକ୍କଣ ଭାବରେ କ୍ଷୌର କରିବା ।

**ଖୁରେଇ ହେବା କ୍ରି.** ଉଖୁରେଇ ହେବା, ଲଢ଼ିବାକୁ ଆହ୍ୱାନ କରିବା ।

**ଖୁଲମ୍‌ଖୁଲା *କ୍ରି.ବିଂ.*** ୧. ଖୋଲାଖୋଲି, ଖୋଲାମେଲା, ସମସ୍ତଙ୍କ ଆଖି ଆଗରେ ୨. ନିଃସଙ୍କୋଚ ଭାବରେ ।

**ଖୁଲାସା** ***ବିଂ.*** ୧. ଖୋଲା, ମୁକ୍ତ ୨. ପରିଷ୍କୃତ ୩. ବାଧା ନ ଥିବା ।
**ଖୁଲ୍ଲ** ***ବିଂ.*** କ୍ଷୁଦ୍ର, କନିଷ୍ଠ, ଲଘୁ, ଅଳ୍ପ ।
**ଖୁସ୍** ***ବିଂ.*** ପ୍ରସନ୍ନ, ଖୁସୀ, ଆନନ୍ଦ, ***ବି.*** ସନ୍ତୋଷ, ତୃପ୍ତି ।
**ଖୁସୁବୁ, ଖୁସ୍‌ବୋଇ** ***ବି.*** ସୁଗନ୍ଧ, ସୁବାସ, ବାସ୍ନା ।
**ଖୁସି** ***ବି.*** ୧. ଇଚ୍ଛା, ମର୍ଜି ୨. ସନ୍ତୋଷ, ଆନନ୍ଦ ।
**ଖୁସିବାସି** ***ବି.*** ଆନନ୍ଦଉଲ୍ଲାସ ।
**ଖୁସିବାସିଆ** ***ବିଂ.*** ଆନନ୍ଦମନା ।
**ଖୁସୀ** ***ବିଂ.*** ସନ୍ତୁଷ୍ଟ, ପ୍ରୀତ, ଆନନ୍ଦିତ ।
**ଖୁସୁରୁକାଣ୍ଡ** ***ବି.*** ଚତୁରତା ସହ ଗୋପନରେ କାମକରିବା।
**ଖେଁଟୁଆ** ***ବିଂ.*** ଅବାଗିଆ, ଅମଣିଆ ।
**ଖେଇ** ***ବି.*** ଦୈନିକ ଦେବଭୋଗରୁ ସେବକର ପ୍ରାପ୍ୟଭାଗ ।
**ଖେକରଲି** ***ବି.*** ମାଟି ଭିତରେ ଗାତକରି ରହୁଥିବା ପଶୁ ବିଶେଷ, କୋକିଶିଆଳି ।
**ଖେଚଡ଼** ***ବିଂ.*** ୧. ବଗୁଲିଆ, ଦୁଷ୍ଟ, ଖେଚଡ଼ା ୨. ବାପର ନାଁ ଜଣା ନ ଥିବା ; ***ବି.*** ୧. ଖେଚଡ଼ାମି, ଦୁଷ୍ଟାମି ୨. ଥଟ୍ଟା, ହାସପରିହାସ ୩. ବେଧଛୁଆ ।
**ଖେଚର** ***ବି.*** ଖଚର ।
**ଖେଚୁଡ଼ି** ***ବି.*** ଖିଚିଡ଼ି ।
**ଖେଜା** ***ବି.*** ଭାଗଓ୍ୱାରି ବିକା, ବଦଳରେ ବିକାକିଣା, ଭାଗଭାଗ କରି ବିକିବା ।
**ଖେଞ୍ଚ** ***ବି.*** ୧. ତୀକ୍ଷ୍ଣ ଆଘାତ ୨. କାଠ/ବାଉଁଶାଦିର କଣ୍ଟାଳିଆ ଅଂଶ ।
**ଖେଞ୍ଚଣା** ***ବି.*** ୧. ଖେଞ୍ଚିବାରେ ବ୍ୟବହୃତ ଦଣ୍ଡ ୨. ଗେଞ୍ଜଣାକାଠି, ଗୋଜଣାଡାଙ୍ଗ ୩. ଚୁଲିଉଖୁରା ।
**ଖେଞ୍ଚ ମାରିବା** ***କ୍ରି.*** ୧. ଆଘାତ ଦେବା ୨. ଉଘେଇବା ।
**ଖେଞ୍ଚା** ***ବି.*** ୧. ପେଟଟଣା ୨. କାଠର ଅଂସା ।
**ଖେଞ୍ଚିବା** ***କ୍ରି.*** ୧. ଲମ୍ବାକାଠ ବା ବାଉଁଶ ଆଗରେ ଆଘାତ କରିବା ୨. ସୂକ୍ଷ୍ମ ଭାବରେ ଆଘାତ ଦେବା ।
**ଖେଞ୍ଜା** ***ବିଂ.*** ୧. ହାତରେ ବା ଗୋଡ଼ରେ ପାଞ୍ଚରୁ ଅଧିକ ଆଙ୍ଗୁଠି ଥିବା ୨. ଦିକେନିଆ ।
**ଖେଣ୍ଟା** ***ବିଂ.*** ୧. ଚିଡ଼ଲ, ଚିଡ଼ିଚିଡ଼ା ୨. ସନ୍ତାନହୀନ, ଆଣ୍ଟୁକୁଡା ୩. କୃପଣ ; ***ବିଂ.*** ଗଛର ମୁନିଆ ଛୋଟଖୁଣ୍ଟା, ମାଟିଭିତରୁ ପଦାକୁ ବାହାରିଥିବା କୀଳା ।
**ଖେଣ୍ଟାଳିଆ** ***ବିଂ.*** ଲଣ୍ଡା, ଡାଳପତ୍ରହୀନ, ଥୁଣ୍ଟା ।
**ଖେଣ୍ଟିବା** ***କ୍ରି.*** ୧. କମାଇବା, ଛୋଟକରିବା ୨. କାମ ନ କରି ଖୁଣ୍ଟପରି ବସିବା ।
**ଖେଣ୍ଟୁଆ** ***ବିଂ.*** ୧. ଅସନ୍ତୋଷ ହେତୁ ପ୍ରତିଶୋଧ ପରାୟଣ ୨. ଚିଡ଼ିଚିଡ଼ା ୩. ବଦରାଗୀ ।
**ଖେତ** ***ବି.*** ଚାଷଜମି, କିଆରି, ବିଲ, ଫସଲ ଜମି, ଭୂସମ୍ପତ୍ତି ।
**ଖେତଖମାର** ***ବି.*** ଖେତଜମି, କ୍ଷେତବାରି ପ୍ରଭୃତି ସ୍ଥାବର ସମ୍ପତ୍ତି ।
**ଖେତବଢ଼ା** ***ବି.*** ୧. ବିଲରୁ ଫସଲ କଟାହେବାର ଶେଷଦିନ ଅନୁଷ୍ଠିତ ଲକ୍ଷ୍ମୀଙ୍କ ପୂଜା ୨. ବିଲରୁ ଫସଲ କଟାର ଶେଷ ଦିନ କ୍ଷେତଦେବତୀ ପୂଜା ।
**ଖେତବାରି** ***ବି.*** ଭୂ ସମ୍ପତ୍ତି, ଜମିବାଡ଼ି, ଚାଷବାସ ।
**ଖେତା** ***ବି.*** ଖେସା, ଥଟ୍ଟାପରିହାସ, ଢୁରିଆ ।
**ଖେତେଇବା** ***କ୍ରି.*** ଖତେଇହେବା, ବିଦ୍ରୂପକରିବା।
**ଖେଦ୍‌ରା** ***ବି.*** ଖାଦ, ଖଦଡା ।
**ଖେଦ** ***ବି.*** ମାନସିକ ଦୁଃଖ, ଅବସନ୍ନତା, କ୍ଳାନ୍ତି, ଅବସୋସ, ମନସ୍ତାପ ।
**ଖେଦା** ***ବି.*** ୧. ଲେଖା ତାଳପତ୍ରର ପୋଥି ବା ବିଡ଼ାପୋଥି ୨. ହାତୀ ଧରିବାପାଇଁ ଜଙ୍ଗଲରେ ଖୋଳା ଯାଇଥିବା ଲମ୍ବ ଖମା ୩. ବଣରେ ହାତୀ ଧରିବାପାଇଁ ତିଆରି ଖୁଆଡ଼, ପାରିଧି ୪. ତାଡନ।
**ଖେଦିବା** ***କ୍ରି.*** ୧. ତଡ଼ିବା, ଘଉଡାଇବା ୨. ବ୍ୟାପିବା ୩. ଗାଈ ଗୋରୁ ବା ହଳ ଅଡ଼ାଇବା ।
**ଖେପ** ***ବି.*** ୧. ଥର, ଦଫା ୨. ଲମ୍ଫ ୩. ନିକ୍ଷେପ ।
**ଖେ(କ୍ଷୋ)ପଣୀ** ***ବି.*** ଆହୁଲା ।
**ଖେପା** ***ବି.*** ୧. ଡିଆଁ, କୁଦା ୨. ନଡ଼ିଆ/ତାଳ/ଖଜୁରି ଗଛ ଚଢ଼ିବାରେ ବ୍ୟବହୃତ ଛନ୍ଦ-ଦଉଡ଼ି ; ***ବିଂ.*** ଦୁଷ୍ଟ ଓ ହାପୁରା ।
**ଖେପାଜାଲ** ***ବି.*** ଭଉଁରିଜାଲ ।
**ଖେପିବା** ***କ୍ରି.*** ୧. ଡେଇଁପିବା ୨. ଶୀଘ୍ର ଗତିକରିବା ୩. ଗିଳିବା, ପେଟକୁ ନେବା ।
**ଖେବା** ***ବି.*** କହୁଣିଦ୍ୱାରା ଢ଼ିଅ ବା ଧକ୍କା ।
**ଖେମଟା** ***ବି.*** ୧. ସଙ୍ଗୀତର ଉଚ୍ଚାଙ୍ଗ ତାଳ ବିଶେଷ ୨. ନୃତ୍ୟବିଶେଷ ।
**ଖେୟା** ***ବି.*** ୧. କ୍ଷୟ (ଚନ୍ଦ୍ର) ୨. ହଳନିଷେଧ ତିଥି ।
**ଖେୟାଲ୍** ***ବି.*** ୧. କଳ୍ପନା ୨. ଅନୁମାନ, ସ୍ମରଣ ୩. ଏକପ୍ରକାର ଶାସ୍ତ୍ରୀୟ ଗାୟନ ପଦ୍ଧତି ।
**ଖେୟାଲଖୁସି** ***ବି.*** ମର୍ଜି ମୁତାବକ କାମକରି ଆନନ୍ଦଲାଭ ।
**ଖେଳ** ***ବି.*** ୧. କ୍ରୀଡ଼ା ୨. ବ୍ୟାୟାମ ପ୍ରଦର୍ଶନ, କସରତ ୩. ଅଭିନୟ, ଚାତୁରି ୪. କୌତୁକ ୫. ମଜା ।
**ଖେଳକୁଦ** ***ବି.*** ଖେଳକସରତ ।
**ଖେଳଘର** ***ବି.*** ୧. ଯେଉଁ ଘରେ ଖେଳକସରତ ହୁଏ, କ୍ରୀଡ଼ାଗାର ୨. ଧୂଳିଘର ।
**ଖେଳନା** ***ବି.*** କଣ୍ଢେଇ, କ୍ରୀଡନକ, କ୍ରୀଡାସାମଗ୍ରୀ ।
**ଖେଳା** ***ବି.*** ୧. କ୍ରୀଡ଼ା ୨. କୌତୁକ, ପରିହାସ ୩. ଲୀଳା ।
**ଖେଳାଳି** ***ବି.*** କୌଣସି ଖେଳ ଖେଳୁଥିବା ଲୋକ ।

**ଖେଳିବା** ***କ୍ରି.*** ୧. କ୍ରୀଡ଼ା କରିବା ୨. ଅଭିନୟ କରିବା ୩. ବ୍ୟାପିବା ୪. ଚାଲାକି ଦେଖାଇବା ୫. ଅନାୟାସରେ ବା ସ୍ୱାଭାବିକ ଭାବରେ ଚଳପ୍ରଚଳ ହେବା ବା ପ୍ରସରିଯିବା ।

**ଖେଳୁଆ** ***ବି.*** ୧. କ୍ଷେତରେ ବହୁଳ ଭାବରେ ଉଠିଥିବା ସ୍ଥାନରୁ ଧାନଗଛକୁ ଉପାଡ଼ି ଫାଙ୍କା ଜାଗାରେ ରୋଇବା କାର୍ଯ୍ୟ ୨. କ୍ଷେତର ମାଟିକୁ ସମତଳ କରିବା ; ***ବିଂ.*** ଖେଳପ୍ରତି ଅତିମାତ୍ରାରେ ଆସକ୍ତ ।

**ଖେଳୁଆଡ଼** ***ବି.*** ୧. ଖେଳାଳି, କୌଣସି ଖେଳ ଖେଳୁଥିବା ବ୍ୟକ୍ତି ୨. ହାରିବା ଜିଣିବାକୁ ସମ ଭାବରେ ନେଉଥିବା ବ୍ୟକ୍ତି ।

**ଖେଳୁଆଡ଼ ମନୋବୃତ୍ତି** ***ବି.*** ଶତ୍ରୁତା ନ ରଖି ମୁକାବିଲା କରିବା ମନୋଭାବ ।

**ଖେଶରା** ***ବି.*** କ୍ଷତିପୂରଣ, କ୍ଷତିପୂରଣ ପାଇବାପାଇଁ ଦାଏର ମକଦ୍ଦମା, ଖେଶରତ୍ ।

**ଖେଶାରତି** ***ବି.*** କ୍ଷତିପୂରଣ ରୂପେ ପ୍ରଦତ୍ତ ଅର୍ଥ ।

**ଖେସା, ଖେସାତା** ***ବି.*** ଟାହିଟାପରା, ପରିହାସ, ଥଟ୍ଟା ।

**ଖେସାରି** ***ବି.*** ଏକ ପ୍ରକାର ଚଣା ।

**ଖୋ** ***ଅ.*** ଅତିଶୟୋକ୍ତି ସୂଚକ ଧ୍ୱନି ।

**ଖୋଇ** ***ବି.*** ୧. ଅଭ୍ୟାସ, ପ୍ରକୃତି, ସ୍ୱଭାବ ୨. ଝୁଙ୍କ ।

**ଖୋଇବା** ***କ୍ରି.*** ଖୁଆଇବା, ଖୁଆଇଦେବା ।

**ଖୋକଡ଼** ***ବିଂ.*** ପୋଖତ, ଅତି ପୁରୁଣା, ବୟସୋତ୍ତୀର୍ଣ୍ଣ ।

**ଖୋଖୋ** ***ବି.*** ଏକ ପ୍ରକାର ଜନପ୍ରିୟ ଗୋଡ଼ିଆଗୋଡ଼ି ଖେଳ- ଯେଉଁଥିରେ ଖେଳାଳିମାନେ ଖୋ ଉଚ୍ଚାରଣ କରିଥାନ୍ତି ।

**ଖୋଗ୍‌ଲା, ଖଗ୍‌ଲା** ***ବି.*** ୧. ବଡ଼ଖଡ଼ୁ, କଙ୍କଣ ୨. ଧାତୁନିର୍ମିତ ଗଳାଭରଣ ୩. ବାମହାତରେ କାମକରୁଥିବା ବ୍ୟକ୍ତି ।

**ଖୋଜ୍‌ଖବର** ***ବି.*** ଅନ୍ୱେଷଣ, ସମ୍ବାଦ, ସନ୍ଧାନ, ପତ୍ତା ।

**ଖୋଜ** ***ବି.*** ୧. ପଦଚିହ୍ନ ୨. ପାହୁଲ, ପାଦତଳ, ପାହୁଣ୍ଡ ୩. ତଲାସ ବା ସନ୍ଧାନ ।

**ଖୋଜା** ***ବି.*** ୧. ଅନ୍ୱେଷଣ, ସନ୍ଧାନ, ତଲାସ ୨. ଅନ୍ତଃପୁରର ନପୁଂସକ ଭୃତ୍ୟ ।

**ଖୋଜିବା** ***କ୍ରି.*** ୧. ସନ୍ଧାନ କରିବା, ଅନ୍ୱେଷଣ କରିବା ୨. ତତ୍ତ୍ୱନେବା ୩. ଲୋଡ଼ିବା ।

**ଖୋଡ଼** ***ବିଂ.*** କୁଷ୍ଠରୋଗ ଯୋଗୁ ପଙ୍ଗୁ ହୋଇଥିବା (ବ୍ୟକ୍ତି) ।

**ଖୋଡ଼ଫୁଟା** ***ବି.*** କୁଷ୍ଠରୋଗୀ, କୁଷ୍ଠୀ, କୋଢ଼ି, ଖୋଡ଼ି ।

**ଖୋଡ଼ୀ** ***ବିଂ.*** କୋଢ଼ୀ, କୁଷ୍ଠରୋଗୀ, କୁଷ୍ଠୀ ।

**ଖୋଦ୍** ***ଅ.*** ସ୍ୱୟଂ, ନିଜେ, ଆପେ ।

**ଖୋଦନ** ***ବି.*** ଖୋଳିବା କାମ, ଖୋଦେଇ କାମ ।

**ଖୋଦା, ଖୁଦା** ***ବି.*** ଆଲ୍ଲା, ଈଶ୍ୱର, ଭଗବାନ ।

**ଖୋଦାଇ** ***ବିଂ.*** କାଠ/ ପଥର ବା ଧାତୁରେ ଛୁଞ୍ଚି ବା ସୂକ୍ଷ୍ମ ମୁନିଆଁ ହତିଆରରେ ଖୋଳା ହୋଇଥିବା; ***ବି.*** ଖୋଦନ ।

**ଖୋଦିତ** ***ବିଂ.*** ଖୋଳା ହୋଇଥିବା, ଖୋଦିତ ହୋଇଥିବା, ଉତ୍କୀର୍ଣ୍ଣ, କାଠ ବା ପଥରର ଉପରିଭାଗ ଖୋଳାଯାଇ ଗଠିତ ।

**ଖୋପ** ***ବି.*** ୧. ଛୋଟ ଛୋଟ କୋଠରି ୨. ଗଛର କୋରଡ଼ ୩. ପାରାଘର ୪. କାଛକୁରା ।

**ଖୋପା** ***ବି.*** ଜୁଡ଼ା, ଖୋସା, ବନ୍ଧାହୋଇଥିବା କେଶଗୁଚ୍ଛ ବା ଗଣ୍ଠି ।

**ଖୋପୋକରି** ***କ୍ରି.ବିଂ.*** ଖପ୍‌କିନା, ହଠାତ୍, ଆତର୍କିତ ଭାବରେ ।

**ଖୋବଣ** ***ବି.*** ମାଡ଼, ପ୍ରହାର, ଆଘାତ ।

**ଖୋବା** ***ବି.*** ୧. ବାଉଁଶ ବା କାଠର ଛୋଟ ଏବଂ ମୋଟା କିଳା ୨. ଠେଙ୍ଗଣି/ବାଡ଼ିରେ ପ୍ରହାର, ଖେବା ।

**ଖୋବାଖିଆ** ***ବି.ବିଂ.*** ମାଡ଼ୁଆ, ମାଡ଼ଖାଇବା ଯାହାର ଅଭ୍ୟାସଗତ ।

**ଖୋବିବା** ***କ୍ରି.*** ୧. ଖୋବାଦ୍ୱାରା ଭୁସିବା, ଠେଙ୍ଗାର ମୁଣ୍ଡିରେ ଖେଞ୍ଚିବା ୨. ମାଡ଼ଦେବା ।

**ଖୋବେଇ** ***ବିଂ.*** କାମାତୁରା, ଯୌନସଙ୍ଗମପାଇଁ ବ୍ୟାକୁଳ ।

**ଖୋର** ***ପ.ପ୍ର.*** ମୁଖରା (ମୁହଁଖୋର), ଅତି ଆସକ୍ତ(ନିଶାଖୋର) ।

**ଖୋରଣି** ***ବିଂ. ବି.*** କଳିହୁଡ଼ି, ଦୁଷ୍ଟା ।

**ଖୋରାକ, ଖୋରାକି** ***ବି.*** ଖାଦ୍ୟ, ଆହାର, ଭୋଜନର ପରିମାଣ, ଖାଇବା ଖର୍ଚ୍ଚ, ଭରଣପୋଷଣ ।

**ଖୋରାକପୋଷାକ** ***ବି.*** ଲାଳନପାଳନ, ଭରଣପୋଷଣ ନିମନ୍ତେ ପ୍ରଦତ୍ତ ଅର୍ଥ, ଖାଦ୍ୟ ଓ ପୋଷାକ ।

**ଖୋଳ** ***ବି.*** ୧. ବକଳା, ଖୋଳପା, ଆବରଣ ୨. ଶେଯ, ତକିଆ ପ୍ରଭୃତିର ବହିରାବରଣ ୩. ଲଫାପା ୪. ବହି ଓ ଖାତା ପ୍ରଭୃତିର ମଲାଟ ୫. ମୃଦଙ୍ଗ ; ***ବିଂ.*** **ଖାଲି, ଶୂନ୍ୟ** ।

**ଖୋଳ କରିବା** ***କ୍ରି.*** ତୋଷରପାତଦ୍ୱାରା ପାଣି ହଡପ କରିବା, ଖାଲି କରିଦେବା ।

**ଖୋଳତାଡ଼** ***ବି.*** ତନ୍ନତନ୍ନ କରି ଅନୁସନ୍ଧାନ ।

**ଖୋଳପା** ***ବି.*** ୧. କୌଣସି ଜୀବ ଅଥବା ଫଳ ଅଥବା ପଦାର୍ଥର ଉପର ଟାଣୁଆ ଅଂଶ, ଆବରଣ, ବକଳ, ଚୋପା ୨. ଘାଆର ବକଳା ।

**ଖୋଳପୂଜା** ***ବି.*** ସଂକୀର୍ତ୍ତନ ଶେଷରେ ମୃଦଙ୍ଗ ପୂଜା ଓ ଭୋଗ ।

**ଖୋଳା** ***ବି.*** ଖୋଳିବା କାର୍ଯ୍ୟ ; ***ବିଂ.*** ଖୋଦନ କରାଯାଇଥିବା ।

**ଖୋଳିବା** ***କ୍ରି.*** ୧. ମାଟି ପ୍ରଭୃତି ହାଣି ଗହୀର କରିବା ୨. କୌଣସି ପଦାର୍ଥକୁ ଯନ୍ତ୍ର ସାହାଯ୍ୟରେ ଖୋଦନ ବା ଖନନ କରିବା ।

**ଖୋଲ** ***ବି.*** ୧. ପଥରର ଗାତ, ଗୁହା ୨. କୋରଡ଼ ୩. ଫମ୍ପାସ୍ଥାନ ; ***କ୍ରି.*** ଫିଟାଅ, ମେଲାଅ ।

**ଖୋଲା** ***ବିଂ.*** ୧. ଯାହା ବନ୍ଦ ବା ଆବୃତ ନୁହେଁ ୨. ଅକପଟ, ପ୍ରକାଶ୍ୟ, ସ୍ୱଚ୍ଛ ୩. ଅନାବୃତ, ମୁକୁଳା ୪. ବନ୍ଧନମୁକ୍ତ ।

**ଖୋଲାଖୋଲି** ***କ୍ରି.ବିଂ.*** ମନରେ କୌଣସି କଥା ଲୁଚାଇ ନ ରଖି, ନିଷ୍କପଟ ଓ ଉନ୍ମୁକ୍ତ ଭାବରେ ।

**ଖୋଲାଚିଠି** ***ବି.*** ଯେଉଁ ଚିଠି ଗୋପନୀୟ ନୁହେଁ, କୌଣସି ବ୍ୟକ୍ତିଙ୍କୁ ଲେଖାହୋଇ ମଧ୍ୟ ଯାହା ସର୍ବସାଧାରଣପାଇଁ ଉଦ୍ଦିଷ୍ଟ ।

**ଖୋଲା ବହି** ***ବି.*** ଯାହା ଗୋପନୀୟ ନୁହେଁ (ମୋ ଜୀବନ ଏକ ଖୋଲା ବହି)

**ଖୋଲା ମଞ୍ଚ** ***ବି.*** ୧. ଯାତ୍ରା ଲୋକନୃତ୍ୟ ଆଦି ପାଇଁ ଉନ୍ମୁକ୍ତ ସ୍ଥାନ ୨. ସ୍ୱାଧୀନ ମତବ୍ୟକ୍ତ କରିବାର ପରିବେଶ ।

**ଖୋଲା ମନ** ***ବି.*** ପାତରଅନ୍ତର ଶୂନ୍ୟ ନିଷ୍କପଟ ମନ ।

**ଖୋଲାମେଲା** ***କ୍ରି.ବିଂ.*** ଖୁଲମଖୁଲା, କିଛି ଗୁପ୍ତ ନ ରଖି ।

**ଖୋଲିବା** ***କ୍ରି.*** ୧. ବନ୍ଧନରୁ ମୁକୁଳାଇବା ୨. ଗଣ୍ଠି ଫିଟାଇବା ୩. ଆବରଣ କାଢ଼ିବା ୪. ଫିଟିବା ବା ଫିଟାଇବା ।

**ଖୋଷା** ***ବି.*** ୧. ଜୁଡ଼ା ୨. ଛାଲି, ବଳକା ୩. ଫଳର ଚିରୁଡ଼ା ବା ଫୁଟ ୪. ରେଶମ ପୋକର ଗୋଟି ।

**ଖୋସଣି** ***ବି.*** ୧. ଅଣ୍ଟାର ବାମ ପାଖରେ ପିନ୍ଧା ଲୁଗାଧଡ଼ିରେ ପକାଇବା ଗଣ୍ଠି ବା ବନ୍ଧନୀ ୨. ମାଟି ଖୋଳିବା ନିମନ୍ତେ ବ୍ୟବହୃତ ଛୋଟ ଖଣତି ୩. ମାଟିକି ଛୋଟ ଖଣତିଦ୍ୱାରା ଗୁଣ୍ଡ ବା ଉଶ୍ୱାସ କରିବା କାମ ।

**ଖୋସଣିଗୁଞ୍ଜା** ***ବି.*** ଅଣ୍ଟାଗୁଞ୍ଜା, ଲାଞ୍ଜ ।

**ଖୋସାମତ** ***ବି.*** ତୋଷାମଦ, ଚାଟୁବାକ୍ୟ, ଅନ୍ୟକୁ ଖୁସି କରିବାପାଇଁ କରାଯିବା ମିଥ୍ୟା ପ୍ରଶଂସା ।

**ଖୋସାମତି** ***ବି.*** ୧. ତେଲେଇବା ୨. ମିଥ୍ୟା ପ୍ରଶସ୍ତି ।

**ଖୋସାମତିଆ** ***ବିଂ.*** ଚାଟୁକାର, ତୋଷାମଦକାରୀ, ଚାଟୁପୂର୍ଣ୍ଣ ବା ମିଥ୍ୟା ପ୍ରଶଂସା କରୁଥିବା (ବ୍ୟକ୍ତି)।

**ଖୋସିବା** ***କ୍ରି.*** ୧. କୌଣସି ଦ୍ରବ୍ୟକୁ ଅନ୍ୟ ବସ୍ତୁରେ ପୂରାଇବା ୨. ଖଞ୍ଜିବା ୩. ଗୁଞ୍ଜିବା ।

**ଖ୍ୟାତ** ***ବିଂ.*** ପ୍ରସିଦ୍ଧ, କଥିତ, ପରିଚିତ, ପ୍ରକଟିତ, ଜ୍ଞାତ ।

**ଖ୍ୟାତନାମା** ***ବିଂ.*** ଲୋକପ୍ରସିଦ୍ଧ, ବିଶେଷ ଭାବରେ ଜଣାଶୁଣା, ବିଖ୍ୟାତ ।

**ଖ୍ୟାତି** ***ବି.*** ପ୍ରସିଦ୍ଧି, ସୁନାମ, ଯଶ ।

**ଖ୍ୟାପକ** ***ବିଂ.*** ପ୍ରଚାରକ, ଖ୍ୟାତିବର୍ଦ୍ଧକ ।

**ଖ୍ୟାପନ** ***ବି.*** ସର୍ବସାଧାରଣରେ ପ୍ରକାଶ, ଘୋଷଣା।

**ଖ୍ରୀଷ୍ଟ** ***ବି.*** ଯୀଶୁଖ୍ରୀଷ୍ଟ ।

**ଖ୍ରୀଷ୍ଟପୂର୍ବ** ***ବିଂ.*** ଯୀଶୁଙ୍କ ଜନ୍ମ ଅବ୍ଦର ପୂର୍ବବର୍ତ୍ତୀ (ସମୟ), ଯୀଶୁ ଜନ୍ମର ପୂର୍ବବର୍ତ୍ତୀ ।

**ଖ୍ରୀଷ୍ଟମାସ** ***ବି.*** ବଡ଼ଦିନ, ଡିସେମ୍ବର ମାସ ୨୫ ତାରିଖରେ ପଡୁଥିବା ଯୀଶୁଙ୍କ ଜନ୍ମ ତିଥି, ଖ୍ରୀଷ୍ଟିୟାନମାନଙ୍କର ବଡ଼ଦିନ ଉତ୍ସବ ।

**ଖ୍ରୀଷ୍ଟାବ୍ଦ** ***ବି.*** ଯୀଶୁଙ୍କ ଜନ୍ମଠାରୁ ଗଣା ଯାଉଥିବା ବର୍ଷ ।

**ଖ୍ରୀଷ୍ଟିଆନ** ***ବି.*** ଖ୍ରୀଷ୍ଟଧର୍ମାବଲମ୍ବୀ ବ୍ୟକ୍ତି, ଖିରସ୍ତାନ ; ***ବିଂ.*** ଖ୍ରୀଷ୍ଟଧର୍ମ ସମ୍ବନ୍ଧୀୟ ।

**ଖ୍ରୀଷ୍ଟୀୟ** ***ବିଂ.*** ୧. ଯୀଶୁଖ୍ରୀଷ୍ଟ ସମ୍ବନ୍ଧୀୟ ୨. ଖ୍ରୀଷ୍ଟଙ୍କ ଜନ୍ମର ପରବର୍ତ୍ତୀ ସମୟ ।

# ଗ

**ଗ** *ବି.* ବର୍ଣ୍ଣମାଳାର ତୃତୀୟ ବ୍ୟଞ୍ଜନ ବର୍ଣ୍ଣ ।

**ଗଁ** *ଅ. ବି.* ଅତି ଯନ୍ତ୍ରଣାପୂର୍ଣ୍ଣ ଧ୍ୱନି ।

**ଗଁଗଁ ହେବା** *କ୍ରି.* ବିକଳରେ ଯନ୍ତ୍ରଣାକୁ କଥାରେ ନୁହେଁ, ଧ୍ୱନି ମାଧ୍ୟମରେ ପ୍ରକାଶ କରିବା।

**ଗଁ ଖୁଦ୍‌ବା** *କ୍ରି.* ଖରାପ ଉଦ୍ଦେଶ୍ୟରେ ବାହାନା ଖୋଜିବା ।

**ଗଁଝିଆ** *ବିଂ.* ଗଞ୍ଜୋଡ଼ ।

**ଗଁଠିକୁବି** *ବି.* ଓଲକୋବି ।

**ଗଁଡ଼ି** *ବି.* ୧. ଗଣ୍ଡି, କାଠଗଡ଼ ୨. ଗଉଡ଼କୁ ଦିଆଯିବା ଭାତିଆ ।

**ଗଁଡ଼ିଆ** *ବି.* ୧. ଅଣପୁରୁଷା ବ୍ୟକ୍ତି, ମାଇଚିଆ, ମାଇରଙ୍ଗ ୨. ହିଞ୍ଜଡା, ତୃତୀୟ ଲିଙ୍ଗୀ ୩. ଭୟାଳୁବ୍ୟକ୍ତି ।

**ଗଁଡୁଆ** *ବି.* ବାଉଁଶ ପାତିଆରେ ତିଆରି ଗାଣ୍ଡୁଆ, ଟୋକେଇ ।

**ଗଁଧରିଳି** *ବି.* ଅଂଶେଇ ପୋକ ।

**ଗଁର୍‌ରା** *ବି.* ଗଣ୍ଠିଲିପତ୍ର, ବୋକଚା ।

**ଗଁର୍‌ରି** *ବି.* ଆଖୁଗଛ ।

**ଗଅଁଠ** *ବି.* ୧. କୌଣସି ପାତ୍ରର ତଳଆଡୁ ଉପରକୁ ଚାରିଭାଗରୁ ତିନିଭାଗ ଅର୍ଥାତ୍ ବେକ ପର୍ଯ୍ୟନ୍ତ ସ୍ଥାନ ୨. ଦୁଇ ବା ବହୁ ପଦାର୍ଥର ଯୋଡ଼ା ଅବସ୍ଥା ।

**ଗଅଁଠ ଗଣ୍ଡିଆ** *ବିଂ.* ବହୁ ଗଣ୍ଠିଯୁକ୍ତ ।

**ଗଅଁଠ ଗଣ୍ଡିଆ ପାଟ** *ବି.* ଛିଣ୍ଡାକନା ।

**ଗଅଁତିଆ** *ବି.* ଗ୍ରାମର ମୁଖିଆ ବ୍ୟକ୍ତି, ଧନୀ ଲୋକ, ଗୌନ୍ତିଆ, ଗଉଁତିଆ, ଗଁଟିଆ ।

**ଗଅଁଲି** *ବିଂ.* ୧. ଗାଁରେ ରହୁଥିବା ୨. ଅମାର୍ଜିତ ୩. ସାଧାସିଧା, ଆଡ଼ମ୍ବରହୀନ ୪. ଗାଉଁଲି, ଗ୍ରାମ୍ୟ, ମଫସଲି ।

**ଗଅଁନ୍ତି** *ବି.* ଗଇନ୍ତି, ମୁନିଆ ଲୁହାକାଙ୍କ, ଗଏନ୍ତି ।

**ଗଅ** *ବି.* ଗୁହ, ମଳ, ମଇଳା ପଦାର୍ଥ ।

**ଗଇଁ** *ବି.* ଭିଣୋଇ, ବଡ଼ ଭଉଣୀର ସ୍ୱାମୀ, ଭଟୁଆ ୨. ଶାରୀରିକ ପୀଡ଼ା (ବିଶେ, ମାଡ଼ ଜନିତ ଯନ୍ତ୍ରଣା) ।

**ଗଇଁଆ** *ବିଂ.* ନିସ୍ତୁକ ମାଡ଼ ଖାଇ ଖାଇ କଷ୍ଟ ।

**ଗଇଁଛିବା** *କ୍ରି.* ଛନ୍ଦିକରି ବା ଗଇଁଠି କରି ଲୁଗା ପିନ୍ଧିବା ।

**ଗଇଁଠା** *ବି.* ଚାଉଳ ଚୂନାର ଖଳିକୁ ବିଭିନ୍ନ ଆକାରରେ ବଳି ପାଣିରେ ସିଝେଇ ପ୍ରସ୍ତୁତ ପିଠା, ଗେଟେଇ ।

**ଗଇଁଠାଇବା** *କ୍ରି.* ଗଣ୍ଠି ପକାଇ ଲୁଗାର କାନି, ସୂତା ବା ଦଉଡ଼ିକୁ ପରସ୍ପର ସହ ସଂଯୁକ୍ତ କରିବା ।

**ଗଇଁଠାଗଇଁଠି** *ବିଂ.* ପରସ୍ପର ଗଣ୍ଠିଦ୍ୱାରା ଛନ୍ଦାଛନ୍ଦି ହୋଇଥିବା ।

**ଗଇଁଠାପାଉଁଶ** *ବି.* ଘଷିପୋଡ଼ା ପାଉଁଶ ।

**ଗଇଁଠାଳ** *ବି.* ବିବାହ ବେଦୀରେ ବର ଓ କନ୍ୟାର ଉତ୍ତରୀୟରେ ପକାଯାଉଥିବା ଗଣ୍ଠି, ଗଏଁଠ୍‌ଲା, ଗଁଠ୍‌ଲା ।

**ଗଇଁଠାଳ ଫିଟା** *ବି.* ଗଣ୍ଠି ଫିଟାଇବା, ବିବାହର ପରବର୍ତ୍ତୀ ନିର୍ଦ୍ଦିଷ୍ଟ ଦିନରେ ବରକନ୍ୟାଙ୍କ ଉତ୍ତରୀୟରୁ ଗଣ୍ଠି ଫିଟାଯିବା ବିଧି ।

**ଗଇ** *ବି.* ୧. କାନଗୁହ, କାନଗଇ ୨. ଶିଶୁମାନଙ୍କର ବଦହଜମି, ଝାଡ଼ାରୋଗ, ଅତିସାର ରୋଗ ।

**ଗଇ କାଢ଼ିବା** *କ୍ରି.* ୧. କାନରୁ ମଇଳା କାଢ଼ିବା ୨. ଅନ୍ୟର ଗୁପ୍ତ ଦୁଷ୍କର୍ମ ପ୍ରକାଶ କରିବା, ଗଇ ଖୋଳିବା ।

**ଗଇତାଡୁ** *ବି.* ଗୋଡାଡୁ, ରୂପାତିଆରି ଅଣ୍ଟାସୁତା ବା କଟି ମେଖଳା ।

**ଗଇମାରୁ** *ବିଂ.* ବିଶ୍ୱାସଘାତକ, ଗୁପ୍ତଘାତକ ।

**ଗଇର୍ ହାଜର୍** *ବିଂ.* ଗରହାଜର୍, ବିନା ଅନୁମତିରେ ଅନୁପସ୍ଥିତ ।

**ଗଇରି** *ବିଂ.* ଗହୀରି, ଗଭୀର ।

**ଗଇସ** *ବି.* ଧଳାଫୁଲ ଫୁଟୁଥିବା ତୁଳସୀଗଛ ଭଳି ଏକ ପ୍ରକାର ଛୋଟ ଗଛର ଫୁଲ - ଯାହା ମହାଦେବଙ୍କୁ ଅର୍ପଣ କରାଯାଏ ।

**ଗଉଁ** *ବି.* ଗର୍ବ, ଅଭିମାନ, ଗୁମାନ ।

**ଗଉଁଆ** *ବିଂ.* ସହଜ ଓ ସ୍ୱାଭାବିକ ଭାବେ ନିଜକୁ ପ୍ରକାଶ କରୁ ନ ଥିବା, ଗର୍ବୀ, ଅଭିମାନୀ ।

**ଗଉଁଲି** *ବିଂ.* ଗାଉଁଲି, ଗ୍ରାମୀଣ, ମଫସଲି, ଗଉଁଲିଆ ।

**ଗଉ** *ବି.* ଗାଇ, ଗୋରୁ, ଗୌ ।

**ଗଉଆ** *ବିଂ.* ଗାଇଠାରୁ ଉତ୍ପନ୍ନ କ୍ଷୀରରେ ପ୍ରସ୍ତୁତ ଘିଅ, ଦହି ଓ ଲହୁଣୀ ଆଦି ପଦାର୍ଥ, ଗାଇଆ, ଗୁଆ ।

**ଗଉଡ଼** *ବି.* ୧. ଗୋପାଳନକୁ କୌଳିକ ବୃତ୍ତି ଭାବରେ ଗ୍ରହଣ କରିଥିବା ଜାତି ବିଶେଷ, ଗୋପାଳ, ଆଭୀର ; *ସ୍ତ୍ରୀ.* ଗଉଡୁଣୀ, ଗରେନ୍ ।

**ଗଉଡ଼ଗଡ଼କା** *ବି.* ଗଙ୍ଗଶିଉଳି ବା ଶେଫାଳୀ ଗଛ ଓ ତାହାର ଫୁଲ ।

**ଗଉଡ଼ଗୋଖା** *ବି.* ୧. ଗାଇ ଚରାଉଥିବା ଗଉଡ଼ ୨. ମାଛଧରା ଗୋଖା ଜାତି ୩. ଅଖାଡୁଆ ।

**ଗଉଡ଼ଗୋଠିଆ** *ବି.* ୧. ଗୋଠରେ ଗାଇଜଗି ରହୁଥିବା ଗଉଡ଼ ୨. ସାମାଜିକ ବ୍ୟବହାର ସହିତ ଅପରିଚିତ ।

**ଗଉଡ଼ବାଡ଼ି** *ବି.* ୧. ଗଉଡ଼ମାନଙ୍କର ନଉଡ଼ି ଖେଳରେ ବ୍ୟବହୃତ ଲାଠି ୨. କଉମାଛ ।

**ଗଉଡ଼ିଆ** *ବିଂ.* ୧. ଗୋପାଳ ଜାତି ସମ୍ବନ୍ଧୀୟ ୨. ନିର୍ବୋଧ, ଅଖାଡୁଆ, ମୂର୍ଖ, ଏକବାଗିଆ ୩. ଗୌଡ଼ୀୟ ବୈଷ୍ଣବ ।

**ଗଉଡ଼ିଆ କେଳା** *ବି.* କେଳା ସମ୍ପ୍ରଦାୟର ଏକ ଶାଖା, ମୟୂରଗୋତ୍ରୀ କେଳା ।

**ଗଉଡ଼ିଆ ଛତା** *ବି.* ବଡ଼ ତାଳପତ୍ରରେ ତିଆରି ଛତା ।

**ଗଉଡ଼ିଆ ବଇଷମ** *ବି.* ସିଦ୍ଧ ମହାପୁରୁଷ ଅଚ୍ୟୁତାନନ୍ଦପନ୍ଥୀ ଓଡ଼ିଆ ବୈଷ୍ଣବ ।

**ଗଉଡୁଣୀ ପୋକ** *ବି.* କଳାରଙ୍ଗର ବହୁ ପଦବିଶିଷ୍ଟ ପୋକ, ଗଉଡୁଣିଆ ପୋକ ।

**ଗଉଣି** *ବି.* ୧. ଗୌଣି, ବେତପଟରେ ନିର୍ମିତ ଶସ୍ୟ ଆଦି ମାପକରିବାର ପାତ୍ର, ୮୦ ଗୌଣିରେ ଏକ ଭରଣ ୨. ଭୂମିର ପରିମାଣ ବିଶେଷ ।

**ଗଉର** *ବି.* ୧. ଗୋରା ୨. ଖାତିରି, ଗୌରବ ୩. ଶ୍ରୀଗୌରାଙ୍ଗ; *ସ୍ତ୍ରୀ.* ଗଉରା, ଗୌରୀ ।

**ଗଉରବ** *ବି.* ଗୌରବ, ପ୍ରସିଦ୍ଧି, ସମ୍ମାନ ।

**ଗଏଁଗଏଁ** *ବିଂ.* ୧. ଟହଟହ ୨. ଅତ୍ୟନ୍ତ, ବେଶି ।

**ଗଏରା** *ବି.* ଟିଙ୍ଗପୋକ-ସାଧାରଣତଃ ପଶୁମାନଙ୍କ ଚମରେ ଥାଇ ରକ୍ତ ପିଅନ୍ତି ।

**ଗଏଳ** *ବି.* କାଠଗଡ଼ ବା ଖୁଣ୍ଟ ।

**ଗଗ୍ରା** *ବି.* ପାଣି ରଖିବା ଧାତବ ପାତ୍ର, ଗଗରା, ଗରା, ପିତଳ ମାଠିଆ ।

**ଗଗଛ** *ବି.* ଗାଈ ପ୍ରଭୃତିଙ୍କର ଗର୍ଭସ୍ରାବ ।

**ଗଗନ** *ବି.* ଆକାଶ, ଗଗନମଣ୍ଡଳ, ନଭୋମଣ୍ଡଳ ।

**ଗଗନକୁସୁମ** *ବି.* ୧. ଆକାଶକୁସୁମ ୨. ଅସମ୍ଭବ କଥା ।

**ଗଗନଚାରୀ** *ବିଂ.ବି.* ୧. ଆକାଶରେ ବିଚରଣ କରୁଥିବା, ଗଗନବିହାରୀ ୨.ଦେବତା, ଦେବୀ ୩. ଭୂତ, ପ୍ରେତ, ପିଶାଚୀ ୪. ଅଶରୀରୀ ୫. ଗ୍ରହ, ଉପଗ୍ରହ, ନକ୍ଷତ୍ର ।

**ଗଗନଚୁମ୍ବୀ** *ବିଂ.* ଆକାଶଛୁଆଁ, ବହୁତ ଉଚ୍ଚ ।

**ଗଗନଭେଦୀ** *ବିଂ.* ଆକାଶକୁ ଭେଦ କରୁଥିବା ।

**ଗଗନ ଶିବ** *ବି.* ଶିବମନ୍ଦିରର ଚୂଡ଼ାରେ ସ୍ଥାପିତ ହୋଇଥିବା ଶିବଲିଙ୍ଗ ।

**ଗଗରା** *ବି.* ତମ୍ବା ବା ପିତଳର ବଡ଼ ଗରା ।

**ଗଗରି** *ବି.* ମାଠିଆ ।

**ଗଙ୍ଗଶିଉଳି** *ବି.* ଶେଫାଳୀ, ଏହି ଗଛରେ ନାଲି ଡେମ୍ଫ ଯୁକ୍ତ ଧଳା ଫୁଲ ରାତିରେ ଫୁଟେ ଏବଂ ଏହି ଗଛର ପତ୍ର ଅମ୍ଳଯୁକ୍ତ ଓ ପତ୍ରର ରସ ଜ୍ୱର ଉପଶମପାଇଁ ଅତ୍ୟନ୍ତ ଉପକାରୀ ।

**ଗଙ୍ଗା** *ବି.* ହିମାଳୟର ଗଙ୍ଗୋତ୍ରୀରୁ ନିର୍ଗତ ହୋଇ ଦକ୍ଷିଣ ଓ ପୂର୍ବ ଦିଗରେ ଗତି କରି ବଙ୍ଗୋପସାଗରରେ ପଡ଼ିଥିବା ଚିରସ୍ରୋତା ପବିତ୍ର ନଦୀ ୨. *ପୁରାଣ* ଭୀଷ୍ମଙ୍କ ମାତା ଓ ଶାନ୍ତନୁଙ୍କ ପତ୍ନୀ ।

**ଗଙ୍ଗାକୂଳିଆ** *ବିଂ.* ଗଙ୍ଗାନଦୀ କୂଳରେ ଜାତ/ସ୍ଥିତ ।

**ଗଙ୍ଗାଜଳ** *ବି.* ପବିତ୍ର ଗଙ୍ଗୋଦକ ବା ଗଙ୍ଗାନଦୀର ଜଳ ।

**ଗଙ୍ଗାଟ** *ବି.* ୧. ଗଙ୍ଗାନଦୀରୁ ପ୍ରାପ୍ତ ଚିଙ୍ଗୁଡ଼ି ମାଛ ୨. କଙ୍କଡା ।

**ଗଙ୍ଗାତୁଳସୀ** *ବି.* ଏକ ପ୍ରକାର ଛୋଟ ଫୁଲଯୁକ୍ତ ତୁଳସୀ ଗଛ ।

**ଗଙ୍ଗାପ୍ରାପ୍ତି** *ବି.* ମୃତ୍ୟୁ ।

**ଗଙ୍ଗାମୃତ୍ତିକା** *ବି.* ଗଙ୍ଗାନଦୀର ପବିତ୍ର ମାଟି ।

**ଗଙ୍ଗାଯମୁନା** *ବି.* ୧. ଗଙ୍ଗା (ଶୁଭ୍ର ଜଳ ବିଶିଷ୍ଟ)ନଦୀ ଓ ଯମୁନା (କୃଷ୍ଣବର୍ଣ୍ଣ ଜଳ ବିଶିଷ୍ଟ) ନଦୀ ଏକତ୍ର ୨. ପ୍ରାଚୀନ ଶିବ ମନ୍ଦିରର ପ୍ରବେଶ ଦ୍ୱାରର ଉଭୟ ପଟରେ ଥିବା ଗଙ୍ଗା ଓ ଯମୁନାଙ୍କର ପ୍ରସ୍ତର ମୂର୍ତ୍ତି ।

**ଗଙ୍ଗାସ୍ନାନ** *ବି.* ଗଙ୍ଗାନଦୀରେ ଗାଧୋଇବା, ସ୍ନାନ ଓ ତର୍ପଣ କରିବା ଏବଂ ଅନୁତାପ କରି ଦୋଷମୁକ୍ତ ହେବା ।

**ଗଛ** *ବି.* ବୃକ୍ଷ, ତରୁ ।

**ଗଛ ଉଠିବା** *କ୍ରି.* ମାଟିରେ ପୋତା ହୋଇଥିବା ମଞ୍ଜିରୁ ଗଛ ଅଙ୍କୁରେଇବା ।

**ଗଛ ଉତାରିବା** *କ୍ରି.* ମଞ୍ଜିରୁ ଉଠୁଥିବା ଚାରାର ଯତ୍ନ ନେବା ।

**ଗଛଗାଛଲ** *ବି.* ଗଛବୃଚ୍ଛ ।

**ଗଛ କାଟିବା** *କ୍ରି.* ଗଛକୁ ହାଣିବା ।

**ଗଛ ଚଢ଼ାଇବା** *କ୍ରି.* ବଡ଼ କାମପାଇଁ ଆଶା ସଞ୍ଚାର କରେଇବା ।

**ଗଛପତର** *ବି.* ୧. ଗଛ, ଗଛର ଡାଳ ଓ ପତ୍ର ୨. ଉଦ୍ଭିଦସମୂହ, ଗଛବୁରୁଛ ।

**ଗଛପାଚିଲା** *ବିଂ.* ଗଛରେ ସ୍ୱତଃ ପାଚିଥିବା (ଫଳ) ।

**ଗଛବାଣ** *ବି.* ଉଚ୍ଚ ବାଉଁଶରେ ଖଞ୍ଜା ହୋଇଥିବା ବାଣ ସମୂହ-ଯାହା ଫୁଟିଲେ ଗଛ ଭଳି ଦିଶେ ।

**ଗଛା** *ବି.* ପରସ୍ପର ସହିତ ତୁଳନା, ମେଳ – ଅମେଳ ନିର୍ଣ୍ଣୟ ।

**ଗଛାଇବା** *କ୍ରି.* ୧. ସମାନ ହେବା ୨. ସଜେଇବା, ଏକାଠି କରିବା ବା ଗଦା କରିବା ।

**ଗଛାଗଛି** *କ୍ରି.ବିଂ.* ମେଳ ଖୁଆଇବା ।

**ଗଛିଗାଛି** *ବିଂ.* ୧. ଗୋଟିଏ ବସ୍ତୁ ସହିତ ଅନ୍ୟବସ୍ତୁର ସମ୍ପୂର୍ଣ୍ଣ ମେଳ ହେବା ୨. ଭଲ ଭାବରେ ସଜ୍ଜିତ ।

**ଗଚ୍ଛିତ** *ବିଂ.* ସଞ୍ଚିତ, ପୁଞ୍ଜୀକୃତ, ଠୁଳ, ସୁରକ୍ଷିତ ।

**ଗଛିବା *କ୍ରି.*** ୧. ମିଳାଇବା, କଣ୍ଟେଇବା, ସମାନ ହେବା ୨. ଲକ୍ଷ୍ୟକରିବା ୩. ଅର୍ପଣ କରିବା ୪. ସାଜିବା, ମାନିବା ।

**ଗଛି ହେବା *କ୍ରି.*** ତୁଳିତ ହେବା, ସମାନ ହେବା ।

**ଗଛୁଆ *ବି.*** ଗଛଚଢ଼ାଳି, ଖଜୁରୀଗଛରୁ ତାଡ଼ି ବାହାର କରିବାପାଇଁ ଅଧିକାରପ୍ରାପ୍ତ ବ୍ୟକ୍ତି ।

**ଗଜ୍ *ବି.*** ୧. ତିନି ଫୁଟ ଦୈର୍ଘ୍ୟ ୨. ଏହି ଦୈର୍ଘ୍ୟବିଶିଷ୍ଟ ମାପକାଠି ୨. ଦୁଇ ରେଲ ଲାଇନ୍ ମଧ୍ୟସ୍ଥ ଦୂରତା ।

**ଗଜ୍‌ଗଜ୍ *ଅ.*** ୧. ଅସଂଖ୍ୟ ହେବା ୨. ତରଳ ପଦାର୍ଥ ତଳେ ପଡ଼ିବା ଶବ୍ଦ, ଉତୁରିପଡ଼ିବା ।

**ଗଜ୍‌ବାହାଲ *ବି.*** ଉତ୍କୃଷ୍ଟ ଚାଷଜମି ବା କ୍ଷେତ ।

**ଗଜ *ବି.*** ୧. ହାତୀ ୨. ନିର୍ଦ୍ଦିଷ୍ଟ ବସ୍ତୁ (ଗଜବନ୍ଧ)ର ଦୁଇ ହାତ ପରିମାଣ (ପରିମାପ) ୩. ବନ୍ଧୁକ ନଳୀରେ ବାରୁଦ ଖୁନ୍ଦିବା କାଠି ୪. ଏକପ୍ରକାର କୀଟ ।

**ଗଜକନ୍ଦ *ବି.*** ସୁଖାଦ୍ୟ ମୂଳ ବା ଚେର ବିଶେଷ, ଗଜକର୍ଣ୍ଣିକା ।

**ଗଜକୁମ୍ଭ *ବି.*** ୧. ହାତୀ ମୁଣ୍ଡରେ ଥିବା ଆବୁ ୨. ହାତୀ ଶୁଣ୍ଢରେ ଧାରଣ କରିଥିବା ମାଠିଆ ବା କଳସୀ (ମନ୍ଦିର ସ୍ଥାପତ୍ୟ) ।

**ଗଜଗତି *ବି.*** ଗଜଗମନ, ହାତୀ ଚାଲିଲା ଭଳି ଧୀର, ଢଳଢଳ ଓ ଗମ୍ଭୀର ଚାଲି ।

**ଗଜଗମନା *ବିଂ.*** ୧. ଯେଉଁ ନାରୀ ହାତୀ ଭଳି ଧୀରେ ଓ ନିଃଶବ୍ଦରେ ଚାଲେ, ଗଜଗାମିନୀ ୨. ସୁନ୍ଦରୀ ।

**ଗଜଦନ୍ତ *ବି.*** ୧. ହାତୀଦାନ୍ତ ୨. ଲୁଗାପଟା ଟାଙ୍ଗିବାପାଇଁ କାନ୍ଥରେ ମରାଯାଇଥିବା କାଠି, ଏକଦନ୍ତ ।

**ଗଜଦନ୍ତ ପଲଙ୍କ *ବି.*** ଯେଉଁ ପଲଙ୍କରେ ହାତୀଦାନ୍ତରେ ତିଆରି ବିଭିନ୍ନ କାରୁକାର୍ଯ୍ୟ ଥାଏ ।

**ଗଜଦନ୍ତା *ବି.*** ଛାମୁଦାନ୍ତୁରା, ବାହାଡାଦନ୍ତା ।

**ଗଜପତି *ବି.*** ୧. ଓଡ଼ିଶାର ପ୍ରାଚୀନ ରାଜବଂଶର ସମ୍ମାନସୂଚକ ଉପାଧି ୨. ଶ୍ରେଷ୍ଠହାତୀ ।

**ଗଜପାଳ *ବି.*** ହାତୀକୁ ପୋଷା ମନାଉଥିବା ବ୍ୟକ୍ତି, ମାହୁନ୍ତ ।

**ଗଜପିପ୍ପଳୀ *ବି.*** ବଣପିପ୍ପଳୀ ।

**ଗଜପୁଟ *ବି.*** ଦୁଇହାତ ଗଭୀର ଓ ଦୁଇହାତ ବ୍ୟାସବିଶିଷ୍ଟ ଗର୍ତ୍ତ ଯେଉଁଥିରେ ବୈଦ୍ୟମାନେ ଏକପ୍ରକାର ଔଷଧ ପ୍ରସ୍ତୁତ କରନ୍ତି ।

**ଗଜପୁଷ୍ପ *ବି.*** ଦଅଣା ଫୁଲ, ସୁଗନ୍ଧଲତା ।

**ଗଜବଦନ *ବି.*** ଗଣେଶ, ଗଜାନନ ।

**ଗଜମଣ୍ଡା *ବି.*** ସିଝା ପୁରଦିଆ ବଡ଼ ମଣ୍ଡାପିଠା ।

**ଗଜମାଣିକ *ବି.*** ଗଜମୁକ୍ତା, ହାତୀ ମୁଣ୍ଡ ଭିତରେ ଥିବା ମୂଲ୍ୟବାନ ରତ୍ନ (କବିପ୍ରସିଦ୍ଧି) ।

**ଗଜମୂର୍ଖ *ବିଂ.*** ଅତିମୂର୍ଖ, ନିର୍ବୁଦ୍ଧିଆ ।

**ଗଜର *ବି.*** ଗୋଳମାଳ ।

**ଗଜରଗଜର *ଅ.*** ବିରକ୍ତିକର କଥା, ବଜ୍‌ବଜ୍ ।

**ଗଜରା *ବି.*** ୧. ଏକାଧିକ ଫୁଲକୁ ଗୁଚ୍ଛ ଭାବରେ ଗୁନ୍ଥି ତିଆରି ହାର, ଗଜରାମାଳ ୨. ଏକ ପ୍ରକାର କାନ ଅଳଙ୍କାର ୩. ଗଭା ୪. ପ୍ରେମଗୀତ, ଗଜଲ୍ ୫. ପୋଖତି ଗାଈ ।

**ଗଜରାଦୁଧ *ବି.*** ନଗଦ ଜନ୍ମକରିଥିବା ଗାଈର ଦୁଧ ।

**ଗଜଲ୍ *ବି.*** ଶାସ୍ତ୍ରୀୟ ରାଗ ଆଧାରିତ ପ୍ରେମଗୀତ ।

**ଗଜଲକ୍ଷ୍ମୀ *ବି.*** ମନ୍ଦିର ଗାତ୍ରରେ ଖୋଦିତ ବା ଅନ୍ୟତ୍ର ଚିତ୍ରିତ ଲକ୍ଷ୍ମୀଙ୍କ ସହିତ ତାଙ୍କ ଦୁଇ ପାର୍ଶ୍ୱରେ ଥିବା ହସ୍ତୀ ଯୁଗଳ-ଯେଉଁମାନେ କି ଶୁଣ୍ଢରେ କଳସ ଧରି ଲକ୍ଷ୍ମୀଙ୍କ ମସ୍ତକରେ ଜଳ ଢାଳୁଥାନ୍ତି ।

**ଗଜା *ବି.*** ୧. ଅଙ୍କୁରୋଦ୍ଗମ ୨. ଏକ ପ୍ରକାର ମିଷ୍ଟାନ୍ନ, ଖଜା ୩. ଚାରାଗଛ ; ***ବିଂ.*** ତରୁଣ, ନୂତନ ।

**ଗଜାଇବା *କ୍ରି.*** ୧. ଗଜୁରିବା ୨. ମଞ୍ଜିକୁ ପାଣିରେ ଭିଜାଇ ଅଙ୍କୁରେଇବା ।

**ଗଜା ତୋଟା *ବି.*** ଯେଉଁ ତୋଟାରେ ଗଛଗୁଡ଼ିକ ନୂଆ ଲାଗିଥାଏ ।

**ଗଜା ବଉଦ *ବି.*** ଜଳବାହୀ ନୂତନ ବାଦଲ ।

**ଗଜା ବୟସ *ବି.*** ଯୁବାବୟସ, ନବଯୌବନ ।

**ଗଜା ବେଉଷଣ *ବି.*** ଧାନ ଗଜାହୋଇଥିବା ଅବସ୍ଥାରେ ବେଉଷଣ ବା ଚାଷ ।

**ଗଜା ମରୁଡ଼ି *ବି.*** କ୍ଷେତରେ ବୁଣା ହୋଇଥିବା ଧାନ ଗଜା ଅବସ୍ଥାରେ ବର୍ଷା ନ ହେବା ହେତୁ ମରିଯିବା ।

**ଗଜା ମାରିବା *କ୍ରି.*** ୧. ଗଜୁରିବା, ମଞ୍ଜି ଆବରଣ ଫଟାଇ ଅଙ୍କୁରି ଆସିବା ୨. ଅନୁକୂଳ ପରିବେଶରେ ସ୍ୱାଭାବିକ ଭାବରେ ବିକଶିତ ହେବା ।

**ଗଜାମୁଗ *ବି.*** ପାଣିରେ ବତୁରା ହୋଇ ଗଜୁରିଥିବା ଗୋଟାମୁଗ ।

**ଗଜାରୋହୀ *ବିଂ.*** ହାତୀ ଉପରେ ବସିଥିବା ।

**ଗଜି *ବି.*** ଉକୁଣି ଡିମ୍ବ, ନିଖରୁ ଫୁଟିବା ଉକୁଣି ।

**ଗଜୁରା *ବିଂ.*** ଗଜୁରିଥିବା ।

**ଗଜୁରି *ବି.*** ଶିଶୁମାନଙ୍କ ଶ୍ୱାସରୋଗ ।

**ଗଜୁରିବା *କ୍ରି.*** ୧. ଅଙ୍କୁରିତ ହେବା, ନୂଆ ଉଠିବା ୨. ନିଶ ଦାଢ଼ି ଉଠିବା ।

**ଗଜୋଦ୍ଧାରଣ ବେଶ *ବି.*** ମାଘପୂର୍ଣ୍ଣିମା ଦିନ ଶ୍ରୀଜଗନ୍ନାଥଙ୍କର ସ୍ୱତନ୍ତ୍ର ବେଶ – ଶ୍ରୀବିଗ୍ରହ ଚତୁର୍ଭୁଜ ହୁଅନ୍ତି ଏବଂ ତାଙ୍କ ପାଦ ତଳେ ହାତୀକୁ କୁମ୍ଭୀର ଧରିଥିବାର ଏକ ମୂର୍ତ୍ତି ଶୋଭାପାଏ ।

**ଗଞ୍ଜ୍ ବି.** ବଡ଼ ଓ ଚଉଡ଼ା ମୁହାଁ ରନ୍ଧନପାତ୍ର, ଡେକ୍‌ଚି ।

**ଗଞ୍ଜ ବି.** ୧. ଗଞ୍ଜଣା, ଅବମାନନା ୨. ଗୁହାଳ ୩. ଭଣ୍ଡାରଘର ୪. କୁଡ଼ିଆଘର ୫. ମଦ୍ୟପାତ୍ର ୬. ମଦଖଟି ୭. ଗଞ୍ଜାଇ ୮. କାଇଁଚ, ଗୁଞ୍ଜ ୯. ହାଟ, ପଣ୍ୟବିକ୍ରି ପେଣ୍ଠ ।

**ଗଞ୍ଜଡ଼, ଗଞ୍ଜଡ଼ିଆ ବିଂ.** ଗଞ୍ଜାଖୋର, ଗଞ୍ଜଡ଼ିଆ ।

**ଗଞ୍ଜଣା ବି.** ୧. ଦୋଷ ଦେଖେଇ ଗାଳି, ଖୁଣ୍ଟା, ଭର୍ତ୍ସନା, ଯାତନା ୨. ଅବମାନନା ଜନିତ ମନକଷ୍ଟ ୩. ଅପବାଦ, କଳଙ୍କ ।

**ଗଞ୍ଜନ ବି.** ୧. ତିରସ୍କାର, ଅତ୍ୟାଚାର, ଦଣ୍ଡ ୨. ପରାଜୟ ୩. ସଙ୍ଗୀତଗାୟନର ଏକ ପ୍ରକାର ତାଳ ; **ବିଂ.** ଦମନକାରୀ (ଗର୍ବଗଞ୍ଜନ) ।

**ଗଞ୍ଜନା ବି.** ଯାତନା, କଷଣ, ଦୁଃଖ, ଦହଗଞ୍ଜ, ଲାଞ୍ଛନା, ଭର୍ତ୍ସନା ।

**ଗଞ୍ଜପା ବି.** ଗୋଲସାର ବା ଚଉସାର ଖେଳ, ୯୬ ଖଣ୍ଡ ଚିତ୍ରିତ ଗୋଲାକାର ତାସ ବା ସାରରେ ୩/୪ ଜଣ ଖେଳାଳୀ ଖେଳୁଥିବା ଖେଳ ।

**ଗଞ୍ଜା ବି.** ୧. ଗଞ୍ଜେଇକଳୀ ୨. ନପୁଂସକ ୩. ଅଣ୍ଡିରାକୁକୁଡ଼ା ୪. ଟାଙ୍ଗରାମୁଣ୍ଡିଆ ଲୋକ ।

**ଗଞ୍ଜାଇଖୋର ବିଂ.** ଗଞ୍ଜଡ଼, ଗଞ୍ଜେଇଆ, ଗଞ୍ଜୋଡ଼ ।

**ଗଞ୍ଜାଇ ଚିଲମ ବି.** ଗଞ୍ଜେଇ ଧୂଆଁ ଟାଣିବାପାଇଁ ବ୍ୟବହୃତ ନଳି ।

**ଗଞ୍ଜି ବି.** ଜାକଅଙ୍ଗୀ, ଜାମାତଳେ ପିନ୍ଧାଯିବା ଅନ୍ତର୍ବାସ, ବାନିଅନ୍ ।

**ଗଞ୍ଜିବା କ୍ରି.** ୧. ନିନ୍ଦାକରିବା, ଗାଳିଦେବା ୨. ପୀଡ଼ାଦେବା, ଦଣ୍ଡ ଦେବା ୩. ଜିଣିବା, ଦମନକରିବା ।

**ଗଞ୍ଜିହେବା କ୍ରି.** ବ୍ୟସ୍ତ ବା ଦହଗଞ୍ଜ ହେବା, ଅପମାନିତ ହେବା ।

**ଗଟ୍‌କରି କ୍ରି.ବିଂ.** ୧. ନିଷ୍ଫଳ ଭାବରେ, ଦାଣ୍ଡରେ ୨. ଥରକେ ଅତି ବେଶି ଢୋକିଦେବା ।

**ଗଟ୍‌ଠା ବି.** ୧. ବଡ଼ ଗଣ୍ଠିଲି, ଗଣ୍ଠିରା ୨. କ୍ଷେତ୍ର ମାପିବା ଚେନ୍ ୩. ଖଣ୍ଡ, ସଂଖ୍ୟା ।

**ଗଟାପାର୍ଚା ବି.** ଏକ ପ୍ରକାର ଗଛର ଅଠା-ଯାହା ରବର ପରି କୋମଳ ଓ ଦୀର୍ଘସ୍ଥାୟୀ ।

**ଗଟିଆ ବି.** ଦଉଡ଼ିବୁଣା ବା ଫିତା ଖଟ ।

**ଗଠଣ[ନ] ବି.** ଗଢ଼ଣ, ନିର୍ମାଣ, ରଚନା, ତିଆରି ।

**ଗଠନକଳା ବି.** ତିଆରିକୌଶଳ, ଗଢ଼ିବାପ୍ରଣାଳୀ ।

**ଗଠନ ପରିପାଟୀ ବି.** ଗଢ଼ା ଜିନିଷର ସୌନ୍ଦର୍ଯ୍ୟ ।

**ଗଠନମୂଳକ ବିଂ.** ରଚନାତ୍ମକ, ସର୍ଜନଧର୍ମୀ ।

**ଗଠନାତ୍ମକ ବିଂ.** ସଂରଚନାତ୍ମକ, ସୃଷ୍ଟିଧର୍ମୀ ।

**ଗଠିତ ବିଂ.** ୧. ନିର୍ମିତ, ରଚିତ ୨. ମନଗଢ଼ା ।

**ଗଡ଼୍ ବି.** ଭଗବାନ, ପରମେଶ୍ୱର, ପ୍ରଭୁ ; **କ୍ରି.** ୧. ଭୂମିରେ ଲୋଟିବା ୨. ଉପରୁ ତଳକୁ ଖସିବା ୩. ଝରିବା । ।

**ଗଡ଼୍‌ଗଡ଼୍ ଅ.** ୧. କର୍କଶ ଶବ୍ଦ ୨. ଉଚ୍ଚସ୍ୱରରେ ନ ଥଙ୍ଗେଇ ବା ନ ଅଟକି କହିଯିବା ।

**ଗଡ଼୍‌ବଡ଼୍ ବି.** ୧. ଗୋଳମାଳ ୨. ଓଲଟପାଲଟ, ଅବ୍ୟବସ୍ଥା ୩. ଅଡୁଆତଡୁଆ ୪. ପେଟ ବିଗିଡିବା ୫. ସନ୍ଦେହଜନକ ସ୍ଥିତି ୬. ଗଣ୍ଡଗୋଳ ।

**ଗଡ଼୍‌ଦମ୍ ଗୋଲ ବି.** ହଟ୍ଟଗୋଳ, ଗୋଳମାଳ, ଦଙ୍ଗାହାଙ୍ଗାମା, କଳିଗୋଳ ।

**ଗଡ଼୍‌ବଡ଼ିଆ ବିଂ.** ଗୋଳମାଳିଆ, କପଟୀ, ଉପଦ୍ରବକାରୀ ।

**ଗଡ଼ ବି.** ୧. ଦୁର୍ଗ, କିଲ୍ଲା ୨. ରାଜଧାନୀ ୩. ଛୋଟରାଜ୍ୟ ୪. ଲମ୍ବ ଓ ସ୍ଥୂଳବସ୍ତୁ ୫. ବାଧା, ଅଟକ ୬. ବିଭାଗ, ଖଣ୍ଡ ୭. ପରଦା ୮. ଶସ୍ୟାଦି ମାପିବାର ପରିମାଣ ବିଶେଷ ୯. ଗଡେଇ, ଗଡ଼ିଶାମାଛ ।

**ଗଡ଼ଖାଇ ବି.** ଦୁର୍ଗର ଚାରିପଟେ ଥିବା ଜଳଭର୍ତ୍ତି ନାଳ, ପରିଖା ।

**ଗଡ଼ଗଡ଼ ଅ.** ଖଣ୍ଡଖଣ୍ଡ, ଟୁକୁରା ଟୁକୁରା ।

**ଗଡ଼ଗଡ଼ା ବି.** ଗୋଲାକାର ବସ୍ତୁର ଗଡ଼ିବା ଅବସ୍ଥା ।

**ଗଡ଼ଗଡ଼ାଇବା କ୍ରି.** ୧. ଏଣେତେଣେ ଗଡ଼ିବା, ଇତସ୍ତତଃ ଗଡ଼ିବା ୨. ସଂଖ୍ୟାର ଆଧିକ୍ୟ ହେତୁ ଅନାବଶ୍ୟକ ହୋଇପଡ଼ିବା ।

**ଗଡ଼ଗଡ଼ିଆ ବିଂ.** ରଙ୍କା, ଖାଇବାକୁ ନ ପାଇ ତଳେ ଗଡ଼ୁଥିବା (ବ୍ୟକ୍ତି) ।

**ଗଡ଼ଘାଲି ବି.** ୧. ମୁଣ୍ଡକୁ ଭୁଇଁରେ ଲଗେଇ ଦଣ୍ଡବତ କରିବା ୨. ମୁଣ୍ଡ ବୁଲେଇବା ହେତୁ ଭୂଇଁରେ ଲଥ୍‌କରି ବସିପଡ଼ିବା ୩. ଗାଲେଇ କରି ଛଟା ଗାଳିବା ୪. ମଥା ତଳକୁ କରି ଶିକାରକୁ ଛକି ବସିବା ।

**ଗଡ଼ଜାତ ବି.** ସ୍ୱାଧୀନତାପ୍ରାପ୍ତି ପୂର୍ବରୁ ଓଡ଼ିଶାରେ ରାଜା ମହାରାଜାମାନଙ୍କଦ୍ୱାରା ଶାସିତ କରଦ ରାଜ୍ୟ, ରାଜୁଡ଼ା ଇଲାକା ।

**ଗଡ଼ଜାତିଆ ବିଂ.** ୧. ଗଡ଼ଜାତବାସୀ ୨. ଗଡ଼ଜାତ ସମ୍ବନ୍ଧୀୟ ୩. ସରଳବିଶ୍ୱାସୀ ।

**ଗଡ଼ଜିଣା ବିଂ.** ଗଡକୁ ଜୟ କରିଥିବା, ବିଜୟୀ ।

**ଗଡ଼ତଡ଼ ହେବା କ୍ରି.** ଗଡ଼ପଡ଼ ହେବା, ଦେହକୁ ଲମ୍ବେଇ ଦେଇ ବିଶ୍ରାମ ନେବା ।

**ଗଡ଼ତା ବିଂ.** ମୁଠିଏ, ଅଳ୍ପ ପରିମାଣର ।

**ଗଡ଼ତିଆ ବି.** ଗଡ଼ରକ୍ଷକ ଜମିଦାର ଓ ଗଡ଼ନାୟକଙ୍କର ଉପାଧି ।
**ଗଡ଼ନ୍ ବି.** ଗଠଣ, ଗଢ଼ଣ ।
**ଗଡ଼ନାୟକ ବି.** ଗଡର ମୁଖ୍ୟ କ୍ଷତ୍ରିୟ ।
**ଗଡ଼ନ୍ତି ବି.** ଗଡ଼ାଣି ସ୍ଥାନ, ଢ଼ାଲୁରାସ୍ତା ।
**ଗଡ଼ନ୍ତିଆ ବିଂ.** ଗଡାଣିଆ ।
**ଗଡ଼ପ୍ ବିଂ.** ୧. ଗୁପ୍ତ ୨. ନିରୁଦ୍ଦିଷ୍ଟ ୩. ଆତ୍ମସାତ୍ କରାଯାଇଥିବା, ହଡ଼ପ୍ ।
**ଗଡ଼ପଡ଼ ବି.** ଲମ୍ବ ହୋଇ ଶୋଇ ବିଶ୍ରାମ ନେବା, ଦେହକୁ ଏପଟ ସେପଟ କରିବା ।
**ଗଡ଼ବଡ଼ି ବି.** ଗୋଳମାଳ, ଘୋ ।
**ଗଡ଼ବନ୍ଧ ବି.** ଗଡ଼ ଅବରୋଧ ।
**ଗଡ଼ମ୍ ପକାବା କ୍ରି.** ଚଢ଼ା ଦରରେ କୌଣସି ସାମଗ୍ରୀ କିଣିବାକୁ କ୍ରେତାକୁ ବାଧ୍ୟ କରିବା ।
**ଗଡ଼ମଠ ବି.** ଡେରି, ବିଳମ୍ବ, ଟାଳଟୁଳ, ରହମଠ ।
**ଗଡ଼ମଠୁଆ ବିଂ.** ମଠୁଆ, ଅଳସୁଆ, ଦୀର୍ଘସୂତ୍ରୀ ।
**ଗଡ଼ମା ବି.** ଏକପ୍ରକାର ଆତସବାଜି, ନଡ଼ିଆବାଣ ।
**ଗଡ଼ା ବି.** ୧. ମୋଟା ଲୁଗାର ଥାନ, ବଗଡ଼ା ଲୁଗା ୨. ଖସଡ଼ା, ଘୋଷରା ୩. ଆବଦ୍ଧ ଭୂମି ୪. ଛୋଟଚକ ଲାଗିଥିବା ଶଗଡ଼ ୫. ଉଚ୍ଚସ୍ଥାନରୁ ତଳକୁ ଗଡ଼ିବା ରାସ୍ତା ।
**ଗଡ଼ାଇବା କ୍ରି.** ୧. ଉପରୁ ତଳକୁ ଖସାଇବା ୨. ଗୋଲାକାର ବସ୍ତୁକୁ ଭୂମିରେ ଗତି କରାଇବା ୩. ଅତିକ୍ରମ କରାଇବା (ସମୟ) ୪. ସଂଖ୍ୟାଗଣନା କରିବା (ମାଳାଜପ) ୫. ଏଡ଼ିବା, ଗୁରୁତ୍ୱ ନ ଦେବା ୬. ରଅ ଠଅ କରି କାର୍ଯ୍ୟ କରିବା ।
**ଗଡ଼ାଇ ମାରିବା କ୍ରି.** ଛଟପଟ କରି ମାରିବା, କଳେବଳେ କୌଶଳେ ଲୋକକୁ ଯାତନା ଦେବା ।
**ଗଡ଼ାକାଟି ବି.** ଶୁଖିଲା ଧାନଗଛ, ଛଣ ।
**ଗଡ଼ାଖୁରୁଡ଼ ବି.** ଖୁରୁଡ଼ନଡ଼ିଆ, ପାଣି ଶୁଖିଯାଇଥିବା, ନଡ଼ିଆ ।
**ଗଡ଼ାଗଡ଼ି ବି.** ୧. ଦୁଇଜଣ ଖେଳାଳୀ ପରସ୍ପର ମାଟିଉପରେ ଜଣକ ଉପରେ ଜଣେ ଗଡ଼ାଇ ଖେଳିବା ୨. ଏକାଧିକ ବ୍ୟକ୍ତି ଗଡ଼ାଣିରେ ଲମ୍ବହୋଇ ଶୋଇ ନିମ୍ନକୁ ଗଡ଼ି ଆସିବା ୩. ଧରାଧରି ହୋଇ ଭୂଇଁରେ ଲୋଟିବା ।
**ଗଡ଼ାଣି ବିଂ.** ଗଡ଼ାଣିଆ, କ୍ରମନିମ୍ନ (ଭୂମି) ।
**ଗଡ଼ି ବି.** ୧. ବାଛୁରୀ ୨. ମଠୁଆ ବଳଦ, ଅମଣିଆ ବଳଦ ୩. ଛୋଟ ଶଗଡ଼ ୪. କାଠମୁଣ୍ଡା, ଲମ୍ବ ଓ ମୋଟକାଠ ୫. ଘର ଚାଳର ଲମ୍ବପଟି, ଗରି ।
**ଗଡ଼ିଆ ବି.** ୧. ଛୋଟପୋଖରୀ, ଗାଡ଼ିଆ ଟୁବ ୨. ଗଡ଼ଜାତିଆ ଲୋକ ୩. ମଠୁଆ ବଳଦ ୪. ବଡ଼ ମାକଡ଼ସା ।
**ଗଡ଼ିଆଜଡ଼ି ବି.** ଓସ୍ତଗଛ ।
**ଗଡ଼ିଏ ବିଂ.** ଗଡ଼େ, ଖଣ୍ଡେ, ଏକ ଗଡ଼ି ପରିମାଣର ।
**ଗଡ଼ିଧରସା ବି.** ଶଗଡ଼ଗାଡ଼ି ଯିବା ରାସ୍ତା ।
**ଗଡ଼ିବତା ବି.** ଛପର ଗଡ଼ିର ତଳ ଅଂଶ ଚାଳର ରୁଅ ଆଦି ସଙ୍ଗେ ବନ୍ଧା ହୋଇଥିବା ବତା, ଗରି-ବତା ।
**ଗଡ଼ିବା କ୍ରି.** ୧. ଭୂଇଁରେ ଲୋଟିବା ୨. ଅତିବାହିତ ହେବା ୩. ଅକୃତକାର୍ଯ୍ୟ ହେବା ୪. ଉପରୁ ତଳକୁ ଖସିବା ୫. ଘୂରି ଘୂରି ଗତି କରିବା ୬. ବହି ଆସିବା ୭. ତଳକୁ ଓହ୍ଲାଇବା ୮. ସ୍ଥଗିତ ହେବା ।
**ଗଡ଼ି ମରିବା କ୍ରି.** ଅନାହାରରେ ମରିବା ।
**ଗଡ଼ିଶା ବି.** ୧. ଶେଉଳ ଜାତୀୟ ଛୋଟମାଛ, ଗରସି, ଗଡ଼େଇ ୨. ୩୦ ଗୋଟି ବା ସାଢ଼େ ସାତ ଭରଣ ମାପର ଶସ୍ୟ ।
**ଗଡ଼ୁ ବି.** ୧. ଧାତୁନିର୍ମିତ ଛୋଟ ଜଳପାତ୍ର, ଝରି, ଗଡ଼ୁଆ ୨. ପିଠିର କୁଜ, ଆବୁ, ଗଳଗଣ୍ଡ ୩. ଜିଆ ।
**ଗଡ଼ୁକ ବି.** ୧. ସରୁଆ ନାଡଯୁକ୍ତ ଢ଼ାଳ ୨. ଆଙ୍ଗୁଠିର ମୁଦି ।
**ଗଡ଼ୁର୍ ବିଂ.** କୁଜା ।
**ଗଡ଼େଇ ତଡ଼େଇ ମାରିବା କ୍ରି.** ନିଷ୍ଠୁର ଭାବେ ମାଡ଼ଦେବା, ଆଘାତ କରିବା ।
**ଗଡ଼େଇ ତଡ଼େଇ ହେବା କ୍ରି.** ଭୂଇଁରେ/ବିଛଣାରେ ବାରମ୍ବାର ଏପାଖ ସେପାଖ ହୋଇ ଗଡ଼ିବା ।
**ଗଡ଼େଇବା କ୍ରି.** ୧. ଘୂରେଇବା ୨. ଡେରି କରିବା ୩. ଜାଣିଶୁଣି ଏଡାଇଯିବା ୪. ଭୂଲୁଣ୍ଠିତ କରିବା ।
**ଗଡ଼ୋଳ ବି.** ୧. ଗ୍ରାସ, ଗୁଣ୍ଡା, ଗେଫା ୨. ଗୁଡ ।
**ଗଡ୍ଡରିକା ବି.** ୧. ମେଣ୍ଢାପଲ ଆଗରେ ଯାଉଥିବା ମେଣ୍ଢୀ ୨. ପ୍ରବାହ, ଜଳସ୍ରୋତ, ଜଳପ୍ରସ୍ରବଣ ।
**ଗଡ୍ଡରିକା ପ୍ରବାହ ବି.** ୧. ଗଡ୍ଡଳିକା ପ୍ରବାହ, ଆଗରେ ଯାଉଥିବା ମେଣ୍ଢାକୁ ଅନୁସରଣ କରି ଅନ୍ୟ ମେଣ୍ଢାଗୁଡ଼ିକର ଅବିଚାରିତ ଗମନ ୨. ମୁଖ୍ୟ ବ୍ୟକ୍ତିକୁ ଆଦର୍ଶକରି ଅନ୍ଧଭଳି ଅନୁସରଣ ।
**ଗଡ୍ଡଳିକା ବି.** ଗଡ୍ଡରିକା ।
**ଗଡ୍ଡଳିକା ପ୍ରବାହ ବି.** ଗଡ୍ଡରିକା ପ୍ରବାହ ।
**ଗଡ୍ଡୁକ ବି.** ଗଡ଼ୁ, ଝରି, ଛୋଟତାଳ ।
**ଗଢ଼ଣ ବି.** ୧. ଗଠନ, ନିର୍ମାଣ ୨. ରଚନା, ରଚନା କୌଶଳ, ରୀତି ବା ଭଙ୍ଗୀ ୩. ଆକୃତି, ଚେହେରା, ଗଡନ୍ ।
**ଗଢ଼ଣ ମୂଲ ବି.** ଗଢ଼ାମୂଲ, ଗଢ଼ାମଜୁରି, ମେକିଂଚାର୍ଜ, କରମୂଲ ।

**ଗଢ଼ା** ***ବି.*** ୧. ଗଠନ, ନିର୍ମାଣ, ରଚନା ୨. ଗର୍ତ୍ତ, ଗାତ ।

**ଗଢ଼ାଇବା** ***କ୍ରି.*** ତିଆରି କରାଇବା, ନିର୍ମାଣ କରାଇବା, ପ୍ରସ୍ତୁତ କରାଇବା ।

**ଗଢ଼ାଗଢ଼ି** ***ବି.*** ନିର୍ମାଣ ବା ତିଆରି କରିବା କାର୍ଯ୍ୟ ।

**ଗଢ଼ାଭଙ୍ଗା** ***ବି.*** ନିର୍ମାଣ ଓ ଧ୍ୱଂସ, ସୃଷ୍ଟି ଓ ପ୍ରଳୟ, ଭଙ୍ଗାଗଢ଼ା ।

**ଗଢ଼ାଳି** ***ବିଂ.*** ଯେ ତିଆରି/ନିର୍ମାଣ/ରଚନା କରେ ।

**ଗଢ଼ିବା** ***କ୍ରି.*** ଗଠନକରିବା, ନିର୍ମାଣକରିବା, ତିଆରିକରିବା ।

**ଗଣ** ***ବି.*** ୧. ସମୂହ, ଜନସମୂହ, ଜନତା, ଲୋକେ, ଦଳ ୨. ଏକ ଜାତିବିଶେଷ ୩. ଗଣନା ୪. ଅନୁଚର ୫. ସେନାଦଳ ୬. ଏକ ଉଦ୍ଦେଶ୍ୟରେ ଗଠିତ ଦଳ ୭. ଶ୍ରୀମନ୍ଦିର ସେବାରେ ପ୍ରତିହାରୀମାନଙ୍କ ମଧ୍ୟରୁ ଏକ ଗୋଷ୍ଠୀ ।

**ଗଣ ଅଦାଲତ** ***ବି.*** ସମୂହ ଉପସ୍ଥିତିରେ ବିଚାରପତିଙ୍କଦ୍ୱାରା କୌଣସି ସମସ୍ୟାର ତତ୍କାଳ ସମାଧାନ ।

**ଗଣ ଆନ୍ଦୋଳନ** ***ବି.*** କୌଣସି ନିଷ୍ପତ୍ତି ବା ବ୍ୟବସ୍ଥାର ସାମୂହିକ ପ୍ରତିବାଦ ।

**ଗଣକ** ***ବିଂ.*** ୧. ନାହାକ, ଜ୍ୟୋତିର୍ବିଦ୍ ୨. ଗଣନାଯନ୍ତ୍ର ୩. ଅଙ୍କ ବିଦ୍ୟାରେ ଧୂରୀଣ ।

**ଗଣକବି** ***ବି.*** ସହଜ ସରଳ ଭାବରେ କାବ୍ୟ କବିତା ରଚନା କରୁଥିବା ଜନପ୍ରିୟ କବି ।

**ଗଣଗଣ** ***ଅ.*** ୧. ମଶାମାଛିଙ୍କର ଗୁଣୁଗୁଣୁ ଶବ୍ଦ, ଭଣଭଣ ୨. ଥଣ୍ଡା/ଶର୍ଦ୍ଦିରେ ନାକରୁ ବାହାରୁଥିବା ଅନୁନାସିକ ଶବ୍ଦ ।

**ଗଣଗଣିଆ** ***ବିଂ.*** ୧. ଚିଡ଼୍‌ଚିଡ଼ା ବା ଗାଉଁଗାଉଁଆ (ଲୋକ) ୨. ଅସ୍ପଷ୍ଟ ଭାବେ କହୁଥିବା (ବ୍ୟକ୍ତି); ***ବି.*** ସାଧାରଣତଃ ମଳ ଉପରେ ବସୁଥିବା ଏକ ପ୍ରକାର ମାଛି ।

**ଗଣଚେତନା** ***ବି.*** ଜନ ସଚେତନତା, ସବୁଲୋକଙ୍କ ମନରେ ସୃଷ୍ଟି ହୋଇଥିବା ସମୂହ ଧାରଣା ।

**ଗଣତନ୍ତ୍ର** ***ବି.*** ପ୍ରଜାତନ୍ତ୍ର, ଜନସାଧାରଣଙ୍କଦ୍ୱାରା ନିର୍ବାଚିତ ପ୍ରତିନିଧିମାନଙ୍କଦ୍ୱାରା ପରିଚାଳିତ ଶାସନ ବ୍ୟବସ୍ଥା ।

**ଗଣତନ୍ତ୍ର ଦିବସ** ***ବି.*** ସାଧାରଣତନ୍ତ୍ର ଦିବସ, ଜନରାଜ୍ୟ ଦିବସ, (ସ୍ୱାଧୀନ ଭାରତବର୍ଷରେ ଜାନୁଆରୀ ୨୬ ତାରିଖକୁ ଗଣତନ୍ତ୍ର ପ୍ରତିଷ୍ଠା ଦିବସ ରୂପେ ପାଳନ କରାଯାଏ । ୧୯୫୦ ଜାନୁଆରି ୨୬ ତାରିଖରେ ଭାରତବର୍ଷର ନୂତନ ସମ୍ବିଧାନ ପ୍ରବର୍ତ୍ତିତ ହୋଇ ଗଣତନ୍ତ୍ର ଶାସନ ପ୍ରଚଳନ କରାଯାଇଛି) ।

**ଗଣତି** ***ବି.*** ସଂଖ୍ୟା ଗଣନ, ସୁମାରି, ହିସାବ ; ***ବିଂ.*** ଗଣା ହୋଇଥିବା ।

**ଗଣଦୀକ୍ଷା** ***ବି.*** ଗୁରୁଙ୍କଠାରୁ ଏକ ସମୟରେ ବହୁ ବ୍ୟକ୍ତିଙ୍କର ଦୀକ୍ଷା ଗ୍ରହଣ ।

**ଗଣଦେବ** ***ବି.*** ୧. ଗଣନାଥ, ଗଣେଶ, ସର୍ବମାନ୍ୟ ଦେବତା ୨. ଗଣ ବା ଶ୍ରେଣୀରେ ଥିବା ଏକାଧିକ ଦେବତା ।

**ଗଣଦେବତା** ***ବି.*** ଗଣରେ ଥିବା ଏକାଧିକ ଦେବତା, ଯଥା ଆଦିତ୍ୟଗଣ-୧୨, ରୁଦ୍ରଗଣ-୧୧, ଇତ୍ୟାଦି ।

**ଗଣଦୌଡ଼** ***ବି.*** ପ୍ରତିଯୋଗିତାମୂଳକ ଉତ୍ସବସୂଚକ ସମୂହ ଦୌଡ଼ ।

**ଗଣଦ୍ରବ୍ୟ** ***ବି.*** ୧. ବିବିଧ ପ୍ରକାରର ଜିନିଷ ୨. ଇଜମାଲି ଧନ ।

**ଗଣଧର୍ଷଣ** ***ବି.*** ସାମୂହିକ ବଳାତ୍କାର, ବହୁଲୋକ ବଳପ୍ରୟୋଗ କରି ଏକ ବା ଏକାଧିକ ନାରୀଙ୍କ ସହିତ ଯୌନକ୍ରିୟା ।

**ଗଣନ** ***ବି.*** ଗଣନା, ସଂଖ୍ୟାକରଣ ।

**ଗଣନା** ***ବି.*** ୧. ଗଣତି, ସୁମାରି, ହିସାବ ୨. ଗ୍ରହନକ୍ଷତ୍ରାଦିଙ୍କର ଅବସ୍ଥିତିଜନିତ ଶୁଭାଶୁଭ ନିରୂପଣ ୩. ଉଲ୍ଲେଖଯୋଗ୍ୟ ବିବେଚନା, ସଂଖ୍ୟା ।

**ଗଣନାଟ୍ୟ** ***ବି.*** ସାଧାରଣ ଲୋକଙ୍କର ମନୋରଞ୍ଜନ ନିମିତ୍ତ ଉଦ୍ଦିଷ୍ଟ ନାଟକ ।

**ଗଣନାଥ** ***ବି.*** ଗଣଙ୍କର ଅଗ୍ରପୂଜ୍ୟ ଦେବତା, ଗଣେଶ ।

**ଗଣନାଯନ୍ତ୍ର** ***ବି.*** ହିସାବ ପ୍ରସ୍ତୁତକାରୀ ଯନ୍ତ୍ର, କାଲ୍‌କୁଲେଟର୍ ।

**ଗଣନାୟିକା** ***ବି.*** ୧. ବହୁଜନଭୋଗ୍ୟା ନାରୀ, ବାରନାରୀ ୨. ପ୍ରାଚୀନକାଳର ନଗରବଧୂ ।

**ଗଣନୀୟ** ***ବିଂ.*** ଗଣନାଯୋଗ୍ୟ, ଶ୍ରେଣୀବିଭାଗ ଯୋଗ୍ୟ, ଉଲ୍ଲେଖଯୋଗ୍ୟ ।

**ଗଣନ୍ତି** ***ବି.*** ସଂଖ୍ୟା, ସୁମାରି, ଗଣନା ।

**ଗଣବଶା** ***ବିଂ.*** ଦଳଛଡ଼ା, ଗୋଠଛଡ଼ା ।

**ଗଣବିପ୍ଳବ** ***ବି.*** ପ୍ରଚଳିତ ଶାସନବ୍ୟବସ୍ଥା ବିରୋଧରେ ସଂଘଟିତ ବିପ୍ଳବ ।

**ଗଣବିକ୍ଷୋଭ** ***ବି.*** ସାମୂହିକ ପ୍ରତିବାଦ, ଜନ ଅସନ୍ତୋଷଜନିତ ପ୍ରତିକ୍ରିୟା ।

**ଗଣବ୍ୟାୟାମ** ***ବି.*** ସମୂହ କୁସ୍ତି କସରତ ।

**ଗଣଭୋଗ୍ୟା** ***ବିଂ.*** ବାରାଙ୍ଗନା ।

**ଗଣଭୋଜନ** ***ବି.*** ପଂକ୍ତିଭୋଜନ, ସମୂହ ଭୋଜନ ।

**ଗଣଭୋଟ** ***ବି.*** ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ଜନମତ ସଂଗ୍ରହ ।

**ଗଣମତ** ***ବି.*** ଜନମତ ।

**ଗଣମାଧ୍ୟମ** ***ବି.*** ଜନସାଧାରଣଙ୍କପାଖରେ ତଥ୍ୟଗତ ସୂଚନା ପହଞ୍ଚାଇ ଦେବାର ମାଧ୍ୟମ, ଯୋଗାଯୋଗ ମାଧ୍ୟମ; ପତ୍ରପତ୍ରିକା/ ରେଡ଼ିଓ ଟେଲିଭିଜନ୍ ଆଦି ସମ୍ବାଦ ସରବରାହ ବ୍ୟବସ୍ଥା ।

**ଗଣଯୋଗାଯୋଗ** ***ବି.*** ଜନସମ୍ପର୍କ ।

**ଗଣା** ***ବି.*** ଗଣନ, ଗଣତି, ସୁମାରି, ସଂଖ୍ୟାକରଣ ।

**ଗଣାଇବା** ***କ୍ରି.*** ଅନ୍ୟଦ୍ୱାରା ଗଣତି/ସୁମାରି କରାଇବା ।

**ଗଣାପୋଛା** ***ବି.*** ଶୁଭକର୍ମ ନିମନ୍ତେ ଶୁଭଦିନ ଓ ଲଗ୍ନ ଆଦି ନିର୍ଣ୍ଣୟ ।

**ଗଣାଯିବା** ***କ୍ରି.*** ଗଣାହେବା ।

**ଗଣିଆଁଚଢ଼େଇ** ***ବି.*** ଗଙ୍ଗେଇ, ମାଛରଙ୍କା ଚଢ଼େଇ ।

**ଗଣିଆତୋଡ଼ି** ***ବି.*** ତୋଡ଼ିଜାତୀୟ ଛୋଟ ମାଛ ।

**ଗଣିକା** ***ବି.*** ୧. ବେଶ୍ୟା, ବାରନାରୀ ୨. ଚରିତ୍ରହୀନା ।

**ଗଣିତ** ***ବି.*** ୧. ପରିମାଣ ନିର୍ଣ୍ଣୟ ବିଷୟକ ଶାସ୍ତ୍ର, ଓଡ଼ାଙ୍କ, ଗଣିତଶାସ୍ତ୍ର ୨. ଗଣନା, ସୁମାରି; ***ବିଂ.*** ଗଣା ହୋଇଥିବା ।

**ଗଣିତକ** ***ବି.*** ହିସାବ, ବିବରଣ ।

**ଗଣିତଜ୍ଞ** ***ବିଂ.*** ଅଙ୍କଶାସ୍ତ୍ରରେ ପ୍ରବୀଣ ।

**ଗଣିତ ଜ୍ୟୋତିଷ** ***ବି.*** ଗ୍ରହନକ୍ଷତ୍ରାଦିଙ୍କର ସ୍ଥିତି, ଗତି ପ୍ରଭୃତି ଗଣନା କରିବା ବିଦ୍ୟା ।

**ଗଣିତା** ***ବି.*** ସୁମାରି, ଗଣତି, ଯୋଗ୍ୟତା ନିର୍ଣ୍ଣୟ ।

**ଗଣିଦେବା** ***କ୍ରି.*** ଧନ ଗଣନା କରି ଅନ୍ୟଠାରୁ ବୁଝିନେବା, ଗୋଟି ଗୋଟି କରି ଗଣନା କରିଦେବା ।

**ଗଣିବା** ***କ୍ରି.*** ୧. ସୁମାରି କରିବା, ସଂଖ୍ୟା କରିବା ୨. ତୁଳନା କରିବା ୩. ବିଚାରିବା ୪. ଆକଳନ କରିବା ୫. ଆଶଙ୍କା କରିବା ୬. ଲକ୍ଷ୍ୟ କରିବା ୭. ଖାତିର କରିବା ୮. ନଗଦ ଧନ ଦେବା ।

**ଗଣେଶ** ***ବି.*** ଗଣନାଥ, ଗଣେଶ୍ୱର, ଅଗ୍ରପୂଜ୍ୟ ଦେବତା, ସିଦ୍ଧ ବିନାୟକ ।

**ଗଣେଶ ଚତୁର୍ଥୀ** ***ବି.*** ଭାଦ୍ରମାସ ଶୁକ୍ଳପକ୍ଷ ଚତୁର୍ଥୀରେ ଗଣେଶଙ୍କର ଆବାହନ/ ପୂଜା ସମ୍ବନ୍ଧୀୟ ଉତ୍ସବ ।

**ଗଣେଶପେଟ** ***ବି.*** ଥନ୍ତଲାପେଟ, ବଡ଼ପେଟ ।

**ଗଣେଶପେଟା** ***ବିଂ.*** ଥନ୍ତଲାପେଟା, ଢ଼ୋଲୁଆ ।

**ଗଣ୍ଠରା** ***ବି.*** ଯେକୌଣସି ଦ୍ରବ୍ୟକୁ ଚଉପ୍ରସ୍ଥ କରି ଗଣ୍ଠି ଦେଇ ଭିଡ଼ା ଯାଉଥିବା ପୁଟୁଳା, ଗଣ୍ଠିଲା, ଗଣ୍ଠିଲି, ଗଣ୍ଠରି, ପୁଟୁଳି ।

**ଗଣ୍ଠାଇବା** ***କ୍ରି.*** ଏକାଠି ଗଣ୍ଠି ପକାଇବା, ଗଣ୍ଠିରା କରିବା ।

**ଗଣ୍ଠି** ***ବି.*** ୧. ବନ୍ଧନ, ଗ୍ରନ୍ଥି ୨. ବୁଜୁଳା, ପୁଟୁଳା ୩. ବାଧା, ଅବରୋଧ ୪. ଜଟିଳ ସମସ୍ୟା ୫. ଆଣ୍ଠୁର ଗଣ୍ଠି, ବଳାଗଣ୍ଠି ୬. ଛୋଟବନ୍ଧ ୭. ଗଛର ଗ୍ରନ୍ଥିଯୁକ୍ତ ଅଂଶ ୮. ଜୁଡା ୯. ଶାଢ଼ୀର କାନିରେ ପଡ଼ିଥିବା ଗଣ୍ଠି ।

**ଗଣ୍ଠିଆ** ***ବିଂ.*** ୧. ଗ୍ରନ୍ଥିଳ, ଗଣ୍ଠିଯୁକ୍ତ ୨. କୃପଣ, କୁଟିଳ, ଜଟିଳ ୩. ଚତୁର, ଚାଲାକ ୪. ଅସହଜ ; ***ବି.*** କାନ ଅଳଙ୍କାର, ନୋଳି, ହାତ ଗୋଡ଼ରେ ହେବା ବିଣ୍ଡି ।

**ଗଣ୍ଠିଆ ପାଉଁଶ** ***ବି.*** ଗୋବର ଘଷି ପୋଡ଼ା ପାଉଁଶ (ଦାନ୍ତ ଘଷିବା ପାଇଁ) ।

**ଗଣ୍ଠିଆ ବାତ** ***ବି.*** ଗଣ୍ଠିବାତ ।

**ଗଣ୍ଠିଆଳ** ***ବି.*** ୧. ଗଇଁଠାଳ, ବିବାହ ସମୟରେ ବରକନ୍ୟାଙ୍କ କାନ୍ଧରେ ପଡ଼ୁଥିବା ବସ୍ତ୍ର-ଯାହାକୁ ଗଣ୍ଠି କରାଯାଏ ୨. ପାଖାପାଖି ଗଣ୍ଠିଥିବା (ଗଣ୍ଠିଆଳ ବାଉଁଶ) ।

**ଗଣ୍ଠିକଟା** ***ବି.*** ପକେଟ୍‌ମାରୁ ।

**ଗଣ୍ଠି କରିବା** ***କ୍ରି.*** ୧. ଗଣ୍ଠିଧନ ପରି ମୂଲ୍ୟବାନ୍ ବିଚାରିବା ୨. କୌଣସି ସାମାନ୍ୟ ବା ଛୋଟକଥାକୁ ବଡ଼ କରିବା ।

**ଗଣ୍ଠିଗଣ୍ଠିଆ** ***ବିଂ.*** ୧. ଗଣ୍ଠିବହୁଳ ୨. ଅତି କୃପଣ ।

**ଗଣ୍ଠିଦୂବ** ***ବି.*** ଗଣ୍ଠି ଗଣ୍ଠି ହୋଇଥିବା ଏକ ଜାତୀୟ ଦୂବ ଘାସ ।

**ଗଣ୍ଠିଧନ** ***ବି.*** ୧. ଲୁଗାରେ ଗଣ୍ଠିପକାଇ ଯତ୍ନର ସହିତ ସାଇତି ରଖିଥିବା ଧନ ୨. ଅତି ଆଦରର ବସ୍ତୁ/ବ୍ୟକ୍ତି ।

**ଗଣ୍ଠିଧରା ବାତ** ***ବି.*** ଗଣ୍ଠିବାତ, ଆମବାତ ।

**ଗଣ୍ଠି ପକାଇବା** ***କ୍ରି.*** ୧. ସୂତା, ଦଉଡ଼ି, ଲୁଗା କାନି ଆଦିରେ ଗଣ୍ଠି ପକାଇବା ବା ଦୋଅଡ଼ କରି ବାନ୍ଧିବା ୨. ଜୁଡ଼ାକରି କେଶବିନ୍ୟାସ କରିବା ୩. କଥାରୁ ଲଥା ବାହାର କରି ପ୍ରତିକ୍ରିୟା ପ୍ରକାଶ କରିବା ୪. ପଣ କରିବା ।

**ଗଣ୍ଠି ପଡ଼ିବା** ***ବି.*** ୧. ଗଣ୍ଠି ନ ଫିଟିବା ୨. ଛନ୍ଦି ହୋଇଯିବା ୩. ଜଟିଳ ସମସ୍ୟାର ସମ୍ମୁଖୀନ ହେବା ।

**ଗଣ୍ଠିବନ୍ଧ** ***ବି.*** ସଂକୀର୍ଣ୍ଣ ନାଳରେ ବନ୍ଧାଯାଇଥିବା ବନ୍ଧ ।

**ଗଣ୍ଠିବଳା** ***ବି.*** ବଳାଗଣ୍ଠି ଉପରେ ପିନ୍ଧାଯାଉଥିବା ରୁପାର ଅଳଙ୍କାର ।

**ଗଣ୍ଠିମୁଠି** ***ବି.*** ଦଉଡ଼ିରେ ପଡ଼ିଥିବା ଗଣ୍ଠି, ହାତମୁଠା ।

**ଗଣ୍ଠିରତ୍ନ** ***ବି.*** ଅତି ଆଦରର ଧନ/ବସ୍ତୁ, ଗଣ୍ଠିଧନ ।

**ଗଣ୍ଠିରା** ***ବି.*** ଗଣ୍ଠିଲା, ଗଣ୍ଠିଲି, ଗଣ୍ଠରା ।

**ଗଣ୍ଠିଲା, ଗଣ୍ଠିଲି** ***ବି.*** ବୋକଚା, ଗଣ୍ଠିରା, ବୋଝ ।

**ଗଣ୍ଠିଲାବୁହା** ***ବି.*** ୧. ଲୁଗାପଟାର ଗଣ୍ଠିଲା ବୋହୁଥିବା ବ୍ୟକ୍ତି ୨. ଗଧପରି ଭାର ବୋହିବା ଲୋକ ।

**ଗଣ୍ଡ** ***ବି.*** ୧. ଗାଲ ୨. ଗଜକୁମ୍ଭ, ହାତୀର ଗାଲ ୩. ଘୋଡାର ଗଣ୍ଡଦେଶର ଭୂଷଣ ୪. ଜଳାଶୟର ଗଭୀର ଜଳ ଥିବା ସ୍ଥାନ, ଦହ ୫. ମୂତ୍ରାଶୟ ୬. ଆବୁ ୭. ପାଣିଫୋଟକା ୮. ଜ୍ୟୋତିଷ ଶାସ୍ତ୍ରରେ ଥିବା ୨୭ଟି ଯୋଗ ମଧ୍ୟରୁ ୧୦ମ ଯୋଗ, ଅଶ୍ୱିନୀ, ମଘା ଓ ମୂଳା ନକ୍ଷତ୍ରର ପ୍ରଥମ ପାଦ (ଅଶୁଭ), ଗଣ୍ଡଦୋଷ ।

**ଗଣ୍ଡଗୋଳ** ***ବି.*** ୧. ବିବାଦ, ଝଗଡ଼ା, କଳିକଜିଆ ୨. ଗୋଳମାଳ ।

**ଗଣ୍ଡପୂଜ** *ବି.* କୌଣସି ଘାଆର ବହଳିଆ ବା ଗାଢ଼ାପୂଜ ।

**ଗଣ୍ଡବୁଦ୍ଧିଆ** *ବିଂ.* ମୋଟାବୁଦ୍ଧିଆ, ବୋକା, ଅପଗଣ୍ଡ ।

**ଗଣ୍ଡବ୍ରଣ** *ବି.* ଦେହର ଗ୍ରନ୍ଥିରେ ଉଠିଥିବା ଦୁଃସାଧ୍ୟ ବ୍ରଣ ବା ବଥ ।

**ଗଣ୍ଡମଳା** *ବି.* ୧. ଗଣ୍ଡମାଳା ରୋଗ ୨. ଏକପ୍ରକାର ପୋକ ।

**ଗଣ୍ଡମୂର୍ଖ** *ବି.* ନିରାଟ ମୂର୍ଖ, ନିର୍ବୋଧ, ବିଦ୍ୟାବୁଦ୍ଧିହୀନ ।

**ଗଣ୍ଡା** *ବି.* ୧. ପାଉଁଶିଆ ରଙ୍ଗର ଓ ଥୋମଣି ଉପରେ ଶିଙ୍ଘ ଥିବା ଜଙ୍ଗଲୀ ପଶୁ, ଗଣ୍ଡାର ୨. ପୂର୍ବେ ପ୍ରଚଳିତ ଚାରିକଡ଼ା – ଚାରିକଡ଼ାରେ ଏକ ଗଣ୍ଡା ୩. ଚାରି ସଂଖ୍ୟା ୪. ପ୍ରାପ୍ୟଧନ ବା ମଜୁରୀ ୫. ଗାଇ ବଳଦଙ୍କ ବେକରେ ବନ୍ଧାଯିବା ପଘାର ଫାଶ ୬. ଅଳ୍ପ ପରିମାଣ ।

**ଗଣ୍ଡି** *ବି.* ୧. ଗଛର ମୂଳରୁ ଶାଖା ବାହାରିଥିବା ପର୍ଯ୍ୟନ୍ତ ଅଂଶ ୨. ଦେହ, ଶରୀର, ମୋଟାଦେହ, ଦେହର ମଝିଅଂଶ, ଅଣ୍ଟା ଠାରୁ ବେକ ପର୍ଯ୍ୟନ୍ତ ଅଂଶ ୩. ଧୋବାତୁଠରେ ଥିବା ଲୁଗାକଚା କାଠ ବା ପଥର ୪. ତେଲି-ଘଣାରେ ବ୍ୟବହୃତ ଗଛଗଣ୍ଡି ୫. ସୀମାରେଖା ।

**ଗଣ୍ଡିଆ** *ବିଂ.* ୧. ନପୁଂସକ, ଅଣପୁରୁଷା ୨. ଗାଣ୍ଡୁ ୩. ହିଜିଡା ।

**ଗଣ୍ଡିଏ** *ବିଂ.* ଗଣ୍ଡାଏ, ଅଳ୍ପ ପରିମାଣର ।

**ଗଣ୍ଡିଛଣ୍ଟା** *ବିଂ.* କୋଢ଼ିଆ, କାମ ନ କରି ସ୍ୱାସ୍ଥ୍ୟପ୍ରତି ଯତ୍ନ ନେଉଥିବା ଅଳସୁଆ ।

**ଗଣ୍ଡିପୂଜା** *ବି.* ମକର ସଂକ୍ରାନ୍ତି ଦିନ ଧୋବାମାନେ ତୁଠପଥର ବା ଶୁଖିଲା ଲୁଗାକଚା କାଠଗଣ୍ଡିକୁ ପୂଜାକରିବା ଉତ୍ସବ ।

**ଗଣ୍ଡି ବୋହିବା** *କ୍ରି.* ମୋଟାହେବା ।

**ଗଣ୍ଡୁ** *ବି.* ୧. ତକିଆ, ମାଣ୍ଡି, ମୁଚୁଳା ୨. ହାଡ ୩. ତେଲ ।

**ଗଣ୍ଡୁଆ** *ବି.* ଝୁଡ଼ି, ଗାଣ୍ଡୁଆ ।

**ଗଣ୍ଡୂଷ** *ବି.* ହାତୀ ଶୁଣ୍ଢର ଅଗ ।

**ଗଣ୍ୟ** *ବିଂ.* ୧. ଗଣନୀୟ ୨. ବିବେଚନାଯୋଗ୍ୟ, ସମ୍ମାନନୀୟ, ଗଣ୍ୟମାନ୍ୟ ୩. ଗ୍ରାହ୍ୟ ।

**ଗତ୍‌ଗତ୍ ହେବା** *କ୍ରି.* ୧. ଗଲଗଲ ହେବା (ତୋଟି) ୨. କଫ ରହି କଣ୍ଠନଳୀ ଗଲୁକରିବା ।

**ଗତ** *ବିଂ.* ୧. ଅତୀତ ୨. ଯାହା ଚାଲିଯାଇଛି ୩. ଦୂରୀଭୂତ ୪. ଶେଷରେ ଘଟିଥିବା ୫. ମୃତ ୬. ସମାପ୍ତ ୭. ପ୍ରାପ୍ତ ୮. ଜ୍ଞାତ ୯. ହାସଲ ହୋଇଥିବା, ହସ୍ତଗତ ; *ବି.* ୧. ଗତି ୨. ଗୁଳା ୩. ଧାରା, ଢଙ୍ଗ, ଶୈଳୀ ୪. ସ୍ୱର, ରାଗ ଓ ତାଳର ରସଯୁକ୍ତ ଗତି ।

**ଗତଆଗତ** *ବି.* ୧. ଯିବା ଆସିବା, ଯା ଆସ ୨. ଅତୀତ ଭବିଷ୍ୟତ ।

**ଗତକାଲୁଁ** *ଅ.* ଆଗରୁ, ପୂର୍ବରୁ, ଗତଦିନରୁ ।

**ଗତବନ୍ଧା** *ବିଂ.* ପାରଂପରିକ, ଗତାନିପତାନି, ଗତାନୁଗତ ।

**ଗତର** *ବି.* ଦେହ, ଶରୀର, ଅଙ୍ଗ, ଗାତ୍ର ।

**ଗତର ଖଟିବା** *କ୍ରି.* ୧. ଶାରୀରିକ ପରିଶ୍ରମ କରି ଖଟିବା ୨. ସବୁବେଳେ ପାଇଟି କରିବା ୩. ବୋଲକରା କାମ କରିବା (ଗୋତିଭଳି) ।

**ଗତରପୋଷା** *ବି.* ଦେହଧାରଣ ; *ବିଂ.* ଦିହଛଣ୍ଟା, ସୁଖିଆ, ଅଳସୁଆ ।

**ଗତରା** *ବି.* ଗୋତ୍ର ।

**ଗତଶୋଚନା** *ବି.* ଗତକଥା ସମ୍ବନ୍ଧରେ ଅନୁତାପ, ପଛକଥା ଭାବିବା ।

**ଗତସ୍ପୃହ** *ବିଂ.* ଆଗ୍ରହହୀନ, ବିଗତସ୍ପୃହ ।

**ଗତା** *ବି.* ୧. କତା ୨. ଚମଦଉଡ଼ି ।

**ଗତାଗତ** *ବି.* ୧. ଗୁପ୍ତପ୍ରଣୟ, ଗୁପ୍ତମିଳନ ୨. ଯିବାଆସିବା, ଗମନାଗମନ ୩. ଅତୀତ ଭବିଷ୍ୟତ ।

**ଗତାନୁଗତ** *ବିଂ.* ପରଂପରା ଅନୁଯାୟୀ, ଅଭ୍ୟାସଗତ ।

**ଗତାନୁଗତିକ** *ବିଂ.* ୧. ପରଂପରାର ଅନୁଗାମୀ ୨. ଅନୁକରଣକାରୀ ୩. ଧରାବନ୍ଧା ୪. ନୂତନତ୍ୱହୀନ ।

**ଗତାୟୁ** *ବିଂ.* ୧. ମୃତ, ସ୍ୱର୍ଗତ ୨. ମୁମୂର୍ଷୁ ୩. ଅତିବୃଦ୍ଧ ।

**ଗତି** *ବି.* ୧. ଗମନ, ଚଳନ ୨. ଘଟଣାକ୍ରମ ୩. ବେଗ ୪. ଚାଲିବାର ଢ଼ଙ୍ଗ, ରୀତି ୫. ଜୀବନଯାତ୍ରା ୬. ଅବସ୍ଥା ୭. ଅଗ୍ରସରହେବା, କାର୍ଯ୍ୟରେ ଆଗେଇବା ୮. ପରିଣାମ, ଫଳ ୯. ଲକ୍ଷ୍ୟସ୍ଥଳ, ପ୍ରକାର, ସ୍ୱରୂପ ୧୦. ପ୍ରସ୍ଥାନ, ପ୍ରାପ୍ତି, ମୃତ୍ୟୁ ୧୧. ଆଶ୍ରୟ, ସାହାରା, ଅବଲମ୍ବନ ୧୨. ଉପାୟ ୧୩. ମୁକ୍ତି, ମୋକ୍ଷ, ସଂସାର ବନ୍ଧନରୁ ଉଦ୍ଧାର ।

**ଗତିଗୋଚର** *ବି.* ଅବସ୍ଥିତି, ଠିକଣା ।

**ଗତି ପରିବର୍ତ୍ତନ** *ବି.* ଦିଗ ଓ ବେଗ ହାରର ପରିବର୍ତ୍ତନ ।

**ଗତିବିଜ୍ଞାନ** *ବି.* ଯେଉଁ ବିଜ୍ଞାନରେ ଗତି ସମ୍ବନ୍ଧୀୟ ତଥ୍ୟ ଓ ତତ୍ତ୍ୱ ଆଲୋଚିତ ହୋଇଥାଏ ।

**ଗତିବିଧି** *ବି.* ୧. କାର୍ଯ୍ୟକଳାପ, ଚାଲିଚଳନ, ଢଙ୍ଗଢ଼ାଙ୍ଗ ୨. ମୁକ୍ତିର ଉପାୟ ।

**ଗତିମାନ୍** *ବିଂ.* ଗତି କରୁଥିବା, ଚଳନଶୀଳ ।

**ଗତିମାପକ** *ବି.* ଯେଉଁ ଯନ୍ତ୍ରରେ ଘୂର୍ଣ୍ଣନର ଗତି ମାପ କରାଯାଏ, ସ୍ପିଡୋମିଟର୍ ।

**ଗତିମୁକ୍ତି** *ବି.* ୧. ମୋକ୍ଷ, ସଦ୍‌ଗତି ୨. କଷ୍ଟ, ଯାତନା ବା ପାପରୁ ଉଦ୍ଧାର ।

**ଗତିରୋଧ** *ବି.* ଗତିରେ ବାଧା/ଅବରୋଧ ।

**ଗତିରୋଧକ** *ବି.* ଜନାକୀର୍ଣ୍ଣ ସ୍ଥାନରେ ଦ୍ରୁତଗାମୀ ଯାନବାହନର ବେଗ ହ୍ରାସପାଇଁ ରାସ୍ତାରେ ତିଆରି ହିଡ଼ ବା ପ୍ରତିବନ୍ଧକ, ସ୍ପିଡ୍ ବ୍ରେକର୍ ।

**ଗତିଶକ୍ତି** *ବି.* ଚଳତ୍‌ଶକ୍ତି ।

**ଗତିଶୀଳ** *ବିଂ* ୧. ଚଳନ୍ତା, ଗତିମାନ୍ ୨. ଚଳତ୍‌ଶକ୍ତିକ୍ଷମ ।

**ଗତିହୀନ** *ବିଂ* ବେଗରହିତ, ନିଷ୍ଚଳ, ସ୍ଥିର ।

**ଗତୋତ୍ସାହ** *ବିଂ* ହତୋତ୍ସାହ, ଉତ୍ସାହଶୂନ୍ୟ ।

**ଗତ୍ୟନ୍ତର** *ବି.* ଅନ୍ୟଗତି, ଅନ୍ୟଉପାୟ ।

**ଗଦ୍** *ବି.* ୧. କଥନ ୨. ଉଚ୍ଚାରଣ ୩. କହିବା ।

**ଗଦ୍‌ଗଦ୍** *ବି.* ଅତ୍ୟଧିକ ଖୁସିହେତୁ କଥା କହି ନ ପାରିବା ଅବସ୍ଥା ।

**ଗଦ୍‌ଗଦାବା** *କ୍ରି.* ବେଶି ପରିମାଣରେ ବାହାରି ଆସିବା ବା ବହିଯିବା, ମାତିବା, ପାଗଳ ଭଳି ହେବା, ଉଚ୍ଛୁଳିବା ।

**ଗଦ୍‌ଗଦି** *ବି.* ୧. ଅଳ୍ପ ଉଚ୍ଚ ପୋଲ ବା ସେତୁ ୨. ଛୋଟ ଜଳପ୍ରପାତ ।

**ଗଦ୍‌ରା** *ବି.* ୧. ଚଉଡ଼ାମୁହାଁ ବଡ଼ ମାଠିଆ ୨. ଆଖୁ ଦୋରୁଅ ରଖିବା ପାତ୍ର ବା ମାପ ବିଶେଷ ।

**ଗଦ୍‌ହା** *ବିଂ* ୧. ଗଧା ୨. ଅକର୍ମଣ୍ୟ, ମୂର୍ଖ ।

**ଗଦ** *ବି.* ବିଷନାଶକାରୀ ଚେରମୂଳି, ମହୌଷଧି ।

**ଗଦଗଦ** *ବି.* ୧. ଅତ୍ୟଧିକ ଆନନ୍ଦରେ ସ୍ପଷ୍ଟ କହି ପାରୁ ନ ଥିବା ଅବସ୍ଥା, ଭାବବିହ୍ୱଳ ଯୋଗୁଁ ରୁଦ୍ଧକଣ୍ଠ ବା ଥରିଲା ସ୍ୱର, ଆନନ୍ଦରେ ପାଟି ଖନି ମାରିଯିବା ଅବସ୍ଥା ୨. ଉଚ୍ଚସ୍ଥାନରୁ ତଳେ ଜଳ ପଡ଼ିବାର ଶବ୍ଦ ୩. ଗମ୍ଭୀର ଧ୍ୱନି ।

**ଗଦଡ଼ା** *ବିଂ* ୧. ମୋଟା ୨. ବଗଡ଼ା ୩. ଗୋଦଡ଼ି (ଲୁଗା) ; *ବି.* ମଇଳା, ଅଳିଆ ।

**ଗଦଲା** *ବି.* ହାତୀ ପିଠିରେ ପଡୁଥିବା ଗଦି ।

**ଗଦା** *ବି.* ୧. ଲୁହା ବା କାଠର ମୁଦ୍ଗର ୨. ଏକ ସ୍ଥାନରେ ଠୁଳ ବା ରୁଣ୍ଡ, ସ୍ତୂପ, ରାଶି ୩. ବହୁତ, ପ୍ରଚୁର ।

**ଗଦାଏ** *ବିଂ* ଏକ ଗଦା ପରିମିତ (କୁଟା, ଧାନ), ବହୁତ, ପୁଳାଏ ।

**ଗଦା କରିବା** *କ୍ରି.* ଗଦେଇବା, ଏକାଠି କରିବା ।

**ଗଦାଗଦା** *ବିଂ.* କୁଡ଼କୁଡ଼, ବିପୁଳ ପରିମାଣର ।

**ଗଦାଣ** *ବି.* ସ୍ତୁପୀକରଣ ।

**ଗଦାମ** *ବି.* ଲଙ୍କାଆମ୍ବ, କାଜୁ ।

**ଗଦାମଞ୍ଜି** *ବି.* ଲଙ୍କାଆମ୍ବର ମଞ୍ଜି, କାଜୁ ।

**ଗଦାମଡ଼ା** *ବିଂ* ୧. ଗଦା ମରାହୋଇଥିବା ୨. ପୁରୁଣା ୩. ବାସି ।

**ଗଦାଯୁଦ୍ଧ** *ବି.* ଗଦା ଧରି ଲଢ଼େଇ ବା ଯୁଦ୍ଧ ।

**ଗଦାସାହାଣ** *ବି.* ଆଖଡାଘରେ ବ୍ୟାୟାମ କଲାବେଳେ ଡାହାଣ ହାତରେ ଲୁହାଗଦା ଓ ବାଁ ହାତରେ ପଟାପରି ଲମ୍ବ ଲୁହାଯନ୍ତ୍ର ଧରି ବୁଲେଇବା ସାଧନା ।

**ଗଦି** *ବି.* ୧. କୋମଳ ବିଛଣା (ତୁଳା/କତା/ ଫୋମଯୁକ୍ତ) ୨. ରାଜସିଂହାସନ ୩. ସ୍ୱତନ୍ତ୍ର ଆସନ ୪. ବଣିକ ବା ବ୍ୟବସାୟୀର କାର୍ଯ୍ୟାଳୟ ୫. ପେଣ୍ଠସ୍ଥାନ ।

**ଗଦିଆଗଦି** *ବି.* ୧. ଏକାଠି ଠୁଳ କରିବା ୨. ଏକ ପ୍ରକାର ତାସ୍‌ଖେଳ ।

**ଗଦିଆନ୍** *ବି.* ଗଦିର ମାଲିକ, ଯେଉଁ ବ୍ୟବସାୟୀ ନିଜର ସ୍ୱତନ୍ତ୍ର ବଡ଼ କାର୍ଯ୍ୟାଳୟ ସ୍ଥାପନ କରିଥାଏ ।

**ଗଦିଆଳ** *ବି.* ଗଦିର ମାଲିକ, ଗଦିଆନ୍ ।

**ଗଦ୍ୟ** *ବି.* ଛନ୍ଦୋବଦ୍ଧ ହୋଇ ନଥିବା ଓ କହିବା ଶୈଳୀରେ ରଚିତ ସାହିତ୍ୟ/ ରଚନା ।

**ଗଦ୍ୟ-କବିତା** *ବି.* ଗଦ୍ୟରେ ରଚିତ ମୁକ୍ତଛନ୍ଦର କବିତା ।

**ଗଧ୍‌ରା** *ବି.* ଚଉଡା ମୁହଁ ଥିବା ବଡ଼ ମାଠିଆ ।

**ଗଧ୍‌ରାଇବା** *କ୍ରି.* ଅଧାପାଚିବା ।

**ଗଧ** *ବି.* ୧. ଅଶ୍ୱଜାତୀୟ ଭାରବାହୀ ପଶୁ ୨. ନିର୍ବୋଧ, ଓଲୁ ୩. ମୂର୍ଖ ।

**ଗଧଖଟଣି** *ବି.* ଗଧଭଳି ଅଧିକ ପରିଶ୍ରମ ।

**ଗଧଟୋପି** *ବି.* ଅପମାନସୂଚକ ଗଧ ଲେଖାଥିବା ଟୋପି ।

**ଗଧ ପାଦ ଧରିବା** *କ୍ରି.* କାର୍ଯ୍ୟ ହାସଲପାଇଁ ଅଯୋଗ୍ୟ ବ୍ୟକ୍ତିର ସେବା କରିବା ବା ଆଶ୍ରୟ ନେବା ।

**ଗଧପୁର୍‌ନି** *ବି.* ଶ୍ୱେତପୁରୁଣି ଶାଗ ।

**ଗଧବୋଝ** *ବି.* ୧. ଗଧପିଠିରେ ଲଦାଯିବା ଓଜନିଆ ବୋଝ ୨. ଅଯଥା ଜଞ୍ଜାଳ, ଦାୟିତ୍ୱ ।

**ଗଧବୋବାଳ** *ବି.* ଗଧରଡ଼ି, କର୍ଣ୍ଣକଟୁ ଚିତ୍କାର ।

**ଗଧଭୋଜନ** *ବି.* ଗଧର ଖାଦ୍ୟପରି ନିକୃଷ୍ଟ ଖାଦ୍ୟ ।

**ଗଧର୍‌ଲା** *ବିଂ* ଅଧାପାଚିଲା, ଦରପାଚିଲା ।

**ଗଧା** *ବିଂ* ୧. ନିର୍ବୋଧବ୍ୟକ୍ତି, ଓଲୁ ୨. ମଠୁଆ, ଅଳସୁଆ, କର୍ମକୋଢ଼ି ।

**ଗଧିଆ** *ବି.* ହେଟାବାଘ ।

**ଗଧୁଣୀ** *ବି.* ମାଇଗଧ ।

**ଗନ୍** *ବି.* ବନ୍ଧୁକ, ନଳୀ ।

**ଗନ୍ ଗନାତ୍** *କ୍ରି.ବିଂ.* ସଟ୍‌କିନା, ଝଟ୍‌କିନା, ଚଞ୍ଚଳ ଗତିରେ ଓ ସିଧାରେ ।

**ଗନ୍‌ସନ୍** *ବି.* ୧. ମଙ୍ଗଳପାକ, ବାହାମଙ୍ଗଳା ୨. ଗନ୍ଧାଧିବାସ, ଗନ୍ଧସନ୍ ।

**ଗନେରିଆ** *ବି.* ଯୌନରୋଗ ବିଶେଷ ।

**ଗନ୍ତବ୍ୟ** *ବିଂ* ୧. ଯେଉଁ ସ୍ଥାନକୁ ଯିବା ଉଚିତ ବା ଯିବାକୁ ହେବ ୨. ଜ୍ଞେୟ, ଜାଣିବା ଯୋଗ୍ୟ ୩. ଉଦ୍ଦିଷ୍ଟ, ସ୍ଥିରୀକୃତ ।

**ଗନ୍ତବ୍ୟ ପଥ** *ବି.* ଲକ୍ଷ୍ୟସ୍ଥଳକୁ ଯିବାପାଇଁ ପଥ, ଇପ୍ସିତ ମାର୍ଗ ।

**ଗଣ୍ଡାଇ** *ବି.* ପାଇଜାମା, ପାଣ୍ଟାଲୁନ୍ ।

**ଗଣ୍ଡାଇତ** *ବି.* ସରଘରିଆ, ଭଣ୍ଡାରରକ୍ଷକ ।

**ଗଣ୍ଡାଘର** *ବି.* ୧. ଭଣ୍ଡାରଘର ୨. ବ୍ୟକ୍ତିଗତ ପୋଷାକ ଘର ।

**ଗନ୍ତାଘରିଆ** *ବି.* ଗନ୍ତାଇତ, ପୋଷାକପତ୍ରରଖାଳି ।

**ଗନ୍ତାଣୀ** *ବି.* ଭଣ୍ଡାର ଘରର ଭାରପ୍ରାପ୍ତ ଦାସୀ ।

**ଗନ୍ଥଡା** *ବି.* କନ୍ଥା, ମୋଟା ବଗଡ଼ିଆ ଶେଯ, ଗଦା ।

**ଗନ୍ଦ୍** *ବି.* ଅଠା, ବସ୍ତୁ ସହ ବସ୍ତୁକୁ ଯୋଡୁଥିବା ତରଳ ପଦାର୍ଥ ।

**ଗନ୍ଧା** *ବି.* ୧. ଗେଣ୍ଡୁଫୁଲ ୨. ଛିଣ୍ଡାଲୁଗା ୩. କନ୍ଥା ।

**ଗନ୍ଦି** *ବି.* ପୋଛାପୋଛିପାଇଁ ବ୍ୟବହୃତ ଛୋଟ ଗାମୁଛା ।

**ଗନ୍ଧ** *ବି.* ୧. ସୁବାସିତ ଦ୍ରବ୍ୟ ୨. ଘୋରା ଚନ୍ଦନ ୩. ଗନ୍ଧକ ୪. ଗର୍ବ ୫. ଅଳ୍ପ, ଟିକିଏ ୬. ଦର୍ଶନ ଶାସ୍ତ୍ରୋକ୍ତ ପୃଥିବୀର ଏକ ଗୁଣ ୭. ଦୁର୍ଗନ୍ଧ, ଉଗ୍ରଗନ୍ଧ ୮. ଆଭାସ ।

**ଗନ୍ଧକ** *ବି.* ପୀତବର୍ଣ୍ଣ ଉପଧାତୁ ବିଶେଷ, ଏକ ଖଣିଜ ଦ୍ରବ୍ୟ ।

**ଗନ୍ଧକ କାଠି** *ବି.* ଦିଆସିଲି କାଠି ।

**ଗନ୍ଧ କରିବା** *କ୍ରି.* ୧. ଦୁର୍ଗନ୍ଧ କରିବା, ପାଡ଼ିବା ୨. ମନକୁ ନ ପାଇବା ।

**ଗନ୍ଧକର୍ପୂର** *ବି.* ଆଲକାତରାରୁ ପାତନ ପ୍ରଣାଳୀରେ ପ୍ରସ୍ତୁତ କୀଟନାଶକ ଧଳା କଠିନ ପଦାର୍ଥ ।

**ଗନ୍ଧକାମ୍ଳ** *ବି.* ଗନ୍ଧକରୁ ପ୍ରସ୍ତୁତ ଅମ୍ଳବିଶେଷ, ସଲ୍‌ଫରିକ୍ ଏସିଡ଼ ।

**ଗନ୍ଧଗୁହାରିଆ** *ବି.* ୧. ଦେହରୁ ଦୁର୍ଗନ୍ଧ ବାହାରୁଥିବା ବ୍ୟକ୍ତି ୨. ବବୁର ଜାତୀୟ କଣ୍ଟାଗଛ ।

**ଗନ୍ଧଚନ୍ଦନ** *ବି.* ଘୋରାଚନ୍ଦନ ।

**ଗନ୍ଧଜଳ** *ବି.* ସୁବାସିତ ଜଳ, ଛେରା ।

**ଗନ୍ଧଣ** *ବି.* ଗନ୍ଧଣ ମେକାପ-ଦିଅଁଙ୍କପାଇଁ ଯୋଗାଉ ଥିବା ଅଦା, ହିଙ୍ଗୁ, ଗୋଲମରିଚ, ଜିରା, ଘିଅ ଆଦି ସୁଗନ୍ଧଦ୍ରବ୍ୟ ।

**ଗନ୍ଧଣା** *ବି.* ଅଗ୍ନିବଥୁ, ବଥୁଆଶାଗ, କାଞ୍ଜିପାଇଁ ବ୍ୟବହୃତ ଗନ୍ଧଯୁକ୍ତ ଶାଗ ।

**ଗନ୍ଧତୁଳସୀ** *ବି.* ବଣତୁଳସୀ ।

**ଗନ୍ଧଦାରୁ** *ବି.* ଅଗୁରୁ, ଚନ୍ଦନକାଠ ।

**ଗନ୍ଧପୁଷ୍ପ** *ବି.* ୧. ବେତସକନ୍ଦା ୨. କେତକୀ ୩. ସୁଗନ୍ଧ ଫୁଲ ୪. ଅଶୋକ ଫୁଲ ୫. ପୂଜାବିଧିରେ ଅର୍ପିତ ଫୁଲଚନ୍ଦନ।

**ଗନ୍ଧବଣିଆ** *ବି.* ଗନ୍ଧଦ୍ରବ୍ୟ ବ୍ୟବସାୟୀ, ପୋଟଳିବଣିଆ ଜାତି ।

**ଗନ୍ଧବହ** *ବିଂ.* ଗନ୍ଧଯୁକ୍ତ ; *ବି.* ୧. ପବନ ୨. କସ୍ତୁରୀମୃଗ ୩. ନାୟକ ବିଶେଷ ।

**ଗନ୍ଧବାସ** *ବି.* ଗନ୍ଧାଧିବାସ, ବିବାହ ପୂର୍ବଦିନ ବରକନ୍ୟାଙ୍କର ହଳଦୀ ଲଗା ବିଧି, ଗନ୍‌ସନ୍, ଗନ୍ଧସଣ ।

**ଗନ୍ଧମାଦନ** *ବି.* ୧. ରାମାୟଣ ବର୍ଣ୍ଣିତ ସର୍ବୌଷଧିପୂର୍ଣ୍ଣ ପାହାଡ଼ ୨. ପର୍ବତର ନାମବିଶେଷ, ୩. ପୁରାଣୋକ୍ତ ବାନର ସେନାପତି ।

**ଗନ୍ଧରା** *ବିଂ.* ଦୁର୍ଗନ୍ଧଯୁକ୍ତ ।

**ଗନ୍ଧରାଜ** *ବି.* ୧. ତୀବ୍ର ସୁଗନ୍ଧବିଶିଷ୍ଟ ଧଳା ଫୁଲ ଗଛ, ସୁଗନ୍ଧରାଜ ଫୁଲ ୨. ଚନ୍ଦନ ୩. ଅତର ।

**ଗନ୍ଧରି ତେଲ** *ବି.* କିରୋସିନ୍‌ତେଲ, ମାଟିତେଲ ।

**ଗନ୍ଧର୍ବ** *ବି.* ୧. ସ୍ୱର୍ଗ-ଗାୟକ, ବିଦ୍ୟାଧର ୨. ସୁଗାୟକ, ଗାୟନ ବିଦ୍ୟା ବିଶେଷଜ୍ଞ ୩. ମୁନି, ଋଷି ୪. କୋଇଲି ୫. ସଙ୍ଗୀତର ସ୍ୱର ବିଶେଷ, ଗାନ୍ଧାର ୬. ଉନ୍ମାଦରୋଗ ବିଶେଷ ।

**ଗନ୍ଧର୍ବ ବିଦ୍ୟା** *ବି.* ସଙ୍ଗୀତ ଓ ନାଟ୍ୟବିଦ୍ୟା ।

**ଗନ୍ଧର୍ବ ବେଦ** *ବି.* ନାଟ୍ୟ ଓ ସଙ୍ଗୀତ ସମ୍ବଳିତ ଏକ ଉପବେଦ ।

**ଗନ୍ଧର୍ବମତ** *ବି.* ଗନ୍ଧର୍ବମାନଙ୍କର ମତରେ ପ୍ରଚଳିତ ବିଚାର/ ପରଂପରା ।

**ଗନ୍ଧଶୁଣ୍ଠି** *ବି.* ଅଦା ଜାତୀୟ ଔଷଧୀୟ ମୂଳ ବିଶେଷ ।

**ଗନ୍ଧସଣ** *ବି.* ଗନ୍ଧାଧିବାସ, ବିବାହ ପୂର୍ବଦିନ ବରକନ୍ୟା ଦେହରେ ହଳଦୀ, ଚନ୍ଦନ, ସୁବାସିତ ତୈଳ ଆଦି ଲଗାଇବା ବିଧି, **ଗନ୍ଧସନ୍** ।

**ଗନ୍ଧସଣ ଗୀତ** *ବି.* ବିବାହର ପୂର୍ବଦିନ କନ୍ୟା ଦେହରେ ହଳଦୀଲାଗି ବେଳେ ନାରୀମାନେ ମିଳିତ ହୋଇ ଗାଉଥିବା ମଙ୍ଗଳ ଗୀତ ।

**ଗନ୍ଧି** *ବି.* ୧. କିଆରି ହିଡ଼ ଓ କିଆରିରେ ହେଉଥିବା ଏକପ୍ରକାର କଣ୍ଟାଳିଆ, ସୁନ୍ଦର ଅଥଚ ଉକ୍ରଟ ଗନ୍ଧଯୁକ୍ତ ଫୁଲ ଫୁଟୁଥିବା ଗଛ ୨. ଛାରପୋକ ୩. ପାରୁଡ଼ା ପୋକ ୪. ଧାନଗଛକୁ ନଷ୍ଟ କରୁଥିବା ପୋକ ।

**ଗନ୍ଧିଆ** *ବିଂ.* ଦୁର୍ଗନ୍ଧମୟ, ଅସନା ।

**ଗନ୍ଧିଆତେଲ** *ବି.* ମାଟିତେଲ, କିରୋସିନ୍, ଗନ୍ଧରି ତେଲ ।

**ଗନ୍ଧେଇବା** *କ୍ରି.* ୧. ଦୁର୍ଗନ୍ଧ କରିବା ୨. ପସନ୍ଦ ନ ହେବା ।

**ଗନ୍ଧୋଦକ** *ବି.* ଚନ୍ଦନଗୋଳା ସୁବାସିତ ଜଳ ।

**ଗପ୍‌ଗପ୍** *କ୍ରିବିଂ.* ଖାଦ୍ୟ ପଦାର୍ଥକୁ ନ ଚୋବାଇ ଚଞ୍ଚଳ ଗିଳିଦେବା, ଗପାଗପ୍ ।

**ଗପ୍ ମାରିବା** *କ୍ରି.* ୧. ପ୍ରଥମେ ଦେଖାଦେଇ ପରେ ଲୁଚିଯିବା, ଗାଏବ ହୋଇଯିବା ୨. ଉଦ୍ଦେଶ୍ୟମୂଳକ ଭାବେ ଗପିବା ।

**ଗପ୍‌ସପ୍** *ବି.* ଏଣୁତେଣୁ କଥାଭାଷା ।

**ଗପ** *ବି.* ୧. ଗଳ୍ପ, କାହାଣୀ ୨. ଉଡ଼ାଖବର, ବୃଥାବାକ୍ୟ, ବକ୍‌ବାସ୍ ।

**ଗପଡ଼ି, ଗପୁଡ଼ି** *ବିଂ.* ଅନାବଶ୍ୟକ ଗପ କରୁଥିବା ।

**ଗପ ମାରିବା** *କ୍ରି.* ବୃଥା ଗଳ୍ପକରି ସମୟ କଟାଇବା ।

**ଗପା** *ବି.* ୧. ବେଶି କଥା କହିବା ୨. ଚଞ୍ଚଳ ଚଞ୍ଚଳ ଖାଇବା ।

**ଗଫଲତ** *ବି.* ୧.ଅମନଯୋଗ, ଅବହେଳା ୨. ଦୋଷତ୍ରୁଟି, ଅସାବଧାନତା ।

**ଗଫଲତି** *ବି.* ଗଫଲତ୍, ଅବହେଳା, ଦୋଷ, ତ୍ରୁଟି ।
**ଗଫଲତିଆ** *ବିଂ.* ଅବହେଳାକାରୀ, ଦୋଷଯୁକ୍ତ ।
**ଗଫା ମାରିବା** *କ୍ରି.* ୧. ଅନ୍ୟର ଦୃଷ୍ଟି ଆଢୁଆଳରେ ଲୁଚିଯିବା ୨. ବଡ଼ ବଡ଼ ଗୁଣ୍ଡାକରି ଖାଇବା, ଗେଫିବା ।
**ଗବ୍‌ଗବ୍** *ଅ.* ଫୁଟନ୍ତା ପାଣିର ଶବ୍ଦ ।
**ଗବ୍‌ଦଲଖାସୁ** *ବିଂ.* ସ୍ଥୂଳକାୟ ଅଥଚ କାମକୁ ଆସୁ ନ ଥିବା ବ୍ୟକ୍ତି ।
**ଗବ** *ବି.* ଜଡ଼ାଗଛ ଓ ତା' ଫଳ, ଏରଣ୍ଡ ।
**ଗବଗଛିଆ କରିବା** *କ୍ରି.* ଅତିମାତ୍ରାରେ ପ୍ରଶଂସା କରିବା ।
**ଗବଗରଡ଼ିଆ** *ବିଂ.* ଏଣୁତେଣୁ, ଭଲଭେଲ ମିଶା ।
**ଗବଗାଣ୍ଡୁ** *ବିଂ.* ନିର୍ବୁଦ୍ଧିଆ, ମୂର୍ଖ, ଭକୁଆ, ଗବା ।
**ଗବନଳ** *ବି.* ଗବଗଛ ପତ୍ରର ଲମ୍ବା ଡେମ୍ଫ, ନଳାକାର ଫମ୍ପା ନାଡ଼ ।
**ଗବର** *ବି.* ଗୋବର, ଗୋରୁଙ୍କ ମଳ ।
**ଗବୟ** *ବି.* ୧. ଅରଣା ମଇଁଷି, ଗୟଳ ୨. ପୁରାଣୋକ୍ତ ମାଙ୍କଡ ଯୋଦ୍ଧା ।
**ଗବଷଣ୍ଢା** *ବି.* ୧. ଗବଗଛର କୋମଳ ଅଙ୍କୁର ୨. ଗବଗଛରେ ଲାଗୁଥିବା ସଁବାଳୁଆ ପରି ଏକପ୍ରକାର ପୋକ ।
**ଗବା** *ବିଂ.* ୧. ମୂର୍ଖ, ଭକୁଆ, ନିର୍ବୋଧ ୨. ପାଗଳ, ବାୟା ।
**ଗବାକ୍ଷ** *ବି.* ୧. ଝରକା, ଜଳାକବାଟି ୨. ବଡ଼ଆଖିଆ ମାଙ୍କଡ ।
**ଗବାରାମ୍** *ବି.* ମୂର୍ଖ, ନିର୍ବୋଧ ।
**ଗବେଷକ** *ବି.* ଯେ ଚିକିନିଖି ପରୀକ୍ଷଣ ଓ ଅଧ୍ୟୟନ ପୂର୍ବକ କୌଣସି ପଦାର୍ଥ, ଘଟଣା, ଦୃଶ୍ୟ, ଚର୍ଯ୍ୟା ଆଦିର କାରଣ ବା ଅନ୍ତର୍ନିହିତ ସତ୍ୟ/ ନିଷ୍କର୍ଷ/ ସାରକଥା ବାହାର କରେ ।
**ଗବେଷଣା** *ବି.* ୧. ଅନ୍ୱେଷଣ, ଖୋଜାଖୋଜି ୨. ଗୋରୁ ଅନ୍ୱେଷଣ ୩. ବିଶେଷଜ୍ଞାନ ଆହରଣ ୪. ତର୍ଜମା, କାରଣ ନିରୂପଣ ।
**ଗବେଷଣାଗାର** *ବି.* ପରୀକ୍ଷାଗାର, ଲାବରୋଟରି ।
**ଗବେଷଣାପ୍ରସୂତ** *ବିଂ.* ଗବେଷଣାରୁ ମିଳିଥିବା ।
**ଗବେଷଣାସାପେକ୍ଷ** *ବିଂ.* ଯାହା ଗବେଷଣା ଉପରେ ନିର୍ଭରଶୀଳ ।
**ଗବ୍ୟ** *ବି.* ଗାଇଠାରୁ ଉତ୍ପନ୍ନ/ପ୍ରାପ୍ତ (ବସ୍ତୁ) ।
**ଗଭର୍** *ବିଂ.* ୧. ଗମ୍ଭୀର ୨. ଗଭୀର ; *ବି.* ୧. ମହତ୍ତ୍ୱ ୨. ଜାହାଜରେ ବ୍ୟବହୃତ ପାଲ ।
**ଗଭର୍ଣ୍ଣମେଣ୍ଟ** *ବି.* ସରକାର,ଶାସନ ।
**ଗଭର୍ଣ୍ଣର୍** *ବି.* ୧. ରାଜ୍ୟପାଳ ୨. ମୁଖ୍ୟ ପରିଚାଳକ ୩. ଗତି ନିର୍ଦ୍ଧାରଣ କରୁଥିବା ସାଧନସାମଗ୍ରି ।
**ଗଭର୍ଣ୍ଣର ଜେନେରାଲ** *ବି.* ବଡ଼ଲାଟ୍, ଭାଇସ୍‌ରାୟ ।
**ଗଭର୍ଣ୍ଣିଙ୍ଗ ବଡ଼ି** *ବି.* କୌଣସି ଅନୁଷ୍ଠାନର ପରିଚାଳନା ପରିଷଦ ।

**ଗଭା** *ବି.* ୧. ଜୁଡ଼ା, ଖୋସା ୨. ଶୀର୍ଷସ୍ଥଳ ।
**ଗଭାଇ** *ବି.* ସାକ୍ଷ୍ୟ ।
**ଗଭୀର** *ବିଂ.* ୧. ଗହୀରିଆ ୨. ଅସହ୍ୟ ୩. ଦୁର୍ଗମ (ପଥ / ଗର୍ତ୍ତ) ୪. ଯାହା ସହଜରେ ଆକଳନ କରି ହୁଏନାହିଁ ୫. ଗହନ ୬. ଉଦାର ୭. ବହୁକ୍ଷଣ ସ୍ଥାୟୀ ୮. ଖୁବ ଗାଢ଼ ; *ବି.* ଗଭୀରତା ।
**ଗଭୁରି ପକାଇବା** *କ୍ରି.* ଗର୍ଭପାତ କରାଇବା ।
**ଗଭୁରିବା** *କ୍ରି.* ଅକାଳରେ ଭ୍ରୂଣ ପ୍ରସବ କରିବା ।
**ଗଭୋର** *ବିଂ.* ୧. ଗହୀରିଆ, ଗଭୀର ୨. ବିଳାସପୂର୍ଣ୍ଣ ; *ବି.* ୧. ଇୟତ୍ତା ୨. ଆଡ଼ମ୍ବର, ଗାମ୍ଭୀର୍ଯ୍ୟ, ଗଭୀରତା ।
**ଗମ୍** *ବି.* ଦୁଇ ପଦାର୍ଥକୁ ଯୋଡ଼ିବାରେ ସହାୟକ ଉପାଦାନ, ଅଠା ।
**ଗମ୍‌କିରା** *ବି.* ତେଲୁଣି ପୋକ ।
**ଗମ୍ ଗମ୍** *ଅ.* ପ୍ରବଳ ଗ୍ରୀଷ୍ମ ଯୋଗୁ ବିଶେଷ ପରିମାଣରେ (ଝାଳ ବହିବା) ।
**ଗମ୍‌ଗମିଆଁ** *ବି.* ୧. ଗରମ, ଗ୍ରୀଷ୍ମ ୨. ଝାଳବୁହା ଅସହ୍ୟ ଗରମ ; *ବିଂ.* ବିଶେଷ ଉତ୍ତାପଯୁକ୍ତ ।
**ଗମ୍‌ଗମେଇ ଯିବା** *କ୍ରି.* ମହକିବା, ସୁବାସ ବିଚ୍ଛୁରିତ ହେବା ।
**ଗମ୍ହା** *ବି.* ୧. ମତ୍ତହସ୍ତୀ ୨. ଗହ୍ମାପୂର୍ଣ୍ଣମୀ ୩. ଧାନ ଚାଉଳରେ ଲାଗୁଥିବା ଏକପ୍ରକାର ଧଳା ପୋକ, ୪. ଗଚ୍ଛିତ ଧନ ।
**ଗମକ** *ବି.* ଶାସ୍ତ୍ରୀୟ ଗାୟନରେ ସ୍ୱରର କାରୁକାର୍ଯ୍ୟ ।
**ଗମଗମ** *ଅ. ବି.* ଝାଳବୁହା ଗରମ, ଝାଳ ବୋହିବା ଅବସ୍ଥା, ଗ୍ରୀଷ୍ମସମୟ ।
**ଗମତ୍** *ବି.* ମଉଜ ମଜଲିସ୍, ନୃତ୍ୟଗୀତ ଆସରର ଆମୋଦ ପ୍ରମୋଦ, ଗମାତ୍ ।
**ଗମନ** *ବି.* ୧. ଗତି, ଚାଲି ୨. ଭ୍ରମଣ ୩. ଯିବା, ଯାତ୍ରା ୪. ଚାଲିର ଢଙ୍ଗ ୫. ବାଟ, ପଥ ୬. ନିକଟକୁ ଯିବା, ୭. ସହବାସ, ମୈଥୁନ, ରମଣ ୮. ମହାପ୍ରସ୍ଥାନ ; *ବିଂ.* ଗମନୀୟ ।
**ଗମନାଗମନ** *ବି.* ଯିବାଆସିବା, ଯାତାୟତ ।
**ଗମରା** *ବିଂ.* ଫିମ୍ପି ମାରିଯାଇଥିବା, ଖାଇବାପାଇଁ ଅନୁପଯୋଗୀ, ବାସି ।
**ଗମଲା** *ବି.* କୁଣ୍ଡ, ଗାମଲା ।
**ଗମା** *ବି.* ୧. ସଂକୀର୍ଣ୍ଣଗଳି ୨. ସମୟ ଅତିବାହିତ କରିବା ; *ବିଂ.* ୧. ହଜିଯାଇଥିବା ୨. ଗମରା ।
**ଗମାଇବା** *କ୍ରି.* ୧. ସମୟ ଅତିବାହିତ କରିବା ୨. ଅନୁଭବ କରିବା ୩. ହଜାଇବା ୪. କୌଣସି ପଦାର୍ଥକୁ ଗମରା କରିବା, ସଢ଼ାଇବା ।

**ଗମାଗୋଇ** *ବି.* ଦୁଇବାଡ଼ ବା କାନ୍ଥ ମଝିରେ ଥିବା ସଂକୀର୍ଣ୍ଣ ଗଳି ରାସ୍ତା, ଗମାଗୋହିରି ।
**ଗମାତ୍** *ବି.* ମଉଜ ମଜଲିସ୍, ଆମୋଦପ୍ରମୋଦ, ଗମତ୍ ।
**ଗମାତିଆ** *ବିଂ.* ମଉଜିଆ, ଥଟ୍ଟାଳିଆ ।
**ଗମାର୍** *ବିଂ.* ୧. ଓଲୁ, ନିର୍ବୋଧ, ନିର୍ବୁଦ୍ଧିଆ ୨. ଦୁଷ୍ଟ ।
**ଗମିତ** *ବିଂ.* ୧. ପାଇଥିବା, ଜଣା ହୋଇଥିବା ୨. ଅତିବାହିତ ।
**ଗମିବା** *କ୍ରି.* ୧. ଗତି କରିବା ୨. ପ୍ରବେଶ କରିବା ୩. ପାଠ କରିବା, ବୁଝିବା ୪. କୁଶଳୀ ହେବା ୫. ଧାରଣା କରିବା ୬. ସମୟ କାଟିବା ୭. ଫିମ୍ପି ମାରିବା ୮. ଗୁମ୍‌ହେବା ।
**ଗମୁଆଁ** *ବିଂ.* ଗମରା, ଫିମ୍ପିମରା ।
**ଗମ୍ଫ** *ବି.* ପାନବରଜରେ ଦୁଇ ଧାଡ଼ି ପାନଗଛର ମଝିସ୍ଥାନ ।
**ଗମ୍ବୁଜ** *ବି.* ମନ୍ଦିର/ମସଜିଦ୍‌ର ଗୋଲାକାର ଚୂଡ଼ା/ଅଗ୍ରଭାଗର ଅର୍ଦ୍ଧଗୋଲାକାର ଛାତ ।
**ଗମ୍ଭାରୀ** *ବି.* ଏକ ପ୍ରକାର ଗଛ-ଏହି ଗଛର କାଠ ଗୃହୋପକରଣ ଓ ହୋମର ସମିଧପାଇଁ ବ୍ୟବହୃତ ହୁଏ ।
**ଗମ୍ଭିରି** *ବି.* ୧. ଗମ୍ଭିରି ଘର, ଭିତିରି ଘର, ଝରକା ନ ଥିବା ଘର, ଗମ୍ଭିରା ୨. ମନ୍ଦିରର ଅଭ୍ୟନ୍ତର ।
**ଗମ୍ଭୀର** *ବିଂ.* ୧. ଅଚଞ୍ଚଳ ମାନସିକ ଦୃଢ଼ତା ଯୁକ୍ତ ୨. ବିଜ୍ଞ ଜନୋଚିତ ୩. ଚିନ୍ତାମଗ୍ନ, ଗାମ୍ଭୀର୍ଯ୍ୟପୂର୍ଣ୍ଣ ୪. ଗୁରୁତ୍ୱପୂର୍ଣ୍ଣ ।
**ଗମ୍ୟ** *ବିଂ.* ୧. ଗମନଯୋଗ୍ୟ ୨. ବୋଧଗମ୍ୟ, ବୁଝି ହେଉଥିବା ୩. ଜ୍ଞାତ, ଇପ୍ସିତ ୪. ଉପଯୋଗୀ ।
**ଗମ୍ୟା** *ବିଂ. ସ୍ତ୍ରୀ.* ସହବାସ ଉପଯୁକ୍ତା (ନାରୀ), ଉପଭୋଗ ଯୋଗ୍ୟା ।
**ଗୟର୍** *ଅ.* ୧. ଗୈର୍, ପର, ଅନ୍ୟ ୨. ବିନା, ବ୍ୟତୀତ ।
**ଗୟଳ** *ବି.* ୧. ବଣମଇଁଷି ୨. ଲମ୍ବା ଓ ସରୁ ଶାଳ, ପିଆଶାଳ, ଅସନ ଆଦି କାଠ ।
**ଗୟସ** *ବି.* ଗଇସ, ଦ୍ରୋଣଫୁଲ, ତୁଳସୀ ଜାତୀୟ ଗୁଳ୍ମ, ଏହାର ଫୁଲ ଧଳା ଓ ଏହି ଫୁଲ ମହାଦେବଙ୍କୁ ଲାଗି କରାଯାଏ ।
**ଗୟାଁ** *ବିଂ.* ବାରମ୍ବାର ମାଡ଼ଖାଇ ଯାହାକୁ ଆଉ ମାଡ଼ କାଟେନାହିଁ ।
**ଗୟାଆଳୁ** *ବି.* ଶାକରକନ୍ଦା, ଧଳାରଙ୍ଗର ମିଠାଆଳୁ ।
**ଗୟାଓସ୍ତ** *ବି.* ଏକ ଜାତୀୟ ଓସ୍ତଗଛ ।
**ଗୟାଳି** *ବି.* ଗୟାତୀର୍ଥ ସ୍ଥାନର ପଣ୍ଡା, ଗୟା ତୀର୍ଥସ୍ଥାନର ଅଧିବାସୀ ।
**ଗୟାଶ୍ରାଦ୍ଧ** *ବି.* ଗୟାର ଫଲ୍ଗୁନଦୀରେ ଓ ପଞ୍ଚତୀର୍ଥରେ କରାଯାଉଥିବା ଶ୍ରାଦ୍ଧ ତର୍ପଣାଦି ।
**ଗର୍‌କବୁଲ** *ବି.* ଅସ୍ୱୀକାର, ଅସମ୍ମତି ।
**ଗର୍‌ଖାତର** *ବି.* ବେଖାତିର ।
**ଗର୍‌ଗଡ଼ୋଡ଼ା** *ବି.* ବିଲରେ ଉଠୁଥିବା ଏକପ୍ରକାର ବଣୁଆ ଗୁଳ୍ମ ଓ ତା'ର ମଞ୍ଜି ।
**ଗର୍‌ଗର୍** *ବିଂ.* ୧. କ୍ରୋଧ, ଈର୍ଷାରେ ରାଗୁଥିବା ୨. ଜଡ଼ିତ, ଆସକ୍ତ ୩. ପର୍ଯ୍ୟାପ୍ତ ଭାବରେ ଲେପା/ବୋଳା ଯାଇଥିବା ୪. ସର୍‌ସର୍ (ହଳଦୀ ଗରଗର୍) ।
**ଗର୍‌ଗାଜିବା** *କ୍ରି.* ୧. ଗଳଗାଜିବା, ଉଚ୍ଚସ୍ୱରରେ ଗର୍ଜନକରିବା ୨. ଗର୍ଜନ ସହିତ ମୂଷଳଧାରାରେ ବର୍ଷା କରିବା ।
**ଗର୍‌ଡ଼ି** *ବି.* ଝଡ଼, ତୋଫାନ ।
**ଗର୍‌ଡ଼ିଆ** *ବି.* ୧. ଗରଗଡ଼ରେ ଗୁନ୍ଥାମାଳ ୨. ହାତପିନ୍ଧା ଖଡୁ-ଯେଉଁ ଅଳଙ୍କାରରେ ଗରଗଡ଼ ମଞ୍ଜି ଭଳି ସୁନା ବା ରୁପାର ମାଳି ଥାଏ ; *ବିଂ.* ଗଡ଼ାଣିଆ ।
**ଗର୍‌ଦନ୍** *ବି.* ଗଳା, ବେକ ।
**ଗର୍‌ନା** *ବି.* ମାଛଧରା ବଜା, ମୁଗୁରା ।
**ଗର୍‌ନିଶାଫ୍** *ବି.* ଅନ୍ୟାୟ, ଅବିଚାର ।
**ଗର୍‌ପସନ୍ଦ** *ବିଂ.* ଅପସନ୍ଦିଆ, ଭଲ ଲାଗୁନଥିବା ।
**ଗର୍‌ବାଜି** *ବିଂ.* ଅନିଚ୍ଛୁକ, ଅସ୍ୱୀକୃତ ।
**ଗର୍‌ମଜଭୁତ୍** *ବିଂ.* ଦୁର୍ବଳ, ଅଦୃଢ଼ ।
**ଗରମାଗରମ୍** *ବିଂ.* ୧. ସଦ୍ୟ ରନ୍ଧା ହୋଇଥିବା ୨. ଉତ୍ତେଜକ ୩. ତଟକା ୪. ତାତିଲା, ଉଷୁମ ।
**ଗର୍‌ଲି** *ବି.* ଝଡତୋଫାନ ।
**ଗର୍‌ଲିବା** *କ୍ରି.* ୧. ମୃତ୍ୟୁ ସମୟରେ ବିକଳ ଚିତ୍କାର କରିବା ୨. ଗର୍ଜନ କରିବା ୩. ଭୀଷଣ କଷ୍ଟ ପାଇବା ।
**ଗର୍‌ସା** *ବି.* ଖାଦ୍ୟଗୁଣ୍ଡା, ଗ୍ରାସ ।
**ଗର୍‌ହାଜର୍** *ବି.* ଅନୁପସ୍ଥିତି, ଗର୍‌ହାଜିରା, ଗର୍‌ହାଜିରି ; *ବିଂ.* ଗର୍‌ହାଜିର୍, ଅନୁପସ୍ଥିତ ।
**ଗର୍‌ହାଜିର** *ବିଂ.* ଅନୁପସ୍ଥିତ ।
**ଗର୍‌ହୁସିଆର** *ବିଂ.* ଅସାବଧାନ ; *ବି.* ଗର୍‌ହୁସିଆରି ।
**ଗରଜ** *ବି.* ୧. ନିତାନ୍ତ ଆବଶ୍ୟକତା, ଜରୁରତ୍, ପ୍ରୟୋଜନ ୨. ଅଭାବ ୩. ଘଟଣା ୪. ସମୟ ୫. ଆଗ୍ରହ ୬. ଯତ୍ନ ୭. ମତ୍‌ଲବ୍ ।
**ଗରଜ ଚଳାଇବା** *କ୍ରି.* ଅଭାବ ସମୟରେ ସହାୟତା କରିବା ।
**ଗରଜନ** *ବି.* ଉଚ୍ଚ ଓ କର୍କଶ ଶବ୍ଦ, ଗର୍ଜନ ।
**ଗରଜନଘାତ** *ବି.* ଘୋରଗର୍ଜନ ଶବ୍ଦ ।

**ଗରଜ ପଡ଼ିବା** ***କ୍ରି.*** ଜରୁରୀ ଆବଶ୍ୟକ ହେବା ।

**ଗରଜା** ***ବି.*** ଦୁଧ ଗରଜାଇବା, ନିର୍ଦ୍ଦିଷ୍ଟ ପଦ୍ଧତିରେ ଉଷୁମେଇବା କାର୍ଯ୍ୟ ; ***କ୍ରି.*** ଗରଜାଇବା ।

**ଗରଜି** ***ବିଂ.*** ୧. ଗରଜିଆ ୨. ଅଭାବଗ୍ରସ୍ତ, ଅନ୍ୟର ଗରଜ ମେଣ୍ଟଉଥିବା (ବ୍ୟକ୍ତି), ଆଦାୟର ଆଶା ନଥିବା ।

**ଗରଜିବା** ***କ୍ରି.*** ଗର୍ଜନ କରିବା, ଉଚ୍ଚସ୍ୱରରେ ଚିତ୍କାର କରିବା, ବଡ଼ ପାଟିରେ ଟାଣିହୋଇ କହିବା ।

**ଗରଜି ମରିବା** ***କ୍ରି.*** ବଡ଼ ପାଟିରେ କହି କହି ଥକିଯିବା ।

**ଗରଟା** ***ବି.*** ବୁଦାଳିଆ ଗୁଳ୍ମ ବିଶେଷ ।

**ଗରଣ** ***ବି.*** ୧. ଗ୍ରହଣ, ଗର୍‌ହନ, ଚନ୍ଦ୍ରଗ୍ରହଣ ୨. ସୂର୍ଯ୍ୟପରାଗ ।

**ଗରଦ** ***ବି.*** ୧. ବିଷ, ବିଷ ପ୍ରଦାନକାରୀ ୨. ଗାଲମୁଛା, କାନଯାଏ ବାହାରିଥିବା ଦାଢ଼ି ୩. ଗୋଟିପୋକର ସୂତାରେ ପ୍ରସ୍ତୁତ ରେଶମୀ ବସ୍ତ୍ର ।

**ଗରଦନ୍** ***ବି.*** ବେକ ।

**ଗରଦା** ***ବି.*** ଧୂଳି, ମଳି, ମଇଳା ।

**ଗରବ** ***ବି.*** ୧. ଗର୍ବ, ଅହଂକାର ୨. ସବାରି ବାଉଁଶର ମୂଳଭାଗ ।

**ଗରବଖାଇ** ***ବିଂ.*** ୧. ମୃତସନ୍ତାନ ଜନ୍ମକରିଥିବା (ପ୍ରସୂତୀ) ୨. ନିଜ ଗର୍ବ ଅହଂକାର ଯୋଗୁ ଅକାଳରେ ମୃତ୍ୟୁବରଣ କରିଥିବା (ନାରୀ) ।

**ଗରବଖିଆ** ***ବିଂ.*** ଯେଉଁ ପୁରୁଷ ନିଜ ଅହଂକାର ହେତୁ ନାଶଯାଏ ।

**ଗରବ ଦଳିବା** ***କ୍ରି.*** ୧. ଗର୍ବ ଚୂନା କରିବା ୨. ସୌନ୍ଦର୍ଯ୍ୟରେ ଅନ୍ୟକୁ ପ୍ରଭାବିତ କରିବା ।

**ଗରବ ଭାଙ୍ଗିବା** ***କ୍ରି.*** ୧. ପରର ଗର୍ବ ଗଞ୍ଜନ କରିବା ୨. ନିଜକୁ ଦମନ କରିବା ।

**ଗରବିଣୀ** ***ବିଂ.*** ଗର୍ବିଣୀ, ଅହଂକାରଯୁକ୍ତା ।

**ଗରବୀ** ***ବିଂ.*** ଅହକାଂରୀ, ଗର୍ବୀ, ଗର୍ବିତ ।

**ଗରଭ୍** ***ବି.*** ଗର୍ଭ, ପେଟ, ଜଠର ।

**ଗରଭ୍ ଖସିବା** ***ବି.*** ଗର୍ଭ ନଷ୍ଟହେବା ।

**ଗରଭିଣୀ** ***ବିଂ.*** ଗର୍ଭବତୀ, ଅନ୍ତଃସତ୍ତ୍ୱା ।

**ଗରମ୍** ***ବି.*** ୧. ତାପ, ତାତି, ଗ୍ରୀଷ୍ମ, ଉଷ୍ମ, ଉଷୁମ ୨. ରାଗ, କ୍ରୋଧ ୩. ଗର୍ବ, ଔଦ୍ଧତ୍ୟ ୪. ଦେହର ଉତ୍ତାପ ୫. ମହର୍ଗ ୬. ଅଜୀର୍ଣ୍ଣକାରୀ ଖାଦ୍ୟ ୭. ଦୈହିକ ସମ୍ଭୋଗର ପୂର୍ବ ଉତ୍ତେଜନା ।

**ଗରମ୍ ଗରମ୍** ***ବିଂ.*** ୧. ତାତିଲା, ଉଷୁମ ୨. ତଟକା, ସଦ୍ୟ ପ୍ରସ୍ତୁତ ।

**ଗରମ** ***ବି.*** ଗରମ୍ ।

**ଗରମ କଥା** ***ବି.*** କଡ଼ାଭାଷା, କଠୋରବାକ୍ୟ ।

**ଗରମ କପଡ଼ା** ***ବି.*** ଶୀତବସ୍ତ୍ର, ଉଷୁମ ଲାଗୁଥିବା ପରିଧେୟ ।

**ଗରମ କାଳ** ***ବି.*** ଗ୍ରୀଷ୍ମଋତୁ, ଖରାଦିନ ।

**ଗରମ ଖବର** ***ବି.*** ତଟକା/ସଜ ସମ୍ବାଦ ।

**ଗରମ ଦିନ** ***ବି.*** ଖରାଦିନ, ଗ୍ରୀଷ୍ମସମୟ ।

**ଗରମ ପୋଷାକ** ***ବି.*** ଶୀତଦିନିଆ ପୋଷାକ-ଉଲ୍, କମ୍ବଳ, ଗରମ ଲୁଗା ଆଦି ।

**ଗରମ ପ୍ରକୃତି** ***ବି.*** ଚିଡ଼୍‌ଚିଡ଼ା, ଉଗ୍ରସ୍ୱଭାବ, ଗରମ ମିଜାଜ୍ ।

**ଗରମ ମସଲା** ***ବି.*** ଖାଦ୍ୟ ପଦାର୍ଥକୁ ସ୍ୱାଦିଷ୍ଟ କରିବାପାଇଁ ଗୁଜୁରାତି, ଡାଲଚିନି ଓ ପୋସ୍ତ ଆଦି ମସଲା ।

**ଗରମରିଆ** ***ବିଂ.*** ଅଣନିଃଶ୍ୱାସୀ ; ***ବି.*** ଉର୍ଦ୍ଧ୍ୱଶ୍ୱାସ ।

**ଗରମ ହେବା** ***କ୍ରି.*** ୧. ରାଗିବା ୨. ଉତ୍ତେଜିତ ହେବା ୩. ଉନ୍ମତ୍ତ ହେବା ୪. ଉତ୍ତପ୍ତ ହେବା ।

**ଗରମି** ***ବି.*** ୧. ଗରିମିରୋଗ, ଉପଦଂଶ, ଯୌନବ୍ୟାଧି, ଗରିମି ଘାଆ, ଗରିମି ବେମାରି ୨. ତାପ ୩. ଗରମ; ***ବିଂ.*** ଗ୍ରୀଷ୍ମଋତୁ ଜନିତ ।

**ଗରଳ** ***ବି.*** ୧. ବିଷ, ସାପବିଷ ୨. ଘାସବିଡ଼ା ୩. ପରିମାଣ ବିଶେଷ ।

**ଗରଳୀ** ***ବିଂ.*** ବିଷଧର; ***ବି.*** ଗର୍‌ସି ବା ଗଡ଼ିଶା ମାଛ ।

**ଗରଲି** ***ବି.*** ଝଡ଼ତୋଫାନ, ଘୂର୍ଣ୍ଣିବାୟୁ, ଖଣ୍ଡିଆଭୂତ ।

**ଗରସା** ***ବି.*** ଭାତଗୁଣ୍ଡା ।

**ଗରା** ***ବି.*** ୧. ପିତଳମାଠିଆ ୨. ଗଡ଼, ଖଣ୍ଡ ୩. କୁକୁଡ଼ା ଅଣ୍ଡା ୪. ମହୁଲ ମଞ୍ଜି ୫. ଗେରା, ଅଣ୍ଡକୋଷ ।

**ଗରାକ** ***ବି.*** କିଣାଳି, କ୍ରେତା, ଗରାଖ ।

**ଗରାଗରା କର୍‌ବା** ***କ୍ରି.*** ଖଣ୍ଡଖଣ୍ଡ/ଗଡ଼ଗଡ଼ କରିବା ।

**ଗରାତେଲ୍** ***ବି.*** ମହୁଲ ମଞ୍ଜିର ତେଲ, ଟୋଲତେଲ ।

**ଗରାବଡୁ** ***ବି.*** ଶ୍ରୀମନ୍ଦିରରେ ପୂଜାପଣ୍ଡାମାନଙ୍କୁ ଜଳଯୋଗାଇ ଦେବା ସେବାରେ ସେବକ ।

**ଗରାଳିଆ** ***ବିଂ.*** ୧. ଗରାଭଳିଆ ୨. ଦୀର୍ଘସୂତ୍ରୀ ୩. ଅମାନିଆ ୪. ମଗରା ।

**ଗରାସ** ***ବି.*** ଗ୍ରାସ, ଭୋଜନ ।

**ଗରାସିବା** ***କ୍ରି.*** ୧. ବ୍ୟାପିବା, ଘୋଟିଯିବା ୨. ଗ୍ରାସ କରିବା ।

**ଗରାହି** ***ବି.*** ଗୋରୁପଘା ।

**ଗରି** ***ବି.*** ୧. ଘରଚାଳର ଲମ୍ବା ପଟି ୨. ଗଡ଼ି ଆସୁଥିବା ନଈଧାର ୩. ଖଣ୍ଡ ୪. ବନ୍‌ଶୀ ।

**ଗରିଆ** ***ବି.*** ପିତଳ ଗରା ।

**ଗରିକଣ୍ଟା** *ବି.* ବନ୍‌ସୀକଣ୍ଟା, ମାଛଧରା ଖାଡ଼ିର କଣ୍ଟା ।

**ଗରିବ୍‌ଖାନା** *ବି.* ଦରିଦ୍ରକୁଟୀର, କୁଡ଼ିଆଘର ।

**ଗରିବ** *ବିଂ.* ଧନସମ୍ପତ୍ତିହୀନ, ଦରିଦ୍ର, ସାହାରାଶୂନ୍ୟ ।

**ଗରିବଗୁରୁବା** *ବି.* ସାଧାରଣ ଦରିଦ୍ର ଲୋକ, ଅସ୍ୱଚ୍ଛଳ ବା ଅଭାବୀ ଲୋକ ।

**ଗରିବପଣିଆ** *ବି.* ଗରିବି, ଦାରିଦ୍ର୍ୟ ।

**ଗରିବାନା** *ବିଂ.* ଦରିଦ୍ରଜନୋଚିତ, ନିଃସ୍ୱ, ଗରିବାନି ।

**ଗରିମା** *ବି.* ୧. ଉତ୍କର୍ଷ ୨. ଗୁରୁତ୍ୱ ୩. ମର୍ଯ୍ୟାଦା, ଗୌରବ ୪. ଭାର ୫. ମହିମା ୬. ଅହଙ୍କାର, ବଡ଼େଇ ।

**ଗରିଲା** *ବି.* ବଣମଣିଷ, ଲାଙ୍ଗୁଡ଼ ନ ଥିବା ବଡ଼ମାଙ୍କଡ ।

**ଗରିଲାଠି** *ବି.* ବନ୍‌ସୀଖାଡ଼ି ।

**ଗରିଲାଯୁଦ୍ଧ** *ବି.* ଲୁଚିଛପି ଆକ୍ରମଣ, ଅନିୟମିତ ଯୁଦ୍ଧ ପ୍ରଣାଳୀ ।

**ଗରିଷ୍ଠ** *ବିଂ.* ୧. ଗୁରୁତମ, ବେଶି ଭାରି/ ଓଜନିଆ ୨. ମର୍ଯ୍ୟାଦା- ସମ୍ପନ୍ନ ୩. ବର୍ଷୀୟାନ୍ ୪. ବୃହତ୍ତମ ୫. ଉତ୍କୃଷ୍ଟ ୬. ଅତି ପୂଜ୍ୟ ୭. ଅର୍ଥବାନ୍ ୮. ଗୁରୁପାକ, ସହଜରେ ହଜମ ଥିବା ।

**ଗରିଷ୍ଠ ସାଧାରଣ ଗୁଣନୀୟକ** *ବି.* ଗ.ସା.ଗୁ : ଦୁଇ ବା ତତୋଽଧିକ ରାଶିର ସାଧାରଣ ଗୁଣନୀୟକଗୁଡ଼ିକ ମଧ୍ୟରେ ଯେଉଁ ସଂଖ୍ୟାଟି ସବୁଠୁଁ ବଡ଼ ।

**ଗରିହଣା** *ବି.* ଅବହେଳା ।

**ଗରୀବି** *ବି.* ଦରିଦ୍ରତା, ଗରିବପଣ ।

**ଗରୀୟସୀ** *ବିଂ.* ୧. ବେଶି ଓଜନିଆ ୨. ବୃହତ୍ତର ୩. ଅଧିକ ସମ୍ମାନନୀୟ; ସ୍ତ୍ରୀ. ।

**ଗରୀୟାନ୍** *ବିଂ.* ଅଧିକ ଭାରି, ବୃହତ୍ତର ।

**ଗରୁ** *ବିଂ.* ଅତ୍ୟଧିକ, ଭାରି, ଓଜନିଆ, ବଡ଼, ମହତ୍ ; *ବି.* ଗୋରୁ ।

**ଗରୁଆ** *ବିଂ.* ବେଶି ଭାରି ; *ବି.* ଯେଉଁ ନଡ଼ିଆ ଖୁରୁଡ ନ ହୋଇ ପଚିଯିବା ଆଶଙ୍କା ଥାଏ ।

**ଗରୁଗାଏ** *ବି.* ଗାଇଗୋରୁ ।

**ଗରୁଗାଏ ଭୁକା** *ବି.* ସନ୍ଧ୍ୟା ପୂର୍ବରୁ ଗାଇଗୋରୁ ଗୁହାଳକୁ ଫେରିବାର ବେଳ, ଗୋଧୂଳି ସମୟ ।

**ଗରୁଘର** *ବି.* ଗୋରୁଘର,ଗୁହାଳ; *ବିଂ.* ଗର୍ଭବତୀ ।

**ଗରୁ ଚରୁହା** *ବି.* ଗୋ-ରକ୍ଷକ, ଯେ ଗାଇ ଚରାଏ ।

**ଗରୁଡ଼** *ବି.* ୧. ପୁରାଣବର୍ଣ୍ଣିତ ବିଷ୍ଣୁଙ୍କ ବାହନ, କାଳ୍ପନିକ ପକ୍ଷୀ ବିଶେଷ ୨. ଉତ୍ତରାଞ୍ଚଳର ଏକ ପ୍ରସିଦ୍ଧ ପର୍ବତ ୩. ବୃକ୍ଷ ବିଶେଷ ।

**ଗରୁଡ଼ଧ୍ୱଜ** *ବି.* ୧. ବିଷ୍ଣୁ ୨. ବିଷ୍ଣୁଙ୍କ ରଥର ଗରୁଡ଼ ଚିତ୍ରଯୁକ୍ତ ପତାକା ୩. ନନ୍ଦିଘୋଷ ରଥ ।

**ଗରୁଡ଼ ସ୍ତମ୍ଭ** *ବି.* ବିଷ୍ଣୁ ମନ୍ଦିରର ଗର୍ଭଗୃହ ସମ୍ମୁଖରେ ଥିବା ଗୋଟିଏ ସ୍ତମ୍ଭ - ଯାହା ଉପରେ ପ୍ରଣାମଭଙ୍ଗୀରେ ସ୍ଥାପିତ ଗରୁଡ଼ ପକ୍ଷୀର ମୂର୍ତ୍ତି, ଶ୍ରୀଜଗନ୍ନାଥଙ୍କ ନାଟ ମନ୍ଦିରରେ ଏକ ଖମ୍ବ ଉପରେ ସ୍ଥାପିତ ଗରୁଡ଼ ମୂର୍ତ୍ତି ।

**ଗରୁଡ଼ାସନ** *ବି.* ୧. ବିଷ୍ଣୁ ୨. ଯୋଗାସନ ବିଶେଷ ।

**ଗରୁଡ଼ିଆ** *ବି.* ଏକ ଜାତି ବିଶେଷ ।

**ଗରୁତ୍** *ବି.* ୧. ଡେଣା, ପକ୍ଷ ୨. ଜାହାଜ ବା ନୌକାର ପାଲ ।

**ଗରେଲ** *ବି.* ଝଡ଼ ତୋଫାନ, ଧୂକାଗରଲ୍, ଘୂର୍ଣ୍ଣିବାୟୁ ।

**ଗର୍ଗ** *ବି.* ୧. ପୁରାଣୋକ୍ତ ଜଣେ ଋଷିଙ୍କର ନାମ ୨. ଷଣ୍ଢ ୩. କେଞ୍ଚୁଆ, ଜିଆ ୪. ମାଠିଆରେ ପାଣି ପୂରେଇବା ଶବ୍ଦ ୫. ବାଦ୍ୟର ତାଳ ବିଶେଷ ।

**ଗର୍ଗବଟୁ** *ବି.* ଗରାବଟୁ ।

**ଗର୍ଗର** *ବି.* ୧. ମାଠିଆ, ଗରା, କଳସୀ, ଗଗରା ୨. ଜଳ ଭଉଁରୀ ୩. ଦହିମୁହାଁ ହାଣ୍ଡି ୪. ଏକ ପ୍ରକାର ଢ଼ୋଲ ୫. ଏକ ଜାତୀୟ ମାଛ ।

**ଗର୍ଗରୀ** *ବି.* ଦହି ଘାଣ୍ଟିବା ଦଣ୍ଡ, ଖୁଆ ।

**ଗର୍ଗଲ୍** *ବି.* ଉଷୁମ ପାଣିରେ ଲୁଣ ମିଶାଇ ପାଟିରେ କୁଳି କରିବା ।

**ଗର୍ଜ** *ବି.* ୧. ମେଘ ଓ ହାତୀର ଗମ୍ଭୀର ଧ୍ୱନି, ଗର୍ଜନ ୨. ଗରଜ୍, ଅଭାବ ।

**ଗର୍ଜନ** *ବି.* ୧. ଉଚ୍ଚ ଧ୍ୱନି, ରଡ଼ି ୨. ମେଘ ଘଡ଼ଘଡ଼ି ୩. ହେଣ୍ଟାଳ ୪. ଯୁଦ୍ଧ କରିବାକୁ ଆହ୍ୱାନ ୫. ଆସ୍ପର୍ଦ୍ଧା ।

**ଗର୍ଜନଫଟା** *ବିଂ.* ଗଛରେ ଥାଇ ମେଘଗର୍ଜନରେ ଫାଟି ଯାଇଥିବା (ନଡ଼ିଆ) ।

**ଗର୍ଜନ୍ତା** *ବିଂ.* ଗର୍ଜନ କରୁଥିବା ।

**ଗର୍ଜିତ** *ବିଂ.* ଧ୍ୱନିତ, ଗର୍ଜନ କରୁଥିବା ; *ବି.*୧. ମେଘ ଘଡ଼ଘଡ଼ି ୨. ଗର୍ଜନ କରୁଥିବା ମତୁଆଲା ହାତୀ ।

**ଗର୍ଜିବା** *କ୍ରି.* ଗର୍ଜନ କରିବା ।

**ଗର୍ତ୍ତ** *ବି.* ୧. ଗହ୍ୱର, ଗାତ ୨. ଖାଲ ୩. ରନ୍ଧ୍ର, ଛିଦ୍ର ୪. ପର୍ବତ ଗହ୍ୱର ୫. ଜଳାଶୟ, ପୋଖରୀ ।

**ଗର୍ଦ୍ଧନ** *ବି.* ବେକର ପଛପଟ ।

**ଗର୍ଦ୍ଧନ ତୋଡ** *ବିଂ.* କୁସ୍ତିର ଏକ ପେଞ୍ଚ-ଯହିଁରେ ପ୍ରତିପକ୍ଷର ବେକକୁ ଦୁଇ ହାତରେ ସଣ୍ଡୁଆସି ପରି ଚିପିଧରି ତଳେ ପକାଇ ଦିଆହୁଏ ।

**ଗର୍ଦ୍ଧନିଆ** *ବି.* ଗଳାଧକ୍କା, ତଣ୍ଟିଆ ।

**ଗର୍ଦ୍ଧନୀ** *ବି.* ୧. ତଣ୍ଟିଆ, ଗଳାଧକ୍କା ୨. କୁର୍ତ୍ତାର ବେକ ପାଖ ୩. ଘୋଡା ଦେହରେ ପକାଯାଉଥିବା ଲୁଗା ୪. ଘରର କାର୍ନିସ୍ ।

**ଗର୍ଦ୍ଧଭ** *ବି.* ୧. ଗଧ ୨. ନିର୍ବୁଦ୍ଧିଆ ଲୋକ ।

**ଗର୍ଦ୍ଧା** *ବି.* ୧. ମଇଳା, କଚରା ୨. ପାନସିଠା, ପାନଗର୍ଦ୍ଦ ।

**ଗର୍ବ** *ବି.* ୧. ଅହଙ୍କାର, ବଡ଼ିମା ୨. ଆତ୍ମପ୍ରଶଂସା ୩. ଅନ୍ୟପ୍ରତି ହେୟଜ୍ଞାନ, ଆସ୍ପର୍ଦ୍ଧା ।

**ଗର୍ବକାରୀ** *ବିଂ.* ଅହଂକାରୀ,ଆପଣା ବଡ଼ତି ଘୋଷଣା କରୁଥିବା ।

**ଗର୍ବଗଞ୍ଜନ** *ବିଂ.* ଅନ୍ୟର ଗର୍ବ ଖଣ୍ଡନକାରୀ ।

**ଗର୍ବିତ** *ବିଂ.* ଉଦ୍ଧତ, ଗର୍ବଯୁକ୍ତ, ଉତ୍‌ଫୁଲ୍ଲିତ, (*ସ୍ତ୍ରୀ.*) ଗର୍ବିତା

**ଗର୍ବୀ** *ବିଂ.* ଅହଂକାରୀ, ଯେ ଅନ୍ୟକୁ ବା ଅନ୍ୟର କଥାକୁ ସମ୍ମାନ ଦିଏ ନାହିଁ, ଆପଣାକୁ ଶ୍ରେଷ୍ଠ ମଣୁଥିବା ।

**ଗର୍ବୋଦ୍ଧତ** *ବିଂ.* ଗର୍ବରେ ଉଦ୍ଧତ, ଅହଙ୍କାରୀ ।

**ଗର୍ଭ** *ବି.* ୧. ଜରାୟୁ ୨. ଉଦର ୩. କୌଣସି ବସ୍ତୁର ଅଭ୍ୟନ୍ତର ୪. ନଦୀଶଯ୍ୟା ୫. ଗମ୍ଭୀରିଘର, ଭିତରଘର ।

**ଗର୍ଭକାଳ** *ବି.* ଗର୍ଭଧାରଣର ସମୟ, ଗର୍ଭାଧାନକାଳ ।

**ଗର୍ଭକ୍ଲେଶ** *ବି.* ଗର୍ଭିଣୀ ଅନୁଭବ କରୁଥିବା ବ୍ୟଥା, ପ୍ରସବବେଦନା ।

**ଗର୍ଭଗୃହ** *ବି.* ଦେବତା ବିଜେ କରିଥିବା ଦେଉଳର ଗମ୍ଭୀରା ।

**ଗର୍ଭଚିକିତ୍ସା** *ବି.* ଗର୍ଭିଣୀନାରୀର ଚିକିତ୍ସା ।

**ଗର୍ଭଚ୍ୟୁତି** *ବି.* ଗର୍ଭପାତ, ଗର୍ଭନାଶ ।

**ଗର୍ଭଜାତ** *ବିଂ.* ଗର୍ଭରୁ ଜାତ ।

**ଗର୍ଭଣା** *ବି.* ୧. ତୁଳା ସଂକ୍ରାନ୍ତିରେ ଧାନ ଉତୁରିବାପାଇଁ ବିଲରେ ପୋତା ଯାଉଥିବା ଗର୍ଭଣା ଗଛର ଡାଳ ୨. ଗର୍ଭଣାକାଠି ୩. ଗର୍ଭଣାସଂକ୍ରାନ୍ତି, ତୁଳ ସଂକ୍ରାନ୍ତି ।

**ଗର୍ଭଧାରଣ** *ବି.* ଭ୍ରୁଣସଞ୍ଚାର, ଗର୍ଭରେ ସନ୍ତାନ ଧାରଣ; ***ବିଂ. ସ୍ତ୍ରୀ.*** ଗର୍ଭଧାରିଣୀ ।

**ଗର୍ଭନିରୋଧ** *ବି.* ଗର୍ଭ ନ ହେବାପାଇଁ ନିର୍ଦ୍ଦିଷ୍ଟ ଉପାୟ ବା ଚିକିତ୍ସାର ଅବଲମ୍ବନ, ଗର୍ଭପ୍ରତିରୋଧ ।

**ଗର୍ଭନିରୋଧକ** *ବିଂ.* ଯେଉଁ ପ୍ରଣାଳୀ ବା ଔଷଧ ବ୍ୟବହାରଦ୍ୱାରା ଗର୍ଭସଂଚାର ନିରୋଧ କରାଯାଏ ।

**ଗର୍ଭପତ୍ର** *ବି.* ବୀଜରୁ ଅଙ୍କୁରୋଦ୍‌ଗମ ହେଲାବେଳେ ପ୍ରାଥମିକ କୋମଳ ପତ୍ର, ଗଛର ଅଗିପତ୍ର ।

**ଗର୍ଭପାତ** *ବି.* ଗର୍ଭସ୍ରାବ, ଗର୍ଭନଷ୍ଟ ।

**ଗର୍ଭପୀଡା** *ବି.* ଗର୍ଭବେଦନା, ପ୍ରସବକାଳୀନ କଷ୍ଟ-ଯନ୍ତ୍ରଣା ।

**ଗର୍ଭବତୀ** *ବିଂ.* ଗର୍ଭିଣୀ (ନାରୀ), ଅନ୍ତଃସତ୍ତ୍ୱା ।

**ଗର୍ଭବାସ** *ବି.* ଗର୍ଭବତୀ ହେବା, ଅନ୍ତଃସତ୍ତ୍ୱା ହେବା, ଭ୍ରୁଣସଂଚାର ହେବା ।

**ଗର୍ଭବିଜ୍ଞାନ** *ବି.* ଭ୍ରୂଣ ସମ୍ବନ୍ଧୀୟ ବିଶେଷ ବିଦ୍ୟା, ଭ୍ରୁଣତତ୍ତ୍ୱ ।

**ଗର୍ଭବିପତ୍ତି** *ବି.* ଗର୍ଭରେ ଭ୍ରୂଣର ମୃତ୍ୟୁ ।

**ଗର୍ଭବେଦନା** *ବି.* ଗର୍ଭାବସ୍ଥାରେ ଜରାୟୁର ସଙ୍କୋଚନ ଓ ପ୍ରସାରଣ ଦ୍ୱାରା ଉତ୍ପନ୍ନ କଷ୍ଟ/ଯନ୍ତ୍ରଣା, ପ୍ରସବ କାଳରେ ହେଉଥିବା କଷ୍ଟ, ଗର୍ଭବ୍ୟଥା ।

**ଗର୍ଭମଣ୍ଡପ** *ବି.* ଗୃହମଧ୍ୟସ୍ଥ ଶୟନମଣ୍ଡପ ।

**ଗର୍ଭମୁଦ** *ବି.* ମନ୍ଦିରର ଗର୍ଭଗୃହର ଶିଖର - ଯାହାକୁ ଶସ୍ୟ, ରତ୍ନାଦିଦ୍ୱାରା ବନ୍ଦ କରାଯାଇଥାଏ ।

**ଗର୍ଭମୋଚନ** *ବି.* ପେଟରୁ ପିଲା ଜନ୍ମହେବା ।

**ଗର୍ଭରୋପଣ** *ବି.* ଭ୍ରୂଣର ପ୍ରତିରୋପଣ, କୃତ୍ରିମ ଉପାୟରେ ଭ୍ରୂଣକୁ ଗର୍ଭାଶୟରେ ସ୍ଥାପନ, ଗର୍ଭସଂସ୍ଥାନ ।

**ଗର୍ଭଲକ୍ଷଣ** *ବି.* ଗର୍ଭବତୀ ହେବାର ଲକ୍ଷଣ ।

**ଗର୍ଭସଞ୍ଚାର** *ବି.* ଗର୍ଭଧାରଣ ।

**ଗର୍ଭସମାପନ** *ବି.* ଆଧୁନିକ ଚିକିତ୍ସାସମ୍ମତ ଅବାଞ୍ଛିତ ଭ୍ରୂଣ ଅପସାରଣ, ଗର୍ଭପାତ ।

**ଗର୍ଭସାତ୍ କରିବା** *କ୍ରି.* ୧. ଆତ୍ମସାତ୍‌କରିବା ୨. ଉଦରସ୍ଥ କରିବା ୨. ହରିଲୁଟ୍ କରିବା, ଖାଇଯିବା, ଚଳୁ କରିଦେବା ।

**ଗର୍ଭସ୍ଥ** *ବିଂ.* ଉଦରସ୍ଥ, ଜରାୟୁ ମଧ୍ୟସ୍ଥ ।

**ଗର୍ଭସ୍ଥଳୀ** *ବି.* ଜରାୟୁ, କୁକ୍ଷି, ଗର୍ଭାଶୟ ।

**ଗର୍ଭସ୍ରାବ** *ବି.* ଜରାୟୁ ମଧ୍ୟସ୍ଥ ତରଳ ପଦାର୍ଥ ଅସମୟରେ ବୋହି ଆସିବା ।

**ଗର୍ଭ ହେବା** *କ୍ରି.* ଗର୍ଭବତୀ ହେବା, ଜରାୟୁରେ ଭ୍ରୂଣ ସଂଚାର ହେବା ।

**ଗର୍ଭକ୍ଷୟ** *ବି.* ଗର୍ଭପାତ, ଗର୍ଭନଷ୍ଟ ।

**ଗର୍ଭାଗାର** *ବି.* ଏନ୍ତୁଡ଼ିଶାଳ, ସୂତିକାଗୃହ, ଲେବର୍ ରୁମ୍ ।

**ଗର୍ଭାଣୁ** *ବି.* ଡିମ୍ବାଣୁ ।

**ଗର୍ଭାଧାନ** *ବି.* ନିଷେକ କର୍ମ, ଗର୍ଭସଂଚାରପାଇଁ ସ୍ତ୍ରୀ ସହବାସ, ଗର୍ଭସଞ୍ଚାର ।

**ଗର୍ଭାବସ୍ଥା** *ବି.* ଅନ୍ତଃସତ୍ତ୍ୱା ହେବା ସମୟର ଭ୍ରୂଣ ସଞ୍ଚାରରୁ ପ୍ରସବ ପର୍ଯ୍ୟନ୍ତ ପ୍ରାୟ ୯ ମାସ ୧୦ ଦିନ ଅବଧି ।

**ଗର୍ଭାଳସା** *ବିଂ.* ଗର୍ଭବତୀ ହେତୁ ଅଳସ ଗତି କରୁଥିବା ।

**ଗର୍ଭାଶୟ** *ବି.* ଜରାୟୁ, ଗର୍ଭସ୍ଥଳୀ ।

**ଗର୍ଭିଣୀ** *ବିଂ. ସ୍ତ୍ରୀ.* ଅନ୍ତଃସତ୍ତ୍ୱା ନାରୀ, ଗର୍ଭବତୀ ।

**ଗର୍ଭୋତ୍ପତ୍ତି** *ବି.* ଗର୍ଭସଞ୍ଚାର, ପେଟରେ ଛୁଆ ରହିବା ଅବସ୍ଥା ।

**ଗର୍ଭୋତ୍ପାଦନ** *ବି.* ଗର୍ଭବତୀ କରାଇବା ପ୍ରକ୍ରିୟା ।

**ଗର୍ହଣ** ***ବି.*** ନିନ୍ଦା, ଦୋଷାରୋପ, ଗାଳି, ତିରସ୍କାର, ଅଭିଯୋଗ ।

**ଗର୍ହଣଖଣ୍ଡିଆ** ***ବିଂ.*** ଯାହାର ଜନ୍ମରୁ ଉପର ଓଠ ଓ ମାଢ଼ି ଅସମ୍ପୂର୍ଣ୍ଣ ଥାଏ ।

**ଗର୍ହଣୀୟ** ***ବିଂ.*** ନିନ୍ଦନୀୟ ।

**ଗର୍ହା** ***ବି.*** ନିନ୍ଦା, ତିରସ୍କାର ।

**ଗର୍ହିତ** ***ବିଂ.*** ନିନ୍ଦିତ, କୁତ୍ସିତ, ବର୍ଜ୍ୟ ।

**ଗଳ୍‌କିନା** ***କ୍ରି.ବିଂ.*** ହଠାତ୍ ଗଳିପଡ଼ିବା ପ୍ରକାରେ, ପାତ୍ରରୁ ନିଗିଡ଼ି ଆସିବା ପ୍ରକାରେ ।

**ଗଳ୍‌କିନି** ***କ୍ରି.ବିଂ.*** ବିନାବାଧାରେ ।

**ଗଳ୍ ଗଳ୍** ***ବିଂ.*** ଢ଼ୁଗୁଳା ; ***ଅ.*** ତରଳ ପଦାର୍ଥ ନିମ୍ନକୁ ଗଡ଼ି ଆସିବା ଶବ୍ଦ ।

**ଗଳ୍‌ଦା ଚିଙ୍ଗୁଡ଼ି** ***ବି.*** ବାଘୁଆ ଚିଙ୍ଗୁଡ଼ି, ବଡ଼ ଚିଙ୍ଗୁଡ଼ି ମାଛ ।

**ଗଳ** ***ବି.*** ୧. ଶରୀରର ମୁଣ୍ଡରୁ କାନ୍ଧ ମଧ୍ୟସ୍ଥ ଅଂଶ, ଗଳା, ବେକ ୨. କଣ୍ଠ, କଣ୍ଠନଳୀ, ଗଳାସ୍ୱର ୩. ଶାଳଝୁଣା ୪. ଏକ ପ୍ରକାର ବାଦ୍ୟ ୫. ଦଉଡା ୬. ଗଡେଇମାଛ ।

**ଗଳକଣ୍ଟକ** ***ବି.*** ଗଳାରେ ଉଠୁଥିବା ମାରାତ୍ମକ ବ୍ରଣ ।

**ଗଳଗଣ୍ଡ** ***ବି.*** ଗଳା ଦେଶରେ ବାହାରିବା ସ୍ଥୂଳ ମାଂସପିଣ୍ଡ ବା ଆବୁ, ଗଳାର ଗିଲିଟି ଫୁଲା ଓ ଦରଜ୍ ହେବା ରୋଗ ।

**ଗଳଗଳିଆ** ***ବିଂ.*** ଢ଼ୁଗୁଳା, ଗଳିପଡୁଥିବା, ଢିଲା ।

**ଗଳଗାଜିବା** ***କ୍ରି.*** ୧. ଗଳାଦ୍ୱାରା ଗର୍ଜନ କରିବା ୨. ପ୍ରବଳ ଭାବରେ ବର୍ଷା ହେବା ।

**ଗଳଗ୍ରହ** ***ବି.*** ୧. ଅନ୍ୟର ବେକରେ ଝୁଲିବା ବା ବେକକୁ ଜାବୁଡ଼ି ଧରିବା ୨. ଅନିଚ୍ଛାକୃତ ଦାୟିତ୍ୱ, ବୋଝ ୩. ତଣ୍ଟିଚିପିବା କାର୍ଯ୍ୟ ୪. ବେକଫୁଲା ୫. ମାଛକଣ୍ଟା ।

**ଗଳଘଟା** ***ବି.*** ଗୋଳମାଳ ।

**ଗଳଚମ** ***ବି.*** ଗଳକମ୍ବଳ, ଛେଳିର ବେକତଳେ ଥିବା ସ୍ତନ, ଚୂଚୁକ ଆକାରର ମାଂସପିଣ୍ଡ, ଅଜାଗଳସ୍ତନ ।

**ଗଳଥା** ***ବି.*** ବେକର ଆଗପଟ/ପଛପଟରେ ଦିଆଯିବା ଧକ୍କା ବା ତଣ୍ଟିଆ, ଗଳଧକ୍କା ।

**ଗଳଦ୍‌ଘର୍ମ** ***ବିଂ.*** ଝାଳ ଜୁତୁବୁତୁ , ଅତ୍ୟନ୍ତ କ୍ଳାନ୍ତ ।

**ଗଳଦଶ୍ରୁ** ***ବିଂ.*** ଯାହାର ଆଖିରୁ ଲୁହ ବୋହି ଚାଲିଛି ।

**ଗଳଦେଶ** ***ବି.*** ବେକ, ତଣ୍ଟି, ଗଳା ।

**ଗଳନ** ***ବି.*** ତରଳିବା, ଝରିବା, ବୋହି ଆସିବା, ଟୋପାଟୋପା ପଡ଼ିବା ।

**ଗଳବନ୍ଧ** ***ବି.*** ଗଳାବନ୍ଧନୀ, ନେକ୍‌ଟାଇ , ମଫ୍‌ଲର୍ ।

**ଗଳବସ୍ତ୍ର** ***ବିଂ.*** ବେକରେ ଲୁଗାପକାଇ ବିନୀତ ହୋଇ ଠିଆ ହୋଇଥିବା ।

**ଗଳଲଗ୍ନ** ***ବିଂ.*** ଗଳାରେ ଲାଗିଥିବା/ଜଡ଼ିତ ହୋଇଥିବା, ଆଲିଙ୍ଗିତ ।

**ଗଳା** ***ବି.*** ୧. ଗଳାଦେଶ, କଣ୍ଠ, ତଣ୍ଟି, ତୋଟି, କଣ୍ଠନଳୀ, କଣ୍ଠସ୍ୱର ୨. ଗଳିବା, ଭାତରୁ ପେଜ ଗାଳିବା ।

**ଗଳା ଆଓ୍ୱାଜ୍** ***ବି.*** କଣ୍ଠସ୍ୱର, ଗଳାଦ୍ୱାରା ଶବ୍ଦ ପ୍ରକାଶ ।

**ଗଳାଇବା** ***କ୍ରି.*** ପ୍ରବେଶ କରାଇବା, ଗୁଞ୍ଚିବା, ତରଳାଇବା ।

**ଗଳାକଟା** ***ବି.*** ତଣ୍ଟିକାଟିବା ; ***ବିଂ.*** ଅନ୍ୟର ସର୍ବନାଶକାରୀ ।

**ଗଳାଖଙ୍କାର** ***ବି.*** ଗଳା ସଫାକରିବା ଶବ୍ଦ, ଗଳା/କଣ୍ଠନଳୀ ମଧ୍ୟଦେଇ ବାହାରି ଆସୁଥିବା ଶ୍ଳେଷ୍ମା, କଫ ।

**ଗଳା ଖଙ୍କାରିବା** ***କ୍ରି.*** ଖଁ ଖଁ ଧ୍ୱନି ସୃଷ୍ଟିକରି ନିଜର ଉପସ୍ଥିତି ଜଣାଇବା ।

**ଗଳା ଖୁଁ ଖୁଁ** ***ବି.*** ଥଣ୍ଡା, କାଶ, କଫ ଯୋଗୁ ଗଳାରୁ ନିର୍ଗତ ବିକୃତ ସ୍ୱର/ଧ୍ୱନି, ଗଳା ଘଁ ଘଁ ।

**ଗଳାଗଣ୍ଠି** ***ବି.*** ୧. ପରସ୍ପର ଗଳାଧରି ଲଢ଼ିବା, ଗଳାଇବା ୨. ପ୍ରବେଶ କରାଇବା ।

**ଗଳାଚାପା** ***ବି.*** ଶ୍ୱାସରୋଧ ।

**ଗଳାଧଃକରଣ** ***ବି.*** ଗିଳିବା ପ୍ରକ୍ରିୟା, ଗିଳିଯିବା ।

**ଗଳାଧରା** ***ବି.*** ୧. ସର୍ଦ୍ଦି ବା ଶ୍ଳେଷ୍ମା ଯୋଗୁଁ ତଣ୍ଟି ଫୁଲି ଗଳାର ସ୍ୱର ବନ୍ଦ ହେବା ୨. ଗଳାରୋଗ ବିଶେଷ ।

**ଗଳା ଧରିବା** ***କ୍ରି.*** ୧. ଯମ ଡାକରା ୨. ବେକକୁ ଧରିବା ୩. ଅସ୍ପଷ୍ଟ ସ୍ୱର କରିବା ୪. ତଣ୍ଟି ସଂକ୍ରମିତ ହେବା ।

**ଗଳାପୁଛା** ***ବି.*** ୧. ଗଳାପୋଛା ୨. ଗହଳି ଭିତରେ ଯେକୌଣସି ଭାବେ ପଶି ଆଗେଇବା ।

**ଗଳା ବସିବା** ***କ୍ରି.*** ଥଣ୍ଡା ସର୍ଦ୍ଦି ଯୋଗୁଁ ଗଳାର ସ୍ୱର ସ୍ପଷ୍ଟ ଭାବେ ନ ବାହାରିବା ।

**ଗଳାବାଜି** ***ବି.*** ଉଚ୍ଚସ୍ୱରରେ ଚିତ୍କାର, ବକ୍ତୃତାପ୍ରଦାନ, ଭାଷଣବାଜି ।

**ଗଳା ଭାରିହେବା** ***କ୍ରି.*** ଗଳାର ସ୍ୱର ଗମ୍ଭୀର ହେବା, ସ୍ୱର ଭାରି ଭାରି ଲାଗିବା ।

**ଗଳା ମେଲିବା** ***କ୍ରି.*** ବଡ଼ପାଟି କରିବା, ଚିତ୍କାର କରିବା, ବଡ଼ପାଟିରେ କାନ୍ଦିବା ।

**ଗଳାହାର** ***ବି.*** ୧. ଗଳାରେ ପିନ୍ଧାଯିବା ହାର, ମାଳି, ଗଳାମାଳି ୨. ଅତି ଆପଣାର ଲୋକ, ସଙ୍ଗାଳି ।

**ଗଳି** ***ବି.*** ପ୍ରଧାନ/ମୁଖ୍ୟ ରାସ୍ତାରୁ ବାହାରିଥିବା ସଂକୀର୍ଣ୍ଣ ରାସ୍ତା ।

**ଗଳିଆ** ***ବି.*** ୧. ହିଡ ବା ଜଳାଶୟର ବନ୍ଧରେ ସୃଷ୍ଟି ହୋଇଥିବା ଛିଦ୍ର ବା ଜଳା-ଯାହାଦେଇ ପାଣି ବୋହିଯାଏ, ଘୋଳିଆ ୨. ଛୋଟନଦୀ ୩. ଗୁଳୁଚିଲତା ।

**ଗଳିଆ ନନ୍ଦ** *ବି.* ଗଭୀର କୂଅ ଭିତରର ଅପେକ୍ଷାକୃତ ଛୋଟ ମାଟିନନ୍ଦ ।

**ଗଳିଆ ରକ୍ତ** *ବି.* ଦୂଷିତ ବାତରକ୍ତ ।

**ଗଳିକନ୍ଦି** *ବି.* କୋଣ ଅନୁକୋଣ, କନ୍ଦି ବିକନ୍ଦି, ସବୁଆଡ଼ ।

**ଗଳିକବାଟ** *ବି.* ଛୋଟକବାଟ, ଚୋରାକବାଟ ।

**ଗଳିକୁଞ୍ଚି** *ବି.* ଅନ୍ଦିସନ୍ଦି ; *କ୍ରି.ବିଂ.* ଗହଳି ମଧ୍ୟରେ ଲୁଚି ।

**ଗଳିଗଳି** *କ୍ରି.ବିଂ.* ୧. ପ୍ରତିଗଳି ୨. ବାରମ୍ବାର ଗଳିବା ପ୍ରକ୍ରିୟାରେ ଆଗେଇବା ।

**ଗଳିତ** *ବିଂ.* ୧. ବୋହିପଡୁଥିବା, କ୍ଷରିତ, ଦ୍ରବୀଭୂତ, ସ୍ଖଳିତ, ପତିତ ୨. ପଚିଯାଇଥିବା, ନଷ୍ଟ ୩. ଶିଥିଳ ।

**ଗଳିତ କୁଷ୍ଠ** *ବି.* ଘାଆ ହୋଇ ରକ୍ତ ପୁଜ ବୋହୁଥିବା କୁଷ୍ଠାକ୍ରାନ୍ତ ଅଙ୍ଗ ।

**ଗଳିତା** *ବି.ବିଂ.* ମୁଠାଏ, ଟିକିଏ ।

**ଗଳି ପଡ଼ିବା** *କ୍ରି.* ୧. ତଳେ ଖସିପଡ଼ିବା, ବୋହି ଆସିବା ୨. ଲୁଚିଯିବା, ଗଳିପଚି ପଡ଼ିଯିବା, ଦେଖା ନ ଦେବା ।

**ଗଳିବା** *କ୍ରି.* ୧. ସ୍ରବିବା, ଝରିବା ୨. ଗଳିପଡ଼ିବା, ଖସିପଡ଼ିବା ୩. ତରଳିବା ୪. ପ୍ରବେଶକରିବା ୫. ଭେଦିବା ।

**ଗଳିବାଟ** *ବି.* ସଂକୀର୍ଣ୍ଣ ରାସ୍ତା, ଗୁପ୍ତପଥ ।

**ଗଳ୍ପ** *ବି.* ଗପ, କଥା, ଆଳାପ, କାହାଣୀ ।

**ଗଳ୍ପସଳ୍ପ** *ବି.* ଗପସପ, ବାଜେଗପ ।

**ଗଳ୍ପସାଗର** *ବି.* ଅସରନ୍ତି ଗପର କଥକ ।

**ଗଲ୍‌ଗଲ୍** *ଅ.* କୁଣ୍ଡିଆ ଲାଗିବା, କୁଣ୍ଡେଇ ହେବା; *କ୍ରିବିଂ.* ୧. ଟହ ଟହ ୨. ଅତ୍ୟନ୍ତ; *ବିଂ.* ଗଲୁ ଜନିତ ।

**ଗଲ୍‌ତି** *ବି.* ୧. ଦୋଷ, ଭୁଲ ୨. ଅବହେଳା ୩. ଗୁପ୍ତଛିଦ୍ର ।

**ଗଲଗଲ ହେବା** *କ୍ରି.* ୧. କୁଣ୍ଡାଇ ହେବା ୨. ରବେଇ ଖବେଇ ହେବା ।

**ଗଲଗଲିଆ** *ବି.* ଦେହ/ ତଣ୍ଟି ଗଲୁ କରୁଥିବା ସାରୁ, ଓଲୁଅ, ବିଛୁଆତି ଗୁଳା ପ୍ରଭୃତି - ଯାହା ଖାଇଲେ ତଣ୍ଟି ଗଲଗଲ ବା ଗତଗତ କରେ ।

**ଗଲତ୍** *ବି.* ଭୁଲ, ଭ୍ରମ ; *ବିଂ.* ଦୋଷପୂର୍ଣ୍ଣ, ତ୍ରୁଟିଯୁକ୍ତ, ଅଶୁଦ୍ଧ ।

**ଗଲା** *ବିଂ.* ଯାହା ଯାଇସାରିଛି, ଅତୀତ ।

**ଗଲାଅଇଲା** *ବିଂ.* ଯା ଆସ କରୁଥିବା (ବ୍ୟକ୍ତି) ।

**ଗଲିଆ** *ବି.* କଜଳପାତି ଚଢ଼େଇ ।

**ଗଲୁ** *ବି.* କଣ୍ଡୁ, କୁଣ୍ଡାଇହେବା, ଗଲଗଲ ହେବା ; *କ୍ରି.* ଯିବାପାଇଁ ନିର୍ଦ୍ଦେଶ, ଗମ୍ ଧାତୁରେ ବହୁବଚନାନ୍ତ ଅତୀତ କ୍ରିୟା ।

**ଗଲୁ ଉଠିବା** *କ୍ରି.* କୁଣ୍ଡେଇହେବା ।

**ଗସିଦ୍** *ବି.* ଗୁଲିଗପ, ମଜାଗପ, ଗୁଜବ୍ ।

**ଗସ୍ତ** *ବି.* କାର୍ଯ୍ୟ ଉପଲକ୍ଷେ ଯାତ୍ରା, ଭ୍ରମଣ ।

**ଗସ୍ତଖର୍ଚ୍ଚ(।)** *ବି.* ଗସ୍ତକାଳୀନ ଯାତାୟାତ ଓ ରହଣି ଆଦିର ଖର୍ଚ୍ଚା ଓ ଏଥିପାଇଁ ଉଦ୍ଦିଷ୍ଟ ଭତ୍ତା ।

**ଗହକି** *ବି.* ୧. ଗରାଖ, କ୍ରେତା ୨. ଆନନ୍ଦପ୍ରକାଶ ।

**ଗହଗହ** *ବି.* ୧. ବହୁଲୋକ ସମାଗମ ଜନିତ କୋଳାହଳ, ଉଚ୍ଛ୍ୱସିତ ଭାବ ୨. ଆଦର ଅଭ୍ୟର୍ଥନା ।

**ଗହଡ଼ିବା** *କ୍ରି.* ଘଉଡାଇବା, ତଡ଼ିବା ।

**ଗହଣ** *ବି.* ୧. ଜନତା, ସମୂହ, ବହୁତ ଲୋକ ୨. ସଙ୍ଗ , ସାହଚର୍ଯ୍ୟ ୩. ପୋଷାକ, ଗହଣା, ଅଳଙ୍କାର ।

**ଗହଣବିଜେ** *ବି.* ଅନୁଚରବର୍ଗ ଓ ପରିଚାରୀଙ୍କ ସହିତ ଦେବାଳୟକୁ ପ୍ରବେଶ ।

**ଗହଣ ଲଗାଇବା** *କ୍ରି.* ସଦଳବଳେ ଆନୁଷ୍ଠାନିକ ଯାତ୍ରା କରିବା, ଶୋଭାଯାତ୍ରା କରିବା ।

**ଗହଣା** *ବି.* ୧. ଅଳଙ୍କାର, ସାଜସଜା ୨. ତେଲପେଡ଼ା ଘଣା ୩. ଗୁରୁଡ଼ି, ଲଗାଯାଇଥିବା ଗଛର ସୁରକ୍ଷାପାଇଁ ଗଛ ଚାରିପଟେ ନିର୍ମିତ ଅଟେଇ ।

**ଗହଣାଗାଣ୍ଠି** *ବି.* ଅଳଙ୍କାର ପତ୍ର, ସବୁ କିସମର ଗହଣା, ଗହଣାପତ୍ର ।

**ଗହଦ୍** *ବି.* ଦେହରୁ ନିର୍ଗତ ଝାଳ ।

**ଗହଦ୍‌ବା** *କ୍ରି.* ଝାଳେଇବା, ଝାଳ ବହିବା ।

**ଗହଦି** *ବି.* ଗରମ, ଗୁଳୁଗୁଳି, ଝାଳବୁହା ଗରମ ; *ବିଂ.* ଗମଗମୁଆ ।

**ଗହନ** *ବି.* ୧. ଗହଣ, ସଙ୍ଗ ୨. ଗହ୍ୱର, ଗଭୀର ଗର୍ତ୍ତ ୩. ଜଙ୍ଗଲ ; *ବିଂ.* ୧. ଗଭୀର ୨. ଦୁର୍ଭେଦ୍ୟ, ଦୁରୁହ ୩. ଘନ, ନିବିଡ଼ ୪. ଅତି ଗୂଢ଼ ୫. ଭାରି କଷ୍ଟ ୬. ଗହଳିଆ, ଗହକା, ଘନ, ଘଞ୍ଚ ।

**ଗହନା** *ବି.* ବନ୍ଧକ ।

**ଗହମ୍ ପୋକ୍** *ବି.* ଗମ୍‌କିରା, ତେଲୁଣି ପୋକ ।

**ଗହମ** *ବି.* ଧାନ ଜାତୀୟ ଶସ୍ୟ, ଗହୁଁ ।

**ଗହମକାକୁଡ଼ି** *ବି.* ଧଳାକାକୁଡ଼ି, ଖିରା ।

**ଗହମଜାଉ** *ବି.* ଗହମରେ ରନ୍ଧା ଜାଉ, ଖିରି ।

**ଗହମ ନିଦ** *ବି.* ଗାଢ଼ନିଦ, ଗଭୀରନିଦ ।

**ଗହମା ଗୋଖର** *ବି.* ଗହମରଙ୍ଗର ଗୋଖର ସାପ ।

**ଗହରା** *ବି.* ଗୋପାଳ, ଗଉଡ଼ ; *ବିଂ.* ଗହଳ ।

**ଗହରି** *ବି.* ୧. ଡେରି, ଉଚ୍ଛୁର, ବିଳମ୍ବ ୨. ବିଳମ୍ବଜନିତ ଶୁଳ୍କ ୩. ଗହିରି ଖର୍ଚ୍ଚ ।

**ଗହରିବା** ***କ୍ରି.*** ଗର୍ବ ଅନୁଭବ କରିବା ।

**ଗହଳ** ***ବି.*** ୧. ବହୁ ଜନସମାଗମ, ଭିଡ଼, ଗହଳି ୨. ସାହଚର୍ଯ୍ୟ, ସଙ୍ଗ ୩. ଗୋଳମାଳ ; ***ବିଂ.*** ୧. ଘନ, ନିବିଡ଼, ଘଞ୍ଚ ୨. ଦୁର୍ବୋଧ୍ୟ, ଗୁଢ଼ ।

**ଗହଳଚହଳ** ***ବି.*** ଜନସମାଗମ, ଭିଡ଼ ।

**ଗହଳ ପଡ଼ିବା** ***ବି.*** ଧୁମ୍‌ଧାମ୍ ଲାଗିବା, ଗହଳଚହଳ, ଭିଡ଼, ଜନସମାଗମ ।

**ଗହଳି** ***ବି.*** ଜନସମାବେଶ, ଭିଡ଼ ।

**ଗହଳିଆ** ***ବିଂ.*** ଘଞ୍ଚ, ନିବିଡ଼ ।

**ଗହଲ୍** ***ବି.*** ଗହଳ ।

**ଗହା** ***ବି.*** ଗୁହା, ପର୍ବତଖୋଲ, କନ୍ଦର ।

**ଗହି** ***ବି.*** ୧. କାନମଳ, ଗଇ ୨. ବିଲକଡ଼େ ଥିବା ସରୁ ପହଣୀ ।

**ଗହିରା** ***ବି.*** ବଡ଼ଖାଲ, ଗାତ, ଗହିରା, ଖାଲୁଆ ଜାଗା ; ***ବିଂ.*** ଗଭୀର ।

**ଗହୀର** ***ବି.*** ଗାଁଠାରୁ ଦୂରରେ ଥିବା କ୍ଷେତ,ଗହୀରି ବିଲ ; ***ବିଂ.*** ଗଭୀର ।

**ଗହୀର ବିଲ** ***ବି.*** ନିମ୍ନ ସମତଳ ଶସ୍ୟକ୍ଷେତ୍ର ।

**ଗହୀରମେଣ୍ଟୁ** ***ବି.*** ଚିଲିକା ହ୍ରଦରେ ଦେଖାଯାଉଥିବା ଏକ ପ୍ରକାର ପକ୍ଷୀ ।

**ଗହୀରା ଚାଷ** ***ବି.*** ମାଟିକୁ ଗଭୀର ଭାବରେ ଚାଷ ।

**ଗହୀରେଇବା** ***କ୍ରି.*** ଗଭୀର କରିବା ।

**ଗହ୍ୱର** ***ବି.*** ୧. ଗିରିଗୁହା, ଗୁମ୍ଫା, ଗର୍ତ୍ତ ୨. ନିକୁଞ୍ଜ, ଲତାଗୃହ ।

**ଗହ୍ମା** ***ବି.*** ଗହ୍ମା/ଶ୍ରାବଣ ପୂର୍ଣ୍ଣିମା, ଗମ ହେବା ।

**ଗହ୍ମାକଠା** ***ବି.*** ଗହ୍ମାପୂର୍ଣ୍ଣମୀ ବେଳକୁ ଗଛରେ ପାକଳ ହୋଇଯାଇଥିବା ଛୋଟ ନଡ଼ିଆ।

**ଗହ୍ମାଝୁଲଣ** ***ବି.*** ଗହ୍ମାପୂର୍ଣ୍ଣମୀ ବା ଶ୍ରାବଣ ପୂର୍ଣ୍ଣମୀରେ ହେଉଥିବା ଠାକୁରଙ୍କ ଝୁଲଣ ଉତ୍ସବ ।

**ଗହ୍ମା ଡାକରା** ***ବି.*** ୧. ଗହ୍ମାପୂର୍ଣ୍ଣମୀ ଦିନ ଗହ୍ମାବେଦୀରେ ବଳଦେବଙ୍କ ଭୋଗ ନେବାକୁ ଡାକରା ୨. ବିବାହର ପ୍ରଥମ ବର୍ଷ ଜ୍ୱାଇଁଙ୍କୁ ଶ୍ୱଶୁର ଘରକୁ ଯିବାପାଇଁ ସ୍ୱତନ୍ତ୍ର ନିମନ୍ତ୍ରଣ ।

**ଗହ୍ମାଡ଼ିଆଁ** ***ବି.*** ଗହ୍ମାପୂର୍ଣ୍ଣମୀ ଦିନ ବଳଦେବଜୀଉଙ୍କ ପୂଜା ଉପଲକ୍ଷେ ଗୋଟିଏ ଅଣ୍ଡିରା ବାଛୁରୀକୁ ଗହ୍ମାବେଦୀ ଡିଆଇଁଦେବା ବିଧି ।

**ଗହ୍ମାପୂର୍ଣ୍ଣମୀ** ***ବି.*** ୧. ଶ୍ରାବଣପୂର୍ଣ୍ଣମୀ ୨. ରାକ୍ଷୀପୂର୍ଣ୍ଣିମା ୩. ବଳଦେବଙ୍କ ଜନ୍ମଦିନ ।

**ଗହ୍ମାରି** ***ବି.*** ଗମ୍ଭାରି, ଏକ ପ୍ରକାର ଗଛ - ଘରର ପଲଙ୍କ, ଆଲମିରା ଆଦି ଉପକରଣ ତିଆରିପାଇଁ ଉପଯୋଗୀ ହାଲୁକା କାଠ ।

**ଗାଁ** ***ବି.*** ଗ୍ରାମ, ଜନପଦ, ପଲ୍ଲୀ ।

**ଗାଁ କନିଆ** ***ବି.*** ୧. ଗାଁ ଝିଅ ୨. ଅତି ପରିଚିତ ବ୍ୟକ୍ତି ।

**ଗାଁ କନିଆ ସିଂଘାଣିନାକୀ** ***ବି.*** (ପ୍ରବଚନ), ଅତି ପରିଚୟେ ଗୌରବନଷ୍ଟ, ଯେତେ ଗୁଣୀ ମାନୀ ହେଲେ ବି ନିଜ ଅଞ୍ଚଳରେ ଉପଯୁକ୍ତ ସମ୍ମାନ ନ ପାଇବା ।

**ଗାଁ-ଗଣ୍ଡା** ***ବି.*** ମଫସଲ ଅଞ୍ଚଳ, ପଲ୍ଲୀ, ଜନବସତି ।

**ଗାଁଠିପାଟିଆ** ***ବି.*** ଲୁଗାଗଣ୍ଠି ଆଦି ବାନ୍ଧିବା ପାଇଁ ବ୍ୟବହୃତ ଲୁହା ପାଟିଆ।

**ଗାଁ ପରିମଳ** ***ବି.*** ଗାଁର ପରିଚ୍ଛନ୍ନତା ବା ଗାଁର ସୁଖ୍ୟାତି ।

**ଗାଁ ମା'** ***ବି.*** ଗ୍ରାମଦେବତୀ ।

**ଗାଁ ମାଟି, ଗାଁ ଭୂଇଁ** ***ବି.*** ଗାଁର ମାଟି, ପାଣି, ପବନ ଓ ପରିମଣ୍ଡଳ, ଜନ୍ମଭୂମି।

**ଗାଁମୁଣ୍ଡ** ***ବି.*** ଗାଁର ଶେଷ ଜାଗା, ପ୍ରାନ୍ତ ।

**ଗା** ***ଅ.*** ସମ୍ମାନାସ୍ପଦ, ଭାଇବନ୍ଧୁଙ୍କୁ ସମ୍ବୋଧନ ।

**ଗାଆଣ** ***ବି.*** ୧. ଗାନ, ଗୀତ ଗାଇବା, ଗାୟନ ୨. ଗାଆଣିଆ।

**ଗାଆଣ ବଜାଣ** ***ବି.*** ଗୀତ ଓ ବାଦ୍ୟ ।

**ଗାଆଣୀ** ***ବି.*** ଗାୟିକା, ଗୀତ ବିଶାରଦା ମାହାରୀ, ଦେବଦାସୀ ।

**ଗାଇ** ***ବି.*** ଜ୍ୱାଇଁ /ମାମୁଘର ଆଦିଙ୍କୁ ମାଙ୍ଗଳିକ କାର୍ଯ୍ୟରେ ନିମନ୍ତ୍ରଣ କରିବା ବେଳେ ପଠାଯାଉଥିବା ଗୋଟାଗୁଆର ହିସାବ (ଏକ ଗାଇ - ୧୦ଟି ଗୁଆ)

**ଗାଇକା** ***ବିଂ.*** ପୋସାଦାର ଗାୟିକା, ଗାନକାରିଣୀ, ସଙ୍ଗୀତ-ବିଶାରଦା, ଗାୟେଣୀ।

**ଗାଇଗିଲ** ***ବି.*** ଗିଲାଯୁକ୍ତ କଣ୍ଟାଳିଆ ଗୁଳ୍ମ ।

**ଗାଇଚିରା** ***ବି.*** ୧. ଛତୁଆରୀ ଲତା, ଶତାବରୀ ୨. କ୍ଷୁଦ୍ରନଦୀ, ନୟନଯୋରି ।

**ଗାଇଡ୍** ***ବି.*** ୧. ପଥପ୍ରଦର୍ଶକ, ମାର୍ଗନିର୍ଦ୍ଦେଶକ ୨. ପର୍ଯ୍ୟଟନ ସହାୟକ ୩. ଜ୍ଞାତବ୍ୟ ବିଷୟ ଲେଖାଥିବା ପୁସ୍ତିକା ୪. ତତ୍ତ୍ୱାବଧାରକ ୫. ସହଚର ବହି, ଗାଇଡ୍ ବୁକ୍ ।

**ଗାଇତ୍ରୀ** ***ବି.*** ୧. ବେଦମାତା ୨. ଗାୟତ୍ରୀ ମନ୍ତ୍ର (୨୪ ଅକ୍ଷର) ୩. ଛନ୍ଦ ବିଶେଷ ୪. ସବିତା ବା ସୂର୍ଯ୍ୟଙ୍କର ଶକ୍ତି ୫. ବ୍ରତଘରରେ ପଇତା ଲାଗିବେଳେ ବ୍ରତୀର କାନରେ କୁହାଯିବା ଗାୟତ୍ରୀ ମନ୍ତ୍ର ।

**ଗାଇବା** ***କ୍ରି.*** ୧. ଗୀତ ବୋଲିବା, ସୁସ୍ୱରରେ ଗାନ କରିବା ୨. ଆବୃତ୍ତି କରିବା ୩. ବାହୁଲ୍ୟକରି କହିବା ୪. ବାରମ୍ବାର କହିବା, ନାମ କୀର୍ତ୍ତନ କରିବା ୫. ଯଶୋଗାନ କରିବା ।

**ଗାଇ** ***ବି.*** ମାଈ ଗୋରୁ ।

**ଗାଇଆ** ***ବିଂ.*** ୧. ଗାଇସେବାରେ ନିଯୁକ୍ତ ୨. ଛୋଟ ଆକୃତିବିଶିଷ୍ଟ ୩. ଗାଇଠାରୁ ଉତ୍ପନ୍ନ ।

**ଗାଈଆଳ** ***ବି.*** ଗାଈ ରଖୁଆଳ ବା ଜଗୁଆଳ, ଗାଈ ଚରେଇବା ବ୍ୟକ୍ତି ।

**ଗାଈ କଅଁଳେଇବା** ***କ୍ରି.*** ଗାଈ ପ୍ରସବ କରିବା ।

**ଗାଈକଟା** ***ବି.*** ୧. ଗୋ-ଘାତକ, କଂସେଇ ୨. ଭର୍ତ୍ସିତ ବ୍ୟକ୍ତି ।

**ଗାଈଗାଧୁଆ** ***ବି.*** ଦୋଳପୂର୍ଣ୍ଣିମୀର ମଧ୍ୟାହ୍ନରେ ଆୟୋଜିତ ଗୋସ୍ନାନ ଉତ୍ସବ ।

**ଗାଈଗୋଠ** ***ବି.*** ଗାଈପଲ, ଗୋଯୂଥ, ଗୁହାଳ, ଗାଈଗୋରୁଙ୍କ ରହିବା ସ୍ଥାନ, ଗୋ-ଚାରଣ ସ୍ଥାନ, ଗୋଗୋଷ୍ଠ ।

**ଗାଈଗୋରୁ** ***ବି.*** ଗାଈ, ବଳଦ, ବାଛୁରୀ ଆଦି ।

**ଗାଈଘିଅ** ***ବି.*** ଗାଈ କ୍ଷୀରରୁ ପ୍ରସ୍ତୁତ ଘିଅ, ଗୁଆଘିଅ ।

**ଗାଈ ଜଗୁଆଳ** ***ବି.*** ଗୁହାଳରୁ ଗାଈମାନଙ୍କୁ ବାହାରକୁ ଚରେଇବାକୁ ନେଇ ପୁଣି ଗୁହାଳକୁ ଫେରାଇ ଆଣିବା କାମ କରୁଥିବା ବ୍ୟକ୍ତି ।

**ଗାଈଦୁହାଁ** ***ବି.*** ଗୋଦୋହନ, ଗାଈ ପହ୍ନାରୁ ଚେର ଟାଣି ପାତ୍ରରେ ଦୁଧ ସଂଗ୍ରହ କରିବା କାର୍ଯ୍ୟ ; ***କ୍ରି.*** ଗାଈ ଦୁହିଁବା ।

**ଗାଈଧନ** ***ବି.*** ଗୋ-ସମ୍ପତ୍ତି ।

**ଗାଈପଲ** ***ବି.*** ଗାଈଗୋଠ ।

**ଗାଈ ଫିଟାବେଳ** ***ବି.*** କଅଁଳ ସକାଳ, ଗାଈଙ୍କୁ ଚରେଇବାକୁ ନେବା ସମୟ ।

**ଗାଈ ବତର ପଡ଼ିବା** ***ବି.*** ଗାଈ ଋତୁମତୀ ହେବା ବା ଗରମ ହେବା ।

**ଗାଈବଳଦ** ***ବି.*** ଗାଈଗୋରୁ ।

**ଗାଈ ବହିଷ୍କିବା** ***ବି.*** ଦୁହାଁଳୀ ଗାଈର ଦୁଧର ପରିମାଣ ହଠାତ୍ କମି ଆସିବା ।

**ଗାଈବାଛୁରୀ** ***ବି.*** ଗାଈଗୋରୁ, ସ୍ତନ୍ୟଦାତ୍ରୀ ଗାଈ ଓ ବତ୍ସା ।

**ଗାଈ ବିଘା(ଗା)ଡ଼ିବା** ***କ୍ରି.*** ୧. ଦୁଧ ଦୁହିଁଲା ବେଳେ ଗାଈ ଅସ୍ଥିର ହେବା, ଦୁହାଁଇ ନ ଦେବା ୨. ଏ ଉଦ୍ଦେଶ୍ୟରେ ମନ୍ତ୍ରଯନ୍ତ୍ର ଜଡ଼ି ବୁଟି ପ୍ରୟୋଗ କରିବା ।

**ଗାଈ ରଖୁଆଳ** ***ବି.*** ଗାଈ ଜଗୁଆଳ , ଜଗିଆ ।

**ଗାଈ ଲେଉଟାଇବା** ***କ୍ରି.*** ଯଥା ସମୟରେ ଷଣ୍ଢ ସଂଗମ ପରେ ଗାଈ ଗର୍ଭବତୀ ନ ହୋଇ ପୁଣି ଋତୁମତୀ ହେବା ।

**ଗାଈ ହମାଳିବା** ***କ୍ରି.*** ଗାଈ ଡାକଦେବା, ବୋବାଳି କରିବା ।

**ଗାଉଁଆ** ***ବିଂ.*** ଗାଉଁଲି, ଗାଉଁଲିଆ ।

**ଗାଉଁଜିନି** ***କ୍ରିବିଂ.*** ୧. ହଠାତ୍ ୨. ଅସତର୍କ ଥିବା ଅବସ୍ଥାରେ, ଆକସ୍ମିକ ଭାବରେ ।

**ଗାଉଁଗାଉଁ** ***ଅ. କ୍ରିବିଂ.*** ୧. ତରତରକରି, ପୁଳାଏ ଲେଖା ୨. ବିରକ୍ତିସୂଚକ ଅସ୍ପଷ୍ଟ ଧ୍ୱନି ।

**ଗାଉଁଲି** ***ବିଂ.*** ୧. ଗ୍ରାମ୍ୟ, ଗ୍ରାମ ସମ୍ବନ୍ଧୀୟ ୨. ମଫସଲି ୩. ଅମାୟିକ, ସରଳ ପ୍ରକୃତିର ୪. ଓଲୁ, ବୋକା ।

**ଗାଉଁଲିଆ** ***ବିଂ.*** ଗ୍ରାମ୍ୟ ମଫସଲିଆ, ସରଳିଆ ।

**ଗାଉଣା** ***ବି.*** ଗୀତ ଗାଇବା, ଗାନ ।

**ଗାଉଣାବାଜ୍** ***ବିଂ.*** ସଙ୍ଗୀତପ୍ରିୟ ।

**ଗାଉଣାବାଜଣା** ***ବି.*** ଗୀତ ଓ ବାଦ୍ୟ, ଗାଇବା ବଜାଇବା ।

**ଗାଉନ** ***ବି.*** ଏକ ସ୍ୱତନ୍ତ୍ର ଲମ୍ବ ପରିଧାନ, ନାରୀମାନଙ୍କ ଘାଘରା ଭଳି ପୋଷାକ ।

**ଗାଉନ୍ତି** ***ବି.*** ଗଉନ୍ତିଆର କାର୍ଯ୍ୟ, ପଦବୀ ।

**ଗାଉଳି** ***ବି.*** ଗାୟନ ।

**ଗାଏଁ ଗାଏଁ** ***ଅ.*** ଗ୍ରାମେ, ଗ୍ରାମେ, ଏକ ଗ୍ରାମରୁ ଅନ୍ୟ ଗ୍ରାମକୁ ।

**ଗାଏଁଡ଼୍** ***ବି.*** ମଳଦ୍ୱାର, ଗାଣ୍ଡି ।

**ଗାଏ, ଗାଏମୋଟ୍** ***ଅ.*** ସର୍ବମୋଟ, ମୋଟ ଉପରେ ; ***ବି.*** ଗାଈ ।

**ଗାଏ ଛାନ୍ଦ** ***ବି.*** ୧. ଗାଈ ଗୋରୁଙ୍କ ଛନ୍ଦଣି ୨. ଛନ୍ଦଣି ଆକୃତିର ମାତ୍ରା ବା ଅର୍ଦ୍ଧଲିପି ।

**ଗାଏଣୀ** ***ବି.*** ଗାୟିକା, ଦେବଦାସୀ ।

**ଗାଏବ୍** ***ବିଂ.*** ଅଦୃଶ୍ୟ, ଉଭାନ୍, ନିଖୋଜ ।

**ଗାଏମୋଟ** ***ବି.*** ସର୍ବମୋଟ ।

**ଗାଗ୍‌ବା** ***କ୍ରି.*** କାନ୍ଦିବା ।

**ଗାଙ୍ଗ୍** ***ବି.*** ଦଳ, ଗୋଷ୍ଠୀ, ଅସାଧୁ ମେଣ୍ଟ ।

**ଗାଙ୍ଗ୍‌କୁଲି** ***ବି.*** ରେଳପଥ ମରାମତି / ତିଆରି କାର୍ଯ୍ୟରେ ନିଯୁକ୍ତ କୁଲି ।

**ଗାଙ୍ଗଟେୟ** ***ବି.*** ୧.ଗଣିଆ ତୋଡ଼ିମାଛ ୨. ଗଙ୍ଗାନଦୀର ବଡ଼ ଚିଙ୍ଗୁଡ଼ିମାଛ ।

**ଗାଙ୍ଗୁଲା** ***ବି.*** କଲେଇକରା ବଡ଼ ତସଲା, କଡ଼ାଲଗା ବଡ଼ ପିତ୍ତଳ କୁଣ୍ଡ ।

**ଗାଙ୍ଗୋ** ***ବି.*** ଝିଣ୍ଟିକା, ଫସଲ ନଷ୍ଟକାରୀ ଛୋଟ ଡେଣାଯୁକ୍ତ ପତଙ୍ଗ ।

**ଗାଙ୍ଗୋଇ** ***ବି.*** ମାଛରଙ୍କା ଚଢ଼େଇ, ଗଙ୍ଗେଇ ।

**ଗାଜର** ***ବି.*** ଲାଲରଙ୍ଗର ମୂଳାଜାତୀୟ ପରିବା ।

**ଗାଜରା** ***ବି.*** ହାତରେ ପିନ୍ଧାଯାଉଥିବା ଅଳଙ୍କାର ବିଶେଷ, କଙ୍କଣ ।

**ଗାଜି** ***ବି.*** ବୀର, ଯୋଦ୍ଧା, ସାହସୀ ।

**ଗାଜିବା** ***କ୍ରି.*** ୧. ଖୁନ୍ଦିବା, ଠେସିବା (ବନ୍ଧୁକ/ବାଣରେ ବାରୁଦ) ୨. ମୂଷଳ ଧାରାରେ ବର୍ଷିବା ୩. ବହେ ପିଟିବା/ ମାଡ଼ ଦେବା ୪. ଗର୍ଜନ କରିବା ।

**ଗାଞ୍ଜ ବି.** ୧. କଳସୀ ମୁହଁର ବିଣ୍ଡା ୨. ବାରୁଦ ଖୁନ୍ଦିବାପାଇଁ ବ୍ୟବହୃତ କାଠଦଣ୍ଡ ।

**ଗାଞ୍ଜିଆ ବି.** ଅଣ୍ଟାଖୋସା ପଇସାମୁଣି, ଲମ୍ବାମୁଣି ।

**ଗାଟ୍‌କରି କ୍ରି.ବିଂ.** ଦୃଢ଼ଭାବରେ, ଶକ୍ତଭାବରେ ।

**ଗାଟ୍ ହେବା କ୍ରି.** ପୋଷାକ, ଜୋତା ପ୍ରଭୃତି ଚିପାହେବା ।

**ଗାଟି ବିଂ.** ୧. ଶୁଣ୍ଟା, କୃପଣ, ଲୋଭୀ ୨. ଟାଣ ।

**ଗାଟିବା କ୍ରି.** ଦୃଢ଼ ଭାବରେ ଧରିବା, ଗାଠିବା ।

**ଗାଣ୍ଠୁ ବି.** ବନ୍ଧ, ବଡ଼ହିଡ଼ ।

**ଗାଡ଼ ବି.** ପାଣି ଜମି ରହିଥିବା ଅତି ଛୋଟ ଓ ଗଭୀର ସ୍ଥାନ, ଗାତ, ଛିଦ୍ର, କଣା ; **ବିଂ.** ଗଭୀର ।

**ଗାଡ଼ ଖୋଳିବା କ୍ରି.** ୧. ମାଟିରେ ଗାତ କରିବା ୨. ଅନ୍ୟର ଅନିଷ୍ଟ କରିବାର ଉପାୟ କରିବା ।

**ଗାଡ଼ନ୍ ବିଂ.** ବଗିଚା, ଉଦ୍ୟାନ ।

**ଗାଡ଼ପଶା ବିଂ.** ଭର୍ତ୍ସନାମୂଳକ ଗାଳି, ଅଳପା(ପୋଇଷା, ଗାଡ଼ଶୁଆ ।

**ଗାଡ଼ରଗଡ଼୍‌ମା ବି.** ଉଦ୍ଦେଶ୍ୟ ମୂଳକଭାବେ ଉଚ୍ଚାରିତ ଏକ ପ୍ରକାର ଗାଳି ।

**ଗାଡ଼ରା ବି.** ଗଡ଼୍‌ରା, ଅଣ୍ଡିରା ମେଣ୍ଢା, ଗାରଡ଼ ।

**ଗାଡା ବି.** ଏକ ପ୍ରକାର ପିତ୍ତଳ ଗରା ।

**ଗାଡ଼ି ବି.** ଦୁଇ, ଚାରି ଅଥବା ବହୁ ଚକଯୁକ୍ତ ଯାନ-ଶଗଡ଼, ରଥ, ରେଳଗାଡ଼ି ଇତ୍ୟାଦି ।

**ଗାଡ଼ିଆ ବି.** ଗଡ଼ିଆ, କ୍ଷୁଦ୍ର ଜଳାଶୟ, ପୋଖରୀ ।

**ଗାଡ଼ିଆନ୍ ବି.** ୧. ମୁରବୀ, ଅଭିଭାବକ ୨. ନିରାପତ୍ତାଦାତା।

**ଗାଡ଼ିଆଳ ବି.** ଗାଡ଼ିଚାଳକ, ଶଗଡ଼ିଆ, କୋଚମ୍ୟାନ/ ଡ୍ରାଇଭର ।

**ଗାଡ଼ି କରିବା କ୍ରି.** ଗାଡ଼ି ଭଡ଼ାରେ ନେବା ।

**ଗାଡ଼ିବା ବି.** ୧. ଗାତରେ ପୋତିବା ୨. ନୁଆଁଇବା ୩. ଟାଣିବା ।

**ଗାଡ଼ିବାଲା ବି.** ୧. ଗାଡ଼ିମାଲିକ ୨. ଗାଡ଼ିଚାଳକ ।

**ଗାଡ଼ି ଯୋଚିବା ବି.** ଗାଡ଼ି ଟାଣିବାପାଇଁ ଘୋଡ଼ା/ବଳଦ ପ୍ରଭୃତି ବାନ୍ଧିବା ।

**ଗାଡୁଆ ବିଂ.** ୧. ଗାଡୁଆ, ଗାତ ଭିତରେ ରହୁଥିବା ୨. ଗଭୀର ।

**ଗାଡୁଗାଡୁ କ୍ରି.ବିଂ.** ଗାରୁଗାରୁ, ଅସନ୍ତୁଷ୍ଟ, ବିରକ୍ତିଭାବ ପ୍ରକାଶକ ।

**ଗାଢ଼ ବିଂ.** ୧. ଘନ, କଠିନ ୨. ଦୃଢ଼ ୩. ବହଳ ୪. ଗଭୀର ୫. ନିମଗ୍ନ, ନିମଜ୍ଜିତ ।

**ଗାଢ଼ ଆଲିଙ୍ଗନ ବି.** ନିବିଡ଼୍ ଆଲିଙ୍ଗନ, ଗାଢ଼ ସୁରତି ।

**ଗାଢ଼ନିଦ୍ରା ବି.** ଘୋରନିଦ, ଗହମନିଦ ।

**ଗାଢ଼ପ୍ରୀତି ବି.** ନିବିଡ଼ ପ୍ରେମ, ଅବିଚ୍ଛେଦ୍ୟ ପ୍ରେମ ।

**ଗାଢ଼ା ବିଂ.** ବସି ଯାଇଥିବା, କାଠୁଆ, ବହଳିଆ, ତରଳ ଅବସ୍ଥାରୁ ଘନ ହୋଇଥିବା(ପଦାର୍ଥ) ।

**ଗାଢୁଆ ବିଂ.** ୧. କଠିନ, କାଠୁଆ, ଘନ ୨. କୃପଣ ୩. ଦୃଢ ୪. ନିଷ୍ଠୁର ; **କ୍ରି.ବିଂ.** ଗାଢ଼େ, ଗାଢ଼ ଭାବରେ, ଦୃଢ଼ ଭାବରେ ।

**ଗାଣ ବି.** ଗୀତ, ଗାଆଣ, ଗାୟକ ।

**ଗାଣପତ୍ୟ ବିଂ.** ଗଣେଶ ବା ଗଣପତିଙ୍କ ସମ୍ବନ୍ଧୀୟ, ଗଣେଶ ଉପାସକ ।

**ଗାଣିତିକ ବିଂ.** ଗଣିତ ବିଦ୍ୟା ସମ୍ବନ୍ଧୀୟ ।

**ଗାଣ୍ଠି ବି.** ୧. ଦୃଢ଼ ଭାବେ ବନ୍ଧା ଯାଇଥିବା ବୋକ୍‌ଚା ବା ଗଣ୍ଠିରା, ଦୃଢ଼ ଭାବେ ଧରିବା ୨. ପେଟ୍‌ରା, ପେଟି ।

**ଗାଣ୍ଠିଆ ବି.** ବେସନରେ ତିଆରି ତେଲଛଣା ଖାଦ୍ୟ ।

**ଗାଣ୍ଠିବା କ୍ରି.** ଜାବୁଡ଼ି ଧରିବା, କାବୁ କରିବା, ଜବତ କରିବା ।

**ଗାଣ୍ଠିଲି ବି.** ଗଣ୍ଠିଲି, ବୋକ୍‌ଚା ।

**ଗାଣ୍ଡି ବି.** ୧. ପିଚା, ଗୁହ୍ୟଦ୍ୱାର, ଗୁଦ ୨. ଶରୀରର ନିମ୍ନଭାଗ, ପଛଭାଗ ୩. ତଳଭାଗ, ଶେଷଭାଗ ।

**ଗାଣ୍ଡିଆ ବି.** ୧. ସମଲିଙ୍ଗୀ ମୈଥୁନାସକ୍ତ ପୁରୁଷ ୨. ଯେଉଁ ପାତ୍ରର ବଇଠି ଅଛି ୩. ଯୁକ୍ତିହୀନତା, ଅନ୍ୟାୟ ।

**ଗାଣ୍ଡିଆବତା ବି.** ଘରଛପର ପରେ ମୂଳ ଗଡ଼ିର ନଡ଼ାକୁ ଚିପିକରି ରଖିବାରେ ବ୍ୟବହୃତ ବାଉଁଶବତା ।

**ଗାଣ୍ଡିକନା ମୁଣ୍ଡରେ ବାନ୍ଧିବା କ୍ରି.** ବିଶେଷ ଭାବେ ଚିଡ଼ିଯିବା, ହିତାହିତ ଜ୍ଞାନ ହରେଇ ବସିବା ।

**ଗାଣ୍ଡି କୁଣ୍ଡେଇହେବା କ୍ରି.** ୧. ମାଡ଼ ମୁଳେଇବା ୨. ଗାଣ୍ଡି ଶୁଳେଇ ହେବା, ଗାଣ୍ଡି ଗଲଗଲ ହେବା ୩. କଳିକୁ ଡାକି ଆଣିବା ।

**ଗାଣ୍ଡି ଖସେଇବା କ୍ରି.** ଦାୟିତ୍ୱରୁ ଓହରି ଯିବା, ସୁବିଧାବାଦୀ ହେବା, ଅଲକ୍ଷ୍ୟରେ ଓହରିଯିବା ।

**ଗାଣ୍ଡି ଗଳିପଡ଼ିବା କ୍ରି.** ୧. ରୋଗୀର ଅଜାଣତରେ ତରଳ ଝାଡ଼ା ହେବା ୨. ପିନ୍ଧା ପାଇଜାମା/ପ୍ୟାଣ୍ଟ ଢୁଗୁଳା ହେବା ।

**ଗାଣ୍ଡି ଗୁଞ୍ଜିବା କ୍ରି.** ୧. ଅତି କଷ୍ଟରେ ରହିବା ପାଇଁ ଜାଗାଟିଏ ପାଇବା ୨. ପଛଘୁଞ୍ଚା ଦେବା ।

**ଗାଣ୍ଡିଘଷା ବିଂ.** ଦେହଘଷା, ଦେହସୁହା, ଅଭ୍ୟସ୍ତ ।

**ଗାଣ୍ଡି ଧୋଇବା କ୍ରି.** ଛଅଞ୍ଚି ହେବା, ପାଣିରେ ଶୌଚ ହେବା ।

**ଗାଣ୍ଡିପାଡ଼ି ବସିବା** ***କ୍ରି.*** ୧. ତଳେ ପିଚାମାଡ଼ି ବସିବା ୨. କୌଣସି ବିଷୟରେ ଦୃଢ଼ ରହିବା ୩. ନିଜର ଅକ୍ତିଆର୍‌କୁ ନେବା ।

**ଗାଣ୍ଡି ପୁଟୁ ପୁଟୁ** ***ବି.*** ଭୟରେ କାତର ଭାବ ।

**ଗାଣ୍ଡି ପୋଡ଼ିବା** ***କ୍ରି.*** ୧. ଭୟଭୀତ ହେବା ୨. ମଳଦ୍ୱାରର ଜ୍ୱଳନ ଜନିତ ପୀଡ଼ା ଭୋଗିବା ।

**ଗାଣ୍ଡି ଫାଟିବା** ***କ୍ରି.*** ଧୈର୍ଯ୍ୟ ଓ ସାହସର ଅଭାବ ଅନୁଭବ କରିବା, ଭୟଭୀତ ହେବା ।

**ଗାଣ୍ଡିବ** ***ବି.*** ଅର୍ଜୁନଙ୍କ ଧନୁ ।

**ଗାଣ୍ଡିମରା** ***ବି.*** ଅସ୍ୱାଭାବିକ ମୈଥୁନ; ***ବିଂ.*** ୧. ଅସଦୁପାୟରେ ଅର୍ଜିତ (ଧନ) ୨. ଠକ, ଅବିଶ୍ୱାସୀ ।

**ଗାଣ୍ଡିମୁଣା** ***ବି.*** ପାଇଜାମା ।

**ଗାଣ୍ଡିମୁଣ୍ଡ** ***ବି.*** ୧. କଥାର ଆଦିଅନ୍ତ, ଠିକଣା ୨. ଆଗପଛ ୩. ବାଗବାଇଶ ।

**ଗାଣ୍ଡି ଶୁଖିବା** ***କ୍ରି.*** ୧. ଜୀର୍ଣ୍ଣଶୀର୍ଣ୍ଣ ହୋଇଯିବା ୨. ପଛଘୁଞ୍ଚା ଦେବା ।

**ଗାଣ୍ଠୁ** ***ବି.*** ୧. ଆବୁଭଳି ବଢ଼ିଥିବା ନାହି ୨. ଲୁଣିମାଛର ନାହିରୁ ବାହାରିବା ଟାଣୁଆ ମାଂସପିଣ୍ଡ ୩. ଗାଣ୍ଡିଆ; ***ବିଂ.*** ୧. ଅଣପୁରୁଷା ୨. ନିକମ୍ମା, ନିର୍ବୁଦ୍ଧିଆ ।

**ଗାଣ୍ଠୁଆ** ***ବି.*** ବାଉଁଶ ପାତିଆରେ ବୁଣା ହୋଇଥିବା ଚଟକା ଟୋକେଇ ।

**ଗାଣ୍ଡେଇବା** ***କ୍ରି.*** ୧. ପିଚା ଘଷିଘଷି ଯିବା ୨. ଅବଜ୍ଞା କରିବା ।

**ଗାତ** ***ବି.*** ୧. ଖାଲ ୨. ରନ୍ଧ୍ର, ଛିଦ୍ର, କଣା ।

**ଗାତ କରିବା** ***କ୍ରି.*** ମାଟି ଖୋଳି ଗର୍ତ୍ତ କରିବା ।

**ଗାତପଶା** ***ବିଂ.*** ୧. ଗାଳି ବିଶେଷ-ଅଳପେଇଷା ୨. ଗାତଶୁଆ, ଡରୁଆ ।

**ଗାତୁଆ** ***ବିଂ.*** ୧. ଯେ ଗାତ ଭିତରେ ରୁହେ ୨. ଯେ ଗୁମରକଥା ବା ଘଟଣାର ରହସ୍ୟ/କାରଣ ଜାଣିଥାଏ ।

**ଗାତୁଆ ମୂଷା** ***ବି.*** ଧାନକ୍ଷେତରେ /ଘରେ ଗାତ କରି ରହୁଥିବା ମୂଷା ।

**ଗାତ୍ର** ***ବି.*** ଶରୀର, ଦେହ ।

**ଗାତ୍ରକଣ୍ଡୁ** ***ବି.*** ଦେହ କୁଣ୍ଡେଇ ହେବା, ଗଲୁ କରିବା ।

**ଗାତ୍ରକମ୍ପ** ***ବି.*** ଭୟରେ ଦେହ ଥରିବା ।

**ଗାତ୍ରଦାହ** ***ବି.*** ୧. ଦେହର ଜ୍ୱଳନ, ଗାତ୍ରଜ୍ୱାଳା ୨. ମନର ପୀଡ଼ା, ଈର୍ଷା ଜନିତ ମାନସିକ ଅଶାନ୍ତି ।

**ଗାତ୍ରମାର୍ଜନ** ***ବି.*** ଘଷିମାଜି ହୋଇ ଗାଧୋଇବା, ଜଳରେ ସ୍ନାନ ।

**ଗାତ୍ରସ୍ପର୍ଶ** ***ବି.*** ଦେହକୁ ଛୁଇଁବା ।

**ଗାତ୍ର ହରିଦ୍ରା** ***ବି.*** ବାତୁଅ ପାଣି ଗାଧୋଇବା, ବିବାହ ପୂର୍ବରୁ ହଳଦୀ ଲଗାଇ ସ୍ନାନ ।

**ଗାତ୍ରୋତ୍‌ଥାନ** ***ବି.*** ନିଦରୁ ଉଠିବା, ଶୋଇବା ବିଛଣା ତ୍ୟାଗ କରିବା ।

**ଗାଥା** ***ବି.*** ୧. ଏକ ପ୍ରକାର କାହାଣୀ ପ୍ରଧାନ କବିତା ୨. ଶ୍ଳୋକ, ଛାନ୍ଦ, ପଦ୍ୟ, ବର୍ଣ୍ଣନାତ୍ମକ ଗୀତ, ବେଦର ସୂକ୍ତ ବ୍ୟତୀତ ଅନ୍ୟସ୍ତୋତ୍ର, ପିତୃ ଓ ପୃଥ୍ୱୀ ବିଷୟକ ଗୀତ ।

**ଗାଥାକବିତା** ***ବି.*** କାହାଣୀ ଧର୍ମୀ ବର୍ଣ୍ଣନାତ୍ମକ କ୍ଷୁଦ୍ର ସ୍ତବକ ଯୁକ୍ତ କବିତା/ ଗୀତ ।

**ଗାଥାକାର** ***ବି.*** ମହାକବି ।

**ଗାଦି** ***ବି.*** ୧. ସିଂହାସନ, ମଞ୍ଚ, ଉଚ୍ଚସ୍ଥାନ ୨. ପଦବୀ, ଆସ୍ଥାନ ୩. ଭାଗବତ ଗାଦି ୪. ସ୍ତୂପ, ଗଦା ୫. ମହନ୍ତ ମହାପୁରୁଷଙ୍କ ମଠ ବା ବିଶ୍ରାମସ୍ଥଳ ୬. ସମାଧିସ୍ଥଳ ।

**ଗାଦିଗୁଦି** ***କ୍ରି.ବିଂ.*** ଖୁନ୍ଦାଖୁନ୍ଦି ।

**ଗାଦିଗୋସାଇଁ** ***ବି.*** ୧. ଭାଗବତ ଆଦି ଧର୍ମଗ୍ରନ୍ଥ/ ପୋଥି ପୂଜା ପାଉଥିବା ସ୍ଥାନ ୨. ମହାପୁରୁଷଙ୍କ କବର ସ୍ଥାନ ।

**ଗାଦିଚ୍ୟୁତ** ***ବିଂ.*** ୧. ପଦଚ୍ୟୁତ, ଶାସନ ଚ୍ୟୁତ ୨. ବିତାଡ଼ିତ ୩. ନିର୍ଦ୍ଦିଷ୍ଟ ସ୍ଥାନରୁ ଖସିଥିବା ।

**ଗାଦି ମାଡ଼ି ବସିବା** ***କ୍ରି.*** ୧. କୌଣସି ସ୍ଥାନରେ ଆସନ ଜମାଇ ବସିବା ୨. ଜୋର ଜବରଦସ୍ତ ଅଧିକାର କରିବା ।

**ଗାଦିରେ ବସିବା** ***କ୍ରି.*** ସିଂହାସନ ଆରୋହଣ କରିବା, ରାଜତ୍ୱ କରିବା ।

**ଗାଧିବା** ***କ୍ରି.ବି.*** ଗାଧୋଇବା, ସମଗ୍ର ଦେହକୁ ପାଣିରେ ସଫା କରିବା ।

**ଗାଧାଗାଧି** ***ବି.*** ସ୍ନାନ ପ୍ରଭୃତି ନିତ୍ୟକର୍ମ, ଗାଧୁଆପାଧୁଆ ।

**ଗାଧି ଛାଡ଼ିବା** ***କ୍ରି.*** ଗର୍ଭବତୀ ହେବା, ଗାଭିଲ୍ ହେବା ।

**ଗାଧିବା** ***କ୍ରି.*** ଗାଧୋଇବା ।

**ଗାଧୁଆ** ***ବି.*** ସ୍ନାନ ; ***ବିଂ.*** ଗାଧୋଇଥିବା, ସ୍ନାନ କରିଥିବା ।

**ଗାଧୁଆଗାଧି** ***ବି.*** ସ୍ନାନାଦି ନିତ୍ୟକର୍ମ ।

**ଗାଧୁଆଘର** ***ବି.*** ସ୍ନାନାଗାର ।

**ଗାଧୁଆତୁଠ** ***ବି.*** ଜଳାଶୟ ବା ନଦୀରେ ଲୋକମାନଙ୍କର ସ୍ନାନ କରିବା ଜାଗା/ତୁଠ/ଘାଟ ।

**ଗାଧୁଆବେଳ** ***ବି.*** ଆସନ୍ନ ମଧ୍ୟାହ୍ନ, ଦି'ପହର ।

**ଗାଧେଇବା ପାଧେଇବା** ***କ୍ରି.*** ସ୍ନାନ କରିବା

**ଗାଧେଇତେ** ***କ୍ରି.ବିଂ.*** ଗାଧୋଇବାପାଇଁ ।

**ଗାଧୋଇଦେବା** ***କ୍ରି.*** ସ୍ନାନ କରେଇବା, ମାର୍ଜନା କରିବା ।

**ଗାଧୋଇବା** ***କ୍ରି.*** ସ୍ନାନ କରିବା ।

**ଗାଧୋଇ ପଡ଼ିବା** ***କ୍ରି.*** ୧. ସ୍ନାନ କାର୍ଯ୍ୟ ଶେଷକରିବା ୨. ଦେହ ଝାଳରେ ଜୁତୁବୁତୁ ହୋଇଯିବା ୩. ଭୟ ଓ ଆଶଙ୍କାରେ ଦେହ ଝାଳରେ ଜଡ଼ସଡ଼ ହୋଇଯିବା ।

**ଗାନ** ***ବି.*** ୧. ଗୀତ ବୋଲିବା, ଗାଉଣା ୨. ପ୍ରଶଂସା କରିବା ୩. କୀର୍ତ୍ତନ ୪. ବାରମ୍ବାର ଆବୃତ୍ତି କରିବା ।

**ଗାନବାଦ୍ୟ** ***ବି.*** ଗୀତ ଗାଇବା ଓ ବାଦ୍ୟ ବଜାଇବା ।

**ଗାନା** ***ବି.*** ୧. ଗୀତ ଗାଇବା, ଗାଉଣା ୨. ଗୀତ, ସଙ୍ଗୀତ ।

**ଗାଛଣି** ***ବି.*** ୧. ଗୁଛିବା କାମ ୨. କାଦୁଅ ବା ଚୂନଦ୍ୱାରା ଇଟା ବା ପଥର ବସାଣ, ଗାଛନି ।

**ଗାନ୍ଧର୍ବ** ***ବିଂ.*** ଗନ୍ଧର୍ବ ସମ୍ବନ୍ଧୀୟ, ଏକ ପ୍ରକାର ସ୍ୱେଚ୍ଛାବରଣ ସଙ୍ଗୀତ, ଗାନ ବା ବାଦ୍ୟଶାସ୍ତ୍ର ।

**ଗାନ୍ଧର୍ବବେଦ** ***ବି.*** ସଙ୍ଗୀତଶାସ୍ତ୍ର, ଗାନ୍ଧର୍ବବିଦ୍ୟା ।

**ଗାନ୍ଧର୍ବୀ** ***ବି.*** ୧. ଦୁର୍ଗା ୨. ନବଯୁବତୀ ।

**ଗାନ୍ଧାର** ***ବି.*** ୧. ପ୍ରାଚୀନ ଭାରତର ଉତ୍ତର ପଶ୍ଚିମ ସୀମାନ୍ତସ୍ଥ ଏକ ଦେଶ ୨. ସଙ୍ଗୀତର ସପ୍ତସ୍ୱର ମଧ୍ୟରୁ ତୃତୀୟ ସ୍ୱର, ଏକ ସ୍ୱରଗ୍ରାମ ୩. ସିନ୍ଦୂର ୪. ଗୁଗୁଳ ୫. ଗନ୍ଧକ ।

**ଗାନ୍ଧାରୀ ଏକାଦଶୀ** ***ବି.*** ଶ୍ରାବଣ କୃଷ୍ଣ ଏକାଦଶୀ, ଅନ୍ନଦାନ ଏକାଦଶୀ ।

**ଗାନ୍ଧୀ** ***ବି.*** ୧. ଜାତିର ଜନକ ମହାତ୍ମା ଗାନ୍ଧୀ ୨. ବଂଶର ଉପାଧି ବିଶେଷ ।

**ଗାନ୍ଧୀଟୋପି** ***ବି.*** ଗାନ୍ଧୀ ବ୍ୟବହାର କରୁଥିବା ଧଳା ଖଦଡ଼ଟୋପି ।

**ଗାନ୍ଧୀବାଦ** ***ବି.*** ସତ୍ୟ ଓ ଅହିଂସା ଉପରେ ଆଧାରିତ ଗାନ୍ଧିଜୀଙ୍କର ଜୀବନାଦର୍ଶ ।

**ଗାପ୍** ***ବି.*** ୧. ଲୁଚାଇବା, ଗୋପନ ରଖିବା ୨. ଫାଙ୍କ ୩. ଦୂରତ୍ୱ ।

**ଗାପ୍ କରିବା** ***କ୍ରି.*** ଗୋପନ କରିବା, ଗାପ୍ ମାରିବା ।

**ଗାଫ୍** ***ବିଂ.*** ଘନଭାବରେ ବୁଣାଯାଇଥିବା (ବସ୍ତ୍ର) ।

**ଗାଫିବା** ***କ୍ରି.*** ୧. ଲୁଚାଇବା ୨. ତଳକୁ ଦବାଇବା ।

**ଗାଫିଲ୍** ***ବିଂ.*** ଅବହେଳାକାରୀ, ଅସାବଧାନ ।

**ଗାବ** ***ବି.*** ୧. ଗାଈ, ଗୋରୁଗାଈ ୨. ମୃଦଙ୍ଗ ଆଦି ବାଦ୍ୟଯନ୍ତ୍ରର ଦୁଇପଟେ ବୋଳାଯାଉଥିବା ଏକ ପ୍ରକାର ପ୍ରଲେପ ୩. ଏକପ୍ରକାର ମିଠାଫଳ ।

**ଗାବରାଇବା** ***କ୍ରି.*** ଅସୁନ୍ଦର ଭାବେ ବା ଅସ୍ପଷ୍ଟଭାବେ ଲେଖିବା ।

**ଗାବରାଗାବରି** ***ବି.*** ଏଣ୍ଡୁଡେଣ୍ଡୁ ଗାରିଆଗାରି ।

**ଗାବିବା** ***କ୍ରି.*** ୧. ଗାଇବା ୨. ତଳକୁ ଦବାଇବା ୩. ଗୋପନ କରାଇବା ୪. ଏକାବେଳକେ ଗିଳି ପକାଇବା ।

**ଗାବୁକିନା** ***ଅ.*** ହଠାତ୍ ମାଡ଼ି ବସିବା ।

**ଗାଭିଲ୍** ***ବିଂ.*** ଗର୍ଭିଣୀ, ଗର୍ଭବତୀ ।

**ଗାଭୀ** ***ବି.*** ୧. ଗାଈ ୨. ଜାହାଜ ମାସ୍ତୁଲରେ ବନ୍ଧା ହେବା ପାଲ ।

**ଗାମରା** ***ବି.*** ୧. ଗରା, ପିତ୍ତଳ ମାଠିଆ ୨. ଏକ ଜାତୀୟ କାତି ନ ଥିବା ମାଛ ।

**ଗାମଲା** ***ବି.*** ଗମଲା ।

**ଗାମୁଛା** ***ବି.*** ଦେହପୋଛା, ଗାମ୍ଛା, ଅଙ୍ଗଛି, ଛୋଟଲୁଗା ।

**ଗାମ୍ବଲ୍** ***ବି.*** ୧. ଜୁଆଖେଳ, ବାଜିମରା ଖେଳ ୨. ଆଗପଛ ଖାତିର ନ କରି ସାହସର ସହ ବିପଦ ସାଙ୍ଗରେ ଖେଳ ।

**ଗାମ୍ଭୀର୍ଯ୍ୟ** ***ବି.*** ୧. ଗମ୍ଭୀରତା, ମହତ୍ତ୍ୱ ୨. ମାହାତ୍ମ୍ୟ ୩. ଧୈର୍ଯ୍ୟ ୪. ଗୂଢ଼ତା, ପ୍ରଗାଢ଼ତା ।

**ଗାୟକ** ***ବି.*** ଗାନକାରୀ; ସଙ୍ଗୀତ, ସଂକୀର୍ତ୍ତନ ଓ ପାଲା ପ୍ରଭୃତିରେ ପ୍ରଧାନ ଗାୟକ ବା ମୁଖିଆ ବ୍ୟକ୍ତି; ସଙ୍ଗୀତଜୀବୀ(ସ୍ତ୍ରୀ- ଗାୟିକା) ।

**ଗାୟଣୀ** ***ବି.*** ଗୀତ ଗାଉଥିବା ନାରୀ, ଗାନ-ବିଶାରଦା ।

**ଗାୟତ୍ରୀ** ***ବି.*** ଗାଇତ୍ରୀ ।

**ଗାୟନ** ***ବି.*** ଗୀତ ବୋଲିବା ।

**ଗାୟବ୍** ***ବି.ବିଂ.*** ଉଭାନ, ଅଦୃଶ୍ୟ, ଗୁପ୍ତ, ଲୁକ୍କାୟିତ, ଗାଏବ୍ ।

**ଗାର୍, ଗାର୍କିଆ** ***ବିଂ.*** ଗାରଗାରିଆ, ଭିନ୍ନଭିନ୍ନ ରଙ୍ଗର ଗାର ଥିବା, ଡୋରିଆ ।

**ଗାର୍ମେଣ୍ଟ୍** ***ବି.*** ପୋଷାକପତ୍ର ।

**ଗାର୍ଲାଣ୍ଡ୍** ***ବି.*** ଫୁଲମାଳ ।

**ଗାର୍ଲାଣ୍ଡିଙ୍ଗ୍** ***ବି.*** ମାଲ୍ୟାର୍ପଣ, ଫୁଲମାଳ ଦେବା ।

**ଗାର** ***ବି.*** ୧. ରେଖା, ଗିରା ୨. ଲେଖା, ଗଣନା ୩. ଓଜନ କରିବା ବା ମାପିବା ପରିମାଣ ସୂଚକ, ଦାଗ ବା ଚିହ୍ନ ୪. ତାଲିକା ।

**ଗାର କାଟିବା** ***କ୍ରି.*** ୧. ରେଖା ଅଙ୍କନ କରିବା ୨. ଲେଖିବା, ଲିଖିତ ଆଦେଶ ଦେବା ୩. ସୀମା ନିର୍ଦ୍ଦେଶ କରିବା ୪. ସମାପ୍ତ କରିବା ।

**ଗାରଗାର** ***ବି.*** ବହୁତ ଗାର ଥିବା (ବସ୍ତୁ) ।

**ଗାରଡ଼** ***ବି.*** ଅଣ୍ଡିରାମେଣ୍ଢା ।

**ଗାରଡ଼ ମୁହାଁ** ***ବି.*** ମେଣ୍ଢାମୁହାଁ ।

**ଗାରଡ଼ି** ***ବି.*** ୧. ଇନ୍ଦ୍ରଜାଲ, ମାୟାବିଦ୍ୟା, ଗାରୁଡ଼ିବିଦ୍ୟା ୨. ସାପ ବିଷ ଝାଡ଼ିବା ମନ୍ତ୍ର, ଗାରୁଡ ୩. (ସ୍ତ୍ରୀ) ମାଈମେଣ୍ଢା, ମେଣ୍ଢୀ ।

**ଗାରଡ଼ିଆ** ***ବି.*** ବିଷ-ଚିକିତ୍ସକ, ଗାରୁଡିଆ, ଗାରୁଡ଼ିକ, ସାପୁଆକେଳା ।

**ଗାରଡ଼ିମନ୍ତ୍ର** ***ବି.*** ସାପବିଷ ଝଡା ମନ୍ତ୍ର, ସର୍ପ ବଶୀକରଣ ମନ୍ତ୍ର ।

**ଗାର ଡେଇଁବା** ***କ୍ରି.*** ସୀମା ଲଙ୍ଘନ କରିବା ।

**ଗାରଡ଼େଇବା** ***କ୍ରି.*** ଟେରେଇ କରି ଚାହିଁବା ।

**ଗାରଦ** ***ବି.*** ୧. କାରାଗାର ୨. ବନ୍ଦିଶାଳ, ହାଜତ ।

**ଗାରା** ***ବି.*** ହିଂସ୍ରଜନ୍ତୁଙ୍କୁ ପ୍ରଲୋଭିତ କରି ଆଣିବାପାଇଁ ମଞ୍ଚା ନିକଟରେ ବନ୍ଧା ଯାଇଥିବା ଛେଳିଆଦି ପଶୁ ।

**ଗାରି** ***ବି.*** ବିରିରେ ତିଆରି ବରା ।

**ଗାରିଆ** ***ବିଂ.*** ବିଭିନ୍ନ ଗାର ବିଶିଷ୍ଟ, ଗାର କଟା ଯାଇଥିବା, ଅସ୍ପଷ୍ଟ ଭାବେ ଲେଖା ଯାଇଥିବା ।

**ଗାରିଆଗାରି** ***ବିଂ.*** ଏଣୁତେଣୁ ଲେଖା ଯାଇଥିବା ।

**ଗାରିଆମାରିଆ** ***ବିଂ.*** ଗାରରେ କଟାକଟି ହୋଇଥିବା, କଦର୍ଯ୍ୟ ଭାବେ ଲିଖିତ ।

**ଗାରିମା** ***ବି.*** ଟେକ, ବଡପଣ, ମହତ୍ତ୍ୱ, ବଡାଇ, ଗର୍ବ ।

**ଗାରୁ** ***ବି.*** ନାଁ ପରେ ଲଗାଯାଇଥିବା ସମ୍ମାନାସ୍ପଦ ଶବ୍ଦ, ବାବୁ, ମହାଶୟ ।

**ଗାରୁଆ** ***ବିଂ.*** ଗାରଯୁକ୍ତ ।

**ଗାରୁଗାରୁ** ***ବିଂ.*** ବିରକ୍ତି ପ୍ରକାଶ କରିବା, ଗାଉଁ ଗାଉଁ ହେଉଥିବା, ମୁହଁ ଫୁଲେଇ ବସିଥିବା, ବିମର୍ଷ, ଅସନ୍ତୋଷ ପ୍ରକାଶକ ।

**ଗାରୁଗାରୁଆ** ***ବିଂ.*** ସବୁବେଳେ ଅସନ୍ତୁଷ୍ଟ ।

**ଗାରେ** ***ଅ.*** ଲବମାତ୍ର, ତିଳେ, ଟିକିଏ ।

**ଗାରେଇବା** ***କ୍ରି.*** ଗାରକାଟିବା, ଲେଖିବା, ଏଣୁତେଣୁ ଗୁଡାଏ ଗାର କାଟିବା ।

**ଗାରେଜ୍, ଗ୍ୟାରାଜ୍** ***ବି.*** ୧. ଗାଡ଼ି ମରାମତି ଜାଗା ୨. ଗାଡ଼ି ରଖିବା ଜାଗା ।

**ଗାରେଣ୍ଟି, ଗ୍ୟାରେଣ୍ଟି** ***ବି.*** ୧. ଦୃଢ଼ ଜବାବ, ପ୍ରତିଶ୍ରୁତି ୨. ଜାମିନ୍ ୩. ଭରସା, ସ୍ପଷ୍ଟ ଘୋଷଣା ।

**ଗାର୍ଜନ୍, ଗାର୍ଡିଆନ୍** ***ବି.*** ନାବାଳକର ଅଭିଭାବକ, ଗୃହକର୍ତ୍ତା, ମୁରବି, ତତ୍ତ୍ୱାବଧାରକ ।

**ଗାର୍ଡ୍** ***ବି.*** ୧. ସଶସ୍ତ୍ରପ୍ରହରୀ, ଦେହରକ୍ଷୀ ୨. ପରୀକ୍ଷା ନିରୀକ୍ଷକ ୩. ରେଳଗାଡ଼ିର ତତ୍ତ୍ୱାବଧାରକ ।

**ଗାର୍ଡ୍ ଅଫ୍ ଅନର୍** ***ବି.*** ସାମରିକ ଅଭିବାଦନ ।

**ଗାର୍ଡ୍ ଦେବା** ***କ୍ରି.*** ପହରା ଦେବା, ଜଗିବା ।

**ଗାର୍ଡ୍‌ନ୍‌ଡ୍ରେନ୍** ***ବି.*** ବଗିଚା, ଉଦ୍ୟାନ ।

**ଗାର୍ଡ୍‌ନ୍‌ଡ୍ରେନ୍ ପାର୍ଟି** ***ବି.*** ବଗିଚାରେ ଆୟୋଜିତ ଭୋଜି ।

**ଗାର୍ଡ୍‌ଫାଇଲ** ***ବି.*** ଯେଉଁ ଫାଇଲରେ ବିଜ୍ଞପ୍ତି ଅଥବା ମୂଲ୍ୟବାନ କାଗଜପତ୍ର ରଖାଯାଏ ।

**ଗାର୍ଲ** ***ବି.*** ବାଳିକା ।

**ଗାର୍ହସ୍ଥ୍ୟ** ***ବି.ବିଂ.*** ଗୃହସ୍ଥ କର୍ମ, ଗୃହସ୍ଥ ସମ୍ବନ୍ଧୀୟ ।

**ଗାଳାଗାଳି** ***ବି.*** ଗାଳିମନ୍ଦ ।

**ଗାଳି** ***ବି.*** ୧. ଭର୍ତ୍ସନା, ଶୋଧା ୨. ଅଭିଶାପ ।

**ଗାଳି କରିବା** ***କ୍ରି.*** ଶୋଧିବା, ତିରସ୍କାର କରିବା ।

**ଗାଳି ଖାଇବା** ***କ୍ରି.*** ଅନ୍ୟ ବ୍ୟକ୍ତିଦ୍ୱାରା ଭର୍ତ୍ସିତ ହେବା ।

**ଗାଳି ଗଞ୍ଜଣା** ***ବି.*** ଅପମାନ ପାଇବା ଜନିତ ଦୁଃଖ ।

**ଗାଳିଗୁଲଜ** ***ବି.*** ନାନା ପ୍ରକାର ଗାଳି, ଭର୍ତ୍ସନା ।

**ଗାଳି ଦିଆଦେଇହେବା** ***କ୍ରି.*** ପରସ୍ପରକୁ ନିନ୍ଦା କରିବା, ଭର୍ତ୍ସନା କରିବା ।

**ଗାଳି ଫଜିତ** ***ବି.*** ଗାଳିମନ୍ଦ, ଧିକ୍କାର ।

**ଗାଳିବା** ***କ୍ରି.*** ୧. ଜଳୀୟ ଅଂଶ ନିଗାଡ଼ିବା, ନିଃସାରଣ କରିବା (ଭାତ ଗାଳିବା – ଭାତରୁ ପେଜ ନିଗାଡ଼ିବା) ୨. ପ୍ରଚୁର ବର୍ଷା କରିବା (ମେଘ ଗାଳୁଛି) ; ***ବି.*** ଅନର୍ଥ, ଗୋଳମାଳ ।

**ଗାଳିମନ୍ଦ** ***ବି.*** ଗାଳିଫଜିତ୍ ।

**ଗାଳିମାଡ଼** ***ବି.*** ଗାଳି ଓ ପ୍ରହାର ।

**ଗାଲ୍‌ବା** ***କ୍ରି.*** ଅବୈଧ ଗର୍ଭପାତ କରାଇବା, ପେଟ ଖସାଇବା ।

**ଗାଲ** ***ବି.*** ୧. ଗଣ୍ଡଦେଶ ୨. କପୋଳ ୩. ପାଟିର ଗୋଟିଏ ପାଖ କଳ ।

**ଗାଲଗପ୍ପା** ***ବି.*** ବାହାର ଚାକଚକ୍ୟ ।

**ଗାଲଗଳ୍ପ** ***ବି.*** ମିଛ କାହାଣୀ, ଗପ, ଖୁସିଗପ, ଗୁଲିଖଟି ଗପ ।

**ଗାଲତୁରୀ** ***ବି.*** ପାଟିରେ ପବନ ଭରି ଗାଲ ଫୁଲେଇ ପବନକୁ ମୁଖ ବାଟେ ଧୀରେ ଧୀରେ ଛାଡ଼ିବା ଫଳରେ ଉତ୍ପନ୍ନ ଶବ୍ଦ ।

**ଗାଲତୋଡା** ***ବି.*** ଗାଲରେ ଆଘାତ ଦେବା, ରାଗ ବା ସ୍ନେହରେ ଆଙ୍ଗୁଠିଦ୍ୱାରା ଅନ୍ୟର ଗାଲକୁ ଦଳିବା ।

**ଗାଲପଟା** ***ବି.*** ୧. ମୁହଁର ଚାରିପାଖେ ବନ୍ଧା ଯାଇଥିବା ଓ ଗାଲକୁ ଘୋଡେଇ ରଖିଥିବା ବସ୍ତ୍ର ୨. କାନମୂଳରୁ ଗାଲ ପର୍ଯ୍ୟନ୍ତ ରଖାଯିବା ଦାଢ଼ି ।

**ଗାଲପାଟି** ***ବି.*** ତଳପାଟି ଓ ତଳଗାଲ ଅଂଶ, ହନୁ ।

**ଗାଲପାଟି ଧରା** ***ବି.*** ୧. ଥଣ୍ଡାରେ ଗାଲ ଓ ପାଟି ଫୁଲିବା ରୋଗ, କୁମୁଟି ରୋଗ ୨. ଦାନ୍ତ ଜାବ ପଡ଼ିଯିବା ।

**ଗାଲଫୁଲା** ***ବି.*** ଗାଲୁଆ ରୋଗ ।

**ଗାଲଫୁଲୁକା** ***ବିଂ.*** ପୁଚୁକା ଗାଲିଆ ।

**ଗାଲନ୍** ***ବି.*** ପ୍ରାୟ ସାଢ଼େ ଚାରି ଲିଟର୍ ତରଳ ପଦାର୍ଥର ପରିମାପକ ।

**ଗାଲମାଧବ** ***ବି.*** ୧. କିମ୍ବଦନ୍ତୀ ଅନୁଯାୟୀ ଓଡ଼ିଶାର ଜନୈକ ପ୍ରାଚୀନ ରାଜା– ଯେ କି ଶ୍ରୀମନ୍ଦିର ତାଙ୍କ କୀର୍ତ୍ତି ବୋଲି ଦାବି କରି ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀରେ ଥିବା କୂର୍ମମାନଙ୍କ ସାକ୍ଷ୍ୟଦ୍ୱାରା ଅପଦସ୍ଥ ହୋଇଥିଲେ ୨. ମିଥ୍ୟା ଦାବି କରୁଥିବା ବ୍ୟକ୍ତି ।

**ଗାଲମୁଛା** ***ବି.*** କାନଠାରୁ ଗାଲ ପର୍ଯ୍ୟନ୍ତ ରଖାଯାଉଥିବା ଲମ୍ବାକଲି, ଗାଲପଟା ।

**ଗାଲରେ ଚୂନକାଳି ଦେବା** ***କ୍ରି.*** ଅପମାନ ଦେବାପାଇଁ ଗାଲର ଗୋଟିଏ ପଟେ ଚୂନ ଓ ଅନ୍ୟ ପଟେ କାଳି ବୋଳିବା ।

**ଗାଲରେ ହାତ ଦେବା** ***କ୍ରି.*** ଦୁଃଖରେ ମ୍ରିୟମାଣ ଓ ହତାଶ ହେବା ।

**ଗାଲା** ***ବି.*** ଝୁଣା ସିନ୍ଦୂର ମିଶା ଜଉ ।

**ଗାଲି** ***ବି.*** ୧. ମାଛଗାଲିସି ୨.ଫଳ ବା ଟାକୁଆର ଯେଉଁ ଅଂଶରୁ ଗଜା ବାହାରେ ୩. ଗଜା ୪. ଗାଳି, କଳି ।

**ଗାଲିଚା** ***ବି.*** ତନ୍ତୁରେ ତିଆରି ସତରଞ୍ଜି, କାର୍ପେଟ୍ ।

**ଗାଲି ପାରିବା** ***କ୍ରି.*** ୧. ଲୁଚିକରି କାନଡେରି ଶୁଣିବା ୨. ଛଳନା କରିବା, ଚେଇଁ ଶୋଇବା

**ଗାଲୁ** ***ବି.*** ୧. ଭୁରୁଡୁ, ମିଛକୁ ସତ ଓ ସତକୁ ମିଛ କହିବା ଅଭ୍ୟାସ ୨. ଠେଁସାପଣ, ଅବାଧ୍ୟତା ୩. ଆସ୍ଫାଳନ ୩. ନିରାଟ ମିଛକଥା ୪. ଗଲୁ, କଣ୍ଟୁ ୫. ଜଡାଗଛ ଓ ଏହାର ମଞ୍ଜି ।

**ଗାଲୁଆ** ***ବିଂ.*** ୧. ଫୁଟାଣିଆ ୨. ମିଛୁଆ, ଠାପୁଆ, ଅମାନିଆ ୩. ଯାହାକୁ ଗାଲଫୁଲା ରୋଗ ହୋଇଛି ୪. ଯାହାର ଗାଲ ଫୁଲ୍‌କା ।

**ଗାଲୁ କାଢ଼ିବା** ***କ୍ରି.*** ଗାଲୁ କରିବା, ଭୁରୁଡୁ ମାରିବା ।

**ଗାଲୁ ଛଡ଼ାଇବା** ***କ୍ରି.*** ବଳ ପ୍ରୟୋଗ ଓ ସାକ୍ଷ୍ୟ ପ୍ରମାଣଦ୍ୱାରା ମିଛୁଆ ଲୋକଠାରୁ ସତକଥା ବାହାର କରିବା, ଗାଲୁ ଭାଙ୍ଗିବା ।

**ଗାଲୁଭୁରୁଡୁ** ***ବି.*** ମିଥ୍ୟା ଆସ୍ଫାଳନ, ଆତ୍ମବଡ଼ିମା ।

**ଗାଲେଇବା** ***କ୍ରି.*** ୧. ଜାଣିଶୁଣି ଏଡ଼ି ଦେବା, ଗୁରୁତ୍ୱ ନ ଦେବା ୨. କାନ ଡେରି ଶୁଣିବା ।

**ଗାଲେରୀ** ***ବି.*** ପ୍ରେକ୍ଷାଳୟର ଦର୍ଶକ ମଞ୍ଚ, ପ୍ରଦର୍ଶନୀ କକ୍ଷ / ଗୃହ, ବହୁ ବ୍ୟକ୍ତି ବସିବା ପାଇଁ କ୍ରମୋଚ୍ଚ ଆସନ ଶ୍ରେଣୀ ।

**ଗାହନ** ***ବି.*** ୧. ମୁଣ୍ଡ ବୁଡ଼େଇ ଗାଧୋଇବା, ନିମଜ୍ଜନ ୨. ଆଲୋଡନ ।

**ଗାହାକ୍** ***ବି.*** ଗାୟକ ।

**ଗିଅର୍** ***ବି.*** ୧. ଦୁଇଚକିଆ, ଚାରିଚକିଆ ପ୍ରଭୃତି ଗାଡ଼ିରେ ଲାଗୁଥିବା ବେଗ ତଥା ଦକ୍ଷତା ନିୟନ୍ତ୍ରକ ଉପକରଣ ୨. ଦନ୍ତଚକ୍ର, ଦାନ୍ତିଆ ।

**ଗିଆଁତି** ***ବି.*** ଜ୍ଞାତି କୁଟୁମ୍ବ ।

**ଗିଆନ** ***ବି.*** ଜ୍ଞାନ, ହେତୁ ।

**ଗିଗା** ***ବି.*** ଝାଡାଯିବା, ହଗିବା, ମଳତ୍ୟାଗ କରିବା ।

**ଗିଗାବାଇଟ୍** ***ବି.*** ଶହେକୋଟି ମାପକ ଗଣନା ।

**ଗିଜ୍** ***ବି.*** ମଳଦ୍ୱାର, ଗାଣ୍ଡି ।

**ଗିଜ୍‌ଡିବା** ***କ୍ରି.*** ଦାନ୍ତ ଲେଫେଡ଼ିବା ।

**ଗିଜ୍‌ମୁନା** ***ବି.*** ଗାଣ୍ଡିମୁଣା, ପାଇଜାମା ।

**ଗିଜର** ***ବି.*** ପାଣି ଗରମକରିବା ପାଇଁ ବୈଦ୍ୟୁତିକ ଯନ୍ତ୍ର ।

**ଗିଜାଇବା** ***କ୍ରି.*** ହେଳାକରିବା, ଅନାଦର କରିବା, କାର୍ଯ୍ୟରେ ବିଳମ୍ବ କରିବା ।

**ଗିଟାର୍** ***ବି.*** ଛଅତାରଯୁକ୍ତ ବାଦ୍ୟଯନ୍ତ୍ର ବିଶେଷ ।

**ଗିଡ଼ିଗିଡ଼ି** ***ଅ.*** ୧. ଚକ ଗଡ଼ିବାର କର୍କଶ ଶବ୍ଦ, ଘିଡ଼ି ଘିଡ଼ି ୨. ମର୍ଦ୍ଦଳ ଆଦି ବାଦ୍ୟର ଶବ୍ଦ ।

**ଗିଣିଗିଣା** ***ବିଂ.*** ୧. ଗଣଗଣିଆ ୨. ଯେ ସବୁବେଳେ ଅସନ୍ତୁଷ୍ଟ ୩. ଅତ୍ୟନ୍ତ ସରୁ ୪. ଅମାର୍ଜିତ ୫. ଗୁଣୁଗୁଣୁ ସ୍ୱର କରୁଥିବା, ଗିଣିଗିଣି ଶବ୍ଦ କରୁଥିବା ; ***ବିଂ.*** ଗିଣିଗିଣିଆ ।

**ଗିଦଡ୍** ***ବି.*** ୧. କୋକିଶିଆଳି ୨. ବିଲୁଆ ।

**ଗିଦ୍ରିବା** ***କ୍ରି.*** ୧. ହସିକରି ଦାନ୍ତ ଦେଖାଇବା, ଦାନ୍ତ ନିକୁଟିବା ୨. ଦାନ୍ତ ଛୋଡ଼ିବା ।

**ଗିଧ୍‌ଲା** ***ବି.*** ଚେମିଣି, ସାନ ବାଦୁଡ଼ି ।

**ଗିଧ୍‌ଲି** ***ବି.*** ବାଦୁଡ଼ି, ଚେମିଣି ।

**ଗିଧ** ***ବି.*** ୧. ଗୃଧ୍ର, ଛଞ୍ଚାଣ ୨. ଚିଲ ।

**ଗିଧଡ୍** ***ବିଂ.*** ୧. ନିର୍ବୁଦ୍ଧିଆ, ଗଧା ୨. ଡରକୁଳା ।

**ଗିଧନ୍** ***ବି.*** ଶାଗୁଣା, ବଡ଼ ଡେଣାଯୁକ୍ତ ମାଂସପ୍ରିୟ ଓ ଅଶୁଭସୂଚକ ପକ୍ଷୀ ।

**ଗିଧନ୍‌ପଖିଆ** ***ବି.*** ବଡ ଟାଙ୍ଗିଆ ।

**ଗିନ୍‌ତି** ***ବି.*** ଗଣତି, ଗଣିବା କାର୍ଯ୍ୟ ।

**ଗିନା** ***ବି.*** ଛୋଟ କଟରା ।

**ଗିନି** ***ବି.*** ୧. କଂସା ଧାତୁରେ ନିର୍ମିତ ଛୋଟ କରତାଳ, ଧାତବ ତାଳବାଦ୍ୟ ୨. ୨୧ ଶିଲିଂ ମୂଲ୍ୟର ସ୍ୱର୍ଣ୍ଣମୁଦ୍ରା ।

**ଗିନି ଚିଙ୍ଗୁଡ଼ି** ***ବି.*** ଛୋଟଚିଙ୍ଗୁଡ଼ି ।

**ଗିନିପିଗ୍** ***ବି.*** ୧. ଏକ ପ୍ରକାର ଲାଞ୍ଜହୀନ ଧଳାମୂଷା ୨. କ୍ଷୁଦ୍ର ଜୀବ ୩. ଦୟାର ପାତ୍ର ୪. ଘୃଣାର ପାତ୍ର, ନଗଣ୍ୟ ୫. ବିପଜ୍ଜନକ ପରୀକ୍ଷାପାଇଁ ବ୍ୟବହୃତ ନିରୀହ ପ୍ରାଣୀ ।

**ଗିନିସୁନା** ***ବି.*** ୧. ଏଥିରେ ୨୨ ଭାଗ ସୁନା ଓ ୨ ଭାଗ ତମ୍ବା ଥାଏ ୨. ଖାଦମିଶା ସୁନା ।

**ଗିଫ୍‌ଟ** ***ବି.*** ୧. ଦାନ ୨. ଉପହାର, ଉପଢୌକନ ।

**ଗିମା** ***ବି.*** ପିତାଶାଗ ।

**ଗିର୍‌ଗିଟୀ** ***ବି.*** ୧. ଏଣ୍ଡୁଅ, ଦେହ ତୁଳନାରେ ବଡ଼ମୁଣ୍ଡଯୁକ୍ତ ଓ ରଙ୍ଗ ବଦଳାଉଥିବା ଜୀବ ବିଶେଷ - ମୁଣ୍ଡ ବଡ଼ ଯୋଗୁଁ ତାହା ବାରମ୍ବାର ହଲି ଯାଉଥାଏ, ଟେଣ୍ଡକୋ, କେମେଲିଅନ୍ ୨. ପୋକସୁଙ୍ଘା ।

**ଗିର୍‌ବା** ***କ୍ରି.*** ୧. ପଡ଼ିଯିବା ୨. ଜାଲରେ ମାଛ ଧରିବା ୩. ତରଳ ପଦାର୍ଥ ଭିତରୁ ଅନ୍ୟ ପଦାର୍ଥ ବାହାର କରିବା ।

**ଗିର୍‌ମିଟ୍** ***ବି.*** ଲୁହା ଭଅଁର, କାଠରେ ଫୋଡ କରିବାପାଇଁ ବ୍ୟବହୃତ ଲୁହାଉପକରଣ, ଫୋଡ଼ଣି ।

**ଗିର** ***ବି.*** ୧. ବାକ୍ୟ, ବଚନ ୨. କଣ୍ଠସ୍ୱର ।

**ଗିରଫ୍** ***ବି.*** ସନ୍ଦିଗ୍ଧ ବ୍ୟକ୍ତିକୁ ଆଇନ ଅନୁଯାୟୀ ଧରିବା ।

**ଗିରଫ୍‌ଦାର** ***ବି.*** ଅପରାଧୀ ବ୍ୟକ୍ତି ବା ଆସାମୀକୁ ଧରିବା, ଗିରଫଦାରି ।

**ଗିରସ୍ତ** ***ବି.*** ୧. ସ୍ୱାମୀ, ଘଇତା, **ଗେରସ୍ତ,** ଗୃହକର୍ତ୍ତା ୨. ଗୃହସ୍ଥ, ଗୃହୀ ।

**ଗିରା** ***ବି.*** ୧. ବାକ୍ୟ, ବଚନ ୨. ବାକ୍‌ଶକ୍ତି, ଜିଭ ୩. କବିତା ୪. କାନ ଭିତରର କୋମଳ ଅଂଶ ୫. ଗଜକର ଷୋଳଭାଗରୁ ଭାଗେ ୬. ରେଖା, ଗାର ୭. ଗଣ୍ଠି ୮. ନିଜ ଉପାର୍ଜିତ ଧନ ସମ୍ପତ୍ତି ୯. ଶେଷସୀମା ; ***ବିଂ.*** ସ୍ୱଉପାର୍ଜିତ ।

**ଗିରାଇବା, ଗିରେଇବା** ***କ୍ରି.*** ୧. ତଳେ ପକାଇବା ୨. ଅନ୍ୟ ବ୍ୟକ୍ତି ଉପରେ ଦୋଷ ଲଦିବା ବା ଦାୟିତ୍ୱ ଦେବା ୩. କୌଣସି ଲୋକକୁ ବିପଦରେ ପକାଇବା । ।

**ଗିରାଣ** ***ବିଂ.*** ମହଙ୍ଗା, ଦୁର୍ମୂଲ୍ୟ ।

**ଗିରାଣି** ***ବି.*** ମହରଗ କାଳ, ଗିରାନି କାଳ ।

**ଗିରାସିବା** ***କ୍ରି.*** ୧. ଗ୍ରାସ କରିବା ୨. କାବୁ କରିଦେବା ୩. ମାନସିକ ସ୍ତରରେ ଅନ୍ୟକୁ ଦୁର୍ବଳ କରିଦେବା ।

**ଗିରି** ***ବି.*** ୧. ପର୍ବତ, ପାହାଡ଼ ୨. ଆଖିରୋଗ ୩. କାନପରଦା ୪. ବନ୍‌ଶୀ ୫. ଅଭ୍ୟାସ ୬. ବୃତ୍ତି ଆଦି ଅର୍ଥରେ ପ୍ରଯୁକ୍ତ ।

**ଗିରିକନ୍ଦର** ***ବି.*** ପର୍ବତ ଗୁହା ।

**ଗିରିଖାତ** ***ବି.*** ପାହାଡର ସଂକୀର୍ଣ୍ଣ ପଥ, ଗିରିପଥ ।

**ଗିରିଗିଟା, ଗିର୍‌ଗିଟୀ** ***ବି.*** ୧. ପୋକସୁଙ୍ଘା ଗୁଳ୍ମ ୨. ରଙ୍ଗ ବଦଳାଉଥିବା ଏଣ୍ଡୁଅ ।

**ଗିରିଙ୍ଗା** ***ବି.*** ଏକ ଗଛ-ଯାହାର କାଠ ଟାଣ ।

**ଗିରିଚୂଡ଼ା** ***ବି.*** ପର୍ବତ ଶିଖର ।

**ଗିରିଜନ** ***ବି.*** ପାହାଡ଼ି ଜନଜାତି, ଆଦିବାସୀ ।

**ଗିରିଜା** ***ବି.*** ୧. ପାର୍ବତୀ ୨. ଗଙ୍ଗାନଦୀ ୩. ବଣକଦଳୀ ୪. ହରିଡ଼ା ।

**ଗିରିଜାନନ୍ଦନ** ***ବି.*** ୧. ଗଣେଶ ୨. କାର୍ତ୍ତିକେୟ ।

**ଗିରିଡ଼ି** ***ବି.*** ୧. ଛୋଟ ଆମ୍ବ ୨. ଏକ ପ୍ରକାର ମାଛ ୩. ସାରେଣି ଗିଲଂ ୪. ଗିରିଡ଼ିଆ, ଏକ ପ୍ରକାର କଣ୍ଟାଳିଆ ଗଛ ଓ ତାହାର ଫଳ; ***ବିଂ.*** ବାଙ୍ଗରା, ଠୁରା, ଖର୍ବକାୟ ।

**ଗିରିତଳ** ***ବି.*** ପାହାଡ଼ ତଳି ଜାଗା ।

**ଗିରିନଦୀ** ***ବି.*** ପାହାଡ଼ି ଝରଣା ।

**ଗିରିପଥ** ***ବି.*** ପାହାଡ଼ କାଟି ଅଥବା ଦୁଇ ପାହାଡ଼ ମଝିରେ ଥିବା ରାସ୍ତା, ଗିରିସଂକଟ, ଗିରିବର୍ତ୍ମ ।

**ଗିରିବର** ***ବି.*** ୧. ହିମାଳୟ ପର୍ବତ, ଗିରିରାଜ ୨. ଶ୍ରେଷ୍ଠ ପର୍ବତ ।

**ଗିରିବା** ***କ୍ରି.*** ୧. ଲଦାଯିବା ୨. ଅଭିଯୁକ୍ତ କରାଯିବା ୩. ତଳେ ପଡ଼ିବା ୪. ଗିର୍‌ବା ।

**ଗିରିବାଳା** ***ବି.*** ଉମା, ପାର୍ବତୀ ।

**ଗିରିବାସୀ** ***ବିଂ.*** ପାହାଡ଼ରେ ରହୁଥିବା ।

**ଗିରିମାଟି** ***ବି.*** ଗେରୁମାଟି , ବନମାଟି - ଯାହା ଘର ଲିପାରେ ବ୍ୟବହାର କରାଯାଏ ।

**ଗିରିଶୃଙ୍ଗ** ***ବି.*** ଗିରିଶିଖର, ପର୍ବତର ଚୂଡ଼ା ।

**ଗିରିଷମ** ***ବି.*** ୧. ଗ୍ରୀଷ୍ମ, ନିଦାଘକାଳ, ଗ୍ରୀଷ୍ମଋତୁ ୨.ଅତିଶୟ ଗରମ ।

**ଗିରିସ୍** ***ବି.*** ଗ୍ରିଜ୍, ପେଟ୍ରୋଲିୟମ ଜାତ ଓ ଯନ୍ତ୍ରପାତିର ଘର୍ଷଣ ହ୍ରାସକାରୀ ପଦାର୍ଥ ଭାବରେ ବ୍ୟବହୃତ ବସ୍ତୁ ।

**ଗିରିସଙ୍କଟ** ***ବି.*** ପାହାଡ଼ ଭିତରେ ଯାଇଥିବା ଅଣଓସାରିଆ ରାସ୍ତା ।

**ଗିରିସ୍ରୋତ** ***ବି.*** ପାହାଡ଼ିଆ ଝରଣା/ନଦୀ ।

**ଗିରୀଶ** ***ବି.*** ୧. ହିମାଳୟ ପର୍ବତ ୨. ବୃହସ୍ପତି (ବାଚସ୍ପତି) ୩. ଶିବ ।

**ଗିରେଲ୍ ଶାଗ** ***ବି.*** ଏକ ପ୍ରକାର ଶାଗଗଛ - ଯାହାର ଫୁଲ ଓ କଅଁଳ ପତ୍ର ଖିଆଯାଏ ।

**ଗିର୍ଜା** ***ବି.*** ଚର୍ଚ୍ଚ, ଖ୍ରୀଷ୍ଟିଆନ୍‌ମାନଙ୍କର ଉପାସନା ଗୃହ ।

**ଗିର୍ଦା** ***ବି.*** ୧. ଗୋଲ ତକିଆ ୨. ମାଟିସ୍ତୁପ ୩. ଗୋଲାକାର ଉଚ୍ଚସ୍ତୂପ ।

**ଗିଲା** ***ବି.*** ୧. ଖାଇବା, ଅତିରିକ୍ତ ଭୋଜନ ୨. ଗିଳିବାରେ ଅଭ୍ୟସ୍ତ ୩. ମାଛ ଧରିବାପାଇଁ ବ୍ୟବହୃତ ବାଉଁଶନିର୍ମିତ ଏକ ପ୍ରକାର ସରଂଜାମ ।

**ଗିଳାଇବା** ***କ୍ରି.*** ବାଧ୍ୟକରି ଖୁଆଇବା ।

**ଗିଳିବା** ***କ୍ରି.*** ୧. ନ ଚୋବାଇ ଗଳା ଦେଇ ପେଟ ଭିତରକୁ ନେବା ୨. ଖାଇବା ୩. ଟାଉଟାଉ କରି ବେଶି ଖାଇବା ୪. ଖାଇଯିବା, ଆତ୍ମସାତ୍ କରିବା ୫. ଅର୍ଥ ନ ବୁଝି ପାଠ ମୁଖସ୍ଥ କରିବା ୬. ଅଭିଭୂତ କରିବା ୭. ପରାସ୍ତ କରିବା ।

**ଗିଲ୍‌ଟି** ***ବି.*** ୧. ଦେହ ସନ୍ଧିର ଗ୍ରନ୍ଥି ୨. ମିଶାଧାତୁ, ଟଦୁ ; ***ବିଂ.*** ୧. ସୁନାପାଚ ଛାଉଣି ହୋଇଥିବା, ସୁନାପାଣି ଦିଆ ୨. ସୁନେଲି ରଙ୍ଗଦିଆ ୩. କୃତ୍ରିମ, ଚକଚକିଆ ୫. ରସ (ବାସନ) ।

**ଗିଲ୍ଡ଼ *ବି.*** ସଂଘ, ପାରସ୍ପରିକ ସହଯୋଗ ସଂସ୍ଥା ।

**ଗିଲ୍ ହେବା *କ୍ରି.*** ଲକେଇ ହେବା(ଭାତ), ଜାଉ ହେବା, ବେଶି ସିଝିଯିବା ।

**ଗିଲ *ବି.*** କଣ୍ଟାଯୁକ୍ତ ଲଟାଳିଆ ଗଛ ଓ ତା'ର ଗୋଲକାର ଟାଣ ଖୋଳପାଥିବା ମଞ୍ଜି ।

**ଗିଲା *ବି.*** ୧. ତ୍ରୁଟି ୨. ଆଳସ୍ୟ ୩. ସନ୍ଦେହ ୩. ଅସନ୍ତୋଷ ୪. ଓଦା ୫. କାଦୁଅ, ଓଦାଳିଆ ଅବସ୍ଥା ୬. ତରଳ ଖଇର ; ***ବିଂ.*** ୧. ଅସୁସ୍ଥ, ଅଚଞ୍ଚଳ ୨. ମାନ୍ଦା, ମଠୁଆ ୩. ସନ୍ଦିହାନ ୪. ଅଳ୍ପ ଓଦା, କାଦୁଆ ୫. କଞ୍ଚା ।

**ଗିଲାଇବା *କ୍ରି.*** ୧. କାର୍ଯ୍ୟରେ ହେଳା ବା ଡେରି କରିବା ୨. ଅସୁସ୍ଥ ହେବାର ପୂର୍ବାଭାସ ପ୍ରକାଶ ପାଇବା ।

**ଗିଲା ଜୋଡ଼ାଇ *ବି.*** ଇଟାକୁ ମାଟି ପେଚରେ ଯୋଡ଼ି ଗାନ୍ଥିନି କରିବା ।

**ଗିଲାସ *ବି.*** ୧. ଗ୍ଲାସ, କାଚ, ଡେଙ୍ଗା ଓ ଗୋଲାକାର ପାନୀୟପାତ୍ର ।

**ଗିଲିଡଣ୍ଡା *ବି.*** ଡାବଲପୁଆ ଖେଳର ଉପକରଣ, ଗୁଲିଦଣ୍ଡା ।

**ଗିହା *ବି.*** ମୈଥୁନ, ସଙ୍ଗମ, ଗିହାଗେହି, ଗିହାଣ ; ***ବିଂ.*** ସଙ୍ଗମକାରୀ ପୁରୁଷ ।

**ଗିହାଳିଆ *ବିଂ.*** ୧. ସ୍ତ୍ରୀ ସଙ୍ଗମରେ ପଟୁ ୨. ବଳୁଆ, ସାହସୀ ।

**ଗିହାଳିପୋ *ବି.*** (ଗାଳି)ନଷ୍ଟଚରିତ୍ରା ନାରୀର ପୁତ୍ର ।

**ଗିହାଳୀ *ବି.*** ଭିଣୋଇର ଭଉଣୀ ବା ଭଉଣୀର ନଣନ୍ଦ; ***ବିଂ.*** ନଷ୍ଟଚରିତ୍ରା, କାମାତୁରା ।

**ଗୀ *ବି.*** ୧. ବାଣୀ, କହିବାର ଶକ୍ତି, ବାକ୍, ବାକ୍ୟ ୨. ଦେବୀ ସରସ୍ୱତୀ ।

**ଗୀତ *ବି.*** ୧. ଗାନ, ଗାୟନ, ସଙ୍ଗୀତ ୨. ଛନ୍ଦୋବଦ୍ଧ ରଚନା; ***ବିଂ.*** ୧. ଗାନ କରାଯାଇଥିବା ୨. ବର୍ଣ୍ଣିତ, କଥିତ, ଉଚ୍ଚାରିତ ।

**ଗୀତଗୋବିନ୍ଦ *ବି.*** ଓଡ଼ିଶାର କବି ଜୟଦେବଙ୍କଦ୍ୱାରା ଲଳିତ ଛନ୍ଦରେ ବିରଚିତ ରାଧାକୃଷ୍ଣଙ୍କର ଶୃଙ୍ଗାରଲୀଳା ବିଷୟକ ସଂସ୍କୃତ ଗୀତିକାବ୍ୟ ।

**ଗୀତଜ୍ଞ *ବିଂ.*** ସଙ୍ଗୀତବିଦ୍ୟା ବିଶାରଦ ।

**ଗୀତନାଟ୍ୟ *ବି.*** ଗାୟନ ଓ ନର୍ତ୍ତନ ।

**ଗୀତନାଦ *ବି.*** ସଙ୍ଗୀତର ଧ୍ୱନି ।

**ଗୀତବାଦ୍ୟ *ବି.*** ଗାଉଣାବାଜଣା ।

**ଗୀତବନ୍ଧ *ବି.*** କବିତା ବା ପଦ୍ୟର ଆକାର ।

**ଗୀତ ବୋଲିବା *କ୍ରି.*** ଗୀତ ଗାଇବା ।

**ଗୀତଶାସ୍ତ୍ର *ବି.*** ସଙ୍ଗୀତବିଦ୍ୟା ବିଷୟକ ଶାସ୍ତ୍ର ।

**ଗୀତା *ବି.*** ୧. ଭଗବଦ୍ ଗୀତା, କୁରୁକ୍ଷେତ୍ର ଯୁଦ୍ଧ ଆରମ୍ଭର ଠିକ୍ ପୂର୍ବରୁ ଯୁଦ୍ଧକ୍ଷେତ୍ରରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଦେଇଥିବା ଆତ୍ମବିଦ୍ୟା ଉପଦେଶ (ମହାଭାରତ ଗ୍ରନ୍ଥର ଭୀଷ୍ମପର୍ବରେ ଭଗବଦ୍‌ଗୀତା ଉତ୍କୀର୍ଣ୍ଣ ହୋଇଛି) ୨. ଆତ୍ମବିଦ୍ୟା ବିଷୟକ ଉପଦେଶ ଗ୍ରନ୍ଥ ।

**ଗୀତାର୍ଥ *ବି.*** ୧. ସଙ୍ଗୀତର ଭାବାର୍ଥ ୨. ଗୀତାଶାସ୍ତ୍ରର ଭାଷ୍ୟ ।

**ଗୀତାୟନ *ବି.*** ୧. ସଙ୍ଗୀତଗାନ ନିମିତ୍ତ ଉଦ୍ଦିଷ୍ଟ ବାଦ୍ୟୋପକରଣ ୨. ସଙ୍ଗୀତ ଆସର ।

**ଗୀତି *ବି.*** ସଙ୍ଗୀତ, ଗାନ, ଗାନଯୋଗ୍ୟପଦ ।

**ଗୀତିକବିତା *ବି.*** ଗାନଧର୍ମୀ ଓ ଆବେଗଧର୍ମୀ ତଥା ସରଳ ଭାଷାରେ ରଚିତ ଛୋଟକବିତା ।

**ଗୀତିକା *ବି.*** କେବଳ ଗାନକରାଯିବା ଉଦ୍ଦେଶ୍ୟରେ ରଚିତ ପଦ୍ୟ ।

**ଗୀତିକାବ୍ୟ *ବି.*** ଯେଉଁ କାବ୍ୟ କେବଳ ସଙ୍ଗୀତମୟ ।

**ଗୀତିକାର *ବି.*** ଗୀତିକବି ।

**ଗୀତିନାଟ୍ୟ *ବି.*** ସଙ୍ଗୀତ ଓ ନୃତ୍ୟ ପ୍ରଧାନ ନାଟକ; ନୃତ୍ୟ ଓ ଅଭିନୟଧର୍ମୀ, ଦୃଶ୍ୟକାବ୍ୟ ।

**ଗୀତୁଆ *ବିଂ.*** ସଙ୍ଗୀତଜ୍ଞ ।

**ଗୀଧ୍‌ଲା *ବି.*** ବାଦୁଡ଼ି, ଚେମେଣି, ଚର୍ମଚଟା ।

**ଗୀର୍ବାଣ *ବି.*** ଦେବତା ।

**ଗୀର୍ବାଣବାଣୀ *ବି.*** ୧. ଦୈବବାଣୀ ୨. ସଂସ୍କୃତ ଭାଷା ।

**ଗୁଁଗାଁ *ଅ.*** ଅସ୍ପଷ୍ଟ ଭାବରେ ବିରକ୍ତି ଓ ଅନିଚ୍ଛା ପ୍ରକାଶ କରିବା, ଗୁଁଗୁଁ ହେବା ।

**ଗୁଁଗୁଁ *ଅ.*** ଗୁଉଁପୁଉଁ, ବିରକ୍ତି ବା ଅନିଚ୍ଛା ପ୍ରକାଶ, ସିଦ୍ଧାନ୍ତ ନେବାରେ ଅସ୍ଥିରତା ସୂଚକ ଭାବ; ***ବି.*** ଖେଳରେ ଗେନ୍ଦରାଇବା ; ***ବିଂ.*** ଗୁଁପୁଁୟାଁ ।

**ଗୁଁଡିଆ *ବି.*** ଅତି ଛୋଟ ଓ ଗୁଣୁଗୁଣୁ କରୁଥିବା ମଶା ବିଶେଷ ।

**ଗୁ *ବି.*** ଗୁହ, ମଳ, ବିଷ୍ଠା ।

**ଗୁଆ *ବି.*** ୧. ନଡ଼ିଆଗଛ ଜାତୀୟ ଏକ ଡେଙ୍ଗାଗଛ ଓ ତାହାର ଛୋଟ ଆକୃତିବିଶିଷ୍ଟ ଫଳ, ଗୁବାକ ୨. ବିଭିନ୍ନ ମାଙ୍ଗଳିକ କାର୍ଯ୍ୟରେ ଲାଗୁଥିବା ଗୁଆଫଳ (ଗୁଆ ନିମନ୍ତ୍ରଣ) ୩. ମୁଖବାସ, ଖିଲିପାନରେ ବ୍ୟବହୃତ ହେଉଥିବା ଫଳ ୪. ମୁସ୍କ ; ***ବିଂ.*** ଗାଈକ୍ଷୀରରୁ ପ୍ରସ୍ତୁତ (ଘିଅ) ।

**ଗୁଆକାଟ୍ ବି.** ଗୁଆ ନ ପଠାଇ ବନ୍ଧୁ ନିମନ୍ତ୍ରଣ କରିବା ବନ୍ଦ କରିଦେବା, ବନ୍ଧୁ କାଟିଦେବା ।

**ଗୁଆକାତି ବି.** ଗୁଆକୁ ଖଣ୍ଡ ଖଣ୍ଡ କରି କାଟିବା/ଭାଙ୍ଗିବାପାଇଁ ବ୍ୟବହୃତ ଲୁହା/ ପିତ୍ତଳ ବା ଷ୍ଟିଲର ଏକ ଧାରୁଆ ଉପକରଣ ।

**ଗୁଆକୋଳି ବି.** ଏକ ପ୍ରକାର କୋଳିଗଛ ।

**ଗୁଆ ଖୋଳପା ବି.** ଗୁଆଗଛର ବାହୁଙ୍ଗା ତଳେ ଥିବା ଆବରଣ ବା ଚୋପା ।

**ଗୁଆଗୁଣା ବି.** ବିବାହ ସମୟରେ ଶିଶୁ ତଥା ଗୁରୁଜନସ୍ଥାନୀୟା ସଧବା ନାରୀମାନେ କନ୍ୟା/ବରପାତ୍ରକୁ ମଙ୍ଗୁଳିବା ବିଧିରେ ବ୍ୟବହୃତ ହଳଦୀ ମିଶା ଚାଉଳର ଗୁଳା ।

**ଗୁଆଘିଅ ବି.** ଗାଈଦୁଧରୁ ଉତ୍ପନ୍ନ ଘିଅ ।

**ଗୁଆଣି ବି.** ଗର୍ଭ, ଉଦର ।

**ଗୁଆତିରିଆ ବି.** ଶାସନୀ ବ୍ରାହ୍ମଣଙ୍କର ଏକ ଶାଖା, ଶ୍ରୋତ୍ରୀୟ ବ୍ରାହ୍ମଣ ।

**ଗୁଆ ଦେବା କ୍ରି.** ଗୁଆ ପଠେଇ ବା ଚଳେଇ ବନ୍ଧୁବାନ୍ଧବଙ୍କୁ ନିମନ୍ତ୍ରଣ କରିବା, ଗୁଆ ପକେଇବା ।

**ଗୁଆପଇତା ବି.** ବିବାହ କର୍ମରେ ଦେବ ନିମନ୍ତ୍ରଣ ତଥା ଜ୍ୱାଇଁ ଓ ସମ୍ମାନାର୍ହ ବ୍ୟକ୍ତିଙ୍କୁ ଗୁଆ ଓ ପଇତା ଦେଇ ନିମନ୍ତ୍ରଣ ।

**ଗୁଆପେଣ୍ଡି ବି.** ଏକ ପ୍ରକାର ସରୁଧାନ ।

**ଗୁଆଭଇଁସା ବି.** ୧. ଧଳା ବା କଳା ରଙ୍ଗର ଗଛମଞ୍ଜି ୨. ଗାଈ ଓ ମଇଁଷି ମିଶ୍ରିତ ଦୁଧରୁ ପ୍ରସ୍ତୁତ (ଘିଅ) ।

**ଗୁଆ ଭାଙ୍ଗିବା କ୍ରି.** ଗୁଆକୁ ଟିକିଟିକି କରି କାଟିବା ।

**ଗୁଆଁ(ଅାଁ)ର ବିଂ.** ୧. ଗଉଡ଼ ୨. ଗାଉଁଲି ୩. ନିର୍ବୋଧ, ଦୁଣ୍ଡା, ଏକବାଗିଆ ; **ବି.** ଏକ ପ୍ରକାର ଗୁଳ୍ମ ଓ ତାହାର ଛୁଇଁ, ଗୁଆଁରଶିମ୍ବ, ଗୁଆଁରା ।

**ଗୁଆଁରୀ ବିଂ.** ୧. ଦୁଣ୍ଡୀ, ବୋକୀ, ଗାଉଁଲୀ ୨. ଗଉଡୁଣୀ ।

**ଗୁଆଳ ବି.** ଗଉଡ଼, ଗୁଆଲା, ଗୋପାଳ ।

**ଗୁଆଳି ବି.** ଗଉଡୁଣୀ, ଗୋପାଳୁଣୀ ।

**ଗୁଇଁ ବି.** ୧. ମିଛ ୨. ଖେଳରେ ଗୁନ୍ଦରେଇବା ୩. ଚାଳଘରର ମଥାନ ।

**ଗୁଇଁଜ୍ ବି.** ଲାଲ ଓ କଳା ରଙ୍ଗଥିବା ଫଳ, କାଇଞ୍ଚ, ଗୁଞ୍ଜ ।

**ଗୁଇଁପୁଇଁ ଅ.** ଗୁଁ ପୁଁ, ବିରକ୍ତି ସହ ଅନିଚ୍ଛା ପ୍ରକାଶ; **ବି.** ୧. ସନ୍ଦେହ ୨. ଖେଳରେ ଗେନ୍ଦୁରିବା/ ଗୋଳେଇବା ।

**ଗୁଇଁଶ୍ ଗାଇଁଶ୍ ହେବା କ୍ରି.** କାମ କରିବାପାଇଁ ଅନିଚ୍ଛା ପ୍ରକାଶ କରିବା ।

**ଗୁଇ ବି.** ୧. ଗୁପ୍ତଦୋଷ ୨. ଗୋଧି ।

**ଗୁଇନ୍‌ଟା ବି.** ଗୁଣ୍ଡିମୂଷା ।

**ଗୁଇନ୍ଦା ବି.** ଗୁପ୍ତଚର, ଗୋଇନ୍ଦା, ଖୁପିଆ ।

**ଗୁଇନ୍ଦାଗିରି ବି.** ଗୁପ୍ତଚର/ଖୁପିଆ ବୃତ୍ତି, ଭେଦୁଆକାମ ।

**ଗୁଇନ୍ଦା ବିଭାଗ ବି.** ଗୁପ୍ତ ଅନୁସନ୍ଧାନ ବିଭାଗ, ସି.ଆଇ.ଡ଼ି, ସି.ବି.ଆଇ ପ୍ରଭୃତି ।

**ଗୁଏ ବି.** ଗୋଧି ।

**ଗୁଖ୍‌ରା ବି.** ୧. ଔଷଧୀୟ ଗୋଖରା ଗୁଳ୍ମ ୨. ଚାରିପାଖେ ମୁନ ଥିବା ଲୁହାକଣ୍ଟା ।

**ଗୁଗ୍‌ଗୁଳ ବି.** ୧. ଏକ ଛୋଟ କଣ୍ଟାଳିଆ ଗୁଳ୍ମ- ଏହାର ଘନ କ୍ଷୀର ବା ରସ ନିର୍ଯାସ ୨. ସୁଗନ୍ଧ ଧୂପ ବିଶେଷ ୩. ଔଷଧୀୟ ଦ୍ରବ୍ୟ ।

**ଗୁଗୁଚି ବି.** ୧. ଗୁଳୁଚି ଲଟା ୨. ଗୁଗୁପାଞ୍ଚି, ଶୋଇରହି ଦୁଇ ଆଣ୍ଠୁରେ ଛୋଟ ପିଲାଙ୍କୁ ବସାଇ ଖେଳାଇବାର ରୀତି ।

**ଗୁଗୁଚିଆ ବି.** ଧାନ ଜାତୀୟ ତୃଣ ବିଶେଷ-ଏହାର ଶସ୍ୟର ଅଂଶ ଶିଶାଯୁକ୍ତ ହୋଇଥିବାରୁ ଦେହ ଓ ଲୁଗାରେ ଲାଖି ରହେ ଏବଂ ସହଜରେ ଛାଡ଼େ ନାହିଁ, ଶିକୁଳି, ଚୋରକଣ୍ଟକ ।

**ଗୁଗୁପାଞ୍ଚି ବି.** ଚିତ୍ ହୋଇ ଶୋଇ ରହି ଶିଶୁକୁ ଗୋଡ଼ରେ ବସାଇ ଖେଳାଇବା, ଗୁଗୁଚି, ଗୁଗୁପହଁଚି ।

**ଗୁଛା ବି.** ୧. ଗୁଛିବା କାମ ୨. ଗୋଛା ; **କ୍ରି.** ଗୁଛାଇବା ।

**ଗୁଛିବା କ୍ରି.** ଗୁଛିବା, ଗୁଛାଇବା ।

**ଗୁଜ୍‌ଗୁଜିଆ ବିଂ.** କଳିହୁଡା, କଜିଆଖୋର୍, ଚିଡ଼୍‌ଚିଡା, ସବୁବେଳେ ଗିଜ୍‌ଗିଜ୍ ହେଉଥିବା ।

**ଗୁଜ ବି.** ଚାଳଘରର ଓରା ଉପରେ ଖୁଣ୍ଟ ପରି ବସିଥିବା ଛୋଟ କାଠଖଣ୍ଡ ।

**ଗୁଜବ୍ ବି.** ଜନରବ, ରଟନା, ତୁଣ୍ଡବାଇଦ ।

**ଗୁଜରତ୍ ଅ.** ମାରଫତ୍ ।

**ଗୁଜରାଟୀ ବି.** ଗୁଜରାଟ୍ ପ୍ରଦେଶୀୟ ଲୋକ ଓ ସେମାନଙ୍କ ଭାଷା ।

**ଗୁଜରାତି ବି.** ଛୋଟ ଅଳେଇଚ, ସୁଗନ୍ଧ ମସଲା ବିଶେଷ ।

**ଗୁଜରିବା କ୍ରି.** ୧. କାଳ କାଟିବା, ସମୟ ଅତିବାହିତ ହେବା ୨. କୌଣସି ପ୍ରକାରେ ଚଳିଯିବା ୩. ସାକ୍ଷ୍ୟ ପ୍ରଦାନ କରିବା ୪. ଘଟିବା ୫. ମରିବା ।

**ଗୁଜରି ବି.** ନାରୀମାନଙ୍କର ହାତର ଖଡୁ ବା ପାଦର ଅଳଙ୍କାର ବିଶେଷ ୨. ଏକ ରାଗିଣୀର ନାମ, ଗୁଜ୍ଜରୀ ୩. ଦୈନିକ ଘଟଣା ।

**ଗୁଜରି ହାଟ** *ବି.* ପ୍ରତିଦିନ ବସୁଥିବା ହାଟ ।

**ଗୁଜସ୍ତା** *ବିଂ.* ପୁରୁଣା, ଗତ, ଗତବର୍ଷର ।

**ଗୁଜା** *ବି.* ୧. ତମସୁକ, ଋଣପତ୍ର ୨. ଭୂମିବଣ୍ଟନର ନିର୍ଣ୍ଣୟପତ୍ର ; *ବିଂ.* ୧. ମୁନିଆଁ ୨. ଘୁଙ୍ଗା ।

**ଗୁଜାରା** *ବି.* ଗୁଜୁରାଣ, ଜୀବିକା ।

**ଗୁଜାରିବା** *କ୍ରି.* ୧. ପେଶ୍ କରିବା, ଉପସ୍ଥାପନ କରିବା ୨. ସମୟ ବିତାଇବା ।

**ଗୁଜିକାଠି** *ବି.* କେଶ ପ୍ରସାଧନରେ ବ୍ୟବହୃତ ଘୁଙ୍ଗୁରଯୁକ୍ତ ଖୋଷା କାଠି ।

**ଗୁଜୁ** *ବିଂ.* ମୁନିଆ, ଗୋଜିଆ ।

**ଗୁଜୁଗୁଜିଆ** *ବିଂ.* ଅତି କୃପଣ, ଶୁଣ୍ଡା ।

**ଗୁଜୁରାଣ** *ବି.* ୧. ଗୁଜ୍‌ରାନ୍, ଜୀବିକା, ଜୀବନଧାରଣ, ଗୁଜାରା ୨. ସମୟଯାପନ ।

**ଗୁଜୁରାଣ ମେଣ୍ଟାଇବା** *କ୍ରି.* ୧. ଜୀବିକା ନିର୍ବାହ କରିବା ୨. ସମୟ ବିତାଇବା ୩. ଅଭାବ ମେଣ୍ଟାଇବା ।

**ଗୁଜୁରୁଗାଜର୍** *ବି.* ୧. ବଡ଼ ପାଟି ନ କରି ଗୋଳମାଳ କରିବା ୨. ହଇଚଇ ସୃଷ୍ଟି କରିବା ।

**ଗୁଜେର୍** *ବି.* ତେଣ୍ଟା, ଭାଲି, ଲୁହାନିର୍ମିତ ମୁନିଆଁ ଅସ୍ତ୍ର ।

**ଗୁଜ୍ଜରୀ** *ବି.* ୧. ଏକ ସଙ୍ଗୀତ ରାଗିଣୀ ୨. ରାଜସ୍ଥାନ/ ମଧ୍ୟପ୍ରଦେଶର ଏକ ବନବାସୀ ସମ୍ପ୍ରଦାୟ ବିଶେଷ ।

**ଗୁଞ୍ଜ** *ବି.* ୧. ଗୁଚ୍ଛ, ସ୍ତବକ, ଫୁଲତୋଡ଼ା ୨. ଗୁଞ୍ଜା, କାଇଁଚ, ଗୁଞ୍ଜମାଳ ୩. ଗୋପ୍, ହାର, ଅଳଙ୍କାର ବିଶେଷ ୪. ଆନନ୍ଦସୂଚକ ଧ୍ୱନି ୫. ଗୁଣୁଗୁଣୁ ଶବ୍ଦ ।

**ଗୁଞ୍ଜନ** *ବି.* ୧. ଗୁଣୁଗୁଣୁ ଶବ୍ଦ ୨. ଭ୍ରମରର ଶବ୍ଦ ୩. ଗୁଞ୍ଜଫଳ, କାଇଁଚ ଫଳ ।

**ଗୁଞ୍ଜର** *ବି.* ୧. କବାଟର ଶିକୁଳି ୨. କବାଟ ଶିକୁଳାରେ ଲାଗିଥିବା ଲୁହାକୀଳା ୩. ନୂପୁର ୪. ଏକ ପ୍ରକାର ନେଳିଆ ପୋକ ୫. ଗୁଞ୍ଜନ, ଗୁଣୁଗୁଣୁ ଶବ୍ଦ ୬. ଚୂର୍ଣ୍ଣ କୁନ୍ତଳ ୭. ହାତ ଅଳଙ୍କାର, ବଳୟ, ଗୁଞ୍ଜରବନ୍ଧ ୮. ହାତୀ, କୁଞ୍ଜର ।

**ଗୁଞ୍ଜରଣ** *ବି.* ୧. ଗୁଞ୍ଜନ, ଗୁଣୁଗୁଣୁଧ୍ୱନି ୨. ମୃଦୁ ମଧୁର ଉଚ୍ଚାରଣ ।

**ଗୁଞ୍ଜରା** *ବି.* ୧. କାଇଁଚମାଳି ୨. ଗୁଞ୍ଜରପୋକ ଖୋଳପାରୁ ତିଆରି ଗୋଲାକାର ଟିକିଲି ୩. ମୁଣ୍ଡର ମାଳାପରି ଆଭରଣ ବିଶେଷ, ଗୁଞ୍ଜରାପାଟି ।

**ଗୁଞ୍ଜରିବା** *କ୍ରି.* ଗୁଣୁଗୁଣୁ ଶବ୍ଦ କରିବା ।

**ଗୁଞ୍ଜା** *ବି.* ୧. କାଇଁଚ, କାଇଁଚ ପରିମିତ ଓଜନ ୨. ନାଗରା ୩. ଗୁଣୁଗୁଣୁ ଶବ୍ଦ ୪. ପାନଶାଳା ୫. ଧ୍ୟାନ ; *ବିଂ.* ଠେଲିକରି ଭର୍ତ୍ତି କରାଯାଇଥିବା, ଜବରଦସ୍ତ ଦିଆହେବା (ଜିନିଷ, ଟଙ୍କା) ; *କ୍ରି.* ଗୁଞ୍ଜିବା, ଗୁଞ୍ଜାଇବା ।

**ଗୁଞ୍ଜାଗୁଞ୍ଜି** *ବି.* ୧. ସଂକୀର୍ଣ୍ଣ ସ୍ଥାନରେ ବହୁ ବ୍ୟକ୍ତିଙ୍କର ଅବସ୍ଥାନଜନିତ ଠେଲାପେଲା, ଭିଡ ୨. ଗୁଞ୍ଜିଗାଞ୍ଜି ୩. ଗ୍ରହୀତାର ଅନିଚ୍ଛା ସତ୍ତ୍ୱେ ବାଧ୍ୟକରି ଦେବା ।

**ଗୁଞ୍ଜାରୁଅ** *ବି.* ୧. ପୁରୁଣାଘର ଚାଳରେ ଠେଲାହୋଇ ପରେ ଦିଆଯାଇଥିବା ରୁଅ ୨. କୃତ୍ରିମର ସ୍ୱାଭାବିକ ପରି ବ୍ୟବହାର ୩. କାମଚଳା ବ୍ୟବସ୍ଥା ।

**ଗୁଞ୍ଜିହେବା** *କ୍ରି.* ଅନାହୁତ ଭାବେ କୌଣସି ଲୋକ ପାଖରେ ଆଶ୍ରୟ ନେବା ।

**ଗୁଞ୍ଜୁଗୁଞ୍ଜୁ** *ଅ.* ଆସିବା କ୍ଷଣି (ଉଦାହରଣ: ସଞ୍ଜ ଗୁଞ୍ଜୁଗୁଞ୍ଜୁ) ।

**ଗୁଟ୍** *ସର୍ବ.* ଗୋଟାଏ, ଏକଗୋଟା ।

**ଗୁଟ୍‌କେଗୁଟ୍** *କ୍ରି.ବିଂ.* ଗୋଟିକ ପରେ ଗୋଟିଏ, ଏକାଦିକ୍ରମେ, ଗୁଟ୍ ଗୁଟ୍ ।

**ଗୁଟା** *ଅ.ବିଂ.* ୧. ଗୋଲ, ୨. ଗୋଟା, ଅଖଣ୍ଡ ୩. ଏକା, ଏକୁଟିଆ ୪. ଗୋଟ, ଏକକ ।

**ଗୁଟାଇବା** *କ୍ରି.* ଗୋଟାଇବା, ଗୋଟିକ ପରେ ଗୋଟିଏ କରି ସଂଗ୍ରହ କରିବା ।

**ଗୁଟାରଙ୍ଗୁ** *ବିଂ.* ଗୋଟାପଣେ ।

**ଗୁଟାରା** *ବି.* ଗୋଳମାଳ ।

**ଗୁଟି** *ବି.* ୧. ବଟିକା, ଗୁଳା, ଗୁଟିକା ୨. ମୁକ୍ତା ୩. ଟସର୍ ପୋକର ଗୋଲାକାର ଖୋଳ ୪. ଗୋଲ ବାଲିଗରଡ଼ା ୫. ନଡ଼ିଆ ଗୋଟମା ୬. ଗାଈଗୋରୁଙ୍କ ବସନ୍ତରୋଗ ।

**ଗୁଟିଖଡ଼ିକା** *ବି.* ସିଙ୍ଗାରହାର ଗଛ ଓ ତାହାର ଫୁଲ, ପତ୍ର; ଗଙ୍ଗଶିଉଳି, ସେଫାଳି, ଫଳ।

**ଗୁଟିଏ, ଗୁଟେ** *ବିଂ.* ଗୋଟିଏ, ଏକମାତ୍ର ।

**ଗୁଟିଗୁଟି** *କ୍ରି.ବିଂ.* ଗୋଟି ଗୋଟି, ଜଣକେ ଗୋଟିଏ ଲେଖାଁ ।

**ଗୁଠ** *ବି.* ଗୋଠ, ଏକ ଜାତୀୟ ପଶୁମାନଙ୍କର ସମାହାର, ଯଥା-ଗାଈଗୋଠ, ମଇଁଷିଗୋଠ; ପଲ, ଦଳ ।

**ଗୁଠଭଟା** *ବି.* ଗ୍ରାମ ବାହାରେ ଥିବା ଗୋରୁଗୋଠ ପାଇଁ ଉଦ୍ଦିଷ୍ଟ ସ୍ଥାନ ।

**ଗୁଡ୍** *ବିଂ.* ଭଲ, ଶୁଭ, ମଙ୍ଗଳକର, ଉପଯୁକ୍ତ ।

**ଗୁଡ୍ ଇଭିନିଙ୍ଗ** *ଅ.* ସାନ୍ଧ୍ୟ ସମ୍ଭାଷଣ, ସୁସନ୍ଧ୍ୟା ।

**ଗୁଡ୍ ଉଇଲ୍ *ବି.*** ସଦିଚ୍ଛା ।

**ଗୁଡ୍‌ଗୁଡ଼ି *ବି.*** ହୁକ୍‌କା, ଚିଲମ ।

**ଗୁଡ୍‌ଚି *ବି.*** ଗୁଳୁଚିଲତା ।

**ଗୁଡ୍ ଡେ *ବି.*** ଦିନବେଳର ସମ୍ଭାଷଣ ।

**ଗୁଡ୍‌ଡୁ *ବିଂ.*** ଗୁଡିଏ, ଅନେକ, ବହୁତ, ଗୁର୍‌ଦୁ ।

**ଗୁଡ୍‌ନାଇଟ *ଅ.*** ରାତ୍ରିକାଳୀନ ବିଦାୟ ସମ୍ଭାଷଣ, ଶୁଭରାତ୍ରି ।

**ଗୁଡ୍ ଫ୍ରାଇଡ଼େ *ବି.*** ମାର୍ଚ୍ଚ ୨୧ ତାରିଖ ପର ଶୁକ୍ରବାର – ଖ୍ରୀଷ୍ଟିଆନମାନେ ପାଳନ କରୁଥିବା ଯୀଶୁଙ୍କର କ୍ରୁଶ ଆରୋହଣର ସ୍ମାରକ ଦିବସ ।

**ଗୁଡ୍‌ବକ୍, ବୁଡ୍‌ବକ୍ *ବିଂ.*** ଓଲୁ, ମୂର୍ଖ ।

**ଗୁଡ୍ ବାଏ *ବି.*** ବିଦାୟସୂଚକ ଅଭିବାଦନ ।

**ଗୁଡ୍ ମର୍ନିଙ୍ଗ୍ *ବି.*** ପ୍ରାତଃକାଳୀନ ସମ୍ଭାଷଣ ।

**ଗୁଡ଼ *ବି.*** ୧. ଆଖୁରସରୁ ପ୍ରସ୍ତୁତ ଦ୍ରବ୍ୟ ୨. ହାତୀସାଜ ୩. ସାନ ପିଲାର ଲିଙ୍ଗ, ସୁସୁ ୪. ଖେଳରେ ହାରିବା ଲୋକ ବୋଝ ପାଇବା ।

**ଗୁଡ଼କ *ବି.*** ୧. ପାଟିଭର୍ତ୍ତି ଗୁଣ୍ଡା ୨. ବଲ୍ ୩. ମୋଦକ ।

**ଗୁଡ଼କଙ୍କ *ବି.*** ଏକ ପ୍ରକାର ଟାଣୁଆ ଲଟାଳିଆ ଘାସ ଓ ତାହାର ଗୋଲାକାର ହାଲୁକା ଫଳ ।

**ଗୁଡ଼କଣ୍ଟ *ବି.*** ଗୁଡ଼ବଣା, ଗୁଡହାଣ୍ଡି ।

**ଗୁଡ଼କନ୍ଦ *ବି.*** ଗୁଡ଼ରୁ ପ୍ରସ୍ତୁତ ନବାତ, କନ୍ଦ ।

**ଗୁଡକାଣିକା *ବି.*** ଗୁଡ଼ହାଣ୍ଡି, ଗୁଡ଼ବଣା, ଗୁଡ଼କଣ୍ଟ ।

**ଗୁଡ଼କାର *ବି.*** ଯେ ଆଖୁର ଦୋରୁଅରୁ ଗୁଡ଼ ପ୍ରସ୍ତୁତ କରେ ।

**ଗୁଡ଼ ତମାଖୁ *ବି.*** ଗୁଡ଼ାଖୁ, ଗୁଡ ଓ ଧୂଆଁପତ୍ରରେ ପ୍ରସ୍ତୁତ ଦାନ୍ତଘସା ପଦାର୍ଥ ।

**ଗୁଡ୍‌ସ୍ ଟ୍ରେନ୍ *ବି.*** ମାଲଗାଡ଼ି, ମାଲବୁହା ରେଳ ଗାଡ଼ି ।

**ଗୁଡ଼ା *ବି.*** ୧. ସିଝୁଗଛ, କପାଗଛ ୨. ବଟିକା ୩. ବେଢ଼େଇବା ୪. ଉଚ୍ଚ ଚାଷଭୂଇଁ ୫. ଝରକା ୬. ବହୁ ପରିମାଣ ୭. ଚଢ଼େଇ ବସା, ୮. ଛୋଟ ଅସ୍ଥାୟୀ ଘର ।

**ଗୁଡ଼ାଇବା *କ୍ରି.*** ବେଢ଼ାଇବା, ଏକାଠି କରିବା, ଗୁଳା ଆକାରରେ ବାନ୍ଧିବା ।

**ଗୁଡ଼ାଏ *ବିଂ.*** ଅନେକ. ଗୁଡ଼ାକ, ବହୁତ ।

**ଗୁଡ଼ାଖୁ *ବି.*** ୧. ଧୂମପାନପାଇଁ ଗୁଡ଼ ଓ ଧୂଆଁପତ୍ର ଗୁଣ୍ଡର ଏକ ମିଶ୍ରିତ ଦ୍ରବ୍ୟ ୨. ଦାନ୍ତ ଘଷିବାପାଇଁ ଏକ ଉତ୍ତେଜକ ଦ୍ରବଣ ।

**ଗୁଡ଼ାଡ଼ାଁଡ଼୍ *ବି.*** ଗୋଚରଭୂମି, ଗୁଡ଼ାଦାଣ୍ଡ ।

**ଗୁଡ଼ାମ *ବି.*** ଫସଲ ବନ୍ଧା ଦେଇ ନେଉଥିବା କରଜ ।

**ଗୁଡ଼ି *ବି.*** ୧. ପବନରେ ଉଡ଼ିଲା ଭଳି ବିଭିନ୍ନ ଆକାରର କାଗଜ ତିଆରି ପତଙ୍ଗ ବା ପତାଙ୍ଗି ୩. କାନି ପଣତରେ ଦିଆଯିବା ଗଣ୍ଠି ୪. ସଭା ୫. ଦେବମନ୍ଦିର ।

**ଗୁଡ଼ିଆ *ବି.*** ୧. ଗୁଡ଼ ବା ଚିନିରେ ମିଠା ପ୍ରସ୍ତୁତକରି ବ୍ୟବସାୟ କରୁଥିବା ବ୍ୟକ୍ତି ଓ ଜାତି, *ସ୍ତ୍ରୀ* ଗୁଡିଆଣୀ ୨. ଗୁଡ଼ାଇବା କାମ ୩. ଉଚ୍ଚ କଣ୍ଟାଳିଆ ଗଛ ; ***ବିଂ.*** ୧. ଗୁଡ ସମ୍ବନ୍ଧୀୟ ୨. ଛନ୍ଦା ହୋଇଥିବା ।

**ଗୁଡ଼ିଆଗୁଡ଼ି *ବି.*** ୧. ପରସ୍ପର ଛନ୍ଦାଛନ୍ଦି ହେବା ୨. ଗୋଡ଼ିଆଗୋଡ଼ି, ଖେଳ ।

**ଗୁଡ଼ିଆଜନ୍ଦା *ବି.*** କଳାରଙ୍ଗର ବଡ଼ଜନ୍ଦା, ଡଗରାଜନ୍ଦା ।

**ଗୁଡ଼ି ଉଙ୍ଖାବା *କ୍ରି.*** ସଭା ଭାଙ୍ଗିବା ।

**ଗୁଡ଼ିଶାଲ, ଗୁଡୁଗାଡ଼ି *ବି.*** ଉପରେ ତାଟି ବନ୍ଧା ହୋଇଥିବା ଶଗଡ଼ ଗାଡ଼ି ।

**ଗୁଡୁଗୁଡ଼ି *ବି.*** ୧. ଛୋଟ ପିଲାଙ୍କୁ ଡରାଇବାପାଇଁ କାଳ୍ପନିକ ହସ୍ତପଦ ବିହୀନ ଜନ୍ତୁ ୨. ସାନ ହୁକ୍କା ୩. ବାଦ୍ୟ ବିଶେଷ ।

**ଗୁଡୁଚି *ବି.*** ଗୁଳଚିଲତା ।

**ଗୁଡୁମ୍ *ବିଂ.*** ଲୋପ ପାଇଥିବା (ଅକଲ ଗୁଡୁମ୍) ।

**ଗୁଡୁସ୍ *ଅ.*** ଧଡ଼ାସ୍, ଦମ୍‌କିନା ।

**ଗୁଡେ *ବି.ବିଂ.*** ଗୁଡାଏ, ଅନେକ ।

**ଗୁଡ଼େଇତୁଡ଼େଇ *ବିଂ.*** ଛନ୍ଦିଛାନ୍ଦି ହୋଇଯାଇଥିବା (ସୂତା) ।

**ଗୁଡ଼େଇତୁଡ଼େଇ ହେବା *କ୍ରି.*** ଉଦ୍‌ବେଳିତ ହେବା, ବ୍ୟସ୍ତ ହେବା, ଘାଣ୍ଟି ହେବା (ମନ), ଗୁଡେଇ ପୁଡ଼େଇ ହେବା ।

**ଗୁଣ୍‌ଚି *ବି.*** ଅଣ୍ଟାସୂତା, ଘୁନ୍‌ସି, କଟି ଅଳଙ୍କାର ।

**ଗୁଣ୍‌ସି *ବି.*** ତନ୍ତୁ, ସୂତା ।

**ଗୁଣ *ବି.*** ୧. ବ୍ୟକ୍ତି ବା ବସ୍ତୁର ପ୍ରାକୃତିକ ଧର୍ମ ୨. ଇନ୍ଦ୍ରିୟଗ୍ରାହ୍ୟ ଧର୍ମ ୩. ସାଂଖ୍ୟୋକ୍ତ ସତ୍ତ୍ୱ, ରଜ, ତମ ଆଦି ତ୍ରିଗୁଣ ୩. ଉତ୍କର୍ଷ, ମହନୀୟତା ୪. ଆବୃତ୍ତି, ଫେର ୫. ଉପାଧି, ଉପାଧିଜନିତ ଦୋଷ ୬. ଗୁଣନ (ଗଣିତ) ୭. ରଜ୍ଜୁ, ଚମଡା ଡୋର ୮. ଧନୁର ଗୁଣ ୯. ତଙ୍ଗାଟଣା ଦଉଡ଼ି ।

**ଗୁଣକ *ବି.ବିଂ.*** ୧. ଯେଉଁ ଅଙ୍କଦ୍ୱାରା ମୂଳ ଅଙ୍କକୁ ଗୁଣନ କରାଯାଏ ୨. ମାପଅଙ୍କ ୩. ଯେ ଗୁଣନ କରେ, ଗୁଣନକାରୀ ।

**ଗୁଣକଥନ *ବି.*** ଗୁଣ/ ଦୋଷ/ ଯଶ ବଖାଣ ।

**ଗୁଣ କରିବା *କ୍ରି.*** ୧. ଗୁଣନ କରିବା, ସଂଖ୍ୟା ବୃଦ୍ଧି କରିବା ୨. ଉପକାର କରିବା ୩. ଫଳପ୍ରଦ ହେବା ।

**ଗୁଣକର୍ମ *ବି.*** ଗୁଣ ଓ କର୍ମ, ଗୁଣ ହେତୁକ କର୍ମ ।

**ଗୁଣ କାଢ଼ିବା *କ୍ରି.*** ୧. ଦୁର୍ଗୁଣ ଦେଖାଇବା ୨. ପ୍ରକୃତ ସ୍ୱଭାବ ଚରିତ୍ର ଜଣାପଡ଼ିବା ।

**ଗୁଣକାରକ *ବିଂ.*** ଫଳପ୍ରଦ, ଉପକାରୀ, ଗୁଣକାରୀ ।

**ଗୁଣ ଗାଇବା *କ୍ରି.*** ଗୁଣକୀର୍ତ୍ତନ କରିବା, ପ୍ରଶଂସା କରିବା ।

**ଗୁଣଗାରିମା *ବି.*** ଗୌରବ, ମହନୀୟତା, ଉତ୍କର୍ଷ, ଗୁଣଗୌରବ ।

**ଗୁଣଗ୍ରହଣ *ବି.*** ଅନ୍ୟର ଭଲଗୁଣକୁ ଗ୍ରହଣ କରିବା, ଆଦର କରିବା ।

**ଗୁଣଗ୍ରାମ, ଗୁଣଧାମ *ବି.*** ୧. ସବୁ ଭଲଗୁଣ, ସୁଗୁଣ ୨. ଭଲମନ୍ଦ ପ୍ରକୃତି ।

**ଗୁଣ ଚଢ଼ାଇବା *କ୍ରି.*** ଧନୁରେ ଗୁଣ ଦେବା ବା ଟାଣକରି ରଶି ବାନ୍ଧିବା ।

**ଗୁଣ ଚିହ୍ନରା *ବିଂ.*** ଯେ ଅନ୍ୟର ସୁଗୁଣ ଚିହ୍ନି ଆଦର କରେ ।

**ଗୁଣଜ୍ଞ *ବିଂ.*** ଗୁଣଗ୍ରାହୀ ।

**ଗୁଣଧର,ଗୁଣବନ୍ତ,ଗୁଣମନ୍ତ *ବିଂ.*** ବିଦ୍ୱାନ, ଗୁଣସମ୍ପନ୍ନ ।

**ଗୁଣନ *ବି.*** ୧. ଗୋଟିଏ ସଂଖ୍ୟାକୁ ଅନ୍ୟ ସଂଖ୍ୟାରେ ଗୁଣିବା ୨. ମନ୍ତ୍ରଣା ୩. ଜପ, ଆବୃତ୍ତି ୪. ବର୍ଣ୍ଣନ ୫. ସ୍ମରଣ ।

**ଗୁଣନଫଳ *ବି.*** ଦୁଇଟି ସଂଖ୍ୟାର ଗୁଣନଦ୍ୱାରା ଲବ୍ଧ ଫଳ, ଗୁଣଫଳ ।

**ଗୁଣନିଧାନ *ବିଂ.*** ଯେ ସକଳ ଗୁଣର ଆଧାର, ଗୁଣନିଧି, ଗୁଣମଣି ।

**ଗୁଣନୀୟ *ବିଂ.*** ଗୁଣନ କରିବାର ଯୋଗ୍ୟ ।

**ଗୁଣନୀୟକ *ବି.*** ଯେଉଁ କ୍ଷୁଦ୍ରତର ସଂଖ୍ୟାଦ୍ୱାରା ବଡ଼ ସଂଖ୍ୟାକୁ ଭାଗ ବା ହରଣ କରାଯାଏ ।

**ଗୁଣବତୀ *ବିଂ.*** ଉତ୍ତମ ସ୍ୱଭାବଯୁକ୍ତା (ନାରୀ), ସଚ୍ଚରିତ୍ରା ; ***ପୁଂ.*** ଗୁଣବାନ୍ ।

**ଗୁଣବତ୍ତା *ବି.*** ଉତ୍ତମ ସ୍ୱଭାବ, ଗୁଣଶାଳିତା ।

**ଗୁଣବର୍ଣ୍ଣନା *ବି.*** ଗୁଣକୀର୍ତ୍ତନ, ଗୁଣ ବଖାଣ ।

**ଗୁଣବାଚକ *ବି.ବିଂ.*** ୧. ଯେଉଁ ସଂଖ୍ୟା ଗୁଣନୀୟକ ଭାବେ କାର୍ଯ୍ୟକରେ ୨. ନିର୍ଦ୍ଦିଷ୍ଟ ବ୍ୟକ୍ତିସତ୍ତା, ଗୁଣର ନିର୍ଦ୍ଦେଶକ ।

**ଗୁଣମୁଗ୍ଧ *ବିଂ.*** ଅନ୍ୟର ସୁଗୁଣଦ୍ୱାରା ଆକୃଷ୍ଟ, ପ୍ରଭାବିତ, ଗୁଣଗ୍ରାହୀ ।

**ଗୁଣରା *ବିଂ.*** ଗୁଣଚିହ୍ନରା ।

**ଗୁଣସାଗର *ବି.*** ୧. ସକଳ ସୁଗୁଣର ଆଧାର, ଗୁଣକାର ୨. ଏକ ରାଗ (ହିନ୍ଦୋଳ)ର ଶାଖା ।

**ଗୁଣହୀନ *ବିଂ.*** ଗୁଣଶୂନ୍ୟ ।

**ଗୁଣା *ବି.*** ୧.ଗୋଲିଆ ନାକ-ଅଳଙ୍କାର, ଗୁଣା ଓ ବସଣୀ ୨.ବୀଣା ପ୍ରଭୃତି ବାଦ୍ୟଯନ୍ତ୍ରର ତାର ୩. ଗୁଣନ ଚିହ୍ନ ୪. ସମପରିମାଣର ବହୁତ ଥର ୫. ଗୁଣଫଳ ୬. ଅଗୁରୁ ଜାତୀୟ ବୃକ୍ଷ ।

**ଗୁଣାଗୁଣ *ବି.*** ଭଲ ଓ ଖରାପ ଉଭୟ ।

**ଗୁଣାଗୁଣି *ବି.*** ଗୋଟିଏ ସଂଖ୍ୟାକୁ ଅନ୍ୟ ସଂଖ୍ୟାଦ୍ୱାରା ଗୁଣିବା ପ୍ରକ୍ରିୟା ।

**ଗୁଣାଢ୍ୟ *ବିଂ.*** ସୁଗୁଣ ହେତୁ ପୂଜିତ (ବ୍ୟକ୍ତି), ଗୁଣବାନ୍ ।

**ଗୁଣାତୀତ *ବିଂ.*** ୧. ଉପାଧିବିହୀନ ୨. ଦୋଷରହିତ, ସକଳ ଦୋଷଗୁଣର ଊର୍ଦ୍ଧ୍ୱରେ ୩. ପରମେଶ୍ୱର ।

**ଗୁଣାତ୍ମକ *ବିଂ.*** ଗୁଣସମ୍ପନ୍ନ, ସୁଗୁଣ ବିଷୟକ, ଗୁଣ ଆଧାରିତ, ଗୁଣ କୈନ୍ଦ୍ରିକ ।

**ଗୁଣାନୁକୀର୍ତ୍ତନ *ବି.*** ସୁଗୁଣସ୍ମରଣ, ଗୁଣ ପ୍ରଖ୍ୟାନ ।

**ଗୁଣାବଳୀ *ବି.*** ଗୁଣସମୂହ ।

**ଗୁଣାଳଙ୍କୃତ *ବିଂ.*** ଗୁଣଦ୍ୱାରା ଭୂଷିତ, ଗୁଣଦ୍ୱାରା ଶୋଭାବନ୍ତ ।

**ଗୁଣି *ବି.*** ତନ୍ତ୍ର, ମନ୍ତ୍ରଯନ୍ତ୍ରବିଦ୍ୟା ।

**ଗୁଣିଆ *ବି.*** ୧. ତନ୍ତ୍ରମନ୍ତ୍ର ପ୍ରୟୋଗକାରୀ, ଝଡ଼ାଫୁଙ୍କା କରି ଦେହ ଭଲ କରିବା ଓ ମନ୍ତ୍ରଯନ୍ତ୍ର କରି ଭୂତପ୍ରେତ ଛଡ଼ାଇବା ବ୍ୟକ୍ତି, ଓଝା ୨. ଐନ୍ଦ୍ରଜାଲିକ ।

**ଗୁଣିତକ *ବି.*** ଯେଉଁ ବଡ଼ ରାଶିକୁ ଅନ୍ୟ କ୍ଷୁଦ୍ର ରାଶିଦ୍ୱାରା ଭାଗ କଲେ ଭାଗଶେଷ ରହେ ନାହିଁ ।

**ଗୁଣିବା *କ୍ରି.*** ୧. ଗୁଣନ କରିବା ୨. ମନେ ମନେ ବହୁବାର ଭାବିବା, ବିଚାର କରିବା ୩. ଆବୃତ୍ତି କରିବା ୪. ସ୍ମରଣ କରିବା ୫. ମାଳା ଜପିବା, ସ୍ତବସ୍ତୋତ୍ର ପାଠକରିବା ।

**ଗୁଣିହେବା *କ୍ରି.*** ମନେ ମନେ ଭାବି ହେବା, ଗୁଣକୀର୍ତ୍ତନ କରିବା ।

**ଗୁଣୀ *ବିଂ.*** ୧. ଗୁଣବାନ, *(ସ୍ତ୍ରୀ)* ଗୁଣିନୀ ୨. ଗୁଣିଆ ୩. ନିର୍ଦ୍ଦିଷ୍ଟ ଗୁଣ ବା ଧର୍ମବିଶିଷ୍ଟ ।

**ଗୁଣୁଗୁଣୁ *ଅ. ବି.*** ଭଅଁର ଓ ମହୁମାଛି ଆଦିଙ୍କର ଧ୍ୱନି, ଝଙ୍କାର ।

**ଗୁଣୁସି *ବି.*** ନଡ଼ିଆ ଓ ତାଳପତ୍ର ଧାରରେ ଥିବା ତନ୍ତୁ ।

**ଗୁଣ୍ଠ *ବି.*** ୧. ଭୂମିର ପରିମାଣ ବିଶେଷ– ଏକ ଏକରର ୨୫ ଭାଗରୁ ଭାଗେ ୨. ଗେହ୍ଲା ଓ ଆଦରର ଧନ, ସନ୍ତାନ ; ***ବିଂ.*** ୧. ଗୁଣ୍ଠିଆ, ଏତେ ଗୁଣ୍ଠ ପରିମାଣର ୨. ଠୁରା, ବାମନ ।

**ଗୁଣ୍ଠନ *ବି.*** ୧. ବେଷ୍ଟନ, ଆବରଣ ୨. ଲୁଚାଇବା ; ***ବିଂ.*** ଗୁଣ୍ଠିତ ।

**ଗୁଣ୍ଠିଆ *ବି.*** କୋଠାଘରର ଛାତ ପଡ଼ିଲାବେଳେ ବ୍ୟବହୃତ ଠେକ ବାଉଁଶ ।

**ଗୁଣ୍ଠୁଣା *ବିଂ.*** ଗେଡା, ଖର୍ବକାୟ, ଅନୁଚ୍ଚ; *ସ୍ତ୍ରୀ.* ଗୁଣ୍ଠୁଣୀ ।

**ଗୁଣ୍ଡ *ବି.*** ୧. ଧୂଳି, ଚୂନା, ଚୂରା ୨. ମଇଳା ୩. ସୁଗନ୍ଧଘାସ, କେଶୁର ୪. ତୈଳପାତ୍ର ୫. କୌଣସି ପଦାର୍ଥର ଛୋଟଛୋଟ ଅଂଶ, ଖଦଡ଼ା ୬. ମୁରୁଜ ୭. ବଟକରା, ଓଜନ ପରିମାପକ ।

**ଗୁଣ୍ଡକେରୀ** *ବି.* ଗୋଣ୍ଡକିରୀ, ସଙ୍ଗୀତର ରାଗ ବିଶେଷ ।

**ଗୁଣ୍ଡା** *ବି.* ୧. ଧୂଳି, ଚୂନା, **କୌଣସି ବସ୍ତୁର** ଛୋଟଛୋଟଖଣ୍ଡ ୨. କଳେ, ପାପୁଲିରେ ମୁଠେଇ ଧରିଥିବା ଓ ସେଇ ପରିମିତ (ଗୁଣ୍ଡାଏ ଭାତ) ୩. ଶୁଖିଲା ଘଷିଖଣ୍ଡ ୪. ଦୁର୍ବୃତ୍ତ ଲୋକ, ଅତ୍ୟାଚାରୀ ବ୍ୟକ୍ତି ।

**ଗୁଣ୍ଡାଗର୍ଦ୍ଧି** *ବି.* ଗୁଣ୍ଡାମି, ଗୁଣ୍ଡାଗିରି, ବଦମାସି।

**ଗୁଣ୍ଡା ବଳିବା** *କ୍ରି.* ୧. ହାତ ପାପୁଲିରେ ମୁଠେଇ ଭାତକୁ ବଳିବା ୨. କାମ ନ କରି ବସି ଖାଇବା ।

**ଗୁଣ୍ଡି** *ବି.* ୧. ଧୂଆଁପତ୍ରରେ ପ୍ରସ୍ତୁତ କଡାପାନର ମସଲା ୨. ମିଳିମିଳା ରୋଗ ୩. ଛୋଟଛୋଟ ଖଣ୍ଡ ୪. ବୋତାମ ୫. ମହୁଲ ଫୁଲ ୬. ଏକ ପ୍ରକାର ଗଛ ୭. ପରସ୍ପର ଛନ୍ଦା ଗାଈ ଯୁଗଳ ୮. ଖେଳସଙ୍ଗୀ ।

**ଗୁଣ୍ଡିଆ** *ବିଂ.* ଅବିଶ୍ୱାସୀ ; *ବି.* ୧. ଧୈର୍ଯ୍ୟ ୨. ଆସ୍ପର୍ଦ୍ଧା ୩. ଛୋଟମଶା ୪. ହୃଦୟ ।

**ଗୁଣ୍ଡିଖିଆ** *ବି. ବିଂ.* ୧. ଦୋଳପୂର୍ଣ୍ଣିମୀ ଦିନ ଆମ୍ବଖିଆ ଅନୁକୂଳ ଉତ୍ସବ ୨. କଡ଼ା ମସଲାଖିଆ ବ୍ୟକ୍ତି ।

**ଗୁଣ୍ଡିଚା** *ବି.* ୧. କିମ୍ବଦନ୍ତୀ ଅନୁସାରେ ଇନ୍ଦ୍ରଦ୍ୟୁମ୍ନ ରାଜାଙ୍କର ପତ୍ନୀ ୨. ଶ୍ରୀଜଗନ୍ନାଥଙ୍କର ରଥଯାତ୍ରା ଉତ୍ସବ (ଆଷାଢ଼ ମାସ ଶୁକ୍ଳ ପକ୍ଷ ଦ୍ୱିତୀୟା) ।

**ଗୁଣ୍ଡିଚାଘର** *ବି.* ଶ୍ରୀଜଗନ୍ନାଥଙ୍କ ଉଦ୍ୟାନ ମନ୍ଦିର (ଘୋଷଯାତ୍ରା ଦିନ ତିନୋଟି ରଥରେ ଶ୍ରୀସୁଦର୍ଶନଙ୍କ ସହିତ ତିନି ବିଗ୍ରହ ଗୁଣ୍ଡିଚା ଘରକୁ ବିଜେ କରନ୍ତି)।

**ଗୁଣ୍ଡିଚାବାହୁଡ଼ା** *ବି.* ଗୁଣ୍ଡିଚା ଘରେ ରହଣି ପରେ ବିଗ୍ରହମାନେ ରଥାରୂଢ଼ ହୋଇ ଶ୍ରୀମନ୍ଦିରକୁ ଆଷାଢ଼ ଶୁକ୍ଳ ଦଶମୀ ଦିନ ପ୍ରତ୍ୟାବର୍ତ୍ତନ କରିବା ଉତ୍ସବ ।

**ଗୁଣ୍ଡିଚାବିଜେ** *ବି.* ଗୁଣ୍ଡିଚାଯାତ, ରଥଯାତ୍ରା ।

**ଗୁଣ୍ଡିଚି** *ବି.* ୧. ଗୁଣ୍ଡୁଚିମୂଷା ୨. କମରପଟି ୩. କାଞ୍ଚି, ଗୁନ୍‌ଚି ।

**ଗୁଣ୍ଡିମାଳ** *ବି.* ଏକପ୍ରକାର ଦେଶୀ ଖେଳ ।

**ଗୁଣ୍ଡୁରି** *ବି.* ୧. ଘରଚଟିଆ ପରି ଛୋଟ ଚଢ଼େଇ ୨. ଧୂଳିରେ ଗାତ କରି ରହୁଥିବା ଏକ ପ୍ରକାର ପୋକ ୩. ତୁଙ୍ଗେଇ ।

**ଗୁଣ୍ଡୁରି ଘାସ** *ବି.* ଗୁଗୁଚିଆ, ଘାସ ।

**ଗୁଣ୍ଡୁରୁ ଶାଗ** *ବି.* ବର୍ଷା ହେଲେ ପଡ଼ିଆରେ ସ୍ୱତଃ ଉଠୁଥିବା ଶାଗ ବିଶେଷ ।

**ଗୁତର୍** *ବି.* ଗୋତ୍ର, କୌଣସି ବ୍ୟକ୍ତିର ଆଦିପୁରୁଷ/ଚରିତ୍ର (ମଣିଷ, ପଶୁ, ପକ୍ଷୀ,ସରୀସୃପ ମଧ୍ୟ ହୋଇପାରନ୍ତି) ।

**ଗୁତା** *ବି.* ୧. ଲୁଚୁକାଳି ଖେଳ ୨. ପାଣିରେ ବୁଡ଼ି ଲୁଚିବା ୩. କୁତ ୪. ଶଗଡ଼ରେ ବ୍ୟବହୃତ ଦଉଡ଼ି ; *ବିଂ.* ଏକଚାଟିଆ (କାରବାର) ।

**ଗୁତାଉଚାର** *ବି.* ପଚରାଉଚରା ।

**ଗୁତାଦେବା** *କ୍ରି.* କୁତ ଲଗାଇବା ।

**ଗୁତାବାଜ୍** *ବିଂ.* ଅବିଶ୍ୱାସୀ, ଗୋତାମାରୁ ।

**ଗୁତି** *ବି.* ୧. ବର୍ଷକପାଇଁ ନିଯୁକ୍ତ ହଳିଆ ୨. ହଳିଆଙ୍କୁ ଦିଆଯିବା ମୂଲ ୩. କିଣାଚାକର, ଗୋତି ।

**ଗୁତିକିନା** *ବି.* ପଙ୍କ ଭିତରେ ଥିବା ମାଛ ବିଶେଷ (ରୁଟିମାଛ) ।

**ଗୁତି ବର୍‌ଗା ବେଲ** *ବି.* ହଳିଆ ବିଲକୁ ଯିବା ବେଳ, ସକାଳ ସମୟ ।

**ଗୁଦ୍‌ନି** *ବି.* ଚିତାକୁଟା, ଦେହରେ ରଙ୍ଗ ଦେଇ ଛୁଞ୍ଚିରେ ଫୋଡ଼ି ଫୋଡ଼ି ଚିତ୍ର ଅଙ୍କନ ।

**ଗୁଦ୍‌ରି** *ବି.* ଅମାର, ଧାନ୍ୟାଗାର ।

**ଗୁଦ** *ବି.* ୧. ମଳଦ୍ୱାର ୨. ମଳଦ୍ୱାରରେ ବାହାରିବା ପଦ୍ମରୋଗ ।

**ଗୁଦକୀଳ** *ବି.* ଅର୍ଶରୋଗ, ଗୁଦକୀଳକ, ଗୁଦାଙ୍କୁର ।

**ଗୁଦଡ଼ି** *ବି.* କନ୍ଥା, ଗୁଦୁଡ଼ି, ପ୍ରସ୍ତ ପ୍ରସ୍ତ ଲୁଗାକୁ ଏକାଠି ସିଲେଇ କରି ତିଆରି ଉପକରଣ ବା ଶେଯ ଆବରଣ ।

**ଗୁଦର୍** *ବି.* ଗୋଦରରୋଗ, ଫାଇଲେରିଆ ।

**ଗୁଦସ୍ତା** *ବି.* ଗୋଦସ୍ତା, ଗତବର୍ଷ ।

**ଗୁଦା** *ବି.* ୧. ମଳଦ୍ୱାର ୨. ନଡ଼ିଆ ଭିତରେ ଥିବା ଧଳାଅଂଶ, ଶସ ।

**ଗୁଦି** *ବି.* ୧. ଜାହାଜ ରଖିବା ସ୍ଥାନ, ଡକ୍ ୨. **ମସ୍ତିଷ୍କର** ଦହି ।

**ଗୁଦୁଡ଼ି** *ବି.* ଚିରାଲୁଗା ସବୁ ଏକାଠି ସିଲାଇ କରି ପ୍ରସ୍ତୁତ ଶେଯ, କନ୍ଥା, ଗୁଦଡ଼ି ।

**ଗୁନ୍‌ଚା** *ବି.* ୧. ଗୁଣ୍ଡୁଚି ମୂଷା ୨. ଗୁଣ୍ଡିଚା ଯାତ୍ରା ।

**ଗୁନ୍‌ଚି** *ବି.* ୧. ଘନସି, ଅଣ୍ଟାସୂତା ୨. ଗୁଣ୍ଡୁଚିମୂଷା ।

**ଗୁନ୍‌ହା** *ବି.* ଦୋଷ, ଅପରାଧ ।

**ଗୁନ୍‌ହାଗାର** *ବିଂ.* ଅପରାଧୀ, ଦୋଷୀ, ଗୁନାଗାର ।

**ଗୁନ୍‌ହାଗାରି** *ବି.* ଜୋରିମାନା, ଅର୍ଥଦଣ୍ଡ ।

**ଗୁନା** *ବି.* ୧. ବଡ଼ ବଡ଼ ମାଟିହାଣ୍ଡି ୨. ନାକ ଅଳଙ୍କାର-ଗୁଣା ୩. ରାଗ, କ୍ରୋଧ ।

**ଗୁନିଆ** *ବି.* ୧. ନକ୍ସାରୁ ଭୂମିର ପରିମାଣ ଜାଣିବାପାଇଁ ବ୍ୟବହୃତ ଯନ୍ତ୍ର ବିଶେଷ ୨. ବଢ଼େଇମାନେ ବ୍ୟବହାର କରୁଥିବା ଏକ ପ୍ରକାରର ଯନ୍ତ୍ର ୩. ଗୁଣିଆ ।

**ଗୁଛା** *ବି.* ୧. ଗୁଛିବା କାମ ୨. ଏକାଠି ଫୋଡ଼ିବା କାମ ; *କ୍ରି.* ଗୁଛିବା ।

**ଗୁଛାଗୁଛି** *ବି.* ଏକାଠି ଲଗାଲଗି କରି ଗୁଛିବା କାମ ।

**ଗୁଛେଇ** *ବି.* ମାଳାଆଦି ଗୁଛିବାର ମଜୁରି ।

**ଗୁନ୍ଦ୍** *ବି.* ଅଠା, ଗଛର ଶିଠା, ଗୌଁଦ୍ ।

**ଗୁନ୍ଦ୍‌ଦାନି** *ବି.* ଅଠାଶିଶି, ଅଠାପାତ୍ର ।

**ଗୁନ୍ଦ୍‌ରା** *ବି.* ୧. ମିଛ ୨. ଖେଳରେ ଗୋଳାଇବା ; *ବିଂ.* ଗୋଳିଆ, ଯେ ଖେଳ ଗୋଳାଏ ; *କ୍ରି.* ଗୁନ୍ଦ୍‌ରାଇବା ।

**ଗୁନ୍ଦଲ୍, ଗୁନ୍ଦଲିଆ** *ବିଂ.* ଗୋଳିଆ, ଅପରିଷ୍କାର ।

**ଗୁନ୍ଦା, ଗେନ୍ଦା** *ବି.* ଗେଣ୍ଡୁ, ମଖମେଲ ଫୁଲ ।

**ଗୁନ୍ଦୁରପେଞ୍ଚୁଆ** *ବିଂ.* ଗୁନ୍ଦୁରିଆ, ଷଡଯନ୍ତ୍ରକାରୀ ।

**ଗୁପ୍‌କରିବା** *କ୍ରି.* ଲୁଚାଇବା, ଗୋପନକରିବା ।

**ଗୁପ୍‌ଚାବା** *କ୍ରି.* ୧. ଲୁଚାଇବା ୨. କାଠ ବା ବାଉଁଶର ଅଗକୁ ମୁନିଆଁ କରିବା ।

**ଗୁପ୍‌ଚୁପ୍** *ବି.* ୧. ଗୁପ୍ତବିଷୟ ୨. କଥା ନ କହି ମୌନ ହେବା ୩. ଛୋଟ ଫୁଲକା ପୁରି, ପାଣିପୁରି ; *ବିଂ.* ଗୁପ୍ତ, ମୌନ, ତୁନି।

**ଗୁପ୍‌ଚୁପିଆ** *ବିଂ.* ଗୋପନୀୟ, ଗୁପ୍ତ , କଥା ଲୁଚାଉଥିବା, ଖୋଲି କହୁ ନ ଥିବା (ବ୍ୟକ୍ତି) ।

**ଗୁପତ** *ବିଂ.* ଗୋପନୀୟ, ସାଧାରଣରେ ଅପ୍ରକଟ, ଗୁପ୍ତ, ଲୁଚା ।

**ଗୁପତମାରୁ** *ବିଂ.* ଗୋପନରେ କ୍ଷତି କରୁଥିବା ।

**ଗୁପା** *ବିଂ.* ଅଡୁଆତଡୁଆ, ଆଦିଅନ୍ତ ଜଣାପଡୁ ନ ଥିବା; *କ୍ରି.* ଗୁପାଇବା ।

**ଗୁପିବା, ଗୁପିଯିବା** *କ୍ରି.* ୧. ଛପିବା, ଲୁଚିଯିବା , ହଜିଯିବା ୨. ବାଉଳା ହୋଇଯିବା, ବାଟ ପାଉ ନ ଥିବା ୩. ସୂତା ଅଡୁଆ ହୋଇଯିବା ।

**ଗୁପ୍ତ** *ବିଂ.* ୧. ଗୋପନୀୟ ୨. ଲୁକ୍କାୟିତ ୩. ସଂରକ୍ଷିତ ୪. ଅଦୃଶ୍ୟ ୫. ଆଚ୍ଛାଦିତ ୬. ଅପ୍ରକାଶ୍ୟ ।

**ଗୁପ୍ତ ଗୁଣ୍ଡିଚା** *ବି.* ଶାରଦୀୟ ଦୁର୍ଗାମାଧବଙ୍କ ରଥଯାତ୍ରା ।

**ଗୁପ୍ତଚର** *ବି.* ଗୁଇନ୍ଦା, ଗୋପନରେ ସମ୍ବାଦ ସଂଗ୍ରହକାରୀ, ଖୁପିଆ ।

**ଗୁପ୍ତ ଚରିତ୍ରପଞ୍ଜିକା** *ବି.* ଚାକିରି କାଳରେ କର୍ମଚାରୀଙ୍କ ଚରିତ୍ର ସମ୍ବନ୍ଧୀୟ ଗୋପନୀୟ ମନ୍ତବ୍ୟ, ସିସିଆର ।

**ଗୁପ୍ତତଥ୍ୟ** *ବି.* ଗୋପନୀୟ ଖବର, ଗୁପ୍ତସୂଚନା ।

**ଗୁପ୍ତଧନ** *ବି.* ସମସ୍ତଙ୍କ ଅଜାଣତରେ ସଞ୍ଚିତ ଧନ, ଅସଦୁପାୟରେ ସଞ୍ଚିତ ଧନ ।

**ଗୁପ୍ତପ୍ରଣୟ** *ବି.* ଅନ୍ୟମାନଙ୍କ ଅଜାଣତରେ ପ୍ରେମ ସମ୍ପର୍କ, ଚୋରାପୀରତି, ଗୁପ୍ତପ୍ରେମ, ନିଷିଦ୍ଧପ୍ରଣୟ ।

**ଗୁପ୍ତବେଶ** *ବି.* ଛଦ୍ମବେଶ ।

**ଗୁପ୍ତବ୍ୟାଧି** *ବି.* ୧. ମାରାତ୍ମକ ଯୌନବ୍ୟାଧି ୨. ଗୋପନ ରଖାଯାଇଥିବା ଦୁଃସାଧ୍ୟ ରୋଗ ।

**ଗୁପ୍ତଭୋଟ୍** *ବି.* ଗୋପନୀୟ ମତଦାନ ।

**ଗୁପ୍ତ ମନ୍ତ୍ରଣା** *ବି.* ଗୋପନୀୟ ପରାମର୍ଶ ।

**ଗୁପ୍ତମାରୁ** *ବିଂ.* ଆତ୍ମସାତ୍‌କାରୀ, ଗୋପନ ହତ୍ୟାକାରୀ ।

**ଗୁପ୍ତରହସ୍ୟ** *ବି.* ଅପ୍ରକାଶିତ ତଥ୍ୟ, ଗୋପନ କଥା ।

**ଗୁପ୍ତାଙ୍ଗ** *ବି.* ଯୌନାଙ୍ଗ ।

**ଗୁପ୍ତି** *ବି.* ୧. କାଠ ଛାଞ୍ଚ ଭିତରେ ଗୁପ୍ତଭାବରେ ରଖାଯାଇଥିବା ଧାରୁଆ ଛୁରୀ ବା ଛୋଟ ତରବାରି ୨. ରକ୍ଷଣ, ପହରା ୨. ଗୋପନ, ଘୋଡାଇବା ୩. ଗୁପ୍ତସ୍ଥାନ, ଗାତ, ଗହ୍ୱର, କନ୍ଦର ।

**ଗୁଫା ଛଡ଼ାବା** *କ୍ରି.* ୧. ମୁଣ୍ଡର ବୋଝ ହାଲକା କରିବା ୨. ଦାୟିତ୍ୱ ହସ୍ତାନ୍ତର କରିବା ।

**ଗୁବ୍‌ଗବା** *ବିଂ.* ପୂର୍ଣ୍ଣ ପ୍ରସ୍ଫୁଟିତ, କଅଁଳ ।

**ଗୁବ୍‌ଗୁବା** *ଅ.* ବାଡ଼ିର ମୁଣ୍ଡ ଏକପାଖରେ ଖୋବିବାଦ୍ୱାରା ପ୍ରାପ୍ତ ଆଘାତ ।

**ଗୁବ୍‌ରାଇବା** *କ୍ରି.* ଗାରିଆଗାରି କରିବା, ଅସୁନ୍ଦରକରି ଲେଖିବା ।

**ଗୁବ** *ବି.* ୧. ଛଡିଥିବା କଣ୍ଟା ୨. ବାଡ଼ି ଅଗରେ ଖୁନ୍ଦାମାଡ଼, ଗେବ ।

**ଗୁବର** *ବି.* ଗୋବର, ଗାଈଗୋରୁଙ୍କ ମଳ ।

**ଗୁବା** *ବି.* ୧. ଦେହର କୌଣସି ଅଂଶରେ ଗୁଆ ଭଳି ଫୁଲି ଉଠିଥିବା ଆବୁ/ ଫୁଲା ୨. ବଣିଆଙ୍କର ଗୋଲିଆ ଛେଣି ୩. ମୁଣ୍ଡରେ ଲଗାଯାଉଥିବା ପକ୍ଷୀର ପର ।

**ଗୁବାକ** *ବି.* ଗୁଆ, ଗୁଆଗଛ ।

**ଗୁବିବା** *କ୍ରି.* ୧. ଗୋବିବା, ଗେଞ୍ଜିବା ୨. ଫୋଡ଼ିବା ।

**ଗୁଭା** *ବି.* ୧. ଗଛ ଶାଖାର ଅଗରେ ଥିବା କଅଁଳ ପତ୍ର ୨. ଫୁଲର ପେନ୍ଥା ।

**ଗୁମ୍ ଖାଇବା** *କ୍ରି.* ଚୁପ୍‌ଚାପ୍ ହୋଇଯିବା ।

**ଗୁମ୍ କରିବା** *କ୍ରି.* ଲୁଚାଇବା, ହଜାଇବା ।

**ଗୁମ୍‌କିବା** *କ୍ରି.* ଗୁଳଗୁଳି ହେବା ।

**ଗୁମ୍ ଖାଇବା** *କ୍ରି.* ୧. ଚୁପ୍ ହେବା ୨. ହଜିବା ୩. ଅଦୃଶ୍ୟ ହେବା, କୌଣସି ଘଟଣାର କାରଣ ନ ଜାଣି ଚକିତ ହେବା ।

**ଗୁମ୍‌ନାମ** *ବିଂ.* ଅଜ୍ଞାତ, ଅପ୍ରସିଦ୍ଧ, ପରିଚୟ ଲୁଚାଇଥିବା ।

**ଗୁମ୍ ହେବା** *କ୍ରି.* ଗୁପ୍ତହେବା, ହଜିବା, ଲୁଚିଯିବା ।

**ଗୁମଟ** *ବି.* ୧. ସଂକୀର୍ଣ୍ଣ ଛୋଟ ଘର ୨. ଗମ୍ବୁଜାକୃତି ଘର ୩. ଗୁଳୁଗୁଳି ।

**ଗୁମର** *ବି.* ୧. ଗୁପ୍ତକଥା ୨. ଇଜ୍ଜତ, ମହତ୍ ୩. ଗର୍ବ, ଦମ୍ଭ ।

**ଗୁମର କାଢ଼ିବା** *କ୍ରି.* ଗୃହଛିଦ୍ର, ଗୁପ୍ତକଥା ଓ ଇଜ୍ଜତ ପଦାରେ ପକାଇବା, ଗୁପ୍ତକଥା ପ୍ରକାଶ କରିବା, ଗୁମର ଫିଟାଇବା ।

**ଗୁମା** *ବିଂ.* ଟାଣୁଆ, ଛୋଟ ଓ ଗୋଟାଳିଆ ।

**ଗୁମାଇବା** *କ୍ରି.* ୧. ପାଚିନଥିବାଫଳ କୁଟା ଭିତରେ ରଖି ଗମେଇବା ୨. ହଜାଇବା ।

**ଗୁମାଗୁମା** *ବିଂ.* ଗୋଟାଳିଆ, ଆବୁଆବୁଆ ।

**ଗୁମାନ** *ବି.* ୧. ଗର୍ବ, ଅହଙ୍କାର, ଅଭିମାନ, ପରାକ୍ରମ ୨. ମହତ୍ତ୍ୱ ୩. ପ୍ରଣୟରେ ମାନ, କପଟ କ୍ରୋଧ।

**ଗୁମାନିଆ** *ବିଂ.* ଅଭିମାନୀ, ଗର୍ବୀ, ଗୁମାନୀ ।

**ଗୁମାସ୍ତା** *ବି.* ମୋହରିର୍, କିରାନି, ଖଜଣା ଆଦି ଶୁଳ୍କ ଆଦାୟକାରୀ କର୍ମଚାରୀ ।

**ଗୁମିବା** *କ୍ରି.* ୧. ହଜିଯିବା, ଲୁଚିଯିବା ୨. ଗରମରେ (ଫଳ) ପଚିଯିବା ୩. କୃତ୍ରିମ ଉପାୟରେ ଫଳ ପଚେଇବା ।

**ଗୁମୁଟ** *ବି.* ୧. ଆଲୁଅ ଓ ପବନ ପଶୁନଥିବା ଛୋଟ ଘର ୨. ସଂକୀର୍ଣ୍ଣ ଓ ଆବୃତ ଗଳି ୩. ଗମ୍ବୁଜ ବା ଗୁମ୍ଫା ଆକୃତିର ଘର ।

**ଗୁମୁରି ଉଠିବା** *କ୍ରି.* ୧. ପ୍ରତିଧ୍ୱନିତ ହେବା ୨. ଆନନ୍ଦରେ ଆତ୍ମପ୍ରକାଶ କରିବା ୩. ବାସ୍ନାରେ ମହକିବା ।

**ଗୁମୁରିବା** *କ୍ରି.* ୧. ପାରା/କପୋତ ପ୍ରଭୃତି ପକ୍ଷୀ କରୁଥିବା ଧ୍ୱନି ୨. ମୁହଁ ବନ୍ଦ କରି ଗର୍ଜନ କରିବା ।

**ଗୁମ୍ଫ** *ବି.* ୧. ଗୁନ୍ଥିବା ୨. ରଚନା ୩. ଦାଢ଼ି, ମୁଛ, ନିଶ, ଗାଲମୁଛ ୪. ଗୁଚ୍ଛ, ତୋଡ଼ା ୫. କୋଟର, ଗମ୍ଫା ।

**ଗୁମ୍ଫନ** *ବି.* ଗ୍ରନ୍ଥନ, ଗୁନ୍ଥିବା, ସଂଯୋଜନ ।

**ଗୁମ୍ଫା** *ବି.* ୧. ପର୍ବତଗୁହା ୨. ଗୁଚ୍ଛ, ପେନ୍ଥା ୩. ଫୁଲତୋଡ଼ା ୪. ବାହୁ ଅଳଙ୍କାର ।

**ଗୁମ୍ଫିତ** *ବିଂ.* ୧. ଗ୍ରଥିତ, ଗୁନ୍ଥା ହୋଇଥିବା ୨. ନିବଦ୍ଧ, ରଚିତ ୩. ଅଭିବ୍ୟକ୍ତ ୪. ଧ୍ୱନିତ ।

**ଗୁୟାଁ** *ବିଂ.* ୧. ଅଭିମାନୀ, ନୀରବକ୍ରୋଧୀ ୨. ଗୁନ୍ଦରିଆ ୩. ଗାଉଁଗାଉଁଆ ।

**ଗୁର୍** *ବି.* ଆଖୁରସରୁ ପ୍ରସ୍ତୁତ ଅର୍ଦ୍ଧତରଳ/ଟାଣ ମିଠା ପଦାର୍ଥ, ଗୁଡ଼ ।

**ଗୁର୍‌ଗୁଡ଼ାବା** *କ୍ରି.* ଗଡ଼ାଇବା, ଗୁଡ଼ାଇବା, ଗଡ଼ଗଡ଼େଇବା ।

**ଗୁର୍‌ଜି** *ବି.* ସୁଆଁଭଳି ଏକ ପ୍ରକାର ଖାଦ୍ୟ ଶସ୍ୟ ।

**ଗୁର୍‌ଡ଼ା** *ବି.* ୧. ପାଳ/କୁଟାଗଦା ୨. ଗୋରୁଖୁଆଡ଼ ୩. ବାଡ଼, ଚାରାଗଛର ଘେରା, ବେଢ଼ା ।

**ଗୁର୍‌ଦୁ** *ବିଂ.* ଗୁଡ଼ାଏ, ଅନେକ, ବହୁତ ।

**ଗୁର୍‌ଭେଲି** *ବି.* ଛୋଟ ମୁଣ୍ଡାଗୁଡ଼, ଭେଲିଗୁଡ଼ ।

**ଗୁର୍‌ମେ** *ବିଂ.* ନପୁଂସକ, ମାଇଚିଆ, ହିଞ୍ଜଡ଼ା ।

**ଗୁର୍‌ମେଇ** *ବି.* ୧. ପିଲାଦିନୁ ଦିଅଁଙ୍କୁ ପାଣି ଛଡ଼େଇ ଦିଆଯାଇଥିବା ବ୍ୟକ୍ତି ୨. ଗୁରୁମାଇ ।

**ଗୁର୍‌ଲା** *ବି.* ୧. ଘରବନ୍ଦି, ବାଡ଼ବନ୍ଦି ୨. ଅଟେଇ, ବାଉଁଶ ଗୋରଡ଼, ଗୁର୍‌ଡ଼ା ୩. ଗଦା, ସ୍ତୁପ ।

**ଗୁର୍‌ଲାଇବା** *କ୍ରି.* ଆଖିତରାଟି ଚାହିଁବା ।

**ଗୁର୍‌ଶି** *ବି.* ନିଆଁଉହ୍ମେଇ ।

**ଗୁର୍‌ହାହାଁଡ୍** *ବି.* ଚଉଡ଼ାମୁହାଁ ଦୋରୁଅସିଝା ଗୁଡ଼ହାଣ୍ଡି ।

**ଗୁରସ୍** *ବି.* ଗୋରସ୍, ଗାଇଦୁଧ ।

**ଗୁରା** *ଅ.* ଗୁଡ଼ା, ଗୁଡ଼ାକ ।

**ଗୁରାଇବା** *କ୍ରି.* ୧. କୁଲାଦ୍ୱାରା ଧୀର ଭାବରେ ଓ କୌଶଳର ସହିତ ପାଛୁଡ଼ିବା ୨. ଗୁଡ଼ାଇବା ।

**ଗୁରାଣ୍ଡି** *ବି.* ୧. ଶସ୍ତ୍ର ବିଶେଷ ୨. କ୍ଷୁଦ୍ରମୃଗ ।

**ଗୁରାଣ୍ଡିବା** *କ୍ରି.* ୧. ପେଟ ଗୋଳେଇମଛି ହେବା ୨. କଲବଲ ହୋଇ ତଳେ ଗଡ଼ିବା ୩. ଗୁରାଣ୍ଡି ହେବା ।

**ଗୁରାଳି** *ବି.* ଜନସମାଗମ ସୃଷ୍ଟ ଉଚ୍ଚଧ୍ୱନି, ଘୋଘା, କୋଳାହଳ ।

**ଗୁରିଆ** *ବିଂ.* ୧. ପାଛୁଡ଼ା ହୋଇଥିବା ୨. ଈଷତ୍ ନାଲିଆ ।

**ଗୁରିବା** *କ୍ରି.* କୁରାଢ଼ିରେ କାଠ ଚିରିବା ।

**ଗୁରୁ** *ବି.* ୧. ପିତା, ଶିକ୍ଷାଦାତା, ଆଚାର୍ଯ୍ୟ ୨. ମନ୍ତ୍ରଦାତା ୩. ପୂର୍ବପୁରୁଷ, ବର୍ଷୀୟାନ୍ ୩. ପୁରୋହିତ ୪. ସମ୍ମାନାସ୍ପଦ ବ୍ୟକ୍ତି, ଗୁରୁଜନ ୫. ଶାସକ ୬. ଓସ୍ତାଦ, ନାଟ୍ୟ ବା ସଙ୍ଗୀତ ଶିକ୍ଷକ, ୭. ଦେବଗୁରୁ ବୃହସ୍ପତି ୮. ବୃହସ୍ପତି ଗ୍ରହ ୯. ଦୀର୍ଘସ୍ୱର ୧୦. ସଂଯୁକ୍ତାକ୍ଷରର ପୂର୍ବବର୍ଣ୍ଣ ; *ବିଂ.* ୧. ଭାରୀ, ଓଜନିଆ ୨. ବୃହତ୍ ୩. ବିଷମ, ଦୁର୍ଗମ, ଦୁସ୍ତର, କଠିନ ୪. ମହତ୍, ଉତ୍କୃଷ୍ଟ ୫. ପରାକ୍ରମୀ ୬. ଅତିଶୟ ୭. ବଂଶର ଉପାଧି ।

**ଗୁରୁଆଣୀ** *ବି.* ଗୁରୁଙ୍କର ପତ୍ନୀ, ଗୁର୍ବୀ, ଶିକ୍ଷୟିତ୍ରୀ, ଗୁରୁମାଆ ।

**ଗୁରୁ କରିବା** *କ୍ରି.* କୌଣସି ଯୋଗ୍ୟ ବ୍ୟକ୍ତିଙ୍କୁ ନିଜର ଗୁରୁ ରୂପେ ଗ୍ରହଣ କରିବା ।

**ଗୁରୁକୁଳ** *ବି.* ୧. ଗୁରୁଙ୍କ ଗୃହ ବା ଆଶ୍ରମ ୨. ଆବାସିକ ବିଦ୍ୟାଳୟ ।

**ଗୁରୁକୃପା** ***ବି.*** ଗୁରୁଙ୍କର କୃପା ବା ଦୟା ।

**ଗୁରୁ ଗଉରବ** ***ବି.*** ମାନ ମର୍ଯ୍ୟାଦା ।

**ଗୁରୁଗମ୍ଭୀର** ***ବିଂ.*** ଦୃଢ଼, ସ୍ଥିର, ମନନଶୀଳ, ଅଭିଜାତ, ମର୍ଯ୍ୟାଦାସମ୍ପନ୍ନ ।

**ଗୁରୁ ଗର୍ଜନ** ***ବି.*** ୧. ଭୟଙ୍କର ଗର୍ଜନ ୨. ଗମ୍ଭୀର ସ୍ୱର ।

**ଗୁରୁଗୁରୁ** ***ଅ.*** ଗାଈ / ମଈଁଷିଙ୍କ ବେକରେ ବନ୍ଧା ଯାଇଥିବା ବାଉଁଶ ଟିପାର ଧ୍ୱନି ୨. ଚାପା ୩. ସରସର, ସମ୍ପୂର୍ଣ୍ଣଭାବେ (ହଳଦୀ ଗୁରୁଗୁରୁ) ।

**ଗୁରୁଗୋସାଇଁ** ***ବି.*** କୁଳଗୁରୁ ।

**ଗୁରୁ ଗ୍ରନ୍ଥସାହେବ** ***ବି.*** ଶିଖମାନଙ୍କର ପବିତ୍ର ଧର୍ମଗ୍ରନ୍ଥ ।

**ଗୁରୁଚଣ୍ଡାଳ ଦୋଷ** ***ବି.*** ୧. ରଚନା ଓ ଉଚ୍ଚାରଣରେ ଥିବା ଭୟଙ୍କର ଅସଂହତି ୨. ଗ୍ରାମ୍ୟ ଓ ସଂସ୍କୃତ ଶବ୍ଦର ଏକତ୍ର ବ୍ୟବହାର ଜନିତ ଦୋଷ।

**ଗୁରୁଚାଣ୍ଡାଳ ଦଶା** ***ବି.*** ଜ୍ୟୋତିଷ ଶାସ୍ତ୍ର ଅନୁସାରେ ବୃହସ୍ପତି ଓ ରାହୁଙ୍କର ଦଶାଭୁକ୍ତିକାଳ ।

**ଗୁରୁଚାପ** ***ବି.*** ବାୟୁମଣ୍ଡଳୀୟ କୌଣସି ଅଞ୍ଚଳରେ ଚାପର ଆଧିକ୍ୟ (ବିପରୀତ ଲଘୁଚାପ) ।

**ଗୁରୁଜ** ***ବି.*** ୧. କବାଟ ବନ୍ଦ କରିବାପାଇଁ ଏରୁଣ୍ଡିରେ ଲାଗିଥିବା କୁହୁଣ୍ଡା ୨. ଶସ୍ତ୍ରବିଶେଷ ୩. ପଥରଗାଛିନି, ବୁରୁଜ ୩. ଦୁର୍ଗ ପାର୍ଶ୍ୱରେ ଥିବା ଅର୍ଦ୍ଧଚନ୍ଦ୍ରାକୃତି ବିଶିଷ୍ଟ ଗୁପ୍ତସ୍ଥାନ ।

**ଗୁରୁଜନ** ***ବି.*** ପିତା,ମାତା, ଶାଶୁ, ଶ୍ୱଶୁର, ବଡ଼ଭାଇ, ଭାଉଜ ତଥା ବର୍ଷୀୟାନ୍ ଓ ମାନ୍ୟ ବ୍ୟକ୍ତିଗଣ ।

**ଗୁରୁଜୀ** ***ବି.*** ସମ୍ମାନନୀୟ ଗୁରୁ ମହାଶୟ ।

**ଗୁରୁଡ଼ି** ***ବି.*** ୧. ଧାନରଖିବା ପାଇଁ ପ୍ରସ୍ତୁତ ଡୋଲି ୨. ଛୋଟଆମ୍ବ, ଗିଡ଼ି ।

**ଗୁରୁଣ୍ଡା** ***ବି.*** ଦୁଇହାତ ଦୁଇଆଣ୍ଠୁରେ ଭରାଦେଇ ଗତିକରିବା, ହାମୁଡେଇବା; ***କ୍ରି.*** ଗୁରୁଣ୍ଡିବା ।

**ଗୁରୁତମ** ***ବିଂ.*** ସର୍ବାପେକ୍ଷା ଅଧିକ ଗୁରୁ, ସବୁଠୁ ଅଧିକ ଓଜନିଆ, ସବୁଠୁ ଭାରି ।

**ଗୁରୁତର** ***ବିଂ.*** ୧. ଦୁଇଟି ଜିନିଷ ଭିତରେ ଗୋଟିଏ ଅପେକ୍ଷାକୃତ ଭାରି ବା ଗୁରୁ ୨. ଭୟଙ୍କର ।

**ଗୁରୁତା** ***ବି.*** ୧. ଭାରିପଣ ୨. ଗୁରୁପଣିଆ ୩. ମହତ୍ୱ, ମର୍ଯ୍ୟାଦା ୪. ଗାମ୍ଭୀର୍ଯ୍ୟ ୫. କଠିନତା ।

**ଗୁରୁତ୍ୱ** ***ବି.*** ଗାମ୍ଭୀର୍ଯ୍ୟ, ପ୍ରାଧାନ୍ୟ, ବୈଶିଷ୍ଟ୍ୟ ।

**ଗୁରୁତ୍ୱହୀନ** ***ବିଂ.*** ୧. ତୁଚ୍ଛ, ଗାମ୍ଭୀର୍ଯ୍ୟଶୂନ୍ୟ, ମୂଲ୍ୟହୀନ ୨. ତାତ୍ପର୍ଯ୍ୟଶୂନ୍ୟ ।

**ଗୁରୁ ଦକ୍ଷିଣା** ***ବି.*** ଗୁରୁଙ୍କୁ ପ୍ରଦତ୍ତ ଉପହାର, ପାରିତୋଷିକ ।

**ଗୁରୁ ଦିବସ** ***ବି.*** ୧. ବିଶିଷ୍ଟ ଦାର୍ଶନିକ ଓ ଭାରତର ପୂର୍ବତନ ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜନ୍ମଦିବସ (ସେପ୍ଟେମ୍ବର ୫ ତାରିଖ)- ଗୁରୁ ଦିବସ ରୂପେ ପାଳିତ ଉତ୍ସବ ୨. ଗୁରୁପୂଜାପାଇଁ ଉଦ୍ଦିଷ୍ଟ ଦିବସ ।

**ଗୁରୁଦ୍ୱାର(ରା)** ***ବି.*** ଶିଖମାନଙ୍କ ପବିତ୍ର ଧର୍ମସ୍ଥଳୀ - ଯେଉଁଠି ଗୁରୁ ଗ୍ରନ୍ଥସାହେବ ପୂଜା ପାଆନ୍ତି ।

**ଗୁରୁନିତମ୍ବ** ***ବିଂ.*** ଯାହାର ପିଚା ଭାରି ଓ ବଡ଼ ।

**ଗୁରୁନ୍ଦା** ***ବି.*** ଘନ ଆଉଟା ଦୁଧ, ରାବିଡ଼ି, ଗୁରୁଣ୍ଡା ।

**ଗୁରୁପାକ** ***ବିଂ.*** ଗରିଷ୍ଠ, ସହଜରେ ଜୀର୍ଣ୍ଣ ନ ହେବା (ଖାଦ୍ୟ) ।

**ଗୁରୁବାର** ***ବି.*** ସୋମବାରକୁ ସପ୍ତାହର ପ୍ରଥମ ବାର ବା ଦିନ ଧରିଲେ ସପ୍ତାହର ଚତୁର୍ଥ ଦିନ, ବୃହସ୍ପତିବାର।

**ଗୁରୁବାର ଓଷା** ***ବି.*** ଲକ୍ଷ୍ମୀଙ୍କୁ ପୂଜାର୍ଚ୍ଚନା କରିବା ଦିବସ ।

**ଗୁରୁଭାଇ** ***ବି.*** ଏକ ଗୁରୁଙ୍କର ଶିଷ୍ୟମାନେ (ପରସ୍ପରର ଭ୍ରାତୃସ୍ଥାନୀୟ) ।

**ଗୁରୁଭାର** ***ବି.*** ବିଶେଷ ଦାୟିତ୍ୱ, ବେଶିବୋଝ ।

**ଗୁରୁମନ୍ତ୍ର** ***ବି.*** ୧. ଗୁରୁ ଶିଷ୍ୟର କାନରେ ଦେଉଥିବା ମନ୍ତ୍ର ୨. ଅନ୍ୟଠାରୁ ପ୍ରାପ୍ତ ପରାମର୍ଶ, ଉପଦେଶ ବା କୁମନ୍ତ୍ରଣା ।

**ଗୁରୁମାଆ** ***ବି.*** ୧. ଶିକ୍ଷୟିତ୍ରୀ ୨. ଗୁରୁଙ୍କ ପତ୍ନୀ ।

**ଗୁରୁମାଈ** ***ବି.*** ଗୁରୁମେଇ, ପିଲାଦିନୁଁ ନିର୍ଦ୍ଦିଷ୍ଟ ଦେବତାଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ଗୋପୀଭାବାପନ୍ନ ପୁରୁଷ ।

**ଗୁରୁମୁଖୀ** ***ବି.*** ଶିଖମାନଙ୍କ ବ୍ୟବହୃତ ଲିପି ।

**ଗୁରୁଲଘୁ** ***ବିଂ.*** ବଡ଼ ଓ ସାନ, ଭାରି ଓ ହାଲ୍‌କା, ଉଚ୍ଚ ଓ ନୀଚ, ଦ୍ରୁତ ଓ ମନ୍ଥର ।

**ଗୁରୁଶଙ୍କା** ***ବି.*** ୧. ବଡ଼ ଭୟ ଓ ଚିନ୍ତା ୨. ଝାଡ଼ା ମାଡ଼ିବା (*ବିପ.* ଲଘୁଶଙ୍କା - ପରିସ୍ରା ମାଡ଼ିବା)।

**ଗୁରୁସେବା** ***ବି.*** ୧. ଗୁରୁଙ୍କ ପରିଚର୍ଯ୍ୟା ୨. ମହତ୍‌ସେବା ।

**ଗୁରୁସ୍ଥାନୀୟ** ***ବିଂ.*** ଗୁରୁତୁଲ୍ୟ, ସମ୍ମାନାସ୍ପଦ ।

**ଗୁରେ** ***ବିଂ.*** ଗୁଡ଼ିଏ, ଅନେକ ।

**ଗୁରେଇ ହେବା** ***କ୍ରି.*** ୧. ଢାଙ୍କିହେବା ୨. ପିନ୍ଧିବା ୩. ମୋଡ଼ି ହେବା ୪. ଘୋଡେଇ ହେବା ୫. ଗୁଡେଇ ହେବା ।

**ଗୁରେଇତୁରେଇ ହେବା** ***କ୍ରି.*** ୧. ଆଶଙ୍କାରେ ମନ ଚଞ୍ଚଳ ହେବା, ଅସ୍ଥିରହେବା ୨. ମନ ପାପ ଛୁଇଁବା ୩. ବାରମ୍ବାର ମନେପଡ଼ିବା ।

**ଗୁର୍ଖା** ***ବି.*** ନେପାଳୀ ଭାଷାଭାଷୀ ସମ୍ପ୍ରଦାୟ ବିଶେଷ ।

**ଗୁର୍ଜର** ***ବି.*** ଭାରତର ପଶ୍ଚିମ ଏବଂ ଉତ୍ତର ପଶ୍ଚିମ ଦିଗରେ ବାସ କରୁଥିବା ଏବଂ ଗୁଜରୀ ଭାଷା କହୁଥିବା ଜନ ଗୋଷ୍ଠୀ ବିଶେଷ ।

**ଗୁର୍ଜରୀ** ***ବି.*** ୧. ସଙ୍ଗୀତର ରାଗିଣୀ ବିଶେଷ ୨. କାବ୍ୟ ରଚନାର ବୃତ୍ତ ବିଶେଷ ।

**ଗୁଳ୍‌ଗୁଳ୍** ***ଅ.*** ମୂଷା ଗାତରୁ ମାଟି ଗାଳିବାର ଶବ୍ଦ ।

**ଗୁଳ୍‌ଗୁଳି** ***ବି.*** ଅସହ୍ୟ ଗରମ, ପବନ ରୁଦ୍ଧି ରଖିଥିବା ଗ୍ରୀଷ୍ମକାଳ ।

**ଗୁଳଗୁଞ୍ଚା** ***ବି.*** ପେଟେଇ ପେଟେଇ ଚାଲିବା ।

**ଗୁଳଞ୍ଚ** ***ବି.*** ଗୁଳୁଚିଲତା ।

**ଗୁଳ ପକେଇବା** ***କ୍ରି.*** ୧. ପ୍ରକୃତ ଦାବିଦାର ନିର୍ଣ୍ଣୟପାଇଁ କାଗଜର ଗୁଳା ପକାଇ ଭାଗ୍ୟ ଅନୁସାରେ ସ୍ଥିର କରିବା ୨. ପ୍ରତିଯୋଗୀମାନଙ୍କ ମଧ୍ୟରେ ଆଗପଛ କ୍ରମିକତା ଭାଗ୍ୟ ନିର୍ଦ୍ଧାରଣ କରିବା ୩. ଧର୍ମଗୁଳା ।

**ଗୁଳା** ***ବି.*** ୧. ଗୋଟାଳି ୨. ଶଗଡ଼ ରାସ୍ତା, ଶଗଡ଼ ଦଣ୍ଡା, **ପୂର୍ବପ୍ରସ୍ତୁତ** ରାସ୍ତା ବା ବାଟ ୨. ବନ୍ଧୁକର ଗୁଳି ଯେତିକି ଦୂର ଯାଏ, ସେଇ ପରିମିତ ଦୂରତା ୩. ବନ୍ଧୁକର ଗୋଳା ୪. ଗୁଳାପକା ମାଧ୍ୟମରେ ଭାଗ୍ୟ ନିର୍ଦ୍ଧାରଣ ପ୍ରକ୍ରିୟା ୫. ଆଖୁର ମଞ୍ଜି ; ***କ୍ରି.*** ଗୁଳା ପକାଇବା ।

**ଗୁଳି** ***ବି.*** ୧. ଗୁଟିକା, ବଟିକା ୨. ବାଟୁଳି ୩. ବୁଲେଟ, **କ୍ୟାଟ୍ରିଜ**, ବନ୍ଧୁକର ଗୋଳା ୪. ଶଗଡ଼ ଚକ ।

**ଗୁଳିକାଣ୍ଡ** ***ବି.*** ବନ୍ଧୁକରୁ ଗୁଳି ଫୁଟେଇ ହତାହତ କରିବା ।

**ଗୁଳିଚିପାଳୁଅ** ***ବି.*** ଗୁଳିଚି ଲତାରୁ ପ୍ରସ୍ତୁତ ଶ୍ୱେତ ସାରାଂଶ ବା ନିର୍ଯାସ ।

**ଗୁଳୁଗୁଚା** ***ବି.*** ଶିଶୁମାନଙ୍କ ପେଟେଇବା ।

**ଗୁଳୁଗୁଳୁ** ***ବି.*** ପବନ ନ ବହିବା ହେତୁ ଅସହ୍ୟ ଗରମବୋଧ, ଗୁଳୁଗୁଳିଆ ।

**ଗୁଳୁଚି** ***ବି.*** ୧. ଔଷଧୀୟ ଲତା ବିଶେଷ ୨. ଅଣ୍ଟାସୂତା ।

**ଗୁଳୁଛ** ***ବି.*** ଗୁଚ୍ଛ ।

**ଗୁଳୁଛି** ***ବି.*** ଗୁଳୁଚି କାଠ, ମାଲଖମ୍ବ ।

**ଗୁଳୁପୁଚି** ***ବି.*** ୧. ଷଡଯନ୍ତ୍ର ୨. ଲୁଚାଇବା ପ୍ରବୃତ୍ତି ।

**ଗୁଲ୍ଫ** ***ବି.*** ଗୋଇଠିର ଉପର ଅଂଶ, ଗୋଛି ।

**ଗୁଲ୍ମ** ***ବି.*** ୧. ଛୋଟ ଗଛ, ବୁଦା ୨. ଲତାଗୃହ ୩. ପ୍ଲୀହା ବୃଦ୍ଧି ରୋଗ ୪. କିଲା, ଦୁର୍ଗ ।

**ଗୁଲ୍** ***ବି.*** ୧. ଫୁଲ ୨. ଗୋଲାପ ଫୁଲ ୩. ଗୋଳମାଳ ।

**ଗୁଲ୍‌କନ୍ଦ୍** ***ବି.*** ମିଶ୍ରିଗୁଣ୍ଡ ମିଶା ଗୋଲାପ ପାଖୁଡ଼ାର ଦ୍ରବଣ ।

**ଗୁଲ୍‌ଗୁଲା** ***ବି.*** ୧. ଅଟା ଓ ଗୁଡ଼ରେ ପ୍ରସ୍ତୁତ ଛଣାପିଠା ୨. ଦୁଃଖୀ ପ୍ରତି ସମବେଦନା ୩. ଦୟନୀୟ ଅବସ୍ଥା ; ***ବିଂ.*** ନାଉଲି ଛାଉଲି ହେଉଥିବା (ଲୋକ) ।

**ଗୁଲ୍‌ଗୁଲାଏବା** ***କ୍ରି.*** ସମବେଦନା ପ୍ରକାଶ କରିବା ।

**ଗୁଲ୍‌ଜାର୍** ***ବିଂ.*** ୧. ସୁଶୋଭନ ୨. ଝଟକୁ ଥିବା ।

**ଗୁଲ୍‌ଜି** ***ବି.*** ସୁଆଁପରି ଏକପ୍ରକାର ଖାଦ୍ୟଶସ୍ୟ, ଗୁର୍‌ଜି ।

**ଗୁଲ୍‌ଦସ୍ତା** ***ବି.*** ୧. ଫୁଲତୋଡ଼ା ୨. ଫୁଲଦାନି ।

**ଗୁଲ୍‌ଦାନା** ***ବି.*** ବେସନରେ ତିଆରି ଛୋଟ ଛୋଟ ଗୋଲାକାର ଛଣା ଖାଦ୍ୟ, ବୁନ୍ଦିଆ, ଲଡୁଦାନା ।

**ଗୁଲ୍‌ବଦନ** ***ବି.*** ଗୋଲାପ ଫୁଲ ପରି କୋମଳ ଶରୀରବିଶିଷ୍ଟ, ସୁନ୍ଦର ମୁଖବିଶିଷ୍ଟ ।

**ଗୁଲ୍‌ହିଆ** ***ବିଂ.*** ଗଣ୍ଡଗୋଳ ସୃଷ୍ଟିକାରୀ (ବ୍ୟକ୍ତି), ଗୁଦ୍‌ଲିଆ ; ***ବି.*** କଜଳପାତି ପକ୍ଷୀ ।

**ଗୁଲ** ***ବି.*** ୧. ବଳିତାର ଯେଉଁ ଅଂଶ ଜଳି ସାରି ପାଉଁଶ ହୋଇଯାଏ ୨. ବିଡ଼ି, ସିଗାରେଟ ପ୍ରଭୃତିର ଭସ୍ମାଂଶ ୩. ଅଗ୍ନିକଣା, ଝୁଲ ୪. ଛୋଟ ପୁଅପିଲାର ଲିଙ୍ଗ, ଗୁଡ଼, କସିଆ ।

**ଗୁଲ କୋଇଲା** ***ବି.*** କୋଇଲା ଗୁଣ୍ଡ ସହ ଅନ୍ୟ ଉପାଦାନ ମିଶି ପ୍ରସ୍ତୁତ ଜାଳେଣି ।

**ଗୁଲର୍** ***ବି.*** ୧. ଛିଟିକିଣି ୨. ବାଟୁଳିଖଡ଼ା ୩. ଗୁଲେର୍ ।

**ଗୁଲାମ** ***ବି.*** ଗୋଲାମ, କ୍ରୀତଦାସ, ଗୋତି, ଚାକର ।

**ଗୁଲାଲ୍** ***ବି.*** ନାଲି ଅବିର, ଲାଲ୍‌ରଙ୍ଗର ଗୁଣ୍ଡ ।

**ଗୁଲି** ***ବି.*** ୧. ମଦତ୍, ମାଦକଦ୍ରବ୍ୟ ବିଶେଷ ୨. କାଖରେ ବାହାରିବା ବ୍ରଣ, କାଖଗୁଲି ୩. ପଟିକା ୪. କାଚଗୋଟାଳି, ଗୋଲି ୫. ବାଉଁଶ ନିର୍ମିତ ଟୋକେଇ ୬. ଜୋକିଆ, ଲଙ୍ଗଳ ଲୁହାକୁ ଚିପି ରଖିବାପାଇଁ ପଖି ମଝିରେ ମରାଯିବା କଣ୍ଟା ।

**ଗୁଲିଆ** ***ବିଂ.*** ୧. ମଦ ବା ଗୁଲି ଖାଇବାରେ ଅଭ୍ୟସ୍ତ ୨. ଗାଈ ବା ମଇଁଷିର ଫଡ଼ିଆ ୩. ମିଛ କହି ସତ୍ୟର ପ୍ରତ୍ୟୟ ସୃଷ୍ଟି କରୁଥିବା ।

**ଗୁଲିଆଗୁଲି** ***ବି.*** ଗୋଳିଆପୋଳିଆ ଘାଣ୍ଟ, ମହୁର, ଗୋଳିଆଗୋଳି ।

**ଗୁଲିଆଡୁ** ***ବି.*** ଶଂଖ ଓ କଇଥ ଅଠା ମିଶା ଏକପ୍ରକାର ଧଳାରଙ୍ଗ ।

**ଗୁଲିଖଟି** ***ବି.*** ମାଦକଦ୍ରବ୍ୟ (ଗୁଲି) ସେବନର ଆଡ୍ଡା ; ***ବିଂ.*** ମନଗଢ଼ା କାହାଣୀ ।

**ଗୁଲିଖିଆ** ***ବି.*** ଗୁଲି ଖାଇବାରେ ଅଭ୍ୟସ୍ତ, ଗୁଲିଖୋର୍ ।

**ଗୁଲିଦଣ୍ଡା** ***ବି.*** ଡାବଲ୍‌ପୁଆ ଖେଳ, ଗୁଚିତାଣ୍ଟୁ ଖେଳ, କ୍ରିକେଟ୍ ଜାତୀୟ ଗ୍ରାମ୍ୟ ଖେଳ ।

**ଗୁଲିସୂତା** ***ବି.*** ଗୋଟାଳି ପରି ଗୁଡ଼ା ହୋଇଥିବା ସିଲେଇସୂତା ।

**ଗୁଲିହା** ***ବିଂ.*** କଳିହା, କଳହପ୍ରିୟ, ଗୋଳମାଳିଆ ।

**ଗୁଲୁ** ***ବି.*** ଠେକୁଆ ।

**ଗୁଲୁଗୁଲିଆ** ***ବିଂ.*** କୌତୁକିଆ, ସୁନ୍ଦର ।

**ଗୁଲେଇ** ***ବି.*** ୧. ଛିଟିକିଣି, ବାଟୁଳି, ଗୁଲେର୍ ୨. ଗୋଲେଇ ରାସ୍ତା ।

**ଗୁସିଆଁ** ***ବି.*** ଗୃହସ୍ୱାମୀ, ଗୃହସ୍ଥ, ସ୍ୱାମୀ, ମାଲିକ, ରକ୍ଷକ ।

**ଗୁସେଇଁ** ***ବି.*** ୧. ଗୋସ୍ୱାମୀ, ପ୍ରଭୁ, ମାଲିକ ୨. ବ୍ରାହ୍ମଣ, ସନ୍ନ୍ୟାସୀ ୩. ବୈଷ୍ଣବ ।

**ଗୁହ** ***ବି.*** ୧. ମଳ, ବିଷ୍ଠା ୨. କାର୍ତ୍ତିକେୟଙ୍କ ବେଗବାନ୍ ଅଶ୍ୱ; ***ବିଂ.*** ଗୁହଭଳି ଦୁର୍ଗନ୍ଧଯୁକ୍ତ ।

**ଗୁହକନା** ***ବି.*** ୧. ଶିଶୁଙ୍କ ଗୁହ ପୋଛିବା କନା ୨. ଗୁହ ଲାଗିଥିବା କନା ।

**ଗୁହଖିଆ** ***ବିଂ.*** ଘୃଣ୍ୟ ବା ନୀଚ ପ୍ରକୃତିର (ବ୍ୟକ୍ତି) ।

**ଗୁହ ଘାଣ୍ଟିବା** ***କ୍ରି.*** କୌଣସି ନିନ୍ଦନୀୟ ବିଷୟକୁ ପ୍ରକାଶ୍ୟରେ ଆଲୋଚନା କରିବା ।

**ଗୁହପଡ଼ିଆ** ***ବି.*** ବହୁଲୋକ ଯେଉଁ ପରିତ୍ୟକ୍ତ ଭୂମିରେ ଝାଡ଼ା ଫେରନ୍ତି ।

**ଗୁହ ପୋଛିବା** ***କ୍ରି.*** ୧. ଗୁହ ଉଠାଇନେଇ ସ୍ଥାନକୁ ପରିଷ୍କାର କରିବା ୨. ଅତି ହୀନ, ତୁଚ୍ଛ, ଘୃଣ୍ୟସେବା ।

**ଗୁହ ମାଡ଼ିବା** ***କ୍ରି.*** ୧. ଭୁଲ୍‌ବଶତଃ ଗୁହ ଉପରେ ଗୋଡ଼ ପଡ଼ିଯିବା ୨. ଋତୁମତୀ ହେବା ।

**ଗୁହମୂତ** ***ବି.*** ମଳ ଓ ମୂତ୍ର, ଝାଡ଼ା ପରିସ୍ରା ।

**ଗୁହମୂତ ହେବା** ***କ୍ରି.*** ୧. ଦୀର୍ଘ ଦିନ ଅସୁସ୍ଥ ରହିବାଦ୍ୱାରା ଅତ୍ୟନ୍ତ ଦୁର୍ବଳ ହୋଇ ଶଯ୍ୟାରେ ଝାଡ଼ା ପରିସ୍ରା କରିବା ୨. ଶିଶୁ ବିଛଣାରେ ହଗି ମୂତି ଅସନା ହେବା ।

**ଗୁହା** ***ବି.*** ୧. ପାହାଡ଼ ଖୋଲ, ଗହ୍ୱର, ଗାତ, ଅଭ୍ୟନ୍ତର ୨. ସାକ୍ଷ୍ୟ; ***ବି.*** ସାକ୍ଷୀ ।

**ଗୁହାଇ** ***ବି.*** ସାକ୍ଷ୍ୟ ।

**ଗୁହାଣି** ***ବି.*** ବନ୍ଧା ହୋଇଥିବା ଗୋରୁ ଓ ତା ଆଗରେ ଥିବା ଘାସ କୁଟାକୁ ସୁରକ୍ଷିତ ରଖିବାପାଇଁ ମଝିରେ ଦିଆଯାଇଥିବା ପଟା ବାଡ଼ ।

**ଗୁହା ଦେବା** ***କ୍ରି.*** ସାକ୍ଷ୍ୟ ଦେବା ।

**ଗୁହାରି** ***ବି.*** ନିବେଦନ, ଦରଖାସ୍ତ, ଅର୍ଜି, ଫେରାଦ୍, ସୁବିଚାରପାଇଁ ମିନତି, ପ୍ରାର୍ଥନା, ଦେବତାଙ୍କ ନିକଟରେ ବର ପ୍ରାର୍ଥନା ।

**ଗୁହାରିଆ** ***ବିଂ.*** ୧. ଦରଖାସ୍ତକାରୀ, ଅଭିଯୋଗକାରୀ, ବାଦୀ ୨. ବର ବା ଅନୁଗ୍ରହ ପ୍ରାର୍ଥୀ ; ***ବି.*** ଲତା ବିଶେଷ, ଗୁଆଲିଆ ଲତା ।

**ଗୁହାରିଆ ପଡ଼ିବା** ***କ୍ରି.*** ୧. ଧାରଣା ଦେବା ୨. ମନୋବାଞ୍ଛାପୂରଣ ନିମନ୍ତେ ଠାକୁରଙ୍କ ନିକଟରେ ଅଧିଆ ପଡ଼ିବା ।

**ଗୁହାରି କରିବା** ***କ୍ରି.*** ଫେରାଦ୍ ହେବା, ଅଭିଯୋଗ କରିବା ।

**ଗୁହାଳ, ଗୁହାଲ୍** ***ବି.*** ଗାଈଗୋରୁ ରହିବା ଘର ।

**ଗୁହାଳପୋଛା** ***ବି.*** ୧. ଗୁହାଳ ପରିଷ୍କାର କରିବା କାର୍ଯ୍ୟ ୨. ଗୁହାଳ ସଫା କରିବାପାଇଁ ବ୍ୟବହୃତ ଟୋକେଇ ।

**ଗୁହିଆ** ***ବିଂ.*** ୧. ଗୁହବୋଳା ହୋଇଥିବା ୨. ଘୃଣ୍ୟ ୩. ମଇଳା ।

**ଗୁହିଆଖଳି** ***ବି.*** ଚିକିଟା ମାଟି ।

**ଗୁହିରା** ***ବି.*** ଗନ୍ଧଗୁହୁରିଆ, ଗୋହେରା, ବବୁଲ ଜାତୀୟ ଗଛ ।

**ଗୁହୁକାଳିକା** ***ବି.*** ଗୁହଖାଉଥିବା ବଣି ଜାତୀୟ ପକ୍ଷୀ ବିଶେଷ ।

**ଗୁହୁଡ଼ା** ***ବି.*** ୧. ଦଳ, ଗୋଷ୍ଠୀ ୨. ପଶୁପକ୍ଷୀଙ୍କ ପଲ ବା ଦଳ ।

**ଗୁହୁରିଛାଲ୍** ***ବି.*** ଚମର ଉପରଅଂଶ, ମଳିଚମ ।

**ଗୁହେର୍** ***ବି.*** ୧. ରକ୍ଷକ ୨. ଅଭିଭାବକ ୩. କମାର ।

**ଗୁହେର୍ ଗୁହେର ଛାଡ଼ିବା** ***କ୍ରି.*** ତ୍ରାହି ତ୍ରାହି ଡାକଦେବା ।

**ଗୁହେର** ***ବି.*** ୧. ଗୁହାରି, ମିନତି, ନିବେଦନ, ଅନୁଗ୍ରହ ପ୍ରାର୍ଥନା ୨. ଅଭିଯୋଗ, ଆପତ୍ତି ।

**ଗୁହ୍ନା** ***ବି.*** ଦୋଷ, ଅପରାଧ ।

**ଗୁହ୍ନାଗାରି** ***ବି.*** ୧. ଅର୍ଥଦଣ୍ଡ, ଜୋରିମନା ୨. ଦୋଷ, ଅପରାଧ ।

**ଗୁହ୍ୟ** ***ବିଂ.*** ୧. ଗୋପନୀୟ, ଗୁପ୍ତ ୨. ନିର୍ଜନ ୩. ଦୁର୍ବୋଧ୍ୟ ୪. ମଳଦ୍ୱାର ୫. ଗୁପ୍ତଅଙ୍ଗ, ଉପସ୍ଥ, ଜନନେନ୍ଦ୍ରିୟ ୬. କଇଁଚ ୭. ଅହଙ୍କାର ୮. କପଟ ବ୍ୟବହାର ୯. ପରମେଶ୍ୱର ।

**ଗୁହ୍ୟଦେଶ** ***ବି.*** ମଳଦ୍ୱାର, ଉପସ୍ଥ ।

**ଗୁହ୍ୟାତିଗୁହ୍ୟ** ***ବିଂ.*** ଅତ୍ୟନ୍ତ ଗୋପନୀୟ, ରହସ୍ୟମୟ ।

**ଗୁଢ଼** ***ବି.*** ଗୁପ୍ତସ୍ଥାନ, ନିର୍ଜନ ସ୍ଥାନ ; ***ବିଂ.*** ୧. ଗୁପ୍ତ, ଅପ୍ରକାଶ୍ୟ, ଅଜ୍ଞାତ ୨. ଅଜଣା ୩. ଜଟିଳ, ଦୁର୍ବୋଧ୍ୟ ୪. ଗହନ, ଦୁର୍ଗମ ୫. ଆଚ୍ଛାଦିତ ୬. ଆନ୍ତରିକ ୭. ନିର୍ଜନ ୮. ଛଦ୍ମବେଶଧାରୀ ୯. ନିଭୃତ, ରହସ୍ୟାବୃତ ।

**ଗୁଢ଼ ଅଭିସନ୍ଧି** ***ବି.*** ଗୋପନ ଉଦ୍ଦେଶ୍ୟ ।

**ଗୁଢ଼ଅର୍ଥ** ***ବି.*** ରହସ୍ୟମୟ କଥା, ନିହିତ ଅର୍ଥ, ଭିତିରି ଅର୍ଥ ।

**ଗୁଢ଼ତତ୍ତ୍ୱ** ***ବି.*** ଗଭୀରତତ୍ତ୍ୱ, ଗହନକଥା ।

**ଗୁଢ଼ତଥ୍ୟ** ***ବି.*** ଗହନବିଷୟ ।

**ଗୁଢ଼ପଥ** ***ବି.*** ଗୁପ୍ତରାସ୍ତା, ମାଟିତଳେ ଥିବା ରାସ୍ତା ।

**ଗୁଢ଼ବିଦ୍ୟା** ***ବି.*** ଗୁପ୍ତବିଦ୍ୟା ।

**ଗୃଧ୍ନୁ** ***ବିଂ.*** ଲୋଭୀ, ପେଟୁ, ଲୋଲୁପ ।

**ଗୃଧ୍ର** ***ବି.*** ୧. ଶାଗୁଣା ୨. ଶକୁନପକ୍ଷୀ ୩. ଛଞ୍ଚାଣ ।

**ଗୃହ** ***ବି.*** ୧. ଘର, ବାସସ୍ଥାନ ୨. (ଜ୍ୟୋତିଷ) ଜନ୍ମ କୁଣ୍ଡଳୀରେ ଗ୍ରହସ୍ଥିତ ରାଶି, ଜନ୍ମ ଲଗ୍ନର ଚତୁର୍ଥ ସ୍ଥାନ ।

**ଗୃହ ଉଦ୍ୟୋଗ** ***ବି.*** ଘରୋଇଶିଳ୍ପ, କୁଟୀରଶିଳ୍ପ ।

**ଗୃହକର୍ତ୍ତା** ***ବି.*** ୧. ଘରର ମାଲିକ, ପରିବାରର ମୁଖିଆ ୨. ବାୟା ଚଢ଼େଇ ।

**ଗୃହକର୍ମ** ***ବି.*** ଘରକାମ, ବ୍ୟକ୍ତିଗତ ତଥା ପାରିବାରିକ କାର୍ଯ୍ୟ, ଘରକରଣା ।

**ଗୃହକଳହ** ***ବି.*** ଘରକଳି, ପାରିବାରିକ କଳି ।

**ଗୃହଚ୍ୟୁତ** ***ବିଂ.*** ଗୃହରୁ ବିତାଡ଼ିତ, ବିସ୍ଥାପିତ ।

**ଗୃହଛିଦ୍ର** ***ବି.*** ଘରଗୋଇ, ନିଜ ଘରର ଗୋପନୀୟ କଥା, ପରିବାରର ଅମର୍ଯ୍ୟାଦାକର ପ୍ରସଙ୍ଗ ।

**ଗୃହଜନ** ***ବି.*** ୧. ପରିବାରର ଲୋକ ୨. ସ୍ତ୍ରୀ, ଭାର୍ଯ୍ୟା ।

**ଗୃହଜାତ** ***ବିଂ.*** ୧. ଘରେ ପ୍ରସ୍ତୁତ ବା ତିଆରି ହୋଇଥିବା ୨. ଘରେ ଜନ୍ମିଥିବା, ଉପୁଜିଥିବା ୩. ଗୃହରେ ସଞ୍ଚିତ ।

**ଗୃହତଳ** ***ବି.*** ଘରର ଚଟାଣ ।

**ଗୃହତ୍ୟାଗ** ***ବି.*** ଘର ଛାଡ଼ିବା, ସନ୍ୟାସ ବ୍ରତ ଗ୍ରହଣ କରିବା ; ***ବିଂ.*** ଗୃହତ୍ୟାଗୀ ।

**ଗୃହଦାହ** ***ବି.*** ଘରପୋଡ଼ି ।

**ଗୃହଦେବତା** ***ବି.*** ଇଷ୍ଟଦେବତା, ଘରଦିଅଁ, କୁଳଦେବତା ।

**ଗୃହଧର୍ମ** ***ବି.*** ଗୃହସ୍ଥର କର୍ମ ।

**ଗୃହପତି** ***ବି.*** ୧. ଗୃହସ୍ଥ, ଗୃହସ୍ୱାମୀ ୨. ଯଜ୍ଞକର୍ତ୍ତା ୩. ମନ୍ତ୍ରୀ ।

**ଗୃହ ପରିସର** ***ବି.*** ଘରର ହତା, ଚକଡ଼ା ।

**ଗୃହପାଳିତ** ***ବିଂ.*** ୧. ପୋଷା, ଘରେ ପାଳିତ ହୋଇଥିବା ୨. ଘରୋଇ ।

**ଗୃହପ୍ରତିଷ୍ଠା** ***ବି.*** ନୂତନ ନିର୍ମିତ ଗୃହରେ ହୋମ ତଥା ବାସ୍ତୁପୂଜା କରି ତାହାକୁ ବାସୋପଯୋଗୀ କରିବା, ଗୃହ ସଂସ୍କାରକର୍ମ ।

**ଗୃହପ୍ରବେଶ** ***ବି.*** ନୂତନ ଗୃହରେ ବାସ କରିବାପାଇଁ ଅନୁଷ୍ଠିତ ବୈଦିକ କର୍ମ ।

**ଗୃହବାସ କରିବା** ***କ୍ରି.*** ୧. ସଂସାର କରିବା, ଘରକରଣା କରିବା ୨. କୌଣସି ସ୍ଥାନରେ ସ୍ଥାୟୀ ଭାବେ ବାସ କରିବା ।

**ଗୃହବିଚ୍ଛେଦ** ***ବି.*** ୧. ପାରିବାରିକ କଳହ ୨. ଘର ଛାଡ଼ି ଅନ୍ୟତ୍ର ରହିବା ।

**ଗୃହବିଜ୍ଞାନ** ***ବି.*** ଗୃହସ୍ଥର ଜୀବନଚର୍ଯ୍ୟା ବିଷୟରେ ବିବିଧ ଜ୍ଞାନ, ଡୋମେଷ୍ଟିକ୍ ସାଇନ୍‌ସ ।

**ଗୃହବିବାଦ** ***ବି.*** ଗୃହକଳହ, ଘରକଳି, ପାରିବାରିକ ଦ୍ୱନ୍ଦ୍ୱ ।

**ଗୃହ ମନ୍ତ୍ରଣାଳୟ** ***ବି.*** ସରକାରଙ୍କ ଘରୋଇବିଭାଗ, ସ୍ୱରାଷ୍ଟ୍ରବିଭାଗ ।

**ଗୃହମନ୍ତ୍ରୀ** ***ବି.*** ସ୍ୱରାଷ୍ଟ୍ରବିଭାଗର ମନ୍ତ୍ରୀ, ଘରୋଇବିଭାଗର ମନ୍ତ୍ରୀ ।

**ଗୃହମାର୍ଜନ** ***ବି.*** ଘର ଓଳେଇବା, ଘର ଲିପାପୋଛା କରି ସଫା କରିବା ।

**ଗୃହଯୁଦ୍ଧ** ***ବି.*** ଆଭ୍ୟନ୍ତରୀଣ ବିବାଦ, ସମଗୋଷ୍ଠୀଙ୍କ ମଧ୍ୟରେ କନ୍ଦଳ ।

**ଗୃହରକ୍ଷୀ** ***ବି.*** ଗ୍ରାମରକ୍ଷୀ, ତାଲିମପ୍ରାପ୍ତ ଅଣସାମରିକ ସୁରକ୍ଷାବାହିନୀ ।

**ଗୃହଲକ୍ଷ୍ମୀ** ***ବି.*** ସଚ୍ଚରିତ୍ରା ଅର୍ଦ୍ଧାଙ୍ଗିନୀ, ପତ୍ନୀ ।

**ଗୃହଶତ୍ରୁ** ***ବି.*** ଦେଶଦ୍ରୋହୀ, ଶତ୍ରୁପରି ବ୍ୟବହାର କରୁଥିବା ନିଜ ଲୋକ ।

**ଗୃହଶିକ୍ଷକ** ***ବି.*** ଘରୋଇଶିକ୍ଷକ, ଟିଉସନ୍‌ମାଷ୍ଟର୍ ।

**ଗୃହଶୂନ୍ୟ** ***ବିଂ.*** ୧. ଉଦ୍‌ବାସ୍ତୁ, ଗୃହ ହରେଇଥିବା, ବାସଚ୍ୟୁତ ୨. ବିପତ୍ନୀକ, ପତ୍ନୀହରା ।

**ଗୃହସଜ୍ଜା** ***ବି.*** ଘର ସଜେଇବା ଉପକରଣ ।

**ଗୃହସମସ୍ୟା** ***ବି.*** ଘରଜଞ୍ଜାଳ, ପାରିବାରିକ ସମସ୍ୟା ।

**ଗୃହସୁଲଭ** ***ବିଂ.*** ଘରେ ସହଜରେ ମିଳୁଥିବା ।

**ଗୃହସ୍ଥ** ***ବି.*** ୧. ସଂସାରୀ, ଗୃହକର୍ତ୍ତା ୨. ଗେରସ୍ତ, ସ୍ୱାମୀ ।

**ଗୃହସ୍ଥାଶ୍ରମ** ***ବି.*** ବୈବାହିକ ଜୀବନରେ ଗୃହ ଓ ପରିବାର ପାଳନ ଓ ଭରଣପୋଷଣ, ସଂସାରୀ ଲୋକର ଆଚରିତ ଧର୍ମ ।

**ଗୃହସ୍ଥି** ***ବିଂ.*** ଥିଲାବାଲା, ମଧ୍ୟବିତ୍ତ ଲୋକ, ଘରକରଣାରେ ଦକ୍ଷ (ବ୍ୟକ୍ତି) ।

**ଗୃହସ୍ୱାମୀ** ***ବି.*** ଗୃହକର୍ତ୍ତା, ଘରର ମୁରବି ।

**ଗୃହହୀନ** ***ବିଂ.*** ଘରଦ୍ୱାର ନ ଥିବା (ବ୍ୟକ୍ତି) ।

**ଗୃହିଣୀ** ***ବି.*** ପତ୍ନୀ, ଭାର୍ଯ୍ୟା, ଘରଣୀ, କୁଳବଧୂ ।

**ଗୃହୀ** ***ବି.*** ଗୃହସ୍ଥ, ବିବାହିତ ପୁରୁଷ, ସଂସାରୀ ; ***ବିଂ.*** ସାଂସାରିକ ।

**ଗୃହୀତ** ***ବିଂ.*** ୧. ଯାହା ଗ୍ରହଣ କରାଯାଇଛି ୨. ସ୍ୱୀକୃତ ୩. ପ୍ରାପ୍ତ ୪. ଆଶ୍ରିତ ୫. ଜ୍ଞାତ ।

**ଗୃହୋପକରଣ** ***ବି.*** ଘରର ଆସବାବପତ୍ର ।

**ଗୃହ୍ୟ, ଗ୍ରାହ୍ୟ** ***ବିଂ.*** ୧. ଗ୍ରହଣଯୋଗ୍ୟ, ଆକର୍ଷଣୀୟ ୨. ପରର ଆୟତ୍ତ, ପରାଧୀନ ; ***ବି.*** ଗୃହପାଳିତ ଜୀବ, ହୋମାଗ୍ନି ।

**ଗେଁଇଦେବା** ***କ୍ରି.*** ୧. ଠକିଦେବା ୨. ସ୍ଥାନ ତ୍ୟାଗକରି ହଠାତ୍ ପଳାଇ ଯିବା ୩. ହଠାତ୍ କୌଣସି ଜିନିଷ ନେଇ ଯିବା ।

**ଗେଁ ଗେଁ** ***ଅ.*** ସକେଇ ହୋଇ କାନ୍ଦିବା, ଅସ୍ପଷ୍ଟ ଉଚ୍ଚାରଣ କରିବା ।

**ଗେଁଛ୍** ***ବିଂ.*** ଗୋଛା, ପୁଳାଏ ।

**ଗେଁଠିବା** ***କ୍ରି.*** ଠକିବା ।

**ଗେଁଥଲ୍** ***ବି.*** ଦୁର୍ବଳ, ଥାକୁଲା ଅଥଚ ନିଜୋରିଆ ।

**ଗେଁପେଁ କରିବା** ***କ୍ରି.*** ୧. ଗୁନ୍ଦୁରେଇବା, ଗୋଳାଇ ଦେବା ୨. ଆତ୍ମସାତ କରିବା ୩. ଖରାପ ଭାବେ କାମ କରିବା ।

**ଗେ** ***ଅ.*** ସମ୍ବୋଧନ ସୂଚକ; ***ବି.*** ୧. ଗାଇ ୨. ଲମ୍ପଟପୁରୁଷ ୩. ସମଲିଙ୍ଗୀ ମୈଥୁନାସକ୍ତ ପୁରୁଷ ।

**ଗେଗାଇବା** ***କ୍ରି.*** ବୋବାଇବା, ଭୟରେ ଚିତ୍କାର କରିବା ।

**ଗେଙ୍ଗ୍‌ଟି** *ବି.* ୧. ଗେଙ୍ଗୁଟି, କଙ୍କର ୨. ଚୂନ ଉତ୍ପାଦକ ପଥର ବିଶେଷ ୩. ଏକ ପ୍ରକାର ବଣୁଆ ଗୁଳ୍ମ ।

**ଗେଜ୍** *ବି.* ୧. ମାପକାଠି ୨. ଦୁଇ ରେଳଧାରଣାର ଭିତର ଦୂରତା ।

**ଗେଜ, ଗେଜା** *ବିଂ.* ନିରୀହ, ମୂର୍ଖ, ଓଲୁ ।

**ଗେଜେଟ୍** *ବି.* ୧. ସମ୍ବାଦପତ୍ର, ଖବର କାଗଜ ୨. ସରକାରୀ ଘୋଷଣାପତ୍ର ।

**ଗେଜେଟିୟର୍** *ବି.* କୌଣସି ସ୍ଥାନ ବିଷୟରେ ଆଫିସିକ ତଥ୍ୟ ସମ୍ବଳିତ ପରିଚୟ ଗ୍ରନ୍ଥ ।

**ଗେଜେଟେଡ୍** *ବିଂ.* ୧. ଗେଜେଟ୍‌ଭୁକ୍ତ ୨. ଆଇନାନୁମୋଦିତ ୩. ପଦସ୍ଥ ।

**ଗେଜୋଗାଜୋ କରିବା** *କ୍ରି.* ଥାଥା ମାମା ହେବା, କହିଲାବେଳେ ବିବ୍ରତ/ ବିଚଳିତ ହେବା ।

**ଗେଞ୍ଚ, ଗେଞ୍ଜ** *ବି.ବିଂ.* ୧. ଅଣଓସାରିଆ ସଂକୀର୍ଣ୍ଣ ସ୍ଥାନ ୨. ଭିଡ଼ ୩. ଗହଳି ।

**ଗେଞ୍ଚା** *ବି.* ଗେଞ୍ଜା, ମୁନିଆଁ ପଦାର୍ଥ ।

**ଗେଞ୍ଜ ଗୋହିରା** *ବି.* ଅଣଓସାରିଆ ଖାଲୁଆ ରାସ୍ତା ।

**ଗେଞ୍ଜଣା** *ବି.* ଗେଞ୍ଜିବା, ଭୁଷିବା, କେଞ୍ଚିବା, ଖେଞ୍ଚିବା ।

**ଗେଞ୍ଜଣା କାଠି** *ବି.* ୧. ଯେଉଁ କାଠିକୁ ଚୁଲିରେ ଗେଞ୍ଜି ନିଆଁକୁ ସତେଜ ରଖାଯାଏ ୨. ଶବଦାହ ବେଳେ ବ୍ୟବହୃତ ଲମ୍ବ ବାଉଁଶ ଖଣ୍ଡ ।

**ଗେଞ୍ଜା** *ବି.* ଲମ୍ୱା ଓ ମୁନିଆ ପଦାର୍ଥ ।

**ଗେଞ୍ଜାଗେଞ୍ଜି** *ବିଂ.* ଗୋଟିଏ ଜାଗାରେ ଜାକିଜୁକି ବା ଖୁନ୍ଦାଖୁନ୍ଦି ହୋଇଥିବା ।

**ଗେଞ୍ଜି** *ବି.* ଅନ୍ତର୍ବାସ, ଗଂଜି, ବାନିଅନ୍ ।

**ଗେଞ୍ଜିବା** *କ୍ରି.* କେଞ୍ଚିବା, ଜବରଦସ୍ତ ଗୁଞ୍ଜିବା, ଏକାଠି ଚାପିବା, ଜାକିବା ।

**ଗେଞ୍ଜିହେବା** *କ୍ରି.* ୧. ଭୁଷିହେବା ୨. କଷ୍ଟେ ମଷ୍ଟେ ଗୋଟାଏ ଜାଗାରେ ଧସି ପଶିବା ଜାକିଜୁକି ହେବା ।

**ଗେଟ୍** *ବି.* ଫାଟକ, ପ୍ରବେଶପଥ ।

**ଗେଟ୍‌କିପର୍** *ବି.* ଦରଓ୍ୱାନ୍, ପ୍ରବେଶଦ୍ୱାର ଜଗୁଆଳି, ଗେଟ୍‌ମ୍ୟାନ୍ ।

**ଗେଟ୍ ଘର** *ବି.* ଫାଟକ ନିକଟରେ ଜଗୁଆଳଙ୍କ ଘର ।

**ଗେଟ୍‌ପାସ୍** *ବି.* ଭିତରକୁ ଯିବାପାଇଁ ପ୍ରବେଶପତ୍ର , ଅନୁମତିପତ୍ର ।

**ଗେଟମ** *ବିଂ.* ଅଳ୍ପ ଉଚ୍ଚତା ବିଶିଷ୍ଟ, ବାମନ, ଗେଡ଼ା ।

**ଗେଟମଗାଟମ୍** *ବିଂ.* ସ୍ୱାସ୍ଥ୍ୟବାନ୍ ବାଙ୍ଗରା, ଠୁରା ।

**ଗେଟମା** *ବିଂ.* ଗେଟମ, ଗେଡ଼ା ।

**ଗେଟା** *ବି.* ୧. ଦୂଷିତରକ୍ତଯୁକ୍ତ ମାଂସ ଗ୍ରନ୍ଥି, ଆବୁ ୨. ଦାସ, ଗୋଲାମ ୩. ତାସ୍ ଖେଳର ଗୋଲାମ ; *ବିଂ.* ଗୋଲ, ଟାଣ ।

**ଗେଟି** *ବି.* ଗୋଡ଼ିପଥର, ମେଟାଲ ଚିପ୍‌ସ୍, ଗେଙ୍ଗୁଟି ।

**ଗେଟିସ୍** *ବି.* ୧. ରବର୍ ପଟି ୨. ବଳାଗଣ୍ଠିର ଚମଡ଼ା ୩. ସାଇକେଲ, ମଟରଆଦିର ଟାୟାର ଫାଟ ସମ୍ଭାଳିବାକୁ ବ୍ୟବହୃତ ତାଳି ।

**ଗେଟେଇ** *ବି.* ଚାଉଳ ଚୂନାରୁ ପ୍ରସ୍ତୁତ ସିଝାପିଠା, ଗଇଣ୍ଠାପିଠା, ଗେଟେଇଅଟକାଳି, ଗେଟେଇଖିରି ।

**ଗେଡ଼ତା** *ବି.* ଅତିଛୋଟ ସରୁନଈ ।

**ଗେଡ଼ା, ଗେଡ଼** *ବିଂ.* ୧. ବାଙ୍ଗରା, ଖର୍ବକାୟ ୨. ଲମ୍ୱାବାଡ଼ି ।

**ଗେଡ଼ାଳିଆ** *ବିଂ.* ଅଳ୍ପଉଚ୍ଚା, ବାଙ୍ଗରା ।

**ଗେଡ଼ି** *ବି.* ରଣପା, ପାଦ ଥାପିବାକୁ ବ୍ୟବସ୍ଥାଥିବା ଦୁଇଟି ଠିଆ ବାଉଁଶରେ ଚଢ଼ି ଲମ୍ବ ପାହୁଣ୍ଡ ପକେଇବାର ଉପକରଣ ।

**ଗେଡ଼ିଆ** *ବି.* ଏକ ପ୍ରକାର ଶାଗ ଗଛ ।

**ଗେଡ଼ିଖେଳ୍** *ବି.* ରଣପାନୃତ୍ୟ ।

**ଗେଡ଼ୀ** *ବିଂ.* ବାଙ୍ଗରୀ, ଅଳ୍ପଉଚ୍ଚା ନାରୀ ।

**ଗେଡୁଆ** *ବିଂ.* ବାଙ୍ଗରା, ଗେଡ଼ା ।

**ଗେଣ୍ଟ୍** *ବି.* ୧. ମନଟାଣ ୨. ଅଯଥା ଅସନ୍ତୋଷ ୩. ଗର୍ବ ।

**ଗେଣ୍ଟ୍ କରିବା** *କ୍ରି.* ୧. ମନରେ ଦମ୍ଭ କରିବା ୨. ଅଯଥା ଅସନ୍ତୁଷ୍ଟ ହେବା ।

**ଗେଣ୍ଡା** *ବି.* ଗେନ୍ଦା, ଲିଙ୍ଗମଳ ବା ଲିଙ୍ଗଛତିଆ ।

**ଗେଣ୍ଡି** *ବି.* ଗେଙ୍ଗୁଟି ।

**ଗେଣ୍ଡୁ** *ବି.* ଘୃଣ୍ୟବ୍ୟକ୍ତି ।

**ଗେଣ୍ଡା** *ବି.* ଦେହ ଉପରେ ଟାଣ ଆବରଣ ଥିବା ଜଳଚର ଜୀବ, ଘୋଳି ।

**ଗେଣ୍ଡାମାଟି** *ବି.* ଗେଣ୍ଡା ଗାଳିଥିବା ମାଟି ।

**ଗେଣ୍ଡାଳିଆ** *ବି.* ୧. ବଡ଼ କାଙ୍କଜାତୀୟ ଲମ୍ବଗୋଡ଼ିଆ ଓ ଲମ୍ବଥଣ୍ଟିଆ ଚଢ଼େଇ ୨. ଏକପ୍ରକାର ସାପ ।

**ଗେଣ୍ଡି** *ବି.* ଛୋଟଗେଣ୍ଡା ।

**ଗେଣ୍ଡୁ** *ବି.* ୧. ମଖମେଲ୍ ଫୁଲ, କୁସୁମ ଫୁଲ ୨. ପେଣ୍ଡୁ, ବଲ୍ ୩. ଏକ ପ୍ରକାର ଧାତୁ ୪. ଏକ ପ୍ରକାର ପକ୍ଷୀ ୫. ନାହିମୂଳ ।

**ଗେଣ୍ଡୁକ** *ବି.* ବଲ୍, କନ୍ଦୁକ ।

**ଗେଣ୍ଡୁଲି** *ବି.* ଏଣ୍ଡୁରି ପିଠା, ସିଝାପିଠା ।

**ଗେଧ୍‌ରାଏଲ୍** *ବିଂ.* ବନିଲା, ଦରପାଚିଲା, ପାଚିଆସୁଥିବା ।

**ଗେଧ** *ବି.* ୧. ଅଣ୍ଡିରା ମାଙ୍କଡ, ବୁଢ଼ା ମାଙ୍କଡ ୨. ଭର୍ତ୍ସନାସୂଚକ ଗାଳି ।

**ଗେଧା** *ବିଂ.* ମୋଟା, ସ୍ଥୂଳକାୟ, ଗେଧ୍‌କା ।

**ଗେଧାଇବା** *କ୍ରି.* ଅଳସୁଆ ଲୋକକୁ କାମ କରିବାପାଇଁ ବାରମ୍ବାର ପ୍ରବର୍ତ୍ତାଇବା ।

**ଗେଧେଙ୍କା** *ବିଂ.* ଥାକୁଲା ଥୁକୁଲା, ମୋଟା, ସ୍ଥୂଳକାୟ ।

**ଗେନ୍** *ବି.* ଲାଭ, ଫାଇଦା ।

**ଗେନ୍ତୁ** *ବି.* ଖାଡ଼ି ମାଛ ।

**ଗେନ୍ଦ୍ରା** *ବିଂ.* ଅସୁନ୍ଦର, ଅସନା, ଗୋଳିଆ ।

**ଗେନ୍ଦ୍ରେଇବା** *କ୍ରି.* ୧. ଅସୁନ୍ଦର କରି ଲେଖିବା ୨. ଖେଳରେ ଗୋଳେଇବା ।

**ଗେନ୍ଦ୍ଲି** *ବିଂ.* କଅଁଳା (ଛୁଆ) ।

**ଗେଛା** *ବି.* ୧. ଲିଙ୍ଗମଳ ୨. ନାକପୁଡ଼ା ଭିତରେ ଥିବା ମଳି ।

**ଗେଫା** *ବି.* ଖାଦ୍ୟର ବଡ଼ବଡ଼ ଗୁଣ୍ଡା, ଗେବିବା ।

**ଗେଫା ମାରିବା** *କ୍ରି.* ତରତର ହୋଇ ବଡ଼ବଡ଼ ଗୁଣ୍ଡା ଖାଇବା, ଗେବିବା ।

**ଗେଫିବା** *କ୍ରି.* ଶୀଘ୍ର ଶୀଘ୍ର ଖାଇବା ।

**ଗେବ୍ରା** *ବିଂ.* ଯେ ଖେଳରେ ଗୋଳାଏ ବା ଗେନ୍ଦୁରି କରେ ।

**ଗେବ୍ରାଗେବ୍ରି** *ବି.* ଖେଳରେ ଗୋଳାଇବା, ଗୁନ୍ଦୁଲେଇବା ।

**ଗେବ୍ରେଇବା** *କ୍ରି.* ୧. ଖେଳ ଗୋଳେଇବା ୨. କୌଣସି ଜିନିଷକୁ ଲୁଚାଇ କରି ନେଇଯିବା ୩. ଗେଁ ପେଁ କରିବା ୪. ଲେଖା ଉପରେ ଗାରେଇବା ।

**ଗେବ** *ବି.* ୧. ମୁଣ୍ଡି, ଭୁଣ୍ଡି, ଗେବା ୨. ଟିପଚିହ୍ନ ୩. ମୁଥମାଡ଼ ।

**ଗେବା** *ବିଂ.* ନିର୍ବୁଦ୍ଧିଆ, ବୋକା ।

**ଗେବିବା** *କ୍ରି.* ୧. ବାଡ଼ି ଅଗ ବା ହାତ ମୁଠାରେ ଜୋରରେ କେଞ୍ଚିବା ୨. ପାଟିରେ ପୂରାଇବା ।

**ଗେମ୍** *ବି.* ୧. ଖେଳ ୨. ବାଜି, ଥର ।

**ଗେମ୍ଟା** *ବିଂ.* ବାଙ୍ଗୁରା, ଖର୍ବକାୟ ।

**ଗେମଣା** *ବିଂ.* ଗଇଁଆ, ଗେଡ଼ା ଓ ସ୍ଥୂଳ, ମାଡ଼ଖାଇ ଦେହ ବିକୃତ ହୋଇ ଯାଇଥିବା ।

**ଗେମେଟା, ଗେମା** *ବିଂ.* ସେମିଟି ଯାଇଥିବା, ଶୁଖିଯାଇଥିବା ।

**ଗେୟା** *ବିଂ.* ଗାଇବା ଯୋଗ୍ୟ ।

**ଗେର୍ଦବନ୍ଦି** *ବି.* ଚାରିପଟେ ବାଡ଼ ବନ୍ଦି କରିବା ; *ବିଂ.* ଯାହାର ଚାରିପଟେ ହତା ବୁଲିଥାଏ ।

**ଗେର୍ଦ୍ଦ** *ବି.* ୧. ବାଡ଼ଘେରା ସ୍ଥାନ, ବେଢ଼ା, ଘର ୨. ପାଖପଡ଼ିଶା ୩. ଚାରି ପାଖ ।

**ଗେରଦା** *ବି.* ଘେର କରାହୋଇଥିବା ଘରବାଡ଼ି, ଗୋରଡ଼ି ।

**ଗେରସ୍ତ** *ବି.* ୧. ଗୃହସ୍ୱାମୀ, ଘରମାଲିକ, ଗୃହସ୍ଥ ୨. ପତି, ସ୍ୱାମୀ, ଘଇତା ।

**ଗେରସ୍ତ ଭାରିଜା** *ବି.* ପତିପତ୍ନୀ, ସ୍ୱାମୀ-ସ୍ତ୍ରୀ ।

**ଗେରା** *ଅ.* ୧. ଗୁଡ଼ାକ, ବହୁତ ୨. ଲିଙ୍ଗମଳ ୩. ଅଣ୍ଡକୋଷ, ଗରା ।

**ଗେରାଗେରା** *ଅ.* ଅନେକ, ଗୁଡ଼ାଏ ।

**ଗେରୁ** *ବି.* ୧. ଈଷତ୍ ରକ୍ତବର୍ଣ୍ଣ ମାଟି ବିଶେଷ ୨. ଇଟାରଙ୍ଗ ।

**ଗେରୁଆ** *ବିଂ.* ଗେରୁମାଟି ଭଳି ଲାଲରଙ୍ଗ ବିଶିଷ୍ଟ ।

**ଗେରୁମୁଣ୍ଡି** *ବି.* ୧. ଉଚ୍ଚ ପଦବୀରେ ଥିବା ଅଯୋଗ୍ୟ ବ୍ୟକ୍ତି ୨. ଯାହାଦ୍ୱାରା କୌଣସି କାମ ହୁଏନା ।

**ଗେରୁଲ୍** *ବି.* ଚମ୍ପେଇନେଉଳ ।

**ଗେଲ୍ହା** *ବିଂ.* ଅତି ସ୍ନେହ ଓ ଆଦରର (ବ୍ୟକ୍ତି), ସେରନ୍ତ ।

**ଗେଲ୍ହାଇବା** *କ୍ରି.* ଗେହ୍ଲାଇବା, ଅତି ସ୍ନେହ ଆଦର କରିବା ।

**ଗେଲ୍ହା(ହେ)ଇ** *ବିଂ.* ସ୍ନେହ ଓ ଆଦରର ପାତ୍ରୀ, ଗେଲବସରି ।

**ଗେଲ୍ହା କରିବା** *କ୍ରି.* ଗେହ୍ଲା କରିବା, ସ୍ନେହ ଆଦର କରିବା ।

**ଗେଲ୍ହେଇ** *ବିଂ.* *(ସ୍ତ୍ରୀ.)* ଆଦରଣୀୟା, ଗେହ୍ଲୀ ।

**ଗେଲ** *ବି.* ୧. ସ୍ନେହ, ପ୍ରେମ, ଆଦର, ଶ୍ରଦ୍ଧା ୨. ଇଙ୍ଗିତ, ଥଟ୍ଟା ୩. ଚୁମା ।

**ଗେଲ କଉତୁକ** *ବି.* ଥଟ୍ଟା ପରିହାସ ।

**ଗେଲ କରିବା** *କ୍ରି.* ୧. ସ୍ନେହ ଶ୍ରଦ୍ଧା କରିବା ୨. ଥଟ୍ଟା ପରିହାସ କରିବା ୩. ଲାଜ କରିବା ୪. ବୋକ ଦେବା, ଚୁମା ଦେବା ।

**ଗେଲ ଗରବ** *ବି.* ସ୍ନେହ ରଖିବା ଯୋଗୁଁ ଗର୍ବ ।

**ଗେଲନାଟ** *ବି.* ଥଟ୍ଟା, ପରିହାସ ।

**ଗେଲବସର** *ବି.* ୧. ସ୍ନେହ ଆଦର ୨. ସ୍ନେହର ପାତ୍ର ।

**ଗେଲବସରିଆ** *ବିଂ.* ସ୍ନେହ ଓ ଆଦର ପାଉଥିବା (ବ୍ୟକ୍ତି) ।

**ଗେଲ ଲାଗିବା** *କ୍ରି.* ଅତି ସହଜ ବୋଲି ବୋଧହେବା ।

**ଗେଲାଇ ଗେଲାଇ** *କ୍ରି.ବିଂ.* ୧. ଅନାୟାସରେ, ଖେଳିଲା ପରି ୨. ଅନ୍ୟଠାରୁ ଆଦର ପାଇବାପାଇଁ ସ୍ନେହଭାବ ଦେଖାଇବା ।

**ଗେଲି** *ବି.* ୧. ଗାଲି, ମୁଦ୍ରଣ ପ୍ରେସ୍‌ରେ ବିଭିନ୍ନ ଥାକରେ ରଖାଯାଇଥିବା ସିସା ଅକ୍ଷର ୨. ଗେଲବସରି, ସେରେନ୍ତି ।

**ଗେଲିପ୍ରୁଫ୍** *ବି.* ଅସଂଶୋଧିତ ପ୍ରଥମ ଛପା କାଗଜ ।

**ଗେଷ୍ଟ୍** *ବି.* ଅତିଥି ।

**ଗେଷ୍ଟ୍‌ହାଉସ୍** *ବି.* ଅତିଥିଶାଳା, ଅତିଥିଭବନ, ପାନ୍ଥନିବାସ ।

**ଗେସ୍** *ବି.* ୧. ଅନୁମାନ, ଅନ୍ଦାଜ, କଳ୍ପନା ୨. ରନ୍ଧନଗ୍ୟାସ୍ ।

**ଗେସା** *ବି.* ଥଟ୍ଟାଟାପରା ।

**ଗେହିବା** *କ୍ରି.* ୧. ହଠାତ୍ ସ୍ଥାନାନ୍ତରକୁ ଯିବା ୨. ସଙ୍ଗମ କରିବା ।

**ଗେହୀ** *ବିଂ.* ଗୃହୀ ।

**ଗୋ** ***ବି.*** ୧. ଧେନୁ, ଗାଇ, ବୃଷଭ, ପଶୁ ୨. ୯ ସଂଖ୍ୟା ୩. ସମ୍ବୋଧନ ସୂଚକ-ଆଗୋ ।

**ଗୋଁଆଁର** ***ବିଂ.*** ୧. ଓଲୁ, ନିର୍ବୋଧ, ଗୁଆଁର ୨. ମଫସଲିଆ,ଗାଉଁଲି ୩. ଏକଜିଦିଆ, ଏକଗୁୟାଁ, ଏକବାଗିଆ ।

**ଗୋଁଆଁର ଗୋବିନ୍ଦ** ***ବି.*** କାଣ୍ଡଜ୍ଞାନଶୂନ୍ୟ ବ୍ୟକ୍ତି ।

**ଗୋଆଳ** ***ବି.*** ଗୋପାଳ, ଗଉଡ଼, ଗୋଆଲା ।

**ଗୋଆଳିଲତା** ***ବି.*** ହଂସପାଦୀ ଲତା ।

**ଗୋଆଲା** ***ବି.*** ଗଉଡ଼ ।

**ଗୋଇ** ***ବି.*** ୧. ମର୍ମକଥା, ଗୁପ୍ତକଥା ୨. ଗୃହଚ୍ଛିଦ୍ର ୩. ଗୋଧି ୪. ସାପ ।

**ଗୋଇ କାଢ଼ିବା** ***କ୍ରି.*** ଅନ୍ୟର ଗୁପ୍ତକଥା ତଥା ଦୋଷ ଦୁର୍ବଳତା ପ୍ରକାଶ କରିବା, ଗୋଇଖୋଳିବା ।

**ଗୋଇଠା** ***ବି.*** ପାଦଦ୍ୱାରା ଆଘାତ, ପଦାଘାତ ।

**ଗୋଇଠା ଅଇଣ୍ଠାଖିଆ** ***ବିଂ.*** ୧. ଯେଉଁ ଲୋକ ଅନ୍ୟର ଗୋଇଠା ମାଡ଼ ସହ୍ୟକରି ଓ ଅଇଁଠା ଖାଇ ବଞ୍ଚୁଥାଏ ୨. କୁକୁର ।

**ଗୋଇଠାଖିଆ** ***ବିଂ.*** ଯେ ଅନ୍ୟର ଗୋଇଠା ମାଡ଼ ସହ୍ୟକରେ, ନିର୍ଲଜ୍ଜ, ଆତ୍ମମର୍ଯ୍ୟାଦାଶୂନ୍ୟ ।

**ଗୋଇଠା ମାରିବା** ***କ୍ରି.*** ପଦାଘାତ କରିବା ।

**ଗୋଇଠା ମାରି ବିଷ୍ଟୁ କରିବା** ***କ୍ରି.*** ଜାଣି ଶୁଣି ଭୁଲ କରିବା, ଅପମାନ ଦେଇ ପୁଣି କ୍ଷମାମାଗିବା ।

**ଗୋଇଠି** ***ବି.*** ପାଦମୂଳ, ଏଡ଼ି ।

**ଗୋଇନ୍ଦା** ***ବି.*** କାହାରି ଅଜାଣତରେ ତା ସମ୍ପର୍କରେ ଭିତିରି ତଥ୍ୟ ସଂଗ୍ରହ, ଗୁପ୍ତଚର, ଖୁପିଆ ।

**ଗୋଇନ୍ଦାଗିରି** ***ବି.*** ଗୁପ୍ତଚରବୃତ୍ତି, ଖୁପିଆକାମ ।

**ଗୋଈ** ***ବି.*** ୧. ଗୋପାଳୁଣୀ, ଗଉଡୁଣୀ ୨. ଗାଇ ୩. କାନମଳି, ଗୁଇ ।

**ଗୋଏ** ***ବି.*** ଏକ ଜାତୀୟ ସରୀସୃପ, ଗୋଧି ।

**ଗୋଏଚ୍‌କା** ***ବିଂ.*** ତୀକ୍ଷ୍ଣ, ମୁନିଆଁ, ଗୁଜା, ଗୋଜା ।

**ଗୋଏନ୍ଧ** ***ବି.*** ଦୁର୍ଗନ୍ଧ ।

**ଗୋଏରା** ***ବି.*** ଏକ ପ୍ରକାର କଣ୍ଟାଳିଆ ଗଛ ।

**ଗୋଏଲ୍** ***ବି.*** କଳି, କଳହ, ଗାଳି ।

**ଗୋଏଲ୍‌ଝଗର୍** ***ବି.*** ଝଗଡ଼ା, କଳିଗୋଳ ।

**ଗୋକଣ୍ଠା, ଗୋକୁଣ୍ଡା** ***ବି.*** କନ୍ଦା, ଶୁଖିଲା କୁଣ୍ଡିଆ, ଆଙ୍ଗୁଠି ସନ୍ଧିରେ ହେଉଥିବା ଚର୍ମରୋଗ ।

**ଗୋକର୍ଣ୍ଣ** ***ବି.*** ୧. ମୁରୁଗା ଗୁଳ୍ମ ୨. ଗୋରୁର କାନ ।

**ଗୋକିଳ** ***ବି.*** ୧. ଲଙ୍ଗଳ ୨. ମୂଷଳ ୩. ହେମଦସ୍ତା ପୁଆ ।

**ଗୋଖ୍‌ରା** ***ବି.*** ଗୋଖର ସାପ ।

**ଗୋଖ୍‌ରୁ** ***ବି.*** ଗୋଡ଼ଖଡୁ ।

**ଗୋଖର** ***ବି.*** ୧. ବିଷଧର ସାପ, ନାଗସାପ ୨. ସୁନାର କାନ ଅଳଙ୍କାର ; ***ବିଂ.*** ଦୁଷ୍ଟ, ବିଶ୍ୱାସଘାତକ ।

**ଗୋଖରା** ***ବି.*** ୧. କଣ୍ଟାଯୁକ୍ତ ଫଳ ଥିବା ଗୁଳ୍ମବିଶେଷ, ଗୋକ୍ଷୁର ୨. ମୂଢ଼, କାଣ୍ଡଜ୍ଞାନଶୂନ୍ୟ ୩. କର୍ଣ୍ଣାଳଙ୍କାର ବିଶେଷ ।

**ଗୋଖା** ***ବି.*** ଧୀବର ଜାତିବିଶେଷ ; ***ବିଂ.*** ନିର୍ବୋଧ, ମୋଟା ।

**ଗୋଖାନା** ***ବି.*** ଗୋଶାଳା ।

**ଗୋଖି** ***ବିଂ.*** ଗୋରୁଠାରୁ ପ୍ରାପ୍ତ ; ***ବି.*** ଗୋମାଂସ ଓ ଚର୍ବି ।

**ଗୋଗେଇ** ***ବି.*** ପଶ୍ଚିମା ପବନ ସହିତ ମେଘୁଆ ପାଗ ।

**ଗୋଗୋଛବାଡ଼ିଆ** ***ବି.*** ନିର୍ଘୃଣ ପ୍ରହାର, ଗୋରୁଙ୍କୁ ବାଡେଇଲା ପରି ମାଡ଼ ।

**ଗୋଗୋଷ୍ଠ** ***ବି.*** ଗୋଶାଳା ।

**ଗୋଗ୍ରାସ** ***ବି.*** ୧. ଗାଇ ଭଳି ଖାଇବା ୨. ଗାଈର ଦାନା, ଆହାର ।

**ଗୋଘାତକ** ***ବି.*** ଗୋରୁ ହତ୍ୟାକାରୀ ବ୍ୟକ୍ତି, ଗୋଘାତୀ ।

**ଗୋଘୃତ** ***ବି.*** ୧. ଗୁଆଘିଅ ୨. ବର୍ଷାପାଣି ।

**ଗୋଙ୍ଗା** ***ବିଂ.*** ଘୁଙ୍ଗା, ବାକ୍‌ଶକ୍ତିହୀନ, ମୂକ ।

**ଗୋଚର** ***ବି.*** ୧. ଗୋ ଚାରଣ ଭୂମି ୨. ଇନ୍ଦ୍ରିୟଗ୍ରାହ୍ୟ ବସ୍ତୁ, ଇନ୍ଦ୍ରିୟ ଦ୍ୱାରା ଅନୁଭୂତ, କାନରେ ପଡ଼ିବା, ଆଖିରେ ଦେଖିବା ୩. ଗ୍ରହଗୁଡ଼ିକର ଅନ୍ୟ ରାଶିକୁ ସଞ୍ଚାର ୪. ସ୍ଥାନ, ଦେଶ ; ***ବିଂ.*** ୧. ବିଚରଣକାରୀ ୨. ଜ୍ଞାତ ୩. ଆଶ୍ରିତ, ସ୍ଥିତ ।

**ଗୋଚର କରିବା** ***କ୍ରି.*** ଜଣାଇବା ।

**ଗୋଚର ହେବା** ***କ୍ରି.*** ଜାଣିବା, ଅବଗତ ହେବା ।

**ଗୋଚରୀଭୂତ** ***ବିଂ.*** ଜ୍ଞାତ ହୋଇଥିବା (ବିଷୟ) ।

**ଗୋଚର୍ମ** ***ବି.*** ୧. ଗୋରୁର ଚମଡ଼ା ୨. ଭୂମିର ବର୍ଗପରିମାଣର ମାପ ।

**ଗୋଚାରଣ** ***ବି.*** ୧. ଗୋରୁ ଚରାଇବା ୨. ଗୋରୁ ଚରିବା ।

**ଗୋଚିଆ** ***ବି.*** କୋଚିଆ ଭଳି ଏକ ପ୍ରକାର ସାମୁଦ୍ରିକ ଲୁଣିମାଛ ।

**ଗୋ ଚିକିତ୍ସକ** ***ବି.*** ପଶୁଡାକ୍ତର ।

**ଗୋ ଚିକିତ୍ସା** ***ବି.*** ପଶୁମାନଙ୍କର ରୋଗର ଚିକିତ୍ସା ।

**ଗୋଛା** ***ବି.*** ୧. ବିଡ଼ା, ଏକାଠି, ପୁଳାଏ ୨. ସମୂହ ।

**ଗୋଛାଇବା** ***କ୍ରି.*** ବିଡ଼ାବିଡ଼ା କରି ବାନ୍ଧିବା ।

**ଗୋଛାଗୋଛା** ***ବିଂ.*** ଅନେକ, ପ୍ରଚୁର, ବିଡ଼ାବିଡ଼ା ହୋଇ ।

**ଗୋଛା ବାନ୍ଧିବା** ***କ୍ରି.*** ବଡ଼ ବିଡ଼ା କରି ବାନ୍ଧିବା ।

**ଗୋଛାବାଳ** ***ବି.*** ମୁଣ୍ଡର ବହୁତ ବାଳ, କେଶଗୁଚ୍ଛ ।

**ଗୋଛି** ***ବି.*** ୧. ଗୋଡ଼ର ଶିରାମାନ ଗୋଇଠି ଉପରେ ଏକାଠି ହୋଇଥିବା ସ୍ଥାନ ୨. ମାଂସପେଶୀ ୩. ବେକରେ ଶରୀରର ଶିରାଯାକ ଏକତ୍ର ହୋଇଥିବା ସ୍ଥାନ ୪. ଛୋଟଗୋଛା ୫. ଦୁର୍ବଳତା ।

**ଗୋଛି କାଟିବା** ***କ୍ରି.*** ୧. ଗୋଇଠି ଉପର ସ୍ଥାନକୁ କାଟିବା ୨. ଅନିଷ୍ଟ କରିବା, ବିଶ୍ୱାସଘାତକତା କରିବା ।

**ଗୋଜ୍‌କିଆ** ***ବିଂ.*** ମୁନିଆ, ତୀକ୍ଷ୍ଣ।

**ଗୋଜ** ***ବି.*** ୧. ମୁନିଆଁ କିଲା, ମେଖ ୨. ଘର ଚାଳରେ ବସାଯିବା କାଠକୀଳା ୩. ଏକ ପ୍ରକାରର ଚାଉଳ ପିଠା ; ***ବିଂ.*** ମୁନିଆଁ, ଗୋଜିଆ ।

**ଗୋଜଣା** ***ବି.*** ଚୁଲିରେ ନିଆଁ ଉଖାରିବା ବାଡ଼ି, ଗୋଜଣାକାଠି, ଗୋଜିଣା ।

**ଗୋଜା** ***ବି.*** ୧. ଋଣପତ୍ର, ତମସୁକ ୨. ଭୂମି ବଣ୍ଟନର ନିର୍ଣ୍ଣୟପତ୍ର ୩. ମେଖ, କୀଳା ; ***ବିଂ.*** ବାକ୍‌ଶକ୍ତିହୀନ, ଘୁଙ୍ଗା ।

**ଗୋଜାତି** ***ବି.*** ସମସ୍ତ ଗୋରୁଗାଈ ।

**ଗୋଜିଆ** ***ବିଂ.*** ୧. ମୁନିଆ, ତୀକ୍ଷ୍ଣ ୨. ତେଣ୍ଟା ୩. ଲମ୍ବ ବାଉଁଶ ଅଗରେ ଲାଗିଥିବା ମୁନିଆଁ ଲୁହା ।

**ଗୋଜିକାଠି** ***ବି.*** ୧. ଚୋରଙ୍କ ସିନ୍ଧିକାଠି ୨. ସ୍ତ୍ରୀଲୋକମାନଙ୍କ ଜୁଡ଼ାରେ ପିନ୍ଧିବା କାଠି, ହେଆର୍‌ପିନ୍ ।

**ଗୋଟ୍‌କା** ***ବି.*** ୧. ଟଙ୍କା ୨. ପାନମସଲା, ଗୁଟ୍‌କା ୩. ଖଇନି ।

**ଗୋଟମା** ***ବି.*** ୧. କଷି ନଡ଼ିଆ ୨. ଗୁଆ ବା ତାଳଫଳ ।

**ଗୋଟା** ***ବିଂ.*** ୧. ଅଖଣ୍ଡ, ବର୍ତ୍ତୁଳ, ନିଦା ୨. ଏକୁଟିଆ, ଏକା ୩. ଗୋଟାଳିଆ ; ***ଅ.*** ସଂଖ୍ୟକ ; ***ବି.*** ସଂଖ୍ୟା ।

**ଗୋଟାଇପୋଟାଇ** ***କ୍ରି.ବିଂ.*** ଏକାଠି ସଂଗ୍ରହ କରି ।

**ଗୋଟାଇବା** ***କ୍ରି.*** ୧. ଗୋଟି ଗୋଟି କରି ଉଠେଇ ଏକାଠି କରିବା ୨. ଏକତ୍ର କରିବା ୩. ସଜାଡ଼ି କରି ରଖିବା (ଶେଯ) ।

**ଗୋଟାଏ** ***ବିଂ.*** ଏକ ଗୋଟା ମାତ୍ର, ଗୋଟାକ ; ***ବି.*** ମଧ୍ୟାହ୍ନ ବା ନିଶାର୍ଦ୍ଧର ପର ଏକ ଘଣ୍ଟା ସମୟ, ଗୋଟାଏ ବେଳ ।

**ଗୋଟାକିଆ** ***ବିଂ.*** ଏକାକୀ, ଏକୁଟିଆ ।

**ଗୋଟାକୁ ଗୋଟା** ***ଅ.*** ଗୋଟାକ ପରେ ଗୋଟାଏ ।

**ଗୋଟାକେତେ** ***ବିଂ.*** ଅଳ୍ପକେତୋଟି, କେତେଗୋଟା ।

**ଗୋଟା ଗୋଟା** ***ଅ.*** ୧. ଭିନ୍ନ ଭିନ୍ନ ୨. ଖଣ୍ଡ ଖଣ୍ଡ ୩. ଥରକେ ଗୋଟିଏ କରି ୪. ଗୋଟାକ ପରେ ଗୋଟିଏ ୫. ବହୁ ସଂଖ୍ୟାରେ, ବହୁତ ଭାବରେ ।

**ଗୋଟାପଣେ** ***ଅ.*** ଗୋଟାସୁଦ୍ଧା, ସବୁଯାକ ।

**ଗୋଟାଳି** ***ବି.*** ୧. ଗୋଲାକାର ପଥରଖଡ଼ି ୨. କ୍ଷୁଦ୍ର ଓ ଟାଣୁଆ ଖଣ୍ଡ ।

**ଗୋଟାଳିଆ** ***ବିଂ.*** ଗୋଲିଆ, ବର୍ତ୍ତୁଳ ଓ ଟାଣୁଆ ।

**ଗୋଟାସୁଦ୍ଧା** ***ବି.*** ସମସ୍ତ ବସ୍ତୁ ; ***କ୍ରି.ବିଂ.*** ପୁରାପୁରି, ଗୋଟାଯାକ ।

**ଗୋଟି** ***ବିଂ.*** ୧. ଏକ ସଂଖ୍ୟକ, ଏକମାତ୍ର ୨. ଏକତ୍ରୀଭୂତ ୩. ଏକମେଳ ; ***ବି.*** ୧. ଟସର ପୋକର ଡିମ୍ବାକାର କସା ୨. କିଶୋର ବାଳକ ୩. କ୍ୟାରମ, ଚେସ୍, ପଶା ଆଦି ଖେଳରେ ଯାହା ଚଳାଯାଏ ।

**ଗୋଟିଆଗୋଟି** ***ବି.*** ସଂଗୃହୀତ ବସ୍ତୁ ; ***ବିଂ.*** ଏକାଠି ଠୁଳ କରାଯାଇଥିବା ।

**ଗୋଟିଏ ଗୋଟିଏ** ***କ୍ରି.ବିଂ.*** ୧. ଧୀରେ ସୁସ୍ଥେ ୨. କ୍ରମେ କ୍ରମେ, ଆସ୍ତେ ଆସ୍ତେ ୩. ଏକ ପରେ ଆଉ ଗୋଟେ ।

**ଗୋଟିକା** ***ବି.*** ୧. ବଟିକା ୨. ଲଡୁ, ଛେନା ତିଆରି ମିଷ୍ଟାନ୍ନ ବିଶେଷ ।

**ଗୋଟିଖଡ଼ିକା** ***ବି.*** ଗଙ୍ଗଶିଉଳି, ଶେଫାଳୀ ।

**ଗୋଟିଖେଳ** ***ବି.*** ଏକ ପ୍ରକାର ଖେଳ-ଯେଉଁଥିରେ ନିର୍ଦ୍ଦିଷ୍ଟ ଲକ୍ଷ୍ୟସ୍ଥଳକୁ ଗୋଟାଳି ଫୋପଡ଼ା ଯାଏ ।

**ଗୋଟିଘରା** ***ବି.*** ଅଣ୍ଡକୋଷ ।

**ଗୋଟି ଧରିବା** ***କ୍ରି.*** ଅଣ୍ଡକୋଷର ଗୋଟିକୁ ଫୁଲା ଧରିବା, ଏକ ଚାଉଳିଆ ହେବା ।

**ଗୋଟିପଣେ** ***କ୍ରି.ବିଂ.*** ସମ୍ପୂର୍ଣ୍ଣ ରୂପେ ।

**ଗୋଟିପହଣ୍ଡି** ***ବି.*** ୧. ରଥଯାତ୍ରାବେଳେ ବିଗ୍ରହମାନଙ୍କୁ ପୃଥକ୍ ପୃଥକ୍ ଭାବେ ଅର୍ଥାତ୍ ଜଣଙ୍କ ପରେ ଜଣେ ପହଣ୍ଡି କରାଇବାର ବିଧି ୨. ଧୀର ଚାଲି ।

**ଗୋଟିପିଲା** ***ବି.*** ଗୋଟିପୁଅ, ପ୍ରାୟ ୧୫ ବର୍ଷ ବୟସରୁ କମ୍ ବୟସର ପୁରୁଷ ନୃତ୍ୟଶିଳ୍ପୀ ।

**ଗୋଟିପୁଅ ନାଚ** ***ବି.*** କିଶୋରମାନଙ୍କଦ୍ୱାରା ପରିବେଷିତ ପାରମ୍ପରିକ ନୃତ୍ୟ।

**ଗୋଟିପୋକ** ***ବି.*** ଟସରପୋକ ।

**ଗୋଠ** ***ବି.*** ୧. ଗୋରୁ ରହିବା ସ୍ଥାନ, ଗୁହାଳ ୨. ଗୋଚାରଣ ଭୂମି ୩. ପଶୁମାନଙ୍କର ଦଳବଦ୍ଧ ଅବସ୍ଥାନ ୪. ଅଣ୍ଟାରେ ପିନ୍ଧାଯିବା ଶିକୁଳି, ଅଳଙ୍କାର, ଅଣ୍ଟାବିଛା ।

**ଗୋଠକାକୁଡ଼ା** ***ବି.*** ମହାକାଳବୃକ୍ଷ ।

**ଗୋଠକାକୁଡ଼ି** ***ବି.*** ବିମ୍ବଫଳ, କଇଞ୍ଚିକାକୁଡ଼ି, କୁଆମଇତା ।

**ଗୋଠଖଣ୍ଡିଆ** ***ବିଂ.*** ୧. ଯେଉଁ ଜନ୍ତୁ ଦଳରୁ ପୃଥକ୍ ରୁହେ ୨. ସଙ୍ଗଛଡ଼ା, ଗୋଠବଣା ୩. ଏକା ରହିବାକୁ ଭଲ ପାଉଥିବା ।

**ଗୋଠନିଉଁଛୁଣା** ***ବିଂ.*** ୧. ପଲ ମଧ୍ୟରୁ ଅଲଗା ହୋଇଥିବା ୨. ମନ୍ଦ ଅଭ୍ୟାସଯୁକ୍ତ (ବ୍ୟକ୍ତି) ।

**ଗୋଠବାହୁଡ଼ା** ***ବିଂ.*** ଘରବାହୁଡ଼ା, ଗୋଠକୁ ଫେରୁଥିବା ।

**ଗୋଠି** ***ବି.*** ଗୋଷ୍ଠୀ, ସମୂହ, ସମାଜ ।

**ଗୋଠିଆ** ***ବିଂ.*** ଗୋଠରେ ଥିବା, ଗୋଠ ସମ୍ବନ୍ଧୀୟ ।

**ଗୋଠିଆ କନ୍ଧ** ***ବି.*** କନ୍ଧଜନଜାତି ବିଶେଷ ।

**ଗୋଠେ** ***ବି.ବିଂ.*** ବହୁ ସଂଖ୍ୟକ, ଦଳେ ।

**ଗୋଡ଼୍ ଖୁରାବା** ***କ୍ରି.*** ଦେହପୀଡ଼ାଯୋଗୁଁ ଗୋଡ଼ହାତ ଛାଟିବା ।

**ଗୋଡ୍ ତଳେଁ ଯିବା** ***କ୍ରି.*** ଜନ୍ମ ହେଉ ହେଉ ମରିଯିବା ।

**ଗୋଡ଼** ***ବି.*** ୧. ପାଦ ୨. ଚରଣ ୩. ଚେର, ମୂଳ, ବଇଠି ୪. ଖୁଣ୍ଟି ।

**ଗୋଡ଼କନା** ***ବି.*** ମୋଜା ।

**ଗୋଡ଼ କାଢ଼ିବା** ***କ୍ରି.*** ୧. ସ୍ଥାନାନ୍ତରକୁ ଯିବା ୨. ଯାତ୍ରା ଆରମ୍ଭ କରିବା ୩. ଘର ଛାଡ଼ିବା ।

**ଗୋଡ଼ଖଡୁ** ***ବି.*** ଗୋଡ଼ ବଳାଗଣ୍ଠି ଉପରେ ପିନ୍ଧାଯାଉଥିବା ଅଳଙ୍କାର ।

**ଗୋଡ଼ ଖସଡ଼ିବା** ***କ୍ରି.*** ୧. ଗୋଡ଼ ଖସିଯିବା, ଗୋଡ଼ ସ୍ଥିର ହୋଇ ନ ରହିବା ୨. ନୈତିକ ଅଧଃପତନ ।

**ଗୋଡ଼ ଘଷିବା** ***କ୍ରି.*** ୧. ପାଦ ମାଲିସ୍ କରିବା, ଗୋଡ଼ ମୋଡ଼ାମୋଡ଼ି କରିବା ୨. ଅତିଶୟ ଖୋସାମତ୍ କରିବା ।

**ଗୋଡ଼ଘୋଳା** ***ବି.*** ଗୋଡ଼ ବିନ୍ଧାହେବା ରୋଗ ।

**ଗୋଡ଼ ଚଳିବା** ***କ୍ରି.*** ୧. ଚାଲିବା ୨. କର୍ମତତ୍ପର ବା କାର୍ଯ୍ୟକ୍ଷମ ହେବା ।

**ଗୋଡ଼ ଛାଟିବା** ***କ୍ରି.*** ଗୋଡ଼କୁ ଇତସ୍ତତଃ ସଞ୍ଚାଳନ କରିବା, ଗୋଡ଼ ପିଟିବା ।

**ଗୋଡ଼ ଟେକି ବସିବା** ***କ୍ରି.*** ପ୍ରସ୍ତୁତ ହୋଇ ରହିବା, ଉତ୍ସୁକତା ସହିତ ଅପେକ୍ଷା କରିବା ।

**ଗୋଡ଼ ତଳକୁ ଆସିବା** ***କ୍ରି.*** ଆପେ ଆପେ ଆସି ଶରଣ ମାଗିବା ।

**ଗୋଡ଼ ତଳିଆ** ***ବିଂ.*** ନୀଚ (ବ୍ୟକ୍ତି), ନିମ୍ନବର୍ଗର (ବ୍ୟକ୍ତି) ।

**ଗୋଡ଼ତଳେ ପଡ଼ିବା** ***କ୍ରି.*** ୧. ଭୂମିଷ୍ଠ ଦଣ୍ଡବତ କରିବା ୨. ବିନୀତ ପ୍ରାର୍ଥନା କରିବା ୩. ବଶତା ସ୍ୱୀକାର କରିବା, ହାରମାନିବା ।

**ଗୋଡ଼ ଧରିବା** ***କ୍ରି.*** ୧. ଅନ୍ୟର ପାଦଧରି ପ୍ରାର୍ଥନା କରିବା ୨. କ୍ଷମା ପ୍ରାର୍ଥନା କରିବା ।

**ଗୋଡ଼ଧୁଆ** ***ବି.*** ୧. ପାଦ ଧୋଇବା ୨. ଗୋଡ଼ ଧୋଇବାର ପାତ୍ର ।

**ଗୋଡ଼ଧୁଆ କଂସା** ***ବି.*** ଯେଉଁ କଂସା ବାସନରେ ଶ୍ୱଶୁର ବିବାହ ବେଦୀରେ ନାରାୟଣସ୍ୱରୂପ ଜ୍ୱାଇଁଙ୍କର ପାଦ ଧୋଇଦିଅନ୍ତି ।

**ଗୋଡ଼ଧୁଆ ପାଣି** ***ବି.*** ପାଦୁକ, ଗୋଡ଼ ଧୋଇବା ପରେ ସଂଗୃହୀତ ପାଣି ।

**ଗୋଡ଼ ପକାଇବା** ***କ୍ରି.*** ୧. କୌଣସି ସ୍ଥାନରେ ଉପସ୍ଥିତ ହେବା ୨. ନୃତ୍ୟାଦିରେ ଠିକ୍ ତାଳରେ ପାଦ ପକାଇବା ।

**ଗୋଡ଼ଫାଟ** ***ବି.*** ପାଦତଳେ ଓ ଗୋଇଠିର ଚମ ଫାଟିବା ରୋଗ ।

**ଗୋଡ଼ଫୁଲା** ***ବି.*** ଗୋଦର ରୋଗ, ପାଦ ଫୁଲିବା ।

**ଗୋଡ଼ ଭୂଇଁରେ ନ ଲାଗିବା** ***କ୍ରି.*** ୧. ଆନନ୍ଦରେ ବିହ୍ୱଳ ହେବା ୨. ଗର୍ବରେ ଫାଟି ପଡ଼ିବା ।

**ଗୋଡ଼ମୁଣା** ***ବି.*** ୧. ମୋଜା ୨. ପାଇଜାମା ।

**ଗୋଡ଼ମୁଦି** ***ବି.*** ନାରୀମାନେ ଗୋଡ଼ ଆଙ୍ଗୁଠିରେ ପିନ୍ଧୁଥିବା ମୁଦି ।

**ଗୋଡ଼ମୋଡ଼ା** ***ବି.*** ଗୋଡ଼ଘଷା, ପାଦସେବା ।

**ଗୋଡ଼ରେ କୁରାଢ଼ି ମାରିବା** ***କ୍ରି.*** ନିଜେ ନିଜର କ୍ଷତି କରିବା ।

**ଗୋଡ଼ହାତ** ***ବି.*** ସମଗ୍ର ଶରୀର ।

**ଗୋଡ଼ହାତ ଧରିବା** ***କ୍ରି.*** କ୍ଷମାଭିକ୍ଷା କରିବା ।

**ଗୋଡ଼ା** ***ବି.*** ୧. ଅପେକ୍ଷାକୃତ ଉଚ୍ଚଭୂମିର ଶସ୍ୟ କ୍ଷେତ୍ର ୨. ମହୁଲ ସିଠା ୩. ବିଆଳି ଧାନ ୪. ମୂଳଦୁଆ ୫. ସ୍ତମ୍ଭ ୬. ଗଛର ମୂଳ ; ***ବିଂ.*** ୧. ନିଷ୍ଠାପର ୨. ଖାଣ୍ଟି ।

**ଗୋଡ଼ାଇବା** ***କ୍ରି.*** ୧. ପଛରେ ଧାଇଁବା, ଅନୁସରଣ କରିବା ୨. ପାଦରେ ଠେଲିଦେବା ୪. ଖେଦିବା ।

**ଗୋଡାଉନ୍** ***ବି.*** ଗୋଦାମଘର, ଭଣ୍ଡାର, ଗୋଲାଘର, ଗୋଦାମ ।

**ଗୋଡ଼ାଗୋଡ଼ି** ***ବି.*** ୧. ଜଣକ ପରେ ଜଣେ ଦଉଡ଼ିବା ୨. ଦଉଡ଼ା ଦଉଡ଼ି ଖେଳ ।

**ଗୋଡ଼ାଘର** ***ବି.*** ଅମାରଘର, ଗୋଦାମଘର ।

**ଗୋଡ଼ାଚିଙ୍ଗୁଡ଼ି** ***ବି.*** ବଡ଼ ଚିଙ୍ଗୁଡ଼ିମାଛ ।

**ଗୋଡ଼ାଣିଆ** ***ବିଂ.*** ପରର ଅନୁସରଣିଆ, ଅନୁଗାମୀ ।

**ଗୋଡ଼ା ବାନ୍ଧିବା** ***କ୍ରି.*** ଗଛମୂଳରେ ମାଟି ଗଦାକରି ଦୃଢ଼ କରିବା ।

**ଗୋଡ଼ି** ***ବି.*** ୧. ଛୋଟ ଛୋଟ ପଥର ଖଣ୍ଡ ୨. ଗୋରୁର ହମ୍ବାରଡ଼ି ।

**ଗୋଡ଼ିଆ** ***ବିଂ.*** ୧. ଗୋଡ଼ିମିଶା (ଜିନିଷ) ୨. ଗୋଡ଼ ଲାଗିଥିବା (ଖଟ, ଆଲମିରା) ; ***ବି.*** ପଛରେ ଦଉଡ଼ିବା ।

**ଗୋଡ଼ିଙ୍ଗି** ***ବି.*** ସରୁ ଫଳାଥିବା ଲଙ୍ଗଳ ।

**ଗୋଡ଼ିଜମି** ***ବି.*** ଢିପଜମି ।

**ଗୋଡ଼ିବତା** ***ବି.*** ସରୁ ବାଉଁଶଫାଳ ।

**ଗୋଡ଼ିବାଣ** ***ବି.*** ଲମ୍ବା ଡେମ୍ଫଯୁକ୍ତ ନାଲି ହଳଦିଆ ଫୁଲବିଶିଷ୍ଟ ଗଛ ।

**ଗୋଡ଼ିଶାଲ** ***ବି.*** ଦୁଇଖଣ୍ଡ କାଠପଟାକୁ ଆଡ଼ବାଗରେ ଯୋଡ଼ିବାପାଇଁ ଦୁଇମୁଣ୍ଡ ମୁନିଆଁ ହୋଇଥିବା ଲୁହାକଣ୍ଟା ।

**ଗୋଡ଼େଇବା** ***କ୍ରି.*** ଗୋଡ଼ାଇବା, ପଛରେ ଧାଇଁବା ।

**ଗୋଡ଼େଗୋଡ଼େ** ***ଅ.*** ୧. ପ୍ରତି ମୁହୂର୍ତ୍ତରେ ୨. ଠିଆଠିଆ ୩. ଅତି ଶୀଘ୍ର ୪. ପଛେ ପଛେ ରହି (ଜଗିବା) ।

**ଗୋଣ୍ଡକିରୀ** ***ବି.*** ସଙ୍ଗୀତର ରାଗ ବିଶେଷ ।

**ଗୋଣ୍ଡି** ***ବି.*** ମାଳ ଅଞ୍ଚଳର ଆଦିମ ଅଧିବାସୀ ।

**ଗୋତ** ***ବି.*** ୧. ଗୋତ୍ର, ବଂଶ ୨. ବନ୍ଧୁବାନ୍ଧବ ।

**ଗୋତ ମାରିବା** ***କ୍ରି.*** ଖସି ପଳାଇବା ।

**ଗୋତରା** ***ବି.*** ସନ୍ତାନ, ଟେର୍ ।

**ଗୋତାଡୁ** ***ବି.*** ରୂପାନିର୍ମିତ ଗୋଲାକାର ଅଣ୍ଟାସୁତା ।

**ଗୋତାମ୍** ***ବି.*** ବୋତାମ ।

**ଗୋତା ମାରିବା** ***କ୍ରି.*** ୧. ପାଣିରେ ବୁଡ଼ିବା, ଲୁଚିବା ୨. ପରର ଅନିଷ୍ଟ କରିବା ।

**ଗୋତାମାରୁ** ***ବିଂ.*** ୧. ଗୋତ୍ରମାରୁ, ନିଜ ବଂଶର ବିନାଶକାରୀ ୨. ଦଗାବାଜ୍, ଅବିଶ୍ୱାସୀ ।

**ଗୋତି** ***ବି.*** ୧. କ୍ରୀତଦାସ ୨. ପରଘରେ ଆଶ୍ରୟ ମାଗି ପେଟ ପୋଷୁଥିବା ଲୋକ ୩. ଚାକର ।

**ଗୋତି ଖଟିବା** ***କ୍ରି.*** ୧. କରଜ ଋଣ ପରିଶୋଧ କରିବା ପର୍ଯ୍ୟନ୍ତ ମହାଜନ ଘରେ ଦାସଭଳି ଖଟିବା ୨. କାହା ପାଇଁ ଅଯଥା ପରିଶ୍ରମ କରିବା ।

**ଗୋତ୍ର** ***ବି.*** ୧. କୁଳ, ବଂଶ ୨. କୁଳ ପ୍ରବର୍ତ୍ତକ ଋଷି ୨. ନାମ, ଜାତି, ଶ୍ରେଣୀ ୩. କ୍ଷେତ୍ର ୪. ଗୋଗୋଷ୍ଠ ୫. ପଥ ୬. ଗୁହାଳ ।

**ଗୋଦକା** ***ବିଂ.*** ୧. ବାଙ୍ଗରା ୨. ମୋଟା ।

**ଗୋଦଡ଼** ***ବି.*** ୧. ଫାଇଲେରିଆ ରୋଗ ଯୋଗୁଁ ଗୋଡ଼ ଅସ୍ୱାଭାବିକ ଫୁଲି ଯିବା, ଗୋଦର ରୋଗ ୨. କନ୍ଥା ।

**ଗୋଦଡା** ***ବିଂ.*** ୧. ଗୋଦରା ୨. ସ୍ଥୂଳ, ଗଦଡା ୩. ବଧିରା, ଡାବଦା ୪. ଗମ୍ଭୀର ଶବ୍ଦ ଯୁକ୍ତ ।

**ଗୋଦର** ***ବି.*** ବାତଜ୍ୱର ବା ଫାଇଲେରିଆ ଯୋଗୁଁ ପାଦର ମାଂସବୃଦ୍ଧି, ଶ୍ଲୀପଦ, ହାତ ବା କୋଷବୃଦ୍ଧି ରୋଗ ।

**ଗୋଦରା** ***ବିଂ.*** ୧. ପାଦଫୁଲା ରୋଗ ପୀଡ଼ିତ (ବ୍ୟକ୍ତି), ସ୍ତ୍ରୀ. ଗୋଦରୀ ; ***ବି.*** ଟୋକେଇ, ବାଉଁଶିଆ ଆଦି ତିଆରି କରୁଥିବା ଜାତି ବିଶେଷ ।

**ଗୋଦରି** ***ବି.*** ପାଟକ ଜାତି ବିଶେଷ ।

**ଗୋଦସ୍ତା** ***ବି.*** ଗତବର୍ଷ; ***ବିଂ.*** ଗତବର୍ଷ ସମ୍ବନ୍ଧୀୟ ।

**ଗୋଦା** ***ବି.*** ୧. ଦାଣ୍ଡି, ବନ୍ୟଜନ୍ତୁମାନେ ଜଳାଶୟକୁ ଯିବା ବାଟ ୨. ଗଳିବାଟ, ଚଲାରାସ୍ତା ।

**ଗୋଦାନ** ***ବି.*** ଗୋରୁ ଦାନକରିବା କର୍ମ ।

**ଗୋଦାମ** ***ବି.*** ୧. ଗଞ୍ଜ, ପଣ୍ୟଦ୍ରବ୍ୟ ସଞ୍ଚୟର ସ୍ଥାନ, ଗୋଡାଉନ୍, ମାଲଗୋଦାମ ୨. ଭଣ୍ଡାର, ଗନ୍ତାଘର ।

**ଗୋଦାମ ରଦି** ***ବିଂ.*** ୧. ଗୋଦାମ ଘରେ ବହୁ ଦିନ ରହି ପ୍ରାୟ ନଷ୍ଟ ହୋଇଯାଇଥିବା ଜିନିଷ ୨. ସର୍ବନିକୃଷ୍ଟ ଓ ଅଦରକାରୀ (ମାଲ) ୩. ଅକର୍ମଣ୍ୟ (ବ୍ୟକ୍ତି) ।

**ଗୋଦୁଗ୍ଧ** ***ବି.*** ଗାଇଦୁଧ, ଗୁରସ୍ ।

**ଗୋଦୋହନ** ***ବି.*** ୧. ଗାଇଦୁହାଁ ୨. ଗାଇ ଦୁହାଁ ହେବାର ନିର୍ଦ୍ଦିଷ୍ଟ ସମୟ ।

**ଗୋଧଡ଼ି** ***ବି.*** ୧. କନ୍ଥାରେ ପ୍ରସ୍ତୁତ ପରିଧାନ, ଆସ୍ତରଣ ୨. ମୁଣା, ଭିକ୍ଷାଝୁଲି ୩. କନ୍ଥାଧାରୀ ବୈରାଗୀ ୪. ଭିକ୍ଷୁକ ।

**ଗୋଧନ** ***ବି.*** ୧. ଗୋସମ୍ପତ୍ତି, ଗୋରୁ ରୂପକ ଧନ ୨. ଗୋରୁପଲ, ଗୋସମୂହ ।

**ଗୋଧରା** ***ବିଂ.*** ୧. ଗୋଦଡ଼ା, ମୋଟା ୨. ଅକର୍ମଣ୍ୟ (ବ୍ୟକ୍ତି) ।

**ଗୋଧା** ***ବି.*** ୧. ଗୋଧି ୨. କୁମ୍ଭୀର ୩. ଧନୁ ତୀର ମାରିଲା ବେଳେ ବାଁ ହାତରେ ପିନ୍ଧାଯାଉଥିବା ଚମଡ଼ାର ଆବରଣ ୪. ଜନ୍ତୁର ଅନ୍ତରେ ନିର୍ମିତ ଦଉଡ଼ି ।

**ଗୋଧି** ***ବି.*** ୧. ଏକ ପ୍ରକାର ପାଉଁଶିଆ ରଙ୍ଗର ଚତୁଷ୍ପଦ ସରୀସୃପ- ଏହାର ଚମଡ଼ାରେ ଜୋତା, ଖଞ୍ଜଣିର ଖୋଳ ଆଦି ତିଆରି ହୁଏ ୨. ଗୋମୁହାଁ କୁମ୍ଭୀର ।

**ଗୋଧିଚିଙ୍ଗୁଡ଼ି** ***ବି.*** ଏକ ପ୍ରକାର ଚିଙ୍ଗୁଡ଼ିମାଛ ।

**ଗୋଧୂଳି** ***ବି.*** ୧. ଗୋରୁ ବାହୁଡ଼ିବା ବେଳ, ସୂର୍ଯ୍ୟାସ୍ତ ସମୟ ୨. ଗୋରୁ ଖୁରାଦ୍ୱାରା ଉଡୁଥିବା ଧୂଳି ।

**ଗୋନାସିକା** ***ବି.*** ୧. ଗୋରୁର ଥୋମଣି, ଗୋନାସା ୨. ବୈତରଣୀର ଉତ୍ପତ୍ତିସ୍ଥଳ ୩. କେନ୍ଦୁଝର ଜିଲ୍ଲାର ପ୍ରସିଦ୍ଧ ପର୍ବତ ।

**ଗୋନ୍ଦ୍‌ଦାନି** ***ବି.*** ଅଠା ରଖାଯିବା ପାତ୍ର ।

**ଗୋନ୍ଦ** ***ବି.*** ବବୁର ପ୍ରଭୃତି ଗଛରୁ ନିର୍ଗତ ଅଠା ।

**ଗୋପ୍** ***ବି.*** ୧. ଗୋରୁ ଜଗୁଆଳ, ଗଉଡ଼ ଜାତି ୨. ଗ୍ରାମରକ୍ଷୀ ୩. ଗୋପପୁର, ଗୋପନଗରୀ, ବୃନ୍ଦାବନ ୪. ଦଉଡ଼ି ପରି ବଳା ହୋଇଥିବା ସୁନାନିର୍ମିତ ହାର ।

**ଗୋପଗୋଈ** ***ବି.*** ୧. ଗୋପାଙ୍ଗନା, ଗୋପୀ ୨. ଗଉଡୁଣୀ ।

**ଗୋପତ** ***ବିଂ.*** ଗୁପ୍ତ, ଲୁକ୍କାୟିତ, ଅଦୃଶ୍ୟ ; ***ବି.*** ଗୋପନ ।

**ଗୋପତମାରୁ** ***ବିଂ.*** ୧. ଗୁପ୍ତହନ୍ତା, ବିଶ୍ୱାସଘାତକ ୨. ରହସ୍ୟ ଭେଦକାରୀ ।

**ଗୋପତା** ***ବି.*** ରକ୍ଷକ, ପାଳନକର୍ତ୍ତା ।

**ଗୋପନ** ***ବି.*** ଗୁପ୍ତକଥା ଲୁଚାଇବା ।

**ଗୋପନ କରିବା** ***କ୍ରି.*** ଲୁଚାଇବା ।

**ଗୋପନୀୟ** ***ବିଂ.*** ୧. ଗୁପ୍ତ ୨. ଲୁକ୍କାୟିତ ୩. ଘରୋଇ ୪. ରହସ୍ୟମୟ, ଅପ୍ରକାଶ୍ୟ ।

**ଗୋପପୁରିଆ** ***ବିଂ.*** ୧. ଗୋପପୁରନିବାସୀ ୨. ଓଡ଼ିଶାର ଏକ ଶ୍ରେଣୀର ଗଉଡ଼ ।

**ଗୋପବଧୂ** ***ବି.*** ଗୋପାଙ୍ଗନା, ଗୋପନାରୀ, ଗୋପୀ, ଗୋପ ସ୍ତ୍ରୀ ।

**ଗୋପବାଜା** ***ବି.*** ନାଗରା ବାଜା ।

**ଗୋପଲୀଳା** ***ବି.*** ଶ୍ରୀକୃଷ୍ଣ ଗୋପପୁରରେ ଥିବା ବେଳେ କରିଥିବା ବିଚିତ୍ର ଓ ଅଲୌକିକ କ୍ରୀଡ଼ାକୌତୁକ ।

**ଗୋ-ପାଗୁଳି** ***ବି.*** ପାକୁଳି, ଗୋରୁମାନଙ୍କ ରୋମନ୍ଥନ ।

**ଗୋପାଙ୍ଗନା** ***ବି.*** ୧. ଗୋପୀ, ଗୋପନାରୀ ୨. ଗଉଡୁଣୀ ।

**ଗୋପାଳନ** ***ବି.*** ଗୋରୁ ରଖିବା, ଗୋରୁସେବା ।

**ଗୋପାଳବଲ୍ଲଭ** ***ବି.*** ୧. ଶ୍ରୀ ଜଗନ୍ନାଥଙ୍କର ଶୁଖୁଲି ଭୋଗ ବିଶେଷ ୨. ଏକ ପ୍ରକାର ଲମ୍ବା କଦଳୀ ।

**ଗୋପାଳବୈଷ୍ଣବ** ***ବି.*** ସିଦ୍ଧ ଅଚ୍ୟୁତାନନ୍ଦପନ୍ଥୀ ଗୃହୀ ବୈଷ୍ଣବ ।

**ଗୋପାଳଭୋଗ** ***ବି.*** ୧. ବିଷ୍ଣୁଙ୍କର ମିଷ୍ଟାନ୍ନ ନୈବେଦ୍ୟବିଶେଷ ୨. ଏକପ୍ରକାର ଉତ୍କୃଷ୍ଟ ଧାନ ୩. ଏକ ପ୍ରକାର ଆମ୍ବ ୪. ଏକ ପ୍ରକାର କଦଳୀ ।

**ଗୋପାଳି** ***ବି.*** ୧. ବଳଦଙ୍କ ଖୁରାରେ ଦରମଳା ନଡା ବା କୁଟା ୨. ମାଡ଼, ପାହାର ।

**ଗୋପାଳିଆ** ***ବିଂ.*** ଅଡୁଆତଡୁଆ, ଗୋଳିଆ ।

**ଗୋପାଳୁଣୀ,ଗୋପୀ** ***ବି.*** ଗୋପନାରୀ, ଗଉଡୁଣୀ, ଆଭୀର କନ୍ୟା ।

**ଗୋପିତ୍ତ** ***ବି.*** ଗୋରଚନା ।

**ଗୋପିଯନ୍ତ୍ର** ***ବି.*** ଏକତାରା, ଏକତାର ବିଶିଷ୍ଟ ବାଦ୍ୟଯନ୍ତ୍ର ।

**ଗୋପୀଚନ୍ଦନ** ***ବି.*** ସୌରାଷ୍ଟ୍ର ଦେଶର ଏକ ପ୍ରକାର ଈଷତ୍ ହଳଦୀ ରଙ୍ଗର ମାଟି ।

**ଗୋପୁଚ୍ଛ** ***ବି.*** ୧. ଗୋରୁ ଲାଙ୍ଗୁଳ ୨. ଏକ ପ୍ରକାର ହାର ।

**ଗୋପୁର** ***ବି.*** ୧. ନଗରର ପ୍ରବେଶ ଦ୍ୱାର ୨. ତୋରଣ ୩. ଦାକ୍ଷିଣାତ୍ୟ ମନ୍ଦିରର ଶିଖର ।

**ଗୋପ୍ତା** ***ବିଂ.*** ରକ୍ଷଣକାରୀ, ତ୍ରାଣକର୍ତ୍ତା; ***ବି.*** ନେତା, ଅଧ୍ୟକ୍ଷ ।

**ଗୋପ୍ୟ** ***ବିଂ.*** ୧. ରକ୍ଷଣୀୟ ୨. ପାଳନୀୟ, ୩. ଲୁଚାଇବା ଯୋଗ୍ୟ, ଗୋପନୀୟ ।

**ଗୋପ୍ୟ କରିବା** ***କ୍ରି.*** ଲୁଚାଇବା ।

**ଗୋପ୍ୟାନ** ***ବି.*** ଗୋପନ ।

**ଗୋ-ପ୍ରଜନନ** ***ବି.*** ଗୋ-ବତ୍ସା ଉତ୍ପାଦନ, ବାଛୁରୀ ଜନ୍ମାଇବା ।

**ଗୋବ** ***ବି.*** ୧. ଗୋବା, ଛଡିଥିବା କଣ୍ଟା ୨. କବାଟ ଆଦିରେ ମରାଯିବା ଆବୁ ଆବୁଆ ଫୁଲୁକା ଚକତି ୩. ବାଡ଼ି ବା ଲାଠିର ଅଗ ଠେସି କରାଯିବା ମାଡ଼, କୁନ୍ଦାମାଡ଼ ୪. ବାଡ଼ି ବା ବନ୍ଧୁକର ମୂଳଅଂଶ ୫. ଘୁଷି, ହାତ ମୁଠାରେ ଗେଞ୍ଜାମାଡ଼ ୬. ମୋହର ଛାପ ।

**ଗୋବ କାଢ଼ିବା** ***କ୍ରି.*** ରୁଷିବା, ମୁହଁ ଫୁଲାଇବା ।

**ଗୋବଛା** ***ବି.*** ଗୋବତ୍ସା, ବାଛୁରୀ ।

**ଗୋବଧ** ***ବି.*** ଗୋହତ୍ୟା ।

**ଗୋବର** ***ବି.*** ୧. ଗୋରୁର ମଳ ବା ବିଷ୍ଠା, ଗୋମୟ ୨. ଅତି ଅସାର ବସ୍ତୁ, ଖତ ବିଶେଷ ।

**ଗୋବରକଇଁ** ***ବି.*** ନୀଳକଇଁ ।

**ଗୋବରଖାତ** ***ବି.*** ନିର୍ଦ୍ଦିଷ୍ଟ ଗାତ ବା ଖାଲରେ ଖତପାଇଁ ଜମାକରି ରଖାଯାଉଥିବା ଗୋବର ।

**ଗୋବରଗଣେଶ** ***ବି.*** ମୋଟା ଅଥଚ ଅକର୍ମଣ୍ୟ ।

**ଗୋବରଗଦା** ***ବି.*** ଗଦାହୋଇ ରହିଥିବା ଗୋବର ।

**ଗୋବରପାଣି** ***ବି.*** ଘର ଲିପିବା ଓ ଅଗଣା ଆଦିରେ ଛିଞ୍ଚିବା ପାଇଁ ଗୋବରମିଶା ପାଣି – ଯାହାକୁ ଛିଞ୍ଚିଦେଲେ ସ୍ଥାନ ପବିତ୍ର ହୁଏ ବୋଲି ଲୋକଙ୍କ ବିଶ୍ୱାସ ।

**ଗୋବର ପୋକ** ***ବି.*** ବାସିଗୋବରରେ ଜନ୍ମୁଥିବା କୃମି କୀଟ; ଅଂଶାଇ ।

**ଗୋବର ଲେସିବା** ***କ୍ରି.*** ୧. ଗୋବର ଲଗାଇବା ୨. ଫାଟକୁ ଗୋବର ବୋଳି ବନ୍ଦ କରିବା ୩. କୌଣସି କାର୍ଯ୍ୟର ଅସ୍ଥାୟୀ ପ୍ରତିକାର କରିବା ।

**ଗୋବରା** ***ବିଂ.*** ୧. ଗୋବର ପରି ଫିକା କଳାରଙ୍ଗବିଶିଷ୍ଟ ୨. ଖତରା ।

**ଗୋବରା ଗୋବରି କରିବା** ***କ୍ରି.*** କୌଣସି କାମକୁ ଅସୁନ୍ଦର ଭାବେ କରିବା ।

**ଗୋବରା ଚଢ଼େଇ** ***ବି.*** ବଣି ବା ବୁଲ୍‌ବୁଲ୍ ଜାତୀୟ ଏକ ପ୍ରକାର ଚଢ଼େଇ ।

**ଗୋବରିବା** ***କ୍ରି.*** ଗର୍ଭପାତ କରିବା, ଗଭୁରିବା (ଗାଈ) ।

**ଗୋବର୍ଦ୍ଧନ ଝଟା** ***ବି.*** ଗୁଆଁର ଛୁଇଁ ।

**ଗୋବା** ***ବି.*** ଗୋବ ।

**ଗୋବାଏ** ***ବିଂ.*** ଅତି ଅଳ୍ପ ପରିମାଣର (ଭୂମି) ।

**ଗୋବିନ୍ଦ ଦ୍ୱାଦଶୀ** ***ବି.*** ପୁଷ୍ୟା ନକ୍ଷତ୍ରଯୁକ୍ତ ଫାଲ୍‌ଗୁନ ଶୁକ୍ଳ ଦ୍ୱାଦଶୀ– ଏହି ତିଥିରେ ଲୋକେ ତୀର୍ଥରେ ସ୍ନାନ କରନ୍ତି ।

**ଗୋବିବା** ***କ୍ରି.*** ଗେବିବା, ବାଡ଼ିର ମୁଣ୍ଡିଦ୍ୱାରା କୁନ୍ଦିକରି ବାଡ଼େଇବା, ଖୋବିବା ।

**ଗୋବୀଜ** ***ବି.*** ଗୋବସନ୍ତ ଘାଆରୁ ନିର୍ଗତ ପୂଜ ।

**ଗୋବୀଜ ଟୀକା** ***ବି.*** ବସନ୍ତ ରୋଗର ପ୍ରତିଷେଧକ ଟୀକା ।

**ଗୋବ୍ରାହ୍ମଣ** ***ବି.*** ଗୋରୁ ଓ ବ୍ରାହ୍ମଣ – ହିନ୍ଦୁଶାସ୍ତ୍ର ଅନୁସାରେ ପୂଜ୍ୟ ।

**ଗୋମଡ଼କ** ***ବି.*** ଅଜଣା ରୋଗରେ ପଡ଼ି ଗାଇଗୋରୁ ହଠାତ୍ ବହୁ ସଂଖ୍ୟାରେ ମରିଯିବା ।

**ଗୋମୟ** ***ବି.*** ୧. ଗୋବର, ଗୋମଳ ୨. ଘସି ।

**ଗୋମାଂସ** ***ବି.*** ଗୋରୁମାଂସ ।

**ଗୋମାଗୋମା** ***ବିଂ.*** ଆବୁଆବୁଆ ।

**ଗୋମାତା** ***ବି.*** ୧. ମାଆ ଭଳି ସମ୍ମାନନୀୟା ଗାଇ ୨. ସୁରଭି ଧେନୁ ।

**ଗୋମାସ୍ତା** ***ବି.*** ଗୁମାସ୍ତା, ଗୋମସ୍ତା, ମୋହରିର ।

**ଗୋମୁଖ** ***ବି.*** ୧. ଗୋରୁର ମୁହଁ ୨. ଗୋରୁମୁହଁ ଭଳି ତୂରୀ ୩. ଗୋମୁଖୀ, ଜପାମାଳା କୋଥଳି ୪. ଗୋମୁହାଁ କୁମ୍ଭୀର ୫. ଏକ ପ୍ରକାର ଆସନଭଙ୍ଗୀ ୬. ଚୋରଙ୍କ ସିନ୍ଧିଗାତ ୭. ଗୋମୁଖ ଆକୃତିବିଶିଷ୍ଟ ଅଭିଷେକ ପାତ୍ର ।

**ଗୋମୂତ୍ର** ***ବି.*** ଗୋରୁମୂତ ।

**ଗୋମୂତ୍ରଛନ୍ଦ** ***ବି.*** ଏକତମ ଶାସ୍ତ୍ରୀୟ କାବ୍ୟଛନ୍ଦ ।

**ଗୋମେଦ** ***ବି.*** ବୈଦୂର୍ଯ୍ୟମଣି, ରକ୍ତପୀତବର୍ଣ୍ଣ ମଣି ।

**ଗୋମେଧ** ***ବି.*** ଗୋରୁବଳି ଦିଆଯାଉଥିବା ଯାଗଯଜ୍ଞ, ଗୋଯଜ୍ଞ ।

**ଗୋଯାନ** ***ବି.*** ଗୋରୁଗାଡ଼ି, ଶଗଡ଼ଗାଡ଼ି ।

**ଗୋର୍‌ଲାବା** ***କ୍ରି.*** ବାଡ଼ଦେବା, ଘେରିବା।

**ଗୋର** ***ବି.*** କବର ସମାଧି ।

**ଗୋରଖା** ***ବି.*** ଗୁର୍ଖା ।

**ଗୋରଖାନା** ***ବି.*** ଶବକୁ ପୋତି ଦିଆଯାଉଥିବା ସ୍ଥାନ, କବରଖାନା ।

**ଗୋରଚନା** ***ବି.*** ଗୋରୋଚନା, ଗୋରୁ ମୁଣ୍ଡରୁ ବା ପିତ୍ତାଶୟରୁ ବାହାରି ଥିବା ହଳଦିଆ ଶୁଖିଲା ଟାଣ ପିତ୍ତ- ଏହାକୁ ଘୋରି ତିଳକ କରାଯାଏ ।

**ଗୋରଡା** ***ବି.*** ୧. ଗୋରୁଖୁଆଡ଼ ୨. ବାଡଦିଆ ବଗିଚା, ବାଡ଼ ୩. ମକଦ୍ଦମା ବିଚାର ବେଳେ ଆସାମୀ ଠିଆହେବା ଘେରଜାଗା ।

**ଗୋର ଦେବା** ***କ୍ରି.*** ଶବକୁ ମାଟିରେ ପୋତିବା, କବରକରିବା ।

**ଗୋରକ୍ଷକ** ***ବି.*** ୧. ଗୋରୁ ଜଗୁଆଳ ୨. ଗଉଡ଼, ଗୋରୁ ପାଳନକାରୀ ।

**ଗୋରକ୍ଷଣ** ***ବି.*** ୧. ଗୋରୁ ଜଗିବା ୨. ଗୋପାଳନ ।

**ଗୋରା** ***ବିଂ.*** ୧. ଗୌରବର୍ଣ୍ଣ ବିଶିଷ୍ଟ ୨. ଉଜ୍ଜ୍ୱଳ, ତୋଫା; ***ବି.*** ୧. ଇଉରୋପର ଅଧିବାସୀ, ଫିରିଙ୍ଗୀ, ଶ୍ୱେତକାୟ ବ୍ୟକ୍ତି ୨. ଶ୍ରୀଚୈତନ୍ୟ, ଗୌରାଙ୍ଗ ମହାପ୍ରଭୁ ।

**ଗୋରା କବର** ***ବି.*** ୟୁରୋପୀୟ ବା ବ୍ରିଟିଶ ଲୋକଙ୍କର କବରଖାନା ।

**ଗୋରାପ** ***ବି.*** ତିନି ମାସ୍ତୁଲବାଲା ପାଲଟଣା ବଡ଼ ଜଳଜାହାଜ ।

**ଗୋରା ପଲଟଣ** ***ବି.*** ୟୁରୋପୀୟ ସୈନ୍ୟ ।

**ଗୋରିଆ** ***ବିଂ.*** ଗେରୁଆ, ଈଷତ୍‌ନାଲି ।

**ଗୋରୀ** ***ବିଂ.*** ଗୌରବର୍ଣ୍ଣା ସୁନ୍ଦରୀ ନାରୀ ; ***ବି.*** ୧. ଗୌରୀ, ପାର୍ବତୀ ୨. ନାୟକନାୟିକାଙ୍କ ସଖୀ ।

**ଗୋରୁଖିଆ** ***ବିଂ.*** ୧. ଗୋମାଂସ ଭକ୍ଷଣକାରୀ ୨. ଗୋରୁ ଖାଇଥିବା ; ***ବି.*** କଇଞ୍ଚିକାକୁଡ଼ି ଲତା ବିଶେଷ ।

**ଗୋରୁଗାଡ଼ି** ***ବି.*** ବଳଦଟଣା ଶଗଡ଼ଗାଡ଼ି ।

**ଗୋରୁଗାଧୁଆ** ***ବି.*** ଦୋଳପୂର୍ଣ୍ଣିମୀର ପୂର୍ବଦିନ ଗଉଡମାନଙ୍କର ଗୋରୁ ଗାଧୋଇବା ପର୍ବ ।

**ଗୋରୁଚା** ***ବି.*** ଗୋଚାରଣ ।

**ଗୋରୁଚିନ୍ନା** ***ବି.*** ଗୋରଚନା- ଟିକା ବା ତିଳକପାଇଁ ବ୍ୟବହୃତ ଗୋରୁର ପିତ୍ତ ।

**ଗୋରୁ ଢୁକା ବେଳ** ***ବି.*** ଗୋ ବାହୁଡାବେଳ, ଗୋଧୂଳିସମୟ, ସୂର୍ଯ୍ୟାସ୍ତର ଠିକ୍ ପୂର୍ବସମୟ ।

**ଗୋରୁ ଧରଣା** ***ବି.*** ଗୋରୁ ଯିବା ଆସିବା ବାଟ, ଗୋଦଣ୍ଡା ।

**ଗୋରୁମାହାର** ***ବି.*** ଗୋରୁଜଗୁଆଳ ।

**ଗୋରୁ ମୋହିଁବା** ***କ୍ରି.*** ଗୋରୁଙ୍କୁ କୁଳୁଚି, ତୋରାଣି, ଦାନା ଆଦି ଖୁଆଇବା ।

**ଗୋରୁ ଲାଙ୍ଗୁଡ଼ ଛୁଇଁବା** ***କ୍ରି.*** ଗାଇ ଲାଙ୍ଗୁଡ଼ ଛୁଇଁ ଶପଥ ନେବା ବା ହଲପ୍ କରିବା ।

**ଗୋରୁ ଲାଙ୍ଗୁଡରେ ପାରି ହୋଇଯିବା** ***କ୍ରି.*** ୧. ଗୋରୁ ଲାଙ୍ଗୁଡ଼ ଧରି ପାଣି ଭର୍ତ୍ତି ନଇ ପାରିହେବା ୨. ଧର୍ମବଳରେ ସଙ୍କଟରୁ ଉଦ୍ଧୁରିବା ।

**ଗୋଳ** ***ବି.*** ୧. ଗୋଳମାଳ, କୋଳାହଳ, କଳହ ୨. ଆର୍ଦ୍ଦୋଳି, ଉଚ୍ଚସ୍ୱରରେ ଅଳି ବା ପ୍ରାର୍ଥନା ୩. ଅସ୍ତବ୍ୟସ୍ତତା ୪. ମେଳି, ଉପଦ୍ରବ, ରାଜଦ୍ରୋହ ୫. ଜନଗହଳି ୬. ଅରାଜକତା ୭. ତୀବ୍ର ଆନ୍ଦୋଳନ ।

**ଗୋଳ କରିବା** ***କ୍ରି.*** ୧. କଳି କରିବା, ଗୋଳମାଳ କରିବା ୨. ବ୍ୟତିବ୍ୟସ୍ତ କରିବା ୩. ସବୁ ମିଶାଇ ଦେବା, ଘାଣ୍ଟିଚକଟି ଦେବା ୪. ପାଟିତୁଣ୍ଡ କରିବା ।

**ଗୋଳକୁଣ୍ଡା** ***ବି.*** ୧. ଏକ ପ୍ରକାର ଶିମ୍ବ ବା ଝଟା ୨. ବିଶୃଙ୍ଖଳିତ ପରିମଣ୍ଡଳ ।

**ଗୋଳଘାଣ୍ଟ** ***ବି.*** ଘଣ୍ଟାଚକଟା, ଅସ୍ତବ୍ୟସ୍ତ, ଲେଉଟପାଲଟ ; ***ବିଂ.*** ଅବ୍ୟବସ୍ଥିତ ।

**ଗୋଳନ୍ଦାଜ** ***ବି.*** କମାଣବାହିନୀ, ଗୋଳା ନିକ୍ଷେପକାରୀ ସୈନ୍ୟ ।

**ଗୋଳ ବାନ୍ଧିବା** ***କ୍ରି.*** ମେଳିକରିବା, ଏକାଠି ପ୍ରତିବାଦ କରିବା ।

**ଗୋଳବିଦ୍ୟା** ***ବି.*** ଜ୍ୟୋତିଷ ଶାସ୍ତ୍ରୋକ୍ତ ପୃଥିବୀର ଆକାର, ବିସ୍ତୃତି ଓ ଋତୁ ପରିବର୍ତ୍ତନ ସମ୍ପର୍କିତ ଜ୍ଞାନ ।

**ଗୋଳମାଳ** ***ବି.*** ୧. ଗଣ୍ଡଗୋଳ, ହୋହଲ୍ଲା ୨. ବିଭ୍ରାଟ ୩. ବିଷମ ସଙ୍କଟ, ଉତ୍କଟ ପରିସ୍ଥିତି ୪. ଘୋଘା ଶବ୍ଦ ।

**ଗୋଳଯନ୍ତ୍ର** ***ବି.*** ଗଣିତ ଜ୍ୟୋତିଷରେ ଗ୍ରହନକ୍ଷତ୍ରମାନଙ୍କର ଗତିବିଧି ଜ୍ଞାପକ ଯନ୍ତ୍ର ବିଶେଷ ।

**ଗୋଳଯୁଦ୍ଧ** ***ବି.*** ବିଶୃଙ୍ଖଳିତ ସମର, ଭେଟାଭେଟି ଯୁଦ୍ଧ ।

**ଗୋଳା** ***ବି.*** ୧. ଘଣ୍ଟା ହୋଇଥିବା, ଘୋରା ହୋଇଥିବା ୨. ତରଳ, ପାଣିଆ ; ***ବିଂ.*** ମଳିଆ (ପାଣି), ଗୋଳିଆ ।

**ଗୋଳାଇ ପୋଳାଇ ହେବା** ***କ୍ରି.*** ୧. ଘାଣ୍ଟିହେବା(ମନ) ୨. ଅନୁତାପ କରିବା ୩. ମିଶ୍ରିତ ହେବା ।

**ଗୋଳାଇବା, ଗୋଳିବା** ***କ୍ରି.*** ୧. ଭଲ ଭାବେ ମିଶାଇବା ୨. ଘାଣ୍ଟିବା, ଆଲୋଡନ କରିବା ୩. ଦୁର୍ଗନ୍ଧ ବାୟୁ ତ୍ୟାଗ କରିବା ୪. କୌଣସି ବାରଣ ନ ରଖିବା ।

**ଗୋଳାଗୁଳି** ***ବି.*** ୧. ବନ୍ଧୁକ ଓ ତୋପ ଫୁଟାଇବାର ରସଦ ୨. ଘଣ୍ଟାଚକଟା, ଗୋଳିଆ ମିଶା ; ***ବିଂ.*** ଏକାଠି ମିଶାଯାଇଥିବା ।

**ଗୋଳାଘଣ୍ଟା** ***ବିଂ.*** ଗୋଳିଆମିଶା, ଘଣ୍ଟା ଚକଟା ।

**ଗୋଳିଆ** ***ବିଂ.*** ୧. ମଳିଆ, ଆବିଳ ୨. ଯେ ଖେଳରେ ଗୋଳାଏ ବା ଫାଙ୍କେ ୩. ଯେ ଘଣ୍ଟାଘଣ୍ଟି କରେ ୪. କପଟୀ ୫. ଯେ ଦୁର୍ଗନ୍ଧ ବାୟୁ ତ୍ୟାଗ କରେ ।

**ଗୋଳିଆଗୋଳି** ***ବି.*** ଘାଣ୍ଟ, ବ୍ୟଞ୍ଜନ ; ***ବିଂ.*** ଭଲ ମନ୍ଦ ମିଶା, ଅସ୍ତବ୍ୟସ୍ତ, ଅନିଶ୍ଚିତ, ଘଣ୍ଟା ହୋଇଥିବା ।

**ଗୋଳିଘାଣ୍ଟି ହେବା** ***କ୍ରି.*** ୧. ମନ ଉଦ୍‌ବିଗ୍ନ ହେବା ୨. ବ୍ୟତିବ୍ୟସ୍ତ ହେବା ୩. ଚକଟି ହେବା ( ପେଟ ରୋଗ ) ।

**ଗୋଲ୍** ***ବି.*** ୧. ଗୋଲାକାର ବସ୍ତୁ ୨. ଲକ୍ଷ୍ୟ, ଉଦ୍ଦେଶ୍ୟ ୩. ଫୁଟବଲ ଖେଳ ପଡ଼ିଆରେ ଦୁଇ ସୀମାରେ ଥିବା ଖୁଣ୍ଟି, ଗୋଲ୍‌ପୋଷ୍ଟ ।

**ଗୋଲ୍ କରିବା** ***କ୍ରି.*** ୧. ଧମକାଇବା ୨. ଫୁଟ୍‌ବଲ୍ ଖେଳରେ ବିପକ୍ଷ ଜଗିଥିବା ଗୋଲ ପୋଷ୍ଟ ଭିତରେ ବଲ୍ ପ୍ରବେଶ କରାଇବା, ଗୋଲ୍ ଦେବା, ଗୋଲ୍ ମାରିବା ୩. ଭଣ୍ଡୁର କରିଦେବା, ଏପଟ ସେପଟ କରିବା ୪. ଆତ୍ମସାତ କରିଦେବା ।

**ଗୋଲ୍‌କିପର୍** ***ବି.*** ଗୋଲ୍‌ପୋଷ୍ଟ ଜଗୁଥିବା ଫୁଟବଲ ଖେଳାଳୀ ।

**ଗୋଲ୍‌ଗାଲ୍** ***ବିଂ.*** ମୋଟାସୋଟା, ସ୍ୱାସ୍ଥ୍ୟବାନ୍ ।

**ଗୋଲ୍‌ଗୋଲା** ***ବି.*** ଗୁଲ୍‌ଗୁଲା, ଦୁଃଖୀପ୍ରତି ସମବେଦନା, କାତର ଭାବ ।

**ଗୋଲ୍‌ଡ୍** ***ବି.*** ସୁନା ।

**ଗୋଲ୍‌ଡେନ୍** ***ବିଂ.*** ୧. ସ୍ୱର୍ଣ୍ଣିମ, ସୁନାଭଳିଆ, ସ୍ୱର୍ଣ୍ଣମୟ ୨. ଅନୁକୂଳ, ଉପଯୁକ୍ତ ।

**ଗୋଲ୍‌ଡେନ୍ ଜୁବିଲି** ***ବି.*** କୌଣସି ଅନୁଷ୍ଠାନ ସଂଗଠନାର ପଚାଶ ବର୍ଷ ପୂର୍ତ୍ତିର ଉତ୍ସବ ।

**ଗୋଲ ଆଳୁ** ***ବି.*** ୧. ବିଲାତି ଆଳୁ ୨. ପରୀକ୍ଷାପତ୍ର ମୂଲ୍ୟାୟନରେ ଶୂନ୍ ଅଙ୍କ ।

**ଗୋଲକ** ***ବି.*** ବର୍ତ୍ତୁଳ ବସ୍ତୁ, ଗ୍ଲୋବ୍ ।

**ଗୋଲକଧନ୍ଦା** ***ବି.*** ବିଷମ ସମସ୍ୟା, କୌଣସି ବାଟ ଦିଶୁ ନ ଥିବା ପରିସ୍ଥିତି ।

**ଗୋଲକପୁତ୍ର** ***ବି.*** ୧. ଜାରଜ ସନ୍ତାନ ୨. ବିଧବାର ସନ୍ତାନ ।

**ଗୋଲକଲମ** ***ବି.*** ରୂପା ଓ ପିତ୍ତଳ କାମରେ ବ୍ୟବହୃତ ଏକ ପ୍ରକାର ଛେଣି ।

**ଗୋଲମରିଚ** ***ବି.*** ୧. କଳାମରିଚ ୨. ଗୋଲମରିଚ ଆକୃତି ବିଶିଷ୍ଟ ନାକର ସୁନା ଅଳଙ୍କାର ।

**ଗୋଲା** ***ବି.*** ୧. ଗୋଲାକାର ଛୋଟ ବସ୍ତୁ ୨. ବଟିକା, ଟାବ୍‌ଲେଟ୍ ୩. ବଲ୍ ୪. ପଣ୍ୟଦ୍ରବ୍ୟର ଭଣ୍ଡାରଘର, ପେଣ୍ଠ ୫. କାଠଗୋଲା ୬. ଗ୍ରେନ୍‌ଗୋଲା ।

**ଗୋଲାକାର** ***ବିଂ.*** ବର୍ତ୍ତୁଳ, ଗୋଲିଆ ।

**ଗୋଲାଘର** ***ବି.*** ଶସ୍ୟାଗାର, ଅମାରଘର, ସମବାୟ ସଂସ୍ଥାର ଭଣ୍ଡାର ଘର ।

**ଗୋଲାପ** ***ବି.*** ବିଭିନ୍ନ ରଙ୍ଗର ସୁଗନ୍ଧିତ ଫୁଲ ଓ ତାହାର କଣ୍ଟାଳିଆ ଗୁଳ୍ମ ।

**ଗୋଲାପ ଜଳ** ***ବି.*** ଗୋଲାପ ଫୁଲର ନିର୍ଯାସରେ ପ୍ରସ୍ତୁତ ସୁବାସିତ ଜଳ ।

**ଗୋଲାପଜାମୁ** ***ବି.*** ୧. ଜାମୁଡୋଳ ଗଛ ଓ ତା'ର ଫଳ ୨. ପାନ୍ତୁଆ, ଖୁଆରେ ତିଆରି ଏକପ୍ରକାର ମିଷ୍ଟାନ୍ନ ।

**ଗୋଲାପିନିଶା** ***ବି.*** ମୃଦୁନିଶା, ନିଶାରେ ଆଖି ଗୋଲାପଫୁଲ ପରି ଈଷତ ରକ୍ତବର୍ଣ୍ଣ ହେବା ଅବସ୍ଥା ।

**ଗୋଲାପୀ** ***ବି.*** ୧. ଗୋଲାପଫୁଲ ପରି ବର୍ଣ୍ଣବିଶିଷ୍ଟ ୨. ପାଟଳ ବର୍ଣ୍ଣ, ଈଷତ୍ ଲାଲ୍ ।

**ଗୋଲାମ** ***ବି.*** ୧. ଚାକର, ଭୃତ୍ୟ, ସେବକ ୨. ତାସ୍ ଖେଳରେ ଗୋଲାମ ଚିତ୍ର ଥିବା କାର୍ଡ ୩. ଗଞ୍ଜପା ଖେଳର ଗୋଟିଏ ସାର ।

**ଗୋଲାମଗିରି** ***ବି.*** ଦାସତ୍ୱ, ଗୋଲାମି, ଚାକିରି, ସେବାବୃତ୍ତି ।

**ଗୋଲାମି ଖଟିବା** ***କ୍ରି.*** ସେବା କାମରେ ନିଯୁକ୍ତ ହେବା ।

**ଗୋଲାର୍ଦ୍ଧ** ***ବି.*** ୧. ଅର୍ଦ୍ଧବୃତ୍ତ ୨. ବିଷୁବରେଖାର ଉତ୍ତର ଅଥବା ଦକ୍ଷିଣ ଭାଗ ।

**ଗୋଲାହାଟ** ***ବି.*** ଗୋଲହାଟ, ହୃଦୟରେ ଥିବା ଏକ କାଳ୍ପନିକ ସ୍ଥାନ (ଯୋଗ, ତନ୍ତ୍ର) ।

**ଗୋଲି** ***ବି.*** ୧. ବାଟି, କାଚଗୋଟାଳି ୨. ଅଫିମରେ ତିଆରି ମୋଦକ ବା ଗୁଳି ୩. ଡାବଲପୁଆ ଖେଳରେ ବ୍ୟବହୃତ ଛୋଟ କାଠଖଣ୍ଡ ୪. ବନ୍ଧୁକର ଗୁଳି ।

**ଗୋଲିଆଗୁଲି** ***ବି.*** ଘାଣ୍ଟତିଅଣ, ଗୋଳିଆପୋଳିଆ ତରକାରି ।

**ଗୋଲିଖଟି** ***ବି.*** ୧. ଗୁଲିଖଟି, ବାଜେଗପ ୨. ମାଦକଦ୍ରବ୍ୟ ଖାଇବା ଜାଗା, ମଦଖଟି ।

**ଗୋଲିଖେଳ** ***ବି.*** ବାଟିଖେଳ ।

**ଗୋଲିହା** ***ବି.*** କଜଳପାତି ଚଢ଼େଇ ।

**ଗୋଲେଇ** ***ବି.*** ପରିଧି ।

**ଗୋଲେଇ ଯିବା** ***କ୍ରି.*** ମୋଟାସୋଟା ହେବା ।

**ଗୋଶ୍** ***ବି.*** ଖାଦ୍ୟ ଉପଯୋଗୀ ମାଂସ ।

**ଗୋଶାଳା** ***ବି.*** ଗୋରୁରହିବା ଘର, ଗୁହାଳ ।

**ଗୋଶୃଙ୍ଗ** ***ବି.*** ୧. ଗୋରୁଶିଙ୍ଗ ୨. ଗୋରୁଶିଙ୍ଗରେ ନିର୍ମିତ ଯୁଦ୍ଧବାଦ୍ୟ ୩. ବବୁର ଗଛ ।

**ଗୋଷ୍ଠ** ***ବି.*** ୧. ଗୋରୁପଲ ୨. ଗୋରୁଗୋଠ, ଦଳ ।

**ଗୋଷ୍ଠାଗାର** ***ବି.*** ୧. ସଭାଗୃହ, ସମ୍ମେଳନ କକ୍ଷ ୨. ପଣ୍ୟାଗାର ୩. ଗୋଶାଳା ।

**ଗୋଷ୍ଠିଭୁକ୍ତ** ***ବିଂ.*** ଦଳରେ ଅନ୍ତର୍ଭୁକ୍ତ, ଦଳର ଆଦର୍ଶରେ ବିଶ୍ୱାସକରି ସେଥରେ ସଭ୍ୟ ହେବା ।

**ଗୋଷ୍ଠୀ** ***ବି.*** ୧. ଦଳ ୨. ବହୁ ଲୋକଙ୍କ ମିଳନ ସ୍ଥାନ, ସଭାଗୃହ ୩. ପରିବାରବର୍ଗ, ଜ୍ଞାତିକୁଟୁମ୍ବ ୪. ଜାତି, ବଂଶ, କୁଳ ।

**ଗୋଷ୍ଠୀଗତ** ***ବିଂ.*** ଦଳଗତ, ସାମୂହିକ ।

**ଗୋଷ୍ଠୀବାଦ** ***ବି.*** ୧. ସମାଜର ବିଭିନ୍ନ ଗୋଷ୍ଠୀ ଭିତରେ ଅନ୍ତର୍ବିବାଦ ୨. ଗୋଷ୍ଠୀ ଭିତରେ ରହି ଭିନ୍ନ ଦଳ ଗଠନରେ ପ୍ରୟାସ ।

**ଗୋଷ୍ପଦ** ***ବି.*** ୧. ଗୋରୁର ଖୋଜଚିହ୍ନ, ପାଦଚିହ୍ନ ୨. ଗୋରୁର ଖୁରାଦ୍ୱାରା ମାଟିରେ ଖୋଳି ହୋଇଯାଇଥିବା ଗାତ ୩. କ୍ଷୁଦ୍ର ଜଳାଧାର ୪. ପ୍ରଭାସ ତୀର୍ଥ ଅନ୍ତର୍ଗତ ତୀର୍ଥ ବିଶେଷ ।

**ଗୋସ** ***ବି.*** ଗୁଗ୍‌ଗୁଳ ।

**ଗୋସବାପ** ***ବି.*** ଗୋସେଇଁ ବାପ, ପିତାମହ, ବାପାଙ୍କର ବାପା, ବୁଢ଼ାଦାଦା, (ସ୍ତ୍ରୀ.) ଗୋସମାଆ ।

**ଗୋସାଇଁ** ***ବି.*** ୧. ଗୋସ୍ୱାମୀ, ପ୍ରଭୁ, ସ୍ୱାମୀ ୨. ମାଲିକ ୩. ବ୍ରାହ୍ମଣ ୪. ଈଶ୍ୱର, ଠାକୁର ୫. ମହାଶୟ (ମାନ୍ୟାର୍ଥେ) ୬. ବୈରାଗୀ ।

**ଗୋସାଇଁଖିଆ** ***ବିଂ.*** ଗୋସେଇଁଖିଆ. ଯେ ନିଜ ସ୍ୱାମୀ ବା ମାଲିକର ବିନାଶର କାରଣ ହୁଏ ।

**ଗୋସାଇଁଶଶୁର** ***ବି.*** ଶ୍ୱଶୁରଙ୍କ ପିତା ବା ପିତାମହ ।

**ଗୋସାଇଁଶାଶୁ** ***ବି.*** ଶ୍ୱଶୁରଙ୍କ ମାଆ ବା ପିତାମହୀ, ଶାଶୁଙ୍କ ଶାଶୁ ।

**ଗୋସାଣୀ** ***ବି.*** ୧. ବୁଢ଼ୀମାଆ, ଜେଜେମାଆ, ଗୋସେଇଁମାଆ ୨. ଯୋଗିନୀ, ଦୁର୍ଗାଙ୍କର ପାର୍ଶ୍ୱଚରୀ ଦେବୀ ୩. ଡାହାଣୀ, ଚିରୁଗୁଣୀ, ଦୁଷ୍ଟାଦେବୀ ୪. ଗୋସ୍ୱାମିନୀ, ମାଲିକାଣୀ ।

**ଗୋସାଣୀ ଯାତ୍ରା** ***ବି.*** ଆଶ୍ୱିନ ଶୁକ୍ଳ ଅଷ୍ଟମୀରୁ ଦଶହରା ପର୍ଯ୍ୟନ୍ତ ମାଟିରେ ଗୋସାଣୀ ମୂର୍ତ୍ତିମାନ ଗଢ଼ି **ପୁରୀ**ରେ ଯେଉଁ ଉତ୍ସବ କରାଯାଏ ।

**ଗୋସିଆଁ** ***ବି.*** ୧. ଗୃହସ୍ୱାମୀ, ମାଲିକ, ରକ୍ଷକ ୨. ଗୋସାଇଁ ; ***ବିଂ.*** ଅହିଅ ସ୍ତ୍ରୀ. ଯେଉଁ ସ୍ତ୍ରୀର ସ୍ୱାମୀ ଜୀବିତ ଅଛି ।

**ଗୋସ୍ତାକି** ***ବି.*** ଔଦ୍ଧତ୍ୟ, ଧୃଷ୍ଟତା, ଅଭଦ୍ରତା ।

**ଗୋହଡ଼ା** ***ବିଂ.*** ୧. ବହୁତ, ଅନେକ ୨. ଗୋଠେ, ପଲେ ।

**ଗୋହରି** ***ବି.*** ୧. ଦୁଇପଟେ ବାଡ଼ ଥିବା ସଂକୀର୍ଣ୍ଣ ରାସ୍ତା ୨. ପାଣିନାଳି ୩. ଲମ୍ବାଗାତ ।

**ଗୋହାରି** ***ବି.*** ଗୁହାରି, ଫେରାଦ୍, ନିବେଦନ ।

**ଗୋହି** ***ବି.*** ଗୋଧି ।

**ଗୋହିଖିଆ** ***ବି.*** ୧. ଗାଳି ବିଶେଷ ୨. ଯେ ଗୋଧି ଖାଏ ୩. ଯାହାକୁ ଗୋଧି କାମୁଡ଼ିବ ।

**ଗୋହି ଖୋଳିବା** ***କ୍ରି.*** ଗଇ ଖୋଳିବା, ଅନ୍ୟର ଦୋଷ ପ୍ରଘଟ କରିବା ।

**ଗୋହିର** ***ବି.*** ୧. ଗୋଇଠି ୨. ଖାଲ ଜମି ।

**ଗୋହିରି** ***ବି.*** ଗୋହରି ।

**ଗୈରତ୍** ***ବି.*** ଗୋପନ, ଲାଜ ।

**ଗୈରିକ ବସ୍ତ୍ର** ***ବି.*** ଗେରୁଆଲୁଗା, କଷାୟବସ୍ତ୍ର ।

**ଗୌଡ଼** ***ବି.*** ୧. ଗଉଡ଼ ଜାତି ୨. ପ୍ରାଚୀନ ବଙ୍ଗଦେଶ ୩. ଗୌଡ଼ ଦେଶବାସୀ ୪. ସଙ୍ଗୀତରେ ସମ୍ପୂର୍ଣ୍ଣ ଜାତିର ରାଗବିଶେଷ, ।

**ଗୌଡ଼ିଆ** ***ବିଂ.*** ୧. ଗୌଡ଼ଦେଶୀୟ ୨. ଗଉଡ଼ ସମ୍ବନ୍ଧୀୟ ।

**ଗୌଡ଼ିଆମତ** ***ବି.*** ଶ୍ରୀଚୈତନ୍ୟଙ୍କ ପ୍ରବର୍ତ୍ତିତ ମତ ବା ବୈଷ୍ଣବ ଧର୍ମାନୁଶାସନ ; ***ବିଂ.*** ଗୌଡ଼ୀୟ ।

**ଗୌଡ଼େଶ୍ୱର** ***ବି.*** ୧. ଗୌଡ଼ଦେଶର ରାଜା, ଉତ୍କଳର ଗଜପତି ମହାରାଜାଙ୍କର ଏକ ଉପାଧି ୨. ଶ୍ରୀଚୈତନ୍ୟ ।

**ଗୌଣ** ***ବିଂ.*** ୧. ଅପ୍ରଧାନ, ନିକୃଷ୍ଟ, ଅଧସ୍ତନ ୨. ଯାହା ମୌଳିକ ନୁହେଁ ୩. କାଳ୍ପନିକ, ପରୋକ୍ଷ ୪. ଗୁଣ ସମ୍ବନ୍ଧୀୟ ୫. (ଗଣିତ) ଗୁଣନ ସମ୍ବନ୍ଧୀୟ ।

**ଗୌଣି** ***ବି.*** ୧. ଗଉଣି, ମାପ ବିଶେଷ ୨. ଶସ୍ୟ ମାପିବାପାଇଁ ବେତ ପାତିଆରେ ନିର୍ମିତ ପାତ୍ର ।

**ଗୌଣିମୁହାଁ ବିଂ.** ଗୌଣିପରି ମୁହଁ ଯାହାର, ଭାର୍କୁଣ୍ଡାମୁହାଁ ।

**ଗୌତମ ବି.** ନ୍ୟାୟଦର୍ଶନ ପ୍ରଣେତା ମୁନି, ଅହଲ୍ୟାଙ୍କ ସ୍ୱାମୀ, ଭରଦ୍ୱାଜ ମୁନି ।

**ଗୌତମୀ ବିଦ୍ୟା ବି.** ନ୍ୟାୟଶାସ୍ତ୍ର, ତର୍କଶାସ୍ତ୍ର ।

**ଗୌନ୍ତିଆ ବି.** ଗଉନ୍ତିଆ, ପୂର୍ବେ ଗ୍ରାମର ମୁଖିଆ ।

**ଗୌରଚନ୍ଦ୍ରିକା ବି.** ଭୂମିକା, ଅବତରଣିକା, ମୁଖ୍ୟ ପ୍ରସଙ୍ଗ ଉପସ୍ଥାପନ ପୂର୍ବରୁ କରାଯାଉଥିବା ବର୍ଣ୍ଣନା ।

**ଗୌରବ ବି.** ୧. ଗର୍ବ, ଉତ୍କର୍ଷ, ଗୁରୁତ୍ୱ, ମହତ୍ତ୍ୱ ୨. ପ୍ରତିଷ୍ଠା, ପ୍ରତିପତ୍ତି ୩. ପ୍ରାଚୁର୍ଯ୍ୟ ।

**ଗୌରବାନ୍ୱିତ ବିଂ.** ଗୌରବଶାଳୀ, ଗୌରବଯୁକ୍ତ, ମହିମାମଣ୍ଡିତ, ସମ୍ମାନନୀୟ, ପୂଜନୀୟ ।

**ଗୌରୀ ବି.** ୧. ଗୌରବର୍ଣ୍ଣା ସ୍ତ୍ରୀ ୨. ଆଠବର୍ଷିୟା କିଶୋରୀ ୩. ଗୋରୋଚନା, ମଞ୍ଜିଷ୍ଠା ।

**ଗ୍ୟାଙ୍ଗ୍ ବି.** ଅସାମାଜିକ ଲୋକଙ୍କ ଦଳ ବା ଗୋଷ୍ଠୀ ।

**ଗ୍ୟାଜେଟ୍ ବି.** ୧. ଯନ୍ତ୍ର, **ଯନ୍ତ୍ରପାତି** ୨. ସରକାରୀ ବିଜ୍ଞପ୍ତିପତ୍ର ।

**ଗ୍ୟାପ୍ ବି.** ଫାଙ୍କା, ବ୍ୟବଧାନ ।

**ଗ୍ୟାମ୍ବ୍ଲ୍ ବି.** ଜୁଆଖେଳ ।

**ଗ୍ୟାମ୍ବ୍ଲର୍ ବି.** ଜୁଆଡ଼ି ।

**ଗ୍ୟାରେଜ୍ ବି.** ୧. ଗ୍ୟାରାଜ୍, ଗାଡ଼ି ମଟର ମରାମତି ସ୍ଥାନ ୨. ଗାଡ଼ିରଖିବା ଘର ।

**ଗ୍ୟାଲନ୍ ବି.** ତରଳ ପଦାର୍ଥପାଇଁ ପରିମାପକ ପାତ୍ର, ହାରାହାରି ସାଢ଼େ ଚାରିଲିଟର୍ ମାପ (ତରଳ ବସ୍ତୁ) ।

**ଗ୍ୟାଷ୍ଟ୍ରିକ୍ ବିଂ.** ୧. ପାକସ୍ଥଳୀ ସଂକ୍ରାନ୍ତ ୨. ଅତ୍ୟଧିକ ଅମ୍ଳହେତୁ ଅସୁସ୍ଥତା ସଂକ୍ରାନ୍ତ ୩. **ପେଟରୋଗ** ।

**ଗ୍ୟାସ୍ ବି.** ୧. ବାଷ୍ପ, ବାଷ୍ପୀୟପଦାର୍ଥ ୨. ଗ୍ୟାସ ସିଲିଣ୍ଡର ୩. ଜାଳେଣିବାଷ୍ପ ୪. ଗ୍ୟାସ୍‌ଚୁଲି, ୫. ଗ୍ୟାସ୍‌ବତୀ, ଗ୍ୟାସ୍‌ଲାଇଟ୍ ୬. ବଦହଜମି ହେତୁ ପେଟରେ ଅମ୍ଳଜନିତ ବାଷ୍ପର ସୃଷ୍ଟି ।

**ଗ୍ୟାହପ୍, ୟାପ ବି.** ୧. (ଗାଳି) ଗିହାଳିପ, ଗିହାଳୀ (**ଶାଳୀର ନଣନ୍ଦ**)ର ପୁଅ ୨. ନିରର୍ଥକ ।

**ଗ୍ୟାହୁଲୀ ବି. ବିଂ.** ୧. **ଶାଳୀର ନଣନ୍ଦ** ୨. **କାମାତୁର** ।

**ଗ୍ରଜ୍ ବି.** ଈର୍ଷା, ଆକ୍ରୋଶ ।

**ଗ୍ରଥନ[ନା] ବି.** ୧. ଗୁନ୍ଥିବା, ଗୁନ୍ଥନ ୨. ରଚନା, ଗାନ୍ଥିନି, ଏକତ୍ର ସଜାଇବା ୩. ଜମାଟବାନ୍ଧିବା ।

**ଗ୍ରଥିତ ବିଂ.** ୧. ଗୁନ୍ଥା ହୋଇଥିବା ୨. ରଚିତ, ସଜ୍ଜିତ ୩. ଜମାଟ ବାନ୍ଧିଥିବା, ଘନୀଭୂତ ୪. ଗଣ୍ଠିଗଣ୍ଠିଆ ୫. ଆକ୍ରାନ୍ତ ୬. ଆହତ ।

**ଗ୍ରନ୍ଥ ବି.** ୧. ବହି, ପୋଥି, ଧର୍ମଗ୍ରନ୍ଥ, ଶାସ୍ତ୍ର ୨. ରଚନା, ନିବନ୍ଧ ।

**ଗ୍ରନ୍ଥକର୍ତ୍ତା ବି.** ପୁସ୍ତକଲେଖକ, ଶାସ୍ତ୍ରପ୍ରଣେତା, ଗ୍ରନ୍ଥକାର ।

**ଗ୍ରନ୍ଥକୀଟ ବି.** ୧. ଯେଉଁ ପୋକ ବହି ଓ ପୋଥିରେ ରହି ତାହାକୁ ନଷ୍ଟ କରନ୍ତି ୨. ଯେ ସବୁବେଳେ ବହି ଘୋଷିବା ଓ ପଢ଼ାରେ ଲାଗିଥାଏ ।

**ଗ୍ରନ୍ଥପାଠ ବି.** ୧. ବହି ପଢ଼ିବା ୨. ଧର୍ମଶାସ୍ତ୍ର ଜନତା ସମ୍ମୁଖରେ ଅଧ୍ୟୟନ ପୂର୍ବକ ବିଶ୍ଳେଷଣ କରିବା ୩. ପ୍ରବଚନ ଦେବା ।

**ଗ୍ରନ୍ଥସାହେବ ବି.** ଶିଖ୍‌ଗୁରୁଙ୍କ କଥିତ ଉପଦେଶାବଳୀ ସମ୍ବଳିତ ଓ ଗୁରୁମୁଖୀ ଭାଷାରେ ରଚିତ ଧର୍ମପୁସ୍ତକ ।

**ଗ୍ରନ୍ଥାଗାର ବି.** ୧. ପାଠାଗାର, ଲାଇବ୍ରେରୀ, ଗ୍ରନ୍ଥାଳୟ ୨. ବହି ଦୋକାନ, ବୁକଷ୍ଟୋର ।

**ଗ୍ରନ୍ଥାବଳୀ ବି.** ଜଣେ ଲେଖକଙ୍କର ସମସ୍ତ ରଚନାର ସଂକଳନ ।

**ଗ୍ରନ୍ଥି ବି.** ୧. ଗଣ୍ଠି, ଲୁଗାକାନିର ଗଣ୍ଠି ୨. ଦେହର ଗଣ୍ଠି ବା ସନ୍ଧି ସ୍ଥାନ ୩. ଆବୁ, ମୁଣ୍ଡି, ଭୁଣ୍ଡି ୪. ବନ୍ଧନ, ବିବାହବନ୍ଧନ ୫. ୧୦୮ ମାଳା ବିଶିଷ୍ଟ ଜପାମାଳିକୁ ଥରେ ଜପକଲେ ତାହା ଏକ ଗ୍ରନ୍ଥି ହୁଏ ୬. ଶିଖ୍ ଧର୍ମଗ୍ରନ୍ଥ ଦାୟିତ୍ୱରେ ଥିବା ଓ ଗାନ କରୁଥିବା ବ୍ୟକ୍ତି ।

**ଗ୍ରନ୍ଥିମୋଚନ ବି.** ୧. ଗଣ୍ଠି ଫିଟାଇବା ୨. ଗଇଁଠାଳ ଫିଟା ୩. ସନ୍ଦେହ ମୋଚନ କରିବା ।

**ଗ୍ରନ୍ଥିଳ ବିଂ.** ୧. ଗଣ୍ଠିଗଣ୍ଠିଆ ୨. କୁଟିଳ ।

**ଗ୍ରନ୍ଥୀ ବିଂ.** ୧. ବହୁ ଗ୍ରନ୍ଥ ପ୍ରଣେତା ୨. ପୁସ୍ତକରକ୍ଷକ, ଲାଇବ୍ରେରିଆନ୍ ୩. ଯେ ବହୁ ଗ୍ରନ୍ଥ ପଢ଼ିଛନ୍ତି ।

**ଗ୍ରସ୍ତ ବିଂ.** ୧. ଭକ୍ଷିତ, ଗିଳାହୋଇଥିବା, ଗ୍ରାସିତ ୨. ଧରା ହୋଇଥିବା, ଧୃତ ୩. ଆକ୍ରାନ୍ତ, ଉତ୍ପୀଡ଼ିତ ୪. ଆବୃତ ।

**ଗ୍ରହ ବି.** ୧. ସୂର୍ଯ୍ୟ ଚାରିପଟେ ବୁଲୁଥିବା ପୃଥିବୀ ଆଦି ପିଣ୍ଡ ୨. ଅନିଷ୍ଟକାରୀ, ଅବାଞ୍ଛିତ ବ୍ୟକ୍ତି ।

**ଗ୍ରହକୋପ ବି.** ଗ୍ରହମାନଙ୍କର ଅଶୁଭ ଦୃଷ୍ଟି ।

**ଗ୍ରହଗତି ବି.** ଗ୍ରହମାନଙ୍କର ଗୋଚର ଚଳନ ।

**ଗ୍ରହଚକ୍ର ବି.** ସୌର ଜଗତର ଗ୍ରହମଣ୍ଡଳ ।

**ଗ୍ରହଣ ବି.** ୧. ବରଣ, ସ୍ୱୀକାର, ଅଙ୍ଗୀକାର ୨. **ସୂର୍ଯ୍ୟ , ପୃଥିବୀ ଓ ଚନ୍ଦ୍ର ସରଳ ରେଖାରେ ରହିବା ଯୋଗୁ ପୃଥିବୀର ଛାୟାପାତ ଫଳରେ ଚନ୍ଦ୍ର ନ ଦିଶିବା** ୩. ବିବାହବନ୍ଧନ, ପାଣିଗ୍ରହଣ ୪. ମନଦ୍ୱାରା ଆୟତ୍ତ କରିବା ।

**ଗ୍ରହଣକାଳ ବି.** ଚନ୍ଦ୍ରଗ୍ରହଣର ଆଦ୍ୟନ୍ତ କାଳ ବା ସମୟ ।

**ଗ୍ରହଣଖଣ୍ଡିଆ ବିଂ.** ଗର୍ହଣଖଣ୍ଡିଆ, ଜନ୍ମରୁ ଯାହାର ନାକ ବା ଓଠ ଖଣ୍ଡିତ ହୋଇଥାଏ ।

**ଗ୍ରହଣମୋକ୍ଷ** *ବି.* ଗ୍ରହଣ ଛାଡ଼ିବା, ଚନ୍ଦ୍ରର ଛାୟାମୁକ୍ତି ।

**ଗ୍ରହଣ ଲାଗିବା** *କ୍ରି.* ଗ୍ରହଣର ଆରମ୍ଭ ବେଳ ।

**ଗ୍ରହଣଶକ୍ତି** *ବି.* ଗ୍ରହଣ କରିବାର କ୍ଷମତା ।

**ଗ୍ରହଣ ସପ୍ତାହ** *ବି.* ଗ୍ରହଣ ଆରମ୍ଭରୁ ସାତଦିନ ପର୍ଯ୍ୟନ୍ତ ଅଶୁଭ କାଳ ।

**ଗ୍ରହଣି, ଗ୍ରହଣୀ** *ବି.* ଝାଡ଼ାରୋଗ, ଦୁରାରୋଗ୍ୟ, ଆମାଶୟ ।

**ଗ୍ରହଣୀୟ** *ବିଂ.* ଗ୍ରହଣଯୋଗ୍ୟ, ସ୍ୱୀକାରଯୋଗ୍ୟ, ଆଦରଣୀୟ, ଧରିବାଯୋଗ୍ୟ ।

**ଗ୍ରହତତ୍ତ୍ୱ** *ବି.* ଜ୍ୟୋତିର୍ବିଜ୍ଞାନ ।

**ଗ୍ରହଦଶା** *ବି.* ୧. ଗ୍ରହମାନଙ୍କର ଦଶାଭୁକ୍ତି କାଳ ୨. ଦୁର୍ଭାଗ୍ୟ ।

**ଗ୍ରହଦୋଷ** *ବି.* ଗ୍ରହମାନଙ୍କର ପ୍ରତିକୂଳ ଅବସ୍ଥିତି ଯୋଗୁଁ ବ୍ୟକ୍ତି ଭୋଗ କରୁଥିବା ପୀଡ଼ା, କ୍ଲେଶ ।

**ଗ୍ରହପୂଜା** *ବି.* ଗ୍ରହମାନଙ୍କର ଶାନ୍ତି ବିଧାନପାଇଁ ଆଚରିତ ଶାସ୍ତ୍ରୀୟ ପ୍ରତିକାର ବା ପୂଜା, ଗ୍ରହଶାନ୍ତି ।

**ଗ୍ରହବିପ୍ର** *ବି.* ଭବିଷ୍ୟତ ଗଣନାକାରୀ, ନାହାକ, ଜ୍ୟୋତିଷ ।

**ଗ୍ରହୀତା** *ବିଂ.* ୧. ଗ୍ରହଣକାରୀ ୨. ଋଣ ଗ୍ରହଣକାରୀ ବ୍ୟକ୍ତି, ଖାତକ ୩. ଗ୍ରାହକ, ଖରିଦଦାର ୪. ସ୍ୱାମୀ, ଘଇତା, ଗେରସ୍ତ ।

**ଗ୍ରାଇଣ୍ଡର୍** *ବି.* ଚୂନା କରିବା ଯନ୍ତ୍ର ।

**ଗ୍ରାଉଣ୍ଡ୍** *ବି.* ୧. କାରଣ, ହେତୁ ୨. ଭିତ୍ତି, ଆଧାର ୩. ପଡ଼ିଆ, ଭୂମି ।

**ଗ୍ରାଚ୍ୟୁଇଟି** *ବି.* ୧. ଅନୁଗ୍ରହ ଦାନ, ଆନୁତୋଷିକ ୨. ସରକାରୀ କର୍ମଚାରୀଙ୍କୁ ଦିଆଯାଉଥିବା ଅବସରକାଳୀନ ଆର୍ଥିକ ଅନୁଦାନ ।

**ଗ୍ରାଜୁଆଲ୍** *ବିଂ.* କ୍ରମିକ, ସ୍ତରୀୟ, ସମୟାନୁକ୍ରମେ ।

**ଗ୍ରାଜୁଏଟ୍** *ବି.* ସ୍ନାତକ, ଯେ ବି.ଏ./ ବି.ଏସ.ସି./ ବି.କମ୍ ପ୍ରଭୃତି ପାସ କରିଛି ।

**ଗ୍ରାଟିସ୍** *ବି.* ମାଗଣା, ମୋଫତ୍, ମାହାଳିଆ, ମୁକ୍ତହସ୍ତରେ ।

**ଗ୍ରାଣ୍ଟ୍** *ବି.* ଅନୁଦାନ, ବୃତ୍ତି, ଆର୍ଥିକ ସହାୟତା ।

**ଗ୍ରାଣ୍ଡ୍** *ବିଂ.* ୧. ବିରାଟ ୨. ପ୍ରସିଦ୍ଧ ୩. ଉତ୍କୃଷ୍ଟ ୪. ଚମତ୍କାର ।

**ଗ୍ରାନାଇଟ୍** *ବି.* ଏକ ପ୍ରକାର କଠିନ ପଥର ବିଶେଷ, କୃଷ୍ଣ-ନୀଳ ବର୍ଣ୍ଣର ଟାଣୁଆ ପଥର ।

**ଗ୍ରାଫ୍** *ବି.* ୧. ଚିତ୍ରଲେଖ ୨. ନିର୍ଭୁଲ ସ୍ଥିତି ନିରୂପଣପାଇଁ ଛକି କଟା କାଗଜ ।

**ଗ୍ରାଫ୍ଟ୍** *ବି.* କଲମି, ଉପରୋପଣ ।

**ଗ୍ରାଫିକ** *ବିଂ.* ୧. ଚିତ୍ର ସମ୍ପର୍କିତ ୨. ଖୋଦିତ ୩. ଜୀବନ୍ତ ।

**ଗ୍ରାଭିଟି** *ବି.* ୧. ଗାମ୍ଭୀର୍ଯ୍ୟ ୨. ଗୁରୁତ୍ୱ ୩. ଆକର୍ଷଣ ।

**ଗ୍ରାମ୍** *ବି.* ୧. ଏକକିଲୋଗ୍ରାମର ହଜାରେ ଭାଗରୁ ଭାଗେ ୨. ଚଣା ୩. ସଙ୍ଗୀତର ସ୍ୱରବିଭାଗ ବିଶେଷ ।

**ଗ୍ରାମ୍‌ସାଟ୍** *ବି.* ବେତାର ବା ଦୂରଦର୍ଶନ ମାଧ୍ୟମରେ କର୍ତ୍ତୃପକ୍ଷଙ୍କ ସହିତ ବିଚାର ଆଲୋଚନାପାଇଁ ଉଦ୍ଦିଷ୍ଟ ବ୍ୟବସ୍ଥା ।

**ଗ୍ରାମ** *ବି.* ୧. ଗାଁ, ବାସସ୍ଥାନ ୨. ମଫସଲ ୩. ସମୂହ ୪. ସଙ୍ଗୀତର ସପ୍ତସ୍ୱରର ସମାରୋହ ।

**ଗ୍ରାମଉଦ୍ୟୋଗ** *ବି.* କୁଟୀର ଶିଳ୍ପ ।

**ଗ୍ରାମ ଉନ୍ନୟନ** *ବି.* ଗ୍ରାମର ବିକାଶ, ଗ୍ରାମ୍ୟଉନ୍ନତି, ଗ୍ରାମମଙ୍ଗଳ ।

**ଗ୍ରାମକମିଟି** *ବି.* ପଞ୍ଚାୟତି ବ୍ୟବସ୍ଥାରେ ପ୍ରତି ଗ୍ରାମରେ ଗଠିତ ନାଗରିକ କମିଟି, ପ୍ରଶାସନର ସର୍ବକନିଷ୍ଠ ଅଙ୍ଗ ।

**ଗ୍ରାମଜ** *ବି.* ୧. ଗାଁରେ ଉତ୍ପନ୍ନ, ଗ୍ରାମଜାତ ୨. ଗାଁର ଚାଷଜମିରୁ ଉତ୍ପନ୍ନ ।

**ଗ୍ରାମ ଠାକୁର** *ବି.* ଗ୍ରାମବାସୀଙ୍କଦ୍ୱାରା ପୂଜିତ ଦେବତା, ଗ୍ରାମଦେବତୀ, *ସ୍ତ୍ରୀ.* ଗ୍ରାମ ଠାକୁରାଣୀ ।

**ଗ୍ରାମପଞ୍ଚାୟତ** *ବି.* ପ୍ରାଶାସନିକ ସୁବିଧାପାଇଁ କେତୋଟି ଗ୍ରାମ / ୱାର୍ଡକୁ ନେଇ ଗଠିତ ନିର୍ଦ୍ଦିଷ୍ଟ ଅଞ୍ଚଳ ।

**ଗ୍ରାମପୁରୋହିତ** *ବି.* ୧. ଗ୍ରାମବାସୀଙ୍କର ବିଭିନ୍ନ ସାମାଜିକ ଉତ୍ସବ ଯଥା: ବାହା, ବ୍ରତ ଓ ଓଷା ପର୍ବରେ କର୍ମକର୍ମାଣି କରୁଥିବା ନିର୍ଦ୍ଦିଷ୍ଟ ବ୍ରାହ୍ମଣ, ଗ୍ରାମଯାଜୀ ୨. ଅଳ୍ପ ପାଣ୍ଡିତ୍ୟ ହାସଲ କରିଥିବା ବ୍ୟକ୍ତି ।

**ଗ୍ରାମ ପ୍ରଶାସନ** *ବି.* ଗ୍ରାମର ଶାସନଗତ ପରିଚାଳନା ।

**ଗ୍ରାମବାର୍ତ୍ତା** *ବି.* ଗ୍ରାମ୍ୟ ସମ୍ବାଦ, ଗ୍ରାମ ବିଷୟକ ଖବର ।

**ଗ୍ରାମବାସୀ** *ବି.* ଗ୍ରାମରେ ବାସ କରୁଥିବା ବ୍ୟକ୍ତି, ଗାଉଁଲି ।

**ଗ୍ରାମମଙ୍ଗଳ** *ବି.* ଗ୍ରାମର ଉନ୍ନୟନ, ବିକାଶ ।

**ଗ୍ରାମମୁଖିଆ** *ବି.* ଗାଁର ମୁଖ୍ୟ ବା ପ୍ରଧାନ ବ୍ୟକ୍ତି, ଗାଁର ପ୍ରତିନିଧି, ଗଉନ୍ତିଆ ।

**ଗ୍ରାମମେଳି** *ବି.* ଗ୍ରାମବାସୀଙ୍କର ସମ୍ମିଳିତ ଆନ୍ଦୋଳନ, ଗ୍ରାମବାସୀଙ୍କର ସିଦ୍ଧାନ୍ତ/ ନିଷ୍ପତ୍ତି ।

**ଗ୍ରାମଯୁଦ୍ଧ** *ବି.* ଗାଁବାଲାଙ୍କ ଭିତରେ ଲାଗିଥିବା କନ୍ଦଳ, ବାଡ଼ିଆପିଟା ।

**ଗ୍ରାମରକ୍ଷୀ** *ବି.* ଗ୍ରାମରକ୍ଷକ, ଗାଁ ଲୋକଙ୍କପାଇଁ ନିଯୁକ୍ତ ଆଇନ ଶୃଙ୍ଖଳା ସହାୟକ ବ୍ୟକ୍ତି, ଗାଁ ଜଗୁଆଳ ।

**ଗ୍ରାମଲୁଣ୍ଠନ** *ବି.* ଗ୍ରାମବାସୀଙ୍କର ଧନ, ଶସ୍ୟ ଆଦି ଲୁଟିହେବା ।

**ଗ୍ରାମସଂଘ** *ବି.* ଗ୍ରାମପଞ୍ଚାୟତ ।

**ଗ୍ରାମସଭା** *ବି.* ଗୋଟିଏ ପଞ୍ଚାୟତରେ ଥିବା ସବୁ ଗାଁର ପ୍ରତିନିଧି ସ୍ତରୀୟ ସଙ୍ଗଠନ ।

**ଗ୍ରାମସୀମା** *ବି.* ମଉଜାର ସରହଦ, ଗ୍ରାମର ଚଉହଦୀ ।

**ଗ୍ରାମସେବକ** *ବି.* ଗ୍ରାମର କୃଷି ବିକାଶପାଇଁ ନିଯୁକ୍ତ ସରକାରୀ କର୍ମଚାରୀ ।

**ଗ୍ରାମସେବିକା** *ବି.* ଗ୍ରାମର ସେବାରେ ନିଯୁକ୍ତା ସରକାରୀ ମହିଳା କର୍ମଚାରୀ ।

**ଗ୍ରାମହୁଡ଼ା** *ବି.* ଗାଁ ହୁଡ଼ା ବା ମଶାଣି ।

**ଗ୍ରାମାନ୍ତର** *ବି.* ଅନ୍ୟଗ୍ରାମ ।

**ଗ୍ରାମାନ୍ତିକ** *ବି.* ଗାଁର ପାଖାପାଖି ସ୍ଥାନ ।

**ଗ୍ରାମାଭିମୁଖୀ** *ବିଂ.* ଗ୍ରାମଭିତ୍ତିକ, ଗାଁ ଲୋକଙ୍କର ଉନ୍ନୟନ ଓ ବିକାଶ ଧର୍ମୀ ।

**ଗ୍ରାମାର୍** *ବି.* ଯେକୌଣସି ଭାଷାର ଗୁଣସୂତ୍ର ଓ ଗଢ଼ଣବିଜ୍ଞାନ, ବ୍ୟାକରଣ ।

**ଗ୍ରାମିକ** *ବି.* ୧. ଗ୍ରାମର ରକ୍ଷକ, ଅଧିପତି, ମୁଖିଆ ୨. ଗ୍ରାମର ଜଗୁଆଳ, ଚଉକିଆ ; *ବିଂ.* ମଫସଲିଆ, ଭଦ୍ର ଗ୍ରାମବାସୀ ।

**ଗ୍ରାମୀଣ** *ବିଂ.* ୧. ଗ୍ରାମ ସମ୍ବନ୍ଧୀୟ, ୨. ଗ୍ରାମରେ ବାସ କରୁଥିବା, ଗାଉଁଲି ୩. ଇତର ୪. ଗ୍ରାମରେ ଉତ୍ପନ୍ନ ୫. ଗାଁରେ କଥିତ, ବ୍ୟବହୃତ ।

**ଗ୍ରାମୀୟ** *ବିଂ.* ଗ୍ରାମ ସମ୍ବନ୍ଧୀୟ, ମଫସଲି ।

**ଗ୍ରାମୋଫୋନ୍** *ବି.* ରେକର୍ଡ ବଜାଇବା ଯନ୍ତ୍ର, କଳଗାଉଣା ।

**ଗ୍ରାମ୍ୟ** *ବିଂ.* ୧. ଗ୍ରାମରେ ଥିବା/ ବାସ କରୁଥିବା, ଗ୍ରାମ ସମ୍ବନ୍ଧୀୟ ୨. ମଫସଲି, ଗାଉଁଲି ୩. ଅଶ୍ଳୀଳ ୪. ନିର୍ବୁଦ୍ଧିଆ ୫. ଇତର ; *ବି.* ଗାଉଁଲି ଲୋକ ।

**ଗ୍ରାମ୍ୟ ଋଣସଂସ୍ଥା** *ବି.* ଗ୍ରାମବାସୀଙ୍କୁ ଋଣଦେବା ଅନୁଷ୍ଠାନ, ସମବାୟ ଅନୁଷ୍ଠାନ ଓ ବ୍ୟାଙ୍କ ପ୍ରଭୃତି ।

**ଗ୍ରାମ୍ୟଜନ୍ତୁ** *ବି.* ପୋଷାଜୀବ – ଗୋରୁ, ମହିଷୀ, ଛେଳି ପ୍ରଭୃତି ।

**ଗ୍ରାମ୍ୟତା** *ବି.* ୧. ଗ୍ରାମସୁଲଭ ଆଚରଣ ୨. ଅମାର୍ଜିତ ବ୍ୟବହାର ।

**ଗ୍ରାମ୍ୟଭାଷା** *ବି.* ୧. ପ୍ରାକୃତିକ ଭାଷା ୨. ସାଧାରଣ ଲୋକଙ୍କ କହିବା ଭାଷା।

**ଗ୍ରାମ୍ୟଶିଳ୍ପ** *ବି.* କୁଟୀର ଶିଳ୍ପ, ହାତ ତିଆରି ଜିନିଷ ।

**ଗ୍ରାମ୍ୟ ସଙ୍ଗଠନ** *ବି.* ଗ୍ରାମସ୍ତରୀୟ ଅନୁଷ୍ଠାନ, ଯଥା- କ୍ଲବ / ଲାଇବ୍ରେରୀ / ମହିଳା କେନ୍ଦ୍ର ପ୍ରଭୃତି ଗ୍ରାମ୍ୟସଂସ୍ଥା ।

**ଗ୍ରାମ୍ୟସଂସ୍କୃତି** *ବି.* ପଲ୍ଲୀ ଜୀବନର ପାରଂପରିକ ଚଳଣି, ଗ୍ରାମ୍ୟ ସମାଜର ସାମୂହିକ ସାଂସ୍କୃତିକ ଉତ୍କର୍ଷ, ଧର୍ମବିଶ୍ୱାସ, ରୀତିନୀତି ଆଦି ।

**ଗ୍ରାସ୍‌ରୁଟ୍** *ବି.* ତୃଣମୂଳ, ପ୍ରାଥମିକ ସ୍ତର, ମୂଳଭିତ୍ତି ।

**ଗ୍ରାସ** *ବି.* ୧. ଭୋଜନ ୨. ପାଟିରେ କଳେ ଖାଦ୍ୟ ୩. ଗିଳିବା, ଗଳାଧଃକରଣ ୪. ସୂର୍ଯ୍ୟ-ଚନ୍ଦ୍ର ଗ୍ରହଣ ୫. ଦୁଇଟି ବୃତ୍ତ ପରସ୍ପରକୁ ଛେଦନ କରିବାଦ୍ୱାରା ଆଚ୍ଛାଦିତ ଖଣ୍ଡ (ଜ୍ୟାମିତି, ଜ୍ୟୋତିଷ ଗଣିତ) ।

**ଗ୍ରାସ କରିବା** *କ୍ରି.* ୧. ଗିଳିବା ୨. ସମ୍ପୂର୍ଣ୍ଣ ଭୋଜନ କରିବା ୩. ଆଚ୍ଛାଦିତ କରିବା, ଆକ୍ରାନ୍ତ କରିବା ୪. ନିଶ୍ଚିହ୍ନ କରିଦେବା ।

**ଗ୍ରାସ ମାରିବା** *କ୍ରି.* ଗେଫା ମାରିବା ।

**ଗ୍ରାସାଚ୍ଛାଦନ** *ବି.* ୧. ଦାନା- କନା, ଅନ୍ନ-ବସ୍ତ୍ର, ଭୋଜନ ଓ ପରିଧାନ ୨. ଖୋରାକ ପୋଷାକ, ଜୀବନ ଧାରଣର ସର୍ବନିମ୍ନ ଆବଶ୍ୟକତା ।

**ଗ୍ରାସିତ** *ବି.* ୧. ଭକ୍ଷିତ ୨. ଗ୍ରସ୍ତ ।

**ଗ୍ରାସିବା** *କ୍ରି.* ୧. ଗିଳିବା, ଖାଇବା ୨. ବ୍ୟାପିଯିବା, ଘୋଟିବା ୩. ଅଭିଭୂତ କରିବା, ଆଚ୍ଛନ୍ନ ଓ ଆକ୍ରାନ୍ତ କରିବା ୪. କଷ୍ଟ ଦେବା ।

**ଗ୍ରାସେ** *ବି.* ଗୋଟିଏ ଗ୍ରାସ ବା ପେଟପୂରା ଭୋଜନ ।

**ଗ୍ରାସ୍ପ୍** *ବି.* ଧାରଣକ୍ଷମତା, ଆୟତ୍ତ, ଗ୍ରାହ୍ୟଶକ୍ତି ।

**ଗ୍ରାହ** *ବି.* ୧. କୁମ୍ଭୀର ୨. ଜଳହସ୍ତୀ ୩. ମଗର ୪. ହାଙ୍ଗର ।

**ଗ୍ରାହକ** *ବି.* ଗରାଖ, ଖରିଦ୍‌ଦାର, କ୍ରେତା ; *ବିଂ.* ୧. ଗ୍ରହଣକାରୀ ୨. ହୃଦୟବାନ ୩. ରସିକ ; *ସ୍ତ୍ରୀ.* ଗ୍ରାହିକା ।

**ଗ୍ରାହି** *ବି.* ୧. ଡାହାଣୀ, ପିଶାଚୁଣୀ ୨. ମୂର୍ଚ୍ଛା ।

**ଗ୍ରାହ୍ୟ** *ବିଂ.* ୧. ଗ୍ରହଣଯୋଗ୍ୟ, ସ୍ୱୀକାର୍ଯ୍ୟ, ଧରିବା ଯୋଗ୍ୟ ୨. ବିଚାରଯୋଗ୍ୟ, ପ୍ରମାଣରୂପେ ଗ୍ରହଣୀୟ ୩. ଗଣନୀୟ ୪. ଜ୍ଞେୟ ।

**ଗ୍ରାହ୍ୟବ୍ୟକ୍ତି** *ବି.* ଗ୍ରହଣଯୋଗ୍ୟ ଲୋକ ।

**ଗ୍ରାହ୍ୟଶକ୍ତି** *ବି.* ଗ୍ରହଣକରିବାର ସାମର୍ଥ୍ୟ ବା କ୍ଷମତା ।

**ଗ୍ରିଜ୍** *ବି.* ଗ୍ରିସ୍, ଘର୍ଷଣରେ ସାହାଯ୍ୟକାରୀ ତୈଳାକ୍ତ ପଦାର୍ଥ ।

**ଗ୍ରିଟିଂକାର୍ଡ** *ବି.* ଅଭିନନ୍ଦନପତ୍ର, ଶୁଭେଚ୍ଛାପତ୍ର ।

**ଗ୍ରିଡ୍** *ବି.* ୧. ବିଦ୍ୟୁତ୍‌ବାହୀ ତାର ସମୂହର ସଂଯୋଗକାରୀ କେନ୍ଦ୍ର ୨. ବିଦ୍ୟୁତବାହୀ ତାରଜାଲି ୩. ରନ୍ଧନର ଜାଲି ।

**ଗ୍ରିନ୍‌କାର୍ଡ** *ବି.* ୧. ଦୁଇଟିରୁ ଅଧିକ ସନ୍ତାନ ନ ହେବାପାଇଁ ପରିବାର ନିୟନ୍ତ୍ରଣ କରିଥିଲେ ପିତାମାତାଙ୍କୁ ସରକାର ଦେଉଥିବା ସବୁଜପତ୍ର- ଯଦ୍ୱାରା ସେମାନେ କେତେକ ସ୍ୱତନ୍ତ୍ର ସୁବିଧାପାଇଁ ହକ୍‌ଦାର୍ ହୁଅନ୍ତି ୨. ସବୁଜପତ୍ରିକା, ବିଦେଶରେ ରହିବାପାଇଁ ଅନୁମତିପତ୍ର ।

**ଗ୍ରିନ୍ ବେଲଟ୍** *ବି.* ସବୁଜ ବଳୟ ।

**ଗ୍ରିନ୍ ରିଭଲ୍ୟୁସନ୍** *ବି.* ସବୁଜ ବିପ୍ଳବ, କୃଷିର ସର୍ବାଙ୍ଗୀନ ବିକାଶପାଇଁ ଫଳପ୍ରଦ ଯୋଜନା ।

**ଗ୍ରିନ୍‌ରୁମ୍** *ବି.* ବେଶଘର, ରଙ୍ଗମଞ୍ଚ ପାର୍ଶ୍ୱବର୍ତ୍ତୀ ନିଭୃତ କକ୍ଷ ।

**ଗ୍ରିନ୍‌ହାଉସ** *ବି.* ଚାରାଘର, ବୀଜାଙ୍କୁର ଓ ଚାରାଉତ୍ପାଦନପାଇଁ ନିୟନ୍ତ୍ରଣଶାଳା ।

**ଗ୍ରିପ୍** *ବି.* ୧. ମୁଠା, ଧାରଣ ୨. ଖାପଚ, ଆୟତ୍ତ ।

**ଗ୍ରିଲ୍** *ବି.* ଲୁହାଜାଲି, ଜାଫରି ।

**ଗ୍ରୀବା** *ବି.* ବେକ, କଣ୍ଠର ପଛଭାଗ ।

**ଗ୍ରୀଷମ** *ବି.* ୧. ଗ୍ରୀଷ୍ମଋତୁ ୨. ଗରମ ।

**ଗ୍ରୀଷ୍ମ** *ବି.* ୧. ଖରାଦିନ, ଗ୍ରୀଷ୍ମଋତୁ ୨. ଗରମ ।

**ଗ୍ରୀଷ୍ମକାଳୀନ** *ବିଂ.* ଗ୍ରୀଷ୍ମ ଋତୁ ସମ୍ବନ୍ଧୀୟ ।

**ଗ୍ରୀଷ୍ମଛୁଟି** *ବି.* ପ୍ରଖର ଖରା ଦିନରେ (ମେ-ଜୁନ) ସ୍କୁଲ୍ କଲେଜ ଓ ନ୍ୟାୟାଳୟ ବନ୍ଦ ହେବା ଜନିତ ଅବସର, ଗ୍ରୀଷ୍ମାବକାଶ, ଖରାଛୁଟି, ସମର୍ ଭାକେସନ୍ ।

**ଗ୍ରୀଷ୍ମନିବାସ** *ବି.* ଗ୍ରୀଷ୍ମଋତୁରେ ଗରମ ଓ ଖରା ଦାଉରୁ ରକ୍ଷା ପାଇବାପାଇଁ ଉଚ୍ଚ ପାର୍ବତ୍ୟାଞ୍ଚଳ ବା ସମୁଦ୍ରକୂଳ ସନ୍ନିକଟ ସ୍ଥାନରେ ନିର୍ମିତ ବାସସ୍ଥଳୀ ।

**ଗ୍ରୀଷ୍ମପ୍ରଧାନ** *ବିଂ.* ବିଷୁବରେଖା ସନ୍ନିକଟବର୍ତ୍ତୀ ସ୍ଥାନ- ଯେଉଁଠି ବିଶେଷ ଖରା ଓ ଗରମ ହୁଏ ।

**ଗ୍ରୁପ୍** *ବି.* ଦଳ, ବର୍ଗ, ଶ୍ରେଣୀ, ସମୂହ ।

**ଗ୍ରେଡ୍** *ବି.* ୧. କ୍ରମ, ପର୍ଯ୍ୟାୟ ୨. ବର୍ଗ, ଶ୍ରେଣୀ ।

**ଗ୍ରେଡେସନ୍** *ବି.* ଅନୁକ୍ରମ, କ୍ରମପର୍ଯ୍ୟାୟ, ଯୋଗ୍ୟତାଭିତ୍ତିକ ପ୍ରସ୍ତୁତ ଦଲିଲ ।

**ଗ୍ରେନ୍‌ଗୋଲା** *ବି.* ଶସ୍ୟଭଣ୍ଡାର, ଶସ୍ୟାଗାର, ସରକାର ବା ସମବାୟ ସମିତିଦ୍ୱାରା ନିୟନ୍ତ୍ରିତ ଶସ୍ୟାଗାର, ଶସ୍ୟ ସଂରକ୍ଷଣ କେନ୍ଦ୍ର ।

**ଗ୍ରେପ୍ତାର** *ବି.* ଗିରଫ୍‌ଦାର, ଗିରଫ୍, ଅଟକ ।

**ଗ୍ରେସ୍‌ମାର୍କ** *ବି.* ସ୍ୱତନ୍ତ୍ର ବିଚାରପୂର୍ବକ ପ୍ରଦତ୍ତ ନମ୍ବର, ଅନୁଗ୍ରହ-ନମ୍ବର ।

**ଗ୍ରୋଥ୍** *ବି.* ଅଭିବୃଦ୍ଧି, ବିକାଶ, ଉନ୍ନତି ।

**ଗ୍ରୋନ୍‌ଅପ୍** *ବିଂ.* ସାବାଳକ, ବଢ଼ିଲା ।

**ଗ୍ରୋସରି** *ବି.* ପଣ୍ୟଦ୍ରବ୍ୟ, ତେଜରାତି, ଅତ୍ୟାବଶ୍ୟକୀୟ ଦ୍ରବ୍ୟ ।

**ଗ୍ଲାଣ୍ଡ** *ବି.* ଶରୀରର ମାଂସଳ ଅଙ୍ଗ, ଗ୍ରନ୍ଥି ।

**ଗ୍ଲାନି** *ବି.* ୧. ଖେଦ, ଦୁଃଖ, ମନକଷ୍ଟ, ଅବସାଦ ୨. କ୍ଳାନ୍ତି, ଦୁର୍ବଳତା ୩. ନିନ୍ଦା-ବୋଧ ।

**ଗ୍ଲାନିକର** *ବିଂ.* ନିନ୍ଦାଜନକ, ହାନିକାରକ ।

**ଗ୍ଲାନି କରିବା** *କ୍ରି.* ନିନ୍ଦାକରିବା, କ୍ଷତିକରିବା, ଦୁର୍ବଳ କରିବା ।

**ଗ୍ଲାମର୍** *ବି.* ତେଜ, ଚହଟ, ଆକର୍ଷଣୀୟତା ।

**ଗ୍ଲାସ୍** *ବି.* ୧. କାଚ ୨. ଗିଲାସ ୩. ଦର୍ପଣ, ଆରିଶି, ଅଇନା ।

**ଗ୍ଲୁକୋଜ** *ବି.* ଫଳଜ ଶର୍କରା ।

**ଗ୍ଲୋବ୍** *ବି.* ୧. ପୃଥିବୀ, ବିଶ୍ୱ, ଭୂମଣ୍ଡଳ ୨. ଭୂଗୋଳକ, ସୂର୍ଯ୍ୟଙ୍କର ଚାରିପଟେ ଘୂରୁଥିବା ପୃଥିବୀର ଅନୁରୂପ ଘୂର୍ଣ୍ଣାୟମାନ ଭୌଗୋଳିକ ମାନଚିତ୍ର ।

**ଗ୍ଲୋବାଲ୍** *ବିଂ.* ୧. ବିଶ୍ୱସ୍ତରୀୟ, ବିଶ୍ୱାୟିତ ୨. ବର୍ତ୍ତୁଳ ।

**ଗ୍ଲୋବାଲାଇଜେସନ୍** *ବି.* ଜଗତିକରଣ, ବିଶ୍ୱାୟନ ।

**ଗ୍ଲୋଭ୍‌ସ୍** *ବି.* ହାତମୋଜା, କରତ୍ରାଣ, ହାତସାଞ୍ଜୁ ।

# ଘ

**ଘ** *ବି.* ଓଡ଼ିଆ ବର୍ଣ୍ଣମାଳାର ଚତୁର୍ଥ ବ୍ୟଞ୍ଜନବର୍ଣ୍ଣନ ।

**ଘଇଆ** *ବିଂ* ୧. ଖଣ୍ଡିଆଖାବରା ୨. ଘା' ହୋଇଥିବା, ଆହତ ବା ଆଘାତପ୍ରାପ୍ତ ।

**ଘଇଆ ପାଇବା** *କ୍ରି.* କୌଣସି ଭୁଲ ଲକ୍ଷ୍ୟଯୋଗୁଁ ଅସୁବିଧାରେ ପଡ଼ି ବୁଦ୍ଧି ଶିଖିବା ।

**ଘଇତା** *ବି.* ୧. ଗିରସ୍ତ, ସ୍ୱାମୀ, ବର ୨. ମାଲିକ ।

**ଘଇତା କରିବା** *କ୍ରି.* ୧. ସ୍ୱାମୀ ଭାବେ କାହାକୁ ଗ୍ରହଣ କରିବା ୨. ପରପୁରୁଷ ସହିତ ଯୌନ ସମ୍ପର୍କ ରଖିବା ।

**ଘଇତାକରୀ** *ବିଂ* ପରପୁରୁଷ ସହିତ ମାତୁଥିବା ।

**ଘଇତାଖାଇ** *ବିଂ* ୧. ଯେଉଁ ସ୍ତ୍ରୀ ନିଜ ସ୍ୱାମୀର ମୃତ୍ୟୁର କାରଣ ବୋଲି ଧାରଣା କରାଯାଏ, ୨. ବିଧବା, ରାଣ୍ଡ ।

**ଘଇତାଛାଡ଼ୀ** *ବିଂ* ସ୍ୱାମୀକୁ ଛାଡ଼ି ଦେଇଥିବା, ସ୍ୱାମୀଠାରୁ ଭିନେ ରହୁଥିବା ।

**ଘଇତାମାରୀ** *ବିଂ* ସ୍ୱାମୀକୁ କୌଶଳରେ ହତ୍ୟା କରିଥିବା ।

**ଘଇତା ସୁଆଗିନୀ** *ବିଂ* ସ୍ୱାମୀର ଗେଲବସରୀ, ସ୍ୱାମୀର ଅତ୍ୟନ୍ତ ସ୍ନେହ ସୋହାଗ ପାଉଥିବା ପତ୍ନୀ ।

**ଘଉଡ଼ା** *ବି.* ଘଉଡାଇବା ବା ତଡ଼ିବା କାର୍ଯ୍ୟ ।

**ଘଉଡ଼ାଇବା** *କ୍ରି.* ତଡ଼ିବା, ବାହାର କରିଦେବା, ବିଦା କରିଦେବା ।

**ଘଉଡ଼ାଘଉଡ଼ି** *ବି.* ପରସ୍ପରକୁ ଗୋଡ଼ାଇବା, ଦଉଡାଦଉଡ଼ି ।

**ଘଏଲା** *ବିଂ* ଯେଉଁ ପୁରୁଷର ଦେହସାରା ଘାଆ ହୋଇଥାଏ, *ସ୍ତ୍ରୀ.* ଘଏଲୀ, ଘାଉଡା ।

**ଘଗ୍ରି** *ବି.* କଳସ, ଛୋଟମାଠିଆ ।

**ଘଗରା** *ବି.* ଗରା, ମାଠିଆ ।

**ଘଙ୍ଗୋ** *ବିଂ* ଓଲୁ, ବୋକା, ନିର୍ବୋଧ, ଘୁଙ୍ଗା, ମୂକ ।

**ଘଙ୍ଗୋ ହେବା** *କ୍ରି.* ୧. ଆଣ୍ଠୁମାଡ଼ି, ହାତ ଭୂମିରେ ଚାପି, ପିଚା ଉପରକୁ ଉଠାଇବା ୨. ଘୁଗୁପାଞ୍ଚି ଖେଳିବା ।

**ଘଞ୍ଚ** *ବିଂ* ଗହନ, ଗହଳ, ଘନ, ସାନ୍ଦ୍ର, ବହଳ, ଘଞ୍ଚା; *କ୍ରିଂ.ବିଂ* ଅତି ଗହଳ ହୋଇ, ଘଞ୍ଚାଳିଆ ।

**ଘଞ୍ଚାଳିବା** *କ୍ରି.* ଝିଂକାଝିଂକି କରିବା ।

**ଘଟ୍‌ଣା** *ବି.* ଘାଂଟିବା, ଘୋରିବା ।

**ଘଟ୍‌ନା ଡାଙ୍ଗ୍** *ବି.* ଘୋଟଣା ଦଣ୍ଡ, ତରକାରି ରାନ୍ଧିବା ବେଳେ ଘାଣ୍ଟିବାପାଇଁ ବ୍ୟବହୃତ ଡର୍କ୍କ ବା ଚଟୁ ।

**ଘଟ** *ବି.* ୧. ମାଠିଆ, କୁମ୍ଭ, ଆଧାର ୨. ହାତୀ କପାଳର ଉଭୟ ପାଖରେ ଥିବା ମାଂସପିଣ୍ଡ ୩. କୁମ୍ଭରାଶି ୪. ଦେହ, ପିଣ୍ଡ ।

**ଘଟକ** *ବି.* ୧.ବିବାହ ସମ୍ବନ୍ଧ ସ୍ଥାପନ କାର୍ଯ୍ୟରେ ମଧ୍ୟସ୍ଥ ବ୍ୟକ୍ତି, ମଧ୍ୟସ୍ଥି ୨. ଦୂତ ; *ବିଂ* ଘଟଣା ଘଟାଉଥିବା, ସଂଘଟନକାରୀ ।

**ଘଟକତା** *ବି.* ଘଟକଙ୍କ କାର୍ଯ୍ୟ ।

**ଘଟକର୍ପର** *ବି.* ୧. ମାଟିହାଣ୍ଡି, ପଲମ, ହାଣ୍ଡିମାଠିଆ ପ୍ରଭୃତି ଭାଙ୍ଗିଯିବା ପରର ଛୋଟ ଅଂଶ, ଖପରା ୨. ବିକ୍ରମାଦିତ୍ୟଙ୍କ ସଭାର ନଅଜଣ ପଣ୍ଡିତଙ୍କ ମଧ୍ୟରେ ଅନ୍ୟତମ ।

**ଘଟକାର** *ବି.* ମାଠିଆ, ହାଣ୍ଡି ପ୍ରଭୃତି ତିଆରି କରିବା ଲୋକ, କୁମ୍ଭାର ।

**ଘଟଣ, ଘଟନ୍** *ବି.* ୧. ଗଠନ, ଗଢ଼ଣ ୨. ନିର୍ମାଣ, ବିଧାନ ;*ବିଂ* ୧. ଅନୁରୂପ ୨. ସୁନ୍ଦର ।

**ଘଟଣା** *ବି.* ଘଟିଥିବା ପ୍ରସଙ୍ଗ ୨. ବିଷୟ୍ ୩. ସମ୍ବାଦ ।

**ଘଟଣାକ୍ରମେ** *କ୍ରି.ବିଂ* ଦୈବାତ, ଦୈବକ୍ରମେ ।

**ଘଟଣାଧୀନ** *ବିଂ* ଘଟନାଦ୍ୱାରା ପ୍ରଭାବିତ, ଦୈବାଧୀନ ।

**ଘଟଣାବହୁଳ** *ବିଂ* ଘଟଣାପୂର୍ଣ୍ଣ, ବିଭିନ୍ନ ଘଟଣା ସମ୍ବଳିତ ।

**ଘଟନା** *ବି.* ୧. ଘଟିବା ବିଷୟ୍ ୨. ବିଷୟ୍, ବ୍ୟାପାର ୩. ନିର୍ମାଣ ୪. ଯୋଜନା ।

**ଘଟନୀୟ** *ବିଂ* ୧. ଘଟିତବ୍ୟ, ଯାହା ଘଟିବା ଉଚିତ ୨. ଯାହା ଘଟିବାର ଅଛି ।

**ଘଟରଘୁମା** *ବି.* ରାତିରେ ରାବୁଥିବା ପକ୍ଷୀ ବିଶେଷ, ଯାମଘୋଷୀ ।

**ଘଟସୂତ୍ର** *ବି.* ୧. ସଂଯୋଗ, ଯୋଗାଯୋଗ ୨. ବିବାହ ସମ୍ବନ୍ଧିତ ଘଟଣାରେ ସୂତ୍ରଧର ବା ମଧ୍ୟସ୍ଥ ।

**ଘଟା** *ବି.* ୧. ଆଡ଼ମ୍ବର, ଜାକଜମକ ୨. ସମୂହ, ସମାବେଶ ୩. ହସ୍ତିସମୂହ, ହାତୀମାନଙ୍କର ଯୂଥ ୪. ଦାଗ ।

**ଘଟାଟୋପ** *ବି.* ୧. ଅତି ଆଡ଼ମ୍ବର, ଆଟୋପ ୨. ପାଲିଙ୍କି ଓ ଗାଡ଼ି ଆଦିର ଆବରଣ ।

**ଘଟି** *ବି.* ଛୋଟକଳସ, ମାଟିଘଡ଼ି ।

**ଘଟିକା** *ବି.* ୧. ଛୋଟକଳସ, ମାଟିଘଡ଼ି ୨. କଳଘଣ୍ଟା ୩. ଘଣ୍ଟାର କଣ୍ଟାଦ୍ୱାରା ସୂଚିତ ସମୟ୍ ୪. ଦେହର ମଳି ଛଡ଼ାଇବାପାଇଁ ଲେପନ ଚୂର୍ଣ୍ଣ ୫. ପାଦରଗଣ୍ଠି ୬. ଜ୍ୟୋତିଷ ମତରେ ପ୍ରହର ।

**ଘଟିତ** *ବିଂ* ଯାହା ଘଟି ଯାଇଅଛି, ସମ୍ପନ୍ନ ବା ସମାହିତ ହୋଇଥିବା ।

**ଘଟିବା** *କ୍ରି.* ୧. ସଂଘଟିତ ହେବା ୨. କୁଳେଇବା ୩. ନିଅଣ୍ଟ ହେବା ।

**ଘଟୁଆଳ** *ବି.* କର ଆଦାୟକାରୀ ।

**ଘଡ଼ଘଡ଼** *ଅ.* ୧. ମେଘ ଗର୍ଜନର ଧ୍ୱନି ୨. କଫ ଆଧିକ୍ୟ ଯୋଗୁ ଶବ୍ଦର ଅଟକୁଥିବା ଧାରା ।

**ଘଡ଼ଘଡ଼ି ବି.** ମେଘଧ୍ୱନି, ବଜ୍ରନିନାଦ, ଚଡ଼କ, ବିଜୁଳି ପରେ ଶୁଣାଯାଉଥିବା ନାଦ ।

**ଘଡଘଡ଼ିଆ ବିଂ.** କର୍କଶ, ତୀବ୍ର ଓ ଶ୍ରୁତିକଟୁ ।

**ଘଡ଼ା ବି.** ମଦ ମାପିବାପାଇଁ ବ୍ୟବହୃତ ମାଠିଆ ।

**ଘଡ଼ାଇବା କ୍ରି.** ୧. ଭାବିଚିନ୍ତି ଗୋଟିଏ କାର୍ଯ୍ୟ କରିବା ୨. ଆଗରୁ ସାବଧାନ ହୋଇ କାମ କରିବା ୩. ଆଗେଇବା ୪. ଗୋଡ଼େଇବା ।

**ଘଡ଼ି ବି.** ୧. ଛୋଟ ମାଟିହାଣ୍ଡି ୨. ମଣିବନ୍ଧରେ ପିନ୍ଧା ଯାଉଥିବା ଘଣ୍ଟା ବା ରିଷ୍ଟ ଓ୍ୱାଚ୍ ୩. ଉତ୍ସବ ସମୟ ୪. ମୁହୂର୍ତ୍ତ ୫. ପ୍ରହର ।

**ଘଡ଼ିଆଳ ବି.** ୧. ଘଡ଼ିପରି ମୁହଁବିଶିଷ୍ଟ କୁମ୍ଭୀର, ଘଣ୍ଟିଆଳ ; **ବିଂ.** ଘଣ୍ଟୁଆ, ଯେ ଘଣ୍ଟା ପିଟି ସମୟ ଜଣାଏ ।

**ଘଡ଼ି(ରି) କରିବା କ୍ରି.** ଲୁଗାପଟା ଚଉତିବା ।

**ଘଡ଼ିଘଡ଼ି କ୍ରି. ବିଂ.** କ୍ଷଣକୁକ୍ଷଣ, ପ୍ରତିକ୍ଷଣ, ମୁହୂର୍ତ୍ତକୁ ମୁହୂର୍ତ୍ତ ।

**ଘଡ଼ି ମାରିବା କ୍ରି.** ତିଥି ଅନୁସାରେ ଚନ୍ଦ୍ର ଉଦୟ ବିଳମ୍ବ ହେବା ।

**ଘଣ ବି.** ଘଳିଆ, ମାଟିତଳେ ହିଡର ଏପଟରୁ ସେପଟକୁ ଥିବା ସରୁ ବାଟ ।

**ଘଣା ବି.** ତୈଳବୀଜ, ଶସ୍ୟ, ଆଖୁ ଆଦିରୁ ତେଲ ବା ରସ ବାହାର କରିବା ଯନ୍ତ୍ର, ପେଡ଼ାଯନ୍ତ୍ର, ପେଡାକଳ ।

**ଘଣା ପେଲିବା କ୍ରି.** ୧. ଜେଲଦଣ୍ଡ ଭୋଗିବା ୨. କଷ୍ଟକର କାମ କରିବାକୁ ବାଧ୍ୟ ହେବା ।

**ଘଣି ବି.** ୧. ଶଗଡ଼ଗୁଳାର ଗାତ/ଖାଲ ୨. ନିର୍ଦ୍ଦିଷ୍ଟ ଲକ୍ଷ୍ୟରେ ଅନ୍ତରଙ୍ଗତା ୩. ଏକାତ୍ମ୍ୟଭାବ ।

**ଘଣେଇବା କ୍ରି.** ଅଧିକ କାମ ଦେଇ ବ୍ୟତିବ୍ୟସ୍ତ କରିବା ।

**ଘଣ୍ଟ ବି.** ୧. ପିତଳରେ ତିଆରି ଥାଳି ଆକୃତିର ବାଦ୍ୟଯନ୍ତ୍ର, ୨. **ଘାଣ୍ଟ** ତିଅଣ, ମାଛ ମହୁର; **ବିଂ.** କଂସାତିଆରି ବଡ଼ ଘୁଙ୍ଗୁର ।

**ଘଣ୍ଟକୋଳି ବି.** ଘଣ୍ଟାକୋଳି, ଏକ ପ୍ରକାର କୋଳି ।

**ଘଣ୍ଟ ଘୋଡ଼ାଇବା କ୍ରି.** ସୁରକ୍ଷା ଦେବା, ବିପଦରୁ ରକ୍ଷା କରିବା ।

**ଘଣ୍ଟପାଟୁଆ ବି.** ଘଣ୍ଟ ବଜାଇ ଗାଁରୁ ଗାଁକୁ ବୁଲୁଥିବା ଦେବୀ ସେବକ ବିଶେଷ, ଝଙ୍କଡ଼ବାସିନୀ ସାରୋଳଙ୍କ ସେବକ ।

**ଘଣ୍ଟା ବି.** ୧. ସମୟ ନିର୍ଣ୍ଣୟକାରୀ ଘଡ଼ି, ଓ୍ୱାଚ୍ ୨. ଷାଠିଏ ମିନିଟ୍ ସମୟ ଓ ସେହି ସମୟର ଏକକ ୩. କଂସାବାଦ୍ୟ ୪. ପିଟାଘଣ୍ଟା ୫. ଘାଣ୍ଟ ତରକାରି, ମହୁର, ବେସର ୬. ଘଣ୍ଟା ହୋଇଥିବା ବ୍ୟଞ୍ଜନ ୭. ଆଲୋଡ଼ନ ୮. ଘାଣ୍ଟିବା, ଆଉଟିବା କାର୍ଯ୍ୟ ।

**ଘଣ୍ଟାଚକଟା ବି.** ୧. ଗୋଳମାଳ, ମନ୍ଥନ ୨. ଖୋଳତାଡ଼ ୩. ବିଶୃଙ୍ଖଳ ଭାବରେ ଖୋଜାଖୋଜି କରିବା ।

**ଘଣ୍ଟାଘଣ୍ଟି ବି.** ଫେଣ୍ଟାଫେଣ୍ଟି, ଘାଣ୍ଟିବା ପ୍ରକ୍ରିୟା, ଘାଣ୍ଟିବା କାମ ।

**ଘଣ୍ଟାପଥ ବି.** ଘଣ୍ଟାଘାଗୁଡ଼ି ପିନ୍ଧା ହାତୀ ଚାଲିବା ଭଳି ରାସ୍ତା ବା ମୁଖ୍ୟପଥ ।

**ଘଣ୍ଟାରବ ବି.** ସଂଗୀତର ରାଗ ବିଶେଷ ।

**ଘଣ୍ଟି ବି.** ୧. ମିଶ୍ରଧାତୁରେ ତିଆରି ବାଦ୍ୟ ବିଶେଷ-ଯାହା ଦେବ ପୂଜା ସମୟରେ ବ୍ୟବହୃତ ହୋଇଥାଏ ୨. ଘାଗୁଡ଼ି ୩. ସମୟ ଅଥବା ଜଣକର ଉପସ୍ଥିତି ସମ୍ପର୍କରେ ସୂଚକ ବାଦ୍ୟ ।

**ଘଣ୍ଟିଆ ବି.** ୧. ଛୋଟଘାଗୁଡ଼ି ୨. ଛୋଟଘୁଙ୍ଗୁର ୩. ଛୋଟଘଣ୍ଟି ୪. ଛୋଟ ଅଳଙ୍କାର ବିଶେଷ; **ବିଂ.** ଯେ ଘଣ୍ଟି ବଜାଏ ।

**ଘଣ୍ଟିଆଳ ବି.** ଘଡ଼ିଆଳ କୁମ୍ଭୀର ।

**ଘଣ୍ଟିକା ବି.** ଉପଜିହ୍ୱା, କଣ୍ଠର ଶେଷାଂଶରୁ ବାହାରିଥିବା ଛୋଟ ମାଂସଳ ପିଣ୍ଡୁଳା,ବାଗ୍‌ଯନ୍ତ୍ରର ଅଂଶ ବିଶେଷ ।

**ଘଣ୍ଟିଘାଗୁଡ଼ି ବି.** ଘଣ୍ଟି ଏବଂ ଘୁଙ୍ଗୁରରେ ତିଆରି ମାଳ ।

**ଘଣ୍ଟି ବାଜିବା କ୍ରି.** ୧. ସମୟ ଶେଷ ହେବାର ସୂଚନା ୨. ସମୟ ସୂଚନା ।

**ଘଣ୍ଟିମାଳ ବି.** ରସି ବା ଚମଡ଼ା ପଟିରେ ଗୁନ୍ଥା ଘଣ୍ଟିସମୂହର ମାଳ ।

**ଘଣ୍ଟୁ ବି.** ୧. ହାତୀଗଳାରୁ ଝୁଲୁଥିବା ଘଣ୍ଟି ୨. ଦିମାକ୍, ପ୍ରତାପ, ଉପଦ୍ରବ ।

**ଘଣ୍ଟୁଆ ବି.** ଯେ ଘଣ୍ଟ ବଜାଏ ।

**ଘଣ୍ଟୁଆରୀ, ଘଣ୍ଟୁଆଳ ବି.** ଘଣ୍ଟବଜାଳି, ଘଣ୍ଟୁଆଳ ।

**ଘତ୍ କ୍ରି.ବିଂ.** ସୁଯୋଗର ଅପେକ୍ଷା, ଉପାୟ, କୌଶଳ ।

**ଘତ ବି.** ୧. କୌଶଳ, ଚତୁରତା, ପେଞ୍ଚ ୨. ଧରଣ, ଢ଼ଙ୍ଗ ୩. ସୂତ୍ର ୪. ସାବଧାନତା, ସତର୍କତା ।

**ଘତାଇବା କ୍ରି.** ୧. ରାଗରେ ଚାହିଁବା ୨. ଓର ଉଣ୍ଡି ରହିବା ।

**ଘନ୍ ବି.** ବଡ଼ ହାତୁଡ଼ି – ଯାହା ପଥର ଭଙ୍ଗା କାର୍ଯ୍ୟରେ ବ୍ୟବହାର କରାଯାଏ ।

**ଘନ୍‌ଘାଇ ବିଂ.** ଘନ, ଘଞ୍ଚ, ସାନ୍ଦ୍ର ।

**ଘନ ବିଂ.** ୧. ଗାଢ଼, ନିବିଡ଼ ୨. ଗହଳ ୩. ଜମାଟ, ବହଳ ୪. ଦୃଢ଼, ଦୁର୍ଭେଦ୍ୟ ୫. ଭାରି, ଅଧିକ; **ବି.** ମେଘ ।

**ଘନକାଳ ବି.** ବର୍ଷାଋତୁ ।

**ଘନଘଟା ବି.** ଆଡ଼ମ୍ବର, ମେଘାଡମ୍ବର ।

**ଘନଘନ କ୍ରିଂ.ବିଂ.** ଅଳ୍ପ ସମୟ ବ୍ୟବଧାନରେ, ଥରକୁ ଥର, ବାରମ୍ବାର ।

**ଘନତ୍ୱ ବି.** ଗାଢ଼ତ୍ୱ , ନିବିଡ଼ତ୍ୱ ।

**ଘନଫଳ ବି.** ଲମ୍ବ X ପ୍ରସ୍ଥ X ଉଚ୍ଚତା = ଗୁଣଫଳ, ଏହି ଗୁଣଫଳକୁ ଘନଫଳ କୁହାଯାଏ ।

**ଘନମୂଳ** *ବି.* ତିନିଘାତ ଗୁଣଫଳର ମୂଳ ଏକ ଘାତ- ଯଥା, ୮ର ଘନମୂଳ ୨ ।

**ଘନସାର** *ବି.* ୧. କର୍ପୂର ୨. ଚନ୍ଦନ ।

**ଘନକ୍ଷେତ୍ର** *ବି.* ଯେଉଁ କ୍ଷେତ୍ରର ଦୈର୍ଘ୍ୟ, ପ୍ରସ୍ଥ ଏବଂ ଉଚ୍ଚତା ସମାନ ।

**ଘନା** *ବି.* ୧. ଘଣା ୨. ଶସ୍ୟଭଜା ହାଣ୍ଡି ୩. ଥରକେ ଭାଜି ହେବା ଶସ୍ୟର ପରିମାଣ ୪. ଥରକେ ବାଟିହେବା ବା ଛାଣି ହେବା ଭଳି ବସ୍ତୁର ପରିମାଣ ।

**ଘନାଇବା** *କ୍ରି.* ଆଚ୍ଛନ୍ନ କରିବା ।

**ଘନିମା** *ବି.* ଘନତ୍ୱ, ନିବିଡ଼ତା ।

**ଘନିଷ୍ଠ** *ବିଂ.* ଅତିନିକଟ, ଆପଣାର, ଅନ୍ତରଙ୍ଗ ।

**ଘନିଷ୍ଠତା** *ବି.* ଆତ୍ମୀୟତା, ଅନ୍ତରଙ୍ଗତା, ନିବିଡତା ।

**ଘନୀଭୂତ** *ବିଂ.* ୧. ତରଳ ବା ବାଷ୍ପୀୟ ଅବସ୍ଥାରୁ ଜମାଟ ହୋଇଥିବା ୨. ଭଲ ଭାବରେ ଜଡ଼ିରହିଥିବା, ନିବିଡ଼ ହୋଇଥିବା ।

**ଘବ୍‌ରି ଯିବା** *କ୍ରି.* ୧. ଘାବରେଇ ଯିବା, ଘାବରା ହେବା, ହତବୁଦ୍ଧି ହେବା ୨. ଭୟଭୀତ ହେବା ୩. ବିଚଳିତ ହେବା, ହଡବଡେଇ ଯିବା ।

**ଘମ୍‌କି ଯିବା** *କ୍ରି.* ମହମହ ବାସ୍‌ନା ହେବା ।

**ଘମ୍‌ଘମାବା** *କ୍ରି.* ଗମ୍‌ଗମ୍ ଝାଳ ବହିବା ।

**ଘମ୍‌ଡ଼ିଆ** *ବିଂ.* ଅମାନିଆ, ନ ବୁଝି ଜିଦି କରୁଥିବା ।

**ଘମଘମି ଯିବା** *କ୍ରି.* ମଧୁର ବାସ୍ନା ହେବା, ମହକିବା ।

**ଘମଣ୍ଡି** *ବିଂ.* ୧. ଆତ୍ମଗର୍ବୀ, ଉଦ୍ଧତ ୨. ପାପୀ, ଦୁଷ୍ଟ ୩. ଅସତୀ ।

**ଘମା** *ବି.* ବଡ଼ମାଠିଆ, ଘୁମ ।

**ଘମାଘୋଟ** *ବିଂ.* ୧. ଉତ୍ତେଜନାପୂର୍ଣ୍ଣ, ତୀବ୍ର ୨. ଗାଢ଼, ନିବିଡ ୩. ଭୟଙ୍କର ୪. ବିଶେଷ ଆନନ୍ଦପୂର୍ଣ୍ଣ ୫. ଜାକଜମକ ସହ ।

**ଘୟା** *ବି.* ୧. ଶାସ୍ତି ପାଇବା ପରେ ଶିକ୍ଷା ୨. ଅଙ୍ଗେଲିଭା ଅନୁଭୂତି ।

**ଘର୍‌ଗୁଞ୍ଜୁ** *ବିଂ.* ଯେ ସବୁବେଳେ ଘରେ ଥାଏ, ପଦାକୁ ବାହାରୁ ନ ଥିବା ।

**ଘର୍‌ଜ୍ଞା** *ବି.* ଘରଜୋଇଁଆ, ସ୍ତ୍ରୀ ଘରେ ସାରା ଜୀବନ ରହୁଥିବା ।

**ଘର୍‌ଡ଼ାବା** *କ୍ରି.* ଘୁଙ୍ଗୁଡ଼ି ମାରିବା, ନିଦରେ ଶୋଇଥିବା ବେଳେ ନାକ ଓ ପାଟିବାଟେ ପବନ ସହ ଶବ୍ଦ ହେବା ।

**ଘର୍‌ଢୁକା** *ବିଂ.ବି.* ୧. ଘରେ ପ୍ରବେଶ ୨. ବିଧିବିଧାନ ଅନୁଯାୟୀ ବିବାହ ନ କରି ନିଜ ଇଚ୍ଛାରେ ବାଛିଥିବା ପତ୍ନୀ ସହ ଗୃହକୁ ପ୍ରବେଶ କରିଥିବା ।

**ଘର୍ ବସ୍‌ବା** *କ୍ରି.* ବାହା ହେବା, ବିବାହ ସଂପାଦନ କରିବା, ଘର ସଂସାର କରିବା ।

**ଘର୍‌ବସିଆଁ** *ବି.* ପରିବାରର ସବୁଲୋକ ।

**ଘର୍‌ରା** *ବି.* ଲୁହା କାମ କରୁଥିବା, କମାର, ଲୁହୁରା, ଲୋହାର ।

**ଘର୍‌ଲି ଯିବା** *କ୍ରି.* ୧. ଫଳ ପ୍ରଭୃତି ବହୁ ପରିମାଣରେ ହେବା, ଭଲ ଫସଲ ହେବା ୨. ବହୁ ପରିମାଣରେ ଗଦେଇ ହୋଇଯିବା ।

**ଘର୍‌ଲେଇ ଦେବା** *କ୍ରି.* ଭୂଇଁରେ ଗଦା କରିବା ।

**ଘର୍‌ଲେଇବା** *କ୍ରି.* ପ୍ରହାର କରିବା, ମାଡ଼ ଦେବା ।

**ଘର** *ବି.* ୧. ରହିବା ଜାଗା ୨. ପାରିବାରିକ ବାସସ୍ଥାନ ୩. ପରିବାର (*ଉଦା.* ପାଞ୍ଚଘର ହାତୀ) ୪. ଖୋପ, ରନ୍ଧ୍ର ୫. ରେଖାବେଷ୍ଟିତ କ୍ଷେତ୍ର ।

**ଘରକରଣା** *ବି.* ଗୃହକର୍ମ, ଗୃହଧର୍ମ, ଘରଚଳାଇବା; *ବିଂ.* ଗୃହୋପଯୋଗୀ, ଖାଳାଚା ।

**ଘର କରିବା** *କ୍ରି.* ୧. ଘର ତିଆରି କରିବା ୨. ବାହାହେବା; *କ୍ରି.* ଦାମ୍ପତ୍ୟ ଜୀବନଯାପନ କରିବା ।

**ଘରକରୀ** *ବିଂ.* ଘର ଚଳାଇବାରେ ନିପୁଣା ପତ୍ନୀ ।

**ଘରଚଟିଆ** *ବି.* ଘରେ ବସାକରି ରହୁଥିବା ଛୋଟ ଚଢ଼େଇ ।

**ଘରଜୋଇଁଆ** *ବି.* ଯେଉଁ ପୁରୁଷ ସାରାଜୀବନ ଶ୍ୱଶୁର ଘରେ ଆଶ୍ରିତ, ଘରଜୁଇଁ ।

**ଘରଡ଼ି** *ବି.* ଘୁଙ୍ଗୁଡ଼ି ।

**ଘରଣୀ** *ବି.* ପତ୍ନୀ, ସ୍ତ୍ରୀ. ।

**ଘରତଳ** *ବିଂ.* ୧. ଓଳିତଳି ୨. ଅଧୀନତା, ବଶ୍ୟତା ।

**ଘରଦେଖା** *ବି.* ବାହାଘର ପୂର୍ବରୁ ଅପରପକ୍ଷର ଟିକିନିଖି ଖବର ନେବା ।

**ଘରଦ୍ୱାର କରିବା** *ବି.* ଦାମ୍ପତ୍ୟ ଜୀବନଯାପନ କରିବା, ବାହା ହୋଇ ଘରସଂସାର କରିବା ।

**ଘର ଧରିବା** *କ୍ରି.*୧. ନିଶ୍ଚିତ ହେବା ୨. ସୁସ୍ଥହେବା ୩. ମନରେ ପଶିବା, ହେଜିବା ।

**ଘରପୋଡ଼ିଆ** *ବିଂ.* ମନ୍ଦବୁଦ୍ଧିସମ୍ପନ୍ନ, ଘର ନଷ୍ଟ କରୁଥିବା ।

**ଘରପୋଷା** *ବିଂ.* ଗୃହପାଳିତ, ଘରେ ପୋଷା ହୋଇଥିବା ।

**ଘରବାଡ଼ି** *ବି.* ୧. ଘର କରିବାପାଇଁ ଉଦ୍ଦିଷ୍ଟ ଜମି ୨. ଜମିବାଡ଼ି ୩. ଜମିର କିସମ ।

**ଘରବାଲୀ** *ବି.* ପତ୍ନୀ, ସ୍ତ୍ରୀ, ଘରଣୀ ।

**ଘରବାହୁଡା** *ବି.* ବସାକୁ ଲେଉଟୁଥିବା, ଘରକୁ ଫେରୁଥିବା ।

**ଘରବୁଡ଼ା** *ବିଂ.* ୧. ପରିବାରକୁ ନଷ୍ଟ କରୁଥିବା ୨. ଦୁଷ୍ଟବୁଦ୍ଧିସମ୍ପନ୍ନ ।

**ଘରଭଙ୍ଗା** *ବିଂ.* ପରର ଘର ଭାଙ୍ଗୁଥିବା ।

**ଘରମୁହାଁ** *ବିଂ.* ଅନେକ ଦିନ ବାହାରେ ରହିବା ପରେ ଘରକୁ ଫେରିବାକୁ ଆତୁର ହେଉଥିବା ।

**ଘରଯୋଗ୍ୟା** *ବିଂ.ବି.* ରଜସ୍ୱଳା, ଝିଅପିଲାର ପ୍ରଥମ ଯୌବନ ପ୍ରାପ୍ତି ।

**ଘରଲୋକ** *ବି.* ୧. ନିଜଲୋକ ୨. ସ୍ୱାମୀ ।

**ଘରଶତ୍ରୁ** ***ବିଂ.*** ନିଜ ଘରଲୋକମାନଙ୍କ ବିରୋଧରେ ଯାଉଥିବା, ଘର ଭିତରେ ଥିବା ଭଗାରି, ଭାଇଭଗାରି ।

**ଘରସଂସାର** ***ବିଂ.*** ଘରକରଣା, ଦାମ୍ପତ୍ୟଜୀବନ ।

**ଘରା** ***ବି.*** ୧. ରେଖାବେଷ୍ଟିତ କ୍ଷେତ୍ର ୨. ଛିଦ୍ର, ବୋତାମର କଣା ୩. ଖୋପ ୪. ରାଇ, ବୋଲ୍ଟ ପ୍ରଭୃତିର ଥ୍ରେଡ୍ ୫. କୀଟ ପତଙ୍ଗଙ୍କ ତିଆରି ନୀଡ଼, ବସା ଆଦି ୬. ମାଠିଆ ୭. ପହ୍ନା ।

**ଘରାନା** ***ବି.*** ସଙ୍ଗୀତ ଗାନର ଏକ ନିର୍ଦ୍ଦିଷ୍ଟ ଶୈଳୀ ।

**ଘରି** ***ବି.*** ୧. ବାଉଁଶ କାଠିରେ ତିଆରି ଖଇଚଲା,ବଡ଼ ଚାଲୁଣି ବିଶେଷ ୨. ରାଇ, ଭଉଁରି, ଖାପର ଚୁଡ଼ି ।

**ଘରୁଆ** ***ବିଂ.*** ୧. ସମ୍ଭ୍ରାନ୍ତ, ଅବସ୍ଥାସମ୍ପନ୍ନ ୨. ପାରିବାରିକ ।

**ଘରୋଇ** ***ବିଂ.*** ୧. ଘର ସମ୍ପର୍କିତ ୨. ବ୍ୟକ୍ତିକ ୩. ଗୋପନୀୟ ୪. ବେସରକାରୀ ।

**ଘର୍ଘର** ***ବିଂ.*** ଘର୍ଷଣସୃଷ୍ଟ (ଶବ୍ଦ) ।

**ଘର୍ଘରୀ** ***ବି.*** ପିଲାମାନଙ୍କ ଅଣ୍ଟା ଏବଂ ପଶୁମାନଙ୍କର ବେକର ଘାଗୁଡ଼ି ।

**ଘର୍ମ** ***ବି.*** ପ୍ରଚଣ୍ଡ ଖରା ଅଥବା ଉତ୍ତେଜନା ବଶତଃ ଦେହରୁ ବାହାରୁଥିବା ଜଳଧାର, ଝାଳ, ସ୍ୱେଦ ।

**ଘର୍ମାକ୍ତ** ***ବିଂ.*** ଝାଳ ସରସର, ଝାଳରେ ଓଦା ।

**ଘର୍ଷକ** ***ବିଂ.*** ଘଷୁଥିବା ।

**ଘର୍ଷଣ** ***ବି.*** ଘଷିବା ବା ମାଜିବା କାର୍ଯ୍ୟ ବା ପ୍ରକ୍ରିୟା ।

**ଘର୍ଷଣ ବିଦ୍ୟୁତ୍** ***ବି.*** ଦୁଇଟି ବସ୍ତୁ ଘର୍ଷଣ ଯୋଗେ ଉତ୍ପନ୍ନ ଶକ୍ତି ।

**ଘର୍ଷଣୀୟ** ***ବିଂ.*** ଘଷିବାର ଯୋଗ୍ୟ ।

**ଘର୍ଷିତ** ***ବିଂ.*** ଘୋରାଯାଇଥିବା, ଘଷାଯାଇଥିବା ।

**ଘଳିଆ** ***ବି.*** ବନ୍ଧ ବା ହିଡ଼ରେ ହୋଇଥିବା କଣା – ଯାହା ଭିତର ଦେଇ ପାଣି ବାହାରି ଆସେ ।

**ଘଳିଆ ପଡ଼ିବା** ***କ୍ରି.*** ହିଡ଼ ଭିତରେ କଣାହୋଇ ପାଣି ବାହାରିଯିବା, ଘଣହେବା ।

**ଘଲେ** ***ଅ.*** ହେଲେ, ମଧ୍ୟ, *ଉଦା.* ମୁଁ ଘଲେ ଜିମି- ମୁଁ ମଧ୍ୟ ଯିବି ।

**ଘଷରା** ***ବିଂ.*** ୧. ଘଷା ହେବାଦ୍ୱାରା କ୍ଷୟପ୍ରାପ୍ତ ୨. ବାରମ୍ବାର ବ୍ୟବହାର ଫଳରେ ମୂଲ୍ୟ ବା ଉପଯୋଗିତା ହରାଇଥିବା ୩. ଦେହସୁହା, ଅଭ୍ୟସ୍ତ ।

**ଘଷା, ଘସା** ***ବି.*** ୧. ଘଷିବା କାର୍ଯ୍ୟ, ଗୋଡ଼ ହାତ ମୋଡ଼ିବା କାର୍ଯ୍ୟ ୨. ମାଜଣା ୩. ପରିଷ୍କାର ।

**ଘଷାଘଷି** ***ବି.*** ମାଜିବା କାର୍ଯ୍ୟ,ପରସ୍ପରକୁ ଘଷିବା କାର୍ଯ୍ୟ ।

**ଘଷାଜଳ** ***ବି.*** ଜାଇଫଳ ଘୋରା ଔଷଧୀ ପାନୀୟ ।

**ଘଷାପଥର** ***ବି.*** ୧. ପାଦକୁ ଘଷି ଚିକ୍କଣ କରିବାପାଇଁ ବ୍ୟବହୃତ ପଥର ୨. ଶାଣପଥର, ଅସ୍ତ୍ରଶସ୍ତ୍ର ଧାର କରିବାପାଇଁ ବ୍ୟବହୃତ ପଥର ।

**ଘଷାମଜା** ***ବି.*** ଭଲ ଭାବରେ ମାଜି ପରିଷ୍କାର କରିବା ।

**ଘଷିବା** ***କ୍ରି.*** ୧. ଘର୍ଷଣ କରିବା ୨. ଗୋଡ଼ହାତ ମୋଡ଼ିବା ୩. ରଗଡ଼ିବା ।

**ଘସର୍‌ଘସା, ଘସ୍‌ଘସା** ***ବିଂ.*** ୧. ଅନବରତ, ସର୍ବଦା ୨. ସଦା ଗାଳି ବର୍ଷଣକାରୀ ।

**ଘସି** ***ବି.*** ୧. ଗୋବର ଚକଟି ତିଆରି କରାଯାଉଥିବା ଗୋଲାକାର ପଦାର୍ଥ – ଯାହା ଶୁଖିଲା ପରେ ଜାଳେଣି ଭାବରେ ବ୍ୟବହୃତ ହୁଏ ଛେନା ।

**ଘାଁଟିସାନିହେବା** ***କ୍ରି.*** ଗୋଳିଆ ମିଶାହେବା, ହଇରାଣ ହରକତ ହେବା, ଘଣ୍ଟାଗୋଳିଆ ହେବା ।

**ଘା, ଘାଆ** ***ବି.*** ୧. ମାଡି ଯାଇଥିବା କ୍ଷତ, ପାଚିଥିବା କ୍ଷତ ୨. ଆଘାତ, ପ୍ରହାର ।

**ଘାଇ** ***ବି.*** ହିଡ଼ ବା ବନ୍ଧ ଭାଙ୍ଗି ପାଣିସୁଅ ଛୁଟିବା ବାଟ ।

**ଘାଇମୁହଁ** ***ବି.*** ବନ୍ଧ ଓ ହିଡର ଯେଉଁ ଅଂଶ ଦେଇ ପାଣି ପଦାକୁ ବାହାରି ଆସୁଥାଏ ।

**ଘାଇଲା** ***ବିଂ.*** ଆଘାତପ୍ରାପ୍ତ, ଆହତ, କ୍ଷତଯୁକ୍ତ ।

**ଘାଉଁରି** ***ବି.*** ଘୂର୍ଣ୍ଣନ, ଚକ୍ରାକାରଗତି ।

**ଘାଉ** ***ବିଂ.*** ଘାଆଭରା, ଘାଆପୂର୍ଣ୍ଣ ।

**ଘାଉଆ, ଘାଉଲା** ***ବିଂ.*** ଆହତ, କ୍ଷତଯୁକ୍ତ, ଉତ୍କଟ କ୍ଷତଯୋଗୁଁ ଯନ୍ତ୍ରଣା ପ୍ରାପ୍ତ ।

**ଘାଉଡ଼** ***ବି.*** ସାପକାମୁଡ଼ା, ସର୍ପାଘାତ ।

**ଘାଉଡ଼ା** ***ବିଂ.*** ଆହତ, ମାଡ଼ ବା ଗୁଳିଖିଆ କ୍ରୁଦ୍ଧ (ଜୀବ) ୨. ପ୍ରତିଶୋଧ ପରାୟଣ ।

**ଘାଏଁ** ***କ୍ରି.ବିଂ.*** ଶୀଘ୍ର, ଜୋର୍‌ରେ, ଏକବାର, ଥରେ ।

**ଘାଏ** ***ବିଂ.*** ଜୋର୍‌ରେ ।

**ଘାଏକେ** ***କ୍ରି.ବିଂ.*** ଥରକେ, ଏକାଥରକେ ।

**ଘାଏଘାଏ** ***ଅ.*** ବେଳେବେଳେ, ଥରେଥରେ ।

**ଘାଏଲା, ଘାଉଲା** ***ବିଂ.*** ଆହତ, ଆଘାତପ୍ରାପ୍ତ ।

**ଘାଗଡ଼ା** ***ବିଂ.*** କର୍କଶ, ରୁକ୍ଷ ।

**ଘାଗଡା ସ୍ୱର** ***ବିଂ.*** ଭାରି ପୁରୁଷ କଣ୍ଠ, ଓଜନିଆ ବା ଲାଳିତ୍ୟହୀନ ମୋଟାସ୍ୱର ।

**ଘାଗର** ***ବି.*** ଘଣ୍ଟିଘାଗୁଡ଼ି ।

**ଘାଗରା** ***ବି.*** ୧. ନାରୀ ପିନ୍ଧୁଥିବା ଅଣ୍ଟାରୁ ଘେର ଥାଇ ପାଦପର୍ଯ୍ୟନ୍ତ ବସ୍ତ୍ର ବିଶେଷ ୨. ଅଣ୍ଟାଭରଣ ବିଶେଷ ।

**ଘାଗୁଡ଼, ଘାଗୁରି** ***ବି.*** ୧. କ୍ଷୁଦ୍ରଘଣ୍ଟି ୨. ଅଣ୍ଟାର ଏବଂ ବେକର ଅଳଙ୍କାର ବିଶେଷ ।

**ଘାଗୁଡ଼ା** ***ବିଂ.*** ଘାଆଗୋଡ଼ିଆ, ଯାହାର ଗୋଡ଼ ଘାଆରେ ଭର୍ତ୍ତି ହୋଇଥାଏ ।

**ଘାଟ** ***ବି.*** ୧. ନଦୀ ବା ପୋଖରୀର ଅବତରଣ ସ୍ଥାନ, ତୁଠ ୨. ନଦୀ ପାରହେବା ସ୍ଥାନ ।

**ଘାଟକଉଡ଼ି** ***ବି.*** ନଈ ବା ବଡ଼ ଜଳାଶୟ ଏକ ପାଖରୁ ଆର ପାଖକୁ ଯିବା ପାଇଁ ପ୍ରଦତ୍ତ ପାଉଣା, ମାହାସୁଲ ।

**ଘାଟ ପଡ଼ିବା** ***କ୍ରି.*** ନଇ ପାରିହେବାପାଇଁ ଡଙ୍ଗାର ବ୍ୟବସ୍ଥା ହେବା ।

**ଘାଟା** ***ବି.*** କ୍ଷତି, ଲୋକସାନ, ନୁକ୍‌ସାନ୍ ।

**ଘାଟି** ***ବି.*** ୧. ବିପଦ, ସଂକଟକାଳ ୨. ମାରକ ଦଶା ୩. ପର୍ବତ ମଧ୍ୟସ୍ଥ ଦୁର୍ଗମ ସଂକୀର୍ଣ୍ଣ ରାସ୍ତା, ଗିରିସଂକଟ ୪. ଲୁହାଦ୍ୱାରା ଦାଗ, ଘରି ୫. ସନ୍ଧିସ୍ଥଳ ୬. ଦେଶର ପ୍ରତିରକ୍ଷାପାଇଁ ନିର୍ମିତ ସ୍ଥାନ ୭. ଉଡ଼ାଜାହାଜର ଅବତରଣ ସ୍ଥାନ ୭. କ୍ଷତି, ନୁକସାନ ୮. ଘାଟା ।

**ଘାଟିଆ** ***ବି.*** ମାଝି, ଘାଟରକ୍ଷକ, ନାଉରିଆ ।

**ଘାଟିଆଳ** ***ବି.*** ଘାଟିଆ, ନଈର ଘାଟ ଜଗୁଥିବା ଲୋକ ।

**ଘାଣ୍ଟ** ***ବି.*** ମିଶାମିଶି ତିଅଣ, ବିବିଧ ପରିବା ମିଶ୍ରିତ ତରକାରି ; ***ବିଂ.*** ମିଶ୍ରିତ ; ***କ୍ରି.*** ୧. ଘୋଟ ୨. ମିଶାଅ ୩. ଆଲୋଡ଼ନ କର, ଆଉଟ ।

**ଘାଣ୍ଟଚକଟ** ***ବି.*** ଗୋଳମାଳ, ଖୋଳାତଡ଼ା ।

**ଘାଣ୍ଟିଆ** ***ବି.*** ୧. ବିଭିନ୍ନ ପରିବାରେ ପ୍ରସ୍ତୁତ ତରକାରୀ ୨. ଶସ୍ୟ ବିଶେଷ ।

**ଘାଣ୍ଟିବା** ***କ୍ରି.*** ୧. ଭଲ ଭାବରେ ମିଶାଇବା ବା ମିଳାଇବାର ପ୍ରକ୍ରିୟା, ଫେଣ୍ଟିବା ୨. ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଖୋଜିବା ୩. ଗୋଳିବା, ମିଶାଇବା, ତଳ ଉପର ଆଉଟିବା ୪. ବ୍ୟତିବ୍ୟସ୍ତ କରିବା, କ୍ରମାଗତ ଯନ୍ତ୍ରଣା ଭୋଗାଇବା ୫. ଖୋଳତାଡ଼ କରିବା, ସବୁ ଦିଗରୁ ତଦନ୍ତ କରିବା ।

**ଘାଣ୍ଟି ହେବା** ***କ୍ରି.*** କାର୍ଯ୍ୟରେ ବ୍ୟତିବ୍ୟସ୍ତ ହେବା, କଲବଲ ହେବା, ମନ ବିଚଳିତ ହେବା ।

**ଘାତ** ***ବି.*** ୧. କ୍ଷତ ୨. ବଧ, ବିନାଶ ୩. ପ୍ରହାର, ଚୋଟ ୪. ସୁଯୋଗ, ବାଗ ୫. ଗୁଣନ, ଗୁଣନସୂଚକ ବର୍ଗ ।

**ଘାତକ, ଘାତୁକ** ***ବି.*** ହତ୍ୟାକାରୀ, ଘାତୁକ, ମାରିବାପାଇଁ ନିଯୁକ୍ତ କର୍ମଚାରୀ ।

**ଘାତଚିହ୍ନ** ***ବି.*** ଆଘାତ ଯୋଗୁ ଦେହରେ ସୃଷ୍ଟ ଚିହ୍ନ, କଟାଚିହ୍ନ ।

**ଘାତ ପ୍ରତିଘାତ** ***ବି.*** ଆଘାତ ଓ ଲେଉଟ ଆଘାତ, କ୍ରିୟା-ପ୍ରତିକ୍ରିୟା ।

**ଘାତସହ** ***ବିଂ.*** ୧. ଘାତ ସହନଶୀଳ – ଯାହା ଆଘାତ ପାଇଲେ ବି ଭାଙ୍ଗେନା ହିଁ ୨. ଯାହାକୁ ପିଟି ଅନ୍ୟ ଆକାରରେ ପରିବର୍ତ୍ତିତ କରାଯାଏ ।

**ଘାନ୍** ***ବି.*** ଘନ୍ ।

**ଘାନି** ***ବି.*** ୧. ଘଣା ୨. ଅଡୁଆ ପରିସ୍ଥିତି ।

**ଘାନ୍ତି, ଘାନ୍ତେ** ***ବି.*** ଥର, ବାର ; ***କ୍ରି.ବିଂ.*** କ୍ଷଣମାତ୍ର, କ୍ଷଣେ, ଥରେ, ଏଥର ।

**ଘାବରା** ***ବିଂ.*** ୧. ବିଚଳିତ, ଅସ୍ଥିର ୨. ଭୀତତ୍ରସ୍ତ ୩. ଅସ୍ତବ୍ୟସ୍ତ ୪. ହତବୁଦ୍ଧି ।

**ଘାବରାଇବା** ***କ୍ରି.*** ୧. ବିଚଳିତ ହୋଇଯିବା ୨. ଭୀତ ହୋଇଯିବା ୩. ହତବଢ଼େଇ ଯିବା ।

**ଘାବା** ***ବିଂ.*** କ୍ଷତବିକ୍ଷତ, ଘାଇଲା ।

**ଘାରି** ***ବି.*** ୧. ବିଲହିଡ଼ରେ କଟାଯାଇଥିବା ନାଳ ୨. ତଳି ପକାଯିବା ଜମି ୩. ପଞ୍ଜୁରି ।

**ଘାରି କାଟିବା** ***କ୍ରି.*** ୧. ଦେହର ସନ୍ଧି ସ୍ଥାନଗୁଡ଼ିକରେ (*ବିଶେ.* ଜଂଘ ସନ୍ଧିରେ) କ୍ଷତ ହେବା ୨. ଧାତବ ପଦାର୍ଥରେ ରାଇ କାଟିବା ।

**ଘାରିବା** ***କ୍ରି.*** ୧. ଜର୍ଜରିତ କରିବା ୨. ଅଭିଭୂତ କରିବା ୩. ଘାଲିବା, ଘୁମ ଲାଗିବା ୪. ଆନ୍ଦୋଳିତ କରିବା ୫. ନିଶାରେ ଚୁର୍ ହେବା ୬. ମୁଣ୍ଡକୁ ନିଶା ଚଢ଼ିବା ।

**ଘାରିହେବା** ***କ୍ରି.*** କୌଣସି ବିଷୟ ନେଇ ଚିନ୍ତାଗ୍ରସ୍ତ ହେବା, ବ୍ୟସ୍ତବିବ୍ରତହେବା, ଝୁରିହେବା ।

**ଘାଲି** ***ବି.*** ୧. ଶୋଇବାର ଛଳନା ୨. ନିଶା ବା ନିଦରେ ଟଳ ଟଳ ଅବସ୍ଥା ।

**ଘାଲିଦେବା** ***କ୍ରି.*** ୧. ଅଜାଡ଼ି ଦେବା ୨. ପୂର୍ବ ଋଣ ଏକାଥରେ ପରିଶୋଧ କରିଦେବା ।

**ଘାଲି ପଡ଼ିବା** ***କ୍ରି.*** ଶୋଇବାର ଛଳନା କରିବା, ଚେଇଁ ଶୋଇବା ।

**ଘାସ** ***ବି.*** ମାଟି ଉପରେ ଆପେ ଉଠୁଥିବା ଛୋଟ ଉଦ୍ଭିଦ, ଦୂବ ଆଦି ତୃଣ ।

**ଘାସଖିଆ** ***ବିଂ.*** ଆମିଷ ଦ୍ରବ୍ୟ ଖାଉ ନ ଥିବା, ଭେଜିଟେରିଆନ୍, ନିରାମିଷାସୀ ।

**ଘାସି** ***ବି.*** ଯେ ଘାସ ବିକ୍ରୟ କରେ, ଯେ ଗାଈ ଓ ଘୋଡ଼ା ପାଇଁ ଘାସ କାଟେ ।

**ଘି, ଘିଅ** ***ବି.*** ୧. ଘୃତ ୨. ଦୁଗ୍ଧଜାତ ସ୍ନେହସାର ।

**ଘିଅକୁଆରୀ** ***ବି.*** ଘିକୁଆଁରୀ, ଔଷଧୀୟ ଗୁଳ୍ମ ବିଶେଷ-ଯାହାର ପତ୍ର ରସାଳ ଓ ଧାର କଂଟାଳିଆ ।

**ଘିଅ କୋରୁଅ** ***ବି.*** ଲହୁଣୀ ମାରି ଘିଅ ବାହାର କଲା ପରେ ରହିଥିବା ଖଦା ।

**ଘିଅଘଡ଼ି** ***ବି.*** ୧. ଯେଉଁ ନିର୍ଦ୍ଦିଷ୍ଟ ଛୋଟ ମାଟିପାତ୍ର ନିଆଁରେ ରଖି ଲହୁଣିରୁ ଘିଅ ମରାଯାଏ ୨. ଘିଅ ରଖାଯାଉଥିବା ମାଟିପାତ୍ର ।

**ଘିଅଭାତ *ବି.*** ୧. ପ୍ରେତକର୍ମ ପାଳନ କାଳରେ ଏକାଦଶ ଦିବସରେ ନୂଆହାଣ୍ଡିରେ ରନ୍ଧା ଯାଉଥିବା ଖାଦ୍ୟ ୨. **ଘିଅ'ନ୍ନ,** ଘୃତାନ୍ନ ।

**ଘିଅହାଣ୍ଡି *ବି.*** ୧. ପ୍ରେତକର୍ମ ପାଳନ କାଳରେ ଖାଦ୍ୟ ରନ୍ଧାଯାଉଥିବା ମାଟିପାତ୍ର ୨. ଯେଉଁ ମାଟି ହାଣ୍ଡିରେ ଲହୁଣୀ ମାରି ଘିଅ ବାହାର କରାଯାଏ ।

**ଘିଇପିଠା *ବି.*** ଚାଉଳଚୂନା ଓ ଗୁଡ଼କୁ ପାଗକରି ଘିଅରେ ଛଣାଯାଇଥିବା ପିଠା, ଆରିସା ।

**ଘିଙ୍ଗାରି ହେବା *କ୍ରି.*** ୧. ଖିଙ୍କାରି ହେବା ୨. ଧମକାଇବା ।

**ଘିଚାଟନା *ବି.*** ୧. ଟଣାଓଟରା ୨. ନିଜ ଆଡ଼କୁ ଆଣିବାପାଇଁ ଶାରୀରିକ ବଳପ୍ରୟୋଗ ।

**ଘିଚା ପଡ଼ିବା *କ୍ରି.*** ୧. ଅଭାବ ବା ନିଅଣ୍ଟ ହେବା ୨. ଅସୁବିଧା ହେବା ।

**ଘିଚାପୁତ୍‌କା *ବି.*** ୧. ଟଣାଓଟରା ୨. ଭିଡ଼ିବା ଓ ଉପାଡ଼ିବା ।

**ଘିଚିଘାଚି ହେବା *କ୍ରି.ବିଂ.*** ବିରକ୍ତି ପ୍ରକାଶ କରିବା, ଅସନ୍ତୋଷ ପ୍ରକାଶ କରିବା ।

**ଘିଚିବା *କ୍ରି.*** ୧. ଓପାଡ଼ିବା, ମୂଳରୁ ଉପାଡ଼ିବା ୨. ତଳୁ ଟାଣିବା ୩. ଭିଡ଼ିବା ୪. ବିବାହ କରିବା ଉଦ୍ଦେଶ୍ୟରେ କନ୍ୟାକୁ ବଳ ପୂର୍ବକ ନେଇ ଆସିବା ।

**ଘିଟୁ *ବିଂ.*** ଲୋଭୀ, ଆସକ୍ତ ।

**ଘିଞ୍ଜାଘିଞ୍ଜି *ବି.*** ୧. ବିରକ୍ତି, ଅସନ୍ତୋଷ ଭାବ ୨. **ଟଣା** ଓଟରା ।

**ଘିଞ୍ଚିବା *କ୍ରି.*** ଟାଣିବା, ଓଟାରିବା, ଭିଡ଼ିବା, ଝିଙ୍କିବା ।

**ଘିଡ଼୍‌ଘିଡ଼ି *ବି.*** ୧. କୂଅରୁ ପାଣି କାଢ଼ିବା ପାଇଁ ବ୍ୟବହୃତ ଚକି, କପିକଳ, ପୁଲି ୨. କୂଅବିଲେଇ ।

**ଘିତିବା *କ୍ରି.*** ୧. ଘେନିବା, ଗ୍ରହଣ କରିବା, ନେବା ୨. ଶୋଭା ପାଇବା ।

**ଘିନ୍‌ଗିନା *ବିଂ.*** ୧. ଅସନା, ଘୃଣ୍ୟ ୨. କୁତ୍ସିତ ।

**ଘିନା *ବି.*** ଘୃଣା, ନାକଟେକାଭାବ ।

**ଘିନାଇବା *କ୍ରି.*** ୧. ଶୋଭା ପାଇବା, ମନକୁ ପାଇବା, ପସନ୍ଦ ହେବା ୨. କିଣାଇବା ।

**ଘିନି ଖାଇବା *କ୍ରି.*** ୧. କିଣି ଖାଇବା ୨. ସାଙ୍ଗରେ ନେଇ ଖାଇବା, (*ଦୃ.* ସେ ଲୁଣ ଲଂକା ଘିନି ଖାଇଲା) ।

**ଘିନିଖିଆ *ବିଂ.*** କିଣିଖିଆ ।

**ଘିନିଘିନିଆ *ବିଂ.*** ଘୃଣାଜନକ, ଗିନିଗିନିଆ, ପୋଚରା, ଛେତରା, ଅପରିଛନିଆ ।

**ଘିନିବା *କ୍ରି.*** ୧. ଗ୍ରହଣ କରିବା ୨. ପିନ୍ଧିବା ୩. କିଣିବା ।

**ଘିମିର, ଘିମରି, ଘିମିରି *ବି.*** ଝାଳ ଯୋଗୁ ଦେହରେ ଫଳି କୁଣ୍ଡାଇ ହେଉଥିବା କ୍ଷୁଦ୍ର ଫୋଟକା, ଘିମିର, ଘୁମେର, ଘୁମେଲ୍ ।

**ଘିରିଘିରାଇବା *କ୍ରି.*** ଚକ୍ରାକାରରେ ଘୂରାଇବା ।

**ଘିରିଘିରି *ବି.*** ଚକ୍ରାକାରରେ ଘୂର୍ଣ୍ଣନ ।

**ଘୁଁ *ବିଂ.*** ରଥ, ଶଗଡ଼ ଓ ଚକଥିବା ଗାଡ଼ି ଚାଲିବା କାଳରେ ସୃଷ୍ଟ ଉଚ୍ଚଧ୍ୱନି ।

**ଘୁଁଗା *ବି.*** କାପତା ପକ୍ଷୀ, ପଣ୍‌କା ; ***ବିଂ.*** ୧. ମୂକ, ବାକ୍‌ଶକ୍ତିହୀନ (*ସ୍ତ୍ରୀ.* ଘୁଙ୍ଗୀ) ୨. ଜଡ଼ା, ବୋକା ।

**ଘୁଅ *ବି.*** ୧. ମଳ, ଗୁହ ୨. ଅବଶେଷ ।

**ଘୁଅ ଉଖାରିବା *ବି.*** ଖରାପ କଥା ଚର୍ଚ୍ଚା ବା ଆଲୋଚନା କରିବା ।

**ଘୁଅକନା *ବି.*** ଛୋଟ ପିଲାମାନଙ୍କର ଗୁହପୋଛା ହେଉଥିବା କନା ।

**ଘୁଅଖିଆ *ବିଂ.*** ୧. ଅନ୍ୟର ସମ୍ପଦକୁ କୌଶଳରେ ନିଜର କରି ନେଉଥିବା ୨. ନୀଚମନା, ଛୋଟବୁଦ୍ଧି, କୁତ୍ସିତପଣ ।

**ଘୁଅପୋକ *ବି.*** କୃମି, ଦଶିପୋକ, ଗୁହରେ ଜନ୍ମୁଥିବା ସୂତା ଆକାରର ଧଳାରଙ୍ଗର ପୋକ ।

**ଘୁଅବଣ *ବି.*** ଗୁହପଡ଼ିଆ, ଲୋକେ ହଗୁଥିବା ପଡ଼ିଆ ।

**ଘୁଗୁପାଞ୍ଜି *ବି.*** **ଗୁଗୁପାଞ୍ଜି,** ଚିତ୍‌ହୋଇ ଶୋଇ ପାଦ ଉପରେ ପିଲାମାନଙ୍କୁ ବସେଇ ତଳ ଉପର କରିବା ।

**ଘୁଗୁର୍ଲା *ବି.*** ୧. ଗାଈଗୋରୁ ଆଦି ପୋଷା ଜୀବଙ୍କ ବେକରେ ପିନ୍ଧାଇ ଦିଆଯାଉଥିବା ଧ୍ୱନି ସୃଷ୍ଟିକାରୀ ପଦାର୍ଥ, ଘାଗୁଡ଼ି ୨. ବିଶେଷତଃ ନାଚିଲା ବେଳେ ପାଦରେ ପିନ୍ଧା ଯାଉଥିବା ଧ୍ୱନି ସୃଷ୍ଟିକାରୀ ଅଳଙ୍କାର ବିଶେଷ, ଘୁଂଘୁର ।

**ଘୁଘୁ *ବି.*** ବଢ଼ିପାଣିର ଗତିରୁ ସୃଷ୍ଟ ଉଚ୍ଚଶବ୍ଦ, ଘୁଘୁ ଗର୍ଜନ ।

**ଘୁଙ୍ଗୁଡ଼ି *ବି.*** ଗାଢ଼ନିଦରେ ଶୋଇଥିବା ବେଳେ ନାକ ଓ ପାଟିରୁ ବାହାରୁଥିବା ଧ୍ୱନି ।

**ଘୁଙ୍ଗୁର *ବି.*** ୧. ନାଚିବା ବେଳେ ପାଦ ଉପରକୁ ପିନ୍ଧା ଯାଉଥିବା ଧାତବ ଗୋଟିର ମାଳ, ଘୁଗୁର୍ଲା ୨. ପାଦ ବା ଅଣ୍ଟାର ଧ୍ୱନି ସୃଷ୍ଟିକାରୀ ଅଳଙ୍କାର ବିଶେଷ ।

**ଘୁଙ୍ଗୁ ଲାଇବା *କ୍ରି.*** ୧. ଖେଳ ଆଦିରେ ଗୋଳେଇବା ୨. ଗୋଳିଆପୋଳିଆ କରିବା ୩. **ଖିକ୍‌ରି ହେବା,** ଗୁନ୍ଦୁରେଇବା ।

**ଘୁଚ୍‌ପୁଚ୍ *ବି.*** ଘୁଞ୍ଚପୁଞ୍ଚ, ଦୋଦୋପାଞ୍ଚ ।

**ଘୁଚୁରୁପୁଚୁରୁ *ବିଂ.*** ଦୋଦୋପାଞ୍ଚ, ଠିକ୍ କରିପାରୁନଥିବା, ସିଦ୍ଧାନ୍ତ ନେଇପାରୁ ନ ଥିବା ।

**ଘୁଞ୍ଚପୁଞ୍ଚ *ବି.*** ଦ୍ୱିଧା, ଅନିଚ୍ଛାଜନିତ ପଛଘୁଞ୍ଚା ; ***ବିଂ.*** ଦ୍ୱିଧାଗ୍ରସ୍ତ, ଅନିଚ୍ଛାରେ ପଛଘୁଞ୍ଚା ଦେଉଥିବା ।

**ଘୁଞ୍ଚା ବି.** ଆଗ ବା ପଛ ବା କଡ଼କୁ ଅପସରଣ, ଅଳ୍ପ ସ୍ଥାନାନ୍ତର କରିବା, ହଟିବା ।

**ଘୁଞ୍ଚାଇବା କ୍ରି.** ୧. ଅପସାରଣ କରିବା, ସ୍ଥାନାନ୍ତରଣ କରିବା ୨. ଅନ୍ୟ ସମୟ ଧାର୍ଯ୍ୟ କରିବା ।

**ଘୁଞ୍ଚିବା କ୍ରି.** ୧. ଆଗ ବା ପଛକୁ ଚାଲିଯିବା, ଗୋଟିଏ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ଯିବା, ୨. ସଭା/ବୈଠକାଦିପାଇଁ ନିର୍ଦ୍ଧାରିତ ସମୟ ପରିବର୍ତ୍ତେ ଅନ୍ୟ ସମୟ ଧାର୍ଯ୍ୟ ହେବା ।

**ଘୁଟ୍‌କା ବି.** ଗଡ଼ାଣିଆ ଜାଗାରେ ଚକ ତଳକୁ ଗଡ଼ି ନ ଯିବାପାଇଁ ଚକତଳେ ରଖାଯାଉଥିବା କାଠ ବା ପଥର ଖଣ୍ଡ, ଠେସ ୨. ଗୁଟ୍‌କା, ତମାଖୁରେ ତିଆରି ବଟିକା ବା ମସଲା ।

**ଘୁଟି ବି.** ବଟିକା, ଔଷଧର ଶୁଖିଲା ଟେଲା ବା ବଡ଼ି ।

**ଘୁଡୁକା(କି) ବି.** ବଡ଼ ଘୁଡୁକି, ଗୋଟିଏ ପଟେ ଚମଡ଼ା ଛାଉଣି ଥାଇ ସେଥିରୁ ଲମ୍ବିଥିବା ଡୋରକୁ ଓଟାରି ବଜା ଯାଉଥିବା ବାଜା ।

**ଘୁଡୁକାନ୍ ବି.** ଗାଳି, ଧମକ ।

**ଘୁଡୁକିବା କ୍ରି.** ୧. ବିରକ୍ତିରେ ଗର୍ଜନ କରିବା, ସତର୍କବାଣୀ ବା ଧମକ ବାଣୀ ଶୁଣାଇବା ୨. ଗାଳିଦେବା ।

**ଘୁଡୁଘୁଡୁ ବି.** ଅଫିମ ଧୂଆଁ ଖାଇବା ଉପକରଣ, ହୁକା ।

**ଘୁଡୁଘୁଡୁ ପଟି ବି.** ଘରକଟା ପାଲିରେ ଖେଳାଯାଉଥିବା ଏକ ପ୍ରକାର ଜୁଆ ।

**ଘୁଡ଼ାଖାଇ ବି.** ନବ ବିବାହିତା କନ୍ୟାର ସହଚରୀ – ଯେ ଝିଅ ସାଥିରେ ଶାଶୁଘରକୁ ଯାଇ ଅଳ୍ପ କିଛି ଦିନ ରହେ ।

**ଘୁଡ଼ି ବି.** ପତାଙ୍ଗି, ଗୁଡ଼ି, ଆକାଶରେ ଉଡାଇବାପାଇଁ କାଗଜ ତିଆରି ଖେଳଣା ବିଶେଷ ।

ଘୁଡ଼ିଆ ବି. କାଠମିସ୍ତ୍ରୀର ଉପକରଣ ।

**ଘୁଡୁକି ବି.** ସାଂଗୀତିକ ଶବ୍ଦ ସୃଷ୍ଟିକରୁଥିବା ଚମଡ଼ା ନିର୍ମିତ ଦେଶୀ ବାଦ୍ୟଯନ୍ତ୍ର ବିଶେଷ, ଧୁଡୁକି ।

**ଘୁଡୁଘୁଡୁ ବି.** ଅଝଟିଆ ଛୋଟ ପିଲାକୁ ଡରେଇବାପାଇଁ କୁହାଯାଉଥିବା ଏକ କାଳ୍ପନିକ ଜୀବ, କୋକ ।

**ଘୁଣ ବି.** କାଠପୋକ ।

**ଘୁଣଖିଆ ବିଂ.** ଖତରା, ପୋକଖିଆ ।

**ଘୁଣାକ୍ଷର ବି.** ୧. ଅକଳ୍ପିତ ବ୍ୟାପାର, ଆକସ୍ମିକ ଅଦ୍‌ଭୁତ କର୍ମ ୨. ଘୁଣପୋକଦ୍ୱାରା କାଠରେ ଖୋଦିତ ଅକ୍ଷର ଆକୃତି ।

**ଘୁଣ୍ଟି ବି.** ୧. ବୋତାମ ୨. ଗୁଣ୍ଡି, ଧୂଆଁପତ୍ର ମିଶା କଡା ପାନମସଲା ୩. ସ୍ତନବୃନ୍ତ, ସ୍ତନର ଅଗ୍ରଭାଗ, ଚୂଚୁକ ।

**ଘୁନ୍‌ସି ବି.** ଅଣ୍ଟାସୂତା, ଅଳଙ୍କାର ବିଶେଷ, ଗୁନ୍‌ଚି ।

**ଘୁମ୍ ବି.** ୧. ନିଦ ୨. ଶସ୍ୟାଦି ରଖିବା ନିମିତ୍ତ ବଡ଼ ମାଟିପାତ୍ର, ଘୁମ ।

**ଘୁମ୍‌କା ବି.** ବିଧା, ହାତମୁଠା ମାଡ଼ ।

**ଘୁମ୍‌ନାମୁହାଁ ବିଂ.** ଯେ ସବୁବେଳେ ମୁହଁକୁ ହାଣ୍ଡିପରି କରିଥାଏ, (*ସ୍ତ୍ରୀ.* ଘୁମ୍‌ନିମୁହାଁ) ।

**ଘୁମ୍‌ରି ବି.** ୧. ଘିମିରି ୨. ଛୋଟମାଠିଆ ।

**ଘୁମନ୍ତ ବିଂ.** ଢୋଳୋଉଥିବା, ଅଧାଶୁଆ ।

**ଘୁମସ୍ତା ବିଂ.** ଅବୁଝା, ଜିଦ୍‌ଖୋର ।

**ଘୁମା ବି.** ୧. ଚଉଡ଼ାମୁହାଁ ବଡ଼ପାତ୍ର, ହାଣ୍ଡି ୨. କୁକୁଡ଼ାର ଢୋଳେଇବା ରୋଗ ; **ବିଂ.** ଯେ ଘୁମାଏ ବା ଢୋଳାଏ ।

**ଘୁମାଇବା କ୍ରି.** ଢୋଳାଇବା, ଝୁମୁରାଇବା ।

**ଘୁମାଛି ବି.** ଗଣଗଣିଆ ମାଛି, ଗୁହରେ ବସୁଥିବା ବଡ଼ ଆକାରର ମାଛି ।

**ଘୁମୁଡ଼ି ବି.** ଘୁଙ୍ଗୁଡ଼ି ।

**ଘୁମୁରା, ଘୁମ୍‌ରା ବି.** ୧. କଳସୀ ଆକାରର ଗୋଧି ଚମଡ଼ା ଆଚ୍ଛାଦିତ ବାଦ୍ୟଯନ୍ତ୍ର ୨. ପାରା ଓ କପୋତର ଘୁମୁରିବା ଶବ୍ଦ ।

**ଘୁମେର୍, ଘୁମେଲ୍ ବି.** ଘିମିରି ।

**ଘୁର୍‌ଲିଆ ବି.** କଜଳପାତି ଚଢ଼େଇ – ଯାହାର ଆକାର ଛୋଟ ଓ ରଙ୍ଗ କଳା ।

**ଘୁର୍‌ଲେଇବା କ୍ରି.** ୧. ଘୋଷାରିବା ୨. ଘୁମୁରା ଆଦିରେ ବିନା ଗୀତରେ ବାଦ୍ୟସମୂହ ପରିବେଷଣ କରିବା ।

**ଘୁଲ୍‌ଗୁଲା ବି** ୧. ବଳଦବେକରେ ବନ୍ଧା ଘଣ୍ଟି ୨. ଘୁଙ୍ଗୁର ।

**ଘୁଲାଘୁଞ୍ଚା ବି.** ଚଉରଙ୍ଗୀ ଖେଳ, ପଶାଖେଳ ।

**ଘୁଲି ବି.** ଗେଣ୍ଡା, ଘୋଲି, ଦେହରେ କଠିନ ଆବରଣ ଥିବା ଜୀବ ।

**ଘୁଲିକାଙ୍କ ବି.** ଗେଣ୍ଡାଳିଆ ପକ୍ଷୀ ।

**ଘୁଷ୍‌ରା ବି.** ୧. ଘୁଷୁରି ୨. ଅଳସୁଆ, କର୍ମକୁଣ୍ଠ ।

**ଘୁଷା, ଘୁଷି ବି.** ମୁଥ, ବଦ୍ଧମୁଷ୍ଟିର ଆଘାତ ।

**ଘୁଷିବା କ୍ରି.** ବଳପୂର୍ବକ ଅନୁପ୍ରବେଶ କରିବା ।

**ଘୁଷୁରି ବି.** ଗୁହପ୍ରିୟ ଓ ପଙ୍କ / କାଦୁଅରେ ଲଟପଟ ହେବାକୁ ଭଲ ପାଉଥିବା ଜୀବ ବିଶେଷ, ଘୁସ୍‌ରା, ଶୂକର ।

**ଘୁଷୁରିଆ ବି.** ଘୁଷୁରିପାଳକ, ଘୁଷୁରି ପାଳୁଥିବା ଜାତି ।

**ଘୁଷୁରିଆ ଛପା/ପଟି ବି.** ଖଜୁରିପତ୍ରରେ ବୁଣାଯାଇଥିବା ମସିଣା ବା ପଟେଇ ।

**ଘୁଷୁରିବା ବି.** ଭୂମିରେ ଲୋଟିବା, ଭୂମିରେ ଘଷି ହୋଇ ଗତିକରିବା ।

**ଘୁସ୍ ବି.** କୌଣସି କାମ ପାଇଁ ଅନ୍ୟାୟ ଭାବରେ ଅନ୍ୟଠାରୁ ଗ୍ରହଣ କରାଯାଉଥିବା ଅର୍ଥ, ପଦାର୍ଥ, ଲାଞ୍ଚ, ରିସପତ, ବ୍ରାଇବ୍ ।

**ଘୁସ୍‌ଖୋର, ଘୁସ୍‌ଖିଆ ବିଂ.** ଲାଞ୍ଚୁଆ, କାମ କରିଦେବାପାଇଁ ବେନିୟମ ଭାବରେ ଅନ୍ୟଠାରୁ ଅର୍ଥ ଅଥବା ପଦାର୍ଥ ନେଉଥିବା ବ୍ୟକ୍ତି ।

**ଘୁସ୍‌ମୂଷା ବି.** ବଡ଼ମୂଷା, ପାହାଡ଼ିଆ ମୂଷା ।

**ଘୁସ୍‌ରା ବି.** ଘୁଷୁରୀ; **ବିଂ.** ଅଳସୁଆ ।

**ଘୁସା,ଘୁସ୍‌ସା ବି.** ୧. ଅଭିମାନ, ମୁହଁମୋଡା ୨. ବଦ୍ଧମୁଷ୍ଟିରେ ଆଘାତ, ମୁଥ ୩. ପରସ୍ପର ବକ୍ର ଭାବରେ ମୁଷ୍ଟିପ୍ରହାର ।

**ଘୁସାଘୁସି ବି.** ମୁଥ ମରାମରି ।

**ଘୁସି ବି.** ମୁଷ୍ଟି ପ୍ରହାର, ମୁଥ ।

**ଘୁସୀ ବି.** ଗୋପନରେ ପରପୁରୁଷ ସହିତ ମାତୁଥିବା ନାରୀ, ଗୁପ୍ତ ବେଶ୍ୟା ।

**ଘୁରାଇବା କ୍ରି.** ଚାରିଦିଗକୁ ବୁଲାଇବା, ଚକ୍ରାକାରରେ ବୁଲାଇବା ।

**ଘୂରାଫେରା ବି.** ବୁଲାବୁଲି ।

**ଘୁରିବା କ୍ରି.** ୧. ଚକ୍ରାକାରରେ ଚାରିଦିଗରେ ବୁଲିବା, ଚତୁର୍ଦ୍ଦିଗରେ ପରିକ୍ରମା କରିବା, ଚାରିଆଡ଼େ ପରିଭ୍ରମଣ କରିବା ୨. ଉଦ୍ଦେଶ୍ୟହୀନ ଭାବେ ବୁଲିବା ।

**ଘୂର୍ଣ୍ଣ,ଘୂର୍ଣ୍ଣନ ବି.** ୧. ଆବର୍ତ୍ତନ ୨. ପରିଭ୍ରମଣ, ଚକ୍ରାକାରରେ କେନ୍ଦ୍ର ଚାରି ପାଖରେ ବୁଲିବା ।

**ଘୂର୍ଣ୍ଣବାତ, ଘୂର୍ଣ୍ଣବାୟୁ ବି.** ପ୍ରଚଣ୍ଡ ଝଡ଼, ବାତାବର୍ତ୍ତ, ଖଣ୍ଡିଆଭୂତ ।

**ଘୂର୍ଣ୍ଣମାନ ବିଂ.** ଯାହାକୁ ଘୂରାଯାଉଛି, ଯାହାକୁ ଘୂରାଯାଇ ପାରିବ ।

**ଘୂର୍ଣ୍ଣାବର୍ତ୍ତ ବି.** ଜଳଭଉଁରି ।

**ଘୂର୍ଣ୍ଣାୟମାନ ବିଂ.** ମଣ୍ଡଳାକାରରେ ଘୂରୁଥିବା ।

**ଘୂର୍ଣ୍ଣି ବି.** ଘୂର୍ଣ୍ଣମାନ ପବନ, ଘୂର୍ଣ୍ଣମାନ ଜଳ, ଝଡ଼ ।

**ଘୂର୍ଣ୍ଣିତ ବିଂ.** ଆବର୍ତ୍ତିତ, ଭ୍ରମିତ, ଘୂରୁଥିବା, ଘୂରିଥିବା, ଘୂରିଯାଇଥିବା ।

**ଘୂର୍ଣ୍ଣିବାତ ବି.** ଘୂର୍ଣ୍ଣିବାତ, ଘୂର୍ଣ୍ଣିବାୟୁ , ଚକ୍ରବାତ ।

**ଘୃଣା ବି.** ଅଶ୍ରଦ୍ଧା, ଜୁଗୁପ୍ସା, ବିରାଗ, ନାକଟେକା ଭାବ ।

**ଘୃଣାର୍ହ, ଘୃଣ୍ୟ ବିଂ.** ଘୃଣାର ପାତ୍ର, ଘୃଣାର ଯୋଗ୍ୟ ।

**ଘୃଣିତ ବିଂ.** ଯାହାକୁ ଘୃଣା କରାଯାଏ, କୁତ୍ସିତ ।

**ଘୃତ ବି.** ଘିଅ, ଘି ।

**ଘୃତକୁମାରୀ ବି.** ଘିକୁଆଁରୀ ବା ଘିଅକୁମାରୀ ଗଛ – ଯାହାର ପତ୍ର ରସାଳ ଏବଂ ଉଭୟ ଧାର କଣ୍ଟାଳିଆ, ଏହାର ରସ ତିକ୍ତ ଓ ଔଷଧୀୟ ଗୁଣଯୁକ୍ତ, ଘିକୁଆରି ।

**ଘୃଷ୍ଟ ବିଂ.** ୧. ଘର୍ଷିତ, ଘର୍ଷଣପ୍ରାପ୍ତ, ଘଷା ହୋଇଥିବା ୨. ମର୍ଦ୍ଦିତ ୩. ମାର୍ଜିତ ; **ବି.** ଅଗୁରୁ, ଗନ୍ଧଦ୍ରବ୍ୟ ବିଶେଷ, ଗନ୍ଧଦ୍ରବ୍ୟ ।

**ଘୃଷ୍ଟି ବି.** ୧. ଘୁଷୁରି ୨. ଘର୍ଷଣ ୩. ସ୍ପର୍ଦ୍ଧା ।

**ଘେଁସ୍‌ରିବା କ୍ରି.** ଘୁଷୁରିବା, ଘୋସାରି ଚାଲିବା, ଭିଡ଼ି ଓଟାରି ଚାଲିବା ।

**ଘେଁସରା ବି.** ମାଛ ବିଶେଷ ; **ବିଂ.** ଘଷରା ।

**ଘେଙ୍ଗଲ୍ ବି.** ୧. ତରଳ ୨. ଅଠାଳିଆ ୩. ପଚା ୪. ମଇଳା ୫. ନାଳୁଆ ।

**ଘେଚା ବିଂ.** ଛୋଟା ।

**ଘେତିବା କ୍ରି.** ଗ୍ରହଣ କରିବା, ଘେନିବା, ସ୍ୱୀକାର କରିବା ।

**ଘେନା ବି.** ୧. ଗ୍ରହଣ, ସ୍ୱୀକାର, ମନଦେବା ୨. ଘୃଣା ; **ବିଂ.** ୧. ଗୃହୀତ ୨. ଯେ ଗ୍ରହଣ କରେ ।

**ଘେନାଇବା କ୍ରି.** ୧. ମନେଇବା, ରାଜି କରାଇବା, ବୁଝାଇବା ୨. ସୁନ୍ଦର ଦେଖାଯିବା, ଶୋଭା ପାଇବା, ମନୋହରଣ କରିବା ୩. ଗ୍ରହଣ କରିବାକୁ ରାଜି କରାଇବାରେ ସଫଳ ହେବା ।

**ଘେନାକ ବି.** ଯେ ଅର୍ଥ ବା ଭାବ ଗ୍ରହଣ କରିପାରେ, ଭାବୁକ, ସମଝଦାର ।

**ଘେନାଘେନି ବି.** ୧. ସ୍ନେହପୂର୍ଣ୍ଣ ଆଦାନପ୍ରଦାନ, ଆଦର ସୋହାଗ ୨. ଚାଟୁ ।

**ଘେନି ଅ.** ପାଇଁ, ନିମନ୍ତେ, ସହିତ, ଦ୍ୱାରା ; **କ୍ରି.** ନେଇ, ଗ୍ରହଣ କରି, କିଣି ।

**ଘେନିବା କ୍ରି.** ୧. ଗ୍ରହଣ କରିବା, ନେବା, ସ୍ୱୀକାର କରିବା ୨. ପିନ୍ଧିବା ୩. ଧାରଣ କରିବା ୪. ଶୋଭା ପାଇବା,ସୁନ୍ଦର ଦେଖାଯିବା ।

**ଘେନିଯିବା କ୍ରି.** ନେଇ ଚାଲିଯିବା, ଧରି ବାହାରିଯିବା ।

**ଘେର୍‌ଡ଼ି ବି.** ଛୋଟଆମ୍ବ, ଗିରୁଡ଼ିଆମ୍ବ ।

**ଘେର ବି.** ୧. ବେଢ଼ଣ, ବାଡ଼ ୨. ପରିଧି, ସୀମା, ସରହଦ ।

**ଘେରା ବି.** ୧. ସୂତା ବା ରଜ୍ଜୁର ଏକ ଫେର, ବେଷ୍ଟନ ୨. ବାଡ଼ ୩. ପ୍ରଦକ୍ଷିଣ, ଚାରିପାଖରେ ଥରେ ପରିକ୍ରମା; **ବିଂ.** ଚତୁର୍ଦ୍ଦିଗରୁ ବେଷ୍ଟିତ, ଅବରୁଦ୍ଧ, ବେଢ଼ା ଯାଇଥିବା ।

**ଘେରାଇବା କ୍ରି.** ଚାରିଦିଗରୁ ବେଷ୍ଟନ କରିବା, ବାଡ଼ଦେବା, ଚାରିଦିଗରୁ ଆବାଦ କରିବା ।

**ଘେରାଉ ବି.** ଚାରିପଟୁ ବେଢ଼ି ଅଟକାଇବା, ଅବରୋଧ ।

**ଘେରିବନ୍ଧ ବି.** ପାଣି ଅଟକାଇବାପାଇଁ ଚାରିପାଖରେ ଦିଆଯାଇଥିବା ଉଚ୍ଚ ଓ ଦମ୍ଭିଲା ବନ୍ଧ ।

**ଘେରିବା କ୍ରି.** ୧. ଚାରିଦିଗରୁ ବେଢ଼ିଯିବା ୨. ବେଷ୍ଟନ କରିବା ୩. ଅବରୋଧ କରିବା ।

**ଘେରୁଆଳ ବି.** ଶିକାର ବେଳ ବା ପାରିଧି ସମୟ ।

**ଘେସରା ବିଂ.** ୧. ଚିରାଚରିତ ବା ପୁନଃପୌନିକତା ଯୋଗୁଁ ଗୁରୁତ୍ୱ ହରାଇଥିବା, ପୁରୁଣା ୨. ବହୁ ବ୍ୟବହାର ଯୋଗୁଁ ପ୍ରାପ୍ତ ଅବସ୍ଥା ।

**ଘେସ୍‌ରେଘେସା** ***କ୍ରି.ବିଂ.*** ଘସର୍‌ଘସା ।

**ଘୋଘା** ***ବି.*** ଗୋଳମାଳ ସୂଚକ ଶବ୍ଦ, ହୋ ହଲ୍ଲା ।

**ଘୋଟ୍** ***ବି.*** ୧. ଧୋଇବା ପରେ ଲୁଗାରେ ଦିଆ ଯାଉଥିବା ବୋଳ, ମଣ୍ଡ ୨. ଗୁଡ଼ି ଉଡାଇବା ସୂତାରେ ଲଗାଯାଉଥିବା ଅଠା; ***ବିଂ.*** ଅତ୍ୟନ୍ତ ଆନନ୍ଦପ୍ରଦ ।

**ଘୋଟ** ***କ୍ରି.*** ପେଷା, ଗୋଳା, ଘାଣ୍ଟ, ଆଉଟ, ଚୂର ।

**ଘୋଟକ** ***ବି.*** ୧. ଘୋଡ଼ା, ଅଶ୍ୱ ୨. ଭେଳିକି ୩. ଛାଆଣି ୩. ଲେପନ ।

**ଘୋଟଣ** ***ବି.*** ମିଶ୍ରଣ, ଆଲୋଡ଼ନ, ଆଉଟଣ, ଗୋଳାଇବା କାମ, ଘାଣ୍ଟିବା କାମ ।

**ଘୋଟଣା** ***ବି.*** ଘୋଟଣ ବାଡ଼ି, ପେଷଣ ଦଣ୍ଡ, ଘୋରିବାରେ ବ୍ୟବହୃତ ଯନ୍ତ୍ର ବା ଉପକରଣ ।

**ଘୋଟା** ***ବି.*** ୧. ଆଉଟିବା କାମ, ପେଷିବା କାମ ୨. ଭାଙ୍ଗ ଓ ନାସ ଆଦି ଘୋଟିବାପାଇଁ ପାତ୍ର ବିଶେଷ ; ***ବିଂ.*** ଆଉଟା ହୋଇଥିବା ।

**ଘୋଟିବା** ***କ୍ରି.*** ୧. ଆଉଟିବା ୨. ବାଟିବା ୩. ବ୍ୟାପିଯିବା ୪. ଆଚ୍ଛାଦିତ ହେବା ୫. ଆଚ୍ଛାଦିତ କରିଦେବା ।

**ଘୋଡ଼** ***ବି.*** ୧. ଆଚ୍ଛାଦନ ୨. ଖୋଳ ୩. ଆବରଣ ; ***ବିଂ.*** ପ୍ରଚ୍ଛନ୍ନ, ଗୁପ୍ତ ।

**ଘୋଡ଼ଚି** ***ବି.*** କାଠର ବେଞ୍ଚ, ଦ୍ରବ୍ୟାଦି ରଖିବାପାଇଁ କାଠରେ ତିଆରି ଚାରିଗୋଡ଼ିଆ ଉପକରଣ ।

**ଘୋଡ଼ଣା, ଘୋଡଣି** ***ବି.*** ଢ଼ାଙ୍କୁଣି, ଆବରଣ ।

**ଘୋଡମେଇବା** ***କ୍ରି.*** ପିଲାମାନେ ହାମୁ(ମ୍ବୁ)ଡ଼ିବା, ହାମୁଡ଼ି ଚାଲିବା ।

**ଘୋଡ଼ଲାଗି** ***ବି.*** ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଶୀତକାଳୀନ ବସ୍ତ୍ର ଏବଂ ସେହି ବସ୍ତ୍ର ଲାଗିକରିବା ସେବା ।

**ଘୋଡସବାର** ***ବି.*** ଅଶ୍ୱାରୋହୀ ।

**ଘୋଡ଼ା** ***ବି.*** ୧. ଅଶ୍ୱ ୨. କଦଳୀ ଗଛର ଗଣ୍ଡି ୩. ଆଚ୍ଛାଦନ, ଆବରଣ ୪. ବନ୍ଧୁକ ଟିପାଯିବା ଢିଙ୍କିଆ ୫. କାଠରେ ରନ୍ଦା ମାରିବା ବେଳେ ତାହା ନ ଘୁଞ୍ଚିବାପାଇଁ ତଳେ ରହୁଥିବା ଅଟକ ପଟି ୬. ଘୋଡିଆ ।

**ଘୋଡ଼ାଇବା** ***କ୍ରି.*** ୧. ଢାଙ୍କିବା, ଆଚ୍ଛାଦିତ କରିବା, ଆବୃତ କରିବା ୨. ଲୁଚାଇବା ।

**ଘୋଡ଼ାଗେହୀ** ***ବି.*** ୧. କାମୁକୀ, ଶୃଙ୍ଗାରଖୋର ନାରୀ ୨. ଅପମାନସୂଚକ ଗାଳି ।

**ଘୋଡ଼ାଚଢ଼ା** ***ବି.*** ଗୋଟାକ ଉପରେ ଆଉ ଗୋଟିଏ ଚଢ଼ିଯିବା, ଅସମାନ ସଂଯୋଗ ।

**ଘୋଡ଼ାଡ଼ିମ୍ବ** ***ବି.ବିଂ.*** ବ୍ୟର୍ଥ, ନିଷ୍ଫଳ, ମୂଲ୍ୟହୀନ (କାର୍ଯ୍ୟ) ।

**ଘୋଡ଼ାବଚ** ***ବି.*** ୧. ଏକ ପ୍ରକାର ବଚ ୨. ଘୋଡ଼ାପାଟିରୁ ବାହାରୁଥିବା ଫେଣ ।

**ଘୋଡାଶାଳ** ***ବି.*** ଘୋଡା ରହୁଥିବା ସ୍ଥାନ ।

**ଘୋଡ଼ାଶୁଣ୍ଠି** ***ବି.*** ଔଷଧ ଦ୍ରବ୍ୟ ବିଶେଷ ।

**ଘୋଡ଼ିଆ** ***ବି.*** ୧. ଘୋଡ଼ଚି ୨. କାଠର ବେଞ୍ଚ ୩. କବାଟ ଢିଙ୍କିଆ ୪. ତିନିପାଦିଆ ଛୋଟ ଶିଡ଼ି ୫. ଛତା ଖୋଲାରଖିବା ପାଇଁ ବେଣ୍ଟରେ ଲାଗିଥିବା ତାର ବା ପାତିଆ ୬. ପଥ ଅବରୋଧପାଇଁ ଛକି ଆକୃତିର କାଠ ବା ବାଉଁଶରେ ତିଆରି ଅବରୋଧ ୭. ବନ୍ଧୁକରୁ ଗୁଳି ଫୁଟାଇବାପାଇଁ ଟିପାଯିବା ଢିଙ୍କିଆ, ଟ୍ରିଗର ।

**ଘୋଡ଼ିଆଇବା, ଘୋଡ଼ିବା** ***କ୍ରି.*** ଆଚ୍ଛାଦନ କରିବା, ଢ଼ାଙ୍କିବା ।

**ଘୋଡ଼ିହେବା, ଘୋଡ଼େଇହେବା** ***କ୍ରି.*** ଆଚ୍ଛାଦିତ ହେବା, ଢ଼ାଙ୍କି ହେବା ।

**ଘୋଡେଇହେଲା** ***ବି.*** ଚଦର ।

**ଘୋଡେଲ୍** ***ବି.*** ରଣପା; ***ବିଂ.*** ଗେଡୀ ।

**ଘୋଣା** ***ବି.*** ୧. ନାକ ୨. ଘୋଡାର ନାକ ୩. ଘୁଷୁରି ଥୋମଣି, ବାରହା ଥୋମଣି ।

**ଘୋଣି** ***ବି.*** ଘୁଷୁରି, ବାର୍‌ହା ।

**ଘୋମଟା** ***ବି.*** ଓଢ଼ଣି, ମୁଖାବରଣ, ଓଢ଼ଣା ।

**ଘୋର** ***ବିଂ.*** ୧. ଭୟଙ୍କର, ବିଷମ ୨. ଘଞ୍ଚ, ଦୁର୍ଗମ ୩. ଗାଢ଼, ଘନ ୪. ପ୍ରଚଣ୍ଡ, ତୀବ୍ର ।

**ଘୋରଣା, ଘୋରଣୀ** ***ବି.*** ଘୋଟଣା ।

**ଘୋରା** ***ବି.*** ୧. ଘୋରିବା କାର୍ଯ୍ୟ ୨. ଘୋରିକରି ଦେବା ଔଷଧ ; *ବିଂ.* ଘଷି ହୋଇ ଛିଣ୍ଡିଯାଇଥିବା, ଘଷରା, ଘୋରି ହୋଇଯାଇଥିବା ।

**ଘୋରାଘୋରି** ***ବି.*** ୧. ଭଲ କରି ଘୋରିବା କାର୍ଯ୍ୟ ୨. ***ବି.*** ଚେରମୂଳି ଔଷଧ ।

**ଘୋରାସଜ** ***ବି.*** ପିଲାଙ୍କପାଇଁ ଟୁଣୁକା ଓଷଦର ଉପାଦାନ (ବଚ, ପିପ୍‌ପଳୀ, ଶୁଣ୍ଠି, ଜିରା, ଜୁଆଣି, ଜାଇଫଳ, ଲବଙ୍ଗ, ଜାଇପତ୍ରୀ) ।

**ଘୋରିବା** ***କ୍ରି.*** ୧. ଘଷି ଘଷି ଛିଣ୍ଡାଇବା ୨. ଅଣକରେ ଡାଲି, ତରକାରି, ଖିରି ଆଦି ଘାଣ୍ଟିବା ।

**ଘୋଳ** ***ବି.*** ୧. ବହଳ ପଦାର୍ଥ ୨. ପାଣିରେ ଘଣ୍ଟା ବସାଦହି ୩. ପାଣିଗୋଳା ବହଳ ସିମେଣ୍ଟ; ***ବିଂ.*** ପାଣିପରି ତରଳ ।

**ଘୋଳଦହି** ***ବି.*** ମନ୍ଥା ଯାଇଥିବା ଦହି, ଲହୁଣି କଢ଼ାଯାଇଥିବା ପାଣିଆ ଦହି, ପାଣି ନ ମିଶାଇ ମୁହାଁ ହୋଇଥିବା ଲହୁଣିଯୁକ୍ତ ବହଳିଆ ଦହି, ଚଳ୍‌ହା, ମହି ।

**ଘୋଳପଥର** ***ବି.*** କୁଆପଥର, କରା ପଖାନ, କରକା ।

**ଘୋଳା** ***ବି.*** ୧. ମାଂସପେଶୀ ବା ଅଙ୍ଗପ୍ରତ୍ୟଙ୍ଗର ସନ୍ଧିବ୍ୟଥା ୨. ସିମେଣ୍ଟ ଓ ପାଣିମିଶା ବହଳ ରସ ।

**ଘୋଳାଇବା** ***କ୍ରି.*** ୧. ମାଂସପେଶୀ ବା ଅଙ୍ଗପ୍ରତ୍ୟଙ୍ଗର ସନ୍ଧି ବଥେଇବା ୨. କୌଣସି ଦ୍ରବ୍ୟ ପାଣିଫାଟି ପଚିଯିବା ।

**ଘୋଳାବିନ୍ଧା, ଘୋଳାମିଳା** ***ବି.*** ମାଂସପେଶୀ ବା ହାଡସନ୍ଧିର ବିନ୍ଧା ଛିଟିକା ।

**ଘୋଳିଆ** ***ବି.*** **ଘଳିଆ,** ଉଚ୍ଚ କିଆରିରୁ ନୀଚ କିଆରିକୁ ପାଣି ନିର୍ଗତ ହେବାର ଛିଦ୍ର ବା ବାଟ ।

**ଘୋଳି ହେବା** ***ବି.*** ଘୋଳା(ଳେ)ଇବା, ଦେହ ବଥେଇବା ।

**ଘୋଷ** ***ବି.*** ୧. ଉଚ୍ଚଧ୍ୱନି, ଗମ୍ଭୀର ଧ୍ୱନି, ନିନାଦ ୨. ମେଘଗର୍ଜନ ୩. ଘୋଷଣା ୪. ଗଉଡ଼, ଗଉଡ଼ ଗାଁ, ଗଉଡ଼ ସାହି ୫. କଂସା ୬. କଂସାର ଧ୍ୱନି ।

**ଘୋଷକ** ***ବି.*** ଘୋଷଣାକାରୀ, ପ୍ରଚାରକ; ***ସ୍ତ୍ରୀ.*** ଘୋଷିକା ।

**ଘୋଷଡ଼ିବା, ଘୁଷୁଡ଼ିବା** ***କ୍ରି.*** ତଳକୁ ଲମ୍ବି ଭୂମିରେ ଘଷି ହୋଇ ଇତସ୍ତତଃ ହେବା ।

**ଘୋଷଣ, ଘୋଷଣା** ***ବି.*** ଉଚ୍ଚସ୍ୱରରେ ଜ୍ଞାପନ, ପ୍ରଚାର, ବିଜ୍ଞାପନ ।

**ଘୋଷଣାନାମା, ଘୋଷଣାପତ୍ର** ***ବି.*** ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ପ୍ରଚାରିତ ଆଦେଶନାମା, ବିଜ୍ଞପ୍ତି ।

**ଘୋଷଣୀୟ** ***ବିଂ.*** ଘୋଷଣାଯୋଗ୍ୟ ।

**ଘୋଷଯାତ୍ରା** ***ବି.*** ଶ୍ରୀଜଗନ୍ନାଥଙ୍କର ରଥଯାତ୍ରା ବା ଗୁଣ୍ଡିଚାଯାତ୍ରା ।

**ଘୋଷରା, ଘୋସରା** ***ବି.*** ୧. ତଳେ ପକାଇ ଟାଣିବା କାର୍ଯ୍ୟ, ଟଣା ଓଟରା, ଝିଙ୍କିନେବା କାର୍ଯ୍ୟ ୨. କୃତ୍ରିମ ଗଡ଼ାଣିଆ (କ୍ରମନିମ୍ନ) ରାସ୍ତା ; ***ବିଂ.*** ୧. ଟଣା ଓଟରା କରାଯାଇ(ଓ)ଥିବା ୨. ଆଳସ୍ୟ ଯୋଗୁଁ ବିଳମ୍ବ କରୁଥିବା ।

**ଘୋଷା** ***ବି.*** ୧. ଅର୍ଥ ନ ବୁଝି କେବଳ ମୁଖସ୍ଥ କରିବା କାମ ୨. ସଂଗୀତର ଧ୍ରୁବପଦ ବା ତୁଆ, ସ୍ଥାୟିପଦ ।

**ଘୋଷାଡ଼ିବା, ଘୋଷାରିବା** ***କ୍ରି.*** ଭୂଇଁ ଉପରେ ଝିଙ୍କି ଝିଙ୍କି ନେବା, ଟାଣିବା ।

**ଘୋଷାପାଠ** ***ବି.*** କିଛି ନ ବୁଝି କେବଳ ମୁଖସ୍ଥ କରିଥିବା ବିଦ୍ୟା, ଅଦରକାରୀ ଶିକ୍ଷା ।

**ଘୋଷିବା** ***କ୍ରି.*** ୧. ପାଠ ମୁଖସ୍ଥ କରିବା, ପଏଟ୍ କରିବା ୨. ବାରମ୍ବାର ମନେପକାଇବା ।

**ଘୋଷି ହେବା** ***କ୍ରି.*** ସେହି ଗୋଟିଏ କଥାକୁ ବାରମ୍ବାର କହିବା, ସବୁବେଳେ ମନେ ପକାଇବା ।

**ଘ୍ରାଣ** ***ବି.*** ଶୁଂଘିବା କାମ, ଗନ୍ଧ ଗ୍ରହଣ ।

**ଘ୍ରାଣତର୍ପଣ** ***ବି.*** ୧. ଯେ ତୃପ୍ତି ଦିଏ ୨. ସୌରଭ, ସୁଗନ୍ଧ ; ***ବିଂ.*** ନାସାତୃପ୍ତିକାରକ ।

**ଘ୍ରାଣେନ୍ଦ୍ରିୟ** ***ବି.*** ନାକ ।

# ଚ

**ଚ** ***ବି.*** ଓଡ଼ିଆ ବର୍ଣ୍ଣମାଳାର ଅଷ୍ଟାଦଶ ବର୍ଣ୍ଣ ଏବଂ ଷଷ୍ଠ ବ୍ୟଞ୍ଜନ ବର୍ଣ୍ଣ ।

**ଚ଼ଁ,ଚଁଚଁ** ***ବି.*** ଶୋଷିବା ଶବ୍ଦ ; *ଅ.* ଶୀଘ୍ର ଶୀଘ୍ର ଶୋଷିବା କ୍ରିୟା/ ଧ୍ୱନି

**ଚଁଚ୍‌ରା** ***ବି.*** ୧. ପ୍ରାକୃତିକ ପଥର ଚଟାଣ ୨. ସଫାସୁତୁରା ଉଚ୍ଚ ସ୍ଥାନ ।

**ଚଁଚ୍‌ରାବା** ***କ୍ରି.*** କୋଡ଼ିଦ୍ୱାରା ଚାଞ୍ଚି ଘାସ ସଫାକରିବା ।

**ଚଁଡ୍** ***ବି.*** ତଳଓଠ, ଚଏଁଡ୍ ।

**ଚଅଁର** ***ବି.*** ୧. ନିଶୁଣିର ଆଡ଼ କାଠ– ଯହିଁରେ ପାଦ ଦେଇ ଚଢ଼ିବାକୁ ହୁଏ ୨. ଚାମର ୩. ପଶୁପକ୍ଷୀଙ୍କ ଲାଞ୍ଜର ଯେଉଁ ବାଳ ଚଅଁର ଭଳି ହୋଇଥାଏ ୪. ଚମରୀ ଗାଈର ଲାଞ୍ଜର ଲୋମରେ ତିଆରି ବ୍ୟଜନ ବା ବିଞ୍ଚଣା ୫. ଖଜୁରୀ ଓ ନଡ଼ିଆ ଗଛର ଫୁଲ ଓ ଫଳ ହେଉଥିବା ଗୁଚ୍ଛ ।

**ଚଅଁରିବା** ***କ୍ରି.*** ୧. ଚଅଁର କାଢ଼ିବା ୨. କାଚ ପ୍ରଭୃତି ଫାଟି ଯିବାର ପୂର୍ବ ଅବସ୍ଥା ହେବା (ଚଡ଼କିବା ନୁହେଁ) ।

**ଚଇତ୍** ***ବି.*** ଚୈତ୍‌ମାସ, ଚୈତ୍ରମାସ ।

**ଚଇତନ୍(ନ)** ***ବି.*** ୧. ଚୁଟି ୨. ଚଟକଣା ୩. ଚେତନା, ହୋସ, ଜ୍ଞାନ ।

**ଚଇତାଳି** ***ବିଂ.*** ୧. ଚୈତ୍ରମାସରେ ହେଉଥିବା, ଘଟୁଥିବା ବା ଜାତ ହେଉଥିବା ୨. ଚଇତି, ଚୈତ୍ରମାସରେ ବହୁଥିବା (ମନୋରମ ପବନ) ।

**ଚଇତି** ***ବିଂ.*** ଚଇତାଳି ।

**ଚଇତି ଘୋଡା** ***ବି.*** କେଉଟ ସମ୍ପ୍ରଦାୟଦ୍ୱାରା ପରିବେଷିତ ପାରମ୍ପରିକ ନାଟ (ଚୈତ୍ର ପୂର୍ଣ୍ଣିମାରେ ଏହି ଉତ୍ସବ ପାଳିତ ହୁଏ) ।

**ଚଇତ୍ର** ***ବି.*** ଚଇତ, ଚୈତ୍ରମାସ ।

**ଚଉଁରୀ** ***ବି.*** ମୁଣ୍ଡବାଳରେ ଲଗାଇବାପାଇଁ କେଶରେ ବୁଣା ନକଲି ବେଣୀ ।

**ଚଉ** ***ବିଂ.*** ଚାରିଗୁଣା, ଚାରି ସଂଖ୍ୟକ ।

**ଚଉଆଖିଆ** ***ବିଂ.*** ୧. ବିଚକ୍ଷଣ, ବହୁଦର୍ଶୀ, ଯାହାର ଚାରିଆଡ଼କୁ ନଜର ଥାଏ ୨. ଚଷମା ପିନ୍ଧୁଥିବା ।

**ଚଉକ୍** ***ବି.*** ୧. ଚାରି ଆଙ୍ଗୁଳ ଦୈର୍ଘ୍ୟ ପରିମାଣ ୨. ଏକ ପ୍ରକାର ଶେଣି ୩. ଛକ, ଚୌକ୍ ।

**ଚଉକ୍ ପାଟି** ***ବି.*** ଘର ଛାତର ତୁଲିଆ ପାଟି ଓ ପରେନ୍ ପାଟି, ମଝିରେ ଲାଗିବା ପାଟି ବା ଶେଣି ।

**ଚଉକ** ***ବିଂ.*** ଚାରିକୋଣିଆ, ଚତୁର୍ଭୁଜାକାର; ***ବି.*** ୧. ଛକ, ଚାରିଟି ରାସ୍ତାର ମିଳନ ସ୍ଥଳ, ଚାରିଛକ ୨. ଚାରିଆଙ୍ଗୁଳ ଲମ୍ବ ପରିମାଣ ।

**ଚଉକତି** ***ବି.*** ଚାରିପାଖ, ଚାରିଆଡ, ଚାରିପଟ ।

**ଚଉକନି** ***ବି.*** ଚଉକୁଣି, ଦନା, ଚଉତିଦନା, ଚତୁଃଷ୍କୋଣୀ, ପତ୍ର ତିଆରି ପାତ୍ର, ଚୌପଦୀ ।

**ଚଉକସ୍** ***ବିଂ.*** ୧. ମଜଭୁତ, ଟାଣୁଆ, ଶକ୍ତ, ବଳୁଆ ୨. ପ୍ରଚୁର, ବହୁତ, ବେଶି ।

**ଚଉକା** ***ବି.*** ୧. ତାସ୍ ଖେଳର ଚାରି ନମ୍ବର ପତ୍ର ୨. କ୍ରିକେଟ ଖେଳରେ ବେଟ୍ ଆଘାତରେ ପଡ଼ିଆକୁ ଛୁଇଁ ସୀମା ପାରିହେଲେ ମିଳୁଥିବା ଚାରି ରନ୍ ୩. ଚକାମାରି ବସିବା ୪. ଓଡ଼ିଶୀ ନୃତ୍ୟ କଳାରେ ନିର୍ଦ୍ଦିଷ୍ଟ ଏକପ୍ରକାର ଆସନ ବା ମୁଦ୍ରା (ଜଗନ୍ନାଥ ବିଗ୍ରହ ଭଙ୍ଗୀଭଳି) ।

**ଚଉକାଠ** ***ବି.*** ଦୁଆରବନ୍ଧର ଫରମା, ଚଉଖୁଟ, ଚଉଖୁଣ୍ଟ ।

**ଚଉକି** ***ବି.*** ୧. କୁର୍‌ଚି, ବସିବାପାଇଁ କାଠ, ଲୁହା ବା ପ୍ଲାଷ୍ଟିକ୍ ତିଆରି ଆସନ, ଚେୟାର ୨. ଚାକିରି ବା କ୍ଷମତା ୩. ପୋଲିସ, ସାମରିକ ବାହିନୀ ପ୍ରଭୃତିର ଅସ୍ଥାୟୀ କାର୍ଯ୍ୟସ୍ଥାନ ବା ଶିବିର ୪. ପହରା, ପହରା ଦେବା ସ୍ଥାନ ।

**ଚଉକିଆ, ଚଉକିଦାର୍** ***ବି.*** ଚୌକିଦାର, ପହରାଦାର, ପହରାବାଲା, ଛାଟିଆ ।

**ଚଉକି ବସିବା** ***କ୍ରି.*** ଦଣ୍ଡ ଭୋଗିବା ନିମନ୍ତେ ଚଉକି ନ ଥାଇ ଚଉକିରେ ବସିବା ଭଳି ଅଙ୍ଗଭଙ୍ଗୀ କରି ଠିଆହେବା ।

**ଚଉକୁଣି** ***ବି.*** ଦନା, ଚଉକନି ।

**ଚଉଖାନା, ଚଉଖାନି** ***ବି.*** ଚାରିକୋଣିଆ କ୍ଷେତ୍ରମାନ ଥାଇ ବୁଣା ହୋଇଥିବା ବା ରଙ୍ଗ କରାଯାଇଥିବା ବସ୍ତ୍ର ।

**ଚଉଖୁଣ୍ଟ** ***ବି.*** ଚଉକାଠ, ଦ୍ୱାରବନ୍ଧ ।

**ଚଉଗିର୍‌ବା** ***ବିଂ.*** ସମ୍ପୂର୍ଣ୍ଣ ଆକାଶ ଘୋଟିଥିବା (ମେଘ) ।

**ଚଉଗୁନ୍, ଚଉଗୁଣ** ***ବି.*** ଚାରିଗୁଣ ।

**ଚଉଠ, ଚଉଥ** ***ବି.*** ୧. ଚାରି ଭାଗରୁ ଭାଗେ, ଏକ ଚତୁର୍ଥାଂଶ ୨. ପୂର୍ବେ ମରାଠା ଶାସକମାନେ ଅସୁଲ କରୁଥିବା ଭୂରାଜସ୍ୱ (ଯୋହା ଅମଳର ଏକ ଚତୁର୍ଥାଂଶ) ।

**ଚଉଠି** ***ବି.*** ୧. ବିବାହର ଚତୁର୍ଥ ଦିନ ଓ ସେଦିନ ଅନୁଷ୍ଠିତ ହୋମ, ପୂଜା ଆଦି କୃତ୍ୟ ୨. ବିବାହ ପରେ ସ୍ୱାମୀ ସ୍ତ୍ରୀ ପ୍ରଥମ ମିଳନ ରାତି, ବାସର ରାତି ।

**ଚଉଠେ** ***ବିଂ.*** ଏକଚତୁର୍ଥାଂଶ ।

**ଚଉଡ଼ା** ***ବି.*** ଓସାର, ପ୍ରସ୍ଥ ; ***ବିଂ.*** ଫରଚା, ପ୍ରଶସ୍ତ ।

**ଚଉତ** ***ବି.*** ଚାରିଭାଙ୍ଗ, ଲୁଗାଭାଙ୍ଗ ବା ମାର୍ଥା କରିବା ।

**ଚଉତନା** ***ବି.*** ୧. ରୁମାଲ ୨. ବୋତାମ ନ ଥାଇ ଫିତାବନ୍ଧା କୁରୁତା ବା ଜାମା ।

**ଚଉତରା** ***ବି.*** ୧. ଚାରିକୋଣିଆ ବେଦୀ, ଚାନ୍ଦନୀ, ଘର ସାମ୍ନାରେ ବସିବାପାଇଁ ପକ୍କା ସ୍ଥାନ ୨. ତୁଳସୀ ଚଉରା ।

**ଚଉତା** ***ବିଂ.*** ଚାରିଭାଙ୍ଗ କରି ବା ଚଉତା ହୋଇ ରଖାଯାଇଥିବା (ବସ୍ତ୍ର) ।

**ଚଉତାଚଉତି** ***ବି.*** ଲୁଗାପଟା ଚାରିଭାଙ୍ଗରେ ସଜାଡ଼ିବା ।

**ଚଉତାରି** ***ବିଂ.*** ଲଗାଲଗି ଦୁଇ ଦୁଇ ସୂତାରେ ବୁଣା ( ମସିଣା, ଲୁଗା ପ୍ରଭୃତି) ।

**ଚଉତାଲ** ***ବି.*** ୧. ରଥର ଚାରିପାଖରେ ଦୋମହଲା ପରି ଘେରି ରହିଥିବା କାଠ ତିଆରି ଛାତ ୨. ଶାସ୍ତ୍ରୀୟ ସଙ୍ଗୀତର ତାଳ ବିଶେଷ ।

**ଚଉତାଲା** ***ବି.*** ଚାରିମହଲା ବିଶିଷ୍ଟ କୋଠାଘର ।

**ଚଉତିବା** ***କ୍ରି.*** ଲୁଗାପଟା ଭାଙ୍ଗ କରିବା, ମାର୍ଥା କରିବା ।

**ଚଉତିରିଶ** ***ବି.*** ୩୪ ସଂଖ୍ୟା ; ***ବିଂ.*** ୩୪ ସଂଖ୍ୟକ, ୩୪ର ପୂରକ ।

**ଚଉତିଶା** ***ବି.*** ଚଉତିରିଶି ପଦ ବିଶିଷ୍ଟ ପଦ୍ୟରଚନା– ଯାହାର ପଦକ୍ରମରେ ପ୍ରଥମ ଅକ୍ଷର ସବୁ 'କ' ଠାରୁ 'କ୍ଷ' ପର୍ଯ୍ୟନ୍ତ କ୍ରମରେ ସଜ୍ଜିତ ହୋଇ ଲେଖାଯାଇଥାଏ (*ଉଦା.* ମନବୋଧ ଚଉତିଶା) ।

**ଚଉଠା** ***ବି.*** ୧. ଚଉଠ ୨. ଚୌଥ, ମରାଠା ଶାସନରେ ପ୍ରବର୍ତ୍ତିତ କର ବ୍ୟବସ୍ଥା ।

**ଚଉଦ** ***ବି.*** ୧୪ ସଂଖ୍ୟା ; ***ବିଂ.*** ୧୪ ସଂଖ୍ୟକ ।

**ଚଉଦପା** ***ବି.*** ୧. ସାଢ଼େ ତିନି ହାତ ୨. ମଣିଷର ହାରାହାରି ଉଚ୍ଚତା ।

**ଚଉଦ ପୁରୁଷ** ***ବି.*** ୧. ସାତ ପୂର୍ବପୁରୁଷ, ପରବର୍ତ୍ତୀ ସାତପୁରୁଷ ୨. ବୁନିଆଦି ।

**ଚଉଦ ବ୍ରହ୍ମାଣ୍ଡ** ***ବି.*** ସପ୍ତପାତାଳ ଓ ସପ୍ତସ୍ୱର୍ଗ ୨. ସମଗ୍ର ବିଶ୍ୱ ।

**ଚଉଦିଗ** ***ବି.*** ଚୌଦିଗ, ଚାରିଆଡ଼, ସବୁଆଡ଼ ।

**ଚଉଦୋଳ, ଚଉଦୋଳା** ***ବି.*** ବିମାନ ଆକୃତିର ପାଲିଙ୍କି ବା ଯାନ, ଯାହାକୁ ଚାରିଜଣ ଲୋକ ବୁହନ୍ତି ।

**ଚଉପଟ** ***ବି.*** ଚାରିପାଖ, ଚାରିଦିଗ, ଚାରିଆଡ଼, ସବୁଆଡ଼, ଚଉଦିଗ; ***ବିଂ.*** ବିଫଳ, ଭଣ୍ଡୁର, ବ୍ୟର୍ଥ ।

**ଚଉପଣି** ***ବି.*** ଏକ ଚତୁର୍ଥାଂଶ ହାରରେ ଶୁଳ୍କ ବା କର, ରୋଷମ ।

**ଚଉପଦୀ** ***ବି.*** ୧. ଚାରି ପଦବିଶିଷ୍ଟ ପଦ୍ୟରଚନା ୨. ପତ୍ରର ଠୋଲା, ଚଉକୁଣି, ଦନା, ଚଉତି ।

**ଚଉପାଢ଼ି** ***ବି.*** ୧. ଚାରିବେଦ କିମ୍ବା ଚାରିଶାସ୍ତ୍ର (କାବ୍ୟ, ବ୍ୟାକରଣ, ସ୍ମୃତି ଓ ଦର୍ଶନ)ର ପାଠସ୍ଥାନ, ଟୋଲ୍ ୨. ପାରମ୍ପରିକ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ବ୍ୟକ୍ତି ୩. ପିଣ୍ଡି, ମଣ୍ଡପ (ଚଉତରା ନୁହେଁ), ଚଉପାଠି ।

**ଚଉପାୟା** ***ବି.ବିଂ.*** ୧. ଚାରିଗୋଡ଼ିଆ, ଚାରିଟି ଗୋଡ଼ଥିବା ୨. ଖଟ ।

**ଚଉବଚା** ***ବି.*** ଚୌବଚା, ଚାରିକୋଣିଆ ପାଣିକୁଣ୍ଡ ବା କୁଅ ।

**ଚଉବନ** ***ବି.*** ୫୪ ସଂଖ୍ୟା ; ***ବିଂ.*** ୫୪ ସଂଖ୍ୟକ ।

**ଚଉବନୀ** ***ବିଂ.*** କଟକି ସେର (ପ୍ରାୟ ୧୦୮ ତୋଳା ଓଜନ ବିଶିଷ୍ଟ) ; ***ବି.*** ସ୍ୱାଦିଷ୍ଟ ଆହାର ।

**ଚଉବର୍ଗ** ***ବି.*** ହିନ୍ଦୁ ମତରେ ଧର୍ମ, ଅର୍ଥ, କାମ ଓ ମୋକ୍ଷ – ଜୀବନର ଏହି ଚାରିଟି ଲକ୍ଷ୍ୟ ।

**ଚଉବାହା** ***ବି.*** ବିଷ୍ଣୁ, ଶ୍ରୀଜଗନ୍ନାଥ ; ***ବିଂ.*** ଚାରିଟି ବାହୁ ଥିବା, ଚତୁର୍ଭୁଜ ।

**ଚଉରସ, ଚଉରସିଆ** ***ବିଂ.*** ୧. ଚାରିପାଖ ମଜଭୁତ୍ ଥିବା ୨. ଶକ୍ତ, ଟାଣ ; ***କ୍ରି.ବିଂ.*** ୧. ଜୋର୍‌ରେ ୨. ଅତ୍ୟଧିକ ପରିମାଣରେ ।

**ଚଉରା, ଚଉଁରା** ***ବି.*** ତୁଳସୀ ଗଛ ଲଗାଯିବାପାଇଁ ମାଟି, ପଥର ବା ସିମେଣ୍ଟ ତିଆରି ଆଧାର, ବୃନ୍ଦାବତୀ ।

**ଚଉରାନବେ** ***ବି.*** ୯୪ ସଂଖ୍ୟା ; ***ବିଂ.*** ୯୪ ସଂଖ୍ୟକ ।

**ଚଉରାଳିଶ, ଚଉରାଳିଶି** ***ବି.*** ୪୪ ସଂଖ୍ୟା ; ***ବିଂ.*** ୪୪ ସଂଖ୍ୟକ ।

**ଚଉରାଶି** ***ବି.*** ୧. ୮୪ ସଂଖ୍ୟା ୨. ଚାରିପାଖ ୩. ସମଗ୍ର ଶରୀର ; ***ବିଂ.*** ୮୪ ସଂଖ୍ୟକ ।

**ଚଉରାଶି ନରକ** ***ବି.*** ମୃତ୍ୟୁପରେ ପାପୀମାନେ ଦଣ୍ଡ ଭୋଗିବାପାଇଁ ଯାଉଥିବା କଳ୍ପିତ/ କଥିତ ନରକ ।

**ଚଉରି** ***ବି.*** ଯେଉଁ ଘରର ଚାରିଆଡ଼କୁ ବାଟ ଥାଏ ।

**ଚଉଲ୍** ***ବି.*** ଚାଉଳ ।

**ଚଉଲ୍ ଠୋକା** ***ବି.*** ଦେବଦେବୀଙ୍କ ପାଖରେ ବଳି ଦେବା ପୂର୍ବରୁ କୁକୁଡ଼ା ଠୁଙ୍କି ଖାଇବାପାଇଁ ଚାଉଳ ପୁଞ୍ଜା ଓ ସେହି ବିଧି (ଏହି ଚାଉଳ ଖୁମ୍ପିଲେ କୁକୁଡ଼ା ବଳି ଦେବା ପାଇଁ ଯୋଗ୍ୟ ହୁଏ) ।

**ଚଉଷଠି** ***ବି.*** ୬୪ ସଂଖ୍ୟା ; ***ବିଂ.*** ୬୪ ସଂଖ୍ୟକ ।

**ଚଉସମ** ***ବି.*** ଶୁଣ୍ଠି, ପିପ୍‌ପଳୀ, ବଚ ଏବଂ ଗୋଲମରିଚ– ଏହି ଚାରୋଟିର ମିଶ୍ରିତ ଚୂର୍ଣ୍ଣ, ଯାହା ଆୟୁର୍ବେଦ ମତରେ ଔଷଧ ଭାବରେ ବ୍ୟବହାର କରାଯାଇଥାଏ ।

**ଚଉସରି** ***ବି.*** ଚାରିକେରିଆ ହାର ।

**ଚଉହତା** ***ବିଂ.*** ବଳୁଆ, ଦୀର୍ଘ ଓ ହୃଷ୍ଟପୁଷ୍ଟ ; ***ବି.*** ଘରର ଚାରିପାଖ ।

**ଚଉହଦି** ***ବି.*** ଚୌହଦୀ, ଚତୁଃସୀମା ।

**ଚଉସ୍ତରୀ ବି.** ୭୪ ସଂଖ୍ୟା ; **ବିଂ.** ୭୪ ସଂଖ୍ୟକ ।

**ଚଏଁଡ଼ ବି.** ତଳ ଓଠ, ଚଁଡ଼୍ ।

**ଚଏତ୍ ବି.** ଚୈତ୍ରମାସ ।

**ଚଏତ୍ରା ବି.** ଚଇତ୍ର ମାସରେ ପାଳନ କରାଯାଉଥିବା ପର୍ବ ।

**ଚଏନ୍ ବିଂ.** ସୁନ୍ଦର ଓ ସ୍ୱାସ୍ଥ୍ୟବାନ୍, ଫିଟ୍‌ଫାଟ୍ ।

**ଚଏସ୍ ବି.** ୧. ରୁଚି ୨. ବଛାବଛି ୩. ପସନ୍ଦ ; **ବିଂ.** ରୁଚି ମୁତାବକ ।

**ଚକ୍ ବି.** ୧. କଳାପଟାରେ ଲେଖାଯିବାପାଇଁ ତିଆରି ଫୁଲଖଡ଼ି, ସୁଧା ୨. ଔଜଲ୍ୟ ।

**ଚକ୍ ଚକ୍ କରିବା କ୍ରି.** ୧. କୌଣସି ବସ୍ତୁରେ ଆଲୋକ ପ୍ରତିଫଳିତ ହେବା, ଉଜ୍ଜ୍ୱଳ ଦେଖାଯିବା ୨. ସଫାସୁତୁରା ବା ଘଷାମଜା ହୋଇ ସଫା ଓ ସୁନ୍ଦର ଦେଖାଯିବା ।

**ଚକ୍ ଚକ୍ ଲାଗିବା କ୍ରି.** ଭୟ ଲାଗିବା, ଅହେତୁକ ଡର ଲାଗିବା ।

**ଚକ୍‌ଚକନି, ଚକ୍‌ଚକାନି କ୍ରି.ବିଂ.** ଦୃଢ଼ ଭାବରେ ବା ଜୋରରେ (ଧରିବା) ।

**ଚକ୍‌ଚକା ବିଂ.** ସଫାସୁତୁରା, ପରିଷ୍କାର ।

**ଚକ୍‌ଚକି, ଚକ୍‌ମକି ବି.** ପରସ୍ପରକୁ ଘଷିଲେ ନିଆଁ ବାହାରୁ ଥିବା ଏକ ପ୍ରକାର ପଥର, ନିଆଁଝଡ଼ା ପଥର, ଚକମକ, ଝକ୍‌ମକି ପଥର ।

**ଚକ୍‌ରା ବିଂ.** ଚଉଡ଼ା, ପ୍ରଶସ୍ତ ।

**ଚକ ବି.** ୧. ଚକ୍ର ୨. ଯାନବାହନ ଚାଲିବାପାଇଁ ବ୍ୟବହୃତ ଗୋଲାକାର ଉପକରଣ, ଚକା ୩. ବିସ୍ତୃତ କ୍ଷେତ୍ର ବା ଭୂମି ।

**ଚକ ଓଳି ବି.** ଅଭଡ଼ା ସହ ଡାଲି, ଡିଉଣ ବିକ୍ରି ହେଉଥିବା ଓଳି ।

**ଚକଚକ ବିଂ.** ଉଜ୍ଜ୍ୱଳ, ଦୀପ୍ତିମାନ ।

**ଚକଚକିଆ ବିଂ.** ୧. ଉଜ୍ଜ୍ୱଳ ୨. ମନଲୋଭା, ଆକର୍ଷଣୀୟ ।

**ଚକଚାଟି ବି.** ବହୁତ ବା ଦୂର ବାଟ ଚାଲିବା ଫଳରେ ତଳିପାଦରେ ହେଉଥିବା ଫୋଟକା ବା ବଥ ।

**ଚକଟା ବି.** ୧. ଦଳିବା ବା ଚକଟିବା କାର୍ଯ୍ୟ ୨. ଗୋରସ, ପାଚିଲା କଦଳୀ ପ୍ରଭୃତି ମିଶ୍ରିତ ସୁମିଷ୍ଟ ଖାଦ୍ୟ ବିଶେଷ ; **ବିଂ.** ଚକଟା ବା ଦଳା ହୋଇଥିବା ।

**ଚକଟା ଭୋଗ ବି.** କ୍ଷୀର, ଛେନା ଓ କଦଳୀରେ ମସଲା (ଅଳେଇଚ ପ୍ରଭୃତି) ମିଶାଇ ତିଆରି ଭୋଗ (ଶ୍ରୀଜଗନ୍ନାଥଙ୍କ ଅଣସର ସମୟରେ ତାଟି ମଧ୍ୟରେ ଏହି ଭୋଗ ହୁଏ) ।

**ଚକଟିବା କ୍ରି.** ୧. ଦଳିବା, ମଳିବା ୨. ଏକ ବା ଏକାଧିକ ପଦାର୍ଥକୁ ଦଳି ମିଶାଇବା ୩. ଘାଣ୍ଟିବା, ହାତ ପୁରାଇ ଖୋଜିବା ବା ମଛିବା ।

**ଚକଡା ବି.** ୧. ଜମିବାଡ଼ିର ନିର୍ଦ୍ଦିଷ୍ଟ ଅଂଶ, ଏକ ଛୋଟ ଅଞ୍ଚଳ, ପରିସର ୨. ବିସ୍ତୃତ ଭୂମି (ବିଶେ. ଚାଷଜମି) ୩. ଦେଉଳ ଆଦିର ସୀମା ୪. ଖାନାବାଡ଼ି, ବଡ଼ଜାଗା ୬. ଉଦ୍ଦିଷ୍ଟ ବାସ୍ତୁଭୂମିର ଚାରିପଟେ ଥିବା ଖୋଲା ଫଇସଲା ଜାଗା ।

**ଚକତି ବି.** ଧାତୁ, କାଗଜ, ପଟାପ୍ରଭୃତିର ଚକ୍ରାକାର ଖଣ୍ଡ ।

**ଚକବନ୍ଦୀ ବି.** ୧. ଅନେକଙ୍କର ଏକ କିସମର ଜମିକୁ ଜଣକର ଅଧିକାରଭୁକ୍ତ କରିବା କାର୍ଯ୍ୟ ୨. ବହୁ ଆୟତନ ବିଶିଷ୍ଟ ଭୂମି ।

**ଚକମକ ବିଂ.** ଅତି ଜକଜକ ଓ ସୁନ୍ଦର ; **ବି.** ୧. ତୀବ୍ର ଔଜଲ୍ୟ, ତୀବ୍ର ଚମକ ୨. ବିଜୁଳିର ଝଟକ ।

**ଚକମକି ବି.** ୧. ଚକ୍‌ଚକି ୨. ନିଆଁ ଝାଡ଼ିବା ପଥର ।

**ଚକମକିଆ ବିଂ.** ୧. ଚକଚକିଆ, ଉଜ୍ଜ୍ୱଳ ଓ ସୁନ୍ଦର ୨. ମନଲୋଭା ।

**ଚକର୍ କାଟିବା କ୍ରି.** ୧. କୌଣସି ଉଦ୍ଦେଶ୍ୟ ରଖି ଗୋଟିଏ ସ୍ଥାନରେ ବୁଲାବୁଲି କରିବା ୨. ବିଭିନ୍ନ ସ୍ଥାନକୁ ଯିବା ।

**ଚକର୍ ମାରିବା କ୍ରି.** ୧. ମୁଣ୍ଡ ବୁଲାଇବା ୨. ଏଠି ସେଠି ଉଦ୍ଦେଶ୍ୟହୀନ ଅଥବା ଉଦ୍ଦେଶ୍ୟରଖି ବୁଲିବା ।

**ଚକର୍‌ସାଲ୍ ବି.** ଶଗଡ଼ପ୍ରଭୃତିର ଚକ ତିଆରି ବା ମରାମତି ଶାଳ ।

**ଚକଲା ବି.** କେତେକ ଗ୍ରାମର ବା କେତେକ ପ୍ରଗଣାର ସମବାୟରେ ଗଠିତ ଭୂଖଣ୍ଡ, ଚକଡ଼ା ।

**ଚକଲୀ ବି.** ଚଞ୍ଚଳମତି ଝିଅ, ଖୁଜ୍‌ବୁଜୀ ।

**ଚକସ୍ ବିଂ.** କର୍ମଠ, ପରିଶ୍ରମୀ ।

**ଚକା ବି.** ୧. ଚକ, ଶିଲି ୨. ଛୋଟ ଚକ ୩. ଚକାମାରି ବସିବା ୪. ଚକ୍ରାକୃତି ଚିହ୍ନ ୫. ଚାଷଜମିର ଚକ ୬. ବଡ଼ ଦେଉଳରେ ଠାକୁରମାନେ ବିଜେହେବା ପିଣ୍ଡି ୭. ଠାକୁରଙ୍କ ବିଜେସ୍ଥଳ ଉପରେ ଶ୍ରୀଅଙ୍ଗର ଅଧଃଭାଗରେ ଦିଆଯିବା ତକିଆ ବା ମାଣ୍ଡି ; ବିଂ. ଗୋଲ, ଗୋଲାକାର, ବୃତ୍ତାକାର ।

**ଚକା-ଅପସର ସେବକ ବି.** ଶ୍ରୀମନ୍ଦିରରେ ଚକା-ଅପସର ବା ମାଣ୍ଡିମୁଚୁଳା ନିଆଅଣା କରୁଥିବା ସେବକ – ଏହାକୁ ଚାଙ୍ଗଡାମେକାପ ସେବା ମଧ୍ୟ କୁହାଯାଏ ।

**ଚକାଆଖି ବି.** ଶ୍ରୀଜଗନ୍ନାଥ ।

**ଚକାଜାମ୍ ବି.** ବିକ୍ଷୋଭ ପ୍ରଦର୍ଶନ ଉଦ୍ଦେଶ୍ୟରେ କୌଣସି ଦାବି ହାସଲ ପାଇଁ ଗାଡ଼ି ମଟର ରାସ୍ତାରେ ଚାଲିବାକୁ ନ ଦେବା ।

**ଚକାଡ଼ୋଳା ବି.** ଚକାଆଖି, ଶ୍ରୀଜଗନ୍ନାଥ ।

**ଚକାବେନି(ଣୀ)** *ବି.* ବାଳ ବେଣୀ କରି ଗୋଲ ଆକାରରେ ସଜାଇବା ।

**ଚକାମକା** *ବିଂ.* ଗୋଲଗାଲ, ଡଉଲଡାଉଲ ।

**ଚକାମାଲି** *କ୍ରି.ବିଂ.* ମାଟି ଉପରେ ଚକ ଆକାରରେ ଗୋଡ଼ଛନ୍ଦି ବସିବା; *ବି.* ଚକାପକାଇ ବସିବା ଭଙ୍ଗୀ ।

**ଚକାମୁଟ୍ଲା** *ବି.* ଚକାମାରି ବସିବା ଭଙ୍ଗୀ ।

**ଚକି** *ବି.* ୧. ଧାନ, ଗହମ ପ୍ରଭୃତି ପେଷିବାପାଇଁ ପଥରର ଉପକରଣ ୨. ଚୂନ ତିଆରିପାଇଁ ଗୋଲାକାର ସ୍ଥାନ, ଚୂନଚକି ୩. ଚକ୍ରାକାର ଯନ୍ତ୍ର (ଯଥା, ପବନଚକି) ୪. କାଗଜ ଗୁଡ଼ି, ପତାଙ୍ଗି, ନଟେଇ ୫. ହାତ ପାପୁଲିର ଲେଡ଼ି ।

**ଚକିତ** *ବିଂ.* ୧. ବିସ୍ମିତ, ଆଶ୍ଚର୍ଯ୍ୟାନ୍ୱିତ ୨. ଭୟଚଞ୍ଚଳ ।

**ଚକି ପେଷିବା** *କ୍ରି.* ଜେଲ ଦଣ୍ଡ ଭୋଗିବା ।

**ଚକୁ** *ବି.* ଏକ ପାଖ ଧାରଥିବା ଲୁହାର ଛୋଟ ଅସ୍ତ୍ର, ଚାକୁ, ଛୁରୀ ।

**ଚକୁଆ** *ବି.* ଚକ୍ରବାକ ପକ୍ଷୀ *ସ୍ତ୍ରୀ.* ଚକୋଇ ।

**ଚକୁରିଆ ଲେଙ୍କା** *ବି.* ପୁରୀରେ ଶ୍ରୀଜୀଉଙ୍କ ବିଜେ କାଳରେ ଠାକୁରମାନଙ୍କ ଚକ୍ର ଧାରଣକରି ଆଗେ ଆଗେ ଯାଉଥିବା ଲେଙ୍କା ସେବକ ।

**ଚକୁଳି** *ବି.* ବିରି ଓ ଚାଉଳ ବଟା ପିଠଉର ତାୱାରେ ଗୋଲାକାରରେ ତିଆରି ପିଠା, ଚକେଲ୍ ।

**ଚକୁଳିଆ ପଣ୍ଡା** *ବି.* ବ୍ରାହ୍ମଣ ଜାତିର ଗୋଷ୍ଠୀ ବିଶେଷ, ପୁରୁଷମାନେ ଗୋଟିଏ ହାତରେ ଛତା (ମୁଖ୍ୟତଃ ତାଳପତ୍ର ତିଆରି) ଓ ଅନ୍ୟହାତରେ ଭିକ୍ଷାପାତ୍ର ଧରି ଗାଁ ଦାଣ୍ଡରେ ଭିକ ମାଗନ୍ତି, ମାତ୍ର କୌଣସି ଘରର ଦୁଆର ମୁହଁରେ ଠିଆ ହୁଅନ୍ତିନାହିଁ ।

**ଚକେଲ୍** *ବି.* ଚକୁଳି ।

**ଚକୋଇ** *ବି.* ମାଈ ଚକୁଆ ।

**ଚକୋର** *ବି.* ପକ୍ଷୀ ବିଶେଷ (ଏହି ପକ୍ଷୀ ଜ୍ୟୋତ୍ସ୍ନା ପାନକରେ ବୋଲି ବିଶ୍ୱାସ କରାଯାଏ), *ସ୍ତ୍ରୀ.* ଚକୋରୀ, ଚକୋଇ ।

**ଚକୋଲେଟ୍** *ବି.* ୧. କୋକୋ ମଞ୍ଜିକୁ ଭାଜି ଗୁଣ୍ଡ କଲାପରେ ସେଥିରେ ଗୋରସ ଚିନି ପ୍ରଭୃତି ମିଶାଇ ପ୍ରସ୍ତୁତ ମିଠାଇ ୨. କୋକୋ ମଞ୍ଜିର ଭଜାଗୁଣ୍ଡ ମିଶା ଯେ କୌଣସି ଖାଦ୍ୟ; *ବିଂ.* କୋକୋ ମଞ୍ଜି ରଙ୍ଗବିଶିଷ୍ଟ, ଗାଢ଼ ବାଦାମୀ ।

**ଚକ୍କର୍** *ବି.* ଘୂର୍ଣ୍ଣନ, ଚକ୍ରାକାର ଗତି ।

**ଚକ୍କର ଚଳାଇବା** *କ୍ରି.* ୧. କାହାକୁ ଆକୃଷ୍ଟ କରିବାପାଇଁ ବା ଶ୍ରଦ୍ଧାଭାଜନ ହେବାପାଇଁ ଯୋଜନାବଦ୍ଧ ଭାବେ କାର୍ଯ୍ୟ କରିବା ୨. କାର୍ଯ୍ୟ ହାସଲପାଇଁ ଚତୁରତାର ସହ ଯୋଜନା କରିବା, ଚକ୍ରାନ୍ତ କରିବା ।

**ଚଙ୍କିବା** *କ୍ରି.* ୧. ଘୁଞ୍ଚିବା, ହଲିବା ବା ଅନ୍ୟସ୍ଥାନକୁ ଯିବା ୨. ଗତି କରିବା ।

**ଚକ୍ର** *ବି.* ୧. ଚକ ୨. ଗୋଲାକାର ବା ବୃତ୍ତାକାର ବସ୍ତୁ ୩. ବିଷ୍ଣୁଙ୍କ ଆୟୁଧ ସୁଦର୍ଶନ ୪. ପାରମ୍ପରିକ ଭାରତୀୟ ସୈନ୍ୟବାହିନୀର ବ୍ୟୂହ ରଚନା ପଦ୍ଧତି ବିଶେଷ ୫. ଆବର୍ତ୍ତ (ଉଦା. ଚକ୍ରବାତ), ଘୂର୍ଣ୍ଣି ୬. ମଣ୍ଡଳ (ଉଦା. ରାଶିଚକ୍ର) ୭. ଖୁବ୍ ବଡ଼ ରାଜ୍ୟ ବା ସାମ୍ରାଜ୍ୟ (ଉଦା. ଚକ୍ରବର୍ତ୍ତୀ ରାଜା) ୮. ଆବର୍ତ୍ତମାନ ବା ଘୂର୍ଣ୍ଣନୀୟ ବିଷୟ (ଉଦା. କାଳଚକ୍ର) ୯. ମଜଲିସ୍, ଗୋଷ୍ଠୀ (ଯଥା- ପାଠଚକ୍ର, ଆଲୋଚନାଚକ୍ର) ୧୦. ଆରମ୍ଭ ଏବଂ ପରିଣତିକୁ ଦେଖାଇବା ପାଇଁ ଚିତ୍ର (ଉଦା. ଜଳଚକ୍ର) ୧୧. ଚକ୍ରବାକ ପକ୍ଷୀ ।

**ଚକ୍ରଦିହୁଡ଼ି** *ବି.* ଚକ୍ର ଆକୃତିର ମଶାଲ ।

**ଚକ୍ରଧର** *ବି.* ବିଷ୍ଣୁ, ଶ୍ରୀକୃଷ୍ଣ ।

**ଚକ୍ରନାଭି** *ବି.* ଚକର ଠିକ୍ କେନ୍ଦ୍ର ବା ମଧ୍ୟାଂଶ, ବୃତ୍ତର କେନ୍ଦ୍ର ।

**ଚକ୍ରନେମି** *ବି.* ଚକର ପରିଧି ବା ବେଢ଼ ।

**ଚକ୍ରପାଣି** *ବି.* ବିଷ୍ଣୁ, ଶ୍ରୀକୃଷ୍ଣ ।

**ଚକ୍ରବର୍ତ୍ତୀ** *ବି.* ସମ୍ରାଟ, ସାର୍ବଭୌମ ଶାସକ ।

**ଚକ୍ରବାକ** *ବି.* ଚକୁଆ ପକ୍ଷୀ ।

**ଚକ୍ରବାତ** *ବି.* ଚାପ ହ୍ରାସ ଯୋଗୁଁ ବାୟୁର ଘୂର୍ଣ୍ଣାୟମାନ ଗତି, ଘୂର୍ଣ୍ଣିବାୟୁ, ଘୂର୍ଣ୍ଣିବାତ୍ୟା ।

**ଚକ୍ରବାଳ** *ବି.* ଦିଗ୍‌ବଳୟ, ଦିଗନ୍ତରେଖା- ଦୂରରୁ ଦେଖିଲେ ପୃଥିବୀ ଓ ଆକାଶର ମିଳନ ସ୍ଥାନ ।

**ଚକ୍ରବୁଲା** *ବି.* ଶ୍ରାବଣ କୃଷ୍ଣ ଏକାଦଶୀ ଦିନ ପୁରୀରେ ଠାକୁରଙ୍କ ଶ୍ରୀହସ୍ତର ସୁବର୍ଣ୍ଣ ଚକ୍ରଙ୍କୁ ଚାରି ଆଶ୍ରମ ଓ ସାତ ସାଇରେ ବୁଲାଇବା ପରମ୍ପରା ।

**ଚକ୍ରବୃଦ୍ଧି** *ବି.* ଋଣ ଟଙ୍କାର ସୁଧ ଉପରେ ପଡୁଥିବା ସୁଧ ।

**ଚକ୍ରବ୍ୟୂହ** *ବି.* ଯୁଦ୍ଧପାଇଁ ମଣ୍ଡଳାକାରରେ ସୈନ୍ୟ ସଜ୍ଜା ।

**ଚକ୍ରମଣୋହି** *ବି.* ବଡ଼ଦେଉଳର ନୀଳଚକ୍ର ଉଦ୍ଦେଶ୍ୟରେ ସମର୍ପିତ ନୈବେଦ୍ୟ ।

**ଚକ୍ରାନ୍ତ** *ବି.* ଷଡଯନ୍ତ୍ର, କାହାର କ୍ଷତି କରିବାପାଇଁ ବା ସ୍ୱାର୍ଥ ସାଧନ ପାଇଁ ଗୋପନରେ ଯୋଜନାବଦ୍ଧ କାର୍ଯ୍ୟ, ଷଡଯନ୍ତ୍ର ।

**ଚକ୍ରାନ୍ତକାରୀ** *ବିଂ.* ଯେ ଚକ୍ରାନ୍ତ କରେ, ଯେ ଚକ୍ରାନ୍ତରେ ଲିପ୍ତ ଥାଏ ।

**ଚକ୍ରୀ** *ବି.* ୧. ଚକ୍ରଧାରୀ, ବିଷ୍ଣୁ, ଶ୍ରୀକୃଷ୍ଣ ୨. ସମ୍ରାଟ, ରାଜା ୩. ଏକ ପ୍ରକାର ଘୂରୁଥିବା ବାଣ, ଚକ୍ରିବାଣ ; *ବିଂ.* କୂଟକୌଶଳୀ, ଚକ୍ରାନ୍ତକାରୀ ।

**ଚଖ୍ଡ଼ା *ବି.*** ୧. ଚାଖିବାପାଇଁ ଯୋଗ୍ୟ ଖାଦ୍ୟ ୨. ମଦ୍ୟପାନ ବେଳେ ଖାଇବାପାଇଁ ଉଦ୍ଦିଷ୍ଟ ଖାଦ୍ୟ, ଚାଖଣା, ଚଖ୍ନା ।

**ଚଖ୍ନା *ବି.*** ଚଖ୍ଡ଼ା ।

**ଚଖା *ବିଂ*** ୧. ଯେ ଚାଖେ ୨. ଗୋଟିଏ ସୁଦ୍ଧା କାମ ପୂରା ନ କରିବା, କୌଣସି ସ୍ଥାନରେ ସନ୍ତୁଷ୍ଟ ନ ହୋଇ ବିଭିନ୍ନ କାମ କରୁଥିବା (ଲୋକ) ; ***ବି.*** ଚାଖିବା ଲୋକ ।

**ଚଗଲ, ଚଗଲା *ବିଂ*** ୧. ଚପଳ, ଚଞ୍ଚଳମତି ୨. ଦୁଷ୍ଟ ।

**ଚଗଲବଗଲ *ବିଂ*** ଅସ୍ଥିର, ବାରଚାଉଳିଆ ।

**ଚଗଲାମି *ବି.*** ଚଗଲାପଣ, ଦୁଷ୍ଟାମି ।

**ଚଗଲୀ *ବି.*** ଚପଳମତି ଝିଅ।

**ଚଘ୍ବା *କ୍ରି.*** ଚଢ଼ିବା, ଆରୋହଣକରିବା ।

**ଚଘେନ୍ *ବି.*** ଉଠାଣି, ଚଢ଼ାଣି ।

**ଚଘେନ୍ ମାଛ *ବି.*** ସ୍ରୋତ ବିପରୀତଗାମୀ ମାଛ ।

**ଚଙ୍ଗିବା *କ୍ରି.*** ହଲିବା ବା ଅନ୍ୟସ୍ଥାନକୁ ଯିବା ।

**ଚଙ୍ଗ୍‌ଚଙ୍ଗ୍ *ବି.*** ଚଞ୍ଚଳ ପ୍ରକୃତି, ଅସ୍ଥିର ଭାବ ।

**ଚଙ୍ଗ୍‌ଚଙ୍ଗିଆ *ବିଂ*** ଚଞ୍ଚଳ ସ୍ୱଭାବବିଶିଷ୍ଟ, ତୁର୍‌ତୁରିଆ, ଅସ୍ଥିରମନା ।

**ଚଙ୍ଗଚଙ୍ଗୀ *ବିଂ*** ଚଞ୍ଚଳ ପ୍ରକୃତିର ନାରୀ, ଚପଳା, ଚଞ୍ଚଳମନା (ଯୁବତୀ ବା ଝିଅ) ।

**ଚଚ୍ଚା *ବି.*** ଚାଚା, କକା, କକେଇ, ଦାଦା, ବାପାଙ୍କ ସାନଭାଇ ।

**ଚଞ୍ଚକତା *ବି.*** ଠକାମି, ଶଠତା, ଖଳ ପ୍ରକୃତିର ଚତୁରତା ।

**ଚଞ୍ଚଳ *ବିଂ*** ୧. ଶୀଘ୍ର, ତୁରନ୍ତ, ସାଙ୍ଗେସାଙ୍ଗେ ୨. ଅସ୍ଥିର, ଚପଳ ୩. କମ୍ପିତ ।

**ଚଞ୍ଚଳତା *ବି.*** ଅସ୍ଥିରତା, ଚପଳତା।

**ଚଞ୍ଚଳା *ବି.*** ୧. ଲକ୍ଷ୍ମୀ ୨. ଚପଳା ୩. ବିଦ୍ୟୁତ୍, ବିଜୁଳି ।

**ଚଞ୍ଚଳିଆ *ବିଂ*** ଚଞ୍ଚଳ ପ୍ରକୃତିର , ତୁରୁତୁରିଆ, ଚଙ୍ଗଚଙ୍ଗିଆ, ତତ୍ପର, ଫୁର୍ତ୍ତିଲା ।

**ଚଞ୍ଚୁ *ବି.*** ପକ୍ଷୀର ଥଣ୍ଟ ।

**ଚଞ୍ଚୁଶାଢ଼ି *ବି.*** ବଡ଼ଦେଉଳରେ ଠାକୁରମାନଙ୍କ ଶାଢ଼ି ବନ୍ଧାରେ ଲାଗୁଥିବା ସୂତାଶାଢ଼ି ବିଶେଷ ।

**ଚଞ୍ଛା *ବିଂ*** ଚାଞ୍ଛି ଦିଆ ହୋଇଥିବା, ଛେଲା ହୋଇଥିବା ; ***ବି.*** ଚାଞ୍ଛିବା ବା ଛେଲିବା କାର୍ଯ୍ୟ ।

**ଚଟ୍ *କ୍ରି.ବିଂ*** ସେଇଲାଗେ, ସାଙ୍ଗେସାଙ୍ଗେ, ଫୁର୍ତ୍ତିରସହ ; ***ବିଂ*** ଚଞ୍ଚଳ, ତୁରନ୍ତ ; ବି. ଗରମ, ତାତି ।

**ଚଟ୍‌କନ୍ *ବି.*** ଚାପୁଡ଼ା, ଥାପଡ, ଚଟକଣା ।

**ଚଟ୍‌କରି *କ୍ରି.ବିଂ*** ସେଇ ସାଙ୍ଗେସାଙ୍ଗେ, ତତ୍‌କ୍ଷଣାତ୍, ସେଇକ୍ଷଣି ।

**ଚଟ୍ କରି ଧରିବା *କ୍ରି.*** ଖୁବ୍ ଶୀଘ୍ର କୌଣସି କଥା/ ବିଷୟ ବା ପାଠ ବୁଝି ପାରିବା ।

**ଚଟ୍ କରିବା *କ୍ରି.*** ଗରମ ଜିନିଷ ଦେହରେ ଲାଗିବାର ଅନୁଭୂତି ।

**ଚଟ୍‌କା *ବିଂ*** ୧. ଅଗଭୀର ଓ ସମତଳ; ***ବି.*** ୧. ବିଭିନ୍ନ ଖାଦ୍ୟ ପଦାର୍ଥର ଏକତ୍ର ମିଶ୍ରଣ ଫଳରେ ତିଆରି ଖାଦ୍ୟ ୨. ଚକଟା ।

**ଚଟ୍‌କିନା *କ୍ରି.ବିଂ*** ଚଟ୍‌କରି, ହଠାତ୍ , ତତ୍‌କ୍ଷଣାତ୍ ।

**ଚଟ୍‌କିବା *କ୍ରି.*** ୧. ଚକଟିବା ୨. ଦଳିବା ୩. ହାତ ପାପୁଲିରେ ମଳିବା ବା ଦଳିବା ।

**ଚଟ୍‌କି ଯିବା *କ୍ରି.*** ୧. ମୁଗ, ବିରି ପ୍ରଭୃତି ପାକଳ ହୋଇ ଆପେ ଫାଟି ଯିବା, ବିସ୍ଫୋରିତ ହେବା ୨. କାଚ ପ୍ରଭୃତିରେ ଗରମ ପାଣି ପଡ଼ି ଫାଟିଯିବା ୩. ଚାଷଜମିର ବତର ନଷ୍ଟ ହେବା ।

**ଚଟ୍‌ଚଟ୍ *ବିଂ*** ତାତିଲା, ଗରମ, ଉତ୍ତପ୍ତ ; ***କ୍ରି.ବିଂ*** ଝଟ୍‌ପଟ୍, ଚଟାପଟ୍, ଚଞ୍ଚଳ ।

**ଚଟ୍‌ମେନ୍ *ବିଂ*** ବଡ଼କୁହା, ବଡ଼ବୋଲା ।

**ଚଟ *ବି.*** ୧. ଝୋଟ ୨. ଚଟେଇ, ସପ, ମସିଣା ।

**ଚଟକ *ବି.*** ୧. ଛଟକ, ବାହ୍ୟ ଆଡ଼ମ୍ବର, ଦେଖାଣିଆପଣ, ଢ଼ମ, ଚହଟ ୨. ଲାଳସା, ଖାଦ୍ୟଲୋଭ ।

**ଚଟକଣା, ଚଟକଣି *ବି.*** ଚଟ୍‌କନ୍, ଧୀର ଚାପୁଡ଼ା ।

**ଚଟକଳ *ବି.*** ଝୋଟ କାରଖାନା ।

**ଚଟକା *ବିଂ*** ଅଗଭୀର ଓ ସମତଳ, ଓସାରିଆ ଓ ଅଗଭୀର ।

**ଚଟଚଟିଆ *ବିଂ*** ଅଠାଳିଆ ।

**ଚଟଣି *ବି.*** ୧. ଚାଟି ଖାଇବାର ଯୋଗ୍ୟ ଖାଦ୍ୟ ୨. ମୁଖରୋଚକ ଖଟା ଖାଦ୍ୟ, ଗୋଟିଏ ପରିବା ସହ ଲଙ୍କା, ଖଟା ପ୍ରଭୃତି ବାଟି ପ୍ରସ୍ତୁତ ବହିଳଆ ଖାଦ୍ୟ (*ଉଦା*-ଆଳୁଚଟଣି) ।

**ଚଟପଟି *ବି.*** ୧. ଖୁରକୁ ଘଷି ଶାଣ କରିବାପାଇଁ ବ୍ୟବହୃତ ଚମଡ଼ା ପଟି ୨. ବାସିଡାଲିରେ ପ୍ରସ୍ତୁତ ଖଟା ବ୍ୟଞ୍ଜନ ବିଶେଷ, ଚଡ଼ଚଡ଼ି ୩. ରାଗଚଣା ।

**ଚଟା *ବି.*** ଶ୍ରୀମନ୍ଦିରର ହାଣ୍ଡି କୁଡ଼ୁଆରେ ହେଉଥିବା ଅଳଙ୍କରଣ, ***ବିଂ*** ଖୋସାମତିଆ ।

**ଚଟାଇ *ବି.*** ଚଟେଇ, ଖଜୁରି ବା ନଡ଼ିଆପତ୍ରରେ ବୁଣା ମସିଣା, ପଟି ।

**ଚଟାଚୁମା *ବି.*** ୧. ଚାଟିବା ଓ ଚୁମିବା ୨. ଗେଲ ।

**ଚଟାଣ *ବି.*** ୧. ଘରର ମେଜିଆ, ଗୃହତଳ ୨. ବିସ୍ତୀର୍ଣ୍ଣ ପଥୁରିଆ ସ୍ଥାନ ।

**ଚଟାପଟ୍** ***କ୍ରି.ବିଂ.*** ଶୀଘ୍ର, ତୁରନ୍ତ, ସାଙ୍ଗେସାଙ୍ଗେ ।

**ଚଟାଲ୍** ***ବି.*** ଚାପୁଡ଼ା ମାରିବା ଧ୍ୱନି ।

**ଚଟି** ***ବି.*** ୧. ଚପଲ ୨. ସରାଇ, ସରେଇ ଘର, ପଥିକ ବା ଦୂର ଯାତ୍ରୀମାନଙ୍କ ସ୍ୱଳ୍ପକାଳୀନ ବିଶ୍ରାମ ସ୍ଥାନ, ବିଶ୍ରାମ ଗୃହ ୩. ରାସ୍ତା ; ***ବିଂ.*** ଛୋଟ, ଛୋଟ ଓ ପତଳା ( *ଉଦା-* ଚଟିବହି) ।

**ଚଟିଆ** ***ବି.*** ଘର ଭିତରେ ରହୁଥିବା ଛୋଟ ଚଢ଼େଇ, ଘରଚଟିଆ ; ***ବିଂ.*** ଅତିସାନ, ଛୋଟିଆ ।

**ଚଟିବା, ଚଟିଯିବା** ***କ୍ରି.*** ରାଗିବା, ଚିଡ଼ିବା ।

**ଚଟୁ** ***ବି.*** ୧. ରୋଷେଇପାଇଁ ବ୍ୟବହୃତ ଉପକରଣ ବିଶେଷ, ଜାଲି ଚଟୁ ୨. ଚାଟୁକଥା, କାହାକୁ ଖୁସି କରିବାପାଇଁ କୁହାଯିବା କଥା ।

**ଚଟୁଆ** ***ବି.*** ୧. ଗାଇଗୋରୁଙ୍କ ଆଗ ଗୋଡ଼ର ଉପର ଅଂଶ ୨. ଫଡ଼ିଆର ଚଉଡ଼ାଭାଗ ୩. ଛୋଟ ଚଟୁ ୪. ଏକ ପ୍ରକାର ଘାସ ; ***ବିଂ.*** ଚଟୁଭଳି ଚେପଟା (ମୁଣ୍ଡ ଆଦି) ।

**ଚଟୁଳ** ***ବିଂ.*** ୧. ମନୋହର, ସୁନ୍ଦର ୨. ଚାଟୁକଥା କହୁଥିବା ୩. ଚଞ୍ଚଳ, ଅସ୍ଥିର, *ସ୍ତ୍ରୀ.* ଚଟୁଳା ।

**ଚଟେଇ** ***ବି.*** ତାଳ, ଖଜୁରି ଅଥବା ନଡ଼ିଆ ପତ୍ରରେ ତିଆରି ବସିବା ଅଥବା ଶୋଇବା ପାଇଁ ବ୍ୟବହୃତ ପଦାର୍ଥ, ଚଟାଇ, ପଟି, ମଶିଣା ।

**ଚଠା** ***ବିଂ.*** ୧. ଚଟା, ଖାଦ୍ୟଲୋଭୀ, ଖାଇବାରେ ଅତିଶୟ ଆଗ୍ରହୀ ୨. ବିନା ନିମନ୍ତ୍ରଣରେ ନିଃସଂକୋଚରେ ଭୋଜି ଖାଇବାପାଇଁ ଯାଉଥିବା (ଲୋକ) ।

**ଚଡ଼ଚଡ଼ାବା** ***କ୍ରି.*** ୧. ଉତ୍ତାପ ଯୋଗୁ ଫାଟିବା ୨. ତୈଳହୀନତା ଯୋଗୁଁ ଦେହ କୁଣ୍ଡେଇ ହେବା ।

**ଚଡ଼ଡ଼ି, ଚଡ଼ି** ***ବି.*** ଜଙ୍ଘିଆ, ଅନ୍ତର୍ବାସ ।

**ଚଡ଼କ** ***ବି.*** ୧. ଚଡ଼ଚଡ଼ି, ବଜ୍ର, ଘଡ଼ଘଡ଼ି ୨. ଅକସ୍ମାତ ପଡ଼ିବା ବିପତ୍ତି ।

**ଚଡ଼କିବା** ***କ୍ରି.*** ୧. ଚଡ଼ଚଡ଼ ଶବ୍ଦ କରିବା ୨. (କାଚ ପ୍ରଭୃତି) ଉତ୍ତାପ ଅଥବା ଆଘାତ ଯୋଗୁଁ ସାମାନ୍ୟ ଫାଟି ଯିବା ।

**ଚଡ଼ଚଡ଼ି** ***ବି.*** ୧. ଘଡ଼ଘଡ଼ି, ବଜ୍ରନାଦ ବିଶେଷ ୨. ଚଟପଟି, ବାସୀ ଡାଲିରେ ଖଟା ମିଶାଇ ଓ ବଘାରି ପ୍ରସ୍ତୁତ ବ୍ୟଞ୍ଜନ ବିଶେଷ ୩. ଫୁଟିବା ବେଳେ ଚଡ଼ ଚଡ଼ ଶବ୍ଦ କରୁଥିବା ବାଣ ବିଶେଷ ।

**ଚଡ଼ରା** ***ବି.*** ଅତ୍ୟଧିକ କଥା କହୁଥିବା ଲୋକ ।

**ଚଡ଼ା** ***ବି.*** ୧. ନଦୀ ବା ବଡ଼ ଜଳାଶୟ ଭିତରେ ଥିବା ଟାପୁ, ଦ୍ୱୀପ ୨. ପଟୁଜମି ୩. ଉଠାଣି, ଚଢ଼ା ।

**ଚଡୁ** ***ବି.*** ୧. ବଡ଼ ଚୁଡ଼ି, ଖଡୁ, କଙ୍କଣ ୨. ଗରମ ଲୁହା ଖଡ଼ିକାଦ୍ୱାରା ଦେହରେ ଦିଆଯାଉଥିବା ଚିଆଁ ବା ଚେଙ୍କ ।

**ଚଢ଼ଉ, ଚଢ଼ାଉ** ***ବି.*** ୧. ଆକ୍ରମଣ ୨. ପୁଲିସ, ଦୁର୍ନୀତି ନିବାରଣ ବିଭାଗ ବା ସେଭଳି ସଂସ୍ଥାଦ୍ୱାରା ଅତର୍କିତ ଭାବରେ କାହାରି ଘର, ଅଫିସ, ଦୋକାନ ପ୍ରଭୃତି ଖାନତଲାସ, ଜବତ କରିବା ବା ଗିରଫ କରିବାପାଇଁ କାର୍ଯ୍ୟକ୍ରମ ।

**ଚଢ଼ା** ***ବି.*** ୧. ଆରୋହଣ, ଚଢ଼ିବା କାର୍ଯ୍ୟ ; ***ବିଂ.*** ୧. କ୍ରମଶଃ ଉଚ୍ଚା, ଚଗେନ୍ ୨. ଉଞ୍ଚ, ସ୍ୱାଭାବିକଠାରୁ ଅଧିକ ବୃଦ୍ଧିପ୍ରାପ୍ତ ୩. ଉଚ୍ଚତର, ବେଶି ଉଞ୍ଚ ।

**ଚଢ଼ାଇବା** ***କ୍ରି.*** ୧.କାହାକୁ ଗାଡ଼ିଘୋଡାରେ ବସିବାପାଇଁ ସାହାଯ୍ୟ କରିବା ୨. ଦେବଦେବୀଙ୍କୁ ପାଣିଲାଗି କରିବା ୩. ଅଧିକ ବା ଉଞ୍ଚା କରିବା ୪. ବଢ଼େଇ କରି କହିବା ୫. ମଦ ପ୍ରଭୃତି ନିଶାଦ୍ରବ୍ୟ ଖାଇବା ୬. ଭୋଗ ଲଗାଇବା ।

**ଚଢ଼ାଉତାର** ***ବି.*** କ୍ରମାନୁସାରେ ଚଢ଼ିବା – ଓହ୍ଲାଇବା ପ୍ରକ୍ରିୟା ।

**ଚଢ଼ାଭାଉ** ***ବି.*** ଅତ୍ୟଧିକ ଦର, ଚଢ଼ାଦାମ, ମହରଗ ।

**ଚଢ଼ାଳି** ***ବି.*** ଚଢ଼ିବାଲୋକ, ଆରୋହୀ, ଆରୋହଣକାରୀ ।

**ଚଢ଼ିବା** ***କ୍ରି.*** ୧. ଉଚ୍ଚ ସ୍ଥାନକୁ ଉଠିବା ୨. ଉଚ୍ଚତର ହେବା ୩. ଗାଡ଼ି, ଘୋଡାରେ ବସିବା ।

**ଚଢ଼ିଯିବା** ***କ୍ରି.*** ୧. ରାଗରେ କାହାକୁ ଗାଳିଗୁଲଜ କରିବା, ଆକ୍ରମଣାତ୍ମକ ଢଙ୍ଗରେ କଥା କହିବା ୨. ମାଡ଼ି ଆସିବା ୩. ଗାଡ଼ି ମାଡ଼ିଯିବା ।

**ଚଢ଼େଇ** ***ବି.*** ଡେଣା ସାହାଯ୍ୟରେ ଆକାଶରେ ଉଡ଼ିପାରୁଥିବା ଜୀବ, ଚେରେ, ପକ୍ଷୀ ।

**ଚଢ଼େଇନେଦା** ***ବି.*** ଛେନାରେ ତିଆରି ଏକ ପ୍ରକାର ସୁସ୍ୱାଦୁ ପିଠା ।

**ଚଣକ** ***ବି.*** ୧. ଚଣା ୨. ବୁଟ ୩. ନାକ୍‌ଚନା ।

**ଚଣା** ***ବି.*** ୧. ବୁଟ, ଚନା, ନାକ୍‌ଚନା ୨. ଖେସାରି ୩. ଚଣା ଆକାରର ଆମ୍ବକଷି ପ୍ରଭୃତି ୪. ଚଣା ଆକାରର ନାକପିନ୍ଧା ଅଳଙ୍କାର ୫. ଚଣା ଆକାରର ବସ୍ତୁ ।

**ଚଣାଡାଲି** ***ବି.*** ବୁଟରୁ ତିଆରି ଡାଲି ।

**ଚଣାପୁଆ** ***ବି.*** ଶ୍ରୀମନ୍ଦିରରେ ବଡୁସୁଆର ଗୋଷ୍ଠୀର ସେବକ ବିଶେଷ ।

**ଚଣ୍ଡ** ***ବି.*** ୧. ନୈବେଦ୍ୟରେ ପାର୍ଶ୍ୱଦେବତା ବା ଚଣ୍ଡଦେବତାଙ୍କୁ ଦିଆ ଯାଉଥିବା ଭୋଗର ଅଂଶ (ଯାହା ପୂଜକ ନିଏ) ୨. ତେନ୍ତୁଳି ଗଛ ୩. ଭୀଷଣ ରାଗୀ ଲୋକ; ***ବିଂ.*** ୧. ନିଷ୍ଠୁର ୨.ପ୍ରବଳ, ଭୀଷଣ ୩. ଉତ୍ତପ୍ତ ୪. ପ୍ରଦୀପ୍ତ ।

**ଚଣ୍ଡମାଠପୁଳି** ***ବି.*** ପୂଜକଙ୍କୁ ଚଣ୍ଡ ଭାବରେ ମିଳୁଥିବା ପୁଳିପିଠା (ବିରିଚୂନାରେ ତିଆରି ଏବଂ ଘିଅରେ ଛଣା ଏକ ପ୍ରକାର ପିଠା) ।

**ଚଣ୍ଡାଳ** *ବି.* ୧. ନିର୍ଦ୍ଦୟ ପ୍ରକୃତିର ବା ହିଂସ୍ର ଲୋକ ୨. ଶିକାରୀ, ନିଷାଦ ୩. ପୂର୍ବେ ଶ୍ମଶାନରେ କାର୍ଯ୍ୟ କରୁଥିବା ଜାତି ବିଶେଷ ୪. ଦୁଷ୍ଟ ବା ବଦମାସ୍ ଲୋକ ; *ବିଂ.* ନିଷ୍ଠୁର, କ୍ରୂରକର୍ମା, *ସ୍ତ୍ରୀ.* ଚାଣ୍ଡାଳିନୀ, ଚଣ୍ଡାଳୁଣୀ ।

**ଚଣ୍ଡିକା** *ବି.* ୧. ଚଣ୍ଡୀ, ଦଶଭୁଜା ଦୁର୍ଗା ୨. ଉଗ୍ର ସ୍ୱଭାବର ନାରୀ ।

**ଚଣ୍ଡୀ** *ବି.* ୧. ଚଣ୍ଡିକା ୨. ରାଗୀ, କଳିହୁଡି, ମୁଖରା ନାରୀ ।

**ଚଣ୍ଡୁ** *ବି.* ପାଣିଆ ଅଫିମରୁ ତିଆରି ଅତି ଉଗ୍ର ମାଦକ ଦ୍ରବ୍ୟ ବିଶେଷ ।

**ଚଚ୍‌ରାବା** *କ୍ରି.* ୧. ଅନାବଶ୍ୟକ ପଦାର୍ଥ ହଟାଇ ବା ଅନାବନା ଘାସ କାଟି କୌଣସି ସ୍ଥାନକୁ ପରିଷ୍କାର କରିବା ୨. ସୁବିନ୍ୟସ୍ତ କରିବା, ଠିକ୍ ଭାବରେ ସଜାଇ ରଖିବା, ସଜାଡ଼ି ରଖିବା ।

**ଚତ୍‌ରି** *ବିଂ.* ଦେଖେଇ ହେଉଥିବା ନାରୀ ।

**ଚତ୍‌ରିପଥର** *ବି.* ଚଁଚ୍‌ରା, ଚାଞ୍ଚଡା, ପଥର ।

**ଚତ୍‌ରେଇବା** *କ୍ରି.* ଖୋସାମତ କରିବା, ଚିକ୍କଣ କଥା କହି ମନଭୁଲାଇବା, ଠକିବା ।

**ଚତୁଃପାର୍ଶ୍ୱ** *ବି.* ଚାରିଦିଗ, ଚାରିପାଖ, ଚାରିଆଡ଼େ ।

**ଚତୁଃସମ** *ବି.* ୧. ଚନ୍ଦନ, ଅଗୁରୁ, କସ୍ତୁରୀ ଓ କୁଙ୍କୁମ ୨. (ଆୟୁର୍ବେଦ) ଲବଙ୍ଗ, ହରିଡା, ସୈନ୍ଧବ ଓ ଜୁଆଣି ୩. ଚଉସମ ।

**ଚତୁଃସୀମା** *ବି.* ଚଉହଦୀ; ଜମି, ଘରବାଡ଼ି ପ୍ରଭୃତିର ଚାରିପାଖର ସୀମା, ସରହଦ ।

**ଚତୁର** *ବିଂ.* ୧. ଚାଲାକ, ବୁଦ୍ଧିଆ ୨. ଧୂର୍ତ୍ତ, ଚାଲାକିଆ ୩. ଅଭିଜ୍ଞ, କର୍ମଦକ୍ଷ, ବୁଦ୍ଧିମାନ, *ସ୍ତ୍ରୀ.* ଚତୁରୀ, ଚତୁରା ।

**ଚତୁରଙ୍ଗ** *ବି.* ୧. ହସ୍ତୀ, ରଥ, ଅଶ୍ୱ ଏବଂ ପଦାତିକ- ଏହି ଚାରିପ୍ରକାର ସୈନ୍ୟରେ ଗଠିତ ଯୋଦ୍ଧାଦଳ ୨. ସତରଞ୍ଜ ବା ଦାବା ଖେଳ; *ବିଂ.* ଚାରି ଅଙ୍ଗଯୁକ୍ତ; *ସ୍ତ୍ରୀ.* ଚତୁରଙ୍ଗୀ ।

**ଚତୁରତା** *ବି.* ୧. ଚାଲାକି, ଚତୁରପଣିଆ ୨. କର୍ମଦକ୍ଷତା ୩. ଉପସ୍ଥିତ ବୁଦ୍ଧି ୪. ତୀକ୍ଷ୍ଣ ବୁଦ୍ଧି ।

**ଚତୁରସ୍ର** *ବିଂ.* ୧. ଚତୁଷ୍କୋଣୀ ୨. ନିଖୁଣ ଅଙ୍ଗସୌଷ୍ଠବ ଥିବା ।

**ଚତୁରା, ଚତୁରୀ** *ବିଂ.* ଚତୁର (ବ୍ୟକ୍ତି), ଚାଲାକ ।

**ଚତୁରାନନ** *ବି.* ଯାହାର ଚାରିଟି ମୁଖ ବା ମୁଣ୍ଡ, ବ୍ରହ୍ମା ।

**ଚତୁର୍ଗୁଣ** *ବି.* ଚାରିଗୁଣ ; *ବିଂ.* ଚାରିଗୁଣା ।

**ଚତୁର୍ଥ** *ବିଂ.* ଚାରି ସ୍ଥାନରେ ଆସୁଥିବା, ଚାରି ସଂଖ୍ୟାର ପୂରକ, ଚାରି ନମ୍ବର ।

**ଚତୁର୍ଥ ଶ୍ରେଣୀ କର୍ମଚାରୀ** *ବି.* ସରକାରୀ ବ୍ୟବସ୍ଥା ଅନୁସାରେ ନିମ୍ନତମ ବେତନ ପାଉଥିବା କର୍ମଚାରୀ, ଚାରିବର୍ଗ ଭିତରୁ ନିମ୍ନତମ ବର୍ଗର କର୍ମଚାରୀ ।

**ଚତୁର୍ଥୀ** *ବି.* ୧. ଚଉଠୀ ୨. ପୂର୍ଣ୍ଣମୀ ଓ ଅମାବାସ୍ୟାର ପରବର୍ତ୍ତୀ ଚତୁର୍ଥ ତିଥି ୩. *ବ୍ୟାକରଣ* ବିଭକ୍ତି ବିଶେଷ ।

**ଚତୁର୍ଦ୍ଦଶ** *ବିଂ.* ଚଉଦ ସଂଖ୍ୟକ, ଚଉଦନମ୍ବର, ଚଉଦ ସ୍ଥାନରେ ଆସୁଥିବା ।

**ଚତୁର୍ଦ୍ଦଶପଦୀ କବିତା** *ବିଂ.* ୧. ଚଉଦ ଧାଡ଼ିରେ ଲେଖା କବିତା, ଚଉଦ ପୋଇ ୨. ସନେଟ୍ ।

**ଚତୁର୍ଦ୍ଦଶୀ** *ବି.* ଅମାବାସ୍ୟା ଓ ପୂର୍ଣ୍ଣମୀର ଠିକ ପୂର୍ବ ତିଥି ।

**ଚତୁର୍ଦ୍ଧା** *ବିଂ.* ୧. ଚାରି ପ୍ରକାରରେ ୨. ଚାରି ଥରରେ, ଚାରିଭାଗରେ ।

**ଚତୁର୍ଦ୍ଧାମୂରତି** *ବି.* ୧. ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନ- ଏହି ମୂର୍ତ୍ତି ଏକତ୍ର ୨. ଚାରିଭାଗରେ ବିଭକ୍ତ ମୂର୍ତ୍ତି ।

**ଚତୁର୍ଦ୍ଦିଗ** *ବି.* ୧. ଚାରିଦିଗ, ଚାରିଆଡ଼ ୨. ସବୁଦିଗ, ସବୁଆଡ଼ ।

**ଚତୁର୍ଦ୍ଦୋଳ** *ବି.* ଚଉଦୋଳ ।

**ଚତୁର୍ବର୍ଗ** *ବି.* ଚଉବର୍ଗ ( ଧର୍ମ, ଅର୍ଥ, କାମ, ମୋକ୍ଷ) ।

**ଚତୁର୍ବର୍ଣ୍ଣ** *ବି.* ହିନ୍ଦୁ ସମାଜ ବ୍ୟବସ୍ଥାରେ ଚାରିଟି ବର୍ଣ୍ଣ - ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର ।

**ଚତୁର୍ବିଧ** *ବିଂ.* ଚାରି ପ୍ରକାରର, ଚାରି ରକମର ।

**ଚତୁର୍ବେଦ** *ବି.* ଚାରି ବେଦ - ଋକ୍, ଯଜୁଃ, ସାମ୍ ଓ ଅଥର୍ବ ।

**ଚତୁର୍ବେଦୀ** *ବି.* ଚାରିବେଦ ଅଧ୍ୟୟନ କରିଥିବା ବ୍ୟକ୍ତି ।

**ଚତୁର୍ଭୁଜ** *ବି.* ୧. ଯାହାର ଚାରିଟି ଭୁଜ ବା ହାତ, ବିଷ୍ଣୁ, ଶ୍ରୀଜଗନ୍ନାଥ ୨. ଚାରିବାହୁ ଥିବା ଜ୍ୟାମିତିକ କ୍ଷେତ୍ର ।

**ଚତୁର୍ମାସ** *ବି.* ଆଷାଢ଼ ଶୁକ୍ଳ ଦ୍ୱାଦଶୀଠାରୁ କାର୍ତ୍ତିକ ଶୁକ୍ଳ ଦ୍ୱାଦଶୀ ପର୍ଯ୍ୟନ୍ତ ଚାରିମାସ ।

**ଚତୁର୍ମାସ୍ୟା** *ବି.* ୧. ଆଷାଢ଼ ଅଧାରୁ କାର୍ତ୍ତିକ ମାସ ଅଧା ପର୍ଯ୍ୟନ୍ତ ପ୍ରବଳ ବର୍ଷା ସମୟ (ଏହି ସମୟରେ ଶୁଭ କାର୍ଯ୍ୟ କରାଯାଏ ନାହିଁ) ୨. ପରିବ୍ରାଜକ ଜୈନମୁନିମାନେ ଭ୍ରମଣ ନକରି ଗୋଟିଏ ସ୍ଥାନରେ ଚାରିମାସ ରହିଯିବାର ବ୍ୟବସ୍ଥା ।

**ଚତୁର୍ମୁଖ** *ବି.* ଯାହାଙ୍କର ଚାରିଗୋଟି ମୁହଁ, ବ୍ରହ୍ମା ।

**ଚତୁର୍ଯୁଗ** *ବି.* ହିନ୍ଦୁ ମତରେ ଚାରିଟି ଯୁଗ- ସତ୍ୟ, ତ୍ରେତା, ଦ୍ୱାପର ଏବଂ କଳି ।

**ଚତୁଷ୍କ** *ବିଂ.* ଚାରି ପାର୍ଶ୍ୱ ବା ଅବୟବ ବିଶିଷ୍ଟ ; *ବି.* ୧. ଚାରି ସ୍ତମ୍ଭ ଥିବା ମଣ୍ଡପ ୨. ଚାରିକୋଣିଆ ଅଗଣା ।

**ଚତୁଷ୍କୀ** *ବି.* ୧. ଚାରିକୋଣିଆ ପୋଖରୀ, ଚାରିଖୁଣ୍ଟିଆ ବନ୍ଧ ୨. ମଶାରି ୩. ଚଉକି ।

**ଚତୁଷ୍କୋଣ** *ବିଂ.* ଚାରି କୋଣଯୁକ୍ତ (କ୍ଷେତ୍ର) ; *ବି.* ଚାରିକୋଣ ।

**ଚତୁଷ୍ଟୟ** *ବି.* ଚାରି ଦ୍ରବ୍ୟ ବା ଗୁଣର ସମାହାର ; *ବିଂ.* ୧. ଚତୁର୍ବିଧ, ଚାରି ପ୍ରକାରର ୨. ଚାରି ଅବୟବ ଯୁକ୍ତ ।

**ଚତୁଷ୍ପଥ** *ବି.* ଚାରିଟି ପଥ ବା ରାସ୍ତାର ସଂଯୋଗ ସ୍ଥଳ, ଛକ, ଚାରିଛକ ।

**ଚତୁଷ୍ପଦ** *ବି.* ଚାରିପାଦ ଥିବା ଜୀବ ; *ବିଂ.* ଚାରି ଗୋଡ଼ିଆ ।

**ଚତୁଷ୍ପଦୀ** *ବି.* ଚାରି ପଦବିଶିଷ୍ଟ କବିତା, ଚଉପଦୀ ।

**ଚତୁଷ୍ପାଠୀ** *ବି.* ୧. ଚଉପାଢ଼ି ୨. ଚାରିବେଦ (ଋକ୍, ଯଜୁଃ, ସାମ, ଅଥର୍ବ) କିମ୍ବା ଚାରିଶାସ୍ତ୍ର (କାବ୍ୟ,ବ୍ୟାକରଣ, ସ୍ମୃତି,ଦର୍ଶନ)ର ପାଠ ସ୍ଥାନ, ଟୋଲ୍, ପ୍ରାଚ୍ୟବିଦ୍ୟା (ସଂସ୍କୃତ) ଶିକ୍ଷଣ ଅନୁଷ୍ଠାନ।

**ଚତୁଷ୍ପାର୍ଶ୍ୱ** *ବି.* ଚାରିପାର୍ଶ୍ୱ, ଚାରିପାଖ ।

**ଚତ୍ୱର** *ବି.* ୧. ଚଉତରା ୨. ଘରର ଅଗଣା, ଅଙ୍ଗନ ୨. ବସତି ସ୍ଥଳ, ରହିବା ସ୍ଥାନ ୩. ଯଜ୍ଞ କରିବାପାଇଁ ପ୍ରସ୍ତୁତ ପ୍ରଶସ୍ତ ସ୍ଥାନ ।

**ଚତ୍ୱାଳ** *ବି.* ୧. ଚଉତରା ୨. ପକ୍କା ଚଟାଣ, ଇଟା, ପଥର ବା ସିମେଣ୍ଟ ତିଆରି ଚଟାଣ ୩. ହୋମକୁଣ୍ଡ ୪. କୁଶ ।

**ଚଦର** *ବି.* ୧. ଚାଦର, ବିଛଣାର ଆସ୍ତରଣ, ପୁଛୁରା ୨. ଘୋଡେଇ ହେବାପାଇଁ ଚାଦର ବା ପୁଛୁରା, ପାଛୁଡ଼ା, ଓଢ଼ନା, ଓଢ଼ା ୩. ଧାତୁ ଆଦିର ପତଳା ଓ ଚଉଡା ପାତ ।

**ଚଦିବା** *କ୍ରି.* ୧. ଧମକାଇବା, କଥା କହି ଡରାଇବା, ଅନିଷ୍ଟ କରିବାପାଇଁ ଭୟ ଦେଖାଇବା ୨. **ସହବାସ କରିବା** ।

**ଚନ୍ଦ୍‌ନି** *ବି.* ୧. କୁଅର ଚାନ୍ଦିନି ୨. ଏକ ପ୍ରକାର ଶୁଆ ।

**ଚନ୍ଦ୍‌ଲା** *ବିଂ. ବି.* ଚନ୍ଦା, ଚନ୍ଦାମୁଣ୍ଡିଆ, ଚାନ୍ଦଲୁ, ପାଟରା ମୁଣ୍ଡା , ଖଲ୍ୱାଟ ।

**ଚନ୍ଦନ** *ବି.* ୧. ସୁଗନ୍ଧଯୁକ୍ତ ଗଛ, ସେହି ଗଛର କାଠ ୨. ଘୋରା ଚନ୍ଦନ ।

**ଚନ୍ଦନ ଅର୍ଗଳି** *ବି.* ବଡ଼ଦେଉଳର ଗମ୍ଭୀରାର ପ୍ରବେଶ ପଥରେ ଥିବା ଲମ୍ବା ଗୋଲାକାର କାଠ (ଏହା ଚନ୍ଦନ କାଠ ନୁହେଁ – ଏହା ନିକଟରେ ଏକ ପଥର ଉପରେ ଚନ୍ଦନ ସଜଡା ହେଉଥିବାରୁ ଚନ୍ଦନଅର୍ଗଳି କୁହାଯାଇଥାଏ) ।

**ଚନ୍ଦନ ଗାଧୁଆ** *ବି.* ପୁରୀରେ ଅନୁଷ୍ଠିତ ଚନ୍ଦନଯାତ ବେଳେ ବିଭିନ୍ନ ଜେଗାଘର ତଥା ସାଧାରଣ ଲୋକେ ନରେନ୍ଦ୍ର ପୋଖରୀରେ ଗାଧେଇବାର ବିପୁଳ ଆୟୋଜନ ।

**ଚନ୍ଦନ ଗୀତ** *ବି.* ଚନ୍ଦନଯାତ ବେଳେ ଗାନ କରାଯାଉଥିବା ଗୀତ ।

**ଚନ୍ଦନଗୁଡ଼ା** *ବି.* ରାତିରେ ଶ୍ରୀଜଗନ୍ନାଥଙ୍କ ଚନ୍ଦନଲାଗି ବେଳେ ବ୍ୟବହୃତ ଦଶହାତ ଲମ୍ବ ଓ ତିନିହାତ ଓସାରର ସୂତାବସ୍ତ୍ର ।

**ଚନ୍ଦନ ଘଟୁଆରି** *ବି.* ଶ୍ରୀମନ୍ଦିରରେ ଚନ୍ଦନ ଘୋଟି ଯୋଗାଉଥିବା ସେବକ, ଚନ୍ଦନଘୋରିବା ସେବକ ।

**ଚନ୍ଦନଚର୍ଚ୍ଚିତ** *ବିଂ.* ଘୋରାଚନ୍ଦନ ବୋଳା (ଦେହ) ।

**ଚନ୍ଦନପଙ୍କ** *ବି.* ଘୋରାଚନ୍ଦନ ।

**ଚନ୍ଦନପାଟି** *ବି.* କପାଳର ଦୁଇପଟେ ଗାଲ ପର୍ଯ୍ୟନ୍ତ ଲଗାହୋଇଥିବା ଚନ୍ଦନଠୋପା ବା ଚିତ୍ର ।

**ଚନ୍ଦନପୁଷ୍ପ** *ବି.* ଲବଙ୍ଗ ।

**ଚନ୍ଦନପେଡ଼ି** *ବି.* ଚନ୍ଦନ ଘୋରିବାପାଇଁ ବ୍ୟବହୃତ ପଥରଚକି ।

**ଚନ୍ଦନଯାତ** *ବି.* ଚନ୍ଦନ ପୋଖରୀରେ ଅକ୍ଷୟ ତୃତୀୟାରେ ଆରମ୍ଭ ହୋଇ ପୂର୍ଣ୍ଣିମାରେ ଉଦ୍‌ଯାପିତ ହେଉଥିବା ଉତ୍ସବ-ଯହିଁରେ ଦେବଦେବୀଙ୍କ ବିଗ୍ରହକୁ ଚାପରେ ବସାଇ ଜଳକ୍ରୀଡ଼ା ବା ନୌବିହାର କରାଯାଏ । ।

**ଚନ୍ଦନଲାଗି** *ବି.* ଦେବଦେବୀଙ୍କ ବିଗ୍ରହରେ ଚନ୍ଦନ ଲେପନ ବିଧି ।

**ଚନ୍ଦନା** *ବି.* ଟିହା ବା ଗୁଆ ଜାତୀୟ ଚଢ଼େଇ ବିଶେଷ ।

**ଚନ୍ଦନାଦ୍ରି** *ବି.* ପୁରାଣବର୍ଣ୍ଣିତ ମଳୟପର୍ବତ-ଯାହା ଚନ୍ଦନ ଗଛରେ ଭରପୂର ହୋଇଥିବା ବିଶ୍ୱାସ କରାଯାଏ ।

**ଚନ୍ଦରବତା** *ବି.* ଘରର ପ୍ରବେଶଦ୍ୱାର ଉପରେ ଲାଗିଥିବା ପଟା – ଯାହା ଉପରେ ଛୋଟ ଛୋଟ ଜିନିଷ ମଧ୍ୟ ରଖା ହୁଏ ।

**ଚନ୍ଦା** *ବିଂ.* ୧. ମୁଣ୍ଡର ବାଳ ଉପୁଡ଼ି ଯାଇଥିବା, ଚାନ୍ଦ୍‌ଲୁ, ପାଟା ୨. ଟାଙ୍ଗରା, ଗଛବୃକ୍ଷଶୂନ୍ୟ ।

**ଚନ୍ଦାଖସୁ** *ବି.* ଆଙ୍ଗୁଳି ସନ୍ଧିରେ ହେଉଥିବା ଖସୁ ବା କାଛୁ ।

**ଚନ୍ଦାପାହାଡ଼** *ବି.* ଯେଉଁ ପାହାଡ଼ରେ ଗଛବୃକ୍ଷ ନଥାଏ କିମ୍ବା ଖୁବ୍ ଅଳ୍ପ ଥାଏ ।

**ଚନ୍ଦାପୋଢ଼** *ବି.* ପାଣ୍ଡୁରବର୍ଣ୍ଣର ପୋଢ଼ ବା ଅଣ୍ଡିରାମହିଷ ।

**ଚନ୍ଦାମୁଣ୍ଡିଆ** *ବିଂ.* ଯେଉଁ ଲୋକର ମୁଣ୍ଡ କେଶଶୂନ୍ୟ, ଚାନ୍ଦ୍‌ଲୁ, ପାଟା ମୁଣ୍ଡା, ଠୋରୋମୁଣ୍ଡା, ଟାଙ୍ଗରାମୁଣ୍ଡା ।

**ଚନ୍ଦା ହୋଇଯିବା** *କ୍ରି.* ୧. କୌଣସି କାର୍ଯ୍ୟ ବା ଯୋଜନାରେ ଅତ୍ୟଧିକ ସମୟ, ଶକ୍ତି ବା ପଇସା ଖଟାଇ ନିଃସ୍ୱ ହୋଇଯିବା ୨. ମୁଣ୍ଡରୁ ବାଳ ଝଡ଼ିଯିବା ।

**ଚନ୍ଦିଆ** *ବିଂ.* କପାଳରେ ଚାନ୍ଦ ବା ଧଳାଦାଗ ଥିବା (ପଶୁ) ।

**ଚନ୍ଦେଇବା** *କ୍ରି.* କୌଣସି ପ୍ରକାରେ କାହାଠାରୁ ପଇସା ଝଡ଼େଇବା, ଠକିନେବା ।

**ଚନ୍ଦ୍ର** *ବି.* ୧. ଜହ୍ନ, ଚାନ୍ଦ ୨. ମୟୂରଚନ୍ଦ୍ରିକା ; *ବିଂ.* ଯାହା ଆନନ୍ଦ ଦିଏ, ମନୋହରଣକାରୀ ।

**ଚନ୍ଦ୍ରଉଦିଆ** ***ବି.*** ୧. ଉଜ୍ଜ୍ୱଳ ଆଲୋକ ସହ ଫୁଟୁଥିବା ଏକ ପ୍ରକାର ବାଣ ବା ଫଟକା ୨. ରୋଷଣୀ ବେଳେ ବ୍ୟବହୃତ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ; ***ବିଂ.*** ଚନ୍ଦ୍ରକିରଣ ଭଳି ଉଜ୍ଜ୍ୱଳ ଓ ସୁନ୍ଦର ।

**ଚନ୍ଦ୍ରକ** ***ବି.*** ମୟୂରପୁଚ୍ଛର ଚକ୍ରାକାର ଚିହ୍ନ ।

**ଚନ୍ଦ୍ରକଳା** ***ବି.*** ଚନ୍ଦ୍ରମଣ୍ଡଳର ଷୋଳଭାଗରୁ ଏକ ଭାଗ ।

**ଚନ୍ଦ୍ରକାଣି(ଣୀ)** ***ବିଂ.*** ଅସୁନ୍ଦରୀ, ଅଯୋଗ୍ୟା (*ଉଦା.* କାହିଁ ରାଣୀ କାହିଁ ଚନ୍ଦ୍ରକାଣୀ) ।

**ଚନ୍ଦ୍ରକାନ୍ତ** ***ବି.*** ୧. ଏକ ପ୍ରକାର ଉଜ୍ଜ୍ୱଳ ନୀଳବର୍ଣ୍ଣର ମଣି ୨. କଇଁଫୁଲ ; ***ବିଂ.*** ଚନ୍ଦ୍ରପରି ସୁନ୍ଦର।

**ଚନ୍ଦ୍ରକାନ୍ତି** ***ବି.*** ୧. ଧଳା ରଙ୍ଗର ଗୋଲାକାର ପିଠା ବିଶେଷ – ଯାହା ଉପରେ ଖଣ୍ଡ ଦିଆଯାଇଥାଏ ୨.ଏକ ପ୍ରକାର ସିଝାମୁଗ ପିଠା ୩. ରୁପା ୪. ଶାମୁକା ।

**ଚନ୍ଦ୍ରଗ୍ରହଣ** ***ବି.*** କୌଣସି ପୂର୍ଣ୍ଣିମା ଦିନ ଚନ୍ଦ୍ର ଓ ସୂର୍ଯ୍ୟ ମଧ୍ୟରେ ପୃଥିବୀ ରହିବା ସମୟରେ ପୃଥିବୀର ଛାୟା ପଡ଼ି ଚନ୍ଦ୍ର ଆଂଶିକ ବା ସମ୍ପୂର୍ଣ୍ଣ ଦେଖା ନ ଯିବା ଅବସ୍ଥା ।

**ଚନ୍ଦ୍ରଚୂଡ଼** ***ବି.*** ୧. ମୁଣ୍ଡ ଉପରେ ଚନ୍ଦ୍ର ଧାରଣ କରିଥିବା ଦେବତା ଶିବ, ମହାଦେବ ୨. ଏକ ପ୍ରକାର ସାପ ।

**ଚନ୍ଦ୍ରବଦନ** ***ବି.*** ଚନ୍ଦ୍ର ଭଳି ଉଜ୍ଜ୍ୱଳ ଓ ସୁନ୍ଦର ମୁହଁ, ଚାନ୍ଦମୁହଁ ; ***ବିଂ.*** ଚନ୍ଦ୍ର ସଦୃଶ ସୁନ୍ଦର ଓ ଉଜ୍ଜ୍ୱଳ ମୁହଁବିଶିଷ୍ଟ, *ସ୍ତ୍ରୀ.* ଚନ୍ଦ୍ରବଦନା, ଚନ୍ଦ୍ରମୁଖୀ ।

**ଚନ୍ଦ୍ରବନ୍ଦନା** ***ବିଂ.*** ଚାନ୍ଦ ବନ୍ଦାଣ, କୁମାର ପୂର୍ଣ୍ଣିମାଦିନ ଶରତ୍ ଚନ୍ଦ୍ରର ବିଶେଷ ବନ୍ଦାଣ ।

**ଚନ୍ଦ୍ର ବନ୍ଦାପନା** ***ବି.*** ବିବାହ ପରବର୍ତ୍ତୀ ଶୁକ୍ଳ ଦ୍ୱିତୀୟା ତିଥିରେ ବରକୁ ଆମନ୍ତ୍ରଣ କରି କନ୍ୟାଘରେ ଆୟୋଜିତ ଉତ୍ସବ ଅନୁଷ୍ଠାନ ।

**ଚନ୍ଦ୍ରବନ୍ଧନୀ** ***ବି.*** ଗାଣିତିକ ସଙ୍କେତ ବିଶେଷ, କୌଣସି ସଂଖ୍ୟା ବା ଶବ୍ଦ ସମାହାରକୁ ସ୍ୱତନ୍ତ୍ର ଚିହ୍ନିତ କରିବାପାଇଁ ଆଦ୍ୟ ପ୍ରାନ୍ତରେ ଦିଆଯାଉଥିବା ବେଢ଼ା()ଚିହ୍ନ ।

**ଚନ୍ଦ୍ରବିନ୍ଦୁ** ***ବି.*** ଓଡ଼ିଆ ବର୍ଣ୍ଣମାଳାର ଅନୁନାସିକ ବର୍ଣ୍ଣ ବିଶେଷ (ँ), *ଉଦା.* ଅଁଳା ।

**ଚନ୍ଦ୍ରବିମ୍ବ** ***ବି.*** ୧. ଚନ୍ଦ୍ରର ପୂର୍ଣ୍ଣ କଳେବର ୨. ଚନ୍ଦ୍ରମଣ୍ଡଳ ୩. ଚନ୍ଦ୍ରର ପ୍ରତିଫଳନ ।

**ଚନ୍ଦ୍ରବୋଡ଼ା** ***ବି.*** ବିରାଟକାୟ ବିଷଧର ସାପ ବିଶେଷ, ଚନ୍ଦନବୋଡ଼ା ।

**ଚନ୍ଦ୍ରମଣ୍ଡଳ** ***ବି.*** ଚନ୍ଦ୍ରର ଚାରିପାଖରେ ଦିଶୁଥିବା ଉଜ୍ଜ୍ୱଳ ଆଲୋକ କ୍ଷେତ୍ର ।

**ଚନ୍ଦ୍ରମା** ***ବି.*** ଚନ୍ଦ୍ର, ଜହ୍ନ ।

**ଚନ୍ଦ୍ରମୁଖୀ** ***ବି. ବିଂ.*** ଚନ୍ଦ୍ର ଭଳି ଗୋଲ ଓ ସୁନ୍ଦର ମୁହଁ ଥିବା (ନାରୀ) ।

**ଚନ୍ଦ୍ରଶାଳା** ***ବି.*** ୧. ଘରର ସବାଉପର ମହଲାରେ ଥିବା କୋଠରି- ଯାହା ଚନ୍ଦ୍ରକିରଣଦ୍ୱାରା ଆଲୋକିତ ହୋଇଥାଏ ୨. ଜ୍ୟୋସ୍ନା, ଚନ୍ଦ୍ର କିରଣ ।

**ଚନ୍ଦ୍ରଶେଖର** ***ବି.*** ଚନ୍ଦ୍ର ଯାହାଙ୍କ ମୁଣ୍ଡରେ ଶୋଭା ପାଉଥାନ୍ତି, ଶିବ ।

**ଚନ୍ଦ୍ରହାର** ***ବି.*** ଅଣ୍ଟା ବା ଗଳାରେ ପିନ୍ଧାଯାଉଥିବା ହାର ବିଶେଷ ।

**ଚନ୍ଦ୍ରହାସ** ***ବି.*** ୧. ରୂପା ୨. ଏକପ୍ରକାର ଖଣ୍ଡା ।

**ଚନ୍ଦ୍ରାତପ** ***ବି.*** ୧. ଚାନ୍ଦୁଆ ୨. ଜ୍ୟୋସ୍ନା ।

**ଚନ୍ଦ୍ରାଲୋକିତ** ***ବିଂ.*** ଚନ୍ଦ୍ରକିରଣଦ୍ୱାରା ଆଲୋକିତ, ଜ୍ୟୋସ୍ନାରେ ଉଜ୍ଜ୍ୱଳ ।

**ଚନ୍ଦ୍ରିକା** ***ବି.*** ୧. ମୟୂରପୁଚ୍ଛ ୨. ଜ୍ୟୋସ୍ନା, ଚନ୍ଦ୍ରକିରଣ ୩. ଆଖିର ତାରା, ଆଖିପୁଅ ।

**ଚନ୍‌ଖା** ***ବି.*** ଚାଳଘର ଉପରେ ପକାଯାଉଥିବା ରୁଅ ।

**ଚନ୍‌ଚନା** ***ବିଂ.*** ୧. ଘାସଶୂନ୍ୟ ୨. ଶୁଖିଲା ଏବଂ ପରିଷ୍କାର ।

**ଚନା** ***ବି.*** ଚଣା, ବୁଟ ।

**ଚନାଖାଇ** ***ବି.*** ଚକୋର ପକ୍ଷୀ ।

**ଚନାଖୁଁଟି** ***ବିଂ.*** ଶଗଡ଼ରେ ଯୁଆଳି ବାନ୍ଧିବା ନିମନ୍ତେ ବ୍ୟବହୃତ କାଠ କିଳା ।

**ଚନା ଗୁଁଡ଼୍** ***ବି.*** ଚଣାର ଗୁଣ୍ଡ ବା ଚୂନା, ବେସନ ।

**ଚନାଷଠୀ** ***ବି.*** ୧.ଭାଦ୍ରବ ଶୁକ୍ଳପକ୍ଷ ଷଷ୍ଠୀ ଦିନ ନାରୀମାନେ ପାଳୁଥିବା ଓଷା, ସୋମନାଥବ୍ରତ ୨. ଶିଶୁଜନ୍ମର ଷଷ୍ଠଦିନ କରାଯାଉଥିବା ପୂଜା ବିଶେଷ, ଷଠିଘର ବା ଷଠିପୂଜା ।

**ଚନ୍ନୁର୍** ***ବି.*** ଏକ ପ୍ରକାର ଜଙ୍ଗଲୀ ଗଛ (ଏହାର ପିତାଫୁଲ ଖାଦ୍ୟ ରୂପେ ବ୍ୟବହୃତ) ।

**ଚପ୍** ***ବି.*** ମସଲାଦିଆ ଆଳୁସିଝା, ପରିବା, ମାଂସ, ଅଣ୍ଡା ପ୍ରଭୃତିକୁ ପୁର କରି ବେସନ ମଣ୍ଡରେ ବୁଡ଼ାଇ ଛଣାହୋଇଥିବା ମୁଖରୋଚକ ଖାଦ୍ୟ ବିଶେଷ ( ଯଥା: ଆଳୁଚପ୍, ମାଂସଚପ୍, ଅଣ୍ଡାଚପ୍) ।

**ଚପ୍‌କନ୍** ***ବି.*** ଆଣ୍ଠୁତଳ ପର୍ଯ୍ୟନ୍ତ ପିନ୍ଧାଯାଉଥିବା ଲମ୍ବା କୁର୍ତ୍ତା, ପଞ୍ଜାବି, ଲାଲଚି, ଢିଲା ପୋଷାକ ।

**ଚପ୍‌କରି** ***କ୍ରି.ବିଂ.*** ହଠାତ୍ ଏବଂ ଜୋରରେ (ଧରିବା) ।

**ଚପ୍‌କା** ***ବି.*** ଗାଈଗୋରୁଙ୍କ ଖୁରାରେ ହେଉଥିବା ଏକ ପ୍ରକାର ରୋଗ, ଫାଟୁଆ ବା ଖଲିଆ ରୋଗ ।

**ଚପ୍‌କୋ ଲାଠୋ** ***କ୍ରି.ବିଂ.*** ଠିକ୍ ଭାବରେ ବା ଉଚିତ ସ୍ଥାନରେ (ଲାଗିଥିବା) ।

**ଚପ୍‌ଚପ୍** ***କ୍ରି.ବିଂ.*** ତୁରନ୍ତ, ଅତିଶୀଘ୍ର ।

**ଚପ୍‌ଚପିଆ** ***ବିଂ.*** ୧. ଅଠାଳିଆ ୨. ସର୍‌ସରିଆ ।

**ଚପ୍ରା** ***ବି.*** କାଦୁଆ ସ୍ଥାନ, ସନ୍ତସନ୍ତିଆ ଜାଗା, ଜଳଭୂମି, ଚାପଲ ଜାଗା ।

**ଚପ୍ରାବା** ***କ୍ରି.*** ୧. ବିସ୍ତାରିତ ହେବା, ଚତରେଇବା, ଅଧିକ ମାଡ଼ିବା ୨. ଅନ୍ୟାୟ ଭାବେ ଦଖଲ କରିନେବା, ଜମି/ଜାଗା ମାଡ଼ି ବସିବା ।

**ଚପ୍ରି ଯିବା** ***କ୍ରି.*** ୧. ବ୍ୟାପିଯିବା ୨. ସ୍ୟାହି ଚପିବା ୩. ଘା ପ୍ରଭୃତି ବଢ଼ି ଯାଇ ଅଧିକ ସ୍ଥାନକୁ ମାଡ଼ିବା ।

**ଚପଟ** ***ବି.*** ୧. ଚାପ, ବହୁ କାର୍ଯ୍ୟର ଜଞ୍ଜାଳ, କାର୍ଯ୍ୟଚାପ ୨. ଚାପୁଡ଼ା, ଚଟକଣା, ଥାପଡ଼୍ ।

**ଚପରାସ** ***ବି.*** ଅଫିସ୍‌ର ପରିଚୟ ସୂଚକ ପିତଳ ଚକତି ବା ଫଳକ, ତକମା, ହାଉଜା ।

**ଚପରାସି** ***ବି.*** ୧. ଚପରାସ ଧାରଣ କରୁଥିବା କର୍ମଚାରୀ ୨. ଅର୍ଦ୍ଦଳି, ଅଡର୍‌ଲି, ପିଅନ୍, ପିଆଦା ।

**ଚପଳ** ***ବିଂ.*** ୧. ଚଞ୍ଚଳ, ଅସ୍ଥିର, ସ୍ଥିରତାହୀନ ୨. କ୍ଷଣିକ, କ୍ଷଣସ୍ଥାୟୀ ୩. ପ୍ରଗଳ୍‌ଭ, *ସ୍ତ୍ରୀ.* ଚପଳା ; ***ବି.*** ପାରଦ, ମର୍‌କ୍ୟୁରି ।

**ଚପଳତା** ***ବି.*** ଚଞ୍ଚଳତା, ଚଗଲାମି, ଅସ୍ଥିର ଭାବ, ସ୍ୱଭାବ ବା ବ୍ୟବହାର ।

**ଚପଳମତି** ***ବିଂ.*** ମନ, ସ୍ୱଭାବ ବା ପ୍ରକୃତି ଚଞ୍ଚଳିଆ ବା ଅସ୍ଥିର ଥିବା ।

**ଚପଳା** ***ବି.*** ୧ ଚଞ୍ଚଳ ପ୍ରକୃତିର ନାରୀ ୨. ଲକ୍ଷ୍ମୀ ୩. ବିଜୁଳି ୪. ଜିଭ।

**ଚପଲ୍** ***ବି.*** ଉପର ପାଖ ଅପେକ୍ଷାକୃତ ଖୋଲାଥିବା ପାଦୁକା, ଚଟି, ସ୍ଲିପର ।

**ଚପା** ***ବିଂ.*** ଯେ ନିଜ କଥା ଲୁଚାଇ ରଖେ ; ***ବି.*** ୧. ଚାପ ୨. ଚାପ ଦେବା ବସ୍ତୁ ।

**ଚପାତି, ଚପାଟି** ***ବି.*** ୧. ରୁଟି ୨. ପରଟା ୩. ଅଟା ଚକଟାକୁ ହାତରେ ଚାପଡାଇ ତିଆରି ରୁଟି ।

**ଚପିବା** ***କ୍ରି.*** ୧. ସ୍ୟାହି ଆଦି କାଗଜରେ ଘଷରେଇ ହୋଇଯିବା, ଚପ୍ରି ଯିବା ୨. ଭୟପାଇ ତୁନିହେବା ବା ନିବର୍ତ୍ତିବା ୩. ଦବିଯିବା ।

**ଚପେଟ** ***ବି.*** ୧. ହାତପାପୁଲି ୨. ଚାପୁଡ଼ା।

**ଚପେଟାଘାତ** ***ବି.*** ହାତ ପାପୁଲି ସାହାଯ୍ୟରେ ମାଡ଼ ବା ଆଘାତ, ଚାପୁଡ଼ା ।

**ଚବ୍‌କା,ଚବକା** ***ବି.*** ୧. କ୍ଷୁଦ୍ର ଓ ଅଗଭୀର ଜଳାଶୟ, ଚୁଆ, ଓଡ଼ା ୨. ନଦୀ ବା ପୋଖରୀର ପାଣି ଉପରେ ହାତ ପାପୁଲିଦ୍ୱାରା ଆଘାତ ।

**ଚବ୍‌ଚବ୍** ***ଅ.*** ପାଣିରେ ଆଘାତଦ୍ୱାରା ସୃଷ୍ଟ ଧ୍ୱନି ।

**ଚବ୍‌ରା** ***ବିଂ.*** ୧. କାମୁଡ଼ା ପ୍ରକୃତିର ୨. କଳିହା, ଝଗଡ଼ିଆ; *ସ୍ତ୍ରୀ* ଚାବ୍‌ରି।

**ଚବ୍‌ଲାବା** ***କ୍ରି.*** ପାକୁଳି କରିବା, କପ୍‌ଲାବା, ରୋମନ୍ଥନ କରିବା ।

**ଚବକାଇବା** ***କ୍ରି.*** ହାତ ପାପୁଲିଦ୍ୱାରା ଜଳ ଆସ୍ତରଣକୁ ଚାପୁଡାଇବା ।

**ଚବର୍ ଚବର୍ ହେବା** ***କ୍ରି.*** ୧. କଥା କହି ଚାଲିବା, ବେଶି କଥା କାହିବା ୨. ପାଣିରେ ଚାଲିବା ଫଳରେ ଧ୍ୱନି ସୃଷ୍ଟି ହେବା ।

**ଚବରଚାଉଳି** ***ବିଂ.*** ୧. ଗପୁଡ଼ି, ଡବଡବୀ , ସବୁବେଳେ କଥା କହି ଖୁସିହେଉଥିବା ୨. ଆଗତୁରା କଥା କହୁଥିବା ।

**ଚବା ଅଁପ୍ରା** ***ବି.*** ୧. ମାମୁଲି ଝଗଡ଼ା ବା କଳି ୨. କାମୁଡ଼ା ଆମ୍ପୁଡ଼ା ।

**ଚବିଲା** ***ବିଂ.*** ଚପଳ ସ୍ୱଭାବର ସ୍ତ୍ରୀଲୋକ ।

**ଚବିଶ, ଚବିଶି** ***ବି.*** ୨୪ ସଂଖ୍ୟା ; ***ବିଂ.*** ୨୪ ସଂଖ୍ୟକ ।

**ଚବିଶିଘଣ୍ଟା** ***ବି.*** ଦିନରାତି, ସବୁସମୟ ।

**ଚମ୍‌କାବା** ***କ୍ରି.*** ହଠାତ୍ ଭୟସୃଷ୍ଟି କରିବା, ଭୟ ଜାତ କରାଇବା ।

**ଚମ୍‌କି ଯିବା** ***କ୍ରି.*** ୧. କୌଣସି କାରଣରୁ ହଠାତ୍ ଡରିଯିବା ୨. ଖୁବ ଭଲ ହେବା, ଆଡ଼ମ୍ବରପୂର୍ଣ୍ଣ ହେବା ୩. ସୁନ୍ଦର ଦେଖାଯିବା, ଚହଟି ଦିଶିବା ।

**ଚମ୍‌କୁ** ***ବିଂ.*** ଅଳ୍ପକେ ଡରି ଯାଉଥିବା, ଛୋଟକଥାରେ ବିଚଳିତ ହେଉଥିବା ।

**ଚମ୍‌କୁଲ୍** ***ବି.*** ଭାତୁଡି ।

**ଚମ୍‌ଚମ୍** ***ବି.*** ଛେନା ତିଆରି ଏକପ୍ରକାର ମିଷ୍ଟାନ୍ନ ।

**ଚମ୍‌ଠା** ***ବି.*** ନିସାନ୍ ବା ମାଦଳ ପିଟି ବଜାଇବାପାଇଁ ବ୍ୟବହୃତ ଚମଡ଼ା ତିଆରି ନହନହକା କାଠି ।

**ଚମ୍‌ଠି** ***ବି.*** ଛୋଟ ଆକାରର ଚମ୍‌ଠା ।

**ଚମ୍‌ଡ଼ୁଲା, ଚମଡ୍ରୋଲା** ***ବି.*** ଚମଦଳା, ଚର୍ମରୋଗ ବିଶେଷ ।

**ଚମ୍‌ଦୁଲା** ***ବି.*** ଚମଦଳା ।

**ଚମ୍‌ରା** ***ବି.*** ଚମାର, ମୋଚି, ଜୋତା ଆଦି ଚମଡା ଜିନିଷ ତିଆରି ବା ମରାମତି କରୁଥିବା ଲୋକ ଓ ସେହି ଜାତି ।

**ଚମ** ***ବି.*** ଚମଡା, ତ୍ୱକ୍, ଜୀବ ଦେହର ଅସ୍ତରଣ ।

**ଚମକ** ***ବି.*** ୧. ହଠାତ୍ ଜଳିଉଠିବା ଆଲୋକର ଝଟକ ୨. ବିଜୁଳି ମାରିବାରୁ ସୃଷ୍ଟ ଆଲୋକ ୩. ବିସ୍ମୟ ବା ଚାଞ୍ଚଲ୍ୟ ସୃଷ୍ଟି ୪. ହଠାତ୍ ଅନୁଭବ ୫. ଆତଙ୍କ, ଭୟ ୬. ଛନକା, ବିସ୍ମୟ ।

**ଚମକାଣ** ***ବି.*** ୧. ଡରାଣ କଥା, ଭୟ ଦେଖାଇବାପାଇଁ କୁହାଯାଉଥିବା କଥା ୨. ଗାଳି ।

**ଚମକିତ** ***ବିଂ.*** ୧. କୌଣସି ଆକସ୍ମିକ ଘଟଣା ଯୋଗୁଁ ବିସ୍ମିତ ୨. ବିଜୁଳି ମାରିବା ଯୋଗୁଁ କ୍ଷଣକପାଇଁ ଆଲୋକିତ ।

**ଚମକିବା** *କ୍ରି.* ୧. ଆକସ୍ମିକ ଭୟ ବା ବିସ୍ମୟ ପାଇବା ୨. ହଠାତ୍ ଡରିଯିବା ୩. ଝଟକିବା, ଚକ୍‌ମକ୍ କରିବା ।

**ଚମ୍‌ଚା** *ବି.* ତୋଷାମଦକାରୀ, ଗୋଡାଣିଆ (ବ୍ୟକ୍ତି) ।

**ଚମଚଟା** *ବି.* ୧. ଚେମଣି, ଚେମଣିଆ ଚଢ଼େଇ, ଚର୍ମଚଟିକା ୨. ନଛୋଡ ବନ୍ଧା, ଏକଜିଦିଆ ଲୋକ ।

**ଚମଡା** *ବି.* ୧. ଛାଲ, ପଶୁଆଦିଙ୍କ ଚର୍ମ ୨. ଚମ, ତ୍ୱକ୍ ।

**ଚମତ୍କାର** *ବିଂ.* ୧. ବିସ୍ମୟକର, ଆଶ୍ଚର୍ଯ୍ୟଜନକ ୨. ଉଚ୍ଚକୋଟୀର, ଖୁବ୍ ଭଲ ୩. ଉପଭୋଗ୍ୟ ।

**ଚମତ୍କାରିତା** *ବି.* ୧. ବିସ୍ମୟ ବା ପ୍ରଶଂସାର ଯୋଗ୍ୟ କାର୍ଯ୍ୟ ୨. ଚରମ ଉତ୍କର୍ଷ ।

**ଚମତ୍କାରୀ** *ବିଂ.* ୧. ବିସ୍ମୟ ସୃଷ୍ଟି କରୁଥିବା ୨. ଅସାଧ୍ୟ ସାଧନ କରିପାରୁଥିବା ।

**ଚମତ୍କୃତ** *ବିଂ.* ଅତ୍ୟନ୍ତ ବିସ୍ମିତ, ବିସ୍ମୟବିମୁଗ୍‌ଧ ।

**ଚମଦଳା** *ବି.* ଚମ ଉପରେ ହେଉଥିବା କୁଣ୍ଡିଆ ରୋଗ ।

**ଚମର** *ବି.* ୧. ପାହାଡ଼ି ଗୋରୁ ବିଶେଷ, *ସ୍ତ୍ରୀ.* ଚମରୀ ୨. ଚଅଁର, ଚାମର।

**ଚମରୀ** *ବି.* ଯେଉଁ ପାହାଡ଼ିଆ ଗାଈର ଲାଙ୍ଗୁଡରେ ଗୋଛାଏ ବାଳ ଥାଏ, କପିଳାଗାଈ ।

**ଚମାର** *ବି.* ଚମ୍‌ରା, ତାଳ ନଡ଼ିଆ ଓ ଖଜୁରି ଗଛ ସଫା କରୁଥିବା, ଫଳ ତୋଳୁଥିବା ଏବଂ ସେହି ଗଛଗୁଡ଼ିକର ପତ୍ର ଓ ବାହୁଙ୍ଗାରେ ବିଭିନ୍ନ ଗୃହୋପକରଣ ତିଆରି ଏବଂ କେତେକ ଅଞ୍ଚଳରେ ଚମଡା କାମ କରୁଥିବା ସମ୍ପ୍ରଦାୟ ବିଶେଷ, *ସ୍ତ୍ରୀ.* ଚମାରୁଣୀ ।

**ଚମୁରୁ, ଚମୂରୁ** *ବି.* ଏକ ଜାତୀୟ ହରିଣ ।

**ଚମେଲି, ଚାମେଲି** *ବି.* ଏକ ଜାତୀୟ ସୁବାସଯୁକ୍ତ ଜାଇଫୁଲ ।

**ଚମ୍ପକ** *ବି.* ୧. ଚମ୍ପାଗଛ, ଚମ୍ପାଫୁଲ ୨. ଚମ୍ପା କଦଳୀ ।

**ଚମ୍ପକ ଦ୍ୱାଦଶୀ** *ବି.* ଜ୍ୟେଷ୍ଠମାସ ଶୁକ୍ଳପକ୍ଷ ଦ୍ୱାଦଶୀ ଦିନ ଶ୍ରୀମନ୍ଦିର ତଥା ବିଭିନ୍ନ ଶାସନରେ ପାଳିତ ପର୍ବ ।

**ଚମ୍ପଟ୍** *ବି.* ହଠାତ୍ ଛୁ ମାରିବା ବା ପଳେଇଯିବା ।

**ଚମ୍ପଟ ମାରିବା** *କ୍ରି.* ଭୟରେ ବା ଫାଙ୍କିଦେଇ ହଠାତ୍ ପଳାଇବା ।

**ଚମ୍ପା** *ବି.* ୧. ଫିକା ହଳଦିଆରଙ୍ଗ ଓ ବିଶେଷ ସୁଗନ୍ଧ ଥିବା ଫୁଲ, ସେହି ଗଛ ୨. କାନପିନ୍ଧା ଅଳଙ୍କାର ବିଶେଷ ୩. ଗୋବରା ଚଢ଼େଇ ୪. ଶ୍ରୀମନ୍ଦିର ରୋଷଶାଳର ନିଆଁ ୫. ନିଆଁ ୬. ବୈଷ୍ଣବାଗ୍ନି ୭. ସ୍ୱାଦିଷ୍ଟ ପାଚିଲା କଦଳୀର ଜାତି ବିଶେଷ ।

**ଚମ୍ପାକଳି(ଲୀ)** *ବି.* ୧. ଗଳାରେ ପିନ୍ଧା ଏକ ପ୍ରକାର ହାର ବା ମାଳି ୨. ଚମ୍ପାଫୁଲର କଢ଼ ।

**ଚମ୍ପାଗୋରୀ** *ବି.* ଯେଉଁ ନାରୀର ଦେହର ବର୍ଣ୍ଣ ଚମ୍ପାଫୁଲପରି, ହଳଦୀ ଓ ଧଳା ରଙ୍ଗର ମିଶ୍ରରୂପ।

**ଚମ୍ପା ଧର୍‌ବା** *କ୍ରି.* ଆଘାତ ବା କ୍ଷତ ଯୋଗୁଁ ହାତର ଆଙ୍ଗୁଠି ଅଚଳ ହୋଇଯିବା ।

**ଚମ୍ପାବତୀ, ଚମ୍ପେଇତି** *ବି.* ଦରପାଚିଲା ଆମ୍ବକୁ ଛେଲି, ଶୁଖାଇ, ମସଲା ପ୍ରଭୃତି ଦେଇ ତଥା ଗୁଡ଼ରେ ପାଗି ପ୍ରସ୍ତୁତ ଏକପ୍ରକାର ଆଚାର ।

**ଚମ୍ପୂ** *ବି.* ଗଦ୍ୟ ଓ ପଦ୍ୟ ମିଶା କାବ୍ୟରଚନା ଶୈଳୀ ବିଶେଷ ।

**ଚମ୍ପେଇତି** *ବି.* ଚମ୍ପାବତୀ ।

**ଚମ୍ପେଇ ନେଉଳ** *ବି.* ଝିଟିପିଟି ଜାତୀୟ ସରୀସୃପ ବିଶେଷ, ଗେରୁଲ୍ ।

**ଚୟ** *ବି.* ସମୂହ, ରାଶି ।

**ଚୟନ** *ବି.* ସଂଗ୍ରହ, ସଙ୍କଳନ ।

**ଚୟନିକା** *ବି.* ସଂକଳନ, ସଂଗ୍ରହ ।

**ଚର୍‌କଟା** *ବିଂ.* ଚାରିଦଉଡ଼ି କଟା, ସୃଷ୍ଟିଛଡ଼ା ।

**ଚର୍ କର୍‌ବା** *କ୍ରି.* ୧. ହଠାତ୍ ଜ୍ୱାଳା ଅନୁଭବ କରିବା ୨. ଅତ୍ୟଧିକ ଧାରଥିବା ବା ହେବା ।

**ଚର୍‌କାବା** *କ୍ରି.* ୧. ଚଞ୍ଚଳ ଚଞ୍ଚଳ ଲେଖି ପକାଇବା ୨. ଠକାଠକି କରି ଅଳ୍ପରେ କାମ ସାରିଦେବା ।

**ଚର୍‌କି** *ବି.* ମାଛଧରା ପଟି ।

**ଚର୍‌ଚର୍** *ଅ.* ୧. ଚିରିଯିବାର ଶବ୍ଦ ୨. ସରୁ ମୁହଁ ବାଟେ ଚିପି ହୋଇ ପାଣି ତଳକୁ ପଡ଼ିବା ଶବ୍ଦ ୩. ପରକଲମରେ କାଗଜରେ ଲେଖିବା ଶବ୍ଦ ।

**ଚର୍‌ଚରା** *କ୍ରି.ବିଂ.* ୧. ସମୁଦାୟ, ସମସ୍ତେ ; *ବିଂ.* ଅତିରିକ୍ତ ପରିମାଣରେ ବୋଳା ହୋଇଥିବା ; *ବି.ଅ.* ନଈବଢ଼ି ବେଳେ ଫେଣମିଶା ପାଣି କୂଳ ଉପରକୁ ମାଡ଼ିଯିବା ଯୋଗୁଁ ସୃଷ୍ଟ ଶବ୍ଦ ।

**ଚର୍‌ଚରାବା** *କ୍ରି.* ଚିରି ହେଲାଭଳି ଲାଗିବା, ବାଧିବା ।

**ଚରଚା** *ବି.* ୧. ଆତିଥ୍ୟ ୨. ସେବା ୩. ବ୍ୟବହାର ।

**ଚର୍‌ଡ଼ାଙ୍ଗ** *ବି.* ଚିଆଁଦେବାପାଇଁ ଖଡ଼ିକା, ଚିଆଁ ଦେବାପାଇଁ ବା ଚିହ୍ନ ଦେବାପାଇଁ ବ୍ୟବହୃତ ଲୁହାଖଡ଼ିକା, ଚର୍‌କାଠି ।

**ଚର୍‌ତୋ ଚର୍‌ତୋ** *ବି.* ମାଡ଼ ବା ପ୍ରହାରର ଧ୍ୱନି ।

**ଚର୍‌ନିଆ** *ବି.* ୧. ଯେ ଚରେ ୨. ଯେ (ଗାଈଗୋରୁ) ଚରାଏ ।

**ଚର୍ବନି** ***ବି.*** ପ୍ରଧାନ ଖାଦ୍ୟ (ଭାତ, ରୁଟି) ବ୍ୟତୀତ ପାଟି ସୁଆଦିଆ ଖାଦ୍ୟ ସାମଗ୍ରୀ- ଯାହା ଭୋକ ଯୋଗୁଁ ନୁହେଁ, କେବଳ ଲୋଭ ଯୋଗୁଁ ବା ପାଟି ସୁଆଦପାଇଁ ଖିଆହୁଏ ।

**ଚର୍ମୁଡ଼ି** ***ବି.*** ଖୋଷାରେ ଲଗାଯାଉଥିବା ଅଳଙ୍କାର ବିଶେଷ, ଚଉଁରିମୁଣ୍ଡି ।

**ଚର୍ଲା** ***ବି.*** ବକ୍‌କଳ, ଗଛର ଛାଲି ।

**ଚର୍ଲିହା** ***ବିଂ.*** ଚଞ୍ଚଳିଆ, ଚଗଲା ।

**ଚର** ***ବି.*** ୧. ଗୁପ୍ତରେ ପ୍ରେରିତ ଦୂତ ୨. ସନ୍ଦେଶ ବା ସମ୍ବାଦ ନେଇଯିବା କର୍ମଚାରୀ ୩. ଚାରଣ ଭୂମି, ଗୋଚର ଭୂଇଁ ୪. ନଦୀର ଚଡ଼ା ; ***ବିଂ.*** ୧. ଘାସ ପ୍ରଭୃତି ଚରି ଖାଉଥିବା (ପ୍ରାଣୀ) ୨. ବିଚରଣକାରୀ (***ପ.ପ୍ର.-*** **ପାର୍ଶ୍ୱଚର, ସହଚର**) ।

**ଚରକ** ***ବି.*** ଆୟୁର୍ବେଦଗ୍ରନ୍ଥ ବିଶେଷର ରଚୟିତା ।

**ଚରକି, ଚରଖି** ***ବି.*** ୧. ସୂତା ନଟେଇ ୨. ଚକ୍ରାକାର ଘୂରିବା ବାଣ ବିଶେଷ, ଚକ୍ରିବାଣ ୩. ଚକ୍ରାକାର ଗତି ।

**ଚରଖା** ***ବି.*** ଅରଟ, ସୂତାକଟା ଯନ୍ତ୍ର ।

**ଚରଣ** ***ବି.*** ୧. ପାଦ ୨. କବିତାର ପଂକ୍ତି ୩. ଆଚରଣ, ଅଭ୍ୟାସ ।

**ଚରଣକମଳ** ***ବି.*** ପାଦପଦ୍ମ, ପୂଜ୍ୟବ୍ୟକ୍ତିଙ୍କର ପାଦଯୁଗଳ ।

**ଚରଣଗ୍ରନ୍ଥି** ***ବି.*** ଗୁଲ୍‌ଫ, ପାଦଗ୍ରନ୍ଥି, ଗୋଇଠିର ଠିକ୍ ଉପରିଭାଗ ।

**ଚରଣଚୁଟିଆ** ***ବି.*** ଯେ ଆବଶ୍ୟକ ମତେ କାହା ପାଦ ଧରିପାରେ ଏବଂ ଚୁଟି ବି ଧରିପାରେ, ସୁବିଧାବାଦୀ ବ୍ୟକ୍ତି ।

**ଚରଣସେବା** ***ବି.*** ୧. ଭକ୍ତିର ସହ ସେବା ୨. ଗୋଡ଼ ମୋଡ଼ିବା, ଗୋଡ଼ ମଞ୍ଜାଳିବା ।

**ଚରଣାମୃତ** ***ବି.*** ଦେବମୂର୍ତ୍ତି ବା ପୂଜ୍ୟବ୍ୟକ୍ତିଙ୍କ ଗୋଡ଼ଧୁଆ ପାଣି, ପାଦୋଦକ, ପାଦୁକପାଣି ।

**ଚରଣାଶ୍ରିତ** ***ବିଂ.*** ଦେବତା ବା ଗୁରୁସ୍ଥାନୀୟ ବ୍ୟକ୍ତିଙ୍କର ଆଶ୍ରୟ ନେଇଥିବା ବ୍ୟକ୍ତି ।

**ଚରମ** ***ବିଂ.*** ସବାଶେଷ, ଯାହାପରେ ଆଉ କିଛି ନାହିଁ, ଅନ୍ତିମ, ଚୂଡ଼ାନ୍ତ ; ***ବି.*** ୧. ଶେଷଭାଗ ୨. ପିଠି ।

**ଚରମ ତ୍ରୁଟି** ***ବି.*** ମସ୍ତବଡ଼ ଭୁଲ୍, ଯେଉଁ ଭୁଲକୁ ସୁଧାରିବା ସହଜ ନୁହେଁ ।

**ଚରମ ଦଶା** ***ବି.*** ମାରକ, ଅନ୍ତିମ ଦଶା, ମୃତ୍ୟୁତୁଲ୍ୟ ଅବସ୍ଥା ।

**ଚରମପତ୍ର** ***ବି.*** ୧. ଅନ୍ତିମ ଦାବିପତ୍ର ୨. ଉଇଲ, ଶେଷ ଦାନପତ୍ର, ୩. ଅନ୍ତିମ ଚେତାବନୀ ।

**ଚରମପନ୍ଥୀ** ***ବିଂ. ବି.*** ଉଗ୍ର ବା ହିଂସାପୂର୍ଣ୍ଣ ଭାବେ ରାଜନୀତିକ ଉଦ୍ଦେଶ୍ୟ ସାଧନରେ ବିଶ୍ୱାସ କରୁଥିବା(ବ୍ୟକ୍ତି ବା ଗୋଷ୍ଠୀ) ।

**ଚରମବିନ୍ଦୁ** ***ବି.*** ଶୀର୍ଷବିନ୍ଦୁ ।

**ଚରସ୍** ***ବି.*** ମାଦକଦ୍ରବ୍ୟ ବିଶେଷ, ଗଞ୍ଜେଇର ଅଠା ।

**ଚରା** ***ବି.*** ୧. ପଶୁପକ୍ଷୀଙ୍କ ଖାଦ୍ୟ ୨. ଯୋଗ ୩. ଚରିବୁଲିବା ୪. ଚଡ଼ା ; ***ବିଂ.*** ଚରୁଥିବା ।

**ଚରାଇବା, ଚରେଇବା** ***କ୍ରି.*** ୧. ଗୋରୁଆଦିଙ୍କୁ ପଡ଼ିଆରେ ବୁଲାଇ ଘାସ ଖୁଆଇବା ୨. ଗୋରୁ ପ୍ରଭୃତିଙ୍କୁ ଚରିବା ବେଳେ ଜଗିବା ୩. ଶାସନକରିବା, ନିଜ ନିୟନ୍ତ୍ରଣରେ ରଖିବା ।

**ଚରାଚର** ***ବି.*** ୧. ସମଗ୍ର ବିଶ୍ୱ ୨. ସ୍ଥାବର ଓ ଜଙ୍ଗମ ସମୂହ ।

**ଚରାବାତ** ***ବି.*** ଯେଉଁ ବାତରୋଗର ଯନ୍ତ୍ରଣା ଶରୀରର ବିଭିନ୍ନ ସ୍ଥାନରେ ଅନୁଭୂତ ହୁଏ ।

**ଚରାବୁଲା** ***ବି.*** ଚାଲବୁଲ, ଏଠୁସେଠିକି ଯିବା ।

**ଚରାଭୂଇଁ** ***ବି.*** ୧. ଗୋରୁ ପ୍ରଭୃତିଙ୍କ ଘାସ ଚରିବା ସ୍ଥାନ ୨. ଖାଦ୍ୟ ଓ ଜୀବିକା ଅର୍ଜନର କ୍ଷେତ୍ର ।

**ଚରାଳି** ***ବି.*** ଚରୁଥିବା ପଶୁଙ୍କ ଜଗୁଆଳ, ଚରିଆ, ଚରୁହା ।

**ଚରିଆ** ***ବି.*** ୧. ଗାଇଗୋରୁ ପ୍ରଭୃତି ଚରାଉଥିବା ଲୋକ ୨. କାଶ ଜାତୀୟ ଗୁଳ୍ମ ବିଶେଷ ।

**ଚରିତ** ***ବି.*** ୧. ଜୀବନକଥା, ଜୀବନୀ ୨. ଘଟନା ୩. ବିବରଣ ୪. ଆଚରଣ, ବ୍ୟବହାର ; ***ବିଂ.*** ୧. ଅନୁଷ୍ଠିତ, ସମ୍ପନ୍ନ ୨. ଆଚରିତ ।

**ଚରିତକାର** ***ବି.*** ଜୀବନୀଲେଖକ ।

**ଚରିତାର୍ଥ** ***ବିଂ.*** ସଫଳକାମ, କୃତକାର୍ଯ୍ୟ ; ***ବି.*** ମନୋବାଞ୍ଛା ପୂରଣ ହେବା ।

**ଚରିତ୍ର** ***ବି.*** ୧. ନୈତିକ ସ୍ୱଭାବ, ସମଗ୍ର ବ୍ୟକ୍ତିତ୍ୱ ୨. ପ୍ରକୃତି ବା ସ୍ୱଭାବ ୩. ସାଧାରଣ ଅଭ୍ୟାସ ବା ସ୍ୱଭାବ ।

**ଚରିତ୍ରଦୋଷ** ***ବି.*** ନୈତିକ ଅଧଃପତନ, ଲମ୍ପଟ ଆଚରଣ ।

**ଚରିତ୍ରପଞ୍ଜିକା** ***ବି.*** ଉପରିସ୍ଥ ଅଫିସରଙ୍କଦ୍ୱାରା ଅଧସ୍ତନ ଅଫିସର ବା କର୍ମଚାରୀଙ୍କ ଚରିତ୍ର, କାର୍ଯ୍ୟ କୁଶଳତା ପ୍ରଭୃତି ଉପରେ ଦିଆ ଯାଉଥିବା ବାର୍ଷିକ ବିବରଣ ।

**ଚରିତ୍ରବତ୍ତା** ***ବି.*** ସଚ୍ଚରିତ୍ରତା, ଚରିତ୍ରର ଉତ୍କର୍ଷ, ଉଚ୍ଚ ଏବଂ ନୀତିବାନ୍ ଚରିତ୍ର ।

**ଚରିତ୍ରବାନ୍** ***ବିଂ.*** ଉନ୍ନତ ଓ ନୀତିବାଦୀ ସ୍ୱଭାବବିଶିଷ୍ଟ ।

**ଚରିତ୍ରସଂହାର** ***ବି.*** କାହାର ଚରିତ୍ର ସମ୍ପର୍କରେ ମିଛସତ କହି ବଦ୍‌ନାମ କରିବା ।

**ଚରିତ୍ରହୀନ** ***ବିଂ.*** ଦୁଷ୍ଚରିତ୍ର, ନଷ୍ଟଚରିତ୍ର, ନୈତିକତାହୀନ ।

**ଚରିବା** ***କ୍ରି.*** ୧. ଗାଇଗୋରୁ ଘାସ ପ୍ରଭୃତି ଭୂମିରୁ ଚୋବାଇ ଖାଇବା ୨. ପାନରେ ଅତିରିକ୍ତ ଚୂନଯୋଗୁଁ ପାଟି ଭିତର କଟିଯିବା, କଳ ଖାଇବା ୩. କ୍ଷାରଯୁକ୍ତ ମାଟି ଅଥବା ସିମେଣ୍ଟଘୋଳ ପ୍ରଭୃତି ଲାଗି ପାଦ କଟିଯିବା ୪. ଉଇ ପ୍ରଭୃତ କୌଣସି ଦ୍ରବ୍ୟକୁ ଖାଇ ନଷ୍ଟ କରିଦେବା ।

**ଚରିଯିବା** *କ୍ରି.* ଆଗପଛ ନ ଭାବି ଖାଇଯିବା ।

**ଚରୁ** *ବି.* ୧. ହୋମାଗ୍ନିରେ ଦିଆଯାଉଥିବା ଯଜ୍ଞାନ୍ନ ୨. କୃଷିକର୍ମ ସହ ସମ୍ପର୍କିତ ଜମି ବା ଖଳାରେ ସମ୍ପନ୍ନ ପୂଜା ଏବଂ ସେଥିରେ ଦିଆ ଯାଉଥିବା ନୈବେଦ୍ୟ ।

**ଚରୁଗୁଣ୍ଡ** *ବି.* ମୁରୁଜ ପକାଇବାପାଇଁ ବ୍ୟବହୃତ ବିଭିନ୍ନ ରଙ୍ଗର ଗୁଣ୍ଡ ।

**ଚରୁ ସମିଧ** *ବି.* ହୋମ ବା ଯଜ୍ଞ କୁଣ୍ଡରେ ଅର୍ପଣ କରାଯାଉଥିବା ଘୃତ ଓ ଗମ୍ଭାରୀ, ପଳାଶ, ଶାଳ ଓ ଆମ୍ବ ଆଦି ବୃକ୍ଷର ସରୁକାଠ ।

**ଚରୁହା** *ବି.* ଚରିଆ ।

**ଚରେନ୍‌ଗୁଡ଼ା** *ବି.* ୧. ଗୋଚରଭୂମି ୨. ଗାଈଜଗୁଆଳ ।

**ଚରୈବତି** *ଅ.କ୍ରି.ବିଂ.* ଚଳମାନ, ଆଗକୁ ଅଗ୍ରସର ହେବା ।

**ଚର୍ଚ୍ଚ** *ବି.* ଖ୍ରୀଷ୍ଟିୟାନ୍‌ମାନଙ୍କର ଉପାସନା ସ୍ଥଳ, ଗୀର୍ଜା ।

**ଚର୍ଚ୍ଚରିକା** *ବି.* ଯାତ୍ରା, ସୁଆଙ୍ଗ ପ୍ରଭୃତିରେ ଦୁଇ ଦୃଶ୍ୟ ମଧ୍ୟବର୍ତ୍ତୀ ସମୟରେ ବାଜୁଥିବା ବାଦ୍ୟବୃନ୍ଦ ।

**ଚର୍ଚ୍ଚରୀ** *ବି.* ୧. ଚାଚେରୀ, ହୋରି ଉତ୍ସବ ୨. ହସଖୁସିର ଉତ୍ସବ ୩. ଚମଡ଼ାଛାଉଣି ବାଦ୍ୟଯନ୍ତ୍ର ବିଶେଷ ।

**ଚର୍ଚ୍ଚା** *ବି.* ୧. ଅତିଥି ବା ବନ୍ଧୁଙ୍କ ସତ୍କାର, ଆତିଥେୟତା ୨. ଆଲୋଚନା, ଅନୁଶୀଳନ, କୌଣସି ବିଷୟରେ ତାତ୍ତ୍ୱିକ ଆଲୋଚନା, ବିଚାର ଆଲୋଚନା ୩. ଲେପନ, ବୋଳିବା କାର୍ଯ୍ୟ ।

**ଚର୍ଚ୍ଚିତ** *ବିଂ.* ୧. ଆଲୋଚିତ, ଅନୁଶୀଳନ ବା ପର୍ଯ୍ୟାଲୋଚନା କରାହୋଇଥିବା ୨. ଚର୍ଚ୍ଚା ହୋଇ ସାରିଥିବା ୩. ପୂଜିତ ୪. ଆତିଥ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିବା ୫. ଲେପିତ, ବୋଳା ହୋଇଥିବା ।

**ଚର୍ବଣ** *ବି.* ଚୋବାଇବା କାର୍ଯ୍ୟ ।

**ଚର୍ବଣୀୟ** *ବିଂ.* ଚୋବାଇ ଖାଇବା ଯୋଗ୍ୟ ।

**ଚର୍ବି** *ବି.* ୧. ମେଦ, ଦେହରେ ଥିବା ଘନ ତୈଳୀୟ ଉପାଦାନର ଆସ୍ତରଣ ୨. କ୍ଷମତା ବା ଧନସମ୍ପତ୍ତି ବୃଦ୍ଧିଯୋଗୁଁ ଗର୍ବ ।

**ଚର୍ବିତ** *ବିଂ.* ଚୋବା ଯାଇଥିବା ।

**ଚର୍ବିତଚର୍ବଣ** *ବି.* ୧. ଚୋବା ଯାଇଥିବା ବା ଖିଆ ଯାଇଥିବା ବସ୍ତୁକୁ ପୁଣି ଚୋବାଇବା ୨. ରୋମନ୍ଥନ, ପାକୁଳି ୩. ଆଗରୁ କଥିତ, ଆଲୋଚିତ ବା ଚର୍ଚ୍ଚିତ ବିଷୟର ପୁନର୍ବାର ଆଲୋଚନା ବା ଚର୍ଚ୍ଚା ।

**ଚର୍ବ୍ୟ** *ବିଂ.* ଚୋବେଇବାପାଇଁ ବା ଚୋବେଇ ଖାଇବାପାଇଁ ଉପଯୁକ୍ତ ବା ଉଦ୍ଦିଷ୍ଟ, ଚର୍ବଣୀୟ ।

**ଚର୍ମ** *ବି.* ୧. ଚମ, ଚମଡ଼ା, ତ୍ୱକ୍, ଛାଲ ୨. ଢାଲ ।

**ଚର୍ମକାର** *ବି.* ଚମଡ଼ାରେ ଉପକରଣ ତିଆରି କରୁଥିବା ବ୍ୟକ୍ତି, ଚମାର, ମୋଚି ।

**ଚର୍ମଚଟକ** *ବି.* ୧. ବାଦୁଡ଼ି, ଚମଚଟା ୨. ଚେମେଣି ।

**ଚର୍ମଚକ୍ଷୁ** *ବି.* ପ୍ରାଣୀ ଦେହରେ ଥିବା ସ୍ୱାଭାବିକ ଆଖି, ଦର୍ଶନେନ୍ଦ୍ରିୟ (*ବିପ.* ଜ୍ଞାନଚକ୍ଷୁ, ଦିବ୍ୟଚକ୍ଷୁ) ।

**ଚର୍ମରୋଗ** *ବି.* ଦେହର ଚମଡାରେ ହେଉଥିବା କାଛୁ, କୁଣ୍ଡିଆ, ଯାଦୁ ପ୍ରଭୃତି ରୋଗ ।

**ଚର୍ଯ୍ୟା** *ବି.* ୧. ବୈଧ କାର୍ଯ୍ୟ ସମ୍ପାଦନ, ନିୟମ ପାଳନ ୨. ଆଚରଣ ୩. ସେବା ୪. ଅନୁଷ୍ଠାନ ।

**ଚର୍ଯ୍ୟାଗୀତି** *ବି.* ଖ୍ରୀଷ୍ଟୀୟ ଅଷ୍ଟମ-ଏକାଦଶ ଶତାବ୍ଦୀ ମଧ୍ୟରେ ବୌଦ୍ଧଶ୍ରମଣମାନଙ୍କଦ୍ୱାରା ରଚନା କରାଯାଇଥିବା ରହସ୍ୟଧର୍ମୀ କବିତା- ଏହା ଓଡ଼ିଆ ସାହିତ୍ୟର ଆଦ୍ୟ ରଚନା ରୂପେ ଗୃହୀତ ହୁଏ ।

**ଚଳ** *ବିଂ.* ୧. ଯାହା ଚାଲିବାରେ କ୍ଷମ ୨. ଚଞ୍ଚଳ, କମ୍ପନଶୀଳ ୩. ଗତିଶୀଳ, ଚାଲୁଥିବା ; *ବି.* ୧. ପ୍ରଚଳନ ୨. ବିରକ୍ତି ୩. ଚଞ୍ଚଳତା ।

**ଚଳଚଞ୍ଚଳ** *ବିଂ.* ୧. ଅସ୍ଥିର ୨. ସକ୍ରିୟ ।

**ଚଳଚିତ୍ତ** *ବିଂ.* ଯାହାର ଚିତ୍ତ ସ୍ଥିରନୁହେଁ, ଯାହାର ମତର ସ୍ଥିରତା ନାହିଁ, ଅସ୍ଥିରଚିତ୍ତ ।

**ଚଳଚ୍ଚିତ୍ର** *ବି.* ୧. ସିନେମା ୨. ଗତିଶୀଳ ଛବି, ଛାୟାଚିତ୍ର ।

**ଚଳଣ** *ବି.* ଆଚାର, ବ୍ୟବହାର, ଗତିବିଧି ।

**ଚଳଣି** *ବି.* ୧. ଚଳଣ, ଲୋକାଚାର, ପ୍ରଥା, ଦେଶାଚାର ୨. ଆର୍ଥିକ ଦୃଷ୍ଟିରୁ ଲୋକର ବା ପରିବାରର ଅବସ୍ଥା ।

**ଚଳତ୍‌ଶକ୍ତି** *ବି.* ଚାଲିବାର ବା ଗତି କରିବାର ଶକ୍ତି ।

**ଚଳଦଳ** *ବି.* ୧. ଯାହାର ପତ୍ର ସଦା ଚଳମାନ, ଅଶ୍ୱତ୍ଥ ଗଛ ୨. ଜରିଗଛ ।

**ଚଳନ** *ବି.* ୧. ଚାଲି, ଗତି, ଧାରା ୨. ଚଳଣି, ରୀତି ।

**ଚଳନସହି** *ବିଂ.* କାମ ଚଳିବାଭଳି, ଚଳନୀୟ, ମଝିମଝିକା ।

**ଚଳନଶୀଳ** *ବିଂ.* ଗତିଶୀଳ ।

**ଚଳନି** *ବି.* ଚଳଣି, ପ୍ରଥା ।

**ଚଳନୀୟ** *ବିଂ.* ଚଳନସହି, କାମ ଚଳିବା ଭଳି ।

**ଚଳନ୍ତ** *ବିଂ.* ୧. ଯାହା ଚଳୁଛି ୨. ଯାହା ଚାଲୁଛି ।

**ଚଳନ୍ତା** *ବିଂ.* ୧. ଗତିଶୀଳ, ଗତି କରୁଥିବା, ଚାଲୁଥିବା ୨. ପ୍ରଚଳିତ ୩. ଭ୍ରାମ୍ୟମାଣ ।

**ଚଳନ୍ତି** *ବିଂ.* ୧. ଯାହା ଚାଲିପାରେ ୨. ଯାହା ସମ୍ପ୍ରତି ଚଳୁଛି, ପ୍ରଚଳିତ ୩. ଗତିଶୀଳ ୪. ଚାଲୁଥିବା, ଗତି କରୁଥିବା ।

**ଚଳନ୍ତି ଠାକୁର** *ବି.* ଓଡ଼ିଶାର ଗଜପତି ମହାରାଜା ।

**ଚଳନ୍ତି ଦେବୀ** *ବି.* ବଡ଼ଦେଉଳ ସେବାରେ ନିଯୁକ୍ତ ମାହାରୀ ।

**ଚଳନ୍ତି ପ୍ରତିମା** *ବି.* ୧. ମନ୍ଦିର ବାହାରେ ପାଳିତ ପର୍ବପର୍ବାଣି ସମୟରେ ପୂଜିତ ବିଗ୍ରହଙ୍କ ପ୍ରତିନିଧି, ବିଜେ ପ୍ରତିମା ୨. ଫୁଲବାଇ ୩. ପ୍ରତିନିଧି, ପୂର୍ଣ୍ଣ କ୍ଷମତାପ୍ରାପ୍ତ ପ୍ରତିନିଧି ଭାବରେ କାର୍ଯ୍ୟ କରୁଥିବା ବ୍ୟକ୍ତି ବା କର୍ମଚାରୀ ।

**ଚଳନ୍ତି ବିଷ୍ଣୁ** *ବି.* ଶ୍ରୀଜଗନ୍ନାଥଙ୍କ ପ୍ରତିନିଧି ରୂପେ ସମ୍ମାନିତ ଗଜପତି ମହାରାଜା ।

**ଚଳପ୍ରଚଳ** *ବି.* ଗମନାଗମନ, ଯିବାଆସିବା, ଯାତାୟତ ।

**ଚଳ ମାଡ଼ିବା** *କ୍ରି.* ଚିଡ଼ମାଡ଼ିବା, ବିରକ୍ତଲାଗିବା, ରାଗିବା ।

**ଚଳମାନ** *ବିଂ.* ଚଳନ୍ତି, ଚାଲୁଥିବା, ଗତିଶୀଳ, ସକ୍ରିୟ ।

**ଚଳା** *ବି.* ୧. ପୋଷ, ମୁଠା ଭିତରେ ଧରିପାରିବା ଭଳି ପରିମାଣ ୨. ବିଜୁଳି, ଚପଳା ୩. ଲକ୍ଷ୍ମୀ ।

**ଚଳାଇବା, ଚଲେଇବା** *କ୍ରି.* ୧. ପ୍ରଚଳିତ କରିବା ୨. ନିର୍ବାହ କରିବା ୩. ପ୍ରବର୍ତ୍ତନ କରିବା ୪. ଚାଳିତ କରିବା, ଗତିଶୀଳ କରିବା ୫. ଥଟ୍ଟା ପରିହାସ କରିବା ୬. ରଗେଇବା, ଚିଡ଼େଇବା ।

**ଚଳାଚଳ** *ବି.* ୧. ଚଳ ପ୍ରଚଳ, ସଦାସର୍ବଦା ଗତିବିଶିଷ୍ଟ, ଯାତାୟତ ୨. ଆର୍ଥିକ ଦୃଷ୍ଟିରୁ ବ୍ୟକ୍ତି ବା ପରିବାରର ଚଳିବା ଅବସ୍ଥା ।

**ଚଳିତ** *ବିଂ.* ୧. ବର୍ତ୍ତମାନ ଚାଲିଥିବା ବା ଚଳୁଥିବା ୨. କମ୍ପିତ, ଅସ୍ଥିର ।

**ଚଳିବା** *କ୍ରି.* ୧. ଗତି କରିବା, ଚାଲିବା ୨. ଥଟ୍ଟା ପରିହାସରେ ଚିଡ଼ିବା, ରାଗିବା ୩. ଦେହରେ ଯିବା ୪. କାର୍ଯ୍ୟରେ ଲାଗିବା ; *ବି.* ଚଳିବା ଅବସ୍ଥା, ଆର୍ଥିକ ସ୍ଥିତି ବା ସାମର୍ଥ୍ୟ ।

**ଚଳିଷ୍ଣୁ** *ବିଂ.* ଗମନଶୀଳ, ଯାହା ସ୍ଥିରନୁହେଁ ।

**ଚଳୁ** *ବି.* ୧. ଖାଇବା ଆରମ୍ଭରେ ଓ ଶେଷରେ କରାଯାଉଥିବା ଆଚମନ ୨. ଗଣ୍ଡୁଷ, ଚଳା ୩. ଗ୍ରାସ, ଥରକରେ ଖାଇହେବା ପରିମାଣ ।

**ଚଳୁଆ** *ବିଂ.* ବଦ୍‌ରାଗୀ, ଥଟ୍ଟା ପରିହାସ କଲେ ବା ଚିଡ଼େଇଲେ ଚିଡ଼ି ଯାଉଥିବା (ବ୍ୟକ୍ତି) ।

**ଚଳୁ କରିଦେବା** *କ୍ରି.* ୧. ଖାଇଦେବା ୨. ଅନୈତିକ ଭାବରେ ଅନ୍ୟ କାହାର ଧନସମ୍ପତ୍ତି ଭୋଗକରିବା ।

**ଚଳୋର୍ମି** *ବି.* ଗତିଶୀଳ ଲହରୀ ।

**ଚଲ୍ ଚଲ୍ କରିବା** *କ୍ରି.* ଘା, ଖଣ୍ଡିଆ ପ୍ରଭୃତି ସ୍ଥାନରେ ରହି ରହି କଷ୍ଟ ହେବା ।

**ଚଲ୍‌ଧା** *ବି.* ଚାଉଳଧୁଆ, ବାଉଁଶପାତିଆ ତିଆରି ଚାଙ୍ଗୁଡ଼ି ।

**ଚଲ୍‌ହା** *ବି.* ଘୋଳଦହି ।

**ଚଲ୍‌ହାପୋକ** *ବି.* ଗଉଡୁଣି ପୋକ ।

**ଚଲା** *ବି.* ୧. ଗମନ, ଚାଲିବା କାର୍ଯ୍ୟ, ଚାଲିବା ଢ଼ଙ୍ଗ ବା ପ୍ରକ୍ରିୟା ୨. ଚାଲୁଣି ; *ବିଂ.* ୧. ଚାଲୁଣି ପ୍ରଭୃତିରେ ଚଲା ବା ଛଣା ଯାଇଥିବା ୨. ଚଳନ୍ତା, ଗତିଶୀଳ ୩. ଚାଲିବା ଯୋଗ୍ୟ, ଚାଲିବାରେ ବ୍ୟବହୃତ ୪. ଚାଲିବାପାଇଁ ଉଦ୍ଦିଷ୍ଟ, ଗମନୀୟ ।

**ଚଲାଇବା, ଚଲେଇବା** *କ୍ରି.* ୧. ଅନ୍ୟକୁ ପାଦରେ ଗତି କରାଇବା ୨. ଚାଲୁଣି ସାହାଯ୍ୟରେ ଧାନ, ଚାଉଳ ପ୍ରଭୃତି ଛାଣି ପରିଷ୍କାର କରିବା ୩. ନିୟନ୍ତ୍ରଣ କରିବା ।

**ଚଲାକ୍‌ଚତୁର** *ବିଂ.* ଚତୁର, ଧୂର୍ତ୍ତ ।

**ଚଲାକ, ଚଲାଖ** *ବି. ବିଂ.* ୧. ଚତୁର, ବୁଦ୍ଧିଆ ୨. ଧୂର୍ତ୍ତ, ଫନ୍ଦିବାଜ ।

**ଚଲାକି,ଚାଲାଖି** *ବି.* ଚତୁରତା, ଧୂର୍ତ୍ତତା, ଫନ୍ଦି ।

**ଚଲାଣ, ଚାଲାନ** *ବି.* ୧. ଟଙ୍କା ଦାଖଲର ବିବରଣପତ୍ର ବା ପାଉତି ୨. ବିଚାରପାଇଁ ଅଭିଯୁକ୍ତ ବ୍ୟକ୍ତିକୁ ବିଚାରାଳୟକୁ ପ୍ରେରଣ ୩. ରପ୍ତାନି ୪. ବାହାରକୁ ପଠାଇବା, ମାଲପତ୍ର ପ୍ରେରଣ ।

**ଚଷକ** *ବି.* ପିଆଲା, ପାନପାତ୍ର, ମଦ ପିଇବା ପାତ୍ର ।

**ଚଷଢ଼** *ବିଂ.* ଅଭଦ୍ର, ଅଶିଷ୍ଟ, ଅଶାଳୀନ ।

**ଚଷମା** *ବି.* ପ୍ରଚକ୍ଷୁ, ଭଲ ଭାବରେ ଦେଖିପାରିବାପାଇଁ ବା ସୂର୍ଯ୍ୟାଲୋକରୁ ରକ୍ଷା ପାଇବାପାଇଁ ବ୍ୟବହୃତ କାଚଲଗା ପିନ୍ଧା ଉପକରଣ, ଗଗଲ୍‌ସ, ଗ୍ଲାସେସ୍ ।

**ଚଷା** *ବି.* ୧. ଚାଷ କାର୍ଯ୍ୟ କରିବା ଲୋକ, ଚାଷୀ, କୃଷକ ୨. ଓଡ଼ିଶାର ଏକ ପ୍ରଜାତି; *ସ୍ତ୍ରୀ.* ଚାଷୁଣୀ ୩. ଚାଷ ବା ହଳ କରିବା କାର୍ଯ୍ୟ, କର୍ଷଣ ; *ବିଂ.* ହଳ ହୋଇଥିବା, କର୍ଷିତ ।

**ଚଷାଇବା** *କ୍ରି.* ଅନ୍ୟ କାହା ସାହାଯ୍ୟରେ ଚାଷକାର୍ଯ୍ୟ କରାଇବା ବା ହଳ କରାଇବା ।

**ଚଷାଣ୍ଡିଆ** *ବିଂ.* ୧. ମୂର୍ଖାଣ୍ଡିଆ ୨. ଶାଳୀନତା ନ ଥିବା।

**ଚଷାପୁଅ** *ବି.* ୧. କୃଷକ ବା ଚାଷୀ ୨. ସାମୂହିକ ଭାବରେ କୃଷକ ବା ଚାଷୀ ସମ୍ପ୍ରଦାୟ ୩. ଏକ ପ୍ରକାର ପକ୍ଷୀ, ଟେରା, ଭରତିଆ ପକ୍ଷୀ, ଭଦଭଦଳିଆ ଚଢ଼େଇ ।

**ଚଷାଳ** *ବି.* ଯଜ୍ଞପଶୁ ବା ପଶୁବଧପାଇଁ ବ୍ୟବହୃତ କାଠ ।

**ଚଷିବା** *କ୍ରି.* ୧. ଜମି ଚାଷ କରିବା, ହଳ କରିବା ୨. ଅଧିକ ଅଧ୍ୟୟନ କରିବା ।

**ଚଷୁ** *ବି.* ତଷୁ, ଧାନର ଚୋପା ।

**ଚକ୍ଷୁକୁଟା** *ବିଂ* ନିଷ୍ଫଳ ପରିଶ୍ରମ, ବହୁ ପରିଶ୍ରମ ସତ୍ତ୍ୱେ ଫଳ ମିଳୁ ନ ଥିବା ।

**ଚହଚହ** *ବିଂ* ଗାଢ଼ ଓ ଉଜ୍ଜ୍ୱଳ ।

**ଚହଟ** *ବିଂ* ୧. ଉଜ୍ଜ୍ୱଳ ୨. ଆକର୍ଷଣୀୟ, ମନଲୋଭା ; *ବି.* ୧. ଝଟକ, କାନ୍ତି ୨. ଆଡମ୍ବର ୩. ପ୍ରଘଟ, ଫୁଟିଆରା ।

**ଚହଟଚିକଣ** *ବିଂ* ଚହଟ ଚିକଣିଆ, ଚାକଚକ୍ୟପୂର୍ଣ୍ଣ, ବାହ୍ୟ ଆଡ଼ମ୍ବର ବା ସୌନ୍ଦର୍ଯ୍ୟଯୁକ୍ତ, ଦେଖନ୍ ସୁନ୍ଦର ।

**ଚହଟିବା** *କ୍ରି.* ୧. ମହକିବା, ସୁଗନ୍ଧ ବ୍ୟାପ୍ତହେବା ୨. ବ୍ୟାପିବା, (ଖବର ବା ଘଟଣା) ପ୍ରଚାରିତ ହେବା, ବିଦିତ ହେବା ୩. (ନିଆଁ) ଭଲଭାବେ ଜଳିବା ।

**ଚହଳ** *ବି.* ୧. ବହୁ ଲୋକଙ୍କ ଏକ ସମୟରେ କଥାବାର୍ତ୍ତାର ଶବ୍ଦ ୨. ହୁରି, ହଲ୍ଲା, ଜନରବ ୩. ଚାଞ୍ଚଲ୍ୟ ।

**ଚହଲା** *ବିଂ* ପାଣି ବା ଅନ୍ୟ ତରଳ ପଦାର୍ଥ ଆଘାତ ପାଇ ବା ଅନ୍ୟ କୌଣସି କାରଣରୁ ଉପରକୁ ଉଠିବା ବା ହଲଚଲ ହେଉଥିବା ; *ବି.* ପଙ୍କ, ବଡ଼କୁଅ, ବାମ୍ଫି ।

**ଚହଲିବା** *କ୍ରି.* ପାଣି ବା ଅନ୍ୟ ତରଳ ପଦାର୍ଥ କୌଣସି କାରଣରୁ ହଲି ଉପରକୁ ଉଠିବା ବା ଗତିଶୀଳ ହେବା, (ମନ) ବିଚଳିତ ହେବା ।

**ଚହ୍ଲା** *ବି.* ଘୋଳଦହି, ମହି ।

**ଚକ୍ଷୁଗୋଚର** *ବି.* ଆଖିକୁ ଦେଖା ଯାଉଥିବା ବସ୍ତୁ; *ବିଂ.* ଦୃଷ୍ଟିର ପରିସରଭୁକ୍ତ ।

**ଚକ୍ଷୁଦାନ** *ବି.* ୧. ମୃତ୍ୟୁ ପରେ ଶରୀରରୁ ଆଖି କାଢ଼ିନେଇ ଅନ୍ୟର ଦେହରେ ରୋପଣ କରିବାପାଇଁ ବ୍ୟକ୍ତି ଦେବା ଅନୁମତି ୨. ମନ୍ତ୍ରପାଠ କରି ପ୍ରତିମାର ଚକ୍ଷୁରେ ରଙ୍ଗ ଆଦି ଦେଇ ପ୍ରାଣପ୍ରତିଷ୍ଠା ୩. ରୂପାନିର୍ମିତ ଚକ୍ଷୁ ଦେବବିଗ୍ରହରେ ସଂସ୍ଥାପନ ।

**ଚକ୍ଷୁରୁନ୍ମୀଳନ** *ବି.* ଆଖି ଖୋଲିବା ।

**ଚକ୍ଷୁରୋଗ** *ବି.* ୧. ଆଖି ବେମାରି, ନେତ୍ରପୀଡା ୨. ଆଖିଧରା ରୋଗ ।

**ଚକ୍ଷୁଲଜ୍ଜା** *ବି.* ଦେଖିବାକୁ ଲାଜ, ମୁହଁ ଉପ୍ରୋଧ, ସାମାଜିକ ସଂକୋଚ ।

**ଚକ୍ଷୁଷ୍ମାନ୍** *ବିଂ* ୧. ଆଖିଥିବା ୨. ସୂକ୍ଷ୍ମ ଦୃଷ୍ଟିସମ୍ପନ୍ନ ।

**ଚାଁଚିବା** *କ୍ରି.* ୧. ଚାଞ୍ଛିବା, ଛେଲିବା ୨. ନଣ୍ଡା କରିବା ।

**ଚା** *ବି.* ୧. ଏକ ପ୍ରକାର ଗୁଳ୍ମ, ଏହାର ପତ୍ର, ଯାହା ସିଝାଇ ଗୋରସ ଓ ଚିନି ସହ ଗରମ ପାନୀୟ ଭାବେ ବ୍ୟବହାର କରାଯାଏ ୨. ଚା'ରୁ ପ୍ରସ୍ତୁତ ପାନୀୟ ବିଶେଷ ।

**ଚାଇଁ** *ବିଂ* ୧. ଅଲ୍ପଉଷୁମ, ନଖଉଷୁମ (ପଖାଳ, ଖରା) ୨. ଧୂର୍ତ୍ତ, ଧପାବାଜ୍, ଫନ୍ଦିବାଜ୍(ଲୋକ) ୩. ଚଞ୍ଚଳ, ଚପଳ ।

**ଚାଇଁଆ** *ବିଂ* ଧୂର୍ତ୍ତ, କୌଶଳୀ ।

**ଚାଇଁଖରା** *ବି.* ଟାଣଖରା ।

**ଚାଇଁ ଚତୁରିଆ** *ବିଂ* ଚାଲାକିଆ, ସତର୍କ ଓ ଚତୁର ।

**ଚାଇଁଚାଇଁ** *କ୍ରି.ବିଂ* ଖରା ବା ନିଆଁ ଧାସର ଅନୁଭବ ।

**ଚାଇଁଚାଇଁ ମୁଠି** *ବି.* ଶିଶୁମାନଙ୍କର ହାତପାପୁଲି ଖୋଲିବା ଓ ମୁଠା କରିବା ଶିଖାଇବାପାଇଁ ଗୀତ ସହ ମନୋରଞ୍ଜକ ଖେଳ ।

**ଚାଇଁଚାଉଆଁ** *ବିଂ* ଦେହରେ ଫୋଡ଼ିହେଲା ଭଳି (ଖରା)

**ଚାଇଁଚାବ୍ରି** *ବି.ବିଂ* ମୁଖରା ଓ କାମୁକା ସ୍ୱଭାବର (ସ୍ତ୍ରୀ ଲୋକ) ।

**ଚାଇଁରିମୁଣ୍ଡି** *ବି.* ଏକ ପ୍ରକାର ରୂପା ଅଳଙ୍କାର ।

**ଚାଇଁହଲ୍ଦି** *ବି.* ଏକ ପ୍ରକାର ହଳଦୀ ।

**ଚାଇଁହସ** *ବି.* ହଠାତ୍ ସ୍ମିତ ହସ ।

**ଚାଇନା** *ବି.* ଚୀନଦେଶ ।

**ଚାଇନା କ୍ଲେ** *ବି.* ଚୀନାମାଟି ।

**ଚାଇନିଜ୍** *ବି.* ୧. ଚୀନ ଦେଶର ଅଧିବାସୀ ୨. ଚୀନ୍ ଦେଶର ଭାଷା ୩. ଚୀନ ଦେଶରେ ପ୍ରଚଳିତ ରନ୍ଧନ ପ୍ରଣାଳୀ ବିଶେଷ ଓ ସେହି ଖାଦ୍ୟ; *ବିଂ* ୧. ଚୀନ ଦେଶ ବା ଭାଷା ସମ୍ବନ୍ଧୀୟ ୨. ଚୀନଦେଶର ରନ୍ଧନ ପ୍ରଣାଳୀରେ ପ୍ରସ୍ତୁତ ।

**ଚାଇନିଜ ବାଣ** *ବି.* ମାଳ ଭଳି ଗୁନ୍ଥା ହୋଇ ତିଆରି ବାଣ ବିଶେଷ (ନିଆଁ ଲଗାଇଲେ ଗୋଟିକ ପରେ ଗୋଟିଏ ଫୁଟେ), ମରିଚ ବାଣ ।

**ଚାଉଁ** *ବି.* ହଠାତ୍ ଚମକର ଅନୁଭୂତି ।

**ଚାଉଁ ଚାଉଁ** *ବି.* ରହି ରହି ହେଉଥିବା କଷ୍ଟକର ଅନୁଭୂତି ।

**ଚାଉଁକା** *ବିଂ* ଚମକପ୍ରଦ ।

**ଚାଉ** *ବି.* ଚୀନ ଦେଶୀୟ ରନ୍ଧନ ପ୍ରଣାଳୀରେ ପ୍ରସ୍ତୁତ ନୁଡୁଲ୍ ବା ସିମେଇ ।

**ଚାଉମିନ୍** *ବି.* ଚାଇନିଜ/ଜାପାନିଜ ରନ୍ଧନ ପ୍ରଣାଳୀରେ ପ୍ରସ୍ତୁତ ନୁଡୁଲ ସହ ପରିବା ବା ଆମିଷ ମିଶାଇ ପ୍ରସ୍ତୁତ ମୁଖରୋଚକ ଖାଦ୍ୟ ।

**ଚାଉଳ** *ବି.* ଧାନରୁ ବାହାରୁଥିବା ଖାଦ୍ୟଶସ୍ୟ, ତଣ୍ଡୁଳ, ଚାଉଲ୍ ।

**ଚାଉଳଧୁଆ** *ବି.* ୧. ଚାଉଳ ଧୋଇବାପାଇଁ ବ୍ୟବହୃତ ପାଛିଆ ୨. ଏକ ପ୍ରକାର ଲତା ।

**ଚାଉଳିଆ** *ବି.* ପିଜୁଳି ବା ମାୟାଗଛ ବା ତା'ର ଫଳ (ଓଡ଼ିଶାର ବିଭିନ୍ନ ସ୍ଥାନରେ ଏହାର ବିଭିନ୍ନ ନାମ ରହିଛି – ପେଡ଼ା, ମାୟା, ମେଘୁଆ, ଜାମ୍ ଆଦି) ; *ବିଂ* ୧. ଚାଉଳ ଭଳି ୨. ଦରସିଝା (ଭାତ) ।

**ଚାଏଁକ୍** *ବି.* ଚଞ୍ଚଳ ପ୍ରକୃତିର ବାଳିକା ।

**ଚାଏଁକଣା** *ବି.* ଅଳ୍ପ କିଛି ଦେଖି ପାରୁଥିବା ଅନ୍ଧ, ଭଲ ଦୃଷ୍ଟିଶକ୍ତି ନ ଥିବା ଲୋକ ।

**ଚାଏଁଚପଟ୍** *ବି.* ଘୋରଶବ୍ଦ, କୌଣସି ପ୍ରକାର ଶବ୍ଦ ବା କୋଳାହଳ, ଚିଁଚପଟ୍ ।

**ଚାଏଁରି** *ବି.* ନାରୀମାନେ ଖୋଷାରେ ଲଗାଉଥିବା ଅଳଙ୍କାର ବିଶେଷ, ଚଉଁରୀ ।

**ଚାଏର ଖୁଁଟିଆ** *ବିଂ.* ଚାରିକୋଣବିଶିଷ୍ଟ, ଚତୁର୍ଭୁଜାକାର, ଚାରିଖୁଣ୍ଟିଆ ।

**ଚାଏରହାତୀ** *ବି.* ୧. ଚାରିଜଣ ଖେଳୁଥିବା ତାସ୍‌ଖେଳ ବିଶେଷ ୨. ଚାରିହାତିଆ, ଚାରିହାତ ଲମ୍ବ (ଲୁଗା) ।

**ଚାଏରନି, ଚାରନି** *ବି.* ପୂର୍ବେ ପ୍ରଚଳିତ ଚାରିଅଣି, ସୁଉକି, ୨୫ ପଇସା ମୂଲ୍ୟର ମୁଦ୍ରା ।

**ଚାଏଲ୍** *ବି.* ଚାଳ, ଚେଲ୍, ବାଉଁଶ ବାଡ଼ ।

**ଚାକଚକ୍ୟ** *ବି.* ୧. ବାହ୍ୟ ଆଡମ୍ବର ୨. ଔଜ୍ଜ୍ୱଲ୍ୟ ।

**ଚାକର** *ବି.* ଦରମା ବଦଳରେ ଘରକାମ କରିବାପାଇଁ ନିଯୁକ୍ତ ଲୋକ, ଭୃତ୍ୟ, ନଉକର ।

**ଚାକରବାକର** *ବି.* ଭୃତ୍ୟ, ଅନୁଚର ।

**ଚା'କରା** *ବି.* ଚା' ତିଆରି କରିବାପାଇଁ ପାତ୍ର ।

**ଚାକରାଣୀ** *ବି.* କବାରଚେନ୍, କାମବାଲୀ, ନଉକରାଣୀ ।

**ଚାକି** *ବି.* ଫୁଟାଣି, ବାଲିଙ୍ଗି ।

**ଚାକିରି** *ବି.* ୧. ଦରମା ବଦଳରେ ନିୟମିତ କରାଯିବା କାର୍ଯ୍ୟ ୨. ଦାସତ୍ୱ ୩. ସେବା ୪. ନିଯୁକ୍ତି ।

**ଚାକିରିଆ** *ବି.* ବେତନଭୋଗୀ କର୍ମଚାରୀ, ଚାକିରିକରି ଜୀବିକା ନିର୍ବାହ କରୁଥିବା ଲୋକ ।

**ଚାକୁ** *ବି.* ଛୋଟ ଛୁରି।

**ଚାକୁଚାକୁ** *ଅ.* ବିରାଡ଼ି ଓ କୁକୁର ଆଦି ଜିଭରେ ଚାଟି ଖାଇବାର ଶବ୍ଦ ।

**ଚାକୁଣ୍ଡା** *ବି.* ୧. ଏକ ପ୍ରକାର ଗଛ ଓ ସେହି ଗଛର କାଠ ୨. ଏକ ପ୍ରକାର ଶାଗ ।

**ଚାକୁଣ୍ଡି** *ବି.* ପେଟ ଭିତରେ ମଳ ସହିତ ମିଶି ରହିଥିବା କେଞ୍ଚୁଆ ।

**ଚାକୁଳାଇବା** *କ୍ରି.* ୧. ଖାଦ୍ୟକୁ ପାଟିରେ ଚୋବାଇ ଏକଳ ସେକଳ କରିବା ୨. ବହୁ ସମୟ ପର୍ଯ୍ୟନ୍ତ ଖାଦ୍ୟ ପାଟିରେ ରଖିବା ।

**ଚାକୁଲ୍‌ଚାକୁଲ୍** *କ୍ରି.ବିଂ.* ଖାଇବା ବେଳେ ପାଟିରେ ସୃଷ୍ଟି ହେଉଥିବା ଶବ୍ଦ ।

**ଚାଖଡ଼ି** *ବି.* ଫୁଲଖଡ଼ି, ଚକ୍ ।

**ଚାଖଣା** *ବି.* ୧. ପାଟି ସୁଆଦିଆ ଖାଦ୍ୟ– ଯାହା ଭୋକପାଇଁ ନୁହେଁ, ବରଂ ମଉଜରେ ଖିଆଯାଏ ; ଚାଟ୍, ଚଟଣି ପ୍ରଭୃତି ମୁଖରୋଚକ ଦ୍ରବ୍ୟ ୨. ଚାଖିବା ।

**ଚାଖଣ୍ଡ** *ବି.* ବାର ଆଙ୍ଗୁଳି ପରିମାଣ, ବୁଢ଼ା ଆଙ୍ଗୁଠି ଟିପଠାରୁ କାଣୀ ଆଙ୍ଗୁଠି ଟିପ ପର୍ଯ୍ୟନ୍ତ ଦୈର୍ଘ୍ୟ ।

**ଚାଖଣ୍ଡିକିଆ** *ବିଂ.* ଚାଖଣ୍ଡେ ପରିମିତ, ଏକ ଚାଖଣ୍ଡ ଦୈର୍ଘ୍ୟ ଭିତରେ ।

**ଚାଖି** *ବି.* ଛଇ, ଛଟକ, ବାଲିଙ୍ଗି, ଚାତର, ଗେଲେଇ ହେବା ଭଙ୍ଗୀ ।

**ଚା'ଖିଆ** *ବି.* ବକ୍‌ସିସ୍, କୌଣସି କାମ ହାସଲ କରିବାରେ ସାହାଯ୍ୟ କରିଥିବା ଲୋକକୁ ଦିଆଯାଉଥିବା ପଇସା ।

**ଚାଖିଚନା** *ବି.* ଗେଲେଇ ହୋଇ କଥା କହୁଥିବା ବା ବ୍ୟବହାର ଦେଖାଉଥିବା ନାରୀ ।

**ଚାଖିଚାହାନି** *ବି.* ଯୌବନସୁଲଭ ଭଙ୍ଗୀ ଓ ଆଚରଣ ପ୍ରଦର୍ଶନ, ଛଇଛଟକ ।

**ଚାଖି ନେବା** *କ୍ରି.* ପରୀକ୍ଷା କରି ଦେଖିନେବା, ପରଖି ଦେଖିବା ।

**ଚାଖିବା** *କ୍ରି.* ୧. କୌଣସି ପଦାର୍ଥର ପ୍ରସ୍ତୁତି ପୂର୍ବରୁ ତାହାର ଗୁଣ ପରୀକ୍ଷା କରିବା ୨. ଆସ୍ୱାଦନ କରିବା ।

**ଚାଖିହେବା** *କ୍ରି.* ଦେଖାଇ ହେବା, ଆଚରଣ ବା କଥାବାର୍ତ୍ତାଦ୍ୱାରା ଦୃଷ୍ଟି ଆକର୍ଷଣ କରିବା ।

**ଚାଖୁ** *ବି.* ଛୋଟ ଛୁରି ।

**ଚାଖୁଣିଆ** *ବିଂ.* ଯେ ଚଖାଚଖି କରେ ।

**ଚାଙ୍ଗ୍** *ବି.* ଅବସ୍ଥା ସୁଧୁରିବା, ଭଲ ହେବା, ଆରୋଗ୍ୟ ହେବା, ସତେଜ ହୋଇଉଠିବା, ଚେଙ୍ଗା ହେବା।

**ଚାଙ୍ଗ୍‌ରି** *ବି.* ଚାଙ୍ଗୁଡ଼ି, ଡାଲା ।

**ଚାଙ୍ଗଡ଼ା କରଣ** *ବି.* ବଡ଼ଦେଉଳରେ ଠାକୁରମାନଙ୍କ ଲୁଗାପଟା ରହିଥିବା ଘର ଦାୟିତ୍ୱରେ ଥିବା କରଣ ସେବକ ।

**ଚାଙ୍ଗଡ଼ା ଘର** *ବି.* ବଡ଼ଦେଉଳରେ ଠାକୁରମାନଙ୍କ ଲୁଗାପଟା ରହୁଥିବା ଘର ।

**ଚାଙ୍ଗଡ଼ାମେକାପ** *ବି.* ବଡ଼ଦେଉଳରେ ଚାଙ୍ଗ ସେବା କରୁଥିବା ମେକାପ ସେବକ ।

**ଚାଙ୍ଗଡ଼ା ମେକାପ ସେବା** *ବି.* ଚକା ଅପସର ସେବକ ।

**ଚାଙ୍ଗୁ** *ବି.* ଢାପ ଜାତୀୟ ପିଟା ବାଦ୍ୟ ।

**ଚାଙ୍ଗୁଡ଼ି** *ବି.* ଛୋଟ ଡାଲା ।

**ଚାଚା** *ବି.* ବାପାଙ୍କ ଭାଇ, କକା, ଦାଦା, କକେଇ ।

**ଚାଚି** *ବି.* ୧. ଏକ ପ୍ରକାର ଚଢ଼େଇ ୨. ଖୁଡ଼ୀ, କାକୀ ।

**ଚାଚେର୍** *ବି.* ଏକ ପ୍ରକାର ଲୋକନୃତ୍ୟ ।

**ଚାଚେରୀ** *ବି.* ୧. ବସନ୍ତ, ହୋରିଖେଳ ଉତ୍ସବ, ଗୀତବାଦ୍ୟ ଓ ହର୍ଷୋଲ୍ଲାସ ୨. ଆମୋଦ-ପ୍ରମୋଦ ୩. ସଙ୍ଗୀତ ଗାଇବା ସମୟରେ ହାତରେ ତାଳ ଦେବା ୪. ବିଦ୍ୱାନ୍‌ମାନଙ୍କ ପଦ୍ୟ/ଗୀତ ଆବୃତ୍ତି ।

**ଚାଚେରୀ ଭୋଗ** *ବି.* ଶ୍ରୀଜଗନ୍ନାଥଙ୍କ ଚାଚେରୀ ପରେ ଦିଆଯାଉଥିବା ଭୋଗ (ସାନ ଓ ବଡ଼ ଆରିଷା, ଧଉଳା, ଘି ନାଡ଼ି, ଅଇର ଚୂଳ, କ୍ଷୀରି ଆଦି) ।

**ଚାଞ୍ଚ** *ବି.* ୧. ଆମ୍ବର ଟାକୁଆ ଅଂଶରେ ଥିବା ପତଳା ଜାଲି ୨. ନଡ଼ିଆ ବାହୁଙ୍ଗାର ମୂଳରେ ଗଣ୍ଡିକୁ ବେଢ଼ିଥିବା ଜାଲ ଆକୃତିର ବକଳ ୩. ନଡ଼ିଆ ପତ୍ରରେ ବୁଣା ପଟି ।

**ଚାଞ୍ଚଡ଼ା, ଚାଞ୍ଚରା** *ବି.* ୧. ଖଜୁରି ପତ୍ର, ନଡ଼ିଆ ପତ୍ର, ତାଳପତ୍ରରେ କିମ୍ବା ବାଉଁଶ ପାତିଆରେ ବୁଣା ଚଟେଇ ୨. ଚଁଚ୍‌ରା, ଚଚ୍‌ରି ପଥର ।

**ଚାଞ୍ଚଲ୍ୟ** *ବି.* ୧. ଚମକ, ବିସ୍ମୟ ୨. ଚଞ୍ଚଳତା, ଚପଳତା, ଚାଇଁ ୩. ଅସ୍ଥିରତା, ଉଦ୍‌ବେଗପୂର୍ଣ୍ଣ ମାନସିକ ଅବସ୍ଥା ।

**ଚାଞ୍ଛି** *ବି.* ଚାଞ୍ଚ; *ବିଂ.* ଚଞ୍ଛା ହେବା ପରେ ।

**ଚାଞ୍ଛି ଦେବା** *କ୍ରି.* ୧. କ୍ଷମତାର ଅପବ୍ୟବହାର କରି କାହାକୁ କ୍ଷତିରେ ପକାଇବା ୨. ଜଣକର ଅସ୍ତିତ୍ୱକୁ ଶେଷ କରିଦେବା ।

**ଚାଞ୍ଛିବା** *କ୍ରି.* ୧. ଛେଲିବା ୨. କାଟିବା ୩. ଧାରୁଆ ହତିଆର (ଯଥା ରମ୍ପା, କୋଦାଳ, ଖୁରା) ସାହାଯ୍ୟରେ ଘାସ, ଦାଢ଼ି ପ୍ରଭୃତି କାଟିବା ।

**ଚା' ଛଣା** *ବି.* ଚାହା ଛଣାହେବାପାଇଁ ଜାଲିଯୁକ୍ତ ଉପକରଣ ।

**ଚାଟ୍** *ବି.* ବିଭିନ୍ନ ଦ୍ରବ୍ୟ ସହ ପିଆଜ, ଲଙ୍କା ଆଦି ମିଶାଇ ପ୍ରସ୍ତୁତ ମୁଖରୋଚକ ଖାଦ୍ୟ ।

**ଚାଟ** *ବି.* ୧. ଛାତ୍ର, ଶିଷ୍ୟ ୨. ଚୋର ୩. ବିଶ୍ୱାସଘାତକ ବ୍ୟକ୍ତି ।

**ଚାଟଶାଳା,ଚାଟଶାଳି** *ବି.* ବ୍ୟକ୍ତିବିଶେଷଙ୍କଦ୍ୱାରା ପରିଚାଳିତ ଗ୍ରାମ୍ୟ ବିଦ୍ୟାଳୟ, ଚାହାଳି, ପାଠଶାଳା ।

**ଚାଟିବା** *କ୍ରି.* ୧. ଜିଭଦ୍ୱାରା ଲେହନ କରିବା ୨. ଜିଭଦେଇ ଖାଇବା ।

**ଚାଟିଭାତ** *ବି.* ଶ୍ରୀଜଗନ୍ନାଥଙ୍କୁ ମକର ସଂକ୍ରାନ୍ତି ଦିନ ଦିଆଯାଉଥିବା ଭୋଗ-ଏହି ଭୋଗସରାରେ ପୂର୍ଣ୍ଣଭାବରେ ଅନ୍ନ ରଖି ମଝିରେ ଲିଙ୍ଗ ଓ ଶକ୍ତି ଭଳି ସଜାଇ ଅର୍ପଣ କରାଯାଏ ।

**ଚାଟୁ** *ବି.* ଖୋସାମତ, ମିଠାକଥା, ମନ ଭୁଲାଣିଆ କଥା ।

**ଚାଟୁକାର** *ବିଂ. ବି.* ଖୋସାମତିଆ, ମିଠାକଥା କହି ଖୁସି କରାଉଥିବା ଲୋକ, ତୋଷାମଦକାରୀ, ମିଥ୍ୟା ସ୍ତୁତିକାରୀ ।

**ଚାଟୁବାଦ** *ବି.* ପ୍ରିୟବଚନ, ରୋଚକ-ମିଥ୍ୟା ।

**ଚାଟୂକ୍ତି** *ବି.* ମିଛ ପ୍ରଶଂସା, କପଟରେ କୁହାଯାଉଥିବା ମିଠାକଥା ।

**ଚାଟୋଳ** *ବିଂ.* ବାଇବିଛି, ଛଟପଟ, ଯନ୍ତ୍ରଣାଯୋଗୁଁ ଅସ୍ଥିର (ଦେହ ବା ଲୋକ) ।

**ଚାଣକ୍ୟ ନୀତି** *ବି.* କୁଟିଳ ରାଜନୀତି (ଚାଣକ୍ୟ - ଇତିହାସପ୍ରସିଦ୍ଧ ରାଜନୀତିଜ୍ଞ, ଯାହାଙ୍କ ଅନ୍ୟ ଦୁଇ ନାମ ହେଲା କୌଟିଲ୍ୟ ଓ ବିଷ୍ଣୁଗୁପ୍ତ) ।

**ଚାଣି** *ବି.* ଆଡମ୍ବର, ଘଟାଟୋପ, ଠାଣି, ଢ଼ଙ୍ଗ ।

**ଚାଣ୍ଡ** *ବି.* ତୀବ୍ରତା ।

**ଚାଣ୍ଡାଳ** *ବି.* ୧. ଚଣ୍ଡାଳ ୨. ନିଷ୍ଠୁର ବ୍ୟକ୍ତି ୩. ଦୁଷ୍ଟ ପ୍ରକୃତିର ମଣିଷ ।

**ଚାଣ୍ଡେ** *କ୍ରି.ବିଂ.* ଖୁବ ଶୀଘ୍ର, ଜଲଦି, ବେଗେ ।

**ଚାତକ** *ବି.* ବର୍ଷା ପାଣି ପିଏ ବୋଲି ବିଶ୍ୱାସ କରାଯାଉଥିବା ଚଢ଼େଇ ବିଶେଷ, *ସ୍ତ୍ରୀ.* ଚାତକୀ, ଚାତକିନୀ ।

**ଚାତର** *ବିଂ.* କଟା ହୋଇ ସଫା ; *ବି.* ୧. ଚାତୁରୀ, ବାଲିଙ୍ଗି, ଛଇ ୨. ଫନ୍ଦି, ଚାଲାକି ୩. ଗର୍ବ, ଫୁଟାଣି (ଚାତର କାଢ଼ିବା) ।

**ଚାତରା** *ବିଂ.* ୧. ଫନ୍ଦିବାଜ୍, ଧୂର୍ତ୍ତ ୨. ଗର୍ବୀ, ଉଦ୍ଧତ, ଫୁଟାଣିଆ ।

**ଚାତୁରୀ** *ବି.* ୧. ଚତୁରତା, ଚାତୁର୍ଯ୍ୟ, ଚମତ୍କାରିତା ୨. କର୍ମଦକ୍ଷତା ।

**ଚାତୁର୍ବର୍ଣ୍ଣ୍ୟ** *ବିଂ.* ଚାରି ବର୍ଣ୍ଣ ସମ୍ବନ୍ଧୀୟ; ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର- ଏହି ଚାରି ବର୍ଣ୍ଣ ସମ୍ପର୍କିତ ; *ବି.* ୧. ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର - ଏଇ ଚାରି ବର୍ଣ୍ଣ ୨. ଏହି ଚାରିବର୍ଣ୍ଣ ପାଳନ କରୁଥିବା ନିୟମ ଓ କର୍ମ ।

**ଚାତୁର୍ମାସ୍ୟ** *ବି.* ଆଷାଢ଼ ଶୁକ୍ଳ ଦ୍ୱାଦଶୀରୁ କାର୍ତ୍ତିକ ଶୁକ୍ଳ ଦ୍ୱାଦଶୀ ପର୍ଯ୍ୟନ୍ତ ଚାରିମାସ ବ୍ୟାପୀ ପାଳିତ ବ୍ରତ ବିଶେଷ ।

**ଚାତୁର୍ଯ୍ୟ** *ବି.* ଚାତୁରୀ, କୁଶଳତା ।

**ଚାଦର** *ବି.* ୧. ଚଦର ୨. ବିଛଣା ଉପରେ ପକାଯାଉଥିବା ବିଭିନ୍ନ ଆକାର ଓ ପ୍ରକାରର କପଡ଼ା ୩. ଦେହ ଘୋଡ଼ାଇବାପାଇଁ ବ୍ୟବହୃତ କପଡ଼ା, ପୁଛୁରା, ଘୋଡିହେଲା ।

**ଚାନ୍ଦ୍‌ଲି** *ବି.* ଯେଉଁ ସ୍ତ୍ରୀର ମୁଣ୍ଡ ଚନ୍ଦା ।

**ଚାନ୍ଦ୍‌ଲୁ** *ବି.* ଚନ୍ଦାମୁଣ୍ଡିଆ ଲୋକ, ଚନ୍ଦା ।

**ଚାନ୍ଦ** *ବି.* ୧. ଚନ୍ଦ୍ର, ଜହ୍ନ ୨. ମୂଲ୍ୟବାନ, ଲୋଭନୀୟ ତଥା ଦୁଷ୍ପ୍ରାପ୍ୟ ବସ୍ତୁ ।

**ଚାନ୍ଦକଳା** *ବି.* ଆମ୍ବ କୋଇଲିରୁ ପ୍ରସ୍ତୁତ କପାଳରେ ମାଖିବାପାଇଁ କଳାରଙ୍ଗର ପାରମ୍ପରିକ ବସ୍ତୁ ବିଶେଷ ।

**ଚାନ୍ଦକା** *ବି.* ଅର୍ଦ୍ଧଚନ୍ଦ୍ର ଆକୃତିର ଖିଲାଣ ।

**ଚାନ୍ଦଚକଟା** ***ବି.*** କୁମାରପୂର୍ଣ୍ଣମୀ ରାତିରେ ଚନ୍ଦ୍ରଙ୍କୁ କୁମାରୀମାନେ ନୈବେଦ୍ୟ ଦେବାପାଇଁ ଖଇ, କଦଳୀ, ନଡ଼ିଆକୋରା ଓ ଗୁଡ଼ ଆଦିରେ ତିଆରି କରିଥିବା ଚକଟା ।

**ଚାନ୍ଦନା** ***ବି.*** ରୟତି, ଘରବାଡ଼ି ଜମି ।

**ଚାନ୍ଦନୀ, ଚାନ୍ଦିନୀ** ***ବି.*** ୧. ଜ୍ୟୋତ୍ସ୍ନା, ଜହ୍ନର କିରଣ ୨. ମଣ୍ଡପ, ଚଉତରା ; ***ବିଂ.*** ଜ୍ୟୋତ୍ସ୍ନାମୟୀ, ଚନ୍ଦ୍ରକିରଣରେ ଆଲୋକିତ ।

**ଚାନ୍ଦପୂଜା** ***ବି.*** ୧. ଚନ୍ଦ୍ରପୂଜା ୨. କୁମାର ପୂର୍ଣ୍ଣିମା ରାତିରେ କୁମାରୀମାନଙ୍କର ଜହ୍ନ ପୂଜା ।

**ଚାନ୍ଦମାରି** ***ବି.*** ବନ୍ଧୁକରେ ଲକ୍ଷ୍ୟଭେଦ ତାଲିମ ଓ ଅଭ୍ୟାସପାଇଁ ଦୂରରେ ରଖାଯାଇଥିବା ଚନ୍ଦ୍ରାକୃତି ଚିହ୍ନ ।

**ଚାନ୍ଦା** ***ବି.*** କୌଣସି ସାମୂହିକ କାର୍ଯ୍ୟ ଓ ଉତ୍ସବ ପ୍ରଭୃତିପାଇଁ ଦିଆଯାଉଥିବା ଅର୍ଥ, ଭେଦା, ବରାଲ୍ ।

**ଚାନ୍ଦି** ***ବି.*** ୧. ଖାଣ୍ଟି ରୂପା ୨. ଏକ ପ୍ରକାର ଉଜ୍ଜ୍ୱଳ ଧଳାରଙ୍ଗର ଲୁଣିମାଛ ୩. ତଳିପା, ପାଦତଳ ୪. ବ୍ରହ୍ମତାଳୁ ୫. ନାଲ ବା ଲୁହାପାତିଆ (ଗୋରୁ ଓ ଘୋଡା ଖୁରାରେ ଲାଗେ) ।

**ଚାନ୍ଦିଆ** ***ବି.ବିଂ.*** ୧. ଚହଟ ଚିକ୍‌କଣ ୨. କୁହାଳିଆ ୩. ଚତୁର , ମୁଣ୍ଡ ବା କପାଳରେ ଚନ୍ଦ୍ର ଭଳି ଗୋଲାକୃତି ଧଳା ଚିହ୍ନ ଥିବା, ***ସ୍ତ୍ରୀ.*** ଚାନ୍ଦୀ ।

**ଚାନ୍ଦି ଫୁଟିବା** ***କ୍ରି.*** ଅନେକ ସମୟ, ବିଶେଷତଃ ଖରାରେ ଚାଲିବା ଯୋଗୁଁ ତଳିପାରେ ଫୋଟକା ବା ଘା' ହେବା ।

**ଚାନ୍ଦିନ** ***ବି.*** ଚାନ୍ଦିନୀ ।

**ଚାନ୍ଦିବୁଡ଼ା** ***ବିଂ.*** ସର୍ବସ୍ୱାନ୍ତ, ସମସ୍ତ ସମ୍ପତ୍ତି ହରାଇଥିବା, ଋଣ କରି କପାଳଯାଏଁ ବୁଡିଥିବା ।

**ଚାନ୍ଦୁଆ** ***ବି.*** ଉପରେ ଟଙ୍ଗା ଯାଉଥିବା କପଡ଼ା ତିଆରି ଉପକରଣ, ସାମିଆନା, ଚନ୍ଦ୍ରାତପ ।

**ଚାନ୍ଦ୍ର** ***ବିଂ.*** ୧. ଚନ୍ଦ୍ର ସମ୍ବନ୍ଧୀୟ ୨. ଚନ୍ଦ୍ର କିରଣରେ ଆଲୋକିତ ।

**ଚାନ୍ଦ୍ରବତ୍ସର** ***ବି.*** ଜ୍ୟୋତିଷଶାସ୍ତ୍ରରେ ଚନ୍ଦ୍ରର ସ୍ଥିତି ଗଣନା ଅନୁସାରେ ନିର୍ଣ୍ଣିତ ଚାନ୍ଦ୍ରବର୍ଷ, ବାର ଚାନ୍ଦ୍ରମାସର ସମଷ୍ଟି, ବାରଟି ଚାନ୍ଦ୍ରମାସରେ ହେଉଥିବା ବର୍ଷ ।

**ଚାନ୍ଦ୍ରବର୍ଷ** ***ବି.*** ଚାନ୍ଦ୍ରବତ୍ସର, ଚନ୍ଦ୍ର-ବର୍ଷ ।

**ଚାନ୍ଦ୍ରମାସ** ***ବି.*** କୃଷ୍ଣ ପ୍ରତିପଦା ଠାରୁ ପୂର୍ଣ୍ଣିମା। ପର୍ଯ୍ୟନ୍ତ ତିରିଶ ତିଥିର ସମଷ୍ଟି ।

**ଚାନ୍ଦ୍ରାୟଣ** ***ବି.*** ୧. ଚାନ୍ଦ୍ରମାସ ବ୍ୟାପୀ ବ୍ରତ ୨. ପ୍ରାୟଶ୍ଚିତ୍ତ ବିଶେଷ ।

**ଚାପ୍** ***ବି.*** ୧. ଚାପ, ଡଙ୍ଗା ୨. ଦଳ ବା ସମୁଦାୟ ୩. ଗୋଡ଼ରେ ବନ୍ଧାଯାଉଥିବା ଝୁମୁକାମାଳ ୪. କୌଣସି କାର୍ଯ୍ୟ ଘଟଣାର ଥର ବା ବାର ।

**ଚାପ୍‌ସରା, ଚାପସରି** ***ବି.*** ଗଳାଚାପି ପିନ୍ଧା ହେଉଥିବା ହାର ବିଶେଷ ।

**ଚାପ** ***ବି.*** ୧. ଜଳଯାତ୍ରା ଉତ୍ସବ, ଜଳବିହାର ପ୍ରଭୃତି ନିମନ୍ତେ ସଜ୍ଜିତନୌକା ୨. ଉପରେ ପ୍ରଶସ୍ତ କାଠପଟା ବିଛା ଯାଇଥିବା ବଡ଼ ଆକାରର ନୌକା ୩. ଭାର, ଓଜନ ୪. ଦାୟିତ୍ୱ, ବ୍ୟସ୍ତତା ପ୍ରଭୃତି ଯୋଗୁଁ କଷ୍ଟ ବା ଅସ୍ୱସ୍ତି ୫. କଣ୍ଠରେ ପିନ୍ଧା ହେଉଥିବା ଅଳଙ୍କାର ବିଶେଷ ୬. ଧନୁ ୭. ବୃତ୍ତର ପରିଧିର ଏକ ଅଂଶ, ପରିଧି ଖଣ୍ଡ ।

**ଚାପଡ଼୍** ***ବି.*** ୧. କଂସେଇ ବା ମାଂସ କଟାଳି ବ୍ୟବହାର କରୁଥିବା ଧାରୁଆ କଟୁରୀ, ଚପର୍ ୨. ଚାପୁଡ଼ା ।

**ଚାପଡ଼, ଚାପଡ଼ା** ***ବି.*** ପାପୁଲିରେ ମାଡ଼ , ଥପଡ଼, ଜାବୁଡା, ଚଟକଣି ।

**ଚାପଡାଇବା** ***କ୍ରି.*** ଥାପୁଡ଼ାଇବା, ପାପୁଲିରେ ମୃଦୁ ଆଘାତ ଦେବା ।

**ଚାପଡ଼ି** ***ବି.*** କୋମଳ ବା ମୃଦୁ ଚାପୁଡା, ସରୁ ଚଟକଣି, ଚାପୁଡି, ଥାପୁଡ଼ି ।

**ଚାପ ଦଳାଇ** ***ବି.*** ଚାପ ଚଳାଉଥିବା ସେବକ, ନାଉରି ।

**ଚାପ ବେହେରା** ***ବି.*** ଚନ୍ଦନଯାତ ବେଳେ ବଜନ୍ତରୀ ନଉକା ବାହୁଥିବା ବା କାଳୀୟ ଦଳନ ଏକାଦଶୀରେ ମାର୍କଣ୍ଡ ପୋଖରୀରେ ଡଙ୍ଗା ବାହୁଥିବା ସେବକ, ପୁରୀ ମନ୍ଦିରର ସେବକ ବିଶେଷ ।

**ଚାପଲ୍ୟ** ***ବି.*** ୧. ଚପଳତା, ଚଞ୍ଚଳତା, ଚଗଲାମି ୨. ତରଳତା, ପ୍ରଗଳଭତା ।

**ଚାପା** ***ବି.*** ଉପରୁ ପଡ଼ିବା ଚାପ ବା ଭାର; ***ବିଂ.*** ଧୀର ବା ମୃଦୁ (ସ୍ୱର) ।

**ଚା' ପାଣି** ***ବି.*** ୧. ଚା' ଓ ଜଳଖିଆ, ଅଳ୍ପାହାର ୨. ଲାଞ୍ଚପାଇଁ ଦିଆଯାଉଥିବା ଦ୍ରବ୍ୟ ବା ଅର୍ଥ ।

**ଚା' ପାନ ବିରତି** ***ବି.*** କାର୍ଯ୍ୟକ୍ରମ ବା ସଭାସମିତିରେ କିଛି ସମୟ ପାଇଁ ଚା' ପିଆ ସହିତ ବିଶ୍ରାନ୍ତି ।

**ଚାପି ଦେବା** ***କ୍ରି.*** ୧. ଦବାଇ ଦେବା ୨. କୌଣସି କଥା ବା ଘଟଣାକୁ ପ୍ରଘଟ ହେବାକୁ ନ ଦେବା ୩. ଅଧିକ ପରିମାଣରେ ଖାଇଦେବା ୪. ଗାଡ଼ି ମଡ଼ାଇ ଦେବା ।

**ଚାପିବା** ***କ୍ରି.*** ୧. ଭାରି ଜିନିଷ ମଡ଼େଇ ଦେବା, ଗାଡ଼ି ମଟର ତଳେ ଜୀବ ଅଥବା ପଦାର୍ଥକୁ ମଡ଼େଇ ଦେବା ୨. ଚାପ ପକାଇ ଦାବିବା ୩. ଯୌନକ୍ରିୟା କରିବା ।

**ଚାପେନ୍** ***ବି.*** ୧. ଚାପ ୨. ବଳ ପ୍ରୟୋଗ କରି ତଳକୁ ନୁଆଁଇବା ୩. ଚାପି ରଖିବାପାଇଁ ବ୍ୟବହୃତ ଓଜନିଆ ବସ୍ତୁ ୪. ତାସ୍ ଖେଳରେ *(ବିଶେ.* ଚାଏର୍) ହାତୀ, ଗଧ ପ୍ରଭୃତିରେ ଦଣ୍ଡ ସ୍ୱରୂପ ଦିଆ ହେଉଥିବା ପତ୍ତା ।

**ଚାବ୍‌ରି** ***ବିଂ.*** ୧. କାମୁଡ଼ା ପ୍ରକୃତିର ୨. କଳିହା ।

**ଚାବ୍‌ରି ଚାଁଟି** ***ବି.*** ୧. କାମୁଡା ପିମ୍ପୁଡି, ନାଲିରଙ୍ଗର ପିମ୍ପୁଡ଼ି-ଯାହା କାମୁଡ଼େ ୨. କଟୁକଥାରେ ମୁଖରା ନାରୀ ।

**ଚାବି** ***ବି.*** ୧. କଞ୍ଚି, ତାଲା ଖୋଲିବା ବା ବନ୍ଦ କରିବାରେ ବ୍ୟବହୃତ ବସ୍ତୁ ୨. ଯନ୍ତ୍ରପାତିରେ ତାଲା ଦେବାପାଇଁ ବା ଆଣ୍ଟ କରିବାପାଇଁ ଉପକରଣ ।

**ଚାବିକାଠି** ***ବି.*** ୧. କଞ୍ଚିକାଠି, କଞ୍ଚି ୨. ମଞ୍ଜକଥା ୩. ସମସ୍ୟା ସମାଧାନର ସୂତ୍ର ବା ବାଟ ।

**ଚାବିପେଛା** ***ବି.*** ବହୁତ ଚାବି ଏକତ୍ର, ଚାବିଗୁଡ଼ିକୁ ଏକତ୍ର ରଖିବା ପାଇଁ ରିଙ୍ଗ୍ ବା କ୍ଲିପ୍ ।

**ଚାବିବା** ***କ୍ରି.*** ୧. କାମୁଡ଼ିବା ୨. ଦାନ୍ତରେ ଭିଡ଼ି ଧରିବା ।

**ଚାବୁକ୍** ***ବି.*** କୋରଡ଼ା, ଛାଟଣି, ଚମଡା ତିଆରି ଦୀର୍ଘ କୋରଡା ।

**ଚାବୁକ୍‌ସବାର** ***ବି.*** ଘୋଡ଼ାକୁ ମଣ କରୁଥିବା ବ୍ୟକ୍ତି ।

**ଚା'ଭୋଜି** ***ବି.*** ଚାହାଭୋଜି, ଚାହା ସହିତ ଜଳଯୋଗ, ହାଇ ଟି ।

**ଚାମଚ** ***ବି.*** ଚାମୁଚ, ଧାତୁ ତିଆରି ଛୋଟ ଡଙ୍କି ।

**ଚାମଚି, ଚାମୁଚି** ***ବି.*** ଛୋଟ ଚାମଚ, ସାନଡଙ୍କି ।

**ଚାମଣ୍ଡା** ***ବି.*** ଚାମୁଣ୍ଡା, ପୁରାଣବର୍ଣ୍ଣିତ ଚଣ୍ଡ ଓ ମୁଣ୍ଡ ଦୁଇ ଅସୁରଙ୍କୁ ବଧ କରିଥିବା ଚଣ୍ଡୀ ।

**ଚାମର** ***ବି.*** ଚଅଁର, ଚମରୀ ଲାଞ୍ଜରେ ତିଆରି ଠାକୁରଙ୍କ ବିଞ୍ଚଣା ।

**ଚାମରୀ** ***ବିଂ.*** ଚମରବିଶିଷ୍ଟ ; ***ବି.*** ଘୋଡା, *ସ୍ତ୍ରୀ.* ଚାମରିଣୀ ।

**ଚାମୁଣ୍ଡା** ***ବି.*** ଚାମଣ୍ଡା, ଚଣ୍ଡ ଓ ମୁଣ୍ଡ ନାମକ ଦୁଇଟି ଅସୁରଙ୍କୁ ବଧ୍ୟ କରିଥିବା ଚଣ୍ଡୀ ।

**ଚାମେଲି** ***ବି.*** ଚମେଲି, ଜାଇଫୁଲ ।

**ଚାର୍** ***ବି.*** ଚାରି ସଂଖ୍ୟା

**ଚାର,ଚାର୍‌କୋଳି** ***ବି.*** ୧. ଛୋଟ ଛୋଟ ମଞ୍ଜିଥିବା ବଣୁଆ କୋଳି ବିଶେଷ (ଏହାର ମଞ୍ଜି ଭିତର ଶସ, ସୁସ୍ୱାଦୁ ହୋଇଥିବାରୁ ଲଡୁ ତିଆରି ହୁଏ, ତରକାରୀ ପ୍ରଭୃତି ହୁଏ)।

**ଚାର୍‌କୋଲ୍** ***ବି.*** କାଠକୋଇଲା।

**ଚାର୍‌ଲଡୁ** ***ବି.*** ଚାରକୋଳିର ମଞ୍ଜି ଶସକୁ ଗୁଡ଼ରେ ପାଗକରି ପ୍ରସ୍ତୁତ ଲଡୁ ।

**ଚାର** ***ବି.*** ୧. ମଝିରୁ ଦୁଇଫାଳ ହୋଇଥିବା ନଡ଼ିଆ ଅଥବା ତାଳରେ ତିଆରି ଘୋଷରା ପାହାଚ (ରଥଯାତ୍ରା ବେଳେ ଠାକୁରମାନଙ୍କୁ ରଥରେ ବିଜେ କରିବାପାଇଁ ବ୍ୟବହୃତ) ୨. ମାଛ ଧରିବାପାଇଁ ପାଣିରେ ପକାଯାଉଥିବା ଖାଦ୍ୟ, ଚାରା ୩. ଦୂତ, ସମ୍ବାଦବାହକ ୪. ଏକ ପ୍ରକାର ବିଷ ।

**ଚାରକ** ***ବି.*** ଚରାଳି, ଛେଳି ବା ଗାଇଗୋରୁ ଜଗାଳି, ଚରିଆ ।

**ଚାରଣ** ***ବି.*** ୧. ଗାଇଗୋରୁ, ଛେଳି ମେଣ୍ଢା ଚରାଇବା କାର୍ଯ୍ୟ ୨. (ପାଦ) ଚାଳନ, ପଦଚାଳନା ୩. ନଟ, ଭାଟ, ସ୍ତୁତିକାରୀ, କୀର୍ତ୍ତି ବା ବୀରକଥା ଗାୟକ ୪. ଧର୍ମପ୍ରଚାରକ ।

**ଚାରଣ କବି** ***ବି.*** ଜାତୀୟ କୀର୍ତ୍ତି ଓ ଗୌରବ କଥା ଲେଖି ଓ ଗାଇ ପାଠକର ହୃଦୟରେ ଉତ୍ସାହ ଉଦ୍ଦୀପନା ସୃଷ୍ଟି କରୁଥିବା କବି ।

**ଚାରଣି.ଚାରେଣି** ***ବି.*** ଚାରିଅଣା ପଚିଶି ପଇସା ବା ପୁରୁଣା ୧୬ ପଇସା ମୂଲ୍ୟବିଶିଷ୍ଟ ମୁଦ୍ରା ।

**ଚାରମାଳ** ***ବି.*** ଚାର (ରଥରେ ଉପରକୁ ଉଠିବା ଓ ତଳକୁ ଓହ୍ଲାଇବା ପାଇଁ ତିଆରି ଘୋଷରା ତଳେ ବନ୍ଧା ହେଉଥିବା ଚାରୋଟି କାଠଗଡ଼କୁ ମାଳ କୁହାଯାଏ) ।

**ଚାରା** ***ବି.*** ୧. ଅନ୍ୟ ସ୍ଥାନରେ ରୋପିବାପାଇଁ ଉଦ୍ଦିଷ୍ଟ ଅଳ୍ପଦିନର ଗଛ ୨. ମାଛ ଧରିବାପାଇଁ ପାଣିରେ ପକାହେଉଥିବା ଖାଦ୍ୟ, ଚାର ୩. ଉପାୟ, ବାଟ ୪. ଗତି ।

**ଚାରି** ***ବି.*** ୪ ସଂଖ୍ୟା ; ***ବିଂ.*** ୪ ସଂଖ୍ୟକ ।

**ଚାରିକାତ** ***ବି.*** ଦୁଇହାତ ଓ ଦୁଇଗୋଡ ।

**ଚାରିକେନିଆ** ***ବିଂ.*** ୧. ଚାରିଟି କୋଣ ବିଶିଷ୍ଟ ୨. ଚାରିଟି ଦିଗରେ ଯାଇଥିବା ୩. ଚାରିଟି ଶାଖା ବାହାରିଥିବା (ଗଛ) ।

**ଚାରିତ୍ରିକ** ***ବିଂ.*** ୧. ଚରିତ୍ର ସମ୍ବନ୍ଧୀୟ ୨. ବ୍ୟକ୍ତିତ୍ୱ ସମ୍ପର୍କିତ ।

**ଚାରିଦଉଡ଼ି କଟା** ***ବିଂ.*** ସମ୍ପୂର୍ଣ୍ଣ ଉଚ୍ଛୃଙ୍ଖଳ, ନଗାପଘା ନଥିବା, କାହାକୁ ଖାତିର କରୁ ନ ଥିବା ।

**ଚାରିପାୟା** ***ବି.*** କାଠତିଆରି ଚାରିଗୋଡ଼ବିଶିଷ୍ଟ ଛୋଟ ଖଟ ବିଶେଷ ।

**ଚାରୀ** ***ବିଂ.*** ୧. ବିଚରଣକାରୀ ୨. ଆଚରଣକାରୀ ; ***ବି.*** ନୃତ୍ୟରେ କୋମଳ ରସ ଉଦ୍ରେକ କରୁଥିବା ଭାବଭଙ୍ଗୀ ବା ମୁଦ୍ରା ।

**ଚାରୁ** ***ବି.*** ଦକ୍ଷିଣ ଭାରତରେ ତଥା ଓଡ଼ିଶାର ଦକ୍ଷିଣାଞ୍ଚଳରେ ବ୍ୟବହୃତ ତେନ୍ତୁଳି ପାଣିରେ ତିଆରି ଖଟା ; ***ବିଂ.*** ସୁନ୍ଦର, ସୁକୁମାର, କମନୀୟ ।

**ଚାରୁକଳା** ***ବି.*** ବିଭିନ୍ନ ପ୍ରକାରର ଲଳିତକଳା (ଚିତ୍ର, ଫଟୋଗ୍ରାଫି ପ୍ରଭୃତି), ଲଳିତକଳା, ଫାଇନ୍ ଆର୍ଟ, ଦୃଶ୍ୟକଳା ।

**ଚାରୁପାଣି** ***ବି.*** ତିନ୍ତୁଳି ବା ଆମ୍ବୁଲ ମିଶା ମୁଖରୋଚକ ରାଗପାଣି ।

**ଚାରୁଶିଳ୍ପ** ***ବି.*** ଚାରୁକଳା ।

**ଚାରୁଶୀଳ** ***ବିଂ.*** ସୁଶୀଳ, ସତ୍‌ସ୍ୱଭାବଯୁକ୍ତ; *ସ୍ତ୍ରୀ.* ଚାରୁଶିଳା ।

**ଚାଳ** ***ବି.*** ମାଟି ଘରର ଆଚ୍ଛାଦନ, ଛପର, ଛାଏନ୍ ।

**ଚାଳକ** ***ବି.*** ୧. ଚଳାଇବା ଲୋକ, ଚାଳନକାରୀ ( ଯଥା- ନେତା, ସାରଥି) ୨. ଡ୍ରାଇଭର, ପାଇଲଟ ପ୍ରଭୃତି ଗାଡ଼ି, ମଟର, ଉଡାଜାହାଜ ଚଳାଇବା ଲୋକ; *ସ୍ତ୍ରୀ* ଚାଳିକା ।

**ଚାଳନ** ***ବି.*** ୧. ଚଳାଇବା, ଚଳାଇବା ପ୍ରକ୍ରିୟା ବା କାର୍ଯ୍ୟ ୨. ନିୟନ୍ତ୍ରଣ ୩. ପ୍ରେରଣ, ଚାଲାନ୍ ୪. ସଞ୍ଚାଳନ, ହଲାଇବା ।

**ଚାଳନା** ***ବି.*** ୧. ପରିଚାଳନା ୨. ପ୍ରୟୋଗ ୩. ଚର୍ଚ୍ଚା, ଅନୁଶୀଳନ ।

**ଚାଳନି** ***ବି.*** ଚାଲୁଣି, ଚାଲ୍‌ନି ।

**ଚାଳି, ଚାଳିଆ** ***ବି.*** ୧. ଛୋଟଚାଳ ୨. ଚାଳଯୁକ୍ତ ଏକ ବଖରିଆ ଘର, ଛୋଟଘର ।

**ଚାଳିତ** ***ବିଂ.*** ୧. ଚଳା ଯାଇଥିବା ୨. ନିୟନ୍ତ୍ରିତ ୩. ସ୍ଥାନାନ୍ତରିତ ।

**ଚାଳିବା** ***କ୍ରି.*** ୧. ଚଳାଇବା, ଗତି ଦେବା, ସକ୍ରିୟ କରିବା ୨. ଆଙ୍ଗୁଳି ଚାଳନା କରିବା ୩. ଚିଡ଼ାଇବା, ରଗେଇବା ।

**ଚାଳିଶା** ***ବି.*** ୧. ଚାଳିଶ ବର୍ଷର ଠିକ୍ ପୂର୍ବରୁ ବା ପରେ ଦୃଷ୍ଟିଶକ୍ତିର କ୍ଷୀଣତା ୨. ଚାଳିଶ ନମ୍ବରିଆ ସୂତା ୩. ଚାଳିଶ ସଂଖ୍ୟା ୪. ହନୁମାନ ଚାଳିଶା।

**ଚାଲ୍** ***ବି.*** ୧. ଭିତିରି ମତଲବ ୨. କୁଟିଳ ଓ କପଟପୂର୍ଣ୍ଣ କାର୍ଯ୍ୟ ୩. ଫନ୍ଦି, ଧୂର୍ତ୍ତତା ୪. ରୀତି, ଚଳଣି ୫. ପଦ୍ଧତି, କୌଶଳ ୬. ବାଉଁଶରେ ବୁଣା ଚାନ୍ଦ ; ***କ୍ରି.*** ଚାଲିବାପାଇଁ ନିର୍ଦ୍ଦେଶ ।

**ଚାଲ୍‌ତି** ***ବିଂ.*** ୧. ପାଦଚଲା ୨. ଚାଲିଯାଇ ହେବାଭଳି (ବାଟ) ।

**ଚାଲ୍‌ନି** ***ବି.*** ସରୁ ବାଉଁଶ ପାତିଆ ବା ଅନ୍ୟ ସେଭଳି ବସ୍ତୁରେ ତିଆରି ଛୋଟ ଛୋଟ କଣାଥିବା ଗୋଲାକାର ଉପକରଣ- ଏଥିରେ କୌଣସି ପଦାର୍ଥକୁ ଚଲାଯାଇ ପରିଷ୍କାର କରାଯାଏ, ଚାଲୁଣି, ଚଲା ।

**ଚାଲ୍‌ବାଜ** ***ବିଂ.*** ଫନ୍ଦିବାଜ୍, କୁଚକ୍ରୀ, କପଟକୌଶଳୀ, ଠକ, ଧୂର୍ତ୍ତ ।

**ଚାଲ୍‌ବାଜି** ***ବି.*** କପଟ ଆଚରଣ, ଠକାମି ।

**ଚାଲ** ***କ୍ରି.*** ଚାଲିବାପାଇଁ ଅନୁରୋଧ ବା ନିର୍ଦ୍ଦେଶ ।

**ଚାଲନ୍ତା** ***ବିଂ.*** ୧. ଚାଲୁଥିବା, ଚଳନ୍ତା, ଚଳନ୍ତି, ଗତିଶୀଳ ୨. ଚାଲିବା ପାଇଁ ବ୍ୟବହୃତ, ଚାଲ୍‌ତି ; ***କ୍ରି.*** ଚାଲିବାପାଇଁ ଇଚ୍ଛା କରିବା ।

**ଚାଲାକ୍, ଚାଲାଖ** ***ବିଂ.*** ୧. ଚଲାଖ,ଚତୁର ୨. ନିପୁଣ, ଦକ୍ଷ ।

**ଚାଲାକି, ଚାଲାଖି** ***ବି.*** ଚଲାକି, ଚତୁରତା ।

**ଚାଲାଣ, ଚାଲାନ୍** ***ବି.*** ବାହାରକୁ ପଠାଇବା ।

**ଚାଲାନ୍** ***ବି.*** ୧. ଟଙ୍କା ଦାଖଲର ପାଉତି ଚିଠା ୨. ବିଚାର ପାଇଁ ଆସାମୀକୁ କଚେରି ପ୍ରେରଣ ।

**ଚାଲି** ***ବି.*** ୧. ଗତି, ଗମନ ୨. ଗମନର ଢ଼ଙ୍ଗ ବା ଶୈଳୀ ୩. ଚାଲିବା କାର୍ଯ୍ୟ ।

**ଚାଲିବା** ***କ୍ରି.*** ୧. ଦୁଇଗୋଡ଼ ପକାଇ ଆଗେଇବା ୨. ଗତି କରିବା ୩. ସକ୍ରିୟ ହେବା, କର୍ମକ୍ଷମ ହେବା ୪. ସଫଳ ହେବା ୫. ଆଦୃତ ହେବା ୬. ଗ୍ରାହକମାନଙ୍କୁ ପସନ୍ଦ ହେବା ।

**ଚାଲିଯିବା** ***କ୍ରି.*** ୧. ମରିଯିବା, ଇହଲୀଳା ସାଙ୍ଗ କରିବା, ଶେଷ ନିଃଶ୍ୱାସ ତ୍ୟାଗ କରିବା, ପ୍ରାଣତ୍ୟାଗ କରିବା ୨. ସ୍ଥାନ ଛାଡ଼ି ପଳାଇବା ।

**ଚାଲୁ** ***ବିଂ.*** ୧. ସାଧାରଣ, ଶସ୍ତା ୨. ଚାଲ୍‌ବାଜ, ଧୂର୍ତ୍ତ ୩. ଗତିବିଶିଷ୍ଟ, ସକ୍ରିୟ ୪. ପ୍ରଚଳିତ, ଯାହା ସବୁଠି ଚାଲୁଛି ।

**ଚାଲୁ କରିବା** ***କ୍ରି.*** ୧. ଯନ୍ତ୍ରପାତି ଚଳାଇବା ୨. ଆରମ୍ଭ କରିବା ।

**ଚାଲୁଣି** ***ବି.*** ଚାଲ୍‌ନି, ଶସ୍ୟାଦି ଛାଙ୍କିବା ନିମିତ୍ତ ବାଉଁଶ ପାତିଆରେ ତିଆରି ବହୁ ଛିଦ୍ରଯୁକ୍ତ ଉପକରଣ, ଚଲା, ଧାନ ଚାଉଳ ପ୍ରଭୃତି ଚଲାଇ ସଫା କରିବାପାଇଁ ଛିଦ୍ରଯୁକ୍ତ ଉପକରଣ ବିଶେଷ ।

**ଚାଲୁଣିଆ** ***ବି.*** ତଳିପା କଣା କଣା ହେବା ରୋଗ ।

**ଚାଲୁମାଲ୍** ***ବି.*** ସାଧାରଣ ଶସ୍ତା ଜିନିଷ-ଯାହା ଉଚ୍ଚକୋଟୀର ନୁହେଁ ।

**ଚାଶାଳି** ***ବି.*** ଚାଟଶାଳୀ, ଚାହାଳି, ଗାଁ ସ୍କୁଲ ।

**ଚାଷ** ***ବି.*** ୧. କୃଷି, କୃଷିକାର୍ଯ୍ୟ; ଧାନ, ରବି ଶସ୍ୟ ପ୍ରଭୃତି ରୋଇବା, ବୁଣିବା, ଅମଳ କରିବା ପ୍ରଭୃତି କାମ ୨. ହଳ କରିବା, ହଳ ଚାଳନ ୩. ଖାଦ୍ୟ ବା ବ୍ୟବହାର୍ଯ୍ୟ ବସ୍ତୁ ଉତ୍ପାଦନ (ଯଥା, ମାଛ ଚାଷ, ଟସରପୋକ ଚାଷ) ।

**ଚାଷ କରିବା** ***କ୍ରି.*** ୧. ହଳ କରିବା, ଲଙ୍ଗଳ ଚଳେଇବା ୨. କୃଷିକର୍ମ କରିବା ୩. ଅଧିକ ଅନୁଶୀଳନ, ଚର୍ଚ୍ଚା ବା ଗବେଷଣା କରିବା ।

**ଚାଷବାସ** ***ବି.*** ସାମଗ୍ରିକ ଭାବରେ କୃଷିକର୍ମ ।

**ଚାଷୀ** ***ବି.*** ଚଷା, କୃଷକ, କୃଷିକର୍ମ କରି ଜୀବିକା ନିର୍ବାହ କରୁଥିବା ଲୋକ ।

**ଚାସ୍‌ନି** ***ବି.*** ଚିନିର ସିରା, ରସଗୋଲା ପ୍ରଭୃତି ମିଠା ତିଆରିରେ ବ୍ୟବହୃତ ଚିନିର ବହଳ ଦ୍ରବଣ ।

**ଚାହାଁଚାହିଁ** ***ବି.*** ୧. ଦେଖାଦେଖି ୨. ବିବାହ ଉଦ୍ଦେଶ୍ୟରେ କନ୍ୟା ଦେଖିବା ।

**ଚାହାଁଡେ** ***କ୍ରି.ବିଂ.*** ଶୀଘ୍ର, ସଙ୍ଗେସଙ୍ଗେ, ଚାଣ୍ଡେ ।

**ଚାହାଁର** ***ବି.*** ଚାର୍, ଚାର୍‌କୋଳି ।

**ଚାହାଁଲ୍‌ବା** ***କ୍ରି.*** ୧. ଘା' ପ୍ରଭୃତିରେ ହାତ ବାଜିଯିବା ୨. ସାମାନ୍ୟ ଛୁଇଁ ଦେବା ୩. ଅନଧିକାର ଭାବେ ହାତ ଲଗାଇବା ୪. ଲଗେଇ ହେବା, ରଗେଇବା ବା କଳି କରିବା ଭଳି କଥାକହିବା ବା କାମ କରିବା ।

**ଚାହା** ***ବି.*** ୧. ଚା' ୨. ଏକ ପ୍ରକାର ଚଢ଼େଇ ।

**ଚାହାଣି** ***ବି.*** ୧. ଦୃଷ୍ଟି, ଦେଖିବା ୨. କଟାକ୍ଷ ୩. ଦେଖିବା ଢ଼ଙ୍ଗ ।

**ଚାହାଣି ମଣ୍ଡପ** ***ବି.*** ଶ୍ରୀମନ୍ଦିରର ଆନନ୍ଦ ବଜାରରେ ଥିବା ମଣ୍ଡପ ବିଶେଷ-ଯେଉଁଠି ବାହୁଡ଼ା ଦିନ ଲକ୍ଷ୍ମୀ ଉଭାହୋଇ ଜଗନ୍ନାଥଙ୍କ ବାହୁଡ଼ାବାଟ ଚାହିଁ ରହିଥାନ୍ତି ।

**ଚାହାଣ୍ଡ, ଚାଣ୍ଡ** ***ବିଂ.*** ଶୀଘ୍ର, ଚଞ୍ଚଳିଆ, ଚପଳ ।

**ଚାହାନା** ***ବି.*** ପ୍ରୟୋଜନ, ଆବଶ୍ୟକତା, ଚାହିଦା ।

**ଚାହାନି ବି.** ଚାହାଣି ।

**ଚାହାଭୋଜି ବି.** ଚା' ଓ ଜଳଖିଆରେ ବନ୍ଧୁଚର୍ଚ୍ଚା, ଚା' ଭୋଜି ।

**ଚାହାଳି ବି.** ଚାଟଶାଳୀ, ଗ୍ରାମ୍ୟ ପାଠଶାଳା ।

**ଚାହିଁଜଳକା ବିଂ.** ଭକୁଆ ; **ବି.** ୧. ଦେଖୁ ଦେଖୁ ଅନ୍ୟ କେହି ସୁବିଧା ମାରି ନେଇଯିବାର ଅନୁଭୂତି ୨. ଆଖି ଥାଉଥାଉ ଦେଖି ନ ପାରିବା ।

**ଚାହିଁ ଦେଖିବା କ୍ରି.** ୧. ହଠାତ୍ ଅଟକିଯାଇ ବା ଲେଉଟି କାହାକୁ ବା କୌଣସି ବସ୍ତୁକୁ ଦେଖିବା ୨. ଭଲକରି ଦେଖିବା ।

**ଚାହିଁ ବସିବା କ୍ରି.** କାହାକୁ ପ୍ରତୀକ୍ଷା କରି ରହିବା, ଚାକି ରହିବା ।

**ଚାହିଁ ରହିବା କ୍ରି.** ୧. ଅପଲକ ଦୃଷ୍ଟିରେ ଦେଖିବା, ଏକନିଷ୍ଠ ଦେଖିବା ୨. ଆଶା କରିବା ୩. ଅପେକ୍ଷିତ ହୋଇ ରହିବା ।

**ଚାହିଁବା କ୍ରି.** ୧. ଦେଖିବା ୨. ଆଖି ମେଲିବା, ଆଖି ମେଲି ବା ଉଠାଇ ଦେଖିବା ୩. ଲୋଡ଼ିବା, ପାଇବାପାଇଁ ଇଚ୍ଛାକରିବା ୪. ଯତ୍ନନେବା, ସେବାକରିବା ।

**ଚାହିଜିଚିକା ବିଂ.** ବାହାର ସୁନ୍ଦର, ଦେଖନ୍ ସୁନ୍ଦର, କୃତ୍ରିମ ସୌନ୍ଦର୍ଯ୍ୟ ବା ସାଜସଜ୍ଜା ଯୋଗୁଁ ଆକର୍ଷଣୀୟ ।

**ଚାହିତା ବି.** ଯତ୍ନ, ଆଦର ।

**ଚାହିଦା ବି.** ୧. ପ୍ରୟୋଜନ, ଆବଶ୍ୟକ ବସ୍ତୁ ୨. କୌଣସି ବସ୍ତୁ କିଣିବା ବା ବ୍ୟବହାର କରିବା ପାଇଁ ସାଧାରଣ ଉପଭୋକ୍ତାଙ୍କ ଆଗ୍ରହ ।

**ଚିଅଁ ବି.** ୧. ଚଢ଼େଇ ଛୁଆ, ପକ୍ଷୀ ଶାବକ ୨. ଛୋଟଛୁଆ ।

**ଚିଆଁ ବି.** ୧. ଦେହରେ ନିଆଁ ଲାଗିବା ଦାଗ, ତାତିଲା ଲୁହାର ଦାଗ, ଚେଙ୍କ ୨. ଚଢ଼େଇ ଛୁଆ, ଚିଅଁ ।

**ଚିଆବା କ୍ରି.** କାଟିବା, କଷ୍ଟ ହେବା, ବଥେଇବା, ବିନ୍ଧିବା ।

**ଚିଏର୍ କାଣ୍ଡ ବି.** ଏକ ପ୍ରକାର ବିଶେଷ ଧରଣର ତୀର ବା କାଣ୍ଡ ।

**ଚିକ୍ ବି.** ୧. ବାଉଁଶ କାଠିରେ ତିଆରି ପର୍ଦ୍ଦା ବା ଆଢୁଆଳ ୨. ଗଳା ପିନ୍ଧା ଅଳଙ୍କାର ବିଶେଷ, ଗଳାହାର ।

**ଚିକ୍‌କଣ ବିଂ.** ୧. ମସୃଣ, ପାଲିସ ୨. ମିଠା, ମନକିଣା ।

**ଚିକ୍‌କଣତା ବି.** ମସୃଣତା, ସ୍ନିଗ୍ଧତା, ଔଜ୍ଜ୍ୱଲ୍ୟ, ପାଲିସ୍ ।

**ଚିକ୍‌ଚାଣ୍ଟି ବି.** ଜହାଠାରୁ ସାନ ଆକାରର କାମୁଡା ପିମ୍ପୁଡ଼ି ବିଶେଷ ।

**ଚିକ୍‌ଚିକ୍ ବିଂ.** ଅତି ଉଜ୍ଜ୍ୱଳ, ଚକଚକିଆ, ଚକମକିଆ ।

**ଚିକ୍‌ଚିକାବା କ୍ରି.** ଚକ୍ ଚକ୍ କରିବା, ଉଜ୍ଜ୍ୱଳ ଦିଶିବା ।

**ଚିକ୍‌ଟି ଜଡ଼ା ବି.** ଏକ ପ୍ରକାର ଜଡ଼ା ବା ଗବଗଛ ଓ ତାହାର ଫଳ ।

**ଚିକ୍‌ନା ବି.** ଲହୁଣୀ; **ବିଂ.** ଚିକଣ ।

**ଚିକ୍‌ନାବା କ୍ରି.** ୧. ଚିକଣ କରିବା ୨. ସଜ୍ଜିତ କରିବା, (ଚେହେରା) ବାଗେଇବା ୩. ଖୋସାମତ କରିବା ।

**ଚିକ୍‌ନି ବିର୍‌ହି(ବିରି) ବି.** ଏକ ପ୍ରକାର ବିରି ।

**ଚିକ୍‌ନେଇ ହେବା କ୍ରି.** କାମଚଳା ଭାବରେ ବାଳ କୁଣ୍ଡେଇବା ଓ ପ୍ରସାଧନ କରିବା ।

**ଚିକ୍‌ସା ବି.** ୧. ନବଜାତ ଶିଶୁ ଦେହରେ ଲଗାଯାଉଥିବା ଲେପ ୨. ଚିକିତ୍ସା ।

**ଚିକଣା, ଚିକଣିଆ ବିଂ.** ୧. ଚିକଣ, ମସୃଣ ୨. ତେଲିଆ, ସ୍ନିଗ୍ଧ ।

**ଚିକନ୍ ବି.** ତେଲ ; **ବିଂ.** ଚିକଣ, ମସୃଣ ।

**ଚିକନ୍‌ଚଟୁ ବି.** ଠାଣିମାଣି ଦେଖାଉଥିବା ଲୋକ, ନିଜକୁ ଅତ୍ୟନ୍ତ ସମ୍ଭ୍ରାନ୍ତ ଦେଖାଉଥିବା ଲୋକ ।

**ଚିକନ୍‌ଟୁଆଁ ବିଂ.** ସ୍ପର୍ଶକାତର (ବ୍ୟକ୍ତି), ନିଜ ଉପରକୁ ସାମାନ୍ୟ ଆଞ୍ଚ ଆଣିବାକୁ ସୁଯୋଗ ନ ଦେବା (ଲୋକ) ।

**ଚିକସ ବିଂ.** ୧. ପାଲିସ୍, ମସୃଣ ୨. ଚକଚକିଆ, ଉଜ୍ଜ୍ୱଳ ଓ ମନଲୋଭା, ଆକର୍ଷଣୀୟ ।

**ଚିକା ବିଂ.** ତେଲିଆ ; **ବି.** ୧. ଆଶା ୨. ଲୋଭ, ଲାଳସା ।

**ଚିକି, ଚିକୁ ବିଂ.** ଅର୍ଥବ୍ୟୟକୁ ସୁଖ ପାଉନଥିବା, କୃପଣ, କାମ୍ପି, ଚିପା ।

**ଚିକିଟା ବିଂ.** ୧. ତେଲିଆ ଓ ମଇଳା ହୋଇଥିବା ୨. ଅଠାଳିଆ ୩. ତେଲମିଶିଥିବା, ତୈଳାକ୍ତ । **ବି.** ଅଠାଳିଆ ବା ତେଲିଆ ମଇଳା ।

**ଚିକିର୍‌ପୋ ବିଂ.** ବିଚରା, ବାପୁଡ଼ା ; **ବି.** ସ୍ନେହମିଶା ଗାଳି ବିଶେଷ ।

**ଚିକିତ୍ସକ ବି.** ରୋଗୀକୁ ସୁସ୍ଥ କରିବା ଲୋକ, ଡାକ୍ତର, କବିରାଜ, ବୈଦ୍ୟ, ହାକିମ ।

**ଚିକିତ୍ସା ବି.** ରୋଗର ଉପଶମ ବା ପ୍ରତିବିଧାନ ବ୍ୟବସ୍ଥା, ରୋଗୀର ଉପଚାର ଓ ଔଷଧ ସେବନ ।

**ଚିକିତ୍ସାଳୟ ବି.** ଯେଉଁ ଘରେ ରୋଗୀର ଚିକିତ୍ସା କରାଯାଏ, ଡାକ୍ତରଖାନା, ଅସ୍ପତାଲ, ହାସ୍‌ପାତାଲ୍, ନର୍ସିଙ୍ଗ୍ ହୋମ୍ ।

**ଚିକିତ୍ସିତ ବିଂ.** ଯାହାକୁ ଚିକିତ୍ସା କରାଯାଇଛି ।

**ଚିକୀର୍ଷା ବି.** କରିବାର ଇଚ୍ଛା ବା ଅଭିପ୍ରାୟ ।

**ଚିକୀର୍ଷୁ ବିଂ.** କୌଣସି କାମ କରିବାପାଇଁ ଇଚ୍ଛୁକ ।

**ଚିକୁ ବି.** ସପେଟା, କେନ୍ଦୁ ଜାତୀୟ ସୁମିଷ୍ଟ ଫଳ ।

**ଚିକୁର ବି.** ୧. କେଶ, ମୁହଁ ଉପରକୁ ପଡୁଥିବା ଛୋଟ ଛୋଟ ବାଳ ୨. ପର୍ବତ ୩. ସରୀସୃପ ।

**ଚିକେନ୍ ବି.** କୁକୁଡ଼ା, କୁକୁଡା ମାଂସ ।

**ଚିଖଲ୍ ବିଂ.** ପିଚ୍ଛିଳ, ପତଳା କାଦୁଅ ।

**ଚିଙ୍ଗ୍‌ରା ବି.** ବଡ଼ ଚିଙ୍ଗୁଡ଼ି ।

**ଚିଙ୍ଗ୍‌ରି ବି.** ଛୋଟଜାତିର ଚିଙ୍ଗୁଡ଼ି ।

**ଚିଙ୍ଗ୍‌ରି ଚୋପା** *ବି.* ୧. ପାଦ ଆଙ୍ଗୁଠିର ଅଳଙ୍କାର ବିଶେଷ (ରୂପାରେ ତିଆରି) ୨. ଏକ ପ୍ରକାର ଧାନ ।

**ଚିଙ୍ଗଟ, ଚିଙ୍ଗଡ** *ବି.* ଚିଙ୍ଗୁଡ଼ି ।

**ଚିଙ୍ଗଟୀ** *ବି.* ଚିଙ୍ଗ୍‌ରି, ଛୋଟ ଆକାରର ଚିଙ୍ଗୁଡ଼ି ।

**ଚିଙ୍ଗୁଡ଼ି** *ବି.* ପାଣିରେ ରହୁଥିବା କଣ୍ଟାହୀନ ମାଛ ଜାତୀୟ ଖାଦ୍ୟୋପଯୋଗୀ ଜଳଜୀବ ବିଶେଷ ।

**ଚିଙ୍ଗୁଡ଼ିଆ ଦଳ** *ବି.* ସ୍ଥିର ପାଣିରେ ବଢୁଥିବା ଏକ ପ୍ରକାର ପୁଷ୍ପହୀନ ଉଦ୍‌ଭିଦ, ଏକ ପ୍ରକାର ଦଳ, ଚିଙ୍ଗୁଡିର ପୋଷକ ଜଳୀୟ ଉଭିଦ ।

**ଚିଙ୍ଗେର୍** *ବି.* ଏକ ପ୍ରକାର ସାନଧାନ ।

**ଚିଚି** *ବି.* ମଇଳା ବା ଅସନା ପଦାର୍ଥ ।

**ଚିଚିଣା** *ବି.* ଛଚିନ୍ଦା, ଦେଶୀପୋଟଳ, ସାପପରି ଦିଶୁଥିବା ଏକ ପ୍ରକାର ଲମ୍ବାକୃତି ଫଳ - ଯାହା ପରିବା ଭାବରେ ବ୍ୟବହୃତ ହୁଏ ଓ ସେଇ ଲତା ।

**ଚିଞ୍ଚା** *ବି.* ଏକପ୍ରକାର ଖଟାଳିଆ ଫଳ, ତେନ୍ତୁଳି, କଇଆଁ ଓ ସେହି ଗଛ ।

**ଚିଜ୍** *ବି.* ଛେନା (ବିଶେ. ଶୁଖିଲା) ।

**ଚିଜ** *ବି.* ପଦାର୍ଥ, ଦ୍ରବ୍ୟ, ବସ୍ତୁ, ଜିନିଷ ।

**ଚିଟ୍, ଚିଟ** *ବି.* ଚିରିକୁଟି, ଛୋଟ ଆକାରର କାଗଜ-ଯେଉଁଥିରେ କିଛି ସୂଚନା ରହିଥାଏ, ଠକ ।

**ଚିଟ୍‌କା** *ବି.* ଚକଟା, ଚକଟା ବା ଦଳା ଯାଇଥିବା ।

**ଚିଟ୍‌କିବା** *କ୍ରି.* ଚକଟିବା, ଦଳିବା ।

**ଚିଟ୍‌ପୁଟ୍** *ବି.* ସୋରଶବ୍ଦ ।

**ଚିଟ୍‌ଫଣ୍ଡ** *ବି.* ବେସରକାରୀ ତଥା ଅଣବେଙ୍କିଙ୍ଗ୍ ଅର୍ଥ ଲଗାଣ ବ୍ୟବସ୍ଥା ।

**ଚିଟା** *ବିଂ.* ୧. ବିରକ୍ତ ୨. ଅଠାଳିଆ ୩. ତୈଳାକ୍ତ, ମଇଳା, ଚିକିଟା ; *ବି.* ଏକା ପ୍ରକାର କାମ କରି କରି ବା ଖାଦ୍ୟ ଖାଇ ଖାଇ ବିରକ୍ତି ଭାବ ।

**ଚିଟାଉ** *ବି.* ଚିଠି ।

**ଚିଠା** *ବି.* ୧. ପ୍ରାଥମିକ ଖସଡା ବା ପାଣ୍ଡୁଲିପି ୨. ପ୍ରାରମ୍ଭିକ ଆକଳନ ୩. ପ୍ରାରମ୍ଭିକ ବିବରଣ ୪. ତାଲିକା ୫. ଟିପି ରଖିବାପାଇଁ କାଗଜ ବା ଖାତା ୬. ଆୟବ୍ୟୟର ମୋଟାମୋଟି ହିସାବ ୭. ହିସାବ ଖାତା ।

**ଚିଠି** *ବି.* କାହାକୁ ସମ୍ବୋଧନ କରି କୌଣସି ବିଷୟରେ ପଠାଯାଉଥିବା ଲେଖା, ଚିଟାଉ, ପତ୍ର ।

**ଚିଡ଼** *ବି.* ୧. ବିରକ୍ତି ୨. ରାଗ ।

**ଚିଡ଼ଳ** *ବିଂ.* ଅଳ୍ପକେ ବିରକ୍ତ ହେଉଥିବା ବା ରାଗି ଯାଉଥିବା (ଲୋକ), ଚିଙ୍ଗା ।

**ଚିଡ଼ା** *ବିଂ.* ଚିଡ଼ଳ ।

**ଚିଡ଼ାଇବା, ଚିଡେଇବା** *କ୍ରି.* ୧. ଥଟ୍ଟା ପରିହାସ କରିବା ୨. ବିରକ୍ତ କରିବା ୩. ରଗାଇବା ।

**ଚିଡ଼ି** *ବି.* ବଡ଼ ଆକାରର ଟୋକେଇ, ଝୁଡ଼ି ।

**ଚିଡ଼ିଆ** *ବି.* ୧. ଚିଡ଼ିତନ, ତାସ୍ ଖେଳର କଳାରଙ୍ଗର ସାର ବା ହରପ୍ ବିଶେଷ ୨. ଚଢ଼େଇ ୩. ଶିକାର, ଉଦ୍ଦିଷ୍ଟ ବସ୍ତୁ ବା ବ୍ୟକ୍ତି ୪. ନାକଫୁଲ (ଅଳଙ୍କାର ବିଶେଷ) ।

**ଚିଡ଼ିଆଖାନା** *ବି.* ଜଙ୍ଗଲର ପଶୁପକ୍ଷୀମାନଙ୍କୁ ପ୍ରଦର୍ଶନ ଉଦ୍ଦେଶ୍ୟରେ ରଖାଯାଉଥିବା ସ୍ଥାନ ।

**ଚିଡ଼ିଚିଡ଼ା** *ବିଂ.* ବିଜାର, ବିରକ୍ତ ହେଉଥିବା, ଚିଡୁଥିବା ।

**ଚିଡ଼ିବା** *କ୍ରି.* ୧. ବିରକ୍ତ ହେବା, ବିରକ୍ତି ପ୍ରକାଶ କରିବା ୨. ରାଗିବା ।

**ଚିଡ଼େଇ** *ବି.* ଆଇଁଷ ରଖିବା ପାଚିଆ, ତୁଂଟି, ଖାଳୋଇ ।

**ଚିତ୍** *ବି.* ୧. ଜ୍ଞାନ, ବୋଧ, ଚିତ୍ତ ୨. ହାତ ଗୋଡ଼ ଲମ୍ବେଇ ମୁହଁ ଉପରକୁ କରି ଶୋଇବା ଭଙ୍ଗୀ ୩. ପରାଜୟ ୪. ମୁଦ୍ରାର ସମ୍ମୁଖ ପଟ- ଯେଉଁଠି ରାଜା ବା ଶାସକର ଛବି ଥାଏ, ହେଡ୍ ।

**ଚିତ୍‌କବରା** *ବିଂ.* ଛାପି ଛାପିକିଆ, କବରା ଚିତ୍‌ରା, ଚିତ୍‌ରା କବରା, ବିଭିନ୍ନ ରଙ୍ଗ (ବିଶେଷତଃ କଳା ଓ ଧଳା ବା ପାଉଁଶିଆ)ର ପଟାପଟା ଆକୃତିବିଶିଷ୍ଟ ।

**ଚିତ୍‌କାର** *ବି.* ୧. ଉଚ୍ଚସ୍ୱର, ବଡ଼ ପାଟିରେ କହିବା କଥା ୨. ଆର୍ତ୍ତନାଦ, ଭୟ, ଦୁଃଖ, କଷ୍ଟ ପ୍ରଭୃତି ଯୋଗୁଁ ସୃଷ୍ଟ ଧ୍ୱନି ।

**ଚିତ୍ ପଟାଙ୍ଗ୍** *ବି.* ୧. ପିଠିମାଡ଼ି ଉପରମୁହାଁ ହୋଇ ଭୂଇଁରେ ଲୋଟିବା ୨. ହାରିଯିବା, ପରାଜିତ ହେବା ।

**ଚିତ୍‌ରାକବ୍‌ରା** *ବିଂ.* ଚିତ୍‌କବରା ।

**ଚିତ୍‌ରାବା** *କ୍ରି.* ରଙ୍ଗକରିବା, ଚିତ୍ରକରିବା ।

**ଚିତଉ, ଚିତଉ ପିଠା** *ବି.* ଅରୁଆ ଚାଉଳ ଓ ନଡ଼ିଆ ବାଟି ପ୍ରସ୍ତୁତ ପିଠା ।

**ଚିତରା** *ବିଂ.* ଚିତ୍ରିତ, ଛଉଛଉକା, ଚିତ୍‌କବରା ।

**ଚିତଳ** *ବି.* ଏକ ପ୍ରକାର ମଧୁର ପାଣିର ମାଛ ।

**ଚିତଲ୍, ଚିଥଲ୍** *ବି.* ହରିଣ ଜାତୀୟ ଜଙ୍ଗଲୀ ପଶୁ ବିଶେଷ ।

**ଚିତା** *ବି.* ୧. କପାଳରେ ଲେପ ଦିଆଯାଉଥିବା ତିଳକ, ଚନ୍ଦନ, ସିନ୍ଦୂର ପ୍ରଭୃତିର ଚିହ୍ନ ୨. ଘରକାନ୍ଥରେ ପିଠଉ ପାଣିର ଛିଟାରେ ତିଆରି ଚିହ୍ନ ବା ଛବି ୩. ଛୁଞ୍ଚିଦ୍ୱାରା ଦେହରେ କୁଟା ସ୍ଥାୟୀ ଚିତ୍ର, ଚିହ୍ନ ବା ଅକ୍ଷର ୪. ଦ୍ରୁତଗାମୀ ବାଘ ବିଶେଷ ୫. ଜୁଇ, ରଇ ୬. ଶବ ଦାହପାଇଁ ଶ୍ମଶାନରେ ସଜ୍ଜିତ କାଠ ବା ଚୁଲି ୭. ପଶୁପକ୍ଷୀଙ୍କ କପାଳରେ ଥିବା ଚିହ୍ନ ୮. ଦେବଦେବୀ କପାଳରେ ଧାରଣ କରିଥିବା ମଣି ।

**ଚିତାକଟା** ***ବିଂ.*** ଠକ, ଶଠ, ସାଧୁବେଶରେ ଅନ୍ୟକୁ ଭଣ୍ଡାଉଥିବା (ଲୋକ) ।

**ଚିତା କାଟିବା** ***କ୍ରି.*** ୧. ତିଳକ, ଚନ୍ଦନ ପ୍ରଭୃତି ମାରିବା ୨. ଠକି ଦେବା, ପ୍ରତାରଣା କରିବା ।

**ଚିତା କୁଟେଇବା** ***କ୍ରି.*** ଦେହରେ ଛୁଞ୍ଚି ଓ କାଳି ସାହାଯ୍ୟରେ ଅଲିଭା ଚିତ୍ର, ଅକ୍ଷର ପ୍ରଭୃତି ଆଙ୍କିବା ।

**ଚିତାଚଇତନ** ***ବି.*** ସାମଗ୍ରିକ ଭାବରେ ଚନ୍ଦନ ଓ ସିନ୍ଦୁର ପ୍ରଭୃତି ।

**ଚିତାଲାଗି ଅମାବାସ୍ୟା** ***ବି.*** ୧. ଆଷାଢ଼ ଅମାବାସ୍ୟା ଦିନ ପାଳିତ ପର୍ବ (ଏହି ଦିନ ପୁରୀ ଶ୍ରୀମନ୍ଦିରରେ ଚିତ୍ରକପର୍ବ ପାଳିତ ହୁଏ ଏବଂ ଶ୍ରୀବିଗ୍ରହମାନଙ୍କୁ ଚିତାଲାଗି କରାଯାଏ) ୨. ପୁରା ଉଆଁସ ।

**ଚିତି ସାପ** ***ବି.*** ଛୋଟ ଆକାରର ଏକ ପ୍ରକାର ବିଷାକ୍ତ ସାପ ।

**ଚିତ୍ତ** ***ବି.*** ମନ, ଅନ୍ତଃକରଣ ।

**ଚିତ୍ତଚାଞ୍ଚଲ୍ୟ** ***ବି.*** ମନ ବା ଚିତ୍ତର ଅସ୍ଥିର ଅବସ୍ଥା, ମନଯୋଗ କରି ନ ପାରିବା ଅବସ୍ଥା ।

**ଚିତ୍ତଚୋର** ***ବି.*** ମନ ଚୋରାଇ ନେଉଥିବା ବ୍ୟକ୍ତି, ପ୍ରେମିକ ।

**ଚିତ୍ତପ୍ରସାଦ** ***ବି.*** ମନର ସନ୍ତୋଷ ।

**ଚିତ୍ତବିନୋଦନ** ***ବି.*** ମନର ପ୍ରଫୁଲ୍ଲତାପାଇଁ କରାଯାଉଥିବା କାର୍ଯ୍ୟ ବା ଖେଳାଯାଉଥିବା ଖେଳ, ମନ ଫୁର୍ତ୍ତି କରିବା ।

**ଚିତ୍ତବିଭ୍ରମ** ***ବି.*** ବୁଦ୍ଧିଭ୍ରଂଶ, ଉନ୍ମାଦ, ବାତୁଳତା ।

**ଚିତ୍ତବିକ୍ଷେପ** ***ବି.*** ୧. ମନର ଅସଂଯତ ଅବସ୍ଥା, ମନର ଚଞ୍ଚଳତା ୨. ମାନସିକ ବିକୃତି ।

**ଚିତ୍ତବୃତ୍ତି** ***ବି.*** ଧର୍ମୀୟ ମତରେ ମନ ବା ଚିତ୍ତର ଚାରିଗୋଟି ଧର୍ମ- କରୁଣା, ମୁଦିତା, ମୈତ୍ରୀ ଓ ଉପେକ୍ଷା ।

**ଚିତ୍ତଶୁଦ୍ଧି** ***ବି.*** ୧. ମନକୁ ଶୁଦ୍ଧ ବା ପବିତ୍ର କରିବା ପ୍ରକ୍ରିୟା ୨. ଚିତ୍ତ ବା ମନରୁ ଅପବିତ୍ର ବା ଅଶୁଦ୍ଧ ଭାବନା, ବାସନା ପ୍ରଭୃତିରୁ ମୁକ୍ତ କରିବାର ବ୍ରତ, ବିଷୟ-ବାସନା ବର୍ଜନ ।

**ଚିତ୍ତାକର୍ଷକ** ***ବିଂ.*** ମନକୁ ଆକର୍ଷଣ କରୁଥିବା, ମନଲୋଭା, ମନୋରଞ୍ଜକ ।

**ଚିତ୍ର** ***ବି.*** ୧. ଛବି, ପ୍ରତିକୃତି ୨. ନକ୍ସା ୩. ଅବସ୍ଥା ।

**ଚିତ୍ରକ** ***ବି.*** ୧. ତିଳକ ୨. ଜଡ଼ାଗଛ ୩. ଚିତାବାଘ ୪. ଚିତ୍ରକର, ଚିତ୍ରଶିଳ୍ପୀ ।

**ଚିତ୍ରକର** ***ବି.*** ଚିତ୍ର କରିବା ଲୋକ, ଛବି ବା ଚିତ୍ର ଆଙ୍କିବା କଳାକାର ।

**ଚିତ୍ରକଳ୍ପ** ***ବି.*** ସାହିତ୍ୟରେ ଭାବପ୍ରକାଶ ପାଇଁ ବ୍ୟବହୃତ ବିଭିନ୍ନ ବସ୍ତୁ ଓ ଭାବନାର ପ୍ରତିଚ୍ଛବି, ବିମ୍ବ, ବସ୍ତୁଚିତ୍ର, ଶବ୍ଦଚିତ୍ର ।

**ଚିତ୍ରକାବ୍ୟ** ***ବି.*** ଚିତ୍ର ଆକାରରେ ବା ଚିତ୍ର ସହ ଲିଖିତ କାବ୍ୟ, ବନ୍ଧଘଟିତ କାବ୍ୟ ।

**ଚିତ୍ରକାର** ***ବି.*** ଚିତ୍ରକର, ଯେ ଚିତ୍ର ଆଙ୍କେ ।

**ଚିତ୍ରଣ** ***ବି.*** ୧. ଛବି ଅଙ୍କନ, ଚିତ୍ର ଆଙ୍କିବା କାର୍ଯ୍ୟ ୨. ବର୍ଣ୍ଣନ ।

**ଚିତ୍ରତାରକା** ***ବି.*** ସିନେମାରେ ଅଭିନୟ କରୁଥିବା ଅଭିନେତା ବା ଅଭିନେତ୍ରୀ, ଫିଲ୍ମ୍ ଷ୍ଟାର ।

**ଚିତ୍ରନାଟ୍ୟ** ***ବି.*** ସିନେମା, ଟିଭି ଧାରାବାହିକ ଆଦିର ସଂଳାପ ସହ ଦୃଶ୍ୟ ପରିକଳ୍ପନା ।

**ଚିତ୍ରପଟ** ***ବି.*** ୧. ବସ୍ତ୍ର ପ୍ରଭୃତିରେ ଅଙ୍କିତ ଚିତ୍ର ୨. ଚିତ୍ର ଆଙ୍କିବାପାଇଁ ବିଶେଷ ଭାବରେ ପ୍ରସ୍ତୁତ କପଡ଼ା ବା ପଟ ।

**ଚିତ୍ରଫଳକ** ***ବି.*** ଯାହା ଉପରେ ଛବି ଅଙ୍କାଯାଏ ।

**ଚିତ୍ରବିଚିତ୍ର** ***ବିଂ.*** ନାନା ବର୍ଣ୍ଣରେ ବା ନାନା ଚିତ୍ରବିଶିଷ୍ଟ ।

**ଚିତ୍ରରୂପ** ***ବି.*** ଗଳ୍ପ ଉପନ୍ୟାସ ପ୍ରଭୃତିର ଚଳଚ୍ଚିତ୍ର, ଟିଭି ଧାରାବାହିକ ପ୍ରଭୃତିପାଇଁ ପରିବର୍ତ୍ତିତ ରୂପ ।

**ଚିତ୍ରଶାଳା** ***ବି.*** ୧. ଚିତ୍ରପ୍ରଦର୍ଶନ ଗୃହ ୨. ଚିତ୍ର ଆଙ୍କିବାପାଇଁ ଘର, ଷ୍ଟୁଡ଼ିଓ ୩. ଗ୍ୟାଲେରୀ ।

**ଚିତ୍ରା** ***ବି.*** ଜ୍ୟୋତିଷ ଶାସ୍ତ୍ର ଅନୁସାରେ ସତେଇଶି ନକ୍ଷତ୍ର ମଧ୍ୟରୁ ଚତୁର୍ଦ୍ଦଶ ନକ୍ଷତ୍ର ।

**ଚିତ୍ରାର୍ପିତ** ***ବିଂ.*** ଚିତ୍ର ବା ମୂର୍ତ୍ତି ଭଳି ନିଶ୍ଚଳ ।

**ଚିତ୍ରିଣୀ** ***ବି.*** ଚାରି ପ୍ରକାର ନାୟିକା ମଧ୍ୟରେ ଅନ୍ୟତମ ।

**ଚିତ୍ରିତ** ***ବିଂ.*** ଚିତ୍ର ଅଙ୍କା ଯାଇଥିବା, ଚିତ୍ରପଟରେ ଅଙ୍କିତ, ଚିତ୍ରଯୁକ୍ତ ।

**ଚିଧୁଲ୍** ***ବି.*** ମଧ୍ୟମ ଆକାରର ଏକ ପ୍ରକାର ଉକୁଣି ।

**ଚିନ୍‌ମିନି** ***ବି.*** ଏକ ପ୍ରକାରର ପକ୍ଷୀ ।

**ଚିନ୍‌ହାଁ, ଚିନା** ***ବି.*** ୧. ଚିହ୍ନ, ଦାଗ ୨. ସନ୍ତକ, ସ୍ମାରକୀ ।

**ଚିନ୍‌ହାର୍** ***ବିଂ.*** ପରିଚିତ, ଜଣାଶୁଣା ।

**ଚିନ୍‌ହାରି** ***ବିଂ.*** ଚିହ୍ନି ପାରୁଥିବା (ଲୋକ), ଚିହ୍ନରା ।

**ଚିନା** ***ବି.*** ୧. ଚାରି କାଇଁଚ ଓଜନର ପରିମାଣ ୨. ଅତି ଅଳ୍ପ ପରିମାଣ ବା ଓଜନ ୩. ଏକ ପ୍ରକାର ସାନ ଧାନ ; ***ବିଂ.*** ୧. ଅତି ସାନ ୨. ଅତି ଅଳ୍ପ ।

**ଚିନାବାଦାମ** ***ବି.*** ଭୂଇଁ ତଳେ ଚେରରେ ହେଉଥିବା ଏକ ପ୍ରକାର ଚଣା, ଭୂଇଁଚଣା, ମୁଙ୍ଗଫଳି, ଚେର୍‌ଚଣା ।

**ଚିନି** ***ବି.*** ଆଖୁରସରୁ ତିଆରି ଦାନାଦାର ମିଠା ଖାଦ୍ୟ ବସ୍ତୁ, ଶର୍କରା ।

**ଚିନି ଆଙ୍ଗୁଠି** ***ବି.*** ହାତର ସବୁଠାରୁ ସାନ ଆଙ୍ଗୁଠି, କାଣିଆଙ୍ଗୁଳି ।

**ଚିନ୍ତନ** *ବି.* ୧. ଭାବିବା କାର୍ଯ୍ୟ, ଭାବନା ୨. କୌଣସି ବିଷୟରେ ମନନ ୩. ବାରମ୍ବାର ସ୍ମରଣ।

**ଚିନ୍ତନୀୟ** *ବିଂ.* ଚିନ୍ତାର ଯୋଗ୍ୟ, ଭାବିବାର ଯୋଗ୍ୟ, ଭାବନୀୟ।

**ଚିନ୍ତା** *ବି.* ୧. ଚିନ୍ତନ, ଭାବନା, ମନର ଚାଳନା ୨. କୌଣସି ସମସ୍ୟା ଯୋଗୁଁ ମନର ଆକୁଳତା ୩. କୌଣସି ବିଷୟର ଗଭୀର ମନନ।

**ଚିନ୍ତାଗ୍ରସ୍ତ** *ବିଂ.* କୌଣସି ସମସ୍ୟା ଯୋଗୁଁ ବିବ୍ରତ ବା ଆକୁଳିତ, କୌଣସି ସମସ୍ୟା ବା ଆଶଙ୍କା ଯୋଗୁଁ ଭାରାକ୍ରାନ୍ତ।

**ଚିନ୍ତା ଧରିବା** *କ୍ରି.* କୌଣସି ବିଷୟକୁ ନେଇ ମନ ଆକୁଳିତ ହେବା।

**ଚିନ୍ତାନାୟକ** *ବି.* କୌଣସି ସମାଜରେ ବା ଦେଶରେ ଉତ୍ତମ କଥା ଚିନ୍ତାକରି ଦିଗ୍‌ଦର୍ଶନ ଦେଉଥିବା ନେତୃସ୍ଥାନୀୟ ବ୍ୟକ୍ତି, ଦୂରଦୃଷ୍ଟି ସମ୍ପନ୍ନ ବ୍ୟକ୍ତିତ୍ୱ।

**ଚିନ୍ତାମଗ୍ନ** *ବିଂ.* ଗଭୀର ଚିନ୍ତାରେ ନିବିଷ୍ଟ, ଚିନ୍ତାରେ ବୁଡ଼ିଥିବା।

**ଚିନ୍ତାଶୀଳ** *ବିଂ.* ୧. ଚିନ୍ତାପରାୟଣ, ଭାବୁକ, ମନନଶୀଳ ୨. ସମାଜର ଦୁଃଖସୁଖ ବିଷୟରେ ଚିନ୍ତା କରିପାରୁଥିବା (ବ୍ୟକ୍ତି)।

**ଚିନ୍ତିତ** *ବିଂ.* ୧. ଚିନ୍ତାଗ୍ରସ୍ତ, କୌଣସି ବିଷୟରେ ଚିନ୍ତା କରୁଥିବା ୨. କୌଣସି ସମସ୍ୟା ନେଇ ଉଦ୍‌ବିଗ୍ନ।

**ଚିନ୍ମୟ** *ବିଂ.* ଜ୍ଞାନମୟ; *ବି.* ୧. ସକଳ ଜ୍ଞାନର ଉତ୍ସ ୨. ଭଗବାନ, ଈଶ୍ୱର।

**ଚିପ୍‌କିବା** *ବି.* ୧. ଚିପିବା ୨. ଲାଖିବା, ଲଟ୍‌କିବା।

**ଚିପ୍‌ଚିପ୍ କରିବା** *କ୍ରି.* ଅଠାଳିଆ ଲାଗିବା, ତେଲିଆ ଲାଗିବା।

**ଚିପ୍‌ଟି** *ବି.* ଛୋଟପୁଡ଼ିଆ, କୌଣସି ଜିନିଷ ଗୁଡ଼ାଇବାପାଇଁ କାଗଜ ବା ପତ୍ରରେ ତିଆରି ଛୋଟପୁଡ଼ିଆ।

**ଚିପ୍‌ଡ଼ା, ଚିପ୍‌ରା** *ବି.* ଆଖିର ମଇଳା, ଲେନ୍ଦରା।

**ଚିପ୍‌ନା** *ବି.* କ୍ଲିପ୍, ଦୁଇ ବା ଅଧିକ ବସ୍ତୁକୁ ଚିପି ରଖିବା ଉପକରଣ।

**ଚିପା** *ବିଂ.* ୧. ଦେହକୁ ଜଡ଼େଇ ଧରୁଥିବା (ପୋଷାକ, ଜୋତା) ୨. କୃପଣ, କାମ୍ପି ୩. ଯାହା ବ୍ୟବହାରପାଇଁ ଚିପିବାକୁ ହୁଏ (*ଉଦା.* ଚିପା ବୋତାମ) ୪. ଚାପଦ୍ୱାରା ସଙ୍କୁଚିତ; *ବି.* ୧. ବଳଦର ମୁଷ୍କ ଛେଦନ ଉପକରଣ ୨. ଚିପିବା କାର୍ଯ୍ୟ ୩. ଚିପିବା ଯନ୍ତ୍ର ବା ଉପକରଣ।

**ଚିପା ବୋତାମ** *ବି.* ଯେଉଁ ବୋତାମର ଦୁଇ ଅଂଶକୁ ଚିପି ଲଗାଯାଏ।

**ଚିପି ଦେବା** *କ୍ରି.* ୧. କ୍ଷମତା ବା କୌଶଳଦ୍ୱାରା କାହାର ସ୍ୱାଧୀନତା ବା ଶକ୍ତି କମ୍ କରିଦେବା ୨. କାହାକୁ ଚାପ ଦେଇ ଅସହାୟ ବା ନିଷ୍କର୍ମା କରିଦେବା।

**ଚିପିବା** *ବି.* ୧. ଚାପ ଦେଇ ସଙ୍କୁଚିତ କରିବା ୨. ହାତ ମୁଠାଦ୍ୱାରା ଚାପଦେବା ୩. ଆଙ୍ଗୁଠି ଟିପି ବା ହାତ ଲଗାଇ ଗୋଡ଼ହାତ ଦାବିବା।

**ଚିପୁ** *ବିଂ.* ଚିପା, କୃପଣ, କାମ୍ପି।

**ଚିପୁଡ଼ିବା** *କ୍ରି.* ୧. ଫଳ ପ୍ରଭୃତିକୁ ଚିପି ରସ କାଢ଼ିବା ୨. ଓଦା ଲୁଗା ଚିପି ପାଣି ବାହାର କରିବା।

**ଚିବୁକ** *ବି.* ଥୋଡ଼ି, ଓଠର ନିମ୍ନଭାଗ, ଓଠତଳ।

**ଚିମ୍‌କିବା** *କ୍ରି.* ଚିମୁଟିବା, ବୁଢ଼ାଆଙ୍ଗୁଠି ଓ ବିଶିଆଙ୍ଗୁଠି ନଖଦ୍ୱାରା ଚାପଦେବା।

**ଚିମ୍‌ଟା, ଚିମ୍‌ଠା** *ବି.* ଚିମୁଟା, ସଣ୍ଢୁଆସି।

**ଚିମ୍‌ନି** *ବି.* ୧. ଡ଼ିବିରି, ବତୀ ୨. ନିଆଁ ଜଳୁଥିବା ସ୍ଥାନରେ ଧୂଆଁ ବାହାରିଯିବା ପାଇଁ ନଳ ଆକୃତିର ବାଟ।

**ଚିମ୍‌ନିଭାଟି** *ବି.* ଧୂଆଁ ନିଷ୍କାସନ ବ୍ୟବସ୍ଥା ଥିବା ଇଟାଭାଟି।

**ଚିମଣି, ଚିମିଣି, ଚିମିନି** *ବି.* ବାଦୁଡ଼ି ଆକାରର ଛୋଟ ପକ୍ଷୀ, ଚେମିଣି, ଚେମେଣିଆ, ଚମଚଟା, ପକ୍ଷୀ ବିଶେଷ।

**ଚିମୁଟ** *ବି.* ୧. ବୁଢ଼ାଆଙ୍ଗୁଠି ଓ ବିଶିଆଙ୍ଗୁଠି ନଖଦ୍ୱାରା ଚାପ, ଚିମକା ୨. ଏହି ଦୁଇଆଙ୍ଗୁଠି ମଝିରେ ଧରିବା ପରିମାଣ।

**ଚିମୁଟା** *ବି.* ୧. ଚିମ୍‌ଟା ୨. ଦୁଇଟିପଦ୍ୱାରା ଚିପିବା ୩. ବଣିଆ, କମାର ପ୍ରଭୃତି କାରିଗର କୌଣସି ପଦାର୍ଥ ଧରିରଖିବା ପାଇଁ ବ୍ୟବହାର କରୁଥିବା ଉପକରଣ ବିଶେଷ ୪. ସନ୍ନ୍ୟାସୀମାନେ ଧରିଥିବା ଦୁଇଫାଳିଆ ଲମ୍ବାଲୁହା।

**ଚିମୁଟିବା** *କ୍ରି.* ବୁଢ଼ା ଆଙ୍ଗୁଠି ଓ ବିଶି ଆଙ୍ଗୁଠି ନଖରେ ଚିପିବା, ଚିମ୍‌କିବା।

**ଚିର୍** *ବି.* ଗାଈ, ଛେଳି ପ୍ରଭୃତି ପଶୁର ଲମ୍ବା ଅଂଶ ବା ସ୍ତନାଗ୍ର।

**ଚିର୍‌କି ପକାବା** *କ୍ରି.* ୧. ନିୟନ୍ତ୍ରଣରେ ରଖି ନ ପାରି ହଗି ପକାଇବା ୨. ହଠାତ୍ ଡରିଯିବା।

**ଚିର୍‌କିବା** *କ୍ରି.* ୧. ଅଳ୍ପମାତ୍ରାରେ ତରଳ ଝାଡ଼ା ବାହାରି ଆସିବା ୨. ପତଳାଝାଡ଼ା ହେବା ୩. ସାମାନ୍ୟ କଥାରେ ରାଗିଯିବା।

**ଚିର୍‌କୁ** *ବିଂ.* ଡରୁଆ, ଭୟାଳୁ, ଛେରା, ଛେରୁ।

**ଚିର୍‌କୁଟ, ଚିରୁକୁଟି** *ବି.* ୧. ଚିରା କାଗଜ ବା କନା ୨. ଚିରିକଟି, କାଗଜଟୁକୁଡ଼ା ; *ବିଂ.* ଟିକିଟିକି ବା ଟୁକୁରାଟୁକୁରା।

**ଚିରଗୁଣି** *ବି.* ଚିରଗୁଣି, କଳ୍ପିତ ଡାହାଣୀ ବିଶେଷ, ଚିର୍‌ଗୁନ୍।

**ଚିର୍‌ଚିରା** *ବି.* ୧. ଆକସ୍ମିକ ଭୟ ଯୋଗୁଁ ଚିତ୍କାର ୨. ସରୁ ସରୁ ଫାଟ।

**ଚିର୍‌ମୁଜ୍‌ରି** *ବି.* ବିବାହ ପୂର୍ବରୁ ବରଘରୁ କନ୍ୟାପାଇଁ ଅଭିମନ୍ତ୍ରିତ ଲୁଗାପଟା ଓ ଅଳଙ୍କାର ପଠାଯିବା ପ୍ରଥା।

**ଚିର୍‌ମେଲ୍** *ବି.* ୧. ଏକ ପ୍ରକାର ଚମଉକୁଣି ୨. ଯେ ସର୍ବଦା ଲାଖି ରୁହେ।

**ଚିର ବି.** ୧. ଗାଈ, ଛେଳି ପ୍ରଭୃତିର ସ୍ତନାଗ୍ର ୨. ଦୀର୍ଘକାଳ ; **ବିଂ.** ଦୀର୍ଘକାଳ ବ୍ୟାପୀ, ଆଜୀବନ ସ୍ଥାୟୀ ; **କ୍ରି.** ଚିରିବାପାଇଁ ଅନୁରୋଧ ବା ଆଦେଶ ।

**ଚିରଗୁଣି ବି.** ଚିରଗୁଣି।

**ଚିରଗୁଣି ଆଲୁଅ ବି.** ଅନ୍ଧାର ରାତିରେ ସନ୍ତସନ୍ତିଆ ସ୍ଥାନରେ ଦେଖାଯାଉଥିବା ଦପ୍‌ଦପ୍ ନୀଳ ଆଲୁଅ ।

**ଚିରଞ୍ଜୀବୀ ବି. ବିଂ.** ୧. ବହୁକାଳସ୍ଥାୟୀ ୨. ଅମର ।

**ଚିରଣ୍ଟୀ ବି.** ସାରା ଜୀବନ ବାପଘରେ ରହିଥିବା କନ୍ୟା ।

**ଚିର ତୁଷାରରେଖା ବି.** ହିମରେଖା-ଯେଉଁ ଉଚ୍ଚତାରେ ଥିବା ବରଫ କେବେ ହେଲେ ତରଳେ ନାହିଁ ।

**ଚିରନିଦ୍ରା ବି.** ମୃତ୍ୟୁ, ମରଣ ।

**ଚିରନ୍ତନ ବିଂ.** ୧. ଚିରକାଳୀନ, ଶାଶ୍ୱତ, ସବୁଦିନପାଇଁ ୨. ବହୁକାଳରୁ ପ୍ରଚଳିତ ।

**ଚିରପ୍ରବାହୀ ବିଂ.** ସବୁ ସମୟରେ ପ୍ରବାହିତ ହେଉଥିବା, ସବୁ ଋତୁରେ ବହୁଥିବା (ଜଳଧାର) ।

**ଚିର ବିଦାୟ ବି.** ୧. ଚିରକାଳପାଇଁ ମେଲାଣି, ସବୁଦିନପାଇଁ ବିଚ୍ଛେଦ ୨. ମୃତ୍ୟୁ, ମରଣ ।

**ଚିର ରୁଗ୍‌ଣ ବିଂ.** ସଦା ରୋଗିଣା, ଯେ ସବୁବେଳେ ରୋଗୀ, ଯେ ଜୀବନ ସାରା ରୋଗ ଭୋଗକରେ; ସ୍ତ୍ରୀ. ଚିରରୁଗ୍‌ଣା ।

**ଚିରଶ୍ୟାମଳ ବିଂ.** ୧. ଚିରସବୁଜ, ଯାହାର ବର୍ଣ୍ଣ ସବୁ ସମୟରେ ସବୁଜ ବା ଶାଗୁଆ ୨. ଚିରହରିତ୍ ଗଛ-ଯେଉଁ ଗଛର ପତ୍ର ସମ୍ପୂର୍ଣ୍ଣ ଝଡ଼ୁ ନଥିବାରୁ ବର୍ଷସାରା ପତ୍ର ଭର୍ତ୍ତିହୋଇ ଶାଗୁଆ ଦିଶେ ।

**ଚିରସ୍ଥାୟୀ ବିଂ.** ୧. ଯାହା ସବୁଦିନପାଇଁ ରହେ ୨. ଦୀର୍ଘକାଳ ନିମିତ୍ତ ୩. ଅବିନାଶୀ ।

**ଚିରସ୍ରୋତା ବିଂ.** ଯେଉଁ ନଈ ବା ଝରଣାରେ ସ୍ରୋତ ଶୁଖେ ନାହିଁ, ଚିରପ୍ରବାହୀ ।

**ଚିରହରିତ୍ ବିଂ.** ଚିରଶ୍ୟାମଳ ।

**ଚିରା ବି.** ୧. ଚୂଡ଼ା ୨. ଚିରିବା ୩. ଡିଆଁମାରି ତୁରନ୍ତ ପଳାୟନ ୨. ଜମିର ପ୍ରଥମବାର କର୍ଷଣ; **ବିଂ.** ୧. ଚିରିଯାଇଥିବା, ଛିଡ଼ା, ଚିରା ଯାଇଥିବା ।

**ଚିରାଇତା, ଚିରେଇତା ବି.** ପିତାସ୍ୱାଦର ଗୁଳ୍ମ ବିଶେଷ-ଯାହାର ଔଷଧ ଗୁଣ ରହିଛି ।

**ଚିରାଗ ବି.** ପ୍ରଦୀପ, ବତୀ ।

**ଚିରାଗୁନ ବି.** ଚିରିଗୁଣି, ଗର୍ଭିଣୀ ସ୍ତ୍ରୀ ମରିଯିବା ପରେ ପାଲଟିଥିବା ପ୍ରେତ (ଲୋକବିଶ୍ୱାସ) ।

**ଚିରାଚରିତ ବିଂ.** ୧. ଯାହା ବହୁ କାଳରୁ ଆଚରିତ ବା ପାଳିତ, ଦୀର୍ଘକାଳ ଧରି ପ୍ରଚଳିତ ୨. ଯାହା ସମସ୍ତେ ସବୁବେଳେ କରି ଆସୁଥିବାରୁ ଆକର୍ଷଣୀୟ ନୁହେଁ ।

**ଚିରାୟୁ ବିଂ.** ଦୀର୍ଘଜୀବୀ, ବହୁ ଦିନ ବଞ୍ଚୁଥିବା ; **ବି.** ୧. ଦୀର୍ଘ, ସୁସ୍ଥ ଜୀବନ ୨. ଦେବତା ।

**ଚିରାଳ ବି.** ପତାକା, ଧ୍ୱଜା, ବାନା ।

**ଚିରି ବି.** ଶୁଆ, ଶୁକପକ୍ଷୀ, ମିଟୁ ।

**ଚିରିକା ବି.** ପାଣିଆ ପଦାର୍ଥ ଅଳ୍ପ ମାତ୍ରାରେ ସବେଗ ବାହାରିଯିବା ।

**ଚିରିକିବା କ୍ରି.** ଜଳୀୟ ଦ୍ରବ୍ୟକୁ ଅଳ୍ପ ପରିମାଣରେ ଜୋରରେ ଛାଡ଼ି ଦେବା ।

**ଚିରିଣି, ଚିରୁଣି ବି.** ମୁଣ୍ଡବାଳ କୁଣ୍ଡାଇବା ଉପକରଣ, ପାନିଆ ।

**ଚିରିବା କ୍ରି.** ଦୁଇ ହାତରେ ଭିଡ଼ି ବା ହତିଆର ସାହାଯ୍ୟରେ ଫାଳ ଫାଳ ବା ଟୁକୁରା ଟୁକୁରା କରିଦେବା, ଫାଡ଼ିବା, ବିଦାରଣ କରିବା ।

**ଚିରିଲିଆ ବି.** ହୁଡୁମ୍ବ, ହୁଡୁମ୍, ଭଜାଚୁଡ଼ା, ଚୂଡ଼ାରୁ ପ୍ରସ୍ତୁତ ଲିଆ ।

**ଚିରୁଡା, ଚିରୁଳା ବି.** ୧. ଫଡା, ଫଳକୁ କାଟିବା ପରେ ଫାଳ ବା ଅଂଶ ୨. କମଳା ପ୍ରଭୃତି ଫଳର ଅଂଶ, କୋଲ୍ ।

**ଚିରେଇ ବି.** ୧. କାଠ ଚିରିବା ମଜୁରି ୨. କାଠ ପ୍ରଭୃତି ଚିରିବା ବା ଫାଳ କରିବା କାର୍ଯ୍ୟ ।

**ଚିରୋଞ୍ଜି ବି.** ଚାରମଞ୍ଜି ।

**ଚିଲ୍‌ରା ବି.** ଚିଲ୍‌ର, ରେଜାପଇସା, ଖୁଚୁରାପଇସା, ଛିଟିଆ ।

**ଚିଲ ବି.** ବଡ ଆକାରର ଆମିଷଭୋଜୀ ଶିକାରୀ ପକ୍ଷୀ ବିଶେଷ ।

**ଚିଲମ ବି.** ଧୂମପାନର ଆଧାର, ହୁକା ଓ ଗଞ୍ଜେଇ ପ୍ରଭୃତି ଟାଣିବା ପାଇଁ ବ୍ୟବହୃତ ସରୁନଳୀ ।

**ଚିଲର୍ ବି.** ୧. ଚିଲ୍‌ରା, ରେଜାପଇସା, ଖୁଚୁରା, ଛିଟିଆ ୨. ଛୋଟ ପିଲାମାନେ, ସନ୍ତାନଗଣ ।

**ଚିଲା ବିଂ.** ହାଲୁକା ସବୁଜ ରଙ୍ଗ ବିଶିଷ୍ଟ ; **ବି.** ହିଂସ୍ର ପକ୍ଷୀର ଝା-, କୁଦା ବା ଖେପା ।

**ଚିଲା ଆଖିଆ ବିଂ. ବି.** ଈଷତ୍ ସବୁଜ ଆଖି ଥିବା (ଲୋକ) ।

**ଚିଲାଇବା କ୍ରି.** (ଚିଲପରି) ଚିତ୍କାର କରିବା, ଜୋରରେ ପାଟି କରିବା ।

**ଚିଲି ଚିକେନ୍ ବି.** କଟା କୁକୁଡା ମାଂସକୁ କଞ୍ଚା ଲଙ୍କା ବା ସିମଳା ଲଙ୍କା, ପିଆଜ ପ୍ରଭୃତି ଦେଇ ସସ୍‌ରେ ବୁଡ଼ାଇ ପ୍ରସ୍ତୁତ ଚାଇନିଜ ପଦ୍ଧତିର ଖାଦ୍ୟ (ଏହି ପ୍ରଣାଳୀରେ ପ୍ରସ୍ତୁତ ଅନ୍ୟ ବ୍ୟଞ୍ଜନଗୁଡ଼ିକ ଯଥା-ଚିଲି ମାଛ, ଚିଲି ପନିର, ପ୍ରଭୃତି)।

**ଚିଲିସସ୍ *ବି.*** ଖାଦ୍ୟ ପ୍ରକ୍ରିୟାକରଣ ପଦ୍ଧତିରେ ପ୍ରସ୍ତୁତ କଞ୍ଚାଲଙ୍କାର ଚଟଣି ।

**ଚିଲ୍ଲି *ବି.*** ଲଙ୍କାମରିଚ ।

**ଚିହିଁକି ଉଠିବା *କ୍ରି.*** ହଠାତ୍ ରାଗିବା, ହଠାତ୍ ରାଗରେ ପାଟି କରିବା ।

**ଚିହିଁକିବା *କ୍ରି.*** ୧. ହଠାତ୍ ଚମକି ଉଠିବା ୨. କୌଣସି କାରଣରୁ ହଠାତ୍ ଡରିଯିବା ଓ ଚିତ୍କାର କରିବା ।

**ଚିହ୍ନ *ବି.*** ୧. ଲକ୍ଷଣ , ନିଦର୍ଶନ ୨. ଦାଗ ୩. ପ୍ରତୀକ, ସଙ୍କେତ ।

**ଚିହ୍ନଟ, ଚିହ୍ନୋଟ *ବି.*** ଚିହ୍ନାଇ ଦେବା ବା ମନେ ପକାଇଦେବା ବସ୍ତୁ ବା ବ୍ୟକ୍ତି ।

**ଚିହ୍ନଟ ପଥର *ବି.*** ଜମିବାଡ଼ିର ସୀମାର ସଙ୍କେତ ରୂପେ ପୋତାଯାଇଥିବା ପଥର ।

**ଚିହ୍ନବର୍ଣ୍ଣ *ବି.*** ଅସ୍ତିତ୍ୱର ନିଦର୍ଶନ ।

**ଚିହ୍ନରା *ବିଂ.*** ୧. ଚିହ୍ନାଳି, ଉତ୍କର୍ଷ ବା ଯୋଗ୍ୟତା ଚିହ୍ନିବାରେ ସମର୍ଥ ବ୍ୟକ୍ତି ୨. ସୁନା ଚିହ୍ନିବା ବ୍ୟକ୍ତି ବା ଗୋଷ୍ଠୀ ।

**ଚିହ୍ନା *ବିଂ.*** ପରିଚିତ, ଜଣାଶୁଣା ; ***ବି.*** ପରିଚୟ, ଜଣାଶୁଣା ।

**ଚିହ୍ନାଜଣା *ବି.*** ପରିଚୟ, ଜଣାଶୁଣା ; ***ବିଂ.*** ବିଖ୍ୟାତ, ସୁପରିଚିତ ।

**ଚିହ୍ନାଳି *ବି.*** ଯେ ଚିହ୍ନିପାରେ, ଯେ ଚିହ୍ନି ଜାଣେ, ଚିହ୍ନରା ।

**ଚିହ୍ନିତ *ବିଂ.*** ୧. ଚିହ୍ନଯୁକ୍ତ, ଚିହ୍ନ ବା ଦାଗ ଦିଆଯାଇଥିବା, ଦାଗଯୁକ୍ତ, ଅଙ୍କିତ ୨. ପରିଚିତ ।

**ଚିହ୍ନିବା *କ୍ରି.*** ୧. କାହା ସାଙ୍ଗରେ ପରିଚିତ ହେବା ୨. ଉତ୍ତମ ରୂପେ ଜାଣିବା ୩. ପରିଚୟ ପାଇବା ।

**ଚୀନକ *ବି.*** ଚୀନାଧାନ ।

**ଚୀନା *ବି.*** ଛୋଟ ଓ ଗୋଲାକାର ଶସ୍ୟ ବିଶେଷ ।

**ଚୀନା ବାସନ *ବି.*** ଚୀନାମାଟିରେ ତିଆରି ବାସନ ।

**ଚୀନା ମାଟି *ବି.*** ଏକ ପ୍ରକାର ଧଳାମାଟି ।

**ଚୀବର *ବି.*** ୧. କୌପୀନ, କଉପୁନି, ଲଙ୍ଗୋଟ୍ ୨. ଛିଣ୍ଡାଲୁଗା, ଚୀର ୩. ବକ୍‌କଳ ।

**ଚୀବରୀ *ବି.*** ବୌଦ୍ଧଶ୍ରମଣ ବା ଜୈନସନ୍ନ୍ୟାସୀ ।

**ଚୀର *ବି.*** ୧. ଚୀବର , କୌପୀନ ୨. ଚିରାଲୁଗା ।

**ଚୁଁଟା *ବି.*** ୧. ବୋତଲ ପ୍ରଭୃତିର ଠିପି ୨. କଣା ବା ଡବା ପ୍ରଭୃତିର ମୁହଁ ବନ୍ଦ କରିବାପାଇଁ ବିଣ୍ଡା ବା ସେହିଭଳି ଅନ୍ୟବସ୍ତୁ ।

**ଚୁଁଟାବା *କ୍ରି.*** ୧. ଛିଦ୍ର ରୋଧ କରିବା, କଣାରେ କଠିଣ ବସ୍ତୁ ପୂରାଇବା ୨. ଏଠାର କଥା ସେଠି କହିବା ।

**ଚୁଆଁ *ବି.*** କୂଅ ।

**ଚୁଆଁଶାଳ *ବି.*** କୂଅଁ ପାଖରେ ଧୁଆଧୋଇ ବା ଗାଧୋଇବା ପାଇଁ ସ୍ଥାନ, କୂଅର ଚାରିପାଖ ।

**ଚୁଆ *ବି.*** ୧. ହାତଖୋଳା ଛୋଟ ଗାଡ଼ିଆ ବା ଗର୍ତ୍ତ ୨. ଉଗ୍ର ସୁଗନ୍ଧ ଥିବା ଏକ ପ୍ରକାର ତେଲ ୩. ଅଗଭୀର କୂଅ ।

**ଚୁଆଇବା *କ୍ରି.*** ୧. ଯନ୍ତ୍ର ସାହାଯ୍ୟରେ ତେଲ ଆଦି ବାହାର କରିବା ୨. ଛୋଟପିଲା ବା ରୋଗୀଙ୍କୁ ମଳଦ୍ୱାର ବାଟେ ଔଷଧ ପ୍ରୟୋଗ କରିବା ।

**ଚୁଆଚନ୍ଦନ *ବି.*** ଦେବଦେବୀଙ୍କୁ ଲାଗି ହେଉଥିବା ଚୁଆ ଓ ଚନ୍ଦନମିଶା ପ୍ରଲେପ ।

**ଚୁଆଡ଼ *ବିଂ.*** ଦରିଦ୍ର, ଗରିବ ।

**ଚୁଆଭାତ୍ *ବି.*** ପେଜଗଳା ନ ହୋଇ ପ୍ରସ୍ତୁତ ଭାତ ।

**ଚୁଇଁ *ବିଂ.*** ଅତିଛୋଟ, ଖୁବ୍‌ସାନ ।

**ଚୁଇଙ୍ଗ୍ ଗମ୍ *ବି.*** ଚୋବେଇବାପାଇଁ ସ୍ୱାଦୁଯୁକ୍ତ ରବର ଭଳି ନମନୀୟ ବସ୍ତୁରେ ତିଆରି ମିଠେଇ ।

**ଚୁଇନି *ବି.*** ଦେହରୁ ରକ୍ତ ଶୋଷୁଥିବା କଥିତ ଡାହାଣୀ, ଡାହାଣୀ ।

**ଚୁଇଲ୍ *ବି.*** ୧. ଚୁଲି ୨. ନିଆଁ ଜାଳିବାପାଇଁ ମାଟି ଖୋଳି ପ୍ରସ୍ତୁତ ସ୍ୱତନ୍ତ୍ର ସ୍ଥାନ ଅଥବା ଉପକରଣ ।

**ଚୁଇଲି *ବି.*** ଖୋସାମତ, ଚାଟୁବାକ୍ୟ, ମନକିଣା କଥା ।

**ଚୁକ୍‌ଚୁକିଆ *ବିଂ.*** ଆଗବୋଲା, ପଚରା ନ ହେଉଣୁ କହିବା (ଲୋକ), କହିବାପାଇଁ ସବୁବେଳେ ତତ୍ପର ।

**ଚୁକା *ବି.*** ଲିଙ୍ଗ ଚୁଚୁମୁଥିବା ବ୍ୟକ୍ତି, ମାଇଗୁଲିଆ ।

**ଚୁକିବା *କ୍ରି.*** ୧. ସୁଯୋଗ ହାତଛଡ଼ା କରିବା ୨. ଭୁଲିଯିବା ୩. ଭୁଲ କରିବା, ଗଲତିରେ କିଛି କହିଦେବା ବା କରିଦେବା ୩. ଚୁଷିବା ୪. ଲିଙ୍ଗ ଚୁଚୁମିବା ।

**ଚୁକିଯିବା *କ୍ରି.*** ୧. ଠକି ହେବା ୨. କ୍ଷତିରେ ପଡ଼ିବା ୩. ସୁଯୋଗ ବା ମଉକା ଚିହ୍ନି ନ ପାରି କ୍ଷତିରେ ପଡ଼ିବା ।

**ଚୁକେଇବା *କ୍ରି.*** ୧. ହିସାବ ଅଥବା କରଜ ତୁଟାଇବା ୨. ଭଣ୍ଡେଇ ଦେବା ୩. ମୁଖମୈଥୁନ କରିବା ।

**ଚୁକ୍ତି *ବି.*** ୧. ଆପୋଷ ନିଷ୍ପତ୍ତି, ରାଜିନାମା, କରାର୍, କରାର୍‌ନାମା ୨. ସର୍ତ୍ତ ୩. ଋଣ ପରିଶୋଧ ୪. ନିକାମି ବା ସମ୍ପୂର୍ଣ୍ଣ ଋଣ ପରିଶୋଧ ।

**ଚୁକ୍ତିନାମା, ଚୁକ୍ତିପତ୍ର *ବି.*** ୧. ଆପୋଷ ନିଷ୍ପତ୍ତି ବା ରାଜିନାମାର ସ୍ୱାକ୍ଷରିତ ଦଲିଲ ୨. ସର୍ତ୍ତଯୁକ୍ତ ବା ସର୍ତ୍ତ ଉଲ୍ଲେଖ କରାଯାଇଥିବା ଦଲିଲ ।

**ଚୁଖି(ଖୋ)ଖଏର୍ ବି.** ପରିଷ୍କାର ଖଇର ।

**ଚୁଗୁଡା ବି.** ଏକ ପ୍ରକାର ଛତୁ ।

**ଚୁଗୁଲି ବି.** ଅନୁପସ୍ଥିତିରେ କାହା ବିଷୟରେ କହିବା, ସ୍ୱାର୍ଥ ହାସଲ ପାଇଁ ଅନ୍ୟ ଆଗରେ କାହା ସମ୍ପର୍କରେ କହିବା ।

**ଚୁଗୁଲିଆ ବିଂ.** ଚୁଗୁଲି କରିବା ଲୋକ, ଲୋକର ନଥିବା ବେଳେ କାହାରି ଆଗରେ ତାହାର ନିନ୍ଦା କରୁଥିବା ବ୍ୟକ୍ତି ।

**ଚୁଙ୍ଗଚୁଙ୍ଗିଆ ବିଂ.** ଚଙ୍ଗଚଙ୍ଗିଆ, ଚଞ୍ଚଳିଆ, ଅସ୍ଥିର ଓ ଚପଳ, ତୁରତୁରିଆ ।

**ଚୁଙ୍ଗା ବି.** ୧. କାହାଳୀ, କୁମ୍ପି, ନଳୀ ୨. ମାଇକ୍, ଡାକବାଜି ଯନ୍ତ୍ର ।

**ଚୁଙ୍ଗି ବି.** ଛୋଟଚୁଙ୍ଗା, କୁମ୍ପି, କିରୋସିନ୍‌ରେ ଜଳୁଥିବା ଛୋଟ ଆଲୁଅ, ଲ୍ୟାମ୍ପ ।

**ଚୁଙ୍ଗିଗେଟ୍ ବି.** ଚୁଙ୍ଗୀ ଆଦାୟପାଇଁ ସହରର ପ୍ରବେଶଦ୍ୱାରରେ ତିଆରି ଅର୍ଗଳି ।

**ଚୁଙ୍ଗୀ ବି.** ସହରକୁ ଆସୁଥିବା ମାଲ୍ ଉପରେ ପୌରସଂସ୍ଥାଦ୍ୱାରା ଆଦାୟ ହେଉଥିବା ମାସୁଲ ।

**ଚୁଙ୍ଗୁଡ଼ି ବି.** ଏକ ପ୍ରକାର ଜଳଜୀବ, ଚିଙ୍ଗୁଡ଼ି ।

**ଚୁଙ୍ଗୁଡ଼ିଆ ଦଳ ବି.** ଛୋଟ ଛୋଟ ପତ୍ର ଥିବା ଏକ ପ୍ରକାର ଦଳ ।

**ଚୁଚୁ, ଚୁଚୁମୂଷା ବି.** ମୂଷାପରି-ମାତ୍ର ଲମ୍ବ ଲାଙ୍ଗୁଡ଼ଯୁକ୍ତ ଓ ଗନ୍ଧାଉଥିବା ଜୀବ, ଚୁଚୁନ୍ଦ୍ରା ।

**ଚୁଚୁକ ବି.** ସ୍ତନାଗ୍ର, ଭୁଣ୍ଡି ।

**ଚୁଚୁ କରିବା କ୍ରି.** ଦୟା ବା ସହାନୁଭୂତି ଦେଖାଇବାପାଇଁ ଚୁଚୁ ଧ୍ୱନି କରିବା, ଜିଭ ଓ ଦାନ୍ତଦ୍ୱାରା ପାଟି ଭିତରକୁ ପବନ ଟାଣିନେଇ ଧ୍ୱନି କରିବା ।

**ଚୁଚୁକାର ବି.** ଜିଭ ଓ ଦାନ୍ତଦ୍ୱାରା ପବନକୁ ପାଟି ଭିତରକୁ ଟାଣି ନେବାଦ୍ୱାରା ସୃଷ୍ଟ ଧ୍ୱନି ।

**ଚୁଚୁନ୍ଦ୍ରା ବି.** ଚୁଚୁ, ଲମ୍ବାଳିଆ ମୁହଁଥିବା ଏକ ପ୍ରକାର ମୂଷା, ଗନ୍ଧମୂଷିକ ।

**ଚୁଚୁନ୍ଦ୍ରି ବି.** ୧. ଏକ ପ୍ରକାର ବାଣ-ଯାହା ନିଆଁ ଲାଗିବା ପରେ ତୀବ୍ର ବେଗରେ ଗତି କରେ ୨. ପୁରୁଷ ଯୌନାଙ୍ଗରେ ହେଉଥିବା ଏକ ପ୍ରକାର ରୋଗ ।

**ଚୁଚୁମା ବି.** ୧. ଓଠ ଓ ଜିଭ ସାହାଯ୍ୟରେ ଶୋଷିବା ବା ଚୁଷିବା କାର୍ଯ୍ୟ ୨. ଛୋଟପିଲାଙ୍କ ଦୁଧଖିଆ ବୋତଲର ରବର ଚୁଚୁକ ୩. ଚୁଷି ଖାଇବା ମିଠାଇ ।

**ଚୁଚୁମିବା କ୍ରି.** ଓଠ ଓ ଜିଭଦ୍ୱାରା ଚୋଷିବା ।

**ଚୁଚୁମୁହାଁ ବିଂ.** ସବୁବେଳେ ମୁହଁକୁ ଚୁଚୁନ୍ଦ୍ରା ଭଳି ଲମ୍ବେଇ ଥିବା ।

**ଚୁଛା ବିଂ.** ୧. ତୁଚ୍ଛା, ମୂଲ୍ୟହୀନ ୨. ଖାଲି ।

**ଚୁଛେଇବା କ୍ରି.** ପାତ୍ରପ୍ରଭୃତିରେ ଥିବା ଜିନିଷ କାଢ଼ି ଖାଲିକରିବା ।

**ଚୁଟ୍‌କରି କ୍ରି.ବିଂ.** କ୍ଷିପ୍ର ଓ ଗୁପ୍ତ ଭାବରେ ।

**ଚୁଟ୍‌କି ବି.** ୧. ବୁଢ଼ା ଆଙ୍ଗୁଠି ଓ ବିଶି ଆଙ୍ଗୁଠି ଘଷିବାଦ୍ୱାରା ସୃଷ୍ଟ ଧ୍ୱନି ୨. ସ୍ତ୍ରୀଲୋକମାନେ ପାଦ ଆଙ୍ଗୁଠିରେ ପିନ୍ଧୁଥିବା ମୁଦି, ଗୋଡ଼ମୁଦି ।

**ଚୁଟ୍‌କି ବଟମ୍ ବି.** ଚିପା ବୋତାମ, ଦୁଇ ଅଂଶକୁ ଚାପିଲେ ଲାଗୁଥିବା ବୋତାମ ।

**ଚୁଟ୍‌ଚୁଟା ବି.** ବିଲାତି ବାଇଗଣ, କଞ୍ଚାଲଙ୍କା, ପିଆଜ ପ୍ରଭୃତି ମିଶାଇ ତଥା ପାଣି ନ ଦେଇ ତିଆରି ମୁଖରୋଚକ ବ୍ୟଞ୍ଜନ ।

**ଚୁଟି ବି.** ୧. ମୁଣ୍ଡବାଳର କଟା ହୋଇ ନ ଥିବା କେରା, ଶିଖା ୨. ମୁଣ୍ଡବାଳ, କେଶ ।

**ଚୁଟିଆ ବି.** ୧. ଚୁଟି ଧରିବା ଲୋକ ୨. ମୁଣ୍ଡରେ ଶିଖା ବା ଚୁଟି ରଖିବା ଲୋକ ୩. ଦୁଷ୍ଟ ଲୋକ ୪. ଚୁଟିଆମୂଷା ।

**ଚୁଟିଆ ମୂଷା ବି.** ଛୋଟ ଆକୃତିର ଏକ ଜାତୀୟ ମୂଷା ।

**ଚୁଟି ଧରିବା କ୍ରି.** ୧. (ବ୍ରାହ୍ମଣମାନେ) ମୁଣ୍ଡର କେରାଏ ବାଳ ନ କାଟି ବଢ଼ାଇ ରଖିବା ୨. କାହାରିକୁ ଖାପଚରେ ପକାଇବା ୩. ଶାସ୍ତି ଦେବା, ଶାସନ କରିବା ।

**ଚୁଡ୍ ବି.** ସ୍ତ୍ରୀଲୋକମାନେ ପିନ୍ଧୁଥିବା ଖଡୁ, ରୁପା ବା ସୁନାର ବଡ଼ ଓ ମୋଟା ଚୁଡ଼ି ।

**ଚୁଡ଼ା ବି.** ବତୁରା ଧାନରୁ ତିଆରି ପତଳା ଓ ଚେପଟା ଖାଦ୍ୟ ବିଶେଷ, ଚିରା ।

**ଚୁଡ଼ାଘଷା ବି.** ଚୁଡାକୁ ଗୁଣ୍ଡକରି ଘିଅ, ଚିନି, ନଡ଼ିଆ ପ୍ରଭୃତି ଏକତ୍ର ଘଷି ପ୍ରସ୍ତୁତ ଖାଦ୍ୟ ।

**ଚୁଡ଼ାଚକଟା ବି.** ଗୋରସ, ଗୁଡ ଚିନି, ଛେନା ପ୍ରଭୃତି ବତୁରା ଚୁଡ଼ାରେ ଚକଟି ପ୍ରସ୍ତୁତ ଖାଦ୍ୟ ।

**ଚୁଡ଼ାଚାଉଳ ବି.** ସାମଗ୍ରିକ ଭାବରେ ଖାଦ୍ୟପଦାର୍ଥ, ରସଦ, ଭାତିଆ ।

**ଚୁଡ଼ାଭଜା ବି.** ଭଜା ହୋଇଥିବା ଚୁଡ଼ା, ଭଜାଚୁଡ଼ା, ହୁଡୁମ୍, ଚିରିଲିଆ ।

**ଚୁଡ଼ି ବି.** ନାରୀମାନେ ହାତରେ ପିନ୍ଧୁଥିବା କାଚ; ରୁପା, ସୁନା ବା ଲାଖ ପ୍ରଭୃତିରେ ତିଆରି ସେଭଳି ଅଳଙ୍କାର ।

**ଚୁଡ଼ି ଖାଇଯିବା କ୍ରି.** ବୋଲ୍ଟ୍ ପ୍ରଭୃତିର ଚୁଡ଼ି ବା ଥ୍ରେଡ୍ ବହୁ ବ୍ୟବହାର ଫଳରେ ଘଷି ହୋଇ ନଷ୍ଟ ହୋଇଯିବା ।

**ଚୁଡ଼ି ପିନ୍ଧିବା କ୍ରି.** ଭୟଭୀତ ହେବା, କାପୁରୁଷ ଭଳି ହେବା ।

**ଚୁଷ୍ଠା ବି.** ଡବା, ଟିଣ ଓ ବୋତଲ ପ୍ରଭୃତି ପାତ୍ରର ଛିଦ୍ର ବା ମୁହଁ ବୁଜିବାରେ ବ୍ୟବହୃତ ବିଣ୍ଡା ବା କୀଳା ।

**ଚୁଣ୍ଟିବା** ***କ୍ରି.*** ୧. ଡବା, ବୋତଲ ପ୍ରଭୃତି ପାତ୍ରର ଛିଦ୍ର ବା ମୁହଁ ବୁଜିବା, ବୁଜିହେବା ୨. ନ କହିବା କଥା କାହାକୁ ଲୁଚାଇ କହିଦେବା ।

**ଚୁତ୍** ***ବି.*** ଯୋନି, ନାରୀର ଜନନେନ୍ଦ୍ରିୟ ।

**ଚୁତ୍‌ରି** ***ବି.*** ଅତ୍ୟଧିକ ମୈଥୁନାସକ୍ତା ନାରୀ ।

**ଚୁତର୍, ଚୁତଲ୍** ***ବି.*** ପିଚା, ଗାଣ୍ଡି ।

**ଚୁତା** ***ବି.*** ୧. ଛୋଟ ହାତୁଡ଼ି ବା ମାର୍‌ତୁଲ ୨. ଚଟା, ଗୋବର ମେଞ୍ଚା ।

**ଚୁଟିଆ** ***ବି.*** ଗାଳି ବିଶେଷ, ପାଜି, ଧପ୍‌ପାବାଜ, ଚୁଟିଆ ; ***ବି.*** କମାରମାନେ ବ୍ୟବହାର କରୁଥିବା ସଣ୍ଡୁଆସି ।

**ଚୁନ୍ନି** ***ବି.*** ମହିଳାମାନଙ୍କ ପୋଷାକର ଓଢ଼ଣି, ଚୁନି, ଚୁନ୍‌ରି ।

**ଚୁନ୍ଦା** ***ବିଂ.*** ୧. କୌଣସି ପଦାର୍ଥ କାଟିବା ପରର ଖଣ୍ଡ, କଟା ହୋଇଥିବା ଅଂଶ ୨. ଚୁନ୍ଦିବା ବା କାଟିବା କାର୍ଯ୍ୟ ।

**ଚୁନ୍ଦିବା** ***କ୍ରି.*** ହତିଆର ସାହାଯ୍ୟରେ ଗଡ଼ ଗଡ଼ କରି କାଟିବା ।

**ଚୁପ୍** ***ବିଂ.*** ନିର୍ବାକ୍, ନିରବ, ନିରୁତ୍ତର, ମୌନ ।

**ଚୁପ୍‌ଚାପ** ***କ୍ରି.ବିଂ.*** ୧. ନିରବ, ନିଃଶବ୍ଦ ୨. ଉତ୍ତର ନ ଦେଇ ବା ପ୍ରତିକ୍ରିୟା ପ୍ରକାଶ ନ କରି ।

**ଚୁପ୍‌ରା** ***ବି.*** ପରନିନ୍ଦା, ଚୁଗୁଲି ।

**ଚୁପ୍‌ଲିବା** ***କ୍ରି.*** ୧. ଚୁଷିବା ୨. ପାଟି ଭିତରେ ରଖି ବସ୍ତୁକୁ ଜିଭରେ ଚାଟିବା ୩. ତରଳ ପଦାର୍ଥରେ ହାତ ଲଗାଇବା ।

**ଚୁପ୍‌ସଇତାନ୍** ***ବିଂ.*** କିଛି ନ କହି ଅନ୍ୟର କ୍ଷତି କରୁଥିବା, ଭିତରେ ଭିତରେ ବଦ୍‌ମାସି କରୁଥିବା, ଉପରକୁ ଚିହ୍ନ ପଡୁ ନ ଥିବା, ଧୂର୍ତ୍ତ ।

**ଚୁପୁଡ଼ିବା** ***କ୍ରି.*** ଚିପୁଡ଼ିବା ।

**ଚୁପୁଲି** ***ବି.*** ୧. ଏକ ପ୍ରକାର ଖୋଲା ଚଟି, ଚପଲ ୨. ନାରୀମାନଙ୍କର ଗୋଡ଼ ଆଙ୍ଗୁଠିର ମୁଦି, ଗୋଡ଼ମୁଦି, ଚୁଟ୍‌କି ।

**ଚୁମ୍‌କି** ***ବି.*** ବିଭିନ୍ନ ରଙ୍ଗର ଜରି ବା ଧାତୁପାତର ପତଳା ଓ ସାନ ଟୁକୁଡ଼ା – ଯାହା ପ୍ରସାଧନ ବା ସାଜସଜ୍ଜା ପାଇଁ ବ୍ୟବହାର କରାଯାଏ ।

**ଚୁମା** ***ବି.*** ଚୁମ୍ବନ, ବୋକ, ଦୁଇ ଓଠ ଛୁଆଁଇ ସ୍ନେହ ବା ପ୍ରେମ ପ୍ରଦର୍ଶନ ।

**ଚୁମା ଖାଇବା** ***କ୍ରି.*** ଓଠରେ ଚୁମା ଦେବା, ଓଠରେ ଚୁମା ଘେନିବା, ପରସ୍ପର ଓଠରେ ଚୁମା ଦେବା ।

**ଚୁମା ଦେବା** ***କ୍ରି.*** ଚୁମ୍ବନ ଦେବା, ଦୁଇ ଓଠ ଛୁଆଁର ସ୍ନେହ, ପ୍ରେମ ପ୍ରଦର୍ଶନ କରିବା, ବୋକ ଦେବା, ଚୁମିବା ।

**ଚୁମିବା** ***କ୍ରି.*** ୧. ଚୁମାଦେବା, ଚୁମ୍ବନଦେବା ୨. ଛୁଇଁବା, ସ୍ପର୍ଶ କରିବା ।

**ଚୁମୁଟା** ***ବି.*** ଚିମୁଟା, ଚିମ୍‌ଟା ।

**ଚୁମୁଟିବା** ***କ୍ରି.*** ୧. ଦୁଇ ଆଙ୍ଗୁଠିର ଟିପ ବା ନଖରେ ଅନ୍ୟ ଦେହରେ ଆଘାତ ଦେବା, ଚିମ୍‌କିବା, କେବିବା ୨. ଉସ୍‌କେଇବା ।

**ଚୁମ୍ବ, ଚୁମ୍ବନ** ***ବି.*** ଚୁମା, ବୋକ, ଦୁଇ ଓଠ ଛୁଆଁଇ ସ୍ନେହ ବା ପ୍ରେମ ପ୍ରଦର୍ଶନ ।

**ଚୁମ୍ବକ** ***ବି.*** ୧. ଲୁହାକୁ ଆକର୍ଷଣ କରୁଥିବା ପଦାର୍ଥ, ମେଗ୍‌ନେଟ ୨. ଅୟସ୍କାନ୍ତ ପଥର ବା ମଣି ୩. କୌଣସି ପାଠର ସଂକ୍ଷିପ୍ତ ସାର ; ***ବିଂ.*** ଲମ୍ପଟ, ଚୁମ୍ବନକାରୀ ।

**ଚୁମ୍ବକରେ** ***କ୍ରି.ବିଂ.*** ସଂକ୍ଷେପରେ, ସଂକ୍ଷିପ୍ତ ସାର ଦେଇ ।

**ଚୁମ୍ବିତ** ***ବିଂ.*** ଯାହାକୁ ଚୁମ୍ବନ ଦିଆ ଯାଇଛି, ଯେ ଚୁମା ଖାଇଛି ।

**ଚୁର୍** ***ବିଂ.*** ନିଶାରେ ଚୁଲ୍, ବାହ୍ୟଜ୍ଞାନଶୂନ୍ୟ, ନିଶାଗ୍ରସ୍ତ ।

**ଚୁର୍‌କି** ***ବି.*** ୧. ମୁଢ଼ି, ଲିଆ ପ୍ରଭୃତି ମାପିବାପାଇଁ ଗୋଟାଏ ପାଖରେ ଗଣ୍ଠି ଏବଂ ଅନ୍ୟ ପାଖରେ ମୁହଁ ଥିବା ପୋଲା ବାଉଁଶ ତିଆରି ମାପ ୨. ଚୁଟି ।

**ଚୁର୍‌କୁଟ** ***ବିଂ.*** ଚୂର୍ଣ୍ଣୀଭୂତ, ଗୁଣ୍ଡ ହେବା ପର୍ଯ୍ୟନ୍ତ କୁଟା ହୋଇଥିବା ।

**ଚୁର୍‌ଚୁରି ଯିବା** ***କ୍ରି.*** ଭୀଷଣ ବ୍ୟଥା ହେବା (*ବିଶେ.* ଆଘାତ ପାଇ) ।

**ଚୁର୍ ଡାକ୍‌ବା** ***କ୍ରି.*** ପ୍ରତିଦ୍ୱନ୍ଦ୍ୱୀକୁ ଲଢ଼େଇପାଇଁ ଆହ୍ୱାନ କରିବା ।

**ଚୁର୍‌ନା** ***ବି.*** ଶିଶୁମାନଙ୍କ କୃମିରୋଗ ।

**ଚୁର୍‌ନି** ***ବି.*** ଚୋରି କରୁଥିବା ନାରୀ, ଚୋରଣୀ ।

**ଚୁର୍‌ମା** ***ବି.*** ୧. ଚିନି ଓ ମସଲା ମିଶା ତଥା ଘିଅରେ ଭଜା ଭାଙ୍ଗ ଗୁଣ୍ଡ ୨. ଖଜା, ଖୁର୍‌ମା ।

**ଚୁରି** ***ବି.*** ୧. ଚୁଡ଼ି, ଶଙ୍ଖା ୨. ଚୋରି ।

**ଚୁରିଆ** ***ବି.*** ବେଣାଘାସରେ ବୁଣା ମାଛଧରା ଉପକରଣ ବିଶେଷ ।

**ଚୁରିଚିପା** ***ବି.*** ସେଫ୍‌ଟିପିନ୍ ।

**ଚୁଲ୍ ଚୁଲିଆ** ***ବିଂ.*** ୧. ଚଞ୍ଚଳସ୍ୱଭାବଯୁକ୍ତ ୨. ସମସ୍ତ ବିଷୟ ବା ବସ୍ତୁ ପ୍ରତି ସକ୍ରିୟ ଭାବେ ଆଗ୍ରହ ବା କୌତୂହଳ ଦେଖାଉଥିବା (ଶିଶୁ ବା ଲୋକ) ।

**ଚୁଲ୍‌ବୁଲ୍** ***ବିଂ.*** ଚଞ୍ଚଳ ସ୍ୱଭାବବିଶିଷ୍ଟ, ଚପଳ, ଦୁଷ୍ଟ ।

**ଚୁଲ୍‌ବୁଲୀ** ***ବିଂ.*** ଚଞ୍ଚଳମତି ବା ଚପଳା, ସାମାନ୍ୟ ଦୁଷ୍ଟାମି ବା ପରିହାସପ୍ରିୟ ଝିଅପିଲା ।

**ଚୁଲି** ***ବି.*** ରାନ୍ଧିବାପାଇଁ ବାସନ ତଳେ ନିଆଁ ଜଳାହେଉଥିବା ଗାତ, ଚୁଲ୍ଲ, ରନ୍ଧନଗର୍ତ୍ତ ।

**ଚୁଲା, ଚୁଲ୍ଲା** ***ବି.*** ୧. ବଡ଼ଚୁଲି ୨. ଅସ୍ଥାୟୀ ଚୁଲି (ଭୋଜି ପ୍ରଭୃତି ପାଇଁ) ୩. ଇଟାଭାଟି, ଚୂନଭାଟି, କୁମ୍ଭାରଭାଟି ପ୍ରଭୃତିରେ ନିଆଁ ଲଗେଇବାପାଇଁ ଖୋଳା ହୋଇଥିବା ଗାତ ।

**ଚୁଲ୍ଲା, ଚୁଲ୍‌ହା** ***ବି.*** ଚୁଲା ।

**ଚୁଷିବା** ***କ୍ରି.*** ଚୋଷିବା, ଶୋଷିବା ।

**ଚୁସ୍ତ** ***ବିଂ.*** ୧. ମଜବୁତ୍, ଟାଣୁଆ, ଶକ୍ତ ୨. ଅତ୍ୟଧିକ, ବେଶି ।

**ଚୁହାଁଚୁହିଁ** ***ବି.*** *(କିଶୋ)* ଅନ୍ୟମାନେ ନ ଦେଖିବା ଭଳି ଦୁଇଜଣ ପରସ୍ପରକୁ ଅର୍ଥପୂର୍ଣ୍ଣ ଭାବରେ ଚାହିଁବା ।

**ଚୁହା** ***ବି.*** ୧. ଶିଶୁମାନଙ୍କ ଦୁଧ ବୋତଲର ଚୁଚୁମା ୨. ମୂଷା ।

**ଚୁହାଡ୍** ***ବିଂ.*** ଗାଳି ବିଶେଷ, ବଦ୍‌ମାସ, ପାଜି, ସଇତାନ୍ ।

**ଚୁହୁ** ***ବି.*** କୁକୁର ବା ଅନ୍ୟ କୌଣସି ପ୍ରାଣୀକୁ କାହା ପଛରେ ଗୋଡାଇବାପାଇଁ ଆଦେଶାତ୍ମକ ଧ୍ୱନି ।

**ଚୁହୁକେନ୍** ***ବିଂ.*** କୁହୁକିନୀ, ମନ୍ତ୍ରତନ୍ତ୍ର ଜାଣିଥିବା(ସ୍ତ୍ରୀ) ; ***ବି.*** ଡାହାଣୀ, ରକ୍ତ ଶୋଷେ ବୋଲି ବିଶ୍ୱାସ କରାଯାଉଥିବା (ନାରୀ) ।

**ଚୁହୁରା** ***ବି.*** ପୋଖରୀର ତଳେ ଥିବା ଝରପାଣି ।

**ଚୂଡ଼ା** ***ବି.*** ୧. ଶୀର୍ଷଦେଶ ୨. ପର୍ବତ, ମନ୍ଦିର, ଗଛ ପ୍ରଭୃତିର ଉଚ୍ଚତମ ସ୍ଥାନ; ଶିଖ, ଶିଖର ୩. ଘର ଛାତର ତୁଳି ୪. ମୟୂର, କୁକୁଡ଼ା ପ୍ରଭୃତି ପକ୍ଷୀଙ୍କ ଚୂଳ ୫. ଦଶସଂସ୍କାର ବା କର୍ମ ମଧ୍ୟରେ ଗୋଟିଏ ୬. ନାରୀମାନଙ୍କ ହାତର ଚୁଡ଼ି, ଶଙ୍ଖା ୭. ଚୁଟି, ଶିଖା ।

**ଚୂଡ଼ାକରଣ** ***ବି.*** ବାଳପକା; ବ୍ରାହ୍ମଣ, କ୍ଷତ୍ରିୟ ପ୍ରଭୃତି ବ୍ରତ ହେଉଥିବା ଜାତିରେ ପୁଅପିଲାମାନଙ୍କ ପ୍ରଥମ ଲଣ୍ଡାହେବା ବିଧି (ଏଥିରେ ଶିଖା ବା ଚୂଡ଼ା ଭାବେ କେରାଏ ଚୂଳ ଛାଡ଼ିଦେବା) ।

**ଚୂଡ଼ାକର୍ମ** ***ବି.*** ଚୂଡ଼ାକରଣ, ମୁଣ୍ଡନ କର୍ମ ।

**ଚୂଡ଼ାନ୍ତ** ***ବିଂ.*** ସର୍ବଶେଷ, ସବାଶେଷ, ଅନ୍ତିମ ; ***ବି.*** ୧. ଶେଷ ସୀମା, ପରାକାଷ୍ଠା ୨. ଶେଷସିଦ୍ଧାନ୍ତ, ଚରମ ମୀମାଂସା ।

**ଚୂଡ଼ାମଣି** ***ବି.*** ମୁକୁଟର ପ୍ରଧାନ ମଣି, ଶିରୋଭୂଷଣ; ***ବିଂ.*** ସର୍ବଶ୍ରେଷ୍ଠ, ପ୍ରଧାନ ।

**ଚୂତ** ***ବି.*** ୧. ଆମ୍ରଫଳ, ଆମ୍ରଗଛ ୨. ଗୃହର ପ୍ରବେଶ ଦ୍ୱାର, ମୁଖ୍ୟ ଦ୍ୱାର ।

**ଚୂନ୍ ଚୂନ୍ କରିବା** ***କ୍ରି.*** ଟିକିଟିକି ବା ଅତି ଛୋଟ ଛୋଟ ଖଣ୍ଡରେ କାଟିବା ।

**ଚୂନ୍‌ଚୂନା** ***କ୍ରି.ବିଂ.*** ଚୂର୍ଣ୍ଣବିଚୂର୍ଣ୍ଣ, ସମ୍ପୂର୍ଣ୍ଣ ଭାବେ ଭାଙ୍ଗିବା ବା ପେଷି ହୋଇ ଗୁଣ୍ଡ ହୋଇଥିବା ।

**ଚୂନ୍‌ଠି** ***ବି.*** ଚୂନପାତ୍ର, ଚୂନରଖା ଆଧାର ।

**ଚୂନ** ***ବି.*** ୧. ଚୂନପଥରର ଗୁଣ୍ଡ, ଚୂନପଥରରୁ ତିଆରି ଧଳା ରଙ୍ଗର ଗୁଣ୍ଡ – ଯାହା ଘର ଧଉଳିବାରେ ଲାଗେ ୨. ଶିପ ବା ଶାମୁକାର ଭସ୍ମ ୩. ପଥର ବା ଶିପର ଗୁଣ୍ଡ ବା ଭସ୍ମ-ଯହିଁରେ ପାଣି ମିଶାଇ ପାନପତ୍ରରେ ବୋଳାଯାଏ ।

**ଚୂନ ଧଉଳିବା** ***କ୍ରି.*** ଚୂନକୁ ପାଣିରେ ଗୋଳାଇ କାନ୍ଥ ପ୍ରଭୃତିରେ ଲେପିବା ।

**ଚୂନ ମାରିବା** ***କ୍ରି.*** ୧. ଧଉଳିବା, ଚୂନ ବୋଳିବା ୨. ପ୍ରକୃତ କାର୍ଯ୍ୟ ନ କରି ଉପରକୁ ସଫଳତା ଦେଖାଇବା ।

**ଚୂନରା** ***ବି.*** ୧. ଚୂନ ବ୍ୟବସାୟୀ ୨. ଚୂନ ତିଆରି କରୁଥିବା ଲୋକ, ଚୂନ ତିଆରି କରୁଥିବା ଜାତି ।

**ଚୂନ ଲଗାଇବା** ***କ୍ରି.*** ଠକିବା, ଭକୁଆ ବନେଇବା ।

**ଚୂନା** ***ବି.*** ଗୁଣ୍ଡ, ଚୂର୍ଣ୍ଣ ; ***ବିଂ.*** ୧. ଗୁଣ୍ଡ କରାଯାଇଥିବା, ଚୂର୍ଣ୍ଣୀକୃତ ୨. ସାନ ଓ ସରୁଆ ।

**ଚୂନାକେଲା** ***ବିଂ.*** ଚାଉଳ ଚୂନା ଛାଣିବାପାଇଁ ବ୍ୟବହୃତ ଏକ ପ୍ରକାର ଚାଲୁଣି, ଚୂନାଚଲା ।

**ଚୂନାଗୁଣ୍** ***ବି.*** ଚାଉଳଚୂନା, ଚାଉଳଗୁଣ୍ଡ ।

**ଚୂନାମୁଣ୍ଡି** ***ବି.*** ଶ୍ରୀମନ୍ଦିରର ରୋଷ ପରିସରରେ ଓ ଗୁଣ୍ଡିଚାଘରେ ଚୂନା କୁଟିବା ପାଇଁ ଉଦ୍ଦିଷ୍ଟ ମଣ୍ଡପ।

**ଚୂନି** ***ବିଂ.*** ଛୋଟ, ସାନ ; ***ବି.*** ୧. ଚୁନ୍ନି, ନାରୀ ପୋଷାକର ଓଢ଼ଣି, ୨. ପଦ୍ମରାଗ ମଣି ୩. ୩. ମୁଗ, ବିରି ଆଦି ରବିଶସ୍ୟର ଚୋପାର ଗୁଣ୍ଡ, ଗୋଖାଦ୍ୟ ।

**ଚୂନିଆ** ***ବିଂ.*** କେବଳ ଚୂନ ଲଗାଯାଇଥିବା ବା ଅଖଇରିଆ (ପାନ); ***ବି.*** ଚୂନ ଲାଗି ପାଟି ଭିତରେ ହେବା ଘା' ।

**ଚୂନି ଚୋକଡ଼** ***ବି.*** ଶସ୍ୟ ଆଦିର ଚୋପା ତଥା ଅନ୍ୟାନ୍ୟ ଗୋ ଖାଦ୍ୟ।

**ଚୂନିମାଛ** ***ବି.*** କେରାଣ୍ଡି ପ୍ରଭୃତି ଛୋଟମାଛ, ବୁଜିମାଛ, ଝୁରି , ଚୂନାମାଛ।

**ଚୂରନ** ***ବି.*** ୧. ଗୁଣ୍ଡ ଔଷଧ ୨. ଯେକୌଣସି ଗୁଣ୍ଡ ୩. ହଜମୀ ଔଷଧ ଗୁଣ୍ଡ ।

**ଚୂରା** ***ବିଂ.*** ଚୂରି ଦିଆ ହୋଇଥିବା, ଚୂର୍ଣ୍ଣ କରାଯାଇଥିବା, ଚୂରି ଗୁଣ୍ଡ ବା ଦାନାଦାର କରାଯାଇଥିବା ।

**ଚୂରାଳି** ***ବି.*** ଯେ ଚୂରେ ବା ପେଷେ, ଚୂରି ବା ପେଷି ଗୁଣ୍ଡକରିବା ଲୋକ ବା ଯନ୍ତ୍ର ।

**ଚୂରିବା** ***କ୍ରି.*** ଚୂର୍ଣ୍ଣ କରିବା, ପେଷିବା, ପେଷି ଗୁଣ୍ଡକରିବା ।

**ଚୂର୍ଣ୍ଣ** ***ବିଂ.*** ୧. ଗୁଣ୍ଡ, ଚୂନା ୨. କୁଞ୍ଚିତ (କୁନ୍ତଳ), କୁଞ୍ଚୁକୁଞ୍ଚିଆ ।

**ଚୂର୍ଣ୍ଣକ** ***ବି.*** ୧. ଚୂର୍ଣ୍ଣ, ଚୂନା, ଗୁଣ୍ଡ ୨. ଚାରି ପ୍ରକାର ଗଦ୍ୟ ଶୈଳୀ ମଧ୍ୟରେ ଅନ୍ୟତମ ।

**ଚୂର୍ଣ୍ଣକୁନ୍ତଳ** ***ବି.*** କପାଳ ଉପରକୁ ଝୁଲି ପଡ଼ିଥିବା ଛୋଟ ଝୁମ୍ପି ବାଳ ।

**ଚୂର୍ଣ୍ଣନ** ***ବି.*** ଗୁଣ୍ଡ ବା ଚୂର୍ଣ୍ଣ କରିବା କାର୍ଯ୍ୟ ବା ପ୍ରକ୍ରିୟା ।

**ଚୂର୍ଣ୍ଣୀଭୂତ** ***ବିଂ.*** ୧. ଯାହା ଚୂର୍ଣ୍ଣ କରାଯାଇଛି ବା ହୋଇଯାଇଛି ୨. ଧ୍ୱସ୍ତବିଧ୍ୱସ୍ତ, ସମ୍ପୂର୍ଣ୍ଣ ଭାବରେ ନଷ୍ଟ ।

**ଚୂଳ** ***ବି.*** ୧. କୁକୁଡ଼ା, ମୟୂର, ଶୁଆ ପ୍ରଭୃତି ପକ୍ଷୀଙ୍କ ମୁଣ୍ଡରେ ଥିବା କେଶଗୁଚ୍ଛ ୨. ଚୂଡ଼ା ୩. ଷଣ୍ଢ, ଓଟ ପ୍ରଭୃତି ପଶୁଙ୍କ କାନ୍ଧ ଉପରେ ଥିବା ଉଞ୍ଚ ମାଂସପିଣ୍ଡ ୪. ଛଡ଼ା ନଡ଼ିଆର ଆଖି ଉପରେ ଥିବା କତାର ଗୁଚ୍ଛ ।

**ଚୂଳା** ***ବି.*** ୧. ଶିଖର, ଶୀର୍ଷଦେଶ ୨. ମୟୂର, କୁକୁଡ଼ା ପ୍ରଭୃତି ପକ୍ଷୀଙ୍କ ମୁଣ୍ଡରେ ଥିବା କେଶଗୁଚ୍ଛ, ଚୂଳ ।

**ଚୂଳି** ***ବି.*** ୧. ଦେଉଳର ମୁଣ୍ଡି, ମନ୍ଦିରର ଶୀର୍ଷଭାଗ ୨. କଠଉର ଆଗ ପାଖରେ ଦୁଇଆଙ୍ଗୁଠି ମଝିରେ ରହିବା କାଠଖଣ୍ଡ ୩. ଘର ମଥାନର ଶେଷଅଂଶ ୪. ଶୀର୍ଷଭାଗ, ଚୂଡ଼ା, ଶିଖର ।

**ଚୂଷଣ** ***ବି.*** ଚୋଷଣ, ଚୋଷିବା କାର୍ଯ୍ୟ, ଜିଭ ଓ ଓଠଦ୍ୱାରା ଚୂଷିବା ବା ଶୋଷିବା ।

**ଚୂଷିତ** ***ବିଂ.*** ଚୋଷା ବା ଶୋଷା ଯାଇଥିବା ।

**ଚୂହାଣ** ***ବି.*** ଶ୍ରୀମନ୍ଦିରର ଧାନକୋଠି ଦାୟିତ୍ୱରେ ଥିବା ସେବକ ।

**ଚେଁ** ***ବିଂ.*** ଥଣ୍ଡା, ଅତ୍ୟନ୍ତ ଶୀତଳ ।

**ଚେଁକାବା** ***କ୍ରି.*** ଚେଙ୍କିବା, ଜଳନ୍ତା ଅଙ୍ଗାର ବା ଉତ୍ତପ୍ତ ଧାତୁରେ ଚିଆଁ ଦେବା, ଉତ୍ତାପର କ୍ଷଣିକ ସ୍ପର୍ଶ ଦେବା ।

**ଚେଁଚାଁ** ***ବି.*** ଚଢ଼େଇମାନଙ୍କର ଧ୍ୱନି ।

**ଚେଁଚେଁଇଆ** ***ବିଂ.*** ୧. ଅତି କ୍ଷୀଣ (ସ୍ୱର) ୨. ଅତି ଦୁର୍ବଳ (ଶରୀର); ***ବି.*** ଛୋଟ ଆକାରର ଏକ ପ୍ରକାର ଚଢ଼େଇ ।

**ଚେଁଚୋ** ***ବି.*** ଏକ ପ୍ରକାର ଶାଗ ।

**ଚେଁ ପଟ୍‌ପଟ୍** ***ବିଂ.*** ଅତି ଶୀତଳ (ବସ୍ତୁ), ଥଣ୍ଡା (ପଦାର୍ଥ) ।

**ଚେଁର୍ ଶାଗ୍** ***ବି.*** ନଳିତାଶାଗ ।

**ଚେଆର୍** ***ବି.*** ୧. ଚଉକି, କୁରସି ୨. କ୍ଷମତାଜନିତ ପ୍ରତିପତ୍ତି ୩. ସଭାପତି, ସଭାର ଅଧ୍ୟକ୍ଷ ।

**ଚେଆର୍ କାର୍** ***ବି.*** ଟ୍ରେନ୍‌ରେ ଯାତ୍ରୀମାନେ ବସି ଯିବାପାଇଁ ଉଦ୍ଦିଷ୍ଟ ସ୍ୱତନ୍ତ୍ର ବଗି ।

**ଚେଆର୍‌ମେନ୍** ***ବି.*** ଅଧ୍ୟକ୍ଷ, ସଭାପତି, ପଞ୍ଚାୟତ ସମିତି ପ୍ରଭୃତିର ଅଧ୍ୟକ୍ଷ ।

**ଚେଇଁବା** ***କ୍ରି.*** ୧. ନ ଶୋଇ ରହିବା, ଜାଗ୍ରତ ରହିବା ୨. ସଚେତନ ହେବା ।

**ଚେଉଁଆ** ***ବି.*** ପଙ୍କରେ ରହୁଥିବା ମାଛ ବିଶେଷ।

**ଚେଉଡ଼ା** ***ବିଂ.*** ବହୁ ସମୟ ଧରି ବା ବାରମ୍ବାର ସେହି ଗୋଟିଏ ବିଷୟରେ ବିରକ୍ତି ସୃଷ୍ଟି କରୁଥିବା (ଲୋକ), *ସ୍ତ୍ରୀ* ଚେଉଡ଼ୀ ।

**ଚେଉଡ଼ାଇବା, ଚେଉଡେଇବା** ***କ୍ରି.*** ୧. ଅନେକ ସମୟ ଧରି କୌଣସି ବିଷୟରେ ନିକିଟେଇ କହି ବିରକ୍ତି ଜନ୍ମାଇବା ୨. ବାରମ୍ବାର ଆଉଡାଇବା ।

**ଚେଉରା** ***ବି.*** ଦାବି ଅଛି ବୋଲି ଯେ ବାରମ୍ବାର ମାଗେ; *ସ୍ତ୍ରୀ.* ଚେଉରୀ ।

**ଚେଉରାଇବା** ***କ୍ରି.*** ଦାବି ଜିନିଷ ପାଇବାପାଇଁ ବାରମ୍ବାର ମାଗି ବିରକ୍ତ କରିବା ।

**ଚେକ୍** ***ବି.*** ୧. ବେଙ୍କ ଜରିଆରେ ଟଙ୍କା କାରବାରପାଇଁ ଆଦେଶ ପତ୍ର ୨. ପ୍ରତିବନ୍ଧକ, ବାଧା, ନିୟନ୍ତ୍ରଣ ।

**ଚେକ୍ କରିବା** ***କ୍ରି.*** ୧. ଯାଞ୍ଚ କରିବା, ପରୀକ୍ଷା କରି ଦେଖିବା, ତନଖି କରିବା ୨. ପରୀକ୍ଷାଖାତା ମୂଲ୍ୟାୟନ କରିବା ୩. ବୁଝି ଦେଖିବା ।

**ଚେକ୍ କାଟିବା** ***କ୍ରି.*** ୧. ଚାନ୍ଦା ପ୍ରଭୃତିପାଇଁ ନିଜ ସ୍ୱାକ୍ଷରରେ ରସିଦ୍ ଦେବା ୨. ଚେକ୍ ଲେଖିଦେବା ।

**ଚେକ୍‌ଗେଟ୍** ***ବି.*** ସହରର ପ୍ରବେଶଦ୍ୱାରରେ ବାହାରକୁ ଯାଉଥିବା ବା ଭିତରକୁ ଆସୁଥିବା ପଣ୍ୟବସ୍ତୁ ତନଖି ଓ ଟୋଲ୍ ବା ଟିକସ୍ ଆଦାୟପାଇଁ ନିର୍ମିତ ଅର୍ଗଳି, ତନଖି ଫାଟକ ।

**ଚେକ୍ ପାଉତି** ***ବି.*** ଖଜଣା, ଚାନ୍ଦା, ମାସୁଲ ପ୍ରଭୃତି ପ୍ରାପ୍ତି ସ୍ୱୀକାରର ରସିଦ୍ ।

**ଚେକ** ***ବି.*** ଚଉକୋଣିଆ ଘର ।

**ଚେକା** ***ବିଂ.*** ୧. ଗୋଲ, ଚକ୍ରାକାର ୨. ଗୋଲିଆ ଓ ଘନ ବା ଅର୍ଦ୍ଧତରଳ (ବସ୍ତୁ) ; ***ବି.*** ୧. ଘାସ ବା ମାଟିର ଗୋଲାକାର ଛେଲା ୨. ଦୁଇପାଦ ଭାଙ୍ଗି ପରସ୍ପର ଭିତରେ ରଖି ବସିବା ଭଙ୍ଗୀ ୩. ସାପ, ତେଲୁଣୀ ପୋକ ପ୍ରଭୃତିର ଗୋଲାକୃତି ବା କୁଣ୍ଡଳୀ ଆକୃତିର ଅବସ୍ଥାନ ।

**ଚେକିଙ୍ଗ୍** ***ବି.*** ଅଧିକାରୀମାନଙ୍କଦ୍ୱାରା କରାଯାଉଥିବା ତନଖି ବା ଜାଞ୍ଚ ।

**ଚେଙ୍କ** ***ବି.*** ୧. ଗରମଲୁହା ବା ରଡ଼ନିଆଁ ଲାଗି ଦେହରେ ଆଘାତ ୨. ଚିଆଁ, ଦଗା ୩. ଦୁଃଖ, ଠକାମି ପ୍ରଭୃତିରୁ ପାଇଥିବା ଶିକ୍ଷା ୪. ଚେତାଇ ଦେବାପାଇଁ ଶାସ୍ତି ବା ଚେତାବନୀ ।

**ଚେଙ୍କି ହେବା** ***କ୍ରି.*** ଅତି ଗରମ ବସ୍ତୁ ଦେହର କୌଣସି ଅଂଶରେ ଲାଗିବା ।

**ଚେଙ୍ଗ, ଚେଙ୍ଗା** ***ବିଂ.*** ସତେଜ, କର୍ମମୁଖର ।

**ଚେଙ୍ଗ୍ ଚେଙ୍ଗା** ***ବିଂ.*** ୧. ସୁସ୍ଥ ୨. ସତେଜ ଓ କର୍ମଚଞ୍ଚଳ ।

**ଚେଙ୍ଗ୍‌ଲା** ***ବିଂ.*** ୧. ଜାଗ୍ରତ, ସତେଜ ୨. ସ୍ମୃତିବାନ୍ ।

**ଚେଙ୍ଗ** ***ବି.*** ଶେଉଳ ଜାତିର ଛୋଟ ମାଛ ବିଶେଷ, ଗଡ଼ିଶା ।

**ଚେଙ୍ଗା** ***ବିଂ.*** ୧. ସୁସ୍ଥ, ଆରୋଗ୍ୟ ଲାଭ କରିଥିବା ୨. କର୍ମତତ୍ପର ୩. ଏକ ପ୍ରକାର ଛୋଟମାଛ ।

**ଚେଙ୍ଗାବାଣ** ***ବି.*** ରକେଟ ବାଣ ଭଳି ଛୋଟ ଆକାରର ବାଣ - ନିଆଁ ଲାଗିବା ପରେ ଏକ ନିର୍ଦ୍ଦିଷ୍ଟ ଦିଗରେ ତୀବ୍ର ବେଗରେ ଯାଇଥାଏ ।

**ଚେଙ୍ଗା ହେବା** ***କ୍ରି.*** ୧. ରୋଗ ଭଲ ହୋଇଯିବା ୨. ତାଜା ବୋଧ କରିବା ୩. ଖୁସି ହେବା, ପ୍ରସନ୍ନ ହେବା ।

**ଚେ ଚପଟ** ***ବି.*** ୧. ଅସହାୟ ଅବସ୍ଥା ୨. କାନ୍ଦବୋବାଳି ।

**ଚେଚେଡ଼ା, ଚେଚେଡ଼ି** ***ବି.*** ଛିଞ୍ଚଡା, ମାଛମୁଣ୍ଡ ସହ ପରିବା ମିଶା ତରକାରି ।

**ଚେଚୋବେଚୋ** ***ବିଂ.*** ୧. ଅସୁନ୍ଦର ୨. ବିକୃତ ୩. ଅସଜଡା ।

**ଚେଞ୍ଚୁରୁଳିଆ** ***ବିଂ.*** ତୀକ୍ଷ୍ଣ, ଉଚ୍ଚ (ଶବ୍ଦ), ଗଳାଫଟା।

**ଚେଟ, ଚେଟକ, ଚେଡ଼** ***ବି.*** ଦାସ, ଉପନାୟକ ।

**ଚେଡ଼** ***ବି.*** ୧. ପଣସକଠା ୨. ଚାକର, ଦାସ ।

**ଚେଡ଼ି** ***ବି.*** ୧. ଅଣ୍ଟାପିନ୍ଧା ଅନ୍ତର୍ବାସ, ଚଡ଼ି ୨. ନଉକର ।

**ଚେଣ୍ଟରା** ***ବିଂ.*** ସେଇ କଥା ବାରମ୍ବାର କହି ବିରକ୍ତ କରୁଥିବା (ଲୋକ) ।

**ଚେଣ୍ଟରାଇବା** ***କ୍ରି.*** ଦରଦାମ ଛିଡେଇବାପାଇଁ ବାରମ୍ବାର କହି ବିରକ୍ତ କରିବା, ଜିନିଷ ଦାମ ଛିଡ଼େଇବାପାଇଁ ଲାଗି ରହିଥିବା ।

**ଚେଣ୍ଟା** ***ବିଂ.*** ଚେଣ୍ଟରା, ନଛୋଡ ବନ୍ଧା, କୃପଣ ।

**ଚେତ୍‌ବା** ***କ୍ରି.*** ଚେଇଁ ରହିବା, ନ ଶୋଇବା ।

**ଚେତକ** ***ବିଂ.*** ଉଦ୍‌ବୋଧକ, ଯେଉଁ ଲୋକ ବିସ୍ମୃତ ବିଷୟକୁ ସ୍ମରଣ କରାଇ ଦିଏ ।

**ଚେତନ** ***ବିଂ.*** ଚେତନାଯୁକ୍ତ, ଜାଗ୍ରତ, ଜୀବନ୍ତ, ସଜୀବ ; ***ବି.*** ୧. ଚେତନା ୨. ଜାଗ୍ରତ ଅବସ୍ଥା ।

**ଚେତନା** ***ବି.*** ୧. ଚୈତନ୍ୟ, ଜ୍ଞାନ ୨. ସଂଜ୍ଞା, ଚେତନ ଅବସ୍ଥା, ସଜ୍ଞାନ ଅବସ୍ଥା ।

**ଚେତା** ***ବି.*** ହୋସ୍, ଚେତନ ଅବସ୍ଥା, ସଜ୍ଞାନ ଅବସ୍ଥା ।

**ଚେତାଇବା, ଚେତେଇବା** ***କ୍ରି.*** ୧. ନିଦରୁ ଉଠାଇବା ୨. ଚେତନା ସଞ୍ଚାର କରିବା ୩. ସତର୍କ କରାଇବା, ତାକି(ଗି)ଦ୍ କରିବା ୪. ମନେ ରହିବା ଭଳି ଶିକ୍ଷା ଦେବା ।

**ଚେତାବନୀ** ***ବି.*** ସତର୍କବାଣୀ, ହୁସିଆର କରିଦେବାପାଇଁ କଥା, କାର୍ଯ୍ୟ ବା ଘଟଣା ।

**ଚେତାବା** ***କ୍ରି.*** ୧. ନିଦରୁ ଉଠାଇ ଦେବା ୨. ଚେତେଇ ଦେବା, ମନେ ପକାଇ ଦେବା ।

**ଚେତାଳ, ଚେତୁଆଳ** ***ବିଂ.*** ହୁସିଆର, ବୁଝି ବିଚାରି କାର୍ଯ୍ୟ କରୁଥିବା (ଲୋକ) ।

**ଚେତିବା** ***କ୍ରି.*** ୧. ନିଦରୁ ଉଠିବା, ନିଦ ଭାଙ୍ଗିବା ୨. ସତର୍କ ହେବା ।

**ଚେତେଇ ଦେବା** ***କ୍ରି.*** ୧. ସ୍ମରଣ କରିଦେବା ୨. ତାକିଦ୍ କରିବା, ମନେ ରହିବା ଭଳି ଶିକ୍ଷାଦେବା, ସତର୍କ କରିଦେବା ।

**ଚେନ୍ଦ୍ରା ଉଡ଼ିଯିବା** ***କ୍ରି.*** ଜ୍ଞାନଶୂନ୍ୟ ହୋଇଯିବା, ଚେତା ବୁଡ଼ିଯିବା ।

**ଚେନ୍ଦ୍ରି** ***ବି.*** କନାଖଣ୍ଡ, ଫଟାଲୁଗା, ଲେଙ୍ଗରି ।

**ଚେନା** ***ବି.*** କ୍ଷୁଦ୍ରଖଣ୍ଡ ବା ଫଡା, ଅଳ୍ପ ପରିମାଣର ଅଂଶ ।

**ଚେନାଇବା** ***କ୍ରି.*** କାଟି ଟିକିଟିକି ଖଣ୍ଡରେ ପରିଣତ କରିବା, ଟିକ୍ ଟିକ୍ କରି କାଟିବା, ଚୂନ୍‌ଚୂନ୍ କରିବା ।

**ଚେନାଏ** ***ବିଂ.*** ୧. ଅତି କ୍ଷୁଦ୍ର ୨. ଅତି ଅଳ୍ପ ପରିସରଯୁକ୍ତ ୩. ଅଳ୍ପ ଖଣ୍ଡେ ।

**ଚେନେଲ୍** ***ବି.*** ୧. ଯିବା ବା ଆସିବାର ବାଟ ୨. ରେଡ଼ିଓ, ଟେଲିଭିଜନ କାର୍ଯ୍ୟକ୍ରମପାଇଁ ବ୍ୟାବସାୟିକ ସଂସ୍ଥାର ପ୍ରସାରଣ ବେଣ୍ଡ୍ ବା ମାଧ୍ୟମ ୩. ପୟଃପ୍ରଣାଳୀ, ସୁନାବ୍ୟ ଜଳପଥ (ଉଦା. ଇଂଲିଶ୍ ଚେନେଲ୍), ଚାନେଲ୍ ।

**ଚେପ୍‌ଟା** ***ବିଂ.*** ଚିପିଟକ ବା ଚୁଡ଼ା ପରି ପ୍ରସାରିତ, ଆଘାତ ଖାଇ ବା ଅନ୍ୟକୌଣସି କାରଣରୁ ଅଳ୍ପ ଉଚ୍ଚତା ଏବଂ ବେଶି ଚଉଡା ବିଶିଷ୍ଟ ।

**ଚେପ୍‌ଟା ଚନା** ***ବି.*** ୧. ଏକ ପ୍ରକାର ଚଣା ୨. ବୁଟ ବା ଅନ୍ୟକୌଣସି ଚଣାକୁ ସିଝାଇ ଓ ବାଡେଇ ଚେପଟା କରିବା ପରେ ସେଥିରେ ବିଭିନ୍ନ ମସଲା ସହ ପିଆଜକଟା ମିଶାଇ ପ୍ରସ୍ତୁତ ମୁଖରୋଚକ ଖାଦ୍ୟ, ଚେନାଚୁର୍ ।

**ଚେପା** ***ବିଂ.*** ଆଘାତ ପାଇ ବାହାର ପାଖ ଭିତର ଆଡ଼କୁ ଦବି ଯାଇଥିବା (ପାତ୍ର) ।

**ଚେପାବା** ***କ୍ରି.*** ୧. ମଡ଼ାଇବା, ଗାଡ଼ି ପ୍ରଭୃତି ମଡ଼ାଇ ଦେବା ୨. ଓଜନିଆ ବସ୍ତୁ ଦେଇ ଚାପି ରଖିବା ୩. ଚାପଦେବା, ଚାପିଦେବା ୪. ଆବଶ୍ୟକତାରୁ ବହୁ ଅଧିକ ପରିମାଣ ଦେବା ।

**ଚେପେଇବା** ***କ୍ରି.*** ଚେପାବା ।

**ଚେମ୍‌ରି** ***ବି.*** ଉପର ଚମ, ଦେହର ଚମଡାର ଉପର ଅଂଶ, ଗୁଁ ଚମ୍, ମଳିଚମ।

**ଚେମଡ଼ୁ, ଚେମଡ଼ା** ***ବିଂ.*** ୧. ଚମଡ଼ା ପରି ଟାଣ ଓ କଡାଳିଆ-ଯାହା ସହଜରେ ଛିଡ଼େ ନାହିଁ, ନିଲଠା, ନିଲଠିଆ ।

**ଚେମଣି, ଚେମଣିଆ** ***ବି.*** ଅନ୍ଧାରୁଆ ଜାଗାରେ ରହିବାକୁ ଭଲ ପାଉଥିବା ଚମଚଟା ଚଢ଼େଇ ।

**ଚେମର୍** ***ବି.*** ୧. ଚମଡା ଭଳି-ଯାହା ସହଜରେ ଛିଣ୍ଡେ ନାହିଁ ୨. ଅକ୍ଳାନ୍ତ ୩. ଯେତେ କହିଲେ ବି ନ ଶୁଣିବା ବା ନ ମାନିବା (ଲୋକ) ।

**ଚେମିଣି** ***ବି.*** ଚେମଣି ।

**ଚେମେଡ଼ା** ***ବିଂ.*** ଚେମଡ଼ ।

**ଚେମେଡ଼ି** ***ବି.*** ପତଳା ସୂତାର ଧଳା ଜାଲିକନା ।

**ଚେମେଣି ଦୁଆର** ***ବି.*** ଶ୍ରୀମନ୍ଦିରର ଉତ୍ତର ଦ୍ୱାର – ଏହି ଦ୍ୱାରଟିରେ ଚେମଣି ବା ଚମଚଟା ଚଢ଼େଇ ବହୁ ସଂଖ୍ୟାରେ ଥିବାରୁ ଏଭଳି ନାମ ।

**ଚେର୍** ***ବି.ବିଂ.*** ୧. ଚାରି, ଚାଏର୍, ଚାରିସଂଖ୍ୟା ୨. ଚାରିସଂଖ୍ୟାବିଶିଷ୍ଟ ୩. ଚେର ।

**ଚେର୍‌ଆଖିଆ** ***ବିଂ.*** ୧. ଚଷମାପିନ୍ଧା, ଚାରିଆଖିଆ ୨. ସବୁଆଡ଼କୁ ଆଖି ରଖିଥିବା ।

**ଚେର୍‌ପେଟା** ***ବିଂ.*** ୧. ଚେପଟା ୨. ଭୟଭୀତ ୩. ସମ୍ପୂର୍ଣ୍ଣ ପରାଜିତ ।

**ଚେର୍‌ମେଟେଇ ଯିବା** ***କ୍ରି.*** ୧. ଫଳ, ପରିବା, ଗଛ ପ୍ରଭୃତି ଶୁଖି ରସଶୂନ୍ୟ ଓ ସଙ୍କୁଚିତ ହୋଇଯିବା ୨. ଭୟରେ ବା ଲାଜରେ ଲୁଚିବା ୩. ସଂକୁଚିତ ହୋଇଯିବା ।

**ଚେର** ***ବି.*** ୧. ଗଛର ମୂଳ ସହିତ ସଂଯୁକ୍ତ ମାଟି ତଳେ ଜାଲପରି ବିଛେଇ ହୋଇ ରହିଥିବା ତନ୍ତୁ-ଯାହା ସାହାଯ୍ୟରେ ଗଛ ଖାଦ୍ୟ ଓ ଜଳ ସଂଗ୍ରହ କରି ବଂଚେ ୨. ଫଳ, ପରିବା ପ୍ରଭୃତିର ତନ୍ତୁ ୩. ଗାଇ, ମଇଁଷି, ଛେଳି ପ୍ରଭୃତିର ଚିର ।

**ଚେର କାଟିଦେବା** ***କ୍ରି.*** ୧. ଗଛ ଲତାର ଚେର କାଟି ପକାଇବା ୨. କାହାର ଅଜାଣତରେ ବିଶେଷ କ୍ଷତି ଘଟାଇବା ୩. ନିଜ ମୂଳ ସ୍ଥାନ, ପରିବାର ବା ପରିଚିତ ଠାରୁ ସମ୍ପର୍କ ଛିନ୍ନ କରିଦେବା ।

**ଚେର କାଟିବା** ***କ୍ରି.*** କାହାରି ଅଲକ୍ଷ୍ୟରେ ବା ଅଜାଣତରେ ଭୀଷଣ କ୍ଷତି କରିବା ।

**ଚେର ଧରିବା** ***କ୍ରି.*** ୧. ପଲ୍‌ହା/ଚାରାର ଚେର ପୋତାହେବା ଜାଗାରେ ମାଟିରେ ଲାଗିବା ୨. ମଞ୍ଜିରୁ ଚେର ବାହାରିବା ୩. ଯୋଜନା କାର୍ଯ୍ୟକାରୀ ହେବା, ଆରମ୍ଭ ହେବା ୪. ସ୍ଥାନ, ଆସ୍ଥାନ ବା ସ୍ଥିତି ଦୃଢ଼ ହେବା ।

**ଚେରମୂଳି** ***ବି.*** ବିଭିନ୍ନ ଚେର ବା ଉଦ୍‌ଭିଦଜାତ ବସ୍ତୁରୁ ତିଆରି ଔଷଧ, ତୁଟୁକା ଔଷଧ ।

**ଚେରି** ***ବି.*** ସାଧାରଣତଃ ପାଶ୍ଚାତ୍ୟ ଶୀତପ୍ରଧାନ ଦେଶଗୁଡ଼ିକରେ ଦେଖାଯାଉଥିବା ଗଛ, ତାର ନାଲି ରଙ୍ଗର ସୁସ୍ୱାଦୁ ଫଳ, ସେହି ଗଛର ଉଜ୍ଜ୍ୱଳ ଧଳାରଙ୍ଗର ଫୁଲ ।

**ଚେରିଙ୍ଗି** ***ବି.*** ବାଲିଙ୍ଗି, ପେଖନା ।

**ଚେରୁଆ** ***ବିଂ.*** ଚେରମୟ, ତନ୍ତୁମୟ , ଚେମେଡ଼ିଆ, ଦୁଚ୍ଛେଦ୍ୟ ।

**ଚେରୁଡ଼ା** ***ବି.*** ଚିରୁଡା; ***ବିଂ.*** ଖାଣ୍ଟି ।

**ଚେରେ** ***ବି.*** ଚଢ଼େଇ , ପକ୍ଷୀ ।

**ଚେରେଇବା** ***କ୍ରି.*** ୧. ଚେର ଧରିବା ୨. ଶକ୍ତି ବା ସାମର୍ଥ୍ୟ ବୃଦ୍ଧି କରି ନିଜ ସ୍ଥିତି ଦୃଢ଼ୀଭୂତ କରିବା ୩. ପ୍ରବାସୀ ନୂଆସ୍ଥାନରେ ଆରେଇ ଯିବା ।

**ଚେରେଲୁକେନ୍** ***ବିଂ.*** ବଢ଼ନ୍ତା ଧାନ ଗଛର ଉଚ୍ଚତା ସୂଚକ ଶବ୍ଦ – ଯେତେ ଉଚ୍ଚ ହେଲେ ଧାନ ଗଛଗୁଡ଼ିକ ଭିତରେ ଗୋଟାଏ ଚଢ଼େଇ ଲୁଚି ରହିପାରେ ।

**ଚେରେସ୍ତା** ***ବି.*** ୧. ଆଚରଣ, ବ୍ୟବହାର ୨. ରଙ୍ଗଢ଼ଙ୍ଗ, ରୀତି ।

**ଚେଳ** ***ବି.*** ବସ୍ତ୍ର, କପଡ଼ା, ଲୁଗା, ଶାଢ଼ି ।

**ଚେଲ୍** ***ବି.*** ୧. ବାଉଁଶ ତାଟି, ଚାଏଲ୍, ଚାଳ ୨. ଶର, ତୀର ।

**ଚେଲ୍‌କା** ***ବି.*** ବାଡ ଦେବାପାଇଁ ବ୍ୟବହୃତ ବାଉଁଶ ତିଆରି ତାଟି ।

**ଚେଲ୍‌ବା** ***କ୍ରି.*** ପଳାଇଯିବା, ଚାଲିଯିବା ।

**ଚେଲା** ***ବି.*** ୧. ଶିଷ୍ୟ, ଗୁରୁଙ୍କ ପାଖରୁ ବିଦ୍ୟାଶିକ୍ଷା କରୁଥିବା ଛାତ୍ର ୨. ଆଜ୍ଞାବହ ବା ଅନୁଗତ ବ୍ୟକ୍ତି ୩. ସମର୍ଥକ ୪. ଗୋଡାଣିଆ ।

**ଚେଷ୍ଟା** ***ବି.*** ୧. କୌଣସି ଅଭୀଷ୍ଟ ସାଧନପାଇଁ ଉଦ୍ୟମ ୨. ଦୈହିକ ବା ମାନସିକ ପ୍ରୟାସ, ଉଦ୍ୟମ ୩. ଅଙ୍ଗଚାଳନ ।

**ଚେଷ୍ଟିତ** ***ବିଂ.*** ଚେଷ୍ଟା କରୁଥିବା, ସଚେଷ୍ଟ, ଉଦ୍ୟମ ବା ପ୍ରୟାସ କରୁଥିବା, ଚେଷ୍ଟାନ୍ୱିତ ।

**ଚେସ୍** ***ବି.*** ସତରଞ୍ଜ ଖେଳ, କଳା ଓ ଧଳା ବର୍ଗକ୍ଷେତ୍ର ଚିତ୍ରିତ ପଟା ଉପରେ ଧଳା ଓ କଳା ରଙ୍ଗର ଷୋହଳ କରି ଗୋଟି ଚଳାଇ ଦୁଇଜଣ ଖେଳୁଥିବା ଖେଳ ।

**ଚେହେରା** ***ବି.*** ୧. ମୁହଁ, ମୁଖ ୨. ରୂପ, ଆକୃତି ୩. ବାହ୍ୟ ରୂପ ୪. ସାମଗ୍ରିକ ଭାବେ ଶାରୀରିକ ଆକୃତି ଓ ବ୍ୟକ୍ତିତ୍ୱ ।

**ଚେହେରା ଦେଖାଇବା** ***କ୍ରି.*** କିଛି କାମ ନ କରି ବା ସହଯୋଗ ନ କରି କେବଳ ଉପସ୍ଥିତ ରହିବା ।

**ଚେହେରା ବାଗେଇବା** ***କ୍ରି.*** ଚେହେରାକୁ ସୁନ୍ଦର କରିବାପାଇଁ ଚେଷ୍ଟା କରିବା ।

**ଚୈତନ୍ୟ** ***ବି.*** ୧. ଚେତନା, ଜ୍ଞାନ, ଅବବୋଧ ୨. ସଂଜ୍ଞା, ଚେତନ ଅବସ୍ଥା ।

**ଚୈତନ୍ୟୋଦୟ** ***ବି.*** ଜ୍ଞାନ, ବିବେକ ବା ଚେତନାର ସଞ୍ଚାର ।

**ଚୈତାଳି** ***ବି.ବିଂ.*** ୧. ଚଇତାଳି, ଚଇତ ମାସରେ ହେଉଥିବା ବା ଘଟୁଥିବା ୨. ଚଇତ ମାସରେ ବହୁଥିବା ପବନ ।

**ଚୈତ୍ୟ** ***ବି.*** ୧. ବୌଦ୍ଧମାନଙ୍କର ମନ୍ଦିର ବା ଉପାସନା ସ୍ଥଳ ୨. ମନ୍ଦିର, ଦେବପୀଠ, ପୂଜାସ୍ଥାନ, ଯଜ୍ଞପୀଠ, ଯଜ୍ଞବେଦୀ ୩. ପୂଜା କରାଯାଉଥିବା ଗଛ ; ***ବିଂ.*** ଚିତା ସମ୍ବନ୍ଧୀୟ ।

**ଚୈତ୍ର** ***ବି.*** ୧. ଚଇତମାସ, ବର୍ଷର ଶେଷମାସ ୨. ବୌଦ୍ଧଭିକ୍ଷୁ ।

**ଚୈତ୍ରୀ** ***ବି.*** ଚୈତ୍ରପୂର୍ଣ୍ଣିମା, ଚଇତପୁନି ଏବଂ ଏହି ଦିନ ପାଳିତ ପର୍ବପର୍ବାଣି ।

**ଚୈନିକ** ***ବିଂ.*** ଚୀନଦେଶ ବା ଚୀନାଭାଷା ସମ୍ବନ୍ଧୀୟ ; ***ବି.*** ଚୀନ ଦେଶର ଲୋକ ।

**ଚୋକ୍** *ବି.* ୧. ଛୁରୀ ପ୍ରଭୃତିର ତୀକ୍ଷ୍ଣ ଧାର ୨. ଗାଡ଼ି ମଟରରେ ବ୍ୟବହୃତ ଶକ୍ତିଉତ୍ପନ୍ନକାରକ ଉପକରଣ ୩. ଶ୍ୱାସରୋଧ ।

**ଚୋକ୍‌ନି** *ବି.* ଚଉକୁଣି, ଚଉପଦି, ଦନା ।

**ଚୋକଡ଼** *ବି.* ଗହମ ଚୋପାର ଚୂନା ବା ଭୁସି (ସାଧାରଣତଃ ଗୋଖାଦ୍ୟ ଭାବରେ ବ୍ୟବହୃତ) ।

**ଚୋଖ** *ବିଂ.* ୧. ତୀକ୍ଷ୍ଣଧାର, ଶାଣିତ ୨. ଉତ୍କୃଷ୍ଟ ୩. ସୁନ୍ଦର; *ବି.* କ୍ରୋଧ, ରାଗ ।

**ଚୋଖା** *ବିଂ.* ୧. ଖୁବ୍ ସୁନ୍ଦର, ମନୋଜ୍ଞ ୨. ଉତ୍କୃଷ୍ଟ, ଅତିଭଲ ୩. ଫୁର୍ତ୍ତିବାଜ୍, ବେଗଗାମୀ ୪. ତୀକ୍ଷ୍ଣଧାର, ଧାରୁଆ, ଶାଣିତ ।

**ଚୋଖି** *ବି.* ୧. ପଦ୍ୟରଚନାର ରାଗିଣୀ ବିଶେଷ-ଏଥିରେ ଚାରି ମାତ୍ରାରେ ଯତିପାତ ହୁଏ ୨. ଚୋଖ ।

**ଚୋଗା** *ବି.* ଗୋଡ଼ ପର୍ଯ୍ୟନ୍ତ ଲମ୍ବିଥିବା ଢ଼ିଲା ଜାମା ।

**ଚୋଚଡ଼ା** *ବି.* କଦଳୀ ଗଛର କଞ୍ଚା ବକଳା ବା ଖୋଳପା, କଦଳୀ ଫାଉଡା ; *ବିଂ.* ୧. ରସଶୂନ୍ୟ ୨. ରକ୍ତଶୂନ୍ୟ ।

**ଚୋଟ** *ବି.* ୧. ହତିଆରଦ୍ୱାରା ଆଘାତ, ହାଣ ୨. ସାପର ଦଂଶନ, ନାଗସାପ କାମୁଡ଼ା ୩. ମାଡ଼ ୪. ଥର, ବାର ।

**ଚୋଠା** *ବି.* ନୀଚ ପ୍ରକୃତି ବା ସ୍ୱଭାବର ଲୋକ, ଠକ ।

**ଚୋଠାଗିରି, ଚୋଠାପଣ, ଚୋଠାମି** *ବି.* ନୀଚପ୍ରକୃତି, ମନ୍ଦସ୍ୱଭାବ, ଶଠତା ।

**ଚୋଦକ** *ବିଂ.* ୧. ପ୍ରେରଣା ଦାତା ୨. କୌଣସି ବିଷୟ ପ୍ରବର୍ତ୍ତନ କରିଥିବା (ଲୋକ) ୩. ତିରସ୍କାର କରୁଥିବା (ଲୋକ) ୪. ଭର୍ତ୍ସନାକାରୀ, ଗାଳି ଦେଉଥିବା (ବ୍ୟକ୍ତି) ୫. ଉତ୍ତେଜକ ।

**ଚୋଦଣା** *ବି.* ୧. ଯୌନକ୍ରିୟା ୨. ପ୍ରେରଣା, ପ୍ରବର୍ତ୍ତନା ୩. ଭର୍ତ୍ସନା, ତିରସ୍କାର ।

**ଚୋଦନା** *ବି.* ୧. ପ୍ରେରଣା, ପ୍ରବର୍ତ୍ତନା ୨. ତିରସ୍କାର, ଭର୍ତ୍ସନା ।

**ଚୋଦାଇବା** *କ୍ରି.* ୧. ଦେଖାଇ ହେବା ୨. ଜବରଦସ୍ତି ଅଡ଼େଇ ଦିଆଯିବା (ପଶୁ) ।

**ଚୋଦିତ** *ବିଂ.* ପ୍ରେରିତ, ନିୟୋଜିତ , ଉତ୍ତେଜିତ।

**ଚୋଦେଈ** *ବି.* ଉତ୍ତମ ପ୍ରଜନନ ପାଇଁ ନିୟୋଜିତ ବୋଦା।

**ଚୋଦୁ** *ବି.ବିଂ.* ଚୋଦିବା ଲୋକ, ବହୁ ଯୌନସଙ୍ଗମ ସମ୍ପୃକ୍ତ ଲୋକ ।

**ଚୋପ୍** *ବି.* ୧. ଚୁପ୍ ୨. ବରଗଛର ରସ ୩. ଅଠା ୪. ଅନ୍ୟକୁ ଚୁପ୍ ବା ନିରବ ରହିବାପାଇଁ ଆଦେଶ ୫. କୋପ, ରାଗ, ପ୍ରତାପ ୬. ଶର।

**ଚୋପ୍‌କାଣ୍ଡିଆ** *ବି.* ୧. ଅଠାକାଠି, ଅଠାକାଣ୍ଡିଆ ୨. ବରଗଛର କ୍ଷୀରବୋଳା ଖଡ଼ିକା ବା କାଠି ।

**ଚୋପ୍‌ରା** *ବି.* ଅଳିଆ, ଆବର୍ଜନା ।

**ଚୋପ** *ବି.* ୧. କୋପ, ରାଗ ୨. ଶର, ତୀର ୩. ନାଗରା, ଢ଼ୋଲ ପ୍ରଭୃତି ବଜାଇବା କାଠି ୪. ସୁନା ବା ରୁପାରେ ଛାଆଣି ହୋଇଥିବା ରାଜକୀୟ ଦଣ୍ଡ ।

**ଚୋପକ୍** *ବି.* ଅଠାଦିଆ କାଣ୍ଡ ବା ଶର ।

**ଚୋପଦାର** *ବି.* ରାଜାଙ୍କ ଚୋପବାହକ ଅନୁଚର ।

**ଚୋପା** *ବି.* ୧. ଫଳ, ପନିପରିବା ପ୍ରଭୃତିର ଆବରଣ ୨. ଗଛର ବକଳ ବା ଛେଲି ୩. ଘା'ର ବକଳା ।

**ଚୋପାଛଡ଼ା** *ବିଂ.* ୧. କୌଣସି କଥାର ଅତ୍ୟଧିକ ତର୍ଜମା କରି ବିଭିନ୍ନ ଅର୍ଥ ବାହାର କରୁଥିବା ୨. କଠିଣ ପରିଶ୍ରମ ବା କାର୍ଯ୍ୟ ଆଦାୟ କରୁଥିବା (ବ୍ୟକ୍ତି) ; **ବି. ଚୋପା ଛଡ଼ା ହୋଇଥିବା ଫଳ** ।

**ଚୋପାଟା** *ଅ.* ଅସଫଳତା ବା ନିରର୍ଥକତା, ବିରକ୍ତି, ଅସହାୟତା ବା ରାଗରେ କୁହାଯାଉଥିବା ପଦ ।

**ଚୋପିବା** *କ୍ରି.* ୧. ବାଡେଇ ଫଟେଇବା ୨. ବାଡେଇବା ।

**ଚୋବାଇବା, ଚୋବେଇବା** *କ୍ରି.* ଖାଦ୍ୟ ପ୍ରଭୃତିକୁ ପାଟି ଭିତରେ ଦାନ୍ତ ସାହାଯ୍ୟରେ ପେଷିବା, ଚାପଦେବା ବା ରଗଡ଼ିବା ।

**ଚୋର** *ବି.* ୧. ଗୋପନରେ ତଥା ଅଜାଣତରେ କାହାର ଧନ ବା ଦ୍ରବ୍ୟ ନେଇଯାଉଥିବା ଲୋକ, ତସ୍କର ୨. ବଦ୍‌ମାସ ଲୋକ, ବାଜେ ଲୋକ; ସ୍ତ୍ରୀ. ଚୋରଣୀ ।

**ଚୋର କରିଦେବା** *କ୍ରି.* ୧. ଅତ୍ୟଧିକ ଖର୍ଚ୍ଚାନ୍ତ କରାଇବା ୨. ନିଃସ୍ୱ କରିଦେବା ।

**ଚୋରଣୀ** *ବି.* ଚୋରି କରୁଥିବା ନାରୀ ।

**ଚୋରମୁହାଁ** *ବି.* ଅତିରିକ୍ତ ଲଜ୍ଜା ବା ସଂକୋଚ ଯୋଗୁଁ ମୁହଁ ଲୁଚେଉଥିବା, ଲାଜ ବା ଭୟରେ ଅଣଆଗୁଆ ହେବା, *ସ୍ତ୍ରୀ.* ଚୋରମୁହାଁ ।

**ଚୋରା** *ବିଂ.* ୧. ଅପହୃତ, ଚୋରିକରି ପାଇଥିବା (ବସ୍ତୁ), ଚୋରି କରି ଅଣାଯାଇଥିବା ୨. ବେଆଇନ, ଆଇନ ଅନୁସାରେ ଅଣା ବା କରା ଯାଇ ନ ଥିବା ୩. ଗୁପ୍ତ, ଗୋପନରେ କହିବା ବା ଘଟୁଥିବା ୪. ଅଦୃଶ୍ୟ, ଦେଖାଯାଉ ନ ଥିବା ।

**ଚୋରାଇ, ଚୋରେଇ** *ବି.* ଚୋରି; *ବିଂ.* ଚୋରିଦ୍ୱାରା ସଂଗୃହୀତ ବା ପ୍ରାପ୍ତ ।

**ଚୋରାଇବା, ଚୋରେଇବା** *କ୍ରି.* ଚୋରି କରିବା, ଚୋରିକରି ଆଣିବା ।

**ଚୋରାଚାହାଣି** *ବି.* କଟାକ୍ଷ, ଆଡଚାହାଣି, ଅନ୍ୟ କେହି ନ ଦେଖିଲା ଭଳି କାହାକୁ ଚାହିଁବା ।

**ଚୋରାପୀରତି** *ବି.* ଗୋପନରେ, ଅନ୍ୟମାନେ ନଜାଣିବା ଭଳି ପ୍ରେମ ସମ୍ପର୍କ ।

**ଚୋରାବଜାର** *ବି.* ୧. ଚୋରାମାଲ୍ ବିକ୍ରୀପାଇଁ ବଜାର ୨. ସରକାର ବା କର୍ତ୍ତୃପକ୍ଷଙ୍କ ଅଗୋଚରରେ ଚାଲିଥିବା କିଣାବିକା ।

**ଚୋରାବସନ୍ତ** *ବି.* ଫଗୁଣମାସର ଆରମ୍ଭ ପୂର୍ବରୁ ବହୁଥିବା ଦକ୍ଷିଣା ପବନ ।

**ଚୋରାବାଟ** *ବି.* ୧. ଚୋରି ଦୁଆର ୨. ବଡ଼ ଫାଟକ ବା ଦରଜା ମଧ୍ୟରେ ଜଣେ ମଣିଷ ଯିବା ଭଳି ବାଟ ୩. ଗୁପ୍ତପଥ, ଗୁପ୍ତରାସ୍ତା, ଯେଉଁ ରାସ୍ତା ବିଶେଷ ଉଦ୍ଦେଶ୍ୟରେ ବ୍ୟବହାର କରାଯାଏ (ବିଶେଷତଃ ଗୋପନ କାର୍ଯ୍ୟରେ ) ।

**ଚୋରାବାଲି** *ବି.* ୧. ସମୁଦ୍ର, ନଈ ପ୍ରଭୃତିର ଶଯ୍ୟାରେ ବା ମରୁଭୂମିରେ ଏଭଳି ସ୍ଥାନ - ଯେଉଁଠି ଉପର ଶକ୍ତ ଦିଶୁଥିଲେ ହେଁ ତଳ ଫମ୍ପା ଓ ହାଲକା ଥାଏ ଏବଂ ଗୋଡ଼ ପଡ଼ିଲେ ତଳକୁ ବୁଡ଼ିଯାଏ ୨. ଅପ୍ରତ୍ୟାଶିତ ବିପତ୍ତି, ଅଜଣା ବିପଦ ।

**ଚୋରାମାଲ୍** *ବି.* ଚୋରିରେ ବା ଚୋରାରେ କିଣାବିକା ହେବା ଜିନିଷ - ଯେଉଁ ଜିନିଷର ବ୍ୟବସାୟ ସରକାରଙ୍କ ବିଧିବଦ୍ଧ ଅନୁମତି ବା ବିଧବଦ୍ଧ ଅନୁମୋଦନ ଲାଭ କରି ନ ଥାଏ ।

**ଚୋରି ଦୁଆର** *ବି.* ବଡ଼ ଫାଟକ ବା ଦ୍ୱାର ମଧ୍ୟରେ ଛୋଟଦ୍ୱାର ବା ବାଟ, ଚୋରାଦ୍ୱାର ।

**ଚୋରେନ୍** *ବି.* ପୁଡ଼ା ନ ଫିଟାଇ ତହିଁରୁ ଚାଉଳ ବା ଧାନ ବାହାର କରିବାପାଇଁ ବାଉଁଶ ନଳ ତିଆରି ଗୋଜିଆ ଉପକରଣ ବିଶେଷ ।

**ଚୋଳ** *ବି.* ୧. କାଞ୍ଚଲା, ଚୋଲି, ନାରୀମାନଙ୍କ ଛାତିପିନ୍ଧା ଅନ୍ତର୍ବାସ ବିଶେଷ ୨. ଦାକ୍ଷିଣାତ୍ୟର ପ୍ରାଚୀନ ଦେଶ ବିଶେଷ, ଆଧୁନିକ ତାଞ୍ଜୋର ।

**ଚୋଳକ** *ବି.* ୧. କବଚ, ସାଞ୍ଜୁ ୨. ବକଳ, ବଲ୍କଳ ।

**ଚୋଲୀ** *ବି.* କାଞ୍ଚୁଲୀ, ବକ୍ଷବନ୍ଧନୀ, ବ୍ରା ।

**ଚୋଷକ** *ବିଂ.* ଚୋଷଣକାରୀ, ଚୋଷିବା ବା ଚୋଷୁଥିବା ।

**ଚୋଷଣ** *ବି.* ଚୂଷଣ, ଶୋଷିବା ।

**ଚୋଷଣୀୟ, ଚୋଷ୍ୟ** *ବିଂ.* ଚୂଷଣୀୟ, ଚୋଷିବାଯୋଗ୍ୟ, ଚୂଷିବା ବା ଚୂଇଁବାପାଇଁ ଉଦ୍ଦିଷ୍ଟ ।

**ଚୋଷିତ** *ବିଂ.* ଚୂଷା ଯାଇଥିବା, ଚୋଷା ଯାଇଥିବା ।

**ଚୋଷିବା** *କ୍ରି.* ୧. ଚୂଷିବା, ଚୂଇଁବା ୨. ଶୋଷିବା ।

**ଚୋଷ୍ୟ** *ବିଂ.* ଚୋଷଣୀୟ, ଯାହା ଚୋଷିବା ଯୋଗ୍ୟ ।

**ଚୋସ୍ତ** *ବିଂ.* ୧. ଚୁସ୍ତ, ଶକ୍ତ, ଚୌରସ ୨. ବହୁତ ଭଲ ୩. ବହୁତ ।

**ଚୌ** *ବିଂ.* ଚାରି, ଚାରି ସଂଖ୍ୟକ, ଚାରିଗୁଣା ।

**ଚୌକ୍** *ବି.* ଚଉକ, ଛକ, ଚାରିଛକ, ଚାରିଟି ରାସ୍ତାର ମିଳନ ସ୍ଥାନ ।

**ଚୌକାଠ** *ବି.* ଘରର ଦୁଆର ଏବଂ ଝରକାର କବାଟ ଲାଗିବା ପାଇଁ ବ୍ୟବହୃତ କାଠର ବନ୍ଧ ବା ଫ୍ରେମ୍, ଚଉକାଠ, ଦ୍ୱାରବନ୍ଧ ।

**ଚୌକି** *ବି.* ଚଉକି, ବସିବା ପାଇଁ ଉପକରଣ, ଚେଆର ।

**ଚୌକିଆ** *ବି.* ଚଉକିଆ, ଗାଁ ଜଗୁଆଳ, ଗ୍ରାମରକ୍ଷୀ ।

**ଚୌକିଦାର** *ବି.* ଚଉକିଆ, ଚଉକିଦାର ।

**ଚୌଠ, ଚୌଠୀ** *ବି.* ୧. ଚଉଠି, ବିବାହର ପର ୪ର୍ଥ ଦିବସର କାର୍ଯ୍ୟ ବିଶେଷ ୨. ତିଥି ବିଶେଷ, ଚତୁର୍ଥୀ ।

**ଚୌଥ** *ବି.* ଚଉଥ, ମରହଟ୍ଟା ଶାସକଙ୍କଦ୍ୱାରା ବସାଯାଇଥିବା କର ।

**ଚୌଦିଗ** *ବି.* ୧. ଚଉଦିଗ, ଚାରିପାଖ ୨. ସବୁଆଡ଼େ ।

**ଚୌପଟ୍** *ବି.* ଚଉପଟ ; *ବିଂ.* ନଷ୍ଟ, ଅସଫଳ, ବିଧ୍ୱସ୍ତ ।

**ଚୌରଙ୍ଗୀ** *ବି.* ଚାରିରାସ୍ତା ମିଳିତ ହୋଇଥିବା ଛକ, ଚାରିଛକ ।

**ଚୌରସ୍** *ବିଂ.* ଚଉରସ୍, ଶକ୍ତ, ଦୃଢ଼ ।

**ଚୌର୍ଯ୍ୟ** *ବିଂ* ଚୋରି, ଚୋରିକାର୍ଯ୍ୟ ।

**ଚୌହଦୀ** *ବି.* ଚଉହଦୀ, ପରିସୀମା, ଜମିବାଡ଼ିର ଚାରିପାଖର ସୀମା ।

**ଚ୍ୟୁତ** *ବିଂ.* ୧. ମୂଳ ସ୍ଥାନରୁ ହଟି ଯାଇଥିବା ବା ବାହାରି ଆସିଥିବା, ସ୍ଖଳିତ ୨. ଛିଣ୍ଡି ବା କଟି ପଡ଼ି ଯାଇଥିବା ୩. ପତିତ ୪. ପୂର୍ବ ସ୍ଥିତିରୁ ବାହାରି ଆସିଥିବା ବା ତଳକୁ ଖସି ଆସିଥିବା ୫. କ୍ଷରିତ, ନଷ୍ଟ, ଭ୍ରଷ୍ଟ ।

**ଚ୍ୟୁତି** *ବି.* ୧. ପତନ ୨. ସ୍ଖଳନ ୩. କ୍ଷରଣ ୪. ହାନି ।

# ଛ

**ଛ** ୧. ଓଡ଼ିଆ ବର୍ଣ୍ଣମାଳାର ସପ୍ତମ ବ୍ୟଞ୍ଜନ ବର୍ଣ୍ଣ ୨. ଛଅ ।

**ଛଁଚା** ***ବି.*** ଧାନପୁଡ଼ା ବାନ୍ଧିବାରେ ବ୍ୟବହୃତ ସବାଇ ବା ପନାସିର ମୋଟା ଦଉଡ଼ି ।

**ଛଅଁଚା, ଛଞ୍ଚିବା** ***କ୍ରି.*** ମଳତ୍ୟାଗ ପରେ ଶୌଚ ହେବା ବା କରିବା।

**ଛଅ** ***ବି.*** ୬ ସଂଖ୍ୟା ; ***ବିଂ.*** *୬* ସଂଖ୍ୟକ ।

**ଛଅର** ***ବି.*** ବାଳ କାଟିବା, ଖିଅର, ଭଦର ।

**ଛଇ** ***ବି.*** ୧. ଚାତର, ବିଳାସଭଙ୍ଗୀ ୨. ବାଲିଙ୍ଗି ବା ଚାତୁରୀ ୩. ରସିକତା ୪. ପରିପାଟିପୂର୍ଣ୍ଣ ସଜ୍ଜା ।

**ଛଇଛଟକ** ***ବି.*** ଆଟୋପ, ଦେଖେଇ ହେବା ।

**ଛଇଛାତ, ଛଇଛାଳ** ***ବିଂ.*** ସତେଜ ତଥା ହୃଷ୍ଟପୁଷ୍ଟ ଓ ତେଙ୍ଗା ।

**ଛଇଛାଡ଼ିଆ** ***ବିଂ.*** ଛାଣ୍ଟକାଣ୍ଟିଆ, ଫିଟ୍‌ଫାଟ୍ ।

**ଛଇଳ** ***ବିଂ.*** ୧. ସୁନ୍ଦର, ବେଶବିନ୍ୟାସଦ୍ୱାରା ମନୋହର ୨. ଛବିଳ ୩. ସୁରସିକ ।

**ଛଇଳା, ଛଇଳୀ** ***ବିଂ.*** ୧. ସୁନ୍ଦରୀ, ସୁବେଶା, ଟହଲମଲି ୨. ନିଜ ଯୌବନ ଦେଖେଇ ହେଉଥିବା ନାରୀ, ଫୁଲେଈ ।

**ଛଇଲ୍, ଛଇଲାଟ** ***ବିଂ.*** ପରିବ୍ୟାପ୍ତ, ପରିପ୍ଲାବିତ ।

**ଛଉ** ***ବି.*** ୧. ଚର୍ମ ରୋଗ ବିଶେଷ ୨. ମୟୂରଭଞ୍ଜର ପ୍ରସିଦ୍ଧ ନୃତ୍ୟ ବିଶେଷ ୩. ମୟୂରଭଞ୍ଜ ଅଞ୍ଚଳରେ ବୈଶାଖ ସଂକ୍ରାନ୍ତି ଦିନ ଅନୁଷ୍ଠିତ ପର୍ବ ବିଶେଷ ।

**ଛଉଆ** ***ବିଂ.*** ଛଉଯୁକ୍ତ ।

**ଛଉକା** ***ବିଂ.*** ୧. ଚତୁର ୨. ଚିତ୍ରିତ (*ସ୍ତ୍ରୀ.* ଛଉକୀ) ।

**ଛଉଛଉକା** ***ବିଂ.*** ବହୁରଙ୍ଗବିଶିଷ୍ଟ, ବହୁରଙ୍ଗର ଦାଗଥିବା ।

**ଛଏର୍** ***ବି.*** ଛାଇ, ଛାୟା ।

**ଛକ** ***ବି.*** ଏକାଧିକ ରାସ୍ତା ମିଶୁଥିବା ସ୍ଥାନ ।

**ଛକଛକ** ***ବିଂ.*** ଆଶୁ ଆଶଙ୍କା ଯୋଗୁ ସଂଶୟଗ୍ରସ୍ତ, ଛନଛନ ।

**ଛକଡା ନକଡ଼ା** ***ବି.*** ଅବମୂଲ୍ୟାୟନ, ଛିକର୍ ନାକର୍ ।

**ଛକପକ** ***କ୍ରି.ବିଂ.*** ବିଚଳିତ, ବିବ୍ରତ, ଅସ୍ଥିର ।

**ଛକା** ***ବି.*** ୧. ଭୂଇଁରେ ଗାର ଟାଣି ଅଥବା ପାଲି ପକାଇ ନିର୍ଦ୍ଦିଷ୍ଟ ସଂଖ୍ୟକ ଘର ବା ଛକ ମଧ୍ୟରେ ଖେଳା ଯାଉଥିବା ସତରଞ୍ଜ ଜାତୀୟ ଖେଳ ବିଶେଷ ୨. ତାସ୍‌ପୁଡ଼ାର ଛଅପତା ୩. କ୍ରିକେଟ୍ ଖେଳରେ ମାଟି ନ ଛୁଇଁ ଏକାଥରକେ ବଲ୍ କ୍ଷେତ୍ର ବାହାରେ ପଡ଼ିବା, ଏକାବେଳକେ ଛ ରନ୍ ୪. ତରକିବା ୫. ଲୁଡୁ ବା ପଶା ଖେଳର ଦାନ; ***ବିଂ.*** ଚତୁର ଓ ତରକା ।

**ଛକାଛକି** ***କ୍ରି.ବିଂ.*** ପରସ୍ପର ଜଗି, ଜଗାଜଗି ହୋଇ ।

**ଛକାପଞ୍ଝା** ***ବି.*** ୧.ଦୁଇ ବିରୋଧୀ ବା ଶତ୍ରୁ ମଧ୍ୟରେ ଆକ୍ରମଣ ପ୍ରତିଆକ୍ରମଣ, ଆତ୍ମରକ୍ଷା ପାଇଁ ପ୍ରସ୍ତୁତି, ତରକା ତରକି, ଟକରାଟକରି, ତାକତରକ ୨. ନିଜେ ଧରା ନ ପଡ଼ିବା ପାଇଁ ଚତୁରତାର ସହ କାର୍ଯ୍ୟ କରିବା ।

**ଛକାରି ଦେବା** ***କ୍ରି.*** କାଟିବା ବା ହାଣିବା ।

**ଛକି** ***ବି.*** 'X' ଏହି ଚିହ୍ନ, ଭୁଲ୍ ଦେଖାଇବା ଚିହ୍ନ ।

**ଛକିପାଞ୍ଚି** ***ବି.*** ବୁଝିବିଚାରି ।

**ଛକିବା** ***କ୍ରି.*** ଆଘାତ ବା ଆକ୍ରମଣ କରିବାପାଇଁ ଲୁଚିରହି ଜଗିବା ବା ପ୍ରସ୍ତୁତ ରହିବା ।

**ଛଖଁଡି** ***ବିଂ. ବି.*** ୧. କାଣ୍ଡଜ୍ଞାନହୀନ ନାରୀ ୨. ଜଡ଼ପିଣ୍ଡ ।

**ଛଗଣ** ***ବି.*** ଶୁଖିଲା ଗୋବର, ଘଷି, ଛେନା ।

**ଛଙ୍ଗା** ***ବିଂ.*** ୧. ଛଣା ୨. ନିର୍ମଳ, ଖାଣ୍ଟି; ***ବି.*** ୧. ଛୁଙ୍କ ୨. ବିଭିନ୍ନ ପରିବା ଛଣା ହୋଇ ତିଆରି ତରକାରୀ ।

**ଛଙ୍ଗାମାକା** ***ବିଂ.*** କାଣ୍ଟଛାଣ୍ଟ, ବାହୁଲ୍ୟ ବିବର୍ଜିତ ।

**ଛଚିଆ** ***ବି.*** ୧. ମଇଳା ୨. ସାନ କଂସାପାତ୍ର ।

**ଛଚିଣା, ଛଚିନ୍ଦ୍ରା** ***ବି.*** ଚିଚିଣ୍ଡା, ସାପପରି ଦିଶୁଥିବା ଲତାଫଳ ବିଶେଷ, ଛଚିନ୍ଦା, ସାପୁଆ ପୋଟଳ ।

**ଛଞ୍ଚା** ***ବି.*** ବ୍ରାହ୍ମଣ ଓ ପୁରୋହିତ ପ୍ରଭୃତିଙ୍କୁ ବିଶେଷ କର୍ମପାଇଁ ଦିଆଯାଉଥିବା ଚାଉଳ, ଡାଲି, ପରିବା ଆଦି ସଂଚା ।

**ଛଞ୍ଚାଣ** ***ବି.*** ଚିଲ ଜାତୀୟ ଏକ ଶିକାରୀ ପକ୍ଷୀ ।

**ଛଞ୍ଚିବା** ***କ୍ରି.*** ୧. ସଞ୍ଚିବା, ସଞ୍ଚୟ କରିବା ୨. ଝାଡ଼ା ଫେରିବା ପରେ ମଳଦ୍ୱାର ଧୋଇବା ।

**ଛଟ୍(ପୂଜା)** ***ବି.*** ନଈ ବା ଜଳାଶୟ ପାଖରେ *ବିଶେ.* ଉତ୍ତର ଭାରତୀୟମାନେ କରୁଥିବା ପୂଜା।

**ଛଟ୍‌କା** ***ବି.*** ଢଗ ।

**ଛଟ୍‌କିବା** ***କ୍ରି.*** ୧. ଯନ୍ତ୍ରଣା ଯୋଗୁଁ ହାତ ଗୋଡ଼ ଛାଟିବା ୨. ଛଟପଟ ହେବା ।

**ଛଟକ** ***ବି.*** ସୌନ୍ଦର୍ଯ୍ୟ, ଶୋଭା, ମନୋହର ଭଙ୍ଗୀ, ଚାତୁରୀ ।

**ଛଟକୀ** ***ବି.*** ସୁନ୍ଦରତା ବା ଯୌବନ ଦେଖେଇ ହେଉଥିବା ନାରୀ ।

**ଛଟପଟ** ***ବିଂ.*** କଲବଲ ; ***କ୍ରି.ବିଂ.*** ଯନ୍ତ୍ରଣା ଯୋଗୁଁ ପାଇବା କଷ୍ଟ ।

**ଛଟା** *ବି.* ୧. ଦୀପ୍ତି, ଆଲୋକ ୨. ଶୋଭା, ଝଲକ, ଛଇ ୩. ଚାତୁର୍ଯ୍ୟ, ଚମତ୍କାରିତା ୪. ଛଳନା ୫. ପରିହାସ ; *ବିଂ.* ୧. କୁଟିଳ ବା କରଣି(ଲିପି) ୨. ଛାଟି ଦିଆଯାଇଥିବା ।

**ଛଟାଇ, ଛଟେଇ** *ବି.* ୧. କର୍ତ୍ତନ ୨. ଅନାବଶ୍ୟକ କର୍ମଚାରୀଙ୍କୁ କାର୍ଯ୍ୟରୁ ଅପସାରଣ ।

**ଛଟାଙ୍କି** *ବି.* ଅଶି ତୋଳାବିଶିଷ୍ଟ ସେରକର ଷୋଳ ଭାଗରୁ ଭାଗେ ପରିମାଣ ।

**ଛଟାଫଳ** *ବି.* ଗୁଆଗଛ, ଗୁଆ ।

**ଛଟାଭା** *ବି.* ବିଦ୍ୟୁତ୍, ବିଜୁଳି ଝଟକ ।

**ଛଟାଳି** *ବି.* ଯେ ଛାଟେ, ଛାଟିବା ଲୋକ ।

**ଛଟିଆ** *ବିଂ.* ଭିପ (ଜମି) ।

**ଛଡ଼, ଛଡ଼ି** *ବି.* ୧. ହାତବାଡ଼ି ୨. ବନ୍ଧୁକ ନଳୀରେ ବାରୁଦ ଖୁନ୍ଦିବା କାଠି ୩. ସରୁ ଓ ଲମ୍ବ ଲୁହା ଖାଡ଼ି ବା ଖଡ଼ିକା ।

**ଛଡ଼ା** *ବି.* ୧. ଯେଉଁ ଗାଇ ଛୁଆ ଜନ୍ମ କରି ନ ଥାଏ ୨. ବ୍ୟବଧାନ ୩. ଯୌବନପ୍ରାପ୍ତ ମାଈ ବାଛୁରି; *ଅ.* ବ୍ୟତୀତ ; *ବିଂ.* ବ୍ୟବହାର ପରେ ତ୍ୟକ୍ତ (*ଉଦା.* ଛଡ଼ା ଫୁଲ) ।

**ଛଡ଼ାଇବା** *କ୍ରି.* ୧. କେଶ ଧୋଇ ସଫା କରିବା ୨. ସନ୍ତାନ, ବାଛୁରୀ ପ୍ରଭୃତିଙ୍କୁ ମା' କ୍ଷୀର ଖୋଇବା ଅଭ୍ୟାସ ବନ୍ଦ କରିବା ୩. ହାଜତ, ଜେଲପ୍ରଭୃତିରୁ ମୁକୁଳାଇବା ୪. ଅଭ୍ୟାସ ତ୍ୟାଗ କରାଇବା ୫. ଲୁଗାପଟା, କାଛ ପ୍ରଭୃତିରୁ ଦାଗ ସଫା କରିବା ।

**ଛଡ଼ାଫୁଲ** *ବି.* ଦେବତାଙ୍କଠାରୁ କାଢ଼ି ଅଣାହୋଇଥିବା ବାସିଫୁଲ ।

**ଛଡ଼ି** *ବି.* ୧. ଛଇ, ଭଙ୍ଗୀ ୨. ଛୋଟବାଡ଼ି ୩. ଚାଲିବା ବେଳେ ବ୍ୟବହୃତ ବାଡ଼ି ।

**ଛଣ** *ବି.* ୧. ନଡ଼ା ୨. ଘର ଛାଉଣିରେ ବ୍ୟବହୃତ ଏକ ପ୍ରକାର ଲମ୍ବାଳିଆ ଶୁଖିଲା ଘାସ ।

**ଛଣପଟ** *ବି.* ଶଣ ଗଛ, ଶଣ ଗଛର କାଣ୍ଡରୁ ଜାତ ତନ୍ତୁ, ସନ୍‌ପଟ ।

**ଛଣା** *ବିଂ.* ୧. ପରିଷ୍କୃତ, ଛାଣି ହୋଇଥିବା ୨. ଗରମ ତେଲରେ ଛଣା ହୋଇଥିବା (ଖାଦ୍ୟ) ; *ବି.* ୧. ଛାଣିବାର ଯନ୍ତ୍ର ବା ଉପକରଣ ୨. ଛାଣିବା କାର୍ଯ୍ୟ ।

**ଛଣାଛଣି** *ବି.* ତେଲରେ ଭଜାଭଜି ।

**ଛଣି** *ବି.* ୧. ଛଣପଟର ତନ୍ତୁ ବା ସେଥିରୁ ବଳା ଯାଇଥିବା ଦଉଡ଼ି ୨. ଟଙ୍କା ରଖିବା ଥଳି ୩. ମୋଟା ଲୁହାଛଡ଼ରେ ତିଆରି ଏବଂ ପ୍ରାୟ ଫୁଟେରୁ ଦେଢ଼ ଫୁଟ ଲମ୍ବ ବିଶିଷ୍ଟ ଅସ୍ତ୍ର-ଯେଉଁଥିରେ ପଥର ଅଥବା କାଠ ଫଟାଯାଏ, ଛେନି, ଛେଣି ।

**ଛତ୍‌ନାଇବା** *କ୍ରି.* ୧. କାଠ, ପରିବା ପତ୍ରରେ ଫିମ୍ପି ମାରିବା ୨. ଛତୁ ଉଠିବା ।

**ଛତର୍** *ବି.* ୧. ଦୁର୍ବିପାକ ବେଳେ ମାଗଣା ଭୋଜନ ମିଳୁଥିବା ସ୍ଥାନ ୨. ସଦାବର୍ତ୍ତ, ସଦାଦାନ ୩. ଯେଉଁ ମଠରେ ଭୋଜନ ଦାନ କରାଯାଏ ୪. ଦୁର୍ଗାଙ୍କର ଛତ୍ର ଆଣି ପୂଜା କରିବା ନିମନ୍ତେ ଆୟୋଜିତ ଲୋକ-ଉତ୍ସବ ୫. ସଦାବର୍ତ୍ତ ଜମି ।

**ଛତର୍ ମୁଦି** *ବି.* ଛତ୍ରାକାର ମୁଦି ।

**ଛତରଖିଆ** *ବିଂ. ବି.* ୧. ଯିଏ ଚାରିଆଡେ ବୁଲି ନିଜର ସମ୍ମାନ ହରାଇ ଯେ କୌଣସି ସ୍ଥାନରୁ ମାଗି ଖାଏ, *ସ୍ତ୍ରୀ.* ଛତରଖାଇ ୨. ବଢ଼ି, ମରୁଡ଼ି, ଦୁର୍ଭିକ୍ଷ ବେଳେ ଦିଆଯାଉଥିବା ଛତର ବା ରିଲିଫ୍ ଖାଦ୍ୟ ଖାଉଥିବା (ଲୋକ) ।

**ଛତରଛାଉଳ** *କ୍ରି.ବିଂ.* ୧. ବ୍ୟତିବ୍ୟସ୍ତ ୨. ଖୋଲାମେଲା ୩. ଲୁହ ସିଙ୍ଘାଣି ମିଶାମିଶି (କାନ୍ଦିବା) ।

**ଛତରା** *ବିଂ.* ୧. ବାରବୁଲା ୨. ଅଭଦ୍ର ୨. ଛତା ପରି ବିସ୍ତାରିତ *ସ୍ତ୍ରୀ.* ଛତରୀ ।

**ଛତରାକଥା** *ବି.* ଅଶାଳୀନ କଥା, ଅମାର୍ଜିତକଥା, ଅସଭ୍ୟକଥା, ଦୋଅକ୍ଷରିକଥା ।

**ଛତରି** *ବି.* ୧. ବର୍ଷାରୁ ମୁଣ୍ଡକୁ ରକ୍ଷାକରିବା ସକାଶେ ବ୍ୟବହୃତ ତାଳପତ୍ର ନିର୍ମିତ ବଡ଼, ଗୋଲାକାର ଟୋପି ବିଶେଷ ୨. ବେଣ୍ଟ ଲାଗି ନଥିବା ଛତା ।

**ଛତା** *ବି.* ଖରା ବର୍ଷାରୁ ରକ୍ଷା ପାଇବା ପାଇଁ ବ୍ୟବହୃତ ଛତ୍ର, ଆତପତ୍ର ।

**ଛତା ଆଡ଼ିବା** *କ୍ରି.* ନିଜକୁ ରକ୍ଷା କରିବା ।

**ଛତା ଜର୍‌ବା** *କ୍ରି.* ହାଣ୍ଡି ମାରାକରିବା ।

**ଛତା ଧରିବା** *କ୍ରି.* ୧. ତୋଷାମଦ କରିବା ୨. ଆଢୁଆଳ କରିବା ୩. ଅନ୍ୟକୁ ଖୁସି କରିବାକୁ ସେବା କରିବା ।

**ଛତା ମାର୍‌ବା** *କ୍ରି.* ଗାଡ଼ି ପଲଟିଯିବା, ଓଲଟି ଯିବା ।

**ଛତି, ଛତ୍ରି** *ବି.* ୧. ଛତୁ, ଛତି ୨. ଛତ୍ର, ବଡ଼ ଛତା ୩. ପାଲିଙ୍କି ବା ରଥର ଆଚ୍ଛାଦନ ।

**ଛତିଆ** *ବି.* ଜିଭ ଉପରେ ବସିଥିବା ଧଳାମଳି, ଧଳାଫିମ୍ପି ।

**ଛତିଆନା** *ବି.* ସପ୍ତଛଦ ବା ସପ୍ତପର୍ଣ୍ଣୀ ଗଛ ଓ ତାର ଫୁଲ, ଛତୁଅରି ।

**ଛତି ଉଡ଼ାଇବା** *କ୍ରି.* ୧. ସ୍ୱନାମ ପ୍ରଚାର କରିବା, ଗୁଣଗାନ କରିବା ୨. ଅନ୍ୟର ବଡ଼େଇ ବା ଗର୍ବ ଭାଙ୍ଗିବା ।

**ଛତିଶପାଟକ** *ବି.* ପାରମ୍ପରିକ କୌଳିକ ବୃତ୍ତି ଅବଲମ୍ବନ କରୁଥିବା ଛତିଶ ପ୍ରକାର ଗୋଷ୍ଠୀ ।

**ଛତିଶା ନିଯୋଗ *ବି.*** ଶ୍ରୀଜଗନ୍ନାଥ ମନ୍ଦିରର ସେବା ପୂଜାପାଇଁ ସର୍ବ ପ୍ରଥମେ ନିଯୁକ୍ତ ୩୬ ଶ୍ରେଣୀର ସେବକ ।

**ଛତୁ *ବି.*** ୧. ଯଅ, ବୁଟ ଆଦିରେ ତିଆରି ଚୂନା, ଛତୁଆ ୨. ଛତି, ମାଟି, କାଠ, ପାଳ ପ୍ରଭୃତିରୁ ଜନ୍ମୁଥିବା ପଚନଶୀଳ ଉଦ୍ଭିଦ, ମସୁରୁମ୍, ଫଙ୍ଗସ୍ ।

**ଛତୁଆ *ବି.*** ଭଜା ବୁଟ, ଯବ, ଚାଉଳ ଆଦିର ଚୂନାରେ ପ୍ରସ୍ତୁତ ଖାଦ୍ୟବିଶେଷ ।

**ଛତୁଆଳ *ବି.*** ବିଶିଷ୍ଟ ବ୍ୟକ୍ତିଙ୍କ ଛତା ଧରିବା ଲୋକ ।

**ଛତୁଫୁଟା କାଠ *ବି.*** କୌଣସି ବସ୍ତୁ ଅଦରକାରୀ ବା ମୂଲ୍ୟହୀନ ହେବା ଅବସ୍ଥା ।

**ଛତୁର *ବି.*** ବେଣ୍ଟ ନ ଥିବା ତାଳପତ୍ର ବା ଅନ୍ୟ ପତ୍ର ଓ ବାଉଁଶ ତିଆରି ଛତା ।

**ଛତ୍ର *ବି.*** ୧. ଛତର ୨. ଅକ୍ଷର ପଂକ୍ତି ୩. ମେଳା ୪. ଆତପତ୍ର, ଛତା ୫. ଆଚ୍ଛାଦନ ।

**ଛତ୍ରକ, ଛତ୍ରାକ *ବି.*** ଛତୁ, ଛତି ।

**ଛତ୍ରଖିଆ *ବିଂ.*** ଛତରଖିଆ, ମାଗିଖିଆ, ଭିକାରୀ, ଯେ ଛତରରେ ଖାଏ ।

**ଛତ୍ରଧର, ଛତ୍ରଧାର,ଛତ୍ରଧାରୀ *ବିଂ.*** ଛତାଧରା, ଯେ ଛତ୍ର ଧାରଣ କରେ ; ***ବି.*** ସମ୍ରାଟ୍ ।

**ଛତ୍ରପତି *ବି.*** ରାଜଚକ୍ରବର୍ତ୍ତୀ, ରାଜା ।

**ଛତ୍ରପତ୍ର *ବି.*** ୧. ସ୍ଥଳପଦ୍ମ ୨. ଭୂର୍ଜପତ୍ର, ଭୂର୍ଜଗଛ ।

**ଛତ୍ରଭଙ୍ଗ *ବି.*** ୧. ଯୁଦ୍ଧରେ ହାରି ପୃଷ୍ଠଭଙ୍ଗ ଦେବା, ଯୁଦ୍ଧରେ ହାରି ପଳାଇବା ୨. ଭୟରେ ପଳାଇଯିବା ।

**ଛତ୍ରି, ଛତ୍ରୀ *ବି.*** ୧. ବଡ଼ ଓ ବିସ୍ତାରିତ ଆକାରର ଛତା ୨. ଭଣ୍ଡାରି, ବାରିକ ୩. ଯୋଦ୍ଧା, ବୀର ; ***ବିଂ.*** ଛତ୍ରଧାରୀ, ଛତାଧରାଳି ।

**ଛଦ୍‌ମିବା *କ୍ରି.*** ନିଜକୁ ଅତ୍ୟନ୍ତ ସୁନ୍ଦର ବା ବଡ଼ ମନେକରି ସେଭଳି ବ୍ୟବହାର କରିବା ।

**ଛଦନ *ବି.*** ୧. ଆଚ୍ଛାଦନ ୨. ପତ୍ର ୩. ତେଜପତ୍ର ୪. ପକ୍ଷ ।

**ଛଦାମ୍ *ବି.*** ପୂର୍ବେ ପ୍ରଚଳିତ ଏକ ପଇସାର ଏକ ଚତୁର୍ଥାଂଶ ; ***ବିଂ.*** ଅତିଅଳ୍ପ, ଟିକିଏ ।

**ଛଦ୍ମ *ବି.*** ଛଳ, କପଟ ।

**ଛଦ୍ମବେଶ *ବି.*** ପ୍ରତାରଣା କରିବା ନିମିତ୍ତ ଯେଉଁ ବେଶ ଧାରଣ କରାଯାଏ, କପଟବେଶ ।

**ଛଦ୍ମୀ, ଛଦ୍ମବେଶୀ *ବିଂ.*** ଯେ ଛଦ୍ମବେଶ ଧରିଥାଏ ।

**ଛଦ୍ମମ *ବି.*** ଛନ୍ଦ, କପଟ, ଛଳନା ।

**ଛନ୍ *ବି.*** ୧. କ୍ଷଣ ୨. ସନ୍, ଝୋଟ ।

**ଛନ୍‌କି, ଛନ୍‌କୀ *ବିଂ.*** ଅତି ଅସ୍ଥିର ବା ଚଞ୍ଚଳ ସ୍ୱଭାବର (ସ୍ତ୍ରୀଲୋକ) ।

**ଛନ୍‌କିବା *କ୍ରି.*** କୁଲାରେ ପାଛୁଡ଼ିବା ।

**ଛନ୍‌କେ *କ୍ରି.ବିଂ.*** ହଠାତ୍, କ୍ଷଣକେ ।

**ଛନ୍‌ଛନ୍‌କେ *କ୍ରି.ବିଂ.*** କ୍ଷଣକୁ କ୍ଷଣ, ବାରମ୍ବାର, ଥରକୁ ଥର ।

**ଛନ୍‌ଡ଼ିବା *କ୍ରି.*** ପିଚ୍ଛିଳ ସ୍ଥାନରେ ପାଦ ଖସିବା ।

**ଛନ *ବି.*** ଡରାଣ, ଡର ।

**ଛନକା *ବି.*** ହଠାତ୍ ଜାତ ଭୟ, ଉଦ୍‌ବେଗ ।

**ଛନଛନ *ବିଂ.*** ଆଶଙ୍କା ଯୋଗୁଁ ଚଞ୍ଚଳ ବା ଉଦ୍‌ବିଗ୍ନ, ପ୍ରତୀକ୍ଷା ଯୋଗୁଁ ଚଳଚଞ୍ଚଳ ବା ଅସ୍ଥିର ଭାବ ।

**ଛନଛନିଆ *ବିଂ.*** ୧. ସତେଜ ୨. ସୁକୁମାର ୩. ସୁନ୍ଦରିଆ ୪. କଉତୁକିଆ ।

**ଛନେ *ବିଂ.*** କ୍ଷଣେ, ଟିକିଏ ।

**ଛନ୍ଦ *ବି.*** ୧. ପଦ୍ୟବନ୍ଧ, ଯଥା- ଆଶାବରୀ, ବଙ୍ଗଳାଶ୍ରୀ ପ୍ରଭୃତି ୨. ଅଭିପ୍ରାୟ, ଅଭିଳାଷ ୩. ବଶତା ୪. କପଟ ୫. ବନ୍ଧନୀ ୬. ଛନ୍ଦଣି ୭. ଛଟକ ।

**ଛନ୍ଦକ୍ ଛନ୍ଦା *ବିଂ.*** ଗେଲବସର ।

**ଛନ୍ଦଣି *ବି.*** ଦୁଧ ଦୁହିଁବାବେଳେ ଗାଇ ଗୋଡ଼ବନ୍ଧା ଦଉଡ଼ି ।

**ଛନ୍ଦପତନ *ବି.*** ୧. ଛନ୍ଦଭଙ୍ଗ, ପଦ୍ୟ ବା କବିତାରେ ନିୟମ ବା ମାତ୍ରାର ଦୋଷ ୨. ଛନ୍ଦପାତ, ଛନ୍ଦର ମେଳ ।

**ଛନ୍ଦସ୍, ଛନ୍ଦଃ *ବି.*** ୧. ଛନ୍ଦ ୨. ବେଦ ।

**ଛନ୍ଦା *ବି.*** ୧. ପରସ୍ପର ସମ୍ପୃକ୍ତି ୨. ବହୁ ମାର୍ଗର ଛକ ୩. ଗାଇ ଗୋଡ଼ ବନ୍ଧା ଦଉଡ଼ି, ଛନ୍ଦଣି ୪. ଦଳ ପ୍ରଭୃତି ପରିଷ୍କାର କରି ପୋଖରୀରେ ବ୍ୟବହାର ପାଇଁ ପ୍ରସ୍ତୁତ ଘାଟ ୫. ନଈର ଏ କୂଳରୁ ଅନ୍ୟକୂଳକୁ ଯିବାପାଇଁ ପ୍ରବେଶବାଟ ; ***ବିଂ.*** ଛନ୍ଦି ହୋଇଥିବା, ଗ୍ରଥିତ, ଆବଦ୍ଧ ।

**ଛନ୍ଦାଚରଣ *ବି.*** ୧. ଏକ ନିର୍ଦ୍ଦିଷ୍ଟ ଭଙ୍ଗୀରେ ଦୁଇ ପାଦକୁ ଛନ୍ଦିବା ୨. କୃଷ୍ଣ ।

**ଛନ୍ଦାଛନ୍ଦି *କ୍ରି.ବିଂ.*** ଲତା, ଦଉଡ଼ି ପ୍ରଭୃତି ପରସ୍ପର ଗୁଡ଼େଇ ହେବା, ନିବିଡ଼ ଭାବରେ ସମ୍ପୃକ୍ତି ଥିବା ।

**ଛନ୍ଦାନୁଗମନ, ଛନ୍ଦାନୁସରଣ *ବି.*** ୧. ଛନ୍ଦ ନିୟମ ମାନି ଲେଖିବା ୨. ଆପଣାର ଇଚ୍ଛାନୁସାରେ ଚଳିବା ।

**ଛନ୍ଦାନୁବର୍ତ୍ତୀ *ବିଂ.*** ୧. ଯେ ପରର ମନ ନେଇ ଚଳେ ୨. ଯେ ଛନ୍ଦ ଅନୁସରଣ କରେ ।

**ଛନ୍ଦାବନ୍ଧା** ***ବି.*** ୧. ସମ୍ପତ୍ତି ବା ଦ୍ରବ୍ୟର ବନ୍ଧକ ୨. ବାହାଘର ବେଳେ ବରପକ୍ଷରୁ ପ୍ରଦତ୍ତ ଚାନ୍ଦା ।

**ଛନ୍ଦିଜାଲ** ***ବି.*** ଛୋଟ ଆକାରର ଭଉଁରୀ ଜାଲ, ମାଛଧରା ଜାଲ ବିଶେଷ ।

**ଛନ୍ଦୋଗ୍** ***ବି.*** ସାମବେଦ ଗାୟକ, ସାମବେଦଜ୍ଞ ।

**ଛନ୍ଦୋବଦ୍ଧ** ***ବିଂ.*** ଛନ୍ଦ ଆକାରରେ ଗ୍ରଥିତ ବା ରଚିତ ।

**ଛନ୍ନ** ***ବିଂ.*** ୧. ଗୁପ୍ତ ୨. ନିର୍ଜନସ୍ଥ ୩. ଆଚ୍ଛାଦିତ, ଲୁପ୍ତ, ନଷ୍ଟ; ***ବି.*** ୧. ନିର୍ଜନସ୍ଥାନ ୨. ଦୁଃଖ ।

**ଛନ୍ନତା** ***ବି.*** ବିମୂଢ଼ତା, ବୁଦ୍ଧିଭ୍ରଂଶ, ହତବୁଦ୍ଧିତା ।

**ଛନ୍ନମତି** ***ବିଂ.*** ବୁଦ୍ଧି ହରାଇଥିବା, ଲୁପ୍ତବୁଦ୍ଧି, ବୁଦ୍ଧିଭ୍ରଷ୍ଟ ।

**ଛପ୍‌ଲିବା** ***କ୍ରି.*** ତରଳ ପଦାର୍ଥ ସମତଳ ଭୂମିରେ ପଡ଼ି ସବୁଆଡ଼େ ବ୍ୟାପି ଯିବା, ଚପ୍‌ଲିବା, ବ୍ୟାପିଯିବା, ମାଡ଼ିଯିବା ।

**ଛପର** ***ବି.*** ଘରର ଚାଳ, ଘରର ଆବରଣ ।

**ଛପା** ***ବି.*** ୧. ତାଳପତ୍ର ତିଆରି ଆସନ, ବାଉଁଶ ପାତିଆରେ ବୁଣା ପଟି ବା ଆସନ, ଚଟେଇ ୨. ମୁଦ୍ରଣ ୩. ଲୁଚେଇବା; ***ବିଂ.*** ୧. ମୁଦ୍ରିତ ୨. ଗୁପ୍ତ ୩. **ଛପା ହୋଇଥିବା** ।

**ଛପାଇ, ଛପେଇ** ***ବି.*** ୧. **ଛପା କାର୍ଯ୍ୟ,** ମୁଦ୍ରଣ ୨. କାଛ ପ୍ରଭୃତିର ପଲସ୍ତରା କାର୍ଯ୍ୟ ; ***ବିଂ.*** ୧. ମୁଦ୍ରିତ, ଛାପା ହୋଇଥିବା ୨. ପଲସ୍ତରା ହୋଇଥିବା ।

**ଛପାଇବା, ଛପେଇବା** ***କ୍ରି.*** ୧. ମୁଦ୍ରଣ କରାଇବା ୨. ଲୁଚେଇବା ୩. ଗଡ଼ପ କରିବା, ହଡପ କରିବା ।

**ଛପିବା** ***କ୍ରି.*** ଲୁଚିବା, ଲୁପ୍ତହେବା ।

**ଛପିଯିବା** ***କ୍ରି.*** ଲେଖିବା ବେଳେ କାଗଜରେ ସ୍ୟାହି ବ୍ୟାପିଯିବା ।

**ଛବି** ***ବି.*** ୧. ଚିତ୍ର, ପ୍ରତିକୃତି ୨. ଦୀପ୍ତି, ଉଜ୍ଜ୍ୱଳତା ୩. ଶୋଭା ୪. ଭାବମୂର୍ତ୍ତି ।

**ଛବିଳ** ***ବିଂ.*** ୧. ଚିତ୍ରଯୁକ୍ତ, ଚିତ୍ରଭରା ୨. ଚିତ୍ର / **ଛବିଥିବା** ***ସ୍ତ୍ରୀ.*** ଛବିଳା ।

**ଛବିଲା** ***ବି.*** ମସଲାଭାବେ ବ୍ୟବହୃତ ଏକ ପ୍ରକାର ଚେର ; ***ବିଂ.*** ବିବିଧ ବର୍ଣ୍ଣଯୁକ୍ତ, ଛଉଛଉକା ।

**ଛମଣ୍ଡ** ***ବି.*** ଅନାଥ, ଅରକ୍ଷିତ, ପିତୃହୀନ(ବାଳକ), ଛେଉଣ୍ଡ (***ସ୍ତ୍ରୀ.*** ଛମଣ୍ଡୀ) ।

**ଛର୍‌ରା** ***ବି.*** ବନ୍ଧୁକର ଛୋଟ ଗୁଳି ସମୂହର କାର୍ତ୍ରିଜ୍ ।

**ଛରା** ***ବି.*** ୧. ଚନ୍ଦନ ଛିଟା, ଛେରା ୨. ଗୋବର ପାଣିର ଛେରା ୩. ଖଟର ଖୁରା ।

**ଛରାବା** ***କ୍ରି.*** ଚାଉଳକୁ ଅଧିକ ସଫା କରିବାପାଇଁ ପୁନର୍ବାର କୁଟାଇବା ।

**ଛଳ** ***ବି.*** ୧. କପଟପଣ, ଶଠତା, ପ୍ରତାରଣା ୨. ଚାତୁରୀ ୩. ବାକ୍ୟଦୂଷଣ ବିଶେଷ, ବକ୍ତା ଯେଉଁ ଶବ୍ଦ ଓ ଯେଉଁ ଅର୍ଥ ପ୍ରୟୋଗ କରନ୍ତି ସେହି ଶବ୍ଦର ସେ ଅର୍ଥ ଗ୍ରହଣ ନ କରି ତାହାର ବିପରୀତ ଅର୍ଥ କଳ୍ପନା କରି ପ୍ରତିବାଦୀ ଯେଉଁ ମିଥ୍ୟା ଦୋଷାରୋପ କରନ୍ତି ।

**ଛଳଛଳ** ***ବିଂ.*** ଲୁହରେ ଭର୍ତ୍ତି (ଆଖି), ଉଚ୍ଛୁଳୁମୁଚ୍ଛୁଳୁ, ପାଣିଭର୍ତ୍ତି ।

**ଛଳନ, ଛଳନା** ***ବି.*** ଯାହା ନୁହେଁ ତାହା ଦେଖାଇବା, ମିଥ୍ୟାର ଆଶ୍ରୟ ନେବା, ପ୍ରତାରଣା, ଶଠତା ।

**ଛଳାଇବା, ଛଳେଇବା** ***କ୍ରି.*** ୧. ଛଳନା କରିବା, ଛଳନା କରି କହିବା ୨. ମନକୁ ବାଧିବା ଭଳି ବଙ୍କେଇ କହିବା ।

**ଛଲ୍‌କା** ***ବି.*** ୧. ଜଳଲହରୀ, ତରଙ୍ଗ ୨. ଉଚ୍ଛୁଳି ପଡ଼ିବା ।

**ଛଲ୍‌କିବା** ***କ୍ରି.*** ଉଚ୍ଛୁଳିବା, ଚହଲିବା, ଛିଡ଼ିକିବା ।

**ଛଳକାଏ** ***ବିଂ.*** ଥରକରେ ବାହାରି ଆସୁଥିବା କିମ୍ବା ବହି ଆସୁଥିବା (ପାଣି ବା ତରଳ ପଦାର୍ଥ) ।

**ଛଲେଇବା** ***କ୍ରି.*** ଅସ୍ତ୍ରଦ୍ୱାରା ମୃତଜନ୍ତୁର ଛାଲ ବା ଚର୍ମ ବାହାର କରିବା, ଛେଲେଇବା ।

**ଛଲୋ** ***ବି.*** ପୁରୁଷର ଯୌନାଙ୍ଗ ।

**ଛଲ୍ଲି, ଛଲ୍ଲୀ** ***ବି.*** ଛାଲି, ଛେଲି, ତ୍ୱକ୍, ଛାଲ ।

**ଛାଁକ୍** ***ବି.*** ୧. ଥରକରେ କରାଯାଉଥିବା ବା ହେଉଥିବା କାର୍ଯ୍ୟ ୨. ଥରକରେ ପିଆ ହେବା ମଦ ୩. ଅଳ୍ପ ସମୟ ନିଘୋଡ଼ ନିଦ ।

**ଛାଁକୁ ଛାଁ** ***କ୍ରି.ବିଂ.*** ଆପେ ଆପେ, ମନକୁ ମନ, ସ୍ୱତଃ ।

**ଛାଁଟ୍** ***ବି.*** ୧. ଆଦବ କାଇଦା ୨. ସିଧା ; ***ବିଂ.*** ୧. ସିଧା, ସଳଖ ୨. ସଳଖ ସୁନ୍ଦର, ଡଉଲଡାଉଲ ।

**ଛାଁଟ୍‌କାଁଟ୍** ***ବି.*** ୧. ରଙ୍ଗଢଙ୍ଗ, ଚାଲିଚଳଣ ୨. କାଟ୍ ଛାଁଟ୍, ସଂକ୍ଷିପ୍ତୀକରଣ ।

**ଛାଁଟ୍‌ପାଟ୍** ***ବିଂ.*** ସଳଖସୁନ୍ଦର, ଫିଟ୍‌ଫାଟ୍ ।

**ଛାଆଣି, ଛାଉଣି** ***ବି.*** ୧. ଆଚ୍ଛାଦନ, ଛପରବନ୍ଦି ୨. ପତଳା ଧାତୁ ପାତିଆର ବିନ୍ୟାସ ।

**ଛାଆଣିଆ, ଛାଆଳି** ***ବିଂ.*** ଯେ ଛାଏ ବା ଆଚ୍ଛାଦନ କରେ ।

**ଛାଇ** ***ବି.*** ୧. କୌଣସି ବସ୍ତୁରେ ଆଲୋକ ବାଧାପ୍ରାପ୍ତ ହୋଇ ସୃଷ୍ଟି ହେଉଥିବା କଳାରଙ୍ଗର ଆକୃତି, ଛାୟା ୨. ପ୍ରତିବିମ୍ବ ୩. ଆଶ୍ରୟ ।

**ଛାଇଛାଇଆ** ***ବିଂ.*** ୧. ଛାଇ ଏବଂ ଆଲୁଅ ପାଖାପାଖି ରହିଥିବା ୨. ସୂର୍ଯ୍ୟର ତାପ ବାଧୁ ନ ଥିବା (ପାଗ) ।

**ଛାଇନିଦ** ***ବି.*** ଅଧାଶୁଆ ଅବସ୍ଥା, ନିଦ୍ରାର ପ୍ରଥମ ଅବସ୍ଥା, ଗାଢ଼ ନିଦ ହୋଇ ନ ଥିବା, **ଅବସ୍ଥା,** ତନ୍ଦ୍ରା, ହାଲକା ବା ପତଳା ନିଦ ।

**ଛାଇବା** ***କ୍ରି.*** ଆଚ୍ଛାଦିତ ବା ଛାଆଣି କରିବା, ଘର ଛପର କରିବା ।

**ଛାଇଯିବା** ***କ୍ରି.*** ୧. ଭର୍ତ୍ତି ହୋଇଯିବା, ବ୍ୟାପକ ହେବା ୨. ଅଧିକ ସଂଖ୍ୟାରେ ହେବା ।

**ଛାଇ ଲେଉଟ, ଛାଇ ଲେଉଟାଣି** ***ବି.*** ଉପର ବେଳା, ଅପରାହ୍ଣର ଆରମ୍ଭ ବେଳା ।

**ଛାଉଣି** ***ବି.*** ୧. ଛପରବନ୍ଦି ୨. ସୈନ୍ୟଶିବିର ୩. ତମ୍ବୁ ୪. ତବଲା, ମୃଦଙ୍ଗ ପ୍ରଭୃତି ତାଳ ବାଦ୍ୟଯନ୍ତ୍ରର ଚମଡ଼ା ଆବରଣ ।

**ଛାଉଳ, ଛାଉଳି** ***ବି.*** ୧. ପରିହାସ, ରସିକତା, ଟାପରା ୨. କପଟ ବ୍ୟବହାର ।

**ଛାଏଁ** ***ଅ.*** ୧. ନିଜେ, ସ୍ୱୟଂ, ସ୍ୱତଃ ; ***କ୍ରି.ବିଂ.*** ନିଜ ଇଚ୍ଛାରେ, ମନକୁ, ବିନା ଚେଷ୍ଟାରେ, ବିନା ସାହାଯ୍ୟରେ ।

**ଛାଙ୍କ ମାରିବା** ***କ୍ରି.*** ସୁବିଧା ହାସଲ କରିବା ।

**ଛାଙ୍କିବା** ***କ୍ରି.*** ଘିଅ ବା ତେଲରେ ଭାଜିବା ବା ଛାଣିବା ।

**ଛାଗ, ଛାଗଳ** ***ବି.*** ଛେଳି, ଅଜ ।

**ଛାଙ୍ଗ୍‌ଚି** ***ବି.*** ଢାଙ୍କୁଣି ଥାଇ ଛୋଟ ଟୁପୁଲି ବା ପାଛିଆ ।

**ଛାଚି** ***ବି.*** ୧.କନ୍ଦ, ନବାତ, ସାଚି ୨. ଘର ଚାଳର ଶେଷ ଭାଗ, ଓଳିର ନିମ୍ନଭାଗ ।

**ଛାଞ୍ଚ** ***ବି.*** ୧. ଯାହା ଆଧାରରେ କୌଣସି ବସ୍ତୁ ତିଆରି ହୁଏ ୨. ଆଦର୍ଶ ୩. ଫର୍‌ମା ବା ଠସା ।

**ଛାଞ୍ଚୁଆ** ***ବିଂ.ବି.*** ଛାଞ୍ଚ ତିଆରି କରୁଥିବା ଲୋକ ।

**ଛାଞ୍ଚୁଣି** ***ବି.*** ଘରର ଚଟାଣ ସଫା କରିବା ପାଇଁ ଖଜୁରି ପତ୍ର ଅଥବା ଲମ୍ବା ଘାସ ତିଆରି ଉପକରଣ, ବାଢୁଣି , ବାଢୁନ୍, ନରମା ଝାଡୁ ।

**ଛାଟ୍, ଛାଟ୍** ***ବିଂ.*** ୧. ସଳଖ, ସିଧା ୨. ସରଳ ।

**ଛାଟ** ***ବି.*** ୧. ନହକା ବାଡ଼ି ୨. ବର୍ଷାର ତେର୍‌ଛା ଛିଟିକା ।

**ଛାଟ, ଛାଟଣି** ***ବି.*** ୧. ଚାବୁକ, ବେତ ୨. ବେତମାଡ଼ ୩. ପବନ ମାଡ଼ ଯୋଗୁଁ ତେର୍‌ଛାଭାବରେ ପଡୁଥିବା ବର୍ଷାପାଣି, ଛିଚା ।

**ଛାଟି** ***ବି.*** ଲମ୍ବା ଦଉଡ଼ି ।

**ଛାଟିଆ** ***ବି.*** ୧. ଚଉକିଆ ୨. ରାଜନୀତିକ ଦଳର କାର୍ଯ୍ୟଟଦାର, ହ୍ୱିପ୍ ।

**ଛାଟିପିଟି ହେବା** ***କ୍ରି.*** ୧. କଷ୍ଟ ଯୋଗୁଁ ବା ଅନ୍ୟ କୌଣସି କାରଣରୁ ହାତଗୋଡ଼ ଛାଟି ହେବା, ଅସ୍ତବ୍ୟସ୍ତ ହେବା ୨.ଅସହାୟ ବୋଧ କରିବା ।

**ଛାଟିବା** ***କ୍ରି.*** ୧. ତରଳ ପଦାର୍ଥ ଫୋପାଡ଼ିବା ୨. ତିର୍ଯ୍ୟକ୍ ଗତିରେ ପଡ଼ିବା ୩. କାଛ ପ୍ରଭୃତି ତିଆରି ବେଳେ ହାତ ବା କରଣି ସାହାଯ୍ୟରେ ଓଦାମାଟି ନିକ୍ଷେପ କରିବା ।

**ଛାଟେଛାଟ୍** ***କ୍ରି.ବିଂ.*** ସିଧାସଳଖ ।

**ଛାଡ଼ୁରି** ***ବିଂ.*** ଯେଉଁ ସ୍ତ୍ରୀକୁ ସ୍ୱାମୀ ପରିତ୍ୟାଗ କରିଥାଏ, ଛାଡ଼ପତ୍ର ପାଇଥିବା ସ୍ତ୍ରୀ (*ପୁଂ.* ଛାଡ୍‌ରା) ।

**ଛାଡ଼** ***ବି.*** ୧. ମାଫି, ରିଆତି ୨. ମୁକ୍ତି ୩. ଅନୁମତି ୪. ବିଚ୍ଛେଦ ୫. ବ୍ୟବଧାନ ।

**ଛାଡ଼ଖାଇ** ***ବି.*** ୧. କାର୍ତ୍ତିକ ବ୍ରତ ପରେ କାର୍ତ୍ତିକ ପୂର୍ଣ୍ଣିମାର ପରଦିନ ଆମିଷ ନିରାମିଷ ନିର୍ବିଶେଷର ଭୋଜନ ବିଶେଷ ୨. କୌଣସି ଦୀର୍ଘକାଳୀନ ବ୍ରତ ପ୍ରଭୃତି ପରେ ଆମିଷ ଭୋଜନ ୩. ହବିଷିଆଳିମାନଙ୍କ ବ୍ରତ ଉଦ୍‌ଯାପନ ପରଦିନ ଛାଡ଼ିଥିବା ଖାଦ୍ୟ ଦ୍ରବ୍ୟରେ ପ୍ରସ୍ତୁତ ଭୋଜନ ।

**ଛାଡ଼ପତ୍ର** ***ବି.*** ୧. ସ୍ୱାମୀ ସ୍ତ୍ରୀ ମଧ୍ୟରେ ବିବାହ ବିଚ୍ଛେଦ, ବିବାହ ବିଚ୍ଛେଦର ପ୍ରମାଣପତ୍ର ୨. ଅଟକ ବା ଜବତ ନ କରି ଛାଡ଼ି ଦେବାର ସରକାରୀ ଆଦେଶପତ୍ର ।

**ଛାଡ଼ବାଡ଼** ***ବି.*** ୧. ସାମାଜିକ ବା ବ୍ୟକ୍ତିଗତ ସମ୍ପର୍କ ଭାଙ୍ଗିଯିବା ୨. ବିଚ୍ଛେଦ ।

**ଛାଡ଼ରା** ***ବି.ବିଂ.*** ୧. ଯେଉଁ ପୁରୁଷକୁ ସ୍ତ୍ରୀ ପରିତ୍ୟାଗ କରିଥାଏ, ସ୍ତ୍ରୀଠାରୁ ଛାଡପତ୍ର ପାଇଥିବା ଲୋକ ୨. କୌଣସି ଅଭ୍ୟାସ ବା ନିୟମିତ କରାଯାଉଥିବା କାର୍ଯ୍ୟର ନିୟମିତତା ଭାଙ୍ଗିଯିବା ।

**ଛାଡ଼ରା ପାଗ** ***ବି.*** ଲଗାଣ ବର୍ଷାର ବିରାମ ପରର ପାଗ ।

**ଛାଡ଼ିକରି** ***କ୍ରି.ବିଂ.*** ୧. ବ୍ୟବଧାନ ରଖି, ଛାଡ଼ି ଛାଡ଼ି ୨. ଜୋରରେ, ଏକାଥରକେ ।

**ଛାଡ଼ିଛାଡ଼ିକା** ***କ୍ରି.ବିଂ.*** ପରସ୍ପର ଭିତରେ ବ୍ୟବଧାନ ରଖି ।

**ଛାଡ଼ିଦେବା** ***କ୍ରି.*** ୧. ମୁକୁଳାଇବା ୨. ବନ୍ଦୀ ବା ବନ୍ଧା ହେବା ଅବସ୍ଥାରୁ ମୁକ୍ତିଦେବା ୩. ଅଭ୍ୟାସ ପରିତ୍ୟାଗ କରିବା ୪. ଗାଈ ଗୋରୁ ପ୍ରଭୃତିଙ୍କୁ ଚରିବା ପାଇଁ ସୁଯୋଗ ଦେବା ୫. ଦଣ୍ଡ ନ ଦେଇ କ୍ଷମା କରିଦେବା ୬. କରୁଥିବା କାମ ଆଉ ନ କରିବା ୭. ସ୍ଥାନ ଦେବା, ବସିବାକୁ ଦେବା ।

**ଛାଡ଼ିବା** ***ବି.*** ୧. ଅଭ୍ୟାସ ଭାଙ୍ଗିବା ୨. ତ୍ୟାଗ କରିବା ୩. ଜମି, ପୋଖରୀ ପ୍ରଭୃତିରୁ ପାଣି ବହି ଯିବା ପାଇଁ ଦେବା ୪. ବନ୍ଦ ହୋଇଯିବା ୫. ଯାନବାହନ ଯୋଗେ ପହୁଞ୍ଚାଇବା ୬. ବିକ୍ରିପାଇଁ ବଜାରକୁ ମାଲ୍ ପଠାଇବା ୭. ନିର୍ଗତ ହେବା, ବାହାରିବା ୮. ମୃତ୍ୟୁ ହେବା ୯. ଜାଣତରେ ବା ଅଜାଣତରେ କୌଣସି ବସ୍ତୁ ସାଙ୍ଗରେ ନ ଆଣିବା ବା ରଖି ଆସିବା ୧୦. ଟ୍ରେନ୍, ବସ୍ ଆଦି ଯାତ୍ରା ଆରମ୍ଭ କରିବା ୧୧. ରଙ୍ଗ ବାହାରିଯିବା ୧୨. ଦାଢ଼ି ନିଶ ନ କାଟି ବଢ଼େଇବା ୧୩. ଜାଆଁଳ ପ୍ରଭୃତି ବଢ଼ିବାପାଇଁ ପୋଖରୀ ଭିତରେ ପୋଷିବା ।

**ଛାଣିବା** ***କ୍ରି.*** ୧. କପଡ଼ା, ଚାଲୁଣି, ଛଣା ପ୍ରଭୃତି ଦେଇ ଅଦରକାରୀ ବସ୍ତୁ ଅଲଗା କରିବା (ଯଥା ଚା' ଛାଣିବା) ୨. ପାଣି ବା ତରଳ ପଦାର୍ଥରୁ କଠିନ ପଦାର୍ଥ ବାହାର କରିବା ୩. ଉପଯୁକ୍ତ ପରୀକ୍ଷାନିରୀକ୍ଷା ପରେ ମନୋନୟନ କରିବା ୪. ଚଲେଇବା ।

**ଛାଣ୍ଟ** ***ବି.*** ଫେସନ, ଢପ ; ***ବିଂ.*** ଫେସନଯୁକ୍ତ ।

**ଛାଣ୍ଟିବା** ***କ୍ରି.*** ୧. ବ୍ୟୟ ସଂକୋଚ କରିବା ୨. ଅନାବଶ୍ୟକ ଅଂଶ କାଟିଦେବା, କତୁରିବା ୩. ବାଛିବା ।

**ଛାତି** ***ବି.*** ୧. ବକ୍ଷ, ବୁକୁ ୨. ସ୍ତନ ୩. ହିମତ୍, ସାହସ ।

**ଛାତି ପତାଇବା** ***କ୍ରି.*** ୧. ମୁକାବିଲାପାଇଁ ଆଗଭର ହେବା ୨. ବିପଦର ସାମ୍ନା କରିବାପାଇଁ ପ୍ରସ୍ତୁତ ରହିବା, ସାହସ କରିବା ।

**ଛାତିଫଟା** ***ବିଂ.*** ୧. ଅତି କରୁଣ, ମର୍ମଭେଦୀ ୨. ଅତି ଦୁର୍ବହ ବା ଦୁଃସହ ।

**ଛାତି ଫାଟିବା** ***କ୍ରି.*** ୧. ତୀବ୍ର କଷ୍ଟ ବା ବିଷାଦ ଅନୁଭବ କରିବା ୨. ଈର୍ଷାନ୍ୱିତ ହେବା ।

**ଛାତ୍ର** ***ବି.*** ଶିକ୍ଷାର୍ଥୀ, ଶିଷ୍ୟ, ପାଠପଢୁଆ ପିଲା (*ସ୍ତ୍ରୀ.* ଛାତ୍ରୀ) ।

**ଛାତ୍ରବୃତ୍ତି** ***ବି.*** ୧. ଛାତ୍ରର ଜୀବିକା ୨. କୃତୀ ଛାତ୍ରର ଉତ୍ସାହ ବୃଦ୍ଧି ପାଇଁ ପାରିତୋଷିକ ସ୍ୱରୂପ ପ୍ରଦତ୍ତ ଆର୍ଥିକ ସାହାଯ୍ୟ ।

**ଛାତ୍ରସଂସଦ** ***ବି.*** **କୌଣସି ଶିକ୍ଷାୟତନର ନିର୍ବାଚିତ ଛାତ୍ରମାନଙ୍କର ସଙ୍ଗଠନ,** ଛାତ୍ର ପରିଷଦ ।

**ଛାତ୍ରାବାସ** ***ବି.*** ଛାତ୍ରମାନଙ୍କର ଏକତ୍ର ରହିବାର ବାସଗୃହ, ହଷ୍ଟେଲ୍, ମେସ୍ ।

**ଛାଦ** ***ବି.*** ଘରର ଆଚ୍ଛାଦନ, ଚାଳ, ଛାତ ।

**ଛାଦକ** ***ବିଂ.ବି.*** ଆଚ୍ଛାଦକ, ଯେ ଘର ଛାଉଣି କରେ, ଯେ ଘରର ଛାଦ ବା ଛାତ ନିର୍ମାଣ କରେ ।

**ଛାଦନ** ***ବି.*** ୧. ଆବରଣ, ଆଚ୍ଛାଦନ ୨. ଘରର ଛାଉଣି ବା ଛାତ ନିର୍ମାଣ, ଘର ଛାଇଁବା ୩. ପତ୍ର ।

**ଛାଦିତ** ***ବିଂ.*** ୧. ଆଚ୍ଛାଦିତ, ଆବୃତ ୨. ଯାହା ଛାଉଣି ହୋଇଅଛ ୩. ଯାହାର ଛାତ ନିର୍ମିତ ହୋଇଅଛି ।

**ଛାନ୍‌ଭିନ୍** ***ବି.*** **ଅନୁସନ୍ଧାନ, ତଦନ୍ତ କାର୍ଯ୍ୟ ।**

**ଛାନିଆ** ***ବିଂ.*** ଅପ୍ରତ୍ୟାଶିତ ଭୟଯୋଗୁଁ ଉଦ୍‌ବିଗ୍ନ ବା ତାଟକା ହୋଇଥିବା ; ***ବି.*** ହଠାତ୍ ଉପସ୍ଥିତ ଭୟଜନିତ ଆବେଗ ।

**ଛାନ୍ଦ** ***ବି.*** ୧. ଅଧ୍ୟାୟ ୨. ପଦ୍ୟଗ୍ରନ୍ଥର ପରିଚ୍ଛେଦ ବିଶେଷ ୩. ରାଗ / ଛନ୍ଦର ଗାନରୀତି ବା ପଦ୍ଧତି ।

**ଛାନ୍ଦସ** ***ବିଂ.*** ବୈଦିକ, ବେଦଜ୍ଞାତ ; ***ବି.*** ବେଦାଧ୍ୟାୟୀ ଛାତ୍ର, ବେଦର ଅଧ୍ୟାପକ (*ସ୍ତ୍ରୀ.* ଛାନ୍ଦସୀ) ।

**ଛାନ୍ଦସିକ** ***ବିଂ.*** ୧. ଛନ୍ଦଃ ସମ୍ବନ୍ଧୀୟ ୨. ଛନ୍ଦଃ ବିଷୟରେ ଅଭିଜ୍ଞ (*ସ୍ତ୍ରୀ.* ଛାନ୍ଦସିକୀ) ।

**ଛାନ୍ଦି ହେବା** ***କ୍ରି.*** (ଦଉଡ଼ି, ଲତା ପ୍ରଭୃତିରେ) ଛନ୍ଦି ହେବା ।

**ଛାନ୍ଦୁଣିମାନ୍ଦୁଣି** ***ବିଂ.*** ଛନ୍ଦାଛନ୍ଦି, ଜଞ୍ଜାଳିଆ ।

**ଛାନ୍ଦୋଗ୍ୟ** ***ବି.*** ବେଦର ଅଂଶ ବିଶେଷ, ଏକ ଉପନିଷଦ ।

**ଛାପ୍‌କିବା** ***କ୍ରି.*** ୧. ପାପୁଲିଦ୍ୱାରା ଘୋଡାଇ ଚାପି ରଖିବା ୨. ଅଧିକାର ଜାହିର କରିବା ।

**ଛାପ** ***ବି.*** ୧. ମୁଦ୍ରା, ଚିହ୍ନ ୨. ଛାପା ୩. ଥୁଥୁ, ଛେପ ; ***କ୍ରି.*** ଛାପାକାମ ବା ମୁଦ୍ରଣ କାମ ।

**ଛାପ ଚିକଣ** ***ବିଂ.*** ସୁନ୍ଦର ।

**ଛାପଛାପକା, ଛାପିଛାପିକା** ***ବିଂ.*** ୧. ନାନା ବର୍ଣ୍ଣରେ ଚିତ୍ରିତ ୨. ଛାଇ ଆଲୁଅ ।

**ଛାପର** ***ବି.*** ୧. ପାଣିଥିବା ଗାଡୁଆ ଜାଗା ୨. ପୋଢ଼ ମଇଁଷି ଗାଧୁଆ ପଙ୍କୁଆ ଜାଗା ।

**ଛାପା** ***ବି.*** ୧. ମୁଦ୍ରଣ, ମୁଦ୍ରିତ ସାମଗ୍ରୀ, ମୁଦ୍ରାଙ୍କନ ୨. ଚିହ୍ନ ୩. **ଛବି,** ଚିତ୍ର ; ***ବିଂ.*** ମୁଦ୍ରିତ, ମୋହରଦିଆ ।

**ଛାପାକଳ** ***ବି.*** ମୁଦ୍ରଣଯନ୍ତ୍ର, ଛାପାଯନ୍ତ୍ର ।

**ଛାପାକାଗଜ** ***ବି.*** ଅକ୍ଷର ଛପା ହୋଇଥିବା କାଗଜ ।

**ଛାପାଖାନା** ***ବି.*** ମୁଦ୍ରଣାଳୟ, ପ୍ରିଣ୍ଟିଙ୍ଗ୍ ପ୍ରେସ୍ ।

**ଛାପିବା** ***କ୍ରି.*** ୧. ଛାପାକାଗଜ ମଡାଇ କାଳି ଶୁଖାଇବା ୨. ମୁଦ୍ରଣ କରିବା ୩. ଅଠା ଦେଇ ଲଟକାଇବା ।

**ଛାମୁ** ***ବି.*** ରାଜା ମହାରାଜାଙ୍କୁ ସମ୍ବୋଧନ ; ***ବିଂ.*** ୧. ସାମନାରେ ଥିବା ୨. ଅଗ୍ର, ସମୀପ ।

**ଛାମୁଆ** ***ବିଂ.*** ସମ୍ମୁଖବର୍ତ୍ତୀ, ଆଗରେଥିବା ; ***ବି.*** ବଡ଼ଲୋକଙ୍କ ପାଖଲୋକ ।

**ଛାମୁକରଣ** ***ବି.*** ରାଜା ବା ଜମିଦାରମାନଙ୍କର ହିସାବପତ୍ର ରଖୁଥିବା କର୍ମଚାରୀ ।

**ଛାମୁଛାଡ଼** ***ବି.*** ୧. ରାଜା ମହାରାଜା ଓ ବିଶିଷ୍ଟ ବ୍ୟକ୍ତିଙ୍କ ସ୍ୱଚ୍ଛନ୍ଦ ଏବଂ ଅବାଧ ପ୍ରବେଶ ବ୍ୟବସ୍ଥା ୨. ନିର୍ବିରୋଧ ଭାବରେ କୌଣସି ସ୍ଥାନକୁ କାହାରି ପ୍ରବେଶ ଅଧିକାର ।

**ଛାମୁଣ୍ଡିଆ, ଛାମୁଡିୟା** ***ବି.*** ମଣ୍ଡପ ଉପରେ ତାଳପତ୍ରରେ ତିଆରି ଆଚ୍ଛାଦନ, ଛାୟାମଣ୍ଡପ, ମୋଡୋ ।

**ଛାମୁଦାନ୍ତ** ***ବି.*** ଉପର ଭାଡ଼ିର ସାମ୍ନା ଦାନ୍ତ ।

**ଛାର୍ ଖାଇଯିବା, ଛାର୍‌ଖାର ହୋଇଯିବା** ***କ୍ରି.*** ସମ୍ପୂର୍ଣ୍ଣଭାବେ ଧ୍ୱଂସ ବା ନଷ୍ଟ ହୋଇଯିବା ।

**ଛାୟା** *ବି.* ୧. ଛାଇ ୨. ପ୍ରତିବିମ୍ବ ୩. ସୂର୍ଯ୍ୟଙ୍କ ପତ୍ନୀ ୪. ଅନୁସରଣ, ଆଶ୍ରୟ ।

**ଛାୟାଚିତ୍ର** *ବି.* ବାଇସ୍କୋପ୍‌ର ଛବି, ସିନେମା, ଚଳଚ୍ଚିତ୍ର ।

**ଛାୟାତରୁ** *ବି.* ୧. ବଡ଼ ଆକାରର ଗଛ, ପତ୍ରଗହଳ ଗଛ-ଯେଉଁ ଗଛ ଛାୟା ଦାନକରେ ୨. ସୁର ପୁନ୍ନାଗ ବୃକ୍ଷ, ପୁଲାଙ୍ଗ ଗଛ ।

**ଛାୟାନଟ** *ବି.* ଶାସ୍ତ୍ରୀୟ ରାଗ ବିଶେଷ ।

**ଛାୟାନାଟ** *ବି.* ଏକପ୍ରକାରର କଣ୍ଢେଇ ନାଟ (ଅନ୍ଧାରରେ ଏକ ଧଳା ପରଦା ପଛରେ ଆଲୋକ ଉତ୍ସ ରଖି ପରଦା ଓ ଉତ୍ସ ମଝିରେ ଚମଡ଼ା ତିଆରି ଚେପଟା ଆକାରର କଣ୍ଢେଇମାନଙ୍କୁ ଗୀତ ଓ ବାଦ୍ୟର ତାଳେ ତାଳେ ନଚାଯାଏ। ଦର୍ଶକମାନେ ମଞ୍ଚ ଆଗରେ ବସି ପରଦା ଉପରେ ପଡୁଥିବା ଛାଇମାନଙ୍କ ଅଭିନୟ ଦେଖନ୍ତି)।

**ଛାୟାପଥ** *ବି.* ଆକାଶ ଗଙ୍ଗା, ନୀହାରିକା, ରାତିରେ ଆକାଶରେ ତାରାପୁଞ୍ଜଦ୍ୱାରା ସୃଷ୍ଟ ପଥ, ଜ୍ୟୋତିଷ୍କଗ୍ର ମଧ୍ୟବର୍ତ୍ତୀ ମଣ୍ଡଳାକାର ନକ୍ଷତ୍ର ଶ୍ରେଣୀ ।

**ଛାୟାପୁରୁଷ, ଛାୟାମୂର୍ତ୍ତି** *ବି.* ୧. ଛାୟାର ଅନୁରୂପ ପ୍ରତିବିମ୍ବାତ୍ମକ ଆକୃତି ୨. ଆକାଶସ୍ଥ କାଳ୍ପନିକ ଛାୟାତ୍ମକ ପୁରୁଷ ।

**ଛାୟାବାଜି** *ବି.* ପରଦା ଉପରେ ପଡ଼ିବା ଛାୟାଚିତ୍ର, ଛାୟାର ଖେଳ ।

**ଛାୟାମଣ୍ଡପ** *ବି.* ମୋଡ଼ୋ, ଛାମୁଣ୍ଡିଆଥିବା ପିଣ୍ଡି ।

**ଛାୟାଯନ୍ତ୍ର** *ବି.* ସୂର୍ଯ୍ୟଘଡ଼ି ।

**ଛାର୍** *ବି.* ପାଉଁଶ, ଖାର ।

**ଛାର** *ବିଂ.* ୧. ମନ୍ଦ, ହୀନ ୨. ଛୋଟ, ନଗଣ୍ୟ ୩. ନୀଚ, ଅଧମ ।

**ଛାରଖାର** *ବିଂ.* ୧. ଭସ୍ମସାତ୍, ଜଳି ପାଉଁଶ ୨. ସର୍ବନାଶ, ସମ୍ପୂର୍ଣ୍ଣ ନଷ୍ଟ ।

**ଛାରଛିକର** *ବିଂ.* ଅତିଛାର, ତୁଚ୍ଛ, ହୀନ ।

**ଛାରପୋକ** *ବି.* ଓଡ଼ଶ, ଢେକୁନ୍, ଗନ୍ଧକୀଟ, ରକ୍ତବୀର୍ଯ ।

**ଛାଲ** *ବି.* ୧. ତ୍ୱକ୍, ଚମ ୨. ପଶୁଚର୍ମ ।

**ଛାଲକଣ୍ଟା** *ବି.* ଖଜୁରୀ ଗଛର କଣ୍ଟା ।

**ଛାଲି** *ବି.* ବଲ୍କଳ, ଛେଲି, ଚୋପା, ତ୍ୱକ୍ ।

**ଛି, ଛିଆ** *ଅ.* ନିନ୍ଦା, ଘୃଣାସୂଚକ ଶବ୍ଦ, ହେୟବୋଧକ ଶବ୍ଦ ।

**ଛିଆଁ** *ବି.* ଅଶୌଚ, ମାରା, ଛୁଆଁଚି ।

**ଛିଆଁଚି ହେବା** *କ୍ରି.* ରଜସ୍ୱଳା ହେବା, ମାରାହେବା, ଛୁଆଁଚି ହେବା ।

**ଛିକ୍‌ରା** *ବିଂ.* ମାମୁଲି, ସାମାନ୍ୟ କଥା, ଯେଉଁ କଥାକୁ ଛି କହି ଏଡାଇ ଦିଆଯାଇପାରେ ।

**ଛିକାର, ଛିଛାକର** *ବି.* ଧିକ୍କାର ।

**ଛିକ୍କା** *ବି.* ଛିଙ୍କ ।

**ଛିଗୁଲା** *ବି.* ବ୍ୟଙ୍ଗ ବା ଶ୍ଳେଷଯୁକ୍ତ ତିରସ୍କାର ।

**ଛିଗୁଲାଇବା, ଛିଗୁଲେଇବା** *କ୍ରି.* ଶ୍ଳେଷ କିମ୍ବା ଉପହାସ କରିବା, ତିରସ୍କାର କରିବା, ଠସିଲ କରିବା ।

**ଛିଙ୍କ** *ବି.* ସର୍ଦ୍ଦିରେ ନାକ ବାୟୁ ନିର୍ଗତ ଧ୍ୱନି, ଛିକ୍‌କା ।

**ଛିଙ୍କିବା** *କ୍ରି.* ୧. ସର୍ଦ୍ଦି ଆଦି ଫଳରେ ନାକରୁ ହଠାତ୍ ବେଗରେ ସଶବ୍ଦ ପବନ ବାହାରି ଆସିବା ୨. ଅଶୁଭ ସୂଚନା ହେବା ।

**ଛିଙ୍ଗ୍‌ଲାଇବା** *କ୍ରି.* ଛିଦ୍ର ମଧ୍ୟରେ ଗଳାଇବା ।

**ଛିଞ୍ଚଡ଼ା** *ବି.* ୧. ଫିଙ୍ଗା ୨. ଫୋପଡା ୩. ଛିଟିକା ୪. ଛାଟିବା ୫. ହଲାଇବା ୬. ପରିବା ପତ୍ରରେ ମାଛମୁଣ୍ଡ ଭଜା ପଡ଼ି ହେବା ତରକାରି; *ବିଂ.* ଦୂରକୁ ନିକ୍ଷିପ୍ତ ।

**ଛିଞ୍ଚାଡ଼ିବା** *କ୍ରି.* ଇତସ୍ତତଃ ଫିଙ୍ଗିବା ।

**ଛିଞ୍ଚାଡି ହେବା** *କ୍ରି.* ଦୂର୍ ଦୂର୍ କରିବା ।

**ଛିଞ୍ଚିବା** *କ୍ରି.* ସିଞ୍ଚନ କରିବା ।

**ଛିଟା** *ବି.* ଛିଟା, କାଛ ବା ଭୂମିରେ ପଡ଼ିବା ପରେ ଛିଞ୍ଚାଡି ହେବା ବର୍ଷାପାଣି, ସିଞ୍ଚନ ।

**ଛିଟା ବାଜିବା, ଛିଟା ବାଜିବା** *କ୍ରି.* ୧. ପରୋକ୍ଷ ପ୍ରଭାବ ପଡ଼ିବା ୨. କୌଣସି ବଡ଼ ଘଟଣାର ପ୍ରଭାବ କିଛି ପରିମାଣରେ ଅନ୍ୟତ୍ର ଅନୁଭବ କରିବା ।

**ଛିଛା** *ବି.* ଅନୁତାପ, ଅସ୍ୱସ୍ତି, ପଶ୍ଚାତ୍ତାପ । ।

**ଛିଛା କରିବା** *କ୍ରି.* ମନ୍ଦ କାର୍ଯ୍ୟ କରିଥିବା ବ୍ୟକ୍ତିକୁ ନିନ୍ଦା କରିବା।

**ଛିଛା ହେବା** *କ୍ରି.* କରିଥିବା କାର୍ଯ୍ୟ ପାଇଁ ପସ୍ତେଇବା ।

**ଛିଟ୍‌କିନି** *ବି.* ୧. କବାଟ ଝରକା ବନ୍ଦ କରିବା ପାଇଁ ବ୍ୟବହୃତ ଉପକରଣ, କିଳିଣି, ଛିଟିକିଣି ୨. ବାଟୁଳି, ଗୁଲେର୍ ।

**ଛିଟ୍‌କୁଟ୍** *ବିଂ.* ବିଭିନ୍ନ ଆନୁଷଙ୍ଗିକ, ଛୁଟକୁଟିଆ, ଛୋଟମୋଟିଆ ।

**ଛିଟ୍‌କୁଟିଆ, ଛିଟ୍‌କୁରିଆ** *ବିଂ.* ନାନା ଝିଂଝଟଯୁକ୍ତ, ଆନୁଷଙ୍ଗିକ ଜଞ୍ଜାଳ ଭରା ।

**ଛିଟ୍‌ପୁଟ୍** *କ୍ରି.ବିଂ.* ଏଇଠି ସେଇଠି ।

**ଛିଟ** *ବିଂ.* ଚିତ୍ରିତ ; *ବି.* ୧. ଚିତ୍ରିତ ବସ୍ତ୍ର ୨. ବହୁ ବର୍ଣ୍ଣଯୁକ୍ତ ଫୁଲର ରଙ୍ଗ ।

**ଛିଟା** *ବି.* ୧. ବିନ୍ଦୁ, ଜଳକଣା ଛିଟା ୨. ଦାଗ ।

**ଛିଟା ଦେବା** *କ୍ରି.* ଦୋଷ ଦେଖାଇ କଥା କହିବା ।

**ଛିଟିଆ** *ବିଂ.* ରେଜା, ଖୁଚୁରା, ଚିଲ୍ଲର୍ ।

**ଛିଟିକା** *ବି.* ୧. ବିନ୍ଦୁ ୨. ଛିଟା ।

**ଛିଟିକିଣି** *ବି.* ୧. ସିଟିକିଣି, କବାଟର ହୁଡ଼ୁକା ୨. ବାଟୁଳି ଆଦି ଫିଙ୍ଗିବାର ଫାଶ ବିଶେଷ, ଗୁଲେର୍, ଗୁଲ୍‌ଚା।

**ଛିଟିକିବା** ***କ୍ରି.*** ତରଳ ପଦାର୍ଥ ଗୋଟିଏ ସ୍ଥାନରୁ ଯାଇ ଅନ୍ୟ ସ୍ଥାନରେ ଆପେ ପଡ଼ିବା ।

**ଛିଡ୍ଛିଡ଼ି** ***ବିଂ.*** ଛିଣ୍ଡାଳୀ, ବ୍ୟଭିଚାରିଣୀ ନାରୀ, ଛିନାଳୀ ।

**ଛିଡ୍ ଛିଡ଼ିଆ** ***ବିଂ.*** କଠିଣ ଓ ତରଳ ପଦାର୍ଥ ମିଶାମିଶି ।

**ଛିଡ୍ପୁଡ୍** ***ବି.*** ନାନା ଛିଦ୍ର କଥା, ଗୁପ୍ତଦୋଷ ।

**ଛିଡ୍ଲାପୁଡ୍ଲା** ***ବି.*** କୁତ୍ସା, ପରଚର୍ଚ୍ଚା, ପରର ହାନିଲାଭ ଚର୍ଚ୍ଚା ।

**ଛିଡ଼ା** ***ବି.*** ୧. ଠିଆ ୨. ଚିରା ଲୁଗା ଖଣ୍ଡ ୩. କୌପୀନଭଳି ପିନ୍ଧିବା କନା ।

**ଛିଡ଼ାଇବା** ***କ୍ରି.*** ୧. ଛିଣ୍ଡାଇବା ୨. ପରସ୍ପର ସମ୍ମତିରେ ମୂଲ୍ୟ ବା ମଜୁରି ସ୍ଥିର କରିବା ୩. ଶେଷ କରିବା ୪. ପରସ୍ପରଠାରୁ ଅଲଗା କରିବା ।

**ଛିଡ଼ା ହେବା** ***କ୍ରି.*** ୧. ଠିଆ ହେବା ୨. ସ୍ୱାବଲମ୍ବୀ ହେବା ୩. ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ।

**ଛିଡ଼ିକା** ***ବି.*** ପାଣି ଛିଟିକା, ଛିଚା, ଛିଟା ; ***ବିଂ.*** ଛିଟିକି ଥିବା ।

**ଛିଡ଼ିବା, ଛିଣ୍ଡିବା** ***କ୍ରି.*** ୧. ଛିନ୍ନ ହେବା, ଚିରି ଯିବା ୨. ସମ୍ପନ୍ନ ବା ସମ୍ପୂର୍ଣ୍ଣ ହେବା ୩. କମିବା ୪. ଭାଗଶେଷ ନ ରହିବା ୫. ସ୍ଥିରୀକୃତ ହେବା ୬. (କ୍ଷୀର) ପାଣି ଫାଟିଯିବା ୬. ତୁଟି ଯିବା ୭. ଭାଗ ଭାଗ ହେବା ୮. ସରିବା, ଶେଷ ହେବା ।

**ଛିଡ଼େଇ ପୁଡ଼େଇ ହେବା** ***କ୍ରି.*** ୧. ଅନୁତାପ କରିବା, ମନସ୍ତାପ କରିବା ୨. ଅନ୍ୟର ସମୃଦ୍ଧିରେ ଈର୍ଷାନ୍ୱିତ ହେବା ।

**ଛିଣ୍ଡା** ***ବିଂ.*** ୧. ଛିନ୍ନ, ଛିଣ୍ଡି ଯାଇଥିବା ୨. ଚିରାଫଟା ୩. ଭାଗଶେଷହୀନ ।

**ଛିତ୍କିଆ** ***ବି.*** ଛୁତିକିଆ, ସନ୍ତାନର ଜନ୍ମ ପରେ ପାଳନ କରାଯାଉଥିବା ଅଶୌଚ ବିଧି ଓ ସେହି ସମୟ ।

**ଛିତୁକ୍** ***ବି.*** ସନ୍ତାନ ଜନ୍ମ ଯୋଗୁଁ ଅଶୌଚ ଅବସ୍ଥା, ସୂତକାଶୌଚ ।

**ଛିତୁକ୍ ସାରିବା** ***କ୍ରି.*** ଛୁତିକିଆ ପରେ ଶୌଚ ହେବା ।

**ଛିତ୍ରିବା** ***କ୍ରି.*** ଛିଟିକିବା, ତରଳ ବା ଅର୍ଦ୍ଧତରଳ ପଦାର୍ଥ ଛିଟିକିବା ।

**ଛିଦ୍କେଲ୍** ***ବି.*** କଳା କଳା ଟୋପା ଥାଇ ହାଲୁକା ନାଲି ରଙ୍ଗର କପୋତ ପକ୍ଷୀ ବିଶେଷ ।

**ଛିଦ୍ରାନୁସରଣ, ଛିଦ୍ରାନୁସନ୍ଧାନ, ଛିଦ୍ରାନ୍ୱେଷଣ** ***ବି.*** ଛିଦ୍ର ଖୋଜି ବୁଲିବା, ପରର ଦୋଷ ଅନୁସନ୍ଧାନ କରିବା, ଖୋଜି ଖୋଜି ଦୋଷ ବାହାର କରିବା ।

**ଛିଦ୍ରାନୁସାରୀ** ***ବିଂ.*** ଯେ ଛିଦ୍ର ଖୋଜି ବୁଲେ, ଯେ ଅନ୍ୟର ଦୋଷ ଅନୁସନ୍ଧାନ କରେ ।

**ଛିଦ୍ରାନ୍ୱେଷୀ** ***ବିଂ.*** ଯେ ଦୋଷ ଅନୁସନ୍ଧାନ କରେ, ଛିଦ୍ରାନୁସାରୀ ।

**ଛିଦ୍ରିତ** ***ବିଂ.*** ଛିନ୍ନ, କଣା ହୋଇଥିବା, ବିଦ୍ଧ ; ***ବି.*** ଛିଦ୍ର କରା ବସ୍ତୁ ।

**ଛିନ୍ଛତର୍** ***ବିଂ.*** ଏଣେତେଣେ ଫିଙ୍ଗା ହୋଇଥିବା, ବିକ୍ଷିପ୍ତ ।

**ଛିନ୍ଛାନ୍** ***କ୍ରି.ବିଂ.*** ସିଧା, ଏକମୁହାଁ (ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବା) ।

**ଛିନା** ***ବିଂ.*** ନିର୍ଜନ, ଶୂନ୍ୟ ।

**ଛିନାଛକା** ***ବି.*** ନିର୍ଜନତା, ଜନଶୂନ୍ୟତା ; ***କ୍ରି.ବିଂ.*** ଅନ୍ୟର ଅଲକ୍ଷ୍ୟରେ ।

**ଛିନିକାନିଆ** ***ବିଂ.*** ଅସ୍ତବ୍ୟସ୍ତତା ଯୋଗୁଁ ଅସ୍ଥିର ।

**ଛିନିଛୋଟ** ***ବିଂ.*** ନିଅଣ୍ଟିଆ, ନଗଣ୍ୟ, କ୍ଷୁଦ୍ର, ତୁଚ୍ଛ ।

**ଛିନିବା** ***କ୍ରି.*** ୧. ହାତ ପତାଇ ଉପରୁ ପଡ଼ିବା ବସ୍ତୁକୁ ତଳେ ପଡ଼ିବା ଆଗରୁ ଧରିନେବା ୨. କୌଣସି ବ୍ୟକ୍ତିର ଗାଇବା ବା କହିବା ଶୈଳୀ ଅବିକଳ ଅନୁକରଣ କରିବା ।

**ଛିନିଭିନି** ***ବିଂ.*** ଛିନ୍ନଭିନ୍ନ, ଖିନ୍ଭିନ୍, ବିଧ୍ୱସ୍ତ ।

**ଛିନ୍ନ** ***ବିଂ.*** ୧. ଖଣ୍ଡିତ, ଛିଣ୍ଡା ୨. ଉପୁଡ଼ା ହୋଇଥିବା ୩. କଟା ହୋଇଥିବା ୪. ପୃଥକ୍କୃତ ।

**ଛିନ୍ନବିଛିନ୍ନ** ***ବିଂ.*** ଛିନ୍ନ ହୋଇ ଚାରିଆଡେ ପଡ଼ିଥିବା ।

**ଛିନ୍ନଭିନ୍ନ** ***ବିଂ.*** ବିଧ୍ୱସ୍ତ, ବିନଷ୍ଟ, ଛିନିଭିନି ।

**ଛିନ୍ନମସ୍ତକ** ***ବିଂ.*** ମୁଣ୍ଡ ନ ଥାଇ ଦେହ, ମସ୍ତକହୀନ; ***ବି.*** କବନ୍ଧ ।

**ଛିନ୍ନମସ୍ତା** ***ବି.*** ଦଶ ମହାବିଦ୍ୟାର ଦେବୀ ବିଶେଷ ।

**ଛିନ୍ନାଲି** ***ବିଂ.*** ବ୍ୟଭିଚାରିଣୀ, କୁଳଟା ।

**ଛିର୍କା** ***ବି.*** ୧. ସନ୍ତାନମାନଙ୍କର ପିତାମାତାଙ୍କ ସହିତ ଥିବା ସାଦୃଶ୍ୟ ୨. ଛିଡ଼ିବା ।

**ଛିଲ୍କା** ***ବି.*** ପରିବା ଅଥବା କାଠ ପ୍ରଭୃତି କାଟିବା ବା ଚାଞ୍ଛିବା ପରେ ବାହାରୁଥିବା ପତଳା ଚୋପା ବା ଖଣ୍ଡ ।

**ଛିଲୋଲାଇ** ***ବି.*** ବାଳିକାମାନଙ୍କର ପୁଚିଖେଳ ଓ ଗୀତ ।

**ଛିଲ୍ଲା** ***ବି.*** ୧. ବଲ୍କଲ, ଛାଲ ୨. ଖୋଳପା ।

**ଛୁ** ***ବି.*** ଦୌଡ଼ି ପଳାଇବା, ପଳାୟନ ।

**ଛୁଅ** ***ବି.*** ବାହାନା, ଛଳନା, ଚାତୁରୀ, ଉପାୟ ।

**ଛୁଆଁ** ***ବିଂ.*** ୧. ଦୂଷିତ, ମାରା ୨. ଅପବିତ୍ର, ଅଶୁଚି ୩. ଛୁଇଁ ଦେଇଥିବା ।

**ଛୁଆଁଛୁତି** ***ବି.*** ଅସ୍ପୃଶ୍ୟ ବ୍ୟକ୍ତି ବା ବସ୍ତୁର ସ୍ପର୍ଶ, ଅସ୍ପୃଶ୍ୟ ସ୍ପର୍ଶଜନିତ କଥିତ ଅପବିତ୍ରତା ।

**ଛୁଆଁଡି** ***ବି.*** ସ୍ତ୍ରୀଲୋକଙ୍କ ମାସିକ ଋତୁ ସ୍ରାବ ଅବସ୍ଥା, ଛୁଆଁଚି ।

**ଛୁଆ** ***ବି.*** ଶିଶୁ, ଶାବକ ; ***ବିଂ.*** ୧. କ୍ଷୁଦ୍ର, ଅଳ୍ପ ବୟସ୍କ ୨. ଅନଭିଜ୍ଞ ୩. ଛାଆଣି ହୋଇଥିବା ।

**ଛୁଆଇବା *କ୍ରି.*** ଛାଇବା, ଆଚ୍ଛାଦନ କରିବା ।

**ଛୁଆଣ, ଛୁଆଣି *ବି.*** ଛାଆଣି ।

**ଛୁଆପୁତା *ବି.*** ପିଲାପିଲି ।

**ଛୁଆଲି *ବି.ବିଂ.*** ସଦ୍ୟ ପ୍ରସୂତି, ପୋଖତି, ଯେଉଁ ସ୍ତ୍ରୀର କୋଡଛୁଆ ଥାଏ ।

**ଛୁଇଁ *ବି.*** ମଞ୍ଜିଥିବା ଲମ୍ବା ପରିବା ବା ଫଳ, ସେଙ୍ଗା ।

**ଛୁଇଁ ଛିଣ୍ଡାଳୀ *ବି.*** ନୂଆ ହୋଇ ଦେହଜୀବିକା ଆରମ୍ଭ କରିଥିବା ସ୍ତ୍ରୀଲୋକ ।

**ଛୁଇଁବା *କ୍ରି.*** ଅନ୍ୟ ଦେହକୁ ସ୍ପର୍ଶ କରିବା ।

**ଛୁଇ *ବି.*** ଚିକ୍କଣ ଧଳା ମାଟି ବିଶେଷ-ଯେଉଁଥିରେ ମାଟିକାନ୍ଥ ରଙ୍ଗ କରାଯାଏ, ଛୁଇମାଟି ।

**ଛୁ କରିବା *କ୍ରି.*** ପଳାଇଯିବା, ଚମ୍ପଟ ମାରିବା, ଦୌଡ଼ି ପଳାଇବା ।

**ଛୁଙ୍କ *ବି.*** ତିଅଣ ବଘରା, ପରଝିବା ।

**ଛୁଙ୍କିବା *କ୍ରି.*** ତିଅଣ ବଘାରିବା, ପରଝିବା ।

**ଛୁଞ୍ଚି *ବି.*** ସୂଜି, ଲୁଗା ପ୍ରଭୃତି ସିଇଁବା ପାଇଁ ବ୍ୟବହୃତ ଛୋଟ ମୁନିଆ ଉପକରଣ ।

**ଛୁଞ୍ଚି ମାଛି ପରୀକ୍ଷା *ବି.*** ଖୁଣ୍ଟିନାଣ୍ଟି ପରୀକ୍ଷା, ଟିକିନିଖି ପରୀକ୍ଷା ।

**ଛୁଛା *ବିଂ.*** ୧. ତୁଚ୍ଛ, ସାମାନ୍ୟ ୨. ଶୂନ୍ୟ, ଖାଲି ।

**ଛୁଛାକେ *କ୍ରି.ବିଂ.*** ଅକାରଣରେ, ତୁଚ୍ଛାଟାରେ ।

**ଛୁଛୁନ୍ଦରୀ *ବି.*** ୧. ଚୁଚୁନ୍ଦ୍ରା ୨. ଲିଙ୍ଗର ରୋଗ ବିଶେଷ ।

**ଛୁଛୁମୁହାଁ *ବି.*** ସର୍ବଦା ମୁହଁ ଶୁଖାଇ ଓ ମନର ଭାବ ପ୍ରକାଶ ନ କରି ଚଳପ୍ରଚଳ ହେଉଥିବା (ବ୍ୟକ୍ତି), ସରୁମୁହାଁ, ଛୁଞ୍ଚିମୁହାଁ ।

**ଛୁଟଣ *ବି.*** ୧. ଦୌଡ଼ ୨. ବିଶ୍ରାମ, ଫୁରୁସତ ।

**ଛୁଟି *ବି.*** ୧. କାର୍ଯ୍ୟବିରାମ ସମୟ ୨. ଛାଡ଼ ୩. ଉଦ୍ଧାର ୪. ବିଦାୟ, ବିଦା ।

**ଛୁଟିବା *କ୍ରି.*** ୧. ଧାଇଁବା, ଦୌଡ଼ିବା ୨. ଜୋରରେ ପ୍ରବାହିତ ହେବା ।

**ଛୁଟ୍‌କିଆ *ବି.*** ପିଲା ଜନ୍ମ ହେବା ଯୋଗୁ ଅଶୌଚ, ଛୁତିକିଆ, ସୂତିକାଶୌଚ ।

**ଛୁତ *ବି.*** ପରିସ୍ରା, ପ୍ରସ୍ରାବ, ମୂତ୍ର, ମୂତ ।

**ଛୁତକ *ବି.*** ଛୁଆଁତି, ଛିଆଁ, ଜନନାଶୌଚ, ଋତୁସ୍ରାବ ସମୟରେ କାହାକୁ ଛୁଆଁ ଛୁଇଁ ନ କରିବା ଅବସ୍ଥା ବା ବିଧି ।

**ଛୁତି *ବି.*** ଛିଆଁଛୁଇଁ ଯୋଗୁଁ ମାରାଯିବା ଅବସ୍ଥା, ଛୁଆଁତି, ଛିଆଁ ।

**ଛୁତିକା *ବି.*** ଛୁତିକିଆ ; ***ବିଂ.*** ପ୍ରସୂତି ସ୍ତ୍ରୀ ।

**ଛୁତିକିଆ *ବି.*** ୧. ପ୍ରସବ, ସନ୍ତାନଜନ୍ମ ୨. ସନ୍ତାନ ଜନ୍ମ ପରେ ପରିବାରର ଲୋକେ ଅଶୌଚ ପାଳନ କରିବା ।

**ଛୁପ୍ *ବି.*** ୧. ସ୍ପର୍ଶ ୨. ଚପଳତା ; ***ବିଂ.*** ପାଖ, ନିକଟ ।

**ଛୁର୍‌କି *ବି.*** କଟାକଟା ଦାଗ ଥିବା ପିତଳର ହାତଖଡୁ ବିଶେଷ ।

**ଛୁର୍‌ଛୁର୍‌କି *ବି.*** ଝିଅମାନେ ମେଳ ହୋଇ ଡେଇଁବା ଖେଳ ବିଶେଷ ।

**ଛୁରା *ବି.*** ୧. ଦୁଇ ଧାରବାଲା ମୁନିଆ ବଡ଼ ଛୁରି, ଛୋରା, ବଡ଼ ଛୁରି ୨. ଚୂର୍ଣ୍ଣ, ଚୂନା ।

**ଛୁରିଅନା *ବି.*** ଫୁଲଗଛ ବିଶେଷ ଏବଂ ତାର ଫୁଲ ।

**ଛୁରିଆ *ବି.*** ପିତ୍ତଳ କାମରେ ଦକ୍ଷ ସମ୍ପ୍ରଦାୟ ବିଶେଷ ।

**ଛୁରିକା *ବି.*** ଛୁରି ।

**ଛେଇଁବା *କ୍ରି.*** ଛାଇଁବା, ଘର ଖପର କରିବା ବା ନଡ଼ା ଛପର କରିବା ।

**ଛେଇବା *କ୍ରି.*** ୧. ଛେଦନ କରିବା ୨. ଛେଲିବା ।

**ଛେଉକା *ବିଂ.*** ଧୂର୍ତ୍ତ, ତରକା ।

**ଛେଉଣ୍ଡ, ଛେଉଣ୍ଡା *ବି.*** ମା' ବାପା ବା ଉଭୟ ମୃତ ହେବା ଅବସ୍ଥା, ସେଭଳି ଲୋକ; ପିତୃମାତୃହୀନ ବ୍ୟକ୍ତି, ଅନାଥ (*ସ୍ତ୍ରୀ.* ଛେଉଣ୍ଡୀ) ।

**ଛେଉଣ୍ଡି *ବିଂ.*** ଦଉଡ଼ି ବଳିବା ପାଇଁ ପ୍ରସ୍ତୁତ କତା ତିଆରି ବଳିତା ।

**ଛେକ୍‌ନା *ବି.*** କାଠ ବା ବାଉଁଶ ତିଆରି ଅର୍ଗଳ, ଛେକେନ୍ ।

**ଛେକ *ବି.*** ୧. ଥର, ଦଳ, ପାଳି ୨. ପାଳିତ ପଶୁପକ୍ଷୀ ୩. ଅନୁପ୍ରାସ ବିଶେଷ ୪. ବ୍ୟଞ୍ଜନ ସମୂହର ଯଥାକ୍ରମେ ପୁନରାବୃତ୍ତି ସଂଖ୍ୟା ୫. ଦେବତା ନିକଟକୁ ରନ୍ଧନ ଭୋଗ ଭାରଦ୍ୱାରା ବହନ କରିବା ।

**ଛେକିବା *କ୍ରି.*** ୧. ଓଗାଳିବା, ଅଟକାଇବା ୨. ଶତ୍ରୁକୁ ଆକ୍ରମଣ କରିବା ଉଦ୍ଦେଶ୍ୟ ନେଇ ଗୋପନରେ ଜଗି ରହିବା ୩. ପଥରୋଧ କରିବା ୪. ଜଳସ୍ରୋତରେ ବନ୍ଧ ବାନ୍ଧିବା ୫. ଖେଳରେ ଦାନ ପଡ଼ିବା ପାଇଁ ପଶାକାଠି ବା କଉଡ଼ିଗୁଡ଼ିକୁ ମୁଠା ମଧ୍ୟରେ ଖଞ୍ଜିବା ।

**ଛେଙ୍ଗା *ବି.*** ସାନଗାତ ।

**ଛେଚଡ଼ା *ବିଂ.*** ଛେଚି ହୋଇ ଯାଇଥିବା (*ସ୍ତ୍ରୀ.* ଛେଚଡୀ) ।

**ଛେଚା *ବିଂ.*** ୧. ବାଡ଼େଇ ନରମ ବା ଟୁକୁରା ଟୁକୁରା କରାଯାଇଥିବା ୨. ଅତିଶୟ ; ***କ୍ରି.ବିଂ.*** ପ୍ରବଳ ଭାବରେ ; ***ବି.*** ମାଡ଼, ଆଘାତ ।

**ଛେଚାପିଟା *ବିଂ.*** ୧. ନିଦା ୨. ଅଭ୍ୟସ୍ତ ।

**ଛେଚିବା *କ୍ରି.*** ୧. କୁଟିବା ୨. ମାଡ଼ ଦେବା, ବାଡ଼େଇବା ।

**ଛେଞ୍ଚଡ଼ା *ବି.*** ଛିଞ୍ଚଡ଼ା, ବିଭିନ୍ନ ପରିବା ମିଶ୍ରିତ ଛଙ୍କା ତରକାରି, ମୁଢ଼ିଘାଣ୍ଟ, ପରିବାରେ ମାଛମୁଣ୍ଡ ମିଶାଯାଇଥିବା ଘାଣ୍ଟ ।

**ଛେଛ୍‌ରି *ବି.ବିଂ.*** ୧. ଖରାପ ପ୍ରକୃତିର (ନାରୀ) ୨. ଚିରାଫଟା ୩. ଭଙ୍ଗା ।

**ଛେଟ୍‌ନା *ବି.*** ବଡ଼ ଟୋକେଇ, ଛେଟେଣା ।

**ଛେଣି *ବି.*** ଛେଇନି, ପଥର ବା ଧାତୁକଟା ପାଇଁ ଛୋଟ ନିହଣ ।

**ଛେତରା** ***ବିଂ.*** ଜୋରରେ ଆଘାତ ପାଇବା ଯୋଗୁଁ ଛିନିଭିନି ହୋଇଥିବା ।

**ଛେଦ୍** ***ବିଂ.*** ୧. ଶେଷ ବା ଅନ୍ତିମ ସ୍ଥାନ, ସବାଶେଷ, ଶେଷ ପ୍ରାନ୍ତ ୨. ଛିନ୍ନଭିନ୍ନ, ଖଣ୍ଡଖଣ୍ଡ ୩. ଦେବୀ ପୀଠରେ ଅର୍ପିତ ବୋଦା ବଳି।

**ଛେଦ୍‌କା, ଛେତ୍‌କା** ***ବିଂ.*** ୧. ଚଟକା, ଅଗଭୀର ୨. ଚିତ୍, ଉପରମୁହାଁ ।

**ଛେଦ୍ କୁଞ୍ଜିଆ** ***ବିଂ.*** ସବା ଶେଷ (ସନ୍ତାନ) ଯାହା ପରେ ଆଉ ସନ୍ତାନ ଜନ୍ମି ନାହିଁ, ଛେଦ୍ କୁରୁଞ୍ଜା ।

**ଛେଦ୍ କୁରୁଞ୍ଜା** ***ବି.*** ଛେଦ୍ କୁଞ୍ଜିଆ, କୋଳପୋଛା ସନ୍ତାନ ।

**ଛେଦ୍‌ଭେଦ୍** ***ବି.*** ଛିନ୍ନଭିନ୍ନ ଭାବ ।

**ଛେଦ୍‌ଲି** ***ବିଂ.*** ୧. କ୍ଷୁଦ୍ର, ସାନ ୨. ଜଣକର ଦୁଇଟି ପତ୍ନୀ ଥିବା ସ୍ଥଳେ କନିଷ୍ଠା ।

**ଛେଦ୍‌ଲି ପିଲା** ***ବି.*** ସବା ସାନପୁଅ ବା ଝିଅ, ଯେଉଁ ସନ୍ତାନର ଜନ୍ମ ପରେ ଆଉ କୌଣସି ସନ୍ତାନ ଜନ୍ମି ନାହିଁ, ଗର୍ଭଜାତ ଶେଷ ସନ୍ତାନ, ଛେଦ୍ କୁଞ୍ଜିଆ ।

**ଛେଦନ** ***ବି.*** ୧. କାଟିବା କାର୍ଯ୍ୟ, ଛେଦିବା, କର୍ତ୍ତନ ୨. କାଟ, ଖଣ୍ଡ ।

**ଛେଦନୀୟ, ଛେଦ୍ୟ** ***ବିଂ.*** ଛେଦନ ବା କାଟିବାର ଯୋଗ୍ୟ ।

**ଛେଦରା** ***ବି.*** ୧. ଖେଦ୍‌ରା, ଖଦା ୨. ଦସି ସୁତା ।

**ଛେଦା** ***ବି.*** ୧. ଅନ୍ତର୍ବାସ, ଧଡ଼ି ନ ଥିବା ଲୁଗା ବିଶେଷ ୨. ରସ ନ ଥିବା ବା ଶୁଖି ଯାଇଥିବା ଛୋଟ ଆଖୁଖଣ୍ଡ, ଖଦା ; ***ବିଂ.*** କଟା ଯାଇଥିବା ।

**ଛେଦାଇବା** ***କ୍ରି.*** କୂଅ, ପୋଖରୀ ପ୍ରଭୃତି ଖାଲି କରିବା ପାଇଁ ପାଣି ବାହାର କରିବା ।

**ଛେଦିତ** ***ବିଂ.*** କଟା ହୋଇଥିବା, ଦି ଫାଳ ବା ଖଣ୍ଡଖଣ୍ଡ କରାଯାଇଥିବା ।

**ଛେଦିବା** ***କ୍ରି.*** ୧. କାଟିବା, ଛେଇବା ୨. କୁଲାରେ ଚାଉଳ ପ୍ରଭୃତିରୁ ଗୋଡ଼ି କାଢ଼ିବା ପାଇଁ ଛେଦି ଛେଦି ପାଛୁଡ଼ିବା ।

**ଛେଦୀ** ***ବିଂ.*** ଛେଦନକାରୀ ।

**ଛେନ୍** ***ବି.*** ଘରର ଚାଳ, ଛାଉଣି, ଘରର ଛାତ ।

**ଛେନା** ***ବି.*** ୧. ଦୁଗ୍ଧଜାତ ଖାଦ୍ୟଦ୍ରବ୍ୟ ବିଶେଷ ୨. ଗୋବର ତିଆରି ଜାଳେଣି, ଘସି ।

**ଛେନା ଆମ୍ବିଳ** ***ବି.*** ଛେନା ଓ ତେନ୍ତୁଳିରସରେ ତିଆରି ଖଟା ବ୍ୟଞ୍ଜନ ବିଶେଷ ।

**ଛେନା କାକରା** ***ବି.*** ଛେନାପୁର ଦିଆ କାକରା ।

**ଛେନା କାଟିବା** ***କ୍ରି.*** ଛେନାପାଣିଦେଇ କ୍ଷୀରରୁ ଛେନା ପ୍ରସ୍ତୁତ କରିବା ।

**ଛେନାଖଇ** ***ବି.*** ଛେନାପାପୁଡ଼ି, କଠିଣ ଛେନାକୁ ଟିକ୍ ଟିକ୍ କରି କାଟି ଭଜା ବା ଛଣା ହେବା ପରେ ପ୍ରସ୍ତୁତ ଖାଦ୍ୟ ।

**ଛେନାଗଜା** ***ବି.*** ଛେନା ଓ ଚିନିରେ ତିଆରି ଏକ ପ୍ରକାର ମିଠା ।

**ଛେନାଗୁଡ଼** ***ବି.*** ୧. ପଇତା ପିନ୍ଧା ପୂର୍ବରୁ କାନଫୋଡା ବେଳେ ବଟୁକୁ ଦିଆହେବା ଛେନା ଓ ଗୁଡ଼ ଚକଟା ୨. ବ୍ୟର୍ଥତା, ନିଷ୍ଫଳତା ।

**ଛେନାଚକଟା** ***ବି.*** କ୍ଷୀର, କଦଳୀ, ଦୁଧସର ପ୍ରଭୃତି ସହ ଛେନା ଚକଟି ପ୍ରସ୍ତୁତ ମିଷ୍ଟାନ୍ନ ।

**ଛେନା ଚିପୁଡ଼ିବା** ***କ୍ରି.*** ୧. ଲୁଗାରେ ରଖି ଏବଂ ଚିପୁଡ଼ି ଛେନାରୁ ପାଣି ନିଗାଡ଼ିବା ୨. ଅଯଥା ପରିଶ୍ରମ କରିବା ।

**ଛେନା ଛିଣ୍ଡିବା** ***କ୍ରି.*** ୧. କ୍ଷୀର ଅମ୍ଳଯୁକ୍ତ ହେଲେ ଘନ ଅଂଶ ଅଲଗା ହେବା ପ୍ରକ୍ରିୟା ୨. କେତେକ ତରଳ ପଦାର୍ଥ ଏହି ପ୍ରକାର ଘନୀଭୂତ ହେବା ।

**ଛେନାପଣା** ***ବି.*** ୧. ଛେନା, ପାଣି, ନବାତ ବା ଚିନି ପ୍ରଭୃତିରେ ପ୍ରସ୍ତୁତ ପାନୀୟ ୨. ଶ୍ରୀଜଗନ୍ନାଥଙ୍କୁ ନିବେଦିତ ପଣା, ଅଧର ପଣା ।

**ଛେନା ଫାଟିବା** ***କ୍ରି.*** ଛେନା ଛିଣ୍ଡିବା ।

**ଛେନାଫୁଲ** ***ବି.*** ବର୍ଷାଦିନେ ପେଣ୍ଟା ପେଣ୍ଟା ହୋଇ ଫୁଟୁଥିବା ଏକ ପ୍ରକାର ଫୁଲ ଓ ଗଛ ।

**ଛେନାରୁ ଚୋପା ଛଡ଼ାଇବା** ***କ୍ରି.*** ଅଯଥାରେ କୌଣସି କଥାର ବହୁ ଅର୍ଥ କାଢ଼ିବା ।

**ଛେନା ହୋଇଯିବା** ***କ୍ରି.*** ଖୁରୁସି ଯିବା, ଭୁରଭୁରୁଆ ହୋଇଯିବା ।

**ଛେନି(ଣି)** ***ବି.*** ଲୁହା ପ୍ରଭୃତି କାଟିବାପାଇଁ ଦାନ୍ତୁଆ ଓ ଛୋଟ ହତିଆର ।

**ଛେନିବା** ***କ୍ରି.*** ବଡ଼ପାତ୍ର ସାହାଯ୍ୟରେ ପାଣି ଛେଦାଇବା ।

**ଛେପ** ***ବି.*** ପାଟିରୁ ବାହାରୁଥିବା ଲାଳୁଆ ପଦାର୍ଥ, ଥୁକ, ନିଷ୍ଠୀବନ, ଥୁଥୁ ।

**ଛେପରା** ***ବି.*** ପାଟିରୁ ଜାବ ବା ଫେଣ ବାହାରିବା ।

**ଛେମ** ***ବି.*** କ୍ଷମତା, ଯୋଗ୍ୟତା ।

**ଛେମଡ଼୍** ***ବିଂ.*** ଯାହାର ବାପ ମା ମୃତ, ଛେଉଣ୍ଡ (*ସ୍ତ୍ରୀ.* ଛେମଡ଼ି, ଛେଉଣ୍ଡୀ) ।

**ଛେର୍‌କୁରା** ***ବିଂ.*** ଅତିରିକ୍ତ ଭୟାତୁର, ଡରୁଆ, ଡରକୁଳା ।

**ଛେର୍‌ଛେରା** ***ବି.*** ପୌଷ ପୂର୍ଣ୍ଣିମା ଦିନ ପାଳିତ ସାମାଜିକ ରୀତି ବିଶେଷ –ଏଥିରେ ଗାଁର ଅଭାବୀ ଓ ମୂଲିଆ ଶ୍ରେଣୀର ଲୋକେ ବା ଛୋଟ ପିଲାମାନେ ଗୀତ ଗାଇଗାଇ, ନାଚିନାଚି ଘର ଘର ବୁଲି ପରବ ଖର୍ଚ୍ଚପାଇଁ ଧାନ ଇତ୍ୟାଦି ମାଗନ୍ତି ।

**ଛେର୍‌ଛେରା ପୁନି** ***ବି.*** ପୌଷପୂର୍ଣ୍ଣିମା ।

**ଛେର୍‌ରା** ***ବିଂ. ବି.*** ଡରୁଆ, ଭୟାତୁର ହୋଇ ମଳତ୍ୟାଗ କରି ପକାଉଥିବା ବ୍ୟକ୍ତି, ଛେରୁଆ, ହଗୁରା ।

**ଛେରା** ***ବିଂ.*** ୧. ଭୟାଳୁ, ଡରକୁଳା, ଡରୁଆ ୨. ଚନ୍ଦନ ଓ କର୍ପୂର ଯୁକ୍ତ, ଛେରୁଆ ; ***ବି.*** ୧. ଚନ୍ଦନ ଓ କର୍ପୂରମିଶା ପାଣି ୨. ଗୋବର ପାଣି ୩. ତରଳଝାଡ଼ା, ପାଣିଆଗୁହ ୪. ଛେରିବା ।

**ଛେରା ଦେବା** ***କ୍ରି.*** ଗୋବର ପାଣି ଛିଞ୍ଚିବା ।

**ଛେରାପହଁରା** ***ବି.*** ୧. ଦାଣ୍ଡରେ ବା ଭୂଇଁରେ ସୁବାସିତ ଜଳ ସିଞ୍ଚି ଓଳାଇବା ୨. ଜଗନ୍ନାଥଙ୍କ ରଥଯାତ୍ରା ବେଳେ ଗଜପତି ମହାରାଜାଙ୍କ ରଥ ଓଳାଇବା ବିଧି ।

**ଛେରିବା** ***କ୍ରି.*** ତରଳ ମଳ ତ୍ୟାଗ କରିବା, ପାଣିଆ ଝାଡ଼ା ହଗିବା ।

**ଛେରୁଆ** ***ବିଂ.*** ଡରୁଆ, ଭୟାଳୁ, ଛେରକୁରା ।

**ଛେଳି** ***ବି.*** ଚାରିଗୋଡ଼ିଆ ତୃଣଭୋଜୀ ଗୃହପାଳିତ ପଶୁ ବିଶେଷ, ଛାଗ, ଛାଗଳ, ଛେଲ୍ ।

**ଛେଲ୍** ***ବି.*** ଚାରିଗୋଡ଼ିଆ ତୃଣଜୀବୀ ଛୋଟ ଗୃହପାଳିତ ପଶୁ, ଛେଳି, ଛାଗ।

**ଛେଲ୍‌କାନି** ***ବି.*** ଛେଳିକାନ ଭଳି ଦିଶୁଥିବା ପତ୍ର ଥିବା ଗଛ ବିଶେଷ ।

**ଛେଲ୍‌ପାଲ୍** ***ବି.*** **ଥୋଡ଼ପାହାଡ଼, ହାତୀ ପ୍ରଭୃତି ପ୍ରାଣୀଙ୍କ ଶୁଣ୍ଢ।**

**ଛେଲ୍‌ଭିର** ***ବି.*** **ଛେଳିଗୋଠ, ଛେଳିଦଳ।**

**ଛେଲ** ***ବି.*** ଅସ୍ତ୍ରବିଶେଷ, ଶର, ବର୍ଚ୍ଛା, ଶଲ୍ୟ ।

**ଛେଲା** ***ବି.*** ପରିମାଣ ବିଶେଷ ; *ବିଂ.* ଚଞ୍ଚା ।

**ଛେଲାକେରାଣ୍ଡି** ***ବି.*** ପେଟା କେରାଣ୍ଡି, ବଡ଼ କେରାଣ୍ଡି ମାଛ ।

**ଛେଲି** ***ବି.*** ୧. ଗଛ ଲତାର ଉପର ଭାଗ ୨. ବକଳା, ବଲ୍କଳ, ତ୍ୱକ୍, ଛାଲି ।

**ଛେଲିଆ** ***ବି.*** **ଛେଳି ଚରାଳି, ଛେଳି ରକ୍ଷଣାବେକ୍ଷଣ କରିବା ଲୋକ।**

**ଛେଲିବା** ***କ୍ରି.*** ଚାଞ୍ଛିବା, ଚୋପା ବା ବକଳକୁ ଦାଢ଼ୁଆ ହତିଆରଦ୍ୱାରା ଛଡ଼ାଇବା ।

**ଛେଲୁଆ** ***ବି.*** ହାଣ୍ଡିର ଭଙ୍ଗାଖଣ୍ଡ, ଖପରା ।

**ଛେଲେଇବା** ***କ୍ରି.*** **ଛେଲିବା, ଅସ୍ତ୍ରଦ୍ୱାରା ଛାଲ ଛଡ଼ାଇବା, ଛାଲିବା।**

**ଛୋକ୍‌ରା** ***ବି.*** ୧. ଟୋକା, ବାଳକ, କିଶୋର ୨. ଚାକର ଟୋକା (*ସ୍ତ୍ରୀ.* ଛୋକରୀ) ।

**ଛୋକ୍‌ରୀ** ***ବି.*** ଟୋକୀ, କିଶୋରୀ ।

**ଛୋକାର** ***ବି.*** ୧. ବେଶ୍ୟାପୁତ୍ର, ଜାରଜ ସନ୍ତାନ ୨. ଭାଡୁଆ ୩. ରକ୍ଷିତା ସ୍ତ୍ରୀର ଭାଇ ; ***ବିଂ.*** ଅଶ୍ଳୀଳତାପ୍ରିୟ ।

**ଛୋକାରିଆ କଥା** ***ବି.*** ଅଭଦ୍ର ବା ଅଶାଳୀନ କଥା, ଅଶ୍ଳୀଳ ଭାଷା ।

**ଛୋଟ** ***ବିଂ.*** ୧. ସାନ, କନିଷ୍ଠ ୨. ଅଧମ ୩. ନୀଚ ୪. ଲଘୁ ୫. ସଂକ୍ଷିପ୍ତ ୬. **କ୍ଷୁଦ୍ର,** ଆକାରରରେ ସାନ ।

**ଛୋଟଲାଟ** ***ବି.*** (ବ୍ରିଟିଶ ଶାସନ୍ ବେଳେ) ପ୍ରାଦେଶିକ ଶାସନକର୍ତ୍ତା ।

**ଛୋଟା** ***ବିଂ.*** ଗୋଡ଼ର ସ୍ୱାଭାବିକ ଆକାର ନଥିବା, ଲେଙ୍ଗଡ଼ା, ଖଞ୍ଜ (*ସ୍ତ୍ରୀ.* ଛୋଟୀ) ।

**ଛୋଟାଇବା, ଛୋଟେଇବା** ***କ୍ରି.*** ୧. ଛୋଟେଇ ଛୋଟେଇ ଚାଲିବା, ଲେଙ୍ଗଡ଼ାଇବା ୨. ଛୋଟ ବା ସଂକ୍ଷିପ୍ତ କରିବା ।

**ଛୋଟିଆ** ***ବିଂ.*** ଛୋଟ, କ୍ଷୁଦ୍ର, ସାନ।

**ଛୋଟିକା** ***ବି.*** ଫୁଟୁକି, ଅଙ୍ଗୁଳି ଫୁଟା ।

**ଛୋଟୀ** ***ବି.*** ଧୀବର, ଜାଲିଆ ; ***ବିଂ.*** ଲେଙ୍ଗଡୀ ।

**ଛୋଢ଼ି** ***ବି./ଧ୍ୱ.*** **କୁକୁର ଘଉଡ଼ିବା ଧ୍ୱନି।**

**ଛୋଡ଼ି ପକାଇବା** ***କ୍ରି.*** ୧. କ୍ଷତି କରିବା, ଅସୁବିଧାରେ ପକାଇବା ୨. କିଛି କରି ନପାରିବା, ଅସାମର୍ଥ୍ୟପାଇଁ ଅବଜ୍ଞା ସୂଚକ ଉକ୍ତି ।

**ଛୋଡ଼ିପୁଅ** ***ବି.*** ଗାଳି ବିଶେଷ ।

**ଛୋଡ଼ିବା** ***କ୍ରି.*** ପୁରୁଷ ଲିଙ୍ଗର ଅଗ୍ରଭାଗର ଚର୍ମ ଆଚ୍ଛାଦନକୁ ମେଲେଇ ଦେବା ।

**ଛୋପରା** ***ବି.ବିଂ.*** ୧. ନିର୍ଲଜ୍ଜ, ଅଲାଜୁକ, ବେହିଆ ୨. ବେଲି ।

**ଛୋପରାଇବା, ଛୋପରେଇବା** ***କ୍ରି.*** ମନ ଭିତରେ ଅନୁରାଗ ଥିବା ପରି ଦେଖେଇ ହୋଇ ରଙ୍ଗ କୌତୁକ କରିବା ।

**ଛୋର** ***ବି.*** ୧. ହାତୀ ପ୍ରଭୃତିର ଶୁଣ୍ଢ, ଥୋଡ ପାହାଡ଼ ୨. ପ୍ରାନ୍ତ ଭାଗ ୩. ବରଗଛର ଓହଳ ୪. ମକା ଚଅଁର ୫. ଲୁଗାରୁ ବାହାରୁଥିବା ଲମ୍ବା ସୂତା ।

**ଛୋରଣ** ***ବି.*** ପରିତ୍ୟାଗ, ଛାଡ଼ିଦେବା ।

**ଛୋରିଆ** ***ବି.ବିଂ.*** ଦାଢ଼ିଆ ।

**ଛୋଲ୍‌କା** ***ବି.*** ୧. ଶରୀରର ଉପରଅଂଶ, ଚମ. ଚମଡ଼ା, ତ୍ୱକ୍ ୨. ଚୋପା, ଛିଲ୍‌କା ।

**ଛ୍ୟା** ***ଅ.*** ଅତିଶୟ ଘୃଣାବ୍ୟଞ୍ଜକ ଓ ହେୟାର୍ଥକ ଧ୍ୱନି ।

# ଜ

**ଜ** *ବି.* ଓଡ଼ିଆ ବର୍ଣ୍ଣମାଳାର ବିଂଶତମ ବର୍ଣ୍ଣ ଏବଂ ଅଷ୍ଟମ ବ୍ୟଞ୍ଜନ ବର୍ଣ୍ଣ ।

**ଜଁକ୍** *ବି.* ଯୋକ, ପାଣିରେ ରହୁଥିବା ଲମ୍ବା ଓ ସରୁ ରକ୍ତପାୟୀ ଜୀବ ୩. ଦେହର ଯେକୌଣସି ଅଂଶରେ ବାହାରି ପଡ଼ି ଥିବା ଲମ୍ବା ଓ ସରୁ ଅନାବଶ୍ୟକ ଖଣ୍ଡ ।

**ଜଁକାପେଲ୍‌ହା** *ବି.* ଠେଲାପେଲା, ଭିଡ଼।

**ଜଁଜର୍‌ଲା** *ବି.* ଏକବୀଜପତ୍ରୀ ଓ ଲମ୍ବାଲମ୍ବା ପବ ଥିବା ଫଳଗଛ ବିଶେଷ ।

**ଜଁଟ୍** *ବି.* ୧. କେଶ, ମୁଣ୍ଡବାଳ ୨. ମୁଣ୍ଡର ପଛ ଅଂଶରେ ଥିବା ଲମ୍ବା କେଶଗୁଚ୍ଛ, ଜଟ ।

**ଜଁଟିଲ୍ ତେଲ୍** *ବି.* ଫିନାଇଲ୍, ଗାଈଗୋରୁଙ୍କ ଘା' ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଏକ ପ୍ରକାର ତରଳ ରାସାୟନିକ ଔଷଧ ।

**ଜଁତ୍** *ବି.* ଜନ୍ତୁ, ଜଙ୍ଗଲୀ ପଶୁ ।

**ଜଁତା** *ବି.* ଘୋରଣା ଚକି ।

**ଜଂଘ** *ବି.* ଦେହର ଆଣ୍ଠୁଠାରୁ ଅଣ୍ଟା ତଳ ପର୍ଯ୍ୟନ୍ତ ଅଂଶ ।

**ଜଂଘା** *ବି.* ୧. ଜଙ୍ଘବ୍ରଣ, ଜଙ୍ଘ ସନ୍ଧିରେ ଉଠୁଥିବା ବଥ ୨. ଜଂଘିଆ, ଚଡ଼ି ।

**ଜଂଘାବଳ** *ବି.* ଜଂଘାଳ, ଦ୍ରୁତଗାମୀ ବ୍ୟକ୍ତି, ଅତି ଦ୍ରୁତଗତିରେ ଯାଇ ସମ୍ବାଦ ବା ଚିଠି ଦେଇପାରୁଥିବା ଧାବକ ।

**ଜଂଘାଳ** *ବିଂ.* ଦ୍ରୁତଗାମୀ, ଖୁବ୍ ବେଗରେ ଗତି କରୁଥିବା, ବେଗଗାମୀ ; *ବି.* ୧. ଧାଆଁଳ ପାଇକ ୨. ହରିଣ ।

**ଜଂଘି, ଜଂଘିଆ** *ବି.* ଜଂଘ ଯାଏ ପିନ୍ଧା ଯାଉଥିବା ଅନ୍ତର୍ବାସ, ଚଡ଼ି, ଅଣ୍ଡରୱେର୍ ।

**ଜଅଁରା** *ବି.* ୧. ମୃତ୍ୟୁର ଦେବତା, ଯମ, ଯମରାଜ ୨. ମୃତ୍ୟୁ ।

**ଜଅଁଲା ଜିଆଁ** *ବିଂ.* ଯମଜ, ଯାଆଁଳା, ଯୁଗ୍ମଜାତ ।

**ଜଉ** *ବି.* ଲାଖ, ଲାକ୍ଷା ।

**ଜଉଆପୋକ** *ବି.* ଜଉପୋକ, ଧାନ ଗଛରେ ଲାଗୁଥିବା ଏକ ପ୍ରକାର ପୋକ।

**ଜଉଡ଼ାବ** *ବି.* ଜଉରେ ତିଆରି କୁମ୍ଭା ଭଳି ଏକ ପାତ୍ର ଯହିଁରେ ଫଗୁ ରଖାଯାଇଥାଏ : ଶ୍ରୀମନ୍ଦିର ନୀତି ଅନୁଯାୟୀ ମୁଦିରଥ ଏହି ଜଉଡାବକୁ ସଂସ୍କାର ପରେ ତିନିଆଡ଼କୁ ଛାଟନ୍ତି ଏବଂ ଡାବ ଫାଟି ଶ୍ରୀଅଙ୍ଗ ଫଗୁରେ ରଞ୍ଜିତ ହୁଏ ।

**ଜଉମୁଦ** *ବି.* ଗରମ ଓ ଅର୍ଦ୍ଧତରଳ ଜଉ ବା ଲାଖରେ ମୁଦି, ସିଲ୍ ପ୍ରଭୃତିର ଚିହ୍ନ ଦେଇ ଲଫାଫା ଆଦି ବନ୍ଦ କରିବା ବ୍ୟବସ୍ଥା, ସିଲ୍ ।

**ଜଏଣ୍ଟ** *ବି.* ଯୋଡ଼, ସନ୍ଧିଜାଗା, ଗଣ୍ଠି ; *ବିଂ.* ୧. ସଂଯୁକ୍ତ, ମିଳିତ, ଇଜମାଇଲି, ଏକାଧିକ ବ୍ୟକ୍ତିଙ୍କ ଅଧିକାରରେଥିବା ୨. ଯୁଗ୍ମ ।

**ଜଏଣ୍ଟ ଏକାଉଣ୍ଟ** *ବି.* ସଂଯୁକ୍ତ ଜମାଖାତା, ଏକାଧିକ ଲୋକଙ୍କ ନାମରେ ଥିବା ବ୍ୟାଙ୍କ ଏକାଉଣ୍ଟ ।

**ଜଏଣ୍ଟ ସେକ୍ରେଟାରୀ** *ବି.* ୧. ସରକାରଙ୍କ ଯୁଗ୍ମ ଶାସନସଚିବ, ସଂଯୁକ୍ତ ସଚିବ ୨. ସଙ୍ଗଠନର ଯୁଗ୍ମ ସମ୍ପାଦକ, ସଂଯୁକ୍ତ ସମ୍ପାଦକ ।

**ଜଏଣ୍ଟ ସେସନ୍** *ବି.* ବିଧାନସଭା ଓ ବିଧାନ ପରିଷଦ ଅଥବା ଲୋକସଭା ଓ ରାଜ୍ୟ ସଭାର ମିଳିତ ଅଧିବେଶନ ।

**ଜଏଣ୍ଟ ଷ୍ଟକ୍ କମ୍ପାନୀ** *ବି.* ଯୌଥ କାରବାର କରୁଥିବା ବାଣିଜ୍ୟିକ ପ୍ରତିଷ୍ଠାନ ।

**ଜଏନ୍ କରିବା** *କ୍ରି.* ୧. ନୂଆ ଚାକିରିରେ ବା ନୂଆ କର୍ମସ୍ଥଳରେ ବିଧିବଦ୍ଧ ଭାବରେ କାର୍ଯ୍ୟରେ ଯୋଗଦେବା ୨. ଅନ୍ୟମାନଙ୍କ ସହ କୌଣସି କାର୍ଯ୍ୟରେ ଯୋଗଦେବା।

**ଜଏନ୍ ହେବା** *କ୍ରି.* ୧. ପରିପୂର୍ଣ୍ଣ ହେବା ବା ବହଳ (ତରକାରୀ) ୨. ଚାକିରୀ ଆଦିରେ ଯୋଗ ଦେବା।

**ଜଏନିଂ ଡେଟ୍** *ବି.* କାର୍ଯ୍ୟରେ ଯୋଗଦାନ ତାରିଖ ।

**ଜଏନିଂ ଟାଇମ୍** *ବି.* ଯୋଗଦାନ ସମୟ, ନୂତନ କର୍ମସ୍ଥଳରେ ଯୋଗଦେବା ପାଇଁ ଆଦେଶ ଅପେକ୍ଷାରେ ଥିବା ଅବଧି ।

**ଜଏନିଂ ରିପୋର୍ଟ୍** *ବି.* କାର୍ଯ୍ୟରେ ଯୋଗଦାନ ରିପୋର୍ଟ ବା ବିବରଣୀ ।

**ଜଏମୁନି** *ବି.* ବିଜୟପ୍ରଦାନ କରନ୍ତି ବୋଲି ବିଶ୍ୱାସ କରାଯାଉଥିବା ତନ୍ତ୍ରଦେବୀ ବିଶେଷ ।

**ଜକ୍** *ବିଂ.* ୧. ହଲଚଲ ୨. ପ୍ରତିକ୍ରିୟା ପ୍ରକାଶ କରୁ ନଥିବା, ଉତ୍ତର ଦେଉ ନଥିବା ।

**ଜକ୍‌ଜକ୍‌ନି** *କ୍ରିବିଂ.* ଦୃଢ଼ ଭାବରେ, ଆଣ୍ଟକରି ।

**ଜକ୍‌ରିବା** *କ୍ରି.* ୧. ଧରିବା ୨. ଟାକି ରହିବା, ଅପେକ୍ଷା କରି ବସି ରହିବା ୩. ଲାଗିପଡ଼ି ଆପଣା ପ୍ରାପ୍ୟ ଅନ୍ୟଠାରୁ ଆଦାୟ କରିବା ।

**ଜକ୍‌ଲାବା** *କ୍ରି.* ଅତ୍ୟଧିକ କ୍ଳାନ୍ତି ବା ନିଦ ମାଡ଼ିବା ଯୋଗୁଁ ଅସଂହତ ବ୍ୟବହାର ବା କଥାବାର୍ତ୍ତା କରିବା ।

**ଜକ୍‌ଲିବା** *କ୍ରି.* ଢୁଳାଇବା, ଘୁମାଇବା, ନିଦ ମାଡ଼ିବାରୁ ନିସ୍ତେଜ ହେବା ।

**ଜକ** *ବି.* ସନ୍ତସନ୍ତିଆ ବା ଆର୍ଦ୍ର ଅବସ୍ଥା, ଓଲ୍ ।

**ଜକଜକ** *ବିଂ.* ଉଜ୍ଜ୍ୱଳ, ଚକ୍‌ଚକ୍, ଆଲୋକିତ, ଜଗମଗ ।

**ଜକରା** *ବି.* ୧. ଝର, ନିର୍ଝର ୨. ଉତ୍ସ ।

**ଜକା** *ବିଂ.* ୧. କୃପଣ, କାମ୍ପି, ଟଙ୍କାପଇସା ଜାକି ରଖିବାରେ ବିଶ୍ୱାସୀ ୨. ମିତବ୍ୟୟୀ, ଅତିଶୟ ସଂଚୟପ୍ରବଣ ୩. ଅନ୍ୟ କୌଣସି ବସ୍ତୁ ମଧ୍ୟରେ ରଖା ହୋଇଥିବା ୪. ଚିପିକରି ବା ଚାପାଦେଇ ରଖା ହୋଇଥିବା ।

**ଉକାଇବା, ଉକେଇବା** ***କ୍ରି.*** ୧. ସନ୍ତେଇବା, ଓଦାଳିଆ ହେବା, ଆର୍ଦ୍ର ହେବା, ଓଲ୍ ଚଢ଼ିବା, ସନ୍ତସନ୍ତିଆ ହେବା ୨. ଅଳ୍ପ ଅଳ୍ପ ଓଦାଳିଆ ପଦାର୍ଥ ପଦାକୁ ବାହାରି ଆସିବା ।

**ଉକାଉକି** ***କ୍ରି.ବିଂ.*** ୧. ପରସ୍ପର ନିବିଡ଼ ଭାବରେ ଲଗାଲଗି ହୋଇ ୨. ଭିଡ଼ାଭିଡ଼ି, ଲଗାଲଗି ; ***ବି.*** ୧. ଅତ୍ୟନ୍ତ ଭିଡ଼ ବା ଗହଳିରେ ରହିବା ବା ବସିବା ଅବସ୍ଥା ୨. ଚିପାଚିପି, ଚିପିବା କାର୍ଯ୍ୟ ।

**ଉଖଡ଼ା** ***ବି.*** ଆଡ଼ବାୟା, ବାତୁଳ ଭଳି ବ୍ୟବହାର କରୁଥିବା ଲୋକ ।

**ଉଖୁଲିଆ** ***ବିଂ.*** କୌଣସି ବିଷୟକୁ ଗୁରୁତ୍ୱ ନ ଦେଇଥିବା, ଉପର ଠାଉରିଆ ।

**ଉଖ** ***ବି.*** ୧. ଯକ୍ଷ ୨. କୃପଣ, କାମ୍ପି ୩. କଠୋର ବ୍ୟକ୍ତି ୪. ନାଗ, କଳ୍ପିତ ସରୀସୃପ (ପ୍ରବାଦ ଅଛି ଯେ, କୌଣସି ସ୍ଥାନରେ ସୁନା ଅନେକ ଦିନଯାଏ ପୋତା ହୋଇ ରହିଲେ ତାହା ଜନ୍ତୁ ପାଲଟି ଯାଇ ଭ୍ରମଣଶୀଳ ହୁଏ, ଏବଂ ସେହି ଭ୍ରମଣଶୀଳ ସ୍ୱର୍ଣ୍ଣରାଶିକୁ ଜଖ କୁହନ୍ତି ) ।

**ଉଖମ** ***ବି.*** ଆଘାତ ଯୋଗୁଁ ଦରଜ ବା କ୍ଷତ ।

**ଉଖମା** ***ବିଂ.*** ଆଘାତପ୍ରାପ୍ତ, ଆହତ, ଜଖମ ହୋଇଥିବା ।

**ଉଖମି** ***ବିଂ.*** ୧. ଜଖମା ୨. ଜଖମ ସମ୍ବନ୍ଧିତ ।

**ଉଖା** ***ବି.ବିଂ.*** ଆଡ଼ବାୟା, ଆଡ଼ପାଗଳା ।

**ଉଗ୍** ***ବି.*** ପାଣି ରଖିବା ପାଇଁ ଗହିରିଆ ପାତ୍ର ।

**ଉଗ୍ ଜାହିର୍** ***କ୍ରି.ବିଂ.*** ପ୍ରକାଶ୍ୟ ଭାବରେ, ସମସ୍ତଙ୍କ ଜାଣତରେ, ଖୋଲାଖୋଲି ।

**ଉଗ୍‌ଜିତା** ***ବିଂ. ବି.*** ପାରିବାପଣ ଦେଖାଇ ହେଉଥିବା ନାରୀ, ଅହଙ୍କାରୀ ନାରୀ ।

**ଉଗଜ୍ଜନନୀ** ***ବି.*** ଜଗତର ଜନ୍ମଦାତ୍ରୀ, ଦୁର୍ଗା, କାଳୀ, ପରମେଶ୍ୱରୀ ।

**ଉଗଝମ୍ପା** ***ବି.*** ଅତୀତରେ ଯୁଦ୍ଧ ସମୟରେ ବ୍ୟବହୃତ ଢୋଲ ଜାତୀୟ ବାଦ୍ୟ ।

**ଉଗଡ଼ଦମ୍** ***ବି.*** ଜାବୋଡ଼ି ଧରିବା ଅବସ୍ଥା ।

**ଉଗତ୍‌ଜିତା** ***ବିଂ.*** ୧. ଜଗଜ୍ଜିତା ୨. ଜଗତକୁ ଜୟ କରିଥିବା ।

**ଉଗତ** ***ବି.*** ୧. ପୃଥିବୀ ୨. ବିଶ୍ୱ, ସଂସାର ।

**ଉଗତି** ***ବି.*** ୧. ଉଚ୍ଚବେଦୀ, ପିଣ୍ଡିକା ୨. କୋଠାଘର ଉପରେ ଥିବା ଚନ୍ଦ୍ରଶାଳା ୩. ପୋଖରୀ ମଝିରେ ନିର୍ମିତ କେଳିଗୃହ ।

**ଜଗତିକରଣ** ***ବି.*** ବିଂଶ ଶତାବ୍ଦୀର ଶେଷ ଭାଗରେ ଘଟିଥିବା ଇଣ୍ଟରନେଟ ଏବଂ ମୁକ୍ତବଜାର ଅର୍ଥନୀତି ଯୋଗୁଁ ପୃଥିବୀର ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଗଢ଼ିଉଠିଥିବା ସମ୍ପର୍କ, ଗ୍ଲୋବାଲାଇଜେସନ।

**ଜଗତୀ** ***ବି.*** ୧. ଉଚ୍ଚବେଦୀ ୨. ପୃଥିବୀ।

**ଉଗଦମ୍ବା** ***ବି.*** ଦୁର୍ଗା, ଜଗତର ମା ।

**ଉଗଦୀଶ** ***ବି.*** ସମଗ୍ର ଜଗତ୍‌ର ପ୍ରଭୁ, ଭଗବାନ, ଜଗନ୍ନାଥ, ବିଷ୍ଣୁ ।

**ଉଗଦ୍ଧାତ୍ରୀ** ***ବି.*** ଦୁର୍ଗା, ସମଗ୍ର ଜଗତର ପାଳନକର୍ତ୍ତ୍ରୀ ।

**ଉଗନ୍ନାଥ** ***ବି.*** ୧. ଜଗତର ନାଥ ୨. ପୁରୀ କ୍ଷେତ୍ରସ୍ଥ ଦାରୁ ନିର୍ମିତ ବିଷ୍ଣୁ ପ୍ରତିମା, ପୁରୁଷୋତ୍ତମ ।

**ଉଗନ୍ନାଥବଲ୍ଲଭ** ***ବି.*** ୧. ଅଟା, ଚିନି ଓ ଘିଅରେ ପ୍ରସ୍ତୁତ ଏକ ମିଠାଳିଆ ଖାଦ୍ୟ-ଯାହା ଶ୍ରୀ ଜଗନ୍ନାଥଙ୍କୁ ଭୋଗ ଦିଆଯାଏ ୨. ପୁରୀ ବଡଦାଣ୍ଡରେ ରାୟ ରାମାନନ୍ଦଙ୍କଦ୍ୱାରା ପ୍ରତିଷ୍ଠିତ ମଠ ।

**ଉଗମୋହନ** ***ବି.*** ୧. ପ୍ରଧାନ ଦେଉଳକୁ ଲାଗି ସମ୍ମୁଖରେ ଥିବା ଛୋଟ ଦେଉଳ, ମନ୍ଦିରର ଗର୍ଭଗୃହ ସମ୍ମୁଖରେ ଦର୍ଶନାର୍ଥୀଙ୍କ ସମାବେଶ ଉଦ୍ଦେଶ୍ୟରେ ନିର୍ମିତ ମଣ୍ଡପ, ମୁଖମଣ୍ଡପ, ନାଟମନ୍ଦିର ।

**ଉଗମୋହନ ରାମାୟଣ** ***ବି.*** କବି ବଳରାମ ଦାସ ରଚିତ ଓଡ଼ିଆ ରାମାୟଣ (ପୁରୀ ଶ୍ରୀମନ୍ଦିର ବେଢ଼ା ଭିତରେ ଥିବା ଜଗମୋହନରେ ବସି ରଚନା ଓ ଆବୃତ୍ତି କରୁଥିବାରୁ ଏହାର ନାମ ଜଗମୋହନ ରାମାୟଣ), ଦାଣ୍ଡି ରାମାୟଣ ।

**ଉଗଲ୍** ***ବି.*** ପୋଖରୀରେ ହେଉଥିବା ଏକ ପ୍ରକାର ଦଳ ।

**ଉଗା** ***ବି.*** ୧. ଜଗନ୍ନାଥ ୨. ଜଗିବା କାର୍ଯ୍ୟ ୩. ଜଗିବା ଲୋକ, ଜଗୁଆଳ, ଜଗିଆ।

**ଜଗାବା** ***କ୍ରି.*** (ଗଛଲତା ଆଦି) ରୋପଣ କରିବା ।

**ଉଗାରଖା** ***ବି.*** ରକ୍ଷଣାବେକ୍ଷଣ, ନିରାପତ୍ତା ବା ସୁରକ୍ଷା ସହ ସଂରକ୍ଷଣ କାର୍ଯ୍ୟ ।

**ଉଗାଳ, ଉଗାଳି** ***ବିଂ.*** ୧. ଜଗୁଆଳ, ଜଗୁଆଳି, ଯେ ଜଗେ, ଦେଖାଚାହାଁ କରୁଥିବା ୨. ପ୍ରହରୀ, ରଖୁଆଳ ।

**ଉଗିଆ** ***ବି.*** ୧. ଘରଦ୍ୱାର ଜଗିବା ଦାୟିତ୍ୱରେ ଥିବା ଲୋକ ୨. ଜଗୁଆଳ, ପ୍ରହରୀ ୩. ଚରିଆ, ଗାଈଗୋରୁ ଚରାଇବା ପାଇଁ ନିଯୁକ୍ତ ଲୋକ।

**ଜଗିଆ ମହାସୁଆର** ***ବି.*** ଶ୍ରୀମନ୍ଦିରରେ ମହାସୁଆର ସେବକ ବିଶେଷ।

**ଉଗିଙ୍ଗ୍** ***ବି.*** ଧିମାଗତିରେ ଦୌଡ଼, ଆସ୍ତେଆସ୍ତେ ଦୌଡ଼ିବା, ଲୁହୁଙ୍ଗି ମାରି ଧାଇଁବା ।

**ଉଗିବା** ***କ୍ରି.*** ୧. କ୍ଷତି, ଚୋରି, ଡକାୟତି ପ୍ରଭୃତିରୁ ରକ୍ଷା କରିବାପାଇଁ ସତର୍କ ରହିବା ୨. ରକ୍ଷା କରିବା ୩. ଜାଗ୍ରତ ରହିବା ୪ ସତର୍କ ରହିବା ୫. ଅପେକ୍ଷା କରିବା, ଟାକିବା, ପ୍ରତୀକ୍ଷା କରିବା ୬. ଗାଈଗୋରୁ ଚରାଇବା ।

**ଉଗୁଆଳ, ଉଗୁଆଳି** ***ବି.*** ୧. ରକ୍ଷକ, ଜଗିଆ, ଜଗିବା ଲୋକ ୨. ଚରିଆ, ଗାଈଗୋରୁ ପ୍ରଭୃତି ଜଗିବା ଲୋକ ।

**ଉଘନ** ***ବି.*** ୧. ସ୍ତ୍ରୀଲୋକଙ୍କ ଜଙ୍ଘ, ପିଚାର ସାମନା ପାଖ ୨. ଜୀବର ଅଣ୍ଟାତଳ ଓ ଆଣ୍ଠୁ ଉପରର ମଝିଅଂଶ ।

**ଜଘନ୍ୟ ବିଂ** ୧. ଗର୍ହିତ ୨. ଅତି ଘୃଣ୍ୟ, ଅତି ନିନ୍ଦନୀୟ ୩. ହୀନ ।

**ଜଙ୍କ୍ ବି.** ଜଳୀୟ ପଦାର୍ଥର ସଂସ୍ପର୍ଶରେ ଆସିବା ଫଳରେ ଲୁହାର ପ୍ରାପ୍ତ ଅବସ୍ଥା, କଳଙ୍କି, ରଷ୍ଟ୍ ।

**ଜଙ୍କ୍ ଫୁଡ୍ ବି.** ପାଟି ସୁଆଦିଆ କିନ୍ତୁ ସ୍ୱାସ୍ଥ୍ୟ ହାନିକାରକ ଖାଦ୍ୟ ।

**ଜଙ୍ଗ୍ ବି.** ୧. ଜଙ୍କ୍, କଳଙ୍କି ୨. ଯୁଦ୍ଧ, ଲଢ଼େଇ ।

**ଜଙ୍ଗ୍‌ବାହାଦୁର ବିଂ** ଯୁଦ୍ଧରେ ନିପୁଣ, ଲଢ଼େଇ ସମର୍ଥ ।

**ଜଙ୍ଗମ ବିଂ** ଗତିଶୀଳ, ଚଳନ୍ତି, ଅସ୍ଥାବର ।

**ଜଙ୍ଗଲ ବି.** ୧. ବଣ, ଅରଣ୍ୟ, ବିପିନ ୨. ଅଯତ୍ନବର୍ଦ୍ଧିତ ଗଛଲତା ଥିବା ସ୍ଥାନ, ଅରମା ଜାଗା ।

**ଜଙ୍ଗଲିଆ ବିଂ** ୧. ବନ୍ୟ, ବଣ ସମ୍ବନ୍ଧିତ ୨. ଜଙ୍ଗଲରେ ମିଳୁଥିବା ୩. ଜଙ୍ଗଲଭଳି ଗଛବୃକ୍ଷପୂର୍ଣ୍ଣ ।

**ଜଙ୍ଗଲୀ ବିଂ** ୧. ଜଙ୍ଗଲସମ୍ପର୍କିତ ୨. ଜଙ୍ଗଲିଆ, ବନ୍ୟ ୩. (ନିନ୍ଦାସୂଚକ) ଅସଭ୍ୟ, ଅମାର୍ଜିତ ୩. ବଣରେ ରହୁଥିବା ।

**ଜଙ୍ଗି ବିଂ** ସାମରିକ, ଯୁଦ୍ଧ ସମ୍ବନ୍ଧୀୟ ; **ବି.** ଯୋଦ୍ଧା ।

**ଜଙ୍ଗି ଦେବତା ବି.** ୧. ଆଦିବାସୀ ସମ୍ପ୍ରଦାୟଦ୍ୱାରା ପୂଜିତ ଦାରୁ ଦେବତା ୨. ଜଗନ୍ନାଥ ।

**ଜଙ୍ଗି ମାର୍‌ବା କ୍ରି.** ଚାଷ ଜମିର ଆୟତନ ବଢ଼ାଇବା ପାଇଁ ହିଡ଼ର ଭିତର ପାଖ କାଟିବା ।

**ଜଙ୍ଗିଲାଟ୍ ବି.** ବ୍ରିଟିଶ ଶାସନ କାଳରେ ଭାରତୀୟ ସୈନ୍ୟ ବାହିନୀର ପ୍ରଧାନ ସେନାପତି, ସାମରିକ ପ୍ରଶାସକ ।

**ଜଙ୍ଗୁଳ ବି.** ବିଷ, ଜହର, ଜୀବନହାରକ ପଦାର୍ଥ ।

**ଜଙ୍ଘି ବି.** ପାଇଜାମା, ଚଡ଼ି ।

**ଜଙ୍ଘିଆ ବି.** କାଛା ବା ଜଙ୍ଘି ।

**ଜଙ୍ଘିଭାଲୁ ବି.** ଛୋଟଭାଲୁ, ଗାଡ଼ଭାଲୁ ।

**ଜଜ୍ ବି.** ୧. ବିଚାରପତି, ବିଚାରକ, ନ୍ୟାୟାଧୀଶ, ବିଚାରାଳୟରେ ମାମଲା ବିଚାର କରି ନ୍ୟାୟ ପ୍ରଦାନ କରୁଥିବା ବ୍ୟକ୍ତି ୨. ଯେ କୌଣସି ପ୍ରତିଯୋଗିତାର ବିଚାରକ ।

**ଜଜ୍‌କୋର୍ଟ୍ ବି.**ଜିଲ୍ଲାସ୍ତରୀୟ ନ୍ୟାୟାଳୟ, ବିଚାରପତିଙ୍କ କାର୍ଯ୍ୟାଳୟ, କଚେରୀ ।

**ଜଜ୍‌ବଜ୍ ବିଂ**ପ୍ରଚୁର, ଯଥେଷ୍ଟ, ବହୁତ ପରିମାଣର ।

**ଜଜ୍‌ମେଣ୍ଟ ବି.** ୧. ନ୍ୟାୟ ପାଳିକାର ଫଇସଲା, ମୋକଦ୍ଦମା ଶୁଣାଣି ପରେ ଦିଆଯାଉଥିବା ରାୟ, ନ୍ୟାୟାଦେଶ, ନ୍ୟାୟ ବିଚାର ୨. ପ୍ରତିଯୋଗିତା ବା ମୋକଦ୍ଦମାର ଫଳାଫଳ ।

**ଜଜା(ଝା)ଙ୍ଗ ବି.** ଏକପ୍ରକାର ଗଛ ଓ ତାହାର ଫଳ ।

**ଜଞ୍ଜାଳ ବି.** ୧. ଝଂଝଟ, ସମସ୍ୟା ୨. ଅଧିକ ଦାୟିତ୍ୱଯୋଗୁଁ ମାନସିକ ଚାପ ୩. ଅସ୍ୱସ୍ତିକର ବା ଅନାବଶ୍ୟକ ବିଷୟ ।

**ଜଞ୍ଜାଳିଆ ବିଂ** ୧. ଜଞ୍ଜାଳଯୁକ୍ତ, ଜଞ୍ଜାଳ ବା ସମସ୍ୟାରେ ଘାଣ୍ଟି ହେଉଥିବା ୨. ସମସ୍ୟା ପୀଡ଼ିତ ।

**ଜଞ୍ଜିର ବି.** ୧. ବାନ୍ଧିବା ପାଇଁ ବ୍ୟବହୃତ ଧାତୁ ମୁଦିଆରେ ତିଆରି ଶକ୍ତ ଓ ଲମ୍ବ ଉପକରଣ, ଚେନ୍ ୨. ଶିକୁଳି, ଶିକୁଳା ୩. ପଟୁଆରୀ ବ୍ୟବହାର କରୁଥିବା ଜମିମପା ଚେନ୍ ।

**ଜଟ୍‌ବା କ୍ରି.** ୧. ଠକିବା, ଭଣ୍ଡିବା ୨. ଅନଧିକାର ଭାବେ ଦଖଲ କରିବା ।

**ଜଟ ବି.** ୧. ଶିଶୁ ଓ ସ୍ତ୍ରୀମାନଙ୍କର ଏକ ପ୍ରକାର କେଶ ପ୍ରସାଧନ ୨. ସଂହତ ଓ ସୁବିନ୍ୟସ୍ତ କେଶଗୁଚ୍ଛ ୩. ଜଟା ୪. ଦୟଣା, ତୁଳସୀ ପ୍ରଭୃତିର ମଞ୍ଜରୀ ୫. ନାଡ଼, ଡେମ୍ଫକୁ ଡେମ୍ଫ ଗୁଞ୍ଜାହୋଇ ସଜା ହୋଇଥିବା ଫୁଲ ।

**ଜଟଜଟିଆ ବି.** ଦେହ ବା ଲୁଗାରେ ଲାଗି ଯାଉଥିବା ଆଂଶ ବିଶିଷ୍ଟ ଅଠାଳିଆ ମଞ୍ଜିଯୁକ୍ତ ଗୁଳ୍ମ ।

**ଜଟା ବି.** ୧. ବରଗଛର କ୍ଷୀର ବା ସେଭଳି ଅଠା ଦେଇ ବିନ୍ୟାସ କରାଯାଇଥିବା ଦୀର୍ଘ ମୁଣ୍ଡବାଳ ୨. ଜଟ ଆକୃତିର ଫୁଲ, କଢ଼ ବା ମଞ୍ଜରୀ, ତୁଳସୀର ମଞ୍ଜରୀ ୩. ବରଗଛର ଓହଳ ୪. ସୁବିନ୍ୟସ୍ତ କେଶଗୁଚ୍ଛ ୫. ନାରୀମାନଙ୍କ କେଶ ବିନ୍ୟାସ ବିଶେଷ ୬. ଘୋଡା, ସିଂହ ଆଦି ପଶୁଙ୍କ ପିଠିରେ ଥିବା କେଶ ଗୁଚ୍ଛ, କେଶର ।

**ଜଟାଜଟି ବି.** ୧. ଠକାଠକି ୨. ପରସ୍ପରସହ ଛନ୍ଦାଛନ୍ଦି, ଗୁଡ଼େଇତୁଡ଼େଇ ।

**ଜଟାଜୁଟ ବି.** ଜଟାଗୁଚ୍ଛ, ବେଣ୍ଟିପକା ଜଟା, ବରଅଠା ବା ସେଭଳି କିଛି ପଦାର୍ଥ କେଶରେ ବୋଳି କରାଯାଉଥିବା ବେଣ୍ଟି ।

**ଜଟାଧର, ଜଟାଧାରୀ ବିଂ** ୧. ସନ୍ନ୍ୟାସୀ, ଜଟାଧାରଣ କରିଥିବା ଲୋକ **ବି.** ଶିବ, ମହାଦେବ ।

**ଜଟାମାଂସୀ ବି.** ୧. ଲତା ବିଶେଷ ୨. ଗନ୍ଧଦ୍ରବ୍ୟ ବିଶେଷ ।

**ଜଟିଆ ବିଂ** ଜଟାଧାରୀ ; **ବି.** ମହାଦେବ ।

**ଜଟିଖିଆ, ଜଁଟିଖିଆ ବି.ବିଂ** ଅନ୍ୟକୁ ଠକି ଭଣ୍ଡି ଗୁଜରାଣ ମେଣ୍ଟାଉଥିବା ଲୋକ, ଠକି ଖାଇବା ବ୍ୟକ୍ତି ।

**ଜଟିଦେବା କ୍ରି.**ଠକି ଦେବା, ଚିତାକାଟିବା ।

**ଜଟିଳ ବିଂ** ୧. ଯାହା ସରଳ ବା ସୁବୋଧ୍ୟ ନୁହେଁ, ଦୁର୍ବୋଧ୍ୟ, କିଟିମିଟିଆ ୨. ଜଟାବିଶିଷ୍ଟ ।

**ଜଟିଳ ବାକ୍ୟ ବି.** ଯେଉଁ ବାକ୍ୟରେ ଏକ ବା ଏକାଧିକ ନିର୍ଭରଶୀଳ ଖଣ୍ଡବାକ୍ୟ ସହିତ ଏକ ବା ଏକାଧିକ ପ୍ରଧାନ ବାକ୍ୟ ଥାଏ ।

**ଜଟୁଳ, ଜଡୁଳ** *ବି.* ଜନ୍ମରୁ ଦେହରେ ଥିବା ପ୍ରାୟଶଃ ବଡ଼ ଆକାରର ତଥା ଲୋମଶ କଳାଜାଇ ମନ୍ଦା ।

**ଜଠର** *ବି.* ୧. ପେଟ ୨. ଗର୍ଭାଶୟ ।

**ଜଠରାଗ୍ନି** *ବି.* ୧. କ୍ଷୁଧାର ତାଡ଼ନା ୨. ପରିପାକ ଶକ୍ତି ୩. ଖାଇଥିବା ବସ୍ତୁକୁ ହଜମ କରିବା ପାଇଁ ପେଟରେ ଥିବା ରସ, ଜଠର ରସ ।

**ଜଠରାନଳ** *ବି.* ଭୋକର ନିଆଁ, ଅତିଭୋକ, ଜଠରାଗ୍ନି ।

**ଜଠରାମୟ** *ବି.* ପାଣି ଜମି ପେଟ ଫୁଲିଯାଉଥିବା ରୋଗ, ଜଳୋଦରୀ ରୋଗ ।

**ଜଡ଼** *ବିଂ.* ୧. ଅଚେତନ, ପ୍ରାଣହୀନ, ନିଷ୍ପ୍ରାଣ ୨. ଯାହା ଭୌତିକ ବା ଇନ୍ଦ୍ରିୟଦ୍ୱାରା ଗ୍ରାହ୍ୟ, ପରିଦୃଶ୍ୟମାନ (ଜଗତ), ଇନ୍ଦ୍ରିୟଦ୍ୱାରା ଉପଲବ୍ଧି ବା ଅନୁଭବ କରାଯିବା (ବାହ୍ୟ ପୃଥିବୀ) ୩. ସ୍ଫୂର୍ତ୍ତିହୀନ, ମାନ୍ଦା, ଉତ୍ସାହହୀନ ୪. ଆଜନ୍ମ ନିର୍ବୋଧ, ମାନସିକ ଅନଗ୍ରସର; *ବି.* ଜଡ଼ା, ବେଡ଼ା ।

**ଜଡ଼ଉତ** *ବି.* ଜରି ଜମୁରାରେ ସାଜସଜ୍ଜା, ଜରି ଓ ଚକମକ କରୁଥିବା ପଦାର୍ଥଦ୍ୱାରା ମଣ୍ଡନ ।

**ଜଡ଼ଚୈତନ୍ୟବାଦ** *ବି.* ମନ୍ତ୍ରତନ୍ତ୍ର ଓ ଭୂତପ୍ରେତ ସଂକ୍ରାନ୍ତ ଦର୍ଶନ ।

**ଜଡ଼ତା, ଜଡତ୍ୱ** *ବି.* ୧. ଚେତନାହୀନତା, ପ୍ରାଣ ବା ଚେତନା ନ ଥିବା ଅବସ୍ଥା, ବୁଦ୍ଧି ବା ଚୈତନ୍ୟର ଅଭାବ ୨. ସ୍ଥାଣୁତା, ସ୍ଫୂର୍ତ୍ତିହୀନତା, ଅକର୍ମଣ୍ୟତା ୩. ବ୍ୟାକରଣ ଅସ୍ପଷ୍ଟତା ୪. ଶରୀର ବା ମନର ଶିଥିଳତା, ମାନ୍ଦା ଅବସ୍ଥା ୫. ଶୀତଳତା, ଶୈତ୍ୟ ।

**ଜଡ଼ବର** *ବି.* ବୁଢ଼ାଗଛ, ପ୍ରାଚୀନ ବୃକ୍ଷ ।

**ଜଡ଼ବାଦ** *ବି.* ପ୍ରକୃତି ବା ପରିଦୃଶ୍ୟମାନ ଜଗତ୍ ହିଁ ଏକମାତ୍ର ସତ୍ୟ ଏବଂ ଚୈତନ୍ୟ ବା ଚେତନା ସେହି ଜଡ଼ ପ୍ରକୃତିଦ୍ୱାରା ନିୟନ୍ତ୍ରିତ–ଏହି ମତବାଦ ।

**ଜଡ଼ବାଦୀ** *ବିଂ.* ପରିଦୃଶ୍ୟମାନ ଜାଗତିକ ସତ୍ୟକୁ ବିଶ୍ୱାସ କରୁଥିବା ।

**ଜଡ଼ା** *ବିଂ.* ୧. ମୂକ ୨. ଗବ, ଏକ ପ୍ରକାରର ତୈଳବୀଜ ।

**ଜଡ଼ାଇବା** *କ୍ରି.* ୧. ଭିଡ଼ି ଧରିବା, ଜାକି ଧରିବା ୨. ଆଲିଙ୍ଗିବା ।

**ଜଡ଼ାଉ** *ବି.* ଜଡ଼ଉ, ରତ୍ନପଥର ପ୍ରଭୃତି ଖଞ୍ଜିବା କାମ ; *ବିଂ.* ପଥର, ରତ୍ନ ପ୍ରଭୃତି ଖଚିତ, ପଥର ବସା ।

**ଜଡ଼ାଗଛ** *ବି.*ଗବଗଛ, ଏରଣ୍ଡ (ଏହି ଗଛର ମଞ୍ଜିରୁ ଜଡ଼ା ତେଲ ପ୍ରସ୍ତୁତ ହୁଏ) ।

**ଜଡ଼ାତେଲ** *ବି.* ଜଡାଗଛ ଫଳର ମଞ୍ଜିରୁ ରନ୍ଧା ହୋଇ ପ୍ରସ୍ତୁତ ତେଲ ।

**ଜଡ଼ି** *ବି.* ଡୁଟୁକା ଔଷଧରେ ବ୍ୟବହୃତ ଚେରମୂଳୀ ।

**ଜଡ଼ିତ** *ବିଂ.* ୧. ସଂଶ୍ଳିଷ୍ଟ, ଲିପ୍ତ, ସଂଲଗ୍ନ ୨. ଆଚ୍ଛନ୍ନ, ପ୍ରଭାବିତ ୩. ବ୍ୟାପୃତ, ବେଷ୍ଟିତ ୪. ଖଚିତ, ଜଡ଼ାଉ ।

**ଜଡ଼ିବା** *କ୍ରି.* ୧. ଜାବୁଡ଼ି ଧରିବା ବା ଧରାହେବା, ଆଲିଙ୍ଗିତ ହେବା, ପୋଟାଳିବା ୨. ଖଞ୍ଜିବା, ଖଚିତହେବା ୩. ଲିପ୍ତହେବା, ଲାଗି ରହିବା, ମିଶିଯିବା ୪. ଝାଳିବା ବା ଝାଳି ହେବା ୫. ଟାଙ୍ଗଣା ସାହାଯ୍ୟରେ ଧାତୁ ଯୋଡ଼ିବା ବା ଜଡ଼ାଇବା ।

**ଜଡ଼ିବୁଟି** *ବି.* ଔଷଧ ତିଆରିରେ ବ୍ୟବହୃତ ଚେରମୂଳୀ ।

**ଜଡ଼ୀଭୂତ** *ବିଂ.* ୧. ଜଡ଼ତ୍ୱ ପ୍ରାପ୍ତ, ଜଡ଼ ପାଲଟି ଯାଇଥିବା ୨. ନିର୍ବାକ୍, ନିଷ୍ପନ୍ଦ ।

**ଜଡ଼ୋପାସନା** *ବି.* ଜଡ଼ଶକ୍ତି ବା ପ୍ରକୃତିର ଉପାସନା ।

**ଜଣ** *ବି.* ବ୍ୟକ୍ତିର ସଂଖ୍ୟା ।

**ଜଣକେ** *ଅ.* ପ୍ରତ୍ୟେକେ, ଜଣପିଛା ।

**ଜଣା** *ବିଂ.* ଜ୍ଞାତ, ଅବଗତ, ଉପଲବ୍ଧ, ପରିଚିତ ।

**ଜଣାଇବା** *କ୍ରି.* ୧. ଜ୍ଞାତ କରାଇବା, ଖବର ଓ ତଥ୍ୟ ପ୍ରଭୃତି ପ୍ରଦାନ କରିବା ୨. ନିବେଦନ କରିବା ୩. ଜ୍ଞାପନ କରିବା ।

**ଜଣା କରିବା** *କ୍ରି.* ନିବେଦନ କରିବା, ଗୁହାରି କରିବା ।

**ଜଣାଣ** *ବି.* ପ୍ରାର୍ଥନା, ସ୍ତବ, ସ୍ତୁତିଗୀତ ।

**ଜଣାଣି** *ବି.* ଗୁହାରି, ନିବେଦନ, ଅନୁରୋଧ ।

**ଜଣାଶୁଣା** *ବିଂ.* ୧. ସୁପରିଚିତ, ପ୍ରସିଦ୍ଧ, ଚିହ୍ନା ୨. ଘନିଷ୍ଠ ପରିଚୟ ଥିବା ।

**ଜଣ୍ଡିସ୍** *ବି.* କାମଳରୋଗ, ଯକୃତ୍ ଜନିତ ରୋଗ ବିଶେଷ –ଏଥିରେ ଆକ୍ରାନ୍ତ ହେଲେ ରୋଗୀର ଦେହ ହଳଦିଆ ପଡ଼ିଯାଏ ଏବଂ ତାକୁ ସବୁ ଜିନିଷ ହଳଦିଆ ଦେଖାଯାଏ ।

**ଜତ୍‌କତ୍, ଜତ୍‌ଖତ୍** *ବିଂ. କ୍ରିବିଂ.* ୧. ଇତସ୍ତତଃ, ବିକ୍ଷିପ୍ତ ଭାବରେ, ଅସଜଡା, ଅବ୍ୟବସ୍ଥିତ ୨. ଯାହିତାହି, ଯେକୌଣସି ପ୍ରକାରେ ।

**ଜତ୍‌ନାବା** *କ୍ରି.* ୧. ଯତ୍ନ ନେବା, ଲାଳନପାଳନ କରିବା ୨. ରୋଗୀର ସେବା ଶୁଶ୍ରୂଷା କରିବା, ତତ୍ତ୍ୱନେବା, ସେବାକରିବା ।

**ଜତ୍‌ନି, ଜନ୍ତଣି** *ବି.* ୧. ଖଳି, ଜତେନ୍ ୨. ଚାଉଳ ଚୂନା ବା ଅଟା ଓ ଗୁଡ଼ର ପାଗ ୩. ଜନ୍ତା ଯାଇଥିବା ଅଟା, ଚୂନା ଇତ୍ୟାଦି ।

**ଜତି** *ବି.* ୧. ଜଉ, ଲାକ୍ଷା ୨. ଅଳକ୍ତ, ଅଳତା, ପାଦରେ ଲଗା ଯାଉଥିବା ଲାଲ ରଙ୍ଗର ତରଳ ପ୍ରସାଧନ ସାମଗ୍ରୀ ।

**ଜତିଆ** *ବିଂ.* ଏହି ଆକାରର (ହାତ, ଗୋଡ଼ ବା ଜଙ୍ଘର ଆକାରର ଦୃଷ୍ଟାନ୍ତ ସହ କୁହାଯାଏ ଯଥା-ହାତପରି, ହାତଭଳିଆ) ।

**ଜତୁରସ** *ବି.* ଅଳତା, ଅଳକ୍ତକ, ଲାକ୍ଷାରସ ।

**ଜତେନ୍ ବି.** ଖଳି, ଜତନି, ଅଗ୍ନିସିଦ୍ଧ ଗୁଡ଼ମିଶା ଚାଉଳ ବା ଅଟାଚୂନା।

**ଜତ୍ତର ବିଂ.** ମୁହେଁମୁହେଁ ଟାଣ/ଅପ୍ରିୟ ସତ କଥା କହୁଥିବା, ମୁହଁଖୋର ।

**ଜଥା ବି.** ଧୋତି ଓ ଚାଦରର ଯୋଡ଼, ଦୁଇପଟ ଧୋତି ଏକତ୍ର ।

**ଜଥାକଥା ବିଂ.** ଯାହିତାହି, କୌଣସି ପ୍ରକାରେ ।

**ଜଧିରି ଅ.** ଯଦି (ସମ୍ଭାବନା ଅର୍ଥରେ) ।

**ଜନ୍ ବି.** ୧. ଜହ୍ନ, ଚନ୍ଦ୍ର ୨. ଜଣ (ବ୍ୟକ୍ତିଙ୍କ ସଂଖ୍ୟା) ।

**ଜନ୍ ଉଜିଆ ବି.** ଜ୍ୟୋତ୍ସ୍ନା, ଚନ୍ଦ୍ରର ଆଲୋକ, ଜହ୍ନଆଲୁଅ ।

**ଜନ୍ଉଦିଆ ବି.** ଜହ୍ନ ଉଇଁବା, ଚନ୍ଦ୍ରୋଦୟ ; **ବିଂ.** ଜ୍ୟୋସ୍ନାପ୍ଲାବିତ, ଚନ୍ଦ୍ରଉଦିଆ, ଚନ୍ଦ୍ର ଉଇଁଥିବା ।

**ଜନ୍ଲା ବି.** ଏକବୀଜପତ୍ରୀ ଗଛ ଓ ତାହାର ଫଳ, ମକା ।

**ଜନ ବି.** ୧. ଲୋକ ୨. ଲୋକସମୂହ ୩. ମାନବଜାତି ।

**ଜନକ୍ ରାଏତ୍ ବି.** ଜହ୍ନରାତି, ଚାନ୍ଦିନିରାତି ।

**ଜନକ ବି. ବିଂ.** ୧. ଜନ୍ମଦାତା, ଉତ୍ପାଦକ ୨. ବାପା, ପିତା ୩. ରାମାୟଣରେ ବର୍ଣ୍ଣିତ ସୀତାଙ୍କ ବାପା ।

**ଜନକପୁରୀ ବି.** (ପୁରୀ) ଗୁଣ୍ଡିଚାଘର।

**ଜନଗଣନା ବି.** ରାଜ୍ୟ ବା ଦେଶର ଜନସଂଖ୍ୟାର ଗଣତି ।

**ଜନତା ବି.** ସାମୂହିକ ଭାବରେ ସାଧାରଣ ମଣିଷ, ସାଧରଣ ଲୋକେ, ଲୋକ ସାଧାରଣ ।

**ଜନତା ଜନାର୍ଦ୍ଦନ ବି.** ସାଧାରଣ ଜନତାଙ୍କୁ ଜନାର୍ଦ୍ଦନ ବା ଈଶ୍ୱର ରୂପରେ ପରିକଳ୍ପନା ।

**ଜନନ ବି.** ଜନ୍ମଦେବା ପ୍ରକ୍ରିୟା ବା କାର୍ଯ୍ୟ, ପ୍ରଜନନ, ଉତ୍ପତ୍ତି ।

**ଜନନାୟକ ବି.** ସାଧାରଣ ଲୋକଙ୍କ ନେତା, ଜନଗଣଙ୍କର ନେତା, ରାଷ୍ଟ୍ର ବା ସମାଜର ସମ୍ମାନିତ ବ୍ୟକ୍ତି ।

**ଜନନାଶୌଚ ବି.** ଜନନ ଯୋଗୁଁ ଅଶୌଚ, ଛୁତିକିଆ, ଘରେ ବା କୁଟୁମ୍ବରେ ସନ୍ତାନ ଜନ୍ମ ଯୋଗୁଁ ପାଳିତ ହେବା ଅଶୌଚ ସମୟ ।

**ଜନନୀ ବି.** ମା, ମାତା, ଜନ୍ମଦେଇଥିବା ନାରୀ ।

**ଜନନେତା ବି.** ସାଧାରଣ ଲୋକଙ୍କୁ ନେତୃତ୍ୱ ଦେଉଥିବା ରାଜନୀତିକ ବ୍ୟକ୍ତି ।

**ଜନପଦ ବି.** ଲୋକେ ସ୍ଥାୟୀ ଭାବରେ ବସବାସ କରୁଥିବା ସ୍ଥାନ, ଜନବସତି, ଗ୍ରାମ, ଗାଁ ।

**ଜନପ୍ରବାଦ ବି.** ଲୋକମୁଖରେ ବହୁ ସମୟଧରି କୁହାହେବା କାହାଣୀ ବା ଗାଥା, ଜନଶ୍ରୁତି, କିମ୍ବଦନ୍ତୀ ।

**ଜନପ୍ରାଣୀ ବି.** ମଣିଷ ବା ଜୀବଜନ୍ତୁ ।

**ଜନପ୍ରିୟ ବିଂ.** ସାଧାରଣ ଲୋକମାନଙ୍କ ପାଖରେ ପ୍ରିୟ, ଯେଉଁ ବ୍ୟକ୍ତି ବା ବସ୍ତୁକୁ ଲୋକେ ସର୍ବାଧିକ ସଂଖ୍ୟାରେ ପସନ୍ଦ କରନ୍ତି ।

**ଜନବସତି ବି.** ଜନପଦ, ଲୋକେ ବସବାସ କରୁଥିବା ଅଞ୍ଚଳ ।

**ଜନମ୍‌ବେଢ଼ା ବି.** ଜନ୍ମରୁ ବୋକା, ଅପରିପକ୍ୱ ବ୍ୟକ୍ତି ।

**ଜନମାନବ ବି.** ଜନପ୍ରାଣୀ, ଲୋକବାକ ।

**ଜନରବ ବି.** ଲୋକମୁହଁରେ ରଟିବା କଥା, ଗୁଜବ ।

**ଜନଶ୍ରୁତି ବି.** ଲୋକମୁଖରେ କଥିତ, ଆଖ୍ୟାନ, ଜନପ୍ରବାଦ, କିମ୍ବଦନ୍ତୀ ।

**ଜନସୁମାରି ବି.** ଜନଗଣନା, ଲୋକମାନଙ୍କର ଗଣନା ।

**ଜନସ୍ରୋତ ବି.** ସୁଅ ଭଳି ଧାଉଁଥିବା ଅସୁମାରି ଲୋକ।

**ଜନା, ଜନାର୍ ବି.** ୧. ମକା ୨. ଭୁଟ୍ଟାଜାତୀୟ ଶସ୍ୟ ।

**ଜନାକାରି ବି.** ୧. ବଳପୂର୍ବକ ବା ଅବୈଧ ଭାବରେ ନାରୀ ସହିତ ଯୌନକ୍ରିୟା ୨. ନାରୀଧର୍ଷଣ, ଅନୈତିକ ଦୈହିକ ଯୌନସମ୍ପର୍କ, ପରସ୍ତ୍ରୀହରଣ ।

**ଜନାକାରୀ ବିଂ.** ୧. ଜନାକାରି ସମ୍ବନ୍ଧିତ ୨. ଧର୍ଷଣକାରୀ ।

**ଜନାକୀର୍ଣ୍ଣ ବିଂ.** ଲୋକବହୁଳ, ବହୁଲୋକରେ ଭର୍ତ୍ତି, ଜନବହୁଳ, ଜନଗହଳି ।

**ଜନାଦେଶ ବି.** ନିର୍ବାଚନ ପ୍ରଭୃତି ମାଧ୍ୟମରେ ସାଧାରଣ ଜନତା ବା ଭୋଟଦାତାଙ୍କ ସିଦ୍ଧାନ୍ତ ବା ବିଚାର, ନିର୍ବାଚନ ଫଳାଫଳ ।

**ଜନାନା ବି.** ୧. ସ୍ତ୍ରୀଲୋକ, ମହିଳା ୨. ପର୍ଦ୍ଦାନସୀନ ସ୍ତ୍ରୀଲୋକ ।

**ଜନାନା ଡବା ବି.** ଟ୍ରେନରେ ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ ସ୍ୱତନ୍ତ୍ର ଡବା ବା ବଗି ।

**ଜନାନାମହଲ ବି.** ଅନ୍ଦରମହଲ, ନାରୀ ଅନ୍ତଃପୁର, ଘରର ଭିତର ଭାଗ-ଯେଉଁଠି ସାଧାରଣତଃ ପରିବାରର ନାରୀମାନେ ରହନ୍ତି ।

**ଜନାନ୍ତିକ ବି.** ୧. କୌଣସି ଲୋକର ସମୀପ ବା ପାଖ ୨. ସମୀପସ୍ଥ ଅନ୍ୟ ଲୋକଙ୍କ ଆଗରେ ଗୋପନରେ ଅର୍ଥାତ୍ ଅନୁଚ୍ଚ ସ୍ୱରରେ ଦୁଇଜଣ ଅଭିନେତାଙ୍କ କଥୋପକଥନ, ଏସାଇଡ୍ ।

**ଜନାବ୍ ବି.** ୧. ମହାଶୟ ୨. ସଦାଶୟ ବ୍ୟକ୍ତି, ଆଶ୍ରୟଦାତା ବା ସାହାଯ୍ୟକାରୀ ବ୍ୟକ୍ତି ୩. ସମ୍ମାନସୂଚକ ସମ୍ବୋଧନ ।

**ଜନାର୍ଦ୍ଦନ ବି.** ବିଷ୍ଣୁ, ଶ୍ରୀକୃଷ୍ଣ, ଜନ ନାମକ ଅସୁରର ପୀଡ଼ାଦାତା ।

**ଜନି, ଜନିକା, ଜନୀ ବି.** ୧. ଜନ୍ମ, ଉତ୍ପତ୍ତି ୨. ମାତା ୩. ପତ୍ନୀ ୪. ବୋହୂ ୫. ମାତୃଜାତି ।

**ଜନିକା ବିଂ.** ଜନ୍ମଦାତ୍ରୀ, ଉତ୍ପାଦିକା ; **ବି.** ମା, ମାତା, ଜନନୀ ।

**ଜନିତ ବିଂ.** ୧. କାରଣଭୂତ, କୌଣସି କାରଣ ସ-କିତ ୨. କୌଣସି ନିର୍ଦ୍ଦିଷ୍ଟ ବସ୍ତୁରୁ ଜାତ ବା ଉତ୍ପନ୍ନ (ଉଦା. ଭାଇରସ୍‌ଜନିତ ଜର) ୩. ଉତ୍ପାଦିତ ।

**ଜନିତ୍ରୀ** ***ବି.*** ଜନୟିତ୍ରୀ, ଜନ୍ମ ଦେଇଥିବା ନାରୀ, ମା, ମାତା, ଜନନୀ ; ***ବିଂ.*** ଉତ୍ପାଦିକା, ଜାତ ବା ଉତ୍ପାଦନ କରୁଥିବା ।

**ଜନୀନ** ***ବିଂ.*** ଲୋକଙ୍କର ହିତକର ବା ପ୍ରୟୋଜନର ଅନୁକୂଳ ।

**ଜନ୍ତର, ଯନ୍ତର** ***ବି.*** ୧. କଳ, ଯନ୍ତ୍ର ୨. **ଯଂତ୍ର,** ଦେବପୂଜନ ନିମନ୍ତେ ଭୂମି ବା ଅନ୍ୟ କୌଣସି ପୃଷ୍ଠଭୂମିରେ ଅଙ୍କିତ ମଣ୍ଡଳ ୩. ଗୁଣିଗାରେଡ଼ି ।

**ଜନ୍ତରମନ୍ତର, ଯନ୍ତରମନ୍ତର** ***ବି.*** ଗୁଣିଗାରେଡ଼ି, ପାଙ୍ଗଣ, ତନ୍ତ୍ରବିଦ୍ୟା ।

**ଜନ୍ତା** ***ବି.*** ୧. ଗହମ, ଡାଲି ପ୍ରଭୃତି ପେଷାଯାଉଥିବା ପଥର ଚକି, ଘୋରଣା, ଜଂତା ୨. ଲିଆରୁ ଧାନଚୋପା ପ୍ରଭୃତି ଅଲଗା କରିବା ପାଇଁ ବାଉଁଶ କାଠିରେ ତିଆରି ଏକ ପ୍ରକାର ଉପକରଣ ୩. କୌଣସି ଜୀବକୁ କୌଶଳରେ ଧରିବା ପାଇଁ ବ୍ୟବହୃତ ଘରପରି ଯନ୍ତ୍ର ; ***ବିଂ.*** ଦଳା ବା ଖଳି କରାଯାଇଥିବା ।

**ଜନ୍ତାରୁଟି** ***ବି.*** ଖଳିରୁଟି ।

**ଜନ୍ତାଳ** ***ବି.*** ୧. ଗାଁ, ସାହି ବା ଜାତି ଭାଇଙ୍କର ମିଳିତ ଭେଦାରେ ଅନୁଷ୍ଠିତ ଭୋଜି ( ଦେଉଳ ବା ସାମୂହିକ ସ୍ଥାନରେ ) ୨. ସାମୂହିକ ଭୋଜି ।

**ଜନ୍ତିବା** ***କ୍ରି.*** ପାଣିମିଶା ଅଟା ବା ଚାଉଳ ଚୂନାକୁ ଚୁଲିରେ ବସିଥିବା ବେଳେ କ୍ରମାଗତ ଘାଣ୍ଟିବା, ଜତେନ୍ କରିବା ।

**ଜନ୍ତୁ** ***ବି.*** ୧. ମଣିଷ ଓ ପକ୍ଷୀ ବ୍ୟତୀତ ଅନ୍ୟ ସମସ୍ତ ପ୍ରାଣୀ (ଯଥା, ସାପ, ବାଘ, କୀଟ, କୃମି, ପୋକ) ୨. ପଶୁ ପ୍ରାଣୀ ୩. ଜନ୍ତୁଭଳି ବ୍ୟବହାର କରୁଥିବା ମଣିଷ, ଅସଭ୍ୟ, ହିଂସ୍ର ଓ ନୈତିକତାହୀନ ଲୋକ ।

**ଜନ୍ତୁଜନ୍ତା** ***ବି.*** ଜୀବଜନ୍ତୁ ; *ବିଶେ.* ସାପ, ବିଛା ପ୍ରଭୃତି ।

**ଜନ୍ତୁପତି** ***ବି.*** ଯମ, ମୃତ୍ୟୁର ଦେବତା ।

**ଜନ୍ତୁଫଳ** ***ବି.*** ଯଜ୍ଞ ଡିମିରି ଗଛ ଓ ତାର ଫଳ (ଏହାର ଫଳ ଭିତରେ ପୋକ ଜନ୍ମ ନେଇଥାନ୍ତି) ।

**ଜନ୍ତୁମାଂସ** ***ବି.*** ଖାଦ୍ୟ ପାଇଁ ପାଳିତ ପ୍ରାଣୀ ଭିନ୍ନ ଅନ୍ୟ ପ୍ରାଣୀର ମାଂସ, ବନ୍ୟପ୍ରାଣୀର ମାଂସ ।

**ଜନ୍ଧା** ***ବି.*** ବଡ଼ ଆକାରର ପମ୍ପୁଡି ବିଶେଷ ।

**ଜନ୍ମ** ***ବି.*** ୧. ମାତୃଗର୍ଭରୁ ନିର୍ଗମନ, ମା ପେଟରୁ ସନ୍ତାନର ଉତ୍ପତ୍ତି ୨. ଯେ କୌଣସି ବସ୍ତୁର ନୂତନ ସୃଷ୍ଟି, ଆବିର୍ଭାବ ୩. ଜୀବନର ପ୍ରାରମ୍ଭ ।

**ଜନ୍ମଗତ** ***ବିଂ.*** ଜନ୍ମରୁ ବା ଜନ୍ମ ସୂତ୍ରରେ ପାଇଥିବା, ଜନ୍ମ ସହିତ ଅର୍ଜିଥିବା, ସହଜାତ ।

**ଜନ୍ମଦିନ** ***ବି.*** ୧. ଜନ୍ମର ଦିନ, ଜନ୍ମ ନେଇଥିବା ବା ସୃଷ୍ଟି ହେବା ଦିନ ୨. ଜନ୍ମନେବା ଦିନର ପ୍ରତି ବର୍ଷ ପାଳିତ ଉତ୍ସବ ବା ଅନୁଷ୍ଠାନ ।

**ଜନ୍ମ ନିୟନ୍ତ୍ରଣ** ***ବି.*** ଜନ ସଂଖ୍ୟାର ଅଧିକ ବୃଦ୍ଧି ହାର ରୋକିବା ପାଇଁ ଉପାୟ ଓ ସେହି ଯୋଜନା ।

**ଜନ୍ମନିରୋଧ** ***ବି.*** ସନ୍ତାନ ଉତ୍ପାଦନ ସାମର୍ଥ୍ୟକୁ ନିୟନ୍ତ୍ରଣ, ଜନ୍ମ ନିୟନ୍ତ୍ରଣ ।

**ଜନ୍ମନିରୋଧକ** ***ବିଂ.*** ସନ୍ତାନ ଉତ୍ପାଦନ ସାମର୍ଥ୍ୟ ନିୟନ୍ତ୍ରଣରେ ବ୍ୟବହୃତ ।

**ଜନ୍ମପତ୍ର, ଜନ୍ମପତ୍ରିକା** ***ବି.*** ଜନ୍ମ ସମୟ ଓ ସ୍ଥାନକୁ ଆଧାର କରି ଗ୍ରହ ନକ୍ଷତ୍ରଙ୍କ ଅବସ୍ଥାନର ଗଣନା, ଜାତକ, କୋଷ୍ଠୀ ।

**ଜନ୍ମଭୂମି, ଜନ୍ମସ୍ଥାନ** ***ବି.*** ମାତୃଭୂମି, ଜନ୍ମ ନେଇଥିବା ସ୍ଥାନ ବା ଦେଶ, ସ୍ୱଦେଶ ।

**ଜନ୍ମାଧିକାର** ***ବି.*** ଜନ୍ମଗତ ଅଧିକାର, ସହଜାତ ଅଧିକାର, ଜନ୍ମ ନେବା ମାତ୍ରେ ମଣିଷ ଯେଉଁସବୁ ଅଧିକାର ଆପଣା ଛାଏଁ ପାଇଥାଏ ।

**ଜନ୍ମାନ୍ତର** ***ବି.*** ଏହି ଜନ୍ମର ପୂର୍ବରୁ ବା ପରେ ହେବା ଅନ୍ୟ ଜନ୍ମ ବା ଜୀବନ, ମଣିଷ ମୃତ୍ୟୁ ପରେ ପୁଣି ଜନ୍ମ ନିଏ –ଏହି ଧାରଣା ।

**ଜନ୍ମାନ୍ତରବାଦ** ***ବି.*** ଜନ୍ମାନ୍ତର ବା ଅନ୍ୟଜନ୍ମରେ ବିଶ୍ୱାସ, ମଲା ପରେ ମଣିଷକୁ ପୁଣି ଥରେ ଜନ୍ମ ନେବାକୁ ହୁଏ ଏବଂ ଆତ୍ମା ବାରମ୍ବାର ଅନ୍ୟ ଦେହ ଧାରଣ କରେ – ଏହି ବିଶ୍ୱାସ ।

**ଜନ୍ମାନ୍ତରବାଦୀ** ***ବି.ବିଂ.*** ଜନ୍ମାନ୍ତରବାଦରେ ବିଶ୍ୱାସୀ ।

**ଜନ୍ମାନ୍ଧ** ***ବିଂ.*** ଜନ୍ମରୁ ଅନ୍ଧ, ଜନ୍ମରୁ ଦୃଷ୍ଟିଶକ୍ତି ହରାଇଥିବା ।

**ଜନ୍ମାବଧି** ***କ୍ରି.ବିଂ.*** ଜନ୍ମଠାରୁ ଏ ପର୍ଯ୍ୟନ୍ତ ।

**ଜନ୍ମାଷ୍ଟମୀ** ***ବି.*** ଶ୍ରୀକୃଷ୍ଣଙ୍କ ଜନ୍ମଦିନ, ଭାଦ୍ରବ କୃଷ୍ଣ ଅଷ୍ଟମୀ, ଶ୍ରୀକୃଷ୍ଣଙ୍କ ଜନ୍ମ ତିଥି ଏବଂ ଏହି ଉପଲକ୍ଷରେ ପାଳିତ ଉତ୍ସବାନୁଷ୍ଠାନ ।

**ଜନ୍ମିତ** ***ବିଂ.*** ୧. ଯାହାକୁ ଜନ୍ମ ଦିଆ ହୋଇଛି ୨. ଉତ୍ପାଦିତ, ସୃଷ୍ଟ ୩. ଜନମକଲା, ଜନ୍ମ କରିଥିବା ।

**ଜନ୍ମିବା** ***କ୍ରି.*** ୧. ଜନ୍ମନେବା, ଜନ୍ମିଥିବା ୨. ଜାତହେବା, ସୃଷ୍ଟି ହେବା ।

**ଜନ୍ୟ** ***ବିଂ.*** ଉତ୍ପାଦିତ ବା ଜାତ ହେବାର ଯୋଗ୍ୟ, ଜନନୀୟ, ଉତ୍ପାଦ୍ୟ, ଯେ ଜନ୍ମେ ।

**ଜପ** ***ବି.*** ମନ୍ତ୍ରାଦିର ଯଥାବିଧି ଓ ନିର୍ଦ୍ଦିଷ୍ଟ ଥର ଆବୃତ୍ତି ବା ମନେ ମନେ ସ୍ମରଣ ।

**ଜପ କରିବା** ***କ୍ରି.*** ୧. କୌଣସି ଦେବ ବା ଦେବୀଙ୍କ ମନ୍ତ୍ର ଜପାମାଳି ଗଣି ମନେମନେ ବା ଉଚ୍ଚକଣ୍ଠରେ ଆବୃତ୍ତି କରିବା, ମନ୍ତ୍ର ପ୍ରଭୃତି ଆବୃତ୍ତି କରିବା ୨. ଘୋଷିହେବା, ଗୋଟିଏ କଥା ବା ବିଷୟ ବାରମ୍ବାର ମନେ ପକାଇବା କିମ୍ବା ଆବୃତ୍ତି କରିବା ୩. ବହୁ ପ୍ରଶଂସା କରିବା, ଗୁଣଗାନ କରିବା ।

**ଜପଗୁଟିକା** ***ବି.*** ଯେଉଁ ଗୋଟିଗୁଡ଼ିକୁ ଏକତ୍ର ଗୁନ୍ଥି ଜପମାଳା ତିଆରି ହୁଏ ।

**ଜପମାଳା** ***ବି.*** ୧. ଯେଉଁ ମାଳାର ଗୁଟିକା ବା ଗୋଟି ସବୁ ଗଣି ଜପ କରାଯାଏ, ଜପମାଳି ୨. ନିତ୍ୟ ସ୍ମରଣୀୟ ଅତିପ୍ରିୟ ବ୍ୟକ୍ତି, ବସ୍ତୁ ବା ବିଷୟ ।

**ଜପମାଳା କରିବା** ***କ୍ରି.*** ନିରବଚ୍ଛିନ୍ନ ଭାବେ ମନେପକାଇବା ବା ଗୁଣ ଗାଇବା।

**ଜପମାଳି** ***ବି.*** ଜପମାଳା ।

**ଜପା** ***ବିଂ.*** ୧. ଜପ କରାଯାଇଥିବା ୨. ଯାହା ସାହାଯ୍ୟରେ ସ୍ମରଣ କରାଯାଏ ; ***ବି.*** ଜବା ବା ମନ୍ଦାରଫୁଲ, ମନ୍ଦାର ଗଛ ।

**ଜପିବା** ***କ୍ରି.*** ୧. ଜପ କରିବା ୨. ବାରମ୍ବାର ସ୍ମରଣ କରିବା ୩. ଘୋଷିବା ବା ଘୋଷି ହେବା ।

**ଜପ୍ତି** ***ବି.*** ୧. ଜବତ, ଜବଦ, ଜବ୍ଦ, ଅକ୍ତିଆର ବା ଅଧିକାରକୁ ଆଣିବା ୨. ଆଇନଗତ କାରଣରୁ କର୍ତ୍ତୃପକ୍ଷ କୌଣସି ବସ୍ତୁକୁ ବାଜ୍ୟାପ୍ତି କରିବା ବା ଅଧିକାରକୁ ନେବା ।

**ଜପ୍ୟ** ***ବିଂ.*** ଜପିବା ଯୋଗ୍ୟ, ଜପନୀୟ ; ***ବି.*** ଜପ ।

**ଜବ୍** ***ବି.*** ଚାକିରୀ, ନୌକରୀ ।

**ଜବ୍‌ଡ଼ା** ***ବି.*** ୧. ମଇଳା, ଆବର୍ଜନା ୨. ବର୍ଜ୍ୟବସ୍ତୁ, ପରିତ୍ୟକ୍ତ ଜିନିଷ ୩. ତଳପାଟିର ଦାନ୍ତମାଢ଼ି; ***ବିଂ.*** ଅଳସୁଆ, ମଠୁଆ ।

**ଜବ୍‌ଡ଼ି ଦେବା** ***କ୍ରି.*** ୧. ଚୁପ୍ ରହିବା, ଉତ୍ତର ନ ଦେବା ୨. ନିଷ୍କଳ କରିଦେବା ୩. ହଲଚଲ୍ ନ ହେବା ।

**ଜବ୍‌ଡ଼ିବା** ***କ୍ରି.*** ଜାବୁଡ଼ି ଧରିବା, ଭିଡ଼ିଧରିବା ।

**ଜବ୍‌ଦିବା** ***କ୍ରି.*** ଭୟ ବା ଲାଜରେ ଜଡ଼ ବା ସ୍ତବ୍ଧ ହୋଇଯିବା, ନିଷ୍କଳ ଓ ନୀରବ ହେବା ।

**ଜବ୍‌ରାନ** ***କ୍ରି.ବିଂ.*** ବଳପୂର୍ବକ, ଜବରଦସ୍ତ, ବଳପ୍ରୟୋଗ କରି ।

**ଜବ୍‌ଓ୍ୱାର୍କ** ***ବି.*** ୧. ମାମୁଲି ଠିକାକାମ ୨. ଛୋଟଛୋଟ କାମ ।

**ଜବ** ***ବିଂ.*** ବେଗବାନ୍, ବେଗଶାଳୀ ; ***ବି.*** ୧. ବେଗ ୨. ନିଃଶ୍ୱାସ ରୁଦ୍ଧି ହତ୍ୟା ।

**ଜବ (ଜିବହ)କରିବା** ***କ୍ରି.*** ଜୀବର ପାଟି ବନ୍ଦକରି ବେକର ତଳଆଡୁ କାଟିବା ।

**ଜବତ, ଜବଦ** ***ବି.*** ଜପ୍ତି, ଅକ୍ତିଆର ।

**ଜବତ କରିବା** ***କ୍ରି.*** ୧. ଜପ୍ତି କରିବା, ଆଇନତଃ ଅଧିକାରକୁ ନେବା, ବାଜ୍ୟାପ୍ତି କରିବା ୨. ଦମନ କରିବା, ଶାସନ କରି ଶୃଙ୍ଖଳାକୁ ଆଣିବା ୩. ଖାପଚ ବା କର୍ତ୍ତୃତ୍ୱର ଅଧୀନ କରିବା ୪. ଶକ୍ତିହୀନ କରିଦେବା ।

**ଜବନ,ଯବନ** ***ବି.*** ଅଣ-ହିନ୍ଦୁ/ଅଣ-ଭାରତୀୟ ବା ବିଦେଶୀ ବ୍ୟକ୍ତି ୨. ଦ୍ରୁତଗତି, କ୍ଷିପ୍ର ଗମନ ୩. ବେଗଗାମୀ ଘୋଡା ; ***ବିଂ.*** ଦ୍ରୁତଗାମୀ, ବେଗଗାମୀ ।

**ଜବନିକା, ଯବନିକା** ***ବି.*** ରଙ୍ଗମଞ୍ଚର ପର୍ଦା, ସ୍କ୍ରିନ୍ ।

**ଜବନୀ, ଯବନୀ** ***ବି.*** ଯବନର ସ୍ତ୍ରୀ ।

**ଜବର** ***ବିଂ.*** ୧. ଶକ୍ତିଶାଳୀ, ଟାଣୁଆ, ଜୋର ୨. ପ୍ରକାଣ୍ଡ, ଖୁବ ବଡ଼ ୩. ଦୃଢ଼ ଓ ବଳଶାଳୀ ୪. ଅତି ବେଶୀ ।

**ଜବରଦସ୍ତ** ***ବିଂ.*** ୧. ଶକ୍ତିଶାଳୀ ୨. ବିରାଟ, ସାଧାରଣ ଠାରୁ ବହୁ ବଡ଼ ଆକାର ବିଶିଷ୍ଟ ୩. ଦୁର୍ଦ୍ଦାନ୍ତ, ଅତ୍ୟାଚାରୀ ୪. ବଳପୂର୍ବକ ।

**ଜବରଦସ୍ତି** ***ବି.*** ବଳ ପ୍ରୟୋଗ, ଅତ୍ୟାଚାର, ଜୁଲମ୍; ***କ୍ରି.ବିଂ.*** ବଳପ୍ରୟୋଗକରି ବେଆଇନଭାବରେ ।

**ଜବରାନ୍, ଜବରାଣ** ***ବି.*** ଅବୈଧ ବଳପ୍ରୟୋଗ, ବେଆଇନ ବା ନୀତିହୀନ ଭାବେ ଶକ୍ତିପ୍ରୟୋଗ, ଜବର୍‌ଦସ୍ତି ।

**ଜବସ୍** ***ବି.*** ଘାସ, ତୃଣ ।

**ଜବା** ***ବି.*** ଲାଲ ମନ୍ଦାରଫୁଲ, ମନ୍ଦାରଗଛ ।

**ଜବାନ୍** ***ବି.*** ୧. ସୈନିକ ୨. ଜିଭ ୩. ଯୁବକ, ଜୁଆନ୍, ଜୁଆନ୍ ଟୋକା ୪. ଭାଷା ୫. କଥା, ପ୍ରତିଶ୍ରୁତି ।

**ଜବାନ୍‌ବନ୍ଦୀ** ***ବି.*** ମୌଖିକ ବା ଲିଖିତ ସାକ୍ଷୀ, ଇଜହାର, ଇଖାର ।

**ଜବାବ୍** ***ବି.*** ୧. କଥା, ଚିଠି ପ୍ରଭୃତିର ଉତ୍ତର ୨. ଚୁକ୍ତି, ପ୍ରତିଶ୍ରୁତି ୩. ପ୍ରତ୍ୟୁତ୍ତର ୪. ଅପମାନଜନକ ବା ଉପେକ୍ଷାସୂଚକ ଉତ୍ତର ୫. କୈଫିଅତ୍ ।

**ଜବାବ୍‌ଦାର** ***ବିଂ.*** ଦାୟୀ, ଉତ୍ତରଦାୟୀ ।

**ଜବାବସୁଆଲ** ***ବି.*** ୧. ପ୍ରଶ୍ନ ଓ ଉତ୍ତର, ଉତ୍ତର ଓ ପ୍ରତ୍ୟୁତ୍ତର, କଚେରିରେ ଜେରା ୨. ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ ବେଳେ ଗାୟକ, ଗାୟିକା ବା ବାଦକଙ୍କ ଗାୟନ/ବାଦନର ସଙ୍ଗୀତମୟ ଉତ୍ତର-ପ୍ରତ୍ୟୁତ୍ତର ।

**ଜବାବୀ** ***ବିଂ.*** ୧. ଚିଠିର ଉତ୍ତର ଦେବା ପାଇଁ ଦିଆ ହୋଇଥିବା (ରିପ୍ଲାଇ କାର୍ଡ଼ ବା ଲଫାଫା) ୨. ଉତ୍ତରର ପ୍ରତିକ୍ରିୟା ବା ପ୍ରତିଶୋଧ ସ୍ୱରୂପ ।

**ଜବାବୀ ତାର** ***ବି.*** ଉତ୍ତରର ମାସୁଲ ସହ କରାଯିବା ଟେଲିଗ୍ରାମ ବା ତାର ।

**ଜବେଡ୍** ***ବି.*** କାଠି କୁଟା ମିଶା ଅଳିଆ ।

**ଜଭବର** ***ବିଂ.*** ମୁହଁଖୋର(ନାରୀ); ***ବିଂ.*** ଏକପ୍ରକାର ସାପ।

**ଜମ୍‌ଉତ୍, ଜମାଉତ** ***ବି.*** ତୀର୍ଥଯାତ୍ରୀ, ତୀର୍ଥ ପର୍ଯ୍ୟଟକ ଭକ୍ତସମୂହ, ଧର୍ମପୀଠ ବା ତୀର୍ଥସ୍ଥାନରେ ସମବେତ ଭକ୍ତଗଣ ବା ବାବାଜୀଗଣ ।

**ଜମ୍‌କିବା** ***କ୍ରି.*** ୧. ଆକର୍ଷଣୀୟ ହେବା, ଜାକ୍‌ଜମକରେ ହେବା ୨. ତିଷ୍ଠିବା ୩. ଆଗଠାରୁ ଅଧିକ ଧନୀ ବା ପ୍ରତିଷ୍ଠିତ ହେବା ।

**ଜମ୍‌ଖମ୍** ***ବିଂ.*** ୧. ଦୃଢ଼, ଦୃଢ଼ ଭାବରେ ସ୍ଥିତ ବା ଅବସ୍ଥାପିତ ୨. ସ୍ୱାସ୍ଥ୍ୟବାନ୍ ଓ ସୁଗଠିତ, ସୁସ୍ଥସବଳ ।

**ଜମ୍‌ରୁଖ** ***ବି.*** ପିକୁଳି, ଚାଉଳିଆ, ମାୟା ।

**ଜମକ** ***ବି.*** ଆଡମ୍ବର, ଘଟାଟୋପ ।

**ଜମକିଆ** ***ବିଂ.*** ଜମାଉଥିବା, କଥା ଓ ଆଚରଣରେ ଅନ୍ୟମାନଙ୍କୁ ମୁଗ୍ଧକରି ପାରୁଥିବା ।

**ଜମା** ***ବି.*** ୧. ମହଜୁଦ୍‌ଧନ, ପାଣ୍ଠି, ପୁଞ୍ଜି, ରାଶି ୨. ସଞ୍ଚୟ ୩. କୁଟୁମ୍ବ, ସ୍ୱଗୋତ୍ର ସମ୍ପ୍ରଦାୟ ୪. ସ୍ତୁପୀକରଣ, ଗଦାକରିବା, ଏକତ୍ରୀକରଣ ୫. ଘନୀଭାବ, ଜମାଟ; ***ବିଂ.*** ୧. ସଞ୍ଚିତ, ଗଚ୍ଛିତ, ଠୁଳ, ପୁଞ୍ଜୀଭୂତ ୨. ସ୍ତୁପୀକୃତ, ଠୁଳୀଭୂତ ; ***ଅ.*** ୧. ଆଦୌ, ମୋଟେ, ଟିକିଏ ହେଲେ, ଅତିଅଳ୍ପ ମଧ୍ୟ ୨. ମାତ୍ର, ମୋଟ ଉପରେ ।

**ଜମାଉତ** ***ବି.*** ୧. ସାହି ଯାତ୍ରାରେ ଜନ ସମାବେଶ ୨. ଦଳବଦ୍ଧ ଭାବେ ତୀର୍ଥାଟନ କରୁଥିବା ଭକ୍ତ ବା ବୈରାଗୀଗଣ।

**ଜମା କରିବା** ***କ୍ରି.*** ୧. ଗଦେଇବା ୨. ସ୍ତୁପ କରିବା, ଅନ୍ୟ ସ୍ଥାନରୁ ଆଣି ଗୋଟିଏ ସ୍ଥାନରେ ଅନେକ ବସ୍ତୁ ରଖିବା ୩. ଟଙ୍କା ସଞ୍ଚୟ କରିବା, ପଇସା ରଖିବା ।

**ଜମାଖର୍ଚ୍ଚ** ***ବି.*** ଆୟ ଓ ବ୍ୟୟର ହିସାବ ।

**ଜମାଖାତା** ***ବି.*** ବେଙ୍କ୍‌ରେ ଟଙ୍କା ସଞ୍ଚୟ ବ୍ୟବସ୍ଥା, ସେଭିଙ୍ଗସ୍ ଏକାଉଣ୍ଟ୍ ।

**ଜମାଟ** ***ବିଂ.*** ୧. ଘନୀଭୂତ ୨. କଠିଣତା ପ୍ରାପ୍ତ ।

**ଜମାଟ ବାନ୍ଧିବା** ***କ୍ରି.*** ୧. ଏକାଠି ହେବା ୨. ଘନୀଭୂତ ହେବା, କଠିଣ ଆକାର ଗ୍ରହଣ କରିବା ୩. ଜମିବା ।

**ଜମାଣିଆ** ***ବିଂ.*** ୧. ଉପଭୋଗ୍ୟ, ଆନନ୍ଦଦାୟକ, ମନୋମୁଗ୍ଧକର ୨. ମେଳାପୀ ।

**ଜମାଦାର** ***ବି.*** ପୁଲିସ,ଅବକାରୀ, ଜଙ୍ଗଲ ଆଦି ବିଭାଗର କାର୍ଯ୍ୟନିରୀକ୍ଷଣକାରୀ ୨. ପିଅନ, ଚପରାସି, ମୂଲିଆ, ଝାଡୁଦାର ପ୍ରଭୃତିଙ୍କ ସର୍ଦ୍ଦାର ବା ମୁଖିଆ ।

**ଜମାଦାରି** ***ବି.*** ୧. ଜମାଦାରର କାର୍ଯ୍ୟ, ସର୍ଦ୍ଦାରି ୨. ପ୍ରଭୁତ୍ୱ, କ୍ଷମତା ।

**ଜମାନତ୍** ***ବି.*** ବିଚାରାଧୀନ ଆସାମୀ ବିଚାର ସମୟରେ ମୁକ୍ତ ରହିବା ବ୍ୟବସ୍ଥା, ବେଲ୍ ।

**ଜମାନତି** ***ବି.*** ୧. ଜମାନତ ସମ୍ବନ୍ଧିତ ୨. ଜମାନତ ପାଇଁ ଜମାଦେବା ଅର୍ଥ ।

**ଜମାନା** ***ବି.*** ୧. ସମୟ, କାଳ, ଯୁଗ, ବେଳକାଳ ୨. ଅମଳ, କାର୍ଯ୍ୟକାଳ ।

**ଜମାବନ୍ଦି** ***ବି.*** ଜମି ଉପରେ ଖଜଣା ଧାର୍ଯ୍ୟକରଣ, ଜମିବାଡ଼ିର ହିସାବ, ଖଜଣା ବା ଭୂରାଜସ୍ୱର ହିସାବ ।

**ଜମାବହି** ***ବି.*** ୧. ଜମାଖାତା ୨. ବେଙ୍କ୍‌ରେ ଟଙ୍କା ଦେଣନେଣ ହିସାବ ରହୁଥିବା ଗ୍ରାହକର ଟିପାଖାତା, ପାସ୍‌ବହି, ପାସ୍‌ବୁକ୍ ।

**ଜମାବା** ***କ୍ରି.*** ୧. ଦହି ବସାଇବା ୨. ସଞ୍ଚୟ କରିବା ୩. ମଉଜ ମଜଲିସ କରିବା, ଉପଭୋଗ କରିବା ।

**ଜମାୟତ୍** ***ବି.*** ୧. ଗୋଷ୍ଠୀ ୨. ସମ୍ମିଳନୀ ।

**ଜମି** ***ବି.*** ୧. ଭୂମି ୨. ଚାଷ ହେବା ସ୍ଥାନ, କୃଷିକ୍ଷେତ୍ର ୨. ଭୂସମ୍ପତ୍ତି ।

**ଜମିଜମା** ***ବି.*** ପ୍ରଜା ବା ରଇତର ଅଧିକୃତ ଜମି ଓ ତାର ଖଜଣା ।

**ଜମିଜମା ବନ୍ଦୋବସ୍ତ** ***ବି.*** ରାଜ୍ୟର ସମସ୍ତ ଜମିର ଆକଳନ, ଚିହ୍ନଟ, ବର୍ଗୀକରଣ, ମାପ ତଥା ରାଜସ୍ୱ ନିର୍ଦ୍ଧାରଣ ବ୍ୟବସ୍ଥା, ସେଟଲ୍‌ମେଣ୍ଟ ।

**ଜମିଦାର** ***ବି.*** ୧. ବହୁ ପରିମାଣ ଜମିର ମାଲିକ, ବିପୁଳ ଭୂମି ଅଧିକାରୀ ୨. ଔପନିବେଶିକ ପ୍ରଶାସନ ବ୍ୟବସ୍ଥାରେ ଏକ ନିର୍ଦ୍ଦିଷ୍ଟ ଭୂଭାଗର ଦାୟିତ୍ୱ ନେଇ କର୍ତ୍ତୃପକ୍ଷଙ୍କୁ ଖଜଣା ପଇଠ କରୁଥିବା ବ୍ୟକ୍ତି ।

**ଜମିଦାରି** ***ବି.*** ୧. ବିସ୍ତୃତ ଭୂମିର ଅଧିକାର ୨. ଜମିଦାରଦ୍ୱାରା ଅଧିକୃତ ଭୂସମ୍ପତ୍ତି ।

**ଜମିଦାରୀ** ***ବିଂ.*** ଜମିଦାର ବା ଜମିଦାରି ସମ୍ପର୍କିତ ।

**ଜମିଦାରୀ ପ୍ରଥା** ***ବି.*** ଔପନିବେଶିକ ଶାସନରେ ବ୍ରିଟିଶ ସରକାର ଦ୍ୱାରା ପ୍ରବର୍ତ୍ତିତ ପ୍ରଥା - ଯେଉଁଥିରେ ଏକ ନିର୍ଦ୍ଦିଷ୍ଟ ଭୂଭାଗ ଜଣେ ବ୍ୟକ୍ତିଙ୍କ କର୍ତ୍ତୃତ୍ୱରେ ଛାଡ଼ିଦେଇ ତାହା ବଦଳରେ ରାଜସ୍ୱ ଆଦାୟ କରାଯାଉଥିଲା ।

**ଜମିନ୍** ***ବି.*** ଜମି, ଚାଷଜମି, କ୍ଷେତ ।

**ଜମିନ୍‌ଦାର** ***ବି.*** ଜମିଦାର, ଜମିମାଲିକ ।

**ଜମିବା** ***କ୍ରି.*** ୧. ଜମାହେବା, ଜମିରହିବା ୨. ଗଚ୍ଛିତହେବା, ସଞ୍ଚିତହେବା ୩. ମଇଳା ଆଦି (ତରଳ ପଦାର୍ଥରେ) ତଳକୁ ବସି ଯିବା ୪. ଖୁବ୍ ଉପଭୋଗ୍ୟ ହେବା, ଜମିଯିବା, ଜମ୍‌କିଯିବା ।

**ଜମିବାଡ଼ି** ***ବି.*** ସାମଗ୍ରିକ ଭାବରେ ଚାଷଜମି ଏବଂ ଘରବାଡ଼ି ।

**ଜମେଇ ଦେବା** ***କ୍ରି.*** ୧. ଆସର, ଗୋଷ୍ଠୀ, ପ୍ରଭୃତିରେ କଳାକାର, ବକ୍ତା ବା ଅନ୍ୟ କାହାର କାର୍ଯ୍ୟକ୍ରମ ବା ଉପସ୍ଥାପନ ଖୁବ୍ ଉପଭୋଗ୍ୟ ହେବା ୨. କଥା କହିବା ଶୈଳୀରେ ଆସରକୁ ମୁଗ୍ଧ କରିବା ୩. ଏକତ୍ର କରିବା, ଗୋଟିଏ ସ୍ଥାନରେ ରଖିବା ।

**ଜମେଇବା** ***କ୍ରି.*** ୧. ଠୁଳ କରିବା, ଏକାଠି କରିବା ୨. ସମସ୍ତଙ୍କୁ ମଜେଇ ରଖିବା ।

**ଜମେନ୍** ***ବି.*** ତରଳ ପଦାର୍ଥକୁ ଘନୀଭୂତ କରିବା ପାଇଁ ବ୍ୟବହୃତ ବସ୍ତୁ (ଯେଥା, ଦୁଧକୁ ଦହି କରିବା ପାଇଁ ତାର ଜାନ୍ ବା ଅଳ୍ପ ଦହି, ଦହିମଅଣ ) ।

**ଜମେନ୍‌ଗୁଡ଼ ବି.** ମାଠିଆରେ ଘନୀଭୂତ ଗୁଡ଼, କଠିଣ ହୋଇସାରିଥିବା ଗୁଡ଼ ।

**ଜମେଲ୍ ବି.** ପାଟିର କଳ ବା ଗାଲର ଭିତର ପାଖ ।

**ଜମେଲ୍ ଦାଁତ ବି.** କଳଦାନ୍ତ, ପେଷଣଦାନ୍ତ ।

**ଜମ୍ବାଳ ବି.** ୧. ଶିଉଳି, ଶୈବାଳ ୨. କାଦୁଅ ।

**ଜମ୍ବିର, ଜମ୍ବୀର ବି.** ଜମ୍ବିଳ, ଟଭା ଜାତୀୟ ଲେମ୍ବୁ ବିଶେଷ ।

**ଜମ୍ବୁ, ଜମ୍ବୂ ବି.** ୧. ପୁରାଣ ବର୍ଣ୍ଣିତ ଜମ୍ବୁ ଦ୍ୱୀପ ୨. ଜାମୁ, ଜାମୁକୋଳି ।

**ଜମ୍ବୁର ବି.** ପ୍ଲାସ୍ ବା ପ୍ଲାଏର୍ସ, ଶକ୍ତ ଲୁହା ଚିମୁଟା ।

**ଜମ୍ବେଲ୍ ବି.** ଏକ ପ୍ରକାର ଖଟାଫଳ ଓ ସେହି ଗଛ, ଜମ୍ବିଳ, ଜମ୍ବିର ।

**ଜୟ ବି.** ୧. ଶତ୍ରୁର ପରାଜୟ ୨. ପ୍ରତିଯୋଗିତା, ଯୁଦ୍ଧ, ମାଲିମୋକଦ୍ଦମା ପ୍ରଭୃତିରେ ବିଜୟ ଲାଭ ବା ଜିଣିବା ୩. ପ୍ରାଧାନ୍ୟବିସ୍ତାର, ଉଦ୍ଦେଶ୍ୟସିଦ୍ଧି, ସଫଳତା ୪. ସ୍ତୁତି ବା ଶୁଭେଚ୍ଛାସୂଚକ ଉକ୍ତି ।

**ଜୟନ୍ତିକା ବି.** ହଳଦୀ, ହରିଦ୍ରା ।

**ଜୟନ୍ତୀ ବି.** ୧. ବିଶିଷ୍ଟ ବ୍ୟକ୍ତିଙ୍କର ଜନ୍ମଦିନରେ ଅନୁଷ୍ଠିତ ଉତ୍ସବ ୨. ପତାକା ୩. ବିଜୟଉତ୍ସବ ପାଳନ, ବିଜୟ ବା ସଫଳତା ନିମନ୍ତେ ବ୍ୟାପକ ଅଭିନନ୍ଦନ ଉତ୍ସବ ।

**ଜୟବିଜୟ ଦ୍ୱାର ବି** ଶ୍ରୀମନ୍ଦିରର ଜଗମୋହନ ଭିତରକୁ ପ୍ରବେଶ ଦ୍ୱାର – ବିଷ୍ଣୁଙ୍କ ଦୁଇ ଦ୍ୱାରପାଳ ଜୟ ଓ ବିଜୟ ନାମରେ ଏହି ଦ୍ୱାର ଚିହ୍ନିତ ।

**ଜୟମଙ୍ଗଳ ଆଳତି ବି.** ଶ୍ରୀମନ୍ଦିରରେ ସନ୍ଧ୍ୟା ଆଳତି ପରେ ଅନୁଷ୍ଠିତ ଦୁଇଟି ଅତିରିକ୍ତ ଆଳତି ।

**ଜୟା ବି.** ୧. ଭାଙ୍ଗ ୨. ହରିଡ଼ା ୩. ତୃତୀୟା, ଅଷ୍ଟମୀ ଓ ତ୍ରୟୋଦଶୀ ଏହି ତିନି ତିଥି ।

**ଜର୍ ବି.** ୧. ଜ୍ୱର ୨. ରଙ୍ଗ ଓ ସ୍ୱାଦ ପ୍ରଭୃତିର ତୀବ୍ରତା ।

**ଜର୍ ଆନ୍‌ବା କ୍ରି.** ଜ୍ୱର ହେବା, ଜ୍ୱର ଆସିବା ।

**ଜର୍‌କା ବିଂ.ବି.** ଜଳକା, ଆଖିଥିବା ସତ୍ତ୍ୱେ ସ୍ପଷ୍ଟ ଭାବେ ଦେଖି ପାରୁ ନଥିବା ସ୍ତ୍ରୀ ।

**ଜର୍‌ଜରା କ୍ରି.ବିଂ.** ଅତ୍ୟଧିକ ବା ବହୁଳ (ରଙ୍ଗ), ଜରଜର ।

**ଜର୍‌ଜାତ୍‌କିଆ ବିଂ.** ଜାରଜ, ସ୍ୱାମୀ ଭିନ୍ନ ଅନ୍ୟ ପୁରୁଷର ଔରସରୁ ଜନ୍ମିତ ।

**ଜର୍‌ଡ଼ା ବି.** ଜହ୍ଲାମାଛ ।

**ଜର୍‌ତେ କ୍ରି.ବିଂ.** ବୁଢ଼ାକାଳରେ, ବୃଦ୍ଧବୟସରେ ।

**ଜର୍‌ବି ବି.** ରୂପାର ମୁଦ୍ରା ବିଶେଷ (ଏବେ ଅପ୍ରଚଳିତ) ।

**ଜର୍‌ମେନ୍ ବି.** ଛୋଟ ଆକାରର ପିମ୍ପୁଡ଼ି ।

**ଜରର୍ କରିବା କ୍ରି.** ୧. ଅନୁଭୂତିରେ ଶିହରିତହେବା ୨. ଓଦା ହୋଇଯିବା ୩. ରଙ୍ଗୀନ ବା ଉଜ୍ଜ୍ୱଳ ହେବା ।

**ଜରଲି ବି.** ୧. ଜାର୍‌ଲି, ଜାଲ, ମାଙ୍କଡ଼ସା ଜାଲ ୨. ଆଖିର ପରଳ, ମୋତିଆବିନ୍ଦୁ ।

**ଜର୍‌ହା ବିଂ.** ଜ୍ୱରରୋଗୀ, ଅନେକ ସମୟରେ ଜ୍ୱର ଭୋଗୁଥିବା ।

**ଜର୍‌ହୀ ବିଂ.** ଜର ଭୋଗୁଥିବା (ନାରୀ) ।

**ଜର୍କିଙ୍ଗ୍ ବି.** ଗାଡ଼ି ମଟରରେ ଯିବା ବେଳେ ରାସ୍ତା ଖରାପ ଯୋଗୁଁ ହେବା ଝଟ୍‌କା ।

**ଜର୍ଜର ବିଂ.** ୧. ଜରଜର, ଜର୍‌ଜରା, ଭଲ ଭାବେ ବୋଳା ହୋଇଥିବା ୨. ପୀଡ଼ିତ, କାତର ୩. ଜରାଗ୍ରସ୍ତ, ଜରାଜୀର୍ଣ୍ଣ ।

**ଜର୍ଜରିତ ବିଂ.** ୧. ଯାହା ଜର୍ଜର କରାଯାଇଛି, ଭଲ ଭାବରେ ବୋଳାଯାଇଥିବା ୨. ନିପୀଡ଼ିତ, କାତରତାଗ୍ରସ୍ତ ।

**ଜର୍ଣ୍ଣାଲ୍ ବି.** ଏକ ନାଁରେ ଓ ନିର୍ଦ୍ଦିଷ୍ଟ ସମୟ ଅବଧିରେ ପ୍ରକାଶିତ ଲେଖାର ସଂକଳିତ ରୂପ, ପତ୍ରିକା ।

**ଜର୍ନି ବି.** ଯାତ୍ରା, ଦୂର ସ୍ଥାନକୁ ଯାତ୍ରା ।

**ଜରଂ ବିଂ.** ୧. ଜୀର୍ଣ୍ଣ, କର୍କଶ ୨. ବୃଦ୍ଧ ।

**ଜର ବି.** କୌଣସି କାରଣରୁ ଦେହର ସ୍ୱାଭାବିକ ତାପମାତ୍ରାର ବୃଦ୍ଧି, ଜ୍ୱର ।

**ଜରଜର ବି.** ଜ୍ୱର ହେବା ଭଳି ଅନୁଭବ, ଜ୍ୱର ହେବା ପୂର୍ବରୁ ଅନୁଭୂତ ଶାରୀରିକ ଅସ୍ୱସ୍ତି ; **ବିଂ.** ଜର୍ଜର, ଲିପ୍ତ, ବହଳ ଭାବରେ ବୋଳା ହୋଇଥିବା ।

**ଜରଜରୁଆ କ୍ରି.ବିଂ.** ଜର ହେବା ଭଳି, ଜର ଭୋଗିଲା ଭଳି (ଅନୁଭବ) ।

**ଜରଦ୍‌ଗବ ବି.** ୧. ସଂସ୍କୃତରେ ଲିଖିତ ହିତୋପଦେଶରେ ବର୍ଣ୍ଣିତ ବୁଢ଼ା ଶାଗୁଣା ୨. କାହାଣୀ ବର୍ଣ୍ଣିତ ଜରଦ୍‌ଗବ ନାମକ ଗୃଧ୍ର ଭଳି ଅକର୍ମଣ୍ୟ, ଚଳତ୍ ଶକ୍ତିହୀନ ବ୍ୟକ୍ତି ୩. ବୁଢ଼ା ବା ହଡ଼ାଷଣ୍ଢ ୪. ବୁଢ଼ା ଏବଂ ଅକର୍ମଣ୍ୟ ଲୋକ ; **ବିଂ.** ଅକର୍ମଣ୍ୟ, ଅତ୍ୟନ୍ତ ବୁଢ଼ା, ଶକ୍ତି ସାମର୍ଥ୍ୟହୀନ ।

**ଜରଦା, ଜର୍ଦା ବି.** ୧. ସୁଗନ୍ଧ ମସଲା ଦେଇ ପ୍ରସ୍ତୁତ ଧୂଆଁପତ୍ର ଗୁଣ୍ଡ ୨. ମିଠା ପଲଉ ବିଶେଷ ; **ବିଂ.** ହଳଦିଆ ।

**ଜରଷଣ୍ଢା ବି.** ଜ୍ୱର ଯୋଗୁଁ ଓଠ କିମ୍ବା ପାଟି ଭିତର ଫଳିଯିବା, ଜ୍ୱର ଘା ।

**ଜର୍ଦା ବି.** ଜରଦା ।

**ଜରସମନ ବି.** ରାଜସ୍ୱ ପାଇଁ ନିର୍ଦ୍ଧାରିତ ଦାମ୍ ବା ମୂଲ୍ୟ ।

**ଜରା ବି.** ୧. ବାର୍ଦ୍ଧକ୍ୟ, ବୃଦ୍ଧାବସ୍ଥା ୨. ଜୀର୍ଣ୍ଣତା, ଜରାଜୀର୍ଣ୍ଣ ଅବସ୍ଥା ; **ବିଂ.** ଜାରିତ, ଶୋଧିତ, ବିଶୋଧିତ ।

**ଜରାକ୍ରାନ୍ତ** ***ବିଂ.*** ବୁଢ଼ା ହୋଇଯାଇଥିବା, ବାର୍ଧକ୍ୟଗ୍ରସ୍ତ, ବାର୍ଧକ୍ୟ ପ୍ରପୀଡ଼ିତ, ଅତିବୃଦ୍ଧ ।

**ଜରାଗ୍ରସ୍ତ** ***ବିଂ.*** ବାର୍ଦ୍ଧକ୍ୟ ପୀଡ଼ିତ ।

**ଜରାଜୀର୍ଣ୍ଣ** ***ବିଂ.*** ୧. ବହୁକାଳ ପୂର୍ବେ ତିଆରି ହୋଇଥିବାରୁ କ୍ଷୟପ୍ରାପ୍ତ ଏବଂ ବ୍ୟବହାର ପାଇଁ ଅଯୋଗ୍ୟ, ଅତି ପୁରୁଣା, ପୁରୁଣା ଓ ଭଙ୍ଗା ୨. ଅତ୍ୟନ୍ତ ବୃଦ୍ଧାବସ୍ଥା ଯୋଗୁଁ ଶକ୍ତିହୀନ ।

**ଜରାନିବାସ** ***ବି.*** ବୃଦ୍ଧ ଲୋକମାନେ ଶେଷ ଜୀବନ କଟାଇବା ପାଇଁ ଉଦ୍ଦିଷ୍ଟ ଘର, ଓଲଡ୍ ଏଜ୍ ହୋମ୍, ଜରା ନିକେତନ ।

**ଜରାୟୁ** ***ବି.*** ସ୍ତ୍ରୀଲିଙ୍ଗ ପ୍ରାଣୀର ଗର୍ଭାଶୟ - ଯେଉଁ ଥଳି ଭିତରେ ଭ୍ରୂଣ ବୃଦ୍ଧିପ୍ରାପ୍ତ ହୁଏ ।

**ଜରାୟୁଜ** ***ବି.ବିଂ.*** ଜରାୟୁରୁ ଜନ୍ମ ନେଇଥିବା (ମନୁଷ୍ୟ, ପଶୁ ଆଦି) ବା ଜରାୟୁ ଜାତ (ପ୍ରାଣୀ) ।

**ଜରି** ***ବି.*** ୧. ସ୍ୱଚ୍ଛ କାଗଜ ଭଳି ପଦାର୍ଥ ୨. ପଲିଥିନ ୩. ସୁନେଲି, ରୂପେଲି ବା ଅନ୍ୟ କୌଣସି ରଙ୍ଗର ଉଜ୍ଜ୍ୱଳ କାଗଜ ଭଳି ପତ୍ର ଏବଂ ସେଭଳି ସୂତା ।

**ଜରିଆ** ***ଅ.*** ମଧ୍ୟବର୍ତ୍ତିତାରେ, ଦେଇ, ବାଟେ, ଭାୟା ।

**ଜରିଆରେ** ***କ୍ରି.ବିଂ.*** କାହାରି ମଧ୍ୟବର୍ତ୍ତିତା ସାହାଯ୍ୟରେ, କାହାରି ବା କୌଣସି ବାଟ ଦେଇ, କୌଣସି ମାଧ୍ୟମ ଦେଇ ।

**ଜରିଦାର୍** ***ବିଂ.*** ଜରିଯୁକ୍ତ, ଜରିରେ ସଜ୍ଜିତ ।

**ଜରିପ, ଜରିବ** ***ବି.*** ୧. ଜମିର ମାପ ୨. ଜମି ମାପ କରିବା ପାଇଁ ବ୍ୟବହୃତ ମାପନି, ୬୬ ଫୁଟିଆ ଲୁହା ଚେନ୍ ।

**ଜରିପଟୁକା** ***ବି.*** ଶ୍ରୀମନ୍ଦିରରେ ଯାବତୀୟ ଜରି ଜଡ଼ଉତ କାମ କରୁଥିବା ସେବକ ।

**ଜରିବା** ***କ୍ରି.*** ୧. ନିଆଁର ଉତ୍ତାପରେ ତେଲ, ଘିଅ ଆଦି ନିର୍ଜଳ ହେବା ୨. ଭଲ ଭାବେ ଭେଦିଯିବା, ତେଲ ପ୍ରଭୃତି ବ୍ୟାପିଯିବା ।

**ଜରିମାନା** ***ବି.*** ଜୋରିମାନା, ଅର୍ଥଦଣ୍ଡ, ଡଣ୍ଡ, ଶାସ୍ତିସ୍ୱରୂପ ଟଙ୍କା ଆଦାୟ, ଜୋରିମାନା ।

**ଜରିମୂଲ୍କା** ***ବି.*** ଚେରମୂଳି, ଚେରମୂଳି ଔଷଧ ।

**ଜରିଯିବା** ***କ୍ରି.*** ୧. ଗଛ ତୃଣ ଆଦି ଆପେ ମରିଯିବା ୨. (ତରଳ ପଦାର୍ଥ, ଭେଦିଯିବା ।

**ଜରୁଆ** ***ବିଂ.*** ଜ୍ୱରଭୋଗୀ, ଜ୍ୱରାକ୍ରାନ୍ତ ; ***ବି.*** ଜର ହେବା ଭଳି ଅନୁଭବ, ଜରଜର ଲାଗିବା ।

**ଜରୁର** ***କ୍ରି.ବିଂ.*** ଅବଶ୍ୟ, ନିଶ୍ଚିତ ଭାବରେ ।

**ଜରୁରତ** ***ବି.*** ଆବଶ୍ୟକତା, ଆଶୁ ପ୍ରୟୋଜନ ।

**ଜରୁରି** ***ବି.*** ଆଶୁ ପ୍ରୟୋଜନୀୟତା, ସାଙ୍ଗେସାଙ୍ଗେ ବା ସେହି ସମୟରେ ଆବଶ୍ୟକ ହେଉଥିବା କାର୍ଯ୍ୟ ବା ବିଷୟ, ଅତ୍ୟନ୍ତ ଆବଶ୍ୟକ କାର୍ଯ୍ୟ ।

**ଜରୁରୀ** ***ବିଂ.*** ଅତ୍ୟନ୍ତ ଆବଶ୍ୟକ, ଅବଶ୍ୟ କର୍ତ୍ତବ୍ୟ, ଅର୍ଜେଣ୍ଟ ।

**ଜରେଲ୍** ***ବି.*** କାତି ନଥିବା ଉଜ୍ଜ୍ୱଳ ରୁପେଲି ରଙ୍ଗର ଛୋଟମାଛ ବିଶେଷ ।

**ଜରୋବୋଟୋ** ***ବିଂ.*** ୧. ଅବ୍ୟବସ୍ଥିତ ୨. ଗୋଳିଆମିଶା ।

**ଜଳ** ***ବି.*** ୧. ପାଣି ୨. ତରକାରିର ଝୋଳ ୩. ଲୁହ, ଅଶ୍ରୁ ।

**ଜଳଓଧ** ***ବି.ବିଂ.*** ବୋକା, ଓଲୁ ।

**ଜଳକର** ***ବି.*** କ୍ଷେତରେ ପାଣି ମଡାଇବା ପାଇଁ ବା ଘରୋଇ ବ୍ୟବହାର ପାଇଁ ଉପଭୋକ୍ତା ଦେଉଥିବା ଟିକସ ବା ଖଜଣା ।

**ଜଳକଷ୍ଟ** ***ବି.*** ପାଣିର ଅଭାବ ବା ଅଳ୍ପତା ଯୋଗୁଁ ହେଉଥିବା ଅସୁବିଧା ବା କଷ୍ଟ, ମରୁଡ଼ି ।

**ଜଳକା** ***ବିଂ.*** ୧. ଦୃଷ୍ଟିଶକ୍ତି କ୍ଷୀଣ ହୋଇ ଯାଇଥିବା, ଭଲ ଭାବରେ ଦେଖିବାରେ ଅସମର୍ଥ ୨. ପ୍ରତିଫଳନ ଶକ୍ତି କମି ଯାଇଥିବା (ଦର୍ପଣ) ୩. ସ୍ତବ୍ଧ, କିଂକର୍ତ୍ତବ୍ୟବିମୂଢ଼ ।

**ଜଳକା ହେବା** ***କ୍ରି.*** ୧. ବିସ୍ମୟ ବା ଭୟ ଯୋଗୁଁ ସ୍ତବ୍ଧ ହୋଇଯିବା ୨. ଭକୁଆ ବନିବା, ବୋକା ପାଲଟିବା ୩. ଦେଖି ନ ଦେଖିବା ଭଳି ହେବା, ଦେଖି ମଧ୍ୟ ବୁଝି ନ ପାରିବା ।

**ଜଳକେଳି, ଜଳକ୍ରୀଡ଼ା** ***ବି.*** ପୋଖରୀ, ନଦୀ ଆଦିର ପାଣିରେ ମଉଜ, ପହଁରା ସହ ଖେଳ କୌତୁକ ।

**ଜଳଖିଆ** ***ବି.*** ସକାଳେ ବା ସନ୍ଧ୍ୟାବେଳେ ଖିଆଯାଉଥିବା ଲଘୁ ଖାଦ୍ୟ ବା ଲଘୁ ଆହାର, ଦିନ ବେଳା ଏବଂ ରାତିରେ ଖିଆଯିବା ପ୍ରଧାନ ଆହାର ବ୍ୟତୀତ ଅନ୍ୟ ସମୟରେ ଖିଆଉଥିବା ଅଳ୍ପାହାର, ଜଳଯୋଗ, ଟିଫିନ୍ ।

**ଜଳଘଟିକା, ଜଳଘଡ଼ି** ***ବି.*** ଜଳଦ୍ୱାରା ନିୟନ୍ତ୍ରିତ ସମୟଜ୍ଞାପକ ଯନ୍ତ୍ର, ଜଳଘଟୀ ।

**ଜଳଚର** ***ବିଂ.*** ୧. ପାଣିରେ ବିଚରଣକାରୀ ଜୀବ, ପାଣିରେ ରହୁଥିବା ପଶୁ ବା ପକ୍ଷୀ ୨. ସବୁବେଳେ ପାଣି ଜମି ରହୁଥିବା (ଜମି) ।

**ଜଳଚିକିତ୍ସା** ***ବି.*** ଜଳର ନାନା ପ୍ରକାର ବ୍ୟବହାରଦ୍ୱାରା ବିଭିନ୍ନ ରୋଗର ଚିକିତ୍ସା ପଦ୍ଧତି ।

**ଜଳଛତ୍ର** ***ବି.*** ସାଧାରଣ ସ୍ଥାନରେ ଶୋଷିଲାଙ୍କୁ ପାଣି ଯୋଗାଇବା ବ୍ୟବସ୍ଥା ।

**ଜଳଛବି** ***ବି.*** ଯେଉଁ ଛବିକୁ ପାଣିରେ ଭିଜାଇ ଅନ୍ୟ କାଗଜରେ ଚପାଇଲେ ଛବିଟି ତହିଁରେ ଉଠିଯାଏ ।

**ଜଳଜ** ***ବିଂ*** ପାଣିରୁ ଜାତ, ପାଣିରେ ଜନ୍ମ ନେଉଥିବା (ଯଥା, ପଦ୍ମ, ଶଙ୍ଖ ଇତ୍ୟାଦି ) ।

**ଜଳଜନ୍ତୁକା** ***ବି.*** ପାଣିରେ ରହୁଥିବା ସରୁ ଓ ଲାଲୁଆ ରକ୍ତପାୟୀ ଜୀବ, ଜୋକ, ଜଳୌକା ।

**ଜଳଜଳ** ***ବିଂ*** ସୁସ୍ପଷ୍ଟ, ଉଜ୍ଜ୍ୱଳ ; ***କ୍ରି.ବିଂ*** ଉଜ୍ଜ୍ୱଳ ଭାବରେ, ସ୍ପଷ୍ଟ ଭାବରେ ।

**ଜଳଜଳା** ***ବିଂ*** ନିର୍ଲ୍ଲଜ, ବେସରମ, ବେହିଆ, ***ସ୍ତ୍ରୀ.*** ଜଳଜଳୀ ।

**ଜଳଡୁବି** ***ବି.*** ପାଣିରେ ବୁଡ଼ି ଯିବା ଫଳରେ ଆକସ୍ମିକ ମୃତ୍ୟୁ ।

**ଜଳତରଙ୍ଗ** ***ବି.*** ୧. କେତୋଟି ପାତ୍ରରେ ଆବଶ୍ୟକ ପରିମାଣ ପାଣି ରଖି ଓ ତାହାକୁ କାଠିରେ ବାଡ଼େଇ ସାଙ୍ଗୀତିକ ସ୍ୱର ସୃଷ୍ଟି କରାଯାଉଥିବା ବାଦ୍ୟ ୨. ଢେଉ, ପାଣିଲହଡ଼ି ।

**ଜଳଦ** ***ବି.*** ୧. ଯେ ଜଳଦାନ କରେ, ମେଘ ୨. ମୁଥା ; ***ବିଂ*** ଜଳଦାତା, ଜଳ ଦାନ କରିବା ବ୍ୟକ୍ତି ବା ଉପକରଣ, ***ସ୍ତ୍ରୀ.*** ଜଳଦା ।

**ଜଳଦସ୍ୟୁ** ***ବି.*** ଜଳପଥର ଯାତ୍ରୀ, ଜାହାଜ ପ୍ରଭୃତିର ଧନଦ୍ରବ୍ୟ ଲୁଣ୍ଠନକାରୀ ଡକାୟତ ।

**ଜଳଦେବତା** ***ବି.*** ବରୁଣ, ପୁରାଣ ବର୍ଣ୍ଣିତ ଜଳଦେବତା ।

**ଜଳଧର** ***ବି.*** ୧. ମେଘ ୨. ସମୁଦ୍ର ।

**ଜଳଧି** ***ବି.*** ସମୁଦ୍ର, ସାଗର ।

**ଜଳନାଳୀ** ***ବି.*** ୧. ଜଳ ନିର୍ଗମନ ପଥ ୨. ନର୍ଦ୍ଦମା, ନାଳ ।

**ଜଳନ୍ତା** ***ବିଂ*** ଜଳୁଥିବା, ଜ୍ୱଳନ୍ତ ।

**ଜଳପଥ** ***ବି.*** ନଦୀ ସମୁଦ୍ର ପ୍ରଭୃତିରେ ନୌକା ଜାହାଜ ପ୍ରଭୃତି ଯାତାୟତ ବାଟ, ଜଳମାର୍ଗ ।

**ଜଳପାଇ** ***ବି.*** ୧. ଜଳପୋଇ ଗଛ ଓ ତାର ଆମ୍ବଡ଼ା ଭଳି ଛୋଟ ଫଳ ୨. ରୁଦ୍ରାକ୍ଷ ଜାତୀୟ ଗଛ ବିଶେଷ ଓ ତାର ଫଳ ।

**ଜଳପାନ** ***ବି.*** ୧. ଜଳଖିଆ, ଜଳଯୋଗ ୨. ଅଳ୍ପାହାର ।

**ଜଳପ୍ରଣାଳୀ** ***ବି.*** ପ୍ରଧାନ ଜଳଧାରରୁ ବାହାରିଥିବା ସରୁସରୁ ଧାର, ଜଳନାଳୀ ।

**ଜଳପ୍ରପାତ** ***ବି.*** ପାହାଡ଼ ବା କୌଣସି ଉଚ୍ଚସ୍ଥାନରୁ ଜଳସ୍ରୋତର ପତନ ଓ ସେହିଭଳି ସ୍ଥାନ ।

**ଜଳପ୍ଲାବନ** ***ବି.*** ବନ୍ୟା, ବଢ଼ି, କୂଳ ଲଙ୍ଘିଯିବା ଜଳ ।

**ଜଳବାୟୁ** ***ବି.*** ୧. ଆବହାୱା, କୌଣସି ସ୍ଥାନର ଉତ୍ତାପ/ ଜଳକଣା ପରିମାଣ ପ୍ରଭୃତିର ଅବସ୍ଥା ୨. ସ୍ୱାସ୍ଥ୍ୟ-ନିୟନ୍ତ୍ରକ ପ୍ରାକୃତିକ ଅବସ୍ଥା ।

**ଜଳବିମ୍ବ** ***ବି.*** ପାଣିରେ ବସ୍ତୁର ପ୍ରତିଫଳନ ।

**ଜଳବିହାର** ***ବି.*** ଜଳକ୍ରୀଡ଼ା, ଜଳକେଳି ।

**ଜଳବୁଦ୍‌ବୁଦ** ***ବି.*** ପାଣି ଫୋଟକା ।

**ଜଳବେଣୀ** ***ବି.*** ଜଳସ୍ରୋତ, ଜଳପ୍ରବାହ, ନଈ ନାଳ ପ୍ରଭୃତିର ପାଣିର ଧାର ।

**ଜଳମାର୍ଜାର** ***ବି.*** ପାଣି ଭିତରେ ବୁଡ଼ି ମାଛମାନଙ୍କୁ ଧରି ପାରୁଥିବା ଜୀବ, ଓଧ ।

**ଜଳଯନ୍ତ୍ର** ***ବି.*** ୧. ପଲଙ୍କ ଓ ବାକ୍ସ ଆଦିର ଗୋଡ଼ ତଳେ ରଖାଯାଉଥିବା ଜଳପୂର୍ଣ୍ଣ ପଥର କୁଣ୍ଡି ୨. ଜଳଘଡ଼ି, ଧାରାଯନ୍ତ୍ର- ଯାହା ଦ୍ୱାରା ପାଣିକୁ ପରିଷ୍କାର କରାଯାଏ ।

**ଜଳଯାତ୍ରା** ***ବି.*** ଜଳପଥରେ ଜାହାଜ, ନୌକା ପ୍ରଭୃତିରେ ଯିବା ।

**ଜଳଯାନ** ***ବି.*** ଜଳପଥରେ ଚାଲିବା ଜାହାଜ, ମଟର, ଲଞ୍ଚ, ନୌକା ପ୍ରଭୃତି ଯାନ ।

**ଜଳଯୁଦ୍ଧ** ***ବି.*** ସମୁଦ୍ରରେ ଯୁଦ୍ଧ, ସାମୁଦ୍ରିକ ଯୁଦ୍ଧ, ନୌସମର ।

**ଜଳଯୋଗ** ***ବି.*** ଜଳଖିଆ, ଜଳପାନ, ଅଳ୍ପାହାର ।

**ଜଳଲାଗି** ***ବି.*** ଦେବ ବିଗ୍ରହରେ ପାଣି ଢ଼ାଳିବା, ଜଳାଭିଷେକ ।

**ଜଳସତ୍ର** ***ବି.*** ବାଟୋଇମାନଙ୍କୁ ପାଣିଦେବା ସ୍ଥାନ, ଜଳଛତ୍ର, ପାଣିଛତର ।

**ଜଳସମ୍ପଦ ବିଭାଗ** ***ବି.*** ରାଜ୍ୟରେ ଉପଲବ୍ଧ ଜଳର ଉତ୍ତମ ପ୍ରବନ୍ଧନ ନିମନ୍ତେ ଉଦ୍ଦିଷ୍ଟ ସରକାରୀ ବିଭାଗ, ୱାଟର ରିସୋର୍ସ୍ ଡ଼ିପାର୍ଟମେଣ୍ଟ ।

**ଜଳସାତ୍** ***ବିଂ*** ୧. ପାଣିରେ ନିକ୍ଷିପ୍ତ ୨. ପାଣିରେ ପରିଣତ ।

**ଜଳସେକ** ***ବି.*** ଜ୍ୱରରୋଗୀର ଶରୀରର ଉତ୍ତାପ କମାଇବା ପାଇଁ କପାଳରେ ଦିଆଯାଉଥିବା ପାଣିପଟି ।

**ଜଳସ୍ତମ୍ଭ** ***ବି.*** ସମୟ ସମୟରେ ସମୁଦ୍ର ବା ବିସ୍ତୃତ ଜଳାଶୟରୁ ଘୁରି ଘୁରି ଉପରକୁ ଉଠୁଥିବା ସ୍ତମ୍ଭ ଆକୃତିର ଜଳରାଶି ।

**ଜଳହସ୍ତୀ** ***ବି.*** ପାଣିରେ ରହିବାକୁ ଭଲ ପାଉଥିବା ହାତୀପରି ପ୍ରାଣୀ ବିଶେଷ, ହିପୋପଟାମସ୍ ।

**ଜଳା** ***ବି.*** ୧. ରନ୍ଧ୍ର, କଣା ୨. ଦାହ, ପୋଡ଼ିବା ୩. ଲଙ୍କା ପ୍ରଭୃତିର ରାଗ ୪. ପାଣି ଜମିରହୁଥିବା ନିମ୍ନଭୂମି ବା ବିଲ ୫. ଗଡ଼ଖାଇ ୬. ଜୋଡ଼, ଜୋର, ନଳିଆ ୭. ସନ୍ତସନ୍ତିଆ ସ୍ଥାନ ; ***ବିଂ*** ୧. ପୋଡ଼ି ଯାଇଥିବା, ଦଗ୍ଧ, ଜଳିଥିବା (ଅଗିଜଳା, ରଇଜଳା)। ।

**ଜଳାକବାଟ, ଜଳାକବାଟି** ***ବି.*** ଘରର କାଛରେ ଥିବା ଖିଡ଼ିକି, ଛୋଟ ଝରକା ।

**ଜଳାଞ୍ଜଳି** ***ବି.*** ୧. ଜଳର ଅଞ୍ଜଳି, ଆଞ୍ଜୁଳାରେ ଅର୍ପିତ ଜଳ ୨. ପ୍ରେତାତ୍ମା ବା ପିତୃପୁରୁଷଙ୍କୁ ଆଞ୍ଜୁଳାରେ ଅର୍ପିତ ଜଳ ୩. ବିସର୍ଜନ, ପରିତ୍ୟାଗ, ତ୍ୟାଗ ୪. ପୂର୍ଣ୍ଣ ଭାବରେ ସମ୍ପର୍କ ଛାଡ଼ିବା।

**ଜଳାତଙ୍କ** *ବି.* ପାଗଳା କୁକୁର ଓ ବିଲୁଆ ଆଦି କାମୁଡ଼ିବାଦ୍ୱାରା ହେଉଥିବା ରୋଗ (ଏହି ରୋଗ ହେଲେ ରୋଗୀ ପାଣିକୁ ଭୟ କରିଥାଏ), ରାବିଜ୍ ।

**ଜଳାଧାର** *ବି.* ୧. ଜଳପାତ୍ର, ପାଣି ରଖିବା ପାତ୍ର ୨. ପାଣି ଜମି ରହିବା ସ୍ଥାନ, ପୋଖରୀ, ଜଳାଶୟ ।

**ଜଳାବର୍ତ୍ତ** *ବି.* ଜଳଭଉଁରୀ, ଉଅଁର, ନଈ ଓ ସମୁଦ୍ର ଆଦିର ପାଣି ଭିତରେ ସୃଷ୍ଟି ହେଉଥିବା ଆବର୍ତ୍ତ ବା ଘୂର୍ଣ୍ଣି ।

**ଜଳାଭୂଇଁ, ଜଳାଭୂମି** *ବି.* ପାଣି ଜମି ରହିଥିବା ଖାଲୁଆ ଜାଗା, ସନ୍ତସନ୍ତିଆ ସ୍ଥାନ ।

**ଜଳାର୍ଣ୍ଣବ** *ବି.* ସମୁଦ୍ର ଭଳି ବ୍ୟାପି ଥିବା ଜଳରାଶି ।

**ଜଳାର୍ଦ୍ର** *ବିଂ.* ଜଳ ଯୋଗୁଁ ଆର୍ଦ୍ର, ପାଣିରେ ଓଦା, ଜଳସିକ୍ତ, ଭିଜା ।

**ଜଳାଶୟ** *ବି.* ଜଳର ଆଧାର, ପୋଖରୀ, ହ୍ରଦ, ନଦୀ, ସାଗର ପ୍ରଭୃତି- ଯେଉଁଠି ପାଣି ରହିଥାଏ ।

**ଜଳିବା** *କ୍ରି.* ୧. ନିଆଁ ଲାଗିବା, ପୋଡ଼ିବା, ପ୍ରଜ୍ୱଳିତ ହେବା ୨. ଦାଉଦାଉ ଦିଶିବା, ଉଜ୍ଜ୍ୱଳ ଦେଖା ଯିବା ୩. ଈର୍ଷା କରିବା, ପରଶ୍ରୀକାତର ହେବା ।

**ଜଳୋକା, ଜଳୌକା** *ବି.* ଜୋକ, ଜଁକ୍ ।

**ଜଳୋଦର, ଜଳୋଦରୀ** *ବି.* ଦେହରେ ଅସ୍ୱାଭାବିକ ଭାବରେ ପାଣି ଜମିଯାଉଥିବା ରୋଗ ।

**ଜଳ୍ପନା** *ବି.* ୧. ବୃଥା ବାକ୍ୟ ବ୍ୟୟ ୨. ଆଳାପ ଆଲୋଚନା ୩. ନିଜ ମତକୁ ପ୍ରମାଣିତ ବା ପ୍ରତିଷ୍ଠିତ କରିବା ପାଇଁ ଯୁକ୍ତି ଉପସ୍ଥାପନ, ପ୍ରସ୍ତାବନା ।

**ଜଲ୍‌କା** *ବି.* ସମ୍ମୋହନ ବିଦ୍ୟା, ମନ୍ତ୍ର ତନ୍ତ୍ର ବଳରେ ବଶୀଭୂତ କରିବା କଥିତ ବିଶ୍ୱାସ ।

**ଜଲ୍‌କାମୁନି** *ବି.* ସମ୍ମୋହନ ବିଦ୍ୟାର ଦେବୀ ।

**ଜଲ୍‌କା ହେବା** *କ୍ରି.* ୧. ସମ୍ମୋହିତ ହେବା, ମନ୍ତ୍ରମୁଗ୍ଧ ହେବା ୨. ବିସ୍ମୟ, ଭୟ ପ୍ରଭୃତି ଫଳରେ କାଠ ହୋଇଯିବା, ବୋକା ପାଲଟି ଯିବା ।

**ଜଲ୍‌ଗୁଡ଼ି** *ବି.* ଜଳଚର ପକ୍ଷୀ ବିଶେଷ ।

**ଜଲ୍‌ଙ୍ଗିଆ** *ବି.* ମଧ୍ୟସ୍ଥି, ବିବାହରେ ଦୁଇପକ୍ଷକୁ ଜାଣିଥିବା ବ୍ୟକ୍ତି, ଉଭୟ ପକ୍ଷର ଯୋଗସୂତ୍ର ରକ୍ଷା କରୁଥିବା ବ୍ୟକ୍ତି ।

**ଜଲ୍‌ଚର** *ବି.* ୧. ଜଳଚର ୨. ରାଜସ୍ୱ ଓ ଭୂବନ୍ଦୋବସ୍ତର ବର୍ଗୀକରଣରେ ଗଡ଼ିଆ, ପୋଖରୀ ପ୍ରଭୃତି ଥିବା ଜମି ବା ଭୂଭାଗ ।

**ଜଲ୍‌ଜଲ୍** *ବିଂ.* ଅସ୍ପଷ୍ଟ ଦିଶୁଥିବା, ଜାଲଜାଲୁଆ ।

**ଜଲ୍‌ଜଲା** *ବିଂ.* ୧. ବହୁ କଣା ବା ଛିଦ୍ରଯୁକ୍ତ ୨. ପାଣି ଝରୁଥିବା, ସନ୍ତଉଥିବା, ସନ୍ତସନ୍ତିଆ ।

**ଜଲ୍‌ଜରି** *ବି.* ସନ୍ତସନ୍ତିଆ ମାଟି, ପାଣି ଝରୁଥିବା ବା ଅନେକ ସମୟରେ ପାଣି ସନ୍ତଉଥିବା ଜମି ।

**ଜଲ୍‌ଜୀରା** *ବି.* ଖାଦ୍ୟର ସ୍ୱାଦୁ ଏବଂ ପାଚନକ୍ରିୟା ବୃଦ୍ଧି କରିବା ପାଇଁ ବ୍ୟବହୃତ ଲୁଣିଆ ମସଲା - ଦହି, ଜୀରା ଚୂନା, ଗୁପ୍‌ଚୁପ୍ ଆଦିର ଖଟାପାଣି ପ୍ରଭୃତିରେ ମିଶା ଯାଉଥିବା ଗୁଣ୍ଡ, ସୈନ୍ଧବ ଲବଣର ଗୁଣ୍ଡ ।

**ଜଲ୍‌ଦି, ଜଲଦି** *କ୍ରି.ବିଂ.* ଅତି ଶୀଘ୍ର, ବେଗେ, ତୁରନ୍ତ ।

**ଜଲ୍‌ଦେବ୍‌ତୀ** *ବି.* ଜଳଦେବୀ ।

**ଜଲ୍‌ସା** *ବି.* ୧. ମଉଜ ମଜଲିସ, ଉତ୍ସବ ୨. ନାଚଗୀତ ।

**ଜଲ୍‌ସାଇ** *ବି.* ଜଳଶାୟୀ, ଶିବଲିଙ୍ଗ ବା ଅନ୍ୟ ବିଗ୍ରହ ପାଣିରେ ବୁଡ଼ାଇବା ଧର୍ମୀୟ ରୀତି ।

**ଜଲବି** *ବି.* ଜିଲାପି, ଜିଲେବି, ବେସନ ଘୋଳକୁ ବିଶେଷ ଆକାରରେ ଛାଣି ଶିରାରେ ବୁଡ଼ାଇ ପ୍ରସ୍ତୁତ ଏକ ପ୍ରକାର ମିଷ୍ଟାନ୍ନ ।

**ଜଲି** *ବିଂ.* ଖୁସ୍‌ମିଜାଜିଆ, ପ୍ରସନ୍ନଚିତ୍ତ, ଖୁସିବାସିଆ ।

**ଜଲିଆ** *ବି.* ପଇସା ରଖିବା ପାଇଁ ବ୍ୟବହୃତ ମୋଟା ସୂତାରେ ଜାଲପରି ତିଆରି ହୋଇଥିବା ଛୋଟ ଥଳି, ଗାଞ୍ଜିଆ ।

**ଜଲ୍ଲାଦ, ଜହ୍ଲାଦ** *ବି.* ୧. ମୃତ୍ୟୁଦଣ୍ଡ ପାଇଥିବା ଅପରାଧୀକୁ ମୃତ୍ୟୁ ଦେବା ପାଇଁ ନିଯୁକ୍ତ କର୍ମଚାରୀ, ଘାତକ ୨. ଅତ୍ୟନ୍ତ କ୍ରୁର ଓ ନିର୍ମମ ଲୋକ ।

**ଜଷ୍ଟିସ୍** *ବି.* ୧. ନ୍ୟାୟ ୨. ନ୍ୟାୟମୂର୍ତ୍ତି, ଉଚ୍ଚ ନ୍ୟାୟାଳୟର ନ୍ୟାୟାଧୀଶ ।

**ଜହ** *ବିଂ.* ଅଧିକ, ଆବଶ୍ୟକତାଠାରୁ ବେଶି ।

**ଜହର** *ବି.* ୧. ବିଷ, ଗରଳ ୨. ପୂର୍ବେ ପ୍ରଚଳିତ ବିଷ ପାନକରି ବା ନିଆଁରେ ଝାସ ଦେଇ ଜୀବନ ବିସର୍ଜନ କରିବା ପ୍ରଥା ୩. ମଣି, ରତ୍ନ ।

**ଜହରତ** *ବି.* ବହୁ ମୂଲ୍ୟ ପଥର ସମୂହ (ହୀରା, ନୀଳା, ପାନ୍ନା ପ୍ରଭୃତି) ।

**ଜହରୀ** *ବିଂ.* ୧. ବିଷ ଭଳି ଉଗ୍ର ୨. ବିଷ ବ୍ୟବସାୟୀ ; *ବି.* ବିଷ କାରବାର ବା ବ୍ୟବସାୟ କରୁଥିବା ବ୍ୟକ୍ତି ।

**ଜହଲ୍** *ବି.* ବାହାରକୁ ଯିବାପାଇଁ ଅନୁମତି ନଥିବା ଦଣ୍ଡିତ ଅପରାଧୀମାନେ ରହୁଥିବା ସ୍ଥାନ, ଜେଲ୍, କାରାଗାର ।

**ଜହଲିଆ** *ବି.* କାରାଦଣ୍ଡ ଭୋଗିଥିବା ବ୍ୟକ୍ତି, ଜେଲ ଫେରନ୍ତା ଲୋକ ।

**ଜହୁରୀ** *ବି.* ୧. ମଣିମୁକ୍ତା ଆଦି ମୂଲ୍ୟବାନ ଜହରତର ଦୋଷଗୁଣ ଜାଣିଥିବା ଲୋକ, ଚିହ୍ନରା ୨. ଜହରାତ ଆଦିର ବ୍ୟବସାୟୀ ।

**ଜହ୍ନ ବି.** ୧. ସୌରମଣ୍ଡଳରେ ପୃଥିବୀର ଉପଗ୍ରହ, ପୃଥିବୀଠାରୁ ବିଚ୍ଛିନ୍ନ ଏବଂ ପୃଥିବୀ ଚାରି ପାଖରେ ଘୂରୁଥିବା ଅଂଶ ବିଶେଷ, ଚନ୍ଦ୍ର, ଚାନ୍ଦ, ଜନ୍ ୨. ଜହ୍ନ ଆଲୁଅ, ଜ୍ୟୋସ୍ନା, ଜନ୍ ଉକିଆ ।

**ଜହ୍ନମାମୁଁ ବି.** ଶିଶୁମାନଙ୍କଦ୍ୱାରା ଜହ୍ନକୁ ମାମୁଁ ଭାବରେ ପରିକଳ୍ପନା, ଚନ୍ଦ୍ର ।

**ଜହ୍ନା, ଜହ୍ନାର ବି.** ୧. ଜନାର, ଜନା ୨. ମକା, ମକା ଭଳି ଶସ୍ୟ ବିଶେଷ ।

**ଜହ୍ନି ବି.** ତରକାରିରେ ବ୍ୟବହୃତ ସବୁଜ ପରିବା ବିଶେଷ ଓ ତାହାର ଲତା ।

**ଜହ୍ଲା ବି.** ୧. ପାଣି ରହୁଥିବା ଖାଲୁଆ ଜମି ୨. ଗୋଟିଏ ପ୍ରଜାତିର ମାଛ, ଜରଡ଼ା ।

**ଜାଁକ୍ ବି.** ବଡ଼େଇ, ସ୍ପର୍ଦ୍ଧା, ଫୁଟାଣି ।

**ଜାଁକିବା କ୍ରି.** ୧. ଜାକିବା ୨. ଚିପିବା ୩. ଜାବୁଡ଼ିବା ।

**ଜାଁକି ହେବା କ୍ରି.** ୧. ଭିଡ଼ ଭିତରେ ଚାପି ହେବା ୨. ଗହଳି ହେବା ୩. ବହୁତ ଜିନିଷ ପତ୍ର ଗୋଟିଏ ସ୍ଥାନରେ ରହିବା ।

**ଜା ବି.** ଯାଆ, କୌଣସି ବିବାହିତାର ଦେଢଶୁର ବା ଦିଅରଙ୍କ ସ୍ତ୍ରୀ ।

**ଜାଆଁଳା ଜିଆଁ ବି.** ଯମଜ, ଯାଆଁଳାସନ୍ତାନ, ଜଅଁରା ଜିଆଁ ।

**ଜାଇ ବି.** ୧. ଦେହର ତିଳଚିହ୍ନ ୨. ମୁଗ ବା ବିରି ଫାଳର ଚୋପାଶୂନ୍ୟ ଡାଲି ୩. ଧଳାରଙ୍ଗର ସୁଗନ୍ଧ ଫୁଲ ବିଶେଷ ୪. ସୁଗନ୍ଧ ମସଲା ଭାବରେ ବ୍ୟବହୃତ ଫଳ ଓ ସେହି ଗଛ ।

**ଜାଇତ୍ରୀ ବି.** ଜାଇପତ୍ରୀ, ଜାଇଫଳର ଫୁଲ ।

**ଜାଇନ୍ ହେବା କ୍ରି.** ୧. ଜଏନ୍ ହେବା, ସ୍କୁଲ୍, କଲେଜରେ ନାମ ଲେଖାଇବା ୨. ଚାକିରିରେ ଯୋଗଦେବା, ଦାଖଲ ହେବା ।

**ଜାଇପତ୍ରୀ ବି.** ଜାଇତ୍ରୀ ।

**ଜାଇଫଳ ବି.** ଜାଇ ଗଛର ସୁଗନ୍ଧ ଫଳ - ଯାହା ମସଲା ଭାବରେ ବ୍ୟବହାର କରାଯାଏ ।

**ଜାଇରଗଡା ବି.** ବିବାହ, ବ୍ରତଘର ଆଦିର ପୂର୍ବରୁ କୌଣସି ଶୁଭ ଦିନରେ ଉକ୍ତ ଉତ୍ସବରେ ପ୍ରାରମ୍ଭିକ କାର୍ଯ୍ୟ ସ୍ୱରୂପ ଗୋଟା ମୁଗକୁ ଚକି ବା ଶିଳଦ୍ୱାରା ରଗଡ଼ି ଜାଇ କରିବା ପରି ମାଙ୍ଗଳିକ ଅନୁଷ୍ଠାନ ।

**ଜାଉଡି ବି.** ୧. ଯିବାବାଟ, ଚାଲିଚାଲି ଯିବା ବାଟ ୨. ଯିବା ବେଳ; **କ୍ରି.ବିଂ.** ଯିବା ସମୟରେ ।

**ଜାଏଁଟା, ଜେନ୍ଟା ସ.** ଯେଉଁଟା, ଯାହା ।

**ଜାଏଜୁଗ୍ ବି.** ଚିରକାଳ, ବହୁ ସମୟ ।

**ଜାଏତ୍ ବି.** ଜାତି, ସାମାଜିକ ବର୍ଗ, ବୃତ୍ତି ବା ଜନ୍ମ ଅନୁସାରେ ଗଠିତ ଗୋଷ୍ଠୀ ।

**ଜାଏତ୍ ହେବା କ୍ରି.** ୧. ଜାତିରୁ ବିଚ୍ୟୁତ ବା ଭ୍ରଷ୍ଟ ବ୍ୟକ୍ତି ପୁଣି ଜାତିକୁ ଫେରିବା ୨. ଅଜାତିଆ ଜାତିକୁ ଫେରିବା ପାଇଁ ବିଧିବିଧାନ କରାଯିବା ।

**ଜାଏଦାଦ୍ ବି.** ସମ୍ପତ୍ତି, ଭୂସମ୍ପତ୍ତି ।

**ଜାକ୍ ବି.** ଜିନିଷ, ପଦାର୍ଥ, ବସ୍ତୁ ।

**ଜାକ୍ଡ଼ି ବି.** ମଥା ଖରାପ ଥିବା ନାରୀ, ପାଗଳୀ, ବାୟାଣୀ ।

**ଜାକ୍‌ପେଣା ବି.** ପେଡ଼ିପୁଟୁଳା, ସାମାନ୍‌ପତ୍ର, ଗଣ୍ଠିଲିପତ୍ର, ଜିନିଷପତ୍ର ।

**ଜାକ୍‌ଯୋଗାର ବି.** ସରଞ୍ଜାମ, ଆବଶ୍ୟକ ଜିନିଷପତ୍ର ।

**ଜାକ୍ ସାର୍ ବିଂ.** ଅତି ସଂକୀର୍ଣ୍ଣ ।

**ଜାକ ବିଂ.** ୧. କସ୍ ବା ଚୋସ୍ତ, ଚିପା ୨. ସଂକୀର୍ଣ୍ଣ, ସଂକୁଚିତ ।

**ଜାକଜମକ ବି.** ଆଡମ୍ବର, ଚାକଚକ୍ୟ ।

**ଜାକିଟ୍,ଜାକିଟି ବି.** ୧. ବ୍ଲାଉଜ୍ ୨. ଅଧା କୁରୁତା, ଜାକେଟ୍, ହାତ କଟା ଫତେଇ ।

**ଜାକିବା କ୍ରି.** ୧. ଚାପିବା, ଚାପ ଦେବା ୨. କସ୍ କରିବା ୩. ଭିଡ଼ିବା କୁଣ୍ଢାଇ ଧରିବା ୪. ଅନ୍ୟ ବସ୍ତୁର ଭିତରେ ପୂରାଇ ରଖିବା ୫. ସଂକୁଚିତ କରିବା ।

**ଜାଗତିଆର ବି.ବିଂ.** ସତର୍କ, ସଚେତନ, ଜାଗ୍ରତ, ସାବଧାନ ।

**ଜାଗନ୍ତ,ଜାଗନ୍ତା ବିଂ.** ଜାଗି ବା ଚେଇଁ ରହିଥିବା, ଚେତନ ଥାଇ, ଜାଗ୍ରତ ।

**ଜାଗର ବି.** ୧. ଶିବରାତ୍ରି ଉତ୍ସବ, ଫାଲଗୁନ କୃଷ୍ଣ ଚତୁର୍ଦ୍ଦଶୀ ରାତିରେ ଶିବଙ୍କ ଉଦ୍ଦେଶ୍ୟରେ ଦୀପ ଜାଳି ଉଜାଗର ରହିବା ପର-ରା ୨. ଜାଗ୍ରତ ଅବସ୍ଥା, ଚେଇଁଥିବା ଅବସ୍ଥା ୩. ଉଜାଗର ୪. ସାଞ୍ଜୁ ।

**ଜାଗରଣ ବି.** ୧. ଜାଗ୍ରତ ଅବସ୍ଥା, ନ ଶୋଇ ଚେଇଁ ରହିବା ଅବସ୍ଥା, ନିଦ୍ରାହୀନତା ୨. ଜାତୀୟ ବା ସାମାଜିକ ଚେତନାର ଉତ୍‌ଥାନ ବା ଅଭ୍ୟୁଦୟ ।

**ଜାଗରଣୀ ବି.** ସାଧାରଣ ଲୋକଙ୍କୁ ସମସ୍ୟା ସଚେତନ କରିବା ପାଇଁ ଲେଖା ହେଉଥିବା ଗୀତ ।

**ଜାଗର ହନୁ ବି.** ଭାଙ୍ଗଖାଇ ବା ରାତି ଅନିଦ୍ରା ହୋଇ ଆଖି ଜୁଲୁଜୁଲୁ କରୁଥିବା ବ୍ୟକ୍ତି ।

**ଜାଗରିତ ବିଂ.** ୧. ଜାଗ୍ରତ, ଯେ ଶୋଇ ନାହିଁ, ବିନିଦ୍ର, ଉଜାଗର ୨. ନିଦରୁ ଉଠିଥିବା ୩. ସଚେତନ ।

**ଜାଗରୁକ ବିଂ.** ୧. ଜାଗରଣଶୀଳ ୨. ସାବଧାନ, ସତର୍କ, ସଚେତନ ୩. ଅବହିତ, ଯେ ଜାଣିଛି, ଯେ ଜାଣିବାପାଇଁ ପ୍ରସ୍ତୁତ ରହିଛି ୪. ଅବିସ୍ମୃତ ।

**ଜାଗର୍ତ୍ତି** ***ବି.*** ୧. ଜାଗରଣ, ନିଦ୍ରାଭଙ୍ଗ, ଜାଗୃତି ୨. ସତର୍କତା, ସଚେତନତା ।

**ଜାଗା** ***ବି.*** ୧. ସ୍ଥାନ ୨. ଘରଡିହ, ଘର ତିଆରି ପାଇଁ ଡିହ ବା ପ୍ଲଟ ୩. ପାତ୍ର, ଆଧାର ୪. ଆଖଡ଼ା, ଜାଗାଘର ।

**ଜାଗା କରିବା** ***କ୍ରି.*** ୧. ଠା କରିବା, ଖାଇ ବସିବାର ବ୍ୟବସ୍ଥା କରିବା ୨. କୌଣସି ଜିନିଷ ରଖିବା ପାଇଁ ବା କେହି ବସିବା ବା ଠିଆ ହେବା ପାଇଁ ସୁବିଧା କରିବା ୩. ଘର ତିଆରି ପାଇଁ ଡିହ ବା ପ୍ଲଟ କିଣିବା ।

**ଜାଗାଘର** ***ବି.*** ଶରୀରଚର୍ଯା, କ୍ରୀଡ଼ା, ନୃତ୍ୟ ସଙ୍ଗୀତ, ଆମୋଦ ପ୍ରମୋଦ ପ୍ରଭୃତି ଉଦ୍ଦେଶ୍ୟରେ ଗଠିତ ପୁରୀର ପ୍ରାଚୀନ ଅନୁଷ୍ଠାନ ।

**ଜାଗିବା** ***କ୍ରି.*** ୧. ପୋତା ହୋଇଥିବା ଚାରା ପ୍ରଭୃତି ବଞ୍ଚିବା, ଚେର ଧରିବା ୨. ନିଦରୁ ଉଠିବା, ନିଦ ଭାଙ୍ଗିବା ୩. ସଚେତନ ହେବା, ମହତ ଉଦ୍ଦେଶ୍ୟରେ ସକ୍ରିୟ ବା ମନୋଯୋଗୀ ହେବା, ଉନ୍ନତି ପାଇଁ ଉଦ୍ୟମ କରିବା ୪. ପ୍ରାଣବନ୍ତ ହେବା ୫. ଅବିସ୍ମୃତ ହେବା ।

**ଜାଗିର୍‌ଦାର, ଜାଗିରିଦାର୍** ***ବି.*** ୧. ଜାଗିରି ଭୋଗ କରିବା ଲୋକ ୨. ଜମିଦାର ।

**ଜାଗିରି** ***ବି.*** ଶାସକଙ୍କଦ୍ୱାରା ବ୍ୟକ୍ତିଙ୍କୁ ଦିଆ ଯାଇଥିବା ନିଷ୍କର ଜମି ୨. ଭୂସମ୍ପତ୍ତି, ଜମିବାଡ଼ି ଉପରେ ଅଧିକାର।

**ଜାଗିରିଦାରି** ***ବି.*** ୧. ଜାଗିରି ଭୋଗ, ଜାଗିରିରେ ଅଧିକାର ୨. କ୍ଷମତା, ପ୍ରତିପତ୍ତି ।

**ଜାଗିରିଦାରୀ** ***ବିଂ.*** ଜାଗିରିଦାର ବା ଜାଗିରିଦାରି ସମ୍ବନ୍ଧୀୟ ।

**ଜାଗୁଡ଼** ***ବି.*** କୁଙ୍କୁମ, ଏକ ପ୍ରକାର ପ୍ରସାଧନ ସାମଗ୍ରୀ ।

**ଜାଗୁଳା, ଜାଗୁଳାଇ, ଜାଗୁଳେଇ** ***ବି.*** ୧. ଗ୍ରାମଦେବୀ ବିଶେଷ ୨. ଯୋଗିନୀ ବିଶେଷ ।

**ଜାଗୁଲି** ***ବି.*** ଚଉଡ଼ାମୁହାଁ ଛୋଟ ମାଟିପାତ୍ର ।

**ଜାଗୃତି** ***ବି.*** ସଚେତନ ମାନସିକତା, ଜାଗରଣ, ଜାଗର୍ତ୍ତି ।

**ଜାଙ୍ଗ୍‌ଲି** ***ବି.*** ଜଙ୍ଗଲ ରକ୍ଷୀ, ଫରେଷ୍ଟ ଗାର୍ଡ, ଜଙ୍ଗଲ ବିଭାଗର କର୍ମଚାରୀ ।

**ଜାଙ୍ଗଳ** ***ବି.*** ୧. କପିଞ୍ଜଳ ପକ୍ଷୀ, ଚାତକ ପକ୍ଷୀ ୨. ହରିଣ, କୁଟୁରା ପ୍ରଭୃତି ଜଙ୍ଗଲୀ ଜନ୍ତୁ ; ***ବିଂ.*** ଜଙ୍ଗଲୀ, ଜଙ୍ଗଲିଆ ।

**ଜାଙ୍ଗଳି, ଜାଙ୍ଗଳିକ** ***ବି.*** ୧. ସାପୁଆକେଳା ୨. ବିଷବୈଦ୍ୟ, ବିଷ ଛଡ଼େଇ ପାରୁଥିବା ବୈଦ୍ୟ ବା ଗୁଣିଆ ; ***ବିଂ.*** ଜଙ୍ଗଲିଆ, ଅରଣ୍ୟରେ ରହୁଥିବା ।

**ଜାଙ୍ଗଳୀ** ***ବି.*** ବିଷବିଦ୍ୟା, ବିଷହରଣ ଜ୍ଞାନ ।

**ଜାଙ୍ଗଲ୍** ***ବି.*** ଦେହ, ପାର୍ଥିବଶରୀର, ଅଙ୍ଗପ୍ରତ୍ୟଙ୍ଗ, ହାତଗୋଡ଼, ଗଣ୍ଡି ।

**ଜାଙ୍ଗଲ୍‌ଖାଇ** ***ବିଂ.*** ପରିଶ୍ରମକୁ ଭୟ କରୁଥିବା (ନାରୀ), ପରିଶ୍ରମ କାତରା, ଗଣ୍ଡି ଅଳେସୋଇ ।

**ଜାଙ୍ଗଲ୍ ଖାଏବା** ***କ୍ରି.*** ସୁସ୍ଥ ସବଳ ହୋଇଥିବା ସତ୍ତ୍ୱେ କାମଦାମ ନ କରି ବସିରହିବା ।

**ଜାଙ୍ଗଲ୍‌ଖିଆ** ***ବିଂ.*** ଅଳସୁଆ, ପରିଶ୍ରମକାତର ।

**ଜାଙ୍ଗଲ୍ ଚଲ୍‌ବା** ***କ୍ରି.*** କାର୍ଯ୍ୟକ୍ଷମ ହେବା, କର୍ମତତ୍ପର ହେବା ।

**ଜାଙ୍ଗଲ୍‌ପୁଡ଼ି** ***ବି.*** ଅଳସେଇ ନାରୀ ।

**ଜାଙ୍ଗଲ୍ ବସ୍‌ବା** ***କ୍ରି.*** ନିରନ୍ତର କାର୍ଯ୍ୟ ବା ପରିଶ୍ରମ ଯୋଗୁଁ ଅଙ୍ଗପ୍ରତ୍ୟଙ୍ଗ ଥକି ପଡ଼ିବା ।

**ଜାଙ୍ଗଲିକ** ***ବିଂ.*** ୧. ଜଙ୍ଗଲୀ, ବଣୁଆ ୨. ଜଙ୍ଗଲରେ ରହୁଥିବା, ବନବାସୀ ।

**ଜାଙ୍ଗୁଳ** ***ବି.*** ୧. ବିଷ ୨. ଶରୀରର ଜୀବନୀଶକ୍ତିକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେଉଥିବା ପଦାର୍ଥ ।

**ଜାଙ୍ଗୁଲୁଜାଙ୍ଗୁଲୁ** ***ବିଂ.*** ୧. ଝାପସା, ଅସ୍ପଷ୍ଟ ଆଲୋକିତ ୨. ଅସ୍ପଷ୍ଟ, ଅର୍ଦ୍ଧାଲୋକିତ, ଅଳ୍ପ ଅନ୍ଧାରୁଆ ।

**ଜାଗ୍ରତ** ***ବିଂ.*** ୧. ବିନିଦ୍ର, ନ ଶୋଇ ଚେଇଁଥିବା ୨. ସତର୍କ, ସଚେତନ ୩. ସକ୍ରିୟ; ***ବି.*** ଜାଗରଣ, ଜାଗୃତି ; ***ଅ.*** ସାବଧାନ, ହୁସିଆର ।

**ଜାଜ୍** ***ବି.*** କୃଷ୍ଣାଙ୍ଗମାନଙ୍କର ପାରମ୍ପରିକ ଲୋକବାଦ୍ୟ ଉପରେ ଆଧାରିତ ଆଧୁନିକ ପାଶ୍ଚାତ୍ୟ ଜନପ୍ରିୟ ସଙ୍ଗୀତ ।

**ଜାଜୁଲ୍‌ମାନ୍** ***ବିଂ.*** ଜାଜ୍ୱଲ୍ୟମାନ, ଅତ୍ୟନ୍ତ ଉଜ୍ଜ୍ୱଳ, ଆକର୍ଷଣୀୟ ।

**ଜାଜ୍ୱଲ୍ୟମାନ** ***ବିଂ.*** ୧. ସୁପ୍ରକଟ, ସୁବିଦିତ, ଫୁଟିଆରା, ସୁସ୍ପଷ୍ଟ ୨. ଅତ୍ୟନ୍ତ ଆକର୍ଷଣୀୟ ।

**ଜାଟି** ***ବିଂ.ବି.*** ୧. ଅସୁବିଧା, ସମସ୍ୟା, ଜଟିଳ ଅବସ୍ଥା ୨. ଲୋଭୀ, କୃପଣ ।

**ଜାଠ** ***ବି.*** ପଞ୍ଜାବର ସମ୍ପ୍ରଦାୟ ବିଶେଷ; ***ବିଂ.*** ୧. କୃପଣ, କାମ୍ପି ୨. ରାଜନୀତି କ୍ଷେତ୍ରରେ ରକ୍ଷଣଶୀଳ ୩. ପରିବର୍ତ୍ତନ ବିରୋଧୀ ।

**ଜାଠର** ***ବିଂ.*** ଜଠର ସମ୍ବନ୍ଧୀୟ, ପେଟ ସମ୍ପର୍କିତ ; ***ବି.*** ୧. ପୁତ୍ର ୨. ଜଠରାଗ୍ନି, ଜଠର ନିଆଁ, ପେଟର ଭୋକ ।

**ଜାଠିମଧୁ, ଜାଠିମହୁ** ***ବି.*** ଯଷ୍ଟିମଧୁ, ମୂଳେଠି ।

**ଜାଡ଼** ***ବି.*** ଭୟଙ୍କର ଶୀତ, ଥଣ୍ଡା, ଜାଡ୍ ; ***ବିଂ.*** ଜଡ଼, ବାକ୍‌ଶକ୍ତିହୀନ, ମୂକ, କୁନ୍ଦା, ***ସ୍ତ୍ରୀ.*** ଜାଡ଼ୀ ।

**ଜାଡ଼ି, ଜାଡ଼ୀ** ***ବି.ବିଂ.*** ବେଡ଼ୀ, ମାନସିକ ଅନଗ୍ରସର ନାରୀ, ନିର୍ବୋଧ ନାରୀ ।

**ଜାଡୁଆ** ***ବିଂ.*** କାଲୁଆ, ଅତି ଥଣ୍ଡା, ଶୀତୁଆ ।

**ଜାଣ** ***ବି.*** ସମୁଦ୍ରତଟ ବା ପାଟର ପାଣି ଥିବା ସ୍ଥାନରେ ମାଛ ଧରିବା ପାଇଁ ନିରୂପିତ ଜାଗା ।

**ଜାଣତ** ***ବିଂ.*** ଜାଣିଥିବା, ଜ୍ଞାତ, ଜ୍ଞାନର ବିଷୟୀଭୂତ ବା ଜ୍ଞାନରେ ଅନ୍ତର୍ଭୁକ୍ତ ।

**ଜାଣତରେ** ***କ୍ରି.ବିଂ.*** ଜାଣିଜାଣି, ଜ୍ଞାନତଃ, ଜ୍ଞାତସାରରେ ।

**ଜାଣା** ***ସ.*** ଯାହା, ଜେନ୍‌ଟା ।

**ଜାଣିତୀର୍ଥ** ***ବି.*** ଜାଣିସିଆଣା, ଜାନ୍‌ବେଡ଼ା, ଜାଣିପେଲା, ସବୁ ଜାଣି ମଧ୍ୟ ନ ଜାଣିଲା ଭଳି ଦେଖେଇ ହେଉଥିବା ଲୋକ ।

**ଜାଣିବା** ***କ୍ରି.*** ୧. ଅବଗତ ହେବା ୨. ଫରକ ବା ପ୍ରଭେଦ ବୁଝିବା ୩. ଜ୍ଞାନ ରଖିବା, ମନେ ରଖିବା ୪. ଉପଲବ୍ଧି କରିବା, ବୁଝିବା, ବୁଝି ପାରିବା ୫. ଚିହ୍ନିବା, ପରିଚିତ ହେବା ୬. ବୁଦ୍ଧି ଶିଖିବା ; ***ବିଂ.*** ୧. ପରିଚିତ ୨. ଜ୍ଞାତ ୩. ଅନୁଭବୀ ୪. ଜ୍ଞାନୀ ।

**ଜାଣିବାନର** ***ବି.*** ସ୍ୱଳ୍ପ ଜ୍ଞାନକୁ ଅଧିକ କରି ଦେଖାଇହେବା ଲୋକ ।

**ଜାଣିସିଆଣା** ***ବିଂ.*** ସବୁଜାଣି ନଜାଣିବାର ଛଳନା କରୁଥିବା, ଧୂର୍ତ୍ତ, ଠକ ।

**ଜାତ** ***ବିଂ.*** ୧. ଜନ୍ମିତ ୨. ସୃଷ୍ଟ ; ***ବି.*** ପ୍ରାଣୀ ।

**ଜାତକ** ***ବି.*** ୧. ଜନ୍ମକୋଷ୍ଠୀ, ଶିଶୁର ଜନ୍ମ ମୁହୂର୍ତ୍ତକୁ ଭିତ୍ତିକରି ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ ଲିଖିତ ଜୀବନକଥା ।

**ଜାତକକଥା** ***ବି.*** ବୁଦ୍ଧଙ୍କ ପୂର୍ବ ଜନ୍ମଗୁଡ଼ିକର କାହାଣୀ ସଂଗ୍ରହ।

**ଜାତକ ପ୍ରଶ୍ନ** ***ବି.*** ବୁଦ୍ଧଦେବଙ୍କ ପୂର୍ବ ଜନ୍ମ ଓ ପର ବିବରଣୀ ସମ୍ବଳିତ ଗ୍ରନ୍ଥ ।

**ଜାତକର୍ମ** ***ବି.*** ନବଜାତ ଶିଶୁର ସଂସ୍କାର କାର୍ଯ୍ୟ ।

**ଜାତକାଶୌଚ** ***ବି.*** ହିନ୍ଦୁମତରେ ସନ୍ତାନ ଜନ୍ମ ପରେ କୁଟୁମ୍ବ ପାଳୁଥିବା ଅଶୌଚକ୍ରିୟା/ବିଧି, ଜାତାଶୌଚ, ଛୁତିକିଆ ।

**ଜାତସଂସ୍କାର** ***ବି.*** ଜାତକର୍ମ, ସନ୍ତାନ ଜନ୍ମରେ ଅନୁଷ୍ଠିତ ବିଭିନ୍ନ ଶୋଧନ କାର୍ଯ୍ୟ ।

**ଜାତି** ***ବି.*** ୧. ଜନ୍ମଗତ ଶ୍ରେଣୀ ବିଭାଗ ୨. ବୃତ୍ତି ବା ଗୁଣ /କର୍ମ ଅନୁଯାୟୀ ମଣିଷମାନଙ୍କର ଶ୍ରେଣୀ ବିଭାଗ ୩. ଧର୍ମଗତ ମାନବ ଗୋଷ୍ଠୀ ବିଭାଗ ୪. କୌଣସି ଦେଶ, ରାଷ୍ଟ୍ର ବା ଭୌଗୋଳିକ ଅଞ୍ଚଳରେ ରହୁଥିବା ଏବଂ ଏକ ପ୍ରକାର ସାଂସ୍କୃତିକ ଜୀବନଯାପନ କରୁଥିବା ମନୁଷ୍ୟ ସମାଜ ୫. ପୁରୁଷ ଓ ନାରୀଙ୍କର ପାର-ରିକ ପ୍ରକୃତିଗତ ଓ ଲକ୍ଷଣଗତ ଶ୍ରେଣୀ ବିଭାଗ ୬. ଜନ୍ମ ।

**ଜାତିଆ** ***ବିଂ.*** ୧. କୁଳୀନ ୨. ଉତ୍କୃଷ୍ଟ ଶ୍ରେଣୀ ବା ଧରଣର ୩. କୌଣସି ଶ୍ରେଣୀ ବା ଗୋଷ୍ଠୀର ।

**ଜାତିଆଣ** ***ବିଂ.*** ୧. ଜାତି ସମ୍ବନ୍ଧୀୟ ୨. କୌଣସି ଜାତିକୁ ନେଇ ଉଗ୍ର ଭାବନାସମ୍ପନ୍ନ ।

**ଜାତିଗତ** ***ବିଂ.*** ୧. ଜାତି ସମ୍ବନ୍ଧୀୟ ୨. କୌଣସି ଜାତିର ସ୍ୱଭାବ ବା ପ୍ରକୃତି ଅନୁଯାୟୀ ୩. ଜାତୀୟ ।

**ଜାତିଗୋତ୍ର** ***ବି.*** ବଂଶଗତ ପରିଚୟ, କୁଳଶୀଳ ।

**ଜାତିଚ୍ୟୁତ, ଜାତିଭ୍ରଷ୍ଟ** ***ବିଂ.*** କୌଣସି କାରଣରୁ ଜାତିରୁ ବହିଷ୍କୃତ, ଜାତିଭ୍ରଷ୍ଟ, ଅଜାତିଆ ।

**ଜାତିତତ୍ତ୍ୱ** ***ବି.*** ମନୁଷ୍ୟ ଜାତିର ଆଦିମ ବିଭାଗ ଓ କ୍ରମବିକାଶ ସମ୍ବନ୍ଧୀୟ ତଥ୍ୟ ଓ ଜ୍ଞାନ ।

**ଜାତିଧର୍ମ** ***ବି.*** ୧. ସମାଜର ବିଭିନ୍ନ ଜାତିପାଇଁ ଉଦ୍ଦିଷ୍ଟ ନିର୍ଦ୍ଦିଷ୍ଟ କର୍ମ ୨. ଜାତି ଓ ଧର୍ମ ।

**ଜାତିପତ୍ରୀ** ***ବି.*** ଜାଇତ୍ରୀ ।

**ଜାତିଫଳ, ଜାତୀଫଳ** ***ବି.*** ଜାଇଫଳ ।

**ଜାତିବାଛନ୍ଦ, ଜାତିବାସନ୍ଦ** ***ବି.*** କୌଣସି କାରଣରୁ ଜାତି ବା ଗୋଷ୍ଠୀରୁ ବିତାଡ଼ିତ ଏକଘରିଆ ଲୋକ ; ***ବିଂ.*** ଏକଘରିଆ ।

**ଜାତିସଂଘ** ***ବି.*** ପୃଥିବୀରେ ଶାନ୍ତି ପ୍ରତିଷ୍ଠାପାଇଁ ରାଷ୍ଟ୍ରମାନଙ୍କର ସହମତିରେ ଗଠିତ ଆନ୍ତର୍ଜାତିକ ସଂସ୍ଥା, ୟୁନାଇଟେଡ଼ ନେଶନ୍‌ସ ଅର୍ଗାନାଇଜେସନ୍, ୟୁ.ଏନ୍.ଓ. ।

**ଜାତିସ୍ମର** ***ବିଂ.ବି.*** ନିଜ ପୂର୍ବଜନ୍ମର କଥା ମନେ ରଖିଥିବା(ବ୍ୟକ୍ତି) ।

**ଜାତୀ** ***ବି.*** ୧. ଜାଇଫୁଲ, ଜାଇଲତା ୨. ଜାଇଗଛ, ଜାଇଫଳ ୩. ଜାଇତ୍ରୀ ୪. ମାଳତୀ ଫୁଲ ଓ ସେହି ଲତା ; ***ବିଂ.*** ୧. କୁଳୀନ, ଉଚ୍ଚକୁଳରେ ଜନ୍ମିଥିବା (ସ୍ତ୍ରୀ.) ୨. ଶ୍ରେଷ୍ଠ ୩. କମନୀୟା ।

**ଜାତୀୟ** ***ବିଂ.*** ୧. ଦେଶ ବା ଜାତି ସମ୍ବନ୍ଧୀୟ ୨. ସମଗ୍ର ଦେଶ ବା ଜାତି ପାଇଁ ଉଦ୍ଦିଷ୍ଟ, ନେସନାଲ ୩. ଜାତିଗତ ୪. ସଦୃଶ, ସେହି ପ୍ରକାରର, ସେହି ଧରଣର ।

**ଜାତୀୟ ସଙ୍ଗୀତ** ***ବି.*** ୧. କୌଣସି ଦେଶର ଜାତୀୟତା ଉପରେ ଆଧାରିତ ସଙ୍ଗୀତମୟ କବିତା ୨. ସ୍ୱାଧୀନତା ପରେ ଭାରତ ସରକାରଙ୍କଦ୍ୱାରା ସ୍ୱୀକୃତ ରବୀନ୍ଦ୍ରନାଥ ଠାକୁରଙ୍କ ରଚିତ 'ଜନ-ଗଣ-ମନ-ଅଧିନାୟକ ଜୟ ହେ' ଗୀତ ।

**ଜାତୁଷ** ***ବିଂ.*** ଜଉ ବା ଜତୁରେ ତିଆରି, ଜଉଘଟିତ ।

**ଜାତ୍ୟ** ***ବିଂ.*** ୧. ଶ୍ରେଷ୍ଠ ୨. କୁଳୀନ ୩. ରମ୍ୟ ।

**ଜାନ୍** ***ବି.*** ୧. ଖଡ ବୋହିବା ପାଇଁ ବାଉଁଶ ତିଆରି ଆଧାର ୨. ଦହି ବସାଇବା ପାଇଁ ଅଳ୍ପ ଟିକିଏ ପୁରୁଣା ଦହି ୩. ପ୍ରାଣ, ଜୀବନ ।

**ଜାନ୍‌ପହଚାନ୍** ***ବି.*** ପରିଚୟ, ବ୍ୟକ୍ତିଗତ ସମ୍ପର୍କ, ଜଣାଶୁଣା ।

**ଜାନ୍‌ବାର** ***ବିଂ.*** ୧. ବିଜ୍ଞ, ଅଭିଜ୍ଞ ୨. ଅନୁଭୂତିସମ୍ପନ୍ନ, ଅନୁଭବୀ ୩. ସବୁ ଜାଣିବା ଭଳି ଦେଖାଇ ହେଉଥିବା ।

**ଜାନ୍‌ବେଡ଼ା** ***ବିଂ.*** ଜାଣି ସୁଦ୍ଧା ନ ଜାଣି ଥିବା ଭଳି ଛଳନାକାରୀ ।

**ଜାନ୍‌ବେଡ଼ୀ** ***ବିଂ.*** ଛଳନାମୟୀ, ଫଟୁରିଖୋର, ଚତୁରୀ ।

**ଜାନ୍‌ଲା** ***ବି.*** ଝରକା ; ***କ୍ରି.*** ଜାଣିଲା ।

**ଜାନକୀ** ***ବି.*** ରାମାୟଣ ବର୍ଣ୍ଣିତ ରାଜର୍ଷି ଜନକଙ୍କ ଝିଅ, ସୀତା ।

**ଜାନପଦିକ** ***ବିଂ.ବି.*** ଜନପଦ/ଗ୍ରାମ/ଜନବସତି ସମ୍ପର୍କିତ ।

**ଜାନି** ***ବି.*** ଜନଜାତିମାନଙ୍କର ପୁରୋହିତ ।

**ଜାନୁ** ***ବି.*** ଦେହର ଆଣ୍ଠୁ ଉପର ଓ ଅଣ୍ଟା ତଳ ମଧ୍ୟସ୍ଥ ଅଂଗ ।

**ଜାନୁଆର୍** ***ବି.*** ୧. ପଶୁ ୨. ହିଂସ୍ର ବା ନିର୍ମମ ବ୍ୟକ୍ତି ।

**ଜାପାନୀ** ***ବିଂ.*** ୧. ଜାପାନ୍ ଦେଶ ବା ଭାଷା ସମ୍ବନ୍ଧୀୟ ୨. ଜାପାନରେ ତିଆରି ; ***ବି.*** ୧. ଜାପାନର ଲୋକ ୨. ଜାପାନର ଭାଷା ।

**ଜାପିବା** ***କ୍ରି.*** ଚାପିବା, ଚାପିଚାପି ବା ଖୁନ୍ଦିଖାନ୍ଦି କରି ରଖିବା ।

**ଜାଫ୍‌ରାନ, ଜାଫ୍ରାନ୍** ***ବି.*** ୧. ଏକ ପ୍ରକାର ସୁଗନ୍ଧ ଫୁଲ, ସେହି ଗଛ ଏବଂ ମସଲା ଭାବେ ବ୍ୟବହୃତ ସେହି ଫୁଲର କେଶର ୨. କୁଙ୍କୁମ ।

**ଜାଫ୍‌ରାନୀ, ଜାଫ୍ରାନୀ** ***ବିଂ.*** ଜାଫ୍ରାନ୍‌ର ରଙ୍ଗ ବା ସୁଗନ୍ଧଯୁକ୍ତ, କୁଙ୍କୁମ ରଙ୍ଗଯୁକ୍ତ ।

**ଜାଫ୍‌ରି, ଜାଫ୍ରି** ***ବି.*** ବେତ, ବାଉଁଶପାତିଆ, ଲୁହା ବା ଧାତବ ପାତିଆରେ ବୁଣା ହୋଇଥିବା ଜାଲି ବା ଛାଞ୍ଚ ।

**ଜାବ୍‌ଡ଼ା** ***ବି.*** ହାତ ପାପୁଲିର ଆଘାତ, ଥାପଡ଼, ଚାପୁଡ଼ା ।

**ଜାବ** ***ବି.*** ୧. ମୁଠା ବା ଦାନ୍ତ ଆଦି ନ ଫିଟି ଚିପି ହୋଇ ରହିଯିବା ଅବସ୍ଥା ୨. ସାଙ୍କୁଳି ।

**ଜାବଡ଼୍ ଭିଡ଼ିବା** ***କ୍ରି.*** ଅଣ୍ଟା ସହିତ ଆଣ୍ଠୁରେ ଗାମୁଛା ବାନ୍ଧି ବସିବା ।

**ଜାବଡ଼ା, ଜାବୁଡ଼ା** ***ବି.*** ୧. ଚାପୁଡ଼ା, ଥାପଡ଼ ୨. ଦୃଢ଼ ଭାବରେ ଚିପିବା, ଜାବୁଡ଼ି ଧରିବା ବା ରଖିବା ।

**ଜାବଡ଼ା** ***ବି.*** ତତ୍ତ୍ୱାବଧାନ, ଶାସନ, ଅନୁଶାସନ, ଆକଟ ।

**ଜାବର୍** ***ବି.*** ଘାସପୂର୍ଣ୍ଣ ସନ୍ତସନ୍ତିଆ ଜାଗା ।

**ଜାବର୍ ଜାତ୍** ***ବିଂ.*** ୧. ଯଦିଚ୍ଛା, ଯାହା ମନ ତାହା ୨. ବାର କିସମର, ନାନା ପ୍ରକାରର, ବାରଜାତିର ।

**ଜାବୁଡ଼ା** ***ବି.*** ଜାବଡା ।

**ଜାବୁଡ଼ିବା, ଜାବୋଡିବା** ***କ୍ରି.*** ୧. ଦୃଢ଼ ଭାବରେ ଧରିବା, ଭିଡ଼ିଧରିବା ୨. ପୋଟାଳିବା ।

**ଜାମ୍** ***ବି.*** ୧. ପିଜୁଳି, ଚାଉଳିଆ ୨. ଜାମୁକୋଳି ୩. ଫଳରୁ ପ୍ରସ୍ତୁତ ମିଠା ଚଟଣି ୪. ପ୍ରବଳ ଗହଳି ବା ଯାନବାହନ ଭିଡ଼ ଯୋଗୁଁ ଅଚଳ ଅବସ୍ଥା ୫. କଳଙ୍କି ଧରିବା ଯୋଗୁଁ ବା ଅନ୍ୟ କୌଣସି କାରଣରୁ ନଟ୍ ବୋଲ୍‌ଟ ପ୍ରଭୃତି ଲାଖିଯିବା ଓ ନ ଖୋଲିବା ୬. କୀଲା, ହୁକ୍ ପ୍ରଭୃତି ପଦାର୍ଥ – ଯାହା ସାହାଯ୍ୟରେ ଜାମ୍ ଦିଆଯାଏ ।

**ଜାମ୍ ଦେବା** ***କ୍ରି.*** କବାଟ ଦ୍ୱାରବନ୍ଧ ପ୍ରଭୃତି ଲଗାଇବା ବେଳେ ଗୋଡ଼ି ଓ ସିମେଣ୍ଟ ପ୍ରସ୍ତୁତ ମସଲା ଶୁଖିବା ପର୍ଯ୍ୟନ୍ତ ହଲଚଲ ନ ହୋଇ ସ୍ଥିର ରହିବା ପାଇଁ କୀଲା ପ୍ରଭୃତି ଦେଇ ଦୃଢ଼ କରିବା ।

**ଜାମ୍‌ଲି** ***ବି.*** ଛୋଟ ଆକାରର ଜାମୁ କୋଳି ।

**ଜାମଡ଼ା** ***ବିଂ.*** ଆଡମ୍ବର ପୂର୍ଣ୍ଣ, ଜାକ୍‌ଜମକ୍, ଉଚ୍ଚକୋଟୀର ।

**ଜାମା** ***ବି.*** କୁରୁତା, ସାଟ୍, ଦେହର ଉପର ଅଙ୍ଗର ପୋଷାକ ।

**ଜାମାତା** ***ବି.*** ଝିଅର ସ୍ୱାମୀ, ଜୋଇଁ, ଜ୍ୱାଇଁ, ଜୁଏଁ ।

**ଜାମିନ୍** ***ବି.*** ୧. ଅନ୍ୟ ପାଇଁ ଦାୟୀ ରହିବା କାର୍ଯ୍ୟ ବା ବ୍ୟକ୍ତି, ଅନ୍ୟର ଜିମା ନେବା ଦାୟିତ୍ୱ, ପ୍ରତିଭୂ ୨. ଥାନା ବା କଚେରୀଦ୍ୱାରା ଅଭିଯୁକ୍ତ ବ୍ୟକ୍ତିକୁ କାହାରି ଦାୟିତ୍ୱରେ ଛାଡ଼ିବା ଆଇନ ବ୍ୟବସ୍ଥା ୩. ଅଭିଯୁକ୍ତ ଫେରାର ହୋଇଗଲେ କିମ୍ବା ବିଚାର ପାଇଁ ହାଜର ନ ହେଲେ ବ୍ୟାଜ୍ୟାପ୍ତ ହେବା ସର୍ତ୍ତରେ ଜମା କରିଥିବା ଟଙ୍କା ୪. ସର୍ତ୍ତପାଳନ ପାଇଁ ରଖାଯିବା ବ୍ୟବସ୍ଥା ।

**ଜାମିନଦାର** ***ବି.*** ଜାମିନରେ ନେଇଥିବା ବ୍ୟକ୍ତି, ପ୍ରତିଭୂ, କାହାରି ଦାୟିତ୍ୱ ବା ଜିମାନେବା ବ୍ୟକ୍ତି ।

**ଜାମିନ୍‌ଦାରି** ***ବି.*** ଅନ୍ୟ ଲୋକ ପାଇଁ ନିଜ ଇଚ୍ଛାରେ ନେବା ଦାୟିତ୍ୱ, ପ୍ରତିଭୂତ୍ୱ, ଜାମିନ ନେବା କାର୍ଯ୍ୟ ବା ବ୍ୟବସ୍ଥା ।

**ଜାମିନ୍‌ଦାରୀ** ***ବିଂ.*** ଜାମିନ୍, ଜାମିନ୍‌ଦାର ବା ଜାମିନଦାରି ସମ୍ବନ୍ଧିତ ।

**ଜାମିନ୍‌ନାମା** ***ବି.*** ଜାମିନ୍‌ର ସର୍ତ୍ତ ଆଦି ଲେଖାଥିବା ଅଙ୍ଗୀକାର ପତ୍ର, ଜାମିନ୍‌ର ଏକ୍‌ରାର୍ ନାମା, ମୁଚାଲିକା ।

**ଜାମିନ୍‌ବିହୀନ ୱାରେଣ୍ଟ** ***ବି.*** କୌଣସି ଅପରାଧ ପାଇଁ ଅଭିଯୁକ୍ତକୁ ଜାମିନ ଦେବା ଆଇନ ବ୍ୟବସ୍ଥା ନ ଥିବା ଯୋଗୁଁ ଗିରଫ ପରୱାନା ।

**ଜାମୁ** ***ବି.*** ବାଇଗଣୀ ରଙ୍ଗର କୋଳି ବିଶେଷ ଓ ସେହି ଗଛ, ଘୋଲି ଜାମ୍, ଜାମ୍ ।

**ଜାମୁକୋଳି** ***ବି.*** ଜାମୁ ।

**ଜାମୁଚି** ***ବି.*** ନଈଶଯ୍ୟାରେ ଜନ୍ମ ହେଉଥିବା ଜଳଜ ଉଦ୍‌ଭିଦ ।

**ଜାମୁଡ଼ାଲ୍, ଜାମୁଡ଼ାଲି** ***ବି.*** ନାରୀମାନଙ୍କ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ।

**ଜାମୁରୋଳ** ***ବି.*** ଜାମୁଜାତୀୟ ଇଷତ୍ ଶାଗୁଆ ଧଳା ରଙ୍ଗର ଫଳ ଓ ତାହାର ଗଛ ।

**ଜାର୍ ବି.** ୧. ତରଳ ପଦାର୍ଥ ରଖିବା ପାଇଁ ବ୍ୟବହୃତ ପ୍ଲାଷ୍ଟିକ୍, କାଚ ବା ଚୀନାମାଟି ତିଆରି ପାତ୍ର ୨. ଋଷ୍ ଦେଶର ଏକଦା ପ୍ରଚଳିତ ରାଜତାନ୍ତ୍ରିକ ଶାସନର ସର୍ବୋଚ୍ଚ କର୍ତ୍ତା ।

**ଜାର୍‌କିନ୍ ବି.** କିରୋସିନି, ପେଟ୍ରୋଲ ପ୍ରଭୃତି ତରଳ ପଦାର୍ଥ ରଖିବା ପାଇଁ ବ୍ୟବହୃତ ବଡ଼ ଆକାରର ଜାର୍ ବା ଡବା ।

**ଜାର୍‌ଜାତିଆ ବିଂ.** ବାରଜାତି ମିଶା, ମିଶାଗୋଳା, ବିଭିନ୍ନ କିସମର ପଦାର୍ଥର ସମ୍ମିଶ୍ରଣ ହୋଇଥିବା ।

**ଜାର୍‌ଲି ବି.** ୧. ଜର୍‌ଲି, ବୁଢ଼ିଆଣୀ ଜାଲ୍ ୨. ଯେ କୌଣସି ଜାଲ ୩. ଆଖିର ପରଳ ବା ମୋତିଆବିନ୍ଦୁ ।

**ଜାର ବି.** ୧. ଉପପତି, ବିବାହିତା ସ୍ତ୍ରୀର ସ୍ୱାମୀ ଭିନ୍ନ ଅନ୍ୟ ପ୍ରେମିକ ୨. ଲମ୍ପଟପୁରୁଷ, ନିଜ ସ୍ତ୍ରୀ ଭିନ୍ନ ଅନ୍ୟ ସ୍ତ୍ରୀ ସହ ପ୍ରେମ ବା ଶାରୀରିକ ସମ୍ପର୍କ ରଖୁଥିବା ଲୋକ ।

**ଜାରକ ବିଂ.** ୧. ଶୋଧକ, ପରିଶୋଧନକାରୀ ୨. ହଜମୀ, ପାଚକ, ହଜମକାରକ (ଔଷଧ ପ୍ରଭୃତି) ।

**ଜାରଜ ବି. ବିଂ.** ୧. ନାରୀର ଗର୍ଭରୁ ଉପପତି ବା ଜାର ସହ ସମ୍ପର୍କ ଯୋଗେ ଜନ୍ମିତ ସନ୍ତାନ ୨. ଅବୈଧସନ୍ତାନ, ବେଧପିଲା ।

**ଜାରଣ ବି.** ୧. ଜୀର୍ଣ୍ଣକରଣ, ହଜମ ପ୍ରକ୍ରିୟା ୨. ସୁନା, ଲୁହା ଆଦି ଧାତୁର ଶୋଧନ, ଶୋଧନ ପ୍ରକ୍ରିୟା ।

**ଜାରପୁରୁଷ ବି.** ଲମ୍ପଟପୁରୁଷ, ଅନ୍ୟ ସ୍ତ୍ରୀ ସହ ଶାରୀରିକ ସମ୍ପର୍କ ରଖିଥିବା ବ୍ୟକ୍ତି ।

**ଜାରମହୁରା ବି.** ଦେହର ସାପ କାମୁଡ଼ିଥିବା ସ୍ଥାନରେ ଲଗାଇଲେ ବିଷ ଶୋଷିଆଣେ ବୋଲି ବିଶ୍ୱାସ କରାଯାଉଥିବା ପଥୁରିଆ ପଦାର୍ଥ ବିଶେଷ ।

**ଜାରି ବି.** ୧. ପ୍ରଚାର ୨. ଲାଗୁ, ପ୍ରବର୍ତ୍ତନ, ପ୍ରୟୋଗ ।

**ଜାରିତ ବିଂ.** ଶୋଧିତ, ପରିଷ୍କୃତ, ରାସାୟନିକ ପ୍ରକ୍ରିୟାରେ ବିଶୋଧିତ ।

**ଜାରିବା କ୍ରି.** ୧. ବିଶୋଧନ କରିବା, ରାସାୟନିକ ପ୍ରକ୍ରିୟାରେ ଜାରଣ ବା ଶୋଧନ କରିବା ୨. ଗରମ କରି ଜଳୀୟ ଅଂଶ ଉଡ଼ାଇ ଦେବା ।

**ଜାରୀ ବିଂ.** ପ୍ରବର୍ତ୍ତିତ, କାର୍ଯ୍ୟକାରୀ, ଲାଗୁ ।

**ଜାଳ ବି.** ୧. ଜାଳେଣି, ଜାଳେଣି ଦ୍ରବ୍ୟ ୨. ଚୁଲିରେ ଜଳାଇବାରେ ବ୍ୟବହୃତ ପଦାର୍ଥ ; **କ୍ରି.** ନିଆଁ ଲଗାଅ, ଜଳିବାକୁ ଦିଅ ।

**ଜାଳକ, ଜାଲକ ବି.** ୧. ତାରଜାଲି ୨. ଜାଲକ୍ରମ ୩. ଛୋଟ ଜାଲ ୪. ଗବାକ୍ଷ, ଛୋଟ ଝରକା ୫. କଢ଼, କଢ଼ି ୫. ଫଳର କସି ।

**ଜାଳକାଠ ବି.** ୧. ରୋଷେଇରେ ଜଳିବା ପାଇଁ ଉଦ୍ଦିଷ୍ଟ ବା ଉପଯୋଗୀ ଶୁଖିଲା କାଠ ୨. ସାଧାରଣ ଗଛ ବା ତାର କାଠ-ଯାହା କେବଳ ଇନ୍ଧନ ବା ଜାଳେଣି ଭାବରେ ବ୍ୟବହାର କରାଯାଏ ।

**ଜାଳଣି, ଜାଳେଣି ବି. ବିଂ.** ଜଳିବାର ଯୋଗ୍ୟ, ଜାଳିବା ପାଇଁ ଉଦ୍ଦିଷ୍ଟ (କାଠ) ; **ବି.** ଇନ୍ଧନ ।

**ଜାଳା ବି.** ୧. ଜ୍ୱାଳା, ଜଳିବା ବା ପୋଡ଼ିବାର ଅନୁଭବ ୨. ପୀଡ଼ା, ଯନ୍ତ୍ରଣା ।

**ଜାଳିବା କ୍ରି.** ପୋଡ଼ିବା, ନିଆଁ ଲଗାଇବା, ନିଆଁ ଜଳାଇବା, ଦଗ୍ଧ କରିବା ।

**ଜାଳେଣି ବିଂ.** ଜାଳଣି, ଜଳିବା ପାଇଁ ଉଦ୍ଦିଷ୍ଟ (କାଠ)।

**ଜାଲ୍ ବି.** ୧. ନକଲି, କୌଣସି ବ୍ୟକ୍ତି ଅଥବା ପଦାର୍ଥର ଭ୍ରମ ସୃଷ୍ଟିକରୁଥିବା ଅନ୍ୟ ଏକ ବ୍ୟକ୍ତି ବା ପଦାର୍ଥ ୨. ଜାଲ ।

**ଜାଲ୍‌ଟେନି ବି.** ବଡ଼ ମାଛ ଧରା ଜାଲ୍ ଟାଙ୍ଗି ରଖାହେବା ସ୍ଥାନ ।

**ଜାଲ୍‌ଢ଼ବା, ଜାଲ୍‌ତବା କ୍ରି.** ଫଗୁଣ ପୂର୍ଣ୍ଣିମାଦିନ ଘରଘର ବୁଲି କେଉଟମାନେ ଲୋକଙ୍କ ଦେହରେ ମାଛଧରା ଜାଲ ଘୋଡାଇବା ସାମାଜିକ ରୀତି ।

**ଜାଲ୍‌ନା ବି.** ବାହାରର ଆଲୋକ କୋଠରି ଭିତରକୁ ଆସିବା ପାଇଁ ଜଳା, ଝରକା, ଗବାକ୍ଷ, ଶୂନ୍ୟସ୍ଥାନରେ ଖଞ୍ଜା ଯାଇଥିବା ରେଲିଂ ଓ କବାଟଥିବା ଉପକରଣ, ଜାନ୍‌ଲା ।

**ଜାଲ୍‌ନୋଟ ବି.** ଠକେଇ ଉଦ୍ଦେଶ୍ୟରେ ଛପା ଯାଇଥିବା ନକଲି ନୋଟ୍ ।

**ଜାଲ୍‌ମାଲ୍ ବି.** ପ୍ରବଞ୍ଚନା, ମିଛ, ଠକାମି ।

**ଜାଲ ବି.** ୧. ଜାଲି ଜାଲି ହୋଇ ତିଆରି ଯେକୌଣସି ବସ୍ତୁ (ଉଦା. ମାଙ୍କଡସା ଜାଲ, ମାଛଧରା ଜାଲ) ୨. ମାଛଧରିବା ପାଇଁ ଫାଶ ୩. ଚଢ଼େଇ ଧରା ଫାଶ ୪. ବୁଢ଼ିଆଣୀ ବା ମାଙ୍କଡସା ନିଜ ଲାଳରୁ ବୁଣିଥିବା ଫାଶ ; **ବିଂ.** ୧. କପଟ, ଫିସାଦ ୨. ନକଲି, କୃତ୍ରିମ ୩. ଦୋନମ୍ବରି ୪. ଜାଲି।

**ଜାଲକାରିଆ ବି.** ୧. କପଟୀ, କପଟ ଉପାୟ ଉଦ୍‌ଭାବନରେ ଧୁରନ୍ଧର ୨. ଜାଲ୍‌ସାଜ୍, ଠକ ।

**ଜାଲକ୍ରମ ବି.** ଇଣ୍ଟରନେଟ୍, ଟେଲିଫୋନ୍, ବେତାର ପ୍ରଭୃତିର ବାର୍ତ୍ତା ପ୍ରେରଣ/ ଗ୍ରହଣ କ୍ଷମତା ପରିସର, ନେଟୱାର୍କ ।

**ଜାଲଜାଲିଆ, ଜାଲଜାଲୁଆ ବିଂ.** ଝାପ୍‌ସା, ଅସ୍ପଷ୍ଟ ।

**ଜାଲମ ବିଂ.** ଉଦ୍ଧତ, ଦୁଷ୍ଟ, ବଦମାସ ।

**ଜାଲି ବି.** ୧. ଜାଫରି ୨. କବାଟର ଝିଲିମିଲି ୩. ଛୋଟ ଜାଲ ୪. ଜାଲ ଭଳି ଛୋଟ ବସ୍ତୁ ; **ବିଂ.** ଜାଲ୍ କରା ହୋଇଥିବା, ନକଲି, ଦୋନମ୍ବରି ।

**ଜାଲିଆ ବି.** ୧. ଜାଲପକାଇ ମାଛଧରୁଥିବା ଲୋକ ୨. ଜାଲରେ ତିଆରି ଟଙ୍କାମୁଣି ୩. ଠକ, ଜାଲ୍ କରିବା ଲୋକ ୪. କେଉଟ, ମାଛୁଆ ; **ବିଂ.** ଠକ, ଜାଲ୍‌କାରୀ, ଜାଲ୍‌ସାଜ୍ ।

**ଜାଲିଆତି** *ବି. ବିଂ.* ଠକେଇ, ଚିତାକଟା, ପ୍ରତାରଣାପୂର୍ଣ୍ଣ (କାର୍ଯ୍ୟ)।
**ଜାଲିଚଟୁ** *ବି.* ଜାଲି ଜାଲି ବା ଅନେକ କଣା ଥିବା ଚଉଡା ମୁହାଁ କରଚୁଲି ବିଶେଷ ।
**ଜାଲିଜାଲି** *ବିଂ.* ୧. ଛିଦ୍ରଯୁକ୍ତ, ବହୁ କଣାଥିବା ୨. ଜାଲ ଭଳି ତିଆରି ବା ବୁଣା ହୋଇଥିବା ।
**ଜାଲିନୋଟ୍** *ବି.* ଜାଲ୍‌ନୋଟ, ନକଲି କାଗଜ ଟଙ୍କା, ସରକାରଙ୍କ କାରଖାନାରେ ଛପା ହୋଇନଥିବା ଏବଂ ଜାଲ୍‌କାରୀମାନଙ୍କଦ୍ୱାରା ତିଆରି ହୋଇଥିବା ନୋଟ୍ ।
**ଜାଲିବୋଟ୍** *ବି.* ଛୋଟ ସୌଖୀନ ଡଙ୍ଗା ।
**ଜାଲୁଆ** *ବି.* ଜାଲିଆ ; *ବିଂ.* ଜାଲ କରୁଥିବା (ଲୋକ) ।
**ଜାହାଁପନା** *ବି.* ୧. ସାରା ଦୁନିଆକୁ ଆଶ୍ରୟ ଦେଉଥିବା ବ୍ୟକ୍ତି, ସମ୍ରାଟ, ବାଦ୍‌ଶାହ ୨. ବାଦ୍‌ଶାହ ବା କ୍ଷମତାଶାଳୀ ବ୍ୟକ୍ତିଙ୍କୁ ସମ୍ବୋଧନ ।
**ଜାହାଜ** *ବି.* ପୋତ, ବୋଇତ, ସମୁଦ୍ର ପ୍ରଭୃତିର ଜଳମାର୍ଗରେ ଯାତାୟତ କରୁଥିବା ବିରାଟ ଆକାରର ପୋତ , ଜଳତରୀ ।
**ଜାହାଜାତି** *ବିଂ.* ଜାହାଜ ସମ୍ବନ୍ଧୀୟ ।
**ଜାହାଜିଆ** *ବି.* ୧. ନାବିକ, ଜାହାଜର କର୍ମଚାରୀ ୨. ଜାହାଜରେ ବଣିଜ ବେପାର କରୁଥିବା ଲୋକ ; *ବିଂ.* ଜାହାଜ ସମ୍ବନ୍ଧିତ, ଜାହାଜାତି ।
**ଜାହାଲା** *ବି.* ନନ୍ଦିଆ, ବଡ଼ ପାଣିକୁଣ୍ଡ, ଟବ୍, ଡୋଙ୍ଗା ।
**ଜାହିର୍** *ବିଂ.* ୧. ପ୍ରକଟିତ, ପ୍ରଚାରିତ ୨. ପ୍ରମାଣିତ ।
**ଜାହିର୍ କରିବା** *କ୍ରି.* ୧. ସମ୍ପର୍କ, ଅଧିକାର ପ୍ରଭୃତି ସାବ୍ୟସ୍ତ କରିବା ୨. ପ୍ରଦର୍ଶନ କରିବା, ଦେଖାଇବା ।
**ଜାହ୍ନବୀ** *ବି.* ଗଙ୍ଗା ।
**ଜିଁତା** *ବିଂ.* ଜୀବନ୍ତ ; *କ୍ରି.ବିଂ.* ଜୀଇଁଥିବା ଅବସ୍ଥାରେ ; *ବି.* ଜୀଉଁତିଆ ।
**ଜିଅଁ** *ବି.* ୧. ଜୀବ ୨. ଜୀବନ, ପ୍ରାଣ ।
**ଜିଅଁନ୍ତ,ଜିଅଁନ୍ତା** *ବିଂ.* ଜୀବନ୍ତ, ବଞ୍ଚିଥିବା, ଜିଁତା ।
**ଜିଅଳ** *ବି.* ୧. ମାଛଧରିବା ପାଇଁ ବନିଶୀ କଣ୍ଟାରେ ଗୁନ୍ଥା ହୋଇ ପାଣିରେ ଖେଳାହେବା ଜିଅନ୍ତା ମାଛ ୨. ଚାରା ।
**ଜିଆଁ** *ବି.* ୧. ଏକ ପ୍ରକାର ଛୋଟ ମାଛ ୨. ସନ୍ତାନ, ପିଲା ୩. ପୁଅପିଲା, ବାଳକ ।
**ଜିଆ** *ବି.* କେଞ୍ଚୁଆ, ସରୁ ଓ ଲମ୍ବା ମେରୁଦଣ୍ଡହୀନ କୃମି ବିଶେଷ, *ଅ.* ଅତିଶୟୋକ୍ତି ବିଶେଷ ।
**ଜିଆଲ୍** *ବି.* ଯେଉଁ କ୍ଷେତ ବା କିଆରିରୁ ସହଜରେ ପାଣି ଶୁଖେ ନାହିଁ ।
**ଜିଇଁଜାଗି** *କ୍ରି.ବିଂ.* ବଞ୍ଚିରହି, ଜୀବନଧାରଣ କରି ।
**ଜିଇଁତା** *ବି.* ୧. ଜୀବନ୍ତ, ଜିଅନ୍ତା, ଜିଁତା ୨. ଜିଉନ୍ତିଆ ।
**ଜିଇଁତିଭର୍** *କ୍ରି.ବିଂ.* କଷ୍ଟେମଷ୍ଟେ ବଞ୍ଚିଯିବା ଭଳି, ଜୀବନଧାରଣ ପାଇଁ ଯଥେଷ୍ଟ ।
**ଜିଇଁବା** *କ୍ରି.* ୧. ପେଟରେ ଭାତ ହଜମ ନ ହେବା ୨. ଘର୍ଷଣ ବା ବହୁ ବ୍ୟବହାର ଯୋଗୁଁ ଚିକ୍‌କଣ ହେବା ୩. ବଞ୍ଚିବା ।
**ଜିଇବା** *କ୍ରି.* ୧. ଜୀରିବା, ଖାଦ୍ୟ ହଜମ ନ ହେବା, ଜୀର୍ଣ୍ଣ ନ ହେବା ୨. ବଞ୍ଚିବା ।
**ଜିଉଁତିଆ** *ବି.* ୧. ଆଶ୍ୱିନ ଶୁକ୍ଳ ସପ୍ତମୀ ତିଥିରେ ଭାଇର ମଙ୍ଗଳାର୍ଥେ ଓ ଭାଦ୍ର ଶୁକ୍ଳ ଷଷ୍ଠୀ ଦିନ ପୁଅର ମଙ୍ଗଳାର୍ଥେ ନାରୀମାନେ ପାଳନ କରୁଥିବା ବ୍ରତ ୨. ଏହି ବ୍ରତରେ ବେକରେ ପିନ୍ଧାଯାଉଥିବା ସୂତା ।
**ଜିଉ, ଜୀଉ** *ବି.* ଦେବଦେବୀ ବା କ୍ଷମତାଶାଳୀ ଲୋକଙ୍କୁ ସମ୍ମାନ ଓ ଭକ୍ତିପୂର୍ଣ୍ଣ ସମ୍ବୋଧନ ।
**ଜିଉ ଆନ୍‌ବା** *କ୍ରି.* ୧. ଚେତା ଫେରାଇବା ୨. ମୃତଲୋକର ଆତ୍ମା ପରଲୋକରେ କିପରି ଚଳୁଛି ତାହା ଜାଣିବା ପାଇଁ ଅବଲମ୍ବିତ ପ୍ରଥା ବିଶେଷ ।
**ଜିଉପେଟ୍‌ଲି** *ବି.* ଜୁପେଟୁଲ, ଜୀଉପୁଟିଳି, ବାଉଁଶ ପାତିଆର ପେଡ଼ି ଯହିଁରେ - ବିଶେଷ ପୂଜା ବା ବିବାହର ସାମଗ୍ରୀ ରଖାଯାଏ ।
**ଜିଗମିଷା** *ବି.* ଯିବାର ଇଚ୍ଛା, ଗମନ କରିବା ଇଚ୍ଛା ।
**ଜିଗମିଷୁ** *ବିଂ.* ଯିବାକୁ ଇଚ୍ଛୁକ ।
**ଜିଗର୍** *ବି.* ୧. କଳିଜା, ହୃତପିଣ୍ଡ ୨. ଅତ୍ୟନ୍ତ ପ୍ରିୟ ବ୍ୟକ୍ତି ବା ବସ୍ତୁ ।
**ଜିଗର** *ବି.* ୧. ବାରମ୍ବାର ଅନୁରୋଧ ବା ଅଳି ୨. ଜିଦ୍ ।
**ଜିଗରିଆ** *ବିଂ.* ଯେ ଜିଗର କରେ, ବାରମ୍ବାର ସେହି ଗୋଟାଏ କଥା ପାଇଁ ଅନୁରୋଧ କରୁଥିବା ।
**ଜିଗୀଷା** *ବି.* ଜୟର ଇଚ୍ଛା, ବିଜୟ କରିବା ଇଚ୍ଛା ।
**ଜିଗୀଷୁ** *ବିଂ.* ଜୟ କରିବାକୁ ଇଚ୍ଛୁକ, ପରାସ୍ତ କରିବାପାଇଁ ଚାହୁଁଥିବା ।
**ଜିଘୃକ୍ଷା** *ବି.* ଗ୍ରହଣର ଇଚ୍ଛା, ଲାଭର ଇଚ୍ଛା, ପାଇବାର କାମନା ।
**ଜିଙ୍ଘାସ** *ବି.* କଟୁକଥା, ଭର୍ତ୍ସନା, ଝିଙ୍ଗାସ, ଧିକ୍‌କାର ବାଣୀ ।
**ଜିଘାଂସକ** *ବିଂ.* ହତ୍ୟା ବା ହତ୍ୟା କରିବା ପାଇଁ ଇଚ୍ଛୁକ ।
**ଜିଘାଂସା** *ବି.* ହାଣିବା, ମାରିବା ବା ହତ୍ୟା କରିବାର ଇଚ୍ଛା ।
**ଜିଘାଂସୁ** *ବିଂ.* ଜିଘାଂସକ, ହତ୍ୟା କରିବା ବା ହାଣିବାପାଇଁ ଇଚ୍ଛୁକ ।
**ଜିଜି** *ବି.* ସାନମାଛ, ଛୋଟପିଲାଙ୍କୁ ଖୁଆଇଲାବେଳେ ମାଛ ପରିବର୍ତ୍ତେ ବ୍ୟବହୃତ ଶବ୍ଦ ।

**ଜିଜିଆ** *ବି.* ୧. ମୁସଲମାନ ଶାସନ ସମୟରେ ହିନ୍ଦୁ ତୀର୍ଥଯାତ୍ରୀଙ୍କଠାରୁ ଆଦାୟ କରାଯାଉଥିବା କର ୨. ଅନ୍ୟାୟରେ ଆଦାୟ ହେଉଥିବା ସେଭଳି କର ।

**ଜିଜୀବନ୍** *ବି.* ଜୀବ ଓ ଜୀବନ ।

**ଜିଜୀବିଷା** *ବି.* ବଞ୍ଚିରହିବାର ଇଚ୍ଛା, ଜୀଇଁବାର କାମନା ।

**ଜିଜୀବିଷୁ** *ବିଂ* ବଞ୍ଚିରହିବା ପାଇଁ ଇଚ୍ଛୁକ ।

**ଜିଜ୍ଞାସା** *ବି.* ଜାଣିବାର ଇଚ୍ଛା, ଜାଣିବା ପାଇଁ ପ୍ରଶ୍ନ ।

**ଜିଜ୍ଞାସୁ** *ବିଂ* ଜାଣିବା ପାଇଁ ଇଚ୍ଛୁକ, ପ୍ରଶ୍ନ କରିବା ପାଇଁ ଇଚ୍ଛୁକ ।

**ଜିଣ** *ବି.* ଜୟ, ଜିତାପଟ, ଜିତ୍ ।

**ଜିଣା** *ବିଂ* ୧. ଜୟୀ, ବିଜୟୀ ୨. ବିଜୟ ହେତୁ ପ୍ରାପ୍ତ, ବିଜୟଲବ୍ଧ ୩. ଉତ୍କୃଷ୍ଟ, ଉତ୍ତମ, ସବୁଠାରୁ ଭଲ; *ବି.* ବିଜୟ, ଜୟଲାଭ ।

**ଜିଣିବା** *କ୍ରି.* ୧. ଜୟ କରିବା, ବିଜୟ ଲାଭ କରିବା ୨. ଅନ୍ୟ ତୁଳନାରେ ଅଧିକ ଭଲ ହେବା, ଅଧିକ ସଫଳ ହେବା ୩. ଉତ୍କର୍ଷରେ ଶ୍ରେଷ୍ଠ ହେବା, ଉତ୍କୃଷ୍ଟ ହେବା ୪. ଶ୍ରଦ୍ଧା ବା ସମ୍ମାନ ହାସଲ କରିବା ।

**ଜିତ୍** *ବି.* ଜିଣିବା, ଜୟ, ବିଜୟ, ଜିତାପଟ, ଜିତା ।

**ଜିତ** *ବିଂ* ୧. ପରାସ୍ତ, ପରାଜିତ ୨. ଜୟଲବ୍ଧ, ବିଜୟ ଯୋଗୁଁ ପାଇଥିବା, *ସ୍ତ୍ରୀ.* ଜିତା ।

**ଜିତା** *ବିଂ* ୧. ଜିଣିଥିବା, ଜୟୀ ୨. ଜୟଲବ୍ଧ, ଜିଣି ହାସଲ କରିଥିବା ୩. ଅଧିକ ଭଲ, ଉତ୍କୃଷ୍ଟ ।

**ଜିତାନି** *ବିଂ* ୧. ବିଜୟ ସମ୍ଭାବନାଯୁକ୍ତ ୨. ବିଜୟ ପରେ ପୁନର୍ବାର ଆୟୋଜିତ (ଖେଳ) ।

**ଜିତାପଟ** *ବି.* ବିଜୟ, ଜୟ, ଜିତ୍ ।

**ଜିତିବା** *କ୍ରି.* ୧. ଜିଣିବା, ଜୟ କରିବା ୨. ପ୍ରତିଯୋଗିତାପ୍ରଭୃତିରେ ସଫଳ ହେବା ୩. ଅଧିକ ହେବା, ଉତ୍କୃଷ୍ଟତର ହେବା ୪. ହାସଲ କରିବା, ଯୋଗ୍ୟତା ବା ଗୁଣ ଯୋଗୁଁ ପାଇବା ।

**ଜିତେନ୍ଦ୍ରିୟ** *ବିଂ* ଇନ୍ଦ୍ରିୟ ଉପରେ ଜୟଲାଭ କରିଥିବା, କାମ-କ୍ରୋଧ-ଲୋଭ-ମୋହ ପ୍ରଭୃତିଦ୍ୱାରା ପରିଚାଳିତ ହେଉ ନଥିବା ।

**ଜିଦ୍** *ବି.* ୧. ହଟ, ଜିଗର, ଅତିଶୟ ଆଗ୍ରହ ୨. ଦୃଢ଼ସଂକଳ୍ପ, କୌଣସି କାର୍ଯ୍ୟ କରିବା ପାଇଁ ଦୃଢ଼ ମନୋଭାବ ।

**ଜିଦ୍‌ଖୋର, ଜିଦ୍‌ଖୋରିଆ** *ବିଂ* ଏକଜିଦିଆ, ଆପଣା କଥା ବଜାୟ ରଖିବା ପାଇଁ ବା ନିଜ ଇଚ୍ଛା ମୁତାବକ କାମ କରିବାପାଇଁ ଯେ ଅନ୍ୟର ଉପଦେଶ ବା ଯୁକ୍ତି ମୋଟେ ଶୁଣେନାହିଁ, (*ସ୍ତ୍ରୀ.*) ଜିଦ୍‌ଖୋରୀ, ଜିଦ୍‌ଖୋରିଆଣୀ ।

**ଜିଦାଜିଦି** *ବି.* ଦୁଇପକ୍ଷ ବା ଦୁଇବ୍ୟକ୍ତି ମଧ୍ୟରେ ଜିଦି ମରାମରି ବା ବାଜି ମରାମରି, ଟକ୍‌କର୍, ଅତ୍ୟନ୍ତ ପ୍ରତିଯୋଗିତାମୂଳକ ମନୋଭାବ ।

**ଜିଦି** *ବି.* ଜିଦ୍ ।

**ଜିଦିଆ** *ବିଂ* ଏକଜିଦିଆ, ଜିଦ୍‌ଖୋର, ଜିଦ୍‌ଖୋରିଆ ।

**ଜିଦିବାଦି** *ବି.* ଜିଦାଜିଦି, ଚଦାଚଦି, ନିଜନିଜ କଥା ରଖିବା ପାଇଁ ପରସ୍ପର ସହିତ ମୁକାବିଲା ମାନସିକତା ।

**ଜିନ୍** *ବି.* ୧. ଏକ ପ୍ରକାର ଶକ୍ତ କନା ୨. ଜିନ୍ କନାରେ ତିଆରି ପୋଷାକପତ୍ର ୩. ଘୋଡା ପିଠି ଉପରେ ସବାର ବସିବା ପାଇଁ ବ୍ୟବହୃତ ଚମଡ଼ା ଆସନ ୪. ଏକପ୍ରକାର ରଙ୍ଗହୀନ ମଦ ୫. ପ୍ରାଣୀ ଶରୀରର ଗୁଣସୂତ୍ର ।

**ଜିନ** *ବି.* ୧. ବିଷ୍ଣୁ ୨. ଜୈନ ତୀର୍ଥଙ୍କର ୩. ସିଦ୍ଧ ପୁରୁଷ ।

**ଜିନାସନ** *ବି.* ଜୈନଧର୍ମର ପ୍ରତୀକ ।

**ଜିନିସ୍** *ବି.* ଜିନିଷ।

**ଜିନିଷ** *ବି.* ବସ୍ତୁ, ଦ୍ରବ୍ୟ, ଜିନିସ୍, ଚିଜ, ପଦାର୍ଥ ।

**ଜିନିଷପତ୍ର** *ବି.* ୧. ବିଭିନ୍ନ ଦ୍ରବ୍ୟ ଏକତ୍ର, ଜିନିଷାତ, ଜାକ୍‌ପେଣା, ଦ୍ରବ୍ୟ ସମୂହ ୨. ଲଗେଜ୍; ଯାତ୍ରା ସମୟରେ ନେବା ବାକ୍ସ, ବେଗ ପ୍ରଭୃତି ।

**ଜିବ୍‌ଲୁ,ଜିଭ୍‌ଲୁ** *ବିଂ.ବି.* ୧. ଲମ୍ବା ଜିଭ ଥିବା ୨. ଯାହାର ଜିଭ ପାଟିରୁ ବାହାରି ଆସିଥାଏ ।

**ଜିଭ୍‌କୁରା, ଜିଭ୍‌କୋରା** *ବି.* ଜିଭଛେଲା, ଜିଭରୁ ମଇଳା ପରିଷ୍କାର ପାଇଁ ବ୍ୟବହୃତ ପତଳା ପାତିଆ ।

**ଜିଭ** *ବି.* ଜିହ୍ୱା, ରସନା, ପାଟି ଭିତରେ ଥିବା ଲମ୍ବା ଓ ମାଂସଳ ଅଙ୍ଗ-ଯାହା ସାହାଯ୍ୟରେ ସ୍ୱାଦ ବାରିହୁଏ ଓ କଥା କହିହୁଏ ।

**ଜିଭଛେଲା** *ବି.* ଦାନ୍ତ ଘଷିଲା ବେଳେ ଜିଭର ଛତିଆ କୋରିବା ପାଇଁ ବ୍ୟବହୃତ ସରୁ ଓ ପତଳା ପାତିଆ, ଜିଭ୍‌କୋରା ।

**ଜିମା** *ବି.* ୧. କୌଣସି ବସ୍ତୁ ବା ଧନ ସମ୍ପତ୍ତିର ଦାୟିତ୍ୱ ୨. ହେପାଜତ, ମାରଫତ ୩. ନ୍ୟାସ, ଟ୍ରଷ୍ଟ; *ବିଂ* ୧. ନ୍ୟସ୍ତ ୨. ରକ୍ଷିତ ।

**ଜିମାଦାର** *ବି.ବିଂ* ଅନ୍ୟର ବସ୍ତୁ, ଧନସମ୍ପତ୍ତି ନିଜ ଦାୟିତ୍ୱ ବା ସଂରକ୍ଷଣରେ ରଖିବା (ଲୋକ) ।

**ଜିମାଦାରି** *ବି.* ୧. ରକ୍ଷଣାବେକ୍ଷଣର ଦାୟିତ୍ୱ ୨. ମାର୍‌ଫତଦାରି ।

**ଜିମାଦାରୀ** *ବିଂ* ଜିମାଦାର ବା ଜିମାଦାରି ସମ୍ବନ୍ଧିତ ।

**ଜିମାନାମା** *ବି.* ଗଚ୍ଛିତ ବା ନ୍ୟସ୍ତ ରହିବାର ପ୍ରମାଣ ସ୍ୱରୂପ ଲେଖା ।

**ଜିର୍‌ନେଇ ଯିବା** *କ୍ରି.* ୧. ସ୍ୱାସ୍ଥ୍ୟ କ୍ଷୟ ହେବା, ଝଡ଼ି ଯିବା, ଶୀର୍ଣ୍ଣ ହେବା ୨. କ୍ଷୟପ୍ରାପ୍ତ ହେବା, ଜିରି ଯିବା ।

**ଜିରା** *ବି.* ରୋଷେଇରେ ବ୍ୟବହୃତ ମସଲା ବିଶେଷ, ସେହି ଗଛ ଓ ତାହାର ମଞ୍ଜି ।

**ଜିରାଇତ୍ *ବି.*** ସାମୟିକ ଚାଷ ପାଇଁ ରଇତକୁ ମାଲିକ ଦେଇଥିବା ଜମି ।

**ଜିରାଫ୍ *ବି.*** ଲମ୍ବା ଗୋଡ଼ ଓ ଲମ୍ବା ବେକ ଥିବା ଚତୁଷ୍ପଦ ତୃଣଭୋଜୀ ପଶୁ ।

**ଜିରା ରାଇସ୍ *ବି.*** ଘିଅରେ ଜିରା ଫୁଟାଇ, ସେଥିରେ ଲେମ୍ବୁରସ ଓ ଲୁଣ ଗୋଳା ଭାତ ।

**ଜିରାଳି *ବି.*** ମହୁରାଳି ମାଛ, ଜରେଲ୍ ମାଛ, ଜରାଳି ।

**ଜିରେଇ ଦେବା *କ୍ରି.*** ୧. ହଜମ କରିଦେବା ୨. ଅନ୍ୟର ଜିନିଷ ଓ ଟଙ୍କା ପ୍ରଭୃତି ମାଗିଆଣି ନ ଫେରାଇବା, ଚଳୁ କରିଦେବା ।

**ଜିରେଇବା *କ୍ରି.*** ଜୀର୍ଣ୍ଣ କରିବା, ହଜମ କରିବା ।

**ଜିଲା, ଜିଲ୍ଲା *ବି.*** ରାଜ୍ୟ ବା ପ୍ରଦେଶର ଭୌଗୋଳିକ ତଥା ପ୍ରାଶାସନିକ ବିଭାଗ/ବିଭାଜନ ବିଶେଷ, ଡିଷ୍ଟ୍ରିକ୍ଟ ।

**ଜିଲାପି, ଜିଲାବି, ଜିଲେବି *ବି.*** ଜଲପି, ବେସନ ଓ ଚିନି ସିରାରେ ତିଆରି ଏକ ପ୍ରକାର ମିଠା ଖାଦ୍ୟ ।

**ଜିଲ୍ଲାପାଳ *ବି.*** ଜିଲ୍ଲାର ପ୍ରାଶାସନିକ ତଥା ରାଜସ୍ୱର ସର୍ବୋଚ୍ଚ ଅଧିକାରୀ, ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ୍ ତଥା କଲେକ୍ଟର, ଡି.ଏମ୍ ।

**ଜିଲ୍ଲା ଜଜ୍ *ବି.*** ଜିଲ୍ଲାର ସର୍ବୋଚ୍ଚ ନ୍ୟାୟାଧୀଶ, ଡିଷ୍ଟ୍ରିକ୍ଟ ଜଜ୍ ।

**ଜିଷ୍ଣୁ *ବିଂ.*** ଜୟଶୀଳ, ସବୁବେଳେ ଜିତୁଥିବା ; ***ବି.*** ୧. ବିଜେତା, ବିଜୟୀ ବ୍ୟକ୍ତି ୨. ବିଷ୍ଣୁ ୩. ଇନ୍ଦ୍ର ୪. ସୂର୍ଯ୍ୟ ୫. ମହାଭାରତର ଅର୍ଜୁନ ।

**ଜିହାଁ *ବିଂ.*** ଘଷରା, କ୍ଷୟପ୍ରାପ୍ତ, ବ୍ୟବହାର ବା ଘର୍ଷଣ ଯୋଗୁଁ ଘୋରି ହୋଇଯାଇଥିବା ।

**ଜିହିଁଯିବା *କ୍ରି.*** ବାରମ୍ବାର ବ୍ୟବହାରଦ୍ୱାରା ବା ଘଷି ହୋଇ କ୍ଷୟପ୍ରାପ୍ତ ହେବା, ଘୋରି ହେବା ।

**ଜିହ୍ୱା *ବି.*** ଜିଭ, ରସନା ।

**ଜିହ୍ୱାମଳ *ବି.*** ଜିଭର ଛତିଆ, ଜିଭର ମଇଳା ।

**ଜିହ୍ୱାଳ *ବିଂ.*** ୧. ଜିହ୍ୱାଯୁକ୍ତ, ଜିଭଥିବା ୨. ଜିଭ ଲହ ଲହ କରୁଥିବା ।

**ଜିହ୍ୱାଲାଳସା *ବି.*** ସୁଆଦିଆ ପଦାର୍ଥ ଖାଇବାର ଇଚ୍ଛା, ଟକଳାପଣ, ସୁଖାଦ୍ୟ ଲୋଭ ୨. ପାଟି ସୁଆଦ ।

**ଜୀ *ଅ.*** ଭକ୍ତି ଏବଂ ଆଦର ସୂଚକ ସମ୍ବୋଧନ, ଉତ୍ତର ଭାରତରେ ସମ୍ମାନଜନକ ସମ୍ବୋଧନ ପାଇଁ ନାମ ବା ସାଙ୍ଗିଆ ପଛରେ ଜୋଡ଼ି କୁହାଯାଉଥିବା ପଦ ।

**ଜୀନ *ବି.*** ୧. ପୁରୁଣା, ପ୍ରାଚୀନ, ଚିରାଫଟା, ଜୀର୍ଣ୍ଣ ୨. ବୁଢ଼ା ।

**ଜୀବ *ବି.*** ୧. ପ୍ରାଣୀ, ପ୍ରାଣ ବା ଜୀବନ ଥିବା ପ୍ରାଣୀ, ମଣିଷ ପ୍ରଭୃତି ୨. ଜୀବନ, ପ୍ରାଣ ୩. ଦେହର ଚେତନ ଶକ୍ତି ୪. ଜୀବାତ୍ମା ।

**ଜୀବଜଗତ *ବି.*** ପୃଥିବୀର ସମସ୍ତ ପ୍ରାଣୀ ।

**ଜୀବଜନ୍ତୁ *ବି.*** ନାନାବିଧ ପ୍ରାଣୀ, ମଣିଷ ଭିନ୍ନ ଅନ୍ୟ ପ୍ରାଣୀ ସମୂହ ।

**ଜୀବତତ୍ତ୍ୱ *ବି.*** ପ୍ରାଣୀ ଓ ଉଦ୍ଭିଦ ବିଜ୍ଞାନ, ବାୟୋସାଇନ୍‌ସ, ପ୍ରାଣୀବିଦ୍ୟା ।

**ଜୀବଦ୍ଦଶା *ବି.*** ଜୀବନକାଳ, ମଣିଷ ବଞ୍ଚିଥିବା ସମଗ୍ର ସମୟ, ବଞ୍ଚି ରହିଥିବା କାଳ ।

**ଜୀବନ *ବି.*** ୧. ପ୍ରାଣ ୨. ପ୍ରାଣବାୟୁ ୩. ଜୀବିକା ୪. ଜୀବିତ ରହିବାକାଳ, ବଞ୍ଚିରହିଥିବା ସମୟ ୫. ଜଳ, ପାଣି ୬. ବାୟୁ, ପବନ ୭. ସଜ ଲହୁଣି ।

**ଜୀବନକ *ବି.*** ଅନ୍ନ, ଖାଦ୍ୟ, ଯାହା ଯୋଗୁଁ ଜୀବନ ରହେ ।

**ଜୀବନଚରିତ *ବି.*** ଜୀବନୀ, ଜୀବନକାହାଣୀ, ବ୍ୟକ୍ତି ଜୀବନର ଘଟଣାର ବିବରଣୀ ।

**ଜୀବନଧନ *ବି.*** ୧. ପ୍ରିୟତମ ବ୍ୟକ୍ତି, ଅତ୍ୟନ୍ତ ପ୍ରିୟ ମଣିଷ ୨. ଗାଈ ଗୋରୁ ପ୍ରଭୃତି ପୋଷା ପ୍ରାଣୀ ରୂପକ ଧନ, ଲାଇଭ ଷ୍ଟକ୍ ।

**ଜୀବନ ବୀମା *ବି.*** ନିର୍ଦ୍ଧାରିତ ପରିମାଣ ଅର୍ଥକୁ କିସ୍ତିମାନଙ୍କରେ ପଇଠ କରି ନିର୍ଦ୍ଦିଷ୍ଟ ସମୟ ପରେ ଫେରି ପାଇବା ଏବଂ ସେହି ସମୟ ମଧ୍ୟରେ ବ୍ୟକ୍ତିର ମୃତ୍ୟୁ ଘଟିଲେ ନିର୍ଦ୍ଧାରିତ ଅର୍ଥ ଉତ୍ତରାଧିକାରୀ ପାଇବା ବ୍ୟବସ୍ଥା, ଲାଇଫ୍ ଇନ୍‌ସୁରେନ୍‌ସ ।

**ଜୀବନିକା *ବି.*** ଖାଦ୍ୟସାର, ଖାଦ୍ୟପ୍ରାଣ, ଭିଟାମିନ୍, ଶରୀରର ସୁଗମ ଅଭିବୃଦ୍ଧି ବା ସ୍ୱାସ୍ଥ୍ୟ ନିମନ୍ତେ ଆବଶ୍ୟକ ତତ୍ତ୍ୱ ।

**ଜୀବନୀ *ବି.*** ଜୀବନଚରିତ, ବ୍ୟକ୍ତିର ଅଙ୍ଗନିଭାକଥା ।

**ଜୀବନ୍ତ *ବିଂ.*** ୧. ଜୀଅନ୍ତା, ପ୍ରାଣଥିବା, ଜିଁତା, ପ୍ରାଣବନ୍ତ ୨. ସୁସ୍ପଷ୍ଟ, ଅତି ସ୍ପଷ୍ଟ ।

**ଜୀବନ୍ମୁକ୍ତ *ବିଂ.*** ଜୀବିତାବସ୍ଥାରେ ଥାଇ ସୁଦ୍ଧା ସାଂସାରିକ ମାୟା ବନ୍ଧନରୁ ମୁକ୍ତ, ଆତ୍ମତତ୍ତ୍ୱଜ୍ଞ, ଆତ୍ମଜ୍ଞାନୀ ।

**ଜୀବନ୍ମୁକ୍ତି *ବି.*** ଜୀବନ୍ମୁକ୍ତ ଅବସ୍ଥା, ସାଂସାରିକ ମୋହମାୟାରୁ ମୁକ୍ତି ।

**ଜୀବନ୍ମୃତ *ବିଂ.*** ଜୀଇଁଥାଇ ମଲାଭଳି, ଜୀବିତ ଥିଲେ ହେଁ ମୃତପ୍ରାୟ, ନିତାନ୍ତ ନିର୍ଜୀବ ଓ ଅକର୍ମଣ୍ୟ ।

**ଜୀବନ୍ୟାସ *ବି.*** ମନ୍ତ୍ରବଳରେ ଦେବ ବିଗ୍ରହରେ ପ୍ରାଣପ୍ରତିଷ୍ଠା ।

**ଜୀବବିଜ୍ଞାନ *ବି.*** ପ୍ରାଣୀ ଜଗତର ବୈଜ୍ଞାନିକ ଅଧ୍ୟୟନ, ପ୍ରାଣୀ ବିଜ୍ଞାନ, ପ୍ରାଣୀତତ୍ତ୍ୱ, ବାୟୋସାଇନ୍‌ସ୍ ବା ଜୁଲୋଜି ।

**ଜୀବ-ରସାୟନ ବିଦ୍ୟା *ବି.*** ପ୍ରାଣୀ ଶରୀରର ରସାୟନ ସମ୍ପର୍କିତ ତତ୍ତ୍ୱ ଓ ବିଶେଷ ଜ୍ଞାନ, ବାୟୋକେମିଷ୍ଟ୍ରି ।

**ଜୀବଲୋକ *ବି.*** ଜୀବଜଗତ ବଞ୍ଚୁଥିବା ସ୍ଥାନ, ମର୍ତ୍ତ୍ୟପୁର, ପୃଥିବୀ ।

**ଜୀବହତ୍ୟା** *ବି.* ପ୍ରାଣୀହତ୍ୟା, କୌଣସି ଜୀବକୁ ବା ଜୀବଗୁଡ଼ିକୁ ହତ୍ୟା କରିବା ।

**ଜୀବହିଂସା** *ବି.* ପ୍ରାଣୀମାନଙ୍କ ପ୍ରତି ନିଷ୍ଠୁରତା, ପ୍ରାଣୀବଧ ।

**ଜୀବାଣୁ** *ବି.* ୧. ଅତ୍ୟନ୍ତ କ୍ଷୁଦ୍ର ଓ କେବଳ ଅଣୁବୀକ୍ଷଣ ଯନ୍ତ୍ରରେ ଦେଖି ହେବା ଭଳି ଜୀବ ୨. ବିଭିନ୍ନ ରୋଗ ସୃଷ୍ଟି କରୁଥିବା ଅତି କ୍ଷୁଦ୍ରଜୀବ ।

**ଜୀବାତ୍ମା** *ବି.* ଶରୀର ମଧ୍ୟସ୍ଥ ଚୈତନ୍ୟ ବା ପ୍ରାଣପୁରୁଷ, ଜୀବର ଶରୀରରେ ପରମାତ୍ମାଙ୍କ ଉପସ୍ଥିତିମୂଳକ ବିଶ୍ୱାସର ଆଧାର ।

**ଜୀବାଶ୍ମ** *ବି.* ଜୀବାବଶେଷ, ବହୁକାଳ ପୂର୍ବେ ମରି ପ୍ରସ୍ତରୀଭୂତ ଉଦ୍‌ଭିଦ ବା ପ୍ରାଣୀମାନଙ୍କର ଅବଶେଷ, ଫସିଲ୍ ।

**ଜୀବିକା** *ବି.* ବୃତ୍ତି, ପେସା, ଜୀବନଧାରଣ ପାଇଁ ଉପାର୍ଜନର ବାଟ ବା ଉପାୟ ।

**ଜୀବିତ** *ବିଂ.* ବଂଚି ରହିଥିବା, ଜୀବନ୍ତ, ସଜୀବ, ଜୀଅନ୍ତା, ଜିଁତା ।

**ଜୀବିତକାଳ** *ବି.* ଜୀବନକାଳ, ବଞ୍ଚି ରହିଥିବା ଅବଧି ବା ସମୟ ।

**ଜୀବୀ** *ବି.* ଜୀବିକା ବା ପେସାଯୁକ୍ତ (ଉଦା. ଆଇନଜୀବୀ, କର୍ମଜୀବୀ); *ବିଂ.* ଆୟୁବିଶିଷ୍ଟ, ଆୟୁ ବା ଜୀବନକାଳ ଥିବା ।

**ଜୀମୂତ** *ବି.* ୧. ମେଘ ୨. ପର୍ବତ ।

**ଜୀର, ଜିରକ** *ବି.* ଜିରା, ସରୁଦାନା ଥିବା ମସଲା ମଞ୍ଜି ବିଶେଷ ଓ ସେହି ଗଛ ।

**ଜୀର୍ଣ୍ଣ** *ବିଂ.* ୧. ଅତି ପୁରାତନ ଯୋଗୁଁ ବ୍ୟବହାର ପାଇଁ ଅଯୋଗ୍ୟ ୨. ପୁରୁଣା, ଅତି ପୁରାତନ ୩. କ୍ଷୟପ୍ରାପ୍ତ, ଭଙ୍ଗାରୁଜା ୪. ଛିନ୍ନ , ଚିରି ଯାଇଥିବା ୫. ହଜମ ହୋଇଥିବା ।

**ଜୀର୍ଣ୍ଣକାରକ** *ବି.ବିଂ.* ଖାଦ୍ୟ ହଜମ କରିବାରେ ସାହାଯ୍ୟ କରୁଥିବା (ଔଷଧ ଆଦି), ହଜମୀ ।

**ଜୀର୍ଣ୍ଣତା, ଜୀର୍ଣ୍ଣତ୍ୱ** *ବି.* ୧.ଭଙ୍ଗାରୁଜା ବା କ୍ଷୟପ୍ରାପ୍ତ ଅବସ୍ଥା ୨. ପୁରାତନ ହୋଇଥିବାରୁ ଶିଥିଳ ବା ଦୁର୍ବଳ ଅବସ୍ଥା ୩. ହଜମ, ହଜମପ୍ରକ୍ରିୟା ।

**ଜୀର୍ଣ୍ଣଶୀର୍ଣ୍ଣ** *ବିଂ.* ଅତି ପୁରୁଣା ବା ବୁଢ଼ା ବୟସ ଯୋଗୁଁ ଶିଥିଳ, ଦୁର୍ବଳ ଓ ପତଳା ।

**ଜୀର୍ଣ୍ଣସଂସ୍କାର** *ବି.* ପୁରୁଣା ବସ୍ତୁ, ବିଶେଷତଃ ପ୍ରାଚୀନ କୀର୍ତ୍ତିର ମରାମତି ଓ ପୁନରୁଦ୍ଧାର ।

**ଜୀର୍ଣ୍ଣୋଦ୍ଧାର** ବି. ଜୀର୍ଣ୍ଣ ସଂସ୍କାର ।

**ଜୁ** *ବି.* ୧. କ୍ଷମତା, ତାକତ୍ ୨. ଚାରା, ବାଟ ୩. ବିକଳ୍ପ ଉପାୟ ୪. ଚିଡ଼ିଆଖାନା ।

**ଜୁଆ** *ବି.* ୧. ଧନ ସମ୍ପତ୍ତି, ଟଙ୍କା ବା ଅନ୍ୟ କୌଣସି ମୂଲ୍ୟବାନ ବସ୍ତୁ ବା ମଣିଷକୁ ବାଜି ଲଗାଇ ଆୟୋଜିତ ତାସ୍ ଓ ପଶା ପ୍ରଭୃତି ଖେଳ, ଦ୍ୟୂତକ୍ରୀଡ଼ା, ସଟ୍‌ଟା ୨. ହଳ ବା ଶଗଡ଼ର ଯୁଆଳି ୩. ଦୁଧକୁ ଦହି କରିବାପାଇଁ ବ୍ୟବହୃତ ଖଟାଳିଆ ପଦାର୍ଥ ।

**ଜୁଆଇଁ** *ବି.* କନ୍ୟାର ସ୍ୱାମୀ, ଝିଅର ବର, ଜ୍ୱାଇଁ, ଜୋଇଁ, ଜୁଏଁ ।

**ଜୁଆଇବା** *କ୍ରି.* ୧. ଲୁଣ, ମସଲା, ତେଲ ଓ ହଳଦୀ ଦେଇ ଆମ୍ବ, ତେନ୍ତୁଳି ପ୍ରଭୃତିକୁ ପାଗିବା ବା ଆଚାର ପାଇଁ ପାଗ କରିବା ୨. ଦହି ପ୍ରସ୍ତୁତ କରିବା ପାଇଁ ଅଲଗା ରଖା ଯାଇଥିବା ଅଳ୍ପ ଖଟା ଦହି ବ୍ୟବହାର କ୍ରିୟା ୩. କ୍ଷୀର ଛିଣ୍ଡି ନ ଯିବା ପାଇଁ କ୍ଷୀରରେ ଘିଅ ଜୀରା ଛୁଙ୍କ ଦେବା ପ୍ରଣାଳୀ ।

**ଜୁଆଖେଳ** *ବି.* ଜୁଆ, ଟଙ୍କା ପଇସା ପ୍ରଭୃତି ବାଜିରଖି ଖେଳା ଯାଉଥିବା ଖେଳ ।

**ଜୁଆଙ୍ଗ** *ବି.* ମୁଖ୍ୟତଃ କେନ୍ଦୁଝର ଜିଲ୍ଲାରେ ରହୁଥିବା ଜନଜାତି ବିଶେଷ ।

**ଜୁଆଡ଼ି** *ବି.* ଜୁଆଖେଳାଳୀ, ଜୁଆରୀ ।

**ଜୁଆଣ** *ବିଂ.* ଯୁବା, ଯୁଆନ୍ ।

**ଜୁଆଣି** *ବି.* ଏକ ପ୍ରକାର ଛୋଟ ଦାନା ଆକୃତିର ମସଲା, ଅଜୁଏନ, ଅଜୁଆଇନ ।

**ଜୁଆର** *ବି.* ଅମାବାସ୍ୟା ଏବଂ ପୂର୍ଣ୍ଣିମାରେ ସମୁଦ୍ର ପାଣି ଫୁଲିଉଠିବା ଅବସ୍ଥା ।

**ଜୁଆରିଆ** *ବି.ବିଂ.* ୧. ଜୁଆଖେଳାଳି, ଜୁଆ ଖେଳିବାରେ ଆସକ୍ତ ୨. ଜୁଆର ସମ୍ବନ୍ଧିତ ୩. ଜୁଆର ପାଣିରେ ଫୁଲି ଉଠିଥିବା ।

**ଜୁଇ** *ବି.* ୧. ଚିତାନିଆଁ, ମଢ଼ ପୋଡାହେବା ନିଆଁ, ଚିତାଗ୍ନି ୨. ମଡ଼ା ପୋଡ଼ିବାର ଗାତ ।

**ଜୁଏଁ** *ବି.* ଝିଅର ସ୍ୱାମୀ, ଜ୍ୱାଇଁ, ଜୋଇଁ, ଜାମାତା ।

**ଜୁଏଁପୁଟା** *ବି.* ଶାଗ ବିଶେଷ ।

**ଜୁଏ** *ବି.* ୧. ନିଆଁ ୨. ଉତ୍ତାପ ।

**ଜୁଏଡୁ** *ବି.* ଯୁଆଳି, ହଳ ବୁଲିଲା ବେଳେ ଦୁଇ ବଳଦଙ୍କୁ ସମାନ୍ତରାଳ ଭାବେ ରଖିବା ପାଇଁ କାନ୍ଧରେ ଲଗା ଯାଉଥିବା ଦୁଇ ପାଖରେ କାଠି (ବାକୁଲା)ଥିବା କାଠଖଣ୍ଡ ।

**ଜୁଏତ୍** *ବି.* ୧. ଏକ ପ୍ରକାର ଗଛ ୨. ସରୁ ଲମ୍ବା ଦଉଡ଼ି, ଯୋତ ।

**ଜୁଏଲ୍** *ବି.* ୧. ରତ୍ନ, ମୂଲ୍ୟବାନ୍ ପଥର ବା ମଣି ୨. ଦୁର୍ଲ୍ଲଭ ଗୁଣଥିବା ବ୍ୟକ୍ତି ୩. ଜୁଲ, ଯୋଡ଼ି ।

**ଜୁଏସେକା** *ବି.* ୧. ନିଆଁସେକ ; *ବିଂ.* ଯେଉଁ ଶିଶୁ ନିଆଁ ସେକିହେବା ପାଇଁ ଉପଯୁକ୍ତ ।

**ଜୁଏଲ୍ ଯିବା** ***କ୍ରି.*** ପଶୁ ବା ପକ୍ଷୀ ଯୋଡ଼ି ମିଳିତ ହେବା, ଯୌନ ସଙ୍ଗମ କରିବା, ଜୁଲ୍ ଯିବା ।

**ଜୁଏ ଲୁଠା** ***ବି.*** ନିଆଁଖୁଣ୍ଟା, ନିଆଁ ଲାଗି ଥିବା କାଠ ।

**ଜୁକ୍ତି ଜାକ୍ତି** ***ବି.*** ଯେ କୌଣସି ମତେ ଆୟୋଜନ, ଯୋଗାଡ଼ ଯନ୍ତ୍ର ।

**ଜୁକୁ** ***ବି.*** ଉଈ ।

**ଜୁକୁଜୁକିଆ** ***ବିଂ.*** ସାମାନ୍ୟ ପାଣିଆ, ସାମାନ୍ୟ ଜଳୀୟ ଅଂଶ ଥାଇ, ବୁଥୁବୁଥା ।

**ଜୁକୁଜୁକୁ** ***କ୍ରି.ବିଂ.*** ଜକଜକ, ଇଷତ୍ ଉଜ୍ଜ୍ୱଳତା, ଜିକିଜିକି ।

**ଜୁଖ୍** ***ବି.*** ତଉଲ, ଓଜନ, ମାପ ।

**ଜୁଖ୍‌ବା** ***କ୍ରି.*** ଓଜନ କରିବା, ଆନୁମାନିକ ମାପ ବା ଓଜନ କରିବା ।

**ଜୁଖା, ଜୋଖା** ***ବି.*** ୧. ବହଳ କ୍ଷୀରି ୨. ଜାଉ, ପେଜଗଳା ହୋଇନଥିବା ଭାତ ।

**ଜୁଗ୍‌ତିଆର, ଜୁଗ୍‌ତିରି** ***ବିଂ.*** ଯୋଗ୍ୟ, ସମର୍ଥ ।

**ଜୁଗ୍‌ବା** ***କ୍ରି.*** ଜଗି ରହିବା, ଘର ପ୍ରଭୃତି ଜଗିବା ଦାୟିତ୍ୱରେ ରହିବା ।

**ଜୁଗାଡ଼, ଜୁଗାର** ***ବି.*** ୧. ଦେବଦେବୀଙ୍କ ମନ୍ଦିର ଆକାରରେ ଗୁଡ଼ପଣା ଓ ଲିଆର ମୁଆଁ ଭୋଗ, ଭୋଗ ପାଇଁ ପ୍ରସ୍ତୁତ ଦେଉଳିଆ ପାଗିଲା ମୁଆଁ ୨. ନୈବେଦ୍ୟ, ପୂଜା ସାମଗ୍ରୀ ୩. ଯୋଗାଡ଼, ସଂଗ୍ରହ ।

**ଜୁଗାବା** ***କ୍ରି.*** ୧. ସାମାଜିକ ଚଳଣିରେ ପ୍ରଚଳିତ ଥିବା, ଉଚିତ ହେବା ୨. ପ୍ରହରୀ ରୂପେ ଜଗାଇବା ।

**ଜୁଗାଲି** ***ବି.*** ନିରାପତ୍ତା ଦାୟିତ୍ୱରେ ଥିବା ତଳିଆ କର୍ମଚାରୀ, ଜଗୁଆଳି ।

**ଜୁଗିବା** ***କ୍ରି.*** ଦାୟିତ୍ୱ ବା ହେପାଜତରେ ରଖିବା, ଜଗିବା ।

**ଜୁଗୁଆ** ***ବି.*** ଜଗିବା ଲୋକ, ଜଗୁଆଳି ।

**ଜୁଗୁପ୍‌ସା** ***ବି.*** ୧. ଘୃଣା ୨. ନିନ୍ଦା, କୁତ୍ସା, ଅପବାଦ ।

**ଜୁଜିବା** ***କ୍ରି.*** ୧. ପରସ୍ପର ସହିତ ଧକ୍‌କା ହେବା ୨. ଲଢ଼େଇ କରିବା, ଯୁଝିବା ।

**ଜୁଟା** ***ବି.*** ଖାଇବା ପାତ୍ରରେ ରହିଥିବା ଅବଶେଷ, ଅଇଁଠା, ଉଚ୍ଛିଷ୍ଟ, ଜୁଠା ।

**ଜୁଟାଇବା** ***କ୍ରି.*** ୧. ଏକାଠି କରାଇବା, ମିଳନ ଘଟାଇବା ୨. ସଂଗ୍ରହ କରିବା ୩. ଯୋଗାଡ଼ କରିବା ।

**ଜୁଟିବା** ***କ୍ରି.*** ୧. ଏକାଠି ହେବା, ମିଳିତ ହେବା ୨. ପ୍ରାପ୍ତ ହେବା ୩. ହଠାତ୍ ପାଇବା ୪. ଅପ୍ରତ୍ୟାଶିତ ଭାବେ କିଛି ମିଳିବା ।

**ଜୁଡ୍** ***ବି.*** ୧. ଅଳିଆ, ଆବର୍ଜନା ୨. ଲସମ୍, ସର୍ଦ୍ଦି ।

**ଜୁଡ଼ା** ***ବି.*** ୧. ଖୋଷା, ନାରୀମାନଙ୍କ କେଶ ବିନ୍ୟାସ ୨. ଯୋଡ଼ା, ଦୁଇଟି, ହଳେ ।

**ଜୁଡ଼ି** ***ବି.*** ୧. ଯୋଡ଼ି, ଦୁଇଟି ୨. କମ୍ପ ଜର ।

**ଜୁଡ଼ିସିଆଲ୍** ***ବିଂ.*** ୧. ନ୍ୟାୟିକ, ବିଚାର ବିଭାଗୀୟ ୨. ନ୍ୟାୟବିଚାର ସମ୍ବନ୍ଧୀୟ ।

**ଜୁଡ଼ିସିଆଲ୍ ଇନ୍‌କ୍ୱାରି** ***ବି.*** ବିଚାର ବିଭାଗୀୟ ତଦନ୍ତ, କୌଣସି ଘଟଣାର ଜଣେ ବିଚାରପତିଙ୍କଦ୍ୱାରା ତଦନ୍ତ ।

**ଜୁଡ଼ିସିଆଲ ମାଜିଷ୍ଟ୍ରେଟ** ***ବି.*** ବିଚାର ବିଭାଗୀୟ ହାକିମ ।

**ଜୁଡୁବୁଡୁ** ***ବିଂ.*** ଓଦା ସରସର, ତରଳ ପଦାର୍ଥରେ ଭିଜା ବା ବୋଳା ।

**ଜୁଡ଼େ** ***ବିଂ.*** ଯୋଡ଼ାଏ, ଦୁଇଟି, ହଳେ ।

**ଜୁଡ଼େନ୍** ***ବିଂ.*** ପରସ୍ପର ସଂଯୁକ୍ତ ବା ଖଞ୍ଜା ହୋଇଥିବା (ଦୁଇଟି ବସ୍ତୁ); ***ବି.*** ସଂଯୋଗ ବା ମିଳନ ସ୍ଥଳ, ଯୋଡହୋଇଥିବା ସ୍ଥାନ ।

**ଜୁଡ଼ୋ** ***ବି.*** ଏକ ପ୍ରକାର ଜାପାନୀ ସାମରିକ କଳା ବା କୁସ୍ତି ।

**ଜୁଣ** ***ବି.*** ୧. ଏକ ପ୍ରକାର ଟାଆଁସିଆ ଘାସ – ଯାହା ମଶିଣା ବୁଣାରେ ବ୍ୟବହୃତ ହୁଏ, ତୃଣ ୨. ଦୂରତା ମାପର ଏକକ ।

**ଜୁତ୍‌ବା** ***କ୍ରି.*** ୧. ହଳ ଯୋଚିବା, ଯୋଚିବା ୨. ଲଙ୍ଗଳ ଚଳାଇବା ।

**ଜୁତା, ଜୋତା** ***ବି.*** ଯୁଆଳି ସାଙ୍ଗରେ ବଳଦ ବେକକୁ ବାନ୍ଧିବା ଦଉଡ଼ି, ଶଗଡ଼ ବା ଲଙ୍ଗଳରେ ବନ୍ଧା ହେବା ଦଉଡ଼ି ।

**ଜୁତି** ***ବି.*** ପଘା, ଜୀବ ବା ପଦାର୍ଥକୁ ବାନ୍ଧିବା ପାଇଁ ବ୍ୟବହୃତ ସରୁ ଦଉଡ଼ି ।

**ଜୁତିବା** ***କ୍ରି.*** ଯୋତିବା, ବଳଦକୁ ଶଗଡ଼ ବା ଲଙ୍ଗଳରେ ଫାନ୍ଦିବା, ଜୋତିବା ।

**ଜୁନ୍** ***ବି.*** ପାଶ୍ଚାତ୍ୟ କେଲେଣ୍ଡର୍‌ର ଷଷ୍ଠ ମାସ ।

**ଜୁନ୍‌ହାଁ** ***ବିଂ.*** ପୁରୁଣା, ଜୁନା ।

**ଜୁନା** ***ବିଂ.*** ପୁରୁଣା, ଜୁନହା ।

**ଜୁନା ପୁର୍‌ନା** ***ବି.*** ଅତି ପୁରୁଣା, ଅତ୍ୟନ୍ତ ପୁରୁଣା ଓ ବ୍ୟବହାର ଅନୁପଯୋଗୀ ।

**ଜୁନିଅର** ***ବିଂ.*** ୧. କନିଷ୍ଠ, ବୟସରେ ସାନ ୨. ଚାକିରି ପ୍ରଭୃତିରେ ସାନ ବା କନିଷ୍ଠ ।

**ଜୁନିଅର ଇଞ୍ଜିନିୟର** ***ବି.*** କନିଷ୍ଠ ଯନ୍ତ୍ରୀ, ଉପଯନ୍ତ୍ରୀ ବା ଏସିଷ୍ଟାଣ୍ଟ ଇଞ୍ଜିନିୟର୍‌ର ତଳ ପଦବୀ ।

**ଜୁନିଅର କଲେଜ୍** ***ବି.*** କେବଳ ଯୁକ୍ତଦୁଇ ବା ଉଚ୍ଚ ମାଧ୍ୟମିକ ଶିକ୍ଷାଦାନ ଥିବା ଶିକ୍ଷାୟତନ ।

**ଜୁନିଅର୍ କ୍ଲାର୍କ** ***ବି.*** କନିଷ୍ଠ କିରାଣି, କନିଷ୍ଠ ସହକାରୀ, ତଳ ପାହ୍ୟାର କିରାଣି ।

**ଜୁବି ଦେବା** ***କ୍ରି.*** ୧. ମାଡ଼ ମାରିବା ୨. ମାରି ଦେବା, ହତ୍ୟା କରିବା ।

**ଜୁବିଲି** *ବି.* ୧. ଜୟନ୍ତୀ ମହୋତ୍ସବ (ସିଲ୍‌ଭର ଜୁବିଲି ବା ରୌପ୍ୟ ଜୟନ୍ତୀ-୨୫ ବର୍ଷ, ଗୋଲଡେନ୍ ଜୁବିଲି ବା ସ୍ୱର୍ଣ୍ଣଜୟନ୍ତୀ -୫୦ ବର୍ଷ, ଡାଇମଣ୍ଡ ଜୁବିଲି ବା ହୀରକ ଜୟନ୍ତୀ -୭୫ ବର୍ଷ)।

**ଜୁମା** *ବି.* ୧. ଶୁକ୍ରବାର ୨. ଶୁକ୍ରବାର ଦିନ ଇସଲାମ ଧର୍ମାବଲମ୍ବୀଙ୍କ ଆରାଧନା ।

**ଜୁର୍‌ଡ଼ା, ଜୁର୍‌ଲା** *ବି.* ଅସରପା, ଝୁର୍ଡ଼ା, ଝୁର୍ଲା, ଘର ଭିତରେ ରହୁଥିବା ଏକ ପ୍ରକାର ପତଙ୍ଗ ।

**ଜୁର** *ବି.* ଲୁଣ୍ଠନ, ଲୁଟି, ଲୁଟ୍‌ପାଟ ; *ବିଂ.* ୧. ଲୁଣ୍ଠିତ, ଲୁଟ ହୋଇଥିବା ୨. ନାରଖାର, ବିପର୍ଯ୍ୟସ୍ତ ।

**ଜୁରା** *ବିଂ.* ୧. ଯୋଡ଼ା, ହଳେ ୨. ପରିପକ୍ୱ ।

**ଜୁରାରୁମା** *ବି.* କୌଣସି ପଦାର୍ଥ ନେବା ପାଇଁ ବା କିଣିବା ପାଇଁ ଅତ୍ୟନ୍ତ ଆଗ୍ରହ ବା ଉତ୍ସାହ ସହ ବଳ ପ୍ରୟୋଗ ବା ଟଣାଓଟରା ।

**ଜୁରି** *ବି.* ନ୍ୟାୟପାଳିକା ବା ବିଚାର କାର୍ଯ୍ୟରେ ସହଯୋଗ ଓ ପରାମର୍ଶ ନିମନ୍ତେ ନିଯୁକ୍ତ ମନୋନୀତ ବ୍ୟକ୍ତିମାନଙ୍କର ସମଷ୍ଟି ।

**ଜୁରିଯିବା** *କ୍ରି.* ପାକଳ ହେବା, ବୁଢ଼ା ହୋଇଯିବା ।

**ଜୁରିନେବା** *କ୍ରି.* ଜୋର କରି ଛଡ଼ାଇ ନେବା, ଲୁଟି ନେବା, ବଳପୂର୍ବକ କାହାପାଖରୁ ଜିନିଷ ନେଇ ଯିବା ।

**ଜୁଲୁକି** *ବି.* କବାଟରେ କିଳିଣୀକୁ ଅଟକାଇ ରଖୁଥିବା ଲୁହା ବା କାଠର ବନ୍ଧ ।

**ଜୁଳୁଜୁଳା ପୋକ, ଜୁଳୁଜୁଳିଆ ପୋକ** *ବି.* ଜୁଳୁଜୁଳିଆ, ଉଜ୍ଜ୍ୱଳ ଆଲୋକ ବିଶିଷ୍ଟ ଏକ ପ୍ରକାର ପୋକ, ଜ୍ୟୋତରିଙ୍ଗଣ, ଖଦ୍ୟୋତ ।

**ଜୁଲ୍** *ବି.* ହଳ, ଯୋଡ଼ି ।

**ଜୁଲ୍‌କି** *ବିଂ.* ଯୋଡ଼ି ହୋଇଥିବା, ଯୁଗ୍ମ ଭାବରେ ଥିବା ।

**ଜୁଲ୍‌କି ଫଟା** *ବିଂ.* ଯୋଡ଼େଇ ସ୍ଥାନରୁ ସନ୍ତେଇ ପାଣି ଝରିବା ।

**ଜୁଲ୍ ଯିବା** *କ୍ରି.* ୧. (ପଶୁପକ୍ଷୀ) ସଙ୍ଗମ କରିବା ୨. ଯୌନସମ୍ପର୍କ ସ୍ଥାପନ କରିବା ।

**ଜୁଲମ** *ବି.* ୨. ଉତ୍ପୀଡ଼ନ, ଅତ୍ୟାଚାର, ଦୌରାତ୍ମ୍ୟ ୨. ଜୋର୍ ଜବରଦସ୍ତି, ବଳପ୍ରୟୋଗ ।

**ଜୁଲାଇ** *ବି.* ପାଶ୍ଚାତ୍ୟ କେଲେଣ୍ଡର୍‌ର ସପ୍ତମ ମାସ ।

**ଜୁଲାପ, ଜୁଲାବ** *ବି.* ଝାଡ଼ା କରେଇବା ଔଷଧ ବିଶେଷ ବା ସେହିପରି ଖାଦ୍ୟ ବସ୍ତୁ, ରେଚକ, ବିରେଚକ ।

**ଜୁଲି** *ବି.* ଯୋଡ଼ି, ଯୁଗଳ ।

**ଜୁଲିପି, ଜୁଲୁପି** *ବି.* ଗାଲମୁଛା, ଲମ୍ବାକଲି ।

**ଜୁଲୁମ** *ବି.* ବଳପ୍ରୟୋଗ, ଜୁଲମ ।

**ଜୁସ୍** *ବି.* ୧. ରସ ୨. ଫଳରସ ।

**ଜୁହାଁ** *ବି.* ଉକୁଣି, ବାଳରେ ରହୁଥିବା ଛୋଟ କୀଟ ।

**ଜୁହାର(ରେ)** *ବି.* ସମ୍ମାନସୂଚକ ଅଭିବ୍ୟକ୍ତି, ପ୍ରଣାମ, ନମସ୍କାର ।

**ଜୁହାର୍‌ବା** *କ୍ରି.* ଜୁହାର ହେବା, ପ୍ରଣାମ କରିବା, ନମସ୍କାର କରିବା ।

**ଜୁହାର୍ ବିହାର** *ବି.* ସଂଖୋଳା, ପରସ୍ପର ସମ୍ମାନ ପ୍ରଦର୍ଶନ ।

**ଜୁହାର୍‌ଭେଟ୍** *ବି.* ସାକ୍ଷାତ୍ ହେବା ପରେ ଯଥାମାନ୍ୟ ପ୍ରଦର୍ଶନ ଏବଂ ଔପଚାରିକ କଥାବାର୍ତ୍ତା ।

**ଜୁହାର ହେବା** *କ୍ରି.* ୧. ଜୁହାର କରିବା, ପ୍ରଣାମ କରିବା ୨. ପରସ୍ପର ଜୁହାର କରି ସମ୍ମାନ ପ୍ରଦର୍ଶନ କରିବା ।

**ଜୁହାରି ଯିବା** *କ୍ରି.* ୧. ନୂଆଖାଇ ଆଦି ଉତ୍ସବ ଦିନ ସାମାଜିକ ଭାବ ବିନିମୟ ନିମନ୍ତେ ଗୁରୁଜନମାନଙ୍କୁ ସମ୍ମାନ ପ୍ରଦର୍ଶନ ପାଇଁ ଘର ଘର ବୁଲିବା ୨. ଜୁହାର କରିବା ପାଇଁ ଯିବା ।

**ଜୁହିଁବା** *କ୍ରି.* ନିଜକୁ ଆଢୁଆଳରେ ରଖି ଅନ୍ୟ ଲୋକଙ୍କର କାର୍ଯ୍ୟକଳାପ ଲକ୍ଷ୍ୟ କରିବା ।

**ଜୁହୁ** *ବି.* ଯଜ୍ଞରେ ବ୍ୟବହୃତ କାଠ ତିଆରି ପାତ୍ର ବିଶେଷ ।

**ଜୁଟ** *ବି.* ୧. ଜଟା, ବେଣ୍ଟି ୨. ସମୂହ, ଏକତ୍ର ।

**ଜୁଷ** *ବି.* ଝୋଳ, ସୁରୁଆ, କ୍ୱାଥ, ସୋର୍‌ବା ।

**ଜୃମ୍ଭ, ଜୃମ୍ଭା** *ବି.* ହାଇ, ଶାରୀରିକ ବା ମାନସିକ କ୍ଳାନ୍ତି ଯୋଗୁଁ ପାଟି ବାଟେ ପବନ ନେବା ।

**ଜେ.ଇ.** *ବି.* ଜୁନିଅର ଇଞ୍ଜିନିୟର, କନିଷ୍ଠ ଯନ୍ତ୍ରୀ ।

**ଜେ.ଇ.ଇ ବି. ଜଏଣ୍ଟ ଏଣ୍ଟ୍ରାନ୍ସ ଏକ୍‌ଜାମିନେସନ, ଶିକ୍ଷାନୁଷ୍ଠାନରେ** ନାମ ଲେଖାଇବା ପାଇଁ ସମ୍ପନ୍ନ ମିଳିତ ପ୍ରବେଶିକା ପରୀକ୍ଷା।

**ଜେଇବା** *କ୍ରି.* ଜିଆଇବା, ପୁନର୍ଜନ୍ମ ଦେବା ।

**ଜେଉଟ** *ବି.* ଏକ ପ୍ରକାର ଖଟାଫଳ ଯାହା ପରିବା ଭାବରେ ମଧ୍ୟ ବ୍ୟବହାର ହୁଏ, ସେହି ଫଳର ଗଛ ।

**ଜେଉଡ଼ ଭୋଗ** *ବି.* ଶ୍ରୀମନ୍ଦିରରେ ଏକ ପ୍ରକାର ଖଟାଭୋଗ (ରାମ ଓ କୃଷ୍ଣ ଜନ୍ମ ପୂର୍ବ ଦିନ ସନ୍ଧ୍ୟା ଧୂପ ପରେ ଜେଉଟ ଫଳ, ତେନ୍ତୁଳି, ଗୁଡ଼, କଖାରୁ, କଦଳୀ ପ୍ରଭୃତି ମିଶି ପ୍ରସ୍ତୁତ ଏହି ଭୋଗ ଲାଗି ହୁଏ) ।

**ଜେକ୍, ଜ୍ୟାକ୍** *ବି.* ୧. ଟେକାଯନ୍ତ୍ର, ଚକ ଲଗାଇବା ବେଳେ ମଟରକୁ ଟେକି ରଖିବା ପାଇଁ ବ୍ୟବହୃତ ଉପକରଣ ୨. ତାସ୍ ଖେଳର ଏଗାର ନମ୍ବର ପତା ବା ଗୋଲାମ ।

**ଜେଖ୍‌ନା** *ବିଂ.* ଦୁଇ ଶାଖାରେ ବିଭକ୍ତ, ଦୁଇ ବିଭିନ୍ନ ଦିଗରେ ଯାଉଥିବା ।

**ଜେଗାଘର ବି.** ଜାଗାଘର **।**

**ଜେଜ୍, ଜେଜେ** *ବି.* ବାପାଙ୍କ ବାପା, ବୁଢ଼ାବାପା, ପିତାମହ, ବୁଢ଼ା ଦାଦା, ଜେଜେବାପା, ଗୋସିଁବାପା ।

**ଜେଜି, ଜେଜିମା, ଜେଜେମା** *ବି.* ଆଈ, ବାପାଙ୍କ ମା, ଜେଜେ ବାପାଙ୍କ ପତ୍ନୀ, ପିତାମହୀ, ବୁଢ଼ୀମା, ଗୋସି ମା ।

**ଜେଜେକାର** *ବି.* ଜୟଜୟକାର, ଜୟଧ୍ୱନି, ସ୍ତୁତିଗାନ ।

**ଜେଜେବାପା** *ବି.* ଜେଜ, ଜେଜେ, ବୁଢ଼ାବାପା ।

**ଜେଟ୍** *ବି.* ୧. ଜେଟ୍ ବିମାନ, ଜେଟ ପଦ୍ଧତିରେ ଚାଲୁଥିବା ଉଡ଼ାଜାହାଜ ଇଞ୍ଜିନ ୨. ତରଳ ପଦାର୍ଥର ତୀବ୍ର ଧାରା ।

**ଜେଟି** *ବି.* ଜାହାଜ ଘାଟର ମଞ୍ଚ, ଜଳଜାହାଜର ଯାତ୍ରୀ ତଥା ମାଲ୍‌ର ଚଢ଼ା ଉତାର ଜାଗା ।

**ଜେଠ୍** *ବି.* ୧. ଜ୍ୟେଷ୍ଠ, ବଡ଼ ୨. ଜ୍ୟେଷ୍ଠମାସ ।

**ଜେଠା** *ବି.* ୧. ବାପାଙ୍କ ବଡ଼ଭାଇ, ବଡବାପା, ଦଦେଇ, ବଡୁ ୨. ଜ୍ୟେଷ୍ଠାଂଶ ।

**ଜେଠାଇ, ଜେଠେଇ** *ବି.* ବଡ଼ବାପାଙ୍କ ବା ଜେଠାଙ୍କ ସ୍ତ୍ରୀ, ବଡ଼ମା, ବଡ଼େ ।

**ଜେଠେନ୍** *ବି.* ଜେଉଠାଣି, ଦେଢ଼ଶୁରଙ୍କ ସ୍ତ୍ରୀ, ବଡ଼ ଜା ।

**ଜେଠ୍‌ଶାଶୁ** *ବି.* ସ୍ତ୍ରୀର ବଡ଼ ଭଉଣୀ, ଦେଢ଼ଶାଶୁ ।

**ଜେଠ୍‌ଶୁର** *ବି.* ଦେଢ଼ଶୁର, ଦେଢ଼ଶ୍ୱଶୁର, ସ୍ୱାମୀର ବଡ଼ଭାଇ ।

**ଜେଠୁତା** *ବି.* ଜେଠା ।

**ଜେଠୁତାଶୁର** *ବି.* ଶଶୁରଙ୍କ ବଡ଼ଭାଇ, ବଡ଼ଶ୍ୱଶୁର ।

**ଜେତ୍** *ବି.* ଜାତି, ଜାଏତ୍ ।

**ଜେତ୍ ହେବା** *କ୍ରି.* ଜାଏତ୍ ହେବା, ଜାତିହେବା ।

**ଜେତା** *ବିଂ.* ଜୟୀ, ବିଜୟୀ, ବିଜେତା, ଯେ ଜିତିଛି ।

**ଜେନ୍** *ସ.* ଯେଉଁ, ଯାହା ।

**ଜେନ୍‌ତା** *ଅ. ସ.* ଯେଭଳି, ଯେମିତି ।

**ଜେନ** *ଅ. ସ.* ଯେଉଁଠି, ଯେଉଁଠାରେ, ଜେନ୍‌ଠାନେ ।

**ଜେନସେନ** *ଅ.* ଯେଉଁଠି ସେଇଠି, ଏଠି ସେଠି ।

**ଜେନା** *ବି.* ୧. ବଳି ୨. ଓଡ଼ିଶାରେ ପ୍ରଚଳିତ ଏକ ସାଙ୍ଗିଆ ।

**ଜେନା ଦେବା** *କ୍ରି.* ଗାତରେ ପକାଇ ତାହାର ମୁହଁକୁ ବୁଜି ଦେବା ବା ଢ଼ାଙ୍କି ଦେବା ।

**ଜେନାମଣି** *ବି.* ୧. ରଜାଙ୍କ ବଡ଼ପୁଅ, ଯୁବରାଜ, ରାଜକୁମାର ୨. ଯୁବରାଜଙ୍କ ପାଇଁ ଉଦ୍ଦିଷ୍ଟ ଶ୍ରୀମନ୍ଦିରରେ ଦ୍ୱିପ୍ରହର ଭୋଗରେ ଲାଗି ହେବା ଏକ ପ୍ରକାର ବିରି ପିଠା ।

**ଜେନେରାଲ** *ବି.* ୧. ପଦାତିକ ବାହିନୀର ମୁଖ୍ୟ, ମୁଖ୍ୟ ସେନାଧ୍ୟକ୍ଷ ୨. ସାଧାରଣ, ମାମୁଲି **ବିଂ.** ଅନୁସୂଚିତ ଜାତି/ଉପଜାତି ଭିନ୍ନ ଅନ୍ୟ ଜାତି ବା ଶ୍ରେଣୀ ।

**ଜେନେରାଲ କୋଟା** *ବି.* ସଂରକ୍ଷିତ କୋଟା ବ୍ୟତିରେକ ଅନ୍ୟମାନଙ୍କ ପାଇଁ ଉପଲବ୍ଧ ସ୍ଥାନ ।

**ଜେନେରେଟର୍** *ବି.* ବିଜୁଳି ଉତ୍ପାଦକ ଯନ୍ତ୍ର ।

**ଜେପେଇ ଆନ୍‌ବା** *କ୍ରି.* ମାଡ଼ିଆସିବା ଓ ଚାପିଦେବା, ମାଡ଼ି ବସିବା, ଚେପେଇଦେବା ।

**ଜେପେଇ ଦେବା** *କ୍ରି.* ୧. ଚାପିଦେବା, ଚେପେଇ ଦେବା ୨. ସ୍ତୁପ ବା ବଡ଼ ଗଦା ତଳେ ପୋତି ଦେବା ୩. ଜାରି ଦେବା ।

**ଜେବ୍ରା** *ବି.* ଦେହରେ ପଟା ପଟା ଡୋରା ଥିବା ଆଫ୍ରିକାର ଚତୁଷ୍ପଦ ତୃଣଭୋଜୀ ପଶୁ ବିଶେଷ ।

**ଜେବ୍ରା କ୍ରସିଙ୍ଗ୍** *ବି.* ବଡ଼ବଡ଼ ସହରରେ ଛକମାନଙ୍କରେ ପାଦଚଲା ଲୋକେ ନିରାପଦରେ ରାସ୍ତା ପାରି ହେବାର ସ୍ଥାନ -ଏହି ସ୍ଥାନରେ ରାସ୍ତା ଜେବ୍ରା ଦେହର ଧଳା ପଟାପଟା ଡୋରା ଭଳି ଚିହ୍ନିତ ହୋଇଥାଏ ।

**ଜେଭେଲିନ୍** *ବି.* ୧. ବର୍ଛା, ଭାଲ୍ଲା ୨. କ୍ରୀଡା ପ୍ରତିଯୋଗିତାରେ ଦୂରକୁ ଫିଙ୍ଗିବା ପାଇଁ ଉଦ୍ଦିଷ୍ଟ ବର୍ଛା ।

**ଜେମା** *ବି.* ରାଜକନ୍ୟା, ରାଜକୁମାରୀ, ରାଜାଙ୍କ ଝିଅ, ରଜାଝିଅ ।

**ଜେମାମଣି** *ବି.* ୧. ରାଜଜେମା, ରାଜକନ୍ୟା, ରାଜକୁମାରୀ ୨. ଶ୍ରୀମନ୍ଦିରରେ ରାଜଜେମା ବା ଜେମାମଣିଙ୍କ ପାଇଁ ଉଦ୍ଦିଷ୍ଟ ଦ୍ୱିପ୍ରହର ଭୋଗରେ ଲାଗୁଥିବା ବିରିପିଠା ବିଶେଷ ।

**ଜେର** *ବି.* ୧. ଅବଶେଷ ୨. ପରପୃଷ୍ଠାର ମୂଳରେ ଲେଖା ହୋଇଥିବା ପୂର୍ବପୃଷ୍ଠାର ସଂଖ୍ୟା ବା ଅଙ୍କ ସମଷ୍ଟି ।

**ଜେରା** *ବି.* ଓକିଲଙ୍କଦ୍ୱାରା ସାକ୍ଷୀ ବା ମୁଦାଲାକୁ କଚେରିରେ ପଚରାଯିବା ପ୍ରଶ୍ନ ।

**ଜେଲ୍** *ବି.* ୧. କାରାଗାର, କଏଦଖାନା, ଜେଲ୍‌ଖାନା ୨. କାରାଦଣ୍ଡ, କଏଦ୍ ।

**ଜେଲ୍‌ଖାନା** *ବି.* ଜେଲ୍, କାରାଗାର, ବନ୍ଦୀଶାଳା, କଏଦ୍‌ଖାନା ।

**ଜେଲର୍** *ବି.* ଜେଲ୍‌ଖାନା ଦାୟିତ୍ୱରେ ଥିବା ଅଧିକାରୀ, କାରାପାଳ ।

**ଜେଲି** *ବି.* ୧. ଫଳଶସରୁ ପ୍ରସ୍ତୁତ ସୁମିଷ୍ଟ ଚଟଣି ୨. ଅର୍ଦ୍ଧତରଳ ପଦାର୍ଥ ୩. ଏକକୋଷୀ ପ୍ରାଣୀ ବିଶେଷ ।

**ଜୈତ୍ର** *ବିଂ.* ଜୟଶୀଳ, ସର୍ବଦା ଜୟଲାଭ କରୁଥିବା ; **ବି.** ପାରଦ, ମର୍କ୍ୟୁରି ।

**ଜୈନ** *ବି.* ମହାବୀର ପ୍ରବର୍ତ୍ତିତ ଧର୍ମ, ସେହି ସମ୍ପ୍ରଦାୟ ଏବଂ ଧର୍ମାବଲମ୍ବୀ ।

**ଜୈବ** *ବିଂ.* ୧. ଜୀବ ବିଷୟକ, ଜୀବ ସମ୍ବନ୍ଧିତ ୨. ଜୀବ ବା ଉଦ୍‌ଭିଦରୁ ଜାତ, ଅର୍ଗାନିକ୍ ।

**ଜୋଇଁ** *ବି.* ୧. ଜ୍ୱାଇଁ, ଝିଅର ସ୍ୱାମୀ, ଜୁଏଁ, ଜାମାତା ୨. ଭିଣୋଇ, ଗଇଁ, ଭଟୁଆ, ବଡ଼ ଭଉଣୀର ସ୍ୱାମୀ ।

**ଜୋଇଁ ଡକରା** *ବି.* ବିବାହ ପରେ ଶଶୁର ଘରକୁ ପ୍ରଥମେ ଜୋଇଁକୁ ନିମନ୍ତ୍ରଣ କରାଯିବା ବିଧି ।

**ଜୋଇଁଧରା** *ବି.* ବିବାହ ନିମନ୍ତେ ଜ୍ୱାଇଁଙ୍କୁ ନିମନ୍ତ୍ରଣ କରିବା ବିଧି ।

**ଜୋଇଁ ନିମନ୍ତ୍ରଣ** *ବି.* ଜ୍ୱାଇଁଙ୍କୁ କରାଯାଉଥିବା ବିଶେଷ ନିମନ୍ତ୍ରଣ ୨. ଜୋଇଁଧରା ।

**ଜୋଇବା** *କ୍ରି.* ଜୁଆଇବା ।

**ଜୋଏ** *ବି.* ନିଆଁ, ଜୁଏ ।

**ଜୋଏଡ଼ବି** *ବି.* ଦିଆସିଲି ପେଡ଼ି, ଆଗିପେଟି ।

**ଜୋଏଲ୍** *ବି.* ଜୁଲ୍, ପଶୁପକ୍ଷୀଙ୍କ ଯୌନ ସଙ୍ଗମ ।

**ଜୋଏଲ୍ ଯିବା** *କ୍ରି.* ଜୁଲ୍ ଯିବା ।

**ଜୋକ୍** *ବି.* ୧. ଥଟ୍ଟା ପରିହାସ, ଟାପରା, ଖେଡା ୨. ମଜାକଥା, ହସକଥା, ଚୁଟ୍‌କୁଲା ।

**ଜୋକ୍ ଛାଡ଼ିବା** *କ୍ରି.* ୧. ସାପ କାତି ଛାଡ଼ିବା ୨. ଦେହ ଉପର ଚମ ବା ଖୋଳପା ଛାଡ଼ିବା ।

**ଜୋକ** *ବି.* ୧. ନଈ ପୋଖରୀରେ ରହୁଥିବା ଅମେରୁଦଣ୍ଡୀ ରକ୍ତଶୋଷକ ପ୍ରାଣୀ ବିଶେଷ, ଜଁକ୍, ଜଳୌକା ୨. ନଛୋଡ଼ବନ୍ଧା ବ୍ୟକ୍ତି, ଥରେ କୌଣସି କାମରେ ଲାଗିଗଲେ ଶେଷ ପର୍ଯ୍ୟନ୍ତ ଛାଡୁ ନଥିବା ଲୋକ ୩. ରକ୍ତପିପାସୁ ବ୍ୟକ୍ତି, ଶୋଷକ, ଉତ୍ପୀଡ଼କ ।

**ଜୋକର୍** *ବି.* ୧. ସର୍କସ, ନାଟକ ଆଦିରେ ଦର୍ଶକଙ୍କୁ ହସାଉଥିବା ଅଭିନେତା, ବିଦୂଷକ, କ୍ଲାଉନ ୨. ମଜାକଥା ବା ଅଙ୍ଗଭଙ୍ଗୀ କରି ହସାଇବାରେ ଦକ୍ଷ ବ୍ୟକ୍ତି ୩. ତାସ୍ ଖେଳରେ ଏଗାର ନମ୍ବର ପତା, ଜେକ୍ ବା ଗୋଲାମ୍ ୪. ବୋକା ବା ହାସ୍ୟାସ୍ପଦ ଲୋକ ।

**ଜୋକିଆ** *ବି.* ୧. ସର୍ଦ୍ଦି ଯୋଗୁଁ ଦାନ୍ତ ମୂଳରେ ପ୍ରଦାହ ଏବଂ ଯନ୍ତ୍ରଣା ୨. ପଟାରେ ଫାଟ ସୃଷ୍ଟି ହେଲେ ତାହାକୁ ଯୋଡ଼ିବା ପାଇଁ ବ୍ୟବହୃତ ଦୁଇପାଖ ମୁନ ଓ ମଝି ଲମ୍ବାଥିବା ଅର୍ଦ୍ଧ ଚନ୍ଦ୍ରାକୃତି ଲୌହ ଉପକରଣ ।

**ଜୋଖ୍** *ବି.* ତଉଲ୍, ମାପ, ଓଜନ ।

**ଜୋଖା** *ବି.* ୧. ପାଣିରେ ସିଝା ଚାଉଳଚୂନା ବା ଅଟା, ଜଡେନ୍ ୨. ଜାଉ ୩. ଲୁଣ ବା ଗୁଡ଼ ମିଶା କ୍ଷୀରି ; *ବିଂ.* ସୁସ୍ଥ ସବଳ, ହୃଷ୍ଟପୁଷ୍ଟ, ଚୋଖା ।

**ଜୋଖିବା** *କ୍ରି.* ୧. ଲାଖ କରିବା, ଲକ୍ଷ୍ୟ ସ୍ଥିର କରିବା ୨. ଯୋଖିବା, ଯୋଡ଼ିବା, ସଂଯୋଗ କରିବା ।

**ଜୋଗ୍ ଛାଡ଼ିବା** *କ୍ରି.* ଜୋକ୍ ଛାଡ଼ିବା, କାତି ବା ଖୋଳପା ଛାଡ଼ିବା ।

**ଜୋଗଣ** *ବି.* ମଣୋହି, ରାଜା ମହାରାଜା ଏବଂ ବଡ଼ଲୋକ ବା ଦେବଦେବୀଙ୍କର ଭୋଜନ ।

**ଜୋଗଣିଆ, ଯୋଗାଣିଆ** *ବି.* ଦେବମନ୍ଦିରରେ ବା ବଡ଼ଲୋକଙ୍କ ଘରର ରୋଷେୟା ବା ପୂଜାରି ।

**ଜୋଗାର୍** *ବି.* ବନ୍ଧୁ ଘରକୁ ପଠାଯାଉଥିବା ପାରମ୍ପରିକ ଉପହାର ସାମଗ୍ରୀ ।

**ଜୋଛନା** *ବି.* ଜ୍ୟୋତ୍ସ୍ନା, ଚନ୍ଦ୍ରକିରଣ, ଜହ୍ନଆଲୁଅ ।

**ଜୋଟ୍ କରିବା** *କ୍ରି.* ୧. ମିଳିତ କରାଇବା ୨. ଏକତ୍ର କରିବା, ଏକଜୁଟ୍ କରିବା ।

**ଜୋଟ୍ ପଡ଼ିବା** *କ୍ରି.* ୧. ହଠାତ୍ ଭେଟିବା ୨. ଯୌନସଙ୍ଗମ ପାଇଁ ଏକାଠି ହେବା ।

**ଜୋଡ୍** *ବି.* ଜୋର, ଛୋଟ ନଈ, ନାଳ ।

**ଜୋଡ଼୍** *ବି.* ୧. ଜଥା, ଧୋତି ଏବଂ ଗାମୁଛା ବା ଦୁଇଟି ଧୋତି ଏକତ୍ର ୨. ଦୁଇଟି ଏକତ୍ର ୩. ପ୍ରାକୃତିକ ନାଳ, ଜୋର୍ ।

**ଜୋଡ଼େନ୍** *ବି.* ଯୋଡ଼େଇ, ଜୁଡେନ୍ ।

**ଜୋତ** *ବି.* ୧. ରଇତି ଜମି ୨. ଚାଷ କରିବା ବା କର୍ଷଣ ଯୋଗ୍ୟ ଜମି, ଚାଷ ଜମି ୩. ହଳ ନଙ୍ଗଳଦ୍ୱାରା ଜମି ଚଷିବା ୪. ପଶୁମାନଙ୍କୁ ବାନ୍ଧିବା ପାଇଁ ବ୍ୟବହୃତ ଝୋଟ ତିଆରି ସରୁ ଲମ୍ବା ରସି ।

**ଜୋତା** *ବି.* ୧. ପାଣ୍ଡୋଇ, ଚର୍ମପାଦୁକା, ପଣେହି ୨. (ଶିଶୁ ଭାଷା) ଜୁହାର, ନମସ୍କାର ୩. ଯୁଆଳିର ମଧ୍ୟ ଭାଗ ସହ ଶଗଡ଼ ଦଣ୍ଡା ବା ନଙ୍ଗଳ ଅଗ ବାନ୍ଧିବା ପାଇଁ ବ୍ୟବହୃତ ଦଉଡ଼ି ।

**ଜୋତିବା** *କ୍ରି.* ୧. ନଙ୍ଗଳ ପ୍ରଭୃତିକୁ ଯୁଆଳି ସହ ବାନ୍ଧିବା ୨. ହଳ କରିବା ୩. ଚାଷ କରିବା ।

**ଜୋନ୍** *ବି.* ୧. କୌଣସି କାର୍ଯ୍ୟ ପାଇଁ ବା ବିଶେଷ ଉଦ୍ଦେଶ୍ୟରେ ଚିହ୍ନିତ ଅଞ୍ଚଳ ୨. ଅଞ୍ଚଳ ।

**ଜୋର୍** *ବି.* ୧. ବଳ, ତାକତ୍, ଶକ୍ତି ୨. ତୀବ୍ରତା ୩. ଗୁରୁତ୍ୱ ୪. ବେଶି ୫. ଉଚ୍ଚସ୍ୱର ୬. ଜବରଦସ୍ତି ୭. ଜୋଡ, ଛୋଟ ପ୍ରାକୃତିକ ନାଳ ବା ନଈ ; *ବିଂ.* ୧. ବଳ ପୂର୍ବକ ୨. ତୀବ୍ର ୩. ଉଚ୍ଚ ୪. ବେଶି, ଅଧିକ, ପ୍ରଚୁର ୫. ଶୀଘ୍ର ।

**ଜୋର୍ କରି** *କ୍ରି.ବିଂ.* ଜବରଦସ୍ତି, ବଳପ୍ରୟୋଗପୂର୍ବକ ।

**ଜୋର୍ ଜବରଦସ୍ତ** *କ୍ରି.ବିଂ.* ଜୋର୍‌କରି, ବାଧ୍ୟକରି ।

**ଜୋରଦାର୍** *ବିଂ.* ୧. ପ୍ରଭାବଶାଳୀ ୨. ଶକ୍ତିଶାଳୀ, ବଳୁଆ, ପରାକ୍ରମଶାଳୀ ୩. ପ୍ରଚୁର, ଅତ୍ୟଧିକ ୪. ପ୍ରବଳ ।

**ଜୋରିମାନା** *ବି.* କୌଣସି ଅପରାଧ ପାଇଁ ଦଣ୍ଡ ସ୍ୱରୂପ ଦିଆଯାଉଥିବା ଟଙ୍କା, ଅର୍ଥଦଣ୍ଡ, ଡଣ୍ଡ ।

**ଜୋରୁ** *ବି.* ଭାର୍ଯ୍ୟା, ପତ୍ନୀ, ସହଧର୍ମିଣୀ ।

**ଜୋରୋବୋଟୋ** *ବିଂ.* ଅବ୍ୟବସ୍ଥିତ, ବିପର୍ଯ୍ୟସ୍ତ ।

**ଜୋଲାବସା** *ବି.* କନ୍ୟା ନିର୍ବନ୍ଧ, ବିବାହ ପୂର୍ବରୁ କନ୍ୟାଘରେ ବରଘର ଲୋକଙ୍କ ଉପସ୍ଥିତିରେ ଅନୁଷ୍ଠିତ ପିନ୍ଧାଣି ଉତ୍ସବ ।

**ଜୋଲା ବସାବା** *କ୍ରି.* କନ୍ୟା ନିର୍ବନ୍ଧ କରିବା ।

**ଜୋସ୍** *ବି.* ଉତ୍ସାହ, ଉଦ୍ଦୀପନା, ଆଗ୍ରହ ।

**ଜୋଲା, ଜୋହ୍ଲା** *ବି.* ମୁସଲମାନ ତନ୍ତୀ ସମ୍ପ୍ରଦାୟ ।

**ଜୋଷା, ଜୋଷିତା** *ବି.* ୧. ନାରୀ ୨. ସ୍ତ୍ରୀ ।

**ଜ୍ୟା** ***ବି.*** ୧. *ଜ୍ୟାମିତି* ବୃତ୍ତର ଦୁଇ ବିନ୍ଦୁକୁ ସଂଯୋଗ କରୁଥିବା (ବ୍ୟାସଭିନ୍ନ) ସରଳରେଖା ୨. ଧନୁର ଗୁଣ ୩. ପୃଥିବୀ, ବସୁମତୀ ୪. ମା, ମାତା, ଜନନୀ ।

**ଜ୍ୟାମିତି** ***ବି.*** ରେଖା, କୋଣ, ସମତଳ ଏବଂ ଘନ ପଦାର୍ଥର ମାପ, ପରିସୀମା, କ୍ଷେତ୍ରଫଳ ତଥା ପରସ୍ପର ସମ୍ବନ୍ଧ ସମ୍ପର୍କିତ ଗଣିତ ଶାସ୍ତ୍ର, କ୍ଷେତ୍ରତତ୍ତ୍ୱ, ଜିଓମେଟ୍ରି ।

**ଜ୍ୟାମିତିକ** ***ବିଂ.*** ଜ୍ୟାମିତି ସମ୍ବନ୍ଧିତ, ଜ୍ୟାମିତି ସଂକ୍ରାନ୍ତ, ଜ୍ୟାମିତି ଘଟିତ ।

**ଜ୍ୟେଷ୍ଠ** ***ବି.*** ୧. ଓଡ଼ିଆ ବର୍ଷର ଦ୍ୱିତୀୟ ମାସ, ଜେଠ୍ ମାସ ; ***ବିଂ.*** ୧. ଅଗ୍ରଜ, ପଢୁଆଁ, ପରୁହାଁ ୨. ସମସ୍ତଙ୍କଠାରୁ ବୟସରେ ବଡ଼ ୩. ପ୍ରବୀଣ, ପ୍ରାଚୀନ ।

**ଜ୍ୟେଷ୍ଠ ଶ୍ୱଶୁର** ***ବି.*** ଜେଠୁତାଶୁର, ବଡ଼ ଶଶୁର ।

**ଜ୍ୟେଷ୍ଠ ଶ୍ୱଶ୍ରୂ** ***ବି.*** ଜେଠଶାଶୁ, ଦେଢ଼ ଶାଶୁ ।

**ଜ୍ୟେଷ୍ଠା** ***ବିଂ.*** ୧. ଅଗ୍ରଜା, ବୟସରେ ବଡ଼, ଆଗରୁ ଜନ୍ମିତ ୨. ସବୁଠାରୁ ବଡ଼ ଝିଅ ; ***ବି.*** ୧. ଜ୍ୟୋତିଷ ଶାସ୍ତ୍ର ଅନୁସାରେ ନକ୍ଷତ୍ର ବିଶେଷ ୨. ହାତର ମଝି ବା ମଧ୍ୟମା ଆଙ୍ଗୁଠି ୩. ଝିଟିପିଟି ।

**ଜ୍ୟେଷ୍ଠାଂଶ** ***ବି.*** ପୈତୃକ ସମ୍ପତ୍ତି ବଣ୍ଟନରେ ବଡ଼ଭାଇର ପ୍ରାପ୍ୟ ଅଧିକା ଭାଗ ।

**ଜ୍ୟୋତିଃଶାସ୍ତ୍ର** ***ବି.*** ଗ୍ରହ ନକ୍ଷତ୍ରଙ୍କ ଗତି ଓ ଅବସ୍ଥିତି ଆଦି ବିଷୟକ ଗ୍ରନ୍ଥ ।

**ଜ୍ୟୋତି, ଜ୍ୟୋତିଃ** ***ବି.*** ୧. ଦୀପ୍ତି, ତେଜ, ଉଜ୍ଜ୍ୱଳତା ୨. ଆଲୋକ ୩. ଦୃଷ୍ଟିଶକ୍ତି ୪. ଚୈତନ୍ୟ ୫. ଅଗ୍ନି, ନିଆଁ ୬. ସୂର୍ଯ୍ୟ ୭. ଗ୍ରହ ୮. ନକ୍ଷତ୍ର ।

**ଜ୍ୟୋତିରିଙ୍ଗ, ଜ୍ୟୋତିରିଙ୍ଗଣ** ***ବି.*** ଜୁଳୁଜୁଳିଆ ପୋକ, ଖଦ୍ୟୋତ ।

**ଜ୍ୟୋତିର୍ବିଜ୍ଞାନ, ଜ୍ୟୋତିର୍ବିଦ୍ୟା** ***ବି.*** ଜ୍ୟୋତିଃଶାସ୍ତ୍ର ।

**ଜ୍ୟୋତିର୍ବିତ୍** ***ବି.*** ଜ୍ୟୋତିଷୀ, ଜ୍ୟୋତିଷ,ଗଣକ ; ***ବିଂ.*** ଜ୍ୟୋତିଷ ଶାସ୍ତ୍ରରେ ଅଭିଜ୍ଞ ।

**ଜ୍ୟୋତିର୍ମଣ୍ଡଳ** ***ବି.*** ଆକାଶମଣ୍ଡଳ, ନଭୋମଣ୍ଡଳ, ଗ୍ରହନକ୍ଷତ୍ରାଦିଙ୍କ ସଞ୍ଚାର ସ୍ଥଳ ।

**ଜ୍ୟୋତିର୍ମୟ** ***ବିଂ.*** ଜ୍ୟୋତିରେ ଉଦ୍‌ଭାସିତ, ତେଜଃପୂର୍ଣ୍ଣ, ଦୀପ୍ତ, ପ୍ରଦୀପ୍ତ ।

**ଜ୍ୟୋତିଶ୍ଚକ୍ର** ***ବି.*** ରାଶିଚକ୍ର, ଗ୍ରହନକ୍ଷତ୍ରଙ୍କ ଗତିର ଚକ୍ର, ଜୋଡ଼ିଆକ୍ ।

**ଜ୍ୟୋତିଷ** ***ବି.*** ଜ୍ୟୋତିଷୀ, ଜ୍ୟୋତିଷ ଶାସ୍ତ୍ରରେ ଅଭିଜ୍ଞ ବ୍ୟକ୍ତି, ଜ୍ୟୋତିର୍ବିଦ୍ୟା ଅନୁସାରେ ମଣିଷର ଭାଗ୍ୟଫଳ ଗଣନାକାରୀ ।

**ଜ୍ୟୋତିଷୀ** ***ବି.*** ଜ୍ୟୋତିଷ, ଜ୍ୟୋତିଷ ଶାସ୍ତ୍ରରେ ପଣ୍ଡିତ ; ***ବିଂ.*** ଜ୍ୟୋତିଷ ଶାସ୍ତ୍ର ଆଲୋଚନାକାରୀ ।

**ଜ୍ୟୋତିଷ୍କ** ***ବି.*** ଗ୍ରହ, ନକ୍ଷତ୍ର, ସୂର୍ଯ୍ୟ, ଚନ୍ଦ୍ର, ଧୂମକେତୁ ପ୍ରଭୃତି ଜ୍ୟୋତିର୍ମୟ ପିଣ୍ଡ ।

**ଜ୍ୟୋତିଷ୍ମାନ** ***ବିଂ.*** ଖୁବ୍ ଉଜ୍ଜ୍ୱଳ, ଦୀପ୍ତିମାନ, ସମୁଜ୍ଜ୍ୱଳ ; ***ବି.*** ୧. ସୂର୍ଯ୍ୟ ୨. ସ୍ଫଟିକ ୩. ଉଜ୍ଜ୍ୱଳମଣି ।

**ଜ୍ୟୋତ୍ସ୍ନା** ***ବି.*** ଚନ୍ଦ୍ରକିରଣ, ଜନ୍‌ଉଜିଆ ।

**ଜ୍ୱର** ***ବି.*** ଜର, ଦେହରେ ତାପ ଆସିବା ରୋଗ ।

**ଜ୍ୱରାକ୍ରାନ୍ତ** ***ବିଂ.*** ଜ୍ୱର ରୋଗରେ ଆକ୍ରାନ୍ତ, ଜର ଭୋଗୁଥିବା, ଜ୍ୱରରେ ପୀଡ଼ିତ ।

**ଜ୍ୱରାତିସାର** ***ବି.*** ଜ୍ୱର ଓ ଅତିସାର ଏକତ୍ର ହେବା ରୋଗ, ଟାଇଫଏଡ, ଆନ୍ତ୍ରିକଜ୍ୱର ।

**ଜ୍ୱଳନ** ***ବି.*** ୧. ଜଳିବା, ଦହନ, ପୋଡ଼ିବା ୨. ଅଗ୍ନି ।

**ଜ୍ୱଳନ୍ତ** ***ବିଂ.*** ଜଳନ୍ତା, ଜଳୁଥିବା, ପ୍ରଜ୍ୱଳିତ ୨. ଜାଜ୍ୱଲ୍ୟମାନ, ଅତି ଉଜ୍ଜ୍ୱଳ ୩. ସୁସ୍ପଷ୍ଟ, ସ୍ପଷ୍ଟ ଭାବରେ ଦେଖାଯାଉଥିବା (*ଉଦା.* ଜ୍ୱଳନ୍ତ ଉଦାହରଣ) ।

**ଜ୍ୱାଳା** ***ବି.*** ୧. ଜାଳା, ଜଳା ୨. ସନ୍ତାପ, ଦୁଃଖଦାୟକ କଥା, ବିଷୟ ବା ଘଟଣା ୩. ଦାହ, ଅଗ୍ନିଶିଖା ।

# ଜ୍ଞ

**ଜ୍ଞ** ***ପ.ପ୍ର*** ଜ୍ଞାନୀ, ଜାଣିବା ବା ଜାଣିଥିବା ବ୍ୟକ୍ତି, (*ଉଦା.* ଅଭିଜ୍ଞ, ବିଶେଷଜ୍ଞ); ***ବି.*** ବୁଧଗ୍ରହ ।

**ଜ୍ଞା** ***ବି.*** ଜ୍ଞାନ, ପ୍ରଜ୍ଞା ।

**ଜ୍ଞାତ** ***ବିଂ.*** ଜଣା, ଅବଗତ, ଜାଣିଥିବା, ବିଦିତ ।

**ଜ୍ଞାତବ୍ୟ** ***ବିଂ.*** ଜାଣିବାର ଯୋଗ୍ୟ, ଜାଣିବାର ପ୍ରୟୋଜନୀୟ ।

**ଜ୍ଞାତସାର(ରେ)** ***କ୍ରି.ବିଂ.*** ଜାଣତ(ରେ), ଜାଣିଶୁଣି, ଅଜ୍ଞାନ ବା ଭୁଲ୍ ଯୋଗୁଁ ନୁହେଁ ।

**ଜ୍ଞାତା** ***ବିଂ.*** ଯେ ଜାଣେ, ଜାଣିଥିବା, ଜ୍ଞାନବନ୍ତ ।

**ଜ୍ଞାତି** ***ବି.*** ଏକ ବଂଶର ଏବଂ ଏକ ଗୋତ୍ରର ନିକଟ ସମ୍ପର୍କୀୟ ଲୋକ, ଭାଇଆ, ଆତ୍ମୀୟ ।

**ଜ୍ଞାତିକୁଟୁମ୍ବ** ***ବି.*** ଘରଲୋକ ଓ ଆତ୍ମୀୟସ୍ୱଜନ, ନିଜ ବଂଶ ଓ ଗୋତ୍ରର ଲୋକଙ୍କ ସହ ଆତ୍ମୀୟଲୋକ, ପରିବାରର ଲୋକ ଏବଂ ନିକଟ ସ-ର୍କୀୟମାନେ ।

**ଜ୍ଞାନ** ***ବି.*** ୧. ଅନୁଭୂତିରୁ ବା ଅନ୍ୟ ସୂତ୍ରରୁ କୌଣସି ବିଷୟରେ ଜାଣିଥିବା କଥା ୨. ତତ୍ତ୍ୱ ବା ତଥ୍ୟ ୩. ପାଣ୍ଡିତ୍ୟ ୪. ବୋଧ, ବୁଝିବା ଶକ୍ତି ୫. ଅବଗତି, ଜାଣତ ୬. ଅନୁଭୂତି ୭. ଚେତନା, ସଂଜ୍ଞା ୮. ଅକଲ, ବୁଦ୍ଧି ୯. ହିତାହିତ ବିବେଚନା, ଭଲମନ୍ଦ ବିଚାର ଶକ୍ତି ୧୦. ପରମତତ୍ତ୍ୱ, ପରମାତ୍ମା ବା ଈଶ୍ୱର ସମ୍ବନ୍ଧିତ ଉପଲବ୍ଧି ।

**ଜ୍ଞାନକାଣ୍ଡ** ***ବି.*** ବେଦର ତତ୍ତ୍ୱଜ୍ଞାନ ବିଷୟକ ଅଂଶ (ଉପନିଷଦ ଆଦି) ।

**ଜ୍ଞାନଗମ୍ୟ** ***ବିଂ.*** ଯାହା ଜ୍ଞାନଦ୍ୱାରା ବୁଝିହୁଏ, ଜ୍ଞାନ ମାଧ୍ୟମରେ ବୁଝିହେବା ଯୋଗ୍ୟ ।

**ଜ୍ଞାନଚକ୍ଷୁ** ***ବି.*** ଅନ୍ତର୍ଦୃଷ୍ଟି, ପରମତତ୍ତ୍ୱ ବା ପରମସତ୍ୟ ସମ୍ବନ୍ଧରେ ଚେତନା ।

**ଜ୍ଞାନତଃ** ***କ୍ରି.ବିଂ.*** ଜାଣତରେ, ଜାଣିଶୁଣି, ଜ୍ଞାତସାରରେ ।

**ଜ୍ଞାନତୃଷ୍ଣା** ***ବି.*** ଜ୍ଞାନଅର୍ଜନ ପାଇଁ ପ୍ରବଳ ଇଚ୍ଛା ବା ଆଗ୍ରହ ।

**ଜ୍ଞାନଦନ୍ତ** ***ବି.*** ଅକଲଦାନ୍ତ, ମଣିଷର ପରିଣତ ବୟସରେ ଉଠୁଥିବା କଳଦାନ୍ତ ।

**ଜ୍ଞାନବାନ୍** ***ବି.ବିଂ.*** ଯାହାର ଜ୍ଞାନ ଅଛି, ବିଦ୍ୱାନ୍, ଜ୍ଞାନବନ୍ତ, *ସ୍ତ୍ରୀ.* ଜ୍ଞାନବତୀ ।

**ଜ୍ଞାନଯୋଗ** ***ବି.*** ଭଗବଦ୍ ଗୀତାରେ ଶ୍ରୀକୃଷ୍ଣ ନିର୍ଦ୍ଦେଶ କରିଥିବା ତିନି ଯୋଗ ମଧ୍ୟରେ ଅନ୍ୟତମ- ବ୍ରହ୍ମ ଜ୍ଞାନ; ବ୍ରହ୍ମଜ୍ଞାନ ବା ଭଗବଦ୍ ଜ୍ଞାନ ମାଧ୍ୟମରେ ଈଶ୍ୱର ଲାଭ, ସେହି ପ୍ରକ୍ରିୟା, ସେହି ତପଃ ବା ପ୍ରୟାସ ।

**ଜ୍ଞାନୀ** ***ବି.ବିଂ.*** ୧. ଯେ ଜ୍ଞାନ ଅର୍ଜନ କରିଛି, ବିଜ୍ଞ, ପଣ୍ଡିତ ୨. ବିଚାରବାନ ୩. ତତ୍ତ୍ୱଜ୍ଞ ।

**ଜ୍ଞାନେନ୍ଦ୍ରିୟ** ***ବି.*** ଆଖି, କାନ, ନାକ, ଜିଭ ଓ ଚମ - ଏହି ପାଞ୍ଚଟି ଇନ୍ଦ୍ରିୟ, ଯାହା ସାହାଯ୍ୟରେ ମଣିଷ ଜ୍ଞାନ ଅର୍ଜନ କରିଥାଏ ।

**ଜ୍ଞାପକ** ***ବି.*** ୧. ଯେ ଜଣାଏ ୨. ଯାହା ଜଣାଏ ୩. ଯାହା ମାଧ୍ୟମରେ ଜାଣି ହୁଏ, ବୋଧକ, ଦ୍ୟୋତକ ।

**ଜ୍ଞାପନ** ***ବି.*** ଜଣାଇବା, ନିବେଦନ ।

**ଜ୍ଞାପୟିତା** ***ବି.ବିଂ.*** ଜ୍ଞାପକ, ଯେ ଜଣାଏ, *ସ୍ତ୍ରୀ.* ଜ୍ଞାପୟିତ୍ରୀ ।

**ଜ୍ଞାପିତ** ***ବିଂ.*** ୧. ଜଣାଇ ଦିଆଯାଇଥିବା, ଯାହା ଜଣାଇ ଦିଆଯାଇଛି ୨. ନିବେଦିତ ।

**ଜ୍ଞେୟ** ***ବିଂ.*** ଜ୍ଞାତବ୍ୟ, ଯାହା ଜାଣିବା ଉପଯୋଗୀ, ଯାହା ଜାଣିବା ଯୋଗ୍ୟ ।

# ଝ

**ଝ** ***ବି.*** ଓଡ଼ିଆ ବର୍ଣ୍ଣମାଳାର ନବମ ବ୍ୟଞ୍ଜନ ବର୍ଣ୍ଣ ।
**ଝଁକା** ***ବି.*** ପଶୁପକ୍ଷୀ ଶିକାର ଉଦ୍ଦେଶ୍ୟରେ ଶିକାରୀ ନିଜକୁ ଲୁଚାଇ ରଖିବା ପାଇଁ ତିଆରି କରିଥିବା କୁଡ଼ିଆ କିମ୍ବା ଗାତ।
**ଝଁଟ୍** ***ବି.*** ଲମ୍ବା ଡାଳର ବାଡ଼ି ।
**ଝଁଟା** ***ବି.*** ଗଛର ଅତି ସାନ ପ୍ରଶାଖା।
**ଝଁପି** ***ବି.*** ପେଡ଼ି ।
**ଝଁପେଇ ହେବା** ***କ୍ରି.*** ୧. ଝାସ ଦେବା, ଲମ୍ଫ ପ୍ରଦାନ କରିବା ୨. (ଶିଶୁ) କାହା ପାଖକୁ ଯିବା ପାଇଁ ଅଙ୍ଗଭଙ୍ଗୀ କରିବା।
**ଝଅଁଲାବା** ***କ୍ରି.*** ୧. ଅଗ୍ନିଶିଖାରେ ଅଳ୍ପ ପୋଡ଼ିବା ୨. ଆଖିକୁ ଅଳ୍ପ ଦେଖାଯିବା।
**ଝଅଟ** ***କ୍ରି.ବିଂ.*** ଶୀଘ୍ର, ଚଞ୍ଚଳ।
**ଝକ୍** ***ବି.*** ଝଟକ, ଦୀପ୍ତି ।
**ଝକ୍‌ଝକ୍** ***ବି.*** ଦରଦାମ୍‌ରେ ବାରମ୍ବାର ଓଜରଆପତ୍ତି, ଝିକିରି ଝିକିରି, ଯୁକ୍ତିତର୍କ; ***ବିଂ.*** ଜକଜକ, ଚକଚକିଆ, ଉଜ୍ଜ୍ୱଳ ।
**ଝକ୍‌ଝକାବା** ***କ୍ରି.*** ଚକଚକ, ଉଜ୍ଜ୍ୱଳ ବା ଆକର୍ଷଣୀୟ ଦେଖାଯିବା।
**ଝକ୍‌ଝକିଆ** ***ବିଂ.*** ୧. ଝଟକୁଥିବା, ଚିକିମିକିଆ ୨. କଳିହା ।
**ଝକ୍‌ଝେର** ***ବିଂ.*** ପ୍ରଚୁର, ଅତ୍ୟଧିକ।
**ଝକ୍‌ମାରି** ***ବି.*** ୧. ନିଷ୍ଫଳ କାର୍ଯ୍ୟ ୨. ଅପରାଧ ୩. ତ୍ରୁଟି ।
**ଝକ୍ ମାରିବା** ***କ୍ରି.*** ୧. ମନରେ ଆକସ୍ମିକ ଆଲୋଡ଼ନ ସୃଷ୍ଟିହେବା ୨. ବିନା କାମରେ ଅପେକ୍ଷା କରିବା ୩. ନିଜକୁ ଉପେକ୍ଷିତ ମନେ କରିବା ।
**ଝକ୍‌ଲାବା** ***କ୍ରି.*** କୌଣସି ବ୍ୟକ୍ତିକୁ କାଳିସୀ ଲାଗିବା।
**ଝକମକ** ***ବିଂ.*** ଚକମକିଆ, ଆକର୍ଷଣୀୟ ।
**ଝକମକି** ***ବି.*** ଚକମକି, ଏକ ପ୍ରକାର ପଥର, ଦୁଇ ପଥରକୁ ପରସ୍ପର ବାଡେଇଲେ ବା ଘଷିଲେ ନିଆଁ ବାହାରେ ।
**ଝକା** ***ବି.*** କାଳିସୀ ଲାଗିବା ବ୍ୟକ୍ତିର ଘାଗରା ଭଳି ପରିଧେୟ।
**ଝକାଝକ୍** ***ବିଂ.କ୍ରି.ବିଂ.*** ୧. ସୁନ୍ଦର, ମନଲୋଭା, ଜାକଜମକିଆ, ଆଡ଼ମ୍ବରମୟ ୨. ଶୀଘ୍ର ୩. ନିପୁଣତାର ସହିତ ।
**ଝଗଡ଼** ***ବିଂ.*** ଭୁଲ୍, ଭ୍ରାନ୍ତିପୂର୍ଣ୍ଣ ।
**ଝଗଡ଼ା** ***ବି.*** କଳି, ବିବାଦ ।
**ଝଗଡ଼ା ଲଗାଇବା** ***କ୍ରି.*** ଦୁଇପକ୍ଷ ମଧ୍ୟରେ କଳି ଲଗାଇବାର ସୁଯୋଗ ସୃଷ୍ଟି କରିବା ।
**ଝଗଡ଼ି** ***ବିଂ.ବି.*** ୧. କଳିଆ ୨. ଏକଜିଦିଆ ।
**ଝଗଡ଼ିଆ** ***ବିଂ.*** ୧. କଜିଆଖୋର୍, କଳିହୁଡ଼ା, ଯେ ଝଗଡା କରେ ୨. ଜିଦିଆ ।
**ଝଗଡ଼ି ହେବା** ***କ୍ରି.*** ୧. ଅକାରଣରେ ଧନ୍ଦି ହେବା ବା କଷ୍ଟ ପାଇବା ୨. ଝଗଡ଼ା କରିବା ।
**ଝଗଡୁ** ***ବିଂ.*** କଳିହୁଡା, କଳହପ୍ରିୟ ।
**ଝଗୁଆ** ***ବି.*** ମାଟିବୋହିବା ଡାଲା।
**ଝଙ୍ଗା** ***ବିଂ.*** ଝଙ୍ଗାଳିଆ,ବହୁ ଶାଖାପ୍ରଶାଖା ଓ ପତ୍ରପୂର୍ଣ୍ଣ; ***ବି.*** ବାଉଁଶ ତିଆରି ବଡ଼ ଝୁଡ଼ି, ଝୋଲ।
**ଝଙ୍ଗାଝୋର, ଝଙ୍କଝୋର୍** ***ବିଂ.*** ପ୍ରଚୁର, ଯଥେଷ୍ଟ, ଅତ୍ୟଧିକ (ବର୍ଷା) ।
**ଝଙ୍କାର** ***ବି.*** ୧. ବୀଣା ଆଦି ତାର ଯନ୍ତ୍ରର ଧ୍ୱନି ୨. ଝନଝନ ଶବ୍ଦ ୩. ଶ୍ରୁତିମଧୁର ବା ସାଙ୍ଗୀତିକ ଧ୍ୱନି ।
**ଝଙ୍କାରିତ** ***ବିଂ.*** ଶବ୍ଦାୟିତ, ଝଙ୍କାରଯୁକ୍ତ ।
**ଝଙ୍କାରିବା** ***କ୍ରି.*** ଧ୍ୱନି ସୃଷ୍ଟି କରିବା, ଶବ୍ଦାୟିତ କରିବା ।
**ଝଙ୍କାଳିଆ** ***ବିଂ.*** ଝାମ୍ପୁରା, ଛତାପରି ବିସ୍ତାରିତ ।
**ଝଙ୍କୃତ** ***ବିଂ.*** ଗୁଞ୍ଜରିତ, ଧ୍ୱନିତ ।
**ଝଜ୍‌ରା** ***ବି.*** ବୁଦାଳିଆ ବା ଘଞ୍ଚ ଭାବରେ ପ୍ରସାରିତ।
**ଝଞ୍ଜଟ** ***ବି.*** ୧. ଗୋଳମାଳ ୨. ଲେଞ୍ଜରା, ସମସ୍ୟା, ଜଞ୍ଜାଳ ୩. ଝିଂଝୋଟି, ବାଦ୍ୟର ତାଳ ବିଶେଷ ।
**ଝଞ୍ଜଟିଆ** ***ବିଂ.*** ୧. ଗୋଳମାଳିଆ, ସମସ୍ୟାଯୁକ୍ତ ୨. ଝିଞ୍ଜଟକାରୀ ବା ଜଞ୍ଜାଳିଆ ।
**ଝଞ୍ଜା** ***ବି.*** ୧. ବିନା ବର୍ଷାରେ ଧୂଳିଉଡ଼ି ପ୍ରବଳ ବେଗର ପବନ ୨. ଝାଞ୍ଜି ।
**ଝଞ୍ଜାନିଳ, ଝଞ୍ଜାବାତ** ***ବି.*** ଗରମପବନ ।
**ଝଞ୍ଜାବର୍ତ୍ତ** ***ବି.*** ଲୁ, ଆଁଧି, ଝାଂଜି, ପ୍ରବଳ ବେଗରେ ବହୁଥିବା ଗରମ ପବନ, ଭଉଁରି କାଟୁଥିବା ଖଣ୍ଡିଆ ଭୂତ ।
**ଝଞ୍ଜିର** ***ବି.*** ୧. ଶିକୁଳି, ଛିଟିକିଣି, ଜଞ୍ଜିର ୨. ପରସ୍ପର ସହିତ ଛନ୍ଦା ହୋଇଥିବା ଲମ୍ବ ଶିକୁଳିମାଳ, ଚେନ୍ ।
**ଝଟ, ଝଅଟ୍** ***କ୍ରି.ବିଂ.*** ଚଞ୍ଚଳ, ତୁରନ୍ତ, ଚାଣ୍ଡେ, ବେଗେ, ଶୀଘ୍ର, ଅବିଳମ୍ବେ ।
**ଝଟକ** ***ବି.*** ୧. ଚମକ, ଉଜ୍ଜ୍ୱଳତା, ଆଭା, ଦୀପ୍ତି ୨. କାନ୍ତି, ଶୋଭା।
**ଝଟକା** ***ବି.*** ୧. ହଠାତ ଆକର୍ଷ ବା ଆଘାତ ୨. ଏକ୍କା ଗାଡ଼ି, ଗୋଟିଏ ଘୋଡ଼ା ବା ଗୋଟିଏ ବଳଦ ଟଣା ଗାଡ଼ି ।
**ଝଟକିବା** ***କ୍ରି.*** ଅତି ଉଜ୍ଜ୍ୱଳ ଦେଖାଯିବା, ଆକର୍ଷଣୀୟ ହେବା, ଜାଜ୍ୱଲ୍ୟମାନ ହେବା ।

**ଝଟଝଟ** ***କ୍ରି.ବିଂ.*** ଅତିଶୀଘ୍ର, ଝଟଝାଟ, *ବିଂ.* ଉଜ୍ଜ୍ୱଳ ।

**ଝଟଝଟିଆ** ***ବି.*** ବଡ଼ିଭୋର, ଉଷାକାଳ, ବ୍ରାହ୍ମମୁହୂର୍ତ୍ତ ।

**ଝଟଝାଟ** ***କ୍ରି.ବିଂ.*** ଶୀଘ୍ର, ଝଟ୍‌ଝଟ୍ ।

**ଝଟତି, ଝଟିତି** ***କ୍ରି.ବିଂ.*** କାଳବିଳମ୍ବ ନକରି, ବେଗି, ଶୀଘ୍ର, ଜଲଦି ।

**ଝଟା** ***ବି.*** ୧. କୌଣସି ସ୍ଥାନକୁ ଆବାଦ କରିବା ପାଇଁ ପୋଡାଯାଇଥିବା ଶୁଖିଲା ଝାମ୍ପୁରା ଡାଳ ୨. ଶିମ୍ବ, ସେମି ।

**ଝଟାପଟା** ***ବିଂ.*** ଗୁଡ଼େଇ ତୁଡେଇ ହୋଇ ଲାଗି ରହିଥିବା କଳି ; ***ବି.*** ଛିଣ୍ଡୁନଥିବା କଳି ବା ଝଗଡ଼ା ।

**ଝଟାଳିଆ** ***ବିଂ.*** ସରୁସରୁ ଶାଖା ପ୍ରଶାଖାଯୁକ୍ତ ।

**ଝଟିକା** ***ବି.*** ୧. ଝଡ଼ତୋଫାନ ୨. ବାତ୍ୟା ୩. ପ୍ରବଳ ବାୟୁ ପ୍ରବାହ ।

**ଝଡ଼କା** ***ବି.*** ଶସ୍ୟ କ୍ଷେତରୁ ପଶୁପକ୍ଷୀ ଘଉଡ଼ାଇବା ପାଇଁ ବ୍ୟବହୃତ ଲମ୍ବା ରସି, କାଠଖଣ୍ଡ ଓ ଟିଣ ଚାଦରରେ ତିଆରି ଉପକରଣ (ରସି ଟାଣିଲେ ଟିଣରେ କାଠ ବାଜି ଶବ୍ଦ ହୁଏ ଓ ପଶୁପକ୍ଷୀ ଭୟରେ ଚାଲିଯାନ୍ତି) ।

**ଝଡ଼ା** ***ବିଂ.*** ୧. ଗଛ ଦେହରୁ ବିଯୁକ୍ତ ହୋଇଥିବା ଲତା ୨. ସଫା ହୋଇଥିବା ; ***ବି.*** ୧. ଅଳିଆ ସଫେଇ ୨. ଝାଡ଼ିବା ପ୍ରକ୍ରିୟା, ବିଷ ଛଡ଼ାଇବା କାର୍ଯ୍ୟ ୩. ବାଳୁଙ୍ଗାଧାନ ।

**ଝଡ଼ାକାଠ** ***ବି.*** ଜାଳେଣି ବ୍ୟବହାର ଉପଯୋଗୀ ଶୁଖିଲାକାଠ ।

**ଝଡ଼ାଝଡ଼ି** ***କ୍ରି.ବିଂ.*** ୧. ସଫାସୁତୁରା କରିବା ପାଇଁ ଝାଡ଼ିବା ବା ଝାଡୁ କରିବା ୨. କଥିତ ଅପଶକ୍ତିର ସଂକ୍ରମଣରୁ ଦେହକୁ ମୁକ୍ତ କରିବାପାଇଁ ପ୍ରୟୋଗ କରାଯାଉଥିବା ଗାରେଡ଼ି ବିଦ୍ୟା ।

**ଝଡାଫୁଙ୍କା** ***ବି.*** ରୋଗ ବା ପ୍ରେତପିଶାଚ ପ୍ରଭୃତିଙ୍କ କଥିତ ପ୍ରଭାବରୁ ମୁକ୍ତକରିବା ପାଇଁ ମନ୍ତ୍ର ସହ ଝାଡ଼ିବା ବା ଫୁଙ୍କିବା ।

**ଝଡ଼ା ବେସର** ***ବି.*** ପରିବା ଏବଂ ବେସର (ସୋରିଷ ବଟା) ସହ କଣ୍ଟା ଝାଡ଼ି ଦିଆହୋଇଥିବା ମାଛ ଖରଡ଼ାର ତରକାରୀ ।

**ଝଡ଼ାମହୁର** ***ବି.*** କଣ୍ଟା ବାହାର କରାଯାଇଥିବା ମାଛର ଖରଡା ସହ ପରିବା ମିଶାଇ ଘାଣ୍ଟ ତରକାରି ।

**ଝଡ଼ି** ***ବି.*** ଲଗାଣବର୍ଷା, ଝଏର୍, ଅବିଶ୍ରାନ୍ତ ବୃଷ୍ଟିପାତ ।

**ଝଡ଼ିଆ** ***ବିଂ.*** ଲଗାଣ ବା ଲଗାତାର ବର୍ଷା ହେଉଥିବା (ପାଗ) ।

**ଝଡ଼ିପୋକ, ଝରିପୋକ** ***ବି.*** ବର୍ଷାଋତୁରେ, ବିଶେଷକରି ବର୍ଷା ହେଉଥିବା ସମୟରେ ଦେଖାଯାଉଥିବା ଡେଣା ଲାଗି ଥିବା ପୋକ, ବତର୍‌କେଲି, ବତରିକିରା, କଲେଇ ।

**ଝଡ଼ିବା** ***କ୍ରି.*** ଗଛ ପ୍ରଭୃତିରୁ ପତ୍ର, ଫଳ ଓ ଫୁଲ ପ୍ରଭୃତି ତଳକୁ ଖସିବା ବା ପଡ଼ିବା ।

**ଝଡ଼ିଯିବା** ***କ୍ରି.*** ସ୍ୱାସ୍ଥ୍ୟହାନି ଘଟିବା, ଶୁଖିଯିବା ।

**ଝଡ଼ିଲଗାଣ** ***ବି.*** ଅବିରତ ବର୍ଷା ପବନ କିଛି ଦିନ ପର୍ଯ୍ୟନ୍ତ ଲାଗିରହିବା ।

**ଝଡ଼େଇନେଦା** ***ବି.*** ଚଡ଼େଇ ନେଦା, ଏକପ୍ରକାର ଶୁଖିଲା ମିଷ୍ଟାନ୍ନ ।

**ଝଣତ୍‌କାର** ***ବି.*** ଝନ୍‌ଝନ୍ ଶବ୍ଦ, ଅସ୍ତ୍ରଶସ୍ତ୍ରର ପରସ୍ପର ଆଘାତଦ୍ୱାରା ସୃଷ୍ଟି ହେଉଥିବା ଧ୍ୱନି, ଧାତବ ପଦାର୍ଥ ସୃଷ୍ଟ ଶବ୍ଦ ।

**ଝଣ୍ଡା** ***ବି.*** ବାନା, ଧ୍ୱଜା, ପତାକା ।

**ଝଣ୍ଡି** ***ବି.*** ଛୋଟ ପତାକା ।

**ଝନ୍‌ଝକ୍** ***ବି.*** ଭୁତପ୍ରେତାଦିଙ୍କ (କଥିତ) ପ୍ରଭାବ ।

**ଝନ୍‌ଝନା** ***ବିଂ.*** ସମ୍ପୂର୍ଣ୍ଣ ଶୁଖିଲା ଓ ପରିଷ୍କାର ପରିଚ୍ଛନ୍ନ ।

**ଝନ୍‌ଝନେଇ ଯିବା** ***କ୍ରି.*** ହଠାତ୍ ଆଘାତ ପାଇବା ଯୋଗୁଁ ଯନ୍ତ୍ରଣା ହେବା ।

**ଝନତ୍‌କାର** ***ବି.*** ଝମକିବା ଧାତୁପାତ୍ର ପଡ଼ିବାର ଶବ୍ଦ, ଝଣଝଣ ଧ୍ୱନି ।

**ଝପ୍‌କରି** ***କ୍ରି.ବିଂ.*** ତୁରନ୍ତ, ଚଞ୍ଚଳ, ଝଅଟ, ଶୀଘ୍ର ।

**ଝପ** ***କ୍ରି.ବିଂ.*** ଶୀଘ୍ର, ଚଞ୍ଚଳ ।

**ଝପଝପ** ***କ୍ରି.ବି.*** ଦ୍ରୁତ ଗତିରେ, ଚଞ୍ଚଳ ଭାବରେ ପାଦପକାଇ, ଚଞ୍ଚଳଚଞ୍ଚଳ ।

**ଝପଟ** ***ବି.*** ଜୋରରେ ଦଉଡ଼ିବା, ଦଉଡ଼ ।

**ଝପଟିବା** ***କ୍ରି.*** ଶୀଘ୍ର ଆସିବା ଅଥବା ଯିବା ।

**ଝପର ଝପର** ***ବିଂ.*** ବହୁ ସମୟ ଯାଏ ଛୋଟଛୋଟ ବର୍ଷା ବିନ୍ଦୁ ପଡ଼ିବା ; ***ଅ.*** ଛୋଟଛୋଟ ଟୋପାରେ ଅବିରାମ ବର୍ଷାର ଶବ୍ଦ ।

**ଝ(ଝା)ବଡ଼ା** ***ବି.*** ଅଦରକାରୀ ଅଳିଆ ବସ୍ତୁ ; ***ବିଂ.*** ନିମ୍ନରୁଚିର, ଗୋଳମାଳିଆ (ବ୍ୟକ୍ତି) ।

**ଝବା,ଝୁବା, ଝୋବା** ***ବି.*** ଛୋଟ କଳସୀ ।

**ଝମ୍‌ଝମ୍** ***ବି.*** ଧାତବ ପଦାର୍ଥ ସଂଘର୍ଷରୁ ସୃଷ୍ଟ ଧ୍ୱନି ।

**ଝମକ** ***ବି.*** ୧. ଚମକ, ତେଜ ୨. ଧାତବ ପଦାର୍ଥ ସୃଷ୍ଟ ଧ୍ୱନି ।

**ଝମାଲା, ଝମେଲା, ଝାମେଲା** ***ବି.*** ୧. ସମସ୍ୟା ୨. ଗଣ୍ଡଗୋଳ ୩. ଝଞ୍ଜଟ, ଜାଙ୍ଗି ।

**ଝମ୍ପ** ***ବି.*** ଲମ୍ଫ, ଡ଼ିଆଁ ।

**ଝମ୍ପ, ଝାମ୍ପି** ***ବି.*** ଖରା ବା ବର୍ଷାରୁ ରକ୍ଷା ପାଇବା ପାଇଁ ମୁଣ୍ଡରେ ଦିଆ ହେଉଥିବା ବାଉଁଶ ଅଥବା ତାଳ ପାତିଆ ଓ ଶିଆଳି ପତ୍ରରେ ତିଆରି ଏକପ୍ରକାର ଚଉଡ଼ା ଟୋପି, ଛତୁର୍, ଝାମ୍ପ ।

**ଝମ୍ପା ତାଳ** ***ବି.*** ଓଡ଼ିଶୀ ସଙ୍ଗୀତରେ ପ୍ରଚଳିତ ତାଳ ବିଶେଷ ।

**ଝର୍‌ଡ଼ି** ***ବି.*** ବାଉଁଶ ଖଡ଼ିକାରେ ତିଆରି ବହୁ ଛିଦ୍ରଯୁକ୍ତ ଝୁଡ଼ି ।

**ଝର୍‌ନି** ***ବି.*** ଝରାଗନ୍ତୁ, ନଳଖଞ୍ଜା ଡାଳ ।

**ଝର** ***ବି.*** ୧. ଝରଣା, ନିର୍ଝର ୨. ପାଣିର, ଉତ୍ସ ।

**ଝରକଲମ** ***ବି.*** ସ୍ୟାହିରେ ଚାଲୁଥିବା ନିବ୍‌ଯୁକ୍ତ କଲମ, ଫାଉଣ୍ଟେନ୍ ପେନ୍ ।

**ଝରକା** ***ବି.*** ଖିଡ଼ିକି, ଜାଲଣା, ଜାନଲା ।

**ଝରଝର** ***ଅ.ବି.*** ଝରି ଆସୁଥିବା ପାଣି ପଡ଼ିବା ଶବ୍ଦ, ପାଣି ବା ତରଳ ପଦାର୍ଥ ବହିବା ।

**ଝରଣ, ଝରଣା** ***ବି.*** ଝରନ୍, ନିର୍ଝର ।

**ଝରନ୍** ***ବି.*** ଝରଣା ।

**ଝରା** ***ବି.*** ୧. ଫୁଲତୋଡ଼ା ୨. କନ୍ଦରୁ ତିଆରି ଗୁଡ଼ ୩. ନଈବାଲିକୁ ଛାଣି ତହିଁରୁ ସୁନା କାଢୁଥିବା ସମ୍ପ୍ରଦାୟ ବିଶେଷ ୪. ବହଳ ପାଲୁଅକୁ ଜାଲି ଚଟୁରେ ଛାଣି ସୁମିଷ୍ଟ ଖଟାଳିଆ ରସରେ ପକାଇ ତିଆରି ମିଷ୍ଟାନ୍ନ ବିଶେଷ ୬. ଅଳଙ୍କାର ଆଦିରେ ସଂଯୁକ୍ତ ଗୋଟି ନିର୍ମିତ ଛୋଟ ଛୋଟ ସୂତ୍ର ; ***ବିଂ.*** ନିଃସୃତ, ଝରି ଆସିଥିବା, କ୍ଷରିତ ।

**ଝରାକାଠି** ***ବି.*** ନାରୀମାନେ ଖୋଷାରେ ଖୋଷିବା ପାଇଁ ଝରା ଲାଗିଥିବା ଅଳଙ୍କାର ବିଶେଷ ।

**ଝରାଗଡୁ** ***ବି.*** ଝରନି, ଚେମ୍ବୁ, କରୁଆ, ଝରି, ନଳାଥିବା ଢାଳ ।

**ଝରାଚଟୁ** ***ବି.*** ଛୋଟ ଛୋଟ କଣାଥିବା ଚଉଡ଼ା ପତ୍ର ବିଶିଷ୍ଟ ଚଟୁ, ଜାଲିଚଟୁ ।

**ଝରାଝର** ***ବି.*** ବଳଦ ବେକର ହାର ବା ମାଳ।

**ଝରାପାଣି** ***ବି.*** ପାଳୁଅ, ମିଶ୍ରି, ଚିନି ଏବଂ ଦହିରେ ପ୍ରସ୍ତୁତ ଶୀତଳ ଖାଦ୍ୟ ।

**ଝରି** ***ବି.*** ୧. ଝରାଗଡୁ, ଚେମ୍ବୁ, କରୁଆ, ନଳୀଲଗା ଢ଼ାଳ, ଏକ ପ୍ରକାର ଗଡୁ ୨. ସୁରେଇ, ମାଟିଘଡ଼ି ବା ଠେକି ୩. ବହନି, କରୁଆଁ ୩. ଝଡ଼ିବର୍ଷା ।

**ଝରିଆ** ***ବି.*** କ୍ରମାଗତ ବର୍ଷା, ତୋଫାନ ସହ ବର୍ଷା।

**ଝରିପାଣି** ***ବି.*** ଝରଣାର ପାଣି ।

**ଝରିପୋକ** ***ବି.*** ଝଡ଼ିପୋକ, ବତ୍‌ରିକିରା, ବତରକେଲି ।

**ଝରିବା** ***କ୍ରି.*** ୧. ବହିବା, ଭେଦି କରି ଆସିବା, କ୍ଷରିବା ୨. କୂଅ ବା ପୋଖରୀରେ ପାଣି ଜକେଇବା ।

**ଝର୍ଝର** ***ବି.ଅ.*** ଜଳପତନର ଗମ୍ଭୀର ଶବ୍ଦ ; ***ବି.*** ଡିଣ୍ଡିମ, ପଟହ, ଝାଞ୍ଜବାଦ୍ୟ ।

**ଝର୍ଝରୀ** ***ବି.*** ଛୋଟଝାଞ୍ଜ ।

**ଝଳ** ***ବି.*** ୧. ଖରାର ତେଜ ୨. ଉଜ୍ଜ୍ୱଳତା ।

**ଝଳାଇ.ଝଳେଇ** ***ବି.*** ଝାଳିବା କାମ, ଧାତୁ ପଦାର୍ଥ ଯୋଡ଼ିବା/କଣା ଚୁଣ୍ଟିବା ବା ମରାମତି କରିବା କାମ ।

**ଝଳାଳି** ***ବି.*** ଯେ ଝାଳିବା କାମ କରେ, ବାସନକୁସନ ଝାଳି ମରାମତି କରୁଥିବା ଲୋକ ।

**ଝଳି** ***ବି.*** ଦୀପ୍ତି, କାନ୍ତି, ଉଜ୍ଜ୍ୱଳତା ।

**ଝଳିବା** ***କ୍ରି.*** ଜକଜକ ହୋଇ ଝଟକିବା, ଶୋଭାପାଇବା, ସୁନ୍ଦର ଦିଶିବା ।

**ଝଲ୍‌ଝଲ** ***ବିଂ.*** ପରିଷ୍କାର, ନିର୍ମଳ, ସ୍ୱଚ୍ଛ ।

**ଝଲ୍‌ଝଲା, ଝିଲ୍‌ଝିଲା** ***ବିଂ.*** **ଛିଦ୍ରଯୁକ୍ତ,** ମଝିରେ ମଝିରେ ଫାଙ୍କ ଥାଇ ବୁଣା ୨. ଅତି ପତଳା (ଲୁଗା)।

**ଝଲକ** ***ବି.*** ୧. କ୍ଷଣିକ ସଂକେତ, ସୂଚନା, ଆଭାସ ୨. ଝଟକ ।

**ଝଲକା** ***ବି.*** ଝୁଲ୍‌କା, କାନ ପାଇଁ ଝୁମ୍ପାଯୁକ୍ତ ଅଳଙ୍କାର ; ***ବିଂ.*** ହଠାତ୍ ବାହାରି ପଡୁଥିବା (ବାନ୍ତି, ରକ୍ତ) ।

**ଝଲକାଏ** ***ବିଂ.*** ଥରକରେ ବାହାରି ଆସୁଥିବା ତରଳ ପଦାର୍ଥ, ଦମକାଏ ।

**ଝଲକିବା** ***କ୍ରି.*** ୧. ଝଟକିବା ୨. ଚହଲିବା, ସଞ୍ଚରିବା ୩. ଆଲୋକ ବିଛାଡ଼ିବା ୪. ଛଲକିବା, ପୂର୍ଣ୍ଣପାତ୍ର ବା ଆଧାରରୁ ପାଣି ବା ତରଳ ପଦାର୍ଥ କିଛି ବାହାରି ଆସିବା ।

**ଝଲଙ୍ଗୋ** ***ବିଂ.*** ଢିଲା, ଢୁଗୁଲା ।

**ଝଲପ୍** ***ବି.*** ୧. ଘରର ଖୋଲାଅଂଶକୁ ଘୋଡ଼ାଇ ରଖିବା ପାଇଁ ବ୍ୟବହୃତ ବାଉଁଶ ତାଟି ୨. ବହିଲା ପାଣିରେ ଡାଳ ଚେର ପ୍ରଭୃତି ଅଟକି ମାଛ ଲାଖି ରହିବା ଜାଗା ।

**ଝଲମଲ** ***ବିଂ.*** ୧. ଚକଚକ ଓ ସଫା ୨. ଚକ୍‌ମକ, ଜକଜକ, ଉଜ୍ଜ୍ୱଳ ।

**ଝଲରା** ***ବିଂ.*** ଜାଲଭଳି ବୁଣା ।

**ଝଲସା** ***ବିଂ.*** ଚକ୍‌ଚକ୍, ଅତି ଉଜ୍ଜ୍ୱଳ, ଚମକା ।

**ଝଲସି ଯିବା** ***କ୍ରି.*** ୧. ଅତ୍ୟନ୍ତ ଉଜ୍ଜ୍ୱଳ ବା ତୀବ୍ର ଆଲୋକରେ ଆଖି ମୁଦି ହେବା ବା ଜଳକା ହୋଇଯିବା ୨. ଆଚମ୍ବିତ ହେବା ।

**ଝଲିଆ** ***ବି.*** ଉଚ୍ଚ ଡାଳରୁ ଫଳ ତୋଳିବା ପାଇଁ ଲମ୍ବା ବାଡ଼ିର ତଳ ଆଡ଼କୁ ଝୁଲି ରହିଥିବା ଛୋଟ କାଠି ।

**ଝଲୁ** ***ବି.*** ଏକକାଳୀନ ତିନି ବା ତହିଁରୁ ଅଧିକ ହାଣ୍ଡି ବସିବା ପାଇଁ ପଖା ଥିବା ଚୁଲି।

**ଝଲେଇ** ***ବି.*** ଝାଳିବା କାର୍ଯ୍ୟ; ***ବିଂ.*** ଝଳା ଯାଇଥିବା।

**ଝଲେବି** ***ବି.*** ଜିଲେବି, ଜିଲାପି, ବେସନ ତିଆରି ମୋଡ଼ିମୋଡ଼ିକା ମିଠା ।

**ଝଲ୍ଲକ** ***ବି.*** କଂସାତିଆରି ବାଦ୍ୟ ବିଶେଷ ।

**ଝଲ୍ଲରୀ** ***ବି.*** ଝୁମ୍ପାବାଳ, କୁଞ୍ଚୁକୁଞ୍ଚୁଆ ବାଳ ।

**ଝଷ** ***ବି.*** ୧. ମାଛ ୨. ଗରମ ବା ତାପ ୩. ବଣ ।

**ଝଷକେତନ ବି.** କନ୍ଦର୍ପ, ମୀନକେତନ, ମଦନ ।

**ଝସାଇବା, ଝସେଇବା କ୍ରି.** ବଳପ୍ରୟୋଗ କରିବା, ଜବରଦସ୍ତ ପଶିବା ।

**ଝାଁଜ୍‌ବା କ୍ରି.** ବାମ୍ପ ବା ବାଷ୍ପଦ୍ୱାରା କୌଣସି ବସ୍ତୁକୁ ସିଝାଇବା।

**ଝାଁପ ବି.** ପାପୁଲି।

**ଝାଁପେ ବିଂ.** ୧. ଅନେକ ଗୁଡ଼ିଏ ୨. ଥାକେ।

**ଝାଇଁ ବି.** ମୂର୍ଚ୍ଛା, ଦେହର ଝିମିଝିମି ଅବସ୍ଥା ; **ବିଂ.** ଖର, ତୀବ୍ର, ଝୋଲା ମାରୁଥିବା, ଉତ୍ତପ୍ତ ; **କ୍ରି.ବିଂ.** ହଠାତ୍ ପ୍ରବଳ ବେଗରେ ।

**ଝାଇଁଖରା ବି.** ଟାଣଖରା, ଟାଇଁଟାଇଁଆ ଖରା ।

**ଝାଇଁଝାଇଁହେବା କ୍ରି.** ମୁଣ୍ଡ ବୁଲାଇବା, ତଣ୍ଟିଶୁଖି ହାତଗୋଡ଼ ଥରି ମୁଣ୍ଡ ବୁଲାଇ ହେବା ।

**ଝାଇଁଝୁରି ବି.** ଏକ ପ୍ରକାର ଅତି ସାନ ମାଛ ।

**ଝାଇଁମାରିବା କ୍ରି.** ହଠାତ୍ ମୁଣ୍ଡ ବୁଲାଇଦେବା, ମୁଣ୍ଡ କ'ଣ ହୋଇଯିବା ।

**ଝାଇଆଁ ବିଂ.** ଦୁର୍ବଳ ଓ ଶୁଖିଲା, ଶୀର୍ଣ୍ଣ ।

**ଝାଉଁ ବି.** ୧. ଛୁଞ୍ଚି ପରି ସରୁ ସରୁ ପତ୍ରଥିବା ଡେଙ୍ଗା ଗଛ, ଝାଉଁଗଛ ୨. ଝାଞ୍ଜି ୩. ଅଂଶୁଘାତ ।

**ଝାଉଁ ମାରିବା, ଝାଉ ମାରିବା କ୍ରି.** ଅତ୍ୟନ୍ତ ଉତ୍ତାପ ଯୋଗୁଁ ଝୋଲା ମାରିବା, ଅଂଶୁଘାତ ହେବା ।

**ଝାଉଁଳିବା କ୍ରି.** ୧. ମଉଳିଯିବା, ବୃକ୍ଷପତ୍ରାଦି ଶୁଖିଯିବା ୨. ନିସ୍ତେଜ ହେବା ।

**ଝାଏଲ ବି.** ପତ୍ର, କୁଟା ଆଦି ବୋହିବା ପାଇଁ ବ୍ୟବହୃତ ବାଉଁଶ ତିଆରି ବଡ଼ ଟୋକେଇ, ବଡ଼ ଛେଟନା।

**ଝାଗା ବି.** ଶାଢ଼ି ତଳେ ପିନ୍ଧାଯାଉଥିବା ବସ୍ତ୍ର, ସାୟା, ପେଟିକୋଟ।

**ଝାଗେଡ଼ି ବି.** କନ୍ଧ ସମ୍ପ୍ରଦାୟରେ ଧରଣୀ ପୂଜା ।

**ଝାଗେଡିବା କ୍ରି.** ଅଡ଼ି ବସିବା, ଜିଦ୍‌ଧରି ବସିରହିବା ।

**ଝାଙ୍କ ବି.** ୧. ଦମ୍ ୨. ଦଳ, ଗୋଠ ୩. ବୋଝ ବା ଅଧିକ ପରିମାଣ ।

**ଝାଙ୍କ ଛାଡ଼ିଯିବା ବି.** ୧. ସବୁ ଚେଷ୍ଟା ବ୍ୟର୍ଥ ହେବା ୨. ଚେଷ୍ଟା କରି ହାଲିଆ ହୋଇଯିବା ।

**ଝାଙ୍କର, ଝାକର୍ ବି.** ୧. ଚଉକିଆ, ଛାଟିଆ, ସମ୍ପ୍ରଦାୟ ବିଶେଷ ୨. ଶକ୍ତିପୀଠର ପୂଜାରି ।

**ଝାଙ୍କିବା କ୍ରି.** ୧. ଜୋରରେ ଝିଙ୍କିବା ୨. ଲୁଚିରହି ଉଙ୍କିମାରି ଚାହିଁବା ୩. ଅତର୍କିତ ଭାବରେ ଆକ୍ରମଣ କରିବା ୪. ମାଦକ ଦ୍ରବ୍ୟାଦି ସେବନ ଜନିତ ନିଶା ଘାରିବା ୫. ଜବରଦସ୍ତ ଅଧିକାର ଜାହିର କରିବା ୬. ହଠାତ୍ ନିଦ ଘୋଟିବା।

**ଝାଜେର୍ ବି.** ଶୁଖିଲା କାଠ।

**ଝାଞ୍ଜ ବି.** କରତାଳ, ମଞ୍ଜିରା ବିଶେଷ, କଂସା ଓ ପିତଳରେ ତିଆରି ତାଳବାଦ୍ୟ ବିଶେଷ ।

**ଝାଞ୍ଜି ବି.** ତାତିଲା ପବନ, ଝାଉଁ।

**ଝାଞ୍ଜିରା ବି.** ଜାଲିଚଟୁ, ହାଣ୍ଡିରୁ ଭାତ ଛାଣିବା ଅଥବା ତେଲ ବା ତରଳ ପଦାର୍ଥରୁ ଅନ୍ୟ କୌଣସି ପଦାର୍ଥ ଛାଣିବାରେ ବ୍ୟବହୃତ ଛୋଟ ଛୋଟ କଣା ଥିବା ଉପକରଣ ।

**ଝାଟି ବି.** ଗଛର ପତ୍ରହୀନ ସରୁ ଶାଖା/ପ୍ରଶାଖା ।

**ଝାଟିମାଟି ଘର ବି.** ଝାଟି ଉପରେ ମାଟି ପରସ୍ତ ଦେଇ ତିଆରି ହୋଇଥିବା କାଛର ଘର ।

**ଝାଟୁଆ ବି.** ୧. ଘର ଓଳା ଅଳିଆ ବା ବର୍ଜ୍ୟ ପଦାର୍ଥ ୨. ଝାଡୁ, ଛାଞ୍ଚୁଣି, ପହଁରା ।

**ଝାଟୁଆଇବା, ଝାଟେଇବା କ୍ରି.** ଝାଡୁ ବା ପହଁରାଦ୍ୱାରା ଓଳାଇବା, ପରିଷ୍କାର କରିବା ।

**ଝାଡ୍‌ବିଲେଇ ବି.** କଟାସ, ବଣବିଲେଇ ।

**ଝାଡ଼ ବି.** ୧. ଜଙ୍ଗଲ, ବନ ୨. କାଚ ଝରା ଲାଗିଥିବା ବତୀ ଆଲୁଅ ।

**ଝାଡ଼ଖଣ୍ଡ ବି.** ୧. ପାହାଡ଼ ଓ ଜଙ୍ଗଲିଆ ଅଞ୍ଚଳ ୨. ଗଡ଼ଜାତ ୩. ଭାରତ ବର୍ଷର ଏକ ରାଜ୍ୟ ।

**ଝାଡ଼ଝୁଡ଼ ବି.** ୧. ଝଡ଼ାଝଡ଼ି ୨. ପୂରାପୂରି ଶେଷ ; **ବିଂ.** ଏକାବେଳେ ଶେଷ ହୋଇଥିବା ।

**ଝାଡ଼ଣ ବି.** ଡଷ୍ଟର, ମଇଳା ଝାଡ଼ିବା ଉପକରଣ ।

**ଝାଡ଼ଫାନୁସ୍ ବି.** ରୋଷଣି ସମୟରେ ବ୍ୟବହୃତ ଆଲୋକ ସଜ୍ଜା ।

**ଝାଡ଼ବାଡ଼ ବି.** ବିସ୍ତୀର୍ଣ୍ଣ ଜଙ୍ଗଲିଆ ସ୍ଥାନ ।

**ଝାଡ଼ା ବି.** ମଳ, ଗୁହ ।

**ଝାଡ଼ାକଇ ବି.** ଝାଡ଼ାବାନ୍ତି, ଓଲାଉଠା ରୋଗ, କଲେରା ।

**ଝାଡ଼ାଯିବା କ୍ରି.** ହଗିଯିବା, ମଳତ୍ୟାଗ କରିବା ପାଇଁ ଯିବା ।

**ଝାଡ଼ିଦେବା କ୍ରି.** ୧. ରାଗ ଶୁଝାଇବା, ପ୍ରବଳ ଗାଳି ଦେବା ୨. ପରିଷ୍କାର କରିବା ୨. ବେଗରେ ଛିଞ୍ଚାଡ଼ିଦେବା ୩. କଥିତ ଅଶୁଭଶକ୍ତିର ପ୍ରଭାବକୁ ମନ୍ତ୍ରଶକ୍ତିଦ୍ୱାରା ଭଲ କରିବା।

**ଝାଡ଼ିବା କ୍ରି.** ୧. ପରିଷ୍କାର କରିବା ୨. ମନ୍ତ୍ରପାଠ କରି ଫୁଙ୍କିବା ଓ ଭୂତାଦି ଛଡ଼ାଇବା ୩. ଗଛ ପ୍ରଭୃତିରୁ ପତ୍ର, ଫଳ ତୋଳିବା ୪. ଗାଳି କରିବା ।

**ଝାଡୁ ବି.** ଛାଞ୍ଚୁଣି, ସମ୍ମାର୍ଜନୀ, ବାଡୁନ୍, ବାଢେଣି ।

**ଝାଡୁଆ ବ୍ରାହ୍ମଣ ବି.** ଆରଣ୍ୟକ ବ୍ରାହ୍ମଣ ।

**ଝାଡୁଦାର ବି.** ଯେ ଝାଡୁ କରେ, ଝାଡୁକଲାବାଲା ।

**ଝାଡ଼େସର ବିଂ.** ସ୍ୱୈଣ, ମାଇଚିଆ।

**ଝାପ୍ରି ବିଂ.** ପତ୍ର ବେଶି ଥିବା ।

**ଝାପ୍‌ସା ବିଂ.** ଅସ୍ପଷ୍ଟ, ଜାଲୁଜାଲୁଆ ।

**ଝାବ୍‌ରି ବି.** ବାଳୁଙ୍ଗାଧାନ ।

**ଝାବଡ଼୍ ବି.** ଚାପଡ଼, ଚଟକଣା ।

**ଝାବଡ଼ ବି.** ଆବର୍ଜନା, ଅଳିଆ; **ବିଂ.** ୧. ଫୋପାଡ଼ିଦେବା ପାଇଁ ଯୋଗ୍ୟ ୨. ଦୁଷ୍ଟ ୩. ଅଯୋଗ୍ୟ।

**ଝାବରା ବି.** ଅଗାଡ଼ି, ସାରହୀନ ବା ଫମ୍ପାଶସ୍ୟ ।

**ଝାବୁ, ଝାବୁକ ବି.** ଝାଉଁଗଛ ।

**ଝାମ, ଝାମୁ ବି.** ୧. ଝାମୁଯାତ୍ରା ୨. ପଣା ସଂକ୍ରାନ୍ତିରେ ମାନସିକ ରଖି ରଡ଼ନିଆଁ ଉପରେ ଚାଲିବା ।

**ଝାମକ ବି.** ଝାମଇଟା, ଅତ୍ୟଧିକ ପୋଡ଼ଖିଆ ଇଟା, ଝାମା ।

**ଝାମଯାତ,ଝାମୁଯାତ ବି.** ମହାବିଷୁବ(ପଣା) ସଂକ୍ରାନ୍ତିରେ ପାଟୁଆମାନଙ୍କ ଶିବ ବା ଦେବୀ ମନ୍ଦିର ପ୍ରାଙ୍ଗଣରେ ପାଳିତ ପର୍ବ ।

**ଝାମଝାଡା ବିଂ.** ଆଡ଼ମ୍ବରପୂର୍ଣ୍ଣ।

**ଝାମା ବି.** ଅଧିକ ପୋଡ଼ା ପାଇଥିବା ଟାଣୁଆ ଇଟା, ଝାମକ ।

**ଝାମି ବି.** ପିଜୁଳି, ମାୟା, ଚାଉଳିଆ ।

**ଝାମ୍ପ ବି.** ୧. କୁଦା, ଲମ୍ଫ ୨. ଆକ୍ରମଣ ପାଇଁ ଲମ୍ଫ ୩. ମାଛ ମାରିବାର ଉପକରଣ ବିଶେଷ ୪. ତାଳପତ୍ର ବା ବାଉଁଶ ପାତିଆରେ ତିଆରି ବଡ଼ ଟୋପି ବିଶେଷ ୫. ବାଉଁଶ ପାତିଆରେ ତିଆରି ବଡ଼ ଚାଲୁଣି ଯେଉଁଥିରେ ଖଇ ବଛାଯାଏ ଓ ବଡ଼ି ପରାଯାଏ ।

**ଝାମ୍ପତାଳ ବି.** ସଙ୍ଗୀତରେ ପ୍ରଚଳିତ ତାଳ ବିଶେଷ ।

**ଝାମ୍ପି ବି.** ୧. ପତ୍ର ନିର୍ମିତ ମସ୍ତକାବରଣ ବା ଟୋପି ୨. ବାଉଁଶ ବା ବେତ ତିଆରି ପେଡ଼ି ।

**ଝାମ୍ପି ପଡ଼ିବା କ୍ରି.** ୧. କୁଦାମାରିବା ୨. ଅତର୍କିତ ଆକ୍ରମଣ କରିବା ।

**ଝାମ୍ପିବା କ୍ରି.** ହଠାତ୍ ଆକ୍ରମଣ କରି ଛଡ଼େଇ ନେବା ।

**ଝାମ୍ପୁଡା ବିଂ.** ଛତା ଭଳି ବିସ୍ତୃତ ବା ଝଙ୍କା, ଅବିନ୍ୟସ୍ତ ଭାବେ ବଢ଼ିଥିବା (ସ୍ତ୍ରୀ. ଝାମ୍ପୁଡ଼ୀ) ।

**ଝାମ୍ପୁରା ବିଂ.** ୧. ଝଂକାଳିଆ ୨. ଲମ୍ବା ଓ ଅବିନ୍ୟସ୍ତ (ମୁଣ୍ଡବାଳ), ଝୁଂପୁରା, ଝାଂପୁଡ଼ା (ସ୍ତ୍ରୀ. ଝାଂପୁରୀ)।

**ଝାମ୍ପୁଲାଶିଙ୍ଗା ବିଂ.** ବାଙ୍କୁଲା, ତଳମୁହାଁ ଶିଙ୍ଗ ଥିବା ।

**ଝାର୍ ବି.** ଘାସ, ଅନାବନା ବୁଦା, ଝାଡ଼।

**ଝାର୍ ଅଏଁଲା ବି.** ବଡ଼ ଆକାରର ବଣଅଁଳା।

**ଝାର୍‌ପତରା ବି.** ଜଙ୍ଗଲ ଓ ନିକଟବର୍ତ୍ତୀ ଅଞ୍ଚଳ, ଜଙ୍ଗଲିଆ ଜାଗା।

**ଝାରିବା କ୍ରି.** ୧. ଝଡ଼ିବା, ଗଛଡାଳ ହଲାଇ ପତ୍ର,ଫୁଲ, ଫଳ ଆଦି ତଳେ ପକାଇବା ୨. ନଈବାଲିରେ ମିଶି ରହିଥିବା ଗୁଣ୍ଡ ସୁନା ପାଛୁଡ଼ି ଓ ତରଳାଇ ବାହାର କରିବା ୩. ଚାଲୁଣି ଆଦି ଯୋଗେ ଛାଣି କଠିଣ ବସ୍ତୁ ତରଳ ପଦାର୍ଥରୁ ଅଲଗା କରିବା।

**ଝାଳ ବି.** ଘର୍ମ, ସ୍ୱେଦ, ଚର୍ମରୁ ବାହାରୁଥିବା ପାଣି ।

**ଝାଳନାଳ ହେବା କ୍ରି.** ୧. ନାକେଦମ୍ ହେବା, କାମ କରି ଥକିପଡ଼ିବା ୨. ହଇରାଣ ହେବା ।

**ଝାଳବୁହା ବିଂ.** ଅତି କଷ୍ଟସାଧ୍ୟ, କଠୋର ଶ୍ରମଦ୍ୱାରା ଅର୍ଜିତ ।

**ଝାଳିବା କ୍ରି.** ୧. ଧାତୁ ନିର୍ମିତ ପାତ୍ର ଓ ଅଳଙ୍କାରାଦି ମରାମତ କରିବା, ଧାତୁ ତରଳାଇ ଯୋଡ଼ିବା ୨. ଉଜ୍ଜ୍ୱଳ କରିବା ।

**ଝାଳୁଆ ବିଂ.** ୧. ଝାଳ ବାହାରୁଥିବା ୨. ଝାଳେଇ ଯାଇଥିବା, ଘର୍ମଯୁକ୍ତ ।

**ଝାଳେଇବା କ୍ରି.** ୧. ଛୋଟ ଛୋଟ ଜଳବିନ୍ଦୁରେ ଆଚ୍ଛନ୍ନ ହେବା ୨. ଦେହରୁ ଝାଳ ବାହାରିବା ୩. ଘର ଚଟାଣ ସନ୍ତେଇବା ।

**ଝାଲ୍ ବିଂ.** ୧. ପାଟିକୁ ଜାଳିଲା ଭଳି ରାଗ ୨. କଟୁ ।

**ଝାଲ୍‌ମୁଢ଼ି ବି.** ସିଝାଆଳୁ, ପିଆଜକଟା, ଲଙ୍କା ପ୍ରଭୃତି ମିଶା ମୁଢ଼ି ।

**ଝାଲର ବି.** ୧. ମଶାରି ୨. ଲୁଗା, ଚାନ୍ଦୁଆ ପ୍ରଭୃତିର ଧାରରେ ଝୁଲୁଥିବା କମକୁଟ କନା ୩. କାଗଜ, କପଡ଼ା ବା ଜରିରେ ତିଆରି ଝୁମ୍ପା ।

**ଝାଲରିଆ ବିଂ.** ଝାଲରଯୁକ୍ତ ।

**ଝାଲିମଠାଣ ବି.** (ବାସନ କୁସନ) ଝଳେଇ, ମରାମତି।

**ଝାସ ବି.** ୧. ଆତ୍ମହତ୍ୟା ଉଦ୍ଦେଶ୍ୟରେ ଜଳ ବା ଅଗ୍ନିରେ ପ୍ରବେଶ ୨. ନିଆଁର ତାପ ବା ଖରାର ତାପ, ଧାସ ।

**ଝାସିବା କ୍ରି.** ଝାସଦେବା, ଡେଇଁପଡ଼ିବା, ଲମ୍ଫଦେବା ।

**ଝିଁଝିଁ ଅ.** ଝିଙ୍କାରିର ଶବ୍ଦ ।

**ଝି ବି.** ୧. ଝିଅ, କନ୍ୟା ୨. ପିଉସୀ ।

**ଝିଅ ବି.** ୧. କନ୍ୟା, ଦୁହିତା ୨. ବାଳିକା, ଟୁକେଲ ।

**ଝିଅଝିଆଣି ବି.** ସାମୂହିକ ଭାବେ ଝିଅ ବା ସେହିଭଳି ନାରୀମାନେ ।

**ଝିଅପିଲା ବି.** ୧. ଅଳ୍ପ ବୟସର ଝିଅ ୨. ଝିଅବୋହୂ ।

**ଝିଆରୀ ବି.** ଭାଇର ଝିଅ, ଭଉଣୀ ପାଇଁ ଭଉଣୀର ଝିଅ।

**ଝିଜର ବି.** ଘର ଛପରରେ ବ୍ୟବହୃତ ଅଧାନଳ ଆକୃତିର ମାଟି ତିଆରି ପଦାର୍ଥ, ଖପର ।

**ଝିକରିଝିକିରି ବି.** କୌଣସି ପଦାର୍ଥ କିଣିବା କାଳରେ ବିକ୍ରେତା ସହିତ ମୂଲଚାଲ, ଝକଝକ କରିବା।

**ଝିଙ୍କ** *ବି.* ଟାଣୁଆ ମୁନିଆ କାଠିଦ୍ୱାରା ଆବୃତ ପ୍ରାଣୀ ବିଶେଷ ।

**ଝିଙ୍କର** *ବି.* ୧. ବଡ଼ଗୋଡ଼ି ୨. ଝିକର, ଖପର ।

**ଝିଙ୍କା** *ବି.* ୧. ରନ୍ଧା ହାଣ୍ଡି ଆଦି ଟେକି ରଖିବା ପାଇଁ ଚୁଲିର ଉପରକୁ ବାହାରିଥିବା ଅଂଶ ୨. ଟଣା, ଓଟରା ୩. କାନପିନ୍ଧା ଅଳଙ୍କାରକୁ ଟେକି ରଖିବା ପାଇଁ ସୁନା ଶିକୁଳି ୪. ଶଗଡ଼ ମୁଣ୍ଡାରେ ବନ୍ଧାଯାଉଥିବା ଦଉଡ଼ି ୫. ଏକ ପ୍ରକାର ବିବାହ ପ୍ରଥା ଯେଉଁଥିରେ କନ୍ୟାକୁ ବରପକ୍ଷ ବଳପୂର୍ବକ ନିଜ ଘରକୁ ନେଇଯାନ୍ତି ।

**ଝିଙ୍କାଝିଙ୍କି** *କ୍ରି.ବି.* ୧. ଦୁଇ ବା ଅଧିକ ଲୋକ ମଧ୍ୟରେ ବଳ ପ୍ରୟୋଗ କରି ଟଣା ଓଟରା ୨. କୌଣସି ପଦାର୍ଥକୁ ନିଜ ଅଧିକାରକୁ ଆଣିବା ପାଇଁ ବାରମ୍ବାର ବଳପ୍ରୟୋଗ ।

**ଝିଙ୍କାର** *ବି.* ଝିଙ୍କାରିର ଶବ୍ଦ, ଝିଁ ଝିଁ ଶବ୍ଦ ।

**ଝିଙ୍କାରି** *ବି.* ଝିଲ୍ଲୀ, ଝିଁ ଝିଁ ଶବ୍ଦ କରୁଥିବା ପତଙ୍ଗ ।

**ଝିଙ୍କିବା** *କ୍ରି.* ନିଜଆଡ଼କୁ ଓଟାରିବା, ଟାଣିବା, ଭିଡ଼ିବା ।

**ଝିଙ୍ଗା, ଝିଙ୍ଗୀ** *ବି.* ୧. ଜହ୍ନି ୨. ଝିଂକାରି ।

**ଝିଙ୍ଗାସ** *ବି.* ଗାଳି, ଭର୍ତ୍ସନା, ଟାଣକଥା ।

**ଝିଞ୍ଜଟ** *ବି.* ଜଞ୍ଜାଳ, ସମସ୍ୟା, ଗୋଳମାଳ ।

**ଝିଞ୍ଜଟିଆ** *ବିଂ.* ଗୋଳମାଳିଆ, ଜଞ୍ଜାଳିଆ ।

**ଝିଞ୍ଜାରି** *ବି.* ଲୁଗା,ବହି, ପୋଥି ଆଦି କାଟି ପକାଉଥିବା କୀଟ ବିଶେଷ ।

**ଝିଞ୍ଜାରିବା** *କ୍ରି.* ୧. ବିଦାରିବା, ଭିଣି ପକାଇବା ୨. କାଟି କଣାକଣା କରି ନଷ୍ଟ କରିଦେବା ୩. ସାରହୀନ କରିବା ।

**ଝିଞ୍ଜିର** *ବି.* ଏକାଧିକ ଛୋଟ ଛୋଟ ଲୁହା ବୁଳିଆକୁ ପରସ୍ପର ସହିତ ଖଞ୍ଜି ତିଆରି ହୋଇଥିବା ଉପକରଣ, ଜଞ୍ଜିର ।

**ଝିଞ୍ଜୀ** *ବି.* ଝିଙ୍କାରି ।

**ଝିଞ୍ଜୋଟି** *ବି.* ଶାସ୍ତ୍ରୀୟ ସଙ୍ଗୀତର ରାଗ ବିଶେଷ ।

**ଝିଟ୍‌କା** *ବି.* ୧. ଝିଣ୍ଟିକା ୨. ଛୋଟ ରଂଜା।

**ଝିଟ୍‌ବା** *କ୍ରି.* ୧. ବିଞ୍ଚିବା, ବୁଣିବା ୨. ଏଣେତେଣେ ପକାଇବା ।

**ଝିଟ** *ବିଂ.* ୧. ନିର୍ଲ୍ଲଜ, ବେହିଆ ୨. ଅଶ୍ଳୀଳ।

**ଝିଟିପିଟି** *ବି.* ଘରକାନ୍ଥରେ ରହୁଥିବା ସରୀସୃପ ବିଶେଷ, ଘରରଖା ।

**ଝିଣ୍ଟିକା** *ବି.* ଝିଟ୍‌କା, ପତଙ୍ଗବିଶେଷ ।

**ଝିତ୍‌ରା** *ବିଂ.* ଅବିନ୍ୟସ୍ତ।

**ଝିନସ୍** *ବି.* ଜିନିଷ।

**ଝିପ୍ ଝିପ୍** *ବିଂ.* ବିରକ୍ତିକର; *ବି.* ଝିପିଝିପି ବା ଅଳ୍ପଅଳ୍ପ ବର୍ଷା।

**ଝିପିଝିପି** *ଅ. ବିଂ.* ଅଳ୍ପଅଳ୍ପ ବର୍ଷା, କୁଣ୍ଡାଝାଡ଼ିଲା ପରି ବର୍ଷା ।

**ଝିପା** *ବି.* ଏକପ୍ରକାର ଦୂବଘାସ।

**ଝିମା** *ବିଂ.* ୧. ଧିମା, ମଠୁଆ ୨. ଝୁନ୍ ଝୁନି, ବଧିରା ।

**ଝିମାଇବା, ଝିମେଇବା** *କ୍ରି.* ୧. ଧିମାଇବା ୨. ଦେହ ଝିମିଝିମି ହେବା ।

**ଝିମିଝିମି** *ଅ.* ଅଙ୍ଗବିଶେଷରେ ସ୍ୱାଭାବିକ ରକ୍ତ ସଞ୍ଚାଳନ ଅଭାବଜନିତ ଅନୁଭବ, ଝୁନ୍‌ଝୁନି ।

**ଝିମିଟ** *ବି.* ମୁହୂର୍ତ୍ତ, ଅଳ୍ପସମୟ ।

**ଝିମିଟି ଖେଳ, ଝିମାଣି ଖେଳ** *ବି.* ୧. ଡୁଡୁଖେଳ, ବାଗୁଡ଼ିଖେଳ ୨. ପଶାଖେଳ ।

**ଝିମୁଟ** *ବି.* କ୍ଷଣ, ମୁହୂର୍ତ୍ତ ।

**ଝିମୋ** *ବିଂ.* ଅତି ସାନ।

**ଝିର୍‌ଝିରି** *ବି.* ଅଗ୍ନି ସଂଯୋଗ ମାତ୍ରେ ଖଇପରି ଉଜ୍ଜ୍ୱଳ ପଦାର୍ଥ ଝରି ପଡୁଥିବା ବାଣ, ଫୁଲଝରି(ବାଣ)।

**ଝିର୍‌ମୁଟ୍** *ବି.* ୧. ବୁଦିବୁଦିକିଆ ଜଙ୍ଗଲ ୨. ପଶୁପକ୍ଷୀ ବା ମଣିଷମାନଙ୍କର ଦଳ ।

**ଝିର୍‌ଲା** *ବି.* ଅସରପା, ଝୁଡ଼୍‌ଡ଼ା, ଝୁର୍ଲା।

**ଝିରିଝିରି, ଝୁରୁଝୁରୁ** *କ୍ରି.ବିଂ.* ଅତି ଅଳ୍ପ ପରିମାଣରେ ଓ ଅତି ଧୀରେ ଧୀରେ ଝରିବା ବା ବହିବା ।

**ଝିରେଲ୍** *ବି.* ଡାଲି ଜାତୀୟ ଶସ୍ୟ ବିଶେଷ।

**ଝିଲ୍** *ବି.* ନିମ୍ନଭୂମିରେ ଥିବା ସରୁ ଓ ଲମ୍ବା ଅଗଭୀର ଜଳାଶୟ ।

**ଝିଲ୍‌ଝିଲ୍ ହେବା** *କ୍ରି.* ୧. ଅସ୍ପଷ୍ଟ ଦେଖାଯିବା ୨. ଚକ୍ ଚକ୍ କରିବା ।

**ଝିଲ୍‌ଝିଲା** *ବିଂ.* ଝଲ୍‌ଝଲା।

**ଝିଲ୍‌ମାବା** *କ୍ରି.* ବିବାହ ପରେ କନ୍ୟାକୁ ଶାଶୁଘରକୁ ପଠାଇବା।

**ଝିଲ୍‌ମିଲାବା** *କ୍ରି.* ଅସ୍ପଷ୍ଟ ବା ଅସ୍ଥିର ଭାବେ ଦୃଶ୍ୟ ହେବା।

**ଝିଲାପି** *ବି.* ଜିଲାବି, ଝଲେବି ।

**ଝିଲି** *ବି.* ୧. ଏକପ୍ରକାର ସରୁ ଚାଉଳ ୨. ଅତ୍ୟନ୍ତ ପତଳା ଜାଲି ୩. ଛେନାରେ ପ୍ରସ୍ତୁତ ଏକପ୍ରକାର ମିଠା ।

**ଝିଲିପି** *ବି.* ୧. ଗାଲମୁଛା, ଲମ୍ୱାକେଶ ୨. ଜିଲାବି ।

**ଝିଲିମିଲି** *ବିଂ.* ୧. ଈଷତ ଝଲମଲ ୨. ଜାଲଭଳି ପତଳା; *ବି.* କବାଟର ଜାଲି ।

**ଝିଲ୍ଲି** *ବି.* ୧. ଚୁଆ, ଛୋଟଗାଡ଼ିଆ, ଛୋଟଜଳାଶୟ ୨. ଝିଙ୍କାରି ପୋକ ।

**ଝିଲ୍ଲିକା, ଝିଲ୍ଲୀ** *ବି.* ୧. ପତଙ୍ଗ ବିଶେଷ, ଝିଙ୍କାରି ୨. କାନ ମଧ୍ୟରେ ଥିବା ଚମର ସୂକ୍ଷ୍ମ ପରଦା ।

**ଝୀନ, ଝିନ** ***ବିଂ.*** ସରୁ, ପତଳା, ସୂକ୍ଷ୍ମ ।

**ଝୀନ ପତନି** ***ବି.*** ଅତି ସୂକ୍ଷ୍ମ ପାଟବସ୍ତ୍ର ।

**ଝୁଆର୍** ***ବି.*** ଜୁହାର, ନମସ୍କାର ।

**ଝୁକା ବସ୍‌ବା** ***କ୍ରି.*** ଜଂତୁ ଶିକାର ଉଦ୍ଦେଶ୍ୟରେ ଲୁଚିଛପି ଜଗି ବସିବା।

**ଝୁକୁ** ***ବି.*** ଡାବଲ୍ ପୁଆ ଜାତୀୟ ଖେଳ ବିଶେଷ।

**ଝୁଙ୍କ୍, ଝୁଙ୍କି** ***ବି.*** ୧. ନିଶା ୨. ଖିଆଲ ୩. ପ୍ରଭାବ ୪. ଏକାନ୍ତ ବିହ୍ୱଳତା ବା ଆକର୍ଷଣ ।

**ଝୁଙ୍କ** ***ବି.*** ୧. ଜିଦ୍ ୨. ଆପଣା ବିଚାର ପ୍ରତି ଅତ୍ୟନ୍ତ ବିଶ୍ୱସ୍ତ ଭାବ ।

**ଝୁଙ୍କତି** ***ବି.*** ଏକ ପାଖ ଅପେକ୍ଷା ଅନ୍ୟ ପାଖକୁ ବେଶି ନଇଁ ପଡ଼ିବା ।

**ଝୁଙ୍କିବା** ***କ୍ରି.*** ୧. ଆକୃଷ୍ଟ ହେବା ୨. ନଇଁବା ।

**ଝୁଟ୍** ***ବି.*** ମିଛ, ଅସତ୍ୟ ।

**ଝୁଟ୍ କରିବା** ***କ୍ରି.*** ଦେହକୁ ବା ମୁହଁକୁ ମାନିବା, ଅଧିକ ସୁନ୍ଦର ଦେଖାଯିବା ।

**ଝୁଟ୍‌ଝୁଟା** ***ବିଂ.*** ସଫା (ରଙ୍ଗ), ଧଳା, ଗୋରା।

**ଝୁଟା** ***ବିଂ.*** ୧. ଅଇଁଠା ୨. କୃତ୍ରିମ ୩. ମିଛୁଆ ।

**ଝୁଡ଼ି** ***ବି.*** ସରୁସରୁ ଓ ଅଳ୍ପ ମୋଟା ବାଉଁଶ ପାତିଆରେ ତିଆରି ଚଉଡାମୁହାଁ ଉପକରଣ ।

**ଝୁଣା** ***ବି.*** ଶାଳଗଛ ରସର ଶୁଖିଲା ଅଠାଳିଆ ପଦାର୍ଥ, ଯାହାର ଧୂଆଁ ସୁବାସିତ ।

**ଝୁଣିବା** ***କ୍ରି.*** ୧. କାମୁଡ଼ିବା ଓ ରକ୍ତଶୋଷିବା ୨. ହିଂସ୍ରଜନ୍ତୁମାନେ ମୁହଁଦ୍ୱାରା ହାଡରୁ ମାଂସକୁ ଅଲଗାକରିବା ୩. ଶୋଷଣ କରିବା ।

**ଝୁଣ୍ଟ** ***ବି.*** ବୁଦା, ଗୁଳ୍ମ ।

**ଝୁଣ୍ଟା ମାରିବା** ***କ୍ରି.*** କୌଣସି କାର୍ଯ୍ୟ ବା ଆକ୍ରମଣରୁ ରକ୍ଷା ପାଇବା ଉଦ୍ଦେଶ୍ୟରେ ମହତ୍ ବ୍ୟକ୍ତିଙ୍କ ନାମରେ ଶପଥ ନେବା, ରାଣ ପକାଇବା ।

**ଝୁଣ୍ଟିଆ, ଝୁଁଟିଆ** ***ବି.*** ଝୁମୁକାଲଗା ଗୋଡ଼ମୁଦି ।

**ଝୁଣ୍ଟିବା** ***କ୍ରି.*** ୧. ବାଟ ଚାଲୁଚାଲୁ କୌଣସି କଠିନ ପଦାର୍ଥରେ ପାଦାଙ୍ଗୁଳି ଆଘାତ ପାଇବା ୨. କହିବା ବା ପଢ଼ିବା ବେଳେ ମଝିରେ ମଝିରେ ଅଟକି ଯିବା ।

**ଝୁନ୍‌ଗା** ***ବି.*** ଝୁଡଙ୍ଗ ଛୁଇଁ, ବରଗୁଡ଼ି ଛୁଇଁ ଓ ତାହାର ଲତା ।

**ଝୁନ୍‌ଝୁନା, ଝୁନ୍‌ଝୁନି** ***ବି.*** ୧. ଝୁମୁକା, ଝୁମ୍‌ଝୁମ୍ ନାଦ କରୁଥିବା ବାଦ୍ୟ, ଅଳଙ୍କାର ୨. ବିଶେଷ ।

**ଝୁନ୍‌ଝୁନି ମାରିବା** ***କ୍ରି.*** ୧. ଝିମାହେବା ୨. ରକ୍ତ ସଞ୍ଚାଳନରେ ବାଧା ଉପୁଜି କୌଣସି ଅଙ୍ଗ ବଧିରା ଲାଗିବା ।

**ଝୁପୁଡ଼ି** ***ବି.*** କୁଡ଼ିଆ, ଚାଳଘର, ଝୋପଡ଼ି ।

**ଝୁମ୍‌ଝୁମ୍, ଝୁମୁରୁଝୁମୁରୁ** ***ଅ.*** ଅଳଙ୍କାରାଦିର ଶ୍ରୁତି ମଧୁର ଧ୍ୱନି ।

**ଝୁମ୍‌ରା** ***ବି.*** ତନ୍ଦ୍ରା, ଢୋଳାଇବା ଅବସ୍ଥା, ନିଦ୍ରାବେଶ।

**ଝୁମ୍‌ରିବା** ***କ୍ରି.*** ଢୁଳେଇବା, ଘୁମାଇବା, ନିଦ୍ରାଚ୍ଛନ୍ନ ହେବା।

**ଝୁମ୍‌ରୁ** ***ବି.ବିଂ.*** ନିଦ୍ରାଳୁ।

**ଝୁମର, ଝୁମେର** ***ବି.*** ଲୋକଗୀତର ଗାୟନ ଶୈଳୀ ବିଶେଷ ।

**ଝୁମିବା** ***କ୍ରି.*** ୧. ବିଭୋର ହେବା, ତନ୍ମୟ ହେବା ୨. ନିଶାର ପ୍ରଭାବରେ ଅର୍ଦ୍ଧଚେତନ ଅବସ୍ଥା ହେବା ।

**ଝୁମୁକା** ***ବି.*** ୧. ଝୁନ୍‌ଝୁନି, ଝମଝମ ଶବ୍ଦ କରୁଥିବା ଶିଶୁ ଖେଳନା ବାଦ୍ୟ ବିଶେଷ ୨. ଫୁଲ ବିଶେଷ ଓ ତାର ଲତା ୩. କାନର ଏକ ଅଳଙ୍କାର ।

**ଝୁମୁକି** ***ବି.*** ଛୋଟ ଘୁଙ୍ଗୁର ।

**ଝୁମ୍ପା** ***ବି.*** ଫୁଲ୍ଲି, ଗୁଚ୍ଛ, ପେଛା ।

**ଝୁମ୍ପି** ***ବି.*** କାନର ଏକ ଅଳଙ୍କାର ।

**ଝୁମ୍ପୁଡ଼ି** ***ବି.*** ୧. ଗୁଳ୍ମ ବିଶେଷ, ଶାଗ ବିଶେଷ ୨. ଝୋପଡ଼ି, ଛୋଟ ନୁଆଁଣିଆ ଘର ।

**ଝୁମ୍ପୁରିମୁଣ୍ଡୀ** ***ବିଂ.ବି.*** ଆଲୁରୁବାଲୁରୁ ବା ଅବିନ୍ୟସ୍ତ କେଶ ଥିବା (ନାରୀ) ।

**ଝୁର୍‌କିବା** ***କ୍ରି.*** ଧାନ ଆଦି ଠିଆ ଶସ୍ୟ ଅମଳ ସମୟ ଅତିକ୍ରମ କରିବା ।

**ଝୁର୍‌ଝୁରା** ***ବିଂ.*** ପାତଳ ଓ ଦାନାଦାର ।

**ଝୁର୍‌ମୁରାବା** ***କ୍ରି.*** ଝାଉଁଳି ପଡ଼ିବା।

**ଝୁର୍‌ଲା, ଝୁର୍‌ଡ଼ା** ***ବି.*** ଝୁଡ଼୍‌ଡା, ଅସରପା।

**ଝୁରା** ***ବି.*** ୧. ଚୂନାଚୂନା ୨. ଶଗଡ଼ ଯୁଆଳିର ମଝି ଅଂଶ ୩. ମୁଣ୍ଡର କେଶକୁ ବେକ ପଛପାଖେ ବାନ୍ଧି ବା ଗଁଠାଇ ଅବଶିଷ୍ଟ ଅଂଶକୁ ମୁକୁଳା ଛାଡ଼ି ଦେବା ୪. ଶୁଖିଲା ଗୁଣ୍ଡ ।

**ଝୁରାମାଟି** ***ବି.*** ଗୁଣ୍ଡ ହୋଇଯାଇଥିବା ମାଟି ।

**ଝୁରାମୁଣ୍ଡି** ***ବି.*** ଶଗଡ଼ର ଆଗ ଅଂଶ ।

**ଝୁରି** ***ବି.*** ୧. ଛୋଟମାଛ ୨. ଛୋଟଛୋଟ କାଠ ୩. ଲାଗୁଆଣି ।

**ଝୁରିବା** ***କ୍ରି.*** ୧. ପ୍ରିୟ ବ୍ୟକ୍ତିର ବିରହରେ ତାହାର ଗୁଣାଦି ସ୍ମରଣ କରିବା ୨. କାହାକୁ ମନେ ପକାଇ ଦୁଃଖ କରିବା ୩. କଞ୍ଚା ଜିନିଷକୁ ନିଆଁଧାସରେ ସେକି ଅଧାସିଝା ଅବସ୍ଥାକୁ ଆଣିବା ।

**ଝୁଲ୍କା *ବି.*** ୧. ଅଳଙ୍କାରର ଝୁଲିଥିବା ଅଂଶ ୨. ଏକ ପ୍ରକାର ଅଳଙ୍କାର, ଝଲକା ୩. କାନ୍ଥକୁରା ।

**ଝୁଲ୍ପି *ବି.*** କୁଂଚକୁଂଚିଆ ହୋଇ ବେକ ପଛ ପର୍ଯ୍ୟନ୍ତ ଲମ୍ବିଥିବା କେଶ।

**ଝୁଲ୍ପୁଲ୍, ଝୁଲ୍ଝୁପୁଲ୍ *ବି.*** ଉଷାକାଳ, ପାହାନ୍ତିଆ ।

**ଝୁଲ୍ପୁଲିଆ *ବିଂ.*** ସକାଳୁଆ, ପ୍ରାତଃକାଳୀନ।

**ଝୁଲ *ବି.*** ୧. ଅଳନ୍ଧୁ ୨. ଅଗ୍ନିକଣା ୩. ମୟୂରପୁଚ୍ଛ ୪. ପାଦାଙ୍ଗୁଳିର ଅଳଙ୍କାର ବିଶେଷ ।

**ଝୁଲଣ, ଝୁଲଣ ଯାତ୍ରା *ବି.*** କୃଷ୍ଣଙ୍କର ଦୋଳି ଝୁଲିବା ଉତ୍ସବ (ଶ୍ରାବଣ ଶୁକ୍ଳଦଶମୀଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଅନୁଷ୍ଠିତ ଉତ୍ସବ) ।

**ଝୁଲଣ ବେଦୀ[ମଣ୍ଡପ] *ବି.*** ବିଭିନ୍ନ ପର୍ବପର୍ବାଣିରେ ବିଗ୍ରହକୁ ଦୋଳିରେ ଝୁଲାଇବା ପାଇଁ ଉଦ୍ଦିଷ୍ଟ ବେଦୀ ବା ମଣ୍ଡପ ।

**ଝୁଲଣା *ବି.*** ଦୋଳି ।

**ଝୁଲନ୍ତା *ବିଂ.*** ଝୁଲୁଥିବା, ଝୁଲି ରହିଥିବା ।

**ଝୁଲନ୍ତା ବିଧାନସଭା/ସଂସଦ *ବି.*** କୌଣସି ଦଳ ପୂର୍ଣ୍ଣ ସଂଖ୍ୟା ଗରିଷ୍ଠତା ହାସଲ ନ କରିଥିବା ଯୋଗୁଁ ସଂସଦରେ ଉପୁଜୁଥିବା ଅଚଳ ଅବସ୍ଥା ।

**ଝୁଲା *ବି.*** ୧. ଦୋଳ ବା ଦୋଳି ୨. ଇତସ୍ତତଃ ଅଙ୍ଗସଞ୍ଚାଳନ ୩. ଓହଳାମୁଣା ; ***ବିଂ.*** ୧. ଓହଳା, ଲମ୍ବିଥିବା ୨. ଇତସ୍ତତଃ ଅଙ୍ଗ ସଞ୍ଚାଳନକାରୀ ୩. ଝୁଲୁଥିବା ୪. ଖାଦ୍ୟଲୋଭୀ ।

**ଝୁଲା ମାରିବା *କ୍ରି.*** ୧. ବେଶି ଭୋକ ହେବା ୨. ହାଲିଆ ଲାଗିବା।

**ଝୁଲାମୁଣି *ବି.*** କାନ୍ଧରେ ଝୁଲାଇ ରଖାଯାଉଥିବା ବ୍ୟାଗ ବା ଥଳି ।

**ଝୁଲାମୁନା, ଝୁଲାମୁନି *ବି.*** ୧. ମାଳା ଜପିବା ପାଇଁ ବ୍ୟବହୃତ ମୁଣା ୨. ଲୁଗାରେ ଗଣ୍ଠି ପକାଇ କରାଇଥିବା ମୁଣା ୩. ଝୁଲାମୁଣି।

**ଝୁଲି *ବି.*** ମୁଣି, କୋଥଳି ।

**ଝୁଲିବା *କ୍ରି.*** ୧. ଦୋହଲିବା, ହଲିବା ୨. ଉପରୁ ଓହଳିବା ।

**ଝୁଲେଇ ଦେବା *କ୍ରି.*** ଅତିବ୍ୟସ୍ତ କରିଦେବା।

**ଝୁଲେଇବା, ଝୁଲେଇ ରଖିବା *କ୍ରି.*** କୌଣସି ବିଷୟରେ ନିଷ୍ପତ୍ତି ଗ୍ରହଣ ନକରି ଝୁଲନ୍ତା ଅବସ୍ଥାରେ ପକାଇ ରଖିବା।

**ଝୁଲେର୍ *ବି.*** ଛୁଇଁ ଜାତୀୟ ଲମ୍ବା ଫଳ, ଝୁଡୁଙ୍ଗ, ଝୁନ୍‌ଗା।

**ଝୋଗୁଆ *ବି.*** ଝଗୁଆ, ଝୁଡ଼ି।

**ଝୋଝୋ *କ୍ରି.ବିଂ.*** ମୂଷଳଧାର (ବର୍ଷା) ।

**ଝୋଟ *ବି.*** ନଳିତା ବା କାଉଁରିଆ ଗଛର ବକଳାରୁ ପ୍ରସ୍ତୁତ ତନ୍ତୁ ।

**ଝୋଟି *ବି.*** କାନ୍ଥ ବା ଚଟାଣରେ ପିଠଉ ବା ମୁରୁଜରେ ଅଙ୍କିତ ହେବା ଚିତ୍ର ।

**ଝୋବା *ବି.*** ୧. ଛୋଟମାଠିଆ ୨. ଶ୍ରୀଜଗନ୍ନାଥଙ୍କ ଅଣ୍ଟାପିନ୍ଧା ଏକ ଅଳଙ୍କାର ।

**ଝୋଳ *ବି.*** ଅଣ, ସୁରୁଆ, ରସା, ତରକାରୀର ତରଳ ଅଂଶ ।

**ଝୋଳଝୋଳିଆ *ବିଂ.*** ଅଧିକ ଝୋଳ ଥିବା (ତରକାରୀ) ।

**ଝୋଳିଆ *ବିଂ.*** ଝୋଳଯୁକ୍ତ, ପାଣିଆ ।

**ଝୋଲ *ବି.*** ବଡ଼ ଆକରର ଝଙ୍କା, ଭୋଜି ପ୍ରଭୃତିରେ ଭାତ ଛାଣିବା ପାଇଁ ବ୍ୟବହୃତ ବାଉଁଶ ତିଆରି ଟୋକେଇ ବା ଝୁଡ଼ି ।

**ଝୋଲଙ୍ଗୋ *ବିଂ.*** ହୁଗୁଳା, ଢିଲା।

**ଝୋଲା *ବି.*** ୧. ଦୁର୍ବଳତା ବା ଭୋକ ହେତୁ ମୂର୍ଚ୍ଛା ୨. ପାହାଡ଼ିଆ ସ୍ଥାନ ବା ଜଙ୍ଗଲରେ ଥିବା ଜଳାଶୟ ।

**ଝୋଲାମରା *ବିଂ.*** ଝିମିଝିମି ହୋଇଯିବା, ନିସ୍ତେଜ ହୋଇଯିବା, ଚେତା ହରାଇବା ।

**ଝୋଲା ମାରିବା *କ୍ରି.*** ୧. ଅଚେତହେବା, ମୂର୍ଚ୍ଛାଯିବା ୨. ଝାଉଁ ମାରିବା।

**ଝୋଲିଲୁଗା *ବି.*** ଶ୍ରୀଜଗନ୍ନାଥଙ୍କ ବସ୍ତ୍ର ବିଶେଷ ।

**ଝୋଲୋ *ବିଂ.*** ଢିଲା, ହୁଗୁଳା।

# ଟ

**ଟ** *ବି.* ଓଡ଼ିଆ ବର୍ଣ୍ଣମାଳାର ଏକାଦଶ ବର୍ଣ୍ଣ ଓ 'ଟ' ବର୍ଗର ପ୍ରଥମ ବର୍ଣ୍ଣ।

**ଟଁକି** *ବିଂ.* ୧. ଏକଟଙ୍କା ମୂଲ୍ୟ ବିଶିଷ୍ଟ (ଏକ୍ ଟଁକି, ଦୁଇ ଟଁକି) ୨. ଟାଙ୍କି ।

**ଟଁଟି** *ବି.* ଦେହର ଗଣ୍ଡି ଓ ମୁଣ୍ଡ ମଧ୍ୟବର୍ତ୍ତୀ ଅଂଶ, ତଣ୍ଟି, ବେକ, ଗଳା।

**ଟଁଢ଼େଇ** *ବି.* ଲୋକ ବିଶ୍ୱାସରେ ରକ୍ତ ଶୋଷୁଥିବା ଡାହାଣୀ।

**ଟଁଢେଇ କିରା** *ବି.* ଝିଣ୍ଟିକା ଜାତୀୟ ପୋକ ବିଶେଷ ।

**ଟଂ** *ଅ.* ଘଣ୍ଟା ବା ଧନୁର ଟଙ୍କାର ଶବ୍ଦ ।

**ଟଂଟା ଟୁଂଟି** *ବି.* ପରସ୍ପର ଆକ୍ଷେପୋକ୍ତି ।

**ଟଉ** *ବି.* ମିଶ୍ରଧାତୁ (ରୋଙ୍ଗା ଓ ସୀସା) ବିଶେଷ – ଯାହା ବାସନକୁସନ ତିଆରିରେ ଲାଗେ ।

**ଟକ୍‌କର୍, ଟକ୍କର** *ବି.* ୧. ପ୍ରତିସ୍ପର୍ଦ୍ଧା ୨. ବାଜି, ମୁକାବିଲା ମନୋଭାବ ୩. ଧକ୍କା , ଆଘାତ।

**ଟକ୍‌ଟକ୍** *ଅ.* ୧. ଧକଧକ, ଭାତ ଫୁଟିବା ଶବ୍ଦ ୨. ଆଙ୍ଗୁଠି ଫୁଟିବା ଶବ୍ଦ।

**ଟକ୍‌ରିଆ** *ବିଂ.* ମନମୁଖୀ ଆଚରଣ କରୁଥିବା।

**ଟକ୍‌ଲା** *ବିଂ.* ଚନ୍ଦା, ଟାଙ୍ଗରୁ, ମୁଣ୍ଡରେ ବାଳ ନଥିବା।

**ଟକ, ଟକର** *ବି.* ଖାଦ୍ୟ ଲାଳସା ; *ବିଂ.* ଖଟା, ଆମ୍ବିଳା।

**ଟକଟକ** *ବିଂ.* ଚଞ୍ଚଳ, ତରତରିଆ ; *ବିଂ.* ଖାଇବା ପାଇଁ ଆତୁର; *କ୍ରି.ବିଂ.* (ବେଥ ହେତୁ) ବ୍ୟଥା ବା ଯନ୍ତ୍ରଣାର ଅନୁଭବ ।

**ଟକଟକିଆ** *ବିଂ.* ଲୋଭନୀୟ, ଲାଳସା ସୃଷ୍ଟିକାରୀ।

**ଟକର୍** *ବି.* ୧. ଠକାମି ୨. ଗର୍ବ, ଅଭିମାନ ୩. ବଳ।

**ଟକର୍ ଛଡାବା** *କ୍ରି.* ଗର୍ବ ପ୍ରଦର୍ଶନ କରିବା, ଫୁଟାଣି ମାରିବା।

**ଟକର୍ ଛାଡ଼ିଯିବା** *କ୍ରି.* ୧. ଗର୍ବ ଭାଙ୍ଗିଯିବା ୨. କୌଣସି କାମ ପାଇଁ ବହୁ କଷ୍ଟ ବା ପରିଶ୍ରମ କରିବାକୁ ହେବା।

**ଟକର୍ ଦେବା** *କ୍ରି.* ପ୍ରତିସ୍ପର୍ଦ୍ଧା କରିବା।

**ଟକର୍ ପକାବା** *କ୍ରି.* କଳହ ପରେ ପରସ୍ପର ଘରକୁ ଯିବା ଆସିବା ବନ୍ଦ କରିଦେବା ।

**ଟକରା** *ବିଂ.* ୧. ଅଳସୁଆ ୨. ଠାପୁଆ, କର୍ମକୁଠ, କୋଢ଼ି ।

**ଟକଳା** *ବିଂ.* ୧. ଖାଦ୍ୟଲୋଭୀ ୨. ଟାଉଟାଉ ହେଉଥିବା, ତରତରିଆ ୩. ଟକରା; *ସ୍ତ୍ରୀ.* ଟକଳୀ ।

**ଟକଳିଆ** *ବି.ବିଂ.* ଟକଳା ।

**ଟକାଟକ୍** *କ୍ରି.ବିଂ.* ଅବିଳମ୍ବେ, ସଙ୍ଗେସଙ୍ଗେ।

**ଟକାଟକି** *ବି.* ୧. ପରସ୍ପର ପାଇଁ ପ୍ରତୀକ୍ଷା ୨. ପ୍ରତିଯୋଗିତା, ପ୍ରତିଦ୍ୱନ୍ଦ୍ୱିତା, ଜିଦି, ବାଦି।

**ଟକିଜ୍** *ବି.* ସିନେମାଘର, ଚଳଚ୍ଚିତ୍ର ପ୍ରେକ୍ଷାଳୟ।

**ଟଗର** *ବି.* ପାଂଚଗୋଟି ପାଖୁଡାଥିବା ଧଳା ଫୁଲ, ତରାଟଫୁଲ ଓ ଗଛ।

**ଟଗ କରି** *କ୍ରି.ବିଂ.* ଉଚିତ ବା ଠିକ୍ ଭାବରେ।

**ଟଙ୍କ** *ବି.* ୧. ଖଣତି ୨. ଖଣ୍ଡା ୩. ପଥରକଟା ହତିଆର ୪. ସୋହାଗା, ଟାଙ୍ଗଣା ୫. ପାହାଡ, ପର୍ବତ ଆଦିର ଉପରି ଭାଗ ୬. ଟାଙ୍ଗର ଭୂମି ।

**ଟଙ୍କ ଆମ୍ବିଳା** *ବିଂ.* ଅତ୍ୟନ୍ତ ଖଟା।

**ଟଙ୍କଣ** *ବି.* ୧. ଟାଙ୍ଗଣା ୨. ପାହାଡ଼ୀ ଘୋଡ଼ା।

**ଟଙ୍କ ତୋରାଣି** *ବି.* ୧. ଅଭଡ଼ା ଅନ୍ନରୁ ପ୍ରସ୍ତୁତ ଆମ୍ବିଳି ତୋରାଣି ୨. ଆମ୍ବିଳା ତୋରାଣି ।

**ଟଙ୍କା** *ବି.* ୧. ମୁଦ୍ରା ୨. ଭାରତୀୟ ମୁଦ୍ରାର ଏକକ (ଶହେ ପଇସା) ୩. ପଇସାପତ୍ର।

**ଟଙ୍କାଗଛ** *ବି.* ରୋଜଗାରିଆ ଲୋକ ।

**ଟଙ୍କା ଟୋକର** *ବି.* ଧନ, ଟଙ୍କା ପଇସା।

**ଟଙ୍କାବାଲା** *ବିଂ.ବି.* ଧନୀ, ପଇସାବାଲା।

**ଟଙ୍କାର** *ବି.* ୧. ଧନୁଗୁଣ ଟାଣିଲେ ସୃଷ୍ଟ ଶବ୍ଦ ୨. ବିସ୍ମୟ, ଆଶ୍ଚର୍ଯ୍ୟ ଆଦି ଯୋଗୁଁ ରୋମାଞ୍ଚ ୩. ପ୍ରସିଦ୍ଧି

**ଟଙ୍କାରିବା** *କ୍ରି.* ଧନୁଗୁଣ ଓଟାରିବା ।

**ଟଙ୍କି** *ବି.* ୧. ଜମିର ରାଜସ୍ୱ ୨. ନିଷ୍କର ଚାଷଜମି ।

**ଟଙ୍କିକିଆ** *ବିଂ.* ଏକଟଙ୍କା ମୂଲ୍ୟର।

**ଟଙ୍କିଳ** *ବିଂ.* ପଥୁରିଆ, ପାହାଡିଆ ଅଞ୍ଚଳ, ଟଙ୍କରିଳ ।

**ଟଙ୍ଗ** *ବି.* ୧. ଟାଙ୍ଗିଆ ୨. ଖଣତି ।

**ଟଙ୍ଗଟଙ୍ଗ** *କ୍ରି.ବିଂ.* କାହାରି କଥା ନ ଶୁଣି, କୌଣସିଠାରେ ନ ଅଟକି (ଚାଲିଯିବା ) ।

**ଟଙ୍ଗଣ ମଙ୍ଗଣ ହେବା** *କ୍ରି.* ଏପାଖ ସେପାଖ ଯିବା ଆସିବା କରିବା।

**ଟଙ୍ଗରା** *ବିଂ.* ଚନ୍ଦା, କେଶହୀନ, ଟାଙ୍ଗରା ।

**ଟଙ୍ଗା** *ବି.* ୧. ଛୋଟ ଆକାରର ହାଣ୍ଡି ୨. ଘୋଡାଟଣା ଗାଡି, ଟାଙ୍ଗା ୩. ବାଉଁଶ ପାତିଆର ଖଇଝଡ଼ା ; *ବିଂ.* ଲଟକା ଯାଇଥିବା।

**ଟଙ୍ଗାଇବା** *କ୍ରି.* ଝୁଲାଇବା, ଲଟକାଇବା, ଓହଳାଇବା।

**ଟଙ୍ଗାଟଙ୍ଗି** ***ବି.*** ଝୁଲାଇବା କର୍ମ ।

**ଟଙ୍ଗା ମାରିବା** ***କ୍ରି.*** ଘଣ୍ଟା ବଜାଇବା ।

**ଟଙ୍ଗାରି** ***ବି.*** ଟାଙ୍ଗିଆ, କୁରାଢ଼ି ।

**ଟଙ୍ଗିଆ** ***ବି.*** କାଠ ଚିରିବାପାଇଁ ବ୍ୟବହୃତ ଛୋଟ ଉପକରଣ , ଟାଙ୍ଗିଆ ।

**ଟଟୋ** ***ବିଂ.*** ୧. ଅତିସାନ ୨. ଲଣ୍ଡାମୁଣ୍ଡିଆ, ଚନ୍ଦା ।

**ଟଡ଼ରିଆ** ***ବି.ବିଂ.*** ଅଳ୍ପକେ ଚିଡ଼ୁଥିବା (ଲୋକ) ।

**ଟଡନ୍** ***ବିଂ.*** ସଂପୂର୍ଣ୍ଣ (ଶୁଖିଲା ) ।

**ଟଡପ୍, ଟଡାପ୍** ***ବିଂ.*** ସଂପୂର୍ଣ୍ଣ, ସମୁଦାୟ (ଯେତେ ଆମ୍ ଗଛେ ଥିଲା, ଟଡପ୍ ଝଡ଼ି ଗଲା); ***ଅ.*** ପଡ଼ିବା ଶବ୍ଦ ।

**ଟଡ଼ିଆ** ***ବି.*** ମଧ୍ୟମ ଆକାରର ହାଣ୍ଡି, ତାଡ଼ିଆ ।

**ଟଣକ** ***ବି.*** ୧. ବ୍ରଣ, ଘା, ବଥର ପାଚିଲା ଅବସ୍ଥା ୨. ଟ୍ରଙ୍କ, ଲୁହାବାକ୍ସ ; ***ବିଂ.*** ଟାଣ ।

**ଟଣକା** ***ବି.*** ଟାଣି ଧରିଥିବା ଦଉଡ଼ି ।

**ଟଣକିବା, ଟନକିବା** ***କ୍ରି.*** ବ୍ରଣ, ବଥ, ଘା ପ୍ରଭୃତି ପାଚିଯିବା ଯୋଗୁଁ କଷ୍ଟ ହେବା, ଟକଟକ ହେବା ।

**ଟଣା** ***ବିଂ.*** ୧. ଟାଣି ହୋଇଥିବା ୨. ଦୀର୍ଘ ।

**ଟଣାଓଟରା** ***ବି.*** ଝିକାଝିକି, କାହାକୁ ଜୋର୍ ଲଗାଇ ଟଣାଟଣି ବା ପେଲାଠେଲା କରିବା; ***ବିଂ.*** ଅଭାବ ।

**ଟଣେଇ, ଟଁଡ଼େଇ, ଟଁଢ଼େଇ** ***ବି.*** ଡାହାଣୀ, ଦେହରୁ ରକ୍ତ ଶୋଷିନିଏ ବୋଲି ବିଶ୍ୱାସ କରାଯାଉଥିବା ନାରୀ, ଡଣ୍ଡେଇ ।

**ଟଣ୍ଟି** ***ବି.*** ତଣ୍ଟି, ବେକ (ଭିତର ଅଂଶ) ।

**ଟଣ୍ଟିଆ** ***ବି.*** ତଣ୍ଟିଆ, ଗଳଧକ୍‌କା ।

**ଟନ୍** ***ବି.*** ଓଜନର ପରିମାଣ ବିଶେଷ, ୧୦୦୦ କିଲୋଗ୍ରାମ୍ ।

**ଟନ୍‌କିବା** ***କ୍ରି.*** ୧. କାନ ଟାଣିବା ୨. ମୁଣ୍ଡ ବଥାଇବା, ଟଣକିବା ।

**ଟନ୍‌ଛନ୍** ***ବିଂ.*** ବେଶ ପ୍ରସାଧନଯୁକ୍ତ ।

**ଟନ୍‌ଟନାବା** ***କ୍ରି.*** ୧. ବଥ ପାଚିଗଲାପରେ ଟଣକିବା ୨. ପ୍ରବଳ ପରିଶ୍ରମ ମାଡ଼ିବା ।

**ଟନିକ୍** ***ବି.*** ଶକ୍ତି(ବଳ)କାରକ ଔଷଧ ।

**ଟନେଲ୍** ***ବି.*** ସୁଡ଼ଙ୍ଗ ।

**ଟପ୍** ***ବି.*** ୧. ଶଗଡ଼ଗାଡ଼ିର ପାଲ ବା ଘୋଡ଼ଣି ୨. ଝିଅମାନଙ୍କ ପିନ୍ଧା ଜାମା ୩. କାନର ଅଳଙ୍କାର; ***ବିଂ.*** ୧. ଖୁବଭଲ ୨. ଉଚ୍ଚକୋଟୀର ।

**ଟପ୍ କରିବା** ***କ୍ରି.*** ପରୀକ୍ଷା ଆଦିରେ ପ୍ରଥମ ସ୍ଥାନ ଅଧିକାର କରିବା ।

**ଟପ୍‌କିନା** ***କ୍ରି.ବିଂ.*** ଚଟ୍‌କିନା, ଆଖିପିଛୁଳାକେ ।

**ଟପ୍‌କିବା** ***କ୍ରି.*** ୧. ଟଣକିବା, ପୂଯଭର୍ତ୍ତି ଘା ଧକ୍‌ଧକ୍ ହେବା ୨. ହଠାତ୍ ପହଞ୍ଚିବା, ଆବିର୍ଭୂତ ହେବା ।

**ଟପ୍‌ଟପ୍, ଟପଟପ** ***ଅ.ବି.*** ୧. ପାଣିଟୋପା ବା କୌଣସି ତରଳ ପଦାର୍ଥ ବିନ୍ଦୁବିନ୍ଦୁ ହୋଇ ପଡ଼ିବା (ଶବ୍ଦ) ୨. ଘୋଡାଟାପୁର ଶବ୍ଦ ।

**ଟପର ଟପର, ଟପଟପ** ***ଅ.*** ବଡ଼ବଡ଼ ଟୋପା ଆକାରରେ ବର୍ଷାଜଳର ପଡ଼ିବା ଶବ୍ଦ ।

**ଟପା** ***ବି.*** ୧. ଟପିବା ୨. ଡାକ ହରକରା, ଡାକବାଲା ୩. ଦୂତ, ଡଗର, ଚାର ୪. ତବଲାର ତାଳ ୫. ଅନ୍ୟକୁ ଚିଡ଼ାଇବା ପାଇଁ ଆକ୍ଷେପୋକ୍ତି ୬. ଜମିଦାରୀ ଅଞ୍ଚଳ ।

**ଟପା ଖାଇବା** ***କ୍ରି.*** ବନ୍ୟାଜଳ ନଦୀକୂଳ ଖାଇ ବଢ଼ିବା ।

**ଟପାଘର** ***ବି.*** ଡାକଘର ।

**ଟପାଦାଏକା** ***ବି.*** ଚାତୁର୍ଯୋକ୍ତି, ଚତୁରକଥା ।

**ଟପାଳିଆ** ***ବିଂ.*** ଓଲାର, ଶଗଡ଼ଦଣ୍ଡାର ପଛଭାଗ, ପଛପାଖରେ ଓଜନିଆ ଜିନିଷ ଲଦାଥିବା (ଶଗଡ) ।

**ଟପିବା, ଟପିଯିବା** ***କ୍ରି.*** ୧. ଅତିକ୍ରମ କରିଯିବା, ଆଗେଇ ଯିବା ୨. ଅଧିକ ହେବା ।

**ଟବ୍** ***ବି.*** କୁଣ୍ଡ; ***ଅ.*** କୌଣସି ବସ୍ତୁ ପାଣିରେ ବୁଡ଼ିଯିବା ଶବ୍ଦ ।

**ଟବଟବ** ***ଅ.*** କୌଣସି ପାତ୍ରରେ ତରଳ ପଦାର୍ଥର ଉଚ୍ଛୁଳୁ ମୁଚ୍ଛୁଳୁ ଅବସ୍ଥା ।

**ଟବକା** ***ବି.*** ବେସନତିଆରି ସରୁ ଗୋଲାକାର ଦାନା, ବୁନ୍ଦିଆ ।

**ଟଭର** ***ବି.*** ଜାହାଜର ମାସ୍ତୁଲ୍‌ର ଊର୍ଦ୍ଧ୍ୱାଂଶରେ ବନ୍ଧାଯିବା ପାଲ ।

**ଟଭା** ***ବି.*** କମଳା ଲେମ୍ବୁ ଜାତୀୟ ଖଟାଫଳ ବିଶେଷ ।

**ଟମ୍‌ଟମ୍** ***ବି.*** ଦୁଇଚକିଆ ଘୋଡ଼ାଗାଡ଼ି ।

**ଟମ୍‌ଡା ହତ୍‌ଲା** ***ବି.*** ୧. କୌଣସି ଜିନିଷରେ ବିନା କାରଣରେ ହାତ ମାରିବା ୨. ଅଣ୍ଡାଳିବା ୩. ଯୌନଲାଳସାରେ କାହା ଦେହରେ ହାତଚାଳିବା ।

**ଟମକ** ***ବି.*** ୧. ଧେଣ୍ଟୁରା, ଡେଙ୍ଗୁରା ୨. ଘୋଷଣା ।

**ଟମକିଆ** ***ବି.*** ଟମକ ବାଦ୍ୟ ବଜାଉଥିବା ବ୍ୟକ୍ତି, ଧେଣ୍ଟୁରା ଦେଉଥିବା ଲୋକ ।

**ଟମାଟୋ** ***ବି.*** ବିଲାତିବାଇଗଣ, ପାତଲ୍‌ଘଣ୍ଟା ।

**ଟର୍ କରିବା** ***ବି.*** ୧. ହଠାତ୍ ପ୍ରତିକ୍ରିୟା ପ୍ରକାଶ କରିବା ୨. ଅତ୍ୟନ୍ତ ଖଟାହେବା, *ଉଦା.* ଟର୍ ଆମିଲ୍ ।

**ଟର୍‌କି ଦେବା** ***କ୍ରି.*** କାହାକୁ ନ ଜଣାଇ ସ୍ଥାନଛାଡ଼ି ଚାଲିଯିବା ।

**ଟର୍‌କେଲ୍** ***ବିଂ.*** ଖଟାଳିଆ, ।

**ଟର୍‌କୋ, ଟୋର୍‌କୋ** ***ବି. କ୍ରି.ବିଂ.*** ବିରକ୍ତି ବା ଅବଜ୍ଞା ପ୍ରଦର୍ଶନ ।

**ଟର୍‌କୋ ଟର୍‌କୋ** ***କ୍ରି.ବିଂ.*** ଅଭିମାନ ବା ଅପମାନରେ ଏକମୁହାଁ ଚାଲିଯିବା (ଭଙ୍ଗି ) ।

**ଟର୍‌ଟର୍** ***କ୍ରି. ବିଂ.*** ତରତର ଭାବେ, ଚଞ୍ଚଳ ।

**ଟର୍‌ଟରା** ***ବିଂ.*** ଅତ୍ୟନ୍ତ (କଳା, ଅସନା, ମଇଳା) ।

**ଟର୍‌ଟରି ଯିବା** ***କ୍ରି.*** ଅତ୍ୟନ୍ତ ମଇଳା ହୋଇଯିବା (ଲୁଗାପଟା) ।

**ଟର୍‌ଣି** ***ବି.*** ୧. ଗୁପ୍ତପ୍ରଣୟର ସଂଯୋଗକାରୀ ୨. ମଧ୍ୟସ୍ଥି, ମାଲିମକଦ୍ଦମାରେ ମଧ୍ୟସ୍ଥି ।

**ଟର୍‌ବାଇନ୍** ***ବି.*** ଜଳବିଦ୍ୟୁତ୍ ଉତ୍ପାଦନ ପାଇଁ ବ୍ୟବହୃତ ଚକଯନ୍ତ୍ର ।

**ଟର୍ମ୍** ***ବି.*** ୧. ଚୁକ୍ତିର ସର୍ତ୍ତ ୨. ଶିକ୍ଷାନୁଷ୍ଠାନଗୁଡ଼ିକରେ ଅନୁସୃତ ହେଉଥିବା ପାଠପଢ଼ାର ବିଭିନ୍ନ ଭାଗ ୩. ସୀମାବଦ୍ଧ ନିର୍ଦ୍ଦିଷ୍ଟକାଳ ବା ଅବଧି ।

**ଟର୍‌ର୍** ***ବିଂ.*** ନିଶାରେ ଜ୍ଞାନଶୂନ୍ୟ, ନିଶାରେ ଚୁର୍ ; ***କ୍ରି.ବିଂ.*** ଅତ୍ୟନ୍ତ (ଖଟା) ।

**ଟର୍‌ରା, ଟର୍‌ଲିଆ** ***ବିଂ.ବି.*** ଗର୍ବୀ, ଅଳ୍ପକେ ଅପମାନିତ ବୋଧ କରୁଥିବା (ଲୋକ) ।

**ଟଳଟଳ** ***ବିଂ.*** ଦୃଢ଼ଭାବରେ ନ ରହିଥିବା, ଅସ୍ଥିର, ଅସୁରକ୍ଷିତ ।

**ଟଳି ପଡ଼ିବା** ***କ୍ରି.*** ୧. ତଳେ ପଡ଼ିଯିବା ୨. ମରିଯିବା ।

**ଟଳିବା** ***କ୍ରି.*** ୧. ଗଡ଼ିପଡ଼ିବା, ଭୂଇଁରେ ପଡ଼ିବା ୨. ଦୋହଲିବା ୩. (ବିପଦ ପ୍ରଭୃତି) ଦୂରୀଭୂତ ହୋଇଯିବା ।

**ଟସ୍‌କିବା, ଟସର୍‌ବା, ଠସ୍‌କିବା** ***କ୍ରି.*** ୧. କୌଣସି ସ୍ଥାନରୁ ଖସି ଚାଲିଯିବା ୨. ମୂଳପିଣ୍ଡ ବା ଗୋଷ୍ଠୀରୁ ଭିନ୍ନ ହେବା, ୩. କୁଟା ହୋଇଥିବା ଚାଉଳକୁ ପାଛୁଡ଼ି କୁଣ୍ଡା ପ୍ରଭୃତି ବାହାର କରିଦେବା ।

**ଟସର** ***ବି.*** ୧. ଗୋଟି ପୋକର ଖୋସାରୁ ପ୍ରସ୍ତୁତ ସରୁ ସୂତା, ରେଶମ ବିଶେଷ ୨. ମଠା, ମଠାଲୁଗା ।

**ଟସ୍କର** ***ବି.*** ୧. ଡକାୟତ, ତସ୍କର ୨. ଦନ୍ତାହାତୀ ।

**ଟହକ** ***ବିଂ.*** ୧. ଆକର୍ଷଣୀୟ, ସୁନ୍ଦର ୨. ଲାଲ୍ ।

**ଟହଟହ** ***ବିଂ.*** ଗାଢ଼ନାଲି ; ***କ୍ରି.ବିଂ.*** ହର୍ଷଧ୍ୱନିପୂର୍ଣ୍ଣ ଓ ଉଚ୍ଚ (ହସ ) ।

**ଟହଲ** ***ବି.*** ବୁଲିବା, ନିରୁଦ୍ଦେଶ୍ୟ ବୁଲାଚଲା ।

**ଟହଲମଲି** ***ବି.*** ଚଞ୍ଚଳସ୍ୱଭାବ ବା ଯୌନାକର୍ଷଣଯୁକ୍ତା ନାରୀ ।

**ଟହଲିଆ** ***ବି.*** ୧. ଦିହଲଗା ଚାକର, ଛୋଟଛୋଟ କାମରେ ସାହାଯ୍ୟ କରୁଥିବା ସେବାକାରୀ ୨. (ଅଧିକ) ବୁଲାବୁଲି କରୁଥିବା (ଲୋକ) *ସ୍ତ୍ରୀ. ଟହଲିଆଣି* ।

**ଟହଲିବା** ***କ୍ରି.*** ପାଆଚାରି କରିବା, ଉଦ୍ଦେଶ୍ୟ ନଥାଇ ଖୁସିରେ ବୁଲିବା ।

**ଟାଁଚିବା** ***ବି.*** ବାଧିବା ଭଳି କଥା କହିବା ।

**ଟାଁଡ୍** ***ବି.*** ଗାଈଗୋରୁଙ୍କୁ ଜଙ୍ଗଲପ୍ରଭୃତିରେ ଏକତ୍ର ରଖିବା ।

**ଟା, ଟି** ***ଅ.*** ୧. ବିଶେଷ୍ୟ ପଦରେ ଲାଗୁଥିବା ଅବ୍ୟୟ ପଦ *(ପିଲାଟି, ଲୋକଟା)* ୨. ଗୋଟାଏ, ନିର୍ଦ୍ଦିଷ୍ଟସୂଚକ ପ୍ରତ୍ୟୟ ।

**ଟାଆଁସା, ଟାଆଁଶା** ***ବିଂ.*** କର୍କଶ, ଯାହା କୋମଳ ଲାଗେନାହିଁ, କରଡ଼ା ।

**ଟାଇଁଟାଇଁ, ଟାଇଁଟାଇଁଆ** ***ବିଂ.*** ତୀବ୍ର, ପ୍ରଖର, କଷ୍ଟପ୍ରଦ (ଖରା ପ୍ରଭୃତି) ; ***ଅ.*** ଧାତୁନିର୍ମିତ ପଦାର୍ଥକୁ ଅନ୍ୟ କଠିନ ପଦାର୍ଥରେ ଆଘାତ କଲେ ଉତ୍ପନ୍ନ ହେଉଥିବା ଶବ୍ଦ ।

**ଟାଇ** ***ବି.*** ୧. ଖେଳ ବା ପ୍ରତିଯୋଗିତାରେ ସମ ଅବସ୍ଥା ବା ସମ ମୂଲ୍ୟାୟନ ୨. ଯୋଡ଼ିଯିବା ୩. ଗଳାବନ୍ଧନୀ ।

**ଟାଇଟ୍** ***ବିଂ.*** ୧. ଟାଣ ୨. ଚିପା ୩. ଦୃଢ଼ ୪. କଷ୍ଟକର ।

**ଟାଇଟଲ୍** ***ବି.*** ସାଙ୍ଗିଆ, ଉପାଧି ।

**ଟାଇପ୍** ***ବି.*** ୧. ମୁଦ୍ରଣାଳୟରେ ଥିବା ସୀସାଅକ୍ଷର ୨. ପ୍ରକାର ।

**ଟାଇପ୍‌କପି** ***ବି.*** ହାତଲେଖାର ଟାଇପମେସିନ ସାହାଯ୍ୟରେ କରାଯାଉଥିବା ନକଲ ।

**ଟାଇପ୍ କରିବା** ***କ୍ରି.*** ମେସିନ୍ ସାହାଯ୍ୟରେ ଲେଖିବା ।

**ଟାଇପ୍-ରାଇଟର** ***ବି.*** ଟାଇପ୍ କରିବାର ଯନ୍ତ୍ର ବା ମେସିନ୍ ।

**ଟାଇପିଷ୍ଟ** ***ବି.*** ଟାଇପ୍ କରୁଥିବା ବ୍ୟକ୍ତି ।

**ଟାଇଫଏଡ୍** ***ବି.*** ଅନ୍ତନଳୀରେ ଘା' ଯୋଗୁଁ ଅସୁସ୍ଥତା, ଆନ୍ତ୍ରିକଜର ।

**ଟାଇମ୍** ***ବି.*** ୧. ସମୟ, ବେଳ ୨. ନିର୍ଦ୍ଦିଷ୍ଟ ସମୟ, ଉପଯୁକ୍ତ ସମୟ ।

**ଟାଇମ୍ ଟେବୁଲ୍** ***ବି.*** ସମୟ-ଜ୍ଞାପକ (ସୂଚକ) ତାଲିକା ବା ସାରଣୀ, କାର୍ଯ୍ୟନିର୍ଘଣ୍ଟ, ରୁଟିନ୍ ।

**ଟାଇଲ୍** ***ବି.*** ୧. ପୋଡ଼ାମାଟି/ସିମେଣ୍ଟ/ପଥରରେ ତିଆରି ବର୍ଗାକାର ବା ଆୟତାକାର ଫଳକ ୨. ଘର ଛାତ ଛାଇଁବା ପାଇଁ ବ୍ୟବହୃତ ପୋଡ଼ା ମାଟି ଅଥବା ସିମେଣ୍ଟରେ ତିଆରି ଖପର ।

**ଟାଉଁଟାଉଁ** ***କ୍ରି.ବିଂ.*** କର୍କଶ ଭାବରେ ।

**ଟାଉଁଟାଉଁଆ** ***ବିଂ.*** ରୁକ୍ଷ, କର୍କଶ ।

**ଟାଉ, ଟାଉଟାଉ** ***କ୍ରି.ବିଂ.*** ତରତର ହୋଇ (ଖାଇବା ବା ଗିଳିବା) ।

**ଟାଉକା** ***ବିଂ.*** ୧. ଖାଦ୍ୟ ବିକଳିଆ ୨. ଯେଉଁ ଚୋର ଛୋଟଛୋଟ ପଦାର୍ଥ ଚୋରି କରେ ୩. ଯେ ଟାଉଟାଉ କରି ଖାଇପକାଏ, *ସ୍ତ୍ରୀ.* ଟାଉକୀ ।

**ଟାଉଟର** ***ବି.*** ଟାଉଟ୍, ଖଳ ପ୍ରକୃତିର ଲୋକ, ଠକିଭଣ୍ଡି ଗୁଜରାଣ ମେଣ୍ଟାଉଥିବା ଲୋକ, ଧୂର୍ତ୍ତ ଓ ଚତୁର ବ୍ୟକ୍ତି ; ***ବିଂ.*** ଟାଉଟରିଆ ।

**ଟାଉଟରି** ***ବି.ବିଂ.*** ଟାଉଟରଙ୍କ କାର୍ଯ୍ୟ, ଛଳନା, ଠକାମି, ଛଳ, କପଟ ।

**ଟାଉଟାଉ** ***କ୍ରି.ବିଂ.*** ଅତିଶୀଘ୍ର, ତରବରରେ, ବେଗିବେଗି ।

**ଟାଉଟାଉଆ** *ବିଂ.* ତୁରୁତୁରିଆ ।

**ଟାଉନ୍** ବି. ସହର ।

**ଟାଏଟ୍, ଟେଟ୍** *ବି.* ୧. ତାଟି, ଦ୍ୱାରର କବାଟରୂପେ ବ୍ୟବହୃତ ବାଉଁଶ ତିଆରି କବାଟ ୨. କବାଟ ।

**ଟାକ୍ସ୍** *ବି.* ଟେକ୍ସ, କର, ଶୁଳ୍କ ।

**ଟାକ୍ସି** *ବି.* ଭଡ଼ାରେ ଚାଲିବା ମଟରଗାଡ଼ି ।

**ଟାକର** *ବି.* ଠଣାମାଡ଼, ଆଙ୍ଗୁଠିର ଗଣ୍ଠିଦ୍ୱାରା ଆଘାତ ।

**ଟାକରା** *ବି.* ୧. ଜିଭ ଓ ତାଳୁର ସଂଘାତରେ ସୃଷ୍ଟ ଶବ୍ଦ, ଭୋଜନରେ ତୃପ୍ତିସୂଚକ ଶବ୍ଦ ୨. ତାଳୁ ।

**ଟାକି ଖାଇବା** *କ୍ରି.* ଖାଇବା ଲୋଭରେ ବେଳଉଣ୍ଡି ପହଞ୍ଚିଯିବା ବା ଟାକି ରହିବା ।

**ଟାକିବା, ଟାକି ରହିବା** *କ୍ରି.* ୧. ଅପେକ୍ଷାକରିବା, ଜଗିରହିବା ୨. ଉତ୍‌କଣ୍ଠାର ସହିତ ଚାହିଁବସିବା ।

**ଟାକୁ** *ବି.* ତାକୁ, ଅରଟ ପାଇଁ ବ୍ୟବହୃତ ହେଉଥିବା ଲୁହାରେ ତିଆରି ତାକୁଡ଼ି ।

**ଟାକୁଆ** *ବି.* ୧. ଆମ୍ବର ବୀଜ, ଟାଁକ, ଟାଁକୋ ୨. ଝୋଟ ସୁତୁଲି କାଟିବା ପାଇଁ ବ୍ୟବହୃତ ତାକୁଡ଼ି, ତାକୁଡ଼ି ମୂଳର ଚକତି ୩. ଏକପ୍ରକାର ପିଠା ।

**ଟାକୁଆଗାଲ** *ବି.* ଭିତରକୁ ପଶି ଯାଇଥିବା ଗାଲ; *ସ୍ତ୍ରୀ.* ଟାକୁଆଗାଲୀ ।

**ଟାକୁଟାକୁ ହେବା** *କ୍ରି.* ଖାଇବା ପାଇଁ ବିକଳ ହେବା ।

**ଟାଙ୍କ୍, ଟ୍ୟାଙ୍କ** *ବି.* ୧. ଜଳାଶୟ ୨. ଟାଙ୍କି, ପାଣିରଖା ବଡ଼ ପାତ୍ର ବା ଆଧାର ୩. ଯୁଦ୍ଧରେ ବ୍ୟବହୃତ ବିଶେଷ ଯାନ ୪. କୁସ୍ତିର ଏକ କୌଶଳ ।

**ଟାଙ୍କ** *ବି.* ୧. ଗୋଡ଼, ବିଶେଷତଃ ନଳୀଗୋଡ଼ ୨. ସିଲାଇ ୩. ଗୁଲି ଖେଳର ଏକ ପଦ୍ଧତି ୪. ଛତାକାଠି ।

**ଟାଙ୍କଦେବା, ଟାଙ୍କିବା** *କ୍ରି.* ୧. ଗୁଲି ବା ବାଟିଖେଳରେ ଆଙ୍ଗୁଠି ସାହାଯ୍ୟରେ ଗୁଲି ନିକ୍ଷେପ କରିବା ୨. ହାତରେ ଛୁଞ୍ଚି ସାହାଯ୍ୟରେ ସିଲାଇ କରିବା ।

**ଟାଙ୍କା ମାରିବା** *କ୍ରି.* ଫାଙ୍କ ଫାଙ୍କ ଫୋଡ଼ମରା ସିଲାଇ କରିବା ।

**ଟାଙ୍କି** *ବି.* ୧. ତେଲ ବା ପାଣି ମହଜୁଦ ରଖିବା ପାଇଁ ଉଦ୍ଦିଷ୍ଟ ବଡ଼ ପାତ୍ର ୨. ଜଳପାତ୍ର ।

**ଟାଙ୍କିଦେବା** *କ୍ରି.* ୧. ପେଟପୂରା ପିଇବା ବା ଖାଇବା ୨. ଖୁବ୍ ମାଡ଼ ଦେବା ।

**ଟାଙ୍କିବା** *କ୍ରି.* ୧. ଟାଣି ଧରିବା ୨. ଟାଙ୍କୁରିବା ୩. ସିଲେଇ କରିବା ।

**ଟାଙ୍କିହେବା** *ବି.* ଟାଣିଧରିବା, ଉକୁଚିହେବା ।

**ଟାଙ୍କୁ** *ବି.* ୧. ରାଣୀଉଇ, ଉଇଘରା ବା ଢୁଙ୍କା ୨. (ଆମ୍ବ) ଟାକୁଆ, କୋଇଲି ୩. ଗୋଇଠି ।

**ଟାଙ୍କୁରିବା** *ବି.* (ଦେହ) ଉଲୁସିବା, ରୋମାଞ୍ଚିତ ହେବା, (ଲୋମ) ଠିଆ ହୋଇଯିବା ।

**ଟାଙ୍କେ** *କ୍ରି.ବିଂ.* ପ୍ରଚୁର ପରିମାଣରେ ; *ବିଂ.* ବହେ, ଥୋଡାଏ ।

**ଟାଙ୍କେ ଛେଚିବା** *କ୍ରି.*ନିଶ୍ଚୁକ ମାଡ଼ଦେବା ।

**ଟାଙ୍ଗ୍‌ରି** *ବି.ବିଂ.* ଲାଣ୍ଡୀ, *ପୁଂ.* ଟାଙ୍ଗରୁ, ଟାଙ୍ଗରା ।

**ଟାଙ୍ଗ୍‌ରୁ** *ବି.ବିଂ.* **ମୁଣ୍ଡରେ ବାଳ ନଥିବା, ଲଣ୍ଡା, ଚନ୍ଦା ।**

**ଟାଙ୍ଗଣ** *ବି.* ୧. ତଟୁଘୋଡା ୨. ଟାଙ୍ଗଣା, ସୋହାଗା ।

**ଟାଙ୍ଗଣା** *ବି.* ସୋହାଗା, ସୁନାଗହଣା ତିଆରିବେଳେ ବ୍ୟବହୃତ ଏକ ପଦାର୍ଥ ।

**ଟାଙ୍ଗନା** *ବି.* ୧. ଟାଙ୍ଗଣା, ସୋହାଗା ୨. କାଶ ।

**ଟାଙ୍ଗର, ଟାଙ୍ଗରା** *ବି.ବିଂ.* ୧. ରୁକ୍ଷ ବା ପଥୁରିଆ ସ୍ଥାନ ବା ଜମି, ଗଛଲତା ଶୂନ୍ୟ ୨. ଚନ୍ଦା (ମୁଣ୍ଡ) ।

**ଟାଙ୍ଗର ପୁଆ** *ବି.* ଗୁଲେର୍ ବା ଛିଟିକିଣିରେ ବ୍ୟବହୃତ ଗୋଲାକାର ମାଟି ଅଥବା ପଥରତିଆରି ଗୁଳି ।

**ଟାଙ୍ଗା** *ବି.* ଦୁଇଚକିଆ ଘୋଡ଼ାଗାଡ଼ି ।

**ଟାଙ୍ଗି** *ବି.* ୧. ପଥୁରିଆ ସ୍ଥାନ, ପାହାଡ଼ିଆ ଭୂଇଁ ୨. ଛୋଟକୁରାଢ଼ି ୩. ପରଶୁ ଜାତୀୟ କୁରାଢ଼ି ବିଶେଷ (ମୁଖ୍ୟତଃ ଅସ୍ତ୍ରଭାବରେ ଆକ୍ରମଣ, ଆତ୍ମରକ୍ଷା ବା ବଳିଦେବା ପାଇଁ ବ୍ୟବହୃତ) ।

**ଟାଙ୍ଗିଆ** *ବି.* କୁରାଢ଼ି, ପରଶୁ, ଫାରଶା ।

**ଟାଙ୍ଗିଆ ପଶା** *ବି.* ଟାଙ୍ଗିଆର ଫଳକ ।

**ଟାଙ୍ଗିବା** *କ୍ରି.* ୧. ଲଟକାଇ ରଖିବା, ଲଟକାଇବା, ଝୁଲାଇବା ୨. (*ଗ୍ରା.* ଭୋକରେ) ଅଟକାଇ ରଖିବା ୩. ନଈ, ପୋଖରୀ ପ୍ରଭୃତିରେ ପାଣିର ଉଚ୍ଚତା ବଢ଼ି ଜମି ରହିବା ।

**ଟାଡ୍, ଡାଡ୍** *ବି.* ନାରୀମାନେ ବାହୁରେ ପିନ୍ଧୁଥିବା ଅଳଙ୍କାର ବିଶେଷ, ତାଡ଼ ।

**ଟାଡ଼ି ପକାଇବା** *କ୍ରି.* **ବଡ଼ କାମଟିଏ କରି ପକାଇବା ।**

**ଟାଡ଼ିବା** *କ୍ରି.* ତାଡ଼ିବା, ମୂଳରୁ ବିଚ୍ଛିନ୍ନକରିବା ।

**ଟାଡ଼ିବାଡ଼ି** *ବି.* ଧାନପ୍ରଭୃତିର ପୁଡ଼ା ବାନ୍ଧିବା ପାଇଁ ବ୍ୟବହୃତ ବାଡ଼ି ।

**ଟାଡ଼ି ହେବା** *କ୍ରି.* ୧. ଆତ୍ମଗର୍ବ ଯୋଗୁଁ କମ୍ କଥା କହିବା ବା କୌଣସି କାର୍ଯ୍ୟ ପାଇଁ ଅନିଚ୍ଛା ସୂଚାଇବା ୨. ଟାଳିଦେବା ।

**ଟାଢ଼େନ୍‌ମୁଢ଼ି ବି.** ଅଝଟିଆ ବା ଏକଜିଦିଆ ଝିଅ, *ପୁଂ.* ଟାଢ଼େନ୍ ମୁଢ଼ା ।

**ଟାଢୁ ବି.** ପଥର ବା ମାଟି ତାଡ଼ିବା ଲୋକ ।

**ଟାଣ ବିଂ.** ୧. ଶକ୍ତ, କଠିଣ ୨. ଅସହ୍ୟ (ଟାଣଖରା) ; **ବି.** ୧. ଗର୍ବ ୨. ଅହଙ୍କାର, ଗୁମାନ ୩. ଧୈର୍ଯ୍ୟ ।

**ଟାଣଟୁଣ ବି.** ଅଭାବ, ଅର୍ଥାଭାବ ।

**ଟାଣପଣ ବି.** ଅହଂଭାବ, ଗର୍ବଭାବ, ଦମ୍ଭ ।

**ଟାଣି ବି.** ୧. ଲୁଗାରେ ଲମ୍ବବାଗରେ ବୁଣାଯିବା ସୂତା ୨. ଛୋଟ ମାଟିହାଣ୍ଡି ।

**ଟାଣିଓଟାରି କ୍ରି.ବିଂ.** ୧. ଯେକୌଣସି ପ୍ରକାରେ ନିଜ ମତ ପ୍ରତିଷ୍ଠା ପାଇଁ (ପ୍ରୟାସ) ୨. ଜବରଦସ୍ତ, ବଳପ୍ରୟୋଗକରି ।

**ଟାଣି ଓଟାରି ହେବା କ୍ରି.** ୧. ମୁକୁଳିବା ପାଇଁ ଉଦ୍ୟମ କରିବା ୨. ଭିଡ଼ିହେବା ।

**ଟାଣିବା କ୍ରି.** ୧. ଝିଂକିବା, ଓଟାରିବା ୨. ଭିଡ଼ିବା ୩. ବିସ୍ତାର କରିବା ୪. ଆକର୍ଷଣ କରିବା, ୫. ଲମ୍ବବାଗରେ (ଗାର, ରେଖା) କାଟିବା ୬. (ଗଞ୍ଜେଇ, ସିଗାରେଟ୍ ପ୍ରଭୃତି) ଶୋଷିବା ୭. (କାନ ପ୍ରଭୃତି) ବ୍ୟଥାହେବା ।

**ଟାଣୁଆ ବିଂ.** ୧. ଦୃଢ଼, ଦୃଢ଼ମନା ୨. କଠିନ ୩. ଶକ୍ତିଶାଳୀ ।

**ଟାପ୍ ବି.** ନଦୀ ବା ନାଳ ସହ ସଂଯୁକ୍ତ ଜଳାଶୟ ।

**ଟାପ୍‌ଟାପ୍ କ୍ରି.ବିଂ.** କିଂକର୍ତ୍ତବ୍ୟବିମୂଢ଼ ଭାବେ ବା ବୋକା ଭଳି (ଅନାଇ ରହିବା) ।

**ଟାପରା ବି.** ପରିହାସ, ଟିକଲ, ଥଟ୍ଟା; **ବିଂ.** ପରିହାସଯୋଗ୍ୟ (ସଂପର୍କ) ।

**ଟାପିଦେବା କ୍ରି.** ୧. ଅନ୍ୟମାନଙ୍କ ଅଗୋଚରରେ କୌଣସି ଜିନିଷ ନେଇ ଚାଲିଯିବା ୨. ଘୋଡ଼େଇ ଦେବା ୩. ପୋତିଦେବା ।

**ଟାପୁ ବି.** ୧. ଦ୍ୱୀପ, ଜଳବେଷ୍ଟିତ (ଉଚ୍ଚ) ସ୍ଥଳଭାଗ ୨. ଖୁରା, ଚତୁଷ୍ପଦ ପଶୁମାନଙ୍କର ଖୁରା ବା ପାଦ (ଘୋଡାଟାପୁ) ।

**ଟାପୁର୍ ମାରିବା କ୍ରି.** ଅନ୍ୟଠାରୁ ଅଧିକ ଭଲ ଦେଖାଯିବା ।

**ଟାମ୍‌କି ବି.** ମାଟିହାଣ୍ଡି (ଯାହା ଉପରେ ଚମଡ଼ା ଛାଉଣି ହୋଇ ବାଦ୍ୟଯନ୍ତ୍ର ତିଆରି କରାଯାଏ) ।

**ଟାମ୍‌ଟୁର୍‌କୁ ବି.** ଧୂସର ବର୍ଣ୍ଣର କପୋତ ଜାତିର ଛୋଟ ଚଢ଼େଇ ।

**ଟାମ୍‌ଡ଼ି ହାତ୍‌ଲିହେବା କ୍ରି.** ହାତରେ ଛୁଇଁ ଛୁଇଁ ଖୋଜିବା ।

**ଟାମଜାନ୍ ବି.** ପାଲିଂକି ।

**ଟାମାକୁଡୁ ବି.** ଘୁମୁରା ନାଚ ।

**ଟାୟାର ବି.** ମଟର ଗାଡ଼ି, ସାଇକେଲ ପ୍ରଭୃତିର ରବର ଚକ ।

**ଟାଳ ବି.** କାଳକ୍ଷେପଣ, ସମୟ ଗଡ଼ାଇବା ।

**ଟାଳଟୁଳ ବି.ବିଂ.** ସମାଧାନ ବା ନିଷ୍ପତ୍ତିକୁ ଗଡ଼ାଇଦେଉଥିବା ।

**ଟାଳମଟାଳ ବି.** ଭଣ୍ଡାଭଣ୍ଡି, କାଳକ୍ଷେପଣ ।

**ଟାଳିବା କ୍ରି.** ୧. ସମୟ ଗଡ଼େଇବା ୨. ଆଦେଶ ବା କଥା ଅମାନ୍ୟ କରିବା ।

**ଟାଲ୍ ବି.** ୧. ଛୋଟ ଗାଡ଼ିଆ ବା ନାଳ ୨. ଚାଷଜମିରୁ ପାଣି ବହିଯିବା ପାଇଁ ବାଟ ୨. ଶଗଡ଼ ଚକାର ଢିଲାହେବା ଅବସ୍ଥା ।

**ଟାଲ୍ ମଟାଲ୍ ବି.** ଟାଳଟୁଳ, ଛଳନାଦ୍ୱାରା କାଳକ୍ଷେପ ।

**ଟାଓ୍ୱେଲ୍ ବି.** ଗାମୁଛା, ତଉଲିଆ ।

**ଟାହି ବି.** ୧. ଥଟ୍ଟା ବା ପରିହାସ ୨. ବିଦ୍ରୂପ, ଆକ୍ଷେପ ।

**ଟାହିଆ ବି.** (ଶ୍ରୀଜଗନ୍ନାଥଙ୍କ) ପହଣ୍ଡି ସମୟରେ ବ୍ୟବହୃତ, ବିଶେଷ ଭାବରେ ସୋଲରେ ପ୍ରସ୍ତୁତ ମୁକୁଟ ବା ଶିରୋଭୂଷଣ ; **ବି.ବିଂ.** ଟାହୁଲିଆ, ଯେ ଟାହି ବା ଟାହୁଲି କରେ ।

**ଟାହିଟାପରା ବି.** ପରିହାସ, ଥଟ୍ଟା ।

**ଟାହୁଲି ବି.** ଥଟ୍ଟା, ପରିହାସ, କୌତୁକ ।

**ଟାହୁଲିଆ ବିଂ.** ପରିହାସପ୍ରିୟ ।

**ଟି ଅ.** ଏକମାତ୍ର, ଗୋଟିଏ, ପ୍ରଶ୍ନସୂଚକ ଅବ୍ୟୟ; **ବି.** ଚା, ଚା ପତ୍ରରୁ ପ୍ରସ୍ତୁତ ପାନୀୟ ।

**ଟିଁଅ, ଟିଆଁ ବିଂ.** ୧. ସାନ, ଛୋଟ ୨. କ୍ଷଣକୋପୀ, ଟିଙ୍ଗା ।

**ଟିଆଁବା କ୍ରି.** ୧. ଟିହାଇବା, ଉତ୍ତେଜିତ କରିବା ୨. ପ୍ରବର୍ତ୍ତାଇବା, ଉସ୍‌କେଇବା ।

**ଟିଆ, ଟିହା ବି.** ୧. ଭଦଭଦଳିଆ ପକ୍ଷୀ, ଟେରା ଚଢ଼େଇ, ଧଳା ଓ ଉଜ୍ଜ୍ୱଳ ନୀଳରଙ୍ଗର ପକ୍ଷୀ ବିଶେଷ ୨. ଶୁଆ ।

**ଟିଆଇବା, ଟିଏଇବା କ୍ରି.** ମତାଇବା, ପ୍ରଚୋଦିତ କରିବା, ଉସକେଇବା ।

**ଟିଆ କରିବା କ୍ରି.** ୧.କୌଣସି କାର୍ଯ୍ୟ ବା ସାକ୍ଷାତ ପାଇଁ ସମୟ ସ୍ଥିର କରିବା ।

**ଟିଉଟର ବି.** ଘରୋଇଶିକ୍ଷକ ।

**ଟିଉବ୍‌ଓ୍ୱେଲ୍ ବି.** ନଳକୂପ ।

**ଟିଉସନ୍ ବି.** ଗୃହ ଶିକ୍ଷକତା, ଘରୋଇ ଭାବରେ ପିଲାମାନଙ୍କୁ ପଢ଼ାଇବା ।

**ଟିଏ ଅ.** ଗୋଟିଏ ମାତ୍ର ।

**ଟିକ୍‌କ, ଟିକ, ଟିକକ ବିଂ.କ୍ରି.ବିଂ.** ଅଳ୍ପ, ଅଳ୍ପକେ, ଅଳ୍ପକୁ ।

**ଟିକ୍ ଚଁହରା ବିଂ. କ୍ରି.ବିଂ.** ଲୋଭ ଦେଖାଇ ଫେରାଇ ନେଉଥିବା ବା ଦେଉ ନଥିବା (ଲୋକ), ଲାଳସା ଦେଖାଉଥିବା ।

**ଟିକ୍‌ଟିକ୍ ବି.** ୧. ବଣୁଆ ଚଢ଼େଇ ବିଶେଷ ୨. ଘଣ୍ଟାକଣ୍ଟାର ଶବ୍ଦ; **ବିଂ.** ଅତି ଛୋଟଛୋଟ (ଖଣ୍ଡ) ।

**ଟିକ୍‌ରା** ***ବି.*** ଉଚ୍ଚ ଜମି, ଢିପ ଜମି, ପଡ଼ିଆ ଜମି, ପାହାଡ଼ିଆ ବା ଉଚ୍ଚ ସ୍ଥାନ ।

**ଟିକ୍‌ଲି** ***ବି.*** ୧. ଟିକିଲି, ବିନ୍ଦି ୨. ଡାକଟିକଟ ୩. ଟିପା ।

**ଟିକ, ଟିକକ** ***ବିଂ.*** ଅଳ୍ପ, ସାମାନ୍ୟ ପରିମାଣ ।

**ଟିକକେ** ***ବିଂ.*** ୧. କ୍ଷଣକେ, ଅଳ୍ପକେ ୨. ସାମାନ୍ୟ ତ୍ରୁଟି ବା ଅସାବଧାନତା ଯୋଗୁଁ ।

**ଟିକଟ** ***ବି.*** ୧. ବସ୍, ରେଳ ପ୍ରଭୃତିରେ ଯିବା ପାଇଁ ବା ସିନେମା, ଖେଳ ଆଦି ଦେଖିବା ପାଇଁ ମୂଲ୍ୟ ବିନିମୟରେ ଦିଆଯାଉଥିବା ଅନୁମତି ପତ୍ର ୨. ନିର୍ବାଚନରେ ପ୍ରାର୍ଥୀ ହେବା ପାଇଁ ଦଳର ଅନୁମତି ପତ୍ର ।

**ଟିକର** ***ବି.*** ୧. ଢିପଜମି, ଟିକ୍‌ରା, ପଥୁରିଆ ସ୍ଥାନ ୨. ଉଇହୁଙ୍କା, ବାଲିବନ୍ଧ ; ***ବିଂ.*** ଅଳ୍ପ ପରିମିତ (ଚାଷ) ।

**ଟିକଲ** ***ବି.*** ଥଟ୍ଟା, ପରିହାସ ।

**ଟିକସ** ***ବି.*** ଟେକ୍‌ସ, କର, ପଣି, ଶୁଳ୍କ, ଟୋଲ, ମାସୁଲ ।

**ଟିକା** ***ବି.*** ୧. କପାଳରେ ପିନ୍ଧା ଯାଉଥିବା ଚନ୍ଦନ ସିନ୍ଦୂର ତିଳକ ବା ସେଭଳି ବସ୍ତୁର ବିନ୍ଦୁ ୨. ବସନ୍ତ ପ୍ରଭୃତି ରୋଗର ପ୍ରତିଷେଧକ ଗ୍ରହଣ ୩. ତାସ୍ ଖେଳର ପ୍ରଥମ ପତ୍ର, ଏକା ୪. ଅଗ୍ରିମ ପାଉଣା ୫. ଦେବଦେବୀଙ୍କୁ ବନ୍ଦାଇବା ଦ୍ରବ୍ୟ ୬. ବିବାହପରେ ବରଘରେ ନବ ଦମ୍ପତିକୁ ବନ୍ଦାଇବା (ଏବଂ ଉପହାର ପ୍ରଭୃତି ପ୍ରଦାନ କରିବା) ବିଧି; ***ବିଂ.*** ଶ୍ରେଷ୍ଠ, ପ୍ରଧାନ, ମୁଖ୍ୟ ।

**ଟିକାୟତ୍, ଟିକାଇତ** ***ବି.*** ୧. ରାଜବଂଶରେ ଜାତ ପୁରୁଷ ୨. ରାଜାଙ୍କଦ୍ୱାରା ଦତ୍ତ ବିଶେଷ ଉପାଧି ୩. ରାଜଗାଦିରେ ଅଧିକାର ନଥିବା ସାନପୁଅ/ପୁଅମାନେ ୪. ଗଡ଼ଜାତ ସାମନ୍ତ ।

**ଟିକାସି** ***ବି.*** ନିଶୁଣି, ଶିଡ଼ି ।

**ଟିକି** ***ବିଂ.*** ଅତିସାନ ; ***ଅ.*** ପ୍ରଶ୍ନାର୍ଥକ, ନିଷ୍ପ୍ରୟୋଜନ ପ୍ରତ୍ୟୟ- ଆଦର ବା ସ୍ନେହାର୍ଥ ।

**ଟିକିଆ** ***ବି.*** ୧. ଛୋଟପିଠା ଆକୃତିର ବସ୍ତୁ; ସିଝାଆଳୁ ଓ ପିଆଜ ପ୍ରଭୃତିରେ ପ୍ରସ୍ତୁତ ଖାଦ୍ୟ ୨. ଅଙ୍ଗାରଚୂନର ଚକତି (ତମାଖୁ ସେବନରେ ବ୍ୟବହୃତ ) ।

**ଟିକିଏ, ଟିକେ** ***ବିଂ. ଅ.*** ୧.ଅଳ୍ପ, ଅଳ୍ପ ପରିମାଣରେ ୨.ଅତି ଛୋଟ; ***କ୍ରି.ବିଂ.*** ଅନୁଗ୍ରହ ପୂର୍ବକ, ସାମାନ୍ୟ ପରିମାଣରେ ।

**ଟିକି ଜୀବନିଆଁ** ***ବିଂ.*** ୧. ସୁକୁମାରିଆ ୨. ଡରୁଆ ୩. ନୀଚମନା ୪. ସାମାନ୍ୟ ଜୀବନୀ ଶକ୍ତି ବିଶିଷ୍ଟ ।

**ଟିକିଟିକି** ***ବିଂ.*** ଟିକ୍‌ଟିକ୍, ଛୋଟଛୋଟ ।

**ଟିକିଦିନୁ** ***ଅ.*** ପିଲାଦିନରୁ ।

**ଟିକିନିଖି** ***ବିଂ.କ୍ରି.ବିଂ.*** ତନ୍ନତନ୍ନ କରି, ଗଭୀର ଭାବରେ ।

**ଟିକିବା** ***କ୍ରି.*** ୧. (ପ୍ରସାଦ ପ୍ରଭୃତି) କପାଳ ବା ମୁଣ୍ଡରେ ଛୁଆଁଇବା ୨. ସିନ୍ଦୂର ଇତ୍ୟାଦି କପାଳରେ ଲଗାଇବା ।

**ଟିକିଲି** ***ବି.*** ୧. ଗାଇଗୋରୁଙ୍କ ମୁଣ୍ଡର ଗୋଲାକାର ଟିକା, ଟିକ୍‌ଲି ୨. ନାରୀମାନେ ବ୍ୟବହାର କରୁଥିବା କପାଳ-ଟିକା ୩. ଟିକି ବା ସାନ ଝିଅ ୪. ଡାକଟିକଟ ୫. ରେଭିନ୍ୟୁଟିକଟ ।

**ଟିକୁନ୍** ***ବି.*** ସାହାଡ଼ାଗଛ ।

**ଟିକେ** ***ଅ.*** ସାମାନ୍ୟ ପରିମାଣରେ ।

**ଟିକେରଁଚେ** ***ବିଂ.*** ଅତି ଅଳ୍ପ ପରିମାଣ, କ୍ଷୀଣତମ ।

**ଟିଙ୍କ** ***ବି.*** ଏକପ୍ରକାର ପରାଙ୍ଗପୁଷ୍ଟ ରକ୍ତଶୋଷୀ ପୋକ - ଏହା ଗାଇଗୋରୁଙ୍କ ଚମରେ ଲାଗେ ।

**ଟିଙ୍ଗ୍ ଟିଙ୍ଗ୍** ***ବି.*** ୧. ଚଙ୍ଗଚଙ୍ଗ ହେବା ବା ଦେଖାଇହେବା ପ୍ରବୃତ୍ତି ୨. ସବୁବେଳେ ଚିଡ଼ିବା ।

**ଟିଙ୍ଗ୍‌ଟିଙ୍ଗାବା, ଟିଙ୍ଗାବା** ***କ୍ରି.*** ପୁରୁଷର ଯୌନାଙ୍ଗ (ଲିଙ୍ଗ) ଠିଆ ହେବା ବା କରାଇବା, ଟିଙ୍ଗାଇବା, ଟେଙ୍ଗାଇବା ।

**ଟିଙ୍ଗା** ***ବିଂ. ବି.*** ଅଳ୍ପକେ ରାଗିଯାଉଥିବା (ବ୍ୟକ୍ତି) ।

**ଟିଙ୍ଗାଲି,ଟିଙ୍ଗାଲୁ** ***ବିଂ.*** ଦେଖାଇହେବା ବା ବଡ଼ାଇ କରୁଥିବା ବ୍ୟକ୍ତି ।

**ଟିଙ୍ଗିଶୁଳା** ***ବିଂ.*** ସାମାନ୍ୟ କଥାରେ ଚିଡ଼ି ଉଠୁଥିବା ବ୍ୟକ୍ତି, ଟିଙ୍ଗିଶୁଳିଆ ।

**ଟିଟିଉପ୍‌ରେ ପୂରେନ୍** ***ବି.*** (ଲୋକୋକ୍ତି) ବୋଝଉପରେ ନଳିତା ବିଡା ।

**ଟିଟିକାର** ***ବି.*** ଉପହାସ, ତାଚ୍ଛଲ୍ୟ, ଥଟ୍ଟା ।

**ଟିଟିକାରି** ***ବି.*** ଧିକ୍‌କାର ବାକ୍ୟ ।

**ଟିଟିକାରିବା** ***କ୍ରି.*** ଧିକ୍‌କାର କରିବା ।

**ଟିଟିଟାଙ୍ଗରି** ***ବି.*** ଲଣ୍ଡାମୁଣ୍ଡିଆ ପାହାଡ଼ ବା ମୁଣ୍ଡିଆ ।

**ଟିଟିଟିଅଁ** ***ବି.*** ଚଢ଼େଇ ବିଶେଷ, ଟିଟ୍ଟିଭ, ଟେଁଟେୟା ଚଢ଼େଇ; ***ବିଂ.*** ଅତିସାନ ।

**ଟିଟ୍ଟିଭ** ***ବି.*** ଟେଁଟେୟା ଚଢ଼େଇ, ଟିଟିଟିଅଁ ।

**ଟିଣ୍‌ଟିଣ୍** ***ବି.*** ଘଣ୍ଟିର ଶବ୍ଦ ।

**ଟିଣ** ***ବି.*** ୧. ଟିନ୍, ନମନୀୟ ଧାତବ ପଦାର୍ଥ ବିଶେଷ ୨. ଟିଣ ନିର୍ମିତ ଡବା ବା ପାତ୍ର ।

**ଟିଣା** ***ବଂ.*** ଟିଙ୍ଗା; ***ବି.*** ୧. ଘାସ ବିଶେଷ ୨. ଛୋଟ ଟିଣ ନିର୍ମିତ ପାତ୍ର ।

**ଟିପ୍** ***ବି.*** ୧. କୌଣସି ସେବା ପାଇଁ ବକ୍‌ସିସ୍ ୨. କୌଣସି ବସ୍ତୁ ବା ଅଙ୍ଗର ଶେଷତମ ବିନ୍ଦୁ ।

**ଟିପ୍‌କାରି** ***ବି.*** କେବଳ ଇଟାରେ ହୋଇଥିବା ଯୋଡ଼େଇ ସ୍ଥାନରେ ପଲସ୍ତରା କାମ ।

**ଟିପ୍‌ଚିନା** ***ବି.*** ଟିପଚିହ୍ନ।

**ଟିପ୍‌ନା, ଟିପ୍‌ନି** ***ବି.*** ଟିପଣା, କୋଷ୍ଠୀଆଦିର ଟିପା ।

**ଟିପ୍‌ଟିପ୍** ***ବିଂ.*** ପାଣି ବା ଅନ୍ୟ ତରଳ ପଦାର୍ଥରେ ପୂର୍ଣ୍ଣ ହୋଇଥିବା; ***ଅ.*** ଛୋଟଛୋଟ ଟୋପାରେ ପଡ଼ିବା ।

**ଟିପ୍‌ବା** ***କ୍ରି.*** ୧. (ଲୁଗା, ଖଲି, ଦନା) ହାତ ସିଲେଇ କରିବା ୨. ଲାଖ କରି ବିନ୍ଧିବା ବା ଫୋପାଡିବା ।

**ଟିପ** ***ବି.*** ଅଙ୍ଗୁଳିର ଅଗ୍ରଭାଗ ।

**ଟିପଚିହ୍ନ** ***ବି.*** ଅଙ୍ଗୁଳିର ଅଗ୍ରଭାଗ (ଟିପ)ର ଦାଗ, ହାତର ବୁଢ଼ା ଆଙ୍ଗୁଳିର (ଅଗ୍ରଭାଗ)ର ଚିହ୍ନ ।

**ଟିପଣା, ଟିପଣୀ** ***ବି.*** ୧. ଟିପି (ଲେଖି) ରଖିବା କାଗଜ ବା ଖାତା ୨. ଜାତକର ମୁଖ୍ୟ ଅଂଶ, କୋଷ୍ଠୀ ।

**ଟିପା** ***ବି.*** ୧. ଟିଣଡବା, ପିମ୍ପା ୨. ସମୁଦ୍ରରେ ମାଛଧରିବା ପାଇଁ ବ୍ୟବହୃତ ଡଙ୍ଗା ୩. ମଇଁଷି ବେକରେ ବନ୍ଧା ଯାଇଥିବା ଧ୍ୱନି ସୃଷ୍ଟିକାରୀ ବାଉଁଶନଳୀ ୪. ଟିପି ରଖିବା ବା ଅଳ୍ପରେ ଲେଖି ରଖିବା କାର୍ଯ୍ୟ ।

**ଟିପାଏ** ***ବି.*** ଟିପେ ବା ଚିମୁଟାଏ ପରିମାଣ, ଟିପରେ ଲାଗି ରହୁଥିବା ସାମାନ୍ୟ ଦ୍ରବ୍ୟ ।

**ଟିପାଖାତା** ***ବି.*** ସଙ୍ଗେ ସଙ୍ଗେ କିଛି ଲେଖିରଖିବା ପାଇଁ ବ୍ୟବହୃତ ଛୋଟଖାତା ।

**ଟିପାଟିପି** ***ବି.*** ଉତ୍ତାରିବା କାର୍ଯ୍ୟ ।

**ଟିପି** ***ବି.*** ଅଗ, ତୀଖ, ଶୀର୍ଷ ।

**ଟିପିଚଢ଼େଇ** ***ବି.*** ଏକପ୍ରକାର ଛୋଟଚଢ଼େଇ ।

**ଟିପିବା** ***କ୍ରି.*** ୧. ପରେ ବ୍ୟବହାର କରିବା ପାଇଁ ସଂକ୍ଷେପରେ ଲେଖି ରଖିବା ୨. ଉତ୍ତାରିବା ୩. ଆଙ୍ଗୁଠିଦ୍ୱାରା ଆଘାତ ବା ସ୍ପର୍ଶ କରିବା, ଆଙ୍ଗୁଠି ଟିପଦ୍ୱାରା ଚିପିବା ।

**ଟିପେ, ଟେପେ** ***ବିଂ.*** ହାତ ବୁଢ଼ାଆଙ୍ଗୁଠି ଟିପ ଓ ବିଶିଆଙ୍ଗୁଠି ଟିପର ଦୈର୍ଘ୍ୟବିଶିଷ୍ଟ, ଚିମୁଟାଏ, ସାମାନ୍ୟ ପରିମାଣରେ ।

**ଟିପେଇ** ***ବି.*** ୧. ଶଗଡ ଝୁରାମୁଣ୍ଡି ବା ଯୁଆଳି ଟେକି ରଖିବା ପାଇଁ ବ୍ୟବହୃତ ଦିକେନିଆ କାଠ ୨. ତିନିଗୋଡ଼ିଆ ଟୁଲ୍ ବା ମେଜ ୩. (ପହଁରିବାରେ ବ୍ୟବହୃତ) ଦୁଇପଟରେ ସୋଲ ବିଡ଼ା ବନ୍ଧା ଦଉଡ଼ି ।

**ଟିପେଇ କୁଢୁଆ** ***ବି.*** ଶ୍ରୀମନ୍ଦିରରେ ବ୍ୟବହୃତ ସେରିକିଆ କୁଢୁଆ।

**ଟିପେଇ ଚାଲିବା** ***କ୍ରି.*** ପାଦ ଟିପରେ ଚାଲିବା।

**ଟିପ୍ପଣୀ** ***ବି.*** ୧. ସଂକ୍ଷିପ୍ତ ମନ୍ତବ୍ୟ ୨. ପାଦଟୀକା।

**ଟିବଲ୍** ***ବିଂ.*** ତିନିଗୁଣ ।

**ଟିଭି** ***ବି.*** ଟେଲିଭିଜନ, ଟେଲିଭିଜନ ସେଟ୍।

**ଟିମା** ***ବିଂ.*** ବାଙ୍ଗରା, ଗେଡା, ବୁଠି ।

**ଟିମାକ୍** ***ବି.*** ଔଦ୍ଧତ୍ୟ, ଫୁଟାଣି, ଠାଣି ପ୍ରଦର୍ଶନ ।

**ଟିର୍‌କା** ***ବିଂ.*** ଖଟା ।

**ଟିର୍‌କିବା, ଟିର୍‌ଯିବା** ***କ୍ରି.*** ଅଳ୍ପକେ ଚିଡ଼ିଯିବା ବା ରାଗିଯିବା ।

**ଟିର୍‌କୁ** ***ବିଂ.ବି.*** ଅଳ୍ପକେ ଚିଡ଼ିଯିବା (ଲୋକ)।।

**ଟିର୍‌ଟିରା** ***ବି.*** ୧. ଜଙ୍ଘର ଏକ ସ୍ନାୟୁ ୨. ସ୍ନାୟୁଜନିତ ପ୍ରଦାହ ବା ଯନ୍ତ୍ରଣା, ବାଗି ।

**ଟିହର୍‌ଲି** ***ବି.*** ଯୁଆଳି ମଝିରେ ଲାଗିଥିବା କଣ୍ଟା ବା କାଠି ।

**ଟିହଲ୍** ***ବି.*** ଟାହିଟାପରା, ଥଟ୍ଟାମଜା ।

**ଟିହଲି ମାର୍‌ବା, ଟିହିଲି ମାର୍‌ବା** ***କ୍ରି.*** ୧. ଦେଖାଇ ହେବା ୨. ବେଶଭୂଷା ହୋଇ ଅନିର୍ଦ୍ଦିଷ୍ଟ ଭାବେ ବୁଲିବା ୩. ଫୁଟାଣି କରିବା ।

**ଟିହାଁ** ***ବିଂ.*** ଟିଙ୍ଗା, ଚିଡ଼ଚିଡ଼ା, ବଦରାଗୀ, କ୍ଷଣକୋପୀ ।

**ଟିହା** ***ବି.*** ଭରତିଆ, ଭରଦ୍ୱାଜ ପକ୍ଷୀ, ଟେରା ଚଢ଼େଇ ।

**ଟିହାଇବା, ଟିହେଇବା** ***କ୍ରି.*** ମତାଇବା, ଉତ୍ତେଜିତ କରାଇବା ।

**ଟିହାଟେହି** ***ବି.*** ପରସ୍ପରକୁ ଉତ୍ତେଜିତ କରିବା ।

**ଟିହାଣ** ***ବି.*** ଉସୁକାଣ, ଉତ୍ତେଜନ ।

**ଟୀକା** ***ବି.*** ୧.କୌଣସି ଗ୍ରନ୍ଥର ପଦ ଓ ବାକ୍ୟାର୍ଥ ୨. ବ୍ୟାଖ୍ୟା ୩. ସଂକ୍ଷିପ୍ତ ବିବରଣ ।

**ଟୀକାକାର** ***ବି.*** ବ୍ୟାଖ୍ୟାକାର ।

**ଟୁଁଡ୍** ***ବି.*** ତୁଣ୍ଡ, ପାଟି ।

**ଟୁଁଡ୍ କର୍‌ବା** ***କ୍ରି.*** ଅକଥା କହିବା ।

**ଟୁଁଡ୍ ଖେର୍‌ଖେଲି** ***ବିଂ.ବି.*** ନିଜର ଜିଦ୍ ଧରି ଗୋଟିଏ କଥା ବାରମ୍ବାର କହୁଥିବା ଲୋକ ।

**ଟୁଁଟାବା** ***କ୍ରି.*** ୧. ବଚନ ସମ୍ପର୍କ ରକ୍ଷା କରିବା ୨. କଥାହେବା, ତୁଣ୍ଡାଇବା।

**ଟୁଆଁ** ***ବିଂ.*** ସାନ, ଛୋଟ (*ସ୍ତ୍ରୀ ଟୁଇଁ*) ।

**ଟୁଆଲ୍** ***ବି.*** ଗାମୁଛା, ଟାୱେଲ୍, ତଉଲିଆ ।

**ଟୁଇଁ** ***ବି.*** ମଳଦ୍ୱାର; ***ବିଂ.*** ଛୋଟ, କ୍ଷୁଦ୍ର ।

**ଟୁଇଁବା** ***କ୍ରି.*** ୧. ଆକ୍ରମଣାତ୍ମକ ଭାବରେ ଦେହରେ (*ବିଶେ* ଆଖିରେ) ଆଙ୍ଗୁଠି ଗେଞ୍ଜିବା ୨. ବଥ ବା ଫୋଟକାକୁ ଫୋଡ଼ିବା ୩. କଣା କରିବା ।

**ଟୁକ୍‌ନା** ***ବି.*** ୧. ବଡ଼ ଟୋକେଇ, ଫଳ ଝୁଡ଼ି ୨. ବଡ଼ ପିତଳ ହାଣ୍ଡି ।

**ଟୁକ୍‌ରି** ***ବି.*** ଛୋଟ ଜମି, ଡୁଲି ।

**ଟୁକଣା** ***ବି.*** ୧. ଛୋଟ ଜଳପାତ୍ର, ପିତଳର ଡାଳ ୨. ଟୋକ୍‌ନା, ରୋଷେଇ ପାଇଁ ବ୍ୟବହୃତ ପିତଳ ହଣ୍ଡା ୩. ଲୋଟା, ଡାଳ ।

**ଟୁକିବା** *କ୍ରି.* ୧. ଖୁଣ୍ଟି ଖାଇବା ୨. ଦୋଷ ଦେଖାଇବା, ଟୁଙ୍କିବା ।

**ଟୁକିଲ୍, ଟୁକେଲ୍** *ବି.* ଝିଅ ପିଲା, ଟୋକୀ, ଝିଅ ।

**ଟୁକୁରା, ଟୁକୁଡା** *ବି.* ଭଙ୍ଗା ଅଂଶ, ଛୋଟ ଖଣ୍ଡିଏ, କ୍ଷୁଦ୍ର ଅଂଶ ।

**ଟୁକୁଲା** *ବି.* ଟୋକା, ପୁଅ ପିଲା, ବାଳକ।

**ଟୁଙ୍ଗ୍‌ଟାଙ୍ଗ୍** *କ୍ରି.ବିଂ.* ଧୀରେ ସୁସ୍ଥେ *ବି.* ଏକ ପ୍ରକାର ଧ୍ୱନି। ।

**ଟୁଙ୍ଗ୍‌ଟୁଙ୍ଗ୍** *କ୍ରି.ବିଂ.* ୧. ଆସ୍ତେ ଆସ୍ତେ ଚାଲିକରି ୨. ଟଙ୍ଗ ଟଙ୍ଗ ହୋଇ ।

**ଟୁଙ୍ଗାରିବା** *କ୍ରି.* ମୁଣ୍ଡ ହଲାଇବା ବା ଉପର ତଳ କରିବା ।

**ଟୁଙ୍ଗିବା** *କ୍ରି.* ଗଛଲତାର ଅଗକୁ ଖୁଣ୍ଟି ଖାଇବା ।

**ଟୁଙ୍ଗୀ, ଟୁଙ୍ଗି** *ବି.* ୧. ବଖରା, ଛୋଟ ଏକବଖୁରି ଘର ୨. ଆଖଡ଼ା ଘର ।

**ଟୁଙ୍ଗେଇ** *ବି.* ଚୁଟିଆମୂଷା ବିଶେଷ, ଡୁଙ୍ଗେଇ ।

**ଟୁଣୁକା, ଟୁଣୁଟୁଣୁକା** *ବି.* ଡୁଟୁକା ଔଷଧ, ଜଡ଼ିବୁଟି ।

**ଟୁପ୍‌ଲି** *ବି.* ବାଉଁଶ ପାତିଆରେ ଗୁନ୍ଥା ହୋଇ ତିଆରି ଛୋଟ ଡାଲା ବା ପାତ୍ର, ଟୋକେଇ ।

**ଟୁପା, ଟୋପା** *ବି.* ବାଉଁଶ ତିଆରି ଟୋକେଇ, ପାଛିଆ ।

**ଟୁଟ୍‌କା** *ବି.* ଡୁଟୁକା, ଟୁଣୁକା, ଚେରମୂଳି ଔଷଧ ।

**ଟୁଟ୍‌ବା** *କ୍ରି.* ୧. ତୁଟିବା, ତୁଟିଯିବା ୨. ଫଇସଲା ହେବା ୩. ଶେଷ ହେବା, ସମାଧାନ ହେବା ।

**ଟୁଟା** *ବିଂ.* ଭଙ୍ଗା, ତୁଟା।

**ଟୁଟାଫଟା** *ବିଂ.* ୧. ଚିରାଫଟା (ଲୁଗା) ୨. ଭାଙ୍ଗିରୁଜି ଯାଇଥିବା, ବ୍ୟବହାର ପାଇଁ ଅନୁପଯୁକ୍ତ ।

**ଟୁଟାବା** *କ୍ରି.* ତୁଟାଇବା, ଦର ବା ମୂଲ୍ୟରେ ସହମତ ହେବା ।

**ଟୁଟୁ** *ବି.* ତେନ୍ତୁଳି ମଞ୍ଜି ଅଥବା ଗିଲ ଆଦି ପଦାର୍ଥଦ୍ୱାରା ଏକ ପ୍ରକାର ସାତଗାତି ଖେଳ ।

**ଟୁଣା** *ବି.* କିମିଆ, ଗୁଣିଗାରେଡ଼ି।

**ଟୁଣୁକା** *ବି.* ସହଜ ଉପଚାର, ଘରୋଇ ଚିକିତ୍ସା।

**ଟୁପ୍‌ଟାପ୍** *ବି.* ପରସ୍ପର ମଧ୍ୟରେ ଅନ୍ୟକୁ ନଶୁଭିଲାପରି କଥାବାର୍ତ୍ତା ।

**ଟୁପର୍, ଟୋପର** *ବି.* ଅନ୍ଧପୁଟୁଳି ।

**ଟୁପୁର୍‌ଟୁପୁର୍** *ଅ.* ୧. ଟୁପୁରୁ ଟାପୁରୁ, ଧୀର ବର୍ଷାର ଶବ୍ଦ, ଟୁପ୍ ଟୁପ୍ ବର୍ଷା ୨. ଫୁସ୍‌ଫସ୍ କଥା ।

**ଟୁପୁରଟାପର** *ବି.* ୧. ଫୁସୁରଫାସର ୨. ପାଣି ଉପରେ ବର୍ଷା ବିନ୍ଦୁ ପଡ଼ିବା ଯୋଗୁଁ ସୃଷ୍ଟ ଧ୍ୱନି ୩. କୌଣସି ବ୍ୟକ୍ତି ବା ଘଟଣା ସମ୍ପର୍କରେ ସତର୍କ ଆଲୋଚନା ।

**ଟୁପୁସୀ** *ବି.* ଚୁପସଇତାନ ସ୍ତ୍ରୀଲୋକ, *ପୁଂ. ଟୁପୁସା* ।

**ଟୁପୁସୀମୁହାଁ** *ବିଂ.ବି.* କିଛି ନ ଜାଣିଲା ଭଳି ଦେଖା ଯାଉଥିବା କିନ୍ତୁ ବଦମାସ ସ୍ତ୍ରୀ ଲୋକ; ***ପୁଂ.*** ଟୁପ୍ ସାମୁହାଁ ।

**ଟୁବ** *ବି.* ଜଳପୂର୍ଣ୍ଣ ଗଭୀର ଛୋଟଗାତ ।

**ଟୁବୁଟୁବୁ** *ବି.* ପାଣିରେ ବୁଡ଼ିଯିବାର ପୂର୍ବାବସ୍ଥା, ଉବୁଟୁବୁ ।

**ଟୁମ୍‌କୁ, ଟୋମ୍‌କୋ** *ବି.* ଫୁଲା, ଆବୁ; ***ବିଂ.*** ଫୁଲିଥିବା ।

**ଟୁମାଇବା, ଟୁମେଇବା** *କ୍ରି.* ୧. ଫୁଲିଯିବା ବା ଫୁଲିଉଠିବା ୨. ପୂଜରେ ବଥ ଫୁଲିଯିବା ୩. ପାଣି ଭରତି ହୋଇଯାଇ ନଈ ପୋଖରୀ ଫୁଲିଉଠିବା ୪. ଅଧିକ ଖାଇବା ବା ପିଇବା ଫଳରେ ପେଟ ଫାମ୍ପିବା ବା ଫୁଲିବା ।

**ଟୁମାଟୁମ୍** *ବିଂ.* ଉଛୁଳୁମୁଛୁଳୁ , ପରିପୂର୍ଣ୍ଣ, ବାହାରକୁ ପିଚିକି ପଡ଼ିଥିବା ଅବସ୍ଥା ।

**ଟୁର୍‌ଟୁ** *ବି.* କଳାରଙ୍ଗର ଛୋଟ, ଲମ୍ବାଳିଆ ମାଛ ବିଶେଷ ।

**ଟୁରା** *ବି.* ୧. ଯାହାର ମା ବା ବାପା, ବା ଉଭୟ ମୃତ, ଛେଉଣ୍ଡ, ୨. ଅସହାୟ ଲୋକ, *ସ୍ତ୍ରୀ.* ଟୁରୀ[ରି] ।

**ଟୁରୁବୁରୁ** *ବି.* ଦୁଇ ବା ଅଧିକ ଲୋକଙ୍କର ଅନୁଚ୍ଚ ସ୍ୱରରେ କଥାବାର୍ତ୍ତା ।

**ଟୁଲ୍** *ବି.* ସାଧାରଣତଃ ବସିବା ପାଇଁ ଚାରିଗୋଡ଼ ଥାଇ ହାତ ନଥିବା ଉଚ୍ଚ ଆସନ, ଷ୍ଟୁଲ ।

**ଟୁଲ୍‌ଟୁଲ୍** *ବିଂ.* ଟଳଟଳ ।

**ଟୁଲ, ଟୋଲ୍** *ବି.* ମହୁଲଫଳ ।

**ଟୁଲି** *ବି.* ଚାଷଜମିରେ ଉଠୁଥିବା ଲତା ବିଶେଷ ।

**ଟୁସି** *ବିଂ.* କ୍ଷୁଦ୍ରାକୃତି, ଛୋଟ ଆକାରର, ଠୁସି ।

**ଟୁସି କଲରା** *ବି.* ଛୋଟ କଲରା ।

**ଟେଁକ୍‌ରାବା** *କ୍ରି.* (ଲୋମ) ଟାଙ୍କୁରିବା ।

**ଟେଁକର୍ , ଟେକର** *ବି.* ବିରୁଡ଼ି, ଟେଙ୍କର ।

**ଟେଁଡ଼୍‌ପି** *ବି.* ଠେଙ୍ଗୁଣି, ଛୋଟ ବାଡ଼ି ।

**ଟେ** *ଅ.* ଟିଏ, ଟାଏ, ଗୋଟିଏ ।

**ଟେଇବା, ଟେହିବା** *କ୍ରି.* ମତାଇବା, ଉସକାଇବା।

**ଟେକ୍, ଟେକ୍** *ବି.* ୧. ଗୌରବ, ଗୁମାନ ୨. ସ୍ୱାଭିମାନ ୩. ବଡ଼ପଣ; *କ୍ରି.* ଉପରକୁ ଉଠାଅ ।

**ଟେକ୍‌ଟାକ୍** *ବି.* ମାନଅଭିମାନ ।

**ଟେକ୍‌ନା** *ବି.* ଟେକିରଖିବା ପାଇଁ ବ୍ୟବହୃତ ଉପକରଣ, ଠେସ, ଟେକ ।

**ଟେକର୍, ଟେଁକରଘରା** *ବି.* ବିରୁଡ଼ିବସା ।

**ଟେକରଗିଜା** *ବିଂ.* ଟିଙ୍ଗା, ଅଳ୍ପକେ ରାଗିଯାଉଥିବା (ଲୋକ)।

**ଟେକା** *ବି.* ୧. ମାଟିମୁଣ୍ଡା ବା ଛୋଟ ପଥରଖଣ୍ଡ ୨. କୌଣସି ନିର୍ଦ୍ଦିଷ୍ଟ ବସ୍ତୁ ବା ପ୍ରାଣୀ ଉଦ୍ଦେଶ୍ୟରେ ଫୋପାଡ଼ିବା ପାଇଁ ବ୍ୟବହୃତ ପଥର ବା ମାଟିଖଣ୍ଡ ବା ଟେଳା ୩. ଠେସ, ଟେକିରଖିବା ପାଇଁ ବ୍ୟବହୃତ ଖମ୍ବ, ବାଡ଼ି ପ୍ରଭୃତି ୪. ତାସ୍‌ଖେଳର ଏକା ।

**ଟେକାଘୋଡ଼** *ବି.* ଶ୍ରୀମନ୍ଦିରରେ ଠାକୁରମାନଙ୍କ ଆବରଣ ବିଶେଷ ।

**ଟେକାଟେକି** *ବି.* ଚାଟୁ, ମିଥ୍ୟା ପ୍ରଶଂସାସୂଚକ କଥା ।

**ଟେକାପାଣି** *ବି.* ୧. କୂଅପାଣି ୨. ଅନ୍ୟଦ୍ୱାରା ଅଣାଯାଇଥିବା ପାଣି ୩. ଅନ୍ୟସ୍ଥାନ ବା ଉତ୍ସରୁ ଆଣି ଯୋଗାଇ ଦିଆଯାଇଥିବା ପାଣି ।

**ଟେକି ଦେବା** *କ୍ରି.* ୧. ହାତକୁ ବଢ଼ାଇ ଦେବା ୨. ଦାୟିତ୍ୱ ବା ବୋଝ ଅନ୍ୟକୁ ଦେବା ୩. ଦୋଷମାର୍ଜନା ବା ପାପମୋଚନ ପାଇଁ ଚାଉଳ ପ୍ରଭୃତି ଅନ୍ୟକୁ ଦାନ କରିବା ୪. ସମର୍ପଣ କରିଦେବା ।

**ଟେକିବା** *କ୍ରି.* ୧. ଉପରକୁ ଉଠାଇବା ୨. ପ୍ରଶଂସା ବା ତୋଷାମଦ କରିବା ୩. ଗୁଡ଼ାଏ ପ୍ରଶଂସା ବା ବଢ଼େଇକରି କହିବା ।

**ଟେଙ୍ଗ୍‌ଟା** *ବି.* ଏଣ୍ଟୁଅ, ଟେଁଡ଼୍‌କୋ ।

**ଟେଙ୍ଗ୍‌ନା** *ବି.* କଣ୍ଟିଆମାଛ ।

**ଟେଙ୍ଗ୍‌ରା, ଡେଙ୍ଗ୍‌ରା, ଡେଙ୍ଗ୍‌ଡା** *ବି.* ଗୋଟିକ ଉପରେ ଆଉ ଗୋଟିଏ କ୍ରମରେ ରଖାହେବା, ଲଦି ହେବା ସ୍ଥାନ ।

**ଟେଙ୍ଗ୍‌ରାଉପ୍‌ରା** *ବିଂ.କ୍ରି.ବିଂ.* ଲଦାଲଦି ହୋଇ ଗୋଟିକ ପରେ ଆଉ ଗୋଟିଏ, ଡେଙ୍ଗରାଉପ୍‌ରା ।

**ଟେଙ୍ଗରି ଦେବା** *କ୍ରି.* ଡେଙ୍ଗରି ଦେବା, ଗୋଟିକ ଉପରେ ଆଉ ଗୋଟେ ଲଦି ଦେବା ।

**ଟେଟ୍‌ମାବା** *କ୍ରି.* ଲୋଭରେ ଚାହିଁରହିବା ।

**ଟେଢ଼ଙ୍ଗା ହୋଇଯିବା** *କ୍ରି.* କାନ୍ଦିକାନ୍ଦି ବା ଦୁଃଖରେ ଅବସନ୍ନ ବା ଡାଙ୍ଗ ହୋଇଯିବା ।

**ଟେଢ଼େଙ୍ଗ୍ ହେବା** *କ୍ରି.* ଶଗଡ଼ଗାଡ଼ିରେ ଅସମତୁଲ ଭାବରେ ଜିନିଷ ରଖିବା ଯୋଗୁ ଅସନ୍ତୁଳନ ହେବା, ଟପାଳ ହେବା, ଝୁରା ହେବା ।

**ଟେଙ୍କୋଇ, ଟେଟେଇ** *ବି.* ଟିଟିଁଆ ଚଢେଇ, ଟିଟ୍ଟିଭ ।

**ଟେଣ୍ଡର** *ବି.* ନିର୍ଦ୍ଦିଷ୍ଟ ମୂଲ୍ୟରେ କାର୍ଯ୍ୟ କରିବା ପାଇଁ ପ୍ରସ୍ତାବପତ୍ର ।

**ଟେନ୍‌ଟେନ୍** *ବିଂ.* ସୁସ୍ଥ, ଫିଟ୍‌ଫାଟ୍, ଚେଙ୍ଗା ।

**ଟେନ୍‌ସା, ଟେଁଡ଼୍‌ସା** *ବି.* କଦାପି ନିଜର ଭୁଲ୍ ବା ପରାଜୟ ସ୍ୱୀକାର କରୁନଥିବା ଲୋକ ।

**ଟେନ୍‌ହା** *ବିଂ.* ଟିଙ୍ଗା, ଏକଜିଦିଆ, ନିଜ ମତ ବା ବିଚାର ପରିବର୍ତ୍ତନ କରୁନଥିବା ।

**ଟେନିସ୍** *ବି.* କୋମଳ ବଲ୍ ଓ ରାକେଟ୍ ସାହାଯ୍ୟରେ ଖେଳା ଯାଉଥିବା ଏକପ୍ରକାର ଲୋକପ୍ରିୟ ଖେଳ ।

**ଟେପ୍‌ରା** *ବି.* ଠେକୁଆ ।

**ଟେପ୍‌ରା କନା** *ବିଂ.* ଠେକୁଆ କାନ ଭଳି ଲମ୍ବା କାନଥିବା ଲୋକ ।

**ଟେବୁଲ୍** *ବି.* ୧. ପ୍ରାୟ ଅଢ଼େଇ ଫୁଟ ଉଚ୍ଚତା ଓ ଚାରିଗୋଡ଼ ବିଶିଷ୍ଟ କାଠ, ଲୁହା ବା ପ୍ଲାଷ୍ଟିକ ତିଆରି ଚଉଡ଼ା ଉପକରଣ ୨. ମେଜ ।

**ଟେବୁଲ୍ ଟେନିସ** *ବି.* ଲମ୍ବା ଟେବୁଲ ଉପରେ ନେଟ ବନ୍ଧା ଓ ଛୋଟ ଗୋଲାକାର ବ୍ୟାଟ ଓ ବଲଦ୍ୱାରା ଖେଳାଯାଉଥିବା ଖେଳ ।

**ଟେମ୍** *ବିଂ.* ସୁସଜ୍ଜିତ, ଠିକ୍‌ଠାକ୍ ।

**ଟେମ୍ କରିବା** *କ୍ରି.* ୧. ଆଡ଼ମ୍ବର ପ୍ରଦର୍ଶନ କରିବା ୨. ମଉଜ କରିବା ।

**ଟେମ୍ ଫୁଲିଆ** *ବି.* ରସିକନାଗର ।

**ଟେମ୍ପର** *ବି.* ୧. ଫୁଟାଣି, ଗର୍ବ ୨. କ୍ରୋଧ ୩. ମିଂଜାସ ।

**ଟେମ୍ପରାରି** *ବିଂ.* କାମଚଳା, ଅସ୍ଥାୟୀ ।

**ଟେମ୍ପରେଚର୍** *ବି.* ଉତ୍ତାପ, ତାତି ।

**ଟେମ୍ପୋ** *ବି.* ୧. ତିନିଚକିଆ ମଟର ଯାନ, ଅଟୋରିକ୍ସା ୨. ଲୟ, ଗତି ।

**ଟେର୍** *ବି.* ସନ୍ଧାନ, ଖବର ।

**ଟେର୍‌ଚା** *ବିଂ.* ଟେରା ।

**ଟେର୍‌ଚା(ଚେ)ଇ ଦେଖିବା** *କ୍ରି.* କଟାକ୍ଷପାତ କରିବା, ତେର୍‌ଛେଇ ଚାହିଁବା, ଟେରେଇ ଦେଖିବା, ବଙ୍କେଇ ଚାହିଁବା ।

**ଟେର୍ ପାଇବା** *କ୍ରି.* ସନ୍ଧାନ ପାଇବା ।

**ଟେରା** *ବିଂ.ବି.* ୧. ଯାହାର ଆଖି ବଙ୍କା, ଟେର୍‌ଚା, *ସ୍ତ୍ରୀ.* ଟେରୀ ୨. *ବି.* ଟିହାପକ୍ଷୀ, ଭରଦ୍ୱାଜ ୩. ତମ୍ବୁ ୪. ଅସ୍ଥାୟୀ କନାବାଡ, ପରଦା ।

**ଟେରାକୋଟା** *ବି.* ପୋଡ଼ାମାଟିର ମୂର୍ତ୍ତିକଳା ବିଶେଷ, ପୋଡ଼ା ମାଟିର ମୂର୍ତ୍ତି ପ୍ରଭୃତି ।

**ଟେରାବାଡ଼** *ବି.* ପରଦା ବା କନାତାଟି ।

**ଟେରା ମାରିଯିବା** *କ୍ରି.* ଚକିତ ବା ବିସ୍ମିତ ହେବା ।

**ଟେରି** *ବି.* ମୁଣ୍ଡ କୁଣ୍ଡେଇବା ବାଗ, ଫିରେଇ ।

**ଟେରିଟେଁକର୍** *ବିଂ.* ଅଳ୍ପକେ ରାଗିଯାଉଥିବା (ବାଳିକା) ।

**ଟେରୀ** *ବିଂ.* ଦୁଇଆଖି ସମାନ ନଥିବା ନାରୀ, ବକ୍ରଦୃଷ୍ଟିସମ୍ପନ୍ନା (ନାରୀ) ।

**ଟେଳା** *ବି.* ୧. ମାଟିଖଣ୍ଡ ୨. କୌଣସି ଅର୍ଦ୍ଧକଠିନ ବସ୍ତୁର ଖଣ୍ଡ ୩. ଅଫିମଗୁଳା ।

**ଟେଲି** *ବି.* (ମାଂସ) ଖଣ୍ଡ, ଫୁଟ୍ ବା ଗୋଟିଏ ଖଣ୍ଡ, ଗୋଟିଏ ପିସ୍ ( ମାଛ ବା ମାଂସ) ।

**ଟେଲିଗ୍ରାଫ୍** *ବି.* ତାରଦ୍ୱାରା ଠାର-ସମ୍ବାଦ ପ୍ରେରଣ ବ୍ୟବସ୍ଥା ।

**ଟେଲିଗ୍ରାମ୍** *ବି.* ତାରଦ୍ୱାରା ସଂକ୍ଷିପ୍ତ ଭାଷାରେ ଚିଠି ବା ଖବର ।

**ଟେଲିପାଥି** *ବି.* ଜଣକ ମନରୁ ଅନ୍ୟ କାହାରି ମନକୁ ଭାବ ସଂଚାର ।

**ଟେଲିଫୋନ୍** *ବି.* ଦୂରଭାଷ, ତାର ସାହାଯ୍ୟରେ ଦୂରରେ ଥିବା ଲୋକ ସହିତ କଥାବାର୍ତ୍ତା ପାଇଁ ବ୍ୟବହୃତ ଯନ୍ତ୍ର ।

**ଟେଲିଭିଜନ** *ବି.* ଦୂରଦର୍ଶନ ଯନ୍ତ୍ର ବିଶେଷ, ଟିଭି ।

**ଟେଲିସ୍କୋପ୍** *ବି.* ଦୂରବୀକ୍ଷଣ ଯନ୍ତ୍ର ।

**ଟେହିବା** *କ୍ରି.* ଚିହ୍ନାଇବା, ଉତ୍ତେଜିତ କରିବା, ଉସ୍‌କେଇବା ।

**ଟୋକ୍‌ନା** *ବି.* ୧. କଂସା ବା ପିତ୍ତଳ ତିଆରି ବଡ଼ ହଣ୍ଡା ୨. ବାଉଁଶ ପାତିଆ ତିଆରି ଟୋପା ବା ଟୋକେଇ ।

**ଟୋକନ୍** *ବି.* କୁପନ, ଚିରକୁଟି ।

**ଟୋକଳି** *ବି.* ଟୋକୀ, ଝିଅପିଲା, ଟୁକେଲ୍ ।

**ଟୋକା** *ବି.* ପୁଅପିଲା, ବାଳକ, *ସ୍ତ୍ରୀ.* ଟୋକୀ ।

**ଟୋକାଳିଆ** *ବିଂ.* ୧. ଟୋକା ଭଳି ଦେଖା ଯାଉଥିବା ୨. ଅପରିପକ୍ୱ ।

**ଟୋକାଟାକଳିଆ** *ବିଂ.* ଅଳ୍ପ ବୟସ୍କ, ତରୁଣବୟସ, ଅନଭିଜ୍ଞ ।

**ଟୋକିବା** *କ୍ରି.* ୧. ଦୋଷ ଦେଖାଇବା ୨. ଖୁଣ୍ଟିବା ୩. ରୋକିବା ।

**ଟୋକୀ** *ବି.* ଝିଅ, ଟୁକେଲ।

**ଟୋକେଇ** *ବି.* ବାଉଁଶ ବା ବେତରେ ବୁଣା ହୋଇଥିବା ଛୋଟ ବେତା, ଛେଟ୍‌ନା ।

**ଟୋଟା** *ବି.* କାରତୁଜ, ବାରୁଦ, ଗୁଳିପୂର୍ଣ୍ଣ ପୁଡ଼ିଆ ।

**ଟୋଟୋଗଞ୍ଜା** *ବି.* ୧. ଚୂଳ ନଥିବା ଗଞ୍ଜା ୨. ଚନ୍ଦାମୁଣ୍ଡ ।

**ଟୋପ୍‌କରି** *କ୍ରି.ବିଂ.* ଆଖି ପିଛୁଳାକେ, ଚପ୍‌କରି, ଚଟ୍‌କରି, ସଙ୍ଗେ ସଙ୍ଗେ ।

**ଟୋପ** *ବି.* ୧. ଚପ୍, ଶଗଡ଼ ଗାଡ଼ିର ଘୋଡ଼ଣି ବା ଆଚ୍ଛାଦନ ୨. ଗାଡ଼, ଗାତ, ଖାଲ, ହାତୀ ଧରିବା ପାଇଁ ଖୋଳାଯାଉଥିବା ଖାଲ ୩. ବନ୍ଦୀଶାଳା, ଜେଲ୍ ।

**ଟୋପ ଚଉରା** *ବି.* ୧. ଟୋପ ଭିତରେ ଚଉରା ୨. ଦେହ ଭିତରେ ଆତ୍ମା ।

**ଟୋପର** *ବି.* ୧. ଟୋପ୍, ଝାମ୍ପି, ପତ୍ର ୨. ବାଉଁଶ ବା କଣିରେ ଗୁଛା ଫୁଲର ଟୋପି ୩. ସ୍ନାନଯାତ୍ରାରେ, ବଡ଼ ଏକାଦଶୀ ଦିନ ରଥ ଉପରେ ଓ ମକର ସଂକ୍ରାନ୍ତିରେ ଶ୍ରୀଜଗନ୍ନାଥଙ୍କୁ ଲାଗି ହୋଇଥିବା ଶିରୋଭୂଷା, ମୁକୁଟ ୪. ବଣୁଆ ଚଢ଼େଇ ବିଶେଷ ।

**ଟୋପଲି** *ବି.* ଛୋଟ ଭୋଗେଇ, ଭୁଗ୍‌ଲି ।

**ଟୋପା** *ବି.* ୧. ବିନ୍ଦୁ, ତରଳ ପଦାର୍ଥର ବୁନ୍ଦା ୨. (ବାଉଁଶ ପାତିଆରେ ବୁଣା) ପାଛିଆ ବା ଟୋକେଇ, ଡଲା ।

**ଟୋପାଏ** *ବି.ବିଂ.* ବିନ୍ଦୁଏ, ଏକମାତ୍ର ଟୋପା ।

**ଟୋପି** *ବି.* ୧. ଖରା ପ୍ରଭୃତିରୁ ରକ୍ଷା ପାଇବା ପାଇଁ ମୁଣ୍ଡର ଆବରଣ ୨. ଚନ୍ଦନ, ସିନ୍ଦୂର ପ୍ରଭୃତିର ବିନ୍ଦୁ ୩. ଛୋଟ ଡାଲା, ଟୁପ୍‌ଲି ।

**ଟୋପିଚନ୍ଦନ** *ବି.* କ୍ଷୁଦ୍ର କ୍ଷୁଦ୍ର ଟୋପା ଆକାରର ଚନ୍ଦନର ଚିତା ।

**ଟୋଲ୍‌ଗେଟ୍** *ବି.* ମାହାସୁଲ ବା ଟିକସ ସଂଗ୍ରହ ନିମନ୍ତେ ରାସ୍ତା ଉପରେ ଥିବା ସ୍ଥାନ ।

**ଟୋଲ୍‌ତେଲ** *ବି.* ମହୁଲ ଫଳର ତେଲ ।

**ଟୋଲ, ଟୋଲ୍** *ବି.* ୧. ସଂସ୍କୃତ ପାଠଶାଳା, ଚତୁଷ୍ପାଠୀ ୨. ମହୁଲ ଗଛର ଫଳ (ଯେଉଁରୁ ତେଲ ପ୍ରସ୍ତୁତ ହୋଇଥାଏ) ୩. ଶୁଳ୍କ, ମାସୁଲ, ଟିକସ୍ ।

**ଟୋଲା** *ବିଂ.* ଚେପା, ଟୋଲ୍‌କା ।

**ଟୋଲେଇବା,ଟୋଲାଇବା** *କ୍ରି.* ୧. (ବାସନକୁସନ) ଟୋଲା ବା ଟୋଲ୍‌କା ହେବା ୨. ବଥରେ ପୁଜ ଭର୍ତ୍ତି ହୋଇ ଫୁଲେଇବା ।

**ଟ୍ରକ୍** *ବି.* ଲରି, ମାଲ ପରିବହନରେ ବ୍ୟବହୃତ ଗାଡ଼ି ।

**ଟ୍ରଙ୍କ୍ ରୋଡ଼** *ବି.* ମୁଖ୍ୟ ରାଜପଥ ।

**ଟ୍ରଲର** *ବି.* ସମୁଦ୍ରରେ ମାଛ ମାରିବାପାଇଁ ବ୍ୟବହୃତ ଯନ୍ତ୍ରଚାଳିତ ମାଛଧରା ଡଙ୍ଗା ।

**ଟ୍ରଲି** *ବି.* ୧. ମାଲ ନେବାଆଣିବା ପାଇଁ ସାଇକଲ୍ ରିକ୍ସାରେ କାଠ ପଟା ଦେଇ ତିଆରି ଯାନ ୨. ଟ୍ରାକ୍ଟର, ଜିପ୍ ପ୍ରଭୃତିରେ ଖଞ୍ଜା ହୋଇଥିବା ସ୍ୱତନ୍ତ୍ର ମାଲ୍‌ଡବା ।

**ଟ୍ରଷ୍ଟ୍ ଫଣ୍ଡ୍** *ବି.* ନ୍ୟାସଧନ, ନିର୍ଦ୍ଦିଷ୍ଟ କର୍ମ ପାଇଁ ଗଚ୍ଛିତ ମୂଳଧନ ।

**ଟ୍ରଷ୍ଟି, ଟ୍ରଷ୍ଟୀ** *ବି.* ମାରଫତ୍‌ଦାର ।

**ଟ୍ରାଉଜର** *ବି.* ଫୁଲ୍‌ପେଣ୍ଟ, ପୂରା ଗୋଡ଼ବାଲା ପ୍ୟାଣ୍ଟ୍ ।

**ଟ୍ରାନ୍‌ସ୍‌ଫର୍** *ବି.* ବଦଳି, ସ୍ଥାନାନ୍ତର ।

**ଟ୍ରାନ୍‌ସ୍‌ଫରମର୍** *ବି.* ବିଦ୍ୟୁତ ପ୍ରବାହର ଶକ୍ତି ପରିବର୍ତ୍ତନ କରୁଥିବା ଯନ୍ତ୍ର ।

**ଟ୍ରାନ୍‌ସଫର୍ ସାର୍ଟିଫିକେଟ୍** *ବି.* ବଦଳି ବା ସ୍ଥାନାନ୍ତରିତ ହେବାର ଅନୁମତି ପତ୍ର ।

**ଟ୍ରାନ୍‌ସ୍‌ଲେଟର୍** *ବି.* ଅନୁବାଦକ, ଗୋଟିଏ ଭାଷାରୁ ଅନ୍ୟ ଭାଷାକୁ ରୂପାନ୍ତର କରୁଥିବା ବ୍ୟକ୍ତି ।

**ଟ୍ରାନ୍‌ସ୍‌ଲେସନ୍** *ବି.* ଅନୁବାଦ, ଭାଷାନ୍ତର ।

**ଟ୍ରାଫିକ୍** *ବି.* ଯାନବାହନ ଆଦିର ଗମନାଗମନ ।

**ଟ୍ରାଭେଲ ଏଜେଣ୍ଟ** *ବି.* ଯାତ୍ରା ସହାୟକ ବ୍ୟକ୍ତି ବା ସଂସ୍ଥା ।

**ଟ୍ରାଭ୍‌ଲର୍ସ୍ ଚେକ୍** *ବି.* ଯାତ୍ରା କାଳରେ ଟଙ୍କା ପରିବର୍ତ୍ତେ ନିରାପଦ ନେଣ ଦେଣ ପାଇଁ ବ୍ୟବହୃତ ଚେକ୍ ।

**ଟ୍ରାମ୍** *ବି.* ସହର ଭିତରେ ଲୁହା ଧାରଣା ଉପରେ ଚାଲୁଥିବା ବିଦ୍ୟୁତ୍ ଚାଳିତ ଯାନ ।

**ଟ୍ରେକର୍** *ବିଂ.* ସାଧାରଣତଃ ଯାତ୍ରୀ ପରିବହନରେ ବ୍ୟବହୃତ ଚାରିଚକିଆ ଛୋଟ ମଟର ଗାଡ଼ି ।

**ଟ୍ରେଜରର୍** *ବି.* ୧. ଧନାଗାର ରକ୍ଷକ ୨. କୋଷାଧକ୍ଷ ।

**ଟ୍ରେଜେରୀ** *ବି.* ୧. ଯେଉଁଠି ସରକାରୀ ଟଙ୍କା ପଇସାର କାରବାର ହୁଏ, କୋଷାଗାର, ଖଜଣାଖାନା ୨. ଯେଉଁ ବାକ୍ସରେ ମୂଲ୍ୟବାନ ବସ୍ତୁ ରଖାଯାଏ, ତେରଜୋଡ଼ି, ତିଜୋରି ୩. ଧନରତ୍ନଭରା ସିନ୍ଦୁକ ।

**ଟ୍ରେଡ୍‌ମାର୍କ୍** *ବି.* ପଣ୍ୟାଦି ଉପରେ ନିର୍ମାତାଙ୍କ ବାଣିଜ୍ୟିକ ମୋହର ।

**ଟ୍ରେନ୍** *ବି.* ରେଳଗାଡ଼ି ।

**ଟ୍ରେନିଙ୍ଗ୍** *ବି.* ପ୍ରଶିକ୍ଷଣ, ବିଶେଷ ତାଲିମ ।

**ଟ୍ୟାଙ୍କ୍** *ବି.* ୧. ଜଳଭଣ୍ଡାର ୨. ପୁଷ୍କରିଣୀ ୩. ଯୁଦ୍ଧରେ ବ୍ୟବହୃତ ସାଞ୍ଜୁ ଗାଡ଼ି ।

**ଟ୍ୟାଙ୍କର୍** *ବି.* ତେଲ ବା ଜଳବାହୀ ଯାନ ।

# ଠ

**ଠ** *ବି.* ୧. ବ୍ୟଞ୍ଜନ ବର୍ଣ୍ଣର ଦ୍ୱାଦଶ ଅକ୍ଷର ୨. ଶୂନ୍ୟ ସଂଖ୍ୟା ।

**ଠଅ** *ବିଂ.* ଗୋଲାକାର, ଗୋଲିଆ, ମଣ୍ଡଳାକାର ।

**ଠଉଁ** *ଅ.* ୧. ଠୁ, ଠୁଁ ଠାରୁ ୨. ଅପେକ୍ଷା ।

**ଠଉର** *ବି.* ୧. ଚିହ୍ନିବା ୨. ଠିକଣା ୩. ଅବସ୍ଥାନ ୪. ନିଶ୍ଚିତ ଅନୁମାନ ।

**ଠଉର ଠିକଣା** *ବି.* ନିର୍ଦ୍ଦିଷ୍ଟ ଠିକଣା ।

**ଠଉରାଇବା** *କ୍ରି.* ୧. ଅନ୍ଦାଜ ବା ଅନୁମାନ କରିବା ୨. ଖୋଜିବା ।

**ଠଉରିବା** *କ୍ରି.* ୧. ସ୍ଥିର ରହିବା, ଠହରିବା, ଗୋଟିଏ ସ୍ଥାନରେ ରହିଯିବା ୨. ଧୈର୍ଯ୍ୟ ଧରିବା ୩. ଧୈର୍ଯ୍ୟର ସହିତ ଅପେକ୍ଷା କରିବା ୪. ଅଟକିବା ।

**ଠକ୍କରି, ଠକ୍କିନା** *ଅ.* ହଠାତ୍ ।

**ଠକ୍ ଠକ୍** *ବି.ଅ.* କାଠରେ ଆଘାତ ଦେବା ଫଳରେ ସୃଷ୍ଟ ଧ୍ୱନି ।

**ଠକ୍‌ଠକା** *ବିଂ.* ଅତ୍ୟନ୍ତ ତୋଫାଗୋରା ।

**ଠକ୍‌ରା** *ବିଂ.* ୧. ଠିକ୍, ଉଚିତ ୨. ଦୈବାତ୍ ।

**ଠକ** *ବି.ବିଂ.* ୧. ମିଛ ବା ଭୁଲ୍ କଥା କହି ସ୍ୱାର୍ଥ ହାସଲ କରୁଥିବା ଲୋକ ୨. ପ୍ରତାରକ ।

**ଠକଗୁରୁ** *ବି.* ଠକମାନଙ୍କ ଗୁରୁ, ଅତିଠକ ।

**ଠକାଠକ** *ବିଂ.* ୧. ଯଥାର୍ଥ ୨. ଅଳ୍ପ ନୁହେଁ କି ବେଶି ନୁହେଁ ୩. ଆବଶ୍ୟକ ମୁତାବକ ।

**ଠକାଠକି** *ବିଂ.* ଠକିବା ଭଳି ; *ବି.* ଚିତାକଟା ବିଦ୍ୟା, ପ୍ରତାରଣା କରିବା ମାନସିକତା ।

**ଠକାମି** *ବି.* ଠକପଣ, ପ୍ରତାରଣା ।

**ଠକାର** *ବିଂ.* 'ଠ' ବର୍ଣ୍ଣ ପରି ଆକାର ଯାହାର, ଗୋଲାକାର ।

**ଠକିବା** *କ୍ରି.* ୧. ପ୍ରତାରଣା କରିବା, ଭଣ୍ଡିବା, ଠକେଇ କରିବା ୨. ମିଛ କହିବା ।

**ଠକିଯିବା** *କ୍ରି.* ପ୍ରତାରିତ ହେବା ।

**ଠକି ହେବା** *କ୍ରି.* ନିଜ ଦୋଷ ବା ସରଳତା ଯୋଗୁଁ ଠକାମିରେ ପଡ଼ିବା ।

**ଠଗ** *ବି.* ପୂର୍ବେ ପଥଚାରୀମାନଙ୍କୁ ହତ୍ୟାକରି ଲୁଣ୍ଠନ କରୁଥିବା ଦସ୍ୟୁ ।

**ଠଟା ବଜା** *ବି.* ୧. ସ୍ନେହପୂର୍ଣ୍ଣ ସ୍ପର୍ଶ ୨. କୋମଳ ଆଘାତ ।

**ଠଟାବା** *କ୍ରି.* ୧. ଆଘାତ ବା ଚାପ ସହ ସ୍ପର୍ଶ କରିବା ୨. ଖାତିର କରିବା ।

**ଠଟାମସ୍‌ଗୁଲ୍** *ବି.* ୧. ଥଟ୍ଟାମଜା ୨. ହାସପରିହାସ ।

**ଠଠାକୋ** *ବି.* ଦେହର କୌଣସି ଅଂଶରେ ଫୁଲା ।

**ଠ-ଠା-ଠି** *ବି.* ଅତ୍ୟନ୍ତ ଦରିଦ୍ର ଅବସ୍ଥା ।

**ଠଡ଼୍‌କା, ଠଡ଼୍‌କୋ** *ବିଂ.* ଶୁଖା, ଶୁଷ୍କ ।

**ଠଣ୍** *ଅ.* ଧାତୁର ଶବ୍ଦ, ଘଣ୍ଟାର ଶବ୍ଦ ।

**ଠଣ୍‌ଠଣ୍** *ବି.* ୧. ନଗଦ ଟଙ୍କା, ଟଙ୍କାପଇସା ୨. ଧାତବ ପଦାର୍ଥ ମଧ୍ୟରେ ପରସ୍ପର ସହିତ ଆଘାତ ଦ୍ୱାରା ସୃଷ୍ଟି ହେବା ଧ୍ୱନି ।

**ଠଣ** *ବି.* ଗଢ଼ଣ, ଶାରୀରିକ ସୌଷ୍ଠବ ।

**ଠଣା** *ବି.* ୧. ଥାକ, କାନ୍ଥଖୋଳା, ସ୍ଥାନ, କାନ୍ଥକୁରା, କଣମୁଛା, କାନ୍ଥରେ ଥିବା ଥାକ ୨. ମୁଣ୍ଡରେ ଆଙ୍ଗୁଠି ଆଘାତ ।

**ଠଣାମାରି ହେବା** *କ୍ରି.* ନିଜର କୃତକର୍ମ ବା ନିର୍ବୋଧତା ଯୋଗୁଁ ପସ୍ତେଇ ହେବା ।

**ଠନ୍‌କି** *ବି.* ଶରୀରରେ ଜଳୀୟ ଅଂଶ ହ୍ରାସ ଯୋଗୁଁ ବା କୌଣସି ପ୍ରଦାହ ହେତୁ ମୂତ୍ରଦ୍ୱାର ପୋଡ଼ିବା, ପରିସ୍ରାପୋଡ଼ା ।

**ଠନ୍‌କିବା** *କ୍ରି.* ୧. ଚାଷଜମିର ବତର ବିଗିଡ଼ି ଯିବା ୨. ଗଣ୍ଠି ଟାଣ ହେବା ।

**ଠନ୍ ଧର୍‌ବା** *କ୍ରି.* ଶେଷଥର ପାଇଁ ଲଙ୍ଗଳଗାରରେ ହଳ ବୁଲାଇବା ।

**ଠମ୍‌କିବା** *କ୍ରି.* ଯୌବନସୁଲଭ ଅଙ୍ଗଭଙ୍ଗୀ ପ୍ରଦର୍ଶନ କରିବା ।

**ଠମକ** *ବି.* ୧. ହାବଭାବ ୨. ନଖ୍‌ରା, ଫାଜିଲାମି ।

**ଠର୍‌ରା** *ବି.* ଉତ୍କଟ ଦେଶୀ ମଦ ବିଶେଷ ।

**ଠର୍‌ଲୋ** *ବିଂ.* ବୁଢ଼ା, ବୟସ୍କ (ବ୍ୟକ୍ତି) ।

**ଠରା** *ବି.* ସଂକେତଦ୍ୱାରା ମନୋଭାବ ପ୍ରକାଶ, ଇସାରା ।

**ଠରାଠରି** *ବି.* ଅଙ୍ଗଭଙ୍ଗୀଦ୍ୱାରା ପରସ୍ପର ଭାବର ଆଦାନ ପ୍ରଦାନ ।

**ଠରାନରା** *ବି.* ଇଙ୍ଗିତ ଆଦାନପ୍ରଦାନ, ଠରାଠରି ।

**ଠସ୍** *କ୍ରି.ବିଂ.* ଟୋପାଟୋପା ଲୁହ ଝରାଇବା ।

**ଠସ** *ବି.* ୧. ପରିହାସ, ଥଟ୍ଟା ୨. ଛାଞ୍ଚ, ନମୁନା, ନବଜ ।

**ଠସକ୍** *ବି.* ୧. ଭଙ୍ଗୀ, ବେଶଭୂଷା ଓ ଚାଲିଚଳନରେ ଦେଖାଣିଆ ଭାବ ୨. ପରିହାସ ।

**ଠସାଠସ୍** *ବିଂ.* ପ୍ରବଳ, ପରିପୂର୍ଣ୍ଣ, ଭର୍ତ୍ତି ।

**ଠସୋଠସୋ** *କ୍ରି.ବିଂ.* ଠସ୍‌ଠସ୍, ଟୋପାଟୋପା, ବିନ୍ଦୁବିନ୍ଦୁ ।

**ଠହକାବା** *କ୍ରି.* ୧. ଠାବ କରିବା ୨. ଠଉରାଇବା ୩. ଖୋଜି ବାହାର କରିବା ୪. ଦୂରରୁ ଦେଖି ସ୍ଥାନ ନିରୂପଣ କରିବା ।

**ଠହରାବା** *କ୍ରି.* ୧. ଅନୁସନ୍ଧାନପୂର୍ବକ ସ୍ଥିର କରିବା ୨. ଅଟକାଇବା ।

**ଠହରିବା** *କ୍ରି.* ଧୈର୍ଯ୍ୟ ଧରିବା, ଅପେକ୍ଷା କରିବା, ଅଟକିବା ।

**ଠ ହେଇଯିବା** ***କ୍ରି.*** କୌଣସି କାମ ବିଫଳ ହେବା।

**ଠା, ଠାଆ** ***ବି.*** ୧. ସ୍ଥାନ, ଜାଗା ୨. ଖାଇବାର ସ୍ଥାନ ବା ଆୟୋଜନ ୩. ରହିବା ସ୍ଥାନ ।

**ଠାଆକୁ ଠାଆ** ***ଅ.କ୍ରି.ବିଂ.*** ଯାଗାକୁ ଯାଗା, ଏ ସ୍ଥାନରୁ ସେ ସ୍ଥାନ।

**ଠାଆ ଠାଆକେ** ***ଅ.କ୍ରି.ବିଂ*** ଭିନ୍ନ ଭିନ୍ନ ସ୍ଥାନରେ।

**ଠାଇଁ** ***କ୍ରି.ବିଂ.*** (ସେହି)ସ୍ଥାନରେ; ***ବି.*** ୧. ଥୁଆଥୋଇ, ରଖାଥୁଆ ୨. ବିଧବାର ପୁନର୍ବିବାହ, ଥୁଆଥୋଇ ବିଭା ।

**ଠାଇଁଆ** ***ବି.*** ସ୍ତ୍ରୀ ପରିତ୍ୟକ୍ତା ବା ବିଧବାକୁ ବିବାହକାରୀ *ସ୍ତ୍ରୀ. ଠାଇଁଆଣୀ* ।

**ଠାଇଠୋଡ଼୍କୋ** ***ବିଂ.*** ୧. ପୂରା ଲଣ୍ଡା ୨. ଶୁଖିଲା ।

**ଠାଉଆ** ***ବି.*** ଛୋଟକାଟିଆ ଚୋର, ପାତିଚୋର ।

**ଠାଉକା, ଠାଉରିଆ** ***ବି.*** ଆଗରୁ ଜିନିଷକୁ ଠାବ କରି ଚୋରି କରୁଥିବା ଚୋର ।

**ଠାଏକରି** ***କ୍ରି. ବିଂ.*** ୧. ଖୁବ୍ ଜୋରରେ (ଆଘାତ ହେବା ବା ଚାପୁଡ଼ା ମାରିବା) ୨. ଏକାଠି କରି।

**ଠାଏଠାଏ** ***ଅ.କ୍ରି.ବିଂ.*** ୧. ସ୍ଥାନେସ୍ଥାନେ, ଜାଗାଏଜାଗାଏ, ଭିନ୍ନଭିନ୍ନ ଅଞ୍ଚଳରେ ୨. ଜୋରରେ, ଶକ୍ତ ଭାବରେ।

**ଠାକରା** ***ବିଂ.*** ୧. ଶୁଷ୍କ, ରସହୀନ ୨. ଭିତରକୁ ପଶି ଯାଇଥିବା (ଗାଲ) ।

**ଠାକିବା** ***କ୍ରି.*** ୧. କୌଣସି ସ୍ଥାନରେ ସ୍ଥିର ହୋଇ ରହିବା ୨. ତିଷ୍ଠିବା ୩. ଲାଗିବା ୪. କୌଣସି କାର୍ଯ୍ୟ ବା ଚାକିରିରେ ଲାଗିଯିବା ୫. ଅଟକି ଯିବା।

**ଠାକୁର** ***ବି.*** ୧. ଦେବତା, ପ୍ରଭୁ, ଭଗବାନ ୨. ବ୍ରାହ୍ମଣ ।

**ଠାକୁରଘର** ***ବି.*** ୧. ଭାଗବତଘର ୨. ପୂଜାଘର ୩. ମନ୍ଦିର ।

**ଠାକୁରବାଡ଼ି** ***ବି.*** ୧. ଦେବବିଗ୍ରହ ବା ଘର ୨. ମଠ ।

**ଠାକୁରବାପା** ***ବି.*** ଜେଜେ, ପିତାମହ, ବାପାଙ୍କ ବାପା (***ସ୍ତ୍ରୀ.*** ଠାକୁରମା)।

**ଠାକୁରରାଜା** ***ବି.*** ଶ୍ରୀଜଗନ୍ନାଥଙ୍କ ପ୍ରଧାନ ସେବକ ପୁରୀର ଗଜପତି ମହାରାଜା ।

**ଠାକୁରସେବା** ***ବି.*** ଦେବତାଙ୍କ ପୂଜା।

**ଠାକୁରାଣୀ** ***ବି.*** ୧.ଦେବୀ ୨. ବସନ୍ତ, ହାଡ଼ଫୁଟି, ମିଳିମିଳା, ହଇଜା ପ୍ରଭୃତି ରୋଗ ।

**ଠାକୁରାଣୀ ଯାତ୍ରା** ***ବି.*** ଦେବୀ ପୀଠରେ ଫଗୁଣ ମାସ ଶୁକ୍ଳପକ୍ଷ ଦ୍ୱିତୀୟାଠାରୁ ଚୈତ୍ର ମାସ ଶେଷ ପର୍ଯ୍ୟନ୍ତ ପାଳିତ ଉତ୍ସବ।

**ଠାକୁରାଣୀ ଲାଗିବା** ***କ୍ରି*** ୧. କାଳିସୀ ଲାଗିବା ୨. ଗୋବସନ୍ତ ରୋଗ ହେବା।

**ଠାକେରା** ***ବି.ବିଂ.*** ୧. ଚନ୍ଦା ୨. ଟାଙ୍ଗରା ୩. ଭିତରକୁ ପଶିଯାଇଥିବା ୪. ଶୁଷ୍କ, ଠାକରା ।

**ଠା ଘର** ***ବି.*** ଖାଇବା ଘର।

**ଠାଟ୍** ***ବି.*** ୧. ସ୍ୱଚ୍ଛଳ ଅବସ୍ଥା ୨. ବାହ୍ୟ ଆଡ଼ମ୍ବର ୩. ଔଦ୍ଧତ୍ୟ ।

**ଠାଟ୍‌ବାଟ୍** ***ବି.*** ସଂଭ୍ରାନ୍ତ ବା ଅଭିଜାତ ଜୀବନ ଶୈଳୀ ।

**ଠାଟା** ***ବିଂ.*** ଥୁଣ୍ଟା, ପତ୍ରଫୁଲ ନଥିବା।

**ଠାଟୁ** ***ବି.ବିଂ.*** ୧. ଲଣ୍ଡା, ଲଣ୍ଡାମୁଣ୍ଡ ୨. ଚନ୍ଦା, ଚନ୍ଦାମୁଣ୍ଡିଆ ୩. ପତ୍ରହୀନ ୪. ଫୁଲ ହୀନ ।

**ଠା ଠାକେ** ***ଅ.*** ଯାଗାକୁ ଯାଗା।

**ଠା ଠିକଣା** ***ବି.*** ସ୍ଥାନ ଓ ଠିକଣା, ସ୍ଥାୟୀ ଠିକଣା।

**ଠାଡ଼୍** ***ବି.*** ଠିଆ, ଉଭା।

**ଠାଡ଼୍କି** ***କ୍ରି.ବିଂ.*** ଠିଆ ବାଗରେ, *(ବିପ. ଆଡ଼୍କି)* ।

**ଠାଡ଼୍ପହଁରା** ***ବି.*** ପାଣିରେ ଠିଆପହଁରା।

**ଠାଡ଼୍ ହେବା** ***କ୍ରି.*** ଠିଆହେବା, ଛିଡ଼ାହେବା।

**ଠାଡ଼େ ଠାଡ଼୍** ***କ୍ରି.ବିଂ.*** ୧. ଠିଆଠିଆ ୨. ସେହି ସ୍ଥାନରେ ୩. ନିଶ୍ଚଳ ଭାବରେ ।

**ଠାଣା** ***ବି.*** ଜଗୁଆଳିର ଜଗିବା ସ୍ଥାନ।

**ଠାଣି** ***ବି.*** ୧. ଚାଲିଚଳଣ ୨. ଅଙ୍ଗଭଙ୍ଗୀ, ୩. ବାଗ, ଶୈଳୀ ।

**ଠାନ୍** ***ବି.*** ସ୍ଥାନ, ଠା, ଜାଗା।

**ଠାନୁ, ଠାନୁନ୍** ***ଅ.*** ଠାରୁ, ସ୍ଥାନରୁ, ଠାନେ; ***ଅ.*** ଠାରେ, ସେଠାରେ, ସେହି ସ୍ଥାନରେ।

**ଠା ପିଢ଼ା** ***ବି.*** ୧. ଖାଇବା ନିମିତ୍ତ ବସିବା ପାଇଁ ଉଦ୍ଦିଷ୍ଟ କାଠ ଆସନ ବା ବ୍ୟବସ୍ଥା ୨. ଔପଚାରିକ ଭାବରେ ଖାଇବା ନିମିତ୍ତ ବ୍ୟବସ୍ଥା।

**ଠାପୁଆ** ***ବିଂ.ବି.*** ଅଳସୁଆ, କର୍ମକୁଣ୍ଠ, କୋଢ଼ିଆ, ଶ୍ରମକାତର ।

**ଠାପେଇବା, ଠାପୋଇବା** ***କ୍ରି.*** ୧. ବାହାନା କରିବା ୨. ଛୋଟେଇ ଚାଲିବା।

**ଠାବ** ***ବି.*** ଠିକଣା, ଅବସ୍ଥାନ, ଅନୁସନ୍ଧାନ, ବାସସ୍ଥାନ ।

**ଠାବ କରିବା** ***କ୍ରି.*** ୧. ରହିବା ଠିକଣା ଜାଣିବା ୨. ଖୋଜି ବାହାର କରିବା।

**ଠାବ ନ ମିଳିବା** ***କ୍ରି.*** ରହିବା ସ୍ଥାନ ବା ଆଶ୍ରୟ ସ୍ଥଳ ନ ମିଳିବା।

**ଠାମ** ***ବି.*** ଗଠନ, ଗଢ଼ଣ, ରୂପ।

**ଠାୟାଁ** ***ବିଂ.*** ଠାଇଁଆ, ବିଧବା ସ୍ତ୍ରୀକୁ ଦୁତୀଅ ପ୍ରଥାଅନୁସାରେ ବିବାହ କରୁଥିବା ପୁରୁଷ ।

**ଠାୟାଁଣୀ** *ବି.* ଏକାଧିକ ପତି ଗ୍ରହଣ କରିଥିବା ବିଧବା ।

**ଠାର** *ବି.* ଇଙ୍ଗିତ, ସଂକେତ, ଇସାରା ।

**ଠାରନାର** *ବି.* ଠରାଠରି ।

**ଠାରିବା** *କ୍ରି.* ଇଙ୍ଗିତ ଦେବା, ସଂକେତ ଦେବା ।

**ଠାରୁ** *ଅ.* ୧. ରୁ, ସ୍ଥାନରୁ ୨. ଅପେକ୍ଷା ।

**ଠାରୁମୁଡ଼ା** *ବି.ବିଂ.* ଚନ୍ଦାମୁଣ୍ଡିଆ ବା ଲଣ୍ଡାମୁଣ୍ଡିଆ (ଲୋକ) ।

**ଠା'ରେ ବସିବା** *କ୍ରି.* ଖାଇବସିବା, ଭୋଜନ କରିବା ।

**ଠାସ୍** *ବି.* ମିଛ, ଅନୁମାନ ।

**ଠାସ୍କୁ** *ବି.* କଳ୍ପନା, ଅନୁମାନ ।

**ଠାସ୍କୁ ମାରିବା** *କ୍ରି.* ଅନୁମାନ ବା ଅନ୍ଦାଜ କରିବା, ଗାଲୁ ମାରିବା ।

**ଠା ସଜ** *ବି.* ଖାଇବା ବାସନ ।

**ଠିଅ** *ବି.* ୧. ଟେକ, ମାନ ୨. ଆଶ୍ରା ୩. ଠେକ, ଢ଼ିରା ।

**ଠିଆ** *ବି.ବିଂ.* ଛିଡ଼ା, ସଳଖ, ଭୂମିଉପରେ ସିଧାସଳଖ ରହିଥିବା, ଉଭା ।

**ଠିଆକିଆ** *ବି.* କାର୍ତ୍ତିକ ଶୁକ୍ଳ ଚତୁର୍ଦ୍ଦଶୀ ଦିନ ଶ୍ରୀଜଗନ୍ନାଥଙ୍କୁ ଲାଗି ହେବା ଠିଆ ବା ଲମ୍ବ ବାଗରେ ସଜ୍ଜିତ ସୁନା କିଆପତ୍ର ।

**ଠିଆଖିଆ** *ବି.* ଠିଆହୋଇ ଖାଇବା, ବଫେ ।

**ଠିଆଠିଆ** *କ୍ରି.ବିଂ.* ଠିଆହୋଇ, ଠିଆହେବା ଅବସ୍ଥାରେ ।

**ଠିଆପାଲା** *ବି.* ସତ୍ୟପୀର ପୂଜା ଅର୍ଚ୍ଚନା କାଳରେ ଠିଆ ହୋଇ ବାୟକ, ଗାୟକ ଓ ପାଳିଆମାନେ ପରିବେଷଣ କରୁଥିବା ଲୋକ ଗୀତାଭିନୟ ।

**ଠିଆପୁଚି** *ବି.* ଠିଆ ହୋଇ ଖେଳାଯାଉଥିବା ପୁଚିଖେଳ ।

**ଠିଆମରୁଡ଼ି** *ବିଂ.* ଧାନଗଛ ଫୁଲ ଉଡେଇବା ପୂର୍ବରୁ ପାଣି ଅଭାବରୁ ମରିଯିବା ।

**ଠିଆମେଲା** *ବିଂ.* ସମ୍ପୂର୍ଣ୍ଣ ମେଲା ବା ଖୋଲା ।

**ଠିଆରିଆ** *ବିଂ.କ୍ରି.ବିଂ.* ୧. ହାଲୁକା ଭାବରେ, ଲଘୁଭାବରେ ୨. ଆନ୍ତରିକତାହୀନ ଭାବରେ ।

**ଠିଆ ହେବା** *କ୍ରି.* ୧. ଛିଡ଼ାହେବା ୨. ସମକକ୍ଷ ହେବା ୩. ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ।

**ଠିକ୍** *ବିଂ.* ୧. ନିର୍ଭୁଲ ୨. ଉଚିତ, ଯଥାର୍ଥ ।

**ଠିକ୍ କରିବା** *କ୍ରି.* ୧. ଜବତ୍ କରିବା ୨. ସ୍ଥିର କରିବା ୩. ସଂଶୋଧନ କରିବା ୪. ଭଲ ଭାବେ ସମ୍ପନ୍ନ କରିବା ୫. ସଜାଡ଼ିବା ।

**ଠିକ୍ଠାକ୍** *ବିଂ.* ୧. ଭଲ ୨. ଯଥାରୀତି ୩. ନିର୍ଭୁଲ ୪. ଚଳନୀୟ ।

**ଠିକ୍ଡ଼ି, ଠିକିରି** *ବି.* ୧. ନାଲି ରଙ୍ଗଯୁକ୍ତ ରମ୍ବସ ଆକୃତିର ଚିତ୍ରଥିବା ତାସ ପତା, ରୋହିତନ୍ ୨. ସେହି ଆକୃତି ୩. ଚିଲମରେ ବ୍ୟବହୃତ ଗୋଡ଼ି ।

**ଠିକ୍ବନ୍ଦ** *ବି.* ୧. ଆୟୋଜନ ୨. ନିଷ୍ପତ୍ତି ।

**ଠିକ୍ଲି ବସାବା** *କ୍ରି.* ଅସ୍ଥାୟୀ ଚୁଲି ବସାଇବା ।

**ଠିକ** *ବି.* ସମୁଦାୟ, ମୋଟ, ସବୁ ମିଶି, ସମଷ୍ଟି ।

**ଠିକଣା** *ବି.* ୧. ରହୁଥିବା ସ୍ଥାନର ନିର୍ଦ୍ଦିଷ୍ଟ ବିବରଣୀ ୨. ଠାବ, ଉଲାଖ ୩. ଯୋଗାଡ଼ ବା ସ୍ଥିର ; **ବିଂ.** ଉଚିତ ।

**ଠିକଣା କରିବା** *କ୍ରି.* ୧. ଯୋଗାଡ଼ କରିବା ୨. ସ୍ଥିର କରିବା ୩. ସୁଧାରିବା ।

**ଠିକଣା ଜବାବ** *ବି.* ୧. ଉପଯୁକ୍ତ ଉତ୍ତର ୨. ପ୍ରତିଶୋଧମୂଳକ କାର୍ଯ୍ୟ ।

**ଠିକଣା ବେଳ** *ବି.* ଯଥା ସମୟ, ଉଚିତ ବେଳ ।

**ଠିକା** *ବି.* ୧. କୌଣସି କାର୍ଯ୍ୟ କରିବା ପାଇଁ ଅନ୍ୟଜଣକୁ ଦିଆଯାଉଥିବା ଦାୟିତ୍ୱ ୨. ସାମୟିକ ଭାବେ କର୍ମନିଯୁକ୍ତି ।

**ଠିକାକାମ** *ବି.* ନିର୍ଦ୍ଦିଷ୍ଟ ସମୟରେ ଓ ବ୍ୟୟରେ ଶେଷ କରିବାପାଇଁ ଦିଆଯାଇଥିବା କାର୍ଯ୍ୟ ।

**ଠିକାଦାର** *ବି.* କାମ କରିବା ପାଇଁ କୌଣସି ବ୍ୟକ୍ତି ବା ଅନୁଷ୍ଠାନଠାରୁ ଦାୟିତ୍ୱ ନେଇଥିବା ବ୍ୟକ୍ତି ।

**ଠିକାଦାରି** *ବି.* ଠିକାକାମ ବା ବ୍ୟବସାୟ, ଠିକାଦାରର କାର୍ଯ୍ୟ ।

**ଠିକିବା** *କ୍ରି.* ୧. ଅପ୍ରତ୍ୟାଶିତ ଭାବେ ମାନସିକ, ଆର୍ଥିକ ପ୍ରଭୃତି ଧକ୍କା ବା ଆଘାତ ପାଇବା ୨. ନିଶ୍ଚିତ ହେବା ।

**ଠିକି ଶିଖିବା** *କ୍ରି.* ଅନୁଭବ ବା ଅଭିଜ୍ଞତାରୁ ଶିଖିବା ବା ଜ୍ଞାନ ପାଇବା ।

**ଠିକେ** *କ୍ରି.ବିଂ.* ସଂକ୍ଷେପରେ, ଚୁମ୍ବକରେ ।

**ଠିକେ ଠିକେ** *କ୍ରି.ବିଂ.* ସଂକ୍ଷେପରେ ।

**ଠିଟି ଟାଙ୍ଗରି** *ବି.* ନିତାନ୍ତ ଶୁଖିଲା ଓ ପଡ଼ିଆ ଜମି ।

**ଠିନ୍ଠିନି** *ବି.* ପକ୍ଷୀ ବିଶେଷ ।

**ଠିପି** *ବି.* ବୋତଲ, ଶିଶି ଆଦିର ମୁହଁ ବନ୍ଦ କରିବା ଘୋଡଣି ।

**ଠିପି ମାରିବା** *କ୍ରି.* ସମ୍ପୂର୍ଣ୍ଣ ବନ୍ଦ କରିବା ।

**ଠିପୁସ୍** *ବି.* ଆବଶ୍ୟକତାରୁ ଅଧିକ ଖାଇବା ପରେ ପେଟର ଅବସ୍ଥା ।

**ଠୁଁ** *ଅ.* ଠାରୁ, ସ୍ଥାନରୁ ।

**ଠୁଁଠାରୋଗ୍** *ବି.* କୁଷ୍ଠରୋଗ, ଥୁଣ୍ଟାରୋଗ ।

**ଠୁଁଠି, ଠୁଁଟି** *ବି.* ୧. କୌଣସି ବସ୍ତୁର ପୋଡ଼ିଯିବା ବା କଟିଯିବା ପରେ ଥୁଣ୍ଟା ଅଂଶ ୨. ଖଣ୍ଡିତ ଅଂଗ ୩. ବିଡ଼ି, ପିକା, ସିଗାରେଟ ପ୍ରଭୃତିର ଶେଷାଂଶ ।

**ଠୁଁଡ଼ି** *ବି.* ଥୋଡ଼ି, ଚିବୁକ ।

**ଠୁଆ** *ବି.* ୧. ପରୋକ୍ଷ ଉପଚାର ୨. କଥିତ ମନ୍ତ୍ରଶକ୍ତିଦ୍ୱାରା ଅନ୍ୟର କ୍ଷତିସାଧନ ।

**ଠୁକ୍ ଚଢ଼େଇ** *ବି.* କାଠହଣା ଚଢ଼େଇ ।

**ଠୁକା** *ବି.* ୧. କାଗଜ ଡବା, ଆଧାର, ଠୁଙ୍ଗା ୨. ବସିବା ଅବସ୍ଥା ୩. ତାଳ ଅନୁସାରେ ବାଡ଼ିଖେଳ ପ୍ରଦର୍ଶନ ।

**ଠୁକାନ୍** *ବି.* ମାଡ଼, ପାହାର, ବାଡ଼ିଆ ।

**ଠୁକିବା** *କ୍ରି.* ୧. ମାଡ଼ଦେବା, ବାଡ଼େଇବା ୨. ଭର୍ତିକରିବା ବା ପୂରାଇବା ୩. ଥଣ୍ଟରେ ଆଘାତକରିବା, ଖୁମ୍ପିବା ୪. ଖାଇବା, ଉଦରସାତ୍ କରିବା ୫. କଡ଼ାକଥା କହିବା ।

**ଠୁକୁରା** *ବିଂ.ବି.* ବାଙ୍ଗରା, କମ୍ ଉଚ୍ଚତା ବିଶିଷ୍ଟ, ଗେଡ଼ା ।

**ଠୁକୁରାଇବା, ଠୁକୁରେଇବା** *କ୍ରି.* ୧. ଠୁକୁଠୁକୁ ଶବ୍ଦରେ ମୃଦୁ ଆଘାତ କରିବା ୨. ଅବଜ୍ଞା କରିବା ୩. ଉପେକ୍ଷା କରିବା ୪. ପ୍ରତ୍ୟାଖ୍ୟାନ କରିବା ।

**ଠୁକୁରୀ** *ବି.ବିଂ.* କମ୍ ଉଚ୍ଚତା ବିଶିଷ୍ଟ (ନାରୀ), ଗେଡ଼ୀ ।

**ଠୁଙ୍କା** *ବି.* ଫୁଲି ଉଠିଥିବା ।

**ଠୁଙ୍କାପୁରି** *ବି.* ଖୁବ୍ ଫୁଲିଉଠିଥିବା ବଡ଼ ଆକାରର ପୁରି ।

**ଠୁଙ୍କିବା** *କ୍ରି.* ୧. ଠେଙ୍ଗାରେ ଆଘାତ କରିବା ୨. ତଣ୍ଟିଯାଏ ଖାଇବା ।

**ଠୁଙ୍ଗରି** *ବି.* ପିଚା ଉପରିସ୍ଥ ଗଣ୍ଠିହାଡ଼, ଠୁଙ୍ଗିହାଡ଼ ।

**ଠୁଙ୍ଗା** *ବି.* କାଗଜ ପତ୍ରରେ ତିଆରି ଆଧାର ।

**ଠୁଙ୍ଗାଠୁଙ୍ଗା** *କ୍ରି.ବିଂ.* ଏକାଏକା, ସାଙ୍ଗରେ ଆଉ କାହାକୁ ନଆଣି ।

**ଠୁଙ୍ଗିବା** *କ୍ରି.* ୧. ମୁହଁ ମାରିବା ୨. ହଠାତ୍ ଯାଇ ପହଞ୍ଚିବା ।

**ଠୁଣ୍ ପାହାର** *ବି.* ହାତୀର ଥୋଡ଼ପାହାର ।

**ଠୁଣୁକା** *ବିଂ.ବି.* ୧. ଟୁଣୁକା ୨. ଗେଡ଼ା, ବାଙ୍ଗର, ବୁଠି ।

**ଠୁଣୁ ଠୁଣୁକା** *ବିଂ.* ବାଙ୍ଗରା, ଠୁରା ; *ବି.* ସାଧାରଣ ଚିକିତ୍ସା ।

**ଠୁପ୍‌କୁ** *ବି.* ଆବୁ, ଫୁଲା, ଶରୀରର କୌଣସି ସ୍ଥାନରେ ମାଡ଼ ବାଜି ବା ଘା ହୋଇ ଫୁଲିଯିବା, ଠୋପ୍‌କୋ ।

**ଠୁବୁରୁ** *ବିଂ.* ଗେଡ଼ା, ବାଙ୍ଗରା, ଠୁବ୍‌ରା ।

**ଠୁମୁରି** *ବି.* ଠୁମ୍ରି, ହିନ୍ଦୁସ୍ଥାନୀ ସଙ୍ଗୀତର ଏକ ନିର୍ଦ୍ଦିଷ୍ଟ ଗାୟନରୀତି ।

**ଠୁର୍‌ଠୁରିବା** *କ୍ରି.* ଶୀତ ବା ଭୟରେ ଥୁରୁଥୁରୁ ହେବା ।

**ଠୁରା** *ବିଂ.* ଗେଡ଼ା, ବାଙ୍ଗରା, ବୁଠି, ଛୋଟ ।

**ଠୁରାଆମ୍ବ** *ବି.* ଛୋଟ ଆକୃତିର ପାହାଡ଼ିଆ ଆମ୍ବ, ଗୁରୁଡ଼ି ଆମ୍ବ ।

**ଠୁରୀ** *ବିଂ.* ଠୁକୁରୀ, ଗେଡ଼ୀ ।

**ଠୁରୁ** *ବିଂ.* ଗେଡ଼ା, ଛୋଟ ; *ବି.* ଏକ ପ୍ରକାର ଛୋଟମାଛ ।

**ଠୁଳ** *ବିଂ.* ଏକତ୍ର, ସମୂହ, ସମବେତ ।

**ଠୁଳରୂପ** *ବିଂ.* ୧. ଠୁଳ, ମୋଟରେ ୨. ଏକତ୍ର ; *କ୍ରି.ବିଂ.* ଜମାରୁ, ମୋଟ ଉପରୁ ; *ବି.* ୧. ସ୍ଥୂଳରୂପ ୨. ଶୂନ୍ୟ ନିର୍ଗୁଣ ବ୍ରହ୍ମ ।

**ଠୁଳଶୂନ୍ୟ** *ବି.* ଜୀବାତ୍ମା ଓ ପରମାତ୍ମାଙ୍କ ମିଳନ ସ୍ଥଳ ।

**ଠୁଲା, ଠୋଲା** *ବି.* ପତ୍ରରେ ତିଆରି ବଡ଼ ଆକାରର ଦନା ।

**ଠୁଳାବା** *କ୍ରି.* ଠୁଳାଇବା, ଠୁଳ କରିବା, ସଂଗ୍ରହ କରିବା, ଜମାକରିବା, ଏକତ୍ରକରିବା ।

**ଠୁଲି** *ବି.* ଖପୁରି, ମୁଣ୍ଡର ହାଡ଼ ।

**ଠୁଲେ** *ବିଂ.* ୧. ସମୁଦାୟ, ସମସ୍ତେ, ସବୁ, ଏକତ୍ର ୨. ମେଞ୍ଚାଏ ।

**ଠୁସ୍‌କା** *ବିଂ.* ୧. ବାଙ୍ଗରା, ଗେଡ଼ା ୨. ସାନ ।

**ଠୁସ୍‌କାବା** *କ୍ରି.* ୧. କେହି ନ ଜାଣିପାରିବା ଭଳି ପାଡ଼ିବା, ଅଧୋବାୟୁ ତ୍ୟାଗ କରିବା ୨. ଅପ୍ରୀତିକର ବା ଅଶାଳୀନ କଥା ଗୁପ୍ତରେ ପ୍ରଘଟ କରିଦେବା ।

**ଠୁସ୍‌କି** *ବିଂ.* ଗେଡ଼ୀ ଏବଂ ସାମାନ୍ୟ ମୋଟୀ ।

**ଠୁସା** *ବି.* ଖଣ୍ଡ, ଡୁକୁଡ଼ା, ଟୁକୁରା (ମାଂସ) ।

**ଠୁସାନ୍** *ବି.* ପାହାର, ମାଡ଼ ।

**ଠୁସି** *ବିଂ.* କ୍ଷୁଦ୍ରାକୃତି, ଛୋଟ ଆକାରର ।

**ଠୁସିକଲରା** *ବି.* ଏକ ଜାତିର ଛୋଟ କଲରା ।

**ଠୁସିବା** *କ୍ରି.* ୧. ବଳପୂର୍ବକ ପୁରେଇବା, ଭର୍ତ୍ତିକରିବା ୨. ଆବଶ୍ୟକତାରୁ ଅଧିକ ଖାଇବା ।

**ଠେଁଟ୍** *ବି.* ଖଣ୍ଟ, ଡକାୟତ, ଡକେଇତ ।

**ଠେଁଠେ** *ବି.* ଦଣ୍ଡ ନାଟରେ ରାଧାଙ୍କର କଥିତ ନଣନ୍ଦ, ଜଟିଳା (ବେଶଭୂଷା, ଗୀତ, ସଂଳାପ, ନୃତ୍ୟ ପ୍ରଭୃତି ମାଧ୍ୟମରେ ଏହି ଚରିତ୍ର ହାସ୍ୟ ଓ ଶୃଂଗାର ରସ ସୃଷ୍ଟି କରିଥାଏ) ।

**ଠେଁସିବା** *କ୍ରି.* ୧. ଭର୍ତି କରିବା ୨. ଠେସଦେବା ୩. ପେଲିବା ୪. ଅମାନ୍ୟ କରିବା, ଅମାନିଆ ହେବା ୫. ଲଂଘିବା, ଅତିକ୍ରମ କରିଯିବା ୬. ଠେଁସିକରି କହିବା, ବଙ୍କେଇ ଉତ୍ତର ଦେବା ।

**ଠେଉଆଁ** *ବିଂ.* ଅବୁଝା, ଏକବାଗିଆ ।

**ଠେକ, ଠେକରା** *ବି.* ଢିରା, ଅବଲମ୍ବନ, ଆଶ୍ରୟ, ଯାହାକୁ ଆଶ୍ରା କରି କୌଣସି ଗଛ ବା ବସ୍ତୁ ଠିକ ଭାବରେ ରହିଥାଏ ; *ବିଂ.* ଡେଙ୍ଗା, ଉଚ୍ଚା ।

**ଠେକା** *ବି.* ୧. ପଗଡ଼ି ୨. *ସଂଗୀତ* କୌଣସି ତାଳର ବୋଲ୍ ଉଚ୍ଚାରଣ ସହ ମାତ୍ରାର ଗଣନା ।

**ଠେକି** *ବି.* ମାଟିଘଡ଼ି, ଛୋଟ ମାଟିହାଣ୍ଡି, ଠେଁକି ।

**ଠେକୁଆ** ***ବି.*** ମାଟିଆ ବା ଧଳାରଙ୍ଗର ତରକା ଓ ନିରୀହ ତୃଣଭୋଜୀ ପଶୁ, ଖରା, ଶଶକ, ଶଶା ।

**ଠେଙ୍ଗ୍‌ରି** ***ବି.*** ଠେଙ୍ଗୁଣି, ଛୋଟବାଡ଼ି।

**ଠେଙ୍ଗ, ଠେଙ୍ଗଣି** ***ବି.*** ଛୋଟ ଆକାରର ବାଡ଼ି, ଠେଙ୍ଗୁଣି ।

**ଠେଙ୍ଗ** ***ବି.*** ୧. ନଳୀଗୋଡ଼, ହାଡ଼ର ଗଣ୍ଠି ୨. ଉଚ୍ଚଭୂମି, ଢ଼ିପ ଜାଗା ।

**ଠେଙ୍ଗସା** ***ବି*** କଡ଼ାକଥା।

**ଠେଙ୍ଗା** ***ବି.*** ଲାଠି, ଲମ୍ବା ଓ ଶକ୍ତ ବାଡ଼ି, ବାଉଁଶର ବଡ଼ ବାଡ଼ି ।

**ଠେଙ୍ଗାକାଶ** ***ବି.*** ଶୁଖିଲା କାଶ ।

**ଠେଙ୍ଗାଖାସି** ***ବି.*** ଠେଙ୍ଗାକାଶ, ଶୁଖିଲାକାଶ ।

**ଠେଙ୍ଗାଜର** ***ବି.*** ଏକ ପ୍ରକାର ପାଳିଜର, ମାଲେରିଆ ।

**ଠେଙ୍ଗାଠେଙ୍ଗି** ***ବି.*** ବାଡ଼ାବାଡ଼ି ।

**ଠେଙ୍ଗିବା** ***କ୍ରି.*** ଠେଙ୍ଗାରେ ପିଟିବା ବା ବାଡ଼େଇବା, ଠେଙ୍ଗେଇବା ।

**ଠେଙ୍ଗୁଆ** ***ବି.*** ଅବିବାହିତ ଯୁବକ ।

**ଠେଙ୍ଗୁଆଘର୍** ***ବି.*** ପତ୍ନୀ ସହିତ ରହୁନଥିବା ପୁରୁଷର ଘର ।

**ଠେଙ୍ଗୁଣି, ଠେଙ୍ଗେଣି** ***ବି.*** ୧. ଛୋଟ ଆକାରର ଶକ୍ତ ବାଡ଼ି ୨. ହାତ ଓ ଗୋଡ଼ର ଗଣ୍ଠି ।

**ଠେଙ୍ଗେଇବା** ***କ୍ରି.*** ଠେଙ୍ଗିବା, ଠେଙ୍ଗାରେ ପିଟିବା ।

**ଠେଠ୍** ***ବିଂ.*** ଶୁଦ୍ଧ, ଖାଣ୍ଟି, ଅମିଶ୍ରିତ ।

**ଠେପା** ***ବି.*** ଲୁହାକଣ୍ଟା, ମେଖ, କୀଳା ।

**ଠେଲ୍‌କୋ** ***ବି.*** ଟିଣ୍ଡା, ଏକ ପ୍ରକାର ଜଙ୍ଗଲି ଗଛ ଓ ତା'ର ଫଳ ।

**ଠେଲ୍‌ଗାବା** ***କ୍ରି.*** ଠେଲିବା, ଠେଲିଦେବା ।

**ଠେଲ** ***କ୍ରି.*** ପେଲିବାକୁ ଆଦେଶ ଦେବା, ଚାପଦେବାକୁ କହିବା, ବଳପ୍ରୟୋଗ କରି ଘୁଞ୍ଚାଇବାକୁ କହିବା ।

**ଠେଲା** ***ବି.*** ୧. ବଳ ପ୍ରୟୋଗକରି ଆଗକୁ ନେବା ୨. ଧକ୍‌କା ୩. ଟେଲି, ମୁଣ୍ଡା, ବଡ଼ବଡ଼ ଟୁକୁରା, ୪. ଗାଇଗୋରୁଙ୍କ ରୋଗରେ ବ୍ୟବହୃତ ଔଷଧ ବିଶେଷ ୫. ଠେଲା ଗାଡ଼ି ।

**ଠେଲାଗାଡ଼ି** ***ବି.*** ଠେଲିଲେ ଚାଲୁଥିବା ଗାଡ଼ି ।

**ଠେଲାପେଲା** ***ବି.*** ଠେଲାଠେଲି, ଠେଲାକୁଚା, ପରସ୍ପର ସହିତ ଧକ୍କା ଖାଇବା ପରିସ୍ଥିତି ।

**ଠେଲିବା** ***କ୍ରି.*** ପେଲିବା, ପଛରୁ ଚାପଦେଇ ଆଗକୁ ନେବା ।

**ଠେସ୍‌କେନା** ***ବି.*** ବାଧିଲା ଭଳି କଥା ।

**ଠେସ୍‌ବା** ***କ୍ରି.*** ୧. ବଳପୂର୍ବକ ଭିତରକୁ ପଶାଇବା ୨. ଛେଚିବା, ପିଟିବା, ବାଡ଼େଇବା ।

**ଠେସ** ***ବି.*** ପେଲା, ଢ଼ିରା, ଗୋଟିଏକୁ ସଳଖିବାକୁ ଅନ୍ୟ ଏକ ଆଶ୍ରା ଦେବା ।

**ଠେସା** ***ବିଂ.*** ଡେରିଥିବା, ଢ଼ିରା ଦିଆଯାଇଥିବା ।

**ଠେସାଠେସି** ***କ୍ରି.ବିଂ.*** ପେଲାପେଲି, ଧକାମରାମରି ।

**ଠୋକ୍‌ରିଆ** ***ବି.*** ମାଲିକ, ମହାଜନ, ସାହୁକାର।

**ଠୋକ** ***ବି.*** ଥୋକ, ଗାଏମୋଟ, ଗଦା, ଠୁଳ, ମୋଟ ।

**ଠୋକର୍** ***ବି.*** ୧. ବାଧା ୨. ଆଘାତ, ଧକ୍‌କା ।

**ଠୋ କରି** ***କ୍ରି.ବିଂ.*** ହଠାତ୍, ସଶବ୍ଦରେ ।

**ଠୋକିବା** ***କ୍ରି.*** ୧. ଅଳ୍ପଅଳ୍ପକରି ଖାଇବା ୨. ଚଞ୍ଚୁଦ୍ୱାରା ଆଘାତ କରିବା ୩. ବାଡ଼େଇବା ।

**ଠୋଡ୍‌କୋ** ***ବିଂ.*** ଶୁଖିଲା, ଜଳହୀନ।

**ଠୋଢ଼ି** ***ବି.*** ଥୋଡ଼ି, ଚିବୁକ।

**ଠୋରୋ** ***ବିଂ.*** ଲଣ୍ଡା, ଟାଙ୍ଗରୁ ।

**ଠୋରୋମୁଣ୍ଡା** ***ବିଂ.*** ଚନ୍ଦାମୁଣ୍ଡିଆ ।

**ଠୋଲା, ଠୋଲି** ***ବି.*** ପତ୍ରସିଲାଇ ପାତ୍ର, ବଡ଼ ଦନା; ***ବିଂ.*** ଫମ୍ପା, ଭିତର ଶୂନ୍ୟ ବା ଖାଲି ।

**ଠୋସ୍** ***ବିଂ.*** ୧. ଶକ୍ତ ୨. ନିଦା ; ***ବି.*** ଟାଣ, ଆଣ୍ଟ ।

**ଠୌର, ଠଉର** ***ବି.*** ୧. ଠଉରା, ଅନୁମାନ ୨. ଠିକଣା, ସ୍ଥାନ ।

# ଡ

**ଡ** ***ବି.*** ୧. ତ୍ରୟୋଦଶ ବ୍ୟଞ୍ଜନବର୍ଣ୍ଣ (ଶବ୍ଦର ଆଦ୍ୟରେ ରହିଲେ ଏହା 'ଡ' ଏବଂ ଅନ୍ୟତ୍ର ରହିଲେ 'ଡ଼')।

**ଡଁ** ***ବି.*** ପାଣି ଭଉଁରୀ ।

**ଡଁକ୍** ***ବି.*** ୧. ଡଙ୍କ ୨. ନାଡ଼ ୩. ଲତାର କାଣ୍ଡ ୪. ଲାହୁଡ଼ ।

**ଡଁକା, ଡଙ୍କା** ***ବି.*** ୧. ଅଣକ [କା], ତରଳ ଖାଦ୍ୟ ପରଷିବା ପାଇଁ ବ୍ୟବହୃତ ଆଧାର, ଅନ୍‌କା ୨. ଢୋଲ, ନାଗରା ।

**ଡଁକି** ***ବି.*** ୧. ଡଙ୍କି ୨. ବାନ୍ତି ରୋଗ ।

**ଡଅଁର** ***ବି.*** ପାଣିଭଉଁରୀ, ଆବର୍ତ୍ତ।

**ଡଅଣା** ***ବି.*** ଲାଛିବା, ଦାଗିବା ବା ଚଡୁଦେବା, ଅଗ ବଙ୍କାଥାଇ ଲମ୍ବା ଗରମ ଲୁହା ଖଡ଼ିକାରେ ଦାଗିବା ।

**ଡଈଁ** ***ବି.*** ୧. ଖେଳରେ ହାରିବା ଲୋକ ୨. ଅପରାଧୀ, ଦୋଷୀ ୩. ଶୀର୍ଣ୍ଣ, ଦୁର୍ବଳ ଅବସ୍ଥା ୪. ରୋଗରୁ ଉଠିଲା ପରେ ଖାଇବାକୁ ଆତୁର ହେବା।

**ଡଉଁରିଆ** ***ବି.*** ଡେଉଁରିଆ, ଡଅଁରା , ଧାତୁ ତିଆରି ନଳୀ ଆକାରର ଛୋଟ ଫମ୍ପା ଉପକରଣ, ଯେଉଁଥିରେ ଔଷଧ ଭର୍ତ୍ତିକରାଯାଏ ବା ମନ୍ତ୍ର ଲେଖା କାଗଜ ଆଦି ରଖା ଯାଇଥାଏ ।

**ଡଉଲ** ***ବିଂ.*** ସୁନ୍ଦର, ସୁଗଠିତ ; ***ବି.*** ୧. ଗଠନ ୨. ସୌନ୍ଦର୍ଯ୍ୟ ୩. ରୀତି ।

**ଡଉଲ ଡାଉଲ** ***ବିଂ.*** ୧.କମନୀୟ ୨. ଅତି ସୁନ୍ଦର ।

**ଡଉଲିଆ** ***ବିଂ.*** ସୁନ୍ଦରିଆ, ଛନଛନିଆ ।

**ଡଏଁନା, ଡଏଁନୁ** ***ବିଂ.*** ଜର୍ଜ୍ଜର, ଅତ୍ୟନ୍ତ ରୁଗ୍‌ଣ ଓ ଦୁର୍ବଳ, ଶୀର୍ଣ୍ଣକାୟ ।

**ଡକ୍** ***ବି.*** ୧. ଜାହାଜ-ଭିଡ଼ା ଘାଟ ୨. ନ୍ୟାୟାଳୟର କାଠଗଡ଼ା ୩. ବତକ, ହଂସ ।

**ଡକ୍‌ରା** ***ବି.*** ୧. ଡାକରା, ନିମନ୍ତ୍ରଣ ୨. ଡାକୁଆ ; ***ବିଂ.*** ଡାକିବା ଲୋକ ।

**ଡକର୍‌ନା** ***ବି.*** ବଡ଼ବଡ଼ ଘର ତିଆରିରେ ସାହାଯ୍ୟକାରୀ କାଠ, ବଲ୍‌ହା ।

**ଡକା** ***ବି.*** ୧. ଡାକିବା ବା ନିମନ୍ତ୍ରଣ କରିବା ୨. ରଡ଼ି, ଉଚ୍ଚ ସ୍ୱରରେ ନାଁ ପ୍ରଭୃତି କହିବା ୩. ଉଚ୍ଚ କାନ୍ଦଣା ; ***ବିଂ.*** ଆହୁତ, ନିମନ୍ତ୍ରିତ ।

**ଡକାଡକି** ***ବି.*** ପରସ୍ପର ନିମନ୍ତ୍ରଣ ବା ସାମାଜିକ ସମ୍ପର୍କ ।

**ଡକା ଡକି ହୋଇ** ***କ୍ରି.ବିଂ.*** ଖୁବ୍ ଅଳ୍ପ ବ୍ୟବଧାନରେ ।

**ଡକାନି** ***ବି.*** ଡାକରା, ନିମନ୍ତ୍ରଣ ।

**ଡକା ପାରିବା** ***କ୍ରି*** ୧. ନାଁ ଧରି ବଡ଼ ପାଟିରେ ଡାକିବା ୨. ଜୋରରେ କାନ୍ଦିବା ।

**ଡକାବୋବାଳି** ***ବି.*** କାନ୍ଦବୋବାଳି, ହାହାକାର, ବିକଳ କାନ୍ଦଣା ।

**ଡକାୟତ, ଡକାଏତ** ***ବି.*** ୧. ଅନ୍ୟମାନଙ୍କ ସହ ମିଶି କାହାରି ଘରେ ପଶି ଭୟ ଦେଖାଇ ଚୋରି କରୁଥିବା ଲୋକ, ଡାକୁ, ଡକେଇତ ୨. ଖଣ୍ଟ ୩. ମନ୍ଦଲୋକ ।

**ଡକାୟତି** ***ବି.*** ଭୟଭୀତ କରି ସମ୍ପତ୍ତି ହରଣ ।

**ଡକାହକା** ***ବି.*** ୧. ପରସ୍ପରକୁ ଡାକିବା ୨. ନିମନ୍ତ୍ରଣ ।

**ଡକି** ***ବି.*** ଝିଅ, କନ୍ୟା ସନ୍ତାନ, ଟୋକୀ ।

**ଡଗଡଗ** ***କ୍ରି.ବିଂ.*** ଶୀଘ୍ର ଶୀଘ୍ର, ତରତର ହୋଇ ।

**ଡଗଡ଼ଗା** ***ବିଂ.*** ତର ତର ହେଉଥିବା; ***ବି.*** ଗୋଟିଏ ପ୍ରକାର ପିମ୍ପୁଡ଼ି।

**ଡଗର** ***ବି.*** ୧. ଚର, ଦୂତ, ବାର୍ତ୍ତାବହ ୨. ଖବର ବା ଘୋଷଣା ପ୍ରଚାର କରିବା କର୍ମଚାରୀ ୩. ବାଟ ।

**ଡଗର ଧରିବା** ***କ୍ରି.*** ୧. ବାଟ ଚାହିଁବା ୨. ପଶ୍ଚାଦ୍‌ଗମନ କରିବା, ଅନୁଗାମୀ ହେବା ।

**ଡଗରା** ***ବି.*** ୧. ଡଗର ୨. ଶ୍ରୀମନ୍ଦିର ସେବାୟତ ସମ୍ପ୍ରଦାୟରେ ମୁଦୁଲିମାନଙ୍କ ମଧ୍ୟରୁ ଏକ ଗୋଷ୍ଠୀ ୩. ଲମ୍ବାଗୋଡ଼ିଆ ଜନ୍ଦା ଓ ପିମ୍ପୁଡି ବିଶେଷ ।

**ଡଗରା ନାଏକ** ***ବି.*** ପାଇକ ସର୍ଦ୍ଦାର ।

**ଡଗଲ ଫସର** ***ବି.*** ୧. ହେଳା ୨. ଟାଳଟୁଳ, ଦଗାବାଜି ।

**ଡଙ୍କ** ***ବି.*** ୧. ଖାଦ୍ୟ ଉପଯୋଗୀ କୌଣସି ଲଟାର ଲଟେଇଥିବା ଅଂଶ ୨. ସାପ ୩. ନାହୁଡ଼ ।

**ଡଙ୍କଜଳେଇବା** ***କ୍ରି.*** ଆଘାତ ଦେଇ ହାଲିଆ କରିବା ।

**ଡଙ୍କ ମେଲାଇବା** ***ବି.*** ୧. ପରିବର୍ଦ୍ଧିତ ହେବା ୨. ବିକଶିତ ହେବା ୩. ପ୍ରସାରିତ ହେବା ।

**ଡଙ୍କ ମୋଡ଼ିବା** ***ବି.*** ସ୍ୱାଭାବିକ ବିକାଶ ବା ଅଭିବୃଦ୍ଧିକୁ ପ୍ରତିହତ କରିବା ।

**ଡଙ୍କା** ***ବି.*** ୧. ଡେଙ୍ଗୁରା ୨. ଷଢ଼େଇ ଓ ସରୁ ବାଉଁଶ କାଣ୍ଡରେ ତିଆରି ରୋଷେଇ ଉପକରଣ, ଅଣକ, ଏକପ୍ରକାର ଚଟୁ, ଲୁହା ବା ପିତଳ କରଛୁଲି ।

**ଡଙ୍କି** ***ବି.*** ୧. ଚାମଚ ୨. ତରଳ ପଦାର୍ଥ ବାଢ଼ିବା କାମରେ ବ୍ୟବହୃତ ଛୋଟ ସଢ଼େଇ ତିଆରି କରଛୁଲି ।

**ଡଙ୍କୁଣା ବି.** ଡାହାଣିଆ, *ସ୍ତ୍ରୀ.* ଡଙ୍କୁଣୀ ; **ବିଂ.** ବିକଳିଆ, ରଙ୍କୁଣା ।

**ଡଙ୍କୁଣି, ଡଙ୍କୁଣୀ ବି. ବିଂ.** ଡାଆ[ହା]ଣୀ, ଡାକିନୀ, ଅଶୁଭ ଦୃଷ୍ଟିଥିବା ନାରୀ ।

**ଡଙ୍କୁଣୀଖିଆ ବି.** ୧. ଡାଆଣା, ଲୋଭାସକ୍ତ ୨. ଏକପ୍ରକାର ଗାଳି, ଅଭିସମ୍ପାତ ।

**ଡଙ୍କେଇବା କ୍ରି.** ଲଟେଇବା, ମାଡ଼ିବା ।

**ଡଙ୍ଗରଲା ବି.** ମାଳଭୂମି ବା ଜଙ୍ଗଲିଆ ଅଞ୍ଚଳ ; **ବିଂ.** ମାଳଭୂମିରେ ରହୁଥିବା ।

**ଡଙ୍ଗର ବି.** ଛୋଟ ପାହାଡ଼, ମାଳଭୂମି ।

**ଡଙ୍ଗର ଚିତି ବି.** ଜଙ୍ଗଲିଆ ଜାଗାରେ ରହୁଥିବା ଏକ ପ୍ରକାର ଚିତି ସାପ ।

**ଡଙ୍ଗରନାଚ ବି.** କୋହ୍ଲ ବା ଭୂୟାଁଙ୍କ ନୃତ୍ୟ, ଆଦିବାସୀମାନଙ୍କର ପାହାଡ଼ିଆ ନୃତ୍ୟ ।

**ଡଙ୍ଗରିଆ ବି.** ପାହାଡ଼ି କନ୍ଧ, ଆଦିବାସୀ ସମାଜର ଏକ ଗୋଷ୍ଠୀ; **ବିଂ.** ମାଳ ଅଞ୍ଚଳରେ ଥିବା ବା ରହୁଥିବା ।

**ଡଙ୍ଗା ବି.** ୧. ପାଣିରେ ଯାତାୟତ ପାଇଁ ବ୍ୟବହୃତ ଯାନ, ନୌକା, ତରଣୀ, ନାହା, ନାଆ, ନାବ ୨. ଗୋରୁଗାଈ କୁଣ୍ଡା ତୋରାଣି ଖାଇବା ପାଇଁ ବ୍ୟବହୃତ କାଠ ତିଆରି ଡଙ୍ଗାପରି ବଡ଼ ପାତ୍ର ।

**ଡଙ୍ଗା ମଟାମ ବି.** କୋଠାର କାଛ ବା ଚଟାଣର ସମତଳତା ପରୀକ୍ଷା କରିବା ପାଇଁ ରାଜମିସ୍ତ୍ରୀ ବ୍ୟବହାର କରୁଥିବା ଉପକରଣ ।

**ଡଙ୍ଗି ବି.** ଛୋଟଡଙ୍ଗା, ହୁଲିଡଙ୍ଗା ।

**ଡଙ୍ଗିକିଆରି ବି.** ଲମ୍ବା କିଆରି, ଡୋଙ୍ଗି ବା ଲମ୍ବାଳିଆ ଭୂମି ।

**ଡଚ୍ ବି. ବିଂ.** ହଲାଣ୍ଡ ଦେଶର ଲୋକ ଓ ସେମାନଙ୍କର ଭାଷା ।

**ଡଜନ୍ ବି. ବିଂ** ବାରସଂଖ୍ୟାବିଶିଷ୍ଟ ଏକକ ।

**ଡଟ୍ ବି.** ୧. ବିନ୍ଦୁ, ଟିପା ୨. କଲମରେ ରିଫିଲ୍‌ର କିସମ ।

**ଡଟ୍‌ପେନ୍ ବି.** ରିଫିଲ୍ ଯୁକ୍ତ କଲମ ।

**ଡଣସେନା ବି.** ପାଇକଙ୍କ ମୁଖ୍ୟ, ଦଣ୍ଡସେନା ।

**ଡଣା ବି.** ୧. ଆଖୁ, କୁସାରି ୨. ଏଣ୍ଡୁଳା ମାଛ, ଏକ ପ୍ରକାରର ମାଛ ।

**ଡଣ୍ଡା ବି.** ୧. ଶଗଡ଼ ଦଣ୍ଡା ୨. ବାଉଁଶଠେଙ୍ଗା ।

**ଡଫା ବିଂ.** ଉଦ୍ଧତ, ଆଗବୋଲା, ଦଫା, ଡମ୍ଫା ।

**ଡବକା ବି.** ଶେଣୀ, କଡ଼ି, ଘରର ଚାଳ ପାଇଁ ବ୍ୟବହୃତ କାଠ ।

**ଡବଡ଼ବ କ୍ରି. ବିଂ. ଅ.** ୧. ତରଳ ପଦାର୍ଥ ଚହଲିଯିବା ବା ବା ଫୁଟିବା ସମୟର ଧ୍ୱନି ୨. ଆବଶ୍ୟକତାରୁ ଅଧିକ କଥା କହୁଥିବା ୩. ଆଖି ଡିମାଡିମା କରି (ଚାହିଁବା) ।

**ଡବଡ଼ବା ବି. ବିଂ.** କୁହାଳିଆ, ଭଡ଼ଭଡ଼ିଆ ।

**ଡବଡ଼ବୀ ବି.** କୁହାଳିଆ ମାଇକିନା, ଗବଗବି ।

**ଡବଲ୍ ବିଂ.** ଦ୍ୱିଗୁଣ, ଦୋହରା ।

**ଡବଲ୍‌ପାନ ବି.** ମହତା ପାନ ।

**ଡବଲି ବି.** ଠିକାକାମ ।

**ଡବା, ଡିବା ବି.** ୧. ଛୋଟ ଆକାରର ଢାଙ୍କୁଣି ଥିବା ପ୍ଲାଷ୍ଟିକ ଟିଣ ବା ଷ୍ଟିଲ୍ ପାତ୍ର ୨. ରେଳବଗି ।

**ଡବିଂ ବିଂ.** ୧. ଚଳଚ୍ଚିତ୍ରରେ ଭାଷା ଓ ଧ୍ୱନି ପରିବର୍ତ୍ତନ ବ୍ୟବସ୍ଥା ୨. ଭାଷାନ୍ତରୀକରଣ ।

**ଡବି ବି.** ଅତି ଛୋଟଡବା ।

**ଡଭା ବିଂ.** ଫମ୍ପା, ମୋଟା ଓ ପୋଲା ।

**ଡମ୍‌ବେଲ୍ ବି.** ଲୁହା ତିଆରି ଡମ୍ବରୁ ଆକାରର କସରତ ଉପଯୋଗୀ ମୁଦ୍‌ଗର ।

**ଡମ ବି.** ତଫସିଲ୍‌ଭୁକ୍ତ ଜାତି ବିଶେଷ ।

**ଡମଣ, ଡମଣି ବି.** କବାଟର ପଟାକୁ ଧରି ରଖିବାପାଇଁ ଚଉକାଠରେ ଲାଗିଥିବା କବଜା ।

**ଡମ ବାଇଦ ବି.** ୧. ଡମ ଜନଗୋଷ୍ଠୀର ବାଦ୍ୟକାରମାନେ ବଜାଉ ଥିବା ପାରମ୍ପରିକ ବାଦ୍ୟ, ଯଥା-ଢୋଲ ମହୁରୀ, ଯୋଡ଼ିନାଗରା, ତାସା ୨. ବିବାହାଦି ଉତ୍ସବରେ ଶୁଭବାଦ୍ୟ ।

**ଡମର ବି.** ୧. ମାରପିଟ, ଦଙ୍ଗା ୨. ଆକ୍ରମଣ ୩. କୋଳାହଳ ।

**ଡମି ବି.** ୧. ପ୍ରତିରୂପ ୨. ପ୍ରତିଚ୍ଛାୟା, କୁଟାରେ ତିଆରି ଅନୁରୂପ ଆକୃତି ୩. ନିଷ୍କ୍ରିୟ ପ୍ରତିନିଧି ।

**ଡମୁଣୀ ବି.** ଡମର ସ୍ତ୍ରୀ ।

**ଡମ୍ପର୍ ବି.** ପଦାର୍ଥକୁ ଗୋଟିଏ ସ୍ଥାନରୁ ଉଠାଇ ନେଇ ଅନ୍ୟସ୍ଥାନରେ ଠୁଳ କରିବା ଯାନଯନ୍ତ୍ର ।

**ଡମ୍ଫା ବି. ବିଂ.** ବଡ଼ ବଡ଼ କଥା କହୁଥିବା, ବାହାଦୁରିଆ, ଆଗବୋଲା, ଫୁଟାଣିଆ, କୁହାଳିଆ ।

**ଡମ୍ବରୁ ବି.** ୧. ଡମରୁ, ଡାକି, ଗୋଟିଏ ହାତରେ ବଜା ଯାଉଥିବା ଦୁଇ ମୁହାଁ ଚମଡା ଛାଉଣି ବାଦ୍ୟ ବିଶେଷ ୨. ଡମ୍ବରୁ ଆକୃତିର ବେତ ତିଆରି ଆସନ ।

**ଡମ୍ବରୁଧର ବି.** ମହାଦେବ ।

**ଡର ବି.** ଭୟ, ତ୍ରାସ, କାତର ଅବସ୍ଥା ।

**ଡରକୁଳା ବିଂ.** ଡରୁଥିବା, ଭୟ କରୁଥିବା, ଡରୁଆ ।

**ଡରଡ଼ର ବି.** ଭୟଭୟ ଭାବ ।

**ଡରପୋକ୍** *ବିଂ.* ଡରକୁଳା ।
**ଡରାଡ଼ରି** *ବି.* ବିଭିନ୍ନ ଉପାୟରେ ଭୟ ପ୍ରଦର୍ଶନ ।
**ଡରାଣ** *ବି.* ଧମକାଣ, ଭୟ ଦେଖାଇବା ।
**ଡରିବା** *କ୍ରି.* ଭୟ ପାଇବା, ଭୀତ ହେବା, ଭୟ କରିବା ।
**ଡରିମରି** *କ୍ରି.ବିଂ.* ମରଣାନ୍ତକ ଭୟରେ ।
**ଡରୁଆ** *ବି.ବିଂ.* ଡରକୁଳା, ଭୟ କରୁଥିବା ।
**ଡରେଇଧୁପେଇ** *କ୍ରି.ବିଂ.* ଧମକଚମକ ଦେଇ, ଭୟ ଦେଖାଇ ।
**ଡରେଇବା** *କ୍ରି.* ଭୟ ଦେଖାଇବା, ଭୟ କରାଇବା ।
**ଡଳିକିଆ** *ବି.* ଶ୍ରୀଜଗନ୍ନାଥଙ୍କ ବେଶବିଶେଷ, ଡାଳକିଆ ବେଶ ।
**ଡଲକ** *ବି.* ୧. ଟୋକେଇ ୨. ଛିଟିକିଣି ।
**ଡଲଫିନ୍** *ବି.* ସନ୍ତାନପ୍ରସବ କରୁଥିବା ଏକ ସାମୁଦ୍ରିକ ଜୀବ ।
**ଡହକ** *ବି.* ଅତି ଗରମ, ଉତ୍ତାପ, ଧାସ ।
**ଡହକବିକଳ** *କ୍ରି.ବିଂ.* ପ୍ରଚଣ୍ଡ ଗରମ ବା ଯନ୍ତ୍ରଣା ଯୋଗୁଁ ଅସ୍ଥିର, ଛଟପଟ ।
**ଡହକଲଗାଣ** *ବି.* କ୍ରମାଗତ ଭାବେ ଝାଞ୍ଜି ବହିବା ।
**ଡହଡହ** *ବିଂ.* ଅତ୍ୟନ୍ତ ଗରମ, ତତଲା ।
**ଡହନିଆଁ** *ବି.* ୧. କୋଠିଆଙ୍କୁ ଚାଷ ପାଇଁ ଦିଆଯାଉଥିବା ଜମି ୨. ରଡନିଆଁ, ଡହକୁଥିବା ନିଆଁ ।
**ଡହରା** *ବିଂ.ବି.* ଡମ୍ଫା, ବଡ଼ବୋଲା, ବଡ଼ବଡ଼ କଥା କହୁଥିବା ଲୋକ ।
**ଡହରୀ** *ବି.ବିଂ.* ବଡ଼ବୋଲୀ, ଆଗଡାକୁହୀ ।
**ଡହଳବିକଳ** *କ୍ରି.ବିଂ.* ୧. ଶୋକରେ ଆତୁର ୨.ଆତୁରିଆ ୩. ଲୋଭାସକ୍ତ ।
**ଡାଁ, ଡାଆଁ** *ବିଂ.* ଡାହାଣ, ଦକ୍ଷିଣ ।
**ଡାଆଁ** *ବି.* ଡାହାଣ, ଦକ୍ଷିଣ ।
**ଡାଆଁଶ** *ବି.* ରକ୍ତ ଶୋଷୁଥିବା ମଶାଜାତୀୟ ପତଙ୍ଗ ।
**ଡାଆଣା** *ବିଂ.* ୧. ଖାଦ୍ୟଲୋଭୀ, ଲଲ୍‌ହା ୨. ଅଶୁଭ ଦୃଷ୍ଟିସମ୍ପନ୍ନ ।
**ଡାଆଣିଆଁ** *ବିଂ.* ୧. ଅଶୁଭ ୨. ସମ୍ମୋହନ ଭାବଥିବା ।
**ଡାଆଣିଆ ଖରା** *ବି.* ଉପର ବେଳାର କଅଁଳିଆ ଖରା, ସଞ୍ଜୁଆଖରା ।
**ଡାଆଣୀ, ଡାହାଣୀ** *ବି.* ତନ୍ତ୍ରଶକ୍ତି ବା ଅତିମାନବୀୟ କ୍ଷମତା ଥିବା ବିଶ୍ୱାସ କରାଯାଉଥିବା ନାରୀ ।
**ଡାଇଁଡାଇଁ** *ବି.* ଆକୁଳବିକଳ ଭାବ ବା ଅବସ୍ଥା ।
**ଡାଇ** *ବି.* ୧. ପାଇପରେ ଘାଇ କାଟିବା ଯନ୍ତ୍ର ୨. ଛାଞ୍ଚ ୩. ରଙ୍ଗ ।
**ଡାଇନିଙ୍ଗ୍ ଟେବଲ୍** *ବି.* ଖାଇବାବେଳେ ବ୍ୟବହୃତ ଟେବଲ୍ ।
**ଡାଇନିଙ୍ଗ୍ ହଲ୍** *ବି.* ଖାଇବାଘର ।
**ଡାଇଭର୍ସ୍, ଡିଭୋର୍ସ୍** *ବି.* ଛାଡ଼ପତ୍ର, ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଆଇନ ଅନୁମୋଦିତ ବିବାହ-ବିଚ୍ଛେଦ ।
**ଡାଇମଣ୍ଡ୍** *ବି.* ହୀରା, ଅତି ମୂଲ୍ୟବାନ ପଥର ।
**ଡାଇରି** *ବି.* ୧. ଦିନଲିପି, ଦିନପଞ୍ଜି, ଦୈନିକ ବିବରଣୀ ୨. ଡେଇରି, କ୍ଷୀର ଉତ୍ପାଦନ ପାଇଁ ଗୋପାଳନ ।
**ଡାଇରିଆ** *ବି.* ପତଳା ଝାଡ଼ାରୋଗ ।
**ଡାଇରେକ୍ଟ** *ବିଂ.* ପ୍ରତ୍ୟକ୍ଷ, ସିଧା; *ବି.* ନିର୍ଦ୍ଦେଶ ।
**ଡାଇରେକ୍ଟର୍, ଡିରେକ୍ଟର** *ବି.* ୧. ନିର୍ଦ୍ଦେଶକ ୨. ଦିଗ୍‌ଦର୍ଶକ ।
**ଡାଇରେକ୍‌ସନ୍, ଡିରେକ୍ସନ୍** *ବି.* ୧. ନିର୍ଦ୍ଦେଶନା ୨. ଦିଗ, ଲକ୍ଷ୍ୟପଥ ।
**ଡାଇରେକ୍ଟରୀ, ଡିରୋକ୍ଟୋରୀ** *ବି.* ପରିଚୟ ପଞ୍ଜିକା, ସୂଚନାପୁସ୍ତିକା ।
**ଡାଇଲଗ୍** *ବି.* ୧. ସଂଳାପ ୨. କଥାବାର୍ତ୍ତା, ଆଲୋଚନା ।
**ଡାଇଲଗ୍ ମାରିବା** *କ୍ରି.* ନାଟକୀୟ ଶୈଳୀରେ କଥା କହିବା, ଆସ୍ଫାଳନ କରିବା ।
**ଡାଉନ୍** *ବିଂ.* ୧. ତଳ, ନିମ୍ନ ୨. ଫେରନ୍ତା(ଗାଡ଼ି) ୩. ଖସୁଥିବା ।
**ଡାଉନ୍ କରିବା** *କ୍ରି.* ୧. ଚପେଇ ଦେବା, ଦବେଇ ଦେବା ୨. ହୀନବଳ କରିଦେବା ୩. ହରାଇ ଦେବା ।
**ଡାଉନ୍ ଡାଉନ୍** *ବି.* ତଳକୁ ତଳ, ନିନ୍ଦାସୂଚକ ସ୍ଲୋଗାନ ।
**ଡାଉନ୍ ହେବା** *କ୍ରି.* ୧. କ୍ଷତିଗ୍ରସ୍ତ ହେବା, ତେଜ ହରେଇବା, ପରାସ୍ତ ହେବା ୨. ଆତ୍ମସମର୍ପଣ କରିବା ୩. ନରମି ଯିବା, ନିରବି ଯିବା ୪. ପ୍ରଭାବ ବା ପ୍ରତିପତ୍ତି କମିଯିବା ।
**ଡାଉରି** *ବି.* କନ୍ୟାଘର ପକ୍ଷ ବରଘରକୁ ବିବାହ କାଳରେ ପ୍ରଦତ୍ତ ଅର୍ଥ ଓ ଆସବାବପତ୍ର, ଯୌତୁକ ।
**ଡାଏଗ୍ନୋସିସ୍** *ବି.* ରୋଗ ନିଦାନ ବା ନିରୂପଣ ।
**ଡାଏଟ୍** *ବି.* ୧. ଖାଦ୍ୟ ୨. ପଥି, ନିୟନ୍ତ୍ରିତ ଆହାର ।
**ଡାଏଟିଂ** *ବି.* ଖାଦ୍ୟ ନିୟନ୍ତ୍ରଣ ।
**ଡାଏରୀ ଫାର୍ମ** *ବି.* ଗୋଶାଳା, ପୋଷା ଗାଈଗୋରୁ ରହିବା ପାଇଁ ଉଦ୍ଦିଷ୍ଟ ଘର, କ୍ଷୀର ଓ କ୍ଷୀରଜାତ ପଦାର୍ଥ ଉତ୍ପାଦନ ସ୍ଥଳ ।
**ଡାଏଲ୍ କରିବା** *ବି.* ଘୂରେଇବା, ଟେଲିଫୋନ୍ ସଂଯୋଗ କରିବା ।
**ଡାଏସ୍** *ବି.* ମଞ୍ଚ, ପେଣ୍ଡାଲ ।
**ଡାକ୍** *ବି.* ପ୍ରସିଦ୍ଧି, ଖ୍ୟାତି, ସୁନାମ ।
**ଡାକ** *ବି.* ୧. ଆହ୍ୱାନ ୨. ଚିଠିପତ୍ର ନବାଆଣିବା ବ୍ୟବସ୍ଥା ୩. ସୁଖ୍ୟାତି ; *କ୍ରି.* ନାଁ ଉଚ୍ଚାରଣ କରିବା, ବଡପାଟିରେ ନାଁ କହିବା, ଆହ୍ୱାନ ବା ନିମନ୍ତ୍ରଣ କରିବା ।
**ଡାକଗାଡ଼ି** *ବି.* ଯେଉଁ ବସ୍ ବା ଟ୍ରେନ୍‌ରେ ଡାକ ନିଆଅଣା କରାଯାଏ ।
**ଡାକଘର** *ବି.* ପୋଷ୍ଟ ଅଫିସ, ଚିଠିପତ୍ର ମନିଅର୍ଡର୍ ପ୍ରଭୃତି କାରବାର କରୁଥିବା କାର୍ଯ୍ୟାଳୟ ।

**ଡାକ ଟିକଟ୍ ବି.** ପୋଷ୍ଟେଜ୍, ଚିଠି ଇତ୍ୟାଦି ପଠାଇବା ପାଇଁ କାଗଜ ଛପା ମୂଲ୍ୟସୂଚିତ ଛବି ।

**ଡାକନାମ ବି.** ଶ୍ରଦ୍ଧାନାମ, ଯେଉଁ ନାଁରେ ଜଣକୁ ଲୋକେ ଡାକିଥାନ୍ତି ।

**ଡାକ ପକାଇବା କ୍ରି.** ବ୍ୟସ୍ତ ବିବ୍ରତ ହୋଇ ବଡ଼ ପାଟିରେ ଚିତ୍କାର କରିବା, ସମ୍ବୋଧନ କରିବା ।

**ଡାକପାଣି ବିଂ.** ଗୁଣିଆ ବା ତନ୍ତ୍ର ସାଧକ ପ୍ରଭୃତିଙ୍କଦ୍ୱାରା ମନ୍ତୁରା ପାଣି, ମନ୍ତ୍ରଜଳ, କାଟପାଣି ।

**ଡାକପିଅନ୍ ବି.** ଚିଠି ବାଣ୍ଟୁଥିବା ଡାକ ବିଭାଗ କର୍ମଚାରୀ ।

**ଡାକପୁଆ ବି.** ଯେଉଁ ଦୂରତା ପର୍ଯ୍ୟନ୍ତ ଡାକ ଶୁଭେ; **ବିଂ.** ଡାକେ ।

**ଡାକବଙ୍ଗଳା ବି.** ସରକାରୀ କର୍ମଚାରୀମାନଙ୍କ ଗସ୍ତ ସମୟରେ ସାମୟିକ ରହଣିପାଇଁ ଉଦ୍ଦିଷ୍ଟ ସରକାରୀ ଘର ।

**ଡାକବଚନ ବି.** ଅନୁଭୂତିସିଦ୍ଧ ଲୋକବଚନ, ଖନାବଚନ ।

**ଡାକବାଜି ବି.** ଧ୍ୱନି ବା କଥା ବହୁ ଦୂରକୁ ଶୁଣାଯିବା ପାଇଁ ବ୍ୟବହୃତ ଯନ୍ତ୍ର, ମାଇକ୍ , ଲାଉଡ଼-ସ୍ପିକର।

**ଡାକବାଲା ବି.** ପୋଷ୍ଟମ୍ୟାନ, ଡାକ ନେବାଆଣିବା କରୁଥିବା କର୍ମଚାରୀ ।

**ଡାକରା ବି.** ୧. ନିମନ୍ତ୍ରଣ, ଆହ୍ୱାନ, ଆମନ୍ତ୍ରଣ ୨. ଡାକ ୩. କୌଣସି ସ୍ଥାନକୁ ବା ଲୋକ ପାଖକୁ ଯିବା ପାଇଁ ନିର୍ଦ୍ଦେଶ ୪. ସାମାଜିକ ବ୍ୟବସ୍ଥାରେ ନିମନ୍ତ୍ରଣ ଜଣାଇବାକୁ ଯାଉଥିବା ବ୍ୟକ୍ତି ।

**ଡାକି ବି.** ଡମରୁ, ଡମ୍ବରୁ, **କ୍ରି.** ଡାକ କ୍ରିୟାର ଅସମାପିକା ରୂପ ।

**ଡାକିନୀ ବି.** ଡାହାଣୀ, ପିଶାଚିନୀ, ଅଶୁଭ ଦୃଷ୍ଟିଥିବା ନାରୀ ।

**ଡାକିହାକି କ୍ରି.ବିଂ.** ଖୋଲାଖୋଲି, ପ୍ରକାଶ୍ୟ ଭାବରେ, ବଡ଼ ପାଟିରେ ।

**ଡାକୁ ବି.** ଡକାୟତ, ରାହାଜାନି କରୁଥିବା ଲୋକ ; **ବିଂ.** ନାଁକରା, (କୁ)ଖ୍ୟାତ ।

**ଡାକୁଆ ବି.** ୧. ଭଣ୍ଡାରି ୨. ଦୂତ, ଡଗରା ୩. ଶ୍ରୀମନ୍ଦିର ବ୍ୟବସ୍ଥାରେ ପାଇକଙ୍କ ଅଧୀନରେ ଥାଇ ସେବକଙ୍କୁ ଡାକି ହାଜର କରାଉଥିବା ବ୍ୟକ୍ତି ୩. ଚଉକିଆ, ଚଉକିଦାର ୪. ଉଚ୍ଚସ୍ୱରରେ ଘୋଷଣା କରୁଥିବା କର୍ମଚାରୀ, ସରକାରୀ ନିର୍ଦ୍ଦେଶ ଘୋଷଣାକାରୀ ।

**ଡାକେବାଟ ବି.** ଜଣକର ଡାକ ଶୁଭିଲା ଭଳି ଅଳ୍ପ ଦୂରବାଟ ।

**ଡାକ୍ତର ବି.** ତାଲିମପ୍ରାପ୍ତ ଚିକିତ୍ସକ ।

**ଡାକ୍ତରଖାନା ବି.** ଚିକିତ୍ସାଳୟ, ହସ୍ପିଟାଲ ।

**ଡାକ୍ତରମାଇନା ବି.** ଚିକିତ୍ସକଙ୍କଦ୍ୱାରା ରୋଗୀ ବା ମୃତବ୍ୟକ୍ତିର ଶରୀର ପରୀକ୍ଷା ।

**ଡାକ୍ତରୀ ବି.** ଡାକ୍ତରଙ୍କ ଚିକିତ୍ସା ବ୍ୟବସାୟ; **ବିଂ.** ଡାକ୍ତର ବା ଆଧୁନିକ ଚିକିତ୍ସା ସମ୍ପର୍କିତ ।

**ଡାକ୍ତରୀପାଠ ବି.** ଚିକିତ୍ସାବିଜ୍ଞାନ, ଏହି ଶିକ୍ଷା ଓ ତାଲିମ ବ୍ୟବସ୍ଥା ।

**ଡାଗରପୁଆ ବି.** ପ୍ରାୟ ଚାଖଣ୍ଡ ଲମ୍ବ ବିଶିଷ୍ଟ ଏକ ବାଡ଼ିକୁ ଛୋଟ ଗାତ ଉପରେ ରଖି ଆଉ ଏକ ଲମ୍ବା ବାଡ଼ିରେ ତାକୁ ଦୂରକୁ ଫିଙ୍ଗିବା ଖେଳ, ଟାରବାଡ଼ି ଖେଳ, ଗୁଲିଦଣ୍ଡା ଖେଳ, କେଲିଖେଳ ।

**ଡାଗରା ବି.** ୧. ବଡ଼ଉକୁଣି, ଡିଙ୍ଗା ୨. ବଡ଼ପିମ୍ପୁଡ଼ି ।

**ଡାଙ୍ଗରି ବି.** ସମଗ୍ର ଶରୀର ଆବୃତ କରି ରଖୁଥିବା ପୋଷାକ (ସାଧାରଣତଃ ସାମରିକ ବାହିନୀରେ ବ୍ୟବହୃତ)।

**ଡାଙ୍ଗ ବି.** ୧. କାଠି ୨. କଣି ୩. ଛାଟ, କାଠିଭଳି ସରୁ ଚେହେରା ।

**ଡାଙ୍ଗରା ବି.** ପତ୍ର ନ ଥିବା କାଣ୍ଡ ।

**ଡାଙ୍ଗରାଜ ତେଲ ବି.** ଡଙ୍ଗରାଜ ନାମକ ଔଷଧ ଗଛର କାଣ୍ଡ ବା ମଲାଙ୍ଗରୁ ପ୍ରସ୍ତୁତ ହେଉଥିବା ତେଲ ।

**ଡାଙ୍ଗଶିଜୁ ବି.** ପତ୍ର ନଥିବା ଶିଜୁଗଛ ।

**ଡାଙ୍ଗ ହୋଇଯିବା କ୍ରି.** ୧. ମରିଯିବା ୨. ଶୁଖିଯିବା ୩. ଦୁର୍ବଳ ହୋଇଯିବା ।

**ଡାଙ୍ଗିଆ ବି.** ୧. ଛୋଟ ବାଉଁଶକାଠି ୨. ଡଙ୍ଗାଟଣା ଦଉଡ଼ିର କାଠି ।

**ଡାଙ୍ଗୁଆ ବି.** ୧. ଠେଙ୍ଗୁଆ, ଅବିବାହିତ ପୁରୁଷ ୨. ଯାହାର ସ୍ତ୍ରୀ ମରିଯାଇଛି ;**ବିଂ.** ଡାଙ୍ଗପରି ପତଳା ।

**ଡାମ୍ଫଣ ବି.** ଗୋଟିଏ ପାଖରେ କଣା ଓ ଅନ୍ୟପାଖ ମୁନିଆ ଥିବା ଏବଂ ଅଖା ଓ ପାଲ ପ୍ରଭୃତି ସିଲାଇରେ ବ୍ୟବହୃତ ମୋଟା ଓ ଲମ୍ବା ଲୁହା ଛୁଞ୍ଚି, ସୁଜା, ଡାମ୍ଫଣ, ବଡ ଓ ମୋଟା ଛୁଞ୍ଚି ।

**ଡାଟା ବି.** ତଥ୍ୟ, ବିବରଣୀ ।

**ଡାଣ୍ଡାପନା ବି.** ଆଖୁ ଦୋରୁଅ, ଆଖୁରସ, କୁସେର୍‌ପଣା ।

**ଡାଣ୍ଡୀ ବି.** ଡାଣ, ମେହନ୍ତରାଣୀ ।

**ଡାନ୍‌ସ୍ ବି.** ନାଚ ।

**ଡାନ୍‌ସ୍ ଡ୍ରାମା ବି.** ନୃତ୍ୟ ନାଟିକା, ନୃତ୍ୟ-ଗୀତ-ପ୍ରଧାନ ନାଟକ।

**ଡାନ୍‌ସ୍ ସ୍କୁଲ୍ ବି.** ନାଚ ଶିଖା ବିଦ୍ୟାଳୟ ।

**ଡାନ୍‌ସର୍ ବିଂ.** ନର୍ତ୍ତକୀ ବା ନର୍ତ୍ତକ, ନୃତ୍ୟଶିଳ୍ପୀ ।

**ଡାଫରା ବି.** ଜାହାଜ କଡ଼ରେ ଝୁଲୁଥିବା ଦଉଡିର ମୁତୁଳା ।

**ଡାବ୍ ବି.** ୧. ଜନଜାତିମାନଙ୍କଦ୍ୱାରା ବ୍ୟବହୃତ ତାଳ ବାଦ୍ୟଯନ୍ତ୍ର ବିଶେଷ ୨. ଫୁଲାପଣ, ଆଡ଼ମ୍ବର ।

**ଡାବ ବି.** ୧. ପଇଡ଼, ନାଲିଲଗା ନଡ଼ିଆ ୨. ତାଲିକା, ଔଷଧର ବ୍ୟବସ୍ଥାପତ୍ର ।

**ଡାବରପୁଆ ବି.** ୧. ଡାଗରପୁଆ, ଏକପ୍ରକାର ପାରମ୍ପରିକ କାଠି ବା ବାଡ଼ି ଖେଳ, ଡାବଲପୁଆ, ଗୁଲିଦଣ୍ଡା ଖେଳ ୨. ଛୋଟ କାଠିଖଣ୍ଡ।

**ଡାବହାତିଆ** *ବିଂ* ମୁକ୍ତହସ୍ତ, ଖୋଲାହାତିଆ, ସାହାଖର୍ଚ୍ଚୀ ।

**ଡାବା** *ବି.* ୧. ଡବା, ଟିଣ ଡବା ୨. ମିଛ, ବାହାପିଆ କଥା ।

**ଡାବା ମାରିବା** *କ୍ରି.* ୧. ମିଛ ବା ବାହାପିଆ କଥା କହିବା ୨. ବଢ଼େଇ ଚଢ଼େଇ କହିବା ।

**ଡାବିବା** *କ୍ରି.* ଢାଙ୍କିବା, ଢାଙ୍କି ଦେବା, ଢାପିବା ।

**ଡାବୁ** *ବି.* ୧. ପଇସା, ଟଙ୍କାପଇସା, ଧନ ୨. ପୂର୍ବେ ପ୍ରଚଳିତ ଚାରିପାହୁଲା ମୂଲ୍ୟ ବିଶିଷ୍ଟ ମୁଦ୍ରା ।

**ଡାମର** *ବିଂ* ଉଦ୍ଧତ, ଅମାନିଆ ; *ବି.* ୧. ଆଡ଼ମ୍ବର ୨. ତନ୍ତ୍ରଶାସ୍ତ୍ର ବିଶେଷ ।

**ଡାମରାକାଉ** *ବି.* ବଡ଼ ଆକାରର ଫାଣ୍ଡରା କଳାରଙ୍ଗର କର୍କଶ ସ୍ୱର କରୁଥିବା କାଉ ।

**ଡାମେଜ** *ବି.* କ୍ଷତି, ନଷ୍ଟ ହୋଇଯିବା ।

**ଡାୟଲିସିସ୍** *ବି.* କୃତ୍ରିମ ରକ୍ତ ସଂଚାଳନ ପ୍ରକ୍ରିୟା, ଦୂଷିତ ରକ୍ତ ବଦଳରେ ଶୁଦ୍ଧ ରକ୍ତ ଯୋଗାଇ ଦେଉଥିବା ଯାନ୍ତ୍ରିକ ପ୍ରକ୍ରିୟା ।

**ଡାୟୋନସର୍** *ବି.* ପ୍ରାଗ୍-ଐତିହାସିକ ବିରାଟକାୟ ସରୀସୃପ ।

**ଡାରେନାରେ** *ଅ.* ନସରପସର ।

**ଡାର୍ଲିଂ** *ବି.* ସ୍ନେହ ବା ପ୍ରେମସୂଚକ ସମ୍ବୋଧନ, ପ୍ରିୟତମ ବା ପ୍ରିୟତମାକୁ ସମ୍ବୋଧନ ।

**ଡାଳ** *ବି.* ଗଛର ଶାଖା, ଡାହି, ଡାଲ୍ ।

**ଡାଳ କାଟିଦେବା** *କ୍ରି.* ୧. ଗଛଡାଳ କାଟିବା ୨. ଆଶା ଭରସା ଶୂନ୍ୟ କରିଦେବା, ଅସହାୟ କରିଦେବା ।

**ଡାଳପତ୍ର** *ବି.* ପତ୍ର ସହ ଶାଖାପ୍ରଶାଖା ।

**ଡାଳମାଂକୁଡ଼ି** *ବି.* ଗଛଡାଳରେ ହେଉଥିବା ଖେଳ ବିଶେଷ ।

**ଡାଳି** *ବି.* ୧. ଛୋଟଡାଳ ୨. ତରାଜୁ ବା ଦଣ୍ଡୀର ଅଧା ୩. ଉଦ୍ବେଇ ।

**ଡାଳିଆ** *ବି.* ଛୋଟଡାଳ ।

**ଡାଳିକାଠ** *ବି.* ସରୁ ଓ ପତଳା କାଠ ।

**ଡାଳିଗଜା** *ବି.* ମଇଦା ଓ ଚିନିରେ ତିଆରି ଛୋଟଛୋଟ ଗଜା ।

**ଡାଳି ପୋହଳା** *ବି.* ମାଳରେ ଗୁନ୍ଥାଯିବା ବଡ଼ବଡ଼ ପୋହଳା ଖଣ୍ଡ ।

**ଡାଳିମ, ଡାଳିମ୍ବ** *ବି.* ଡାଲିମ୍, ଅନାର୍ ଫଳ ଓ ସେହି ଗଛ ।

**ଡାଳିମହୁ** *ବି.* ଗଛ ଡାଳରେ ଥିବା ମହୁବସାରୁ ସଂଗୃହୀତ ମହୁ ।

**ଡାଳିମୁଣ୍ଡା** *ବି.* ଡାଳିକାଠରୁ ପ୍ରସ୍ତୁତ ଲଙ୍ଗଳମୁଣ୍ଡା ।

**ଡାଳିମ୍ବ** *ବି.* ୧. ଡାଳିମ ଗଛ ବା ଫଳ ୨. ଏକ ପ୍ରକାର ଲଡୁ, ଡାଳିମ୍ବା ଲଡୁ ।

**ଡାଳିମ୍ବା ଲଡୁ** *ବି.* ଚାଉଳ ଚୂନା ଓ ଗୁଡ଼ରେ ତିଆରି ଲଡୁ-ଏହାର ଚାରିପଟେ ସମାନ ଭାଗରେ ଖଣ୍ଡ/ଚିନିର ଆବରଣ ଦିଆ ଯାଇଥାଏ ଏବଂ ଶ୍ରୀଜଗନ୍ନାଥଙ୍କ ଦିପହର ଧୂପରେ ଏହା ଭୋଗଲାଗେ ।

**ଡାଳିମ୍ବା ଅନ୍ନ** *ବି.* ବଗଡ଼ା ଚାଉଳ ବା ଭାତ ।

**ଡାଳୁଅ** *ବି.* ଖରାଦିନେ ହେଉଥିବା ଧାନ ଚାଷ ।

**ଡାଲ୍‌ଖାଇ** *ବି.* ଜନଜାତି ଲୋକଙ୍କଦ୍ୱାରା ପୂଜିତ ଦେବୀ ବିଶେଷ ଏବଂ ଦେବୀଙ୍କ ପ୍ରତି ସମର୍ପିତ ଭକ୍ତି ସଙ୍ଗୀତ ଓ ନୃତ୍ୟ ।

**ଡାଲ୍‌ଝରେନ** *ବି.* ବିବାହ ପ୍ରଭୃତି ଉତ୍ସବ ପରେ ମଣ୍ଡପ ବା ଛାମୁଣ୍ଡିଆ ଭାଙ୍ଗିବା ପୂର୍ବରୁ ଆୟୋଜିତ ଭୋଜିଭାତ ।

**ଡାଲ୍‌ପୁରୀ** *ବି.* ବୁଟଡାଲି ପୁର ଦିଆଯାଇ ପ୍ରସ୍ତୁତ ହୋଇଥିବା ପିଠା ।

**ଡାଲ୍‌ବୁଟ୍** *ବି.* ଚୋପାଛଡ଼ା ବତୁରା ବୁଟର ଭଜା, ଡାଲ୍‌ମୋଠ୍ ।

**ଡାଲଚିନି, ଡାଳଚିନି** *ବି.* ଗୁଡ଼ତ୍ୱକ, ଔଷଧ ଓ ମସଲା ଭାବେ ବ୍ୟବହୃତ ଏକ ଗଛର ପତଳା ଛାଲି ।

**ଡାଲଣା, ଡାଲମା** *ବି.* ପରିବା, ନଡ଼ିଆ ପ୍ରଭୃତି ଦେଇ ପ୍ରସ୍ତୁତ ବହଳିଆ ଡାଲି ।

**ଡାଲା** *ବି.* ୧. ବେତ/ବାଉଁଶ ପାତିଆରେ ବୁଣା ଚଉଡାମୁହାଁ ଟୋକେଇ ୨. ଟ୍ରକ୍ ଏବଂ ଟ୍ରାକ୍ଟର୍ ପ୍ରଭୃତିରେ ସଂଯୁକ୍ତ ମାଲ୍ ରଖିବା ସ୍ଥାନ ।

**ଡାଲି** *ବି.* ହରଡ଼, ମୁଗ, କାନ୍ଦୁଲ ଜାତୀୟ ଶସ୍ୟ ଏବଂ ସେଥିରୁ ପ୍ରସ୍ତୁତ ଖାଦ୍ୟ ।

**ଡାଲିଚାଉଳ** *ବି.* ଖାଦ୍ୟ ସାମଗ୍ରୀ ।

**ଡାଲି ଚାଉଳ ଦୋକାନ** *ବି.* ତେଜରାତି ଦୋକାନ, କିରାଣି /କିରାନା ଦୋକାନ ।

**ଡାଲିଆ** *ବି.* ୧. ଛୋଟ ଡାଲା ୨. ଡାହାଲିଆ, ଏକ ପ୍ରକାର ଫୁଲ ଓ ସେହି ଗଛ ।

**ଡାହା** *ବିଂ* ୧. ଅତ୍ୟନ୍ତ, ସମ୍ପୂର୍ଣ୍ଣ, ପୂରାପୂରି ୨. ଉତ୍ତପ୍ତ, ପୋଡ଼ା ।

**ଡାହାଙ୍ଗିରି** *ବି.* ଏକ ପ୍ରକାରର ଲୁଣିମାଛ ।

**ଡାହାଣ** *ବି.ବିଂ* ଦକ୍ଷିଣ, ଖାଇବା ପାଖ, ଭୁଜନି, ଡାଁ, ବାମର ବିପରୀତ ।

**ଡାହାଣ ହାତ** *ବି.* ୧. ଖାଇବାହାତ, ଭୁଜନିହାତ , ଖାଇହାତ ୨. ଅତି ନିକଟତମ ବା ପାଖଲୋକ ୩. ଅତି ବିଶ୍ୱସ୍ତ ଲୋକ ।

**ଡାହାଣା** *ବିଂ* ଡାଆଣା, ଲୋଭୀ, ଆସକ୍ତ ।

**ଡାହାଣିଆ** *ବିଂ* ୧. ଡାହାଣ ପାଖରେ ଥିବା ୨. ଆଖିଦୃଷ୍ଟିଆ ।

**ଡାହାମିଛ** *ବି.* ନିତାନ୍ତ ମିଛ, ପୂରାମିଛ । ।

**ଡାହାଳ କୁକୁର** *ବି.* ଶିକାରୀ କୁକୁର ବିଶେଷ ।

**ଡାହି** *ବି.* ଶାଖା, କ୍ଷୁଦ୍ରଶାଖା, ଡାଳ ।

**ଡାହୁକ** *ବି.* ୧. ଗେରୁ ଓ କଳାରଙ୍ଗ ବିଶିଷ୍ଟ ଚଢ଼େଇ ବିଶେଷ ୨. ରଥଯାତ୍ରା ବେଳେ ଗୀତ ବୋଲି ରଥଟଣା କାର୍ଯ୍ୟରେ ଉତ୍ସାହ ପ୍ରଦାନ କରୁଥିବା ବ୍ୟକ୍ତି, ରଥଚାଳକ ।

**ଡାହୁକଗୀତ** *ବି.* ରଥଯାତ୍ରା ସମୟରେ ରଥଚାଳକ ବୋଲୁଥିବା ଉତ୍ତେଜକ ଗୀତ ।

**ଡାହୁକ ବୋଲି** *ବି.* ରଥଯାତ୍ରା ସମୟରେ ରଥଚାଳକର ଗୀତ ଓ ଢଗଢମାଳି ।

**ଡାହୁକା** *ବି.* ନଳୀଗୋଡ଼ ; *ବିଂ.* ଡରକା ।

**ଡିଆଁ** *ବି.* ୧. କୁଦା, ଲମ୍ଫ ୨. ଡେ଼ଇଁ କରି ଯାଇ ହେଉଥିବା ଦୂରତ୍ୱ ୩. ଡେଇଁ କରି ଯିବା ପାଇଁ ପୋତା କାଠ ବା ବାଉଁଶର ଛକି ୪. ଉଈ ।

**ଡିଆଁଡ଼େଇଁ** *ବି.* କୁଦାକୁଦି, ବାରବାର ଡେଇଁବା ।

**ଡିଆଁ ମାରିବା** *କ୍ରି.* ୧. ଦଉଡ଼ି ପଳେଇଯିବା ୨. କାହାରି କବଳରୁ ଖସି ଚାଲିଯିବା ।

**ଡିଆଁରୋଗ** *ବି.* ସଂକ୍ରାମକ ରୋଗ ।

**ଡିଆ** *ବି.* ମାଛ ଧରିବା ପାଇଁ ଜଳାଶୟରେ କିଛି ଅଂଶରେ ପାଣି ଶୁଖା ଯାଇଥିବା ଅଂଶ ।

**ଡି.ଆଇ.ଜି** *ବି.* ଡେପୁଟି ଇନ୍ସପେକ୍ଟର ଜେନେରାଲ, ପୋଲିସ୍ ବିଭାଗର ପଦସ୍ଥ କର୍ମକର୍ତ୍ତା, ଉପ-ଆରକ୍ଷୀ ମହାଅଧୀକ୍ଷକ ।

**ଡିଆସିଲି** *ବି.* ଦିଆସିଲି, ନିଆଁପେଡ଼ି, ମାଚିସ୍, ଆଗିପେଟି ।

**ଡିକାସିନ୍** *ବି.* ନାଲିଚାହା ।

**ଡିକି** *ବି.* ସ୍କୁଟର୍, କାର୍, ବସ୍ ଆଦି ଯାନରେ ଜିନିଷ ରଖିବା ପାଇଁ ଉଦ୍ଦିଷ୍ଟ ଆବଦ୍ଧ ଜାଗା ।

**ଡିକ୍ସନାରୀ** *ବି.* ଶବ୍ଦକୋଷ, ଅଭିଧାନ, ଭାଷାକୋଷ ।

**ଡିଗ୍‌ବାଜି** *ବି.* ମାଙ୍କଡ଼ଚିଟି ।

**ଡିଗ୍‌ରା** *ବି.* ଉଚ୍ଚସ୍ଥାନ ବା ଜମି ।

**ଡିଗ୍‌ରି, ଡିଗିରି** *ବି.* ୧. ଡିଗ୍ରୀ, ଉପାଧି ବା ପ୍ରମାଣପତ୍ର ୨. ଡିକ୍ରୀ, ମୋକଦ୍ଦମାରେ ବିଜୟ ଲାଭ ।

**ଡିଗ୍ରୀଜାରି** *ବି.* ଅଦାଲତର ନିଷ୍ପତ୍ତିକୁ କାର୍ଯ୍ୟରେ ପରିଣତ କରିବା ପଦ୍ଧତି ।

**ଡିଗ୍ରୀଦାର** *ବି.* ୧. ଆଇନତଃ ଯେ ଭୂସମ୍ପତ୍ତିର ମାଲିକ ୨. ଆଜ୍ଞା ବା ସନନ୍ଦ ପ୍ରାପ୍ତ ।

**ଡିଗ୍ରୀଧାରୀ** *ବିଂ.* ୧. ଉପାଧି ପାଇଥିବା ବ୍ୟକ୍ତି ୨. ମୋକଦ୍ଦମାରେ ଜୟ କରି ସନନ୍ଦ ପାଇଥିବା ବ୍ୟକ୍ତି ।

**ଡିଙ୍ଗର** *ବିଂ.* ୧. ଦୁଷ୍ଟ, ବଦମାସିଆ (ଲୋକ) ୨. ପାହାଡ଼ିଆ (ସ୍ଥାନ); *ବି.* ଚାକର, ସେବକ ।

**ଡିଙ୍ଗରମାଳ** *ବି.* ପର୍ବତର ଗଡାଣିଆ ଜାଗାରେ କରାଯାଉଥିବା ଶସ୍ୟ କ୍ଷେତ୍ର ।

**ଡିଙ୍ଗଲା** *ବି.* କୁମ୍ଭଡ଼ା, ମାଖନ, ବୋଇତାଲୁ, ବୋଇତିକଖାରୁ ।

**ଡିଙ୍ଗା** *ବି.* ଡିଙ୍ଗା, ବଡ଼ଉକୁଣୀ ।

**ଡିଙ୍ଗାରିବା** *କ୍ରି.* ଟାଣିହେବା ।

**ଡିଟେକ୍‌ଟିଭ୍** *ବିଂ.* ୧. ରହସ୍ୟରୋମାଞ୍ଚଭରା (ଗଳ୍ପ ଉପନ୍ୟାସ ଆଦି) ୨. ଅନୁସନ୍ଧାନମୂଳକ; *ବି.* ଗୋଇନ୍ଦା, ସତ୍ୟାନୁସନ୍ଧାନକାରୀ ।

**ଡିଟେଲ୍** *ବିଂ.* ଟିକିନିଖି, ଖୁଣ୍ଟିନାଣ୍ଟି, ବିଶଦ ।

**ଡିଟୋ** *ବି.* ୧. ତଦ୍‌ନୁରୂପ ୨. ଏଜନ୍ ୩. ସେହିପରି ।

**ଡିଟୋ ମାରିବା** *କ୍ରି.* ହଁ ମାରିବା, ସମର୍ଥନ କରିବା ।

**ଡିଡ୍** *ବି.* ୧. ତମସୁକ୍, କବଲା ୨. ଚୁକ୍ତିପତ୍ର ।

**ଡିଣା** *ବି.* ପିତଳ ଗୌଣୀ, ପିତଳ ମାଣ, ପିତଳତିଆରି ଏକ ମାପ ଉପକରଣ ।

**ଡିଣୋ.ଡେଣୋ** *ବି.* ଧଣ୍ଡସାପ ;*ସା.* ପାଣିରେ ରହୁଥିବା ଏକ ଜାତୀୟ ବିଷହୀନ ସାପ, କାଣ୍ଡନଳ ସାପ ।

**ଡିଣ୍ଡା** *ବି.* ଯୁବତୀ, ଅବିବାହିତା ଅଥଚ ଘରପୋଗ୍ୟା ନାରୀ ।

**ଡିଣ୍ଡିମ** *ବି.* ୧. ନାଗରା, ଢୋଲ; ଚମଡ଼ା ଛାଉଣି ବାଦ୍ୟଯନ୍ତ୍ର ବିଶେଷ ୨. ହଇଚଇ ।

**ଡିଜାଇନ୍** *ବି.* ୧. ପରିକଳ୍ପିତ ରୂପରେଖ ୨. ଛଇଛଟକ ।

**ଡିଜାଇନର୍** *ବି.* ରୂପରେଖ ପ୍ରସ୍ତୁତ କରୁଥିବା ବ୍ୟକ୍ତି ।

**ଡିନ୍** *ବି.* ଉଚ୍ଚ ଶିକ୍ଷାନୁଷ୍ଠାନରେ କୌଣସି ବିଭାଗର ମୁଖ୍ୟ ।

**ଡିପ୍‌ଥେରିଆ** *ବି.* ଗଳାଫୁଲା ରୋଗ ।

**ଡିପ, ଡିପୋ** *ବି.* ଭଣ୍ଡାର, ମୁଖ୍ୟ ବିତରଣ ବା ସଂଗ୍ରହ ସ୍ଥଳ, ଗୋଦାମ ।

**ଡିପାର୍ଟମେଣ୍ଟ** *ବି.* ୧. ବିଭାଗ ୨. ଦପ୍ତର ।

**ଡିପୁ** *ବି.* ଡିପୋ, ଗୋଦାମ, ପଦାର୍ଥ ମହଜୁଦ୍ ରହୁଥିବା ଘର ।

**ଡିପୋ** *ବି.* ଡିପ, ଡିପୁ ।

**ଡିପୋଜିଟ୍** *ବି.* ୧. ଜମାଟଙ୍କା ୨. ଅମାନତ୍ ୩. ଗଚ୍ଛିତ ରହିଥିବା ବସ୍ତୁ ବା ଟଙ୍କା ୪. ଅଗ୍ରିମ ଦେୟ ।

**ଡିପୋଟେସନ୍** *ବି.* ଦେଶାନ୍ତର ପ୍ରେରଣ ।

**ଡିପ୍ଲୋମା** *ବି.* ବିଶେଷ ତାଲିମ, ନିର୍ଦ୍ଦିଷ୍ଟ ତାଲିମ ବା ଶିକ୍ଷାଗତ ଯୋଗ୍ୟତାର ପାଠ୍ୟକ୍ରମ ଓ ସାର୍ଟିଫିକେଟ ।

**ଡିଫାମେସନ୍** *ବି.* ମାନହାନି ।

**ଡିଫେନ୍‌ସ** *ବି.* ୧. ପ୍ରତିରକ୍ଷା ୨. ପ୍ରତିରକ୍ଷା ବିଭାଗ ୩. ଆତ୍ମରକ୍ଷା ।

**ଡିବ୍‌ଡ଼ିବି, ଡିବିଡ଼ିବି** *ବି.* ୧. ଡିଣ୍ଡିମ ୨. ଡିଣ୍ଡିମର ଶବ୍ଦ, ନାଗରା ବା ଡମ୍ବରୁର ଶବ୍ଦ ୩. ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ବାଦ୍ୟ ୪. କୌଣସି ନିନ୍ଦାସୂଚକ କଥାର ପ୍ରଚାର ।

**ଡିବା** *ବି.* ଡବା, ପଦାର୍ଥ ରଖିବା ପାଇଁ ବ୍ୟବହୃତ ଛୋଟ ଧାତବ ଆଧାର ।

**ଡିବି, ଡିଭି *ବି.*** କିରୋସିନି ଭିଜା ବଳିତା ଜଳିବାର ଡବା ଆକୃତି ବିଶିଷ୍ଟ ଦୀପ, କିରୋସିନି ଦୀପ, ଡିବ୍ରି ।

**ଡିଭିଜନ୍ *ବି.*** ୧. ଭାଗ, ଖଣ୍ଡ ୨. ଶ୍ରେଣୀ ୩. ବିଭାଜନ ।

**ଡିଭିଜନ୍ ବେଞ୍ଚ *ବି.*** ଉଚ୍ଚ ବିଚାରାଳୟର ଖଣ୍ଡପୀଠ ।

**ଡିମ୍ *ବି.*** ୧. ଅଣ୍ଡା, ଗାର୍ ୨. ବି. ଅଣ୍ଡକୋଷ; ***ବିଂ*** ସ୍ତିମିତ, ମିଞ୍ଜି ମିଞ୍ଜି ।

**ଡିମା *ବି.*** ହାତଚିରା କାଠର ମଝି ଅଂଶ ।

**ଡିମା ଆଖି *ବି.*** ବଡ଼ବଡ଼ ଆଖି, ତରାଟି ହୋଇଥିବା ଆଖି ।

**ଡିମା ଆଖିଆ *ବିଂ.ବି.*** ବଡ଼ବଡ଼ ଆଖିଥିବା (ଲୋକ) ।

**ଡିମା[ଡିମ୍ବା] *ବିଂ.*** ୧. ଡିମ୍ବ ପରି ଫୁଲିଥିବା ୨. ଡିମ୍ବାକୃତି ୩. ଢିମା; ***ବି.*** ଡିମ୍ବାକୃତି ଫୁଲା ବା ଆବୁ ।

**ଡିମାଇ, ଡିମେଇ *ବି.*** କାଗଜ ଫର୍ଦ୍ଦର ମାପ ବିଶେଷ (୯" x ୫")।

**ଡିମାଣ୍ଡ୍ *ବି.*** ୧. ଦାବି, ଅଧିକାରବୋଧ ୨. ଯୌତୁକଦାବି ୩. ଚାହିଦା ।

**ଡିମାଣ୍ଡ୍ ଡ୍ରାଫ୍ଟ *ବି.*** ବ୍ୟାଙ୍କରୁ ଟଙ୍କା ଉଠାଣ ଲାଗି ଦାବିପତ୍ର ।

**ଡିମିରି *ବି.*** ଡିମ୍ବିର, ଏକ ପ୍ରକାର ଗଛ ଓ ତାହାର ଫଳ, ଡୁମେର, ଉଦୁମ୍ବର ।

**ଡିମିରିଫୁଲ *ବି.*** ୧. ଡିମିରି ଗଛର କଥିତ ଫୁଲ ୨. ଅସମ୍ଭବ ବା ନ ହେବା କଥା ।

**ଡିମ୍ବ *ବି.*** ୧. ଗାର୍, ଅଣ୍ଡା ୨. ମାଛର ମଞ୍ଜି ୩. ଶିଶୁ ୪. ଗାର୍, ଅଣ୍ଡକୋଷ ।

**ଡିମ୍ବକ *ବି.*** ତାତ୍ସଲ୍ୟପୂର୍ଣ୍ଣ ସମ୍ବୋଧନ ।

**ଡିମ୍ବକୋଷ *ବି.*** ୧. ଫୁଲର ଗର୍ଭକୋଷ ୨. ଜରାୟୁ ।

**ଡିମ୍ବଜ *ବିଂ.*** ୧. ପକ୍ଷୀ ୨. ଯେଉଁ ପ୍ରାଣୀମାନେ ଡିମ୍ବରୁ ଜନ୍ମ ନିଅନ୍ତି ।

**ଡିମ୍ବାଣୁ *ବି.*** ଡିମ୍ବାଶୟ ମଧ୍ୟସ୍ଥ ରଜୋଡ଼ିମ୍ବ – ଯାହା ଭ୍ରୁଣରେ ପରିଣତ ହୁଏ ।

**ଡିମ୍ବାଣୁକୋଷ *ବି.*** ଫୁଲର ଗର୍ଭକେଶର ନିମ୍ନସ୍ଥ ଫମ୍ପା ଅଂଶ ।

**ଡିମ୍ବାଶୟ *ବି.*** ପ୍ରାଣୀ ଶରୀରରେ ଗର୍ଭଧାରଣ ପାଇଁ ରଜୋଡିମ୍ବର ଆଧାର ।

**ଡିଲର୍ *ବି.*** କୌଣସି ସାମଗ୍ରୀର କ୍ଷମତାପ୍ରାପ୍ତ ବିକ୍ରେତା ।

**ଡିଲିଂ *ବି.*** ୧. ବ୍ୟବହାର, ଆଚରଣ ୨. ବ୍ୟାବସାୟିକ ସମ୍ପର୍କ ।

**ଡିଲିଂ ଆସିଷ୍ଟାଣ୍ଟ *ବି.*** କୌଣସି ବିଭାଗର ଦାୟିତ୍ୱରେ ଥିବା କିରାଣି ।

**ଡିଷ୍ଟିଲ୍ଡ଼ ଓ୍ୱାଟର *ବି.*** ବାଷ୍ପୀକରଣ ପ୍ରକ୍ରିୟାରେ ପ୍ରସ୍ତୁତ ଶୁଦ୍ଧପାଣି ।

**ଡିଷ୍ଟ୍ରିକ୍ଟ *ବି.*** ଜିଲ୍ଲା ।

**ଡିଷ୍ଟ୍ରିକ୍ଟ ବୋର୍ଡ଼ *ବି.*** ଜିଲ୍ଲାର ସ୍ୱାୟତ୍ତ ଶାସନ ସଭା, ଜିଲ୍ଲା ପରିଷଦ ।

**ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ *ବି.*** ଜିଲ୍ଲାପାଳ ।

**ଡିଷ୍ଟ୍ରିବ୍ୟୁଟର୍ *ବି.*** ବିତରଣକାରୀ, ବିତରକ, ହୋଲ୍‌ସେଲର ।

**ଡିସ୍କ୍ *ବି.*** ୧. ଚକି ୨. ଧ୍ୱନି ଓ ସଂକେତର ସଂରକ୍ଷଣ ଓ ପୁନର୍ଲିଖନରେ ବ୍ୟବହୃତ ଇଲେକ୍‌ଟ୍ରୋନିକ୍ ଚକି ।

**ଡିସ୍କସ୍ *ବି.*** ଫିଙ୍ଗିବା ପ୍ରତିଯୋଗିତାରେ ବ୍ୟବହୃତ ଏକ ନିର୍ଦ୍ଦିଷ୍ଟ ଆକୃତି ଓ ଓଜନର ଧାତବ ଚକି ।

**ଡିସ୍କସନ୍ *ବି.*** ବିଚାର ବିମର୍ଶ, ଆଲୋଚନା ପରସ୍ପର ମଧ୍ୟରେ ବିଚାର କରିବା ।

**ଡିସ୍କାଉଣ୍ଟ *ବି.*** ରିହାତି ।

**ଡିସ୍‌ଚାର୍ଯ *ବି.*** ୧. ବହିଷ୍କାର, ୨. ରେତସ୍ଖଳନ ୩. ମୁକ୍ତହେବା, ବାହାରିଯିବା ।

**ଡିସ୍ପୁଟ୍ *ବି.*** ବିବାଦ, ଗୋଳ ; ***ବିଂ.*** ଗୋଳମାଳିଆ ।

**ଡିସ୍‌ମିସ୍ *ବି.*** ୧. ଖାରଜ, ବାତିଲ ୨. ବରଖାସ୍ତ, ବହିଷ୍କାର ।

**ଡିସିପ୍ଲିନ୍ *ବି.*** ୧. ଶୃଙ୍ଖଳା, ନିୟମାନୁବଦ୍ଧତା ୨. ଶିକ୍ଷା ବ୍ୟବସ୍ଥାରେ ପାଠ୍ୟକ୍ରମ ବା ବିଭାଗ ବିଶେଷ ।

**ଡିସେଣ୍ଟ୍ରି *ବି.*** ତରଳ ଝାଡାହେବା ରୋଗ, ଅମାଶୟ ।

**ଡିସ୍କୋ *ବି.*** ଆଫ୍ରିକା ମୂଳର ପାଶ୍ଚାତ୍ୟ ନୃତ୍ୟ ଶୈଳୀ ବିଶେଷ ।

**ଡିହ, ଡିହି *ବି.*** ୧. ଘର ତିଆରି ଉପଯୋଗୀ ଜମି ୨. ବାଡ଼ିର ଅଗ ଦ୍ୱାରା ଆଘାତ ।

**ଡିହ କୁତା *ବି.*** ୧. ନିଜ ଜାଗାରେ ଟାଣପଣ ଦେଖାଉଥିବା କୁକୁର ୨. ନିଜ ସୀମିତ ପରିଧିରେ ରହି ବଡ଼େଇ କରୁଥିବା ବ୍ୟକ୍ତି ।

**ଡିହଖରଚା *ବି.*** ତହସିଲର ଦେୟ ।

**ଡିହ ମାରିବା *କ୍ରି.*** ଧକ୍‌କା ମାରିବା, କହୁଣି ମାରିବା, ଠେସିବା ।

**ଡିହରେ ବିଲୁଆ ଡେଇଁବା *କ୍ରି.*** ସମୂଳେ ବଂଶ ଲୋପହେବା ।

**ଡିହା *ବି.*** ୧. କଥା ନ ଶୁଣୁଥିବା ଓ ନିରର୍ଥକ ଗାଲୁ ବା ଯୁକ୍ତିତର୍କ କରୁଥିବା ଲୋକ ୨. ଏକ ପ୍ରକାର ଗୋଖର ; ***ବିଂ.*** ଡ଼ିହାଳିଆ ।

**ଡିହା ଗାଲୁଆ *ବି.*** ଅତ୍ୟନ୍ତ ଗାଲୁଆ ଲୋକ, ଡାହା ମିଛୁଆ, ଭୁରୁଡ଼ିଆ ।

**ଡିହାଳିଆ *ବି.ବିଂ.*** ତେରଛା ବା ଗାଲୁ (କଥା) ।

**ଡୁଆ *ବି.*** ୧. ଡାଳ, ଡାହି ୨. ସଙ୍ଗୀତର ଘୋଷାପଦ, ଦୁଆ ୩. ବଡ଼ ଆକାରର ଚାମୁଚ, ଅଣକା ୪. ଛୋଟପିଲାଙ୍କୁ କ୍ଷୀର ପିଆଇବା ଚାମୁଚ ।

**ଡୁଆ ଧରିବା *କ୍ରି.*** ପାଳି ଧରିବା, ଜଣକର କଥା/ଗୀତକୁ ପୁନଶ୍ଚ କହିବା ବା ଗାନ କରିବା ।

**ଡୁଇଁ *ବି.*** ଖେଳରେ ପରାଜୟ ; ***ବିଂ.*** ୧. ଦୁଃଖିତ ୨. ଦାୟୀ ।

**ଡୁଇଁବା *କ୍ରି.*** ଦୁହିଁବା, ଦୋହନ କରିବା ।

**ଡୁଏଟ୍ *ବି.*** ଯୁଗ୍ମସଙ୍ଗୀତ ବା ନୃତ୍ୟ, ପୁରୁଷ ଓ ନାରୀର ଯୋଡ଼ି ଯାଉଁଳି ନାଚ ବା ଗୀତ ।

**ଡୁକା** *ବି. ବିଂ.* ମୋଟା, ସ୍ଥୂଳକାୟ, ଗେଧକା ।

**ଡୁଗି, ଡୁବି** *ବି.* ତାଳବାଦ୍ୟ, ତବଲାର ବାୟାଁ ବା ବାମ ପଟେ ରଖି ବଜା ଯାଉଥିବା ବାଦ୍ୟ ।

**ଡୁଙ୍ଗଡୁଙ୍ଗା** *ବି.* ଚମଡ଼ା ଛାଉଣି ଥିବା ବାଜା ବିଶେଷ, ତାଳବାଦ୍ୟ ବିଶେଷ ।

**ଡୁଙ୍ଗିଆ** *ବି.* ଧୂଆଁପତ୍ର, ଧୁଙ୍ଗିଆ ।

**ଡୁଙ୍ଗିବା** *କ୍ରି.* ୧. ଉଣ୍ଡି ଦେଖିବା, ଅନ୍ୟମାନଙ୍କ ଅଜାଣତରେ ଲୁଚି ଦେଖିବା ୨.ଢ଼ାଳିବା, ଢାଳିଦେବା ।

**ଡୁଡୁ** *ବି.* ବାଗୁଡ଼ି, ଏକ ପ୍ରକାର ଖେଳ-ଯେଉଁଥିରେ ଦୁଇ ପ୍ରତିଯୋଗୀ ଦଳ ଭାବରେ ଖେଳାଳିମାନେ ରାହାଧରି ଜଣକ ପରେ ଜଣେ ଖେଳିଥାନ୍ତି, କବଡ୍ଡି ।

**ଡୁପ୍ଲିକେଟ୍** *ବିଂ.* ଦୋହରା, ଅବିକଳ ନକଲ ।

**ଡୁବ୍‌ରି** *ବିଂ.* ୧. ଖଣ୍ଡିଆ ୨. ବାଙ୍ଗରା ।

**ଡୁବ** *ବି.* ୧. ବୁଡ଼ ୨. ଟୋପା ।

**ଡୁବକ** *ବି.* ୧. ବୁଡ଼ାଳି ୨. ପାଦ୍ରୀ , ଖ୍ରୀଷ୍ଟଧର୍ମ ପୁରୋହିତ ।

**ଡୁବନ** *ବି.* ୧. ବୁଡ଼ିଯିବା, ନିମଜ୍ଜନ ୨. ଖ୍ରୀଷ୍ଟ ଧର୍ମରେ ଦୀକ୍ଷିତ କରିବା ପାଇଁ ପବିତ୍ର ଜଳ ସିଞ୍ଚନ ।

**ଡୁବନ୍ତ** *ବିଂ.* ୧. ବୁଡି ଯାଉଥିବା ୨. ଅସ୍ତଗାମୀ ।

**ଡୁବି** *ବି.* ୧. ବୁଡ଼ିବା ୨. ବାୟାଁ ୩. ଡୁଗିବାଦ୍ୟ ।

**ଡୁବିବା** *କ୍ରି.* ୧. ପାଣିରେ ବୁଡ଼ିବା ୨. ଅସ୍ତହେବା, ଲୁଚିଯିବା ୩. ସର୍ବସ୍ୱାନ୍ତ ହେବା ।

**ଡୁମ୍** *ବି.* ବିଦ୍ୟୁତ୍ ବଲ୍‌ବ ।

**ଡୁମା** *ବି.* ୧. ଭୂତ, ପ୍ରେତ, ଅଶରୀରୀ ୨. ଦୁଷ୍ଟଆତ୍ମା ୩. ପିତୃପୁରୁଷଙ୍କ ଆତ୍ମା ୪. ଏକ ପ୍ରକାରର ଗୋବରାଚଢ଼େଇ ।

**ଡୁରା** *ବି.* ଡୋରିଆ ଲୁଗା ।

**ଡୁଲି** *ବି.* ୧. ଛୋଟ ସବାରି, ଡୋଲି ୨. ଶସ୍ୟ ରଖୁଥିବା ବାଉଁଶ ପାତିଆରେ ତିଆରି ବଡ଼ ଉପକରଣ ୩. ଡୋଲି, ଛୋଟ ଧାନକିଆରି ।

**ଡୁସ୍** *ବି.* ଝାଡା କରାଇବା ପାଇଁ ବ୍ୟବହୃତ ତରଳ ପଦାର୍ଥ - ବିଶେଷତଃ ସାବୁନ ପାଣି ।

**ଡୁସ୍ ଦେବା** *କ୍ରି.* ଝାଡ଼ା କରାଇବା ପାଇଁ ମଳଦ୍ୱାର ଦେଇ ଔଷଧ ବା ସାବୁନ୍ ପାଣି ପ୍ରୟୋଗ କରିବା ।

**ଡୁହା** *ବି.* ଡୁଆ, ଦୁଆ, ଗୀତର ଘୋଷା ପଦ, ସଂଗୀତରେ କୌଣସି ପଦର ବାରମ୍ବାର ଆବୃତ୍ତି ।

**ଡୁହା ଧରିବା** *କ୍ରି.* ପାଳିଧରିବା ।

**ଡୁହୁରି** *ବି.* ଲଙ୍ଗଳର ଶିଆର , ଶାଗକିଆରି ।

**ଡେଇଁବା** *କ୍ରି.* ୧. କୁଦିବା, କୁଦା ମାରିବା, ଲମ୍ଫ ଦେବା ୨. ଟପିଯିବା ୩. ସଂକ୍ରମିତ ହେବା ୪. ( ଶୁଭ ବା ଅଶୁଭ ଘଟଣାର ସୂଚନାଭାବେ ଆଖି) ଫରକିବା ।

**ଡେଉଁରିଆ** *ବି.* ତାବିଜ୍, ହାତ ବା ଗଳାରେ ପିନ୍ଧିବା ପାଇଁ ମାଳି-ଯେଉଁଥିରେ ମନ୍ତ୍ର ପ୍ରଭୃତି ଲିଖିତ କାଗଜ ବା ଚେରିମୂଳି ରହିଥାଏ ।

**ଡେକ୍** *ବି.* ଜାହଜ ବା ଡଙ୍ଗାର ଉପର ଭାଗରେ ଯାତ୍ରୀମାନଙ୍କ ବସିବା ବା ଚଲାବୁଲା କରିବା ସ୍ଥାନ ।

**ଡେକ୍‌ଚି** *ବି.* ରୋଷେଇ କରିବା ପାଇଁ ବ୍ୟବହୃତ ରସ ବା ଷ୍ଟିଲ୍ ପାତ୍ର, ଡେଗ୍‌ଚି ।

**ଡେକ୍‌ଚେୟାର୍** *ବି.* କାନଭାସ୍ ଚୌକି, ହାଲୁକା ଚୌକି ।

**ଡେକ୍‌ନା** *ବି.* ଛାରପୋକ, ଡେକୁନ୍ , ଓଡ଼ଶ ।

**ଡେକାଥ୍ଲନ୍** *ବି.* କ୍ରୀଡ଼ା ପ୍ରତିଯୋଗିତାରେ ଦଶଟି ସ୍ପର୍ଦ୍ଧାର ସମନ୍ୱିତ ବିଭାଗ ।

**ଡେଙ୍ଗା** *ବି.* ଠେକା, ପଗଡ଼ି ।

**ଡେଗୁ** *ବିଂ. ବି.* ୧. ଦଳ ବଦଳ କରୁଥିବା(ବ୍ୟକ୍ତି) ୨. ଡେଇଁଡେଇଁ ଯାଉଥିବା (ପ୍ରାଣୀ) ।

**ଡେଙ୍ଗା** *ବିଂ.* ୧. ଉଚ୍ଚ, ଅତି ଉଚ୍ଚ ୨. ଲମ୍ବା, ଦୀର୍ଘକାୟ ।

**ଡେଙ୍ଗା ମୁଣ୍ଡରେ ଠେଙ୍ଗା** *ବି.* ଯେ ବଡ଼ ସେ ହିଁ ନିନ୍ଦାର ହକଦାର ବା ଉତ୍ତରଦାୟୀ ।

**ଡେଙ୍ଗାରୁ** *ବି.* ବାଉଁଶରେ ତିଆରି ଆଧାର ।

**ଡେଙ୍ଗୀ** *ବି. ବିଂ.* ଉଚ୍ଚାନାରୀ ।

**ଡେଙ୍ଗୁ** *ବି.* ସ୍ପେନ୍‌ରୁ ମୂଳତଃ ବ୍ୟାପିଥିବା ଘୋଳାବିନ୍ଧା ହେଉଥିବା ଏକପ୍ରକାର ମେଲେରିଆ ଜ୍ୱର ।

**ଡେଙ୍ଗୁରା** *ବି.* ଧେଣ୍ଡୁରା, ଏକ ପାଖିଆ ଚମଡ଼ାଛାଉଣି ଆନଦ୍ଧ ବାଦ୍ୟ ।

**ଡେଙ୍ଗୁରା ଦେବା** *କ୍ରି.* ସର୍ବସାଧାରଣଙ୍କପାଇଁ ସରକାରୀ ସୂଚନା ବା ଘୋଷଣା ପ୍ରଚାର କରିବା ।

**ଡେଙ୍ଗୁରାବାଲା** *ବି.* ଡେଙ୍ଗୁରା ବଜାଉଥିବା ବ୍ୟକ୍ତି ।

**ଡେଙ୍ଗେଇ** *ବିଂ. ବି.* ଡେଙ୍ଗୀ, ପତଳା ଓ ଉଚ୍ଚା ନାରୀ ।

**ଡେଞ୍ଜର୍** *ବି.* ବିପଦ ।

**ଡେଟ୍** *ବି.* ୧. ତାରିଖ ୨. ଖଜୁରୀ ।

**ଡେ-ଟାଇମ୍** *ବି.* ଦିନବେଳା ।

**ଡେଟିଂ** *ବି.* ୧. ଧାର୍ଯ୍ୟ ସମୟ ୨. ମିଳନ ପାଇଁ ପ୍ରେମିକ ବା ପ୍ରେମିକା ଦ୍ୱାରା ଦିଆଯାଇଥିବା ସ୍ଥାନ ଓ କାଳର ସୂଚନା ୩. ଯୁବକ ଯୁବତୀଙ୍କ ବିଶେଷ ମିଳାମିଶା ।

**ଡେଡ଼ୋ** *ବି.* ପକ୍କା ଘରେ ଚଟାଣକୁ ଲାଗି କାନ୍ଥରେ ସିମେଣ୍ଟ ବା ଟାଇଲ୍‌ର ବନ୍ଧ ।

**ଡେଣା** *ବି.* ୧. ଚଢ଼େଇର ପକ୍ଷ ୨. ହାତ ୩. ବାହୁ, ବାହା, ହାତର କହୁଣୀ ଠାରୁ ଖୁଆ ପର୍ଯ୍ୟନ୍ତ ଅଂଶ ।

**ଡେଣା କାଟିଦେବା** *କ୍ରି.* ଅସହାୟ କରିଦେବା, ଶକ୍ତି ହରଣ କରିଦେବା ।

**ଡେଣା ଲାଗିବା** ***କ୍ରି.*** ସମର୍ଥ ହେବା, ଯୋଗ୍ୟ ହେବା ।
**ଡେଣୁଆ** ***ବି.*** ଟେକା, ଟେଳା, ଢେଲା ।
**ଡେଣୋ(ଣ୍ଡ)** ***ବି.*** ୧.ଏକ ପ୍ରକାର ବିଷହୀନ ସାପ, ଧଣ୍ଡ ସାପ ୨. ନିରୀହ ବ୍ୟକ୍ତି ।
**ଡେଣ୍ଟିଷ୍ଟ୍** ***ବି.*** ଦନ୍ତଚିକିତ୍ସକ, ଦାନ୍ତଡାକ୍ତର ।
**ଡେବ୍‌ରିଆ** ***ବି.ବିଂ.*** ବାଁ ହାତ ଅଧିକ ବ୍ୟବହାର କରୁଥିବା ଲୋକ, ବାଉଁଆ ।
**ଡେବ୍‌ରିଭୁଜନି** ***କ୍ରି.ବିଂ.*** ୧. ସମସ୍ତ ଶକ୍ତି ଲଗାଇ ୨. ସୁଯୋଗର ଅପବ୍ୟବହାର କରି ।
**ଡେବିରି** ***ବି.*** ବାମପାଖ, ବାଁ ଦିଗ; ***ବିଂ.*** ବାମ, ବାମ ପାର୍ଶ୍ବସ୍ଥ, ବାଆଁ।
**ଡେବିରି ହାତ** ***ବି.*** ବାଁ ହାତ ।
**ଡେଭଲ୍‌ପ୍‌ମେଣ୍ଟ** ***ବି.*** ଉନ୍ନୟନ, ବିକାଶ, ଉନ୍ନତି ।
**ଡେଭଲପ୍‌ମେଣ୍ଟ ଅଫିସର୍** ***ବି.*** ଉନ୍ନୟନ ଅଧିକାରୀ ।
**ଡେମ୍‌କେଆର୍** ***ବି.*** ବେଖାତିର ଭାବ; ***ବିଂ.*** ବେଖାତିରିଆ ।
**ଡେମି ଅଫିସିଆଲ୍** ***ବିଂ.*** ସରକାରୀ କାର୍ଯ୍ୟକୁ ବ୍ୟକ୍ତିଗତ ଭାବେ ଗୁରୁତ୍ୱ ପ୍ରଦାନ ପାଇଁ ଲିଖିତ (ଚିଠି), ଡ଼ି.ଓ. (ଲେଟର) ।
**ଡେମି କାଗଜ** ***ବି.*** କଚେରୀରେ ଦରଖାସ୍ତ ଲେଖିବା ପାଇଁ ବ୍ୟବହୃତ କାଗଜ ।
**ଡେମ୍ଫ** ***ବି.*** ୧. ଫୁଲ, ଫଳ ପ୍ରଭୃତିର ବୃନ୍ତ ବା ନାଡ଼ ୨. ଏକ ପ୍ରକାର ବାଦ୍ୟ (ଡେମ୍ଫ ନାଗରା) ୩. ବୁଢ଼ା ଆଙ୍ଗୁଠିର ଅଗଠାରୁ ବିଶି ଆଙ୍ଗୁଠିର ଅଗ ଯାଏଁ ବିସ୍ତାରର ପରିମାଣ ।
**ଡେମ୍ଫ ନାଗରା** ***ବି.*** ଗୋଟିକିଆ ବଡ଼ନାଗରା ।
**ଡେର** ***ବି. ବିଂ.*** ଠିଆ, (ବାଡ଼ି ପ୍ରଭୃତିର) ଠିଆ ବାଗ, ଠିଆ କରି ରଖିବା ଅବସ୍ଥା ।
**ଡେର ଜମି** ***ବି.***ଢିପଜମି, ଉଚ୍ଚାଜମି ।
**ଡେରା** ***ବି.*** ୧. ତମ୍ବୁ ବା ଅସ୍ଥାୟୀ ବାସସ୍ଥାନ ୨. ମୋଟା କପଡ଼ା ବା କେନ୍‌ଭାସ ଆଚ୍ଛାଦିତ ଆଶ୍ରୟସ୍ଥଳ ୩. ବସାଘର ୪. ବୁଣାକାର ଜାତି ବିଶେଷ ; ***ବିଂ.*** ଠିଆ ବାଗରେ ଆଉଜା ବା ରଖା ହୋଇଥିବା ।
**ଡେରାଘର** ***ବି.*** ବସାଘର, ଅତିଥିଶାଳା ।
**ଡେରା ପକାଇବା** ***କ୍ରି.*** ବସବାସ ପାଇଁ ବ୍ୟବସ୍ଥା କରିବା ।
**ଡେରି** ***ବି.*** ବିଳମ୍ବ, ଉଛୁର ।
**ଡେରିବା** ***କ୍ରି.*** ୧. (ଖଟ ପ୍ରଭୃତି) ଟେକିବା ୨. ସିଧା ଠିଆ କରିବା, ସଳଖାଇବା ୩. ଆଉଜାଇବା ।
**ଡେଲ୍‌ଟା** ***ବି.*** ନଦୀ ମୁହାଣ ପାଖର ତ୍ରିକୋଣ ଭୂମି ।
**ଡେଲଙ୍ଗା** ***ବିଂ.*** ଉପରକୁ ଲମ୍ବିଥିବା ।
**ଡେ-ଲାଇଟ୍** ***ବି.*** ପେଟ୍ରୋମାକ୍ସ ଲାଇଟ୍, ଗ୍ୟାସ ଲାଇଟ୍ ।

**ଡେଲି** ***ବି.*** ଖୁଣ୍ଟ, ଗଛର ସଳଖ ଗଣ୍ଡି-ଯାହା ଘର ତିଆରି ବା ଛାତରେ ଲାଗେ; ***ବିଂ.*** ସବୁଦିନେ, ରୋଜିନା, ପ୍ରତ୍ୟହ ।
**ଡେଲିଙ୍ଗି** ***ବିଂ.*** ଉପର ପଟକୁ ସାମାନ୍ୟ ବଙ୍କା ।
**ଡେଲିଙ୍ଗିବା** ***କ୍ରି.*** ଉପର ପଟକୁ ସାମାନ୍ୟ ବାଙ୍କିବା ।
**ଡେଲିଙ୍ଗି ବାଉଁଶ** ***ବି.*** ଏକ ଜାତୀୟ ସରୁ ବାଉଁଶ ।
**ଡେଲିଗେଟ୍** ***ବି.*** ୧. ବିଶେଷ ଭୂମିକାରେ ପ୍ରେରିତ ପ୍ରତିନିଧି ବା ସଭ୍ୟ ୨. ସଭା ବା ଅନୁଷ୍ଠାନକୁ ନିମନ୍ତ୍ରିତ ଅତିଥି ୩. ସଭା ସମ୍ମିଳନୀରେ ଯୋଗ ଦେଉଥିବା ପ୍ରତିନିଧି ।
**ଡେଲି ପାସେଞ୍ଜର୍** ***ବି.*** ସବୁଦିନ ଯାତାୟାତ କରୁଥିବା ଯାତ୍ରୀ ।
**ଡେଲିଭରୀ** ***ବି.*** ୧. ସନ୍ତାନ ପ୍ରସବ ୨. ପ୍ରଦାନ , ପହଞ୍ଚେଇବା ।
**ଡେଲି ମାର୍କେଟ** ***ବି.*** ସବୁ ଦିନିଆ କିଣାବିକା ସ୍ଥଳ, ଦୈନିକ ବସୁଥିବା ହାଟ ।
**ଡେଲି ଲେବର୍** ***ବି.*** ଦିନ ମଜୁରିଆ ।
**ଡେସ୍କ୍** ***ବି.*** ୧. ଗଡ଼ାଣିଆ ମେଜ ୨. ଶିକ୍ଷାୟତନରେ ଛାତ୍ରଛାତ୍ରୀ ବସିବା ପାଇଁ ଲମ୍ବା ଟେବୁଲ ସହ ବେଞ୍ଚ ।
**ଡେସ୍‌ପାଚ୍** ***ବି.*** ଚିଠି ପ୍ରେରଣ ।
**ଡେସିମିଲ୍** ***ବି.*** ଏକ ଏକର ଜମିର ଏକ ଶତାଂଶ ।
**ଡୋକ୍‌ରା** ***ବି.*** ୧. ବୁଢ଼ାଲୋକ ୨. ଖଡ଼ରା ୩. ଏକ ପ୍ରକାର ମୂର୍ତ୍ତିକଳା ୪. ବିବାହିତ ପୁରୁଷ ।
**ଡୋକ୍‌ରୀ** ***ବି.*** ୧. ବିବାହିତା ନାରୀ ୨. ବୁଢ଼ୀ, ବୟସ୍କା ନାରୀ ।
**ଡୋକ୍‌ରୀ ବୁଢ଼ୀ** ***ବିଂ.*** ଜନଜାତି ପୂଜିତ ଦେବୀ ବିଶେଷ ।
**ଡୋକର, ଡକର** ***ବିଂ.*** ବୁଢ଼ା, *ସ୍ତ୍ରୀ. ଡୋକରୀ* ।
**ଡୋକୁ, ଡକୁ** ***ବି.*** ଡବା, କାଗଜ ବା କାଠ ବାକ୍‌ସ, କାର୍ଟନ୍, ଢାବଲ୍ ।
**ଡୋଜ୍** ***ବି.*** ଅନୁପାନ, ଭାଗମାପ, ଔଷଧର ସେବନ ପରିମାଣ ।
**ଡୋବ୍‌ଲା** ***ବି.*** ପତ୍ର ସିଲାଇ ବଡ଼ ଦନା, ଚକଳି ବା ଚଉକୁଣି, ବଡ଼ ଚଉପଦି, ପତ୍ରଠୁଙ୍ଗା ।
**ଡୋମନା** ***ବି.*** କନ୍ଧମାନଙ୍କ ପୁରୋହିତ ।
**ଡୋମ୍ବୀ** ***ବି. ବି.*** ତାନ୍ତ୍ରିକର ସାଧନା-ସଙ୍ଗିନୀ ।
**ଡୋର, ଡୋରି** ***ବି.*** ସୂତା, ଫିତା, ସରୁ ଦଉଡ଼ି, ରସି, ତାଗ ।
**ଡୋର କୌପୁନି ନେବା** ***କ୍ରି.*** ଦୀକ୍ଷା ଗ୍ରହଣ କରିବା, ସନ୍ନ୍ୟାସ ଗ୍ରହଣ କରିବା ।
**ଡୋର ବନ୍ଧାହେବା** ***କ୍ରି.*** ଶେଷ ହେବା, ସମାପ୍ତ ହେବା ।
**ଡୋରା** ***ବି.*** ସାହୁକାର, ଋଣଦାତା ।
**ଡୋରି** ***ବି.*** ଡୋର, ରସି, ଫିତା ।
**ଡୋରିଆ** ***ବିଂ.*** ୧. ପଟାପଟା ଦାଗ ଥିବା ଗାରଗାରିକିଆ (ପୋଷାକ) ୨. ଚିତ୍ର ବିଚିତ୍ର; ***ବି.*** ଡୋର ଥିବା ବସ୍ତ୍ର ବା ବସ୍ତୁ ।

**ଡୋରି କାଟିବା** ***କ୍ରି.*** ୧. ଅସହାୟ ବା ଅସମର୍ଥ କରିଦେବା ୨. ମୃତ୍ୟୁବରଣ କରିବା ୩. ସମ୍ପର୍କ ଛିନ୍ନ କରିବା ।

**ଡୋରି ଲାଗିବା** ***କ୍ରି.*** ଦେବଦର୍ଶନପାଇଁ ସୁଯୋଗ ଉପସ୍ଥିତ ହେବା ।

**ଡୋଳା** ***ବି.*** ଆଖିର ପିତୁଳା ବା ପିତୁଳି, ଆଖିର ଅଂଶ ବିଶେଷ ।

**ଡୋଲ** ***ବି.*** ଜାହାଜର ମାସ୍ତୁଲ ।

**ଡୋଲା** ***ବି.*** ୧. ଦୋଳା, ସବାରି ୨. ଖଟିଆ, ବୁହାକୁର୍ଚି ।

**ଡୋଲି** ***ବି.*** ୧. ଖଟିଆ, ସବାରି ୨. ଚାରିଗୋଡ଼ିଆ ଗାଡ଼ି ବିଶେଷ ୩. କୋଡ଼ମେଇ, ଧାନଚାଉଳପ୍ରଭୃତି ରଖାଯାଉଥିବା ବଡ଼ ଆକାରର ପାତ୍ର ୪. ଛୋଟ ଚାଷଜମି ।

**ଡ୍ୟାମ** ***ବି.*** ପାଣି ଅଟକାଇ ରଖିବା ପାଇଁ ତିଆରି ବନ୍ଧ ।

**ଡ୍ୟାସ୍** ***ବି.*** ୧. ଏକ ବିରାମଚିହ୍ନ (-) ୨. ଶୂନ୍ୟସ୍ଥାନ ୩. ଧକ୍କା ।

**ଡ୍ର** ***କ୍ରି.*** ୧. ବେଂକ୍ ଆଦିରୁ ଟଙ୍କା ଉଠାଣ କରିବା ୨. ଅଙ୍କନ କରିବା ୩. ପୂଜ, ରକ୍ତ ଆଦି ସିରିଂଜ୍‌ରେ ଟାଣିବା; ***ବି.*** ଖେଳ ଆଦିରେ ସମାନ ହେବା ।

**ଡ୍ର, ଡ୍ରୟାର** ***ବି.*** ଆଲମିରା ଟେବୁଲ୍ ଆଦିରେ ଥିବା ଖୋପ ।

**ଡ୍ରଇଂ** ***ବି.*** ୧. ଚିତ୍ର, ଛବି ୨. ନକ୍ସା ।

**ଡ୍ରଇଂମାଷ୍ଟ୍ର** ***ବି.*** ଚିତ୍ର ଶିକ୍ଷକ ।

**ଡ୍ରଇଂରୁମ୍** ***ବି.*** ୧. ବୈଠକଖାନା ୨. ବାହାର ଘର ।

**ଡ୍ରଗ୍** ***ବି.*** ୧. ଔଷ, ଔଷଧ, ଦବେଇ ୨. ନିଶାଦ୍ରବ୍ୟ ।

**ଡ୍ରଗିଷ୍ଟ** ***ବି.*** ପୋଟଳିବଣିଆ, ଔଷଧବିକ୍ରେତା ।

**ଡ୍ରପ୍** ***କ୍ରି.*** ୧. କାର୍ଯ୍ୟ ଅଧାରୁ ଛାଡ଼ିବା ୨. ପୁନଶ୍ଚ କାର୍ଯ୍ୟକରିବାର ସୁଯୋଗ ହରାଇବା ୩. ଟୋପା ପଡ଼ିବା ।

**ଡ୍ରପ୍ କରିବା** ***କ୍ରି.*** ୧.କୌଣସି କାର୍ଯ୍ୟ ବା ଯୋଜନା ବାତିଲ କରିବା ୨. କାହାକୁ ଗାଡ଼ି ମଟରରେ ନେଇ ଛାଡ଼ିବା ୩. ହ୍ରାସ ପାଇବା, କମିଯିବା ୪. ପରୀକ୍ଷା ଆଦି ନଦେବା ।

**ଡ୍ରପ୍‌ସିନ୍** ***ବି.*** ରଙ୍ଗମଞ୍ଚରେ ବ୍ୟବହୃତ ସମ୍ମୁଖ ପର୍ଦ୍ଦା ।

**ଡ୍ରମ୍** ***ବି.*** ୧. ପାଣି ବା ତରଳ ପଦାର୍ଥ ରଖିବା ବଡ଼ପାତ୍ର ୨. ବଡ଼ ଚମଡ଼ା ଛାଉଣି ବାଜା ।

**ଡ୍ର ହେବା** ***କ୍ରି.*** ଖେଳ ଆଦି ଅମୀମାଂସିତ ହେବା, ଖେଳରେ ଦୁଇ ଦଳ ସମାନ ହେବା ।

**ଡ୍ରାଇପ୍ରିଣ୍ଟି** ***ବି.*** ଶୁଖିଲା କାଳିରେ ଛାପା ବ୍ୟବସ୍ଥା ।

**ଡ୍ରାଇଫୁଡ୍** ***ବି.*** ଶୁଖିଲା ଖାଦ୍ୟ ।

**ଡ୍ରାଇଭର** ***ବି.*** ଗାଡ଼ି ବା କଳ ଚାଳକ ।

**ଡ୍ରାଇଭିଂ** ***କ୍ରି.*** ଗାଡ଼ି ଚଳାଇବା ।

**ଡ୍ରାଇ ଲଞ୍ଚ** ***ବି.*** ପ୍ୟାକେଟ ପରଶା ମଧ୍ୟାହ୍ନ ଭୋଜନ ।

**ଡ୍ରାଗନ୍** ***ବି.*** ଚୀନର କିମ୍ବଦନ୍ତୀରେ ବର୍ଣ୍ଣିତ ଉଡ଼ନ୍ତା ସାପ ଭଳି ଜୀବ ।

**ଡ୍ରାଫ୍ଟ୍** ***ବି.*** ୧. ଚିଠା ୨. ପାଣ୍ଡୁଲିପି ୩. ଟଙ୍କା କାରବାର ପାଇଁ ବେଂକ୍‌ରେ ବ୍ୟବହୃତ କାଗଜ ନିର୍ଦ୍ଦେଶ ।

**ଡ୍ରାଫ୍ଟ୍ କପି** ***ବି.*** କୌଣସି ଲେଖାର ପ୍ରଥମ ଖସଡ଼ା ।

**ଡ୍ରାଫ୍ଟ୍‌ସ୍ମ୍ୟାନ୍** ***ବି.*** ନକ୍ସା ଅଙ୍କନକାରୀ ।

**ଡ୍ରାଫ୍ଟିଙ୍ଗ୍** ***ବି.*** ଆଫିସିକ ପତ୍ରଲିଖନ ।

**ଡ୍ରାମା** ***ବି.*** ନାଟକ, ଦୃଶ୍ୟକାବ୍ୟ ।

**ଡ୍ରାମାବାଜି** ***ବି.*** ୧. ଅଭିନୟ ୨. ଛଳନା ।

**ଡ୍ରିଙ୍କ୍‌ସ୍** ***ବି.*** ପାନୀୟ ।

**ଡ୍ରିପ୍** ***ବି.*** ଛୁଞ୍ଚ ଓ ନଳୀ ସାହାଯ୍ୟରେ ଧମନୀ ଦେଇ ତରଳ ଔଷଧ ଶରୀରରେ ପ୍ରବେଶ କରାଇବା ।

**ଡ୍ରିମ୍** ***ବି.*** ୧. ସ୍ୱପ୍ନ ୨. କଳ୍ପନା ।

**ଡ୍ରିଲ୍** ***ବି.*** ଶୃଙ୍ଖଳିତ ପଦ୍ଧତିରେ ବ୍ୟାୟମ ଶିକ୍ଷା ।

**ଡ୍ରିଲିଂ** ***କ୍ରି.*** ୧. କଣା କରିବା, ଫୋଡ଼ କରିବା ୨. ଅଭ୍ୟାସ କରାଇବା ।

**ଡ୍ରିଲିଂ ମେସିନ୍** ***ବି.*** କଣା କରିବା ଯନ୍ତ୍ର ।

**ଡ୍ରେଜର** ***ବି.*** ଖୋଳିବା, ଫିଙ୍ଗିବା ଓ ସ୍ଥାନ ସମତୁଲ କରିବା ପାଇଁ ବ୍ୟବହୃତ ମଟର ଚାଳିତ ଯନ୍ତ୍ର, ନଦୀମୁହାଣ ବା ପୋତାଶ୍ରୟରୁ ପଙ୍କମାଟି କାଢ଼ିବାପାଇଁ ସେହିଭଳି ଯନ୍ତ୍ର ।

**ଡ୍ରେନ୍** ***ବି.*** ନଳା, ପାଣିନଳା ।

**ଡ୍ରେନ୍ କରିବା** ***କ୍ରି.*** ତରଳ ପଦାର୍ଥକୁ ବାହାର କରିଦେବା ।

**ଡ୍ରେସ୍** ***ବି.*** ପୋଷାକ ।

**ଡ୍ରେସିଙ୍ଗ୍** ***ବି.*** ୧. ବେଶ ପୋଷାକ ପରିଧାନ କାର୍ଯ୍ୟ ୨. କ୍ଷତସ୍ଥାନ ପରିଷ୍କାର କରି ପଟି ବାନ୍ଧିବା କାମ ।

**ଡ୍ରେସିଙ୍ଗ୍ ଟେବୁଲ୍** ***ବି.*** ଦର୍ପଣଥିବା ଟେବୁଲ୍ – ଯାହା ସାମନାରେ ଛିଡ଼ା ହୋଇ ବା ବସି ବେଶ କରାହୁଏ ।

**ଡ୍ରେସିଙ୍ଗ୍ ରୁମ୍** ***ବି.*** ୧. ଯେଉଁ ଘରେ କ୍ଷତ ଆଦି ପରିଷ୍କାର କରି ମଲମ, ପଟି କରାଯାଏ ୨. ଯେଉଁ ଘରେ ବେଶ କରାହୁଏ ।

# ଢ

**ଢ** ***ବି.*** ବ୍ୟଞ୍ଜନ ବର୍ଣ୍ଣର ଚତୁର୍ଦ୍ଦଶ ଅକ୍ଷର ।

**ଢଅ** ***ବି.*** ଢବଗଛ ।

**ଢଅ ଛତୁ** ***ବି.*** ଗଛର କାଣ୍ଡ ବା ମୂଳରେ ବାହାରିବା ଛତୁ ।

**ଢକ୍** ***ବି.*** ବିୟରିଙ୍ଗ୍ ଘୋରି ହେଲେ ଚକ ଢ଼ିଲା ହେବା, ଗଳଗଳିଆ ହେବା ।

**ଢକକ[କ୍]ର** ***ବି.*** ୧. ଶଗଡ଼ର ଚକ ଓ ବଳଦ ମଧ୍ୟରେ ବ୍ୟବଧାନ ରକ୍ଷାକାରୀ କାଠ ୨. ଶଗଡର ପଛପାଖର ଦଣ୍ଡା, **ଢୋକର** ।

**ଢକ୍କା** ***ବି.*** ବଡ଼ ଆକାରର ଚମଡ଼ା ଛାଉଣି ଆବଦ୍ଧ ବାଦ୍ୟ, ବଡ଼ଢ଼ୋଲ, ପଟହ ।

**ଢକ୍‌ଢକା** ***ବି.*** ଆଦର, ସ୍ନେହାତିଶଯ୍ୟ ।

**ଢକ୍‌ଢକାଇବା** ***କ୍ରି.*** ସ୍ନେହ ବା ଆଦରର ଭାବ ଉଦ୍ରେକ ହେବା ।

**ଢକ୍‌ରେ ବସିବା** ***କ୍ରି.*** ଅସୁବିଧାରେ ପଡ଼ିବା, ଅସୁରକ୍ଷିତ ହେବା ।

**ଢକ୍‌ଲୋ** ***ବିଂ.*** ପାଣିଆ (ତରକାରୀ)।

**ଢକଢକ** ***ବି.*** ୧. ପାଣିପିଇବା ଶବ୍ଦ ୨. ଗଳଗଳିଆ ଶବ୍ଦ ।

**ଢକଢକିଆ** ***ବିଂ.*** ୧. ଶୀର୍ଣ୍ଣକାୟ, ଦୁବୁଲା ପତଳା, ନହକା ୨. ହୁଗୁଳା ।

**ଢକ ମାରିବା** ***କ୍ରି.*** ଢ଼ିଲା ଅବସ୍ଥାକୁ ସୁଧାରିବା ।

**ଢକର** ***ବି.*** ଶଗଡ଼ର ଦୁଇଚକ ଅଗରେ ଦଣ୍ଡାରେ ଲାଗିଥିବା କାଠ ବା ବାଉଁଶ ଖଣ୍ଡ , **ଢକ୍‌କର, ଢୋକର** ।

**ଢକା** ***ବି.*** ୧. ଡିଣ୍ଡିମ ୨. ବଡ କାଠ ବାଜା ୩. ହାକୁଟି; ***ବିଂ.*** ଆଚ୍ଛାଦିତ ।

**ଢକା ପିଟିବା** ***କ୍ରି.*** ପ୍ରଚାର କରିବା, ବଢ଼େଇ ଚଢ଼େଇ କହିବା ।

**ଢକାର, ଢେକାର** ***ବି.*** ହାକୁଟି, ଏଉଡ଼ି, ମୁହଁବାଟ ଦେଇ ପେଟ ଭିତରର ବାୟୁ ବାହାରିବା ଓ ସେହି ଧ୍ୱନି ।

**ଢଗ୍‌ବିରି** ***ବି.*** (ଆଖିର) ଆଲୁଅ ରୋଗ, ସନ୍ ବିର୍ଣ୍ଣି, ଆଖିପତାରେ ବାହାରୁଥିବା ବ୍ରଣ ।

**ଢଗ** ***ବି.*** ଉଦାହରଣ ଛଳରେ ଲୋକେ କହି ଆସୁଥିବା ଗୀତ,ବାଣୀ, ପ୍ରବଚନ, ଲୋକୋକ୍ତି, ଲୋକବାଣୀ ।

**ଢଗଢମାଳି** ***ବି.*** ସଂକ୍ଷିପ୍ତ ବା ଦୀର୍ଘ ଲୋକବାଣୀ ।

**ଢଙ୍କଣ** ***ବି.*** ୧. ଘଣ୍ଟିର ଓହଳା ଧାତୁଖଣ୍ଡ ଯାହା ଘଣ୍ଟିରେ ବାଜିଲେ ଧ୍ୱନି ହୁଏ ୨. ବାଉଁଶଲଗି ।

**ଢଙ୍କସର** ***ବିଂ.*** **ଢକ୍‌ଲୋ,** ଅତି ପାଣିଆ (ତରକାରୀ) ।

**ଢଙ୍କା** ***ବିଂ.*** ୧. ଘୋଡ଼ା ଯାଇଥିବା, ଆଚ୍ଛାଦିତ ; ***ବି.*** ୨. ଆଚ୍ଛାଦନ, ଘୋଡ଼ଣି ।

**ଢଙ୍କୁଣ** ***ବି.*** ଲମ୍ବବର୍ଚ୍ଛା ।

**ଢଙ୍ଗ** ***ବି.*** ୧. ଭଙ୍ଗୀ, ଆଚରଣ, ରୀତି ୨. ଲକ୍ଷଣ, ଛଟକ ।

**ଢଙ୍ଗ କରିବା/ଦେଖାଇବା** ***କ୍ରି.*** ଦେଖାଇ ହେବା, ଯାହା ନୁହେଁ ତାହା ଦେଖାଇବା ।

**ଢଙ୍ଗଢାଙ୍ଗ** ***ବି.*** ସ୍ୱଭାବ, ଚରିତ୍ର, ଆଚାର ବ୍ୟବହାର ।

**ଢଙ୍ଗିଆ** ***ବିଂ.*** ଆଡମ୍ବରପ୍ରିୟ ।

**ଢଣ୍‌କନା** ***ବି.*** ପିତ୍ତଳ ତିଆରି ବାହାଖଡୁ ।

**ଢଣ** ***ବି.*** ୧. ବଡ଼ ଆକାରର ମାଛି, ଗଣଗଣା ମାଛି ୨. ଧନୁ ।

**ଢଣ କୋଇଲା** ***ବି.*** ଏକ ପ୍ରକାର ଲୋକ ବାଦ୍ୟ ।

**ଢଣଢଣିଆଁ** ***ବିଂ.*** ଦୁର୍ବଳ, ପତଳା ।

**ଢଣା** ***ବି.*** ୧. କ୍ଳାନ୍ତି, ହାଲିଆ ୨. ପତଳା ଝାଡ଼ା ୩. ଗୋରୁଙ୍କ ରୋଗ ବିଶେଷ ।

**ଢଣାମାଛି** ***ବି.*** ଢଣ, ଗଣଗଣା ମାଛି ।

**ଢଣିହେବା** ***କ୍ରି.*** ୧. ବ୍ୟସ୍ତ ହୋଇ ଖୋଜିବା ୨. ଧନ୍ଦି ହେବା ।

**ଢଣୁଆ** ***ବି.*** ଦୁହାଁଳ ଗାଇ ।

**ଢପ** ***ବି.*** ୧. ଛଇ ୨. ଗର୍ବ, ବଢ଼େଇ ।

**ଢପଚିକଣ, ଢପଚିକଣା** ***ବିଂ.*** ବାହ୍ୟ ଆଡ଼ମ୍ବରଯୁକ୍ତ, ଦେଖାଣିଆ ।

**ଢପଢପ** ***ବି.*** ଓଦା ଢୋଲର ଶବ୍ଦ, ପିଛା ଶୀତଳ ହୋଇଥିବା ମୃଦଙ୍ଗର ଶବ୍ଦ ।

**ଢପା** ***ବିଂ.*** ଢଙ୍କା ଯାଇଥିବା , ଆଚ୍ଛାଦିତ, ଆବୃତ ।

**ଢପାଗାଡ଼ି,ଢବାଗାଡ଼ି** ***ବି.*** ୧. ପାଲଗାଡ଼ି; କପଡ଼ା, ପଟି ବା ପାଲରେ ଘୋଡ଼ାଯାଇଥିବା ଶଗଡ଼, ତାଟଲଗା ଶଗଡ଼ ୨. ଖପରଲି ଘର ।

**ଢପାଗୀତ** ***ବି.*** ଲୋକଗୀତ ବିଶେଷ ।

**ଢବା, ଢାବା** ***ବି.*** ୧. କୋଠା, କୋଠାଘର ୨. ଆଟୁଘର ୩. ରାସ୍ତା କଡ଼ର ହୋଟେଲ; ***ବିଂ.*** ଫମ୍ପା, ପୋଲା ଓ ବଡ଼ ।

**ଢବାତନାବୀ** ***ବି.*** କୋଠାଘରର ଝରକା ।

**ଢମ** ***ବି.*** ବଡ଼ାଇ, ଗର୍ବ, ଫୁଟାଣି ।

**ଢମଣା** ***ବି.*** ବଡ଼ ବିଷହୀନ ସାପ ବିଶେଷ, ଧମ୍‌ନା, ଢାମଣା ।

**ଢମା** ***ବିଂ.*** ଯେ ଢମ ଦେଖାଏ ; ***ବି.***ଗୋରୁଗାଇ ପ୍ରଭୃତିଙ୍କୁ କୁଣ୍ଡାତୋରାଣି ଖୁଆଇବାପାଇଁ ବ୍ୟବହୃତ କାଠ ପାତ୍ର ବିଶେଷ, ଭିତର ପଟେ ତଲେଇଦିଆ ଢେଙ୍ଗା ବାଉଁଶ ଟୋକେଇ ।

**ଢମାଳି, ଢମାଳୀ** ***ବି.*** ୧. ପଦକୁ ପଦ ମିଶୁ ନଥିବା ବା ମିତ୍ରାକ୍ଷର ଶୂନ୍ୟ ଉକ୍ତି, ପରିହାସପୂର୍ଣ୍ଣ ଉକ୍ତି, ଲୋକୋକ୍ତି ୨. ଅନୁଚିତ ବା ଅକାରଣ ବଡ଼ାଇ ।

**ଢମାଳିଆ ବିଂ.** ରସିକ, ନବଜିଆ, ରହସିଆ, ମଉଜିଆ, ଥଟଲିବାଜ ।

**ଡମାଳୁଣୀ ବି.** ଅପଦେବତା ବିଶେଷ ।

**ଢଳଢଳ ବିଂ.କ୍ରି. ବିଂ.** ୧. ଅସ୍ଥିର, ଟଳଟଳ ୨. ଲୁହ ପ୍ରଭୃତି ତରଳ ବସ୍ତୁ ବହିଯିବାର ଉପକ୍ରମ କରିବା ଅବସ୍ଥା ୩. ନିର୍ମଳ ଓ ପରିପୂର୍ଣ୍ଣ ।

**ଢଳା ବିଂ.** ୧. ଛାଞ୍ଚରେ ତରଳ ଧାତୁ ଢାଳି ଗଢ଼ା ହୋଇଥିବା ୨. ଢଳି ଯାଇଥିବା ୩. ଇଡ଼ା ଯାଇଥିବା ; **ବି.** ଧାତୁ ଢାଳିବା ଛାଞ୍ଚ ।

**ଢଳିଢଳି କ୍ରି.ବିଂ.** ଦୋହଲି ଦୋହଲି, ହଲିଦୋହଲି ।

**ଢଳିବା କ୍ରି.** ୧. ନଇଁବା ୨. ଆଉଜିବା ୩. ଢାଳି ହେଇଯିବା ୪. ଅନୁରକ୍ତ ହେବା ।

**ଢଳେଇ ବି.** ୧. ଛାଞ୍ଚରେ ଧାତୁ ପ୍ରଭୃତି ଢାଳିବା କାର୍ଯ୍ୟ ୨. ଲୁହା ଛଡ଼ ବନ୍ଧା ଛାଞ୍ଚରେ ସିମେଣ୍ଟ ବାଲି ଓ ଗୋଡ଼ି ବା ଗେଟିର ମିଶ୍ରଣ ଢାଳି ପକ୍କା ଛାତ ଏବଂ ସେହି ପଦ୍ଧତିରେ କରାଯାଉଥିବା ପଦାର୍ଥ ।

**ଢଲ୍‌କେନ୍ ବିଂ.** ଗଡାଣିଆ, ଢାଲୁ।

**ଢଲ୍‌ଂଗିଯିବା କ୍ରି.** ଢଳି ପଡ଼ିବା, ଟଳଟଳ ହେବା।

**ଢଲା ବି.** ହାଣ୍ଡିରୁ ଢଳା ଯାଇଥିବା ନିର୍ମଳ ମଣ୍ଡ।

**ଢଲାଇବା କ୍ରି.** କୁଲା ବା ସେଭଳି ଚଉଡ଼ା ଆଧାର ବାରମ୍ବାର ହଲାଇ ଚାଉଳ ବା ଅନ୍ୟ ଶସ୍ୟରୁ ଗୋଡ଼ି ଆଦି ପୃଥକ୍ କରିବା।

**ଢଲିଆ ବିଂ.** ଗୋଟାଏ ପାଖକୁ ଢଳି ଥିବା।

**ଢଲିଆ ଖୁସା ବି.** ବାଙ୍କଖୋସା, ସ୍ତ୍ରୀମାନଙ୍କ କେଶ ସଜ୍ଜା ବିଶେଷ।

**ଢସ୍ ବି.** ୧. ବିଫଳତା, ଢୁସ୍ ୨. ଖେଳରେ ପରାଜୟ।

**ଢସ୍ ହେବା କ୍ରି.** ୧. ଖେଳରେ ହାରିଯିବା ୨. ବଢ଼େଇ ବା ମିଛ କଥା ଧରା ପଡ଼ିଯିବା।

**ଢାଇ ବି.** ମୁଣ୍ଡଲଢ଼େଇ, ମୁଣ୍ଡବାଡ଼ିଆ।

**ଢାଉଁଢାଉଁ ଅ.** ଢୋଲବାଜାର ଧ୍ୱନି ।

**ଢାଉ, ଢାଉଆ ବିଂ.** ଗେରୁଆ, ପୋଡ଼ାଇଟା ରଙ୍ଗର ; **ବି.** ୧. ଗେରୁ ବା ଲାଲ୍‌ମାଟି, ରଡାମାଟି, ଗେରୁରଙ୍ଗ ୨. ଧାନଗଛ ।

**ଢାଉକ ବି.** ଡାହୁକ, ଡାଉଆ ରଙ୍ଗ ବିଶିଷ୍ଟ ଚଢ଼େଇ ।

**ଢାଉକା ବିଂ.** ତରକା, ଅତି ଚତୁରା ।

**ଢାଏ କ୍ରି.ବିଂ.** ଶୀଘ୍ର ଏବଂ ଅତି ଜୋରରେ, ଶକ୍ତ ଭାବରେ (ବାଜିବା)।

**ଢାକରି ବି.** ଜଗୁଆଳି ।

**ଢାଗା ବି.** ମୋଟା ସିଲେଇ, ଛଡାଛଡା ସିଲେଇ, ଟାଙ୍କା ।

**ଢାଙ୍କନ୍ ବି.** କୌଣସି ପାତ୍ର ଉପରେ ଦିଆଯାଉଥିବା ଆବରଣ, ଘୋଡ଼ଣି, ଢାଙ୍କୁଣି ।

**ଢାଙ୍କିବା କ୍ରି.** ଘୋଡ଼ାଇ ରଖିବା, ଢାବିବା, ଢାବିଦେବା, ଆବୃତ କରିବା ।

**ଢାଙ୍କୁଣି ବି.** ଘୋଡ଼ଣି ।

**ଢାଞ୍ଚା ବି.** ୧. ଢଙ୍ଗ ୨. ଗଢ଼ଣ, ଗଠନଶୈଳୀ ୩. ଧରଣ ୪. ଚାଲିଚଳଣ, ଛାଞ୍ଚ୍ ।

**ଢାପ୍, ଢାବ ବି.** ୧. ଡାବ୍, ଢାଙ୍କୁଣି ଆକୃତିର ଚମଡ଼ା ଛାଉଣି ଲୋକବାଦ୍ୟ ବିଶେଷ ୨. ଢାପ୍‌ବାଦ୍ୟ ସହ ଲୋକନୃତ୍ୟ ବିଶେଷ ।

**ଢାପ୍‌ନି, ଢାବ୍‌ନି ବି.** ୧. ଢାଙ୍କୁଣି ୨. ଠିପି ୩. ଆବରଣ ।

**ଢାବ୍‌ଗୁଡୁ ବିଂ.** ସମଗ୍ର ଶରୀର ଲୁଗା ବା ଚଦରରେ ଆବୃତ ହୋଇଥିବା ।

**ଢାବଲା ହାତିଆ ବିଂ.** ସାହାଖର୍ଚ୍ଚୀ, ବ୍ୟୟଶୀଳ, ଖୋଲାହାତରେ ଯେ ଖର୍ଚ୍ଚ କରେ ।

**ଢାବଲ ବି.** ଜିନିଷପତ୍ର ପଠାଇବା ପାଇଁ ବ୍ୟବହୃତ କାଗଜ ପଟି ଅଥବା କାଠପଟା ତିଆରି ବାକ୍ସ ।

**ଢାବା ବି.** ରାସ୍ତା ବା ରାଜପଥ କଡରେ ଥିବା ଭୋଜନାଳୟ ।

**ଢାବୁଆ ବି.** ପୁରୁଣା କାଳରେ ପ୍ରଚଳିତ ଓଜନର ଏକକ ।

**ଢାବେନ୍ ବି.** ଢାଙ୍କୁଣି ।

**ଢାମଣ ବି.** ଧମଣଗଛ, ଧାମଣାଗଛ ।

**ଢାମଣା ବି.** ଢମଣା, ଧମ୍‌ନା, ଏକ ବିଷହୀନ ବଡ଼ ସାପ ।

**ଢାମ୍ପ ବି.** ୧. ଡେମ୍ପ ୨. ଆନନ୍ଧ ବାଦ୍ୟ ବିଶେଷ ।

**ଢାଳ ବି.** ତରଳ ପଦାର୍ଥ ବା ପାଣି ରଖିବା ପାଇଁ ଧାତୁରେ ତିଆରି ଲମ୍ବା ବେକଥିବା ଗୋଲମୁହାଁ ପାତ୍ର, ଗଡୁ, ଲୋଟା ।

**ଢାଳିବା କ୍ରି.** ୧. (ତରଳ ପଦାର୍ଥ)ଅଜାଡ଼ିବା, ନିଗାଡ଼ିବା ୨. ଚାମର ଚାଳିବା ୩. ଉତ୍ସର୍ଗ କରିବା।

**ଢାଳେ ବିଂ.** ୧. ଟିକିଏ, ସାମାନ୍ୟ ୨. ଲୋଟାଏ, ଏକ ଢାଳ ପରିମାଣର ।

**ଢାଲ ବି.** ଖଣ୍ଡା ଲଢ଼େଇ ପ୍ରଭୃତିରେ ଆତ୍ମରକ୍ଷା ନିମନ୍ତେ ବ୍ୟବହୃତ ଚମଡ଼ା ବା ଧାତୁନିର୍ମିତ ଅଭେଦ୍ୟ ଫଳକ, ଧାତବଫଳକ ।

**ଢାଲୁ ବିଂ.** ଗଡ଼ାଣିଆ, କ୍ରମଶଃ ନୁଆଁଣିଆ ; **ବି.** ଗଡ଼ାଣିଆ ବା ଗଡ଼ନ୍ତି ଜାଗା ।

**ଢାଲୁଆ ମୟୂର ବି.** ଅଣ୍ଡିରା ମୟୂର ।

**ଢିଁଡ଼ା ବିଂ.** ମେଞ୍ଚା, ପୁଳା, ଲେନ୍ଧା, ବିଣ୍ଡା ।

**ଢିଁଡ଼ାମୁଡ଼ା ବିଂ.** ମେଞ୍ଚା, ବଙ୍କାଟଙ୍କା ।

**ଢିଅ ବି.** ୧. ଡିହ, ବାସଗୃହ ପାଇଁ ଜମି ୨. ଧକ୍‌କା ।

**ଢିଅନାଗ ବି.** ୧. ଶୁଭ ସୂଚନା, ମଙ୍ଗଳ ସଙ୍କେତ ୨. ଘର ଡିହରେ ବାସ ବା ଚଳପ୍ରଚଳ କରୁଥିବା ନାଗ ।

**ଢିଆ** ***ବି.*** ବଡ଼ ଉକୁଣି; ***ବିଂ.*** ବଡ଼ ଆକାରର ।

**ଢିଆରିଆ** ***ବିଂ.*** ଉପରଠାଉରିଆ, ଆନ୍ତରିକତା ନଥିବା ।

**ଢି କରି** ***କ୍ରି.ବିଂ.*** ହଠାତ୍, ଅପ୍ରତ୍ୟାଶିତ ଭାବରେ।

**ଢିକା ଘେନିବା** ***କ୍ରି.*** ଅଣ୍ଟାପିଠି ଘୋଳିହେବା ।

**ଢିଙ୍କି, ଢେଙ୍କି** ***ବି.*** ଧାନ/ଚୁଡ଼ା ପ୍ରଭୃତି କୁଟିବା ପାଇଁ ବ୍ୟବହୃତ କାଠ ତିଆରି ଉପକରଣ ।

**ଢିଙ୍କିଆ** ***ବି.*** ୧. କବାଟ ବା ଝରକାର ଛିଟିକିଣି ୨. ଓଳିଆ ବା ଅମାନିଆ ଗାଇ ଗୋରୁ ବେକରେ ଓହଳା ହେବା ଛୋଟ କାଠଖଣ୍ଡ ୩. ହୁଣ୍ଡାର, ହୁଣ୍ଡାବାଘ; ***ବିଂ.*** ଢିଙ୍କିପରି ।

**ଢିଙ୍କିଆକଳ** ***ବି.*** ୧. ଟ୍ୟୁବ୍‌ୱେଲ୍, ମାଟିତଳୁ ନଳ ସାହାଯ୍ୟରେ ଉଠାଯାଉଥିବା ପାଣିଯନ୍ତ୍ର (ଢିଙ୍କିଆ) ୨. ତାଳ ବା ନଡ଼ିଆ ନୋଧାରେ ଗୋଡ଼ରଖି ପାଣି ଉଠାଇବା ବ୍ୟବସ୍ଥା ।

**ଢିଙ୍କିଆ ବାଘ** ***ବି.*** ହେଟାବାଘ ।

**ଢିଙ୍କିଆ ଲାଉ** ***ବି.*** ପତଳା ଓ ଲମ୍ବା ନାଉ ।

**ଢିଙ୍କି ଓଷା** ***ବି.*** ଭାଲୁକୁଣି ବା ଖୁଦୁରୁକୁଣୀ ଓଷା ।

**ଢିଙ୍କିକୁଟା** ***ବିଂ.*** ଢିଙ୍କିରେ କୁଟା ହୋଇଥିବା।

**ଢିଙ୍କିଖମ୍ବ** ***ବି.*** ଯାହା ଉପରେ ଢିଙ୍କିର ପକ୍ଷୀ ରହେ ।

**ଢିଙ୍କିଗାତ** ***ବି.*** ଢିଙ୍କି ପାହାର ପଡୁଥିବା ଗାତ, ଯେଉଁଠି ଧାନ ପଣାଯାଏ ।

**ଢିଙ୍କି ଗିଳିବା** ***କ୍ରି.*** ଅସାଧ୍ୟ ବା ଦୁରୂହ କାର୍ଯ୍ୟ କରିବାକୁ ବାଧ୍ୟ ହେବା ।

**ଢିଙ୍କିଗୀତ** ***ବି.*** ଢିଙ୍କିରେ କୁଟିବା କାଳରେ ଶ୍ରମ ଲାଘବ ନିମିତ୍ତ ବୋଲା ଯାଉଥିବା ଗୀତ ।

**ଢିଙ୍କି ଧମକା** ***ବି.*** ଢିଙ୍କିକୁଟା ଶବ୍ଦ, ଦୁଲକା ।

**ଢିଙ୍କିପକ୍ଷୀ** ***ବି.*** ଢିଙ୍କିରେ ଲାଗିଥିବା ଡେଣାକାଠ ।

**ଢିଙ୍କିପାହାର** ***ବି.*** ଢିଙ୍କି ଆଗରେ ଲାଗିଥିବା ମୂଷଳାକାର କାଠଖଣ୍ଡ ।

**ଢିଙ୍କିପେଟ** ***ବି.*** ଢିଙ୍କିର ମଝି ଅଂଶ ।

**ଢିଙ୍କି ଭରାଣ୍ଡି** ***ବି.*** ଢିଙ୍କିଗାତ ଯହିଁରେ କୁଟା ହେବା ବସ୍ତୁ ଭରି ଦିଆଯାଏ ।

**ଢିଙ୍କିମୁଣ୍ଡ** ***ବି.*** ଢିଙ୍କିର ଭରାଣ୍ଡିଥିବା କାଠ ଖଣ୍ଡ ।

**ଢିଙ୍କିମୂଷଳ** ***ବି.*** ଢିଙ୍କି ପାହାର ।

**ଢିଙ୍କିଲାଞ୍ଜି** ***ବି.*** ଢିଙ୍କିରେ କୁଟୁଣି ଗୋଡରଖି ଚାପଦେବା ସ୍ଥାନ, ଢିଙ୍କିର ଶେଷଅଂଶ ।

**ଢିଙ୍କିଶାଳ** ***ବି.*** ଢିଙ୍କିଥିବା ସ୍ଥାନ ବା ଘର ।

**ଢିଙ୍କିସମା** ***ବି.*** ଢିଙ୍କି ମୂଷଳର ଅଗରେ ଦିଆଯାଇଥିବା ଲୁହାବଳା ।

**ଢିଟ୍** ***ବି.*** ଏକଜିଦିଆ ।

**ଢିନ** ***ବି.*** ଛୋଟ ମାଛ; ***ବିଂ.*** ଛୋଟ, ସାନ।

**ଢିପ** ***ବି.ବିଂ.*** ଉଚ୍ଚ ସ୍ଥାନ, କୁଦ, ଡିଗ୍ରା ।

**ଢିପା** ***ବି.*** ୧. ଉଚ୍ଚଭୂମି ୨. ମୂଳଦୁଆ ୩. ବଂଶ ।

**ଢିପାଇବା, ଢିପେଇବା** ***କ୍ରି.*** ୧. ଗୋଇଠି ନ ଲଗାଇ ଗୋଡ଼ଟିପରେ ଭାରାଦେଇ ଚାଲିବା ୨. ଧିମେଇ ଚାଲିବା ।

**ଢିପେଇ** ***ବି.*** ଟିପେଇ, ଶଗଡ଼କୁ ଠିଆକରି ରଖିବା ପାଇଁ ବ୍ୟବହୃତ ଦୁଇ କେନିଆ କାଠଖଣ୍ଡ।

**ଢିମା** ***ବି.*** ଢେଲା, ପଥରଖଣ୍ଡ, ଢେମା ; ***ବିଂ.*** ୧. ପ୍ରସାରିତ ବା ବିସ୍ଫାରିତ, ବଡ଼ ୨. ଶୁଖିଲା ଓ ଟାଣ ।

**ଢିମା ଆଖିଆ** ***ବିଂ.*** ଡିମ୍ବ ପରି ଯାହାର ଆଖି ପଦାକୁ ବାହାରିଥାଏ ।

**ଢିମାଢିମା** ***ବିଂ.*** ବଡ଼ବଡ଼, ବିସ୍ଫାରିତ ।

**ଢିରା** ***ବି.*** ଠେକ, ଟେକେନ୍, ଠେସ, ଠିଅ, ଗୁଣ୍ଡିଆ ।

**ଢିରା ମାରିବା** ***କ୍ରି.*** ୧. କାତ ମାରିବା ୨. ପାଣିର ଗଭୀରତା କଣ୍ଟିବା ।

**ଢିଲ୍** ***ବି.*** ୧. ହୁଗୁଳା ୨. ଛାଡ଼, ରିହାତି।

**ଢିଲ୍‌ଫୁସ୍** ***ବିଂ.*** ୧. ଢିଲା, ହାଲୁକା ୨. ଅସଫଳ ।

**ଢିଲ୍‌ବା** ***କ୍ରି.*** ୧. ବନ୍ଧନମୁକ୍ତ କରିବା ୨. ଖୋଲିଦେବା ୩. ପ୍ରକାଶ କରିଦେବା ।

**ଢିଲମ୍‌ଢିଲା** ***ବିଂ.*** ୧. ଅବହେଳାକାରୀ ୨. ଅତି ହୁଗୁଳା; ***କ୍ରି.ବିଂ.*** ଅବହେଳାରେ ।

**ଢିଲା** ***ବିଂ.*** ୧. ହୁଗୁଳା, ଶିଥିଳ ୨. ଅଳସୁଆ, ବିଶୃଙ୍ଖଳ; ***ବି.*** ୩. ହେଳା, ଆଳସ୍ୟ, ଶିଥିଳତା ।

**ଢିଲା ମାରିବା** ***କ୍ରି.*** ଅବହେଳା କରିବା, ଅଳସୁଆମି ଦେଖାଇବା, ଉପଯୁକ୍ତ ଭାବରେ କର୍ତ୍ତବ୍ୟ ନକରିବା ।

**ଢିଲି ଦେବା** ***କ୍ରି.*** ୧. ଗୋରୁଗାଈଙ୍କୁ ଯୁଆଳି ବା ଖୁଣ୍ଟରୁ ଖୋଲିଦେବା ୨. ଗୋପନ କଥା ପ୍ରକାଶ କରିଦେବା ।

**ଢିଲିବା** ***କ୍ରି.*** ଗାଈଗୋରୁଙ୍କୁ ଗୁହାଳରୁ ଫିଟାଇବା ।

**ଢୁଁଟି** ***ବି.*** ମାଛରଖିବା ଖାଳୋଇ, ମାଛରଖିବା ନିମନ୍ତେ ବାଉଁଶ ତିଆରି ଆଧାର।

**ଢୁଆ** ***ବି.*** ୧. ଜିଦ୍, କଳି ୨. ପ୍ରବାଦ ୩. ଗୀତର ପଦ ଗାଇବା ପରେ ଶେଷ ପାଦ ବା ପାଦର ଶେଷ ଅଂଶର ପୁନର୍ଗାୟନ ।

**ଢୁକା** ***ବିଂ.*** ଢୁକା, ମୋଟା, ଭୁସ୍‌କା; ***ବି.*** ଢୋକ, ଥରକେ ଗିଳି ହେବା ପରିମିତ ତରଳ ଖାଦ୍ୟ ।

**ଢୁକାଇବା** ***କ୍ରି.*** ୧. ଭିତରେ ପୂରାଇବା, ପଶାଇବା ୨. ଘର ଭିତରକୁ ପ୍ରବେଶ କରାଇବା।

**ଢୁକିବା** ***କ୍ରି.*** ପଶିବା, ପ୍ରବେଶ କରିବା ।

**ଢୁକୁ** ***ବି.*** ଉଇଘରା ; ***ବିଂ.*** ପ୍ରବେଶକାରୀ।

**ଢୁକୁ ଢୁକାବା, ଢୁକୁପଶିବା** ***କ୍ରି.*** ପରସ୍ତ୍ରୀକୁ ରକ୍ଷିତା ରୂପେ ନିଜ ଘରେ ରଖିବା ।

**ଢୁକୁ ଢୁକିବା[ସମିବା] *କ୍ରି.*** ୧. ବିବାହିତା ସ୍ତ୍ରୀ ସ୍ୱେଚ୍ଛାରେ ପରପୁରୁଷର ରକ୍ଷିତା ରୂପେ ତାହା ଘରେ ରହିବା ୨. ଢୁକା ପଶିବା ।

**ଢୁଡ଼ୁଙ୍ଗି *ବି.*** ଧାନ ରଖିବା ପାଇଁ ବାଉଁଶ ପାତିଆ ତିଆରି ବଡ ଆଧାର ବିଶେଷ।

**ଢୁଡ଼୍‌ମେଇ ହେବା *କ୍ରି.*** ଚାଲିବା ବେଳେ ଧକ୍‌କା ଖାଇବା।

**ଢୁଡ଼ା *ବି.*** ପାଣି ଜମିରହୁଥିବା ଖାଲ, ଓଡ଼ା।

**ଢୁଣି *ବି.*** ଅଫୁଟା ଫୁଲ, ଦରଫୁଟା କଢ଼ ।

**ଢୁମ୍ପା *ବି.*** ଲୋକଗୀତରେ ବ୍ୟବହୃତ କାଠ ତିଆରି ବାଦ୍ୟ ଯନ୍ତ୍ର ବିଶେଷ ।

**ଢୁମ୍‌ସା *ବିଂ.*** ୧. ଅସ୍ପଷ୍ଟ ୨. କୁହୁଡ଼ିଆ ୩. ଧୂସର ।

**ଢୁମ୍‌ସିବା *କ୍ରି.*** (ଷଣ୍ଢ ପ୍ରଭୃତି) ଶିଙ୍ଗରେ ଭୁଷିବା, ଢୁସିବା ।

**ଢୁରାବେଙ୍ଗ୍ *ବି.*** ବ୍ରାହ୍ମଣିଆ ବା ବଡ଼ବେଙ୍ଗ ।

**ଢୁରି *ବି.*** ଚାପେଇ, ଶଗଡ଼କୁ ଭୂମି ସହିତ ସମାନ୍ତରାଳ କରି ରଖିବା ପାଇଁ ବ୍ୟବହୃତ ଦିଈକେନିଆ କାଠଖଣ୍ଡ, ଟିପେଇ ।

**ଢୁଳ *ବି.*** ନିଦ, ଝୁମରା, ଘୁମ ।

**ଢୁଳାଇବା *କ୍ରି.*** ଘୁମାଇବା, ଝୁମ୍‌ରାଇବା, ଢୁଙ୍କୁରାଇବା ।

**ଢୁଳୁଢୁଳୁ *ଅ.ବି.*** ୧. ନିଦ ଘାରି ଆସିବା ଅବସ୍ଥା ୨. ନିଶାରେ ଚୁର୍ ଅବସ୍ଥା।

**ଢୁଲ *ବି.*** ୧. ଗ୍ରାମୀଣ ଖେଳରେ ଏକ ବାଜି ୨. କାଠ ହାଣ୍ଡିରେ ଚମଡ଼ା ଛାଉଣି ଆନଦ୍ଧ ବାଦ୍ୟ, ଢୋଲ ।

**ଢୁଲିଆ *ବି.*** ଢୋଲ ବଜାଇବା ଲୋକ; ***ବିଂ.*** ଗୋଟିଏ ପଟକୁ ସାମାନ୍ୟ ଢଳିଥିବା (ଖୋଷା) ।

**ଢୁଲୁ *ବି.*** ଭାଜିଲା ବେଳେ ଫୁଟି ନଥିବା ଚଣା, ଚାଉଳ ବା ଅନ୍ୟ ଶସ୍ୟ ।

**ଢୁଲୁକନ୍ଦା *ବି.*** ଭୂଇଁକନ୍ଦା ।

**ଢୁଲୁ ପଡ଼୍‌ବା *କ୍ରି.*** ମଞ୍ଜି ଭଲ ଗଜା ନ ହେବା ।

**ଢୁଲେଇବା *କ୍ରି.*** ୧. ଗଡାଇ ଦେବା ୨. ତଳେ ଲମ୍ବ ବାଗରେ ପକାଇଦେବା ୩. ମାରିଦେବା ।

**ଢୁସ୍ *ବି.*** ଝାଡ଼ା କରାଇବା ପାଇଁ ମଳଦ୍ୱାରଦେଇ ନଳୀ ଯୋଗେ ଦିଆଯାଉଥିବା ଉପଚାର ବିଶେଷ।

**ଢୁସା *ବିଂ.*** ମୋଟା, ସ୍ଥୂଳକାୟ, ଧୁମା; ***ବି.*** ୧. ମାଲକୁସ୍ତିର ପେଞ୍ଚ ବିଶେଷ ୨. ମୋଟା ସୂତାର କମ୍ବଳ ବିଶେଷ ।

**ଢୁସି *ବି.*** ଘୁଷ, ଘୁଷା, ମୁଥ ।

**ଢୁସିବା *କ୍ରି.*** ୧. ମୁଥ ମାରିବା ୨. ମଇଁଷି, ଗାଈ ପ୍ରଭୃତି ଶିଙ୍ଗରେ ଭୁଷିବା, ଆଘାତ କରିବା ୩. ଯେତେ ଅଧିକ ସମ୍ଭବ ଭର୍ତ୍ତି କରିବା ।

**ଢୁସିଢୁସି *କ୍ରି.ବିଂ.*** ଯେତେ ଅଧିକ ସମ୍ଭବ ଭର୍ତ୍ତି କରି ।

**ଢୁସି ହେବା *କ୍ରି.*** ଅନ୍ଧାରରେ ବାଟ ନ ପାଇ ବାଡ଼େଇ ହେବା, ଧୁସି ହେବା ।

**ଢୁସେର *ବି.*** ହାଟ ବଜାରରେ ଚାହିଦାରୁ ଅଧିକ ପଣ୍ୟଦ୍ରବ୍ୟ ଉପଲବ୍‌ଧ ହେବା ଏବଂ ସେଥି ଯୋଗୁଁ ବିକ୍ରି ମୂଲ୍ୟ କମିଯିବା ।

**ଢେଁକରା *ବି.*** ଲତା ମାଡ଼ିବା ପାଇଁ ଦିଆଯିବା ରଞ୍ଜା, ଟେକଣା ।

**ଢେଁକିଆ *ବି.*** ଢିଙ୍କିଆ, ତେଣ୍ଡାରେ ଲାଗିଥିବା ଡଙ୍ଗା ଯେଉଁଥିରେ ପାଣିଭର୍ତ୍ତି ହୋଇ ଉଠା ହୁଏ ।

**ଢେଁକିଆ ମାର୍‌ବା *କ୍ରି.*** ମୃତ୍ୟୁ ପୂର୍ବରୁ ହିକ୍‌କା ଉଠିବା, ଢୋକାଇବା, ଊର୍ଦ୍ଧ୍ୱଶ୍ୱାସ ହେବା ।

**ଢେଁଟ୍ *ବି.*** କୁରାଢ଼ି ପ୍ରଭୃତିର ବେଣ୍ଟ ।

**ଢେଁଟା *ବି.*** ପନିପରିବାର ବର୍ଜିତ ଅଂଶ ।

**ଢେଁଟି *ବି.*** ବୃନ୍ତ, ଡେମ୍ଫ, କୌଣସି ବସ୍ତୁର ସେହିଭଳି ଅଂଶ ।

**ଢେଉ *ବି.*** ଲହରୀ ।

**ଢେଉ ଢେଉକା *ବିଂ.*** ଲହରୀ ଭଳି, ଉଚ୍ଚାନୀଚା ।

**ଢେଉ ଭାଙ୍ଗିବା *କ୍ରି.*** ସମୁଦ୍ରରେ ଗାଧୋଇଲା ବେଳେ ଲହଡ଼ି ଭାଙ୍ଗିବା ।

**ଢେକ୍‌ଲାକୁଚା *କ୍ରି.ବିଂ.*** ଠେଲାପେଲା, ଜାକିଜୁକି ।

**ଢେକ୍‌ଲି ଆନ୍‌ବା, ଢେକ୍‌ଲେଇ ଆନ୍‌ବା *କ୍ରି.*** ଅସମ୍ଭାଳ ବାନ୍ତି ବା ଝାଡ଼ା ମାଡ଼ିବା ।

**ଢେକ୍‌ଲିବା *କ୍ରି.*** ୧. ଠେଲିବା ୨. ତରଳ ପଦାର୍ଥ ଇଡ଼ିବା ୩. ତଡ଼ି ଦେବା ୪. ନିର୍ବିଚାରରେ ଗିଳିଯିବା।

**ଢେକାନ୍ *ବି.*** ଢେଲା, ଛୋଟ ପଥର, ଢେକଲ୍ ।

**ଢେକାର୍ *ବି.*** ଡକାର, ଢକାର, ଏଉଡ଼ି।

**ଢେକୁନ୍ *ବି.*** ଓଡ଼ଶ, ଛାରପୋକ, ଖଟମଲ୍ ।

**ଢେଙ୍କଣ *ବି.*** ୧. କାଠଘଣ୍ଟ ୨. କାଠବେଣ୍ଟ ଥିବା ବର୍ଚ୍ଛା ।

**ଢେଙ୍କା *ବି.*** ୧. ଢିରା ୨. ଧାନ କଳେଇ ବାନ୍ଧିବା ପାଇଁ ଦଉଡ଼ି ଭାବେ ବ୍ୟବହୃତ ଧାନଗଛ, ନାଡୁକା ।

**ଢେଙ୍କି *ବି.*** ଢିଙ୍କି, ଧାନ, ଚୁଡ଼ା ଆଦି କୁଟିବା ପାଇଁ ବ୍ୟବହୃତ ଉପକରଣ।

**ଢେଙ୍କୁଲି *ବି.*** ଛିଟିକିଣି, ଘର ଭିତରପଟୁ କବାଟ ବନ୍ଦ କରିବା ପାଇଁ ବ୍ୟବହୃତ ଉପକରଣ, ଅର୍‌ଗଡ଼ା ।

**ଢେଗା *ବିଂ.*** ୧. ବଡ ଆକୃତିର ୨. ବିସ୍ଫାରିତ (ଆଖି) ୩. ଖୁବ୍ ବଡ଼ ୪. ଡିମ୍ବାକୃତି ।

**ଢେଙ୍ଗରା *ବିଂ.*** ବଗଡା, ମୋଟା ।

**ଢେଣା *ବି.*** ୧. ନରମ ବା ତରଳ ପଦାର୍ଥ କଠିନ ହୋଇଯିବା ୨. ମେଞ୍ଚା ହୋଇଯିବା ୩. ଶୀତରେ କୁଙ୍କୁଡି କାଙ୍କୁଡି ହେବା ୪. ମୁଦା ହୋଇଯିବା ।

**ଢେଣୁ** ***ବି.*** ପୁରୀର ସାହିପାତରେ ନାଗାମାନଙ୍କ ପିଠିରେ ବନ୍ଧାଯାଇଥିବା ଧନୁ ।

**ଢେଣ୍ଟୁରା** ***ବି.*** ଧେଣ୍ଟୁରା, ନାଗରା ।

**ଢେପ୍‌ଡ଼ୋ** ***ବି.*** ଅବାଞ୍ଛିତ ବା ଅନିମନ୍ତ୍ରିତ ଲୋକ ।

**ଢେପ** ***ବିଂ.*** ଉଚ୍ଚା ବା ନିଗିଡ଼ା ଭୂମି, ଢିପ ; ***ବିଂ.*** ଢିପ ଜାଗା ।

**ଢେପଲିବା** ***କ୍ରି.*** ଜମି ଢେଲା ବାନ୍ଧିଯିବା ।

**ଢେପା** ***ବିଂ.*** ୧. ବଡ଼ ଆଖିଥିବା ୨. ଥାକୁଲା ୩. ଅସ୍ୱାଭାବିକ ଭାବେ ମୋଟା ଓ ଅସୁନ୍ଦର ।

**ଢେବୁଆ** ***ବି.*** ଆଟୁ, ଉବାଘର, ଅଟାଳି ।

**ଢେମଣ, ଢେମଣା** ***ବି.*** ୧. ଉପପତି, ଜାରପୁରୁଷ, ***ସ୍ତ୍ରୀ.*** ଢେମଣୀ ୨. ଢମଣା ।

**ଢେମଣା** ***ବି.*** ୧. ଢମଣା, ଧମ୍‌ନା ସାପ ୨. ନାଗର, ଉପପତି ।

**ଢେମଣୀ** ***ବି.ବିଂ.*** ଚରିତ୍ରହୀନା, ଜାରପୁରୁଷ ସହ ସମ୍ପର୍କ ରଖିଥିବା ନାରୀ ।

**ଢେର୍** ***ବିଂ. କ୍ରି.ବିଂ.*** ବହୁତ, ଅଧିକ, ଯଥେଷ୍ଟ, ଅଧିକ ଭାବରେ, ଅଧିକ ପରିମାଣରେ ।

**ଢେରା** ***ବି.*** ୧. ଛଣ, କାଉଁରିଆ ଆଦିରୁ ରସି ବଳିବା ବା ସୂତା କାଟିବା ପାଇଁ ତାକୁଡ଼ି ୨. ଲୁଗାବୁଣାଳି ସଂପ୍ରଦାୟ ବିଶେଷ, ୩. ଢିରା ।

**ଢେଲା** ***ବି.*** ଟେକା, ଢେଲ୍ ; ***ବିଂ.ବି.*** ବଡ଼ ଆଖିଆ ।

**ଢେଲା ଆଖିଆ** ***ବିଂ.*** ଢେଗା ଆଖିଆ, ବଡବଡ ଆଖିଥିବା ।

**ଢୋ** ***ଅ.*** ୧. ଫାଟିଯିବାର ଶବ୍ଦ ୨. ବେଖାତିର ଭାବ ସୂଚାଉଥିବା ଧ୍ୱନି ।

**ଢୋକ** ***ବି.*** ପାଣି ବା ତରଳ ପଦାର୍ଥକୁ ଥରକେ ପିଇବା, ଥରକେ ପିଇହେବା ତରଳ ପଦାର୍ଥର ପରିମାଣ ।

**ଢୋକ ଗିଳିବା** ***କ୍ରି.*** କହିବା ବେଳେ ଛେପ ଗିଳିବା ଭଳି ହେବା, ଥଙ୍ଗ ଥଙ୍ଗ ହୋଇ କହିବା, ପାଟି ଖନି ମାରିଯିବା, ରହି ରହି କହିବା ।

**ଢୋକ ଚଳିବା** ***କ୍ରି.*** ଜୀବିକା ନିର୍ବାହ ହେବା ।

**ଢୋକ ଛାଡ଼ିବା** ***କ୍ରି.*** ଆହାର ଛାଡ଼ିବା ।

**ଢୋକାଇବା** ***କ୍ରି.*** ୧. ଢୁକାଇବା, ପ୍ରବେଶ କରାଇବା ୨. ଶେଷ ନିଃଶ୍ୱାସ ତ୍ୟାଗ କରିବା ୩. ମରିବା ପୂର୍ବରୁ ହିକା ଉଠିବା ୪. ଢୋକିବାକୁ ବା ପିଇବାକୁ ବାଧ୍ୟ କରିବା, ଜବରଦସ୍ତି ପିଆଇବା ।

**ଢୋକାଏ, ଢୋକେ** ***ବି.*** ଗୋଟିଏ ଢୋକ, ଅଳ୍ପ ପରିମାଣର ପାନୀୟ ।

**ଢୋକିବା** ***କ୍ରି.*** ୧. ଛେପ ବା ତରଳ ପଦାର୍ଥ ଗିଳିଦେବା ୨. ତରଳ ପଦାର୍ଥ ଗଳାଧଃକରଣ କରିବା ବା ତଣ୍ଟି ଭିତରକୁ ନେବା, ଗିଳି ଦେବା ୩. ସହିଯିବା ।

**ଢୋକିଲା** ***ବିଂ.*** ଅଧାଗିଳା ।

**ଢୋଡ଼ିବା** ***କ୍ରି.*** ଗୁଡିଏ ତାହାମିଛ କଥା କହିବା, ବଢ଼େଇ ଚଢ଼େଇ କହିବା, ଫେଣେଇ କହିବା ।

**ଢୋଡୁ** ***ବି.ବିଂ.*** ଡହରା, କୁହାଳିଆ, ଗାଲୁଗଳ୍ପ କରିବା ଲୋକ ।

**ଢୋଢ଼ା** ***ବି.*** ୧. ପତଳା ଝାଡ଼ା, ହଇଜା ୨. କ୍ରମାଗତ ଭାବରେ ବାଣ ଫୁଟିବା ଶବ୍ଦ ।

**ଢୋବଲା** ***ବିଂ.*** ୧. ମୋଟା ୨. ଡୋବ୍‌ଲା, ଶାଳ ପତ୍ରରେ ତିଆରି ବଡ଼ ଠୁଙ୍ଗା ।

**ଢୋରାଣ୍ଡି ବାଘ୍** ***ବି.*** ଅଣ୍ଡିରା ମହାବଳ ବାଘ ।

**ଢୋଳେଇବା** ***କ୍ରି.*** ଢୁଳେଇବା, ନିଦ ମାଡ଼ିବାରୁ ଆଖି ପଡ଼ିଯିବା ।

**ଢୋଲ୍‌କିଆ, ଢୋଲିଆ** ***ବି.*** ଢୋଲବାଦକ, ଢୋଲ ବଜାଇବା ଲୋକ ।

**ଢୋଲ** ***ବି.*** ଦୁଇ ପାଖ ଚମଡ଼ା ଛାଉଣିଥିବା ବଡ଼ଆକାରର ବାଦ୍ୟଯନ୍ତ୍ର ।

**ଢୋଲକ୍, ଢୋଲକି** ***ବି.*** ଢୋଲ ଧରଣର ଛୋଟ ଆନଦ୍ଧ ବାଦ୍ୟଯନ୍ତ୍ର ।

**ଢୋଲ ପିଟିବା** ***କ୍ରି.*** ଘୋଷଣା କରିବା, ପ୍ରଚାର କରିବା ।

**ଢୋଲା** ***ବିଂ.*** ୧. ହୁଗୁଳା ୨. ଫମ୍ପା ୩. ପେଟୁ, ଥନ୍ତଲ ପେଟା, ***ସ୍ତ୍ରୀ.*** ଢୋଲୀ ।

**ଢୋଲୁ** ***ବି.*** ପେଟୁଆ, ଲୋକ ।

**ଢୋ ହେବା** ***ବି.*** ୧. (ବାଣ ପ୍ରଭୃତି) ଫୁଟିବା ୨. ଅସଫଳ ହେବା, ଫସର ଫାଟିବା ।

# ତ

**ତ** ***ବି.*** ବର୍ଣ୍ଣମାଳାର ଷୋଡଶ ବ୍ୟଞ୍ଜନ ବର୍ଣ୍ଣ ***ଅ.*** ବୋଧହୁଏ, ଟି, କି।

**ତଁଟି** ***ବି.*** ତଣ୍ଟି, ବେକ, ଗଳା ।

**ତଁଟିଆ** ***ବି.*** ଗଳାଧକ୍କା, ଅର୍ଦ୍ଧଚନ୍ଦ୍ର ।

**ତଁଟିକଟା** ***ବି.ବିଂ.*** ବିଶ୍ୱାସଘାତକ ।

**ତଁଟି ଧରିବା** ***ବି.କ୍ରି.*** ଥଣ୍ଡା ଯୋଗୁଁ ତଣ୍ଟି ଦରଜ ହେବା ।

**ତଁଟି ପଡ଼ିବା** ***କ୍ରି.*** କଣ୍ଠସ୍ୱର ନ ଫିଟିବା ।

**ତଁଟି ବସିବା** ***କ୍ରି.*** ସ୍ୱର ନ ଫିଟିବା ।

**ତଁଡ଼େଇ** ***ବି.*** ଟଣେହି, ଗୁଣି ଗାରେଡ଼ି ଜାଣିଥିବା ବା ପ୍ରୟୋଗ କରୁଥିବା ସ୍ତ୍ରୀ, ଡାହାଣୀ।

**ତଁଦାବୁରା** ***ବିଂ.*** ବିବ୍ରତ, ବ୍ୟସ୍ତ ।

**ତଅଁର** ***ବି.*** କସ୍ତାସୂତା ।

**ତଅଁରା** ***ବି.*** ତାମରା, ଶ୍ରୀମନ୍ଦିରରେ ତମ୍ବାକାମ କରୁଥିବା ସେବକ, ତାମ୍ବରା ବିଶୋଇ।

**ତଇଲା** ***ବି.*** ଜଙ୍ଗଲ କାଟି ତିଆରି ହୋଇଥିବା ଚାଷଜମି, ଢିପ ଜମି ।

**ତଉଜି** ***ବି.*** ୧. ଜମିଦାରିର କ୍ରମିକ ସଂଖ୍ୟା ୨. ପେନ୍‌ସନ୍, ଅବସରକାଳୀନ ଭତ୍ତା ।

**ତଉଲ** ***ବି.*** ୧. ଓଜନ କରିବା କାମ ୨. ତରାଜୁ ।

**ତଉଲିଆ** ***ବି.*** ମୋଟା ଓ ଛୋଟ ଗାମୁଛା, ଟାଓ୍ୱେଲ୍ ।

**ତଉଲିବା** ***କ୍ରି.*** ୧. ଓଜନ କରିବା ୨. ଭଲମନ୍ଦ ପରୀକ୍ଷା କରିବା ।

**ତକ୍‌ଦିର୍** ***ବି.*** କପାଳ, ଭାଗ୍ୟ, ଅଦୃଷ୍ଟ ।

**ତକ୍‌ମା** ***ବି.*** କର୍ମଚାରୀ ବିଶେଷ ପିନ୍ଧୁଥିବା ହୁଦା, ଚାପରାଶ୍ ।

**ତକ୍‌ଲିଫ୍** ***ବି.*** ୧. ଯନ୍ତ୍ରଣା, ପୀଡ଼ା, ବେଦନା ୨. ସମସ୍ୟା, ଅଭିଯୋଗ ୩. ଅସୁବିଧା ।

**ତକ** ***ଅ.*** ୧. ପର୍ଯ୍ୟନ୍ତ ୨. ସବୁ ।

**ତକତକ** ***ବିଂ.*** ୧. ସଂପୂର୍ଣ୍ଣ (*ଉଦା.*ଗୋରା ତକତକ) ୨. ଜକଜକ ।

**ତକରାରୀ** ***ବିଂ.*** ବାଦାନୁବାଦମୂଳକ, ବିତର୍କିତ ।

**ତକରାଳ** ***ବି.*** କଥା କଟାକଟି, ଗୋଳ, ଝଗଡ଼ା, ନିଜ ମତର ପ୍ରତିଷ୍ଠା ପାଇଁ ବିବାଦ ।

**ତକାଇବା, ତକେଇବା** ***କ୍ରି.*** ୧. ଦେଖିବା ୨. ଅପେକ୍ଷା କରିବା ୩. ଲକ୍ଷ୍ୟ ରଖିବା ୪. ନିଘା କରିବା ।

**ତକାତକି** ***ବି.*** ୧. ଚାହାଁଚାହିଁ ୨. ଅପେକ୍ଷା କରିବା ୩. ଛକାଛକି ୪. ଜଗାଜଗି ।

**ତକିଆ** ***ବି.*** ଶୋଇବା ବେଳେ ମୁଣ୍ଡତଳେ ରଖାଯାଉଥିବା ଉପକରଣ, ମୁଚୁଳା, ମାଣ୍ଡି ।

**ତକୁଆଲ୍** ***ବିଂ.*** ଚତୁର, ଚାଲାକ୍ ।

**ତକ୍ତପୋଷ** ***ବି.*** କାଠପଟାର ଖଟ ବା ଟେବୁଲ୍ ।

**ତକ୍ତା** ***ବି.*** କାଠର ପ୍ରଶସ୍ତ ପଟା ।

**ତକ୍ର** ***ବି.*** ଦହିକୁ ଖୁଆ ସାହାଯ୍ୟରେ ଗୋଳାଇ ସେଥିରୁ ଲହୁଣି ବାହାର କରିଦେଲା ପରର ଅବସ୍ଥା, ଘୋଳଦହି, ମହି ।

**ତକ୍ରସାର** ***ବି.*** ଲହୁଣି, ନବନୀତ ।

**ତଗ୍‌ଲିବା** ***କ୍ରି.*** ତରଳିବା, ତରଳିଯିବା।

**ତଗଡା** ***ବିଂ.*** ବଳିଷ୍ଠ, ତାକତ୍‌ଦାର୍ ।

**ତଗା** ***ବି.*** ପତାକା ।

**ତଗାବି** ***ବି.*** ଜମି ବା ଚାଷର ଉନ୍ନତି ପାଇଁ ସରକାରଙ୍କ ପକ୍ଷରୁ ଚାଷୀଙ୍କୁ ଦିଆଯିବା କରଜ, କୃଷିଋଣ ।

**ତଗେଇ** ***ବି.*** ଗୁଡ଼ିଆମାନେ ମୁଢ଼ି ବା ଉଖୁଡ଼ା ପାଗିବା ପାଇଁ ବ୍ୟବହାର କରୁଥିବା ଗୁଡ଼ହାଣ୍ଡି ।

**ତଙ୍କ** ***ବି.*** ୧. ଟଙ୍କ ୨. ପଥର ଫଟାଇବା ପାଇଁ ବ୍ୟବହୃତ ଟାଣ ଲୁହା ଫାଳ, ମୁନିଆ ଛେଣି ।

**ତଙ୍ଗରା ତୁଙ୍ଗୁରି** ***କ୍ରି.ବିଂ*** ଅତର୍କରେ, ଛାନିଆ ଭାବରେ, ତନ୍ଦ୍ରାତନ୍ଦ୍ରି ।

**ତଞ୍ଚକ** ***ବି.ବିଂ.*** ବଞ୍ଚକ, ଠକ, ପ୍ରତାରକ ।

**ତଞ୍ଚକତା** ***ବି.*** ବଞ୍ଚକତା, ପ୍ରତାରଣା, ଠକେଇ, ଶଠତା ।

**ତଞ୍ଚା** ***ବିଂ.*** ଛେଲା ହୋଇଥିବା, ଚଞ୍ଚା ।

**ତଜବିଜ** ***ବି.*** ବିଚାର, ବିବେଚନା, ପରୀକ୍ଷା, ଅନୁସନ୍ଧାନ ।

**ତଜ୍ଜନିତ** ***ବିଂ.*** ତାହାର ଫଳସ୍ୱରୂପ ।

**ତଟ** ***ବି.*** ୧. କୂଳ, କ୍ଷେତ୍ର, ବେଳାଦେଶ ୨. ପର୍ବତ ଉପରିସ୍ଥ ସମତଳ ସ୍ଥାନ ବା ଦେଶ ୩. ପାଖ, ନିକଟ ।

**ତଟକା** ***ବିଂ.*** ସଜ, ସଦ୍ୟ ପ୍ରସ୍ତୁତ ।

**ତଟସ୍ଥ** ***ବିଂ.*** ୧. ନିର୍ବିକାର, ଉଦାସୀନ, ନିରପେକ୍ଷ ୨. କୂଳବର୍ତ୍ତୀ ୩. ଅବାକ୍, ବିସ୍ମିତ ୪. ଭୀତ-ଚକିତ ।

**ତଟିନୀ** ***ବି.*** ନଈ ।

**ତଟ୍ଟୁ** ***ବି.*** ଛୋଟଘୋଡ଼ା ।

**ତଡ୍‌ରୋ** ***ବି.*** ଗଛର କୋଟର।

**ତଡ଼** ***ବି.*** କିନାର, ପ୍ରାନ୍ତ, କଡ଼ ।

**ତଡ଼କା** ***ବିଂ.*** ସମ୍ପୂର୍ଣ୍ଣ ଚୋପା ଛଡ଼ାଯାଇନଥିବା ଡାଲିଜାତୀୟ ଶସ୍ୟରେ କସୁରୀ ମେଥିର ମିଶ୍ରଣରେ ପ୍ରସ୍ତୁତ ତରକାରୀ ।

**ତଡ଼କୀ** ***ବି.*** କାନରେ ପିନ୍ଧା ଅଳଙ୍କାର ବିଶେଷ।

**ତଡ଼ତି** ***ବିଂ.କ୍ରିବିଂ.*** ଅତି ଶୀଘ୍ର, ତୁରନ୍ତ, ବେଗରେ, ଝଟତି, କ୍ଷିପ୍ରତା ସହକାରେ ।

**ତଡ଼ପ** ***ବି.*** ଉତ୍ତମଲୁଗା, ପାଞ୍ଜି ।

**ତଡ଼ବଡ଼ି** ***କ୍ରି.ବିଂ.*** ତତ୍ପରତା ସହକାରେ, ତୁରନ୍ତ, ଅତି ଶୀଘ୍ର ।

**ତଡ଼ା** ***ବି.*** ୧. ପିଠାବିଶେଷ ୨. ତାଡ଼ିବା କାର୍ଯ୍ୟ ୩. ତଡ଼ିବା କାର୍ଯ୍ୟ ୪. ବଡ଼ ଟାଣୁଆ ଠେଙ୍ଗା ।

**ତଡ଼ାଉ କରଣ, ତଢ଼ାଉ କରଣ** ***ବି.*** ପାଞ୍ଜି ଲେଖକ, ଶ୍ରୀମନ୍ଦିର ସେବକ ବିଶେଷ ।

**ତଡ଼ାକ୍** ***ଅଂ.*** ହଠାତ୍, ଆକସ୍ମିକ ।

**ତଡ଼ାଗ, ତଡ଼ାକ** ***ବି.*** ବଡ଼ ଆକାରର ଗହୀର ପୋଖରୀ ।

**ତଡ଼ା ତାବୁଡ଼** ***ବି.*** କାର୍ଯ୍ୟବ୍ୟସ୍ତତା ।

**ତଡ଼ିତ୍** ***ବି.*** ବିଦ୍ୟୁତ, ବିଜୁଳି ।

**ତଡ଼ିବା** ***କ୍ରି.*** ବଳପୂର୍ବକ ଘଉଡ଼ାଇବା ବା ବାହାର କରିଦେବା ।

**ତଣ୍ଟି** ***ବି.*** ଗଳା, ତୋଟି , ଟଁଟି ।

**ତଣ୍ଟିଆ** ***ବି.*** ଗଳାର ଆଗ ବା ପଛରୁ ଧକ୍କା ।

**ତଣ୍ଟିକଟା** ***ବିଂ.*** ୧.ତୋଟିକଟା ୨. ବିଶ୍ବାସଘାତକ ।

**ତଣ୍ଡ** ***ବି.*** ଅକାରଣ ଜୋରିମାନା।

**ତଣ୍ଡକ** ***ବିଂ.*** ଠକ, ପ୍ରବଞ୍ଚକ; ***ବି.*** ୧. ଖଞ୍ଜନ ପକ୍ଷୀ ୨. ଫେଣ ୩. ଗଛର ଗଣ୍ଡି ।

**ତଣ୍ଡି** ***ବି.*** ୧. କାଶତଣ୍ଡି, ଖରି ବୁଦା ୨. ସରୁ ଟାଣ ଆଖୁ ।

**ତଣ୍ଡିବା** ***କ୍ରି.*** ଜୋରିମାନା ଆଦାୟ କରିବା ।

**ତଣ୍ଡୁଳ** ***ବି.*** ଚାଉଳ ।

**ତତ୍, ତଦ୍** ***ସ.*** ତାହା ।

**ତତ୍କାଳ** ***ବି.*** ସେହି ସାଙ୍ଗେ ସାଙ୍ଗେ, ସେହି ସମୟ ; ***ବିଂ.*** ତତ୍କାଳୀନ।

**ତତ୍‌ଘତାବା** ***କ୍ରି.*** ୧. ତରତର କରିବା ୨. ଜୋରରେ ଝାଡ଼ା ମାଡିବା।

**ତତ୍‌ପର** ***ବିଂ.*** ୧. ବ୍ୟଗ୍ର ୨. ସଦାପ୍ରସ୍ତୁତ ।

**ତତ୍‌ପରାୟଣ** ***ବିଂ.*** ଏକାନ୍ତ ଅନୁରକ୍ତ ।

**ତତ୍‌ପୁରୁଷ** ***ବି.*** ସେହି ବ୍ୟକ୍ତି, ଆଦିପୁରୁଷ ୨. ସମାସ ଭେଦ ।

**ତତ୍‌ସମ** ***ବିଂ.*** ସେହିଭଳି, ସେହିପରି ; ***ବି.ବିଂ.*** ସଂସ୍କୃତରୁ ଆହରଣ କରାଯାଇ ଅବିକଳ ରୂପରେ ବ୍ୟବହାର କରାଯାଉଥିବା (ଶବ୍ଦ) ।

**ତତ୍‌କ୍ଷଣ** ***କ୍ରି.ବିଂ.*** ସଙ୍ଗେ ସଙ୍ଗେ, ସେହି ମୁହୂର୍ତ୍ତରେ ।

**ତତ୍‌କ୍ଷଣାତ୍** ***କ୍ରି. ବିଂ.*** ସେହିକ୍ଷଣି ।

**ତତ** ***ବିଂ.*** ବିସ୍ତାରିତ ।

**ତତଲା** ***ବିଂ.*** ତାତିଲା, ଗରମ ।

**ତତାଇବା** ***କ୍ରି.*** ୧. ଗରମ କରିବା ୨. ଉଷୁମ କରିବା ୩. ଉତ୍ତେଜିତ କରିବା ୪. ରଗେଇବା ।

**ତତାପନା** ***ବି.*** ବ୍ୟଗ୍ରତା, ଆତୁରତା।

**ତତି** ***ବି.*** ସମୂହ, ବହୁତ ।

**ତତୋଃଧିକ** ***ବିଂ.*** ତହିଁରୁ ବେଶି, ତା ଠାରୁ ଅଧିକ ।

**ତତ୍ତୁଲ୍ୟ** ***ବିଂ.*** ତାହାରି ସମାନ, ଅନୁରୂପ ।

**ତତ୍ତ୍ୱ** ***ବି.*** ୧. ମୂଳ ୨. ସତ୍ୟ ୩. ମୂଳ ନୀତି, ପ୍ରକୃତ ବା ପାରମାର୍ଥିକ ଜ୍ଞାନ, ଗୂଢ଼ଅର୍ଥ ୪. ପ୍ରକୃତ ଅବସ୍ଥା ୫. ଖବର ଅନ୍ତର ୬. ମତବାଦ ୭. ଯତ୍ନ, ଦେଖାରଖା।

**ତତ୍ତ୍ୱଚିନ୍ତା** ***ବି.*** ବ୍ରହ୍ମଚିନ୍ତା, ଦାର୍ଶନିକ ଚିନ୍ତା, ମୂଳସତ୍ୟ ଜାଣିବା ପାଇଁ ଆଗ୍ରହ।

**ତତ୍ତ୍ୱଜ୍ଞ** ***ବି.ବିଂ.*** ବ୍ରହ୍ମବିତ୍, ଦାର୍ଶନିକ, ବିଶେଷଜ୍ଞ ।

**ତତ୍ତ୍ୱଜ୍ଞାନ** ***ବି.*** ବ୍ରହ୍ମଜ୍ଞାନ।

**ତତ୍ତ୍ୱମସି** ***ବି.*** ଜୀବାତ୍ମା ଓ ପରମାତ୍ମା ଅଭେଦବାଦ, ବେଦାନ୍ତର ଏକ ମତ, 'ତୁମେ ହିଁ ସେହି' (ପରମାତ୍ମା) ।

**ତତ୍ତ୍ୱଶାସ୍ତ୍ର** ***ବି.*** ଦର୍ଶନଶାସ୍ତ୍ର, ଅଧ୍ୟାତ୍ମବିଦ୍ୟା।

**ତତ୍ତ୍ୱାନୁସନ୍ଧାନ** ***ବି.*** ମୂଳ ସତ୍ୟ ନିର୍ଦ୍ଧାରଣର ଚେଷ୍ଟା ।

**ତତ୍ତ୍ୱାନୁସନ୍ଧିତ୍ସୁ** ***ବିଂ.*** ଯେ ପ୍ରକୃତ ସତ୍ୟ ଖୋଜିବାକୁ ଇଚ୍ଛୁକ ।

**ତତ୍ତ୍ୱାବଧାନ** ***ବି.*** ଦେଖାରଖା, ପରିଚାଳନା, ରକ୍ଷଣାବେକ୍ଷଣ ।

**ତତ୍ତ୍ୱାବଧାରକ** ***ବିଂ.*** ପରିଦର୍ଶକ, ଅଧ୍ୟକ୍ଷ, ଯେ ଦେଖାଶୁଣାକରେ ବା ତତ୍ତ୍ୱ ନିଏ ।

**ତତ୍ତ୍ୱାବଧାରଣ** ***ବି.*** ପ୍ରକୃତ ସତ୍ୟ ନିର୍ଣ୍ଣୟ ।

**ତତ୍ତ୍ୱାର୍ଥ** ***ବି.*** ପରମାର୍ଥ, ନିଗୂଢ଼ ଅର୍ଥ ।

**ତନ୍ତରକଟା** ***ବି.*** ତନ୍ତୀ, ତନ୍ତରେ ଲୁଗା ବୁଣିବା ଲୋକ।

**ତନ୍ଦ୍ରା** ***ବି.*** ତରବର, ତ୍ୱରାନ୍ୱିତ ଅବସ୍ଥା।

**ତତ୍ପର** ***ବିଂ.*** ତ୍ୱରିତକର୍ମା, ପ୍ରଯତ୍ନବାନ୍, ବ୍ୟଗ୍ର ।

**ତତ୍ପରତା** ***ବି.*** କ୍ଷିପ୍ରକାରିତା, ପ୍ରଯତ୍ନ ।

**ତତ୍ପରେ** ***କ୍ରି.ବିଂ.*** ତାହାପରେ ।

**ତତ୍ର** ***ଅ.*** ସେହିଠାରେ ।

**ତତ୍ରସ୍ଥ** ***ବିଂ.*** ସେଠାରେ ଥିବା, ସେଠାକାର ।

**ତତ୍ରାପି** ***ଅ.*** ତଥାପି ।

**ତଥା** ***ଅ.*** ୧. ସେହିପରି, ସେହିପ୍ରକାର ୨. ଅଧିକନ୍ତୁ ।

**ତଥାକଥିତ** ***ବିଂ.*** ସେହିଭାବରେ ସାଧାରଣରେ ପରିଚିତ, ଯାହା ନାମ ମାତ୍ର ଅଥଚ ଅସଲ ନୁହେଁ ।

**ତଥାଗତ** ***ବି.*** ବୁଦ୍ଧଦେବ ।

**ତଥାଚ** ***ଅ.*** ତାହାହେଲେ ବି, ତଥାପି ।

**ତଥାବିଧ** ***ବିଂ.*** ସେହିରକମର, ସେହିପ୍ରକାର ।

**ତଥାସ୍ତୁ** ***ବି.*** ୧. ତାହା ହେଉ ୨. ଆଶୀର୍ବାଦସୂଚକ ସମର୍ଥନ ବାକ୍ୟ ।

**ତଥି** ***ଅ.କ୍ରି.ବିଂ.*** ସେଠାରେ, ତହିଁ, ତହିଁରେ, ତାହା ଉପରେ ।

**ତଥୈବଚ** ***ଅ.*** ଠିକ୍ ସେହିପରି ।

**ତଥ୍ୟ** ***ବି.*** ୧. ମୂଳ ସତ୍ୟ, ଖବର ୩. ରହସ୍ୟ, ଗୂଢ଼ ରହସ୍ୟ ୪. ଅସଲ ବା ମୂଳ କାରଣ, ପ୍ରକୃତ ବ୍ୟାପାର ୫. ବିଷୟବସ୍ତୁ ୬. ସୂଚନା ଉପାଦାନ ।

**ତଦ୍‌ଗତ** ***ବିଂ.*** ୧. ତନ୍ମୟ ୨. ଏକାନ୍ତ, ନିବିଷ୍ଟ ୩. ଅନୁରକ୍ତ ।

**ତଦ୍‌ବତ** ***ଅ.*** ସେହିପରି ।

**ତଦ୍‌ବିର** ***ବି.*** ୧. କ୍ଷମତା, ବଳ ; ***ବିଂ.*** ଶୀଘ୍ର, ତ୍ୱରାନ୍ୱିତ ।

**ତଦ୍‌ଭବ** ***ବିଂ.*** ୧. ତହିଁରୁ ଉତ୍ପନ୍ନ, ସେଥିରୁ ଜାତ ୨. ସଂସ୍କୃତ ଶବ୍ଦର ପରିବର୍ତ୍ତିତ ରୂପ ।

**ତଦ୍‌ରୂପ** ***ବିଂ.*** ସେହିଭଳି, ତାଦୃଶ, ତତ୍‌ତୁଲ୍ୟ ।

**ତଦନନ୍ତର** ***କ୍ରି.ବିଂ.*** ତାହା ପରେ ।

**ତଦନୁଗାମୀ, ତଦନୁସାରୀ** ***ବିଂ.*** ତାହାର ଅନୁସରଣକାରୀ ।

**ତଦନୁଯାୟୀ** ***କ୍ରି.ବିଂ.*** ସେହି ଅନୁସାରେ ।

**ତଦନୁସାରେ** ***କ୍ରି.ବିଂ.*** ସେହି ପ୍ରକାରେ, ସେହି ଭାବରେ ।

**ତଦନ୍ତ** ***ବି.*** କୌଣସି ବିଷୟର ମୂଳ ନିର୍ଣ୍ଣୟ, ଖୋଳତାଡ଼, ଅନୁସନ୍ଧାନ ।

**ତଦବଧି** ***ଅ.*** ସେହି ସମୟଠାରୁ, ସେହି କାଳରୁ ।

**ତଦବିର** ***ବି.*** ପ୍ରଚେଷ୍ଟା, ଯତ୍ନ ।

**ତଦା** ***ଅ.*** ସେହି ସମୟରେ ।

**ତଦାକାର** ***ବିଂ.*** ସେହି ଆକୃତିଧାରୀ ।

**ତଦାନୀନ୍ତନ** ***ବିଂ.*** ସେହି ସମୟର ।

**ତଦାରଖ** ***ବି.*** ୧. ତଦନ୍ତ, ଅନୁସନ୍ଧାନ, ତଥ୍ୟାନୁସନ୍ଧାନ ୨. ଦେଖାଶୁଣା ।

**ତଦୀୟ** ***ବିଂ.*** ତାଙ୍କର, ତାଙ୍କ ସମ୍ପର୍କିତ ।

**ତଦୂର୍ଦ୍ଧ୍ୱ** ***ବିଂ.*** ତାଠାରୁ ଅଧିକ ।

**ତଦ୍ରୂପ** ***ବି.*** ସେଇପରି ।

**ତନଖା** ***ବି.*** ବେତନ, ଦରମା ।

**ତନଖି** ***ବି.*** ୧. ଯାଞ୍ଚ ୨. ଅନୁସନ୍ଧାନ ।

**ତନଖି ଫାଟକ** ***ବିଂ.*** ଯେଉଁ ଫାଟକରେ ଚାଲାଣ ମାଲର କାଗଜପତ୍ର ଯାଞ୍ଚ କରାଯାଏ, ଚେକ୍‌ଗେଟ୍ ।

**ତନଖିବା** ***କ୍ରି.*** ତନଖି କରିବା, ଯାଞ୍ଚକରିବା ।

**ତନୟ** ***ବି.*** ପୁତ୍ର, ସନ୍ତାନ, ***ସ୍ତ୍ରୀ.*** ତନୟା ।

**ତନାଘନା** ***କ୍ରି.ବିଂ.*** ତରତର, ତଡ଼ବଡ଼ି, ପୁଙ୍ଖାନୁପୁଙ୍ଖ ; ***ବିଂ.*** ଚଞ୍ଚଳ, ତ୍ୱରାଯୁକ୍ତ ।

**ତନାପନା** ***ବି.*** ହରବର ।

**ତନାବି** ***ବି.*** ଝରକା ।

**ତନିତନି** ***କ୍ରି.ବିଂ.*** ଠେସିଠେସି, ଜୋରକରି ପଶାଇ ।

**ତନିମା** ***ବି.*** ୧. କୃଶତା ୨. ନାରୀର ସୌନ୍ଦର୍ଯ୍ୟ ।

**ତନୁ** ***ବି.*** ଦେହ, ଶରୀର ; ***ବିଂ.*** କୃଶ, କ୍ଷୀଣ ।

**ତନୁଚ୍ଛଦ** ***ବି.*** ନିରାପତ୍ତା ପାଇଁ ଦେହ ଉପରେ ଶକ୍ତ ଆବରଣ, କବଚ, ସାଞ୍ଜୁ, ବର୍ମ ।

**ତନୁଜ** ***ବି.*** ସନ୍ତାନ, ପୁଅ, ଔଲାଦ ।

**ତନୁଜା** ***ବି.*** ଝିଅ, କନ୍ୟା ।

**ତନୁପାତଳୀ** ***ବିଂ.*** ପତଳା ଦେହଥିବା, କୃଶାଙ୍ଗୀ ।

**ତନ୍ତ** ***ବି.*** ଗୋଡ଼ ଓ ହାତ ସାହାଯ୍ୟରେ ଲୁଗା ବୁଣିବା ଯନ୍ତ୍ର ।

**ତନ୍ତୀ** ***ବି.*** ଲୁଗାବୁଣାଜାତି, ଭୁଲିଆ ।

**ତନ୍ତୁ** ***ବି.*** ୧. ସୂତା ୨. ସୂକ୍ଷ୍ମ ୩. ଚର୍ମସୂତ୍ର ୪. ବକଳାର ସୂତା, ତାର ।

**ତନ୍ତୁକାଷ୍ଠ** ***ବି.*** ତନ୍ତରେ ସୂତା ମାଜିବାରେ ବ୍ୟବହୃତ ତାଷଣ ବା ବୁରୁସ ।

**ତନ୍ତୁକୀଟ** ***ବି.*** ଗୋଟିପୋକ, ଟସରପୋକ ।

**ତନ୍ତୁନାଭ** ***ବି.*** ବୁଢ଼ିଆଣି , ମାଙ୍କଡସା ।

**ତନ୍ତୁବାୟ** ***ବି.*** ତନ୍ତୀ, ଲୁଗାବୁଣାଳି ।

**ତନ୍ତ୍ର** ***ବି.*** ୧. ପ୍ରାଚୀନ କାଳରୁ ପ୍ରଚଳିତ ବିଦ୍ୟା ଓ ସାଧନା ବିଶେଷ ୨. ଅଭିଚାର, ବିଶେଷ ଉଦ୍ଦେଶ୍ୟରେ ଭୂତପ୍ରେତାଦି ଓ ମନ୍ତ୍ର ଶକ୍ତିକୁ ଆବାହନ କରି ଅନୁଷ୍ଠିତ ହେଉଥିବା କଥିତ ଉପଚାର ୩. ତନ୍ତୁ, ତାର, ସୂତା ; ***ବିଂ.*** ଆୟତ୍ତ, ଅଧୀନ ; ***ପ.ପ୍ର.*** ଶାସନପଦ୍ଧତି, ମତ ବା 'ବାଦ' ବିଶେଷ (*ଉଦା.* ଗଣତନ୍ତ୍ର, ଅମଲାତନ୍ତ୍ର) ।

**ତନ୍ତି** ***ବି.*** ତାର, ବୀଣା, ସୀତାର ଆଦିର ତାର ।
**ତନ୍ତ୍ରୀ** ***ବି.*** ୧. ସାଧକ ୨. ତନ୍ତ୍ରୀ, ତନ୍ତ୍ରଚାଳନକାରୀ ; ***ବିଂ.*** ସଂପ୍ରଦାୟଭୁକ୍ତ ।
**ତନ୍ଦରା** ***ବି.କ୍ରି.ବିଂ.*** ଅସ୍ଥିର, ତରବର, ବ୍ୟଗ୍ର, ଉଚ୍ଛନ୍ନ ।
**ତନ୍ଦୁର୍** ***ବି.*** ନିଆଁ ଧାସରେ ସେକି ଖାଦ୍ୟ ପ୍ରସ୍ତୁତ କରିବା ପାଇଁ ବଡ଼ ଚୁଲ୍‌ହା ।
**ତନ୍ଦୁରି** ***ବିଂ.*** ତନ୍ଦୁର୍‌ରେ ସେକା (ରୁଟି, ମାଂସ ପ୍ରଭୃତି) ।
**ତନ୍ଦ୍ରା** ***ବି.*** ଛାଇନିଦ, ନିଦ୍ରାବେଶ, ଅବସନ୍ନତା, ଢୋଳ ।
**ତନ୍ଦ୍ରାଳୁ** ***ବିଂ.*** ତନ୍ଦ୍ରାଶୀଳ, ଘୁମା, ଆଳସ୍ୟ ପରାୟଣ; ***ବି.*** ତନ୍ଦ୍ରାଳୁତା ।
**ତନ୍ନ ତନ୍ନ** ***ଅ.*** ୧. ଟିକିନିଖି, ପୁଙ୍ଖାନୁପୁଙ୍ଖ ୨. ସୂକ୍ଷ୍ମ ବିଚାର ସହିତ ୩. ବିଶଦ ଭାବରେ ।
**ତନ୍ନିବନ୍ଧନ** ***କ୍ରି.ବିଂ.*** ସେହି ହେତୁ, ସେହି କାରଣରୁ ।
**ତନ୍ମୟ** ***ବିଂ.*** ବିଭୋର, ତଦ୍‌ଗତ ।
**ତନ୍ମୟତା** ***ବି.*** ବିଭୋର ଭାବ, ତଦ୍‌ଗତ ଭାବ ।
**ତନ୍ମାତ୍ର** ***ବି.*** ସୂକ୍ଷ୍ମ ପଞ୍ଚଭୂତ (ରୂପ, ରସ, ଗନ୍ଧ, ସ୍ପର୍ଶ ଓ ଶବ୍ଦ); ***ବିଂ.*** ସେହି ପରିମିତ, ତଦାତ୍ମକ, ତତ୍‌ସ୍ୱରୂପ ।
**ତନ୍ୱଙ୍ଗୀ** ***ବିଂ.*** କ୍ଷୀଣଦେହା ନାରୀ ।
**ତନ୍ୱୀ** ***ବିଂ.*** କ୍ଷୀଣ କଟିବିଶିଷ୍ଟା ସୁନ୍ଦରୀ, ତନୁପାତଳୀ ।
**ତପ୍‌ବା** ***କ୍ରି.*** ତାତିବା, ଗରମ ହେବା।
**ତପ୍‌ଲା** ***ବିଂ.*** ଗରମ, ଉଷ୍ମ, ତାତିଲା ।
**ତପଃ** ***ବି.*** ୧. ତାପ, ଉଷ୍ମତା ୨. ନିୟମ ୩.ଅଭୀଷ୍ଟ ସାଧନ ପାଇଁ କୃଚ୍ଛ୍ର ସାଧନା ୩. ତପସ୍ୟା ୪. ଗ୍ରୀଷ୍ମଋତୁ ୫. ଶିଶିର ୬. ହେମନ୍ତ ।
**ତପ** ***ବି.*** ୧. ଗ୍ରୀଷ୍ମଋତୁ ୨. ତପସ୍ୟା, ସାଧନା ୩. ତପସ୍ୱୀ ।
**ତପନ** ***ବି.*** ୧. ସୂର୍ଯ୍ୟ ୨. ଗ୍ରୀଷ୍ମଋତୁ; ***ବିଂ.*** ତାପଜନକ ।
**ତପଶ୍ଚର୍ଯ୍ୟା** ***ବି.*** ତପସ୍ୟା ଆଚରଣ ।
**ତପସ୍** ***ବି.*** ନିଜକୁ କଷ୍ଟ ଦେଇ ବ୍ରତ ପୂରଣ ନିମିତ୍ତ ସାଧନା ।
**ତପସ୍ୟ** ***ବି.*** ୧. ଫାଲଗୁନ ମାସ ୨. ଯେଉଁଥି ପାଇଁ ତପସ୍ୟା କରାଯାଇପାରେ ; ***ବିଂ.*** ତପସ୍ୟାରତ ।
**ତପସ୍ୟା** ***ବି.*** ବ୍ରତ ପାଇଁ ସାଧନା, ବ୍ରତଚର୍ଯ୍ୟା, ଫଳଲାଭ ପାଇଁ ବ୍ରତସାଧନ ।
**ତପସ୍ୱୀ** ***ବି.*** ସାଧକ, ମୁନି, ସନ୍ନ୍ୟାସୀ, ତପଶ୍ଚାରୀ ।
**ତପାଇବା** ***କ୍ରି.*** ଗରମ କରିବା।
**ତପିବା** ***କ୍ରି.*** ତାତିବା, ଗରମ ହେବା ।
**ତପୋବନ** ***ବି.*** ଋଷି ଆଶ୍ରମ, ତପସ୍ୟା କରିବା ସ୍ଥାନ ।
**ତପ୍ତ** ***ବିଂ.*** ୧. ଗରମ ୨. ତାପଯୁକ୍ତ ୩. ବ୍ୟଥିତ, ଖେଦଯୁକ୍ତ ।
**ତଫସିଲ** ***ବି.*** ୧. ବିସ୍ତାରିତ, ବିବରଣ ୨. ତାଲିକା ।
**ତଫାତ୍** ***ବି.*** ପାର୍ଥକ୍ୟ, ଦୂରତ୍ୱ, ବ୍ୟବଧାନ ; ***ବିଂ.*** ପୃଥକ୍, ବିଚ୍ଛିନ୍ନ ।
**ତବ୍‌ଲା, ତବଲା** ***ବି.*** ୧. ବଡ଼ ଆକାରର ରସପାତ୍ର ୨. ସଙ୍ଗୀତରେ ସହଯୋଗୀ ବାଦ୍ୟଯନ୍ତ୍ର ବିଶେଷ, ଡୁବିର ସହଚର ବାଦ୍ୟ, ଡାୟାଁ ୩. ଫାରସା, ହତିଆର ବିଶେଷ ।
**ତବ** ***ସ.*** ତୁମ୍ଭର ।
**ତବତ** ***ବିଂ.*** ତାତିଲା; ***ବି.*** ଗରମଭାତ ।
**ତବଦ** ***ବିଂ.*** ୧. ଚକିତ, ନିଶ୍ଚଳ, ସ୍ତବ୍ଧ ୨. କୋଳାହଳଶୂନ୍ୟ ।
**ତବଲଚି** ***ବି.*** ତବଲାବାଦକ ।
**ତବିଅତ, ତବିୟତ୍** ***ବି.*** ୧. ସ୍ୱାସ୍ଥ୍ୟ ୨. ମିଜାଜ ୩. ମରଜି ।
**ତମ୍‌ଡ଼ା ହତ୍‌ଲା** ***ବି.*** ଅକାରଣ ଛୁଇଁବା ଓ ହାତ ଲଗାଇବା, ଦରାଣ୍ଡିବା କାର୍ଯ୍ୟ ।
**ତମ୍‌ସିବା** ***କ୍ରିଂ*** ଜୋର୍ କରି ମୋଡ଼ିବା ।
**ତମ** ***ବି.*** ୧. ତମୋଗୁଣ ୨. ଅନ୍ଧକାର ୩. ମୋହ ୪. ପାପ ୫. ଅଜ୍ଞାନ ୬. ଅହଂକାର ୭. ରାହୁ; ***ପ.ପ୍ର.*** ୧. ସଂଖ୍ୟାର ପୂରକ ପ୍ରତ୍ୟୟ ବିଶେଷ(*ଉଦା.* ଏକତମ, ତ୍ରିଂଶତମ) ୨. ତିନି ବା ତିନିରୁ ଅଧିକ ବସ୍ତୁ ଆଦି ମଧ୍ୟରେ ସର୍ବାଧିକ ଉତ୍କର୍ଷ ବା ଅପକର୍ଷଜ୍ଞାପକ ତଦ୍ଧିତ ପ୍ରତ୍ୟୟବିଶେଷ (ଉଚ୍ଚତମ) ; ***ସ.*** 'ତୁମ' ପଦର କଥିତ ରୂପ ।
**ତମତମ** ***ବିଂ.ଅ.*** କୋପ, କ୍ରୋଧରେ ଜର୍ଜର ।
**ତମସ୍** ***ବି.*** ୧. ଅନ୍ଧାର ୨. ମୋହ ୩. ପାପ, ଅଜ୍ଞାନ, ଅହଂକାର ୩. ରାହୁ ୪. ନରକ ୫. ତମଃ-ପ୍ରକୃତିର ତୃତୀୟ ଗୁଣ ୬. ଶୋକ ।
**ତମସାଚ୍ଛନ୍ନ** ***ବିଂ.*** ଅନ୍ଧାରରେ ଆବୃତ, ଅଗମ୍ୟ ।
**ତମସୁକ** ***ବି.*** ଋଣସ୍ୱୀକାର ପତ୍ର ।
**ତମାଖୁ** ***ବି.*** ଦୋକତା, ଧୂଆଁପତ୍ର ।
**ତମାଦି** ***ବି.*** ନିର୍ଦ୍ଧାରିତ କାଳ ବିତିଯାଇଥିବା ଦୋଷ ।
**ତମାଦୀ** ***ବିଂ.*** ଦଲିଲ ଲିଖିତ ଦାବିର ନିର୍ଦ୍ଧାରିତ କାଳ ଗଡ଼ି ଯାଇଥିବା ।
**ତମାମ** ***ବିଂ.*** ସମୁଦାୟ, ସମ୍ପୂର୍ଣ୍ଣ ; ***କ୍ରି.ବିଂ.*** ସାରା, ସମୁଦାୟ ଅଂଶରେ, ସମ୍ପୂର୍ଣ୍ଣ ଭାବରେ ।
**ତମାମି** ***ବିଂ.ବି.*** ଶେଷ, ଅନ୍ତିମ (କାର୍ଯ୍ୟ) ।
**ତମାଳ** ***ବି.*** ୧. ଫୁଲ ବିଶେଷ ୨. ସତ୍ୟାମ୍ବ ଜାତୀୟ ଗଛ ଓ ତାର ଫଳ ।
**ତମାସା** ***ବି.*** ୧. ମଜା ୨. ରଙ୍ଗରସ, ପରିହାସ ୩. ନାଟ ଓ ଯାତ୍ରା ଆଦି ।
**ତମିସ୍ରା** ***ବି.*** ନିବିଡ଼ ଅନ୍ଧକାର ।
**ତମ୍ପ** ***ବି.*** ଗୋଖର ଜାତୀୟ ଉଗ୍ର ବିଷଧର ସାପ ବିଶେଷ ।

**ତମି** *ବି.* ଗାଈ ।
**ତମ୍ବା** *ବି.* ଧାତୁ ବିଶେଷ ।
**ତମ୍ବାଟିଆ** *ବିଂ.* ଫିକା ନାଲିଆ, ତମ୍ବାଳିଆ ।
**ତମ୍ବାପଟା** *ବି.* ଦାନପତ୍ର, ସନନ୍ଦର ଫଳକ ।
**ତମ୍ବି** *ବି.* ଗର୍ଜନ ତର୍ଜନ, ଭର୍ତ୍ସନା, ଜୁଲମ୍ ।
**ତ(ତ୍ରୁ)ମ୍ବି ତୋଫାନ** *ବି.* କୋଳାହଳ, ଅନ୍ୟକୁ ଭୟଭୀତ କରିବାକୁ ପାଟିତୁଣ୍ଡ ।
**ତମ୍ବୁ** *ବି.* ଛାଉଣି, କପଡ଼ା ତିଆରି ଅସ୍ଥାୟୀ ଘର ।
**ତମ୍ବୁରା** *ବି.* ତିନି ତାରଯୁକ୍ତ ତାନପୁରା, ତାରବାଦ୍ୟ ବିଶେଷ ।
**ତୟ୍** *ବି.* ସ୍ଥିର, ନିଷ୍ପତ୍ତି, ଥୟ ।
**ତର୍‌ତରା** *ବିଂ.* ସତେଜ, ତେଜଯୁକ୍ତ ।
**ତର୍‌ତରାନୁ** *କ୍ରି.ବିଂ.* ତରତର ହୋଇ, ଚଞ୍ଚଳ ।
**ତର୍‌ପନି** *ବି.* ଦେବଦେବୀଙ୍କୁ ଉତ୍ସର୍ଗ କରାଯାଇଥିବା ବସ୍ତୁ ।
**ତର୍‌ପବା, ତର୍‌ପିବା** *କ୍ରି.* ନୈବେଦ୍ୟ ଭାବରେ ମଦ ପ୍ରଭୃତି ଅର୍ପଣ କରିବା।
**ତର୍‌ଫି ମାରିବା** *କ୍ରି.* ଶଗଡ଼ ଆଦି ଠିକ୍ ଭାବରେ ନଯାଇ ଗୋଟିଏ ତରଫ ବା ଦିଗକୁ ମାଡ଼ିଯିବା ।
**ତର୍‌ବିରା** *ବି.* ଗ୍ରୀଷ୍ମଋତୁରେ ଦେହରେ ହେଉଥିବା ଫୋଟକା ।
**ତର୍‌ସର୍** *ବିଂ.* ଅତି କଷ୍ଟରେ, ନ ହେବାର ସମସ୍ତ ସମ୍ଭାବନା ସତ୍ତ୍ୱେ ହୋଇଯିବା ।
**ତର** *ବି.* ୧. ବିଳମ୍ବ ୨. ଧୈର୍ଯ୍ୟ ୩. ସମୟ, ଫୁରୁସତ ୪. ନଈପାରି ମାହାସୁଲ ।
**ତରକ,ତରକା** *ବିଂ.* ୧. କୌଶଳରେ ପଳାୟନକାରୀ ୨. ହୁସିଆର, ଆଗରୁ ଅନୁମାନକାରୀ ୩. ବେଗଶାଳୀ ।
**ତରକାରୀ** *ବି.* ୧. ତିଅଣ, ପନିପରିବାରେ ପ୍ରସ୍ତୁତ ବ୍ୟଞ୍ଜନ ୨. କଞ୍ଚାପରିବା ।
**ତରକିବା** *କ୍ରି.* ୧. ବିପଦର ସାମାନ୍ୟ ସୂଚନା ପାଇବା ମାତ୍ରକେ ସଚେତନ ହେବା ୨. କୌଶଳରେ ପଳାଇବା ୩. ହୁରୁଡ଼ିବା, ସାବଧାନ ହେବା ; *କ୍ରି.* (ଣିଜନ୍ତ) ତରକାଇବା ।
**ତରଙ୍ଗ୍ ତରଙ୍ଗ୍** *ବିଂ.* ଚଙ୍ଗଚଙ୍ଗ, ଚପଳ ।
**ତରଙ୍ଗ** *ବି.* ୧. ଲହରୀ, ଢେଉ ୨. କମ୍ପନ ।
**ତରଙ୍ଗିଣୀ** *ବି.* ନଦୀ ।
**ତରଙ୍ଗିତ** *ବିଂ.* ୧. ଲହରୀଯୁକ୍ତ , ତରଙ୍ଗାୟିତ ୨. ଭଙ୍ଗୀ ବିଶିଷ୍ଟ ।
**ତରଛା** *ବିଂ.* ହଠାତ ଭୟ, ଆକସ୍ମିକ ଭୟ, ଛାନିଆଁ ।
**ତରଣ** *ବି.* ୧. ବଟା ନଡ଼ିଆ, ଚାଉଳ ଓ ଗୁଡ଼ ମିଶା ଖିରି ୨. ଅତିକ୍ରମ ୩. ଜଳରେ ପହଁରିବା ୪. ନୌକା ୫. ଭେଳା ୬. ଦେଶାନ୍ତର ଗମନ।
**ତରଣି** *ବି.* ୧. ନାଆ ୨. ଭେଳା ୩. ସୂର୍ଯ୍ୟ ।
**ତରତର** *ବିଂ.* ଅସ୍ଥିର ; *କ୍ରି.ବିଂ.* ବ୍ୟଗ୍ର, ଉଚ୍ଚାଟ; *ବି.* ସମୟାଭାବ ହେତୁ ବ୍ୟସ୍ତତା, ଅସ୍ଥିରତା, ବ୍ୟଗ୍ରଭାବ ।
**ତରଫ୍** *ବି.* ୧. ପକ୍ଷ, ପାର୍ଶ୍ୱ ୨. ପ୍ରାନ୍ତ ୩. ଧାର ।
**ତରଫା** *ବିଂ.* ପକ୍ଷାବଲମ୍ବୀ, ଏକପାଖିଆ ।
**ତରବର, ତରତର** *ବିଂ.* ତନାଘନା, ଶୀଘ୍ରତାଯୁକ୍ତ; *ବି.* ଅଧିକ ତ୍ୱରା ।
**ତରବାର, ତରବାରି** *ବି.* ଖଣ୍ଡା, ତଲବାର ।
**ତରଭୁଜ** *ବି.* ଗ୍ରୀଷ୍ମଋତୁରେ ଫଳୁଥିବା କଖାରୁ ଭଳି ବଡ଼ ଆକାରର ମିଠାଳିଆ ଓ ଅଧିକ ଜଳଭାଗଥିବା ଲତାଫଳ ବିଶେଷ ।
**ତରଳ** *ବିଂ.* ୧. ପାଣିଆ ୨. ଚଞ୍ଚଳ ୩. ଯାହା କଠିଣ ବା ବାଷ୍ପୀୟ ନୁହେଁ ।
**ତରଳତା** *ବି.* ୧. ଦ୍ରବତ୍ୱ ୨. ଚାପଲ୍ୟ, ଚଞ୍ଚଳତା ।
**ତରଳା** *ବିଂ.* ଆଉଟା ।
**ତରଳିତ** *ବିଂ.* ୧. ତରଳି ଯାଇଥିବା ୨. କମ୍ପିତ ।
**ତରଳିବା** *କ୍ରି.* ୧. କଠିଣ ବସ୍ତୁ ପାଣିଭଳି ହେବା, ଜଳଭଳି ତରଳ ହେବା ୨. ଦୟାରେ ବିଗଳିତ ହେବା ।
**ତରସ୍** *ବି.* ୧. ତ୍ରାସ, ଭୟ ୨. ଦୟା ।
**ତରସ** *ବି.* ୧. ବେଗ ୨. ମାଂସ ।
**ତରକ୍ଷୁ** *ବି.* ହୁଣ୍ଡାବାଘ, ଗଧିଆ ।
**ତରା** *ବି.* ୧. ନଦୀତୀର ୨. ପାର୍ଶ୍ୱ, ପାଖ ୩. ସୀମା ୪. ଆଖିର ତାରା ୫. ତାରା, ନକ୍ଷତ୍ର ।
**ତରାଇ** *ବି.* ପାହାଡ଼ର ପାଦଦେଶର ସମତଳ ବା ସାମାନ୍ୟ ଢ଼ାଲୁ ଅଞ୍ଚଳ ।
**ତରାଜୁ** *ବି.* ୧. ନିକିତି, ଓଜନ ମାପିବା ଉପକରଣ ବା ଯନ୍ତ୍ର ୨. ଏକପ୍ରକାର ପିଠା ।
**ତରାଟ** *ବି.* ୧. କ୍ରୋଧ ବା ବିସ୍ମୟ ଯୋଗୁଁ କଟମଟ ଚାହାଣି ୨. ଟଗର ଜାତୀୟ ଫୁଲ ବିଶେଷ ।
**ତରାଟିବା** *କ୍ରି.* ୧. ଡୋଳାକୁ ବିସ୍ତାରିତ କରି ଚାହିଁବା ୨. ଆଶ୍ଚର୍ଯ୍ୟ ଆଖିରେ ଚାହିଁବା ।
**ତରାତ୍** *ବିଂ.* ସିଆଣିଆ, ଚାଲାକ୍ ।
**ତରାନ୍** *ବିଂ.* *କ୍ରି.ବିଂ.* ସମାନ, ସଦୃଶ, ସେପରି ।
**ତରାନା** *ବି.* ସଙ୍ଗୀତର ଲହର ।
**ତରାପଟିଆ** *ବିଂ.କ୍ରି.ବିଂ.* ଗୋଟିଏ କଡ଼ରେ (ଅବସ୍ଥିତ),ପାଖିକିଆ ।
**ତରାସ** *ବି.* କପଡ଼ା ତିଆରି ପଙ୍ଖା ଆକାରର ଛତା, ତ୍ରାସ ।
**ତରାସିଆ** *ବି.* ତରାସ ବା ଛତ୍ର ଧରିବା ସେବକ।
**ତରି** *ବି.* ୧. ନଈକୂଳର ପଠା ଜମି ୨. ଡଙ୍ଗା, ନଉକା।

**ତରିଆ** *ବିଂ.* ପାର୍ଶ୍ୱବର୍ତ୍ତୀ, ପାଖରେ ଥିବା ।

**ତରିକା** *ବି.* ପ୍ରଣାଳୀ, ପଦ୍ଧତି, ଢଙ୍ଗ ।

**ତରିଜା** *ବି.* ୧. ଦର୍ପ, ସାହସ ୨. ଲିଖିତ ପ୍ରସ୍ତାବ ୩. ଧମକ ।

**ତରିବା** *କ୍ରି.* ୧. ପାରିହେବା ୨. ଉଦ୍ଧାର ପାଇବା ।

ତରିଯିବା କ୍ରି. ୧. ରକ୍ଷା ପାଇଯିବା ୨. ଉଦ୍ଧାର ପାଇଯିବା ।

**ତରୁ** *ବି.* ବୃକ୍ଷ, ଗଛ ।

**ତରୁଆ** *ବିଂ.* ବୃଥା ଆସ୍ଫାଳନକାରୀ ; *ବି.* ୧. ମୋଟା ଠେଙ୍ଗା ୨. ଢ଼ିରା ବା ଠେସ ଦେଇ ରଖିବା ପାଇଁ ବ୍ୟବହୃତ ଡାଳ ବା ଗଜା ଗଛର ଗଣ୍ଡି।

**ତରୁଆଲ** *ବି.* ଖଣ୍ଡା, ତରବାରି ।

**ତରୁଣ** *ବି.ବିଂ.* ଷୋହଳରୁ ଅଧିକ ବୟସର ଯୁବକ ୧. ନବ, କୋମଳ, କଞ୍ଚା; ସ୍ତ୍ରୀ. ତରୁଣୀ ।

**ତରୁଣତା** *ବି.* ତରୁଣ ଅବସ୍ଥା, ନବଯୌବନ ।

**ତରୁଣିମା** *ବି.* ତାରୁଣ୍ୟ ।

**ତରୋତରୋ** *କ୍ରି.ବିଂ.* ଚରୋଚରୋ, ଚଞ୍ଚଳ ଓ କ୍ଷିପ୍ର ଭାବେ (ଚାଲି ଯିବା) ।

**ତର୍କ** *ବି.* ୧. ଯୁକ୍ତି, ବିଚାର ଆଲୋଚନା ୨. ନ୍ୟାୟଶାସ୍ତ୍ର ୩. ହେତୁ ।

**ତର୍କଜାଲ** *ବି.* କୂଟଯୁକ୍ତି ବାହୁଲ୍ୟ, ଜଟିଳ ଆଲୋଚନା ।

**ତର୍କଣା** *ବି.* ୧. ଅନୁମାନ ୨. ବିଚାର, ସମ୍ଭାବନା ।

**ତର୍କ ବିତର୍କ** *ବି.* ବାଦାନୁବାଦ, ଯୁକ୍ତି ପ୍ରତିଯୁକ୍ତି ।

**ତର୍ଜନ** *ବି.* ଧମକ୍, ଭୟ ପ୍ରଦର୍ଶନ ।

**ତର୍ଜନୀ** *ବି.* ବିଶି ଆଙ୍ଗୁଠି ।

**ତର୍ଜମା** *ବି.* ୧. ଅନୁଶୀଳନ ୨. ବ୍ୟାଖ୍ୟା, ଭଲ ଭାବରେ ବୁଝାଇବା କାର୍ଯ୍ୟ ୩. ଅନୁବାଦ ।

**ତର୍ଜିବା** *କ୍ରି.* ଡରାଇବା, ଗାଳିଦେବା ।

**ତର୍ପଣ** *ବି.* ୧. ତୃପ୍ତୀକରଣ, ତୃପ୍ତି ୨. ଯଜ୍ଞକାଷ୍ଠ ୩. ପିତୃଗଣର ତୃପ୍ତି ନିମନ୍ତେ ଅର୍ପଣ କରାଯାଉଥିବା ଖାଦ୍ୟ ଅଥବା ଜଳଦାନ ।

**ତଳ** *ବିଂ.* ୧. ନିମ୍ନସ୍ଥ ୨. ନଦୀମୁହାଣ ବା ସମୁଦ୍ରକୂଳର ନିକଟବର୍ତ୍ତୀ ନିମ୍ନଭୂମିରେ ଅବସ୍ଥିତ ; *ବି.* ୧. ନିମ୍ନଭାଗ, ନିମ୍ନସ୍ଥଳ, ନିମ୍ନ ପଟ ୨. ପୃଷ୍ଠଭାଗ ୩. ତାଲା ବା ମହଲା ୪. ତୀରନ୍ଦାଜମାନଙ୍କଦ୍ୱାରା ବାମହସ୍ତରେ ବ୍ୟବହୃତ ଚର୍ମାବରଣ।

**ତଳଚକା** *ବି.* ବୋଇତାଳୁ, କୁମୁଡ଼ା, ମାଖନ ।

**ତଳପ** *ବି.* ୧. ଶେଯ ୨. ଗୃହ ।

**ତଳମାଳ, ତଳହଟି** *ବି.* ସମୁଦ୍ର ଉପକୂଳ ବା ନଦୀମୁହାଣର ପାଖରେ ଥିବା ନିମ୍ନ ଅଞ୍ଚଳ ।

**ତଳହାତ** *ବି.* ଦାନନେବା ପାଇଁ ବଢ଼ାଇବା ହାତ ।

**ତଳା** *ବି.* ୧. ଲୁଗାରେ ପଡ଼ିବା ତାଳି ୨. ଜୋତା ତଳର ଚମଡ଼ା ୩. ବାଦ୍ୟ ଉପରର ଚମଡ଼ା ।

**ତଳି** *ବି.* ପହ୍ଲା, ରୋଇବା ପାଇଁ ଚାରାଗଛ ।

**ତଳିଆ** *ବିଂ.* ତଳେଥିବା, ତଳସ୍ଥିତ, ନିମ୍ନପାହ୍ୟା ।

**ତଳିଆରି** *ବି.* ୧.ଚଉକିଦାର, ଜଗୁଆଳ ୨. ତଳିଆ ବା ଅଧସ୍ତନ ସ୍ଥିତିର ବ୍ୟକ୍ତି ।

**ତଳିଝଡ଼ା** *ବି.* ଶସ୍ୟ ଅମଳ ପରେ ତଳେ ରହିଯାଇଥିବା ଶେଷ ଅଂଶ ଝାଡ଼ି ଶସ୍ୟ ବାହାର କରିବା କାର୍ଯ୍ୟ ।

**ତଳିତଳାନ୍ତ** *ବିଂ.* ସର୍ବସ୍ୱାନ୍ତ, ସବୁ କିଛି ହରାଇବା ଅବସ୍ଥା ପ୍ରାପ୍ତ ।

**ତଳିପଟି** *ବି.* ଚାରା କିଆରୀ ।

**ତଳିପା/ତଲିପା** *ବି.* ପାଦର ତଳ ଅଂଶ ।

**ତଳିପେଟ** *ବି.* ନାଭିର ନିମ୍ନଭାଗ ।

**ତଳି ମହାରଣା** *ବି.* ଶ୍ରୀମନ୍ଦିରରେ ବଢ଼େଇ ଗୋଷ୍ଠୀର ସେବକ ବିଶେଷ।

**ତଳି ଲାଗିଯିବା** *କ୍ରି.* ରନ୍ଧା ବେଳେ ଅସାବଧାନତାରୁ ପାତ୍ରରେ ଥିବା ତଳ ଅଂଶର ଦ୍ରବ୍ୟ ପୋଡ଼ିଯିବା।

**ତଳି ସେବକ** *ବି.* (ଶ୍ରୀମନ୍ଦିରରେ) ମାହାରୀ ।

**ତଲ୍ପ** *ବି.* ଶଯ୍ୟା, ଗୃହ ।

**ତଲ୍** *ବିଂ.* ତଳ, ନିମ୍ନ ।

**ତଲ୍ ଡସ୍ନା** *ବି.* ଭୂଇଁରେ ଶୋଇବା, ତଲଶୁଆ।

**ତଲ୍ ପଡ଼ିଯିବା** *କ୍ରି.* ତୁଳନାତ୍ମକ ଭାବେ କମ୍ ଗୁଣର ହେବା, ନ୍ୟୂନହେବା।

**ତଲ୍‌ସିଆ** *ବିଂ.* ନିମ୍ନାଭିମୁଖୀ, ତଳକୁ ଯାଉଥିବା ।

**ତଲ୍‌ସୁଆ** *ବି.* ଭୂମିଶଯ୍ୟା, ତଳେ ଶୋଇବା, ତଲ୍ ଡସ୍ନା।

**ତଲବ** *ବି.* ୧. ଡାକରା ୨. ଝାଡ଼ା ଲାଗିବା ।

**ତଲା** *ବି.* ୧. ତଳି, ଧାନଗୋଲା ୨. ତଳ ପାଖ ଓ ମୁହଁ ଓସାର ଥିବା ହାଣ୍ଡି ।

**ତଲାଇ, ତଲେଇ** *ବି.* ବାଉଁଶ ପାତିଆରେ ତିଆରି ପଟି ।

**ତଲାଉ** *ବି.* ପୋଖରୀ, ଜଳାଶୟ ।

**ତଲାଗାତିରି** *ବି.* ତଲାରି, ତାଳପତ୍ର ବା ବାଉଁଶ ପାତିଆରେ ନିର୍ମିତ ଝାମ୍ପି ।

**ତଲାତଲି** *ବିଂ.* ଅବଶେଷ, ତଳ ଆଡ଼କୁ ଥିବା ଅଂଶ ।

**ତଲାରି** *ବି.* ୧. ମୁଣ୍ଡର ଆବରଣ, ଟୋପି ୨. ତାଳପତ୍ର ବା ବାଉଁଶ ପାତିଆରେ ତିଆରି ହୋଇଥିବା ଝାମ୍ପି, ପଖିଆ ।

**ତଲାସ, ତଲାସି** *ବି.* ୧. ଖୋଜିବା, ଅନ୍ୱେଷଣ ୨. ଯାଞ୍ଚ ।

**ତଲାସିବା** *କ୍ରି.* ୧. ଖୋଜିବା ୨. ଯାଞ୍ଚ କରିବା ।

**ତଲାସୀ** *ବିଂ.* ତଲାସ କରାଯାଉଥିବା, ଖୋଜାଯାଉଥିବା ।

**ତଳିଝଡ଼ା** *ବି.* ଧାନ ପ୍ରଭୃତି ଶସ୍ୟର ଶେଷ ଅଂଶ ଝାଡ଼ି ସଂଗ୍ରହ କରିବା କାର୍ଯ୍ୟ ।

**ତଳି ଧରବା, ତଳି ଲାଗିଯିବା** *କ୍ରି.* ରାନ୍ଧିବା ବେଳେ ପାତ୍ରର ତଳ ଭାଗରେ ଥିବା ବ୍ୟଞ୍ଜନ ପୋଡ଼ିଯିବା ।

**ତଲେଇ** *ବି.* ତଲାରି, ବାଉଁଶ ପାତିଆରେ ବୁଣା ଝମ୍ପି, ପାଖିଆ ଆଦି ।

**ତସ୍‌କି** *ବି.* ବାଟି, ବାସନ, ପାତ୍ର ।

**ତସ୍‌ମେଇ** *ବି.* ଚାଉଳ ଖିରି, ପାୟସ ।

**ତସ୍‌ରା** *ବି.* ତନ୍ତୀଦ୍ୱାରା ବ୍ୟବହୃତ ସୂତା ଗୁଡ଼ାଇବା ନଟେଇ ।

**ତସ୍‌ଲା** *ବି.* ଚଉଡ଼ା ମୁହଁଥିବା ବେଲା ବା ଖୋରି ।

**ତସୁ** *ବି.* ଚଷୁ, ଧାନର ଚୋପା ।

**ତସ୍କର** *ବି.* ଚୋର, ପରଧନ ଅପହରଣକାରୀ ।

**ତହଁକ୍** *ବି.* ଉତ୍‌ସାହ, ପ୍ରତିଯୋଗୀ ହେବାର ଉତ୍ତେଜନା, କାର୍ଯ୍ୟ ସ-ାଦନ ପ୍ରତି ଅତି ଆଗ୍ରହ ।

**ତହଁକା ତହଁକି** *କ୍ରି.ବିଂ.* ୧. ପ୍ରତିଯୋଗିତା ମନୋଭାବ ସହ, ମୁକାବିଲା ଭଙ୍ଗିରେ ୨. ସତର୍କତା ସହ ।

**ତହଖର୍ଚ୍ଚ** *ବି.* ଅତିରିକ୍ତ ଖର୍ଚ୍ଚ ।

**ତହବିଲ** *ବି.* ନଗଦ ଟଙ୍କା, ମୂଳଧନ, ପାଣ୍ଠି ।

**ତହବିଲଦାର** *ବି.* କୋଷାଧ୍ୟକ୍ଷ ।

**ତହସିଲ** *ବି.* ଖଜଣା ଆଦାୟ, ତହସିଲଦାରର ଇଲାକା ।

**ତହସିଲଦାର** *ବି.* ଖଜଣା ଆଦାୟର ଭାରପ୍ରାପ୍ତ ଅଧିକାରୀ ।

**ତକ୍ଷକ** *ବି.* ୧. ପୁରାଣ ବର୍ଣ୍ଣିତ ନାଗସାପ ବିଶେଷ ୨. ବଢ଼େଇ ୩. କାଠ ଚାଞ୍ଛିବା ବୃତ୍ତିଜୀବୀ ।

**ତକ୍ଷଣ** *ବି.* କାଠ ଚାଂଛିବା କାମ ।

**ତକ୍ଷା** *ବି.* ଚିରିବା ପୂର୍ବରୁ କାଠଗଣ୍ଡିରେ ସୂତାର ଦାଗ ଦେଉଥିବା ବ୍ୟକ୍ତି ।

**ତା** *ବି.* ଝାଳ, ସ୍ୱେଦ ।

**ତାଇ** *ବି.* ୧. ମାଟି ତେଲୁଣି ୨. ଚେପଟା ଓ ଲମ୍ବା ଶିମ୍ବ ଜାତୀୟ ଫଳ ।

**ତାଉ** *ବି.* ୧. କ୍ରୋଧ, ରାଗ ୨. ଫୁଟାଣି, ଦାମ୍ଭିକତା, ଆତ୍ମମ୍ଭରିତା ୩. ତେଜ ।

**ତାଉତ୍** *ବି.* ତତ୍‌ପରତା, ବ୍ୟଗ୍ରତା ।

**ତାଏଲ୍** *ଅ.* ହେଲେ, ମଧ୍ୟ, ସୁଦ୍ଧା (ନିଷେଧାର୍ଥକ) ।

**ତାକ୍** *ବି.* ବିଶେଷ ସାବଧାନତା ।

**ତାକ୍ ତରକ୍** *ବି.* ୧. ଉତ୍ତେଜନା ସହ ପୂର୍ବପ୍ରସ୍ତୁତି ୨. ସାବଧାନତା ।

**ତାକତ୍** *ବି.* ବଳ, ଶକ୍ତି, ସାମର୍ଥ୍ୟ ।

**ତାକିଡ଼ି** *ବି.* ନିକିତି, ତରାଜୁ, ଓଜନ ଯନ୍ତ୍ର ।

**ତାକିତ, ତାକିଦ** *ବି.* ଆକଟ, ସତର୍କୀକରଣ ।

**ତାକିଦା** *ବି.* ସତର୍କବାଣୀ ; *ବିଂ.* ଆକଟ ବା ସତର୍କ କରାଯାଇଥିବା ।

**ତାକିରି** *ବି.* ଜଗୁଆଳି ।

**ତାକୁଡ଼ି** *ବି.* ସୂତାକାଟିବା ପାଇଁ ବ୍ୟବହୃତ ଉପକରଣ ।

**ତାକେର୍** *ବି.* ପ୍ରତିଧ୍ୱନି ।

**ତାଖିଦ୍** *ବି.* ତାଗିଦ୍ ।

**ତାଗ** *ବି.* ସରୁସୂତା, ଡୋର ।

**ତାଗଡ଼ା** *ବିଂ.* ବଳବାନ, ବଳିଷ୍ଠ, ଶକ୍ତିମାନ ।

**ତାଗଡ଼ି** *ବି.* ଘୁଙ୍ଗୁରଯୁକ୍ତ କଟିସୂତ୍ର ।

**ତାଗି** *ବି.* ୧. କାଠଗଣ୍ଡି ଚିରିବା ଆଗରୁ କାଠ ଉପରେ ଦିଆଯାଉଥିବା ଜଉରଙ୍ଗ ଗୋଳା ସୂତାଦାଗ, ତକ୍ଷା ୨. ସରୁ ନିହାଣ ।

**ତାଗିଦ୍ କରିବା** *କ୍ରି.* ସାବଧାନ କରିଦେବା, ସତର୍କ କରାଇବା ।

**ତାଗିଦ** *ବି.* ତାକିଦ୍, ସତର୍କୀକରଣ ।

**ତାଗିଦା** *ବି.* ମନେ ପକାଇବା ପାଇଁ ଚାପ ପ୍ରୟୋଗ କରିବା ।

**ତାଙ୍କେ** *ସ.* ସେ (ମାନ୍ୟାର୍ଥେ) ।

**ତାଚ୍ଛଲ୍ୟ** *ବି.* ଅବଜ୍ଞା, ଉପେକ୍ଷା, ହେୟଜ୍ଞାନ ।

**ତାଜ୍** *ବି.* ୧. ମୁକୁଟ ୨. ଶୀର୍ଷସ୍ଥାନ ।

**ତାଜବ, ତାଜୁବ** *ବିଂ.* ୧. ଅଦ୍‌ଭୁତ, ବିସ୍ମୟକର ୨. ବିସ୍ମିତ ।

**ତାଜା** *ବିଂ.* ୧. ସତେଜ, ସଜ, ତଟକା, ନବୀନ, ସଦ୍ୟ ୨. ସୁସ୍ଥ ସବଳ ୩. କୋଠା ଘରର କାନ୍ଥ ସହିତ ସଂଯୁକ୍ତ ଥାକ ।

**ତାଜି** *ବି.* ଆରବୀୟ ତଟ୍ଟୁଘୋଡ଼ା ।

**ତାଜିଆ** *ବି.* ମହରମ ଶୋଭାଯାତ୍ରାର ମେଢ଼ ।

**ତାଟ** *ବି.* ୧. ବଡ଼ ଚଟକା ଚାଙ୍ଗଡ଼ା ୨. ତାଳପତ୍ରରେ ତିଆରି ବାଡ଼ା ।

**ତାଟକ, ତାଟଙ୍କ, ତାଡ଼ଙ୍କ** *ବି.* କାନର କାପ ।

**ତାଟକା, ତାଟଙ୍ଗା** *ବିଂ.* ୧. ଆବାକାବା, ବିସ୍ମୟସ୍ତବ୍ଧ ୨. ଭୟବିହ୍ୱଳ, ଛାନିଆ ୩. ବିସ୍ମୟ, ଆଶ୍ଚର୍ଯ୍ୟ ବା ବିପଦ ଆଶଙ୍କାରେ ଥରହର, ଭୟଭୀତ ।

**ତାଟ ମନୋହର** *ବି.* ଶ୍ରୀମନ୍ଦିରରେ ତାଟରେ ଯାଉଥିବା ମନୋହର ଲଡୁ ।

**ଟାଟ ଲେଙ୍କା** *ବି.* ଶ୍ରୀମନ୍ଦିରରେ ଲେଙ୍କା ଗୋଷ୍ଠୀର ଅନ୍ୟତମ ସେବକ ।

**ଟାଟି** *ବି.* ୧. ବାଉଁଶ ପାତିଆ, ଖଡ଼ିକା, ତାଳପତ୍ରାଦିରେ ତିଆରି ବାଡ଼ ୨. ଶଗଡ଼ର ଆବରକ ଛପର ୩. ଦୁଆର, କବାଟ ।

**ଟାଟିଆ** *ବି.* ଛୋଟ ଗିନା ।

**ଟାଡ଼** *ବି.* ୧. ବାହୁର ଅଳଙ୍କାର ବିଶେଷ ୨. ନଡ଼ିଆ ବା ଗୁଆଗଛର ଚାରା ୩. ବଡ଼ ଆଟିକା ।

**ଟାଡ଼କ** *ବି.* ତାଡଣକାରୀ ।

**ଟାଡ଼ଣିଆ ମୁଦୁଲି ସେବକ** *ବି.* ଶ୍ରୀମନ୍ଦିରରେ ଧାନରୁ ଅଗାଡ଼ି ଆଦି ଅଡ଼ାଇ ସାଇତି ରଖିବା ସେବକ ।

**ଟାଡ଼ନ** *ବି.* ଭର୍ତ୍ସନା, ଆଘାତ, ବହିଷ୍କରଣ ।

**ଟାଡ଼ନା** *ବି.* ୧. ଭର୍ତ୍ସନା, ଶାସନ ୨. ଅତ୍ୟାଚାର ।

**ଟାଡ଼ନୀ** *ବି.* ଚାବୁକ, ବେତ ।

**ଟାଡ଼ନୀୟ** *ବିଂ.* ତାଡ଼ନର ଯୋଗ୍ୟ ।

**ଟାଡ଼ା** *ବି.* କୌଣସି ବସ୍ତୁର (ବିଶେଷତଃ କାଗଜ) ବିଡ଼ା, ଗୋଛା ।

**ଟାଡ଼ି** *ବି.* ଖଜୁରୀ ଗଛର ରସରୁ ପ୍ରସ୍ତୁତ ମଦ ।

**ଟାଡ଼ିଆ** *ବି.* ୧. ମଧ୍ୟମାକାର ମାଟିହାଣ୍ଡି ୨. ଛେନାରେ ପ୍ରସ୍ତୁତ ମିଷ୍ଟାନ୍ନ ବିଶେଷ ।

**ଟାଡ଼ିତ** *ବିଂ.* ତିରସ୍କୃତ, କଠୋର ଭାବରେ ସମାଲୋଚିତ ।

**ଟାଡ଼ିବା** *କ୍ରି.* ୧. ଖୋଳିବା ୨. ନିଷ୍ଫଳକାର୍ଯ୍ୟ କରିବା (ଅବଜ୍ଞାସୂଚକ) ୩. ଦୁଇ ହାତପାପୁଲିଦ୍ୱାରା ପିଠା ଗଢ଼ିବା, ତାରିବା ୪. କଞ୍ଚାମାଟିକୁ ହାତରେ ବାଡ଼େଇ କୁମ୍ଭାର ହାଣ୍ଡି ଆଦି ଗଢ଼ିବା ।

**ଟାଡ଼ିଲ୍** *ବି.* ୧. ଛୁଟି ୨. କାର୍ଯ୍ୟବନ୍ଦ ।

**ଟାଡୁ** *ବିଂ.* ୧. ଅବାଗିଆ, ଅମାନିଆ ୨. ଏକବାଗିଆ, ଅଖାଡୁ ।

**ଟାଣା** *ସ.* ତାହା ।

**ଟାଣ୍ଡବ** *ବି.* ୧. ଶିବଙ୍କ ନୃତ୍ୟ ୨. ପୁରୁଷର ଉଦ୍ଦାମ ନୃତ୍ୟ ।

**ଟାଣ୍ଡବ ଲୀଳା** *ବି.* ୧.ଶିବଙ୍କର ପ୍ରଳୟକାଳୀନ ଉଦ୍ଦାମ ନୃତ୍ୟ ୨.ଧ୍ୱଂସଲୀଳା ।

**ଟାତ** *ବି.* ୧. ବାପ ୨. ଉଷ୍ଣତା, ତାତି, ତାପ ।

**ଟାତର** *ବିଂ.* କପଟୀ, ଶଠ, ଧୂର୍ତ୍ତ ।

**ଟାତା** *ବି.* ଶିଶୁ ଦେହରେ ମାଲିସ କରାଯାଉଥିବା ତେଲ ।

**ଟାତି** *ବି.* ଉତ୍ତାପ ।

**ଟାତିବା** *କ୍ରି.* ଗରମ ହେବା ।

**ଟାତ୍ତ୍ୱିକ** *ବିଂ.* ୧. ତତ୍ତ୍ୱରେ ଅଭିଜ୍ଞ ୨. ତତ୍ତ୍ୱ ସମ୍ବନ୍ଧୀୟ ।

**ଟାତ୍ପର୍ଯ୍ୟ** *ବି.* ମର୍ମ, ବିଶେଷ ଉଦ୍ଦେଶ୍ୟ ।

**ଟାଦାତ୍ମ୍ୟ** *ବି.* ଅଭିନ୍ନତା, ସମ୍ପୂର୍ଣ୍ଣ ନିମଜ୍ଜନ ଭାବ ।

**ଟାଦୃକ୍, ଟାଦୃଶ** *ବିଂ.* ତାହାରିପରି, ତଦ୍ରୂପ ।

**ଟାନ୍** *ବି.* ୧. ସଙ୍ଗୀତରେ ସ୍ୱର ବିସ୍ତାର ୨. ବଳିଆ କୁକୁର, ଜଙ୍ଗଲି କୁକୁର ।

**ଟାନ୍‌ପୁରା** *ବି.* ଶୁଖିଲା ଲାଉ ଖୋଳର ତୁମ୍ବା ଏବଂ ତାରରେ ତିଆରି ବାଦ୍ୟଯନ୍ତ୍ର, ତମ୍ବୁରା ।

**ଟାନ୍‌ମାନ୍** *ବି.* ୧. ଦାମ୍ଭିକତା ୨. ତେଜ ୩. ଥାଟ୍ ୪. କ୍ରୋଧ, ଅଭିମାନ ।

**ଟାନ** *ବି.* ୧. ବେଗ, ଜୋର୍ ୨. ଲୁଗା ବୁଣିବା ପାଇଁ ସଜା ହୋଇଥିବା ସୂତାବିଡ଼ା ୩. ଗାଇବା କାଳରେ ସୁରର ଲହର, ସ୍ୱରର ବିସ୍ତାର ।

**ଟାନେ** *ଅ.* ତା ହେଲେ ; *ବିଂ.* ଥରେ ।

**ଟାନ୍ତ୍ରିକ** *ବିଂ.* ୧. ତନ୍ତ୍ରଶାସ୍ତ୍ର ସମ୍ପର୍କିତ ୨. ତନ୍ତ୍ର ସାଧକ ।

**ଟାପ୍‌ନେ** *ସ.* ୧. ସେ, ତାଂକେ ୨. ପତ୍ନୀ ସ୍ୱାମୀ ନାମ ସ୍ଥାନରେ ବ୍ୟବହାର କରୁଥିବା ସର୍ବନାମ ପଦ ।

**ଟାପ୍‌ବା** *କ୍ରି.* (ଖରା ବା ନିଆଁ) ପୋଇଁବା, ଶୀତ ଛଡ଼ାଇବା ପାଇଁ ଉଷୁମ ଖାଇବା ।

**ଟାପ୍‌ରା** *ବିଂ.* ଦରସିଝା, ଅଧାସିଝା ।

**ଟାପ** *ବି.* ୧. ଉଷ୍ଣତା ୨. ଗରମି, ଉତ୍ତେଜନା ।

**ଟାପନ** *ବି.* ତାପପ୍ରଦାନ ।

**ଟାପମାନ** *ବି.* ୧. ତାପର ପରିମାଣ ବା ମାତ୍ରା ୨. ତାପର ପରିମାପକ ଯନ୍ତ୍ର ।

**ଟାପସ** *ବି.* ମୁନି, ତପସ୍ୱୀ ।

**ଟାପିନ, ଟାଫିନ୍** *ବି.* ଉଦଣ୍ଡ ତେଜ, ପ୍ରତାପ ।

**ଟାପିବା** *କ୍ରି.* ତାପ୍‌ବା,ଖରା ବା ନିଆଁର ଗରମରେ ଦେହ ଉଷୁମ କରିବା ।

**ଟାପୁ** *ବି.* ଦୋଷ, ଅପରାଧ ।

**ଟାବତ୍** *ଅ.* ସେହି ପର୍ଯ୍ୟନ୍ତ, ସେହି କ୍ଷଣରେ ; *ବିଂ.* ସେ ସମୁଦାୟ, ସେହି ସଂଖ୍ୟାର ।

**ଟାବତୀୟ** *ବିଂ.* ଯେତେ ଅଛି ସେସମସ୍ତ, ତାହାସବୁ ।

**ଟାବଦା** *ବିଂ.* ସ୍ତବ୍ଧ, ବଧିରତାପ୍ରାପ୍ତ ।

**ଟାବଲ୍** *ବି.* ଟାଙ୍ଗିଆ ଭଳି ଅସ୍ତ୍ର ବିଶେଷ ।

**ଟାବିଜ୍** *ବି.* ଅପଶକ୍ତିର ଦୃଷ୍ଟିରୁ ରକ୍ଷା ପାଇବା ପାଇଁ ବେକ ଅଥବା ବାହୁରେ ବନ୍ଧାଯାଉଥିବା କବଚ, ତେଉଁରିଆ ।

**ଟାବେଦାର୍** *ବିଂ.* ଦାୟୀ, ଆଜ୍ଞାଧୀନ ।

**ଟାବେଦାରି** *ବି.* ଆଜ୍ଞାପାଳନ, ଆନୁଗତ୍ୟ ।

**ଟାବେନ୍** *ବି.* ଚୁଡ଼ା, ଧାନରେ ପ୍ରସ୍ତୁତ ଖାଦ୍ୟବିଶେଷ ।

**ଟାମ୍‌ଡିବା** *କ୍ରି.* ନ ଦେଖି ହାତ ଲଗେଇ ଖୋଜିବା, ଦରାଣ୍ଡିବା ।

**ଟାମ୍‌ରସ୍** *ବି.* ପିଜୁଳି, ଚାଉଳିଆ, ମାୟା ।

**ଟାମଜାନ** *ବି.* ଖୋଲା ପାଲିଙ୍କିବିଶେଷ ।

**ତାମରସ ବି.** ପଦ୍ମ, ରକ୍ତପଦ୍ମ ।

**ତାମସ ବିଂ.** ତମୋଗୁଣଯୁକ୍ତ, ଅନ୍ଧକାରମୟ ।

**ତାମସିକ ବିଂ.** ତମୋଗୁଣ ପ୍ରଧାନ ।

**ତାମିଲ ବି.** ୧. ସମ୍ପାଦନ, ପାଳନ ୨. ତାମିଲନାଡୁବାସୀ ବା ସେମାନଙ୍କ ଭାଷା ।

**ତାମ୍ପଡା ବି.** ବଡ଼ ଚିଙ୍ଗୁଡ଼ି ଶୁଖୁଆ ।

**ତାୟରା ବିଶୋଇ ବି.** ତାମରା, ଶ୍ରୀମନ୍ଦିରରେ ତମ୍ବା କାର୍ଯ୍ୟ କରିବା ସେବକ ।

**ତାମ୍ବି ବି.** ୧. ଶସ୍ୟାଦିର ମାପପାତ୍ର ୨. ଅଡ଼ା ୩. ଗଉଣି ୪. ନଳ ।

**ତାମ୍ବୁଲ ବି.** ୧. ପାନପତ୍ର ୨. ପାନଲତା ୩. ଖିଲିପାନ ।

**ତାମ୍ବୁଲ ପେଟିକା ବି.** ପାନବଟୁଆ ।

**ତାମ୍ର ବି.** ତମ୍ବାଧାତୁ; **ବି.** ତମ୍ବା ରଙ୍ଗ ।

**ତାମ୍ରଚୂଡ଼ ବି.** କୁକୁଡା ।

**ତାମ୍ରଫଳକ ବି.** ତମ୍ବାପଟା ।

**ତାମ୍ରଶାସନ ବି.** ତମ୍ବା ପଟାରେ ଖୋଦିତ ରାଜାଦେଶ ବା ଦାନପତ୍ର ।

**ତାର୍ ବି.** ଶଗଡ଼ଚକର ଚାରିପଟେ ଲାଗୁଥିବା ଲୁହା ବଳୟ ।

**ତାର୍‌ଘାର୍ ବି.** ୧. ନୀତି ନିୟମ ୨. ପରମ୍ପରା ୩. ଅଭ୍ୟାସ ।

**ତାର୍‌ନି ବି.** ବାହୁରେ ପିନ୍ଧା ସୂତା ତିଆରି ବ୍ରତ ।

**ତାର୍‌ପିନ ବି.** ଟର୍‌ପେନ୍‌ଟାଇନ୍ ତେଲ ।

**ତାର୍‌ପୋଲିନ୍ ବି.** ପାଣି ଗଳୁ ନଥିବା ମୋଟା ପାଲବିଶେଷ ।

**ତା'ର ସ.** ତାହାର ।

**ତାର ବି.** ୧. ଧାତୁ ତିଆରି ସରୁ ଓ ଲମ୍ବା ସୂତା ଭଳି ପଦାର୍ଥ ୨. ଟେଲିଗ୍ରାମ, ତୁରନ୍ତ ବାର୍ତ୍ତା ।

**ତାରକ ବି.** ରକ୍ଷକ, ତ୍ରାଣକର୍ତ୍ତା ।

**ତାରକ ମନ୍ତ୍ର ବି.** ଉଦ୍ଧାରକ ଦେବସ୍ତୁତି ।

**ତାରକସି ବି.** ସୁନା, ରୁପା ଆଦିର ସୂକ୍ଷ୍ମ ତାରରେ କାରୁକାର୍ଯ୍ୟ ।

**ତାରକା ବି.** ୧. ତାରା, ନକ୍ଷତ୍ର ୨. ସଫଳ ବା ଜନପ୍ରିୟ ଅଭିନେତା ଆଦି (ସିନେତାରକା, କ୍ରିକେଟ ତାରକା) ।

**ତାରକିତ ବିଂ.** ନକ୍ଷତ୍ରଖଚିତ, ତାରାରେ ଭର୍ତ୍ତି (ଆକାଶ) ।

**ତାର ଡାକ ବି.** ଟେଲିଗ୍ରାଫ୍‌ଦ୍ୱାରା ସମ୍ବାଦପ୍ରେରଣ ।

**ତାରଣ ବି.** ଉଦ୍ଧାରଣ, ମୁକ୍ତି ।

**ତାରତମ୍ୟ ବି.** କମ୍‌ବେଶି, ପ୍ରଭେଦ, ଭେଦଭାବ ।

**ତାରଲ୍ୟ ବି.** ୧. ତରଳତା ୨. ଚପଳତା ।

**ତାରସପ୍ତକ ବି.** ସଙ୍ଗୀତଶାସ୍ତ୍ରରେ ଉଚ୍ଚତମ ସ୍ୱରଗ୍ରାମ ବା ସପ୍ତକ ।

**ତାରା ବି.** ରାତିରେ ଆକାଶରେ ଦେଖା ଯାଉଥିବା ଛୋଟ ଛୋଟ ଉଜ୍ଜ୍ୱଳ ବସ୍ତୁ, ତାରକା, ନକ୍ଷତ୍ର ।

**ତାରାବନ୍ଧୀ ସଜ ବି.** ତାରାଫୁଲ ପଡ଼ିଥିବା ଖଣ୍ଡୁଆ ।

**ତାରିଖ ବି.** ଇଂରାଜୀ ମାସର ଦିନସଂଖ୍ୟା ।

**ତାରିଫ୍ ବି.** ପ୍ରଶଂସା, ଗୁଣଗାନ ।

**ତାରିବା କ୍ରି.** ୧. ତାଡ଼ିବା ୨. ରକ୍ଷା କରିବା ୩. ଦୁଇ ହାତ ପାପୁଲି ସାହାଯ୍ୟରେ ପିଠା ଆଦି ଗଢ଼ିବା ।

**ତାରୁ ବି.** ଆଲକାତରା, ପିଚୁ ।

**ତାରୁଣ୍ୟ ବି.** ପ୍ରଥମ ଯୌବନ, ଯୌବନାବସ୍ଥା ।

**ତାଳ ବି.** ୧. ଫଳବିଶେଷ ୨. ଗୀତ-ବାଦ୍ୟ-ନୃତ୍ୟରେ ବିଧି ନିର୍ଦ୍ଧାରଣ ପଦ୍ଧତି ୩. ପୁରୁଷେ ବା ତାଳୁ ପର୍ଯ୍ୟନ୍ତ ଉଚ୍ଚ ପରିମାଣ/ମାପ ।

**ତାଳକ ବି.** ତାହା, କୋଳପ ।

**ତାଳକଣା ବିଂ.** ସଙ୍ଗୀତରେ ତାଳ ଭୁଲ କରୁଥିବା ।

**ତାଳଗୁଡ଼ ବି.** ତାଳଫଳରୁ ପ୍ରସ୍ତୁତ ହେଉଥିବା ଗୁଡ଼ ।

**ତାଳଗୋଟମା ବି.** ତାଳଫଳ ଆରମ୍ଭ ବେଳର କଷି ।

**ତାଳଧ୍ୱଜ ବି.** ୧. ବଳରାମ ୨. ବଳରାମଙ୍କ ରଥ ।

**ତାଳଫୋଟକା ବି.** ତାଳପତ୍ରଭିଡ଼ା ବାରୁଦ ପୁଡ଼ା, ଏକପ୍ରକାର ବାଣ ।

**ତାଳବଣି(ଆ) ବି.** ତାଳବୃକ୍ଷବହୁଳ ସ୍ଥାନ ।

**ତାଳବରଡ଼ା ବି.** ତାଳଗଛର ପତ୍ର ।

**ତାଳବାଦ୍ୟ ବି.** ଗିନି, ତବଲା, ମର୍ଦ୍ଦଳ, ଢୋଲକ ଆଦି ବାଦ୍ୟଯନ୍ତ୍ର ।

**ତାଳବାହୁଙ୍ଗା ବି.** ତାଳଗଛ ପତରର ମୋଟା ଡେମ୍ଫ ।

**ତାଳବୃନ୍ତ ବି.** ତାଳପତ୍ର ତିଆରି ବିଞ୍ଚଣା ।

**ତାଳସଜ ବି.** କଶିତାଳ ଭିତରର ନରମା ଶସ ।

**ତାଳି ବି.** ଦୁଇ ପାପୁଲିର ଆଘାତରୁ ଜାତ ଶବ୍ଦ ।

**ତାଳିପକା ବିଂ.** କାମଚଳା, ଚଳନୀୟ ।

**ତାଳି ପକାଇବା ବି.** ଚିରା ଲୁଗାରେ ନ ଥିବା ଅଂଶ ପାଇଁ ଖଣ୍ଡେ କନା ପକାଇ ସିଇଁବା ।

**ତାଳି ମାରିବା କ୍ରି.** ସମର୍ଥନ ବା ପ୍ରଶଂସା ଉଦ୍ଦେଶ୍ୟରେ କରତାଳି ଦେବା ।

**ତାଳୀ ବି.** ତାଳଗଛ ।

**ତାଳୁ ବି.** ୧. ମୁଖ ଗହ୍ୱରର ଉପର ଭାଗ ୨. ମସ୍ତିଷ୍କର ଶୀର୍ଷ, ମୁଣ୍ଡ ଉପର ଅଂଶ ।

**ତାଳୁଆ ବିଂ.** ୧. କପାଳିଆ, ଭାଗ୍ୟବାନ ୨. ତାଳଜ୍ଞାନ ଥିବା ; **ବି.** ତାଳଗଛ ଗଣ୍ଡିକୁ ଖୋଳି ପ୍ରସ୍ତୁତ କରାଯାଉଥିବା ଡୁଙ୍ଗୀ ।

**ତାଲୁକା** *ବି.* ୧. ପାଟିର ତାଳୁ ୨. ତାଳୁରେ ଗଠନ ତ୍ରୁଟିଜନିତ ବିକୃତି ୩. ନବଜାତ ଶିଶୁର ଅପରିପୂର୍ଣ୍ଣ ଖପୁରିର ଅଂଶ ।

**ତାଲ୍‌ଖୁଁଖୁଡ଼ି** *ବି.* ତାଳଫଳ ଭିତରର ଟାକୁଆ ।

**ତାଲବର** *ବିଂ.* ସୌଭାଗ୍ୟବାନ୍ ।

**ତାଲବ୍ୟ** *ବିଂ.* ଜିଭ ଓ ତାଳୁ ସାହାଯ୍ୟରେ ଉଚ୍ଚାରିତ ବର୍ଣ୍ଣ ।

**ତାଲା** *ବି.* ଘର ସୁରକ୍ଷିତ ରଖିବାପାଇଁ ବ୍ୟବହୃତ ଉପକରଣ, କୋଲପ, ତାଲକ ।

**ତାଲାକାଠି** *ବି.* ତାଲା ଖୋଲିବା ପାଇଁ ବ୍ୟବହୃତ ଉପକରଣ, କଞ୍ଚି, ଚାବି ।

**ତାଲା ପଡ଼ିବା** *କ୍ରି.* ୧. କାର୍ଯ୍ୟ ବନ୍ଦ ହେବା ୨. କାରଖାନା ପ୍ରଭୃତି ବନ୍ଦ ହେବା ।

**ତାଲି** *ବି.* ୧. ଦୁଇଟି ମେଣ୍ଢାଙ୍କର ମୁଣ୍ଡମାଡ଼ ୨. ଗିନି, ଧାତୁ ତିଆରି ଗୋଲାକାର ଚକତି ଯୋଡ଼ି ।

**ତାଲିକା** *ବି.* ୧. ଖସଡ଼ା, କ୍ରମ ନିବନ୍ଧନ, ନିର୍ଘଣ୍ଟ ୨. ସଂଗ୍ରହଫର୍ଦ୍ଦ।

**ତାଲିମ** *ବି.* ପ୍ରଶିକ୍ଷଣ, ଶିଖାଇବା କାର୍ଯ୍ୟ ।

**ତାଲିମି** *ବି.* ପ୍ରଶିକ୍ଷଣ ପଦ୍ଧତି, ଶିକ୍ଷା ଦିଆଯାଉଥିବା ଧାରା ବା କୌଶଳ ।

**ତାଲିମୀ** *ବିଂ.* ତାଲିମପ୍ରାପ୍ତ, ଶିକ୍ଷାପ୍ରାପ୍ତ ।

**ତାଲୁକ, ତାଲୁକା** *ବି.* ଭୂ ସମ୍ପତ୍ତି ରାଜସ୍ୱ ଆଦାୟ ସଂକ୍ରାନ୍ତ ମାହାଲ ବିଶେଷ ।

**ତାଲୁକଦାର୍** *ବି.* ରାଜସ୍ୱ ଆଦାୟ କରାଯାଉଥିବା ତାଲୁକର ମାଲିକ ।

**ତାଲୁକଦାରି** *ବି.* ତାଲୁକ ସମ୍ଭାଳିବାର କାର୍ଯ୍ୟ, ବୃତ୍ତି ।

**ତାଲୁକଦାରୀ** *ବିଂ.* ତାଲୁକ ଚଳାଇବା ସଂକ୍ରାନ୍ତ ।

**ତାଲେତାଲ୍** *କ୍ରି.ବିଂ.* ବାରଂବାର, ଲଗାଏତ୍ ।

**ତାଲେବର୍, ତାଲବର** *ବିଂ.* ବିଶେଷ ଧନୀ, ସଂଭ୍ରାନ୍ତ, ପ୍ରତାପୀ ।

**ତାଷଣ** *ବି.* ତନ୍ତୀ ସୂତାକୁ ମାଜିବା ବ୍ରସ୍ ।

**ତାଷୀ** *ବି.* ଚାଷୀ; ସ୍ତ୍ରୀ. ତାଷୁଣୀ ।

**ତାସ୍** *ବି.* ଖେଳ ପାଇଁ ଚାରି ହରଫ୍/ ଘରର ବାଉନ ଗୋଟି ଚିତ୍ରିତ ସମାନ ଆକାରର ଟାଣ କାଗଜ ଖଣ୍ଡ ।

**ତାସ୍‌ଙ୍ଗି** *ବି.* ତାସ୍‌ନି, ଥାଳିଆ, ତାଟିଆ ।

**ତାସ୍‌ନି** *ବି.* ତାସ୍‌ଙ୍ଗି ।

**ତାସପତ୍ର** *ବି.* ତାସ ବିଡ଼ାର ଚିତ୍ରିତ ପତ୍ର, ତାସମୁଠା ।

**ତାସା** *ବି.* ଚମଡ଼ା ଆଚ୍ଛାଦିତ ଆନଦ୍ଧ ବାଦ୍ୟଯନ୍ତ୍ରବିଶେଷ ।

**ତାହାଟା** *ବିଂ.* କାମୁକ ।

**ତାହିକରି ରଖିବା** *କ୍ରି.* ବାଗେଇ କରି ରଖିବା, ଯତ୍ନରେ ସମ୍ଭାଳିବା ।

**ତି** *ବି.* ଅବ୍ୟୟ 'ଟି' ର ରୂପାନ୍ତର ।

**ତିଅଣ, ତୁଅଣ** *ବି.* ତରକାରୀ, ବ୍ୟଞ୍ଜନ, ତୁନ୍, ସବ୍‌ଜି ।

**ତିଅର୍** *ବି.* ୧. କେଉଟ, ମାଛ ଧରା ଜାତି, ଝରା, ଧୀବର ୨. ତୃତୀୟବାର ତରକାରୀ ପ୍ରଭୃତି ପରିବେଷଣ।

**ତିଆର୍** *ବି.* ୧. ପ୍ରସ୍ତୁତ ୨. ସୁନ୍ଦର ୩. ପର୍ବପର୍ବାଣି ।

**ତିଆରଣ** *ବି.* ଉପଦେଶ, ପୂର୍ବପ୍ରସ୍ତୁତି ।

**ତିଆରି** *ବି.* ପ୍ରସ୍ତୁତି, ନିର୍ମାଣ, ଗଢ଼ଣ ।

**ତିଆରିବା** *କ୍ରି.* ୧. ଆକଟ କରିବା ୨. ଗାଳି ଦେବା ୩. ତିଆର କରିବା ।

**ତିଆସି** *ବିଂ.* ୧. ବାସିର ପରଦିନ ୨. ବୁଟ ଜାତୀୟ ଚଣା ବିଶେଷ ।

**ତିଉନ୍, ତୁନ୍, ତିଅଣ** *ବି.* ତରକାରୀ, ବ୍ୟଞ୍ଜନ ।

**ତିକ୍‌ନାଁ** *ବି.* ୧. ପରିଚୟପତ୍ର ୨. ଚିହ୍ନ, ସଂକେତ ।

**ତିକ୍ତ** *ବିଂ.* ୧. ପିତା ୨. ଅପ୍ରୀତିକର, ଦୁଃଖକର ।

**ତିକ୍ତଅନ୍ନ** *ବି.* କାହାର ମୃତ୍ୟୁର ପର ଦିନ ପରିବାର ଲୋକେ ନିମ୍ବ ପିତା ସହ ଖାଉଥିବା ଅନ୍ନ ।

**ତିକ୍ତକ** *ବି.* ୧. ଚିରେଇତା ୨. ନିମ୍ବ ୩. ପୋଟଳ ।

**ତିକ୍ତତା** *ବି.* ୧. ପିତା ସ୍ୱାଦ ୨. ଅପ୍ରୀତିକର ସଂପର୍କ ।

**ତିଖ୍‌ରି** *ବି.* ୧. ବଟା ମୁଗଡାଲିରେ ତିଆରି ହୋଇଥିବା ବହଳ ଖିରି ୨. ତିଖୁର୍, ପାଳୁଅ, ପାଳୁଅ ଖିରି ।

**ତିଖ** *ବିଂ.* ୧. ଲମ୍ବ ଭାବରେ ଉଚ୍ଚ ୨. ଶୀର୍ଷ (ସ୍ଥାନ)।

**ତିଖଡ଼** *ବି.* ବିବାଦ, ବାଧା, ଗୋଳମାଳ ।

**ତିଖଡ଼ିଆ** *ବିଂ.* ଅନର୍ଥ ସୃଷ୍ଟିକାରୀ, ଗୋଳମାଳିଆ ।

**ତିଖାରିବା** *କ୍ରି.* ୧. ବାରମ୍ବାର କହିବା, ବାରମ୍ବାର ମନେ ପକାଇଦେବା ୨. ଉସକେଇବା।

**ତିଖୁର୍** *ବି.* ୧. ପାଳୁଅ ୨. ପାଳୁଅ ଖିରୀ।

**ତିଗ୍‌ଡ଼ିବା, ତିହଡ଼ିଦେବା** *କ୍ରି.* ୧. ଅତ୍ୟଧିକ ଖାଇବା ୨. ପ୍ରବଳ ମାଡ଼ ମାରିବା ।

**ତିଘାବା** *କ୍ରି.* ଦୋଷ ଉଖାରିବା, ଉଘେଇବା।

**ତିଘାର୍‌ବା** *କ୍ରି.* ବାରମ୍ବାର ଗୋଟିଏ କଥା ପଚାରିବା।

**ତିଘିବା** *କ୍ରି.* ଶିକାର୍ ଜନ୍ତୁକୁ ଗୋଡ଼ାଇବା, ଖେଦା କରିବା ।

**ତିଘେଲ୍** *ବିଂ.* ତୃତୀୟ (ପ୍ରଥମ – ଆଘେଲ୍, ଦ୍ୱିତୀୟ – ଦୁଘେଲ୍) ।

**ତିଜା** *ବି.* ତିଜବ୍ରତ, ବାଲିତୃତୀୟାବ୍ରତ ।

**ତିଜାନି** *ବିଂ.* ତିନି ଦିନରେ ଥରେ ।

**ତିଜେ** *ବି.* ତୃତୀୟରେ, ତିନ୍‌ରେ ।

**ତିଠାଇ** *ବି.* ଚିଟ୍ଟିଭ ଚଢ଼େଇ, ଟିହା, ଭଦଭଦଳିଆ ।

**ତିତାଲା** *ବି.* କୋଠାର ତୃତୀୟ ମହଲା ; *ବିଂ.* ତିନିମହଲାବିଶିଷ୍ଟ ଘର ।

**ତିତି** *ବି.* ୧. ବାମ ବା ଭିତିରି ପାଖରେ ଯୋଚା ହେବା ବଳଦ ୨. ଏହି ବଳଦକୁ ଅଢ଼େଇବା ପାଇଁ ଧ୍ୱନି।

**ତିତିକ୍ଷା** *ବି.* ସହନଶୀଳତା, କ୍ଷମା, ସହିଷ୍ଣୁତା ; *ବିଂ.* ତିତିକ୍ଷୁ ।

**ତିତେଇବା** *କ୍ରି.* ଏର୍‌ବାଡ଼ିଦ୍ୱାରା ବଳଦକୁ କେଞ୍ଚି ଚାଲିବା ପାଇଁ ପ୍ରଚୋଦିତ କରିବା।

**ତିତେର୍** *ବି.* ପାଉଁଶିଆ ଓ ଦେହଯାକ ଧଳାଧଳା ଛିଟ ଥିବା ଚଢ଼େଇ, ତିତିର ।

**ତିଥି** *ବି.* ଚାନ୍ଦ୍ରମାସର କୃଷ୍ଣ ପକ୍ଷ ବା ଶୁକ୍ଳ ପକ୍ଷର ଏକଦିନ ।

**ତିନ୍** *ବିଂ.* ତିନି ।

**ତିନ୍‌ପତି** *ବି.* ତାସଖେଳ ବିଶେଷ, ତାସରେ ଜୁଆ ।

**ତିନ୍‌ହେ** *କ୍ରି.ବିଂ.* ୧. ତିନିଜଣ ୨. ତିନେ, ତାହା ହେଲେ ।

**ତିନି** *ବି.* ତୃତୀୟ ସଂଖ୍ୟା, ତିନି ସଂଖ୍ୟା।

**ତିନିକାଳ** *ବି.* ୧. ଜୀବନର ତିନି ଅବସ୍ଥା,ବାଲ୍ୟ, ଯୌବନ, ଜରା ୨. ସମୟର ତିନିଭାଗ ; ଯଥା- ଅତୀତ, ବର୍ତ୍ତମାନ, ଭବିଷ୍ୟତ ।

**ତିନିକୁଳ** *ବି.* ବାପା, ଅଜା, ଶ୍ୱଶୁର- ଏଇ ତିନିଟି କୁଳ ।

**ତିନି ତୁଣ୍ଡରେ ଛେଳି କୁକୁର** *ଅ.* ବହୁ ଲୋକଙ୍କଦ୍ୱାରା ମିଛକୁ ସତ୍ୟ ବୋଲି ପ୍ରମାଣ କରିବା ।

**ତିନି ଥେଙ୍ଗିଆ** *ବି.* ବହୁ ଲୋକଙ୍କ ଅଧିକାର ଯୋଗୁଁ କାର୍ଯ୍ୟରେ ବିଶୃଙ୍ଖଳା ବା ବିଭ୍ରାଟ ।

**ତିନିପୁର(ଲୋକ)** *ବି.* ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ।

**ତିନିପୁରୁଷ** *ବି.* ପିତା, ପିତାମହ, ପ୍ରପିତାମହ ।

**ତିନ୍ତା** *ବିଂ.* ଓଦା, ଭିଜା ।

**ତିନ୍ତାଇବା** *କ୍ରି.* ଓଦା କରିବା ।

**ତିନ୍ତିବା** *କ୍ରି.* ଭିଜିବା, ଓଦାହେବା ।

**ତିନ୍ତୁଳି** *ବି.* ଖଟା ଫଳ ବିଶେଷ ଓ ତାହାର ଗଛ, କଇଁଆ, ତେଁତେଲ୍ ।

**ତିନ୍ତୁଳିଆ ବିଛା** *ବି.* ଶତପଦୀ, ବିଷାକ୍ତ କୀଟ ବିଶେଷ, ସର୍‌ଲିଆ ।

**ତିପ୍‌ତିପା** *ବିଂ.* ଅତି ଧାରୁଆ, ତୀକ୍ଷ୍ଣ।

**ତିପାୟା, ତିପାହିଆ** *ବି.* ଟିପେଇ, ତିନିଗୋଡ଼ିଆ ଢ଼ିରା ।

**ତିପିରି** *ବି.* ବ୍ୟବସାୟରେ କ୍ଷତି।

**ତିପୁରି** *ବି.* ୧. ଏକପ୍ରକାର ପିଠା ୨. ତିନିମହଲା କୋଠା।

**ତିଫାଇତ୍** *ବି.* ମୁନାଫା, ଲାଭ ।

**ତିବ୍ବତୀ, ତିବ୍ବତୀୟ** *ବିଂ.* ତିବ୍ବତ ଦେଶ ସମ୍ବନ୍ଧିତ ; *ବି.* ତିବ୍ବତ ଅଧିବାସୀ ବା ଭାଷା ।

**ତିମି** *ବି.* ବିଶାଳ ସାମୁଦ୍ରିକ ସ୍ତନ୍ୟପାୟୀ ଜୀବ ।

**ତିମିଙ୍ଗିଳ** *ବି.* ତିମିମାଛକୁ ଗିଳିପାରୁଥିବା କାଳ୍ପନିକ ଜୀବ ।

**ତିମିର** *ବିଂ.* ଅନ୍ଧାର ।

**ତିର୍‌ଜୁଡ଼ି, ତିର୍‌ଜୁରି** *ବି.* ୧. ଲୁହାସିନ୍ଦୁକ, ଟ୍ରେଜେରି, ତେର୍‌ଯୋଡ଼ି ୨. ତ୍ରିଯୋଡ଼ି, ଏକ ପ୍ରକାର ତାସ୍ ଖେଳ ।

**ତିର୍‌ଲା** *ବି.* ସ୍ତ୍ରୀ, ମାଇପି ଲୋକ ।

**ତିର୍‌ଲିବିର୍‌ଲି** *କ୍ରି.ବିଂ.* ଅତିଶୟ କଷ୍ଟ ପାଇବା ।

**ତିରନ୍, ତିରଣ** *ବି.* ୧. ଶୁଖିଲା ଘାସ, କୁଟା, ନଡ଼ା ୨. ତୋରାଣି ।

**ତିରସ୍କରଣୀ** *ବି.* ଯବନିକା, ପରଦା ।

**ତିରସ୍କାର** *ବି.* ଭର୍ତ୍ସନା, ନିନ୍ଦା, ଗାଳି ।

**ତିରସ୍କୃତ** *ବିଂ.* ନିନ୍ଦିତ, ଭର୍ତ୍ସିତ ।

**ତିରସ୍ତା** *ବି.* ଗତବର୍ଷର ପୂର୍ବବର୍ଷ ।

**ତିରି** *ଅ.* ୧. ଭଳି, ପରି ; *ବି. ସ୍ତ୍ରୀ.* ସଙ୍ଗିନୀ ।

**ତିରିଲା** *ବି.* ୧. ନାରୀଜାତି ୨. ଭାର୍ଯ୍ୟା, ସ୍ତ୍ରୀ ।

**ତିରୋଟ** *ବି.* ନିଅଣ୍ଟ, ଅଭାବ ।

**ତିରୋଧାନ** *ବି.* ମୃତ୍ୟୁ, ପରଲୋକଗମନ ।

**ତିରୋଭାବ** *ବି.* ୧. ମୃତ୍ୟୁ ୨. ଲୋପ ।

**ତିର୍ଯ୍ୟକ୍** *ବିଂ.* ତେରଛା, ବଙ୍କା, କୁଟିଳ, ବକ୍ରଗାମୀ ; *ବି.* ଅଣ୍ଡିରା ପଶୁପକ୍ଷୀ ।

**ତିଳ** *ବି.* ୧. ଖସା, ରାଶି ୨. କଡ଼ାକର ଅଶୀଭାଗରୁ ଭାଗେ ୩. ଅତି ଅଳ୍ପପରିମାଣ ୪. ଅତି ସୂକ୍ଷ୍ମକାଳ ।

**ତିଳକ** *ବି.* ୧. କପାଳ ଓ ବାହୁରେ ଅଙ୍କିତ ଚନ୍ଦନାଦିର ଚିତା ୨. ଏକ ପ୍ରକାର ଅଳଙ୍କାର ।

**ତିଳକମାଟିଆ** *ବି.* ଶ୍ରୀକ୍ଷେତ୍ରରେ ମଢ଼ା ପଡ଼ିଥିଲେ ନେଇ ପୋଡୁଥିବା ଓ ତିଳକାଦି ବିକ୍ରି କରୁଥିବା ଗୋଷ୍ଠୀ।

**ତିଳକାଞ୍ଚନ** *ବି.* ଦୋଷ ଦୂର ପାଇଁ ଦାନ କରାଯାଉଥିବା ରାଶି ସହିତ ସୁନା ।

**ତିଳଚିହ୍ନ** *ବି.* ମୁହଁରେ ବା ଦେହରେ ବାରିହୋଇ ଦିଶୁଥିବା କଳା-ଜାଇ ।

**ତିଳତଣ୍ଡୁଳିତ** ***ବିଂ.*** ଧଳାକଳାମିଶା, କଳାଧଳା ରଙ୍ଗର ଏକତ୍ର ସମାବେଶରେ ଚିତ୍ରବିଚିତ୍ର, ଛାପଛାପିକିଆ ।
**ତିଳତର୍ପଣ** ***ବି.*** ଅଞ୍ଜଳି ବା ତମ୍ବାପାତ୍ରରେ ତିଳ ବା ଖସା ଓ ଜଳ ରଖି ପିତୃଲୋକଙ୍କ ଉଦ୍ଦେଶ୍ୟରେ ଅର୍ପଣ କରାଯାଉଥିବା ପାଣି, ଆଶ୍ୱିନ ମାସ କୃଷ୍ଣପକ୍ଷରେ ପିତୃପକ୍ଷରେ ପିତୃପୁରୁଷଙ୍କୁ ଅର୍ପିତ ଜଳ ଓ ତିଳ, ତିଳୋଦକ ଅର୍ପଣ କ୍ରିୟା ।
**ତିଳାର୍ଦ୍ଧ** ***ବି.ବିଂ.*** ଅତି ସୂକ୍ଷ୍ମାଂଶ, ଅତି ସାମାନ୍ୟ ।
**ତିଳାର୍ଦ୍ଧେ** ***ବିଂ.*** କ୍ଷଣେ ସୁଦ୍ଧା, ଟିକିଏ ହେଲେ ।
**ତିଳୀ** ***ବି.*** ରାଶି ବ୍ୟବସାୟୀ ।
**ତିଲୁ** ***ବି.*** ପୋକ, କୀଟ ।
**ତିଲୁଆ** ***ବି.*** ଚିନିରେ ତିଆରି ଫେଣି ।
**ତିଳେ** ***କ୍ରି.ବିଂ.*** ୧. ଟିକିଏ ହେଲେ, ଅତିଅଳ୍ପ ୨. କ୍ଷଣେ ସୁଦ୍ଧା ।
**ତିଳୋଦକ** ***ବି.*** ପିତୃ ପୁରୁଷଙ୍କୁ ଅର୍ପଣ କରାଯାଉଥିବା ଖସା ମିଶା ଜଳ ।
**ତିଲ୍‌ଛାଟ୍** ***ବିଂ.*** ସିଧାସଳଖ ।
**ତିଷ୍ଠିବା** ***କ୍ରି.*** ୧. ସ୍ଥାନଚ୍ୟୁତ ନ ହେବା ୨. ବର୍ତ୍ତିଯିବା ୩. ଗୋଟିଏ ସ୍ଥାନରେ ରହିବା ।
**ତିସ୍‌ରା** ***ବିଂ.*** ୧. ତୃତୀୟ ୨. ତିନି ସରିଆ(ମୋଳା) ।
**ତିହଡ଼ି** ***ବିଂ.*** ଗୋଟିକ ଉପରେ ଆଉ ଗୋଟିଏ ଲଦି ହୋଇ ବାହାରିଥିବା (ଦାନ୍ତ) ।
**ତିହାର** ***ବି.*** ପର୍ବପର୍ବାଣି ।
**ତିହାରି** ***ବି.*** ନିର୍ବନ୍ଧ ପରେ ଓ ବିବାହ ପୂର୍ବରୁ ବରଘରୁ କନ୍ୟା ଘରକୁ ଏବଂ କନ୍ୟା ଘରୁ ବରଘରକୁ ପଠା ଯାଉଥିବା ମିଠେଇ ଓ ଲୁଗା ଆଦି ଉପହାର ।
**ତିହାରି ମେଘ** ***ବି.*** ଦଶହରା ପୂଜା ସମୟର ବର୍ଷା ବା ମେଘୁଆ ପାଗ ।
**ତିହି[ଜ]ଡ଼ିବା** ***କ୍ରି.*** ୧. ମାଡ଼ ବର୍ଷାକରିବା, ଜୋରରେ ମାରଧର କରିବା ୨. ଅତ୍ୟଧିକ ଖାଇବା ।
**ତିହୁରା** ***ବି.*** ତୃତୀୟ ବାର, ତିଅର, ତୃତୀୟ ଥରର ଖାଦ୍ୟ ପରଷା ।
**ତୀବର** ***ବି.*** ୧. ଧୀବର ୨. ତିଅର ।
**ତୀବ୍ର** ***ବିଂ.*** ପ୍ରଖର, ଉତ୍କଟ, ପ୍ରବଳ ।
**ତୀବ୍ରତା** ***ବି.*** ପ୍ରଖରତା ।
**ତୀର** ***ବି.*** ୧. ଧନୁରେ ବ୍ୟବହୃତ ହେଉଥିବା ଶର, ବାଣ ୨. ନଦୀ ପ୍ରଭୃତିର କୂଳ, ତଟ ।
**ତୀରନ୍ଦାଜ** ***ବି.*** ଶର ମାରୁଥିବା ଲୋକ ।
**ତୀର୍ଥ** ***ବି.*** ପ୍ରତିଷ୍ଠିତ ଦେବଦେବୀଙ୍କ ବିଜେସ୍ଥଳୀ, ତପସ୍ୟା ହେତୁ ପବିତ୍ର ସ୍ଥାନ ।
**ତୀର୍ଥକାକ** ***ବି.*** ଲୋଲୁପ ବ୍ୟକ୍ତି ।
**ତୀର୍ଥଗୁରୁ** ***ବି.*** ପୁରୀର ଯାତ୍ରୀ ପଣ୍ଡା ।
**ତୀର୍ଥଙ୍କର** ***ବି.*** ଜୈନ ସିଦ୍ଧପୁରୁଷ ।
**ତୀର୍ଥଜଳ** ***ବି.*** ତୀର୍ଥର ଜଳ, ପବିତ୍ରପାଣି, ଯେଉଁଜଳ ଦେବ କାର୍ଯ୍ୟରେ ଲାଗେ ।
**ତୀର୍ଥଯାତ୍ରୀ** ***ବି.*** ତୀର୍ଥ ଭ୍ରମଣକାରୀ ବ୍ୟକ୍ତି ।
**ତୀର୍ଥରକ୍ଷା ପଢ଼ିଆରୀ** ***ବି.*** ପୁରୀରେ ସାବକ ନିଯୋଗ ସେବକ ।
**ତୀର୍ଥରାଜ** ***ବି.*** ୧. ଶ୍ରେଷ୍ଠତୀର୍ଥ ୨. ପ୍ରୟାଗ ୩. କାଶୀ ୪. ମହୋଦଧି ।
**ତୀକ୍ଷ୍ଣ** ***ବିଂ.*** ୧. ମୁନିଆ ୨. ଧାରୁଆ, ଦାଢୁଆ ୩. କଟୁ ୪. ପ୍ରଚଣ୍ଡ ୫. ଉଗ୍ର ୬. ପ୍ରଖର ।
**ତୀକ୍ଷ୍ଣବୁଦ୍ଧି** ***ବିଂ.*** ପ୍ରଖର ବୁଦ୍ଧି, ଅତି ଚତୁର ।
**ତୁଁଡ୍** ***ବି.*** ତୁଣ୍ଡ, ପାଟି ।
**ତୁଁଡ୍ କରିବା** ***କ୍ରି.*** ଅଶ୍ଳୀଳ ଗାଳି ଗୁଲଜ କରିବା ।
**ତୁଁଡ଼ାବା** ***କ୍ରି.*** ବାଚନିକ ସମ୍ପର୍କ ରଖିବା ।
**ତୁଇ** ***ସ.*** ତୁ, ତୁହି ।
**ତୁକ୍, ଥୁକ୍** ***ବି.*** ୧. ଭିଙ୍କର ପାହାର ୨. ଛେପ ।
**ତୁକୁପ୍** ***ବିଂ.*** ୧. ଅତି ବୁଢ଼ା ଅବସ୍ଥା ୨. ଦୁର୍ବଳ ଅବସ୍ଥା ।
**ତୁଙ୍ଗ** ***ବିଂ.*** ଉଚ୍ଚ, ଉନ୍ନତ ।
**ତୁଙ୍ଗିମା** ***ବି.*** ଉଚ୍ଚତା, ଶ୍ରେଷ୍ଠତା ।
**ତୁଙ୍ଗୀ** ***ବିଂ.*** ରାଶିଚକ୍ରରେ ଉଚ୍ଚସ୍ଥାନରେଥିବା (ଗ୍ରହ) ।
**ତୁଚ୍ଛ** ***ବିଂ.*** ୧. ହେୟ, ନଗଣ୍ୟ, ସାମାନ୍ୟ ୨. ନିରର୍ଥକ ୩. ଅକିଂଚିତ୍‌କର ।
**ତୁଚ୍ଛତାଛଲ୍ୟ** ***ବି.*** ଅବଜ୍ଞା, ହେୟଜ୍ଞାନ ।
**ତୁଚ୍ଛାକୁ** ***କ୍ରି.ବିଂ.*** ବିନା କାରଣରେ, ବୃଥାରେ ।
**ତୁଟା** ***ବିଂ.*** ଛିଣ୍ଡା, ଭଙ୍ଗା ।
**ତୁଟାଇବା** ***କ୍ରି.*** ସମାଧାନ କରିବା, ଛିଣ୍ଡାଇବା, ପରିଶୋଧ କରିବା ।
**ତୁଟି** ***ବି.*** ତ୍ରୁଟି, ହାନି, କ୍ଷତି ।
**ତୁଟିବା** ***କ୍ରି.*** ୧. ଭାଙ୍ଗିବା ୨. ସମାଧାନ ହେବା ୩. ନିଷ୍ପତ୍ତି ହେବା ୪. ଆପୋଷିରେ ମୂଲ୍ୟ ସ୍ଥିର ହେବା ।
**ତୁଟୁକା** ***ବିଂ.*** ୧. ଚେରମୂଳି ଔଷଧ ୨. ଶୀଘ୍ର ଫଳ ପ୍ରଦାନ କରୁଥିବା ।
**ତୁଠ, ତୋଠ** ***ବି.*** ୧. ନଈ ବା ପୋଖରୀରେ ଗାଧୋଇବା ଓ ନିତ୍ୟ କର୍ମ ସମ୍ପାଦନ ସ୍ଥାନ ୨. ମୃତାହ କ୍ରିୟା ସମ୍ପାଦନର ଘାଟ ।
**ତୁଠପଥର** ***ବି.*** ହେୟ, ନଗଣ୍ୟ ଲୋକ, ସବୁ ସହୁଥିବା ଲୋକ ।
**ତୁଡୁକୁଣୀ** ***ବି.*** ହାଣ୍ଡିଶାଳେ ଲୁଚେଇ ଖାଉଥିବା ନାରୀ ।
**ତୁଡ଼େ** ***କ୍ରି.ବିଂ.*** ତୋଡ଼ରେ, ପ୍ରବଳ ଚାପରେ ।
**ତୁଣ** ***ବି.*** ତୁନ୍, ତିଅଣ, ତରକାରି ।

**ତୁଣ୍ଡ** ***ବି.*** ୧. ପାଟି ୨. ପାଟିର ଶବ୍ଦ ।

**ତୁଣ୍ଡକଥା** ***ବି.*** ଶୁଣାକଥା, ଲୋକ ମୁହଁରେ କହିବା କଥା ।

**ତୁଣ୍ଡବାଇଦ** ***ବି.*** ତୁଣ୍ଡରୁ ତୁଣ୍ଡକୁ ପ୍ରଚାରିତ ହେଉଥିବା କଥା, ଜନରବ, ଗୁଜବ ।

**ତୁଣ୍ଡ ମୁଲାହିଜା** ***କ୍ରି.ବିଂ.*** କଥା ଖାତିରରେ, କାହାରି କଥା ବା ଅନୁରୋଧକୁ ସମ୍ମାନ କରି ।

**ତୁଣ୍ଡ ଲାଗିବା** ***କ୍ରି.*** ଖନେଇବା ।

**ତୁଣ୍ଡ ସାରିବା** ***କ୍ରି.*** କହିବା କଥା ବା ଅନୁରୋଧ ନିଷ୍ଫଳ ହେବା, କଥା ନ ରହିବା ।

**ତୁଣ୍ଡସୁଖ** ***ବି.*** ପାଟି ସୁଆଦ ।

**ତୁଣ୍ଡ ହରେଇବା** ***କ୍ରି.*** କହିବା କଥା ନ ରହିବା, ଅନୁରୋଧ ରକ୍ଷା ନ ହେବା ।

**ତୁଣ୍ଡି** ***ବି.*** ପଶୁର ମୁହଁରେ ବନ୍ଧାଯାଉଥିବା ରୋଧକ ।

**ତୁଣ୍ଡେଇବା** ***କ୍ରି.*** କହିବା, ସୂଚନାଦେବା ।

**ତୁତ୍** ***ବି.*** ଲମ୍ବାଳିଆ କଅଁଳ ଓ ମିଠା ଫଳ ବିଶେଷ ।

**ତୁତ୍ରା, ତୁତ୍ଲା** ***ବିଂ.*** ଖନା, କଥା କହିବା ବେଳେ ପାଟି ଲାଗୁଥିବା (ବ୍ୟକ୍ତି) ।

**ତୁତ୍ରୁ ବାଡ଼ି** ***ବି.*** ମୁନିଆ ଲୁହାକଣ୍ଟା ଲଗା ପାଞ୍ଚଣ ବାଡ଼ି, ଏର୍ ବାଡ଼ି।

**ତୁତାଇବା** ***କ୍ରି.*** ଦୁଇ ଜଣଙ୍କ ଭିତରେ କଳି କରାଇବା ।

**ତୁତୁ** ***ବି.*** ପୁଂଲିଙ୍ଗ, ଗୁନ, ସୁନା ।

**ତୁତୁକରିବା** ***କ୍ରି.*** ମୁତିବା, ପରିସ୍ରା କରିବା ।

**ତୁନ୍** ***ବି.*** ତିଅଣ, ତରକାରୀ, ବ୍ୟଞ୍ଜନ ।

**ତୁନ୍ତାନ୍** ***ବିଂ.କ୍ରି.ବିଂ.*** ୧.ଚୁପ୍‌ଚାପ୍, ନୀରବ ୨. ବିନାବାଧା, ବିନା ସଂଘର୍ଷରେ ।

**ତୁନ୍ ପଡ଼ିବା** ***କ୍ରି.*** ଚୁପ୍ ରହିବା, ନୀରବ ରହିବା ।

**ତୁନାତୁନି** ***ବି.*** ସିଲେଇ, ତାଳିପକା।

**ତୁନି** ***ବି.*** ଚୁପ୍, କଥାବାର୍ତ୍ତା ନକରିବା, ନୀରବତା ।

**ତୁନିତାନି** ***କ୍ରି.ବିଂ.*** ନୀରବ ଭାବେ, ଚୁପ୍‌ଚାପ୍ ।

**ତୁନିବା** ***କ୍ରି.*** ୧. ଚିରା ଫଟା ଲୁଗା ସିଲେଇ କରିବା ୨. ତାଳି ପକେଇବା।

**ତୁପିବା** ***କ୍ରି.*** ପୋତିବା ।

**ତୁମ୍ ପଡ଼ିବା** ***କ୍ରି.*** ତୁନିହେବା, ଚୁପରହିବା।

**ତୁମା, ତୁମ୍ବା** ***ବି.*** ଶୁଖିଲା ଲାଉର ଖୋଳପାରେ ତିଆରି ବାଦ୍ୟଯନ୍ତ୍ର ବା ଭିକ୍ଷାପାତ୍ର ।

**ତୁମୁନ୍ ଗୁମୁନ୍** ***ବି.*** ୧. ରହିବା ଆବଶ୍ୟକ ହେଲେ ସୁଦ୍ଧା ବ୍ୟସ୍ତତା ବା ବିରକ୍ତି ଯୋଗୁଁ ଯିବା ପାଇଁ ବ୍ୟଗ୍ରତା ୨. ଦ୍ୱିଧା।

**ତୁମୁଳ** ***ବିଂ.*** ୧. ତୀବ୍ର ୨. ନିବିଡ଼ ୩. ଭୟଙ୍କର ୪. ଘୋର ୫. ଘନ ।

**ତୁମେ, ତୁମ୍ଭେ** ***ବି.*** କର୍ତ୍ତୃକାରକ ମଧ୍ୟମପୁରୁଷର ଏକବଚନର ସର୍ବନାମ- ମାନ୍ୟାର୍ଥରେ ଆପଣ ।

**ତୁମ୍ବ** ***ବି.*** ଶଗଡ଼ ଚକର ନାଭି ବା ମଝିରେ ଅଖ ଓ ଅରମାନଙ୍କୁ ଧରୁଥିବା କାଠ ।

**ତୁମ୍ବା, ତୁମା** ***ବି.*** ଶୁଖିଲା ଲାଉ ଖୋଳପାରେ ତିଆରି ପାତ୍ର, ତାରଯନ୍ତ୍ରର ହାଣ୍ଡି ।

**ତୁୟୁ** ***ବି.*** ଶିଆଳ, ବିଲୁଆ ।

**ତୁର୍କଏନ୍** ***ବି.*** ଚୁଡ଼ିବାଲୀ।

**ତୁର୍‌ତି(ତେ)** ***କ୍ରିବିଂ.*** ତ୍ୱରିତ, ଶୀଘ୍ର, ସାଥେ ସାଥେ, ତୁରନ୍ତ ।

**ତୁର୍‌ତୁର୍** ***କ୍ରି.ବିଂ.*** ତରତର, ଚଞ୍ଚଳ ବା ବ୍ୟସ୍ତ ଭାବେ ।

**ତୁର୍‌ପିବା** ***କ୍ରି.*** ଅଖା, ବସ୍ତା ଆଦି ସିଲେଇ କରିବା ୨. ତାସ୍ ଖେଳ ବେଳେ ରଙ୍ଗପତ୍ତାରେ କାଟିବା।

**ତୁର୍‌ର** ***ବି.*** ପାଦପିନ୍ଧା ଅଳଙ୍କାର ବିଶେଷ।

**ତୁରଗ, ତୁରଂଗ, ତୁରଂଗମ** ***ବି.*** ଘୋଡ଼ା, ଅଶ୍ୱ ।

**ତୁରଗାନନ** ***ବି.*** କିନ୍ନର, ଯାହାର ଶରୀର ମଣିଷ ଓ ମୁଣ୍ଡ ଘୋଡ଼ାପରି, ଘୋଡାମୁହାଁ ।

**ତୁରଙ୍ଗିବା** ***କ୍ରି.*** ଦୁଇହାତରେ ଉଠାଇ ବୋହି ନେବା।

**ତୁରତୁରିଆ** ***ବିଂ.*** ତରତର ହେଉଥିବା, ଚଞ୍ଚଳିଆ ।

**ତୁରନ୍ତ** ***କ୍ରି.ବିଂ.*** ତ୍ୱରିତ, ଶୀଘ୍ର, ବେଗି, ଚଞ୍ଚଳ, ଝଅଟ ।

**ତୁରା** ***ବି.*** ଅଳି, ସନିର୍ବନ୍ଧ ଅନୁରୋଧ ।

**ତୁରାନି** ***ବି.*** ପଖାଳ ଭାତର ବହଳପାଠି, ତୋରାଣି, ତୋଡାଣି, ଥିର୍, ମଣ୍ଡ, ତୋନି ।

**ତୁରୁ** ***ବି.*** ଟୁରୁ, ଚୁନା ମାଛ ବିଶେଷ।

**ତୁଳ** ***ବି.*** ୧. ଉଚ୍ଚ ୨. ତୁଳନା ୩. ମାଘ ମାସ ।

**ତୁଳ ତୁଳିବା** ***ବି.*** ତୁଳନା କରିବା, ମାପିବା, ସମାନ କରିବା ।

**ତୁଳନା** ***ବି.*** ସାଦୃଶ୍ୟ ସୂଚନା, ଦୁଇଟି ବସ୍ତୁ ଭିତରେ ସାମ୍ୟ ।

**ତୁଳନୀୟ** ***ବିଂ.*** ଯାହା ତୁଳନା କରାଯାଇପାରେ।

**ତୁଳସୀ** ***ବି.*** ହିନ୍ଦୁମାନଙ୍କର ପୂଜ୍ୟ ଗଛର ପତ୍ର-ଯାହା ବିଷ୍ଣୁଙ୍କୁ ଲାଗି କରାଯାଏ, ଔଷଧୀୟ ଗୁଣଯୁକ୍ତ ଗୁଳ୍ମ ଓ ତାର ପତ୍ର ।

**ତୁଳା** ***ବି.*** ୧. କପା ୨. ଶିମିଳିଫଳ ଭିତରୁ ବାହାରୁଥିବା କୋମଳ ତନ୍ତୁ ୩. ନିକିତି, ତରାଜୁ ୪. ରାଶିଚକ୍ରର ସପ୍ତମ ରାଶି; ***ବିଂ.*** ସଦୃଶ, ସମାନ, ତୁଲ୍ୟ ।

**ତୁଳାଦଣ୍ଡ** ***ବି.*** ନିକିତିର ଦଣ୍ଡ, ଧଡ଼ା ।

**ତୁଳାଦାନ** ***ବି.*** ନିଜ ଦେହ ଓଜନର ସମାନ ଓଜନର ଧାତୁର ଦାନ ।

**ତୁଳାଧାର** ***ବି.*** ଦଣ୍ଡି ବା ନିକିତିର ପଲା ।

**ତୁଳାଭିଣା** ***ବି.*** ୧.ବିଣ୍ଡା ତୁଳାକୁ ଭିଣିବା ୨.ସେହି ବୃତ୍ତିଧାରୀ ବ୍ୟକ୍ତି ।

**ତୁଳି ବି.** ଘରର ମଥାନ, ନଡ଼ାଘର ଛପରର ସବା ଉପର ଅଂଶ ।
**ତୁଳିକା, ତୁଳୀ(ଳି), ତୂଳୀ ବି.** ଚିତ୍ର ଆଙ୍କିବା ପାଇଁ ବ୍ୟବହୃତ ସୂକ୍ଷ୍ମ ତନ୍ତୁଯୁକ୍ତ କାଠି, ବ୍ରସ୍ ।
**ତୁଳିଲାଗି ବି.** ଶ୍ରୀମନ୍ଦିରରେ ଠାକୁରମାନଙ୍କୁ ତୁଳାର ଲମ୍ବା ରେଜେଇ ଅଧୋଭାଗରେ ଲାଗି କରିବା।
**ତୁଳେଇବା କ୍ରି.** ତଉଲ କରିବା ।
**ତୁଲ୍ ବି.** ୧. ସାଙ୍ଗ, ସାମ୍ୟ ୨. ତଉଲ, ତୁଳନା ୩. ଉପମା ୪. ଗୁଣ୍ଡୁଚି ମୂଷା ।
**ତୁଲ୍ଗି ବି.** ଇଚ୍ଛା।
**ତୁଲ୍‌ମୁଲି ଯିବା କ୍ରି.** କହିବା ପାଇଁ ଇଚ୍ଛା ଥାଇ ମଧ୍ୟ ସୁଯୋଗ ନପାଇବାରୁ ବା ସାହସ ନପାଇ ଅସ୍ଥିର ହେବା।
**ତୁଲ୍‌ସି ବାସ୍ ବି.** ଏକ ପ୍ରକାର ସୁଗନ୍ଧିତ ଧାନ।
**ତୁଲାଓ୍ୱନା କଥା ବି.** କିମ୍ବଦନ୍ତୀ, ଲୋକକଥା, କଳ୍ପିତବୃତ୍ତାନ୍ତ ।
**ତୁଲିଆ ବି.** ଘରର ପ୍ରସ୍ଥ କାନ୍ଥର ଉପର ଭାଗ।
**ତୁଲେ କ୍ରି.ବିଂ.** ସହିତରେ, ସାଙ୍ଗରେ; **ବିଂ.** ସମକକ୍ଷ ।
**ତୁଲେଇବା କ୍ରି.** ନିର୍ବାହକରିବା, ସମ୍ଭାଳିବା ।
**ତୁଲ୍ୟ ବିଂ.** ସଦୃଶ, ଅନୁରୂପ, ସମାନ, ସମାର୍ଥକ ।
**ତୁଲ୍ୟମୂଲ୍ୟ ବିଂ.** ଏକା ଦରର ।
**ତୁଷ ବି.** ଚଷୁ, ତସୁ, ଧାନ ଗହମ ଆଦିର ଚୋପା ।
**ତୁଷାନଳ ବି.** ତଷୁନିଆଁ ।
**ତୁଷାର ବି.** ୧. ବରଫ ୨. କାକର, ଶିଶିର ୩. କର୍ପୂର ବିଶେଷ ।
**ତୁସ୍ତି ବି.** ଦେବଦେବୀଙ୍କ ସନ୍ତୋଷ ବିଧାନ ପାଇଁ ଗାନ କରାଯାଉଥିବା ରଚନା, ସ୍ତୁତି, ସ୍ତବ, ଜଣାଣ ।
**ତୁହେ କ୍ରି.ବିଂ.** ଥରେ, ତୁହାଟେ;**ବି.** ଗୋଟିଏ ଦଳ ।
**ତୂଣୀର ବି.** ଶର ରଖାଯାଉଥିବା ମୂଣା, ଆଧାର ।
**ତୁବର ବି.** ୧. ମାଖୁନା, ମାକୁନ୍ଦା ୨. ନପୁଂସକ ୩. ଶିଙ୍ଗ ନଥିବା ଷଣ୍ଢ ।
**ତୂରୀ ବି.** ଶିଙ୍ଗା ଜାତୀୟ ଫୁଙ୍କା ବାଦ୍ୟ ।
**ତୂଳି(ଳୀ)ତଳ୍ପ ବି.** ତୁଳାତିଆରି ଶେଯ, ଗଦି ।
**ତୃଣ ବି.** ଘାସ ।
**ତୃଣବତ୍ ବିଂ.** ୧. ଘାସ ଭଳି ୨. ହେୟ, ତୁଚ୍ଛ।
**ତୃଣରାଜ ବି.** ତାଳ, ଗୁଆ, ନଡ଼ିଆ, ଖଜୁରୀ, କେତକୀ, ହିନ୍ତାଳ ପ୍ରଭୃତି ବଡ଼ଗଛ।
**ତୃତୀୟ ବିଂ.** ଦ୍ୱିତୀୟ ପରେ, ତିନି ଗଣତିରେ ଆସୁଥିବା ।
**ତୃତୀୟଲିଙ୍ଗୀ ବି.ବିଂ.** ଯେଉଁ ମଣିଷ ପୁଲିଙ୍ଗୀ ବା ସ୍ତ୍ରୀ ଲିଙ୍ଗୀ ନୁହେଁ।
**ତୃତୀୟା ବି.** ଅମାବାସ୍ୟା ବା ପୂର୍ଣ୍ଣିମା ପରେ ତୃତୀୟ ତିଥି ।
**ତୃପ୍ତ ବିଂ.** ସନ୍ତୁଷ୍ଟ, ଆପ୍ୟାୟିତ ।
**ତୃପ୍ତି ବି.** ସନ୍ତୋଷ, ପ୍ରସନ୍ନତା ।
**ତୃଷା ବି.** ପାଣି ପିଇବା ଇଚ୍ଛା, ଶୋଷ, ପିପାସା ।
**ତୃଷିତ ବିଂ.** ଶୋଷିଲା, ପିଇବାକୁ ଆତୁର ।
**ତୃଷ୍ଣା ବି.** ୧. ଶୋଷ ୨. ଆକାଂକ୍ଷା, ସ୍ପୃହା, ଲୋଭ ।
**ତେଁଠୁ, ଟେଁଟୁ ବି.** ବେକ, ତଁଟି ।
**ତେଁତେଲ୍ ବି.** ତିନ୍ତୁଳି, କଇଁଆ, ଖଟାଫଳ ।
**ତେଁତେଲ୍ ଆଂଠି ବି.** କଇଁଆ ମଞ୍ଜି ।
**ତେଂଗ୍ରଡ଼ା, ତେଙ୍ଗଡା ବି.** ୧. ଗୋଟିଏ ଉପରେ ଅନ୍ୟଟି ଲଦିବା ୨. ରୋଷେଇ ଘର ମାଟି ପିଣ୍ଡିରେ ଗୋଲାକାର ଖାଲ ।
**ତେଙ୍ଗ୍‌ଡ଼ା ଉଗ୍(ପ୍)ରା ବିଂ.** ଗୋଟିକ ଉପରେ ଆଉ ଗୋଟିଏ ରଖାହେବା।
**ତେଙ୍ଗଡ଼ା ବି.** ରନ୍ଧାହାଣ୍ଡି ରଖିବା ପିଣ୍ଡି ।
**ତେଜ ବି.** ୧. ଉତ୍ତାପ ୨. ଆଲୋକର ପରିମାଣ ୩. ପ୍ରତାପ, ବଡ଼ିମା ।
**ତେଜଣା ବି.** ଦୀପତେଜା କାଠି ।
**ତେଜପତ୍ର ବି.** ମସଲା ଭାବେ ବ୍ୟବହୃତ ବାସ୍ନାଯୁକ୍ତ ପତ୍ର ବିଶେଷ ।
**ତେଜରାତି ବିଂ.** ଡାଲି ଚାଉଳ ଆଦି (ବିକୁଥିବା ଦୋକାନ) ।
**ତେଜସ୍କର ବିଂ.** ତେଜ ପ୍ରକାଶ କରୁଥିବା ।
**ତେଜସ୍କ୍ରିୟ ବିଂ.** ପରମାଣୁ ବିକୀରଣ କରୁଥିବା, ରେଡ଼ିଓଆକ୍‌ଟିଭ୍ ।
**ତେଜସ୍ୱୀ ବିଂ.** ଦୀପ୍ତିମାନ, ତେଜୀୟାନ ।
**ତେଜାରତୀ ବି.** କରଜ ବ୍ୟବସାୟ, ସୁଧରେ କରଜ ଦେବା ବ୍ୟବସାୟ ।
**ତେଜିବା କ୍ରି.** ୧. ତ୍ୟାଗ କରିବା, ଛାଡ଼ିବା ୨. ଦୀପର ସଳିତା ଟେକିବା, ସତେଜ କରିବା ୩. ଉସକେଇବା ।
**ତେଜୀୟାନ ବିଂ.** ତେଜସ୍ୱୀ, ତେଜବନ୍ତ ।
**ତେଜୋମୟ ବିଂ.** ଉଜ୍ଜ୍ୱଳ, ଦୀପ୍ତ।
**ତେଢ଼ା ବିଂ.** ୧. ମେଳ ଖାଉନଥିବା ୨. ଅଡୁଆ ୩. ଅମାନିଆ ।
**ତେଢ଼ିବା କ୍ରି.** ଅମାନ୍ୟ କରିବା, ଅବଜ୍ଞା କରିବା, ବିତଣ୍ଡା କରିବା ।
**ତେଣିକି ସ.** ତାପରେ, ସେହି ଆଡ଼କୁ ।
**ତେଣୁ ଅ.** ସେହି କାରଣରୁ, ସେଇ ଆଡୁ ।
**ତେଣେ ସ.** ସେଇଆଡ଼େ ।
**ତେଣ୍ଟା ବି.** ୧. ଗାଲିଥିବା ମୁନିଆ ଓ ଧାରୁଆ ଲୁହା ତିଆରି ଅସ୍ତ୍ର ୨. ଅଡୁଆ, ସମସ୍ୟା ।
**ତେଣ୍ଡା ବି.** ତଳୁ ପାଣି ଉଠାଇବା ପାଇଁ ବ୍ୟବହୃତ ସରଳ ଭାରଦଣ୍ଡ ।
**ତେଣ୍ଡିବା କ୍ରି.** ୧. ଢକ ଢକ ପିଇବା, ଏକା ନିଃଶ୍ୱାସରେ ପିଇଯିବା ୨. ତଳୁ ଉପରକୁ ତେଣ୍ଡାରେ ପାଣି ବୁହାଇବା ।
**ତେତେ ବିଂ.** ସେତେ, ସେହି ପରିମାଣ ।
**ତେତେଲ୍, ତେଁତେଲ ବି.** ତେନ୍ତୁଳି, କଇଁଆ, ଖଟାଳିଆ ଫଳ ବିଶେଷ।
**ତେନେପାର ବି.** ସେକୂଳ, ଆରପଟ।

**ତେରଟିଆ** ***ବି.*** ଚୋର, ଖଣ୍ଟ।
**ତେରିମେରି** ***ବି.*** କଳହ, ଝଗଡ଼ା, ଉଦ୍ଧତ ଭାଷାରେ ବକାବକି ।
**ତେରେଲ୍** ***ବି.*** କେନ୍ଦୁ ।
**ତେଲ** ***ବି.*** ୧. ତିଳ ବା ରାଶିର ନିର୍ଯ୍ୟାସ ୨. ଯେ କୌଣସି ତେଲିଆ ମଞ୍ଜିର ନିର୍ଯ୍ୟାସ (*ଉଦା.* ନଡ଼ିଆତେଲ, ସୋରିଷତେଲ, ଜଡ଼ାତେଲ ଇତ୍ୟାଦି)।
**ତେଲ ମାରିବା** ***କ୍ରି.*** କାହାକୁ ଖୁସି କରିବା ପାଇଁ ବା କାମ ହାସଲ ପାଇଁ ମିଛ ପ୍ରଶଂସା କରିବା, ଖୋସାମତ କରିବା।
**ତେଲିଆ** ***ବିଂ.*** ୧. ଚିକଣିଆ ୨. ତେଲ ଅଧିକ ଥିବା ୩. ଖୋସାମତିଆ ।
**ତେଲିସାଁପ୍** ***ବି.*** ବଡ଼ କେଞ୍ଚୁଆ ଭଳି ଦେଖା ଯାଉଥିବା ସରୀସୃପ ବିଶେଷ।
**ତେଲୀ** ***ବି.*** ତେଲ ବ୍ୟବସାୟୀ, ***ସ୍ତ୍ରୀ.*** ତେଲୁଣୀ ।
**ତେଲୁଣି** ***ବି.*** ମାଟି ପଲମ, ଡାଙ୍କୁଣି ।
**ତେଲୁଣି ପୋକ** ***ବି.*** ବର୍ଷାଦିନେ ଏକାଠି ଜମିଥିବା ଶତପଦୀ ପୋକ ।
**ତେଲେଇବା** ***କ୍ରି.*** ତେଲ ମାରିବା ।
**ତେଲେଙ୍ଗା** ***ବି.*** ୧. ତେଲୁଗୁ ୨. ତେଲୁଗୁ ଭାଷାଭାଷୀ ଲୋକ ।
**ତେଲେନ୍** ***ବି.*** ୧. ପଲମ, ତେଲୁଣି ୨. ତେଲୀ ସ୍ତ୍ରୀ ।
**ତେସନ୍** ***ବିଂ.*** ସେହିପରି ।
**ତେହେଁଟା** ***ବି.*** ବଡ଼ ଡଙ୍ଗା।
**ତୈଜସ** ***ବିଂ.*** ୧. ଧାତୁନିର୍ମିତ ୨. ତେଜରୁ ଜାତ ୩. ଅଗ୍ନିର ଅନ୍ୟରୂପ ।
**ତୈଳ** ***ବି.*** ତେଲ ।
**ତୈଳବୀଜ** ***ବି.*** ଯେଉଁ ମଞ୍ଜିରୁ ତେଲ ବହାରେ ।
**ତୈଳସେକ** ***ବି.*** ତେଲ ମାଲିସ ।
**ତୈଲଙ୍ଗ** ***ବି. ବିଂ.*** ତେଲେଙ୍ଗା, ତେଲୁଗୁ ।
**ତୋକରି** ***ବି.*** ମୁହାଁମୁହିଁ, ବଚସା, ବିତଣ୍ଡା ।
**ତୋକେ** ***ସ.*** ତୋତେ।
**ତୋଖଡ଼** ***ବିଂ.*** ଅବୁଝା, ବିନା କାରଣରେ ଝଗଡ଼ା କରୁଥିବା ।
**ତୋଟା** ***ବି.*** ଫଳବଗିଚା ।
**ତୋଟାଳ** ***ବି.*** ତୋଟା ଜଗୁଆଳି ।
**ତୋଟି** ***ବି.*** ତଣ୍ଟି ।
**ତୋଟି ଚିପିବା** ***କ୍ରି.*** ତଣ୍ଟି ଚିପିବା, ଶ୍ୱାସରୋଧ କରିବା ।
**ତୋଟି ପଡ଼ିବା** ***କ୍ରି.*** ତୋଟି ବସିପିବା, ଶ୍ଲେଷ୍ମା ହେତୁ କଥା କହି ନ ପାରିବା ।
**ତୋଟି ପର୍ଯ୍ୟନ୍ତ** ***ବିଂ.*** ଭରପୂର (ଭୋଜନ) ।
**ତୋଡ଼** ***ବି.*** ମୁହଁ ଫୁଟାଣି, ଧାପ, ଚାପ, ଅଯଥା ଅହଂକାର ।
**ତୋଡ଼ମୋଡ଼ କରିବା** ***କ୍ରି.*** ୧. ପ୍ରମାଣ ନଷ୍ଟ କରିବା ୨. ମୋଡ଼ି ଭାଙ୍ଗି ଅର୍ଥ ବାହାର କରିବା ।
**ତୋଡ଼ା** ***ବି.*** ଫୁଲର ଗୁଚ୍ଛ ।
**ତୋଡ଼ାଏ** ***ବିଂ.*** ଗୋଟାଏ ତୋଡ଼ା ।
**ତୋଡ଼ାଣି** ***ବି.*** ତୋରାଣି, ଭାତ ପଖାଳ ପାଣି ।
**ତୋଡ଼ି** ***ବି.*** ୧. କାତି ନଥିବା ପଙ୍କୁଆ ଚିକ୍‌କଣ ଓ ଲାଲୁଆ ମାଛ ୨. ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ରାଗ ବିଶେଷ ।
**ତୋଡ଼ିବା** ***କ୍ରି.*** ଆଙ୍ଗୁଠିରେ ଗାଲକୁ ଚିପିବା ।
**ତୋତ୍‌ରା** ***ବିଂ.*** ଖନା, ତୁତ୍‌ରା, ତୁତ୍‌ଲା ।
**ତୋତର** ***ବି.*** ଅଳଙ୍କାର ବିଶେଷ।
**ତୋତା** ***ବି.*** ଏକ ପ୍ରକାର ଶୁଆ, କାକତୁଆ ।
**ତୋପ** ***ବି.*** ଗୋଳା ଲାଛିବା ମାରଣାସ୍ତ୍ର ।
**ତୋପସଲାମି** ***ବି.*** ରାଷ୍ଟ୍ରନାୟକ ବା ବିଶିଷ୍ଟ ବ୍ୟକ୍ତିଙ୍କ ସମ୍ମାନାର୍ଥେ ତୋପ ଫୁଟେଇବା ।
**ତୋପିବା** ***କ୍ରି.*** ପୋତିବା।
**ତୋପୁ** ***ବିଂ.*** ଯେ ପୋତେ, ପୋତିବା ଲୋକ।
**ତୋଫା** ***ବିଂ.*** ଉଜ୍ଜ୍ୱଳ, ନିର୍ମଳ ; ***ବି.*** ତୋହଫା,ଉପହାର, ଉପଢୌକନ ।
**ତୋଫାନ** ***ବି.*** ଝଡ଼, ବାତ୍ୟା।
**ତୋଫାନୀ** ***ବିଂ.*** ଝଡ଼ପରି ବେଗଗାମୀ ବା ପ୍ରଖର ।
**ତୋବଡ଼ା** ***ବି.*** ଘୋଡାମୁହଁରେ ବନ୍ଧା ହୋଇଥିବା ଖାଦ୍ୟଥଳି ।
**ତୋରଣ** ***ବି.*** ମୁଖ୍ୟଦ୍ୱାର, ସଜ୍ଜିତ ପ୍ରବେଶପଥ ।
**ତୋରା** ***ବିଂ.*** ୧. ତୋଫା ୨. ସଫା, ନିର୍ମଳ ୩. ସୁନ୍ଦର, କମନୀୟ ୪. ରୁଚିକର ।
**ତୋରାଣି** ***ବି.*** ଭାତ ପଖାଳ ପାଣି ।
**ତୋଳା** ***ବି.*** ୧. ସୁନା, ରୁପା ପ୍ରଭୃତି ଧାତୁ ଓଜନର ମାପ ଏକକ ୨. ଚୟନ ୩. ନିର୍ମାଣ ୪. ସଂଗ୍ରହ ୫. ଗଛରୁ ଫୁଲ, ପତ୍ର, ଫଳାଦି ଛିଣ୍ଡାଇବା ।
**ତୋଳାକନ୍ୟା** ***ବି.*** ବରଘରକୁ ଯାଇ ବିବାହ କରିବା କନ୍ୟା ।
**ତୋଳାବଡୁ** ***ବି.*** ମୁହଁରେ ତୁଣ୍ଡି ବାନ୍ଧି ଅମୋଣିହା ତୋଳି ଛେକରେ ନେଉଥିବା ସୁଆର।
**ତୋଳାବତୀ** ***ବି.*** ରାତି ଭୋଗମାନଙ୍କରେ ଛେକ ଆଗରେ ଦୀପ ଦେଖାଇ ଯାଉଥିବା ସେବକ।
**ତୋଳିବା** ***କ୍ରି.*** ୧. ଫୁଲକୁ ଗଛରୁ ବିଚ୍ଛିନ୍ନ କରିବା ୨. ଉଠାଇବା (ପାଣି ତୋଳିବା, ଫଣା ତୋଳିବା) ୩. (ଘର, ମନ୍ଦିର) ନିର୍ମାଣ କରିବା।
**ତୋଲା** ***ବି.*** ୧. ତେଲେଇ, ବାଉଁଶ ପାତିଆରେ ବୁଣା ଆଚ୍ଛାଦନ ୨. ଭରି (ଓଜନ ବିଶେଷ)।
**ତୋଷ** ***ବି.*** ଖୁସି, ତୁଷ୍ଟି, ତୃପ୍ତି ।
**ତୋଷକ** ***ବିଂ.*** ୧. ତୋଷକାରୀ ୨. ତୂଳାରେ ପ୍ରସ୍ତୁତ କରାଯାଇଥିବା ପତଳା ଗଦି ।
**ତୋଷଣ** ***ବି.*** ଆନନ୍ଦଦାନ ।
**ତୋଷା(ମୋ)ମୋଦ** ***ବି.*** ଚାଟୁବାକ୍ୟ, ଖୋସାମତ, ମନନିଆ କଥା।
**ତୋଷାମୋଦକାରୀ** ***ବିଂ.*** ଚାଟୁକାରୀ, ଖୋସାମତିଆ ।
**ତୋଷିବା** ***କ୍ରି.*** ତୃପ୍ତ କରିବା, ସନ୍ତୁଷ୍ଟ କରିବା ।

**ତୋସ(ଷୋ)ରପାତ ବି.** ତହବିଲ ଚୋରି ଅନ୍ୟାୟରେ ଅର୍ଥ ଆତ୍ମସାତ କରିବା ।
**ତ୍ୱକ୍ ବି.** ତ୍ୱଚା, ଚମ, ଚର୍ମ, ସ୍ପର୍ଶେନ୍ଦ୍ରିୟ ।
**ତ୍ୱରା ବି.** ବେଗ, କ୍ଷିପ୍ରତା ।
**ତ୍ୱରିତ ବିଂ.** ଶୀଘ୍ର, ସତ୍ୱର ; **କ୍ରି.ବିଂ.** ବେଗେ, ଚଞ୍ଚଳ ।
**ତ୍ୱରାନ୍ୱିତ ବିଂ.** କାର୍ଯ୍ୟର ବେଗ ବଢ଼ା ଯାଉଥିବା ।
**ତ୍ୟକ୍ତ ବିଂ.** ଛଡ଼ା ଯାଇଥିବା, ବର୍ଜନ କରାଯାଇଥିବା ।
**ତ୍ୟକ୍ତଲଜ୍ଜ ବିଂ.** ଲାଜଛଡ଼ା, ଅଲାଜୁକ, ବେହିଆ।
**ତ୍ୟାଗ ବି.** ୧. ଛାଡ଼ିବା ୨. ପରିହାର, ବର୍ଜନ ।
**ତ୍ୟାଗପତ୍ର ବି.** ୧. ଛାଡ଼ପତ୍ର ୨. ଇସ୍ତଫା ।
**ତ୍ୟାଗୀ ବିଂ.** ଭୋଗ, ବିଳାସ କାମନାଦି ଛାଡ଼ିଥିବା, ସଂଯମୀ ।
**ତ୍ୟାଜ୍ୟ ବିଂ.** ତ୍ୟାଗର ଯୋଗ୍ୟ ।
**ତ୍ୟାଜ୍ୟପୁତ୍ର ବି.** ଯେଉଁ ପୁତ୍ରକୁ ବାପ ତ୍ୟାଗ କରିଥାଏ, ସମ୍ପତ୍ତି ପାଇବାରୁ ବଞ୍ଚିତ କରିଥାଏ ।
**ତ୍ରୟ ବି.** ତିନିଟିର ସମାହାର; **ବିଂ.** ତିନି ସଂଖ୍ୟକ ।
**ତ୍ରୟୀ ବି.** ଶ୍ରେଷ୍ଠ ତିନୋଟିର ସମାହାର ।
**ତ୍ରୟୋଦଶ ବି.** ତେର ; **ବିଂ.** ତେର ସଂଖ୍ୟକ ।
**ତ୍ରାଣ ବି.** ୧. ରକ୍ଷା, ନିସ୍ତାର ୨. ପାଳନ ।
**ତ୍ରାଣକର୍ତ୍ତା ବିଂ.** ମୁକ୍ତିଦାତା, ରକ୍ଷାକର୍ତ୍ତା, ରକ୍ଷାକାରୀ ।
**ତ୍ରାସ ବି.** ୧. ତାପ ୨. ଭୟ ୩. ବିରକ୍ତି ୪. ଆତଙ୍କ ।
**ତ୍ରାସିତ ବିଂ.** ଯାହାକୁ ଭୟଭୀତ କରାଯାଇଛି ।
**ତ୍ରାସିବା କ୍ରି.** ଭୟ ଦେଖାଇବା, ଡରାଇବା ।
**ତ୍ରାହି ଅ.** ରକ୍ଷା କର, ବିପଦର ଆର୍ତ୍ତନାଦ ; **ବି.** ଅବ୍ୟାହତି, ମୁକ୍ତି ।
**ତ୍ରି ବି.** ତିନି ।
**ତ୍ରିକାଳ ବି.** ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଏହି ତିନି କାଳ ।
**ତ୍ରିକୁଟ ବି.** ଇଡ଼ା, ପିଙ୍ଗଳା ଓ ସୁଷୁମ୍ନା ନାଡ଼ିର ମିଳନ ସ୍ଥଳ ।
**ତ୍ରିକୋଣ ବି.** ତ୍ରିଭୁଜ କ୍ଷେତ୍ର, ତିନିକୋଣ ।
**ତ୍ରିକୋଣଭୂମି ବି.** ମୁହାଣ ପାଖରେ ନଦୀ ଶାଖାଦ୍ୱାରା ଗଠିତ ତ୍ରିଭୁଜାକାର ଅଞ୍ଚଳ, ଡେଲ୍ଟା ।
**ତ୍ରିକୋଣମିତି ବି.** ତିନିକୋଣ ଓ ବାହୁବିଷୟକ ଗଣିତଶାସ୍ତ୍ର - ଟ୍ରିଗୋନୋମେଟ୍ରି ।
**ତ୍ରିଗୁଣ ବି.** ସତ୍ତ୍ୱ, ରଜ, ତମ-ଏହି ତିନିଗୁଣ ।
**ତ୍ରିଘାତ ବି.ବିଂ.** ଗୋଟିଏ ରାଶିକୁ ତିନିଥର ଗୁଣନ କରି ପ୍ରାପ୍ତ - ଘନଫଳ ।
**ତ୍ରିଛେକ ବି.** ଶ୍ରୀମନ୍ଦିରର କୋଠ ଭୋଗରେ ତିନିଜଣ ପାଳିଆ ସେବକ ନେଉଥିବା ଅମୋଣିହା।
**ତ୍ରିଜଗତ୍ ବି.** ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ।
**ତ୍ରିତଳ ବି.ବିଂ.** ତିନିତାଲା, ତିନି ମହଲାବିଶିଷ୍ଟ ।
**ତ୍ରିତଳପ୍ରାସାଦ ବି.** ତିନି ମହଲା କୋଠା ।
**ତ୍ରିତାପ ବି.** ତିନି ପ୍ରକାର ଦୁଃଖ - ଆଧିଭୌତିକ, ଆଧିଦୈବିକ, ଆଧ୍ୟାତ୍ମିକ ।
**ତ୍ରିଦଶ ବି.** ୧. ଦେବତା ୨. ତିରିଶ ।
**ତ୍ରିଧା ଅ. କ୍ରିବିଂ.** ତିନି ଦିଗରେ, ତିନି ଖଣ୍ଡରେ, ତିନିଭାଗରେ (ବିଭକ୍ତ) ।
**ତ୍ରିଧାରା ବି.** ଗଙ୍ଗା ।
**ତ୍ରିନୟନ,ତ୍ରିନେତ୍ର, ତ୍ରିଲୋଚନ ବି.** ଶିବ, ତ୍ରିଲୋଚନ ।
**ତ୍ରିନାଥ ବି.** ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ।
**ତ୍ରିନାଥମେଳା ବି.** ସହଜ ସରଳ ପୂଜା ବିଶେଷ- ଯେଉଁଥିରେ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କୁ ପୂଜା କରାଯାଏ।
**ତ୍ରିପଣ୍ଡ ବିଂ.** ଘୋର, କୁତ୍ସିତ ।
**ତ୍ରିପଥ ବି.** ୧. ତିନି ଛକିଆ ରାସ୍ତା ୨. ଧର୍ମ ସାଧନର ତିନିଗୋଟି ମାର୍ଗ, କର୍ମ, ଜ୍ଞାନ ଓ ଉପାସନା ।
**ତ୍ରିପଦୀ ବି.** ତିନିଚରଣ ଯୁକ୍ତ ଛନ୍ଦ ବିଶେଷ ।
**ତ୍ରିପିଟକ ବି.** ବୌଦ୍ଧ ଧର୍ମର ଧର୍ମଗ୍ରନ୍ଥ ।
**ତ୍ରିଫଳା ବି.** ହରିଡ଼ା, ବାହାଡ଼ା ଓ ଅଁଳାର ସମାହାର ।
**ତ୍ରିବଳି, ତ୍ରିବଳୀ ବି.** ପେଟ, ଗଳା ବା କପାଳରେ ପଡୁଥିବା ତିନି ଭାଙ୍ଗ ।
**ତ୍ରିବିଧ ବିଂ.** ତିନି ପ୍ରକାରର ।
**ତ୍ରିବେଣୀ ବି.** ଗଙ୍ଗା, ଯମୁନା ଓ ସରସ୍ୱତୀ ନଦୀର ସଙ୍ଗମ ସ୍ଥଳ ।
**ତ୍ରିଭଙ୍ଗ, ତ୍ରିଭଙ୍ଗୀ ବିଂ.** ୧. ଶିର, କଟି ଓ ପାଦରେ ବଙ୍କା ୨. ଓଡ଼ିଶୀ ନାଚର ଏକ ଭଙ୍ଗୀ ।
**ତ୍ରିଭୁଜ ବି.** ତିନି ବାହୁ ବେଷ୍ଟିତ କ୍ଷେତ୍ର ।
**ତ୍ରିଭୁବନ ବି.** ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ ।
**ତ୍ରିମୁଣ୍ଡି ବି.** ଶ୍ରୀମନ୍ଦିରରେ ଜଗନ୍ନାଥଙ୍କ ମସ୍ତକ ଉପରେ ପୁଷ୍ପଭୂଷା।
**ତ୍ରିଯାମା ବି.** ରାତ୍ରି ।
**ତ୍ରିଲୋକ ବି.** ତ୍ରିଭୁବନ: ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ।
**ତ୍ରିଶଙ୍କୁ ବି.** ମଝିରେ ଦୋଳାୟମାନ, ଉଭୟ ଦିଗରୁ ବିଚ୍ୟୁତ ବ୍ୟକ୍ତି ।
**ତ୍ରିଶଙ୍କୁ ଅବସ୍ଥା(ଦଶା) ବି.** ଉପରକୁ ବା ତଳକୁ କିମ୍ବା ଆଗକୁ ବା ପଛକୁ ଯାଇନପାରୁଥିବା ବିଡମ୍ବିତ ସ୍ଥିତି, ଅନିଶ୍ଚିତ ଅବସ୍ଥା ।
**ତ୍ରିଶୂଳ ବି.** ତିନି ମୁନିଆ ଅସ୍ତ୍ର, ତିନି ମୁହାଁଶୂଳ ।
**ତ୍ରିଷ୍ଟୁପ୍, ତ୍ରିଷ୍ଟୁଭ୍ ବି.** ପ୍ରତି ଚରଣରେ ଏଗାର ଅକ୍ଷର ବିଶିଷ୍ଟ ବୈଦିକ ଛନ୍ଦ ।
**ତ୍ରିସନ୍ଧ୍ୟା ବି.** ସକାଳ, ମଧ୍ୟାହ୍ନ, ସଞ୍ଜ ଏହି ତିନି ସନ୍ଧିକାଳ ।
**ତ୍ରିସୀମା ବି.** ୧. ବାଁ, ଡାହାଣ ଓ ସାମ୍ନା ୨. କୌଣସି ପାଖ ।
**ତ୍ରିସୀମା ସ୍ପର୍ଶ ନ କରିବା କ୍ରି.** ପାଖ ନ ପଶିବା ।
**ତ୍ରୁଟି ବି.** ଦୋଷ, ସ୍ଖଳନ, ଭୁଲ୍ ।
**ତ୍ରୁଟିବିଚ୍ୟୁତି ବି.** ଭୁଲ୍ ଭ୍ରାନ୍ତି ।
**ତ୍ରୈମାସିକ ବିଂ.** ତିନିମାସରେ ଥରେ ଘଟୁଥିବା ବା ହେଉଥିବା ।

# ଥ

**ଥ ବି.** ବର୍ଣ୍ଣମାଳାର ସପ୍ତଦଶ ବ୍ୟଞ୍ଜନ ବର୍ଣ୍ଣ ; **କ୍ରି.** ରହ, ଥାଅ ; **ବିଂ.** ସ୍ତମ୍ଭୀଭୂତ, ସ୍ତବ୍ଧ, ଅବାକ୍, ଚକିତ, ବିସ୍ମିତ ।

**ଥଇଥାନ ବି.** ଘରଦ୍ୱାର ନଥିବା ଲୋକଙ୍କୁ ଆଶ୍ରୟ ଯୋଗାଣ, ପୁନଃସଂସ୍ଥାନ ।

**ଥଇଲ ବିଂ.** ସମତଳ, ଆବଡ଼ା ଖାବଡ଼ାନଥିବା ।

**ଥଏ କ୍ରି.ବିଂ.** ସ୍ଥିରକରି, ନିଶ୍ଚିତ କରି; **ବି.** ଥୟ ।

**ଥକ୍ ବିଂ.** ୧. ବିସ୍ମୟରେ ଅଭିଭୂତ, ଅବାକ୍ ୨. ଥକା, ଅବସନ୍ନ ।

**ଥକ୍‌କରି କ୍ରି.ବିଂ.** ୧. ଥକା ମାରିଲା ପରି କ୍ଲାନ୍ତ ଶ୍ରାନ୍ତ ହୋଇ ୨. ଠକ୍‌କରି, ହଠାତ୍, ଆକସ୍ମିକ ଭାବେ ।

**ଥକତ୍ ବିଂ.** ଅବସନ୍ନ, କ୍ଲାନ୍ତ, ଶ୍ରାନ୍ତ ।

**ଥକମକ ବିଂ.** ୧. ଲଜ୍ଜିତ ୨. କ୍ଲାନ୍ତ, ଅବସନ୍ନ ।

**ଥକା ବିଂ.** ୧. କ୍ଲାନ୍ତ, ଶ୍ରାନ୍ତ, ଅଥା, ହାଲିଆ ୨. ନିର୍ବାକ୍ ।

**ଥକାଇଥକାଇ ଅ.** ୧. ରହିରହି, ଧୀରେଧୀରେ ୨. ମଝିମଝିରେ ବନ୍ଦହୋଇ ।

**ଥକାମରା ବିଂ.** ବିଶେଷ କ୍ଲାନ୍ତିରେ ଶକ୍ତିହୀନ, ଅବସନ୍ନ, ହାଲିଆ ।

**ଥକା ମାରିବା କ୍ରି.** କ୍ଲାନ୍ତି ମେଣ୍ଟାଇବା, ବିଶ୍ରାମ ନେବା ।

**ଥକିତ ବିଂ.** ୧. ସ୍ତବ୍ଧ ୨. କ୍ଲାନ୍ତ ୩. ସ୍ଥଗିତ ୪. ଚକିତ ।

**ଥକିବା କ୍ରି.** ଚଳତ୍‌ଶକ୍ତିହୀନ ହେବା, ନ ପାରିବା, କ୍ଲାନ୍ତହେବା, ନିରୁତ୍ସାହିତ ହେବା ।

**ଥକିଯିବା ବି.** କ୍ଲାନ୍ତ ହୋଇପଡ଼ିବା, କାମ କରିବାକୁ ବଳ ନ ପାଇବା ।

**ଥକ୍କାମରା ବିଂ.** ଅତିଶୟ କ୍ଲାନ୍ତ ।

**ଥଗଲ୍‌ବା କ୍ରି.** ୧. ଫଟା କପଡ଼ାରେ ଅନ୍ୟ କନାଖଣ୍ଡେ ପକାଇ ସିଲେଇ କରିବା, ତାଳି ପକେଇବା ୨. କଥାର ଛିଦ୍ର ଢାଙ୍କିବାକୁ କଥା ବୁଲେଇ ବଙ୍କେଇ କହିବା ।

**ଥଙ୍ଗଥଙ୍ଗ କ୍ରିବିଂ.** ମଝିରେ ମଝିରେ ଅଟକି ଅଟକି ଅସ୍ପଷ୍ଟ ଭାବରେ, ଲାଜେଇ ଅଥବା ଭୟବଶତଃ ସ୍ପଷ୍ଟ ଭାବରେ କହି ନ ପାରିବା ।

**ଥଙ୍ଗଥଙ୍ଗ କଥା ବି.** ଖନେଇ ଖନେଇ କହିବା କଥା, କଥା ଢୋକି ଢୋକି କହିବା ।

**ଥଙ୍ଗଥଙ୍ଗିଆ ବିଂ.** ଥତମତ, ମଝିରେ ମଝିରେ ରହିଯାଉଥିବା ।

**ଥଙ୍ଗେଇବା କ୍ରି.** କହିଲାବେଳେ ମଝିମଝିରେ ଅଟକିବା ।

**ଥଟ୍‌ଲି ବି.ବିଂ.** ୧. ପରିହାସଖୋର ୨. ବ୍ୟଙ୍ଗାତ୍ମକ କଥା ।

**ଥଟା ବି.** ୧. ପରିହାସ, ଖେଡା, ନବଜ ୨. ଛିଗୁଲାପଣ ।

**ଥଟା କରିବା କ୍ରି.** ପରିହାସ କରିବା, ବ୍ୟଙ୍ଗ ବିଦ୍ରୂପ କରିବା ।

**ଥଟା ଖେଳିବା କ୍ରି.** ଟାପରା କରିବା,ରହସ୍ୟ କରିବା, ଥଟା ଲଗାଇବା ।

**ଥଟା ଟାପରା ବି.** ୧. ଟାହି ଟାପରା, ଥଟା ପରିହାସ ୨. ତାଚ୍ଛଲ୍ୟ ।

**ଥଟାତାମସା ବି.** ଥଟା ପରିହାସ, ରଙ୍ଗରହସ୍ୟ, ଟାହିଟାପରା, ବ୍ୟଙ୍ଗବିଦ୍ରୂପ ।

**ଥଟା ପରିହାସ ବି.** ଥଟା ତାମସା, ହସପରିହାସ ।

**ଥଟାବାଜ୍ ବିଂ.** ଥଟିଲ, ପରିହାସ ପ୍ରିୟ ।

**ଥଟାମଜା ବି.** ହାସପରିହାସ, ପରସ୍ପର ଆଘାତ ନ ପାଇଲା ଭଳି ରସିକତାପୂର୍ଣ୍ଣ କଥୋପକଥନ ।

**ଥଟାମସ୍‌କୁଲ୍ ବି.** ଥଟାତାମସା, ପରିହାସ ।

**ଥଟାମସ୍କରି ବି.** ଥଟା ତାମସା ।

**ଥଟାରି ବି.** କଂସା ଓ ପିତଳରେ ବାସନ ଏବଂ ଅନ୍ୟ ଆବଶ୍ୟକୀୟ ପଦାର୍ଥ ତିଆରି କରି ବିକୁଥିବା ଜାତି ।

**ଥଟାଳିଆ ବିଂ.** ପରିହାସପ୍ରିୟ, ଥଟାଯୁକ୍ତ ।

**ଥଟିଲ ବିଂ.** ଥଟାପ୍ରିୟ, ବ୍ୟଙ୍ଗପୂର୍ଣ୍ଣ ।

**ଥଣ୍ଟ ବି.** ପକ୍ଷୀର ପାଟି, ଚଞ୍ଚୁ ।

**ଥଣ୍ଟ ମାରିବା କ୍ରି.** ଖୁମ୍ପିବା, ଫଳ ପ୍ରଭୃତିକୁ ଚଞ୍ଚୁଦ୍ୱାରା ଆଘାତ କରିବା, ଅଇଁଠା କରିବା ।

**ଥଣ୍ଟିଆ ବି.** ଲମ୍ବା ଥଣ୍ଟ ଥିବା କୁମ୍ଭୀର ପ୍ରଜାତି ; **ବିଂ.** ବଡ଼ ଥଣ୍ଟବିଶିଷ୍ଟ, ଥଣ୍ଟଯୁକ୍ତ ।

**ଥଣ୍ଡା ବିଂ.** ୧. ଶୀତଳ, କୋହଲା, ଉଷ୍ମାହୀନ ୨. ଶାନ୍ତଶିଷ୍ଟ, ଉତ୍ତେଜନାଶୂନ୍ୟ ୩. ତୃପ୍ତ ; **ବି.** ୧. ଶୀତ, ଜାଡ଼ ୨. ସର୍ଦ୍ଦି ୩. ଉତ୍ତାପହୀନତା ୪. ଥଣ୍ଡା ପାନୀୟ, କୋଲ୍‌ଡ୍ରିଙ୍କ ।

**ଥଣ୍ଡା ଉପଚାର ବି.** ସର୍ଦ୍ଦି କମିବା ବା ଭଲ ହେବା ପାଇଁ ଚିକିତ୍ସା ।

**ଥଣ୍ଡାଏ ଥଣ୍ଡାଏ ଯିବା କ୍ରି.** ୧. ଖରାତାତିକୁ ଏଡ଼ି ସକାଳେ ଓ ସଂଜବେଳେ ବାଟ ଚାଲିବା ୨. ମନରେ କୌଣସି ଉତ୍ତେଜନା ନ ରଖି ଶାନ୍ତ ଓ ନିର୍ଭୟରେ ଯିବା ।

**ଥଣ୍ଡା କରିବା କ୍ରି.** ୧. ଶୀତଳ କରିବା ୨. ସାନ୍ତ୍ୱନା ଦେବା, ଶାନ୍ତ କରିବା ୩. ସାବାଡ଼ କରିବା ୪. ଶୀତଳ ଉପଚାର ପ୍ରୟୋଗ କରିବା ।

**ଥଣ୍ଡା ଚିକିତ୍ସା ବି.** ଯେଉଁ ଔଷଧ ଓ ଉପଚାରଦ୍ୱାରା ଶରୀରର ଉତ୍ତାପ କମିଯାଏ, ଯଥା- ପାଣିପଟି, ମୁଣ୍ଡରେ ବରଫ ଥୋଇବା ।

**ଥଣ୍ଡାଥଣ୍ଡା ବିଂ.** ହେମାଳିଆ, ଶୀତୁଆ ।

**ଥଣ୍ଡା ପଡ଼ିଯିବା କ୍ରି.** ୧. କୌଣସି ଘଟଣାକୁ ନେଇ ଚାଞ୍ଚଲ୍ୟ କମିଯିବା ୨. ରାଗରୋଷ କମିଯିବା ୩. ଶାନ୍ତ ହୋଇଯିବା।

**ଥଣ୍ଡା ପ୍ରକୃତି** ***ବି.*** ଶାନ୍ତ ପ୍ରକୃତି, ନରମ ସ୍ୱଭାବ ।

**ଥଣ୍ଡା ବେଳ** ***ବି.*** ୧. ଯେଉଁ ସମୟରେ ସୂର୍ଯ୍ୟ କିରଣର ପ୍ରଖରତା ନଥାଏ (ସଂଜ, ସକାଳ ଓ ରାତି) ୨. ଉତ୍ତେଜନାଶୂନ୍ୟ ମାନସିକ ଅବସ୍ଥା ।

**ଥଣ୍ଡାମିଜ୍ଜାସ** ***ବି.*** ୧. ଶାନ୍ତ ପ୍ରକୃତି ୨. ମନର ଧୀର ବା ଶାନ୍ତ ଅବସ୍ଥା ।

**ଥଣ୍ଡାଳିଆ** ***ବିଂ.*** ୧. ଶୀତୁଆ, ଗରମ ଲାଗୁନଥିବା, କାକରିଆ ୨. ଈଷତ୍ ଥଣ୍ଡା ।

**ଥଣ୍ଡା ଲାଗିବା** ***କ୍ରି.*** ୧. ଶୀତଳ ବୋଧହେବା, ହେମାଳ ଲାଗିବା ୨. ସର୍ଦ୍ଦି ଧରିବା ୩. ଦେହରେ କାକର ବା ଥଣ୍ଡା ପବନ ବାଜିବା ।

**ଥଣ୍ଡେଇ** ***ବି.*** ୧. ଥଣ୍ଡା ରଖୁଥିବା ଯନ୍ତ୍ର, ରେଫ୍ରିଜରେଟର, ଶୀତଳ ଭଣ୍ଡାର, କୋଲ୍ଡ ଷ୍ଟୋରେଜ୍ ୨. ଭାଙ୍ଗବଟା ସର୍ବତ ୩. ପିପରମେଣ୍ଟ ।

**ଥତମତ** ***ବିଂ.*** ୧. ଥଙ୍ଗଥଙ୍ଗ ୨. କୁଣ୍ଠିତ, ପାଟି ଖନି ମାରିଯିବା ।

**ଥଥ୍ନା** ***ବି.*** ପାଟି, ମୁହଁ, ଥୁଥ୍ନା, ଥୋମଣା ।

**ଥଥ୍ରା** ***ବିଂ.*** ଖନା, ଯାହାର ପାଟି ଲାଗେ, ତୁତ୍ରା ।

**ଥଥ୍ରାବା** ***କ୍ରି.*** ସଫା କରିବା ପାଇଁ ପଥର ବା ଚଟାଣ ଉପରେ ଲୁଗା ପିଟିବା ।

**ଥନ୍‌ଥନ୍** ***ବିଂ.*** ଛଳଛଳ, ଲୁହଭର୍ତ୍ତି (ଆଖି)।

**ଥନ୍‌ଥନାବା** ***କ୍ରି.*** ଆଖି ଲୁହ ଛଳଛଳ ହେବା ।

**ଥ ଥ** ***କ୍ରି.*** ଅଟକିଯିବାକୁ ଆଦେଶ ଦେବା।

**ଥଥୋଥାମୋ** ***ବି.*** କୌଣସି ବିଷୟ ନିର୍ଣ୍ଣୟ କରିବାରେ ଅନିଶ୍ଚିତ ଭାବ ।

**ଥନ** ***ବି.*** ୧. ସ୍ତନ, ପହ୍ନା ୨. ମା' କ୍ଷୀର ।

**ଥନ ଖାଇବା** ***କ୍ରି.*** ମାଆର ସ୍ତନ୍ୟପାନ କରିବା ।

**ଥନଥନ** ***ବି.*** କାନ୍ଦିବାର ପୂର୍ବ ଅବସ୍ଥା , ଚକ୍ଷୁର ଲୋତକପୂର୍ଣ୍ଣ ଅବସ୍ଥା ।

**ଥନ ଦେବା** ***କ୍ରି.*** ଶିଶୁକୁ ଆପଣାର ସ୍ତନ୍ୟପାନ କରାଇବା ।

**ଥନ ଧରିବା** ***କ୍ରି.*** ଥନ ଖାଇବା, ଶିଶୁ ମା' କ୍ଷୀର ଖାଇବା ଆରମ୍ଭ କରିବା ।

**ଥନହରା** ***ବି.*** ସ୍ତନକୁ ରକ୍ତ ଗଡ଼ିବା ରୋଗ ।

**ଥନାପତି** ***ବି.*** ଶିବ ମନ୍ଦିରର ପୂଜାରି, ପୂଜକ, ମାଳୀ ।

**ଥନୁର୍** ***ବି.*** ସ୍ତନରେ ହେଉଥିବା ଘା ।

**ଥନ୍ତଡା, ଥନ୍ତରା** ***ବିଂ.*** ଦଛରା, ଦାଢ଼ ନଥିବା, ଧାର ଓଲଟି ଯାଇଥିବା (ଛୁରୀ, ପନିକି, କଟୁରୀ ଆଦି) ।

**ଥନ୍ତରେଇବା** ***କ୍ରି.*** ଅସ୍ତ୍ରାଦିର ଦାଢ଼କୁ ଦଛରା କରିବା ।

**ଥନ୍ତଲ** ***ବିଂ.*** ୧. ପେଟୁଆ ୨. ବଡ଼ ଆକାର ୩. ପୃଥୁଳ ।

**ଥନ୍ତଲ ପେଟା** ***ବିଂ.*** ବଡ଼ ପେଟିଆ, ପେଟ ବାହାରିଥିବା, ଲମ୍ବୋଦର, ସ୍ଥୂଳୋଦର ।

**ଥନ୍ତଲି** ***ବି.*** ଖଟା ଲାଗୁଥିବା ଫଳ ବିଶେଷ, ତେନ୍ତୁଳି, କଇଁଆ ।

**ଥପଡ଼ାବା** ***କ୍ରି.*** ଥାପୁଡ଼ାଇବା, ହାତ ପାପୁଲିରେ ଆସ୍ତେ ଆସ୍ତେ ଅନ୍ୟ ଦେହକୁ ମୃଦୁ ଆଘାତ ଦେବା ।

**ଥପ୍‌ନା** ***ବି.*** ମୁହଁ ।

**ଥପଡ଼** ***ବି.*** ଥାପଡ଼, ଚାପୁଡ଼ା ।

**ଥପଡ଼େଇବା** ***କ୍ରି.*** ଥାପୁଡାଇବା ।

**ଥପଥପ** ***ଅ. ବି.*** ତରଳବସ୍ତୁ ଟୋପାଟୋପା ହୋଇ ପଡ଼ିବାର ଶବ୍ଦ, ଟପଟପ ।

**ଥପା** ***ବି.*** ପୋଳୁହ, ଖପା, ବାଉଁଶ ପାତିଆରେ ତିଆରି ମାଛଧରା ଉପକରଣ ।

**ଥପାଇବା** ***କ୍ରି.*** ୧. ଥାପିବା, ସ୍ଥାପନ କରିବା ୨. ଲାଖିଲାପରି କରିବା, ଲଖାଇବା ।

**ଥପାକାଁଡ଼୍** ***ବି.*** ତିନୋଟି ଅଂକୁଶ ପରି ମୂନ ଥିବା ଶର ବା କାଣ୍ଡ।

**ଥପା ଜାଲ୍** ***ବି.*** ସୂତାରେ ତିଆରି ପୋଳୁହ ଆକାରର ଜାଲ ।

**ଥପାଲହ** ***ବି.*** ଏକ ଜାତୀୟ ଲତା ।

**ଥପାସୁଧ** ***ବି.*** କରଜ ଦିଆଯାଇଥିବା ଧାନ ଉପରେ ସାଧାରଣ ସୁଧ ।

**ଥପାଥପି** ***ଅ.*** ୧. ବୁଝାବୁଝି ୨. କୌଣସି ପ୍ରକାରରେ ଥୟ କରାଇବା ।

**ଥପି** ***ବି.*** ୧. ମାଛଧରା ଉପକରଣ, ପୋଳୁହ ୨. ଗଦା ୩. ପୁଞ୍ଜା ୪. କରଣି, ଯୋଡ଼ାଇ ଓ ପଲସ୍ତରା ଆଦି କାର୍ଯ୍ୟରେ ରାଜମିସ୍ତ୍ରୀ ବ୍ୟବହାର କରୁଥିବା ହତିଆର ।

**ଥବିର** ***ବିଂ.*** ୧. ବୟସ ଅଧିକ ଯୋଗୁ ଦୁର୍ବଳ ଓ ଶକ୍ତିହୀନ ୨. ବୁଢ଼ା, ସ୍ଥବିର ।

**ଥମ୍‌ଥମ୍** ***ବିଂ.*** ୧. ଝରିଯିବା ଭଳି ୨. କାନ୍ଦକାନ୍ଦ (ମୁହଁ) ।

**ଥମ୍‌ଥାମ୍** ***ବିଂ.*** ବନ୍ଦ, ଅଟକ, ବିରତ ।

**ଥମ୍‌ବା** ***କ୍ରି.*** ୧. ସ୍ଥିର ହେବା ୨. ଚୁପ ରହିଯିବା ୩.ବନ୍ଦ ହେବା ଥମିବା ।

**ଥମକ** ***ବି.*** ଅଙ୍ଗର ଅଚଳ ଅବସ୍ଥା ।

**ଥମକିବା** ***କ୍ରି.*** ହଠାତ୍ ଛିଡା ହେବା, ହଠାତ୍ ଗତି ବନ୍ଦ ହେବା, ବିସ୍ମିତ ଭାବରେ ଅଟକିଯିବା।

**ଥମା** ***ବି.*** ଥମିବା, ନିବୃତ୍ତି, ଅଟକିଯିବା ଅବସ୍ଥା ।

**ଥମିବା** ***କ୍ରିଂ.*** ୧. ଗତି ହରାଇବା, ଅଟକିବା ୨. ବିରତ ହେବା, ଚୁପ୍‌ରହିବା, ନୀରବ ରହିବା ।

**ଥମିଲ୍** ***ବିଂ.*** ନିଷ୍ଚଳ, ସ୍ତମ୍ଭୀଭୂତ ।

**ଥମେଇବା** ***କ୍ରି.*** କମାଇଦେବା, ସଂକୋଚନ କରିବା ।

**ଥମୋଥମା** ***ବି.*** ୧. ଦ୍ୱିଧା, ଅନିଶ୍ଚିତତା ୨. ଥା ଥା ମା ମା ଅବସ୍ଥା, ମାନସିକ ଦ୍ୱନ୍ଦ୍ୱାବସ୍ଥା ।

**ଥମ୍ବିଲା ଟାଉ** ***ବିଂ.*** ୧. ଖରା ମହଲଣ ୨. ଅଳ୍ପ ତାତିଥିବା ।
**ଥୟ** ***ବିଂ.*** ସ୍ଥିର, ନିଷ୍ଚଳ ; ***ବି.*** ସ୍ଥିରତା, ଠିକଣା, ନିଷ୍ଚଳତା ।
**ଥୟ କରିବା** ***କ୍ରି.*** ୧. ସ୍ଥିର କରିବା ୨. ଠିକଣା କରିବା, ଠିକ ସମ୍ବାଦ ବୁଝିବା ୩. ଧାର୍ଯ୍ୟ କରିବା ।
**ଥୟ ଧରିବା** ***କ୍ରି.*** ୧. ନିଶ୍ଚିତ ହେବା ୨. ଧୈର୍ଯ୍ୟ ଧରିବା ୩. ସ୍ଥିର ହୋଇ ରହିବା ।
**ଥୟ ପାଇବା** ***କ୍ରି.*** ଠିକଣା ପାଇବା, ନିଶ୍ଚିତ ସମ୍ବାଦ ପାଇବା ।
**ଥର୍‌ଥର୍** ***ବିଂ.*** ୧. ଭୟାର୍ତ୍ତ ୨. କମ୍ପିତ ।
**ଥର୍‌ଥରି, ଥର୍ଥରି** ***ବି.*** ୧. ଜଳଜାତ ଉଦ୍‌ଭିଦର କାଣ୍ଡ ବିଶେଷ, ଏକ ପ୍ରକାର ପାଣିଘାସର କାଣ୍ଡ ୨. ସାନ ଝାଉଁ ଗଛ ।
**ଥର୍‌ଥରି ଯିବା** ***କ୍ରି.*** ଶୀତ, ଭୟ ଆଦି ଯୋଗୁଁ ଦେହ କମ୍ପିବା ।
**ଥର** ***ବି.*** ୧. ବାର, ସଂଖ୍ୟାସୂଚକ (ଯଥା, ଚାରି ଥର) ୨. କମ୍ପ ।
**ଥରକ** ***ଅ.*** ଏକବାର ମାତ୍ର, ଥରେମାତ୍ର ।
**ଥରକର** ***ଅ.*** ୧. ଥରେ ୨. ଦିନେ ।
**ଥରକୁଥର** ***କ୍ରି.ବିଂ.*** ପୁନଃପୁନଃ, ବାରମ୍ବାର, ବହୁବାର ।
**ଥରକେ** ***ଅ.*** ୧. ଏକବାରରେ, ଥରକରେ ୨. ପ୍ରତିଥର ।
**ଥରଟିଏ, ଥରୁଟିଏ** ***ଅ.*** ଗୋଟିଏ ଥର ମାତ୍ର ।
**ଥରଥର** ***ବିଂ.*** କମ୍ପିତ, ଦୋହଲା, ବିଚଳିତ ; ***କ୍ରି.ବିଂ.*** ବାରମ୍ବାର, ଥରକୁ ଥର ।
**ଥରଥରା, ଥରଥରିଆ** ***ବିଂ.*** ୧. ଥରୁଆ, ଭୟାଳୁ ୨. ଅଥରପା, ଅସ୍ଥିର ।
**ଥରହର** ***ବିଂ.*** ଭୟରେ ଅତିଶୟ ଅସ୍ଥିର, କମ୍ପିତ, ଆତଙ୍କିତ, ବିଚଳିତ ।
**ଥରା** ***ବି.*** ଥରିବା, କମ୍ପ ; ***ବିଂ.*** ଥରୁଥିବା ।
**ଥରାଇବା** ***କ୍ରି.*** କମ୍ପାଇବା, ଚମକେଇଦେବା, ଭୀତି ସଞ୍ଚାର କରିବା ।
**ଥରାବାତ** ***ବି.*** ଏକ ପ୍ରକାର ବାତ ରୋଗ-ଯହିଁରେ ରୋଗୀର ହାତ, ଗୋଡ଼, ମୁଣ୍ଡଆଦି ଥରେ ।
**ଥରି ଉଠିବା** ***କ୍ରି.*** କମ୍ପି ଉଠିବା, ଭୟରେ ଶିହରି ଉଠିବା
**ଥରିବା** ***କ୍ରି.*** ୧. କମ୍ପିବା ୨. ଦୋହଲିବା ୩. ଚହଲିବା ।
**ଥରିଲା** ***ବିଂ.*** ଥରୁଥିବା, କମ୍ପୁଥିବା ।
**ଥରୁଆ** ***ବିଂ.*** ଡରୁଆ, ଛେରୁଆ, ଅତ୍ୟନ୍ତ ଭୟାଳୁ ।
**ଥରେ** ***ଅ.*** ଏକ ସମୟରେ, ଏକଥରମାତ୍ର, ଏକବାର, ଦିନେ ।
**ଥରେକେ** ***କ୍ରି.ବିଂ.*** ୧. ପ୍ରତ୍ୟେକ ଥରରେ ୨. ଏକାଥରକେ ।
**ଥରେ ଥରେ** ***କ୍ରି.ବିଂ.*** ୧. ବେଳେବେଳେ, ସମୟେସମୟେ, ମଝିରେ ମଝିରେ ୨. ଥରକୁଥର, ବାରମ୍ବାର ।
**ଥରୋ** ***ବି.ବିଂ.*** ୧. ଦକ୍ଷ, ନିପୁଣ ୨. ଟିକିନିଖି, ଭଲ ଭାବେ ।
**ଥର୍ମସ୍** ***ବି.*** ଜିନିଷ ଗରମ ବା ଥଣ୍ଡା ରଖିବା ପାଇଁ ବ୍ୟବହୃତ ପାତ୍ର ।
**ଥର୍ମାଲ୍** ***ବିଂ.*** ତାପଜ, ଜ୍ୱଳନ୍ତ କୋଇଲା ପ୍ରଭୃତିର ଉତ୍ତାପ ଜନିତ ।
**ଥର୍ମୋଫ୍ଲାସ୍କ** ***ବି.*** ଥର୍ମସ୍ ।
**ଥର୍ମୋମିଟର** ***ବି.*** ଉତ୍ତାପ ମାପିବା ଯନ୍ତ୍ର ।
**ଥଳ** ***ବି.*** ୧. ଭୂମିଖଣ୍ଡ ୨. ଲକ୍ଷ୍ୟସ୍ଥାନ ୩. କ୍ଷେତ୍ର, ତୀର୍ଥ ୪. ପାଣିତଳର ମାଟି ୫. ଜାଗା ୬. ଆଶ୍ରୟ ଭୂମି ।
**ଥଳକୂଳ** ***ବି.*** ୧. ଭୂଇଁ ଓ କୂଳ ୨. ଆଶ୍ରା ୩. ସ୍ଥିରତା, ନିଶ୍ଚୟତା ।
**ଥଳ କୂଳ ନ ପାଇବା** ***କ୍ରି.*** ୧. ଆଦିଅନ୍ତ ନ ପାଇବା, ତଥ୍ୟ ନ ପାଇବା ୨. ନିରାଶ ବୋଧ କରିବା, ନିଃସହାୟ ହେବା ।
**ଥଳ ଧରିବା** ***କ୍ରି.*** ୧. କୂଳରେ ଲାଗିବା ୨. ଥଇଥାନ ହେବା ୩. ଆଶ୍ରା ପାଇବା ୪. ନିଶ୍ଚିତ ହେବା ।
**ଥଳ ପାଇବା** ***ବି.*** ୧. ପାଣି ତଳକୁ ଛୁଇଁବା, ପାଣିର ଗଭୀରତା ଜାଣିବା ୨. ଜଟିଳ ବିଷୟର ଉତ୍ସ ଠାବ କରିବା ।
**ଥଳ ମାରିବା** ***କ୍ରି.*** ପାଣିରେ ବୁଡ଼ି ଗଭୀରତା ମାପିବା ।
**ଥଳଥଲେଇବା** ***କ୍ରି.*** ନରମା ଜିନିଷ ମେଞ୍ଚା ପରି ହେବା, ଥାକୁଲ ଥୁକୁଲ ହେବା ।
**ଥଳପଦ୍ମ** ***ବି.*** ମାଟି ଉପରେ ଫୁଟୁଥିବା ପଦ୍ମ ପରି ଫୁଲ, ସ୍ଥଳପଦ୍ମ ।
**ଥଳା** ***ବିଂ.*** ସମତଳ କରାଯାଇଥିବା ; ***ବି.*** ୧. ଥାଳି, ଚଡୁଆ ୨. (ଗୋରୁ) ଗନ୍ଧକମଳ ୩. ଝୁଲା, ମୁଣା ।
**ଥଳାଥଳି** ***ବି.*** ସମତଳ କରିବା କାର୍ଯ୍ୟ (ଭୂଇଁ ) ।
**ଥଳି** ***ବି.*** ୧. ମୁଣି, ବ୍ୟାଗ, ଥଇଲି , ଥଳିଆ, ପାଉଚ୍ ୨. ସମତଳ ପଡ଼ିଆ ଭୂଇଁ / ଜାଗା ।
**ଥଳିଆ** ***ବି.*** ମୁଣି, ବଟୁଆ ।
**ଥଳୀ** ***ବି.*** ୧. ଟଙ୍କା ରଖିବାର ମୁଣି, ବଟୁଆ ୨. କପଡ଼ା ତିଆରି ବ୍ୟାଗ ।
**ଥଳେଇ ଦେବା** ***କ୍ରି.*** ସମତୁଲ କରିବା, ଖେଳେଇ ଦେବା ।
**ଥଲଥଲ** ***ବିଂ.*** ୧. ନରମ ଓ ଅର୍ଦ୍ଧତରଳ, ଦଲଦଲିଆ ୨. ଥାକୁଲା, ସ୍ଥୂଳକାୟ ।
**ଥଲୋପେଟା** ***ବିଂ.*** ଦେହ ତୁଳନାରେ ପେଟବଡ଼ ଥିବା, ପେଟ ବାହାରକୁ ବାହାରି ପଡ଼ିଥିବା, ପେଟୁ ।
**ଥା** ***ବି.*** ଠା, ସ୍ଥାନ ; ***କ୍ରି.*** ୧. ଏଇଠି ରହ ୨. ଅପେକ୍ଷା କର ।
**ଥାଆ** ***କ୍ରି.*** ରହ, ଥା, ଏଇଠି ରହ ।
**ଥାଇତ** ***ବି.*** ଆଶ୍ରୟ, ଥଇଥାନ ।

**ଥାଇତା** ***ବିଂ.*** ଥିଲାବାଲା, ସ୍ୱଚ୍ଛଳ ।

**ଥାଇତାପଣ** ***ବି.*** ଥିଲାବାଲାଭାବ, ସମ୍ପନ୍ନତା ।

**ଥାଇତି, ଥାଏତି, ଥିତି** ***କ୍ରି.*** ଥାଆନ୍ତି।

**ଥାଇ** ***ବିଂ.*** ୧. ସ୍ଥାୟୀ ୨. ଥିବା ୩. ଅଧୀନ ।

**ଥାଉଁଥାଉଁ** ***ଅ.*** ଥିବା ସତ୍ତ୍ୱେ, ଥିବା ସ୍ଥଳେ ।

**ଥାଉ** ***କ୍ରି.*** ରହୁ, ରଖାଯାଉ; ***ବିଂ.*** **ପଙ୍ଗୁ,** ଶାରୀରିକ ଅକ୍ଷମ ।

**ଥାକ୍‌ବା** ***କ୍ରି.*** ସାମୟିକ ବିଶ୍ରାମ ଗ୍ରହଣ କରିବା ।

**ଥାକ** ***ବି.*** ୧. ସ୍ତର ୨. ପରସ୍ତ ୩. କାଛକୁରା।

**ଥାକ କରିବା** ***କ୍ରି.*** ପରସ୍ତ ପରସ୍ତ ସଜାଇବା, ଛୋଟ ଛୋଟ ଗଦାରେ ସଜାଇବା ।

**ଥାକବନ୍ଦି** ***ବି.*** ଶ୍ରେଣୀବଦ୍ଧ କରାଯିବା ; ***ବିଂ.*** ସୁସଜ୍ଜିତ ।

**ଥାକିବା** ***କ୍ରି.*** ୧. ରହିବା ୨. ରକ୍ଷାପାଇବା, ବଞ୍ଚିବା ୩. ସ୍ଥିତ ହେବା ୪. ଠାକିବା, ଅଟକିବା ୫. କୌଣସି ମତେ ରହିଯିବା ୬. ଥାକମାରିବା ।

**ଥାକୁଲ ଥାକୁଲ** ***ବିଂ.*** ଥଲଥଲିଆ, ଥଲଥଲ, ଲେସିଡ଼ି ପଡୁଥିବା ।

**ଥାକୁଲ ଥାକୁଲ ଚାଲି** ***ବି.*** ଶିଶୁର ଟଳଟଳ ଚାଲି, ଶିଶୁର ପଡାଉଠା ଚାଲି ।

**ଥାକୁଲା** ***ବିଂ.*** ୧. ମେଦବହୁଳ ୨. ମୋଟା ଓ ବଳହୀନ ୩. ଅନ୍ତଃସାରହୀନ ।

**ଥାକୁଲୀ** ***ବିଂ.*** ମୋଟୀ, ମେଦବହୁଳା ।

**ଥାଟ୍** ***ବି.*** ୧. ଛଇ ଛଟକ, ଯାକଯମକ, ଲୋକ ଦେଖାଣିଆ ଆଡ଼ମ୍ବର ୨. ସୈନ୍ୟଦଳ ୩. ମେଢ଼ ୪. ଜନତା ।

**ଥାଟ୍‌ବାଟ** ***ବି.*** ଆଟୋପ ଆଡ଼ମ୍ବର ସହିତ ଯାତ୍ରା, ବର୍ଣ୍ଣାଢ୍ୟ ଶୋଭାଯାତ୍ରା ।

**ଥାଟ** ***ବି.*** ୧. ସୈନ୍ୟଦଳ ୨. ବାହ୍ୟ ଆଡମ୍ବର, ଢମ ।

**ଥାଟ ପଟାଳି** ***ବି.*** ବହୁ ଲୋକଙ୍କ ମିଳନ, ଜନସମୁଦ୍ର ।

**ଥାଟ ପଟୁଆର** ***ବି.*** ବହୁ ଲୋକର ମିଳନ ଓ ଯାତ୍ରା, ବହୁ ଲୋକଙ୍କ ମିଳିତ ସମାବେଶ ।

**ଥାଟ ପଡ଼ିଯିବା** ***କ୍ରି.*** ୧. ଉପରକୁ ଉପର ଲମ୍ବ ହୋଇ ପଡ଼ିଯିବା, ପଟାଳି ପଡ଼ିଯିବା ୨. ଅସ୍ୱାଭାବିକ ଅବସ୍ଥା ହେବା ୩. ଆବଶ୍ୟକତାଠାରୁ ବଳିପଡ଼ିବା ।

**ଥାଟରଜା** ***ବି.*** ରାଜାଙ୍କ ସାନଭାଇଙ୍କ ଉପାଧି ।

**ଥାତି** ***ବି.*** ସମ୍ପତ୍ତି, ବିତ୍ତ, ଧନ ।

**ଥାଥା କରି ଦେବା** ***କ୍ରି.*** ୧. ହଇରାଣ କରିଦେବା ୨. ବ୍ୟସ୍ତବିବ୍ରତ କରିଦେବା।

**ଥାଥା ମାମା** ***ବି.*** ୧. କାର୍ଯ୍ୟ କରିବାକୁ ଦ୍ୱିଧା ପ୍ରକାଶ, କିଂକର୍ତ୍ତବ୍ୟବିମୂଢ଼ତା ୨. ଥଙ୍ଗେଇ ମଙ୍ଗେଇ କଥା କହିବା ୩. କହିବାକୁ କୁଣ୍ଠିତ ହେବା ; ***ବିଂ.*** ପଶ୍ଚାତ୍‌ପଦ, କୁଣ୍ଠିତ, ଦ୍ୱିଧା ପ୍ରକାଶ କରୁଥିବା ।

**ଥାନ** ***ବି.*** ୧. ସ୍ଥାନ, ଜାଗା, ବାସଭୂମି ୨. ଧଡ଼ି ନଥିବା ନିର୍ଦ୍ଦିଷ୍ଟ ଦୈର୍ଘ୍ୟଯୁକ୍ତ ଲମ୍ବ କପଡ଼ା ।

**ଥାନଛଡ଼ା** ***ବିଂ.*** ସ୍ଥାନଭ୍ରଷ୍ଟ, ସ୍ଥାନଚ୍ୟୁତ ।

**ଥାନପତି** ***ବି.*** ୧. ସ୍ଥାୟିବାସିନ୍ଦା ୨. ଅଧିକାରୀ ୩. ମୁଖିଆ, ପ୍ରଧାନ ୪. ମୁଖ୍ୟ ଦେବତା ।

**ଥାନବାଡ଼ି** ***ବି.*** ଘରଡିହ, ଜମିବାରି ।

**ଥାନଭ୍ରଷ୍ଟ** ***ବିଂ.*** ସ୍ଥାନଚ୍ୟୁତ, ମୂଳଜାଗା, ଭୂମି, ଅଧିକାର ଆଦି ଛାଡ଼ିଥିବା ।

**ଥାନ ମୁନ୍ଦୁରା** ***ବି.*** କପାଳର ଦୁଇ ପାଖ- ଯେଉଁ ସ୍ଥାନ ମୁଣ୍ଡ ବିନ୍ଧିଲେ ଡିଏଁ ।

**ଥାନା** ***ବି.*** ଗୋଟିଏ ନିର୍ଦ୍ଦିଷ୍ଟ ଅଞ୍ଚଳର ପୁଲିସ କର୍ମଚାରୀଙ୍କ ଅଫିସ, ପୁଲିସ ଷ୍ଟେସନ, ଆରକ୍ଷୀ କାର୍ଯ୍ୟାଳୟ ।

**ଥାନାଦାର** ***ବି.*** ଥାନା ଅଧିକାରୀ, ଥାନାର ଭାରପ୍ରାପ୍ତ ଅଧିକାରୀ ।

**ଥାନି** ***ବିଂ.*** ସ୍ଥାନୀୟ, ଚିରସ୍ଥାୟୀ ; ***ବି.*** ୧. ରଇତ ୨. ନିଜ ଘରବାଡ଼ି ଉପରେ ପ୍ରଜାର ଦଖଲ ସ୍ୱତ୍ୱ ୩. ବାସିନ୍ଦା ।

**ଥାନିପ୍ରଜା** ***ବି.*** ଗ୍ରାମବାସୀ ପ୍ରଜା, ଚାଷୀ ।

**ଥାପ୍‌ଡ଼ି** ***ବି.*** କରତାଳି, ଦୁଇ ପାପୁଲିର ଆଘାତଦ୍ୱାରା ସୃଷ୍ଟ ଧ୍ୱନି ।

**ଥାପଡ଼, ଥାପଡ଼ା** ***ବି.*** ଚାପୁଡ଼ା, ହାତ ପାପୁଲିରେ ଆଘାତ, ଚଟକଣା ।

**ଥାପନା** ***ବି.*** ନିର୍ଦ୍ଦିଷ୍ଟ ସ୍ଥାନରେ ରଖିବା, ସ୍ଥାପନା, ପ୍ରତିଷ୍ଠା ।

**ଥାପା** ***ବି.*** ଥପା, ମାଛଧରା ପୋଲୁହ ।

**ଥାପି** ***ବି.*** ୧. ଥପି, କରଣି, ରାଜମିସ୍ତ୍ରୀମାନେ ସିମେଣ୍ଟ ଲଗାଇବା ଉପକରଣ ୨. କୁମ୍ଭାରଙ୍କ ପିଟଣା ; ***ବିଂ.*** ସ୍ଥିର ।

**ଥାପିବା** ***କ୍ରି.*** ୧. ନିର୍ଦ୍ଦିଷ୍ଟ ସ୍ଥାନରେ ରଖିବା ୨. ସ୍ଥାପନ କରିବା, ପ୍ରତିଷ୍ଠା କରିବା, ବସାଇବା ୩. ପୋତିବା, ଢାଙ୍କିବା ।

**ଥାପୁଡ଼ା ଥାପୁଡ଼ି** ***ବିଂ.*** ଖୋସାମତି, ଯେକୌଣସି ପ୍ରକାରରେ କାର୍ଯ୍ୟ ହାସଲ କରିବା ମାନସିକତା ।

**ଥାପୁଡ଼େଇବା** ***କ୍ରି.ବିଂ.*** ୧. ହାତ ପାପୁଲିରେ ଧୀରେ ଧୀରେ ଆଘାତ କରିବା ୨. ଖୋସାମତ କରିବା ୩. ତେଲେଇବା ।

**ଥାବର** ***ବିଂ.*** ୧. ସ୍ଥାବର, ସ୍ଥାୟୀ ୨. ଅଚଳ ।

**ଥାବେ** ***କ୍ରି.ବିଂ.*** ୧. ଠିକ୍ ସ୍ଥାନରେ ୨. ନିର୍ଦ୍ଦିଷ୍ଟ ଜାଗାରେ।

**ଥାମାକୁର୍** ***ବି.*** ତମାଖୁ, ଗୁଡ଼ାଖୁ, ଧୂଆଁ ପତ୍ରରୁ ପ୍ରସ୍ତୁତ ମାଦକ ଦ୍ରବ୍ୟ ।

**ଥାରି** ***ବିଂ.*** ଶାନ୍ତ ।

**ଥାର୍ଡ଼ ବିଂ.** ତୃତୀୟ ।

**ଥାର୍ଡ଼ ଇୟର ବି.** ତୃତୀୟବର୍ଷ, ତୃତୀୟ ବାର୍ଷିକ ଶ୍ରେଣୀ ।

**ଥାର୍ଡ଼କ୍ଲାସ୍ ବି.** ୧. ତୃତୀୟଶ୍ରେଣୀ ୨. ନିମ୍ନଶ୍ରେଣୀ, ନିକୃଷ୍ଟଶ୍ରେଣୀ ।

**ଥାଳ ବି.** ୧. ଖାଇବା ପାତ୍ର ୨. ଲାଉରେ ତିଆରି ଭିକ୍ଷାପାତ୍ର, ଯୋଗୀଥାଳ ।

**ଥାଳଭଙ୍ଗା ବି.ବିଂ.** ଅନ୍ୟ ପାଇଁ କ୍ଷତିକର, ଅନ୍ୟର ଆଧାର ବା ଅବଲମ୍ବନ ନଷ୍ଟ କରୁଥିବା (ବ୍ୟକ୍ତି) ।

**ଥାଳି ବି.** ଛୋଟଫନ୍ଦ ଥିବା ପିତ୍ତଳ ବା କଂସାପାତ୍ର ଅଥବା ପତ୍ର ତିଆରି ବଡ଼ ଚଉଡ଼ାପାତ୍ର ।

**ଥାଳିଆ ବି.** ଛୋଟ ଫନ୍ଦ ଥିବା ଧାତୁ ଅଥବା ପତ୍ରତିଆରି ଛୋଟ ଗୋଲାକାର ପାତ୍ର ।

**ଥାଳି ଖେଚେଡି ବି.** ଥାଳିରେ ବଢ଼ା ହୋଇ ସକାଳେ ଜଗନ୍ନାଥ ମନ୍ଦିରରେ ଭୋଗ କରାଯିବା ଖେଚୁଡ଼ି ।

**ଥାଳିଧରା ବି.** ବ୍ରହ୍ମଚାରୀ ବ୍ରତ ଭିକ୍ଷା କଲା ବେଳେ ବ୍ରହ୍ମଚାରୀର ମାମୁଁ ବ୍ରହ୍ମଚାରୀ ଧରିଥିବା ଭିକ୍ଷାଥାଳିକୁ ଟେକି ଧରିବା, ପଇତା ଲାଗି ପରେ ବ୍ରହ୍ମଚାରୀର ଭିକ୍ଷା ଗ୍ରହଣର ସାମାଜିକ ଉତ୍ସବ ।

**ଥାଳି ମାରିବା ବି.** ବହୁଲୋକ ଥିବା ସ୍ଥାନରେ ଥାଳିଟାଏ ତେରେଛା କରି ଜୋର୍‌ରେ ପକେଇଲେ ବି ତାହା କେଉଁଠି ନ ଅଟକି ଖସଡ଼ି ଯିବ - ଏଭଳି କଳ୍ପନା ।

**ଥାଳି ଲଗେଇବା ବି.** ୧. ବହୁଲୋକଙ୍କ ଭିତରେ ମନ୍ତୁରା ଥାଳି ସାହାଯ୍ୟରେ ଚୋର ଧରିବା ୨. ସାପକାମୁଡ଼ିଥିବା ଲୋକ ଦେହରୁ ବିଷ ହରଣ କରିବା ।

**ଥାଳା ବି.** ବଡ଼ଥାଳି ।

**ଥାହା କ୍ରି.** ୧. ରୁହ ୨. ଅପେକ୍ଷା କର ।

**ଥି ଅ.** ରେ, ଠାରେ ।

**ଥିଏଟର ବି.** ୧. ରଙ୍ଗମଞ୍ଚ, ରଙ୍ଗଭୂମି, ନାଟକ ଅଭିନୀତ ହେବା ସ୍ଥାନ ୨. ସିନେମା ପ୍ରଭୃତି ପ୍ରଦର୍ଶିତ ହେବା ସ୍ଥାନ, ପ୍ରେକ୍ଷାଳୟ ୩. ବିଶେଷ ଉଦ୍ଦେଶ୍ୟରେ ନିର୍ମିତ କୋଠରି ବା ଘର ( *ଉଦା.* ଅପରେସନ ଥିଏଟର) ।

**ଥିଏଟର ପାର୍ଟି ବି.** ନାଟ୍ୟ ଅଭିନେତା ଦଳ ।

**ଥିଓରି ବି.** ୧. ତତ୍ତ୍ୱ ୨. ମୌଳିକ ଚିନ୍ତା ୩. ମତବାଦ ।

**ଥିଓରି ପରୀକ୍ଷା ବି.** ୧. ତତ୍ତ୍ୱ ସମ୍ପର୍କିତ ଲିଖିତ ପରୀକ୍ଷା - ଯାହା ପ୍ରାକ୍ଟିକାଲ ବା ପରୀକ୍ଷଣ ଆଧାରିତ ନୁହେଁ ।

**ଥିଓଲୋଜି ବି.** ବ୍ରହ୍ମବିଦ୍ୟା, ପରମାର୍ଥ ବିଦ୍ୟା, ଧର୍ମତତ୍ତ୍ୱ, ଅଧ୍ୟାତ୍ମ ବିଜ୍ଞାନ ।

**ଥିତି ବି.** ସ୍ଥିତି ।

**ଥିପ୍‌ବା କ୍ରି.** ତରଳ ପଦାର୍ଥ ବୁନ୍ଦା ବୁନ୍ଦା ହୋଇ ତଳକୁ ପଡ଼ିବା ।

**ଥିପେ ବିଂ.** ୧. ଟୋପାଏ, ଏକ ବିନ୍ଦୁ ପରିମାଣ ୨. ଅତି ଅଳ୍ପ (ତରଳ ପଦାର୍ଥ) ।

**ଥିମ୍ ବି.** ବିଷୟବସ୍ତୁ, ପ୍ରତିପାଦ୍ୟ ବିଷୟ, ଆଲୋଚ୍ୟ ବିଷୟ ।

**ଥିର୍ ବି.** ତୋରାଣି, ପେଜ ।

**ଥିର କ୍ରି.ବିଂ.** ସ୍ଥିର ଭାବରେ, ଧୀରେ; **ବି.** ସ୍ଥିର ।

**ଥିର ତୋତାଣି ବି.** ପଖାଳ ଭାତକୁ କିଛି ସମୟ ରଖି ଦେଲେ ଭାତ ଉପରେ ରହୁଥିବା ପରିଷ୍କାର ତୋତାଣି ବା ତୋରାଣି ପାଣି ।

**ଥିର ଥିର କ୍ରି.ବିଂ.** ୧. ଚୁପ୍ ହୋଇ ୨. ସ୍ଥିର ଭାବରେ ୩. ହାଲୁକା କରି ।

**ଥିରି ଥିରି କ୍ରି.ବିଂ.** ଧୀରେ ଧୀରେ, ଆସ୍ତେ ଆସ୍ତେ ।

**ଥିଲା ବିଂ.** ଆର୍ଥିକ (ପଇସା ପତ୍ର) ଦୃଷ୍ଟିରୁ ସ୍ୱଚ୍ଛଳ, ଧନୀ ।

**ଥିଲାକୁ ଅ.** ଥିବାରୁ ।

**ଥିଲାଘର ବି.** ଧନୀ ପରିବାର ।

**ଥିଲାବାଲା ବି.** ପଇସାବାଲା, ଧନୀ, ଆର୍ଥିକ ଦୃଷ୍ଟିରୁ ସମ୍ପନ୍ନ ବ୍ୟକ୍ତି ।

**ଥୁ ବି.** ଛେପ ପକାଇବା, ଛେପ; **କ୍ରି. ଥୁଅ,** ରଖ । ।

**ଥୁଅ କ୍ରି.** ରଖ, ସ୍ଥାପନ କର ।

**ଥୁଆ ବି.** ୧. କାକ୍‌ଟସ୍ ଜାତୀୟ ଗୁଳ୍ମ ବିଶେଷ ୨. ସ୍ଥାପନ ; **ବିଂ.** ରଖା ହୋଇଥିବା, ସ୍ଥିତ ।

**ଥୁଆଥୋଇ ବି.** ୧. ବିଧବା ବିବାହ ବା ଦ୍ୱିତୀୟ ହେବା ପ୍ରଥା ୨. ବିକ୍ଷିପ୍ତ ଭାବେ ପଡ଼ିଥିବା ଜିନିଷପତ୍ରକୁ ଯଥାସ୍ଥାନରେ ରଖିବା ।

**ଥୁଇ ବି.** ପୋଇଲୀ, ରକ୍ଷିତା ସ୍ତ୍ରୀ, କେପ୍‌ଟ୍ ।

**ଥୁକ ବି.** ପାଟିରୁ ବାହାରୁଥିବା ପାଣି, ଛେପ, ନିଷ୍ଠୀବନ ।

**ଥୁକଦାନି ବି.** ଛେପ ପକାଇବାପାଇଁ ଉଦ୍ଦିଷ୍ଟ କୁଣ୍ଡ ବା ପାତ୍ର, ପିକ୍‌ଦାନି ବା ପିକଦାନି ।

**ଥୁ କରିବା ବି.** ୧. ଘୃଣାକରିବା, ନାକଟେକିବା ୨. ଘୃଣାରେ ଛେପ ପକାଇବା ।

**ଥୁକିବା କ୍ରି.** ୧. ଛେପ ପକାଇବା ୨. ଘୃଣାରେ ଛେପ ପକାଇବା ।

**ଥୁକୁଲ୍ ବି.** ୧. ସାମୟିକ ଭାବରେ କାର୍ଯ୍ୟ ବନ୍ଦ ରଖିବା ୨. ସମ୍ପର୍କ ଛେଦ ।

**ଥୁକୁଲ୍ ଥାକଲ ବିଂ.** ଡଉଲ ଡାଉଲ, ଗୋଲଗାଲ ।

**ଥୁଡ଼େ ବିଂ.** ଥୋଡାଏ, ଅଳ୍ପ, ସାମାନ୍ୟ ।

**ଥୁଣ୍ଟା ବିଂ.** ୧. ଶାଖାହୀନ ୨. ଖେଣ୍ଟା ୩. ବଂଶର ଶେଷପୁରୁଷ ୪. ମୁଣ୍ଡା, ମୁନ ଘୋରି ହୋଇ ଯାଇଥିବା; **ବି.** ୧. କଟା ବା ହଣା ଶାଖାହୀନ ଗଛର ଅବଶେଷ ୨. ଡାଳହୀନ ଗଣ୍ଡି, ଖେଣ୍ଟା ।

**ଥୁଣ୍ଡିଆ ବିଂ** ୧. ଥେଣ୍ଟା, ମୁଖର ୨. ଅବାଧ୍ୟ ।

**ଥୁତ୍ ବି.** ଛେପ ।

**ଥୁତ୍‌କାର ବି.** ୧. ଛେପ ପକାଇବା ୨. ଛେପ ୩. ଧିକ୍କାର ।

**ଥୁତ୍‌ରା ବିଂ** ଖନା,କହିଲାବେଳେ ଯାହାର ପାଟି ଲାଗେ, ତୁତ୍‌ରା ।

**ଥୁତା, ଥୁଆ ବିଂ** ଦାଢ଼ ନଥିବା, ବୁଥା, ଦନ୍ତୁଡ଼ା ।

**ଥୁତି ବି.** ଓଠର ତଳଭାଗ, ଥୋମଣି , ଠୋଡ଼ି, ଥୋଡ଼ି ।

**ଥୁତୁ ବି.** ଛେପ, ପାନପିକ ।

**ଥୁତୁମ୍ ଥାତୁମ୍ ବି.** ୧. ବାତୁଳାବସ୍ଥା ୨. କାର୍ଯ୍ୟରେ ଶୃଙ୍ଖଳା ବା ଯୋଗସୂତ୍ର ରହୁନଥିବା ଅବସ୍ଥା ।

**ଥୁଥ୍‌ନା ବି.** ଥୋମଣି, ମୁହଁ, ଓଠର ତଳଭାଗ, ଚିବୁକ ।

**ଥୁଥ୍‌ମେଇ ହେବା କ୍ରି.** ୧. ବ୍ୟତିବ୍ୟସ୍ତ ହେବା, ଦ୍ୱନ୍ଦ୍ୱରେ ପଡ଼ିବା ୨. ଧୁସିହେବା ।

**ଥୁଥା ବିଂ** ଦାଢ଼ହୀନ, ଦନ୍ତଡା ; **ବି.** ଧିକ୍କାର; **କ୍ରି.** ବାରମ୍ବାର ଛେପ ପକାଇବା ।

**ଥୁଥୁ ଅ.** ୧. ଧିକ୍କାର, ଛିଃ ଛିଃ ୨. ଅରୁଚିକର ଖାଦ୍ୟକୁ ବାହାର କରି ତଳକୁ ଫିଙ୍ଗିବା; **ବି.** ଛେପ ।

**ଥୁପ ବି.** ଅନ୍ୟକୁ ଆୟତ୍ତକୁ ଆଣିବା ପାଇଁ ବ୍ୟବହାର କରାଯାଉଥିବା ଆକର୍ଷଣୀୟ ପଦାର୍ଥ/ଖାଦ୍ୟ, ଥୋପ ।

**ଥୁପି ବି.** ଖେଳା, ବିକ୍ରୟପାଇଁ ଉଦ୍ଦିଷ୍ଟ ପସରାରେ ପୂର୍ବ ନିର୍ଦ୍ଦିଷ୍ଟ ଦ୍ରବ୍ୟ ଭାଗ ।

**ଥୁବଡ଼ା ବିଂ** ଥୁବୁଡ଼ା, ଅବିବାହିତ ଦରବୁଢ଼ା ।

**ଥୁବୁଡ଼ା ବିଂ** ୧. ମୁଣ୍ଡା, ଦଛରା ୨. ଦରବୁଢ଼ା ୩. ନିର୍ଲ୍ଲଜ, ଥୋବରା ।

**ଥୁବୁଡ଼ୀ ବିଂ** ବୟସ ଚାଲି ଯାଇଥିବା ଅବିବାହିତା (କନ୍ୟା) ।

**ଥୁମ୍‌ନା, ଥୁମଣି ବି.** ଥୋମଣି ।

**ଥୁମି ବି.** ପାଗ, ଠେକା ।

**ଥୁର୍‌ଥୁରା ବିଂ** ୧. ଲୋଳିତ ଚର୍ମଧାରୀ, ହାତଗୋଡ଼ ଥରୁଥିବା (ବୁଢ଼ାଲୋକ) ୨. ଥରୁଥିବା ୩. ଭୟାଳୁ ।

**ଥୁର୍‌ଥୁରାବା କ୍ରି.** ଅତ୍ୟଧିକ ଶୀତ ଯୋଗୁଁ କମ୍ପିବା, ଓଠ ଦୁଇଟି ହଲି ପରସ୍ପର ସହ ବାଜିବା ।

**ଥୁର୍‌ବା କ୍ରି.** କୌଣସି ମୋଟା ବସ୍ତୁକୁ ଜବରଦସ୍ତ ଭିତରେ ପୂରାଇବା ।

**ଥୁର୍‌ଲିବା କ୍ରି.** ଡରାଇବା, ଭୟଭୀତ କରିବା ।

**ଥୁରୁ ଥୁରୁ କ୍ରି.ବିଂ** ଥରୁଥିବା ଅବସ୍ଥାରେ, ଥରି ଥରି ।

**ଥେଇ ବିଂ** ୧. କ୍ଳାନ୍ତ, ଅବସାଦଗ୍ରସ୍ତ ୨. ରଖିଥିବା ।

**ଥେଇଆ,ଥେୟା ବି.** ୧. ଥେଇ, କ୍ଳାନ୍ତ, ହାଲିଆ ୨. ବିରକ୍ତି ୩. ବାଦ୍ୟର ଉକୁଟ ।

**ଥେଇଥେଇ କ୍ରି.ବିଂ** ଧେଇଧେଇ, ଡେଇଁବା ବା ପାଦ କଚାଡ଼ିବାର ଭଙ୍ଗୀ ।

**ଥେଙ୍କ୍‌ସ୍, ଥ୍ୟାଙ୍କ୍‌ସ୍ ବି.** ଧନ୍ୟବାଦ, ସାବାସି ।

**ଥେଣ୍ଟ ବି.** ଦୁଷ୍ଟଲୋକ, ଠେଟ, ଖଣ୍ଟ, ଡକାୟତ (ବୁଢ଼ା ଥେଣ୍ଟ ) ।

**ଥେଣ୍ଟକାଲ ବିଂ** ସାମାନ୍ୟ କାଲ, ବଡ଼ବୋଲା ।

**ଥେଣ୍ଟା ବି.** ପରସ୍ପର ବାଦ ବା ବିରୋଧ ।

**ଥେଣ୍ଟାଥେଣ୍ଟି ବି.** କଥା କଟାକଟି, ଧମକାଧମକି, ଚଦାଚଦି, ପରସ୍ପର ବିରୋଧରେ ଉଚ୍ଚବାଚ, ପରସ୍ପର ବିରୋଧୀ ମାନସିକତା ।

**ଥେଣ୍ଡିଆ ବିଂ** ୧. ବିନା କାରଣରେ ପ୍ରତିବାଦ ବା ବିରୋଧ କରୁଥିବା, ଖେଣ୍ଡିଆ ୨. ନିଃସଙ୍ଗ ୩. ଲମ୍ବା ଥଣ୍ଟବାଲା ।

**ଥେଣ୍ଟୁଆ ବିଂ** ସବୁ କଥାରେ ବିରକ୍ତ ହେଉଥିବା, ବିଚାରର ବିରୋଧ କରୁଥିବା ।

**ଥେଣ୍ଟେଇ ବିଂ** କଥାକଟାକଟିରେ ବିଚକ୍ଷଣା, କଳିହୁଡ଼ୀ ।

**ଥେତ୍ ଅ.** ଧେତ୍, କୌଣସି ଗୁରୁତ୍ୱ ନ ଦେଇ ନାକଚ କରିଦେବା; **ବି.** ଗୃହଦେବତା ବା ଦେବୀଙ୍କ ନୈବେଦ୍ୟ ପାଇଁ ଉଦ୍ଦିଷ୍ଟ କ୍ଷୀରି । ।

**ଥେତା, ଥେତୋ ବିଂ** ୧. ବିବେକହୀନ ୨. ଭକୁଆ ।

**ଥେଥା ବିଂ** ଖନା, କହିବା ବେଳେ ଜିଭ ଲାଗୁଥିବା ।

**ଥେବ କ୍ରି.** ୧. ରୁହ, ଅଟକି ଯାଅ ୨. ଧୈର୍ଯ୍ୟ ଧର ।

**ଥେବାବା କ୍ରି.** ଅଟକାଇବା ।

**ଥେବିବା କ୍ରି.** ୧. ଟିପରେ ଭରା ଦେବା ୨. ଖୋବିବା, ଭୁସିବା, କେଞ୍ଚିବା, ଭିତରକୁ ଭେଦ କରିବା ୩. ଅଟକିବା, ରହିବା ।

**ଥେର ବି.** ବୌଦ୍ଧ ସନ୍ନ୍ୟାସୀ ।

**ଥେରାପି ବି.** ଶୁଶ୍ରୂଷାବିଜ୍ଞାନ, ଆରୋଗ୍ୟବିଜ୍ଞାନ ।

**ଥେଲ୍‌କା ବିଂ** ଥାଳିପରି ଓସାରିଆ ।

**ଥେସିସ୍ ବି.** ଗବେଷଣାଧର୍ମୀ ପ୍ରବନ୍ଧ, ମହାନିବନ୍ଧ, ଗବେଷଣାତ୍ମକ ସନ୍ଦର୍ଭ ।

**ଥୈଆ ବି.** ଥେଇ ଥେଇ, ନାଚିବାର ଉକୁଟ ।

**ଥୋଇବା କ୍ରି.** ରଖିବା, ସ୍ଥାପନ କରିବା ।

**ଥୋଇଲା ବିଂ** ସଞ୍ଚିତ ଥିବା, ରଖା ଯାଇଥିବା ।

**ଥୋଇଲି ବିଂ** ରକ୍ଷିତା, ଉପପତ୍ନୀ ।

**ଥୋଇଲିପୁଅ ବି.** ରକ୍ଷିତା ଗର୍ଭଜାତ ପୁଅ ।

**ଥୋକ୍ ବିଂ** ୧. ଏକକାଳୀନ, ଏକ କିସ୍ତି ପାଇକାରି ୨. ଅଳ୍ପମାତ୍ର, ସାମାନ୍ୟ ପରିମିତ ।।

**ଥୋକାଏ ବିଂ** ଅଳ୍ପସଂଖ୍ୟକ ।

**ଥୋକ କ୍ରୟ** ***ବି.*** ଏକଚାଟିଆ ଉଦ୍ଦେଶ୍ୟରେ କ୍ରୟ, ପାଇକାରି କିଣା ।

**ଥୋକ ଥୋକ କରି** ***କ୍ରି.ବିଂ.*** କିସ୍ତିଓ୍ୱାରିରେ, ଥର ଥର କରି, ଅଳ୍ପ ଅଳ୍ପ କରି ।

**ଥୋକ ବଜାର** ***ବି.*** ପାଇକାରି ବଜାର, ମୋଟା ଦରରେ ଖରିଦ କେନ୍ଦ୍ର ।

**ଥୋକବନ୍ଦୀ** ***ବି.*** କିସ୍ତିବନ୍ଦୀ, ପାଉଣା ଟଙ୍କା ଏକାଧିକ ଥରରେ ଦାଖଲ କରିବା ବ୍ୟବସ୍ଥା ।

**ଥୋଡ଼** ***ବି.*** ୧. ଯେକୌଣସି ତୃଣର ଗର୍ଭଧାରଣ ଅବସ୍ଥା ୨. ଫୁଲ ଝଡ଼ି ନ ଥିବା ଧାନକେଣ୍ଡା ୩. ଦାଢ଼ି, ଶ୍ମଶ୍ରୁ ୪. ତଳଓଠ ।

**ଥୋଡ଼ କାଖେଇବା** ***କ୍ରି.*** ତୃଣଗୁଡ଼ିକ ଗର୍ଭଧାରଣ କରିବା ।

**ଥୋଡ଼ ଧରିବା** ***କ୍ରି.*** ଧାନଗଛ କେଣ୍ଡା ବାହାରିବା ଭଳି ହେବା ।

**ଥୋଡ଼ପାହଡ଼** ***ବି.*** ଥୋଡପାହାର, ହାତୀର ଶୁଣ୍ଢ ।

**ଥୋଡ ପାହାର** ***ବି.*** ଥୋଡ଼ ପାହାଡ଼।

**ଥୋଡ଼ା** ***ବିଂ.*** ୧. ଅଳ୍ପ ସଂଖ୍ୟକ, କେତେକ, ଅଳ୍ପ ପରିମାଣ ୨. ଅଳ୍ପ, ସାମାନ୍ୟ ।

**ଥୋଡ଼ାଏ** ***ବିଂ.*** ବହୁ ପରିମାଣର, ଅଧିକ , କେତେନା କେତେ, ପୁଳାଏ।

**ଥୋଡ଼ି** ***ବି.*** ୧. ଓଠର ତଳ ଅଂଶ ୨. ଜିନିଷ ଭର୍ତ୍ତି ଅଖାମୁଣି ୩. ତଳ ଓଠରେ ଉଠିଥିବା ଦାଢ଼ି ।

**ଥୋଡ଼ିଆ, ଥୋରିଆ** ***ବିଂ.*** ୧. ବଳଦ ପିଠିରେ ପଣ୍ୟଦ୍ରବ୍ୟ ନେଇ ବ୍ୟବସାୟ କରୁଥିବା (ଜାତି) ୨. ଲମ୍ବାଦାଢ଼ିବାଲା ।

**ଥୋଡ଼ିଆ ବଳଦ** ***ବି.*** ଯେଉଁ ବଳଦଙ୍କ ପିଠିରେ ବୋଝ ବୁହାଯାଏ ।

**ଥୋଡ଼ି ଉପାଡ଼ିବା** ***କ୍ରି.*** ୧. ପରାସ୍ତ କରିବା ୨. ଥୋଡ଼ି (ତଳଓଠ)ରୁ ଦାଢ଼ି ଟାଣି ଉପାଡ଼ିବାକୁ ଧମକ ଦେବା ।

**ଥୋଡ଼ି ଫଟେଇବା** ***କ୍ରି.*** ୧. ଆଘାତରେ ମୁହଁର ସବୁଠାରୁ ଟାଣ ଅଂଶ ଫଟାଇ ଦେବା ୨. ଜବତ୍ କରିବା ।

**ଥୋଡ଼େ** ***କ୍ରି.ବିଂ.*** ୧. ସାମାନ୍ୟରେ, ସହଜରେ ୨. ଥୋଡାଏ ।

**ଥୋଥ୍ନା** ***ବି.*** ଥୋମଣି, ମୁହଁ ।

**ଥୋଥିବା, ଥୋତିବା** ***କ୍ରି.*** (ହଂସ ଆଦି) କାଦୁଅରେ ଥଣ୍ଟ ପୂରାଇ ଖାଦ୍ୟ ସଂଗ୍ରହ କରିବା।

**ଥୋପ** ***ବି.*** ୧. ବନ୍ସି କଣ୍ଟାରେ ବ୍ୟବହୃତ ଶିକାର ପାଇଁ ଖାଦ୍ୟ ୨. କାର୍ଯ୍ୟ ହାସଲ ପାଇଁ ବ୍ୟବହୃତ ପ୍ରଲୋଭନ ।

**ଥୋପ ଗିଳିବା** ***କ୍ରି.*** ୧. ବନ୍ଶି କଣ୍ଟାର ଥୋପକୁ ଖାଇବା ୨. ପ୍ରଲୋଭନଦ୍ୱାରା ବଶ ହେବା ।

**ଥୋପ ପକାଇବା** ***କ୍ରି.*** ଅନ୍ୟକୁ ବଶ କରିବା ପାଇଁ ଲୋଭାନ୍ୱିତ କରିବା ।

**ଥୋପା** ***ବି.*** ୧. ବହୁ ପାଖୁଡାଥିବା ଫୁଲ ୨. ପୁରାପୁରି ଫୁଟିଥିବା ଫୁଲ ୩. ପେଛା, ପେଣ୍ଡା ।

**ଥୋପାଥୋପା** ***ବିଂ.*** ବିନ୍ଦୁ ବିନ୍ଦୁ, ଟୋପା ଟୋପା ।

**ଥୋପାସଜ** ***ବି.*** ପଥୁରିଆଙ୍କ ମୁଗୁର ଓ ନିହାଣ ।

**ଥୋପି** ***ବି.*** ଶକ୍ତ ଚାପୁଡ଼ା ମାଡ଼ ।

**ଥୋପିବା** ***କ୍ରି.*** ୧. ମାଡ଼ଦେବା ୨. ସ୍ଥାପନ କରିବା, ପ୍ରତିଷ୍ଠା କରିବା ।

**ଥୋପେଇବା** ***କ୍ରି.*** ଜୋରରେ ଆଘାତ ଦେବା ।

**ଥୋବ୍ଡ଼ା** ***ବି.*** ୧. ଅତିବୁଢ଼ା ୨. ନିର୍ଲ୍ଲଜ ୩. ମୁହଁ ।

**ଥୋବରା** ***ବିଂ.*** ଅଲାଜୁକ, ବେସରମ, ବେହିଆ ।

**ଥୋରି ହେବା** ***କ୍ରି.*** (ଖାଦ୍ୟ ଲୋଭରେ) ଏଠି ସେଠି ମୁହଁ ମାରିବା ।

**ଥୋଲି** ***ବି.*** ଛୋଟ ପେଛା ।

**ଥୋଲି ବାଇଗଣ** ***ବି.*** ପେଣ୍ଡି ବାଇଗଣ - ଯେଉଁ ବାଇଗଣ ପେଛା ପେଛା ହୋଇ ଫଳେ ।

**ଥୋଲୋ** ***ବିଂ.*** ଅର୍ଦ୍ଧ-ତରଳ ଓ ଅର୍ଦ୍ଧ କଠିନ ।

**ଥ୍ରୁ** ***କ୍ରି.ବିଂ.*** ଜରିଆରେ, ଦେଇ, ମାଧ୍ୟମରେ ।

**ଥ୍ରୋ** ***ବି.*** ଫିଙ୍ଗିବା, ପିଙ୍ଗା ।

# ଦ

**ଦ ବି.** ବ୍ୟଞ୍ଜନ ବର୍ଣ୍ଣର ଅଷ୍ଟାଦଶ ଅକ୍ଷର ।

**ଦଁତ୍ରା ବି.ବିଂ.** ଦାନ୍ତୁରା, ଯାହାର ଦାନ୍ତ ବଡ଼ ଆକାରର; *ସ୍ତ୍ରୀ.* ଦାନ୍ତୁରୀ ।

**ଦଂ ବି.** ବିବାହ ବେଳର ନାଚ ।

**ଦଂଶ ବି.** ଡାଉଁଶ, ବଡ଼ମଶା ।

**ଦଂଶନ ବି.** ୧. କାମୁଡ଼ା ୨. ନାହୁଡ଼ଦ୍ୱାରା ଆଘାତ ୩. ତୀବ୍ର ଓ ଯନ୍ତ୍ରଣାଦାୟକ ଅନୁଭବ ।

**ଦଂଶନ କରିବା କ୍ରି.** ୧. କାମୁଡ଼ିବା ୨. ଦଂଶିବା, ସାପ କାମୁଡ଼ିବା ୩. ନାହୁଡ଼ ବା ଶୁଣ୍ଢରେ ଆଘାତ କରିବା ।

**ଦଂଶିତ ବିଂ.** କାମୁଡ଼ା ଖାଇଥିବା, ନାହୁଡ଼ରେ ଆହତ ।

**ଦଂଷ୍ଟ ବିଂ.** ଦଂଶିତ ।

**ଦଅଁରା, ଦଉଁରା ବି.** ଦଉଡ଼ି, ରସି ।

**ଦଅଁଶିବା କ୍ରି.** ଦଂଶନ କରିବା, କାମୁଡ଼ିବା ।

**ଦଅଣା ବି.** ୧. ଲାଉଖିରି ୨. ଫୁଟି କାକୁଡ଼ି ବିଶେଷ ୩. ଦୟଣା ଗଛ ଓ ତା'ର ପତ୍ର ।

**ଦଇତ ବି.** ୧. ସ୍ୱାମୀ ୨. ପ୍ରଭୁ ।

**ଦଇତା ବି.** ୧. ଜଗନ୍ନାଥଙ୍କ ସେବକ ଗୋଷ୍ଠୀ ବିଶେଷ ୨. ପତ୍ନୀ ।

**ଦଇତାପତି ବି.** ପ୍ରଧାନ ଦଇତା, ଦଇତା ସେବକମାନଙ୍କ ମଧ୍ୟରେ ମୁଖ୍ୟ ।

**ଦଇନି ବି.** କାତର ପ୍ରାର୍ଥନା, ଅନୁନୟ, ବିନୟ, ଅନୁରୋଧ, ବିନତି, ନିବେଦନ ।

**ଦଇବ ବି.** ୧. ବିଧାତା ୨. ଭାଗ୍ୟ ।

**ଦଇବଛଡ଼ା ବି.ବିଂ.** ଦୁର୍ଭାଗା, ଯାହାକୁ ଦଇବ ଛାଡ଼ିଲାଣି, ଭାଗ୍ୟହୀନ ।

**ଦଇବେ କ୍ରି.ବିଂ.** ୧. ହଠାତ୍, ଦୈବାତ୍, ଯୋଗକୁ ୨. ଭାଗ୍ୟବଶତଃ ।

**ଦଉଡ଼ ବି.** ୧. ଧାଇଁବା କାର୍ଯ୍ୟ ୨. ପାରିବାପଣ, ସାମର୍ଥ୍ୟ ।

**ଦଉଡ଼ା ବି.** ମୋଟାରସି, ଦଉଡ଼ି ।

**ଦଉଡ଼ା ଦଉଡ଼ି ବି.** ୧. ଧାଁ ଧପଡ ୨. ଏକ ପ୍ରକାର ଖେଳ ।

**ଦଉଡ଼ିଡ଼ିଆଁ ବି.** ଲମ୍ବା ଦଉଡ଼ି ସାହାଯ୍ୟରେ ଝିଅମାନଙ୍କର ଡିଆଁ ଖେଳ ବିଶେଷ, ସ୍କିପିଙ୍ଗ୍ ।

**ଦଉଡ଼ି ଦେବା କ୍ରି.** ବେକରେ ଦଉଡ଼ି ଲଗେଇ ଆତ୍ମହତ୍ୟା କରିବା ।

**ଦଉଡ଼ିବଳା ବି.** ଶ୍ରୀମନ୍ଦିରରେ ଦଉଡ଼ି ଯୋଗାଇବା ସେବକ।

**ଦଉଡ଼ି ଲାଗିବା କ୍ରି.** ଦେବ ଦର୍ଶନ ପାଇଁ ସୁଯୋଗ ଆସିବା ।

**ଦଉରା, ଦୌରା ବି.** ୧. ସେସନ୍ସ କୋର୍ଟ ୨. ଗସ୍ତ, ଟୁର ।

**ଦଉଲତ ବି.** ଧନସମ୍ପତ୍ତି ।

**ଦଏର୍ ବି.** ୧. ନାଳ, କେନାଲ ୨. ଖାଲ ।

**ଦଏରି ବି.** ଛୋଟଡଲା ବା ପାଛିଆ ।

**ଦକ, ଦକା ବି.** ଉଦ୍‌ବେଗ, ଚିନ୍ତା, ଶଙ୍କା ।

**ଦକଦକ ବିଂ.** ୧. ଉଦ୍‌ବେଗଯୁକ୍ତ ୨. ନିଆଁ ଦହକରେ ଜଳୁଥିବା ।

**ଦଖଲ ବି.** ୧. ଅଧିକାର ୨. ଅକ୍ତିଆର ବା ସମ୍ପତ୍ତିର ମାଲିକାନାପ୍ରାପ୍ତି ।

**ଦଖଲଦାର ବି.ବିଂ.** ଅଧିକାର ସାବ୍ୟସ୍ତ କରୁଥିବା (ବ୍ୟକ୍ତି) ।

**ଦଖଲନାମା ବି.** ଅଧିକାରଭୁକ୍ତ କରିବାପାଇଁ ସରକାରୀ ଆଦେଶପତ୍ର ।

**ଦଖଲା ବିଂ.** କାଦୁଆ, ପାଣି କାଦୁଅ ପଚପଚ ।

**ଦଖଲି ବିଂ.** ଅଧିକାରଭୁକ୍ତ, ଅକ୍ତିଆରରେ ଥିବା ।

**ଦଗ୍‌ଲି ବି.** କୁର୍ତା, କମିଜ, ସାର୍ଟ୍, ଜାମା ।

**ଦଗଦ୍ ବି.** ଅମ୍ଳରୋଗ, ଅଜୀର୍ଣ୍ଣ ବା ଅମ୍ଳଯୋଗୁଁ ଛାତି ପୋଡାଜଳା, ଦଗ୍‌ଧ, ଅମିଳ୍‌ତା ।

**ଦଗଲ୍ ବିଂ.** ୧. କାଦୁଆ, ଦଲଦଲିଆ ୨. ଗଣ୍ଡଗୋଳିଆ ।

**ଦଗଲ୍‌ବାଜ୍ ବିଂ.** ଭୋପା, ଧନ୍ଧାବାଜ୍, ଠକ ।

**ଦଗଲ୍‌ବାଜୀ ବିଂ.** କଳିହୁଡ଼ୀ, ଗଣ୍ଡଗୋଳିଆ (ସ୍ତ୍ରୀ) ।

**ଦଗା ବି.** ଚେଂଖା, ଧୋକା, ବିଶ୍ୱାସଘାତକତା, ପ୍ରତାରଣା ।

**ଦଗାଦାର ବି.ବିଂ.** ଠକ, ପ୍ରତାରକ, ପ୍ରବଞ୍ଚକ, ବିଶ୍ୱାସଘାତକ, କଥାଦେଇ ରଖୁନଥିବା, ଦଗାଦିଆ ।

**ଦଗାଦିଆ ବି.ବିଂ.** କଥା ରଖୁନଥିବା, ଦଗାବାଜ୍।

**ଦଗା ଦେବା କ୍ରି.** ଧୋକା ଦେବା, କଥା ବା ଭରସା ଦେଇ ଠକିଦେବା ।

**ଦଗାବାଜ୍ ବି.ବିଂ.** ଠକ, ପ୍ରତାରକ ।

**ଦଗାଲ୍ କରିବା କ୍ରି.** ଅତି ଉଜ୍ଜଳ ଦେଖାଯିବା, ଝଲସିବା ।

**ଦଙ୍ଗଲ ବି.** ୧. ଭିଡ଼ ୨. ଦଳ, ବହୁ ସଂଖ୍ୟକ ଲୋକ ।

**ଦଙ୍ଗା ବି.** ବହୁଲୋକ ଏକାଠି ହୋଇ କରିବା ମାରପିଟ୍ ବା ଗଣ୍ଡଗୋଳ ।

**ଦଙ୍ଗାହଙ୍ଗାମା ବି.** ସମୂହ ଗଣ୍ଡଗୋଳ, ମାରପିଟ୍ ।

**ଦଗ୍ଧ ବି.** ପିତ୍ତ ଓ ଅମ୍ଳର ଆଧିକ୍ୟ, ଦଗଦ୍ ; **ବିଂ.** ପୋଡ଼ିଯାଇଥିବା ।

**ଦଗ୍ଧହାଣ୍ଡି ବି.** ମୃତ୍ୟୁର ଦଶମ ଦିନରେ ତୁଠରେ ବ୍ୟବହୃତ ତେଲପୂର୍ଣ୍ଣ ଜଳନ୍ତା ପ୍ରେତ-ହାଣ୍ଡି ।

**ଦଗ୍ଧୀଭୂତ *ବିଂ.*** ୧. ପୋଡ଼ି ଯାଇଥିବା ୨. ପରିମାର୍ଜିତ ୩. ସଫା ହୋଇଥିବା ।

**ଦଡ଼ଦଡ଼ି ଯିବା *କ୍ରି.*** ଟାଣ ହୋଇ ଲାଗିଯିବା ।

**ଦଡ଼ବଡ଼ି *ବି.*** ୧. ଜୁଲୁମ୍ ୨. ଜଞ୍ଜାଳ ୩. ତଡ଼ବଡ଼, ତରବର, ହରବର ।

**ଦଡ଼ି *ବି.*** ନରମା କାଦୁଅ ।

**ଦଢ଼ *ବିଂ.*** ୧. ଶକ୍ତ, ଟାଣ, ଆଣ୍ଟ ୨. ଅକ୍ଷତ ୩. ଖୁଞ୍ଚ ଲାଗି ନ ଥିବା ୪. ଅଛିନ୍ନ ୫. ଅଭଙ୍ଗା ।

**ଦଣ୍ଟା *ବିଂ.*** ୧. ଶକ୍ତିଶାଳୀ, ବଳୁଆ, ଦୃଢ଼ ୨. ମନଟାଣ ।

**ଦଣ୍ଟାଇବା *କ୍ରି.*** ଅସ୍ତବ୍ୟସ୍ତ କରି ପକାଇବା, ବିବ୍ରତ କରାଇବା ।

**ଦଣ୍ଟାଗିଲି *ବି.*** ଗିଲିଦଣ୍ଡା, ଡାବଲପୁଆ ବା ଗୁଚିତାଣ୍ଡୁ ଖେଳ ।

**ଦଣ୍ଟାମାର୍କା *ବିଂ.*** ୧. ଅନମନୀୟ, ଜବର, ଦୃଢ଼ ପ୍ରତିଜ୍ଞ ୨. ଷଣ୍ଢାଳିଆ ।

**ଦଣ୍ଡ *ବି.*** ୧. ଚବିଶ ମିନିଟ୍‌ର ସମୟ ୨. ଯଷ୍ଟି, ଲାଠି, ବାଡ଼ି ୩. ଶାସ୍ତି ୪. ଯୁଦ୍ଧ ୫. ଜୋରିମାନା ୬. ରାଜ୍ୟଶାସନର ନୀତିବିଶେଷ ୭. ରାଜଶକ୍ତିର ଚିହ୍ନ ବିଶେଷ ୮. ସୈନ୍ୟ ୯. ଚାରିହାତ ପରିମାଣ ୧୦. ଦଣ୍ଡନାଟ ।

**ଦଣ୍ଡକ *ବି.*** ୧. ଦକ୍ଷିଣ ଅଞ୍ଚଳର ଦଣ୍ଡ ନାମକ ବନ ୨. ଗୁରୁ-ଲଘୁ ନିୟମଯୁକ୍ତ ଗାନରୀତି ।

**ଦଣ୍ଡକାକ *ବି.*** ଡାମରା କୁଆ ।

**ଦଣ୍ଡକିରି *ବି.*** ପାଣିର ଉପରସ୍ତରରେ ପହଁରୁଥିବା ତରକା ସାନ ମାଛ, ବୁଜି (ମାଛ), ଶର୍ଫରୀ ।

**ଦଣ୍ଡଧର *ବି.*** ୧. ରାଜା, ଶାସକ ୨. ଯମ ୩. କୁମ୍ଭାର ୪. ପାଲିଙ୍କିବାହକ ।

**ଦଣ୍ଡନାଟ *ବି.*** ଶିବ ଓ ଶକ୍ତି ଆରାଧନାକୈନ୍ଦ୍ରିକ ଲୋକନାଟ ।

**ଦଣ୍ଡନାୟକ *ବି.*** ୧. ରାଜା ୨. ବିଚାରକ ୩ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳର ଅଧିପତି ।

**ଦଣ୍ଡନୀତି *ବି.*** ଅପରାଧୀକୁ ଶାସ୍ତି ଦେବା ବିଧି ବା ନିୟମ ।

**ଦଣ୍ଡନୀୟ *ବିଂ.*** ଦଣ୍ଡର ଯୋଗ୍ୟ, ଶାସ୍ତି ପାଇବା ଯୋଗ୍ୟ ।

**ଦଣ୍ଡପତ୍ରିକା *ବି.*** ପାନିଆ, ଚିରିଣି, କଙ୍କତିକା ।

**ଦଣ୍ଡପାଟ *ବି.*** ରାଜ୍ୟର ଶାସନ ପାଇଁ ବିଭକ୍ତ ଅଞ୍ଚଳ ବା ଭୂଭାଗ ।

**ଦଣ୍ଡପାଟୁଆ *ବି.*** ୧. ଦଣ୍ଡବ୍ରତର ପ୍ରଧାନ ଭକ୍ତ ବା ଭୋକ୍ତା ୨. ଦଣ୍ଡବ୍ରତ ମନାସିଥିବା ବ୍ୟକ୍ତି ।

**ଦଣ୍ଡପାଣି *ବି.*** ୧. ବହୁ ଅଭିଜ୍ଞତାସମ୍ପନ୍ନ ବୟସ୍କ ବ୍ୟକ୍ତି ୨. ରାଜା ୩. ବାଡ଼ିଧରି ଜନତାକୁ ନିୟନ୍ତ୍ରଣ କରୁଥିବା ବ୍ୟକ୍ତି ।

**ଦଣ୍ଡପାଳ *ବି.*** ୧. ଦରୁଆନ, ଦ୍ୱାରରକ୍ଷକ ୨. ବିଚାରପତି ।

**ଦଣ୍ଡପ୍ରଣାମ *ବି.*** ଭୂମି ଉପରେ ମୁହଁ ମାଡ଼ି ଲମ୍ବ ହୋଇପଡ଼ି ପ୍ରଣାମ କରିବା ।

**ଦଣ୍ଡବତ *ବି.*** ସାଷ୍ଟାଙ୍ଗ ନମସ୍କାର, ପ୍ରଣିପାତ ।

**ଦଣ୍ଡବିଧି *ବି.*** ଅପରାଧୀକୁ ଦଣ୍ଡ ଦେବା ପାଇଁ ନିର୍ଦ୍ଧାରିତ ଆଇନ ।

**ଦଣ୍ଡବୈଠକ *ବି.*** ଶାରୀରିକ ବ୍ୟାୟାମ ବିଶେଷ ।

**ଦଣ୍ଡ ମାରିବା *କ୍ରି.*** ବାହୁ ଶକ୍ତି ବଢ଼ାଇବା ପାଇଁ ବ୍ୟାୟାମ କରିବା ।

**ଦଣ୍ଡଯାତ୍ରା *ବି.*** ୧. ଦଣ୍ଡନାଟ ୨. ଯୁଦ୍ଧ ଅଭିଯାନ ।

**ଦଣ୍ଡସନ୍ନ୍ୟାସୀ *ବି.*** ପଳାଶ ଯଷ୍ଟି ହାତରେ ଧରି କାନ୍ଧରେ ପକାଇଥିବା ଗୃହତ୍ୟାଗୀ ସନ୍ନ୍ୟାସୀ ।

**ଦଣ୍ଡା *ବି.*** ୧. ଚାଷ ହୋଇ ନଥିବା ପଡ଼ିଆ ଭୂମି ୨. ଶଗଡ଼ର ପଛକୁ ବାହାରିଥିବା କାଠ ବା ବାଉଁଶ ; ***ବିଂ.*** ୧. ଦୁଃସାହସୀ ୨. କଠୋର ୩. ପତ୍ର ନ ଥିବା ଲମ୍ବା ଡାଙ୍ଗ ୪. ଦୁଇ ନାକପୁଡାର ସଂଯୋଜକ ନରମ ଉପାସ୍ଥି ।

**ଦଣ୍ଡାଦଣ୍ଡି *ବି.*** ୧. ବାଡ଼ିଆବାଡ଼ି, ପିଟାପିଟି ୨. ଲାଠିରେ ପରସ୍ପର ପ୍ରହାର ।

**ଦଣ୍ଡାବାଳୁଙ୍ଗା *ବି.ବିଂ.*** ଅତି ଦୁଷ୍ଟ, ଖବିସା, ବଦମାସ ।

**ଦଣ୍ଡାୟମାନ *ବିଂ.*** ଠିଆ, ଖାଡ଼ା ।

**ଦଣ୍ଡି *ବି.*** ୧. ନାକପୁଡାର ମଝି ଅଂଶରେ ପିନ୍ଧାଯାଉଥିବା ଅଳଙ୍କାର ୨. ନିକିତିର ପରିମାଣସୂଚକ କଣ୍ଟା ।

**ଦଣ୍ଡିତ *ବିଂ.*** ଶାସ୍ତି ବା ଦଣ୍ଡ ପାଇଥିବା ।

**ଦଣ୍ଡିଦାର *ବି.*** ୧. ଓଜନ କରୁଥିବା ବ୍ୟକ୍ତି ୨. ମହାଜନ, ପେଣ୍ଠର ମାଲିକ ।

**ଦଣ୍ଡିବା *କ୍ରି.*** ଦଣ୍ଡ ଦେବା, ଶାସ୍ତିଦେବା ।

**ଦଣ୍ଡି ମାରିବା *କ୍ରି.*** ଓଜନରେ ଠକିବା ।

**ଦଣ୍ଡୀ *ବି.*** ୧. ବ୍ରହ୍ମଚାରୀ, ସନ୍ନ୍ୟାସୀ ୨. ପରିବ୍ରାଜକ ୩. ଭିକ୍ଷୁ ।

**ଦଣ୍ଡୁଆ ଡଗର *ବି.*** ଶ୍ରୀମନ୍ଦିରର ସେବକ ବିଶେଷ ।

**ଦଣ୍ଡେଇ *ବି.*** ଦଣ୍ଡକିରି ମାଛ, ବୁଜି, ଶର୍ଫରୀ ।

**ଦଣ୍ଡ୍ୟ *ବିଂ.*** ଦଣ୍ଡନୀୟ, ଶାସ୍ତିପାଇବା ପାଇଁ ଯୋଗ୍ୟ ।

**ଦତ୍ତ *ବିଂ.*** ୧. ଦିଆଯାଇଥିବା ୨. ଅର୍ପିତ, ସମର୍ପିତ ୩. ଦାନ କରାଯାଇଥିବା ।

**ଦତ୍ତକ *ବି.*** ଅନ୍ୟର ପୋଷ୍ୟପୁତ୍ର/କନ୍ୟା; ***ବିଂ.*** ଅନ୍ୟକୁ ସମର୍ପିତ ।

**ଦତ୍ତପୂର୍ବା *ବିଂ.*** ବାଗ୍‌ଦତ୍ତା, ବିବାହ ପାଇଁ ପ୍ରତିଶ୍ରୁତ (କନ୍ୟା) ।

**ଦତ୍ତ ମହାପାତ୍ର *ବି.*** ଶ୍ରୀମନ୍ଦିରରେ ଠାକୁରଙ୍କ ଶ୍ରୀମୁଖ ଚିତ୍ରକର, ଶ୍ରୀମୁଖ ସିଂହାରୀ ଓ ଭିତର ବନକ ସେବକ ।

**ଦଢା** ***ବି.*** ବିବାହିତା, ପରିଣିତା ।

**ଦଦ** ***ବି.*** ୧. ଦୁଧ, ମା କ୍ଷୀର ୨. ସ୍ତନ ।

**ଦଦରା** ***ବିଂ*** ୧. ଦୁର୍ବଳ ହୋଇଯାଇଥିବା ୨. ଶକ୍ତି ହରାଇଥିବା ୩. ଅଧାଭଙ୍ଗା ।

**ଦଦଲ୍ ମସଲ୍** ***ବିଂ*** ମୋଟା ତାଗଡା, ହୃଷ୍ଟପୁଷ୍ଟ, ଶକ୍ତିଶାଳୀ ।

**ଦଦା** ***ବି.*** ୧. ଦାଦା, ବଡ଼ଭାଇ ୨. ବାପାଙ୍କ ବାପା, ଜେଜେବାପା ।

**ଦଦେଇ** ***ବି.*** ବାପାଙ୍କ ବଡ଼ଭାଇ, ବଡ଼ବାପା, ବବା ।

**ଦଧାଳୁ** ***ବିଂ*** ମୋଟାସୋଟା, ଥାକୁଲା ।

**ଦଧି** ***ବି.*** ସିଝା ଦୁଧରୁ ତିଆରି ଖଟାଳିଆ ଖାଦ୍ୟ, ଦହି ।

**ଦଧିଆ** ***ବି.*** ଦନ୍ତାମାଙ୍କଡ, କଳାମୁହାଁ ଅଣ୍ଡିରା ମାଙ୍କଡ ।

**ଦଧିଖୁଆ** ***ବି.*** ଦହିମନ୍ଥାରେ ବ୍ୟବହୃତ କାଠବାଡ଼ି ସହିତ ଗୋଲାକାର କାଠପିଣ୍ଡ ।

**ଦଧିନଉତି** ***ବି.*** ଦେଉଳ ଚୂଡ଼ାର ଦହିହାଣ୍ଡି ଆକାରର ଅଂଶ ।

**ଦଧିବାମନ** ***ବି.*** ୧. ଏକକ ଜଗନ୍ନାଥ ମୂର୍ତ୍ତି ୨. ବିଷ୍ଣୁ ।

**ଦଧିଭାଣ୍ଡ** ***ବି.*** ଦହି ବସାଇବା ବା ରଖିବା ହାଣ୍ଡି, ଦହିହାଣ୍ଡି ।

**ଦଧିମଙ୍ଗଳ** ***ବି.*** ଦହି ଓ ଜୀଅନ୍ତା ମାଛଦ୍ୱାରା କାର୍ଯ୍ୟର ଶୁଭାରମ୍ଭ ବା ଅନୁକୂଳ ।

**ଦନ୍‌କିବା** ***କ୍ରି.ବିଂ*** ୧. ହଲାଇବା ୨. ବାର୍ ବାର୍ ଚାପିବା ।

**ଦନ୍‌ଦନି ଯିବା** ***କ୍ରି.*** ୧. ଦୃଢ଼ ଭାବରେ ଖମ୍ବ ପ୍ରଭୃତି ପୋତା ହେବା ୨. ବ୍ୟଥା ହେବା, କଷ୍ଟ ହେବା ।

**ଦନା** ***ବି.*** ୧. ପତର ଠୋଲା, ଚଉପଦି ୨. ଯୋନି, ନାରୀର ଯୌନାଙ୍ଗ ।

**ଦନାଦନ୍** ***ବିଂ*** ଅବିରତ, ନିରବଚ୍ଛିନ୍ନ ; ***କ୍ରି.ବିଂ*** ସଙ୍ଗେ ସଙ୍ଗେ, ତତ୍‌କ୍ଷଣାତ୍, ହଠାତ୍ ।

**ଦନା ପୁଡ୍‌ଗା** ***ବି.*** ପତ୍ରଦନା ବା ଚଉକୁଣି ଭିତରେ ମାଛ ଆଦି ରଖି ଅଙ୍ଗାରରେ ପୋଡ଼ି ପ୍ରସ୍ତୁତ ବ୍ୟଞ୍ଜନ।

**ଦନୁଜ** ***ବି.*** ୧. ରାକ୍ଷସ, ଦାନବ, ଅସୁର ୨. ଅଶୁଭ ଶକ୍ତିର ପ୍ରତୀକ।

**ଦନ୍ତ** ***ବି.*** ଦାନ୍ତ ।

**ଦନ୍ତଛଦ** ***ବି.*** ପାଟିର ତଳଅଂଶ, ଓଠ ।

**ଦନ୍ତଧାବନ** ***ବି.*** ଦାନ୍ତଘଷା, କାଠିଲାଗି ।

**ଦନ୍ତପନ୍ତି** ***ବି.*** ଦନ୍ତଶ୍ରେଣୀ, ଦାନ୍ତସମୂହ ।

**ଦନ୍ତଶୂଳ** ***ବି.*** ଦାନ୍ତବିନ୍ଧା ରୋଗ ।

**ଦନ୍ତା** ***ବିଂ*** ୧. ବଡ଼ ଦାନ୍ତ ଥିବା ୨. ଶକ୍ତିଶାଳୀ, ବଳୁଆ; ***ବି.*** ହାତୀ ।

**ଦନ୍ତାଇବା** ***କ୍ରି.*** ୧. ହାବୁଡେଇବା, ନିକଟରେ ପହଞ୍ଚାଇବା ୨. ବଳପୂର୍ବକ ମାଡ଼ିଯିବା ବା ପଶିଯିବା ।

**ଦନ୍ତାବଳ** ***ବି.*** ଦାନ୍ତଥିବା ଅଣ୍ଡିରା ହାତୀ, ବଳୁଆ ହାତୀ ।

**ଦନ୍ତାମାର୍କା** ***ବିଂ*** ୧. ପ୍ରବଳ ଶକ୍ତିଶାଳୀ ୨. ଖୁବ୍ ବଡ଼ ଆକାରର ।

**ଦନ୍ତୀ** ***ବିଂ*** ଦାନ୍ତୁରା, ବଡ଼ ବଡ଼ ଦାନ୍ତ ଥିବା; ***ବି.*** ହାତୀ, ହସ୍ତୀ ।

**ଦନ୍ତୁର** ***ବିଂ*** ଦାନ୍ତପରି ମୁନିଆ, ଦାନ୍ତୁରା ।

**ଦନ୍ତୁରିତ** ***ବିଂ*** ୧. କୁଟିଳ ୨. ଉଚ୍ଚନୀଚ ।

**ଦନ୍ତେଇବା** ***କ୍ରି.*** ୧. ଜୋର କରି ମାଡ଼ିଯିବା ୨. ଆକ୍ରମଣ କରିବା ।

**ଦନ୍ତ୍ୟ** ***ବିଂ*** ଦାନ୍ତ ସାହାଯ୍ୟରେ ଉଚ୍ଚାରିତ (ବର୍ଣ୍ଣ) ।

**ଦନ୍ତ୍ୟବର୍ଣ୍ଣ** ***ବି.*** ଦାନ୍ତ ସାହାଯ୍ୟରେ ଉଚ୍ଚାରିତ ବର୍ଣ୍ଣ, ଯଥା – ତ, ଥ, ଦ, ଧ, ନ, ସ ।

**ଦଛଡା, ଦଛରା** ***ବିଂ*** ୧. ଦାଢ଼ ନ ଥିବା, ଧାର ଘୋରି ହୋଇଯାଇଥିବା, ମୁଣ୍ଡା ୨. ମାଖୁନା, ଥୁଡା ।

**ଦନ୍ଥି ଛୁଇଁବା** ***କ୍ରି.*** ମୃତ୍ୟୁ ପୂର୍ବରୁ ଅଙ୍ଗପ୍ରତ୍ୟଙ୍ଗ ଜୋରରେ ସଞ୍ଚାଳିତ ହେବା ।

**ଦନ୍ଥୋ** ***ବିଂ*** ଦେହରେ ଲୁଗା ନ ଥିବା, ଲଙ୍ଗଳା, ଉଲଗ୍ନ, ବସ୍ତ୍ରହୀନ ।

**ଦପ୍‌ଦପ୍ ହେବା** ***କ୍ରି.*** ଲିଭିବା ଓ ଜଳିବା, ମଝି ମଝିରେ ଜଳି ଉଠିବା ।

**ଦପ୍‌ଦପେଇ ଯିବା** ***କ୍ରି.*** ଉଜ୍ଜ୍ୱଳ ଦିଶିବା ।

**ଦପା** ***ବିଂ*** କାହାକୁ ଖାତିର କରୁନଥିବା ନାରୀ ।

**ଦପେଇ** ***ବି.*** ଶଗଡ଼କୁ ଠିଆ କରି ରଖିବା ପାଇଁ ବ୍ୟବହୃତ ତିନିଗୋଡ଼ିଆ ଖୁଣ୍ଟ ।

**ଦପ୍ତର** ***ବି.*** ଅଫିସ, କାର୍ଯ୍ୟାଳୟ, ସିରସ୍ତା ।

**ଦପ୍ତରି** ***ବି.*** ଅଫିସ ବ୍ୟବହାରଯୋଗ୍ୟ ବିଭିନ୍ନ ପଦାର୍ଥ ଯୋଗାଉଥିବା କର୍ମଚାରୀ ।

**ଦଫା** ***ବି.*** ୧. ଆଇନଗତ ଧାରା ୨. ବିଭାଗ ୩. ବିଷୟ ; ***ବିଂ*** ୧. ବଦମାସ ୨. ଅସତ୍‌ଚରିତ୍ରା (ନାରୀ) ।

**ଦଫାଦାର** ***ବି.*** ଚୌକିଦାରମାନଙ୍କ ମଧ୍ୟରେ ପ୍ରଧାନ ।

**ଦଫାଦାରି** ***ବି.*** ଦଫାଦାରର କାର୍ଯ୍ୟ ।

**ଦଫା ବାହାର କରିବା** ***କ୍ରି.*** ନାକେଦମ କରିବା, ଅତିଶୟ ହଇରାଣ କରିବା, ଅଣନିଃଶ୍ୱାସୀ କରିବା ।

**ଦଫାରଫା** ***ବି.*** ମୀମାଂସା, ଫଏସଲା ।

**ଦବ୍‌ଡ଼ିବା** ***କ୍ରି.*** ଦୌଡ଼ିବା, ଧାଇଁବା ।

**ଦବିବା** ***କ୍ରି.*** ୧. ତଳକୁ ବା ଭିତରକୁ ପଶିବା ୨. ଦୁର୍ବଳ ହେବା, ସାମର୍ଥ୍ୟ ହରାଇବା ୩. ଚୁପ୍ ରହିବା ।

**ଦବି ଯିବା** ***କ୍ରି.*** ୧. ମାଟି, ବାଲି ପ୍ରଭୃତିର ସ୍ତର କମିଯିବା ୨. ଚାପ ବା ଓଜନ ଯୋଗୁଁ ତଳକୁ ଚାପି ହେବା ୩. ଧସିଯିବା, ସଙ୍କୁଚିତ ହେବା ୪. ନିଜତ୍ୱ ହରାଇବା ୫. ଦୁର୍ବଳ ହୋଇ ପଡ଼ିବା ।

**ଦବେଇ** ***ବି.*** ଔଷଧ, ଓସ, ମେଡ଼ିସିନ୍ ।

**ଦବେଇଖାନା** ***ବି.*** ଚିକିତ୍ସାଳୟ, ହସ୍ପିଟାଲ୍, ଡାକ୍ତରଖାନା ।

**ଦବେଇବା** ***କ୍ରି.*** ୧. ଚାପିବା ୨. ପରାଭୂତ କରିବା ୩. ମୁହଁତୋଡ଼ ଭାଙ୍ଗିବା ୪. ନାକେଦମ୍ କରିବା ।

**ଦମ୍** ***ବି.*** ୧. ବିରତି, ବିଶ୍ରାମ ୨. ପବନ, ନିଃଶ୍ୱାସ ୩. ଜୋର, ଶକ୍ତି ୪. ଥରକରେ ଶୋଷା ଯିବା ଧୂଆଁର ପରିମାଣ ।

**ଦମ୍ ଉଡ଼ିଯିବା, ଦମ୍ ବାହାରି ଯିବା** ***କ୍ରି.*** ୧. କାମ କରିବାର ଜୋସ ବା ସାମର୍ଥ୍ୟ ହରାଇବା, କ୍ଳାନ୍ତ ହୋଇ ପଡ଼ିବା, ଦୁର୍ବଳ ହୋଇପଡ଼ିବା ୨. ଅଣନିଃଶ୍ୱାସୀ ହେବା, ଧଇଁ ସଇଁ ହେବା, ଫେଣ ବାହାରି ଯିବା।

**ଦମ୍‌କଳ** ***ବି.*** ପାଣିଉଠା ଓ ନିଆଁଲିଭା ଉପକରଣ ।

**ଦମ୍‌ଦମ୍** ***ବିଂ.*** ରାଗ ଅଥବା ଅଭିମାନଭରା ମାଟି-ଦୁଲୁକା (ଚାଲି)।

**ଦମ୍‌ଦମା** ***ବି.*** ୧. ପାହାଚ ୨. ସିଡ଼ି ।

**ଦମ୍‌ଦାର୍** ***ବିଂ.*** ମଜବୁତ୍, ଦମ୍ଭିଲା, ଟାଣୁଆ ।

**ଦମ୍ ଧରିବା** ***କ୍ରି.*** ୧. ଆଶ୍ୱସ୍ତ ହେବା ୨. ମାନସିକ ସ୍ଥିରତା ଫେରିପାଇବା ।

**ଦମ୍‌ସି କରି** ***କ୍ରି.ବିଂ.*** ସାହସର ସହିତ, ବୀରତ୍ୱପୂର୍ଣ୍ଣ ଭାବେ ୨. ଜୋର୍‌କରି, ଦୃଢ଼ଭାବରେ ।

**ଦମ** ***ବି.*** ୧. ଦଣ୍ଡ ୨. ଶାସନ ୩. ଇନ୍ଦ୍ରିୟସଂଯମ ୪. କାଦୁଅ ।

**ଦମକ୍** ***ବି.*** ଉଜ୍ଜ୍ୱଳତା ।

**ଦମକା** ***ବିଂ.*** ୧. ଝଲକା ୨. ହଠାତ୍ ପଶିଆସୁଥିବା ।

**ଦମକାଏ** ***ବିଂ.*** ଝଲକାଏ ।

**ଦମକାଣି** ***ବି.*** ଏକ ଦମକା ବା ଅସରାଏ ବର୍ଷା ।

**ଦମଚ** ***ବିଂ.*** ଉଚ୍ଚଜମି, ମାଟିକୁଦ ।

**ଦମଦମ** ***ବି.ବିଂ.*** ଅହଂଭାବପୂର୍ଣ୍ଣ ଆଚରଣ, ବେଖାତର ଭାବ ।

**ଦମଦମ ଚାଲି** ***ବି.*** ୧. ଦର୍ପିତ ଚାଲି, ପାଦ କଚାଡ଼ି କଚାଡ଼ି ଅଭିମାନ ବା କ୍ରୋଧପୂର୍ଣ୍ଣ ଚାଲି ।

**ଦମନ** ***ବି.*** ୧. ଶକ୍ତି ପ୍ରୟୋଗ ମାଧ୍ୟମରେ ନିବାରଣ ବା ଦଳନ ୨. ଚାପନ ୩. ନିଗ୍ରହ ୪. ବଶୀକରଣ ।

**ଦମନକ** ***ବି.*** ଦଅଣା ଗଛ, ତାର ପତ୍ର ଓ ଫୁଲ ।

**ଦମନକାରୀ** ***ବିଂ.*** ୧. ଦମନ କରୁଥିବା, ନିବାରଣ କରୁଥିବା ୨. କର୍ତ୍ତୃତ୍ୱ ଜାହିର କରୁଥିବା ୩. ବିଜେତା ।

**ଦମନନୀତି** ***ବି.*** ଦମନ ମାଧ୍ୟମରେ ବା ବଳପ୍ରୟୋଗ କରି ଶାସନ କରିବା ନୀତି ।

**ଦମନଲୀଳା** ***ବି.*** ଶକ୍ତିଶାଳୀ ଗୋଷ୍ଠୀଦ୍ୱାରା ସାମୂହିକ ଭାବରେ କୌଣସି ସ୍ଥାନର ଲୋକଙ୍କ ଉପରେ ଶାରୀରିକ ଶକ୍ତି ପ୍ରଦର୍ଶନଦ୍ୱାରା ଭୟ ସୃଷ୍ଟି ।

**ଦମନୀୟ** ***ବିଂ.*** ୧. ଶାସନୀୟ ୨. ନିବାରଣର ଯୋଗ୍ୟ ୩. ଦଣ୍ଡପାଇବାର ଯୋଗ୍ୟ ।

**ଦମା** ***ବି.*** ୧. ଶ୍ୱାସରୋଗ, ସରକି ୨. କ୍ରମାଗତ କାଶ ବା ଶ୍ୱାସ ଯୋଗୁ ଧଇଁସଇଁ ହେବା ଅବସ୍ଥା ୩. ବାଦ୍ୟ ବିଶେଷ ।

**ଦମା ଉଠିବା** ***କ୍ରି.*** ଶ୍ୱାସ ଯୋଗୁ କ୍ରମାଗତ ପବନ ଉଠିବା, ଧଇଁ ସଇଁ ହେବା, ଧଇଁ ପେଲିବା ।

**ଦମାଲୁ** ***ବି.*** ବଡ଼ ମାଟିହାଣ୍ଡିରେ ଏକ ପାଖିଆ ଚମଡା ଛାଉଣି ବଡ଼ ବାଜା, ଦାମାମା ।

**ଦମିତ** ***ବିଂ.*** ବଶ ହୋଇଥିବା, ଶାସିତ, ନିୟନ୍ତ୍ରିତ, ପରିଚାଳିତ ।

**ଦମ୍ପତି** ***ବି.*** ପତି ଓ ପତ୍ନୀ, ସ୍ୱାମୀ-ସ୍ତ୍ରୀ ।

**ଦମ୍ଭ** ***ବିଂ.*** ୧. ମଜଭୁତ, ଦୃଢ଼ ୨. ଟାଣ ; ***ବି.*** ଶଠତା, ଆତ୍ମବଳ ।

**ଦମ୍ଭ ଦେବା** ***କ୍ରି.*** ୧. ବିପଦ ବେଳେ ସାହସ ଦେବା ୨. ଭରସା ଦେବା ।

**ଦମ୍ଭ ଧରିବା** ***କ୍ରି.*** ଆଶ୍ୱସ୍ତ ହେବା, ମାନସିକ ଦୃଢ଼ତା ଫେରିପାଇବା ।

**ଦମ୍ଭ ଭାଙ୍ଗିବା** ***କ୍ରି.*** ଆତ୍ମବିଶ୍ୱାସ ତୁଟିଯିବା ।

**ଦମ୍ଭିଲା** ***ବିଂ.*** ଦମ୍‌ଦାର୍, ମଜଭୁତ, ଟାଣ, ଦୃଢ଼ ।

**ଦମ୍ଭୀ** ***ବିଂ.*** ୧. ଗର୍ବୀ, ଅହଂକାରୀ ୨. ଆତ୍ମବଳବିଶ୍ୱାସୀ । ।

**ଦୟଣା** ***ବି.*** ଦଅଣା, ଠାକୁରଙ୍କ ଅଙ୍ଗଲାଗି ହେଉଥିବା ସୁବାସିତ ପତ୍ର ଥିବା ଗୁଳ୍ମ ।

**ଦୟଣାଚୋରି** ***ବି.*** ଶ୍ରୀମନ୍ଦିରରେ ଦ୍ୱାଦଶ ଯାତ ମଧ୍ୟରେ ଅନ୍ୟତମ ।

**ଦୟନୀୟ** ***ବିଂ.*** ୧. ଦୟା ପାଇବା ଯୋଗ୍ୟ ୨. ଦୁଃଖ ଜଞ୍ଜାଳରେ ପଡ଼ିଥିବା ୩. ଅଭାବ ଓ ଭୟପୀଡ଼ିତ, ଅସହାୟ ।

**ଦୟା** ***ବି.*** ପରଦୁଃଖ ଗ୍ରହଣ ଇଚ୍ଛା, କୃପା, କରୁଣା, ଅନୁକମ୍ପା ।

**ଦୟାଧର୍ମ** ***ବି.*** ଦୟା, ଧର୍ମ ପ୍ରଭୃତି ମାନବିକ ଗୁଣାବଳୀ ।

**ଦୟାବୀର** ***ବିଂ.*** ଅନ୍ୟର ଦୁଃଖ ଓ ଅସନ୍ତୋଷ ମୋଚନପାଇଁ ସହୃଦୟତାର ସହିତ ବିପଦକୁ ସ୍ୱୀକାର କରୁଥିବା ବ୍ୟକ୍ତି ।

**ଦୟାର୍ଦ୍ର** ***ବିଂ.*** ଅନ୍ୟର ଦୁଃଖରେ ସମଭାଗୀ, ହୃଦୟବାନ ।

**ଦୟାଳୁ** ***ବିଂ.*** କରୁଣା ଦେଖାଉଥିବା, ଦୟାଦ୍ର ।

**ଦୟାଶୀଳ, ଦୟାବାନ୍** ***ବିଂ.*** ଦୟାଳୁ ।

**ଦୟିତ** ***ବିଂ.*** ଇଚ୍ଛା, ଅଭୀଷ୍ଟ ; ***ବି.*** ପ୍ରେମିକ, ସ୍ୱାମୀ ।

**ଦୟିତା** *ବି.* ପତ୍ନୀ, ସ୍ତ୍ରୀ, ପୁରୁଷର ଅର୍ଦ୍ଧାଙ୍ଗିନୀ ।

**ଦର୍‌ଖେଣିଆ** *ବି.* ୧. ଅଧାଗଢ଼ା, ଅପାର୍ଦ୍ଧସମ୍ପୂର୍ଣ୍ଣ ୨. ଯାହା ନିଖୁଣ ନୁହେଁ।

**ଦର୍‌ଗଧରିଆ** *ବିଂ.* ଦରକଞ୍ଚା, ଦରପଚା ।

**ଦର୍‌ଢ଼ିବା** *କ୍ରି.* (ତରଳ ପଦାର୍ଥ) ଢାଳିବା, ଇଢ଼ିବା।

**ଦର୍‌ପଚା** *ବିଂ.* ଅଧପାଚିଲା।

**ଦର୍‌ପଟା** *ବି.* ବହୁ ବ୍ୟବହାର ପରେ ଛିଣ୍ଡି ବା ଫାଟି ଯାଇଥିବା ଲୁଗାପଟା ଆଦି।

**ଦର୍‌ବା** *ବି.* ଚଷୁ, ଚୋପା ଭଳି ଗୋ ଖାଦ୍ୟ।

**ଦର୍‌ଲା** *ବି.* ୧. ଅସରାଏ ବର୍ଷା ୨. ରୁଗୁଡ଼ି, ଗୋଡ଼ିମାଟି ।

**ଦର୍‌ଲିବା** *କ୍ରି.* ୧. ଦଳିବା, ଦଳି ଗୁଣ୍ଡ କରିବା ୨. ପ୍ରଚଣ୍ଡ ଗାଳି ବା ମାଡ଼ ଦେବା ୩. ପାଣି ଅଜାଡ଼ିବା ବା ଅଜାଡ଼ି ହେବା ୪. ଅସରାଏ ବର୍ଷିବା ।

**ଦର୍‌ଲୋ ଦର୍‌ଲୋ, ଦରୋଦରୋ** *କ୍ରି.ବିଂ.* ମୋଟା ଧାରରେ ପାଣି ଆଦି ତଳକୁ ପଡ଼ିବା, ଶବ୍ଦ ସହ ପାଣି ପଡ଼ିବା।

**ଦର୍‌ୱାନ** *ବି.* ଦରୁଆନ, ଜଗୁଆଳି, ଦ୍ୱାରରକ୍ଷକ, ଦ୍ୱାରପାଳ ।

**ଦର୍‌ସଁଭାଲ** *ବିଂ.* ଅସମ୍ଭାଳ, ଅଣାୟତ୍ତ, ଆୟତ୍ତ ବାହାରେ।

**ଦର୍‌ହ** *ବି.* ୧. ଦର, ନଦୀର ଗଣ୍ଡ ବା ଗଭୀର ଅଂଶ ୨. ଖରା ଦିନରେ ବି ପାଣି ରହୁଥିବା ନଦୀର ଖାଲୁଆ ଅଂଶ ।

**ଦର** *ବି.* ୧. ଭାଉ, ମୂଲ୍ୟ, ହାର ୨. ଡର, ଭୟ ୩. ଗାତ ୪. ଶଙ୍ଖ ୫. ଅଳପ, ଈଷତ୍ ୬. ଗୁମ୍ଫା ୭. ଦର୍‌ହ ।

**ଦରଆଉଜା** *ବିଂ.* ଦରମେଲା, ଅଳ୍ପ ବା ଅଧା ବନ୍ଦ ହୋଇଥିବା (କବାଟ, ଝରକା) ।

**ଦରକଞ୍ଚା** *ବିଂ.* ଅଳ୍ପକଞ୍ଚା ଅଂଶ ଥାଇ, ଅଧାପାଚିଲା ।

**ଦର କରିବା** *କ୍ରି.* ମୂଲ କରିବା, ଦାମ ନିରୂପଣ କରିବା ।

**ଦରକାଣ୍ଡିଆ** *ବିଂ.* ପୂରା ବା ଭଲ ଭାବେ କଣ୍ଡା ବା ସଫା ହୋଇ ନ ଥିବା (ଚାଉଳ) ।

**ଦରକାର** *ବି.* ଆବଶ୍ୟକ, ଲୋଡ଼ା, ପ୍ରୟୋଜନ ।

**ଦରକାରୀ** *ବିଂ.* ଲୋଡ଼ା, ଆବଶ୍ୟକ, ପ୍ରୟୋଜନୀୟ ।

**ଦରଖାସ୍ତ** *ବି.* ଆବେଦନପତ୍ର, ଅର୍ଜି, ଆପ୍ଲିକେସନ୍ ।

**ଦରଖାସ୍ତକାରୀ** *ବି.* ଆବେଦନ କରିଥିବା ବ୍ୟକ୍ତି ।

**ଦରଖିଆ** *ବି.* ଅଧାଖିଆ, ଅଧାପେଟ ।

**ଦରଘା** *ବି.* ମୁସଲମାନ ପୀର ବା ସୁଫି ସନ୍ଥଙ୍କ ପୁଣ୍ୟ ସମାଧି ସ୍ଥଳ ବା ସ୍ମୃତି ସ୍ଥାନ ।

**ଦରଜ** *ବି.* ୧. ବଥା, ଦୁଖା, ପୀଡ଼ା ୨. ଉଲ୍ଲେଖ, ଅଧିକାର ଜାହିର ।

**ଦରଜା** *ବି.* ଦୁଆର, ଘରର ପ୍ରବେଶ ପଥ ।

**ଦରଜି** *ବି.* ସିଲେଇ କରିବା ବ୍ୟକ୍ତି ।

**ଦରଣ୍ଡାଦରଣ୍ଡି** *ବିଂ.* ଖୋଜାଖୋଜି ।

**ଦରଦ୍** *ବିଂ.* ୧. ସଜ, ତାଜା, ବାସି ହୋଇନଥିବା ୨. ପୀଡ଼ା, କଷ୍ଟ ।

**ଦରଦ** *ବି.* ୧. ସମବେଦନା, ସହାନୁଭୂତି ୨. ଆନ୍ତରିକତା ।

**ଦରଦର** *ବିଂ.* ଅବିରଳ, ଅନବରତ, ଅବିଶ୍ରାନ୍ତ ।

**ଦରଦାମ୍** *ବି.* ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ମୂଲ୍ୟ, ଭାଉ, କ୍ରୟମୂଲ୍ୟ ।

**ଦରଦୀ** *ବିଂ.* ସହୃଦୟ, ସହାନୁଭୂତିଶୀଳ, ଅନ୍ୟର ଦୁଃଖ ବୁଝିପାରୁଥିବା ।

**ଦରପାଚିଲା** *ବିଂ.* ଆଂଶିକ ପାଚିଲା, ଅଧାପାଚିଲା ।

**ଦରପୋଡ଼ା** *ବିଂ.* ପୂରାପୂରି ପୋଡ଼ି ନ ଥିବା, ଅଳ୍ପ ପୋଡ଼ିଯାଇଥିବା, ଅର୍ଦ୍ଧଦଗ୍ଧ ।

**ଦରଫଟା** *ବିଂ.* ଅଳ୍ପ ଫାଟିଥିବା ।

**ଦରଫୁଟା** *ବିଂ.* ୧. ଅଧା ଫୁଟିଥିବା ୨. ଅଧାସିଝା ।

**ଦରବ** *ବି.* ଦ୍ରବ୍ୟ, ପଦାର୍ଥ, ବସ୍ତୁ, ଚିଜ ।

**ଦରବା.ଦରଭା** *ବି.* ଛିଣ୍ଡା ପିନ୍ଧାଲୁଗା, ଛିଣ୍ଡା କପଡ଼ା ।

**ଦରବାର** *ବି.* ରାଜସଭା, ନ୍ୟାୟ ବିଚାର ପାଇଁ ବିଶିଷ୍ଟ ବ୍ୟକ୍ତିମାନଙ୍କର ସମ୍ମେଳନ ।

**ଦରବାରୀ** *ବି.* ୧. ହିନ୍ଦୁସ୍ତାନୀ ସଙ୍ଗୀତର ଶାସ୍ତ୍ରୀୟ ରାଗବିଶେଷ ୨. ସଭାସଦ୍, ରାଜଦରବାରରେ ଯୋଗ ଦେଉଥିବା ବ୍ୟକ୍ତି ; *ବିଂ.* ଦରବାର ସମ୍ବନ୍ଧୀୟ ।

**ଦରବିକଶିତ** *ବିଂ.* ଅଳ୍ପ ଫୁଟି ଥିବା, ଅଳ୍ପ ମୁକୁଳିତ, ଦରଫୁଟା ।

**ଦରବିଗଳିତ** *ବିଂ.* ଅଳ୍ପ ଅଳ୍ପ ଝରୁଥିବା ।

**ଦରବୁଢ଼ା** *ବିଂ.* ବାର୍ଦ୍ଧକ୍ୟରେ ପାଦ ଦେଇଥିବା, ପ୍ରୌଢ଼ ।

**ଦରବେଶ** *ବି.* ମୁସଲମାନ ସନ୍ଥ ବା ସନ୍ନ୍ୟାସୀ ।

**ଦରଭଙ୍ଗା** *ବିଂ.* କିଛି ପରିମାଣରେ ଭଙ୍ଗା, ଅଧାଭଙ୍ଗା ।

**ଦରମରା** *ବିଂ.* ଅଧାମଲା, ମରି ନ ଥିବା କିନ୍ତୁ ମରିବାକୁ ଯାଉଥିବା ।

**ଦରମା** *ବି.* ୧. ବେତନ, ଚୁକ୍ତିବଦ୍ଧ ବା ନିର୍ଦ୍ଧାରିତ ରୋଜଗାର ବା ଉପାର୍ଜନ ୨. ସ୍କୁଲ କଲେଜରେ ଛାତ୍ରଛାତ୍ରୀମାନେ ଦେବା ଫିଜ୍ ।

**ଦରମାଖିଆ** *ବିଂ.* ଚଳିବା ପାଇଁ ନିଜ ବେତନ ଉପରେ ନିର୍ଭରଶୀଳ, ମୁଣ୍ଡବିକା ଚାକିରିଆ ।

**ଦରମୁକୁଳିତ** *ବିଂ.* ଫୁଟି ଆସୁଥିବା, ଦରଫୁଟା ।

**ଦରଶୁଆ ଝିଲି** *ବି.* ଶ୍ରୀମନ୍ଦିରରେ ପହିଲି ଭୋଗରେ ଲାଗିବା ବଡ଼ ଝିଲି।

**ଦରଶୁଆ ବଡ଼ି** *ବି.* ଶ୍ରୀମନ୍ଦିରରେ ପହିଲି ଭୋଗରେ ଲାଗିବା ବଡ଼ ବଡ଼ି।

**ଦରସିଝା** *ବି.* ପୂରା ସିଝି ନ ଥିବା ।

**ଦରହସା** ***ବିଂ.*** ୧. ଅଳ୍ପ କଥାରେ ହସୁଥିବା ୨. ଇଙ୍ଗିତଦେଇ ହସୁଥିବା ।

**ଦରହାସ** ***ବିଂ.*** ୧. ଈଷତ୍ ହାସ, ଇଙ୍ଗିତପୂର୍ଣ୍ଣ ହସ ୨. ମୁଚୁକୁନ୍ଦିଆ ହସ ।

**ଦରହାସୀ** ***ବିଂ.*** ଅଳ୍ପ ଅଳ୍ପ ହସୁଥିବା (ନାରୀ), ରସିକା ।

**ଦରାଣ୍ଡିବା** ***କ୍ରି.*** ଠିକ୍ ଭାବେ ଦେଖି ନ ପାରି ଏଣେତେଣେ ଅଣ୍ଡାଳିବା ବା ଖୋଜିବା ।

**ଦରି** ***ବି.*** ମୋଟା ସୂତା ତିଆରି ଗାଲିଚା, ସତରଞ୍ଜି ।

**ଦରିଆ** ***ବି.*** ସମୁଦ୍ର, ସାଗର, ପାରାବାର ।

**ଦରିଆପାରି** ***ବିଂ.*** ୧. ସମୁଦ୍ର ସେପାଖ ୨. ବିଦେଶୀ ।

**ଦରିଦ୍ର** ***ବିଂ.*** ଗରିବ, ଦୁର୍ଗତ, ନିଃସ୍ୱ, ଅଭାବୀ, ନିର୍ଦ୍ଧନ ।

**ଦରିଦ୍ରତା** ***ବି.*** ଗରିବି, ଦାରିଦ୍ର୍ୟ, ଧନହୀନତା ।

**ଦରୁଆନ** ***ବି.*** ଦରବାନ୍, ଦୁଆର ଜଗୁଆଳି, ଦ୍ୱାରପାଳ ।

**ଦରୋଟି** ***ବିଂ.*** ୧. ଅଧାଅଧି ୨. ଅସ୍ପଷ୍ଟ ।

**ଦରୋଟି କଥା/ଭାଷା** ***ବି.*** (ଶିଶୁମାନଙ୍କ)ସ୍ପଷ୍ଟ କହିପାରୁନଥିବା ଶବ୍ଦ, ଦରଖଣ୍ଡିଆ କଥା ।

**ଦରୋ ଦରୋ** ***କ୍ରି.ବିଂ.*** ୧. ଦରଲୋ ଦରଲୋ ୨. ପ୍ରବଳ ବେଗରେ ପାଣି ପଡ଼ିବା ବା ମୂତ୍ରତ୍ୟାଗର ଧ୍ୱନି ।

**ଦର୍ତ୍ତନି** ***ବି.*** ଧର୍ତ୍ତନି, ବସୁଧା, ପୃଥିବୀ ।

**ଦର୍ଦ୍ଦୁର** ***ବି.*** ୧. ବେଙ୍ଗ ୨. ମେଘ ।

**ଦର୍ପ** ***ବି.*** ୧. ଅହଂକାରପୂର୍ଣ୍ଣ ଦାମ୍ଭିକତା ୨. ଆତ୍ମମ୍ଭରିତା ୩. ବେଖାତିର ଭାବ ।

**ଦର୍ପକ** ***ବି.*** କନ୍ଦର୍ପ, କାମଦେବ ; ***ବିଂ.*** ୧. ଅନ୍ୟର ଅହଂକାର ବିନାଶକ ୨. ଉତ୍ତେଜକ ।

**ଦର୍ପଣ** ***ବି.*** ୧. କୌଣସି ପଦାର୍ଥର ପ୍ରତିଛବି ଦେଖା ଉପକରଣ, ଆଇନା, ଆରିସି ୨. ପ୍ରତିଫଳନ ।

**ଦର୍ପଣିଆ** ***ବି.*** ଶ୍ରୀମନ୍ଦିରରେ ନୀତି ସମୟରେ ଦର୍ପଣ ଯୋଗାଉଥିବା ସେବକ ।

**ଦର୍ପହର** ***ବିଂ.*** ଗର୍ବ ବିନାଶକାରୀ ।

**ଦର୍ପିତ, ଦର୍ପୀ** ***ବିଂ.*** ଦାମ୍ଭିକ, ଗର୍ବିତ, ଅହଂକାରୀ ।

**ଦର୍ଭ** ***ବି.*** ୧. କୁଶ ୨. ଦୁବଘାସ ।

**ଦର୍ମୁ** ***ବି.*** ଧର୍ମ, ସୂର୍ଯ୍ୟ ଦେବତା ।

**ଦର୍ଲି** ***ବି.*** ଗୋଡ଼ି ପଥରରେ ଭର୍ତ୍ତି ସ୍ଥାନ ।

**ଦର୍ଶ** ***ବି.*** ୧. ଅମାବାସ୍ୟା ୨. ଦୃଷ୍ଟି ।

**ଦର୍ଶକ** ***ବି.*** ଦେଖଣାହାରୀ, ଦେଖୁଥିବା ଲୋକ ।

**ଦର୍ଶନ** ***ବି.*** ୧. ଦେଖିବା, ଅବଲୋକନ ୨. ସାକ୍ଷାତ୍କାର ୩. ବୋଧ ୪. ଜ୍ଞାନ, ନିର୍ଦ୍ଦିଷ୍ଟ ବିଚାର ୫. ବୁଦ୍ଧି ୬. ଉପଲବ୍ଧି ୭. ଶାସ୍ତ୍ର ବିଶେଷ ।

**ଦର୍ଶନି** ***ବି.*** କୌଣସି ବିଶିଷ୍ଟ ବ୍ୟକ୍ତିଙ୍କୁ ସାକ୍ଷାତ କାଳରେ ଦିଆଯାଉଥିବା ଭେଟି ।

**ଦର୍ଶନୀୟ** ***ବିଂ.*** ୧. ଦର୍ଶନ କରିବା ଯୋଗ୍ୟ, ଦେଖିବା ପରି ୨. ସୁନ୍ଦର, ମନୋମୁଗ୍ଧକର, ରୁଚିକର ।

**ଦର୍ଶନେନ୍ଦ୍ରିୟ** ***ବି.*** ଦେଖିବା ପାଇଁ ବ୍ୟବହୃତ ଅଙ୍ଗବିଶେଷ, ଆଖି ।

**ଦର୍ଶାଇବା** ***କ୍ରି.*** ୧. ଦେଖାଇବା ୨. ନିର୍ଦ୍ଦେଶ କରିବା ୩. ପ୍ରମାଣପତ୍ର ଦାଖଲ କରିବା ।

**ଦର୍ଶିତ** ***ବିଂ.*** ଦେଖାଇ ଦିଆଯାଇଥିବା ।

**ଦଳ** ***ବି.*** ୧. ସମାନ ମାନସିକତାର ମଣିଷମାନଙ୍କ ଗୋଷ୍ଠୀ ୨. ସମଜାତୀୟ ଜୀବମାନଙ୍କର ଗୋଠ ବା ସମୁଦାୟ ୩. ପତ୍ର ବା ପାଖୁଡ଼ା ୪. ଅଙ୍କୁର, ଗଜା ୫. ପାଣିରେ ଜନ୍ମୁଥିବା ତୃଣବିଶେଷ, ଜଗଲ୍ ।

**ଦଳ କାଢ଼ିବା** ***କ୍ରି.*** ପୋଖରୀ ବା ଗାଡ଼ିଆରୁ ଦଳ ସଫା କରିବା ।

**ଦଳଚ୍ୟୁତ** ***ବିଂ.*** ଦଳରୁ ଅଲଗା, ଦଳରୁ ବହିଷ୍କୃତ, ଗୋଠଛଡ଼ା ।

**ଦଳତ୍ୟାଗୀ** ***ବିଂ.*** ଦଳ ବା ଗୋଷ୍ଠୀ ଛାଡ଼ିଥିବା ।

**ଦଳନ** ***ବି.*** ୧. ଦମନ, ନିପୀଡ଼ନ ୨. ଚକଟ, ପେଷଣ, ମର୍ଦ୍ଦନ ୩. ଚାପ ।

**ଦଳପତି** ***ବି.*** ଦଳର ମୁଖିଆ ବା ନେତା, ଗୋଷ୍ଠୀର ଚାଳକ, ଦଳାଧ୍ୟକ୍ଷ ।

**ଦଳବଦଳ** ***ବି.*** ଦଳ ବା ଗୋଷ୍ଠୀ ପରିବର୍ତ୍ତନ ।

**ଦଳବଦ୍ଧ** ***ବିଂ.*** ଦଳରେ ଏକଜୁଟ୍, ଗୋଷ୍ଠୀବଦ୍ଧ ।

**ଦଳବଳ** ***ବି.*** ୧. ନିଜ ପକ୍ଷର ଲୋକବାକ ୨. ସୈନ୍ୟସାମନ୍ତ ।

**ଦଳଭଙ୍ଗା** ***ବିଂ.*** ଦଳକୁ ଭାଗ ଭାଗ କରି ଦେଉଥିବା ।

**ଦଳଭୁକ୍ତ** ***ବିଂ.*** ଦଳର ଅନ୍ତର୍ଗତ, ଗୋଷ୍ଠୀଗତ ।

**ଦଳା** ***ବିଂ.*** ୧. ଚକଟା ଯାଇଥିବା ୨. ମଛାଯାଇଥିବା ।

**ଦଳାଦଳି** ***କ୍ରି.ବିଂ.*** ୧. ନିଜ ନିଜ ମଧ୍ୟରେ ପ୍ରାଧାନ୍ୟ ପ୍ରତିଷ୍ଠା ପାଇଁ ପ୍ରତିଯୋଗିତା ୨. ମଛାମଛି, ଚକଟାଚକଟି ।

**ଦଳିତ** ***ବିଂ.*** ୧. ଅବହେଳିତ, ଅଧଃପତିତ ୨. ନିର୍ଯ୍ୟାତିତ ; ***ବି.*** ସମାଜର ଅବହେଳିତ ଜନଗୋଷ୍ଠୀ ।

**ଦଳିବା** ***କ୍ରି.*** ଚକଟିବା, ମଛିବା ୨. ନଷ୍ଟ କରିବା ୩. ଧ୍ୱଂସ କରିବା, ବିନାଶ କରିବା ୪. ଘୋରଣା ପ୍ରଭୃତିରେ ଡାଲି, ଚାଉଳ ଆଦି ଭାଙ୍ଗିବା ବା ଗୁଣ୍ଡ କରିବା ।

**ଦଳୀୟ ବିଂ** ଦଳସମ୍ପର୍କିତ, ସମ୍ପ୍ରଦାୟଗତ ।

**ଦଳୁଆ ବି.ବିଂ.** ୧. ଦଳିତ ଜାତି ବିଶେଷ ୨. ଦଳ ପରିପୂର୍ଣ୍ଣ ୩. ଦଳ ଖାଇ ବଞ୍ଚୁଥିବା ।

**ଦଲ୍ ବିଂ.ବି.** ଦୁଅର, ଖାଇବା ସମୟରେ ଦ୍ୱିତୀୟଥର ଦିଆହେବା ଖାଦ୍ୟ ଦ୍ରବ୍ୟ ଓ ଏହି କାର୍ଯ୍ୟ ; **ବି.** ଦଳ ।

**ଦଲ୍‌କିବା କ୍ରି.** କମ୍ପିବା ।

**ଦଲ୍‌ଖା ବି.** ସମତଳ ସଡ଼କ ବା ବନ୍ଧ / ହୁଡ଼ାରେ ଥିବା ଖାଲୁଆ ଜାଗା ।

**ଦଲ୍‌ଦଲି ବି.** କାଦୁଆ ବା ପଙ୍କୁଆ ଜମି, କାଦୁଅଭର୍ତ୍ତି ଖାଲ।

**ଦଲ୍‌ପଟି ଦେବା, ଦଲ୍ ପଟିବା କ୍ରି.** (ବିଛଣା ଆଦି) ଲୋଚା କୋଚା କରିଦେବା।

**ଦଲ୍‌ପଠିଆନି ବି.** ବିବାହ ପରେ ଦ୍ୱିତୀୟ ବାର ଝିଅକୁ ଶାଶୁ ଘର ପଠାଇବା ବିଧି।

**ଦଲ୍‌ହା ବି.** ପାହାଡ଼ ତଳ ସମତଳ ବା ଢାଲୁ ଜମି ।

**ଦଲକା ବି.** ମାଟିର ଛେଲା ।

**ଦଲକାଏ ବିଂ** ୧. ଝଙ୍କାଏ ବହିଆସିବା (ପବନ) ୨. ଛେଲାଏ ।

**ଦଲଙ୍ଗା ବି.** କାଠଗଡ଼, ଦଲମ୍ ।

**ଦଲଦଲ ବିଂ** ଅତ୍ୟଧିକ କାଦୁଆ ମାଟିଥିବା ସ୍ଥାନ- ଯାହା ଉପରେ ଗୋଡ଼ ଦେଲେ ଆଉ ଉଠି ଆସିହୁଏ ନାହିଁ, ଅଧିକ ପାଣି ଭାଗ ଥିବାରୁ କୌଣସି ପଦାର୍ଥ ବା ଦେହର କୌଣସି ଅଂଶ ସାମାନ୍ୟ ଚାପ ଫଳରେ ତଳକୁ ଦବି ପୁଣି ଉପରକୁ ଉଠି ଆସିବା ।

**ଦଲମ ବି.** ବଡ଼ କାଠଗଣ୍ଡି।

**ଦଲାନ୍ ବି.** ମଣ୍ଡପ ପରି ଘର; ଖୋଲା, ବିସ୍ତୃତ ଅଗଣା।

**ଦଲାରି ବି.** ଦଲାଲି, ଦଲାଲର କାର୍ଯ୍ୟ, ମଧ୍ୟସ୍ଥି ।

**ଦଲାଲ୍ ବି.** ୧. ବ୍ୟବସାୟରେ ମଧ୍ୟସ୍ଥ ୨. ବ୍ରୋକ୍‌ର ।

**ଦଲିଆ ବି.** ଭଙ୍ଗା ଗହମରେ ପ୍ରସ୍ତୁତ ଖାଦ୍ୟ ।

**ଦଲିବା କ୍ରି.** ଦଳିବା, ବିରି ମୁଗ ଆଦି ପଥର ଚକି ବା ଜଁତାରେ ପେଷିବା।

**ଦଲିଲ୍ ବି.** ୧. ସରକାରୀ ପ୍ରମାଣପତ୍ର, ସରକାରୀ ରେକର୍ଡ ୨. ପ୍ରାମାଣିକ କାଗଜପତ୍ର ।

**ଦଶ ବି.** ୧. ସଂଖ୍ୟା ୧୦ ୨. ଯଜ୍ଞବଧ୍ୟ ପଶୁ ପକ୍ଷୀ।

**ଦଶକ ବି.** ୧. ଦଶ ସଂଖ୍ୟା ବିଶିଷ୍ଟ ଏକକ ୨. ଦଶବର୍ଷ, ଦଶନ୍ଧି (*ଉଦା.* ନବମ ଦଶକ) ।

**ଦଶକର୍ମ ବି.** ୧. ହିନ୍ଦୁର ଗର୍ଭାଧାନ ଆଦି ଦଶ ସଂସ୍କାର ୨. ମୃତ୍ୟୁର ଦଶମ ଦିନ ଅନୁଷ୍ଠିତ କର୍ମ ।

**ଦଶଗ୍ରୀବ, ଦଶମଥା ବି. ବିଂ.** ୧. ରାବଣ ୨. ଦଶମୁଣ୍ଡଥିବା ।

**ଦଶଚକ୍ର ବି.** ରାଜାଙ୍କୁ ଘେରି ରହିଥିବା ପ୍ରତାପୀ ବ୍ୟକ୍ତି ।

**ଦଶଦୋଷ ବି.** ଦଶ ପ୍ରକାରର ଦୋଷ ।

**ଦଶନ ବି.** ଦାନ୍ତ।

**ଦଶବିଧ ବିଂ** ଦଶ ପ୍ରକାରର ।

**ଦଶଭୁଜା ବି.ବିଂ** ଦଶହାତ ଥିବା (ଦୁର୍ଗା) ।

**ଦଶମାସିଆ ବିଂ** ଦଶମାସ ଗର୍ଭରେ ରହି ଜନ୍ମିଥିବା ।

**ଦଶମିକ ବିଂ** କୌଣସି ଏକ ରାଶିର ୧୦ ଭାଗରୁ ଏକ ଭାଗ, ଡେସିମାଲ ।

**ଦଶମୀ ବିଂ** ମାସର କୃଷ୍ଣ ଓ ଶୁକ୍ଳ ପକ୍ଷର ଦଶମ ଦିନ ଓ ରାତି ।

**ଦଶାନ୍ତର ବି.** ୧. ଅବସ୍ଥା ଭେଦ ୨. ଭାଗ୍ୟ ପରିବର୍ତ୍ତନ ।

**ଦଶସାଲିଆ ବିଂ** ପ୍ରତି ଦଶବର୍ଷରେ ସଂଘଟିତ ।

**ଦଶହରା ବି.** ୧. ଆଶ୍ୱିନ ମାସର ଶୁକ୍ଳ ସପ୍ତମୀଠାରୁ ଦଶମୀ ପର୍ଯ୍ୟନ୍ତ, ଦେବୀ ଦୁର୍ଗାଙ୍କର ସ୍ୱତନ୍ତ୍ର ପୂଜା, ଆରାଧନା ୨. ଲାଖବିନ୍ଧା ପର୍ବ ପାଳନ ତିଥି ।

**ଦଶା ବି.** ୧. ଅବସ୍ଥା ୨. କର୍ମଫଳ ୩. ଭାଗ୍ୟ ୪. ମାନସିକ ଅବସ୍ଥା ୫. ଦୀପର ସଳିତା ୬. ଲୁଗାର ଦଶି ।

**ଦଶାଙ୍ଗ ଧୂପ ବି.** ଶ୍ରୀମନ୍ଦିରରେ ଦଶଟି ବସ୍ତୁ (ମହୁ, ମୁଥା, ଘିଅ, ଚନ୍ଦନ ଗୁଣ୍ଡି, ଗୁଗ୍‌ଗୁଳ, ଅଗର, ଶିଳାଜିତ, ଦେବଦାରୁ, ଝୁଣା ଓ ସୋରିଷ) ଦ୍ୱାରା ପ୍ରସ୍ତୁତ ଧୂପ।

**ଦଶା ପଡ଼ିବା କ୍ରି.** ଖରାପ ସମୟ ଆସିବା ।

**ଦଶାବତାର ବି.ବି.** ଅବତାର ଭେଦରେ ବିଷ୍ଣୁଙ୍କର ଦଶବିଧ ରୂପ : ମତ୍ସ୍ୟ, କୂର୍ମ, ବରାହ, ନୃସିଂହ, ବାମନ, ପର୍ଶୁରାମ, ରାମ, ବଳରାମ, ବୁଦ୍ଧ, କଳ୍କୀ ।

**ଦଶାହ ବି.** ଦଶକର୍ମ, ମୃତବ୍ୟକ୍ତିର ଦଶମ ଦିବସରେ ଶୁଦ୍ଧିକ୍ରିୟା ।

**ଦସ୍‌ନା ବି.** ବିଛଣା, ଶଯ୍ୟା ପାଇଁ କନ୍ଥା, ଚାଦର ପ୍ରଭୃତି।

**ଦସି ବି.** ୧. ଆଙ୍ଗୁଠିର ନଖ ପାଖରେ ବାହାରୁଥିବା ପତଳା ଚର୍ମ ୨. ଲୁଗାବୁଣା ।

**ଦସିଆ ବି.** ଧଡ଼ି ନ ଥିବା ଚଉଡା ମୋଟା କପଡ଼ା, ଧଡ଼ି ନ ଥିବା ମୋଟା ଲୁଗା ।

**ଦସି ଉଠିଯିବା କ୍ରି.** ୧. ଚାଲି ଚାଲି ପାଦରୁ ଚମଡ଼ା ଉଠିଯିବା ୨. କାମ କରି କରି ଥକିଯିବା।

**ଦସିପୋକ ବି.** କୃମି, ଥ୍ରେଡ୍‌ୱର୍ମ, ମଳରେ ରହୁଥିବା ଅତି ସରୁ ଧଳାପୋକ ।

**ଦସେରି ବି.** ସାଧାରଣତଃ ବର୍ଷାଋତୁରେ ମିଳୁଥିବା ମିଠା ଆମ୍ବ ବିଶେଷ ।

**ଦସ୍ତଖତ ବି.** ସ୍ୱାକ୍ଷର, ସନ୍ତକ, ହାତରେ ନିଜ ନାଁ ଲେଖିବା କାର୍ଯ୍ୟ ।

**ଦସ୍ତା** *ବି.* କଳଙ୍କି ଲାଗୁ ନ ଥିବା ଧାତୁ ବିଶେଷ, ଜିଙ୍କ୍ ।
**ଦସ୍ତାବିଜ** *ବି.* ଦଲିଲ୍, ପ୍ରାମାଣିକ ନଥିପତ୍ର ।
**ଦସ୍ତୁର** *ବି.* ୧. ନିୟମ, ରୀତି ୨. ପ୍ରଥା, ପରଂପରା ୩. ପ୍ରକୃତି ।
**ଦସ୍ତୁରି** *ବି.* ୧. ସ୍ୱାକ୍ଷର, ଦସ୍ତଖତ ୨. କିଣାବିକା ବେଳେ ମଧ୍ୟସ୍ଥ ବ୍ୟକ୍ତିର ପାଉଣା ବା ଭାଗ ।
**ଦସ୍ୟୁ** *ବିଂ.* ଡକାୟତ, ବଳ ପ୍ରୟୋଗ କରି ବା ଭୟ ଦେଖାଇ ଅନ୍ୟର ସମ୍ପତ୍ତି ଲୁଟି ନେଉଥିବା ବ୍ୟକ୍ତି ।
**ଦସ୍ୟୁବୃତ୍ତି** *ବି.* ବଳପୂର୍ବକ ଅନ୍ୟର ସମ୍ପତ୍ତି ଲୁଣ୍ଠନର ଜୀବିକା ।
**ଦହ** *ବି.* ୧. ହ୍ରଦ, ବୃହତ୍ ଜଳାଶୟ ୨. ତାସଖେଳର ଦଶ ସଂଖ୍ୟକ ପତା ।
**ଦହକସ** *ବିଂ.* ତ୍ରୁଟିପୂର୍ଣ୍ଣ ; *ବି.* ୧. ଭଙ୍ଗା ଦଦରା ୨. ଗଲ୍ତି, ଖୁଣ ।
**ଦହଗଞ୍ଜ** *ବି.* ୧. ଦେହ ଓ ମନର ପୀଡ଼ା ୨. ହଇରାଣ ହରକତରେ ବ୍ୟତିବ୍ୟସ୍ତ ହେବା ଅବସ୍ଥା ।
**ଦହଡ଼** *ବିଂ.* ଗରମ, ତାତିଲା, ଉଷୁମ ।
**ଦହଡ଼ି** *ବି.* ଦାଉ, ଆକ୍ରୋଶ ; **ବିଂ.** ପାଣି କାଦୁଅ ପଚପଚ ।
**ଦହଣା** *ବି.* ୧. ଲାଉ ତରକାରୀ ୨. ଲାଉଖିରୀ ୩. ଅଧିକ ସିଝି ଯାଇଥିବା ପରିବାର ଘାଣ୍ଟ ।
**ଦହଦହ** *ବିଂ.* ୧. ଆଖି ଆଗରେ ୨. ସ୍ପଷ୍ଟ ଭାବରେ, ଜଳଜଳ ।
**ଦହନ** *ବି.* ପୋଡ଼ିବା କ୍ରିୟା ।
**ଦହନା** *ବି.* ଦୟଣା, ସୁଗନ୍ଧିତ ପତ୍ରବିଶିଷ୍ଟ ଏକ ଗୁଳ୍ମ ।
**ଦହଲି** *ବିଂ.* ପାଣିଭର୍ତ୍ତି (ସ୍ଥାନ) ।
**ଦହସତ୍** *ବି.* ପରିଶ୍ରମଜନିତ ହଇରାଣ, ଦହଗଞ୍ଜ, ବ୍ୟତିବ୍ୟସ୍ତତା ; *ବିଂ.* ବ୍ୟଥିତ ।
**ଦହିକାଦ** *ବି.* ଯଜ୍ଞ ଉଦ୍ଯାପନ ବେଳେ ଜଣେ ନାରୀ ଦହିହାଣ୍ଡି ମୁଣ୍ଡେଇ ପରିକ୍ରମା କରିବା ପ୍ରଥା ।
**ଦହିବା** *କ୍ରି.* ୧. ଦହନ କରିବା, ପୋଡ଼ିବା ୨. କଷ୍ଟ ଦେବା ।
**ଦହିମାଛ** *ବି.* ମାଙ୍ଗଳିକ କାର୍ଯ୍ୟର ଆରମ୍ଭରେ ଦହି ଓ ମାଛର ବ୍ୟବସ୍ଥା ।
**ଦକ୍ଷ** *ବିଂ.* ୧. କୁଶଳୀ, ପାରିବାର, ପାରଙ୍ଗମ ୨. ଚତୁର ୩. ଡାହାଣ (ହାତ) ।
**ଦକ୍ଷିଣ** *ବିଂ.* ୧. ଡାହାଣ ୨. ଉତ୍ତରର ବିପରୀତ ଦିଗ ।
**ଦକ୍ଷିଣଘର** *ବି.* ଶ୍ରୀମନ୍ଦିରରେ ମୁଖ୍ୟ ଦେଉଳର ଦକ୍ଷିଣ ଦିଗରେ ଅବସ୍ଥିତ ବିଜେ ପ୍ରତିମାଙ୍କ ମନ୍ଦିର ।
**ଦକ୍ଷିଣପନ୍ଥୀ** *ବିଂ.ବି.* ରାଜନୀତିରେ ନରମ ପନ୍ଥୀ, ପୁଞ୍ଜିବାଦରେ ବିଶ୍ୱାସୀ, ରକ୍ଷଣଶୀଳ ଏବଂ ପରମ୍ପରାବାଦୀ ।
**ଦକ୍ଷିଣ ମୂର୍ତ୍ତି, ଦକ୍ଷିଣାଭିମୁଖ, ଦକ୍ଷିଣିମୋଡ଼** *ବି.* ସ୍ନାନ ଓ ରଥଯାତ୍ରା ବେଳେ ଠାକୁରମାନଙ୍କ ପ୍ରତ୍ୟାବର୍ତ୍ତନ ।
**ଦକ୍ଷିଣା** *ବି.* ଗୁରୁ, ବ୍ରାହ୍ମଣଆଦିଙ୍କୁ ଦିଆ ହେଉଥିବା ସମ୍ମାନଜନକ ପାରିତୋଷିକ, ଉପଢୌକନ ଆଦି ।
**ଦକ୍ଷିଣାଗ୍ନି** *ବି.* ଦକ୍ଷିଣ ଦିଗରେ ସ୍ଥାପିତ ଅଗ୍ନି ।
**ଦକ୍ଷିଣାଚଳ** *ବି.* ପୁରାଣବର୍ଣ୍ଣିତ ମଳୟପର୍ବତ, ସହ୍ୟାଦ୍ରି ।
**ଦକ୍ଷିଣାପଥ** *ବି.* ଦାକ୍ଷିଣାତ୍ୟ ଅଞ୍ଚଳ ।
**ଦକ୍ଷିଣା ପବନ** *ବି.* ଦକ୍ଷିଣ ଦିଗରୁ ବୋହୁଥିବା ମଳୟ ପବନ, ବସନ୍ତ ପବନ ।
**ଦକ୍ଷିଣାବର୍ତ୍ତ ଶଙ୍ଖ** *ବି.* ଡାହାଣ ଆଡ଼କୁ ଭଉଁରୀ ଥିବା ଶଙ୍ଖ ।
**ଦକ୍ଷିଣାୟନ** *ବି.* ସୂର୍ଯ୍ୟଙ୍କ ଦକ୍ଷିଣ ଦିଗକୁ ପରିବର୍ତ୍ତିତ ଗତି (ଶ୍ରାବଣ ମାସଠାରୁ ଛ ମାସ ପର୍ଯ୍ୟନ୍ତ) ।
**ଦାଁତ** *ବି.* ଦାନ୍ତ, ଦଶନ ।
**ଦାଂଠ୍** *ବି.* ଦୁଃସାହସ, ଦାମ୍ଭିକତା, ବଡ଼ିମା, ଅହଂଭାବ ।
**ଦାଂଦି** *ବି.* ନିଆଁର ଧାସ ।
**ଦାଆଁ** *ବି.* ପୋଡ଼ି ପୋଡ଼ି ଆଗକୁ ଗତି କରୁଥିବା ନିଆଁ ।
**ଦାଆ** *ବି.* ୧. ଧାନ କାଟିବାରେ ବ୍ୟବହୃତ ଦାନ୍ତିଯୁକ୍ତ ଲୁହାତିଆରି ଅର୍ଦ୍ଧଚନ୍ଦ୍ରାକାର ପତଳା ହତିଆର ବିଶେଷ, ଇଲା ୨. ପାଣି, ଜଳ ।
**ଦାଇଁ** *ବି.* ଦୁଆଁ, ବେଙ୍ଗଳା ଦଉଡ଼ି ।
**ଦାଇ** *ବିଂ.* କାଟିବା ଯୋଗ୍ୟ ; **ବି.** ଝିଅ, କନ୍ୟା ।
**ଦାଇକା, ଦାଏକା** *ବି.* ଅନ୍ୟ ପକ୍ଷ ପ୍ରତି ଲକ୍ଷ୍ୟ ରଖି ଗାନ କରାଯାଉଥିବା ପରିହାସପୂର୍ଣ୍ଣ ଗୀତ ।
**ଦାଇବା** *କ୍ରି.* ୧. ଦାଆରେ କାଟିବା ୨. ଲାଭ ଉଠାଇବା ୩. ଅର୍ଜନ କରିବା ।
**ଦାଇଲି** *ବି.* ଛୋଟ ଦାଆ- ଯାହା ଘାସ ବାଛିବା ଓ ମୂଳ ତାଡ଼ିବାରେ ବ୍ୟବହୃତ ହୁଏ, ଦାଉଲି ।
**ଦାଉ** *ବି.* ୧. ଶୋଷଣ ୨. କଷଣ ୩. ଶତ୍ରୁତା, ଅହନ୍ତା ।
**ଦାଉଆଁ** *ବିଂ.* ୧. ପେଞ୍ଚୁଆ ୨. ସୁବିଧାବାଦୀ ୩. ପ୍ରଭାବଶାଳୀ ।
**ଦାଉଣି** *ବି.* ବେଙ୍ଗଳା ବୁଲିବା ବେଳେ ବଳଦମାନେ ଛନ୍ଦା ହୋଇଥିବା ମେରିଖୁଣ୍ଟ ସହିତ ଅର୍ଦ୍ଧବୃତ୍ତାକାର କାଠ ବା ବାଉଁଶରେ ସଂଯୁକ୍ତ ଲମ୍ବା ଦଉଡ଼ି ।
**ଦାଉଦାଉ** *ବିଂ.* ପ୍ରଚଣ୍ଡ (ଖରା) ; **ବି.** ଛୋଟଦାଆ, ଦାଇଲି ।

**ଦାଉଦାପଟ *ବି.*** ଝଗଡ଼ା, କଳିଝଗଡ଼ା । 

**ଦାଉ ସାଧିବା *କ୍ରି.*** ପ୍ରତିଶୋଧ ନେବା, ଓରିମାନା ମେଣ୍ଟାଇବା ।

**ଦାଉଁଆ *ବିଂ.*** ଗଉଁଆ, କୌଣସି କଥାକୁ ଖାତିରି କରୁନଥିବା ।

**ଦାଏଲ୍, ଦେଲ୍ *ବି.*** ଡାଲି।

**ଦାକା *ବି.*** ଭାତ, ଅନ୍ନ ।

**ଦାଖଲ *ବି.*** ୧. ଉପସ୍ଥାପନ ୨. ପହଞ୍ଚାଇବା ।

**ଦାଗ୍‌ଡ଼େ *ବି.*** ଥରଟିଏ, ଗୋଟିଏ ଥର, ଏକବାର।

**ଦାଗ *ବି.*** ୧. ଚିହ୍ନ, ସନ୍ତକ ୨. କଳଙ୍କ, ଅପଯଶ ।

**ଦାଗିବା *କ୍ରି.*** ୧. ଗରମ ଲୁହାଦ୍ୱାରା ଚିହ୍ନଦେବା ୨. ଚଡ଼ୁଦେବା ୩. ତାପଦେବା ।

**ଦାଗୀ *ବି.*** ବହୁ ଦଣ୍ଡିତ ଅପରାଧୀ; ***ବିଂ.*** ଚିହ୍ନଟ ପାଇଁ ଦାଗ ଦିଆଯାଇଥିବା ।

**ଦାଙ୍ଗଡ଼ା *ବି.*** ଅବିବାହିତ ଯୁବକ, ଧାଙ୍ଗଡା, ଭେଣ୍ଡା, ଭେଣ୍ଡିଆ ।

**ଦାଢ଼ *ବି.*** ୧. ଧାର ୨. କ୍ରୋଧ ୩. ଅଶୁଭ ଦୃଷ୍ଟି ।

**ଦାଢ଼ି *ବି.*** ୧. ପୁରୁଷର ଗାଲ ଓ ଥୋଡ଼ିରେ ଉଠୁଥିବା ରୁଢ଼ ୨. ଡାଢ଼ି, ଘିଅ ମାରିବା ପରେ ପାତ୍ରରେ ରହିବା ଖଦଡ଼ା ।

**ଦାଢ଼ିଆ *ବିଂ.*** ଦାଢ଼ି ଉଠିଥିବା, ଦାଢ଼ି ବଢ଼େଇଥିବା (ଲୋକ) ।

**ଦାଢୁଆ *ବିଂ.*** ୧. ଧାରୁଆ ୨. ପ୍ରଖର ବୁଦ୍ଧିସମ୍ପନ୍ନ ।

**ଦାଣ୍ଟ୍ ମାରିବା *କ୍ରି.*** ଫୁଟାଣି ଦେଖାଇବା, ବଡ଼ ବଡ଼ କଥା କହିବା ।

**ଦାଣ୍ଟିବା *କ୍ରି.*** କଡ଼ା ତାଗିଦ କରିବା ।

**ଦାଣ୍ଡ *ବି.*** ୧. ଘର ଆଗରେ ଥିବା ପ୍ରଶସ୍ତ ଜାଗା ୨. ବାଟ, ପଥ, ରାସ୍ତା ।

**ଦାଣ୍ଡି *ବି.*** ସମାନ ସଂଖ୍ୟକ ଅକ୍ଷର ନ ଥିବା ଦୁଇ ଧାଡ଼ି ବିଶିଷ୍ଟ ଛନ୍ଦ ବା ବୃତ୍ତ।

**ଦାଣ୍ଡି ମାରିବା *କ୍ରି.*** ଅତର୍କରେ ଦଉଡ଼ି ପଳାଇବା ।

**ଦାତା *ବି.*** ଦାନ କରୁଥିବା ବ୍ୟକ୍ତି, ଦେଉଥିବା ଲୋକ, ବଦାନ୍ୟ ବ୍ୟକ୍ତି, ଦାନକର୍ତ୍ତା ।

**ଦାତାପଣ *ବି.*** ଦାନ କରିବାର ମାନସିକତା ।

**ଦାଦ୍‌ରା *ବି.*** ତବଲାର ତାଳ ବିଶେଷ ।

**ଦାଦନ *ବି.*** ୧. କାମ କରିବାକୁ ପ୍ରତିଶ୍ରୁତି ଦେଇ ମାଲିକଠାରୁ ନେଇଥିବା ଅଗ୍ରୀମ ମୂଲ ୨. ଅତି ଦୟନୀୟ ଭାବେ ମୂଲ ଲାଗୁଥିବା ଶ୍ରମିକ ।

**ଦାଦନିଆ *ବିଂ.*** ଆର୍ଥିକ ଦୃଷ୍ଟିରୁ ଅତି ଦୟନୀୟ ।

**ଦାଦର୍ *ବି.*** ପଦର, ଅନାବାଦୀ ବିସ୍ତୃତ ପଡ଼ିଆ ।

**ଦାଦା *ବି.*** ୧. କାକା, ବାପାଙ୍କ ସାନଭାଇ ୨. ବଡ଼ଭାଇ ୩. ଜେଜେବାପା, ବାପାଙ୍କ ବାପା ୪. ଜୋର ଜବରଦସ୍ତ ଅନ୍ୟ ଉପରେ ନିଜକୁ ଜାହିର କରୁଥିବା ବ୍ୟକ୍ତି ୫. ଗୁଣ୍ଡା, ଅସାମାଜିକ ବ୍ୟକ୍ତି ।

**ଦାଦାଗିରି *ବି.*** ୧. ଗୁଣ୍ଡାଗିରି, ଦାଦାପଣ ୨. ଆତଙ୍କ ସୃଷ୍ଟି, ଡରାଣ ।

**ଦାଦାପାର୍ଟି *ବି.*** ଗୁଣ୍ଡାଦଳ, ବଦମାସ୍‌ଗୋଷ୍ଠୀ ।

**ଦାଦାବଟି *ବି.*** ଦାଦା ବା ଗୁଣ୍ଡାମାନେ ଜୋର ଜବରଦସ୍ତ ଆଦାୟ କରୁଥିବା ଚାନ୍ଦା ।

**ଦାଦି *ବି.*** ୧. ବାପାଙ୍କ ସାନଭାଇ , କକା ୨. ବାପାଙ୍କ ବାପା, ବୁଢ଼ା ଦାଦା, ଜେଜେବାପା ।

**ଦାଦୁ *ବି.*** ଯାଦୁ, **ଖୁଜ୍‌ରି,** ଚର୍ମରୋଗ ବିଶେଷ ।

**ଦାନ୍ *ବି.*** ୧. ପଶା ଆଦି ଖେଳରେ କାଠି ବା ଗୋଟି ପକାଇବା ୨. ଲାଉ ତୁମ୍ବା ୩. ପାଦ, ଗୋଡ଼ ୪. ଦାନ ।

**ଦାନ୍‌ଗଦି *ବି.*** ମଫସଲରୁ ବିକିବା ପାଇଁ ଆଣିବା ବସ୍ତୁ ଉପରେ ପୌରାଞ୍ଚଳରେ ଆଦାୟ କରାଯିବା ଶୁଳ୍କ।

**ଦାନ୍‌ଦପାନ୍ *ବି.*** ଦାନ ଦକ୍ଷିଣା ।

**ଦାନ *ବି.*** ୧. ତ୍ୟାଗ, ବିସର୍ଜନ ୨. ଅର୍ପଣ, ବିତରଣ ୩. ଛେଦନ ୪. ଶାସନ ନୀତିର ଦ୍ୱିତୀୟ ପ୍ରକାର ଉପଯୋଗ ୫. ମଦଘଡ଼ା ୬. ପଶାଖେଳରେ କାଠିର ଚିହ୍ନ ସଂଖ୍ୟା ୭. ଦତ୍ତ ପଦାର୍ଥ ।

**ଦାନଧର୍ମ *ବି.*** ଦାନ ପରି ଶ୍ରେଷ୍ଠ କର୍ମ ।

**ଦାନଧ୍ୟାନ *ବି.*** ଦାନ, ତ୍ୟାଗ ଓ ବିତରଣ ପ୍ରଭୃତି ସତ୍‌କର୍ମ ।

**ଦାନପତ୍ର *ବି.*** ଦାନ ବିଷୟକ ରାଜକୀୟ ଦଲିଲ ।

**ଦାନବ *ବି.*** ୧. ଅସୁର ୨. ଦୁଷ୍ଟବୁଦ୍ଧିସମ୍ପନ୍ନ ବ୍ୟକ୍ତି ; *ସ୍ତ୍ରୀ.* ଦାନବୀ ।

**ଦାନବାକ୍ସ *ବି.*** ଦେବ ମନ୍ଦିରରେ ଅର୍ଥ ଗ୍ରହଣ ନିମିତ୍ତ ରଖାଯାଇଥିବା ବାକ୍ସ, ହୁଣ୍ଡି ।

**ଦାନବାରି *ବି.*** ଉତ୍ତେଜିତ ହାତୀର ମଥାରୁ ଝରୁଥିବା ବହଳପାଣି, ପଶ୍ୟନ୍ଦ ।

**ଦାନବୀର *ବିଂ.*** ଅନ୍ୟର ହିତପାଇଁ ଅକୁଣ୍ଠ ଚିତ୍ତରେ ଦାନ କରୁଥିବା ବ୍ୟକ୍ତି ।

**ଦାନଶୀଳ *ବିଂ.*** ଦାନ ଦେବାରେ ଆଗ୍ରହୀ ।

**ଦାନା *ବି.*** ୧. ଆହାର, ଖାଦ୍ୟ ୨. ଶସ୍ୟକଣା ୩. ଛୋଟ ଆକାରର କଠିନ ବସ୍ତୁ ।

**ଦାନାଦାର *ବିଂ.*** ଦାନା ଆକାରରେ ଥିବା ।

**ଦାନାପାଣି *ବି.*** ଅନ୍ନଜଳ, ଖାଦ୍ୟପଦାର୍ଥ, ବଞ୍ଚିବା ପାଇଁ ଆବଶ୍ୟକ ଖାଦ୍ୟପେୟ , ଜୀବନ-ଜୀବିକା ।

**ଦାନା ବାନ୍ଧିବା *କ୍ରି.*** ଘନୀଭୂତ ହେବା, ଗୋଟି ବାନ୍ଧିବା ।

**ଦାନି *ବି.*** ଆଧାର, ପାତ୍ର ।

**ଦାନୀ *ବିଂ.*** ଅନ୍ୟକୁ ଦେଇ ଦେଉଥିବା, ଦାନଶୀଳ ।

**ଦାନୀୟ *ବିଂ.*** ଦାନ ନେବାକୁ ଯୋଗ୍ୟ ।

**ଦାନୁଆ** *ବିଂ.* ଦାନ ଗ୍ରହଣ କରୁଥିବା, ପ୍ରତିଗ୍ରହରେ ଆଗ୍ରହୀ ।

**ଦାନ୍ତ୍ରି ଖଜା** *ବି.* ଗୁଡ଼ ଓ ବେସନ ବା ଚାଉଳ ଚୂନାରେ ପାଗ ହୋଇ ତିଆରି ଟାଣୁଆ ଖଜା ।

**ଦାନ୍ତ** *ବି.* ମୁଖ ଗହ୍ୱରର ମାଢ଼ିରେ ଥିବା ଶକ୍ତହାଡ଼ ।

**ଦାନ୍ତକିଲୁ** *ବି.* ଟାଣ ଓ ଲୁଣିଆ ସୁଆଦିଆ ଖାଦ୍ୟ ।

**ଦାନ୍ତଖୁଣ୍ଟା** *ବି.* ଦୁଇ ଦାନ୍ତସନ୍ଧିରେ ରହିଥିବା ମଇଳା ପରିଷ୍କାର ପାଇଁ ବ୍ୟବହୃତ ସରୁଆ କାଠି ।

**ଦାନ୍ତିଆ** *ବି.* ୧. ଘରର ଶେଣୀକୁ ଧାରଣ କରିଥିବା ଦୁଇ କାଠ ଖଣ୍ଡରେ ତିଆରି କଇଁଚିଆ ୨. ବାଉଁଶ କାଠିରେ ତିଆରି ମାଛଧରା ଯନ୍ତ୍ର, ମୁଗୁରା ।

**ଦାନ୍ତୁରା** *ବିଂ.* ଅସ୍ୱାଭାବିକ ଭାବରେ ବଡ଼ଦାନ୍ତ ଥିବା (ପୁରୁଷ) ।

**ଦାନ୍ତୁରୀ** *ବିଂ.* ଅସ୍ୱାଭାବିକ ଭାବରେ ବଡ଼ଦାନ୍ତ ଥିବା (ନାରୀ) ।

**ଦାନ୍ତେଇବା** *କ୍ରି.* ୧. କୌଣସି ପଦାର୍ଥକୁ ଦାନ୍ତରେ ରେକେଟିବା ୨. ଛୋଟ ପିଲାଙ୍କ ଦାନ୍ତଉଠିବା ।

**ଦାନ୍ଦରି ହେବା** *କ୍ରି.* ୧. ଇଚ୍ଛା କରିଥିବା କାର୍ଯ୍ୟ ନ ହେଲେ ବିରକ୍ତ ହେବା ୨. ବ୍ୟସ୍ତବିବ୍ରତ ହେବା।

**ଦାନ୍ଦର୍** *ବି.* ମୁଗୁରା, ବହନ୍ତା ପାଣିର ସରୁ ଧାରମୁହଁରେ ମାଛ ପଡ଼ିବା ପାଇଁ ଥୁଆଯିବା କାହାଳୀ ଆକାରର ଉପକରଣ ବିଶେଷ ।

**ଦାନ୍ଦି** *ବି.* ଉତ୍ତାପ, ଘର ଭିତରର ତାତି।

**ଦାପଟ** *ବି.* ଜଞ୍ଜାଳ ।

**ଦାବ** *ବି.* ୧. ବନର ଅଗ୍ନି ୨. ଚାପ ୩. ଖଳାରେ ଧାନଗଦାର ପରସ୍ତ ।

**ଦାବନ** *ବି.* ୧. ତାଡ଼ନା, ଭର୍ତ୍ସନା ୨. ଭୟଯୁକ୍ତ ଚାପ ୩. ଡରାଣ ।

**ଦାବାଗ୍ନି, ଦାବାନଳ** *ବି.* ବଣନିଆଁ ।

**ଦାବା** *ବି.* ୧. ମକଦ୍ଦମା ୨. ଦାବି, ଅଧିକାର ନିମନ୍ତେ ଯୁକ୍ତି ଉପସ୍ଥାପନ ।

**ଦାବାନଳ** *ବି.* ବଣନିଆଁ, ବନାଗ୍ନି ।

**ଦାବି** *ବି.* ନ୍ୟାୟସଙ୍ଗତ ଅଧିକାର ବା ପାଉଣା ।

**ଦାବିଦାର** *ବି.* ୧. ନିଜର ନ୍ୟାଯ୍ୟ ଅଧିକାର ପାଇଁ ଦାବି କରିବା ଲୋକ ୨. ନ୍ୟାୟସଙ୍ଗତ ଅଧିକାର ପାଇବା ବ୍ୟକ୍ତି ।

**ଦାବି ଦେବା** *କ୍ରି.* ୧. ଚାପିଦେବା ୨. ଲୁଚାଇ ଦେବା, ଲୁଚାଇ ରଖିବା ୩. ନିଷ୍କ୍ରିୟ କରିଦେବା ।

**ଦାବିବା** *କ୍ରି.* ଚାପିବା, ତଳକୁ ଠେଲିବା ।

**ଦାମ୍ଡ଼ି** *ବି.* ଦାମୁଡ଼ି ।

**ଦାମ** *ବି.* ୧. ଜିନିଷର ମୂଲ୍ୟ ୨. ମାଳ ୩. ଛଟା (ବିଜୁଳିର ଚମକ୍) ୪. ଦଉଡ଼ି, ରସି ।

**ଦାମାମା** *ବି.* ବଡ଼ନାଗରା, ଦମାଲୁ ।

**ଦାମିକା, ଦାମୀ** *ବିଂ.* ଅଧିକ ଦାମ ବା ମୂଲ୍ୟଥିବା, ମୂଲ୍ୟବାନ ।

**ଦାମିନୀ** *ବି.* ବିଜୁଳି, ବିଦ୍ୟୁତ୍ ।

**ଦାମୁଡ଼ି** *ବି.* ୧. ପାହୁଲା, ଛଦାମ୍ ୨. ଅଳ୍ପ ବୟସର ବଳଦ ।

**ଦାମୁର୍** *ବି.* ଦାମୁଡ଼ି।

**ଦାମ୍ପତ୍ୟ** *ବିଂ.* ପତିପତ୍ନୀ ସମ୍ବନ୍ଧୀୟ, ବୈବାହିକ ।

**ଦାମ୍ଭିକ** *ବିଂ.* ଆସ୍ଫାଳନକାରୀ, ଗର୍ବଯୁକ୍ତ, ଅହଂକାରୀ ।

**ଦାମ୍ଭିକତା** *ବି.* ଅସ୍ଫାଳନ, ଅହଂକାର, ଔଦ୍ଧତ୍ୟ ।

**ଦାୟ** *ବି.* ୧. ପରିବାର ଅର୍ଜିତ ସମ୍ପତ୍ତିର ଭାଗବଣ୍ଟା ୨. ଦାୟିତ୍ୱର ଭାର ୩. ସ୍ଥାବର ଅସ୍ଥାବର ସମ୍ପତ୍ତି ।

**ଦାୟଗ୍ରସ୍ତ** *ବିଂ.* ୧. ଋଣୀ ୨. ବିପନ୍ନ ୩. ଅବାଞ୍ଛିତ ଅବସ୍ଥାର ସମ୍ମୁଖୀନ ୪. କର୍ତ୍ତବ୍ୟ ଭାରରେ ପୀଡ଼ିତ ।

**ଦାୟଭାଗ** *ବି.* ୧. ପୈତୃକ ସମ୍ପତ୍ତିର ବିଭାଗ ୨. ଉତ୍ତରାଧିକାର ସୂତ୍ରରେ ପ୍ରାପ୍ତ ଧନସମ୍ପତ୍ତି ।

**ଦାୟାଦ** *ବି.* ବଂଶୀୟ ଅଧିକାରୀ (ପୁତ୍ର, ବନ୍ଧୁ, ସପିଣ୍ଡ, ଜ୍ଞାତି) ।

**ଦାୟିତ୍ୱ** *ବି.* ୧. କର୍ତ୍ତବ୍ୟ ସମ୍ପାଦନର ଭାର ୨. କାର୍ଯ୍ୟଭାର ।

**ଦାୟୀ** *ବିଂ.* କର୍ତ୍ତବ୍ୟଭାର ବହନକାରୀ, କୌଣସି କାର୍ଯ୍ୟ ପାଇଁ ଯାହାକୁ କୈଫିୟତ ଦେବାକୁ ହୁଏ ।

**ଦାର୍ଦେରି** *ବି.* ଦରିଦ୍ରତା, ଦାରିଦ୍ର୍ୟ, ଧନହୀନତା ।

**ଦାର୍ପିଲା** *ବି.* (ଗାଳି ବିଶେଷ)ପତି ଭିନ୍ନ ଅନ୍ୟ ପୁରୁଷର ଔରସରୁ ନାରୀ ଗର୍ଭରୁ ଜନ୍ମିତ ସନ୍ତାନ, ଅବୈଧ ସନ୍ତାନ ।

**ଦାର୍ହା** *ବିଂ.* ଦରହ, ଗଭୀର ଗଣ୍ଡ ।

**ଦାର** *ବି.* ପତ୍ନୀ, ଭାର୍ଯ୍ୟା ।

**ଦାରା** *ବି.* ୧. ପତ୍ନୀ, ଭାର୍ଯ୍ୟା ୨. ବାଦ୍ୟଯନ୍ତ୍ର ବିଶେଷ, ଢ଼ାପ ଭଳି ଗୋଲାକୃତି ବାଦ୍ୟଯନ୍ତ୍ର ।

**ଦାରିଦ୍ର୍ୟ** *ବି.* ୧. ଦରିଦ୍ରତା ୨. ନ ଥିବା ଅବସ୍ଥା, ଅଭାବ ।

**ଦାରୀ** *ବି.* ୧. ଯୁଦ୍ଧରେ ବିଜେତାଦ୍ୱାରା ଅଣା ଯାଇଥିବା ସୁନ୍ଦରୀ ରମଣୀ ୨. ଯୌନକର୍ମୀ, ବେଶ୍ୟା ।

**ଦାରୁ** *ବି.* ୧. ଗଛ ୨. ଶୁଖିଲା କାଠ ୩. ଦେବଦାରୁ ଗଛ ୪. ମଦ ୫. ଜଗନ୍ନାଥଙ୍କ ନବକଳେବର ସମୟରେ ସଂଗୃହୀତ ନିମ୍ବଗଛର ଗଣ୍ଡି ୬. ବାରୁଦ ଗୁଣ୍ଡ ।

**ଦାରୁକ** *ବି.* ୧. କାଠ ୨. ଦେବଦାରୁ ଗଛ ୩. ଶ୍ରୀକୃଷ୍ଣଙ୍କ ସାରଥି ।

**ଦାରୁଣ** *ବିଂ* ୧. ବିଦାରକ ୨. ଅତି କଠିନ, କଠୋର, ନିର୍ମମ ୩. ଦୁଃସହ, ଦୁର୍ବିସହ ୪. ଅତି ନିଷ୍ଠୁର, ନୃଶଂସ ୫. ଭୀଷଣ, ଭୟାନକ ।

**ଦାରୁଦେବତା** *ବି.* ୧. ଜଗନ୍ନାଥ ୨. ବୃକ୍ଷରୂପେ ଉପାସିତ ଦେବତା ।

**ଦାରୁବ୍ରହ୍ମ, ଦାରୁମୂର୍ତ୍ତି** *ବି.* ଜଗନ୍ନାଥ ।

**ଦାରୁଭୂତ** *ବିଂ* ୧. ସ୍ତମ୍ଭୀଭୂତ, ଅବାକ୍, ଚକିତ ୨. ପ୍ରାଣହୀନ କାଠ ପାଲଟି ଯିବା ।

**ଦାରୁମୟ** *ବିଂ* କାଠ ତିଆରି ।

**ଦାରୁ ଶଗଡ଼ି** *ବି.* ନବକଳେବର ବେଳେ ବିଗ୍ରହ ନିର୍ମାଣ ପାଇଁ ନିର୍ବାଚିତ ଦାରୁ ବହନ କରିବା ହାତଟଣା ଶଗଡ଼।

**ଦାରୋଗା** *ବି.* ପୁଲିସ ଅଧିକାରୀ ବିଶେଷ, ପୁଲିସ ଇନ୍‌ସ୍‌ପେକ୍ଟର ।

**ଦାର୍ଶନିକ** *ବି.* ୧. ଚିନ୍ତାଶୀଳ ବ୍ୟକ୍ତି-ଯେ ଦର୍ଶନ ଶାସ୍ତ୍ରର ବାଖ୍ୟା ବା ନୂତନ ତତ୍ତ୍ୱ ପ୍ରଦାନ କରିଥାନ୍ତି ୨. ଦର୍ଶନଶାସ୍ତ୍ରବିତ୍ ।

**ଦାସ** *ବି.* ୧. ଭୃତ୍ୟ, ଚାକର, ସେବାକାରୀ ୨. ଦସ୍ୟୁ ୩. ଧୀବର ୪. ଉପାଧି, ସାଙ୍ଗିଆ ବିଶେଷ ।

**ଦାସକାଠି** *ବି.* ଦୁଇଖଣ୍ଡ କାଠରେ ତିଆରି ତାଳବାଦ୍ୟ ।

**ଦାସକାଠିଆ** *ବି.* ଦାସକାଠି ବଜାଇ ପରିବେଷିତ ନୃତ୍ୟ ଓ ଗୀତାଭିନୟ ।

**ଦାସକେରେଣ୍ଡା** *ବି.* ଛୋଟ ଛୋଟ ହଳଦୀ ରଙ୍ଗର ଫୁଲ ଫୁଟୁଥିବା କଣ୍ଟାଥିବା ବୁଦାଳିଆ ଗଛ, ଝିଣ୍ଟିଫୁଲ ଓ ତାର ଗଛ ।

**ଦାସତ୍ୱ** *ବି.* ପରସେବା ବୃତ୍ତି, ଗୋଲାମି, ପରାଧୀନତା ।

**ଦାସାନୁଦାସ** *ବି.* ଚାକରର ଚାକର, ଅତ୍ୟନ୍ତ ନିମ୍ନସ୍ତରର ଭୃତ୍ୟ ।

**ଦାସିଆ** *ବି.* ରାମମନ୍ଦିରରେ ବ୍ୟବହୃତ ଗୌଣିକିଆ କୁଡୁଆ (ଶ୍ରୀ ରାମ ଦାସ ମଠ ନାମାନୁସାରେ)

**ଦାସୀ** *ବି.* ପରିଚାରିକା, ଚାକରାଣୀ ।

**ଦାସେୟ** *ବି.* ଦାସୀଗର୍ଭରୁ ଜନ୍ମ ନେଇଥିବା ପୁତ୍ର ।

**ଦାସେର** *ବି.* ଦାସୀପୁତ୍ର ।

**ଦାସ୍ୟ** *ବି.* ସେବକପଣ ।

**ଦାହ** *ବି.* ୧. ମୃତ ବ୍ୟକ୍ତିର ଅଗ୍ନିସତ୍କାର ୨. ଦହନ, ଜ୍ୱଳନ ୩. ଜ୍ୱରଜନିତ ତାପ ।

**ଦାହକ** *ବିଂ* ଦାହକାରୀ, ଯାହା ପୋଡ଼ିଦେଇପାରେ ।

**ଦାହଜ୍ୱର** *ବି.* ଅତିଶୟ ତାତିଯୁକ୍ତ ଜ୍ୱର ।

**ଦାହିତ** *ବିଂ* ଭସ୍ମୀଭୂତ, ପୋଡ଼ିଜଳି ଯାଇଥିବା ।

**ଦାହ୍ୟ** *ବିଂ* ୧. ଦହନର ଯୋଗ୍ୟ ୨. ଯାହା ସହଜରେ ଜଳି ଉଠିପାରେ ।

**ଦାକ୍ଷିଣ୍ୟ** *ବି.* ୧. ଆନୁକୂଲ୍ୟ ୨. ପଟୁତା, ନିପୁଣତା ।

**ଦିଂଢ଼ା** *ବି.* ଅବିବାହିତ ଯୁବକ।

**ଦି** *ବି.* ୧. ଦୁଇ ୨. (ଶିଶୁ ଭାଷା) ମାତୃସ୍ତନ୍ୟ ।

**ଦିଅଁ** *ବି.* ଦେବତା, ଠାକୁର ।

**ଦିଅଣା, ଦିଅଣି** *ବି.* ଦୁଇ ଅଣା ମୂଲ୍ୟଯୁକ୍ତ ପୁରାତନ ମୁଦ୍ରା, ମୂଲ୍ୟ ବିଶେଷ, ପୂର୍ବେ ଚଳୁଥିବା ଟଙ୍କାର ଆଠ ଭାଗରୁ ଭାଗେ, ଦୁଇ ଅଣି ।

**ଦିଅର** *ବି.* ସ୍ୱାମୀର ସାନଭାଇ ।

**ଦିଆ** *ବିଂ* ୧. ଦେବାବାଲା ୨. ଦିଆ ଯାଇଥିବା; *ବି.* ୧. ଦେବାକୁ ଥିବା ୨. ଦୀପ ।

**ଦିଆଲି** *ବି.* କାର୍ତ୍ତିକ ମାସ ଅମାବାସ୍ୟାରେ ପାଳିତ ଧର୍ମୀୟ ଉତ୍ସବ, ଦୀପାବଳି ପର୍ବ ।

**ଦିଆଲିଆ** *ବିଂ* ଅର୍ଜନରୁ ଅତିରିକ୍ତ ଖର୍ଚ୍ଚକରି ଶୂନ୍ୟହସ୍ତ ଥିବା ଋଣୀ ଲୋକ, ଦେବାଳିଆ ।

**ଦିଆଲିକିରା** *ବି.* ଦୀପାବଳୀ ସମୟରେ ଦେଖା ଯାଉଥିବା ଛୋଟ ଛୋଟ ଶାଗୁଆ ରଙ୍ଗର ପୋକ।

**ଦିଓଳି** *ବି.* ୧. ଦୁଇଓଳି ୨. ଦିନସାରା ୩. ଦିନକୁ ଦୁଇଥର ।

**ଦିକ୍, ଦିଗ୍** *ବି.* ୧. ଦିଗ ୨. ତରଫ, ପକ୍ଷ ।

**ଦିକ୍‌ଦାର୍** *ବି.* ବିରକ୍ତ, ବିତ୍‌ବିତା, ବିଜାର ।

**ଦିକ୍‌ପାଳ** *ବି.* ଦଶ ଦିଗର ଅଧିପତି ।

**ଦିକ୍‌ଶୂଳ** *ବି.* ଦିଗର ଯାତ୍ରା ପ୍ରତି ବାଧକ ଶକୁନ ।

**ଦିକା(କେ)ନିଆ** *ବି.* ଦୁଇଟି ଶାଖା ଥିବା, ଦ୍ୱିଶାଖାବିଶିଷ୍ଟ ।

**ଦିଗ୍‌ଗଜ** *ବି.* ୧. ଦିଗର କଳ୍ପିତ ହସ୍ତୀ ୨. ଅତିଜ୍ଞାନୀ ।

**ଦିଗ୍‌ଦର୍ଶକ ଯନ୍ତ୍ର** *ବି.* ଦିଗ ଚିହ୍ନାଇ ଦେଉଥିବା ଯନ୍ତ୍ର, କମ୍ପାସ୍, ଦିଗବାରେଣୀ ଯନ୍ତ୍ର।

**ଦିଗ୍‌ଦର୍ଶନ** *ବି.* ୧. ବାଟ ଦେଖାଇବା କାର୍ଯ୍ୟ, କୌଣସି କାର୍ଯ୍ୟ ନିମନ୍ତେ ପରାମର୍ଶ ପ୍ରଦାନ ୨. ସଂକ୍ଷିପ୍ତ ଆବଶ୍ୟକ ସୂଚନା ୩. ସଂକ୍ଷିପ୍ତ ଅଗ୍ର ନିର୍ଦ୍ଦେଶ ।

**ଦିଗ୍‌ଦିଗନ୍ତ** *ବି.* ଅନନ୍ତ ବିସ୍ତାର ; *କ୍ରିଂ.ବିଂ* ସବୁଦିଗରେ, ବହୁ ଆଡ଼କୁ ।

**ଦିଗ୍‌ଦିଗନ୍ତର** *ବି.* ଅଜଣା ଦୂରଦେଶ, ନାନାଆଡ଼େ ।

**ଦିଗ୍‌ବଳୟ** *ବି.* ଦିଗନ୍ତ, ଚକ୍ରବାଳ ।

**ଦିଗ୍‌ବସନ** *ବି.* ଲଙ୍ଗଳା, ଦିଗମ୍ବର ।

**ଦିଗ୍‌ବିଦିଗ** *ବି.* ଦିଗ ଓ କୋଣ ସମୂହ ; *କ୍ରି.ବିଂ* ସମସ୍ତ ଦିଗରେ ।

**ଦିଗ** *ବି.* ୧. ପୂର୍ବ, ପଶ୍ଚିମ ଆଦି ଚାରି ଦିଗ ୨. ପାଖ, ପାର୍ଶ୍ୱ ।

**ଦିଗନ୍ତ** *ବି.* ଯେଉଁଠି ପୃଥିବୀ ଆକାଶ ସହିତ ମିଶିଲା ଭଳି ଦେଖାଯାଏ, ଚକ୍ରବାଳ, ଦିଗ୍‌ବଳୟ ।

**ଦିଗନ୍ତପ୍ରସାରୀ ବିଂ.** ବହୁଦୂର ପର୍ଯ୍ୟନ୍ତ ବ୍ୟାପିଥିବା ।

**ଦିଗନ୍ତର ବି.** ୧. ଦିଗ ଦୁଇଟିର ମଝିରେ ୨. ଅନ୍ୟଦିଗ ।

**ଦିଘଡ଼ି ବି.** ୧. ଦୁଇଘଡ଼ି, ଦୁଇଘଣ୍ଟା ୨. ଅଳ୍ପସମୟ ।

**ଦିଙ୍‌ମଣ୍ଡଳ ବି.** ଦିଗନ୍ତ , ଚକ୍ରବାଳ ।

**ଦିଦି ବି.** ୧. ବିଦ୍ୟାଳୟର ଶିକ୍ଷୟିତ୍ରୀ ୨. ବଡ଼ଭଉଣୀ, ଅପା ୩. ସ୍ତ୍ରୀଲୋକଙ୍କୁ ସମ୍ମାନସୂଚକ ସମ୍ବୋଧନ ।

**ଦିନ ବି.** ୧. ସୂର୍ଯୋଦୟଠାରୁ ପରବର୍ତ୍ତୀ ସୂର୍ଯୋଦୟ ପର୍ଯ୍ୟନ୍ତ ସମୟ, ଚବିଶ ଘଣ୍ଟା କାଳ, ଅହୋରାତ୍ର ୨. ସୂର୍ଯ୍ୟୋଦୟଠାରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ୩. ସୂର୍ଯ୍ୟାଲୋକରେ ପୃଥିବୀ ଉଜ୍ଜ୍ୱଳ ଥିବା ସମୟ ୪. କାଳ, ଯୁଗ, ଆୟୁଷ ୫. ସମୟ ।

**ଦିନକର ବି.** ସୂର୍ଯ୍ୟ ; **ବିଂ.** ଗୋଟିଏ ଦିନର ।

**ଦିନକାଳ ବି.** ୧. ସମୟ ୨. ପରିସ୍ଥିତି, ଅବସ୍ଥା ।

**ଦିନନାଥ ବି.** ସୂର୍ଯ୍ୟ ।

**ଦିନ ମଜୁରିଆ ବି.** ନିତି ମଜୁରି ନେଇ ଖଟିବା ଶ୍ରମିକ ।

**ଦିନମାନ ବି. କ୍ରିବିଂ.** ଦିବାଭାଗ, ଦିନସାରା ।

**ଦିନରାତି ବି.** ୧. ଦିନ ଓ ରାତି-ଚବିଶ ଘଣ୍ଟାର ଅବଧି ୨. ସବୁବେଳେ, ସର୍ବଦା ।

**ଦିନାନ୍ତକ ବି.** ରାତି, ଅନ୍ଧକାର ।

**ଦିନାମାର ବି.** ଡେନମାର୍କ ଦେଶର ବାସିନ୍ଦା ।

**ଦିନାର୍ଦ୍ଧ ବି.** ଦିପହର, ଦିବସର ମଝିଭାଗ ।

**ଦିନିକିଆ ବିଂ.** ୧. ଗୋଟିଏ ଦିନ ପାଇଁ ୨. କେବଳ ଗୋଟିଏ ଦିନ ପାଇଁ ହେଉଥିବା ।

**ଦିପଇସା ବି.** ୧. ଦୁଇ ପଇସା ୨. ଅତି ନଗଣ୍ୟ ବା କମ୍‌ମୂଲ୍ୟ ।

**ଦିପହର ବି.** ୧. ଖରାବେଳ, ମଧ୍ୟାହ୍ନ, ଦ୍ୱିପ୍ରହର ୨. ଦୁଇ ପ୍ରହର ।

**ଦିପୋଟି ବି.** ଡେପୁଟି କଲେକ୍ଟର ।

**ଦିଫାଳିଆ ବିଂ.** ଦୁଇଫାଳବିଶିଷ୍ଟ ।

**ଦିବ୍‌ସା ବି.** ମୃତବ୍ୟକ୍ତିଙ୍କ ବାର୍ଷିକ ଶ୍ରାଦ୍ଧ ଦିବସ ଓ ତାହାର ପାଳନ ।

**ଦିବସ, ଦିବା ବି.** ଦିନ ।

**ଦିବ୍ୟ ବିଂ.** ୧. ସ୍ୱର୍ଗୀୟ ୨. ମନୋଜ୍ଞ ୩. ଉତ୍କୃଷ୍ଟ ; **ବି.** ଶପଥ ।

**ଦିବ୍ୟା ବି.** ୧. ମହାନ୍ ନାରୀ ୨. ବିଧବାମାନଙ୍କର ସାଙ୍ଗିଆ ।

**ଦିମାକ୍ ବି.** ଔଦ୍ଧତ୍ୟ, ଫୁଟାଣି ।

**ଦିର୍‌ଖା ବି.** କାନ୍ଥକୁରା, କାନ୍ଥ ଭିତର ଥାକ, ଖୋଲ୍‌ନା ।

**ଦିର୍‌ବିଛିଆ ବିଂ.** କୃପଣ, କାମ୍ପି, ଧନଲୋଭୀ ।

**ଦିରା, ଦୁରା ବିଂ.** ଦି'ଟି, ଅଳ୍ପ, ସାମାନ୍ୟ ପରିମାଣ ।

**ଦିଶା ବି.** ଦିଗ ।

**ଦିଶାହୀନ ବିଂ.** ଦିଗହରା, ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନ ଥିବା ।

**ଦିଷ୍ଟ ବି.** ଦୈବ, ଭାଗ୍ୟ, ଭାଗ୍ୟଫଳ, କପାଳ ।

**ଦି ସରିଆ ବିଂ.** ଦୁଇ ସରି ବା ମାଳ ଏକତ୍ର ଥିବା ମାଳି ବା ହାର ।

**ଦିସାରି ବି.** ଆଦିବାସୀ ସମ୍ପ୍ରଦାୟର ପୂଜାରି, ପୁରୋହିତ ।

**ଦିସୁ ବି.** ଧାନକୁ ତତଲା ବାଲିରେ ଭାଜି ପ୍ରସ୍ତୁତ ଖାଦ୍ୟ, ଖଇ, ଲିଆ ।

**ଦିସ୍ତା ବି.** ଚବିଶ ଫର୍ଦ୍ଦ କାଗଜର ପରିମାଣ ।

**ଦିହାତି ବି.** ୧. ବଂଶ ପରମ୍ପରା ୨. ଦୁଇ ହାତରେ ।

**ଦିହୁଡା, ଦିହୁଡ଼ି ବି.** ମଶାଲ ।

**ଦିହୁଡ଼ିଆ ବି.** ଶ୍ରୀମନ୍ଦିରରେ ଦିହୁଡ଼ି ଜାଳିବା ସେବକ ।

**ଦୀଘୀ, ଦୀଘି ବି.** ବିଶାଳ ସରୋବର ବିଶେଷ, ବଡ ପୋଖରୀ, ଦୀର୍ଘିକା ।

**ଦୀନ ବିଂ.** ୧. ଗରିବ, ଦରିଦ୍ର, ନିର୍ଦ୍ଧନ ୨. ଦୁଃଖିତ, ବିଷଣ୍ଣ ୩. କାତର, କରୁଣ ୪. ଆଶ୍ରିତ, ଶରଣାଗତ ।

**ଦୀନାର ବି.** ସ୍ୱର୍ଣ୍ଣମୁଦ୍ରା ।

**ଦୀପ ବି.** ନିର୍ଦ୍ଦିଷ୍ଟ ଆକୃତିର ମାଟି ବା ଧାତୁନିର୍ମିତ ଆଧାର, ଯେଉଁଥିରେ ତେଲ ବା ଘିଅ ରଖି ବଳିତା ଜଳାଯାଏ, ତେଲ/ଘିଅ ଭିଜା ଜଳୁଥିବା ବଳିତାର ଆଧାର, ଦିଆ, ପ୍ରଦୀପ ।

**ଦୀପ ଦେବା କ୍ରି.** ଦେବଦେବୀ ବା ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପ୍ରଦୀପ ଜାଳିବା ।

**ଦୀପାଳି ବି.** ୧. ବଇଠା ୨. ଦୀପସମୂହ ୩. ଦୀପାବଳି, ଦିଆଲି ।

**ଦୀପ୍ତ ବିଂ.** ଉଜ୍ଜ୍ୱଳ, ତେଜୋମୟ ।

**ଦୀର୍ଘଦର୍ଶୀ ବିଂ.** କାର୍ଯ୍ୟଫଳକୁ ଆଗରୁ ଯେ ଅନୁମାନ କରିପାରେ ।

**ଦୀର୍ଘସୂତ୍ରୀ ବିଂ.** ଯେ କାର୍ଯ୍ୟକୁ ସହଳ ନ କରି ବିଳମ୍ବରେ କରେ ।

**ଦୀକ୍ଷା ବି.** ଧାର୍ମିକ ବା ଆଧ୍ୟାତ୍ମିକ ମାର୍ଗରେ ଗୁରୁଙ୍କ ମନ୍ତ୍ରଦାନ, ଗୁରୁଘର ବିଦ୍ୟା ।

**ଦୁଃଖ ବି.** ୧. ମାନସିକ ପୀଡ଼ା, ଆନନ୍ଦ ନ ଥିବା ଅବସ୍ଥା, ଅସୁଖ ୨. ଅପ୍ରୀତିକର ଅନୁଭୂତି ୩. ପୀଡ଼ା, କଷ୍ଟ, ବାଧା ।

**ଦୁଃଖ କରିବା କ୍ରି.** ମନ କଷ୍ଟ କରିବା, ମନରେ ଆଘାତ ପାଇବା ।

**ଦୁଃଖ ଜଣାଇବା କ୍ରି.** ୧. ଓଜର ଆପତ୍ତି ଜଣାଇବା ୨. ସମସ୍ୟାର ସମାଧାନ ପାଇଁ ଆବେଦନ କରିବା ୩. ଜୀବନର ଦୁଃଖ ଦୂର କରିବା ପାଇଁ ପ୍ରଭୁଙ୍କ ପାଖରେ ଜଣାଣ କରିବା ୪. ମନର କଷ୍ଟ ପ୍ରକାଶ କରିବା ।

**ଦୁଃଖସୁଖ ହେବା କ୍ରି.** ୧. ପରସ୍ପର ଭଲମନ୍ଦ ଖବର ନେବା ୨. ସାଧାରଣ ଦୈନନ୍ଦିନ ଜୀବନ ବିଷୟରେ କଥା ହେବା ।

**ଦୁଃଖାନ୍ତ, ଦୁଃଖାନ୍ତକ** *ବିଂ.* ଯେଉଁ ନାଟକ, କାହାଣୀ ବା ଘଟଣା ପରିଣତିରେ ଦର୍ଶକକୁ ଦୁଃଖାଭିଭୂତ କରେ, ବିୟୋଗାତ୍ମକ ।

**ଦୁଃଖିରଙ୍କି** *ବି.* ଦୁଃଖୀ ତଥା ଦରିଦ୍ର ଲୋକ ।

**ଦୁଃଖୀ** *ବି. ବିଂ.* ଦୁଃଖ ପାଉଥିବା ଲୋକ ।

**ଦୁଃଖେସୁଖେ** *କ୍ରି.ବିଂ.* କୌଣସି ପ୍ରକାରେ , କଷ୍ଟେମଷ୍ଟେ ।

**ଦୁଃସହ** *ବିଂ.* ଯାହା ସହ୍ୟ କରିବା କଷ୍ଟକର ।

**ଦୁଃସାହସ** *ବି.* ୧. କଷ୍ଟକର ବା ବିପଜ୍ଜନକ କାର୍ଯ୍ୟ ପାଇଁ ସାହସ ୨. ଔଦ୍ଧତ୍ୟ ।

**ଦୁଃସ୍ୱପ୍ନ** *ବି.* ଅଶୁଭସୂଚକ ସ୍ୱପ୍ନ ।

**ଦୁଅର୍** *ବି.* ଦଲ୍, ଖାଇବା ଲୋକଙ୍କୁ ଦ୍ୱିତୀୟ ବାର ପରଷିବା କାର୍ଯ୍ୟ।

**ଦୁଆଁ** *ବି.* ପଘା, ଗାଈବନ୍ଧା ଦଉଡ଼ି ।

**ଦୁଆ** *ବି.* ୧. ଗୀତର ଘୋଷା ୨. ଆଶୀର୍ବାଦ, ମଙ୍ଗଳ କାମନା ୩. (ଗାଈ) ଦୁହାଁ ।

**ଦୁଆତ** *ବି.* ସ୍ୟାହିରଖା ଆଧାର ।

**ଦୁଆ ଦେବା** *କ୍ରି.* ୧. ଗୀତରେ ପାଳି ଧରିବା ୨. ମଙ୍ଗଳ କାମନା କରିବା, ଆଶୀର୍ବାଦ ଦେବା ।

**ଦୁଆପାଳି** *ବି.* ନବବଧୂର ଦ୍ୱିତୀୟ ଥର ବରଘରକୁ ଫେରିବା ବିଧି ।

**ଦୁଆର୍‌ଡେନ୍** *ବି.* ଅଗଣା ଓ ଘର ବାହାରପଟ ସଫା କରିବା ପାଇଁ ନିଯୁକ୍ତ ଚାକରାଣୀ।

**ଦୁଆର** *ବି.* ୧. ଦ୍ୱାର, ଘରେ ପଶିବାକୁ ବାଟ ୨. ଅଗଣା, ଘର ଭିତରେ ଥିବା ମେଲାସ୍ଥାନ ।

**ଦୁଆରବନ୍ଧ** *ବି.* ଦ୍ୱାରବନ୍ଧ, ଦ୍ୱାର ତଳେ ଥିବା ପିଣ୍ଡି ବା ବନ୍ଧ ।

**ଦୁଆରୀ** *ବି.* ୧. ଦୁଆର ଜଗୁଆଳୀ ୨. ଭାଟ ୩. ଗୀତିନାଟ୍ୟର ଚରିତ୍ର ବିଶେଷ ।

**ଦୁଇ** *ବି.* ଏକ ପରବର୍ତ୍ତୀ ସଂଖ୍ୟା, ୨ ।

**ଦୁଇ କରିବା** *କ୍ରି.* ଝାଡ଼ା ଫେରିବା, ହଗିବା ।

**ଦୁଉଣି** *ବି.* ଛୋଟଡଙ୍ଗା ।

**ଦୁଏର୍** *ବି.* ୧. ଗୁହା, ଖୋଲ, ଗୁମ୍ଫା। ୨. ଗାତ, ବିଳ ।

**ଦୁଏଲ୍** *ବି.* ଦୋଳି।

**ଦୁକ୍‌ଦୁକି** *ବି.* ଶିଶୁର ତାଳୁ ଉପରର ନରମ ସ୍ଥାନ ।

**ଦୁକ୍‌ଲା** *ବିଂ.* ୧. ଦୁହେଁ, ଯୁଗଳ ୨. ଦ୍ୱିତୀୟ ; *ବି.* ଦୋକଲା, ସାଥୀ, ଦ୍ୱିତୀୟ ବ୍ୟକ୍ତି ।

**ଦୁକାଲ୍** *ବି.* ତିରୋଟ ବା ଅଭାବୀ ଅବସ୍ଥା; *ବିଂ.* ଅପ୍ରାପ୍ୟ।

**ଦୁକୂଳ** *ବି.* ୧. ଓଢ଼ଣି ୨. ପଟ୍ଟବସ୍ତ୍ର, ସୂକ୍ଷ୍ମବସ୍ତ୍ର, ସିଲକ୍ ଲୁଗା।

**ଦୁଖ୍‌ମନା** *ବିଂ.* ଦୁଃଖୀ, ମନ ଖରାପ କରିଥିବା ।

**ଦୁଖିଲିଆ** *ଅ.* ବିସ୍ମୟ, ଆତିଶଯ୍ୟ ଆଦି ପାଇଁ ବ୍ୟବହୃତ ଧ୍ୱନି ।

**ଦୁଖିବା** *କ୍ରି.* ବ୍ୟଥା ହେବା, କାଟିବା, କଷ୍ଟହେବା ।

**ଦୁଗାନି** *ବି.* ଦଉଲତ୍, ବିଭବ ।

**ଦୁଜେ** *କ୍ରି.ବିଂ.* ଦ୍ୱିତୀୟରେ ; *ବିଂ.* ଦ୍ୱିତୀୟ ।

**ଦୁତ୍‌ବିହେଇ, ଦୁତ୍‌ଭେଇ** *ବି.ବିଂ.* ଦ୍ୱିତୀୟବାର ବିବାହିତା, ଦୋଭେଇ।

**ଦୁତୀଅ ହେବା** *କ୍ରି.* ଦ୍ୱିତୀୟଥର ପାଇଁ ବିବାହ କରିବା ।

**ଦୁତୀଆ ଓଷା** *ବି.* ଦୂତୀବାହନଙ୍କ ଉଦ୍ଦେଶ୍ୟରେ ଭାଦ୍ରବ କୃଷ୍ଣପକ୍ଷ ଦ୍ୱିତୀୟା ଦିନ ସ୍ତ୍ରୀଲୋକମାନେ ପାଳନ କରୁଥିବା ଓଷା ।

**ଦୁଦ୍** *ବି.* ନାରୀର ସ୍ତନ ।

**ଦୁଦୁରା** *ବି.* କାହାଳୀ ଆକୃତିର ଧଳା ଏବଂ କଳା ଫୁଲ ଫୁଟୁଥିବା ଗୁଳ୍ମ ବିଶେଷ ।

**ଦୁଧ** *ବି.* ୧. ନାରୀର ସ୍ତନ ୨. କ୍ଷୀର, ଗୋରସ, ନିତ୍ୟାନି ।

**ଦୁଧଖିଆ ପିଲା** *ବି.* କେବଳ ମା କ୍ଷୀର ଖାଉଥିବା ଶିଶୁ ।

**ଦୁଧମେଲାଣ** *ବି.* ମକର ସଂକ୍ରାନ୍ତି ପୂର୍ବଦିନ ଶ୍ରୀମନ୍ଦିରରେ ସମ୍ପାଦିତ ଏକ ନୀତି।

**ଦୁଧିଆଳୀ** *ବି.* ଦୁଧ ଦେଉଥିବା (ଗାଈ) ।

**ଦୁନିଆ** *ବି.* ଜଗତ୍, ସଂସାର, ସମଗ୍ର ପୃଥିବୀ ।

**ଦୁନିଆ ବାହାର** *ବିଂ.* ୧. ଅସାଧାରଣ ୨. ବିଚିତ୍ର, ଅଦ୍ଭୁତ ।

**ଦୁନ୍ଦୁଭ, ଦୁନ୍ଦଭି** *ବି.* ବଡ଼ଢକ୍କା, ଭେରୀ ।

**ଦୁପଟ୍ଟା** *ବି.* ଓଢ଼ଣି, ଚୁନ୍ନି, ଓ୍ଵାଣି ।

**ଦୁମ୍‌କିନା** *ବିଂ.* ୧. ହଠାତ୍, ଆଗରୁ କୌଣସି ସୂଚନା ନ ଥାଇ ୨. ସଶବ୍ଦେ, ଶବ୍ଦକରି ।

**ଦୁମ୍‌ଦୁମ୍, ଦୁମୁଦୁମୁ** *ବି. ଅ.* ଗୋଡ଼ କଚାଡ଼ି ଶବ୍ଦ ସୃଷ୍ଟି କରି ଚାଲିବା ଭଙ୍ଗୀ ।

**ଦୁମୁକାଣି** *ବି.* ୧. ଘୋର ବର୍ଷାର ଅସରା ୨. ଦୁମ୍ ଦୁମ୍ ଚାଲି ।

**ଦୁର୍‌ମିବା** *କ୍ରି.* ୧. ଓଜନିଆ ବସ୍ତୁଦ୍ୱାରା ଆଘାତ କରିବା ୨. ମାଡ଼ ଦେବା, ବାଡ଼େଇବା ।

**ଦୁରନ୍ତ** *ବିଂ.* ୧. ଅତି କ୍ଳେଶକର, ଦୁଃଖଦ ୨. ପ୍ରବଳ, ଭୀଷଣ, ଘୋର ୩. ଦୁଃସହ, ଦୁର୍ନିବାର ।

**ଦୁରଭିସନ୍ଧି** *ବି.* ଖରାପ ମତଲବ, ଅସତ୍ ଉଦ୍ଦେଶ୍ୟ ।

**ଦୁରା** *ବିଂ.* ଦିଓଟି, ଅଳ୍ପ, ସାମାନ୍ୟ ।

**ଦୁରାଚାର** *ବିଂ.* ଦୁଷ୍ଟ ଆଚରଣ ।

**ଦୁରାତ୍ମା** *ବିଂ.* ଦୁଷ୍ଟ ସ୍ୱଭାବର, ଦୁଷ୍ଟଚରିତ୍ର, ଦୁର୍ବୃତ୍ତ ।

**ଦୁରାପ** *ବିଂ.* ଦୁଷ୍ପ୍ରାପ୍ୟ, ଦୁର୍ଲଭ ।

**ଦୂରାରୋଗ୍ୟ ବିଂ.** ସହଜରେ ଭଲ ହେଉ ନ ଥିବା ।

**ଦୂରିତ ବି.** ପାପ, ଦୁଷ୍କୃତ ।

**ଦୂରୁଶିଆ ବିଂ.** ଦେଖିବା ଭଳି, ଯାହା ଦେଖି ହେବ ।

**ଦୂରୂହ ବିଂ.** କଠୋର, କଷ୍ଟକର ।

**ଦୁର୍ଗ ବି.** କିଲା, ଶତ୍ରୁ ଆକ୍ରମଣରୁ ରକ୍ଷାପାଇବା ପାଇଁ ପୂର୍ବେ ରାଜାମାନେ ତିଆରି କରୁଥିବା ଉଚ୍ଚ ଓ ଦୃଢ଼ ପାଚେରିବିଶିଷ୍ଟ ପ୍ରାସାଦ ।

**ଦୁର୍ଗତ ବିଂ.** ୧. ଦୈନ୍ୟଗ୍ରସ୍ତ, ଦରିଦ୍ର ୨. ଅସୁବିଧା ଭୋଗ କରୁଥିବା, ବିପନ୍ନ ।

**ଦୁର୍ଗତି ବି.** ଦାରିଦ୍ର୍ୟ, ମନ୍ଦ ଅବସ୍ଥା ।

**ଦୁର୍ଗମ ବିଂ.** ସହଜରେ ଯାଇ ହେଉ ନ ଥିବା, ଯିବା ଆସିବା ପାଇଁ ଅସୁବିଧାଜନକ ।

**ଦୁର୍ଜନ ବି.** ଖଳବୃତ୍ତି ଆଚରଣ କରୁଥିବା ବ୍ୟକ୍ତି, ମନ୍ଦ ଲୋକ, ଖରାପ ମଣିଷ ।

**ଦୁର୍ଦ୍ଦମନୀୟ ବିଂ.** ଯାହାକୁ ସହଜରେ ଦମନ କରି ହୁଏ ନାହିଁ ।

**ଦୁର୍ଦ୍ଦଶା ବି.** ମନ୍ଦ ଅବସ୍ଥା, ଦୁର୍ଭାଗ୍ୟ ।

**ଦୁର୍ଦ୍ଦାନ୍ତ ବିଂ.** ଅଶାନ୍ତ,ଉଦ୍ଧତ, ଦୁର୍ବିନୀତ।

**ଦୁର୍ଦ୍ଦିନ ବି.** ୧. ଖରାପ ବେଳା, ଦୁଃଖଦ ସମୟ, ବିପଦ କାଳ ୨. ବର୍ଷା ସମୟ ।

**ଦୁର୍ଦ୍ଧର୍ଷ ବିଂ.** ଦୁର୍ଜୟ, ଯାହାକୁ ସହଜରେ ଜବତ କରିହୁଏ ନାହିଁ, ପ୍ରବଳ ପରାକ୍ରମଶାଳୀ ।

**ଦୁର୍ନାମ ବି.** ବଦ୍‌ନାମ, ଅପଯଶ, ନିନ୍ଦା, ଅପବାଦ ।

**ଦୁର୍ନିବାର ବିଂ.** ଆଦୌ ଆୟତ୍ତକୁ ଅଣାଯାଇ ପାରୁ ନଥିବା ।

**ଦୁର୍ବହ ବିଂ.** ଅସହ୍ୟ, କଷ୍ଟରେ ସାଧ୍ୟ, କଷ୍ଟରେ ସହିହେବା ।

**ଦୁର୍ବାର ବିଂ.** ଦୁର୍ନିବାର, ଯାହା ବା ଯାହାକୁ ସହଜରେ ବାରଣ କରି ହୁଏ ନାହିଁ ।

**ଦୁର୍ବାସା ବି.ବିଂ.** ଭଲ ବା ମନ୍ଦରେ ଅନ୍ୟ ପ୍ରତି ଅସନ୍ତୁଷ୍ଟ ଓ କ୍ରୋଧୀ, ପୁରାଣ ପ୍ରସିଦ୍ଧ କ୍ଷଣକୋପୀ ଋଷି ।

**ଦୁର୍ବିପାକ ବି.** ବିପନ୍ନ ଅବସ୍ଥା, ଦୁର୍ଭାଗ୍ୟ ।

**ଦୁର୍ବିସହ ବିଂ.** ଯାହା ସହି ହୁଏ ନାହିଁ, ଅତ୍ୟନ୍ତ ଅସହ୍ୟ, ଅତି କଷ୍ଟପ୍ରଦ ।

**ଦୁର୍ବୃତ୍ତ ବିଂ.** ମନ୍ଦ କାମ ଯାହାର ବୃତ୍ତି, ବଦମାସ, ଖରାପ ଲୋକ ।

**ଦୁର୍ବୋଧ୍ୟ ବିଂ.** ଦୁର୍ଜ୍ଞେୟ, ଯାହାର ଅର୍ଥ ବୁଝିବା କଠିନ ।

**ଦୁର୍ଭାଗା ବି.ବିଂ.** ଭାଗ୍ୟହୀନ, ହତଭାଗ (ଗା) ।

**ଦୁର୍ଭିକ୍ଷ ବି.** ୧. ଭିକ୍ଷା ମଧ୍ୟ ନ ମିଳିବା ବେଳ, ଅତି ଅଭାବ ସମୟ ୨. ଅକାଳ, ତିରୋଟ ସମୟ ।

**ଦୁର୍ମିଳ ବିଂ.** ଯାହା ସହଜରେ ମିଳେ ନାହିଁ, ଦୁର୍ଲଭ, ଦୁଷ୍ପ୍ରାପ୍ୟ ।

**ଦୁର୍ମୁଖ ବି.ବିଂ.** କଟୁଭାଷୀ, ଖରାପ କଥା କହୁଥିବା ଲୋକ, ରୁଚିହୀନ ଶବ୍ଦ ପ୍ରୟୋଗ କରୁଥିବା, ରୁକ୍ଷ ବା କର୍କଶ ଭାଷା କହୁଥିବା ଲୋକ ।

**ଦୁର୍ଲଭ ବିଂ.** ୧. ଦୁଷ୍ପ୍ରାପ୍ୟ, କ୍ରେତାର ଅପହଞ୍ଚ ସ୍ତର ୨. ବିରଳ ।

**ଦୁଲ୍‌ଠା ବି.** ଅଳିନ୍ଦ, ବାରଣ୍ଡା ।

**ଦୁଲ୍‌କିନା ବିଂ.** ହଠାତ୍ ଏବଂ ଶବ୍ଦ ସହିତ ।

**ଦୁଲ୍‌ଦୁଲି ବି.** ଏକ ପ୍ରକାର ଚମଡା ଛାଉଣି ଲୋକବାଦ୍ୟ ବିଶେଷ ।

**ଦୁଲଣା ବି.** ଅତିଗେହ୍ଲା ଝିଅ ବା କନ୍ୟା ।

**ଦୁଲାଳ ବି.** ସ୍ନେହପାଳିତ ଗେହ୍ଲାପୁଅ, ଗେଲବସରିଆ ।

**ଦୁଲୁକିବା କ୍ରି.** ୧. ଶବ୍ଦ ବା ଆଘାତ ଯୋଗୁଁ ଅସ୍ଥିର ହେବା ୨. ଆନ୍ଦୋଳିତ ହେବା, କମ୍ପିବା ।

**ଦୁଷ୍ଚିନ୍ତା ବି.** ଦୁର୍ଭାବନା, ଅମଙ୍ଗଳ ଆଶଙ୍କା, ଖରାପ ଭାବନା ବା ଚିନ୍ତା ।

**ଦୁଷ୍କର ବିଂ.** ଯେଉଁ କାମ ସହଜରେ କରି ହେବ ନାହିଁ, ଦୁଃସାଧ୍ୟ ।

**ଦୁଷ୍କର୍ମ ବି.** ୧. ଅନୈତିକ କାର୍ଯ୍ୟ ୨. ଧର୍ଷଣ।

**ଦୁଷ୍ଟ ବିଂ.** ୧. ଦୋଷଯୁକ୍ତ, ଦୁର୍ବୃତ୍ତ, ଅପରାଧୀ ୨. ନଷ୍ଟଚରିତ୍ର, ଦୁଷ୍ଟଚରିତ୍ର ୩. ବିକୃତ, ବିକାରପ୍ରାପ୍ତ, *ସ୍ତ୍ରୀ.* ଦୁଷ୍ଟା ।

**ଦୁସ୍‌ରା ବିଂ.** ୨. ଦ୍ୱିତୀୟ ୨. ଆର ଗୋଟିକ, ଦୁଇଟି ମଧ୍ୟରୁ ଗୋଟିଏ ୩. ଅନ୍ୟ।

**ଦୁସି ବି.** ଜଉତିଷ, ନାହାକ, ଭବିଷ୍ୟବକ୍ତା, ଗଣକ ।

**ଦୁସ୍ତର ବିଂ.** କଷ୍ଟସାଧ୍ୟ ।

**ଦୁହାରି ହେବା କ୍ରି.** (କୌଣସି ସ୍ଥାନ ବା ଘରକୁ) ବାରମ୍ବାର ଯିବା ବା ଆସିବା।

**ଦୁହିତା ବି.** ଝିଅ, କନ୍ୟା ।

**ଦୁହାଁଳ ବିଂ.** ଦୁଧ ଦେଉଥିବା, ଦୁଧିଆଳୀ ।

**ଦୁହାଁଳି ବି.** ଯେ ଗାଇ ଦୁହେଁ, ଗାଇ ଦୁହିଁଲାବାଲା ।

**ଦୁହିଁବା କ୍ରି.** ୧. ଗାଇଠାରୁ କ୍ଷୀର ଟାଣିବା ୨. ଚାପ ପ୍ରୟୋଗ କରି ଅର୍ଥ ଆଦାୟ କରିବା ବା ନିଃଶେଷ କରିନେବା।

**ଦୂତ ବି.** ବାର୍ତ୍ତାବହ, ଚାର ।

**ଦୂତୀ ବି.** ସନ୍ଦେଶ ବା ଚିଠି ନେଉଥିବା ନାରୀ ।

**ଦୂର୍‌ଦୂର୍ ମାର୍‌ମାର୍ କରିବା କ୍ରି.** ଜମା ଭଲ ନ ପାଇବା, ପାଖରେ ରଖିବାକୁ ନ ଚାହିଁବା, ହତାଦର କରିବା ।

**ଦୂର୍‌ବିନ୍ ବି.** ଦୂରବୀକ୍ଷଣ ଯନ୍ତ୍ର, ବାଇନାକୁଲାର, ଟେଲିସ୍କୋପ୍ ।

**ଦୂର ବିଂ.** ୧. ଯାହା ପାଖ ନୁହେଁ, ଧୁରିଆ, ଅନିକଟ ୨. ବହିଷ୍କୃତ ; **ବି.** ୧. ବ୍ୟବଧାନ, ଅନ୍ତର ୨. ଦୂରବର୍ତ୍ତୀ ସ୍ଥାନ ।

**ଦୂର କରିବା *କ୍ରି.*** ୧. ଅନ୍ତର କରିଦେବା, ବହିଷ୍କାର କରିବା, ପାଖରୁ ହଟାଇ ଦେବା ୨. ନିବାରଣ କରିବା ।

**ଦୂରତା *ବି.*** ଗୋଟିଏ ସ୍ଥାନ/କାଳ/ପାତ୍ରରୁ ଅନ୍ୟ ସ୍ଥାନ/କାଳ/ପାତ୍ର ମଧ୍ୟରେ ଥିବା ବ୍ୟବଧାନ ।

**ଦୂରଦର୍ଶନ *ବି.*** ୧. ଭାରତ ସରକାରଙ୍କ ପ୍ରସାରଭାରତୀ ସଂସ୍ଥାର ଟିଭି ଚେନେଲ (ସମୂହ) ୨. ଟେଲିଭିଜନ୍, ଟିଭି ।

**ଦୂରଦର୍ଶିତା *ବି.*** କାର୍ଯ୍ୟର ପରିଣାମ ପ୍ରତି ସଚେତନତା ।

**ଦୂରଦର୍ଶୀ *ବିଂ.*** ବିଚକ୍ଷଣ, କାର୍ଯ୍ୟ ବା ଘଟଣା ବିଷୟରେ ଆଗରୁ ଭାବି ପାରୁଥିବା ।

**ଦୂରଦୁରାନ୍ତର *ବିଂ.*** ଅନେକ ଦୂରରୁ ବା ଦୂରରେ ।

**ଦୂରଦୃଷ୍ଟି *ବି.*** ଭବିଷ୍ୟତ୍ ଦୃଷ୍ଟି, ପରିଣାମଦର୍ଶିତା ।

**ଦୂରବୀକ୍ଷଣ ଯନ୍ତ୍ର *ବି.*** ଦୂରବର୍ତ୍ତୀ ଜିନିଷକୁ ଦେଖିବାର ଯନ୍ତ୍ର, ଟେଲିସ୍କୋପ୍, ବାଇନାକୁଲାର ।

**ଦୂରଭାଷ *ବି.*** ଯେଉଁ ଯନ୍ତ୍ରଦ୍ୱାରା ଦୂରରେ ଥିବା ବ୍ୟକ୍ତି ସହିତ ବାର୍ତ୍ତାଳାପ କରିହୁଏ, ଟେଲିଫୋନ୍ ।

**ଦୂର୍ବା *ବି.*** ଦୁବଘାସ ।

**ଦୂଷଣ *ବି.*** ୧. ଦୋଷ, ଅବିଗୁଣ ୨. ଖରାପ କାର୍ଯ୍ୟ ।

**ଦୂଷିତ *ବିଂ.*** ୧. ଅପମିଶ୍ରିତ ୨. ମୂଳ ପ୍ରକୃତି ହରାଇଥିବା ୩. ଅପରିଷ୍କୃତ ।

**ଦୃକ୍ *ବି.*** ୧. ଚକ୍ଷୁ ୨. ଦୃଷ୍ଟି ୩. ଜ୍ଞାନ ।

**ଦୃକ୍‌ପାତ *ବି.*** ଦୃଷ୍ଟି ନିକ୍ଷେପ, ଦେଖିବା ।

**ଦୃକ୍‌ସିଦ୍ଧ *ବି. ବିଂ.*** ଆଖିରେ ଦେଖି ସତ୍ୟ ବୋଲି ଗ୍ରହଣ କରିବା ।

**ଦୃଢ଼ *ବିଂ.*** ୧. ଶକ୍ତ, ଟାଣ, ଅଶିଥିଳ ୨. ବଳବାନ ୩. କଠିନ, କଠୋର ୪. ଟାଣୁଆ ।

**ଦୃଢ଼ତା *ବି.*** ୧. ସାମର୍ଥ୍ୟ ୨. ଅବିଚଳିତ ଭାବ ୩. ଅନମନୀୟତା, କଠିନତା ।

**ଦୃଢ଼ନିଶ୍ଚିତ *ବିଂ.*** ୧. ସୁନିଶ୍ଚିତ, ଦୃଢ଼ ଭାବରେ ବିଶ୍ୱାସୀ ୨. ସ୍ଥିରସିଦ୍ଧାନ୍ତଯୁକ୍ତ ।

**ଦୃଢ଼ପ୍ରତିଜ୍ଞ *ବିଂ.*** ପ୍ରତିଜ୍ଞା ପାଳନରେ ଅବିଚଳିତ, ସଂକଳ୍ପ ରକ୍ଷା କରିବାରେ ସ୍ଥିରମନା ।

**ଦୃଢ଼ସଂକଳ୍ପ *ବିଂ.*** ଦୃଢ଼ପ୍ରତିଜ୍ଞ ।

**ଦୃଢ଼ୀଭୂତ *ବିଂ.*** ୧. ଯାହା ଦୃଢ଼ କରାଯାଇଛି ୨. ଅଧିକ ଦୃଢ଼ କରାଯାଇଥିବା ୩. ଦୃଢ଼ ହୋଇଥିବା ।

**ଦୃଶା *ବିଂ.*** ଅନୁରୂପ, ସମାନ ଦେଖାଯାଉଥିବା ।

**ଦୃଶ୍ୟ *ବି.*** ୧. ନାଟକର ଅଙ୍କ ଅନ୍ତର୍ଗତ ବିଭାଗ ୨. ଦର୍ଶନୀୟ ବସ୍ତୁ ୩. ଦେଖିବା ଭଳି ଜିନିଷ ; ***ବିଂ.*** ଦେଖି ହେବା ଭଳି, ଦର୍ଶନୀୟ ।

**ଦୃଶ୍ୟକାବ୍ୟ *ବି.*** ନାଟକ, ଡ୍ରାମା ।

**ଦୃଶ୍ୟପଟ *ବି.*** ୧. ରଙ୍ଗମଞ୍ଚର ଚିତ୍ରିତ ପରଦା ୨. ବିଭିନ୍ନ ଦୃଶ୍ୟ ।

**ଦୃଶ୍ୟମାନ *ବିଂ.*** ଯାହା ଦେଖା ଯାଉଅଛି ।

**ଦୃଶ୍ୟ ସଙ୍ଗୀତ *ବି.*** ଗୀତ ଓ ନୃତ୍ୟ ।

**ଦୃଶ୍ୟ ହେବା *କ୍ରି*** ୧. ଦେଖା ଯିବା ୨. ଗୋଚର ହେବା, ଜଣାଯିବା ।

**ଦୃଷ୍ଟାନ୍ତ *ବି.*** ଉଦାହରଣ, ନିଦର୍ଶନ, ଶାସ୍ତ୍ରପ୍ରମାଣ, ନମୁନା ।

**ଦୃଷ୍ଟି *ବି.*** ୧. ଆଖି, ଚକ୍ଷୁ ୨. ନିଘା, ନଜର, ଦର୍ଶନ ୩. ଅଶୁଭ ପ୍ରଭାବ ।

**ଦୃଷ୍ଟିକୋଣ *ବି.*** କୌଣସି ବିଷୟ ପ୍ରତି ବିଚାର ବା ମନୋଭାବର ଦିଗ ।

**ଦୃଷ୍ଟିଗୋଚର *ବି.*** ଦେଖିବା ପରିସରକୁ ଆସିବା, ଚକ୍ଷୁର ବିଷୟୀଭୂତ ।

**ଦୃଷ୍ଟି ଦେବା *କ୍ରି*** ୧. ମନୋନିବେଶ କରିବା, ମନୋଯୋଗୀ ହେବା ୨. ନଜର ରଖିବା ୩. ତତ୍ତ୍ୱ ନେବା, ଭଲମନ୍ଦ ବୁଝିବା ।

**ଦୃଷ୍ଟିନିକ୍ଷେପ କରିବା *କ୍ରି.*** ଆଖି ପକେଇବା, ଦେଖିବା, ଦୃଷ୍ଟିପାତ କରିବା ।

**ଦୃଷ୍ଟି ପକାଇବା *କ୍ରି.*** ଖରାପ ନଜର ପକାଇବା, ଅଶୁଭ ପ୍ରଭାବ ପକାଇବା ।

**ଦୃଷ୍ଟିପଥ *ବି.*** ଏକାଥରେ ଆଖିକୁ ଦେଖାଯିବା ଅଞ୍ଚଳ, ଯେତେ ଦୂର ପର୍ଯ୍ୟନ୍ତ ଆଖିକୁ ଦେଖାଯାଏ ।

**ଦୃଷ୍ଟି ପଥାରୂଢ଼ *ବି.*** ଦୃଷ୍ଟିଗୋଚର, ଆଖି ଆଗକୁ ଆସିବା ।

**ଦୃଷ୍ଟିପାତ *ବି.*** ୧. ଦେଖିବା ୨. ଆଖି ପକାଇବା ।

**ଦୃଷ୍ଟିଭଙ୍ଗୀ *ବି.*** ଦେଖିବାର ବା ବିଚାର କରିବାର ଢଙ୍ଗ ।

**ଦୃଷ୍ଟିଭେଦ *ବି.*** କୌଣସି ବିଷୟକୁ ବିଭିନ୍ନ ଭାବରେ ଦେଖିବା ଜନିତ ପାର୍ଥକ୍ୟ ।

**ଦୃଷ୍ଟି ରଖିବା *କ୍ରି.*** ୧. ତତ୍ତ୍ୱ ନେବା ୨. ଯତ୍ନ ନେବା ୩. ଗତିବିଧି ଲକ୍ଷ୍ୟକରିବା ।

**ଦୃଷ୍ଟିହୀନ *ବିଂ.*** ଯାହାର ଆଖି ବା ଦୃଷ୍ଟିଶକ୍ତି ନାହିଁ, ଅନ୍ଧ ।

**ଦୃଷ୍ଟିଶକ୍ତି *ବି.*** ଦେଖିପାରିବାର ଶକ୍ତି, ଦେଖିବା ସାମର୍ଥ୍ୟ ।

**ଦେଇ *ଅ.*** ଦ୍ୱାରା, ମାରଫତ୍ ।

**ଦେଈ *ବି.*** ୧. ବଡ଼ଭଉଣୀ, ଅପା, ନାନୀ ୨. ଦେବୀ ୩. ରାଣୀ ।

**ଦେଉଳ *ବିଂ.*** ଦେବମନ୍ଦିର, ଦେବାଳୟ, ମନ୍ଦିରର ଗର୍ଭଗୃହ, ମାହାପ୍ରୁ ଘର, ଗୁଡ଼ି ।

**ଦେଉଳକରଣ *ବି.*** ଶ୍ରୀମନ୍ଦିରରେ କରଣ ସେବକ ବିଶେଷ ।

**ଦେଉଳ ପୁରୋହିତ *ବି.*** ପରମ୍ପରା କ୍ରମେ ଶ୍ରୀମନ୍ଦିରର ପୌରୋହିତ୍ୟରେ ନିଯୁକ୍ତ ଶ୍ରୋତ୍ରିୟ ବ୍ରାହ୍ମଣ ।

**ଦେଉଳିଆ** *ବିଂ.* ୧. ଦେଉଳ ବା ମନ୍ଦିର ଆକାରର ୨. ଭୂମିଠାରୁ ଉପରକୁ କ୍ରମଶଃ ଅଣଓସାରିଆ ।

**ଦେଉଳିଆ ପଣ୍ଡା** *ବି.* ଦେଉଳର ପୂଜକ ବା ସେବକ, ଦେବଳ ।

**ଦେଏଣା, ଦେଣା** *ବିଂ.* ଋଣ ପ୍ରାପ୍ୟ, ଯାହା ଶୁଝାଯାଏ, କରଜ ଫେରାଇବା ।

**ଦେଓ** *ବି.* ରାଜାଙ୍କ ପଦବୀ ବା ସାଙ୍ଗିଆ ।

**ଦେଖ୍‌ଭାଲ୍** *ବି.* ସେବା ଶୁଶ୍ରୂଷା, ଦେଖାଚାହାଁ, ଭଲମନ୍ଦ ବୁଝାସୁଝା ।

**ଦେଖଣାହାରି** *ବି.* ଦର୍ଶକ, ନାଟକ ଓ ସିନେମା ପ୍ରଭୃତି ଦେଖିବା ଲୋକ ।

**ଦେଖରେଖ** *ବି.* ବୁଝାବୁଝି, ତତ୍ତ୍ୱ ନେବା ।

**ଦେଖା** *ବି.* ସାକ୍ଷାତ୍, ଦର୍ଶନ ।

**ଦେଖା କରିବା** *କ୍ରି.* ମୁହାଁମୁହିଁ ଭେଟ ହେବା, ସାକ୍ଷାତ୍ କରିବା ।

**ଦେଖାଚାହାଁ କରିବା** *କ୍ରି.* ତତ୍ତ୍ୱ ନେବା, ରକ୍ଷଣାବେକ୍ଷଣ କରିବା ।

**ଦେଖାଦେଖି** *କ୍ରି.ବିଂ.* ୧. ଦେଖିବା ପରେ ଅନୁକରଣ କରି ୨. ପ୍ରଭାବିତ ହୋଇ, ଦେଖି ଓ ଶିଖି ।

**ଦେଖାଦେଖି ହବା** *କ୍ରି.* ବଳ ବା ସାମର୍ଥ୍ୟ ପରୀକ୍ଷା କରିବା ।

**ଦେଖାପରଖା** *ବିଂ.* ଚିହ୍ନାଜଣା, ପରିଚିତ ।

**ଦେଖାରଖା** *ବି.* ଦେଖରେଖ, ଯତ୍ନ ।

**ଦେଖାଶିଖା** *ବିଂ.* ଅନ୍ୟକୁ ଦେଖି ଅନୁକରଣ କରୁଥିବା ବା ଶିଖୁଥିବା, ଦେଖିଲା ପରେ ଶିଖୁଥିବା, ଦେଖି ଶିଖୁଥିବା, ଅନୁକରଣସର୍ବସ୍ୱ ।

**ଦେଖାଶୁଣା କରିବା** *କ୍ରି.* ବୁଝାବୁଝି କରିବା, ଭଲମନ୍ଦ ବୁଝିବା ।

**ଦେଖାସାକ୍ଷାତ୍** *ବି.* ଦେଖା ଓ କଥାବାର୍ତ୍ତା ।

**ଦେଖି ନେବା** *କ୍ରି.* ପ୍ରତିଶୋଧ ନେବା, ବଦ୍‌ଲା ନେବା ।

**ଦେଖିନି** *କ୍ରି.* ଦେଖିଲି ।

**ଦେଖିଲା କାମ କରିବା** *କ୍ରି.* ୧. ଅବସ୍ଥାକୁ ଚାହିଁ ବ୍ୟବସ୍ଥା କରିବା, ସୁବିଧା ଅନୁସାରେ କାର୍ଯ୍ୟ କରିବା ୨. କୌଶଳ ପ୍ରୟୋଗ କରିବା ।

**ଦେଖୁଣିଆ** *ବି.* ଦେଖିବା ଲୋକ, ବିଶେଷତଃ ବିଭାଘର ପାଇଁ କନ୍ୟା ଦେଖା ଉଦ୍ଦେଶ୍ୟରେ ଯାଇଥିବା ବ୍ୟକ୍ତି ।

**ଦେ'ଗନ୍‌ସନ୍** *ବି.* ବିବାହ କର୍ମ ପୂର୍ବରୁ ଦେବ ନିମନ୍ତ୍ରଣ ।

**ଦେଜା** *ବି.* ଯୌତୁକ ।

**ଦେଠ** *ବି.* ଦେଠା, ଦଦେଇ, ବଡ଼ବାପା ।

**ଦେଠା** *ବି.* ଦେଠ ।

**ଦେଠେଇ** *ବି.* ଦେଠା ବା ଦଦେଇଙ୍କ ସ୍ତ୍ରୀ, ବଡ଼ ବୋଉ ।

**ଦେଠେନ୍** *ବି.* ବଡ଼ ଯା, ସ୍ୱାମୀଙ୍କ ବଡ଼ ଭାଇଙ୍କ ସ୍ତ୍ରୀ ।

**ଦେଡୁତାଶୁର** *ବି.* ଶ୍ୱଶୁରଙ୍କ ବଡ଼ଭାଇ ।

**ଦେଢ଼** *ବିଂ.ବି.* ଏକ ଏବଂ ଅଧା ।

**ଦେଢ଼ଚାଲାକିଆ** *ବି.ବିଂ.* ଆବଶ୍ୟକତାଠାରୁ ଅଧିକ ଚତୁର ।

**ଦେଢ଼ଶାଶୁ** *ବି.* ସ୍ତ୍ରୀର ବଡ଼ ଭଉଣୀ ବା ଭାଉଜ ।

**ଦେଢ଼ଶୁର** *ବି.* ସ୍ୱାମୀର ବଡ଼ଭାଇ, ଦେଢ଼ଶ୍ୱଶୁର ।

**ଦେଢ଼ଶ୍ୱଶୁର** *ବି.* ଦେଢ଼ଶୁର ।

**ଦେଢ଼ା** *ବିଂ.* ଦେଢ଼ଗୁଣା ।

**ଦେଢ଼ି** *ବିଂ.* ଦେଢ଼ିଆ, ଦେଢ଼ଗୁଣ ପରିମିତ କରଜ, ଋଣ ; *ବି.* ମୋଟା ଚାଦର ।

**ଦେଢ଼ିଆ** *ବିଂ.* ୧. ଅବାଗିଆ, ତେଢ଼ା ୨. ସାମାନ୍ୟ ବଙ୍କା ।

**ଦେଣନେଣ** *ବି.* ଦିଆନିଆ, ଦେବାନେବା, ଦିଆଦେଇ ।

**ଦେଣାପାଉଣା** *ବି.* ବ୍ୟାବସାୟିକ ଭିତ୍ତିରେ ଦିଆନିଆ ।

**ଦେ ପୂଜା** *ବି.* ଗ୍ରାମ ଦେବତୀଙ୍କର ପୂଜା ମହୋତ୍ସବ ।

**ଦେବ୍‌ତା ଆସ୍‌ବା** *କ୍ରି.* ୧. ଅଶୁଭ ଶକ୍ତି ବ୍ୟକ୍ତିର ମନ ଉପରେ ସବାର ହେବା ୨. କାଳିସୀ ଲାଗିବା ।

**ଦେବ୍‌ତା ଧର୍‌ବା** *କ୍ରି.* ମନୁଷ୍ୟ ଦୈବାବିଷ୍ଟ ହେବା ।

**ଦେବ** *ବି.* ୧. ମାଲିକ ୨. ଦେବତା ୩. ପୂଜା ; *କ୍ରି.* ଅନ୍ୟକୁ ଦେବାପାଇଁ ଆଦେଶ ବା ପରାମର୍ଶ ।

**ଦେବଗୃହ** *ବି.* ଦେବଦେବୀ ରହୁଥିବା ଘର, ମାହାପ୍ରୁ ଘର, ମନ୍ଦିର, ଦେଉଳ ।

**ଦେବତରୁ** *ବି.* ପୁରାଣ ବର୍ଣ୍ଣିତ ସ୍ୱର୍ଗର ପାଞ୍ଚଟି ଗଛ–୧. ମନ୍ଦାର ୨. ପାରିଜାତ ୩. ସନ୍ତାନ ୪. କଳ୍ପବୃକ୍ଷ ୫. ହରିଚନ୍ଦନ ।

**ଦେବତୀ** *ବି.* ୧. ଗାଁ ଠାକୁରାଣୀ ୨. ଦେବୀ ।

**ଦେବଦାସୀ** *ବି.* ୧. ଦେବତାଙ୍କୁ ବିବାହ କରିଥିବା ଯୁବତୀ– ଏମାନେ ମନ୍ଦିରରେ ନାଚନ୍ତି ଓ ଗାଆନ୍ତି (ଦକ୍ଷିଣ ଭାରତରେ ଏମାନେ ବାସବୀ ରୂପେ ପରିଚିତ) ୨. ମାହାରୀ, ବାହାର ଗାଉଣୀ ବା ନାଚୁଣୀ, ଭିତର ଗାଉଣୀ ।

**ଦେବ ଦୀପାବଳୀ** *ବି.* ଦେବଦେବୀମାନଙ୍କର ଦୀପାବଳି ଉତ୍ସବ, କାର୍ତ୍ତିକ ଅମାବାସ୍ୟା ।

**ଦେବଦେବ** *ବି.* ଦେବତାଙ୍କ ମଧ୍ୟରେ ଶ୍ରେଷ୍ଠ, ଶିବ ।

**ଦେବ ନିମନ୍ତ୍ରଣ** *ବି.* କୌଣସି ଶୁଭ କାର୍ଯ୍ୟ ନିମନ୍ତେ ଦେବଦେବୀଙ୍କୁ ଦିଆଯାଉଥିବା ନିମନ୍ତ୍ରଣ ।

**ଦେବପୁରୀ** *ବି.* ଦେବତାମାନେ ରହୁଥିବା ସ୍ଥାନ, ସ୍ୱର୍ଗପୁର, ଅମରାବତୀ ।

**ଦେବବଧୂ** *ବି.* ନୃତ୍ୟ ଗୀତରେ ଦେବତାଙ୍କ ମନୋରଞ୍ଜନ କରୁଥିବା ସୁନ୍ଦରୀ ନାରୀ, ଅପ୍ସରା ।

**ଦେବଭାଷା** *ବି.* ସଂସ୍କୃତ ଭାଷା ।

**ଦେବର୍** *ବି.* ଦିଅର, ସ୍ୱାମୀର ସାନଭାଇ ।

**ଦେବରାଜ** ***ବି.*** ଦେବତାଙ୍କ ରାଜା, ଇନ୍ଦ୍ର ।

**ଦେବଳ** ***ବି.*** ଦେଉଳିଆ ପଣ୍ଡା, ଦେଉଳର ପୂଜକ ।

**ଦେବଲୋକ** ***ବି.*** ସ୍ୱର୍ଗ ।

**ଦେବସଭା ମଣ୍ଡପ** ***ବି.*** ଶ୍ରୀମନ୍ଦିରର ମୁଖ୍ୟ ମନ୍ଦିରକୁ ଲାଗି ଉତ୍ତର ପାର୍ଶ୍ୱରେ ଥିବା ଏକ ମଣ୍ଡପ।

**ଦେବସ୍ୱ** ***ବି.*** ଦେବସେବା ଲାଗି ଉଦ୍ଦିଷ୍ଟ ସମ୍ପତ୍ତି ।

**ଦେବାନେବା** ***ବି.*** ସାମାଜିକ ସମ୍ପର୍କ ରୂପେ ଦେବା ଓ ନେବା ।

**ଦେବାଳିଆ** ***ବି.ବିଂ.*** କରଜ ଶୁଝିବାରେ ସମ୍ପୂର୍ଣ୍ଣ ଅକ୍ଷମ; ପୂରାପୂରି ସମ୍ବଳହୀନ ।

**ଦେରି** ***ବି.*** ଡେରି, ବିଳମ୍ବ, ଉଛୁର ।

**ଦେଶ** ***ବି.*** ୧. ରାଜନୈତିକ ଭୂଗୋଳାଂଶ ବା ଭୂମି ବିଶେଷ ୨. ରାଷ୍ଟ୍ର, ରାଜ୍ୟ,ଜନପଦ ୩. ସ୍ଥାନ ୪. ବିଷୟ ।

**ଦେଶ କାଳ ପାତ୍ର** ***ବି.*** ସ୍ଥାନ ଓ ସମୟ ସହିତ ନିର୍ଦ୍ଦିଷ୍ଟ ବ୍ୟକ୍ତିର ଅବସ୍ଥା, ପରିବେଶ, ସାମାଜିକ ଅବସ୍ଥା ।

**ଦେଶତ୍ୟାଗୀ** ***ବିଂ.*** ଯେ ସ୍ୱଦେଶ ବା ଜନ୍ମଭୂମି ଛାଡ଼ି ଚାଲିଯାଇଛି ।

**ଦେଶଦ୍ରୋହୀ** ***ବିଂ.*** ଯେ ନିଜ ଦେଶର କ୍ଷତି ବା ଶତ୍ରୁତା କରେ ।

**ଦେଶଧର୍ମ** ***ବି.*** ଦେଶର ପ୍ରଚଳିତ ସାମାଜିକ ଆଚରଣ ।

**ଦେଶପ୍ରେମ** ***ବି.*** ନିଜ ଦେଶ ପ୍ରତି ଗଭୀର ଅନୁରକ୍ତି ଓ ସମ୍ମାନ ।

**ଦେଶ ବ୍ୟବହାର** ***ବି.*** ଦେଶ ପ୍ରଚଳିତ ଆଚାର ଓ ପରମ୍ପରା ।

**ଦେଶଭକ୍ତି** ***ବି.*** ନିଜ ଦେଶ ପ୍ରତି ପ୍ରେମ ଓ ଭକ୍ତିଭାବ, ସ୍ୱଦେଶ ପ୍ରତି ଗଭୀର ସମ୍ମାନବୋଧ ।

**ଦେଶଭାଷା** ***ବି.*** ଦେଶରେ କୁହାଯିବା ଭାଷା, ମାତୃଭାଷା ।

**ଦେଶରଜା** ***ବି.*** ପ୍ରଶସ୍ତିମୂଳକ ମାନ୍ୟ ସମ୍ବୋଧନ, ବିଶିଷ୍ଟ ବ୍ୟକ୍ତି ।

**ଦେଶାଚାର** ***ବି.*** ଦେଶରେ ବା ନିର୍ଦ୍ଦିଷ୍ଟ ଅଞ୍ଚଳରେ ପ୍ରଚଳିତ ରୀତି, ଲୋକାଚାର ।

**ଦେଶାଟନ** ***ବି.*** ବିଭିନ୍ନ ଦେଶ ଭ୍ରମଣ, ପରିବ୍ରାଜନ ।

**ଦେଶାତ୍ମବୋଧ** ***ବି.*** ଦେଶର ସ୍ୱାର୍ଥକୁ ନିଜର ସ୍ୱାର୍ଥ ମନେ କରିବା ଭାବ ।

**ଦେଶାତ୍ମବୋଧକ** ***ବିଂ.*** ୧. ଦେଶଭକ୍ତିମୂଳକ ୨. ଦେଶର ଓ ନିଜର ସ୍ୱାର୍ଥ ଏକ ଓ ଅଭିନ୍ନ ବୋଲି ମନେ କରୁଥିବା ।

**ଦେଶାନ୍ତର** ***ବି.*** ୧. ଅନ୍ୟ ବା ଭିନ୍ନଦେଶ, ଦୂରଦେଶ ୨. ନିର୍ବାସନ ।

**ଦେଶାନ୍ତରୀ** ***ବିଂ.*** ୧. ଅନ୍ୟ ଦେଶକୁ ଚାଲି ଯାଇଥିବା ୨. ଅନ୍ୟ ଦେଶକୁ ପ୍ରେରିତ ୩. ପ୍ରବାସୀ, ବିଦେଶବାସୀ ।

**ଦେଶିଆ, ଦେଶୀୟା** ***ବି.*** ୧. ନିପଟ ଗାଉଁଲି ଲୋକ ୨. କୋରାପୁଟ ଅଞ୍ଚଳର ଆଦିବାସୀ ଭାଷା, ନାଚ ପ୍ରଭୃତି ୩. ପରଜା, ଆଦିବାସୀ ସମ୍ପ୍ରଦାୟବିଶେଷ ଏବଂ ସେମାନଙ୍କ କଥିତ ଭାଷା ।

**ଦେଶିକ** ***ବି.*** ବାଟୋଇ, ପଥିକ, ରାହୀ ।

**ଦେଶୀ** ***ବିଂ.*** ୧. ନିଜ ଦେଶର ୨. ନିଜ ଦେଶରେ ତିଆରି ବା ମିଳୁଥିବା ୩. ଗ୍ରାମ୍ୟ, ଗାଉଁଲୀ ।

**ଦେଶୀ ଆଳୁ** ***ବି.*** ମାଟିଆଳୁ, ଖମ୍ବଆଳୁ ।

**ଦେଶୀୟ** ***ବିଂ.*** ଦେଶରେ ଜାତ, ପ୍ରସ୍ତୁତ, ପ୍ରଚଳିତ ବା ବ୍ୟବହୃତ ।

**ଦେହ** ***ବି.*** ୧. ଶରୀର, ଗାଗର୍ ୨. ପାତ୍ର ।

**ଦେହଘଷା** ***ବିଂ.*** ୧. ଅଭ୍ୟାସଗତ ୨. ଅତି ନିଜର ବା ଅନ୍ତରଙ୍ଗ ।

**ଦେହଜ** ***ବିଂ.*** ୧. ଦେହରୁ ଜାତ ୨. ଦେହ ସମ୍ପର୍କିତ ।

**ଦେହତ୍ୟାଗ** ***ବି.*** ମୃତ୍ୟୁ, ମରଣ, ଶରୀର ଛାଡ଼ିବା ।

**ଦେହପା** ***ବି.*** ଶରୀର, ସ୍ୱାସ୍ଥ୍ୟ ।

**ଦେହ ବିକିବା** ***କ୍ରି.*** ବେଶ୍ୟାବୃତ୍ତି କରିବା, ଦେହ ବ୍ୟବସାୟ କରି ଜୀବନ ନିର୍ବାହ କରିବା ।

**ଦେହରକ୍ଷୀ** ***ବି.*** ଅଙ୍ଗରକ୍ଷୀ, ବ୍ୟକ୍ତିର ସୁରକ୍ଷା ପାଇଁ ନିଯୁକ୍ତ ବ୍ୟକ୍ତି ।

**ଦେହଳି** ***ବି.*** ୧. ପିଣ୍ଡା ୨. ଘର ୩. ଚଉକାଠର ତଳଭାଗର କାଠଖଣ୍ଡ ୪. ଏରୁଣ୍ଡି ୫. କବାଟ ସାମ୍ନାର ପିଣ୍ଡା।

**ଦେହଲଗା** ***ବିଂ.*** ଅତ୍ୟନ୍ତ ବ୍ୟକ୍ତିଗତ ସେବା କରୁଥିବା ।

**ଦେହାନ୍ତ, ଦେହାବସାନ** ***ବି.*** ମୃତ୍ୟୁ, ଶରୀରତ୍ୟାଗ ।

**ଦେହୀ** ***ବିଂ.*** ଦେହଧାରୀ, ଶରୀର ଥିବା ; ***ବି.*** ପ୍ରାଣୀ ।

**ଦେହୁଡ଼ି** ***ବି.*** ଘର ସାମ୍ନା ଫାଟକ, ମୁଖ୍ୟଫାଟକ, ସିଂହଦ୍ୱାର ।

**ଦେହୁରି, ଦେହେରି** ***ବି.*** ଦେବୀପୂଜକ ବା ମାଳୀ, ପୂଜାରି ।

**ଦେହେଥିବା, ଦେହେ ବୁହିବା** ***କ୍ରି.*** ଗର୍ଭରେ ଥିବା, ଗର୍ଭ ଧାରଣ କରିଥିବା।

**ଦେହେରି** ***ବି.*** ଦେହୁରି , ଦେବୀ ପୂଜକ।

**ଦୈତ୍ୟ** ***ବି.*** ୧. ଦୁର୍ଦ୍ଧର୍ଷ ଓ ଛଳ ବ୍ୟକ୍ତିତ୍ୱ, ରାକ୍ଷସ, ଦାନବ ୨. ଅଶୁଭ ଶକ୍ତି ।

**ଦୈତ୍ୟଗୁରୁ** ***ବି.*** ଶୁକ୍ରାଚାର୍ଯ୍ୟ ।

**ଦୈତ୍ୟାକାର** ***ବିଂ.*** ବିଶାଳକାୟ, ବିରାଟ ଶରୀର ଥିବା ।

**ଦୈତ୍ୟାରି** ***ବି.*** ଦୈତ୍ୟମାନଙ୍କର ଶତ୍ରୁ, ବିଷ୍ଣୁ, କୃଷ୍ଣ ।

**ଦୈନନ୍ଦିନ** ***ବିଂ.*** ନିତିଦିନିଆ, ସବୁଦିନିଆ ।

**ଦୈନିକ** ***ବିଂ.*** ପ୍ରତିଦିନ ଘଟୁଥିବା ବା କରାଯାଉଥିବା, ପ୍ରାତ୍ୟହିକ ।

**ଦୈନ୍ୟ** ***ବି.*** ଦୀନତା, ଦାରିଦ୍ର୍ୟ, ଅଭାବ ।

**ଦୈବ** ***ବିଂ.*** ୧. ଦେବତା ସମ୍ପର୍କିତ ୨. ଅଲୌକିକ ୩. ପୂର୍ବଜନ୍ମକୃତ; ***ବି.*** ଭାଗ୍ୟ ।

**ଦୈବକ୍ରମେ** ***ଅ.କ୍ରି.ବିଂ.*** ଦୈବାତ୍, ଭାଗ୍ୟକ୍ରମେ, ହଠାତ୍, ଘଟନାଚକ୍ରରେ ।

**ଦୈବଜ୍ଞ ବି.** ଜ୍ୟୋତିଷ, ଗ୍ରହବିପ୍ର, ନାହାକ, ଗଣକ ।

**ଦୈବଜ୍ଞ ଜ୍ୟୋତିଷ ବି.** ଶ୍ରୀମନ୍ଦିରରେ ସେବାରତ ଜ୍ୟୋତିଷୀ, ଖୁରି ନାହାକ।

**ଦୈବଦୁର୍ବିପାକ ବି.** ଭାଗ୍ୟ ବିପର୍ଯ୍ୟୟ, ବିପ୍ରାତ, ଅଘଟଣ ।

**ଦୈବାତ୍ କ୍ରି.ବିଂ.** ଅଚାନକ, ହଠାତ୍, ଦୈବକ୍ରମେ, ଆକସ୍ମିକ ଭାବରେ ।

**ଦୈର୍ଘ୍ୟ ବି.** ଲମ୍ବ, ଲମ୍ବାଇ, ଦୀର୍ଘତା ।

**ଦୈହିକ ବିଂ.** ଦେହ ସମ୍ବନ୍ଧୀୟ, ଶାରୀରିକ ।

**ଦୋଅଡ, ଦୋଓଡ଼ ବିଂ.** ଦୁଇଥର କରାଯାଇଥିବା, ଦ୍ୱିତୀୟ ଥର କୃତ ; **ବି.** ୧. ଦୁଇଥର ୨. ଦୁଅର, ଦ୍ୱିତୀୟ ଥର ।

**ଦୋଅଡା ବି.** ୧. ଦିନରେ ଦ୍ୱିତୀୟ ଥର ପାଇଁ ଖିଆଯାଉଥିବା ଖାଦ୍ୟ ୨. ଜମିକୁ ଦ୍ୱିତୀୟଥର କରାଯାଉଥିବା ଚାଷ, ଦୁହୁରା ।

**ଦୋଅଣି ବି.** ପୂର୍ବେ ପ୍ରଚଳିତ ମୁଦ୍ରା ବିଶେଷ, ଦୁଇଅଣା ମୂଲ୍ୟବିଶିଷ୍ଟ ମୁଦ୍ରା, ଦି'ଅଣି ।

**ଦୋକଛା ବି.** ପାଇକଛା ।

**ଦୋକଛି ଛଡ଼େଇବା କ୍ରି.** ରଗେଇବା, ଚିଡ଼ାଇବା ।

**ଦୋକଡ଼ି, ଦୋକନ୍ଦି ଦୋକରି ବି.** ଦୁଇ କାନ୍ଥ ମଝିରେ ଥିବା ଗଳି ଜାଗା ।

**ଦୋକତା ବି.** ଶୁଖିଲା ଧୂଆଁପତ୍ର, ଶୁଖା ଧୁଙ୍ଗିଆ ।

**ଦୋକଲା ବି.** ସାଥିରେ ଥିବା ବ୍ୟକ୍ତି, ଦ୍ୱିତୀୟ ଲୋକ, ସହଚର ।

**ଦୋକାନ ବି.** ପଣ୍ୟଶାଳା, ପଦାର୍ଥ ବିକ୍ରୟ ସ୍ଥାନ (ଘର), ଜିନିଷ କିଣାବିକା ଥାନ ।

**ଦୋକାନଘର ବି.** ଦୋକାନ ହେଉଥିବା ଘର, ପଦାର୍ଥ କିଣାବିକା ହେଉଥିବା ଘର ।

**ଦୋକାନଦାର ବି.** ଦୋକାନର ମାଲିକ, ଦୋକାନୀ ।

**ଦୋକାନଦାରି ବି.** ୧. ଦୋକାନଦାର ବା ଦୋକାନୀର ବୃତ୍ତି ୨. ଲାଭକ୍ଷତିର ହିସାବ ୩. ବ୍ୟାବସାୟିକ ମନୋବୃତ୍ତି ।

**ଦୋକାନୀ ବି.** ଦୋକାନର ମାଲିକ, ଦୋକାନ କରିଥିବା ଲୋକ ।

**ଦୋଗ୍‌ଲା ବି.ବିଂ.** ଜାରଜ, ଅବୈଧସନ୍ତାନ ।

**ଦୋଗାଲୁଆ ବିଂ.** ଡାହା ମିଛ କହୁଥିବା, ଅତି ମିଛୁଆ ।

**ଦୋଘରା ବିଂ.** ୧. ଦୁଇଟି ଘାଇ ଥିବା ୨. ଦୁଇଟି ସ୍ତ୍ରୀକୁ ନେଇ ଅଲଗା ଘର କରି ରହିଥିବା ।

**ଦୋଘରା ଘର ବି.** ଭାଇ ଭାଗ ଯୋଗୁଁ ଦି' ଭାଗ ହୋଇଥିବା ଘର ।

**ଦୋଘାଇ ବି.** ବିଷମ ସମସ୍ୟା, ଦୋସନ୍ଧି, ଦ୍ୱନ୍ଦ୍ୱମୂଳକ ସ୍ଥିତି ।

**ଦୋଚାରୀ ବି.** ଅସତ୍ ଚରିତ୍ର ପୁରୁଷ, ଏକାଧିକ ନାରୀ ସହ ଯୌନ ସମ୍ପର୍କ ରଖିଥିବା ପୁରୁଷ ।

**ଦୋଚାରୁଣୀ ବି.** ଅସତ୍ ଚରିତ୍ରା ସ୍ତ୍ରୀ, ଏକାଧିକ ପୁରୁଷଙ୍କ ସହ ଯୌନ ସମ୍ପର୍କ ରଖିଥିବା ସ୍ତ୍ରୀ ।

**ଦୋଛକି ବି.** ଦୁଇ ରାସ୍ତାର ଛକ ଜାଗା, ଯେଉଁ ସ୍ଥାନରେ ଦୁଇଟି ରାସ୍ତା ମିଳିତ ହୋଇଥାନ୍ତି ।

**ଦୋତାଲା ବିଂ.** ଦୋମହଲା, ଦ୍ୱିତଳ (ଘର); **ବି.** ଘରର ଦ୍ୱିତୀୟ ମହଲା ।

**ଦୋଦୁଲ୍ୟମାନ ବିଂ.** ୧. ଦୋହଲୁ ଥିବା, କ୍ରମାଗତ ଭାବେ ଦୋଳାୟମାନ ୨. ଅସ୍ଥିର ।

**ଦୋଦେଇବା, ଦୋଦିବା କ୍ରି.** ସତକୁ ମିଛ କରିବା, କୌଣସି ବିଷୟ ଜରଦସ୍ତି ଠିକ୍ ବା ସତ ବୋଲି ପ୍ରତିପାଦନ କରିବା ।

**ଦୋଦୋଚିହ୍ନା ବିଂ.** ୧. ଚିହ୍ନା ଭଳି ମନେ ହେଉଥିବା ୨. ଝାପ୍‌ସା ମନେ ହେଉଥିବା ।

**ଦୋଦୋପାଞ୍ଚ ବି.** ହଁ - ନାହିଁ ଭାବ, ସିଦ୍ଧାନ୍ତ ନେଇପାରୁନଥିବା ଅବସ୍ଥା।

**ଦୋପଖା ବି. ବିଂ.** ଦୁଇଟି ପାଖଥିବା (ଚୁଲି) ।

**ଦୋଭେଇ ବିଂ.** ଦ୍ୱିତୀୟ ଥର ବିବାହ କରିଥିବା ।

**ଦୋମହଲା ବିଂ.** ଦୁଇଟି ମହଲା ଥିବା ଘର ; **ବି.** ଦ୍ୱିତୀୟ ମହଲା ।

**ଦୋମୁହାଁ ବିଂ.** ୧. ଦୁଇଟି ମୁହଁଥିବା ୨. ଚୁଗୁଲିଆ, ବିରୋଧଭାଷୀ, ଉଭୟ ପକ୍ଷକୁ ସୁହାଇଲା ପରି ଆଚରଣ କରୁଥିବା ।

**ଦୋରନ୍ଧା ବିଂ.** ଦୁଇଥର ରନ୍ଧା ହୋଇଥିବା ।

**ଦୋରସା ବିଂ.** ୧. ବାଲି ଓ କାଦୁଅ ମିଶା (ମାଟି), ବାଲିମିଶା (ମାଟି) ୨. ଦୋଅଂଶା, ଦୁଇ ଭିନ୍ନଗୁଣବିଶିଷ୍ଟ ।

**ଦୋରସ୍ତ ବିଂ.** ୧. ନିର୍ଭୁଲ, ଠିକ୍ ୨. ସୁଶୃଙ୍ଖଳ ୩. ସମତଳ ୪. ବାରମ୍ବାର ଅଭ୍ୟାସ ଯୋଗୁ ମନେରହିଥିବା ।

**ଦୋରୁଅ ବି.** ଆଖୁରସ ।

**ଦୋରେଇବା କ୍ରି.** ଗୋଟିଏ ଜିନିଷରେ ଆଉ ଗୋଟିଏ ମିଶାଇବା (ଯଥା- ଚାଦର ସହ କମ୍ବଳ) ।

**ଦୋରେହା ବି.** ୧. ଦ୍ରୋହ, ଦୋଷ ୨. ଶତ୍ରୁତା ।

**ଦୋଳ ବି.** ୧. ହୋରି ଉତ୍ସବ ୨. ଝୁଲଣା ୩. ବିମାନ, ହାଣ୍ଡୋଳା ।

**ଦୋଳକ ବି.** ଦୋହଲୁ ଥିବା ବା ଏପଟ ସେପଟ ନିୟମାନୁସାରେ ଗତି କରୁଥିବା ବସ୍ତୁ, ପେଣ୍ଡୁଲମ୍ ।

**ଦୋଳନ ବି.** ଦୋହଲିବା, ପର୍ଯ୍ୟାୟକ୍ରମେ ଦୁଇପାଖକୁ ସଂଚଳନ ।

**ଦୋଳପୂର୍ଣ୍ଣିମା ବି.** ଫାଲଗୁନ ପୂର୍ଣ୍ଣମୀ ।

**ଦୋଳମଣ୍ଡପ ବି.** ହୋରି ଉତ୍ସବରେ ରାଧାକୃଷ୍ଣ ଯୁଗଳ ମୂର୍ତ୍ତି ଦୋଳି ଖେଳିବାର ମଣ୍ଡପ ।

**ଦୋଳା ବି.** ଦୋଳି, ଝୁଲା ; **ବିଂ.** ଓହଳି ପଡ଼ିଥିବା ।

**ଦୋଳାୟମାନ** *ବିଂ.* ଝୁଲୁଥିବା, ଆନ୍ଦୋଳିତ ହେଉଥିବା, ଯାହା ଦୋଳୁଅଛି ।

**ଦୋଳାୟିତ** *ବିଂ.* ୧. ଝୁଲୁଥିବା, ଆନ୍ଦୋଳିତ ୨. ସଂଶୟିତ ।

**ଦୋଳି** *ବି.* ଝୁଲା, ଦୁଏଲ ।

**ଦୋଳିଖେଳ** *ବି.* ୧. ଦୋଳି ଝୁଲିବା ଖେଳ ୨. ଦୋଳିରେ ଝୁଲି ଦେଖାହେବା ଖେଳ, ଟ୍ରାପିଜ୍ ।

**ଦୋଳିବା** *କ୍ରି.* ୧.ଦୋଳି ଖେଳିବା, ଦୋଳିରେ ଝୁଲିବା ୨. ଦୋହଲିବା ।

**ଦୋଲା** *ବି.* ରୋଗୀ ଆଦିଙ୍କୁ ବୋହି ନେବା ପାଇଁ ବ୍ୟବହୃତ ଅସ୍ଥାୟୀ ବ୍ୟବସ୍ଥା।

**ଦୋଶାଖା** *ବିଂ.* ଦୁଇଟି ଶାଖା ବାହାରିଥିବା, ଦି କେନିଆ ।

**ଦୋଷ** *ବି.* ଅପରାଧ, ତ୍ରୁଟି, ଭୁଲ୍ ।

**ଦୋଷଦର୍ଶୀ** *ବିଂ.* ଛିଦ୍ରାନ୍ୱେଷୀ, ଯେ ପରର ଦୋଷ ଆଗ ଦେଖାଉଥାଏ ।

**ଦୋଷଦୁଷ୍ଟ** *ବିଂ.* ଦୋଷାକ୍ରାନ୍ତ, ଦୋଷଯୁକ୍ତ, ଭୁଲ କରିଥିବା ।

**ଦୋଷ ଦେବା** *କ୍ରି.* କୌଣସି ଭୁଲ ନିମନ୍ତେ କାହାକୁ ଦାୟୀ କରିବା ।

**ଦୋଷ ଧରିବା** *କ୍ରି.* ଦୋଷ ବା ଭୁଲ୍ କାମ ସମ୍ପର୍କରେ ଅବଗତ କରିବା ।

**ଦୋଷ ମାନିବା** *କ୍ରି.* ଭୁଲ ବା ଦୋଷ ସ୍ୱୀକାର କରିବା ।

**ଦୋଷାଦୋଷ** *ବି.* ଦୋଷ ଓ ଗୁଣ ।

**ଦୋଷାବହ** *ବିଂ.* ଦୋଷପୂର୍ଣ୍ଣ, ଦୋଷଜନକ ।

**ଦୋଷାରୋପ** *ବି.* ୧. ଦୋଷ ଦେଖାଇବା ୨. ଅଭିଯୋଗ ।

**ଦୋଷିବା** *କ୍ରି.* ଦୋଷ ଦେବା, ଭୁଲ ବା ଦୋଷ ପାଇଁ ଦାୟୀ କରିବା ।

**ଦୋଷୀ** *ବିଂ.* ଯେ ଦୋଷ କରିଥାଏ, ଦୋଷଦୁଷ୍ଟ ।

**ଦୋସ୍‌ଡ଼ା** *ବି.* ପାଛୁଡ଼ା, ଚାଦର, ପୁଛରା, ଘୋଡେଇହେଲା ।

**ଦୋସନ୍ଧି** *ବି.* ଦୋଘାଇ, ଦୁଇ ବସ୍ତୁର ମଝି ଫାଙ୍କ ।

**ଦୋସମାଳି** *ବି.* ଦୁଇ ଜମି ଦୁଇ ଗାଁ ମଧ୍ୟବର୍ତ୍ତୀ ସୀମା ।

**ଦୋସର** *ବି.* ବନ୍ଧୁ, ସଙ୍ଗୀ, ସହଚର, ମିତ୍ର ।

**ଦୋସରା** *ବିଂ.* ଦ୍ୱିତୀୟ, ଦୁସ୍‌ରା ; *ବି.* ଅନ୍ୟ, ଆଉ କେହି, ଆଉ ଜଣେ ।

**ଦୋସରି** *ବି.* ଦୁଇ କେରିଆ ମାଳି ।

**ଦୋସା** *ବି.* ବିରି ଓ ଚାଉଳ ବଟାରୁ ପ୍ରସ୍ତୁତ ଦକ୍ଷିଣ ଭାରତୀୟ ଚକୁଳି ।

**ଦୋସାଧୁ** *ବି.* ମୁଖ୍ୟନଗର ରକ୍ଷକ, କଟୁଆଳ ।

**ଦୋସିଆ** *ବିଂ.* ଲୁଗାକୁ ଦି ଫାଳ ଚିରି ବା କାଟି କରାଯାଇଥିବା ସିଲାଇ ।

**ଦୋସୁରୀ** *ବି.* ଦୁଇ ସ୍ୱରଯୁକ୍ତ ଯୋଡ଼ିମହୁରି ।

**ଦୋସ୍ତ** *ବି.* ବନ୍ଧୁ, ଅନ୍ତରଙ୍ଗ ସାଙ୍ଗ ।

**ଦୋସ୍ତି** *ବି.* ବନ୍ଧୁତା, ଅନ୍ତରଙ୍ଗତା ।

**ଦୋହଦ** *ବି.* ଗର୍ଭିଣୀର ସଦ ।

**ଦୋହନ** *ବି.* ଦୁହିଁବା କାର୍ଯ୍ୟ ।

**ଦୋହରା** *ବି.* ଦ୍ୱିତୀୟ ଥର ; *ବିଂ.* ୧. ଦ୍ୱିତୀୟ ୨. ଅତିରିକ୍ତ ୩. ଦ୍ୱିଗୁଣିତ ୪. ଦୁଇଟି ଥିବା ।

**ଦୋହରାଇବା** *କ୍ରି.* ପୁନରାବୃତ୍ତି କରିବା, ପୁଣି କରିବା, ସେହିକାମକୁ ବାରମ୍ବାର କରିବା ।

**ଦୋହଲ** *ବି.* ବାରଣ୍ଡା।

**ଦୋହଲା** *ବି.* ଖାଲ, ଗର୍ତ୍ତ।

**ଦୋହଲିବା** *କ୍ରି.* ଝୁଲିବା, ଆନ୍ଦୋଳିତ ହେବା ।

**ଦୋହା** *ବି.* ଦୁଇପାଦବିଶିଷ୍ଟ ପଦ୍ୟରଚନା ଓ ତାର ଛନ୍ଦ ।

**ଦୋହାଇ** *ବି.* ୧. ରାଣ, ଶପଥ ୨. ଗୋଟିଏ ପଦକୁ ଦୁଇଥର ଗାନ କରିବା ।

**ଦୋହାତି** *ବିଂ.* ୧. ଦୁଇହାତ ଦୈର୍ଘ୍ୟବିଶିଷ୍ଟ, ଦି ହାତିଆ ୨. ସ୍ୱାମୀ ଓ ସ୍ତ୍ରୀ ଉଭୟ ଉପାର୍ଜନ କରୁଥିବା ।

**ଦୋହୋରା, ଦୁହୁରା** *ବି.* ଜମିରେ ଦ୍ୱିତୀୟବାର ଲଙ୍ଗଳ ଚଳେଇବା ଚାଷ କାମ।

**ଦୌଡ଼** *ବି.* ଦଉଡ଼, ଦଉଡ଼ା, ଦ୍ରୁତ ଗତିରେ ଯିବା, ଧାବନ ।

**ଦୌତ୍ୟ** *ବି.* ଦୂତର କାର୍ଯ୍ୟ ।

**ଦୌରା** *ବି.* ୧. ଗୁରୁତର ଅପରାଧର ବିଚାର ୨. ଗସ୍ତ, ଦଉରା ।

**ଦୌରା ଅଦାଲତ** *ବି.* ଗୁରୁତର ଅପରାଧ ବିଚାର ହେଉ ଥିବା ବିଚାରାଳୟ, ସେସନ୍‌ସ୍ କୋର୍ଟ୍ ।

**ଦୌରାଜଜ୍** *ବି.* ଦୌରା ଅଦାଲତର ବିଚାରକ, ସେସନସ୍ ଜଜ୍ ।

**ଦୌରାତ୍ମ୍ୟ** *ବି.* ଅତ୍ୟାଚାର, ଜବରଦସ୍ତି , ମାନସିକ ଓ ଶାରୀରିକ ଯନ୍ତ୍ରଣା ।

**ଦୌରା ସୁପର୍ଦ୍ଦ** *ବି.* ଗୁରୁତର ଅପରାଧର ଅଭିଯୁକ୍ତ ଆସାମୀକୁ ଦୌରା ଅଦାଲତ ଜିମାଦେବା ।

**ଦୌର୍ବଲ୍ୟ** *ବି.* ୧. ଦୁର୍ବଳତା, ଅସାମର୍ଥ୍ୟ ୨. କୌଣସି ବସ୍ତୁ ପାଇଁ ସଂଯମର ଅଭାବ, ଅତିରିକ୍ତ ଆସକ୍ତି ।

**ଦୌଲତ୍** *ବି.* ଧନସମ୍ପତ୍ତି, ବିତ୍ତ ।

**ଦୌଲତଖାନା** *ବି.* ୧. ଟ୍ରେଜେରୀ, କୋଷାଗାର, ଖଜଣାଖାନା ୨. ଐଶ୍ୱର୍ଯ୍ୟଭରା ଘର ।

**ଦୌହିତ୍ର** *ବି.* ଝିଅର ପୁଅ, ନାତି, ଝିନାତି ।

**ଦୌହିତ୍ରୀ** *ବି.* ଦୁହିତାର ଝିଅ, ଝିଅର ଝିଅ, ନାତୁଣୀ, ଝି ନାତେନ୍ ।

**ଦ୍ୱନ୍ଦ, ଦ୍ୱନ୍ଦ୍ୱ** *ବି.* ୧. କଳହ, ସଙ୍ଘର୍ଷ ୨. ମଲ୍ଲଯୁଦ୍ଧ ୩. ଯୁଗଳ, ଦ୍ୱୟ ୪. ଦୁଇଟି ମଧ୍ୟରୁ ଗୋଟିଏକୁ ବାଛିବାର ମାନସିକ ସଂଘାତ ।

**ଦ୍ୱନ୍ଦ୍ୱଯୁଦ୍ଧ** *ବି.* ୧. ମାଲ କୁସ୍ତି ୨. ଦୁଇଜଣଙ୍କ ମଧ୍ୟରେ ଲଢ଼େଇ ।

**ଦ୍ୱାଦଶ** *ବି.* ବାର ସଂଖ୍ୟକ ; *ବିଂ.* ବାର ସ୍ଥାନରେ ଆସୁଥିବା ।

**ଦ୍ୱାଦଶୀ** *ବି.* ଅମାବାସ୍ୟା ବା ପୂର୍ଣ୍ଣମୀଠାରୁ ବାରଦିନ, ସେହି ତିଥି ।

**ଦ୍ୱାପର** **ବି.** ପୌରାଣିକ ଚାରିଯୁଗ କ୍ରମରେ ତୃତୀୟ ଯୁଗ ।

**ଦ୍ୱାର** **ବି.** ୧. ପ୍ରବେଶ ପଥ ୨. ଦରଜା, କବାଟ ।

**ଦ୍ୱାରଦେଶ** **ବି.** ଦରଜା ପାଖ ।

**ଦ୍ୱାରପାଳ** **ବି.** ଦ୍ୱାରୀ, ଦରଓ୍ୱାନ, ପ୍ରତିହାରୀ, ଜଗୁଆଳ, ପ୍ରହରୀ ।

**ଦ୍ୱାରସ୍ଥ** **ବିଂ.** ୧. ଦ୍ୱାର ନିକଟରେ ଥିବା ୨. ସାହାଯ୍ୟପ୍ରାର୍ଥୀ ।

**ଦ୍ୱାରା** **ଅ.** ଦେଇ, ମାର୍ଫତ, ଯୋଗେ, ମାଧ୍ୟମରେ ।

**ଦ୍ୱାରୀ** **ବି.** ଦ୍ୱାରପାଳ ।

**ଦ୍ୱାହି** **ବି.** ଦୁହାଇ, ରାଣ, ଶପଥ, ଦୁରେହା ।

**ଦ୍ୱି** **ବିଂ.** ଦୁଇ ସଂଖ୍ୟକ ।

**ଦ୍ୱିଗୁଣ** **ବି.** ଦୁଇଗୁଣ ।

**ଦ୍ୱିଜ** **ବି.** ୧. ଦୁଇଥର ଜନ୍ମ ହେଉଥିବା, ମାତୃ ଗର୍ଭରୁ ଜନ୍ମ ହୋଇ ଯଥା ସମୟରେ ଉପନୟନ ଆଦି ସଂସ୍କାର କର୍ମ ପରେ ଯେ ପ୍ରତୀକାତ୍ମକ ଦ୍ୱିତୀୟ ଜନ୍ମ ଲାଭ କରେ, ବ୍ରାହ୍ମଣ ୨. ଚଢ଼େଇ ୩. ଦାନ୍ତ ।

**ଦ୍ୱିଜା** **ବି.** ନକ୍ଷତ୍ର ପର୍ଯ୍ୟାୟର ଦ୍ୱିତୀୟ ନକ୍ଷତ୍ର ।

**ଦ୍ୱିତଳ** **ବିଂ.** ଦୁଇମହଲା ବିଶିଷ୍ଟ, ଦ୍ୱିତାଲାବିଶିଷ୍ଟ ।

**ଦ୍ୱିତୀୟ** **ବିଂ.** ପ୍ରଥମ ପରବର୍ତ୍ତୀ, ଦୁଇର ପୂରକ, ଦୁଇ ସ୍ଥାନୀୟ ; **ବି.** ପୁନର୍ବିବାହ ।

**ଦ୍ୱିତୀୟା ଜହ୍ନ** **ବି.** ଦ୍ୱିତୀୟା ତିଥିରେ ଆକାଶରେ ଦେଖା ଦେବା ଦା' ଆକାରର ନୂଆ ଜହ୍ନ ।

**ଦ୍ୱିଧା** **ବି.** ଆଶଙ୍କା, ମନର ଦୋଦୋପାଞ୍ଚ ଭାବ ; **ବିଂ.** ଦ୍ୱିବିଧ, ଦୁଇପ୍ରକାର ।

**ଦ୍ୱିପ** **ବି.** ହାତୀ, ହସ୍ତୀ, ଥରେ ଶୁଣ୍ଢରେ ଓ ପୁଣି ପାଟିରେ ଏପରି ଦୁଇଥର ପିଉଥିବା ପ୍ରାଣୀ ।

**ଦ୍ୱିପଦ** **ବିଂ.** ଦୁଇ ପାଦଯୁକ୍ତ, ଦୁଇପାଦବିଶିଷ୍ଟ ; **ବି.** ୧. ମଣିଷ ୨. ଚଢ଼େଇ ।

**ଦ୍ୱିବାର୍ଷିକ** **ବିଂ.** ଦୁଇବର୍ଷରେ ଥରେ ହେଉଥିବା ।

**ଦ୍ୱିବିଧ** **ବିଂ.** ଦୁଇ ପ୍ରକାରର ।

**ଦ୍ୱିଭାଷୀ** **ବିଂ.** ଦୋଭାଷୀ, ଦୁଇଟି ଭାଷା ଜାଣିଥିବା ।

**ଦ୍ୱିରୁକ୍ତ** **ବିଂ.** ଦୁଇଥର କୁହାଯାଇଥିବା ।

**ଦ୍ୱିରୁକ୍ତି** **ବି.** ୧. ଦୁଇଥର ଉଲ୍ଲେଖ ୨. ଆପତ୍ତି, ଅଭିଯୋଗ ।

**ଦ୍ୱେଷ** **ବି.** ହିଂସାଭାବ, ଶତ୍ରୁତା, ବିରୋଧୀଭାବ ।

**ଦ୍ୱେଷୀ** **ବିଂ.** ହିଂସୁକ, ଯେ ଦୋଷ ଦେଖାଏ ।

**ଦ୍ୱୈତ** **ବିଂ.** ୧. ଯୁଗ୍ମ ୨. ଦୁଇଶ୍ରେଣୀ ବା ପ୍ରକାରର ।

**ଦ୍ୱୈତବାଦ** **ବି.** ଜୀବାତ୍ମା ଓ ପରମାତ୍ମାର ସ୍ୱତନ୍ତ୍ର ସ୍ଥିତି ସ୍ୱୀକାର କରାଯାଉଥିବା ଦାର୍ଶନିକ ମତବାଦ ।

**ଦ୍ୱୈତଶାସନ** **ବି.** ଦୁଇଟି ଭିନ୍ନ ଭିନ୍ନ ଗୋଷ୍ଠୀଦ୍ୱାରା ଶାସନ, ଯୁଗ୍ମଶାସନ ।

**ଦ୍ୱୈପାୟନ** **ବିଂ.** ଦ୍ୱୀପରେ ଜାତ ; **ବି.** ବ୍ୟାସଦେବ ।

**ଦ୍ୟୁ** **ବି.** ଆକାଶ ।

**ଦ୍ୟୁତ** **ବି.** ୧. ଦୀପ୍ତି, ପ୍ରକାଶ ୨. କାନ୍ତି, ଶୋଭା ।

**ଦ୍ୟୁତି** **ବି.** ଦୀପ୍ତି, ପ୍ରକାଶ, ଔଜ୍ଜ୍ୱଲ୍ୟ, ପ୍ରଭା ।

**ଦ୍ୟୁତିମାନ୍** **ବିଂ.** ୧. ଉଜ୍ଜ୍ୱଳ ୨. ପ୍ରଭାଦୀପ୍ତ, ତେଜସ୍ୱୀ ।

**ଦ୍ୟୁଲୋକ** **ବି.** ସ୍ୱର୍ଗପୁର, ଦେବତାମାନଙ୍କ ବାସସ୍ଥାନ, ଅମରାବତୀ ।

**ଦ୍ୟୂତ** **ବି.** ଜୁଆଖେଳ ।

**ଦ୍ୟୋତକ** **ବିଂ.** ସୂଚକ, ବ୍ୟଞ୍ଜକ, ପ୍ରକାଶକ ।

**ଦ୍ୟୋତନା** **ବି.** ପ୍ରକାଶ, ବ୍ୟଞ୍ଜନା ।

**ଦ୍ୱୀପ** **ବି.** ଜଳବେଷ୍ଟିତ ଭୂଭାଗ ।

**ଦ୍ୱୀପାନ୍ତର** **ବି.** ୧. ନିର୍ବାସନ ଦଣ୍ଡ ୨. ଅନ୍ୟଦ୍ୱୀପ ।

**ଦ୍ରବ** **ବିଂ.** ୧. ତରଳ, ପତଳା ୨. ଗଳିତ ; **ବି.** ତରଳ ବସ୍ତୁ ବା ରସ ।

**ଦ୍ରବଣ** **ବି.** ୧. ଗଳନ ୨. କ୍ଷରଣ, ଝରୁଥିବା ବସ୍ତୁ ୩. ତରଳ ପଦାର୍ଥରେ ଅନ୍ୟ ଏକ ପଦାର୍ଥର ମିଶ୍ରଣ ଯୋଗୁଁ ପ୍ରାପ୍ତ ଅବସ୍ଥା ।

**ଦ୍ରବଣବିନ୍ଦୁ** **ବି.** ଯେଉଁ ତାପରେ କୌଣସି ବସ୍ତୁ ତରଳି ଯାଏ ବା ଦ୍ରବୀଭୂତ ହୋଇଯାଏ ।

**ଦ୍ରବଣୀୟ** **ବିଂ.** ଦ୍ରବଣର ଯୋଗ୍ୟ ।

**ଦ୍ରବୀଭୂତ** **ବିଂ.** ୧. ଯାହା ମିଳାଇ ଯାଇଛି ୨. ଯାହା ତରଳା ଯାଇଛି ।

**ଦ୍ରବ୍ୟ** **ବି.** ପଦାର୍ଥ, ବସ୍ତୁ, ଜିନିଷ, ଚିଜ ।

**ଦ୍ରବ୍ୟଗୁଣ** **ବି.** ୧. ପ୍ରାଣୀ ବା ବସ୍ତୁ ଉପରେ କୌଣସି ଦ୍ରବ୍ୟର କ୍ରିୟା ବା ପ୍ରଭାବ ୨. କୌଣସି ଦ୍ରବ୍ୟର ଅନ୍ତର୍ନିହିତ ଦୋଷଗୁଣ ।

**ଦ୍ରଷ୍ଟବ୍ୟ** **ବିଂ.** ୧. ଦେଖିବାର ଯୋଗ୍ୟ ୨. ଦର୍ଶନୀୟ ।

**ଦ୍ରଷ୍ଟା** **ବି.** ୧. ଦେଖଣାହାରୀ, ଦେଖିବା ଲୋକ ୨. ସାକ୍ଷୀ ୩. ଋଷି ; **ବିଂ.** ଦୂରଦୃଷ୍ଟିସମ୍ପନ୍ନ ।

**ଦ୍ରାଘିମା** **ବି.** ନିର୍ଦ୍ଦିଷ୍ଟ ସ୍ଥାନର ମଧ୍ୟରେଖାଠାରୁ ଅନ୍ୟ କୌଣସି ସ୍ଥାନର ମଧ୍ୟରେଖାର କୌଣିକ ଦୂରତ୍ୱ ।

**ଦ୍ରାବକ** **ବିଂ.** ଯାହା ଦ୍ରବଣ କରାଏ ବା ତରଳାଏ ।

**ଦ୍ରାବ୍ୟ** **ବିଂ.** ଦ୍ରବଣୀୟ ।

**ଦ୍ରାକ୍ଷା** **ବି.** ୧. ଅଙ୍ଗୁର, ଅଙ୍ଗୁରଲତା ୨. କିସମିସ ।

**ଦ୍ରୁତ** **ବିଂ.** ଶୀଘ୍ର, କ୍ଷିପ୍ର, ତ୍ୱରିତ, ଚଞ୍ଚଳ ; **ବି.** ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣର ପର୍ଯ୍ୟାୟ ବିଶେଷ ।

**ଦ୍ରୁତଗାମୀ** **ବିଂ.** ଚଞ୍ଚଳ ଗମନକାରୀ, ଅଧିକ ବେଗଶାଳୀ, ଶୀଘ୍ର ଯାଇପାରୁଥିବା ।

**ଦ୍ରୁମ** **ବି.** ବୃକ୍ଷ, ବଡ଼ଗଛ ।

**ଦ୍ରୋହ** **ବି.** ୧. ଅନିଷ୍ଟ ଆଚରଣ ୨. ଶତ୍ରୁତା ୩. ଅପରାଧ, ଦୋରେହା ।

**ଦ୍ରୋହୀ** **ବିଂ.** ୧. ଅନିଷ୍ଟକାରୀ, କ୍ଷତିକାରକ ୨. ବିରୋଧୀ ୩. ପ୍ରତାରକ ।

# ଧ

**ଧ** ***ବି.*** ବର୍ଣ୍ଣମାଳାର ଊଣେଇଶତମ ବ୍ୟଞ୍ଜନ ବର୍ଣ୍ଣ; ***କ୍ରି.*** ଧରିବା ପାଇଁ କହିବା ।

**ଧଅଁରା, ଧଉଁରା** ***ବି.*** ବଣୁଆ ଗଛ ବିଶେଷ- ଏହାର କାଠ ରଥ ନିର୍ମାଣରେ ବ୍ୟବହୃତ ହୁଏ ।

**ଧଅଁରିଆ** ***ବି.*** ବାହା ବନ୍ଦାପନା ବେଳେ ଯେଉଁ ଲୋକ ମଧ୍ୟସ୍ଥ ଓ ବାର୍ତ୍ତାବହ ଭାବେ କାର୍ଯ୍ୟ କରେ।

**ଧଅ** ***ବି.*** ଗଛ ବିଶେଷ ; ***କ୍ରି.*** ଧରିବା, ଆୟତ୍ତ କରିବା ପାଇଁ ଆଦେଶ ।

**ଧଅସ** ***କ୍ରି. ବିଂ.*** ଚଟ୍‌କରି, ଶୀଘ୍ର ।

**ଧଇଁ** ***ବି.*** ୧. ଶ୍ୱାସରୋଗ, ସରକି ୨. ଖର ପବନ ।

**ଧଇଁଆ** ***ବି.*** ଭଗ୍ନସ୍ୱାସ୍ଥ୍ୟ ବ୍ୟକ୍ତି, ଶ୍ୱାସରୋଗୀର ହପ୍‌ପା ଉଠିବା ।

**ଧଇଁ ପେଲିବା** ***କ୍ରି.*** ଅଣନିଃଶ୍ୱାସୀ ହେବା, ଶ୍ୱାସରୋଗରେ ପୀଡ଼ିତ ହେବା ।

**ଧଇଁସଇଁ** ***କ୍ରି.ବିଂ.*** ଅତି ପରିଶ୍ରମ ହେତୁ ଖରଶ୍ୱାସ ବହୁଥିବା ।

**ଧଇର** ***ବି.*** ବାଉଁଶ କାଠିରେ ବୁଣା ମାଛଧରା ଉପକରଣ ବିଶେଷ।

**ଧଇର୍ଯ୍ୟ** ***ବି.*** ଧୈର୍ଯ୍ୟ, ଦୃଢ଼ତା, ଆତ୍ମବିଶ୍ୱାସ ।

**ଧଉତ** ***ବିଂ.*** ଧୁଆ ହୋଇଥିବା, ପରିଷ୍କୃତ ।

**ଧଉରା** ***ବି.*** ଧଉଁରା, ନରମ କାଠର ଗଛ ।

**ଧଉଳା** ***ବିଂ.*** ଚୂନ ଲୋପ ଦିଆଯାଇ ଧଳା ଦିଶୁଥିବା ; ***ବି.*** ଶ୍ରୀମନ୍ଦିରରେ ଲାଗିହେବା ଏକ ପ୍ରକାର ପିଠା ।

**ଧଉଳେଇବା** ***କ୍ରି.*** ୧. ଧୁଲେଇ ବା ସଫେଇତି କରିବା ୨. ଘର ହ୍ୱାଇଟ୍ ଓ୍ୱାସିଙ୍ଗ୍ କରିବା ବା ଚୂନଲେପ ଦେବା ।

**ଧଏନ** ***ବି.*** ଧନ୍ୟ, ପ୍ରଶଂସାର ଯୋଗ୍ୟ ।

**ଧଏର୍** ***ବି.*** କାଠିରେ ତିଆରି ମାଛଧରା ଯନ୍ତ୍ର ।

**ଧକ୍** ***ବି.*** ୧. ଦକ, ଆଶଙ୍କା ୨. ଶ୍ରାନ୍ତି ୩. ଗଛର ଉଚ୍ଚତା ୪. ଭୟ ୫. ମନୋଯୋଗ ।

**ଧକ୍‌ଗୁରି, ଧଜ୍‌ଗୁରି** ***ବିଂ.*** ତୋଫାଗୋରୀ ।

**ଧକ୍‌ଧକ୍** ***ଅ.*** ୧. ଜ୍ୱଳନ ୨. ବଥ ଘା' ପ୍ରଭୃତି ବିନ୍ଧିବା ୩. ନିଆଁର ତେଜ ବା ତାଉ ।

**ଧକ୍‌ଲି** ***ବିଂ.*** ଦୁଗୁଲା, ଢିଲା ।

**ଧକଡ଼ଚକଡ଼, ଧକଡ଼ ସକଡ଼** ***କ୍ରି.ବିଂ.*** ଆବଡ଼ା ଖାବଡ଼ା ରାସ୍ତାରେ ଗାଡ଼ି ଚାଲିବା ବେଳେ ଦେହର ଅସନ୍ତୁଳିତ ଅବସ୍ଥା।

**ଧକଧକୀ** ***ବି.*** ଛାତି, ଛାତି ଧଡ଼କା ।

**ଧକମ୍‌ଧକ୍କା** ***ବି.*** ଠେଲାପେଲା, ପରସ୍ପର ଧକା ମରାମରି ।

**ଧକା** ***ବି.*** ଧୁକା, ଜୋର ପବନ, ଖର ପବନ ।

**ଧକା ବାଜିବା** ***କ୍ରି.*** ୧. ବାଡ଼େଇ ହୋଇଯିବା ୨. ମନରେ ଆଘାତ ଲାଗିବା ।

**ଧକେଇବା** ***କ୍ରି.*** ଭୋକଶୋଷ ଜନିତ ଶାରୀରିକ ଅବସନ୍ନତା ଯୋଗୁଁ ଧଇଁସଇଁ ହେବା, ଥକିପଡ଼ିବା ।

**ଧକ୍କା** ***ବି.*** ୧. ଆକସ୍ମିକ ଆଘାତ ୨. ହାବୁକା ୩. ବାହୁ ବା କହୁଣୀ ମାରି ଠେଲାପେଲା।

**ଧକ୍କା ମାରିବା** ***କ୍ରି.*** କାହାକୁ ଘୁଞ୍ଚାଇବା ପାଇଁ ବଳ ପ୍ରୟୋଗ, କରିବା, ଠେଲିବା, ପେଲିବା, ଠେସିବା ।

**ଧକ୍କା ସହିବା** ***କ୍ରି.*** ଶାରୀରିକ ବା ମାନସିକ ଆଘାତକୁ ସହିନେବା ।

**ଧଡ଼୍‌କାଧଡ଼୍‌କି** ***ବି.*** ଧମକ ଚମକ ।

**ଧଡ଼୍‌କାବା** ***କ୍ରି.*** ୧. ଧମକାଇବା ୨. ଗାଳି ଦେଇ ଡରାଇବା।

**ଧଡ଼୍‌ଧଡ଼୍** ***କ୍ରି.ବିଂ.*** କୌଣସି ବସ୍ତୁର ବାଡ଼େଇ ହେବାର ଧ୍ୱନିସୂଚକ ।

**ଧଡ଼** ***ବି.*** ୧. ମସ୍ତକ ନ ଥିବା ଦେହ, କବନ୍ଧ ୨. ଅସ୍ଥିକଙ୍କାଳସାର ଶରୀର ।

**ଧଡ଼କ** ***ବି.*** ୧. ଭୟ ୨. ଛାତି ଦମ୍‌ଦମ୍, ହୃତ୍‌କମ୍ପ ; ***ବିଂ.*** ଦୁଗୁଳା ।

**ଧଡ଼କା, ଧର୍‌କା** ***ବି.*** ଚିରା କନା ।

**ଧଡ଼ଧଡ଼ିଆ** ***ବିଂ.*** ୧. ଲୋଳିତଚର୍ମ, ଦେହର ଚମ ନୋସଡ଼ି ପଡ଼ିଥିବା ୨. ଶିଥିଳ ।

**ଧଡ଼ପଡ଼** ***କ୍ରି.ବିଂ.*** ଶୀଘ୍ର ଓ ଅସ୍ଥିର ଭାବରେ ।

**ଧଡ଼ରା** ***ବିଂ.*** ୧. ଶ୍ଳଥ ୨. ସେମଟା ୩. ନିମ୍ନମାନର ୪. ନଷ୍ଟପ୍ରାୟ ।

**ଧଡ଼ସ** ***ବି.*** ଦ୍ରୁତଗତି ୨. ସାହସ ; ***ବିଂ.*** ଅତି ଶୀଘ୍ର, ଧଡ଼ସି ।

**ଧଡ଼ା** ***ବି.*** ୧. ଠେଙ୍ଗା, ଲମ୍ୱାବାଡ଼ି ୨. ପ୍ରବେଶ ପଥରେ ବାଧା ପାଇଁ ଅର୍ଗଳ ୨. ତଉଲିବା ଉପକରଣ, ଓଜନକରିବା ଯନ୍ତ୍ର ୩. ବଟକରା ।

**ଧଡ଼ା ଧରିବା** ***କ୍ରି.*** ଓଜନ କରିବା ପୂର୍ବରୁ ପାସଙ୍ଗ ଧରିବା ।

**ଧଡ଼ାଧଡ଼** ***ବିଂ. କ୍ରି.ବିଂ.*** ତଡ଼ବଡ଼ି, ତତ୍‌କ୍ଷଣାତ୍, ଶୀଘ୍ର, ଫଟାଫଟ, ତାଡ଼ାତାଡ଼ି ।

**ଧଡ଼ି** ***ବି.*** ୧. ପିନ୍ଧା ଲୁଗାର କିନାରା, କାନି ୨. ଛିଣ୍ଡାକନା ୩. ଧୋତି/ଶାଢ଼ୀ ଆଦିର ନିମ୍ନ ଅଂଶ ।

**ଧଡ଼ିଆ, ଧେଡ଼ିଆ** ***ବିଂ.*** କୃଶ, ଦୁର୍ବଳିଆ, ପତଳା ।

**ଧଡ଼ିବାଜ୍ ବିଂ.** ୧. ଠକ, ଶଠ, ପ୍ରତାରକ ୩. ବଗୁଲିଆ ୪. ମାମଲାଖୋର୍

**ଧଡ଼ିବାଜି ବି.** ୧. ଠକାମି ୨. ଖେଚେଡାମି ।

**ଧଣିଆ ବି.** ଧନିଆ।

**ଧଣିଚା, ଧନିଚା ବି.** ଏକ ପ୍ରକାର ଗଛ–ଯାହା କଅଁଳ ଥିବାବେଳେ ସାର ଭାବରେ ବ୍ୟବହୃତ ହୁଏ ଓ ଏହାର ଫଳ ଗାଈଗୋରୁଙ୍କ ଖାଦ୍ୟ ଭାବେ ବ୍ୟବହୃତ ହୁଏ ।

**ଧଣ୍ଡ ବି.** ବିଷହୀନ ସାପ ବିଶେଷ, ଡେଣୋ ।

**ଧଣ୍ଡା ବି.** ୧. ଫୁଲ, ବେଲପତ୍ର ଓ ତୁଳସୀ ଆଦିର ଖୋଲାମାଳ ୨. ବଡ଼ ପତାକା ।

**ଧଣ୍ଡାମାଳ ବି.** (ଶ୍ରୀମନ୍ଦିର) ଲମ୍ବାମାଳ, ବାରହାତିଆ ମାଳ।

**ଧଣ୍ଡି ପ୍ରସାଦ ବି.** ଫଗୁ ଦଶମୀ ଠାରୁ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ଠାକୁରଙ୍କ ଶ୍ରୀଅଙ୍ଗରେ ଲାଗିହେବା ଫଗୁ ରହିବା ନୂଆ ଧଳାକନାର ମୁଣା।

**ଧଣ୍ଡିମୁଣ୍ଡି ବି.** ଛକକଟା ପାଲିରେ ଏକ ପ୍ରକାର ଜୁଆଖେଳ।

**ଧଣ୍ଡୁଆ ବିଂ.** ବଦମାସିଆ, ଦୁଷ୍ଟ ।

**ଧତଡ଼(ଡ଼ା) ବିଂ.** ୧. ଜୀର୍ଣ୍ଣଶୀର୍ଣ ୨. ଛିଣ୍ଡା ୩. ପୋରିଆ ୪. ଜରାଜୀର୍ଣ୍ଣ *ସ୍ତ୍ରୀ.* ଧତଡ଼ୀ ୫. ଲୋଳିତଚର୍ମ ୬. ଜରାଜୀର୍ଣ୍ଣ ।

**ଧଧାଲି ବି.** ଜଳପ୍ରପାତପ୍ରଭୃତିରେ ପଡୁଥିବା ପାଣି ତଳେ ବାଡ଼େଇ ହୋଇ ଉପରକୁ ପୁଣି ଉଠିବା, ଫୁଆରା ।

**ଧନ ବି.** ୧. ଅର୍ଥ, ଟଙ୍କାକଉଡ଼ି ୨. ସୁନା ୩. ମଣି ମୁକ୍ତାଦି ରତ୍ନ ବିଭବ, ସମ୍ପଦ ୨. ଆଦରର ବସ୍ତୁ ବା ବ୍ୟକ୍ତି ।

**ଧନଗର୍ବ ବି.** ପ୍ରଚୁର ଧନଥିବା ହେତୁ ଗର୍ବ ।

**ଧନଜନ ବି.** ଅର୍ଥ ଓ ଲୋକ, ଧନ ଓ କୁଟୁମ୍ବ ।

**ଧନଦୌଲତ୍ ବି.** ସ୍ଥାବର ଅସ୍ଥାବର ସମ୍ପତ୍ତି, ବିଭବ, ଧନରତ୍ନ ।

**ଧନବନ୍ତ, ଧନବାନ୍,ଧନଶାଳୀ ବିଂ.** ଧନୀ, ଧନାଢ୍ୟ, ବିତ୍ତଶାଳୀ, ସମ୍ପତ୍ତିଶାଳୀ, ପଇସାବାଲା ।

**ଧନମାଳୀ ବି.** ସନ୍ତାନ ପ୍ରତି ମା'ର ସ୍ନେହପୂର୍ଣ୍ଣ ସମ୍ଭାଷଣ ।

**ଧନହୀନ ବିଂ.** ନିଃସ୍ୱ, ଦରିଦ୍ର ।

**ଧନା ବି.** ବଡ଼ବଡ଼ିଆ ଘରର ମୁଖ୍ୟ ଚାକର।

**ଧନାଗମ ବିଂ.** ଧନ ଉପାର୍ଜନ, ରୋଜଗାର ।

**ଧନାଗାର ବି.** ଟ୍ରେଜେରି, ଖଜଣାଖାନା, ରାଜକୋଷ ।

**ଧନାଢ୍ୟ ବିଂ.** ବିଭବଶାଳୀ, ଧନୀ ।

**ଧନାଶ୍ରୀ ବି.** ଶାସ୍ତ୍ରୀୟ ସଙ୍ଗୀତର ରାଗ ବିଶେଷ ।

**ଧନିଆ ବି.** ଧଣିଆ, ଏକ ପ୍ରକାରର ମସଲାଜାତୀୟ ଛୋଟ ଗୁଳ୍ମ ଓ ତାହାର ଫଳ (ଏହାର ଫଳ ମସଲା ବା ଗୁଣ୍ଡି ଓ ପତ୍ର ତରକାରିରେ ସୁବାସ ଓ ଚଟଣି ପାଇଁ ବ୍ୟବହୃତ ହୁଏ) ।

**ଧନିଆ ଚାଉଳ ବି.** ଚୋପାଛଡ଼ା ଫାଳ ଧନିଆ ।

**ଧନିକ ବିଂ.** ଧନବାନ, ବିତ୍ତଶାଳୀ ।

**ଧନିଷ୍ଠା ବି.** ନକ୍ଷତ୍ର ବିଶେଷ ।

**ଧନୀ ବିଂ.** ୧. ଧନବାନ, ଧନସମ୍ପଦ ଥିବା ୨. ଆଦରଣୀୟ ୩. ସୁନ୍ଦରୀ (ଯୁବତୀ) ।

**ଧନୁ ବି.** ୧. ଶର ନିକ୍ଷେପ କରିବା ନିମିତ୍ତ ଅର୍ଦ୍ଧବୃତ୍ତାକାର ଉପକରଣ ୨. ବାଟୁଲିଖଡ଼ା ୩. ଜ୍ୟୋତିଷ ମତରେ ରାଶି ବିଶେଷ, ନବମ ରାଶି ।

**ଧନୁଆ ବି.** ତୁଳାଭିଣା ଧନୁ ।

**ଧନୁଟୁଣ/ଧନୁଗୁଣ ବି.** ଧନୁର ଚାପରେ ଦୁଇ ମୁଣ୍ଡରେ ସଂଯୋଗକାରୀ ଟାଣ ସୂତା ବା ଚମଦଉଡ଼ି ।

**ଧନୁମୁଆଁ ବି.** ଧନୁସଂକ୍ରାନ୍ତି ଦିନ ନୈବେଦ୍ୟ ଭାବେ ଦେବା ପାଇଁ ବିଶେଷଭାବେ ପ୍ରସ୍ତୁତ ସୁସ୍ୱାଦୁ ମୁଆଁ (ଖଇ, ନଡ଼ିଆ ପ୍ରଭୃତି ଚିନି ବା ଗୁଡ଼ରେ ପାଗ କରାଯାଇ ତିଆରି) ।

**ଧନୁଯାତ୍ରା ବି.** ଧନୁମାସରେ ପାଳିତ ହେବା ଯାତ୍ରା, ବରଗଡ଼ ଆଦି ସ୍ଥାନରେ ବୃହତ୍‌କାୟ ମୁକ୍ତ ରଙ୍ଗମଞ୍ଚରେ ଅଭିନୀତ ପ୍ରସିଦ୍ଧ ଯାତ୍ରା (ଏଥିରେ ପୁରାଣ ବର୍ଣ୍ଣିତ କଂସର ଧନୁଯାତ୍ରା ପ୍ରତିବର୍ଷ ଅଭିନୀତ ହୁଏ) ।

**ଧନୁର୍ଦ୍ଧର ବି.** ଧନୁକୁ ସ୍ୱଚ୍ଛନ୍ଦରେ ବ୍ୟବହାର କରୁଥିବା ବୀର ।

**ଧନୁର୍ବିଦ୍ୟା ବି.** ଧନୁ ଚାଳନା ସଂକ୍ରାନ୍ତ ଜ୍ଞାନ ।

**ଧନୁର୍ବେଦ ବି.** ଶସ୍ତ୍ରବିଦ୍ୟା ।

**ଧନୁଶର ବି.** ୧. ଧନୁ ଓ ଶର ୧. ଧନୁରୁ ଛଡ଼ାଯିବା ଶର ।

**ଧନୁଷ୍ଟଙ୍କାର ବି.** ଅପସ୍ମାର, ଟିଟାନସ୍, ଘା'ରେ ପ୍ରବାହଜନିତ ରୋଗ ବିଶେଷ ।

**ଧନୁଷ୍କୋଟି ବି.** ଧନୁର ଚାପର ଦୁଇମୁଣ୍ଡକୁ ଯେଉଁ ଅଂଶରେ ଗୁଣ ବନ୍ଧା ହୋଇଥାଏ ।

**ଧନୁ ସଂକ୍ରାନ୍ତି ବି.** ସୂର୍ଯ୍ୟଙ୍କର ଧନୁ ରାଶିକୁ ସଂକ୍ରମଣ, ପୌଷ ମାସର ସଂକ୍ରାନ୍ତି ।

**ଧନୁହୁଳ ବି.** ଧନୁରେ ଚାପର ଦୁଇ ମୁଣ୍ଡକୁ ଯୋଡୁଥିବା ସୂତା ପରି ପଦାର୍ଥ, ଧନୁର ଗୁଣ ।

**ଧନ୍ଦଳା ବିଂ.** ବିବ୍ରତ, ସନ୍ଦିଗ୍ଧ, ସନ୍ଦେହରେ ଥିବା ।

**ଧନ୍ଦା ବି.** ୧. ଜୀବିକା ୨. ଗଣିତ ଆଦିର ଜଟିଳ ପ୍ରଶ୍ନ ୩. ସମସ୍ୟା, ବୁଦ୍ଧି ବା ଜ୍ଞାନ ପରୀକ୍ଷା ପାଇଁ ପ୍ରଦତ୍ତ ପ୍ରହେଳିକା ବା କୂଟପ୍ରଶ୍ନ ।

**ଧନ୍ଦାବାଜ ବିଂ.** ନିଜର କାର୍ଯ୍ୟହାସଲ ପାଇଁ ନାନା କାର୍ଯ୍ୟରେ ପ୍ରବୃତ୍ତ ।

**ଧନ୍ଦାମୂଳକ ବିଂ.** ଉପାର୍ଜନକାରୀ (କୌଣସି ବୈଷୟିକ ଶିକ୍ଷା) ।

**ଧନ୍ଦାଳି ହେବା କ୍ରି.** ୧. ବ୍ୟସ୍ତ ହୋଇ ଖୋଜିବା ୨. ବିକଳ ହେବା ୩. ଦରାଣ୍ଡି ହେବା, ଉଣ୍ଡାଳିବା ।

**ଧନ୍ଦି ମରିବା କ୍ରି.** ୧. ବ୍ୟତିବ୍ୟସ୍ତ ହେବା ୨. ଜଞ୍ଜାଳରେ ଘାଣ୍ଟିହେବା ।

**ଧନ୍ଦି ହେବା କ୍ରି.** ୧. ବୃଥା କାର୍ଯ୍ୟରେ ବ୍ୟସ୍ତ ରହିବା ୨. କୌଣସି ବିଷୟରେ ବାଟ ନ ପାଇବା।
**ଧନ୍ଦୋ ବିଂ.** ଅନ୍ତଲ ପେଟା।
**ଧନ୍ଦୋଳ ବି.** କଳହ, ଧୁମ୍‌ଧାମ୍, ଗୋଳମାଳ; **ବିଂ.** ବାଉଳି, ସନ୍ଦିହାନ ।
**ଧନ୍ୟ ବିଂ.** ୧. ପ୍ରଶଂସନୀୟ ୨. ଭାଗ୍ୟବାନ ୩. କୃତାର୍ଥ ।
**ଧନ୍ୟଧନ୍ୟ କରିବା କ୍ରି.** ପ୍ରଶଂସା କରିବା ।
**ଧନ୍ୟବାଦ ବି.** କୃତଜ୍ଞତା, ସାଧୁବାଦ, ପ୍ରଶଂସା ।
**ଧନ୍ୟବାଦାର୍ହ ବିଂ.** ପ୍ରଶଂସାର ଯୋଗ୍ୟ, ସମ୍ମାନାର୍ହ ।
**ଧପ୍ ଅ. କ୍ରି.ବିଂ.** ହଠାତ୍, ଧପ୍‌କିନା ।
**ଧପ୍‌ଧପ୍ ଅ. କ୍ରି.ବିଂ.** (ଆଲୋକ ବା ନିଆଁ) ପୁନଃପୁନଃ ଲିଭିବା ଓ ଜଳିବା, ମିଞ୍ଜିମିଞ୍ଜି ହେବା ।
**ଧପ୍‌ଧାପ୍ ଅ.** ୧. ଶୀଘ୍ର ଶୀଘ୍ର ୨. ଦ୍ରୁତ ପଦରେ ଚାଲିବା ଶବ୍ଦ ।
**ଧପ୍‌ପାବାଜ ବିଂ.** ବଡ଼ ବଡ଼ କଥା କହି ଠକୁଥିବା, ପ୍ରତାରକ, ଧପଡ଼ି ।
**ଧପ୍‌ପାବାଜି ବି.** ଠକାମି, ଶଠତା, ଧପା ।
**ଧପଟ୍ ବିଂ.** ମଜ୍‌ବୁତିଆ, ବଳୁଆ ।
**ଧପଡ଼ ଧପଡ଼ ବି.** ୧. ଉଚ୍ଚଶବ୍ଦ ୨. ଧମକାଣ ।
**ଧପଡାଇବା କ୍ରି.** ୧. ଫାଙ୍କିବା ୨. ଚିତା କାଟିବା ୩. ଗାଳି ଦେବା ।
**ଧପାଲିବା କ୍ରି.** ଧାଇଁ ଧାଇଁ ଯିବା, ବେଗିବେଗି ଯିବା ।
**ଧପେଇବା କ୍ରି.** ଠକିବା, ଠକାମି କରିବା ।
**ଧବ ବି.** ୧. ସ୍ୱାମୀ ୨. ରକ୍ଷାକର୍ତ୍ତା, ଅଧିପତି ୩. ଧଅଁରା ଗଛ ।
**ଧବଳ ବିଂ.** ତୋଫା, ଧଳା, ଧୋବ, ଧୋବଲା ।
**ଧବଳକୁଷ୍ଠ ବି.** ଧଳାଛଉ ।
**ଧବଳା, ଧବଳାଙ୍ଗୀ ବିଂ.** ଗୋରୀ ।
**ଧମ୍‌ନା ବି.** ୧. ଡମଣା ସାପ ୨. ଏକ ପ୍ରକାର ଧାନ ।
**ଧମ୍‌ନିଆ ବିଂ.** ଅଳସୁଆ, କୋଢ଼ିଆ, କର୍ମକୁଣ୍ଠ ।
**ଧମ ବି.** ୧. କମାରଶାଳର ଭାତି ଚାଳକ ୨. ଜାଣିବା ଲୋକ ।
**ଧମକ ବି.** ଡରାଣ, କୋବଲା, ଭୟ ଦେଖାଇବା ।
**ଧମକାଇବା କ୍ରିଂ.** ଭର୍ତ୍ସନା ସହ ଡରାଇବା ।
**ଧମକାଣ ବି.** ଡରାଣଯୁକ୍ତ ଗାଳି ।
**ଧମକାଧମକି ବି.** ଧମକ ଚମକ ।
**ଧମନ, ଧମନୀ ବି.** ହୃତ୍‌ପିଣ୍ଡରୁ ରକ୍ତବାହୀ ମୂଳନାଡ଼ି ।
**ଧମାଧମ୍ କ୍ରିଂ.ବିଂ.** ୧. ଉତ୍ସାହ ସହିତ ଅବିଚ୍ଛିନ୍ନ ଭାବରେ ୨. ଅତିଶୀଘ୍ର ।
**ଧର୍ ବି.** ଦେହର ଗଣ୍ଡି, ଅଂଶ, ଜଂଘ।
**ଧର୍‌କି ଯିବା, ଦରକି ଯିବା କ୍ରି.** ଚାପ ଯୋଗୁ ପୁରୁଣା ଲୁଗାପଟା ଚିରିଯିବା ଫାଟି ଯିବା।
**ଧର୍‌ତନି ବି.** ଧରିତ୍ରୀ, ବସୁଧା, ପୃଥିବୀ ।
**ଧର୍‌ତି ବି.** ଧରଣୀ ।
**ଧର୍‌ନି ଖୁଁଟା ବି.** ଯୂପକାଠ-ଯେଉଁ ଖୁଣ୍ଟରେ ବଧ୍ୟ ପଶୁର ମୁଣ୍ଡକୁ ରଖି ବଳି ଦିଆଯାଏ।
**ଧର୍‌ବା କ୍ରି.** ୧. ଧରିବା ୨. ଗ୍ରହଣ କରିବା ୩. କାବୁ କରିବା ।
**ଧର୍‌ଶା ବି.** ଗାଁ ଦାଣ୍ଡ, ରାସ୍ତା ।
**ଧର୍‌ଶାତୁଲି ବି.** ରାସ୍ତାକଡ଼ର ଜମି ।
**ଧର୍‌ସକଲ୍ ବି.** ରୋଗ ବା ବାର୍ଦ୍ଧକ୍ୟ ଯୋଗୁଁ ଗୁରୁତର ଅବସ୍ଥା।
**ଧର୍‌ସା ବି.** ଗୋଟିଏ ଗାଁରୁ ଅନ୍ୟ ଗାଁକୁ ଯିବା ପାଇଁ ପଡ଼ିଆ ଭିତରେ ଥିବା ଶଗଡ଼ ରାସ୍ତା ।
**ଧର ଅ.** ମନେ କର, ଜାଣ; **ବି.** ୧. ପର୍ବତ ୨. ଶରୀର ୩. କପା ।
**ଧରଣ ବି.** ୧. ପ୍ରକାର ୨. ପ୍ରଥା, କିସମ ୩. ପ୍ରକୃତି ।
**ଧରଣି, ଧରଣୀ ବି.** ଧରା, ଧର୍‌ତି, ଧର୍‌ତନି, ପୃଥିବୀ ।
**ଧରଣୀଧର ବି.** ୧. ପର୍ବତ ୨. ରାଜା ।
**ଧରପଗଡ଼ ବି.** ବ୍ୟାପକ ଗିରଫଦାରି, ଖାନତଲାସ ।
**ଧରମ ବି.** ଧର୍ମ ।
**ଧରମ କଣ୍ଟା ବି.** ନିକିତି, ତରାଜୁ ।
**ଧରମଛଡ଼ା ବିଂ.** ୧. ଧର୍ମଚ୍ୟୁତ ୨. ଅଲକ୍ଷଣା ୩. ନୀତିହୀନ ।
**ଧରମଜୋଇଁ ବି.** ଧରମଝିଅର ସ୍ୱାମୀ ।
**ଧରମଝିଅ ବି.** ଅନ୍ୟର ଝିଅକୁ ନିଜର ଝିଅ ମଣିବା ।
**ଧରମଦେବତା ବି.** ୧. ସୂର୍ଯ୍ୟ ୨. ଈଶ୍ୱର ୩. ଯମ ।
**ଧରମପୁଅ ବି.** ଅନ୍ୟର ପୁଅକୁ ନିଜର ପୁଅ ପରି ମଣିବା ।
**ଧରଷଣ ବି.** ୧. ଧର୍ଷଣ, ଅନ୍ୟର ଶରୀର ଓ ମନ ଉପରେ ବଳାତ୍କାର ୨. ଶାରୀରିକ ଦୁଷ୍କର୍ମ ୩. ଅତ୍ୟାଚାର ।
**ଧରସର ବି.** ପରଶ୍ରୀକାତରତା; **ବିଂ.** ଅସମ୍ଭାଳ ।
**ଧରା ବି.** ୧. ପୃଥିବୀ, ଧରିତ୍ରୀ, ଧରଣୀ ୨. ଅଣ୍ଡିରାବାଛୁରୀ ୩. ଖାସୁ କରା ଛେଳି ଆଦି ।
**ଧରାଇବା କ୍ରି.** ଖାସୁ କରିବା ।
**ଧରାଛୁଆଁ ବି.** ପାଖକୁ ଆସିବା, ନିଜର ହେବା ।
**ଧରାଛୁଆଁ ନ ଦେବା କ୍ରି.** ପାଖ ନ ପଶିବା, ଚିହ୍ନା ପରିଚୟ ନ ଦେବା ।
**ଧରାଣ ବି.** ୧. ଖାସୁ କରିବା ୨. ଧାନଜମିରୁ ପାଣି ଶୁଖିଯିବା ୩. ଡିରୋଟ ଅବସ୍ଥା ।
**ଧରାତଳ ବି.** ପୃଥିବୀପୃଷ୍ଠ, ସମଗ୍ର ପୃଥିବୀ ।

**ଧରାଧରି** *ବି.* ୧. କାମ ହାସଲ ପାଇଁ ଅନ୍ୟକୁ କୁହାବୋଲା ଓ ଖୋସାମଦ କରିବା ଓ ପ୍ରଭାବିତ କରିବା ୨. ହାତ ଧରାଧରି ହେବା ।

**ଧରା ପଡ଼ିବା** *କ୍ରି.* ୧. ଜଣାପଡ଼ିବା ୨. ଚିହ୍ନଟ ହେବା ୩. ଗିରଫ ହେବା ।

**ଧରାପରା, ଧରାପଡ଼ା** *ବି.* ଟଣାଓଟରା, କୁସ୍ତାକୁସ୍ତି ।

**ଧରାବନ୍ଧା** *ବିଂ.* ନିର୍ଦ୍ଧାରିତ, ନିୟମବନ୍ଧା ।

**ଧରା ବର** *ବି.* ମଙ୍ଗୁଳା ହୋଇଥିବା କନ୍ୟା ପାଇଁ ହଠାତ୍ ଯୋଗାଡ଼ କରାଯାଇଥିବା ବର ।

**ଧରି** *ଅ.* ୧. ବ୍ୟାପି ୨. ପର୍ଯ୍ୟନ୍ତ ୩. ସହିତ ।

**ଧରିନେବା** *କ୍ରି.* ୧. କଳ୍ପନା ବା ଅନୁମାନ କରିବା ୨. ସ୍ଥିର କରିବା ୩. ହାତରେ ଛୁଇଁବା ୪. ଗିରଫକରିବା ।

**ଧରି ପକାଇବା** *କ୍ରି.* ହଠାତ୍ ଜାବୁଡ଼ି ଧରିବା ।

**ଧରି ବସିବା** *କ୍ରି.* ୧. ନିଜକଥା ବା ଜିଦ୍‌ରେ ଅଟଳ ରହିବା ୨. କଥାଗଣ୍ଠି ପକାଇବା ୩. ବହୁଦିନ ଧରି ସମ୍ପୃକ୍ତ ବା ସଂଶ୍ଳିଷ୍ଟ ହେବା ।

**ଧରିବା** *କ୍ରିଂ.* ୧. ଧାରଣ କରିବା ୨. ଗ୍ରହଣ କରିବା ୩. ହାତଦ୍ୱାରା ଆୟତ୍ତ କରିବା ୪. ଅନୁନୟ ବିନୟ କରିବା ୫. ଗିରଫ କରିବା ୬. ଖାସୁ କରିବା ୭. ଅବଲମ୍ବନ କରିବା ୮. ଉତ୍ପନ୍ନ ହେବା ୯. କାଟୁ କରିବା ୧୦. ନିର୍ଦ୍ଧାରଣ କରିବା ୧୧. ଠଉରାଇବା ୧୨. (ନିଆଁ) ଲାଗିବା ୧୩. ପ୍ରକାଶିତ ହେବା ୧୪. ବସ୍ ବା ଗାଡ଼ିଯାତ୍ରା ପାଇଁ ଯଥାସମୟ ପହଞ୍ଚିବା ୧୫. (ଗଛ)ଫଳ ଧାରଣ କରିବା ।

**ଧରିବାନ୍ଧି** *କ୍ରି.ବିଂ.* ଜୋର୍ ଜବରଦସ୍ତି ।

**ଧରିସମ୍ଭାଳି** *କ୍ରି.ବିଂ.* ଧୈର୍ଯ୍ୟ ଓ ସାବଧାନତା ସହ ।

**ଧର୍ମ** *ବି.* ୧. ଧାରଣା ୨. ବିଶ୍ୱାସ ୩. କର୍ତ୍ତବ୍ୟ ୪. ଆଚାର ୫. ଶାସ୍ତ୍ରାନୁଶାସନ ୬. ସାମ୍ପ୍ରଦାୟିକ ଚଳଣି ।

**ଧର୍ମ ଅର୍ଜିବା** *କ୍ରି.* ଦୟା ଦାକ୍ଷିଣ୍ୟାଦି ପୁଣ୍ୟକାର୍ଯ୍ୟରେ ବ୍ରତୀ ହେବା ।

**ଧର୍ମ କରିବା** *କ୍ରି.* ସନ୍ମାର୍ଗରେ ଚଳି ପୁଣ୍ୟ ଅର୍ଜନ କରିବା ।

**ଧର୍ମକର୍ମ** *ବି.* ୧. ସତ୍ ଅନୁଷ୍ଠାନ, ଶାସ୍ତ୍ରୋକ୍ତ ବିଧିବିଧାନ ଅନୁଯାୟୀ କରାଯାଉଥିବା କର୍ମ ୨. କର୍ମାନୁସାରୀ ଫଳ ।

**ଧର୍ମଗ୍ରନ୍ଥ** *ବି.* ଧର୍ମତତ୍ତ୍ୱ ଲିଖିତ ପୁସ୍ତକ (ବେଦ, ଉପନିଷଦ, ପୁରାଣ ଶାସ୍ତ୍ର, କୋରାନ୍, ବାଇବେଲ୍, ଗ୍ରନ୍ଥ ସାହେବ ଆଦି) ।

**ଧର୍ମଘଟ** *ବି.* ସାଧାରଣ ଉଦ୍ଦେଶ୍ୟ ସିଦ୍ଧି ପାଇଁ ଏକଜୁଟ ହୋଇ କାମରୁ ନିବୃତ୍ତି, ହରତାଳ, ଷ୍ଟ୍ରାଇକ୍, ବନ୍ଦ୍ ।

**ଧର୍ମଚକ୍ର** *ବି.* ବୌଦ୍ଧଧର୍ମର ଏକ ଚିହ୍ନ, ସଙ୍କେତ ।

**ଧର୍ମଚର୍ଯ୍ୟା** *ବି.* ଧାର୍ମିକ ଆଚରଣ ।

**ଧର୍ମଚ୍ୟୁତ** *ବିଂ.* ସ୍ୱଧର୍ମ ତ୍ୟାଗୀ, ଆଦର୍ଶ ବହିର୍ଭୂତ ।

**ଧର୍ମଛଡ଼ା** *ବି.ବିଂ.* ଲଗାମଛଡ଼ା, ଅନୈତିକ କାମ କରୁଥିବା ।

**ଧର୍ମଜ୍ଞ** *ବିଂ.* ଧର୍ମର ସ୍ୱରୂପ ଜ୍ଞାନରେ ଅଭିଜ୍ଞ, ଧାର୍ମିକ, ନ୍ୟାୟବନ୍ତ, ବିବେକୀ ।

**ଧର୍ମତଃ** *ଅ.* ନ୍ୟାୟ, ଧର୍ମ ଅନୁସାରେ, ଈଶ୍ୱରଙ୍କ ଦୃଷ୍ଟିରେ ।

**ଧର୍ମଦଣ୍ଡ** *ବି.* ୧. ବୃଥା ଅର୍ଥଦଣ୍ଡ, ଜୋରିମାନା ୨. ଅଭିଶାପ ।

**ଧର୍ମତତ୍ତ୍ୱ** *ବି.* ଧର୍ମ ବିଷୟକ ମୌଳିକ ଜ୍ଞାନ ।

**ଧର୍ମଦଣ୍ଡ** *ବି.* ୧. ଅପରାଧ ପାଇଁ ଭୋଗୁଥିବା ଦୈବୀ ଆଘାତ ୨. ନିଜର ଧର୍ମରକ୍ଷା ପାଇଁ ସ୍ୱୀକାର କରୁଥିବା ଆଘାତ ବା ଯନ୍ତ୍ରଣା ।

**ଧର୍ମଦ୍ରୋହୀ** *ବିଂ.* ନିଜ ଧର୍ମର କ୍ଷତି କରୁଥିବା, ଅଧର୍ମ ଆଚରଣ କରୁଥିବା ବ୍ୟକ୍ତି ।

**ଧର୍ମଦ୍ୱାହି** *ବି.* ଧର୍ମକୁ ସାକ୍ଷୀ ରଖି କରାଯାଉଥିବା ଶପଥ ।

**ଧର୍ମଧ୍ୱଜୀ** *ବିଂ.* ଭଣ୍ଡଧାର୍ମିକ ।

**ଧର୍ମନିରପେକ୍ଷ** *ବିଂ.* ଧର୍ମ ସମ୍ପ୍ରଦାୟ ନିର୍ବିଶେଷରେ ସବୁ ଧର୍ମକୁ ସମାନ ଦୃଷ୍ଟିରେ ଦେଖୁଥିବା ବ୍ୟକ୍ତି, ରାଷ୍ଟ୍ର ବା ରାଷ୍ଟ୍ରନୀତି ।

**ଧର୍ମପତ୍ନୀ** *ବି.* ବିବାହିତା ନାରୀ, ଭାର୍ଯ୍ୟା ।

**ଧର୍ମପଥ** *ବି.* ଶାସ୍ତ୍ରାନୁମୋଦିତ ପଥ ।

**ଧର୍ମପରାୟଣ** *ବିଂ.* ଧାର୍ମିକ ।

**ଧର୍ମପରିବର୍ତ୍ତନ** *ବିଂ.* ସ୍ୱଧର୍ମ ତ୍ୟାଗକରି ଅନ୍ୟର ଧର୍ମ ଗ୍ରହଣ ।

**ଧର୍ମପିତା** *ବି.* ୧. ଯେଉଁ ବ୍ୟକ୍ତିକୁ ପିତା ତୁଲ୍ୟ ସମ୍ମାନ ଦିଆଯାଏ ୨. ଶକ୍ତିଶାଳୀ ପୃଷ୍ଠପୋଷକ ।

**ଧର୍ମପୀଠ** *ବି.* ଦେବଭୂମି, ପବିତ୍ର ଭୂମି ।

**ଧର୍ମପୁଅ** *ବି.* ନିଜର ଔରସରୁ ଜନ୍ମ ନ ହୋଇଥିଲେ ବି ନିଜ ପୁଅ ଭାବେ ସ୍ୱୀକୃତ ଅନ୍ୟର ପୁତ୍ର ସନ୍ତାନ ।

**ଧର୍ମପୁସ୍ତକ** *ବି.* ଧର୍ମଗ୍ରନ୍ଥ, ପୁରାଣ ଶାସ୍ତ୍ର ଆଦି ।

**ଧର୍ମ ପ୍ରଚାରକ** *ବି.* ସାଧାରଣ ଜନତାକୁ ନିଜ ଦୀକ୍ଷିତ ଆଚାର ଓ ବିଚାର ପ୍ରତି ଆସକ୍ତ କରିବା ପାଇଁ ନିଯୁକ୍ତ ବ୍ୟକ୍ତି ।

**ଧର୍ମପ୍ରବକ୍ତା** *ବି.* ଧର୍ମପ୍ରଚାରକ ।

**ଧର୍ମ ପ୍ରବର୍ତ୍ତକ** *ବି.* ବ୍ୟକ୍ତିର ଜୀବନ ଓ ଜଗତ ସଂକ୍ରାନ୍ତ ସ୍ୱତନ୍ତ୍ର ବିଚାର ଓ ବିଶ୍ୱାସର ପ୍ରବକ୍ତା ।

**ଧର୍ମପ୍ରାଣ** *ବିଂ.* ନୀତିନିଷ୍ଠ, ପୁଣ୍ୟବାନ, ଅନ୍ୟପ୍ରତି ଘୃଣା/ହିଂସା/ଦ୍ୱେଷ ପୋଷଣ କରୁ ନ ଥିବା ।

**ଧର୍ମବକ** *ବି.* କପଟ ଧାର୍ମିକ ।

**ଧର୍ମବନ୍ତ** *ବି.* ଧାର୍ମିକ, ନୀତିନିଷ୍ଠ, ନ୍ୟାୟବାନ୍ ।

**ଧର୍ମବିଜ୍ଞାନ** *ବି.* ୧. ବିଭିନ୍ନ ଆନୁଷ୍ଠାନିକ ଏବଂ ରହସ୍ୟକୈନ୍ଦ୍ରିକ ଧର୍ମତତ୍ତ୍ୱ ୨. ଅଧ୍ୟାତ୍ମ ବିଦ୍ୟା ।

**ଧର୍ମବିପ୍ଳବ** *ବି.* ୧. କୌଣସି ଧର୍ମ ବ୍ୟବସ୍ଥାରେ ଗ୍ଲାନି ଯୋଗୁଁ ସଂଘଟିତ ସଂସ୍କାର ଆନ୍ଦୋଳନ ୨.ବିଭିନ୍ନ ଧର୍ମାବଲମ୍ବୀମାନଙ୍କ ମଧ୍ୟରେ ବିଦ୍ୱେଷ ଭାବ ଜନିତ କନ୍ଦଳ ।

**ଧର୍ମବୀର ବି.** ୧. ସଚ୍ଛ ବା ବିବେକୀ ବ୍ୟକ୍ତି ୨. ନ୍ୟାୟ ବିଚାରର ସୁରକ୍ଷାଦାତା ।

**ଧର୍ମଭୟ ବି.** ୧. ଈଶ୍ୱର ଭୟ ୨. ପଥଭ୍ରଷ୍ଟ ହେଲେ ଧର୍ମନାଶ ହେବାର ଭୟ ।

**ଧର୍ମଭୀରୁ ବିଂ.** ଧର୍ମଭୟାଳୁ, ନିଜର ମନ୍ଦକାମ ପାଇଁ ଈଶ୍ୱରଙ୍କୁ ଭୟ କରୁଥିବା ।

**ଧର୍ମମାର୍ଗ ବି.** ସନ୍ମାର୍ଗ, ଧର୍ମପଥ, ନୀତି ନିୟମର ବାଟ ।

**ଧର୍ମଯାଜକ ବି.** ଧର୍ମ ପ୍ରଚାରକ ।

**ଧର୍ମଯୁଗ ବି.** ସତ୍ୟଯୁଗ ।

**ଧର୍ମଯୁଦ୍ଧ ବି.** ପ୍ରଜାମାନଙ୍କ ସମ୍ମାନ ଓ ମର୍ଯ୍ୟାଦା ରକ୍ଷା ପାଇଁ ଶାସକ ଆଚରିତ ସମର, ସତ୍ୟ ନ୍ୟାୟ ପ୍ରତିଷ୍ଠା ପାଇଁ କରାଯାଉଥିବା ସଂଗ୍ରାମ ।

**ଧର୍ମରକ୍ଷା ବି.** ଧର୍ମପାଳନ, ବିଧିପାଳନ ।

**ଧର୍ମଲୋପ ବି.** ଧର୍ମର ବିଲୟ, ଧର୍ମର କ୍ଷୟ ।

**ଧର୍ମଶାଳା ବି.** ତୀର୍ଥଯାତ୍ରୀ, ଭ୍ରମଣକାରୀ ବା ପର୍ଯ୍ୟଟକମାନଙ୍କ ଅସ୍ଥାୟୀ ରହଣି ପାଇଁ ନିର୍ମିତ ଆବାସସ୍ଥଳୀ, ସରେଇଘର, ପାନ୍ଥଶାଳା ।

**ଧର୍ମଶାସ୍ତ୍ର ବି.** ସ୍ମୃତି ବା ସଂହିତା; ବାଇବେଲ୍, କୋରାନ୍, ଗ୍ରନ୍ଥସାହେବ ଆଦି ଗ୍ରନ୍ଥ ।

**ଧର୍ମସଭା ବି.** ଧର୍ମାଲୋଚନା ପାଇଁ ଅନୁଷ୍ଠିତ ସଭା ।

**ଧର୍ମ ସମ୍ପ୍ରଦାୟ ବି.** ନିର୍ଦ୍ଦିଷ୍ଟ ଧାର୍ମିକ ମତବାଦ ବା ଗୋଷ୍ଠୀ ।

**ଧର୍ମ ସହିବା କ୍ରି.** ଈଶ୍ୱରଙ୍କଦ୍ୱାରା ଗୃହୀତ ହେବା, ବିବେକଗ୍ରାହ୍ୟ ହେବା ।

**ଧର୍ମହାନି ବି.** ଧର୍ମଲୋପ, ଧର୍ମ ନାମରେ ଭ୍ରଷ୍ଟାଚାର ।

**ଧର୍ମହୀନ ବିଂ.** ଧର୍ମକୁ ସ୍ୱୀକାର କରୁନଥିବା, ବିଧର୍ମୀ ।

**ଧର୍ମାଚରଣ ବି.** ନୀତି ନିୟମ ଅନୁରୂପ ଜୀବନଚର୍ଯ୍ୟା ।

**ଧର୍ମାଚାର୍ଯ୍ୟ ବି.** ଧର୍ମର ପ୍ରବକ୍ତା, ଧର୍ମଗୁରୁ ।

**ଧର୍ମାତ୍ମା ବି. ବି.** ଧାର୍ମିକ, ଧର୍ମପ୍ରାଣ, ସାଧୁ ବ୍ୟକ୍ତି ।

**ଧର୍ମାଧର୍ମ ବି.** ପାପପୁଣ୍ୟ, ଧର୍ମଅଧର୍ମ, ନ୍ୟାୟଅନ୍ୟାୟ ।

**ଧର୍ମାଧିକାରୀ ବି.** ବିଚାରପତି, ବିଚାରକ, ନ୍ୟାୟପାଳ ।

**ଧର୍ମାଧ୍ୟକ୍ଷ ବି.** ୧. ପ୍ରଧାନ ଧର୍ମଗୁରୁ ୨. ପ୍ରଧାନ ବିଚାରପତି ।

**ଧର୍ମାନୁଷ୍ଠାନ ବି.** ଧର୍ମକାର୍ଯ୍ୟ ।

**ଧର୍ମାନ୍ତର ବି.** ଅନ୍ୟ ଧର୍ମ ଗ୍ରହଣ ।

**ଧର୍ମାନ୍ତରୀ ବିଂ.** ନିଜ ଧର୍ମ ତ୍ୟାଗକରି ଅନ୍ୟ ଧର୍ମ ଗ୍ରହଣ କରିଥିବା ।

**ଧର୍ମାନ୍ତରୀକରଣ ବି.** ନିଜ ଧର୍ମ ତ୍ୟାଗକରି ଅନ୍ୟ ଧର୍ମ ଗ୍ରହଣକରିବା କାର୍ଯ୍ୟଧାରା ।

**ଧର୍ମାନ୍ଧ ବି. ବିଂ.** ଧର୍ମରେ ଅନ୍ଧବିଶ୍ୱାସୀ ।

**ଧର୍ମାବତାର ବି.** ୧. ନ୍ୟାୟାଧୀଶ, ଜଜ୍ ୨. ସାକ୍ଷାତ ଈଶ୍ୱର ୩. ଧର୍ମଦେବତା ।

**ଧର୍ମୀ ବି.** ଧର୍ମପ୍ରାଣ ବ୍ୟକ୍ତି ; **ବିଂ.** ଗୁଣଯୁକ୍ତ, ଧାର୍ମିକ ।

**ଧର୍ଷଣ ବି.** ବଳାତ୍କାର, ଯୌନପୀଡ଼ନ, ଶାରୀରିକ ବା ମାନସିକ ଦୁଷ୍କର୍ମ ।

**ଧର୍ଷକ, ଧର୍ଷଣକାରୀ ବିଂ.** ଯୌନ ଉପଭୋଗ ପାଇଁ ଅନ୍ୟ ଉପରେ ବଳପ୍ରୟୋଗ କରୁଥିବା ।

**ଧର୍ଷିତା ବିଂ.** ବଳାତ୍କାରର ଶିକାର ହୋଇଥିବା, ଶାରୀରିକ ନିର୍ଯାତନାର ଶିକାର ହୋଇଥିବା ।

**ଧଳା ବିଂ.** ୧. ଧୋବ, ଧବଳ, ଶ୍ୱେତ ୨. ଗୋରା ।

**ଧଳାଛଉ ବି.** ଚମ ଉପରେ ଧଳାଦାଗ ହେବା ରୋଗ ।

**ଧସ୍ କ୍ରି.ବିଂ.** ଅତି ଶୀଘ୍ର, ଚଞ୍ଚଳ ।

**ଧସ୍କା ବିଂ.** ୧. ଭଙ୍ଗା, ପୁରୁଣା ୨. **ଧ୍ୱସ୍ତ, ଭାଙ୍ଗି ଯାଇଥିବା** ।

**ଧସ୍କିବା କ୍ରି.** ଧସିଯିବା, ଲଥ୍କରି ତଳେ ଭୁଷୁଡ଼ି ପଡ଼ିବା ।

**ଧସ୍ଧାସ୍ ବିଂ. କ୍ରି.ବିଂ.** ଅତି ବେଗରେ, ସହସା ।

**ଧସା ବିଂ.** ଟିକିଏ ଆଘାତରେ ଦବି ଯାଉଥିବା; **ବି.** ଉଦ୍ଭିଦର ଏକପ୍ରକାର ରୋଗ ।

**ଧସିବା କ୍ରି.** ୧. ଦବିଯିବା ୨. ଶିଥିଳ ହେବା ୩. ଖସିଯିବା ।

**ଧସେଇ ପଶିବା କ୍ରି.** ଜବରଦସ୍ତ ପ୍ରବେଶ କରିବା, ଆକଟ ନ ମାନି ଭିତରକୁ ଯିବା ।

**ଧସ୍ତାଧସ୍ତି ବି.** ପେଲାପେଲି, ହାତାହାତି, ଠେଲାପେଲା ।

**ଧାଁଧପଡ଼ି, ଧାଁଧପଡ଼ ବି.** ବ୍ୟସ୍ତ ବିବ୍ରତ ହୋଇ ଏଣେତେଣେ ଦଉଡ ।

**ଧାଁସା ବି.** ଅଭ୍ୟାସ, ପ୍ରଥା, ଢାଞ୍ଚା ।

**ଧାଆଁ, ଧାଁ ବି.** ଦୌଡ଼ାଦୌଡ଼ି, ଗୋଡ଼ିଆ ଗୋଡ଼ି, ଏଣେତେଣେ ଦଉଡ଼ି ଦଉଡ଼ି ଯିବା ।

**ଧାଇଁଆ ଚାଇଁଆ ବିଂ.** ଉଭୟ ପକ୍ଷରୁ ଫାଇଦା ଉଠାଉଥିବା (ଚତୁର ବ୍ୟକ୍ତି) ।

**ଧାଇଁ ଧୁପି କ୍ରି.ବିଂ.** ଧାଁ ଦଉଡ଼ କରି ।

**ଧାଇଁ ପଳାଇବା କ୍ରି.** ଦଉଡ଼ି ଦଉଡ଼ି ସ୍ଥାନ ତ୍ୟାଗ କରିବା, ଧାଇଁ ବାହାରି ଯିବା ।

**ଧାଇଁବା କ୍ରି.** ୧. ଦୌଡ଼ିବା, ବେଗରେ ଗତି କରିବା ୨. ବାରମ୍ବାର ଯିବା ।

**ଧାଇ ବି.** ୧. ପ୍ରସବ ସହାୟିକା ୨. ଶିଶୁପାଳନ ପାଇଁ ନିଯୁକ୍ତା ନାରୀ ।

**ଧାଇମା ବି.** ପାଳନକାରିଣୀ ।

**ଧାଉଡ଼ ବି.** ଦୌଡ଼, ଆକ୍ରମଣ ।

**ଧାଉଡ଼ି ବି.** ୧. ଧାଇଁବା କାର୍ଯ୍ୟ ୨. ଧାଡ଼ି, ଶ୍ରେଣୀ ।

**ଧାଉଡ଼ିଆ ବି.** ହରକରା, ଦଉଡ଼ିବା ଲୋକ ।

**ଧାଉଡ଼ି ଦେବା କ୍ରି.** ୧. ବାରମ୍ବାର ଯିବା ୨. ଆକ୍ରମଣ କରିବା ।

**ଧାକଡ଼ ବି.** ୧. ଅଯୋଗ୍ୟତା ୨. ବ୍ୟସ୍ତତା ।

**ଧାକଲେଇ** *ବିଂ.* ବଡ଼ ପେଟା ।

**ଧାଙ୍ଗଡ଼୍, ଧାଙ୍ଗଡ଼ା** *ବି.* ଅବିବାହିତ ଯୁବକ, ଧାଙ୍ଗରା, ଟୋକା ।

**ଧାଙ୍ଗରି, ଧାଙ୍ଗିଡ଼ି** *ବି.* ଅବିବାହିତା ନାରୀ, ଯୁବତୀ ।

**ଧାଡ଼ି** *ବି.* ପଂକ୍ତି, ଲାଇନ ।

**ଧାଡ଼ିଆ** *ବିଂ.* ଦରସିଝା ।

**ଧାଡ଼ି ଦେବା** *କ୍ରି.* ଧାପ ଦେବା, ଆକ୍ରମଣ କରିବା ।

**ଧାଡ଼ିଧୋଜଡ଼** *ବି.* ଡୁଡୁ ବା କବାଡ଼ି ଖେଳ ।

**ଧାଡ଼ି ପହଣ୍ଡି** *ବି.* ରଥଯାତ୍ରା ସମୟରେ ଶ୍ରୀବିଗ୍ରହମାନଙ୍କର ପହଣ୍ଡି ବିଜେ, ଯେଉଁଥିରେ ଆଗପଛ ହୋଇ ଠାକୁରମାନେ ରଥକୁ ବା ସିଂହାସନକୁ ବିଜେ କରନ୍ତି ।

**ଧାତବ** *ବିଂ.* ୧. ଧାତୁ ନିର୍ମିତ ୨. ଧାତୁ ସମ୍ବନ୍ଧୀୟ ।

**ଧାତା** *ବି.* ବିଧାତା, ବ୍ରହ୍ମା, ଈଶ୍ୱର ; *ବିଂ.* ପାଳନକର୍ତ୍ତା, ପୋଷଣକାରୀ ।

**ଧାତିକାର, ଧାତିକାରେ** *କ୍ରି.ବିଂ.* ଅତିଶୀଘ୍ର, ତୁରନ୍ତ ।

**ଧାତୁ** *ବି.* ୧. ଖଣିଜ ଦ୍ରବ୍ୟ ୨. ବୀର୍ଯ୍ୟ ୩. *ବ୍ୟାକ.* କ୍ରିୟାର ମୂଳ ୪. ଜୀବନୀ ଶକ୍ତି ।

**ଧାତୁଘଟିତ** *ବିଂ.* ଧାତୁ ସଂଯୋଗରେ ତିଆରି ।

**ଧାତୁବିଜ୍ଞାନ** *ବି.* ଧାତୁବିଦ୍ୟା, ଧାତୁ ବିଷୟକ ଜ୍ଞାନ ।

**ଧାତୁରା** *ବି.* ଦୁଦୁରା ।

**ଧାତ୍ରୀ** ବି. ୧. ଧାଈ, ପାଳିକା, ପାଳିତା ମା ୨. ମା ୩. ଅଁଳା ଗଛ ଓ ଫଳ ।

**ଧାନ୍‌ମଡ଼ା** *ବି.* କଟା ହୋଇଥିବା ଧାନ ହଳାଗୁଡ଼ିକ ଅମଳ ପାଇଁ ବେଙ୍ଗଲା ପକାଇବା ପରେ ମଡ଼ାଇବା ।

**ଧାନ୍ ମିର୍ଚା** *ବି.* ଅତି ସାନ ଆକାରର କିନ୍ତୁ ଅତ୍ୟନ୍ତ କଟୁ ଲଙ୍କା ମରିଚ ବିଶେଷ, ଧାନୁଆ ଲଙ୍କା ମରିଚ ।

**ଧାନ୍ ମେଟା** *ବି.* ଧାନକଚଡ଼ା ।

**ଧାନ** *ବି.* ଏକପ୍ରକାର ଏକବୀଜପତ୍ରୀ ତୃଣ ଓ ତାହାର ଫଳ- ଏଥିରୁ ପ୍ରସ୍ତୁତ ଚାଉଳଆଦି ଖାଦ୍ୟରୂପେ ବ୍ୟବହୃତ ହୁଏ ।

**ଧାନ ଅଗାଡ଼ି** *ବି.* ଧାନର ଚୋପା ।

**ଧାନ ଅମାରି** *ବି.* ଧାନ କୋଠି ।

**ଧାନ ଉଷୁଆଁ** *ବି.* ଧାନକୁ ଅଧା ଶିଝା କରି ଶୁଖାଇ ରଖି ସେଥିରୁ ଉଷୁନା ଚାଉଳ ବାହାର କରିବା କାର୍ଯ୍ୟ ।

**ଧାନ କଟା** *ବି.* ବିଲରୁ ପାଚିଲା ଧାନ ଗଛ କାଟିବା ।

**ଧାନକୁଟା** *ବି.* ଢିଙ୍କି ସାହାଯ୍ୟରେ ଧାନକୁ କୁଟି ଚାଉଳ ବାହାର କରିବା ।

**ଧାନ ଖଳା** *ବି.* ଯେଉଁ ସ୍ଥାନରେ ଧାନ ଅମଳ କରାଯାଏ ।

**ଧାନଗଦା** *ବି.* ଧାନ ହଳାର ଗଦା ବା ଠୁଳ ।

**ଧାନଗୋଲା** *ବି.* ଧାନ କୋଠି ।

**ଧାନଘର** *ବି.* ଧାନ ଗଚ୍ଛିତ ରହୁଥିବା କୋଠରୀ ବା ଘର ।

**ଧାନୁଆ** *ବିଂ.* ଧାନ ଆକାରର, ଧାନପରି ।

**ଧାନୁଆ ଲଙ୍କା** *ବି.* ଧାନ ଆକାରର ଭାରି ରାଗ ଲଙ୍କା ।

**ଧାପ୍** *ବିଂ.* ଅଳ୍ପ (ଦୂର) ।

**ଧାପ୍ ଦେବା** *କ୍ରି.* କୌଣସି କଷ୍ଟକର କାମ କରିବା ପାଇଁ ଚେଷ୍ଟା କରିବା ।

**ଧାପ** *ବି.* ୧. ଶ୍ରେଣୀ, ସୋପାନ, ପାହାଚ ୨. ଆକ୍ରମଣର ପ୍ରଚଣ୍ଡ ଚାପ ୩. ପ୍ରତାପ, ତେଜ ୪. ଦ୍ରୁତଗତି ୫. ଅତ୍ୟଳ୍ପ ପରିମାଣ ।

**ଧାପଡ଼** *ବି.* ଝପଟ, ଦ୍ରୁତଗତି, ଦୌଡ଼ ।

**ଧାପେ** *ବିଂ.* ୧. ଅଳ୍ପ ପରିମାଣରେ ୨. କ୍ଷଣ ମାତ୍ରକେ ।

**ଧାବକ** *ବିଂ.* ୧. ଦଉଡ଼ାଳି, ଶୀଘ୍ରଗାମୀ ୨. ଡାକ ହରକରା, ଧାଉଡ଼ିଆ ।

**ଧାବନ** *ବି.* ଦୌଡ଼ିବା ।

**ଧାବମାନ** *ବିଂ.* ଦୌଡୁଥିବା ।

**ଧାମ** *ବି.* ୧. ବାସ ସ୍ଥାନ, ଆଶ୍ରୟସ୍ଥଳ ୨. ଦେବଭୂମି, ତୀର୍ଥକ୍ଷେତ୍ର ୩. ଠିକଣା ।

**ଧାମନ୍‌ପଟ୍** *ବିଂ.* ଅଳସୁଆ ।

**ଧାମ ରହିବା** *କ୍ରି.* ମାନ ଇଜ୍ଜତ୍ ରହିଯିବା ।

**ଧାମା** *ବି.* ୧. ବାଉଁଶ ପାତିଆରେ ତିଆରି ଗୋରୁଖିଆ କୁଣ୍ଡ ୨. ବେତ ତିଆରି ଟୋକେଇ ।

**ଧାର୍‌ବାଟ୍** *ବିଂ.* ୧. ଦୁଷ୍ଟ, ପାଜି ୨. ଜିଦ୍‌ଖୋର ।

**ଧାର୍ ନ ଧରିବା** *କ୍ରି.* ସମ୍ପୃକ୍ତ, ଅଭ୍ୟସ୍ତ ବା ସଂଶ୍ଳିଷ୍ଟ ନ ହେବା ।

**ଧାର୍‌ନି ପାଟି** *ବି.* ଘରର ଛାତ ଧାରଣକାରୀ କେନ୍ଦ୍ରୀୟ କାଠ ଗଣ୍ଡି ।

**ଧାର୍ ମୁହାଁ** *ବି.ବିଂ.* ଲମ୍ବାଳିଆ ମୁହଁଥିବା (ପୁରୁଷ); *ସ୍ତ୍ରୀ.* ଧାର୍‌ମୁହୀଁ ।

**ଧାର** *ବି.* ୧. ଋଣ, ଉଧାର, କାଳି ୨. ତୀକ୍ଷ୍ଣ, ଦାଢ ୩. ଜଳପ୍ରବାହ, ଧାରା ୪. ତଟ, ତୀର ।

**ଧାର ଉଧାର** *ବି.* ଦେଣା, କରଜ, ଲାଗ୍, ଧାର କରଜ ।

**ଧାରକ** *ବି.* ପାତ୍ର, କଳସ ; *ବିଂ.* ୧. ଧାରୁଆ, ଋଣୀ ୨. ଧାରଣ କର୍ତ୍ତା ।

**ଧାର କରିବା** *କ୍ରି.* ୧. ଋଣ କରିବା ୨. ଅସ୍ତ୍ରଶସ୍ତ୍ର, ଛୁରି, କଟୁରି ଆଦି ପଜେଇ ମୁନିଆଁ କରିବା ।

**ଧାରଣ** *ବି.* ୧. ଧରିବା ୨. ଗ୍ରହଣ ୩. ବହନ ୪. ରକ୍ଷଣ ୫. ଅବଲମ୍ବନ ୬. ପରିଧାନ, ପିନ୍ଧିବା (ଲୁଗାପଟା, ପଇତା) ।

**ଧାରଣା** *ବି.* ୧. ଠେକ, ସମାନ୍ତର ଭାବରେ ଥିବା ବସ୍ତୁମାନଙ୍କ ମଧ୍ୟରେ ଆଡ଼ବାଗରେ ସଂଲଗ୍ନ କାଠ ଖଣ୍ଡ ୨. ଦେବତା ପାଖରେ ଅଧିଆ ୩. ନିର୍ଦ୍ଧାରଣ ୪. ପ୍ରଣତି ୫. ବିଶ୍ୱାସ ୬. ବୋଧ ବା ଜ୍ଞାନ ୭. ସଂସ୍କାର ୮. ଅଭିନିବେଶ ।

**ଧାରଣା କରିବା** *କ୍ରି.* ମନରେ ଭାବିଚିନ୍ତି କୌଣସି ବିଷୟର ରୂପରେଖ ଜାଣିବା, ସ୍ଥିର କରିବା ।

**ଧାରଣା ଦେବା** *କ୍ରି.* ପ୍ରତିବାଦ ଜଣାଇବା ପାଇଁ ବା ଦାବି ପୂରଣ ପାଇଁ କାର୍ଯ୍ୟାଳୟ ପ୍ରଭୃତି ସମ୍ମୁଖରେ ବସି ରହିବା, ଷ୍ଟ୍ରାଇକ୍ କରିବା ।
**ଧାରଣୀୟ** *ବିଂ.* ଧାରଣଯୋଗ୍ୟ, ଗ୍ରହଣଯୋଗ୍ୟ ।
**ଧାରୟିତା** *ବିଂ.* ଧାରଣାକାରୀ, ବହନକାରୀ; *ବି.* ପାତ୍ର ।
**ଧାରୟିତ୍ରୀ** *ବି.* ଧରିତ୍ରୀ, ପୃଥିବୀ ।
**ଧାରା** *ବି.* ୧. ପ୍ରବାହ, ତରଳ ଦ୍ରବ୍ୟର ବହମାନ ଅବସ୍ଥା ବା ନିରନ୍ତର କ୍ଷରଣ ୨. ବୃଷ୍ଟିପାତ ୩. ନିର୍ଝର, ଝରଣା ୪. ଅସ୍ତ୍ରର ତୀକ୍ଷ୍ଣ ପ୍ରାନ୍ତଭାଗ ୫. ରୀତି, ନିୟମ, ଆଇନର ପ୍ରକରଣବିଶେଷ ।
**ଧାରାପାଠ** *ବି.* ଗଣିତ ପାଠ ।
**ଧାରାବାହିକ** *ବିଂ.* କ୍ରମିକ, ଗୋଟିକ ପରେ ଗୋଟିଏ; *ବି.* ଟିଭିରେ ନିୟମିତ ବ୍ୟବଧାନରେ ପ୍ରଦର୍ଶିତ କାହାଣୀ ।
**ଧାରାବିବରଣୀ** *ବି.* ନିଜ ସମ୍ମୁଖରେ ଦେଖି ସେ ବିଷୟରେ ଲୋକମାନଙ୍କୁ ବେତାର ବା ଦୂର ଦର୍ଶନ ମାଧ୍ୟମରେ ସୂଚନା ଦେବା କାର୍ଯ୍ୟ, ପ୍ରତ୍ୟକ୍ଷଦର୍ଶୀ ବିବରଣୀ, କ୍ରମାଗତ ଭାବରେ ଘଟଣା ପ୍ରବାହର ବର୍ଣ୍ଣନା ।
**ଧାରାଶ୍ରାବଣ** *ବି.* ଅନବରତ ବର୍ଷା ହେଉଥିବା ଶ୍ରାବଣ ମାସ ।
**ଧାରିବା** *କ୍ରି.* ଋଣ କରିବା, କରଜ କରିବା ।
**ଧାରୁଆ** *ବିଂ.* ୧. ଋଣ ନେଇଥିବା, ଧାର ନେଇଥିବା, ଋଣୀ ୨. ଧାରଥିବା ୩. ବିଚକ୍ଷଣ, ମେଧାଯୁକ୍ତ ।
**ଧାରୁଆଳ** *ବିଂ.* ଶାଣିତ, ଦାଢୁଆ ।
**ଧାରେନ୍** *ବି.* ଛାତକୁ ସବା ଉପରେ ଧାରଣ କରୁଥିବା କାଠଖଣ୍ଡ।
**ଧାରୋଷ୍ଣ** *ବି.* ଈଷତ୍ ଉଷ୍ଣ, ସଜଦୁହାଁ କ୍ଷୀର ପରି ଉଷୁମ, ନଖଉଷୁମ ।
**ଧାର୍ମିକ** *ବିଂ.* ଧର୍ମପରାୟଣ, ଧର୍ମ ସଂକ୍ରାନ୍ତ ।
**ଧାର୍ଯ୍ୟ** *ବିଂ.* ୧. ସ୍ଥିର କରାଯାଇଥିବା ୨. ଧାରଣୀୟ, ଗ୍ରହଣୀୟ ୩. ସ୍ମରଣୀୟ ।
**ଧାସ** *ବି.* ୧. ନିଆଁର ଉଜ୍ଜ୍ୱଳ ତତଲା ଅବସ୍ଥା ୨. ଉତ୍ତାପ ୩. ପ୍ରଭାବ।
**ଧିଅ** *ବି.* ଦେହ, ଶରୀର ।
**ଧିଆନ** *ବି.* ଧ୍ୟାନ, ଚିନ୍ତନ, ସ୍ମରଣ ।
**ଧିକ୍** *ଅ.* ନିନ୍ଦା ବା ଅବଜ୍ଞାସୂଚକ ଧ୍ୱନି ।
**ଧିକ୍ ଧିକ୍** *ଅ.* ଧୀରେ ଧୀରେ, ଆସ୍ତେ ଆସ୍ତେ, ଦିକି ଦିକି, ଧିକି ଧିକି ।
**ଧିକ ବଚନ** *ବି.* ଗାଳି, ଭର୍ତ୍ସନା, କୁଭାଷା ।
**ଧିକିମାକି** *ବି.* ସେଇ ଏକା କଥା କହି କହି ବିରକ୍ତ ଭାବ ।
**ଧିକ୍କାର** *ବି.* ଭର୍ତ୍ସନା, ଗାଳି, ନିନ୍ଦା ।
**ଧିକ୍କାରିବା** *କ୍ରି.* ତୁଚ୍ଛ କରି କହିବା ।
**ଧିଙ୍ଗାସ** *ବି.* ଗାଳି, ଝିଙ୍ଗାସ, ଅସନ୍ତୋଷ ।
**ଧିଙ୍ଗାସିବା** *କ୍ରି.* ଗାଳି ଦେବା, ଝିଙ୍ଗାସିବା ।
**ଧିଟ୍** *ବି.* ଢିଟ୍,ବାରଣସତ୍ତ୍ୱେ ଯେ ନିଲଠା ପରି ଲାଗିଥାଏ, *(ସ୍ତ୍ରୀ.)* ଧିଟୋଇ ।
**ଧିଟ** *ବିଂ.* ୧. ଜିଦ୍‌ଖୋର ୨. ଚଗଲା ୩. ନିର୍ଲଜ; *ବିଂ.* ଧିଟୁଆ ।
**ଧିଣ୍ଡା** *ବି.* ଟୋକା, ଭେଣ୍ଡା, ଯୁଆନ ।
**ଧିଧିରିଟ୍** *ବିଂ.* ୧. ଅଳସୁଆ ୨. ରାଣ୍ଡୁଆ ।
**ଧିମା** *ବିଂ.* ୧. ଶାନ୍ତ ୨. ଦୟାଳୁ ୩. ଧୀର, ଅଚଞ୍ଚଳ, ମନ୍ଥର ୪. ମଠୁଆ, ଅଳସୁଆ ।
**ଧିମେଇବା** *କ୍ରି.* ମନ୍ଥର କରିବା, କମେଇବା ।
**ଧିରି** *କ୍ରି.ବିଂ.* ଆସ୍ତେ ।
**ଧିରିବା** *କ୍ରି.* ପ୍ରତିଶୋଧ ନେବା ଉଦ୍ଦେଶ୍ୟରେ ଇଙ୍ଗିତ ଦେବା।
**ଧିରି ସୁନୁମ୍** *ବି.* କିରୋସିନ୍, ଗନ୍ଧତେଲ, ମାଟିତେଲ ।
**ଧିଶା** *ବି.* ସଙ୍ଗୀତର ସ୍ୱର ରୀତି ।
**ଧିଷଣା** *ବି.* ବୁଦ୍ଧି, ମତି, ଜ୍ଞାନ, ଧୀ, ଚିତ୍ତବୃତ୍ତି ।
**ଧୀ** *ବି.* ବୁଦ୍ଧି ।
**ଧୀବର** *ବି.* ୧. କେଉଟ, କୈବର୍ତ୍ତ, ମାଛଧରା ଜୀବିକାଧାରୀ, ତିଅର ୨. ନାଉରିଆ ।
**ଧୀମାନ୍** *ବିଂ.* ବୁଦ୍ଧିମାନ, ଜ୍ଞାନୀ ।
**ଧୀର** *ବିଂ.* ୧. ମନ୍ଥର, ଯାହା ଦ୍ରୁତ ନୁହେଁ ୨. ମନ୍ଦ୍ର ୩. ଅବିଚଳିତ ୪. ବିଦ୍ୱାନ ୫. ଅନୁଭବୀ ।
**ଧୀରତା** *ବି.* ଧୀର ସ୍ୱଭାବ, ଶାନ୍ତଭାବ ।
**ଧୀରପାଣି** *ବି.* ସ୍ଥିରଜଳ ।
**ଧୀରପାଣି ପଥର କାଟେ** *ବି.* ଧୈର୍ଯ୍ୟର ସହ କାର୍ଯ୍ୟକଲେ ଶେଷରେ ସଫଳତା ମିଳେ ।
**ଧୀରଲଳିତ** *ବିଂ.* ୧. ଧୀର କୋମଳ ୨. ନୃତ୍ୟଗୀତ ପ୍ରିୟ ।
**ଧୀରସ୍ଥିର** *ବିଂ.* ଶାନ୍ତ, ଚୁପ୍‌ଚାପ୍, ନରମ ପ୍ରକୃତିବିଶିଷ୍ଟ ।
**ଧୀରା** *ବିଂ.* ଧୀର ପ୍ରକୃତିବିଶିଷ୍ଟ; *ବି.* ୧. ଧୀର ଭାବରେ ବକ୍ରୋକ୍ତିଦ୍ୱାରା ଉପହାସକାରିଣୀ ୨. ମିଛକ୍ରୋଧ ଦେଖାଉଥିବା ନାୟିକା ।
**ଧୀରେ** *କ୍ରି. ବିଂ.* ୧. ଆସ୍ତେ ୨. ବ୍ୟସ୍ତ ନ ହୋଇ ୩. ବଡ଼ପାଟି ନ କରି ।
**ଧୀରୋଦାତ୍ତ** *ବିଂ.* ଧୀର ମହତ୍ ପ୍ରକୃତିସମ୍ପନ୍ନ ; *ବି.* ମହତ୍ ପ୍ରକୃତିର ନିରଭିମାନ ସାହସୀ ନାୟକ ।
**ଧୁଆଁଧୁପା** *ବି.* ଧାଁ ଧପଡ଼ ।
**ଧୁଆ** *ବିଂ.* ସଫା, ପରିଷ୍କୃତ ।
**ଧୁଆଧୋଇ** *ବି.* ସଫାସଫି, ସଫେଇ, ପରିଷ୍କାର ; *ବିଂ.* ପରିଷ୍କୃତ ।
**ଧୁଆପୋଛା** *ବି.* ଧୋଇବା ଓ ପୋଛିବା କାମ ।
**ଧୁଇଁ** *ବି.* କାଠଟିଆରି କୁଲାଭଳି ପାତ୍ର ବିଶେଷ।
**ଧୁଇଲ୍** *ବି.* ଧୂଳି।
**ଧୁକ୍‌ଧୁକି** *ବି.* ୧. ପିଲାଙ୍କର ଖପୁରିରେ ଥିବା କୋମଳ ଅଂଶ ୨. ସ୍ପନ୍ଦନ ।

**ଧୁକ୍‌ନା** *ବି.* ପଙ୍ଖା, ବିଞ୍ଚଣା।
**ଧୁକ୍‌ପୁଚ** *ବି.* ସନ୍ଦେହ ମିଶ୍ରିତ ଆଶଙ୍କା।
**ଧୁକା** *ବି.* ୧. ପବନ ୨. ଝୁଙ୍କ୍ ।
**ଧୁକା ଗରଲ୍** *ବି.* ଝଡ଼ ତୋଫାନ।
**ଧୁକା ମାରିବା** *କ୍ରି.* ପବନ ମାରିବା ।
**ଧୁକିବା** *କ୍ରି.* ୧. ପବନ ବୋହିବା ୨. ବିଞ୍ଚିବା ।
**ଧୁକୁଡ଼ି, ଧୋକିଡ଼ି** *ବି.* ୧. ବୃଦ୍ଧା, ଧଡ଼ିଆ ନାରୀ ; *ବିଂ.* ପୁରୁଣା, ଖରାପ କିନ୍ତୁ କାମଚଳା (ଗାଡ଼ି ପ୍ରଭୃତି) ।
**ଧୁକୁଡ଼ି କନ୍ୟା** *ବି.* ଶ୍ରୀମନ୍ଦିରରେ ଧୁକୁଡ଼ି ଦ୍ୱାର ଦେଇ ପ୍ରବେଶ କଲାବେଳେ ସମ୍ମୁଖରେ ଥିବା ନାରୀମୂର୍ତ୍ତି।
**ଧୁକୁଡ଼ିଦ୍ୱାର** *ବି.* ଶ୍ରୀମନ୍ଦିର ଭିତରେ କାଠ କଡ଼ରେ ଭିତରକୁ ଯିବା ପାଇଁ ଥିବା କଡ଼ ରାସ୍ତା।
**ଧୁକୁର୍ ପୁଚୁର** *କ୍ରି.ବିଂ.ବି.* ଦ୍ୱିଧାଗ୍ରସ୍ତ ଭାବ, ଦ୍ୱନ୍ଦ୍ୱ ।
**ଧୁଙ୍ଗିଆ** *ବି.* ଧୂଆଁ, ଧୂଆଁପତ୍ର ।
**ଧୁଙ୍ଗିଆ ମାଗିବା** *କ୍ରି.* ଦେହ ମାଗିବା (ଯୌନ ସଙ୍ଗମ ପାଇଁ ) ।
**ଧୁଡ୍‌ସା** *ବି.* ୧. କୁହୁଡ଼ି ୨. ବଡ଼ ଆକାରର ନିଶାଣ ।
**ଧୁଡୁକି** *ବି.* ଘୁଡୁକି, ଏକ ପ୍ରକାର ଚମଡ଼ା ଛାଉଣି ବାଦ୍ୟଯନ୍ତ୍ର ।
**ଧୁଡୁଧୁଡୁ** *ବିଂ.* କୁଞ୍ଚିତ ବା ଲୋଳିତ (ଚର୍ମ);*କ୍ରି.ବିଂ.* ଚଞ୍ଚଳ ଭାବେ ।
**ଧୁଣ୍ଡା, ଧୁମା** *ବିଂ.* ଭୁଣ୍ଡା, ମୋଟା ; *ବି.* ଅନୁସନ୍ଧାନ ।
**ଧୁଣ୍ଡାଧୁଣ୍ଡି** *ବି.* ଖୋଜାଖୋଜି, ଜାଣିବା ପାଇଁ ପଚରାପଚରି ।
**ଧୁଣ୍ଡାଳିବା** *କ୍ରି* ତନ୍ନତନ୍ନ କରି ଖୋଜିବା ।
**ଧୁଣ୍ଡିବା** *କ୍ରି.* ଖୋଜିବା, ଢୁଣ୍ଡିବା, ଅଣ୍ଡାଳିବା ।
**ଧୁତ୍** *ବିଂ.* ନିଶାଖାଇ ଅଣାୟତ୍ତ ।
**ଧୁତୁମ୍** *ବି.ବିଂ.* ୧. ନିର୍ବୋଧ ଓ ଅପରିଣାମଦର୍ଶୀ (ବ୍ୟକ୍ତି) ୨. ଆଗପଛ ନ ଭାବି କାମ କରୁଥିବା।
**ଧୁତୁରା** *ବି.* ଦୁଦୁରା, ଧାତୁରା ।
**ଧୁଧ୍‌ଲା** *ବିଂ.* ମୋଟା, ସ୍ଥୂଳକାୟ ।
**ଧୁଧୁ** *ବିଂ.* ଅତିଶୟ, ପ୍ରଚଣ୍ଡ, ହୁତ୍‌ହୁତ୍ ।
**ଧୁନ୍** *ବି.* ୧. ଗୀତର ସୁର ୨. ଧନୁ ।
**ଧୁନ୍‌କାର୍** *ବି.* ଧୁନ୍‌କି ସାହାଯ୍ୟରେ ତୁଳା ଭିଣିବା ଲୋକ।
**ଧୁନ୍‌କି** *ବି.* ତୁଳାଭିଣା ଧନୁ ।
**ଧୁନ୍‌କେର୍** *ବି.* କାଳିସି ଲାଗିବାବେଳେ ବାଜିବା ବିଶେଷ ବାଦ୍ୟଯନ୍ତ୍ର, ଢଣକୋଇଲା।
**ଧୁନ୍ଦରାବା** *କ୍ରି.* ମୁହଁ ଫୁଲାଇବା, ମୁହଁ ଶୁଖେଇବା।
**ଧୁନ୍ଦରେଇବା** *କ୍ରି.* ରାଗରେ ବା ରୁଷି ମୁହଁ ହାଣ୍ଡିପରି କରିବା ।
**ଧୁନ୍ଦି** *ବି.* ଝାଂଜି, ଖରାଦିନିଆ ଗରମ ପବନ।
**ଧୁନ୍ଦୁଗୁଡୁ** *ବି.* ୧. ନାନା ପ୍ରକାର ଶାରୀରିକ ଖେଳ ପ୍ରଦର୍ଶନକାରୀ ବ୍ୟକ୍ତି ୨. ମୁଣ୍ଡପୋତା କେଳା।

**ଧୁନ୍‌ଚି** *ବି.* ଧୂପଦେବା ପାତ୍ର, ଧୂପଦାନି ।
**ଧୁନନ** ବି. କମ୍ପନ, ସ୍ପନ୍ଦନ ।
**ଧୁନା** *ବି.* ୧. ଝୁଣା ୨. ତୁଳାଭିଣା ।
**ଧୁନି** *ବି.* ୧. ପ୍ରଜ୍ୱଳିତ ପବିତ୍ର ଅଗ୍ନି ୨. ଜେଜେକାର ୩. ଠାକୁରଙ୍କର ନାମ ସ୍ମରଣ ।
**ଧୁନିଆଁ** *ବି.* ତୁଳାଭିଣାଳୀ ।
**ଧୁନି ଦେବା** *କ୍ରି.* ହଇରାଣ କରିଦେବା।
**ଧୁନିବା** *କ୍ରି.* ତୁଳାଭିଣିବା ।
**ଧୁପଛାୟା** *ବି.* ୧. କସ୍ତା ଲୁଗା ବିଶେଷ ୨. ଖରା ଓ ଛାଇ ।
**ଧୁବ୍‌ଲା** *ବିଂ.* ଧୋବ, ଧଳା ।
**ଧୁମ୍** *ବିଂ.* ଅତି ପ୍ରବଳ, ଅତ୍ୟଧିକ, ଜୋରସୋର୍; **ବି.** କୋଳାହଳ ।
**ଧୁମ୍‌ଧଡ଼କ** *ବି.* ୧. ହୋହଲ୍ଲା ୨. ଆଡ଼ମ୍ବର ।
**ଧୁମ୍‌ଧାମ୍** *ବି.* କୋଳାହଳମୟ ସମାରୋହ ।
**ଧୁମ୍‌ସା** *ବିଂ.* ୧. ଅସ୍ପଷ୍ଟ, କୁହୁଡ଼ିଆ, ଧୂସର ୨. ସ୍ଥୂଳକାୟ, ଧୁମା ; **ବି.** ଚମଡ଼ା ତିଆରି ଏକମୁହାଁ ବଡ଼ବାଜା।
**ଧୁମା, ଧୁସା** *ବିଂ.* ସ୍ଥୂଳ, ମୋଟା ; *ବି.* ମୋଟା ଶୀତଲୁଗା ।
**ଧୁମାଧୁମି** *କ୍ରିବିଂ* ଉତ୍ପାତ ହେବା ।
**ଧୁମାଳ** *ବି.* ଖରାଦିନିଆ ପ୍ରବଳ ପବନ ।
**ଧୁର୍‌କୁଟ** *ବିଂ.* ଧୂଳି ଭଳି ଚୂନାଚୂନା।
**ଧୁର୍‌କୁଟା କରି** *କ୍ରି.ବିଂ.* ପ୍ରବଳ ଭାବରେ।
**ଧୁର୍‌ତୁ ବଜା** *ବି.* ଏକ ପ୍ରକାର ପେଁକାଳି।
**ଧୁର୍ମୁସ୍** *ବି.* ସମତଳ କରିବା ପାଇଁ ବ୍ୟବହୃତ ଲମ୍ବା ବାଡ଼ି ଲାଗିଥିବା ଗୋଲାକାର ଲୁହା ପିଟୁଣି, ମୂଷଳ ।
**ଧୁର୍‌ରେ** *ଅ.* ଅବଜ୍ଞାସୂଚକ ଉଚ୍ଚାରଣ।
**ଧୁର୍‌ଲା, ଧୁର୍‌ଲି** *ବି.* ଧୂଳି।
**ଧୁରନ୍ଧର** *ବିଂ.* କୁଶଳୀ, ବିଚକ୍ଷଣ, ପାରିବାର, କାର୍ଯ୍ୟଦକ୍ଷ ।
**ଧୁରା** *କ୍ରିଂ.ବିଂ.* କିଛି ଦୂର ପର୍ଯ୍ୟନ୍ତ ।
**ଧୁରାମୁଡ଼ି** *ବି.* ଝୁରାମୁଡ଼ି, ଶଗଡ଼ର ଆଗପଟ।
**ଧୁରାହା** *ବିଂ.* ଦୁଷ୍ଟ, ବଦମାସ୍ ।
**ଧୁରିଆ, ଦୂରିଆ** *ବିଂ.* ଦୂର, ଦୂରବର୍ତ୍ତୀ।
**ଧୁରୀଣ** *ବିଂ.* ଦକ୍ଷ, ନିପୁଣ ।
**ଧୁଲୁପ୍** *ବି.* ଆଖିମିଟିକା।
**ଧୁଲେଇ, ଧୁଲାଇ** *ବି.* ୧. ସଫା, ପରିଷ୍କାର ୨. ମାଡ଼, ପ୍ରହାର ୩. ଗାଳି ; *ବିଂ.* ପରିଷ୍କୃତ ।
**ଧୁଲେଇ କରିବା** *କ୍ରି.* ୧. ଧଳାକରିବା, ସଫା କରିବା ୨. ଚୂନ ଦେବା ୩. ନିସ୍ତୁକ ମାଡ଼ଦେବା ୪. ମନ ପରିବର୍ତ୍ତନ କରିବା ୫. ସର୍ବସ୍ୱାନ୍ତ କରିବା।
**ଧୁଲେଇବା** *କ୍ରି.* ଯନ୍ତ୍ରଦ୍ୱାରା ଧୋଇବା ।

**ଧୂଷ ବି.** ଶସ୍ୟ ବା କୁଟାର ଧୂଳିଆ ଅଂଶ ।
**ଧୁସା ବି.** ପଶମର ମୋଟା ଶୀତବସ୍ତ୍ର ।
**ଧୂଆଁ ବି.** ୧. କୁହୁଳା, ଧୂମ ୨. ଧୂଆଁପତ୍ର ।
**ଧୂଆଁଟିଆ ବିଂ.** କୁହୁଳିଯିବା ଫଳରେ ବିକୃତ ଗନ୍ଧଯୁକ୍ତ ।
**ଧୂଆଁ ଦେବା କ୍ରି.** ମଶା ଡାଆଁସ ଘଉଡେଇବା ପାଇଁ ନଡ଼ିଆକତା ଆଦି ଜଳାଇ ଧୂଆଁ କରିବା ।
**ଧୂଆଁପତ୍ର, ଧୁଙ୍ଗିଆ ବି.** ଏକ ଗୁଳ୍ମର ପତ୍ର-ଯାହାକୁ ପାଗ କରାଯାଇ ଗୁଣ୍ଡି, ନାସ, ବିଡ଼ି, ପିଙ୍କା ଆଦିରେ ବ୍ୟବହାର କରାଯାଏ ।
**ଧୂଆଁବାଣ ବି.** ୧. ରାଗ, କ୍ରୋଧ ୨. ଠକାମି ୩. ମିଛ ଧମକ (ଲୋକଙ୍କୁ ଡରାଇବା ପାଇଁ) ।
**ଧୂକ୍‌ନା ବି.** ୧. କମାରର ଭାତି(ଚି) ୨. **ପଙ୍ଖା, ବିଞ୍ଚଣା ।**
**ଧୁଙ୍ଗିଆ ଦେବା କ୍ରି.** ୧. ଧୂଆଁ ଦେବା ୨. ମଶା ତଡ଼ିବାକୁ ଧୂଏଁଇବା ।
**ଧୂପ ବି.** ୧. ପୂଜା ପାର୍ବଣ ବା ଅନ୍ୟ ମାଙ୍ଗଳିକ କାର୍ଯ୍ୟବେଳେ ଦିଆଯାଉଥିବା ଝୁଣା ବା ଧୂପକାଠି ୨. ଶ୍ରୀଜଗନ୍ନାଥଙ୍କ ମନ୍ଦିର ବା ଅନ୍ୟ ଦେବାଳୟରେ ପ୍ରସାଦ ଅର୍ପଣର ସମୟ (ସକାଳଧୂପ, ସଂଜଧୂପ ଆଦି ) ।
**ଧୂପକାଠି ବି.** ପୂଜାବେଳେ ଜାଳିବା ପାଇଁ ଝୁଣା ଇତ୍ୟାଦି ବୋଳା ସୁଗନ୍ଧିତ କାଠି ।
**ଧୂପଦାନି ବି.** ଧୂପକାଠି ବା ଝୁଣା ଜାଳିବା ଦାନି ବା ପାତ୍ର ।
**ଧୂପଦୀପ ବି.** ଧୂପ ଓ ଦୀପ (ପୂଜା, ଆରତି ପାଇଁ ) ।
**ଧୂପିବା କ୍ରି.** ମାରିବା ।
**ଧୂମ ବି.** ୧. ଧୂଆଁ ୨. ଅଳନ୍ଧୁ ୩. କୁହୁଡ଼ି ।
**ଧୂମକୁଣ୍ଡଳୀ ବି.** ଚକ୍ରାକାରରେ ଉଠୁଥିବା ଧୂଆଁ, ଧୂଆଁକୁଣ୍ଡଳୀ ।
**ଧୂମକେତୁ ବି.** ୧. ଲଞ୍ଜାତାରା, ଉଲ୍‌କା ୨. ଅମଙ୍ଗଳସୂଚକ ବସ୍ତୁ ବା ବ୍ୟକ୍ତି ।
**ଧୂମପାନ ବି.** ଗଞ୍ଜେଇ, ତମାଖୁ, ବିଡ଼ି, ସିଗାରେଟ୍ ଆଦିର ଧୂଆଁ ଟାଣିବା କାର୍ଯ୍ୟ ।
**ଧୂମଳ ବିଂ.** କୃଷ୍ଣଲୋହିତ, କଳାମିଶା ଲାଲ୍(ରଙ୍ଗ) ।
**ଧୂମାବତୀ ବି.** ଦୁର୍ଗା, ଶକ୍ତିଙ୍କ ଉଗ୍ରରୂପ ।
**ଧୂମାଭ ବିଂ.** ଧୂମବର୍ଣ୍ଣଯୁକ୍ତ ।
**ଧୂମାଳ ବି.** ପ୍ରବଳ ତୋଫାନ ; **ବିଂ.** ଧୂଆଁଳିଆ ।
**ଧୂମାଳିଆ ବିଂ.** ଧୂମମୟ, ଧୂମାଳ ପରି ।
**ଧୂମାୟମାନ ବିଂ.** ଯହିଁରୁ ଧୂଆଁ ବାହାରୁଅଛି ।
**ଧୂମାୟିତ ବିଂ.** ଧୂଆଁ ବ୍ୟାପିଥିବା ।
**ଧୂମିତ ବିଂ.** ଧୂମଯୁକ୍ତ, କୁହୁଳୁଥିବା ।
**ଧୂର୍ତ୍ତ ବିଂ.** ମନ୍ଦବୁଦ୍ଧି, ଚତୁର କିନ୍ତୁ ଦୁଷ୍ଟ, ଅତ୍ୟନ୍ତ ଚତୁର, ଶଠ ।
**ଧୂର୍ତ୍ତତା ବି.** ଶଠତା, ଦଗାବାଜି ।
**ଧୂଳା ବି.** ଧୂଳି ।
**ଧୂଳା ଉଡ଼େଇଦେବା କ୍ରି.** ୧. ସଫଳ ହେବା ୨. ଆଶାତୀତ ଲାଭ କରିବା ।
**ଧୂଳି, ଧୂଳୀ ବି.** ୧. ରେଣୁ, ରଜ, ଧୁଇଲ୍ ୨. ପାଉଁଶ ।
**ଧୂଳିଆ ବିଂ.** ଧୂଳିବୋଳା, ଧୂଳିପୂର୍ଣ୍ଣ, ଧୂଳିଭଳି (ଗୁଣ୍ଡ) ; **ବି.** ପଦଚାରୀ ତୀର୍ଥଯାତ୍ରୀ ।
**ଧୂଳିଆ ଗୁଣ୍ଡିଚା ବି.** ଆଷାଢ଼ ମାସରେ ଶୁଖିଲା ପାଗରେ ରଥଯାତ୍ରା ।
**ଧୂଳିଆ ପଣ୍ଡା ବି.** ପଣ୍ଡାମାନଙ୍କର ଟରଣି କରୁଥିବା ଲୋକ, ପଣ୍ଡାଙ୍କୁ ଯାତ୍ରୀ ଯୋଗାଉଥିବା ଲୋକ ।
**ଧୂଳିଆ ପାଗ ବି.** ଚାଷକରି ମାଟିଗୁଣ୍ଡ ହେଲା ପର ଅବସ୍ଥା ।
**ଧୂଳିଆ ଯାତ୍ରୀ ବି.** ପୁରୀ ଶ୍ରୀମନ୍ଦିର ଚାରିପାଖର ପଞ୍ଚକ୍ରୋଶୀ ଯାତ୍ରୀ ।
**ଧୂଳିକଣା ବି.** ଧୂଳିର ଅତି ସୂକ୍ଷ୍ମ ଅଂଶ ।
**ଧୂଳିଘର ବି.** ୧. ପିଲାମାନଙ୍କର ଧୂଳିବାଲିରେ ଘର ତିଆରି ଖେଳ ୨. ଭଙ୍ଗୁର ବା ଅବାସ୍ତବ, ଚିନ୍ତା ବା ବସ୍ତୁ ।
**ଧୂଳିଝଡ଼ ବି.** ଧୂଳିଉଡ଼ା ବାତ୍ୟା, ଖଣ୍ଡିଆଭୂତ ।
**ଧୂଳିଧୂସର ବି.** ଈଷତ୍ ପାଣ୍ଡୁ ବର୍ଣ୍ଣ ।
**ଧୂଳି ଧୂସରିତ ବିଂ.** ଧୂଳିରେ ବୋଳା ।
**ଧୂଳିପଟଳ ବି.** ମେଘପରି ଦିଶୁଥିବା ଉଡନ୍ତା ଧୂଳିରାଶି ।
**ଧୂଳିସାତ୍ ବିଂ.** ବିଧ୍ୱସ୍ତ, ଧୂଳିରେ ମିଶିଯିବା ।
**ଧୂସର ବିଂ.** ଈଷତ ପାଉଁଶିଆ ।
**ଧୂସା ବି.** ବଡ଼ ମୂଷା ।
**ଧୃତି ବି.** ୧. ଧୈର୍ଯ୍ୟ, ଆସ୍ଥା ୨. ତୁଷ୍ଟି , ସନ୍ତୋଷ ।
**ଧୃତିମାନ୍ ବିଂ.** ସୁଖ ଦୁଃଖରେ ଅବିଚଳିତ, ଧୈର୍ଯ୍ୟବାନ ।
**ଧୃଷ୍ଟତା ବି.** ଔଦ୍ଧତ୍ୟ, ଅବାଧ୍ୟତା ।
**ଧେଁସେଁ ଅ. ଧଇଁସଇଁ ।**
**ଧେଜ୍‌ଢଙ୍ଗ ବିଂ.** ସାମର୍ଥ୍ୟ, ନିପୁଣତା ।
**ଧେଡ଼ ବିଂ.** କଙ୍କାଳସାର, ଧଡ଼ିଆ ।
**ଧେଡେଙ୍ଗା ବି.ବିଂ.** ପତଳା(ଲୋକ), ଧେଡ଼ିଆ ।
**ଧେଣ୍ଡୁଅ ବି.** ଧଣ୍ଡସାପ, ବିଷହୀନ ଛୋଟ ସାପ ।
**ଧେଣ୍ଡୁରା ବି.** ଡେଙ୍ଗୁରା, ନାଗରା ।
**ଧେତ୍ ଅ.** ଘୃଣା, ବିରକ୍ତି, ଲାଜ ବା ଅସମ୍ମତି ସୂଚକଧ୍ୱନି ।
**ଧେତ୍‌ତେରିକା[କି] ବି.** ବିରକ୍ତି ଭାବର ଉଚ୍ଚାରଣ ।
**ଧେନୁ ବି.** ଦୁହାଁଳିଆ ଗାଈ ।
**ଧେର୍‌ରେ ଅ.** ଆତିଶଯ୍ୟବୋଧକ ଉଚ୍ଚାରଣ ।
**ଧେୟ ବିଂ.** ୧. ଜାଣିବାଯୋଗ୍ୟ ୨. ଧାର୍ଯ୍ୟ ୩. 'ନାମ' ଶବ୍ଦ ପରେ ବ୍ୟବହୃତ ପ୍ରତ୍ୟୟ ଯଥା ନାମଧେୟ ।

**ଧୈବତ** *ବି.* ସଙ୍ଗୀତରେ ସପ୍ତସ୍ୱର ମଧ୍ୟରେ ଷଷ୍ଠସ୍ୱର – ଧା ।
**ଧୈର୍ଯ୍ୟ** *ବି.* ଧୀରତା, ସହିଷ୍ଣୁତା ।
**ଧୈର୍ଯ୍ୟଚ୍ୟୁତ** *ବିଂ.* ଧୈର୍ଯ୍ୟହରା, ଅସ୍ଥିର ।
**ଧୈର୍ଯ୍ୟବାନ, ଧୈର୍ଯ୍ୟଶାଳୀ** *ବିଂ.* ସହିଷ୍ଣୁ ।
**ଧୋ** *କ୍ରି.* ଧୋଇଦିଅ ; *ବି.* ମୃଦଙ୍ଗ ଆଦି ବାଦ୍ୟର ଓଳଟ ।
**ଧୋଇ** *ବି.* ବନ୍ୟା, ବଢ଼ିପାଣି ।
**ଧୋଇଆ ଅଞ୍ଚଳ** *ବି.* ବଢ଼ି ପାଣିରେ ବୁଡ଼ିରହୁଥିବା ଅଞ୍ଚଳ ।
**ଧୋଇବା** *କ୍ରି.* ପାଣିରେ ସଫା କରିବା ।
**ଧୋଇମରୁଡ଼ି** *ବି.* ବଢ଼ି ଓ ଅନାବୃଷ୍ଟି, ପ୍ରାକୃତିକ ବିପ୍ରାତ ।
**ଧୋଇଯିବା** *କ୍ରି.* ୧. ବଢ଼ିପାଣିରେ ଭାସି ନଷ୍ଟ ହେବା ୨. ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବା ।
**ଧୋକଡ଼ା** *ବି.* ବୟସ୍କ ବ୍ୟକ୍ତି, ବୁଢ଼ା, *ସ୍ତ୍ରୀ.* ଧୋକଡ଼ୀ ।
**ଧୋକଡ଼ି** *ବି.* ମୋଟାସୂତାର ଥଳି ।
**ଧୋକା** *ବି.* ବିଶ୍ୱାସରେ ବିଷ ଦେବା, ପ୍ରତାରଣା ।
**ଧୋକାବାଜ୍** *ବି.* ଶଠ, ପ୍ରବଞ୍ଚକ, କଥା ଦେଇ ଯେ ରଖେ ନାହିଁ ।
**ଧୋକାବାଜି** *ବି.* ପ୍ରତାରଣା, ଶଠତା ।
**ଧୋତଡ଼** *ବିଂ.* ଜୀର୍ଣ୍ଣଶୀର୍ଣ୍ଣ, ଛିଣ୍ଡା, ଧୋକଡ଼ ।
**ଧୋତରା** *ବିଂ.* ଛିଣ୍ଡା, ପୁରୁଣା ।
**ଧୋତି** *ବି.* ପୁରୁଷପିନ୍ଧା ଲମ୍ବା ଅଣ୍ଟାତଳ ଲୁଗା ।
**ଧୋତିଚଦର** *ବି.* ଲୁଗା ଓ ଓଡା, ଧୋତି ଏବଂ ଉତ୍ତରୀୟ ।
**ଧୋଧ୍‌ଲୋ** *ବିଂ.* ପୃଥୁଳ , ମୋଟା।
**ଧୋପଖାଳ** *ବି.* ଶ୍ରୀମନ୍ଦିରରେ ଠାକୁରଙ୍କ ମଣୋହି ପରେ ଚଟାଣ ଧୁଆ ପୋଛା ।
**ଧୋବ** *ବିଂ.* ୧. ଧଳାରଙ୍ଗ ୨. ସଫା ୩. ଧୋବାଘରୁ ସଫା ହୋଇ ଆସିବା (ଲୁଗା) ।
**ଧୋବଣୀ** *ବି.* ଲୁଗା ସଫାକରୁଥିବା ଧୋବା ଜାତୀୟ ସ୍ତ୍ରୀଲୋକ, ଧୋବାର ସ୍ତ୍ରୀ, ରଜକିନୀ ।
**ଧୋବଧାଉଳିଆ** *ବି.* ସଫାସୁତୁରା ଲୁଗାପିନ୍ଧା ଲୋକ, ଶିକ୍ଷିତ ଓ ସମ୍ଭ୍ରାନ୍ତ ଶ୍ରେଣୀ ।
**ଧୋବ ଫରଫର୍** *ବିଂ.* ସଫାଧଳା, ଧୋବ ସରସର ।
**ଧୋବଲା** *ବିଂ.* ଧଳା, ସଫା, ସଫେଦ ।
**ଧୋବା** *ବି.* ମଇଳା ଲୁଗାକୁ ସଫା କରିବା ଲୋକ, ରଜକ ।
**ଧୋବାତୁଠ** *ବି.* ଜଳାଶୟର ଯେଉଁ ସ୍ଥାନରେ କାଠ ଗରିଣ୍ଡା ଉପରେ ଧୋବା ଲୁଗାକାଚେ ।
**ଧୋବାବଡୁ** *ବି.* ଶ୍ରୀମନ୍ଦିରରେ ଲୁଗା ଧୁଆ ସେବକ ।
**ଧୋବି** *ବି.* ଧୋବା, ରଜକ ।
**ଧୌତ** *ବିଂ.* ଧୁଆ ହୋଇଥିବା ।
**ଧୌତି** *ବି.* ପ୍ରକ୍ଷାଳନ ।
**ଧ୍ୱଂସ** *ବି.* ନାଶ ।
**ଧ୍ୱଂସଲୀଳା** *ବି.* ବ୍ୟାପକ କ୍ଷୟକ୍ଷତି ।
**ଧ୍ୱଂସାବଶେଷ** *ବି.* ଧ୍ୱଂସ ପାଇଯିବା ପରେ ରହିଥିବା ଅବଶେଷ ।
**ଧ୍ୱଜ** *ବି.* ୧. ପତାକା ୨. ବାହ୍ୟଚିହ୍ନ ୩. ପୁରୁଷର ଲିଙ୍ଗ ୪. ଶ୍ରେଷ୍ଠ ବ୍ୟକ୍ତି ୫. ଶିଖର ।
**ଧ୍ୱଜଚିହ୍ନ** *ବି.* ଜାତି, ସମ୍ପ୍ରଦାୟ, ରାଜଶକ୍ତି ବା ରାଷ୍ଟ୍ରର ପ୍ରତୀକ ସ୍ୱରୂପ ପତାକାରେ ଥିବା ଚିହ୍ନ ।
**ଧ୍ୱଜଭଙ୍ଗ** *ବି.* ପୁରୁଷତ୍ୱହୀନତା, କ୍ଳୀବତ୍ୱ ରୋଗ, ପୁରୁଷାଙ୍ଗ ଶିଥିଳ ହେବା ।
**ଧ୍ୱଜା** *ବି.* ପତାକା ।
**ଧ୍ୱଜିନୀ** *ବି.* ସେନାବାହିନୀ ।
**ଧ୍ୱନି** *ବି.* ଶବ୍ଦ, ସ୍ୱର, ରାବ ।
**ଧ୍ୱନିବିଜ୍ଞାନ** *ବି.* ଭାଷାର ଶବ୍ଦ ଉଚ୍ଚାରଣ ସମ୍ପର୍କିତ ବିଶ୍ଳେଷଣାତ୍ମକ ଜ୍ଞାନ ।
**ଧ୍ୱସ୍ତ** *ବିଂ.* ଧ୍ୱଂସପ୍ରାପ୍ତ ।
**ଧ୍ୱସ୍ତବିଧ୍ୱସ୍ତ** *ବିଂ.* ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବା ।
**ଧ୍ୱାନ୍ତ** *ବି.* ଅନ୍ଧକାର, ପାପ, ଅନ୍ୟାୟ ।
**ଧ୍ୱାନ୍ତାରି** *ବି.* ସୂର୍ଯ୍ୟ, ଅନ୍ଧକାର ବିନାଶକାରୀ ।
**ଧ୍ୟାନ** *ବି.* ୧. ଗଭୀର ଚିନ୍ତନ, ମନନ ୨. ସ୍ମରଣ ୩. ଦେବଦେବୀଙ୍କର ସ୍ୱରୂପ ଚିନ୍ତନ ।
**ଧ୍ୟାନ ଆକର୍ଷଣ** *ବି.* ଦୃଷ୍ଟି ଆକର୍ଷଣ ।
**ଧ୍ୟାନଭଙ୍ଗ** *ବି.* ଧ୍ୟାନର ଅବସାନ ।
**ଧ୍ୟାନମଗ୍ନ** *ବିଂ.* ଧ୍ୟାନରେ ନିବିଷ୍ଟ (ଚିତ୍ତ) ।
**ଧ୍ୟାନୀ** *ବିଂ.* ଯେ ଧ୍ୟାନ କରେ, ଧ୍ୟାନମଗ୍ନ ।
**ଧ୍ୟେୟ** *ବିଂ.* ଉପଲକ୍ଷ୍ୟ, ଉଦ୍ଦେଶ୍ୟ, ଚିନ୍ତନୀୟ, ସ୍ମରଣୀୟ ।
**ଧ୍ରୁପଦ** *ବି.* ଶାସ୍ତ୍ରୀୟ ସଙ୍ଗୀତର ଗାୟନ ପରମ୍ପରା ବିଶେଷ ।
**ଧ୍ରୁବ** *ବିଂ.* ନିଶ୍ଚିତ, ନିତ୍ୟ, ଅକ୍ଷୟ, ଦୃଢ଼, ସ୍ଥିର ; *ବି.* ୧. ନକ୍ଷତ୍ରବିଶେଷ ୨. ଉତ୍ତର ମେରୁ ୩. ସଙ୍ଗୀତର ଘୋଷା ବା ସ୍ଥାୟୀ ପଦ ୪. ତାଳପତ୍ର ନଥିବା ଥୁଣ୍ଟାଗଛ ।
**ଧ୍ରୁବପଦ** *ବି.* ଯେଉଁ ପଦ ସଙ୍ଗୀତରେ ବାରମ୍ବାର ଗାନ କରାଯାଏ, ସ୍ଥାୟୀ ବା ଘୋଷାପଦ ।
**ଧ୍ରୁବ ପ୍ରତିଜ୍ଞା** *ବି.* ବଜ୍ର ଶପଥ, ଅଟଳ ପ୍ରତିଜ୍ଞା ।
**ଧ୍ରୁବ ବିଶ୍ୱାସ** *ବି.* ଅଟଳ ବିଶ୍ୱାସ ।
**ଧ୍ରୁବ ସତ୍ୟ** *ବି.* ଦୃଢ଼ ସତ୍ୟ, ନିଶ୍ଚିତ ସତ୍ୟ, ନିର୍ବିବାଦୀୟ ସତ୍ୟ ।

# ନ

**ନ ବି.** ୧. ବ୍ୟଞ୍ଜନ ବର୍ଣ୍ଣର ବିଂଶତମ ବର୍ଣ୍ଣ ୨. ନାସ୍ତିସୂଚକ ଶବ୍ଦ ୩. ୯ ସଂଖ୍ୟା ।

**ନଅ ବି.** ୯ ସଂଖ୍ୟା ।

**ନ'ଅଙ୍କ ବି.** ୧୮୬୬ ମସିହାରେ ଦିବ୍ୟସିଂହ ଦେବଙ୍କ ଶାସନର ନ'ଅଙ୍କରେ ପଡ଼ିଥିବା ଭୟଙ୍କର ଦୁର୍ଭିକ୍ଷ ।

**ନଅଙ୍କିଆ ବିଂ.** ଦୁର୍ଭିକ୍ଷପ୍ରପୀଡ଼ିତ, ପେଟ ବିକଳିଆ ।

**ନଅଛଅ ବି.** ୧. ଚୁଗୁଲି, ୨. ମନରୁ ଫାନ୍ଦି ମିଛସତ କହିବା ୩. ଅପବ୍ୟୟ ।

**ନଅଣ୍ଟ,ନିଅଣ୍ଟ ବି.** ଆବଶ୍ୟକତାଠାରୁ କମ୍ ।

**ନଅର ବି.** ରାଜାମହାରାଜାଙ୍କ ବାସଗୃହ, ନବର, ରାଜପ୍ରାସାଦ, ସୌଧ

**ନଇଁବା କ୍ରି.** ନତ ହେବା, ତଳକୁ ନୁଆଇଁବା ।

**ନଇଲେ ଅ.** ନଚେତ୍, ନହେଲେ ।

**ନଈ ବି.** ନଦୀ ।

**ନଈବଢ଼ି ବି.** ନଦୀର ଜଳବୃଦ୍ଧି, ବନ୍ୟା, ବୁଏଡ଼୍ ।

**ନଈଶୁଆ ବି.** ଏକ ପ୍ରକାର ଗାଳି ।

**ନଉକର ବି.** ନୌକର, ଭୃତ୍ୟ, ଚାକର ।

**ନଉକା ବି.** ଜଳପଥରେ ଯାତାୟତ ପାଇଁ ଉପକରଣ, ଡଙ୍ଗା, ନୌକା ।

**ନଉଡ଼ି ବି.** ସାନଲାଠି, ବାଡ଼ି, ଠେଙ୍ଗା, ଲଗୁଡ଼ି, ଲଉଡ଼ି ।

**ନଉଡ଼ିଖେଳ ବି.** ଦୋଳପୂର୍ଣ୍ଣିମାରେ ଗୋପାଳମାନେ ନାଚକରି ଖେଳୁଥିବା ବାଡ଼ିଖେଳ ।

**ନଉତି ବି.** ୧. ବଡ଼ ଆକାରର ହାଣ୍ଡି ୨. ପରିମାଣ ବିଶେଷ, ଗଉଣି ।

**ନଉରୁଣୀ ବି.** ବାରିକ (ଭଣ୍ଡାରି)ଙ୍କ ନଖ କାଟିବା ଅସ୍ତ୍ର, ନହୁରୁଣୀ ।

**ନକନକିଆ ବିଂ.** ନକନକ ହେଉଥିବା, ନହକୁଥିବା, ସରୁଆ ।

**ନକଲ୍ ବି.** ୧. ପ୍ରତିଲିପି, ପ୍ରତିରୂପ, କପି ୨. ଥଟ୍ଟା, ଟାପରା ।

**ନକଲନବିସ୍ ବି.** ପ୍ରତିଲିପିକାରୀ ବ୍ୟକ୍ତି ।

**ନକଲିଆ ବିଂ.** ୧. ଥଟ୍ଟାପ୍ରିୟ, କୌତୁକପ୍ରିୟ ୨. ଅନୁକରଣପ୍ରିୟ ।

**ନକଲି ବିଂ.** ଯାହା ଅସଲି ନୁହେଁ, ଜାଲ ।

**ନକି ବି.** ପାତ୍ରବିଶେଷ, ଲଖି, ଡେଗଚି ।

**ନକିଞ୍ଚନ ବିଂ.** ୧. ସାହା ଭରସା ନଥିବା ୨. ଅକିଞ୍ଚନ ୩. ଦରିଦ୍ର , ନିଃସ୍ୱ ୪. ତୁଚ୍ଛ ୫. ଅସହାୟ ।

**ନକୁଳ ବି.** ୧. ନେଉଳ ୨. ପାଣ୍ଡବ ପାଞ୍ଚଭାଇଙ୍କ ମଧ୍ୟରୁ ଜଣେ।

**ନକ୍ର ବି.** କୁମ୍ଭୀର, ମଗର ।

**ନକ୍ସା ବି.** ରେଖାଚିତ୍ର ।

**ନଖ ବି.** ଆଙ୍ଗୁଳି ଅଗର ପଛପାଖର ଧଳା ଟାଣ ଅଂଶ ।

**ନଖଉଷ୍ଣୁମ ବିଂ.** ଈଷତ୍ ଗରମ ।

**ନଖ ଦର୍ପଣ ବି.** ୧. ଦର୍ପଣ ପରି ସ୍ୱଚ୍ଛ ନଖ ୨. ତନ୍ତ୍ର ସାଧନାଦ୍ୱାରା ପ୍ରସ୍ତୁତ କଳା ଲଗାଇ ପ୍ରଶ୍ନକର୍ତ୍ତାର ସମସ୍ୟା ସମାଧାନ ନିମିତ୍ତ ନଖରେ ପ୍ରତିବିମ୍ବିତ ହେବା ସୂଚନା ୩. ସ୍ୱଷ୍ଟ ସ୍ମୃତି ।

**ନଖପଟା ବି.** ନଖ ରଙ୍ଗୀନ କରିବା ପାଇଁ ବ୍ୟବହୃତ ପଦାର୍ଥ, ନେଲ୍ ପଲିସ୍।

**ନଖ ପଚେ(ଚୋ)ଇବା କ୍ରି.** ହରଗଉରା କିମ୍ବା ମଞ୍ଜୁଆତି ପତ୍ର ରସରେ ନଖକୁ ରଞ୍ଜିତ କରିବା ।

**ନଖ ମାରିବା କ୍ରି.** ଆଙ୍ଗୁଳିର ନଖ ସାହାଯ୍ୟରେ କ୍ଷତ ସୃଷ୍ଟି କରିବା, ନଖଦ୍ୱାରା ଆଘାତ ଦେବା ।

**ନଖର ବି.** ତୀକ୍ଷ୍ଣ ନଖଯୁକ୍ତ ଜନ୍ତୁ ।

**ନଖର, ନଖରୀ ବିଂ.** ଛନ୍‌କୀ, ଚାଇଁ ଛଟକୀ, ପ୍ରଲୋଭିତ କରି ଧରା ଦେଉନଥିବା ।

**ନଖରା ବିଂ.** ତେଲ ଲାଗି ନଥିବା, ନୁଖୁରା; **ବି.** ବିନା କାରଣରେ ଦେଖେଇ ହେବା।

**ନଖରାମି ବି.** ଛଟକି ପଣ, ଛନକି ସ୍ୱଭାବ ।

**ନଖଶିଖ ବି.** ତଳିପାରୁ ତାଳୁଯାଏ, ସାମଗ୍ରିକ ନିରୀକ୍ଷଣ ।

**ନଖସନ୍ଧି ବି.** ଅଙ୍ଗୁଳିର ଟିପ ଓ ନଖ ମଧ୍ୟରେ ଥିବା ଫାଙ୍କ ।

**ନଖୀ ବି.** ବାଘ, ଭାଲୁ, ବିରାଡ଼ି ପ୍ରଭୃତି ନଖଯୁକ୍ତ ହିଂସ୍ରପ୍ରାଣୀ ।

**ନଖେଇବା କ୍ରି.** ନଖଦ୍ୱାରା କ୍ଷତ କରିବା ।

**ନଗ ବିଂ. କ୍ରିବିଂ.** ୧. ପାହାଡ଼ ପର୍ବତ ୨. ବୃକ୍ଷ ୩. ସ୍ଥାବର ପଦାର୍ଥ ।

**ନଗଣ୍ୟ ବିଂ.** ୧. ସଂଖ୍ୟାରେ ଅତି ଅଳ୍ପ, ଗଣାର ଅଯୋଗ୍ୟ ୨. ତୁଚ୍ଛ ୩. ଉପେକ୍ଷଣୀୟ ।

**ନଗଦ ବି.** ସାଙ୍ଗେ ସାଙ୍ଗେ, ସଦ୍ୟ, ତଟକା ଅବି(ଭି), ଅବିକା, ସଜ ।

**ନଗଦ ଟଙ୍କା ବି.** ରୋକଡ଼, ମହଜୁଦ ଟଙ୍କା ।

**ନଗଦାନଗଦି ବି.** ସଙ୍ଗେ ସଙ୍ଗେ ଦିଆଯାଉଥିବା ମୂଲ୍ୟ ।

**ନଗର ବି.** ବଡ଼ ସହର ।

**ନଗରକୀର୍ତ୍ତନ ବି.** ଖୋଳ କରତାଳ ସହ ଗାଁ ବା ସହର ବୁଲି ଈଶ୍ୱର ବା ମହାପୁରୁଷଙ୍କ ନାମକୀର୍ତ୍ତନ।

**ନଗରପାଳ ବି.** ପୌରପାଳ, ମ୍ୟୁନିସିପାଲିଟି ଚେୟାରମ୍ୟାନ, କର୍ପୋରେସନ୍‌ର ମେୟର ।

**ନଗରରକ୍ଷୀ ବି.** ନଗରର ସୁରକ୍ଷାକର୍ମୀ, କଟୁଆଳ ।

**ନଗରୀ** ***ବି.*** ବହୁଲୋକ ବାସକରୁଥିବା ବଡ଼ ସହର ।

**ନଗି** ***ବି.*** ଆଙ୍କୁଡ଼ି ଥିବା ଲମ୍ବା ସରୁବାଉଁଶ, ଲଗି ।

**ନଗ୍ନ** ***ବିଂ.*** ୧. ଲଙ୍ଗଳା, ବିବସନ, ଆବରଣହୀନ, ଖୋଲା ୨. ଲଜ୍ଜାହୀନ ।

**ନଗ୍ନତା** ***ବି.*** ଲଙ୍ଗଳାଅବସ୍ଥା, ବସ୍ତ୍ରହୀନତା ।

**ନଗ୍ନିକା** ***ବିଂ.*** ଲଙ୍ଗଳା, ଲୁଗାପଟା ପିନ୍ଧିନଥିବା; ***ବି.*** ଅପ୍ରାପ୍ତବୟସ୍କା କନ୍ୟା, ଲୁଗାପିନ୍ଧିବାର ଆବଶ୍ୟକତା ନ ଥିବା ଝିଅ ପିଲା ।

**ନଙ୍ଗପଙ୍ଗ** ***କ୍ରି. ବିଂ.*** ଲସର ପସର ।

**ନଙ୍ଗର** ***ବି.*** ନୌକା, ଜାହଜ ପ୍ରଭୃତି ନଦୀ, ସମୁଦ୍ର ଆଦିରେ ସ୍ଥିର ରହିବା ପାଇଁ ବ୍ୟବହୃତ ଶକ୍ତ ଶିକୁଳି ଓ ଓଜନିଆ ବସ୍ତୁ ।

**ନଙ୍ଘା** ***ବି.*** ୧. ବଳୁଆ, ଶକ୍ତିଶାଳୀ ଲୋକ, ଛଇଛାଡ ମରଦ ୨. ମଉଡ଼ମରା ବା ଖଞ୍ଜା, ଘରର ଦୁଆର ପାଖ ଛପରର ସଂଯୋଗ ସ୍ଥଳ ୩. ଲୋଧା ।

**ନଚକା** ***ବିଂ.*** ନହକା, ଦୁର୍ବଳିଆ ।

**ନଚନଚିଆ** ***ବିଂ.*** ନହକୁ ଥିବା, ନକନକ ହେଉଥିବା ।

**ନଚେତ୍** ***ଅ.*** ଯଦି ତାହା ନ ହୁଏ, ନୋହିଲେ, ଅଥବା ।

**ନଛା** ***ବି.*** ରାବିଡ଼ି ତିଆରି ହେବାବେଳେ ପାତ୍ର ଭିତର ଚାରିପଟେ ଲାଗିଥିବା ସର ; ***ବିଂ.*** ସଜାଇ ରଖା ହୋଇଥିବା ।

**ନଛୋଡବନ୍ଧା** ***ବିଂ.*** ନିଜକଥାରେ ଅଟଳ, ଜିଦ୍‌ଖୋର ।

**ନଜର** ***ବି.*** ୧. ଦୃଷ୍ଟି, ଲକ୍ଷ୍ୟ ୨. ମନୋଯୋଗ ୩. ଆଖିପକା ।

**ନଜରଅନ୍ଦାଜ** ***ବି.*** ଦୃଷ୍ଟି ଆଢୁଆଳ, ଉପେକ୍ଷା ।

**ନଜରବନ୍ଦୀ** ***ବି.*** ଦୃଷ୍ଟି ବାହାରକୁ ଯିବା ପାଇଁ ବାରଣ କରାଯାଇଥିବା ଅଭିଯୁକ୍ତ ବ୍ୟକ୍ତି ।

**ନଜରନଳି** ***ବି.*** ଦୂରବୀକ୍ଷଣ ଯନ୍ତ୍ର, ଟେଲିସ୍‌କୋପ ।

**ନଜରାନା** ***ବି.*** ରାଜା, ଜମିଦାରଙ୍କୁ, ପ୍ରଦତ୍ତ ଭେଟି, ସଲାମି ।

**ନଜିକ୍** ***ବି.*** ନଜ୍‌ଦିକ୍, ନିକଟ, ପାଖ ।

**ନଜିର** ***ବି.*** ଦୃଷ୍ଟାନ୍ତ, ପ୍ରମାଣ, ଉଦାହରଣ ।

**ନଞାର୍ଥକ** ***ବିଂ.*** ନାସ୍ତିବାଚକ ।

**ନଟ** ***ବି.*** ୧. ସୂତ୍ରଧର ୨. ନାଟୁଆ ୩. ଅଭିନେତା (*ସ୍ତ୍ରୀ.* ନଟୀ) ।

**ନଟକାର** ***ବି.*** କୁହୁକବାଲା, ଐନ୍ଦ୍ରଜାଲିକ, ଯାଦୁଖେଳ ଦେଖାଉଥିବା ବ୍ୟକ୍ତି ।

**ନଟକୁଟିଆ** ***ବିଂ.*** ଝିନ୍‌ଝଟିଆ, ଦୁନ୍ଦରିଆ ।

**ନଟକୂଟ** ***ବି.*** ଦୁନ୍ଦର, ଛଳନାପୂର୍ଣ୍ଣ ଆଚରଣ ।

**ନଟଖଟିଆ** ***ବିଂ.*** ଚଗଲା, ଦୁଷ୍ଟ ।

**ନଟଘଟ** ***ବି.*** ବିରକ୍ତିକର କାର୍ଯ୍ୟ, ପିଲାଳିଆମି, ଦୁଷ୍ଟାମି ।

**ନଟପଟ** ***ବିଂ.*** ଅନୈତିକ କାର୍ଯ୍ୟରେ ଲିପ୍ତ ।

**ନଟବର** ***ବି.*** ୧. ଶ୍ରୀକୃଷ୍ଣ ୨. ନୃତ୍ୟରେ ପାରଦର୍ଶୀ ।

**ନଟା** ***ବି.*** ୧. ଲତା, ଲଟା ୨. ଅନ୍ୟର ଆଶ୍ରିତ ବ୍ୟକ୍ତି ।

**ନଟି, ନଟୀ** ***ବି.*** ୧. ଛଇ ଛଟକ ଦେଖାଉଥିବା ନାରୀ ୨. ଅଭିନେତ୍ରୀ ୩. ନର୍ତ୍ତକୀ ୪. ଗହଳିଆ ଗୁଳ୍ମରେ ପୂର୍ଣ୍ଣ ।

**ନଟୁ** ***ବି.*** ଲଟୁ, କାଠତିଆରି ଖେଳସାମଗ୍ରୀ ଯାହାକୁ ସୂତା ଗୁଡ଼ାଇ ଫିଙ୍ଗିଲେ ଘୂରିଥାଏ ।

**ନଟେଇ** ***ବି.*** ୧. ସୂତା ଗୁଡାଇବା ନିମିତ୍ତ ବ୍ୟବହାର କରାଯାଉଥିବା ଯନ୍ତ୍ର ୨. ଗୁଡ଼ି ଉଡାଇବାରେ ବ୍ୟବହୃତ ହେଉଥିବା ସୂତାକୁ ଗୁଡ଼ାଇ ରଖାଯାଉଥିବା କାଠତିଆରି ବସ୍ତୁ ।

**ନଟେଇବା** ***କ୍ରି.*** ୧. ଗୁଡେଇ ହୋଇଯିବା ବା ବେଢ଼ିଯିବା ୨. ଧନ ସମ୍ପତ୍ତି ବଢ଼ିବା ।

**ନଡ଼କା** ***ବିଂ.*** ଲହକା, ହଲହଲ ହେଉଥିବା ।

**ନଡ଼ନଡ଼** ***ବିଂ.*** ନହନହ, ଲହକୁଥିବା ।

**ନଡ଼ା** ***ବି.*** ଛଣ, ଧାନ ନ ଥିବା ଶୁଖିଲା କଚଡ଼ା ।

**ନଡ଼ିଆ** ***ବି.*** ନାରିକେଳ, ଶ୍ରୀଫଳ ।

**ନଡ଼ିଆକତା** ***ବି.*** ନଡ଼ିଆ ଫଳର ଉପରେ ଥିବା ତନ୍ତୁମୟ ଚୋପା ।

**ନଡ଼ିଆ କୋରା** ***ବି.*** ୧. ନଡ଼ିଆ ଫଳରୁ କୋରାଯାଇଥିବା ଶସ ୨. କୋରା ନଡ଼ିଆରେ ପ୍ରସ୍ତୁତ ମିଠା ।

**ନଡ଼ିଆ ଖୋଳପା** ***ବି.*** ସଢ଼େଇ, ନଡ଼ିଆ ଫଳର ଉପର ଭାଗରେ ଥିବା ଶକ୍ତଅଂଶ ।

**ନଣନ୍ଦ** ***ବି.*** ସ୍ୱାମୀର ଭଉଣୀ ।

**ନଣନ୍ଦପୁଟୁଳି** ***ବି.*** ନଣନ୍ଦ ପେଡ଼ି, ବୋହୂ ପ୍ରଥମଥର ଶାଶୁଘରକୁ ଆସିବା ବେଳେ ନଣନ୍ଦ ପାଇଁ ଆଣୁଥିବା ଉପହାର ପୁଡ଼ା ।

**ନଣନ୍ଦେଇ** ***ବି.*** ନଣନ୍ଦର ସ୍ୱାମୀ ।

**ନଣ୍ଡା** ***ବି.*** କ୍ଷୁରଦ୍ୱାରା ମୁଣ୍ଡବାଳ ସମ୍ପୂର୍ଣ୍ଣ ଖିଅର ହୋଇଥିବା ଅବସ୍ଥା, ମୁଣ୍ଡନ ।

**ନତ** ***ବିଂ.*** ନଇଁଥିବା ।

**ନତଜାନୁ** ***ବିଂ.*** ଆଣ୍ଠୁମାଡ଼ି ବସିଥିବା, ବିନୀତ ।

**ନତମସ୍ତକ** ***ବିଂ.*** ମୁଣ୍ଡ ତଳକୁ କରି ରହିଥିବା, ତଳମୁହାଁ ।

**ନତି** ***ବି.*** ୧. ନମସ୍କାର, ପ୍ରଣତି ୨. ବିନୟଭାବ ।

**ନତୁବା** ***ଅ.*** ନ ହେଲେ, ନଚେତ୍, ଅନ୍ୟ ପକ୍ଷରେ , ନୋହିଲେ ।

**ନଥ** ***ବି.*** ନାକର ଗହଣାବିଶେଷ, ନୋଥ ।

**ନଥା** ***ବି.*** ୧. କଥାର ଖିଅ ୨. ଶବ୍ଦର ଅଳଙ୍କରଣ ।

**ନଥି** ***ବି.*** ଏକତ୍ର ଗୁଚ୍ଛା ହୋଇଥିବା କାଗଜପତ୍ର ତାଡ଼ା, ଫାଇଲ ।

**ନଦ** *ବି.* ପଶ୍ଚିମବାହିନୀ ନଦୀ ( ନର୍ମଦା ବ୍ୟତୀତ), ପୁଂଲିଙ୍ଗବାଚକ ନଦୀ (ଯଥା ବ୍ରହ୍ମପୁତ୍ର, ସିନ୍ଧୁ), ବଡ଼ ନଈ ।

**ନଦୀ** *ବି.* ନଈ, ପର୍ବତରୁ ବାହାରି (ପୂର୍ବଦିଗରୁ) ସମୁଦ୍ରରେ ପଡ଼ିଥିବା ଜଳଧାର ।

**ନଦୀ ମାତୃକା** *ବିଂ.* ଯେଉଁ ଦେଶରେ ନଦୀଜଳଦ୍ୱାରା କୃଷିକର୍ମ ସମ୍ପାଦିତ ହୁଏ ।

**ନଧର** *ବିଂ.* ୧. ସଜ ୨. ନୂଆ ୩. କୋମଳ ୪. ତରୁଣ।

**ନନ୍‌ପ୍ଲାନ** *ବିଂ.* ଅଣଯୋଜନା ।

**ନନ୍‌ଷ୍ଟପ୍** *ବିଂ.* ୧. ଅଟକୁ ନଥିବା ୨. ନିରବଚ୍ଛିନ୍ନ ।

**ନନ୍‌ସେନ୍‌ସ** *ବିଂ.* କାଣ୍ଡଜ୍ଞାନଶୂନ୍ୟ, ବୁଦ୍ଧିବିଚାରହୀନ; *ବି.* ନିରର୍ଥକ କଥା ବା ବିଷୟ ।

**ନନଦ୍, ନନ୍‌ଦ, ନନ୍ଦ** *ବି.* ସ୍ୱାମୀର ଭଉଣୀ, ନଣନ୍ଦ ।

**ନନା** *ବି.* ୧. ବାପା ୨. ବଡ଼ଭାଇ ୩. ପୁରୋହିତ, ପୂଜାକାରୀ ୪. ରାନ୍ଧୁଣିଆ ୫. ପିଉସୀନାନୀ ।

**ନନି, ନୁନୀ** *ବିଂ.* ୧. ବାଳିକା ପ୍ରତି ଶ୍ରଦ୍ଧାଶୀଳ ସମ୍ବୋଧନ ୨. ଝିଅ ।

**ନନ୍ଦନ** *ବି.* ୧. ପୁଅ ୨. ଆନନ୍ଦଦାତା; *ସ୍ତ୍ରୀ.* ନନ୍ଦିନୀ ।

**ନନ୍ଦନନ୍ଦନ** *ବି.* ଶ୍ରୀକୃଷ୍ଣ, ନନ୍ଦରାଜାଙ୍କ ପୁତ୍ର ।

**ନନ୍ଦସୁତା** *ବି.* ବିବାହ ବେଳେ ବାହୁ ବନ୍ଧନ ଓ ହାତ ଗଣ୍ଠି ପଡ଼ିବା ପୂର୍ବରୁ ବ୍ରାହ୍ମଣମାନଙ୍କଦ୍ୱାରା ଅଭିମନ୍ତ୍ରିତ ସାତ ଫେର ସୂତା ।

**ନନ୍ଦାତିଥି** *ବି.* ପ୍ରତିପଦ, ଷଷ୍ଠୀ, ଏକାଦଶୀ ତିଥି ।

**ନନ୍ଦି** *ବି.* କୂଅ ମୁହଁର ଚଉତରା।

**ନନ୍ଦିଆ** *ବି.* ପୋଡ଼ା ମାଟିରେ ନିର୍ମିତ ଚଉଡ଼ାମୁହାଁ ବଡ଼ ଜଳପାତ୍ର ।

**ନନ୍ଦିଘୋଷ** *ବି.* ଜଗନ୍ନାଥଙ୍କ ରଥର ନାମ ।

**ନନ୍ଦିନୀ** *ବି.* କନ୍ୟା, ଝିଅ ।

**ନନ୍ଦୋତ୍ସବ** *ବି.* ଜନ୍ମାଷ୍ଟମୀ (ଶ୍ରୀକୃଷ୍ଣଙ୍କ ଜନ୍ମ) ପର ଦିନର ଉତ୍ସବ ।

**ନନ୍ଧା** *ବି.* ୧. ଲୋଧା ୨. ଶଗଡ଼ ଝୁରାକୁ ଯୁଆଳି ସହିତ ବାନ୍ଧିବା ।

**ନନ୍ଧାଯୋତ** *ବି.* ଶଗଡ଼ ଝୁରାକୁ ଯୁଆଳି କାଠରେ ବାନ୍ଧିବା ପାଇଁ ବ୍ୟବହାର କରାଯାଉଥିବା ଦଉଡ଼ି ।

**ନପୁଂସକ** *ବି.* ୧. ସଙ୍ଗମ ପାଇଁ ଅସମର୍ଥ ବ୍ୟକ୍ତି, ଅଣପୁରୁଷା ୨. ପୋଟା, ପୁରୁଷ ନୁହେଁ କି ନାରୀ ନୁହେ ।

**ନଫର** *ବି.* ଚାକର, ଭୃତ୍ୟ, ସେବାକାରୀ ।

**ନଫା** *ବି.* ଫାଉ, ଲାଭ, ପୁଷ୍ଟି ।

**ନବ** *ବିଂ.* ୧. ନୂଆ, ନୂତନ ୨. ପ୍ରଥମ ୩. ନଅସଂଖ୍ୟା, ୯ ।

**ନବଖଣ୍ଡ** *ବି.* ୧. ନ ଭାଗ ୨. ପୃଥିବୀକୁ ନଅ ଭାଗରେ ବିଭକ୍ତ କରାଯାଇଥିବା ଅଂଶ ଯଥା- ୧. ଭାରତଖଣ୍ଡ ୨. ଇଳାବୃତ୍ତ ୩. ପୁରୁଷ ୪. ଭଦ୍ର ୫. କେତୁମାଲ ୬. ହରି ୭. ହିରଣ୍ୟ ୮. ରମ୍ୟକ ୯. କୁଶ ।

**ନବଗୁଞ୍ଜର** *ବି.* ନଅଗୋଟି ପଶୁଙ୍କର ଭିନ୍ନଅଙ୍ଗ ବିଶିଷ୍ଟ କାଳ୍ପନିକ ବିଷ୍ଣୁରୂପ - କୁକୁଡ଼ା ଚୂଳ, ମୟୂର କଣ୍ଠ, ବୃଷଭ କୁଜ, ସିଂହ କଟୀ, ହାତୀ, ଘୋଡ଼ା ଓ ବାଘର ପାଦ; ସାପ ଲାଞ୍ଜ, ପଦ୍ମ ଫୁଲ ଧରିଥିବା ମଣିଷର ହାତ ଥିବା ଏକ କାଳ୍ପନିକ ବିଚିତ୍ର ରୂପ - ପଶୁ ପକ୍ଷୀ ସରୀସୃପର ସମନ୍ୱିତ ରୂପ।

**ନବଗ୍ରହ** *ବି.* ସୂର୍ଯ୍ୟ, ଚନ୍ଦ୍ର, ମଙ୍ଗଳ, ବୁଧ, ବୃହସ୍ପତି, ଶୁକ୍ର, ଶନି, ରାହୁ, କେତୁ - ନଅଗୋଟି ଗ୍ରହ ।

**ନବଘନ** *ବି.* ନୂଆ ମେଘ ।

**ନବଜ** *ବି.* ଫାର୍ଶ, କୌତୁକ ।

**ନବଜାତ** *ବିଂ.* କଅଁଳା, ସଦ୍ୟଜନ୍ମ ହୋଇଥିବା ।

**ନବଜିଆ** *ବିଂ.* କୌତୁକିଆ, ଚଗଲିଆ ।

**ନବଜୀବନ** *ବି.* ନୂତନ ଉଦ୍ଦୀପନା ।

**ନବଜୀବନ ପାଇବା** *କ୍ରି.* ରୋଗୀ ମୁମୂର୍ଷୁ ଅବସ୍ଥାରୁ ପୁଣି ସ୍ୱାସ୍ଥ୍ୟ ଫେରି ପାଇବା ।

**ନବଦମ୍ପତି** *ବି.* ନବ ବିବାହିତ ବରକନ୍ୟା ।

**ନବଦୁର୍ଗା** *ବି.* ଦୁର୍ଗାଙ୍କର ନବପ୍ରକାର ରୂପ (ପାର୍ବତୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କୁଷ୍ମାଣ୍ଡା, ସ୍କନ୍ଦମାତା, ସିଦ୍ଧିଦା, କାତ୍ୟାୟନୀ, କାଳରାତ୍ରି ଓ ମହାଗୌରୀ ।

**ନବଦ୍ୱାର** *ବି.* ଶରୀରର ନଅଗୋଟି ରନ୍ଧ୍ର ବା ଦ୍ୱାର- କାନ, ଆଖି, ନାକ, ମୁଖ ମୂତ୍ରଦ୍ୱାର ଓ ମଳଦ୍ୱାର ।

**ନବଧା** *ବି. ବିଂ.* ନଅ ପ୍ରକାର, ନଅଭାଗ ।

**ନବଧାଭକ୍ତି** *ବି.* ଭକ୍ତିର ନ'ଟି ରୂପ-ଶ୍ରବଣ, କୀର୍ତ୍ତନ, ସ୍ମରଣ, ପଦସେବନ, ଅର୍ଚ୍ଚନା, ବନ୍ଦନା, ସଖ୍ୟ, ଦାସ୍ୟ ଓ ଆତ୍ମ ନିବେଦନ ।

**ନବନାଡ଼ି** *ବି.* ଶ୍ରୁତି, ସ୍ମୃତି, ଧୃତି, ଶାନ୍ତି, ସୁଷୁମ୍ନା, ତରଳ, ତାରଳ, ଇଅଁଳା ଏବଂ ପିଅଁଳା ନାଡ଼ି ।

**ନବନିଧି** *ବି.* କୁବେରର ଧନ- ମୁକ୍ତା, ମାଣିକ୍ୟ, ବୈଦୂର୍ଯ୍ୟ, ଗୋମେଦ, ହୀରକ, ପ୍ରବାଳ, ପଦ୍ମରାଗ, ମରକତ ଓ ଇନ୍ଦ୍ରନୀଳ ।

**ନବନୀତ** *ବି.* ଲହୁଣୀ ।

**ନବପତ୍ରିକା** *ବି.* ଦୁର୍ଗାପୂଜାର ନବମୀରେ ବ୍ୟବହୃତ ନଅ ପ୍ରକାରର ପତ୍ର - ୧. କଦଳୀ ୨. ଡାଳିମ୍ବ ୩. ହଳଦୀ ୪. ସାରୁ ୫. ବେଲ ୬. ଅଶୋକ ୭. ଜୟନ୍ତୀ ୮. ଧାନ ୯. ମାଣସାରୁ ।

**ନବପଲ୍ଲବ** *ବି.* ନୂଆ କଅଁଳିଆ ପତ୍ର ।

**ନବବଧୂ** *ବି.* ନୂଆବୋହୂ, ଭୁଆସୁଣୀ ।

**ନବବର୍ଷ** *ବି.* ନୂଆବର୍ଷ ।

**ନବବିଷ** *ବି.* ନ' ପ୍ରକାର ବିଷ - ବତ୍ସନାଭ, ହାରିଦ୍ରିକ, ସକ୍ତୁକ, ପ୍ରଦୀପନ, ସୌରାଷ୍ଟ୍ରିକ, ଶୃଙ୍ଗକ, କାଳକୂଟ, ହଳାହଳ ଓ ବ୍ରହ୍ମପୁତ୍ର ।

**ନବମ** *ବିଂ.* ୧. ନଅସଂଖ୍ୟକ ୨. ମୃତାହର ନବମ (ଦିନ) ।

**ନବମଲ୍ଲିକା** *ବି.* ନିଆଳୀ ଫୁଲ, ସାତପାଖୁଡ଼ା ବିଶିଷ୍ଟ ମାଳତୀ ଫୁଲ ।

**ନବମୀ** *ବି.* ତିଥି ବିଶେଷ ।

**ନବଯୁବକ** *ବି.* ଭେଣ୍ଡା, ଟୋକା ।

**ନବଯୌବନ** *ବି.* ପ୍ରଥମ ଯୌବନ ।

**ନବଯୌବନ ବେଶ** *ବି.* ଗୁଣ୍ଡିଚା ଯାତ୍ରା ପୂର୍ବରୁ ଶ୍ରୀମନ୍ଦିରରେ ଜଗନ୍ନାଥଙ୍କ ସ୍ୱତନ୍ତ୍ର ବେଶ ପରିପାଟୀ, ଏହାକୁ ନେତ୍ରୋତ୍ସବ ମଧ୍ୟ କୁହାଯାଏ ।

**ନବଯୌବନା** *ବିଂ.* ନୂତନ ଯୌବନପ୍ରାପ୍ତା (ନାରୀ) ।

**ନବର୍‌ନଟି** *ବି.* ଛଇଳି, ନାଗରୀ, ଗଣିକା ।

**ନବର** *ବି.* ନଗର, ନଅର, ରାଜବାଟୀ ।

**ନବରଙ୍ଗ** *ବି.* ୧. ନଅଟି ରଙ୍ଗ ୨. କୌତୁକ ୩. ନଅଜଣ କଳାକାରଙ୍କ ସହଯୋଗରେ ଅଭିନୀତ ଲୋକନାଟ୍ୟ ।

**ନବରତ୍ନ** *ବି.* ୧. ଗୋମେଦ, ବିଦ୍ରୁମ, ପୁଷ୍ପରାଗ, ମରକତ, ମୁକ୍ତା, ମାଣିକ୍ୟ, ହୀରା, ବୈଦୁର୍ଯ୍ୟ, ନୀଳକାନ୍ତ-ଏହି ନଅ ରତ୍ନ ୨. ବିଶେଷ ଧରଣର ପରିବା ତରକାରି ୩. ରାଜା ବିକ୍ରମାଦିତ୍ୟଙ୍କ ରାଜ ସଭାର ନଅ ପଣ୍ଡିତ - କାଳିଦାସ, ବରରୁଚି, ବରାହମିହିର, ଅମରସିଂହ, ଧନ୍ୱନ୍ତରୀ, କ୍ଷପଣକ, ଶଙ୍କୁ, ବେତାଳଭଟ୍ଟ ଏବଂ ଘଟକର୍ପର ।

**ନବରସ** *ବି.* ଅଳଙ୍କାର ଶାସ୍ତ୍ରୋକ୍ତ ନଅଟି ରସ - ଶୃଙ୍ଗାର, ହାସ୍ୟ, କରୁଣ, ବୀର, ବୀଭତ୍ସ, ରୌଦ୍ର, ଭୟାନକ, ଅଦ୍ଭୁତ ଓ ଶାନ୍ତ ।

**ନବରାତ୍ର** *ବି.* ଆଶ୍ୱିନ ବା ଚୈତ୍ର ଶୁକ୍ଳ ପ୍ରତିପଦାଠାରୁ ନବମୀ ପର୍ଯ୍ୟନ୍ତ କରାଯିବା ପୂଜାବ୍ରତ ।

**ନବଲକ୍ଷଣ** *ବି.* କୁଳୀନର ନଅଗୋଟି ଚିହ୍ନ -ଆଚାର, ବିନୟ, ବିଦ୍ୟା, ପ୍ରତିଷ୍ଠା, ତୀର୍ଥଦର୍ଶନ, ନିଷ୍ଠା, ବୃତ୍ତି, ତପ ଓ ଦାନ ।

**ନବସିନ୍ଧା** *ବି.* ଦଲିଲ୍ ଲେଖକ ।

**ନବାଗତ** *ବିଂ.* ନୂଆକରି ଆସିଥିବା ବା ଉପସ୍ଥିତ ହୋଇଥିବା ।

**ନବାତ** *ବି.* ଆଖୁରୁ ତିଆରି ମିଠା ଖଣ୍ଡ ବିଶେଷ, ଖଣ୍ଡ, କନ୍ଦ ।

**ନବାନ୍ନ** *ବି.* ୧. ନୂଆଖାଇ ଉତ୍ସବ ୨. ବର୍ଷର ନୂଆଧାନରୁ ତିଆରି ଅନ୍ନ ।

**ନବାବ୍** *ବି.* ମୁସଲମାନ ଶାସକ ; *ବିଂ.* ୧. ସ୍ୱେଚ୍ଛାଚାରୀ ୨. ଅମାନିଆ ୩. ଟାଣପଣଥିବା ୪. ସ୍ୱଚ୍ଛଳ ।

**ନବାବସି** *ବି.* ବିଳାସପ୍ରିୟତା ।

**ନବାବୀ** *ବିଂ.* ନବାବସୁଲଭ, ନବାବ ସମ୍ବନ୍ଧୀୟ, ବଡ଼ଲୋକୀ ।

**ନବୀକରଣ** *ବି.* ୧. ନୂଆ କରି ତିଆରିବା ୨. ସଂସ୍କାର କରିବା ୩. ପୂର୍ବରୁ ଥିବା ସଦସ୍ୟତା, ଅନୁମତି, ମଞ୍ଜୁରି ଆଦି ନିୟମାନୁସାରେ ପୁଣି ବୈଧ କରାଇବା ।

**ନବୀନ** *ବିଂ.* ୧. ନୂଆ ୨. ଆଧୁନିକ ୩. ନବଯୁବା (*ସ୍ତ୍ରୀ*) ନବୀନା ।

**ନବୀନା** *ବିଂ.* ନବଯୌବନା, ଆଧୁନିକା, ତରୁଣୀ ।

**ନବୀଭୂତ** *ବିଂ.* ନୂଆ କରାଯାଇଥିବା, ପୁନର୍ଗଠିତ ।

**ନବୋଢ଼ା** *ବିଂ.* ନୂଆ ବାହା ହୋଇଥିବା, ଭୁଆସୁଣୀ, ଲଜ୍ଜାଶୀଳା ।

**ନବ୍ୟ** *ବିଂ.* ଆଧୁନିକ, ନୂତନ, ତରୁଣ ।

**ନବ୍ୟଶିକ୍ଷିତ** *ବିଂ.* ଆଧୁନିକ ଶିକ୍ଷାପ୍ରାପ୍ତ ।

**ନଭ** *ବି.* ୧. ଆକାଶ, ଅନ୍ତରୀକ୍ଷ ୨. ମେଘ ୩. ବର୍ଷାଋତୁ ୪. ଶ୍ରାବଣ ମାସ ୫. ଶୂନ୍ୟସ୍ଥଳ ।

**ନଭଶ୍ଚର** *ବିଂ.* ୧. ଆକାଶଚାରୀ, ଶୂନ୍ୟଗାମୀ ; *ବି.* ୧. ପକ୍ଷୀ ୨. ଦେବତା ୩. ଗନ୍ଧର୍ବ ୪. ଜ୍ୟୋତିଷ୍କମଣ୍ଡଳୀ ।

**ନଭସ୍ଥଳ** *ବି.* ଆକାଶ ।

**ନଭେଲ୍** *ବି.* ଉପନ୍ୟାସ ।

**ନଭେଲ୍‌ଟି** *ବି.* ନୂତନତ୍ୱ ।

**ନଭୋମଣ୍ଡଳ** *ବି.* ଆକାଶ ଦେଶ, ଗଗନମଣ୍ଡଳ ।

**ନମଃ** *ବି.* ନମସ୍କାର ।

**ନମ** *ବି.* ନମସ୍କାର, ଅନ୍ୟ ପ୍ରତି ସମ୍ମାନ ପ୍ରଦର୍ଶନ ।

**ନମନ** *ବି.* ୧. ନଇଁବା ୨. ପ୍ରଣାମ ।

**ନମନୀୟ** *ବିଂ.* ୧. ଯାହାକୁ ନୁଆଇଁ ହୁଏ ୨. ପୂଜନୀୟ ।

**ନମନୀୟତା** *ବି.* ନମନୀୟ ହେବାର ପ୍ରବୃତ୍ତି ।

**ନମକ୍ରିୟା** *ବି.* ନମସ୍କାର, ପ୍ରଣାମ ।

**ନମସ୍ତେ** *ଅ.* ନମସ୍କାର, ଅଭିବାଦନର, ପ୍ରକ୍ରିୟାସୂଚକ ଶବ୍ଦ ।

**ନମସ୍ୟ** *ବିଂ.* ପୂଜନୀୟ, ପରମଶ୍ରଦ୍ଧେୟ, ବନ୍ଦନୀୟ, ନମସ୍କାର ଯୋଗ୍ୟ ।

**ନମସ୍ୟା** *ବିଂ.* ପୂଜ୍ୟା, ବନ୍ଦନୀୟା ।

**ନମାଜ** *ବି.* ମୁସଲମାନଙ୍କର ଈଶ୍ୱର ଉପାସନା ।

**ନମିତ** *ବିଂ.* ନଇଁ ପଡ଼ିଥିବା, ଅବନତ, (*ସ୍ତ୍ରୀ.*) ନମିତା ।

**ନମିବା** *କ୍ରି.* ୧. ପ୍ରଣାମ କରିବା ୨. ନଇଁବା ।

**ନମୁନା** *ବି.* ୧. କୌଣସି ପଦାର୍ଥର ପ୍ରତିରୂପ ୨. ଆଦର୍ଶ, ନିଦର୍ଶନ, ପରିଚାୟକ, ଦୃଷ୍ଟାନ୍ତ ।

**ନମେରୁ** *ବି.* ରୁଦ୍ରାକ୍ଷ ।

**ନମୋନମଃ** *ଅ.* ବାରମ୍ବାର ନମସ୍କାର ।

**ନମ୍ବର** *ବି.* ୧. କ୍ରମିକ ସଂଖ୍ୟା ୨. ମୂଲ୍ୟସୂଚକ ସଂଖ୍ୟା ।

**ନମ୍ବରୀ** *ବିଂ.* ନମ୍ବରଦିଆ, ନାମଜାଦା ।

**ନମ୍ବରୀନୋଟ୍** *ବି.* ଅଧିକ ମୂଲ୍ୟର କାଗଜ ମୁଦ୍ରା ବା ନୋଟ୍ ।

**ନମ୍ର** *ବିଂ.* ୧. ବିନୀତ, ଅବନତ, ବିନୟୀ, ପ୍ରଣତ ୨. କୋମଳ, ନରମ ।

**ନମ୍ରତା** *ବି.* ବିନୟ, ନମନୀୟତା ।

**ନୟ** *ବି.* ୧. ଶାସନ ନିୟମ ୨. ଶାସ୍ତ୍ର, ନ୍ୟାୟ, ସିଦ୍ଧାନ୍ତ, ମତବାଦ ୩. ଆଚରଣ, ଚରିତ୍ର ।

**ନୟନ** *ବି.* ଦେହର ଯେଉଁ ଇନ୍ଦ୍ରିୟ ସାହାଯ୍ୟରେ ଦେଖିହୁଏ, ନେତ୍ର, ଆଖି, ଆଏଁଖି, ଲୋଚନ ।

**ନୟନଗୋଚର** *ବିଂ.* ଆଖିରେ ପଡୁଥିବା, ଦୃଷ୍ଟିପଥରେ ପଡ଼ିବା ।

**ନୟନତାରା** *ବି.* ନୟନର ପିତୁଳା, ସ୍ନେହର ସମ୍ପତ୍ତି ।

**ନୟନପିତୁଳା** *ବି.* ୧. ଆଖି ପୁଅ, ଡୋଳା ପ୍ରତିମା ୨. ଅତି ଆଦରର, ଆପଣାର ।

**ନୟନଯୋରି** *ବି.* ଛୋଟନଇ, ଜଳ ନିର୍ଗମନ ପାଇଁ ରାସ୍ତା ପାଖର ସରୁନାଳ ବା ନର୍ଦ୍ଦମା ।

**ନୟବିଶାରଦ** *ବିଂ.* ନୀତିଶାସ୍ତ୍ରରେ କୁଶଳ, ରାଜନୀତିଦକ୍ଷ ।

**ନୟାନ୍ତ** *ବିଂ.* ୧. କ୍ଲାନ୍ତ ୨. ହଇରାଣ, ହରକତ ୩. ବିଚଳିତ, ବ୍ୟତିବ୍ୟସ୍ତ ୪. ଆକ୍ରାମାକ୍ରା ।

**ନର** *ବି.* ମନୁଷ୍ୟ, ପୁରୁଷ, ମରଦ୍ ।

**ନରକ** *ବି.* ପାପଫଳ ଭୋଗର କଳ୍ପିତ ସ୍ଥାନ, ପ୍ରେତର ଦଣ୍ଡଭୋଗ ସ୍ଥାନ ।

**ନରକକୁଣ୍ଡ** *ବି.* ୧. ବିଷ୍ଠାକୁଣ୍ଡ, ମଇଳାକୁଣ୍ଡ ୨. ଅତ୍ୟନ୍ତ ମଇଳା ଜାଗା ।

**ନରକଗତି** *ବି.* ଗୁରୁତର ଅପରାଧ ବା ପାପ ହେତୁ ମୃତ୍ୟୁପରେ ନରକରେ ପଡ଼ିବା ।

**ନରକପାଳ** *ବି.* ମଣିଷମୁଣ୍ଡର ଖପୁରି ।

**ନରକବାସ** *ବି.* ଅପକର୍ମର ଦଣ୍ଡ ହେତୁ ନରକରେ ଅବସ୍ଥିତି ।

**ନରକଯନ୍ତ୍ରଣା** *ବି.* ଯମଦଣ୍ଡ, ଅତ୍ୟଧିକ ଦୁଃଖ କଷ୍ଟ ।

**ନରକାନ୍ତକ** *ବି.* ନରକ ଅସୁରର ହନ୍ତା ଶ୍ରୀକୃଷ୍ଣ ।

**ନରନାଥ** *ବି.* ରାଜା, ଶାସକ।

**ନରନାରାୟଣ** *ବି.* ୧. ଅର୍ଜୁନ ଓ ଶ୍ରୀକୃଷ୍ଣ ୨. ବଦ୍ରିକା ଆଶ୍ରମବାସୀ ନରରୂପଧାରୀ ଦୁଇଜଣ ଋଷି ଭ୍ରାତା ୩. ବଦ୍ରିକାଶ୍ରମ ନିକଟସ୍ଥ ଦୁଇଟି ପର୍ବତ ।

**ନରପତି** *ବି.* ନୃପତି, ରାଜା ।

**ନରପିଶାଚ** *ବି.* ପିଶାଚ ପ୍ରକୃତିର ଅତିନିଷ୍ଠୁର ମଣିଷ ।

**ନରପୁଙ୍ଗବ** *ବି.* ମାନବଶ୍ରେଷ୍ଠ ।

**ନରବଳି** *ବି.* ନରବଧ, ମଣିଷ ବଳି ।

**ନରମ, ନରମା** *ବିଂ.* ୧. କଅଁଳ, ମୃଦୁ ୨. ବିନୀତ ୩. ଶାନ୍ତ, ଧୀର ୪. ସରସ ୫. ଭିଜା ୬. ସହୃଦୟତାଭରା ୭. ଶିଥିଳ ।

**ନରମଣି** *ବି.* ରାଜା, ସମ୍ରାଟ, ଶାସକ, ବିଜ୍ଞ ବ୍ୟକ୍ତିତ୍ୱ।

**ନରମପନ୍ଥୀ** *ବିଂ.* ଉଦାରବାଦୀ, ଶାସନରେ ଧୀରେ ଧୀରେ ସଂସ୍କାରର ସପକ୍ଷବାଦୀ ।

**ନରମେଧ** *ବି.* ଯଜ୍ଞ ବିଶେଷ-ଯେଉଁଥିରେ ମଣିଷକୁ ହତ୍ୟା କରି ଆହୁତି ଦିଆଯାଏ ।

**ନରଲୋକ** *ବି.* ପୃଥିବୀ, ଇହଲୋକ ।

**ନରସାଇଁ** *ବି.* ରାଜା ।

**ନରସିଂହ** *ବି.* ୧.ପୁରୁଷଶ୍ରେଷ୍ଠ ୨. ବିଷ୍ଣୁଙ୍କ ଅବତାର ବିଶେଷ ।

**ନରହତ୍ୟା** *ବି.* ମଣିଷକୁ ମାରିଦେବା, ମଣିଷମରା ।

**ନରହନ୍ତା** *ବିଂ.* ଯେ ମଣିଷକୁ ହତ୍ୟାକରେ ।

**ନରାଧମ** *ବି.* ୧. ପାପୀ, ଅସତ୍‌ଚରିତ୍ର ଲୋକ ୨. ନୀଚ ପ୍ରକୃତି ବିଶିଷ୍ଟ ମଣିଷ ।

**ନରିଆଣୀ** *ବି.* ୧. ଯେଉଁ ନାରୀ ଖାମିନ୍ଦ ଘରକୁ ପାଣି ବୋହି ଯୋଗାଏ ୨. ଘରକାମରେ ସାହାଯ୍ୟ କରୁଥିବା ନାରୀ, ନରିଏନ୍, କାମବାଲୀ; *ପୁ.* ନରିଆ ।

**ନରେନ୍ଦ୍ର** *ବି.* ରାଜା, ନରପତି ।

**ନରୋତ୍ତମ** *ବି.* ଶ୍ରେଷ୍ଠ ମଣିଷ ।

**ନର୍ତ୍ତକ** *ବି.* ନୃତ୍ୟ କରିବା ଲୋକ, ନାଟୁଆ, ଅଭିନେତା, *ସ୍ତ୍ରୀ.* ନର୍ତ୍ତକୀ ।

**ନର୍ତ୍ତକୀ** *ବି.* ୧. ନାଚବାଲୀ ୨. ନୃତ୍ୟାଙ୍ଗନା, ନୃତ୍ୟଶିଳ୍ପୀ ।

**ନର୍ତ୍ତନ** *ବି.* ନୃତ୍ୟ, ଅଭିନୟ ।

**ନର୍ଦ୍ଦମା** *ବି.* ମଇଳା ପାଣି ଯିବା ନାଳ ।

**ନର୍ମ** *ବି.* ୧. ଆନନ୍ଦଦାୟକ ପରିହାସ, ରସିକତା, କୌତୁକ ୨. ବୈଦଗ୍ଧ୍ୟ ୩. ଲୀଳା ୪. କ୍ରୀଡ଼ା ୫.ସୁଖ ।

**ନର୍ମଦ** *ବି.* କ୍ରୀଡ଼ା କୌତୁକର ସହଚର, ହାସ ପରିହାସଦ୍ୱାରା ଆନନ୍ଦଦାୟକ ସଙ୍ଗୀ, ବିଦୂଷକ ।

**ନର୍ମଦା** *ବି.* ୧. ବିନ୍ଧ୍ୟପର୍ବତରୁ ନିର୍ଗତା ନଦୀ ୨. କ୍ରୀଡ଼ାସଙ୍ଗିନୀ ୩. ଦୂତୀ ।

**ନର୍ମସଖୀ** *ବି.* କ୍ରୀଡ଼ାସଙ୍ଗିନୀ (ସହଚରୀ)

**ନର୍ମସଚିବ** *ବି.* ବିଶ୍ୱସ୍ତ ସଚିବ, ବିଦୂଷକ।

**ନଳ ବି.** ୧. ପାଣିକଳ, ପାଣି ପାଇପ୍ ୨. କାଣ୍ଡ, ପକ୍ଷୀଧରା ଲମ୍ବା ବାଉଁଶ ବାଡ଼ି ୩. କାଶତଣ୍ଡି ୪. ପଦ୍ମନାଡ଼ ୫. ଚୁଙ୍ଗା ୬. ପୋଲା ୭. ଡାଙ୍ଗ ୮. ସୁଗନ୍ଧ, ସୌରଭ ୯. ଭୂମି ମାପ ପାଇଁ ବ୍ୟବହୃତ ବାଡ଼ି, ଲଠା ।

**ନଳ କରିବା କ୍ରି.** ଭୂମି ମାପିବା ।

**ନଳବନ ବି.** ଶର ତୃଣରେ ଭରା ବିସ୍ତୀର୍ଣ୍ଣ ଅଞ୍ଚଳ ।

**ନଳମୀନ ବି.** ଚିଙ୍ଗୁଡ଼ି ମାଛ ।

**ନଳା ବି.** ୧. ପୋଲର ଫୁଙ୍କାର ୨. ପାଣି ଗଡ଼ିଯିବାର ନାଳ ୩. ଧାନଗଛର ରୋଗବିଶେଷ ।

**ନଳାପାଣି ବି.** ମଇଳା ପାଣି ।

**ନଳାପୋକ ବି.** ତେଲୁଣି ପୋକ ।

**ନଳାମୁହଁ ବି.** ଘର ଅଗଣାରୁ ପାଣି ବାହାରକୁ ଯାଉଥିବା ସରୁ ନଳା ବାଟ ।

**ନଳିଆ ବିଂ.** ନଳପରି ସରୁ ।

**ନଳିଗୋଡ଼ ବି.** ଆଣ୍ଠୁଠାରୁ ବଳାଗଣ୍ଠିପର୍ଯ୍ୟନ୍ତ ଗୋଡ଼ର ସରୁହାଡ଼ ।

**ନଳିତା ବି.** ଝୋଟ ବା କାଉଁରିଆ ଗଛ – ଏହାର ପତ୍ରକୁ ଶାଗରୂପେ ଖିଆଯାଏ ଓ ସୂକ୍ଷ୍ମ ତନ୍ତୁକୁ ଲୁଗା ଓ ଥଳୀ ଆଦି ତିଆରିରେ ବ୍ୟବହାର କରାଯାଏ ।

**ନଳିନୀ ବି.** ପଦ୍ମ ।

**ନଳିନୀଗୌଡ଼ା ବି.** ଏକ ପ୍ରକାର ଓଡ଼ିଆ ମିଶ୍ରରାଗ ।

**ନଳିପେଣ୍ଟ୍ ବିଂ.** ପୁରା ପ୍ୟାଣ୍ଟ୍ ।

**ନଳୀ ବି.** ସରୁ କଣାଥିବା ବାଉଁଶ ଅଥବା ଧାତୁ ତିଆରି ନଳ ।

**ନଶମ ବି.** ଲସମ, ସର୍ଦ୍ଦି ରୋଗ ।

**ନଶମା ବିଂ.** ୧. ସର୍ଦ୍ଦିଗ୍ରସ୍ତ ୨. ମାନ୍ଦା ୩. ସବୁବେଳେ ଥଣ୍ଡା ଭୋଗୁଥିବା ୪. ସେଲେନ୍ତିଆ ।

**ନଶା ବି.** ୧. ଗଛ ବା ଫଳରୁ ବହିବା ରସ ୨. ଘାଆରୁ ବହୁଥିବା ପୁଜପାଣି , ଲସା ।

**ନଶ୍ୱର ବିଂ.** ନାଶଶୀଳ, ନିଶ୍ଚିତ ବିନାଶୀ, ଅସ୍ଥାୟୀ, କ୍ଷଣଭଙ୍ଗୁର ।

**ନଷ୍ଟ ବିଂ.** ୧.ନାଶପ୍ରାପ୍ତ, ବ୍ୟବହାରର ଅଯୋଗ୍ୟ ୨ ଲମ୍ପଟ ।

**ନଷ୍ଟଚନ୍ଦ୍ର ବି.** ଭାଦ୍ରବ ମାସର ଶୁକ୍ଳ ଓ କୃଷ୍ଣ ଚତୁର୍ଥୀରେ ଉଦୟ ହେଉଥିବା ଚନ୍ଦ୍ର – ଏହି ଚନ୍ଦ୍ର ଦେଖିବା ନିଷିଦ୍ଧ ।

**ନଷ୍ଟଚରିତ୍ର ବିଂ. ବି.** ଖରାପ ସ୍ୱଭାବର (ବ୍ୟକ୍ତି) ।

**ନଷ୍ଟଭ୍ରଷ୍ଟ ବିଂ.** ବିଶେଷ ଭାବେ ନଷ୍ଟ ।

**ନଷ୍ଟି ବି.** ନାଶ, କ୍ଷତି ।

**ନସରପସର ଅ. ବି.** ୧. ନିଜ ସ୍ୱାର୍ଥ ସାଧନପାଇଁ ଓଳନାଳ ହେବା, ଦେହଘଷା ହୋଇ ରହିବା ୨. ଲୁଙ୍ଗୁପୁଙ୍ଗୁ ହେବା ୩. ନହରପହର ।

**ନସରିଆ ବିଂ.** ନଅ ଖିଅ ବା ନଅ ସରିବିଶିଷ୍ଟ ।

**ନସି, ନାସି ବି.** ଆମ୍ବ ଆଦି ଫଳର ଡେମ୍ଫ ।

**ନସି ଫିଟିବା କ୍ରି.** ୧. ସ୍ତନରୁ ପ୍ରଥମ କ୍ଷୀର ବାହାରିବା ୨. ହେତୁ ହେବା ୩. ଜ୍ଞାନ ଲାଭକରିବା ।

**ନସ୍ମା ବିଂ.** ସର୍ଦ୍ଦିରୋଗଗ୍ରସ୍ତ ।

**ନସ୍ୟ ବିଂ.** ୧. ନାକଦ୍ୱାରା ଗ୍ରହଣଯୋଗ୍ୟ ଔଷଧ ୨. ନାସଗୁଣ୍ଡ ।

**ନସ୍ୟଦାନି ବି.** ନାସଗୁଣ୍ଡ ରଖିବା ଛୋଟ ଡିବା ।

**ନହକା ବିଂ.** ୧. ପତଳା ଓ ଲମ୍ବା ୨. ଦୋହଲୁଥିବା ୩. ସହଜରେ ନଇଁ ପଡୁଥିବା ।

**ନହଡ଼ି ବି.** ଲହଡ଼ି, ଢେଉ, ତରଙ୍ଗ ।

**ନହଡିମୁଦ ବି.** ଆଗକୁ ଆଗକୁ ମାଡ଼ି ମୁଦା ହୋଇଥିବା ଖିଲାଣ ।

**ନହଡ଼ି ପଥର ବି.** ପୀଢ଼ ଦେଉଳରେ ଛାଇହୋଇଥିବା ସମତଳ ବିଶିଷ୍ଟ ବଡ଼ପଥର ।

**ନହଡ଼ି ବାଉଁଶ ବି.** ଚାଳଛପର ଘରର ଶେଣିରୁ ତଳକୁ ଲମ୍ବିଥିବା ବାଉଁଶ ଖଣ୍ଡ ।

**ନହଡ଼ି ଭାଙ୍ଗିବା କ୍ରି.** ସମୁଦ୍ରରେ ଗାଧୋଇବା ବେଳେ ଢେଉ ଭାଙ୍ଗିବା ।

**ନହର, ନଅର ବି.** ନଅର, ନବର ।

**ନହରକୋଳି, ନଅରକୋଳି ବି.** ଏକ ପ୍ରକାର ଖଟାଳିଆ କୋଳି, ନରକୋଳି ।

**ନହରପଅର କ୍ରିବିଂ.** ଉଦ୍ଦେଶ୍ୟମୂଳକ ଭାବରେ ଇତସ୍ତତଃ ଘୁରିବା ।

**ନହଲା ବି.** ୧. ରାଜମିସ୍ତ୍ରୀ ବ୍ୟବହାର କରୁଥିବା ଛୋଟ କରଣୀ ୨. ତାସ୍ ଖେଳର ନ ପତା ।

**ନହସ ବି.** କଥାର ସୁଅ, ପ୍ରବାହ ।

**ନହୁ ବି.** ରକ୍ତ, ଲହୁ ।

**ନହୁଏ ଅ.** ନଚେତ୍, ଯଦି ହେବନାହିଁ ।

**ନହୁଣୀ ବି.** ଲହୁଣୀ ।

**ନହୁନୁହାଣ ବି.ବିଂ.** ଲହୁ ଲୁହାଣ, ରକ୍ତାକ୍ତ, ଝାଳନାଳ, ବ୍ୟତିବ୍ୟସ୍ତ ।

**ନହୁରୁଣୀ ବି.** ନଖକଟା ଧାରୁଆ ଲୁହାପାତ ।

**ନହୁଲି, ନହୁଲୀ ବିଂ.** ନବଯୌବନା, ଗଜାଟୋକୀ, ନବୀନା, ସୁକୁମାରୀ ।

**ନହେଲେ ଅ.** ନଚେତ୍ ।

**ନାଁ କରିବା କ୍ରି.** ୧. ଖ୍ୟାତି ଅର୍ଜିବା ୨. ନାହିଁ କରିବା ।

**ନାଁ ଗନ୍ଧ ବି.** ସାମାନ୍ୟ ସୂଚନା ।

**ନାଁ ଗାଁ ବି.** ୧. ବାସସ୍ଥାନ ଠିକଣା ୨. ପାରିବାର ପଣିଆ ।

**ନାଁ ଚଢ଼ିବା** ***କ୍ରି.*** ତାଲିକାଭୁକ୍ତ ହେବା ।

**ନାଁ ଡାକ** ***ବି.*** ଖ୍ୟାତି, ଖାତିରି ।

**ନାଁ ଦାବି** ***ବି.*** ଅଧିକାର ଦାବିକରିବା ।

**ନାଁ ଦିଆ** ***ବି.*** ୧.ଶିଶୁର ନାମକରଣ ୨. ପ୍ରହେଳିକା ।

**ନାଁ ଧରିବା** ***କ୍ରି.*** ଉଲ୍ଲେଖ କରିବା, ଆଦରରେ ସ୍ମରଣ କରିବା ।

**ନାଁ ପକେଇବା** ***କ୍ରି.*** ଖରାପ କାମ କରି ମାନ ମର୍ଯ୍ୟାଦା ନଷ୍ଟ କରିବା ।

**ନାଁ ପଡ଼ିବା** ***କ୍ରି.*** ବଦନାମ ହେବା ।

**ନାଁ ରଖିବା** ***କ୍ରି.*** ନାମ ବା ବଂଶର ଟେକ ରଖିବା ।

**ନାଁ ଲେଖିବା** ***କ୍ରି.*** ୧. ନାମ ଚଢ଼ାଇବା ୨. ଅନୁଷ୍ଠାନର ସଦସ୍ୟ ହେବା ।

**ନାଁ ଲେଖେଇବା** ***କ୍ରି.*** ସ୍କୁଲ କଲେଜ ଆଦିରେ ପଢ଼ିବା ପାଇଁ ପ୍ରବେଶ କରିବା ।

**ନାଁ ସରା** ***ବିଂ.*** ବଦନାମି ।

**ନାଁ ସାରିବା** ***ବି.*** ମର୍ଯ୍ୟାଦାକୁ ନଷ୍ଟ କରିବା ।

**ନାଂଖସ୍** ***ବି.*** ବାହାନା, ଛଳନା ।

**ନାଂଡା ଜୁଆନ୍** ***ବି.*** ଲଣ୍ଠା, ଚନ୍ଦାଲୋକ ।

**ନା** ***ଅ.*** ନିଷେଧାର୍ଥକ ଅବ୍ୟୟ ।

**ନାଆଁ** ***ବି.*** ନାମ, ସୁନାମ ।

**ନାଆଁକୁ ମାତ୍ର** ***ଅ.*** ସାମାନ୍ୟ ମାତ୍ର ।

**ନାଆ, ନାହା** ***ବି.*** ଡଙ୍ଗା, ନାହା, ନଉକା ।

**ନାଆ ଚାଳିଆ** ***ବି.*** ୧. ତିନିକୋଣିଆ ନୁଆଣିଆ ଚାଳଘର ୨. ଡଙ୍ଗା ଉପରେ ପ୍ରସ୍ତୁତ କରାଯାଇଥିବା ନୁଆଣିଆ ଚାଳ ।

**ନାଆଟ୍‌ରଙ୍ଗ** ***ବି.*** କଳାରଙ୍ଗ ।

**ନାଇ** ***ବି.*** ନାହି ; ***ବି.*** ଭଣ୍ଡାରି ; ***କ୍ରି.*** ନଥିବା ।

**ନାଇକ** ***ବି.*** ଜମିଦାରି ସିରସ୍ତାରେ ଖଜଣା ଅସୁଲ କରିବା ଗ୍ରାମ୍ୟ କର୍ମଚାରୀ ।

**ନାଇନ** ***ଅ.*** ନାହିଁ ।

**ନାଇବା** ***କ୍ରି.*** ଗହଣା ବା ପୋଷାକ ପିନ୍ଧିବା, ବେଶହେବା ।

**ନାଉଆଁ** ***ବିଂ.*** ନାମକରା, ନାମଜାଦା ।

**ନାଉ କରିବା** ***କ୍ରି.*** ପିଠିରେ ପକାଇବା, ଲାଉ ହେବା ।

**ନାଉଡ଼** ***ବି.*** ବିଛା ବା ମହୁମାଛି ଲାଞ୍ଜରେ ଥିବା ବିଷକଣ୍ଟା, ଲାହୁଡ଼ ।

**ନାଉଡ଼ଙ୍କିଆ** ***ବି.*** ଏକ ପ୍ରକାର ସରୁ ନେଳିଆ ସାପ ।

**ନାଉତୁମ୍ବା** ***ବି.*** ଲାଉଖୋଳପାରେ ତିଆରି ସ୍ୱରବାଦ୍ୟ ବିଶେଷ ।

**ନାଉଥାଳ** ***ବି.*** ଶୁଖିଲା ଲାଉରେ ତିଆରି ଭିକମଗା ପାତ୍ର, ଯୋଗୀଥାଳ ।

**ନାଉଲ** ***ବି.*** ଫମ୍ପାନୋଳି ।

**ନାଉଲାଶାକୁଲା ହେବା** ***କ୍ରି.*** ନେହୁରା ହେବା, ଅନୁନୟ ବିନୟ କରିବା ।

**ନାଉଲି** ***ବି.*** ଥଟ୍ଟା, ପରିହାସ, ବ୍ୟଙ୍ଗୋକ୍ତି ।

**ନାଉଲି ଛାଉଲି ହେବା** ***କ୍ରି.*** ଦୀନତା ପ୍ରକାଶ କରିବା ।

**ନାଏକେ** ***ବି.*** ଗାଁର ସାନ୍ତାଳ ପୂଜକ ।

**ନାଏବ୍ ସରପଞ୍ଚ** ***ବି.*** ପୂର୍ବେ ସରପଞ୍ଚଙ୍କୁ ସହାୟତା କରୁଥିବା ନିର୍ବାଚିତ ପ୍ରତିନିଧି ।

**ନାକ୍‌ଟି** ***ବି.*** କୁଳଟା, ବ୍ୟଭିଚାରିଣୀ ।

**ନାକ** ***ବି.*** ୧. ଯେଉଁ ଅଙ୍ଗ ସାହାଯ୍ୟରେ ନିଃଶ୍ୱାସ ପ୍ରଶ୍ୱାସ ଚାଲେ, ନାସିକା ୨. ସ୍ୱର୍ଗ, ଆକାଶ ।

**ନାକକଟା** ***ବିଂ.*** ପ୍ରକାଶ୍ୟରେ ଅପମାନିତ ।

**ନାକକାନ ମୋଡ଼ିହେବା** ***କ୍ରି.*** ଦୋଷ ସ୍ୱୀକାର କରିବା ।

**ନାକକାନ୍ଦଣା** ***ବି.*** ସକେଇ ହେବା ।

**ନାକକାନ୍ଦୁରା** ***ବିଂ.*** ୧. ଅଳ୍ପକେ କାନ୍ଦି ପକାଉଥିବା ୨. ସକେଇ ହୋଇ ଯେ କାନ୍ଦେ,*ସ୍ତ୍ରୀ.* ନାକକାନ୍ଦୁରୀ ।

**ନାକଗୁଣା** ***ବି.*** ନାକରେ ପିନ୍ଧା ଯାଉଥିବା ଅଳଙ୍କାର ବିଶେଷ ।

**ନାକଘଷା** ***ବି.*** କଠିନ ଦଣ୍ଡ, ହଲାପଟା ।

**ନାକଚ** ***ବିଂ.*** ଅକାମୀ, ରଦ୍ଦ ।

**ନାକଚଣା** ***ବି.*** ୧. ବୁଟଚଣା ୨. ନାକର ଅଳଙ୍କାର ବିଶେଷ ।

**ନାକଚଣା ଦୁଆର** ***ବି.*** ଗୁଣ୍ଡିଚା ମନ୍ଦିରରୁ ବାହୁଡ଼ା ଦିନ ଯେଉଁ ବାଟେ ତିନି ଠାକୁର ରଥ ଉପରକୁ ଆସନ୍ତି ।

**ନାକଛିଞ୍ଚିଡା** ***ବି.*** ବିରକ୍ତି ସହିତ ଘୃଣା ପ୍ରକାଶ ; ***କ୍ରି.*** ନାକ ଛିଞ୍ଚାଡ଼ିବା ।

**ନାକ ଟେକିବା** ***କ୍ରି.*** ଘୃଣାକରିବା, ନାପସନ୍ଦ କରିବା ।

**ନାକଦଣ୍ଡା** ***ବି.*** ନାକର ହାଡ଼ ।

**ନାକପୁଡ଼ା** ***ବି.*** ନାକ ଆଗରେ ଥିବା କଣା ।

**ନାକଫଟା** ***ବିଂ.*** ନାକ ସମ୍ଭାଳି ପାରୁନଥିବା (ଗନ୍ଧ) ।

**ନାକଫାସିଆ** ***ବି.*** ନାକରେ ଅଳଙ୍କାର ବିଶେଷ ।

**ନାକଫୁଲ** ***ବି.*** ନାକପୁଡ଼ାରେ ପିନ୍ଧାଯିବା ଅଳଙ୍କାର ।

**ନାକଫୁଲା** ***ବି.*** ରାଗରେ ନାକପୁଡ଼ା ଫୁଲାଇବା ।

**ନାକଫୁଲେଇ** ***ବିଂ.*** ସାମାନ୍ୟ କଥାରେ ଅଭିମାନ କରୁଥିବା(ନାରୀ) ।

**ନାକଫୋଡ଼ା** ***ବି.*** ଅଳଙ୍କାର ପିନ୍ଧିବା ପାଇଁ ନାକରେ କରାଯାଉଥିବା ରନ୍ଧ୍ର ।

**ନାକ ବକୁଳି** ***ବି.*** ନାକର ଶୁଖିଲା ମଳି ।

**ନାକବାଳ** ***ବି.*** ନାକପୁଡ଼ାରେ ଉଠିଥିବା ବାଳ ।

**ନାକରା** ***ବିଂ.*** ୧. ଅଯୋଗ୍ୟ ୨. ନାପସନ୍ଦ ୩. ବ୍ୟର୍ଥ ୪. ନ୍ୟୁନ ୫. ତୁଚ୍ଛ, ନିକୃଷ୍ଟ ।

**ନାକା** ***ବି.*** ୧. ବିଲୁଆ ୨. ସୁରକ୍ଷା ଓ ତନଖି ନିମିତ୍ତ ଉଦ୍ଦିଷ୍ଟ ଜଗୁଆଳି ଘର ; ***ବିଂ.*** ବଡ଼ ନାକ ଥିବା (ବ୍ୟକ୍ତି) ।

**ନାକାବନ୍ଦୀ** ***ବି.*** ପୋଲିସ ଘେରାଉ ।

**ନାକାଲ** ***ବିଂ.*** ହଇରାଣ, ହିନସ୍ତା ।

**ନାକୁ** ***ବି.*** ଉଇହୁଙ୍କା ।

**ନାକୁଆ** ***ବି.*** ନାକପରି ନଳ ବାହାରିଥିବା ଜଳପାତ୍ର ; ***ବିଂ.*** ଉଚ୍ଚନାକ ଥିବା ।

**ନାକୁଆସି** ***ବି.*** ୧. ନାକ ବାଳ କଟା କଇଁଚି ୨. ପଶୁଙ୍କ ନାକରେ ଲଗାଇ ଟାଣିବା ଦଉଡ଼ି ୩. ଜଗନ୍ନାଥ, ବଳଦେବ, ସୁଭଦ୍ରାଙ୍କ ଚିତା ତଳୁ ନାସାଗ୍ର ପର୍ଯ୍ୟନ୍ତ ସ୍ଥାନରେ ବ୍ୟବହୃତ ଅଳଙ୍କାର ।

**ନାକେଇବା** ***କ୍ରି.*** ୧. ଖାଦ୍ୟ ଲୋଭରେ ଅପେକ୍ଷା କରି ରହିବା ୨. କୌଣସି ଆଶା ନେଇ ଅପେକ୍ଷା କରିବା ।

**ନାକେଦମ୍** ***ବିଂ.*** ଆକ୍ରାନ୍ତ ଅବସ୍ଥା, ବେଦମ୍ ।

**ନାକେରା** ***ବିଂ.*** ୧. ଅଲାଜୁକ ୨. ଅସଙ୍ଗତ, ଅସମୀଚୀନ ୩. ଖରାପ ।

**ନାଗ** ***ବି.*** ୧. ଫଣାଯୁକ୍ତ ବିଷାକ୍ତ ସାପ ବିଶେଷ ୨. ନାଗ (ଲୋକ) ପାତାଳ ।

**ନାଗଅଇରି** ***ବି.*** ବଣୁଆ କଣ୍ଟାଳିଆ ଗଛ ବିଶେଷ ।

**ନାଗକେଶର** ***ବି.*** ନାଗେଶ୍ୱର ଗଛ ।

**ନାଗପଞ୍ଚମୀ** ***ବି.*** ନାଗସାପ ପୂଜା ପାଇଁ କରାଯାଉଥିବା ବ୍ରତ (ଶ୍ରାବଣ କୃଷ୍ଣପଞ୍ଚମୀ) ।

**ନାଗପାଶ** ***ବି.*** ୧. ପୁରାଣ ବର୍ଣ୍ଣିତ ଏକ ପ୍ରକାର ଯୁଦ୍ଧ ଅସ୍ତ୍ର ୨. ଦୁଚ୍ଛେଦ୍ୟ ବନ୍ଧନ ।

**ନାଗଫେଣି** ***ବି.*** ନାଗଫଣା ଆକୃତିର କଣ୍ଟାଗଛ ବିଶେଷ ।

**ନାଗବନ୍ଧ** ***ବି.*** ୧. ଚୌକାଠର ଉପରଅଂଶ ୨. ରତିବନ୍ଧ ।

**ନାଗବଲ୍ଲୀ** ***ବି.*** ପାନଲତା ।

**ନାଗର** ***ବିଂ.*** ୧. ନଗରବାସୀ ୨. ବିଦଗ୍ଧ ୩. ଚତୁର ; ***ବି.*** ପ୍ରେମିକ, ରସିକ ବ୍ୟକ୍ତି ।

**ନାଗର ମୁଥା** ***ବି.*** ଘାସ ବିଶେଷ , କେଶୁର ।

**ନାଗରା** ***ବି.*** ୧. ଏକମୁହାଁ ଚମଡ଼ା ଛାଉଣି ତାଳବାଦ୍ୟ ୨. ଏକପ୍ରକାର ଦେଶୀ ଜୋତା ।

**ନାଗରା ଦେବା** ***କ୍ରି.*** ବାଦ୍ୟ ମାଧ୍ୟମରେ ଲୋକଙ୍କ ପାଖରେ ବାର୍ତ୍ତା ପହଞ୍ଚାଇବା, ପ୍ରଚାର କରିବା, ବିଜ୍ଞାପିତ କରିବା ।

**ନାଗରା ବାଜିବା** ***କ୍ରି.*** ଗୋପନୀୟ କଥା ପ୍ରଘଟ ହେବା ।

**ନାଗରିକ** ***ବି.*** ୧.ରାଷ୍ଟ୍ରର ସ୍ଥାୟୀ ବାସିନ୍ଦା ୨. ନଗରନିବାସୀ ।

**ନାଗରୀ** ***ବି.*** ୧. ବିଦଗ୍ଧା, ରସିକା ନାୟିକା ୨. ଲିପି ବିଶେଷ ୩. ପ୍ରେମିକା ୪. ଛତରୀ ।

**ନାଗା** ***ବି.*** ୧. ଶୈବ ସମ୍ପ୍ରଦାୟର ସନ୍ନ୍ୟାସୀ ୨. ଆସାମର ପାହାଡ଼ିଆ ଜନଜାତି ବିଶେଷ ।

**ନାଗାଚାଲି** ***ବି.*** ଦାମ୍ଭିକ ଚାଲି ।

**ନାଗାନୃତ୍ୟ** ***ବି.*** ପୁରୀର ସାଇଯାତରେ ଅନୁଷ୍ଠିତ ହେଉଥିବା ଲୋକ ନୃତ୍ୟ ବିଶେଷ ।

**ନାଗାନ୍ତକ** ***ବି.*** ୧.ଗରୁଡ଼ ୨. ମୟୂର ୩. ଗୁଣିଗାରେଡ଼ି ୪. ସାପ ବଶୀକରଣ ବିଦ୍ୟା ।

**ନାଗାସେଗା** ***ବିଂ.*** ପିଲା ପରିବାର ନଥିବା, ଉଦ୍‌ବାସ୍ତୁ ।

**ନାଗିନୀ** ***ବି.*** ୧. ନାଗୁଣୀ ୨. ଦୁର୍ଗା ।

**ନାଗୁଆ** ***ବିଂ.*** ଲଗାଣ ନିଯୁକ୍ତିରେ ସମ୍ପୃକ୍ତ ।

**ନାଗୁଆ ଗରାଖ** ***ବି.*** ସବୁଦିନିଆ ଗ୍ରାହକ, ନିତି କିଣିଖିଆ ଗରାଖ ।

**ନାଗୁଆଣି** ***ବି.*** ଚୁଲି ଜଳାଇବା ପାଇଁ ବ୍ୟବହୃତ ଶୁଖିଲା କାଠିକୁଟା ।

**ନାଗୁଣୀ** ***ବି.*** ମାଈ ନାଗ ।

**ନାଚ** ***ବି.*** ନୃତ୍ୟ, ନାଟ, ଲଳିତ ଅଙ୍ଗଭଙ୍ଗୀ ।

**ନାଚକୁଦ** ***ବି.*** ଖୁସିରେ ନାଚିବାପରି ଡେଇଁବା ।

**ନାଚଖାନା** ***ବି.*** ନୃତ୍ୟଶାଳା ।

**ନାଚଗାଉଣା** ***ବି.*** ନାଚଗୀତ ।

**ନାଚତାମସା** ***ବି.*** ନୃତ୍ୟଗୀତାଦି ଆନନ୍ଦ ।

**ନାଚାର** ***ବିଂ.*** ପ୍ରତିକାର ପାଇଁ ଅସମର୍ଥ, ନିରୁପାୟ ।

**ନାଚିବା** ***କ୍ରି.*** ନୃତ୍ୟ କରିବା ।

**ନାଛିବା** ***କ୍ରି.*** ୧. କ୍ରମାଗତ ମାଡ଼ ମାରିବା ୨. ବନ୍ଧୁକରେ ଲକ୍ଷ୍ୟ ଭେଦ କରିବା ୩. ଗୋଟାପାନ ଗଣତି କରିବା ।

**ନାଜର** ***ବି.*** ୧. ତତ୍ତ୍ୱାବଧାରକ ୨.ପିଆଦା ଅଧିକାରୀର କର୍ମଚାରୀ ।

**ନାଜରଖାନା** ***ବି.*** ନାଜରଙ୍କ କାର୍ଯ୍ୟାଳୟ, ନଜାରତ୍‌ଖାନା ।

**ନାଜରା, ଲାଜରା** ***ବିଂ.*** ଲାଜୁଆ, ଲାଜେରା, ଲଜ୍‌ରା ।

**ନାଜୁ** ***ବି.*** ଗାଁଦାଣ୍ଡ ।

**ନାଜୁକ୍** ***ବିଂ.*** ଲାଜକୁଳା ।

**ନାଟ** ***ବି.*** ୧. ନୃତ୍ୟ ୨. ଅଭିନୟ ୩. ରଙ୍ଗକୌତୁକ ।

**ନାଟଆଖଡା** ***ବି.*** ନାଚ ବିଦ୍ୟାଳୟ ।

**ନାଟକ** ***ବି.*** ଅଭିନୟଯୋଗ୍ୟ ରଚନା, ଦୃଶ୍ୟକାବ୍ୟ ।

**ନାଟକୀୟ** ***ବିଂ.*** ୧. ନାଟକ ସମ୍ପର୍କିତ, ନାଟକୋଚିତ ୨. ଅଭିନୟ ଭଙ୍ଗୀ ଯୁକ୍ତ ୩. କୃତ୍ରିମ ହାବଭାବଭରା, ଅକସ୍ମାତ୍ ।

**ନାଟତାମସା** ***ବି.*** ମଉଜ ମଜଲିସ, ଯାତ୍ରା ସୁଆଙ୍ଗ ।

**ନାଟବନ୍ଧି** ***ବି.*** ସରକାରଙ୍କ ଖଜଣାଖାନାରେ ରାଜସ୍ୱ ଦାଖଲ କରିବାର ନିର୍ଦ୍ଧାରିତ ଦିବସ ।

**ନାଟମନ୍ଦିର** *ବି.* ଦେବାଳୟ ସଂଲଗ୍ନ ସମ୍ମୁଖସ୍ଥ ପ୍ରାସାଦ ବା ମଣ୍ଡପ ।
**ନାଟ ମୟୂର** *ବି.* ନୃତ୍ୟକାରୀ ମୟୂର (ଧାତୁ, କାଠ, ଆଦିର) ।
**ନାଟା** *ବିଂ.* ବାଙ୍ଗରା, ଗେଡ଼ା ।
**ନାଟିକା** *ବି.* ୧. କ୍ଷୁଦ୍ର ନାଟକ ୨. ନାଡ଼ି ।
**ନାଟୁଆ** *ବି.* ନର୍ତ୍ତକ, ଅଭିନେତା ।
**ନାଟୁବାଟ** *ବି.* ହିଡ଼ ଉପରେ ଏକପଦୀ ଚଲା ରାସ୍ତା ।
**ନାଟେମୟୂର** *ବି.* ନାକ ଅଳଙ୍କାର ।
**ନାଟ୍ୟ** *ବିଂ.* ନୃତ୍ୟ, ଗୀତ ଓ ବାଦ୍ୟର ସମନ୍ୱୟ, ତୌର୍ଯ୍ୟତ୍ରିକ ।
**ନାଟ୍ୟକାର** *ବି.* ୧. ନାଟକ ଲେଖକ ୨. ନର୍ତ୍ତକ ୩. ଅଭିନେତା ।
**ନାଟ୍ୟବେଦ** *ବି.* ନୃତ୍ୟ, ଗୀତ, ଅଭିନୟ ଆଦି ବିଷୟରେ ବ୍ରହ୍ମାଙ୍କ ଦ୍ୱାରା ରଚିତ ପଞ୍ଚମ ବେଦ ।
**ନାଟ୍ୟମନ୍ଦିର** *ବି.* ନୃତ୍ୟଗୃହ, ନାଟ୍ୟାଳୟ, ପ୍ରେକ୍ଷାଗୃହ ।
**ନାଟ୍ୟଶାଳା** *ବି.* ନାଟ ଆଖଡ଼ା ।
**ନାଟ୍ୟଶାସ୍ତ୍ର** *ବି.* ନୃତ୍ୟ, ଗୀତ ଓ ଅଭିନୟ ବିଷୟକ ଭରତ ମୁନି ରଚିତ ଶାସ୍ତ୍ର ।
**ନାଟ୍ୟାଚାର୍ଯ୍ୟ** *ବି.* ନାଟକର ଶିକ୍ଷାଦାତା, ଆଖଡା ଗୁରୁ ।
**ନାଟ୍ୟାଭିନୟ** *ବି.* ନୃତ୍ୟ ସହ ଅଭିନୟ ।
**ନାଠି** *ବି.* ଲାଠି, ଡାଙ୍ଗ ।
**ନାଠି ହେଇଯିବା** *କ୍ରି.* ଡାଙ୍ଗ ହୋଇଯିବା, ସାଡଙ୍ଗା ହୋଇଯିବା ।
**ନାଡ଼** *ବି.* ଡେମ୍ଫ, ନାଡ଼ି ।
**ନାଡ଼କଟା** *ବି.* ନବଜାତ ଶିଶୁର ନାଭିଚ୍ଛେଦନ, ନାହିକଟା ।
**ନାଡ଼ଛତୁ** *ବି.* ବଡ଼ ନାଡ଼ଯୁକ୍ତ ଛତୁ, ବିହୁଡଣି ଛତୁ ।
**ନାଡ଼ା** *ବି.* ୧. ଯେଉଁ ଶିରା ଅନ୍ତ ଓ ଅଣ୍ଡକୋଷକୁ ସଂଲଗ୍ନ କରିଥାଏ ୨. ଭୋକଯୋଗୁଁ ପେଟ ମୋଡ଼ି ମୋଡ଼ି ହେବା ଅବସ୍ଥା ୩. ପାଇଜାମା, ସାୟା ଆଦିରେ ଲାଗିଥିବା ଫିତା ।
**ନାଡ଼ି** *ବି.* ୧. ରକ୍ତବାହୀ ଶିରା, କଚଟି ଓ ଗୋଡ଼ଗଣ୍ଠି ନିକଟର ଶିରା ୨. ଏକ ଦଣ୍ଡ ସମୟ ।
**ନାଡ଼ିନକ୍ଷତ୍ର** *ବି.* ଜନ୍ମନକ୍ଷତ୍ର, ବରବଧୂଙ୍କ ଜାତକ ଗଣନାରେ ଚନ୍ଦ୍ରସ୍ଥିତ ନକ୍ଷତ୍ର ବିଶେଷ ।
**ନାଣ୍ଡିଆ ହେବା** *କ୍ରି.* ୧. ଅଭାବ ଅନଟନରେ ପଡ଼ିବା ୨. ଗଛରୁ ଡାହି ବାହୁଙ୍ଗାଦି କଟା ହେବା ।
**ନାଣ୍ଡୁ** *ବିଂ.* ଚନ୍ଦା, ଲଣ୍ଡା, *ସ୍ତ୍ରୀ.* ନାଣ୍ଡୀ ।
**ନାତ** *ବି.* ୧. ଲାତ ୨. ଗୋରୁର ପଛ ଗୋଡ଼ର ପଦାଘାତ ।
**ନାତ ମାରିବା** *କ୍ରି.* ଗୋଇଠା ମାରିବା ।
**ନାତି** *ବି.* ପୁଅ ବା ଝିଅର ପୁଅ, ପୌତ୍ର, *ସ୍ତ୍ରୀ.* ନାତୁଣୀ ।
**ନାତିଆ** *ବି.* ନାତି ।
**ନାତିଚେଲା** *ବି.* ଶିଷ୍ୟର ଶିଷ୍ୟ, ଛାତ୍ରର ଛାତ୍ର ।
**ନାତିଦୀର୍ଘ** *ବିଂ.* ଯାହା ଅତି ଲମ୍ବା ନୁହେଁ ।
**ନାତିଶୀତୋଷ୍ଣ** *ବିଂ.* ଯାହା ଅତି ଶୀତଳ ବା ଅତିଗରମ ନୁହେଁ ।
**ନାତୁଆ** *ବିଂ.* ନାତ ମାରୁଥିବା ।
**ନାତୁଣୀ** *ବି.* ପୁଅ ବା ଝିଅର କନ୍ୟା ।
**ନାତୁଣୀ ବୋହୂ** *ବି.* ନାତିର ସ୍ତ୍ରୀ ।
**ନାଥ** *ବି.* ୧. ଈଶ୍ୱର, ପ୍ରଭୁ, ପାଳନକର୍ତ୍ତା ୨. ପତି, ସ୍ୱାମୀ ୩. ଯୋଗୀ ସମ୍ପ୍ରଦାୟର ବ୍ୟକ୍ତି ।
**ନାଦ** *ବି.* ୧. ଶବ୍ଦ, ଧ୍ୱନି ୨. ଉଚ୍ଚ ମଧୁର ଧ୍ୱନି ୩. ଗର୍ଜନ ୪. ତୂର୍ଯ୍ୟ ୫. ଦୁନ୍ଦୁଭି ।
**ନାଦବିନ୍ଦୁ** *ବି.* ଯୋଗପ୍ରକ୍ରିୟାର ପ୍ରଣବ ଉତ୍ସ, ଚନ୍ଦ୍ରବିନ୍ଦୁ ।
**ନାଦବ୍ରହ୍ମ** *ବି.* ଅନାହତ ଧ୍ୱନି ।
**ନାଦାନ** *ବିଂ.* ୧. ନିରୀହ ୨. ଅଜ୍ଞ ।
**ନାଦିବା** *କ୍ରି.* ୧. ଯୋରରେ ଖୁନ୍ଦିବା, ଘନ ଘନ ମାଡ଼ ମାରିବା ୨. କିଳାକୁ ବାଡ଼େଇ ବାଡ଼େଇ ପୋତିବା ୩. ରାଗରେ ଗର୍ଜନ କରିବା ।
**ନାନ୍** *ବି.* ମଇଦାରେ ପ୍ରସ୍ତୁତ ତନ୍ଦୁର୍ ବା ଭାଟିରେ ସେକା ହୋଇଥିବା ଏକ ପ୍ରକାର ରୁଟି ।
**ନାନ୍‌ହା** *ବିଂ.* ସରୁ ।
**ନାନା** *ଅ.* ଭିନ୍ନ ଭିନ୍ନ ; *ବିଂ.* ପ୍ରକାର ଭେଦ, ଅନେକ, ବିଭିନ୍ନ ।
**ନାନାଦି** *ଅ.* ବିଭିନ୍ନ ପ୍ରକାରର ।
**ନାନାବିଧ** *ବିଂ.* ବହୁ ପ୍ରକାରର ।
**ନାନାମତେ** *କ୍ରି.ବିଂ.* ନାନା ପ୍ରକାରରେ ।
**ନାନାମାର୍ଗ** *ବି.* ବିଭିନ୍ନ ପଥ ବା ବାଟ ।
**ନାନାରୂପ** *ବି.* ବିଭିନ୍ନ ରୂପ ।
**ନାନୀ** *ବି.* ୧. ବଡ଼ ଭଉଣୀ ୨. ପିଉସୀ ।
**ନାନୁ** *ବି.* ଏକ ପ୍ରକାର ସୁନାହାର ।
**ନାନ୍ଦିକାର** *ବି.* ନାଟକ ଆରମ୍ଭରେ ମଙ୍ଗଳାଚରଣ ବୋଲିବା ବ୍ୟକ୍ତି ।
**ନାନ୍ଦୀ** *ବି.* ୧. ଆଶୀର୍ବାଦ ୨. ମଙ୍ଗଳାଚରଣ ୩. ସମୃଦ୍ଧି, ଅଭ୍ୟୁଦୟ ୪. ଶୁଭ ୫. ଦେବସ୍ତୁତି ।
**ନାନ୍ଦୀମୁଖ** *ବି.* ବିବାହ ପୂର୍ବରୁ କରାଯାଉଥିବା ଶ୍ରାଦ୍ଧ, ନାନ୍ଦୀମୁଖୀ ଶ୍ରାଦ୍ଧ ।
**ନାପ୍‌କିନ୍** *ବି.* ଛୋଟ ତଉଲିଆ, ବଡ଼ରୁମାଲ ।
**ନାପସନ୍ଦ** *ବିଂ.* ୧. ଅମନୋନୀତ ୨. ଅଯୋଗ୍ୟ ୩. ଅପସନ୍ଦ ।

**ନାପାସ** ***ବିଂ.*** ନାପସନ୍ଦ ।

**ନାପିତ** ***ବି.*** ବାଳ କାଟୁଥିବା ଓ ଯେକୌଣସି ମାଙ୍ଗଳିକ କାର୍ଯ୍ୟରେ ପାରମ୍ପରିକ ସହଯୋଗୀ, ବାରିକ, ଭଣ୍ଡାରୀ, *ସ୍ତ୍ରୀ.* ନାପିତୁଣୀ ।

**ନାବ** ***ବି.*** ପାଣିରେ ଯିବା ଆସିବା ପାଇଁ ବ୍ୟବହୃତ ଯାନ/ଉପକରଣ, ଡଙ୍ଗା, ନୌକା ।

**ନାବକେଳି** ***ବି.*** ନୌକା ବିହାର ।

**ନାବଡ଼ା** ***ବିଂ.*** ଲମ୍ପଟ, ଦୁଷ୍ଟ , ନିଲଠା ।

**ନାବାଳକ** ***ବି. ବିଂ.*** ଅପ୍ରାପ୍ତବୟସ୍କ, ଅଠର ବୟସରୁ କମ ବୟସ୍କ ।

**ନାବାଳିକା** ***ବି.*** ଅପ୍ରାପ୍ତବୟସ୍କା ବାଳିକା ।

**ନାବାଳିକି** ***ବି.*** ବାଳସୁଲଭ, ଅବୋଧ ଅବସ୍ଥା ।

**ନାବିକ** ***ବି.*** ଡଙ୍ଗାଚାଳକ, ନାଉରୀ; ***ବିଂ.*** ନୌକା ସମ୍ପର୍କିତ ।

**ନାଭାଲ୍** ***ବିଂ.*** ନୌସଂକ୍ରାନ୍ତ ।

**ନାଭି** ***ବି.*** ୧. ନାହି ୨. କେନ୍ଦ୍ର, ଚକର ହାଣ୍ଡି ; ***ବିଂ.*** ଶ୍ରେଷ୍ଠ, ପ୍ରଧାନ ।

**ନାଭିକଣ୍ଟକ** ***ବି.*** ଗାଣ୍ଠୁ, ଉଚ୍ଚ ନାହି ।

**ନାଭିଗୟା** ***ବି.*** ଯାଜପୁରର ବିରଜା କ୍ଷେତ୍ର ।

**ନାଭିଚ୍ଛେଦନ** ***ବି.*** ନବଜାତ ଶିଶୁର ନାଡ଼କୁ ଫୁଲରୁ କାଟିବା, ନାହିକଟା ।

**ନାମ୍‌କେ ବାସ୍ତେ** ***ଅ.*** ନାମକୁ ମାତ୍ର, ସାଧାରଣ ମାମୁଲି ।

**ନାମ** ***ବି.*** ନାଆଁ।

**ନାମକ** ***ବିଂ.*** ନାମ ଥିବା।

**ନାମକରଣ** ***ବି.*** ନାଆଁଦେବା ଉତ୍ସବ ।

**ନାମଜରା** ***ବିଂ.*** ବିଖ୍ୟାତ, ବିଶ୍ରୁତ, ବହୁଭାବରେ ଜଣାଶୁଣା ।

**ନାମକୀର୍ତ୍ତନ** ***ବି.*** ନାମ ସଂକୀର୍ତ୍ତନ, ଭଗବାନଙ୍କ ନାଁ ନେବା ।

**ନାମଗନ୍ଧ** ***ବି.*** ଆଭାସ ମାତ୍ର ।

**ନାମଗ୍ରାମ** ***ବି.*** ନାଁ, ଗାଁ, ଠିକଣା ।

**ନାମଜାଦା** ***ବିଂ.*** ପ୍ରସିଦ୍ଧ, ବିଖ୍ୟାତ ।

**ନାମଙ୍ଗ** ***ବିଂ.*** ଅସମ୍ମତ, ଗରରାଜି ।

**ନାମଞ୍ଜୁର** ***ବିଂ.*** ଅଗ୍ରାହ୍ୟ, ପ୍ରତ୍ୟାଖ୍ୟାନ ଯୋଗ୍ୟ ।

**ନାମତଃ** ***ଅ.*** ନାମକୁ ମାତ୍ର ।

**ନାମ ଦେବା** ***କ୍ରି.*** ୧. ନାମକରଣ କରିବା ୨. ଠକିବା, ଶଠତା କରିବା ୩. ଗୁରୁ ଶିଷ୍ୟଙ୍କୁ ଦୀକ୍ଷା ଦେବା ।

**ନାମଧାତୁ** ***ବି.*** ବିଶେଷ୍ୟ ବା ବିଶେଷଣରୁ ଗଠିତ ଧାତୁ ।

**ନାମଧାରି** ***ବିଂ.*** ନିର୍ଦ୍ଦିଷ୍ଟ ନାଁ ଓ ସାଙ୍ଗିଆ ଥିବା ।

**ନାମଫଳକ** ***ବି.*** ନାମାଙ୍କିତ ପଟା ବା ଫଳକ ।

**ନାମଧାମ** ***ବି.*** ନାଁ ଗାଁ ର ପରିଚୟ ।

**ନାମଧେୟ** ***ବିଂ.*** ନାମକ, ଆଖ୍ୟାତ ।

**ନାମବଡ଼ା** ***ବି.*** ନିଜର ବଡ଼ତି ଦେଖାଇ ହେଉଥିବା ଗୁଣ, ଅଯଥା ବଡ଼ପଣ, ମାତ୍ର କାମ କମ୍ ।

**ନାମମାତ୍ର** ***ଅ.*** କେବଳ ନାଁରେ, ନାଁକୁ ।

**ନାମଯଜ୍ଞ** ***ବି.*** ଅଷ୍ଟପ୍ରହରୀ, ଆଠ ପ୍ରହରବ୍ୟାପୀ ଆନୁଷ୍ଠାନିକ ନାମକୀର୍ତ୍ତନ ।

**ନାମସଂକୀର୍ତ୍ତନ** ***ବି.*** ଭଗବାନଙ୍କ ନାମ , ଦେବତାଙ୍କ ନାମକୁ ବାରମ୍ବାର ଆବୃତ୍ତି କରିବା ବା ଉଚ୍ଚାରଣ କରିବା ।

**ନାମହୀନ** ***ବିଂ.*** ଅଖ୍ୟାତ, ଅପରିଚିତ ।

**ନାମା** ***ବିଂ.*** ବିଖ୍ୟାତ, ପ୍ରସିଦ୍ଧ, ପ୍ରତିଷ୍ଠିତ ।

**ନାମାଙ୍କନ** ***ବି.*** ୧. ନାମର ଉଲ୍ଲେଖ ୨. କୌଣସି କାର୍ଯ୍ୟପାଇଁ ନିଜର ନାମ ପଞ୍ଜୀକରଣ ।

**ନାମାନ୍ତର** ***ବି.*** ଅନ୍ୟନାମ ।

**ନାମାବଳି** ***ବି.*** ୧. ହରିନାମ ଛାପାଥିବା ଚାଦର, ହରିନାମ ଛାପ ୨. ନାମର ତାଲିକା ।

**ନାମାମୃତ** ***ବି.*** ଅମୃତତୁଲ୍ୟ ହରିନାମ ।

**ନାମି** ***ବି.*** ଇଷ୍ଟ, ବିଷ୍ଣୁ ।

**ନାମୀ** ***ବିଂ.*** ପ୍ରଖ୍ୟାତ, ବିଖ୍ୟାତ, ବିଶାରଦ ।

**ନାୟକ** ***ବି.*** ୧. ନେତା, ଅଗ୍ରଣୀ ୨. ପ୍ରଭୁ, ସ୍ୱାମୀ, ପତି ୩. ସେନାପତି ୪. ନାଟକ, ଉପନ୍ୟାସର ମୁଖ୍ୟ ଚରିତ୍ର ୫. ନାଗର; ***ବିଂ.*** ଶ୍ରେଷ୍ଠ, ପ୍ରଧାନ, ମୁଖ୍ୟ ।

**ନାୟିକା** ***ବି.*** ୧. ରୂପଗୁଣସମ୍ପନ୍ନା ନାରୀ ୨. ନାଟକର ମୁଖ୍ୟ ନାରୀ ଚରିତ୍ର ।

**ନାରକୀ** ***ବିଂ.*** ପାପିଷ୍ଠ, ନରକଭୋଗୀ ।

**ନାରକୀୟ** ***ବିଂ.*** ୧. ଘୃଣ୍ୟ ୨. ନରକସମ୍ବନ୍ଧୀୟ ।

**ନାରଖାର** ***ବିଂ.*** ଛାରଖାର, ନଷ୍ଟ, ଧ୍ୱସ୍ତ, ଯତ୍ନହୀନ; ***ବି.*** ନାଶ, ଧ୍ୱଂସ, ଅଯତ୍ନ ।

**ନାରଗୁଣି** ***ବି.*** ଏକ ବଣୁଆ ଗଛ ।

**ନାରଙ୍ଗ** ***ବି.*** ୧. କମଳାଜାତୀୟ ଛୋଟ ଫଳ ୨. ଲମ୍ପଟ ।

**ନାରଙ୍ଗୀ** ***ବି.*** ନାଲିମିଶା ହଳଦିଆ ରଙ୍ଗ ।

**ନାରଦ** ***ବି.*** ଦେବର୍ଷି, ବ୍ରହ୍ମାଙ୍କ ପୁଅ, ମୁନି ବିଶେଷ; ***ବିଂ.*** ଦନ୍ତହୀନ ।

**ନାରଦିଆ** ***ବିଂ.*** କଳିହୁଡ଼ା, କଳିଲଗା ।

**ନାରା** ***ବି.*** ଦୁଆ, ଡାକରା, ଆହ୍ୱାନ ।

**ନାରାଚ** ***ବି.*** ଶର ।

**ନାରାଜ** ***ବିଂ.*** ୧. ଅସନ୍ତୁଷ୍ଟ ୨. ଅସମ୍ମତ, ରାଜି ନ ହେବା ।

**ନାରାୟଣ** ***ବି.*** ବିଷ୍ଣୁଙ୍କର ଅନ୍ୟନାମ ।

**ନାରାୟଣ ହେବା** ***କ୍ରି.*** ମରିଯିବା, ସ୍ୱର୍ଗବାସୀ ହେବା ।

**ନାରାୟଣୀ(ସେନା)** ***ବି.*** ଦ୍ୱାରକାଧୀଶ କୃଷ୍ଣଙ୍କର ସେନାବାହିନୀ ।

**ନାରିକେଳ** ***ବି.*** ନଡ଼ିଆ (ଗଛ ଓ ଫଳ), ଶ୍ରୀଫଳ ।

**ନାରୀ** ***ବି.*** ସ୍ତ୍ରୀଲୋକ ।

**ନାରୀକଳା** ***ବି.*** ରତିଶାସ୍ତ୍ର ।

**ନାରୀଧର୍ମ** ***ବି.*** ୧. ସତୀତ୍ୱ ୨. ନାରୀପାଳନ କରୁଥିବା ଧର୍ମ ୩. ମାସୁଆରି ।

**ନାଳ** ***ବି.*** ଛୋଟ କେନାଲ, ପାଟିରୁ ବୋହୁଥିବା ଲାଳ ।

**ନାଳି** ***ବି.*** ୧. ଛୋଟ ମାହାରା ୨. ପଇଡ଼ ଭିତରେ ଥିବା କଅଁଳ ଶସ ।

**ନାଳିଆ** ***ବି.*** କାଇଁଚବୁଣା ଛୋଟ ଆଧାରବିଶେଷ ।

**ନାଳୁଆ** ***ବି.*** ଛୋଟ ନାଳି ; ***ବିଂ.*** ୧. ନାଳ ଭଳି ୨. ଲାଳ ଲାଗିଥିବା ।

**ନାଳେଇବା** ***କ୍ରି.*** ୧. ନାଳ ନିର୍ଗତ ହେବା, ନାଳଯୁକ୍ତ ହେବା ୨. ଲାଳାୟିତ ହେବା ।

**ନାଲ** ***ବି.*** ୧. ବଳଦ ବା ଘୋଡା ଖୁରା ତଳେ କଣ୍ଟା ପିଟା ଖୁରା ଆକାରର ଲୁହାପାତ ୨. ଢୋଲକି ଜାତୀୟ ବାଦ୍ୟ ।

**ନାଲଟୁଙ୍ଗୁଲି** ***ବି.*** ସରୁ ନାଲିଧାନ ।

**ନାଲାଏକ** ***ବିଂ.*** ଅଯୋଗ୍ୟ, ଅନୁପଯୁକ୍ତ ।

**ନାଲିଆଖି ଦେଖେଇବା** ***କ୍ରି.*** ୧. କ୍ରୋଧ ପ୍ରକାଶ କରିବା ୨. ଭୟ ଦେଖାଇବା ।

**ନାଲି ଚା'** ***ବି.*** କ୍ଷୀର ପଡ଼ି ନଥିବା ଚା ।

**ନାଲିଚା** ***ବି.*** ଲୋଭ, ଆସକ୍ତି ।

**ନାଲିଛାଲି** ***ବି.*** ମିଛ ଅନୁରୋଧ ।

**ନାଲିଠିଆ** ***ବିଂ.*** ଫିକାରଙ୍ଗ ଯୁକ୍ତ ।

**ନାଲି ପଡ଼ିବା** ***କ୍ରି.*** ୧. ରାଗ ବା ଲାଜ ସରମରେ ମୁହଁ ରଙ୍ଗା ପଡ଼ିବା ୨. ଅତିଶୟ ଗରମରେ ମୁହଁ ରଙ୍ଗା ହୋଇଯିବା ।

**ନାଲିବନ୍ଧି** ***ବି.*** ବଳଦ, ଘୋଡା ଆଦିର ଖୁରା ତଳେ ନାଲ ମାରିବା କର୍ମ ।

**ନାଲିଶ୍** ***ବି.*** ଅଭିଯୋଗ, ଫେରାଦ ।

**ନାଶ** ***ବି.*** ୧. ହାନି ୨. ମୃତ୍ୟୁ, ନିଧନ, ବିୟୋଗ ୩. ବିଫଳତା ୪. ବିଲୟ, ବିଲୋପ ୫. ନିର୍ବାଣ ୬. ନିରାକରଣ ।

**ନାଶକ** ***ବି.ବିଂ.*** ୧. ନିହନ୍ତା, ଘାତକ ୨. ପ୍ରତିକାର ୩. ବିଲୋପକ ।

**ନାଶ କରିବା** ***କ୍ରି.*** ୧. ଦୂର କରିବା ୨. ନଷ୍ଟ କରିବା ୩. ଧ୍ୱଂସ କରିବା ୪. ବଧ କରିବା ୫. ତିରୋହିତ କରିବା ।

**ନାସ୍‌ନାଲ୍** ***ବିଂ.*** ଜାତୀୟ, ଜାତୀୟସ୍ତରର ।

**ନାସ** ***ବି.*** ନାକରେ ଶୁଙ୍ଘିବା ପାଇଁ ଧୂଆଁପତ୍ର ଚୂର୍ଣ୍ଣ ।

**ନାସଦାନି** ***ବି.*** ନାସ ଗୁଣ୍ଡ ରଖିବା ଡବା ବା କରାଟ ।

**ନାସନା** ***ବିଂ.*** ଅସନା, ଅପରିଷ୍କାର, ମଇଳା ।

**ନାସପତ୍ର** ***ବି.*** ଧୂଆଁପତ୍ର ।

**ନାସପାତି** ***ବି.*** ଫଳବିଶେଷ ।

**ନାସା, ନାସିକା** ***ବି.*** ନାକ, ଘ୍ରାଣେନ୍ଦ୍ରିୟ, ନାସିକା ।

**ନାସାଦାରୁ** ***ବି.*** ଚଉକାଠ ଉପରେ ଦିଆଯିବା କାଠ ପଟା ।

**ନାସାବଂଶ** ***ବି.*** ନାକ ଉପରର ଲମ୍ବା ମଧ୍ୟ ଭାଗ ।

**ନାସି** ***ବି.*** ୧.ଫଳ, ଫୁଲ, ବଳିତା, ଦଉଡ଼ି ଆଦିର ମଧ୍ୟଭାଗ ୨. ପର୍ବତ ବା ଭୂଭାଗର କ୍ରମସୂକ୍ଷ୍ମ ପ୍ରାନ୍ତଭାଗ – ଯାହା ଜଳାଶୟ ବା ନଦୀ ମଧ୍ୟକୁ ପଶି ଆସିଥାଏ, ଅନ୍ତରୀପ ୩. ପଇଡ଼ର ଦୁଇ ପଟେ ଥିବା ଲମ୍ବାଳିଆ ଡେମ୍ଫ ୪. ବଡ଼ କିଆରିର ଶେଷ ଆଡ଼କୁ ଥିବା ଗୋଜିଆ ଅଂଶ ।

**ନାସିକୀ** ***ବି.*** ନାକ, ଅନୁନାସିକ ସ୍ୱର ; ***ବିଂ.*** ନାସିକା ସମ୍ବନ୍ଧୀୟ ।

**ନାସେ** ***କ୍ରି.ବିଂ.*** ଧୀର କରି ।

**ନାସ୍ତା** ***ବି.*** ଜଳଖିଆ, ଜଳପାନ ।

**ନାସ୍ତି** ***ବି.*** ୧. ମନା, ବାରଣ ୨. ନିଷିଦ୍ଧ ୩. ନାହିଁ ।

**ନାସ୍ତିକ** ***ବି.ବିଂ.*** ୧. ପୁନର୍ଜନ୍ମ ପ୍ରତି ଅବିଶ୍ୱାସୀ ୨. ଈଶ୍ୱର ପ୍ରତି ଅବିଶ୍ୱାସୀ ୩. ବେଦନିନ୍ଦୁକ ।

**ନାହା** ***ବି.*** ୧. ସ୍ୱାମୀ, ପ୍ରଭୁ ୨. ନାଥ, ସାହା, ରକ୍ଷକ, ୩. ଡଙ୍ଗା ।

**ନାହାକ** ***ବି.*** ଅବଧାନ, ଜ୍ୟୋତିଷୀ ।

**ନାହାକା** ***ବି.*** ଗଛର ମୁଖ୍ୟ ଚେର ।

**ନାହାଚାଳିଆ** ***ବି.*** ନୁଆଣିଆ ଏକଚାଳିଆ ଘର ।

**ନାହାଳିବା** ***କ୍ରି.*** ଉଚ୍ଚସ୍ୱରରେ ଗର୍ଜନ କରିବା ।

**ନାହିଁ** ***ଅ.*** ନାସ୍ତିସୂଚକ ପଦ ।

**ନାହି** ***ବି.*** ଭ୍ରୂଣାବସ୍ଥାରେ ଯେଉଁ ନାଡ଼ ଦ୍ୱାରା ମାଆ ଦେହରୁ ଖାଦ୍ୟରସ ଗ୍ରହଣ କରେ, ଜନ୍ମ ପରେ ନାଭିଛେଦନର ଚିହ୍ନ ବହନ କରୁଥିବା ଶରୀରର ମଧ୍ୟ ବିନ୍ଦୁ, ନାହି ।

**ନାହିକଟା** ***ବି.*** ଶିଶୁ ଜନ୍ମ ପରେ ନାହି ଛେଦନ କର୍ମ ।

**ନାହି ଗଡ଼େଇବା** ***କ୍ରି.*** କାମ ପ୍ରତି ଅନିଚ୍ଛା ପ୍ରକାଶ କରିବା ।

**ନାହିଡ଼େଇଁବା** ***କ୍ରି.*** ବିରୋଧ ପ୍ରକାଶ କରିବା ।

**ନାହିନାଡ଼** ***ବି.*** ଭ୍ରୁଣ ସହ ଗର୍ଭବତୀର ସଂଯୋଗକାରୀ ନାଡ଼ୀ ।

**ନାହିନୁଟି** ***ବିଂ.*** ଆକୁଳ ବିକଳ ।

**ନାହିମୁଣ୍ଡା** ***ବି.*** ନାହିଖାତ ।

**ନାହିରେ ତେଲ ପକାଇବା** *କ୍ରି.* ଦକା ଶୂନ୍ୟ ହେବା, ନିଶ୍ଚିନ୍ତ ରହିବା ।

**ନାହିରେ ଓଦା କନା ପକେଇବା** *କ୍ରି.* ଭୋକ ଉପାସରେ କାଳ କାଟିବା ।

**ନାହୁଡ଼୍** *ବି.* ବିଛା, ଭଅଁର ପ୍ରଭୃତିଙ୍କ ଲାଞ୍ଜ ବା ଆଘାତ କରିବା କଣ୍ଟା ।

**ନାହୁଲ୍** *ବି.* କାନ ଅଳଙ୍କାର ।

**ନାହୁଲି** *ବି.* ଛଳ, ଛଟା, ବେଲି, ଥଟ୍ଟା, ପରିହାସ, ଛଳୋକ୍ତି, ଉପଚାର ।

**ନିଃଶେଷ** *ବିଂ.* ସରିଯାଇଥିବା ।

**ନିଃଶ୍ରେଣୀ** *ବି.* ଶିଡ଼ି, ନିଶୁଣି ।

**ନିଃଶ୍ୱାସ** *ବି.* ନାକବାଟେ ବାହାରକୁ ଆସୁଥିବା ବାୟୁ ।

**ନିଃଶ୍ୱାସ ପଡ଼ିବା** *କ୍ରି.* ଅଭିଶାପ ଭୋଗହେବା ।

**ନିଃଶ୍ୱାସ ପ୍ରଶ୍ୱାସ** *ବି.* ନାକବାଟେ ପବନ ବାହାରକୁ ଛାଡ଼ିବା ଓ ଭିତରକୁ ନେବା ।

**ନିଃସନ୍ତାନ** *ବିଂ.* ଅପୁତ୍ରକ, ପୁଅଝିଅ ନଥିବା ।

**ନିଃସନ୍ଦେହ** *ବିଂ.* ନିଶ୍ଚିନ୍ତ, ସନ୍ଦେହ ନଥିବା ।

**ନିଃସାରଣ** *କ୍ରି.* ନିଗାଡ଼ିବା, ଝରିଆସିବା, କାର୍ଯ୍ୟରୁ ବରଖାସ୍ତ ହେବା ।

**ନିଃସ୍ୱ** *ବିଂ.* ଦରିଦ୍ର, ନିର୍ଦ୍ଧନ ।

**ନିଅଁସି** *ବିଂ.* ବେଓ୍ୱାରିସ୍, ଅଂଶବଂଶ ନଥିବା, ଉତ୍ତରାଧିକାରୀ ନଥିବା

**ନିଅ** *ଅ.* ନେବାକୁ ବା ଗ୍ରହଣ କରିବାକୁ କହିବା ।

**ନିଅଣ୍ଟ** *ବି.* ଅଭାବ, ପ୍ରୟୋଜନରୁ ଅଳ୍ପ, ନଖଟ ।

**ନିଅଣ୍ଟିଆ** *ବିଂ.* ଅଭାବଗ୍ରସ୍ତ, ନଖଟିଆ ।

**ନିଆଁ** *ବି.* ଅଗ୍ନି, କୁଏ ।

**ନିଆଁଅଟା** *ବି.* ପାଳ ବା କୁଟାରେ ପ୍ରସ୍ତୁତ ବରିଆ, ଲଦା ।

**ନିଆଁ ଉଦ୍ଦେଇ** *ବିଂ.* ନିଆଁ ଲଗାଇବା ପାଇଁ ବ୍ୟବହୃତ ଚଉଡ଼ା ମାଟି ପଲମ ।

**ନିଆଁଖଡ଼ିକା** *ବି.* ଦିଆସିଲିକାଠି ।

**ନିଆଁଖୁଣ୍ଟା** *ବି.* ଦରଜଳା କାଠ ବା କାଠି ଇତ୍ୟାଦି, ନିଆଁକାଠି ।

**ନିଆଁଗିଲା** *ବିଂ.* ଅତି ମିଛୁଆ, ଡାହା ଗାଲୁଆ ।

**ନିଆଁ ଦେବା** *କ୍ରି.* ମଶାଣିରେ ଶବ ଦେହରେ ମୁଖାଗ୍ନି ସଂଯୋଗ କରିବା ।

**ନିଆଁ ଧରେଇବା** *କ୍ରି.* ରୋଷେଇ ପାଇଁ ଚୁଲାରେ ନିଆଁ ଲଗେଇବା ।

**ନିଆଁଧାସ** *ବି.* ଜଳନ୍ତା ନିଆଁର ତାଉ ।

**ନିଆଁଧୂଆଁ** *ବିଂ.* ପୂରା ନଷ୍ଟ ; *ବି.* ୧. ନିଆଁର ଧୂଆଁ ୨. ଦରଦାମ୍ ବୃଦ୍ଧି ୩. ଚିହ୍ନ ବର୍ଣ୍ଣ ।

**ନିଆଁନିଭାଳି** *ବିଂ.* ଯେଉଁ ବ୍ୟକ୍ତି ବା ସଂସ୍ଥା, ଜଳନ୍ତା ନିଆଁ/ ଘରପୋଡ଼ି ବେଳେ ନିଆଁ ଲିଭାନ୍ତି, ଫାୟାର ମେନ୍‌ଫାୟାର ବ୍ରିଗେଡ଼ ।

**ନିଆଁପାଣି** *ବି.* ଅଗ୍ନି (ବିଦ୍ୟୁତ୍) ଓ ଜଳ ଯୋଗାଣ ।

**ନିଆଁପାଣି ବାସନ୍ଦ** *ବି.* ସାମାଜିକ ଦଣ୍ଡ ବିଶେଷ, ନିଆଁ ଆଉ ପାଣି ବାରଣ ।

**ନିଆଁପେଡ଼ି** *ବି.* ଦିଆସିଲି, ଅଗରେ ବାରୁଦଯୁକ୍ତ ଛୋଟ କାଠିଗୁଡ଼ିଏ ରହୁଥିବା ଖୋଳ ।

**ନିଆଁ ପୋଇଁବା** *କ୍ରି.* ନିଆଁ ପାଖରେ ବସି ଉଷୁମତାଣିବା ।

**ନିଆଁ ବର୍ଷିବା** *କ୍ରି.* ଖରାଦିନର ଅତି ତାତିଲା ପବନ ବହିବା ।

**ନିଆଁବାଣ** *ବି.* ଅଗ୍ନିଶର୍ମା, ରାଗରେ ନାଲି ପଡ଼ିବା ।

**ନିଆଁରଡ଼** *ବି.* ଜଳନ୍ତା ନିଆଁଖଣ୍ଡ, ଉତ୍ତେଜିତ ବ୍ୟକ୍ତି ।

**ନିଆଁରେ ମୂତିବା** *କ୍ରି.* ୧. ଅନ୍ୟ ସହ ସମଅଧିକାର ନ ପାଇବା ଭଳି କୌଣସି କାମ କରିବା ୨. ନୀତିହୀନ କାମକରିବା ।

**ନିଆଁଲଗା** *ବି.* (ଗାଳିବିଶେଷ) ଝଗଡ଼ା ସୃଷ୍ଟିକାରୀ, ଦୁଷ୍ଟ ।

**ନିଆଁ ଲଗେଇବା** *କ୍ରି.* ୧. ଅଗ୍ନି ସଂଯୋଗ କରିବା ୨. ଝଗଡା ଭିଆଇବା ।

**ନିଆଁଲୁଣ୍ଡା** *ବି.* କୁଟା ବା ପାଳରେ ଜଳନ୍ତା ଅଙ୍ଗାର ଲୁଣ୍ଡା ।

**ନିଆଁ ହେବା** *କ୍ରି.* ଅଧିକ ରାଗିଯିବା ।

**ନିଆଁହୁଳା** *ବି.* ବରିଆ, ଲଦା, ମଶାଲ ।

**ନିଆଜ** *ବି.* ସ୍ତୁତି, ଅନ୍ଦାଜ ।

**ନିଆଣି** *ବିଂ.* ଯାହାର କିଛି ଆଶା ଭରସା, ଆଶ୍ରୟ ନ ଥାଏ ।

**ନିଆରା** *ବିଂ.* ୧. ଅଲଗା, ପୃଥକ ୨. ଦୋସରା ୩. ଭିନ୍ନ ।

**ନିଆଳି** *ବି.* ବଣମଲ୍ଲୀ ।

**ନିଉଛାଣି[ଳି]** *ବି.* ପୂଜା, ବନ୍ଦନା, ଆରତି, ବିନତି, ପ୍ରାର୍ଥନା ଅନୁନୟ ବିନୟ ।

**ନିଉଛୁଣା,ନୁଉଛୁଣା** *ବିଂ.* ୧. ତୁଚ୍ଛ, ହୀନ ୨. ଅଦରକାରୀ ୩. ଘୃଣ୍ୟପ୍ରକୃତିର ।

**ନିଉଜ୍** *ବି.* ସମ୍ବାଦ ।

**ନିଉଜ୍‌ପେପର** *ବି.* ସମ୍ବାଦପତ୍ର ।

**ନିଉତା** *ବି.* ପାରିବାରିକ ସ୍ନେହଭରା ନିମନ୍ତ୍ରଣ ।

**ନିଉନ** *ବିଂ.* ନ୍ୟୂନ, ଊଣା ।

**ନିକ** *ବିଂ.* ୧. ଭଲ ୨. ଡଉଲ, ସୁନ୍ଦର ।

**ନିକ ତେଲ** *ବି.* ସୋରିଷ ତେଲ ।

**ନିକଟ** *ବିଂ.* ୧. ଅଦୂର, ସମୀପ ୨. ଆସନ୍ନ ୩. ସନ୍ନିହିତ ୪. ଘନିଷ୍ଠ (ନିକଟବନ୍ଧୁ) ; *ବି.* ପାଖ ।

**ନିକଟବର୍ତ୍ତୀ** *ବିଂ.* ପାଖରେ ଥିବା ।

**ନିକଟ ଭବିଷ୍ୟତ** *ବି.* ଖୁବ ନିକଟ ସମୟ, ଆଗାମୀ କାଳ ।

**ନିକଟ ସମ୍ପର୍କ** ***ବି.*** ଘନିଷ୍ଠ ସମ୍ବନ୍ଧ ।

**ନିକଣ୍ଟକ** ***ବିଂ.*** ଶତ୍ରୁଶୂନ୍ୟ, ନିଷ୍କଣ୍ଟକ ।

**ନିକମା** ***ବିଂ.*** କର୍ମକୋଢ଼ି, ଅକର୍ମା, ଅକାମିକା ।

**ନିକର୍** ***ବି.*** ହାଫ୍‌ପ୍ୟାଣ୍ଟ ।

**ନିକର** ***ବି.*** ୧. ସମୂହ ୨. କରଶୂନ୍ୟ, ଲାଖରାଜ୍ (ଜମିବାଡ଼ି) ।

**ନିକଲ** ***କ୍ରି.*** ବାହାରି ଯା, ପଳା, ଆଦେଶାତ୍ମକ ପଦ ।

**ନିକଷ** ***ବି.*** କଷଟିପଥର, ମାଣପଥର ।

**ନିକା** ***ବି.*** ମୁସଲମାନ ସମ୍ପ୍ରଦାୟରେ ବିବାହ ; ***କ୍ରି.*** ଗୋବର ଲିପିବା ।

**ନିକାଞ୍ଚନ** ***ବିଂ.*** ୧. ଜନଶୂନ୍ୟ, ନିର୍ଜନ ୨. ଧନହୀନ ।

**ନିକାମ** ***ବିଂ.*** ପ୍ରଭୂତ, ପ୍ରଚୁର, ଇଚ୍ଛା ଅନୁସାରେ ।

**ନିକାୟ** ***ବି.*** ୧. ଘର ୨. ପରମାତ୍ମା ୩. ଲକ୍ଷ୍ୟ ।

**ନିକାଲିବା** ***କ୍ରି.*** ତଡ଼ିଦେବା, ବାହାର କରିବା ।

**ନିକାଶ, ନୀକାଶ** ***ବି.*** ତୁଲ୍ୟ, ନିର୍ଗମନ ; ***ବିଂ.*** ସଦୃଶ, ସମୀପ ।

**ନିକାଷ** ***ବି.*** ଘର୍ଷଣ, କର୍ଷଣ ।

**ନିକି** ***ଅ.*** ୧. ନାହିଁ କି, ପରା ୨. ସତେ, ନିଶ୍ଚେ ୩. କେମିତି, ସମ୍ଭବତଃ ।

**ନିକିଟା** ***ବିଂ.*** ୧. ଅତି ଚିପା, ଅତି କସା ୨. ଖୁଣ୍ଟି ନାଣ୍ଟି ପରୀକ୍ଷା କରୁଥିବା ।

**ନିକିଟି ହେବା** ***କ୍ରି.*** ୧. ବିନୀତ ଅନୁରୋଧ କରିବା ୨. ଛେନାରୁ ଚୋପା ଛଡ଼ାଇବା ।

**ନିକିବାଲି** ***ବି.*** ସରୁ ଓ ସୁନ୍ଦର ବାଲି ।

**ନିକିମା** ***ବିଂ.*** କାମ ଧନ୍ଦା ନଥିବା, ବେକାର ।

**ନିକୁ** ***ବିଂ.*** ଉତ୍‌କୃଷ୍ଟ, ଅସଲ ।

**ନିକୁଚ୍ଛା** ***ବିଂ.*** ନଗଣ୍ୟ ।

**ନିକୁଛିଆ** ***ବିଂ.*** କୃପଣ, କୁଣ୍ଠିତମନା ।

**ନିକୁଞ୍ଜ** ***ବି.*** ବିଳାସ ଭବନ, ଲତାବ୍ୟାପ୍ତ କୁଞ୍ଜ, ଲତାମଣ୍ଡପ ।

**ନିକୁଟି ହେବା** ***କ୍ରି.*** ୧. ଦାନ୍ତ ଦେଖାଇ ନ୍ୟୂନତା ପ୍ରକାଶ କରିବା ୨. ଜୀରାରୁ ଶିରା କାଢ଼ିବା ।

**ନିକୁଟି ନାକୁଟିହେବା** ***କ୍ରି.*** କାକୁତି ମିନତି କରିବା ।

**ନିକୁଟିନାଥିଆ** ***ବିଂ.*** କୃପଣ, କାମ୍ପି ।

**ନିକେତ, ନିକେତନ** ***ବି.*** ୧. ଗୃହ, ବାସଭବନ ୨. ସ୍ଥାନ ୩. ଆଶ୍ରମ, ତପୋବନ ।

**ନିକେଲ୍** ***ବି.*** ସୀସା ଧାତୁ ବା ସେଇ ଧାତୁ ରଙ୍ଗ, କଲେଇ ।

**ନିକ୍ୱଣ** ***ବି.*** ବୀଣା ଆଦି ତାର ଯନ୍ତ୍ର ବା ପାଉଁଜିର ଶବ୍ଦ, ଝଙ୍କାର ।

**ନିଖ** ***ବି.*** ୧. ଛୋଟଉକୁଣି ୨. ଉକୁଣି ଡିମ୍ବ ।

**ନିଖଳିଆ** ***ବିଂ.*** ଖଳ କରୁନଥିବା, ସରଳ, ସୁଧାର ।

**ନିଖାରିବା** ***କ୍ରି.*** ନିକୁଟି ଦେଖିବା ।

**ନିଖିଏ** ***କ୍ରି.ବିଂ.*** ୧. ସାମାନ୍ୟ ପରିମାଣରେ ୨. ସାଧାରଣ କଥାରେ ।

**ନିଖିଳ, ଖିଳ** ***ବିଂ.*** ସମଗ୍ର, ସର୍ବ ; ***ବି.*** ବ୍ରହ୍ମାଣ୍ଡ, ନିଖୋଳା ।

**ନିଖୁଣ** ***ବିଂ.*** ଅକ୍ଷତ, ଖୁଣ ନ ଥିବା ।

**ନିଖୋଜ** ***ବିଂ.*** ଯାହାର ଖୋଜଖବର ନାହିଁ ।

**ନିଗଡ଼** ***ବି.*** ୧. ଲୌହ ଶୃଙ୍ଖଳବନ୍ଧନ, ଗୋଡ଼ର ବେଡ଼ି ୨. ପର-ରା ।

**ନିଗଡ଼ା** ***ବିଂ.*** ଶୁଖିଲା(ପୋଗ), ଆର୍ଦ୍ରତା ହ୍ରାସ ପାଇଥିବା ।

**ନିଗମ** ***ବି.*** ୧. ଶ୍ରୁତି, ବେଦ ୨. ବାଣିଜ୍ୟ, ହାଟ, ମେଳା ୩. ପଥ ୪. ଉପଦେଶ ୫. ସ୍ୱୟଂ ନିୟନ୍ତ୍ରିତ ସଂସ୍ଥା ବା ସ୍ୱାୟତ୍ତ ସଂସ୍ଥା ୬. ବଣିକ ସଂଘ ୭. ପୌରସଭା, କରପୋରେସନ୍ ।

**ନିଗାଡ୍** ***ବିଂ.*** ଦୁର୍ବଳିଆ, ପତଳା ।

**ନିଗାଡ଼ିବା** ***କ୍ରି.*** ପୂରା ଅଜାଡ଼ିବା, ରସ ବାହାରକରିବା ।

**ନିଗିଡ଼ି** ***ବି.*** ଧୁନିର କାଠଗଣ୍ଡି ।

**ନିଗିଡ଼ିବା** ***କ୍ରି.*** ଅଳ୍ପ ପରିମାଣରେ ତରଳ ପଦାର୍ଥ ବହିଯିବା ବା ଗଡ଼ିଯିବା ।

**ନିଗୁଦି** ***ବି.*** ବଟା ଭାଙ୍ଗର ଗୁଳା ।

**ନିଗୁସିଆଁ** ***ବିଂ.*** ଗୋସେଇଁ ବା ମାଲିକ ନଥିବା ।

**ନିଗୂଢ଼** ***ବିଂ.*** ପ୍ରଚ୍ଛନ୍ନ, ଗୁପ୍ତ, ଭିତିରିଆ ।

**ନିଗ୍ରହ** ***ବି.*** ୧. ଭର୍ତ୍ସନା ୨. ବଳାତ୍କାର ୩. ପରାଜୟ ୪. ବିରୋଧ, ୫. ସଂଯମ ***ବିପ.*** ଅନୁଗ୍ରହ ।

**ନିଗ୍ରୋ** ***ବି.*** ଆଫ୍ରିକୀୟ ଜନଜାତିବିଶେଷ ।

**ନିଘଞ୍ଚ** ***ବିଂ.*** ଘଞ୍ଚ, ଘୋର, ଗହନ, ନିବିଡ଼ ।

**ନିଘା** ***ବି.*** ୧. ଦୃଷ୍ଟି ୨. ଦାୟିତ୍ୱବୋଧ ୩. ଯତ୍ନ ସହିତ ଦେଖାଶୁଣା ।

**ନିଘଣ୍ଟୁ** ***ବି.*** ବୈଦିକ ଶବ୍ଦାବଳୀର ଅଭିଧାନ, ବୈଦ୍ୟଶାସ୍ତ୍ର ଅଭିଧାନ ।

**ନିଘୋଡ଼** ***ବିଂ.*** ଗଭୀର, ଗାଢ଼ ।

**ନିଘୋଡ଼ନିଦ** ***ବି.*** ଗଭୀର ନିଦ ।

**ନିର୍ଘଣ୍ଟ** ***ବି.*** କାର୍ଯ୍ୟସୂଚୀ, ତାଲିକା ।

**ନିଚ୍‌ପଟ୍** ***ବିଂ.*** ପୂରାପୂରି, ସମ୍ପୂର୍ଣ୍ଣତୟା ।

**ନିଚ୍‌ପଟା** ***ବି.*** ନିପଟ ।

**ନିଚୟ** ***ବି.*** ସମୂହ, ସଞ୍ଚୟ, ସଂଗ୍ରହ ।

**ନିଚିପର, ନିଚିପଡ଼** ***ବିଂ.*** ପରିଷ୍କୃତ, ସ୍ୱଚ୍ଛନ୍ଦ ।

**ନିଚୁ** ***ଅ.*** ନାହିଁ ।

**ନିଚୁଟ** *ବି.* ଅଭାବ ।

**ନିଚୁଳ** *ବି.* ୧. ଉତ୍ତରୀୟ ବସ୍ତ୍ର ୨. ବେତଗଛ ।

**ନିଚେଲ୍** *ବିଂ.* ନିର୍ଲଜ୍ଜ, ବେସରମା ।

**ନିଚୋଳ** *ବି.* ୧. ଘାଗରା ୨. ଉତ୍ତରୀୟ ବସ୍ତ୍ର ୩. ବର୍ମ ବା ସାଞ୍ଜୁ ।

**ନିଚୋଳା, ନିଚୋଳୀ** *ବି.* ୧. ଆବରଣ ବସ୍ତ୍ର ୨. ବିଛଣା ଚଦର ୩. ଉତ୍ତରୀୟ ।

**ନିଛକ** *ବିଂ.* ଖାଣ୍ଟି, ଅବିମିଶ୍ରିତ ।

**ନିଛାଟ** *ବି.* ବିଜନତା, ଏକାକିତା ।

**ନିଛାଟିଆ** *ବିଂ.* ନିର୍ଜନ, ଏକୁଟିଆ, କେହି କୁଆଡେ ନଥିବା ।

**ନିଛିବା** *ବି.* ଚୋପାଛଡ଼େଇବା, ଚାଞ୍ଛିବା ।

**ନିଛିଦ୍ର** *ବିଂ.* ଯହିଁରେ ଛିଦ୍ର ନାହିଁ, ତ୍ରୁଟିହୀନ, ନୀରନ୍ଧ୍ର ।

**ନିଜ** *ବି.* ଖଳା ବା କ୍ଷେତରେ ଭୋଗ କରାହେବା ଖିରି ଖେଚଡ଼ି ; *ବିଂ.* ସ୍ୱକୀୟ, ବ୍ୟକ୍ତିଗତ, ସ୍ୱାଭାବିକ ।

**ନିଜଚାଷ, ନିଜଜୋତ** *ବି.* ପୂର୍ବେ ଜମିଦାରଙ୍କ ନିଜ ଚାଷରେ ଥିବା ଜମି ।

**ନିଜଞ୍ଜାଳ** *ବିଂ.* ନିଶ୍ଚିନ୍ତ, ଜଞ୍ଜାଳଶୂନ୍ୟ ।

**ନିଜନ** *ବିଂ.* ନିର୍ଜନ, ନିଛାଟିଆ, ଲୋକଶୂନ୍ୟ ।

**ନିଜସ୍ୱ** *ବିଂ.* ବ୍ୟକ୍ତିଗତ, ନିଜ ଅଧିକାରଭୁକ୍ତ, ପୂରା ନିଜର ; *ବି.* ସ୍ୱକୀୟସମ୍ପତ୍ତି, ନିଜରଧନ, ଆପଣାର ଧନ ।

**ନିଜାଝାର** *ବି.* ନିର୍ଜନ ସ୍ଥାନ, ବଣ ଜଙ୍ଗଲ ।

**ନିଜାମ** *ବି.* ସ୍ୱାଧୀନତା ପୂର୍ବବର୍ତ୍ତୀ ହାଇଦ୍ରାବାଦର ମୁସଲମାନ ରାଜାଙ୍କ ଉପାଧି ।

**ନିଜାମତ** *ବି.* ଫୌଜଦାରୀ ଶାସନ ବିଭାଗ ।

**ନିଜାମତି** *ବିଂ.* ଫୌଜଦାରୀ ଶାସନ ସମ୍ବନ୍ଧୀୟ ।

**ନିଜାମଥାନ** *ବି.* ଠିକଣା ଜାଗା ।

**ନିଜାରତୀ** *ବିଂ.* ନିଜାରତ ସମ୍ବନ୍ଧୀୟ ।

**ନିଜାରସ** *ବି.* ନାଜରଙ୍କ କାର୍ଯ୍ୟାଳୟ, ନାଜରଖାନା ।

**ନିଜେ** *ଅ.* ସ୍ୱୟଂ, ଆପେ, ସ୍ୱେଚ୍ଛାରେ ।

**ନିଜୋର, ନିଜୋରିଆ** *ବିଂ.* ନିର୍ବଳ, ଅସମର୍ଥ, ଶକ୍ତିହୀନ ।

**ନିଜୋରି** *ବି.* ନିର୍ବଳତା, ଅସାମର୍ଥ୍ୟ ।

**ନିଝଞ୍ଜଟ** *ବିଂ.* ଝଞ୍ଜଟଶୂନ୍ୟ, ନିର୍ବିବାଦ, ଅବାଧ, ଗଣ୍ଡଗୋଳଶୂନ୍ୟ ।

**ନିଝାଟ୍** *ବିଂ.* ସ୍ଥିର, ଘୁଞ୍ଚୁନଥିବା ।

**ନିଝୁମ** *ବିଂ.* ନିଃଶବ୍ଦ, ନୀରବ, ନିସ୍ତବ୍ଧ, ଶବ୍ଦଶୂନ୍ୟ ।

**ନିଝୋଲା, ନିଝୋଲିଆ** *ବିଂ.* ଦୁର୍ବଳ ।

**ନିଟ୍** *ବି.* ଶେଷଲାଭ ; *ବିଂ.* ୧. ଆନୁଷଙ୍ଗିକ ଖର୍ଚ୍ଚ ପରେ ବଳିଥିବା (ଅର୍ଥ ବା ଲାଭ) ୨. ଖାଣ୍ଟି ବା ଅସଲ ୩. ପରିଚ୍ଛନ୍ନ ।

**ନିଟୋଳ** *ବିଂ.* ସୁଠାମ, ଡଉଲ, ସୁଗଠିତ ।

**ନିଠା, ନିଠୁଆ** *ବିଂ.* ଦୀର୍ଘସୂତ୍ରୀ, ବିଳମ୍ବ ଯାଏ ଧୀରେ ସୁସ୍ଥେ କାର୍ଯ୍ୟକାରୀ ।

**ନିଠାଇ, ନିଠେଇ** *କ୍ରି.ବିଂ.* ୧. ଏକାଗ୍ର ଭାବରେ ୨. ନିଖୁଣ ଭାବରେ, ନିକିନିଖି ଭାବରେ ।

**ନିଠାର୍** *ବିଂ.* ବହୁତ, ବେଶି, ଆବଶ୍ୟକତାରୁ ବହୁ ଅଧିକ ।

**ନିଠୁର** *ବିଂ.* ଦୟାହୀନ, ନିଷ୍ଠୁର, ନିର୍ଦ୍ଦୟ, ରାଢ଼ ।

**ନିଠେଇ ନିଠେଇ** *କ୍ରି.ବିଂ.* ଟିକିନିକି, ଢିଲା ନଦେଇ (କାମ କରିବା) ।

**ନିଡର** *ବିଂ.* ନିର୍ଭୟ , ସାହସୀ ।

**ନିଡରୁଆ** *ବିଂ.* ଭୟ କରୁ ନଥିବା ଲୋକ, ନିର୍ଭୀକ ।

**ନିତମ୍ବ** *ବି.* ସ୍ତ୍ରୀ ଲୋକଙ୍କ ପିଚା, କଟିଦେଶ **ବି.ବିଂ.** ନିତମ୍ବିନୀ ।

**ନିତାନ୍ତ** *କ୍ରି.ବିଂ.* ନିହାତି, ଏକାନ୍ତ ପକ୍ଷରେ ; *ବିଂ.* ୧. ଅତିଶୟ, ଅତିମାତ୍ର, ନିପଟ ୨. ଯଥାର୍ଥ, ଠିକ୍ ୩. କୌଣସି ପ୍ରକାର ।

**ନିତି** *ବିଂ.* ରୋଜ, ପ୍ରତିଦିନ, ପ୍ରତ୍ୟହ ।

**ନିତ୍ୟ** *ବିଂ.* ସର୍ବଦା, ପ୍ରତ୍ୟହ, ପ୍ରାତ୍ୟହିକ, ନିୟମିତ ରୂପେ ; ନିୟମିତ ।

**ନିତ୍ୟକର୍ମ** *ବି.* ନିତିଦିନିଆ କାମ, ପ୍ରତିଦିନର ଧର୍ମ କର୍ମ ବା ପୂଜାଦି ।

**ନିତ୍ୟନୈମିତ୍ତିକ** *ବିଂ.* ନିତିଦିନିଆ, ଆଚାରବିଧି ଅନୁସାରେ ଅନୁଷ୍ଠିତ (କର୍ମ) ।

**ନିତ୍ୟାନି** *ବି.* ୧. ଗୋରସ, ଦୁଗ୍ଧ ; *କ୍ରି.ବିଂ.* ନିତିଦିନିଆ ।

**ନିଥର** *ବିଂ.* ନିଶ୍ଚଳ, ସ୍ଥିର, ସ୍ତମ୍ଭିତ ।

**ନିଥରିବା, ନିଥାରିବା** *କ୍ରି.* ୧. ଝରିବା, ଝରାଇବା ୨. ଅଳ୍ପ ପରିମାଣରେ ଢ଼ାଳିବା ।

**ନିଦ** *ବି.* ଶୋଇବା, ଝୁମରା, ନିଦ୍ରା ।

**ନିଦକ୍** *ବିଂ.* ଦକ ନଥିବା, ବେପରୁଆ, ଚିନ୍ତାଶୂନ୍ୟ ।

**ନିଦବଟିକା** *ବି.* ନିଦ ହେବାପାଇଁ ଖିଆ ଯାଉଥିବା ବଟିକା ।

**ନିଦବାଉଳା** *ବି.* ଶୋଇଥିବା ଅବସ୍ଥାରେ ବାଉଳି ହେବା ।

**ନିଦ ମଳମଳ** **ବିଂ.** ଘୁମ ଢୁଳୁ ଢୁଳୁ , ନିଦରେ ଟଳମଳ ।

**ନିଦମାଟି** *ବି.* (ଲୋକ ବିଶ୍ୱାସ) ମନ୍ତ୍ରବଳରେ ନିଦ୍ରା ଉତ୍ପାଦକ ଧୂଳି ।

**ନିଦମ୍** *ବିଂ.* ଦୁର୍ବଳ, ଧୈର୍ଯ୍ୟହୀନ, ବେମଜଭୁତ୍ ।

**ନିଦମ୍ଳା** *ବିଂ.* ପାମ୍ପରା, ଦୁର୍ବଳ, ନିଜୋର୍ ।

**ନିଦର୍ଶକ** *ବିଂ.* ଯେ ଉଦାହରଣ ଦିଏ, ଦୃଷ୍ଟାନ୍ତ ଦିଏ ।

**ନିଦର୍ଶନ** *ବି.* ଦୃଷ୍ଟାନ୍ତ, ନମୁନା, ଉଦାହରଣ ।

**ନିଦର୍ଶନୀ** *ବି.* ସୂଚୀପତ୍ର, ପ୍ରଦର୍ଶିତ ସୂଚନା ।

**ନିଦା** *ବିଂ.* ୧. ଠୋସ୍ ୨. ଖାଣ୍ଟି ୩. ନିବୁଜ ୪. ଯାହା ପୋଲା ବା ଫମ୍ପା ନୁହେଁ ବା ଓଜନିଆ ।

**ନିଦାଘ ବି.** ଟାଣଖରା, ଗ୍ରୀଷ୍ମକାଳ ।

**ନିଦାନ୍ ବିଂ.** ଠିକ, ଯଥାର୍ଥ ।

**ନିଦାନ ବି.** ୧. ନିଷ୍କର୍ଷ ୨. ଆଦିକାରଣ, ମୂଳ କାରଣ ୩. ରୋଗ ହେତୁ, ରୋଗନିର୍ଣ୍ଣୟ, ରୋଗ ନିରୂପଣ/ଚିକିତ୍ସା ।

**ନିଦାନବିଦ୍ୟା, ନିଦାନଶାସ୍ତ୍ର ବି.** ରୋଗର ହେତୁ ନିର୍ଣ୍ଣୟ ବିଷୟକ ଶାସ୍ତ୍ର, ପାଥୋଲଜି ।

**ନିଦାବିଷ୍ଟୁ ବି.ବିଂ.** ନିଶ୍ଚିନ୍ତ, ଛନ୍ଦକପଟହୀନ ।

**ନିଦାରୁଠା ବିଂ.** ନିଷ୍ଠୁର, ଦୁଃସହ , ନିଦାରୁଣ ।

**ନିଦିଧ୍ୟାସନ ବି.** ଗଭୀର ଧ୍ୟାନ, ଶାସ୍ତ୍ର ପଠନ ।

**ନିଦୁଆ ବିଂ.** ନିଦ୍ରାଳୁ, ଝୁମ୍‌ରୁ ।

**ନିଦେଶ ବି.** ୧. ଆଦେଶ, ଶାସନ ୨. ନିକଟ ।

**ନିଦ୍ରା ବି.** ନିଦ, ଶୟନ, ତନ୍ଦ୍ରା, ଝୁମରା, ଘୁମ ।

**ନିଦ୍ରାଗ୍ରସ୍ତ ବିଂ.** ସୁପ୍ତ, ନିଦ୍ରିତ, ଗାଢ଼ ନିଦରେ ଶୋଇଥିବା ।

**ନିଦ୍ରାବିଷ୍ଟ ବିଂ.** ଯାହାକୁ ନିଦ ଘାରିଛି ବା ନିଦ ଝାଙ୍କିଛି ।

**ନିଦ୍ରାଭଙ୍ଗ ବି.** ନିଦ ଭାଙ୍ଗିଯିବା, ଚେଇଁ ଉଠିବା, ନିଦରୁ ଉଠିବା ।

**ନିଦ୍ରାଳସ ବି.** ନିଦ ପୂର୍ବରୁ ଶାରୀରିକ ଆଳସ୍ୟ, (*ସ୍ତ୍ରୀ.*) ନିଦ୍ରାଳସା ।

**ନିଦ୍ରାଳୁ ବିଂ.** ନିଦୁଆ ।

**ନିଦ୍ରିତ ବିଂ.** ନିଦରେ ଅଚେତ, ଶୋଇଥିବା, ନିଦ ଯାଇଥିବା ।

**ନିଧଡ଼କ ବି.** ଚିନ୍ତାମୁକ୍ତ, ନିଶ୍ଚିନ୍ତା ।

**ନିଧନ ବି.** ୧. ମରଣ ୨. ଦରିଦ୍ର, ଧନହୀନ ।

**ନିଧାନ ବି.** ୧. ଆଧାର ୨. ଭଣ୍ଡାର, ଧନାଗାର ।

**ନିଧାର୍ଯ୍ୟ ବିଂ.** ନିଶ୍ଚିତ, ସ୍ଥିରୀକୃତ, ନିର୍ଦ୍ଦିଷ୍ଟ ।

**ନିଧି ବି.** ୧. ଧନପାତ୍ର ୨. ଗଚ୍ଛିତ ଧନ ୩. ନ୍ୟାସ, ବିଶେଷ ଉଦ୍ଦେଶ୍ୟରେ ରକ୍ଷିତ ବା ନିୟୋଜିତ ଧନ ୪. ମାଟିତଳୁ ମିଳିଥିବା ଧନ ୫. ମୂଲ୍ୟବାନ ସମ୍ପଦ, ରତ୍ନତୁଲ୍ୟ ବସ୍ତୁ ।

**ନିଧୁବନ ବି.** ୧. ସମ୍ଭୋଗ, ମୈଥୁନ, ରତିକ୍ରିୟା ୨. ଲୀଳା ସ୍ଥଳ, ଶୃଙ୍ଗାରକୁଞ୍ଜ ।

**ନିନଦ, ନିନାଦ ବି.** ଉଚ୍ଚ ଧ୍ୱନି, ଗର୍ଜନ, କଣ୍ଠ ଧ୍ୱନି ।

**ନିନାଦିତ ବିଂ.** ଧ୍ୱନିତ, ଘୋଷିତ ।

**ନିନି ବି.** ଝିଅ, ଛୋଟ ଝିଅ, କୁନି ।

**ନିନ୍ଦକ ବିଂ.** ନିନ୍ଦାକାରୀ, କୁତ୍ସାକାରୀ ।

**ନିନ୍ଦା ବି.** ଅପ୍ରଶଂସା, କୁତ୍ସା, ବଦନାମ, ପରାଭବ ।

**ନିନ୍ଦାପ୍ରସ୍ତାବ ବି.** ବିଧାନସଭା ବା ଲୋକସଭାରେ ଅଣାଯାଉଥିବା ତିରସ୍କାର ପ୍ରସ୍ତାବ ।

**ନିନ୍ଦାବାଦ ବି.** ଅପଯଶ କୀର୍ତ୍ତନ, ନିନ୍ଦାକରିବା ।

**ନିନ୍ଦାର୍ହ ବିଂ.** ନିନ୍ଦନୀୟ ।

**ନିନ୍ଦିତ ବିଂ.** ଯାହାର ନିନ୍ଦା କରାଯାଉଛି ।

**ନିନ୍ଦିବା କ୍ରି.** ୧. ନିନ୍ଦା କରିବା ୨. ଧାନରୁ ବାଳୁଙ୍ଗା ବାଛିବା ।

**ନିନ୍ଦୁକ ବି.ବିଂ.** ନିନ୍ଦାକାରୀ, କୁତ୍ସାକାରୀ ।

**ନିପଲ୍ ବି.** ୧. ଥନଭୁଣ୍ଡି ୨. ଦୁଧପିଆ ବୋତଲର ଅଗରେ ଥିବା ରବର ଚୁଚୁମା ।

**ନିପଟ ବିଂ.** ଅତ୍ୟନ୍ତ, ପୁରାପୁରି, ଅତିଶୟ, ନିତାନ୍ତ ।

**ନିପଟ ମଫସଲ ବି.** ନିହାତି ଗାଉଁଲି ।

**ନିପଟ ମିଛୁଆ ବି.** ଡାହାଗାଲୁଆ , ପୂରା ମିଛୁଆ ।

**ନିପତନ ବି.** ତଳକୁ ପଡ଼ିବା, ନିମ୍ନକୁ ପଡ଼ିବା ।

**ନିପତିତ ବିଂ.** ଭୂପତିତ, ଅଧଃପତିତ ।

**ନିପାଣିଆ ବିଂ.** ନିର୍ଜଳା, ପାଣି ପାଉନଥିବା, ଅଣଜଳସେଚିତ; **ବି.** ଏକପ୍ରକାର କଣ୍ଟାଗୁଳ୍ମ ।

**ନିପାତ ବି.** ବିନାଶ, ଧ୍ୱଂସ, ରଦ୍ଦ ।

**ନିପାତନ ବି.** ୧. ସାଧାରଣ ସୂତ୍ରର ବ୍ୟତିକ୍ରମ ୨. ବିନାଶନ, ଧ୍ୱଂସ, ନଷ୍ଟ ।

**ନିପାରବା ବିଂ.** ବେପରବାୟ , ବେଖାତିର କରୁଥିବା ।

**ନିପୀଡ଼କ ବିଂ.** ଉତ୍‌ପୀଡ଼ନକାରୀ ।

**ନିପୀଡନ ବି.** ୧. ମର୍ଦ୍ଦନ, ଚିପୁଡ଼ିବା ୨. କ୍ଳେଶଦାନ, ନିର୍ଯ୍ୟାତନ, ଦମନ, ଅତ୍ୟାଚାର ।

**ନିପୀଡ଼ିତ ବିଂ.** ଉତ୍‌ପୀଡ଼ିତ, କ୍ଳେଶପ୍ରାପ୍ତ, ଦଳିତ ।

**ନିପୁଣ ବିଂ.** କୁଶଳ, ଦକ୍ଷ, ଅଭିଜ୍ଞ, ପାରିବାର ।

**ନିପୁଣତା ବି.** ଦକ୍ଷତା, ପଟୁତା, ପାରିଲାପଣ ।

**ନିବଦ୍ଧ ବିଂ.** ନିବେଶିତ, ଆବଦ୍ଧ, ସ୍ଥିର ।

**ନିବନ୍ଧୀକରଣ ବି.** ରେଜିଷ୍ଟ୍ରିଭୁକ୍ତୀକରଣ ।

**ନିବନ୍ଧ ବି.** ୧. ଗଦ୍ୟରଚନା ୨. ଗବେଷଣା ପ୍ରବନ୍ଧ, ସନ୍ଦର୍ଭ ୩. ନିୟମ ।

**ନିବନ୍ଧକ ବି.** ୧. ଯେ ବନ୍ଧା ପକାଏ ୨. ରେଜିଷ୍ଟ୍ରାର, ପରିଚାଳକ ।

**ନିବର୍ତ୍ତ ବିଂ.** ନିବୃତ୍ତ, ଓହରି ଯାଇଥିବା ।

**ନିବର୍ତ୍ତକ ବିଂ.** ଯେ ନିବୃତ୍ତ ବା କ୍ଷାନ୍ତ କରାଏ ।

**ନିବର୍ତ୍ତାଇବା କ୍ରି.** ଓହରାଇଆଣିବା, ଫେରାଇ ଆଣିବା ।

**ନିବର୍ତ୍ତିବା କ୍ରି.** କ୍ଷାନ୍ତହେବା, ପଛେଇ ଆସିବା ।

**ନିବଳ ବିଂ.** ଦୁର୍ବଳ, ନିବଳୁଆ, ବଳହୀନ ।

**ନିବସ୍ତ୍ର ବିଂ.** ଲଙ୍ଗଳା, ଉଲ୍ଲଙ୍ଗ ।

**ନିବହ ବିଂ.** ସକଳ, ସମୂହ ।

**ନିବାଡ଼ ବିଂ.** ଦୃଢ଼, ଗାଢ଼, ସାନ୍ଦ୍ର ।

**ନିବାତ ବିଂ.** ବାୟୁରହିତ, ନିଷ୍କମ୍ପ ।

**ନିବାରକ ବିଂ.** ୧. ଯେ ମନାକରେ ୨.ବାରଣକାରୀ ୩. ନିଷେଧକ । ।

**ନିବାରଣ ବି.** ମନାକରିବା, ନିଷେଧ ।

**ନିବାରଣକାରୀ ବିଂ.** ନିଷେଧକାରୀ । ।

**ନିବାରଣୀ ବିଂ.** ନିଷେଧକାରିଣୀ ; **ବି.** ପ୍ରତିବନ୍ଧକ ।

**ନିବାରଣୀୟ ବିଂ.** ଅଗ୍ରାହ୍ୟ, ବାରଣଯୋଗ୍ୟ ।

**ନିବାରିତ ବିଂ.** ନିଷିଦ୍ଧ, ନିରାକୃତ, ପ୍ରତିହତ ।

**ନିବାରିବା କ୍ରି.** ନିବାରଣ କରିବା, ମନାକରିବା, ବାଧାଦେବା, କରାଇ ନ ଦେବା ।

**ନିବାସ ବି.** ବାସସ୍ଥାନ, ଗୃହ, ଆଶ୍ରୟ, ଆଧାର, ଦେଶ ।

**ନିବିଡ଼ ବିଂ.** ୧. ଘନ, ଗାଢ଼, ନିରନ୍ଧ୍ର ୨. ଅତ୍ୟନ୍ତସଂଯୁକ୍ତ ୩. ନିରନ୍ତର, ଅବିରଳ ୪. ଦୃଢ଼ ୫. ଭରପୂର, ପୂରା, ଗଭୀର ।

**ନିବିଷ୍ଟ ବିଂ.** ଏକାଗ୍ର, ଐକାନ୍ତିକ, ଗଭୀର ନିଷ୍ଠାର ସହ ।

**ନିବିଷ୍ଟତା ବି.** ଏକାଗ୍ରତା ।

**ନିବୀତ ବିଂ.** ମାଳପରି କଣ୍ଠ ଲମ୍ବିତ ଯଜ୍ଞସୂତ୍ର, ମାଳାକାରରେ ପିନ୍ଧା ଯଜ୍ଞୋପବୀତ ।

**ନିବୁଜ ବିଂ.** ସମ୍ପୂର୍ଣ୍ଣ ଭାବେ ବୁଜି ଦିଆଯାଇଥିବା ।

**ନିବୃତ ବିଂ.** ପରିଖାଦିବେଷ୍ଟିତ; **ବି.** ଓଢ଼ଣି, ଆଚ୍ଛାଦନ ବସ୍ତ୍ର ।

**ନିବୃତ୍ତ ବିଂ.** ବିରତ, ପ୍ରତ୍ୟାବୃତ୍ତ, କ୍ଷାନ୍ତ, ନିରସ୍ତ ।

**ନିବୃତ୍ତି ବି.** ୧. ବିରତି, କ୍ଷାନ୍ତି, ଓହରିଯିବା ୨. ପ୍ରତ୍ୟାବର୍ତ୍ତନ ।

**ନିବେଦନ ବି.** ୧. ଯଥାବିଧି ଜ୍ଞାପନ ୨. ସବିନୟ ଉକ୍ତି ୩. ଅନୁରୋଧ, ଆବେଦନ ୪. ଉତ୍ସର୍ଗ, ସମର୍ପଣ ।

**ନିବେଦକ ବି.ବିଂ.** ନିବେଦନକାରୀ ; *ସ୍ତ୍ରୀ.* ନିବେଦିକା ।

**ନିବେଦନୀୟ ବିଂ.** ନିବେଦନଯୋଗ୍ୟ, ପ୍ରାର୍ଥନୀୟ ।

**ନିବେଦିତ ବିଂ.** ଯଥାବିଧି ଜ୍ଞାପିତ, ଉତ୍ସର୍ଗୀକୃତ, ସମର୍ପିତ ।

**ନିବେଦିବା କ୍ରି.** ନିବେଦନ କରିବା, ଜଣାଇବା, କର୍ଣ୍ଣଗୋଚର କରିବା ।

**ନିବେଶ ବି.** ୧. ସ୍ଥିତି ୨. ପ୍ରବେଶ ୩. ବାସ, ଅବସ୍ଥାନ ୪. ଶିବିର ୫. ଏକାଗ୍ର ନିଯୁକ୍ତି ୬. ପୁଞ୍ଜିଲଗାଣ ।

**ନିବେଶକ ବି.ବିଂ.** ନିବେଶକାରୀ , ନିଯୁକ୍ତକାରୀ ।

**ନିବେଶନ ବି.** ବିନ୍ୟାସକରଣ, ସ୍ଥାପନ, ନଥିଭୁକ୍ତକରଣ, ପ୍ରବେଶନ ।

**ନିବେଶିତ ବିଂ.** ସ୍ଥାପିତ, ଯାହା ଅନ୍ତର୍ଭୁକ୍ତ କରାହୋଇଛି ।

**ନିବେଶିବା କ୍ରି.** ସ୍ଥାପନକରିବା, ମନଦେବା, ମନୋନିବେଶ କରିବା ।

**ନିଭ ପ.ପ୍ର.** ସଦୃଶ, ତୁଲ୍ୟ (*ଉଦା.* ଦୁଗ୍ଧଫେନନିଭ) ।

**ନିଭାଇବା, ନିଭେଇବା କ୍ରି.** ୧. ଅନୁଭବ କରିବା ୨. ତୁଲେଇବା ।

**ନିଭିବା କ୍ରି.** ଲିଭିଯିବା, ଲୁପ୍ତ ହେବା, ଲୋପ ପାଇବା ।

**ନିଭୃତ ବିଂ.** ୧. ଗୂଢ଼, ଗୋପନୀୟ ୨. ନିର୍ଜନ, ନିଛାଟିଆ ୩. ଏକାନ୍ତ ; **ବି.** ଗୋପନ ସ୍ଥାନ ।

**ନିମ ବି.** ନିମ୍ବ, ପିତା ପତ୍ର ଓ ଛେଲି ପାଇଁ ବ୍ୟବହୃତ ଔଷଧୀୟ ଗଛ, ପବିତ୍ର ଦାରୁବୃକ୍ଷ।

**ନିମକ୍ ବି.** ଲୁଣ, ଲବଣ ।

**ନିମକସଜ୍ଞା ବି.** ବିଶ୍ୱସ୍ତ, କୃତଜ୍ଞ, ନିର୍ଭରଯୋଗ୍ୟ ।

**ନିମକହରାମ, ନିମକହାରାମ ବିଂ.** ଅକୃତଜ୍ଞ, ଅପରଠାରୁ ସାହାଯ୍ୟ ପାଇ ଯେ ଭୁଲିଯାଏ; ଅନ୍ୟର ସେବା, ଦାନ ସାହାଯ୍ୟକୁ ଅସ୍ୱୀକାର କରୁଥିବା ।

**ନିମକହରାମି, ନିମକାରାମି ବି.** ଅକୃତଜ୍ଞତା, କୃତଘ୍ନତା, ବିଶ୍ୱାସଘାତକତା ।

**ନିମଗ୍ନ ବିଂ.** ୧. ବୁଡ଼ି ରହିଥିବା ୨. ନିବିଷ୍ଟ, ଅନନ୍ୟମନା ୩. ଅଭିଭୂତ, *ସ୍ତ୍ରୀ.* ନିମଗ୍ନା ।

**ନିମଗ୍ନତା ବି.** ଏକାଗ୍ରତା, ଜଡ଼ିରହିବା, ସମାହିତ ଅବସ୍ଥା ।

**ନିମଜ୍ଜକ ବିଂ.** ୧. ଯେ ଅଭିଭୂତ କରେ, *ସ୍ତ୍ରୀ.* ନିମଜ୍ଜିକା ୨. ଯେ ବୁଡାଏ ।

**ନିମଜ୍ଜନ ବି.** ବୁଡ଼ିବା, ଅଭିଭୂତ ହେବା, ଅବଗାହନ ।

**ନିମଜ୍ଜମାନ ବିଂ.** ବୁଡ଼ି ଯାଉଥିବା, ସମାହିତ ।

**ନିମଜ୍ଜିତ ବିଂ.** ବୁଡ଼ାଇ ଦିଆଯାଇଥିବା ।

**ନିମତା ବି.** ନିଉତା, ନିମନ୍ତ୍ରଣ, ଆମନ୍ତ୍ରଣ ।

**ନିମନ୍‌ମୁହାଁ ବିଂ.** ତଳମୁହାଁ, ପୋତାମୁହାଁ, ବହୁକଥା ଜାଣି ନ ଜାଣିଲାପରି ଆଚରଣ କରୁଥିବା ।

**ନିମନ୍ତେ ଅ.** ପାଇଁ, ଲାଗି, ନିମିତ୍ତ, ଯୋଗୁ, ସକାଶେ ।

**ନିମନ୍ତ୍ରକ, ନିମନ୍ତ୍ରୟିତା ବିଂ.** ସାଦର ଆମନ୍ତ୍ରଣ କରୁଥିବା ।

**ନିମନ୍ତ୍ରଣ ବି.** ବନ୍ଧୁତ୍ୱପୂର୍ଣ୍ଣ ଡାକରା, ସଶ୍ରଦ୍ଧ ଆମନ୍ତ୍ରଣ ।

**ନିମନ୍ତ୍ରିତ ବିଂ.** ଆମନ୍ତ୍ରିତ, ଡକାଯାଇଥିବା, ଆହୂତ ।

**ନିମନ୍ତ୍ରିବା କ୍ରି.** ଆଦରରେ ଡାକି ଆଣିବା ।

**ନିମଭାଜି ବି.** କଅଁଳ ନିମ୍ବପତ୍ର ବା କଢ଼ର ଭଜା ।

**ନିମାନ୍ ବିଂ.** ସମସ୍ତ, ସମୁଦାୟ ; **କ୍ରି.ବିଂ.** ସମୂହଭାବରେ ।

**ନିମାନୁ ଅ.** ଜମାରୁ, ଆଦୌ, ମୋଟେ ।

**ନିମିକି ବି.** ମଇଦାରେ ପ୍ରସ୍ତୁତ ଲୁଣିଆ ଜଳଖିଆ, ନିମ୍‌କି ।

**ନିମିତ ବି.** ମୋହ ଓ ଦ୍ୱେଷର ଦୂରୀକରଣ ପାଇଁ ବୌଦ୍ଧଶାସ୍ତ୍ରରେ ନିର୍ଦ୍ଧାରିତ ପାଞ୍ଚଗୋଟି ଉପାୟ ।

**ନିମିତ୍ତ ଅ.** ନିମନ୍ତେ, ଯୋଗୁ, ହେତୁରୁ ; **ବି.** ୧. ମାଙ୍ଗଳିକ ଉତ୍ସବ ୨. ହେତୁ, କାରଣ, ଉଦ୍ଦେଶ୍ୟ ।

**ନିମିଷ, ନିମେଷ ବି.** ପଲକ, ଆଖିପିଛଡ଼ା, ଆଖିପତା ଥରେ ପଡ଼ିବାର ସ୍ୱଳ୍ପ କାଳ ।

**ନିମିଷକ, ନିମେଷକ ବିଂ.** ଅଳ୍ପକାଳ ସ୍ଥାୟୀ, ଏକ ପଲକ ପରିମିତ ।

**ନିମିଷକେ, ନିମେଷକେ କ୍ରି.ବିଂ.** ପଲକପଡ଼ିବା ମାତ୍ରେ, ଅଳ୍ପକେ, ଚାହୁଁଚାହୁଁ ।

**ନିମୀଳନ ବି.** ଆଖିମୁଦିବା, ଆଖିବୁଜିବା ।

**ନିମୀଳିତ ବିଂ.** ମୁଦା, ବୁଜା ।

**ନିମୋନିଆ ବି.** ଫୁସ୍‌ଫୁସ୍‌ରେ ପାଣି ଓ କଫ ଜମିବାଦ୍ୱାରା ପ୍ରଦାହଜନିତ ରୋଗ ।

**ନିମ୍ନ ବିଂ.** ତଳ, ନୀଚ, ଖାଲୁଆ, ଗଭୀର, ଅନୁନ୍ନତ ।

**ନିମ୍ନଗ ବିଂ.** ୧. ତଳକୁ ଖସୁଥିବା ୨. ବିପଥଗାମୀ ।

**ନିମ୍ନଗା ବିଂ.** ନଦୀ, ନିମ୍ନଭୂମିକୁ ପ୍ରବାହିତ (ସ୍ରୋତ) ।

**ନିମ୍ନପ୍ରାଥମିକ ବିଂ.** ଲୋଅର୍ ପ୍ରାଇମେରି, ସ୍କୁଲର ପ୍ରଥମରୁ ତୃତୀୟ / ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ।

**ନିମ୍ନଭୂମି ବି.** ପାହାଡ଼ତଳ ଅଞ୍ଚଳ ।

**ନିମ୍ନଲିଖିତ, ନିମ୍ନୋକ୍ତ ବିଂ.** ତଳେ ଲେଖା ଯାଇଥିବା ବା ପରେ କୁହାଯାଇଥିବା ।

**ନିଯୁକ୍ତ ବିଂ.** ନିୟୋଜିତ, ଆଦିଷ୍ଟ, ଭାରପ୍ରାପ୍ତ, ମୁକରିର ।

**ନିଯୁକ୍ତି ବି.** କାର୍ଯ୍ୟରେ ନିଯୋଗ (ନିୟୋଗ) ବା ଯୋଗଦାନ ।

**ନିଯୁକ୍ତିପତ୍ର ବି.** କାର୍ଯ୍ୟରେ ଯୋଗଦେବା ପାଇଁ ଚିଠି ।

**ନିଯୋଗ ବି.** ୧. ହୁକୁମ, ଆଜ୍ଞା ୨. ସେବା, ଆଦେଶ, କାର୍ଯ୍ୟ ବା ପଦର ଭାର ଅର୍ପଣ ୨. ଜଗନ୍ନାଥ ମନ୍ଦିରରେ ପ୍ରଚଳିତ ଛତିଶ ପ୍ରକାର ସେବା (ଛତିଶା ନିଯୋଗ) ।

**ନିଯୋତ୍ ବି.** ୧. ଏକ ପ୍ରକାର ଜମିର କିସମ ୨. ଯୋଚା ହୋଇନଥିବା, ହଳ କରାହୋଇନଥିବା ଜମି ।

**ନିଯୋତପ ବି.** ନିଜକ୍ଷେତ ।

**ନିୟତ ବି. କ୍ରି.ବିଂ.** ସର୍ବଦା, ବରାବର, କ୍ରମାଗତ ଭାବରେ; **ବିଂ.** ସଂଯତ, ଶାସିତ ।

**ନିୟତାହାର ବି.** ମିତାହାର, ପରିମିତ ଆହାର ।

**ନିୟତି ବି.** ବିଧିଲିପି, ନସିବ, ଅଦୃଷ୍ଟ, ଭାଗ୍ୟ, କର୍ମଫଳ ।

**ନିୟମ ବି.** ୧. ବିଧାନ ୨. ସୂତ୍ର ୩. ପ୍ରଣାଳୀ, ପଦ୍ଧତି, ଧାରା ୪. ସର୍ତ୍ତ, ଅଙ୍ଗୀକାର ୫. ରାଣ, ଶପଥ ।

**ନିୟମତନ୍ତ୍ର ବି.** ବିଶେଷ ବିଧାନଦ୍ୱାରା ଶାସନବ୍ୟବସ୍ଥା ।

**ନିୟମତାନ୍ତ୍ରିକ ବିଂ.** ଆଇନ ଅନୁମୋଦିତ ।

**ନିୟମନ ବି.** ସଂଯମନ, ଆୟତ୍ତ କରିବା ।

**ନିୟମନିଷ୍ଠ ବିଂ.** ଶୃଙ୍ଖଳିତ, ନିଷ୍ଠାବାନ ।

**ନିୟମନିଷ୍ଠା ବି.** ବ୍ରତ ପାଳନରେ ଏକାନ୍ତ ଆସ୍ଥା ।

**ନିୟମପରକ ବିଂ.** ସଂଯତ, ଶୃଙ୍ଖଳିତ, ବ୍ରତାନୁରକ୍ଷୀ ।

**ନିୟମଭଙ୍ଗ ବି.** ୧. ସର୍ତ୍ତର ଅବମାନନା ୨. ବ୍ରତ ପାଳନରେ ଅବହେଳା ।

**ନିୟମଲଙ୍ଘନ ବି.** ସ୍ୱୀକୃତ ବିଧିର ପ୍ରତିକୂଳ ଆଚରଣ ।

**ନିୟମାନୁବର୍ତ୍ତିତା ବି.** ନିର୍ଦ୍ଦିଷ୍ଟ ନିୟମ ପାଳନ, ନିୟମ ମାନି ଚଳିବା ଗୁଣ ।

**ନିୟମିତ ବିଂ.** ସଂଯତ, ଶୃଙ୍ଖଳିତ, ଚିରାଚରିତ ।

**ନିୟମୀ ବିଂ.** ନିୟମପାଳକ, ସଂଯମୀ ।

**ନିୟାମକ ବିଂ.** ପରିଚାଳକ, ପଥପ୍ରଦର୍ଶକ, ନିୟନ୍ତ୍ରକ ।

**ନିୟୁତ ବି.** ଦଶଲକ୍ଷ ।

**ନିୟୋଗିବା କ୍ରି.** ନିୟୋଗ କରିବା, ନିଯୁକ୍ତ କରିବା ।

**ନିୟୋଗୀ ବିଂ.** ଯାହାକୁ ନିୟୋଗ କରା ହୋଇଛି, ନିଯୁକ୍ତ ହୋଇଥିବା ।

**ନିୟୋଜକ ବିଂ.** ନିୟୋଗକାରୀ, ପ୍ରବର୍ତ୍ତକ ।

**ନିୟୋଜନ ବି.** ନିଯୁକ୍ତି ।

**ନିୟୋଜିତ ବିଂ.** ପ୍ରବର୍ତ୍ତିତ, ନିଯୁକ୍ତ ।

**ନିରଂଶ ବିଂ.** ଉତ୍ତରାଧିକାର ରହିତ–ତେଣୁ ଅଂଶଶୂନ୍ୟ ; **ବି.** ସଂକ୍ରାନ୍ତି ।

**ନିରଖ ବିଂ.** ନିରେଖ, ଅନାଥ ; **ବି.** ବଜାରଦର, ବଜାରଭାଉ ।

**ନିରଙ୍କୁଶ ବିଂ.** ୧. ବାଧାବନ୍ଧନହୀନ, ସ୍ୱାଧୀନ ୨. ଅନିବାର୍ଯ୍ୟ ୩. ଉଚ୍ଛୃଙ୍ଖଳ ୪. ଯଥେଚ୍ଛାଚାରୀ ୫. ନିର୍ବିଘ୍ନ ।

**ନିରଞ୍ଜନ ବିଂ.** ନିର୍ଦ୍ଦୋଷ, ନିଷ୍କଳଙ୍କ ; **ବି.** ପରଂବ୍ରହ୍ମ ।

**ନିରଣ ବିଂ.** ନିରୀହ, ଅସହାୟ ।

**ନିରତ ବିଂ.** ନିରନ୍ତର, ସର୍ବଦା, ସବୁସମୟ ।

**ନିରତିଶୟ ବିଂ.** ସାତିଶୟ, ଅତ୍ୟନ୍ତ, ଆବଶ୍ୟକତାରୁ ଅଧିକ ।

**ନିରତେ କ୍ରି.ବିଂ.** ସବୁବେଳେ, କ୍ରମାଗତ ଭାବରେ ।

**ନିରର୍ଥକ ବିଂ.** ୧. ଅର୍ଥନଥିବା, ମୂଲ୍ୟହୀନ ୨. ବ୍ୟର୍ଥ, ଅକାରଣ ।

**ନିରର୍ଥକତା** *ବି.* ନିଷ୍ଫଳତା, ବ୍ୟର୍ଥତା ।

**ନିରନ୍ତର** *କ୍ରି.ବିଂ.* ନିତ୍ୟ, ଅନବରତ, ସତତ ; *ବିଂ.* ନିରବଚ୍ଛିନ୍ନ ।

**ନିରପରାଧ** *ବିଂ.* ନିର୍ଦ୍ଦୋଷ, ଭୁଲ କରିନଥିବା, ପାପ କରିନଥିବା ।

**ନିରପେକ୍ଷ** *ବିଂ.* କୌଣସି ପକ୍ଷକୁ ସମର୍ଥନ କରୁନଥିବା, ପକ୍ଷପାତିତା- ଶୂନ୍ୟ ।

**ନିରପେକ୍ଷତା** *ବି.* ପକ୍ଷପାତଶୂନ୍ୟତା ।

**ନିରବ, ନୀରବ** *ବିଂ.* ୧. ଚୁପ୍, ତୁଣ୍ଡ ନ ଖୋଲିବା ୨. ନିଃଶବ୍ଦ ।

**ନିରବକାଶ** *ବିଂ.* ବିଶ୍ରାମହୀନ, ନିରନ୍ତର, ଅନବସର ।

**ନିରବଚ୍ଛିନ୍ନ** *କ୍ରି.ବିଂ.* କ୍ରମାଗତ ଭାବରେ, ଧାରାବାହିକ ରୂପେ ; *ବିଂ.* କ୍ରମାଗତ, ଧାରାବାହିକ ।

**ନି(ନୀ)ରବତା** *ବି.* କିଛି ନ କହିବା, ମୌନତା ।

**ନିରବଧି** *ବିଂ.* କ୍ରମାଗତ, ଅନନ୍ତ, ଅବିଶ୍ରାନ୍ତ, ଅବିଚ୍ଛିନ୍ନ ।

**ନିରବୟବ** *ବିଂ.* ଦେହ ନ ଥିବା, ରୂପ ନ ଥିବା।

**ନିରବରୋଧ** *ବିଂ.* ଅବରୋଧ ନ କରିବା, ଗତିରେ ବାଧାକୁ ଅତିକ୍ରମ କରିଯାଉଥିବା ।

**ନିରବଲମ୍ବ, ନିରବଲମ୍ବକ** *ବିଂ.* ଆଶ୍ରୟହୀନ, ଅସହାୟ, ଉପାୟହୀନ ।

**ନିରବଲମ୍ବୀ** *ବିଂ.* ଅନ୍ୟ ଉପରେ ନିର୍ଭରଶୀଳ ହୋଇନଥିବା, ସ୍ୱାଧୀନ ।

**ନିରଭିମାନ** *ବିଂ.* ଅହଂକାରଶୂନ୍ୟ ।

**ନିରଳଙ୍କାର** *ବିଂ.* ୧. ଅଳଙ୍କାର ପିନ୍ଧିନଥିବା, ଆଭରଣହୀନ ୨. ସରଳ (ରଚନା) ।

**ନିରଳସ** *ବିଂ.* ୧. ଅହଂକାରଶୂନ୍ୟ ୨. ହୃଦୟବାନ, ବିବେକୀ ୩. କାର୍ଯ୍ୟଦକ୍ଷ ।

**ନିରସ, ନୀରସ** *ବିଂ.* ୧. ଶୁଖିଲା, ରସହୀନ ୨. ଅପ୍ରୀତିକର ୩. କଟୁ ।

**ନିରସା** *ବିଂ.* ୧. ନିକୃଷ୍ଟ, ନିମ୍ନମାନବିଶିଷ୍ଟ ୨. ଗୁଣହୀନ ।

**ନିରସ୍ତ** *ବିଂ.* ୧. ଓହରି ଯାଉଥିବା, ବିରତ, ଦୂରେଇ ଯାଉଥିବା ୨. ବିହୀନ ।

**ନିରସ୍ତ୍ର** *ବିଂ.* ୧. ଅସ୍ତ୍ରହୀନ ୨. କ୍ଷମତାହୀନ ।

**ନିରସ୍ତ୍ରୀକରଣ** *ବି.* ଅସ୍ତ୍ର ପରିତ୍ୟାଗ କରି ଶାନ୍ତିପ୍ରତିଷ୍ଠା ଉଦ୍ୟମ ।

**ନିରହଙ୍କାର** *ବିଂ.* ୧. ଗର୍ବଶୂନ୍ୟ ୨. ନିର୍ମାୟା, ଶାନ୍ତ, ବିକାରହୀନ ।

**ନିରକ୍ଷ** *ବିଂ.* ୧. ନିରେଖ, ନିରାଶ୍ରୟ ୨. ଅଖନଥିବା ; *ବି.* ବିଷୁବରେଖା ।

**ନିରକ୍ଷଦେଶ** *ବି.* ବିଷୁବରେଖାର ଉଭୟପାର୍ଶ୍ୱରେ ଥିବା ଦେଶ ।

**ନିରକ୍ଷରେଖା** *ବି.* ବିଷୁବରେଖା, ଭୂ-ବିଷୁବ ବୃତ୍ତ ।

**ନିରକ୍ଷାନ୍ତର** *ବି.* ବିଷୁବରେଖାଠାରୁ ଦୂରତ୍ୱ ।

**ନିରକ୍ଷୀୟ** *ବିଂ.* ବିଷୁବରେଖା ସମ୍ପର୍କିତ, ନିରକ୍ଷ ଦେଶରେ ଅବସ୍ଥିତ ।

**ନିରା** *ବି.* ସୂର୍ଯ୍ୟକିରଣ ପଡ଼ିବା ପୂର୍ବରୁ ନୂଆଘଡ଼ାରେ ଥିବା ଖଜୁରିରସ।

**ନିରାକରଣ** *ବି.* ୧. ପ୍ରତିବିଧାନ, ନିବାରଣ, ପ୍ରତିଷେଧ ୨. ନିର୍ଣ୍ଣୟ, ସିଦ୍ଧାନ୍ତ, ସମାଧାନ ।

**ନିରାକାର** *ବିଂ.* ଆକାର ନଥିବା, ରୂପହୀନ ; *ବି.* ପରଂବ୍ରହ୍ମ, ଆକାଶ ।

**ନିରାକାରାବାଦ** *ବି.* ବ୍ରହ୍ମର ଅରୂପ ସଂକ୍ରାନ୍ତ ଦର୍ଶନ ।

**ନିରାକାରବାଦୀ** *ବିଂ.* ଆକାରଶୂନ୍ୟ, ଶୂନ୍ୟବ୍ରହ୍ମରେ ବିଶ୍ୱାସୀ ।

**ନିରାକୁଳ** *ବିଂ.* ଅବିଚଳିତ, ଉଦ୍‌ବେଗହୀନ, ଶାନ୍ତ, ସ୍ଥିରଚିତ୍ତ ।

**ନିରାକୃତ** *ବିଂ.* ୧. ବହିଷ୍କୃତ ୨. ନିର୍ଣ୍ଣୀତ ୩. ଖଣ୍ଡିତ ହୋଇଥିବା ।

**ନିରାଟ** *ବିଂ.* ୧. ନିତାନ୍ତ, ଅତ୍ୟନ୍ତ ୨. ପ୍ରଖର, ଦୃଢ଼, ନିଦା, ନିଶ୍ଚିତ ।

**ନିରାଡ଼ମ୍ବର** *ବିଂ.* ୧. ସରଳ ୨. ଆଟୋପହୀନ ।

**ନିରାତଙ୍କ** *ବିଂ.* ୧. ନିର୍ଭୟ ୨. ଭୀତିହୀନ ।

**ନିରାଧାର** *ବିଂ.* ୧. ଆଶ୍ରୟଶୂନ୍ୟ ୨. ନିରାଲମ୍ବ ୩. ଭିତ୍ତିହୀନ ୪. ଅବଧାରିତ।

**ନିରାନନ୍ଦ** *ବିଂ.* ଆନନ୍ଦଶୂନ୍ୟ, ଦୁଃଖୀ, ଅସୁଖୀ ।

**ନିରାପଦ** *ବିଂ.* ବିପଦଶୂନ୍ୟ, ନିର୍ବିଘ୍ନ ।

**ନିରାପତ୍ତା** *ବି.* ଆପଦମୁକ୍ତ ଅବସ୍ଥା,ସୁରକ୍ଷା ।

**ନିରାବରଣ** *ବିଂ.* ଖୋଲା, ଆବରଣ ନଥିବା ।

**ନିରାଭରଣ** *ବିଂ.* ଅଳଙ୍କାରହୀନ, ଯାହାର ଭୂଷଣ ନଥାଏ ।

**ନିରାମୟ** *ବିଂ.* ୧. ରୋଗହୀନ, ନୀରୋଗ, ସୁସ୍ଥ ୨. ନିରୁପଦ୍ରବ, ନିଷ୍କଣ୍ଟକ, ନିରାପଦ ୩. କୁଶଳ ।

**ନିରାମିଷ** *ବିଂ.* ମାଛ ମାଂସହୀନ , ଆମିଷବର୍ଜିତ ।

**ନିରାଲମ୍ବ** *ବିଂ.* ନିରାଶ୍ରୟ, ଅବଲମ୍ବନହୀନ, ନିଶ୍ଚିନ୍ତ ।

**ନିରାଶ** *ବିଂ.* ଆଶାଶୂନ୍ୟ।

**ନିରାଶା** *ବି.* ନୈରାଶ୍ୟ, ଆଶାହୀନତା।

**ନିରାଶ୍ରୟ** *ବିଂ.* ସହାୟଶୂନ୍ୟ, ଆଶ୍ରୟହୀନ ।

**ନିରି** *ବିଂ.* ନିରୁତା, ନିଖୁଣ, ସଚ୍ଚା ।

**ନିରିମାଖି** *ବିଂ.* ଅରକ୍ଷିତ, ସାହା-ଭରସାହୀନ ।

**ନିରୀଶ୍ୱର** *ବି.* ନାସ୍ତିକ, ଈଶ୍ୱର ନାହାନ୍ତି- ଏହି ଧାରଣା ।

**ନିରୀହ** *ବିଂ.* ଶାନ୍ତ ପ୍ରକୃତିର, ଅହିଂସ ।

**ନିରୀକ୍ଷକ** *ବି.ବିଂ.* ନିରୀକ୍ଷଣକାରୀ, ପରିଦର୍ଶକ ।

**ନିରୀକ୍ଷଣ** *ବି.* ଖୁଣ୍ଟିନାଣ୍ଟି ତନଖି ।

**ନିରୀକ୍ଷା** *ବି.* ତନ୍ନତନ୍ନ ଭାବରେ ଖୋଜିବା ।

**ନିରୀକ୍ଷିତ** *ବିଂ.* କିଛି ନ ଛାଡ଼ି ଖୋଳତାଡ଼ କରି ଦେଖା ହୋଇଥିବା ।

**ନିରୁକ୍ତ ବିଂ.** ପୂର୍ଣ୍ଣରୂପେ ବ୍ୟାଖ୍ୟାତ, କଥିତ, ପ୍ରକାଶିତ **;ବି.** ୧. ବ୍ୟୁତ୍ପତ୍ତି ୨. ୟାସ୍କଙ୍କ ଲିଖିତ ଭାଷା ଗ୍ରନ୍ଥ ୩. ବେଦର ଦୁରୂହ ଶବ୍ଦମାନଙ୍କ ବ୍ୟୁତ୍ପତ୍ତି ଓ ବ୍ୟାଖ୍ୟା ସମ୍ବଳିତ ଅଭିଧାନ ୪. ପଦଭଞ୍ଜନ, ପଦବିଭାଗ।

**ନିରୁକ୍ତି ବି.** ବ୍ୟାଖ୍ୟାନ, ଶବ୍ଦର ବ୍ୟୁତ୍ପତ୍ତି ନିର୍ଦ୍ଦେଶ ।

**ନିରୁତା ବିଂ.** ଖାଣ୍ଟି, ଅବମିଶ୍ରିତ ।

**ନିରୁତ୍ତର ବି.ବିଂ.** ଚୁପ୍, ନୀରବ ।

**ନିରୁତ୍ସାହ ବିଂ.** ଉତ୍ସାହ ନଥିବା, ଆଗ୍ରହନଥିବା ।

**ନିରୁତ୍ସାହିତ ବିଂ.** ୧. ଉତ୍ସାହହୀନ ୨. ଯେଉଁଥିରେ ଉତ୍ସାହ ନଥାଏ ।

**ନିରୁଦ୍ଦିଷ୍ଟ ବିଂ.** ନିଖୋଜ, ଅଜ୍ଞାତ ।

**ନିରୁଦ୍ବିଗ୍ନ ବିଂ.** ଉଦ୍‌ବେଗ ନଥିବା, ଶାନ୍ତ, ସ୍ଥିର ।

**ନିରୁପଦ୍ରବ ବିଂ.** ଆପଦବିପଦହୀନ ।

**ନିରୁପମ ବିଂ.** ଅତୁଳନୀୟ, ଅନୁପମ ।

**ନିରୁପାୟ ବିଂ.** ଉପାୟଶୂନ୍ୟ, କିଂକର୍ତ୍ତବ୍ୟବିମୂଢ଼, ଅସହାୟ ।

**ନିରୂପକ ବିଂ.** ନିର୍ଣ୍ଣାୟକ, ନିର୍ଦ୍ଧାରଣକାରୀ, *ସ୍ତ୍ରୀ.* ନିରୂପିକା ।

**ନିରୂପଣ ବି.** ନିର୍ଦ୍ଧାରଣ, ନିର୍ଣ୍ଣୟ ।

**ନିରୂପିତ ବିଂ.** ନିର୍ଦ୍ଧାରିତ, ସ୍ଥିରୀକୃତ, ଅବଧାରିତ ।

**ନିରେଖ ବିଂ.** ଅସହାୟ, ନିରାଶ୍ରୟ ।

**ନିରେଖିବା କ୍ରି.** ଭଲ ଭାବେ ଦେଖିବା ।

**ନିରେଟ ବିଂ.** ଖାଣ୍ଟି, ଠିକ୍ ।

**ନିରୋଧ ବି.** ୧. ଅଟକ, ଅବରୋଧ ୨. ବନ୍ଧନ ୩. ନିଗ୍ରହ ୪. ସଂଯମ ୫. ନିବାରଣ ୬. ଜନ୍ମ ନିୟନ୍ତ୍ରଣ ପାଇଁ ପୁରୁଷ ଯୌନାଙ୍ଗ ଆବରଣ; **ବିଂ.** ବିରୁଦ୍ଧ ।

**ନିରୋଧକ ବିଂ.** ଯେ ନିରୋଧ କରେ, ଯେ ଅଟକାଏ ।

**ନିରୋଧନ ବି.** ବାଧାଦାନ, ସଂଯମନ ।

**ନିରୋଳ ବିଂ.** ଖାଣ୍ଟି, ବିଶୁଦ୍ଧ।

**ନିରୋଳା ବିଂ.** ୧. ନିର୍ଜନ ୨. ଖାଣ୍ଟି ୩. ସୁସ୍ପଷ୍ଟ ।

**ନିର୍ଗତ ବିଂ.** ନିଃସୃତ, ବହିର୍ଗତ, ବାହାରକୁ ଆସିଥିବା ।

**ନିର୍ଗୁଣ ବିଂ.** ୧.ଗୁଣଶୂନ୍ୟ, ତ୍ରିଗୁଣର ଅତୀତ, ପରବ୍ରହ୍ମ ୨.ଗଣନା ଦୋଷହୀନ ।

**ନିର୍ଗୁଣ୍ଡି ବି.** ପରାଙ୍ଗଭୋଜୀ ଲତା ବିଶେଷ ।

**ନିର୍ଘଣ୍ଟ ବି.** ୧. ଗ୍ରନ୍ଥର ସୂଚିପତ୍ର ୨. ନିଘଣ୍ଟୁ ୩. ସାରଣୀ, ତାଲିକା, ଅନୁକ୍ରମଣିକା ।

**ନିର୍ଘାତ ବି.** ୧. ବାୟୁର ପ୍ରଚଣ୍ଡଶବ୍ଦ ୨. ଦୃଢ଼ ଆଘାତ ।

**ନିର୍ଘାତିଆ ବିଂ.** ନିଷ୍ଠୁର, ନିର୍ମମ, ନିର୍ବିଚାର (ମାଡ଼) ।

**ନିର୍ଘୋଷ ବି.** ଗଭୀର ଶବ୍ଦ, ନିନାଦ ।

**ନିର୍ଜନ ବିଂ.** ଜନଶୂନ୍ୟ ।

**ନିର୍ଜଳା ବିଂ.** ୧. ଜଳହୀନ ୨. ଯେଉଁ ବ୍ରତ ଉପବାସରେ ଜଳ ସୁଦ୍ଧା ଗ୍ରହଣ କରାଯାଏ ନାହିଁ ।

**ନିର୍ଜୀବ ବିଂ.** ମୃତ, ଜୀବନଶୂନ୍ୟ, ମୃତବତ୍ ।

**ନିର୍ଜୀବା ବିଂ.** ଧଡ଼ିଆ, ନିସ୍ତେଜ, ଅତିଦୁର୍ବଳ ।

**ନିର୍ଝର ବି.** ଝରଣା, ଜଳପ୍ରପାତ ।

**ନିର୍ଝରିଣୀ ବି.** ପାର୍ବତ୍ୟନଦୀ, ଝରଣା ।

**ନିର୍ଣ୍ଣୟ ବି.** ନିର୍ଦ୍ଧାରଣ, ନିରୂପଣ, ସିଦ୍ଧାନ୍ତ ; **ବିଂ.** ନିର୍ଣ୍ଣିତ ।

**ନିର୍ଣ୍ଣାୟକ ବି.ବିଂ.** ଗୁଣଦୋଷ ନିରୂପଣର ମାନଦଣ୍ଡ ବା ଆଦର୍ଶ, ମୀମାଂସକ ।

**ନିର୍ଦ୍ଦୟ ବିଂ.** ନିଷ୍ଠୁର, କଠୋର, ଦୟାହୀନ ।

**ନିର୍ଦ୍ଦିଷ୍ଟ ବିଂ.** ନିଶ୍ଚିତ, ସ୍ଥିରୀକୃତ, ଉଲ୍ଲିଖିତ ।

**ନିର୍ଦ୍ଦେଶ ବି.** ଆଦେଶ, ପ୍ରଦର୍ଶନ, ଦର୍ଶିତ କାର୍ଯ୍ୟପନ୍ଥା ।

**ନିର୍ଦ୍ଦେଶକ ବିଂ.ବି.** ଆଦେଶଦାତା, ମାର୍ଗଦର୍ଶକ; *ସ୍ତ୍ରୀ.* ନିର୍ଦ୍ଦେଶିକା ।

**ନିର୍ଦ୍ଦେଶନ ବି.** ନିର୍ଦ୍ଦେଶକରଣ, ହୁକୁମ ପଠାଇବା, ଆଦେଶ ।

**ନିର୍ଦ୍ଦେଶିତ ବିଂ.** ଆଦେଶ ଦିଆଯାଇଥିବା ।

**ନିର୍ଦ୍ଦେଶିବା କ୍ରି.** ହୁକୁମ ପଠାଇବା, ସୂଚନା ଦେବା ।

**ନିର୍ଦ୍ଧନ ବିଂ.** ଧନହୀନ, ଦରିଦ୍ର ।

**ନିର୍ଦ୍ଧାର ବି.** ନିର୍ଣ୍ଣୟ ।

**ନିର୍ଦ୍ଧାରକ ବିଂ.** ନିର୍ଦ୍ଧାରଣକାରୀ, ସ୍ଥିରକାରୀ ।

**ନିର୍ଦ୍ଧାରଣ ବି.** ନିର୍ଣ୍ଣୟନ, ନିରୂପଣ, ସିଦ୍ଧାନ୍ତୀକରଣ, ଅବଧାରଣ ।

**ନିର୍ଦ୍ଧାରଣୀୟ ବିଂ.** ଅବଧାର୍ଯ୍ୟ, ନିର୍ଣ୍ଣିତ ହେବା ଯୋଗ୍ୟ ।

**ନିର୍ଦ୍ଧାରିତ ବିଂ.** ନିରୂପିତ, ସ୍ଥିରୀକୃତ, ନିର୍ଣ୍ଣୀତ ।

**ନିର୍ଦ୍ଧୁମ୍ ବିଂ.** ଅତିଶୟ ଭାବରେ, ପ୍ରଖର ।

**ନିର୍ଧୂମ ବିଂ.** ଧୂଆଁ ନ ଥିବା ।

**ନିର୍ନିମେଷ ବିଂ.** ପଲକଶୂନ୍ୟ ।

**ନିର୍ବନ୍ଧ ବି.** ୧. ସ୍ୱତନ୍ତ୍ର ବ୍ୟବସ୍ଥା, ବିଧାନ ୨. ଅତିଶୟ, ଅନୁରୋଧ ୩. ବିବାହ ପାଇଁ ବାଗ୍‌ଦାନ କର୍ମ ୪. ବନ୍ଧନହୀନ ।

**ନିର୍ବଂଶ ବିଂ.** ନିଃସନ୍ତାନ, ଉତ୍ତରାଧିକାରୀହୀନ ।

**ନିର୍ବଂଶିଆ ବିଂ.** ବଂଶହୀନ, ଦାୟାଦଶୂନ୍ୟ ।

**ନିର୍ବଳୁଆ ବିଂ.** ଦୁର୍ବଳ, ଶକ୍ତିହୀନ ।

**ନିର୍ବାକ୍ ବିଂ.** ବାକ୍‌ଶୂନ୍ୟ, କଥା କହିନପାରିବା ଅବସ୍ଥା ।

**ନିର୍ବାଚନ** *ବି.* ୧. ବାଛିବା ୨. ଭୋଟ ଦାନ, ମତଦାନ ।

**ନିର୍ବାଚକ** *ବି.* ଯେ ନିର୍ବାଚନ କରେ, ଭୋଟଦାତା ।

**ନିର୍ବାଚିତ** *ବିଂ.* ବଛା ହୋଇଥିବା, ଜନମତପ୍ରାପ୍ତ ।

**ନିର୍ବାଣ** *ବି.* ୧. ମୁକ୍ତି ୨. ମୃତ୍ୟୁ ୩. ଲିଭିଲିଭି ଆସୁଥିବା ଦୀପ ଆଦି ।

**ନିର୍ବାତ** *ବିଂ.* ବାୟୁଶୂନ୍ୟ, ପବନନଥିବା ।

**ନିର୍ବାଧ** *ବିଂ.* ବାଧାଶୂନ୍ୟ ।

**ନିର୍ବାସନ** *ବି.* ଦେଶରୁ ବହିଷ୍କାର ।

**ନିର୍ବାହ** *ବି.* ସମ୍ପାଦନ ।

**ନିର୍ବିକଳ୍ପ** *ବିଂ.* ବିକଳ୍ପହୀନ ; *ବି.* ଯୋଗ ସାଧନର ଶେଷ ପର୍ଯ୍ୟାୟରେ ଜୀବ ବ୍ରହ୍ମ ସହିତ ଲୀନହେବା ଅବସ୍ଥା ।

**ନିର୍ବିକାର** *ବିଂ.* ବିକାରଶୂନ୍ୟ, ଦୋଷଗୁଣ ବିବେଚନା ରହିତ ।

**ନିର୍ବିଘ୍ନ** *ବିଂ.* ବିନା ବାଧାରେ, ବାଧାରହିତ ।

**ନିର୍ବିବାଦ** *ବିଂ.* ବିବାଦରହିତ, ଆପତ୍ତିହୀନ ।

**ନିର୍ବିଶେଷ** *ବିଂ.* ଅଭିନ୍ନ, ଭେଦାଭେଦ ନ ଥିବା ।

**ନିର୍ବୀର୍ଯ୍ୟ** *ବିଂ.* ଶକ୍ତିହୀନ, ଦୁର୍ବଳ, ଅଣପୁରୁଷା ।

**ନିର୍ବୁଦ୍ଧିଆ** *ବିଂ.* ଓଲୁ, ବୋକା, ବୁଦ୍ଧିହୀନ ।

**ନିର୍ବୋଧ** *ବିଂ.* ବୋକା, ମୂର୍ଖ ।

**ନିର୍ବୃତ୍ତି** *ବି.* ସମ୍ପାଦନ, ନିର୍ବାଣ, ନିଷ୍ପତ୍ତି, ପ୍ରାପ୍ତି ।

**ନିର୍ଭୟ** *ବି.* ଭୟଶୂନ୍ୟତା ; *ବିଂ.* ସାହସୀ ।

**ନିର୍ଭର** *ବି.* ୧. ଭରସା, ଆସ୍ଥା, ବିଶ୍ୱାସ ୨. ଅପେକ୍ଷା ୩. ଆଶ୍ରୟ; *ବିଂ.* ସ୍ଥିର ।

**ନିର୍ଭା** *ବି.* ନିଷ୍ପତ୍ତି, ସମ୍ପାଦନ ; *ବିଂ.* ସମ୍ପାଦିତ, ନିର୍ମିତ ।

**ନିର୍ଭା କରିବା** *କ୍ରି.* ଦାୟିତ୍ୱବହନ କରିବା, ନିଷ୍ପତ୍ତି କରିବା ।

**ନିର୍ଭୀକ** *ବିଂ.* ସାହସୀ, ଭୟଶୂନ୍ୟ ।

**ନିର୍ମଞ୍ଛନ** *ବି.* ଯଥାବିଧି ଆରାଧନା, ଆରତି, ଆରତି ପାଇଁ ଆବଶ୍ୟକ ସାଧନ ପଦାର୍ଥ, ନିରାଜନା, ବରଣ ।

**ନିର୍ମମ** *ବିଂ.* ମମତାଶୂନ୍ୟ, ଦୟାମାୟାହୀନ ।

**ନିର୍ମଳ** *ବିଂ.* ଆବିଳତାହୀନ, ପରିଷ୍କାର, ସ୍ୱଚ୍ଛ, ଶୁଦ୍ଧ ।

**ନିର୍ମଳା** *ବି.* ଜଳ ପରିଷ୍କାରକ ଫଳ ବିଶେଷ, ଇଠା, ରିଠାଫଳ ।

**ନିର୍ମାଖୀ, ନିରିମାଖୀ** *ବିଂ.* ନିରାଶ୍ରୟ, ଅରକ୍ଷିତ ।

**ନିର୍ମାଣ** *ବି.* ଗଢ଼ଣ, ପ୍ରସ୍ତୁତି, ତିଆରିବା, ସୃଜନ ।

**ନିର୍ମାତା** *ବିଂ.* ନିର୍ମାଣକାରୀ ।

**ନିର୍ମାୟା ପୁରୁଷ** *ବି.* ଛନ୍ଦକପଟହୀନ ବ୍ୟକ୍ତି ।

**ନିର୍ମାଲ୍ୟ** *ବି.* ଦେବୋପଭୁକ୍ତ ପଦାର୍ଥ, ଶୁଖିଲା ମହାର୍ଦ ବା ଅବଢ଼ା ।

**ନିର୍ମିତ** *ବିଂ.* ଯାହା ନିର୍ମାଣ କରାଯାଇଛି ।

**ନିର୍ମୂଳ** *ବିଂ.* ନିର୍ବଂଶ, ସମୂଳେ ବିନଷ୍ଟ ।

**ନିର୍ମୂଳୀ** *ବି.* ମୂଳନଥିବା ଏକ ପ୍ରକାର ପରାଙ୍ଗ ଭୋଜୀ ଲତା ।

**ନିର୍ମୋକ** *ବି.* ୧. ସାପର କାତି ୨. ସାଞ୍ଜୁ ୩. ଖୋଳପା ।

**ନିର୍ମୋହ** *ବିଂ.* ମୋହହୀନ, ଅନାସକ୍ତ ।

**ନିର୍ଯାଣ** *ବି.* ୧. ବାହାରକୁ ଯିବା ୨. ଝରିବା ୩. ମୁକ୍ତି ୪. ପଶୁର ପିଠିରେ ପକାଇବା ଜିନ୍ (ପଲାଣ) ।

**ନିର୍ଯାତନ** *ବି.* ଯାତନା, ପୀଡ଼ା, ଅତ୍ୟାଚାର ।

**ନିର୍ଯ୍ୟାସ** *ବି.* ରସର ସାରଅଂଶ, ସାରମର୍ମ, ଗୂଢ଼ାର୍ଥ ।

**ନିର୍ଲଜ୍ଜ** *ବିଂ.* ଲାଜହୀନ ; *ବି.* ନିର୍ଲଜ୍ଜତା ।

**ନିର୍ଲିପ୍ତ** *ବିଂ.* ଆସକ୍ତିହୀନ, ସାଂସାରିକ କାମନା ବାସନାଶୂନ୍ୟ ।

**ନିର୍ଲୋଭ** *ବିଂ.* ଲୋଭଶୂନ୍ୟ, କୌଣସି ପଦାର୍ଥ ପ୍ରତି ମୋହମୁକ୍ତ ।

**ନିଳୟ** *ବି.* ଘର, ବାସସ୍ଥାନ, ଆଳୟ ।

**ନିଲଠା** *ବିଂ.* ଅଲାଜୁକ, ବେହିୟା ।

**ନିଲମ୍ବନ** *ବି.* କୌଣସି ଅଭିଯୋଗର ତଦନ୍ତ ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ କାର୍ଯ୍ୟରୁ ସାମୟିକ ଅବ୍ୟାହତି ।

**ନିଲାମ** *ବି.* କିଣିବାର ପ୍ରତିଦ୍ୱନ୍ଦିତା ।

**ନିଶ** *ବି.* ପୁରୁଷଙ୍କ ନାକତଳେ ବଢୁଥିବା କେଶ ।

**ନିଶଙ୍କ** *ବିଂ.* ନିର୍ଭୀକ, ସାହସୀ ।

**ନିଶଙ୍କା** *ବି.* ଭୟଶୂନ୍ୟତା, ସାହସିକତା ।

**ନିଶ ଛାଡ଼ିବା** *କ୍ରି.* ନିଶ ବଢ଼ାଇବା ।

**ନିଶବଦ** *ବିଂ.* ନିଶବ୍ଦ, ଶବ୍ଦଶୂନ୍ୟ, ନୀରବ ।

**ନିଶା** *ବି.* ୧. ରାତି ୨. ମାଦକ ଦ୍ରବ୍ୟ ୩. ମାଦକ ଦ୍ରବ୍ୟ ସେବନ ପରେ ହେବା ଅନୁଭବ ।

**ନିଶାକର** *ବି.* ୧. ଚନ୍ଦ୍ର ୨. କର୍ପୂର ।

**ନିଶାଖିଆ** *ବି.* ମଦଖିଆ, ପ୍ରମତ୍ତତା ।

**ନିଶାଖୋର** *ବି.ବିଂ.* ନିଶାଆସକ୍ତ, ମଦୁଆ ।

**ନିଶାଚର** *ବି.* ୧. ରାତିରେ ବୁଲୁଥିବା ପ୍ରାଣୀ (ଜୀବ), ରାକ୍ଷସ, ଭୂତ, ପ୍ରେତ, ପିଶାଚ, ୨. ଶ୍ୱାପଦ ୩. ଲ-ଟ, ୪. ଚୋର ୫. ଶୃଗାଳ ୬. ପେଚା ; *ବିଂ.* ରାତି ବେଳା ବିଚରଣକାରୀ ।

**ନିଶାଣ** *ବି.* ୧. ପତାକା ୨. ଲକ୍ଷ୍ୟବସ୍ତୁ ୩. ଚିହ୍ନ ୪. ନିସାନ୍, ତାଳବାଦ୍ୟ ବିଶେଷ ।

**ନିଶାନ୍** *ବି.* ଚମଡ଼ା ଛାଉଣି ବଡ଼ ବାଜା ।

**ନିଶାନ୍ତ** *ବି.* ରାତିଶେଷ, ବଡ଼ିଭୋର, ଉଷା, ପାହାନ୍ତା ।

**ନିଶାପ** *ବି.* ବିଚାର, ନ୍ୟାୟ, ପଞ୍ଚାୟତ ।

**ନିଶାପାଣି** *ବି.* ମଦପାଣି ।

**ନିଶାବାଘ** *ବି.* ଅଧରାତି ।

**ନିଶାଭାଗ** *ବି.* ରାତ୍ରି ସମୟ ।

**ନିଶାମଣି** *ବି.* ଚନ୍ଦ୍ର, ଚନ୍ଦ୍ର ।

**ନିଶାମୋଦକ** *ବି.* ଯାହା ଖାଇଲେ ନିଶା ଧରେ ।

**ନିଶି** *ବି.* ରାତ୍ରି ।

**ନିଶିତ** *ବିଂ.* ଶାଣିତ, ଧାରୁଆ, ତୀକ୍ଷ୍ଣଧାରଥିବା ।

**ନିଶୀଥ, ନିଶୀଥିନୀ** *ବି.* ଗଭୀର ରାତ୍ରି ।

**ନିଶୁଆ** *ବିଂ.* ନିଶ ରଖିଥିବା ।

**ନିଶୁଣି** *ବି.* ବାଉଁଶ ବା କାଠ ତିଆରି ସିଡ଼ି ।

**ନିଶୁନ** *ବିଂ.* ନିଛାଟିଆ, ନିରୋଳା ।

**ନିଶୋଧନ** *ବି.* ସମୂଳ ବିନାଶ ।

**ନିଶ୍ଚୟ** *କ୍ରି.ବିଂ.* ନିଶ୍ଚେ, ନିଃସନ୍ଦେହରେ, ଅବଶ୍ୟ ; *ବିଂ.* ନିଃସନ୍ଦେହ, ସୁସ୍ଥିର, ନିଶ୍ଚିତ ; *ବି.* ୧. ନିଶ୍ଚୟତା ୨. ନିର୍ଣ୍ଣୟ, ଅବଧାରଣ ୩. ନିଃସନ୍ଦେହ ଜ୍ଞାନ, ସିଦ୍ଧାନ୍ତ ।

**ନିଶ୍ଚଳ** *ବିଂ.* ଗତିଶୂନ୍ୟ, ଅଚଳ, ସ୍ଥିର ।

**ନିଶ୍ଚିନ୍ତ** *ବିଂ.* ଚିନ୍ତାଶୂନ୍ୟ ।

**ନିଶ୍ଚିହ୍ନ** *ବିଂ.* ଚିହ୍ନଶୂନ୍ୟ, ସମ୍ପୂର୍ଣ୍ଣ ବିଲୁପ୍ତ ।

**ନିଶ୍ଚେତକ** *ବି.* ୧. ଚେତା ବୁଡାଇବା ଔଷଧ, ଆନାସ୍ଥେସିଆ ୨. ଚେତା ବୁଡେଇବା ଔଷଧ ବା ଇଂଜେକସନ୍ ପ୍ରଦାନକାରୀ ଡାକ୍ତର ।

**ନିଶ୍ଚେତନ** *ବି.* ଅଚେତନ, ସଂଜ୍ଞାହୀନ କରିବା ।

**ନିଶ୍ଚେଷ୍ଟ** *ବିଂ.* ଚେଷ୍ଟାହୀନ, ନିଶ୍ଚଳ ।

**ନିଶ୍ରେଣୀ** *ବି.* ନିଶୁଣି ।

**ନିଷଙ୍ଗ** *ବି.* ଶରମୁଣା ।

**ନିଷାଦ** *ବି.* ବ୍ୟାଧ, କିରାତ ।

**ନିଷିଦ୍ଧ** *ବିଂ.* ୧. ନିୟମବିରୁଦ୍ଧ ୨. ବାଧାପ୍ରାପ୍ତ ।

**ନିଷେକ** *ବି.* ୧. ଛିଞ୍ଚିବା, ବର୍ଷଣ ୨. ଆଶୀର୍ବାଦ ୩. ବୀର୍ଯ୍ୟ, ଗର୍ଭାଧାନ ।

**ନିଷେଚନ** *ବି.* ଛିଞ୍ଚିବା, ଓଦାକରିବା ।

**ନିଷେଧ** *ବି.* ମନା, ନିବାରଣ, ବାରଣ, ପ୍ରତିଷେଧ ।

**ନିଷେବଣ(ନ)** *ବି.* ସେବା, ପରିଚର୍ଯ୍ୟା ।

**ନିଷେବିତ** *ବିଂ.* ସେବିତ, ଆଚରିତ ।

**ନିଷ୍କଣ୍ଟକ** *ବିଂ.* ୧. କଣ୍ଟାଶୂନ୍ୟ ୨. ଶତ୍ରୁଶୂନ୍ୟ ୩. ବାଧାରହିତ ।

**ନିଷ୍କ-** *ବିଂ.* ନିଶ୍ଚଳ, ସ୍ଥିର, କମ୍ପନଶୂନ୍ୟ ।

**ନିଷ୍କର** *ବିଂ.* ଯେଉଁ ଜମିରେ ଖଜଣା ଦେବାକୁ ପଡ଼େନାହିଁ ।

**ନିଷ୍କରୁଣ** *ବିଂ.* ନିର୍ଦ୍ଦୟ, ନିଷ୍ଠୁର ।

**ନିଷ୍କର୍ମା** *ବିଂ.* କାମ କରିବା ପାଇଁ ଅସମର୍ଥ, ନିକିମା, ଅକାମିକା ।

**ନିଷ୍କର୍ଷ** *ବି.* ୧. ସିଦ୍ଧାନ୍ତ ୨. ସାର, ମର୍ମ ୩. ତାତ୍ପର୍ଯ୍ୟ ।

**ନିଷ୍କଳଙ୍କ** *ବିଂ.* କଳଙ୍କହୀନ, ନିର୍ଦ୍ଦୋଷ ।

**ନିଷ୍କାମ** *ବିଂ.* କାମନାହୀନ, ଲୋଭ ମୋହ ଓ ମାୟାମୁକ୍ତ ।

**ନିଷ୍କାସନ** *ବି.* ବାହାର କରିବା ।

**ନିଷ୍କ୍ରାନ୍ତ** *ବିଂ.* ଯେ ପ୍ରସ୍ଥାନ କରିଥାଏ ।

**ନିଷ୍କ୍ରିୟ** *ବିଂ.* ୧. କ୍ରିୟାହୀନ ୨. ଜୀବନହୀନ ।

**ନିଷ୍କୃତ** *ବିଂ.* ୧. ଖୋଲା, ମୁକ୍ତ ୨. ସ୍ୱାଧୀନ ।

**ନିଷ୍କୃତି** *ବି.* ନିସ୍ତାର, ଅବ୍ୟାହତି, ଛାଡ଼, ରକ୍ଷାପାଇବା, ମୁକ୍ତି ।

**ନିଷ୍କିକଣ୍ଟା** *ବି.* କଣ୍ଟା ମେହେନ୍ଦି ।

**ନିଷ୍ଠା** *ବି.* ୧. ନିଶ୍ଚିତ ଓ ଦୃଢ଼ ଅଭିନିବେଶ ୨. ଦୃଢ଼ ଅନୁରାଗ, ଗଭୀର ଶ୍ରଦ୍ଧା ୩. ଏକାଗ୍ରତା ୪. ଧର୍ମ ସଂକ୍ରାନ୍ତ ଆଚରଣରେ ଏକାନ୍ତ ଅନୁରକ୍ତି ୫. ସଚ୍ଚୋଟ ମନୋବୃତ୍ତି ।

**ନିଷ୍ଠାପର** *ବିଂ.* ୧. ଶ୍ରଦ୍ଧାଶୀଳ ୨. ବ୍ରତ ବା କର୍ମରେ ଅନୁରକ୍ତ ୩. ଏକାନ୍ତ ଅଭିନିବେଶବିଶିଷ୍ଟ ।

**ନିଷ୍ଠାବାନ** *ବିଂ.* ନିଷ୍ଠାପର, ଶ୍ରଦ୍ଧାବାନ ।

**ନିଷ୍ଠୀବନତ୍ୟାଗ** *ବି.* ଛେପ ପକାଇବା ।

**ନିଷ୍ଠୀବନପାତ୍ର** *ବି.* ପିକଦାନି ।

**ନିଷ୍ଠୁର** *ବିଂ.* ନୃଶଂସ, କ୍ରୂର, ନିର୍ଦ୍ଦୟ, କଠିନ, କଠୋର ।

**ନିଷ୍ଠୁରତା** *ବି.* କ୍ରୂରତା, ନିର୍ଦ୍ଦୟତା, କଠୋରତା ।

**ନିଷ୍ପକ୍ଷ** *ବିଂ.* ୧. ନିରପେକ୍ଷ ୨. ନିର୍ବିବାଦୀୟ ।

**ନିଷ୍ପତ୍ତି** *ବି.* ମୀମାଂସା, ନିର୍ବାହ, ସମାପ୍ତି ।

**ନିଷ୍ପନ୍ଦ** *ବିଂ.* ସ୍ଥିର, ସ୍ତବ୍ଧ, କମ୍ପରହିତ ।

**ନିଷ୍ପନ୍ନ** *ବି.* ସମ୍ପନ୍ନ, ମୀମାଂସିତ, ଜାତ, ଉତ୍ପନ୍ନ ।

**ନିଷ୍ପଲକ** *ବି.* ଏକ ଦୃଷ୍ଟି ; *ବିଂ.* ପଲକଶୂନ୍ୟ, ପତା ନ ପକାଇ ।

**ନିଷ୍ପାଦକ** *ବିଂ.* ନିର୍ବାହକ, ସମ୍ପାଦନକାରୀ, ଆଦେଶକାରୀ ।

**ନିଷ୍ପାଦନ** *ବି.* ସମ୍ପାଦନ ।

**ନିଷ୍ପାଦିତ** *ବିଂ.* ନିର୍ବାହିତ, ସମାପ୍ତ ।

**ନିଷ୍ପାପ, ନିଷ୍ପାପୀ** *ବିଂ.* ପାପଶୂନ୍ୟ, ପବିତ୍ର ।

**ନିଷ୍ପିଷ୍ଟ** *ବିଂ.* ବିଦଳିତ, ପେଷି ହୋଇଯାଇଥିବା ।

**ନିଷ୍ପୀଡ଼କ** *ବିଂ.* ଉତ୍ପୀଡନକାରୀ, ଅତ୍ୟାଚାରୀ ।

**ନିଷ୍ପୀଡନ** *ବି.* ୧. ଅତ୍ୟାଚାର ୨. କ୍ଳେଶଦାନ, ଦଳନ ।

**ନିଷ୍ପୀଡ଼ିତ** *ବିଂ.* ଦଳିତ, କ୍ଳେଶପ୍ରାପ୍ତ ।

**ନିଷ୍ପେଷକ** *ବିଂ.* ଦଳନକାରୀ, ଅନ୍ୟକୁ କଷ୍ଟ ଦେଉଥିବା ।

**ନିଷ୍ପେଷଣ** *ବି.* ବିଦଳନ, ପୀଡ଼ନ ।

**ନିଷ୍ପେଷିତ** *ବିଂ.* ଅତ୍ୟାଚାରିତ, ଯାହାକୁ ପେଷଣ କରାଯାଇଛି ।

**ନିଷ୍ପ୍ରଭ** *ବିଂ.* ପ୍ରଭାହୀନ, ମଳିନ ।

**ନିଷ୍ପ୍ରୟୋଜନ** *ବିଂ.* ଅଦରକାରୀ ।

**ନିଷ୍ଫଳ ବିଂ.** ବ୍ୟର୍ଥ, ଫଳହୀନ ।

**ନିଷ୍ଫଳା ବିଂ.ବି.** ୧. ବନ୍ଧ୍ୟାନାରୀ ୨. ଋତୁକାଳ ସରିବା ପରବର୍ତ୍ତୀ ସମୟରେ ଯେଉଁ ନାରୀର ରଜର କାର୍ଯ୍ୟକାରିତା ଶେଷ ହୋଇଥାଏ।

**ନିସତ୍ ବିଂ.** ଅଳସୁଆ, କୋଢ଼ି, କୋଢ଼ିଆ ।

**ନିସତ ବିଂ.** ଅଳସୁଆ, ନିର୍ବଳ, ଦୁର୍ବଳ, ନିରୁପାୟ ; **ବି.** ଅସତ୍ୟ, ଜବାବ ରଖୁନଥିବା ।

**ନିସର୍ଗ ବି.** ପ୍ରକୃତି, ସୃଷ୍ଟି, ସ୍ୱଭାବ ।

**ନିସର୍ଗଜ ବିଂ.** ସ୍ୱଭାବଜାତ, ପ୍ରକୃତିରୁ ଜନ୍ମ ହେଇଥିବା ।

**ନିସର୍ଗବିତ୍ ବିଂ.** ପ୍ରକୃତିବିଜ୍ଞାନବେତ୍ତା ।

**ନିଷ୍ଖଳ ବିଂ.** ସରଳିଆ, ଖଳହୀନ, ନିଷ୍କପଟ ।

**ନିସ୍ତବ୍ଧ ବିଂ.** ନିଶ୍ଚଳ, ନିରବ, ଜଡ଼ୀଭୂତ ।

**ନିସ୍ତବ୍ଧତା ବି.** ନୀରବଭାବନା ଅବସ୍ଥା, ଜଡ଼ଭାବ ।

**ନିସ୍ତରଙ୍ଗ ବିଂ.** ତରଙ୍ଗହୀନ, ପ୍ରଶାନ୍ତ, ସ୍ଥିର ।

**ନିସ୍ତରଣ ବି.** ପରିତ୍ରାଣ, ଉଦ୍ଧାର, ନିଷ୍କୃତି ।

**ନିସ୍ତାର ବି.** ମୁକ୍ତି, ଛାଡ଼ପାଇବା ।

**ନିସ୍ତାରିବା କ୍ରି.** ତ୍ରାଣ ବା ଉଦ୍ଧାର କରିବା ।

**ନିସ୍ତିଆ ବିଂ.** ଅଳସୁଆ, କର୍ମକୁଣ୍ଠ ।

**ନିସ୍ତୁକ୍ ବିଂ.** ନିର୍ଧୂମ, ଉତ୍କଟ, ପ୍ରଚଣ୍ଡ ; **କ୍ରି.ବିଂ.** ପ୍ରଚଣ୍ଡ ବା ନିର୍ମମ ଭାବରେ ।

**ନିସ୍ତେଜ ବିଂ.** ତେଜଶୂନ୍ୟ, ପ୍ରଭାବହୀନ, ବୀର୍ଯ୍ୟହୀନ, ନିଷ୍ପ୍ରଭ ।

**ନିସ୍ପୃହ ବିଂ.** ସ୍ପୃହାଶୂନ୍ୟ, ଇଚ୍ଛା ବା ଉତ୍ସାହ ନଥିବା ।

**ନିସ୍ପୃହତା ବି.** ଇଚ୍ଛା ବା ଉତ୍ସାହଶୂନ୍ୟ ଭାବ ।

**ନି(ଃ)ସ୍ୱ ବିଂ.** ଗରିବ, ଦରିଦ୍ର ।

**ନିସ୍ୱତା ବି.** ଦରିଦ୍ରତା ।

**ନି(ଃ)ସ୍ୱନ ବି.** ଶବ୍ଦ ।

**ନିସ୍ୟନ୍ଦନ ବି.** କ୍ଷରଣ, ଝରଣ ।

**ନିହଣ ବି.** ବଢ଼େଇଙ୍କ କାଠ ଖୋଳିବା ଯନ୍ତ୍ର ।

**ନିହତ ବିଂ.** ବିନାଶପ୍ରାପ୍ତ, ହତ, ମୃତ ।

**ନିହନନ ବି.** ହତ୍ୟା, ଅସ୍ତ୍ରଦ୍ୱାରା ବଧ ।

**ନିହନ୍ତା ବି.ବିଂ.** ବଧକାରୀ, ହତ୍ୟାକାରୀ ।

**ନିହାଣ ବି.** କାଠ ଓ ପଥର କାମର କାରିଗରମାନେ ବ୍ୟବହାର କରୁଥିବା ଲୁହାଛେଣି ।

**ନିହାତି ବିଂ.** ନିତାନ୍ତ, ନିପଟ ।

**ନିହାଲ ବି.** ପୂର୍ଣ୍ଣ ମନୋରଥ ; **ବିଂ.** କୃତକୃତ୍ୟ, କୃତାର୍ଥ, ସଫଳକାମ ।

**ନିହାଲି ବି.** ରେଜେଇ, ଚଦର ।

**ନିହିତ ବିଂ.** ନ୍ୟସ୍ତ, ଗୁପ୍ତ ଭାବରେ ସ୍ଥାପିତ ।

**ନିହିବା କ୍ରି.** ୧. ସ୍ଥାପନ କରିବା ୨. ଲେଖିବା ।

**ନିହେ ଅ.** ନୁହେ ।

**ନିକ୍ଷେପ ବିଂ.** ଫିଙ୍ଗା, ଫୋପଡ଼ା ।

**ନୀଚ ବିଂ.** ୧. ନିକୃଷ୍ଟ ୨. ଅଧମ, ଇତର ୩. ହେୟ, ଅପକୃଷ୍ଟ ୪. ନିମ୍ନ, ଅନୁନ୍ନତ, ନିମ୍ନ ସ୍ଥାନସ୍ଥିତ ୫. ଖର୍ବ, ବାମନ ୬. ଅନୁଚ୍ଚ ୭. ମୃଦୁ(ସ୍ୱର) ୮. ଅଧମ ୯. ମନ୍ଦ ।

**ନୀଡ଼ ବି.** ପକ୍ଷୀବସା, ଘର ।

**ନୀତି ବି.** ୧. ସଦାଚାର, ସଙ୍ଗତ ଆଚରଣ ୨. ଶୃଙ୍ଖଳାଜ୍ଞାନ ୩. ହିତାହିତ ବିବେଚନା ୪. ଦେବଦେବୀଙ୍କ ପୂଜାର୍ଚ୍ଚନା ।

**ନୀତିକୁଶଳ ବିଂ.** ହିତାହିତ ବିଚାରରେ ଦକ୍ଷ ।

**ନୀତିଜ୍ଞ ବିଂ.** ନୀତିଶାସ୍ତ୍ରବିଦ୍ ।

**ନୀତିବାଣୀ ବି.** ହିତାହିତବିବେଚନା ସମ୍ବଳିତ ଉପଦେଶ ।

**ନୀତିମାନ୍ ବିଂ.** ବିଧିର ଆଚରଣକାରୀ, ସମସ୍ତ ପ୍ରକାର ନିୟମ ମାନି ଚଳୁଥିବା ।

**ନୀତିଶାସ୍ତ୍ର ବି.** କର୍ତ୍ତବ୍ୟାକର୍ତ୍ତବ୍ୟ ବିବେଚନାର ସୂତ୍ରାବଳୀ ।

**ନୀତିସଙ୍ଗତ ବିଂ.** ନୀତିର ଅନୁକୂଳ ।

**ନୀତିସମ୍ମତ ବିଂ.** ବିଧି ବା ନିୟମଦ୍ୱାରା ଅନୁମୋଦିତ ।

**ନୀନାଗୀତ ବି.** ନାନାବାୟା ଗୀତ ।

**ନୀପ ବି.** କଦମ୍ବ ।

**ନୀବାର ବି.** ବିନା କର୍ଷଣରେ ଉତ୍ପନ୍ନ ଧାନଗଛ, ବାଲୁଙ୍ଗା ।

**ନୀବି, ନୀବୀ ବି.** ଖୋସଣି ।

**ନୀର ବି.** ପାଣି, ଜଳ ।

**ନୀରଜ ବି.** ୧. କଇଁ ୨. ପଦ୍ମ ୩. ପାଣିରୁ ଜାତ ।

**ନୀରନ୍ଧ୍ର ବିଂ.** ୧. ନିବିଡ଼ ୨. ଘନ, ଘଞ୍ଚ ।

**ନୀରସ, ନିରସ ବିଂ.** ରସହୀନ, ମ୍ଳାନ, ଶୁଷ୍କ ।

**ନୀରାଜନା ବି.** ଆଳତି, ପୂଜାର୍ଚ୍ଚନା ।

**ନୀରୋଗ, ନିରୋଗ ବିଂ.** ରୋଗଶୂନ୍ୟ, ସୁସ୍ଥ, ସ୍ୱାସ୍ଥ୍ୟବାନ ।

**ନୀଳ ବି.** ନୀଳରଙ୍ଗ ; **ବିଂ.** ନୀଳବର୍ଣ୍ଣବିଶିଷ୍ଟ ।

**ନୀଳକ ବି.** ନୀଳକାନ୍ତ ମଣି ।

**ନୀଳକଣ୍ଠ ବି.** ଶିବ ।

**ନୀଳକାନ୍ତ ବି.** ନୀଳାରତ୍ନ, ମଣି ।

**ନୀଳଗାଈ ବି.** ଗାଈ ଆକାରର ପାର୍ବତ୍ୟ ଗାଈ ।

**ନୀଳଗିରି ବି.** ନୀଳପର୍ବତ, ଶ୍ରୀକ୍ଷେତ୍ର, ପୁରୀ ।

**ନୀଳଗ୍ରୀବ ବି.** ମୟୂର ।

**ନୀଳଚକ୍ର ବି.** ଶ୍ରୀମନ୍ଦିର ଚୂଡ଼ାରେ ଥିବା ବାରଟି ଅରବିଶିଷ୍ଟ ଚକ୍ର ।

**ନୀଳମଣି ବି.** ଶ୍ରୀକୃଷ୍ଣ ।

**ନୀଳମାଧବ** *ବି.* ପ୍ରାଚୀନ ଶବରରାଜା ପୂଜିତ ବିଗ୍ରହ, ବିଷ୍ଣୁ, ଶ୍ରୀଜଗନ୍ନାଥ ।
**ନୀଳମେଘୀ** *ବିଂ.* ଘନ ନୀଳବର୍ଣ୍ଣର (ଶାଢ଼ୀ) ।
**ନୀଳଲୋହିତ** *ବି.* ବାଇଗଣୀ (ରଙ୍ଗ), ଶିବ ।
**ନୀଳା** *ବି.* ନୀଳକାନ୍ତ ମଣି, ନୀଳରଙ୍ଗର ମଣି ବିଶେଷ ।
**ନୀଳାଚଳ** *ବି.* ୧. ପୁରୀ କ୍ଷେତ୍ର, ଶ୍ରୀକ୍ଷେତ୍ର ୨. ନୀଳ ପାହାଡ଼ ।
**ନୀଳାଭ** *ବିଂ.* ଈଷତ୍ ନୀଳରଙ୍ଗର ।
**ନୀଳାମ୍ବର** *ବି.* ନେଳିଆ ଆକାଶ, ନଭ ।
**ନୀଳାମ୍ବରୀ** *ବିଂ.* ନୀଳମେଘୀ (ଶାଢ଼ୀ) ।
**ନୀଳାମ୍ବୁ** *ବି.* ୧. ସମୁଦ୍ର ୨. ନୀଳ ଜଳ ।
**ନୀଳିକା** *ବି.* ଆଖିର ମୋତିଆବିନ୍ଦୁ ରୋଗ ।
**ନୀଳିମା** *ବି.* ନୀଳରଙ୍ଗ ବିଶେଷ ।
**ନୀଳି** *ବି.* ୧. ଲୁଗାର ନୀଳରଙ୍ଗ, ନିଳି ୨. ପ୍ରେମଭକ୍ତିର ରାଗ ବିଶେଷ ।
**ନୀଳୋତ୍ପଳ** *ବି.* ନୀଳ କଇଁ ବା ପଦ୍ମ ।
**ନୀହାର** *ବି.* ଘନୀଭୂତ ଶିଶିର, ତୁଷାର, ହିମ, କୁହୁଡ଼ି ।
**ନୀହାରିକା** *ବି.* ସୁଦୂରବର୍ତ୍ତୀ ଆକାଶରେ ଦୃଶ୍ୟମାନ ନକ୍ଷତ୍ର ପୁଞ୍ଜ ବା ବାଷ୍ପୀୟ ପଦାର୍ଥ ।
**ନୁଆଁଇବା** *କ୍ରି.* ତଳକୁ କରିବା, ତଳକୁ ବଙ୍କେଇବା ।
**ନୁଆଁଣିଆ** *ବିଂ.* ଯାହା ତଳକୁ ନଇଁ ଥାଏ ।
**ନୁଉଁଛୁଣା** *ବିଂ.* ୧. ଅଲକ୍ଷଣା, ଅମଙ୍ଗଳିଆ ୨. ଛୋଟ ।
**ନୁଣିଆଁ** *ବିଂ.* ଲୁଣିଆ, ଲୁଣଯୁକ୍ତ ।
**ନୁନ୍** *ବିଂ.* ଏତେ(ଲୋକ); *ବି.* ଲୁଣ ।
**ନୁନି** *ବି.* ୧. ଶିଶୁର ଯୌନାଙ୍ଗ ୨. ଝିଅ, ଝିଅପିଲା ।
**ନୁନୁମା** *ବି.* ନିଜ ମା ।
**ନୁରା** *ବି.* ୧. ଦରକାର, ଲୋଡ଼ା ୨. ଲୋରା, ଖୋଜା, ଝୁରିବା ।
**ନୂଆ** *ବି.* ହାଲି, ତଟକା, ନୂତନ, ସଜ ।
**ନୂଆଖାଇ** *ବି.* ବର୍ଷର ପ୍ରଥମ କରି ଅମଳ ହେଉଥିବା ଧାନ ପାଇଁ ଉତ୍ସବ, ନବାନ୍ନ ଭକ୍ଷଣ ଉତ୍ସବ ।
**ନୂଆଖିଆ** *ବି.* ନବାନ୍ନ ଭକ୍ଷଣ ।
**ନୂଆ ଡାଆଣି** *ବି.* ନୂଆ କରି କାମ କରୁଥିବା ବ୍ୟକ୍ତି ।
**ନୂଆ ପଇସା** *ବି.* ଏକ ଟଙ୍କାର ଶତାଂଶ ।
**ନୂଆ ପାଞ୍ଜି** *ବି.* ବର୍ଷ ଆରମ୍ଭ ମେଷ ସଂକ୍ରାନ୍ତିଠାରୁ ପ୍ରଚଳିତ ପାଞ୍ଜି ।
**ନୂଆପାଣି** *ବି.* ପ୍ରଥମ ବର୍ଷାଜଳ ।
**ନୂଆବୋହୂ** *ବି.* ପ୍ରଥମ କରି ଶାଶୁ ଘର ଆସିଥିବା ବୋହୂ ।
**ନୂଆମୁହଁ** *ବି.* ପ୍ରଥମ କରି ଦେଖା ଦେଉଥିବା ବ୍ୟକ୍ତି ।
**ନୂତନ** *ବିଂ.* ୧. ନୂଆ ୨. ତଟକା ୩. ଅପୂର୍ବ ।
**ନୂତନତା** *ବି.* ନୂଆଭାବ ।
**ନୂପୁର** *ବି.* ଘୁଙ୍ଗୁରଲଗା ପାଦବଳା, ପାଉଁଜି ।
**ନୃତତ୍ତ୍ୱ** *ବି.* ମଣିଷ ଜାତିର ଉତ୍ପତ୍ତି ଓ ବିକାଶ ସଂକ୍ରାନ୍ତ ତତ୍ତ୍ୱ ।
**ନୃତ୍ୟ** *ବି.* ନାଚ; ତାଳ, ବାଦ୍ୟ, ଗୀତ ଅନୁସାରେ ଶରୀରର ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗର ସଂଚାଳନ ବା ଗତି ।
**ନୃପ** *ବି.* ରାଜା, ସମ୍ରାଟ ।
**ନୃଶଂସ** *ବିଂ.* ୧. ନରହିଂସ୍ରକ ୨. କ୍ରୂରକର୍ମା ୩. ପରଦ୍ରୋହୀ ୪. ଘାତକ ୫. ନିଷ୍ଠୁର ।
**ନୃସିଂହ** *ବି.* ବିଷ୍ଣୁଙ୍କର ଅବତାର ବିଶେଷ ।
**ନେଉଟିଆ** *ବି.* ଲେଉଟିଆ, ଖରାଦିନିଆ ଶାଗ ବିଶେଷ , ଯାହାକୁ ବାରଂବାର କଟାଯାଏ ।
**ନେଉଳ** *ବି.* ଏକ ପ୍ରକାର କ୍ଷୁଦ୍ରାକୃତି ପ୍ରାଣୀ ।
**ନେକ୍‌ରା** *ବିଂ.* ଖରାପ, ମନ୍ଦ (ନାକରା) ।
**ନେକ୍‌ଲେସ୍** *ବି.* ଗଳାହାର, ସୁନା ବା ରୁପାର ହାର ।
**ନେକ୍‌ଲୋକ** *ବିଂ.* ଭଲଲୋକ, ଲାଏକ୍‌ଲୋକ ।
**ନେଙ୍ଗୀ** *ବି.* ଲଙ୍ଗା ।
**ନେକେଡ୍** *ବିଂ.* ନଙ୍ଗଳା, ଅଶ୍ଳୀଳ ।
**ନେଗ୍‌ଲେକ୍ଟ** *ବି.* ଅବହେଳା, ହେଳା ।
**ନେଗେଟିଭ୍** *ବି.* ୧. ନକରାତ୍ମକ ୨. ବିରୋଧାତ୍ମକ ୩. ଫଟୋ ଫିଲ୍ମ ।
**ନେଡ଼ି** *ବି.* ହାତ ପାପୁଲି, ଗୋଇଠି ଗଣ୍ଠି ।
**ନେଣଦେଣ** *ବି.* ୧. ଆଦାନପ୍ରଦାନ ୨. ଉତ୍କୋଚ, ଲାଞ୍ଚ ୩. ବ୍ୟବସାୟ ।
**ନେଣ୍ଟରା** *ବି.* ଜଞ୍ଜାଳ, ସମସ୍ୟା, ଧନ୍ଦା, ନେଞ୍ଜରା ।
**ନେଣ୍ଟା** *ବି.* ବାଆଁହାତ, ଡେବିରିହାତ ।
**ନେଣ୍ଟି** *ବିଂ.* ୧. ସାନ, ହୀନ ୨. ଦୁର୍ବଳ ୩. ଅକର୍ମା ।
**ନେତ** *ବିଂ.* ୧. ପତାକା ୨. ସୂକ୍ଷ୍ମଶାଢ଼ି ।
**ନେତପିଲା** *ବି.* ମନ୍ଦିର ସେବକମାନଙ୍କ ବ୍ରତଚାରିଣୀ କୁମାରୀ କନ୍ୟା ।
**ନେତବନ୍ଧା** *କ୍ରି.* ମନ୍ଦିରରେ ବିଧିବିଧାନପୂର୍ବକ ନେତବାନ୍ଧିବା ।
**ନେତା** *ବି.* ୧. ଜନନାୟକ ୨. ସରଦାର ୩. ପରିଚାଳକ ; *ବିଂ.* ଅଗ୍ରଣୀ, ପଥପ୍ରଦର୍ଶକ, ଯେ ଆଗେଇ ନିଏ ।
**ନେତୃତ୍ୱ** *ବି.* ଜନସମୂହକୁ ପରିଚାଳିତ କରିବାର ସାମର୍ଥ୍ୟ ।
**ନେତ୍ର** *ବି.* ଆଖି ।
**ନେପଥ୍ୟ** *ବି.* ୧. ଅଭିନେତା ଅଭିନେତ୍ରୀଙ୍କର ବେଶଘର ୨. ନାଟ୍ୟମଞ୍ଚର ଅନ୍ତରାଳବର୍ତ୍ତୀ ସ୍ଥାନ ।
**ନେପୁର** *ବି.* ୧. ଗୁଣ୍ଡୁଚିମୂଷା ୨. ଅଳଙ୍କାର ବିଶେଷ, ନୂପୁର ।
**ନେ(ଫ)ଫେଡ଼ା** *ବିଂ.* ୧. ନିଲଠା ୨. ମୂଲ୍ୟହୀନ ;*ବି.* ଅନିଚ୍ଛା ବା ଘୃଣା ପ୍ରକାଶ, ନେଭେଡା ସ୍ୱଭାବ ।

**ନେଭେଡ଼ା** *ବି.* ନୁସୁରୁ ପୁସୁରୁ ସ୍ୱଭାବ ।

**ନେମି, ନେମୀ** *ବି.* ଚକର ହାଲ୍, ପରିଧି, ବେଢ଼ ।

**ନେସ୍‌ମା** *ବିଂ.* ୧. ନରମା ୨. ଦୁର୍ବଳ ।

**ନେହର୍** *ବି.* ଅନୁନୟ, ପ୍ରାର୍ଥନା, ନେହୁରା, ଜଣାଣ, ଆବେଦନ ।

**ନେହି** *ବି.* ୧. ପୁନାଦି, ନିଅଁ ୨. କମାର ଶାଳରେ ପୋତା ଯାଇଥିବା ଲୁହାଖଣ୍ଡ ।

**ନେହୁଆ** *ବି.* ସିତାଫଳ ।

**ନେହୁରା** *ବି.* ବିକଳ ଅନୁରୋଧ, ଖୋସାମତି ।

**ନୋଚା** *ବିଂ.* ସଂକୁଚିତ, ମୋଡ଼ିମାଡ଼ି ହୋଇଥିବା ।

**ନୋଟ୍** *ବି.* ୧. କାଗଜ ଟଙ୍କା ୨. ମନ୍ତବ୍ୟ ୩. ମତାମତ ।

**ନୋଟ୍ କରିବା** *କ୍ରି.* ୧. ଟିପିନେବା ୨. ଉତ୍ତର ପ୍ରସ୍ତୁତ କରିବା ।

**ନୋଟ୍‌ବୁକ୍** *ବି.* ଟିପାଖାତା ।

**ନୋଟା** *ବି.* ଗଡୁ, ଛୋଟଢ଼ାଳ ।

**ନୋଟାରି** *ବି.* ସରକାରଦ୍ୱାରା ସ୍ୱୀକୃତ ଓ ଅଧିକାରପ୍ରାପ୍ତ ଆଇନ ପରାମର୍ଶଦାତା ।

**ନୋଟିବା** *କ୍ରି.* ଲୋଟିପଡ଼ିବା ।

**ନୋଟିସ୍** *ବି.* ୧. ବିଜ୍ଞାପନ ୨. ନିର୍ଦ୍ଦେଶପତ୍ର ।

**ନୋଟିସାଉଁଟି ହେବା** *କ୍ରି.* ଅନୁନୟ ବିନୟ କରିବା, ବିକଳ ଅନୁରୋଧ କରିବା ।

**ନୋଟେସନ୍** *ବି.* ୧. ସଙ୍ଗୀତର ରାଗ ବିସ୍ତାର ୨. ଲେଖିବା ପାଇଁ ଡାକିବା ।

**ନୋତରା** *ବିଂ.* ଧୋକଡା, ଝୁର, ଲୋତରା ।

**ନୋତରାକୋତରା** *ବିଂ.* ନେପାଚେପା ।

**ନୋଥ** *ବି.* ନାକ ଅଳଙ୍କାର ।

**ନୋଦା, ନୋଧା, ଲୋଧା** *ବି.* ତାଳ ବା ନଡ଼ିଆ ଗଣ୍ଡିର ଢ଼ୋଲା ଫାଳି ବା ଦସ୍ତା କିମ୍ବା ଟିଣରେ କରାଯାଇଥିବା ମାହାରା-ଯାହା ତେଣ୍ଡା ବା ଦୁଇଘର ଓଳିତଳେ ପାଣି ଯିବା ପାଇଁ ବ୍ୟବହୃତ ହୁଏ ।

**ନୋଳା** *ବି.* ଶରୀରରେ ବାଡ଼ି ବା ଆଙ୍ଗୁଳିର ଆଘାତ ଜନିତ ଚିହ୍ନ ।

**ନୋଳି** *ବି.* କାନରେ ପିନ୍ଧାଯାଉଥିବା ଅଳଙ୍କାର ।

**ନୋଳିଆ** *ବି.* ସମୁଦ୍ରତଟରେ ବାସ କରୁଥିବା ମାଛଧରା ସମ୍ପ୍ରଦାୟ ।

**ନୋଲକ** *ବି.* ନାକର ଅଳଙ୍କାର ବିଶେଷ ।

**ନୋହିଲେ** *ଅ.* ନହେଲେ, ନଚେତ୍ ।

**ନୈତିକ** *ବିଂ.* ନୀତିଦ୍ୱାରା ଅନୁମୋଦିତ ।

**ନୈତିକତା** *ବି.* ନିୟମାନୁବର୍ତ୍ତିତା, ସାମାଜିକ ରୀତିନୀତି ପ୍ରତି ସମ୍ମାନବୋଧ ।

**ନୈପୁଣ୍ୟ** *ବି.* ଦକ୍ଷତା, ନିପୁଣତା, ଦକ୍ଷତା ।

**ନୈବେଦ୍ୟ** *ବି.* ଦେବଦେବୀଙ୍କୁ ଅର୍ପଣ କରାଯିବା ଭକ୍ଷ୍ୟ, ଭୋଜ୍ୟ, ଲେହ୍ୟ, ପେୟ ଓ ଚୋଷ୍ୟ ଆଦି ଖାଦ୍ୟଦ୍ରବ୍ୟ, ପୂଜାଦ୍ରବ୍ୟ ।

**ନୈରାଜ୍ୟବାଦ** *ବି.* ଅରାଜକତା ।

**ନୈରାଶ୍ୟ** *ବି.* ନିରାଶାଭାବ, ହତାଶାଭାବ ।

**ନୈଶ** *ବିଂ.* ରାତ୍ରିକାଳୀନ, ରାତି ସମ୍ବନ୍ଧୀୟ ।

**ନୈଷ୍ଠିକ** *ବିଂ.* ୧. ନିଷ୍ଠାପର ୨. ସ୍ମୃତିଶାସ୍ତ୍ରୋକ୍ତ ନୀତିନିୟମ ନିଷ୍ଠାର ସହ ପାଳନ କରୁଥିବା ।

**ନୈସର୍ଗିକ** *ବିଂ.* ପ୍ରାକୃତିକ, ସ୍ୱାଭାବିକ, ସ୍ୱର୍ଗୀୟ ।

**ନୌକର** *ବି.* ଚାକର, ବୃତ୍ତିଜୀବୀ ।

**ନୌକରି** *ବି.* ଚାକିରି, ବୃତ୍ତି ।

**ନୌକା** *ବି.* ନଈ ପାରିହେବା ପାଇଁ ବ୍ୟବହୃତ ଯାନ ବିଶେଷ, ଡଙ୍ଗା, ନାଆ, ନଉକା ।

**ନୌଚାଳନ** *ବି.* ନାଆ ଚଳାଇବା, ନୌକାଚାଳନା ।

**ନୌବାହିନୀ** *ବି.* ଜଳଯୁଦ୍ଧରେ ନିପୁଣ ସେନା ।

**ନୌସେନା** *ବି.* ଜଳଯୁଦ୍ଧରେ ତାଲିମ ପ୍ରାପ୍ତ ସୈନ୍ୟ ।

**ନ୍ୟଗ୍ରୋଧ** *ବି.* ବରଗଛ ।

**ନ୍ୟସ୍ତ** *ବିଂ.* ପ୍ରଦତ୍ତ ।

**ନ୍ୟସ୍ତସ୍ୱାର୍ଥ** *ବିଂ.* ଯେ ନିଜର ସ୍ୱାର୍ଥ ପାଇଁ କାମକରେ ।

**ନ୍ୟାୟ** *ବି.* ୧. ଯାହା ଠିକ୍ ବା ଉଚିତ, ଅପକ୍ଷପାତ ବିଚାର ୨. ଔଚିତ୍ୟ ୩. ନ୍ୟାୟ ନୀତି ୪. ଗୌତମ ପ୍ରଣୀତ ଦର୍ଶନ ଶାସ୍ତ୍ର ୫. ତର୍କଶାସ୍ତ୍ର, ବାଦଶାସ୍ତ ୬. ସାଦୃଶ୍ୟ ।

**ନ୍ୟାୟବଳ** *ବି.* ଶତରଞ୍ଜ ଖେଳ, ଚତୁରଙ୍ଗଖେଳ, ଦାବାଖେଳ ।

**ନ୍ୟାସ** *ବି.* ୧. ସ୍ଥାପନ ୨. ଅର୍ପଣ ୩. ବନ୍ଧକ ୪. ଗଚ୍ଛିତ ବା ରଖିବା ବସ୍ତୁ, ଜମା କରାଯିବା ପଦାର୍ଥ ୫. ଜୀବନ୍ନ୍ୟାସ, ଜୀବନ ଦେବା, କୌଣସି ବାକ୍ୟ ବା ଯୋଜନା ନିମନ୍ତେ ଗଠିତ ସଂସ୍ଥା, ଟ୍ରଷ୍ଟ ।

**ନ୍ୟୂନ** *ବିଂ.* ଊଣା, ଅଳ୍ପ ।

**ନ୍ୟୂନାଧିକେ** *କ୍ରିବିଂ.* ଊଣା ଅଧିକେ, ଅଳ୍ପ ବହୁତେ ।

# ପ

**ପ** *ବି.* ବର୍ଣ୍ଣମାଳାର ଏକବିଂଶତମ ବ୍ୟଞ୍ଜନ ବର୍ଣ୍ଣ ।
**ପଁଚ୍** *ବି.* ୧. ପଞ୍ଚ, ପଞ୍ଚାୟତ ୨. ପଞ୍ଚ, ଫୋଡଣି ।
**ପଁଚା** *ବିଂ.* ଶାଗୁଆ, ଶ୍ୟାମଳ, ସବୁଜ; **ବି.** ପଚାରଙ୍ଗ ।
**ପଁଚିଆ** *ବି.* ପୋଛାକନା, ଛୋଟ ଗାମୁଛା ବା ତଉଲିଆ ।
**ପଁଡ୍‌କା** *ବି.* କପୋତ, ପଣ୍‌କା।
**ପଁଡ୍ରା** *ବିଂ.* ଗୋରା, ଧଳା ।
**ପଁଡ଼ିଆ** *ବିଂ.* ୧. ପାଣ୍ଡୁର, ମଳିନ, ପାଉଁଶିଆ ୨.କାଠର ମଞ୍ଜ ନଥିବା ଅଂଶ ।
**ପଁନିହାଁ** *ବି.* ମୁଣ୍ଡ କୁଣ୍ଡାଇବା ଉପକରଣ, ପନିଆ, ପାନିଆଁ, ଚିରୁଣି ।
**ପଁର୍‌ପଁରା** *ବି.* ପାହାନ୍ତା ସମୟ, ଊଷାକାଳ ।
**ପଁଢେ଼ଇଁ** *ବି.* ଜୋତା, ପଣେହି, ପାଣ୍ଡୋହି ।
**ପଂକ୍ତି, ପନ୍ତି** *ବି.* ୧. ସମୂହ ୨. ଧାଡ଼ି ୩. ଶ୍ରେଣୀ ୪. କବିତାର ଧାଡ଼ି ।
**ପଂକ୍ତିଭୋଜନ** *ବି.* ଛୋଟ ବଡ଼ର ବିଭେଦ ନଥାଇ ଏକତ୍ର ବସି ଖାଇବା ।
**ପଅଁରି, ପଇଁରି** *ବି.* ପଏଁରି, ପାଦର ଅଳଙ୍କାର, ପାଦବଳା, ପାଉଁଜି ।
**ପଅଁଳା, ପଅଁଲା** *ବି.* ପ୍ରବାଳ, ପୋହଳା, ପଉଁଳା ।
**ପଅଁଳାମାଲି** *ବି.* ପୋହଳାହାର ।
**ପଅଁଲିବା** *କ୍ରି.* ଖଣ୍ଡ ଖଣ୍ଡ କରି କାଟିବା ।
**ପଅରିଦିନ** *ବି.* ୧. ଆସନ୍ତାକାଲିର ପରଦିନ ୨. ଗତକାଲିର ପୂର୍ବ ଦିନ ।
**ପଇଁଚ** *ବି.* ହାତରେ ପିନ୍ଧୁଥିବା ରୁପାର ଅଳଙ୍କାର ବିଶେଷ, ଖଡ଼ୁ ।
**ପଇଁଠି** *ବି.* ୧. ଛୋଟ ବା ସରୁଆ ପିଣ୍ଡା ୨. ଦୁଇ ଘରର ମଧ୍ୟଭାଗରେ ଥିବା ଗଳି ।
**ପଇଁତରା** *କ୍ରି.ବିଂ.* ଇତସ୍ତତଃ, ଏଣେତେଣେ ; **ବି.** ନିରୀକ୍ଷଣ ।
**ପଇଁତରା ମାରିବା** *କ୍ରି.* ଏଣେତେଣେ ବୁଲି ସବୁଆଡ଼କୁ ନିଘା ଦେବା, ଜଗାରଖା କରିବା ।
**ପଇଁତିରିଶ, ପଇଁତ୍ରିଶ** *ବି.ବିଂ.* ୩୫ ସଂଖ୍ୟା, ପଞ୍ଚତ୍ରିଂଶତ୍ତମ ।
**ପଇଁରି** *ବି.* ପାଉଁଜି, ଗୋଡ଼ ବଳାଗଣ୍ଠିରେ ପିନ୍ଧା ଯାଉଥିବା ଅଳଙ୍କାର ।
**ପଇକାରିଆ** *ବିଂ.* ୧. ଧୂର୍ତ୍ତ, ଚାଲବାଜ ୨. କାମ ହାସଲ କରିବାରେ ପାରଙ୍ଗମ, *ସ୍ତ୍ରୀ.* ପଇକାରୀ ।
**ପଇଖରା ଖୁଣ୍ଟ** *ବି* ଢିଙ୍କିଖୁଣ୍ଟ ।
**ପଇଟ** *ବି.* ପାଠ ମୁଖସ୍ଥ ହେବା, ମନେ ରଖିଥିବା ।
**ପଇଟାଇବା** *କ୍ରି.* ମୁଖସ୍ଥ କରିବା, ଘୋଷିବା ।
**ପଇଟିବା** *କ୍ରି.* ୧. କଣ୍ଠସ୍ଥ ହେବା ୨. ମନେ ପଡ଼ିବା ।
**ପଇଠ** *ବି.* ଦାଖଲ, ଭରଣା, ଜମା, ଡିପୋଜିଟ୍ ।
**ପଇଡ଼** *ବି.* ପାଣିଥିବା କଷିନଡ଼ିଆ, ସଢେ଼ଇ ଭିତରେ ଅଳ୍ପ ନାଳି ଲାଗିଥିବା ପାଣିଭର୍ତ୍ତି ନଡ଼ିଆ, ନଡ଼ିଆର କଅଁଳ ଅବସ୍ଥା ।
**ପଇତା** *ବି.* ଉପନୟନ ସଂସ୍କାର ସମୟରେ ବାଳକ କାନ୍ଧରେ ପକାଯାଉଥିବା ଯଜ୍ଞସୂତ୍ର, ଉପବୀତ ।
**ପଇତି** *ବି.* ୧. ରନ୍ଧା ହୋଇଥିବା ଡାଲି ୨. ଚୂରାଡାଲି ଅଥବା ଚାଉଳ ଚୂନାରେ ପ୍ରସ୍ତୁତ ବହଳ ଖାଦ୍ୟ ।
**ପଇଦଲ, ପୟଦଲ** *ବି.* ୧. ପାଦରେ ଚାଲିବା ୨. ପଦାତିକ ସେନା, ପାଦଚାଲି ; *କ୍ରି.ବିଂ.* ପାଦରେ, ଚାଲି ଚାଲି ।
**ପଇଦା** *ବି.* ଭୂମିଷ୍ଠ, ଜନ୍ମ, ଆବିର୍ଭାବ ।
**ପଇସା** *ବି.* ୧. ଏକଟଙ୍କାର ଶତାଂଶ, ମୁଦ୍ରା ୨. ଧାତୁ ତିଆରି ମୁଦ୍ରା ୩. ଧନ, ଅର୍ଥ ।
**ପଇସାଖିଆ** *ବିଂ.* ଲାଞ୍ଚଖୋର, ଘୁଷ୍‌ଖିଆ ।
**ପଇସାପତ୍ର** *ବି.* ଟଙ୍କାପଇସା, ଧନ ।
**ପଇସାବାଲା** *ବିଂ.* ଥିଲାବାଲା, ଧନୀ, ବିତ୍ତଶାଳୀ, ମାତବର, *ସ୍ତ୍ରୀ.* ପଇସାବାଲୀ ।
**ପଇସାମୁଡ଼ି** *ବି.* ୧. ପଇସା ବିନିମୟରେ ଦେହଦାନ କରୁଥିବା ନାରୀ ୨. ବିବାହ ନ କରି ପୁରୁଷ ଘରେ ସ୍ତ୍ରୀ ରୂପେ ସମର୍ପଣ କରାଯିବା ।
**ପଉଟି(ଟୀ)** *ବି.*କୋଡ଼ିଏ ଗଉଣି ପରିମାଣ, ଆନୁମାନିକ ଏକ କୁଇଣ୍ଟାଲ ।
**ପଉଦାର** *ବି.* ଶ୍ରୀମନ୍ଦିରର ବଣିଆ ସେବକ ।
**ପଉନେ** *ବିଂ.* ତିନି ଚତୁର୍ଥାଂଶ, ଏକରୁ ପାଏ କମ୍ ।
**ପଏଁଖ୍** *ବି.* ୧. ପକ୍ଷ, ଡେଣା ୨. ପର ।
**ପଏଁରି** *ବି.* ପଇଁରୀ, ପାଉଁଜି, ନୂପୁର ।
**ପଏଁସିଲ** *ବି.* ପନିକି, ପନ୍‌କା, ପରିବାକଟା ଧାତବ ଉପକରଣ ।
**ପଏଖ୍** *ବି.* ପକ୍ଷ, ପନ୍ଦରଦିନ କାଳ ।
**ପଏଚାନ୍** *ବି.* କୌଣସି ବ୍ୟକ୍ତି ସମ୍ପର୍କରେ ଜ୍ଞାନ, ପରିଚୟ, ଚିହ୍ନାଭାବ ।
**ପଏର୍ଛା** *ବି.* ୧. ସଫା, ପରିଷ୍କାର, ବିଶୁଦ୍ଧ ୨. ପାପ ଲାଗିନଥିବା ୩. ଦାଗ ନଥିବା ।
**ପଏଟ୍ କରିବା** *କ୍ରି.* ପାଠ ମୁଖସ୍ଥ କରିବା ।
**ପଏତା** *ବି.* ପଇତା, ଉପବୀତ, ଯଜ୍ଞସୂତ୍ର ।

**ପଏ[ଇ]ରନ** ***ବି.*** ଇଚ୍ଛାପୂରଣ ପାଇଁ ଦେବତା ପାଖରେ ଅଖିଆ ଅପିଆ ରହିବା, ଅନୁସରଣିଆ, ଅଧିଆ, ଧାରଣା, ପହରଣ ।

**ପଏନା** ***ବି.*** ପରିଆ, ଅଧିଆ, କାର୍ଯ୍ୟ ହାସଲ ପାଇଁ କୌଣସି ବ୍ୟକ୍ତି ଅଥବା ଶକ୍ତିର ଆଶ୍ରିତ ହେବା ।

**ପଏସା** ***ବି.*** ମୁଦ୍ରା, ପଇସା, ଧନ, ଅର୍ଥ ।

**ପଏସା ପୋକ୍** ***ବି.*** ତେଲଗୁଣି ପୋକ, ବହୁପାଦବିଶିଷ୍ଟ ଲମ୍ବା ପୋକ ଯାହା ଭୟ ଅଥବା ସ୍ପର୍ଶ ପାଇଲେ ମୁଦି ଭଳି ମୋଡ଼ି ହୋଇଯାଏ ।

**ପକ୍କା** ***ବିଂ.*** ୧. ସିମେଣ୍ଟତିଆରି ୨. ଓ୍ୱାଜିବ ୩. ଠିକ୍, ଖାଣ୍ଟି, ଅବିମିଶ୍ରିତ ୪. ଚୂଡ଼ାନ୍ତ, ଅପରିବର୍ତ୍ତନୀୟ ୫. ସ୍ଥାୟୀ ୬. ସୁଦୃଢ଼ ।

**ପକ୍କା ଘର** ***ବି.*** ଇଟା/ପଥର ସିମେଣ୍ଟରେ ତିଆରି ଘର, କୋଠାଘର ।

**ପକ୍ଡ଼ିବା** ***କ୍ରି.*** ୧. ଧରିବା ୨. ଆୟତ୍ତ କରିବା ୩. ଗିରଫ କରିବା ।

**ପକ୍ନା** ***ବି.*** ୧. ପଥର ୨. ଫିଙ୍ଗା ୩. ଫୋପଡା ।

**ପକ୍ନା ଯିବା** ***କ୍ରି.*** ନଷ୍ଟ ହେବା, ଫିଙ୍ଗା ହେବା, ଫୋପଡା ହେବା ।

**ପକ୍ନିଆଁ** ***ବିଂ.*** ବ୍ୟବହାର ପାଇଁ ଅନୁପଯୁକ୍ତ ପଦାର୍ଥ, ଫିଙ୍ଗା ଯିବା ଯୋଗ୍ୟ ।

**ପକଡ଼** ***ବି.*** ୧. ଆୟତ୍ତ ୨. ଧାରଣ ।

**ପକାଇବା** ***କ୍ରି.*** ୧. ଫିଙ୍ଗିବା ୨. ଜାଣିଶୁଣି ଅଥବା ଅସାବଧାନତା ଯୋଗୁଁ କୌଣସି ପଦାର୍ଥ ଅଥବା ଜୀବକୁ ମାଟି ଉପରେ ଫିଙ୍ଗିଦେବା ୩. ବିଛାଇବା ୪. ବୁଣିବା ୫. ସଞ୍ଚିତ ବା ଗଚ୍ଛିତ କରି ରଖିବା ୬. ପାଳିତ ପଶୁ ପ୍ରସବ କରିବା ।

**ପକାବା** ***କ୍ରି.*** ପ୍ରସବ କରିବା, ଜନ୍ମ କରିବା, ଛୁଆ ଦେବା ।

**ପକୁଡି** ***ବି.*** ପାଣିରେ ଚଣାଗୁଣ୍ଡ ବା ବେସନ ଗୋଳେଇ ପିଆଜ ପ୍ରଭୃତି ଦେଇ ତେଲଛଣା ଖାଦ୍ୟ, ପକୌଡା, ପାକୁଡ଼ି ।

**ପକେଟ୍** ***ବି.*** ୧. ଜାମା ଅଥବା ପ୍ୟାଣ୍ଟ ସଂଲଗ୍ନ ମୁଣା ୨. ରହିବା ବା ରଖିବା ସ୍ଥାନ ।

**ପକେଟ୍ ମନି** ***ବି.*** ହାତଖର୍ଚ୍ଚ ପାଇଁ ପଇସା ।

**ପକେଟ୍‌ମାର, ପକେଟ୍‌ମାରୁ** ***ବି.*** କୌଶଳରେ ପକେଟ କାଟି ଅଥବା ପକେଟ ଭିତରୁ ଚୋରି କରୁଥିବା ଲୋକ, ଠକ୍, ଧୂର୍ତ୍ତ ।

**ପକ୍ୱ** ***ବିଂ.*** ୧. ପାଚିଲା ୨. ସିଝା, ଅଗ୍ନିସିଦ୍ଧ, ପାକ ବା ରୋଷେଇ ହୋଇସାରିଥିବା ୩. ଅଭିଜ୍ଞ ୪. ଧଳା ପଡ଼ି ଆସୁଥିବା ୫. ପରିଣତ, ବୟସ୍କ ।

**ପକ୍ୱତା** ***ବି.*** ୧. ପରିଣତ ଅବସ୍ଥା ୨. ପାଚିଲା ଅବସ୍ଥା ।

**ପକ୍ୱାନ୍ନ** ***ବି.*** ରନ୍ଧାଭାତ ।

**ପଖ୍‌ନିଆଁ** ***ବିଂ.*** ପଥୁରିଆ, ଟାଣୁଆ ।

**ପଖ** ***ବି.*** ୧. ପକ୍ଷ, ଡେଣା ୨. ଚଢ଼େଇଡେଣାର ପର ୩. ପକ୍ଷ, ପନ୍ଦର ଦିନ ସମୟ, ଅର୍ଦ୍ଧମାସ, ମାସର ଅଧେ ୪. ପୂର୍ଣ୍ଣିମା ଓ ଅମାବାସ୍ୟାକୁ ଭିତ୍ତିକରି ଗଣନା କରାଯିବା ମାସର ଦୁଇପକ୍ଷ - କୃଷ୍ଣପକ୍ଷ ଓ ଶୁକ୍ଳପକ୍ଷ ।

**ପଖଖଡ଼ି** ***ବି.*** ପଥରଖଡ଼ି ।

**ପଖଳା** ***ବିଂ.*** ଧୂଆ, ପାଣିରେ ଧୂଆ, ଧୌତ ।

**ପଖା** ***ବି.*** ୧. ଡେଣା, ପକ୍ଷ ୨. ପାଖ, ପାର୍ଶ୍ୱ ୩. ଦିଗ ୪. ଚୁଲିର ତିନି ଗୋଟି ଝିଙ୍କା ବା ଇଣ୍ଡା ମଝିରେ ରହିଥିବା ଖାଲୁଆ ଅଂଶ ୫. କାନ୍ଧ ପାଖର ହାଡ ।

**ପଖାଉଜ, ପଖୋଜ, ପଖଜ** ***ବି.*** ଫମ୍ପା କାଠଗଣ୍ଡିର ଦୁଇ ପାଖରେ ଚମଡ଼ା ଛାଉଣି ହୋଇଥିବା ମର୍ଦ୍ଦଳ ପରି ବାଦ୍ୟ ବିଶେଷ, ପଖାଓ୍ୱଜ ।

**ପଖା ଖସାଇବା/ ଖସିବା** ***କ୍ରି.*** ଅକର୍ମଣ୍ୟ କରିଦେବା ।

**ପଖାଡି** ***ବି.*** ଛଣକାଠି ।

**ପଖାନ୍, ପଖନ୍** ***ବି.*** ପଥର, ପାଷାଣ ।

**ପଖାଳ** ***ବି.*** ପେଜ ବା ପାଣିମିଶା ଭାତ, ତୋରାଣିମିଶା ବାସିଭାତ ।

**ପଖାଳକରିଆ** ***ବି.*** ସବୁଦିନ ଧୂଆହୋଇ ପିନ୍ଧା ଯାଉଥିବା ଲୁଗା ।

**ପଖାଳିବା** ***କ୍ରି.*** ୧. ପାଣିରେ ଧୋଇବା, ଧୋଇବା, ଅଁଖାଳିବା ୨. ଭାତରେ ପାଣି ମିଶାଇ ପଖାଳ କରିବା ।

**ପଖି** ***ବି.*** ପକ୍ଷୀ ।

**ପଖିଆ** ***ବି.*** ଖରାବର୍ଷାରୁ ଦେହକୁ ରକ୍ଷା କରିବା ପାଇଁ ତାଳ ପତ୍ରରେ ତିଆରି ଘୋଡ଼ଣି-ଯାହା ମୁଣ୍ଡରୁ ପିଠି ଉପର ଦେଇ ଅଣ୍ଟା ତଳକୁ ଲମ୍ୱିଥାଏ ।

**ପଖିକଲମ** ***ବି.*** ଚଢ଼େଇର ପରରେ ତିଆରି କଲମ, ପରକଲମ ।

**ପଗ** ***ବି.*** ୧. କୋଡ଼ିଏପୁଞ୍ଜା ବା ଅଶିବିଡ଼ା ଛଣ ୨. ଦୁଇଗଣ୍ଠିର ମଝି ଅଂଶ, ପବ ୩. ଜୀବଜନ୍ତୁଙ୍କ ପାଦଚିହ୍ନ ୪. ପଶାଖେଳର ଦାନ ବା ଗୋଟି ।

**ପଗଡ଼** ***ବି.*** ୧. ବଳପ୍ରୟୋଗ କରି ଅଟକ ରଖିବା ୨. ମିଶ୍ରି, ଗୁଡ଼ ଲୁଣ ଆଦିର ଦାନା ବା ଗୁଳା ।

**ପଗଡ଼ା ପଡ଼ିବା** ***କ୍ରି.*** ଧରାପଡ଼ିବା ।

**ପଗଡ଼ି** ***ବି.*** ୧. ମର୍ଯ୍ୟାଦାର ଚିହ୍ନ ଭାବେ ବା ମୁଣ୍ଡକୁ ସୁରକ୍ଷା ଦେବାପାଇଁ କପଡ଼ା, ଗାମୁଛା ବା ଲୁଗାରେ ତିଆରି ଠେକା ବା ପାଗ, ଉଷ୍ଣୀଷ ୨. ଘରଭଡ଼ା ନେବା ପାଇଁ ଘର ମାଲିକକୁ ଦିଆଯାଉଥିବା ଅଗ୍ରିମ ଦେୟ ୩. କେତେକ ସମ୍ପ୍ରଦାୟରେ ବିବାହ ପୂର୍ବରୁ ବରପାତ୍ରକୁ ଦିଆଯାଉଥିବା ଧନରାଶି ।

**ପଗଡ଼ିବା** *କ୍ରି.* ୧. ଧରିବା ୨. ଗିରଫ କରିବା ୩. କୌଣସି ବ୍ୟକ୍ତିଠାରୁ କଥା ଆଦାୟପାଇଁ ଅଟକରଖି ପଚରାଉଚରାକରିବା।

**ପଗାର** *ବି.* ୧. ସାପ୍ତାହିକ ମଜୁରି ୨. ପାଉଣା, ପ୍ରାପ୍ୟ ୩. ଝରଣା, ଜଳପ୍ରପାତ ୪. ଉଚ୍ଚହିଡ଼ ୫. ସୀମା ୬. ପହି ।

**ପଘଲିବା** *କ୍ରି.* ତରଳିବା, ଟଗ୍‌ଲିବା ।

**ପଘା** *ବି.* ୧. ଗାଇଗୋରୁଙ୍କୁ ବାନ୍ଧିବା ପାଇଁ ଦଉଡ଼ି ୨. ଦଅଁର, ପାଳ, ଛଣପଟ, ଝୋଟ ବା ପ୍ଲାଷ୍ଟିକ ସୂତାରେ ତିଆରି ବାନ୍ଧିବାପାଇଁ ବ୍ୟବହୃତ ମୋଟ ଦଉଡ଼ି ।

**ପଘୁଟି** *ବି.* ଖୁଣ୍ଟରେ ବାନ୍ଧିବା ପାଇଁ ଗୋରୁଙ୍କ ବେକବନ୍ଧା ଦଉଡ଼ି ସହିତ ଲାଗିଥିବା ଛୋଟ ରସି ।

**ପଙ୍କ** *ବି.* ୧. ପୋଖରୀ, ଗଡ଼ିଆ ବା ଆବଦ୍ଧ ଜଳାଶୟର ନିମ୍ନଭାଗରେ ଥିବା ମାଟିମିଶା ପଚା ଓ ଉର୍ବର କାଦୁଅ ୨. ଲେପ ।

**ପଙ୍କ ଉଝୁଳା** *ବି.* ୧. କୂଅ, ପୋଖରୀ ପ୍ରଭୃତିରୁ ପଙ୍କ କାଦୁଅ କାଢ଼ି ପରିଷ୍କାର କରିବା ୨. ପାଣିରେ ବୁଡ଼ି ରହୁଥିବା ଲିଙ୍ଗ, ବିଗ୍ରହ ପ୍ରଭୃତି ବିରାଜିବା ସ୍ଥାନରୁ ପାଣି କାଦୁଅ ଉଝାଳିବା ।

**ପଙ୍କଜ** *ବିଂ.* ପଙ୍କରୁ ଜନ୍ମିତ; *ବି.* ପଦ୍ମ, ନଳିନୀ ।

**ପଙ୍କଜିନୀ** *ବି.* ୧. ପଦ୍ମଲତା ୨. ପଦ୍ମସମୂହ ୩. ପଦ୍ମପୂର୍ଣ୍ଣ ପୋଖରୀ ।

**ପଙ୍କିଳ, ପଙ୍କୁଆ** *ବିଂ.* ପଙ୍କଭରା ।

**ପଙ୍କୁଆ ମାଛ** *ବି.*ପଙ୍କରେ ରହୁଥିବା ପ୍ରଧାନତଃ କାତି ନଥିବା ମାଛ ।

**ପଙ୍କୋଦ୍ଧାର** *ବି.* ପଙ୍କ ଉଝୁଳା, ପଙ୍କକାଢ଼ି କୂଅ ଓ ପୋଖରୀ ପ୍ରଭୃତିର ସଫେଇ ।

**ପଙ୍ଖା** *ବି.* ବିଞ୍ଚଣା, ଧୂକ୍‌ନା ।

**ପଙ୍‌ଜରି** *କ୍ରି. ବିଂ.* ହଠାତ୍, ଆକସ୍ମିକ ଭାବରେ ।

**ପଙ୍ଗ୍‌ନିଆଁ** *ବି.* ଗୁଣିଗାରିଡ଼ି ବା ତନ୍ତ୍ର ବିଦ୍ୟା ପ୍ରୟୋଗକାରୀ, ପାଙ୍ଗଣ ନାଶନ ଜାଣିଥିବା ଗୁଣିଆ ।

**ପଙ୍ଗତ** *ବି.* ସମୂହ ଭୋଜନ, ଏକାଠି ବସି ଖାଇବା ବ୍ୟବସ୍ଥା ।

**ପଙ୍ଗପାଳ** *ବି.* ୧. ଅନେକ ସଂଖ୍ୟାରେ ଆସି ଗଛଲତାର ପତ୍ର, ଫୁଲ, ଫଳ ଚରିଯାଉଥିବା ଝିଣ୍ଟିକା ବା ପତଙ୍ଗ ବିଶେଷ ୨. ବହୁ ସଂଖ୍ୟକ ଉତ୍ତେଜିତ ମଣିଷ ।

**ପଙ୍ଗପାଳ ପଡ଼ିବା** *କ୍ରି.* ସମୂହ ଆକ୍ରମଣରେ ସବୁକିଛି ନଷ୍ଟ ହୋଇଯିବା।

**ପଙ୍ଗା** *ବି.* ୧. ଦେଶୀ ପଦ୍ଧତିରେ ଉତ୍ପାଦିତ ମାଟିଆ ଲୁଣ ୨. ଶତ୍ରୁତା, ବୈରଭାବ ।

**ପଙ୍ଗାଲୁଣ** *ବି.* ମାଟିଆ ଲୁଣ, ଦେଶୀ ପଦ୍ଧତିରେ ଉତ୍ପାଦିତ ଲୁଣ ।

**ପଙ୍ଗୁ** *ବିଂ.ବି.* ୧. ହାତପାଦର ଶକ୍ତି ନଥିବା ବା ହରାଇଥିବା (ବ୍ୟକ୍ତି), ଖଞ୍ଜ, ଅକର୍ମଣ୍ୟ ୨. ସାମର୍ଥ୍ୟହୀନ ।

**ପଙ୍ଗୁତ୍ୱ,ପଙ୍ଗୁତା** *ବି.*ଅକର୍ମଣ୍ୟତା ।

**ପଙ୍ଗେନ୍, ପାଙ୍ଗେନ୍** *ବି.* ପାଙ୍ଗଣ, ଗୁଣିଗାରେଡ଼ି, ଅନିଷ୍ଟକାରୀ ତନ୍ତ୍ର ବିଦ୍ୟା ।

**ପଚଡୋ** *ବିଂ.* ପାଣିଚିଆ, ଅତି ପତଳା ।

**ପଚନ** *ବି.* ୧. ପଚିଯିବା ବା ସଢ଼ିଯିବା ପ୍ରକ୍ରିୟା ୨. ନଷ୍ଟପ୍ରାୟ ଅବସ୍ଥା ।

**ପଚନଶୀଳ** *ବିଂ.* ସହଜରେ ପଚିଯାଉଥିବା ।

**ପଚନି** *ବି.* କାଗେଜି ଲେମ୍ବୁ, କାଗଜା, ଏକ ପ୍ରକାର ଲେମ୍ବୁ ।

**ପଚପଚ** *ବି.* ୧. ଅତି କୋମଳ ବା ନରମ ୨. ଲତପତ, ଥଲ ଥଲ, ଦଲଦଲିଆ ; *ଅ.* ୧. ବାରମ୍ବାର ପିକ ବା ପାନଛେପ ପକାଇବା ଶବ୍ଦ ୨. କାଦୁଅରେ ଚାଲିବା କାଳରେ ହେଉଥିବା ଶବ୍ଦ ।

**ପଚପଚିଆ** *ବିଂ.* ଲତପତିଆ, ସନ୍ତସନ୍ତିଆ ।

**ପଚରା** *କ୍ରି.* ଜାଣିବା ପାଇଁ ଅନ୍ୟକୁ ପ୍ରଶ୍ନ; *ବିଂ.* ୧. ପଚିଯାଇଥିବା ୨. ଅନୁପଯୋଗୀ ହୋଇ ଯାଇଥିବା, ଅବ୍ୟବହାର୍ଯ୍ୟ ୩. ଖରାପ, ବାଜେ, ଦୂଷିତ ।

**ପଚରାଉଚରା** *ବି.* ସତ୍ୟ ଜାଣିବା ପାଇଁ ଅନ୍ୟ ସହ କଥାବାର୍ତ୍ତା, ଇଝାର୍ ।

**ପଚା** *ବିଂ.* ୧. ପଚିସଢ଼ି ଯାଇଥିବା ୨. ବିକୃତ, ଗଳିତ ୩. ପାଚିଯାଇଥିବା, ପକ୍ୱ ୪. ଲତଲତ ହେଉଥିବା ।

**ପଚାଇବା** *କ୍ରି.* ୧. ସଢ଼େଇବା ୨. ରଙ୍ଗାଇବା ୩. କଞ୍ଚାଫଳ ଆଦିକୁ ନାନା ଉପାୟରେ ବ୍ୟବହାର ଉପଯୋଗୀ କରାଇବା ୪. ପାକଳ କରିବା ।

**ପଚାର୍‌ବା** *କ୍ରି.* ୧. ପ୍ରଶ୍ନ କରିବା, ପୁଛିବା, ଜିଜ୍ଞାସା କରିବା ୨. ଭଲମନ୍ଦ ବୁଝିବା, ତତ୍ତ୍ୱନେବା ୩. ଖାତିର କରିବା ।

**ପଚାଶ** *ବି.ବିଂ.* ୫୦ ସଂଖ୍ୟା, ୫୦ ସଂଖ୍ୟକ ।

**ପଚାସଢ଼ା** *ବିଂ.* ୧. ପଚି ବା ସଢ଼ି ଯାଇଥିବା ୨. ନଷ୍ଟ ହୋଇଯାଇଥିବା, ବ୍ୟବହାର ପାଇଁ ଅଯୋଗ୍ୟ ।

**ପଚିବା** *କ୍ରି.* ସଢ଼ିଯିବା, ବିକୃତ ହେବା ।

**ପଚିଶ, ପଚିଶି** *ବି.ବିଂ.* ୨୫ ସଂଖ୍ୟା, ୨୫ ସଂଖ୍ୟକ ।

**ପଚ୍ୟ** *ବିଂ.* ୧. ପାକଯୋଗ୍ୟ, ଯାହା ସିଝି ପାରିବ, ରନ୍ଧା ହୋଇ ପାରୁଥିବା ୨. ହଜମ ହେବା ଯୋଗ୍ୟ, ଜୀର୍ଣ୍ଣ ହୋଇ ପାରୁଥିବା ୩. ପାଚିବାକୁ ଯାଉଥିବା ୪. ପାଚିବା ପାଇଁ ଯୋଗ୍ୟ ।

**ପଛଲା** *ବିଂ.* ପଛରେ ଥିବା, ପଛୁଆ ।

**ପଛ** *ବି.* ୧. ପିଠିପାଖ ୨. ପଶ୍ଚାଦ୍‌ଦେଶ ୩. ପରୋକ୍ଷ ୪. ଅତୀତ କାଳ ୫. ଭବିଷ୍ୟତ୍‌କାଳ (ଉଭୟ ଅର୍ଥରେ ପ୍ରୟୋଗ କରାଯାଏ) ୬. ପିଚା, ପାଛା ।

**ପଛ କରିବା** *କ୍ରି.ବିଂ.* ଦୂରେଇ ଦେବା, ଗୁରୁତ୍ୱ ନ ଦେବା ।

**ପଛକେ, ପଛେ** *ଅ.* ହେଲେ, ସୁଦ୍ଧା ।

**ପଛଘର** *ବି.* ଭିତର ଘର-ଯେଉଁ କୋଠରୀକୁ ସାଧାରଣଙ୍କର ସହଜ ଗତାଗତ ନ ଥାଏ ।

**ପଛଘରର ମଣିଷ** *ବି.* ୧. ଅବହେଳିତ ବ୍ୟକ୍ତି ୨. ପରମ୍ପରାସର୍ବସ୍ୱ ଲୋକ।

**ପଛଘୁଞ୍ଚା** *ବି.* ୧. ପଛକୁ ଘୁଞ୍ଚିବା, ପଶ୍ଚାଦ୍‌ଗତି ୨. ସାହସହୀନତା ୩. ପୃଷ୍ଠଭଙ୍ଗ ୪. ଅନିଚ୍ଛାଭାବ ।

**ପଛ ଧରିବା, ପିଛା ଧରିବା** *କ୍ରି.* ୧. ଅନୁସରଣ କରିବା, ଅନୁଗମନ କରିବା, ପଛରେ ଯିବା ୨. କାହାକୁ ଆଦର୍ଶ ଭାବରେ ଗ୍ରହଣ କରିବା ବା କହିବା ଅନୁସାରେ କାର୍ଯ୍ୟ କରିବା ।

**ପଛ ଭଅଣ୍ଡ** *ବି.* ଶ୍ରୀମନ୍ଦିରରେ ଦିପହର ଭୋଗ ପରେ ଆବଶ୍ୟକ ମତେ ଅତିରିକ୍ତ ଭୋଗ ।

**ପଛରା** *ବି.* ୧. ପାଛୁଡ଼ା, ପୁଛରା, ଦେହ ଢ଼ାଙ୍କିବା ପାଇଁ ବ୍ୟବହୃତ ଛୋଟଗାମୁଛା, ପୋଛା ୨. ଚଦର ।

**ପଛରେ** *କ୍ରି.ବିଂ.* ୧. ଅନୁପସ୍ଥିତିରେ, ନ ଥିବା ଅବସ୍ଥାରେ ୨. ପଛକୁ, ପରେ ।

**ପଛପେଲା** *ବି.ବିଂ.* ସାମ୍ନାକୁ ନ ଆସି ପଛରୁ ଠିଆହୋଇଥିବା (ବ୍ୟକ୍ତି) ।

**ପଛବୁଦ୍ଧିଆ** *ବିଂ.* ବିଳମ୍ବରେ ବୁଝି ପାରୁଥିବା (ଲୋକ) ।

**ପଛାଇବା, ପଛେଇବା** *କ୍ରି.* ୧. ପଛଘୁଞ୍ଚା ଦେବା, ପଛକୁ ଘୁଞ୍ଚିବା ୨. ଅନିଚ୍ଛୁକ ହେବା, ଅମଙ୍ଗ ହେବା ୩. ଓହରିଯିବା ୪. ଡେରି ହେବା, ବିଳମ୍ବିତ ହେବା ।

**ପଛାଳ** *ବି.* ବେଳାଭୂମି, ସମୁଦ୍ରକୂଳିଆ ଅଞ୍ଚଳ ।

**ପଛିମ** *ବି.ବିଂ.* ୧. ପଶ୍ଚିମ ଦିଗ ୨. ଅସ୍ତକାଳୀନ ଅବସ୍ଥା ୩. ଶେଷ ଅବସ୍ଥା, ଉତ୍ତରକାଳ ।

**ପଛୁଆ** *ବିଂ.* ୧. ପଛରେ ରହୁଥିବା ୨. ଅନୁନ୍ନତ, ଅବିକଶିତ ।

**ପଛୁଆଣି** *ବି.* ବିପରୀତ ସ୍ରୋତ, ଫେରନ୍ତା ସୁଅ ; *ବିଂ.* ପଛରେ ଥିବା, ପଛପଟ ସ୍ଥିତ ।

**ପଛୁଆଣି ପାଣି** *ବି.* ଭୂଭାଗରେ ପଶୁଥିବା ଜୁଆରିଆ ପାଣି, ବ୍ୟାକ୍ ଓ୍ୱାଟର୍ ।

**ପଛୁଆ ବର୍ଗ** *ବି.* ଦେଶର ବିକାଶର ସମତାଳରେ ଗତି କରିପାରୁନଥିବା ଅବହେଳିତ ଜନସମୁଦାୟ ।

**ପଛେକା** *ଅଂ.* ପରେ, ପଛାନ୍ତେ, ପଛରେ, କାର୍ଯ୍ୟ ଶେଷହେବା ପରେ ।

**ପଜା** *ବିଂ.* ଶାଣିତ, ଧାରୁଆ, ଦାଢ଼ୁଆ ।

**ପଜାଇବା** *କ୍ରି.* (ଅସ୍ତ୍ରକୁ ଘଷି) ଧାର କରିବା, ଦାଢ଼ କରିବା ।

**ପଜାବା** *କ୍ରି.* ପଜେଇବା, ଲୁହାକୁ ଧାର କରିବା, ଶାଣ ଦେବା, ଦାଢ଼ କରିବା ।

**ପଝ୍‌ରିବା** *କ୍ରି.* ପାଜ୍‌ରିବା, ଝରିବା, ବହିଯିବା, ଝର ଫିଟିବା ।

**ପଝର୍** *ବି.* ୧. ଗାଈଗୋରୁଙ୍କ ପାକୁଳି ବା ରୋମନ୍ଥନ ୨. ତରଳ ପଦାର୍ଥର ଧାର ୩. ଝର ।

**ପଝା** *ବି.* ପାକୁଳି, ପେଟଭିତରେ ଥିବା ଖାଦ୍ୟକୁ ପାଟିକୁ ଆଣି ଚୋବାଇବା କାର୍ଯ୍ୟ, ରୋମନ୍ଥନ ।

**ପଝାରି** *ବି.* ଡଙ୍ଗାରେ ଯାତ୍ରା କରୁଥିବା ବ୍ୟକ୍ତି ।

**ପଝାଳ** *ବି.* ଡଙ୍ଗା ବା ପୋତର ପଛଭାଗ ।

**ପଞ୍ଚ, ପାଞ୍ଚ** *ବି.* ୫ ସଂଖ୍ୟା ।

**ପଞ୍ଚଇନ୍ଦ୍ରିୟ** *ବି.* ଶରୀରର ବିଭିନ୍ନ ଅଂଶ-ଯାହା ମାଧ୍ୟମରେ ଜୀବ ଜଗତର ବିଚିତ୍ରତାକୁ ଅନୁଭବ କରିହୁଏ - ଯଥା- ନାକ, କାନ, ଆଖି, ଚର୍ମ ଓ ଜିଭ (ହାତ, ଗୋଡ଼, ଉପସ୍ଥ ଆଦି ପଞ୍ଚ କର୍ମେନ୍ଦ୍ରିୟ) ।

**ପଞ୍ଚଉପଚାର** *ବି.* ପଞ୍ଚ ଉପଚାରରେ ପୂଜା ଅର୍ଚ୍ଚନା (ଚନ୍ଦନ, ଫୁଲ, ଧୂପ, ଦୀପ ଓ ନୈବେଦ୍ୟ) ।

**ପଞ୍ଚକ** *ବି.* ୧. କାର୍ତ୍ତିକମାସର ଏକାଦଶୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ପାଞ୍ଚଦିନ ୨. ପାଞ୍ଚର ସମାହାର, ପଞ୍ଚୁକ ।

**ପଞ୍ଚକର୍ମ** *ବି.* ଆୟୁର୍ବେଦରେ ଶରୀର ପାଇଁ ପାଞ୍ଚ ପ୍ରକାରର ଉପଚାର ପ୍ରକ୍ରିୟା ।

**ପଞ୍ଚକଷାୟ** *ବି.* ଜାମୁ, ବଉଳ, ବରକୋଳି, ବାଡ଼ିଅଁଳା ଓ ଶିମୁଳି ଆଦି ପାଞ୍ଚଗଛର ଛେଲିରୁ ପ୍ରସ୍ତୁତ ରସ ।

**ପଞ୍ଚକୋଶୀ** *ବି.* ପବିତ୍ର ବୋଲି ମନେ କରାଯାଉଥିବା ଶ୍ରୀମନ୍ଦିରଠାରୁ ପାଞ୍ଚକୋଶ ଦୂର ପର୍ଯ୍ୟନ୍ତ ସ୍ଥାନ ।

**ପଞ୍ଚକୋଶୀ ଯାତ୍ରୀ** *ବି.* ଶ୍ରୀମନ୍ଦିର ପାଖରୁ ପଞ୍ଚକୋଶ ଦୂରତା ମଧ୍ୟରେ ଥିବା ଦେବଦର୍ଶନାର୍ଥୀ ।

**ପଞ୍ଚଗବ୍ୟ** *ବି.* ଦହି, ଦୁଧ, ଘିଅ, ଗୋବର ଓ ଗୋରୁମୂତକୁ ମିଶାଇ ପ୍ରସ୍ତୁତ ପଦାର୍ଥ ଯାହା ପ୍ରାୟଶ୍ଚିତ କର୍ମରେ ବ୍ୟବହାର କରାଯାଏ ।

**ପଞ୍ଚଗୁଣ** *ବି.* ଗନ୍ଧ, ରସ, ରୂପ, ଶବ୍ଦ ଓ ସ୍ପର୍ଶ - ଏହି ପାଞ୍ଚ ଇନ୍ଦ୍ରିୟଗ୍ରାହ୍ୟ ଗୁଣ ।

**ପଞ୍ଚଗ୍ରାସ, ପଞ୍ଚୁଗ୍ରାସ** *ବି.* ଉପନୟନ ବା ବ୍ରତଘରଦିନ ବଟୁ ପଇତା ପିନ୍ଧିବା ପରେ ମା/ବୋଉ ତା ପାଟିରେ ଦେଉଥିବା ପାଞ୍ଚଗୁଣ୍ଡା ଅନ୍ନ ।

**ପଞ୍ଚତପା** *ବି.* ଶରୀରର ଚାରିପାଖରେ ନିଆଁ ଜଳାଇ ଖରାବେଳେ ସୂର୍ଯ୍ୟତାପରେ ତପସ୍ୟାରତ ସାଧକ ବା ତପସ୍ୱୀ ।

**ପଞ୍ଚତ୍ୱପ୍ରାପ୍ତି ବି.** ମୃତ୍ୟୁ ।

**ପଞ୍ଚତିକ୍ତ ବି.** ଗୁଳୁଚି ଲତା, ଭେଜିବାଇଗଣ, ପୋଟଳ, ବାସଙ୍ଗ ଓ ନିମ୍ବଗଛର ପତ୍ରକୁ ସିଝାଇ ତହିଁରୁ ପ୍ରସ୍ତୁତ ପାଚନରସ ।

**ପଞ୍ଚତୀର୍ଥ ବି.** ୧. ତୀର୍ଥ ଭାବରେ ଗୃହୀତ ଶ୍ରୀକ୍ଷେତ୍ରର ମାର୍କଣ୍ଡ ପୁଷ୍କରିଣୀ, ଇନ୍ଦ୍ରଦ୍ୟୁମ୍ନ, କଳ୍ପବଟ, ରୋହିଣୀ କୁଣ୍ଡ, ମହୋଦଧି ଏହି ପାଞ୍ଚ ସ୍ଥାନ (ମତାନ୍ତରେ – ସମୁଦ୍ର, ଶ୍ୱେତଗଙ୍ଗା, ମାର୍କଣ୍ଡ, ଇନ୍ଦ୍ରଦ୍ୟୁମ୍ନ ଏବଂ ଚକ୍ରତୀର୍ଥ) ୨. କାଶୀଧାମର ପାଞ୍ଚ ଗୋଟି ପୁଣ୍ୟସ୍ଥାନ – ତାରକେଶ୍ୱର, ନନ୍ଦିକେଶ୍ୱର, ଜ୍ଞାନବାପୀ, ମହାକାଳେଶ୍ୱର ଓ ଦଣ୍ଡପାଣି ।

**ପଞ୍ଚତୃଣ ବି.** ଅଣଖୁଆ, ଆଖୁ, କାଣ୍ଡଶର, କୁଶ ଓ କାଶତଣ୍ଡୀ – ଏହି ପାଞ୍ଚ ତୃଣ ଏକତ୍ର ।

**ପଞ୍ଚଦଶ ବିଂ.** ପନ୍ଦର ସ୍ଥାନରେ ଥିବା, ପନ୍ଦର ନମ୍ବର ; **ବି.** ପନ୍ଦରଟି ।

**ପଞ୍ଚଦେବତା ବି.** ଗଣେଶ, ନାରାୟଣ, ରୁଦ୍ର, ଅମ୍ବିକା ଏବଂ ଭାସ୍କର ।

**ପଞ୍ଚଧା ବିଂ.** ପାଞ୍ଚ ଭାଗରେ ବିଭକ୍ତ ।

**ପଞ୍ଚଧାତୁ ବି.** ସୁନା, ରୁପା, ତମ୍ବା, ସୀସା ଓ ରାଂଗା ।

**ପଞ୍ଚନଦ ବି.** ଇରାବତୀ, ଚନ୍ଦ୍ରଭାଗା, ବିତସ୍ତା, ବିପାଶା ଓ ଶତଦ୍ରୁ – ଏହି ପାଞ୍ଚ ଗୋଟି ନଦୀ ପ୍ରବାହିତ ହେଉଥିବା ଦେଶ, ପଞ୍ଜାବ ।

**ପଞ୍ଚପଲ୍ଲବ ବି.** ଅଶ୍ୱତ୍‌ଥ, ଆମ୍ବ, ବର, ଡ଼ିମିରି ଓ ଜରିଗଛର ପତ୍ରର ସମାହାର ।

**ପଞ୍ଚପାଣ୍ଡବ ବି.** ମହାଭାରତର ଯୁଧିଷ୍ଠିର, ଭୀମ, ଅର୍ଜ୍ଜୁନ, ନକୁଳ, ସହଦେବ ।

**ପଞ୍ଚପିତା ବି.** ବ୍ୟକ୍ତିର ଶାରୀରିକ ଓ ମାନସିକ ପ୍ରତିପାଳନ ଓ ବିକାଶରେ ଯେଉଁ ପାଞ୍ଚ ଜଣଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ – ଜନ୍ମଦାତା, ବିଦ୍ୟାଦାତା, କନ୍ୟାପିତା, ଅନ୍ନଦାତା ଓ ଭୟତ୍ରାତା ।

**ପଞ୍ଚପୁଷ୍ପ ବି.** ଆମ୍ବ, ଚମ୍ପା, କନିଅର, ପଦ୍ମ ଓ ଶମୀ – ଏହି ପାଞ୍ଚଫୁଲ ।

**ପଞ୍ଚପ୍ରଦୀପ ବି.** ଆଳତି ଦେବାରେ ବ୍ୟବହୃତ ପାଞ୍ଚଟି ମୁହଁ ଥିବା ଦୀପ ।

**ପଞ୍ଚପ୍ରାଣ ବି.** ପ୍ରାଣ, ଅପାନ, ବ୍ୟାନ, ଉଦାନ ଓ ସମାନ – ଶରୀରର ଏହି ପାଞ୍ଚ ପ୍ରକାର ପ୍ରାଣବାୟୁ ।

**ପଞ୍ଚଫଳ ବି.** ଅଁଳା, ଗୁଆ, ଜାଇଫଳ, ବାହାଡ଼ା, ହରିଡ଼ା – ଏହି ପାଞ୍ଚଟି ଔଷଧୀୟ ଗୁଣଯୁକ୍ତ ଫଳ ।

**ପଞ୍ଚବଟୀ ବି.** ରାମାୟଣ ବର୍ଣ୍ଣିତ ପଞ୍ଚବଟର ଉପବନ – ଦଣ୍ଡକାରଣ୍ୟ ।

**ପଞ୍ଚବାଣ ବି.** କାମଦେବତାଙ୍କ ଶର ରୂପେ କଳ୍ପିତ ଅଶୋକ, ଆମ୍ବ, ରକ୍ତପଦ୍ମ, ନୀଳକଇଁ ଓ ନବମଲ୍ଲିକା ଫୁଲ ।

**ପଞ୍ଚବିଂଶ ବି.** ପଚିଶି, ୨୫ ; **ବିଂ.** ପଚିଶି ସ୍ଥାନରେ ଥିବା ।

**ପଞ୍ଚଭୂତ ବି.** ଯେଉଁ ପାଞ୍ଚଗୋଟି ଉପାଦାନରେ ଦେହ ଗଠିତ – କ୍ଷିତି, ଅପ୍‌, ତେଜଃ, ମରୁତ, ବ୍ୟୋମ ।

**ପଞ୍ଚମ ବିଂ.** ୧. ପାଞ୍ଚ ସ୍ଥାନରେ ଆସୁଥିବା ୨. ଶୀର୍ଷତମ ସ୍ଥାନ (ରାଗ ପଞ୍ଚମକୁ ଉଠିଲା) ।

**ପଞ୍ଚମକାର ବି.** ତନ୍ତ୍ର ସାଧନାର ପାଞ୍ଚ ଗୋଟି ବିଶେଷ ଚର୍ଯ୍ୟା – ମତ୍ସ୍ୟ, ମାଂସ, ମଦ୍ୟ, ମୁଦ୍ରା ଓ ମୈଥୁନ ।

**ପଞ୍ଚମବେଦ ବି.** ସଙ୍ଗୀତଶାସ୍ତ୍ର, ନାଟ୍ୟଶାସ୍ତ୍ର ।

**ପଞ୍ଚମୀ ବି.** ଶୁକ୍ଳ ଅଥବା କୃଷ୍ଣ ପକ୍ଷର ପଞ୍ଚମ ଦିବସ ରାତ୍ରି ।

**ପଞ୍ଚମୁଦ୍ରା ବି.** ଦେବ ଆରାଧନାକାଳରେ ପୂଜକ ପ୍ରଦର୍ଶିତ ପାଞ୍ଚ ପ୍ରକାରର ହସ୍ତମୁଦ୍ରା – ଆବାହନ, ସଂସ୍ଥାପନ, ସନ୍ନିଧାନ, ସମ୍ବୋଧନ ଓ ସମ୍ମୁଖୀକରଣ ।

**ପଞ୍ଚଯଜ୍ଞ ବି.** ଗୃହସ୍ଥର ପାଞ୍ଚବିଧ ବିଶେଷ ଦୈନିକ କର୍ମ : ୧. ବେଦପଠନ ୨. ପିତୃପୁରୁଷଙ୍କୁ ଜଳତିଳଦାନ ୩. ଦେବତା ତୁଷ୍ଟୀକରଣ ପାଇଁ ହୋମ ୪. ଜୀବସେବା ୫. ଅତିଥିସେବା ।

**ପଞ୍ଚରତ୍ନ ବି.** ପାଞ୍ଚ ପ୍ରକାରର ମୂଲ୍ୟବାନ ପଥର : ହୀରା, ନୀଳା, ମୋତି, ମାଣିକ୍ୟ, ପୋହଳା ।

**ପଞ୍ଚଶର ବି.** ପଞ୍ଚବାଣ ।

**ପଞ୍ଚଶସ୍ୟ ବି.** ଧାନ, ମୁଗ, ବିରି, ଯଅ ଓ ରାଶି – ଯାହା ଯଜ୍ଞ ପରେ ମାଟିରେ ବୁଣାଯାଏ ଓ ଶୁଭକାର୍ଯ୍ୟରେ ଲାଗେ ।

**ପଞ୍ଚସଖା ବି.** ଷୋଡଶ ଶତାବ୍ଦୀରେ ଜନ୍ମବୋଲି ଅନୁମିତ ପାଞ୍ଚ ଓଡ଼ିଆ ସନ୍ଥକବି : ବଳରାମ, ଜଗନ୍ନାଥ, ଅଚ୍ୟୁତ, ଯଶୋବନ୍ତ ଓ ଅନନ୍ତ ।

**ପଞ୍ଚସୁଗନ୍ଧିକ ବି.** ଶରୀରଚର୍ଚ୍ଚାରେ ବ୍ୟବହୃତ ପାଞ୍ଚ ପ୍ରକାର ସୁଗନ୍ଧ ଓ ଶୀତଳଦାୟୀ ପଦାର୍ଥ – କର୍ପୂର, ଲବଙ୍ଗ, ଚୁଆ, ଜାଇଫଳ ଓ ଜାଫ୍ରାନ୍‌କେଶର ।

**ପଞ୍ଚସ୍ତରୀ ବି.** ୭୫ ସଂଖ୍ୟା ; **ବିଂ.** ୭୫ ସଂଖ୍ୟକ ।

**ପଞ୍ଚା ବି.** ୧. ବଖରା ୨. ପାଞ୍ଚଗୁଣ ।

**ପଞ୍ଚାଅଶୀ ବି.** ୮୫ ସଂଖ୍ୟା ; **ବିଂ.** ୮୫ ସଂଖ୍ୟକ ।

**ପଞ୍ଚାଇବା କ୍ରି.** ୧. ଦୋଳି ବା ଝୁଲାରେ ବସାଇ ଝୁଲାଇବା ୨. ସୂତା କାଟିବା ପାଇଁ ତାକୁଡ଼ି ଘୂରାଇବା ।

**ପଞ୍ଚାଙ୍ଗ ବି.** ୧. ଜୀବର ବାହୁ, ଛାତି, ମୁଣ୍ଡ, ଜଙ୍ଘ ଓ ଆଖି – ଏହି ପାଞ୍ଚଅଙ୍ଗ ୨. ପାଞ୍ଜି (ବାର, ତିଥି, ନକ୍ଷତ୍ର, ଯୋଗ ଓ କରଣ) ୩. ପଞ୍ଚାଙ୍ଗ ଦ୍ୱାରା ପ୍ରଣାମ ।

**ପଞ୍ଚାଙ୍ଗ ପ୍ରଣାମ ବି.** ଭୂମିଉପରେ ଲମ୍ବ ଭାବରେ ତଳକୁ ମୁହଁ କରି ଶୋଇ ନମସ୍କାର କରିବା ।

**ପଞ୍ଚାଗ୍ନି ବି.** ଚାରି ଦିଗ ଓ ମଥା ଉପରେ ପ୍ରଜ୍ୱଳିତ ଅଗ୍ନି : ୧. ଗାର୍ହପତ୍ୟ ୨. ଦକ୍ଷିଣ ୩. ଆହବନୀୟ ୪. ସତ୍ୟ ୫. ଆବସଥ୍ୟ ; ଚାରି ପାଖରେ ଚାରି ଅଗ୍ନି ଓ ମସ୍ତକ ଉପରେ ସୂର୍ଯ୍ୟ – ଏହିପରି ପାଞ୍ଚ ଅଗ୍ନି ।

**ପଞ୍ଚାନବେ** ***ବି.*** ୯୫ ସଂଖ୍ୟା ; ***ବିଂ.*** ୯୫ ସଂଖ୍ୟକ ।

**ପଞ୍ଚାବନ** ***ବି.*** ୫୫ ସଂଖ୍ୟା ; ***ବିଂ.*** ୫୫ ସଂଖ୍ୟକ ।

**ପଞ୍ଚାମୃତ** ***ବି.*** ଘିଅ, ଦହି, ଦୁଧ, ମହୁ ଓ ଶର୍କରା-ଏହି ପାଞ୍ଚ ଦ୍ରବ୍ୟ ମିଶ୍ରଣରେ ପ୍ରସ୍ତୁତ ନୈବେଦ୍ୟ ।

**ପଞ୍ଚାଶିକା** ***ବି.*** ପଞ୍ଚାଅଶିଟି କବିତାର ସମାହାର (*ଉଦା.* ଚୌର ପଞ୍ଚାଶିକା)

**ପଞ୍ଚାଶୀ** ***ବି.*** ୮୫ ; ***ବିଂ.*** ପଞ୍ଚାଅଶି ସଂଖ୍ୟକ ।

**ପଞ୍ଚାୟତ** ***ବି.*** ୧. ଗ୍ରାମର ବିଭିନ୍ନ ଜାତି ଓ ବର୍ଗମାନଙ୍କର ସଙ୍ଗଠନ-ଯେଉଁଠାରେ ବିଭିନ୍ନ ସମସ୍ୟା ଓ ଭଲମନ୍ଦ ସ-ର୍କରେ ସମୂହ ଚର୍ଚ୍ଚା କରାଯାଏ ୨. ବିଭିନ୍ନ ଗ୍ରାମକୁ ନେଇ ଗଠିତ ଏକ ପ୍ରାଶାସନିକ ସଙ୍ଗଠନ ।

**ପଞ୍ଚାୟତିରାଜ** ***ବି.*** ପଞ୍ଚାୟତ ବ୍ୟବସ୍ଥା ମାଧ୍ୟମରେ ଶାସନ ଓ କଲ୍ୟାଣ ବ୍ୟବସ୍ଥା ।

**ପଞ୍ଚୁଆତି** ***ବି.*** ଶିଶୁଜନ୍ମର ପଞ୍ଚମ ଦିବସର ରାତିରେ ଅନୁଷ୍ଠିତ ମାଙ୍ଗଳିକ କାର୍ଯ୍ୟ-ଯେଉଁଥିରେ ପଞ୍ଚଶସ୍ୟ (ବିରି, ମୁଗ, ରାଶି, ଯଅ, ସୋରିଷ) ମିଶ୍ରିତ ମୁଢ଼ି ଉଖୁଡ଼ା ପୂଜା କରାଯାଏ ।

**ପଞ୍ଚୁକ** ***ବି.*** କାର୍ତ୍ତିକ ମାସର ଶେଷ ପାଞ୍ଚଦିନ ।

**ପଞ୍ଚୁଦୋଳ** ***ବି.*** ଦୋଳପୂର୍ଣ୍ଣିମା ପରେ ପ୍ରତିପଦାଠାରୁ ପାଞ୍ଚଦିନ ।

**ପଞ୍ଚୁବନି[ର୍ଣ୍ଣୀ]** ***ବି.*** କଳା, ଧଳା, ନାଲି, ନୀଳ ଓ ହଳଦିଆ ରଙ୍ଗର ଚୂନା ବା ମୁରୁଜ ।

**ପଞ୍ଚୁହତା** ***ବିଂ.ବି.*** ପାଞ୍ଚହାତିଆ, ଡେଙ୍ଗା ଓ ହୃଷ୍ଟପୁଷ୍ଟ (ବ୍ୟକ୍ତି) ।

**ପଞ୍ଚେନ୍ଦ୍ରିୟ** ***ବି.*** ପାଞ୍ଚ ଜ୍ଞାନେନ୍ଦ୍ରିୟ ଓ ପାଞ୍ଚ କର୍ମନ୍ଦ୍ରିୟ ଯଥା- ଚକ୍ଷୁ, କର୍ଣ୍ଣ, ନାସା, ରସନା, ଚର୍ମ ; କର୍ମେନ୍ଦ୍ରିୟ - ବାକ୍, ପାଣି, ପାଦ, ପାୟୁ, ଉପସ୍ଥ ।

**ପଞ୍ଚୋପଚାର** ***ବି.*** ଗନ୍ଧ, ପୁଷ୍ପ, ଧୂପ, ଦୀପ ଓ ନୈବେଦ୍ୟ-ପୂଜାର ଏହି ପାଞ୍ଚ ଉପକରଣ ।

**ପଞ୍ଜନା** ***ବି.*** ଗୋଡ଼ର ବଳାଗଣ୍ଠିରେ ପିନ୍ଧାଯାଉଥିବା ଝୁମୁକାଲଗା ଅଳଙ୍କାର ବିଶେଷ, **ପଏଁରି,** ମୋଟା ପାଉଁଜି ।

**ପଞ୍ଜର** ***ବି.*** ୧. ପଞ୍ଜରା ୨. ଛାତିହାଡ଼ ୩. ଜଳାକବାଟି ୪.ଛାଞ୍ଚ ।

**ପଞ୍ଜରା** ***ବି.*** କଙ୍କାଳ, ସ୍କେଲିଟନ, **ଛାଞ୍ଚ** ।

**ପଞ୍ଜାବ** ***ବି.*** ଭାରତବର୍ଷର ଉତ୍ତର ପଶ୍ଚିମ ଦିଗରେ ପାକିସ୍ଥାନକୁ ଲାଗି ରହିଥିବା ରାଜ୍ୟ ।

**ପଞ୍ଜାବା** ***କ୍ରି.*** ପାଣିରେ ବିଷ ପକେଇ ମାଛ ମାରିବା ।

**ପଞ୍ଜାବି** ***ବି.*** ବେକଠାରୁ ଆଣ୍ଠୁତଳ ପର୍ଯ୍ୟନ୍ତ ଲମ୍ବିଥିବା ଜାମା, ଢିଲା, ଢିଲାକୁରୁତା, ଲାଲ୍‌ଚି ।

**ପଞ୍ଜାବୀ** ***ବି.*** ପଞ୍ଜାବ ରାଜ୍ୟର ଅଧିବାସୀ ଓ ଭାଷା ।

**ପଞ୍ଜି, ପାଞ୍ଜି** ***ବି.*** ୧. ପଞ୍ଜିକା, ଦୈନନ୍ଦିନ କାର୍ଯ୍ୟର ବିବରଣୀ ଲିଖିତ ଖାତା ୨. ଦିନ, ବାର, ତିଥି, ରାଶି, ନକ୍ଷତ୍ର ଚଳନ ଓ ଶୁଭାଶୁଭ ନିର୍ଣ୍ଣୟ ସଂକ୍ରାନ୍ତ ପୁସ୍ତକ ।

**ପଞ୍ଜିକା** ***ବି.*** ୧. ପାଞ୍ଜି ୨. ବ୍ୟକ୍ତିର କାଳାନୁକ୍ରମିକ ଘଟଣାବଳି ।

**ପଞ୍ଜିକାର** ***ବି.*** ବିବରଣୀ ଓ ହିସାବ ରକ୍ଷକ, ଲେଖକ, ଗୁମାସ୍ତା ।

**ପଞ୍ଜୀକରଣ** ***ବି.*** ସରକାରଙ୍କ ଉପଯୁକ୍ତ ବିଭାଗଦ୍ୱାରା ସଂସ୍ଥା ବା ସାଂସ୍କୃତିକ ସଙ୍ଗଠନ ଆଦିର ରେଜିଷ୍ଟ୍ରେସନ୍ ।

**ପଞ୍ଜୀକୃତ** ***ବିଂ.*** କୌଣସି ସଂସ୍ଥା ବା ସଙ୍ଗଠନ ବିଧିବଦ୍ଧ ଭାବେ ସ୍ୱୀକୃତ ବା ମାନ୍ୟତାପ୍ରାପ୍ତ ହୋଇଥିବା ।

**ପଞ୍ଜୁରୀ** ***ବି.*** ଚଢ଼େଇ ବନ୍ଦୀ କରି ରଖିବା ଆୟତନ, ପିଞ୍ଜୁରୀ ।

**ପଞ୍ଝା** ***ବି.*** ୧. ଦଳ, ପଲ ୨. ପାଦ ବା ହାତ ତଳର ଚଉଡ଼ା ଅଂଶ ୩. ପ୍ରସାରିତ ବାହୁ ଓ ଛାତି ମଧ୍ୟସ୍ଥ ଶୂନ୍ୟସ୍ଥାନ ୪. ତାସ ଖେଳରେ ପାଞ୍ଚ ବାଜି ଜିତିବା ଅଥବା ହାରିବା ପରେ ସୂଚକ ଚିହ୍ନ ଭାବରେ ଗଣାଯାଉଥିବା ପାଞ୍ଚ ସଙ୍କେତ ବିଶିଷ୍ଟ ପତା ୫. ତାସ୍ ମୁଠାରେ ପାଞ୍ଚଟି ଚିହ୍ନ ଥିବା ପତ୍ର ।

**ପଞ୍ଝାଟିଆ** ***ବିଂ.*** ଦଳଦଳ ।

**ପଟ୍** ***ବି.*** ୧. ଝୋଟତନ୍ତୁ ୨. ଲତା ପ୍ରଭୃତିର ବାହ୍ୟ ଆବରଣ ୩. ମୁଦ୍ରାର ପଛପଟ ।

**ପଟ୍‌କରି** ***କ୍ରି.ବିଂ.*** ଚାହୁଁ ଚାହୁଁ, ହଠାତ୍ ।

**ପଟ୍‌କା** ***ବି.*** ପୋଛା, ଗାମୁଛା ।

**ପଟ୍‌କାଣିଆ** ***ବି.*** ଦୁଇପଟ ବା ଏକ ଯୋଡ଼ାରୁ ଗୋଟିଏ ନ ଥିବା ଅବସ୍ଥା ।

**ପଟ୍‌କା ପଟକି କରିବା** ***କ୍ରି.*** ଫୁସୁଲେଇବା, ଖୋସାମତ କରିବା, ପଟାପଟି କରିବା ।

**ପଟ୍‌କିବା** ***କ୍ରି.*** ଦୁଇବାହୁରେ ଭିଡ଼ିଧରି ତଳେ କଚିଦେବା ।

**ପଟ୍‌ନି** ***ବି.*** ଆଟୁଘରର ରୁଅ ( ଛାତରେ ଲାଗିବା ପଟା) ।

**ପଟ୍ ପକେଇବା** ***କ୍ରି.*** ୧. ସମକକ୍ଷ ହେବା ୨. ହରାଇଦେବା ୩. ହଇରାଣ କରିଦେବା ।

**ପଟ୍‌ପଟ୍ ବିଂ** ଆଖି ପିଛୁଡାଳେ, ଚାହୁଁଚାହୁଁ, କାଳ ବିଳମ୍ବ ନ କରି, ଚଟାପଟ୍ ।
**ପଟ୍ ପଡ଼ିଯିବା କ୍ରି.** ଥକିପଡ଼ିବା, କ୍ଳାନ୍ତ ହୋଇଯିବା ।
**ପଟ୍‌ବା କ୍ରି.** ୧. ମେଳ ଖାଇବା ୨. ସ୍ଥିରହେବା ୩. ଶେଷହେବା ୪. ନିଷ୍ପତ୍ତି ହେବା ।
**ପଟ୍‌ଲୀ ବି.** ସମୂହ ।
**ପଟ, ପଟ୍ଟ ବି.** ୧. ଝୋଟ, ନଳିତା ଗଛରୁ ପ୍ରସ୍ତୁତ ତନ୍ତୁ ୨. ତରଫ ବା ପକ୍ଷ ୩. କଡ଼, ପାର୍ଶ୍ୱ ୪. ଚିତ୍ର ଅଙ୍କନରେ ବ୍ୟବହୃତ କନା ୫. ରଙ୍ଗମଞ୍ଚ ୬. ପରଦା ବା ସିନ୍ ୭. ଅଖା, ବୁରା, ବସ୍ତା ୮. କଦଳୀ ଗଛର ପଟୁକା ୯. ଗଛର ବକଳ ୯. ଏକଗୋଟା ୧୦. କାଠ ଫଳକ ।
**ପଟକ ବି.** ୧. ତମ୍ବୁ ୨. ଗୋଟିଏ ମାତ୍ର, ଏକମାତ୍ର ।
**ପଟକରା ବି.** ୧. ଚିତ୍ରକର ୨. ତନ୍ତୁବାୟ, ତନ୍ତୀ ।
**ପଟକାର ବି.** ପଟରେ ଚିତ୍ରକର ।
**ପଟକିବା କ୍ରି.** ଭୂମିରେ କଚାଡ଼ିବା ।
**ପଟଙ୍କର ବି.** ଯେ ବଡ଼ କୌଶଳରେ ଚୋରି କରେ।
**ପଟତନ ବି.** ୧. ପଟା ବିଛାହୋଇଥିବା ବଡ଼ଡଙ୍ଗା ୨. ନୌକା ବା ଗାଡ଼ିରେ ବସିବା ପାଇଁ ବିଛାଯିବା ପଟା ।
**ପଟ ଧରିବା କ୍ରି.** ପକ୍ଷ ସମର୍ଥନ କରିବା ।
**ପଟପଟ ବିଂ** ଲାଳଦ୍ୱାରା ସରସର ।
**ପଟବାଦ୍ୟ ବି.** ଏକ ପ୍ରକାର ଝାଞ୍ଜ ।
**ପଟବାସ ବି.** ୧. ଶାଢ଼ି ୨. ରାହୁଟି ୩. ତମ୍ବୁ ।
**ପଟଭୂମି ବି.** ଅଭିନୟ ସ୍ଥଳ, ରଙ୍ଗଭୂମି ।
**ପଟମଞ୍ଜରୀ ବି.** ଓଡ଼ିଶୀ ସଙ୍ଗୀତର ରାଗ ବିଶେଷ ।
**ପଟମଣ୍ଡପ ବି.** ସୁଦୃଶ୍ୟ ଚାନ୍ଦୁଆ ଓ ରଙ୍ଗୀନ କପଡ଼ାରେ ସୁସଜ୍ଜିତ ମଣ୍ଡପ ।
**ପଟଳ ବି.** ୧. ସମୂହ, ସମୁଦାୟ, ପୁଞ୍ଜ ୨. ଘରର ଚାଳ ବା ଛପର ୩. ଆଖିଡୋଳାର ପରଳ ମାଡ଼ିଯାଇଥିବା ରୋଗ, ମୋତିଆ ବିନ୍ଦୁ ୪. ପୋଷାକ ପରିଚ୍ଛଦ ।
**ପଟହ ବି.** ୧. ଢକ୍କା, ଚମଡ଼ାଛାଉଣି ବାଦ୍ୟ ବିଶେଷ ୨. ସୂକ୍ଷ୍ମ ପରଦା ।
**ପଟା ବି.** ୧. କରତରେ କଟା ଯାଇଥିବା କାଠଗଣ୍ଡିର ପତଳା ଓ ଲମ୍ବଖଣ୍ଡ ୨. ଜମିଜମା ସଂକ୍ରାନ୍ତ ସନନ୍ଦ ବା ପ୍ରମାଣପତ୍ର ୩. ନାଳ ପ୍ରଭୃତି ପୋତା ହୋଇଥିବା ଜାଗା ।
**ପଟାଇବା,ପଟେଇବା କ୍ରି.** ନିଜ ପକ୍ଷକୁ ଆଣିବା ପାଇଁ ମିଠାକଥା କହି ବା ପ୍ରଲୋଭନ ଦେଖାଇ ରାଜି କରାଇବା, ଫୁସୁଲାଇବା ।
**ପଟାଏତ ବି.** ପଟ୍ଟାୟତ, ରାଜାଙ୍କ ବଡ଼ପୁଅଙ୍କ ତଳ ଭାଇ ।
**ପଟାଖଟ ବି.** କାଠପଟା ଯୋଡ଼ି ତିଆରି ହେବା ଖଟ, ତକ୍ତପୋଷ ।
**ପଟାଖେଳ ବି.** ଦୁଇ ମଲ୍ଲଯୋଦ୍ଧାଙ୍କ ଦାଢ଼ ନଥିବା ଖଣ୍ଡାର ଖେଳ ।
**ପଟାଗଜ ବି.** ଏକଗଜ ପରିମିତ ମାପକାଠ ।
**ପଟାଙ୍ଗିଉଆଁସ ବି.** ଦୀପାବଳି ଅମାବାସ୍ୟା ।
**ପଟାଟୋପ ବି.** ୧. ଧାନ ରଖିବା ପାଇଁ ଘର ଭିତରେ ଥିବା ଖଣି ୨. ଆଡମ୍ବର, ଘଟାଟୋପ, ଅଟାଟୋପ ।
**ପଟାଦାର ବି.** ଜମି, ଘର ଆଦିର ପଟା ପାଇଥିବା ଲୋକ, ଜମିର ଅଧିକାର ପାଇଥିବା ବ୍ୟକ୍ତି ।
**ପଟାଦୋଳି ବି.** ବସିବା ବା ଝୁଲିବା ପାଇଁ ପଟା ଲାଗିଥିବା ଦୋଳି ।
**ପଟାନ୍ତର ବି.** ତୁଲ୍ୟ ଉପମା, ସାଦୃଶ୍ୟ ।
**ପଟାପଟା ବିଂ** ୧. ତୁହାକୁ ତୁହା, ବାରମ୍ବାର ୨. ଡୋରିଆ, ଗାର ଗାର ବା ସେଭଳି ଦାଗ ଥିବା ।
**ପଟାପଟି ବି.** ୧. ସୁତୁରେଇବା, ନିଜ ଆଡ଼କୁ ଆଣିବା ପାଇଁ ପ୍ରୟାସ, ଫୁସଲେଇବା ୨. କଥାଚାତୁରୀରେ ଭୁଲେଇବା ବା ଭଳେଇବା ।
**ପଟାପୋଲ ବି.** କାଠପଟାରେ ତିଆରି ପୋଲ ।
**ପଟାବନ୍ଧେଇ ବିଂ.ବି.** ବୁଢ଼ାପଟା ବା କାଡ୍‌ବୋର୍ଡ ଦେଇ ବନ୍ଧେଇ କରାଯାଇଥିବା (ବହି) ।
**ପଟାବାଜ ବି.** ଯେଉଁ ଲୋକ ଜୁଆ ଆଦି ଖେଳରେ ଆସକ୍ତ ।
**ପଟାମଇ ବି.** କାଦୁଅ କ୍ଷେତକୁ ସମତୁଲ କରିବା ପାଇଁ ଏକପ୍ରକାର ହାଲୁକାକାଠ ବା ବାଉଁଶରେ ନିର୍ମିତ ଉପକରଣ, କପର ।
**ପଟାମାଫ ବିଂ** ନିଷ୍କର ।
**ପଟା ମାରିବା କ୍ରି.** ଚାଷ ହୋଇଥିବା ଜମିକୁ ସମତୁଲ କରିବା ।
**ପଟାଳି ବି.** ୧. ଛୋଟ କିଆରି ୨. ଭେଳା ୩. ସମୂହ ।
**ପଟାଳିଆ ବିଂ** ୧. ପଟାପରି ପତଳା ବା ଚେପଟା ୨. ପଟା ପଟା ଚିହ୍ନ (ଦାଗ) ଥିବା ।
**ପଟାଳି ପଡ଼ିବା କ୍ରି.** ୧. ସଂକ୍ରାମକ ରୋଗ ଯୋଗୁଁ ବହୁ ସଂଖ୍ୟାରେ ଲୋକ ମରିଯିବା ୨. ନଦୀରେ ଭେଳା ପକାଇବା ।
**ପଟାଳିବା କ୍ରି.** ପାଣି ବା କାଦୁଅରେ ଗଡ଼ାଗଡ଼ି ହେବା ।
**ପଟାସ୍ ବି.** ଏକ ପ୍ରକାର ରାସାୟନିକ କ୍ଷାର, ରୋଗ ନିରୋଧକ ସାର ।
**ପଟା ସିମ୍ବ ବି.** ଏକ ପ୍ରକାର ଚେପଟା ସିମ୍ବ ।
**ପଟାସିୟମ୍ ବି.** ଧାତବ ମୌଳିକ ପଦାର୍ଥ ବିଶେଷ ।
**ପଟି, ପଟୀ ବି.** ୧. ଅଳ୍ପ ଲମ୍ବ ଓ ଚଉଡାର ଆସନ ୨. ଛୋଟ ମସିଣା ୩ ଖଜୁରୀ ବା ନଡ଼ିଆ ପତ୍ରରେ ତିଆରି ଆସନ ୩. କିଆରିର ପଟାଳି ୪. କାଠପଟାର ଛୋଟଖଣ୍ଡ ୫. ଧାଡ଼ିମୂଳିଆ ହୋଇ ରହିଥିବା ଗ୍ରାମର କୌଣସି ସାହି ବା ବସ୍ତି ୬. ଧାଡ଼ି ୭. ଶଗଡ଼ ଚକ ନାଳର ତଳଅଂଶ ୮. ଚଉଡା ଫିତା ୯. ପେଣ୍ଠ, ବଜାର ୧୦. ଚାରା ପ୍ରସ୍ତୁତ ନିମନ୍ତେ ପଟାଳି ୧୧. ଠକାମି, ପ୍ରତାରଣା ୧୨. ଝାଡ଼ା କରିବା।

**ପଟି ଚଢ଼େଇବା** *କ୍ରି.* ଠକିବା ।
**ପଟିଦେବା** *କ୍ରି.* ଧପ୍ପା ମାରିବା ।
**ପଟି ମାରିବା** *କ୍ରି.* ଠକିବା, ଚିତାକାଟିବା ।
**ପଟିଆ** *ବିଂ.* ପାଖର, ଆଡର, ପକ୍ଷର ସମର୍ଥକ ।
**ପଟିଆ ମୂଷା** *ବି.* ଚାଳୁଆ ମୂଷା, ଚାଳରେ ରହୁଥିବା ମୂଷା ।
**ପଟିକା** *ବି.* କଉଡ଼ିଖେଳରେ ଶେଷକୁ ରହିବା ଗୋଟିକିଆ କଉଡ଼ି ।
**ପଟିଦାର** *ବି.* ଛୋଟ ଜମିମାଲିକ ।
**ପଟିବା** *କ୍ରି.* ୧. ମନ ମେଳରହିବା, ମିଶିବା ୨. ଦର ବା ମୂଲ୍ୟ ସ୍ଥିର ହେବା ।
**ପଟିବାଜ, ପଟିମରା** *ବିଂ.* ଧପ୍ପାବାଜ, ଠକ
**ପଟୀ** *ବି.* ରଙ୍ଗମଞ୍ଚର ଯବନିକା, ପର୍ଦ୍ଦା ।
**ପଟୀୟାନ** *ବିଂ.* ବିଶାରଦ, ସୁଯୋଗ୍ୟ, କୌଶଳୀ, ଦକ୍ଷ , *ସ୍ତ୍ରୀ.* ପଟୀୟସୀ ।
**ପଟୀର** *ବି.* ୧. ମେଘ ୨. ପେଟ ୩. ସବାର ୪. ଚନ୍ଦନ ୫. କ୍ଷେତ୍ର, ଆୟତନ ୬. ଖଇର ।
**ପଟୁ** *ବିଂ.* ଦକ୍ଷ, ପାରଦର୍ଶୀ, ସମର୍ଥ, ଧୁରନ୍ଧର ; *ବି.* ପାଣିସୁଅରେ ଭାସି ଆସୁଥିବା ଉର୍ବର ମାଟି ।
**ପଟୁଆ, ପଟୁକା** *ବି.* ୧. ପଟୁଳା, ତାଳବାହୁଙ୍ଗା ବା କଦଳୀ ଗଛର ଉପର ଅଂଶରେ ତିଆରି ସରୁ ସରୁ ଖଣ୍ଡ ୨. ହୁଲିଡଙ୍ଗା ।
**ପଟୁଆର** *ବି.* ବହୁ ଲୋକ ଏକାଠି କୌଣସି ଉଦ୍ଦେଶ୍ୟରେ ଆଗେଇବା, ଶୋଭାଯାତ୍ରା, ପ୍ରସେସନ୍ ।
**ପଟୁଆରୀ** *ବି.* ଜମି ମାପକାରୀ ଓ ରାଜସ୍ୱ ପରିମାଣ ଲେଖୁଥିବା କର୍ମଚାରୀ ।
**ପଟୁତା** *ବି.* ନିପୁଣତା, ଦକ୍ଷତା, ପାରଦର୍ଶିତା ।
**ପଟେ** *ବିଂ.* ୧. ଯୋଡାକରୁ ଗୋଟାଏ ୨. ଫାଳେ ; *କ୍ରି.ବିଂ.* ଦିଗରେ, ପକ୍ଷରେ ।
**ପଟେଇବା** *କ୍ରି.* ୧. ରଫା ବା ଫଇସଲା କରିବା ୨. ପଟା ତିଆରି କରିବା ୩. ଅନ୍ୟକୁ ନିଜର କରିନେବା, ଫସେଇ ଦେବା, ନିଜ ପାଖକୁ ଆଣିବା ।
**ପଟୋଳ** *ବି.* ୧. ଛୋଟ ପୀଢ଼ ଥିବା ମନ୍ଦିର ୨. ପିତ୍ତନାଶକ ଲତା ଓ ଫଳ ବିଶେଷ ୩. ପୋଟଳ, ପଟୋଲ, ପରବଲ୍ ।
**ପଟ୍ଟ** *ବି.* ୧. ଟସରପୋକ ଖୋସାର ସୂକ୍ଷ୍ମତନ୍ତୁ ବା ପାଟଲୁଗା ୨. ଦାନପତ୍ର, ପ୍ରଶସ୍ତିପତ୍ର ଲେଖାଯାଉଥିବା ତମ୍ବା ଅଥବା ପଥରର ଫଳକ ୩. ପଗଡ଼ି ୪. ନଳିତା, ଷଣଗଛର ତନ୍ତୁ ୫. କିଆଗଛର ତନ୍ତୁ ୬. ଗ୍ରାମ ; *ବିଂ.* ଶ୍ରେଷ୍ଠ, ପ୍ରଧାନ, ମୁଖ୍ୟ ।
**ପଟ୍ଟଜ୍ୟୋତିଷୀ** *ବି.* ପ୍ରଧାନଗଣକ, ଗ୍ରହବିପ୍ର, ନାହାକ ।
**ପଟ୍ଟଦେବୀ/ମହିଷୀ** *ବି.* ପାଟରାଣୀ, ରାଜାଙ୍କର ପ୍ରଥମ ପତ୍ନୀ ।
**ପଟ୍ଟନ** *ବି.* ପତ୍ତନ, ପାଟଣା, ନଗ୍ର, ରାଜଧାନୀ, ବଡ଼ଗ୍ରାମ ।
**ପଟ୍ଟବସ୍ତ୍ର** *ବି.* ପାଟଲୁଗା ।
**ପଟ୍ଟଭୂମି** *ବି.* ପୃଷ୍ଠଭୂମି, ଭୂମିକା ।
**ପଟ୍ଟଭୂମିକା** *ବି.* ନାଟକର ପ୍ରଧାନ ଚରିତ୍ରର ଅଭିନୟ ।
**ପଟ୍ଟଶାକ** *ବି.* ନଳିତା ଗଛର ପତ୍ର-ଯାହାକୁ ଖାଦ୍ୟ ଭାବରେ ବ୍ୟବହାର କରାଯାଏ ।
**ପଟ୍ଟଶିଷ୍ୟ** *ବି.* ଗୁରୁଙ୍କର ପ୍ରଧାନ ଶିଷ୍ୟ ।
**ପଟ୍ଟା** *ବି.* ପଟା, ଜମି ଭୋଗ କରିବା ପାଇଁ ସରକାର ବା ଭୂମି ମାଲିକଙ୍କଠାରୁ ପ୍ରାପ୍ତ ଅନୁମତି ପତ୍ର ।
**ପଟ୍ଟିକା** *ବି.* ୧. ପଟି ୨. ବୋଇତ ବା ବଡ଼ଡଙ୍ଗାର ଗତି ନିୟନ୍ତ୍ରଣ ପାଇଁ ବ୍ୟବହୃତ ପାଲ ୩. ଅଣଓସାରିଆ ବସ୍ତ୍ର ।
**ପଟ୍ଟୀ** *ବି.* ୧. ମଥାରେ ପିନ୍ଧାଯାଉଥିବା ଅଳଙ୍କାର ବିଶେଷ ୨. ଘୋଡାର ପିଠି ଓ ପେଟକୁ ଘେରି ବନ୍ଧା ଯାଇଥିବା ରସି ବା ପଟି ।
**ପଠନ** *ବି.* ପଢ଼ିବା, ବିଦ୍ୟାସାଧନ, ଅଧ୍ୟୟନ ।
**ପଠନୀୟ** *ବିଂ.* ଯାହା ପଢ଼ା ଯିବା ଉଚିତ, ଯାହା ଅବଶ୍ୟ ପାଠ୍ୟ ।
**ପଠା** *ବି.* ନଈମଝିରେ ବାଲି ଓ ପଟୁ ମାଟିରେ ସୃଷ୍ଟି ହୋଇଥିବା ଉଚ୍ଚ ଓ ଉର୍ବର ଅଞ୍ଚଳ ।
**ପଠାଇବା** *କ୍ରି.* କାର୍ଯ୍ୟ ଉପଲକ୍ଷ୍ୟରେ କୌଣସି ବ୍ୟକ୍ତି ବା ପଦାର୍ଥ ଅନ୍ୟତ୍ର ପ୍ରେରଣ କରିବା ।
**ପଠା ଘା** *ବି.* ପିଠିରେ ହୋଇଥିବା ଘା, ପଠାର ।
**ପଠାଣ** *ବି.* ମୂଳତଃ ଆଧୁନିକ ପାକିସ୍ଥାନର ଉତ୍ତରପଶ୍ଚିମ ଅଞ୍ଚଳ ଓ ଆଫଗାନିସ୍ଥାନର କେତେକ ଅଞ୍ଚଳରେ ଏବଂ ଭାରତର ବିଭିନ୍ନ ଅଞ୍ଚଳରେ ବାସ କରୁଥିବା ଇସଲାମ ଧର୍ମାବଲମ୍ବୀ ପସ୍ତୁଭାଷାଭାଷୀ ସମ୍ପ୍ରଦାୟ ।
**ପଠାଣି** *ବି.* ଅପର୍ତ୍ତିଆଣି ।
**ପଠାଣି ଯିବା, ପଠାନି ଯିବା** *କ୍ରି.* ବିବାହିତା କନ୍ୟା ପହଲି ପାଳି ସ୍ୱାମୀ ଘରକୁ ଯିବା ।
**ପଠାନି** *ବି.* ୧. ଝିଅକୁ ଶାଶୁଘର ପଠାଇବା ବିଧି ୨. ପଠାଇବା ବସ୍ତୁ ବା ପ୍ରକ୍ରିୟା ୩. ଢିଲା ଓ ଲମ୍ବା କୁର୍ତ୍ତା ବା ପଞ୍ଜାବି ।
**ପଠାରି** *ବି.* ଅଖାରେ ରହି ଚାଉଳରେ ଜନ୍ମୁଥିବା ପୋକ ।
**ପଠିଆ** *ବିଂ.* ଅନ୍ୟଦ୍ୱାରା ପ୍ରେରିତ ।

**ପଠିତ** ***ବିଂ.*** ପଢ଼ାଯାଇଥିବା ।

**ପଡ୍‌ପଡ୍‌ବା** ***କ୍ରି.*** ଚମ ଶୁଖିଯିବା ।

**ପଡ଼** ***ବି.*** ସୁସମ୍ପର୍କ, ମତର ମେଳ (ବିପରୀତ-ଅପଡ଼); ***କ୍ରି.*** ପଡ଼ିବା ।

**ପଡ଼ଉ** ***ବି.*** ଚଲାବାଟରେ ବାଟୋଇମାନଙ୍କ ପାଇଁ ତିଆରି ଆଶ୍ରୟସ୍ଥଳ ।

**ପଡ଼କା** ***ବିଂ.ବି.*** ମଟକା, ଟାଣ ନଥିବା ।

**ପଡ଼ଚାଇବା** ***କ୍ରି.*** ୧. ନିନ୍ଦାକରିବା, ଗାଳିଦେବା ୨. ମୁକାବିଲା କରିବା ।

**ପଡ଼ନ୍ତ** ***ବିଂ.*** ୧. ଶେଷ ହୋଇ ଆସୁଥିବା ୨. ପଡ଼ି ରହିଥିବା ୩. ପଡୁଥିବା ୪. ଉପରୁ ଖସୁଥିବା ।

**ପଡ଼ରା, ପାଡୁରା, ପାଡୁଆ** ***ବିଂ.*** ଘନ ଘନ ପାଡୁଥିବା ପୁରୁଷ, ପଡ଼ରା ***ସ୍ତ୍ରୀ.*** ପାଡୁରୀ, ପାଡ୍‌ରୀ ।

**ପଡ଼ା** ***ବି.*** ସାହି ବା ବଡ଼ ଗ୍ରାମର ବିଭିନ୍ନ ପାଟକ ରହୁଥିବା ସ୍ୱତନ୍ତ୍ର ବସ୍ତି, ଛୋଟ ଗାଁ ।

**ପଡ଼ାଣିଆ** ***ବି.*** ଗଡ଼ାଣିଆ ।

**ପଡ଼ାପଡ଼ିଶା** ***ବି.*** ସାଇପଡ଼ିଶା, ପାଖଆଖ ଘରେ ରହୁଥିବା ଲୋକେ ।

**ପଡ଼ି** ***ବି.*** ୧. ଖାଇବା ପାଇଁ ମିଳୁଥିବା ନିର୍ଦ୍ଦିଷ୍ଟ ପରିମାଣର ସଞ୍ଜା ବା ସାମଗ୍ରୀ ୨. ଦାନଖାଦ୍ୟ, ଛତର ୩. ଓଡ଼ିଶୀ ସଙ୍ଗୀତର ଅନ୍ତରା ଭାବରେ ଗାନ କରାଯାଉଥିବା ପଦ ।

**ପଡ଼ିଅଣ ବି.** ଇଟା ପକାଇବା ଓ ପୋଡ଼ିବା ସ୍ଥାନ ।

**ପଡ଼ିଆ** ***ବି.*** ୧. ଚାଷ ହେଉନଥିବା ଜମି, ପଦା ୨. ପ୍ରାନ୍ତର ୩. ପତିତ ବା ଅନାବାଦୀ ଜମି ୪. ସର୍ବସାଧାରଣ ବ୍ୟବହୃତ ଖୋଲା ସ୍ଥାନ ; ***ବିଂ.*** ଖାଲି ।

**ପଡ଼ିଆଉଠିଆ** ***ବି.*** ଉଠାପକା ।

**ପଡ଼ିଆ ଗାଈ** ***ବି.*** ଦୁଧ ଦେଉନଥିବା ଗାଈ, ଠୋକରି ଗାଈ ।

**ପଡ଼ିଆ ପଡ଼ିବା** ***ବି.*** ୧. ଚାଷ ନ ହେବା ୨. ଅବ୍ୟବହୃତ ହୋଇ ରହିବା, ବ୍ୟବହାର ନ ହେବା ।

**ପଡ଼ିଆସୁନା** ***ବି.*** ଖାଦମିଶା ସୁନା ।

**ପଡ଼ିକାଟ** ***ବି.*** ଖାଇବା ପାଇଁ ମିଳୁଥିବା ସାମଗ୍ରୀ ପରିମାଣ କମାଇବା ଅଥବା ପୁରା ଉଚ୍ଛେଦ କରିଦେବା ।

**ପଡ଼ିଖାଡ଼ି** ***ବି.*** କାଉଁରିଆ କାଠି ।

**ପଡ଼ିବା** ***କ୍ରି.*** ୧. ଉପରୁ ଖସିବା ୨. ଝଡ଼ିବା ୩. ପଡ଼ିକରି ରହିବା ୪. ସ୍ଥାନଚ୍ୟୁତ ହେବା ୫. ମନ ମିଳିବା ୬. ସାମର୍ଥ୍ୟ ହରାଇ ବସିବା ୭. ଅଧିକାରକୁ ଆସିବା ।

**ପଡ଼ିଶା** ***ବି.*** ଘର ପାଖରେ ରହୁଥିବା ବ୍ୟକ୍ତି, ପ୍ରତିବେଶୀ, ପଡୋଶୀ; ***ବିଂ.*** ପାର୍ଶ୍ୱବର୍ତ୍ତୀ ।

**ପଡ଼ୋତି** ***ବି.*** ବିକ୍ରୀ ନ ହୋଇ ଦୋକାନରେ ପଡ଼ି ରହିଥିବା ଅବସ୍ଥା ।

**ପଢ଼ଉ** ***ବି.*** ଦୁଲି, ଛୋଟଡଙ୍ଗା ।

**ପଢ଼ା** ***ବି.*** ୧. ଉଚ୍ଚାରଣ ୨. ପଠନ ।

**ପଢ଼ାଇବା** ***କ୍ରି.*** ୧. ଅଧ୍ୟାପନା କରିବା, ଶିକ୍ଷାଦେବା ୨. ଶିଖାଇବା, ବୁଦ୍ଧିଦେବା ।

**ପଢ଼ାପଢ଼ି** ***ବି.*** ୧. ପାଠ, ଶିକ୍ଷା ୨. ଜ୍ଞାନଚର୍ଚ୍ଚା ।

**ପଢ଼ିବା** ***କ୍ରି.*** ୧. ଲେଖା ହୋଇଥିବା ପାଠକୁ ଦେଖି ପାଠ କରିବା ୨. ଉଚ୍ଚାରଣ କରିବା ୩. ପାଠ ଅଭ୍ୟାସ କରିବା ୪. ଅଧ୍ୟୟନ କରିବା ।

**ପଢ଼ିହାରୀ** ***ବି.*** ୧. ଦ୍ୱାରପାଳ ୨. ମନ୍ଦିରର ବ୍ରାହ୍ମଣ ସେବକ ବିଶେଷ ।

**ପଢୁଆଁ, ପୋଢୁଆଁ** ***ବିଂ.*** ପ୍ରଥମେ ଜନ୍ମିତ, ଜ୍ୟେଷ୍ଠ, ବଡ, ପହିଲି ।

**ପଢୁଆଁଗାଈ** ***ବି.*** ପ୍ରଥମବିଆଣ ଗାଈ ।

**ପଢୁଆ** ***ବିଂ.*** ୧. ପାଠ ପଢ଼ିଥିବା, ବିଦ୍ୟା ଆୟତ୍ତ କରିଥିବା, ଶିକ୍ଷିତ ୨. ବିଦ୍ୟାର୍ଥୀ, ଅବସ୍ଥାରେ ଥିବା ।

**ପଣ୍ଡକା, ପଁଡ଼୍‌କା** ***ବି.*** କପୋତ, କାପ୍ତା ।

**ପଣ** ***ବି.*** ୧. ସର୍ତ୍ତ, ବାଜି, ପ୍ରତିଜ୍ଞା ୨. କୋଡ଼ିଏ ଗଣ୍ଡା ବା ଅଶୀ ସଂଖ୍ୟା ୩. ଗୁଣସୂଚକ ପଶ୍ଚାତ୍‌ପ୍ରତ୍ୟୟ, ***ଉଦା.*** ଦାନୀପଣ ।

**ପଣଅଜା** ***ବି.*** ବାପାଙ୍କ ବାପାଙ୍କ ଅଜା, ଚତୁର୍ଥ ପିଢ଼ିର ପୂର୍ବପୁରୁଷ ।

**ପଣଆଈ** ***ବି.*** ବୋଉର ବୋଉର ଆଈ ।

**ପଣକିଆ** ***ବି.*** ପାରମ୍ପରିକ ଅଙ୍କପାଠରେ ଗୁଣନର ଖନ୍ଦା ।

**ପଣତ, ପଣନ୍ତ** ***ବି.*** ନାରୀପିନ୍ଧା ଲୁଗାର ଶେଷଭାଗ, ଶାଢ଼ିର କାନି ।

**ପଣତକାଳ** ***ବି.*** ମୃତ୍ୟୁସମୟ ।

**ପଣନାତି** ***ବି.*** ନାତିର ନାତି ।

**ପଣନାତୁଣୀ** ***ବି.*** ନାତି, ନାତୁଣୀର ନାତୁଣୀ ।

**ପଣପଣ** ***ବିଂ.*** ଅସଂଖ୍ୟ, ଅପରିମିତ ।

**ପଣବ** ***ବି.*** ୧. ପଖଉଜ, ଛୋଟଢ଼୍ୋଲ, ଛୋଟନାଗରା ୨. ଯୁଦ୍ଧବାଦ୍ୟ ବିଶେଷ ।

**ପଣବନ୍ଦୀ** ***ବି.*** କୌଣସି ଦାବି ବା ଅର୍ଥ ଆଦାୟ ଉଦ୍ଦେଶ୍ୟରେ ଯାହାକୁ ଅଟକ ବା ବନ୍ଦୀ କରାଯାଇଥାଏ ।

**ପଣବନ୍ଧ** ***ବି.*** ୧. ସନ୍ଧି ୨. ବାଜିରଖିବା, ଦୃଢ଼ ସଂକଳ୍ପ ।

**ପଣସ** ***ବି.*** କଣ୍ଟକୀ, ବଡ଼ ଆକାରର ଫଳ ବିଶେଷ – ଯାହାର ଉପର ଦନ୍ତୁରିତ ହୋଇଥାଏ, ପାକଳ ହେବା ପୂର୍ବରୁ କଞ୍ଚା ଅବସ୍ଥାରେ ଏହା ତରକାରି ଭାବରେ ମଧ୍ୟ ବ୍ୟବହୃତ ହୁଏ, ଏହା ଗଛର ଗଣ୍ଡି ବା ଡାଳରେ ଫଳେ ଓ ଭିତରର କୋଷ ମଧ୍ୟରେ ଥାଏ ଈଷତ୍ ହଳଦୀରଙ୍ଗର ମିଠାଳିଆ ଫୁଟ ।

**ପଣସୁନ୍ଦରୀ** *ବି.* ବେଶ୍ୟା ।

**ପଣା** *ବି.* କଦଳୀ, ଛେନା, ଗୁଡ଼ ଅଥବା ନବାତ, ଆଖୁରସ, ନଡ଼ିଆ ଦହି ଅଥବା ଦୁଧ ଆଦି ପଦାର୍ଥର ମିଶ୍ରଣରେ ପ୍ରସ୍ତୁତ ଘନ ପାନୀୟ ।

**ପଣାପାଣି** *ବି.* ୧. ପଣା ଓ ପାଣି ୨. ଖାଦ୍ୟପେୟ ଓ ଅଭ୍ୟର୍ଥନାର ବ୍ୟବସ୍ଥା ୩. ସନ୍ତୋଷବିଧାନର ବ୍ୟବସ୍ଥା ।

**ପଣି** *ବି.* ରାଜସ୍ୱ ପ୍ରଦାନର ହାର, କମିସନି, ପରସେଣ୍ଟେଜ୍ ।

**ପଣିବା** *କ୍ରି.* ୧. କୁଟିବା ପାଇଁ ଢ଼ିଙ୍କିର ଗାତରେ ଭରାଣ୍ଡିରେ ଧାନ ଖାଦ୍ୟଶସ୍ୟ ପୂରାଇବା ୨. ବହୁ ପରିମାଣର ଖାଇବା ୩. ବହୁତ ମାଡ଼ ଦେବା ।

**ପଣେ** *ବି.* ୨୦ ଗଣ୍ଡା ବା ସଂଖ୍ୟାରେ ଅଶି ।

**ପଣେଇବା** *କ୍ରି.* ୧. ଢିଙ୍କି କୁଟିଲା ବେଳେ ଧାନ ପ୍ରଭୃତିକୁ ଭରାଣ୍ଡିରେ ପୂରାଇବା ୨. ଜୋର୍‌କରି ଖୁଆଇବା ।

**ପଣେ(ଣ୍ଡୋ)ହି** *ବି.* ୧. ପାଣ୍ଡେଇ, ଜୋତା ୨. ପାଣ୍ଡୋଇ, ସ୍ୱତନ୍ତ୍ର ଭାବରେ ତିଆରି ଚପଲ ।

**ପଣ୍ଡ୍‌କା** *ବି.* ପଣ୍ଡୁକା, କପୋତ, ଚଢ଼େଇ ବିଶେଷ ।

**ପଣ୍ଡ୍‌ରା** *ବି.* ୧. ପାଉଁଶିଆ ୨. ଧଳା ।

**ପଣ୍ଡ** *ବିଂ.* ନିଷ୍ଫଳ, ବ୍ୟର୍ଥ, ନଷ୍ଟ, ଧୂଳିସାତ୍, ଭଣ୍ଡୁର ।

**ପଣ୍ଡା** *ବି.* ୧. ଦେବାଳୟର ପୂଜକ ୩. ସାଙ୍ଗିଆ ବିଶେଷ ୪. ଅଣ୍ଡିରା ମଇଁଷି, ପୋଢ଼ ୫. ଫମ୍ପାନଡ଼ିଆ ୬. ହୃଷ୍ଟପୁଷ୍ଟ ବ୍ୟକ୍ତି ୭. ପୁରାଣ ପାଠ କରି ଶୁଣାଉଥିବା ବ୍ୟକ୍ତି (ପୁରାଣପଣ୍ଡା) ।

**ପଣ୍ଡାପଢ଼ିଆରୀ** *ବି.* ଦେବପୂଜକ ବ୍ରାହ୍ମଣ ସେବକମାନେ ।

**ପଣ୍ଡା ମାରିବା** *କ୍ରି.* ଅତିରିକ୍ତ ରୂପେ ବଢ଼ିବା ।

**ପଣ୍ଡିତ** *ବି.* ୧. ବିଜ୍ଞ, ବିଦ୍ୱାନ, ବିଶେଷଜ୍ଞ ୨. ସଂସ୍କୃତ ସାହିତ୍ୟରେ ପାରଦର୍ଶୀ ୩. ସଂସ୍କୃତଭାଷା ଓ ସାହିତ୍ୟର ଶିକ୍ଷକ ୪. ଓସ୍ତାଦ ୫. ପୁରୋହିତ ।

**ପଣ୍ଡିତବାସର** *ବି.* ବୁଧବାର ।

**ପଣ୍ଡିତା** *ବି.* ବିଦୁଷୀ, ବିଦ୍ୟାବତୀ, ସୁଶିକ୍ଷିତା ।

**ପଣ୍ଡିତିଆ** *ବିଂ.* ୧. ପଣ୍ଡିତ ପରି ଆଚରଣକାରୀ ୨. ଏକଦେଶଦର୍ଶୀ, ଅବୁଝ, ଅବାଗିଆ ।

**ପଣ୍ଡୁ** *ବିଂ.* ୧. ଫିକାଧଳା ବା ହଳଦିଆ ୨. ପାଣ୍ଡୁରା ।

**ପଣ୍ଡୁଅ** *ବି.* ୧. ଶୁଖିଲା ଜାଳେଣି ପତ୍ରର ବଡ଼ବିଡ଼ା ୨. ମୋଟା ଲୋକ ।

**ପଣ୍ଡୁକାଆଁଳ** *ବି.* ମାର୍ଗଶିର ମାସରେ ମେଘ ଘୋଡ଼ାଇଥିବା ପାଗ ।

**ପଣ୍ଡୁ ପୂର୍ଣ୍ଣିମା** *ବି.* ମାର୍ଗଶିର ପୂର୍ଣ୍ଣିମା ।

**ପଣ୍ୟ** *ବି.* ଖରଦି ଓ ବିକ୍ରି ହୋଇପାରୁଥିବା ପଦାର୍ଥ, ବିନିମୟରେ ମିଳୁଥିବା ଦ୍ରବ୍ୟ, ସଉଦା ।

**ପଣ୍ୟଜୀବୀ** *ବିଂ. ବି.* ବେପାରୀ, ଦୋକାନଦାର, ବ୍ୟବସାୟୀ ।

**ପଣ୍ୟଶାଳା, ପଣ୍ୟାଗାର** *ବି.* ଦୋକାନ ।

**ପତ୍‌ରା, ପତ୍ରା** *ବି.* ବୁଦିବୁଦିଆ ଜଙ୍ଗଲ ।

**ପତ୍‌ରି** *ବି.* ଦନା, ଠୋଲା, ଖଲିପତ୍ର ।

**ପତଙ୍ଗ,ପତଗ, ପତଙ୍ଗମ** *ବି.* ୧. ଡେଣାଥିବା ଛ' ପାଦବିଶିଷ୍ଟ କୀଟ (ଭଅଁର, ମଶା, ମାଛି, ଝିଣ୍ଟିକା ଇତ୍ୟାଦି) ୨. ଗୁଡ଼ି ୩. ସୂର୍ଯ୍ୟ ।

**ପତତ୍ର** *ବି.* ୧. ଚଢ଼େଇର ଡେଣା ୨. ଘୋଡ଼ା ।

**ପତତ୍ରୀ** *ବି.* ୧. ଡେଣା ଥିବା ଜୀବ, ଚଢ଼େଇ, ବିହଙ୍ଗ, ପକ୍ଷୀ ୨. ଶର, ବାଣ ।

**ପତନ** *ବି.* ୧. ପଡ଼ିବା, ଅଧୋଗତି ୨. ସ୍ଖଳନ ୩. ଅବନମନ ୪. ଧ୍ୱଂସ ୫. ମୃତ୍ୟୁ ୬. ଅକୃତକାର୍ଯ୍ୟ ହେବା, ବିଫଳତା ।

**ପତନି** *ବି.* ୧. ସୂକ୍ଷ୍ମବସ୍ତ୍ର ବିଶେଷ-ଯାହା ଆକାରରେ ଲୁଗାଠାରୁ ଛୋଟ ୨. ଭାର୍ଯ୍ୟା, ପତ୍ନୀ ।

**ପତନି ଉଠାଇବା** *କ୍ରି.* ଚାଷୀ ଶେଷ ବେଙ୍ଗଳା ଉଠାଇବା ।

**ପତର୍** *ବି.* ୧. ଗଛଲତାର ପତ୍ର ୨. ବହି, ପତ୍ରପତ୍ରିକା ପ୍ରଭୃତିର ପୃଷ୍ଠା ।

**ପତର୍‌କଟା** *ବି.* ୧. ତାଳପତ୍ରରେ ଲେଖୁଥିବା ଗୋଷ୍ଠୀ ବିଶେଷ ୨. ଲିଖନକାର ୩. ପତର କାଟୁଥିବା ସମ୍ପ୍ରଦାୟ ବିଶେଷ ।

**ପତର୍‌ଛେରା** *ବିଂ.* ଅତ୍ୟନ୍ତ ଡରକୁରା, ଭୟାଳୁ ।

**ପତର୍‌ପୁଡ଼ା** *ବି.* ପତ୍ର ଆବରଣ ଭିତରେ ରଖି ଏବଂ ଆଞ୍ଚରେ ପୋଡ଼ି ପ୍ରସ୍ତୁତ ଖାଦ୍ୟ ।

**ପତର୍‌ପେଣ୍ଡି** *ବି.* ୧. ଗଛର ପତ୍ରରେ ରହୁଥିବା ଏକପ୍ରକାରର ବିଷାକ୍ତ କୀଟ ୨. ଶୀତଳ ଷଷ୍ଠୀରେ ଅନୁଷ୍ଠିତ ଶିବ-ପାର୍ବତୀ ବିବାହ ପାଇଁ ପାର୍ବତୀଙ୍କୁ ଯାଇ ବରପିତା ଶାଳପତ୍ରର ବିଡ଼ା ଦେବାର ଅନୁଷ୍ଠାନ ।

**ପତର** *ବି.* ୧. ପତ୍ର, ଉଦ୍ଭିଦମାନଙ୍କ ଶରୀରର ଅଂଶ ବିଶେଷ-ଯାହା ସାହାଯ୍ୟରେ ସେମାନେ ଖାଦ୍ୟ ପ୍ରସ୍ତୁତ କରନ୍ତି ୨. ଚିଠି ୩. ଧାତୁ ତିଆରି ପାତିଆ ।

**ପତରଚଟା** *ବିଂ.* ଅଇଁଠାଖିଆ ।

**ପତରଝଡ଼ା** *ବି.* ଶୀତ ବା ଅନ୍ୟ କାରଣରୁ ଗଛର ପତ୍ର ଝଡ଼ିବା ।

**ପତରନିନ୍ଦା** *ବିଂ.* କୃତଘ୍ନତା, ଉପକାରୀ ବ୍ୟକ୍ତିର ଅନିଷ୍ଟକାରୀ ।

**ପତରପାଣି** *ବି.* ଖାଇବା ପାଇଁ ପତ୍ରପକାଇ ପାଣି ରଖିବା, ଅତିଥି ଚର୍ଚ୍ଚା ।

**ପତରପୋଡ଼ା** *ବି.* ୧. ଗଛର ରୋଗ ବିଶେଷ ୨. ଶାଗ ବା ଚୂନା ମାଛକୁ ପତ୍ରରେ ରଖି ନିଆଁରେ ପୋଡ଼ିବା, ପୁରୁଗା ।

**ପତରଶଉରା, ପତରସଉରା** *ବି.* ୧. ଅତୀତରେ ପତ୍ରରେ ଶରୀର ଢାଙ୍କୁଥିବା ଜନଜାତି ବିଶେଷ, *ସ୍ତ୍ରୀ.* ପତ୍ରଶଉରାଣୀ ୨. ଦଣ୍ଡନାଚର ଆଦ୍ୟନୃତ୍ୟ ।

**ପତରସାଉଁଟା** *ବିଂ.ବି.* ଅତି ଦରିଦ୍ର ।

**ପତରସିଆଁ** *ବି.* ପତ୍ରରେ ଖଲିଦନା ତିଆରି କରିବା ।

**ପତରସୁନା** *ବି.* ପତ୍ରପରି ପତଳା ଉତ୍କୃଷ୍ଟ ସୁନା ।

**ପତଳା** *ବିଂ.* ୧. ତରଳ, ପାଣିଆ ୨. ଶୀର୍ଣ୍ଣ, କ୍ଷୀଣ ୩. ଲଘୁ ୪. ପାତଳ ।

**ପତଳା କାନ** *ବି.* ଅଳ୍ପକେ ଶୁଣି ପାରିବା ଶକ୍ତି ।

**ପତଳୀ, ପତଲୀ** *ବିଂ.* ୧. ପାତଳୀ, ଶୀର୍ଣ୍ଣକାୟା ୨. ପାତ୍‌ଲି, ପିତଳର ଚଟକା ପାତ୍ର ; *ବି.* ବେଙ୍ଗଳା ।

**ପତା** *ବି.* ୧. ଆଖି ଉପରେ ଢ଼ାଙ୍କୁଣି ପରି ରହିଥିବା ପତଳା ଚର୍ମପରଦା ୨. ଖୋଜଖବର, ସନ୍ଧାନ ୩. ଠିକଣା ୪. ତାସର ପ୍ରତ୍ୟେକ ଖଣ୍ଡ ୫. ଘର ଲିପାପୋଛା ପାଇଁ ବ୍ୟବହୃତ ଛିଣ୍ଡାକନା ୬. ଫାଳ ; *ବିଂ.* ପତଳା ଓ ଲମ୍ବା ।

**ପତାଇବା** *କ୍ରି.* ୧. ପ୍ରସାରିତ କରିବା ୨. ଖୋଲି ରଖିବା ।

**ପତା କରିବା** *କ୍ରି.* ୧. ସନ୍ଧାନ ନେବା, ଖବର ବୁଝିବା ୨. ଠିକଣା ସଂଗ୍ରହ କରିବା ।

**ପତାକା, ପତକା** *ବି.* କାଗଜ ବା କନାରେ ତିଆରି ପ୍ରତୀକ ବା ସଙ୍କେତ ଚିହ୍ନିତ ନିର୍ଦ୍ଦିଷ୍ଟ ଆକାରର ବାନା, ଧ୍ୱଜା, ସାମ୍ପ୍ରଦାୟିକ ଚିହ୍ନ ।

**ପତାକୀଚକ୍ର** *ବି.* ଜ୍ୟୋତିଷରେ ଶିଶୁର ରିଷ୍ଟଗଣନା ।

**ପତାଙ୍ଗି** *ବି.* ଗୁଡ଼ି, ଘୁଡ଼ି ।

**ପତାଣ୍ଡି** *ବି.* ଧାନ ଓ ମାଣ୍ଡିଆର ଅଗାଡ଼ି ।

**ପତା ମାର୍‌ବା** *କ୍ରି.* ଗୋବରରେ ଘର ଲିପିବା ପରେ ଦ୍ୱିତୀୟ ଥର ପୋଛିବା ।

**ପତା ଲଗାଇବା** *ବି.* ୧. ବୁଝାବୁଝି କରିବା ୨. ଖୋଜ ନେବା, ଠିକଣା ସଂଗ୍ରହକରିବା ।

**ପତା ଲାଗିବା** *ବି.* ଭୁଲେଇବା ।

**ପତାଲି** *ବି.* ବିଲାତି ବାଇଗଣ, ପାତଲଘଣ୍ଟା, ଭେଜ୍‌ରା, ଭେଜି, ଟମାଟୋ ।

**ପତାଲେଇ** *ବି.* ସମ୍ବାଳୁଆ, ଭାଲୁପୋକ୍, ଭୁର୍ସାକିରା ।

**ପତି** *ବି.* ୧. ସ୍ୱାମୀ ୨. ପ୍ରଭୁ ୩. ପରିଚାଳକ ୪. ମାଲିକ, କର୍ତ୍ତା ୫. ରାଜା, ଅଧିପତି ୬. ସୁରକ୍ଷାଦାତା ୭. ଗଞ୍ଜେଇ ଗଛର ଶୁଖିଲା ଫୁଲ ବା ପତ୍ର, ଭାଙ୍ଗ ୮. ତାସ୍‌ର ପତ୍ର ୯. ଜର୍ଦ୍ଦାରେ ପଡିଥିବା ଧୂଆଁପତ୍ର ଖଣ୍ଡ ।

**ପତିଆର, ପତିଆରା** *ବି.* ଭରସା, ଆତ୍ମବିଶ୍ୱାସ, ଆସ୍ଥା, ପ୍ରତ୍ୟୟ ।

**ପତିତ** *ବିଂ.* ୧. ପଡ଼ି ଯାଇଥିବା ୨. ସ୍ଖଳିତ ୩. ଜାତିଚ୍ୟୁତ ୪. ସ୍ୱଧର୍ମଭ୍ରଷ୍ଟ ।

**ପତିତ ଜମି** *ବି.* ପଡ଼ିଆ ଜମି ।

**ପତିତପାବନ** *ବି.* ୧. ପୁରୀ ଶ୍ରୀମନ୍ଦିରର ସିଂହଦ୍ୱାର ଗୁମୁଟିରେ ଭୋଇ ବଂଶର ରାଜା ରାମଚନ୍ଦ୍ରଙ୍କଦ୍ୱାରା ସ୍ଥାପିତ ଜଗନ୍ନାଥ ବିଗ୍ରହ ୨. ପତିତମାନଙ୍କୁ ମୁକ୍ତି ଦେଉଥିବା ଦେବତା, ଜଗନ୍ନାଥ ।

**ପତିତପାବନ ବାନା** *ବି.* ଶ୍ରୀମନ୍ଦିରର ଉଡୁଥିବା ବାନା, ନୀଳଚକ୍ର ଉପରେ ଉଡୁଥିବା ପତାକା ।

**ପତିବ୍ରତା** *ବିଂ.* ସ୍ୱାମୀ ଅନୁଗତା, ପତିପ୍ରାଣା, ସତୀ ।

**ପତିମହାପାତ୍ର** *ବି.* ବିଦ୍ୟାପତିଙ୍କ ବଂଶଧର ବୋଲି ବିଶ୍ୱାସ କରାଯାଉଥିବା ଜଗନ୍ନାଥଙ୍କ ସେବକ ।

**ପତୁଆ** *ବି.* ପତ୍ରପୋଡ଼ା ବ୍ୟଞ୍ଜନ, ପତ୍ରଦନାରେ ଆବୃତ ପନିପରିବା ଅଥବା ମାଛ ଇତ୍ୟାଦିକୁ ସିଦ୍ଧ କରିବା ପ୍ରକ୍ରିୟା, ପୁଡୁଗା ।

**ପତୁଆପୁଅ** *ବି.* ବଡ଼ପୁଅ, ପୋଢୁଆଁ ।

**ପତୁରି** *ବି.* ଅଧିକ ସାର ଯୋଗୁ ଗଛର ଶସ୍ୟ ଅପେକ୍ଷା ପତ୍ର ଅତ୍ୟଧିକ ଭାବରେ ବଢ଼ିଯିବା ।

**ପତୁରି ଖଇର** *ବି.* ତାଳପତ୍ରରେ ଗୁଡା ହୋଇଥିବା କଳା ଖଇର ।

**ପତୁଳି** *ବି.* ୧. ଧାନଗଦା ୨. ବେଙ୍ଗଳା ୩. ଓସାରିଆ ମୁହଁ ଥିବା ଛୋଟ ହାଣ୍ଡି ।

**ପତେଙ୍ଗା** *ବି.* ୧. ଡେଣା ଥିବା ଛୋଟ ପୋକ ୨. ଝିରିପୋକ ୩. କାଇ ୪. ଗୁଡ଼ି, ନଟେଇ ।

**ପତ୍ତନ** *ବି.* ୧. ସ୍ତର ୨. ବନ୍ଦର, ସମୁଦ୍ର ବା ନଦୀକୂଳସ୍ଥ ସହର ୩. ମୂଳଦୁଆ ୪. ସ୍ଥାପନ, ନିର୍ମାଣ, ପ୍ରତିଷ୍ଠା ୫. ନଗର, ଗ୍ରାମ ।

**ପତ୍ତା** *ବି.* ଠିକଣା, ସନ୍ଧାନ ।

**ପତ୍ନୀ** *ବି.* ଭାର୍ଯ୍ୟା, କନିଆ, ଦାରା, ପୁରୁଷର ଅର୍ଦ୍ଧାଙ୍ଗିନୀ, ସ୍ତ୍ରୀ ।

**ପତ୍ର** *ବି.* ୧. ଗଛର ପତର ୨. ବହିବା ଖାତାର ପୃଷ୍ଠା ୩. ଚିଠି ।

**ପତ୍ରକୁଡ଼ିଆ** *ବି.* ତାଳପତ୍ରରେ ତିଆରି ଛୋଟିଆ ଘର ।

**ପତ୍ରକୋବି** *ବି.* ବନ୍ଧାକୋବି ।

**ପତ୍ରପଟୁ** *ବି.* ପତ୍ରର ଠୁଙ୍ଗା, ଦନା, ଚଉପଦୀ ।

**ପତ୍ରପୁଷ୍ପା** *ବି.* ଈଷତ୍ ଲାଲ ଦୁଶୁଥିବା ତୁଳସୀ ଗଛ, ରକ୍ତତୁଳସୀ ।

**ପତ୍ରବାହକ** *ବି.* ୧. ଡାକବାଲା, ପୋଷ୍ଟପିଅନ ୨. ଚିଠି ଆଣିଥିବା ଲୋକ ।

**ପତ୍ରଲିଖନ** *ବି.* ଚିଠିଲେଖା ।

**ପତ୍ରଲେଖା** *ବି.* ମନ୍ଦିରର ସ୍ଥାପତ୍ୟରେ ଖୋଦିତ ପତ୍ରଲେଖିକା ।

**ପତ୍ରପତ୍ରିକା** *ବି.* ଖବରକାଗଜ, ପତ୍ରିକା ପ୍ରଭୃତି ।

**ପତ୍ରହାରିକା** *ବି.* ଗୋପନୀୟ ଚିଠି ଆଣିଥିବା ଦୂତୀ ।

**ପତ୍ରାଙ୍କ** *ବି.* ୧. ବହିର ପୃଷ୍ଠାର କ୍ରମିକ ସଂଖ୍ୟା ୨. ଚିଠିର ସୂଚକ ବା ଜ୍ଞାପକ ସଂଖ୍ୟା ବା ନମ୍ବର ।

**ପତ୍ରିକା** *ବି.* ୧. ସାହିତ୍ୟ, ସମ୍ବାଦ, ଜ୍ଞାନବିଜ୍ଞାନ ପ୍ରଭୃତି ବିଭିନ୍ନ ବିଷୟ ମୁଦ୍ରିତ ହୋଇଥିବା ସାମୟିକ ପ୍ରକାଶିତ ପୁସ୍ତିକା ୨. ଚିଠି ୩. ଲେଖା ।

**ପତ୍ରିବଡୁ** *ବି.* ଜଗନ୍ନାଥଙ୍କ ସେବକ ବିଶେଷ ।

**ପତ୍ରୀ** *ବି.* ୧. ଚଢ଼େଇ ୨. ପାହାଡ ୩. ବାଣ ୪. ପୂଜକ ।

**ପଥ** *ବି.* ୧. ରାସ୍ତା, ବାଟ, ସଡ଼କ, ମାର୍ଗ ୨. ଦିଗ ୩. କୌଶଳ, ଉପାୟ ୩. ଛିଦ୍ର ।

**ପଥକର** *ବି.* ରାସ୍ତା ତିଆରି ଓ ମରାମତି ପାଇଁ ପ୍ରଜାମାନଙ୍କଠାରୁ ଆଦାୟ ହେଉଥିବା ଟିକସ ବା **ଶୁଳ୍କ, ଟୋଲ୍** ।

**ପଥଗାମୀ** *ବି.ବିଂ.* ରାସ୍ତାରେ ଯାଉଥିବା (ଲୋକ), ବାଟୋଇ ।

**ପଥଚାରୀ** *ବି.* ବାଟୋଇ, ପଥିକ, ଯାତ୍ରୀ ।

**ପଥପାର୍ଶ୍ୱ** *ବି.* ରାସ୍ତାକଡ଼ ।

**ପଥପ୍ରଦର୍ଶକ** *ବି.* ୧. ବାଟ ଦେଖାଉଥିବା ବ୍ୟକ୍ତି ୨. ଭ୍ରମଣକାରୀଙ୍କ ମୁଖ୍ୟ, ଅଭିଯାନକାରୀଙ୍କ ମାର୍ଗଦର୍ଶକ ।

**ପଥପ୍ରାନ୍ତ** *ବି.* ରାସ୍ତାର କଡ଼, ପଥପାର୍ଶ୍ୱ ।

**ପଥର ବାସନ** *ବି.* ପଥରରେ ନିର୍ମିତ ପାତ୍ର ।

**ପଥ ଭୁଲିବା** *ବି.* ଭୁଆଁ ବୁଲିବା, ଅବାଟରେ ଯିବା ।

**ପଥଭ୍ରଷ୍ଟ** *ବିଂ.* ସତ୍‌ପଥରୁ ବିଚ୍ୟୁତ, ଅସତ୍‌ପଥଗାମୀ ।

**ପଥଭ୍ରାନ୍ତ** *ବିଂ.* ବାଟବଣା, ବିପଥଗାମୀ ।

**ପଥର** *ବି.* ୧. ପ୍ରସ୍ତର, ପାଷାଣ, ପଖାନ୍, ପଖନ୍ ୨. ଟାଣ ଓ ନିଦା ପଦାର୍ଥ ୩. ଚେତନାଶୂନ୍ୟ, ନିର୍ଜୀବ, ଚଳତ୍‌ଶକ୍ତିହୀନ ୪. ନିଷ୍ଠୁର ।

**ପଥର ଖଡ଼ି** *ବି.* ସିଲେଟ/ଚଟାଣ ପ୍ରଭୃତିରେ ଲେଖିବା ପାଇଁ ଖଡ଼ି ।

**ପଥରଖଣି** *ବି.* ଯେଉଁ ଖଣିରୁ ପଥର କାଟି ବାହାର କରାଯାଏ ।

**ପଥର ଗାର** *ବି.* ଅପରିବର୍ତ୍ତନୀୟ ବିଷୟ ବା କଥା ।

**ପଥରଚୂନ** *ବି.* ପଥର ପୋଡ଼ି ପ୍ରସ୍ତୁତ କରାଯାଉଥିବା ଏକପ୍ରକାର ଚୂନ ।

**ପଥର ଛାତି** *ବି.* ନିଷ୍ଠୁର ହୃଦୟ, କଠୋରମନା, କଠୋରହୃଦୟ ।

**ପଥର ପାଣିହେବା** *କ୍ରି.* ନିଷ୍ଠୁର ହୃଦୟ ଦୟାରେ ତରଳି ଯିବା ।

**ପଥର ଭିକାରି** *ବି.* ସର୍ବସ୍ୱ ହରାଇଥିବା ବ୍ୟକ୍ତି, ଏକାନ୍ତ ଅସହାୟ ଲୋକ ।

**ପଥରିଆ** *ବି.* ୧. ପଥର କାଟୁଥିବା ଜାତି ୨. ପଥରକଟାଳି ; *ବିଂ.* ପଥର ପରିପୂର୍ଣ୍ଣ, ଅଡିଟାଣୁଆ ।

**ପଥରୋଧ** *ବି.* ରାସ୍ତା ରୋକିବା, ଗତି ବା ଯିବା ପାଇଁ ବାଟ ନ ଛାଡ଼ିବା ।

**ପଥଶ୍ରମ** *ବି.* ଦୂର ବାଟ ଚାଲିବା ହେତୁ ଶାରୀରିକ କ୍ଳାନ୍ତି ।

**ପଥଶ୍ରାନ୍ତ** *ବିଂ.* ବାଟ ଚାଲି ହାଲିଆ ହୋଇଯାଇଥିବା ।

**ପଥହରା** *ବିଂ.* ବାଟ ଭୁଲିଯାଇଥିବା, ବାଟବଣା ।

**ପଥହୁଡା** *ବିଂ.* ବାଟଭୁଲା, କୁପଥଗାମୀ ।

**ପଥି** *ବି.* ପଥ୍ୟ, ରୋଗୀ ପାଇଁ ଆବଶ୍ୟକ ଖାଦ୍ୟ ପଦାର୍ଥ, ଲଘୁପାକ ଖାଦ୍ୟ ।

**ପଥିକ** *ବି.ବିଂ.* ବାଟୋଇ, ଭ୍ରମଣକାରୀ ।

**ପଥି କରିବା** *କ୍ରି.* ସହଜରେ ହଜମ ହେଉଥିବା ଖାଦ୍ୟ ପ୍ରସ୍ତୁତ କରିବା ।

**ପଥିକଶାଳା** *ବି.* ଚଟିଘର, ପାନ୍ଥନିବାସ, ଯାତ୍ରୀ ଆଶ୍ରୟସ୍ଥଳ, ସରାଇ ।

**ପଥିକୃତ୍** *ବିଂ.* ଆଗରେ ଯାଉଥିବା, ବାଟଦେଖାଳି ।

**ପଥୁକି** *ବି.* ବାଟୋଇ, ପାନ୍ଥ, ଭ୍ରମଣକାରୀ ।

**ପଥୁରି** *ବି.* ୧. ପଥର ତିଆରି ପାତ୍ର, ପଥରବାସନ ୨. ରୋଗ ବିଶେଷ (ମୂତ୍ରାଶୟ, ମୂତ୍ରନଳୀ, ପିତ୍ତକୋଷ ପ୍ରଭୃତିରେ ପଥର ଭଳି ବସ୍ତୁ ହେବା ରୋଗ) ।

**ପଥୁରିଆ** *ବି.* ୧. ପଥରକଟାଳୀ ୨. ପଥରଶିଳ୍ପୀ ; *ବିଂ.* ଟାଣୁଆ, ପଥରମିଶା, ପଥର ପରିପୂର୍ଣ୍ଣ ।

**ପଥୋତ୍ସବ** *ବି.* ରାହାଗିରି, ଜନପଥରେ ପାଳିତ ବ୍ୟବସାୟିକ ତଥା କୌତୁକ ଉତ୍ସବ ।

**ପଥ୍ୟ** *ବି.* ପଥି ।

**ପଥ୍ୟଅପଥ୍ୟ, ପଥ୍ୟାପଥ୍ୟ** *ବି.* ସ୍ୱାସ୍ଥ୍ୟପାଇଁ ହିତକର ବା ଅହିତକର ଖାଦ୍ୟ, ସ୍ୱାସ୍ଥ୍ୟକର ଅଥବା ଅସ୍ୱାସ୍ଥ୍ୟକର ଖାଦ୍ୟ ।

**ପଦ** *ବି.* ୧. ଗୋଡ଼ର ନିମ୍ନଭାଗ, ପାଦ, ଚରଣ ୨. ପାହ୍ୟା,ସ୍ଥାନ ୩. କବିତା ବା ଗୀତର ଏକକ ପଂକ୍ତି ୪. ବାକ୍ୟରେ ବ୍ୟବହାର କରାଯାଉଥିବା ଶବ୍ଦ ୫. ଆଧିପତ୍ୟ, ସମ୍ମାନବୋଧ ୬. ଅବସ୍ଥା ୭. ଅଭିଚାର ବା ତନ୍ତ୍ରବିଦ୍ୟାର ନିଷ୍କର୍ଷ ବା ମନ୍ତ୍ର ।

**ପଦକ** *ବି.* ୧. ସମ୍ମାନଲାଭର ପ୍ରମାଣ ସ୍ୱରୂପ ଯେ କୌଣସି ଧାତବ ପଦାର୍ଥରେ ପ୍ରତୀକ ଚିହ୍ନିତ ଫଳକ ୨. ହାରର ମଧ୍ୟ ଭାଗରେ ଥିବା କାରୁକାର୍ଯ୍ୟସମ୍ପନ୍ନ ଅଥବା ଚିତ୍ରିତ ଦୋଳକ ।

**ପଦ କାଟୁ କରିବା** *ବି.* ପ୍ରୟୋଗ କରାଯାଇଥିବା ମନ୍ତ୍ର ସଫଳ ହେବା ।

**ପଦକ୍ରମ** *ବି.* ୧. କୌଣସି ନିର୍ଦ୍ଦିଷ୍ଟ ବୃତ୍ତିରେ କାର୍ଯ୍ୟରତ କର୍ମଚାରୀମାନଙ୍କର ଦାୟିତ୍ୱ, ଯୋଗ୍ୟତା ଓ ଅଧିକାରକୈନ୍ଦ୍ରିକ ଅବସ୍ଥିତିର କ୍ରମ, ଗ୍ରେଡେସନ ୨. କବିତାର ବିଭିନ୍ନ ପଦର କ୍ରମିକତା ୩. ସଙ୍ଗୀତର ସୁରର ଆରୋହଣ ଓ ଅବରୋହଣର କ୍ରମ ।

**ପଦଗୌରବ** *ବି.* ପଦପଦବୀର ବଡ଼ିମା, କୌଣସି ପାହ୍ୟାର ମର୍ଯ୍ୟାଦା ।

**ପଦଚାର, ପଦଚାରଣ** *ବି.* ଅଳ୍ପ ବାଟ ଆଗକୁ ଓ ପଛକୁ ଧୀରେ ଧୀରେ ଚାଲିବା ।

**ପଦଚାରଣ** *ବି.* ଚଲାବୁଲା, ଚାଲିବା, ଟହଲ ।

**ପଦଚାରୀ** *ବିଂ.* ରାସ୍ତାରେ ଚାଲି ଯାଉଥିବା ; *ବି.* ପଥିକ, ବାଟୋଇ ।

**ପଦଚିହ୍ନ** *ବି.* ୧. ପାଦ ବା ପାହୁଲର ଚିହ୍ନ ୨. ସଙ୍କେତ, ଛାପ, ଦାଗ ।

**ପଦଚ୍ୟୁତ** *ବିଂ.* ପାହ୍ୟା, ପଦବୀ ବା କାର୍ଯ୍ୟରୁ ଅନ୍ତରିତ, ବରଖାସ୍ତ ।

**ପଦଚ୍ୟୁତି** *ବି.* ବରଖାସ୍ତି, ପାହ୍ୟାରୁ ବହିଷ୍କାର ।

**ପଦଚ୍ଛେଦ** *ବି.* ସନ୍ଧି ବା ସମାସ ପଦଗୁଡ଼ିକ ପୃଥକ କରିବା ।

**ପଦତଳ** *ବି.* ପାଦର ତଳ, ତଳିପା ।

**ପଦତ୍ୟାଗ** *ବି.* ପଦ, ପଦବୀ, ଚାକିରି ପ୍ରଭୃତି ଛାଡ଼ିବା, ଅଧିକାରର ପ୍ରତ୍ୟାଖ୍ୟାନ, ବୃତ୍ତିରୁ ଇସ୍ତଫା ।

**ପଦଦଳିତ** *ବିଂ.* ୧. ପାଦରେ ଦଳା ଯାଇଥିବା ୨. ଅତ୍ୟାଚାରିତ, ନିଷ୍ପେଷିତ ।

**ପଦଧୂଳି, ପଦରଜ, ପଦରେଣୁ** *ବି.* ପାଦତଳେ ଲାଗିଥିବା ଧୂଳି, ଆଶୀର୍ବାଦ ।

**ପଦପଦକେ** *ଅ.* କଥାକଥାକେ ।

**ପଦପୟୀ, ପପିତା** *ବି.* ଅମୃତଭଣ୍ଡା, ପପିୟା ।

**ପଦପଲ୍ଲବ** *ବି.* ପତ୍ର ଭଳି କୋମଳ ପାଦ ।

**ପଦପ୍ରାର୍ଥୀ** *ବି.ବିଂ.* କୌଣସି ପଦ, ପଦବୀ ବା ଚାକିରି ପାଇଁ ଆବେଦନ ବା ପ୍ରାର୍ଥନା କରୁଥିବା (ବ୍ୟକ୍ତି) ।

**ପଦବିନ୍ୟାସ** *ବି.* ବାକ୍ୟ ବା କବିତାର ପଦ ସଂଯୋଜନ ଶୈଳୀ ବା ରୀତି, କାବ୍ୟ ଗଠନ କଳା, ଚାଲିବା ଢ଼ଙ୍ଗ ।

**ପଦବୀ** *ବି.* ୧. ବ୍ୟକ୍ତିର ଗୁଣ ଅଥବା କାର୍ଯ୍ୟସୂଚକ ସ୍ଥାନ ବା ପଦ, ଉପାଧି ୨. ନିର୍ଦ୍ଦିଷ୍ଟ ବୃତ୍ତି ବା ସ୍ୱୀକୃତିର ପ୍ରତୀକ ରୂପେ ବ୍ୟବହୃତ ପଦ (ଯଥା- କୁଳପତି, ରାୟ୍ ବାହାଦୁର) ।

**ପଦବ୍ରଜ** *ବି.* ପାଦରେ ଗମନ ବା ଯିବା ।

**ପଦମ୍** *ବି.* ୧. ପାପୁଲି ୨. ପଦ୍ମଫୁଲ ।

**ପଦର** *ବି.* ୧. ପଡ଼ିଆ ୨. ଜନବସତି ପାଖରେ ଥିବା ସର୍ବସାଧାରଣ ବ୍ୟବହୃତ ଖୋଲାସ୍ଥାନ ୩. ଗାଁ, ପଡ଼ା, ସାହି ।

**ପଦଲେହନ** *ବି.* ୧. ପାଦସେବା ୨. ଆନୁଗତ୍ୟ ସ୍ୱୀକାର ୩. ଖୋସାମତି ।

**ପଦଲେହନକାରୀ** *ବିଂ.* ପାଦଚଟା, ଅତି ଅନୁଗତ ଭୃତ୍ୟ, ଚାକର, ଖୋସାମତିଆ ।

**ପଦସେବକ** *ବି.* ୧. ପାଦସେବା କରୁଥିବା ଲୋକ ୨. ଚାକର, ଦାସ, ଭୃତ୍ୟ ।

**ପଦସ୍ଖଳନ** *ବି.* ୧. ଗୋଡ଼ ଖସିଯିବା ୨. ଭୁଲବାଟରେ ଯିବା, ନୈତିକ ଅଧଃପତନ ।

**ପଦସ୍ଥ** *ବିଂ.* ୧. କୌଣସି ପଦରେ ରହିଥିବା (ବ୍ୟକ୍ତି) ୨. ଉଚ୍ଚ ପଦବୀ (ଚାକିରି)ରେ ପ୍ରତିଷ୍ଠିତ ।

**ପଦକ୍ଷେପ** *ବି.* ୧. ପାହୁଣ୍ଡ, ପାଦ ପକାଇବା ବା ଚଳାଇବା ୨. କାର୍ଯ୍ୟବିଧାନ ।

**ପଦାଂଶ** *ବି.* ୧. ପଦର ଅଂଶ ୨. ପଦ ବା ଶବ୍ଦର ମାତ୍ରା ।

**ପଦା** *ବିଂ.* ୧. ଆବାଦ ହୋଇ ନଥିବା ୨. ଖୋଲା, ମୁକ୍ତ ୩. ଜନଶୂନ୍ୟ, ଗଛବୃଛ ନଥିବା ୪. ସାମାନ୍ୟ ଢିପଜମି, ବାହାର ଜାଗା ।

**ପଦାକୁ ଯିବା** *କ୍ରି.* ଝାଡ଼ା ଫେରିବା ପାଇଁ ବାହାରକୁ ଯିବା ।

**ପଦାଙ୍କ** *ବି.* ୧. ପାଦର ଚିହ୍ନ ୨. ଉଚ୍ଚ ବା ମହତ୍ ବ୍ୟକ୍ତିଙ୍କ କାର୍ଯ୍ୟ ବା ଆଦର୍ଶ ।

**ପଦାଘାତ** *ବି.* ପଦରେ ଆଘାତ, ନାତ ।

**ପଦାତି, ପଦାତିକ** *ବି.* ପାଦରେ ଚାଲି ଚାଲି ଯୁଦ୍ଧ କରୁଥିବା ସୈନିକ ।

**ପଦାନତ** *ବିଂ.* ପରାଜିତ, ଅଧୀନତା ସ୍ୱୀକାର କରିଥିବା, ସମ୍ପୂର୍ଣ୍ଣ ବଶୀଭୂତ ।

**ପଦାନୁବର୍ତ୍ତୀ** *ବିଂ.* ସମ୍ପୂର୍ଣ୍ଣ ଅନୁସରଣକାରୀ ।

**ପଦାନ୍ୱୟ** *ବି.* ବାକ୍ୟରେ ପଦଗୁଡ଼ିକର ପରସ୍ପର ସମ୍ପର୍କ ।

**ପଦାର୍ପଣ** *ବି.* ପାଦଦେବା, ପ୍ରବେଶ, ଉପସ୍ଥିତି ।

**ପଦାବଳି,ପଦାବଳୀ** *ବି.* ୧. ବୈଷ୍ଣବ ଗୀତି କବିତାବଳୀ ୨. କେତେକ ପଦର ସମଷ୍ଟି ।

**ପଦାବା** *କ୍ରି.* ବ୍ୟତିବ୍ୟସ୍ତ/ବିଚଳିତ କରିବା ।

**ପଦାରେ** *କ୍ରି.ବିଂ.* ବାହାରେ (ଘର ଭିତରେ ନୁହେଁ) ।

**ପଦାରେ ପଡ଼ିବା** *କ୍ରି.* ଗୋପନୀୟ କଥା ବା ଘଟଣା ପ୍ରଘଟ ହୋଇଯିବା, ପ୍ରଚାର ହୋଇଯିବା, ସମସ୍ତେ ଜାଣିଯିବା ।

**ପଦାର୍ଥ** *ବି.* ୧. ଦ୍ରବ୍ୟ, ବସ୍ତୁ, ଜିନିଷ, ଚିଜ ୨. କୌଣସି ପଦ ବା ଶବ୍ଦର ଅର୍ଥ ।

**ପଦାର୍ଥବିଜ୍ଞାନ** ***ବି.*** ବସ୍ତୁର ଗୁଣ ସମ୍ବନ୍ଧିତ ବିଦ୍ୟା, ଫିଜିକ୍ସ ।

**ପଦାଶ୍ରୟ** ***ବି.*** ପାଦରେ ଆଶ୍ରୟ, ସମ୍ପୂର୍ଣ୍ଣ ଭାବରେ କାହା ପାଖରେ ଆଶ୍ରୟ ନେଉଥିବା ବା ନିର୍ଭର କରୁଥିବା ବ୍ୟକ୍ତି।

**ପଦାଶ୍ରିତ** ***ବିଂ.*** ଶରଣାଗତ, ନିର୍ଭରଶୀଳ।

**ପଦାସନ** ***ବି.*** ପାଦ ରଖିବା ସ୍ଥାନ, ପାଦପିଢ଼ା।

**ପଦାହତ** ***ବିଂ.*** ପାଦର ଆଘାତ ପାଇଥିବା, ଅପମାନିତ, ଲାଞ୍ଛିତ।

**ପଦା ହୋଇଯିବା** ***କ୍ରି.*** ୧. କୌଣସି ସ୍ଥାନରୁ ଗଛ ପତ୍ର କାଟି ଦିଆହେବା ୨. ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବା, ଧ୍ୱଂସ ପାଇଯିବା ।

**ପଦିଏ** ***ବି.ବିଂ.*** ୧. ଗୋଟିଏ ମାତ୍ର ପଦ ୨. ଟିକେକଥା ।

**ପଦିକା** ***ବି.*** ଜମିର ସୀମା ବା ଆୟତନ ମାପିବା ପାଇଁ ବ୍ୟବହୃତ ବାଡ଼ି ବା ଦଣ୍ଡ ।

**ପଦୁଅଁ** ***ବି.*** ପଦ୍ମ, ପଙ୍କଜ ।

**ପଦେ** ***ବି.ବିଂ.*** ପଦିଏ, ପଦେମାତ୍ର, ଅଳ୍ପକଥା ।

**ପଦେ ଅଧେ** ***ବି.*** ସଂକ୍ଷିପ୍ତ ସୂଚନା, ଅଳ୍ପ ବକ୍ତବ୍ୟ ।

**ପଦେ ପଦେ** ***କ୍ରି.ବିଂ.*** ପ୍ରତି କଥାରେ, ବାରମ୍ବାର, ପ୍ରତି ପଦକ୍ଷେପରେ।

**ପଦୋନ୍ନତି** ***ବି.*** ବୃତ୍ତିରେ ଉଚ୍ଚପଦ ପାଇବା, ଅଧିକ କ୍ଷମତା ପ୍ରାପ୍ତି, ପ୍ରମୋସନ ।

**ପଦ୍ମ** ***ବି.*** ୧. ପାଣିରେ ଫୁଟୁଥିବା ଈଷତ୍ ଲାଲ ବା ଦୁଧିଆ ଧଳା ରଙ୍ଗର ଫୁଲ ଯାହାର କଣ୍ଟାଳିଆ ନାଡ଼ ଥାଏ – ଭାରତର ଜାତୀୟ ଫୁଲ, ନଳିନୀ, କମଳ, ଉତ୍ପଳ, ପଙ୍କଜ ୨. ଲକ୍ଷକୋଟି ସଂଖ୍ୟା ବିଶିଷ୍ଟ (୧୦୦,୦୦୦,୦୦୦,୦୦୦୦)।

**ପଦ୍ମଗନ୍ଧା** ***ବିଂ.*** ଦେହରୁ ପଦ୍ମଫୁଲର ଗନ୍ଧ ବାହାରୁଥିବା ନାରୀ, ପଦ୍ମିନୀ।

**ପଦ୍ମଚକ୍ର** ***ବି.*** ଭାରତୀୟ ଦର୍ଶନରେ ଯୋଗସାଧନା ପଦ୍ଧତିରେ ଗୁହ୍ୟ, ନାଭି, ବକ୍ଷ, କଣ୍ଠ, ଶିର ଓ ସହସ୍ରାର-ଏହି ଛ ଗୋଟି ସ୍ଥାନକୁ ଚକ୍ର ସହିତ ତୁଳନା କରାଯାଇଛି, ଯାହାର କଳ୍ପିତ ଆକାର ବିଭିନ୍ନ ପାଖୁଡ଼ା ବିଶିଷ୍ଟ ପଦ୍ମପରି ।

**ପଦ୍ମଜ** ***ବି.*** ବ୍ରହ୍ମା, ସୃଷ୍ଟିକର୍ତ୍ତା, ପଦ୍ମଯୋନି ।

**ପଦ୍ମତୋଳା** ***ବି.*** କେଳାମାନେ ସାପମାନଙ୍କୁ ସମ୍ମୋହିତ କରିବା ପାଇଁ ଗାଉଥିବା ଗୀତ ବା ବଜାଉଥିବା ସୁର୍ ।

**ପଦ୍ମନାଭ** ***ବି.*** ବିଷ୍ଣୁ, ନାରାୟଣ ।

**ପଦ୍ମନାଳ** ***ବି.*** ପଦ୍ମଫୁଲର ନାଡ଼, ମୃଣାଳ।

**ପଦ୍ମପଲାଶ** ***ବି.*** ପଦ୍ମପାଖୁଡ଼ା।

**ପଦ୍ମବନ୍ଧୁ** ***ବି.*** ୧. ଭ୍ରମର ୨. ସୂର୍ଯ୍ୟ ୩. ଅରଖଗଛ ।

**ପଦ୍ମବ୍ୟୂହ** ***ବି.*** ପ୍ରାଚୀନ ଭାରତର ଏକ ପ୍ରକାରର ସମର କୌଶଳ ଯେଉଁଥିରେ ସୈନ୍ୟମାନେ ଚଉଷଠି ପାଖୁଡ଼ା ବିଶିଷ୍ଟ ପଦ୍ମ ଆକାରରେ ସଜ୍ଜିତ ରହି ଶତ୍ରୁର ମୁକାବିଲା କରନ୍ତି ।

**ପଦ୍ମରାଗ** ***ବି.*** ଗାଢ଼ ଲାଲବର୍ଣ୍ଣର ମୂଲ୍ୟବାନ ମଣି ବିଶେଷ ।

**ପଦ୍ମାକର** ***ବି.*** ୧. ବିଷ୍ଣୁ ୨. ସୂର୍ଯ୍ୟ ୩. ପଦ୍ମ ପୂର୍ଣ୍ଣ ଜଳାଶୟ ।

**ପଦ୍ମାସନ** ***ବି.*** ୧. ଆସନ ବିଶେଷ – ଯେଉଁଥିରେ ଗୋଡ଼ର ପାଦକୁ ଅନ୍ୟ ଗୋଡ଼ର ଜଙ୍ଘ ଉପରେ ଛନ୍ଦିଲାପରି ରଖାଯାଏ ଓ ମେରୁଦଣ୍ଡକୁ ସିଧାରଖି ବସିବାର ଭଙ୍ଗୀ (ବିଶେଷ କରି ଧ୍ୟାନ ସମୟରେ ଏହିପରି ବସିବାକୁ ପଡେ)।

**ପଦ୍ମିନୀ** ***ବିଂ.*** ୧. ପଦ୍ମଫୁଲ ୨. ଦେହରୁ ପଦ୍ମଗନ୍ଧ ନିର୍ଗତ ହେଉଥିବା ରମଣୀ, ଅତି ସୁନ୍ଦରୀ ନାରୀ।

**ପଦ୍ୟ** ***ବି.*** ଆବୃତ୍ତିଧର୍ମୀ ଓ ଛନ୍ଦୋବଦ୍ଧ ରଚନା ।

**ପଦ୍ୟାନ୍ତ** ***ବି.*** ଦୁଇ ବା ତତୋଽଧିକ ଦଳ ମଧ୍ୟରେ ଗୀତ ଅଥବା କବିତାର ଖେଳ – ଯେଉଁଥିରେ ଗୋଟିଏ ଦଳ ଗାଉଥିବା ଗୀତ ବା ପଦର ଶେଷ ଅକ୍ଷରକୁ ଆଦ୍ୟ ଅକ୍ଷର ରୂପେ ଅନ୍ୟଦଳ ଗ୍ରହଣ କରି ପଦ ଗାଏ।

**ପଦ୍ଧତି** ***ବି.*** ୧. କାର୍ଯ୍ୟପ୍ରଣାଳୀ ୨. ଶୈଳୀ, ରୀତି ୩. କୌଶଳ।

**ପଧାନ, ପ୍ରଧାନ** ***ବି.*** ୧. ଗାଁର ମୁଖିଆ ୨. ବିଶିଷ୍ଟ ବା ସର୍ବମାନ୍ୟ ବ୍ୟକ୍ତି ; ***ବିଂ.*** ୧. ଶ୍ରେଷ୍ଠ ୨. ପ୍ରଥମ ୩. ମୁଖ୍ୟ ।

**ପଧିପ, ପଧିବ** ***ବି.*** ୧. ପେଖନା, ଢଙ୍ଗ, ଭିଆଣ, ଚତୁରତା ୨. ଫୁଟାଣି, ବଡ଼ିମା ।

**ପନ୍‌କାତି** ***ବି.*** ପନିକି, କାଟିବା ପାଇଁ ବ୍ୟବହୃତ ଯନ୍ତ୍ର ।

**ପନ୍‌ଖି, ପନ୍‌କି** ***ବି.*** ପନକାତି, ଫଳ, ପରିବା ଓ ମାଛ କାଟିବା ନିମିତ୍ତ ବ୍ୟବହୃତ ହେଉଥିବା ଧାରୁଆ ଉପକରଣ।

**ପନ୍‌ଚି** ***ବି.*** ଧନୁର ଗୁଣ।

**ପନ୍‌ଚେଇବା** ***କ୍ରି.*** ୧. ପାଣିଚିଆ ହେବା ବା ଲାଗିବା ୨. ଲାଳ ବା ପାଣି ନିର୍ଗତ ହେବା।

**ପନତ, ପଣତ** ***ବି.*** ଲୁଗାର କାନି, ପଟାନ୍ତ ।

**ପନସ** ***ବି.*** ପଣସ।

**ପନା, ପଣା** ***ବି.*** ୧. ପଣା ୨. ଆଖୁରସ ୩. ପହ୍ନା।

**ପନା ଖାଇବା** ***କ୍ରି.*** ମା ସ୍ତନରୁ କ୍ଷୀର ଖାଇବା।

**ପନାସି** ***ବି.*** ଜଙ୍ଗଲରେ ଥିବା ଏକ ପ୍ରକାର ଲମ୍ବ ଓ ଟାଣୁଆ ଘାସ – ଯାହା ଦଉଡ଼ି ତିଆରିରେ ବ୍ୟବହୃତ ହୁଏ, ସବାଇ ଘାସ ।

**ପନି** ***ବି.*** ୧. ବିଭିନ୍ନ ରଙ୍ଗର ପତଳା ଜରିପାଡିଆ ୨. ଖରିଦ ବିକ୍ରି ପାଇଁ ଉଦ୍ଦିଷ୍ଟ ପଦାର୍ଥ, ପଣ୍ୟଦ୍ରବ୍ୟ ; ***ଅ.*** ପରି, ସଦୃଶ, ଭଳି ।

**ପନିଆ** ***ବି.*** ମୁଣ୍ଡ କୁଣ୍ଡାଇବା ଉପକରଣ, ପାନିଆ ।

**ପନିକଣ୍ଠି** ***ବି.*** ମୁଖ୍ୟତଃ ହାର ଏବଂ ଅନ୍ୟ ଗହଣାରେ ବ୍ୟବହୃତ ବିଭିନ୍ନ ରଙ୍ଗ ଓ ଆକାରର ଟାଣୁଆ ଅଥଚ ହାଲୁକା ପଦାର୍ଥ ।

**ପନିକି** ***ବି.*** ପରିବା କାଟିବାରେ ବ୍ୟବହୃତ ଉପକରଣ, ପନଖି, ପନ୍‌କାତି ।

**ପନିପରିବା** ***ବି.*** ତରକାରି, ଭଜା ଆଦିରେ ବ୍ୟବହୃତ ଫଳମୂଳ ।

**ପନିର୍** ***ବି.*** ଘନୀଭୂତ ଛେନା ।

**ପନିର** ***ବି.*** ୧. ପଇଡ଼ପାଣି ୨. ସୁଗନ୍ଧପାଣି ।

**ପନ୍ତା** ***ବି.*** ୧. ଗଛଲତା ନଥିବା ବଡ଼ ପଡ଼ିଆ ୨. ଗଡ଼ିଆର ପଙ୍କ ଓ ଅଳ୍ପ ପାଣି ଚକଟି ହେବା ଯୋଗୁଁ ସୃଷ୍ଟ ବହଳ ପଦାର୍ଥ-ଯାହା ଭିତରେ ପାଦ ଖସିଗଲେ ବ୍ୟକ୍ତି ସହଜରେ ଉପରକୁ ଉଠିପାରେନାହିଁ ୩. ସମୁଦ୍ର ଉପକୂଳବର୍ତ୍ତୀ ନିର୍ଜନ ଅଞ୍ଚଳ ୪. ବହୁ ଲୋକ ମିଶି ଜଙ୍ଗଲର ଜୀବ ଘଉଡାଇବା କାମ ।

**ପନ୍ତାକୂଳିଆ** ***ବିଂ.*** ଉପକୂଳିଆ, ସମୁଦ୍ର ବା ଚିଲିକା ତଟବର୍ତ୍ତୀ ।

**ପନ୍ତାର** ***ବି.*** ପନ୍ତା, ବୃକ୍ଷଲାଗି ନଥିବା ବଡ଼ ପଡ଼ିଆ, ସମୁଦ୍ର ତଟର ନିର୍ଜନ ବିସ୍ତୃତ ଭୂଖଣ୍ଡ ।

**ପନ୍ତି, ପଂକ୍ତି** ***ବି.*** ୧. ସମୂହ ୨. ସମବାୟ, ଏକତ୍ର ୩. ଶ୍ରେଣୀ, ଧାଡ଼ି, ଦଳ, ଗୋଷ୍ଠୀ ।

**ପନ୍ଥା** ***ବି.*** ୧. ଉପାୟ ୨. ବାଟ, ପଥ ୩. ନିର୍ଦ୍ଦିଷ୍ଟ ବିଚାର ବା ଆଚାର ୪. ରୀତି ।

**ପନ୍ଥୀ** ***ବିଂ.*** ୧. କୌଣସି ନିର୍ଦ୍ଦିଷ୍ଟ ବିଚାର ବା ଧର୍ମମତକୁ ଗ୍ରହଣ କରିଥିବା (ବ୍ୟକ୍ତି) ୨. ମତାବଲମ୍ବୀ ।

**ପନ୍ଦ** ***ବି.*** ଡଙ୍ଗାର ପ୍ରଧାନ ଦଣ୍ଡାରେ ସଂଯୁକ୍ତ ଆଡପଟା ।

**ପନ୍ଦର** ***ବି.ବିଂ.*** ୧୫, ୧୫ ସଂଖ୍ୟା, ପନ୍ଦରସଂଖ୍ୟକ ।

**ପନ୍ଦାଡ଼** ***ବି.*** ୧. ପିଣ୍ଡାର ଶେଷ ଅଂଶ ୨. ଜଙ୍ଗଲିଆ ଜାଗା ।

**ପନ୍ଦାଡ଼ି** ***ବି.*** ଶଗଡ଼ଚକର ତୁମ୍ବ ଭିତର କଣାର ଦୁଇପାଖ ମୁହଁରେ ଶକ୍ତ ଭାବରେ ଖଞ୍ଜାଯାଇଥିବା ଲୁହାର ବଳା ।

**ପନ୍ନଗ** ***ବି.*** ୧. ସରୀସୃପ ୨. ସାପ ୩. ସୀମା ।

**ପନ୍ନଗାରି** ***ବି.*** ୧. ସାପର ଶତ୍ରୁ ୨. ନେଉଳ ୩. ମୟୂର ୪. ଗରୁଡ଼ ।

**ପପ୍** ***ବି.*** ୧. ଜନପ୍ରିୟ ଗୀତ, ସଙ୍ଗୀତ ବା କଳା ୨. ପାଶ୍ଚାତ୍ୟ ସଙ୍ଗୀତ ଓ ନୃତ୍ୟର ଶୈଳୀ ବିଶେଷ ; ***ବିଂ.*** ଜନପ୍ରିୟ, ଲୋକପ୍ରିୟ, ପପୁଲାର ।

**ପପ୍‌କର୍ନ୍** ***ବି.*** ଭଜା ହୋଇଥିବା ମକ୍‌କା, ମକ୍‌କାର ଖଇ ।

**ପପ୍ରଲିଆ** ***ବିଂ.*** ପୋରିହା, ଖଣ୍ଡ ଖଣ୍ଡ ହୋଇ ଚିରିଯାଉଥିବା ।

**ପପେୟା** ***ବି.*** ଅମୃତଭଣ୍ଡା ।

**ପବ** ***ବି.*** ୧. ଆଙ୍ଗୁଠିର ଗଣ୍ଠିଗୁଡ଼ିକର ମଧ୍ୟବର୍ତ୍ତୀ ସ୍ଥାନ ୨. ବାଉଁଶ, ଆଖୁ, ବାଜରା ଆଦି ଏକବୀଜପତ୍ରୀ ଗଛର ଗଣ୍ଠି ମଧ୍ୟସ୍ଥ ଅଂଶ ।

**ପବଛଡ଼ା** ***ବିଂ.*** ୧. ଅସ୍ୱାଭାବିକ ଭାବରେ ବଢୁଥିବା ୨. ରୁଗ୍‌ଣ ।

**ପବନ** ***ବି.*** ବାୟୁ, ବାତ ।

**ପବନ ଚକି** ***ବି.*** ୧. ତାଳ, ନଡ଼ିଆ ଅଥବା ଖଜୁରି ଗଛର ପତ୍ରରେ ତିଆରି ଚକ ୨. ପବନକଳ ।

**ପବନା** ***ବିଂ.*** ୧. ଉଡେଇ କରି କଥା କହୁଥିବା, ଗାଲୁଆ, ବାହାପିଆ ୨. ଅସ୍ଥିର ଚିତ୍ତବିଶିଷ୍ଟ ।

**ପବନାହାରୀ** ***ବି.*** ସାପ, ପନ୍ନଗ; ***ବିଂ.*** ପବନ ଖାଇ ବଞ୍ଚୁଥିବା (ସନ୍ନ୍ୟାସୀ, ସାଧକ) ।

**ପବି** ***ବି.*** ୧. ଘଡଘଡ଼ି, ବଜ୍ର ୨. ନିଆଁ ୩. ବାଣ ୪. ଟାଆଁସିଆ, ଟାଣ କଥା ।

**ପବିତ୍ର** ***ବିଂ.*** ଶୁଦ୍ଧ, ଅବିମିଶ୍ର, ପୂତ, ପାପହାରକ ।

**ପବିତ୍ରତା** ***ବି.*** ବିଶୁଦ୍ଧତା ।

**ପବିତ୍ରା** ***ବି.*** ୧. ତୁଳସୀ ୨. ପଇତା ୩. ହରିଦ୍ରା ।

**ପବିତ୍ରିତ** ***ବିଂ.*** ଯାହା ପରିଷ୍କାର କରାଯାଇଛି ।

**ପବିତ୍ରେଇବା** ***କ୍ରି.*** ବିଶୁଦ୍ଧ କରିବା, ପାପମୋଚନ କରିବା ।

**ପବେ** ***ବିଂ.*** ସାମାନ୍ୟ, ଅଳ୍ପ ।

**ପବ୍ଲିକ୍** ***ବି.*** ସର୍ବସାଧାରଣ, ଜନସାଧାରଣ ; ***ବିଂ.*** ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ।

**ପବ୍ଲିକେଶନ୍** ***ବି.*** ପ୍ରକାଶନ, ପୁସ୍ତକ ପତ୍ରପତ୍ରିକା ପ୍ରଭୃତିର ପ୍ରକାଶ ।

**ପବ୍ଲିଶର୍** ***ବି.*** ପୁସ୍ତକ, ପତ୍ରପତ୍ରିକା ପ୍ରଭୃତିର ପ୍ରକାଶକ ।

**ପବ୍ଲିସିଟି** ***ବି.*** ପ୍ରଚାର, ସମସ୍ତଙ୍କ ଜାଣିବା ପାଇଁ ଗ୍ରହଣ କରାଯାଉଥିବା ପଦ୍ଧତି ।

**ପମ୍ପ୍** ***ବି.*** ୧. ପାଣି ଉଠାଇବା ଯନ୍ତ୍ର ୨. ସାଇକେଲ ଆଦିର ଚକରେ ପବନ ଭର୍ତ୍ତି କରିବା ଯନ୍ତ୍ର ।

**ପମ୍ପ୍ ଦେବା/ ମାରିବା** ***କ୍ରି.*** ୧. ଗାଡ଼ି ମଟର ଚକରେ ପବନ ଭର୍ତ୍ତି କରିବା ୨. ଉସୁକେଇବା, ଟିହାଇବା ୩. ଉତ୍ସାହିତ କରିବା ।

**ପମ୍ପ୍‌ହାଉସ୍** ***ବି.*** ୧. ପାଣି-ପମ୍ପ୍ ରଖାଯାଉଥିବା ଘର ୨. ଜଳ ଯୋଗାଣ ସ୍ଥାନ ।

**ପୟଃପ୍ରଣାଳୀ** ***ବି.*** ୧. ପାଣି ଖଲାସ ପାଇଁ ତିଆରି ନାଳ ବା ନଳା ୨. ସରୁନାଳ ।

**ପୟ** *ବି.* ୧. ଜଳ ୨. ମାତୃସ୍ତନ୍ୟ ।

**ପୟଗମ୍ବର** *ବି.* ଦେବଦୂତ, ସନ୍ଥ (ସନ୍ତ) ।

**ପୟର** *ବି.* ଗୋଡ଼, ପାଦ, ଚରଣ ।

**ପୟସ୍ୱିନୀ** *ବିଂ.* ଦୁଧିଆଳୀ ଗାଈ, ନଦୀ ।

**ପୟା** *ବି.* ଶଗଡ଼ ଚକର ପରିଧି ।

**ପୟାଶ୍ରାଦ୍ଧ** *ବି.* କାର୍ତ୍ତିକ ମାସର ଦୀପାବଳୀ ଅମାବାସ୍ୟାରେ ଦୀପଦାନ ପୂର୍ବକ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଦିଆଯାଉଥିବା ଶ୍ରାଦ୍ଧ ।

**ପୟୋଧର** *ବି.* ୧. ମେଘ ୨. ସ୍ତନ ୩. ପଇଡ ।

**ପୟୋଧି/ପୟୋନିଧି** *ବି.* ସମୁଦ୍ର, ସାଗର ।

**ପରଂଜ** *ବି.* ୧. ଘର ତିଆରି ସମୟରେ କରାଯାଇଥିବା ମଞ୍ଚା ୨. ତେଲୀଘଣା ।

**ପରଂବ୍ରହ୍ମ** *ବି.* ଭଗବାନ, ସର୍ବାତୀତ ସତ୍ତା ।

**ପର୍‌କୁତି** *ବି.* ପ୍ରକୃତି, ସ୍ୱଭାବ, ଆଚରଣ ; *ବିଂ.* ପର୍‌କୁତିଆ ।

**ପର୍‌ଖାଓ** *କ୍ରି.* ପରୀକ୍ଷା କରିବା, ଭଲମନ୍ଦ ବିଚାର କରିବା, ମାନ ନିରୂପଣ କରିବା ।

**ପର୍‌ଖିଆ** *ବିଂ.* ଅନ୍ୟକୁ ଠକି ଭୋଗ କରୁଥିବା, ପରୋପଜୀବୀ ।

**ପର୍‌ଘନିଆଁ** *ବି.* ଗଣ୍ଡଜାତିର ମୁଖିଆ ।

**ପରଘାବା** *କ୍ରି.* ପ୍ରଚଣ୍ଡ ଆଘାତ କରିବା, ମାଡ଼ଦେବା, ବାଡ଼ିରେ ବାଡେଇବା ।

**ପର୍‌ଘେଇବା** *କ୍ରି.* ଅଭ୍ୟର୍ଥନା କରିବା, ସମ୍ମାନର ସହ ଆଣିବା ।

**ପର୍‌ଚଶୁ** *ବି.* ପ୍ରଚକ୍ଷୁ, ଚଷମା ।

**ପର୍‌ଚାଟା** *ବି.* ପରନିର୍ଭରଶୀଳ, ପରମୁଖାପେକ୍ଷୀ ।

**ପର୍‌ଛା** *ବିଂ.* ୧. ପରିଷ୍କାର, ସଫା, ନିର୍ମଳ ୨. ପଦା ।

**ପର୍‌ଝନା** *ବି.* ପରଜଣା, ଛୁଙ୍କ ।

**ପର୍‌ତନ** *ବି.* ଆରମ୍ଭ ।

**ପର୍‌ଦେଶୀ** *ବିଂ.* ଅନ୍ୟଦେଶରୁ ଆସିଥିବା, ପ୍ରବାସୀ ।

**ପର୍‌ଧିଆ** *ବି.* ବାଣୁଆ, ଶିକାରୀ ।

**ପର୍‌ପଞ୍ଚିଆ** *ବିଂ.* ୧. କୁଟିଳ, ଜଟିଳ ୨. ଅମଙ୍ଗଳିଆ ୩. ଅସୁନ୍ଦର ।

**ପର୍‌ବସ୍‌ତି** *ବି.* ଅନ୍ୟଗ୍ରାମ, ଅନ୍ୟସ୍ଥାନରେ ବସବାସ ।

**ପର୍‌ବାୟ** ବି. ୧. ଖାତିର ୨. ସମ୍ମାନବୋଧ ୩. ଚିନ୍ତା ।

**ପର୍‌ରା** *ବିଂ.* ପାତୁରା ।

**ପର୍‌ଲା** *ବି.* ବେତ, ବାଉଁଶ, ତାଳ ପାତିଆ ଆଦିରେ ବୁଣା ଚାଙ୍ଗୁଡ଼ି, ଚାଙ୍ଗେରିକା ।

**ପର୍‌ହୁଆଁ** *ବିଂ.* ପୋଢୁଆଁ, ପରୁହାଁ, ପ୍ରଥମ ଜନ୍ମିତ ।

**ପର** *ବି.* ଚଢ଼େଇର ଡେଣାରେ ଥିବା ଛୋଟ ଛୋଟ ପକ୍ଷ ; *ବିଂ.* ୧. ନିଜର ହୋଇନଥିବା, ଅନ୍ୟ, ଭିନ୍ନ ୨. ଶତ୍ରୁ ୩. ଶ୍ରେଷ୍ଠ, ପ୍ରଧାନ; *ଅ.* ପରେ, ଅନ୍ତରେ, ବାରାନ୍ତରେ, ପଶ୍ଚାତରେ ।

**ପରକଟ** *ବି.* ପ୍ରକଟ, ଉଦୟ, ଆବିର୍ଭାବ, ପ୍ରକାଶ ; *ବିଂ.* ବିଖ୍ୟାତ ।

**ପରକନା** *ବି.* ୧. ଦୁଇ କେନିଆ ବାଡ଼ି ୨. ଡାଳ ୩. ଆଗକାଳର ବନ୍ଧୁକରେ ନିଆଁ ଲଗାଇବା ଜାଗା ।

**ପରକଲମ** *ବି.* କଲମ ରୂପେ ଅତୀତରେ ବ୍ୟବହୃତ ଚଢ଼େଇ ପରର ମୁନିଆ ଅଂଶ ।

**ପରକାଳ** *ବି.* ୧. ମୃତ୍ୟୁ ପରବର୍ତ୍ତୀ ସମୟ ୨. ପରବର୍ତ୍ତୀ ସମୟ ।

**ପରକାୟା ପ୍ରବେଶ** *ବି.* ଅନ୍ୟର ଶରୀର ବା ଶବରେ ଆତ୍ମାର ପ୍ରବେଶ ।

**ପରକୀୟା ପ୍ରୀତି** *ବି.* ନିଜ ପତ୍ନୀ ଭିନ୍ନ ଅନ୍ୟ ନାରୀ ସହିତ ପ୍ରେମ ।

**ପରଖ** *ବି.* ୧. ଭଲମନ୍ଦ ବିଚାର, ପରୀକ୍ଷା, ବାଛବିଚାର ୨. ଔଷଧର ଅନୁପାନ, ଡୋଜ୍ ୩. ହଣ୍ଡାପରି ଧାତୁପାତ୍ର ।

**ପରଖର** *ବିଂ.* ୧. ଖର, ପ୍ରଖର ୨. ତୀବ୍ର ୩. ଦ୍ରୁତ, ଚଞ୍ଚଳ ।

**ପରଖିବା** *କ୍ରି.* ଭଲମନ୍ଦ ବିବେଚନା କରି ଦେଖିବା, ପରୀକ୍ଷା କରିବା, ମୂଲ୍ୟାୟନ କରିବା ।

**ପରଗଣା, ପ୍ରଗଣା** *ବି.* ଶାସନର ସୁବ୍ୟବସ୍ଥା ପାଇଁ ପୂର୍ବେ କେତେଖଣ୍ଡ ଗ୍ରାମର ସମଷ୍ଟିରେ ତିଆରି ଅଞ୍ଚଳ ।

**ପରଘର** *ବି.* ଅନ୍ୟର ଘର, ଅନ୍ୟର ବାସସ୍ଥାନ ।

**ପର ଘର କରିଦେବା** *କ୍ରି.* ଅନ୍ୟ ଘରକୁ ସବୁଦିନ ପାଇଁ ପଠାଇ ଦେବା, ଝିଅକୁ ଶାଶୁଘର ପଠାଇବା ।

**ପର ଘରପଶା** *ବିଂ.* ଅନ୍ୟ ଲୋକଙ୍କ ଘରେ ପଶି ନିଜର ଆବଶ୍ୟକତା ପୂରଣ କରୁଥିବା ।

**ପର ଘରବୁଡ଼ା** *ବିଂ.* ଅନ୍ୟ ଘରକୁ ନଷ୍ଟ କରୁଥିବା ।

**ପର ଘରଭଙ୍ଗା** *ବିଂ.* ଅନ୍ୟର ଶାନ୍ତି ଓ ସୌଭାଗ୍ୟକୁ ନାଶ କରୁଥିବା, ଅନ୍ୟ ପରିବାର ପାଇଁ ସମସ୍ୟା ସୃଷ୍ଟି କରୁଥିବା ।

**ପରଘରୀ** *ବିଂ.* ପରଘରକୁ ଚାଲି ଯାଇଥିବା, ଅର୍ଥାତ୍ ବିବାହିତା ଝିଅ ।

**ପରଘାଇବା** *କ୍ରି.* ୧. ପାଛୋଟି ଆଣିବା, ଅଭ୍ୟର୍ଥନା କରିବା ୨. ଡିହିଡ଼ିବା, ବାଡେଇବା ।

**ପରଚ, ପରଚି** *ବି.* ପରିଚୟ, ଚିହ୍ନା, ଜାଣିବା ।

**ପରଚର୍ଚ୍ଚା** *ବି.* ପ୍ରଧାନତଃ ଅନ୍ୟର ଖରାପ କାର୍ଯ୍ୟ ସମ୍ପର୍କରେ ଆଲୋଚନା, କୁତ୍ସାରଟନା ।

**ପରଚକ୍ଷୁ, ପ୍ରଚକ୍ଷୁ** *ବି.* ଚଷମା ।

**ପରଚାଇବା** *କ୍ରି.* ୧. ପରିଚିତ କରାଇବା, ଚିହ୍ନାଇବା ୨. ପ୍ରଚୋଦିତ କରାଇବା ।

**ପରଚାଲି** *ବି.* ଯୁଆଳିର ଦୁଇ ପାଖରେ ଥିବା କଣାରେ ଦିଆଯାଉଥିବା କିଳା, ବାକୁଲି, ଯୁଆଳି ଖିଲ ।

**ପରଚୂଳ, ପରଚୂଳା** *ବି.* ନକଲି କେଶଗୁଚ୍ଛ, ଓ୍ୱିଗ୍ ।

**ପରଛି** *ବି.* ଉପରେ ଛାତ ଥିବା ମେଲା ପିଣ୍ଡା ।

**ପରଛିଦ୍ର** *ବି.* ଅନ୍ୟର ଅତି ଗୋପନୀୟ ବା ଭିତିରି କଥା, ଅନ୍ୟର ଦୋଷତ୍ରୁଟି ।

**ପରଛିଦ୍ରାନ୍ୱେଷୀ** *ବିଂ.* ଅନ୍ୟର କେବଳ ଦୋଷ ଦେଖୁଥିବା ବା ଦେଖାଉଥିବା ।

**ପରଜ** *ବି.* ବଂଶର ପରବର୍ତ୍ତୀ ପୀଢ଼ି; **ବିଂ.** ପରେ ଜନ୍ମ ନେଇଥିବା।

**ପରଜଣା** *ବି.* ପରଝନା, ବଘରା, ଛୁଙ୍କ, ଗରମ ତେଲରେ ସୋରିଷ, ଲଙ୍କା ପ୍ରଭୃତି ଫୁଟାଇ ତରକାରୀ ବା ଡାଲିରେ ଦେବା, ଫୁଟଣ ।

**ପରଜା** *ବି.* ୧. ପ୍ରଜା, ରାଜ୍ୟର ଅଧିବାସୀ, ଶାସିତ ଜନସମୁଦାୟ, ରାଜା, ଜମିଦାର, ସାମନ୍ତଙ୍କ ଅଧୀନ, ଲୋକେ ୨. ପୂର୍ବେ ୩. ରୟତ ୩. ଏକ ଆଦିବାସୀ ସମ୍ପ୍ରଦାୟ ଏବଂ ତାଙ୍କ ଭାଷା ।

**ପରଜିବା, ପରଝିବା** *କ୍ରି.* ୧. ବଘାରିବା, ଛୁଙ୍କିବା ୨. ସୁଆଦିଆ କରିବା ।

**ପରଜୀବୀ** *ବିଂ.* ପରାଙ୍ଗପୁଷ୍ଟ, ଅନ୍ୟ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ; *ବି.* ମଲାଙ୍ଗ ।

**ପରଟା, ପରଠା** *ବି.* ଗହମ ଅଟାରେ ତିଆରି ପ୍ରସ୍ତୁତ ଘିଅଭଜା ଖାଦ୍ୟ ।

**ପରତଃ** *ଅ.* ୧. ପରେ, ପରଠାରୁ, ବାରାନ୍ତରେ, ପରବର୍ତ୍ତୀ ୨. ପରୋକ୍ଷରେ ।

**ପରତନ୍ତ୍ର** *ବି.* ଅନ୍ୟର ଇଚ୍ଛାଦ୍ୱାରା ଶାସିତ ବା ପରିଚାଳିତ ଅବସ୍ଥା, ପରାଧୀନତା ।

**ପରତେ** *ବି.* ପ୍ରତେ, ବିଶ୍ୱାସ, ପ୍ରତ୍ୟୟ, ସତ ବୋଲି ମାନିନେବା ।

**ପରଦା** *ବି.* ୧. ଆବରଣ ୨. ଯବନିକା ୩. ପର୍ଦ୍ଦା, ଘରର ଗୋପନୀୟତା ପାଇଁ ଝରକା, କବାଟ ପ୍ରଭୃତିରେ ଝୁଲେଇ ରଖାଯିବା କନା ।

**ପରଦାନସିନ** *ବିଂ.ବି.* ପରଦା ଆଢୁଆଳରେ ରହିଥିବା ଅନ୍ତଃପୁରବାସିନୀ (ନାରୀ) ।

**ପରଦାର** *ବି.* ଅନ୍ୟର ପତ୍ନୀ ।

**ପରଦାରଗମନ** *ବି.* ଅନ୍ୟର ପତ୍ନୀର ସହ ଦୈହିକ ସମ୍ପର୍କ ।

**ପରଦେଶୀ** *ବିଂ.* ଅନ୍ୟଦେଶ ବା ଅଞ୍ଚଳରୁ ଆସିଥିବା, ଅନ୍ୟଭୂମି, ଦେଶ ବା ଅଞ୍ଚଳରୁ ଯାଇଥିବା, ବିଦେଶୀ, ଅନ୍ୟଦେଶୀ ।

**ପରଧର୍ମ** *ବି.* ଅନ୍ୟ ସମ୍ପ୍ରଦାୟର ବିଚାର, ଆଚରଣ ଓ ଆଚାର ।

**ପରନ୍** *ବି.* ଅଧିଆ, ଧାରଣା, ଆଶ୍ରା ।

**ପରନ୍ ପଡ଼ିବା** *କ୍ରି.* ଅଧିଆ ପଡ଼ିବା, ଶରଣ ପଶିବା ।

**ପରନ୍ତୁ** *ଅ.* କିନ୍ତୁ, ଅଧିକନ୍ତୁ ।

**ପରପଞ୍ଚ** *ବିଂ.* ୧. କୁତ୍ସିତ, ଖରାପ, କଦର୍ଯ୍ୟ, ଦୃଷ୍ଟିକଟୁ ୨. ମାୟା ।

**ପରପଦ** *ବି.* ୧. ପରମପଦ, ଶ୍ରେଷ୍ଠପଦ ୨. ମୁକ୍ତି, ମୋକ୍ଷ, ନିର୍ବାଣ ।

**ପରପୀଡ଼କ** *ବିଂ.* ଅନ୍ୟର ଅନିଷ୍ଟକାରୀ, ଅନ୍ୟକୁ ସନ୍ତୁଳୁଥିବା, ଅନ୍ୟକୁ କଷ୍ଟ ଦେଉଥିବା ।

**ପରପୁରୁଷ** *ବି.* ନିଜ ସ୍ୱାମୀ ଭିନ୍ନ ଅନ୍ୟ ବ୍ୟକ୍ତି, ବୀଟପୁରୁଷ ।

**ପରପୁଷ୍ଟ** *ବିଂ.* ପରଦ୍ୱାରା ପାଳିତ ।

**ପରପୋଷୀ** *ବିଂ.* ଅନ୍ୟଦ୍ୱାରା ପ୍ରତିପାଳିତ ହେଉଥିବା, ପାରାସାଇଟ୍, ପରାଙ୍ଗପୁଷ୍ଟ ।

**ପରବ** *ବି.* ୧. ଧର୍ମୀୟ ଉତ୍ସବାନୁଷ୍ଠାନ, ପର୍ବ ୨. ଅଧ୍ୟାୟ ୩. ମହାଭାରତର ପ୍ରତ୍ୟେକ ଖଣ୍ଡ ୪. ପବ, ଗଣ୍ଠି ।

**ପରବର୍ତ୍ତୀ** *ବିଂ.* ୧. ପରେ ଆସୁଥିବା ୨. ପରେ ଘଟୁଥିବା ୩. ପରେ ଥିବା ।

**ପରବଶ** *ବିଂ.* ଦାସତ୍ୱ, ଅନ୍ୟର ଅଧୀନ, ଅନ୍ୟର ଆଦେଶ/ ଇଚ୍ଛାରେ ପରିଚାଳିତ, ନିଜତ୍ୱହୀନ ।

**ପରବାଇ[ୟ]** *ବି.* ୧. ପରୁଆ, ଖାତିର ୨. ସମ୍ମାନବୋଧ ।

**ପରବାନା, ପରଓ୍ୱାନା** *ବି.* ସରକାର ବା ଶାସକଙ୍କ ଅଲଙ୍ଘନୀୟ ଆଦେଶପତ୍ର, ହୁକୁମନାମା, ଆଦେଶପତ୍ର, ପରୁଆନା ।

**ପରବୁଦ୍ଧିଆ** *ବିଂ.* ଅନ୍ୟବୁଦ୍ଧି ବା ପରାମର୍ଶରେ କାର୍ଯ୍ୟକରୁଥିବା, ପରକଥାରେ ଚାଳିତ ।

**ପରଭାତୁଆ** *ବିଂ.* ଅନ୍ୟର ଖାଦ୍ୟରେ ଜୀବନ ବଞ୍ଚୁଥିବା, ପରାଧୀନ, ପରାନ୍ନଭୋଜୀ, ମଲାଙ୍ଗ ।

**ପରଭାଷୀ** *ବି.ବିଂ.* ମାତୃଭାଷା ଭିନ୍ନ ଅନ୍ୟ ଭାଷା ଜାଣିଥିବା ଓ କହୁଥିବା ।

**ପରଭୃତ୍, ପରଭୃତ** *ବି.* ୧. ଅନ୍ୟଦ୍ୱାରା ପାଳିତ ପକ୍ଷୀ ୨. କୁଆ, ବାୟସ, କାକ ୩. କୋଇଲି; **ବିଂ.** ଅନ୍ୟ କାହାରି ଦ୍ୱାରା ପାଳିତ ।

**ପରମ** ***ବି୦.*** ୧. ସର୍ବଶ୍ରେଷ୍ଠ ୨. ମହତ; ରୂପ, ଗୁଣ, କ୍ଷମା, ଦାନଶୀଳତା ଆଦି ମହତଭାବର ଅଧିକାରୀ ୩. ଅତିଶୟ, ଚରମ ।

**ପରମଗତି** ***ବି୦.*** ସାଂସାରିକ ବନ୍ଧନରୁ ମୁକ୍ତି, ଜୀବନମୁକ୍ତି ।

**ପରମତପ** ***ବି.*** ଈଶ୍ୱର ଲାଭ ପାଇଁ କଠୋର ସାଧନା ।

**ପରମପଦ** ***ବି.*** ଈଶ୍ୱରଙ୍କ ସାନ୍ନିଧ୍ୟ ଲାଭ , ମୁକ୍ତି ।

**ପରମପିତା** ***ବି.*** ସଂସାରର ସୃଷ୍ଟିକର୍ତ୍ତା, ଭଗବାନ, ପରମେଶ୍ୱର ।

**ପରମଫଳ** ***ବି.*** ଈଶ୍ୱର ଲାଭ, ସିଦ୍ଧି ।

**ପରମମୁକ୍ତି** ***ବି.*** ଈଶ୍ୱରଙ୍କ ସହିତ ସମ୍ମିଳିତ ହେବା ଅବସ୍ଥା ।

**ପରମର୍ଷି** ***ବି.*** ଋଷିମାନଙ୍କ ମଧ୍ୟରେ ଶ୍ରେଷ୍ଠ (ବେଦବ୍ୟାସ, ଶୁକ, ମାର୍କଣ୍ଡେୟ ପ୍ରଭୃତି) ।

**ପରମହଂସ** ***ବି.*** ମହାଯୋଗୀ ସନ୍ଥ – ଯେ ବିଶ୍ୱାସ କରନ୍ତି ଯେ ସେ ନିଜେ ପରଂବ୍ରହ୍ମ ।

**ପରମା** ***ବି.*** ୧. ଆଦିଶକ୍ତି ୨. ଆଦ୍ୟା, ଉତ୍ତମା ; ***ବି୦.*** ବଜ୍ଜାତ୍, ଦୁଷ୍ଟ ।

**ପରମାଣିକ** ***ବି.*** ବାରିକ ଅଥବା ତନ୍ତୀ ଜାତିର ପ୍ରଧାନ ବା ମୁଖ୍ୟ ।

**ପରମାଣୁ** ***ବି.*** ଅଣୁର ସୂକ୍ଷ୍ମାତିସୂକ୍ଷ୍ମତମ ଅଂଶ, ମୌଳିକ ପଦାର୍ଥର ସୂକ୍ଷ୍ମତମ ଅଂଶ , ପାର୍ଟିକଲ୍ ।

**ପରମାଣୁତତ୍ତ୍ୱ** ***ବି.*** ପରମାଣୁର ଶକ୍ତି ଓ ପ୍ରକାର୍ଯ୍ୟ ସମ୍ପର୍କିତ ବିଶେଷ ବିଦ୍ୟା ।

**ପରମାତ୍ମା** ***ବି.*** ଈଶ୍ୱର, ସୃଷ୍ଟିର ସକଳ ଜୀବଙ୍କ ଆତ୍ମାର ଆଧାର ବା ସୃଷ୍ଟିକର୍ତ୍ତା ।

**ପରମାଧିକାର** ***ବି.*** ବ୍ୟକ୍ତିର ସାମାଜିକ ଅଥବା ନୀତିଗତ କ୍ଷମତାପ୍ରାପ୍ତ ଅଧିକାରବୋଧ – ଯାହା ଅନ୍ୟଦ୍ୱାରା କୌଣସି କ୍ଷେତ୍ରରେ ଖଣ୍ଡିତ ହେବା କଥା ନୁହେଁ, ପ୍ରିରୋଗେଟିଭ ।

**ପରମାଧିପତି** ***ବି.*** ସର୍ବୋଚ୍ଚ କ୍ଷମତା ପ୍ରାପ୍ତ ବ୍ୟକ୍ତି,ଏକଛତ୍ରବାଦୀ ଶାସକ।

**ପରମାନନ୍ଦ** ***ବି.*** ୧. ପରମପୁରୁଷ ବା ଈଶ୍ୱରଙ୍କ ସତ୍ତା ସହିତ ସମ୍ମିଳିତ ହେବା ଜନିତ ପରିତୃପ୍ତି ୨. ଅନ୍ୟର ମଙ୍ଗଳ ସାଧନଜନିତ କାର୍ଯ୍ୟରୁ ଲବ୍ଧ ସୁଖ ବା ଆନନ୍ଦ ୩. ସର୍ବଶ୍ରେଷ୍ଠ ଆନନ୍ଦ, ଚରମ ପ୍ରଶାନ୍ତି ।

**ପରମାୟୁ** ***ବି.*** ଆୟୁଷ, ଜୀବିତ ରହିବା କାଳ ।

**ପରମାର୍ଥ** ***ବି.*** ୧. ଚରମ ଲକ୍ଷ୍ୟ ୨. ଶକ୍ତି ଲାଭର ଅଭୀପ୍ସା ୩. ଧର୍ମ ।

**ପରମାର୍ଥୀ** ***ବି୦.*** ପରମ ବା ଈଶ୍ୱର ପଦ ଲାଭ ପାଇଁ ଇଚ୍ଛୁକ, ପରମ ଜ୍ଞାନ ଜିଜ୍ଞାସୁ ।

**ପରମୁଖାପେକ୍ଷିତ** ***ବି୦.*** ଅନ୍ୟ ଉପରେ ନିର୍ଭରଶୀଳ, ଅନ୍ୟର ଦୟା ବା ସାହାଯ୍ୟକୁ ସବୁବେଳେ ଅପେକ୍ଷା କରିଥିବା, ଅନୁଗ୍ରହଲାଳସୀ ।

**ପରମୁଖାପେକ୍ଷିତା** ***ବି.*** ଅନ୍ୟ ଉପରେ ନିର୍ଭର କରି ରହିବା ଅଭ୍ୟାସ, ପରନିର୍ଭରଶୀଳତା ।

**ପରମୁଖାପେକ୍ଷୀ** ***ବି୦.*** ଅନ୍ୟର ଅନୁଗ୍ରହ, କରୁଣା ଓ ସାହାଯ୍ୟ ଉପରେ ନିର୍ଭରଶୀଳ, ଅନ୍ୟର ଅନୁକମ୍ପା ଆଶାୟୀ ।

**ପରମେଶ** ***ବି.*** ଭଗବାନ, ଈଶ୍ୱର, ପ୍ରଭୁ ।

**ପରମେଶ୍ୱର** ***ବି.*** ଈଶ୍ୱର, ଭଗବାନ, ବିଶ୍ୱନିୟନ୍ତା, ପରମପିତା ।

**ପରମେଶ୍ୱରୀ** ***ବି.*** ଈଶ୍ୱରୀ, ଦୁର୍ଗା, ପାର୍ବତୀ, ଆଦିନାରୀ ।

**ପରମେଷ୍ଠୀ** ***ବି.*** ୧. ଜଗତର ସୃଷ୍ଟିକର୍ତ୍ତା, ବ୍ରହ୍ମା, ବିଧାତା ୨. ବିଷ୍ଣୁ ୩. ଶିବ ୪. ଗୁରୁ ।

**ପରମ୍ପରା** ***ବି.*** ୧. ଧାରା ୨. ବିଚାର ୩. ବଂଶ ୪. ଶ୍ରେଣୀ, ଜୀବନବୋଧ ୫. ଗତାନୁଗତିକତା ୬. ରୀତି ।

**ପରଳ, ପରଲ** ***ବି.*** ୧. ପ୍ରସ୍ତ, ଆବରଣ ୨. ଘୋଡଣି, ଢ଼ାଙ୍କୁଣି ୩. ମୋତିଆ ବିନ୍ଦୁ, ଚକ୍ଷୁରୋଗ ବିଶେଷ, ଆଖିର ଡୋଳା ଉପରେ ମାଡ଼ିଯାଉଥିବା ଏକ ଆବରଣଜାତ ରୋଗ, କାଟାରାକ୍ଟ ।

**ପରଲୋକ** ***ବି.*** ମୃତ୍ୟୁପରର କଳ୍ପିତ ଜଗତ ବା ସ୍ଥାନ ।

**ପରଲୋକଗତ** ***ବି୦.*** ମରିଯାଇଥିବା, ମୃତ ।

**ପରଶ** ***ବି.*** ଛୁଆଁ, ସ୍ପର୍ଶ ।

**ପରଶ ପଥର** ***ବି.*** ଏକ କଳ୍ପିତ ପଥର – ଯାହାକୁ ଛୁଆଁଇ ଦେଲେ ଲୁହା ଓ ଅନ୍ୟ ଧାତବ ପଦାର୍ଥ ସୁନାରେ ରୂପାନ୍ତରିତ ହୋଇଯାଏ, ସ୍ପର୍ଶମଣି ।

**ପରଶମଣି** ***ବି.*** ପରଶପଥର ।

**ପରଶୁ** ***ବି.*** ଫାରଶା, ଫାଳିକିଆ ଧାରୁଆ ବେଣ୍ଟଥିବା ଏକ ଅସ୍ତ୍ର ।

**ପରଶୁଧର** ***ବି.*** ୧. ଗଣେଶ ୨. ଶିବ ୩. ପରଶୁରାମ ।

**ପରଶ୍ରୀକାତର** ***ବି୦.*** ଅନ୍ୟର ସୁଖ ଓ ଉନ୍ନତି ଦେଖି ଅସହିଷ୍ଣୁତା ପ୍ରକାଶ କରୁଥିବା ।

**ପରଷା** ***ବି.*** ପରିବେଷଣ, ଆବଣ୍ଟନ, ବଢ଼ା ।

**ପରଷିବା** ***କ୍ରି.*** ପରିବେଷଣ କରିବା, ବାଢ଼ିଦେବା, ଯୋଗାଇବା ।

**ପରଷୁଣି, ପରସୁଣି** ***ବି.*** ୧. ପରିବେଷଣ କରୁଥିବା ବ୍ୟକ୍ତି ୨. ଏକ ପ୍ରକାରର ଧାତବପାତ୍ର– ଯାହା ଆକାରରେ ଗିନା ଠାରୁ ବଡ଼ ଓ କଂସାଠାରୁ ସାନ।

**ପରସନା** ***କ୍ରି.*** ପରସିବା, ବାଣ୍ଟିବା, ପର୍‌ସିବା ।

**ପରସା** ***ବି୦.*** ବଢ଼ା ହୋଇଥିବା, ଦିଆଯାଇଥିବା ।

**ପରସ୍ତ** ***ବି.*** ୧. ଥାକ ୨. ସ୍ତର ୩. କିତା ୪. ଥର ୫. ଭାଙ୍ଗ ।

**ପରସ୍ଥିଆ** ***ବିଂ.*** ଥାକଥିବା, ଭାଙ୍ଗଥିବା ।

**ପରସ୍ତେ** ***ବିଂ.*** ୧. ଗୋଟିଏ ପରସ୍ତ ବା ସ୍ତର ୨. ***କ୍ରି.ବିଂ.*** ଆଚ୍ଛାକରି, ଭଲଭାବେ, ଥରେ ୩. ଅବିଶ୍ରାନ୍ତ ଭାବରେ, ଭଲକରି ।

**ପରସ୍ପର** ***ବି.ବିଂ.*** ଜଣକ ପ୍ରତି ବା ଜଣକ ସମ୍ପର୍କରେ ଅନ୍ୟଜଣେ, ଅନ୍ୟୋଽନ୍ୟ ସମ୍ପର୍କ ; ***କ୍ରି.ବିଂ.*** ଉଭୟ ମଧ୍ୟରେ ।

**ପରସ୍ୱ** ***ବି.*** ଅନ୍ୟର ସମ୍ପତ୍ତି, ପରର ବିତ୍ତ ।

**ପରସ୍ୱହରଣ** ***ବି.*** ଅନ୍ୟର ଧନସମ୍ପତ୍ତି ଅପହରଣ, ଚୋରି ।

**ପରହିଂସକ** ***ବିଂ.*** ଅନ୍ୟପ୍ରତି ଅସୂୟା ବା ହିଂସା ଭାବ ପୋଷଣ କରୁଥିବା ।

**ପରହିତକର** ***ବି.ବିଂ.*** ଉପକାରୀ, ପରୋପକାରୀ ।

**ପରକ୍ଷଣ** ***ବି.*** ଯେ କୌଣସି ଘଟଣା ଘଟିବାର ଠିକ୍ ପରବର୍ତ୍ତୀ ସମୟ, ପରମୁହୂର୍ତ୍ତ ।

**ପରା** ***ଅ.*** ପରି, ଟି, ପ୍ରାୟ, ତୁଲ୍ୟ ; ***ବିଂ.*** ସର୍ବୋତ୍ତମା ।

**ପରାଇବା** ***କ୍ରି.*** ୧. ଅନ୍ୟଦ୍ୱାରା ଗଛରୁ ଫଳ ତୋଳାଇବା ବା ପାରିବା ୨. ଅନ୍ୟଦ୍ୱାରା ଶେଯ ବିଛାଇବା ।

**ପରାଏ** ***ଅ.*** ପ୍ରାୟ, ପରି, ସଦୃଶ, ତୁଲ୍ୟ, ସମାନ, ସମତୁଲ ।

**ପରାକାଷ୍ଠା** ***ବି.*** ୧. ଶ୍ରେଷ୍ଠତା, ଉତ୍କର୍ଷ, ଚରମ ଅବସ୍ଥା ୨. ଏକାଗ୍ରତା, ନିଷ୍ଠା, ଅଧ୍ୟବସାୟ ।

**ପରାକ୍ରମ** ***ବି.*** ଓଜ, ବଳ, ସାମର୍ଥ୍ୟ, ଶକ୍ତି, ବୀରତ୍ୱ ।

**ପରାକ୍ରମୀ** ***ବିଂ.*** ଶକ୍ତିମାନ, ବଳଶାଳୀ ।

**ପରାଗ** ***ବି.*** ୧. ଫୁଲର ରେଣୁ ୨. ଧୂଳି, ରଜ ୩. ସୂର୍ଯ୍ୟ ପରାଗ ।

**ପରାଗକେଶର** ***ବି.*** ଫୁଲରେ ଥିବା ରେଣୁଯୁକ୍ତ ସୂକ୍ଷ୍ମ ସୂତ୍ର ।

**ପରାଗକୋଷ** ***ବି.*** ପରାଗ କେଶରର ଶୀର୍ଷରେ ଥିବା ରେଣୁପୂର୍ଣ୍ଣ ଅଂଶ ।

**ପରାଗଯୋଗ** ***ବି.*** ଫୁଲର ଗର୍ଭ ବା କୋଷରେ ପରାଗ ରେଣୁ ପଶିବା ସମୟ ।

**ପରାଗସଙ୍ଗମ** ***ବି.*** ଅଣ୍ଡିରାଫୁଲର ରେଣୁ ମାଈ ଫୁଲର ଗର୍ଭରେ ସଂଯୋଗୀକରଣ ।

**ପରାଙ୍ଗପୁଷ୍ଟ** ***ବିଂ.*** ଅନ୍ୟର ଶରୀରରୁ ରସ ବା ଖାଦ୍ୟ ଶୋଷଣ କରୁଥିବା, ସମ୍ପୂର୍ଣ୍ଣ ଭାବରେ ଅନ୍ୟ ଉପରେ ନିର୍ଭରଶୀଳ ।

**ପରାଙ୍ଗଭୋଜୀ** ***ବିଂ.*** ଅନ୍ୟର ଦେହକୁ ଖାଇ ଜୀବନ ବଞ୍ଚୁଥିବା ।

**ପରାଙ୍ମୁଖ** ***ବିଂ.*** ବିମୁଖ, ବିତୃଷ୍ଣ; ***ବି.*** ବିରାଗ, ପଛଘୁଞ୍ଚା ।

**ପରାଙ୍ମୁଖତା** ***ବି.*** ବିମୁଖତା, ଅନାସ୍ଥାଭାବ ।

**ପରାଛାଟ୍** ***ବି.*** ୧. ଖେଳେଇକରି ପକାଇବା ୨. ପରିବ୍ୟାପ୍ତ ।

**ପରାଜୟ** ***ବି.*** ହାର, ବିଫଳତା, ପରାଭବ ।

**ପରାଜିତ** ***ବିଂ.*** ପରାସ୍ତ, ବିଫଳ, ହାରିଥିବା ।

**ପରାଜୀବ** ***ବି.*** ଅନ୍ୟ ଦେହରୁ ଖାଦ୍ୟ ସଂଗ୍ରହ କରି ସେହି ଦେହ ବା ବସ୍ତୁରେ ରହି ବଢୁଥିବା ଅତି କ୍ଷୁଦ୍ରଜୀବ, ପାରାସାଇଟ୍ ।

**ପରାଣ** ***ବି.*** ପ୍ରାଣ, ଜୀବନ ।

**ପରାଣ ଘେନିବା** ***ବିଂ.*** ହତ୍ୟାକରିବା, ଜୀବନରେ ମାରିଦେବା ।

**ପରାଣଧନ** ***ବି.*** ଜୀବନର ଶ୍ରେଷ୍ଠ ସମ୍ପତ୍ତି, ପରାଣନିଧି, ପରାଣବନ୍ଧୁ, ପରାଣପିତୁଳା, ପରାଣସଙ୍ଗାଳି ।

**ପରାଣ ନେବା** ***କ୍ରି.*** ଜୀବନ ନେବା, ମାରିଦେବା, ହତ୍ୟା କରିବା ।

**ପରାଣପ୍ରାୟ** ***ବି.*** ପ୍ରାଣରଧନ, ସବୁଠାରୁ ନିଜର, ପ୍ରିୟତମ ।

**ପରାଣ ମୁରୁଛିବା** ***କ୍ରି.*** ଜୀବନକୁ ପାଣି ଛଡ଼େଇଦେବା ।

**ପରାତ** ***ବି.*** ଓସାରିଆ ପିତଳ ଥାଳି, କପ୍‌ରା ।

**ପରାପୃର** ***ବି.*** ୧. ଭଗବାନ, ଈଶ୍ୱର ୨. ଅପହଞ୍ଚ, ସତ୍ତା ।

**ପରାଧୀନ** ***ବିଂ.*** ଅନ୍ୟର ଅଧୀନ, ପରବଶ, ସ୍ୱାଧୀନତା ହରାଇଥିବା, ନିଜତ୍ୱହୀନ ।

**ପରାନ୍ତକ** ***ବି.*** ଶତ୍ରୁନାଶକ, ହତ୍ୟାକାରୀ ।

**ପରାନ୍ନ** ***ବି.*** ଅନ୍ୟର ଅର୍ଜିତ ଖାଦ୍ୟ ପଦାର୍ଥ ।

**ପରାନ୍ନଜୀବୀ** ***ବିଂ.*** ଅନ୍ୟର ରୋଜଗାରରୁ ଖାଇ ବଞ୍ଚି ରହିଥିବା, ଅନ୍ୟର ନିର୍ଭରଶୀଳ, ଆଶ୍ରିତ ।

**ପରାପତ** ***ବିଂ.*** ପ୍ରାପତ, ପ୍ରାପ୍ତ, ଲବ୍ଧ, ପାଇଥିବା, ହସ୍ତଗତ ।

**ପରାବିଦ୍ୟା** ***ବି.*** ବ୍ରହ୍ମ ସମ୍ପର୍କିତ ଜ୍ଞାନ, ଦିବ୍ୟଜ୍ଞାନ ।

**ପରାବୃତ୍ତ** ***ବିଂ.*** ଫେରିଯାଇଥିବା, ପ୍ରତ୍ୟାବୃତ୍ତ, ପଳାଇ ଯାଇଥିବା, ପ୍ରତ୍ୟାବର୍ତ୍ତନ କରିଥିବା ; ***ବି.*** ଜ୍ୟାମିତିକ ବକ୍ରରେଖା ବିଶେଷ ।

**ପରାବୃତ୍ତି** ***ବି.*** ୧. ପରିବର୍ତ୍ତନ ୨. ବିନିମୟ ।

**ପରାଭବ** ***ବି.*** ପରାଜୟ, ପରାଜୟଜନିତ ଦୁଃଖ ବା ଅପମାନବୋଧ ।

**ପରାଭୂତ** ***ବିଂ.*** ପରାଜିତ, ପରାସ୍ତ, ହାରି ଯାଇଥିବା ।

**ପରାଭୌତିକ** ***ବିଂ.*** ଦୃଶ୍ୟମାନ ଜଗତର ପରପାର, ଭୌତିକ ଜଗତର ଊର୍ଦ୍ଧ୍ୱରେ ବା ବାହାରେ ।

**ପରାମସ୍** ***ବି.*** ପରାମର୍ଶ, ଉପଦେଶ କାର୍ଯ୍ୟ ସମ୍ପର୍କରେ ଅନ୍ୟ ପ୍ରତି ନିର୍ଦ୍ଦେଶ ।

**ପରାମର୍ଶ** ***ବି.*** ୧. ମନ୍ତ୍ରଣା, ଉପଦେଶ ୨. କାର୍ଯ୍ୟ ସମ୍ପର୍କରେ ଅଭ୍ରାନ୍ତ ବିଚାର ।

**ପରାର୍ଥ** ***ବିଂ.*** ଅନ୍ୟର ସୁଖ ଓ ମଙ୍ଗଳ ପାଇଁ ଉଦ୍ଦିଷ୍ଟ ।

**ପରାର୍ଦ୍ଧ** *ବି.* ୧. ଶେଷଭାଗ, ଶେଷଅବସ୍ଥା ୨. ଲକ୍ଷ ଲକ୍ଷ କୋଟି-୧୦୦୦୦୦୦୦୦୦୦,୦୦୦୦୦୦୦ ।

**ପରାଶକ୍ତି** *ବି.* ଈଶ୍ୱର, ଭଗବାନ, ଅଦୃଶ୍ୟଶକ୍ତି ।

**ପରାଶ୍ରୟ** *ବି.ବିଂ.* ଅନ୍ୟର ଆଶ୍ରିତ, ଅନ୍ୟଉପରେ ନିର୍ଭର ।

**ପରାଶ୍ରିତ** *ବିଂ.* ଅନ୍ୟ ଉପରେ ନିର୍ଭରକରି ଚଳୁଥିବା, ଅନ୍ୟର ଆଶ୍ରିତ, ପରାଧୀନ ।

**ପରାସ** *ବି.* ଦେହର ବ୍ୟଥା, ଦରଜ, ପ୍ରାସ, ଶାରୀରିକ କଷ୍ଟ, ଯନ୍ତ୍ରଣା, କସ୍‌ମସ୍ ।

**ପରାସୁ** *ବିଂ.* ୧. ନିର୍ଜୀବ, ମଲା, ମୃତ ୨. ଗତ ।

**ପରାସ୍ତ** *ବିଂ.* ହାରି ଯାଇଥିବା, ପରାଜିତ, ପରାଭୂତ, ସ୍ୱାତନ୍ତ୍ର୍ୟ ହରାଇଥିବା ।

**ପରାହତ** *ବିଂ.* ବିଶେଷ ଭାବରେ ଆହତ ବା ବାଧାପ୍ରାପ୍ତ, ପରାଜିତ, କ୍ଷତାକ୍ତ ।

**ପରି, ପିରି** *ଅ.* ୧. ଭଳି, ଅନୁରୂପ, ସଦୃଶ ୨. ଓଳି (*ଉଦା.* ବାପ ଓଳି ପୁଅ) ।

**ପରିକର** *ବି.* ୧. ନିଷ୍କୃତି, ପ୍ରତିଜ୍ଞା ୨. ସହଚର, ସତୀର୍ଥ, ବନ୍ଧୁ, ପରିଜନ ୩. ସମୂହ ୪. ପିନ୍ଧାଲୁଗା ୫. ପଲଙ୍କ ।

**ପରିକଳ୍ପନା** *ବି.* ୧. କଳ୍ପନା, ଯୋଜନା, ଅନୁମାନ ୨. ସ୍ଥିରୀକରଣ ।

**ପରିକଳ୍ପିତ** *ବିଂ.* ୧. ଅନୁମିତ ୨. ଚିତ୍ରିତ ୩. ସମ୍ପାଦିତ ।

**ପରିକା** *ଅଂ.* ପରି, ସଦୃଶ, ଅନୁରୂପ ।

**ପରିକୀର୍ଣ୍ଣ** *ବି.* ୧. ବିକ୍ଷିପ୍ତ, ବିକୀର୍ଣ୍ଣ, ପରିବ୍ୟାପ୍ତ, ସବୁଆଡେ ଘେରି ରହିଥିବା, ବିଛେଇ ହୋଇ ପଡ଼ିଥିବା ୨. ଗହଳିଆ, ବହୁଳ, ଘଞ୍ଚ ।

**ପରିକ୍ରମଣ** *ବି.* ୧. ଚହଲିବା, ଏଣେତେଣେ ବୁଲିବା ୨. କୌଣସି ବ୍ୟକ୍ତି/ ପଦାର୍ଥର ଚାରିପାଖରେ ବାଁ ଆଡ଼ୁ ଡାହାଣକୁ ଘୁରିବା ୩. ପର୍ଯ୍ୟଟନ ।

**ପରିକ୍ରମା** *ବି.* ନିର୍ଦ୍ଦିଷ୍ଟ ମାର୍ଗରେ ବୁଲା, ଘୁରା ।

**ପରିଖା** *ବି.* ଗଡ଼ଖାଇ, ଗଡ଼ର ଚାରିପାଖରେ ଖୋଳାଯାଇଥିବା ଖାଲ ବା ନାଳି , ଗଡ଼ଖାଇ ।

**ପରିଗଣନା** *ବି.* ବିଶେଷରୂପେ ଗଣନା ।

**ପରିଗଣିତ** *ବିଂ.* ୧. ଭଲରୂପେ ଗଣା ହୋଇଥିବା, ଗଣନା କରାଯାଉଥିବା ୨. ସାଧାରଣ ଭାବରେ ସ୍ୱୀକୃତ ବା କଥିତ ।

**ପରିଗୁଣ** *ବି.* ଗୁଣାତ୍ମକ ବା ଚାରିତ୍ରିକ ଲକ୍ଷଣ, ସଙ୍କେତ, ସୂଚନା ।

**ପରିଗୁଣ୍ଠିତ** *ବି.* ୧. ଘୋଡା ହୋଇଥିବା, ଆବୃତ ୨. ଲୁଚି ରହିଥିବା ।

**ପରିଗୃହୀତ** *ବିଂ.* ଗୃହୀତ ହୋଇଥିବା, ସ୍ୱୀକୃତ, ଅଙ୍ଗୀକୃତ, ମଞ୍ଜୁରିପ୍ରାପ୍ତ ।

**ପରିଗ୍ରହ** *ବି.* ୧. ସ୍ୱୀକାର ୨. ଗ୍ରହଣ ୩. ଦଖଲ ନେବା, ଅଧିକାର ସାବ୍ୟସ୍ତ କରିବା ୪. ପାଚେରୀ, ବେଷ୍ଟନ, ବେଢ଼ାଇବା, ଘେରାଇବା ୭. ପ୍ରଧାନ କାରଣ ୮. ମୋଟ ଯୋଗଫଳ ୯. ପରିଜନ ।

**ପରିଗ୍ରହ କରିବା** *କ୍ରି.* ବାହାହେବା, ହାତକୁ ଦିହାତ ହେବା ।

**ପରିଗ୍ରାହ** *ବି.* ବେଦୀ, ଯଜ୍ଞବେଦୀ ।

**ପରିଗ୍ରାହ୍ୟ** *ବିଂ.* ସ୍ୱୀକୃତି ପାଇବାର ଯୋଗ୍ୟ, ପରିଗୃହୀତ ହେବା ଯୋଗ୍ୟ ।

**ପରିଘ** *ବି.* ୧. ଲୁହା ମୁଣ୍ଡଥିବା ଓଜନିଆ ଫିଙ୍ଗା ଅସ୍ତ୍ର ବିଶେଷ ୨. କବାଟର ଲୁହା କିଳିଣି, ଅର୍ଗଳି, ୩. ଲୁହା ମୁଦେଇ ।

**ପରିଘାଇ** *କ୍ରି.ବିଂ.* ଭଲ ଭାବରେ;**ବିଂ.** ଉପଯୁକ୍ତ ।

**ପରିଘାତ** *ବି.* ପ୍ରାଣାନ୍ତକ ଅଘାତ, ଭୟଙ୍କର ଆଘାତ ।

**ପରିଚୟ** *ବି.* ୧. କାହା ସମ୍ପର୍କରେ ବିଶେଷଜ୍ଞାନ, ବଂଶ, ନାମ, ବୃତ୍ତି ଆଦି ବିଷୟରେ ଜାଣିବା ୨. ଚିହ୍ନାଜଣା, ଜଣାଶୁଣା ୩. ନିଦର୍ଶନ ୪. ସମ୍ପର୍କ ।

**ପରିଚୟପତ୍ର** *ବି.* ବ୍ୟକ୍ତିର ଦରକାରୀ ବିବରଣୀ ସହ ଲିଖିତ ପ୍ରମାଣପତ୍ର ।

**ପରିଚର** *ବି.* ୧. ସେବକ, ପରିଚାରକ ୨. ଅଙ୍ଗରକ୍ଷୀ ।

**ପରିଚର୍ଯ୍ୟା** *ବି.* ୧. ସମର୍ପିତ ସେବା ୨. ପୂଜା, ଉପାସନା ୩. ଭଲମନ୍ଦ ବୁଝିବା ।

**ପରିଚାଳନ** *ବି.* ସଞ୍ଚାଳନ, ଗତିଶୀଳ ଅବସ୍ଥା ।

**ପରିଚାୟକ** *ବିଂ.* ୧. ସୂଚକ , ଜ୍ଞାପକ ୨. ପ୍ରମାଣ ପ୍ରଦର୍ଶକ, ପରିଚୟ ପ୍ରଦାନକାରୀ ।

**ପରିଚାର** *ବି.* ସେବା, ପରିଚର୍ଯ୍ୟା ।

**ପରିଚାରକ** *ବି.* ନଉକର, ଭୃତ୍ୟ, ଚାକର , ସେବକ;***ସ୍ତ୍ରୀ.*** ପରିଚାରିକା ।

**ପରିଚାରୀ** *ବି.* ପରିଚାରିକା, ସେବିକା, ଚାକରାଣୀ ।

**ପରିଚାଳକ** *ବିଂ.ବି.* ୧. କୌଣସି ସଂସ୍ଥାର ସଂଚାଳକ, ଅଧ୍ୟକ୍ଷ ୨. ଗତିଶୀଳ କରାଉଥିବା ଶକ୍ତି ୩. ପ୍ରଧାନ ବା ମୁଖ୍ୟ, ପ୍ରବନ୍ଧକ ।

**ପରିଚାଳନା** *ବି.* ୧. ଗତିଶୀଳ କରାଇବା, ସଞ୍ଚାଳନା ୨. ଚଳାଇବା କାର୍ଯ୍ୟ ।

**ପରିଚିତ** *ବିଂ.* ୧. ଚିହ୍ନା, ଜଣା, ଜ୍ଞାତ, ଜଣାଶୁଣା ୨. ଅଭ୍ୟସ୍ତ ।

**ପରିଚିତି** *ବି.* ୧. ପରିଚୟ, ଜଣାଶୁଣା ୨. ଅବଗତି ।

**ପରିଚିନ୍ତନ** *ବି.* ମନନ, ଗଭୀର ଅନୁଶୀଳନ ।

**ପରିଛା** *ବି.* ୧. ନିରୀକ୍ଷକ, ତତ୍ତ୍ୱାବଧାରକ, ଦେଖାଚାହାଁକାରୀ ୨. ଶ୍ରୀମନ୍ଦିରରେ ଜୀଉଙ୍କ ସେବାକାରୀ ବିଶେଷ ।

**ପରିଛା କରଣ** *ବି.* ଶ୍ରୀମନ୍ଦିରର କରଣ ସେବକ ବିଶେଷ।

**ପରିଚ୍ଛଦ** *ବି.* ୧. ପୋଷାକ ୨. ଆବରଣ ।

**ପରିଚ୍ଛନ୍ନ** *ବିଂ.* ୧. ସଫାସୁତୁରା, ପରିଷ୍କୃତ ୨. ସୁନ୍ଦର ଓ ରୁଚିକର ୩. ଆବିଳତାହୀନ, ନିର୍ମଳ ।

**ପରିଚ୍ଛନ୍ନତା** *ବି.* ୧. ନିର୍ମଳତା, ସଫାସୁତୁରା ଅବସ୍ଥା ୨. ରୁଚିପୂର୍ଣ୍ଣତା ୩. ସ୍ୱଚ୍ଛତା ।

**ପରିଚ୍ଛେଦ** *ବି.* ୧. ବହିର ଅଧ୍ୟାୟ ବା ଭାଗ ୨. ସୀମା ।

**ପରିଚ୍ଛେଦ୍ୟ** *ବିଂ.* ୧. ଭାଗ ଭାଗ ହେବା ପାଇଁ ଯୋଗ୍ୟ, ବିଭକ୍ତୀକୃତ ୨. ପରିମେୟ ।

**ପରିଜନ** *ବି.* ୧. ପରିବାର ସହିତ ସମ୍ପର୍କିତ ବ୍ୟକ୍ତିମାନେ ୨. ପରିଚାରକ, ସେବାକାରୀ ।

**ପରିଜ୍ଞାତ** *ବିଂ.* ଭଲ ଭାବରେ ଜଣାଥିବା ।

**ପରିଜ୍ଞାନ** *ବି.* ୧. ଅନୁଭବଲବ୍ଧ ବୁଦ୍ଧି ବା ଜ୍ଞାନ ୨. ବିଶଦ୍ ବୁଦ୍ଧି ଓ ଜ୍ଞାନ ୩. ଗଭୀର ଅନ୍ତର୍ଦୃଷ୍ଟି ।

**ପରିଣତ** *ବିଂ.* ୧. ପୋଖତ ୨. ପାଚିଲା ୩. ଶେଷ ଅବସ୍ଥା ପାଇଥିବା ୪. ଅଭିଜ୍ଞତାପୁଷ୍ଟ ୫. କୌଣସି ବିଶେଷ ଅବସ୍ଥା ବା ରୂପ ପାଇଥିବା ।

**ପରିଣତି** *ବି.* ୧. ପରିସମାପ୍ତି, ଶେଷ ୨. ପୂର୍ଣ୍ଣତାଲାଭ, ଚରମ ଅବସ୍ଥା ।

**ପରିଣାମ** *ବି.* ୧. ଶେଷଫଳ ୨. ଅନ୍ତିମ ରୂପରେଖ ୩. ନିର୍ଯାସ ।

**ପରିଣାମଦର୍ଶୀ** *ବିଂ.* ବୁଦ୍ଧି ବା ଅନୁଭବ ଓ ବିବେକ ବଳରେ କୌଣସି କାର୍ଯ୍ୟର ପରିଣତିକୁ ଆକଳନ ବା ଅନୁମାନ କରିପାରୁଥିବା ।

**ପରିଣୀତ** *ବିଂ.* ବିବାହିତ, ଅନ୍ୟର ପାଣିଗ୍ରହଣ କରିଥିବା ।

**ପରିଣେତା** *ବିଂ.* ବିବାହ ହେଉଥିବା ପୁରୁଷ, ***ସ୍ତ୍ରୀ.*** ପରିଣେତ୍ରୀ ।

**ପରିଣେୟ** *ବିଂ.* ବିବାହ ପାଇଁ ଉପଯୁକ୍ତ ।

**ପରିତାପ** *ବି.* ଅତିଶୟ ଦୁଃଖ ବା ଅସନ୍ତୋଷ, କୌଣସି ଘଟଣା ଯୋଗୁଁ ଖେଦ, ସନ୍ତାପ ବା ଅବସାଦ ।

**ପରିତୁଷ୍ଟ** *ବିଂ.* ସନ୍ତୁଷ୍ଟ, ଆପ୍ୟାୟିତ, ପରିତୃପ୍ତ, ତୃପ୍ତି ବା ସନ୍ତୋଷ ପାଇଥିବା ।

**ପରିତୁଷ୍ଟି** *ବି.* ଆନନ୍ଦ ବା ସନ୍ତୋଷ ଲାଭ ।

**ପରିତୃପ୍ତ** *ବିଂ.* ସମ୍ପୂର୍ଣ୍ଣ ସନ୍ତୋଷ ଲାଭ କରିଥିବା, ପୂର୍ଣ୍ଣ ଭାବରେ ତୃପ୍ତ, ଆପ୍ୟାୟିତ, ସାମାନ୍ୟ ଅଭାବ ମଧ୍ୟ ଅନୁଭବ କରୁନଥିବା ।

**ପରିତୃପ୍ତି** *ବି.* ସମ୍ପୂର୍ଣ୍ଣ ଭାବରେ ତୃପ୍ତି ବା ସନ୍ତୋଷ ଲାଭ ।

**ପରିତ୍ୟକ୍ତ** *ବିଂ.* ୧. ସମ୍ପୂର୍ଣ୍ଣ ବର୍ଜିତ, ପୂରାପୂରି ଛାଡ଼ି ଦିଆଯାଇଥିବା ୨. ବ୍ୟବହାର ଅନୁପଯୁକ୍ତ ୩. ଉଜୁଡ଼ା ।

**ପରିତ୍ୟଜ୍ୟ** *ବିଂ.* ଛାଡ଼ିଦେବା ବା ପ୍ରତ୍ୟାଖ୍ୟାନ କରିବା ପାଇଁ ଯୋଗ୍ୟ ।

**ପରିତ୍ୟାଗ** *ବି.* ସମ୍ପୂର୍ଣ୍ଣ ବର୍ଜନ ବା ତ୍ୟାଗ, ଭୋଗ ବା ଅଧିକାରରୁ ମୁକ୍ତି ।

**ପରିତ୍ରାଣ** *ବି.* ୧. ସୁରକ୍ଷା ୨. ଉଦ୍ଧାର ୩. ମୁକ୍ତି ୪. ଅଭୟ ।

**ପରିଦର୍ଶକ** *ବିଂ.ବି.* ୧. ଦେଖୁଥିବା, ଦେଖଣାହାରୀ ୨. ବିଚାର ବା ତଦାରଖ ପାଇଁ କୌଣସି ସ୍ଥାନ ବା ଘଟଣା ଦେଖିବା ବ୍ୟକ୍ତି ।

**ପରିଦର୍ଶନ** *ବି.* ୧. ବୁଲି ଦେଖିବା ୨. ଭଲ ଭାବରେ ଦେଖିବା ୩. ଅନୁସନ୍ଧାନ କରିବା ।

**ପରିଦର୍ଶିତ** *ବିଂ.* ଦେଖାଇ ଦିଆଯାଇଥିବା ।

**ପରିଦୃଶ୍ୟମାନ** *ବିଂ.* ସ୍ୱଷ୍ଟ ଭାବରେ ଦିଶୁଥିବା ।

**ପରିଦୃଷ୍ଟ** *ବିଂ.* ଦେଖାଯାଉଥିବା ।

**ପରିଧାନ** *ବି.* ଦେହର ବିଭିନ୍ନ ଅଙ୍ଗରେ ପିନ୍ଧାଯାଉଥିବା ବସ୍ତ୍ର, ଅଙ୍ଗାଭରଣ, ଲୁଗାପଟା ଓ ବେଶଭୂଷା, ଅଙ୍ଗା, ଅଙ୍ଗୀ ।

**ପରିଧାପନ** *ବି.* ବେଶ ପୋଷାକ ପିନ୍ଧାଇବା, ବେଶ କରାଇବା ।

**ପରିଧାବନ** *ବି.* ୧. ଅନୁଗମନ କରିବା, ପଛରେ ଚାଲିବା ବା ଧାଇଁବା ୨. ଆତ୍ମରକ୍ଷା ପାଇଁ ପଳାଇବା ୩. ଭଲ ଭାବରେ ଧୋଇବା ।

**ପରିଧି** *ବି.* ବୃତ୍ତ ବା ଗୋଲାକାର ଆକୃତିର ସୀମାରେଖା ।

**ପରିଧେୟ** *ବି.* ୧. ବସ୍ତ୍ର ୨. ପିନ୍ଧାପଦାର୍ଥ, ଅଙ୍ଗାଭରଣ ।

**ପରିନିର୍ବାଣ** *ବି.* ମୋକ୍ଷ, ପରମପଦପ୍ରାପ୍ତି, ଈଶ୍ୱରପ୍ରାପ୍ତି ।

**ପରିପକ୍ୱ** *ବିଂ.* ୧. ଭଲ ଭାବରେ ପାଚିଥିବା, ସୁପକ୍ୱ ୨. ସୁଦକ୍ଷ ୩. ସୁସିଦ୍ଧ ୪. ବୁଦ୍ଧିଦୀପ୍ତ ୫. ପରିଣତି ପାଇଥିବା ୬. ପୁଷ୍ଟ ।

**ପରିପନ୍ଥୀ** *ବିଂ.* ଶତ୍ରୁ, ବୈରୀ, ବିରୋଧୀ, ବିପକ୍ଷ ; *ବିଂ.* ଅହିତକାରୀ, ପ୍ରତିରୋଧକ, କ୍ଷତିକାରକ ।

**ପରିପାକ** *ବି.* ୧. ଖାଇଥିବା ବସ୍ତୁର ହଜମ ହେବା ପ୍ରକ୍ରିୟା ୨. ପକ୍ୱତା, ପାଚି ଯାଇଥିବା ଅବସ୍ଥା ୩. ପରିଣତି, ପୂର୍ଣ୍ଣତା ପ୍ରାପ୍ତି ।

**ପରିପାଟି, ପରିପାଟୀ** *ବି.* ୧. ଅନୁକ୍ରମ, ଶୃଙ୍ଖଳା ୨. ନିପୁଣତା, ସୁନ୍ଦରତା, ସୌଷ୍ଠବ ୩. ସୁବିନ୍ୟାସ ।

**ପରିପାର୍ଶ୍ୱ** *ବି.* ଆଖପାଖ, ନିକଟବର୍ତ୍ତୀ ଅଞ୍ଚଳ, ପାଖପଡ଼ିଶା ।

**ପରିପାଳକ** *ବି.ବିଂ.* ପାଳିବା ପୋଷିବା ଲୋକ, ପାଳନକାରୀ, ପରିଚାଳକ, ପୋଷକ ।

**ପରିପାଳନ** *ବି.* ୧. ଭଲ ରୂପେ ପାଳିବା, ପୋଷଣ ୨. ରକ୍ଷଣାବେକ୍ଷଣ, ପରିଚାଳନ, ନିୟନ୍ତ୍ରଣ ।

**ପରିପୀଡ଼ନ** *ବି.* ଅତିଶୟ ଯନ୍ତ୍ରଣା ବା କଷ୍ଟ ପ୍ରଦାନ, ଅସହ୍ୟ ଆଘାତ ।

**ପରିପୀଡ଼କ** *ବିଂ.* ଆଘାତ ବା କଷ୍ଟ/ ଯନ୍ତ୍ରଣା ପ୍ରଦାନକାରୀ ।

**ପରିପୁଷ୍ଟ** *ବିଂ.* ୧. ପୂର୍ଣ୍ଣତାପ୍ରାପ୍ତ, ପୂର୍ଣ୍ଣ ବିକଶିତ ୨. ପରିବର୍ଦ୍ଧିତ, ସମୃଦ୍ଧ ।

**ପରିପୁଷ୍ଟି** *ବି.* ପୂର୍ଣ୍ଣତାପ୍ରାପ୍ତି, ବିକାଶ, ସମୃଦ୍ଧି ।

**ପରିପୂରକ** *ବିଂ.* ଯାହା ମିଶିଲେ ଅନ୍ୟଟି ପୂର୍ଣ୍ଣାଙ୍ଗ ହୁଏ ।

**ପରିପୂରଣ** *ବି.* ୧. ସମ୍ପୂର୍ଣ୍ଣକରଣ, ପୂର୍ଣ୍ଣାଙ୍ଗୀକରଣ, ପୂର୍ଣ୍ଣତାପ୍ରଦାନ ୨. ସମ୍ପୂର୍ଣ୍ଣ ବା ଭଲ ଭାବରେ ପୂରଣ ବା ପ୍ରଦାନ ।

**ପରିପୂରିତ** *ବିଂ.* ପୂର୍ଣ୍ଣାଙ୍ଗ ବା ସମ୍ପୂର୍ଣ୍ଣ, ହୋଇଥିବା ।

**ପରିପୂର୍ଣ୍ଣ** *ବିଂ.* ସମ୍ପୂର୍ଣ୍ଣ, ପୂରା, ଭରତି, ଉଚ୍ଛୁଳା ।

**ପରିପୋଷଣ** *ବି.* ପ୍ରତିପାଳନ, ପୁଷ୍ଟିସାଧନ, ଅଭାବପୂରଣ ।

**ପରିପୋଷିତ** *ବିଂ.* ପରିପାଳିତ ।

**ପରିପ୍ରଚାର** *ବି.* ବହୁଳ ପ୍ରଚାର, ଭଲଭାବରେ ପ୍ରଚାର, ଚର୍ଚ୍ଚା ବା ପ୍ରସାର ।

**ପରିପ୍ରଶ୍ନ** *ବି.* ଉତ୍ତମ ପ୍ରଶ୍ନ, ଯୁକ୍ତିଯୁକ୍ତ ପ୍ରଶ୍ନ, ଗୂଢ଼ପ୍ରଶ୍ନ ।

**ପରିପ୍ରେକ୍ଷଣ** *ବି.* ଭଲ ଭାବରେ ଦେଖିବା, ସମ୍ୟକ ଦର୍ଶନ ।

**ପରିପ୍ରେକ୍ଷୀ** *ବି.* ପ୍ରସଙ୍ଗ, ଅବସ୍ଥା ବା ପରିସ୍ଥିତି ଦୃଷ୍ଟିରେ ରଖି ବିଚାର ବା ମତର ଭିତ୍ତିଭୂମି ।

**ପରିପ୍ଳାବନ** *ବି.* ତରଳ ପଦାର୍ଥର ଆକସ୍ମିକ ବ୍ୟାପ୍ତି, ତରଳ ପଦାର୍ଥ ହଠାତ୍ ଖେଳେଇ ହୋଇଯିବା ।

**ପରିପ୍ଳାବିତ** *ବିଂ.* ୧. ପାଣି ଆଦି ତରଳ ପଦାର୍ଥରେ ନିମଜ୍ଜିତ ବା ପରିବେଷ୍ଟିତ ୨. ଭଲରୂପେ ଓଦା ହୋଇଥିବା ।

**ପରିପ୍ଲୁତ** *ବିଂ.* ୧. ପଦାର୍ଥ ସାମାନ୍ୟ ଅଧିକ ଦ୍ରବୀଭୂତ ହେବା ପାଇଁ ଅସମର୍ଥ, ଦ୍ରବଣ କ୍ରିୟା ସମ୍ପୂର୍ଣ୍ଣ ହୋଇ ସାରିଥିବା, ଅତିମାତ୍ରାରେ ଆର୍ଦ୍ର-ଯହିଁରେ ଆଉ ଅଧିକ ତରଳ ପଦାର୍ଥ ଭେଦିବା ସମ୍ଭବ ନୁହେଁ ।

**ପରିବର୍ଜନ** *ବି.* ତ୍ୟାଗ, ଛାଡ଼, ବିସର୍ଜନ, ପରିହାର, ପରିତ୍ୟାଗ ।

**ପରିବର୍ଜିତ** *ବିଂ.* ଛାଡ଼ିଥିବା, ତ୍ୟାଗ କରିଥିବା, ବିସର୍ଜିତ, ପରିହୃତ, ଅସ-ୃକ୍ତ ।

**ପରିବର୍ତ୍ତନ** *ବି.* ୧. ଗୋଟିଏ ଅବସ୍ଥା ବା ରୂପରୁ ଅନ୍ୟ ରୂପ ବା ଅବସ୍ଥା ପ୍ରାପ୍ତ ହେବା, ବଦଳି ଯିବା, ରୂପାନ୍ତର ୨. ବଦଳିବା ।

**ପରିବର୍ତ୍ତନୀୟ** *ବିଂ.* ବଦଳିବା ପାଇଁ ଯୋଗ୍ୟ, ଯାହା ବଦଳିବା ଆବଶ୍ୟକ ।

**ପରିବର୍ତ୍ତିତ** *ବିଂ.* ବଦଳି ଯାଇଥିବା, ରୂପାନ୍ତରିତ ।

**ପରିବର୍ଦ୍ଧକ** *ବିଂ.* ବଢ଼ାଉଥିବା, ବୃଦ୍ଧି କରୁଥିବା, ବିକାଶରେ ବା ଉନ୍ନତିରେ ସହାୟକ ।

**ପରିବର୍ଦ୍ଧନ** *ବି.* ଭଲଭାବରେ ବଢ଼ିବା, ଉନ୍ନତି ଲାଭ କରିବା ।

**ପରିବହ** *ବି.* ୧. ସୁକ୍ଷ୍ମଭାବରେ ଗତି କରି ପାରୁଥିବା ପଦାର୍ଥ ୨. ବହନ କରିବା ।

**ପରିବହନ** *ବି.* ୧. ପଦାର୍ଥକୁ ଯାନବାହନଦ୍ୱାରା ସ୍ଥାନାନ୍ତରଣ ୨. ବିଦ୍ୟୁତ୍‌ଶକ୍ତିର ସଞ୍ଚାରଣ ।

**ପରିବାଦୀ** *ବିଂ.* ଅପବାଦକାରୀ, ନିନ୍ଦୁକ ।

**ପରିବାର** *ବି.* ୧. ବାପା, ମା, ବୋଉ, ପୁଅ, ଝିଅ, ବୋହୂ, ସ୍ତ୍ରୀକୁ ନେଇ ଗଠିତ ସମାଜର କ୍ଷୁଦ୍ରତମ ଏକକ ବା ସଙ୍ଗଠନ ୨. ସମୂହଭାବରେ କୌଣସି ସଂସ୍ଥା ବା ସଙ୍ଗଠନ ସଭ୍ୟ ବା କର୍ମଚାରୀ ଗଣ ।

**ପରିବାହ** *ବି.* ୧. ପ୍ରବାହ, ସ୍ରୋତ, ଧାରା ୨. ତରଳ ପଦାର୍ଥ, ବିଦ୍ୟୁତ୍ ଶକ୍ତି, ତାପ, ପବନ ପ୍ରଭୃତି ଯାଇ ପାରୁଥିବା ଅବସ୍ଥା ।

**ପରିବାହୀ** *ବିଂ.* ପରିବହନ, ସ୍ଥାନାନ୍ତର ବା ଗତିଶୀଳ କରିବାରେ ସମର୍ଥ ବା ଯୋଗ୍ୟ ।

**ପରିବୃତ୍ତ** *ବି.* କୌଣସି ପଦାର୍ଥ ବା ଆୟତନକୁ ଘେରି ରହିଥିବା ରେଖା ବା ମଣ୍ଡଳ ।

**ପରିବୃଦ୍ଧି** *ବି.* ବଢ଼ତି, ବିକାଶ, ବ୍ୟାପ୍ତି ।

**ପରିବେଶ** *ବି.* ୧. ପରିବେଷ୍ଟନ, ପରିପାର୍ଶ୍ୱ, ଆଖପାଖ, ଚାରିପାଖ ରହୁଥିବା ଅଞ୍ଚଳର ଅବସ୍ଥା ୨. ପରିଧି ।

**ପରିବେଶ ବିଜ୍ଞାନ** *ବି.* ପରିବେଶ ବା ଚାରିପାଖର ଅବସ୍ଥା ବିଷୟକ ଜ୍ଞାନ ।

**ପରିବେଷକ** *ବିଂ.* ୧. ପରିବେଷଣକାରୀ, ପରସୁଣି, ବଢ଼ାଳୀ, ବଣ୍ଟାଳି ୨. ଉପସ୍ଥାପକ ।

**ପରିବେଷଣ** *ବି.* ବଣ୍ଟନ, ବିତରଣ, ପରସା ।

**ପରିବେଷ୍ଟକ** *ବିଂ.* ଘେରି ରହିଥିବା, ଚାରି ପାଖରୁ ଅବରୋଧକାରୀ; *ବି.* ବାଡ଼, ବେଢ଼ା ।

**ପରିବେଷ୍ଟନ** *ବି.* ୧. ବେଢ଼ାଇବା, ଘେର ୨. ଆଚ୍ଛାଦନ, ଘୋଡ଼ାଇ ରଖିବା ।

**ପରିବେଷ୍ଟନୀ** *ବି.* ପରିବେଶ, ପାରିପାର୍ଶ୍ୱିକ ଅବସ୍ଥା, ଚାରିପାଖର ଆବହାଓ୍ୱା ।

**ପରିବେଷ୍ଟିତ** *ବିଂ.* ଘେରି ରହିଥିବା, ଘେରା ହୋଇଥିବା, ଘୋଡ଼ାଇ ହୋଇଥିବା ।

**ପରିବ୍ରଜ୍ୟା** *ବି.* ୧. ପୁଣ୍ୟାର୍ଜନ ପାଇଁ ବିଭିନ୍ନ ତୀର୍ଥସ୍ଥାନ ଭ୍ରମଣ ୨. ମଣିଷ ଜୀବନର ଚାରି ଅବସ୍ଥା ବା ଆଶ୍ରମରୁ ଶେଷ ଆଶ୍ରମ, ସନ୍ନ୍ୟାସ ।

**ପରିବ୍ରାଜକ** ***ବି.*** ବିଭିନ୍ନ ଅଞ୍ଚଳ ପର୍ଯ୍ୟଟନକାରୀ, ଭ୍ରମଣକାରୀ ।

**ପରିବ୍ୟୟ** ***ବି.*** ମୂଲ୍ୟ, ଦାମ ।

**ପରିଭାଷା** ***ବି.*** ୧. କୌଣସି ଶବ୍ଦର ସମ ଅର୍ଥବୋଧକ ଅନ୍ୟ ଏକ ଶବ୍ଦ ୨. ବିଶେଷ ଅର୍ଥସୂଚକ ଶବ୍ଦ ବା ସଂଜ୍ଞା ୩. ବୈଷୟିକ ଅଥବା ବୈଜ୍ଞାନିକ ଶବ୍ଦଗୁଡ଼ିକର ଅନ୍ୟ ଭାଷାରେ ସମାନ ଅର୍ଥବୋଧକ ଶବ୍ଦ ବା ପଦ ।

**ପରିଭ୍ରମଣ** ***ବି.*** ବୁଲାବୁଲି , ପର୍ଯ୍ୟଟନ, ପରିବ୍ରାଜନ ।

**ପରିମଣ୍ଡଳ** ***ବି.*** ୧. ପରିଧି, ଗୋଲାକାର ପଦାର୍ଥର ଚାରିପାଖ ୨. ପରିବେଶ, ବାତାବରଣ ।

**ପରିମଳ** ***ବିଂ.*** ୧. ନିର୍ମଳ ବା ପ୍ରଦୂଷଣମୁକ୍ତ ଅବସ୍ଥା ; ***ବି.*** ସୁଗନ୍ଧ, ସୌରଭ ।

**ପରିମଳୀକରଣ** ***ବି.*** ସଫାକରିବା, ନିର୍ମଳକରିବା, ପରିଷ୍କରଣ, ପରିଷ୍କୃତି ।

**ପରିମାଣ** ***ବି.*** ୧. ମାପ, ପରିମିତି ୨. ଓଜନ ୩. ସଂଖ୍ୟା ।

**ପରିମାଣ ଫଳ** ***ବି.*** ଜ୍ୟାମିତିକ କ୍ଷେତ୍ରର କ୍ଷେତ୍ରଫଳ ।

**ପରିମାଣିକ** ***ବି.*** ଦିଅଁ ଦର୍ଶନ ନିମନ୍ତେ ଯାତ୍ରୀଙ୍କ ଦେୟ, ପ୍ରଣାମି ।

**ପରିମାପକ** ***ବି.*** ୧. ମାପର ଏକକ ୨. ସାମଞ୍ଜସ୍ୟ ଆଣିବା ବ୍ୟକ୍ତି ; ***ବିଂ.*** ମପାଳୀ, ଓଜନକାରୀ ।

**ପରିମିତ** ***ବିଂ.*** ୧. ପରିମାଣ, ନିର୍ଦ୍ଧାରଣ କରାଯାଇଥିବା ୨. ସଂଯତ ୩. ସୀମିତ ।

**ପରିମିତି** ***ବି.*** ୧. ସୀମାଥିବା କ୍ଷେତ୍ର ୨. ଗଣିତରେ କ୍ଷେତ୍ରତତ୍ତ୍ୱ, ମେନ୍‌ସୁରେସନ୍ ।

**ପରିମେୟ** ***ବିଂ.*** ଯାହାର ପରିମାଣ ନିର୍ଣ୍ଣୟ କରାଯାଇପାରେ ।

**ପରିଯୋଜନା** ***ବି.*** କୌଣସି କାର୍ଯ୍ୟ କରିବା ପୂର୍ବରୁ ସେହି ସମ୍ପର୍କରେ ଖସଡ଼ା, ରୂପରେଖ ବା ପରିକଳ୍ପନା ।

**ପରିରମ୍ଭ[ଣ]** ***ବି.*** ୧. ସହବାସ, ରମଣ ୨. ଆଲିଙ୍ଗନ ।

**ପରିଲବ୍ଧ** ***ବିଂ.*** ଲାଭ କରାଯାଇଥିବା, ପାଇଥିବା, ଉପଲବ୍ଧ ।

**ପରିଲକ୍ଷ୍ୟ** ***ବି.*** ଉପଲକ୍ଷ୍ୟ, ଉପମା, ତୁଳନା ।

**ପରିଶିଷ୍ଟ** ***ବି.*** କୌଣସି ବହିର ଶେଷରେ ସଂଯୋଜିତ ଅଂଶ, ଅତିରିକ୍ତ ଅଂଶ ।

**ପରିଶୀଳନ** ***ବି.*** ୧. ଅନୁଶୀଳନ, ବ୍ୟାଖ୍ୟା, ପରିଚର୍ଚ୍ଚା, ବିଶେଷ ଅନୁଧ୍ୟାନ ୨. ଗାଧୋଇବା, ସ୍ନାନ ୩. ବାରମ୍ବାର ଛୁଇଁବା ।

**ପରିଶେଷ** ***ବି.*** ସବାଶେଷ, ଉପସଂହାର, ସମାପ୍ତି ।

**ପରିଶୋଧ** ***ବି.*** ଋଣ ଶୁଝିବା, ଆଣିଥିବା ଅର୍ଥ, ପଦାର୍ଥ ଫେରାଇଦେବା ।

**ପରିଶୋଧକ** ***ବିଂ.*** ଯାହା ଭଲ ଭାବରେ ଶୋଧନ ବା ପରିଷ୍କାର କରେ, ପରିଷ୍କୃତକାରୀ, ସଫା/ଶୁଦ୍ଧ କରୁଥିବା ।

**ପରିଶୋଧନ** ***ବି.*** ସଫେଇ, ବିଶୁଦ୍ଧୀକରଣ, ସମାର୍ଜନ ।

**ପରିଶୋଧିତ** ***ବିଂ.*** ପରିଷ୍କୃତ ହୋଇଥିବା, ମଳମୁକ୍ତ, ପ୍ରଦୂଷଣମୁକ୍ତ ।

**ପରିଶ୍ରମ** ***ବି.*** ଖଟଣି, ମେହେନତ ।

**ପରିଶ୍ରମୀ** ***ବିଂ.*** ଖଟି ପାରୁଥିବା, ଶ୍ରମ କରିପାରୁଥିବା, ମେହେନତି ।

**ପରିଶ୍ରାନ୍ତ** ***ବିଂ.*** ଥକି ପଡ଼ିଥିବା, ସମ୍ପୂର୍ଣ୍ଣ ରୂପେ କ୍ଳାନ୍ତ, ଅବସନ୍ନ ।

**ପରିଷଦ** ***ବି.*** ୧. ସଙ୍ଗଠନ, ସମିତି ୨. ସଭା ୩. ସମାଜ ୪. କେତୋଟି ରାଜ୍ୟରେ ଥିବା ସାମ୍ବିଧାନିକ ବ୍ୟବସ୍ଥା- ବିଧାନ ପରିଷଦ ୫. ସଂଗୋଷ୍ଠୀ ।

**ପରିଷ୍କରଣ** ***ବି.*** ସଫାସୁତୁରା କାର୍ଯ୍ୟ , ସମାର୍ଜନ, ନିର୍ମଳକରଣ, ପରିମଳୀକରଣ ।

**ପରିଷ୍କାର** ***ବିଂ.*** ୧. ସଫା ୨. ନିର୍ମଳ, ସ୍ୱଚ୍ଛ ୩. ସ୍ପଷ୍ଟ ୪. ଅକପଟ, ଛଳନାହୀନ ।

**ପରିଷ୍କାରକ** ***ବିଂ.*** ସଫା କରୁଥିବା ।

**ପରିଷ୍କୃତ** ***ବିଂ.*** ସଫା ହୋଇଥିବା, ନିର୍ମଳୀକୃତ ।

**ପରିସଂଖ୍ୟା** ***ବି.*** ଗଣନା ।

**ପରିସଂଖ୍ୟାନ** ***ବି.*** ହିସାବ, ତଥ୍ୟମୂଳକ ହିସାବ ବା ଗଣନା, ଷ୍ଟାଟିଷ୍ଟିକ୍ସ ।

**ପରିସଂଖ୍ୟାନବିଦ୍** ***ବିଂ.ବି.*** ତଥ୍ୟମୂଳକ ଗଣନା ବିଶାରଦ ବା ବିଶେଷଜ୍ଞ ।

**ପରିସମାପ୍ତ** ***ବିଂ.*** ଶେଷ ହୋଇଥିବା, ସମ୍ପୂର୍ଣ୍ଣ, ମୁଣ୍ଡି ମରାହୋଇଥିବା ।

**ପରିସମାପ୍ତି** ***ବି.*** ଶେଷ ବା ସମ୍ପୂର୍ଣ୍ଣ ଅବସ୍ଥା ।

**ପରିସର** ***ବି.*** ୧. ବିସ୍ତାର, ସୀମାସରହଦ, ଚକଡା, ନିର୍ଦ୍ଦିଷ୍ଟ ଆୟତନ, ପ୍ରସ୍ଥ ୨. ଉପଲକ୍ଷ ।

**ପରିସୀମା** ***ବି.*** ୧. ଚତୁଃସୀମା, ଚଉହଦୀ ୨. ପରିମିତିରେ କୌଣସି ଜ୍ୟାମିତିକ କ୍ଷେତ୍ରର ବାହୁଗୁଡ଼ିକର ଯୋଗଫଳ, ପେରିମିଟର ।

**ପରିସୀମିତ** ***ବିଂ.*** ୧. ନିର୍ଦ୍ଦିଷ୍ଟ ହୋଇଥିବା ୨. ଆୟତନୀକୃତ, ସ୍ଥିରୀକୃତ ।

**ପରିସ୍ଥିତି** ***ବି.*** ୧. କୌଣସି ସମୟ ବା ସ୍ଥାନର ଅବସ୍ଥା ବା ପରିବେଶ ୨. ବେଳକାଳ ୩. ଘଟଣାର ବାଧ୍ୟବାଧକତା ବା ଚାପ ।

**ପରିସ୍ଫୁଟ** ***ବିଂ.*** ୧. ବିକଶିତ ୨. ସମ୍ପୂର୍ଣ୍ଣ ଭାବରେ ବ୍ୟକ୍ତ ୩. ସ୍ପଷ୍ଟ ୪. ଆଲୋକିତ ।

**ପରିସ୍ଫୁରଣ** ***ବି.*** ସମ୍ପୂର୍ଣ୍ଣ ପ୍ରକାଶ, ପୂର୍ଣ୍ଣ ଅଭିବ୍ୟକ୍ତି, ସମ୍ୟକ ଉଚ୍ଚାରଣ ।

**ପରିସ୍ରବଣ** ***ବି.*** ୧. କ୍ରମାଗତ ଝରିବା, ବହି ଆସୁଥିବା ୨. ପାତନ ପ୍ରକ୍ରିୟା ।

**ପରିସ୍ରା** *ବି.* ମୂତ, ମୂତ୍ର, ପିସାପ, ପ୍ରସ୍ରାବ ।

**ପରିସ୍ରା କରିଦେବା** *କ୍ରି.* ୧. ମୂତ୍ର ତ୍ୟାଗକରିବା ୨. ଭୟଭୀତ ହୋଇଯିବା, ଖୁବ୍ ଡରିଯିବା, ।

**ପରିହରଣ** *ବି.* ଛାଡ଼ିବା, ତ୍ୟାଗ, ବର୍ଜନ, ପରିହାର ।

**ପରିହର୍ତ୍ତବ୍ୟ** *ବିଂ.* ବର୍ଜନଯୋଗ୍ୟ, ପରିହାର୍ଯ୍ୟ, ପରିତ୍ୟଜ୍ୟ, ଛାଡ଼ିବା ବା ତ୍ୟାଗକରିବା ଯୋଗ୍ୟ ।

**ପରିହସିତ** *ବିଂ.* ୧. ଉପହସିତ, ସମାଲୋଚିତ ୨. ମାନସିକ ଆଘାତପ୍ରାପ୍ତ ।

**ପରିହାର** *ବି.* ୧. ତ୍ୟାଗ, ଦୂରେଇଦେବା ୨. ପ୍ରତ୍ୟାଖ୍ୟାନ, ଅସ୍ୱୀକୃତି, ଛାଡ଼ିବା ୩. ଅନାଦର, ଉପେକ୍ଷା ।

**ପରିହାର୍ଯ୍ୟ** *ବିଂ.* ଯାହା ତ୍ୟାଗ କରିବା ପାଇଁ ଯୋଗ୍ୟ ।

**ପରିହାସ** *ବି.* ୧. ଥଟ୍ଟା, ଟାପରା, ବେଲି ୨. କୌତୁକ, ରହସ୍ୟ, ଉପହାସ ୩. ବ୍ୟଂଗ, କୁଟିଳତାପୂର୍ଣ୍ଣ ହସ ।

**ପରିହାସୀ** *ବିଂ.* ଯାହା ସହିତ ଥଟ୍ଟା ଟିକଲ କରିବା ସମାଜଦ୍ୱାରା ସ୍ୱୀକୃତ ।

**ପରିହିତ** *ବିଂ.* ପିନ୍ଧାଯାଇଥିବା, ଆଚ୍ଛାଦିତ ହୋଇଥିବା, ଘୋଡାଯାଇଥିବା ।

**ପରୀ** *ବି.* ଡେଣାଥିବା ଅତିସୁନ୍ଦରୀ ଦୟାବତୀ କଳ୍ପିତା ନାରୀ ।

**ପରୀକଥା** *ବି.* ୧. ପରୀମାନଙ୍କ ଜୀବନକୁ କେନ୍ଦ୍ରକରି ଲୋକମୁଖରେ ପ୍ରଚଳିତ କାହାଣୀ ୨. ଅସ୍ୱାଭାବିକ ଘଟଣା ଓ ଚରିତ୍ର ପ୍ରଭୃତିର କଳ୍ପିତ କାହାଣୀ ।

**ପରୀକ୍ଷକ** *ବିଂ.* ୧. ଭଲ ମନ୍ଦ/ ଦୋଷଗୁଣର ନିରପେକ୍ଷ ବିଚାରକ, ଏକ୍‌ଜାମିନର ୨. ବିଶ୍ଳେଷକ ।

**ପରୀକ୍ଷଣ** *ବି.* ୧. ପରୀକ୍ଷା, ବିଚାର ବିବେଚନା ୨. ବିଜ୍ଞ, ସଂଯତ ଭାବରେ କୌଣସି ବିଷୟର ପରୀକ୍ଷାନିରୀକ୍ଷା ।

**ପରୀକ୍ଷଣୀୟ** *ବିଂ.* ପରୀକ୍ଷା ବା ବିଚାରର ଯୋଗ୍ୟ ।

**ପରୀକ୍ଷା** *ବି.* ମାନ ନିରୂପଣ ବା ନିର୍ଦ୍ଧାରଣ, ପରଖ, ବିଚାର, ମୂଲ୍ୟାୟନ ।

**ପରୀକ୍ଷାଗାର** *ବି.* ୧. ବିଶେଷ ପ୍ରଣାଳୀ ବା ପଦ୍ଧତିରେ ପରୀକ୍ଷା ନିରୀକ୍ଷା କରିବା ସ୍ଥାନ ୨. ବିଜ୍ଞାନାଗାର, ଲେବୋରେଟରି ।

**ପରୀକ୍ଷାର୍ଥୀ** *ବି.* ୧. କୌଣସି ବିଧିବଦ୍ଧ ପରୀକ୍ଷା ଦେବା ଅଧ୍ୟାୟୀ ବା ବ୍ୟକ୍ତି ୨. ନିଜର ବିଶେଷତା ପ୍ରତିପାଦନ ପାଇଁ ଇଚ୍ଛୁକ ବା ପ୍ରସ୍ତୁତ ବ୍ୟକ୍ତି ।

**ପରୀକ୍ଷିତ** *ବିଂ.* ପରଖ ହୋଇଥିବା, ନିର୍ଣ୍ଣୀତ, ନିରୂପିତ, ନିର୍ଦ୍ଧାରିତ ।

**ପରୁଆ** *ବି.* ୧. ପରବାଏ, ଖାତିର ୨. ଭୟ ୩. ପାରା (ଚଢ଼େଇ) ।

**ପରୁଆନା, ପରୱାନା** *ବି.* ସରକାରୀ ହୁକୁମନାମା, ଆଜ୍ଞାପତ୍ର, ଆଦେଶ ପତ୍ର ।

**ପରୁଡ଼ି** *ବି.* ଚଉଡ଼ା ପତ୍ର ଥିବା ହାଲକା ତୃଣ ବିଶେଷ ।

**ପରୁଡ଼ିମସିଣା** *ବି.* ପରୁଡ଼ିରେ ତିଆରି ମସିଣା, ଯାହା ବ୍ରତ ଓ ବିବାହ ଆଦି ମାଙ୍ଗଳିକ କାର୍ଯ୍ୟରେ ବ୍ୟବହୃତ ହୁଏ । ।

**ପରେ** *ଅ.* ୧. ଅନ୍ୟ ସମୟରେ ୨. ଉତ୍ତାରେ ୩. ଶେଷରେ ୪. ପରା (*ଉଦା.* ତୁଇ ଯିବୁ ପରେ ?) ୫. ଉପରେ, ଊର୍ଦ୍ଧ୍ୱରେ ।

**ପରେଇ** *ବି.* ପ୍ରତିବାଦ ।

**ପରେଡ୍** *ବି.* ସାମରିକ/ଅର୍ଦ୍ଧସାମରିକ/ପୋଲିସ/ଅନ୍ୟ କୌଣସି ବେସାମରିକ ସଂସ୍ଥା ବା ଅନୁଷ୍ଠାନ ପ୍ରଭୃତିର ସୁସଂହତ/ ଶ୍ରେଣୀବଦ୍ଧ ପଦଚାଳନା ।

**ପରେର୍** *ବିଂ.* ୧. ଅନ୍ୟର, ନିଜଭିନ୍ନ ଆଉ କାହାର ; *ବି.* ଆସନ୍ତା ବା ବିଗତ ବର୍ଷ, ପରାରି ।

**ପରୋପକାର** *ବି.* ୧. ଅନ୍ୟର ହିତ ବା ମଙ୍ଗଳ ୨. ବିନା ପ୍ରତିଦାନ ଆଶାରେ ଅନ୍ୟର ସେବା ।

**ପରୋପକାରିତା** *ବି.* ଅନ୍ୟର ମଙ୍ଗଳସାଧନ ।

**ପରୋପକାରୀ** *ବିଂ.* ଅନ୍ୟର ଉପକାର କରୁଥିବା, ପର ହିତକାରୀ, ଉପକାରୀ ।

**ପରୋପଜୀବୀ** *ବିଂ.* ବଞ୍ଚିବା ପାଇଁ ଅନ୍ୟ ଉପରେ ନିର୍ଭରଶୀଳ, ପରମୁଖାପେକ୍ଷୀ, ପରାଧୀନ ।

**ପରୋକ୍ଷ** *ବିଂ.* ଯାହା ପ୍ରତ୍ୟକ୍ଷ ନୁହେଁ, ସିଧାସିଧି ବା ସାମ୍ନାରେ ହୋଇ ନଥିବା, ଅପ୍ରତ୍ୟକ୍ଷ ।

**ପର୍ଜନ୍ୟ** *ବି.* ୧. ଘଡ଼ଘଡ଼ି, ବଜ୍ର ୨. ଇନ୍ଦ୍ର ୩. ପ୍ରଚଣ୍ଡମେଘ ।

**ପର୍ଣ୍ଣ** *ବି.* ୧. ଗଛର ପତ୍ର ୨. ଚଢ଼େଇର ପର ।

**ପର୍ଣ୍ଣକୁଟୀର** *ବି.* ପତ୍ର ଛାଉଣି ନୁଆଣିଆ ଘର, ପତ୍ରକୁଡ଼ିଆ, ପଲା ।

**ପର୍ତ୍ତୁଗୀଜ୍** *ବି.ବିଂ.* ପର୍ତ୍ତୁଗାଲର ଅଧିବାସୀ ଓ ସେମାନଙ୍କର ଭାଷା ।

**ପର୍ଣ୍ଣଶାଳା** *ବି.* ପର୍ଣ୍ଣକୁଟୀର ।

**ପର୍ଦା, ପରଦା** *ବି.* ୧. ପରଦା, କନା, କପଡ଼ା, ଲୁଗା ଆଦିର ଆବରଣ, ଜବନିକା

**ପର୍ଦାଫାସ୍** *ବି.* ସତ୍ୟ ଉଦ୍‌ଘାଟନ, ଗୋପନୀୟତା ପ୍ରକାଶ ।

**ପର୍ଫ୍ୟୁମ୍** *ବି.* ୧. ଅତର, ପ୍ରସାଧନ ପାଇଁ ବ୍ୟବହୃତ ସୁଗନ୍ଧିତ ତରଳ ପଦାର୍ଥ ୨. ସୁଗନ୍ଧ, ବାସ୍ନା ।

**ପର୍ବ** *ବି.* ୧. ପରବ, ବର୍ଷର ବିଭିନ୍ନ ସମୟରେ ଅନୁଷ୍ଠିତ ସାଂସ୍କୃତିକ, ସାମ୍ପ୍ରଦାୟିକ ବା ସାମାଜିକ ଉତ୍ସବାନୁଷ୍ଠାନ ୨. କାବ୍ୟ ବା ମହାକାବ୍ୟର ଅଧ୍ୟାୟ ୩. ବ୍ୟାପାର ୪. ଗୋଳମାଳ, ଅସ୍ୱାଭାବିକ ଅବସ୍ଥା ୫. ଏକବୀଜପତ୍ରୀ ତୃଣର ଗଣ୍ଠି ଅଥବା ଦୁଇଗଣ୍ଠି ମଧ୍ୟସ୍ଥ ଅଂଶ, ପବ ।

**ପର୍ବତ** *ବି.* ବଡ଼ ପାହାଡ଼, ଗିରି ।

**ପର୍ବତଶ୍ରେଣୀ** *ବି.* ପରସ୍ପର ପାଖାପାଖି ରହିଥିବା ପର୍ବତଗୁଡ଼ିକର ବହୁଦୂର ବ୍ୟାପୀ ବିସ୍ତାର ।

**ପର୍ବତିଆ** *ବିଂ.* ୧. ଡେଙ୍ଗା ଓ ହୃଷ୍ଟପୁଷ୍ଟ ୨. ପାର୍ବତୀୟ, ପର୍ବତ ପାଦ ଦେଶରେ ରହିଥିବା ।

**ପର୍ବତିଆ ଖଡ଼ା** *ବି.* ଡେଙ୍ଗା ଓ ମୋଟା ଖଡ଼ାଗଛ ।

**ପର୍ବପର୍ବାଣି** *ବି.* ସାଂସ୍କୃତିକ ଓ ସାମାଜିକ ଉତ୍ସବାନୁଷ୍ଠାନ ।

**ପର୍ଯ୍ୟଙ୍କ** *ବି.* କାଠତିଆରି କାରୁକାର୍ଯ୍ୟସଂପନ୍ନ ଶୋଇବା ଖଟ, ପଲଙ୍କ ।

**ପର୍ଯ୍ୟଙ୍କ ବନ୍ଧ** *ବି.* ପାଦଦୁଇଟିକୁ ଉପରକୁ ଟେକିରଖି ଓ ପିଚାମାଡ଼ି ବସି ସାଧନ କରାଯାଉଥିବା ବ୍ୟାୟାମ ବିଶେଷ ।

**ପର୍ଯ୍ୟଟକ** *ବି.* ଅନ୍ୟଦେଶ ବା ସ୍ଥାନ ଭ୍ରମଣକାରୀ, ପରିବ୍ରାଜକ, ନିଜଦେଶ ବା ଭୂମି ଛାଡ଼ି ଅଦେଖା ବା ଦର୍ଶନୀୟ ଦୂରସ୍ଥାନକୁ ବୁଲିଯାଉଥିବା ବ୍ୟକ୍ତି ।

**ପର୍ଯ୍ୟଟନ** *ବି.* ଦର୍ଶନୀୟ ସ୍ଥାନ ବୁଲି ଦେଖିବା, ବିଦେଶ ବୁଲିବା, ପରିଭ୍ରମଣ ।

**ପର୍ଯ୍ୟନ୍ତ** *ଅ.* ଯାଏ, ଯାକେ ; *ବି.* ୧. ଅବଧି ୨. ସୀମା ।

**ପର୍ଯ୍ୟବସାନ** *ବି.* ଶେଷ, ପରିଣତି, ସମାପ୍ତି, ଇତି ।

**ପର୍ଯ୍ୟବସିତ** *ବିଂ.* ୧. ପରିଣତ, ଶେଷ, ସମାପ୍ତ, ସମୀକୃତ ୨. ସ-ମ୍ପୂର୍ଣ୍ଣ ନିର୍ଭରଶୀଳ ୩. କୃତ ।

**ପର୍ଯ୍ୟବେକ୍ଷକ** *ବିଂ.* ତଦାରଖକାରୀ, ନିରୀକ୍ଷକ, ପରିଦର୍ଶକ, ଅବ୍‌ଜର୍ଭର୍ ।

**ପର୍ଯ୍ୟବେକ୍ଷଣ** *ବି.* ନିରୀକ୍ଷଣ, ପରିଦର୍ଶନ, ଦେଖି ଅନୁଭବ ଓ ବିଚାର କାର୍ଯ୍ୟ ।

**ପର୍ଯ୍ୟାପ୍ତ** *ବିଂ.* ୧. ପ୍ରଚୁର, ବହୁ ପରିମାଣ ୨. ଯଥେଷ୍ଟ, ଆବଶ୍ୟକତା ଠାରୁ ଅଧିକ ।

**ପର୍ଯ୍ୟାପ୍ତି** *ବି.* ପ୍ରାଚୁର୍ଯ୍ୟ, ଆଧିକ୍ୟ ।

**ପର୍ଯ୍ୟାୟ** *ବି.* ୧. କ୍ରମ, ଅନୁକ୍ରମ, ଶ୍ରେଣୀ ୨. ନିର୍ଦ୍ଦିଷ୍ଟ କାଳ ବା ଅବଧି ୩. ସମାନ ନାମ ବା ଅର୍ଥ ଥିବା ଏକାଧିକ ଶବ୍ଦ ।

**ପର୍ଯ୍ୟାୟକ୍ରମେ** *କ୍ରି. ବିଂ.* ଗୋଟିକ ପରେ ଗୋଟିଏ, ପାଳି ଅନୁସାରେ, ଜଣକ ପରେ ଜଣେ ।

**ପର୍ଯ୍ୟାୟବାଚୀ** *ବି.* ଏକ ଶବ୍ଦର ସମ ଅର୍ଥବୋଧକ ଶବ୍ଦ, ପ୍ରତିଶବ୍ଦ ।

**ପର୍ଯ୍ୟାଲୋଚନ, ପର୍ଯ୍ୟାଲୋଚନା** *ବି.* ନିରପେକ୍ଷ ଓ ସବିଶେଷ ଅନୁଶୀଳନ, ତର୍କଣା, ସମ୍ୟକ୍ ଆଲୋଚନା, ବିତର୍କ, ପର୍ଯ୍ୟବେକ୍ଷଣ, ସୂକ୍ଷ୍ମ ବିଚାର ।

**ପର୍ଯ୍ୟୁଷଣ** *ବି.* ୧. ଜୈନମାନଙ୍କର ପର୍ବ ବିଶେଷ ୨. ପୂଜା, ଆରାଧନା, ସେବା ।

**ପର୍ଯ୍ୟୁଷିତ** *ବିଂ.* ୧. ବାସି, ପୂର୍ବଦିନ ରନ୍ଧାଯାଇଥିବା ୨. ଅହିତକର, ଉପଯୋଗିତା ହରାଇଥିବା ୩. ତାମସ ।

**ପର୍ଲା** *ବି.* ଚାଙ୍ଗୁଡ଼ି, ଫୁଲ, ଫଳ ପରିବା ରଖିବା ପାଇଁ ବ୍ୟବହୃତ ଡାଲା ।

**ପର୍ଲି** *ବି.* ଛୋଟ ଚାଙ୍ଗୁଡ଼ି ।

**ପର୍ଶୁ** *ବି.* ପରଶୁ, ଫାରସା, ଟାଙ୍ଗିଆ ।

**ପର୍ଷଦ** *ବି.*ପରିଷଦ, ସମଭାବାପନ୍ନ ସିଦ୍ଧାନ୍ତ ଗ୍ରହଣକାରୀ ବ୍ୟକ୍ତିମାନଙ୍କର ବିଧିସମ୍ମତ ସଙ୍ଗଠନ ।

**ପର୍ସ୍** *ବି.* ୧. ପଇସାପତ୍ର ରଖିବା ବଟୁଆ ୨. ଆର୍ଥିକ ସାମର୍ଥ୍ୟ ।

**ପର୍ସେଣ୍ଟେଜ୍** *ବି.* ୧. ଶତକଡ଼ା ହାର ୨. କୌଣସି କାର୍ଯ୍ୟ ସାଧନ ନିମନ୍ତେ ଦିଆ ହେବା ଶତାଂଶ ହାରର ଅର୍ଥ ୩. ଶ୍ରେଣୀରେ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ବା ହାଜିରାର ଶତକଡ଼ା ହିସାବ ।

**ପଳ** *ବି.* ୧. ଚବିଶ ସେକେଣ୍ଡ ସମୟ ୨. ଛ ତୋଳା ପରିମାଣ ୩. ମାଂସ ।

**ପଳଖା** *ବି.* ୧. କାଠର ଅଂଶା ନଥିବା ଉପର ଅଂଶ ୨. କାଠ ବା ଗଛ ଉପରର ଶୁଖିଲା ଚୋପା, ବକଳା ।

**ପଳା** *ବି.* ତେଲ ଆଦି ତରଳ ପଦାର୍ଥର ମାପ ଉପକରଣ; *କ୍ରି.* ଜାଗା ଛାଡ଼ିବା ପାଇଁ ପରାମର୍ଶ ବା ଆଦେଶ (ଭାଗ୍, ଯା) ।

**ପଳାଇବା** *କ୍ରି.* ୧. ସ୍ଥାନ ଛାଡ଼ି ଚାଲିଯିବା ୨. ଭୟରେ ପଳାୟନ କରିବା ୩. ଅଭିମାନରେ ବା ଅନ୍ୟ କାରଣରୁ ସ୍ଥାନ ଛାଡ଼ିବା ।

**ପଳାତକ** *ବିଂ.* ଅନ୍ୟକୁ ନଜଣାଇ ଜାଗା ଛାଡ଼ି ଚାଲିଯାଇଥିବା, ନିରୁଦ୍ଦେଶ, ଫେରାରି ।

**ପଳାୟନ** *ବି.* ସ୍ଥାନଛାଡ଼ି ପଳାଇବା, ପଳାଇବା, ଜାଗା ଛାଡ଼ି ଚାଲିଯିବା, ପ୍ରସ୍ଥାନ, ଅନ୍ୟସ୍ଥାନ ଯାତ୍ରା ।

**ପଳାୟନକାରୀ** *ବିଂ.* ୧. ପରିସ୍ଥିତିର ମୁକାବିଲା କରିନପାରି ନିଜକୁ ଦୂରେଇ ନେଇଥିବା ୨. ଭୀରୁ ୩. ସୁବିଧାବାଦୀ ।

**ପଳାୟନପନ୍ଥୀ** *ବି.ବିଂ.* ପଳେଇଥିବା ବା ପଳାଇ ଯାଉଥିବା, ସମସ୍ୟାକୁ ସାମ୍ନା ନକରି ଦୂରେଇ ଯାଉଥିବା ମନୋଭାବାପନ୍ନ (ବ୍ୟକ୍ତି) ।

**ପଳାୟିତ** *ବିଂ.* ପଳାଇଯାଇଥିବା, ନିରୁଦ୍ଦିଷ୍ଟ ହୋଇଥିବା ।

**ପଳାଶ, ପଲାଶ** *ବି.* ୧. କିଂଶୁକ, ପଲ୍‌ସା, ଲାଲ ରଙ୍ଗର ସୁନ୍ଦର ବାସ୍ନାହୀନ ଫୁଲ ଫୁଟୁଥିବା ଗଛ, ସେହି ଫୁଲ ୨. ପତ୍ର ୩. ଫୁଲର ପାଖୁଡ଼ା ।

**ପଳିତ** *ବିଂ.* ୧. ବୟସ ଅଧିକ ଯୋଗୁଁ ବାଳ ଧଳା ହୋଇଯାଇଥିବା ୨. ପାଚିଲା, ସୁପକ୍ୱ ।

**ପଲ୍‌ନା** *ବି.* ୧. କାଦୁଅ ଭରତି ଗାଡ଼ିଆ ୨. ଦୋଳି, ଝୁଲଣା ।

**ପଲ୍‌ସ୍** *ବି.* ନାଡ଼ୀ, ନାଡ଼ୀର ସ୍ପନ୍ଦନ ।

**ପଲ୍‌ସ ପୋଲିଓ** *ବି.* ୧. ପୋଲିଓ ରୋଗର ପ୍ରତିଷେଧକ ରୂପେ ସେବନ କରାଯାଉଥିବା ଔଷଧ ୨. ପୋଲିଓ ରୋଗର ପ୍ରତିଷେଧ ଓ ନିରାକରଣ ନିମନ୍ତେ ଗ୍ରହଣ କରାଯାଇଥିବା କାର୍ଯ୍ୟକ୍ରମ ।

**ପଲ୍‌ସା** *ବି.* ପଳାଶ ।

**ପଲ୍‌ସାମୁଡ଼ି ଯିବା** *କ୍ରି.* ପସନ୍ଦ କରିଥିବା ପୁରୁଷ ପାଖକୁ କନ୍ୟା ନିଜେ ଯାଇ ପତ୍ନୀ ରୂପେ ରହିବା ।

**ପଲ୍‌ହା, ପଲା** *ବି.* ଚାରାଗଛ, ରୁଆ ହେବାପାଇଁ ଯୋଗ୍ୟ ଚାରା, ତଳି ।

**ପଲ** *ବି.* ୧. ପଶୁ ବା ପକ୍ଷୀମାନଙ୍କର ଦଳ, ଗୋଠ, ପଞ୍ଝା ୨. ସମୂହ ।

**ପଲଉ, ପଲାଉ** *ବି.* ଘିଅ ଏବଂ ବିଭିନ୍ନ ପ୍ରକାର ମସଲା ଦିଆ ତଥା ପରିବାପତ୍ର ବା ମାଂସର ଖେଚୁଡ଼ି ।

**ପଲକ** *ବି.* ୧. ଆଖିପତା ୨. ଗୋଟିଏ ପଲକ ବା ଥରେ ଆକ୍ଷିବନ୍ଦ କରି ଖୋଲିବାର ସମୟ, ନିମିଷ, କ୍ଷଣକ, ନିମେଷ ।

**ପଲକପାତ** *ବି.* ଆଖିପତା ପଡ଼ିବା, ଅତି ଅଳ୍ପ ସମୟ ମଧ୍ୟରେ ।

**ପଲକ ମାତ୍ରକେ** *କ୍ରି.ବିଂ.* ଆଖି ପିଛୁଳାକେ, କ୍ଷଣକରେ ।

**ପଲଙ୍କ** *ବି.* ଚାରିଖୁରା ଥାଇ କାଠ ତିଆରି କାରୁକାର୍ଯ୍ୟପୂର୍ଣ୍ଣ ଶୋଇବା ପାଇଁ ଖଟ, ପର୍ଯ୍ୟଙ୍କ ।

**ପଲଟଣ** *ବି.* ସୈନ୍ୟ, ଅର୍ଦ୍ଧ ସାମରିକ ବା ପୋଲିସ ପ୍ରଭୃତିର ଦଳ, ପ୍ଲାଟୁନ୍ ।

**ପଲଟିବା** *କ୍ରି.* ୧. ପାଲଟିବା, ବଦଳ କରିବା ୨. ଓଲଟି ପଡ଼ିବା ।

**ପଲବ, ପଲାବ** *ବି.* ମାଛଧରା ପୋଲୁହ, ଖପା ବା ଥପା ।

**ପଲମ** *ବି.* ଚଟକା ମାଟିପାତ୍ର, ତେଲାଉଣି, ତେଲୁଣି-ଯେଉଁଥିରେ ପିଠା ଆଦି ତିଆରି ହୁଏ ଏବଂ ଯାହାକୁ ଘୋଡ଼ଣି ଭାବରେ ମଧ୍ୟ ବ୍ୟବହାର କରାଯାଏ, ତେଲେନ୍ ।

**ପଲସ୍ତରା** *ବି.* କାନ୍ଥ ପ୍ରଭୃତିରେ ଦିଆଯିବା ବାଲିମିଶା ମାଟି ବା ସିମେଣ୍ଟ ଅଥବା ବାଲି-ଚୂନର ଲେପ ବା ଆସ୍ତରଣ, ପ୍ଲାଷ୍ଟର୍ ।

**ପଲସ୍ତି** *ବି.* ମଲମ, ଲୋସନ ।

**ପଲା** *ବି.* ୧. ନୂଆଣିଆ ପତ୍ର, ଛଣ ଛପର ଓ ଝାଟିମାଟି ତିଆରି ଘର ୨. ପଲ୍‌ହା, ତଳି, ଚାରାଗଛ ୩. ଦଣ୍ଡି ବା ଓଜନ ଯନ୍ତ୍ରର ଗୋଟିଏ ପାଖ ୪. ଝରକା ବା କବାଟର ଗୋଟିଏ ଫାଳ ।

**ପଲାଉ** *ବି.* ପଲଉ, ସୁସ୍ୱାଦୁ ମିଠା ଅନ୍ନ ବିଶେଷ ।

**ପଲାଣ** *ବି.* ପଶୁର ପିଠି ଉପରେ ପଡ଼ିଥିବା ଆସନ, ହାଉଦା ତଳର ଗଦି, ଜିନ ।

**ପଲାଣ୍ଡୁ** *ବି.* ପିଆଜ, ଓଏଲ, ଉଇଲ୍, ଉଲି ।

**ପଲାମ** *ବି.* ଜମି, ବିଲ, କିଆରି, କ୍ଷେତ ।

**ପଲିଟିକ୍‌ସ୍** *ବି.* ୧. ରାଜନୀତି, ରାଜ୍ୟ ଶାସନ ସମ୍ପର୍କିତ ନୀତି ୨. କୁଟିଳ ବୁଦ୍ଧି, କୁଟିଳତା ।

**ପଲିଟିକାଲ୍** *ବିଂ.* ରାଜନୀତିକ, ରାଜନୀତି ସମ୍ବନ୍ଧିତ ।

**ପଲିଟେକ୍‌ନିକ୍** *ବିଂ.* ବହୁ ବୈଷୟିକ ପାଠ୍ୟବିଷୟ ସମ୍ବନ୍ଧିତ ବା ପଢ଼ାଯାଉଥିବା ।

**ପଲ୍ଲବ** *ବି.* ୧. ଗଛଲତାରେ କଅଁଳି ଆସୁଥିବା ନୂଆପତ୍ର ୨. ଆଖିପତା ୩. ଅଳତା, ଅଲକ୍ତକ ।

**ପଲ୍ଲବଗ୍ରାହୀ** *ବିଂ.* ବିଭିନ୍ନ ବିଷୟରେ ଅଳ୍ପ ଓ ଅଗଭୀର ଜ୍ଞାନର ଅଧିକାରୀ, ଅଳ୍ପଜ୍ଞ ।

**ପଲ୍ଲବନ** *ବି.* ୧. ବିସ୍ତରଣ, ଅତିରଞ୍ଜନ ୨. ନୂଆ ଭାବରେ ଫୁଟିବା ବା ଅଙ୍କୁରିବା ।

**ପଲ୍ଲବିତ** *ବିଂ.* ୧. ନୂଆପତ୍ର ବାହାରିଥିବା ୨. ବୃଦ୍ଧିପ୍ରାପ୍ତ, ବିସ୍ତାରିତ ।

**ପଲ୍ଲବିବା** *କ୍ରି.* ୧. ମୁକୁଳିତ ହେବା, ପତ୍ର କଅଁଳିବା, ନୂଆ ପତ୍ର ବାହାରିବା ୨. ସମ୍ପ୍ରସାରିତ ହେବା, ଅଭିବ୍ୟକ୍ତ ହେବା ।

**ପଲ୍ଲବୀ** *ବି.* ୧. ଗଛ, ବୃକ୍ଷଲତା ୨. ଓଡ଼ିଶୀ ନୃତ୍ୟ ପ୍ରଦର୍ଶନରେ ବିଭାଗ ବିଶେଷ ।

**ପଲ୍ଲା, ପହ୍ଲା** *ବି.* ତଳି, ଚାରା ।

**ପଲ୍ଲୀ, ପଲ୍ଲି** *ବି.* ୧. ଛୋଟ ଗାଁ, ପାଲି, ଗୁଡ଼ା, ଗୁମ୍ଫା ୨. ଝିଟିପିଟି ।

**ପଲ୍ଲୀଗପ** *ବି.* ଗାଁ ଗହଳରେ ଚଳି ଆସିଥିବା କାହାଣୀ, ଲୋକ ତୁଣ୍ଡରେ କଥିତ କାହାଣୀ ।

**ପଲ୍ଲୀଗୀତ** *ବି.* ଲୋକତୁଣ୍ଡରେ ଜୀବନ୍ତ ପାରମ୍ପରିକ ଗୀତ ।

**ପଲ୍ଲୀସାହିତ୍ୟ** *ବି.* ଲୋକସାହିତ୍ୟ- ଯାହାର ସ୍ରଷ୍ଟାମାନଙ୍କର ପରିଚୟ ଅଜଣା ।

**ପଲ୍ୟୁଟେଡ୍** *ବିଂ.* ୧. ପ୍ରଦୂଷିତ ୨. ଦୋଷଦୁଷ୍ଟ, କଳଙ୍କିତ, ଦୁର୍ନୀତିଗ୍ରସ୍ତ ।

**ପଲ୍ୟୁସନ୍ ବି.** ପ୍ରଦୂଷଣ, ବାୟୁମଣ୍ଡଳ ବା ପରିମଣ୍ଡଳ ଦୂଷିତ ହେବା ଅବସ୍ଥା ।

**ପଶମ ବି.** ମେଣ୍ଢା, ଛେଳି ଆଦି ପଶୁଙ୍କ ଲୋମ ।

**ପଶମୀ/ପଶମ ବସ୍ତ୍ର ବି.** ପଶମରେ ତିଆରି ଲୁଗା ।

**ପଶା ବି.** ୧. ଏକ ପ୍ରକାର ଖେଳ, ଦ୍ୟୁତକ୍ରୀଡ଼ା, ଅକ୍ଷକ୍ରୀଡ଼ା ୨. ଛୁଞ୍ଚି, ଦାମ୍ଫଣ ଆଦିର ସୂତା ବା ରସି ପଶୁଥିବା କଣା ୩. କୋଡ଼ି, କାଙ୍କ, କୋଦାଳ ପ୍ରଭୃତିର ମୁଣ୍ଡି ; **ବିଂ.** ପଶିଥିବା, ପଶୁଥିବା, ପ୍ରବେଶ କରୁଥିବା ।

**ପଶାକାଠି ବି.** ପଶାଖେଳରେ ବ୍ୟବହୃତ ସଂଖ୍ୟା ଚିହ୍ନିତ କାଠି ।

**ପଶାଗୋଟି ବି.** ପଶାଖେଳରେ ବ୍ୟବହୃତ କାଠ ବା ଅନ୍ୟ ବସ୍ତୁରେ ତିଆରି ଗୋଟି ।

**ପଶାପାଲି ବି.** ପଶାଖେଳରେ ବ୍ୟବହୃତ ବିଭିନ୍ନ ରଙ୍ଗର ଘର ଥିବା ଚାରିକୋଣିଆ ପାଲି ।

**ପଶିବା କ୍ରି.** ୧. ପ୍ରବେଶ କରିବା ୨. ଭିତରକୁ ଯିବା ୩. ମନୋନିବେଶ କରିବା ୪. ବୁଝିବାପାଇଁ ଚେଷ୍ଟା କରିବା ।

**ପଶୁ ବି.** ୧. ଲାଙ୍ଗୁଡ଼ ଓ ଲୋମଥିବା ମାଟି ଉପରେ ବଞ୍ଚୁଥିବା ଚାରିଗୋଡ଼ିଆ ଜୀବ ୨. ମୂର୍ଖ, ଅବିବେକୀ, ଦୁଷ୍ଟ, ବିଚାରହୀନ ବ୍ୟକ୍ତି ।

**ପଶୁକ୍ରିୟା ବି.** ଯୌନସଙ୍ଗମ, ରତିକ୍ରୀଡ଼ା, ମୈଥୁନ ।

**ପଶୁପତି ବି.** ପଶୁମାନଙ୍କର ରକ୍ଷାକର୍ତ୍ତା , ଶିବ ।

**ପଶୁପାଳକ ବି.** ୧. ଶ୍ରୀମନ୍ଦିରରେ ସେବକ ଗୋଷ୍ଠୀ ବିଶେଷ ୨. ପୁଷ୍ପାଳକ ୩. ଈଶ୍ୱର ।

**ପଶୁରାଜ ବି.** ପଶୁମାନଙ୍କ ମଧ୍ୟରେ ସବୁଠାରୁ ବେଶି ଶକ୍ତିଶାଳୀ, ସିଂହ ।

**ପଶୁଶାଳା ବି.** ୧. ଚିଡ଼ିଆଖାନା ୨. ପଶୁମାନେ ରହୁଥିବା ଖୁଆଡ଼ ୩. ଗୁହାଳ ।

**ପଶ୍ଚାତ୍ ବି.** ୧. ପଛ, ପର ୨. ପରବର୍ତ୍ତୀ କାଳ ବା ସମୟ ୩. ପଶ୍ଚିମ ଦିଗ ; **ବିଂ.** ପଛରେ ଥିବା ; **ଅଂ.** ପରେ, ପଛରେ, ବାରାନ୍ତରେ ।

**ପଶ୍ଚାତ୍‌କମ୍ପନ ବି.** ଥରେ ହୋଇଥିବା ସ୍ଥାନରେ ଅଳ୍ପକାଳପରେ ପୁଣି ହେବା କମ୍ପନ, ଫେରନ୍ତା ଭୂମିକମ୍ପ ।

**ପଶ୍ଚାତ୍‌ଗାମୀ ବିଂ.** ୧. ଫେରିଆସୁଥିବା, ପଛେଇ ଯାଉଥିବା ୨. ପଛେ ପଛେ ଯାଉଥିବା, ଅନୁଗମନ କରୁଥିବା ।

**ପଶ୍ଚାତ୍ତାପ ବି.** ଅନୁତାପ, ଅନୁଶୋଚନା, କୌଣସି ଘଟଣା ବା ଆଚରଣପାଇଁ ଦୁଃଖ ବା ମନସ୍ତାପ ।

**ପଶ୍ଚାତ୍‌ପଦ ବି.** ୧. ପଛଘୁଞ୍ଚା, ପଛେଇ ଯିବା ୨. ଭୀରୁତା, ଶିଥିଳତା ।

**ପଶ୍ଚାଦ୍‌ଭାଗ ବି.** ପଛପାଖ, ପଛରେ ଥିବା ସ୍ଥାନ ।

**ପଶ୍ଚିମ ବି.** ୧. ସୂର୍ଯ୍ୟ ଅସ୍ତ ଯାଉଥିବା ଦିଗ, ପ୍ରତୀଚୀ ୨. ଶେଷ, ଅନ୍ତିମ ୩. ପିଠି ।

**ପଶ୍ଚିମା ବିଂ.** ପଶ୍ଚିମ ଦିଗର, ପଶ୍ଚିମ ଅଞ୍ଚଳ ଅନ୍ତର୍ଗତ ।

**ପଶ୍ୟତୋହର ବି.** ୧. ଦେଖୁଥିବା ଅବସ୍ଥାରେ ଯେ ଚୋରିକରି ନିଏ ୨. ଡକାଏତ ।

**ପସ୍‌କା ବିଂ.** ଫମ୍ପା, ପୋକରା, ଫସ୍‌କା, ପାପରା ।

**ପସ୍‌ତାନି ବି.** ଅନୁତାପ, ପଶ୍ଚାତ୍ତାପ, ପସ୍ତେନ୍ ।

**ପସ୍‌ତାବା କ୍ରି.** ଅନୁତାପ କରିବା, ପସ୍ତାଇବା ।

**ପସ୍‌ନା ବି.** ଝାଳ, ଶରୀରର ଲୋମକୂପରୁ ନିର୍ଗତ ପାଣି, ପସିନା ।

**ପସନ୍ଦ ବି.** ରୁଚି, ମନକୁ ପାଇବା, ମନୋମତ ; **ବିଂ.** ମନମୁତାବକ, ଭଲ ଲାଗୁଥିବା, ରୁଚିକର ।

**ପସରା ବି.** ୧. ବିକ୍ରି ପଦାର୍ଥ ଥିବା ଆଧାର ବା ବୋଝ ୨. ଛୋଟ ଦୋକାନ ।

**ପସଲ୍ ବି.** ଫସଲ, କ୍ଷେତରେ ଫଳୁଥିବା ଫଳ, ଶସ୍ୟ ।

**ପସାରି ଚୂଡ଼ା ବି.** ବାଲୁଙ୍ଗାଧାନରୁ ପ୍ରସ୍ତୁତ ଏକପ୍ରକାର ସରୁଚୂଡ଼ା ।

**ପସାରୀ ବି.** ଦୋକାନୀ, ଦୋକାନଦାର, ବିକାଳୀ, କୋଟଣୀ, କୁଟ୍‌ନୀ ।

**ପସାରୁଣୀ ବି.** ଔଷଧୀୟ ଲତା ବିଶେଷ-ଯାହାର ପତ୍ରର ଗନ୍ଧ ଅତ୍ୟନ୍ତ କଟୁ ।

**ପସିଆ ବି.** ତୋରାଣି, କାଞ୍ଜିପାଣି, ତୁନି, ପଖାଳ ଭାତରେ ଥିବା ବହଳ ପାଣି ।

**ପସୁମା ବି.** ଧାନ ମାପର ପାର-ରିକ ଏକକ ବିଶେଷ ।

**ପସୁରି ବି.** ପାଞ୍ଚସେର ଓଜନବିଶିଷ୍ଟ ତୁଳ ।

**ପସ୍ତାଇବା କ୍ରି.** ଅନୁତାପ କରିବା, ପଶ୍ଚାତ୍ତାପ କରିବା ।

**ପସ୍ତେନ ବି.** ପଶ୍ଚାତ୍ତାପ, ଅନୁତାପ ।

**ପହଁଡ ବି.** ପାହୁଣ୍ଡ, ପଦପାତ, ଥିରିଚାଲି, ପାଦ ଗଣିଗଣି ଚାଲି ।

**ପହଁଡ ମଣାଇବା ବି.** ପାଛୋଟି ନେବା, ପରଘେଇ ନେବା ।

**ପହଁଡିଆ ବି.** ରାତି ପାହିଆସୁଥିବା ସମୟ, ପାହାନ୍ତିଆ ।

**ପହଁରା, ପହରା ବି.** ୧. ଝାଡ଼ୁ, ସମାର୍ଜନୀ, ଖଡ଼ିକା, ବାଢୁଣି, ବିଢେଣି ୨. ପାଣି ଉପରେ ଭାସି ଗତି କରିବା, ସନ୍ତରଣ ।

**ପହଁରାଳି ବି.** ୧. ପହଁରୁଥିବା ବ୍ୟକ୍ତି ୨. ଖରକୁଥିବା, ଝାଡୁ ଦେଉଥିବା ଲୋକ ।

**ପହଁରିବା କ୍ରି.** ୧. ପାଣି ଉପରେ ଭାସି ଗତି କରିବା, ସନ୍ତରଣ କରିବା ୨. ପହଁରା କାର୍ଯ୍ୟ, ଝାଡ଼ୁଦେବା କାର୍ଯ୍ୟ ।

**ପହଁଲିବା କ୍ରି.** ମାଛ ଓ ମାଂସ ପ୍ରଭୃତି କାଟିବା ।

**ପହଞ୍ଚ ବିଂ.** ୧. ପହଞ୍ଚି ପାରୁଥିବା, ଛୁଇଁ ପାରୁଥିବା , ଉପନୀତ ହୋଇପାରୁଥିବା ୨. ପାଇବାକୁ ସମର୍ଥ ହୋଇନପାରୁଥିବା ୩. ସୀମା ।

**ପହଞ୍ଚାଇବା କ୍ରି.** ସୂତାକୁ ପାକଳ କରିବା ।

**ପହଞ୍ଚିବା କ୍ରି.** ଉପସ୍ଥିତ ହେବା, ଉପଗତ ହେବା, ପ୍ରବେଶ କରିବା, ପାଇବା ।

**ପହଣ୍ଡି** ୧. ସ୍ନାନ ଓ ରଥଯାତ୍ରା କାଳରେ ଶ୍ରୀମନ୍ଦିରସ୍ଥ ଦେବତାମାନଙ୍କୁ ରାଜକୀୟ ଠାଣିରେ ଟାଣି ଧୀରେ ଧୀରେ ଆଗେଇ ନେବା ୨. ଧୀରଗତି ।

**ପହଟାଇବା** ***କ୍ରି.*** ୧. ଜାଳିବା, ନିଆଁ ଧରାଇବା ୨. ଅଭ୍ୟସ୍ତ ହେବା, ପାଠ ଘୋଷିବା ।

**ପହଟିବା** ***କ୍ରି.*** ନିଆଁ ଧରିବା ।

**ପହଡ଼** ***ବି.*** ଦେବତା, ରାଜା, ସାମନ୍ତ ବା ସମ୍ମାନାସ୍ପଦ ବ୍ୟକ୍ତିମାନଙ୍କ ନିଦ୍ରାଯିବା ।

**ପହଡ଼ ଖୋଲିବା** ***କ୍ରି.*** ନିଦରୁ ଉଠିବା ପରେ କବାଟ ଖୋଲିବା ।

**ପହଡ଼ (ପହୁଡ଼) ପଡ଼ିବା** ***କ୍ରି.*** ୧. ଶୋଇବା ୨. କବାଟ ବା ପରଦା ବନ୍ଦ ହେବା ।

**ପହନା** ***ବି.*** ମାଛ ଜାଆଁଳ, ମାଛବିଜା ।

**ପହପଟ** ***ବି.*** ଖୋଲାପଡ଼ିଆ, ଖୋଲାସ୍ଥାନ ।

**ପହପହ** ***ବି.*** ପାହାନ୍ତିଆ, ସୂର୍ଯ୍ୟଉଇଁବା ପୂର୍ବସମୟ ।

**ପହର** ***ବି.*** ପ୍ରହର, ଦିନରାତି ଚବିଶଘଣ୍ଟାର ଆଠଭାଗରୁ ଏକ ଭାଗ, ତିନିଘଣ୍ଟା ପରିମିତ ସମୟ ।

**ପହରଣ** ***ବି.*** ପିନ୍ଧାବସ୍ତ୍ର, ପରିଧାନ, ବେଶଭୂଷା ।

**ପହରା** ***ବି.*** ୧. ଜଗିବା, ଅନ୍ୟମାନେ ଶୋଇଥିବା କାଳରେ ଜାଗ୍ରତ ରହି ସେମାନଙ୍କୁ ସୁରକ୍ଷା ଦେବା ୨. ଚାଲିଚଳଣି ୩. ଛାଞ୍ଚୁଣି, ଝାଡୁ ।

**ପହରାଦାର** ***ବି.*** ପ୍ରହରୀ, ଜଗୁଆଳି ।

**ପହରାଦାରି** ***ବି.*** ଜଗାରଖା କାର୍ଯ୍ୟ ।

**ପହରିକିଆ** ***ବିଂ.*** ମାତ୍ର ଗୋଟିଏ ପ୍ରହରପାଇଁ ।

**ପହଳି** ***ବି.*** ୧. ପ୍ରବଚନ, ପ୍ରହେଳିକା ୨. ପରିହାସ, ବ୍ୟଙ୍ଗ ।

**ପହଳିଆ** ***ବି.*** ପାଳିଆ ।

**ପହଳି କରିବା** ***ବି.*** ୧. କୌତୁକ ପ୍ରଶ୍ନ ପରସ୍ପରକୁ ପଚାରିବା ୨. ଟାପରା କରିବା

**ପହଲ୍** ***ବି.*** ୧. କୂଳ ୨. ପାର୍ଶ୍ୱ ୩. ପୋଲ ।

**ପହଲିବା** ***କ୍ରି.*** ଫୁଟାଣି ମାରି ହାତ ହଲେଇ ଚାଲିବା ।

**ପହଲିବିଆଣ** ***ବି.*** ପ୍ରଥମ ଥର ପାଇଁ ପ୍ରସବ, ପ୍ରଥମ ସନ୍ତାନ ଜନ୍ମ ।

**ପହା** ***ବି.*** ତଳି, ଗଜାଗଛ ।

**ପହାଡିୟା** ***ବିଂ.*** ୧. ଯତ୍ନ ନଥିବା ୨. ଅମନୋଯୋଗୀ ।

**ପହି** ***ବି.*** ୧. କିଆରିର ସୀମା ସୂଚକ ହିଡ଼ ୨. ଧାନ ବେଙ୍ଗଳାର ମେରୁଖୁଣ୍ଟ ୩. ଶଗଡ଼ଚକର ଅଂଶବିଶେଷ ।

**ପହିଆ** ***ବି.*** ଚକ, ଶଗଡ଼ର ଚକ ।

**ପହିଜ** ***ବି.*** ୧. ଗଉଁ, ଅହଂକାର, ବଡ଼ପଣ, ଗର୍ବ ୨. ଗୋଳମାଳ, ଗଣ୍ଡଗୋଳ, ବେଖାତିର, ଆଗପଛ ହେଉଥିବା ।

**ପହିଲମାନ** ***ବି.*** ମାଲ, ମଲ୍ଲଯୋଦ୍ଧା ।

**ପହିଲମାନି** ***ବି.*** ୧. ମଲ୍ଲଯୁଦ୍ଧ ସମ୍ବନ୍ଧିତ ତାଲିମ ବା ବିଷୟ ୨. ବୀରତ୍ୱ, ଶାରୀରିକ ଔଦ୍ଧତ୍ୟ ।

**ପହିଲା** ***ବି.*** ମାସର ପ୍ରଥମ ଦିନ ବା ତାରିଖ ; ***ବିଂ.*** ପ୍ରଥମ, ଆଦ୍ୟ ।

**ପହିଲି** ***ବିଂ.*** ୧. ପ୍ରଥମ, ଆଦ୍ୟ, ପ୍ରାରମ୍ଭିକ, ପୋଢୁଆଁ ୨. ବଡ଼ ।

**ପହିଲିଭୋଗ** ***ବି.*** ଶ୍ରୀମନ୍ଦିରରେ ପହିଲୁ ବା ଶୀଘ୍ର ହେବା ଭୋଗ (ଧନୁସଂକ୍ରାନ୍ତିଠାରୁ ମକରସଂକ୍ରାନ୍ତି ପର୍ଯ୍ୟନ୍ତ ଦିଆହେବା ଭୋଗ), ପାହାନ୍ତି (ଭୋଗ) ।

**ପହିଲୁ** ***କ୍ରି.ବିଂ.*** ପ୍ରଥମରୁ, ଆଦ୍ୟରୁ ।

**ପହିଲେ** ***କ୍ରି.ବିଂ.*** ପ୍ରଥମରେ, ପ୍ରଥମେ, ଆଗଆଗ ।

**ପହୁଡ଼** ***ବି.*** ପହଡ଼ ।

**ପହୁଡ଼ିବା** ***କ୍ରି.*** ଶୋଇବା, ନିଦଯିବା ।

**ପହୁନା** ***ବି.*** କୁଣିଆ, ପହଁରିବା, ଅତିଥି, କୁଟୁଆ ।

**ପହ୍ନା** ***ବି.*** ପଶୁର ସ୍ତନ, ଅନା ।

**ପହ୍ନାଇବା** ***କ୍ରି.*** ୧. ପହ୍ନା ବା ସ୍ତନରେ କ୍ଷୀର ପୂର୍ଣ୍ଣ ହେବା ୨. କ୍ଷୀର ଦେବାପାଇଁ ଇଚ୍ଛା ପ୍ରକାଶ କରିବା ୩. ନିଜର ମନକଥା କହିବା ପାଇଁ ଇଚ୍ଛୁକ ହେବା ।

**ପହ୍ନା ଖସାଇଦେବା** ***କ୍ରି.ବିଂ.*** ସାବାଡ କରିବା, ଜବତ କରିବା, ଓରମାନ ମେଣ୍ଟାଇବା ।

**ପହ୍ନା ଖସିବା** ***କ୍ରି.*** ସନ୍ତାନ ଜନ୍ମ ପୂର୍ବରୁ ପହ୍ନା ବଢ଼ି ବଡ଼ ଦେଖାଯିବା ।

**ପହ୍ନା ଶୁଖାଇବା** ***କ୍ରି.*** ଦୁଧ ଦେବାପାଇଁ ଗାଇ ଅନିଚ୍ଛା ପ୍ରକାଶ କରିବା ।

**ପକ୍ଷ** ***ବି.*** ୧. ଡେଣା, ପର ୨. ତରଫ, ପଟ, ପାଖ ୩. ଅଂଶ, ଭାଗ ୪. ମାସର ଅଧା ବା ପନ୍ଦର ଦିନ ୫. ଦଳ ବା ଗୋଷ୍ଠୀ ୬. ଯାଉଁଳି କବାଟର ଗୋଟିଏ ଫାଳ ୭. ଏକାଧିକ ପତ୍ନୀ ମଧ୍ୟରୁ ଗୋଟିଏ ଯଥା- ପ୍ରଥମ ପକ୍ଷ, ଦ୍ୱିତୀୟ ପକ୍ଷ, ତୃତୀୟ ପକ୍ଷ (ସ୍ତ୍ରୀ) ୮. ସହାୟ ।

**ପକ୍ଷପାତ** ***ବି.*** ୧. ଦୁଇ ପକ୍ଷ ମଧ୍ୟରୁ ଗୋଟିଏ ପକ୍ଷକୁ ଅନ୍ୟାୟ ସମର୍ଥନ ୨. ଆସକ୍ତି ବା ସ୍ନେହଯୋଗୁଁ କାହାରି ପକ୍ଷ ସମର୍ଥନ ।

**ପକ୍ଷପାତିତା** ***ବି.*** ଗୋଟିଏ ପକ୍ଷ ବା ଦଳପ୍ରତି ଅଧିକ ଆସକ୍ତି ବା ଅନୁଗ୍ରହ ଦେଖାଇବା ।

**ପକ୍ଷପାତୀ** ***ବିଂ.*** ପକ୍ଷପାତ କରୁଥିବା ।

**ପକ୍ଷାଘାତ** ***ବି.*** ରୋଗଯୋଗୁଁ ଶରୀରର କୌଣସି ଗୋଟିଏ ପାଖ ଅଚଳ ହୋଇପଡ଼ିବା, ଏକାଙ୍ଗୀ ବାତ, ପାରାଲିସିସ୍ ।

**ପକ୍ଷାନ୍ତ** ***ବି.*** ଗୋଟିଏ ପକ୍ଷର ଶେଷ ଦିନ (ପୂର୍ଣ୍ଣିମା ଅଥବା ଅମାବାସ୍ୟା) ।

**ପକ୍ଷାନ୍ତର** ***ବି.*** ଅନ୍ୟପକ୍ଷ, ଅପରପକ୍ଷ ।

**ପକ୍ଷାନ୍ତରେ** ***କ୍ରି.ବିଂ.*** ଅଥବା, କିମ୍ବା, ପରନ୍ତୁ, ଅନ୍ୟପକ୍ଷରେ ।

**ପକ୍ଷୀ** ***ବି.*** ପକ୍ଷ ବା ଡେଣାଥିବା ଜୀବ, ଚଢ଼େଇ, ବିହଙ୍ଗ, ଚେରେ, *ସ୍ତ୍ରୀ.* ପକ୍ଷିଣୀ ।

**ପକ୍ଷୀରାଜ** ***ବି.*** ପକ୍ଷୀମାନଙ୍କ ମଧ୍ୟରେ ରାଜା ବା ଶ୍ରେଷ୍ଠ, ଗରୁଡ଼ ।

**ପକ୍ଷ୍ମ** ***ବି.*** ୧. ଆଖିପତାର ଲୋମ ୨. ଚଢ଼େଇ ଡେଣାର ପର ।

**ପକ୍ଷ୍ମପାତ** ***ବି.*** ଆଖିପତା ପକାଇବା, ପଲକପାତ ।

**ପାଁଜଲ** ***ବି.*** ପାଉଁଜି, ନୂପୁର, ପାଇଝଲ ।

**ପାଂଶୁ** ***ବି.*** ୧. ପାଉଁଶ ୨. ଧୂଳି ୩. ପାପ, କଳଙ୍କ ୩. ସ୍ଥାବର ସମ୍ପତ୍ତି ।

**ପାଂଶୁକ** ***ବିଂ.*** ୧. ଧୂଳିଧୂସରିଆ ୨. ଦୁଷ୍ଟ, ଖଳ, ମନ୍ଦ ସ୍ୱଭାବ ବିଶିଷ୍ଟ ୩. ଲମ୍ପଟ ।

**ପାଂଶୁକୀ** ***ବିଂ.*** ଅସତୀ ନାରୀ ।

**ପାଂଶୁଳ** ***ବିଂ.*** ପାଉଁଶିଆ, ଧୂଳିଆ ; ***ବି.*** ଲୁଣି ମାଟିରୁ ବାହାର କରାଯାଉଥିବା ଲୁଣ ।

**ପାଆ** ***ବି.*** ୧. ପାଦ, ପାଦତଳ ୨. ଏକ ଚତୁର୍ଥାଂଶ ; ***କ୍ରି.*** ୧. ପାଆ, ଗ୍ରହଣ କର ୨. ଉପଭୋଗ କର ।

**ପାଆକିଆ** ***ବିଂ.*** ଏକ ପାଆ ପରିମାଣ ବିଶିଷ୍ଟ ।

**ପାଆଧୂଆ** ***ବିଂ.*** ପାଦ ଧୋଇବା ପାଇଁ ବ୍ୟବହୃତ (ପାତ୍ର) ।

**ପାଆଭାଗ** ***ବି.*** ୧. କୌଣସି ପଦାର୍ଥର ଚାରି ଭାଗରୁ ଏକ ଭାଗ, ଏକ ଚତୁର୍ଥାଂଶ, ଚଉଠେ ୨. ଘରର ପିଣ୍ଡା ।

**ପାଇଁ** ***ଅ.*** ଯୋଗୁଁ, ନିମିତ୍ତ, ହେତୁ, କାରଣ ।

**ପାଇଣ୍ଡା** ***ବି.*** ପୂର୍ବେ ଅଛୁଆଁ କୁହାଯାଉଥିବା ଜାତି ବିଶେଷ ।

**ପାଇ** ***ବି.*** ୧. ପାହୁଲା, ଏକ ପଇସାର ତିନି ଭାଗ ୨. ନାନୀ, ବଡ଼ଭଉଣୀ ୩. କାଖ, ଅଣ୍ଟାର ଉପର ଅଂଶ ।

**ପାଇକ** ***ବି.*** ୧. ପୂର୍ବକାଳରେ ଓଡ଼ିଶାର ସୈନିକ ଶ୍ରେଣୀ ୨. ପଦାତିକ ସୈନ୍ୟ ୩. ମୂଳତଃ ଯୋଦ୍ଧା ଜାତି ବିଶେଷ ୪. (ପୂର୍ବେ) ଗ୍ରାମରକ୍ଷକ, ପିଆଦା ।

**ପାଇକଛା** ***ବି.*** ପିନ୍ଧା ଲୁଗାର ଆଗପାଖ ଫେରକୁ ଦୁଇ ଜଙ୍ଘ ମଝିରେ ନେଇ ପଛପାଖ ଅଣ୍ଟାରେ ଖୋସିବା ରୀତି, ମାଲକଛା ।

**ପାଇକଛା ମାରିବା** ***କ୍ରି.*** ପାଇକଛା ଭିଡ଼ି ଲୁଗାପିନ୍ଧିବା ।

**ପାଇ କରିବା** ***କ୍ରି.*** କାଖ କରିବା ।

**ପାଇକାରୀ** ***ବି.*** ଖୁଚୁରାରେ କୌଣସି ପଦାର୍ଥ ବିକୁଥିବା ଦୋକାନୀ ; ***ବିଂ.*** ମୋଟା ଆକାରରେ ଜିନିଷ କିଣୁଥିବା ।

**ପାଇକାଳି** ***ବିଂ.*** ୧. ପାଇକମାନଙ୍କର ପ୍ରାପ୍ୟ ୨. ପାଇକମାନେ ରହୁଥିବା/ବ୍ୟବହାର କରୁଥିବା ।

**ପାଇଖାନା** ***ବି.*** ହଗିବା ପାଇଁ ଉଦ୍ଦିଷ୍ଟ ସ୍ଥାନ, ହଗରିଖାନା, ହଗରିଘର, ପାଇଖିନିଆ, ପାୟୁଖାନା ।

**ପାଇଜାମା** ***ବି.*** ଚଉଡା ପତଲୁନ, ଅଣ୍ଟାଠାରୁ ପାଦ ପର୍ଯ୍ୟନ୍ତ ଲମ୍ବିଥିବା ଢ଼ିଲା ପ୍ୟାଣ୍ଟ ।

**ପାଇଟି** ***ବି.*** ୧. କାମ ୨. ଛୋଟ ଚାକିରି ୩. କାରିଗରି ।

**ପାଇଟିପତର** ***ବି.*** କାମଦାମ, କାମଧନ୍ଦା ।

**ପାଇଣି** ***ବି.*** ପିତଳତିଆରି ଗୋଡ଼ଖଡ଼ୁ ।

**ପାଇନ୍** ***ବି.*** ବରଫାଚ୍ଛାଦିତ ଅଞ୍ଚଳରେ ସାଧାରଣତଃ ବଢୁଥିବା ଛୁରୀପରି ପତ୍ର ଓ ହାଲୁକା କାଠ ବିଶିଷ୍ଟ ଏକ ପ୍ରକାରର ଗଛ ଯାହା ମୂଳଠାରୁ ଅଗ ଆଡ଼କୁ କ୍ରମଶଃ ଗୋଜିଆ ହୋଇଥାଏ ।

**ପାଇପ୍** ***ବି.*** ଧାତୁ, ପ୍ଲାଷ୍ଟିକ, ରବର ଆଦିରେ ତିଆରି ପୋଲା ନଳ- ଯାହା ସାହାଯ୍ୟରେ ତରଳ ପଦାର୍ଥ ପରିବହନ କରାଯାଏ ।

**ପାଇବା** ***କ୍ରି.*** ୧. ପଠାହୋଇଥିବା ବା ଦିଆହୋଇଥିବା ବସ୍ତୁ ପହଞ୍ଚିବା, ପ୍ରାପ୍ତହେବା ୨. ଲାଭ କରିବା ୩. ପାହିବା, ସକାଳ ହେବା ୪. ଛୁଇଁବା, ସ୍ପର୍ଶ କରିବା ୫. ଯଥେଷ୍ଟ ହେବା, ନିଅଣ୍ଟ ନ ହେବା ୬. (ଭୋଗ ଆଦି) ସେବା କରିବା ।

**ପାଇବାଟ** ***ବି.*** ମୁଖ୍ୟ ରାସ୍ତା କଡ଼ର ବାଟ ।

**ପାଇରିଆ** ***ବି.*** ଏକ ପ୍ରକାରର ଦାନ୍ତରୋଗ ।

**ପାଉଁଜ, ପାଉଁଜି** ***ବି.*** ପାଦ ଉପରକୁ ପିନ୍ଧାଯାଉଥିବା ଝୁମୁକାଲଗା ରୁପା ତିଆରି ଅଳଙ୍କାର, ପାଏଝଲ୍, ନୂପୁର ।

**ପାଉଁରୁଟି** ***ବି.*** ସେକା ହୋଇ ତିଆରି ହୋଇଥିବା ମଇଦାର ଫୁଲାରୁଟି ।

**ପାଉଁଶ** ***ବି.*** ଖାର, ଛାର, ଭସ୍ମ, କୌଣସି ପଦାର୍ଥ ପୋଡ଼ିଯିବା ପରେ ତାହାର ଅବଶେଷ ।

**ପାଉଁଶିଆ** ***ବିଂ.*** ୧. ପାଉଁଶରଙ୍ଗ ବିଶିଷ୍ଟ ୨. ଶେଥା, ଜ୍ୟୋତିହୀନ, ପାଣ୍ଡୁର ।

**ପାଉଁସି** ***ବି.*** ୧. ପଞ୍ଜରାହାଡ଼ ୨. ପନିକି ।

**ପାଉ** ***ବିଂ.*** ୧. ଫାଉ, ଠକ ୨. ଦଗାଦିଆ, ଧପ୍‌ପାବାଜ ।

**ପାଉଗିରି** ***ବି.*** ଠକପଣ, ଧପ୍‌ପାବାଜି ।

**ପାଉଛ୍** ***ବି.*** ପାହାଚ, ପାବଛ ।

**ପାଉଡ଼ର** ***ବି.*** ୧. ଚୂନା, ଗୁଣ୍ଡ, ଚୂର୍ଣ୍ଣ ୨. ପ୍ରସାଧନ ପାଇଁ ବ୍ୟବହୃତ ସୁବାସିତ ଚୂର୍ଣ୍ଣ ।

**ପାଉଡ଼ର୍ ପାଟି** ***ବି.*** କୋକିନ୍ ନିଶା କରୁଥିବା ଦଳ ।

**ପାଉଡ଼ୀ** ***ବିଂ.*** ପାହାଡ ଉପରେ ରହୁଥିବା; ***ବି.*** ଜନଜାତି ପୂଜିତ ଦେବୀବିଶେଷ ।

**ପାଉଣା *ବି.*** ମଜୁରି ବା କାମ ପାଇଁ ପାଇବା ଟଙ୍କା ପଇସା, ସେବା ପାଇଁ ପ୍ରାପ୍ୟ ଧନ ।

**ପାଉଣାପତର *ବି.*** ପାଇବାକୁ ଥିବା ପଦାର୍ଥ ବା ଅର୍ଥ ।

**ପାଉଣାଦାର *ବି.*** ପାଉଣା ପାଇବା ବ୍ୟକ୍ତି ।

**ପାଉଣ୍ଡ୍ *ବି.*** ୧. ଇଂଲଣ୍ଡର ପ୍ରଚଳିତ ମୁଦ୍ରା ୨. ମାପ ବିଶେଷ, ପ୍ରାୟ ଅଧସେର / ଅଧ କିଲୋ ପରିମାଣ ।

**ପାଉତି *ବି.*** ୧. ସ୍ୱୀକୃତି ଚିହ୍ନିତ ପତ୍ରରସିଦ୍ ୨. ପ୍ରାପ୍ତି ସ୍ୱୀକାର ।

**ପାଉତି କାଟିବା *କ୍ରି.*** ଫିଜ୍, ଖଜଣା ଆଦି ଦେବା ପରେ ମୋହର ଦେଇ ରସିଦ୍ ଲେଖାହେବା ।

**ପାଉପଣ *ବି.*** ଠକାମି, ଶଠତା, ଧପ୍‌ପାବାଜି ।

**ପାଉଭାଜି *ବି.*** ପାଉରୁଟି ସହିତ ତରକାରୀ ।

**ପାଉରା *ବି.*** ମହୁଲି ମଦ ।

**ପାଏ *ବି.*** ୧. ମାପ ବା ଓଜନର ଚାରିଭାଗରୁ ଏକ ଭାଗ ୨. ଚଉଠେ ୩. ଏକସେର ବା କିଲୋଗ୍ରାମର ଚାରିଭାଗରୁ ଭାଗେ, ୨୫୦ ଗ୍ରାମ ।

**ପାଏଡା *ବି.*** ଦେବାଦେବୀ, ରାଜା ବା ବିଶିଷ୍ଟ ବ୍ୟକ୍ତିମାନଙ୍କ ଯିବା ବାଟରେ ବିଛାଯାଉଥିବା ଲୁଗା ବା ଗାଲିଚା ।

**ପାଏନ୍ *ବି.*** ପାଣି, ଜଳ ।

**ପାଏନ୍‌କଖାରୁ *ବି.*** ପାଣିକଖାରୁ ।

**ପାଏନ୍‌କୁଆ *ବି.*** ପାଣିକୁଆ, ମାଛ ଶିକାର କରୁଥିବା କାଉ ଜାତୀୟ ଚଢ଼େଇ ବିଶେଷ ।

**ପାଏନ୍‌ଛେରୁ *ବି.*** ପାଣିକୁ ଡରୁଥିବା ଲୋକ, ଗାଧୋଇବା ପାଇଁ ଅନିଚ୍ଛୁକ ଲୋକ ।

**ପାଏନ୍‌ଦିଆ *ବି.*** ତର୍ପଣ କରିବା, ତର୍ପଣ ।

**ପାଏନ୍ ପଇଟ୍ *ବି.*** ପାଠଘୋଷି ସମ୍ପୂର୍ଣ୍ଣ ଆୟତ୍ତ କରିବା ।

**ପାଏନ୍ ପଲଟା *ବି.*** ବିବାହର ପୂର୍ବଦିନ ରାତିରେ ପୋଖରିରୁ ଅଣାଯାଉଥିବା ପାଣି ।

**ପାଏନ୍‌ବୁଡ଼ି *ବି.*** ପାଣିକୁଆ ।

**ପାଏନ୍‌ବୁଡୁ, ପେନ୍‌ବୁଡୁ *ବିଂ.*** ଜନ୍ମରୁ ପାଣିରେ ଗାଧୋଇବା ଛୁଆ ।

**ପାଏନ୍‌ଶାଗ *ବି.*** ସୁନୁସୁନିଆ ଶାଗ ।

**ପାଏ ପଡ଼ିବା *କ୍ରି.*** ୧. ପାଦତଳେ ପଡ଼ିବା ୨. ନମସ୍କାର କରିବା ୩. ମିନତି କରିବା ।

**ପାଏର *ବି.*** ଦୁଇ ଫସଲ କିଆରି ମଝିର ବିଭାଜନ ଅଂଶ, ହିଡ଼, ଆଡ଼ି ।

**ପାଏସ *ବି.*** ଚାଉଳ, ଚିନି, ଦୁଧରୁ ତିଆରି ଏକ ପ୍ରକାରର ସ୍ୱାଦିଷ୍ଟ ତରଳ ଗାଢ଼ ଖାଦ୍ୟ, କ୍ଷିରୀ, ପାୟସ ।

**ପାକ୍‌ତା *ବିଂ.*** ପୋଖତ, ପାକଳ ।

**ପାକ୍‌ନା *ବି.*** କୌଣସି ପଦାର୍ଥ ବାଟି ଚିକ୍‌କଣ କରିବା ପାଇଁ ଚଟକା ପଥର ଖଣ୍ଡ, ଶିଳ, ପଖ୍‌ନା ।

**ପାକ *ବି.*** ୧. ରୋଷେଇ, ରାନ୍ଧିବା, ରାନ୍ଧଣା, ରୋଷେଇ କରିବା ୨. ସିଝାଇବା, ସିଦ୍ଧ କରିବା ।

**ପାକକାର *ବି.*** ରାନ୍ଧୁଣିଆ, ରୋଷେୟା ।

**ପାକଛାଡ଼ *ବି.*** ଚନ୍ଦ୍ରଗ୍ରହଣ ବା ସୂର୍ଯ୍ୟପରାଗ ଆଦି ସମୟରେ ରନ୍ଧନ କ୍ରିୟା ନିଷେଧ, ହାଣ୍ଡିଛାଡ଼ ।

**ପାକଯନ୍ତ୍ର *ବି.*** ୧. ଶରୀରର ଯେଉଁଠି ଖାଦ୍ୟ ହଜମ ପ୍ରକ୍ରିୟା ସମ୍ପାଦିତ ହୁଏ ୨. ପାକସ୍ଥଳୀ ୩. ରାନ୍ଧିବା ପାଇଁ ବ୍ୟବହୃତ ଯନ୍ତ୍ରଚୁଲି ।

**ପାକଶାଳା *ବି.*** ରୋଷେଇଘର ।

**ପାକସ୍ଥଳୀ *ବି.*** ପେଟର ଯେଉଁ ଅଂଶରେ ଖାଦ୍ୟ ପଦାର୍ଥର ହଜମ କାର୍ଯ୍ୟ ସମ୍ପାଦିତ ହୁଏ ।

**ପାକହାଣ୍ଡି *ବି.*** ଖାଦ୍ୟ ରନ୍ଧା ଯାଉଥିବା ପାତ୍ର ।

**ପାକଳ(ଲ) *ବିଂ.*** ୧. ପୋଖତ, ପୁଷ୍ଟ ୨. ସିଝା, ସିଦ୍ଧ ୩. ପକ୍ୱ, ପାଚିଥିବା ।

**ପାକଳାଇବା *କ୍ରି.*** ୧. ସୁତା ଆଦିକୁ ଟାଣ କରିବା ୨. ଫଳ ଆଦିକୁ ପଚେଇବା, ଖାଇବା ଉପଯୋଗୀ କରିବା ୩. କାମ ହାସଲ କରିବା ପାଇଁ ଫୁସୁଲେଇବା ।

**ପାକଲା *ବିଂ.*** ପାଚିଲା, ପାଚିଥିବା, ପରିଣତି ଲାଭ କରିଥିବା ; ***ବି.*** ପାଗ୍‌ଲା, ପାଗଳ ବ୍ୟକ୍ତି ।

**ପାକଲା ଗାମୁଛା *ବି.*** ଯେଉଁ ନୂଆ ଗାମୁଛା ବା ଲୁଗାକୁ ବିଭିନ୍ନ ଉପାୟରେ ନିଜ ରୁଚି ମୁତାବକ ରଙ୍ଗରେ କଷା ଯାଇଥାଏ ।

**ପାକଲାଦାନ୍ତ *ବି.*** ପାନଖାଇ ଲାଲ ଦିଶୁଥିବା ଦାନ୍ତ ଓ ମାଢ଼ି ।

**ପାକଲା ବୁଢ଼ା/ବୁଢ଼ୀ *ବି.*** ଅତ୍ୟନ୍ତ ବୁଢ଼ା ବୟସର ମଣିଷ ।

**ପାକଲାବାଳ *ବି.*** ପାଚି ଧଳା ହୋଇ ଯାଇଥିବା ବାଳ ।

**ପାକିଟ୍, ପାକିଟି *ବି.*** ୧. ପକେଟ, ପୋଷାକର ଭିତର ଅଥବା ବାହାର ପାଖରେ ତିଆରି କରାଯାଇଥିବା ଖୋପ, ମୁଣା ୨. ନିର୍ଦ୍ଦିଷ୍ଟ ସ୍ଥାନ ବା ଅଞ୍ଚଳ ।

**ପାକିଟ୍‌ମାର, ପାକିଟ୍‌ମାରୁ *ବି.*** ଅନ୍ୟଲୋକର ପକେଟ କାଟି ଅଥବା ପକେଟରେ ହାତପୂରାଇ ତା ଅଜାଣତରେ ଜିନିଷ ଚୋରି କରୁଥିବା ବ୍ୟକ୍ତି ।

**ପାକୁଆ** *ବିଂ.* ଦାନ୍ତ ନଥିବା ଲୋକ, *ସ୍ତ୍ରୀ.* ପାକୋଇ ।

**ପାକୁପାକୁ** *ଅ.* ୧. ପାଟିକୁ କ୍ରମାନ୍ୱୟେ ମେଲା ଓ ବନ୍ଦ କରିବା ୨. କଷ୍ଟରେ ପାଟିବାଟେ ନିଃଶ୍ୱାସ ନେବା ।

**ପାକୁଳା, ପାକୁଳି** *ବି.* ପାକୁଳି, ରୋମନ୍ଥନ, ପେଟ ଭିତରର ପଦାର୍ଥ ପାଟିକୁ ଆଣି ପୁଣି ଚୋବାଇ ଖାଇବା ପ୍ରକ୍ରିୟା ।

**ପାକୁଳା କରିବା** *କ୍ରି.* ୧. ରୋମନ୍ଥନ କରିବା ୨. କୌଣସି କଥାକୁ ବାରମ୍ବାର କହିବା ।

**ପାକୁଳିବା** *କ୍ରି.* ୧. ପାକୁଳି କରିବା ୨. ଖାଦ୍ୟ ବସ୍ତୁକୁ ଅନେକ ସମୟ ପାଟିରେ ରଖି ଚୋବାଇବା ।

**ପାଖ** *ବିଂ.* ୧. ନିକଟ ୨. ସଂଲଗ୍ନ ; *ବି.* ୧. ପାର୍ଶ୍ୱ ୨. ଦିଗ ୩. ସୀମା ।

**ପାଖଆଖ** *ବିଂ.* ନିକଟବର୍ତ୍ତୀ, ପାଖରେ ଥିବା, ଆଖପାଖ ।

**ପାଖଡ଼ା** *ବି.* ଏକ ପ୍ରକାର ଧଳାରଙ୍ଗର ଖଇର ।

**ପାଖଣ୍ଡ** *ବି.* ୧. ପାଏ, ଚାରିଭାଗରୁ ଏକଭାଗ ୨. ପାପୀ, ପାଷାଣ୍ଡ , *ସ୍ତ୍ରୀ.* ପାଖଣ୍ଡୀ ।

**ପାଖପଡ଼ିଶା** *ବି.* ଘର ଆଖପାଖରେ ରହୁଥିବା ଲୋକମାନେ, ସାଇପଡ଼ିଶା ।

**ପାଖ ମାଡ଼ିବା** *କ୍ରି.* ନିକଟକୁ ଆସିବା, ସମ୍ପର୍କ ରଖିବା ।

**ପାଖଲୋକ** *ବି.* ବିଶ୍ୱସ୍ତ ଲୋକ, ଅଙ୍ଗଲଗା ବା ନିକଟତମ ବ୍ୟକ୍ତି ।

**ପାଖା** *ବି.* କାଛଖୋପ, କଣମାଛିଆ, ଖୋଲ୍‌ନା, କାଚୁକୁରା ।

**ପାଖାପାଖି** *ବିଂ.* ଅତି ନିକଟ, ସନ୍ନିକଟ, ଲଗାଲଗି, ସନ୍ନିଧି ।

**ପାଖି** *ବି.* ୧. ଗଛକୁ କାଟି ପଟା କରିବା ସମୟରେ ଏହାର ଅଂଶା ନଥିବା ପାଖ ୨. ପାଖ, ପାର୍ଶ୍ୱ ୩. ସାମାନ୍ୟ ଆଡ଼ ଅବସ୍ଥା ।

**ପାଖିଆ** *ବିଂ.* କଡ଼ିକିଆ, ପାର୍ଶ୍ୱସ୍ଥ ।

**ପାଖିଆପାଖି** *କ୍ରି.ବିଂ.* ପାଖରେ, ନିକଟରେ, ପାଖାପାଖି ।

**ପାଖୁଆ** *କ୍ରି.ବିଂ.* ପାଖକୁ ଥିବା, ନିକଟରେ ଥିବା, ପହଞ୍ଚାଇଥିବା ।

**ପାଖୁଡା** *ବି.* ୧. ଫୁଲର ଦଳ ବା ଡେମ୍ଫରୁ ଫିଟିଯାଇଥିବା ଅଂଶ ୨. ପତଳା ସ୍ତର ।

**ପାଖେଇବା** *କ୍ରି.* ୧. ପାଖକୁ ଆସିବା ୨. କଡ଼େଇ ଯିବା ୩. ଆଡ଼ ହେଇଯିବା ୪. କଡ଼ରେ ରହିବା ।

**ପାଖେପାଖେ** *କ୍ରି.ବିଂ.* ନିକଟରେ, ପାର୍ଶ୍ୱରେ ।

**ପାଗ୍‌ରା** *ବି.* କାନଫୁଲ ।

**ପାଗ** *ବି.* ୧. ଜଳବାୟୁ, ବାତାବରଣ ପରିମଣ୍ଡଳର ଅବସ୍ଥା ୨. ଠେକା, ପଗଡ଼ି ୩. ରୋଷେଇ, ପାକ, ରନ୍ଧନ ୪. ସୁବିଧାସୁଯୋଗ, ଅନୁକୂଳ ଅବସ୍ଥା ।

**ପାଗ କରିବା** *କ୍ରି.* ୧. ପାକଳେଇବା ୨. କାର୍ଯ୍ୟକ୍ଷମ କରିବା, ବ୍ୟବହାର ଉପଯୋଗୀ କରିବା ୩. ରୋଷେଇ କରିବା ୪. ଗୁଡ଼କୁ ତରଳାଇ ଅଠାପରି କରିବା ।

**ପାଗପଟି** *ବି.* ପଗଡ଼ି, ଠେକା ।

**ପାଗପଟୁକା** *ବି.* ବେଶଭୂଷା ।

**ପାଗ ବାନ୍ଧିବା** *କ୍ରି.* ୧. ନିଜକୁ ସମ୍ପୂର୍ଣ୍ଣ ଭାବରେ ପ୍ରସ୍ତୁତ କରିବା, କୌଣସି କାମ ପାଇଁ ପ୍ରସ୍ତୁତ ହୋଇ ରହିବା ୨. ମୁଣ୍ଡରେ ପାଗ ଭିଡ଼ିବା ବା ବାନ୍ଧିବା ।

**ପାଗ ବିଗିଡ଼ିଯିବା** *କ୍ରି.* ୧. ଭାଗମାପ ନଷ୍ଟ ହୋଇଯିବା ୨. ଖରାପ ହୋଇଯିବା ୩. ଉପଯୋଗିତା ହରାଇବା ୪. ସୁଯୋଗ ହରାଇବା ।

**ପାଗ ଭିଡ଼ିବା** *କ୍ରି.* *ଦେ.* ପାଗ ବାନ୍ଧିବା , ପ୍ରସ୍ତୁତ ହେବା ।

**ପାଗଯୋଗ** *ବି.* ଅନୁକୂଳ ବା ଉଚିତ କାଳ ବା ସମୟ ।

**ପାଗଳ, ପାଗଲ** *ବି.* ବାୟା, ମୁଣ୍ଡ କାମ କରୁନଥିବା, ବିକୃତମସ୍ତିଷ୍କ ବ୍ୟକ୍ତି, *ସ୍ତ୍ରୀ.* ପାଗଳୀ ।

**ପାଗଳଖାନା** *ବି.* ପାଗଳମାନେ ରହି ଚିକିତ୍ସିତ ହେଉଥିବା ସ୍ଥାନ ବା ଘର ।

**ପାଗଳଗାରଦ** *ବି.* ପାଗଳଖାନା ।

**ପାଗଳାମି** *ବି.* ପାଗଳାପଣ, ବାତୁଳତା ।

**ପାଗଳୀ** *ବି.* ପାଗଳିନୀ, ବିକୃତମସ୍ତିଷ୍କା, ମୁଣ୍ଡ ଖରାପ ହୋଇଥିବା ନାରୀ ।

**ପାଗହାଣ୍ଡି** *ବି.* ୧. ଯେଉଁ ହାଣ୍ଡିରେ ଗୁଡ଼, ଚିନି ଆଦିରେ କୌଣସି ପଦାର୍ଥ ପାଗ କରାଯାଏ ୨. ଯେଉଁ ହାଣ୍ଡି କୌଣସି ମାଙ୍ଗଳିକ କାର୍ଯ୍ୟରେ ବିଧିବିଧାନର ସହିତ ବ୍ୟବହୃତ ହୋଇଥାଏ ।

**ପାଗା** *ବି.* ଲଗାମ, ଘୋଡାର ମୁହଁ ଦେଇ ଆସିଥିବା ଓ ଚଢ଼ାଳୀ ହାତରେ ଧରିବା ଦଉଡ଼ି, କଲିଆର ।

**ପାଗିବା** *କ୍ରି.* ୧. ବ୍ୟବହାର ଉପଯୋଗୀ ହେବା ୨. ପରିପୁଷ୍ଟ/ ପାକଳ ହେବା ୩. କୌଣସି ବସ୍ତୁକୁ ଚିନି ବା ଗୁଡ଼ର ଗରମ ଘୋଳରେ ମିଶାଇବା ।

**ପାଗୁଡ଼ି** *ବି.* ଫାଟକ, ଗେଟ୍, ପ୍ରବେଶଦ୍ୱାର ।

**ପାଗୋଡା** *ବି.* ବୌଦ୍ଧମନ୍ଦିର ।

**ପାଙ୍ଗଣ** *ବି.* ଗୁଣିଗାରେଡି, ତନ୍ତ୍ରମନ୍ତ୍ର-ଏହି ଉପାୟରେ କଥିତ ଅସାଧ୍ୟ ସାଧନ ।

**ପାଙ୍ଗନ୍ ନାଶନ୍** *ବି.* ପାଙ୍ଗଣ, ନାଶନ ପ୍ରଭୃତି ତନ୍ତ୍ରମନ୍ତ୍ର ବିଦ୍ୟା ଓ ଏହି ବିଦ୍ୟାର କଥିତ ବ୍ୟବହାର ।

**ପାଙ୍ଗିବା** *କ୍ରି* ୧. ଗୁଣିଗାରେଡ଼ି ଦ୍ୱାରା ଅନ୍ୟକୁ ବଶୀଭୂତ କରିବା ୨. ଦଣ୍ଡ ଦେଇ ଆୟତ୍ତ କରିବା ।

**ପାଙ୍ଗୁଆ** ***ବି.କ୍ରିବିଂ.*** ୧. ମାହାଳିଆ, ବିନା ମୂଲ୍ୟରେ ୨. ଖାଲିଟାରେ, ତୁଚ୍ଛାଟାରେ ।

**ପାଙ୍‌କ୍ତେୟ** ***ବିଂ.*** ୧. ଏକାଠି ବସି ଖାଇବା ପାଇଁ ଯୋଗ୍ୟ ୨. ସମୂହଙ୍କ ସହିତ ମିଶିବାର ଅଧିକାରୀ, ଗୋଷ୍ଠୀଭୁକ୍ତ ; ***ବିପ.*** ଅପାଙ୍‌କ୍ତେୟ ।

**ପାଚ୍‌ବା** ***କ୍ରି.*** ୧. (ଫଳ) ପାଚିବା, ପକ୍ୱ ହେବା, ପାକଳ ହେବା ୨. ଘାରେ ପୁଜ ହେବା, ଘା' ପାଚିଯିବା ।

**ପାଚକ** ***ବି.*** ରୋଷେୟା, ରାନ୍ଧୁଣିଆ; ***ବିଂ.*** ଜୀର୍ଣ୍ଣକାରକ ।

**ପାଚକପାଣି** ***ବି.*** ବିଭିନ୍ନ ମସଲାରେ ପ୍ରସ୍ତୁତ ଜୀର୍ଣ୍ଣକାରକ ପାନୀୟ ।

**ପାଚନ** ***ବି.*** ୧. ଔଷଧ, ରୋଗବିନାଶକାରୀ ପଦାର୍ଥ ୨. ଜୀର୍ଣ୍ଣକାରକ ଦରବେଇ ।

**ପାଚନକ୍ରିୟା** ***ବି.*** ଫଳ, ଘା, ବଥ ଆଦିକୁ ସିଦ୍ଧ ବା ପାକଳ କରିବା/ ପଚାଇବା ବିଧି ।

**ପାଚରେଇବା** ***କ୍ରି.*** ପଚାରିବା, ପୁଛିବା ।

**ପାଚଲା** ***ବିଂ.*** ପାଚିଲା, ପକ୍ୱ, ପାଚିଥିବା, ସିଦ୍ଧ ହୋଇଥିବା ।

**ପାଚି** ***ବି.*** ଭାତକୁ ପଚାଇ ଚେରମୂଳ ପ୍ରୟୋଗ କରି ତିଆରି କରାଯାଉଥିବା ମଦ୍ୟ ବିଶେଷ, ହାଣ୍ଡିଆ ମଦ ।

**ପାଚିଆ** ***ବି.*** ତାଳ/ ଖଜୁରିପତ୍ର, କାଇଁଚ ଓ ବାଉଁଶ ପାତିଆ ଆଦି ପଦାର୍ଥରେ ତିଆରି ଛୋଟ ଟୋକେଇ, ପାଛିଆ ।

**ପାଚିକା** ***ବି.*** ରାନ୍ଧୁଣୀ, ରାନ୍ଧନି, ରୋଷେୟାଣୀ ।

**ପାଚିଡି, ପାଚେଡ଼ି** ***ବି.*** ଚଟଣି ।

**ପାଚିବା** ***କ୍ରି.*** ପାକଳ ହେବା, ପକ୍ୱହେବା ।

**ପାଚିରି, ପାଚେରୀ** ***ବି.*** ଘର, ବଗିଚା ଆଦିର ଚାରିପାଖରେ ତିଆରି ବାଡ଼ ବା କାନ୍ଥ, ବେଢ଼ା ।

**ପାଚେଲି** ***ବି.*** ସରୁ, ଚେକା ଚେକା ଅଦାରେ ତେନ୍ତୁଳି ମଣ୍ଡ ଓ ଖଣ୍ଡ ମିଶାଇ ପ୍ରସ୍ତୁତ ଶ୍ରୀମନ୍ଦିରର ଭୋଗବିଶେଷ ।

**ପାଛା** ***ବି.*** ପଛଆଡ ।

**ପାଛା କରିବା** ***କ୍ରି.*** ପିଛା କରିବା, ଧରିବାପାଇଁ ପଛରେ ଗୋଡ଼ାଇବା ।

**ପାଛାଇବା** ***କ୍ରି.*** ପଛେଇକରି ଯିବା ।

**ପାଛିଆ, ପାଚିଆ** ***ବି.*** ଛୋଟ ଟୋକେଇ, ବାଉଁଶ ବା ବେତରେ ବୁଣା ଟୋକେଇ ।

**ପାଛୁଡା** ***ବି.*** ୧. ଚାଦର, ପୁଛୁଡ଼ା, ଘୋଡେଇହେଲା ୨. ଉତ୍ତରୀୟ, ଗାମୁଛା ; ***ବିଂ.*** ସଫା ହୋଇଥିବା, ପରିଷ୍କୃତ ।

**ପାଛୁଡ଼ିବା** ***କ୍ରି.*** କୁଲାରେ ଶସ୍ୟାଦିକୁ ପରିଷ୍କାର କରିବା ।

**ପାଛୋଟିବା** ***କ୍ରି.*** ନିମନ୍ତ୍ରଣ କରି ଆଣିବା, ସାଦର ଅଭ୍ୟର୍ଥନା କରି ଆଣିବା ।

**ପାଛୋଟି ଆଣିବା** ***କ୍ରି.*** ଶ୍ରଦ୍ଧାର ସହିତ ଡାକି ଆଣିବା ।

**ପାଛୋଟି ଦେବା** ***କ୍ରି.*** ସମ୍ମାନର ସହିତ ବିଦାୟ ଦେବା, ବଳେଇ ଦେଇ ଆସିବା ।

**ପାଜ୍‌ରିବା** ***କ୍ରି.*** ଝରିବା, ଝର ଫିଟିବା, ଝର ବୋହିବା, ପାଣିର ଉତ୍ସ ଖୋଲିଯିବା ।

**ପାଜି** ***ବିଂ.*** ୧. ଖଳ, ଦୁଷ୍ଟ, ଧୂର୍ତ୍ତ, ବଜ୍ଜାତ ୨. ଅନିଷ୍ଟକାରୀ ୩. ନୀଚ ।

**ପାଜିଗିରି** ***ବି.*** ଖଳ ପ୍ରକୃତି, ନୀଚତା, ବଜ୍ଜାତି, ଅବିବେକିତା ।

**ପାଞ୍ଚ** ***ବି.ବିଂ.*** ୧. ୫ ସଂଖ୍ୟା, ପଞ୍ଚ ୨. ଅନୁମାନ, ଭାବନା, ବିଚାର ୪. ଇଚ୍ଛା, କାମନା ।

**ପାଞ୍ଚ ଅବକାଶ** ***ବି.*** ଦେବତାଙ୍କର ପାଞ୍ଚଟି ଭିନ୍ନ ଭିନ୍ନ ସମୟରେ ବେଶ ପରିବର୍ତ୍ତନ ।

**ପାଞ୍ଚଜଣ** ***ବି.*** ୧. ସମାଜ ବା ଗୋଷ୍ଠୀର ଲୋକେ ୨. ସର୍ବସାଧାରଣ ୩. ଅନ୍ୟ ଲୋକମାନେ ।

**ପାଞ୍ଚଣ** ***ବି.*** ବାଉଁଶ କଣିର ବାଡ଼ି ।

**ପାଞ୍ଚନ** ***ବି.*** ଅନୁପାନ, ଔଷଧ, ରୋଗ ଉପଶମ ପାଇଁ ଔଷଧୀୟ ଚେରମୂଳର ସିଝା ପାଣି ।

**ପାଞ୍ଚି** ***ବି.*** ବ୍ରତ, ବିବାହ ଆଦି ମାଙ୍ଗଳିକ କାର୍ଯ୍ୟରେ କର୍ତ୍ତା ପିନ୍ଧୁଥିବା ମୋଟା ପାଟଲୁଗା ଓ ଗାମୁଛା ।

**ପାଞ୍ଚିବା** ***କ୍ରି.*** ୧. ଚିନ୍ତା କରିବା, ଭାବିବା ୨. ଅନୁମାନ କରିବା, କଳ୍ପନା କରିବା ୩. ସ୍ଥିର କରିବା ।

**ପାଞ୍ଜି** ***ବି.*** ଦେଶ, କାଳ ଅଥବା ବ୍ୟକ୍ତିର ଭଲମନ୍ଦ ଓ ଭବିଷ୍ୟତ ସୂଚିତ ପୁସ୍ତକ ୨. ହିସାବଖାତା ବା ବହି ।

**ପାଞ୍ଜିଆ** ***ବି.*** ପାଞ୍ଜି ଦେଖି ଶୁଭାଶୁଭ କହୁଥିବା ବ୍ୟକ୍ତି ।

**ପାଞ୍ଜିଆ କରଣ** ***ବି.*** ଶ୍ରୀମନ୍ଦିରର କରଣ ସେବକ ବିଶେଷ ।

**ପାଞ୍ଜିକାର** ***ବି.*** ୧. ଜ୍ୟୋତିଷୀ, ଗଣକ, ନାହାକ, ପାଞ୍ଜିଆ ୨. ହିସାବରକ୍ଷକ ।

**ପାଞ୍ଜିଛୁଆଁ** ***ବି.*** ୧. ଖଡ଼ିଛୁଆଁ, ପାଠ ଆରମ୍ଭ ୨. ସୁନିଆ ।

**ପାଟ୍‌କିରା** ***ବି.*** ସାଧବବୋହୂ ପୋକ, ପାଟପୋକ, ମଖମେଲ୍‌କିରା ।

**ପାଟ୍‌କେରା** ***ବି.*** ସଣ୍ଡୁଆସି, ପ୍ଲାସ୍, ଚିମୁଟା ।

**ପାଟ୍‌ପନିଆ** ***ବି.*** କଂକି, ସୂତାଚୋର (ପତଙ୍ଗ) ।

**ପାଟ** ***ବିଂ.*** ପ୍ରଧାନ, ଶ୍ରେଷ୍ଠ, ମୁଖ୍ୟ ; ***ବି.*** ୧. ଟସରରୁ ତିଆରି ବସ୍ତ୍ର ୨. ବିସ୍ତୃତ ଖାଲୁଆ ଜମି ୩. ଗାଁ ଠାରୁ ଦୂରରେ ଥିବା ୪. ବଂଶାନୁକ୍ରମିକ ପୁରୁଷ ବା ପିଢ଼ି ।

**ପାଟଅଗଣା** ***ବି.*** ଶ୍ରୀମନ୍ଦିରର ଭିତର ବେଢ଼ାର ଉତ୍ତର ପାର୍ଶ୍ୱରେ ଥିବା ପ୍ରଶସ୍ତ ଖୋଲା ସ୍ଥାନ ।

**ପାଟକ** ***ବି.*** ୧. ହିନ୍ଦୁମାନଙ୍କର ଜାତି ୨. ଗ୍ରାମର ଅଂଶ ୩. ଅବରୋଧ, ବାଧା ୪. ଫାଙ୍କ, ବ୍ୟବଧାନ ୫. ନଦୀକୂଳ ।

**ପାଟକପୁରା** ***ବି.*** ଏକ ପ୍ରକାର ସୁସ୍ୱାଦୁ ପାଚିଲା କଦଳୀ ।

**ପାଟଖଣ୍ଡା** ***ବି.*** ୧. ରାଜା ବ୍ୟବହାର କରୁଥିବା ଖଣ୍ଡା ୨. ଦେବୀ ବା ଦେବତାଙ୍କ ପାଖରେ ପୂଜା ପାଉଥିବା ଖଣ୍ଡା ୩. ଦେବୀରୂପରେ ପୂଜିତ ଖଣ୍ଡା ।

**ପାଟଘୋଡା** ***ବି.*** ରାଜାଙ୍କ ଘୋଡ଼ା ।

**ପାଟଛତି** ***ବି.*** ରାଜକୀୟ ଛତ୍ର, ରାଜା ବା ଦେବତାଙ୍କ ଉପରେ ଟେକା ଯାଉଥିବା ଛତ୍ର ।

**ପାଟଡୋର** ***ବି.*** ୧. ଟସର ସୂତାରେ ତିଆରି ରସି ବା ସରୁ ଦଉଡ଼ି ୨. ଜଗନ୍ନାଥଙ୍କ କୃପା ।

**ପାଟଣା** ***ବି.*** ୧. ଗ୍ରାମ ୨. ନଗର, ସହର ୩. ଜନବସତି ।

**ପାଟଦେଈ** ***ବି.*** ରାଜାଙ୍କ ଔରସରୁ ଜାତ ପ୍ରଥମ ଝିଅ, ରାଜାଙ୍କ ବଡ଼ଝିଅ, ଜେମାଦେଈ ।

**ପାଟପତନୀ** ***ବି.*** ଟସରରେ ତିଆରି ସୂକ୍ଷ୍ମ ଓ ମୂଲ୍ୟବାନ୍ ଲୁଗା ।

**ପାଟପୋକ** ***ବି.*** ୧. ସାଧବବୋହୂ, ପାଟ୍‌କିରା, ମଖ୍‌ମେଲ୍ କିରା ୨. ଟସରପୋକ ।

**ପାଟଫୁଲି** ***ବି.*** ୧. ଫୁଲି ଲାଗିଥିବା ସୂତାର ଫିତା-ଯାହାକୁ ଜୁଡ଼ା ବାନ୍ଧିବାରେ ନାରୀମାନେ ବ୍ୟବହାର କରନ୍ତି ୨. ପାଟଭଳି ସୂତାରେ ତିଆରି ପରଚୁଳ ବା ନକଲି ବାଳ ।

**ପାଟବ** ***ବି.*** ୧. ନିପୁଣତା, ପଟୁତା, ଦକ୍ଷତା ୨. ତେଜ ୩. ସୁନ୍ଦରତା ।

**ପାଟବାଲି** ***ବି.*** ସରୁବାଲି, ସରୁଧୂଳି ।

**ପାଟଭଣଜା** ***ବି.*** ବଡ଼ଭଣଜା ।

**ପାଟଭୁଆସୁଣୀ** ***ବି.*** ପାଟପୋକ, ସାଧବବୋହୂ, ମଖମେଲ୍ କିରା, ସାଧବପୋକ ।

**ପାଟମହିଷୀ** ***ବି.*** ରାଜାଙ୍କ ପ୍ରଥମ ପତ୍ନୀ ।

**ପାଟଯୋଷୀ** ***ବି.*** ରାଜାଙ୍କ ପ୍ରଧାନ ଜ୍ୟୋତିଷ ବା ଭବିଷ୍ୟତ ବକ୍ତା/ ଗଣକ ।

**ପାଟରା** ***ବି.*** ୧. ମନୋହାରୀ ଦ୍ରବ୍ୟ ବା ପ୍ରସାଧନ ସାମଗ୍ରୀ ବିକୁଥିବା ଜାତିବିଶେଷ ୨. ପାଟଲୁଗା ବୁଣୁଥିବା ବା ବିକିବା ଲୋକ ।

**ପାଟରାଣୀ** ***ବି.*** ରାଜାଙ୍କ ପ୍ରଥମ ପତ୍ନୀ, ରାଜମହିଷୀ ।

**ପାଟଳ** ***ବି.*** ଗୋଲାପୀ ରଙ୍ଗ, ଧଳା ଓ ଲାଲ ମିଶ୍ରିତ ରଙ୍ଗ ।

**ପାଟଳୀ** ***ବି.*** ବର୍ଷାଋତୁରେ ଫୁଟୁଥିବା ଗୋଲାପରଙ୍ଗ ବିଶିଷ୍ଟ ଫୁଲ ଏବଂ ତାହାର ଗଛ ।

**ପାଟଶାଳିଆ** ***ବି.*** ପାଟ ବୁଣିବା ଗୋଷ୍ଠୀ, ତନ୍ତୀ, ଲୁଗାବୁଣା ଜାତି ।

**ପାଟହାତୀ** ***ବି.*** ରାଜାଙ୍କ ହାତୀ ।

**ପାଟା** ***ବିଂ.*** ୧. ଚନ୍ଦା, ମୁଣ୍ଡରେ ବାଳ ନଥିବା ୨. ଟାଙ୍ଗରା ; ***ବି.*** ୧. ଖଇଁଚି ୨. କାଠପଟା ୩. ଜମିପଟା ।

**ପାଟାମୁଣ୍ଡ** ***ବି.*** ଚନ୍ଦାମୁଣ୍ଡ, ଟାଙ୍ଗରା ମୁଣ୍ଡ ।

**ପାଟି** ***ବି.*** ୧. ମୁଖଦ୍ୱାର, ତୁଣ୍ଡଦ୍ୱାର ୨. ଘର ଛାତର ଶେଣୀ ୩. କାଠର ପଟା ୪. ଫଳକ ୫. ଦକ୍ଷତା ।

**ପାଟିଆ** ***ବି.*** ୧. ଚଟେଇ, ପଟିଆ, ପଚ୍ଚି, ପତ୍ରତିଆରି ମଶିଣା ୨. ପଟାପଟା ଦାଗ ।

**ପାଟି କରିବା** ***କ୍ରି.*** ୧. ଚିତ୍କାର କରିବା ୨. ଉଚ୍ଚ ଶବ୍ଦରେ କହିବା ୩. ଗାଳି ଦେବା, ବିରକ୍ତି ପ୍ରକାଶ କରିବା ।

**ପାଟିକା** ***ବି.*** ୧. ଚୋପା, ଛାଲ ୨. ଗୋଟିଏ ଦିନର ମଜୁରି ।

**ପାଟି ଖନି ମାରିବା** ***କ୍ରି.*** ଶୀତ, ଭୟ ଅଥବା ଭାବପ୍ରବଣତା ଯୋଗୁ କଥା ସ୍ପଷ୍ଟ ଭାବରେ କହି ନ ପାରିବା ।

**ପାଟିତୁଣ୍ଡ** ***ବି.*** ୧. କୋଳାହଳ, ହୋହଲ୍ଲା ୨. କଳି, ଝଗଡ଼ା ।

**ପାଟି ପଡ଼ିଯିବା** ***କ୍ରି.*** ୧. କହିବା ଶକ୍ତି ହରାଇବା ୨. ମୃତ୍ୟୁ ପୂର୍ବର ଅବସ୍ଥା ହେବା ।

**ପାଟି ପାକୁପାକୁ କରିବା** ***କ୍ରି.*** ୧. ସ୍ପଷ୍ଟ ଭାବରେ କହି ନପାରିବା ୨. ଅସହାୟ ଅବସ୍ଥା, କଥା କହିବା ପାଇଁ ଶକ୍ତି ନପାଇବା ।

**ପାଟି ପାର୍‌ବା** ***କ୍ରି.*** ସୁନ୍ଥା କାଢ଼ିବା, ବାଳ କୁଣ୍ଡାଇ ଭାଗ କରିବା ।

**ପାଟି ଫିଟାଇବା** ***କ୍ରି.*** ତୁଣ୍ଡ ଖୋଲିବା, ସତକଥା କହିବା ।

**ପାଟି ଫିଟିବା** ***କ୍ରି.*** କଥା କହିବା ।

**ପାଟି ବଥାଇବା** ***କ୍ରି.*** ୧. କଥା କହି କହି ଥକି ପଡ଼ିବା ୨. ବିରକ୍ତ ଭାବ ପ୍ରକାଶ କରିବା ୩. ଅଧିକ କହିବା ।

**ପାଟିବା** ***କ୍ରି.*** ଖାଲ ପ୍ରଭୃତି ପୋତିବା, ଖାଲୁଆ ଜାଗାରେ ମାଟି, ବାଲି ପ୍ରଭୃତି ପକାଇ ପୂର୍ଣ୍ଣ କରିବା ।

**ପାଟି ବୁଜିବା** ***କ୍ରି.*** ନୀରବ ରହିବା, କଥା ନ କହିବା ।

**ପାଟିରୁ କଥା ଛଡ଼େଇ ନେବା** ***କ୍ରି.*** ଜଣକର ମନର କଥା ଆଉ ଜଣେ କହି ପକାଇବା ।

**ପାଟିସନ୍** ***ବି.*** ୧. ଘରର ସମ୍ପତ୍ତିବାଡ଼ି ଉତ୍ତରାଧୀକାରୀମାନଙ୍କ ମଧ୍ୟରେ ଭାଗ ହେବା, ବଣ୍ଟୁଆରା, ଭାଗବଣ୍ଟୁରା ୨. ବିଭାଜନ, ବିଭକ୍ତୀକରଣ ।

**ପାଟି ହେବା** ***କ୍ରି.*** ଗଣ୍ଡଗୋଳ ହେବା, ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହେବା ।

**ପାଟୀ** ***ବିଂ.*** ମୁଣ୍ଡରେ ବାଳ ନଥିବା, ଚନ୍ଦା; ***ବି.*** ୧. ତେଜ, ଦୀପ୍ତି ୨. ଶ୍ରେଣୀ ।

**ପାଟୀଗଣିତ** *ବି.* ଅଙ୍କଶାସ୍ତ୍ର ।

**ପାଟୁ** *ବି.* ୧. ଅଳନ୍ଧୁ, ଅନ୍ଧୁ ୨. ମଲ୍ଲଯୁଦ୍ଧରେ କୌଶଳ ପ୍ରୟୋଗ ।

**ପାଟୁଆ** *ବି.* ୧. ପଣା ବା ଚୈତ୍ର ସଂକ୍ରାନ୍ତିରେ ଦେବୀପୀଠରେ ଝାମୁ ନାଚ କରୁଥିବା ଭକ୍ତ ନର୍ତ୍ତକ ୨. ପାଟୁକା, ପାଟୁଙ୍ଗା, କଦଳୀ ଗଛର ଗଣ୍ଡିର ବିଭିନ୍ନ ପ୍ରସ୍ତର ସରୁ ସରୁ ଅଂଶ, ବାସୁଙ୍ଗା ।

**ପାଟୁଳ** *ବି.* ୧. କୁମନ୍ତ୍ରଣା ୨. ନିଜ ପାଖକୁ ଆଣିବା ପାଇଁ ଫୁସୁଲେଇବା ।

**ପାଠ** *ବି.* ୧. ବିଦ୍ୟା ୨. ପଠନ ୩. ଆବୃତ୍ତି, ପଢ଼ାପଢ଼ି, ଅଧ୍ୟୟନ ୪. ପଢ଼ିବା ପାଇଁ ଉଦ୍ଦିଷ୍ଟ ବିଷୟବସ୍ତୁ, ଟେକ୍ସଟ୍ ୫. ବୁଦ୍ଧି ।

**ପାଠକ** *ବି.* ୧. ପଢୁଥିବା ବ୍ୟକ୍ତି ୨. ଆବୃତ୍ତିକାରୀ ବ୍ୟକ୍ତି ୩. ଛାତ୍ର ।

**ପାଠଶାଠ** *ବି.* ୧. ଶିକ୍ଷା ଦୀକ୍ଷା ୨. ପଢ଼ାପଢ଼ି ।

**ପାଠଶାଳା** *ବି.* ବିଦ୍ୟାଳୟ, ସ୍କୁଲ, ଚାଟଶାଳୀ ।

**ପାଠାଗାର** *ବି.* ପଢ଼ିବା ପାଇଁ ବହି ରହୁଥିବା ଘର, ଗ୍ରନ୍ଥାଗାର, ଲାଇବ୍ରେରି ।

**ପାଠାନ୍ତର** *ବି.* ୧. ଅନ୍ୟ ପାଠ, ପାଠଭେଦ ୨. ସମ୍ପାଦିତ ବହିର ବିଭିନ୍ନ ପୋଥି ବା ସଂସ୍କରଣରେ କୌଣସି ଶବ୍ଦ, କଥା ବା ପ୍ରସଙ୍ଗ ଯେଉଁ ଭିନ୍ନ ଭିନ୍ନ ରୂପରେ ବା ଭାବରେ ଲେଖାଯାଇଥାଏ ।

**ପାଠୀ** *ବିଂ.* ୧. ପଢ଼ିଥିବା, ପାଠ କରିଥିବା ୨. ବେଦାଧ୍ୟାୟୀ ।

**ପାଠୁଆ** *ବିଂ.* ୧. ଶିକ୍ଷିତ, ପାଠପଢ଼ିଥିବା ୨. ବିଦ୍ୱାନ, ବିଦ୍ୟା ସାଧିଥିବା, *ସ୍ତ୍ରୀ.* ପାଠୋଇ ।

**ପାଠୋଦ୍ଧାର** *ବି.* ୧. ବହିରେ ଲେଖାଯାଇନଥିବା ଜଟିଳ, ଦୁର୍ବୋଧ୍ୟ ଭାବ ବା ଅର୍ଥକୁ ବୁଝାଇବା ୨. ଲୁପ୍ତପ୍ରାୟ ବିଦ୍ୟାକୁ ପୁନର୍ବାର ଚର୍ଚ୍ଚା କରିବା ବା ଲେଖିବା ।

**ପାଠ୍ୟ** *ବିଂ.* ଯାହା ପଠନୀୟ, ପଢ଼ିବା ପାଇଁ ଉପଯୋଗୀ ।

**ପାଡ୍** *ବି.* ୧. ଲୁଗାଧଡ଼ି, କିନାରା ୨. ଫଳ, ପରିବା ଆଦିର ଚୋପା ୩. ପାଡ଼ ।

**ପାଡ଼** *ବି.* ମଳଦ୍ୱାର ବାଟ ଦେଇ ବାହାରୁଥିବା ଦୁର୍ଗନ୍ଧ ବାୟୁ, ଅପାନବାୟୁ, ଅଧୋବାୟୁ ।

**ପାଡ଼କା** *ବି.* ଶେଯ, ଗଦି ।

**ପାଡ଼ରା** *ବିଂ.* ୧. ପେଟ ଦୋଷରୁ ବାରମ୍ବାର ପାଡୁଥିବା ୨. ଡରକୁଳା, ଭୟାଳୁ, ଛେରୁଆ ।

**ପାଡ଼ରା ପୋକ** *ବି.* ଛ ଗୋଟି ଗୋଡ଼ଥିବା ଦୁର୍ଗନ୍ଧ କୀଟ ।

**ପାଡ଼ା** *ବି.* ସାହି, ପଡ଼ା, ବସ୍ତି ।

**ପାଡ଼ା କରିବା** *କ୍ରି.* ଜମି ପ୍ରଥମ ଥର ଚାଷ କରିବା ।

**ପାଡ଼ାଜାଡ଼ା** *ବି.* ଅତିଶୟ ରୋଗରେ ପଡ଼ିବା ।

**ପାଡ଼ାପାଡ଼ା** *ବିଂ.* ବଡ଼ ପାଟିରେ ଉଚ୍ଚାରିତ ।

**ପାଡ଼ାପୁଡ଼ସି** *ବି.* ସାହିପଡ଼ିସା, ଆଖପାଖ ଘରର ଲୋକେ ।

**ପାଡ଼ିବା** *କ୍ରି.* ୧. ପେଟ ଭିତର ଦୂଷିତ ପବନ ମଳଦ୍ୱାର ବାଟେ ବାହାରିଯିବା ୨. ପକାଇବା ୩. ବାହାର କରିବା ୪. ଗଛରୁ ଫଳ ଆଦି ତୋଳିବା ୫. ଜୋରରେ ପାଟି କରିବା ୬. ଚାପି ଦେବା ।

**ପାଡୁ** *ବି.* ନିଶୁଣି, ଫଳୀ, ସିଡ଼ି ।

**ପାଡୁ ହୋଇଯିବା** *କ୍ରି.* ଧ୍ୱଂସ ହୋଇଯିବା, ନଷ୍ଟ ହୋଇଯିବା ।

**ପାଣ** *ବି.* ଚମଡ଼ାଛାଉଣି ବାଦ୍ୟଯନ୍ତ୍ରମାନ ତିଆରି କରୁଥିବା, ଢୋଲ ନାଗରା ଆଦି ବାଜା ବଜାଉଥିବା ତଥା ବାଉଁଶପାତିଆ, ବେତ ଆଦିରେ ଚଉକି, ପେଟରା, କୁଲା, ବାଉଁଶିଆ ଆଦି ଘରକରଣା ପଦାର୍ଥ ତିଆରି କରୁଥିବା ବା ଲୁଗା ବୁଣୁଥିବା ଜାତି ବିଶେଷ ।

**ପାଣି** *ବି.* ୧. ଜଳ, ଉଦକ, ନୀର ୨. ହାତ, କର ୩. ପୁରୁଷର ରେତ, ବୀର୍ଯ୍ୟ ।

**ପାଣିଅଞ୍ଚଳ** *ବି.* ଏକ ପ୍ରକାର କଣ୍ଟାଳିଆ, ଛୋଟ ଗଛ- ଯାହାର ପତ୍ର, ଛେଲି, ଫଳ ଜର ଓ ପେଟରୋଗ ଭଲ କରିବାପାଇଁ ବ୍ୟବହୃତ ହୋଇଥାଏ ।

**ପାଣିଆ** *ବିଂ.* ୧. ଆବଶ୍ୟକତାଠାରୁ ଅଧିକ ପାଣିଥିବା, ପାଣିମିଶା ୨. ତରଳ ୩. ପାଣିଚିଆ ।

**ପାଣିଓଟା** *ବି.* ଶୁଣ୍ଢୀ, ମଦ ବିକୁଥିବା ଜାତିବିଶେଷ ।

**ପାଣିକଖାରୁ** *ବି.* କୁଷ୍ମାଣ୍ଡ, କଖାରୁ ଜାତୀୟ ଫଳ-କଞ୍ଚା ଥିବା ଅବସ୍ଥାରେ ରାଇତା, ଆମ୍ବିଳ ପ୍ରଭୃତି ହୁଏ; ଏବଂ ପାଚିଲା ପରେ ବିରି ସହିତ ମିଶାଇ ବଡ଼ି ତିଆରିରେ ବ୍ୟବହୃତ ହୁଏ, ଉତ୍ତର ଭାରତରେ ଚିନି ସହିତ ଏହାକୁ ପାଗକରି ପେଠା ନାମକ ମିଠା ପ୍ରସ୍ତୁତ କରାଯାଏ ।

**ପାଣିକଢା** *ବି.* ବାରମ୍ବାର ଅନେକ ସମୟଧରି ପାଣିରେ କାମ କରିବା ଦ୍ୱାରା ଗୋଡ଼ ବା ହାତ ଆଙ୍ଗୁଠି ସନ୍ଧିରେ ଜାତ ଚର୍ମରୋଗ ।

**ପାଣିକଳ** *ବି.* ୧. ଯେଉଁ ଯନ୍ତ୍ର ସାହାଯ୍ୟରେ ପାଣି ଉଠାଯାଏ ୨. ପାଣି ବାହାରିବା ନଳ ବା ଟ୍ୟାପ୍ ।

**ପାଣିକାଉ, ପାଣିକୁଆ** *ବି.* କଳାରଙ୍ଗର ପ୍ରାୟ ଲାଞ୍ଜ ନଥିବା ଚଉଡା ଥଣ୍ଟ ଥିବା ଓ ମାଛ ଖାଇ ବଞ୍ଚୁଥିବା ଚଢ଼େଇ ।

**ପାଣିକାଚ** *ବି.* ନାରୀମାନେ ହାତରେ ପିନ୍ଧୁଥିବା କାଚରେ ତିଆରି ସରୁ ଚୁଡ଼ି ।

**ପାଣିକୁହୁଡ଼ି** *ବି.* ରଣକୁହୁଡ଼ି, ଦିନ ବେଳେ ଆକାଶ ମେଘୁଆ ହୋଇ ଉତ୍ପନ୍ନ କୁହୁଡ଼ି ।

**ପାଣିକେନ୍ଦରି ବି.** ଅଳ୍ପ ପାଣିଥିବା ସ୍ଥାନରେ ଜନ୍ମୁଥିବା ମୋଟା, ଗୋଲାକାର କନ୍ଦାଥିବା ଜଳଜ ଉଦ୍‌ଭିଦ ।

**ପାଣି ଖାଇବା କ୍ରି.** ୧. ପାଣି ବ୍ୟବହାର କରିବା, ପିଇବା ୨. ମାତ୍ରାଧିକ ପାଣି ଶୋଷିନେବା ୩. ଅଧିକ ସମୟ ପାଣି ଲାଗି ଆଙ୍ଗୁଠି ସନ୍ଧିରେ ଘା' ହୋଇଯିବା ।

**ପାଣିଖିଆ ବିଂ.** ଅଧିକ ସମୟ ପାଣି ସଂସ୍ପର୍ଶରେ ଆସି ଆଙ୍ଗୁଠି ସନ୍ଧିରେ ହେବା ଘା' ।

**ପାଣି ଗଡ଼ିବା କ୍ରି.** ଲାଳ ଗଡ଼ିବା, ଲୋଭ ଜାତ ହେବା ।

**ପାଣିଗ୍ରହଣ ବି.** ବିବାହ, ପତ୍ନୀରୂପେ ହାତ ଧରିବା ।

**ପାଣିଚିଆ ବିଂ.** ୧. କୌଣସି ପଦାର୍ଥରେ ଆବଶ୍ୟକତାଠାରୁ ଅଧିକ ମାତ୍ରାର ପାଣିଥିବା ୨. ରସହୀନ, ଆକର୍ଷଣହୀନ ।

**ପାଣିଛଡ଼ା ବିଂ.** ଲାଜ ନଥିବା, ଥୋବରା ; **ବି.** ପୂଜାର ପ୍ରସାଦ, ଭୋଗ ।

**ପାଣି ଛଡ଼ାଇବା କ୍ରି.** ୧. ଦେବଦେବୀଙ୍କୁ ନୈବେଦ୍ୟ ସମର୍ପଣ କରିବା ୨. ଉଦ୍ଦେଶ୍ୟ ସାଧନ ପାଇଁ ଆତ୍ମୋତ୍ସର୍ଗର ସଂକଳ୍ପ ନେବା ।

**ପାଣିଛଡ଼ା ପଣ୍ଡା ବି.** ମନ୍ଦିରର ପୂଜାପଣ୍ଡା ।

**ପାଣିଛତର ବି.** ଖରାଦିନେ ଲୋକମାନଙ୍କ ପାଣି ପିଇବାପାଇଁ ବ୍ୟବସ୍ଥା ହୋଇଥିବା ସାର୍ବଜନୀନ ସ୍ଥାନ, ଜଳଛତ୍ର ।

**ପାଣିଛିଞ୍ଚା ବିଂ.** ଶ୍ରଦ୍ଧାହୀନ, ଗୁରୁତ୍ୱହୀନ, ଉପରଠାଉରିଆ ।

**ପାଣି ଟେକିବା ବି.** ଦାନ କରିବା, ଉତ୍ସର୍ଗ କରିବା, ସମର୍ପଣ କରିବା ।

**ପାଣିତୋଳା ବି.** ବିବାହ ଓ ବ୍ରତ ଆଦି ସାମାଜିକ ଉତ୍ସବ ପାଳନ କାଳରେ ସଧବା ନାରୀମାନେ କୂଅରୁ ବା ପୋଖରୀ ତୁଠରୁ ପବିତ୍ର ପାଣି ଆଣିବା ।

**ପାଣିଦ୍ରବ୍ୟ ବି.** ସୁନା ଓ ରତ୍ନ ।

**ପାଣି ଧରିବା ବି.** ସ୍ଥାନାନ୍ତର କାଳରେ ଜଳବାୟୁ ଦେହରେ ନପିବା ଯୋଗୁ ଥଣ୍ଡା ବା ଜ୍ୱର ହେବା ।

**ପାଣି ପଞ୍ଚାୟତ ବି.** ଚାଷ କାମ ନିମନ୍ତେ ଚାଷୀମାନଙ୍କ ମଧ୍ୟରେ ଜଳସେଚନର ସୁଷମ ବଣ୍ଟନବ୍ୟବସ୍ଥା ।

**ପାଣି ପଡ଼ିବା କ୍ରି.** ନଷ୍ଟହେବା, କାମରେ ନ ଲାଗିବା, ପାଣିରେ ପଡ଼ିବା ।

**ପାଣିପଶା ବିଂ.** ପାଣିପଶି ନଷ୍ଟ ହୋଇ ଯାଇଥିବା ।

**ପାଣି ପାଇବା କ୍ରି.** ପିତୃକୁଳ ବା ମାତୃକୁଳର ପୂର୍ବପୁରୁଷ ରକ୍ତସମ୍ପର୍କ ବ୍ୟକ୍ତିଙ୍କଠାରୁ ଶ୍ରଦ୍ଧା, ସମ୍ମାନ ଓ ଭୋଜନ ଗ୍ରହଣ କରିବା ।

**ପାଣି ପିଆଇ ଦେବା କ୍ରି.** ନାକେଦମ କରିବା, ଅସ୍ତବ୍ୟସ୍ତ କରିବା, ହଇରାଣ ହରକତ କରିବା ।

**ପାଣିପୂରା ବିଂ.** କାମ ହାସଲ ପାଇଁ ନ୍ୟୂନ ଭାବରେ ମିଠା କଥା କହୁଥିବା, ଖୋସାମତିଆ (କଥା) ।

**ପାଣିଫଳ ବି.** ପାଣି ଭିତରେ ଜନ୍ମୁଥିବା ତିନିକୋଣିଆ ଶିଙ୍ଗଡ଼ା ଫଳ ।

**ପାଣି ଫାଟିଯିବା କ୍ରି.** ୧. ଫସର ଫାଟିବା, ଫୁସ୍‌କିଯିବା, ବ୍ୟର୍ଥ ହେବା, ନଷ୍ଟ ହେବା ୨. ଗୋରସ, କ୍ଷିରୀ ପ୍ରଭୃତିରୁ କୌଣସି କାରଣରୁ ପାଣି ଫାଟି ପୃଥକ ହୋଇଯିବା ।

**ପାଣି ଫୋଟକା ବି.** ୧. ପାଣିର ଫୋଟକା, ବୁଦ୍‌ବୁଦ୍ ୨. କ୍ଷଣସ୍ଥାୟିତା ।

**ପାଣିବଡ଼ି ବି.** ୧. ପାଣିକୁଆ ୨. ଶିଶୁମାନଙ୍କର ବାତରୋଗ ।

**ପାଣିବତା ବି.** ବର୍ଷାପାଣି ବହି ଯିବାପାଇଁ ଚାଳଘରର ରୁଅଗୁଡ଼ିକର ମୂଳରେ ତଥା ଛଣ ଉପରେ ବନ୍ଧାଯାଉଥିବା ବତା ।

**ପାଣିବସନ୍ତ ବି.** ହାଡ଼ଫୁଟି ।

**ପାଣି ବାହାର କରିଦେବା କ୍ରି.** କାହାକୁ କାମ କରାଇ ହଇରାଣ ବା ହାଲିଆ କରିଦେବା ।

**ପାଣିବିରାଡ଼ି ବି.** ପାଣିରୁ ମାଛ ଶିକାର କରୁଥିବା ଜୀବ, ଓଧ ।

**ପାଣି ଭାଙ୍ଗିବା କ୍ରି.** ପେଟ କାଟିଲେ ପେଟ ଉପରେ କଂସାରେ ପାଣି ରଖି ଗିନା ବା ଛୋଟ ପାତ୍ରରେ ପାଣି ତଳ ଉପର କରିବା ।

**ପାଣି ମଡ଼େଇବା କ୍ରି.** କ୍ଷେତ, ବଗିଚା ଆଦିରେ ବହନ୍ତା ପାଣି ଛାଡ଼ିବା ।

**ପାଣିମରା ବିଂ.** ପାଣି ଶୁଖିଯାଇଥିବା ।

**ପାଣି ମାଡ଼ ଖାଇବା କ୍ରି.** ୧. ଖୋଲାରେ ବର୍ଷା ପାଣି ସହିବା ୨. ନଦୀଧାରରେ ଗୋଟାଏ ତଟରୁ ଅତଡ଼ା ଖସିବା ।

**ପାଣି ମାଡ଼ ହେବା କ୍ରି.** ବର୍ଷାପାଣି ବା ଅନ୍ୟ କୌଣସି ସ୍ଥାନର ପାଣି ବସ୍ତୁରେ ବାରମ୍ବାର ଆଘାତ କରିବା ।

**ପାଣି ମାରିଦେବା କ୍ରି.** ତରକାରୀ ଓ ଗୋରସ ଆଦି ଫୁଟାଇ ପାଣି ଅଂଶ କମାଇ ଦେବା ।

**ପାଣିରଗାର ବି.** ୧. କ୍ଷଣସ୍ଥାୟୀ ୨. ଗୁରୁତ୍ୱହୀନ ୩. ମୂଲ୍ୟହୀନ ।

**ପାଣିଶୋରା ବି.** ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ପାଣି ନେବାପାଇଁ ତିଆରି ସରୁନାଳୀ, ପ୍ରଣାଳୀ ।

**ପାଣି ସାରିବା କ୍ରି.** ଛୁଞ୍ଚିହେବା, ଝାଡ଼ା ଯିବାପରେ ପାଣିରେ ଶୌଚ ହେବା ।

**ପାଣିହରା ବି.** କେଉଟ, ମାଛମରା ଜାତି, ଝରା ।

**ପାଣେଇବା କ୍ରି.** ୧. ପାଣିରେ ପୂରିଯିବା ୨. ନରମି ଯିବା ୩. ଆସକ୍ତ ହେବା ୪. ପାଟିରୁ ଲାଳ ଗଡ଼ିବା ।

**ପାଞ୍ଚି, ପେଣ୍ଟି ବି.** ଜଙ୍ଘିଆ, ଚଡ଼ି, ନାରୀମାନଙ୍କର ଅନ୍ତର୍ବାସ ।

**ପାଣ୍ଠି** *ବି.* ୧. ପୁଞ୍ଜି, ମୂଳଧନ, ସଞ୍ଚିତ ସମ୍ପତ୍ତି ୨. ପଇସାପତ୍ର ।

**ପାଣ୍ଡରି** *ବିଂ.* ୧. ଧଳା ଆଖିଥିବା, କଅଁରା, କହଁରା ୨. ପାଣ୍ଡୁର ରଙ୍ଗଥିବା ୩. ଗୋରୀ ।

**ପାଣ୍ଡରା** *ବି.* ୧. ପାଣ୍ଡୁର ୨. ପାଉଁଶିଆ, ମଳିଚିଆ ।

**ପାଣ୍ଡା** *ବିଂ.* ନିଷ୍ଫଳ, ବ୍ୟର୍ଥ, ପଣ୍ଡ ।

**ପାଣ୍ଡି** *ବି.* ହାଣ୍ଡି, ମାଠିଆ ଆଦି ପୋଡ଼ିବା ପାଇଁ କୁମ୍ଭାରୁଣୀମାନେ ଜଙ୍ଗଲରୁ ଆଣୁଥିବା କଣ୍ଟାଝଟାର ଗୋଛା ।

**ପାଣ୍ଡିତ୍ୟ** *ବି.* କୌଣସି ପାଠ ବା ଶାସ୍ତ୍ରରେ ନିପୁଣତା, ବିଦ୍‌ବତ୍ତା, ବିଶେଷ ଜ୍ଞାନ ।

**ପାଣ୍ଡୁ** *ବିଂ.* ଧଳା, ପରିଷ୍କାର, ସଫା ।

**ପାଣ୍ଡୁର** *ବିଂ.* ପାଉଁଶିଆ, ଶେଥା, ମଳିଛିଆ ।

**ପାଣ୍ଡୁଲିପି** *ବି.* ୧. ହାତରେ ଲେଖାଯାଇଥିବା ଓ ଛପା ହୋଇନଥିବା ରଚନା ୨. ଚିଠା, ଖସଡ଼ା ।

**ପାଣ୍ଡେଇ, ପାଣ୍ଡୋଇ** *ବି.* ଜୋତା, ପାଦୁକା, ପଣେହି ।

**ପାଣ୍ଡେଇଖିଆ** *ବି.* ଜୋତା ମାଡ଼ଖିଆ ।

**ପାତ** *ବି.* ୧. ପଡ଼ିବା ୨. କ୍ଷୟ, ନିପାତ, ନାଶ, ନଷ୍ଟ ୩. ଝରିବା ୪. ଖସିବା ୫. କାଟିବା ପାଇଁ ବ୍ୟବହୃତ ପତଳା ଓ ଧାରୁଆ ଧାତବ ପଦାର୍ଥ ୬. ସରୁ ଓ ପତଳା ପଦାର୍ଥ ।

**ପାତକ** *ବି.* ୧. ପାପ ୨. ଅପରାଧ, ଦୋଷ ।

**ପାତକ ଛଡ଼ାଇବା** *କ୍ରି.* ପାପ କ୍ଷାଳନ କରବା, ପବିତ୍ର ବା ଶୁଦ୍ଧ ହେବା ।

**ପାତକ ଲାଗିବା** *କ୍ରି.* ପାପ ଲାଗିବା, ଅପରାଧରେ ଭାଗୀ ହେବା ।

**ପାତକୀ** *ବି.ବିଂ.* ୧. ପାପୀ ୨. ଅପରାଧୀ ୩. ଖଳ, ଦୁର୍ଜନ ।

**ପାତନ** *ବି.* ୧. ତଳକୁ ପକାଇବା, ଝରାଇବା ୨. ଅଙ୍କନ ୩. ବିସ୍ତାର ।

**ପାତନୀ** *ବି.* ୧. ପାପିନୀ, ଦୁଷ୍ଟା, ଅସତୀ ୨. ଟସର ପ୍ରଜାପତି ।

**ପାତର** *ବି.* ୧. ପାତ୍ର ୨. ଆଧାର ୩. ଯୋଗ୍ୟ, ଉପଯୁକ୍ତ ୪. ସ୍ଥାନ ।

**ପାତରଅନ୍ତର** *ବି.* ମୁହଁମୁଲାଜ, ନିଜପରଭାବ, ପକ୍ଷପାତିତା ।

**ପାତଳ** *ବିଂ.* ୧. ପତଳା, ସରୁ ୨. ଶୀଣ୍ଡ, କୃଶ, କ୍ଷୀଣ ୩. ତରଳ ୪. ଯାହା ଘନ ବା କଠିନ ନୁହେଁ ।

**ପାତଳା** *ବିଂ.* ପତଳା ।

**ପାତଳୀ** *ବିଂ.* ୧. କୃଶାଙ୍ଗୀ ୨. ସରୁ; *ବି.* ଛୋଟ ନିହାଣ ।

**ପାତଲ୍** *ବିଂ.* ୧. ପତଳା, ସୂକ୍ଷ୍ମ ୨. ଅଳ୍ପ ୩. ପାଣିଆ ୪. ତରଳ ।

**ପାତଲ୍‌ଘଣ୍ଟା** *ବି.* ଟମାଟୋ, ବିଲାତି ବାଇଗଣ ।

**ପାତଲ୍‌ଭେଜା** *ବି.* ପାତଲ୍‌ଘଣ୍ଟା, ଟମାଟୋ, ବିଲାତି ବାଇଗଣ ।

**ପାତା** *ବି.* ସୁଛା, ମାଙ୍ଗ୍ ।

**ପାତାଙ୍ଗ** *ବି.* ପତାକା, ନେତ ।

**ପାତାଳ** *ବି.* ୧. ମାଟିର ତଳଭାଗ ୨. ପୁରାଣବର୍ଣ୍ଣିତ ନାଗଲୋକ ୩. ଗଭୀର ଗାତ, ଖାଲ ବା ବିବର ।

**ପାତାଳଗରୁଡ଼** *ବି.* ଔଷଧୀୟ ଗୁଳ୍ମ ବିଶେଷ, ରାଓଲପିଆ ସର୍ପେଣ୍ଟିନା (ଯାହାର ଫଳ, ପତ୍ର ଓ କନ୍ଦା ରକ୍ତଚାପ ରୋଗର ଔଷଧ ଭାବରେ ବ୍ୟବହୃତ; ଏହା ଘରର ଦ୍ୱାର ମୁହଁରେ ଥିଲେ ସାପ ଆସେ ନାହିଁ ବୋଲି ଲୋକ ବିଶ୍ୱାସ ରହିଛି) ।

**ପାତାଳଫୁଟା** *ବିଂ.* ମାଟି ଭିତରୁ ବାହାରକୁ ଫୁଟି ଆସିଥିବା ।

**ପାତାଳି** *ବିଂ.* ୧. ଭୂସମାଧି ୨. ଅନ୍ୟମାନଙ୍କ ଅଗୋଚରରେ ରହିବା, ଅଣ୍ଡରଗ୍ରାଉଣ୍ଡ ୩. ମାଟି ତଳେ ପୋତା ଯାଇଥିବା ।

**ପାତି, ପାତିଆ** *ବି.* ୧. ପତଳା ଖଣ୍ଡ (*ଉଦା.* ବାଉଁଶ ପାତିଆ) ୨. ଛୋଟ ।

**ପାତିଆ** *ବି.* ୧. ପତଳା ଓ ସରୁପତ୍ର ୨. ଖଡ଼ିକା ୨. ଅତି ଦୁର୍ବଳ, ଶୀଣ୍ଡ ଅବସ୍ଥା ୩. ଧାତୁ, ବାଉଁଶ, କାଠ ପ୍ରଭୃତିର ପତଳା ପାତ ।

**ପାତିତ** *ବିଂ.* ୧. ପତିତ ୨. ସମାଜଚ୍ୟୁତ ୩. ଅବହେଳିତ ।

**ପାତିବ୍ରତ୍ୟ** *ବି.* ସ୍ୱାମୀ ପ୍ରତି ନିଷ୍ଠା ଓ ଆନୁଗତ୍ୟ, କାୟମନୋବାକ୍ୟରେ ସ୍ୱାମୀ ପ୍ରତି ଅନୁରକ୍ତି, ପତିଭକ୍ତି ।

**ପାତିମାଙ୍କଡ଼** *ବି.* ଲାଲ୍ ମୁହଁଥିବା କ୍ଷୁଦ୍ରାକୃତି ମାଙ୍କଡ଼ ।

**ପାତିସା** *ବି.* ବାଦଶାହା, ମୋଗଲ ସମ୍ରାଟ ।

**ପାତିସିପ** *ବି.* ସମୁଦ୍ର କୂଳରେ ମିଳୁଥିବା ଅତି ଛୋଟ ଶାମୁକାର ଖୋଳପା ।

**ପାତିହଂସ** *ବି.* କୁଜିହଂସ, ଛୋଟ ହଂସ, ବତକ ।

**ପାତୁ** *ବି.* ୧. ଅଳସୁଆ ୨. ଲଢ଼େଇରେ ହାରିଯାଇଥିବା କୁକୁଡ଼ା ।

**ପାତୁରୁ** *ବି.* ମଦରଙ୍ଗା ଶାଗ ।

**ପାତୁଲ** *ବି.* ୧. ଛୋଟହାଣ୍ଡି ବା ମାଟିପାତ୍ର ୨. ସରା ।

**ପାତେଳିଆ** *ବିଂ.* ୧. ଅତି ପତଳା, ପତଳା ୨. ପାତଳ ବା ସରୁ ଆକାର ବିଶିଷ୍ଟ ।

**ପାତ୍ର** *ବି.* ୧. ଯେଉଁଥିରେ କୌଣସି ପଦାର୍ଥ ରଖାଯାଏ, ଆଧାର ୨. ବାସନ ୩. ଯୋଗ୍ୟତାସମ୍ପନ୍ନ ବ୍ୟକ୍ତି ୪. ଶ୍ରୀ ମନ୍ଦିରର ମାଳଗୁଛା ସେବକ ୬. ଦେହ, ଶରୀର ୭. ନାଟକର ଅଭିନେତା ।

**ପାତ୍ରି** *ବି.* ତମ୍ବାରେ ତିଆରି ଉପକରଣ ବିଶେଷ - ଯେଉଁଥିରେ ପୂଜାକାଳରେ ପାଣି, ଘିଅ ଆଦି ପଦାର୍ଥ ଅର୍ପଣ କରାଯାଏ ।

**ପାତ୍ରୀ** *ବି.* ୧. ବାହାଘର ପାଇଁ ଝିଅ, କନିଆ, ଟୁକେଲ୍ ୨. ଯୋଗ୍ୟା, ଉତ୍ତମା ନାରୀ ୩. ଯାତ୍ରା, ନାଟକ ପ୍ରଭୃତିର ଅଭିନେତ୍ରୀ ।

**ପାତ୍ରିବଟୁ ବି.** ପୂଜା କାଳରେ ଏକ ପାତ୍ରରେ ଫୁଲ, ତୁଳସୀ, ଚନ୍ଦନଆଦି ସାମଗ୍ରୀ ଯୋଗାଉଥିବା ସେବକ ।

**ପାଥରି କରିବା କ୍ରି.** ଯାଦୁବିଦ୍ୟାଦ୍ୱାରା ବଶୀଭୂତ କରିବା, ପାଙ୍ଗିବା, ସମ୍ମୋହିତ କରିବା ।

**ପାଥେୟ ବି.** ୧. ବାଟୋଇର ଆବଶ୍ୟକୀୟ ପଦାର୍ଥ ୨. ଅବଲମ୍ବନ ୩. ବିଦାକି, ବାଟଖରଚ ।

**ପାଦ ବି.** ୧. ଗୋଡ଼ର ତଳେଥିବା ଚଟକା ଅଂଶ, ଚରଣ ୨. ତଳିପା ୩. ଗଛର ମୂଳ ୪. ପାହୁଣ୍ଡ ୫. କୌଣସି ପଦାର୍ଥର ଏକ ଚତୁର୍ଥାଂଶ ୬. ଛନ୍ଦର ଏକ ଚତୁର୍ଥ ଭାଗ ୭. ଶ୍ଲୋକ ବା ପଦର ଗୋଟିଏ ଚରଣ ବା ଧାଡ଼ି ।

**ପାଦଟୀକା ବି.** କୌଣସି ଏକ ରଚନା ସ୍ପଷ୍ଟ ଭାବରେ ବୁଝାଇବା ପାଇଁ ସହାୟକ ଗ୍ରନ୍ଥର ସୂଚନା – ଯାହା ସେହି ପୃଷ୍ଠାର ତଳେ ଅଥବା ରଚନାର ଶେଷରେ ଦିଆଯାଇଥାଏ ।

**ପାଦତଳିଆ ବିଂ.** ୧. ନିଷ୍ଠାପର ସେବକ ବା ଚାକର ୨. ଅତିହୀନ ବା ନୀଚ ମନେକରାଯାଉଥିବା ୩. ଅନୁଗତ, ଆଶ୍ରିତ ।

**ପାଦ ତଳେ ପଡ଼ିବା କ୍ରି.** ୧. ମର୍ଯ୍ୟାଦା ଦେବା ୨. ନମସ୍କାର କରିବା ୩. ଶରଣ ପଶିବା ୪. ହାର ମାନିବା ।

**ପାଦ ଦେବା, ପାଦ ରଖିବା କ୍ରି.** ପହଞ୍ଚିବା, ଉପସ୍ଥିତ ହେବା

**ପାଦ ଧରିବା କ୍ରି.** ୧. କାମ ହାସଲ ପାଇଁ ନ୍ୟୂନ ବ୍ୟବହାର କରିବା ୨. ଶରଣ ପଶିବା ।

**ପାଦଧୂଳି ନେବା କ୍ରି.** ୧. ସମ୍ମାନ ଓ ଭକ୍ତି ସ୍ୱରୂପ ଗୁରୁଜନଙ୍କର ପାଦ ଛୁଇଁବା ୨. ସମ୍ମାନ ଓ ଭକ୍ତି ପ୍ରଦର୍ଶନ କରିବା।

**ପାଦପ ବି.** ଗଛ, ଦ୍ରୁମ, ବୃକ୍ଷ ।

**ପାଦ ପକାଇବା କ୍ରି.** ୧. ଚାଲିବା, ଚାଲିବା ପାଇଁ ପାଦ ଚଳାଇବା ୨. କାହାରି ଘରକୁ ଯିବା ।

**ପାଦ ପଡ଼ିବା କ୍ରି.** କୌଣସି ସ୍ଥାନକୁ ଯିବା ଅଥବା ଆସିବା ।

**ପାଦପାଣି ବି.** ଗୋଡ଼ ଓ ହାତ ।

**ପାଦପୀଠ ବି.** ବସିବା ବେଳେ ପାଦ ରଖିବା ପାଇଁ ବ୍ୟବହୃତ କାଠ ତିଆରି ଆସନ ।

**ପାଦପ୍ରଦୀପ ବି.** ୧. କୌଣସି ମଙ୍ଗଳ କାର୍ଯ୍ୟରେ ଆରମ୍ଭରେ ଜଳାଯାଉଥିବା ଦୀପ ୨. ମଙ୍ଗଳ କାର୍ଯ୍ୟାରମ୍ଭ ।

**ପାଦସେବା ବି.** କୌଣସି ବିଶିଷ୍ଟ ବ୍ୟକ୍ତି ଅଥବା ଗୁରୁଜନଙ୍କ ପ୍ରତି ସଶ୍ରଦ୍ଧ ସେବା, ନିଷ୍ଠାପର ସେବା ।

**ପାଦାର୍ଘ୍ୟ ବି.** ପାଦରେ ଦିଆ ହେବା ଅର୍ଘ୍ୟ, ଦେବବିଗ୍ରହ ବା ଗୁରୁଜନଙ୍କ ପାଦ ଧୋଇବାପାଇଁ ଦେବା ପାଣି ।

**ପାଦୁକ ବି.** ପାଦୋଦକ, ଦେବତାଙ୍କ ପାଦଧୂଆ ଶୁଦ୍ଧିଜଳ ବା ପଇଡ଼ପାଣି ।

**ପାଦୁକା ବି.** ଯୋତା, କଠଉ, ଚଟି, ପଣେହି ।

**ପାଦୋଦକ ବି.** ପାଦୁକ, ଚରଣାମୃତ, ପାଦଧୁଆ ପାଣି ।

**ପାଦ୍ୟ ବି.** ଦେବବିଗ୍ରହ ବା ମାନ୍ୟଜନଙ୍କ ପାଦ ଧୋଇବାପାଇଁ ଉଦ୍ଦିଷ୍ଟ ପାଣି ।

**ପାଦ୍ରୀ, ପାଦରୀ ବି.** ଖ୍ରୀଷ୍ଟିୟାନ ଧର୍ମଯାଜକ ।

**ପାନ୍ତି ବି.** ପାଣି ଯୋଗାଇବା ଲୋକ ।

**ପାନ୍ତିବେଲା ବି.** ୧. ପାନ୍ତି ବା ପାଣି ଆଣି ଯୋଗାଇବା ଲୋକର ପାଣି ଆଣିବା ବେଳ, ସକାଳ ଓଳି ୨. ଉପରବେଳା, ଅପରାହ୍ନ ।

**ପାନ୍ତେନ୍ ବି.** ପାଣି ଯୋଗାଇବା ପାଇଁ ନିଯୁକ୍ତା ସ୍ତ୍ରୀ ।

**ପାନ ବି.** ୧. ତାମ୍ବୂଳ, ଏକ ପ୍ରକାର ଲତା ଓ ତାହାର ପତ୍ର ୨. ସେହି ଲତାର ପତ୍ର ସହିତ ଚୂନ, ଖଇର, ଗୁଆ, ମସଲା ଆଦି ଦେଇ ଭଙ୍ଗା ହେବା ବିଡ଼ା ୩. କୌଣସି ତରଳ ପଦାର୍ଥ ପେଟକୁ ନେବା, ପିଇବା କାର୍ଯ୍ୟ ୪. ଅନୁପାନ, ଔଷଧ ଆଦିର ଥରକରେ ଗ୍ରହଣ କରିବା ପରିମାଣ ।

**ପାନକ ବି.** ପଣା, ସରବତ, ପିଆଯାଉଥିବା ପଦାର୍ଥ, ପ୍ରପାନକ ।

**ପାନକଡ଼ା ବି.** କଡ଼ାଏ ବା ୫୦ଟି ପାନପତ୍ର ଥିବା ବିଡ଼ା ।

**ପାନକୁଟା ବି.** ଗୁଆ ମସଲା ସହ ପାନ କୁଟି ଗୁଣ୍ଡ କରିବା ପାଇଁ ବ୍ୟବହୃତ ନଳୀ ଆକାରର ଉପକରଣ ।

**ପାନଖିଲ ବି.** ଗୋଟା ପାନପତରରେ ଗୁଆ, ଖଇର, ଚୂନ ଓ ଅନ୍ୟ ମସଲା ରଖି କାହାଳୀ ଆକାରର ମୋଡ଼ା ପାନ ବିଡ଼ା, ଭଙ୍ଗାପାନ ।

**ପାନଡ଼ାଲା ବି.** ପାନ, ଗୁଆ, ଚୂନ, ଖଇର ଓ ଅନ୍ୟ ପାନମସଲା ରହୁଥିବା ବାଉଁଶ, ବେତ, କାଇଁଚ ବା ବରଡ଼ା ତିଆରି ଚଟକା ଡାଲା, ଚାଙ୍ଗୁରି ।

**ପାନତୁଆ ବି.** ଖୁଆରେ ତିଆରି କଳାରଙ୍ଗର ଗୋଲାକାର ମିଠା ବିଶେଷ ।

**ପାନଦୋଷ ବି.** ମଦ ପିଇବା ଅଭ୍ୟାସଜନିତ ଦୋଷ, ନିଶାସେବନ ଅଭ୍ୟାସ ।

**ପାନପତରୀ ବିଂ.** ଯେଉଁ ନାରୀର ମୁହଁର ଆକାର ପାନପତର ପରି।

**ପାନପାତ୍ର ବି.** ୧. ଗିଲାସ ୨. ସ୍ୱତନ୍ତ୍ର ଢଙ୍ଗର ମଦପିଆ ଗିଲାସ ।

**ପାନବଟା ବି.** ଭଙ୍ଗାପାନ ରହୁଥିବା ଡିବା, ପାନଡବା ।

**ପାନ ଭାଙ୍ଗିବା କ୍ରି.** ପାନମୋଡ଼ିବା, ପାନରେ ଚୂନ, ଖଇର, ଗୁଆ, ମସଲା ଆବଶ୍ୟକ ମତେ ଦେବା ପରେ ବିଶେଷ ଶୈଳୀରେ ମୋଡ଼ି ବିଡ଼ା କରିବା ।

**ପାନମହୁରି ବି.** ପାନ ବା ତରକାରୀ ଆଦିରେ ବ୍ୟବହୃତ ଏକ ପ୍ରକାର ମସଲା, ସୌଁଫ୍, ପାନମଧୁରି ।

**ପାନ ମୋଡ଼ିବା** ***କ୍ରି.*** ପାନ ଭାଙ୍ଗିବା, ପାନ ପତରରେ ଗୁଆ, ମସଲା ଆଦି ଦେଇ ବିଶେଷ ଭାବରେ ବିଡ଼ା ତିଆରି କରିବା ।

**ପାନରା** ***ବି.*** ପାନବେପାରୀ, ପାନପତ୍ର ବିକୁଥିବା ବ୍ୟକ୍ତି ।

**ପାନା** ***ବି.*** ନଟ୍ ବୋଲଟ୍ ଖୋଲିବା ବା ଲଗେଇବା ପାଇଁ ବିଭିନ୍ନ ଆକାରର ଖୋପ ଥିବା ଉପକରଣ ।

**ପାନାଗାର** ***ବି.*** ବାର୍, ମଦଖଟି ।

**ପାନାଦା** ***ବି.*** ଆଖୁରସ, ଦୋରୁଅ ।

**ପାନିଆ** ***ବି.*** ୧. ଚିରୁଣି, ବାଳ କୁଣ୍ଡାଇବା ଉପକରଣ, କଙ୍କତିକା ୨. ଲୁଗା, ସଉପ ପ୍ରଭୃତି ବୁଣାଯାଉଥିବା କଳରେ ସୂତାକୁ ଟାଣି ଧରିବା ପାଇଁ ବ୍ୟବହୃତ ଉପକରଣବିଶେଷ ; ***ବିଂ.*** ତରଳ, ପାଣିଆ ।

**ପାନିପୁରୀ** ***ବି.*** ଗୁପ୍‌ଚୁପ୍, ଫୁଲକା ପୁରୀ ସହିତ ଚଣାମସଲା ଓ ଖଟା ପାଣି ।

**ପାନିଫଲ** ***ବି.*** ସିଙ୍ଗଡା, ପାଣିରେ ଫଳୁଥିବା ତିନକୋଣିଆ ନୀଳରଙ୍ଗର ଫଳ, କଣ୍ଟାଫଳ ୨. ମାଛ ।

**ପାନି** ***ବି.*** ପାଣି, ପାଏନ୍, ଜଳ ।

**ପାନୀୟ** ***ବିଂ.*** ୧. ପିଇବା ପାଇଁ ଉଦ୍ଦିଷ୍ଟ ୨. ପିଇବା ପାଇଁ ଯୋଗ୍ୟ ତରଳ ଦ୍ରବ୍ୟ ।

**ପାନୁ** ***ବି.*** ଟିକସ, କର ।

**ପାନେ** ***ବିଂ.*** ଗୋଟିଏ ପାନ ପାଇଁ, ଥରକ ପାଇଁ ନିର୍ଦ୍ଦିଷ୍ଟ ମାତ୍ରା ବା ଅନୁପାନ ମୁତାବକ ।

**ପାନେ ଦେବା** ***କ୍ରି.*** ୧. ଶାସ୍ତି ଦେବା ୨. ଦାଉ ସାଧିବା, ପ୍ରତିଶୋଧ ନେବା ।

**ପାନେଲ୍** ***ବି.*** ୧. କବାଟ, ଆଲମାରି ବା ପଲଙ୍କ ପ୍ରଭୃତିର ବୁରୁଦୁ ମଝିରେ ଖୋପ ହୋଇ ଖଞ୍ଜା ଯାଇଥିବା ପତଳା ପଟା ୨. କୌଣସି ବିଶେଷ କାର୍ଯ୍ୟ ପାଇଁ ମନୋନୀତ ଅଥବା ନିର୍ବାଚିତ ବ୍ୟକ୍ତିମାନଙ୍କର ତାଲିକା ।

**ପାଛ** ***ବି.*** ପଥିକ, ବାଟୋଇ, ରାହୀ ।

**ପାଛନିବାସ, ପାଛଶାଳା** ***ବି.*** ଯାତ୍ରୀ ବା ପଥିକମାନଙ୍କ ରହଣି ପାଇଁ ଘର, ଚଟିଘର, ସରେଇଘର ।

**ପାନ୍ନା** ***ବି.*** ପତ୍ରପରି ହରିତ୍ ରଙ୍ଗର ମଣିବିଶେଷ, ମୂଲ୍ୟବାନ ପଥରବିଶେଷ ।

**ପାପ୍‌ଚି** ***ବି.*** ଅଳ୍ପ ପରିମାଣ ଗୁଡ଼ ଦେଇ ତିଆରି କାକରା ପିଠାବିଶେଷ ।

**ପାପ୍‌ଡ଼ି** ***ବି.*** ୧. ଜଙ୍ଗଲରେ ମିଳୁଥିବା ଏକ ପ୍ରକାର ଗଛର ଗୋଟାଳିଆ ମୂଳ ବା କନ୍ଦାର ପତଳା ଓ ଚେକା କଟା ଅଂଶ ୨. ଫୁଲର ପାଖୁଡା ।

**ପାପ୍‌ଲିବା** ***କ୍ରି.*** ୧. ଅଣ୍ଡାଳିବା ୨. ପାମ୍ପଲେଇବା, ତେଲେଇବା, ଉଦ୍ଦେଶ୍ୟ ପୂରଣ ପାଇଁ ଭଳେଇବା ୩. ମନଦେବା ୪. କୌଣସି ବଡ଼ କାମ କରିବା ।

**ପାପ** ***ବି.*** ଧର୍ମୀୟ ବା ସାମାଜିକ ଦୃଷ୍ଟିକୋଣରୁ ନୀତିବିରୁଦ୍ଧ କାମ, ଅନ୍ୟର ଅପକାର ବା ଅନିଷ୍ଟ ହେବା ପରି ବ୍ୟବହାର ବା ଆଚରଣ, ଖରାପ କାମ ।

**ପାପକର୍ମ** ***ବି.*** ଖରାପ କାମ, ଅନିଷ୍ଟକର କାମ, ସମାଜ ବା ଧର୍ମଦ୍ୱାରା ଆଚରଣ ବିଧିର ବିରୁଦ୍ଧାଚରଣ ।

**ପାପଗର୍ଭ** ***ବି.*** ସାମାଜିକ ସ୍ୱୀକୃତି ନଥିବା ଯୌନ ସମ୍ପର୍କ ଫଳରେ ନାରୀର ଗର୍ଭଧାରଣ ।

**ପାପଗ୍ରହ** ***ବି.*** ଜ୍ୟୋତିଷଶାସ୍ତ୍ର ଅନୁସାରେ ରବି, ମଙ୍ଗଳ, ଶନି, ରାହୁ ଓ କେତୁ - ଏଇ ପାଞ୍ଚ ଗ୍ରହ ।

**ପାପଘ୍ନ** ***ବିଂ.*** ପାପ, ଅନାଚାର ବା ଦୋଷରୁ ମୁକ୍ତି ଦେଉଥିବା ଶକ୍ତି ।

**ପାପଚକ୍ର** ***ବି.*** ଖଳ, ଦୁଷ୍ଟ ଲୋକମାନଙ୍କ ଗୋଷ୍ଠୀ ବା ଷଡଯନ୍ତ୍ର କରୁଥିବା କୁଚକ୍ରୀ ଗୋଷ୍ଠୀ ।

**ପାପ ଛୁଇଁବା** ***କ୍ରି.*** ନିଜର ବା ପ୍ରିୟଜନର ଅମଙ୍ଗଳ ଆଶଙ୍କା ମନକୁ ଆସିବା ।

**ପାପଡ଼** ***ବି.*** ପାମ୍ପଡ଼, ବିରି ଅଥବା ଚାଉଳ ଗୁଣ୍ଡରେ ତିଆରି ପାଟି ସୁଆଦିଆ ଖାଦ୍ୟଦ୍ରବ୍ୟବିଶେଷ ।

**ପାପଦୃଷ୍ଟି** ***ବି.*** ୧. ଅମଙ୍ଗଳସୂଚକ ଆଖିରେ ଅନ୍ୟକୁ ଦେଖିବା ୨. ଅମଙ୍ଗଳକର ବା ଅଶୁଭ ଭାବନାର ବ୍ୟକ୍ତି ୩. ପରନାରୀ ଉପଭୋଗ ପାଇଁ ଅନୈତିକ କାମନା ।

**ପାପପ୍ରଣୟ** ***ବି.*** ନାରୀ ଓ ପୁରୁଷଙ୍କ ଅନୈତିକ ଶାରୀରିକ ସମ୍ପର୍କ।

**ପାପରା** ***ବିଂ.*** ୧. ପୋରିହା ୨. ମସକା ୩. ପୋକଖିଆ, ପୋକତା, ଯୋଗ୍ୟତା ହରାଇଥିବା ୪. ସ୍ୱାଭାବିକ ଶକ୍ତି ହରାଇଥିବା ।

**ପାପରୋଗ** ***ବି.*** ୧. ମହାବ୍ୟାଧି ବା ଦୁରାରୋଗ୍ୟ ରୋଗ - ଯାହା ପୂର୍ବଜନ୍ମର କୃତକର୍ମର ଫଳ ବୋଲି ସାଧାରଣ ଧାରଣା ।

**ପାପା** ***ବି.*** ୧. ବାପା, ପିତା ପ୍ରତି ଆଦରର ସମ୍ବୋଧନ ୨. ଅତି ସାନ ପିଲା ପାଇଁ ମଧ୍ୟ ବୟସ୍କର ଆଦରଣୀୟ ସମ୍ବୋଧନ ୩. ଆଲୋଚନା ବେଳର ଶ୍ରବଣ-ସ୍ୱୀକୃତି ୪. (ଶିଶୁ ଭାଷାରେ) ପିଠା ।

**ପାପାଚାର** ***ବି.*** ପାପ ବା ଅନୈତିକ କାର୍ଯ୍ୟ, ଅନ୍ୟର କ୍ଷତି ହେଲାପରି ଆଚରଣ ବା ଜୀବନଚର୍ଯ୍ୟା ।

**ପାପିଷ୍ଠ** ***ବି.*** ୧. ବହୁପାପ ଅର୍ଜନକରିଥିବା ବ୍ୟକ୍ତି, ମହାପାପୀ ୨. ଦୁଷ୍ଟ ବା ଅସାଧୁ ଲୋକ ।

**ପାପୀ ବିଂ.ବି.** ପାପ କରିଥିବା, ଖରାପ କାର୍ଯ୍ୟ କରୁଥିବା (ଲୋକ) ।
**ପାପୁଲି ବି.** ହାତର ସବା ଶେଷ ଅଂଶର ରେଖାଯୁକ୍ତ, ଚିକ୍‌କଣ ଓ ଚଉଡ଼ା ପାଖ, କରତଳ ।
**ପାପେର୍ ବି.** ପାପଡ଼, ପାମ୍ପଡ଼ ।
**ପାପୋଛ ବି.** ପାଦରେ ଲାଗିଥିବା ଧୂଳିମଳିକୁ ଝାଡ଼ିବା ନିମନ୍ତେ ଦୁଆର ମୁହଁରେ ପଡ଼ିଥିବା କତା, ଝୋଟ ବା ଛଣପଟରେ ତିଆରି ପତଳା ଓ ଚଉଡ଼ା ପୋଛା, ତଳିପାଦ ପୋଛା ।
**ପାବକ ବି.** ନିଆଁ, ଅଗ୍ନି ; **ବିଂ.** ୧. ପରିଷ୍କାର କରୁଥିବା, ପାବନ ବା ଶୁଦ୍ଧକାରକ ୨. ମୁକ୍ତିଦାତା ।
**ପାବଛ ବି.** ୧. ପାହାଚ, ପାଉଛ ୨. ସୋପାନ, ଶିଡ଼ି ।
**ପାବନ ବିଂ.** ପବିତ୍ର, ତ୍ରାଣକର୍ତ୍ତା ; **ବି.** ୧. ଗୋମୟ ୨. ଚନ୍ଦନ ୩. ରୁଦ୍ରାକ୍ଷ ।
**ପାବନୀ ବିଂ.** ଶୁଦ୍ଧକାରୀ, ପବିତ୍ରକାରିଣୀ; **ବି.** ତୁଳସୀ ୩. ଗାଈ ୪. ଗଙ୍ଗାନଦୀ ୫. ହରିଡ଼ା ।
**ପାବନ୍ଦି ବି.** ୧. ନିଷେଧ, ନିଷେଧାଜ୍ଞା ୨. ବାଧ୍ୟତା, ନାଚାର, ଅସହାୟ ଅବସ୍ଥା ।
**ପାଭାଗ ବିଂ.** ୧. କୌଣସି ପଦାର୍ଥର ଚାରିଭାଗରୁ ଏକ ଭାଗ ୨. ଘରର ବାରଣ୍ଡା, ପିଣ୍ଡା ୩. ମନ୍ଦିରର ନିମ୍ନ ଭାଗ ।
**ପାଭିଲିୟନ୍ ବି.** କ୍ରିକେଟ୍ ଖେଳ ଚାଲିବା ବେଳେ ଖେଳାଳିମାନେ ବସିବା ସ୍ଥାନ ।
**ପାମର ବି.** ହୀନମାନିଆ, ନୀଚ ବା ଘୃଣ୍ୟ ବ୍ୟକ୍ତି ।
**ପାମିବା କ୍ରି.** ୧. ମଛିବା, ଦଳିବା ୨. ଅନୁନୟ କରିବା, ନେହୁରା ହେବା ।
**ପାମ୍ଫ୍ରେଟ୍ ବି.** ଏକ ପ୍ରକାର ଚେପ୍‌ଟା ଓ ଆୟତାକାର ସମୁଦ୍ର - ମାଛ, ଚାନ୍ଦିମାଛ ।
**ପାମ୍ଫଲେଟ୍ ବି.** ପ୍ରଚାରପତ୍ର ।
**ପାମ୍ପଡ଼ ବି.** ପାପଡ଼ ।
**ପାମ୍ପରା ବିଂ.** ୧. ପାପରା, ଦୀର୍ଘ ସମୟ ବ୍ୟବହାର ଫଳରେ ସାରଶୂନ୍ୟ ହୋଇଥିବା ୨. ପୋକଖିଆ ।
**ପାମ୍ପୁଲାଇବା କ୍ରି.** ତେଲେଇବା, ଖୋସାମତ କରିବା ।
**ପାମ୍ପୁଲା ପାମ୍ପୁଲି ବି.** ଖୋସାମତି, ତେଲାତେଲି ।
**ପାୟସ ବି.** ଦୁଧ, ଚିନି/ଗୁଡ, ଚାଉଳ, କିସିମିସ୍, କାଜୁ ଓ ଘିଅରେ ତିଆରି ବହଳିଆ ସୁସ୍ୱାଦୁ ଖାଦ୍ୟବିଶେଷ, କ୍ଷୀରି ।
**ପାୟା ବି.** ୧. ବଡ଼ ଖମ୍ବ ୨. ବଡ଼ ଜଳଭଣ୍ଡାର ୩. ଚଉକି, ଟେବୁଲ, ଖଟ ପ୍ରଭୃତିର ଗୋଡ଼ ।
**ପାୟୀ ବିଂ.** ୧. ପିଉଥିବା, ପାନକରୁଥିବା ୨. ଗ୍ରହଣକାରୀ ।
**ପାୟେଡ଼ା, ପାଏଡା ବି.** ଦେବତା, ରାଜା ବା ସମ୍ମାନିତ ବ୍ୟକ୍ତି ବିଜେ ହେବା ସମୟରେ ସେମାନଙ୍କ ଯାତ୍ରାପଥରେ ପଡ଼ିଥିବା କପଡ଼ା, ପାଛୁଡ଼ା ।
**ପାୟେ ପଡ଼ିବା କ୍ରି.** ୧. ପାଦତଳେ ପଡ଼ିବା ୨. ବିନତି କରିବା, ଅଧୀନତା ସ୍ୱୀକାର କରିବା ।
**ପାର୍ ବି.** ୧. କାମ ଶେଷ ୨. ପଳାୟିତ, ଛୁ ୩. ଲଙ୍ଘିଯିବା, ଡେଇଁଯିବା ୪. ବିପଦରୁ ମୁକୁଳି ଯାଇଥିବା ୫. ପାହାର ୬. ମୃଦଙ୍ଗ ୭. ପାଳି, ଥର ୮. ସଙ୍ଗୀତର ତାଳ ।
**ପାର୍‌କମ୍ ବି.** ଖଟ, ଖଟିଆ ।
**ପାର୍‌ଚା ବି.** ସରକାରୀ ମୋହର ଥିବା ଛାପା ପ୍ରମାଣପତ୍ର ବା ରସିଦ୍ ।
**ପାର୍‌ବା, ପାରିବା କ୍ରି.** ୧. ଯୋଗ୍ୟ ହେବା, ସମର୍ଥ ହେବା, ସଫଳ ହେବା ୨. ତଳେ ବିଛାଇବା, ତଳେ ପକାଇବା ୩. ତୋଳିବା, ଝଡେଇବା ୪. କୁକୁଡ଼ା, ବତକ ଆଦି ଅଣ୍ଡା ଦେବା ।
**ପାର୍‌ବାର, ପାରିବାର ବିଂ.** ଯୋଗ୍ୟ, ସମର୍ଥ ।
**ପାର୍‌ସୀ ବି.ବିଂ.** ୧. ପାରସ୍ୟ (ଆଧୁନିକ ଇରାନ୍) ଦେଶର ଲୋକମାନଙ୍କର ଭାଷା, ସାହିତ୍ୟ, ଧର୍ମ, ସଂସ୍କୃତି ୨. ପାରସ୍ୟବାସୀ ୩. ଭାରତରେ ଚାଲିଆସି ବସବାସ କରୁଥିବା ଇହୁଦୀ ଧର୍ମାବଲମ୍ବୀ ଗୋଷ୍ଠୀ ।
**ପାର ବି.** ୧. ଅନ୍ୟପାଖ ୨. ମୋକ୍ଷ, ମୁକ୍ତି, ଉଦ୍ଧାର ୩. ପୂର୍ଣ୍ଣତା ।
**ପାର ଉତ୍ତାର ବି.** ଚଢ଼ାଉତ୍ତରା, ନେବା ଆଣିବା ।
**ପାର କରିବା କ୍ରି.** ୧. ଡଙ୍ଗା ପ୍ରଭୃତିରେ ଜଳଭାଗର ଗୋଟାଏ ପାଖରୁ ଅନ୍ୟ ପାଖକୁ ନେବା ୨. ଅନ୍ୟ ପାଖକୁ ନେଇଯିବା ୩. ଉଦ୍ଧାର କରିବା, ମୋକ୍ଷ ଦେବା ୪. ଗୋଟାଏ ସ୍ଥାନରୁ ଆଉ ଏକ ସ୍ଥାନକୁ ନେବା ୫. ଶେଷ କରିଦେବା ।
**ପାରଗ, ପାରଙ୍ଗମ ବିଂ.** ଦକ୍ଷ, କାର୍ଯ୍ୟହାସଲ କରିବାରେ ସମର୍ଥ, ଯୋଗ୍ୟ, ପଟୁ, ନିପୁଣ ।
**ପାର(ରୁ)ଡ଼ାପୋକ ବି.** ଭୀଷଣ ଦୁର୍ଗନ୍ଧ ହେଉଥିବା ଏକ ପ୍ରକାର ଛୋଟ ଆକୃତିର ପୋକ, ପାତୁରାପୋକ, ପାରୁଡାପୋକ, ପାତ୍‌ରିକିରା ।
**ପାରଣା ବି.** ୧. ପାରାୟଣ, କୌଣସି ଲେଖାର ସମ୍ପୂର୍ଣ୍ଣ ପଢ଼ା ୩. କୌଣସି ଓଷା, ବ୍ରତ ଅଥବା ମାନସିକକୁ ବିଧିବିଧାନ ସହିତ ଶେଷ କରିବା ୪. ଭୋଜନ, ଖାଦ୍ୟ ଗ୍ରହଣ ।
**ପାରତନ୍ତ୍ରିକ ବିଂ.** ଅନ୍ୟର ଶାସନ ଅଧୀନ, ପରାଧୀନ ।
**ପାରତ୍ରିକ ବିଂ.** ୧. ପରଲୋକ ସମ୍ବନ୍ଧୀୟ ୨. ମରଣୋତ୍ତର, ମୃତ୍ୟୁ ପରବର୍ତ୍ତୀକାଳୀନ ।
**ପାରଦ ବି.** ଏକ ପ୍ରକାରର ମୌଳିକ ଅର୍ଦ୍ଧତରଳ ଧାତୁ, ମର୍କ୍ୟୁରୀ ।
**ପାରଦର୍ଶିତା ବି.** ବିଶେଷ ଯୋଗ୍ୟତା, କାର୍ଯ୍ୟହାସଲ କରିବାର ସାମର୍ଥ୍ୟ, ଦକ୍ଷତା, ଅଭିଜ୍ଞତା ।

**ପାରଦର୍ଶୀ** *ବିଂ.* ୧. ଭବିଷ୍ୟତ ସମ୍ପର୍କରେ ଆକଳନ କରିପାରୁଥିବା, ଦୂରଦର୍ଶୀ ୨. ଦକ୍ଷ, ସମର୍ଥ, ପାରଙ୍ଗମ ୩. କଳା, ସାହିତ୍ୟବିଦ୍ୟାରେ ପଣ୍ଡିତ ୪. ସ୍ୱଚ୍ଛ, ଯାହା ମଧ୍ୟଦେଇ ଆଲୋକ ପ୍ରବେଶ କରିପାରେ ।

**ପାରମାର୍ଥିକ** *ବିଂ.* ପରମତତ୍ତ୍ୱ ସମ୍ବନ୍ଧିତ, ଆଧ୍ୟାତ୍ମିକ, ପାରଲୌକିକ, ଈଶ୍ୱର ଅନୁଭବ ସଂକ୍ରାନ୍ତ ।

**ପାରମ୍ପରିକ** *ବିଂ.* ପରମ୍ପରା ଅନୁମୋଦିତ, ବହୁକାଳରୁ ପ୍ରଚଳିତ ବା ଗଢ଼ିଆସୁଥିବା ।

**ପାରଯିବା** *କ୍ରି.ବି.* ୧. ଯନ୍ତ୍ରଣା ବା ସମସ୍ୟାରୁ ମୁକୁଳିବା ୨. ହଜମ ହେବା ୩. ମୋକ୍ଷ ପାଇବା ।

**ପାରଲୌକିକ** *ବିଂ.* ମୃତ୍ୟୁର ଅବସ୍ଥିତି ସମ୍ବନ୍ଧୀୟ, ପରଲୋକ ବା ମୃତ୍ୟୁଲୋକ ସମ୍ପର୍କିତ ।

**ପାରସ୍ପରିକ** *ବିଂ.* ପରସ୍ପର, ନିଜ ନିଜ ସମ୍ବନ୍ଧୀୟ ।

**ପାରସ୍ୱନିକ** *ବିଂ.* ଯାହା ଧ୍ୱନିଠାରୁ ଅଧିକ ଦ୍ରୁତବେଗରେ ଗତିଶୀଳ, ସୁପରସୋନିକ୍ ।

**ପାରସ୍ୟ** *ବି.* ଭାରତର ପଶ୍ଚିମରେ ଆଫଗାନିସ୍ଥାନର ନିକଟବର୍ତ୍ତୀ ମଧ୍ୟପ୍ରାଚ୍ୟର ଏକ ଦେଶ, ଇରାନ, ପର୍ସିଆ ।

**ପାରା** *ବି.* ୧. ଏକ ପ୍ରକାରର ଚଢ଼େଇ-ଯେଉଁମାନଙ୍କର ଦୃଷ୍ଟିଶକ୍ତି ଅତି ତୀକ୍ଷ୍ଣ ୨. ପାରାଗ୍ରାଫ, ଅନୁଚ୍ଛେଦ ୩. ପାରଦ, ମର୍କ୍ୟୁରି ଧାତୁ ୪. ଦର୍ପଣ ପଛପଟେ ବୋଳା ହେବା ପାରଦ ବା ଅନ୍ୟ କୌଣସି ବସ୍ତୁ ।

**ପାରା ଆଖିଆ** *ବିଂ.* ତୀକ୍ଷ୍ଣ ଦୃଷ୍ଟିଶକ୍ତିସମ୍ପନ୍ନ ।

**ପାରାଗ୍ରାଫ** *ବି.* ଅନୁଚ୍ଛେଦ, କୌଣସି ଗଦ୍ୟ ରଚନାରେ ନିର୍ଦ୍ଦିଷ୍ଟ ଯୁକ୍ତି, ଭାବ ବା ବିଚାରସମ୍ବଳିତ ସ୍ୱତନ୍ତ୍ର ଅଂଶବିଶେଷ ।

**ପାରା ଚଢ଼ିଯିବା** *କ୍ରି.* ରାଗିଯିବା, କ୍ରୁଦ୍ଧହେବା ।

**ପାରାଚୁଟ୍** *ବି.* ଆକାଶଛତା, ଉଡାଜାହାଜ/ହେଲିକୋପ୍ଟରରୁ ଆବଶ୍ୟକ ହେଲେ ନିରାପଦ ଭାବରେ ଡେଇଁବା ପାଇଁ ବ୍ୟବହୃତ ଉପକରଣ- ଯାହା ଛତା ଭଳି ଖୋଲିଯାଏ ।

**ପାରାଞ୍ଜି** *ବି.* କୋଠା ବା ଘରର କାନ୍ଥ ତିଆରିବେଳେ ରାଜମିସ୍ତ୍ରୀମାନଙ୍କପାଇଁ ତିଆରି ବାଉଁଶ ବା ବଲ୍ଲାରେ ତିଆରି ମଞ୍ଚ, ଭାଡ଼ି, ଭାରା ।

**ପାରାଟାଇଫଏଡ଼** *ବି.* ଟାଇଫଏଡ୍ ବା ଆନ୍ତ୍ରିକ ଜ୍ୱର ଭଳି ଏକ ରୋଗ ।

**ପାରାପେଟ** *ବି.* କୋଠାଘର ଛାତ ଉପରେ ଦିଆଯାଇଥିବା ଅଳ୍ପ ଉଚ୍ଚା ପାଚେରି ବା କାନ୍ଥ ।

**ପାରାଫିନ୍** *ବି.* ପେଟ୍ରୋଲିୟମ୍‌ଜାତ ଏକ ପ୍ରକାରର ଗାଢ଼ ଧଳା ରଙ୍ଗର ପଦାର୍ଥ ।

**ପାରାବତ** *ବି.* ପାରା, ପରୁଆ ।

**ପାରାବାର** *ବି.* ଯାହାର ଆରପାଖକୁ ବା ଅନ୍ୟ କୂଳକୁ ଆଖି ପାଏ ନାହିଁ, ସମୁଦ୍ର ।

**ପାରାଭାଡ଼ି** *ବି.* ପାରାମାନଙ୍କର ରହିବା ପାଇଁ ସ୍ୱତନ୍ତ୍ର ଭାବରେ ତିଆରି ଖୋପଥିବା କାଠ ପଞ୍ଜୁରି ।

**ପାରାମେଡ଼ିକାଲ** *ବିଂ.* ସ୍ୱାସ୍ଥ୍ୟ ସେବାରେ ନିୟୋଜିତ ଅଣଡାକ୍ତରୀ କର୍ମୀ ।

**ପାରାସିଟାମଲ୍** *ବି.* ଜ୍ୱର କମାଇବା ପାଇଁ ବ୍ୟବହୃତ ଔଷଧ ।

**ପାରାୟଣ** *ବି.* ୧. କୌଣସି ଏକ ଅଧ୍ୟାତ୍ମ ଗ୍ରନ୍ଥକୁ ମୂଳରୁ ଶେଷ ପର୍ଯ୍ୟନ୍ତ ନିଷ୍ଠାର ସହିତ ପଢ଼ିବା ଓ ଚର୍ଚ୍ଚା କରିବା କାର୍ଯ୍ୟ, ପାରଣା ୨. ଶେଷ, ପୂର୍ଣ୍ଣତା, ସମାପ୍ତି ।

**ପାରି** *ବି.* ୧. ଅନ୍ୟପାଖ, ଅପରପାର୍ଶ୍ୱ ୨. ଥର, ପର୍ଯ୍ୟାୟ, ପାଳି ।

**ପାରିଆ** *ବି.* କୁଡ଼ିଆ ବା ଛଣଛପର ଘରର ପଞ୍ଜରକୁ ଆଣ୍ଟ କରିବା ପାଇଁ ମାଟିରେ ପୋତା ହୋଇ ଚାଳଆଡ଼ି ସହିତ ସଂଯୁକ୍ତ ବାଉଁଶ ଖୁଣ୍ଟ ; *ବିଂ.* ଅନ୍ୟ ପାଖରେ ଥିବା ।

**ପାରିକଉଡ଼ି** *ବି.* ନଈ ପାରିହେବା ସମୟରେ ନାଉରିର ପ୍ରାପ୍ୟ, ଘାଟ ପାଉଣା, ଘାଟମୂଲ୍ୟ, ଘାଟ ମାହାସୁଲ ।

**ପାରି କରିବା** *କ୍ରି.* ପାର କରିବା ।

**ପାରିଜା** *ବି.* ୧. ଶ୍ରେଣୀ ୨. ନର୍ତ୍ତକ ବା ନର୍ତ୍ତକୀର ହାତ ଓ ଅନ୍ୟ ଅଙ୍ଗଭଙ୍ଗୀ ।

**ପାରିଜାତ** *ବି.* ୧. *ପୁରାଣ* ଇନ୍ଦ୍ରଙ୍କ ଉଦ୍ୟାନର ସର୍ବଶ୍ରେଷ୍ଠ ଫୁଲ, ସ୍ୱର୍ଗର ନନ୍ଦନବନର ସବୁଠାରୁ ସୁନ୍ଦର ଫୁଲ ୨. ଏକ ପ୍ରକାରର ମନ୍ଦାର ।

**ପାରିଣି** *ବି.* ଡଙ୍ଗାର ତଳପଟାରେ ବିଛାଯାଇଥିବା ତଲେଇ ।

**ପାରିତଣ୍ଡ** *ବି.* ପୂର୍ବେ ନଈ ପାରିହେବା କାଳରେ ପ୍ରଶାସନଦ୍ୱାରା ଆଦାୟ କରାଯାଉଥିବା ସ୍ୱତନ୍ତ୍ର କର ବା ଟିକସ ।

**ପାରିତୋଷିକ** *ବି.* ୧. ପୁରସ୍କାର ୨. ଭେଟି, ଉପହାର ୩. ବକସିସ୍ ୪. ସନ୍ତୁଷ୍ଟୀକରଣ ପାଇଁ ପ୍ରଦତ୍ତ ଅର୍ଥ ବା ଦ୍ରବ୍ୟ ୫. ଦକ୍ଷିଣା ୬. ବକ୍ତୃତା, ରଚନା ପ୍ରଭୃତି ପାଇଁ ଦିଆଯିବା ପାଉଣା, ଅନରାରିଅମ ।

**ପାରିଧି** *ବି.* ଶିକାର, ମୃଗୟା ।

**ପାରିପାର୍ଶ୍ୱିକ** *ବିଂ.* ୧. ଚାରିପାଖକୁ ଘେରି ରହିଥିବା ୨. ପାଖରେ ଥିବା (ଚାକର, ଭୃତ୍ୟ) ।

**ପାରିବା** *କ୍ରି.* ୧. ସମର୍ଥହେବା, ଯୋଗ୍ୟହେବା ୨. ବିଛେଇବା ୩. ତୋଳିବା ୪. ଅର୍ଜନ କରିବା ୫. (ପଶୁ)ଜନ୍ମ କରିବା, ପ୍ରସବ କରିବା ୬. ( ପକ୍ଷୀ) ଅଣ୍ଡା ଦେବା, କାର୍ଯ୍ୟକ୍ଷମ ହେବା ୭. ମାଟିରେ କଚାଡ଼ି ଦେବା, ଧରାଶାୟୀ କରିବା ।

**ପାରିବାର** *ବିଂ.* ୧. ସମର୍ଥ, ଯୋଗ୍ୟ ୨. କାବୁଆ ୩. ବଳବାନ ।

**ପାରିବାରପଣ** *ବି.* ସାମର୍ଥ୍ୟ, ବାହାଦୁରି, ବଡ଼ପଣ ।

**ପାରିବାର ପୁଅ** *ବି.* ଯୋଗ୍ୟପୁଅ, ସମର୍ଥ ଉତ୍ତରାଧିକାରୀ ।

**ପାରିଭାଷିକ** *ବିଂ.* ପରିଭାଷା ସମ୍ବନ୍ଧିତ; *ବି.* କୌଣସି ଶବ୍ଦର ବିଶେଷତାସୂଚକ ଅନ୍ୟ ଏକ ଶବ୍ଦ ।

**ପାରିଶୁଆ** *ବି.* ୧. ବିଛଣା ୨. ବିଛଣାଚଦର, ସତରଞ୍ଜି, ବେଡ୍‌ସିଟ୍ ।

**ପାରିଷଦ** *ବି.* ୧. ବିଶିଷ୍ଟ ବ୍ୟକ୍ତିମାନଙ୍କ ସଭାର ସଭ୍ୟ, ସଭାସଦ୍ ୨. ସହଚର, ବନ୍ଧୁ, ନିକଟତମ ବ୍ୟକ୍ତି ।

**ପାରିହେବା** *କ୍ରି.* ୧. ଅତିକ୍ରମ କରିବା ୨. ଉଦ୍ଧାର ପାଇବା ।

**ପାରୁ** *ବି.* ୧. ସାମର୍ଥ୍ୟ ୨. ମର୍ଯାଦା ୩. ତେନ୍ତୁଳି ଅଠା ୪. ରୁଆ, କପାର ସୂକ୍ଷ୍ମ ଅଂଶ ୫. ନିଆଁ ।

**ପାରୁଆ, ପରୁଆ** *ବି.* ପାରା ।

**ପାରୁଡାପୋକ** *ବି.* ପାରଡାପୋକ ।

**ପାରୁନ୍** *ବି.* ପାହାରୁଣି, ହାତ ଢ଼ିଙ୍କି ।

**ପାରୁପତେ** *କ୍ରି.ବିଂ.* ପାରୁ ପର୍ଯ୍ୟନ୍ତ, ଯଥାଶକ୍ତି ।

**ପାରୁପର୍ଯ୍ୟନ୍ତ** *କ୍ରି.ବି.* ସାମର୍ଥ୍ୟ ଥିବାତକ, ଯଥାଶକ୍ତି, ପାରୁପତେ ।

**ପାରୁଶ** *ବି.* ୧. ପାର୍ଶ୍ୱ, ପାଖ ୨. ଭଙ୍ଗା କୁଡୁଆରେ ପରଶା ଯିବା ଅବଢ଼ା ବା ଅନ୍ନ ମହାପ୍ରସାଦ ୩. ନଈକୂଳ, ତୀର ।

**ପାରୁସ୍** *ବି.* ୧. ପାର୍ଶ୍ୱ, ପାଖ ୨. ଖାଇବସିବା ଠାଆ ।

**ପାରେ** *ଅ.* ୧. ଥରେ, ଏକବାର ୨. ତାଳରେ ।

**ପାର୍କ୍** *ବି.* ୧. ବଗିଚା ୨. ସର୍ବସାଧାରଣଙ୍କ ବ୍ୟବହାର ନିମନ୍ତେ ଗଛପତ୍ର, ଖେଳ ସାମଗ୍ରୀ ପ୍ରଭୃତି ଥିବା ଖୋଲାସ୍ଥାନ ।

**ପାର୍କ୍ କରିବା** *କ୍ରି.* କିଛି ସମୟ ପାଇଁ ଗାଡ଼ି ମଟର ଠିଆ କରି ରଖିବା ।

**ପାର୍କା** *ବି.* ୧. ଛୋଟ ଆକାରର ଗୋଲାକାର ସୁନାଚକି ବା ପତ୍ରୀ ୨. ପୂର୍ବେ ପ୍ରଚଳିତ ଦି ପଇସି ।

**ପାର୍କିଙ୍ଗ୍** *ବି.* ଗାଡ଼ିମଟର ରଖିବା ପାଇଁ ଉଦ୍ଦିଷ୍ଟ ସ୍ଥାନ ।

**ପାର୍ଚମେଣ୍ଟ୍** *ବି.* ସନନ୍ଦ, ଦଲିଲ, ମାନପତ୍ର ପ୍ରଭୃତି ଲେଖାପାଇଁ ବ୍ୟବହୃତ ଦୀର୍ଘକାଳ ସ୍ଥାୟୀ କାଗଜ ।

**ପାର୍ଚା** *ବି.* ୧. ଜମିଜମା ବନ୍ଦୋବସ୍ତ କାଳରେ ରୟତକୁ ମିଳିଥିବା ବିବରଣୀ ଲିଖିତ କାଗଜଖଣ୍ଡ ୨. ପ୍ରମାଣପତ୍ର ।

**ପାର୍ଟ୍** *ବି.* ୧. ଅଂଶ, ଖଣ୍ଡ, ଭାଗ ୨. ନାଚ, ନାଟକ, ସିନେମା ଆଦିରେ ଅଭିନେତା, ଅଭିନେତ୍ରୀ ଅଭିନୟ କରୁଥିବା ନିର୍ଦ୍ଦିଷ୍ଟ ଚରିତ୍ରର ଭୂମିକା ।

**ପାର୍ଟ୍‌ନର** *ବି.* ଅଂଶୀ(ଶି)ଦାର, ଭାଗୁଆଳି ।

**ପାର୍ଟି** *ବି.* ୧. ସମଧର୍ମୀମାନଙ୍କର ସମ୍ମେଳନ ୨. ଦଳ, ଗୋଷ୍ଠୀ ୩. ପକ୍ଷ ୪. ଖାଇବା ପିଇବା ସହିତ ମଉଜ ମଜଲିସ ।

**ପାର୍ଟିଅର୍** *ବି.* ଯାତ୍ରା ଦଳର ଅଭିନେତା ।

**ପାର୍ଟି ପଲିଟିକ୍ସ୍** *ବି.* ଦଳୀୟ ରାଜନୀତି ।

**ପାର୍ଟିସନ୍** *ବି.* ଭାଗବଣ୍ଟା, ବଣ୍ଟୁଆରା, ବିଭକ୍ତୀକରଣ ।

**ପାର୍ଥକ୍ୟ** *ବି.* ୧. ପ୍ରଭେଦ, ଭେଦ ୨. ବୈସାଦୃଶ୍ୟ ୩. ଅମେଳ ।

**ପାର୍ଥିବ** *ବିଂ.* ୧. ସାଂସାରିକ ୨. ପୃଥିବୀ ସମ୍ବନ୍ଧୀୟ ।

**ପାର୍ବଣ** *ବି.* ୧. ପୂର୍ଣ୍ଣିମା, ଅମାବାସ୍ୟା ଆଦି ତିଥିରେ ପାଳିତ ଉତ୍ସବାଅନୁଷ୍ଠାନ ୨. ଦଶହରା ।

**ପାର୍ବତୀ** *ବିଂ.* ପର୍ବତଜନ୍ମିତ ; *ବି.* ହିମାଳୟଙ୍କ ଝିଅ, ଦୁର୍ଗା, ଉମା, ଗିରିଜା ।

**ପାର୍ବତୀ ବନୌଷଧି** *ବି.* ଜନଜାତିମାନଙ୍କ ମଧ୍ୟରେ ଥିବା ପାରମ୍ପରିକ ଆୟୁର୍ବେଦୀୟ ଚିକିତ୍ସା ବ୍ୟବସ୍ଥା ।

**ପାର୍ବତୀୟ** *ବିଂ.* ୧. ପର୍ବତରୁ ସୃଷ୍ଟ ୨. ପର୍ବତ ସମ୍ବନ୍ଧୀୟ ।

**ପାର୍ବତ୍ୟ** *ବିଂ.* ୧. ପର୍ବତ ନିକଟବର୍ତ୍ତୀ ୨. ପର୍ବତ ସମ୍ବନ୍ଧିତ ୩. ପର୍ବତରେ ରହୁଥିବା ବା ମିଳୁଥିବା ୪. ପର୍ବତସଂକୁଳ, ପାହାଡ଼ପର୍ବତଭରା ।

**ପାର୍ମାନେଣ୍ଟ୍** *ବି.ବିଂ.* ୧. ସ୍ଥାୟୀ, ଚିରସ୍ଥାୟୀ ୨. ଚାକିରୀରେ ନିୟମିତ କର୍ମଚାରୀ ଭାବରେ ନିଯୁକ୍ତ ।

**ପାର୍ଲିଆମେଣ୍ଟ** *ବି.* ୧. ସଂସଦ, ରାଜ୍ୟସଭା ଓ ଲୋକସଭା ୨. ଦେଶ ଶାସନ ନିମିତ୍ତ ଜନତାଦ୍ୱାରା ନିର୍ବାଚିତ ପ୍ରତିନିଧିମାନଙ୍କର ଆଇନ ପ୍ରଣୟନକାରୀ ସଭା ୩. କୌଣସି ବିଶେଷ ଉଦ୍ଦେଶ୍ୟରେ ଅନୁଷ୍ଠିତ ସମ୍ମେଳନ ।

**ପାର୍ଶ୍ୱ** *ବି.* ୧. ପାଖ, ନିକଟ ୨. ଗୋଟିଏ ଦିଗ ୩. କଣ, ଧାର ୪. କାଖ, କାଖତଳ ୫. ଭୋଜିଭାତରେ ଖାଇ ବସିଥିବା ଲୋକ ପାଖରେ ଅନୁପସ୍ଥିତ ଲୋକପାଇଁ ଖାଦ୍ୟ ବଢ଼ାଯାଉଥିବା ପତ୍ର।

**ପାର୍ଶ୍ୱିକ** *ବିଂ.* ୧. ନିଜ ତୁଣ୍ଡରେ ନିଜ ବଡ଼ତି ଘୋଷଣାକାରୀ ୨. ଅସଦ୍‌ଉପାୟରେ ଅର୍ଥ ଉପାର୍ଜନ କରୁଥିବା ।

**ପାର୍ଶ୍ୱଚର** *ବି.* ୧. ପାଖଲୋକ, ନିକଟତମ ବ୍ୟକ୍ତି ୨. ସହଚର, ଅନୁଚର ୩. ଅର୍ଦ୍ଦଳି, ଜଗାରଖା କରୁଥିବା ଲୋକ ।

**ପାର୍ଶ୍ୱଦେଶ** *ବି.* ୧. ନିକଟବର୍ତ୍ତୀ ସ୍ଥାନ ୨. ପଖା, କଡ଼ ।

**ପାର୍ଶ୍ୱ ପରିବର୍ତ୍ତନ** *ବି.* ୧. କଡ଼ ଲେଉଟାଣ ୨. ଭାଦ୍ରବ ଶୁକ୍ଳ ଏକାଦଶୀ ଦିନ ବିଷ୍ଣୁଙ୍କ ପାର୍ଶ୍ୱ ପରିବର୍ତ୍ତନ ଉତ୍ସବ ।

**ପାର୍ଶ୍ୱବର୍ତ୍ତୀ** ***ବିଂ.*** ୧. ପାଖରେ ଥିବା, ନିକଟରେ ଥିବା ୨. କଡରେ ଥିବା, କଡ଼କୁ ଲାଗିଥିବା ।

**ପାର୍ଶ୍ୱସ୍ଥ** ***ବିଂ.*** ୧. ଗୋଟିଏ ପାଖରେ ଥିବା, ପାଖରେ ଲାଗିରହିଥିବା ୨. କଡ଼କୁ ଥିବା ।

**ପାର୍ଶ୍ୱାସ୍ଥି** ***ବି.*** ପଞ୍ଜରା ହାଡ଼ ।

**ପାର୍ଷଦ** ***ବି.*** ୧. ପାରିଷଦ ୨. ବିଶିଷ୍ଟ ବ୍ୟକ୍ତିମାନଙ୍କ ସଭାର ସଦସ୍ୟ ୩. କାଉନସିଲର ।

**ପାର୍ସନାଲ୍** ***ବିଂ.*** ବ୍ୟକ୍ତିଗତ, ନିଜସ୍ୱ ।

**ପାର୍ସନାଲିଟି** ***ବି.*** ବ୍ୟକ୍ତିତ୍ୱ ।

**ପାର୍ସଲ** ***ବି.*** ପୁଳିନ୍ଦା, ଅନ୍ୟ ସ୍ଥାନକୁ ପଠାଇବାପାଇଁ ପଦାର୍ଥର ପୁଡ଼ିଆ ।

**ପାଲ୍‌ତି** ***ବିଂ.*** ଘର ଓ ଜମି ଛାଡ଼ିଥିବା, ପଳାତକ ।

**ପାଳ** ***ବି.*** ୧. ପୁଆଲ, କୁଟା ୨. ରଖୁଆଳ, ଜଗୁଆଳ, ପାଳକ, ରକ୍ଷକ ୩. ନଈକୂଳ ଜମି, ପଠା ।

**ପାଳକ** ***ବିଂ. ବି.*** ପାଳନକାରୀ (ବ୍ୟକ୍ତି), ରକ୍ଷକ, ଦେଖାଚାହାଁ କରୁଥିବା (ବ୍ୟକ୍ତି); ***ବି.*** ୧. ଯୋଗ, ସୁଯୋଗ, ସୁବିଧା ୨. (ଜ୍ୟୋତିଷ ମତରେ) ବର୍ଷର ଶୁଭାଶୁଭ ସମ୍ପର୍କିତ ।

**ପାଳକୁଟା** ***ବି.ବିଂ.*** ପାଳ କୁଟିବା ଉପକରଣ ।

**ପାଳଗଦା** ***ବି.*** ଧାନ ଅମଳ ପରେ ଗଦେଇ ରଖା ଯିବା ପାଳ, ପୁଏଲ୍ ଗଦା ।

**ପାଳଙ୍ଗ** ***ବିଂ.*** ମାଂସଳ ଓ ଚଉଡ଼ା ପତ୍ରଥିବା ଏକ ଜାତୀୟ ଶାଗ, ପାଲକ୍ ।

**ପାଳଣ, ପାଳଣା** ***ବି.*** ୧. ପାଳିବା, ଲାଳନ, ପୋଷଣ ୨. ରକ୍ଷା କରିବା ।

**ପାଳତୀ** ***ବି.*** ୧. ପୋଇଲୀ ୨. ଧାଈ ୩. ଧରମ ମା ।

**ପାଳଦଉଡି** ***ବି.*** ପାଳରେ ପ୍ରସ୍ତୁତ ମୋଟା ଦଉଡ଼ି ।

**ପାଳ ପକେଇବା** ***କ୍ରି.*** ଦୋଷ କରିବା ।

**ପାଳି** ***ବି.*** ୧. ପର୍ଯ୍ୟାୟ, ଥର ୨. କ୍ରମିକ ସମୟ ବା କାଳ ୩. ଶ୍ରେଣୀ, ପଂକ୍ତି ୪. ଦିନ ବା ବାର ।

**ପାଳିଆ** ***ବି.*** ୧. ପାଳି ଖଟୁଥିବା ସେବକ ୨. ଗାୟନକାଳରେ ମୁଖ୍ୟ ଗାୟକଙ୍କ ଗୀତର ସ୍ୱର ଧରୁଥିବା ସହଗାୟକ ।

**ପାଳିଆଶ୍ରୀ** ***ବି.*** ଗାୟକଙ୍କ ପ୍ରଧାନ ସହଯୋଗୀ ଗାୟକ, ଶ୍ରୀପାଳିଆ ।

**ପାଳି କରିବା** ***କ୍ରି.*** ୧. ସେବାୟତ ବା କର୍ମଚାରୀ ନିଜ ପାଇଁ ଉଦ୍ଦିଷ୍ଟ ସମୟରେ କାର୍ଯ୍ୟ କରିବା ୨. କୌଣସି କର୍ମଚାରୀ ପାଇଁ ଆଉ କେହି ଆସି କାମ କରିବା ।

**ପାଳି ଜର** ***ବି.*** ନିର୍ଦ୍ଦିଷ୍ଟ ସମୟରେ ଆସୁଥିବା ଜ୍ୱର, ମ୍ୟାଲେରିଆ ଜର ।

**ପାଳିତ ପୁତ୍ର** ***ବି.*** ପୋଷ୍ୟପୁଅ, ବିଧିବଦ୍ଧ ଭାବେ ନିଜର ପୁଅ ଭାବେ ଗ୍ରହଣ କରି ପାଳୁଥିବା ଅନ୍ୟର ସନ୍ତାନ ।

**ପାଳି ଧରିବା** ***କ୍ରି.*** ୧. ଗୀତ ଗାଇବା ବେଳେ ଅନ୍ୟମାନେ ପଂକ୍ତିଗୁଡ଼ିକୁ ପୁଣି ଗାଇବା ୨. ଅନ୍ୟ କାହାରି କଥାରେ ନିର୍ବିଚାରରେ ସହମତି ଜଣାଇବା ୩. କାହାରି କହିବା ବେଳେ ଆଉ ଜଣେ ସମର୍ଥନ କରି କହିବା ।

**ପାଳୁଅ** ***ବି.*** ହଳଦୀଗଛ ପରି ଦେଖା ଯାଉଥିବା ଗଛର କନ୍ଦାର ଚୂନା, ତିଖୁର୍, ତିଖରି– ଯାହା ସହଜରେ ହଜମ ହେଉଥିବାରୁ ପଥି ଭାବରେ ବ୍ୟବହାର କରାଯାଏ ।

**ପାଲ୍** ***ବି.*** ଶଗଡ଼ଗାଡ଼ି ଢାଙ୍କିବାପାଇଁ ବ୍ୟବହୃତ ଅଖାପଟି, ଟାର୍ପୋଲିନ୍ ବା ମୋଟାକପଡା ।

**ପାଲ୍‌କି** ***ବି.*** ପାଲିଙ୍କି, ଉପରେ ଢାଙ୍କୁଣି ଥିବା ଏକ ବଡ଼ ଖଟୁଲି ପରି ଆସନ – ଯାହାର ଦୁଇ ପାଖରେ ଥିବା ଗୋଲାକୃତି ଲମ୍ବା ଦଣ୍ଡ କାନ୍ଧରେ ଧରି ନେବା ଆଣିବା କରାଯାଏ, ତାମ୍‌ଜାନ ।

**ପାଲ୍‌ଗାଡ଼ି** ***ବି.*** ଅଖା, ଟାର୍ପୋଲିନ୍ ପ୍ରଭୃତିରେ ଆଚ୍ଛାଦିତ ଶଗଡ଼ ଗାଡ଼ି ।

**ପାଲ୍‌ଟି ମାରିବା** ***କ୍ରି.*** ୧. ଗାଡ଼ି ଓଲଟିବା, ଦୁର୍ଘଟଣାଗ୍ରସ୍ତ ହୋଇ ଗାଡ଼ିର ଚକ ଉପରକୁ ହେବା ୨. କହିଥିବା କଥାରୁ ଓଲଟିଯିବା, ବିପରୀତ କଥା କହିବା ।

**ପାଲ୍‌ଥି** ***ବି.*** ଚକାପାରି ବସିବା ଭଙ୍ଗୀ ।

**ପାଲ୍ ପଡ଼ବା** ***କ୍ରି.*** ଦେବଦେବୀଙ୍କ ପାଖରେ ଅଧିଆ ପଡ଼ିବା ।

**ପାଲ୍‌ହା** ***ବି.*** ଗଛ/ଗୁଳ୍ମର ପତ୍ର ।

**ପାଲ** ***ବି.*** ୧. ଝୋଟରେ ତିଆରି ଅଖାପଟି ୨. ଅଖା, ପ୍ଲାଷ୍ଟିକ ପଟି, ସୂତା ଅଥବା ନାଇଲନରେ ତିଆରି ବଡ଼ପରଦା ୩. ଛୋଟତମ୍ବୁ ୪. ଲୋଭ, ପ୍ରଲୋଭନ ୫. ମୋଟା କପଡ଼ା ଯାହାକୁ ପାଣି ସହଜରେ ଭେଦି ପାରେ ନାହିଁ ୬. ଭୂଇଁଖଜୁରୀ ୭. ଲଙ୍ଗଳଲୁହା ।

**ପାଲଟା** ***ବି.ବିଂ.*** ୧. ବଦଳିବା ୨. ବିପରୀତ, ଓଲଟା ।

**ପାଲଟାଇବା, ପାଲଟେଇବା** ***କ୍ରି.*** ୧. ନେଇଥିବା ପଦାର୍ଥ ଫେରାଇଦେବା ୨. ବଦଳାଇବା ।

**ପାଲଟା ଚାହାଣି** ***ବି.*** ଫେରିଚାହିଁବା ଭଙ୍ଗୀ, ଲେଉଟି ଅନିଷା କରିବା ।

**ପାଲଟା ଜବାବ** ***ବି.*** ପ୍ରତ୍ୟୁତ୍ତର, କଥାର ଅସମ୍ମାନକର ଉତ୍ତର ।

**ପାଲଟା ପାଣି** ***ବି.*** ଶୁଭ କାର୍ଯ୍ୟବେଳେ ନାରୀମାନେ ପରିବର୍ତ୍ତନ କରୁଥିବା ପାଣି ।

**ପାଲଟା ପାଲଟି** ***ବି.*** ବଦଳାବଦଳି ।

**ପାଲଟା ବାଘ** ***ବି.*** ଲୋକବିଶ୍ୱାସରେ ମନ୍ତ୍ରବଳରେ ମଣିଷ ବାଘ ପାଲଟିବା ।

**ପାଲଟା ବାଣ** ***ବି.*** *ପୁରାଣ* ପ୍ରତିଅସ୍ତ୍ର ୧. ତନ୍ତ୍ର ପ୍ରୟୋଗରେ ପ୍ରତିଅସ୍ତ୍ର ।

**ପାଲଟା ଲୁଗା, ବସ୍ତ୍ର** ***ବି.*** ବ୍ୟବହାର ପରେ ପରିତ୍ୟକ୍ତ ଲୁଗା, ବ୍ୟବହୃତ ଲୁଗା ।

**ପାଲଟିବା** ***କ୍ରି.*** ୧. ପିନ୍ଧାଲୁଗାକୁ ଖୋଲି ଅନ୍ୟ ଲୁଗା ପିନ୍ଧିବା ୨. ବଦଳାଇବା ୩. ହକାଳିବା, ଅଁଖାଳିବା ୪. ବଦଳିଯିବା, ରୂପାନ୍ତରିତ ହୋଇଯିବା ।

**ପାଲଟଙ୍ଗା** ***ବି.*** ଯେଉଁ ଡଙ୍ଗାକୁ ପାଲ ସାହାଯ୍ୟରେ ଚଳାଯାଏ ।

**ପାଲରେ ପକାଇବା** ***କ୍ରି.*** କୌଶଳରେ ନିଜ ଅଧୀନକୁ ଆଣିବା ।

**ପାଲରେ ପଡ଼ିବା** ***କ୍ରି.*** ଫସିଯିବା, ଅନ୍ୟର ଚକ୍ରାନ୍ତର ଶିକାର ହେବା, ଅନ୍ୟର ବୁଦ୍ଧିରେ ବଶହେବା ।

**ପାଲା** ***ବି.*** ୧. ଶ୍ରୀସତ୍ୟନାରାୟଣ ପୂଜା କାଳରେ ବନ୍ଦନା ବା ସ୍ତୁତି, ଜଣେ ଗାହାଣ ଓ ତିନି /ଚାରି ଜଣ ସହ କଳାକାର (ମୃଦଙ୍ଗ, ଝାଞ୍ଜ, ଦାସକାଠି ବାଦକ)ମାନଙ୍କ ଦ୍ୱାରା ପରିବେଷିତ ଗୀତ ଓ ନୃତ୍ୟ ସମ୍ବଳିତ ପ୍ରଦର୍ଶନଧର୍ମୀ କଳା - ଏହା ଠିଆ ଓ ବସା ପାଲା ଭେଦରେ ଦ୍ୱିବିଧ।

**ପାଲା କରିବା** ***କ୍ରି.*** ୧. ଠିଆପୂଜା ବା ସତ୍ୟନାରାୟଣ ମାହାତ୍ମ୍ୟ ଗାୟନ କରିବା ୨. ଅସୁନ୍ଦର ବା ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିବା ।

**ପାଲାକାର** ***ବି.*** ସତ୍ୟନାରାୟଣ ପାଲା ବା ଅନ୍ୟ କୌଣସି ପାଲା ପରିବେଷଣ କରୁଥିବା କଳାକାର ।

**ପାଲା ଯାଚିବା** ***କ୍ରି.*** ପୁଅ, ଝିଅଙ୍କ ମଙ୍ଗଳ କାମନା କରି ନିର୍ଦ୍ଦିଷ୍ଟ କିଛି ବର୍ଷ ପାଇଁ ସତ୍ୟନାରାୟଣ ପୂଜା ଏବଂ ପାଲା ଆୟୋଜନ ପାଇଁ ମାନସିକ କରିବା ।

**ପାଲି** ***ବି.*** ୧. ଛୋଟ ଗାଁ ୨. ବଡ଼ ଗାଁ ପାଖରେ ଥିବା ଜନବସତି ବା ପଡ଼ା ୩. ପାଳି , ଥର, ବାର ୪. ପଶା, ଲୁଡ଼ୁ ଆଦି ଖେଳ ଖେଳିବାରେ ବ୍ୟବହୃତ କପଡ଼ା ଅଥବା କାଗଜ ତିଆରି କୋଠି ୫. ପୁରାତନ ସମୟର ଭାରତୀୟ ଭାଷାବିଶେଷ ।

**ପାଲିଙ୍କି** ***ବି.*** ପାଲ୍‌କି ।

**ପାଲିସ୍** ***ବିଂ.*** ମସୃଣ, ଚିକ୍କଣ ।

**ପାଲିସ୍ କରିବା** ***କ୍ରି.*** ଘଷି, ମାଜି ବା ଲେପ ଦେଇ ମସୃଣ ବା ଚିକ୍କଣ କରିବା, ଘଷି ଚିକ୍‌ଚିକ୍ କରିବା ।

**ପାଲୁ** ***ବି.*** ୧. ଦୁଧ, ଗୋରସ ୨. ପାଳୁଅ, ତିଖୁର ୩. ରନ୍ଧା ।

**ପାଲୋ** ***ବି.*** ୧. ପାଲୁଅ ୨. ଅପେକ୍ଷାକୃତ ପାଣିଆ ପାୟସ ବା କ୍ଷୀରି ୩. କଅଁଳିଆ ପତ୍ର, ପଲ୍ଲବ ।

**ପାଶ** ***ବି.*** ୧. ପାର୍ଶ୍ୱ, ପାଖ, ନିକଟ ୨. ଫାଶ, ଫାନ୍ଦ ।

**ପାଶ ଧରିବା** ***କ୍ରି.*** କୋଠାଘରର ପଲସ୍ତରା କଲାବେଳେ ଉସା (ଏକ ପତଳା ପଟା ଫଳକ) ସାହାଯ୍ୟରେ କାନ୍ଥର କୋଣକୁ ଠିକ ଭାବରେ ସଜାଡ଼ିବା ।

**ପାଶବ** ***ବିଂ.*** ୧. ପଶୁପରି ୨. ଭୟଙ୍କର ୩. ଅମାନବୀୟ ୪. ନିଷ୍ଠୁର ୫. ପ୍ରବୃତ୍ତିଚାଳିତ ।

**ପାଶବତା** ***ବି.*** ପଶୁପରି ଆଚରଣ ବା ବ୍ୟବହାର ।

**ପାଶବିକ** ***ବିଂ.*** ୧. ପଶୁ ସୁଲଭ, ଅମାନବିକ ୨. ନିଷ୍ଠୁର ।

**ପାଶୁପତ** ***ବି.*** ୧. ଏକ ପାଖ ଧାରଥିବା ଅସ୍ତ୍ର ୨. ଅଗସ୍ତି ଫୁଲ ୩. ଶିବଙ୍କର ଅସ୍ତ୍ର ୪. ଏକ ଶୈବ ସମ୍ପ୍ରଦାୟ ।

**ପାଶ୍ଚାତ୍ୟ** ***ବିଂ.*** ୧. ବିଶ୍ୱର ପଶ୍ଚିମ ଗୋଲାର୍ଦ୍ଧର ମହାଦେଶ ଓ ଦେଶ ସଂକ୍ରାନ୍ତ ୨. ପଛୁଆ ; ***ବି.*** ଶେଷ ।

**ପାଷଣ୍ଡ, ପାଷାଣ୍ଡ** ***ବିଂ. ବି.*** ୧. ଦୁଷ୍ଟ, ପାପଚାରୀ ୨. ନିର୍ମମ ୩. ବେଦକୁ ଅସ୍ୱୀକାର କରୁଥିବା ୪. ଧର୍ମଦ୍ରୋହୀ, ପାଖଣ୍ଡ, *ସ୍ତ୍ରୀ* ପାଷାଣ୍ଡୀ ।

**ପାଷଣ୍ଡତା, ପାଷାଣ୍ଡତା** ***ବିଂ.*** ଦୁର୍ଜନତା, ଖଳ ବା ଦୃଷ୍ଟ ପ୍ରକୃତି ।

**ପାସ୍** ***ବି.*** ୧. କୌଣସି କାର୍ଯ୍ୟରେ ସଫଳତା ଲାଭ କରିବା ୨. ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ୩. ଭିତରକୁ ପ୍ରବେଶ ପାଇଁ ଅନୁମତି ପତ୍ର, ଅନୁଜ୍ଞା, ଆଜ୍ଞାପତ୍ର ।

**ପାସ୍ କରିଦେବା** ***କ୍ରି.*** ୧. ନିଜ ପାଖରୁ ଅନ୍ୟର ପାଖକୁ ଦାୟିତ୍ୱ ବା କାର୍ଯ୍ୟ ଅନ୍ତର କରିଦେବା ୨. ତାସ୍ ଖେଳରେ ସଂଖ୍ୟା ଡାକ ଦେବା ପରିବର୍ତ୍ତେ ପତ୍ତା ଅନ୍ୟ ଖେଳାଳୀ ହାତକୁ ଦେବା ।

**ପାସ୍ କରିବା** ***କ୍ରି.*** ପରୀକ୍ଷା ଆଦିରେ କୃତକାର୍ଯ୍ୟ ବା ସଫଳ ହେବା ।

**ପାସ୍‌ପୋଟ୍** ***ବି.*** ଦେଶ ବାହାରକୁ ଯିବାପାଇଁ ବୈଦେଶିକ ବ୍ୟାପାର ବିଭାଗଦ୍ୱାରା ପ୍ରଦତ୍ତ ସରକାରୀ ଅନୁମତି ପତ୍ର ।

**ପାସ୍ ଯିବା** ***କ୍ରି.*** ପରିସ୍ରା କରିବା ପାଇଁ ଯିବା।

**ପାସ୍‌ରିବା** ***କ୍ରି.*** ପାସୋରି ଯିବା, ପାସୋର ହେବା, ଭୁଲି ଯିବା ।

**ପାସ୍‌ରୁ** ***ବିଂ.ବି.*** ପାସୋରି ପକାଉଥିବା(ଲୋକ), ଭୋଳା, ଭୁଲକ୍କଡ୍ ।

**ପାସଙ୍ଗ** ***ବି.*** ୧. ତରାଜୁ ବା ଭାରଦଣ୍ଡ ଉଭୟ ପାଖକୁ ସମାନ ରଖିବା ପାଇଁ ହାଲୁକା ପାଖରେ ବ୍ୟବହୃତ ଅଳ୍ପ ଓଜନିଆ ପଦାର୍ଥ ୨. ତୁଳନା ।

**ପାସଙ୍ଗ କରିବା/ଧରିବା** ***କ୍ରି.*** ଦଣ୍ଡି ବା ପାଲାକୁ ଓଜନ ପାଇଁ ସଜ କରିବା ।

**ପାସା** ***ବି.*** ଗଇଁତିର ମୁନିଆ ଅଂଶ; ***ବିଂ.*** ଅରୁଚିକର, ସ୍ୱାଦହୀନ ।

**ପାସାରପୁସୁର** ***କ୍ରି.ବିଂ.*** ଫୁସ୍‌ରଫାସର, ଟୁପ୍‌ଟାପ୍ ।

**ପାସି** *ବି.* ଫାସ, ଫରସି, ଅନ୍ୟଜୀବ ବା ପଦାର୍ଥକୁ ବାନ୍ଧିବା ପାଇଁ ଦଉଡ଼ିରେ ପ୍ରସ୍ତୁତ ଗଣ୍ଠି ।

**ପାସୁଡ଼ିବା** *କ୍ରି.* ୧. ପାଛୁଡ଼ିବା, ପାଛରିବା ୨. ପରିଷ୍କାର କରିବା ।

**ପାସେ** *କ୍ରି.ବିଂ.* ପାର୍ଶ୍ୱରେ, ପାଖରେ, ନିକଟରେ ।

**ପାସୋର** *ବି.* ମନେ ନ ରହିବା, ଭୁଲିଯିବା, ବିସ୍ମରଣ ।

**ପାସୋରା** *ବିଂ.* ଭୁଲା, ଭୁଲିଯାଇଥିବା, ହେଜ ନଥିବା, ମନେ ନଥିବା, ବିସ୍ମୃତ ।

**ପାସୋରିବା** *କ୍ରି.* ଭୁଲିଯିବା, ବିସ୍ମୃତ ହେବା, ମନେ ନରଖିବା, ପାସ୍‌ରିଯିବା ।

**ପାହାଁ, ପାହା** *ବି.* ପାହୁଣ୍ଡ, ପାହୁଲ, ପାହା ।

**ପାହାଁଳିବା** *କ୍ରି.* ପତ୍ର କଅଁଳିବା, ପଲ୍ଲବିତ ହେବା ।

**ପାହାଚ** *ବି.* ୧. ପାଉଚ, ସୋପାନ, ପାବଚ୍ଛ ୨. ଶ୍ରେଣୀ ୩. ଥାକ ।

**ପାହାଡ଼** *ବି.* ବଡ଼ ଆକାରର ମୁଣ୍ଡିଆ, ଛୋଟ ପର୍ବତ, ଡଙ୍ଗର୍, ମୁଣ୍ଡିପର୍ବତ ।

**ପାହାଡ଼ତଳି** *ବି.* ପାହାଡ଼ର ପାଦଦେଶ, ପାହାଡ଼ର ତଳେ ଥିବା ଅଞ୍ଚଳ, ଡଙ୍ଗର୍ ତଲ୍ ।

**ପାହାଡ଼ପ୍ରମାଣ** *ବିଂ.* ୧. ବହୁ ପରିମାଣର ୨. ଖୁବ୍ ବଡ଼, ବିଶାଳକାୟ ।

**ପାହାଡ଼ିଆ** *ବିଂ.* ୧. ପାହାଡ଼ରୁ ଜାତ ୨. ପାହାଡ଼ ସମ୍ପର୍କିତ ୩. ଟାଣୁଆ, ପଥୁରିଆ (ସ୍ଥାନ, ଜମି) ୪. ଶକ୍ତିଶାଳୀ, ପରିପୁଷ୍ଟ ଦେହ ଥିବା ।

**ପାହାଡ଼ୀ** *ବିଂ.* ୧. ପାହାଡ଼ିଆ ଅଞ୍ଚଳରେ ରହୁଥିବା ୨. ଆଦିବାସୀ ୩. ପାହାଡ଼ର ନିକଟବର୍ତ୍ତୀ, ଜନଜାତି ସମ୍ପର୍କିତ ୪. ଆଟବିକ, ପାହାଡ ଜାତ, ବଣୁଆ ୫. ଶକ୍ତିଶାଳୀ, ଦୁର୍ଦ୍ଦମନୀୟ ।

**ପାହାନ୍ତା** *ବି.* ଛୁଇଁ ହେଲାପରି ଦୂରତା ।

**ପାହାନ୍ତା, ପାହାନ୍ତି** *ବି.ବିଂ.* ୧. ରାତି ପାହି ଆସୁଥିବା, ରାତି ଶେଷ ହୋଇଆସୁଥିବା ୨. ରାତିର ଶେଷ ପ୍ରହର, ସକାଳ ହେବାର ପୂର୍ବାବସ୍ଥା ।

**ପାହାନ୍ତିଆ** *ବି.* ପାହାନ୍ତା ବେଳ, ସୂର୍ଯ୍ୟ ଉଇଁବାର ଠିକ୍ ପୂର୍ବ ସମୟ ।

**ପାହାନ୍ତି ତାରା** *ବି.* ପାହାନ୍ତିଆ ବେଳକୁ ଦେଖା ଯାଉଥିବା ଉଜ୍ଜ୍ୱଳ ତାରା, ଶୁକଲ୍ ତରା-ଏହା ବାସ୍ତବରେ ଶୁକ୍ରଗ୍ରହ ।

**ପାହାନ୍ତି ଭୋଗ** *ବି.* ଶ୍ରୀମନ୍ଦିରରେ ପହିଲି ଭୋଗ ।

**ପାହାପୁହୁ** *ବି.* ବଡ଼ିଭୋର, ଉଷାକାଳ, ପ୍ରତ୍ୟୁଷ ।

**ପାହାର୍** *ବି.* ପୁରାପିଟା ଠେଙ୍ଗା, ପାହାରୁଣି, ଧାନପୁଡା ବନ୍ଧା ହେବାପରେ ସୁଦୃଢ଼ କରିବା ପାଇଁ ଯେଉଁ ଗଦାଭଳି ଠେଙ୍ଗାରେ ପ୍ରହାର କରାଯାଏ ।

**ପାହାର୍ ଚରାବା** *କ୍ରି.* ବଡ଼ି ସକାଳୁ ଦୁହିଁବା ପୂର୍ବରୁ ଗାଈକୁ ଚରାଇ ଆଣିବା ।

**ପାହାର** *ବି.* ୧. ପ୍ରହାର, ଆଘାତ, ମାଡ, ବାଡ଼ିଆ ୨. ପ୍ରହାର କରିବା ପାଇଁ କାଠ ଆଦିରେ ତିଆରି ଗଦାଭଳି ଉପକରଣ ।

**ପାହାରେନ୍** *ବି.* ପାହାରୁଣି, ପୁରାପିଟା ଠେଙ୍ଗା ।

**ପାହି** *ବି.* ୧. (ପୂର୍ବେ ପ୍ରଚଳିତ) ପାହୁଲା, ଏକ ପଇସାର ଚାରିଭାଗରୁ ଏକ ଭାଗ ୨. ଚାଷୀର ଭୂଭାଗ ବା ସ୍ୱତ୍ତ୍ୱ ୩. କୌଣସି ଭୂମି ବା ଚାଷଜମିର ସୀମା, ଭାଗ ସୂଚାଉଥିବା ହିଡ଼, ଚିହ୍ନ ବା ଭେଦ ୪. ଖଟ, ଚଉକି ପ୍ରଭୃତିର ଗୋଡ଼ ।

**ପାହିଆ, ପାହ୍ୟା** *ବି.* ୧. ପଦବୀ, ପଦମର୍ଯ୍ୟାଦା, ରେଙ୍କ୍, ଗ୍ରେଡ, କୌଣସି ବୃତ୍ତି ଅଥବା ସମାନ ବ୍ୟବସ୍ଥା ସ୍ଥାନରେ ବ୍ୟକ୍ତି/ସମୁଦାୟମାନଙ୍କର ବିଭିନ୍ନ ସ୍ତର ୨. ଘରର ମେଜିଆ ବା ଚଟାଣରେ ଠିଆ ହୋଇ ହାତ ଉଠାଇଲେ ଛୁଇଁ ହେବା କାଛର ସ୍ଥାନ ୩. ପାହାଚ ୪. ସ୍ତମ୍ଭ ।

**ପାହିଗାଁ** *ବି.* ନିକଟବର୍ତ୍ତୀ ଗାଁ ।

**ପାହିବା** *କ୍ରି.* ରାତି ଶେଷ ହୋଇଆସିବା, ପାହେବା, ଉଜଳ ହେବା ।

**ପାହି ମାରିବା** *କ୍ରି.* ଜମି ଧାଡ଼ିମୂଳିଆ ହଳ କରିବା, ବାଲୁଙ୍ଗା ଓ ଘାସ ବାଛିବା ସମୟରେ ଦୁଇ ସୀମା ମଝିରେ ଥିବା ଅଂଶକୁ ପୂରା କରିବା ।

**ପାହୁଆ** *ବିଂ.* ଠକ, ଧପ୍‌ପାବାଜ, ଶଠ, ଦେଖୁ ଦେଖୁ ଠକି ନେଉଥିବା, ଚିତାକଟା ।

**ପାହୁଡ** *ବି.* ପାଦ ଉପର ବଳାଗଣ୍ଠିର ଅଳଙ୍କାର ।

**ପାହୁଣ୍ଡ** *ବି.* ୧. ପାଦ ପକାଇବା ୨. ଧୀରେ ଧୀରେ ପାଦ ପକାଇ ଚାଲିବା ।

**ପାହୁର** *ବି.* ନୂଆଖାଇ ପୂର୍ବଦିନ ରାଜା ବା ପ୍ରଶାସନଦ୍ୱାରା ମନ୍ଦିରକୁ ଶୋଭାଯାତ୍ରାରେ ପୂଜାସାମଗ୍ରୀ ଏବଂ ଉପଢ଼ୌକନ ପ୍ରେରଣ ।

**ପାହୁଲ** *ବି.* ୧. ପାଦତଳ ୨. ପାଦଚିହ୍ନ ୩. ପାହୁଣ୍ଡ, ପାହାଁ ।

**ପାହୁଲ ପକାଇବା** *କ୍ରି.* ରାଜକୀୟ ଠାଣିରେ ଚାଲିବା ।

**ପାହୁଲା** *ବି.* ପୂର୍ବ ପ୍ରଚଳିତ ମୁଦ୍ରା, ପାହି, ଏକ ପଇସାର ଚାରିଭାଗରୁ ଏକ ଭାଗ ।

**ପାହ୍ୟା** *ବି.* ପାହିଆ ।

**ପିଁଅଁସ** *ବି.* ଗାଇ ବା ମଇଁଷିର ଛୁଆ ଜନ୍ମର ଏକୋଇଶ ଦିନ ପର୍ଯ୍ୟନ୍ତ ହେବା କ୍ଷୀରରୁ ତିଆରି ଛେନା, ଖିର୍‌ସା ।

**ପିଁଅଳା** *ବି.* ଯୋଗଶାସ୍ତ୍ରରେ ବର୍ଣ୍ଣିତ ଦେହ ମଧ୍ୟରେ ଥିବା ଇଡ଼ା, ପିଙ୍ଗଳା ଓ ସୁଷୁମ୍ନା ନାମକ ତିନି ନାଡ଼ି ମଧ୍ୟରୁ ବାମ ପାଖର ନାଡ଼ି, ପିଙ୍ଗଳା ।

**ପିଁଛ *ବି.*** ଝାଡୁକରିବା ପାଇଁ ବ୍ୟବହୃତ ନଡ଼ିଆ ବା ତାଳ ଖଡ଼ିକାରେ ତିଆରି ଉପକରଣ ।

**ପିଁପା *ବି.*** ୧. ପିମ୍ପା, ତରଳ ପଦାର୍ଥ ରଖିବା ପାତ୍ର ୨. ବାଉଁଶ ପବ ବା ଫମ୍ପା ଓ ଗୋଲାକାର ଧାତବ ପଦାର୍ଥରେ ତିଆରି ତରଳ ପଦାର୍ଥର ମାପ ଉପକରଣ ।

**ପିଁପେଇ *ବି.*** କାଉଁରିଆ, ନଳିତା ଗଛର ଚୋପା ବା ଛାଲି ନଥିବା ଶୁଖିଲା ମଝି ଅଂଶ ।

**ପିଁପେଇ ଅମେଇସା *ବି.*** କାର୍ତ୍ତିକ ମାସର ଅମାବାସ୍ୟା ଯାହା ଦୀପାବଳି ଅମାବାସ୍ୟା ନାମରେ ମଧ୍ୟ କଥିତ (ଏହି ଦିନ ପିଁପେଇ ବା କାଉଁରିଆ ଗୋଛାରେ ନିଆଁ ଲଗାଇ, ଉପରକୁ ଟେକିଧରି ପୂର୍ବପୁରୁଷଙ୍କୁ ସମ୍ବୋଧନ କରି କହନ୍ତି, "ବଡ଼ବଡୁଆ ହୋ, ଅନ୍ଧାରରେ ଆସ, ଆଲୁଅରେ ଯାଅ, ବାଇଶି ପାହାଚରେ ଗଡ଼ଗଡଉ ଥା")।

**ପିଅନ *ବି.*** କୌଣସି କାର୍ଯ୍ୟାଳୟ ଅଥବା ବରିଷ୍ଠ କର୍ମଚାରୀଙ୍କ ବୋଲହାକ କରୁଥିବା ତଳସ୍ତରର ଚାକିରିଆ, ପିଆଦା, ଚପରାସି ।

**ପିଅନବୁକ୍ *ବି.*** ପିଆଦା ହାତରେ ଅନ୍ୟମାନଙ୍କ ପାଖକୁ ପଠାଯାଉଥିବା ଚିଠିଖାତା ।

**ପିଅର *ବି.*** ୧. ବାପା, ପିତା ୨. ନିକଟତମ ବ୍ୟକ୍ତି, ପ୍ରିୟତମ ଲୋକ ।

**ପିଆଁ *ବି.*** ପଚାସଢ଼ା ।

**ପିଆ *ବିଂ.*** ୧. ପିଉଥିବା ୨. ପିଇବାପାଇଁ ଉଦ୍ଦିଷ୍ଟ ୩. ଭଲ ଭାବରେ ଜଡ଼ିରହିଥିବା ।

**ପିଆଇବା *କ୍ରି.*** ୧. କୌଣସି ତରଳ ପଦାର୍ଥ ଅନ୍ୟର ପାଟିରେ ଦେବା ୨. ତରଳ ପଦାର୍ଥ ଅନ୍ୟ ପଦାର୍ଥ ଉପରେ ଢ଼ାଳି ଶୂନ୍ୟସ୍ଥାନ ପୂରଣ କରିବା ୩. ତରଳ ପଦାର୍ଥକୁ ଅନ୍ୟ ପଦାର୍ଥ ଉପରେ ଭଲ ଭାବରେ ଜଡ଼ାଇ ରଖିବା ।

**ପିଆଜ *ବି.*** ଖାଦ୍ୟ ଭାବରେ ବ୍ୟବହୃତ ତୀବ୍ର ଗନ୍ଧଯୁକ୍ତ ଲାଲ, ଗୋଲାପୀ ଅଥବା ଧଳା ରଙ୍ଗର ଏକ ପ୍ରକାର ମୂଳ, ଉଲି, ଉଇଲ୍, ପଲାଣ୍ଡୁ, ଶ୍ୱେତକନ୍ଦା ।

**ପିଆଜ ରଙ୍ଗ *ବି.*** ମାଟିଆ ଗୋଲାପୀ ରଙ୍ଗ ।

**ପିଆଜଷଣ୍ଢା *ବି.*** ପାକଳ ପିଆଜ ଗଛର କନ୍ଦାରୁ ବାହାରୁଥିବା ଲମ୍ବା ଓ ମାଂସଳ ପତ୍ରଭଳି ଅଂଶ- ଯାହାର ଅଗରେ ଫୁଲଫୁଟେ ଓ ଫଳହୁଏ, ଉଇଲ୍‌ମଘା, ଉଲିଶାଗ, ପିଆଜଶାଗ।

**ପିଆଜି *ବି.*** ପିଆଜ ଓ ବତୁରା ଚଣା ପେଷା ବା ବେସନରେ ପ୍ରସ୍ତୁତ ଏକ ପ୍ରକାର ତେଲଭାଜି ଖାଦ୍ୟ ।

**ପିଆଜିଆ *ବିଂ.*** ପିଆଜ ପରି ଗନ୍ଧଯୁକ୍ତ ।

**ପିଆଦା *ବି.*** ୧. ଚିଠି, ନୋଟିସ୍ ଆଦି ଧରି ଯାଉଥିବା କର୍ମଚାରୀ, ଚପରାସି, ପିଅନ ୨. କୌଣସି ଅଫିସ୍‌ର ଚତୁର୍ଥ ଶ୍ରେଣୀ କର୍ମଚାରୀ ୩. ଆଜ୍ଞାବହ ।

**ପିଆନୋ *ବି.*** ସିନ୍ଦୁକ ଆକାରର ତାରଯୁକ୍ତ ବାଦ୍ୟଯନ୍ତ୍ର ।

**ପିଆପିଇ, ପିଆପେଇ *ବି.*** ୧. ପରସ୍ପରକୁ ପାନୀୟ ପିଆଇବା ୨. ଏକାଠି ହୋଇ ମଦ, ଭାଙ୍ଗ ଆଦି ପିଇବା ।

**ପିଆରା *ବି.*** ୧. ବଡ଼ ଆକାରର ମାଂସଳ ଫଳ, ପିଜୁଳି, ମାୟା, ଚାଉଳିଆ ; ***ବିଂ.*** ୧. ପ୍ରିୟପାତ୍ର ୨. ନିକଟତମ ବିଶ୍ୱାସୀ ।

**ପିଆଲ *ବି.*** ତମ୍ବୁ, ପାଲ ।

**ପିଆଲା *ବି.*** ୧. ପାନପାତ୍ର, ପିଆଯାଉଥିବା ପାତ୍ର, କପ୍ ।

**ପିଆଶାଳ *ବି.*** ଆସବାବପତ୍ର ତିଆରିରେ ବ୍ୟବହୃତ ଇଷତ୍ ଲାଲ ଅଥବା ହଳଦିଆ ରଙ୍ଗର ଟାଣୁଆ କାଠ ଓ ତାହାର ଗଛ, ବିଜା ।

**ପିଆସ୍ *ବି.*** ଶୋଷ, ତୃଷା, କୌଣସି ପଦାର୍ଥ ପିଇବା ପାଇଁ ଆଗ୍ରହ, ପିପାସା ।

**ପିଆସୀ *ବିଂ.*** ଶୋଷୀ, ତୃଷାତୁର, ପିଇବା ପାଇଁ ଆତୁର ।

**ପିଇଁସେଲ *ବି.*** ପେନ୍‌ସିଲ୍, ସିସା, ପିନ୍‌ସୁଲ୍, କାଗଜରେ ଲେଖିବା ପାଇଁ ବ୍ୟବହୃତ କାଠ ।

**ପିଇବା *ବି.*** ୧. କୌଣସି ତରଳ ପଦାର୍ଥ, ଧୂଆଁ ବା ବାଷ୍ପ ପେଟ ଭିତରକୁ ନେବା (ସିଗାରେଟ/ମଦ ପିଇବା) ୨. ଭଲ ଭାବରେ ଜଡ଼ିଯିବା ବା ମିଶିଯିବା ୩. ମଦ୍ୟପାନ କରିବା ।

**ପିଇସା, ପିଉସା *ବି.*** ବାପାଙ୍କ ଭଉଣୀର ସ୍ୱାମୀ।

**ପିଇସୀ, ପିଉସୀ *ବି.*** ବାପାଙ୍କ ଭଉଣୀ, ନାନା, ଆତା, ପିଉସୀ ନାନୀ ।

**ପିଉ *ବି.*** ଗୀର୍ଜାରେ ବସିବା ପାଇଁ ଦିଆଯାଇଥିବା ବେଞ୍ଚ ଆଦି ; ସେଭଳି ବେଞ୍ଚଗୁଡ଼ିକର ଘେର ।

**ପିଉଡ଼ି, ପିଉଳି *ବି.*** ହଳଦୀରଙ୍ଗ ।

**ପିଉଶାଶୁ *ବି.*** ସ୍ୱାମୀ ବା ସ୍ତ୍ରୀଙ୍କର ପିଉସୀ, **ପି' ଶାଶୁ,** ଶଶୁରଙ୍କର ଭଉଣୀ, ପିଉସୀ ଶାଶୁ ।

**ପିଉସା *ବି.*** ପିଇସା, ପଉସୀଙ୍କ ସ୍ୱାମୀ, ବାପାଙ୍କ ଭଉଣୀଙ୍କ ସ୍ୱାମୀ ।

**ପିଉସୀ *ବି.*** ବାପାଙ୍କ ଭଉଣୀ, ନାନା, ଆତା, ଅପା ।

**ପି.ଏ. *ବି.*** ରାଜନୀତିକ ନେତା, ବିଶିଷ୍ଟ ବ୍ୟକ୍ତି, ଅଥବା ବରିଷ୍ଠ ସରକାରୀ କର୍ମଚାରୀଙ୍କ ବ୍ୟକ୍ତିଗତ ସହକାରୀ, ପର୍ସନାଲ୍ ଏସିଷ୍ଟାଣ୍ଟ ।

**ପିଏଚ.ଡ଼ି. *ବି.*** ଡକ୍ଟର ଅଫ୍ ଫିଲସଫି, କୌଣସି ଏକ ବିଷୟରେ ଗବେଷଣା ସନ୍ଦର୍ଭ ପାଇଁ ବିଶ୍ୱବିଦ୍ୟାଳୟଦ୍ୱାରା ପ୍ରଦତ୍ତ ଉପାଧି; ବିଶିଷ୍ଟ ଗବେଷକ, ସମାଜସେବୀ, ସାହିତ୍ୟିକଆଦିଙ୍କୁ ବିଶ୍ୱବିଦ୍ୟାଳୟ ପ୍ରଦତ୍ତ ଉପାଧି ।

**ପି.ଏମ.ଜି. *ବି.*** ପୋଷ୍ଟମାଷ୍ଟର ଜେନେରାଲ, ରାଜ୍ୟର ଡାକ ତାର ବିଭାଗର ସର୍ବୋଚ୍ଚ ଅଧିକାରୀ ।

**ପି.ଏସ୍. ୟୁ. *ବି.*** ପବ୍ଲିକ୍ ସେକ୍ଟର୍ ଅଣ୍ଡରଟେକିଙ୍ଗ୍, ସରକାରୀ ପରୋକ୍ଷ ନିୟନ୍ତ୍ରଣରେ ଥିବା ସଂସ୍ଥା ।

**ପିଓଟି *ବି.*** ହଳଦୀବସନ୍ତ ।

**ପିକ୍‌ଅପ୍ କରିବା *କ୍ରି.*** ନିଜ ଯିବା ବାଟରେ କାହାକୁ ଗାଡ଼ି ମଟରରେ ଉଠାଇବା ।

**ପିକ୍‌ଚର୍ *ବି.*** ୧. ଛବି, ଚିତ୍ର ୨. ଫଟୋ ୩. ଚଳଚ୍ଚିତ୍ର, ସିନେମା, ମୁଭି ।

**ପିକ୍‌ନିକ *ବି.*** ବଣଭୋଜି, ଦୂରରେ ଥିବା କୌଣସି ଏକ ଦର୍ଶନୀୟ ସ୍ଥାନ ବା ନିରୋଳା ସ୍ଥାନକୁ ଯାଇ ଗୋଷ୍ଠୀବଦ୍ଧ ଭାବରେ ସେଠାରେ ଭୋଜି କରି ଖାଇବା ଓ ଆନନ୍ଦ କରିବା ।

**ପିକ୍‌ରିକ ଏସିଡ୍ *ବି.*** କୌଣସି ପଦାର୍ଥକୁ ପୋଡ଼ିବାରେ ବ୍ୟବହୃତ ଏକ ପ୍ରକାର ରାସାୟନିକ ଅମ୍ଳ ।

**ପିକ *ବି.*** ୧. କୋଇଲି, ସରୁ ଓ ମଧୁର କଣ୍ଠରେ ରାବୁଥିବା ଈଷତ୍ ଲାଲ ଆଖି ଥିବା କଳା ରଙ୍ଗର ଚଢ଼େଇ ୨. ପାନ ଚୋବାଇବା ଫଳରେ ପାଟିରୁ ବାହାରୁଥିବା ଲାଲୁଆ ଲାଳରସ ୩. କଉଡ଼ି ଖେଳରେ ଗୋଟିକିଆ କଉଡ଼ି ।

**ପିକଦାନି *ବି.*** ପାନଛେପ ପକାଇବା ପାଇଁ ଡବା ବା ପାତ୍ର ।

**ପିକପ୍ *ବି.*** ୧. ମଧ୍ୟମ ଆକାରର ଲରି ବା ଟ୍ରକ ୨. କାର୍ଯ୍ୟ ବା ଗତିର ବେଗରେ ବୃଦ୍ଧି ।

**ପିକବଚନୀ *ବିଂ.*** ସୁନ୍ଦର କଣ୍ଠସ୍ୱର ଥିବା, ମଧୁର ଭାବରେ କଥା କହୁଥିବା ।

**ପିକବାଣୀ, ପିକସ୍ୱନ *ବି.*** କୋଇଲିର ସ୍ୱର ପରି ମଧୁର କଥା ।

**ପିକା *ବି.*** ପିଙ୍ଗା, କେନ୍ଦୁ ଅଥବା ଶାଳପତ୍ରରେ ଧୂଆଁପତ୍ର ଗୁଡ଼ା ହୋଇଥିବା କାହାଳୀ ।

**ପିକାଖିଆ *ବିଂ.*** ପିକା ଖାଉଥିବା ବା ଧୂଆଁ ଟାଣୁଥିବା ।

**ପିକେଟିଂ *ବି.*** ସତ୍ୟାଗ୍ରହ ଉଦ୍ଦେଶ୍ୟରେ କୌଣସି ଦୋକାନ ବା ଅନୁଷ୍ଠାନ ଆଗରେ ଠିଆ ହୋଇ ଆସୁଥିବା ବ୍ୟକ୍ତିମାନଙ୍କୁ ଭିତରକୁ ଯିବା ପାଇଁ ବାରଣ କରିବା ।

**ପିଗିଳିବା *ବି.କ୍ରି.*** ତରକିବା, ଚମକି ଏଣେତେଣେ ପଳେଇଯିବା, ଭିର୍‌କିବା ।

**ପିଘିଳିବା *କ୍ରି.*** ତରଳିବା ।

**ପିଙ୍କ୍ *ବି.*** ଗୋଲାପୀ ବା ହାଲୁକା ନାଲିରଙ୍ଗ ।

**ପିଙ୍ଗ *ବି.*** ୧. ଗଛ ବା ଲତାର ଅଗର କୋମଳ ଅଂଶ ୨. ଗଛର ମୂଳ ଅଥବା ଗଛରୁ ବାହାରୁଥିବା କୋମଳ ଅଂଶ ।

**ପିଙ୍ଗା *ବି.*** ପିକା ।

**ପିଙ୍ଗ *ବି.*** ୧. ସୁଆରିର ପଛପାଖର ବାଉଁଶ ୨. ଅତି ସାନ ଓ ଗୋଲାକାର ବଣୁଆ ଫଳ ଓ ତାହାର ଗଛ ।

**ପିଙ୍ଗନଳି *ବି.*** ୧. ସରୁକଣାଥିବା ବାଉଁଶ ନଳୀ-ଯାହା ଭିତରେ ପିଙ୍ଗ ଫଳ ପୂରେଇ ଆଉ ଏକ କାଠିଦ୍ୱାରା ଠେଲିଲେ ଠୋ ଠୋ ଶବ୍ଦ କରି ବାହାରେ ।

**ପିଙ୍ଗଳ *ବିଂ.*** ୧. ହଳଦୀ ଓ ଲାଲ ମିଶା ରଙ୍ଗ, କହରା ରଙ୍ଗ ୨. ପିତ୍ତଳ ୩. ବେଣାଚେର ।

**ପିଙ୍ଗଳ କୋଡ୍ *ବି.*** ପେନାଲ୍ କୋଡ୍, ଅପରାଧ ପାଇଁ ଦଣ୍ଡ ସଂକ୍ରାନ୍ତ ବିଧି ବ୍ୟବସ୍ଥା ।

**ପିଙ୍ଗଳା *ବି.*** ୧. ଯୋଗଶାସ୍ତ୍ରବର୍ଣ୍ଣିତ ଦେହର ଇଡ଼ା, ପିଙ୍ଗଳା ଓ ସୁଷୁମ୍ନା ନାଡ଼ି ମଧ୍ୟରୁ ଗୋଟିଏ, ପିଅଁଳା ୨. ଭାଗବତ ବର୍ଣ୍ଣିତ ଏକ ବାରନାରୀ- ଯିଏ ସମୟକ୍ରମେ ସନ୍ନ୍ୟାସିନୀରେ ରୂପାନ୍ତରିତ ହୋଇଥିଲା ୩. ଶିଶୁଗଛ ୪. ଗୋରଚନା ।

**ପିଚ୍ *ବି.*** ୧. ଏକ ପ୍ରକାରର ଫଳ ଓ ତାର ଗଛ ୨. ପିଚୁ, ତାରୁ, ପଥର କୋଇଲାରୁ ପ୍ରସ୍ତୁତ କଳାରଙ୍ଗର ବହଳିଆ ତରଳ ପଦାର୍ଥ ୨. କ୍ରିକେଟ ଖେଳରେ ଦୁଇ ବ୍ୟାଟସ୍‌ମ୍ୟାନଙ୍କ ମଧ୍ୟବର୍ତ୍ତୀ ସ୍ଥାନ ୩. ଉଚ୍ଚସ୍ୱର ।

**ପିଚ୍‌କାଇବା *କ୍ରି.*** ୧. କୌଣସି ଫଳ ବା ପଦାର୍ଥକୁ ଚିପି ତାହାର ମଞ୍ଜ କିମ୍ବା ଭିତର ଅଂଶ ବାହାର କରିବା ୨. ପାଚିଗଲା ପରେ ବଥ ବା ଘାର ପୁଜରକ୍ତକୁ ଚିପି ବାହାର କରିବା ।

**ପିଚ୍‌କୁ *ବିଂ.*** ଦଳ ବା ଗୋଷ୍ଠୀଛଡ଼ା, ଅସ୍ଥିରମନା ।

**ପିଚ୍‌ପିଚ୍ *ଅ.*** କୌଣସି ପଦାର୍ଥ ଅଥବା ଦେହର କୌଣସି ଅଂଶ ଚିପି ହେବା, କଟିଯିବା ବା ଫୋଡ଼ିହୋଇଯିବା ଯୋଗୁଁ ତାହା ଭିତରୁ ବାହାରୁଥିବା ରକ୍ତ ତରଳ ପଦାର୍ଥର ବେଗ ।

**ପିଚ୍‌ପିଚିଆ *ବିଂ.*** ଜଟିଳ, କଷ୍ଟଦାୟକ, ଅସୁବିଧାଜନକ ।

**ପିଚ୍‌ବୋର୍ଡ *ବି.*** କାଗଜମଣ୍ଡରେ ପିଚୁ ମିଶାଇ ତିଆରି ମୋଟା ପଟି ବା ପଟା ।

**ପିଚ୍‌ରା *ବି.*** ଚିପ୍‌ରା, ଆଖିମଳ, ଲେଞ୍ଜରା, ଲେନ୍ଧରା, ଆଖିରୁ ବାହାରୁଥିବା ଘନ ମଇଳା ପଦାର୍ଥ ।

**ପିଚକାରି *ବି.*** ପିଚିକା, ତରଳ ପଦାର୍ଥ ଦୂରକୁ ଫିଙ୍ଗିବା ପାଇଁ ବ୍ୟବହୃତ ସରୁ ନଳୀଥିବା ଉପକରଣ ।

**ପିଚଟ *ବି.*** ଆଖିର ଲେଞ୍ଜରା, ଚକ୍ଷୁମଳ, ଚିପ୍‌ରା, ଲେନ୍ଧ୍‌ରା ।

**ପିଚା** *ବି.* ଅଣ୍ଟା ତଳକୁ ପଛପାଖରେ ଥିବା ମାଂସପିଣ୍ଡ, ଗାଣ୍ଡି, ଚୂତଲ୍, ନିତମ୍ବ ।

**ପିଚାପାଡ଼ିଆ, ପିଚାପାଡ** *ବି.* ଯେଉଁ ଶାଢ଼ିର ମଝିରେ ଗୋଟିଏ ପଟା ଧଡ଼ି ଥାଏ ।

**ପିଚାଶ** *ବି.* ପିଶାଚ, ପୁରୁଷର ଅମୋକ୍ଷ ଆତ୍ମା ।

**ପିଚାଶିଆ** *ବି.* ପିଶାଚୀ, ନାରୀର ଆମୋକ୍ଷ ଆତ୍ମା ।

**ପିଚାଶୁଣୀ** *ବି.* ୧. ପ୍ରେତଯୋନିବିଶେଷ ୨. ଗ୍ରାମଦେବତୀ ।

**ପିଚି** *ବିଂ.* ୧. ସାନ ୨. ବକଟେ ୩. ଛୋଟ ।

**ପିଚିକ** *ବି.* ଛୋଟ ଓ ଚୂନାମାଛ ।

**ପିଚିକା** *ବି.* ତରଳ ପଦାର୍ଥର ଛିଟା ।

**ପିଚିକିଟିଆ** *ବିଂ.* ୧. ବିଚିକିଟିଆ ୨. ତିକ୍ତ ୩. ଅସ୍ୱାଦୁକର ୪. ଅପ୍ରୀତିକର ।

**ପିଚିକିବା** *ବି.* ଚାପ ଫଳରେ ତରଳ, ନରମ ପଦାର୍ଥ ହଠାତ ପଦାକୁ ବାହାରି ଆସିବା ।

**ପିଚିକିଲା** *ବି.* ଲଙ୍ଗଳ ମଝିରେ ଥିବା କଣାରେ ଈଶକୁ ମଜଭୁତ କରି ରଖିବା ପାଇଁ ଦିଆଯାଉଥିବା ବାଉଁଶ ବା କାଠର ଖିଲ ।

**ପିଚିପିଚା** *ବି.* କୌଣସି ନରମ ପଦାର୍ଥ ବା ପାଚିଲା ଫଳ ଚାପ ବା ଆଘାତ ଯୋଗୁ ମେଞ୍ଚା ହୋଇଯିବା ବା ଆକାର ହରାଇବା ଅବସ୍ଥା, ଚେପାଚେପି ହୋଇଯିବା ।

**ପିଚିପିଚି** *ବି.* ପାନପିକ ଅଥବା ଛେପ ପକାଇବାର ଶବ୍ଦ ।

**ପିଚୁ** *ବି.* ଆଲକାତରା, ତାରୁ, ଦାମୁର, ପେଟ୍ରୋଲିୟମ ଜାତ ବହଳ କଳା ଅଠାଳିଆ ପଦାର୍ଥ ।

**ପିଚୋ** *ବିଂ.* **ସାନ, ଅତି ଛୋଟ ।**

**ପିଛ୍‌ରି** *ବି.* ଗାମୁଛା, ଭତ୍ତରୀୟ, କାନ୍ଧରେ ପକାଯିବା ଚଦର, ପାଛୁଡ଼ା, ପଛ୍‌ରା ।

**ପିଛ୍‌ଲିବା** *କ୍ରି.* ଗୋଡ଼ ଖସିଯିବା, ପିଚ୍ଛିଳ ହେବା, ଖସଡ଼ା ହେବା ।

**ପିଛଡା** *କ୍ରି.* ଆଖିପତା, ଆଖିର ପଲକ ; *ବିଂ.* ପଛୁଆ, ଅନଗ୍ରସର ।

**ପିଛଡ଼ା ପକାଇବା** *ବି.* ଆଖିପତା ପକାଇବା, ଆଖି ଅଳ୍ପ ସମୟ ପାଇଁ ବୁଜି ହୋଇଯିବା ।

**ପିଛଣି** *ବି.* ଭୂତ ବା ଡାଆଣୀ ଲାଗିଥିବା ବ୍ୟକ୍ତିକୁ ମୟୂର ପୁଚ୍ଛରେ ଝାଡ଼ୁଥିବା ଗୁଣିଆ ।

**ପିଛଳି, ପିଛୁଳି** *ବି.* ବାଗି, ହାତ ବା ଗୋଡ଼ରେ ଆଘାତ ବା ଅନ୍ୟ କୌଣସି କାରଣରୁ କାଖ ବା ଜଙ୍ଘ ମୂଳରେ ଗୋଟାଳିଆ ବୃଦ୍ଧି ।

**ପିଛଳି ପଡ଼ିବା** *କ୍ରି.* ଜଙ୍ଘସନ୍ଧି ଦରଜ ହେବା, ବାଗି ପଡ଼ିବା, ଗିଲ୍‌ଟି ରୋଗ ।

**ପିଛଲ୍** *ବିଂ.* ପିଚ୍ଛିଳ, ଖସଡ଼ା ।

**ପିଛଲା, ପିଛିଲା** *ବିଂ.* ପଛଦିନର, ଅତୀତର ।

**ପିଛଲି** *ବିଂ.* ୧. ପଛରେ ଆସୁଥିବା ୨. ପରବର୍ତ୍ତୀ ୩. ପୁରୁଣା ୪. ବିଗତ ।

**ପିଛା** *ବି.* ୧. ଦେହର ପଛ ଅଂଶ, ପିଚା ୨. ଶିମୂଳି ଅଠା ।

**ପିଛା କରିବା** *କ୍ରି.* କୌଣସି ବ୍ୟକ୍ତି, ଜୀବ ବା ଯାନର ପଛରେ ସତର୍କତାର ସହିତ ଯିବା, ଅନୁଗମନ ବା ଅନୁସରଣ କରିବା ।

**ପିଛାଡ଼ିବା** *କ୍ରି.* ଆଖିପତା ପକାଇବା ।

**ପିଛା ପଡ଼ିବା** *କ୍ରି.* ପଛରେ ଲାଗିବା, ଅନୁସରଣ କରିବା ।

**ପିଛା ଧରିବା** *କ୍ରି.* ୧. ଅନୁସରଣ କରିବା ୨. ଆଦର୍ଶ ଭାବରେ ଗ୍ରହଣ କରିଥିବା ବ୍ୟକ୍ତିତ୍ୱଙ୍କୁ ଅନୁକରଣ କରିବା ।

**ପିଛାରେ** *କ୍ରି.ବିଂ.* ପଛରେ ; *ଅ.* ପାଇଁ, ଉଦ୍ଦେଶ୍ୟରେ ।

**ପିଛାରେ ପଡ଼ିଯିବା** *କ୍ରି.* କାହାରି ପଛରେ ଲାଗିଯିବା, ଆକ୍ରୋଶ ରଖି ବାରମ୍ବାର କାହାର କ୍ଷତି ସାଧନ କରିବା ।

**ପିଛାଲ୍** *ବି.* ୧. ଚାଳଘରର ଓଳି ୨. ବାଡ଼ିପାଖ ।

**ପିଛାଲ ତଳ** *ବି.* ଓଳିତଳ ।

**ପିଛିଳ** *ବିଂ.* ୧. ଖସଡା, ପିଛଲ୍, ଅତ୍ୟନ୍ତ ଚିକ୍‌କଣ ବା ମସୃଣ ୨. ଝାଉଁଗଛ ।

**ପିଛିଲା** *ବିଂ.* ପିଛଲା ।

**ପିଛୁଳା** *ବିଂ.* ଧୁଆ ଯାଇଥିବା, ସଫା ହୋଇଥିବା ।

**ପିଛୁଳାଇବା** *କ୍ରି.* ଅଇଁଠା ବାସନ ଧୋଇବା, ଲୁଗା ଧୋଇବା ।

**ପିଛେନ୍** *କ୍ରି.ବିଂ.* କିଛି ସମୟ ପରେ, ପଛକୁ, ପଛରେ, ପଛେକା ।

**ପିଜ୍‌ରି** *ବି.* ସୂତା କାଟିବା ପାଇଁ ପ୍ରସ୍ତୁତ ତୁଳାର ବଳଣା ।

**ପିଜା** *ବି.* ମଇଦାର ପୂର୍ବ ପ୍ରସ୍ତୁତ ପାଉରୁଟି ଜାତୀୟ ବସ୍ତୁରେ ମାଛ, ମାଂସ, ପରିବା ବା ପନିର୍ ଦେଇ ସେକା ହୋଇଥିବା ଖାଦ୍ୟ ।

**ପିଞ୍ଜର** *ବି.* ୧. ଦେହର ହାଡ଼ର ଖଞ୍ଜା ବା ଥାଟ, ସ୍କେଲିଟନ୍ ୨. ପିଙ୍ଗଳ ବର୍ଣ୍ଣ ୩. ହଳଦୀ ରଙ୍ଗ ।

**ପିଞ୍ଜରା** *ବି.* ପଶୁପକ୍ଷୀଙ୍କୁ ରଖାଯାଉଥିବା ଜାଲିଥିବା ସ୍ଥାନ ବା ଛୋଟ ଘର, ପଞ୍ଜୁରି ।

**ପିଞ୍ଜା** *ବି.* ୧. ହଳଦୀ ୨. କ୍ଷତି ୩. ଠେଙ୍ଗା ୪. ଆଘାତ ।

**ପିଞ୍ଜାଇବା** *କ୍ରି.* ଆଘାତ କରିବା, ବାଡେଇବା ।

**ପିଞ୍ଜିକା** *ବି.* ଭିଣା ତୁଳାର ବଳଣା – ଯାହାକୁ ତାକୁଡ଼ି ସାହାଯ୍ୟରେ ସୂତାରେ ପରିଣତ କରାଯାଏ ।

**ପିଞ୍ଜିବା** ***କ୍ରି.*** ୧. ତୁଳାକୁ ଭିଣିବା ୨. ଛିନ୍ନଛତର କରି ପକାଇବା ୩. ଜୋରରେ ଜଳିବା ।

**ପିଟ୍** ***ବି.*** ଖୋଳା ଯାଇଥିବା ଖାଲ; ***କ୍ରି.*** ବାଡ଼େଇବା ବା ପିଟିବା ପାଇଁ ଆଦେଶଦେବା ।

**ପିଟଣା** ***ବି.*** ୧. ଅସମତଳ ସ୍ଥାନକୁ ସମାନ କରିବା ପାଇଁ ବ୍ୟବହୃତ ଉପକରଣ ୨. ପ୍ରହାର, ମାଡ଼ ୩. ହାମର ।

**ପିଟା** ***ବିଂ.*** ୧. ବାଡ଼ିଆ ହୋଇଥିବା ୨. ସମତୁଲ ହୋଇଥିବା ୩. ମାଡ଼ ଖାଇଥିବା, ମାଡ଼ ଖାଇବାରେ ଅଭ୍ୟସ୍ତ ।

**ପିଟାଇବା, ପିଟେଇବା** ***କ୍ରି.*** ଅନ୍ୟଦ୍ୱାରା ମାଡ଼ ବା ଆଘାତ ଦେବା, ମାଡ଼ ମରେଇବା ।

**ପିଟାଘଣ୍ଟା** ***ବି.*** ଆଘାତଦ୍ୱାରା ଶବ୍ଦ ସୃଷ୍ଟି କରାଯାଉଥିବା ଗୋଲାକାର ଓ ଚେପ୍‌ଟା ଧାତବ ପଦାର୍ଥ ।

**ପିଟାନ୍** ***ବି.*** ମାଡ଼, ପ୍ରହାର, ବାଡ଼େଇବା ।

**ପିଟାପିଟି** ***ବି.*** ପରସ୍ପର ବାଡ଼ିଆ ବାଡେଇ ।

**ପିଟାବଇ** ***ବି.*** ପତଳା ବାଉଁଶ ପାତିଆ ଓ ଫାଳରେ ତିଆରି ବାଡ଼ ।

**ପି.ଟି.** ***ବି.*** ଶାରୀରିକ ବ୍ୟାୟାମ, ଫିଜିକାଲ ଟ୍ରେନିଙ୍ଗ୍ ବା କସରତ ।

**ପିଟି** ***ବି.*** ଦୟା, କରୁଣା ।

**ପିଟି ଦେଇଯିବା** ***କ୍ରି.*** ଏକା ନିଃଶ୍ୱାସକେ ଅନ୍ୟକୁ ଅବିରାମ ବାଡ଼ି, ବେତ ପ୍ରଭୃତିରେ ଆଘାତ ଦେବା ।

**ପିଟିବା** ***କ୍ରି.*** ୧. କୌଣସି ପଦାର୍ଥରେ ଅନ୍ୟ ଜୀବ ଅଥବା ବସ୍ତୁକୁ ଆଘାତ ଦେବା ୨. ମାରିବା, ବାଡ଼େଇବା ୩. ଛୋଟ ଅବସ୍ଥାରେ ଅଣ୍ଡିରା ମଇଁଷି, ଗୋରୁର ଅଣ୍ଡକୋଷକୁ ସରୁ ବାଉଁଶ ପାତିଆ, ତୀକ୍ଷ୍ଣ ଛୁରି ଅଥବା ଯନ୍ତ୍ର ସାହାଯ୍ୟରେ କାଟି ଅଥବା ଚାପ ଦେଇ ଅମୁଷ୍କି କରିବା ।

**ପିଟିସନ୍** ***ବି.*** ନିଜର ଆବଶ୍ୟକତା ଅଥବା ଅଭିଯୋଗ ସଂକ୍ରାନ୍ତ ଦରଖାସ୍ତ ବା ଆବେଦନପତ୍ର ।

**ପିଟିସନ ରାଇଟର** ***ବି.*** ଦଲିଲ୍ ବା ଦରଖାସ୍ତ ଲେଖକ ।

**ପିଟିହେବା** ***କ୍ରି.*** ନିଜେ ବା କୌଣସି ବସ୍ତୁ ଅନ୍ୟ ଦେହ/ଅନ୍ୟ ସ୍ଥାନରେ ବାଡ଼େଇ ହୋଇଯିବା ।

**ପିଟୁଣି** ***ବି.*** ନରମ ପଦାର୍ଥକୁ ବାଡେଇ ଆକାର ଦେବାରେ ବ୍ୟବହୃତ ଛୋଟ ପିଟଣା ।

**ପିଟୁଣି କର** ***ବି.*** ଅପରାଧ, ବିକ୍ଷୋଭ ପ୍ରଭୃତିର ଶାସ୍ତିସ୍ୱରୂପ କୌଣସି ଅଞ୍ଚଳର ଜନସାଧାରଣଙ୍କଠାରୁ ରାଜାରାଜୁଡ଼ାଙ୍କ ପ୍ରଶାସନ ଆଦାୟ କରୁଥିବା ଅସ୍ଥାୟୀ ଟିକସ ।

**ପିଠ୍** ***ବି.*** ୧. ପିଠି, ଦେହର ପେଟ ଓ ଛାତିର ପଛଭାଗ ୨. ପିଠଉ ।

**ପିଠଉ** ***ବି.*** ଚାଉଳ, ମୁଗ, ବିରି ଆଦି ଶସ୍ୟକୁ ବତୁରାଇ ବାଟିବାଦ୍ୱାରା ପ୍ରସ୍ତୁତ ପଦାର୍ଥ ।

**ପିଠା** ***ବି.*** ଚାଉଳ, ଗହମ, ବିରି, ମୁଗ ଆଦି ଖାଦ୍ୟ ଶସ୍ୟର ବଟା ଅଥବା ଚୂନାରେ ପ୍ରସ୍ତୁତ ତଥା ଘିଅ ବା ତେଲରେ ଛଣା ବା ଭଜା ଖାଦ୍ୟ ।

**ପିଠାଇବା, ପିଠେଇବା** ***କ୍ରି.*** ଅନ୍ୟଠାରୁ ଆଘାତ, ନିନ୍ଦା, ଗାଳି, ଅପମାନ ପାଇ ସୁଦ୍ଧା ପ୍ରତିକ୍ରିୟା ପ୍ରକାଶ ନ କରିବା ।

**ପିଠାଖଡ଼ିକା, ପିଠାପାତିଆ** ***ବି.*** ପିଠା ତିଆରିରେ ବ୍ୟବହୃତ ଲୁହା, ଆଲୁମୁନିୟମ ବା ପିତଳ ତିଆରି ଚଟକା ପାତ ଓ ଲମ୍ବା ବେଣ୍ଟଥିବା ସରଞ୍ଜାମ ।

**ପିଠାପଣା** ***ବି.*** ସାମାଜିକ ଉତ୍ସବାନୁଷ୍ଠାନରେ ଖିଆଯାଉଥିବା ବିଭିନ୍ନ ପ୍ରକାରର ପିଠା ଓ ସୁସ୍ୱାଦୁପାନୀୟ ।

**ପିଠାଫଳ** ***ବି.*** ନେଉଆ ଫଳ ।

**ପିଠାଯାତ୍ରା** ***ବି.*** କାର୍ତ୍ତିକ ଶୁକ୍ଳ ତ୍ରୟୋଦଶୀରେ ଅନୁଷ୍ଠିତ ଶିବବ୍ରତ, ବଡ଼ଓଷା ।

**ପିଠି** ***ବି.*** ୧. ଜୀବର ଛାତି ଓ ପେଟର ପଛ ପାଖ, ପୃଷ୍ଠ ଦେଶ ୨. କୌଣସି ପଦାର୍ଥର ଉପରକୁ ଥିବା ଅଂଶ ୩. ପଦାର୍ଥର ଗୋଟିଏ ପାଖ ୪. ପଛପାଖ ୫. ପକ୍ଷ, ତରଫ ୬. ଓଳି ; ***ବିଂ.*** ଠିକ ପରେ ଏକା ମା ପେଟରୁ ଜନ୍ମିତ ।

**ପିଠିଆ** ***ବି.*** ଶ୍ରୀକ୍ଷେତ୍ରରେ ରଥଯାତ୍ରା କାଳରେ ଦିଅଁମାନଙ୍କର ରଥ ଟାଣୁଥିବା ଲୋକ ।

**ପିଠିଆଇବା, ପିଠେଇ ଦେବା** ***କ୍ରି.*** ୧. ପିଠି ପାଖକୁ ବୁଲାଇବା ୨. କୌଣସି ପଦାର୍ଥକୁ ଘୁଞ୍ଚାଇବା ପାଇଁ ପିଠିକୁ ବ୍ୟବହାର କରିବା ୩. ମାଡ଼ ଗାଳିକୁ ଖାତିର ନକରିବା ।

**ପିଠିଆଉଁଷା** ***ବି.*** ଆନ୍ତରିକତା ନ ଥାଇ ସମବେଦନା ପ୍ରକାଶ ବା ଉତ୍ସାହ ପ୍ରଦାନ ।

**ପିଠିଆ ଉଠିଆ** ***ବିଂ.*** ଏକା ମା' ର ଜଣକ ପରେ ଜନ୍ମିତ ଦୁଇ ସନ୍ତାନ, ତଳଉପର ।

**ପିଠି ଆଡ଼େଇ ଦେବା, ପିଠି କରିବା, ପିଠି ଆଡ଼ିବା** ***କ୍ରି.*** ୧. ବେଖାତିର ଭାବ ଦେଖାଇବା ୨. ପଛକରି ଚାଲିଯିବା ୩. ଅମାନ୍ୟ କରିବା ୪. ଯତ୍ନ ନ ନେବା ।

**ପିଠିଆ ବଳଦ** ***ବି.*** ପିଠିରେ ଭାର ବୋହୁଥିବା ବଳଦ, ଥୋଡ଼ିଆ ବଳଦ ।

**ପିଠିଆ ଭାଇ** ***ବି.*** ନିଜ ଜନ୍ମ ପରେ ପରେ ଜନ୍ମିତ ସାନଭାଇ ।

**ପିଠିଆ ରୋଷ** ***ବି.*** ଶ୍ରୀମନ୍ଦିର ରୋଷଶାଳର ଏକ ଅଂଶର ନାମ ।

**ପିଠି କରିଦେବା** ***କ୍ରି.*** ପଛ କରିଦେବା, ଗୁରୁତ୍ୱ ନ ଦେବା ।

**ପିଠି କୁଣ୍ଡେଇ ହେବା** ***କ୍ରି.*** ମାଡ଼ ଖାଇବା ପାଇଁ ଅବସ୍ଥା ସୃଷ୍ଟି କରିବା, ଜାଣିଶୁଣି ଭୁଲ କରି ମାଡ଼ ମୂଲାଇବା ।

**ପିଠି ଥାପୁଡ଼ାଇବା** ***କ୍ରି.*** ୧. ଶ୍ରଦ୍ଧାରେ ଆସ୍ତେ ଆସ୍ତେ ଅନ୍ୟର ପିଠିରେ ପୋଲା ଚାପୁଡ଼ା ମାରିବା ୨. ଯତ୍ନ କରିବା, ସ୍ନେହ କରିବା ୩. ସାବାସି ଦେବା, ପ୍ରଶଂସା କରିବା ।

**ପିଠିମାଛ** ***ବି.*** କଟାଯାଇଥିବା ବଡ଼ ମାଛର ପିଠି ଅଂଶ ।

**ପିଠିର** ***ବି.*** ନିଜ ଜନ୍ମପରେ ଜନ୍ମ ହୋଇଥିବା ଅନ୍ୟ ଭାଇ ଭଉଣୀ; ***ବିଂ.*** ବୟସରେ ସାନ, କନିଷ୍ଠ ।

**ପିଠିରେ ଖାଇବା** ***କ୍ରି.*** ମାଡ଼ ଖାଇବା, ଅନ୍ୟର ଆଘାତ ସହିବା ।

**ପିଠିରେ ପଡ଼ିବା** ***କ୍ରି.*** ୧. ସହାୟକ ହେବା ୨. ଉପକାରରେ ଆସିବା ୩. ପକ୍ଷ ସମର୍ଥନ କରିବା ।

**ପିଠେଇ** ***ବିଂ.*** ୧. ଅନ୍ୟଠାରୁ ମାଡ଼, ଗାଳି, ଅପମାନ ଖାଇ ଖାଇ ସମୟକ୍ରମେ ସବୁ କିଛିକୁ ବେଖାତିର କରୁଥିବା ୨. ପିଠିରେ କାମ କରୁଥିବା ।

**ପିଠୈ** ***ବି.*** ପିଠଉ ।

**ପିଡ଼ଙ୍ଗ** ***ବି.*** ଏକ ପ୍ରକାରର ଶାଗଗଛ ।

**ପି.ଡ଼ବ୍ଲିଉ.ଡ଼ି.** ***ବି.*** ପବ୍ଲିକ୍ ଓ୍ୱାର୍କସ୍ ଡ଼ିପାର୍ଟମେଣ୍ଟ, **ନିର୍ମାଣ ବିଭାଗ, ପୂର୍ତ୍ତ** ବିଭାଗ, ବାରିକ ମିସ୍ତ୍ରୀ ବିଭାଗ, ସରକାରଙ୍କ ପରିଚାଳିତ ଘର/ ରାସ୍ତାଘାଟର ତିଆରି ମରାମତି ଓ ଦେଖାଚାହାଁ କରୁଥିବା ବିଭାଗ ।

**ପିଡ଼ିଆ, ପିଡୁଆ** ***ବି.*** ତେଲ ବାହାରି ଯିବା ପରେ ତୈଳବୀଜର ଖଦଡ଼ା ଅଂଶ ।

**ପିଢ଼** ***ବି.*** ୧. ଆସ୍ଥାନ, ବେଦୀ, ଚଉତରା ୨. ଦେବଦେବୀଙ୍କ ପୀଠ ବା ପୂଜାସ୍ଥାନ ୩. ଗଦା, ସ୍ତୂପ ।

**ପିଢ଼ା** ***ବି.*** ୧. କାଷ୍ଠାସନ, ଭୂଇଁରେ ନ ଲାଗିବାକୁ ଆଡୁଆ କାଠ ଉପରେ ଲାଗିଥିବା ପଟାର ବସିବା ଉପକରଣ ୨. ଘର ଛାତର ମଥାନ ।

**ପିଢ଼ାପାଣି** ***ବି.*** ଖାଇ ବସିବା ପାଇଁ ଆବଶ୍ୟକ କାଠ ଆସନ ଓ ପାଣି ।

**ପିଢ଼ାମୁଣ୍ଡି** ***ବି.*** ଧାନ କିଆରିରେ ଜନ୍ମୁଥିବା ଏକ ପ୍ରକାରର ଘାସ ।

**ପିଢ଼ି** ***ବି.*** ୧. ଉଚ୍ଚଜାଗାକୁ ଚଢ଼ିବା ପାଇଁ ବ୍ୟବହୃତ ପାଦପୀଠ ୨. ବଂଶାନୁକ୍ରମ ପୁରୁଷ, ଜେନେରେସନ ୩. ଛୋଟ ଚନ୍ଦନ ପେଡ଼ି ।

**ପିଣି** ***ଅ.*** ପୁଣି, ମଧ୍ୟ, ସମ୍ଭାବନା ଅର୍ଥସୂଚକ ଶବ୍ଦ ।

**ପିଣ୍ଡ** ***ବି.*** ୧. ଦେହ, ଶରୀର ୨. ପିତୃ ପୁରୁଷଙ୍କୁ ଶ୍ରାଦ୍ଧ ଦେବା ସମୟରେ ଅନ୍ନରେ ତିଆରି ଗୋଲାକାର ପିଣ୍ଡୁଳା ୩. ରସୁଣ, ପିଆଜ ପ୍ରଭୃତି ଗୋଲାକାର ମୂଳ ୪. ଶକ୍ତି, କ୍ଷମତା, ବଳ ୫. ମା ପେଟରେ ଥିବା ଭ୍ରୂଣ ୬. ସମୂହ ୭. ଗ୍ରାସ, ଗରାସ, ଖାଦ୍ୟ ପଦାର୍ଥର ଥରକର ପରିମାଣ ୮. ମାଂସ ୯. ଗଦା ୧୦. ମେଞ୍ଚା ୧୧. ପରିମାଣ ୧୨. ଗୋଲାକାର ବସ୍ତୁ, ପିଣ୍ଡୁଳା ୧୩. ଔରସଜାତ ପୁତ୍ର- ଯେ ଶ୍ରାଦ୍ଧ ଓ ପିଣ୍ଡପ୍ରଦାନ କରେ ।

**ପିଣ୍ଡଦାନ** ***ବି.*** ଶ୍ରାଦ୍ଧ ସମୟରେ ପିତୃଲୋକଙ୍କୁ ଦିଆଯାଉଥିବା ପିଣ୍ଡୁଳା ଆକାରର ଚକଟା ଖାଦ୍ୟପଦାର୍ଥ, **ଅନ୍ନପିଣ୍ଡ , ଅଟାପିଣ୍ଡ ।**

**ପିଣ୍ଡବ୍ରହ୍ମାଣ୍ଡ** ***ବି.*** ୧. ଦେହ ହିଁ ସମଗ୍ର ବ୍ରହ୍ମାଣ୍ଡ, ସଂସାର-ଏହି ବିଚାର ଓ ଦର୍ଶନ ।

**ପିଣ୍ଡ ଲୋପ ପାଇବା** ***କ୍ରି.*** କୌଣସି ବଂଶ ଲୋପ ପାଇଯିବା, ନିର୍ବଂଶ ହେବା, ପିଣ୍ଡ ଦେବା ପାଇଁ ଆଉ କେହି ସନ୍ତାନ ନ ରହିବା ।

**ପିଣ୍ଡା, ପିଣ୍ଢା** ***ବି.*** ୧. ବାରଣ୍ଡା, ଘରର ବାହାର ପାଖକୁ ଲାଗି ରହିଥିବା ଲମ୍ବା, ଓସାରିଆ ଓ ଉଚ୍ଚା ଅଂଶ ୨. ଇସ୍ପାତ ୩. ପିଣ୍ଡ ।

**ପିଣ୍ଡା ଓଲୁ** ***ବି.*** ଅତି ବୋକା, ନିର୍ବୋଧ ।

**ପିଣ୍ଡାର** ***ବି.*** ଏକ ପ୍ରକାର ଶାଗ ।

**ପିଣ୍ଡାରି** ***ବି.*** ଆତଙ୍କ ସୃଷ୍ଟିକାରୀ ଦସ୍ୟୁଦଳ ।

**ପିଣ୍ଡି** ***ବି.*** ୧. ପିଣ୍ଡିକା, ଦେବଦେବୀଙ୍କ ମୂର୍ତ୍ତିର ଖଟୁଲି ତଳେ ଛୋଟ ବଇଠି ବା ଆସନ ୨. ଚଉପାଢ଼ି, ପୀଠ, ବେଦି ୩. ହାଣ୍ଡିଶାଳରେ ରୋଷେଇ ଉପକରଣ ରଖିବା ପାଇଁ ଉଦ୍ଦିଷ୍ଟ ଉଚ୍ଚସ୍ଥାନ ୪. ଗୋଡ ଭଣ୍ଡା, ପେଣ୍ଡା ।

**ପିଣ୍ଡିକା** ***ବି.*** ପିଣ୍ଡି, ପୀଠ ।

**ପିଣ୍ଡିତ** ***ବିଂ.*** ୧. ଘନ, ସାନ୍ଦ୍ର ୨. ପିଣ୍ଡପରି ହୋଇଥିବା, ପିଣ୍ଡଆକୃତି ବିଶିଷ୍ଟ ୩. ମେଞ୍ଚା ।

**ପିଣ୍ଡୁଳା, ପିଣ୍ଡୁଳି** ***ବି.*** ଗୋଲାକାର କରାଯାଇଥିବା ନରମ ପଦାର୍ଥର ଗୋଳା ।

**ପିତ୍‌କୁଲ୍** ***ବିଂ.*** ପିତାଳିଆ, ପିତାସ୍ୱାଦ ବିଶିଷ୍ଟ ।

**ପିତ, ପିତ୍ତ** ***ବି.*** ଦେହ ଭିତରେ ଥିବା ତିକ୍ତ ପଦାର୍ଥ ।

**ପିତ ଉଠିବା** ***କ୍ରି.*** ୧. ରାଗିଯିବା ୨. ପେଟରୁ ପିତାଳିଆ ପଦାର୍ଥ ବାହାରି ଆସିବା ।

**ପିତକେରାଣ୍ଡି** ***ବି.*** ପିତା ଲାଗୁଥିବା ସାନ କେରାଣ୍ଡି ମାଛ ।

**ପିତର** *ବି.* ଓକିଲ, ଆଡଭୋକେଟ, ଲୟର ।

**ପିତରପାଇଟି** *ବି.* ଓକିଲାତି ।

**ପିତଳ** *ବି.* ପିତ୍ତଳ, ତମ୍ବା ଅଂଶ ଅଧିକ ଥିବା ଏକ ମିଶ୍ରିତ ଧାତୁ ।

**ପିତଳ କାନ** *ବି.* ଧୀରକଥାକୁ ସହଜରେ ଶୁଣିପାରୁଥିବା ବ୍ୟକ୍ତି ।

**ପିତଳିଆ** *ବିଂ.* ପିତାଳିଆ, ପିତାପରି ତିକ୍ତ, ପିତ୍‌କୁଲ୍ ।

**ପିତା** *ବି.* ବାପା, ଜନକ; *ବିଂ.* କଟୁ, ତିକ୍ତ (ସ୍ୱାଦ) ।

**ପିତାଆଳୁ** *ବି.* ପିତା ଲାଗୁଥିବା ଏକପ୍ରକାର କନ୍ଦ ଜାତୀୟ ପରିବା ଓ ତାହାର ଲତା ।

**ପିତା ଖାଇବା** *କ୍ରି.* ବ୍ୟକ୍ତିର ମୃତକ କର୍ମରେ ଗୃହସ୍ଥ ଘରେ ପ୍ରସ୍ତୁତ ଦ୍ୱିତୀୟ ଦିନର (ନିମ୍ବପତ୍ର ସଂଯୁକ୍ତ) ପିତାଖାଦ୍ୟ- ଯାହା କେବଳ କୁଟୁମ୍ବ ଲୋକେ ଖାଇବା ବିଧି ।

**ପିତାତରଡ଼ା** *ବି.* ଜହ୍ନିପରି ଦିଶୁଥିବା ମାତ୍ର ପିତା ଲାଗୁଥିବା ଏକ ଫଳ ଓ ତାହାର ଲତା ।

**ପିତାନଳିତା** *ବି.* ଯେଉଁ ନଳିତା ଗଛର ପତ୍ର ପିତା ଲାଗେ ।

**ପିତାନିଦ** *ବି.* ପତଳା ନିଦ, ଛାଇନିଦ ।

**ପିତାପାଣି** *ବି.* ବର୍ଷାଋତୁର ପ୍ରଥମ ଅସରା ବର୍ଷା ।

**ପିତାବଲି** *ବି.* ସାଧାରଣତଃ ଗାଁ ମୁଣ୍ଡରେ ସ୍ଥାପିତ ଦେବତା ।

**ପିତାମଇତା** *ବି.* ପୋଟଳ ପରି ଦିଶୁଥିବା ଏକ ଜାତୀୟ ଜଙ୍ଗଲୀ ଫଳ ଓ ତାହାର ଲତା ।

**ପିତାମହ** *ବି.* ବାପାଙ୍କ ବାପା, ଜେଜେବାପା, ଗୋସିଁବାପା, ବୁଢ଼ା ଦାଦା, ଦୋଦା ।

**ପିତାମହୀ** *ବି.* ବାପାଙ୍କ ମା' ବା ବୋଉ, ଆଈ, ଜେଜେମା, ବୁଢ଼ୀମା।

**ପିତାଳିଆ** *ବିଂ.* ସାମନ୍ୟ ପିତା ସ୍ୱାଦ ବିଶିଷ୍ଟ, ପିତ୍‌କୁଲ୍ ।

**ପିତାଲାଉ** *ବି.* ଜଙ୍ଗଲୀ ଲାଉ-ଯାହା ପିତାଳିଆ ଲାଗେ ।

**ପିତାଶ** *ବି.* ପିଚାଶ, ପିଶାଚ ।

**ପିତାଶାଗ** *ବି.* ଓଦାଳିଆ ଜାଗାରେ ହେଉଥିବା ଏକପ୍ରକାରର ପିତାଳିଆ ଶାଗ ।

**ପିତାଶୁଖୁଆ** *ବି.* ପିତ୍ତ କଢ଼ା ହୋଇନଥିବା ଶୁଖିଲା ଚୂନାମାଛ, ଶୁଖିଲା କେରାଣ୍ଡି ।

**ପିତାଶୁଣୀ** *ବି.* ପିଚାଶୁଣୀ, ପିଶାଚିନୀ ।

**ପିତୁଳା** *ବି.* ୧. ମାଟି, କାଠ ବା ଅନ୍ୟ କୌଣସି ଜୈବ ବା ଅଜୈବ ପଦାର୍ଥରେ ତିଆରି ଦେବଦେବୀଙ୍କ ମୂର୍ତ୍ତି, ପୁତ୍ତଳିକା ୨. ଜୀବ ଅଥବା କଳ୍ପିତ ଚରିତ୍ରର ପ୍ରତିକୃତି, କଣ୍ଢେଇ ୩. ଆଖିର ଡୋଳା ।

**ପିତୁଳା ଘର** *ବି.* ୧. କଣ୍ଢେଇମାନଙ୍କୁ ରଖାଯାଉଥିବା ଘର ୨. ଦେଉଳର ଚାରିପାଖରେ ପାର୍ଶ୍ୱଦେବତାମାନଙ୍କ ଉଦ୍ଦେଶ୍ୟରେ ତିଆରି ଛୋଟଘର ।

**ପିତୁଳା ନାଟ** *ବି.* କଣ୍ଢେଇ ନାଚ, କଣ୍ଢେଇ ମାଧ୍ୟମରେ ପ୍ରଦର୍ଶନ କରାଯାଉଥିବା ନାଟକ ।

**ପିତୁଳାପୂଜକ** *ବି.* ପ୍ରତିମାପୂଜାରେ ବିଶ୍ୱାସୀ ଭକ୍ତ ।

**ପିତୁଳାପୂଜା** *ବି.* ମୂର୍ତ୍ତିପୂଜା, ଅଭୀଷ୍ଟ ସିଦ୍ଧି ପାଇଁ ଦେବଦେବୀଙ୍କ ପ୍ରତିମା ଗଢ଼ି ପୂଜାଅର୍ଚ୍ଚନା ।

**ପିତୁଳି** *ବି.* ପିତୁଳା, ପୁତ୍ତଳିକା, କଣ୍ଢେଇ ।

**ପିତୁଳିଆ** *ବିଂ.* ୧. ପିତାଳିଆ, ସାମାନ୍ୟ ପିତା ଲାଗୁଥିବା ୨. ପିତଳ ବାସନରେ ରହିବା ଯୋଗୁଁ ଖାଦ୍ୟ ପଦାର୍ଥର ସାମାନ୍ୟ ପିତା ସ୍ୱାଦ ଓ ଗନ୍ଧ ୩. ଉକେଇ ଯାଇଥିବା ଖାଦ୍ୟ ।

**ପିତୃ** *ବି.* ପିତା, ବାପା ।

**ପିତୃଅର୍ଜିତ** *ବିଂ.* ବାପା ବା ପୂର୍ବପୁରୁଷ ଉପାର୍ଜନ କରିଥିବା ।

**ପିତୃକର୍ମ, ପିତୃକ୍ରିୟା** *ବି.* ବାପା, ମା ବା ପୂର୍ବପୁରୁଷଙ୍କ ଉଦ୍ଦେଶ୍ୟରେ ପାଳିତ ଶ୍ରାଦ୍ଧ, ତର୍ପଣାଦି ।

**ପିତୃକଳ୍ପ** *ବିଂ.* ବାପା ମା'ଙ୍କ ପରି ।

**ପିତୃକୁଳ** *ବି.* ବାପାଙ୍କ ବଂଶ ।

**ପିତୃକ୍ରିୟା** *ବି.* ପିତୃକର୍ମ ।

**ପିତୃଗଣ** *ବି.* ବଡ଼ବଡୁଆ, ପୂର୍ବପୁରୁଷ ।

**ପିତୃଗୃହ** *ବି.* କନ୍ୟାର ବାପଘର ।

**ପିତୃତର୍ପଣ** *ବି.* ପିତୃପୁରୁଷଙ୍କ ତୃପ୍ତି ଉଦ୍ଦେଶ୍ୟରେ ଜଳଦାନ ।

**ପିତୃଦତ୍ତ** *ବିଂ.* ବାପା ମା' ସେମାନଙ୍କ ସନ୍ତାନସନ୍ତତିମାନଙ୍କୁ ଦେଇଥିବା ।

**ପିତୃଦାୟ** *ବି.* ୧. ପିତା ବା ମାତାଙ୍କ ମୃତ୍ୟୁପରେ ପୁତ୍ରକନ୍ୟା ଦଶାହ, ଶ୍ରାଦ୍ଧ ପ୍ରଭୃତି କରିବା ଦାୟିତ୍ୱ, ସେଥିପାଇଁ କରାଯିବା ଖର୍ଚ୍ଚ ୨. ପିତା ବା ମାତା କରିଥିବା ଋଣ ପ୍ରଭୃତି ଯାହା ସନ୍ତାନମାନଙ୍କ ଶୁଝିବା ଦାୟିତ୍ୱ।

**ପିତୃଦିନ, ପିତୃଦିବସ** *ବି.* ୧. ବାପା ମରିଥିବା ଦିନ - ଯେଉଁଦିନ ତାଙ୍କ ଶ୍ରାଦ୍ଧ ପାଳନ କରାଯାଏ ୨. ମହାଳୟା ଅମାବାସ୍ୟା।

**ପିତୃଦେବ** *ବି.* ଦେବତା ଭାବରେ କଳ୍ପିତ ବାପା ।

**ପିତୃଦ୍ରୋହ** *ବି.* ପିତାଙ୍କ ପ୍ରତି ମନ୍ଦ ଆଚରଣ ବା ତାଙ୍କ ସିଦ୍ଧାନ୍ତର ବିରୋଧ ।

**ପିତୃଦ୍ରୋହକ, ପିତୃଦ୍ରୋହୀ** *ବିଂ.* ବାପାଙ୍କ ବିରୋଧୀ ।

**ପିତୃପୁରୁଷ** *ବି.* ବାପା, ଜେଜେବାପା ପ୍ରଭୃତି ନିଜ ବଂଶର ପୂର୍ବପୁରୁଷ ।

**ପିତୃପ୍ରତିମ** *ବିଂ.* ୧. ବାପାଙ୍କପରି ସମ୍ମାନାସ୍ପଦ ୨. ଅଭିଭାବକ, ମୁରବି ।

**ପିତୃବ୍ୟ** *ବି.* ବାପାଙ୍କ ଭାଇ, କକା(ଦାଦା), ବଡ଼ବାପା, ବଡୁ ।

**ପିତୃଭକ୍ତ** *ବିଂ.* ବାପାଙ୍କ ବିଚାର ଓ ଆଦେଶକୁ ପାଳନ କରୁଥିବା ।

**ପିତୃମାତୃହୀନ** *ବିଂ.* ବାପା ମା ଛେଉଣ୍ଡ, ଯାହାର ବାପା ଓ ମା କେହି ବଞ୍ଚିନଥାନ୍ତି ।

**ପିତୃଶୋକ** *ବି.* ବାପା ମରିଯିବା ଯୋଗୁଁ ଦୁଃଖଭାବ ।

**ପିତ୍ତ** *ବି.* ପିତ ।

**ପିତ୍ତକୋଷ** *ବି.* ଦେହ ମଧ୍ୟରେ ଥିବା ପିତ୍ତ ସୃଷ୍ଟିକାରୀ ପ୍ରତ୍ୟଙ୍ଗ, ଗଲ୍ ବ୍ଲାଡର ।

**ପିତ୍ତ ଖସାଇଦେବା** *କ୍ରି.* ରାଗ ବା କ୍ରୋଧଭାବକୁ ଦମନ କରିବା, ଶାନ୍ତ କରିଦେବା, ଆୟତ୍ତକୁ ଆଣିବା ।

**ପିତ୍ତନାଶକ** *ବିଂ.* ଯେଉଁ ଖାଦ୍ୟ ବା ଔଷଧଦ୍ୱାରା ଦେହରେଥିବା ଅଧିକ ପିତ୍ତଭାଗ କମିଯାଏ ।

**ପିତ୍ତପାଗୁଳା** *ବିଂ.ବି.* ପିତ୍ତର ଆଧିକ୍ୟ ଯୋଗୁ ଦେଖା ଦେଇଥିବା ମାନସିକ ବିକୃତି ।

**ପିତ୍ରାଳୟ** *ବି.* ଝିଅର ବାପାଘର ।

**ପିଧାନ** *ବି.* ୧. ଆବରଣ, ଆଚ୍ଛାଦନ ୨. ଘୋଡଣି ୩. କୋଟ୍ ୪. ପଲମ, ପିହାଣ ୫. ଖଣ୍ଡାର ଖୋଳ ।

**ପିନ୍** *ବି.* ୧. କାଗଜ, ଲୁଗା, ମୁଣ୍ଡବାଳ ପ୍ରଭୃତିକୁ ଏକତ୍ର ବାନ୍ଧି ରଖିବାପାଇଁ ବ୍ୟବହୃତ ଧାତୁ ତିଆରି ସରୁ କଣ୍ଟା ୨. ସରୁ ଖିଲ ।

**ପିନ୍ ପିନ୍** *ବିଂ.* ସରୁ ଓ ସଫା, ଫିନ୍‌ଫିନ୍ ।

**ପିନ୍ ମାରିବା** *କ୍ରି.* ୧. ସରୁ କଣ୍ଟା ସାହାଯ୍ୟରେ ସୂକ୍ଷ୍ମ ରନ୍ଧ୍ର ଥିବା କୌଣସି ନିବୁଜ ପାତ୍ରରୁ ତରଳପଦାର୍ଥ ବାହାର କରିବା ୨. ଉସ୍‌କାଇବା, ପ୍ରଚୋଦିତ କରିବା ୩. ଖୁଣ୍ଟା ଦେବା, ଶୁଣେଇ ଶୁଣେଇ କଡ଼ା କଥା କହିବା ।

**ପିନ୍‌ସୁଲ୍** *ବି.* ସିଲଟରେ ଲେଖିବା ପାଇଁ ଖଡ଼ି, ସୀସା (ଧାତୁ ନୁହେଁ) ।

**ପିନଷ୍ଟ** *ବିଂ.* ଭଲ ଭାବରେ ବନ୍ଧା ହୋଇଥିବା, ଆବୃତ ।

**ପିନା** *ବି.* ସରୁ ଓ ଛୋଟ କାଠଖିଲ ।

**ପିନାକ** *ବି.* ୧. ପୁରାଣ ବର୍ଣ୍ଣିତ ଶିବଙ୍କ ଧନୁ ୨. ବାଦ୍ୟ ଯନ୍ତ୍ର ବିଶେଷ ।

**ପିନାକୀ** *ବି.* ଶିବ, ମହାଦେବ ।

**ପିନି** *ଅ.* ପରି, ସଦୃଶ, ତୁଲ୍ୟ ।

**ପିନିସ୍** *ବି.* ନାକ ଭିତରେ ହେଉଥିବା ଘା ।

**ପିନ୍ଧନ୍** *ବି.* ଲୁଗାପଟା, ପୋଷାକପଟା, ପିନ୍ଧାଲୁଗା, ଜାମାପଟା ।

**ପିନ୍ଧା** *ବି.* ଦେହର ଆବଶ୍ୟକତା ଅଥବା ଦେହକୁ ସୁନ୍ଦର କରିବାପାଇଁ ବ୍ୟବହୃତ ବସ୍ତ୍ର, ଅଳଙ୍କାର, ପରିଧେୟ, ପୋଷାକ ଓ ଅଳଙ୍କାର ; *ବିଂ.* ପରିହିତ, ପିନ୍ଧିଥିବା, ପିନ୍ଧା ଯାଇଥିବା ।

**ପିନ୍ଧାଇବା** *ବି.* ଅନ୍ୟର ଦେହକୁ ବସ୍ତ୍ର ବା ଅଳଙ୍କାର ମଣ୍ଡିତ କରିବା ।

**ପିନ୍ଧାଣ** *ବି.* ପରିଧାନ ।

**ପିନ୍ଧାଳି** *ବି.ବିଂ.* ଯେ ଲୁଗା ଓ ଅଳଙ୍କାର ଆଦି ପିନ୍ଧେ ବା ପିନ୍ଧାଏ ।

**ପିନ୍ଧିଲା** *ବି.* ପିନ୍ଧା ।

**ପିପ୍** *ବି.* କ୍ଷତ ବା ଘାରୁ ବାହାରୁ ଥିବା ପୂଜରକ୍ତ ।

**ପିପ୍‌ପଳି** *ବି.* ଔଷଧୀୟ ଗୁଣଯୁକ୍ତ ଏକ ଫଳ ଓ ତାହାର ଲତା ।

**ପିପରମିଣ୍ଟ୍, ପିପେର୍‌ମେଟ** *ବି.* ଗୋଲମରିଚ ଓ ପୋଦିନା ପତ୍ରରୁ ରାସାୟନିକ ପ୍ରକ୍ରିୟାରେ ତିଆରି ପଦାର୍ଥ ।

**ପିପଲ, ପିପେଲ୍** *ବି.* ଅଶ୍ୱତ୍ଥ ଗଛ ।

**ପିପଲପାତା** *ବି.* ନାରୀମାନେ କାନମଝିରେ ପିନ୍ଧୁଥିବା ଅତି ପତଳା ଅଳଙ୍କାର ।

**ପିପା** *ବି.* ପମ୍ପା, ବ୍ୟାରେଲ, ତରଳ ପଦାର୍ଥ ପାଇଁ ଡବା ଆକାରର ଆଧାର ।

**ପିପାସା** *ବି.* ୧. ପିଇବା ପାଇଁ ଇଚ୍ଛା, ଶୋଷ, ତୃଷା ୨. ଲାଳସା, ଆଗ୍ରହ ।

**ପିପାସୀ, ପିପାସିତ,ପିପାସୁ** *ବିଂ.* ୧. ପିଇବା ପାଇଁ ଆଗ୍ରହୀ ବା ଇଚ୍ଛୁକ ୨. ଲାଳସାଯୁକ୍ତ, ଲାଳସୀ, ଲୋଭୀ ।

**ପିପି** *ବି.* ପେଁକାଳି, ସୁସୁରି, ହୁଇସିଲ ।

**ପିପିଲିକା, ପିପିଲୀକା** *ବି.* ପମ୍ପୁଡି, ଛ' ଗୋଡ଼ିଆ କଳା, ଲାଲ, ଖଇରିଆ ଆଦି ବିଭିନ୍ନ ରଙ୍ଗର ଛୋଟ ଛୋଟ କାମୁଡ଼ା କୀଟ ବିଶେଷ, ଚାଁଟି ।

**ପିପେଇ** *ବି.* ନଳିତାଗଛର ଶୁଖିଲା ମଝି ଅଂଶ, ପିଁପେଇ, କାଉଁରିଆ, କାଉଁରିଆ କାଠି, କଏଁରୁ ।

**ପିପେଇ ଅମାସିଆ** *ବି.* ପିପେଇ ଅମାବାସ୍ୟା, ଦୀପାବଳୀ ଅମାବାସ୍ୟା ।

**ପିମ୍ପା** *ବି.* ପିପା ।

**ପିମ୍ପୁଡି** *ବି.* ଛ'ଗୋଡ଼ଥାଇ ବିଭିନ୍ନ ରଙ୍ଗ ଓ ଆକାରର ଛୋଟ ଜୀବ, ଚାଁଟି, ପିପିଲିକା ।

**ପିମ୍ପୁଡ଼ିଆ** *ବିଂ.* ୧. ପିମ୍ପୁଡ଼ି ପରି ୨. ଗୋରୁମାନଙ୍କ ଚମରେ ହେଉଥିବା ଏକ ପ୍ରକାର ରୋଗ – ଯେଉଁଥିରେ ସଂକ୍ରମିତ ହେଲେ ସେମାନଙ୍କର ଚମ ଠାଏ ଠାଏ ଫୁଲିଯାଏ ଓ ରୁମ ଉପୁଡ଼ିଯାଇ କଳା ପଡ଼ିଥାଏ ।

**ପିୟାଳ** *ବି.* ଚାରକୋଳି ଓ ତାହାର ଗଛ ।

**ପିୟାଶାଳ** *ବି.* ପିଆଶାଳ ବା ବିଜାଗଛ ।

**ପିର, ପୀର** *ବି.* ୧. ମୁସଲମାନ ପୂଜିତ ମହାପୁରୁଷ, ସନ୍ଥ ବା ଗୁରୁ, ମୁସଲମାନ ସାଧୁ ୨. ଧର୍ମଗୁରୁ ୩. ସତ୍ୟପୀର।
**ପିରଡ଼ା** *ବି.* ଛପର ଘରର ଉପର ଅଂଶ, ତୁଳିଆ ।
**ପିରହ** *ବି.* ପିଳେହି, ପ୍ଲିହା ।
**ପିରା** *ବି.* କାଠତିଆରି ତଳେ ଥୋଇ ବସିବା ଉପକରଣ, ପିଢ଼ା ।
**ପିରାମିଡ଼** *ବି.* ମିଶର ଦେଶରେଥିବା ପ୍ରାଚୀନ କୀର୍ତ୍ତି - ଯାହା ରାଜା ବା ବିଶିଷ୍ଟ ବ୍ୟକ୍ତିମାନଙ୍କର ସମାଧି ସ୍ତୁପ ।
**ପିରି** *ଅ.* ପରି, ସଦୃଶ, ତୁଲ୍ୟ; *ବି.* ୧. କୁଟା, ପୁଆଳ, ପାଳ ୨. ପେଡ଼ି (ଚନ୍ଦନ ଆଦି ଘୋରିବାପାଇଁ) ।
**ପିରିଅଡ୍, ପିରିୟଡ୍** *ବି.* ଅବଧି, ନିର୍ଦ୍ଧାରିତ ସମୟକାଳ ।
**ପିରିକ** *ବି.* ଗୋଟିଏ ପାଖ ମୁଣ୍ଡି ଥିବା ଛୋଟ ଗୋଲାକାର ଲୁହା କଣ୍ଟା ।
**ପିରିକା** *ଅ.* ପରି, ସଦୃଶ, ତୁଲ୍ୟ ।
**ପିଳେହି** *ବି.* ପ୍ଲୀହା, ଦେହର ପ୍ରତ୍ୟଙ୍ଗ ବିଶେଷ, ସ୍ପ୍ଲିନ୍।
**ପିଳେହି ଜର** *ବି.* ପ୍ଲୀହା ବଢ଼ିବା ଯୋଗୁଁ ଶାରୀରିକ ଅସୁସ୍ଥତା ।
**ପିଳେହି ପାଣି ହେବା** *କ୍ରି.* ଭୟଭୀତ ହେବା, ଭୟରେ ବିଚଳିତ ବା କାତର ହେବା ।
**ପିଳେହି ମାରିବା** *କ୍ରି.* ଦେହର ବିଭିନ୍ନ ଅଂଶରେ ଚଟୁ ଦେଇ ପ୍ଲୀହାକୁ ସ୍ୱାଭାବିକ ଅବସ୍ଥାକୁ ଆଣିବା ।
**ପିଲ୍** *ବି.* ୧. ଛୋଟ ବାଉଁଶ ଖିଲ ୨. ସୀମା ନିର୍ଦ୍ଦେଶକ ୩. ଔଷଧର ଗୁଳି ବା ବଟିକା ୪. ପିଲ, ମୁକୁଳ, ପଲ୍ଲବ, କଅଁଳିଆ ପତ୍ର ୫. ମଞ୍ଜିରୁ ସଦ୍ୟ ବାହାରିଥିବା ଗଛ, ଚାରା ।
**ପିଲ୍‌କିବା** *କ୍ରି.* ୧. ପଲ୍ଲବିବା, ପାହାଁଳିବା, ନୂଆପତ୍ର କଅଁଳିବା ୨. ଗଛରେ ପତ୍ର ଆସିବା ।
**ପିଲ୍‌ଗ୍ରିମ୍** *ବି.* ତୀର୍ଥଯାତ୍ରୀ, ଧାର୍ମିକ ସ୍ଥାନ ବା ତୀର୍ଥକୁ ଯିବା ଲୋକ ।
**ପିଲ୍‌ପିଲା** *ବିଂ.* ପତଳା, ଅତି ସରୁ ।
**ପିଲ** *ବି.* ୧. ଧାନ, ଗହମ ଆଦି ଏକବୀଜପତ୍ରୀ ଓ କିଆ, କଦଳୀ, ଆଦି ଗଛର ମୂଳକନ୍ଦାରୁ ବାହାରୁ ଥିବା ନୂଆଗଛ ୨. ଛୋଟ ଇଲିସିମାଛ ।
**ପିଲବାଇଆ** *ବି.* ୧. ଘରର ମୋଟା ଓ ଛୋଟ ଖୁଣ୍ଟି ୨. ସୀମା ଖୁଣ୍ଟି ।
**ପିଲା** *ବି.* ୧. ଶିଶୁ, ଛୋଟ ବାଳକ ୨. ପୁଅଝିଅ ।
**ପିଲାକଥା** *ବି.* ଗୁରୁତ୍ୱହୀନ କଥା, ସାଧାରଣ ବିଷୟ ।
**ପିଲାକନିଆ** *ବି.* ବିବାହ କରୁଥିବା ଅପ୍ରାପ୍ତ ବୟସ୍କ ବାଳିକା ।
**ପିଲାକବିଲା** *ବି.* ପୁଅଝିଅ, ପିଲାଝିଲା, ପିଲାପିଲି ।
**ପିଲାଖେଳ** *ବି.* ୧. ପିଲାଙ୍କ ଖେଳଭଳି ଅଳ୍ପକାଳ ସ୍ଥାୟୀ ଘଟଣା ୨. ଅତି ସାଧାରଣ ବିଷୟ ।
**ପିଲାଝିଲା** *ବି.* ସନ୍ତାନସନ୍ତତି, ପୁଅ ଓ ଝିଅ ସମସ୍ତ ।
**ପିଲାଟିଆ** *ବିଂ.* ପିଲାଳିଆ ।
**ପିଲାଣିଆ** *ବିଂ.* ପିଲାଳିଆ, ପିଲାଟିଆ ।
**ପିଲାଟୁକେଲ** *ବି.* ପୁଅଝିଅ ।
**ପିଲା ପକାଇବା** *କ୍ରି.* (ଗୃହପାଳିତ ପଶୁ) ଛୁଆ ଜନ୍ମ କରିବା ।
**ପିଲା ପାଇବା** *କ୍ରି.* ସନ୍ତାନ ଜନ୍ମକରିବା ।
**ପିଲାପିଚିକା** *ବି.* ପିଲାପିଲି, ପରିବାରର ସବୁ ସନ୍ତାନ ସନ୍ତତି ।
**ପିଲାବସାଣି** *ବି.* ପ୍ରଥମ ରଜସ୍ୱଳା ହୋଇଥିବା ଝିଅକୁ ସାତ ଦିନ ପର୍ଯ୍ୟନ୍ତ ଘରେ ବସାଇବା ।
**ପିଲାବା** *କ୍ରି.* ଅନ୍ୟକୁ ପିଆଇବା ବା ପିଇବାପାଇଁ ଖର୍ଚ୍ଚ ଦେବା ।
**ପିଲାବାଲୀ** *ବି.* କୋଡ଼ପୋଛା ଛୁଆ ଥିବା ସ୍ତ୍ରୀଲୋକ ।
**ପିଲାର୍** *ବି.* ସ୍ତମ୍ଭ, ଖମ୍ବ, କଲମ୍ ।
**ପିଲାରଙ୍କୁଣା** *ବିଂ.* ୧. ଛୋଟ ପିଲାଙ୍କୁ ଅତ୍ୟନ୍ତ ଭଲ ପାଉଥିବା ୨. ପୁଅ ବା ଝିଅ ପାଇବା ପାଇଁ ବ୍ୟାକୁଳ ହେଉଥିବା
**ପିଲାଳିଆ** *ବିଂ.* ପିଲାଟିଆ ।
**ପିଲାଳିଆମି** *ବି.* ପିଲାଙ୍କ ଭଳି କଥା ବା କାମ ।
**ପିଲିସଜ** *ବି.* ପିତଳ ତିଆରି ଦୀପରୁଖା ।
**ପିଲୁ, ପୀଲୁ** *ବି.* ୧. ଶାସ୍ତ୍ରୀୟ ରାଗ ବିଶେଷ ୨. ସୀତାରର ଘତ ବିଶେଷ ।
**ପିଲେଇବା** *କ୍ରି.* ୧. ଗଛବୃଛ କୁଆଁଦେବା, ପିଲ୍‌କିବା, ପିଲମାରିବା ୨. ପ୍ରୟୋଗ କରିବା ୩. ପିଆଇବା, ପିଇବା ପାଇଁ ଦେବା।
**ପିଶାଚ** *ବି.* ୧. ଅମୋକ୍ଷ ପୁରୁଷର ଆତ୍ମା ୨. ପୁରାଣ ବର୍ଣ୍ଣିତ ଦେବଯୋନି ବିଶେଷ ୩. ମାଂସଭକ୍ଷୀ ପ୍ରେତ ବିଶେଷ ୪. ଭୟଙ୍କର, ନିଷ୍ଠୁର, ଦୁଷ୍ଟ ବା ଲୋଭୀ ବ୍ୟକ୍ତି ।
**ପିଶାଚ ଗଛ** *ବି.* ସାହାଡ଼ା ଗଛ - ଯେଉଁଥିରେ ପିଶାଚ ରୁହେ ବୋଲି ଲୋକବିଶ୍ୱାସ ରହିଛି ।
**ପିଶାଚୀ** *ବି.* ୧. ଅମୋକ୍ଷ ନାରୀର ଆତ୍ମା ୨. ଦୁଷ୍ଟ ପ୍ରକୃତିର ନାରୀ ।
**ପିଶାବ, ପିସାବ** *ବି.* ପରିସ୍ରା, ମୂତ, ପରିସ୍ରା ଦ୍ୱାର ଦେଇ ଶରୀରରୁ ବାହାରିଯାଉଥିବା ଦୂଷିତ ପାଣି ।
**ପିଶାଶୁ** *ବି.* ପିଉସୀଶାଶୁ ।
**ପିଶୁନ** *ବିଂ.* ୧. କ୍ରୂର, ମମତାହୀନ ୨. ବିଶ୍ୱାସଘାତକ, ଦୁଷ୍ଟ ୩. ନାଲି, କୁଙ୍କୁମ (ବର୍ଣ୍ଣ) ; *ବି.* ୧. କୁଙ୍କୁମ ୨. ଗୁପ୍ତଚର ।
**ପିଶୁନା** *ବି.* ଚୁଗୁଲିଆ ପଣ, ମିଛସତ କହି ଅନ୍ୟକୁ ବିଭ୍ରାନ୍ତ କରିବା ।

**ପିଷ୍ଟ** *ବିଂ.* ବଟା ହୋଇଥିବା, ପେଷା ହୋଇଥିବା, ଦଳା ହୋଇଥିବା ।

**ପିଷ୍ଟକ** *ବି.* ପିଠା, କୌଣସି ଶସ୍ୟର ବଟା ବା ଚୂନାର ପିଠଉରେ ତିଆରି ଛଣା ସୁମିଷ୍ଟ ଖାଦ୍ୟ ।

**ପିସା** *ବି.* ପିଉସା ।

**ପିସାନ୍** *ବି.* ୧. ପେଷଣ, ପେଷିବା କାର୍ଯ୍ୟ ୨. ଶସ୍ୟର ଚୂନା, ଗୁଣ୍ଡ ।

**ପିସାପୋଲି** *ବି.* ପିଠଉରେ କାଛରେ ଦିଆଯାଇଥିବା ଚିତା ବା ଝୋଟି ।

**ପିସୁ** *ବିଂ.* ଲୋଭୀ, କଂଜୁସ୍, କୃପଣ ।

**ପିସ୍ତଲ** *ବି.* ହାତରେ ଧରି ଚଳେଇବା, ଛୋଟ ବନ୍ଧୁକ ।

**ପିହଲ** *ବି.* ସୁଯୋଗ, ସୁବିଧା ।

**ପିହଲ ପଡ଼ିବା** *କ୍ରି.* ସୁବିଧା ହେବା ।

**ପିହାଣ** *ବି.* ୧. ହାଣ୍ଡି ଉପରେ ଘୋଡା ଯାଉଥିବା ମାଟି ତିଆରି ଗୋଲାକାର ଓ ପେଟୁଆ ପାତ୍ର, ଡେଲେନ୍, ଘୋଡଣି, ତେଲୁଣି, ପଲମ ୨. ଉଡିଆଣି ପିଲା ମା'ଠାରୁ ଖାଉଥିବା ଦୁଧ ।

**ପିହାଣମୁହାଁ** *ବିଂ.* ତେଲୁଣିପରି ଚଟକା ଓ ଅସୁନ୍ଦର ମୁହଁଥିବା ।

**ପିହିତା** *ବି.* ପିହୁଳା ରୋଗ, ହାପର୍ ।

**ପିହିତ** *ବିଂ.* ୧. ଘୋଡାହୋଇଥିବା, ଆଚ୍ଛାଦିତ ୨. ଲୁକ୍‌କାୟିତ ।

**ପିହିବା** *କ୍ରି.* ଘୋଟିବା, ଆଚ୍ଛନ୍ନ କରି ରଖିବା ।

**ପିହୁଳା** *ବି.* ଶିଶୁମାନଙ୍କୁ ହେଉଥିବା ବାତରୋଗ ବିଶେଷ, ଧନୁଷ୍ଟଙ୍କାର, ଡାଆଣୀରୋଗ ।

**ପୀଠ** *ବି.* ୧. ଆସ୍ଥାନ, ବସିବା ଜାଗା ୨. ବେଦୀ ୩. ଦେବତାମାନଙ୍କ ମୂର୍ତ୍ତିର ଗୋଡ଼ତଳର ବଇଠି ୩. ସମତଳ ମାଟି ଉପରକୁ ଉଠିଥିବା ଉଚ୍ଚ ସ୍ଥାନ ୪. ଦେବତା ପୂଜା ପାଉଥିବା ସ୍ଥାନ ୫. ବିଭିନ୍ନ ତୀର୍ଥ ସ୍ଥାନ ୬. ଦେଉଳର ମୂଳଭାଗ ବା ଭିତ୍ତିଭୂମି, ପୀଢ଼ ।

**ପୀଠଦେବତା** *ବି.* ନିର୍ଦ୍ଦିଷ୍ଟ ସ୍ଥାନର ଅଧିଷ୍ଠିତ ପୂଜ୍ୟ ଦେବୀ ବା ଦେବତା ।

**ପୀଠସ୍ଥାନ** *ବି.* ତୀର୍ଥସ୍ଥାନ, ଦେବଭୂମି, ପବିତ୍ର ସ୍ଥାନ ।

**ପୀଠିକା** *ବି.* ବଇଠି, ପିଢ଼ା, ବସିବା ଆସନ ।

**ପୀଡ଼କ** *ବିଂ.* ୧. କଷ୍ଟଦାୟକ ୨. କ୍ଳାନ୍ତିକର, ବିରକ୍ତିକର ।

**ପୀଡ଼ନ** *ବି.* ୧. ଦୁଃଖ ଦେବା, ଜୁଲମ, ଅତ୍ୟାଚାର ୨. ଚାପ ୩. ପେଷିବା, ଚୂରିବା ୪. ନାଶନ, ଧ୍ୱଂସ, ଲୋପ ।

**ପୀଡନୀୟ** *ବିଂ.* କଷ୍ଟ ବା ଦୁଃଖ ଦେବାର ଉପଯୁକ୍ତ ।

**ପୀଡ଼ା** *ବି.* ୧. ଶାରୀରିକ ବା ମାନସିକ କଷ୍ଟ, ବ୍ୟଥା, ଯନ୍ତ୍ରଣା ୨. ବାଧା ୩. ଅତ୍ୟାଚାର ୪. ଚାପଜନିତ ଅସହାୟତା ।

**ପୀଡ଼ିତ** *ବିଂ.* ୧. ରୋଗଜନିତ ପୀଡ଼ା ଭୋଗୁଥିବା, ରୋଗାକ୍ରାନ୍ତ ୨. ଚିପୁଡା ହୋଇଥିବା, ପିଷ୍ଟ ୩. କୌଣସି ନିର୍ଯାତନା, ଅପମାନ ବା ଦୁର୍ଘଟଣା ଶିକାର ହୋଇଥିବା (ବ୍ୟକ୍ତି) ।

**ପୀତ** *ବିଂ.* ୧. ହଳଦିଆ ୨. ପିଆଯାଇଥିବା ।

**ପୀତପଟ** *ବି.* ହଳଦିଆ ରଙ୍ଗର ଲୁଗା ।

**ପୀତପର୍ଣ୍ଣୀ** *ବି.* ପତ୍ର, ଫୁଲ ଓ ଫଳ ଦେହରେ ଲାଗି କୁଣ୍ଢେଇ ହୋଇ ଫଳି ଯାଉଥିବା ଏକ ଗଛ ଓ ତାହାର ପତ୍ର ।

**ପୀତାଭ** *ବିଂ.* ଈଷତ ହଳଦିଆ ରଙ୍ଗବିଶିଷ୍ଟ ।

**ପୀତାମାରି** *ବି.* ଔଷଧୀୟ ଗୁଣଯୁକ୍ତ ଏକ ବଣୁଆ ଗଛ ।

**ପୀନ** *ବିଂ.* ୧. ମୋଟା, ପୃଥୁଳ, ସ୍ଥୂଳ ୨. ପୁଷ୍ଟ ୩. ଗୋଲ ଓ ମାଂସଳ ।

**ପୀନସ** *ବି.* ୧. କଫ ୨. ନାକ ଭିତରେ ହେବା ଘା' ।

**ପୀବର** *ବିଂ.* ୧. ମୋଟା, ସ୍ଥୂଳ, ଭାରି ୨. ବଳୁଆ, ବଳିଷ୍ଠ ।

**ପୀୟୂଷ** *ବି.* ୧. ଅମୃତ, ସୁଧା, ଯେଉଁ ପଦାର୍ଥ ପିଇଲେ ଜୀବ ଅମରତ୍ୱ ଲାଭ କରେ ବୋଲି ବିଶ୍ୱାସ ରହିଛି ୨. ଅତି ମଧୁର ପଦାର୍ଥ ୩. କ୍ଷୀର, ଗୋରସ ।

**ପୀର** *ବି.* ପିର ।

**ପୀରତି** *ବି.* ପ୍ରୀତି, ଭଲପାଇବା, ଅନୁରାଗ, ପ୍ରଣୟ ।

**ପୀଲୁ, ପିଲୁ** *ବି.* ୧. ଭୂଇଁଜାମୁ ଗଛ ଓ ତାହାର ଫଳ ୨. ହାତୀ ୩. କଇଁସି କାକୁଡ଼ି ଲତା, ମୂର୍ବାଲତା ୪. ଶାସ୍ତ୍ରୀୟ ସଙ୍ଗୀତର ରାଗ ବିଶେଷ ।

**ପୁଁଟି** *ବି.* ପୁଟି, ପେଟ, ପେଟ ଭିତରର ଅନ୍ତବୁଜୁଳା, ପାକସ୍ଥଳୀ ଓ ଅନ୍ତନଳୀ ।

**ପୁଂଲିଙ୍ଗ** *ବି.* ୧. ପୁରୁଷର ଯୌନାଙ୍ଗ, ଶିଶ୍ନ, ବାଣ୍ଡ ୨. ପୁରୁଷତ୍ୱ ୩. *ବ୍ୟାକ.* ପୁରୁଷବାଚକ ଶବ୍ଦର ଲିଙ୍ଗ ।

**ପୁଂଶ୍ଚଳ** *ବି. ବିଂ.* ୧. ନିଜ ପତ୍ନୀ ଭିନ୍ନ ଅନ୍ୟ ନାରୀ ଉପଭୋଗ କରୁଥିବା ପୁରୁଷ, ବୀଟପୁରୁଷ ୨. ଚରିତ୍ରହୀନ, ଦୁଷ୍ଚରିତ୍ର, *ସ୍ତ୍ରୀ.* ପୁଂଶ୍ଚଳୀ ।

**ପୁଂସ** *ବି.* ଅଣ୍ଡିରା, ପୁରୁଷ, ମରଦ୍ ।

**ପୁଂସବନ** *ବି.* ୧. ଗର୍ଭବତୀ ନାରୀର ଗର୍ଭର ଦ୍ୱିତୀୟ ଅଥବା ତୃତୀୟ ମାସରେ ପାଳନ କରାଯାଉଥିବା ସଂସ୍କାର କାର୍ଯ୍ୟ ୨. ପୁତ୍ର ପାଇବା ପାଇଁ ସଧବା ନାରୀ ପାଳନ କରୁଥିବା ସଂସ୍କାର ବ୍ରତ ।

**ପୁଅ** *ବି.* ୧. ପିତାର ଔରସ ଓ ମାତାର ଗର୍ଭରୁ ଜନ୍ମିତ ପୁତ୍ର ସନ୍ତାନ ୨. ପଶାକାଠିର ପ୍ରଥମ ଦାନ, ପଶାର ୧ ଦାନ ୩. ବାଳକ, ପୁରୁଷ ପିଲା ୪. ଆଖି ଡୋଳା ମଝିରେ ଥିବା କଳା ଗୋଲ ଅଂଶ ।

**ପୁଅ କରିବା** *କ୍ରି.* ୧. ନିଜର ସନ୍ତାନ ନଥିଲେ ଅନ୍ୟର ସନ୍ତାନକୁ ପୋଷ୍ୟପୁତ୍ର ଭାବରେ ଗ୍ରହଣ କରିବା ୨. ଧର୍ମପୁତ୍ର ଗ୍ରହଣ କରିବା ।

**ପୁଅ ଖେଳେଇବା** *କ୍ରି.* ସନ୍ତାନକୁ ଯତ୍ନରେ ପାଳିବା ।

**ପୁଅ(ପୋ) ଜିଉଁତିଆ ବି.** ଆଶ୍ୱିନ କୃଷ୍ଣପକ୍ଷ ଅଷ୍ଟମୀ ଦିନ ମା'ମାନେ ପୁଅମାନଙ୍କର ମଙ୍ଗଳ କାମନା କରି ପାଳନ କରୁଥିବା ଓଷା, ଦୁତିଆ ଓଷା, ଦୁତିବାହନ ଓଷା ।

**ପୁଅଝିଅ ବି.** ସନ୍ତାନସନ୍ତତି, ପୁତ୍ର ଓ କନ୍ୟା ଏକତ୍ର ।

**ପୁଅପଣ ବି.** ୧. ପୁଅର କର୍ତ୍ତବ୍ୟ ବା ଆଚରଣ ୨. ମଣିଷପଣ ।

**ପୁଅପିଲା ବି.** ବାଳକ, ପୁରୁଷପିଲା ।

**ପୁଅବାଲୀ ବିଂ.** ପୁଅ ଜନ୍ମ କରିଥିବା ନାରୀ ।

**ପୁଆଁ ବି.** ନିଆଁ ପାଖରେ ବା ଖରାରେ ବସି ତାପ ଘେନିବା ।

**ପୁଆଁତାରା ବି.** ପାହାନ୍ତି ପହରରେ ପୂର୍ବ ଦିଗରେ ଉଜ୍ଜଳ ଦେଖା ଯାଉଥିବା ମଙ୍ଗଳଗ୍ରହ ।

**ପୁଆ ବି.** ୧. କଦଳୀ, ବାଉଁଶ, କିଆ, ଧାନ ଆଦି ଏକବୀଜପତ୍ରୀ ଗଛର ମୂଳରୁ ବାହାରି ଥିବା ଗଜା ବା ନୂଆଗଛ ୨. ଛୋଟ ବାଳିଆ ମାଛ ୩. ଆଖୁ ଅଥବା କପା ପେଡ଼ା ଖାଇରେ ଲାଗିଥିବା ଦୁଇ ଗୋଲ କାଠ ବାଡ଼ି - ଯାହା ଖାଇ ଭିତରେ ଘୁରୁଥାଏ ୪. ଡାବଳପୁଆ ଖେଳରେ ବ୍ୟବହୃତ ଛୋଟ କାଠି ୫. ଖାଲ ବା ଗାତୁଆ ପଥରପାତ୍ରରେ ଔଷଧ, ମସଲା ପ୍ରଭୃତି ଘୋରିବାରେ ବ୍ୟବହୃତ ଛୋଟ, ଲମ୍ବାଳିଆ, ମୋଟା ଓ ଗୋଲକାର ପଥର ଖଣ୍ଡ ୬. ଶିଳରେ ବାଟିବା ପାଇଁ ବ୍ୟବହୃତ ଗୋଲାକାର ଓ ଲମ୍ବାଳିଆ ପଥର ।

**ପୁଆଇଁବା କ୍ରି.** ଖରା ବା ନିଆଁ ତାପରେ ଦେହକୁ ଉଷୁମ କରିବା, ପୁହାଁଇବା ।

**ପୁଆଇବା କ୍ରି.** ନିର୍ଦ୍ଦିଷ୍ଟ ସମୟ ବା କାମ ଶେଷ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବା ।

**ପୁଆଗି ବି.** ଏକ ପ୍ରକାର ବଡ଼ ଆକାରର ଧାନ ।

**ପୁଆଣି ବି.** ଝିଅକୁ ପ୍ରଥମ ଥର ଶାଶୁଘର ପଠେଇବା ବିଧି, ବରକନ୍ୟାଙ୍କ ବନ୍ଦାପନା ଉତ୍ସବ ।

**ପୁଆଣିଘର ବି.** ଘରଯୋଗ୍ୟା ହେବା ପରେ ବିବାହିତା ଝିଅର ସ୍ୱାମୀ ସହିତ ମିଳନ ଉଦ୍ଦେଶ୍ୟରେ ଅନୁଷ୍ଠିତ ମାଙ୍ଗଳିକ ଉତ୍ସବ ।

**ପୁଆଣୀ ବି.** ନାରୀମାନେ ପିନ୍ଧାଲୁଗା ଉପରେ ପକାଉଥିବା ଉତ୍ତରୀୟ ବା ଓଢ଼ଣା ।

**ପୁଆଣୀ ହେବା କ୍ରି.** ୧. ପିନ୍ଧା ଶାଢ଼ି ଉପରେ ଓଢ଼ଣି ପକାଇବା ୨. ରଜୋବତୀ ହେବା ପରେ ଆଗରୁ ବିବାହିତା ଝିଅ ପ୍ରଥମେ ସ୍ୱାମୀ ଘରକୁ ଯିବା ୩. ଝିଅ ବଡ଼ହେବା, ରଜସ୍ୱଳା ହେବା ।

**ପୁଆତୀ ବି.** ପୋଖତୀ, ଗର୍ଭବତୀ ନାରୀ ।

**ପୁଆପହର ବି.** ରାତିର ଶେଷ ପ୍ରହର ।

**ପୁଆଳ, ପୁଆଲ ବି.** ପାଳ, ପୁଏଲ, କୁଟାଗୋଛା ।

**ପୁଆ(ଏ)ଲ୍ ଗୁର୍‌ଲା ବି.** ପାଳଗଦା, ପାଳ ଗଦାକୁ ଘେରି ରହିଥିବା ବାଡ଼ ବା ଆବାଦି ।

**ପୁଆଲ୍‌ଘର ବି.** ନଡ଼ା ବା ଛଣଛପର ଘର ।

**ପୁଆଲ୍‌ଛତି ବି.** ଛଣ /କୁଟା ପଚିଲା ପରେ ତହିଁରୁ ଜନ୍ମୁଥିବା ଛତୁ, ପାଳଛତୁ, ନଡ଼ାଛତୁ ।

**ପୁଇଁ ବି.** ୧. ଶଗଡ଼ର ବାକୁଲି ୨. ଖେଳରେ ଗୁନ୍ଦୁରେଇବା, ଗେନ୍ଦୁରି, ଖିକ୍‌ନି ।

**ପୁଇ ବି.** ୧. ଖଟଖୁରା, ଖଟର ଗୋଡ଼ ୨. ପୋଇ, ଏକ ପ୍ରକାର ମାଂସଳ ଲାଲୁଆ ଲତା ଓ ତାହାର ପତ୍ର ୩. ଢିଙ୍କିର ଅଖ ୪. କୁକୁଡ଼ା ଚିଆଁ ।

**ପୁଏ ବି.** ୧. ପୁଅମାନେ, ପିଲାମାନେ ୨. ବାଳକମାନେ ।

**ପୁକୁଲି ବି.** ଲୁଣିପାଣିରେ ବଢୁଥିବା ଏକ ପ୍ରକାର ଚେପ୍‌ଟା ମାଛ, କୁକିଲି, କୁପିଲି ।

**ପୁଗୁଲି ବି.** ସ୍ତ୍ରୀର ନିଜସ୍ୱ ସମ୍ପତ୍ତିବାଡ଼ି ।

**ପୁଘା ବି.** ଅପୋଡା ବା କଞ୍ଚା ହାଣ୍ଡି ।

**ପୁଙ୍ଖ ବି.** ଶରର ପକ୍ଷ ଲାଗିଥିବା ଶେଷଭାଗ, ବାଣମୂଳ ।

**ପୁଙ୍ଖାନୁପୁଙ୍ଖ ବିଂ.** ଟିକିନିଖି, ଭଲ ଭାବରେ, ବିଶଦ, ତନ୍ନତନ୍ନ, ଗଭୀରତମ ।

**ପୁଙ୍ଗବ ବି.** ବୃଷ, ଷଣ୍ଢ ; **ବିଂ.** ୧. ଶ୍ରେଷ୍ଠ, ସର୍ବୋତ୍ତମ ୨. ଶକ୍ତିମାନ ।

**ପୁଙ୍ଗା ବି.** ସାଇରନ୍, କାରଖାନା ଆଦିରେ ସମୟସୂଚକ ଶବ୍ଦ ।

**ପୁଚ୍‌କା ବିଂ.** ୧. ପଚାସଢ଼ା, ପୋଚା ୨. ଚେପ୍‌ଟା ୩. ଫୁଲା, ଫୁଲି ଗୋଲାକାର ।

**ପୁଚ୍‌କିନା କ୍ରି. ବିଂ.** ପାଟିରେ ଥିବା ପାଣି ବା ଛେପ ଅଥବା ତରଳ ପଦାର୍ଥକୁ ବେଗରେ ଓ ଚାପସହ ଦୂରକୁ ପକେଇବା ।

**ପୁଚ୍‌କୁନା ବି.** ନର୍ଦ୍ଦମା, ଘରର ଅପରିଷ୍କାର ପାଣି ବୋହିଯାଇ ଜମାହେଉଥିବା ଖାଲୁଆ ଜାଗା ।

**ପୁଚ୍‌କୁନି ବି.** ଅଳିଆଗଦା ।

**ପୁଚ୍‌ରୀ ବିଂ.** ପୋଚା, ପୋଚରା ।

**ପୁଚି ବି.** ୧. ଦାୟିତ୍ୱ ୨. ପୁଚିଖେଳ ।

**ପୁଚିଖାତା ବି.** ବିଚାର ଦିନ କଚେରିରେ ହାଜର ହେବା ପାଇଁ ସାକ୍ଷୀମାନେ ମୁଚାଲିକା ଲେଖି ଦସ୍ତଖତ କରିବା ଖାତା ।

**ପୁଚିଖେଳ ବି.** ଝିଅମାନେ ମାଟି ଉପରେ ବସି ପାଦଚାଳନାଦ୍ୱାରା ଖେଳୁଥିବା ଏକ ପ୍ରକାର ଖେଳ ।

**ପୁଟୁକା** *ବି.* ପୁଞ୍ଜା, ପୁଟ, ପୁଣ୍ଡ ; *ବିଂ.* ଫୁଲ୍‌କା ।

**ପୁଟୁକାପୁରୀ(ରି)** *ବି.* ଠୁଙ୍କାପୁରି, ଫୁଲ୍‌କାପୁରି, ଭଲ ଭାବରେ ଫୁଲି ରହିଥିବା ବଡ଼ ଆକାରର ପୁରି ।

**ପୁଟୁକିଗାଲୀ** *ବିଂ.* ଯେଉଁ ନାରୀର ଗାଲ ଅସ୍ୱାଭାବିକ ଭାବରେ ବାହାରକୁ ବାହାରି ପଡ଼ିଥାଏ, ଫୁଣ୍ଡରିଗାଲୀ ।

**ପୁଟୁପୁଚା** *ବି.* ଘା, ବଥ ବା ଅଧିକ ପାଚି ଯାଇଥିବା ଫଳର ପଚାଳିଆ ଅବସ୍ଥା ।

**ପୁଟୁପୁଟୁ** *ବି.* ୧. ଲତପତ, ଅଧିକ ପାଚିଯିବା ଅଥବା ପଚିଯିବା ଯୋଗୁଁ ଫଳର ନରମ ଅବସ୍ଥା, ଲତରା ୨. ଭୟରେ କାତର ଭାବ ।

**ପୁଛୁରା** *ବି.* ଚାଦର, ଘୋଡ଼େଇ ହେବା ବା ପାରିବା ଚାଦର, ପାଛରା ।

**ପୁଛ** *ବି.* ଲାଞ୍ଜ ।

**ପୁଛା କରିବା** *କ୍ରି.* ପଚାରିବା, ପ୍ରଶ୍ନ କରିବା, ପୁଚ୍ଛିବା ।

**ପୁଛିବା** *କ୍ରି.* ପଚାରିବା, ପ୍ରଶ୍ନ କରିବା ।

**ପୁଟ୍ ଅପ୍ କରିବା** *କ୍ରି.* ବିଚାର ବା ମତାମତ ପାଇଁ ଚିଠି, ଫାଇଲ୍ ପ୍ରଭୃତି ଉପସ୍ଥାପନ କରିବା ।

**ପୁଟ୍‌କା** *ବି.* ଛୋଟ ଗାମୁଛା ।

**ପୁଟ** *ବି.* ୧. ବସ୍ତୁ ଉପରେ ଦିଆଯିବା ଲେପ, ଆସ୍ତରଣ ୨. ସ୍ତର ।

**ପୁଟ ଦେବା** *କ୍ରି.* ୧. ରଙ୍ଗ ବା ଅନ୍ୟକୌଣସି ବସ୍ତୁର ଲେପ ଦେବା ୨. ଅନ୍ୟରୂପ ଦେବା, ଭିନ୍ନ ଭାବରେ କରିବା ବା କହିବା ।

**ପୁଟା, ପୋଟା** *ବି.* ଅନ୍ତବୁଜୁଳା ।

**ପୁଟି** *ବି.* ୧.ଶଗଡ଼ ଚକରେ ଦିଆ ଯାଉଥିବା କିଳା ୨. ଧାନର ପାରମ୍ପରିକ ମାପ ଏକକ (କୋଡ଼ିଏ ମାଣରେ ଏକ ପୁଟି, ଚାରି ପୁଟିରେ ଏକ ପସ୍ତମା), ପଉଟୀ ୩. ଅନ୍ତବୁଜୁଳା ୪. କାନ୍ଥ ବା କାଠ ସମତୁଲ କରିବା ପାଇଁ ବ୍ୟବହୃତ ଗୁଣ୍ଡ – ଯାହା ପାଣି ସହିତ ମିଶାଇ ଲେପାଯାଏ।

**ପୁଟୁଣି** *ବି.* ଆସବାବ ପତ୍ରରେ ଜୋଡେଇ ବା ଗାତ ପ୍ରଭୃତି ସମତୁଲ କରିବାପାଇଁ ବ୍ୟବହୃତ ଅଠାଳିଆ ମାଟି ।

**ପୁଟୁଳା** *ବି.* ବୁଜୁଳା, ବୋକ୍‌ଚା ।

**ପୁଟୁଳି** *ବି.* ଛୋଟ ବୁଜୁଳା ।

**ପୁଟୁଳି ବଣିଆ** *ବି.* ଛୋଟ ଛୋଟ ମୁଣା ଓ ପୁଡ଼ିଆରେ ଚେରମୂଳୀ ବିକୁଥିବା ବୁଲାବିକାଳୀ, ବଣିଆ ଜାତିର ଏକ ଔଷଧ ବିକୁଥିବା ଗୋଷ୍ଠୀ ।

**ପୁଟ୍‌ଲାପୁଟ୍‌ଲି, ପୋଟ୍‌ଲାଓଟଲା** *ବି.* ପୋଟଳାଓଟଳା, ପରସ୍ପର ଆଲିଙ୍ଗନ, କୁଣ୍ଢାକୁଣ୍ଢି ।

**ପୁଡୁଡ଼ା** *ବି.* ପୋଡ଼ପିଠା ।

**ପୁଡୁରା, ପୁଡୁରା, ପୁର୍‌ରା** *ବି.* ଅଣ୍ଡିରା ମଇଁଷି ଛୁଆ, ଅଳ୍ପ ବୟସର ଅଣ୍ଡିରା ପୋଢ଼ ।

**ପୁଡ଼ା** *ବିଂ.* ୧. ନାକ ବା କାନର ରନ୍ଧ୍ର ୨. ଧାନ ବାନ୍ଧି ରଖିବାର ପାଳ ତିଆରି ଆଧାର ୩. ପୁଡ଼ିଆ ।

**ପୁଡ଼ି** *ବି.* ୧. ପୁରି ୨. ଗାଲୁଗଲ୍ଲ ।

**ପୁଡ଼ିଆ** *ବି.* କାଗଜ ବା ପତ୍ରରେ ବାନ୍ଧି ବା ଗୁଡ଼ାଇ ରଖା ଯାଇଥିବା ବସ୍ତୁ ।

**ପୁଡୁଗ** *ବି.* ୧. ଓଳିଆ, ପୁଡ଼ା, ପୁରା, ଖାଦ୍ୟଶସ୍ୟ ରଖିବା ପାଇଁ ପୁଆଳ ଓ ପାଳ ଦଉଡ଼ିରେ ତିଆରି ପୁଟୁଳା ୨. ଦୁଇ ପସ୍ତମା ପରିମାଣ ।

**ପୁଡୁଗା** *ବି.* ୧. ପୋଡ଼ି ତିଆରି କରିବା ଖାଦ୍ୟ, ପୁର୍‌ଗା ୨. ବାଇଗଣ ପୋଡା ।

**ପୁଣ୍ୟ** *ବି.* ୧. ସତ୍‌କର୍ମ ୨. ସତ୍‌କର୍ମର ଫଳ ।

**ପୁଣ୍ୟାହବାଚନ** *ବି.* ସ୍ୱସ୍ତିବାକ୍ୟ, ଶୁଭ ବା ମାଙ୍ଗଳିକ କାର୍ଯ୍ୟର ସଂକଳ୍ପ ।

**ପୁତ୍‌କୁଳି** *ବି.* ୧. ଝୁମ୍ପୁଡ଼ି ୨. ଜଙ୍ଗଲୀ ଉଦ୍‌ଭିଦ ବିଶେଷ ।

**ପୁତ୍‌ଲିହରା** *ବି.* ଖେଳନା, କଣ୍ଢେଇ ଇତ୍ୟାଦି ବିକିବା ଲୋକ ।

**ପୁତା** *ବି.* ୧. ପୁଅ, ପୁତ୍ର ୨. ସନ୍ତାନ ।

**ପୁତି** *ବି.* ୧. ନାତିର ଝିଅ ବା ପୁଅ, ଅଣନାତି ବା ଅଣନାତୁଣୀ ୨. ପଥରରେ ତିଆରି ମାଳି ।

**ପୁନଃ** *ଅ.* ୧. ପୁଣି, ଆଉଥରେ, ପୁନର୍ବାର ୨. ସାନି ।

**ପୁନଃପୁନଃ** *ଅ.* ବାରମ୍ବାର, ଥରକୁ ଥର ।

**ପୁନରପି** *ଅ.* ପୁଣିଥରେ, ଆଉଥରେ, ଆହୁରି ମଧ୍ୟ ।

**ପୁନରାଗତ** *ବିଂ.* ପୁଣିଥରେ ଆସିଥିବା, ଫେରିଥିବା, ପ୍ରତ୍ୟାଗତ ।

**ପୁନରାଗମନ** *ବି.* ପୁନଃ ଆଗମନ, ପ୍ରତ୍ୟାଗମନ, ପୁନର୍ବାର ବା ବାରମ୍ବାର ଆସିବା ।

**ପୁନରାବର୍ତ୍ତନ** *ବି.* ୧. ପୁଣି ପୂର୍ବସ୍ଥାନକୁ ଲେଉଟିବା, ଫେରିବା, ପ୍ରତ୍ୟାବର୍ତ୍ତନ ୨. ପୁଣି ଜନ୍ମଦେବା

**ପୁନରାବୃତ୍ତ** *ବିଂ.* ୧. ପୁଣି ଥରେ କୁହାଯାଉଥିବା, ପୁନର୍ବାର ପଠିତ ୨. ଫେରି ଆସିଥିବା ।

**ପୁନରାବୃତ୍ତି** *ବି.* ପୁଣି ଥରେ ପଢ଼ିବା ବା କହିବା ।

**ପୁନରାୟ** *ଅ.* ପୁଣିଥରେ, ପୁନରପି, ଆହୁରି ଥରେ, ପୁନର୍ବାର ।

**ପୁନରୀକ୍ଷକ** *ବିଂ.* ପୁନଃପରୀକ୍ଷକ, ପୁଣିଥରେ ଦେଖୁଥିବା ବା ବିଚାର କରୁଥିବା ।

**ପୁନରୀକ୍ଷଣ** *ବି.* ୧. ପୁଣିଥରେ ଦେଖିବା ୨. ପୁଣି ପରୀକ୍ଷା କରିବା ୩. ପୁଣି ମୂଲ୍ୟାୟନ କରିବା ।

**ପୁନରୁକ୍ତି** *ବି.* ପୁଣି ଥରେ କହିବା, ପୁଣିଥରେ ବ୍ୟକ୍ତ କରିବା, କହିବା ।

**ପୁନରୁଜ୍ଜୀବନ** *ବି.* ୧. ପୁଣି ଜୀବନ ପାଇବା, ମୃତ୍ୟୁପରେ ଜୀବନ ଫେରି ପାଇବା ୨. ପୁଣି ଚେଇଁ ଉଠିବା ବା ଜାଗ୍ରତ ହେବା ୩. ଭୁଲାକଥାକୁ ମନେ ପକାଇବା ।

**ପୁନରୁତ୍‌ଥାନ *ବି.*** ୧. ପୁଣି ଥରେ ଉଠିବା, ଜାଗ୍ରତ ହେବା ୨. ନୂଆ ଶକ୍ତିଲାଭ ।

**ପୁନରୁଦ୍‌ଭବ *ବି.*** ପୁଣି ଜୀବନ ଫେରି ପାଇବା, ପୁନର୍ଜନ୍ମ, ପୁଣି ଉଠିବା, ଜାଗ୍ରତ ହେବା ।

**ପୁନର୍କଥନ *ବି.*** ପୁଣି ଥରେ କହିବା, ବାରମ୍ବାର କହିବା ।

**ପୁନର୍ଗଠନ *ବି.*** ପୁଣି ଗଢ଼ିବା, ପୁରୁଣାକୁ ନୂଆ ରୂପରେ ଗଢ଼ିବା, ପୁଣି ତିଆରି କରିବା ।

**ପୁନର୍ଜନ୍ମ *ବି.*** ମରିଯିବା ପରେ ପୁଣିଥରେ ଜନ୍ମ ନେବା ।

**ପୁନର୍ଜାଗରଣ *ବି.*** ୧. ପୁଣି ନିଦରୁ ଉଠିବା, ପୁଣି ଚେଇଁ ଉଠିବା, ସଚେତନ ହେବା ୨. ପୁଣି ଜାଗି ଉଠିବା; ଦେଶ, ଜାତି ବା ସମାଜରେ ନୂତନ ଚେତନାର ସଞ୍ଚାର ।

**ପୁନର୍ଜୀବନ *ବି.*** ୧. ପୁଣି ଥରେ ଜନ୍ମ, ଦ୍ୱିତୀୟ ଜନ୍ମ ୨. ନୂଆ ଜୀବନ ୨. ଧ୍ୱଂସ ବା ଲୋପ ପାଇବା ପରେ ପୁଣି ନୂଆ ରୂପରେ ତିଆରି ହେବା ।

**ପୁନର୍ନବ *ବିଂ.*** ପୁଣି ନୂଆକରି ଜନ୍ମ ନେଇଥିବା ।

**ପୁନର୍ନବା *ବି.*** ୧. ପୁରୁଣି ଶାଗ ୨. ନୂଆ ଜନମ ।

**ପୁନର୍ବସତି *ବି.*** ଗୋଟିଏ ଜାଗାରୁ ଯାଇ ଅନ୍ୟ ଏକ ଜାଗାରେ ସ୍ଥାୟୀ ଭାବରେ ବସବାସ କରି ରହିବା ।

**ପୁନର୍ବସୁ *ବି.*** ୧. ନକ୍ଷତ୍ରବିଶେଷ ୨. ଶିବ ୩. ବିଷ୍ଣୁ ।

**ପୁନର୍ବାର *ଅ.*** ଫେର୍, ଆଉ ଥରେ, ପୁଣି ଥରେ, ପୁନରାୟ, ଦ୍ୱିତୀୟ ଥର ।

**ପୁନର୍ବାସ *ବି.*** ପୁଣି ଥରେ ବସବାସ, ଗୋଟିଏ ସ୍ଥାନରୁ ଯାଇ ଅନ୍ୟସ୍ଥାନରେ ସ୍ଥାୟୀ ଭାବରେ ଘରକରି ରହିବା ।

**ପୁନର୍ବିଚାର *ବି.*** କୌଣସି ସମସ୍ୟାର ଆଉଥରେ ବିଚାର, ଆକଳନ, ବ୍ୟାଖ୍ୟା, ମୂଲ୍ୟାୟନ, ନିର୍ଦ୍ଧାରଣ ବା ତର୍ଜମା ।

**ପୁନର୍ବିବାହ *ବି.*** ୧. ସ୍ୱାମୀ ଅଥବା ସ୍ତ୍ରୀର ମୃତ୍ୟୁ, ଛାଡ଼ପତ୍ର ବା ଅନ୍ୟ କୌଣସି କାରଣ ଯୋଗୁଁ ପୁଣି ଥରେ ବିବାହ ୨. କନ୍ୟାର ବୟଃପ୍ରାପ୍ତିପରେ ସ୍ୱାମୀ ସହବାସ ପୂର୍ବରୁ ପାଳିତ ସଂସ୍କାର ।

**ପୁନର୍ବ୍ୟାଖ୍ୟାନ *ବି.*** ପୁନଶ୍ଚ ବିଶ୍ଳେଷଣ, ପୁଣି ଚର୍ଚ୍ଚା, ନୂଆ ଭାବରେ ପୁଣି ଥରେ ବିତର୍କ ଓ ବିଚାର ।

**ପୁନର୍ଭବ *ବି.*** ୧. ପୁନର୍ଜନ୍ମ, ପୁଣି ଥରେ ଜନ୍ମ ୨. ନଖ ।

**ପୁନର୍ମିଳନ *ବି.*** ବିଚ୍ଛେଦ ପରେ ପୁଣି ମିଳିତ ହେବା, ପୁଣି ଥରେ ଭେଟିବା ।

**ପୁନର୍ଲିଖନ *ବି.*** ପୁଣି ଲେଖିବା, ଆଉଥରେ ଲେଖିବା ।

**ପୁନଶ୍ଚ *ଅ.*** ପୁଣି, ଆଉରି, ପୁନରାୟ, ପୁନରପି ।

**ପୁନାଙ୍ଗ *ବି.*** ପୋଲାଙ୍ଗ, ପୁନ୍ନାଗ, ଏକ ପ୍ରକାର ଗଛ ଓ ତାହାର ଫଳ-ଯହିଁରୁ ତେଲ ବାହାର କରାଯାଏ ୨. ପୋଲାଙ୍ଗତେଲ ।

**ପୁନାଦି *ବି.*** ମୂଳଦୁଆ, ଭିତ୍ତିଭୂମି ।

**ପୁର୍ *ବି.*** ୧. ପିଠା, ମଣ୍ଡା ଆଦିରେ ଦିଆହେବା ପୁର ୨. ପତଳା ଅଥବା ପୁରୁଣା ଲୁଗା ଚିରି ଯିବାର ଧ୍ୱନି ।

**ପୁର୍‌ଖା *ବିଂ.*** ପୁରୁଖା, ଅତି ପୁରୁଣା, ପ୍ରାଚୀନ ।

**ପୁର୍‌ଗା *ବିଂ.*** ପୋଡା, ନିଆଁରେ ସିଦ୍ଧ କରାଯାଇଥିବା, ପୁଡୁଗା ।

**ପୁର୍‌ଗିବା *ବି.*** ପତ୍ରତିଆରି ଠୋଲା ବା ଦନାରେ ପୋଡ଼ି ଖାଦ୍ୟ ପଦାର୍ଥ ପ୍ରସ୍ତୁତ କରିବା ।

**ପୁର୍‌ଥି *ବି.*** ପୃଥିବୀ, ଧରିତ୍ରୀ ।

**ପୁର୍‌ନା *ବିଂ.*** ପୁରୁଣା, ବେଶି ଦିନର ହୋଇଯାଇଥିବା ।

**ପୁର୍‌ନି *ବି.*** ୧. ଏକ ପ୍ରକାର ଶାଗ, ପୁରୁଣିଶାଗ ୨. ପଦ୍ମଫୁଲ ।

**ପୁର୍ ପୁରିଆ, ପୁରିଆ *ବିଂ.*** ଜୀର୍ଣ୍ଣଶୀର୍ଣ୍ଣ, ଅତି ପୁରୁଣା, ଚିରାଫଟା ।

**ପୁର୍‌ରା *ବି.*** ମଇଁଷିଛୁଆ, ପୁଡ୍‌ରା ।

**ପୁର୍‌ଲା *ବି.*** ଛଚିନ୍ଦ୍ରା, ସାପୁଆପୋଟଳ, ସଲରା, ସାପ ଆକାରର ପରିବା ।

**ପୁରଃସର *ବିଂ.*** ୧. ଆଗୁଆ, ପୂର୍ବବର୍ତ୍ତୀ ୨. ବନ୍ଧୁ, ସହଚର ।

**ପୁର *ବି.*** ୧. ବିଭିନ୍ନ ଶସ୍ୟ ବା ଫଳକୁ ସିଝାଇ ଅଥବା ଛୋଟ ଛୋଟ ଖଣ୍ଡ କରି ବା କୋରି ସେଥିରେ ଗୁଡ଼, ଚିନି ଅଥବା ପିଆଜ, ଲୁଣ, ଅଦା ଆଦି ମସଲାରେ ପ୍ରସ୍ତୁତ ପଦାର୍ଥ – ଯାହାକୁ ପିଠା ଭିତରେ ପୂରାଇ ଅଥବା ଉପରେ ଲଗାଇ ଖିଆଯାଏ ୨. ଘର, ବାସସ୍ଥାନ ୩. ରାଜଧାନୀ ୪. ସହର, ନଗର ୫. କୋଠରି ୬. ଭିତରଘର ୭. ତୁଙ୍ଗା, ନଳ ।

**ପୁରଟ *ବି.*** ସୁନା, ସୁବର୍ଣ୍ଣ, ହଳଦିଆ ଧାତୁ ।

**ପୁରତ(ଃ) *କ୍ରି.ବିଂ.*** ଆଗରେ, ନିକଟରେ, ସମ୍ମୁଖରେ ।

**ପୁରନା *ବି.*** ୧. ପୂରଣ ବା ସମ୍ପୂର୍ଣ୍ଣ କରିବା ପାଇଁ ଆବଶ୍ୟକ ବସ୍ତୁ ୨. ଶେଷ ହେବା, ପୂରିବା ୩. ଭର୍ତ୍ତି ହେବା ।

**ପୁରନାରୀ *ବି.*** ୧. ଘରର ସ୍ତ୍ରୀଲୋକ ୨. ସହର ବା ଗାଁର ସ୍ତ୍ରୀ ଲୋକ।

**ପୁରପାଳ *ବି.*** ଚଉକିଦାର, ଗ୍ରାମରକ୍ଷୀ ।

**ପୁରବଧୂ *ବି.*** ୧. ଗୃହବଧୂ, ଘରର ବୋହୂ ୨. ସହରବାସିନୀ ।

**ପୁରବାସୀ *ବି.*** ୧. ଗ୍ରାମବାସୀ ୨. ନଗରବାସୀ ୩. ଗୃହସ୍ଥ ।

**ପୁରରକ୍ଷୀ *ବି.*** ଘର ଜଗୁଆଳ, ଦ୍ୱାରପାଳ ।

**ପୁରଶ୍ଚରଣ** ***ବି.*** ୧. ଫଳ ପାଇବା ପାଇଁ ଇଷ୍ଟ ଦେବତାଙ୍କର ପୂଜା ୨.ସିଦ୍ଧି ଲାଭ ପାଇଁ କରାଯିବା ଆନୁଷଙ୍ଗିକ ମନ୍ତ୍ର ଜପ, ହୋମ ଇତ୍ୟାଦି ।

**ପୁରସ୍କରଣ** ***ବି.*** ୧. ଆଗରେ ରଖିବା ୨. ପୂରା କରିବା ।

**ପୁରସ୍କାର** ***ବି.*** କୌଣସି କାର୍ଯ୍ୟର ଯୋଗ୍ୟତା ବା ସଫଳତା ପାଇଁ ଦିଆହେବା ଅର୍ଥ, ବସ୍ତୁ ବା ସମ୍ମାନ ।

**ପୁରସ୍କୃତ** ***ବିଂ.*** ଯୋଗ୍ୟତା ବା ସଫଳତା ପାଇଁ ସ୍ୱୀକୃତ ବା ସମ୍ମାନିତ ।

**ପୁରସ୍ତମ** ***ବି.*** ପୁରୁଷୋତ୍ତମ କ୍ଷେତ୍ର, ପୁରୀ, ଶ୍ରୀକ୍ଷେତ୍ର ।

**ପୁରସ୍ତମି** ***ବିଂ.*** ପୁରୀରେ ରହୁଥିବା, ପୁରିଆ ।

**ପୁରସ୍ତ୍ରୀ** ***ବି.*** ୧. ଘରଣୀ, କୁଳନାରୀ, ଗୃହିଣୀ ୨. ସହରିଆ ନାରୀ, ନଗରବାସିନୀ ।

**ପୁରା** ***ବିଂ.*** ୧. ସୁଦୂର ଅତୀତ, ପଛଦିନ ୨. ପଛରେ ୩. ଆଗ, ପ୍ରଥମ ୪. ପୁରୁଣା ; ***ବି.*** ଧାନ ବା ଅନ୍ୟ ଶସ୍ୟ ବାନ୍ଧି ରଖିବା ପାଇଁ ପୁଆଳରେ ତିଆରି ପୁଡ଼ା ।

**ପୁରାକଥା** ***ବି.*** ପୁରାଣର କାହାଣୀ, ମିଥ୍, ପ୍ରାଚୀନକାହାଣୀ ।

**ପୁରାକାଳ** ***ବି.*** ଅତୀତ, ପଛଦିନ ।

**ପୁରାଗତ** ***ବିଂ.*** ଅତୀତରୁ ପ୍ରଚଳିତ, ବହୁ ଦିନରୁ ଚଳିଆସୁଥିବା ।

**ପୁରାଣ** ***ବିଂ.*** ୧. ଏକ ପ୍ରକାରର ଦୀର୍ଘ ପଦ୍ୟରଚନା- ଯେଉଁଥିରେ ଦର୍ଶନ ଓ ବିଚାରକୁ କାହାଣୀ ମାଧ୍ୟମରେ କାବ୍ୟିକ ରୀତିରେ ବର୍ଣ୍ଣନା କରାଯାଇଥାଏ ୨. ଅତୀତର ଘଟଣା ୩. ପୁରୁଣାକାଳର ବିବରଣୀ ; ***ବିଂ.*** ଅତି ପୁରୁଣା ।

**ପୁରାଣକାର** ***ବି.*** ପୁରାଣର ଲେଖକ ।

**ପୁରାଣପଣ୍ଡା** ***ବି.*** ଶ୍ରୋତାମାନଙ୍କ ପାଖରେ ପୁରାଣ ପଢୁଥିବା ବ୍ରାହ୍ମଣ ।

**ପୁରାଣପୁରୁଷ** ***ବି.*** ୧. ନାରାୟଣ, ପରମବ୍ରହ୍ମ ୨. ପ୍ରସିଦ୍ଧ ବ୍ୟକ୍ତି ବିଶେଷ ।

**ପୁରାଣ ଫିଟାଇବା** ***କ୍ରି.*** ୧. ପୁରାଣ ଖୋଲିବା ୨. ଅତ୍ୟନ୍ତ ଗୋପନୀୟ ଓ ପୁରୁଣା କଥା ପ୍ରଘଟ କରିବା ।

**ପୁରାତ** ***ବି.*** ଅଧିକ ମାଗିବା ।

**ପୁରାତତ୍ତ୍ୱ** ***ବି.*** ୧. ପ୍ରତ୍ନତତ୍ତ୍ୱ, ଇତିହାସ ୨. ପ୍ରାଚୀନ କାହାଣୀ ୩. ପୁରାଣରେ ବର୍ଣ୍ଣିତ ଦାର୍ଶନିକତା ୪. ଅତୀତ ସମ୍ପର୍କୀୟ ଜ୍ଞାନ ।

**ପୁରାତତ୍ତ୍ୱବିତ୍** ***ବି.*** ପ୍ରତ୍ନତତ୍ତ୍ୱବିତ, ପୁରାବିତ୍, ଇତିହାସବେତ୍ତା, ଅତୀତ ଅଧ୍ୟୟନରେ ବିଶେଷଜ୍ଞ ।

**ପୁରାତନ** ***ବିଂ.*** ୧. ଅତି ପ୍ରାଚୀନ, ପୁରୁଣା ୨. ବୁଢ଼ା ହୋଇଯାଇଥିବା ।

**ପୁରାଧ୍ୟକ୍ଷ** ***ବି.*** ୧. ନଗରପାଳ ୨. ଅନ୍ତଃପୁର ରକ୍ଷକ ।

**ପୁରାବୃତ୍ତ** ***ବି.*** ଇତିହାସ, ପ୍ରାଚୀନ କାଳରେ ଘଟିଥିବା ଘଟଣା ।

**ପୁରି** ***ବି.*** ଘିଅ ବା ତେଲଛଣା ଦଳା ଅଟା ତିଆରି ପିଠା ।

**ପୁରିହା** ***ବିଂ.*** ୧. ପୋରିଆ, ପାପରା, ପୋକଖିଆ, ପୁକୁଡ଼ା ୨. ଅଶକ୍ତ, ଦୁର୍ବଳ ।

**ପୁରୀ** ***ବି.*** ୧. ନଗର, ସହର ୨. ପ୍ରାସାଦ ୩. ଦେହ, ଶରୀର ୪. ଓଡ଼ିଶାର ପୂର୍ବ ଉପକୂଳରେ ଥିବା ପୁରାଣ ପ୍ରସିଦ୍ଧ ସ୍ଥାନ, ଶ୍ରୀଜଗନ୍ନାଥଙ୍କ ମନ୍ଦିର ପାଇଁ ବିଶ୍ୱ ବିଖ୍ୟାତ ଶଙ୍ଖକ୍ଷେତ୍ର ।

**ପୁରୀପଣ୍ଡା** ***ବି.*** ପୁରୀର ଶ୍ରୀଜଗନ୍ନାଥଙ୍କ ବ୍ରାହ୍ମଣ ସେବକ ।

**ପୁରୀଷ** ***ବି.*** ୧. ମଳ, ଗୁହ, ବିଷ୍ଠା ୨. ମଇଳା, ଅଳିଆ ।

**ପୁରୀଷତ୍ୟାଗ** ***ବି.*** ହଗିବା, ଝାଡ଼ା ଫେରିବା, ମଳତ୍ୟାଗ କରିବା ।

**ପୁରୁଖା** ***ବିଂ.*** ୧. ଅତି ପୁରୁଣା, ପ୍ରାଚୀନ ୨. ପୋଖତ, ପରିପକ୍ୱ, ଅଭିଜ୍ଞ ।

**ପୁରୁଡ଼ା** ***ବି.*** ଖାଲ ପୋତିବା, ଆବଡ଼ା ଖାବଡା ବା ଖାଲଢ଼ିପ ସ୍ଥାନକୁ ସମତଳ କରିବା ।

**ପୁରୁଡ଼ି** ***ବି.*** ପ୍ରୌଢ଼ି, ଫୁଟାଣି , ଭୁରୁଡ଼ି ।

**ପୁରୁଣା** ***ବିଂ.*** ୧. ବହୁ ଦିନରୁ ବ୍ୟବହାର ହେଉଥିବା, ଯାହା ନୂଆ ନୁହେଁ ୨. ପୁରୁଖା, ପ୍ରାଚୀନ, ଅତୀତ ୩. ଅଚଳନ୍ତି ୪. ଅତ୍ୟନ୍ତ ବୟସ୍କ ।

**ପୁରୁଣା କଥା** ***ବି.*** ଅତୀତର ବିଷୟ, ବହୁକାଳର କାହାଣୀ ।

**ପୁରୁଣାକାଳିଆ** ***ବିଂ.*** ଆଗକାଳର, ମରହଟିଆ, ବର୍ତ୍ତମାନ ଚଳୁନଥିବା ।

**ପୁରୁଣାପୁରୁଣି** ***ବିଂ.*** ବ୍ୟବହାର ହେଉନଥିବା, ପୁରୁଣା ହୋଇଯାଇଥିବା(ଲୁଗା) ।

**ପୁରୁଣି** ***ବି.*** ପୁରନି, ଏକ ପ୍ରକାରର ଶାଗ, ପୁନର୍ନବା ।

**ପୁରୁବର୍ ପୁରୁଷ** ***ବି.*** ପୂର୍ବପୁରୁଷ ।

**ପୁରୁଓ୍ୱ** ***ବି.*** ପୂର୍ବକାଳ, ଅତୀତ, ପଛଦିନ ।

**ପୁରୁଷ** ***ବି.*** ୧. ପୁଂଲିଙ୍ଗୀ ପ୍ରାଣୀ, ଅଣ୍ଡିରା ୨. ପିଢ଼ି, ଜଣେ ମଣିଷର ଜୀବନକାଳ ବା ବଞ୍ଚିବାର ଅବଧି ବା ସୀମା ୩. ବାକ୍ୟରେ କର୍ତ୍ତାର ପରିଚୟ, ପ୍ରକାରଭେଦ ୪. ବ୍ୟକ୍ତି ୫. ଜୀବନ ।

**ପୁରୁଷକାର** ***ବି.*** ୧. ପୌରୁଷ ୨. ବ୍ୟକ୍ତିତ୍ୱ ୩. ଅହଂବୋଧ ।

**ପୁରୁଷତା** ***ବି.*** ୧. ପୌରୁଷ, ପୁରୁଷପଣିଆ, ମର୍ଦପଣିଆ ୨. ପୁରୁଷ ସୁଲଭ ପରାକ୍ରମ ବା ଶକ୍ତି ।

**ପୁରୁଷପ୍ରଧାନ** ***ବିଂ.*** ଯେଉଁ ସମାଜ ବ୍ୟବସ୍ଥାରେ ପୁରୁଷ ସକଳ କ୍ଷେତ୍ରରେ ପ୍ରାଧାନ୍ୟ ବିସ୍ତାର କରିଥାଏ ।

**ପୁରୁଷଧର୍ମ** ***ବି.*** ୧. ପୌରୁଷ, ଏକ ଉତ୍ତମ ପୁରୁଷର ଗୁଣ ୨. ମଣିଷପଣ, ମାନବୋଚିତ ଗୁଣ ।

**ପୁରୁଷଶ୍ରେଷ୍ଠ** ***ବିଂ.*** ୧. ପୁରୁଷମାନଙ୍କ ମଧ୍ୟରେ ଶ୍ରେଷ୍ଠ ୨. ବ୍ୟକ୍ତିତ୍ୱସମ୍ପନ୍ନ ।

**ପୁରୁଷସୁକ୍ତ** ***ବି.*** ଋକ୍‌ବେଦର ଦଶମ ମଣ୍ଡଳରେ ଥିବା ବିରାଟ ପୁରୁଷ ମନ୍ତ୍ରାବଳି ।

**ପୁରୁଷାଙ୍ଗ** ***ବି.*** ପୁରୁଷର ଯୌନେନ୍ଦ୍ରିୟ ।

**ପୁରୁଷାନୁକ୍ରମ** ***ବି.*** କୌଣସି ପରିବାରର ବଂଶ ପର-ରାର କ୍ରମିକତା ।

**ପୁରୁଷାୟିତ** ***ବି.*** ବିପରୀତ ରତି , ଯୌନସଙ୍ଗମ ବେଳେ ପୁରୁଷ ଚିତ୍ ହୋଇ ଶୋଇବା ଏବଂ ନାରୀ ତା ଉପରେ ରହିବା ।

**ପୁରୁଷାର୍ଥ** ***ବି.*** ୧. ପୌରୁଷ, ବ୍ୟକ୍ତିତ୍ୱ ୨. ଅହଂବୋଧ ୩. ଧର୍ମ, ଅର୍ଥ, କାମ, ମୋକ୍ଷ-ଏହି ଚତୁବର୍ଗର ଅଧିକାରୀ ବ୍ୟକ୍ତି ।

**ପୁରୁଷୋତ୍ତମ** ***ବି.*** ୧. ପୁରୁଷଶ୍ରେଷ୍ଠ ୨. ଶ୍ରୀଜଗନ୍ନାଥ ୩. ଶ୍ରୀକୃଷ୍ଣ, ଶ୍ରୀରାମ ।

**ପୁରୋଗାମୀ** ***ବିଂ.*** ୧. ଆଗରେ ଯାଉଥିବା, ଅଗ୍ରଗାମୀ, ଅଗ୍‌ରାହୀ ୨. ପ୍ରଧାନ, ଶ୍ରେଷ୍ଠ ।

**ପୁରୋଧା** ***ବି.*** ୧. ପୁରୋହିତ ୨. ସଭା, ଅନୁଷ୍ଠାନ, ସମ୍ମିଳନୀ ପ୍ରଭୃତିର ମୁଖ୍ୟ ବ୍ୟକ୍ତି ।

**ପୁରୋଭାଗ** ***ବି.ବିଂ.*** ୧. ଆଗ ୨. ସମ୍ମୁଖ ।

**ପୁରୋହିତ** ***ବି.*** ୧. ଶ୍ରାଦ୍ଧ, ଯଜ୍ଞ ଆଦି ମାଙ୍ଗଳିକ କାର୍ଯ୍ୟ ସମ୍ପାଦନ କରୁଥିବା ବ୍ରାହ୍ମଣ, ପୂଜକ ୨. ଯାଜକ ୩. ଗୁରୁ ।

**ପୁରୋହିତି** ***ବି.*** ୧. ପୁରୋହିତର କାର୍ଯ୍ୟ ୨. ପୌରୋହିତ୍ୟ ।

**ପୁର୍ଥୀ** ***ବି.*** ପୃଥ୍ୱୀ, ପୃଥିବୀ, ଧରିତ୍ରୀ ।

**ପୁର୍ଲା** ***ବି.*** ଏକ ଲତା ଓ ତାହାର ସାପପରି ଲମ୍ବାଳିଆ ଫଳ, ଛଚିନ୍ଦ୍ରା, ସାପୁଆ ।

**ପୁଳା** ***ବି.*** ୧. ବହୁତ, ଅପରିମିତ, ଅଗଣିତ ୨. ମେଞ୍ଚା ୩. ମୁଠାକର ପରିମାଣ ।

**ପୁଳାଏ** ***ବିଂ.*** ୧. ମେଞ୍ଚାଏ ୨. ଥୋଡାଏ, ବହୁତ, ଗୁଡେ ୩. ମୁଠାଏ ।

**ପୁଳାପୁଳା** ***ବିଂ.*** ୧. ବହୁତ ବହୁତ ୨. ମେଞ୍ଚାମେଞ୍ଚା ୩. ମୁଠାମୁଠା, ଅତିଶୟ ୪. ଅଧିକ ପରିମାଣ ।

**ପୁଳି** ***ବି.*** ଏକ ପ୍ରକାର ବିରିପିଠା ।

**ପୁଳିନ** ***ବି.*** ତଟ, ଚଡ଼ା, ସୈକତ, କୂଳ, ତୀର ।

**ପୁଲକ** ***ବି.*** ୧. ରୋମ ଟାଙ୍କୁରିବା, ରୋମାଞ୍ଚ ୨. ଅତି ଆନନ୍ଦଭାବ, ଉଲ୍ଲାସ, ଉତ୍‌ଫୁଲ୍ଲତା ।

**ପୁଲକିତ** ***ବିଂ.*** ୧. ପ୍ରଫୁଲ୍ଲିତ, ଆନନ୍ଦିତ, ଉଲ୍ଲସିତ ୨. ରୋମାଞ୍ଚିତ ।

**ପୁଲକିବା** ***କ୍ରି.*** ୧. ରୋମାଞ୍ଚିତ ହେବା ୨. ଆନନ୍ଦିତ ହେବା, ଉଲ୍ଲସିତ ହେବା, ପ୍ରଫୁଲ୍ଲିତ ହେବା ।

**ପୁଲା** ***ବିଂ.*** ମାଗଣା, ମୋଫତ, ପୋଲା ।

**ପୁଲି** ***ବି.*** କପିକଳ, ଖିଡ଼ିଖିଡ଼ି, ଦଉଡ଼ି ସହାୟ୍ୟରେ ତଳୁ ଉପରକୁ ଭାରି ପଦାର୍ଥ ଉଠେଇବାରେ ବ୍ୟବହୃତ ଗୋଲାକାର ଯନ୍ତ୍ର ।

**ପୁଲିଆ** ***ବି.*** ଛୋଟପୋଲ, କଲଭର୍ଟ୍ ।

**ପୁଲିନ୍ଦା** ***ବି.*** ୧. କାଗଜଖୋଳ, ଲଫାପା, ଖାମ୍, ଏନ୍‌ଭଲପ୍ ୨. ମନିଅଡ଼ର ୩. ବିଡ଼ା ।

**ପୁଲିସ୍, ପୋଲିସ** ***ବି.*** ଆରକ୍ଷୀ, ଶାନ୍ତିଶୃଙ୍ଖଳା ରକ୍ଷାପାଇଁ ନିଯୁକ୍ତ ସରକାରୀ କର୍ମଚାରୀ ।

**ପୁଲିସିଆ** ***ବିଂ.*** ପୋଲିସ୍‌ର, ପୋଲିସ୍ ସମ୍ବନ୍ଧିତ ।

**ପୁଷ** ***ବି.*** ପୌଷ, ପୌଷମାସ, ଖରିଫ ଫସଲ ଅମଳ ମାସ ।

**ପୁଷାପୋ** ***ବି.*** ପୋଷିଆଁ ପୁଅ, ପୋଷ୍ୟପୁତ୍ର ।

**ପୁଷିଆଁ/ ପୋଷିଆଁ** ***ବିଂ.*** ପୋଷ୍ୟ, ପାଳିତ ।

**ପୁଷିଆଁ, ପୋଷିଆଁ ପୋ** ***ବି.*** ପୋଷ୍ୟପୁତ୍ର, ପୋଷିଆଁ ପୁଅ ।

**ପୁଷ୍କର** ***ବି.*** ୧. ପଦ୍ମ, ପଙ୍କଜ ୨. ପଦ୍ମଫୁଲ ମଧ୍ୟରେ ଥିବା ବୀଜକୋଷ ।

**ପୁଷ୍କର ତୀର୍ଥ** ***ବି.*** କୁରୁକ୍ଷେତ୍ର ଓ ରାଜସ୍ଥାନର ପୁଷ୍କର ତୀର୍ଥରେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ପାଳିତ ସ୍ନାନଯୋଗ ।

**ପୁଷ୍କରଦୋଷ** ***ବି.*** ରବି, ମଙ୍ଗଳ ଓ ଶନିବାର ଦିନ ତିଥି ଯଦି ଦ୍ୱିତୀୟା, ସପ୍ତମୀ ବା ଦ୍ୱାଦଶୀ ଥାଏ ଏବଂ କୃତ୍ତିକା, ପୁନର୍ବସୁ, ଉତ୍ତର ଫାଲଗୁନି, ଉତ୍ତରାଷାଢ଼ା ଓ ପୂର୍ବଭାଦ୍ରପଦରେ ବ୍ୟକ୍ତିର ମୃତ୍ୟୁ ଘଟିଥାଏ ତାହାର ଏକ ପାଦ, ଦ୍ୱିପାଦ ବା ତ୍ରିପାଦ ଭାବରେ ଲାଗୁଥିବା ଦୋଷ - ଯାହାର ନିରାକରଣ ନିମନ୍ତେ ଧର୍ମସମ୍ମତ ବ୍ୟବସ୍ଥା କରାଯାଇଥାଏ ।

**ପୁଷ୍କରଯୋଗ** ***ବି.*** ପୁଷ୍କର ତୀର୍ଥରେ ପଡ଼ିବା ସ୍ନାନଯୋଗ ।

**ପୁଷ୍କର ଲାଗିବା** ***କ୍ରି.*** ମୃତ୍ୟୁଲାଭ କରିଥିବା ବ୍ୟକ୍ତିର ପୁଷ୍କରଦୋଷ ଲାଗିବା ।

**ପୁଷ୍କରିଣୀ** ***ବି.*** ୧. ପୋଖରୀ, ସର, ବନ୍ଧ, ବଡ଼ ଗଡିଆ ୨. ପଦ୍ମଫୁଲ ଫୁଟିଥିବା ପୋଖରୀ, ଜଳାଶୟ ।

**ପୁଷ୍କଳ** ***ବିଂ.*** ୧. ବହୁତ, ପରିପୂର୍ଣ୍ଣ, ଅପରିମିତ ୨. ଶ୍ରେଷ୍ଠ ୩. ଉତ୍‌କୃଷ୍ଟ; ***ବିଂ.*** ପୁଷ୍କଳତା ।

**ପୁଷ୍ଟ** ***ବିଂ.*** ୧. ଭଲ ଭାବରେ ବଢ଼ିଥିବା ୨. ନିଟୋଳ ୩. ଗୋଲଗାଲ ୪. ପୋଖତ, ପାକଳ ୫. ପାଳିତ ।

**ପୁଷ୍ଟି** ***ବି.*** ୧. ବିକାଶ, ବୃଦ୍ଧି ୨. ଲାଭ ୩. ପାଳନ ।

**ପୁଷ୍ଟିକର** ***ବିଂ.*** ୧. ସ୍ୱାସ୍ଥ୍ୟକର, ହିତକର ୨. ଉପକାରୀ ୩. ଲାଭଦାୟକ ।

**ପୁଷ୍ଟିସାର ବି.** ଶରୀରର ପୁଷ୍ଟି ବା ସ୍ୱାସ୍ଥ୍ୟର ବିକାଶରେ ସାହାଯ୍ୟ କରୁଥିବା ଖାଦ୍ୟ ବା ଉପାଦାନ, ପ୍ରୋଟିନ୍ ।

**ପୁଷ୍ପ ବି.** ୧. ଫୁଲ, କୁସୁମ ୨. ରଜଃ ।

**ପୁଷ୍ପକ ବି.** ଆକାଶରେ ଗତି କରିପାରୁଥିବା ରାମାୟଣ ବର୍ଣ୍ଣିତ ରଥ ବା ବିମାନ ।

**ପୁଷ୍ପକାଳ ବି.** ୧. ବସନ୍ତଋତୁ ୨. ନାରୀ ରଜୋବତୀ ହୋଇଥିବା ସମୟ ।

**ପୁଷ୍ପକୀଟ ବି.** ୧. ଭଅଁର, ଷଟ୍‌ପଦ ୨. ଫୁଲର ପୋକ ।

**ପୁଷ୍ପକେତନ ବି.** ୧. ଫୁଲର ପତାକା ୨. କନ୍ଦର୍ପ, କାମଭାବର ଦେବତା, ରତିପତି, କାମଦେବ ।

**ପୁଷ୍ପକୋଦଣ୍ଡ ବି.** କନ୍ଦର୍ପଙ୍କ ଫୁଲରେ ତିଆରି ଧନୁ (ଆମ୍ର, ଅଶୋକ, ନୀଳୋତ୍ପଳ, ନବମଲ୍ଲିକା, ରକ୍ତୋତ୍ପଳ - ଏହି ପାଞ୍ଚଫୁଲରେ ତିଆରି ଧନୁ) ।

**ପୁଷ୍ପଚାପ, ପୁଷ୍ପଧନୁ ବି.** ପୁଷ୍ପକୋଦଣ୍ଡ ।

**ପୁଷ୍ପଧ୍ୱଜ ବି.** କନ୍ଦର୍ପ, କାମଦେବ ।

**ପୁଷ୍ପବତୀ ବିଂ.** ବାଳିକାର **ଯୌବନ** ପ୍ରାପ୍ତି, ରଜୋବତୀ, ଋତୁମତୀ ।

**ପୁଷ୍ପବାଟିକା ବି.** ଫୁଲବଗିଚା, ଉଦ୍ୟାନ ।

**ପୁଷ୍ପମାସ ବି.** ବସନ୍ତଋତୁ, ଚୈତ୍ରମାସ, ମଧୁକାଳ ।

**ପୁଷ୍ପରଜ ବି.** ଫୁଲର ରେଣୁ, ଫୁଲର ପରାଗ ।

**ପୁଷ୍ପରାଗ ବି.** ଲାଲରଙ୍ଗର ମୂଲ୍ୟବାନ ମଣି ବିଶେଷ, ପୋଖରାଜ ।

**ପୁଷ୍ପଲିହ ବି.** ୧. ଭଅଁର ୨. ଫୁଲରେ ଥିବା ପୋକ ୩. ମହୁମାଛି ।

**ପୁଷ୍ପସାର ବି.** ୧. ଫୁଲର ନିର୍ଯାସ, ଏସେନ୍‌ସ ୨. ଫୁଲରେ ଥିବା ମହୁ ।

**ପୁଷ୍ପାଞ୍ଜଳି ବି.** ଫୁଲର ଆଞ୍ଜୁଳା ।

**ପୁଷ୍ପିକା ବି.** ୧. କୌଣସି ବହିର ଏକ ଅଧ୍ୟାୟ ବା ଶେଷରେ ଥିବା ଭଣିତା ଅଂଶ ୨. ଦାନ୍ତରେ ଲାଗିଥିବା ଅପରିଷ୍କାର ପଦାର୍ଥ ।

**ପୁଷ୍ପିତ ବିଂ.** ୧. କୁସୁମିତ, ବିକଶିତ, ଫୁଟିଥିବା ୨. ପ୍ରକାଶିତ, ବ୍ୟକ୍ତ; **ବିଂ.** ପୁଷ୍ପିତା, ଋତୁମତୀ, ପ୍ରସ୍ଫୁଟିତା ।

**ପୁଷ୍ପୋତ୍ସବ ବି.** ୧. ବସନ୍ତଉତ୍ସବ ୨. କନ୍ୟାର ପ୍ରଥମ ଋତୁମତୀ ହେବା କାଳରେ ଅନୁଷ୍ଠିତ ମଙ୍ଗଳ ଉତ୍ସବ ।

**ପୁଷ୍ୟ ବି.** ୧. ପୌଷମାସ ୨. ଜ୍ୟୋତିଷଶାସ୍ତ୍ର ବର୍ଣ୍ଣିତ ନକ୍ଷତ୍ରମାନଙ୍କ ମଧ୍ୟରେ ଅଷ୍ଟମ ନକ୍ଷତ୍ର ।

**ପୁଷ୍ୟା ବି.** ପୁଷ୍ୟା ନକ୍ଷତ୍ର ।

**ପୁଷ୍ୟାଭିଷେକ ବି.** ପୌଷପୂର୍ଣ୍ଣିମାରେ ଅନୁଷ୍ଠିତ ଜଗନ୍ନାଥ ତଥା ଲିଙ୍ଗରାଜଙ୍କ ଅଭିଷେକ ଉତ୍ସବ ।

**ପୁସ୍‌କୁଚ୍ ହେବା କ୍ରି.** ୧. ହୁଗୁଳା ହେବା, ଢିଲା ହେବା ୨. ଫାଟିଯିବା ୩. ଫିଟିଯିବା, ସ୍ପଷ୍ଟ ହୋଇଯିବା ।

**ପୁ(ପୋ)ସ୍‌ପୁତର ବି.** ପୋଷ୍ୟପୁତ୍ର, ପାଳିତପୁତ୍ର ।

**ପୁସ୍‌ପୁନି ବି.** ପୌଷମାସର ପୂର୍ଣ୍ଣିମା ।

**ପୁସ୍ ବଟନ୍ ବି.** ୧. ଚିପା ବୋତାମ ୨. ବୋତାମ ଚିପି ଯନ୍ତ୍ର କାର୍ଯ୍ୟକ୍ଷମ କରିବା ବ୍ୟବସ୍ଥା ।

**ପୁସ୍‌ବେକ୍ ବି.ବିଂ.** ପଛଠେଲା (ଚଉକି), ଗାଡ଼ି ମଟରରେ ଇଚ୍ଛାମତେ ଅଧିକ ଆଉଜି ହୋଇ ପାରିବା (ଆସନ ବ୍ୟବସ୍ଥା) ।

**ପୁସ ବି.** ପୌଷମାସ ।

**ପୁସି ବି.** ବିଲେଇ, ବିରାଡ଼ି ।

**ପୁସୁ ବି.** ପଶୁ, ଶ୍ୱାପଦ ।

**ପୁସୁରି ବି.** ଘିମିରି, ଘୁମେର୍, ଖରାଦିନେ ଚମରେ ଦେଖା ଦେଉଥିବା ଛୋଟ ଛୋଟ ମଳାବ୍ରଣ ।

**ପୁସ୍ତକ ବି.** ବହି, ଗ୍ରନ୍ଥ, କିତାବ, ପୋଥି ।

**ପୁସ୍ତକାଗାର ବି.** ଲାଇବ୍ରେରି, ପାଠାଗାର, ଗ୍ରନ୍ଥାଗାର ।

**ପୁସ୍ତକାଚାର୍ଯ୍ୟ ବି.** ଯଜ୍ଞାଦି ମାଙ୍ଗଳିକ କାର୍ଯ୍ୟରେ ବହି ପଢ଼ି ପୁରୋହିତଙ୍କୁ ସାହାଯ୍ୟ କରୁଥିବା ବ୍ୟକ୍ତି ।

**ପୁସ୍ତକାଳୟ ବି.** ବହିଦୋକାନ, ପୁସ୍ତକଭଣ୍ଡାର ।

**ପୁସ୍ତିକା ବି.** ଛୋଟ ଆକାରର ବହି ।

**ପୁସ୍ତିନ୍ ବି.** ୧. କୋଟ୍ ବା ବ୍ଲେଜର୍‌ର ଭିତର ପାଖରେ ଦିଆଯାଉଥିବା କନା ୨. ବହିର ଭିତର ପାଖର ମଲାଟ କାଗଜ ୩. ମେଣ୍ଢାଚମଡ଼ା ତିଆରି ପୋଷାକ ।

**ପୁହା ବିଂ.** ୧. ଶେଷ ହୋଇଥିବା ୨. ପାହିଥିବା ୩. ଅତୀତ ।

**ପୁହାଇବା କ୍ରି.** ୧. ନିଆଁ ବା ଉତ୍ତାପ ସେବନ କରିବା, ଗରମ ପାଇଁ ନିଆଁ ପାଖ ଅଥବା ସୂର୍ଯ୍ୟ କିରଣରେ ବସିବା ୨. ଅତିବାହିତ କରିବା, ବିତାଇବା ୩. ଶେଷ କରିବା ।

**ପୁହାପହର ବି.** ପାହାନ୍ତିପହର, ଶେଷପହର, ରାତିର ଶେଷ ଭାଗ ।

**ପୁହାଳ ବି.** ପାଳ, ପୁଆଳ, କୁଟା ।

**ପୁହୁ ବିଂ.** ଦରସିଝା, ସିଦ୍ଧ ହୋଇନଥିବା ।

**ପୁହୁରା, ପୁହୁରିଆ ବିଂ.** ମଇଳା, ଅପରିଷ୍କୃତ ; **ବି.** ୧. ଫୋଏରା, ପୁହୁରିଆ ୨. ଯେ ମଇଳା ପିନ୍ଧାଲୁଗା ଭଡ଼ାଦିଏ ।

**ପୂଗ ବି.** ୧. ଗୁଆ, ଶ୍ରୀଫଳ ୨. ପଣସ ଓ ତାର ଗଛ ୩. ରାଶି, ସମୂହ ।

**ପୂଜ/ପୁଜ ବି.** ଦେହର କୌଣସି ସ୍ଥାନରେ ଘା ଯୋଗୁଁ **ସୃଷ୍ଟ** ବହଳ ଦୂଷିତ ପଦାର୍ଥ, ପାଚ୍, କ୍ଲେଦ ।

**ପୂଜକ ବି.** ଦେବ ମନ୍ଦିରରେ ନିୟୋଜିତ ସେବକ, ପୂଜାରୀ, ଉପାସକ ।

**ପୂଜନ ବି.** ପୂଜା ଆଚରଣ, ବନ୍ଦନ, ଅର୍ଚ୍ଚନା ।

**ପୂଜନୀୟ** *ବିଂ.* ୧. ପୂଜା ପାଇବାର ଯୋଗ୍ୟ ୨. ଆରାଧ୍ୟ, ବନ୍ଦନୀୟ ୩. ସମ୍ମାନାସ୍ପଦ ।

**ପୂଜରକ୍ତ** *ବି.* ପୂଜ ସହିତ ମିଶିଥିବା ଦୂଷିତ ରକ୍ତ ।

**ପୂଜ ହେବା** *କ୍ରି.* ଘା' ବା କ୍ଷତ ସ୍ଥାନରେ ପୂଜ ସୃଷ୍ଟି ହେବା ।

**ପୂଜା** *ବି.* ଦେବଦେବୀଙ୍କ ସନ୍ତୋଷ ବିଧାନ ପାଇଁ ଅର୍ଚ୍ଚନା, ଆରାଧନା ।

**ପୂଜା ଅର୍ଚ୍ଚନା** *ବି.* ଦେବୀ, ଦେବତାଙ୍କର ସଶ୍ରଦ୍ଧ ପରିଚର୍ଚ୍ଚା, ଆରାଧନା ।

**ପୂଜା କରିବା** *କ୍ରି.* ୧. ଦେବଦେବୀଙ୍କୁ ଅର୍ଚ୍ଚନା ଓ ଆରାଧନା କରିବା ୨. ସେବା କରିବା ୩. ଗାଳି ଦେବା ୪. ଅତ୍ୟଧିକ ସମ୍ମାନ କରିବା ।

**ପୂଜାଘଡ଼ି** *ବି.* ପୂଜା କରିବା ପାଇଁ ନିର୍ଦ୍ଧାରିତ ସମୟ ବା ବେଳ ।

**ପୂଜାଘର** *ବି.* ୧. ଦେବଦେବୀଙ୍କୁ ଆରାଧନା କରାଯିବା ଘର ବା ସ୍ଥାନ, ଠାକୁରଘର ୨. ମନ୍ଦିର, ଦେବସ୍ଥାନ ।

**ପୂଜାଛୁଟି** *ବି.* ଆଶ୍ୱିନ ମାସରେ ଦୁର୍ଗାପୂଜା ସମୟରେ ଶିକ୍ଷା ଅନୁଷ୍ଠାନ ତଥା ସରକାରୀ ଓ ଅନ୍ୟ ସଂସ୍ଥାଗୁଡ଼ିକ ଭୋଗ କରୁଥିବା ଦୀର୍ଘ ଛୁଟି ବା ଅବକାଶ ।

**ପୂଜାଡ଼ାଲା** *ବି.* ପୂଜାସାମଗ୍ରୀ ରଖିବା ଝୁଡ଼ି ବା ଡାଲା ।

**ପୂଜା ଦେବା** *କ୍ରି.* ୧. ପୂଜକ ବା ପୁରୋହିତ ମାର୍ଫତ ମନ୍ଦିର ଆଦିରେ ପୂଜା କରାଇବା ୨. ବଳି ଦେବା।

**ପୂଜାପଟଳ** *ବି.* ପୂଜାଅର୍ଚ୍ଚନା ସମୟରେ ଆଚରିତ ବିଧିବିଧାନ ।

**ପୂଜାପଣ୍ଡା** *ବି.* ଦେବଦେବୀଙ୍କ ପୂଜା ପାଇଁ ନିୟୋଜିତ ବ୍ରାହ୍ମଣ ପୂଜକ ।

**ପୂଜାପଦ୍ଧତି** *ବି.* ଠାକୁର ବା ଦେବଦେବୀଙ୍କୁ ପୂଜା କରିବାର ଶାସ୍ତ୍ରୀୟ ନିୟମ ।

**ପୂଜାପାଠ** *ବି.* ପୂଜା ଅର୍ଚ୍ଚନା ସହିତ ମନ୍ତ୍ର ଉଚ୍ଚାରଣ ବା ଧର୍ମଶାସ୍ତ୍ର ପଠନ ।

**ପୂଜାପାର୍ବଣ** *ବି.* ବର୍ଷର ବିଭିନ୍ନ ସମୟରେ ଅନୁଷ୍ଠିତ ଧର୍ମୀୟ ଉତ୍ସବ ଅନୁଷ୍ଠାନ ।

**ପୂଜାପୀଠ** *ବି.* ଯେଉଁ ଆସ୍ଥାନ ବା ସ୍ଥାନରେ ଦେବଦେବୀଙ୍କୁ ଅର୍ଚ୍ଚନା କରାଯାଏ ।

**ପୂଜାପୂଜି** *ବି.* ପୂଜା, ଅର୍ଚ୍ଚନା, ଶାସ୍ତ୍ର ବା ମନ୍ତ୍ରପାଠ ପ୍ରଭୃତି ।

**ପୂଜାପେଡ଼ି** *ବି.* ପୂଜା ସାମଗ୍ରୀ ରଖାଯାଉଥିବା ବାକ୍ସ ବା ମୁଣି ।

**ପୂଜାଫୁଲ** *ବି.* ଦେବୀଦେବତାଙ୍କୁ ପୂଜା କରିବାବେଳେ ଲାଗି କରାଯିବା ଫୁଲ ।

**ପୂଜାବାଲା** *ବି.* ସତ୍ୟନାରାୟଣ ପୂଜା ସମୟରେ ଗୀତ ଓ ନାଟ କରୁଥିବା କଳାକାର ।

**ପୂଜାବିଧି** *ବି.* ପୂଜାଅର୍ଚ୍ଚନାର ନିୟମ ଓ ଆବଶ୍ୟକ ଉପକରଣ ।

**ପୂଜା ମନାସିବା** *କ୍ରି.* ନିଜର ଇଚ୍ଛା ପୂରଣ ପାଇଁ କୌଣସି ଦେବୀ ବା ଦେବତାଙ୍କ ପାଖରେ ବିଧିବିଧାନରେ ନିରାଜନା ପାଇଁ ମାନସିକ ।

**ପୂଜାରି, ପୂଜାରୀ, ପୂଝାରି** *ବି.* ୧. ଦେବପୂଜକ, ବ୍ରାହ୍ମଣ ୨. ଦେଉଳିଆ ବ୍ରାହ୍ମଣ ୩. ରୋଷେୟା, ରାନ୍ଧୁଣିଆ, ନନା ।

**ପୂଜାସ୍ପଦ, ପୂଜାର୍ହ** *ବିଂ.* ୧. ପୂଜା ପାଇବାର ଯୋଗ୍ୟ ୨. ସମ୍ମାନାସ୍ପଦ, ମାନ୍ୟ ।

**ପୂଜିତ** *ବିଂ.* ୧. ଯାହାକୁ ପୂଜା କରାଯାଇଅଛି ୨. ଯେ ପୂଜା ପାଇଛି ବା ପାଉଛି ।

**ପୂଜିତବ୍ୟ** *ବିଂ.* ପୂଜା ପାଇବାର ଯୋଗ୍ୟ ।

**ପୂଜି ଦେବା** *କ୍ରି.* ଟାଙ୍ଗିଆ ବା ଫାର୍ସାଦ୍ୱାରା ଆଘାତ କରି ମାରିଦେବା ।

**ପୂଜିବା** *କ୍ରି.* ୧. ନିରାଜନା କରିବା, ପୂଜା ଅର୍ଚ୍ଚନା କରିବା ୩. ସେବା କରିବା ୪. ସମ୍ମାନ କରିବା ।

**ପୂଜେଇବା** *କ୍ରି.* ଦେହର ଘା' ବା ବଥ ପାକଳ ହୋଇ ପୂଜ ଭରିଯିବା ପାଚିବା, ସେପ୍‌ଟିକ୍ ହେବା ।

**ପୂଜ୍ୟ** *ବିଂ.* ୧. ପୂଜନୀୟ, ପୂଜା ପାଇବାର ଯୋଗ୍ୟ, ଆରାଧ୍ୟ ୨. ଅତି ସମ୍ମାନନୀୟ ।

**ପୂତ** *ବିଂ.* ୧. ପବିତ୍ର, ଶୁଦ୍ଧ ୨. ପରିଷ୍କୃତ, ନିର୍ମଳ ।

**ପୂତି** *ବି.* ମଡ଼ା ବା ପଚାଶବର ଗନ୍ଧ ।

**ପୂତିଗନ୍ଧ** *ବି.* ପଚାଶବ ବା ପଚାମାଂସ ପରି ଅତି ଉତ୍କଟ ଗନ୍ଧ ।

**ପୂନି, ପୁନି** *ବି.* ପୂର୍ଣ୍ଣିମା, ଶୁକ୍ଳପକ୍ଷର ଶେଷ ତିଥି ।

**ପୂନିଅଁ** *ବି.* ଶୁକ୍ଳପକ୍ଷର ଶେଷ ତିଥି, ପୂର୍ଣ୍ଣିମା, ପୁନେଇ ।

**ପୂନିଅପରବ** *ବି.* ପର୍ବପର୍ବାଣି, ତିହାର୍, ପୁନିପରବ୍ ।

**ପୂନେଇଁ** *ବି.* ପୂର୍ଣ୍ଣିମା, ପୁନି, ପୁନିଅଁ ।

**ପୂନେଇ ଖାଇବା** *ବି.* ବିବାହର ପ୍ରଥମ ବର୍ଷ ଯେ କୌଣସି ପୂର୍ଣ୍ଣିମାରେ ଶଶୁର ଘରୁ ନିମନ୍ତ୍ରଣ କ୍ରମେ ଜୋଇଁ ତାଙ୍କ ଘରେ ଭୋଜନ କରିବା ।

**ପୂନେଇ ଚାନ୍ଦ** *ବି.* ପୂର୍ଣ୍ଣିମାର ଜହ୍ନ, ଗୋଟାଜହ୍ନ, ଗୋଲଜହ୍ନ ।

**ପୂନେଇଡ଼ାକରା** *ବି.* ପୁନେଇରେ ଖାଇବା ପାଇଁ ଶଶୁରଘରକୁ ଜୋଇଁ ନିମନ୍ତ୍ରଣ ।

**ପୂନେଇ ପରବ୍** *ବି.* ପୁନିଅପରବ, ବର୍ଷର ବିଭିନ୍ନ ସମୟରେ ତିଥି ଅନୁସାରେ ପାଳିତ ଧର୍ମୀୟ ଉତ୍ସବାନୁଷ୍ଠାନ ।

**ପୂବେଇ** *ବିଂ.* ୧. ପୂର୍ବଦିଗରୁ ଆସୁଥିବା ୨. ପୂର୍ବଦିଗ ସମ୍ବନ୍ଧିତ ୩. ପୂର୍ବ ବା ଅତୀତ ସମ୍ବନ୍ଧିତ ।

**ପୂବେଇପବନ** *ବି.* ପୂର୍ବଦିଗରୁ ବହୁଥିବା ପବନ - ଯାହା ପ୍ରଧାନତଃ ଆଶ୍ୱିନ ମାସରେ ବହେ ଏବଂ ପ୍ରବଳ ବର୍ଷାର ସୂଚନା ଦିଏ ।

**ପୂବେଇମେଘ** *ବି.* ପୂର୍ବଦିଗର ଆକାଶରେ ଉଦିତ କଳାମେଘ ।

**ପୂରଣ** *ବି.* ୧. ପୂର୍ଣ୍ଣ ଅବସ୍ଥା ପ୍ରାପ୍ତି, ପୂରା ହୋଇଥିବା ୨. ପ୍ରାପ୍ତି, ପାଇବା ୩. ଖାଲି ସ୍ଥାନ ଭର୍ତ୍ତି କରିବା ।

**ପୂରନ୍ତା** *ବିଂ.* ପୂରା, ପରିପୂର୍ଣ୍ଣ, ପୂର୍ଣ୍ଣ ।

**ପୂରନ୍ତା ଘର** *ବି.* ଧନଜନ ଗୋପଲକ୍ଷ୍ମୀରେ ପରିପୂର୍ଣ୍ଣ ସଂସାର, ସଫଳ ଓ ସୁଖୀ ପରିବାର ।

**ପୂରବୀ, ପୂର୍ବୀ** *ବି. ସଙ୍ଗୀତ* ପ୍ରାୟ-ଅପ୍ରଚଳିତ ପାରମ୍ପରିକ ଶାସ୍ତ୍ରୀୟ ରାଗ ବିଶେଷ-ଯାହା ସନ୍ଧ୍ୟା ବେଳେ ବା ଦିନର ଚତୁର୍ଥ ପ୍ରହରରେ ଗାନ କରାଯାଏ ।

**ପୂରା** *ବିଂ.* ୧. ସମସ୍ତ, ସବୁ ୨. ସମ୍ପୂର୍ଣ୍ଣ ୩. ବହୁ ୪. ଅତ୍ୟନ୍ତ ୫. ଗୋଟାପଣେ, ଏକେବାର୍ ।

**ପୂରା କରିବା** *କ୍ରି.* ୧. ଶେଷ କରିବା ୨. ମୁଣ୍ଡି ମାରିବା ୩. ଖାଲି ସ୍ଥାନ ପୂର୍ଣ୍ଣ କରିବା ୪. ସମ୍ପୂର୍ଣ୍ଣ କରିବା ।

**ପୂରା ପଡ଼ିବା** *କ୍ରି.* ୧. କଥା ଦେଇଥିବା କାମକୁ ପାଳନ କରିବା ୨. ନିଜର କର୍ତ୍ତବ୍ୟ ସ-ାଦନ କରିବା ।

**ପୂରାପୂରି** *କ୍ରି.ବିଂ.* ସମ୍ପୂର୍ଣ୍ଣ ଭାବରେ, ଗୋଟାପଣେ, ଟିକିଏ ଖାଲି ନ ରଖି ।

**ପୂରାପେଟ** *ବିଂ.* ଭଲ ଭାବରେ ଖାଇଥିବା; *ବି.* ନାରୀର ପୂର୍ଣ୍ଣ ଗର୍ଭାବସ୍ଥା ।

**ପୂରିତ** *ବିଂ.* ୧. ଯାହାକୁ ପୂରା ବା ସମ୍ପୂର୍ଣ୍ଣ କରାଯାଇଅଛି ୨. (କୌଣସି ବସ୍ତୁରେ) ଭର୍ତ୍ତି ହୋଇଥିବା ।

**ପୂରିବା** *କ୍ରି.* ୧. ପୂର୍ଣ୍ଣହେବା ୨. ଶେଷହେବା ୩. ମନୋବାଞ୍ଛା ପୂର୍ଣ୍ଣହେବା ୪. ଭର୍ତ୍ତିହେବା, ପରିବ୍ୟାପ୍ତ ହେବା ୫. ଅଣ୍ଟିବା, ଅଘଟ ନ ହେବା ୬. ସନ୍ତୁଷ୍ଟ ହେବା ୭. (ଆନନ୍ଦରେ) ବିହ୍ୱଳ ହୋଇ ଉଠିବା ।

**ପୂରିଯିବା** *କ୍ରି.* ୧. ପୂର୍ଣ୍ଣ ହୋଇଯିବା ୨. ଶେଷ ହୋଇଯିବା ।

**ପୂରୁବ** *ବି.* ୧. ପଛ ୨. ଅତୀତ, ପ୍ରାଚୀନ, ଆଗକାଳ ୩. ପୂର୍ବଦିଗ, ସୂର୍ଯ୍ୟ ଉଦୟ ହେଉଥିବା ଦିଗ ।

**ପୂରୁବାପୂରୁବୀ** *ବିଂ.* ଅତି ପ୍ରାଚୀନ, ବହୁ କାଳରୁ ପ୍ରଚଳିତ ।

**ପୂରେଇବା** *କ୍ରି.* ୧. ଭିତରକୁ ଭର୍ତ୍ତି କରିବା ବା ପ୍ରବେଶ କରାଇବା ୨. ପୂର୍ଣ୍ଣ କରିବା, ପୂରଣ କରିବା ୩. ସନ୍ତୁଷ୍ଟ ବା ତୃପ୍ତ କରିବା ।

**ପୂର୍ଣ୍ଣ** *ବି.* ୧. ପୂରା, ସମ୍ପୂର୍ଣ୍ଣ ୨. ସମସ୍ତ, ସବୁ ।

**ପୂର୍ଣ୍ଣକାମ** *ବି.* ଇଚ୍ଛା, କାମନା ବା କାର୍ଯ୍ୟରେ ସଫଳ ହେବା, ଉଦ୍ଦେଶ୍ୟ ସିଦ୍ଧି ।

**ପୂର୍ଣ୍ଣକୁମ୍ଭ** *ବି.* ପାଣିପୂର୍ଣ୍ଣ ମାଠିଆ, ପୂଜାପର୍ବଣ ପାଳନ କାଳରେ ପାଣିଭର୍ତ୍ତି କଳସୀ ।

**ପୂର୍ଣ୍ଣଗର୍ଭା** *ବିଂ.* ୧. ଗର୍ଭପୂର୍ଣ୍ଣ ହୋଇଥିବା, ଯାହା ଜଠର ପରିପୂର୍ଣ୍ଣ ହୋଇଥାଏ ୨. ଆସନ୍ନପ୍ରସବା ୩. କୌଣସି ବସ୍ତୁରେ ପରିପୂର୍ଣ୍ଣ ହୋଇଥିବା ୪. ବର୍ଷା କାଳରେ ଦୁଇ କୂଳ ଖାଉଥିବା (ନଦୀ) ।

**ପୂର୍ଣ୍ଣଚନ୍ଦ୍ର** *ବି.* ଚନ୍ଦ୍ରର ପୂର୍ଣ୍ଣ ଅବସ୍ଥା, ପୂର୍ଣ୍ଣିମାର ଜହ୍ନ ।

**ପୂର୍ଣ୍ଣଚ୍ଛେଦ** *ବି.* ଏକ ପୂର୍ଣ୍ଣବାକ୍ୟର ଶେଷରେ ରହୁଥିବା ବିଭାଗ ଚିହ୍ନ (।) ।

**ପୂର୍ଣ୍ଣତଃ** *କ୍ରି.ବିଂ.* ପୂର୍ଣ୍ଣ ଭାବରେ, ସମ୍ପୂର୍ଣ୍ଣ ରୂପେ ।

**ପୂର୍ଣ୍ଣତା** *ବି.* ୧. ସମ୍ପୂର୍ଣ୍ଣଭାବ ବା ଅବସ୍ଥା ୨. ସମଗ୍ରତା ୨. ସଫଳତା ।

**ପୂର୍ଣ୍ଣବୟସ୍କ** *ବିଂ.* ପରିଣତ ବୟସ୍କ, ପୁରୁଷତ୍ୱ ବା ନାରିତ୍ୱ ଲାଭ କରିଥିବା (ବ୍ୟକ୍ତି), ସମ୍ପୂର୍ଣ୍ଣ ଶାରୀରିକ ବିକାଶ ଲାଭ କରିଥିବା ।

**ପୂର୍ଣ୍ଣବ୍ରହ୍ମ** *ବି.* ଅଣାକାର ବ୍ରହ୍ମ, ବିଶ୍ୱର ସୃଷ୍ଟିକର୍ତ୍ତା, ଅଖଣ୍ଡ ବ୍ରହ୍ମ ।

**ପୂର୍ଣ୍ଣମାସୀ** *ବି.* ୧. ପୂର୍ଣ୍ଣିମା ତିଥି ୨. ପୌର୍ଣ୍ଣମାସୀ, ଭାଗବତ ବର୍ଣ୍ଣିତ ସନ୍ନ୍ୟାସିନୀ ବିଶେଷ- ଯାହାକୁ ଯୋଗମାୟାଙ୍କର ମାନବୀକରଣ ଭାବରେ ଗ୍ରହଣ କରାଯାଉଛି ।

**ପୂର୍ଣ୍ଣମିତ୍ରାକ୍ଷର** *ବି.* କବିତା ରଚନାର ଏକ ରୀତି - ଯେଉଁଥିରେ ପଦର ପ୍ରଥମ ପାଦର ଅନ୍ତ୍ୟବର୍ଣ୍ଣ ଓ ଉପାନ୍ତ ସ୍ୱର ସହିତ ପରବର୍ତ୍ତୀ ପାଦର ଅନ୍ତ୍ୟବର୍ଣ୍ଣ ଓ ଉପାନ୍ତ ସ୍ୱରର ମିଳନ ହୋଇଥାଏ, ରାଇମିଙ୍ଗ୍ ।

**ପୂର୍ଣ୍ଣମୀ** *ବି.* ପୂର୍ଣ୍ଣିମା, ପୂନେଇ, ପୂନି ।

**ପୂର୍ଣ୍ଣାଙ୍ଗ** *ବି.* ୧. ସମସ୍ତ ଅଙ୍ଗଥିବା ୨. ସମ୍ପୂର୍ଣ୍ଣ ୩. ପରିପୂର୍ଣ୍ଣ ।

**ପୂର୍ଣ୍ଣାତିଥି** *ବି.* ଜ୍ୟୋତିଷ ଶାସ୍ତ୍ର ଅନୁସାରେ ତିଥିଗୁଡ଼ିକର ପ୍ରକାର ଭେଦ ମଧ୍ୟରେ ଗୋଟିଏ (ଅନ୍ୟଗୁଡ଼ିକ ରିକ୍ତା ନନ୍ଦା, ଭଦ୍ରା ଓ ଜୟା) ।

**ପୂର୍ଣ୍ଣାବତାର** *ବି.* ପୃଥିବୀପୃଷ୍ଠରେ ପରମବ୍ରହ୍ମଙ୍କର ସମ୍ପୂର୍ଣ୍ଣ ରୂପ ପରିଗ୍ରହ ।

**ପୂର୍ଣ୍ଣାହୁତି** *ବି.* ୧. ଯଜ୍ଞ ବା ହୋମ ପୂରାହେବା ପୂର୍ବରୁ ସମର୍ପିତ ଘିଅର ଆହୁତି ୨. କୌଣସି କାର୍ଯ୍ୟର ପରିସମାପ୍ତି ବା ଶେଷ ।

**ପୂର୍ଣ୍ଣିମା** *ବି.* ପୂର୍ଣ୍ଣମୀ, ପୂନି, ପୂନେଇ ।

**ପୂର୍ଣ୍ଣେନ୍ଦୁ** *ବି.* ପୂର୍ଣ୍ଣିମାର ଜହ୍ନ, ପୂନେଇଜହ୍ନ ।

**ପୂର୍ଣ୍ଣୋପମା** *ବି.* ଏକ ପ୍ରକାର ଉପମା ଅଳଙ୍କାର ଯେଉଁଥିରେ ଉପମାନ, ଉପମେୟ ଓ ଉପମାବାଚକ ଶବ୍ଦଗୁଡ଼ିକର ସ୍ପଷ୍ଟ ଉଲ୍ଲେଖ ରହିଥାଏ ।

**ପୂର୍ତ୍ତ** *ବିଂ.* ୧. ପୂରିଥିବା, ସମ୍ପୂର୍ଣ୍ଣ ହୋଇଥିବା ୨. ଘୋଡାହୋଇଥିବା ଆଚ୍ଛାଦିତ ୩. ସମାପିତ ।

**ପୂର୍ତ୍ତ ବିଭାଗ** *ବି.* ପି.ଡବ୍ଲୁଡ଼ି ବା ପବ୍ଲିକ୍ ଓ୍ୱାର୍କସ୍ ଡିପାର୍ଟମେଣ୍ଟ୍, ସରକାରଙ୍କ ରାସ୍ତାଘାଟ, କୋଠାବାଡ଼ି ନିର୍ମାଣ ଓ ମରାମତି କାର୍ଯ୍ୟ ତୁଲାଉଥିବା ବିଭାଗ, ବାରିକ ମିସ୍ତ୍ରୀ ବିଭାଗ, ନିର୍ମାଣ ବିଭାଗ ।

**ପୂର୍ତ୍ତି** ***ବି.*** ୧. ପୂରା ବା ସମ୍ପୂର୍ଣ୍ଣ ଅବସ୍ଥା, ସମାପ୍ତି ୨. ସନ୍ତୋଷ, ତୃପ୍ତି ।

**ପୂର୍ବ** ***ବି.*** ୧. ସୂର୍ଯ୍ୟଉଦୟ ହେଉଥିବା ଦିଗ ୨. ଅତୀତ, ପଛଦିନ, ପୁରାକାଳ; ***ବିଂ.*** ପ୍ରଥମ, ଆଦ୍ୟ ।

**ପୂର୍ବକ** ***ଅ.*** ୧. ଯାହାର ପୂର୍ବରେ କିଛି ବିଷୟ ବା କାରଣ ଥାଏ ୨. ସହିତ ୩. କ୍ରମେ, ଦ୍ୱାରା ।

**ପୂର୍ବକଥିତ** ***ବିଂ.*** ଆଗରୁ କଥିତ, ପୂର୍ବରୁ କୁହାଯାଇଥିବା ।

**ପୂର୍ବକାଳ** ***ବି.*** ପଛଦିନ, ଅତୀତ, ପ୍ରାଚୀନ, ପୁରାକାଳ ।

**ପୂର୍ବକାଳିଆ** ***ବିଂ.*** ୧. ପୁରୁଣା କାଳିଆ, ମରହଟିଆ, ୨. ପରମ୍ପରାବାଦୀ ୩. ଆଗକାଳର ।

**ପୂର୍ବକୃତ** ***ବିଂ.*** ଆଗରୁ କରିଥିବା, ପୂର୍ବରୁ ବା ଅତୀତରେ ସମ୍ପନ୍ନ କରିଥିବା ।

**ପୂର୍ବଗୋଲାର୍ଦ୍ଧ** ***ବି.*** ପୃଥିବୀ ପୂର୍ବଭାଗରେ ଥିବା ଅଞ୍ଚଳ ଯଥା – ଏସିଆ, ୟୁରୋପ, ଆଫ୍ରିକା ଓ ଅଷ୍ଟ୍ରେଲିଆ ମହାଦେଶ ।

**ପୂର୍ବଘାଟ** ***ବି.*** ଦକ୍ଷିଣ ଭାରତର ପୂର୍ବ ଉପକୂଳରେ ଲମ୍ବିଥିବା ପର୍ବତ ଶ୍ରେଣୀ ।

**ପୂର୍ବଚେତାବନୀ** ***ବି.*** ପ୍ରାକୃତିକ ବିପର୍ଯ୍ୟୟର ପୂର୍ବରୁ ପାଣିପାଗ ବିଭାଗ ଦ୍ୱାରା ଦିଆ ହେବା ସୂଚନା ଓ ବାରଣ ।

**ପୂର୍ବଜ** ***ବିଂ.*** ପୂର୍ବରୁ ଜନ୍ମ ହୋଇଥିବା; ***ବି.*** ୧. ପିତୃପୁରୁଷ, ବଡ଼ବଡ଼ୁଆ ୨. ବଡଭାଇ, ଅଗ୍ରଜ ।

**ପୂର୍ବଜନ୍ମ** ***ବି.*** ଜନ୍ମାନ୍ତରବାଦ ଦର୍ଶନ ଅନୁସାରେ କୌଣସି ଜୀବର ପଛଜନ୍ମ ।

**ପୂର୍ବଜା** ***ବି.*** ବଡ଼ଭଉଣୀ, ଅଗ୍ରଜା ।

**ପୂର୍ବତନ** ***ବିଂ.*** ଭୂତପୂର୍ବ, ଆଗକାର, ଅତୀତର ।

**ପୂର୍ବଦିଗ** ***ବି.*** ସୂର୍ଯ୍ୟଉଦୟ ହେଉଥିବା ଦିଗ ।

**ପୂର୍ବପକ୍ଷ** ***ବି.*** ୧. ଶୁକ୍ଲପକ୍ଷ ୨. ମୋକଦ୍ଦମାର ମୁଦେଇ ବା ବାଦୀ ; ***ବିଂ.*** ଆଗରୁ ବା ପ୍ରଥମେ ବିବାହ କରିଥିବା (ସ୍ତ୍ରୀ ବା ସ୍ୱାମୀ) ।

**ପୂର୍ବପୁରୁଷ** ***ବି.*** ୧. କୌଣସି ବଂଶର ପ୍ରଥମ ବ୍ୟକ୍ତି ୨. ପିତୃପୁରୁଷ ।

**ପୂର୍ବପ୍ରଚଳିତ** ***ବିଂ.*** ୧. ବହୁକାଳରୁ ଚଳିଆସୁଥିବା, ପରମ୍ପରାକ୍ରମେ ଗୃହୀତ ୨. ପୁରୁଣାକାଳିଆ, ମରହଟୀ ।

**ପୂର୍ବଫାଲଗୁନୀ** ***ବି.*** ଜ୍ୟୋତିଷ ଶାସ୍ତ୍ର ମୁତାବକ ୨୭ ସଂଖ୍ୟକ ନକ୍ଷତ୍ର ମଧ୍ୟରୁ ଏକାଦଶତମ ନକ୍ଷତ୍ର ।

**ପୂର୍ବବତ୍** ***ଅ. ବିଂ.*** ଆଗପରି, ଅତୀତରେ ଯେଉଁପରି ଥିଲା ।

**ପୂର୍ବବର୍ତ୍ତୀ** ***ବିଂ.*** ୧. ଏହା ପୂର୍ବରୁ ୨. ଆଗରେ ଯାଉଥିବା ୨. ପୂର୍ବ ଦିଗରେ ଥିବା ।

**ପୂର୍ବଭାଦ୍ରପଦ** ***ବି.*** ଜ୍ୟୋତିଷଶାସ୍ତ୍ରର ପଚିଶିତମ ନକ୍ଷତ୍ର ।

**ପୂର୍ବରଙ୍ଗ** ***ବି.*** ନାଟକ ଅଭିନୟର ପ୍ରସ୍ତାବନା ବା ଆରମ୍ଭ ।

**ପୂର୍ବରାଗ** ***ବି.*** ପରସ୍ପରକୁ ଦେଖିବା ପୂର୍ବରୁ ପରସ୍ପରର ରୂପଗୁଣ ବିଷୟ ଶୁଣି ନାୟକନାୟିକା ମଧ୍ୟରେ ସୃଷ୍ଟ ପ୍ରେମଭାବ ।

**ପୂର୍ବରୂପ** ***ବି.*** ୧. ଆଗର ଆକାର ବା ସୌନ୍ଦର୍ଯ୍ୟ ୨. ପଛଲକ୍ଷଣ ।

**ପୂର୍ବଲକ୍ଷଣ** ***ବି.*** ୧. ରୋଗ ଦେଖାଦେବାର ପ୍ରାକ୍‌ସୂଚନା ବା ଚିହ୍ନ ୨. କୌଣସି ଘଟଣା ଘଟିବା ପୂର୍ବରୁ ସଂକେତ ବା ଲକ୍ଷଣ ।

**ପୂର୍ବଷୋଡଶ** ***ବି.*** ପ୍ରେତକୃତ୍ୟ ବିଶେଷ, ଅନ୍ତ୍ୟେଷ୍ଟି କ୍ରିୟା ପ୍ରଥମ ଦିନରୁ ଦଶ ଦିନ ପର୍ଯ୍ୟନ୍ତ ସମ୍ପାଦିତ କ୍ରିୟାକର୍ମ (ଏକାଦଶ ଦିନର ପ୍ରେତକର୍ମକୁ ଉତ୍ତରଷୋଡଶ କୁହାଯାଏ) ।

**ପୂର୍ବସଂସ୍କାର** ***ବି.*** ପୂର୍ବଜନ୍ମର ଅର୍ଜିତ ଭଲକର୍ମର ଫଳ ।

**ପୂର୍ବାଗ୍ରହ** ***ବି.*** କୌଣସି ବ୍ୟକ୍ତି ବା ବିଷୟ ପ୍ରତି ଆଗରୁ ମନରେ ଥିବା ଧାରଣା ।

**ପୂର୍ବାଞ୍ଚଳ** ***ବି.*** ସୂର୍ଯ୍ୟ ଉଦୟ ହେଉଥିବା ଦିଗର ଆକାଶ, ଉଦୟାଞ୍ଚଳ ।

**ପୂର୍ବାନୁକ୍ରମ** ***ବି.*** ପୂର୍ବରୁ ପ୍ରକାଶିତ ବା ପ୍ରସାରିତ ଲେଖା ବା କାର୍ଯ୍ୟକ୍ରମର ପରବର୍ତ୍ତୀ ଅଂଶ ।

**ପୂର୍ବାନୁରାଗ** ***ବି.*** ୧. ପୂର୍ବରାଗ ୨. ପ୍ରେମ, ପ୍ରଣୟର ପ୍ରାଥମିକ ଲକ୍ଷଣ ।

**ପୂର୍ବାପର** ***ବିଂ.*** ୧. ପ୍ରଥମ ଓ ପର ବିଷୟ ୨. ଆଗପଛ, ଆନୁପୂର୍ବି, ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ।

**ପୂର୍ବାପର ସମ୍ବନ୍ଧ** ***ବି.*** ଆଗପଛର ସମ୍ପର୍କ ।

**ପୂର୍ବାପେକ୍ଷା** ***କ୍ରି.ବିଂ.*** ଅତୀତଠାରୁ, ପୂର୍ବଅପେକ୍ଷା, ପଛଦିନ ବା ଅତୀତରେ ଘଟିଥିବା ଘଟଣା ସହିତ ତୁଳନାତ୍ମକ ଭାବରେ ।

**ପୂର୍ବାବସ୍ଥା** ***ବି.*** ଅତୀତର ଅବସ୍ଥା ବା ଗୁଣ ।

**ପୂର୍ବାଭାସ** ***ବି.*** ୧. କୌଣସି ଘଟଣା ଘଟିବାର ପୂର୍ବ ସଂକେତ ବା ଆଭାସ ୨. ପୂର୍ବଲକ୍ଷଣ ।

**ପୂର୍ବାର୍ଜିତ** ***ବିଂ.*** ପୂର୍ବଜନ୍ମ ବା ଅତୀତର କର୍ମର ଫଳ ସ୍ୱରୂପ ।

**ପୂର୍ବାଶା** ***ବି.*** ପୂର୍ବଦିଗ, ସୂର୍ଯ୍ୟ ଉଇଁବା ଦିଗ ।

**ପୂର୍ବାଷାଢ଼ା** ***ବି.*** ଜ୍ୟୋତିର୍ମଣ୍ଡଳର ୨୭ ନକ୍ଷତ୍ର ମଧ୍ୟରୁ ବିଂଶତମ ।

**ପୂର୍ବାହ୍ନ** ***ବି.*** ମଧ୍ୟାହ୍ନର ପୂର୍ବବର୍ତ୍ତୀ କାଳ, ସକାଳବେଳା ।

**ପୂର୍ବେ** ***କ୍ରି.ବିଂ.*** ଅତୀତରେ, ଆଗକାଳରେ, ପ୍ରାଚୀନ କାଳରେ, ଆଗେ ।

**ପୂର୍ବୋକ୍ତ** ***ବିଂ.*** ଆଗରୁ କୁହାଯାଇଥିବା ।

**ପୂର୍ବାଭାଷ** ***ବି.*** **(ପୁସ୍ତକ ଆଦିର) ଭୂମିକା, ଆଦ୍ୟକଥନ, ମୁଖବନ୍ଧ ।**

**ପୂଷା** ***ବି.*** ୧. ସୂର୍ଯ୍ୟ ୨. ପୃଥିବୀ ୩. ଦେହର ଦଶ ସଂଖ୍ୟକ ପ୍ରଧାନ ନାଡ଼ୀ ମଧ୍ୟରୁ ଅନ୍ୟତମ ।

**ପୃକ୍ତ** ***ବିଂ.*** ୧. ମିଶ୍ରିତ ୨. ସଂଯୋଜିତ ୩. ଏକତ୍ରୀଭୂତ ୪. ସିକ୍ତ ।

**ପୃକ୍ତି** ***ବି.*** ମିଶ୍ରଣ, ସଂଯୋଗ, ସଂଲଗ୍ନ ।

**ପୃଚ୍ଛା** ***ବି.*** ୧. ଜାଣିବାର ଇଚ୍ଛା, ଜିଜ୍ଞାସା ୨. ପ୍ରଶ୍ନ ।

**ପୃଥକ୍** ***ବିଂ.*** ୧. ଅଲଗା, ନିଆରା ୨. ଭିନ୍ନ ୩. ସ୍ୱତନ୍ତ୍ର ୪. ବିଚ୍ଛିନ୍ନ ।

**ପୃଥକାନ୍ନ** ***ବି.*** ଅଲଗା ରୋଷେଇ କରି ଖାଉଥିବା ଏକ ପରିବାରର ସଦସ୍ୟ, ହାଣ୍ଡି ଅଲଗା କରିଥିବା, ଭିନ୍ନେ ହୋଇଥିବା ପରିବାର ।

**ପୃଥିବୀ** ***ବି.*** ୧. ପୃଥ୍ୱୀ, ଭୂମଣ୍ଡଳ, ସୌରମଣ୍ଡଳରେ ନ' ଟି ଗ୍ରହ ମଧ୍ୟରୁ ଏକତମ - ଯେଉଁଠି ଆମେ ରହିଛୁ , ଧରା, ଧରିତ୍ରୀ ୨. ମାଟି, ଭୂମି ।

**ପୃଥିବୀଧର** ***ବି.*** ମହୀଧର, ପର୍ବତ, ଶୈଳ ।

**ପୃଥିବୀପୃଷ୍ଠ** ***ବି.*** ୧. ପୃଥିବୀର ଉପର ଭାଗ, ମାଟିଉପର ୨. ସଂସାର ।

**ପୃଥୁଳ** ***ବିଂ.*** ୧. ମୋଟା, ସ୍ଥୂଳ ୨. ବଡ଼ ଆକାରବିଶିଷ୍ଟ, ବିସ୍ତୃତ ; ***ବି.*** ପୃଥୁଳତା ।

**ପୃଥ୍ୱୀ** ***ବି.*** ପୃଥିବୀ ।

**ପୃଷ୍ଟ** ***ବିଂ.*** ୧. ପଚରା ଯାଇଥିବା, ଜିଜ୍ଞାସିତ ।

**ପୃଷ୍ଠ** ***ବି.*** ୧. ପିଠି ୨. ଉପରିଭାଗ ୩. ପଛପାଖ ୪. ବହିର ପୃଷ୍ଠା ।

**ପୃଷ୍ଠଦଣ୍ଡ** ***ବି.*** ମେରୁହାଡ଼, ମେରୁଦଣ୍ଡ, ପିଠିହାଡ଼ ।

**ପୃଷ୍ଠଦେଶ** ***ବି.*** ୧. ପଛଭାଗ, ପଛପଟ ୨. ପିଠି ।

**ପୃଷ୍ଠପଟ** ***ବି.*** ୧. ଉପରଅଂଶ ୨. ବହିର୍ଭାଗ, ବାହାର ପଟ ୩. ମଲାଟ ।

**ପୃଷ୍ଠପୋଷକ** ***ବିଂ. ବି.*** ପଛରେ ଥାଇ କୌଣସି ବ୍ୟକ୍ତିକୁ ବା କାର୍ଯ୍ୟରେ ସମସ୍ତ ସାହାଯ୍ୟ ପ୍ରଦାନ କରୁଥିବା ଲୋକ, ପ୍ରଧାନ ସାହାଯ୍ୟକାରୀ, ମୁଖ୍ୟ ସମର୍ଥକ, ସହାୟକ ; ***ବି.*** ପୃଷ୍ଠପୋଷକତା ।

**ପୃଷ୍ଠପ୍ରଦର୍ଶନ** ***ବି.*** ୧. ପିଠି ଦେଖାଇବା ୨. ପଳାଇ ଯିବା, ଛତ୍ରଭଙ୍ଗ ଦେବା ।

**ପୃଷ୍ଠବନ୍ଧ** ***ବି.*** ବହିର ଶେଷରେ ଦିଆଯାଇଥିବା ବହି ସମ୍ବନ୍ଧିତ ଲେଖା ।

**ପୃଷ୍ଠବ୍ରଣ** ***ବି.*** ପଠା ଘା', ପିଠି ଘା', ପିଠିରେ ଉଠିଥିବା ବଥ ।

**ପୃଷ୍ଠଭଙ୍ଗ** ***ବି.*** ୧. ଛତ୍ର ଭଙ୍ଗ, ପଛଘୁଞ୍ଚା ୨. ପରାଜୟବରଣ ।

**ପୃଷ୍ଠରକ୍ଷା** ***ବି.*** ପଛରେ ରହି ସୁରକ୍ଷା ଦେବା ।

**ପୃଷ୍ଠରକ୍ଷୀ,ପୃଷ୍ଠରକ୍ଷକ** ***ବି.*** ସେନାବାହିନୀର ପଛରେ ଥାଇ ସୁରକ୍ଷା ଦେଉଥିବା ଯୋଦ୍ଧା ବା ସେନା ।

**ପୃଷ୍ଠସାରଣୀ** ***ବି.*** ମୁଖ୍ୟ ରଙ୍ଗମଞ୍ଚର ପଛପରଦା, ବେକ୍‌ଡ୍ରପ୍ ।

**ପୃଷ୍ଠା** ***ବି.*** ବହି, ଖାତା, ନଥିପତ୍ର ପ୍ରଭୃତିର ଗୋଟିଏ ପାଖ ।

**ପୃଷ୍ଠାଙ୍କ** ***ବି.*** ବହି, ଖାତା, ନଥିପତ୍ରର ପୃଷ୍ଠାଗୁଡ଼ିକର କ୍ରମିକ ସଂଖ୍ୟା ।

**ପୃଷ୍ଠା ଲେଉଟାଇବା, ପୃଷ୍ଠା ଆଡ଼େଇବା** ***କ୍ରି.*** ୧. ବହି ବା ଖାତାପତ୍ର ଖୋଲିବା ଓ ପୃଷ୍ଠା ପରେ ପୃଷ୍ଠା ଖୋଲିବା ୨. ମୋଟାମୋଟି ଭାବରେ ପଢ଼ିଯିବା ।

**ପୃଷ୍ଠାସ୍ଥି** ***ବି.*** ପିଠିହାଡ଼, ମେରୁଦଣ୍ଡ ।

**ପେଁକାଳି** ***ବି.*** କାହାଳି, ମହୁରୀ, ତୂରୀ ଜାତୀୟ ପେଁ ପେଁ ଧ୍ୱନି ସୃଷ୍ଟି କରୁଥିବା ସୁସୁରି ବାଦ୍ୟ ।

**ପେଁକାଳିଆ** ***ବି.*** ୧. ଧାନ, ଗହମ, ବାଜରା ଆଦି ଗଛରେ ଦେଖାଦେଉଥିବା ଏକପ୍ରକାରର ରୋଗ ଯାହାଦ୍ୱାରା ସଂକ୍ରମିତ ଗଛରୁ କାହାଳି ପରି ଏକ ଷଣ୍ଢା ବାହାରେ ୨. ପେଁକାଳିବଜାଳୀ, ମହୁରିଆ ।

**ପେଁକାଳିଆ ମାରିବା** ***ବି.*** ୧. ଧାନ, ଗହମ ଆଦି ତୃଣର ଅଗ ଶୁଖିଯିବା ୨. ଗତି ବା ବିକାଶ ବ୍ୟାହତ ହେବା ।

**ପେଁଟ୍** ***ବି.*** ଟ୍ରାଉଜର୍, ହାଫ୍ ବା ଫୁଲ୍ ପ୍ୟାଣ୍ଟ ।

**ପେଁଡ୍ରା** ***ବି.*** ଗଧିଆ ।

**ପେଁପେଁୟା ବେତ/ ବାଡ଼ି** ***ବି.*** ସରୁ ଓ ନହକା ବେତ ।

**ପେଁ ପେଁ ହେବା** ***କ୍ରି.*** ଭଡ଼ ଭଡ଼ ହେବା, ବାଜେକଥା କହିବା ।

**ପେ** ***ବି.*** ବେତନ, ଦରମା ।

**ପେ ଅର୍ଡର** ***ବି.*** ଦରମା ପାଇଁ ଆଦେଶନାମା ।

**ପେଇଁ** ***ଅ.*** ପାଇଁ, ସକାଶେ, ଉଦ୍ଦେଶ୍ୟରେ, ଯୋଗୁଁ ।

**ପେଇ** ***ବି.*** ଟଙ୍କା ପାଇବା ଲୋକ ।

**ପେଇଙ୍ଗ୍ ଗେଷ୍ଟ** ***ବି.*** ରହିବା ଓ ଖାଇବା ମୂଲ୍ୟ ଦେଇ କାହାରି ଘରେ ରହୁଥିବା ବ୍ୟକ୍ତି ।

**ପେଖନା** ***ବି.*** ବାହାନା, ଛଳନା, ଅଭିନୟ ।

**ପେଖନା କାଢ଼ିବା** ***ବି.*** ବାହାନା କରିବା, ଛଇ ଦେଖାଇବା ।

**ପେଗ୍** ***ବି.*** ମଦ୍ୟର ପରିମାପକ ବିଶେଷ ।

**ପେଙ୍ଗା** ***ବି.*** ୧. ବାହାନା, ଛଳନା, କପଟତା ୨. ଲେଙ୍ଗଡା, ଅକ୍ଷମତା ହେତୁ ବଙ୍କେଇ ଚାଲିବା ଲୋକ ।

**ପେଙ୍ଗା ମାରିବା** ***କ୍ରି.*** ବାଉଁଶ ଦୋଳିରେ ବସଉଠ ହୋଇ ଗତିବୃଦ୍ଧି କରିବା ।

**ପେଙ୍ଗେଇବା** ***କ୍ରି.*** ହାତ, ଅଥବା ଗୋଡ଼ର କୌଣସି ଅଂଶ ମାଟିରେ ଭରା ଦେଇ ଛୋଟେଇ ଛୋଟେଇ ବା ଘୁଷୁରି ଘୁଷୁରି ଗତି କରିବା ।

**ପେଙ୍ଗୁ** ***ବି.*** ଗୁଳ୍ମ ବିଶେଷ (ଏହାର ସରୁଆ ଧଳା ଫୁଲ ଏବଂ ପେଚ୍ଛା ପେଚ୍ଛା ହୋଇ କୋଳି ରହିଥାଏ) ।

**ପେଙ୍ଗୁନଳୀ** ***ବି.*** ଦୁଇପଟ ଖୋଲା ସରୁ ବାଟ ଥିବା ବାଉଁଶ ନଳୀ - ଯାହା ଭିତରେ ପେଙ୍ଗୁଫଳ ପୂରାଇ ଫୁଙ୍କିଲେ ଜୋରରେ ବାହାରି ଯାଏ ।

**ପେଚ୍‌କସ୍ ବି.** ପେଚ ବା ନଟ୍ ବୋଲ୍ଟ କସିବା ପାଇଁ ବ୍ୟବହୃତ ଉପକରଣ, ସ୍କ୍ରୁଡ୍ରାଇଭର ।

**ପେଚ୍‌କା ବିଂ.** ଚେପ୍‌ଟା ।

**ପେଚ୍‌କି ବିଂ.** ଚେପ୍‌ଟୀ ।

**ପେଚ୍‌ପେଚା ବିଂ.** ଅସନା, ନର୍ଦ୍ଦମାପୂର୍ଣ୍ଣ ।

**ପେଚ ବି.** ଘାରି ବା ରାଇଥିବା କଣ୍ଟା ଖିଲ, ପେଚକଣ୍ଟା, ଘରା ଥିବା ଲୁହାକଣ୍ଟା ।

**ପେଚକ ବି.** ପେଚା, ଉଲୁକ ।

**ପେଚ ମାରିବା କ୍ରି.** ଖିଲ ବା ପେଚ ସାହାଯ୍ୟରେ ଦୁଇଟି ପଦାର୍ଥକୁ ପରସ୍ପର ସହ ଯୋଡ଼ିବା ।

**ପେଚରା ବି.** ଆଖିର ନେଞ୍ଜରା, ଆଖିମଳ, ଲେନ୍ଧରା ।

**ପେଚା ବି.** ୧. ବଡ଼ଆଖିଆ ନିଶାଚର ପକ୍ଷୀବିଶେଷ ୨. ଉଲୁକ ।

**ପେଚାଆଖିଆ ବିଂ.** ବଡ଼ଆଖିଥିବା, ଢିମାଆଖିଆ ।

**ପେଚା ଡାକିବା କ୍ରି.** ୧. ପେଚା ବୋବାଇବା ୨. ଅମଙ୍ଗଳ ବା ଅଶୁଭର ଆଶଙ୍କା ହେବା ।

**ପେଚା ବସିବା କ୍ରି.** ଲୋକ ବିଶ୍ୱାସରେ ଅମଙ୍ଗଳ ବା ଆସନ୍ନ ବିପଦ ସୂଚିତ ହେବା ।

**ପେଚାମୁହାଁ ବିଂ.** ପେଚା ପରି ମୁହଁ ଯାହାର ।

**ପେଚା ହେବା କ୍ରି.** ଚେପା ହୋଇଯିବା ।

**ପେଚୀ ବି.** ୧. ମାଈପେଚା ୨. ପେଚାପରି ଚେପଟାନାକ ଓ ଛୋଟ ବେକ ଥିବା ନାରୀ ୩. ବଟାବିରି ଓ ପିଆଜରେ ତିଆରି ଛୋଟ ପିଠା ।

**ପେଚୁ ବି.** ସାରୁ ।

**ପେଜ୍ ବି.** ପୃଷ୍ଠା ।

**ପେଜ୍‌ମେକର ବି.** କମ୍ପ୍ୟୁଟରରେ ବହିପତ୍ରର ପାଠ ଓ ପୃଷ୍ଠା ତିଆରି କରୁଥିବା ବ୍ୟବସ୍ଥା ବିଶେଷ ।

**ପେଜ ବି.** ୧. ଭାତଗଳା ପାଣି, ମଣ୍ଡ; ରନ୍ଧା ଖାଦ୍ୟଶସ୍ୟର ବହଳ ତରଳ ପଦାର୍ଥ ୨. ତୋନି, ମଣ୍ଡ, ମଡ଼, ତୋରାଣି ୩. ପଖାଳ ।

**ପେଜନଳା ବି.** ଯେଉଁ ବାଟ ଦେଇ ରୋଷେଇ ଘରୁ ପେଜ ବାହାରକୁ ଯାଏ ।

**ପେଜଭାତ ବି.** ୧. ପଖାଳଭାତ ୨. ପେଜ ଛାଡ଼ିନଥିବା ଭାତ ।

**ପେଜୁଆ ବିଂ.** ୧. ପେଜମିଶା ୨. ପେଜପରି ବହଳ ଓ ଢଳଢ଼ଳ ୩. କାଠୁଆ ୪. ଶେଥା, ରକ୍ତହୀନ ।

**ପେଜୁଆ ଆଖି ବି.** ନିଦୁଆ ଆଖି, ନିଶାସକ୍ତ ଆଖି ।

**ପେଞ୍ଚ ବି.** ଚକ୍ରାନ୍ତ, କ୍ଷତିକାରକ ଯୋଜନା ।

**ପେଞ୍ଚକୁଡ଼ ବି.** ଅବ୍ୟବସ୍ଥା ।

**ପେଞ୍ଚୁଆ ବିଂ.** କୁଟିଳପ୍ରକୃତି, ଅନ୍ୟକୁ ଖାଲରେ ପକେଇବା ବା ନିୟନ୍ତ୍ରଣରେ ରଖିବା ପାଇଁ ଯୋଜନା କରୁଥିବା (ବ୍ୟକ୍ତି) ।

**ପେଟ୍‌ଲାହା ବିଂ.** ପେଟୁ, ଅଧିକ ଖାଉଥିବା, ଖାଦ୍ୟପ୍ରିୟ ।

**ପେଟ ବି.** ୧. ଖାଇବା ପରେ ଖାଦ୍ୟ ଶରୀରର ଯେଉଁ ପ୍ରତ୍ୟଙ୍ଗକୁ ଯାଇଥାଏ, ପାକସ୍ଥଳୀ, ଉଦର ୨. ଗର୍ଭ ।

**ପେଟକଥା ବି.** ମନ ବା ହୃଦୟର ଗୋପନ କଥା, ଅନ୍ତରଙ୍ଗ ଅନୁଭୂତି, ମନକଥା ।

**ପେଟ କାଟିଦେବା କ୍ରି.** କାହାରି ପ୍ରାପ୍ୟ ପୂରା ନ ଦେବା ।

**ପେଟ କାଟିବା, ପେଟ ମାରିବା, ପେଟ ଟାଣିବା କ୍ରି.** ପେଟ ବା ପାକସ୍ଥଳୀରେ ଅସୁସ୍ଥତାଜନିତ କାରଣରୁ ଅସ୍ୱସ୍ତି ବା କଷ୍ଟ ଅନୁଭବ କରିବା ।

**ପେଟକାବୁରା ବିଂ.** ପେଟବିକଳିଆ, ଭୋକ ସମ୍ଭାଳି ନପାରୁଥିବା ।

**ପେଟଖସା ବି.** ଗର୍ଭପାତ, ପେଟଭଙ୍ଗା ।

**ପେଟ ଘା' ବି.** ପାକସ୍ଥଳୀ ଅଥବା ଅନ୍ତଃନାଳୀରେ କ୍ଷତ ବା ଘା' ।

**ପେଟ ଟାଣିବା କ୍ରି.** ପେଟ କାଟିବା, ପେଟରେ ବ୍ୟଥା ହେବା ।

**ପେଟପାଟଣା ବି.** ବଞ୍ଚିବା ପାଇଁ ଅବଲମ୍ବନ, ଜୀବିକା, ଧନ୍ଦା ।

**ପେଟପୂଜା ବି.** ମନ ଖୁସି ହେଲାପରି ଖାଇବା ।

**ପେଟଫଟା ବି.** ଚରମ ଖୁସି, ଆନନ୍ଦ ଭାବ ।

**ପେଟଫାମ୍ପା ବି.** ପେଟରେ ଅଜୀର୍ଣ୍ଣ ବା ଅନ୍ୟ କାରଣରୁ ବାୟୁ ହୋଇ କଷ୍ଟ ହେବା ।

**ପେଟଫୁଲା ଶାଗ ବି.** ମଦରଙ୍ଗା ଶାଗ ଭଳି ଦେଖାଯିବା ଏକ ପ୍ରକାର ଶାଗ – ଯାହା ଖାଇଲେ ସହଜରେ ହଜମ ହୁଏ ନାହିଁ ।

**ପେଟବଥା ବି.** ପେଟରେ ଯନ୍ତ୍ରଣା, କଷ୍ଟ, ଶୂଳରୋଗ ।

**ପେଟବିକଳା ବିଂ.** ୧. ଖାଦ୍ୟଲୋଭୀ ୨. କ୍ଷୁଧାର୍ତ୍ତ ୩. ଦରିଦ୍ର ।

**ପେଟ ଭାଙ୍ଗିବା କ୍ରି.** ଗର୍ଭପାତ କରାଇବା ।

**ପେଟମରା ବି.** ପେଟରେ ଭୟଙ୍କର ଯନ୍ତ୍ରଣା, ଶୂଳରୋଗ ।

**ପେଟ ମାରିବା କ୍ରି.** ୧. ଭୋକ ଲାଗିବା ବେଳେ ନ ଖାଇବା, ଭୋକ ମାରି ଦେବା ୨. କାହାରି ଆୟ ବା ଉପାର୍ଜନରେ ବାଧା ସୃଷ୍ଟି କରିବା ।

**ପେଟ ମୋଡ଼ିହେବା କ୍ରି.** ଅସୁସ୍ଥତା ହେତୁ ପେଟ ଘାଣ୍ଟିହେବା ବା ବ୍ୟଥାହେବା ।

**ପେଟରା ବି.** ବେତ ବା ବାଉଁଶରେ ତିଆରି ଘୋଡଣି ଥିବା ବାକ୍ସ ।

**ପେଟରେ କରିବା** *କ୍ରି.* ନାରୀକୁ ଗର୍ଭବତୀ କରିବା ।

**ପେଟରେ ମାରିବା** *କ୍ରି.* ପେଟ ମାରିବା, ପ୍ରତିଶୋଧ ନେବାପାଇଁ ବା ଦାଉ ସାଧିବା ପାଇଁ ଜୀବିକା ନିର୍ବାହର ବାଟ ବନ୍ଦ କରିଦେବା ।

**ପେଟରେ ରଖିବା** *କ୍ରି.* କୌଣସି କଥା ଗୋପନ ରଖିବା ।

**ପେଟରେ ହେବା** *କ୍ରି.* ଗର୍ଭଧାରଣ କରିବା ।

**ପେଟରୋଗ** *ବି.* ପାକଯନ୍ତ୍ରରେ ରୋଗ ।

**ପେଟ ଲାଗିଯିବା** *କ୍ରି.* ୧. ଖାଦ୍ୟାଭାବରୁ ପେଟ ଖାଙ୍କେଇଯିବା ୨. ଚର୍ବି ଯୋଗୁଁ ପେଟ ବଢ଼ି ବଡ଼ ଦିଶିବା ।

**ପେଟା** *ବିଂ.* ସ୍ୱାଭାବିକ ଆକାର ଠାରୁ ବଡ଼ ପେଟ ଥିବା, ସ୍ଥୁଳୋଦର, *ସ୍ତ୍ରୀ.* ପେଟୀ ।

**ପେଟି** *ବି.* ୧. ପେଡ଼ି, ଜିନିଷପତ୍ର ରଖିବା ପାଇଁ ବ୍ୟବହୃତ ଘୋଡଣୀ ଥିବା ଆଧାର ୨. ଗାଣ୍ଠି ୩. ମାଛର ପେଟ ପାଖ ।

**ପେଟି କଣ୍ଟ୍ରାକ୍ଟର** *ବି.* ୧. ଛୋଟ ଛୋଟ କାମ ନେଉଥିବା ଠିକାଦାର ୨. ବଡ଼ କଣ୍ଟ୍ରାକ୍ଟର୍ ଅଧୀନରେ କାମ କରୁଥିବା ଛୋଟ ଠିକାଦାର ।

**ପେଟିକାର** *ବି.* ୧. ଚିତ୍ରକର ୨. କାରିଗର ।

**ପେଟିବତା** *ବି.* ଘରର ଛପରରେ କାମଡ଼ା ତଳେ ଲାଗୁଥିବା ବତା ।

**ପେଟିବନ୍ଧ** *ବି.* ନଦୀ, ନାଳ, ଯୋରରେ ଆଡୁଆ ଦିଆଯାଉଥିବା ହୁଡା, ଆଡ଼ିବନ୍ଧ ।

**ପେଟିବୁର୍ଜୁଆ** *ବି.* ସମାଜର ଉଚ୍ଚଶ୍ରେଣୀ ବା ବୁର୍ଜୁଆମାନଙ୍କର ଅନୁଗାମୀ ମଧ୍ୟବିତ୍ତ ଗୋଷ୍ଠୀ ।

**ପେଟୀ** *ବିଂ.* ୧. ପେଣ୍ଡୀ ୨. ବଡ଼ ପେଟ ଥିବା ସ୍ତ୍ରୀଲୋକ ୩. ବେଲ୍ଟ, କମରପଟି ।

**ପେଟୁ** *ବିଂ.* ୧. ଖାଦ୍ୟଲୋଭୀ, ଖାଇବାକୁ ଭଲ ପାଉଥିବା ୨. ଆବଶ୍ୟକତାରୁ ଅଧିକ ଖାଉଥିବା ।

**ପେଟୁଆ** *ବିଂ.* ୧. ବଡ଼ ପେଟଥିବା ୨. ଗହୀରିଆ ୩. ବାହାରକୁ ଫୁଲିଲା ପରି ଦିଶୁଥିବା ୪. ଖାଦ୍ୟଲୋଭୀ ।

**ପେଟେ** *ବିଂ.* ୧. ପେଟପୂରା, ପେଟଭର୍ତ୍ତି , ପେଟ ପୂରିଲା ପର୍ଯ୍ୟନ୍ତ ୨. ପେଟରେ ଲାଗିବା ପର୍ଯ୍ୟନ୍ତ ।

**ପେଟେଇ ପଡ଼ିବା** *କ୍ରି.* ସାମର୍ଥ୍ୟ ହରେଇବା, ଦୁର୍ବଳ ହେଇପଡ଼ିବା ।

**ପେଟେଇବା** *କ୍ରି.* ୧. ପେଟମାଡ଼ି ଶୋଇବା ୨.ଶିଶୁ ପ୍ରଥମ ଥର ଲେଉଟିବା ।

**ପେଟେ ଖାଇବା** *କ୍ରି.* ୧. ଖାଇବାରେ ଖୁସି ହେବା ୨. ପେଟ ପୂରିବା ପର୍ଯ୍ୟନ୍ତ ଆନନ୍ଦରେ ଖାଇବା ।

**ପେଟେ ଠୁକିବା** *କ୍ରି.* ପେଟେ ଖାଇବା, ମନଭରି ଖାଇବା ।

**ପେଟେଣ୍ଟ୍** *ବି.* କୌଣସି ଉଦ୍‌ଭାବିତ ପଦାର୍ଥର ମୂଳସୂତ୍ର ବା ଜ୍ଞାନର ସ୍ୱତ୍ୱ ।

**ପେଟ୍ରୋଲ୍** *ବି.* ପେଟ୍ରୋଲିୟମଜାତ ଇନ୍ଧନତୈଳ ।

**ପେଟ୍ରୋଲିୟମ୍** *ବି.* ମାଟିତଳୁ ଉତ୍ତୋଳିତ ତରଳ ଘନ ଦାହ୍ୟ ପଦାର୍ଥ ଯେଉଁଥିରୁ ପେଟ୍ରୋଲ, ଡିଜେଲ, ମୋବିଲ ଓ ଜାଳେଣୀ ଗ୍ୟାସ ଆଦି ତୈଳ ଓ ବାଷ୍ପୀୟ ପଦାର୍ଥ ତିଆରି ହୁଏ ।

**ପେଠା** *ବି.* ପାଣିକଖାରୁ ଓ ଚିନିରେ ତିଆରି ଏକ ପ୍ରକାର ମିଠା ; *ବିଂ.* ବାଙ୍ଗରା, ଗେଡା, ଅଳ୍ପ ଉଚ୍ଚତାବିଶିଷ୍ଟ ।

**ପେଡ଼ା** *ବି.* ୧. ଖୁଆ ଓ ଚିନି ମିଶାଇ ପ୍ରସ୍ତୁତ ଏକପ୍ରକାର କଠିନ ଗୋଲାକାର ସୁମିଷ୍ଟ ଖାଦ୍ୟ ୨. ପିଜୁଳି, ଜାମ୍, ମାୟା ୩. ମଇଁଷି ଛୁଆ ୪. ପେଡ଼ିବା କାର୍ଯ୍ୟ ୫. ପେଟରା, ବାକ୍ସ ; *ବିଂ.* ଘଣା ଅଥବା ଯନ୍ତା ବା କଳ ସାହାଯ୍ୟରେ ପେଷା ଯାଇଥିବା ।

**ପେଡ଼ାଳୀ** *ବି.* ପେଡୁଥିବା ବା ପେଷୁଥିବା ବ୍ୟକ୍ତି ।

**ପେଡ଼ି** *ବି.* ୧. ବାଉଁଶ, ବେତପାତିଆରେ ତିଆରି ଘୋଡଣି ଥିବା ଆଧାର ବା ବାକ୍ସ ୨. ଛୋଟ ପେଟରା ୩. କୌଣସି ଟାଣ ପଦାର୍ଥ ଘୋରିବା ପାଇଁ ବ୍ୟବହୃତ ପଥରଖଣ୍ଡ ୪. ବାକ୍ସ ।

**ପେଡ଼ିବା** *କ୍ରି.* ପେଷିବା, ଦଳିବା ।

**ପେଡ଼ିଲୁଗା** *ବି.* ପେଡ଼ିରେ ଯତ୍ନରେ ରଖାଯାଇଥିବା ଭଲ ବସ୍ତ୍ର ଯାହା ବାହାରକୁ ଯିବା ସମୟରେ ପିନ୍ଧାଯାଏ ।

**ପେଢ଼ି** *ବି.* ବିଚାରାଳୟର କାଠଗଡ଼ା ।

**ପେଣ୍ଟ୍** *ବି.* ୧. ଅଣ୍ଟାଠାରୁ ତଳକୁ ପିନ୍ଧାଯାଉଥିବା ପୋଷାକ ୨. କୌଣସି ପଦାର୍ଥ ଉପରେ ବୋଳା ଯାଉଥିବା ରଙ୍ଗ ।

**ପେଣ୍ଟ୍ ଦେବା** *କ୍ରି.* ରଙ୍ଗ କରିବା ।

**ପେଣ୍ଟ୍‌ଲୁନ୍** *ବି.* ପତଲୁନ, ପାଇଜାମା, ଟ୍ରାଉଜର୍‌ସ୍ ।

**ପେଣ୍ଟର୍** *ବି.* ଚିତ୍ରକର, ଛବିଅଙ୍କାଳୀ, ଆର୍ଟିଷ୍ଟ ।

**ପେଣ୍ଟିଙ୍ଗ୍** *ବି.* ଚିତ୍ର, ଛବି, ରୂପ ।

**ପେଣ୍ଟ୍ରିକାର** *ବି.* ଦୂରଗାମୀ ରେଳରେ ଯାତ୍ରୀମାନଙ୍କ ଖାଦ୍ୟ ଯୋଗାଣ ବ୍ୟବସ୍ଥାପାଇଁ ଥିବା ବଗି ।

**ପେଣ୍ଠ** *ବି.* ୧. ବିଭିନ୍ନ ପଦାର୍ଥ ମହଜୁଦ କରି ରଖାଯାଉଥିବା ସ୍ଥାନ, ଭଣ୍ଡାର ୨. ବଜାର ୩. ଗ୍ରାମ ୪. ଦଳ, ଗୋଷ୍ଠୀ ।

**ପେଣ୍ଠିଆ** *ବି.* ପେଣ୍ଠର ଜଗୁଆଳୀ ; *ବିଂ.* ବାଙ୍ଗରା, ଗେଡ଼ା ।

**ପେଣ୍ଡୀ** *ବି.* ଛୁଆ ଜନ୍ମ କରି ନଥବା ଛେଳି ; *ବିଂ.* ଠୁକୁରୀ, ଗେଡ଼ୀ, କମ୍ ଉଚ୍ଚତାବିଶିଷ୍ଟ ।

**ପେଣ୍ଡରା** *ବି.* ୧. ଅଣ୍ଡିରା ହେଟା, ଭେରଣ୍ଡା ୨. ଚିତାବାଘ, ଛୋଟ ବାଘ ।

**ପେଣ୍ଡରାଇବା** *କ୍ରି.* ଆଖି ତରାଟିବା, ଆଖି ମିଟିମିଟି କରିବା ।

**ପେଣ୍ଡା** ***ବି.*** ୧. ପେଛା, ଗୁଚ୍ଛ ୨. ମେଞ୍ଚା ୩. ଗୋଡ଼ର ପଛପାଖ ପାଦଠାରୁ ଆଣ୍ଠୁ ପର୍ଯ୍ୟନ୍ତ ମାଂସଳ ଅଂଶ ୪. କେଣ୍ଡା ।

**ପେଣ୍ଡାପେଣ୍ଡା** ***ବିଂ.*** ଗୋଛାଗୋଛା, ପେଛାପେଛା ।

**ପେଣ୍ଡାବାଳ** ***ବି.*** ମୁଣ୍ଡପଛରେ ଗୋଛାକରି ବନ୍ଧାଯାଇଥିବା ଲମ୍ବ ବାଳ ।

**ପେଣ୍ଡାଲ୍** ***ବି.*** ୧. ରଙ୍ଗମଞ୍ଚ, ଅଭିନୟ ସ୍ଥଳ ୨. ସଭାମଞ୍ଚ ୩. ବେଦି(1) ୪. ପୀଠ ଓ ସେଭଳି ଉଚ୍ଚସ୍ଥାନ ।

**ପେଣ୍ଡି** ***ବିଂ.*** ୧. ଅଳ୍ପ ସଂଖ୍ୟକ ପଦାର୍ଥର ଗୁଚ୍ଛ ୨. କାନର ଅଳଙ୍କାର ୩. ଝୁଲି ରହିଥିବା ଅଳଙ୍କାର ।

**ପେଣ୍ଡିଆ ବନ୍ଧୁ** ***ବି.*** ମୁଖ୍ୟବନ୍ଧୁ, ପରିବାରର ସମ୍ମାନନୀୟ ବ୍ୟକ୍ତି ।

**ପେଣ୍ଡି ଗରାଖ** ***ବି.*** ମୁଖ୍ୟଗରାଖ, ଦୋକାନ ବା ବ୍ୟବସାୟର ବିଶିଷ୍ଟ ଗ୍ରାହକ ।

**ପେଣ୍ଡୁ** ***ବି.*** ୧. ବଲ୍ ୨. ଗୋଲାକାର ବସ୍ତୁ ।

**ପେଣ୍ଡୁଳା, ପେଣ୍ଡୁଳି** ***ବି.*** ଛୋଟ ଗୋଲାକାର ପଦାର୍ଥ ।

**ପେତେନ, ପେତୁଣୀ** ***ବି.*** ପିତାସୁଣୀ, ଭୂତୁଣୀ – ପ୍ରଥମ ସନ୍ତାନ ଜନ୍ମବେଳେ ମରିଥିବା ନାରୀ ପେତୁଣୀ ହୋଇଯାଏ ବୋଲି ଲୋକବିଶ୍ୱାସ ।

**ପେନ୍** ***ବି.*** ୧. କଲମ ୨. ଯନ୍ତ୍ରଣା, କଷ୍ଟ ୩. ପାଏନ୍, ପାଣି ।

**ପେନ୍‌କିଲର୍** ***ବି.*** ଯନ୍ତ୍ରଣାର ଆଶୁ ଉପଶମ ପାଇଁ ବଟିକା ବା ପିଲ୍ ।

**ପେନ୍‌ଡ୍ରାଇଭ** ***ବି.*** ପଠନ ସାମଗ୍ରୀ, ଫଟୋ, ଗୀତ ଆଦିର ସଂରକ୍ଷଣ ଓ କମ୍ପ୍ୟୁଟର, ଟିଭି ଆଦିରେ ବ୍ୟବହାର ପାଇଁ ବିଭିନ୍ନ କ୍ଷମତା ସମ୍ପନ୍ନ କ୍ଷୁଦ୍ରାକାର ଉପକରଣ ।

**ପେନ୍‌ସନ୍** ***ବି.*** ଚାକିରିରୁ ଅବସର ଗ୍ରହଣ ପରେ ମିଳୁଥିବା ଭତ୍ତା, ଅବସରକାଳୀନ ଭତ୍ତା ।

**ପେନ୍‌ସନଭୋଗୀ** ***ବି.*** ଅବସର କାଳୀନ ଭତ୍ତା ପାଇ ଚଳୁଥିବା ବ୍ୟକ୍ତି ।

**ପେନ୍‌ସିଲ୍** ***ବି.*** ୧. ସୀସା ୨. ସରୁକାଠି ଭିତରେ ସୀସା ଓ କାର୍ବନ ତିଆରି ଲମ୍ବାକାଠି ଭର୍ତ୍ତିହୋଇ ଲେଖିବା ବା ଛବି କରିବାରେ ବ୍ୟବହୃତ ସାମଗ୍ରୀ, ପିନ୍‌ସୁଲ୍, ଧଳା ବା ଅନ୍ୟ ରଙ୍ଗର ଲେଖିବା ଉପକରଣ ।

**ପେନ୍ ଲହଡା** ***ବି.*** ପାଣିଲହଡ଼ି, ତରଙ୍ଗ, ଢେଉ, ଲହରା, ଚଲ୍‌କା ।

**ପେନା** ***ବି.*** ସରୁ କାଠଖିଲ ।

**ପେନାଲ୍ କୋଡ୍** ***ବି.*** ପିଙ୍ଗଲକୋଡ୍, ଅପରାଧୀମାନଙ୍କ ପାଇଁ ଦଣ୍ଡ ବିଧାନ ବ୍ୟବସ୍ଥା ବା ଆଇନ୍ ।

**ପେନାଲ୍‌ଟି** ***ବି.*** ନିୟମ ଭଙ୍ଗ ବା ଅନ୍ୟ ଅପରାଧ ପାଇଁ ଦଣ୍ଡ ।

**ପେନି** ***ବି.*** ୧. ଫଣା, ଫେନ୍, ସାପର ଫଣା ୨. ପିଲାମାନେ ପିନ୍ଧୁଥିବା ପଛ ପାଖରେ ଡୋରିବନ୍ଧା ଜାମା ୩. ବିଲାତରେ ପ୍ରଚଳିତ ମୁଦ୍ରା (ସିଲିଂର ଏକ ଶତାଂଶ) ।

**ପେନୁ** ***ବି.*** ଦେବତା, ଦିଅଁ ।

**ପେନ୍ଦ** ***ବି.*** ନାରୀର ଜନନେନ୍ଦ୍ରିୟ ଦେଇ ଜରାୟୁ ବାହାରି ଆସୁଥିବା ରୋଗ, ଯୋନିଭ୍ରଂଶ, ଜନନେନ୍ଦ୍ରିୟରେ ଅସ୍ୱାଭାବିକ ଫୁଲାରୋଗ ୨. ପୁରୁଷର ମଳଦ୍ୱାର ଦେଇ ବାହାରି ଆସିଥିବା ମାଂସ ପିଣ୍ଡ; ***ବିଂ.*** ପେନ୍ଦରୋଗ ଭୋଗୁଥିବା (ବ୍ୟକ୍ତି) ।

**ପେନ୍ଧା** ***ବି.*** ମାଟି ଉପରେ ରହୁଥିବା କଳସି, ହାଣ୍ଡି ବା ହଣ୍ଡାର ତଳଅଂଶ, ପେନ୍ଦି ।

**ପେପ୍‌ଟିକ ଅଲସର୍** ***ବି.*** ପେପ୍‌ଟିକ୍ ରସର ଅଧିକ କ୍ଷରଣ ଯୋଗୁଁ ପେଟରେ ହେଉଥିବା ଘା ।

**ପେପ୍‌ଲା** ***ବିଂ.*** ୧. ମାହାଳିଆ, ମାଗଣା ୨. ମୂଲ୍ୟହୀନ, ବେକାର ।

**ପେପର୍** ***ବି.*** ୧. କାଗଜ ୨. ଖବରକାଗଜ ୩. ଗୋଲମରିଚ, ଗୋଲମରିଚ ଗୁଣ୍ଡ ।

**ପେପର୍‌ମେଣ୍ଟ୍** ***ବି.*** ପୁଦିନା ଜାତୀୟ ଏକ ଗଛର ପତ୍ରର ଅର୍କ ସହ ଅନ୍ୟ ରାସାୟନିକ ସମ୍ମିଶ୍ରଣରେ ତିଆରି ଏକ ପ୍ରକାରର ସୁଗନ୍ଧିତ ଔଷଧୀୟ ପଦାର୍ଥ ଯାହା ପାଟିରେ ଦେଲେ ପାଟି ଭିତର ଝିମ୍ ଝିମ୍ ହୋଇଯାଏ, ମେନ୍ଥଲ୍ ।

**ପେପର୍‌ୱେଟ୍** ***ବି.*** କାଗଜପତ୍ର ଉଡ଼ି ନଯିବାପାଇଁ ଚାପି ରଖୁଥିବା ଓଜନିଆ ବସ୍ତୁ ।

**ପେ ଫୋନ୍** ***ବି.*** ସ୍ୱତନ୍ତ୍ର ବୁଥ୍ ବା କକ୍ଷରେ ପଇସା ଦେଇ ଟେଲିଫୋନ୍ ଯୋଗେ କଥାବାର୍ତ୍ତା ହେବା ବ୍ୟବସ୍ଥା ।

**ପେ ବିଲ୍** ***ବି.*** ଦରମା ପାଇବା ପାଇଁ କୋଷାଗାର ବା କୋଷାଧ୍ୟକ୍ଷଙ୍କ ପାଖରେ ଦାଖଲ ହିସାବ ଫର୍ଦ୍ଦ ।

**ପେମେଣ୍ଟ୍** ***ବି.*** ପ୍ରାପ୍ୟ ଦେବା କାର୍ଯ୍ୟ, ଟଙ୍କାପଇସା ଦିଆ ।

**ପେମେଣ୍ଟଓ୍ୱାରି** ***ବି.*** ମାସ ବା ସପ୍ତାହର ଯେଉଁ ଦିନ ଜଣକର ପ୍ରାପ୍ୟ ଦିଆଯାଏ ।

**ପେୟ** ***ବିଂ.*** ୧. ପିଇବାଯୋଗ୍ୟ, ପାନୀୟ ୨. ଯାହା ପିଇବା ଉଚିତ ।

**ପେୟା** ***ବି.*** ବାଛୁରି ।

**ପେ ସ୍କେଲ** ***ବି.*** ଚାକିରିଆର ମୂଳ ଦରମା ହାର ।

**ପେଳ** ***ବି.*** (ପୁରୁଷର) ଅଣ୍ଡକୋଷ, କୁରୁଣ୍ଡ, ଗେରା ।

**ପେଳୁଆ** ***ବି.ବିଂ.*** ରୋଗଯୋଗୁଁ ଅଣ୍ଡକୋଷ ଫୁଲିଥିବା, ହାଇଡ୍ରୋସିଲ୍ ଭୋଗୁଥିବା (ବ୍ୟକ୍ତି) ।

**ପେଲ୍** ***ବିଂ.*** ମଳିନ, ତେଜହୀନ, ଦୁର୍ବଳ ।

**ପେଲ୍‌ମେଟ୍** ***ବି.*** ପରଦା ଝୁଲାଇବା ପାଇଁ ଦ୍ୱାର, ଝରକା ପ୍ରଭୃତି ଉପରେ ଦିଆଯାଉଥିବା କାଠତିଆରି ଫ୍ରେମ୍ ।

**ପେଲଣ** ***ବି.*** ପେଲିବା ବା ଠେସିବା କାର୍ଯ୍ୟ ।

**ପେଲଣା** ***ବି.*** ପେଲିବା କାର୍ଯ୍ୟରେ ବ୍ୟବହୃତ ବସ୍ତୁ ।

**ପେଲଣା ପଟା** ***ବି.*** ଧାନ କୁଟିବା ସମୟରେ ଭରାଣ୍ଡିରେ ଧାନ ଭରିବା ପାଇଁ ବ୍ୟବହୃତ ବେଣ୍ଟଥିବା ଛୋଟପଟା ।

**ପେଲବ** ***ବିଂ.*** ମୃଦୁ, କୋମଳ, ନରମ, ସୁକୁମାର; ***ବି.*** ପେଲବତା ।

**ପେଲା** *ବି.* ୧. ଭିରା, ଠେସ୍ ୨. ପେଲିବା ବା ଠେଲିବା କାର୍ଯ୍ୟ ; *ବିଂ.* ୧. କୌଣସି ପଦାର୍ଥକୁ ପେଲି ରଖିଥିବା ୨. ଲମ୍ପଟ, କାମୁକ ୩. ଯୁକ୍ତିଖୋର ୪. ଆଦେଶ ଅମାନ୍ୟକାରୀ ।

**ପେଲାଘର** *ବି.* ଓରା ପରିବର୍ତ୍ତେ କଇଞ୍ଚି ବା ଭିରାଛପର ଘର ।

**ପେଲାପଣ** *ବି.* ସାହସୀ କାର୍ଯ୍ୟକରିବା ମାନସିକତା, ଧସେଇ ପଶିବା ଅଭ୍ୟାସ ।

**ପେଲାପେଲି** *ବି.* ଅନ୍ୟକୁ ପେଲିଠେଲି ବା ଚାପଦେଇ ଦୂରକୁ ହଟାଇ ଦେବା କାର୍ଯ୍ୟ, ଠେଲାଠେଲି, ଠେସାଠେସି ।

**ପେଲି ପଶିବା** *କ୍ରି.* ଜବରଦସ୍ତ ବା ବଳ ପ୍ରୟୋଗ କରି ଭିତରକୁ ଯିବା ।

**ପେଲି ଦେବା** *କ୍ରି.* ବଳ ପ୍ରୟୋଗ କରି ଠେଲିଦେବା ।

**ପେଲିବା** *କ୍ରି.* ୧. କୌଣସି ବ୍ୟକ୍ତି ବା ପଦାର୍ଥକୁ ଆଗକୁ ବଢ଼େଇବା ଲାଗି ପଛଆଡ଼ୁ ଠେସିବା ବା ଠେଲିବା ୨. ସଙ୍ଗମ କରିବା ।

**ପେଲି ହେବା** *କ୍ରି.* ଧଇଁ ଉଠିବା, ଶ୍ୱାସରୋଗ ଯୋଗୁଁ ଧଇଁସଇଁ ହେବା ।

**ପେଲେଈ** *ବି.ବିଂ.* ୧. କାମୁକୀ, ବହୁପୁରୁଷଭୋଗୀ ୨. ଗଣିକା, ବେଧେଈ ।

**ପେଲେଈପୁଅ** *ବି.* ୧. ବାପା ନାଁ ଅଜଣା ମଣିଷ, ଜାରଜସନ୍ତାନ (ଗାଳି ଭାବରେ ବ୍ୟବହୃତ) ୨. **ପେହ୍ଲେଇ, ପୋଇଲି ପୁଅ** ।

**ପେଲେନ୍** *ବି.* କାଠକୁ ପାଲିସ କରିବା ପାଇଁ ବ୍ୟବହୃତ ଯନ୍ତ୍ର, ରନ୍ଦା ।

**ପେଶ୍ କରିବା** *କ୍ରି.* ୧. ଆସାମୀ ବା ଅଭିଯୁକ୍ତକୁ ବିଚାର ପାଇଁ ହାଜର କରିବା ୨. ଉପସ୍ଥାପନ କରିବା ।

**ପେଶ୍ୱା** *ବି.* ୧. ମରାଠା ସେନାବାହିନୀର ଅଧ୍ୟକ୍ଷ ୨. ମରାଠା ଶାସନରେ ଉଚ୍ଚ ଉପାଧି ।

**ପେଶି** *ବି.* ଅଦାଲତରେ ହାଜିରା, କଚେରୀରେ ପକ୍ଷ ବା ଅଭିଯୁକ୍ତର ଉପସ୍ଥିତି ।

**ପେଶୀ** *ବି.* ୧. ଦେହର ସଂକୋଚନଶୀଳ ଓ ସମ୍ପ୍ରସାରଣଶୀଳ ମାଂସପିଣ୍ଡ ୨. ଖାପ ୩. ଡିମ୍ବ ୪. ଫୁଟିଲା କଢ଼ି ୫. ଅତସିଗଛ ଓ ତାର ନୀଳରଙ୍ଗ ଫୁଲ ।

**ପେଷଣ** *ବି.* ୧. ଦଳିବା, ଚୂରିବା, ଚୂରିବା କାମ, ମର୍ଦ୍ଦନ କାର୍ଯ୍ୟ ୨. ପ୍ରେରଣ, ପଠାଇବା କାର୍ଯ୍ୟ ୩. ଲୋକ ବିଶ୍ୱାସରେ କାହା ଶରୀରରେ ଭୂତ, ପ୍ରେତ ପ୍ରଭୃତି ଆରୋପଣ।

**ପେଷଣଦାନ୍ତ** *ବି.* ଯେଉଁ ଦାନ୍ତ ସାହାଯ୍ୟରେ ଖାଇବା ଖାଦ୍ୟ ପେଷିହୁଏ, କଳଦାନ୍ତ, ଚକାଦାନ୍ତ ।

**ପେଷଣପାତ୍ର** *ବି.* ଖଲ, ହେମଦସ୍ତା , ଶିଳ, ଜଁତା।

**ପେଷଣା** *ବି.* ୧. ପେଷିବା ପାଇଁ ବ୍ୟବହୃତ ଗୋଲାକାର ଲମ୍ବ ପଥରଖଣ୍ଡ ୨. ଶିଳପୁଅ, ଶିଳ୍‌ପା ।

**ପେଷଣୀୟ** *ବିଂ.* ଚୂରିବା, ଘୋରିବା ବା ବାଟିବାର ଯୋଗ୍ୟ ।

**ପେଷା** *ବି.* କୌଣସି ପଦାର୍ଥକୁ ଚୂନା କରିବା ପାଇଁ ବ୍ୟବହୃତ ପଦାର୍ଥ ବା ଯନ୍ତ୍ର, ଚକି, ଶୀଳ ।

**ପେଷାଳୀ** *ବି.ବିଂ.* ପେଷୁଥିବା ବା ଚୂନା କରୁଥିବା (ଲୋକ ବା କାରିଗର) ।

**ପେଷିବା** *କ୍ରି.* ୧. ହେମଦସ୍ତା, କଳ ବା ଶିଳରେ ପେଷିବା ବା ଚୂନା କରିବା; ଦଳିବା, ମଳିବା, ରଗଡ଼ିବା ୨. ପଠାଇବା, ପ୍ରେରଣ କରିବା ୩. କାହା ଉପରେ ଭୂତପ୍ରେତ ଲଗାଇବା ।

**ପେସ୍** *ବି.* ଉପସ୍ଥାପନ, ହାଜିରା ।

**ପେସ୍ କରିବା** *କ୍ରି.* ୧. ବିଚାର ନିମନ୍ତେ କର୍ତ୍ତୃପକ୍ଷଙ୍କ ପାଖରେ କୌଣସି ପ୍ରସଙ୍ଗ ବାଢ଼ିବା, ଉପସ୍ଥାପନ କରିବା ୨. (କାହାକୁ) ହାଜର କରିବା ୩. ଗୀତ, କବିତା ଆଦି ପରିବେଷଣ କରିବା ।

**ପେସ୍‌କସ** *ବି.* ସରକାରଙ୍କର ପ୍ରାପ୍ୟ କର, ରାଜସ୍ୱ ।

**ପେସ୍‌କାର** *ବି.* କଚେରିରେ ହାକିମଙ୍କୁ ଆବଶ୍ୟକୀୟ କାଗଜପତ୍ର ଯୋଗାଇ ଦେଉଥିବା କର୍ମଚାରୀ ।

**ପେସ୍‌କାରି** *ବି.* ପେସ୍‌କାରର କାର୍ଯ୍ୟ ।

**ପେସା** *ବି.* ଜୀବିକା, ବୃତ୍ତି, ବ୍ୟବସାୟ, ବେଉସା, ବୃତ୍ତି, ଜୀବନଧାରଣର ମାଧ୍ୟମ ।

**ପେସାଦାର** *ବିଂ.* କୌଣସି କାର୍ଯ୍ୟ ବା ବୃତ୍ତିକୁ ବଞ୍ଚିବାର ମଧ୍ୟମ ଭାବରେ ଗ୍ରହଣ କରିଥିବା (ବ୍ୟକ୍ତି)।

**ପେସେଣ୍ଟ** *ବି.* ୧. ରୋଗୀ, ବ୍ୟାଧିଗ୍ରସ୍ତ ୨. ଧୈର୍ଯ୍ୟବାନ୍, ଧୈର୍ଯ୍ୟଶୀଳ ।

**ପେହେରେନ୍** *ବି.* ବିବାହଉତ୍ସବରେ ପରିବାର ଲୋକଙ୍କୁ ସମ୍ମାନ ଦେଖାଇବା ପାଇଁ ଲୁଗାପଟା ଉପହାର, ମର୍ଯ୍ୟାଦା ଲୁଗା ।

**ପେସ୍ତା** *ବି.* ଏକ ପ୍ରକାର ବାଦାମ ଜାତୀୟ ଗଛ ଓ ତାହାର ଫଳ, ଯାହାର ମଞ୍ଜି ତେଲିଆ ଓ ସୁସ୍ୱାଦୁ, ପେସ୍ତାବାଦାମ ।

**ପେହି** *ବି.* ବାଜାବାଲାଙ୍କୁ ମଦ ପିଇବା ପାଇଁ ଦିଆଯାଉଥିବା ବକ୍‌ସିସ୍ ।

**ପୈଠ** *ବି.* ପଇଠ, ଦାଖଲ ।

**ପୈତୃକ** *ବିଂ.* ପୂର୍ବପୁରୁଷ ବା ବାପାଙ୍କ ପାଖରୁ ଉତ୍ତରାଧିକାରୀ ସୂତ୍ରରେ ପାଇଥିବା ।

**ପୈଦଲ** *ବିଂ.* ପାଦରେ ଯାଉଥିବା ।

**ପୈଶାଚ, ପୈଶାଚିକ** *ବିଂ.* ୧. ପିଶାଚ ସମ୍ପର୍କିତ ୨. ଅମାନବୀୟ, ଅତି ବୀଭତ୍ସ, ନିର୍ମମ ।

**ପୈଶାଚୀ** *ବିଂ.* ଭାରତର ଉତ୍ତର-ପଶ୍ଚିମ ଭାଗରେ ଅତୀତରେ କଥିତ ପ୍ରାକୃତ ଭାଷାବିଶେଷ ।

**ପୋ** *ବି.* ପୁଅ, ପୁତ୍ର ।

**ପୋଇଁବା** *କ୍ରି.* ନିଆଁ ଅଥବା ଖରାରେ ବସି ଦେହକୁ ଉଷୁମ କରିବା ।

**ପୋଇ** *ବି.* ୧. ରେଲପଥ, ରେଲରାସ୍ତା ୨. ଶାଗ ଓ ତରକାରି ଭାବରେ ବ୍ୟବହୃତ ମୋଟାପତ୍ର ଓ ମୋଟା ଡଙ୍ଗଥିବା ଲତାବିଶେଷ ୩. ଛୋଟପୁଅ, ପିଲା ।

**ପୋଇକେରଣ୍ଡା** *ବି.* କେରାଣ୍ଡି ମାଛ ପରି ସାମାନ୍ୟ ମଣିଷ, ଛୋଟଲୋକ ।

**ପୋଇଲା** *ବି.* ୧. ଦାସୀପୁଅ ୨. ଗୋଲାମ, ଅତି ବିଶ୍ୱସ୍ତ ।

**ପୋଇଲାପଣ** *ବି.* ଭୃତ୍ୟ ମାନସିକତା, ଗୋଲାମି ।

**ପୋଇଲୀ** *ବି.* ଦାସୀ, ଚାକରାଣୀ, ସେବାକାରିଣୀ ।

**ପୋଇଲୀମାଇପ** *ବି.* ରକ୍ଷିତା, ଉପପତ୍ନୀ ।

**ପୋଏ** *ବି.* ପୁଅମାନେ, ପିଲାମାନେ ।

**ପୋଏଲା** *ବି.* ପୋହଳା ।

**ପୋକ୍ତା** *ବିଂ.* ୧. ପୋଖତ, ପାକଳ ହୋଇଥିବା ୨. ଅନୁଭବୀ, ପ୍ରବୀଣ ।

**ପୋକ୍ତାନି** *ବି.* ସମୁଦ୍ରରୁ ଲୁଣମରା କାର୍ଯ୍ୟ ।

**ପୋକ** *ବି.* ୧. କୀଟ ୨. କୃମି ; *ବିଂ.* ଅଭିଜ୍ଞ, କୌଣସି ବିଷୟରେ ତନ୍ନ ତନ୍ନ ଜାଣିଥିବା ।

**ପୋକଖିଆ** *ବିଂ.* ୧. ପୋକଖାଇ ନଷ୍ଟ ହୋଇ ଯାଇଥିବା ୨. ସାର ନଥିବା, ଅନ୍ତଃସାରଶୂନ୍ୟ, ଫମ୍ପା ।

**ପୋକ ଚଢ଼ିବା** *କ୍ରି.* ରାଗ ଯୋଗୁଁ ବିଚାରହୀନ ହୋଇପଡ଼ିବା (ମୁଣ୍ଡକୁ ପୋକ ଚଢ଼ିବା) ।

**ପୋକଡ଼ା** *ବିଂ.* ଖତରା, ପୋକଖିଆ ।

**ପୋକ ପଡ଼ିବା** *କ୍ରି.* ଦେହରେ ଘା' ହୋଇ କୀଟ ଜନ୍ମହେବା ।

**ପୋକ ଫୁଟିବା** *କ୍ରି.* ୧. କୌଣସି ପଦାର୍ଥ ଅଥବା ଦେହରେ ଘା' ହୋଇ ପୋକ ଜନ୍ମହେବା ୨. ନଷ୍ଟ ହୋଇଯିବା ୩. ପାପଗ୍ରସ୍ତ ହେବା ।

**ପୋକବିନ୍ଧା** *ବିଂ.* ପୋକଖିଆ, ପୋକ କଣା କରିଥିବା ।

**ପୋକମରା** *ବିଂ.* ୧. ପୋକଦ୍ୱାରା ନଷ୍ଟ ହୋଇ ଯାଇଥିବା ୨. କ୍ଷତିକାରକ ପୋକ ମାରିବା ପାଇଁ ବ୍ୟବହୃତ ଔଷଧ ।

**ପୋକଯୋକ** *ବି.* କୀଟପତଙ୍ଗ ।

**ପୋକରା, ପୋକା** *ବିଂ.* ୧. କୀଟମାନଙ୍କଦ୍ୱାରା ନଷ୍ଟ ହୋଇ ଯାଇଥିବା, ପାମ୍ପରା ୨. ଦୁର୍ବଳ, ଶକ୍ତିହୀନ, ସାମର୍ଥ୍ୟ ନଥିବା, ଖତରା ।

**ପୋକଶୁଂଘା** *ବି.* ଅଳ୍ପ ଉଚ୍ଚତା ବିଶିଷ୍ଟ କୋମଳ ଓ ଲୋମଶ ପତ୍ର ଏବଂ ଧଳା ଫୁଲ ଫୁଟୁଥିବା କଟୁ ଗନ୍ଧଯୁକ୍ତ ଗୁଳ୍ମ ।

**ପୋକ୍ତାନ୍** *ବି.* ସମୁଦ୍ର ପାଣିରୁ ଲୁଣ ମାରିବା ।

**ପୋଖ୍ରା** *ବି.* ଦୁଷ୍ଟ ପ୍ରକୃତିର ନାରୀ ।

**ପୋଖ୍ରାଜ** *ବି.* ପୁଷ୍କରାଗ ମଣି, ନାଲିରଙ୍ଗର ମଣି, ହୀରା ଭଳି ମୂଲ୍ୟବାନ୍ ରତ୍ନପଥର ।

**ପୋଖଡ଼ା** *ବିଂ.* ପୋକଡ଼ା, ପୋକଖିଆ, ପୋକରା, ପୋକା ।

**ପୋଖତ** *ବିଂ.* ୧. ପାକଳ ୨. ଅନୁଭୂତିସମ୍ପନ୍ନ, ଅଭିଜ୍ଞ ।

**ପୋଖତି** *ବି.* ପ୍ରସୂତୀ, ଯେଉଁ ନାରୀ ପୁଅ ବା ଝିଅ ସଦ୍ୟ ଜନ୍ମ କରିଥାଏ ।

**ପୋଖତିଆଳୀ** *ବି.* ପ୍ରସୂତିର ଦେଖାଚାହାଁ କରୁଥିବା ନାରୀ, ଧାଈ ।

**ପୋଖତି ବୈରାଗ୍ୟ** *ବି.* ସନ୍ତାନ ପ୍ରସବ କାଳର ଯନ୍ତ୍ରଣା ଯୋଗୁଁ ପୁନଶ୍ଚ ସନ୍ତାନ ଲାଭପାଇଁ ବିମୁଖ ଅଳ୍ପକାଳ ସ୍ଥାୟୀ ମାନସିକ ବିରକ୍ତି ।

**ପୋଖତିହାଣ୍ଡି** *ବି.* ଏନ୍ତୁଡ଼ିଶାଳର ପାଉଁଶ ରହୁଥିବା ଅଶୌଚହାଣ୍ଡି (ଯାହା ଛୁଆ ଜନ୍ମର ଷଷ୍ଠଦିନ ବିସର୍ଜନ କରାଯାଏ) ।

**ପୋଖତୀ** *ବିଂ.* ପ୍ରସବ କରିଥିବା ନାରୀ ।

**ପୋଖରିଆ** *ବି.* ଚତୁରସ୍ର, ଶ୍ରୀମନ୍ଦିରର ଗର୍ଭଗୃହସ୍ଥ ରତ୍ନ ସିଂହାସନ ଚାରିପାଖ ଅଞ୍ଚଳ ।

**ପୋଖରୀ** *ବି.* ବଡ଼ ଗାଡ଼ିଆ ବା ଜଳାଶୟ, ବନ୍ଧ, ପୁଷ୍କରିଣୀ ।

**ପୋଖରୀଛୁଆଁ** *ବି.* ଝାଡ଼ା ଯିବା ପରେ ପୋଖରୀରେ ଛଞ୍ଚି ହେବା ।

**ପୋଖରୀପାଣି** *ବି.* ଝାଡ଼ାଯିବା, ହଗିବା, ମଳତ୍ୟାଗକରିବା ।

**ପୋଙ୍ଗା** *ବି.* ସରୁ ବାଉଁଶନଳୀ ।

**ପୋଙ୍ଗା(ପଙ୍ଗା) ଲୁଣ** *ବି.* ଦେଶୀ ପଦ୍ଧତିରେ ସମୁଦ୍ର ପାଣିରୁ ଉତ୍ପାଦିତ ମାଟିଆ ଲୁଣ ।

**ପୋଚ୍** *ବି.* ଫେଣ୍ଟା ନ ହୋଇ ଗୋଟାପଣେ ଭଜା ହୋଇଥିବା ଅଣ୍ଡା ।

**ପୋଚ** *ବି.* ୧. ମଦ ତିଆରି ପାଇଁ ପଚା ଯାଇଥିବା ଗୁଡ଼ ଅଥବା ମହୁଲ ଫୁଲ ୨. କୌଣସି ବସ୍ତୁକୁ ପଚାଇ ସେଥିରୁ ନିର୍ଯ୍ୟାସ ବାହାର କରିବା ପ୍ରକ୍ରିୟା ।

**ପୋଚରା** *ବି.* କାନ୍ଥରେ ଚୂନ ଦେବା ଅଥବା ସଫା କରିବା ପାଇଁ ବ୍ୟବହୃତ ଝୋଟରେ ତିଆରି ଗୁଛ; *ବିଂ.* ୧. ପଚା, ନଷ୍ଟପ୍ରାୟ ୨. ଖରାପ ୩. ବ୍ୟବହାର ଅନୁପଯୋଗୀ ।

**ପୋଛ** *ବି.* ପୋଛିବାପାଇଁ ଲୁଗା, ପୋଛା ।

**ପୋଛଣି** *ବି.* ସାପର ଲାଙ୍ଗୁଡ ବାଁ ହାତରେ ଧରି ଡାହାଣ ହାତକୁ ମୁଠାକରି ଲାଙ୍ଗୁଡ ଆଡୁ ମୁଣ୍ଡ ପର୍ଯ୍ୟନ୍ତ ଚଳାଇବା ।

**ପୋଛମାଟି** *ବି.* ମାଟିହାଣ୍ଡି ଗଢ଼ା ପରେ ଚିକ୍‌କଣ କରିବା ପାଇଁ ତା ଉପରେ ଦିଆଯାଉଥିବା ପାଣିଆ କାଦୁଅର ଲେପ ।

**ପୋଛା** *ବି.* ୧. ଦେହ ପୋଛିବା ପାଇଁ ବ୍ୟବହୃତ ଲୁଗା, ଗାମୁଛା, କରିଆ, ତଉଲିଆ ୨. ଗୋବରକଢ଼ା ପାଛିଆ ବା ଟୋକେଇ ୩. ଯେକୌଣସି ବସ୍ତୁ ପୋଛିବା ପାଇଁ ବ୍ୟବହୃତ ପଦାର୍ଥ; *ବିଂ.* ସଫା କରାଯାଇଥିବା, ପୋଛା ଯାଇଥିବା ।

**ପୋଛାପୋଛି** *ବି.* ୧. ବସ୍ତୁ ବା ସ୍ଥାନକୁ ପୋଛିବା କାର୍ଯ୍ୟ ୨. ଗାଧୋଇବା ବଦଳରେ ଭିଜା ତଉଲିଆରେ ଦେହ ପୋଛିବା, ଗାଧୋଇବା ପରେ ଦେହରୁ ପାଣି ପୋଛିବା ।

**ପୋଛି ଦେବା** *କ୍ରି.* ୧. ସମ୍ପୂର୍ଣ୍ଣ ନଷ୍ଟ କରିଦେବା, ସର୍ବନାଶ କରିବା ୨. ଲିଭାଇ ଦେବା ।

**ପୋଛିବା** *କ୍ରି.* ୧. ଲୁଗା ପ୍ରଭୃତି ଘଷି ବସ୍ତୁ ବା ସ୍ଥାନକୁ ପରିଷ୍କାର କରିବା ୨. ସଫା କରିବା, ପରିଷ୍କାର କରିବା ୩. ଲିଭେଇବା ୪. କୁସ୍ତିରେ ଜଣେ ଅନ୍ୟ ଜଣକୁ ଚିତ୍ କରାଇଦେବା ୫. ଜଣକ ପାଖରେ ଥିବା ଟଙ୍କା ପଇସା ଲୁଟି ନେବା ।

**ପୋଛୁଣି** *ବି.* ପୋଛିବାରେ ବ୍ୟବହୃତ କନା ।

**ପୋଛେଇତ** *ବି.* ପରିଷ୍କରଣ, ପୋଛାପୋଛି କରି ସଫା କରିବା ।

**ପୋଟ୍‌ଲାଇବା** *କ୍ରି.* କୁଣ୍ଢାଇବା, ଆଲିଙ୍ଗନ କରିବା ।

**ପୋଟ୍‌ଲାଓଟ୍‌ଲା** *ବି.* ପରସ୍ପର ଆଲିଙ୍ଗନ, କୁଣ୍ଢାକୁଣ୍ଢି ।

**ପୋଟଳ** *ବି.* ୧. ଲତାରେ ଫଳୁଥିବା ଏକ ଜାତୀୟ ପରିବା, ପରୱଲ ୨. ଯୋଡଣ, ମିଳନ ୩. ମୂଳଦୁଆ, ଭିତ୍ତି ୪. ପୁଟୁଳି, ବୁଜୁଳା ।

**ପୋଟଳ, ପୋଟଳା** *ବି.* ପୁଟୁଳି, ବୁଜୁଳା, ପୁଡା, ଜିନିଷପତ୍ର ବନ୍ଧା ଯାଉଥିବା ଗୋଲାକାର ଥଳି ।

**ପୋଟଳଚିରା** *ବିଂ.* ପୋଟଳକୁ ଦୁଇ ଫାଳ କରି କାଟି ଦେଲା ପରେ ତାହାର ଆକାର ପରି ଦିଶୁଥିବା (ଆଖି), ଡ଼ିମା ଓ ଲମ୍ବା(ଆଖି) ।

**ପୋଟଳିବଣିଆ** *ବି.* ମସଲା, କବିରାଜି ଚେରମୂଳ, ମସଲା ଆଦି ପୁଡ଼ିଆ କରି ବିକୁଥିବା ଏକ ସମ୍ପ୍ରଦାୟ ।

**ପୋଟା** *ବି.* ସନ୍ତ୍ରାସବାଦୀ କାର୍ଯ୍ୟକଳାପ ରୋକିବା ପାଇଁ ଆଇନ ବ୍ୟବସ୍ଥା ।

**ପୋଟା, ପୁଟା** *ବି.* ପାକସ୍ଥଳୀ, ପୁଟା ।

**ପୋଟାଳିବା** *କ୍ରି.* ଆଲିଙ୍ଗନ କରିବା, କୁଣ୍ଢାଇବା, କୋଳାଗ୍ରତ କରିବା ।

**ପୋଟିକୋ** *ବି.* କୋଠାଘରର ବାହାର ପାଖକୁ ଗାଡ଼ି ରଖିବା ପାଇଁ ରହିଥିବା ଛାତ ଥିବା ପ୍ରଶସ୍ତ ଖୋଲା ଅଂଶ ।

**ପୋଟୀ** *ବି.* ୧. ବଡ଼ କୁମ୍ଭୀର ୨. ନିୟମିତ ରତୁସ୍ରାବ ହେଉ ନଥିବା ରୋଗିଣୀ ।

**ପୋଟୋକଲା, ପୋଟୋକରି** *କ୍ରି.ବିଂ.* ହଠାତ୍, ଚାହୁଁ ଚାହୁଁ, ଧଡ଼କରି, ଫଟ୍‌କରି ।

**ପୋଡ଼** *ବି.* ୧. ଜ୍ୱଳନ, ଦହନ ୨. ଛେନା ପୋଡ଼; *କ୍ରି.* ପୋଡ଼ି ଦିଅ, ଜାଳ, ନିଆଁ ଲଗାଅ ; *ବି.* ଛେନା ପୋଡ଼ ।

**ପୋଡଖିଆ** *ବିଂ.* ଅତ୍ୟଧିକ ପୋଡ଼ିଥିବା (ଇଟା) ।

**ପୋଡ଼ନ୍ତା** *ବିଂ.* ପୋଡ଼ିଯାଉଥିବା, ଜଳୁଥିବା ।

**ପୋଡ଼ପାଡ଼** *ବିଂ.* ପୋଡ଼ାମୁହାଁ, ନଷ୍ଟପ୍ରାୟ, (ଅଶ୍ରଦ୍ଧାଜନିତ ଏକ ଗାଳି) ।

**ପୋଡ଼ପିଠା** *ବି.* ମୁଖ୍ୟତଃ ବିରି ଓ ଚାଉଳ ବଟା ପିଠଉରେ ଚିନି ବା ଗୁଡ଼ ତଥା ନଡ଼ିଆ, ମସଲା ଆଦି ମିଶାଇ ପତ୍ରରେ ପିଣ୍ଡୁଳା କରି ମାଟି ବା ପିତଳ ପଲମରେ ରଖି ରଡ଼ନିଆଁରେ ପ୍ରସ୍ତୁତ ଖାଦ୍ୟ, ସେହି ପ୍ରଣାଳୀରେ ପ୍ରସ୍ତୁତ ଅନ୍ୟ ପ୍ରକାରର ପିଠା ।

**ପୋଡ଼ପୋଡ** *ବିଂ.* ନିଆଁରେ ଭଲ ଭାବରେ ଟାଣ କରି ଭଜା ଅଥବା ପୋଡା ଯାଇଥିବା, କଡ଼ାଭଜା ।

**ପୋଡ଼ା** *ବିଂ.* ୧. ନିଆଁରେ ସିଦ୍ଧ ହୋଇଥିବା ୨. ପୋଡ଼ି ଯାଇଥିବା ୩. ନଷ୍ଟ ହୋଇ ଯାଇଥିବା ୪. ତାପିତ, ତାପଦଗ୍ଧ ; *ବି.* ପୋଡ଼ିବା କାର୍ଯ୍ୟ ବା ଘଟଣା ।

**ପୋଡ଼ା କପାଳ** *ବି.* ମନ୍ଦଭାଗ୍ୟ, ହୀନକପାଳ ।

**ପୋଡ଼ା ଘା** *ବି.* ପୋଡ଼ିବା ଯୋଗୁଁ ଦେହରେ ହେବା ଘା ।

**ପୋଡ଼ା ତିଉଣ** *ବି.* ୧. ନଷ୍ଟ ହୋଇଯାଇଥିବା ତରକାରି ୨. ନଷ୍ଟ ହୋଇ ଯାଇଥିବା ସମ୍ପର୍କ ୩. ଦୁଃଖଦାୟକ ଘଟଣା ।

**ପୋଡ଼ାପେଟ** *ବି.* ଭୋକର ଜ୍ୱାଳା; ସମସ୍ତ ଦୁଃଖ, କ୍ଲେଶ, ଶ୍ରମ ପାଇଁ ଦାୟୀ ପେଟ ।

**ପୋଡ଼ାମାଟି** *ବି.* ନିଆଁରେ ପୋଡ଼ି ହୋଇଥିବା ମାଟି, ପୋଡା ଭୂଇଁ – ଯେଉଁଠି ମଞ୍ଜି ଅଙ୍କୁରିତ ହେବା ଅସମ୍ଭବ ।

**ପୋଡ଼ାମୁହାଁ** *ବିଂ.* ୧. ମୁହଁ ପୋଡ଼ି ଯାଇଥିବା ୨. ନିଜକୁ ନଷ୍ଟ କରିଥିବା, *ସ୍ତ୍ରୀ.* ପୋଡାମୁହାଁ, ଏକ ପ୍ରକାର ଗାଳି ।

**ପୋଡ଼ି** *ବି.* ନିଆଁର ତାପରେ ଦାହ ।

**ପୋଡ଼ି ଖାଇବା** *କ୍ରି.* ୧. ଖାଦ୍ୟବସ୍ତୁ ନିଆଁରେ ବା ରଡ଼ରେ ପୋଡ଼ି ଖାଇବା ୨. ନିଜେ ନିଜକୁ ନଷ୍ଟ କରିବା, ନିଜର ସର୍ବନାଶ କରିବା ।

**ପୋଡ଼ି ଦେବା** *କ୍ରି.* ୧. ନଷ୍ଟ କରିଦେବା, ବିନାଶ କରିବା ୨. ଅସ୍ୱୀକାର କରିବା, ନମାନିବା ।

**ପୋଡ଼ିବା** *କ୍ରି.* ୧. ନିଆଁରେ ସିଦ୍ଧ ଅଥବା ଦାହ କରିବା ୨. ସନ୍ତାପିତ ହେବା ୩. ନଷ୍ଟ କରିବା ୪. ଭୁଲିଯିବା, ପାସୋରି ଯିବା ।

**ପୋଡୁଚାଷ** *ବି.* ଜଙ୍ଗଲ ବା ପାହାଡ଼ର ନିମ୍ନଭାଗରେ ଥିବା ଗଛଲତା ପୋଡ଼ି ସେଇଠି ହେଉଥିବା ଚାଷ ।

**ପୋଢ଼େଇ** ***ବି.*** ଖଟାମିଠା ସ୍ୱାଦର ବଣୁଆ ଫଳ ବିଶେଷ ।

**ପୋଢ଼୍‌କା** ***ବିଂ.*** ମଇଳା, ଅପରିଷ୍କୃତ ।

**ପୋଢ଼** ***ବି.*** ପଣ୍ଡା, ଅଣ୍ଡିରାମଇଁଷି ।

**ପୋଢ଼କା ପାଣି** ***ବି.*** ମଇଳା ପାଣି ।

**ପୋଢୁଆଁ** ***ବିଂ.*** ପରୁହାଁ, ପ୍ରଥମ, ପହିଲି ।

**ପୋଢୁଆଁ ଅଷ୍ଟମୀ** ***ବି.*** ମାର୍ଗଶିର କୃଷ୍ଣପକ୍ଷ ଅଷ୍ଟମୀ- ଯେଉଁ ଦିନ ବାପାମାଙ୍କର ପ୍ରଥମ ସନ୍ତାନକୁ ନୂଆ ଲୁଗା ପିନ୍ଧାଇ ବନ୍ଦାପନା କରାଯାଏ ।

**ପୋଢୁଆ(ଅ)** ***ବି.*** ଛୋଟଡଙ୍ଗା, ଡୁଲି ।

**ପୋତ** ***ବି.*** ୧. ବଡ଼ଡଙ୍ଗା ୨. ଜାହାଜ ୩. ଶିଶୁ ୪. ଛୋଟ ହାତୀ ୫. ଘର ତିଆରି ଜାଗା, ୬. ଆହୁଲା ୭. ତେରଛା ବାଗରେ ପୋତା ହୋଇ ଅଗ ବନ୍ଧା ହୋଇଥିବା ଦୁଇଟି ଖୁଣ୍ଟି ।

**ପୋତକ** ***ବି.*** ୧. ଉଡୁଥିବା ଛୋଟପୋକ ବିଶେଷ ୨. ଛୁଆ ।

**ପୋତକାର** ***ବି.*** ୧. ନାଉରି, ନାଆ ବାହୁଥିବା ବ୍ୟକ୍ତି ୨. ଡଙ୍ଗା ବା ଜାହାଜର ମାଲିକ ୩. ନାଆ ଗଢ଼ାଳି ।

**ପୋତା** ***ବିଂ.*** ୧. ଦୃଢ଼ ରଖିବା ପାଇଁ କୌଣସି ପଦାର୍ଥର ତଳଆଡୁ କିଛି ଅଂଶକୁ ମାଟି ଆଦି ଭିତରେ ରଖାଯାଇଥିବା ୨. ଅନ୍ୟମାନଙ୍କ ପାଖରୁ ଗୋପନୀୟ ରଖିବା ପାଇଁ କୌଣସି ବସ୍ତୁକୁ ରଖାଯାଉଥିବା; ***ବି.*** ପୋତି ରଖାଯାଇଥିବା ବସ୍ତୁ ।

**ପୋତାଇବା** ***କ୍ରି.*** ୧. ଅନ୍ୟ କାହାରିଦ୍ୱାରା କୌଣସି ବସ୍ତୁ ପୋତିବା କାର୍ଯ୍ୟ କରାଇବା ୨. କାଛ ଆଦିରେ ରଙ୍ଗ ବା ଚୂନ ବୋଳିବା ।

**ପୋତାଧ୍ୟକ୍ଷ** ***ବି.*** ଜାହାଜର କାପ୍ତାନ, ନୌକାର ପରିଚାଳକ ।

**ପୋତାମାଲ** ***ବି.*** ଲୁଚାଇ ରଖା ଯାଇଥିବା ସମ୍ପତ୍ତି ବା ଧନ ।

**ପୋତାମୁହାଁ** ***ବିଂ.*** ୧. ତଳକୁ ମୁହଁ କରିଥିବା ୨. ଧୂର୍ତ୍ତ, ଚତୁର, କପଟୀ ୩. ଲାଜକୁଳା ।

**ପୋତାରୋହୀ** ***ବି.*** ଡଙ୍ଗା ବା ଜାହାଜର ଯାତ୍ରୀ ।

**ପୋତାଶ୍ରୟ** ***ବି.*** ବନ୍ଦର, ସମୁଦ୍ର କୂଳରେ ଜାହାଜ ଲଙ୍ଗର ବା ଆଶ୍ରୟ ନେଉଥିବା ସ୍ଥାନ ।

**ପୋତିବା** ***ବି.*** ୧. କୌଣସି ପଦାର୍ଥକୁ ମାଟି ତଳେ ଅଥବା ଅନ୍ୟ କୌଣସି ପଦାର୍ଥ ଭିତରେ ରଖିବା ୨. ମଞ୍ଜି ବା ଚାରା ଲଗେଇବା ୩. ତଳମୁହାଁ କରିବା ।

**ପୋ(ପେ)ତେଇଶୁଣୀ** ***ବିଂ.ବି.*** ଲୋକ ବିଶ୍ୱାସରେ ମାଟି ତଳେ ପୋତାଯାଇଥିବା ଶବକୁ ଖାଉଥିବା ନାରୀ ।

**ପୋଥି** ***ବି.*** ୧. ତାଳପତ୍ର ଅଥବା ଭୂର୍ଜପତ୍ରରେ ଲିଖିତ ଗ୍ରନ୍ଥ ୨. ବହି, ପୁସ୍ତକ ।

**ପୋଥିଗାଦି** ***ବି.*** ତାଳପତ୍ରରେ ଲିଖିତ ଧର୍ମଗ୍ରନ୍ଥ ଯେଉଁଠାରେ ରଖାଯାଇ ପୂଜା ଓ ପଢ଼ାଯାଏ, ଭାଗବତଗାଦି ।

**ପୋଥିଗୋସାଇଁ** ***ବି.*** ଭାଗବତ ଗୋସାଇଁ, ଦେବତାମାନ୍ୟରେ ପୂଜିତ ପୋଥି ।

**ପୋଥିପତ୍ର** ***ବି.*** ବହିଖାତା ଇତ୍ୟାଦି ।

**ପୋଥିପାଠ** ***ବି.*** ୧. ବହିରେ ଥିବା ବିଦ୍ୟା ୨. ପୋଥିଗତ ବିଦ୍ୟା, ବହିପଢ଼ା ପାଠ ।

**ପୋଥିପୂଜା** ***ବି.*** ସନ୍ତାନର ଜନ୍ମଦିନ ସତ୍ୟନାରାୟଣ ବା ସତ୍ୟପୀରଙ୍କ ପୂଜାଅର୍ଚ୍ଚନା ।

**ପୋଥିବାଇଗଣ** ***ବି.*** ବହିପାଠ, ପୁସ୍ତକଗତ ବିଦ୍ୟା, ପୋଥିଗତ ବିଦ୍ୟା ୨. ବାସ୍ତବ କାର୍ଯ୍ୟ କ୍ଷେତ୍ରରେ ଅନୁପଯୋଗୀ ପାଠ ।

**ପୋଦାର** ***ବି.*** ୧. ଟଙ୍କା ଓ ନୋଟ୍ ଭଙ୍ଗାଉଥିବା, ସୁନା ଓ ରୁପା ପରୀକ୍ଷା କରୁଥିବା ଏବଂ ବନ୍ଧକ ରଖି ଟଙ୍କା କରଜ ଦେଉଥିବା ବ୍ୟକ୍ତି ୨. ବଣିଆ, ମହାଜନ; ***ବିଂ.*** ପୋଦାରି ।

**ପୋଦିନା** ***ବି.*** ଔଷଧୀୟ ଗୁଣଯୁକ୍ତ ସୁଗନ୍ଧ ଗୁଳ୍ମ ବିଶେଷ, ପୁତ୍‌ନା, ପୋତନା, ପୁଦିନା, ପୁଦୁନା ।

**ପୋପ୍** ***ବି.*** ଖ୍ରୀଷ୍ଟଧର୍ମର କ୍ୟାଥଲିକ୍ ସମ୍ପ୍ରଦାୟର ସର୍ବୋଚ୍ଚ ଗୁରୁ ।

**ପୋପରା** ***ବିଂ.*** ୧. ଫମ୍ପା, ପୋଲା ୨. ପୋରିହା ୩. ସାମର୍ଥ୍ୟହୀନ ।

**ପୋବାର** ***ବି.*** ୧. ପୁଅବାର, ପଶାଖେଳର ତେର ସଂଖ୍ୟକ ଦାନ ୨. ସୁଯୋଗ, ସୌଭାଗ୍ୟ, ଆନନ୍ଦ ଓ ସଫଳତାର ସମୟ ।

**ପୋରଡ** ***ବି.*** ଗାତ, ଖାଲ, କୋରଡ ।

**ପୋରା** ***ବି.*** ୧. ପୋଡା ବା ପୋରା ଉଆଁସ ଦିନ ପାଳିତ ପର୍ବ (ଏହି ଦିନ ପିଲାମାନେ ପୋଡା ମାଟିରେ କଣ୍ଢେଇ, ଶଗଡ଼ ପ୍ରଭୃତି ପୂଜାକରି ଖେଳିଥାନ୍ତି ।

**ପୋରାମୂଜ** ***ବି.*** ସର୍ବସାଧାରଣଙ୍କ ଦଖଲରେ ଥିବା ଜମି ।

**ପୋରିଆ** ***ବିଂ.*** ପୁରୁଣା ହୋଇଯାଇଥିବାରୁ ଦୁର୍ବଳ ।

**ପୋରୁଆଁ, ପୋରୁଁହା** ***ବିଂ.*** ପ୍ରଥମ, ପହିଲି ।

**ପୋରୁଆଁ ଅଷ୍ଟମୀ** ***ବି.*** ପ୍ରଥମାଷ୍ଟମୀ, ପରୁହାଁ/ପଢୁଆଁ ଅଷ୍ଟମୀ, ମାର୍ଗଶୀର ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥି ।

**ପୋରୁହାଁପିଲା** ***ବି.*** ବାପମାଙ୍କର ପ୍ରଥମ ସନ୍ତାନ ।

**ପୋର୍ଟ୍** ***ବି.*** ପୋତାଶ୍ରୟ, ସମୁଦ୍ର କୂଳରେ ଜାହାଜ ଲଙ୍ଗର ପକାଉଥିବା, ସୁରକ୍ଷିତ ସ୍ଥାନ, ବନ୍ଦର ।

**ପୋର୍ଟ୍‌ଫୋଲିଓ** ***ବି.*** ୧. ମନ୍ତ୍ରୀଙ୍କୁ ଦିଆଯାଇଥିବା ବିଭାଗର ଦାୟିତ୍ୱ ୨. ବଡ଼ ଆକାରର ବନ୍ଦ ଲଫାଫ ବା ଫାଇଲ ୩. ବିଭିନ୍ନ ଫଟୋସହ ପରିଚୟ ସମ୍ବନ୍ଧିତ ଫାଇଲ ।

**ପୋର୍ଟର** ***ବି.*** ମୋଟିଆ, ସାମାନ୍‌ଉଠାଳି, ପରିବାହକ ।

**ପୋର୍ଟାଲ୍** ***ବି.*** ୧. ଦ୍ୱାର, ପ୍ରବେଶଦ୍ୱାର ୨. କମ୍ପ୍ୟୁଟରର ଇଣ୍ଟରନେଟ ମାଧ୍ୟମରେ କୌଣସି ସଂସ୍ଥାର ସାଇଟ ।

**ପୋର୍ଟିକୋ** ***ବି.*** ଗାଡ଼ି ପ୍ରଭୃତି ରଖିବା ପାଇଁ ଘର ସମ୍ମୁଖରେ ଛାତ ଥିବା ଖୋଲାସ୍ଥାନ ।

**ପୋଲୁହ** ***ବି.*** ୧. ବାଉଁଶପାତିରେ ତିଆରି ମାଛଧରା ଯନ୍ତ୍ର ବିଶେଷ, ଥପା, ଖପା ।

**ପୋଲୁହକଟା** ***ବିଂ.*** ୧. ଚାରିଦଉଡିକଟା ୨. ବେଖାତିର କରୁଥିବା ୨. ଉଦାସୀନ ।

**ପୋଲ୍‌ଭଲ୍‌ଟ୍** ***ବି.*** ଲମ୍ବା ବାଉଁଶ ଦଣ୍ଡ ବା ପୋଲ୍ ସାହାଯ୍ୟରେ ଉଚ୍ଚ ଡ଼ିଆଁ ଓ ଏହାର ପ୍ରତିଯୋଗିତା ।

**ପୋଲ** ***ବିଂ.*** ଫମ୍ପା; ***ବି.*** ୧. ଅଗାଡ଼ି, ମଞ୍ଜି ନଥିବା ଶସ୍ୟ ୨. ଅନ୍ତଃସାରହୀନ ୩. ଶଙ୍କ, ପାଣି ଯିବାପାଇଁ ରାସ୍ତାରେ ତିଆରି ସୁଡଙ୍ଗ ୪. ବଡ଼ କଣା ।

**ପୋଲା** ***ବିଂ.*** ୧. ଯେଉଁ ପଦାର୍ଥର ଭିତରେ କିଛି ନଥାଏ, ଫମ୍ପା ୨. ଅନାବଶ୍ୟକ ଭାବେ ଫୁଲିଥିବା ୩. ମାଗଣା, ମୋଫତ ।

**ପୋଲାଖିଆ** ***ବିଂ.*** ୧. କାମ ନ କରି ଖାଉଥିବା ବ୍ୟକ୍ତି, ମାଗଣା ଖିଆ ୨. ଅଳସୁଆ ।

**ପୋଲାଙ୍ଗ** ***ବି.*** ପୁନ୍ନାଗ, ଏକ ଦ୍ରୁମ ଯାହାର ଫଳରୁ ତେଲ ବାହାର କରାଯାଏ ।

**ପୋଲାନ୍ତ** ***ବିଂ.*** ଉଶ୍ୱାସ, ହାଲୁକା ।

**ପୋଲାଫାଙ୍କିଆ** ***ବିଂ.*** ଫୁଲାଫାଙ୍କିଆ, ଦାୟିତ୍ୱହୀନ, ନିଷ୍କର୍ମା ।

**ପୋଲିଓ** ***ବି.*** ମେରୁଦଣ୍ଡର ସ୍ନାୟୁରେ ପ୍ରଦାହ ହେତୁ ଶରୀରର ଅଙ୍ଗପ୍ରତ୍ୟଙ୍ଗର ଚାଳନାରେ ଅସୁବିଧା ହେଉଥିବା ରୋଗ, ପୋଲିଓ ମେଲାଇଟିସ୍ ।

**ପୋଲିଙ୍ଗ୍** ***ବି.*** ଭୋଟଗ୍ରହଣ, ନିର୍ବାଚନରେ ମତ ନିଆଯିବା କାର୍ଯ୍ୟ ।

**ପୋଲିଙ୍ଗ୍ ଅଫିସର** ***ବି.*** ଭୋଟ ନିଆଯାଉଥିବା ସ୍ଥାନର ତତ୍ତ୍ୱାବଧାରକ ।

**ପୋଲିଙ୍ଗ୍ ପାର୍ଟି** ***ବି.*** ନିର୍ବାଚନରେ ଭୋଟଗ୍ରହଣ କେନ୍ଦ୍ର ପାଇଁ ନିଯୁକ୍ତ କର୍ମଚାରୀଗଣ ।

**ପୋଲିଙ୍ଗ୍ ବୁଥ୍** ***ବି.*** ନିର୍ବାଚନରେ ଭୋଟଗ୍ରହଣ କେନ୍ଦ୍ରରେ ଭୋଟ ଦେବାପାଇଁ ଉଦ୍ଦିଷ୍ଟ ସ୍ଥାନ ।

**ପୋଲିଙ୍ଗ୍ ଷ୍ଟେସନ୍** ***ବି.*** ନିର୍ବାଚନରେ ଭୋଟଗ୍ରହଣ କେନ୍ଦ୍ର ।

**ପୋଲିସ୍, ପୁଲିସ୍** ***ବି.*** ଶାନ୍ତି ଶୃଙ୍ଖଳା ଦାୟିତ୍ୱରେ ଥିବା ବିଭାଗର କର୍ମଚାରୀ, ଆରକ୍ଷୀ ।

**ପୋଷ** ***ବି.*** ୧. ଅଧ ଆଞ୍ଜୁଳା ପରିମାଣ, ମୁଠାଏ ୨. ପାଳନକର୍ତ୍ତାର ଦୟାର ଆଶ୍ରିତ ଅବସ୍ଥା ।

**ପୋଷକ** ***ବିଂ.*** ୧. ପାଳକ ୨. ସାହାଯ୍ୟକାରୀ ୩. ସ୍ୱାସ୍ଥ୍ୟକର, ପୁଷ୍ଟିକର ୪. ସମର୍ଥକ ।

**ପୋଷକତା** ***ବି.*** ସହାୟତା, ସମର୍ଥନ ।

**ପୋଷଣ** ***ବି.*** ପାଳନ, ପୁଷ୍ଟୀକରଣ, ବର୍ଦ୍ଧନ ।

**ପୋଷଣୀୟ** ***ବିଂ.*** ୧. ପୋଷ୍ୟ ୨. ସାହାଯ୍ୟ ପାଇବା ପାଇଁ ଯୋଗ୍ୟ ।

**ପୋଷ ମନାଇବା** ***କ୍ରି.*** ଜୀବଜନ୍ତୁଙ୍କୁ ତାଲିମ ଦେଇ ସାଧିବା ।

**ପୋଷା** ***ବିଂ.*** ୧. ପାଳିତ, ବଶତା ସ୍ୱୀକାର କରିଥିବା ୨. ଅଧୀନ ।

**ପୋଷାଇବା** ***କ୍ରି.*** ୧. ମନକୁ ପାଇବା, ଭଲ ଲାଗିବା ୨. ଚଳିବା ପାଇଁ ଯଥେଷ୍ଟ ହେବା ୩. ଲାଭପ୍ରଦ ହେବା ।

**ପୋଷାକ** ***ବି.*** ବେଶଭୂଷା, ପିନ୍ଧାବାସ, ପିନ୍ଧାଲୁଗା, ପରିଚ୍ଛଦ ।

**ପୋଷାକୀ** ***ବି.***ପୋଷାକ ତିଆରି ପାଇଁ ଖରଚ ବା ବ୍ୟୟ ; ***ବିଂ.*** ୧. ପୋଷାକ ଭାବରେ ବ୍ୟବହୃତ ୨. ପୋଷାକର ଉପଯୁକ୍ତ ।

**ପୋଷାଜୀବ** ***ବି.*** ଗୃହପାଳିତ ପଶୁପକ୍ଷୀ, ପାଳିତଜୀବ ।

**ପୋଷାପୁଅ** ***ବି.*** ପାଳିତପୁଅ, ପୋଷ୍ୟ ପୁତ୍ର ।

**ପୋଷିତ** ***ବିଂ.*** ପୋଷା ଯାଇଥିବା, ପାଳିତ, ପରିପାଳିତ ।

**ପୋଷିବା** ***କ୍ରି.*** ୧. ମଣିଷ ବା ଜୀବଜନ୍ତୁଙ୍କୁ ପାଳନ କରିବା ୨. ଇଚ୍ଛା କରିବା, ଧାରଣ କରିବା ୩. ନିଜର କରିବା, ବଶ କରିବା ।

**ପୋଷେ** ***ବିଂ.*** ୧. ଗୋଟିଏ ହାତର ପାପୁଲିକୁ ପାତ୍ରାକାର କଲେ ସେଥିରେ ରହିପାରୁଥିବା (ପଦାର୍ଥର ପରିମାଣ) ; ***କ୍ରି.*** ପାଳନ କରେ ।

**ପୋଷ୍ଟ** ***ବି.*** ୧. ପଦ, ପଦବୀ ୨. ଡାକ ୩. ନିର୍ଦ୍ଦିଷ୍ଟ ସ୍ଥାନ ।

**ପୋଷ୍ଟ ଅଫିସ** ***ବି.*** ଡାକଘର, ଚିଠିପତ୍ର, ପାର୍ଶଲ, ମନିଅର୍ଡର ଆଦି କାରବାର ହେବା କାର୍ଯ୍ୟାଳୟ ।

**ପୋଷ୍ଟ କରିବା** ***ବି.*** ଚିଠିପତ୍ର ଆଦି ଡାକଘରେ ଦେବା ବା ପକାଇବା ।

**ପୋଷ୍ଟକାର୍ଡ୍** ***ବି.*** ଚିଠି ଲେଖିବା ପାଇଁ ବ୍ୟବହୃତ ସରକାରୀ ଅନୁମୋଦିତ ଖୋଲା ମୋଟାକାଗଜ ।

**ପୋଷ୍ଟଗ୍ରାଜୁଏଟ୍** ***ବି.ବିଂ.*** କୌଣସି ଏକ ବିଷୟରେ ଉଚ୍ଚତର ଜ୍ଞାନ ଲାଭ ପାଇଁ ସ୍ନାତକ ପରବର୍ତ୍ତୀ ଶ୍ରେଣୀର ପାଠ୍ୟକ୍ରମ, ଏମ୍.ଏ. ଶ୍ରେଣୀ ।

**ପୋଷ୍ଟମର୍ଟମ୍** ***ବି.*** ମୃତ୍ୟୁର କାରଣ ଜାଣିବା ପାଇଁ ଡାକ୍ତରଙ୍କଦ୍ୱାରା ଶବ ବ୍ୟବଚ୍ଛେଦ ।

**ପୋଷ୍ଟମାଷ୍ଟର୍** ***ବି.*** ଡାକଘରର ଅଧିକାରୀ, ଡାକପାଳ ।

**ପୋଷ୍ଟମ୍ୟାନ୍** ***ବି.*** ଡାକବାଲା, ଚିଠିପତ୍ର ବାଣ୍ଟୁଥିବା କର୍ମଚାରୀ ।

**ପୋଷ୍ଟାଲ୍** ***ବିଂ.*** ୧. ଡାକ ସଂକ୍ରାନ୍ତ ୨. ଡାକଦ୍ୱାରା, ଡାକଯୋଗେ ।

**ପୋଷ୍ଟେଜ୍** ***ବି.*** ଡାକ ମାହାସୁଲର ପରିମାଣ ଲେଖାଥିବା ଛୋଟ ଟିକିଲି, ଡାକଟିକଟ ।

**ପୋଷ୍ୟ** ***ବିଂ.*** ୧. ପାଳନଯୋଗ୍ୟ ୨. ଯାହାକୁ ପାଳନ କରାଯାଏ ୩. ପାଳିତ, ପୋଷିତ ।

**ପୋଷ୍ୟଗ୍ରାମ** ***ବି.*** ସର୍ବାଙ୍ଗୀନ ବିକାଶପାଇଁ ଅନ୍ୟର ଅନୁଦାନ ଓ ସାହାଯ୍ୟପ୍ରାପ୍ତ ଗ୍ରାମ ।

**ପୋଷ୍ୟପୁତ୍ର** ***ବି.*** ବିଧି ସମ୍ମତ ଭାବେ ନିଜ ପୁଅ/ଝିଅ ଭାବେ ଗୃହୀତ ଅନ୍ୟ କାହାରି ସନ୍ତାନ ।

**ପୋଷ୍ୟବର୍ଗ** ***ବି.*** ୧. ଯେଉଁମାନଙ୍କୁ ପାଳନ କରିବାକୁ ପଡ଼ିଥାଏ ୨. ଚାକରବାକର ।

**ପୋସିଆ ପୋ** ***ବି.*** ପୋଷ୍ୟପୁତ୍ର ।

**ପୋସ୍ତ, ପୋସ୍ତଦାନା** ***ବି.*** ଅଫିମ ଗଛ ଓ ତାହାର ଫଳର ମଞ୍ଜି ।

**ପୋସ୍ତାନି** ***ବି.*** ପୂର୍ବପୁରୁଷ ।

**ପୋହଣା** ***ବି.*** ମାଛ ଯାଆଁଳଙ୍କ ମନ୍ଦା ।

**ପୋହଳ** ***ବି.*** ୧. ପୋଳୁହ ୨. ଶଗଡ଼ଦଣ୍ଡାର ଶେଷ ଫଳି ।

**ପୋହଳକିଳା** ***ବି.*** ଶଗଡ଼ଦଣ୍ଡାର ଶେଷ ଫଳିକୁ ମଜଭୁତ କରି ରଖିବାପାଇଁ ବ୍ୟବହୃତ ଖିଲ ।

**ପୋହଳା** ***ବି.*** ୧. ଏକ ପ୍ରକାର ମାଛ ୨. ପ୍ରବାଳ ।

**ପୋହା** ***ବି.*** ୧. ବତୁରା ଚୁଡ଼ାରେ ପିଆଜ, ଚିନାବାଦାମ, ଲେମ୍ବୁରସ ଆଦି ଦେଇ ପ୍ରସ୍ତୁତ ଜଳଖିଆ ୨. ଚୁଡ଼ା।

**ପୌଗଣ୍ଡ** ***ବି.*** ବ୍ୟକ୍ତିର ଯୌବନପ୍ରାପ୍ତିର ପୂର୍ବ ଅବସ୍ଥା, ବାରରୁ ଷୋଳ ବର୍ଷ ପର୍ଯ୍ୟନ୍ତ ଜୀବନର ସମୟଖଣ୍ଡ।

**ପୌଣ୍ଡ୍ରମାସ** ***ବି.*** ପୁଷମାସ, ବର୍ଷର ବାରମାସ ମଧ୍ୟରୁ ନବମ ମାସ ।

**ପୌତ୍ତଳିକ** ***ବିଂ.*** ୧. ପୁତ୍ତଳିକା ବା ପିତୁଳା ସମ୍ପର୍କିତ ୨. ପ୍ରତିମା ପୂଜକ, ମୂର୍ତ୍ତିପୂଜକ ।

**ପୌତ୍ତଳିକତାବାଦ** ***ବି.*** ପ୍ରତିମା ଉପାସନା କୈନ୍ଦ୍ରିକ ବିଚାର ବା ଦର୍ଶନ ।

**ପୌତ୍ର** ***ବି.*** ଝିଅ ବା ପୁଅର ପୁଅ, ନାତି ।

**ପୌତ୍ରୀ** ***ବି.*** ଝିଅ ଅଥବା ପୁଅର ଝିଅ, ନାତୁଣୀ ।

**ପୌର** ***ବିଂ.*** ୧. ନଗର ବା ସହର ସମ୍ପର୍କିତ, ନଗରରେ ଥିବା ୨. ଅତୀତରେ ଜନ୍ମ ହୋଇଥିବା

**ପୌରପରିଷଦ** ***ବି.*** ନଗରର ସୁପରିଚାଳନା ନିମନ୍ତେ ଏହାର ଅଧିବାସୀମାନଙ୍କଦ୍ୱାରା ନିର୍ବାଚିତ ବ୍ୟକ୍ତିମାନଙ୍କର ସଙ୍ଗଠନ, ମ୍ୟୁନିସିପାଲ୍ କାଉନ୍‌ସିଲ୍, ମ୍ୟୁନିସିପାଲ କର୍ପୋରେସନ୍ ।

**ପୌରପାଳ** ***ବି.*** ପୌରପରିଷଦର ଅଧ୍ୟକ୍ଷ ।

**ପୌରସଂସ୍ଥା** ***ବି.*** ସହର ବା ନଗରର ସୁପରିଚାଳନା ପାଇଁ ଗଠିତ ସ୍ୱାୟତ୍ତଶାସନ ବ୍ୟବସ୍ଥା, ମ୍ୟୁନିସିପାଲିଟି ।

**ପୌରାଣିକ** ***ବିଂ.*** ୧. ପୁରାଣ ସମ୍ବନ୍ଧୀୟ, ପୁରାଣରେ ଲେଖାଯାଇଥିବା ୨. ଅତୀତସଂକ୍ରାନ୍ତ ୩. ଅନ୍ୟମାନଙ୍କ ପାଖରେ ପୁରାଣ ପଢୁଥିବା ।

**ପୌରୁଷ** ***ବି.*** ୧. ପୁରୁଷର ବ୍ୟକ୍ତିତ୍ୱ ଓ ସ୍ପର୍ଦ୍ଧା ୨. ପୁରୁଷର ଅନ୍ତର୍ନିହିତ ଗୁଣ, ପୁରୁଷତ୍ୱ, ଅଣ୍ଡିରାପଣ ୩. ସାହସ, ତେଜଃ, ପରାକ୍ରମ ।

**ପୌରୁଷେୟ** ***ବିଂ.*** ୧. ମଣିଷଦ୍ୱାରା ସୃଷ୍ଟ ୨. ମଣିଷ ବା ପୁରୁଷ ସମ୍ବନ୍ଧୀୟ ୩. ମଣିଷକୃତ ୪. ପ୍ରକୃତିଗତ ।

**ପୌରୋହିତ୍ୟ** ***ବି.*** ୧. ପୁରୋହିତି, ପୂଜାପାର୍ବଣ ଓ ଧର୍ମୀୟ ଉତ୍ସ-ବାନୁଷ୍ଠାନ ସମ୍ପନ୍ନ ପାଇଁ ନିମନ୍ତ୍ରିତ ପଣ୍ଡିତବୃତ୍ତି ୨. ସଭାପତିତ୍ୱ, ଅଧ୍ୟକ୍ଷତା, ମୁଖ୍ୟ ୩. ପୂଜକ ।

**ପୌର୍ଣ୍ଣମାସ** ***ବି.*** ପୂର୍ଣ୍ଣିମା ତିଥି ।

**ପୌର୍ଣ୍ଣମାସୀ** ***ବି.*** ୧. ତୁଳସୀଚଉରା ୨. ପୁରାଣରେ ରାଧା-କୃଷ୍ଣ ଲୀଳାରେ ମଧ୍ୟସ୍ଥ ଭୂମିକାରେ ଥିବା ବୟସ୍କା ଗୋପୀ ।

**ପୌଷ(ମାସ)** ***ବି.*** ୧. ବର୍ଷର ବାରମାସ ମଧ୍ୟରେ ନବମ ମାସ ୨. ଫସଲ ଅମଳ ସମୟ ୩. **ପୁଷ ମାସ,** ସୁଖ ସମୟ ।

**ପୌଷ୍ଟିକ** ***ବିଂ.*** ପୁଷ୍ଟିକର, ଶକ୍ତିଦାୟକ; ***ବି.*** ଉପନୟନ ସମୟରେ ବ୍ରହ୍ମଚାରୀ ପିନ୍ଧୁଥିବା ଲୁଗା ।

**ପ୍ୟାକ୍** ***ବି.*** ଖୋଳରେ ଯେ କୌଣସି ପଦାର୍ଥକୁ ବନ୍ଦ କରି ରଖାଯିବା କାର୍ଯ୍ୟ ; ***ବିଂ.*** ସମ୍ପୂର୍ଣ୍ଣ ଭାବରେ ପରିପୂର୍ଣ୍ଣ, ଭରପୂର ।

**ପ୍ୟାକିଙ୍ଗ୍ କରିବା** ***କ୍ରି.*** ୧. ଖୋଳ ଭିତରେ ବା ଖାଲି ସ୍ଥାନରେ ପଦାର୍ଥ ବନ୍ଦ କରି ରଖିବା ୨. ପୁଡ଼ା ବାନ୍ଧିବା ୩. ଯାତ୍ରା ସମୟରେ ଜିନିଷପତ୍ର ବନ୍ଧାବନ୍ଧି କରିବା ।

**ପ୍ୟାକେଜ୍** ***ବି.*** ୧. କାଗଜ ଗୁଡ଼ାଯାଇଥିବା ବଡ଼ଡବା, ପାର୍ସଲ ୨. କୌଣସି କାର୍ଯ୍ୟ ସମ୍ପାଦନ ପାଇଁ କରାଯାଇଥିବା ଆର୍ଥିକ ଅଟକଳ ବା ପ୍ରାପ୍ୟ ୩. ଦରମା, ଭତ୍ତା ପ୍ରଭୃତି ଏକତ୍ର ୪. ଏକାଧିକ ବସ୍ତୁ ଏକତ୍ର ।

**ପ୍ୟାକେଟ୍** ***ବି.*** ଚାରି ପାଖରୁ ବନ୍ଦ କରି ଦିଆଯାଇଥିବା ବା ମୁଦା ଛୋଟବିଡ଼ା, ପୁଳିନ୍ଦା ।

**ପ୍ୟାଚ୍, ପେଚ୍** ***ବି.*** ୧. କଣା ଆଦି ବନ୍ଦ କରିବା ପାଇଁ ଦିଆହେବା ଟୁକୁରା ୨. ନିର୍ଦ୍ଦିଷ୍ଟ ସ୍ଥାନ ୩. ଦାଗ, ଚିହ୍ନ ।

**ପ୍ୟାଚ୍ ପକାଇବା** ***କ୍ରି.*** ୧. ଟ୍ୟୁବ୍ ଆଦିର ଛିଦ୍ର ତୁଣ୍ଡିବା ବା ତା ଉପରେ ଟୁକୁଡ଼ା ଯୋଡ଼ିବା ୨. ମିଳାମିଶା କରାଇବା ।

**ପ୍ୟାଚ୍ ପଡ଼ିବା** ***କ୍ରି.*** ଗାଡ଼ିମଟର ଚକର ଟ୍ୟୁବରେ ଛିଦ୍ର ମରାମତ ହେବା ।

**ପ୍ୟାଟେଣ୍ଟ** ***ବି.*** ୧. ବ୍ୟକ୍ତି ଅଥବା ଅନୁଷ୍ଠାନଦ୍ୱାରା ଉଦ୍‌ଭାବିତ ପଦାର୍ଥର ଉପାଦାନ ଓ ଗଢ଼ଣସୂତ୍ର ୨. ସେହି ଉଦ୍ଭାବିତ ବସ୍ତୁର ସ୍ୱତ୍ୱ ।

**ପ୍ୟାଟେଣ୍ଟ ରାଇଟ** *ବି.* ଉଦ୍‌ଭାବନ/ ଆବିଷ୍କାରର ସ୍ୱତ୍ୱାଧିକାର ।

**ପ୍ୟାଡ୍‌** *ବି.* ୧. ଆଞ୍ଚୁଡ଼ା ବା ଆଘାତରୁ ମୁକ୍ତ ରଖିବା ପାଇଁ ବ୍ୟବହୃତ କାଗଜ, ତୁଳା, ପଶମର ମୋଟା ଓ ନରମ ଖଣ୍ଡ ୨. ଖେଳ ସମୟରେ ଖେଳାଳୀ ଗୋଡ଼, ଅଙ୍ଗ, ପାଦ, ହାତର ସୁରକ୍ଷାପାଇଁ ବ୍ୟବହାର କରୁଥିବା ନରମ ଓ ଶକ୍ତ ପଦାର୍ଥ ୩. ଚିଠି ଲେଖିବା ପାଇଁ ବ୍ୟବହୃତ ନାମ ଅଥବା ଚିହ୍ନ ଥିବା କାଗଜ ।

**ପ୍ୟାନ୍‌** *ବି.* ୧. ଧରିବା ପାଇଁ ନାଡଥିବା ଧାତବ ପାତ୍ର ୨. କ୍ୟାମେରାରେ ଫଟୋ ଉଠାଇବା କାଳରେ ଏହାକୁ ବିଭିନ୍ନ ଦିଗକୁ ବୁଲାଇବା କାର୍ଯ୍ୟ ।

**ପ୍ୟାନେଲ୍‌** *ବି.* ୧. କବାଟ, ଝରକା, ଆଲମିରା ଆଦି ତିଆରିରେ ବ୍ୟବହୃତ ଖାପ ୨. ପ୍ରତିଯୋଗିତା ବା ସେଭଳି କାର୍ଯ୍ୟ, ପରୀକ୍ଷାରେ ଯୋଗଦେଇଥିବା ଅଥବା ଯୋଗ୍ୟ ବିବେଚିତ ପ୍ରାର୍ଥୀମାନଙ୍କର ତାଲିକା ୩. ନିର୍ଦ୍ଦିଷ୍ଟ କାର୍ଯ୍ୟ ସମ୍ପାଦନ ପାଇଁ ନିର୍ବାଚିତ ବ୍ୟକ୍ତିମାନଙ୍କର ଯୋଗ୍ୟତା, ବୟସ, ଅଭିଜ୍ଞତା ପ୍ରଭୃତି ଅନୁସାରେ କ୍ରମିକ ନାମ ତାଲିକା ।

**ପ୍ୟାରା** *ବିଂ.* ୧. ଗେହ୍ଲାଳିଆ ୨. ଗୋଲଗାଲିଆ ୩. ଭଲ ପାଇବାର ଯୋଗ୍ୟ ୪. ପିଜୁଳି, ମାୟା, ଚାଉଳିଆ ।

**ପ୍ୟାଲେସ୍‌, ପେଲେସ୍‌** *ବି.* ରଜା ଉଆସ, ବିଳାସହର୍ମ୍ୟ ।

**ପ୍ୟାସ୍‌** *ବି.* ଶୋଷ, ତୃଷା, ପିପାସା।

**ପ୍ରକ୍ସି** *ବି.* ବଦଳ, ଅନ୍ୟର ପ୍ରତିନିଧି ।

**ପ୍ରକ୍ସି ପକାଇବା** *କ୍ରି.* ୧. ଶ୍ରେଣୀ ଗୃହରେ ଅନ୍ୟ କାହାରି ଉପସ୍ଥାନ ପକାଇବା ୨. ଅନ୍ୟ ପାଇଁ କାମ କରିବା, ଅନ୍ୟର ପ୍ରତିନିଧିତ୍ୱ କରିବା ।

**ପ୍ରକଟ** *ବିଂ.* ପ୍ରକାଶିତ, ବ୍ୟକ୍ତ, ଉଭା ହୋଇଥିବା, ସ୍ପଷ୍ଟ ।

**ପ୍ରକଟନ** *ବି.* ପ୍ରକଟୀକରଣ-ଯାହା ଦିଶୁ ନଥିଲା ତାହାର ପ୍ରକାଶ ।

**ପ୍ରକଟିତ** *ବିଂ.* ଅଭିବ୍ୟକ୍ତ, ପ୍ରକାଶିତ ।

**ପ୍ରକଟୀକରଣ** *ବି.* ସ୍ପଷ୍ଟ ହୋଇନଥିବା ତତ୍ତ୍ୱ ବା ଦୃଶ୍ୟକୁ ଦେଖାଇବା, ପ୍ରକାଶ କରିବା ।

**ପ୍ରକମ୍ପ, ପ୍ରକମ୍ପନ** *ବି.* ବିଶେଷ କମ୍ପନ, ଭୟଙ୍କର ବିଚଳନ, ଅତି ବେଗରେ ଥରିବା ।

**ପ୍ରକମ୍ପିତ** *ବିଂ.* ବିଶେଷ ଭାବରେ କମ୍ପିତ, ଅତି ଜୋର୍‌ରେ ଥରୁଥିବା ବା ହଲୁଥିବା ।

**ପ୍ରକର** *ବି.* ୧. ବହୁତ, ସମୂହ ୨. ଅଧିକାର, କର୍ତ୍ତୃତ୍ୱ ୩. ସାହାଯ୍ୟ ।

**ପ୍ରକରଣ** *ବି.* ୧. ବିଷୟ, ପ୍ରସଙ୍ଗ ୨. ଅଧ୍ୟାୟ, ଭାଗ ୩. ଆଲୋଚ୍ୟ ବିଷୟ ।

**ପ୍ରକଳ୍ପ** *ବି.* କୌଣସି ଯୋଜନାର କଳ୍ପିତ ରୂପରେଖ, ଅଧିଯୋଜନା, ପ୍ରୋଜେକ୍ଟ ।

**ପ୍ରକର୍ଷ, ପ୍ରକର୍ଷଣ** *ବି.* ୧. ଆଧିକ୍ୟ ୨. ଉତ୍କର୍ଷ ୩. ବିଶେଷ ଆକର୍ଷଣ ।

**ପ୍ରକାଣ୍ଡ** *ବିଂ.* ୧. ଆକାରରେ ଖୁବ୍‌ ବଡ଼, ବିଶାଳ ୨. ପ୍ରଶସ୍ତ ; *ବି.* ୧. ଗଛର ଗଣ୍ଡି ୨. ପ୍ରକାଣ୍ଡତା ।

**ପ୍ରକାର** *ବି.* ୧. ଗୁଣଯୁକ୍ତ ବିଶେଷତ୍ୱ, ଧରଣ, ରକମ ୨. ପଦ୍ଧତି, ବାଗ, ଧାରା ।

**ପ୍ରକାରାନ୍ତରେ** *କ୍ରି.ବିଂ.* ୧. ପରୋକ୍ଷରେ ୨. ଅନ୍ୟଭାବରେ ।

**ପ୍ରକାଶ,ପ୍ରକାଶନ** *ବି.* ୧. ଦୃଶ୍ୟମାନ ହେବା ୨. ଆଲୋକନ ୩. ପ୍ରଦର୍ଶନ ୪. ଉଦୟ, ପ୍ରକଟନ ୫. ଆଲୋକ ୬. ପବ୍ଲିକେଶନ୍‌ ।

**ପ୍ରକାଶକ** *ବି.* ୧. ଯିଏ ପ୍ରକାଶ କରେ ୨. ପୁସ୍ତକ, ପତ୍ରପତ୍ରିକା ପ୍ରକାଶ କରିବା ବ୍ୟକ୍ତି, ପବ୍ଲିଶର୍‌ ।

**ପ୍ରକାଶନୀୟ** *ବିଂ.* ଯାହା ପ୍ରକାଶ କରିବା ଯୋଗ୍ୟ, ଅଭିବ୍ୟକ୍ତିର ଯୋଗ୍ୟ ।

**ପ୍ରକାଶିତ** *ବିଂ.* ୧. ଛପାଯାଇ ବାହାରକୁ ଆସିଥିବା, ବଜାରକୁ ଆସିଥିବା ୨. ପ୍ରକଟିତ ହୋଇଥିବା, ବ୍ୟକ୍ତ ୩. ଶୋଭିତ ୪. ପ୍ରଚାରିତ ।

**ପ୍ରକାଶିବା** *କ୍ରି.* ୧. ପ୍ରକାଶ କରିବା, ବାହାରକୁ ଆସିବା ୨. ବ୍ୟକ୍ତ କରିବା, କହିବା, ଉଲ୍ଲେଖ କରିବା ।

**ପ୍ରକାଶ୍ୟ** *ବିଂ.* ୧. ସର୍ବସାଧାରଣଙ୍କ ସମ୍ମୁଖରେ କଥିତ ବା ବ୍ୟକ୍ତ ୨. ଖୋଲାଖୋଲି ।

**ପ୍ରକୃତ** *ବିଂ.* ୧. ଅବିକୃତ, ଅବିମିଶ୍ର, ଖାଣ୍ଟି, ନିରୁତା, ଅସଲ ୨. ଠିକ୍‌, ଯଥାର୍ଥ ।

**ପ୍ରକୃତି** *ବି.* ୧. ସ୍ୱଭାବ, ଚରିତ୍ର, ଗୁଣ ୨. ବିବର୍ତ୍ତନ ପ୍ରକ୍ରିୟାରେ ବିଶ୍ୱରେ ସୃଷ୍ଟ ସକଳ ବିଭବ ୩. ନାରୀ, ଆଦ୍ୟା, ଶକ୍ତି ୫. କୌଣସି ଏକ ପଦାର୍ଥର ଅନ୍ତର୍ନିହିତ ମୌଳିକ ଗୁଣ ୬. ବିଭକ୍ତିହୀନ ମୂଳଶବ୍ଦ ଓ ଧାତୁ ।

**ପ୍ରକୃତିଗତ** *ବିଂ.* ୧. ଚରିତ୍ରଗତ, ସ୍ୱଭାବସିଦ୍ଧ ୨. ଅଭ୍ୟାସଗତ ।

**ପ୍ରକୃତିଛଡ଼ା** *ବିଂ.* ୧. ଅସ୍ୱାଭାବିକ ବା ଅନୈତିକ କାର୍ଯ୍ୟ ବା ବ୍ୟବହାର କରୁଥିବା ୨. ଅରୁଚିକର, ସାଧାରଣ ସମ୍ମତ କାର୍ଯ୍ୟକଳାପର ବ୍ୟତିକ୍ରମ ୩. ଅପ୍ରାକୃତିକ ବା ଅସ୍ୱାଭାବିକ ଲକ୍ଷଣଯୁକ୍ତ ।

**ପ୍ରକୃତିଜ** *ବିଂ.* ପ୍ରାକୃତିକ ଭାବରେ ଜନ୍ମ ଦେଇଥିବା, ସ୍ୱାଭାବିକ ରୀତିରେ ସୃଷ୍ଟ ।

**ପ୍ରକୃତିବାଦ** *ବି.* ୧. କୌଣସି ଶବ୍ଦର ଉତ୍ପତ୍ତିତତ୍ତ୍ୱ ସଂକ୍ରାନ୍ତ ବିଚାର ୨. ବସ୍ତୁବିଜ୍ଞାନ ।

**ପ୍ରକୃତିବିରୁଦ୍ଧ** ***ବିଂ.*** ସ୍ୱାଭାବିକ ଆଚରଣର ବିପରୀତ ବା ପ୍ରତିକୂଳ ।

**ପ୍ରକୃତିସିଦ୍ଧ** ***ବିଂ.*** ପ୍ରାକୃତିକ ନିୟମାନୁସାରୀ, ସ୍ୱାଭାବିକ ।

**ପ୍ରକୃତିସ୍ଥ** ***ବିଂ.*** ଅବିଚଳିତ, ସ୍ୱାଭାବିକ ମାନସିକତା ଅବସ୍ଥା ସମ୍ପନ୍ନ, ଅକ୍ଷୁବ୍ଧ ।

**ପ୍ରକୃଷ୍ଟ** ***ବିଂ.*** ୧. ଉତ୍ତମ, ସବୁଠାରୁ ଭଲ, ଶ୍ରେଷ୍ଠ ୨. ପ୍ରଶସ୍ତ ।

**ପ୍ରକୋପ, ପ୍ରକୋପନ** ***ବି.*** ୧. ଅତି ରାଗ, ଅତି କ୍ରୋଧ ୨. ଅତ୍ୟଧିକ ତାପ ୩. ଉତ୍କଟତା ।

**ପ୍ରକୋପିତ** ***ବିଂ.*** ରାଗାନ୍ୱିତ, କ୍ରୋଧିତ, ଉତ୍ତ୍ୟକ୍ତ ।

**ପ୍ରକୋଷ୍ଠ** ***ବି.*** ୧. କୋଠରୀ, ବଖରା, ରୁମ୍ ୨. ହାତର ମଣିବନ୍ଧଠାରୁ କହୁଣୀ ପର୍ଯ୍ୟନ୍ତ ।

**ପ୍ରକ୍ରମ** ***ବି.*** ୧. ଉପକ୍ରମ, ଆରମ୍ଭ ୨. ଯିବା, ଗମନ, ଗତି ୩. ପରମ୍ପରା ।

**ପ୍ରକ୍ରିୟା** ***ବି.*** କୌଣସି କାର୍ଯ୍ୟର ଘଟିତ ହେବା କ୍ରମ, କ୍ରିୟା ବା ପ୍ରଣାଳୀ, ପ୍ରସେସ୍ ।

**ପ୍ରଖର** ***ବିଂ.*** ୧. ତୀବ୍ର ୨. ତୀକ୍ଷ୍ଣ ୩. କଡ଼ା ୪. ଅତିଶୟ ; ***ବି.*** ପ୍ରଖରତା ।

**ପ୍ରଖ୍ୟାତ** ***ବିଂ.*** ଖୁବ୍ ଜଣାଶୁଣା, ବିଖ୍ୟାତ, ପ୍ରସିଦ୍ଧ ।

**ପ୍ରଖ୍ୟାତି** ***ବି.*** ସୁନାମ, ପ୍ରସିଦ୍ଧି ।

**ପ୍ରଖ୍ୟାପକ** ***ବିଂ.*** ବ୍ୟାଖ୍ୟାକାର, ତର୍ଜମାକାରୀ, ବିଶିଷ୍ଟ ଆଲୋଚକ ।

**ପ୍ରଖ୍ୟାପନ** ***ବି.*** ପ୍ରମାଣସିଦ୍ଧ ଭାବରେ ଉପସ୍ଥାପନ, ଯୁକ୍ତିନିଷ୍ଠ ବ୍ୟାଖ୍ୟା ; ***ବିଂ.*** ପ୍ରଖ୍ୟାପିତ ।

**ପ୍ରଗଣା** ***ବି.*** ଭୂରାଜସ୍ୱ ଆଦାୟ ନିମିତ୍ତ କେତେଗୁଡ଼ିଏ ଗ୍ରାମର ସମାହାର, ପରଗଣା ।

**ପ୍ରଗତି** ***ବି.*** ଅଗ୍ରଗତି, କ୍ରମଶଃ ଉନ୍ନତି, ବିକାଶ ।

**ପ୍ରଗତିବାଦୀ, ପ୍ରଗତିଶୀଳ** ***ବିଂ.*** ୧. ସମାଜର ଉନ୍ନତି ବା ପ୍ରଗତିରେ ବିଶ୍ୱାସୀ ୨. ସାହିତ୍ୟ, ସଂସ୍କୃତି କ୍ଷେତ୍ରରେ ବାମପନ୍ଥୀ ବିଚାରଧାରାର ଉପଯୋଗରେ ବିଶ୍ୱାସୀ ।

**ପ୍ରଗମନ** ***ବି.*** ୧. ମରଣ ୨. ବିଯୁକ୍ତୀକରଣ ୩. ପ୍ରସ୍ଥାନ, ସ୍ଥାନାନ୍ତର ।

**ପ୍ରଗଲ୍‌ଭ** ***ବିଂ.*** ୧. ବାଚାଳ, ଅନର୍ଗଳ କହିପାରୁଥିବା ୨. ଅବିନୀତ, ଦାମ୍ଭିକ, ଉଦ୍ଧତ ୩. ଅଲାଜୁକ, ନିର୍ଲଜ୍ଜ, କୁହାଳିଆ, ବାଜୁରା ; ***ବି.*** ପ୍ରଗଲ୍‌ଭତା, ***ସ୍ତ୍ରୀ.*** ପ୍ରଗଲ୍‌ଭା ।

**ପ୍ରଗାଢ଼** ***ବିଂ.*** ୧. ଅତି ନିବିଡ଼ ୨. ବିଶେଷ ଭାବରେ ଘନ, ଗାଢ଼ ୩. ଗଭୀର ୪. ଦୃଢ଼ ; ***ବି.*** ପ୍ରଗାଢତା ।

**ପ୍ରଘଟ** ***ବି.*** ଗୋପନକଥା ସର୍ବସାଧାରଣରେ ପ୍ରକାଶ ; ***ବିଂ.*** ପ୍ରଚାରିତ, ଚର୍ଚ୍ଚିତ ।

**ପ୍ରଘଟ ହେବା** ***କ୍ରି.*** ୧. ପ୍ରଚାରିତ ହେବା ୨. ଗୁପ୍ତ ବିଷୟ ଜଣାହେବା, ଗୁମର ଖୋଲିଯିବା ୩. ଚର୍ଚ୍ଚିତ ହେବା, ଆଲୋଚିତ ହେବା ।

**ପ୍ରଚଣ୍ଡ** ***ବିଂ.*** ୧. ପ୍ରବଳ, ପ୍ରଖର ୨. ଅସହ୍ୟ ୩. ତୀବ୍ର ଗତିଶୀଳ ୪. ଦୁର୍ଦ୍ଧର୍ଷ, ଭୟଙ୍କର ।

**ପ୍ରଚଳନ** ***ବି.*** ୧. ପୂର୍ବରୁ କାର୍ଯ୍ୟକାରୀ ହୋଇଆସୁଥିବା ରୀତି ୨. ବ୍ୟବହାରକୁ ଆଣିବା, ଚଳାଇବା ୩. ପ୍ରବର୍ତ୍ତନ ।

**ପ୍ରଚଳିତ** ***ବିଂ.*** ୧. ଆଗରୁ ଚଳି ଆସୁଥିବା, ପରମ୍ପରାସିଦ୍ଧ, ଆଚରିତ ୨. ବ୍ୟବହୃତ ୩. ପ୍ରବର୍ତ୍ତିତ ।

**ପ୍ରଚକ୍ଷୁ** ***ବି.*** ଦେଖିବାରେ ସମସ୍ୟା ଯୋଗୁଁ ଆଖିରେ ଲଗାଯାଉଥିବା କାଚଯୁକ୍ତ ଉପକରଣ, ଚଷମା ।

**ପ୍ରଚାର** ***ବି.*** କୌଣସି ବିଷୟ ସର୍ବସାଧାରଣରେ ଜଣେଇବା କାର୍ଯ୍ୟ, ଘୋଷଣା, ବିଜ୍ଞାପନ ।

**ପ୍ରଚାରକ** ***ବି.*** ପ୍ରଚାର କରୁଥିବା ବା ସର୍ବସାଧାରଣଙ୍କୁ ଅବଗତ କରାଉଥିବା (ବ୍ୟକ୍ତି) ।

**ପ୍ରଚାରିତ** ***ବିଂ.*** ବିଜ୍ଞପିତ, ଘୋଷିତ, ପ୍ରଖ୍ୟାପିତ, ରଟିତ ।

**ପ୍ରଚୁର** ***ବିଂ.*** ୧. ଢ଼େର, ବହୁତ, ବହୁଳ, ବହୁ ପରିମାଣ, ମାତ୍ରାଧିକ ୨. ଯଥେଷ୍ଟ, ପର୍ଯ୍ୟାପ୍ତ ; ***ବି.*** ପ୍ରଚୁରତା ।

**ପ୍ରଚେତା** ***ବି.*** ସମୁଦ୍ରାଧିପତି ଦେବତା ବରୁଣ, ସମୁଦ୍ର ।

**ପ୍ରଚେଷ୍ଟା** ***ବି.*** ଏକନିଷ୍ଠ ଉଦ୍ୟମ, ପ୍ରଗାଢ଼ ଯତ୍ନ ।

**ପ୍ରଚୋଦକ** ***ବିଂ.*** ପ୍ରେରଣା ଦେଉଥିବା, ଉତ୍ସାହ ଦେଉଥିବା, ଉଚ୍ଚାଟନକାରୀ ।

**ପ୍ରଚୋଦନ, ପ୍ରଚୋଦନା** ***ବି.*** ୧. ପ୍ରେରଣା, ଉଚ୍ଚାଟନ ୨. ପ୍ରରୋଚନା, ଉସୁକାଣ, ପ୍ରବର୍ତ୍ତନା ; ***ବିଂ*** ପ୍ରଚୋଦିତ ।

**ପ୍ରଚ୍ଛଦ** ***ବି.*** ୧. ଆବରଣ, ଆଚ୍ଛାଦନ ୨. ଚାଦର ।

**ପ୍ରଚ୍ଛଦପଟ** ***ବି.*** ୧. ବହିର ମଲାଟ, ବିଛଣା ଚାଦର ୩. ଓଢ଼ନା, ଘୋଡ଼େଇହେଲା ୪. ଉପୁରାଣ ; ***ବିଂ.*** ପର୍ଦା ପଛରେ ଥିବା ବା ଥାଇ ।

**ପ୍ରଚ୍ଛନ୍ନ** ***ବିଂ.*** ୧. ଲୁକ୍କାୟିତ, ଗୁପ୍ତ, ଅଦେଖା, ଅନାଲୋକିତ ୨. ଭିତିରି, ଗୋପନୀୟ ୩. ଆବୃତ୍ତ ।

**ପ୍ରଚ୍ଛାଦନ** ***ବି.*** ଢାଙ୍କି ରଖିଥିବା ବସ୍ତ୍ର, ଆଚ୍ଛାଦନ ; ***ବିଂ.*** ପ୍ରଚ୍ଛାଦିତ ।

**ପ୍ରଚ୍ଛାୟା** ***ବି.*** ୧. ଛାଇର ବହଳ ଅଂଶ ୨. ଘନଛାୟା ।

**ପ୍ରଜନନ** ***ବି.*** ୧. ଜନ୍ମ ୨. ଉତ୍ପାଦନ, ଅମଳ ।

**ପ୍ରଜନନ ପ୍ରକ୍ରିୟା** ***ବି.*** ଜୀବର ଦେହରେ ଗର୍ଭାଧାନ ମୁହୂର୍ତ୍ତରୁ ଆରମ୍ଭ କରି ଜନ୍ମ ପର୍ଯ୍ୟନ୍ତ ବିକାଶକ୍ରମ ।

**ପ୍ରଜନନକ୍ଷମ** ***ବିଂ.*** ସନ୍ତାନ ଉତ୍ପାଦନ ସକାଶେ ସମର୍ଥ ।

**ପ୍ରଜା** *ବି.* ୧. କୌଣସି ରାଜ୍ୟର ଅଧିବାସୀ/ଶାସିତ ୨. ରଇତ ୪. ଅନୁଗତ ।

**ପ୍ରଜାତନ୍ତ୍ର** *ବି.* ସ୍ୱାଧୀନ ନାଗରିକମାନଙ୍କ ନିର୍ବାଚିତ ପ୍ରତିନିଧିମାନଙ୍କ ଦ୍ୱାରା ରାଜ୍ୟଶାସନ, ଗଣତନ୍ତ୍ର, ଲୋକତନ୍ତ୍ର ।

**ପ୍ରଜାତି** *ବି.* ସାଂସ୍କୃତିକ, ଜୈବିକ ବା ପ୍ରାକୃତିକ ସଂକ୍ରମଣ ଯୋଗୁଁ ଏକ ନିର୍ଦ୍ଦିଷ୍ଟ ଗୁଣର ଓ ପ୍ରକାରର ଜୀବମାନଙ୍କର ବିବର୍ତ୍ତିତ ରୂପ, ଏକ ନିର୍ଦ୍ଦିଷ୍ଟ ଜାତୀୟ ପଶୁ ବା ପକ୍ଷୀ, ସରୀସୃପ ଓ ଉଦ୍ଭିଦର ସମଗୁଣଯୁକ୍ତ ବିଭିନ୍ନ ରୂପ ।

**ପ୍ରଜାପତି** *ବି.* ୧. ଚିତ୍ରିତ ଡେଣାଯୁକ୍ତ ପତଙ୍ଗ ବିଶେଷ ୨. ସଂସାରର ସୃଷ୍ଟିକର୍ତ୍ତା, ବ୍ରହ୍ମା ୩. ବିଶ୍ୱକର୍ମା ।

**ପ୍ରଜାନୁରଂଜକ** *ବିଂ.* ଶାସିତମାନଙ୍କ ପ୍ରିୟ, ପ୍ରଜାପାଳକ, ସୁଶାସକ ।

**ପ୍ରଜାଶକ୍ତି** *ବି.* ଜନତା ସମୁଦାୟର ସାମର୍ଥ୍ୟ, ଲୋକଶକ୍ତି, ଲୋକବଳ ।

**ପ୍ରଜ୍ୱଳନ** *ବି.* ଜଳାଇବା, ନିଆଁ ଧରାଇବା ।

**ପ୍ରଜ୍ୱଳିତ** *ବିଂ.* ୧. ଜଳୁଥିବା ୨. ଆଲୋକିତ, ଉଜ୍ଜ୍ୱଳ ୩. ପୋଡ଼ି ଯାଉଥିବା ।

**ପ୍ରଜ୍ଞା** *ବି.* ଜ୍ଞାନ, ମେଧା, ବୁଦ୍ଧି ।

**ପ୍ରଜ୍ଞାନ** *ବି.* ୧. ସମ୍ୟକ୍ ଜ୍ଞାନ, ଗୂଢ଼ବିଚାର ୨. ସଂକେତ ।

**ପ୍ରଜ୍ଞାପନ** *ବି.* ବିଶେଷଭାବରେ ଜଣେଇବା କାର୍ଯ୍ୟ, ବିଜ୍ଞାପନ ।

**ପ୍ରଜ୍ଞାପନ ମେଢ଼** *ବି.* ଜନସାଧାରଣଙ୍କୁ ନିର୍ଦ୍ଦିଷ୍ଟ ବିଚାର, ଜ୍ଞାନ, ପଦାର୍ଥ ଆଦି ସମ୍ପର୍କରେ ଅବଗତ କରାଇବା ପାଇଁ ଉଦ୍ଦିଷ୍ଟ ଚିତ୍ର ବା କଳାକାରିଗରି ।

**ପ୍ରଣତ** *ବିଂ.* ବିନତ, ମଥା ଅବନତ ।

**ପ୍ରଣତି** *ବି.* ପ୍ରଣାମ, ନମସ୍କାର, ବିନୟ ଭାବ ।

**ପ୍ରଣବ** *ବି.* ୧. ଓଁକାର ୨. ଆଦ୍ୟ, ପ୍ରଥମ ୩. ମୂଳତତ୍ତ୍ୱ ।

**ପ୍ରଣବ ଅଶୁଦ୍ଧ ହେବା** *କ୍ରି.* କୌଣସି କାର୍ଯ୍ୟ ଆରମ୍ଭରୁ ଭୁଲ୍ ହେବା ।

**ପ୍ରଣବମନ୍ତ୍ର** *ବି.* ଗୂଢ଼ତତ୍ତ୍ୱ, ବୀଜମନ୍ତ୍ର ।

**ପ୍ରଣମିବା** *କ୍ରି.* ନମସ୍କାର କରିବା, ମୁଣ୍ଡ ନୁଆଁଇବା ।

**ପ୍ରଣମ୍ୟ** *ବିଂ.* ୧. ପୂଜନୀୟ, ନମସ୍କାରର ଯୋଗ୍ୟ ୨. ଅଭିନନ୍ଦନୀୟ ।

**ପ୍ରଣୟ** *ବି.* ୧. ପ୍ରୀତିଭାବ, ଭଲପାଇବା ୨. ଅନୁରାଗ ୩. ଯାଚନା ୪. ଆତ୍ମୀୟତା, ଅନ୍ତରଙ୍ଗତା ।

**ପ୍ରଣୟନ** *ବି.* ୧. ଲେଖା, ରଚନା ୨. ନିର୍ମାଣ ।

**ପ୍ରଣୟିନୀ** *ବି.* ୧. ପ୍ରେମିକା ୨. ପତ୍ନୀ ; *ବିଂ.* ପ୍ରେମଅନୁରକ୍ତା ।

**ପ୍ରଣୟୀ** *ବି.* ୧. ପ୍ରେମିକ ୨. ପତି, ସ୍ୱାମୀ ; *ବିଂ.* ଭଲ ପାଉଥିବା, ଅନୁରକ୍ତ, ଆସକ୍ତ ।

**ପ୍ରଣାମ** *ବି.* ନମସ୍କାର, ଜୁହାର, ଓଳଗି, ଭକ୍ତିଭାବ ପ୍ରଦର୍ଶନ ।

**ପ୍ରଣାମି** *ବି.* ବିଶିଷ୍ଟବ୍ୟକ୍ତି, ଦେବତା ଅଥବା ଶାସକଙ୍କୁ ଭେଟି ନମସ୍କାର ହେବା ସମୟରେ ଦିଆ ଯାଉଥିବା ଉପହାର ଅର୍ଥ, ସଲାମି ।

**ପ୍ରଣାଳୀ** *ବି.* ୧. ଦୁଇ ବଡ଼ ଜଳଭାଗକୁ ଯୋଡୁଥିବା ସଂକୀର୍ଣ୍ଣ ଜଳଭାଗ ୨. ପାଣିନଳା ୩. ଧାରା, ବାଗ, ଶୈଳୀ, ରୀତି, ପଦ୍ଧତି ।

**ପ୍ରଣିଧାନ** *ବି.* ୧. ଗଭୀର ମନୋନିବେଶ ୨. ଧ୍ୟାନ, ମନନ, ସମାଧି ୩. ଅର୍ପଣ ।

**ପ୍ରଣିପାତ** *ବି.* ଦଣ୍ଡବତ, ଜୁହାର, ମଥାନୁଆଁଇ ନମସ୍କାର ।

**ପ୍ରଣୀତ** *ବିଂ.* ଲିଖିତ, ରଚିତ, କୃତ ।

**ପ୍ରଣେତା** *ବି.* ୧. ଲେଖକ, ରଚନାକାର, ଗ୍ରନ୍ଥକର୍ତ୍ତା ୨. ନିର୍ମାତା ।

**ପ୍ରଣୋଦନ** *ବି.* ୧. ଚାଳନ ୨. ନୂତନ ଭାବରେ ସଂଯୋଜନ, ନୂତନ ଭାବରେ ପରିକଳ୍ପନ ୩. ପ୍ରବର୍ତ୍ତନ ୪. ନିୟୋଜନ ।

**ପ୍ରଣୋଦିତ** *ବିଂ.* ୧. ଚାଳିତ, ପ୍ରଚୋଦିତ ୨. ପ୍ରବର୍ତ୍ତିତ ୩. ନିୟୋଜିତ, ନିଯୁକ୍ତ ।

**ପ୍ରତାପ** *ବି.* ୧. ବୀରତ୍ୱ, ଶୌର୍ଯ୍ୟ, ତେଜ ୨. ତାତି, ଉଷ୍ଣତା ୩. ପ୍ରଭାବ ।

**ପ୍ରତାପଶାଳୀ** *ବିଂ.* ୧. ପରାକ୍ରମୀ, ବୀର, ବଳବାନ, ବୀର୍ଯ୍ୟବନ୍ତ, ଶୌର୍ଯ୍ୟଦୀପ୍ତ ୨. ପ୍ରଭାବଶାଳୀ ।

**ପ୍ରତାପୀ** *ବିଂ.* ୧. ପ୍ରତାପଶାଳୀ, ତେଜସ୍ୱୀ, ପ୍ରଭାବଶାଳୀ, ଅପ୍ରତିହତ ୨.କୋପୀ, କ୍ରୋଧୀ, ରାଗୀ ୩. ପରାକ୍ରମୀ, ବଳୁଆ ।

**ପ୍ରତାରକ** *ବିଂ.* ୧. ଠକ, ପ୍ରବଞ୍ଚକ ୨. ବେଇମାନ୍, ଦଗାଦିଆ ।

**ପ୍ରତାରଣା** *ବି.* ଠକାମି, ଶଠତା, ପ୍ରବଞ୍ଚନା, ଦଗା ।

**ପ୍ରତାରିତ** *ବିଂ.* ୧. ଠକି ହୋଇଥିବା, ଦଗା ଖାଇଥିବା ୨. ବଞ୍ଚିତ ।

**ପ୍ରତି** *ବିଂ.* ୧. ପ୍ରତ୍ୟେକ, ସବୁ ୨. ଅନେକରେ ଗୋଟିଏ ; *ବି.* ୧. ପୃଷ୍ଠ, ଓସାର ୨. ବିପରୀତ, ଓଲଟା ; *ଅ.* ସମ୍ପର୍କରେ, ସମ୍ବନ୍ଧରେ ବିଷୟରେ ୨. ଉପରେ ୩. ଅଭିମୁଖରେ, ଆଗରେ, ସମ୍ମୁଖରେ ।

**ପ୍ରତିକାର** *ବି.* ୧. ନିରାକରଣ, ନିବାରଣ ୨. ଆତ୍ମରକ୍ଷା ଅଥବା ସମସ୍ୟା ସମାଧାନ ପାଇଁ ଉପାୟ ।

**ପ୍ରତିକୂପ** *ବି.* ଗଡ଼ର ଚାରିପଟକୁ ଘେରି ରହିଥିବା ଜଳାଶୟ, ପରିଖା, ଗଡ଼ଖାଇ ।

**ପ୍ରତିକୂଳ** *ବିଂ.* ୧. ବିରୋଧାତ୍ମକ, ବିପକ୍ଷବାଦୀ ୨. କୂଳର ବିପରୀତ ୩. ଖରାପ ; *ବି.* ଅନୁକୂଳ । ।

**ପ୍ରତିକୃତି** *ବି.* ପ୍ରତିରୂପ, ପ୍ରତିଚ୍ଛବି, ପ୍ରତିମା, ମୂର୍ତ୍ତି ।

**ପ୍ରତିକ୍ରମ** ***ବି.*** କ୍ରମର ବିପରୀତ, ବିପରୀତ ଦିଗରେ ଗତି ।

**ପ୍ରତିକ୍ରିୟା** ***ବି.*** ୧. କୌଣସି କ୍ରିୟା ବା ଘଟଣାର ପ୍ରଭାବରେ ଘଟୁଥିବା ଅନ୍ୟ କ୍ରିୟା ବା ଘଟଣା ୨. କୌଣସି କଥା ବା ବିଷୟର ଉତ୍ତର ବା କୈଫିୟତ୍ ।

**ପ୍ରତିକ୍ରିୟାଶୀଳ** ***ବିଂ.*** ୧. ପ୍ରତିକ୍ରିୟା ପ୍ରକାଶ କରୁଥିବା ୨. ପ୍ରଗତିଶୀଳ ଆଦର୍ଶକୁ ଗ୍ରହଣ କରି ପାରୁନଥିବା ।

**ପ୍ରତିଗମନ** ***ବି.*** ଫେରନ୍ତା ଯାତ୍ରା, ପ୍ରତ୍ୟାବର୍ତ୍ତନ ।

**ପ୍ରତିଗୃହୀତ** ***ବିଂ.*** ସ୍ୱୀକୃତ, ମନୋମତ, ମନଲାଖି ।

**ପ୍ରତିଗ୍ରହ, ପ୍ରତିଗ୍ରହଣ** ***ବି.*** ୧. ସ୍ୱୀକାର, ଦାନଗ୍ରହଣ ୨. ପିକଦାନି ; ***ବିଂ.*** ପ୍ରତିଗ୍ରାହୀ ।

**ପ୍ରତିଘାତ** ***ବି.*** ୧. ଅନ୍ୟକୁ ଆଘାତ ଦେଇ ନିଜେ ପାଉଥିବା କଷ୍ଟ ୨. ବ୍ୟାଘାତ, ବାଧାବିଘ୍ନ ୩. ହତ୍ୟା ୪. ବାଧା ।

**ପ୍ରତିଘାତୀ** ***ବିଂ.*** ବିରୋଧୀ, ପ୍ରତିବାଦୀ, ବାଧାର ମୁକାବିଲାକାରୀ ।

**ପ୍ରତିଚକ୍ଷୁ** ***ବି.*** ପ୍ରଚକ୍ଷୁ, ଚଷମା ।

**ପ୍ରତିଚିକିତ୍ସା** ***ବି.*** ପ୍ରତିକାର ବା ସମାଧାନର ଇଚ୍ଛା ।

**ପ୍ରତିଚିତ୍ର** ***ବି.*** କୌଣସି ଛବିର ଅବିକଳ ନକଲ ବା ରୂପାନ୍ତର ।

**ପ୍ରତିଛାୟା** ***ବି.*** ୧. ପ୍ରତିରୂପ, ପ୍ରତିବିମ୍ବ, ପ୍ରତିକୃତି ୨. ସାଦୃଶ୍ୟ ।

**ପ୍ରତିଜିହ୍ୱା** ***ବି.*** ଛୋଟଜିଭ, ମୁଖଗହ୍ୱରରେ ତାଲୁ ମୂଳରେ ଲମ୍ବିଥିବା ଜିଭ ପରି ଛୋଟ ମାଂସଖଣ୍ଡ, ଘଣ୍ଟିକା, ଟନ୍‌ସିଲ୍ ।

**ପ୍ରତିଜ୍ଞା** ***ବି.*** ୧. କୌଣସି କାର୍ଯ୍ୟ କରିବା ବା ନ କରିବା ପାଇଁ ଶପଥ, ସତ୍ୟବଚନ ୨. ଜ୍ୟାମିତିର ଉପପାଦ୍ୟ ।

**ପ୍ରତିଜ୍ଞାପତ୍ର** ***ବି.*** ସ୍ୱୀକୃତିନାମା, ଏକ୍‌ରାରନାମା, ସନ୍ତକ ଥିବା ପ୍ରତିଶ୍ରୁତି ।

**ପ୍ରତିଜ୍ଞାବଦ୍ଧ** ***ବିଂ.*** ଅଙ୍ଗୀକାରବଦ୍ଧ, ଦୃଢ଼ପ୍ରତିଜ୍ଞ ।

**ପ୍ରତିଜ୍ଞେୟ** ***ବିଂ.*** ଅଙ୍ଗୀକାରର ଯୋଗ୍ୟ, କଥା ଦେଇ ରଖିବାର ଅଧିକାର ।

**ପ୍ରତିଦାନ** ***ବି.*** ୧. ଗ୍ରହଣ କରୁଥିବା ପଦାର୍ଥ ବଦଳରେ ଦିଆଯାଉଥିବା ପଦାର୍ଥ ୨. ପରିଶୋଧ, ଫେରସ୍ତ, ପ୍ରତ୍ୟର୍ପଣ ।

**ପ୍ରତିଦେୟ** ***ବିଂ.*** ପ୍ରତିଦାନର ଯୋଗ୍ୟ, ଫେରେଇଦେବାର ଯୋଗ୍ୟତା ଥିବା ।

**ପ୍ରତିଦେଶ** ***ବି.*** କର୍ତ୍ତୃପକ୍ଷଙ୍କଦ୍ୱାରା ବିରୋଧ ନିର୍ଦ୍ଦେଶ ।

**ପ୍ରତିଦ୍ୱନ୍ଦ୍ୱିତା** ***ବି.*** ୧. ଅନ୍ୟକୁ ଅତିକ୍ରମ କରିଯିବା ଲାଗି ସାଧନା ବା ଉଦ୍ୟମ ୨. ଅନ୍ୟର ସମକକ୍ଷତା ପାଇଁ ପ୍ରୟାସ ।

**ପ୍ରତିଦ୍ୱନ୍ଦ୍ୱୀ** ***ବିଂ.*** ୧. ଅନ୍ୟକୁ ପରାସ୍ତ ଅଥବା ତାହାର ସମକକ୍ଷ ହେବା ପାଇଁ ଚେଷ୍ଟିତ ବିପକ୍ଷ, ପ୍ରତିସ୍ପର୍ଦ୍ଧୀ ୨. ବିରୋଧୀ ।

**ପ୍ରତିଧ୍ୱନି** ***ବି.*** ଅନ୍ୟ କୌଣସି ସ୍ଥାନରେ ବାଧାପାଇ ପୁନଶ୍ଚ ଫେରି ଆସୁଥିବା ଧ୍ୱନି ବା ଶବ୍ଦ, ପ୍ରତିନାଦ ; ***ବିଂ.*** ପ୍ରତିଧ୍ୱନିତ ।

**ପ୍ରତିନମସ୍କାର** ***ବି.*** ନମସ୍କାରର ବଦଳରେ ନମସ୍କାର ।

**ପ୍ରତିନାଦ** ***ବି.*** ପ୍ରତିଧ୍ୱନି ।

**ପ୍ରତିନାୟକ** ***ବି.*** ୧. ପ୍ରଧାନ ବ୍ୟକ୍ତିର ପ୍ରତିଦ୍ୱନ୍ଦ୍ୱୀ ୨. କାହାଣୀ, ନାଟକ ଆଦିର ଖଳନାୟକ, ଭିଲେନ୍ ୩. କାବ୍ୟନାଟକର ପ୍ରଧାନ ଚରିତ୍ରର ବିରୋଧୀ ; ***ବି.*** ପ୍ରତିନାୟକତ୍ୱ ।

**ପ୍ରତିନିଧି** ***ବି.*** ୧. କୌଣସି ବିଶେଷ ଉଦ୍ଦେଶ୍ୟରେ ବା ସଭା, ସଙ୍ଗଠନ ଆଦିରେ କୌଣସି ଗୋଷ୍ଠୀ, ଜାତି ଅଥବା ସମ୍ପ୍ରଦାୟ ପ୍ରଭୃତିଦ୍ୱାରା ନିର୍ବାଚିତ ବା ମନୋନୀତ ବ୍ୟକ୍ତି ୨. ଅନ୍ୟ କାହାରି ସ୍ଥାନରେ ତାଙ୍କ ପାଇଁ କାର୍ଯ୍ୟ କରିବା ବ୍ୟକ୍ତି, ପ୍ରତିନିଧିତ୍ୱ କରୁଥିବା ବ୍ୟକ୍ତି ।

**ପ୍ରତିନିବୃତ୍ତ** ***ବିଂ.*** ବିରତ, କ୍ଷାନ୍ତ, ପ୍ରତ୍ୟାବର୍ତ୍ତନ ।

**ପ୍ରତିନିବୃତ୍ତି** ***ବି.*** କ୍ଷାନ୍ତି, ବିରତି, ପ୍ରତ୍ୟାବୃତ୍ତି ।

**ପ୍ରତିନିୟତ** ***କ୍ରି.ବିଂ.*** ସବୁସମୟରେ, ସବୁବେଳେ, ସଦାବେଳେ, ଅନୁକ୍ଷଣ ; ***ବିଂ.*** ଅବିରାମ, ବିରତିହୀନ ।

**ପ୍ରତିପତ୍ତି** ***ବି.*** ୧. ପ୍ରବଳକ୍ଷମତା, ଅଧିକାର, କର୍ତ୍ତୃତ୍ୱ ୨. ସମ୍ମାନ ୩. ପଦଲାଭ ।

**ପ୍ରତିପନ୍ନ** ***ବିଂ.*** ୧. ପ୍ରମାଣ ଓ ଯୁକ୍ତିଦ୍ୱାରା ପ୍ରତିଷ୍ଠିତ ୨. ଗୃହୀତ ୩. ମୀମାଂସିତ ୪. ଅବଧାରିତ ।

**ପ୍ରତିପକ୍ଷ** ***ବି.*** ୧. ମାଲି ମୋକଦ୍ଦମାରେ ଅନ୍ୟପକ୍ଷ, ବିରୋଧୀପକ୍ଷ, ପ୍ରତିବାଦୀ, ବିପକ୍ଷ ୨. ଶତ୍ରୁ, ବିରୋଧୀ ।

**ପ୍ରତିପାଦକ** ***ବିଂ.*** ୧. ପ୍ରମାଣକାରୀ ୨. ନିର୍ଣ୍ଣାୟକ ।

**ପ୍ରତିପାଦନ** ***ବି.*** ଯୁକ୍ତି, ତଥ୍ୟ ବା ପରୀକ୍ଷା ସାହାଯ୍ୟରେ ପ୍ରମାଣ ; ***ବିଂ.*** ପ୍ରତିପାଦନୀୟ ।

**ପ୍ରତିପାଦିତ** ***ବିଂ.*** ୧. ପ୍ରମାଣିତ, ସ୍ଥିରୀକୃତ, ମୀମାଂସିତ ୨. ସମ୍ପାଦିତ ।

**ପ୍ରତିପାଦ୍ୟ** ***ବିଂ.*** ଯାହା ପ୍ରମାଣ କରିବାକୁ ହେବ, ପ୍ରତିପାଦନୀୟ ।

**ପ୍ରତିପାଳନ** ***ବି.*** ପୋଷଣ, ରକ୍ଷଣ, ପରିପାଳନ, ସୁରକ୍ଷା ; ***ବିଂ.*** ପ୍ରତିପାଳକ, ପ୍ରତିପାଳନୀୟ ।

**ପ୍ରତିପାଳିତ** ***ବିଂ.*** ୧. ପ୍ରତିପୋଷିତ, ପାଳିତ, ପୋଷିତ, ପୋଷ୍ୟ ୨. ଗୃହୀତ ୩. ରକ୍ଷିତ ।

**ପ୍ରତିପୀଡ଼ନ** ***ବି.*** କଷ୍ଟ ଓ ଅତ୍ୟାଚାର, ଦାଉସାଧନ ।

**ପ୍ରତିପୂରକ** ***ବି.*** କ୍ଷତିପୂରଣ, କଂପେନ୍‌ସେସନ୍ ।

**ପ୍ରତିପୋଷକ** ***ବିଂ.*** ୧. ଲାଳନପାଳନ କରୁଥିବା, ପୋଷଣାହାରୀ ୨. ସମର୍ଥକ ।

**ପ୍ରତିପୋଷଣ** ***ବି.*** ୧. ପାଳନ ୨. ସମର୍ଥନ ୩. ରକ୍ଷଣ ୪. ପୋଷକତା ।

**ପ୍ରତିଫଳ** ***ବି.*** କାର୍ଯ୍ୟ ଅନୁରୂପ ଫଳଲାଭ ।

**ପ୍ରତିଫଳନ** ***ବି.*** ୧. ଦର୍ପଣ ଆଦିରେ ଦେଖାଯିବା ବସ୍ତୁର ରୂପ, ବିମ୍ବ ୨. କୌଣସି ବସ୍ତୁର ପ୍ରଭାବ ୩. ଛାୟା ***; ବିଂ.*** ପ୍ରତିଫଳିତ ।

**ପ୍ରତିବଚନ, ପ୍ରତିବାକ୍ୟ** ***ବି.*** ୧. ବିରୋଧ ବାକ୍ୟ ୨. ପ୍ରଶ୍ନ ଅଥବା ଆଲୋଚନାର ଉତ୍ତର , ଜବାବ ।

**ପ୍ରତିବଦଳ** ***ବି.*** କୌଣସି ପଦାର୍ଥ ଦେଇ ଅନ୍ୟ ପଦାର୍ଥ ଗ୍ରହଣ, ବିନିମୟ, ଦେବାନେବା ।

**ପ୍ରତିବଦ୍ଧ** ***ବିଂ.*** ୧. ଅଙ୍ଗୀକୃତ, ସ୍ୱୀକୃତ ୨. ବାଧାପ୍ରାପ୍ତ ***; ବି.*** ପ୍ରତିବଦ୍ଧତା ।

**ପ୍ରତିବନ୍ଧକ** ***ବିଂ.*** ବିରୋଧୀ, ବିଘ୍ନକାରୀ, ବାଧକ ***; ବି.*** ବାଧା, ପ୍ରତିବନ୍ଧ ।

**ପ୍ରତିବଳ** ***ବିଂ.*** ସମଶକ୍ତିଶାଳୀ ***; ବି.*** ଶତ୍ରୁପକ୍ଷ, ବିରୋଧୀ ସୈନ୍ୟ ।

**ପ୍ରତିବାତ** ***ବି.*** ବହୁଥିବା ପବନର ବିପରୀତ ଦିଗ ।

**ପ୍ରତିବାଦ** ***ବି.*** କୌଣସି କଥା ବା ଘଟଣାର ବିରୋଧରେ ହେବା କାର୍ଯ୍ୟ ବା କୁହାଯିବା କଥା, ବିରୋଧଉକ୍ତି ।

**ପ୍ରତିବାଦୀ** ***ବିଂ.*** ୧. ମୋକଦ୍ଦମାରେ ବିରୋଧୀ ପକ୍ଷ, ବିପକ୍ଷ ୨. ପ୍ରତିବାଦ ବା ବିରୋଧ କରିବା (ବ୍ୟକ୍ତି) ।

**ପ୍ରତିବାସୀ** ***ବିଂ.*** ପାଖରେ ରହୁଥିବା, ପଡୋଶୀ, ପ୍ରତିବେଶୀ ।

**ପ୍ରତିବିଧାନ** ***ବି.*** ୧. ପ୍ରତିକାର, ନିବାରଣ ୨. ସମାଧାନ ।

**ପ୍ରତିବିମ୍ବ** ***ବି.*** ଦର୍ପଣ ଆଦିରେ ପ୍ରତିଫଳିତ ରୂପ, ପ୍ରତିଛବି, ପ୍ରତିରୂପ ।

**ପ୍ରତିବିମ୍ବନ** ***ବି.*** ସ୍ୱଚ୍ଛ ପଦାର୍ଥ ଉପରେ ଅନ୍ୟର ଛାୟାପତନ ।

**ପ୍ରତିବୃତ୍ତ** ***ବିଂ.*** ଗମନାଗମନ ପାଇଁ ଅତ୍ୟନ୍ତ କଷ୍ଟସାଧ୍ୟ ।

**ପ୍ରତିବେଦନ** ***ବି.*** ୧. ଅନ୍ୟ ପାଖରେ ସମର୍ପଣ, ଅନ୍ୟକୁ ଦାନ ୨. ଜ୍ଞାପନ ୩. ସମ୍ବାଦଯୋଗାଣ ***; ବିଂ.*** ପ୍ରତିବେଦକ ।

**ପ୍ରତିବେଶ** ***ବି.*** ପରିବେଶ, ଚାରିପାଖ, ଆଖପାଖର ଅବସ୍ଥା, ନିକଟବର୍ତ୍ତୀ ଅଞ୍ଚଳ ।

**ପ୍ରତିବେଶୀ** ***ବି.*** ପଡୋଶୀ, ପଡ଼ିଶା, ଘର ପାଖରେ ରହୁଥିବା ।

**ପ୍ରତିଭା** ***ବି.*** ସହଜାତ ଗୁଣ, କୃତିତ୍ୱ, ବିଶେଷ ଜ୍ଞାନ ।

**ପ୍ରତିଭାତ** ***ବିଂ.*** ୧. **ସ୍ପଷ୍ଟ,** ପ୍ରଦୀପ୍ତ ୨. ପ୍ରକାଶିତ, ଅଭିବ୍ୟକ୍ତ ୩.ବିଜ୍ଞପିତ ୪. ପ୍ରତିଫଳିତ ।

**ପ୍ରତିଭାଧର** ***ବିଂ.*** ୧. କୌଣସି ବିଶେଷ ଗୁଣ ବା ଜ୍ଞାନରେ ସଫଳତା ପ୍ରାପ୍ତ ୨. ମେଧାବୀ ।

**ପ୍ରତିଭାବାନ, ପ୍ରତିଭାଶାଳୀ** ***ବିଂ.*** ଯାହାର ପ୍ରତିଭା ରହିଛି ।

**ପ୍ରତିଭାଷ** ***ବି.*** ଆଲୋଚନା ବା କଥାର ଉତ୍ତର, ପ୍ରତ୍ୟୁତ୍ତର ।

**ପ୍ରତିଭୂ** ***ବି.*** ପ୍ରତିନିଧି, ଅନ୍ୟଠାରୁ କ୍ଷମତାପ୍ରାପ୍ତ ବ୍ୟକ୍ତି ।

**ପ୍ରତିଭୂତି** ***ବି.*** କମ୍ପାନୀ ଆଦିରେ ଅଂଶଧନ କାରବାର, ସେୟାର ।

**ପ୍ରତିମ** ***ପ.ପ୍ର*** ପରି, ସଦୃଶ, ତୁଲ୍ୟ, ଅନୁରୂପ (***ଉଦା.*** ପିତୃପ୍ରତିମ, ଗୁରୁପ୍ରତିମ) ।

**ପ୍ରତିମା** ***ବି.*** ୧. ପ୍ରତିମୂର୍ତ୍ତି, ବିଗ୍ରହ ୨. ରୂପ ସାଦୃଶ୍ୟ ।

**ପ୍ରତିମାପୂଜକ** ***ବି.*** ଦେବଦେବୀଙ୍କ ପ୍ରତିମାପୂଜା କରୁଥିବା ବ୍ୟକ୍ତି, ସାକାରବାଦୀ ।

**ପ୍ରତିମାପୂଜା** ***ବି.*** ଦେବଦେବୀଙ୍କୁ ମୂର୍ତ୍ତି ରୂପରେ ଆରାଧନା ।

**ପ୍ରତିମୁଖ** ***ବି.*** ଆଗ, ସମ୍ମୁଖ, ଅଭିମୁଖ ।

**ପ୍ରତିମୂର୍ତ୍ତି** ***ବି.*** ରୂପର ଅନୁରୂପ ଗଠିତ ମୂର୍ତ୍ତି, ପ୍ରତିମା ।

**ପ୍ରତିଯୋଗ** ***ବି.*** ସାମର୍ଥ୍ୟରେ ଅନ୍ୟକୁ ଅତିକ୍ରମ କରିଯିବା ଲାଗି ପ୍ରୟାସ, ଟକ୍‌କର ।

**ପ୍ରତିଯୋଗିତା** ***ବି.*** ଅନ୍ୟମାନଙ୍କୁ ପଛରେ ପକାଇ ବା ହରାଇ ସଫଳ ହେବା ବା ଜିଣିବା ପାଇଁ କରିବା ଉଦ୍ୟମ ବା ଶ୍ରମ ।

**ପ୍ରତିଯୋଗୀ** ***ବିଂ.ବି.*** ପ୍ରତିଯୋଗିତାରେ ଭାଗ ନେଉଥିବା (ବ୍ୟକ୍ତି) ।

**ପ୍ରତିଯୋଦ୍ଧା** ***ବିଂ.*** ଅନ୍ୟପକ୍ଷର ସମକକ୍ଷ ବୀର, ଶତ୍ରୁପକ୍ଷର ଯଥାର୍ଥ ପ୍ରତିରୋଧକାରୀ ।

**ପ୍ରତିରକ୍ଷା** ***ବି.*** ଅନ୍ୟର ଆକ୍ରମଣରୁ ନିଜର ସୁରକ୍ଷା/ ଆତ୍ମରକ୍ଷା/ ଧନଜୀବନର ନିରାପତ୍ତା ପାଇଁ ମୁକାବିଲା ।

**ପ୍ରତିରକ୍ଷା ବିଭାଗ** ***ବି.*** ଦେଶର ନିରାପତ୍ତା ଓ ସୁରକ୍ଷା ବିଷୟ ବୁଝୁଥିବା କେନ୍ଦ୍ରସରକାରଙ୍କ ଅଧୀନରେ ଥିବା ମନ୍ତ୍ରଣାଳୟ ।

**ପ୍ରତିରୂପ** ***ବି.*** କୌଣସି ଜୀବ ବା ପଦାର୍ଥର ପ୍ରତିଛବି ବା ପ୍ରତିମୂର୍ତ୍ତି, ପ୍ରତିମା, ଚିତ୍ର ।

**ପ୍ରତିରୋଧ** ***ବି.*** ୧. ମୁକାବିଲା, ବାଧା, ପ୍ରତିବନ୍ଧ ୨. ନିରୋଧ, ନିବାରଣ, ବାରଣ ୩. ଅବରୋଧ, ବିରୋଧ ***; ବିଂ.*** ପ୍ରତିରୋଧିତ ।

**ପ୍ରତିରୋଧକ** ***ବିଂ.*** ପ୍ରତିରୋଧକାରୀ, ପ୍ରତିବନ୍ଧକ ।

**ପ୍ରତିଲାଭ** ***ବି.*** କୌଣସି ଏକ ପଦାର୍ଥ ଦେବା ବଦଳରେ ଲବ୍ଧଧନ ।

**ପ୍ରତିଲିପି, ପ୍ରତିଲେଖ** ***ବି.*** କପି, ମୂଳଲେଖାର ଅବିକଳ ନକଲ, ଅନୁରୂପ ଲେଖା ।

**ପ୍ରତିଲୋମ** ***ବିଂ.*** ଓଲଟା, ପ୍ରତିକୂଳ, ସ୍ରୋତର ଉଜାଣି ।

**ପ୍ରତିଲୋମ ବିବାହ** ***ବି.*** ବିବାହ ବ୍ୟବସ୍ଥାରେ ପାରମ୍ପରିକ ଉଚ୍ଚ ଜାତିର ପୁରୁଷ ସହିତ ତଥାକଥିତ ନୀଚ ଜାତିର କନ୍ୟାର ବିବାହ ।

**ପ୍ରତିଶତ** ***ବି.*** ଶତକଡ଼ା, ପ୍ରତି ଏକ ଶହରେ, ପର୍‌ସେଣ୍ଟ ।

**ପ୍ରତିଶବ୍ଦ** ***ବି.*** ୧. ସମଅର୍ଥବୋଧକ ଅନ୍ୟ ଶବ୍ଦ, ପର୍ଯ୍ୟାୟବାଚୀ ଶବ୍ଦ ୨. ପରିଭାଷା ୩. ପ୍ରତିଧ୍ୱନି, ପ୍ରତିନାଦ ।

**ପ୍ରତିଶୋଧ** ***ବି.*** ୧. ଦୁଃଖ, ଅପମାନ, ଦେଉଥିବା ବ୍ୟକ୍ତିର ଇଚ୍ଛାକୃତ କ୍ଷତି ସାଧନ ୨. ପ୍ରତିହିଂସା ।

**ପ୍ରତିଶୋଧପରାୟଣ** ***ବିଂ.*** ପ୍ରତିଶୋଧ ମନୋବୃତ୍ତିସମ୍ପନ୍ନ, ପ୍ରତିହିଂସା ପରାୟଣ, ପ୍ରତିହିଂସା ମନୋଭାବାପନ୍ନ ।

**ପ୍ରତିଶ୍ରୁତ** ***ବିଂ.*** ଅଙ୍ଗୀକୃତ, ସ୍ୱୀକୃତ ।

**ପ୍ରତିଶ୍ରୁତି** ***ବି.*** ଜବାବ, କଥାଦେବା, ଅଙ୍ଗୀକାର, ସ୍ୱୀକୃତି, ବଚନବଦ୍ଧତା ।

**ପ୍ରତିଷେଧ** ***ବି.*** ୧. ନିବାରଣ, ନିବାରଣ ବା ମୁକାବିଲା ପାଇଁ କରାଯାଉଥିବା କାର୍ଯ୍ୟ ୨. ନିଷେଧ, ବାରଣ ।

**ପ୍ରତିଷେଧକ** ***ବିଂ.*** ଯାହା ପ୍ରତିଷେଧ କରିଥାଏ, ଯାହା ସାହାଯ୍ୟରେ ନିବାରଣ କରାଯାଏ ।

**ପ୍ରତିଷ୍ଠା** ***ବି.*** ୧. ପ୍ରଥମ ସ୍ଥାପନ ୨. ପ୍ରତିପତ୍ତି, ସମ୍ମାନ, ମର୍ଯ୍ୟାଦା ୩. ସ୍ଥିତି ।

**ପ୍ରତିଷ୍ଠାନ** ***ବି.*** ୧. ସଂସ୍ଥା, ଅନୁଷ୍ଠାନ ୨. ସଂସ୍ଥାପନ, ବସାଣ ।

**ପ୍ରତିଷ୍ଠିତ** ***ବିଂ.*** ୧. କୌଣସି କ୍ଷେତ୍ରରେ ସମ୍ମାନ ବା ସ୍ୱୀକୃତିପ୍ରାପ୍ତ ୨. ସଂସ୍ଥାପିତ, ଗଠିତ ୩. ସମ୍ମାନିତ, ମର୍ଯ୍ୟାଦାବନ୍ତ, ମାନ୍ୟ ୪. ସ୍ଥାପିତ, ସ୍ଥିତି, ସମ୍ପନ୍ନ ।

**ପ୍ରତିସର** ***ବି.*** ୧. ବହୁସୁରିଆ ହାର ୨. ଚାକର, ପରିଚାରକ, ସେବକ ।

**ପ୍ରତିସରଣ** ***ବି.*** ସ୍ୱଚ୍ଛ ପଦାର୍ଥ ମଧ୍ୟ ଦେଇ ଆଲୋକରେଖା ଗତି କଲାବେଳେ ତାହାର ଦିଗ ପରିବର୍ତ୍ତନ ।

**ପ୍ରତିସାରଣ** ***ବିଂ.*** ଦୂରୀକରଣ, ଅପସାରଣ ।

**ପ୍ରତିସାରୀ** ***ବିଂ.*** ୧. ବିରୋଧୀ ୨. ବିପରୀତଗାମୀ ୩. ପ୍ରତିସରଣ ଯୋଗୁଁ ବଙ୍କେଇ ଯାଉଥିବା ।

**ପ୍ରତିସୃତ** ***ବିଂ.*** ପ୍ରତିଫଳନ ଯୋଗୁଁ ବଙ୍କେଇ ଯାଉଥିବା, ଅପସୃତ ।

**ପ୍ରତିସ୍ଥାପନ** ***ବି.*** କୌଣସି ପଦାର୍ଥର ବିକଳ୍ପ ଭାବରେ ଅନ୍ୟର ପରିଗ୍ରହଣ ; ***ବିଂ.*** ପ୍ରତିସ୍ଥାନିକ ।

**ପ୍ରତିସ୍ପର୍ଦ୍ଧା** ***ବି.*** ୧. ଦର୍ପ, ଅହଂକାର, ଗର୍ବ ୨. ଆତ୍ମପ୍ରତିଷ୍ଠା ପାଇଁ ଅନ୍ୟକୁ ଆହ୍ୱାନ ।

**ପ୍ରତିସ୍ପର୍ଦ୍ଧୀ** ***ବିଂ.*** ୧. ପ୍ରତିଦ୍ୱନ୍ଦ୍ୱୀ, ବିରୋଧୀ, ପ୍ରତିବାଦକାରୀ ୨. ଆପଣା ସାମର୍ଥ୍ୟରେ ବିଶ୍ୱାସୀ ୩. ଦର୍ପୀ ।

**ପ୍ରତିସ୍ରୋତ** ***ବି.*** ସ୍ରୋତର ବିପରୀତ ଦିଗ, ଉଜାଣି ସୁଅ, ଉଠାଣି ଗତି ।

**ପ୍ରତିସ୍ୱନ,ପ୍ରତିସ୍ୱର** ***ବି.*** ୧. ପ୍ରତିଧ୍ୱନି ୨. କଥା ବା ସ୍ୱର ଅନୁରୂପ ।

**ପ୍ରତିହତ** ***ବିଂ.*** ୧. ଆଘାତ ପାଇ ଫେରିଆସିଥିବା ୨. ବ୍ୟାହତ, ବାଧାପ୍ରାପ୍ତ, ପ୍ରତିବନ୍ଧିତ ୩. ବାଧା ପାଇବା ଯୋଗୁଁ ବିଫଳ, ଅସଫଳ, ବିଫଳୀକୃତ ; ***ବି.*** ୧. କଠୋର ୨. ପ୍ରତିଘାତ ।

**ପ୍ରତିହନନ** ***ବି.*** ହତ୍ୟାକାରୀର ହତ୍ୟା ବା ନିଧନ ; ***ବିଂ.*** ପ୍ରତିହନ୍ତା ।

**ପ୍ରତିହାରୀ** ***ବି.*** ୧. ଦ୍ୱାରପାଳ, ଫାଟକ ଜଗୁଆଳୀ ୨. ଶ୍ରୀମନ୍ଦିରର ସୁରକ୍ଷା ଦାୟିତ୍ୱରେ ଥିବା ସେବକ ସମ୍ପ୍ରଦାୟ ୩. ପଡ଼ିଆରୀ ।

**ପ୍ରତିହାର୍ଯ୍ୟ** ***ବିଂ.*** ଛାଡ଼ିବାଯୋଗ୍ୟ, ବର୍ଜ୍ୟ, ବର୍ଜନୀୟ ।

**ପ୍ରତିହାସ** ***ବି.*** ପରିହାସକାରୀପ୍ରତି ଉଦ୍ଦିଷ୍ଟ ହସ ।

**ପ୍ରତିହିଂସା** ***ବି.*** ପ୍ରତିଶୋଧ, ହିଂସା ବଦଳରେ ହିଂସା, ଆଘାତ ପାଇଥିବା ବ୍ୟକ୍ତି ବା ଜୀବ ଆଘାତ ଦେଇଥିବା ବ୍ୟକ୍ତି ବା ଜୀବ ପ୍ରତି ହିଂସାଭାବ ପ୍ରକାଶ ।

**ପ୍ରତିକ୍ଷଣ** ***କ୍ରି.ବିଂ.*** ପ୍ରତ୍ୟେକ ମୁହୂର୍ତ୍ତରେ, ସବୁବେଳେ, ଥରକୁ ଥର, ମୁହୂର୍ତ୍ତକୁ ମୁହୂର୍ତ୍ତ ।

**ପ୍ରତିକ୍ଷିପ୍ତ** ***ବିଂ.*** ପଠାଯାଇଥିବା, ପ୍ରେରିତ ।

**ପ୍ରତିକ୍ଷେପ** ***ବି.*** ୧. ପଠାଇବା ୨. ନିବାରଣ ୩. ତିରସ୍କାର ।

**ପ୍ରତୀକ** ***ବି.*** ୧. ସଂକେତ, ନମୁନା, ଚିହ୍ନ, ନିଦର୍ଶନ ୨. (କଳା ବା ସାହିତ୍ୟରେ) କୌଣସି ବସ୍ତୁ ବା ଭାବର ସୂଚକ ଅନ୍ୟ ବସ୍ତୁ, ଅଙ୍ଗ, ଅବୟବ ।

**ପ୍ରତୀକ ଧର୍ମଘଟ** ***ବି.*** କୌଣସି ଦାବି ବା ଅସନ୍ତୋଷ ପ୍ରକାଶ ପାଇଁ କର୍ତ୍ତୃପକ୍ଷ ବିରୋଧରେ ଅଳ୍ପ ସମୟ ପାଇଁ କାର୍ଯ୍ୟବନ୍ଦ, କଳାବ୍ୟାଜ୍ ପିନ୍ଧିବା ବା ସେଭଳି ଅନ୍ୟ ଉପାୟରେ ପ୍ରତିବାଦ ଜଣାଇବା ।

**ପ୍ରତୀକପୂଜା** ***ବି.*** ପ୍ରତିମାପୂଜା, ମୂର୍ତ୍ତିପୂଜା, ସାକାର ଉପସନା ।

**ପ୍ରତୀକବାଦ** ***ବି.*** କଳା ବା ସାହିତ୍ୟରେ ପ୍ରତୀକ ପ୍ରୟୋଗ କରି ଭାବପ୍ରକାଶ ରୀତି ; ***ବି.ବିଂ.*** ପ୍ରତୀକବାଦୀ ।

**ପ୍ରତୀଚୀ** ***ବି.*** ୧. ପଶ୍ଚିମ ଦିଗ ୨. ପଶ୍ଚିମ ପାଖର ଦେଶ ।

**ପ୍ରତୀଚ୍ୟ** ***ବିଂ.*** ପଶ୍ଚିମ ସମ୍ପର୍କିତ, ପଶ୍ଚିମ ଦିଗ ସମ୍ବନ୍ଧିତ, ପଶ୍ଚିମଦେଶୀ, ପଶ୍ଚିମ ଦିଗରେ ଜନ୍ମିତ ।

**ପ୍ରତୀତ** ***ବିଂ.*** ୧. ଦୃଢ଼ ଧାରଣା ହେଉଥିବା ୨. ପ୍ରସିଦ୍ଧ, ଜଣାଶୁଣା, ବିଖ୍ୟାତ ୩. ଜ୍ଞାତ ।

**ପ୍ରତୀତି** ***ବି.*** ୧. ବୋଧ, ଅନୁମାନ ୨. ବିଶ୍ୱାସ ୩. ଜ୍ଞାନ ୪. ଖ୍ୟାତି ।

**ପ୍ରତୀପ** ***ବିଂ.*** ୧. ବିପରୀତ ୨. ପ୍ରତିକୂଳ ।

**ପ୍ରତୀପ କୋଣ** ***ବି.*** *ଜ୍ୟାମିତି* ଠିକ୍ ବିପରୀତ ଦିଗରେ ଥିବା କୋଣ ।

**ପ୍ରତୀୟମାନ** ***ବି.*** ଅନୁମାନ ୨. ଯାହା ଜଣାଯାଏ, ଯେପରି ବୋଧ ହେଉଛି ।

**ପ୍ରତୀକ୍ଷମାଣ** ***ବିଂ.*** ଅପେକ୍ଷା କରିଥିବା, କାହାକୁ ଅପେକ୍ଷା କରିଥିବା ।

**ପ୍ରତୀକ୍ଷା** ***ବି.*** କାହାରି ଆସିବା ବା କିଛିପାଇବା ଆଶାରେ ଅପେକ୍ଷା ।

**ପ୍ରତୀକ୍ଷିତ** ***ବିଂ.*** ୧. ଭେଟିବା ବା ପାଇବାପାଇଁ ଅପେକ୍ଷା କରାଯାଇଥିବା ୨. ପାଇବାପାଇଁ ଅପେକ୍ଷା କରାଯାଇଥିବା, ଅପେକ୍ଷିତ, ଇପ୍‌ସିତ, ବାଞ୍ଛିତ ।

**ପ୍ରତେ** ***ବି.*** ୧. ବିଶ୍ୱାସ, ପ୍ରତ୍ୟୟ ୨. ଗୋଚର ; ***ବିଂ.*** ପ୍ରତ୍ୟୟଯୁକ୍ତ ।

**ପ୍ରତ୍ନ** ***ବିଂ.*** ଅତି ପୁରୁଣା, ସୁପ୍ରାଚୀନ ।

**ପ୍ରତ୍ନତତ୍ତ୍ୱ** ***ବି.*** ୧. ପ୍ରାଚୀନ କାଳର ଲିପି, ମୁଦ୍ରା ଓ ଭଗ୍ନାବଶେଷ ଆଦିର ଅଧ୍ୟୟନ ଏବଂ ଏହାର ବିଶ୍ଳେଷଣ କରି ପ୍ରମାଣଯୋଗ୍ୟ ଐତିହାସିକ ତଥ୍ୟ ନିରୂପଣ ୨. ପୁରାତନ ତଥ୍ୟ, ଆର୍କିଓଲଜି ।

**ପ୍ରତ୍ନତତ୍ତ୍ୱବିତ୍** ***ବିଂ. ବି.*** ପ୍ରତ୍ନବିଦ୍ୟା ବିଶାରଦ, ଐତିହାସିକ ଉପାଦାନ ବିଶ୍ଳେଷଣ ଅଭିଜ୍ଞ, ଆର୍କିଓଲଜିଷ୍ଟ୍ ।

**ପ୍ରତ୍ନତାତ୍ତ୍ୱିକ** ***ବିଂ.*** ପ୍ରତ୍ନତତ୍ତ୍ୱ ସମ୍ବନ୍ଧିତ ।

**ପ୍ରତ୍ୟଙ୍ଗ** ***ବି.*** ଶରୀରର ବିଭିନ୍ନ ଛୋଟ ଛୋଟ ଅଂଶ, ଉପାଙ୍ଗ, ଅଙ୍ଗର ଅଙ୍ଗ ।

**ପ୍ରତ୍ୟକ୍ଷ** ***ବିଂ.*** ୧. ଇନ୍ଦ୍ରିୟଦ୍ୱାରା ଲବ୍ଧ (ଜ୍ଞାନ ବା ଉପଲବ୍ଧି) ୨. ଆଖିଦେଖା, ନିଜେ ଦେଖି ଜାଣିଥିବା ୩. ଇନ୍ଦ୍ରିୟଦ୍ୱାରା ଅନୁଭବ କରାଯାଇଥିବା ୪. ସ୍ୱଷ୍ଟ ୫. ସାକ୍ଷାତ୍ ।

**ପ୍ରତ୍ୟକ୍ଷ କରିବା** ***କ୍ରି.*** ୧. ନିଜ ଆଖିରେ ଦେଖିବା ୨. ନିଜେ ଅନୁଭବରୁ ଜାଣିବା ।

**ପ୍ରତ୍ୟକ୍ଷଦର୍ଶୀ** ***ବିଂ. ବି.*** (କୌଣସି ଘଟଣା) ନିଜ ଆଖିରେ ଦେଖିଥିବା(ବ୍ୟକ୍ତି) ।

**ପ୍ରତ୍ୟକ୍ଷବାଦୀ** ***ବିଂ.*** ନିଜ ଅନୁଭବ ଉପରେ ପ୍ରଧାନତଃ ବିଶ୍ୱାସ କରୁଥିବା, ଜଡବାଦୀ ।

**ପ୍ରତ୍ୟକ୍ଷୀକରଣ** ***ବି.*** ୧. ଅବିଶ୍ୱସନୀୟ ଓ ଶୁଣାକଥାକୁ ନିଜ ଆଖିରେ ଦେଖିବା ଓ ବିଶ୍ୱାସ କରିବା ୨. ନିଜେ ଦେଖିବା, ଜାଣିବା ବା ଅନୁଭବ କରିବା ।

**ପ୍ରତ୍ୟକ୍ଷୀଭୂତ** ***ବିଂ.*** ଯାହା ପ୍ରତ୍ୟକ୍ଷ ବା ସ୍ୱଷ୍ଟ, ଗୋଚରୀଭୂତ ହୋଇଛି ।

**ପ୍ରତ୍ୟବାୟ** ***ବି.*** ୧. ଅନିଷ୍ଟ, କ୍ଷତି ୨. ବିପରୀତ ବ୍ୟବହାର ୩. ପାପ ।

**ପ୍ରତ୍ୟଭିବାଦ** ***ବି.*** ନମସ୍କାର ଗ୍ରହଣ କରି ଗୁରୁଜନ ଦେବା ଆଶୀର୍ବାଦ ।

**ପ୍ରତ୍ୟଭିବାଦନ** ***ବି.*** କୌଣସି ବ୍ୟକ୍ତିଙ୍କର ନମସ୍କାର ଗ୍ରହଣ ପରେ ପ୍ରତିନମସ୍କାର, ପ୍ରତିସମ୍ମାନ ।

**ପ୍ରତ୍ୟଭିଯୋଗ** ***ବି.*** ଅଭିଯୋଗକାରୀଙ୍କ ବିରୋଧରେ ପ୍ରତିବାଦ ବା ନାଲିସ୍ ।

**ପ୍ରତ୍ୟୟ** ***ବି.*** ୧. ଦୃଢ଼ବିଶ୍ୱାସ ୨. *ବ୍ୟାକରଣ.* ଶବ୍ଦ ଧାତୁ ସହିତ ଯୁକ୍ତ ହୋଇ ଭିନ୍ନ ଶବ୍ଦ ଓ ଅର୍ଥ ସୃଷ୍ଟିକରୁଥିବା ବର୍ଣ୍ଣସମଷ୍ଟି (*ଉଦା.* ମଦ + ଉଆ = ମଦୁଆ , ପାନ + ବାଲା = ପାନବାଲା) ।

**ପ୍ରତ୍ୟର୍ଥୀ** ***ବିଂ.*** ପ୍ରତିବାଦୀ, ବିରୋଧୀ, ମୁକାବିଲା ମନୋଭାବ ପୋଷଣକାରୀ ; ***ବି.*** ପ୍ରତିପକ୍ଷ, ପ୍ରତିବାଦୀ, ବିରୋଧୀ ପକ୍ଷ ।

**ପ୍ରତ୍ୟର୍ପଣ** ***ବି.*** ପ୍ରତିଦାନ, ଫେରସ୍ତ, ଓ୍ୱାପସ୍ ; ***ବିଂ.*** ପ୍ରତ୍ୟର୍ପିତ ।

**ପ୍ରତ୍ୟହ** ***ବି.*** ପ୍ରତିଦିନ, ସବୁଦିନ, ନିତିଦିନ ।

**ପ୍ରତ୍ୟାକର୍ଷଣ** ***ବି.*** ୧. ଓଲଟଓଟରା, ଲେଉଟଓଟରା, କୌଣସି ବ୍ୟକ୍ତି ଅଥବା ବସ୍ତୁ ଆପଣା ଶକ୍ତି ବଳରେ ଅନ୍ୟକୁ ଆକର୍ଷଣ କରିବା ବେଳେ ସମ୍ପୃକ୍ତ ବ୍ୟକ୍ତି ଅଥବା ବସ୍ତୁର ପ୍ରତିବାଦ ବା ବିରୋଧ ୨. ପ୍ରତ୍ୟାହାର ; ***ବିଂ.*** ପ୍ରତ୍ୟାକୃଷ୍ଟ ।

**ପ୍ରତ୍ୟାଖ୍ୟାନ** ***ବି.*** ୧. ଦିଆଯାଇଥିବା ବସ୍ତୁ ଗ୍ରହଣ ନକରିବା, ଗ୍ରହଣ କରିବାରେ ଅସ୍ୱୀକାର, ୨. ବର୍ଜନ, ତ୍ୟାଗ; ***ବିଂ.*** ପ୍ରତ୍ୟାଖ୍ୟାତ ।

**ପ୍ରତ୍ୟାଗତ** ***ବିଂ.*** ୧. ଫେରି ଆସିଥିବା, ଯାହା ଫେରି ଆସିଛି ୨. ଲେଉଟି ପାଉଥିବା, ଫେରି ଆସିଥିବା, ଫେରି ପାଇଥିବା ।

**ପ୍ରତ୍ୟାଗମ, ପ୍ରତ୍ୟାଗମନ** ***ବି.*** ଫେରି ଆସିବା, ପ୍ରତ୍ୟାବର୍ତ୍ତନ ।

**ପ୍ରତ୍ୟାଘାତ** ***ବି.*** ଆକ୍ରମଣରେ ଆହତ ବ୍ୟକ୍ତିର ଆକ୍ରମଣକାରୀକୁ ଆଘାତ ।

**ପ୍ରତ୍ୟାଘାତୀ** ***ବିଂ.*** ପ୍ରତିଆଘାତ, ପ୍ରତିଘାତ ବଦଳରେ ଆହତ କରୁଥିବା ।

**ପ୍ରତ୍ୟାଦେଶ** ***ବି.*** ୧. ପୂର୍ବ ଆଦେଶର ବାତିଲ କରି ନୂଆ ଆଦେଶ ୨. ଅନୁଗତ ବା ଅଧୀନ ପ୍ରତି ପ୍ରଭୁଙ୍କର ନିର୍ଦ୍ଦେଶ ୩. ଦୈବବାଣୀ, ଦେବଦେବୀଙ୍କଠାରୁ ପାଇବା କଥିତ ଆଦେଶ ୪. ନିରାକରଣ ।

**ପ୍ରତ୍ୟାବର୍ତ୍ତନ** ***ବି.*** ଫେରି ଆସିବା, ପ୍ରତ୍ୟାଗମନ ; ***ବିଂ.*** ପ୍ରତ୍ୟାବର୍ତ୍ତିତ ।

**ପ୍ରତ୍ୟାଶା** ***ବି.*** ୧. କିଛି ଦେଇଥିବା ବା କରିଥିବା ଯୋଗୁଁ ନିଜେ ଉପକାର ପାଇବାର ଆଶା ୨. ଅନ୍ୟ ପାଖରୁ ପାଇବାର ଇଚ୍ଛା, ଆକାଙ୍‌କ୍ଷା ।

**ପ୍ରତ୍ୟାଶିତ** ***ବିଂ.*** ୧. ପାଇବାକୁ ଆଶା ରଖା ଯାଇଥିବା, ଅଭୀପ୍‌ସିତ ୨. ସମ୍ଭାବିତ ।

**ପ୍ରତ୍ୟାଶୀ** ***ବିଂ.*** ୧. ପାଇବାକୁ ଆଶା କରୁଥିବା, ପାଇବା ଆଶା ରଖିଥିବା ୨. ପ୍ରାର୍ଥୀ ।

**ପ୍ରତ୍ୟାହତ** ***ବିଂ.*** ଆଘାତ ଦେଇ ବା ଆହତ କରି ଆହତ ହୋଇଥିବା, ପ୍ରତିଆଘାତ ପାଇଥିବା ।

**ପ୍ରତ୍ୟାହରଣ, ପ୍ରତ୍ୟାହାର** ***ବି.*** ୧. ଫେରାଇ ଆଣିବା ୨. ପ୍ରତ୍ୟାକର୍ଷଣ, ପାତଞ୍ଜଳ ଅଷ୍ଟାଙ୍ଗ ଯୋଗର ପଞ୍ଚମ ଅଙ୍ଗ ; ***ବିଂ.*** ପ୍ରତ୍ୟାହୃତ ।

**ପ୍ରତ୍ୟୁକ୍ତି** ***ବି.*** ଜଣକର କଥା ଶୁଣିବା ପରେ ତାହାର ଉତ୍ତର, ପ୍ରତିବକ୍ତବ୍ୟ, ଜବାବ, ପ୍ରତ୍ୟୁତ୍ତର ।

**ପ୍ରତ୍ୟୁତ୍ତର** ***ବି.*** ପ୍ରତିଜବାବ, ଉତ୍ତରର ଉତ୍ତର ।

**ପ୍ରତ୍ୟୁତ୍ପନ୍ନମତି** ***ବିଂ.*** ଉପସ୍ଥିତ ବୁଦ୍ଧିଥିବା, କୌଣସି ସମସ୍ୟାର ତତ୍‌କାଳ ସମାଧାନ କରିପାରୁଥିବା ; ***ବି.*** ପ୍ରତ୍ୟୁତ୍ପନ୍ନମତିତା ।

**ପ୍ରତ୍ୟୁପକାର** ***ବି.*** ୧. ଉପକାର ବଦଳରେ ଉପକାର ୨. ଅପକାର ବା କ୍ଷତି କରୁଥିବା ବ୍ୟକ୍ତିର କ୍ଷତି ସାଧନ ; ***ବିଂ.*** ପ୍ରତ୍ୟୁପକାରୀ ।

**ପ୍ରତ୍ୟୁପହାର** ***ବି.*** ଉପଢୌକନ ବା ଉପହାର ବଦଳରେ ଦିଆଯିବା ପାରିତୋଷିକ ବା ଉପହାର ।

**ପ୍ରତ୍ୟୁଷ** ***ବି.*** ଉଷାକାଳ, ବଡ଼ିଭୋର, ସୂର୍ଯ୍ୟ ଉଦୟର ପୂର୍ବ ସମୟ, ପହପହ ।

**ପ୍ରତ୍ୟେକ** ***ସ.*** ଜଣ ଜଣ କରି ସମସ୍ତ, ଗୋଟି ଗୋଟି କରି ସବୁ ; ***ବିଂ.*** ପ୍ରତି, ଫି, ହରେକ୍ ।

**ପ୍ରଥମ** ***ବିଂ.*** ୧. ସବାଆଗ, ଆଦ୍ୟ ୨. ଆରମ୍ଭକାଳୀନ ୩. ମୁଖ୍ୟ, ପ୍ରଧାନ ୪. ଆଗୁଆ, ଅଗ୍ରବର୍ତ୍ତୀ ୫. ଜ୍ୟେଷ୍ଠ, ପରୁହାଁ, ସବାବଡ଼, ***ସ୍ତ୍ରୀ.*** ପ୍ରଥମା ; ***ବି.*** ପ୍ରାଥମ୍ୟ ।

**ପ୍ରଥମତଃ** ***ଅ.*** ଆଗେ, ପହିଲେ ।

**ପ୍ରଥମାଶ୍ରମ** ***ବି.*** ମଣିଷ ଜୀବନର ବିଦ୍ୟାସାଧନର ସମୟ, ବ୍ରହ୍ମଚର୍ଯ୍ୟ ଆଶ୍ରମ ।

**ପ୍ରଥମାଷ୍ଟମୀ** ***ବି.*** ମାର୍ଗଶୀରମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥି – ସେହିଦିନ ଜ୍ୟେଷ୍ଠ ସନ୍ତାନକୁ ବନ୍ଦାଇବା ଉତ୍ସବ, ପୋରୁହାଁ (ପୋଢୁଆଁ) ଅଷ୍ଟମୀ ।

**ପ୍ରଥା** ***ବି.*** ୧. ବହୁ କାଳଧରି ବା ପୁରୁଷାନୁକ୍ରମେ ପ୍ରଚଳିତ ବ୍ୟବସ୍ଥା ବା ବିଧି ୨. ଧାରା ୩. ରୀତି, ବାଗ ।

**ପ୍ରଥାସିଦ୍ଧ** ***ବିଂ.*** ପରମ୍ପରାକ୍ରମେ ବା ବହୁକାଳଧରି ପ୍ରଚଳିତ ।

**ପ୍ରଥିତ** ***ବିଂ.*** ୧. ପ୍ରସିଦ୍ଧ, ବିଖ୍ୟାତ ୨. ବିସ୍ତୃତ, ପ୍ରଶସ୍ତ ।

**ପ୍ରଥିତଯଶା** ***ବିଂ.*** ଯଶସ୍ୱୀ, ସୁବିଖ୍ୟାତ ।

**ପ୍ରଦତ୍ତ** ***ବିଂ.*** ଯାହା ଦିଆହୋଇଅଛି ।

**ପ୍ରଦର** ***ବି.*** ନାରୀମାନଙ୍କର ଜନନେନ୍ଦ୍ରିୟର ରୋଗ ବିଶେଷ ।

**ପ୍ରଦର୍ଶକ** ***ବିଂ.*** ଦେଖାଉଥିବା, ନିର୍ଦ୍ଦେଶକ, ଦିଗ୍‌ଦର୍ଶକ ।

**ପ୍ରଦର୍ଶନ** ***ବି.*** ୧. ଦେଖାଇବା, ବିଜ୍ଞାପିତ କରିବା ୨. ଆଗକୁ ଆଣିବା ।

**ପ୍ରଦର୍ଶନୀ** ***ବି.*** ସର୍ବସାଧାରଣଙ୍କର ଦେଖିବାପାଇଁ ବିଭିନ୍ନ ଜାଗାରୁ ପଦାର୍ଥ ଅଣାଯାଇ ଦେଖାଇବାର ନିର୍ଦ୍ଦିଷ୍ଟ ସ୍ଥାନ ବା ବ୍ୟବସ୍ଥା ।

**ପ୍ରଦର୍ଶନୀୟ** ***ବିଂ.*** ଦେଖାଇବା ଯୋଗ୍ୟ ।

**ପ୍ରଦର୍ଶିତ** ***ବିଂ.*** ଯାହା ଦେଖାଇ ଦିଆଯାଇଅଛି ।

**ପ୍ରଦାନ** ***ବି.*** ୧. ଦେବା ୨. ବାଣ୍ଟିବା, ବିତରଣ ୩. ସମର୍ପଣ ।

**ପ୍ରଦାୟକ** ***ବିଂ.*** ଦେଉଥିବା ବ୍ୟକ୍ତି, ପ୍ରଦାନକାରୀ ।

**ପ୍ରଦାହ** ***ବି.*** ୧. ତୀବ୍ର ଜ୍ୱଳନ ୨. ସନ୍ତାପ ୩. ଜୀବାଣୁ ସଂକ୍ରମଣ ଜନିତ ରୋଗ ।

**ପ୍ରଦୀପ** ***ବି.*** ଆଲୁଅ ଜାଳିବାର ଆଧାର, ଦୀପ, ବଇଠା ।

**ପ୍ରଦୀପନ, ପ୍ରଦୀପାୟନ** ***ବି.*** ୧. ଆଲୁଅ ଜଳାଇବା କାର୍ଯ୍ୟ, ପ୍ରଜ୍ୱଳନ ୨. ଉଜ୍ଜ୍ୱଳୀକରଣ, ଆଲୋକନ ; ***ବିଂ.*** ପ୍ରଦୀପିତ, ପ୍ରଦୀପ୍ତ ।

**ପ୍ରଦୂଷଣ** ***ବି.*** ୧. କୌଣସି ପଦାର୍ଥ ଅଥବା ପରିବେଶର ସ୍ୱାଭାବିକ ଧର୍ମ ନଷ୍ଟହେବା ଅବସ୍ଥା ୨. ବସ୍ତୁରେ ଅନ୍ୟ କ୍ଷତିକାରକ ବସ୍ତୁ ମିଶି ଦୂଷିତ ବା ବ୍ୟବହାର ଅନୁପଯୋଗୀ ହେବା ; ***ବିଂ.*** ପ୍ରଦୂଷିତ ।

**ପ୍ରଦେଶ** ***ବି.*** ୧. ଭାରତୀୟ ଗଣତନ୍ତ୍ରର ଅନ୍ୟତମ ଏକକ, ରାଜ୍ୟ ୨. ଅଞ୍ଚଳ, ସ୍ଥାନ ୩. ଅଙ୍ଗ ।

**ପ୍ରଦୋଷ** ***ବି.*** ସନ୍ଧ୍ୟାସମୟ, ଦିନ ଓ ରାତିର ସନ୍ଧିକାଳ ।

**ପ୍ରଦ୍ୟୋତ** ***ବି.*** ୧. ତେଜ, ଦୀପ୍ତି ୨. ରଶ୍ମି ; ***ବିଂ.*** ପ୍ରଦ୍ୟୋତନ ।

**ପ୍ରଧାନ** ***ବିଂ.*** ୧. ମୁଖ୍ୟ, ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ବା ମହତ୍ତ୍ୱପୂର୍ଣ୍ଣ, ଅଗ୍ରଗଣ୍ୟ ୨. ସର୍ବୋତ୍ତମ, ସର୍ବଶ୍ରେଷ୍ଠ, ମୁଖ୍ୟ, କୌଣସି ଗ୍ରାମ, ଅନୁଷ୍ଠାନ ର ଅଧ୍ୟକ୍ଷ ବା ସଙ୍ଗଠନ ୩. ବଂଶଗତ ଉପାଧି, ସାଙ୍ଗିଆ ବିଶେଷ ୪. ସେନାପତି, ସର୍ଦ୍ଦାର ।

**ପ୍ରଧାନତଃ** ***ଅ.*** ମୁଖ୍ୟତଃ, ବିଶେଷତଃ ।

**ପ୍ରଧାନମନ୍ତ୍ରୀ** ***ବି.*** ଦେଶର ମନ୍ତ୍ରୀମଣ୍ଡଳର ମୁଖ୍ୟ, ପ୍ରାଇମ୍ ମିନିଷ୍ଟର ।

**ପ୍ରଧାନୀ** ***ବି.*** ୧. ପ୍ରଧାନ ସେବକ ୨. ପ୍ରଧାନ ବା ମୁଖ୍ୟର କାର୍ଯ୍ୟ ।

**ପ୍ରପଞ୍ଚ** ***ବିଂ.*** ୧. ଖଳମତି ୨. ଅତି ଅସୁନ୍ଦର, କୁତ୍ସିତ, କୁଟିଳ ପ୍ରକୃତିର ; ***ବି.*** ୧. ବିସ୍ତାର, ସମୂହ ୨. ମାୟା, ଭ୍ରମ, ମିଥ୍ୟା ।

**ପ୍ରପନ୍ନ** ***ବିଂ.*** ୧. ଆଶ୍ରିତ, ଶରଣାଗତ, ଶରଣ ପଶିଥିବା ୨. ପୀଡ଼ିତ, ଆତଙ୍କିତ ୩. ସ୍ୱୀକୃତ ।

**ପ୍ରପାତ** ***ବି.*** ୧. ପାହାଡ ପର୍ବତ ଆଦି ଉଚ୍ଚ ସ୍ଥାନରୁ ତଳକୁ ପଡୁଥିବା ଜଳପ୍ରବାହ ୨. ଝରଣାର ପଡ଼ିବା ସ୍ଥାନ ୩. ପଡ଼ିବା, ପତନ ।

**ପ୍ରପାନ** ***ବି.*** ପିଇବା ଜାଗା, ଜଳଛତ୍ର ।

**ପ୍ରପାନକ** ***ବିଂ.*** ପାନୀୟ, ପିଆଯାଉଥିବା ।

**ପ୍ରପିତାମହ** ***ବି.*** ବାପାଙ୍କ ବାପାଙ୍କ ବାପା, ଅଣଜେଜେ, ବଡୁ, ଜଣେ ବ୍ୟକ୍ତିର ଚତୁର୍ଥ ପୂର୍ବପିଢ଼ି ।

**ପ୍ରପିତାମହୀ** ***ବି.*** ବାପାଙ୍କ ବାପାଙ୍କ ମା, ବଡେ, ଅଣଆଇ ।

**ପ୍ରପୌତ୍ର** ***ବି.*** ପୁଅ/ଝିଅର ପୁଅ ବା ଝିଅର ପୁଅ ।

**ପ୍ରପୌତ୍ରୀ** ***ବି.*** ପୁଅ/ଝିଅର ପୁଅ ବା ଝିଅର ଝିଅ ।

**ପ୍ରଫିଟ୍** ***ବି.*** ବ୍ୟବସାୟ, ପୁଞ୍ଜିଲଗାଣ ଆଦିରେ ଲାଭ ।

**ପ୍ରଫିଟେବଲ୍** ***ବିଂ.*** ଲାଭପ୍ରଦ, ଲାଭଜନକ ।

**ପ୍ରଫୁଲ୍ଲ** ***ବିଂ.*** ୧. ପ୍ରସନ୍ନ, ଖୁସି, ଆନନ୍ଦ ୨. ବିକଶିତ, ପ୍ରସ୍ଫୁଟିତ ।

**ପ୍ରଫୁଲ୍ଲତା** ***ବି.*** ଅତି ଆନନ୍ଦ ଭାବ, ଖୁସି ମିଜାଜ, ଉତ୍‌ଫୁଲ୍ଲ ଅବସ୍ଥା ; ***ବିଂ.*** ପ୍ରଫୁଲ୍ଲିତ ।

**ପ୍ରଫେସନାଲ୍** ***ବିଂ.*** ୧. ପେସାଦାର, ଯେଉଁ ବ୍ୟକ୍ତି ବା ଗୋଷ୍ଠୀ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟ ସମ୍ପାଦନରେ ସୁଦକ୍ଷ ବା ସୁନିପୁଣ ଓ ତାହାକୁ ବୃତ୍ତିଭାବରେ ଗ୍ରହଣ କରିଥାନ୍ତି ୨. ବିଶେଷଜ୍ଞ ।

**ପ୍ରଫେସନାଲିଜିମ୍** ***ବି.*** ପେସାଦାରି, ଏକ ନିର୍ଦ୍ଦିଷ୍ଟ ବିଦ୍ୟାକୁଶଳତା ଓ ସେହି ମନୋବୃତ୍ତି ।

**ପ୍ରଫେଟ୍** ***ବି.*** ୧. କୌଣସି ଧର୍ମବିଶ୍ୱାସରେ ମଣିଷ ଜାତିକୁ ମୁକ୍ତି ଦେବାପାଇଁ ଈଶ୍ୱରପ୍ରେରିତ ଦିବ୍ୟସତ୍ତା ବା ବ୍ୟକ୍ତିତ୍ୱ ୨. ଭବିଷ୍ୟବକ୍ତା, ଦିବ୍ୟଦୃଷ୍ଟିସମ୍ପନ୍ନ ବ୍ୟକ୍ତି, ମସୀହା ।

**ପ୍ରଫେସର୍** ***ବି.*** ଶିକ୍ଷକତାର ସର୍ବୋଚ୍ଚ ପଦବୀ ।

**ପ୍ରବକ୍ତା** ***ବିଂ.*** ୧. ଭଲ ଭାଷଣ ପ୍ରଦାନକାରୀ, ସୁବକ୍ତା ୨. ବ୍ୟାଖ୍ୟାକାରୀ, ବିଶ୍ଳେଷଣକାରୀ ।

**ପ୍ରବଚକ** ***ବି.*** ଧର୍ମ, ଦର୍ଶନ, କାବ୍ୟଶାସ୍ତ୍ରାଦିର ଚର୍ଚ୍ଚାକାର ବା ଭାଷ୍ୟକାର ।

**ପ୍ରବଚନ** ***ବି.*** ୧. ବହୁ ପ୍ରଚଳିତ ଉକ୍ତି ୨. ନୀତିକଥା ୩. କୌଣସି ଧର୍ମ ସମ୍ବନ୍ଧୀୟ ବିଷୟରେ ବ୍ୟାଖ୍ୟାନ ବା ବକ୍ତୃତା ।

**ପ୍ରବଞ୍ଚକ** ***ବିଂ.*** ଶଠ, ଠକ, ପ୍ରତାରକ, ଚିତାକଟା ; ***ବି.*** ପ୍ରବଞ୍ଚନ, ପ୍ରବଞ୍ଚନା ।

**ପ୍ରବଞ୍ଚିତ** ***ବିଂ.*** ଯେଉଁ ବ୍ୟକ୍ତିକୁ ଠକା ଯାଇଅଛି, ଶଠତାର ଶିକାର ହୋଇଥିବା, ପ୍ରତାରିତ ।

**ପ୍ରବଣ** ***ବିଂ.*** ୧. ସହଜରେ କୌଣସି ଅବସ୍ଥାକୁ ଗ୍ରହଣ କରୁପାରୁଥିବା ୨. ଉନ୍ମୁଖ, ଅନୁକୂଳ, ନତ, ଦକ୍ଷ ପ୍ରଭୃତି ଅର୍ଥ ପ୍ରକାଶ କରୁଥିବା ପଶ୍ଚାତ୍ ପ୍ରୟୋଗ (*ଉଦା.* ସ୍ନେହପ୍ରବଣ) ।

**ପ୍ରବଣତା** ***ବି.*** ୧. ଗ୍ରହଣ କରିନେବାର ଭାବ, ସମାହିତ ଅବସ୍ଥା, ନିମଜ୍ଜିତ ଭାବ ୨. ଆଭିମୁଖ୍ୟ ୩. କ୍ରମନିମଗ୍ନତା ।

**ପ୍ରବନ୍ଧ** ***ବି.*** ୧. ଯୁକ୍ତିପୁଷ୍ଟ ଦୀର୍ଘ ଗଦ୍ୟ ରଚନା, ସନ୍ଦର୍ଭ, ରଚନା ୨. କାବ୍ୟ ।

**ପ୍ରବନ୍ଧକ** ***ବିଂ.*** ସହବନ୍ଧିତ କରୁଥିବା, ଏକତ୍ର କରୁଥିବା, ବାନ୍ଧୁଥିବା ; ***ବି.*** କୌଣସି କାର୍ଯ୍ୟକ୍ରମ ବା ଅନୁଷ୍ଠାନର ଯାବତୀୟ ବ୍ୟବସ୍ଥା କରାଉଥିବା ବ୍ୟକ୍ତି, ମେନେଜର ।

**ପ୍ରବର** ***ବିଂ.*** ପ୍ରଧାନ, ମୁଖ୍ୟ, ଶ୍ରେଷ୍ଠ ; ***ବି.*** ଗୋତ୍ର, ଗୋତ୍ରପ୍ରବର୍ତ୍ତକ ଋଷି ।

**ପ୍ରବର୍ତ୍ତକ** ***ବିଂ.ବି.*** ୧. କୌଣସି ନିର୍ଦ୍ଦିଷ୍ଟ ଧର୍ମଧାରା, ବିଦ୍ୟା, ଦର୍ଶନର ପ୍ରବକ୍ତା ୨. ସ୍ଥାପୟିତା, ପ୍ରତିଷ୍ଠାତା ୩. ପ୍ରଚଳନକାରୀ ।

**ପ୍ରବର୍ତ୍ତନ** ***ବି.*** ୧. ସ୍ଥାପନ ୨. ଆରମ୍ଭ ୩. ନିୟୋଜନ ୩. ନିୟୋଜନୀକରଣ ।

**ପ୍ରବର୍ତ୍ତନା** ***ବି.*** ମତାଣ, ଉସୁକାଣ, ପ୍ରେରଣା, ପ୍ରଚୋଦନା ।

**ପ୍ରବର୍ତ୍ତାଇବା** ***କ୍ରି.*** ୧. ଉସ୍‌କାଇବା, ମତେଇବା ୨. କୌଣସି କାମ କରିବା ପାଇଁ ପ୍ରବୃତ୍ତ କରାଇବା ୩. ବୁଝାଇ ରାଜି କରାଇବା ।

**ପ୍ରବର୍ତ୍ତିତ** ***ବିଂ.*** ୧. ନିୟୋଜିତ ୨. ପ୍ରୟୋଗ ହୋଇଥିବା, ପ୍ରଚଳିତ ୩. ପ୍ରତିଷ୍ଠିତ ।

**ପ୍ରବର୍ଦ୍ଧକ** ***ବିଂ.*** ଭଲ ଭାବରେ ବଢ଼ାଇ ପାରୁଥିବା, ବର୍ଦ୍ଧନକାରୀ, ବୃଦ୍ଧିକାରକ ; ***ବି.*** ପ୍ରବର୍ଦ୍ଧନ ; ***ବିଂ.*** ପ୍ରବର୍ଦ୍ଧିତ ।

**ପ୍ରବଳ** ***ବିଂ.*** ୧. ଅତିଶୟ, ମାତ୍ରା ଅତିରିକ୍ତ, ଢ଼େର ଅଧିକ ୨. ଖୁବ୍ ଶକ୍ତିଶାଳୀ, ବଳବାନ ୩. ପ୍ରଚଣ୍ଡ, ଭୀଷଣ ; ***ବି.*** ପ୍ରବଳତା ।

**ପ୍ରବହ** ***ବି.*** ବାୟୁମଣ୍ଡଳର ଉପର ସ୍ତର ; ***ବିଂ.*** ବହିଯାଉଥିବା, ଗତିଶୀଳ ।

**ପ୍ରବହମାନ** ***ବିଂ.*** ଯାହା ବହିଯାଉଅଛି, ଗଡ଼ିଯାଉଥିବା, ସ୍ରୋତରେ ଭାସୁଥିବା ।

**ପ୍ରବାଦ** ***ବି.*** ୧. ଲୋକତୁଣ୍ଡରେ କଥିତ କଥା, ଜନଶ୍ରୁତି, କିମ୍ବଦନ୍ତୀ, ଲୋକକଥା ୨. କୁତ୍ସା, ଅପବାଦ, ନିନ୍ଦା ।

**ପ୍ରବାଦବଚନ** ***ବି.*** ଲୋକୋକ୍ତି, ଆପ୍ତବଚନ, ପ୍ରଥାସିଦ୍ଧ କଥା, ପ୍ରବଚନ, ଢଗ ।

**ପ୍ରବାଳ** ***ବି.*** ୧. ସାମୁଦ୍ରିକ ଜୀବ ବିଶେଷ ୨. ଏହି ସାମୁଦ୍ରିକ ଜୀବର ଶରୀରରୁ ଜାତ ବସ୍ତୁ, ପୋହଳା, କୋରାଲ୍ ୩. ଗଛରୁ କଅଁଳି ଆସୁଥିବା ପତ୍ର, ଅଙ୍କୁର, ପାଲୋ ।

**ପ୍ରବାସ** ***ବି.*** ୧. ବିଦେଶରହଣି, ନିଜ ସ୍ଥାନ ବା ଅଞ୍ଚଳରେ ରହିବା ୨. ରାଜ୍ୟବାହାରେ ବା ବିଦେଶରେ ରହିବା ସ୍ଥାନ ।

**ପ୍ରବାସୀ** ***ବିଂ.*** ନିଜ ଘର ଛାଡ଼ି ବିଦେଶରେ ରହୁଥିବା (ବ୍ୟକ୍ତି) ।

**ପ୍ରବାହ** ***ବି.*** ୧. ନିରବଚ୍ଛିନ୍ନ ଗତି ବା କାର୍ଯ୍ୟ, ଗତିଶୀଳତା ୨. ସ୍ରୋତ, ଧାରା ।

**ପ୍ରବାହିତ** ***ବିଂ.*** ବହିଯାଉଥିବା, ପ୍ରବାହଯୁକ୍ତ, ବହୁଥିବା, ଭାସି ଗତି କରୁଥିବା ।

**ପ୍ରବାହୁ** ***ବି.*** ହାତ, କହୁଣୀର ତଳ ଅଂଶ ।

**ପ୍ରବିଧିତନ୍ତ୍ର** ***ବି.*** ପ୍ରଯୁକ୍ତିତନ୍ତ୍ର, ଟେକ୍‌ନୋକ୍ରେସି, ସମାଜରେ କାରିଗରି କୌଶଳର ପ୍ରାଧାନ୍ୟ ।

**ପ୍ରବିଷ୍ଟ** ***ବିଂ.*** ପ୍ରବେଶ କରିଥିବା, ପଶିଯାଇଥିବା ଯାହା ଭିତରକୁ ଯାଇଅଛି ।

**ପ୍ରବୀଣ** ***ବିଂ.*** ୧. ନିପୁଣ, ସୁଦକ୍ଷ ୨. ବହୁଦର୍ଶୀ, ଜ୍ଞାନୀ ୩. ପୋଖତ, ଅଭିଜ୍ଞ, ଅନୁଭବୀ ; ***ବି.*** ପ୍ରବୀଣତା, ପ୍ରବୀଣତ୍ୱ ।

**ପ୍ରବୀର** ***ବି.*** ଉତ୍ତମ ଯୋଦ୍ଧା ; ***ବିଂ.*** ଶ୍ରେଷ୍ଠ, ପ୍ରଧାନ, ଉତ୍ତମ ।

**ପ୍ରବୁଦ୍ଧ** ***ବିଂ.*** ୧. ସୁଜ୍ଞାନୀ ୨. ସିଦ୍ଧିପ୍ରାପ୍ତ ୩. ଜାଗ୍ରତ, ସଚେତନ, ଧୀମାନ୍ ।

**ପ୍ରବୃତ୍ତ** ***ବିଂ.*** ୧. କୌଣସି କାର୍ଯ୍ୟରେ ନିଯୁକ୍ତ ୨. ବ୍ୟାପୃତ, ଅଭିନିବିଷ୍ଟ ।

**ପ୍ରବୃତ୍ତି** ***ବି.*** ୧. ମନର ସ୍ୱାଭାବିକ ପ୍ରବଣତା ୨. ଇନ୍ଦ୍ରିୟଗତ କାମନା ବା କାର୍ଯ୍ୟ ୩. ଚେଷ୍ଟା, ନିୟୋଗ ୪. ଆସ୍ପୃହା, ଅଭିରୁଚି, ଆଗ୍ରହ ।

**ପ୍ରବୃଦ୍ଧ** ***ବିଂ.*** ୧. ଅତି ବୟସ୍କ, ସୁପ୍ରାଚୀନ, ଅତି ପୁରୁଣା ୨. ଅଧିକ ବଢ଼ିଥିବା, ବିଶେଷ ବୃଦ୍ଧିପ୍ରାପ୍ତ ୩. ଉତ୍ତୁଙ୍ଗ, ବେଶ୍ ଉଚ୍ଚା ।

**ପ୍ରବେଶ** ***ବି.*** ୧. ଭିତରକୁ ଯିବା ବା ପଶିବା ୨. ଜ୍ଞାନ ଅଧ୍ୟୟନ ୩. ଅବଧାରଣା ।

**ପ୍ରବେଶକ** ***ବିଂ.*** ୧. ଭିତରକୁ ଯାଉଥିବା ୨. ଅନ୍ତଗାମୀ, ଅନ୍ତମୁଖୀ ।

**ପ୍ରବେଶନ** ***ବି.*** ୧. ଭିତରକୁ ଯିବା ଦ୍ୱାର ୨. ତୋରଣ ୩. ମୁଖଶାଳା ୪. କୌଣସି କର୍ମନିଯୁକ୍ତି ନିୟମିତ ହେବା ପୂର୍ବରୁ କିଛିକାଳ ପରୀକ୍ଷାମୂଳକ ଭାବେ ରହିବା ।

**ପ୍ରବେଶପଥ** ***ବି.*** ଘର, ରାଜ୍ୟଆଦିକୁ ପ୍ରବେଶ କରିବା ରାସ୍ତା, ଭିତରକୁ ଯିବା ବାଟ ।

**ପ୍ରବେଶିକା** ***ବି.*** ୧. ଯେଉଁ ମାଧ୍ୟମ ଦେଇ ଭିତରକୁ ଯିବା ସମ୍ଭବ ହୁଏ ୨. ପ୍ରାଥମିକ ପୁସ୍ତକ ବା ସୂଚନା ।

**ପ୍ରବେଶିକା ପରୀକ୍ଷା** ***ବି.*** ଚାକିରି, ପାଠ୍ୟକ୍ରମ ଆଦି ପାଇଁ ଅନୁଷ୍ଠିତ ବଛାବଛି ପରୀକ୍ଷା ।

**ପ୍ରବେଶ୍ୟ** ***ବିଂ.*** ଯାହା ଭିତରକୁ ପ୍ରବେଶ କରିହେବ ।

**ପ୍ରବୋଧ** ***ବି.*** ୧. ସାନ୍ତ୍ୱନା, ଦୁଃଖ, ଅସନ୍ତୋଷ ଆଦି ପାସୋରି ଦେବା ପାଇଁ ପ୍ରେରଣା ୨. ଆଶ୍ୱାସନା ୩. ଜ୍ଞାନ, ବୁଝିବା ଶକ୍ତି ; ***ବିଂ.*** ପ୍ରବୋଧକ ; ***ବି.*** ପ୍ରବୋଧନ ; ***ବିଂ.*** ପ୍ରବୋଧିତ ।

**ପ୍ରବୋଧିବା** ***କ୍ରି.*** ୧. ସାନ୍ତ୍ୱନା ଦେବା ୨. ଜାଗ୍ରତ କରିବା, ଉଦ୍‌ବୋଧିତ କରିବା ।

**ପ୍ରବ୍ରଜ୍ୟା** ***ବି.*** ୧. ସନ୍ନ୍ୟାସ, ଜ୍ଞାନପ୍ରାପ୍ତି ଉଦ୍ଦେଶ୍ୟରେ ଗୃହତ୍ୟାଗ ୨. ପ୍ରବାସ ; ***ବି.*** ପ୍ରବ୍ରଜନ ।

**ପ୍ରଭଞ୍ଜନ** ***ବି.*** ପ୍ରବଳ ପବନ, ଝଡ଼, ବାତ୍ୟା ।

**ପ୍ରଭା** ***ବି.*** ୧. ଦେବଦେବୀଙ୍କ ସିଂହାସନ ପଛ ମେଢ଼ ୨. ଜ୍ୟୋତି, ଦୀପ୍ତି ।

**ପ୍ରଭାକର** ***ବି.*** ବଡ଼ିଭୋର ସୂର୍ଯ୍ୟ, ଦିନକର, ତପନ ।

**ପ୍ରଭାକୀଟ** ***ବି.*** ଜୁଳୁଜୁଳିଆ ପୋକ, ଖଦ୍ୟୋତ ।

**ପ୍ରଭାତ** ***ବି.*** ସୂର୍ଯ୍ୟ ଉଦୟର ପୂର୍ବସମୟ, ପ୍ରାତଃକାଳ, ଉଷାକାଳ ।

**ପ୍ରଭାତ ଅବକାଶ** ***ବି.*** ୧. ପ୍ରଭାତ ସମୟରେ ଅନୁଷ୍ଠିତ ଦେବଦେବୀଙ୍କ ନୀତି ୨. ବଡ଼ି ସକାଳେ ବୋଲାଯିବା ମନ୍ତ୍ର ବା ପ୍ରାର୍ଥନା ।

**ପ୍ରଭାତଫେରି** ***ବି.*** କୌଣସି ଏକ ବିଶେଷ ଦିନରେ ଜନସାଧାରଣଙ୍କୁ ଏହା ପାଳନର କାରଣ ସମ୍ପର୍କରେ ସୂଚାଇବା ପାଇଁ ଗୀତ ଅଥବା ସ୍ଲୋଗାନ ସହ ପ୍ରାତଃପରିକ୍ରମଣ ।

**ପ୍ରଭାତିବା** ***କ୍ରି.*** ରାତି ପାହିବା, ସୂର୍ଯ୍ୟ ଉଇଁଆସିବା, ସକାଳ ହେବା ।

**ପ୍ରଭାତୀ** ***ବିଂ.*** ପ୍ରଭାତ ସମ୍ବନ୍ଧିତ, ସକାଳବେଳାର, ସକାଳ ପହରର ; ***ବି.*** ସକାଳେ ବୋଲାଯାଉଥିବା ମଙ୍ଗଳସଙ୍ଗୀତ ।

**ପ୍ରଭାବ** ***ବି.*** ୧. ଛାପ ୨. ପ୍ରଭୁତ୍ୱ ୩. ପ୍ରତାପ ।

**ପ୍ରଭାବଶାଳୀ** ***ବିଂ.*** ୧. ଚାପ ପକାଇବା ଭଳି ୨. ଉଚ୍ଚକିତ କଳାପରି, ଆଲୋଡନ ସୃଷ୍ଟିକାରୀ ୩. ପ୍ରତାପଶାଳୀ, ଅନ୍ୟ ଉପରେ ନିଜର କ୍ଷମତା ଜାହିର କରିପାରୁଥିବା ।

**ପ୍ରଭାବିତ** ***ବିଂ.*** ୧. କାହାରି ବ୍ୟକ୍ତିତ୍ୱ ବା ଗୁଣଦ୍ୱାରା ଆକର୍ଷିତ ୨. କାହାରି କଥା ବା ପରାମର୍ଶରେ ପରିଚାଳିତ ୩. ବଶୀଭୂତ, ପ୍ରଭାବାନ୍ୱିତ ।

**ପ୍ରଭାସ** ***ବି.*** ୧. ତେଜ, ଦୀପ୍ତି ୨. ଭାରତର ପଶ୍ଚିମ ଭାଗରେଥିବା ତୀର୍ଥ ବିଶେଷ, ଶ୍ରୀକୃଷ୍ଣଙ୍କ ଶେଷ ଲୀଳାକ୍ଷେତ୍ର ।

**ପ୍ରଭୁ** ***ବି.*** ୧. ଈଶ୍ୱର, ଭଗବାନ ୨. ଦେବୀ ବା ଦେବତା ୩. ସ୍ୱାମୀ, ମୁନିବ ୪. ଗୁରୁ , ସିଦ୍ଧିଦାତା ୫. ବୈଷ୍ଣବ ସମ୍ପ୍ରଦାୟର ଗୁରୁ ।

**ପ୍ରଭୁତା, ପ୍ରଭୁତ୍ୱ** ***ବି.*** ପ୍ରଭାବ, ଆଧିପତ୍ୟ, ସ୍ୱାମିତ୍ୱ, କର୍ତ୍ତୃତ୍ୱ, ପ୍ରାଧାନ୍ୟ ।

**ପ୍ରଭୁଭକ୍ତି** ***ବି.*** ୧. ଆରାଧ୍ୟ ବ୍ୟକ୍ତିପ୍ରତି ଆନୁଗତ୍ୟ ୨. ମୁନିବ ବା ମାଲିକପ୍ରତି ବିଶ୍ୱସ୍ତତା ; ***ବିଂ.*** ପ୍ରଭୁଭକ୍ତ ।

**ପ୍ରଭୂତ** ***ବିଂ.*** ୧. ବହୁତ, ଅଧିକ, ଅତିଶୟ, ପ୍ରଚୁର ୨. ଉଦ୍ଭୂତ, ଉତ୍ପନ୍ନ, ଜନ୍ମିତ ।

**ପ୍ରଭୃତି** ***ଅ.*** ଇତ୍ୟାଦି, ଆଦି, ପ୍ରମୁଖ ।

**ପ୍ରଭେଦ** ***ବି.*** ୧. ପାର୍ଥକ୍ୟ, ବିଭିନ୍ନତା ୨. ଅମେଳ, ବୈଷମ୍ୟ ।

**ପ୍ରମତ୍ତ** ***ବି.*** ୧. ଅତ୍ୟନ୍ତ ମତ୍ତ, ବିଭୋର, ବିହ୍ୱଳ ୨. ଅତି ଆସକ୍ତ, କୌଣସି ବିଷୟରେ ବା କାହାପ୍ରତି ଅତିମାତ୍ରାରେ ଅନୁରକ୍ତ ୩. ପାଗଳ, ଉନ୍ମାଦ ।

**ପ୍ରମଥ** ***ବି.*** ନୃତ୍ୟଗୀତ ଆଦି ଗାନ୍ଧର୍ବବିଦ୍ୟା ନିପୁଣ ଶିବଅନୁଚର ।

**ପ୍ରମଥନ** ***ବି.*** ୧. ମନ୍ଥନ, ଆଲୋଡ଼ନ ୨. କଷ୍ଟ ଦେବା, ଦମନ, ପୀଡ଼ନ ୩. ହତ୍ୟା, ନିଧନ, ବଧ ; ***ବିଂ.*** ପ୍ରମଥିତ ।

**ପ୍ରମଦ** ***ବି.*** ୧. ମତ୍ତଭାବ, ପାଗଳାମି, ଉନ୍ମତ୍ତତା ୨. ଅତ୍ୟଧିକ ଆନନ୍ଦ, ହର୍ଷୋଲ୍ଲାସ ; ***ବିଂ.*** ପ୍ରମତ୍ତ ।

**ପ୍ରମଦା** ***ବିଂ.*** ରୂପଗରବିଣୀ, କଳାକୁଶଳା (ନାରୀ) ; ***ବି.*** ସୁନ୍ଦରୀ ନାରୀ ।

**ପ୍ରମାଣ** ***ବି.*** ୧. କୌଣସି ଘଟଣାର ସତ୍ୟାସତ୍ୟ ସଂକ୍ରାନ୍ତ ତଥ୍ୟ ୨. ଦୃଷ୍ଟାନ୍ତ, ନଜିର ୩. ହେତୁ, କାରଣ ୪. ରାଣ ନିୟମ ବା ପ୍ରତିଜ୍ଞା କରି କହିବା ।

**ପ୍ରମାଣତଃ** ***କ୍ରି.ବିଂ.*** ପ୍ରମାଣମୁତାବକ, ପ୍ରମାଣ ହେବା ଅନୁସାରେ ।

**ପ୍ରମାଣସାପେକ୍ଷ** ***ବିଂ.*** ତଥ୍ୟଦ୍ୱାରା ଯେଉଁ ଘଟଣାର ସତ୍ୟତା ନିରୂପଣର ପ୍ରୟୋଜନ ଥାଏ ।

**ପ୍ରମାଣିତ** ***ବିଂ.*** ଉପଲବ୍ଧ ତଥ୍ୟଦ୍ୱାରା ନିର୍ଦ୍ଧାରିତ, ସ୍ଥିରୀକୃତ ବା ଗୃହୀତ ।

**ପ୍ରମାଣିବା** ***କ୍ରି.*** ଯୁକ୍ତି ଓ ତଥ୍ୟଦ୍ୱାରା ସତ୍ୟାସତ୍ୟ ନିରୂପଣ କରିବା ।

**ପ୍ରମାତାମହ** ***ବି.*** ଜେଜେମା ବା ଆଇଙ୍କ ବାପା, ବୋଉ/ମାଙ୍କ ବାପାଙ୍କ ବାପା, ଅଣଅଜା ।

**ପ୍ରମାତାମହୀ** ***ବି.*** ଜେଜେମା ବା ଆଇଙ୍କ ବୋଉ/ମା, ମା/ବୋଉଙ୍କ ବାପାଙ୍କ ମା, ଅଣଆଇ ।

**ପ୍ରମାଦ** ***ବି.*** ୧. ବିପତ୍ତି, ବିପଦ ୨. ଭୁଲ, ଭ୍ରାନ୍ତି, ଗଲ୍‌ତି ୩. ଅସାବଧାନତା ।

**ପ୍ରମାଦ ଗଣିବା** ***କ୍ରି.*** କୌଣସି କଥା ବା ଘଟଣା ଯୋଗୁଁ ବିପଦର ଆଶଙ୍କାକରିବା ।

**ପ୍ରମିତ** ***ବିଂ.*** ୧. ପରିମିତ ୨. ପ୍ରମାଣିତ ୩. ନିଶ୍ଚିତ ୪. ଅଳ୍ପ, ସୀମିତ, ଊଣା ।

**ପ୍ରମିତି** ***ବି.*** ୧. ପରିମାଣ, ପ୍ରମାଣ ୨. ଅପବାଦ ବା ଭ୍ରମରହିତ ଜ୍ଞାନ, ନିଶ୍ଚିତ ଜ୍ଞାନ ।

**ପ୍ରମୁଖ** ***ବିଂ.*** ୧. ପ୍ରଧାନ, ମୁଖ୍ୟ ୨. ଅଗ୍ରଗାମୀ ୩. ଶ୍ରେଷ୍ଠ , ଆରମ୍ଭ; ***ବି.*** ସାମ୍ନା, ସମ୍ମୁଖ୍ୟ ; ***ଅ.*** ଆଦି, ପ୍ରଭୃତି, ଇତ୍ୟାଦି ।

**ପ୍ରମୁଦିତ** ***ବିଂ.*** ୧. ଅତି ଆନନ୍ଦିତ, ଆହ୍ଲାଦିତ ୨. ଖୋଲିହୋଇ ଆସୁଥିବା ।

**ପ୍ରମୂର୍ତ୍ତ** ***ବିଂ.*** ୧. ବ୍ୟକ୍ତ, ସୁପ୍ରକଟ, ସ୍ପଷ୍ଟ ଭାବରେ ଅଭିବ୍ୟକ୍ତ ବା ପ୍ରକାଶିତ ୨. ରୂପାୟିତ ।

**ପ୍ରମୂର୍ତ୍ତାୟନ** ***ବି.*** ରୂପାୟନ, ପ୍ରକାଶନ, ଅଭିବ୍ୟକ୍ତୀକରଣ, ଜ୍ଞାପନ ।

**ପ୍ରମେୟ** ***ବିଂ.*** ୧. ସ୍ଥିର କରିବାକୁଥିବା, ମାପ ହେବାକୁଥିବା ୨. ପ୍ରମାଣସାଧ୍ୟ ୩. ଯାହା ଜାଣି ହେବ ବା ପ୍ରମାଣ କରିହେବ ୪. ଅଳ୍ପ, ନଗଣ୍ୟ ।

**ପ୍ରମେହ** ***ବି.*** ମେହରୋଗ, ଗନେରିଆ, ଜନନେନ୍ଦ୍ରିୟର ରୋଗ ବିଶେଷ ।

**ପ୍ରମୋଦ** ***ବି.*** ୧. ଆନନ୍ଦଭାବ, ଉଲ୍ଲାସ ଭାବ ୨. ଆମୋଦ, ବିଳାସ ।

**ପ୍ରମୋଦଉଦ୍ୟାନ, ପ୍ରମୋଦବନ** ***ବି.*** ଚିତ୍ତ ବିନୋଦନପାଇଁ ତିଆରି ହୋଇଥିବା ଉପବନ ।

**ପ୍ରମୋଦକର** ***ବି.*** ସିନେମା, ସର୍କସ ଆଦି ଦେଖିବା ପାଇଁ କିଣା ହେବା ଟିକଟରେ ସରକାରଙ୍କୁ ଦିଆ ହେବା କର ।

**ପ୍ରମୋଦନ** ***ବି.*** ପ୍ରୀତିବର୍ଦ୍ଧନ, ଆନନ୍ଦଦାନ ।

**ପ୍ରମୋଦିତ** ***ବିଂ.*** ଆନନ୍ଦିତ, ବିହ୍ୱଳିତ, ଆହ୍ଲାଦିତ ।

**ପ୍ରମୋଦିନୀ** ***ବିଂ.*** ଆନନ୍ଦପ୍ରଦାୟିନୀ, ସୁଖଦାୟୀ ।

**ପ୍ରମୋସନ୍** ***ବି.*** ୧. ଚାକିରିରେ ଉନ୍ନତି, ପଦୋନ୍ନତି ୨. ବ୍ୟାବସାୟିକ ସଫଳତା ନିମନ୍ତେ ପଣ୍ୟଦ୍ରବ୍ୟର ପ୍ରଚାର ।

**ପ୍ରମ୍ପଟ୍** ***ବି.*** କୌଣସି କାମ ଶୀଘ୍ର କରିପାରୁଥିବା ବା କଥା ଶୀଘ୍ର ବୁଝିପାରୁଥିବା ବ୍ୟକ୍ତି; ***ବିଂ.*** ୧. ତୁରନ୍ତ, ଅତିଶୀଘ୍ର ୨. ବୁଦ୍ଧିଆ, ହୁସିଆର, ଚାଲାକ ୩. ତତ୍ପର

**ପ୍ରମ୍ପଟ୍ କରିବା** ***କ୍ରି.*** ୧. ପଛରେ ରହି ବତାଇ ଦେବା ୨. ଉତ୍ସାହିତ କରିବା ୩. ନାଟକାଦିରେ ଆଢୁଆଳରେ ରହି ଅଭିନେତା / ଅଭିନେତ୍ରୀଙ୍କୁ ସଂଳାପ ମନେ ପକାଇଦେବା ।

**ପ୍ରମ୍ପଟର୍** ***ବି.*** ନାଟକରେ ମଞ୍ଚପାର୍ଶ୍ୱରେ ରହି ଅଭିନେତା/ଅଭିନେତ୍ରୀଙ୍କୁ ସଂଳାପ ମନେପକାଇଦେବା ବ୍ୟକ୍ତି, ସ୍ମାରକ ।

**ପ୍ରମ୍ପଟିଙ୍ଗ୍** ***ବି.*** ୧. ନାଟକରେ ପ୍ରମ୍ପଟର ବା ସ୍ମାରକର କାର୍ଯ୍ୟ ୨. କାହାକୁ ସାହାଯ୍ୟ ଦେବା ପାଇଁ ସେଭଳି କାର୍ଯ୍ୟ ।

**ପ୍ରଯତ୍ନ** ***ବି.*** ବିଶେଷ ପ୍ରୟାସ, ଅଧିକ ଚେଷ୍ଟା, ନିଷ୍ଠାପର ଉଦ୍ୟମ, ଅଧ୍ୟବସାୟ ।

**ପ୍ରଯତ୍ନଶୀଳ** ***ବିଂ.*** ଉଦ୍ୟମୀ, ଉଦ୍ୟମଶୀଳ, ପୟାସୀ, ଅଧ୍ୟବସାୟୀ ।

**ପ୍ରଯୁକ୍ତ** ***ବିଂ.*** ୧. ବିଶେଷ ଭାବରେ ଯୁକ୍ତ, ସଂଯୋଜିତ ୨. ବ୍ୟବହାର ବା କାମରେ ଲଗାଯାଇଥିବା ।

**ପ୍ରଯୁକ୍ତି** ***ବି.*** ୧. ପ୍ରୟୋଗ, ବ୍ୟବହାର ୨. ବୈଜ୍ଞାନିକ କାରିଗରି କୌଶଳର କାର୍ଯ୍ୟକ୍ଷେତ୍ରରେ ପ୍ରୟୋଗ ୩. ପ୍ରୟୋଗକୌଶଳ ।

**ପ୍ରଯୁକ୍ତିବିଦ୍ୟା** ***ବି.*** ୧. ପ୍ରୟୋଗବିଜ୍ଞାନ, କାରିଗରି କୌଶଳ ୨. କାରିଗରି କୌଶଳର କାର୍ଯ୍ୟକ୍ଷେତ୍ରରେ ଉପଯୋଗ ବା ପ୍ରୟୋଗ ସମ୍ବନ୍ଧିତ ବିଦ୍ୟା ୩. ସେହି ବୃତ୍ତି, ଟେକ୍‌ନୋଲୋଜି, ତକ୍‌ନିକ୍ ।

**ପ୍ରଯୋଜକ** ***ବି.ବିଂ.*** ୧. ଯେ ପ୍ରଯୋଜନା କରେ, ନିର୍ମାତା ୨. ଟିଭି ସିରିଏଲ ବା ଅନ୍ୟ କୌଣସି କାର୍ଯ୍ୟକ୍ରମରେ ଅର୍ଥ ବିନିଯୋଗ କରି ବିଜ୍ଞାପନ, ଟିକଟ ପ୍ରଭୃତିରୁ ଲାଭ ଉଠାଉଥିବା ଅନୁଷ୍ଠାନ, ବ୍ୟକ୍ତି ବା ବ୍ୟାବସାୟିକ ସଂସ୍ଥା ।

**ପ୍ରଯୋଜନା** ***ବି.*** ୧. ଯୋଜନା ସହ ନିର୍ମାଣ, ତିଆରି କରିବା ୨. ପ୍ରଯୋଜନର କାର୍ଯ୍ୟ ।

**ପ୍ରଯୋଜ୍ୟ** ***ବିଂ.*** ପ୍ରଯୁଜ୍ୟ ।

**ପ୍ରୟାଗ** ***ବି.*** ତୀର୍ଥସ୍ଥାନ ରୂପେ ପରିଗଣିତ ଗଙ୍ଗା, ଯମୁନା ଓ ସରସ୍ୱତୀ - ଏହି ତିନି ନଦୀର ମିଳନ ସ୍ଥାନ, ସଙ୍ଗମକ୍ଷେତ୍ର (ଏଲାହାବାଦ୍) ।

**ପ୍ରୟାଣ** ***ବି.*** ୧. ମୃତ୍ୟୁ, ଦେହତ୍ୟାଗ ୨. ଯିବା, ଗମନ ୩. ପ୍ରସ୍ଥାନ ୪. ଯୁଦ୍ଧଯାତ୍ରା ।

**ପ୍ରୟାସ** ***ବି.*** ଆନ୍ତରିକ ଚେଷ୍ଟା, ପ୍ରଚଣ୍ଡ ଇଚ୍ଛାଶକ୍ତି ଓ ପରିଶ୍ରମ ସହ ଚେଷ୍ଟା, ପ୍ରଯତ୍ନ ।

**ପ୍ରୟାସୀ** ***ବିଂ.*** ୧. ଉଦ୍ୟମୀ, ଚେଷ୍ଟିତ ୨. ଅଭିଳାଷୀ, ଆଗ୍ରହୀ ।

**ପ୍ରୟୋଗ** ***ବି.*** ୧. ବିନିଯୋଗ, ବ୍ୟବହାର, ଉପଯୋଗ ୨. ନିଦର୍ଶନ ୩. କାର୍ଯ୍ୟକାରିତା ।

**ପ୍ରୟୋଗତତ୍ତ୍ୱବିଦ୍** ***ବି.*** ପ୍ରଯୁକ୍ତିବିଦ୍ ।

**ପ୍ରୟୋଗଶାଳା** ***ବି.*** ବୈଜ୍ଞାନିକତତ୍ତ୍ୱ ବା ତଥ୍ୟର ଉପଯୋଗିତା ପରୀକ୍ଷଣ ହେବା ସ୍ଥାନ, ପରୀକ୍ଷାଗାର, ଲେବରୋଟରି, ବିଜ୍ଞାନାଗାର ।

**ପ୍ରୟୋଜନ** ***ବି.*** ୧. ଆବଶ୍ୟକତା, ଦରକାର ୨. ଉଦ୍ଦେଶ୍ୟ ***; ବିଂ.*** ପ୍ରୟୋଜନୀୟ ।

**ପ୍ରରୋଚକ** ***ବିଂ.*** ଉସୁକାଉଥିବା, ପ୍ରବର୍ତ୍ତନକାରୀ, ଟିହାଉଥିବା ।

**ପ୍ରରୋଚନ** ***ବି.*** ମତାଣ, ଉସୁକାଣ, ପ୍ରଚୋଦନା ।

**ପ୍ରରୋଚନା** ***ବି.*** ଉତ୍ତେଜନାପୂର୍ଣ୍ଣ ଭାଷା ବା କଥା, ପ୍ରବର୍ତ୍ତନା ***; ବିଂ.*** ପ୍ରରୋଚିତ ।

**ପ୍ରରୋହ** ***ବି.*** ୧. ଗଛର ଓହଳ ୨. ଆରୋହଣ, ଉପରକୁ ଗତି ୩. ଅଙ୍କୁର ୪. ଉତ୍ପତ୍ତି ।

**ପ୍ରଳୟ** ***ବି.*** ୧. ପୃଥିବୀର ଶେଷ ସମୟ ଯେତେବେଳେ ସାରା ଜଗତ ପାଣିରେ ବୁଡ଼ିଯିବ ବୋଲି ବିଶ୍ୱାସ ୨. ସମୂଳବିନାଶ ୩. ବିପୁଳ କ୍ଷୟକାରୀ ପରିବର୍ତ୍ତନ, ଧ୍ୱଂସ ।

**ପ୍ରଳୟଙ୍କର, ପ୍ରଳୟଙ୍କରୀ** ***ବିଂ.*** ୧. ଭୟଙ୍କର, ଭୀତିପ୍ରଦ ୨. ବିନାଶକାରୀ, ବିପୁଳ କ୍ଷତିକାରକ ।

**ପ୍ରଳାପ** ***ବି.*** ବାଉଳାଚାଉଳା କଥା, ଅର୍ଥହୀନ ଉକ୍ତି, ସଂଗତିହୀନ କଥା, ଭୋର୍‌ଲି ।

**ପ୍ରଲମ୍ବ** ***ବି.*** ୧. ଓହଳ ୨. ଶାଖା ୩. ଲମ୍ବମାନ ବସ୍ତୁ ବା ଅବସ୍ଥା ।

**ପ୍ରଲମ୍ବିତ** ***ବିଂ.*** ୧. ତଳକୁ ବା ଦୂରକୁ ଲମ୍ବି ଯାଇଥିବା ୨. ଗଡ଼ି ଆସିଥିବା, ଲମ୍ବମାନ ***; ବି.*** ପ୍ରଲମ୍ବନ ।

**ପ୍ରଲିପ୍ତ** ***ବିଂ.*** ୧. ଭଲ ଭାବରେ ଲିପାଯାଇଥିବା ୨. ଅଭିନିବିଷ୍ଟ, ସମ୍ପୃକ୍ତ, ସମାହିତ ।

**ପ୍ରଲୁବ୍ଧ** ***ବିଂ.*** ୧. ବିଶେଷ ଭାବରେ ଲୋଭିତ ବା ଲୁବ୍ଧ, ଆସକ୍ତ ୨. ଉପଭୋଗ ଅଭିଳାଷୀ ।

**ପ୍ରଲେଖ, ପ୍ରଲେଖାୟନ** ***ବି.*** ଅଭିନନ୍ଦନପତ୍ର, ମାନପତ୍ର, ସ୍ୱୀକୃତିପତ୍ର, ପ୍ରଶଂସାସୂଚକ ଲେଖା ।

**ପ୍ରଲେପ** ***ବି.*** ୧. କୌଣସି ପଦାର୍ଥ ଉପରେ ଦିଆଯାଉଥିବା ତରଳ ଆସ୍ତରଣ, ବୋଳ ୨. ମଲମ ।

**ପ୍ରଲେପିତ** ***ବିଂ.*** ଭଲ ଭାବରେ ଲିପା ବା ବୋଳା ଯାଇଥିବା, ଯାହାକୁ ଭଲ ଭାବରେ ଲିପାଯାଇଅଛି ବା ବୋଳା ଯାଇଅଛି ।

**ପ୍ରଲୋଭ** ***ବି.*** ଅତି ଲୋଭ, ଉଦଗ୍ର ଲାଳସା, ନିଜର କରିନେବାପାଇଁ ପ୍ରବଳ ଆସକ୍ତି ।

**ପ୍ରଲୋଭନ** ***ବି.*** ୧. ଲୋଭ ଜାଗ୍ରତ କରୁଥିବା ବସ୍ତୁ ଆଦି ୨. ଲୋଭନୀୟ ଆକର୍ଷଣ, ଆକର୍ଷଣୀୟ ବା ମନଲୋଭା ବ୍ୟକ୍ତି ବା ବସ୍ତୁ ।

**ପ୍ରଲୋଭିତ** ***ବିଂ.*** ଲୋଭେଇଥିବା ।

**ପ୍ରଶଂସକ** ***ବିଂ.*** ୧. କୌଣସି ବ୍ୟକ୍ତି ଅଥବା କାର୍ଯ୍ୟର ସଫଳତା ପାଇଁ ପ୍ରଶଂସା କରୁଥିବା, ପ୍ରଶଂସାକାରୀ ୨. ଉତ୍ସାହ ପ୍ରଦାନକାରୀ ୩. ଲେଖକ, ଶିଳ୍ପୀ, କଳାକାରମାନଙ୍କର ସ୍ତାବକ, ଫ୍ୟାନ୍ ***; ବି.*** ପ୍ରଶଂସନ ।

**ପ୍ରଶଂସନୀୟ** ***ବିଂ.*** ୧. ପ୍ରଶଂସାର ଯୋଗ୍ୟ, ଶ୍ଳାଘ୍ୟ ୨. ଅଭିନନ୍ଦନୀୟ ।

**ପ୍ରଶଂସା** ***ବି.*** ୧. ଗୁଣଗାନ ୨. ଗୁଣ, ସଫଳତା ଆଦିର ସ୍ୱୀକୃତି ।

**ପ୍ରଶଂସାପତ୍ର** *ବି.* ବ୍ୟକ୍ତିର କୃତିତ୍ୱ ପାଇଁ କୌଣସି ଅନୁଷ୍ଠାନଦ୍ୱାରା ଦିଆଯିବା ମାନପତ୍ର ବା ପ୍ରଲେଖ, ଅଭିନନ୍ଦନିକା, ସ୍ୱୀକୃତିପତ୍ର ।

**ପ୍ରଶଂସାର୍ହ** *ବିଂ.* ପ୍ରଶଂସା ବା ସମ୍ମାନ ପାଇବାପାଇଁ ଯୋଗ୍ୟ ।

**ପ୍ରଶଂସିତ** *ବିଂ.* କାର୍ଯ୍ୟ ବା କୃତିତ୍ୱ ଯୋଗୁଁ ପ୍ରଶଂସା ପାଇଥିବା ।

**ପ୍ରଶଂସିବା** *କ୍ରି.* ୧. ପ୍ରଶଂସା କରିବା ୨. ଗୁଣଗାନ କରିବା ୩. ସ୍ୱୀକୃତି ଦେବା ।

**ପ୍ରଶମନ** *ବି.* ୧. ନିରାକରଣ ୨. ଦମନ, ନିବାରଣ ୩. ଉପଶମ, ଲାଘବ ।

**ପ୍ରଶମିତ** *ବିଂ.* ରୋଗ, ଦୁଃଖ ପ୍ରଭୃତି ଲାଘବ ହୋଇଥିବା, ଉପଶମିତ ।

**ପ୍ରଶସ୍ତ** *ବିଂ.* ୧. ଚଉଡା, ଓସାରିଆ ୨. ପ୍ରସାରିତ, ବ୍ୟାପ୍ତ; *ବି.* ପ୍ରଶସ୍ତତା ।

**ପ୍ରଶସ୍ତି** *ବି.* ୧. ପ୍ରଶଂସା, ଗୁଣଗାନ ୨. ସ୍ତବ ।

**ପ୍ରଶାଖା** *ବି.* ଶାଖାର ଶାଖା, ଡାହି, ଡାଳ ।

**ପ୍ରଶାନ୍ତ** *ବିଂ.* ୧. ଅତି ଶାନ୍ତ ୨. ଅଚଞ୍ଚଳ, ଅବିଚଳିତ ; *ବି.* ପ୍ରଶାନ୍ତି ।

**ପ୍ରଶାସକ** *ବିଂ.* ପ୍ରଶାସନ ଅଧିକାରୀ ।

**ପ୍ରଶାସନ** *ବି.* ଶାସନକଳ, ଅମଲାତନ୍ତ୍ର, ଆଡ଼ମିନିଷ୍ଟ୍ରେସନ୍ ; *ବିଂ.* ପ୍ରଶାସିତ ।

**ପ୍ରଶିଷ୍ୟ** *ବି.* ଶିଷ୍ୟର ଶିଷ୍ୟ, ଛାତ୍ରର ଛାତ୍ର ।

**ପ୍ରଶିକ୍ଷକ** *ବି.* ତାଲିମଦାତା, ବିଶେଷ ଯୋଗ୍ୟତାସମ୍ପନ୍ନ ଶିକ୍ଷକ, ଟ୍ରେନର୍ ।

**ପ୍ରଶିକ୍ଷଣ** *ବି.* ତାଲିମ ଦାନ; ବିଶେ. ବୃତ୍ତିଗତ, ପାଠପଢ଼ା ।

**ପ୍ରଶ୍ନ** *ବି.* ୧. ଜ୍ଞାନ ପରୀକ୍ଷା ପାଇଁ ଯାହା ପଚରା ଯାଏ, କୌଣସି ବିଷୟ ଜାଣିବା ପାଇଁ ଅନ୍ୟକୁ ପଚାରିବା, ପଚରା, ପୃଚ୍ଛା ୩. ବିଚାର୍ଯ୍ୟବିଷୟ, ସମସ୍ୟା ।

**ପ୍ରଶ୍ନକର୍ତ୍ତା** *ବିଂ.* ପ୍ରଶ୍ନ କରୁଥିବା ପଚାରୁଥିବା, ଜିଜ୍ଞାସାକାରୀ, ଜାଣିବାକୁ ଚାହୁଁଥିବା (ବ୍ୟକ୍ତି) ।

**ପ୍ରଶ୍ନଚିହ୍ନ** *ବି.* ୧. ପ୍ରଶ୍ନବାଚକ, ବାକ୍ୟ ଶେଷରେ ଦିଆହେବା ସଂକେତ ବା ଚିହ୍ନ (?) ।

**ପ୍ରଶ୍ନପତ୍ର** *ବି.* ଜ୍ଞାନପରୀକ୍ଷା ପାଇଁ ପ୍ରଶ୍ନ ଲେଖାଥିବା ଫର୍ଦ୍ଦ ।

**ପ୍ରଶ୍ନବାଚକ ବାକ୍ୟ** *ବି.* *ବ୍ୟାକରଣ* ଯେଉଁ ବାକ୍ୟର କୌଣସି ପ୍ରଶ୍ନ ପଚରା ଯାଇଥାଏ (*ଉଦା.* ତୁମ ନାଁ କଣ ?)

**ପ୍ରଶ୍ନବାଚୀ** *ବି.* ୧. ପ୍ରଶ୍ନଚିହ୍ନ ୨. ସଂଶୟ, ସନ୍ଦେହ ।

**ପ୍ରଶ୍ନିଳ** *ବିଂ.* ୧. ପ୍ରଶ୍ନମୟ ୨. ସଂଶୟାତ୍ମକ ।

**ପ୍ରଶ୍ନୋତ୍ତର** *ବି.* ୧. କୌଣସି ବିଷୟର ସମ୍ଭାବ୍ୟ ପ୍ରଶ୍ନ ଓ ତାର ଉତ୍ତର ୨. ପଚାରିବା ଓ ଉତ୍ତରପାଇବା, ସୁଆଲ୍‌ଜବାବ୍ ।

**ପ୍ରଶ୍ନୋତ୍ତରୀ** *ବି.* ଜାଣିବା ପାଇଁ ସମୟଭିତ୍ତିକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ, କୁଇଜ ।

**ପ୍ରଶ୍ୱାସ** *ବି.* ନାକ ଦେଇ ଫୁସ୍‌ଫୁସ୍‌କୁ ଯାଉଥିବା ପବନ ।

**ପ୍ରସଙ୍ଗ** *ବି.* ୧. ଆଲୋଚନାର ବିଷୟ ୨. ସମ୍ବନ୍ଧ ୩. ଆଖ୍ୟାନ ୪. ପ୍ରଶ୍ନ ।

**ପ୍ରସଙ୍ଗତଃ** *ଅ.* ପ୍ରସଙ୍ଗକ୍ରମେ, ଆଲୋଚନାକ୍ରମେ ।

**ପ୍ରସନ୍ନ** *ବିଂ.* ଖୁସୀ, ଆମୋଦିତ, ଆନନ୍ଦବିଭୋର ; *ବିଂ.* ସନ୍ତୁଷ୍ଟ ; *ବି.* ପ୍ରସନ୍ନତା ।

**ପ୍ରସବ** *ବି.* ଗର୍ଭସ୍ଥ ସନ୍ତାନକୁ ଜନ୍ମଦାନ; *କ୍ରି.* ପ୍ରସବିବା ।

**ପ୍ରସବିନୀ** *ବିଂ.* ଜନ୍ମ କରିଥିବା, ଜନନୀ, ଜନ୍ମଦାତ୍ରୀ ।

**ପ୍ରସର** *ବି.* ୧. ବ୍ୟାପ୍ତି, ବିସ୍ତାର ୨. ଯିବା, ଗମନ, ଚଳନ ୩. ବେଗ, ଗତିଶୀଳତା ।

**ପ୍ରସରଣ** *ବି.* ୧. ବ୍ୟାପ୍ତହେବା, ପରିବ୍ୟାପ୍ତ ହେବା ୨. ଚାରିପାଖରୁ ଘେରି ରହିବା ; *ବିଂ.* ପ୍ରସରିତ ; *କ୍ରି.* ପ୍ରସରିବା ।

**ପ୍ରସାଦ** *ବି.* ୧. ଦେବଦେବୀଙ୍କୁ ପ୍ରଦତ୍ତ ନୈବେଦ୍ୟ, ଭୋଗ, ପାଏନଛଡ଼ା ୨. ରୂପ, ଭାବ ଓ ରସରେ ଅଭିଭୂତ କରିବା ଗୁଣ ୩. ଆନନ୍ଦଭାବ, ପ୍ରସନ୍ନତା ୪. ଦୟା, କରୁଣା, ସଦିଚ୍ଛା ୫. ନିର୍ମଳତା ।

**ପ୍ରସାଦନ** *ବି.* ତୁଷ୍ଟୀକରଣ, ସନ୍ତୁଷ୍ଟକରଣ, ସନ୍ତୋଷବିଧାନ ; *ବିଂ.* ପ୍ରସାଦକ ।

**ପ୍ରସାଦ ବଡୁ** *ବି.* (ପୁରୀରେ ରାଜନଅରକୁ ଟାଟ ନେଇ ଯାଉଥିବା ସେବକ ।

**ପ୍ରସାଦଲାଗି** *ବି.* ଶ୍ରୀମନ୍ଦିରରେ ବନ୍ଦାପନାକାଳୀନ ନୀତି ବିଶେଷ ।

**ପ୍ରସାଦି** *ବି.* ପ୍ରସାଦ, ଭୋଗ, ନୈବେଦ୍ୟ ।

**ପ୍ରସାଦିତ** *ବିଂ.* ତୁଷ୍ଟ ହୋଇଥିବା, ଯାହାକୁ ସନ୍ତୁଷ୍ଟ ବା ପ୍ରସନ୍ନ କରାଯାଇଛି, ତୋଷିତ, ଆହ୍ଲାଦିତ ।

**ପ୍ରସାଧକ** *ବିଂ.ବି.* ୧. ପ୍ରସାଧନରେ ସାହାଯ୍ୟ କରୁଥିବା ( ବ୍ୟକ୍ତି ବା ବସ୍ତୁ), କସ୍‌ମେଟିକ୍‌ସ ୨. ବେଶକାରୀ, ଦେହକୁ ସୁନ୍ଦର କରିବା ପାଇଁ ନିଯୁକ୍ତ (ବ୍ୟକ୍ତି), *ସ୍ତ୍ରୀ.* ପ୍ରସାଧିକା ।

**ପ୍ରସାଧନ** *ବିଂ.* ୧. ଦେହକୁ ସୁନ୍ଦର ବା ଆକର୍ଷଣୀୟ କରିବାପାଇଁ ବ୍ୟବହୃତ ଅଙ୍ଗରାଗ, ଅଙ୍ଗସଜ୍ଜାର ଉପକରଣ ୨. ଭଲ ଭାବରେ ସମ୍ପାଦନ ।

**ପ୍ରସାଧନୀ** *ବି.* ଦେହ ସଜ୍ଜାରେ ବ୍ୟବହୃତ ବସ୍ତୁ, ମୁଣ୍ଡକୁଣ୍ଡା ପାନିଆ ଓ ଅନ୍ୟ ସୌଖୀନ ପଦାର୍ଥ, କସ୍‌ମେଟିକ୍‌ସ ।

**ପ୍ରସାଧିତ** *ବିଂ.* ସଜେଇ ହୋଇଥିବା, ବେଶ ହୋଇଥିବା, ସଜ୍ଜିତ, ଅଳଙ୍କୃତ ।

**ପ୍ରସାର** ***ବି.*** ୧. ଦୂରଜାଗାକୁ ବହନ କରିନେବା ୨. ବିସ୍ତାରଣ ୩. ସଞ୍ଚାରଣ, ଆକାଶବାଣୀ, ଦୂରଦର୍ଶନ ପ୍ରଭୃତି କାର୍ଯ୍ୟକ୍ରମର ଶ୍ରୋତା ବା ଦର୍ଶକଙ୍କ ପାଖରେ ପହଞ୍ଚିବା ବ୍ୟବସ୍ଥା ୪. ଖବରକାଗଜ, ପତ୍ରପତ୍ରିକା ପ୍ରଭୃତିର କାଟ୍‌ତି ବା ବିକ୍ରୀ ପରିମାଣ।

**ପ୍ରସାରଣ, ପ୍ରସାରଣୀ** ***ବି.*** ପସାରୁଣି ଲତା, କଟୁ ବାସ୍ନାଥିବା ଔଷଧୀୟ ଗୁଣଯୁକ୍ତ ଏକ ଲତା ଓ ତାହାର ପତ୍ର ।

**ପ୍ରସାରିତ** ***ବି.*** ୧. ବ୍ୟାପ୍ତ, ବିସ୍ତାରିତ ୨. ସଂଚାରିତ, ଦୂରଦର୍ଶନ, ଆକାଶବାଣୀ ଆଦିରେ ପରିବେଷିତ ।

**ପ୍ରସାରୀ** ***ବିଂ.*** ବିସ୍ତାରିତ ବା ବିସ୍ତୃତ ହେବା କ୍ଷମତା ଥିବା, ବିସ୍ତାରଶୀଳ ୨. ବ୍ୟାପକ, ବ୍ୟାପ୍ତ ହୋଇଥିବା ।

**ପ୍ରସିକ୍ୟୁସନ୍** ***ବି.*** ବିଚାରାଳୟରେ ସରକାରଙ୍କ ପକ୍ଷରୁ ମକଦ୍ଦମା ଚଳାଇବା କାର୍ଯ୍ୟ, ଅଭିଯୋଜନ, ପ୍ରସିକ୍ୟୁଟର ।

**ପ୍ରସିଦ୍ଧ** ***ବିଂ.*** ୧. ବିଖ୍ୟାତ , ବିଶେଷ ପରିଚିତ, ନାମୀ ୨. କୌଣସି କାର୍ଯ୍ୟରେ ସିଦ୍ଧିଲାଭ କରିଥିବା ।

**ପ୍ରସିଦ୍ଧି** ***ବି.*** ସୁପରିଚିତି, ସୁନାମ, ସୁଖ୍ୟାତି ।

**ପ୍ରସୁ** ***ବିଂ.*** ପ୍ରଜନନ, ଉତ୍ପାଦନ ବା ଜନ୍ମ କରିବାର କ୍ଷମତା ଥିବା, ଜନ୍ମଦାତ୍ରୀ (***ଉଦା.*** ବୀରପ୍ରସୁ, ସ୍ୱର୍ଣ୍ଣପ୍ରସୁ) ।

**ପ୍ରସୂତ** ***ବିଂ.*** ୧. ଜନ୍ମିତ ୨. ଉତ୍ପାଦିତ ।

**ପ୍ରସୂତା** ***ବିଂ.*** ୧. ଜନ୍ମ ହୋଇଥିବା, ଉତ୍ପାଦିତ ହୋଇଥିବା ୨. ଯେ ସନ୍ତାନ ପ୍ରସବ କରିଅଛି, ଜନ୍ମଦାତ୍ରୀ ।

**ପ୍ରସୂତି** ***ବି.*** ୧. ସଦ୍ୟ ଜନ୍ମକରିଥିବା ନାରୀ, ପୋଖତୀ ୨. ଜନ୍ମ, ପ୍ରସବ, ସୃଷ୍ଟି ।

**ପ୍ରସୂନ** ***ବି.*** ଫୁଲ, ପୁଷ୍ପ, କୁସୁମ ।

**ପ୍ରସେସନ୍** ***ବି.*** ଶୋଭାଯାତ୍ରା, ଅନେକ ଲୋକ ଏକା ସାଙ୍ଗେ କୌଣସି ଉଦ୍ଦେଶ୍ୟରେ ଯିବା ।

**ପ୍ରସେସିଙ୍ଗ୍** ***ବି.*** ୧. କ୍ରମିକଗତି, ଦପ୍ତରରେ ଫାଇଲ୍, ଚିଠିପତ୍ର ପ୍ରଭୃତିର କ୍ରମାନୁଯାୟୀ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ୨. ପ୍ରକ୍ରିୟାକରଣ, କୌଣସି ବସ୍ତୁର ପ୍ରସ୍ତୁତି ପାଇଁ ଆବଶ୍ୟକ ପ୍ରକ୍ରିୟା ୩. ସଂଶୋଧନ ; ***ବିଂ.*** ପ୍ରକ୍ରିୟାଗତ, ପ୍ରକ୍ରିୟା ବା କ୍ରମିକ ଗତି ସମ୍ବନ୍ଧିତ ।

**ପ୍ରସ୍ତ** ***ବି.*** ୧. ସ୍ତର ୨. ଥାକ ୩. ଭାଙ୍ଗ ୪. ଥର, ଦଫା ୫. ବ୍ୟବହୃତ ଦ୍ରବ୍ୟର ଠୁଳ ।

**ପ୍ରସ୍ତର** ***ବି.*** ପଥର ।

**ପ୍ରସ୍ତର ଯୁଗ** ***ବି.*** ପୃଥିବୀରେ ମଣିଷ ସଭ୍ୟତାର ସବୁଠାରୁ ପୁରାତନ ସମୟ ।

**ପ୍ରସ୍ତରୀଭୂତ** ***ବିଂ.*** ୧. ପଥରରେ ପରିଣତ ହୋଇଯାଇଥିବା ୨. ଟାଣ ପଦାର୍ଥରେ ରୂପାନ୍ତରିତ ୩. ଅବାକ୍ ଓ ଚଳତ୍‌ଶକ୍ତିହୀନ (ଅବସ୍ଥା), ପଥର ପାଲଟିଯିବା ଭଳି (ଅବସ୍ଥା) ।

**ପ୍ରସ୍ତାବ** ***ବି.*** ୧. କୌଣସି ବିଷୟର ଅବତାରଣା ବା ଉତ୍‌ଥାପନ ୨. ଆଲୋଚ୍ୟ ବିଷୟବସ୍ତୁ, ପ୍ରପୋଜାଲ୍ ୩. ଯୋଜନା ସଂକ୍ରାନ୍ତ ରୂପରେଖ ବା ପରିକଳ୍ପନା ୪. ପ୍ରସଙ୍ଗ ୫. ବହିର ଅଧ୍ୟାୟ ବା ପରିଚ୍ଛେଦ ୬. ଉପାସ୍ୟ ଦେବଦେବୀଙ୍କ ଗୁଣବର୍ଣ୍ଣନାତ୍ମକ ଲୀଳା ବା ଅଭିନୟ ।

**ପ୍ରସ୍ତାବକ** ***ବି.*** ୧. ଆଲୋଚନା ପାଇଁ କୌଣସି ପ୍ରସଙ୍ଗ ଉଠାଉଥିବା ବ୍ୟକ୍ତି ୨. ନିର୍ବାଚନ ଆଦି ପାଇଁ ମନୋମତ ପ୍ରାର୍ଥୀଙ୍କ ମନୋମତ ପ୍ରାର୍ଥୀଙ୍କ ନାମ ପ୍ରସ୍ତାବ କରିବା ବ୍ୟକ୍ତି, ପ୍ରପୋଜର ।

**ପ୍ରସ୍ତାବନା** ***ବି.*** ୧. ଆରମ୍ଭ, ସୁରୁ ୨. ବହିର ମୁଖବନ୍ଧ ବା ଭୂମିକା ୩. ନାଟକ ବା ଦୃଶ୍ୟକାବ୍ୟର ଆରମ୍ଭରେ ନଟନଟୀ ବା ସୂତ୍ରଧରଙ୍କର ନାଟକସମ୍ପର୍କରେ ସୂଚନା ୪. କୌଣସି ଆଲୋଚନାସଂକ୍ରାନ୍ତ ପ୍ରାଥମିକ ସୂଚନା।

**ପ୍ରସ୍ତାବିତ** ***ବିଂ.*** ୧. ଯାହା ପ୍ରସ୍ତାବ କରାଯାଇଛି ୨. ଆଲୋଚନା ପାଇଁ ଉପସ୍ଥାପିତ ବା ଆଗତ ।

**ପ୍ରସ୍ତୁତ** ***ବିଂ.*** ୧. ତିଆରି, ନିର୍ମିତ, ଗଠିତ, ତିଆର ୨. ସଜାଗ, ସତର୍କ ୩. କୌଣସି କାର୍ଯ୍ୟ ସମ୍ପାଦନ ପାଇଁ ପ୍ରତିଶ୍ରୁତିବଦ୍ଧ ।

**ପ୍ରସ୍ତୁତି** ***ବି.*** ୧. କୌଣସି କାର୍ଯ୍ୟ ପାଇଁ ଆବଶ୍ୟକ ବସ୍ତୁ ଆଦି ଯୋଗାଡ଼ ବା ଶାରୀରିକ, ମାନସିକ, ଆର୍ଥିକ ଭାବରେ ଆବଶ୍ୟକତା ଅନୁରୂପ ବ୍ୟବସ୍ଥା, ଆୟୋଜନ ୨. ତିଆରି, ନିର୍ମାଣ ।

**ପ୍ରସ୍ଥ** ***ବି.*** ୧. ଓସାର, ଆଡବାଗ, ଚଉଡା ୨. ବିସ୍ତାର ୩. ବର୍ତିଶପଳ ପରିମାଣ ବିଶିଷ୍ଟ ୪. ପର୍ବତ ଉପରେ ଥିବା ସମତଳ ଭୂମି ।

**ପ୍ରସ୍ଥାନ** ***ବି.*** ୧. କୌଣସି ସ୍ଥାନରେ ପହଞ୍ଚି ଫେରିଯିବା, ନେଉଟ ୨. ସ୍ଥାନଛାଡ଼ି ଚାଲିଯିବା ୩. ଯୁଦ୍ଧଯାତ୍ରା ।

**ପ୍ରସ୍ଥାପନ** ***ବି.*** ପଠାଇବା, ପ୍ରେରଣ କରିବା ।

**ପ୍ରସ୍ଥାପିତ** ***ବିଂ.*** ପଠାଯାଇଥିବା, ପ୍ରେରିତ ।

**ପ୍ରସ୍ପେକ୍‌ଟସ୍** ***ବି.*** ବିବରଣପତ୍ରିକା, ଶିକ୍ଷାନୁଷ୍ଠାନଦ୍ୱାରା ପ୍ରକାଶିତ ପାଠପଢ଼ା ଓ ନାମଲେଖା ନିୟମ ଆଦି ସୂଚନା ଥିବା ପୁସ୍ତିକା ।

**ପ୍ରସ୍ଫୁଟ,ପ୍ରସ୍ଫୁଟିତ** ***ବିଂ.*** ୧. ଫୁଟିଥିବା ୨. ମୁକୁଳିତ ୩. ପୂର୍ଣ୍ଣ ବିକଶିତ ୪. ପୂର୍ଣ୍ଣ ଅଭିବ୍ୟକ୍ତ ।

**ପ୍ରସ୍ଫୁଟନ** ***ବି.*** ୧. ଫୁଲଫୁଟିବା, ମୁକୁଳନ ୨. ପୂର୍ଣ୍ଣ ବିକାଶ ୩. ପ୍ରକାଶନ ୪. ପୂର୍ଣ୍ଣ ବ୍ୟକ୍ତକରଣ ବା ସ୍ପଷ୍ଟକରଣ ୫. ସମ୍ପୂର୍ଣ୍ଣତା ପ୍ରାପ୍ତି ।

**ପ୍ରସ୍ଫୁରକ** ***ବି.*** ଫସ୍‌ଫରସ୍ ।

**ପ୍ରସ୍ଫୁରଣ** ***ବି.*** ୧. ଅଳ୍ପ କମ୍ପନ ୨. ଉଚ୍ଚାରଣ, ଅଭିବ୍ୟକ୍ତି ; ***ବିଂ.*** ପ୍ରସ୍ଫୁରିତ ।

**ପ୍ରସ୍ରବଣ** ***ବି.*** ୧. ପାଣି ବା ଅନ୍ୟ ତରଳ ପଦାର୍ଥର ମାଟିତଳୁ ଝରିବା ବା ପାଜ଼ରିବା, ଝରଣ, କ୍ଷରଣ ୨. ସ୍ରୋତ, ପ୍ରବାହ ୩. ଝରଣା, ଝର ୪. ନିର୍ଝର ।

**ପ୍ରସ୍ରାବ** ***ବି.*** ମୂତ, ପରିସ୍ରା, ମୂତ୍ର ।

**ପ୍ରହର** ***ବି.*** ଗୋଟିଏ ଦିନର ଆଠଭାଗରୁ ଏକଭାଗ, ପ୍ରାୟ ୩ ଘଣ୍ଟା ସମୟ ।

**ପ୍ରହରଣ** ***ବି.*** ୧. ପାହାର, ବାଡ଼ିରେ ଆଘାତ ୨. ଅସ୍ତ୍ର, ଠେଙ୍ଗା ୩. ଉପର ଢଙ୍କା ଯାଇଥିବା ଗାଡ଼ି ୪. ଯୁଦ୍ଧ ।

**ପ୍ରହରୀ** ***ବି.*** ନିରାପତ୍ତା ଦାୟିତ୍ୱ ତୁଲାଉଥିବା କର୍ମଚାରୀ, ପହରାବାଲା, ଚଉକିଦାର, ଜଗୁଆଳୀ, ଗାର୍ଡ ।

**ପ୍ରହର୍ତ୍ତା** ***ବିଂ.*** ୧. ବାଡଉଥିବା, ପ୍ରହାରକାରୀ, ଆଘାତ ଦେଉଥିବା ୨. ଯୋଦ୍ଧା ।

**ପ୍ରହସନ** ***ବି.*** ୧. ହାସ୍ୟରସାତ୍ମକ ଏକ ଅଙ୍କ ବିଶିଷ୍ଟ ନାଟକ, ଫାର୍ସ୍ ୨. ପରିହାସ ୩. ମିଥ୍ୟା ଓ ଛଳନାପୂର୍ଣ୍ଣ ଆଚରଣ ।

**ପ୍ରହାର** ***ବି.*** ମାଡ଼, ବାଡ଼ି, ଠେଙ୍ଗା ଆଦିରେ ମାଡ଼, ପିଟାନ୍, ଠୁକାନ୍, ବାଡ଼ିଆ ; ***ବିଂ.*** ପ୍ରହାରକ ।

**ପ୍ରହୃଷ୍ଟ** ***ବିଂ.*** ଅତି ଆନନ୍ଦିତ, ଖୁବ୍ ଖୁସି, ଆହ୍ଲାଦିତ ।

**ପ୍ରହେଳିକା** ***ବି.*** ୧. କଉତୁକିଆ ପ୍ରଶ୍ନ, କୂଟପ୍ରଶ୍ନ, ପହଲି, ଧନ୍ଦା ୨. ଅସ୍ପଷ୍ଟ ୩. ରହସ୍ୟମୟ ବିଷୟ ବା ଘଟଣା ।

**ପ୍ରକ୍ଷାଳନ** ***ବି.*** ୧. ଧୋଇବା, ଧୌତକରଣ ୨. ମାର୍ଜନ, ପରିଷ୍କରଣ ; ***ବିଂ.*** ପ୍ରକ୍ଷାଳିତ ।

**ପ୍ରକ୍ଷିପ୍ତ** ***ବିଂ.*** ୧. ଫୋପଡ଼ା ଯାଇଥିବା, ନିକ୍ଷିପ୍ତ ୨. ତ୍ୟକ୍ତ, ଛାଡ଼ିଥିବା ୩. ମୂଳ ରଚନାରେ ପରବର୍ତ୍ତୀ କାଳରେ ଅନ୍ୟଦ୍ୱାରା ସଂଯୋଜିତ ବା ଅନ୍ତର୍ନିବେଶିତ(ଅଂଶ) ।

**ପ୍ରକ୍ଷେପ, ପ୍ରକ୍ଷେପଣ** ***ବି.*** ନିକ୍ଷେପ, ଫୋପଡା ; ***ବିଂ.*** ପ୍ରକ୍ଷେପକ ।

**ପ୍ରକ୍ଷେପାସ୍ତ୍ର** ***ବି.*** ବହୁ ଦୂରକୁ ଫିଙ୍ଗା ଯାଇପାରୁଥିବା ଅସ୍ତ୍ର, ମିସାଇଲ, କ୍ଷେପଣାସ୍ତ୍ର ; ***ବିଂ.*** ପ୍ରକ୍ଷେପିତ ।

**ପ୍ରାଂଶୁ** ***ବିଂ.*** ଡେଙ୍ଗା, ଦୀର୍ଘକାୟ, ଉଚ୍ଚ (*ଉଦା.* ଶାଳପ୍ରାଂଶୁ) ।

**ପ୍ରାକ୍** ***ପୂ.ପ୍ର.*** ୧. ପୂର୍ବବର୍ତ୍ତୀ, ପୂର୍ବରୁ ( *ଉଦା.* ପ୍ରାକ୍-ସ୍ୱାଧୀନତା କାଳ) ୨. ଅତୀତର (*ଉଦା.* ପ୍ରାଗୈତିହାସିକ), ଆଗୁଆ (*ଉଦା.* ପ୍ରାକ୍-ବଜେଟ୍) ।

**ପ୍ରାକ୍‌କଥନ, ପ୍ରାକ୍‌କଥନିକା, ପ୍ରାକ୍‌କଥନୀ** ***ବି.ବିଂ.*** ୧. ପ୍ରଥମରୁ ବା ଆଗରୁ କୁହାଯାଇଥିବା (କଥା) ୨. ବହିର ଅଗ୍ରଲେଖ, ମୁଖବନ୍ଧ, ଉପୋଦ୍‌ଘାତ ।

**ପ୍ରାକ୍‌ପ୍ରବର୍ତ୍ତକ** ***ବି.ବିଂ.*** ଆଦ୍ୟପ୍ରବର୍ତ୍ତକ, ପ୍ରଥମ ସୃଷ୍ଟିକର୍ତ୍ତା, ପ୍ରଥମ ରଚନାକାର ; ***ବି.*** ପ୍ରାକ୍‌ପ୍ରବର୍ତ୍ତନ ।

**ପ୍ରାକାମ୍ୟ** ***ବି.*** ୧. ଉପଭୋଗ ଇଚ୍ଛା ପୂର୍ଣ୍ଣକରିବା ପାଇଁ କ୍ଷମତା ୨. ଯୋଗବଳରେ ଲାଭ କରିଥିବା ଅଷ୍ଟଐଶ୍ୱର୍ଯ୍ୟ ମଧ୍ୟରୁ ଅନ୍ୟତମ ।

**ପ୍ରାକାର** ***ବି.*** ପାଚେରି, ଦିଆଲ, ବେଢ଼ା ।

**ପ୍ରାକୃତ** ***ବିଂ.*** ୧. ପ୍ରଜା ବା ଲୋକ ସମ୍ପର୍କିତ ୨. ପ୍ରାକୃତିକ, ସ୍ୱଭାବସିଦ୍ଧ ୩. ନୀଚ, ଅମାର୍ଜିତ, ଇତର ; ***ବି.*** ପ୍ରାଚୀନ ଲୋକଭାଷା ବିଶେଷ, ପରାକୃତ ।

**ପ୍ରାକୃତବନ୍ଧ** ***ବି.*** ପ୍ରାକୃତଭାଷାରେ ରଚିତ ଛନ୍ଦୋବଦ୍ଧ ରଚନା ।

**ପ୍ରାକୃତିକ** ***ବିଂ.*** ୧. ସ୍ୱଭାବଗତ, ସ୍ୱାଭାବିକ ୨. ନୈସର୍ଗିକ, ସ୍ୱର୍ଗୀୟ ୩. ପ୍ରକୃତି ସମ୍ବନ୍ଧୀୟ ; ***ବି.*** ପ୍ରାକୃତିକତା ।

**ପ୍ରାକ୍କାଳ** ***ବି.*** ୧. ଆରମ୍ଭ ସମୟ, ପ୍ରାଥମିକ ପର୍ଯ୍ୟାୟ ୨. ପୂର୍ବକାଳ, ସୁଦୂର ଅତୀତ ।

**ପ୍ରାକ୍କାଳୀନ** ***ବିଂ.*** ଆଗର, ଅତୀତର, ପୂର୍ବକାଳର, ସେବେକାର ।

**ପ୍ରାକ୍ଟିକାଲ୍** ***ବିଂ.*** ୧. ବ୍ୟାବହାରିକ, କ୍ରିୟାତ୍ମକ, ପ୍ରୟୋଗାତ୍ମକ ୨. ବାସ୍ତବ, ପ୍ରକୃତ ୩. ବ୍ୟବହାର ବା ପ୍ରୟୋଗ ସମ୍ବନ୍ଧିତ ।

**ପ୍ରାକ୍ଟିକାଲ୍ ପରୀକ୍ଷା** ***ବି.*** ପ୍ରାୟୋଗିକ ପରୀକ୍ଷା, ବିଜ୍ଞାନ ଛାତ୍ରଛାତ୍ରୀଙ୍କ ପ୍ରାୟୋଗିକ ଜ୍ଞାନର ପରୀକ୍ଷା ।

**ପ୍ରାକ୍ଟିସ୍** ***ବି.*** ୧. ଅଭ୍ୟାସ, ସାଧନା ୨. ପେସା, ବୃତ୍ତି ୩. କାର୍ଯ୍ୟପଦ୍ଧତି, କାମ କରିବା ଢ଼ଙ୍ଗ ୪. ପ୍ରଥା, ଚଳଣି ।

**ପ୍ରାକ୍ଟିସ୍ କରିବା** ***କ୍ରି.*** ୧. ଅଭ୍ୟାସ କରିବା ୨. ଡାକ୍ତରୀ, ଓକିଲାତି ଆଦିକୁ ବୃତ୍ତି ଭାବରେ ଗ୍ରହଣ କରିବା ।

**ପ୍ରାକ୍ତନ** ***ବିଂ.*** ପୂର୍ବରୁ ଥିବା, ଅତୀତର, ସେଦିନର ; ***ବି.*** ପୂର୍ବଜନ୍ମର କର୍ମଫଳ ।

**ପ୍ରାଗୈତିହାସିକ** ***ବିଂ.*** ଇତିହାସ ସଂରଚନାର ପୂର୍ବକାଳ ସମ୍ବନ୍ଧିତ, ମାନବସଭ୍ୟତାର ବିକାଶ ପର୍ଯ୍ୟାୟରେ ପରିକଳ୍ପିତ ପ୍ରସ୍ତର ଯୁଗ ସମ୍ପର୍କିତ ।

**ପ୍ରାଙ୍ଗଣ** ***ବି.*** ଅଗଣା, ଘର ଭିତରେ ବା ସମ୍ମୁଖରେ ଥିବା ଖୋଲା ଜାଗା ।

**ପ୍ରାଚୀ** ***ବି.*** ୧. ପୂର୍ବଦିଗ, ସୂର୍ଯ୍ୟ ଉଦିତ ହେଉଥିବା ଦିଗ ୨. ପୂର୍ବଦିଗର ସ୍ଥାନମାନ ।

**ପ୍ରାଚୀନ** ***ବିଂ.*** ଅତି ପୁରୁଣା, ପୂର୍ବକାଳୀନ, ସୁଦୂର ଅତୀତର ; ***ବି.*** ପ୍ରାଚୀନତା, ପ୍ରାଚୀନତ୍ୱ ।

**ପ୍ରାଚୀର** ***ବି.*** ୧. ଲୋକ ବା ଜୀବଜନ୍ତୁଙ୍କ ପ୍ରବେଶ ରୋକିବାପାଇଁ କୌଣସି ସ୍ଥାନର ଚାରି ପାଖରେ ଘେରାଯାଇଥିବା ଉଚ୍ଚ ପ୍ରତିବନ୍ଧକ, ପାଚେରି, ବେଢ଼ା ୨. କାନ୍ଥ, ଦିଆଲ୍ ।

**ପ୍ରାଚୁର୍ଯ୍ୟ** *ବି.* ବହୁଳତା, ଆବଶ୍ୟକତାଠାରୁ ଯଥେଷ୍ଟ ଅଧିକ ପରିମାଣ, ପ୍ରଚୁରତା ।

**ପ୍ରାଚ୍ୟ** *ବିଂ.* ୧. ପୂର୍ବଦିଗରେ ଥିବା ୨. ପୂର୍ବଦିଗ ସମ୍ବନ୍ଧିତ ୩. ଇଉରୋପର ପୂର୍ବଦିଗରେ ଥିବା (ଦେଶଗୁଡ଼ିକ); *ବି.* ଇଉରୋପ ପୂର୍ବଦିଗରେ ଥିବା ଦେଶ ସମୂହ, ପ୍ରାଚ୍ୟଭୂଖଣ୍ଡ ।

**ପ୍ରାଚ୍ୟ ଭୂଖଣ୍ଡ** *ବି.* ୟୁରୋପରେ ପୂର୍ବ ଭାଗରେ ଥିବା ଅଞ୍ଚଳ ବା ଦେଶ ସମୂହ ।

**ପ୍ରାଜାପତ୍ୟ** *ବି.* ଆଠପ୍ରକାର ପାରମ୍ପରିକ ହିନ୍ଦୁ ବିବାହ ରୀତି ମଧ୍ୟରୁ ଅନ୍ୟତମ ।

**ପ୍ରାଜ୍ଞ** *ବିଂ.* ବିଦ୍ୱାନ୍, ପଣ୍ଡିତ, ଦକ୍ଷ, ନିପୁଣ, ଜ୍ଞାନୀ ; *ବି.* ପ୍ରାଜ୍ଞତା, *ସ୍ତ୍ରୀ.* ପ୍ରାଜ୍ଞୀ ।

**ପ୍ରାଞ୍ଜଳ** *ବିଂ.* ୧. ବୁଝିହେବା ଭଳି, ସୁଖବୋଧ୍ୟ, ସହଜବୋଧ୍ୟ, ବୋଧଗମ୍ୟ ୨. ସ୍ପଷ୍ଟ , ସରଳ, ଜଟିଳତାଶୂନ୍ୟ ; *ବି.* ପ୍ରାଞ୍ଜଳତା ।

**ପ୍ରାଣ** *ବି.* ୧. ଦେହର ଜୀବନୀଶକ୍ତି ୨. ସାର, ବଳ, ତେଜ ୩. ଅତ୍ୟାବଶ୍ୟକ ଉପାଦାନ ୪. ଚୈତନ୍ୟ, ଚେତନାଶକ୍ତି ୫. ପାଞ୍ଚପ୍ରକାର ବାୟୁରୁ ଏକତମ, ପବନ ।

**ପ୍ରାଣତ୍ୟାଗ** *ବି.* ଜୀବନ ଛାଡ଼ିବା, ମରଣ, ମୃତ୍ୟୁ ।

**ପ୍ରାଣଦ** *ବିଂ.* ୧. ଜୀବନ ଦେଉଥିବା ୨. ଶକ୍ତିବର୍ଦ୍ଧକ ।

**ପ୍ରାଣଦଣ୍ଡ** *ବି.* ଶାସକ ବା ନ୍ୟାୟାଳୟର ବିଚାରରେ ମୃତ୍ୟୁଦଣ୍ଡ ।

**ପ୍ରାଣଦାତା** *ବି.ବିଂ.* ୧. ଜୀବନ ଦେଉଥିବା, ଜୀବନଦାତା ୨. ରକ୍ଷାକର୍ତ୍ତା, ମୁକ୍ତିଦାତା ।

**ପ୍ରାଣଧାରଣ** *ବି.* ବଞ୍ଚିରହିବା, ଜୀଇଁବା ।

**ପ୍ରାଣନାଥ, ପ୍ରାଣନାୟକ** *ବି.* ୧. ସ୍ୱାମୀ, ପତି ୨. ପ୍ରିୟତମ ବ୍ୟକ୍ତି ୩. ପ୍ରଭୁ, ଈଶ୍ୱର ।

**ପ୍ରାଣନିଗ୍ରହ** *ବି.* ପ୍ରାଣାୟମ, ଶ୍ୱାସନିରୋଧ, ଶ୍ୱାସପ୍ରଶ୍ୱାସ ନିୟନ୍ତ୍ରଣ ମାଧ୍ୟମରେ ଯୋଗସାଧନା ।

**ପ୍ରାଣପଣେ** *ବିଂ.କ୍ରିବିଂ.* ପ୍ରାଣକୁ ପଣକରି, ପାରୁପର୍ଯ୍ୟନ୍ତ, ସାମର୍ଥ୍ୟ ଖଟେଇ, ଆବଶ୍ୟକ ହେଲେ ଜୀବନଦେଇ ।

**ପ୍ରାଣପାତ** *ବି.* ପ୍ରାଣବିସର୍ଜନ, ପ୍ରାଣତ୍ୟାଗ, ଶରୀରତ୍ୟାଗ, ଜୀବନ ବିସର୍ଜନ ।

**ପ୍ରାଣପ୍ରତିମ** *ବିଂ.* ନିଜ ଜୀବନ ପରି, ଅତି ନିଜର, ଅତି ଅନ୍ତରଙ୍ଗ ।

**ପ୍ରାଣପ୍ରତିଷ୍ଠା** *ବି.* ୧. ଦେବଦେବୀଙ୍କ ମୂର୍ତ୍ତିରେ ଜୀବନ୍ୟାସ ୨. ପ୍ରାଣ ସଂଚାର, ଜୀବନସଂଚାର ।

**ପ୍ରାଣପ୍ରଦ** *ବିଂ.* ୧. ପ୍ରାଣଦାୟକ, ଯାହା ପ୍ରାଣପ୍ରଦାନ କରିଥାଏ ୨. ଶକ୍ତିକାରକ, ବଳକାରକ ।

**ପ୍ରାଣପ୍ରିୟ** *ବି.ବିଂ.* ନିଜର ପ୍ରାଣ ପରି ପ୍ରିୟ, ଜୀବନ ଭଳି ପ୍ରିୟ ।

**ପ୍ରାଣବନ୍ତ** *ବିଂ.* ୧. ଜୀବନ୍ତ, ସଜୀବ ୨. ସତେଜ, ଉତ୍ସାହପୂର୍ଣ୍ଣ, ଉଦ୍ଦୀପନାଯୁକ୍ତ ।

**ପ୍ରାଣବନ୍ଧୁ** *ବି.* ପ୍ରିୟବନ୍ଧୁ, ପ୍ରାଣ ଭଳି ପ୍ରିୟବନ୍ଧୁ, ଅନ୍ତରଙ୍ଗ ବ୍ୟକ୍ତି ।

**ପ୍ରାଣରଙ୍ଗ** *ବିଂ.* ନିଜ ଜୀବନ ପ୍ରତି ଅତ୍ୟନ୍ତ ଆସକ୍ତ ।

**ପ୍ରାଣଶୂନ୍ୟ** *ବି.* ୧. ପ୍ରାଣ ନଥିବା, ପ୍ରାଣହୀନ, ନିଷ୍ପ୍ରାଣ, ଜୀବନହୀନ, ମୃତ ୨. ଅଚେତନ ୩. ଉଦ୍ୟମହୀନ ୪. ଜଡ଼, ନିର୍ବେଦ, ଚେତନାରହିତ ୫. ଆନ୍ତରିକତାବିହୀନ ।

**ପ୍ରାଣସଂହାର** *ବି.* ହତ୍ୟା, ପ୍ରାଣନେବା ।

**ପ୍ରାଣସଙ୍କଟ** *ବି.* ଜୀବନ ପ୍ରତି ବିପଦ, ପ୍ରାଣ ଚାଲିଯିବାର ସମ୍ଭାବନା ।

**ପ୍ରାଣସାର** *ବି.* ଜୀବସାର, ଶରୀରର ସ୍ୱାସ୍ଥ୍ୟବର୍ଦ୍ଧକ ବା ଶକ୍ତିବର୍ଦ୍ଧକ, ଉପାଦାନ ।

**ପ୍ରାଣହର** *ବିଂ.* ଯାହା ପ୍ରାଣ ନେଇ ଯାଇପାରେ, ଜୀବନବିନାଶକ ।

**ପ୍ରାଣହୀନ** *ବିଂ.* ୧. ପ୍ରାଣଶୂନ୍ୟ, ନିଷ୍ପ୍ରାଣ, ମୃତ ୨. ଜଡ଼, ଜୀବନଶୂନ୍ୟ, ଚେତନାରହିତ ।

**ପ୍ରାଣାଧିକ** *ବିଂ.* ନିଜ ଜୀବନଠାରୁ ଅଧିକ ପ୍ରିୟ, ପ୍ରିୟତମ ।

**ପ୍ରାଣାନ୍ତ** *ବି.* ଜୀବନର ଶେଷ ପରିଣତି, ମୃତ୍ୟୁ, ତିରୋଧାନ ।

**ପ୍ରାଣାନ୍ତକ** *ବିଂ.* ଜୀବନର ବିନାଶକାରୀ ପ୍ରାଣନାଶକ, ଜୀବନର ଅନ୍ତ କରିଦେଉଥିବା, ଯମ, ମୃତ୍ୟୁର ଦେବତା ।

**ପ୍ରାଣାନ୍ତିକ** *ବି.* ୧. ସାଂଘାତିକ, ଅତି ଭୟଙ୍କର ୨. କଠୋର, ନିର୍ମମ ।

**ପ୍ରାଣାୟମ** *ବି.* ନିଃଶ୍ୱାସ ଓ ପ୍ରଶ୍ୱାସ ନିୟନ୍ତ୍ରଣ କରି ଯୋଗସାଧନା ।

**ପ୍ରାଣିଜ** *ବିଂ.* ପ୍ରାଣୀ ବା ଜୀବଠାରୁ ଜନ୍ମ ନେଉଥିବା ବା ସୃଷ୍ଟ ।

**ପ୍ରାଣିଜଗତ** *ବି.* ପୃଥିବୀର ଜୀବନ୍ତ ପ୍ରାଣୀ, ଜୀବସକଳ ।

**ପ୍ରାଣିତତ୍ତ୍ୱ** *ବି.* ପ୍ରାଣୀମାନଙ୍କର ଜନ୍ମ, ପରିବର୍ତ୍ତନ, ବିକାଶ ଓ କ୍ଷୟ ସଂକ୍ରାନ୍ତ ବିଦ୍ୟା, ପ୍ରାଣୀବିଦ୍ୟା, ଜୁଲୋଜି ।

**ପ୍ରାଣିପୀଡ଼ନ** *ବି.* ଜୀବମାନଙ୍କ ପ୍ରତି କଠୋର ଓ ନିର୍ମମ ମାନସିକତା ।

**ପ୍ରାଣୀ** *ବି.* ୧. ପ୍ରାଣ ଥିବା ବା ସଚେତନ ଜୀବ ୨. ଜୀବଜନ୍ତୁ ; *ବିଂ.* ଜୀବନ ଥିବା ।

**ପ୍ରାଣୀ ବିଜ୍ଞାନ** *ବି.* ପ୍ରାଣିତତ୍ତ୍ୱ , ପ୍ରାଣିବିଦ୍ୟା, ପ୍ରାଣୀମାନଙ୍କ ଜନ୍ମ, ଜୀବନ, ଶରୀର, ମୃତ୍ୟୁ ପ୍ରଭୃତି ବିଷୟର ବିଦ୍ୟା ।

**ପ୍ରାଣେଶ, ପ୍ରାଣେଶ୍ୱର** *ବି.* ୧. ପରମପୁରୁଷ, ଈଶ୍ୱର ୨. ସ୍ୱାମୀ, ପତି ୩. ଅତ୍ୟନ୍ତ ପ୍ରିୟବ୍ୟକ୍ତି ; *ବି.* ପ୍ରାଣେଶ୍ୱରୀ।

**ପ୍ରାତଃ** *ବି.* ସକାଳ, ପ୍ରଭାତ ।

**ପ୍ରାତଃକର୍ମ, ପ୍ରାତଃକ୍ରିୟା** *ବି.* ନିଦରୁ ଉଠିବାପରେ ଦେହକୁ ପରିଷ୍କାର କରିବା କାର୍ଯ୍ୟ, ଯଥା - ମଳମୂତ୍ରତ୍ୟାଗ, ଦାନ୍ତଘଷା, ଗାଧୁଆ ଓ ପୂଜା ବା ଦେବଉପାସନା ।

**ପ୍ରାତଃକାଳ** *ବି.* ସକାଳବେଳା, ପ୍ରଭାତସମୟ ।

**ପ୍ରାତଃକାଳୀନ** *ବିଂ.* ସକାଳ ବେଳର, ପ୍ରଭାତର ।

**ପ୍ରାତଃକୃତ୍ୟ** *ବି.* ପ୍ରାତଃକର୍ମ ।

**ପ୍ରାତଃସନ୍ଧ୍ୟା** *ବି.* ସକାଳୁ କରାଯିବା ଜପତପ, ନିତ୍ୟକର୍ମ ପୂଜା ।

**ପ୍ରାତଃସ୍ନାନ** *ବି.* ସୂର୍ଯ୍ୟୋଦୟ ବେଳେ ସ୍ନାନ, ବଡ଼ି ସକାଳୁ ଗାଧେଇବା ।

**ପ୍ରାତଃସ୍ମରଣୀୟ** *ବିଂ.* ୧. ସକାଳୁ ଉଠିବାପରେ ପ୍ରଥମେ ଯେଉଁ ବ୍ୟକ୍ତିଙ୍କୁ ସ୍ମରଣ କରାଯାଇପାରେ ୨. ପବିତ୍ର, ପୁଣ୍ୟଶ୍ଳୋକ ।

**ପ୍ରାତ୍ୟନ୍ତିକ** *ବିଂ.* ସୀମାନ୍ତବର୍ତ୍ତୀ, ସୀମା ପାଖରେ ଥିବା, ସୀମାରେଖାର ଆରମ୍ଭରେ ଥିବା, ସୀମାକୁ ଠିକ୍ ଲାଗିକରି ରହିଥିବା ।

**ପ୍ରାତ୍ୟହିକ** *ବିଂ.* ନିତିଦିନିଆ, ସବୁଦିନ ଘଟୁଥିବା, ଦୈନିକ, ନିତି ଘଟୁଥିବା, ନିତି ପାଳିତ ହେଉଥିବା ।

**ପ୍ରାଥମିକ** *ବିଂ.* ୧. ପ୍ରଥମ ସମ୍ବନ୍ଧୀୟ ୨. ପ୍ରଥମର, ଆରମ୍ଭକାଳୀନ ।

**ପ୍ରାଥମିକ ତତ୍ତ୍ୱ, ପ୍ରାଥମିକ ତଥ୍ୟ** *ବି.* ଯେ କୌଣସି କାର୍ଯ୍ୟ ବିଷୟର ପ୍ରଥମ ବିବରଣୀ ବା ତଥ୍ୟ ଓ ତାହାର ବ୍ୟାଖ୍ୟା ।

**ପ୍ରାଥମିକ ବିଦ୍ୟାଳୟ** *ବି.* ଯେଉଁ ସ୍କୁଲ ବା ପାଠଶାଳାରେ ପିଲାମାନଙ୍କୁ ପ୍ରଥମେ ପାଠ ପଢ଼ାଯାଏ ।

**ପ୍ରାଥମିକ ଶିକ୍ଷା** *ବି.* ଶିଶୁମାନଙ୍କୁ ପ୍ରଥମେ ପଢ଼ାଯାଉଥିବା ପାଠ ।

**ପ୍ରାଦୁର୍ଭାବ** *ବି.* ୧. ବହୁଳତା, ଆଧିକ୍ୟ, ପ୍ରାବଲ୍ୟ ୨. ବ୍ୟାପକତା ୩. ଆବିର୍ଭାବ, ପ୍ରଥମ ପ୍ରକାଶ ୪. ଦୌରାତ୍ମ୍ୟ ; *ବିଂ.* ପ୍ରାଦୁର୍ଭୂତ ।

**ପ୍ରାଦେଶିକ** *ବିଂ.* ୧. ପ୍ରଦେଶ ବା ରାଜ୍ୟ ସମ୍ବନ୍ଧିତ ୨. ପ୍ରଦେଶଜାତ ୩. ପ୍ରଦେଶସ୍ତରୀୟ ; *ବି.* ପ୍ରାଦେଶିକତା ।

**ପ୍ରାଧାନ୍ୟ** *ବି.* ୧. ପ୍ରଧାନତା, ଶ୍ରେଷ୍ଠତ୍ୱ ୨. ପ୍ରଭୁତ୍ୱ, କ୍ଷମତା ୩. ଅନ୍ୟଠାରୁ ଅଧିକ ମହତ୍ତ୍ୱ ବା ଗୁରୁତ୍ୱ ଲାଭ କରିବା ସ୍ଥିତି ବା ଅବସ୍ଥା ।

**ପ୍ରାନ୍ତ** *ବି.* ୧. ଶେଷଭାଗ ୨. ଶେଷସୀମା ୩. ଶାଢ଼ିର କାନି ୪. ଲୁଗାର ଧଡ଼ି, କିନାର ୫. ରାଜ୍ୟ, ପ୍ରଦେଶ ।

**ପ୍ରାନ୍ତବର୍ତ୍ତୀ** *ବିଂ.* ସୀମାରେ ଥିବା, ସୀମା ପାଖରେ ଥିବା ।

**ପ୍ରାନ୍ତର** *ବି.* ୧. ଗଛ ଲତା ନ ଥିବା ବଡ଼ ପଡ଼ିଆ ୨. ଗଛ ନଥାଇ ନିର୍ଜନ ଲମ୍ବା ରାସ୍ତା ।

**ପ୍ରାନ୍ତିକ** *ବିଂ.* ୧. ପ୍ରାନ୍ତୀୟ, ପ୍ରାନ୍ତ ବା ସୀମା ପାଖରେ ଥିବା ୨. ପ୍ରାଦେଶିକ ।

**ପ୍ରାନ୍ତୀୟ** *ବିଂ.* ୧. ଆଞ୍ଚଳିକ, କ୍ଷେତ୍ରୀୟ ୨. ସୀମା ନିକଟବର୍ତ୍ତୀ ୩. ପ୍ରାଦେଶିକ, ରାଜ୍ୟ ସମ୍ବନ୍ଧିତ ।

**ପ୍ରାପକ** *ବି. ବିଂ.* ୧. ଚିଠିପତ୍ର ଆଦି ପାଇବା (ଲୋକ) ୨. ପାଉଥିବା, ଯେ ପାଏ, ପାଇବାର ଯୋଗ୍ୟ ବା ଅଧିକାରୀ।

**ପ୍ରାପ୍ତ** *ବିଂ.* ୧. ପାଉଥିବା, ପାଇଥିବା ୨. ଲାଭ କରାଯାଇଥିବା ।

**ପ୍ରାପ୍ତକାଳ** *ବିଂ.* ଜୀବନରେ ଯାହାର ଶେଷ ସମୟ ହୋଇଯାଇଅଛି, ଯାହାର ମରଣ ଉପସ୍ଥିତ, ମୁମୂର୍ଷୁ ।

**ପ୍ରାପ୍ତବୟସ୍କ** *ବିଂ.* ୧. ସାବାଳକ, ଆଇନ ସମ୍ମତ ବୟସପ୍ରାପ୍ତ ହୋଇ ସାରିଥିବା ୨. ପୌରୁଷ ଲାଭ କରିଥିବା; *ସ୍ତ୍ରୀ.* ପ୍ରାପ୍ତବୟସ୍କା ।

**ପ୍ରାପ୍ତଯୌବନ** *ବିଂ.* ଯୁବାବସ୍ଥା ପାଇ ସାରିଥିବା, ଯୁବକ, *ସ୍ତ୍ରୀ.* ପ୍ରାପ୍ତଯୌବନା ।

**ପ୍ରାପ୍ତି** *ବି.* ପାଇବା, ଲାଭକରିବା ।

**ପ୍ରାପ୍ତିପତ୍ର** *ବି.* ପାଇଥିବାର ପ୍ରମାଣପତ୍ର, ପାଇଥିବାର ସ୍ୱୀକୃତି ସୂଚକ ଲେଖା, ରସିଦ ।

**ପ୍ରାପ୍ତିସ୍ୱୀକାର** *ବି.* ପାଇଥିବା ସ୍ୱୀକାର କରି ଜଣାଇବା, ପାଇଥିବାର ସ୍ୱୀକୃତି ପତ୍ର ।

**ପ୍ରାପ୍ୟ** *ବିଂ.* ପାଇବାକୁ ଥିବା ପଦାର୍ଥ ବା ସମ୍ପଦ ।

**ପ୍ରାବନ୍ଧିକ** *ବି.* ପ୍ରବନ୍ଧ ରଚନାକାରୀ, ପ୍ରବନ୍ଧଲେଖକ ।

**ପ୍ରାବଲ୍ୟ** *ବି.* ୧. ପ୍ରବଳତା, ଶକ୍ତି ବା କ୍ଷମତାର ଆଧିକ୍ୟ ୨. ଆଧିକ୍ୟ, ବହୁଳତା, ଅତିଶୟତା ।

**ପ୍ରାବୃଟ୍** *ବି.* ବର୍ଷାକାଳ, ବର୍ଷାଋତୁ ।

**ପ୍ରାଭାତିକ** *ବିଂ.* ପ୍ରଭାତ ସମୟ ସମ୍ବନ୍ଧିତ, ବଡ଼ିଭୋର ସମୟର, ସକାଳ ବେଳାର ।

**ପ୍ରାମାଣିକ** *ବିଂ.* ଉପାଦାନ ବା ତଥ୍ୟ ଆଧାରରେ ଯାହା ସିଦ୍ଧ ବା ଗ୍ରହଣୀୟ, ପ୍ରମାଣସିଦ୍ଧ ; *ବି.* ପ୍ରାମାଣିକତା ।

**ପ୍ରାୟ** *ଅ.* ୧. ସାଧାରଣତଃ, ମୁଖ୍ୟତଃ, ପ୍ରଧାନତଃ, ଅଧିକାଂଶ କ୍ଷେତ୍ରରେ ୨. ଅନୁମାନତଃ ୩. ମୋଟାମୋଟି ଭାବରେ ; *ବିଂ.* ୧. ଅଳ୍ପ, କମ୍ ୨. ପାଖାପାଖି ।

**ପ୍ରାୟତଃ** *କ୍ରି.ବିଂ. ଅ.* ପ୍ରାୟ ।

**ପ୍ରାୟଶଃ** ***କ୍ରି.ବିଂ.*** ୧. ପ୍ରାୟତଃ, ସାଧାରଣତଃ ୨. ଅଳ୍ପ ସମୟ ବ୍ୟବଧାନରେ ବାରମ୍ବାର ବା ଥରକୁ ଥର ୩. ଅଧିକାଂଶ କ୍ଷେତ୍ରରେ, ଅନେକ ସମୟରେ ।

**ପ୍ରାୟଶ୍ଚିତ୍ତ** ***ବି.*** ୧. ନିଜେ କରିଥିବା କୌଣସି କାମପାଇଁ ଅନୁଶୋଚନା, ମାନସିକ ଶୁଦ୍ଧତାବିଧାନ କ୍ରିୟା ୨. ନିଜର କୌଣସି ଭୁଲ୍ ପାଇଁ ନିଜ ଇଚ୍ଛାରେ ଗ୍ରହଣ କରି ନେଇଥିବା ଶାସ୍ତି ୩. ପାପର କ୍ଷାଳନ ପାଇଁ କରାଯିବା ଧର୍ମୀୟ ଅନୁଷ୍ଠାନ ।

**ପ୍ରାୟୋଗିକ** ***ବିଂ.*** ୧. କୌଣସି ତତ୍ତ୍ୱ ବା ବିଦ୍ୟାର ପ୍ରୟୋଗ ବା ବ୍ୟବହାର ସମ୍ପର୍କିତ, ପ୍ରାକ୍‌ଟିକାଲ ୨. ପରୀକ୍ଷାମୂଳକ ୩. ପ୍ରଯୁକ୍ତିବିଦ୍ୟା ସମ୍ପର୍କିତ ।

**ପ୍ରାୟୋଜକ** ***ବି.*** ପ୍ରଯୋଜକ, ଟିଭି ଧାରାବାହିକ ବା ବିଶେଷ କାର୍ଯ୍ୟକ୍ରମ, ଉତ୍ସବ ଆଦିରେ ଟଙ୍କା ଖଟାଇବା ବ୍ୟକ୍ତି ବା ସଂସ୍ଥା ।

**ପ୍ରାୟୋଜିତ** ***ବିଂ.*** ଯେଉଁ ଉତ୍ସବ କାର୍ଯ୍ୟକ୍ରମ, ଟିଭି ଧାରାବାହିକ ଆଦି କୌଣସି ବ୍ୟକ୍ତି ବା ସଂସ୍ଥାର ପୃଷ୍ଠପୋଷକତାରେ ଆୟୋଜିତ ହୋଇଥାଏ, ପ୍ରଯୋଜିତ ।

**ପ୍ରାୟୋଜିତ କାର୍ଯ୍ୟକ୍ରମ** ***ବି.*** ପ୍ରଯୋଜକ (ବ୍ୟକ୍ତି ବା ସଂସ୍ଥା)ର ଆର୍ଥିକ ପୃଷ୍ଠପୋଷକତାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ।

**ପ୍ରାୟୋପବିଷ୍ଟ** ***ବିଂ.*** ମରଣ କାମନା କରି କିଛି ନ ଖାଇ ବସିରହିଥିବା (ବ୍ୟକ୍ତି) ।

**ପ୍ରାରବ୍ଧ** ***ବିଂ.*** ୧. ପୂର୍ବଜନ୍ମରୁ ଲାଭ କରିଥିବା, ଅଦୃଷ୍ଟ, କୃତକର୍ମ ଉପାର୍ଜିତ ୨. ଯାହା ଆରମ୍ଭ ହୋଇଅଛି ।

**ପ୍ରାରବ୍ଧ କର୍ମ** ***ବି.*** ଯେଉଁ କର୍ମର ଫଳ ଦିନେ ନା ଦିନେ ଭୋଗ କରିବାକୁ ପଡ଼େ ।

**ପ୍ରାରମ୍ଭ** ***ବି.*** ଆରମ୍ଭ, ସୂତ୍ରପାତ, ଉପକ୍ରମ, ସୁରୁ ।

**ପ୍ରାରମ୍ଭିକ** ***ବିଂ.*** ଆରମ୍ଭକାଳୀନ, ପ୍ରାଥମିକ ।

**ପ୍ରାର୍ଥନା** ***ବି.*** ୧. ବିନୀତ ଅନୁରୋଧ, ଫଳଲାଭ ପାଇଁ ଗୁହାରି, ଯାଚନା ୨. ଆବେଦନ ୩. ଦେବଦେବୀଙ୍କୁ ମାଗୁଣି ୪. ଈଶ୍ୱର ବା ଦେବଦେବୀଙ୍କୁ ସ୍ତୁତି କରି ବା ମାଗୁଣି କରି ବୋଲା ହେବା ଗୀତ ।

**ପ୍ରାର୍ଥନାପତ୍ର** ***ବି.*** ଆବେଦନପତ୍ର, ଦରଖାସ୍ତ, ଅର୍ଜି ।

**ପ୍ରାର୍ଥନୀୟ** ***ବିଂ.*** ପ୍ରାର୍ଥନାର ଯୋଗ୍ୟ, ଅନୁରୋଧର ଯୋଗ୍ୟ ।

**ପ୍ରାର୍ଥୟିତା** ***ବି.ବିଂ.*** ଅନୁରୋଧକାରୀ, ପ୍ରାର୍ଥନାକାରୀ, ନିବେଦକ, ପ୍ରାର୍ଥୀ ।

**ପ୍ରାର୍ଥିତ** ***ବିଂ.*** ୧. ଯାହା ପାଖରେ ଅନୁରୋଧ କରାଯାଇଅଛି ୨. ଯାହାପାଇଁ ଗୁହାରି କରାଯାଇଅଛି ।

**ପ୍ରାର୍ଥୀ** ***ବି.*** ୧. ନିର୍ବାଚନ ଲଢୁଥିବା ବ୍ୟକ୍ତି ୨. ଚାକିରୀ ବା ଅନ୍ୟକିଛି ଚାହୁଁଥିବା ବ୍ୟକ୍ତି ୩. ବାଦୀ, ମୁଦେଇ ; ***ବିଂ.*** ପ୍ରାର୍ଥନା କରୁଥିବା, ଅନୁରୋଧକାରୀ, ନିବେଦକ ।

**ପ୍ରାଶନ** ***ବି.*** ଖାଇବା, ଆହାର, ଭୋଜନ ; ***ବିଂ.*** ପ୍ରାଶିତ ।

**ପ୍ରାଶ୍ନିକ** ***ବିଂ.*** ପ୍ରଶ୍ନକର୍ତ୍ତା, ପ୍ରଶ୍ନକାରୀ, ପ୍ରଶ୍ନ ପଚାରୁଥିବା ; ***ବି.*** ଯେଉଁ ବ୍ୟକ୍ତି ପରୀକ୍ଷା ପାଇଁ ପ୍ରଶ୍ନପତ୍ର ପ୍ରସ୍ତୁତ କରନ୍ତି ।

**ପ୍ରାସ** ***ବି.*** ୧. ପରାସ, ଦରଜ ୨. ବ୍ୟଥା, କଷ୍ଟ, ଯନ୍ତ୍ରଣା ।

**ପ୍ରାସଙ୍ଗ** ***ବି.*** ୧. ହଳ, ମଇ ଆଦି ଚାଷ କାର୍ଯ୍ୟରେ ଦୁଇଟି ବଳଦକୁ ଯୋଚିବା ପାଇଁ ବ୍ୟବହୃତ ହାଲୁକା ଯୁଆଳି ୨. ତରାଜୁର ଦଣ୍ଡି ବା ନିର୍ଦ୍ଦେଶକ କଣ୍ଟା, ପାସଙ୍ଗ ।

**ପ୍ରାସଙ୍ଗିକ** ***ବିଂ.*** ୧. ପ୍ରସଙ୍ଗ ସମ୍ପର୍କିତ, ବିଷୟ ବା ଘଟଣା ସହ ସମ୍ପର୍କଥିବା ୨. ସମୟ ଉପଯୋଗୀ ୩. ସ୍ୱାଭାବିକ ; ***ବି.*** ପ୍ରାସଙ୍ଗିକତା ।

**ପ୍ରାସାଦ** ***ବି.*** ୧. ବଡ଼କୋଠା, ଅଟ୍ଟାଳିକା ୨. ରାଜନଅର ।

**ପ୍ରିଚର୍** ***ବି.*** ୧. ଧର୍ମପ୍ରଚାରକ ୨. ପ୍ରବକ୍ତା, ପ୍ରବଚକ ।

**ପ୍ରିଜାଇଡିଙ୍ଗ୍ ଅଫିସର** ***ବି.*** ୧. ନିର୍ବାଚନ ବା ଭୋଟଗ୍ରହଣ ପରିଚାଳନାରେ ନିୟୋଜିତ ଅଧିକାରୀ ୨. ନ୍ୟାୟାଳୟ ପ୍ରଭୃତିରେ ଅଧିଷ୍ଠିତ ବିଚାରପତି, ପୀଠାସନ ଅଧିକାରୀ ।

**ପ୍ରିଟେଷ୍ଟ୍ ପରୀକ୍ଷା** ***ବି.*** ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀମାନଙ୍କର ପରୀକ୍ଷା ବିଶେଷ ।

**ପ୍ରି-ଡିଗ୍ରୀ** ***ବି.*** ଉଚ୍ଚଶିକ୍ଷାନୁଷ୍ଠାନରେ ଡିଗ୍ରୀ ବା ସ୍ନାତକ ଶ୍ରେଣୀ ପାଠ୍ୟକ୍ରମର ପ୍ରାରମ୍ଭିକ ବର୍ଷ ।

**ପ୍ରିଣ୍ଟ୍ ମିଡ଼ିଆ** ***ବି.*** ଖବରକାଗଜ, ପତ୍ରିକା ପ୍ରଭୃତି ମୁଦ୍ରିତ ସାମଗ୍ରୀ ବ୍ୟବହାର କରୁଥିବା ଗଣମାଧ୍ୟମ ।

**ପ୍ରିଣ୍ଟର** ***ବି.*** ୧. ମୁଦ୍ରଣଯନ୍ତ୍ରର ମାଲିକ ବା ତତ୍ତ୍ୱାବଧାରକ, ମୁଦ୍ରାକର, ବହି ଛାପୁଥିବା ବ୍ୟକ୍ତି ୨. ଛାପା ଯନ୍ତ୍ର, ମୁଦ୍ରଣଯନ୍ତ୍ର, ମୁଦ୍ରିତ୍ର ।

**ପ୍ରିଣ୍ଟିଙ୍ଗ୍** *ବି.* ୧. ଛାପାଖାନାରେ ମୁଦ୍ରଣ ୨. ବହି ଓ ପତ୍ରପତ୍ରିକା ଆଦିର ଛପାକାର୍ଯ୍ୟ ।

**ପ୍ରିଣ୍ଟିଙ୍ଗ୍ ପ୍ରେସ୍** *ବି.* ଯେଉଁ ସ୍ଥାନରେ ଛାପାକାର୍ଯ୍ୟ ହୁଏ, ମୁଦ୍ରଣାଳୟ, ଛାପାଖାନା ।

**ପ୍ରିଣ୍ଟିଙ୍ଗ୍ ମେସିନ୍** *ବି.* ଯେଉଁ ଯନ୍ତ୍ରଦ୍ୱାରା କାଗଜରେ ମୁଦ୍ରଣ କାର୍ଯ୍ୟ ସମ୍ପାଦିତ ହୁଏ, ଛାପାଯନ୍ତ୍ର ।

**ପ୍ରିନ୍‌ସିପାଲ** *ବି.* ୧. କଲେଜର ଅଧ୍ୟକ୍ଷ ୨. ସ୍କୁଲ ଆଦିର ପ୍ରଧାନଶିକ୍ଷକ ୩. ମୂଳଜମା, ଅସଲ (ଧାନ, ଟଙ୍କା) ; *ବିଂ.* ପ୍ରଧାନ ।

**ପ୍ରିଲିମିନାରି** *ବିଂ.* ପ୍ରାଥମିକ, ପ୍ରାରମ୍ଭିକ ; *ବି.* ପ୍ରାରମ୍ଭିକ ବଛାବଛି ପରୀକ୍ଷା ।

**ପ୍ରିନ୍‌ସିପ୍‌ଲ୍** *ବି.* ୧. ନୀତି ୨. ବିଚାରଧାରା ।

**ପ୍ରିନ୍‌ସିପାଲ୍ ସେକ୍ରେଟାରୀ** *ବି.* ସଚିବାଳୟରେ ସରକାରଙ୍କ କୌଣସି ବିଭାଗର ଉଚ୍ଚତମ ଅଧିକାରୀ, ପ୍ରମୁଖ ସଚିବ ।

**ପ୍ରିଭି କାଉନସିଲ** *ବି.* ସମ୍ରାଟଙ୍କ ଶାସନ ଓ ବିଚାର କାର୍ଯ୍ୟରେ ସାହାଯ୍ୟ କରୁଥିବା ବିଶିଷ୍ଟ ବ୍ୟକ୍ତିମାନଙ୍କର ସଭା( *ବିଶେ ଇଂଲଣ୍ଡରେ* ) ।

**ପ୍ରିମିୟମ** *ବି.* ୧. ବୀମାକିସ୍ତି ୨. ଅଧିମୂଲ୍ୟ, ନିମ୍ନତମ ମୂଲ୍ୟ ।

**ପ୍ରିୟ** *ବିଂ.* ୧. ଭଲ ପାଉଥିବା, ପ୍ରେମାସ୍ପଦ, ପ୍ରେମ କରୁଥିବା, ପ୍ରୀତି ଭାଜନ, ସ୍ନେହର ପାତ୍ର ୨. କାମ୍ୟ, ଇଚ୍ଛାକରୁଥିବା ; *ବି.* ପ୍ରେମିକ, ଭଲ ପାଉଥିବା ବ୍ୟକ୍ତି, ସ୍ୱାମୀ ବା ବନ୍ଧୁ ।

**ପ୍ରିୟଙ୍କର** *ବିଂ.* ୧. ପ୍ରିୟକାର୍ଯ୍ୟ କରୁଥିବା, ଉପକାରୀ ୨. ଶୁଭଙ୍କର, ମଙ୍ଗଳକର, ମଙ୍ଗଳପ୍ରଦ ।

**ପ୍ରିୟଙ୍ଗୁ** *ବି.* ଔଷଧ ତିଆରିରେ ବ୍ୟବହୃତ ସୁବାସିତ ଲତା ବିଶେଷ, ଶୁଆଁଲଇ, ପିପ୍ପଳୀ ।

**ପ୍ରିୟତମ** *ବିଂ.* ୧. ଅଧିକତମ ପ୍ରିୟ, ସବୁଠୁ ଅଧିକ ପ୍ରିୟ (ବ୍ୟକ୍ତି), ଭଲ ପାଉଥିବା ୨. ପ୍ରେମିକ, ସ୍ୱାମୀ ; *ବି.* ଯେଉଁ ବ୍ୟକ୍ତିକୁ ଜଣେ ସବୁଠୁ ଅଧିକ ଭଲପାଏ ।

**ପ୍ରିୟଦର୍ଶନ** *ବିଂ.* ସୁନ୍ଦର, ରମ୍ୟ, ସୁଦର୍ଶନ ।

**ପ୍ରିୟଦର୍ଶୀ** *ବିଂ.ବି.* ସମସ୍ତଙ୍କୁ ଭଲପାଉଥିବା, ସକଳଙ୍କୁ ସମାନ ଭାବରେ ପ୍ରିୟଚକ୍ଷୁରେ ଦେଖୁଥିବା, ମାନବପ୍ରେମୀ ।

**ପ୍ରିୟପାତ୍ର** *ବି.* ସ୍ନେହଭାଜନ, ପ୍ରୀତିଭାଜନ (ବ୍ୟକ୍ତି) ।

**ପ୍ରିୟବଚନ** *ବି.* ମିଠାକଥା, ମଧୁରବାକ୍ୟ ।

**ପ୍ରିୟବାଦୀ** *ବିଂ.* ୧. ମିଠାକଥା କହୁଥିବା ୨. ପ୍ରିୟଭାଷୀ ; *ସ୍ତ୍ରୀ.* ପ୍ରିୟବାଦିନୀ ।

**ପ୍ରିୟଭାଷୀ** *ବିଂ.ବି.* ମିଠାକଥା କହୁଥିବା, ପ୍ରିୟବାଦୀ (ବ୍ୟକ୍ତି) ।

**ପ୍ରିୟମ୍ବଦ** *ବିଂ.* ପ୍ରିୟବାଦୀ, ମିଠାକଥା କହୁଥିବା, କଥାରେ ମନ ମୋହିନେଉଥିବା ।

**ପ୍ରିୟମ୍ବଦା** *ବିଂ.* ୧. ମିଠାକଥା କହି ନିଜର କରି ନେଉଥିବା ନାରୀ ୨. ବାରଅକ୍ଷର ଥିବା ଛନ୍ଦବିଶେଷ ।

**ପ୍ରିୟା** *ବି.* ୧. ଭଲ ପାଉଥିବା ନାରୀ, ପ୍ରଣୟିନୀ ୨. ମଲ୍ଲୀ ୩. ଭାର୍ଯ୍ୟା ।

**ପ୍ରୀତ** *ବିଂ.* ୧. ଆନନ୍ଦିତ, ଖୁସୀ ୨. ସନ୍ତୁଷ୍ଟ ୩. ତୃପ୍ତ ।

**ପ୍ରୀତି** *ବି.* ୧. ଅନୁରାଗ, ସ୍ନେହ, ସନ୍ତୋଷ ୨. ପ୍ରେମ, ଭଲପାଇବା ୩. ସଦ୍‌ଭାବ, ବନ୍ଧୁତ୍ୱପୂର୍ଣ୍ଣଭାବ, ବନ୍ଧୁଭାବ ।

**ପ୍ରୀତିଆ** *ବିଂ.* ପ୍ରେମିକ, ଭଲ ପାଉଥିବା ।

**ପ୍ରୀତି ଉପହାର** *ବି.* ବିଶେଷ ସମୟ ବା ଉତ୍ସବ ବେଳେ ସଦ୍‌ଭାବ ପ୍ରଦର୍ଶନ ପାଇଁ ଔପଚାରିକ ଭେଟି ।

**ପ୍ରୀତିକର, ପ୍ରୀତିପ୍ରଦ** *ବିଂ.* ଆନନ୍ଦଦାୟକ, ସନ୍ତୋଷବିଧାୟକ, ସୁଖକର ।

**ପ୍ରୀତିବର୍ଦ୍ଧକ** *ବିଂ.* ୧. ପ୍ରେମଭାବ ବଢ଼ାଉଥିବା, ତୃପ୍ତିଦାୟକ ୨. ଆନନ୍ଦ ଦେଉଥିବା ; *ବି.* ପ୍ରୀତିବର୍ଦ୍ଧନ ।

**ପ୍ରୀତିଭାଜନ** *ବିଂ.* ପ୍ରେମର ଯୋଗ୍ୟ, ପ୍ରେମାସ୍ପଦ, ଭଲ ପାଇବାର ଯୋଗ୍ୟ ।

**ପ୍ରୀତିଭୋଜନ** *ବି.* ବନ୍ଧୁମିଳନ ଉପଲକ୍ଷେ ବା କୌଣସି ବିଶେଷ ଉଦ୍ଦେଶ୍ୟରେ ଆୟୋଜିତ ଭୋଜିଭାତ ।

**ପ୍ରୀତିସମ୍ଭାଷଣ** *ବି.* ବନ୍ଧୁତ୍ୱପୂର୍ଣ୍ଣ ବା ପ୍ରେମଭାବପୂର୍ଣ୍ଣ ଆଳାପ ବା କଥୋପକଥନ ।

**ପ୍ରୀତିସୂଚକ** *ବିଂ.* ଯାହା ପ୍ରେମଭାବ/ଭଲ ପାଇବାର ସୂଚନା ଦିଏ ।

**ପ୍ରୁଫ୍** *ବି.* ୧. ଛାପାପୂର୍ବରୁ ସଂଶୋଧନ ପାଇଁ ଉଦ୍ଦିଷ୍ଟ ସାମଗ୍ରୀ, ସଂଶୋଧନପତ୍ର ୨. ପ୍ରମାଣ ।

**ପ୍ରୁଫରିଡ଼ର୍** *ବି.* କୌଣସି ବିଷୟର ଛପା ଆଗରୁ ରହିଯାଇଥିବା ମୁଦ୍ରଣ ପ୍ରମାଦର ସଂଶୋଧନ କରୁଥିବା ବ୍ୟକ୍ତି, ପ୍ରୁଫ୍ ସଂଶୋଧକ ।

**ପ୍ରୁଫ୍‌ରିଡିଙ୍ଗ୍** *ବି.* କୌଣସି ବିଷୟର ମୁଦ୍ରଣ ବା ଛାପା ପୂର୍ବରୁ ଖଞ୍ଜା ଅକ୍ଷରରେ ବା ଛାପା ଲେଖାରେ ଥିବା ତ୍ରୁଟିର ସଂଶୋଧନ କାର୍ଯ୍ୟ, ପ୍ରୁଫ୍ ସଂଶୋଧନ ।

**ପ୍ରେତ** *ବି.* ୧. ମୃତବ୍ୟକ୍ତି ବା ଜୀବର ଅମୋକ୍ଷ ଆତ୍ମା ୨. ଭୂତ, ପିଶାଚ ୩. ଶବ ।

**ପ୍ରେତକର୍ମ, ପ୍ରେତକ୍ରିୟା** *ବି.* ମରିଯାଇଥିବା ବ୍ୟକ୍ତିର ମୁକ୍ତି ଉଦ୍ଦେଶ୍ୟରେ ଆଚରିତ ଶୁଦ୍ଧିକର୍ମ, ଅନ୍ତ୍ୟେଷ୍ଟିକ୍ରିୟା ।

**ପ୍ରେତଗୃହ *ବି.*** ୧. ମଶାଣି ୨. କବରସ୍ଥାନ ୩. ଶବାଗାର ।

**ପ୍ରେତତର୍ପଣ *ବି.*** ପ୍ରେତକର୍ମ ସମ୍ପାଦନ ବେଳେ ଆତ୍ମାର ତୃପ୍ତି ଉଦ୍ଦେଶ୍ୟରେ ଅର୍ପିତ ଜଳଦାନ ।

**ପ୍ରେତନଦୀ *ବି.*** ବୈତରଣୀ, କଳ୍ପିତ ଯମପୁର ନିକଟସ୍ଥ ନଇ ।

**ପ୍ରେତପତି *ବି.*** ଯମ, ମୃତ୍ୟୁର ଦେବତା ।

**ପ୍ରେତପକ୍ଷ *ବି.*** ପିତୃପକ୍ଷ, ଅଶିଣ ମାସର କୃଷ୍ଣପକ୍ଷ ।

**ପ୍ରେତପୁର *ବି.*** ଯମାଳୟ, ଯମପୁର, ମୃତ୍ୟୁଦେବତାଙ୍କ ଆଳୟ ।

**ପ୍ରେତଭୂମି *ବି.*** ମଶାଣି, ଶବ ପୋଡ଼ାଯାଉଥିବା ସ୍ଥାନ ।

**ପ୍ରେତମୂର୍ତ୍ତି *ବି.*** ୧. ଭୟଙ୍କର ଦିଶୁଥିବା ପ୍ରତିମା ୨. ମୃତବ୍ୟକ୍ତି ପାଇଁ ଶୁଦ୍ଧକାର୍ଯ୍ୟ ସମାପନ ହେଉଥିବା ନଦୀ ବା ଜଳାଶୟର ତୁଠରେ କାଦୁଅରେ ତିଆରି ଏକ ପ୍ରତିମା- ଯାହା ଭିତରେ ମୃତଲୋକର ହାଡ଼ ପୋତାଯାଇଥାଏ ।

**ପ୍ରେତଲୋକ *ବି.*** ଯମାଳୟ, ପ୍ରେତପୁର, ପ୍ରେତମାନଙ୍କର ବିଚରଣ ଭୂମି ।

**ପ୍ରେତହାର *ବି.*** ୧. ମଡାକଢ଼ା ଆତ୍ମୀୟ ୨. ଶବବାହକ ।

**ପ୍ରେତାତ୍ମା *ବି.*** ମୃତବ୍ୟକ୍ତିର କଥିତ ଅତୃପ୍ତ ଆତ୍ମା ।

**ପ୍ରେତିଣୀ, ପ୍ରେତିନୀ *ବି.*** ୧. ପେତିନୀ, ପ୍ରେତଯୋନିଧାରିଣୀ ନାରୀ ୨. ନାରୀର ଅତୃପ୍ତ ଆତ୍ମା ୩. ଭୟଙ୍କର ବା ଅସୁନ୍ଦରୀ ନାରୀ ।

**ପ୍ରେମ *ବି.*** ୧. ଭଲପାଇବା, ଅନୁରାଗ ୨. ଆନ୍ତରିକତା, ଆତ୍ମୀୟତା ୩. ବନ୍ଧୁତା ।

**ପ୍ରେମଡୋରି *ବି.*** ପ୍ରେମର ଆକର୍ଷଣ, ପ୍ରେମିକ ବା ପ୍ରେମିକାର ଆକର୍ଷଣ, ଭଲ ପାଇବାର ନିବିଡ଼ତା, ପ୍ରେମପାଶ ।

**ପ୍ରେମପାଗଳ *ବିଂ.*** କାହାରି ପ୍ରେମରେ ହିତାହିତ ଜ୍ଞାନ ହରାଇଥିବା, ଭଲ ପାଇବାରେ ଅନ୍ଧ ହୋଇଯାଇଥିବା, ପ୍ରେମବାତୁଳ ।

**ପ୍ରେମପାତ୍ର *ବି.*** ୧. ଯାହାକୁ ପ୍ରେମ କରାଯାଏ ୨. ଭଲ ପାଇବାର ଯୋଗ୍ୟ ।

**ପ୍ରେମପାଶ *ବି.*** ପ୍ରେମଡୋରି ।

**ପ୍ରେମବନ୍ଧନ *ବି.*** ପରସ୍ପର ପ୍ରେମଯୋଗୁଁ ବାନ୍ଧିହେବା, ପ୍ରେମପାଶ, ପ୍ରେମର ନିବିଡ଼ତା ।

**ପ୍ରେମାଳାପ *ବି.*** ପ୍ରୀତିପୂର୍ଣ୍ଣ କଥୋପକଥନ, ସ୍ନେହାଳାପ, ମଧୁର କଥାବାର୍ତ୍ତା ।

**ପ୍ରେମାଶ୍ରୁ *ବି.*** ଭଲପାଇବାର ଆବେଗରୁ ଝରିବା ଲୁହ ।

**ପ୍ରେମିକ *ବିଂ.ବି.*** ୧. ପ୍ରେମକରୁଥିବା, ଭଲପାଉଥିବା, ପ୍ରେମରେ ପଡ଼ିଥିବା, ନିଜର କରିଥିବା (ବ୍ୟକ୍ତି) ୨. ସ୍ନେହୀ, ଅନୁରାଗୀ ।

**ପ୍ରେମିକା *ବି.*** ଭଲପାଉଥିବା ନାରୀ ।

**ପ୍ରେୟ *ବିଂ.*** ୧. ନିକଟତମ, ନିଜର ୨. ଯୋଗ୍ୟ ୩. ଗ୍ରହୀତବ୍ୟ ।

**ପ୍ରେୟାର୍ *ବି.*** ୧. ପ୍ରାର୍ଥନା, ମାଗୁଣି ୨. ନିବେଦନ, କିଛି ପାଇବା ପାଇଁ ଆବେଦନ ।

**ପ୍ରେୟାର କ୍ଲାସ୍ *ବି.*** ଶିକ୍ଷାନୁଷ୍ଠାନରେ ସମୂହ ପ୍ରାର୍ଥନା ନିମନ୍ତେ ଉଦ୍ଦିଷ୍ଟ ଅବଧି ବା ସମୟ, ପ୍ରାର୍ଥନା କ୍ଲାସ / ପିରିଅଡ୍ ।

**ପ୍ରେରକ *ବିଂ.ବି.*** ପଠାଉଥିବା ବ୍ୟକ୍ତି, ଯେ ପଠାଏ ।

**ପ୍ରେରଣ *ବି.*** ୧. ପଠାଇବା ୨. ନିୟୋଜନ ୩. ଆଜ୍ଞାକରଣ ।

**ପ୍ରେରଣା *ବି.*** ୧. ପ୍ରବର୍ତ୍ତନା ୨. ପ୍ରଚୋଦନା, ପ୍ରୋତ୍ସାହନ ୩. ଉତ୍ସାହଦାନ ।

**ପ୍ରେରିତ *ବିଂ.*** ୧. ପଠାଯାଇଥିବା ୨. ନିଯୁକ୍ତ ।

**ପ୍ରେରିବା *କ୍ରି.*** ୧. ପଠାଇବା ୨. କାର୍ଯ୍ୟ ସମ୍ପାଦନପାଇଁ ନିଯୁକ୍ତ କରିବା ।

**ପ୍ରେଷକ *ବିଂ.*** ପ୍ରେରକ, ପଠାଉଥିବା (ବ୍ୟକ୍ତି) ।

**ପ୍ରେଷିତ *ବିଂ.*** ପ୍ରେରିତ ।

**ପ୍ରେଷ୍ଟିଜ୍ *ବି.*** ମର୍ଯ୍ୟାଦା, ସମ୍ମାନବୋଧ ।

**ପ୍ରେସ୍ *ବି.*** ୧. ଛାପାଖାନା, ମୁଦ୍ରଣାଳୟ ୨. ଚାପ ୩. ସମ୍ବାଦପତ୍ର ବା ସମ୍ବାଦ ସଂସ୍ଥା ।

**ପ୍ରେସ୍ ଅପରେଟର, ପ୍ରେସ୍‌ମ୍ୟାନ *ବି.*** ଛାପାଖାନା ଚାଳକ ।

**ପ୍ରେସ୍‌କପି *ବି.*** ୧. ଛାପାହେବା ପାଇଁ ଭଲ ହସ୍ତାକ୍ଷରରେ ଲିଖିତ ଲେଖା ୨. ଛାପା ହୋଇଥିବା ରଚନାର ଯେଉଁ କପି ପ୍ରେସ୍‌ରେ ରଖାଯାଇଥାଏ ।

**ପ୍ରେସ୍‌କ୍ରିପ୍‌ସନ୍ *ବି.*** ବ୍ୟବସ୍ଥାପତ୍ର, ଡାକ୍ତର ରୋଗୀକୁ ଲେଖି ଦେଉଥିବା ଔଷଧର ଚିଠା ।

**ପ୍ରେସ୍ କ୍ଲବ୍ *ବି.*** ସାମ୍ବାଦିକମାନଙ୍କ ଅବସର ବିନୋଦନ ତଥା ଅନ୍ୟାନ୍ୟ କାର୍ଯ୍ୟକ୍ରମ ପାଇଁ ଉଦ୍ଦିଷ୍ଟ ଅନୁଷ୍ଠାନ ବା ସ୍ଥାନ ।

**ପ୍ରେସ୍‌ନୋଟ୍ *ବି.*** ପ୍ରେସ୍‌ବିଜ୍ଞପ୍ତି, ଜନସାଧାରଣଙ୍କୁ ଜଣାଇବା ନିମନ୍ତେ ସରକାର ବା କୌଣସି ସଂସ୍ଥା ବା ସଙ୍ଗଠନ ସାମ୍ବାଦିକମାନଙ୍କୁ ଦେବା ବିବରଣୀ ବା ସୂଚନା, ପ୍ରେସ ଇସ୍ତାହାର ।

**ପ୍ରେସ୍‌ବିଜ୍ଞପ୍ତି *ବି.*** ପ୍ରେସ୍‌ନୋଟ୍ ।

**ପ୍ରେସ୍ ରିପୋର୍ଟର** ***ବି.*** ସାମ୍ବାଦିକ, କୌଣସି ସମ୍ବାଦପତ୍ରକୁ ସମ୍ବାଦ ଯୋଗାଉଥିବା ସ୍ୱୀକୃତିପ୍ରାପ୍ତ ବ୍ୟକ୍ତି ।

**ପ୍ରେସର୍** ***ବି.*** ୧. ଚାପ, ଚାପ ପ୍ରୟୋଗ ୨. ରକ୍ତଚାପ, ବ୍ଲଡପ୍ରେସର ୩. ବ୍ୟକ୍ତିର ରକ୍ତଚାପର ପରିମାଣ ।

**ପ୍ରେସର୍ କୁକର୍** ***ବି.*** ବାଷ୍ପୀୟ ଶକ୍ତିର ଚାପରେ ଶୀଘ୍ର ଖାଦ୍ୟ ପଦାର୍ଥ ସିଝାଇବା ଉପକରଣ ।

**ପ୍ରେସର୍ ଗ୍ରୁପ୍** ***ବି.*** ଦାବି ବା କାର୍ଯ୍ୟହାସଲ ପାଇଁ କର୍ତ୍ତୃପକ୍ଷଙ୍କ ଉପରେ ଚାପ ପକାଉଥିବା ଶକ୍ତିଶାଳୀ ଗୋଷ୍ଠୀ ।

**ପ୍ରେସି** ***ବି.*** କୌଣସି ଦୀର୍ଘ ଲେଖାର ସଂକ୍ଷିପ୍ତାୟନ ।

**ପ୍ରେସିଡେଣ୍ଟ୍** ***ବି.*** ୧. ସଭାପତି, ଅଧ୍ୟକ୍ଷ ୨. ସଭା, ଅନୁଷ୍ଠାନ, ସଂସ୍ଥା ପ୍ରଭୃତିର ସଭାପତି ବା ମୁଖ୍ୟ ପରିଚାଳକ ୨. ରାଷ୍ଟ୍ରପତି, ଦେଶର ସାମ୍ବିଧାନିକ, ଶାସନମୁଖ୍ୟ ।

**ପ୍ରେକ୍ଷକ** ***ବିଂ. ବି.*** ଦେଖୁଥିବା, ଦର୍ଶକ, ପରିଦର୍ଶକ ।

**ପ୍ରେକ୍ଷଣ** ***ବି.*** ଦେଖିବା, ଦର୍ଶନ ।

**ପ୍ରେକ୍ଷା** ***ବି.*** ୧. ସମ୍ୟକ ଦୃଷ୍ଟି ୨. ନୃତ୍ୟ ବା ନାଟକାଦି ଦେଖିବା ।

**ପ୍ରେକ୍ଷାଗାର** ***ବି.*** ୧. ଅଭିନୟ ସ୍ଥଳ, ରଙ୍ଗଭୂମି, ରଙ୍ଗମଞ୍ଚ ୨. ପ୍ରେକ୍ଷାଗୃହ, ପ୍ରେକ୍ଷାଳୟ, ଅଡ଼ିଟୋରିଅମ୍ ।

**ପ୍ରେକ୍ଷାଗୃହ** ***ବି.*** ସଭା, ସାଂସ୍କୃତିକ କାର୍ଯ୍ୟକ୍ରମ, ନାଟକ, ଚଳଚ୍ଚିତ୍ର ପ୍ରଭୃତି ପ୍ରଦର୍ଶନ ଏବଂ ବହୁ ଦର୍ଶକ ବସିବା ପାଇଁ ସୁବିଧା ଥିବା ଘର, ପ୍ରେକ୍ଷାଳୟ, ଅଡିଟୋରିଅମ ।

**ପ୍ରେକ୍ଷାପଟ** ***ବି.*** ରଙ୍ଗମଞ୍ଚରେ ବ୍ୟବହୃତ ପରଦା ।

**ପ୍ରେକ୍ଷାଳୟ** ***ବି.*** ପ୍ରେକ୍ଷାଗୃହ ।

**ପ୍ରେକ୍ଷୀ** ***ବି.*** ଦେଖଣାହାରୀ ; ***ବିଂ.*** ପ୍ରେକ୍ଷଣୀୟ, ଦର୍ଶନୀୟ ।

**ପ୍ରୋକ୍ତ** ***ବିଂ.*** ପୂର୍ବରୁ କୁହାଯାଇଥିବା, ଆଗରୁ କଥିତ ବା ଉଚ୍ଚାରିତ ।

**ପ୍ରୋଗ୍ରାମ୍** ***ବି.*** ୧. କାର୍ଯ୍ୟକ୍ରମ, କାର୍ଯ୍ୟନିର୍ଘଣ୍ଟ ୨. କୌଣସି କାର୍ଯ୍ୟକ୍ରମ ଆୟୋଜନର ସ୍ଥାନ, ସମୟ ଓ ଆଭିମୁଖ୍ୟ ସଂକ୍ରାନ୍ତ ସୂଚନାଓ ସେହିଭଳି ସୂଚକପତ୍ର, କାର୍ଯ୍ୟକ୍ରମ ଅନୁସୂଚୀ ।

**ପ୍ରୋଗ୍ରେସ୍** ***ବି.*** ୧. ଅଗ୍ରଗତି ୨. ପାଠ୍ୟକ୍ରମ ବା ଯେ କୌଣସି କାର୍ଯ୍ୟର ଅଗ୍ରଗତି ୩. ପ୍ରଗତି ।

**ପ୍ରୋଗ୍ରେସ୍ କାର୍ଡ୍** ***ବି.*** ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀମାନଙ୍କ ପାଠପଢ଼ା, ପରୀକ୍ଷାଆଦିର ବିବରଣୀ ଥିବା ପତ୍ର, ପ୍ରଗତିପତ୍ର ।

**ପ୍ରୋଗ୍ରେସ୍ ରିପୋର୍ଟ** ***ବି.*** ପାଠପଢ଼ା କାର୍ଯ୍ୟ ଆଦିର ଅଗ୍ରଗତି ସଂକ୍ରାନ୍ତ ବିବରଣୀ, ପ୍ରଗତି ବିବରଣ ।

**ପ୍ରୋଜେକ୍ଟ** ***ବି.*** ୧. ପ୍ରକଳ୍ପ, ପରିଯୋଜନା, କରିବାପାଇଁ ଥିବା ବିଶେଷ କାର୍ଯ୍ୟ ୨. କୌଣସି ବିଶେଷ କାର୍ଯ୍ୟ ସମ୍ପାଦନର ରୂପରେଖ ।

**ପ୍ରୋଜେକ୍ଟର୍** ***ବି.*** ଚିତ୍ରକୁ ବଡ଼ ଆକାରରେ ଅନେକଙ୍କ ଆଗରେ ଦେଖାଇବା ଯନ୍ତ୍ର, ପ୍ରକ୍ଷେପକ ।

**ପ୍ରୋଟିନ୍** ***ବି.*** ପୁଷ୍ଟିସାର, ଖାଦ୍ୟରେ ଥିବା ପୁଷ୍ଟିକର ଅଂଶ- ଯାହା ଶରୀର ଗଠନରେ ସାହାଯ୍ୟ କରେ ।

**ପ୍ରୋଟେଷ୍ଟ୍** ***ବି.*** ଅନ୍ୟର କାର୍ଯ୍ୟ ବା ସିଦ୍ଧାନ୍ତ ବିରୋଧରେ ପ୍ରତିବାଦ ବା ଆପତ୍ତି ।

**ପ୍ରୋଟେଷ୍ଟାଣ୍ଟ୍** ***ବି.*** ଷୋଡ଼ଶ ଶତାବ୍ଦୀରେ ସଂସ୍କାର ଯୁଗରେ ମାର୍ଟିନ୍ ଲୁଥରଙ୍କ ନେତୃତ୍ୱରେ ସଙ୍ଗଠିତ ଖ୍ରୀଷ୍ଟଧର୍ମର କ୍ୟାଥଲିକ ବିଚାରଧାରାର ବିରୋଧୀ ଏକ ଧର୍ମୀୟ ଗୋଷ୍ଠୀ ।

**ପ୍ରୋଟ୍ରାକ୍ଟର୍** ***ବି.*** କ୍ଷେତ୍ରର କୋଣ, ବାହୁ ଆଦି ମାପିବା ପାଇଁ ବ୍ୟବହୃତ ତିନିକୋଣିଆ ଉପକରଣ ।

**ପ୍ରୋତ୍‌ଥିତ** ***ବିଂ.*** ୧. ମାଟିରେ ପୋତାଯାଇ ଦିଶୁଥିବା ୨. ଭଲ ଭାବରେ ବାହାରକୁ ଦିଶୁନଥିବା ।

**ପ୍ରୋତ୍ସାହ** ***ବି.*** ଆଗ୍ରହ, ପ୍ରବଳଉତ୍ସାହ ; ***ବିଂ.*** ପ୍ରୋତ୍ସାହୀ ।

**ପ୍ରୋତ୍ସାହକ** ***ବିଂ.*** ଉତ୍ସାହ ଦେଉଥିବା, ଆଗ୍ରହ ସୃଷ୍ଟିକାରୀ ।

**ପ୍ରୋତ୍ସାହନ** ***ବି.*** କୌଣସି କାର୍ଯ୍ୟ କରିବା ପାଇଁ ଅନ୍ୟ ଭିତରେ ଆଗ୍ରହ ସୃଷ୍ଟି ।

**ପ୍ରୋନ୍ନତି** ***ବି.*** ଚାକିରୀରେ ପଦୋନ୍ନତି, ପ୍ରମୋସନ୍ ।

**ପ୍ରୋପାଗଣ୍ଡା** ***ବି.*** ପ୍ରଚାର, ମତପ୍ରଚାର ।

**ପ୍ରୋପ୍ରାଇଟର୍** ***ବି.*** ସ୍ୱତ୍ୱାଧିକାରୀ, ମାଲିକ ।

**ପ୍ରୋଫର୍ମା** ***ବି.*** ଦରଖାସ୍ତ, ଆତ୍ମପରିଚିତ ଆଦିର ବିବରଣୀ ଫର୍ଦ୍ଦ, ପ୍ରରୂପ ।

**ପ୍ରୋଭିଜନ୍** ***ବି.*** ୧. ବ୍ୟବସ୍ଥା ୨. ବିଧି ।

**ପ୍ରୋଭିଜନ୍ ଷ୍ଟୋର୍** ***ବି.*** ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ବିକ୍ରୀ ହେଉଥିବା ଦୋକାନ ।

**ପ୍ରୋଭିଜନାଲ୍** ***ବିଂ.*** ୧. କାମଚଳା ୨. ଅଳ୍ପକାଳୀନ, ଅସ୍ଥାୟୀ ଯାହା ସ୍ଥାୟୀ ବା ଅନ୍ତିମ ନୁହେଁ ।

**ପ୍ରୋରୋଗ୍** ***ବି.*** ନିର୍ବାଚିତ ପ୍ରତିନିଧିମାନଙ୍କୁ ନେଇ ଗଠିତ ସଭା ସାମୟିକ ସ୍ଥଗିତ ରହିବା ନିଷ୍ପତ୍ତି, ସତ୍ରାବସାନ, ସ୍ଥଗିତକରଣ ।

**ପ୍ରୋଷିତ** ***ବିଂ.*** ୧. ବିଦେଶ ଯାଇଥିବା ୨. ଉପାର୍ଜନ ପାଇଁ ଘର ଛାଡ଼ିଥିବା ୩. ପ୍ରବାସୀ ।

**ପ୍ରୋଷିତପତିକା, ପ୍ରୋଷିତଭର୍ତ୍ତୃକା *ବି.*** ବିଦେଶରେ ରହୁଥିବା ସ୍ୱାମୀଙ୍କ ବିରହରେ ବିଧୁରା ବା ଅଧୀରା ନାରୀ ।

**ପ୍ରୋସିନିୟମ *ବି.*** ତିନିପାଖ ବନ୍ଦ ଥାଇ ଗୋଟିଏ ପାଖ ସର୍ବସାଧାରଣ ଦର୍ଶକଙ୍କ ଆଡ଼କୁ ଖୋଲାଥିବା ଏକମୁଖୀ ମଞ୍ଚ ।

**ପ୍ରୌଢ଼ *ବିଂ.*** ୧. ମଧ୍ୟବୟସ୍କ ପୁରୁଷ, ଦରବୁଢ଼ା ୨. ପ୍ରବୀଣ, *ସ୍ତ୍ରୀ.* ପ୍ରୌଢ଼ା ।

**ପ୍ରୌଢ଼ି *ବି.*** ବଡ଼ିମା, ଅଯଥା ଗର୍ବ, ଅହଂକାର, ବଡ଼େଇ, ଫୁଟାଣି, ଅଭିମାନ, ବାହାଦୁରି ।

**ପ୍ଲଟ୍ *ବି.*** ୧. ନାଟକ, ଉପନ୍ୟାସ, କାବ୍ୟ ଆଦିର କଥାବସ୍ତୁ, କାହାଣୀ ସଂରଚନାର ଘଟଣାକ୍ରମ ୨. କାର୍ଯ୍ୟ ହାସଲପାଇଁ ଚକ୍ରାନ୍ତ ୩. କିଆରି ୪. ଜମିର ଅଂଶ ବା ଖଣ୍ଡ ।

**ପ୍ଲଟିଙ୍ଗ *ବି.*** ବଡ ଜାଗାକୁ ଘରବାଡ଼ି ତିଆରି ଉଦ୍ଦେଶ୍ୟରେ କରାଯିବା ଛୋଟ ଛୋଟ ଭାଗ ।

**ପ୍ଲବ *ବି.*** ୧. ଡ଼ିଆଁ, ଲମ୍ଫ ୨. ପହଁରା, ସନ୍ତରଣ ୩. ଭେଳା ୪. ଜଳଚର ପକ୍ଷୀବିଶେଷ ; ***ବିଂ.*** ନୁଆଁଣିଆ ।

**ପ୍ଲବଙ୍ଗମ *ବି.*** ଡେଉଁଥିବା ଜନ୍ତୁ, ମାଙ୍କଡ଼ ।

**ପ୍ଲବତା *ବି.*** ୧. ଭାସି ରହିବାର କ୍ଷମତା ବା ଗୁଣ ୨. ଭୂମିର କ୍ରମନିମ୍ନତା ବା ଗଡାଣି ।

**ପ୍ଲବମାନ *ବିଂ.*** ୧. ଭାସମାନ ୨. ଶୂନ୍ୟଗାମୀ ।

**ପ୍ଲାଏ *ବି.*** ୧. କାଠ ବା ପଟାର ଏକ ପତଳା ସ୍ତର ୨. ଏହି କାଠରେ ତିଆରି ସରଞ୍ଜାମ ଆଦି ।

**ପ୍ଲାଏଉଡ୍ *ବି.*** କାଠର ଚଉଡା ଓ ପତଳା ଖଣ୍ଡକୁ ଉପରକୁ ଉପର ରଖି ଯାନ୍ତ୍ରିକ ଉପାୟରେ ତିଆରି ବିଭିନ୍ନ ମୋଟେଇର ବୋର୍ଡ ।

**ପ୍ଲାକାର୍ଡ୍ *ବି.*** ବିଶେଷ ବକ୍ତବ୍ୟ ଲେଖାଥିବା ମୋଟା କାଗଜପଟି, ପ୍ରଚାରପଟି ।

**ପ୍ଲାଜ୍ମା *ବି.*** ରକ୍ତଲାସା, ରକ୍ତର ରଙ୍ଗହୀନ ବହଳ ଅଂଶ ।

**ପ୍ଲାଜା *ବି.*** ସହର ବଜାରରେ ଥିବା ବାଣିଜ୍ୟକେନ୍ଦ୍ର ।

**ପ୍ଲାଟ୍‌ଫର୍ମ *ବି.*** ୧. ରେଳଷ୍ଟେସନ୍‌ରେ ପୋଇ ବା ଧାରଣାକୁ ଲାଗି ମଣିଷମାନଙ୍କ ଚଳପ୍ରଚଳ ହେବା ଉଚ୍ଚସ୍ଥାନ, ଯାତ୍ରିମଞ୍ଚ ୩. ମଣ୍ଡପ, ବେଦିକା ୪. ମତ ବା ଯୋଗ୍ୟତା ଦେଖାଇବାପାଇଁ ସ୍ଥାନ ବା ସୁଯୋଗ ।

**ପ୍ଲାଟୁନ୍ *ବି.*** ଜଣେ ଲେଫ୍‌ଟନାଣ୍ଟ ବା ଉଚ୍ଚ ସାମରିକ ଅଧିକାରୀଙ୍କ ଅଧୀନରେ ପରିଚାଳିତ ସୈନ୍ୟମାନଙ୍କର ଛୋଟ ଦଳ ।

**ପ୍ଲାଣ୍ଟ୍ *ବି.*** ୧. ଗଛବୃଛ, ଉଦ୍ଭିଦ ୨. କଳକାରଖାନା ।

**ପ୍ଲାଣ୍ଟେସନ୍ *ବି.*** ବୃକ୍ଷରୋପଣ, ବନୀକରଣ ।

**ପ୍ଲାନ୍ *ବି.*** ୧. ପରିଯୋଜନା, ପରିକଳ୍ପନା ୨. ରୂପରେଖ ୩. ଯୋଜନା ।

**ପ୍ଲାନିଂ *ବି.*** ଯୋଜନା, ଅଭିରୂପ ।

**ପ୍ଲାନିଂ କମିଶନର *ବି.*** ଯୋଜନାଧ୍ୟକ୍ଷ, ପରିଯୋଜନା ମୁଖ୍ୟ ।

**ପ୍ଲାନିଂ ବୋର୍ଡ *ବି.*** ଯୋଜନା ପରିଷଦ ।

**ପ୍ଲାନେଟ୍ *ବି.*** ଗ୍ରହ, ଅନ୍ତରୀକ୍ଷରେ କୈନ୍ଦ୍ରିକଗତିରେ ଭ୍ରମଣ କରୁଥିବା ଜ୍ୟୋତିଷ୍କ ।

**ପ୍ଲାନେଟାରିୟମ୍ *ବି.*** ଗ୍ରହ, ତାରା, ଚନ୍ଦ୍ର, ସୂର୍ଯ୍ୟ ଆଦିଙ୍କର ଅନ୍ତରୀକ୍ଷରେ ସ୍ଥିତି ଓ ପ୍ରକୃତି ଦେଖାଇବା ପାଇଁ ବ୍ୟବସ୍ଥା ଥିବା ପ୍ରେକ୍ଷାଗୃହ ।

**ପ୍ଲାବକ *ବିଂ.*** ଭସେଇ ଦେଉଥିବା, ପ୍ଲାବନକାରୀ ।

**ପ୍ଲାବନ *ବି.*** ୧. ପାଣିର ବହୁଳତା ୨. ନଦୀବଢ଼ି ୩. ଉଚ୍ଛୁଳା ସ୍ରୋତ ।

**ପ୍ଲାବିତ *ବିଂ.*** ୧. ବୁଡ଼ି ରହିଥିବା ୨. ଭାସିଯାଉଥିବା ।

**ପ୍ଲାଷ୍ଟର୍ *ବି.*** ୧. କାନ୍ଥ ଅଥବା ଚଟାଣକୁ ସମତୁଲ ଅଥବା ଚିକ୍‌କଣ କରିବା ପାଇଁ ଦିଆଯିବା ସିମେଣ୍ଟ୍ ଆଦିର ଶକ୍ତ ଆସ୍ତରଣ ୨. ଭଙ୍ଗା ହାଡ଼ ବା ଦେହର କ୍ଷତକୁ ସୁରକ୍ଷା ଦେବା ପାଇଁ ବ୍ୟବହୃତ ଟାଣପଟି ୩. କଠିନ ଆବରଣ ।

**ପ୍ଲାଷ୍ଟର୍ ଅଫ୍ ପାରିସ୍ *ବି.*** ଏକପ୍ରକାର ଧଳାଗୁଣ୍ଡ-ଯାହା ପାଣିରେ ଗୋଳାଇ ଛାଞ୍ଚ, କାନ୍ଥ ପ୍ରଭୃତିରେ ବୋଳାଯାଏ ଏବଂ ଶୁଖିଗଲା ପରେ ତାହା ଟାଣ ହୋଇଯାଏ ।

**ପ୍ଲାଷ୍ଟିକ୍ *ବି.*** ଉତ୍ତାପରେ ଆକାର ବଦଳି ଯାଉଥିବା ରାସାୟନିକ ପ୍ରକ୍ରିୟାରେ ତିଆରି ପଦାର୍ଥ ।

**ପ୍ଲାଷ୍ଟିକ୍ ସର୍ଜରି *ବି.*** ୧. ଦେହର ଚର୍ମଭାଗରେ ଥିବା କ୍ଷତକୁ ସୂକ୍ଷ୍ମ ଅସ୍ତ୍ର ଚିକିତ୍ସା ମାଧ୍ୟମରେ ସ୍ୱାଭାବିକ କରିବାର ଚିକିତ୍ସା ପଦ୍ଧତି ୨. ଶରୀରର ରୂପ ବା ଗଢ଼ଣ ପରିବର୍ତ୍ତନ ଉଦ୍ଦେଶ୍ୟରେ ଅନୁସୃତ ସେଭଳି ଚିକିତ୍ସା ପଦ୍ଧତି ।

**ପ୍ଲାସ୍ *ବି.*** ଚିମୁଟା, କୌଣସି ପଦାର୍ଥ ଉଠାଇବା, ମୋଡ଼ିବା ବା ବାହାର କରିବା ପାଇଁ ବ୍ୟବହୃତ ଦୁଇବାହୁବିଶିଷ୍ଟ ଉପକରଣ, ପ୍ଲାୟରର୍ସ ।

**ପ୍ଲି *ବି.*** ୧. ସାହାଯ୍ୟ ପାଇବା ପାଇଁ ଆବେଗିକ ଅନୁରୋଧ ୨. ଛଇ ୩. ମୋକଦ୍ଦମାରେ ଆବେଦନ ।

**ପ୍ଲିଜ୍ *ଅ.*** ନମ୍ରତାର ସହ ଅନୁରୋଧ ; ***କ୍ରି.ବିଂ.*** ଦୟାପୂର୍ବକ, ଦୟାକରି ।

**ପ୍ଲିଟ୍ *ବି.*** ଉପର ଭାଗ ବା କଡରେ ସିଲାଇ କରି ପୋଷାକପତ୍ରରେ ଦିଆଯାଉଥିବା ସ୍ଥାୟୀ ଭାଙ୍ଗ ।

**ପ୍ଲିଡ଼ର୍ *ବି.*** ଓକିଲ, ଆଡ୍‌ଭୋକେଟ୍ ।

**ପ୍ଲୀହା *ବି.*** ପିଳେହି, ଶରୀରରେ ଅବସ୍ଥିତ ରକ୍ତ ବିଶୋଧନକାରୀ ଅଙ୍ଗ ।

**ପ୍ଲୁତ *ବି.*** ୧. ଘୋଡାର ସ୍ୱାଭାବିକ ଚାଲିବା ଠାଣି ୨. ଡିଆଁ ୩. ତିନି ମାତ୍ରା ବିଶିଷ୍ଟ ଲଘୁ ବା ହ୍ରସ୍ୱସ୍ୱର ; ***ବିଂ.*** ୧. ସମ୍ପୂର୍ଣ୍ଣ ଓଦା ୨. ପାଣିରେ ବୁଡ଼ି ରହିଥିବା, ସମ୍ପୂର୍ଣ୍ଣ ନିମଜ୍ଜିତ ।

**ପ୍ଲେ *ବି.*** ୧. ଖେଳ ୨. ନାଟକ ।

**ପ୍ଲେଆର *ବି.*** ୧. ଖେଳାଳୀ ୨. ଅଭିନେତା ।

**ପ୍ଲେ କରିବା *କ୍ରି.*** ଟେପ୍ ରେକର୍ଡର, ଭିସିଡି ପ୍ରଭୃତିରେ ଆଗରୁ ଅଭିଲିଖିତ ବା ରେକର୍ଡ ହୋଇଥିବା ସାମଗ୍ରୀ ବଜାଇବା ।

**ପ୍ଲେଗ୍ *ବି.*** ମୂଷାଦ୍ୱାରା ସଂକ୍ରମିତ ରୋଗ, ମହାମାରି ବିଶେଷ ।

**ପ୍ଲେଗ୍ରାଉଣ୍ଡ *ବି.*** ଖେଳପଡ଼ିଆ ।

**ପ୍ଲେଟ୍ *ବି.*** ୧. ଥାଳିଆ, ଚଟକା ଓ ଗୋଲାକାର ବାସନ ୨. ଯୋଡ଼ିବା ଓ ଟାଣ କରିବା ପାଇଁ ବ୍ୟବହୃତ ଟାଣ ଓ ଚଟକା ଧାତବଖଣ୍ଡ ୩. ବଡ଼ ଚଟକା ପଥରଖଣ୍ଡ ।

**ପ୍ଲେନ୍ *ବି.*** ଏରୋପ୍ଲେନ୍, ବ୍ୟୋମଯାନ, ଉଡାଜାହାଜ ; ***ବିଂ.*** ୧. ସମତଳ ୨. ସାଧାସିଧା ୩. ସହଜବୋଧ୍ୟ ।

**ପ୍ଲେସ୍ *ବି.*** ସ୍ଥାନ, ଜାଗା ।

**ପ୍ଲେସ୍‌ମେଣ୍ଟ *ବି.*** ୧. ଅବସ୍ଥାପନ ୨. ଚାକିରିରେ ନିଯୁକ୍ତି ୩. ସଂଯୋଜନ ୪. ଖାପ ।

**ପ୍ୟାକ୍ କରିବା *କ୍ରି.*** ବାକ୍ସ, ବ୍ୟାଗ୍ ଆଦିରେ ଜିନିଷପତ୍ର ସଜାଡ଼ି ରଖିବା ।

**ପ୍ୟାକିଙ୍ଗ୍ *ବି.*** ବାକ୍ସ, ବ୍ୟାଗ, ଡବା, ଖୋଳ ଆଦିରେ ଜିନିଷ ସଜାଡ଼ି ରଖିବା କାର୍ଯ୍ୟ ।

**ପ୍ୟାକେଜ *ବି.*** ୧. ପୁଡ଼ାପୁଟୁଳି ୨. ଗ୍ରାହକମାନଙ୍କୁ ଆକୃଷ୍ଟ କରିବାପାଇଁ ବହୁ ପଣ୍ୟବସ୍ତୁର ସୁଲଭ ଦରରେ ଏକତ୍ର ପରିବେଷଣ ୩. ଦରମା ସହ ଭତ୍ତା ଆଦି ଏକତ୍ର ।

**ପ୍ୟାଲେସ୍ *ବି.*** ୧. ରଜାଘର, ଉଆସ, ନଅର ୨. ବଡ଼ ଓ ଆକର୍ଷଣୀୟ କୋଠାଘର ।

# ଫ

**ଫ** *ବି.* ଓଡ଼ିଆ ବର୍ଣ୍ଣମାଳାର ଦ୍ୱାବିଂଶ ବ୍ୟଞ୍ଜନ ବର୍ଣ୍ଣ ।

**ଫଁ** *ବି.* ୧. ଚଡକିବା ୨. ପ୍ରତିବାଦ ୩. ସାପର ଫଣା ନିଃସୃତ ଶବ୍ଦ ।

**ଫଁ କରିବା** *କ୍ରି.* ୧. ପ୍ରତିବାଦ କରିବା ୨. ତୋଡ଼୍ ଦେଖାଇବା ୩. କ୍ରୋଧ ପ୍ରକାଶ କରିବା ।

**ଫଁପା** *ବି.* ୧. ଝିଣ୍ଟିକା, ପଙ୍ଗପାଳ ୨. କୌଣସି ପଦାର୍ଥର ଭିତରେ ଥିବା ଖାଲି ଜାଗା, ଶୂନ୍ୟସ୍ଥାନ; ବିଂ. ବୃଦ୍ଧିହୀନ, କାଣ୍ଡଜ୍ଞାନଶୂନ୍ୟ, ମୂର୍ଖ ।

**ଫଁଫଁ** *ଅ.* ୧. ରାଗିଥିବା ବ୍ୟକ୍ତିର ନିଃଶ୍ୱାସ ପ୍ରଶ୍ୱାସ ଜନିତ ଶବ୍ଦ ୨. ସାପର ଗର୍ଜନ ୩. ଚାଲିବା ବା ଧାଇଁବା ଯୋଗୁଁ ହେବା ଅବସ୍ଥା ।

**ଫଁ ଦେଖାଇବା** *କ୍ରି.* ୧. ଫୁଟାଣି ମାରିବା, ବଡ଼ତି ଦେଖାଇବା ୨. ଭୟ ଦେଖାଇବା, ଡରେଇବା ।

**ଫଇଜତ** *ବି.* ଗାଳି, କୁତ୍ସା ।

**ଫଇମା** *ବିଂ.* ସୁଆଗିଆ, ଗେହ୍ଲା ।

**ଫଇଲ୍** *ବିଂ.* ବିସ୍ତାରିତ, ପ୍ରଶସ୍ତ ।

**ଫଇସଲ, ଫଇସଲା** *ବି.* ନିଷ୍ପତ୍ତି, ସମାଧାନ, ସିଦ୍ଧାନ୍ତ ; *ବିଂ.* ମୀମାଂସିତ ।

**ଫଇସଲା** *ବି.* ପ୍ରଶସ୍ତ/ଖୋଲା ଜାଗା ; *ବି.* ୧. ନିଷ୍ପତ୍ତି, ସମାଧାନ ୨. ଫାଙ୍କା ଓ ଲମ୍ବାଚଉଡ଼ା ଜାଗା, ବ୍ୟବଧାନ ।

**ଫଉଜ, ଫଉଜି** *ବି.* ସୈନ୍ୟଦଳ ।

**ଫଉଜଦାର** *ବି.* ସେନାପତି, ସେନାଧ୍ୟକ୍ଷ, ଦୁର୍ଗାଧ୍ୟକ୍ଷ ।

**ଫଉଜଦାରି** *ବି.* ୧. ଫଉଜଦାରର ପଦ ବା କାର୍ଯ୍ୟ ୨. ଦଙ୍ଗା ହାଙ୍ଗାମା ୩. ମାରପିଟ, ଖୁଣ, ଜଖମ ଆଦି ସଂକ୍ରାନ୍ତ ମକଦମା ।

**ଫଉଜଦାରୀ** *ବିଂ.* ଫଉଜଦାର ବା ଫଉଜଦାରି ସଂକ୍ରାନ୍ତ ।

**ଫଉରନ୍** *ବିଂ.* ଚଞ୍ଚଳ, ଶୀଘ୍ର ।

**ଫଉଲା** *ବିଂ.* ଫୁଲିଯାଇଥିବା ।

**ଫଉଲିବା** *କ୍ରି.* ୧. ଫମ୍ପା ହୋଇ ଫୁଲିବା ୨. ପ୍ରସାରିତ ହେବା ।

**ଫଏଲ୍** *ବିଂ.* ୧. ବିସ୍ତାରିତ, ବ୍ୟାପକ, ବିସ୍ତୃତ ୨. ଫର୍ଚ୍ଚା ; *ବି.* ୧. ଫଳିମାଛ ୨. ଶାଢ଼ିର ତଳଭାଗରେ ସିଲେଇ ହୋଇଥିବା କନା ।

**ଫ[ଫା]ଏର** *କ୍ରି.* ଗୁଳି ମାରିବା, ଫାୟାର କରିବା ।

**ଫଏଲ୍** *ବି.* ଫଳି, ଚଉଡା ଦେହଥିବା ଏକ ପ୍ରକାର ମାଛ ।

**ଫଏଲ୍ କରିବା** *କ୍ରି.* ବିସ୍ତାରିତ କରିବା, ବ୍ୟାପକ କରିବା ।

**ଫଏଲି ଯିବା** *କ୍ରି.* ବ୍ୟାପିଯିବା, ମାଡ଼ିଯିବା ।

**ଫକ୍ଅ** *ବି.* ଫେଣ ।

**ଫକ୍କା** *ବି.* ମାଡ଼ଚିହ୍ନ ।

**ଫକ୍କାଫୁକି** *ବି.* ଦାଗ, ଚିହ୍ନ ।

**ଫକ୍‌ଫଁର୍‌ରା** *ବି.* ତୋଫା ଧଳା ।

**ଫକ୍‌ଫକ୍** *ବି.* ୧. ଛଟପଟ, ଭୟ ଅଥବା ରାଗରେ ବିକଳ ଅବସ୍ଥା ୨. ଡିଆଁ ଡେଇଁ କରିବାର ଭଙ୍ଗୀ ।

**ଫକ୍‌ଫକା** *ବିଂ.* ଉଜ୍ଜ୍ୱଳ, ତୋଫା ।

**ଫକ୍‌ଫକିଆ** *କ୍ରି.ବିଂ.* ୧. ଫେଣଫେଣିଆ ୨. ତୋଫା ।

**ଫକ୍‌ସା** *ବି.* ଫୁଲକଲିଜା, ଫୁସଫୁସ୍ ।

**ଫକଡ଼, ଫକ୍କଡ଼** *ବିଂ.* ୧. ନିଃସ୍ୱ, ସମ୍ବଳହୀନ ୨. ବେକାର ୩. ଫାଜିଲ, ଧପାବାଜ ।

**ଫକଡ଼ରାମ** *ବିଂ.* ୧. ନିକମା, କାମକୁ ଡରୁଥିବା ୨. ପାଖରେ ପଇସା ନଥିବା ।

**ଫକଡ଼ା** *ବିଂ.* ପୋକଖିଆ, ପୋକଡ଼ା ।

**ଫକଡ଼ି** *ବି.* ନିଃସ୍ୱର ଆଚରଣ, ଫକଡ଼ର ବ୍ୟବହାର ।

**ଫକତ୍** *ଅ.* ମାତ୍ର ।

**ଫକା** *ବିଂ.* ୧. ଅନୁଜ୍ଜ୍ୱଳ, ଇଷତ୍ ଉଜ୍ଜ୍ୱଳ, ଅଳ୍ପ ଉଜ୍ଜ୍ୱଳ ୨. ଶେତାଳିଆ, ରକ୍ତହୀନା ।

**ଫ(ଫୋ)କାସି** *ବି.* ଦମ୍, ନିଃଶ୍ୱାସ ।

**ଫକିଆ** *ବି.* ଦୀପ୍ତି, ତେଜ ; *ବିଂ.* ପାହାନ୍ତି, ରାତିର ଶେଷପ୍ରହର ।

**ଫକିର** *ବି.* ଯୋଗୀ, ମୁସଲମାନ ସନ୍ଥ ।

**ଫଗଲା** *ବିଂ.* ପାକୁଆ, ଦାନ୍ତ ନ ଥିବା, ଦାନ୍ତବିହୀନ ।

**ଫଗୁ** *ବି.* ଅବିର, ବିଭିନ୍ନ ରଙ୍ଗ ରଚନା ।

**ଫଗୁଆ** *ବିଂ.* ଅବିର ରଙ୍ଗଯୁକ୍ତ, ଅବିରବୋଳା ।

**ଫଗୁଖେଳ** *ବି.* ହୋଲିରେ ଅବିରଗୁଣ୍ଡ ଫିଙ୍ଗାଫିଙ୍ଗି ଖେଳ ।

**ଫଗୁଗୁଣ୍ଡ** *ବି.* ଅବିରଚୂନା ।

**ଫଗୁଣ** *ବି.* ଫାଲଗୁନ ମାସ, ବସନ୍ତ ଋତୁକାଳୀନ ମାସ ।

**ଫଗୁନ୍** *ବି.* ଫଗୁଣ, ଫାଲଗୁନ ।

**ଫଗୁନ୍ ପୁନି** *ବି.* ଦୋଳପୂର୍ଣ୍ଣିମା, ଫାଲଗୁନ ପୂର୍ଣ୍ଣିମା ।

**ଫଙ୍ଗଲ୍** *ବି.* ୧. ଫାଙ୍କା, ଅବସର ୨. ସୁଯୋଗ ।

**ଫଜର୍, ଫଜଲ୍** *ବି.* ଭୋର, ପ୍ରତ୍ୟୁଷ, ପାହାନ୍ତିଆ ପହର ।

**ଫଜିତ** *ବି.* ଗାଳି, ଭର୍ତ୍ସନା, ଲାଞ୍ଛନା, ନିନ୍ଦା, ତିରସ୍କାର, ଅପମାନ

**ଫର୍ଜରି** *ବି.* ଜାଲିୟାତି, ଠକାମି ।

**ଫଟ୍** *ବି.* ୧. ଛଳନା, ବାହାନା ୨. କଅଁଳ ମକା, ଗଛରେ ଥିବା ମକା ୩. ମକାଗଛରେ ମକା ବାହାରିବା ।

**ଫଟ୍‌କା** *ବି.* ଶବ୍ଦ କରୁଥିବା ବାଣ ।

**ଫଟ୍‌କାବଜାର** *ବି.* ମାଲ କିଣାବିକାରେ ମୂଲ୍ୟର ଅଚାନକ ଚଢ଼ାଉତ୍ତରାସ୍ଥିତି ।

**ଫଟ୍‌କାବା** *କ୍ରି.* ଆକାଶ ମେଘଶୂନ୍ୟ ହୋଇ ପରିଷ୍କାର ଦିଶିବା ।

**ଫଟ୍‌କାରିବା** *କ୍ରି.* ପାଟିକରି ଜବତ କରିବା, ପ୍ରକାଶ୍ୟରେ ଜଣକୁ ତା'ର ଦୋଷ କହିଦେବା ।

**ଫଟ୍‌କିନା** *ଅ.କ୍ରି.ବିଂ.* ଚଟ୍‌କରି, ହଠାତ୍, ତତ୍‌କ୍ଷଣାତ୍ ।

**ଫଟ୍‌କିବା** *କ୍ରି.* ୧. ସ୍ୱଚ୍ଛହେବା, ସ୍ଫଟିକ ଭଳି ନିର୍ମଳ ହେବା ୨. ଆଲୁଅ ହୋଇ ଆସିବା ।

**ଫଟ୍‌କୋ** *ବି.* ଆବୁ ।

**ଫଟ୍‌ଫଟିଆ** *ବି.* ମଟର୍ ସାଇକେଲ, ସ୍କୁଟର୍ ଆଦି ଯାନ ।

**ଫଟ, ଫଟୋ** *ବି.* ଆଲୋକ ଚିତ୍ର, କେମେରା ସାହାଯ୍ୟରେ ଉଠାଯାଇଥିବା ପ୍ରତିଛବି ।

**ଫଟକା** *ବି.* ତାଳପତ୍ରରେ ବାରୁଦ ରଖି ତିଆରି କରାଯାଉଥିବା ବାଣ , ତାଳ ଫଟ୍‌କା ।

**ଫଟ କାଢ଼ିବା** *କ୍ରି.* ବାହାନା କରିବା, ପେଖନା କରିବା, ଛଳନା କରିବା ।

**ଫଟରା** *ବି.* ଅଯଥା ବକୁଥିବା ବ୍ୟକ୍ତି ।

**ଫଟରାବା.ଫଟାରିବା** *କ୍ରି.* ବାରମ୍ବାର ପଚାରିବା, ଅଯଥା ବକିବା ।

**ଫଟା** *ବିଂ.* ୧. ଫାଟିଯାଇଥିବା, ଫାଟଯୁକ୍ତ, ଛିଣ୍ଡା ୨. ସୁଖହୀନ, ଦୁର୍ଦ୍ଦଶାଯୁକ୍ତ ୩. ସୌହାର୍ଦ୍ଦ୍ୟହୀନ ।

**ଫଟାକପାଳ, ଫଟାକରମ** *ବି.* ଦୁର୍ଭାଗ୍ୟ, ହତଭାଗ୍ୟ ।

**ଫଟାତୁଟା** *ବିଂ.* ଭଙ୍ଗାରୁଜା, ଛିଣ୍ଡା, କଣାଚେପା ।

**ଫଟାତୁଣ୍ଡା[ଆ]** *ବିଂ.* କିଛି ନ ବିଚାରି ଯାହା ମନକୁ ଆସିଲା କହି ପକାଉଥିବା (ବ୍ୟକ୍ତି), ଅପ୍ରିୟ ସତ୍ୟ କହୁଥିବା (ଲୋକ) ।

**ଫଟା ନାଗର** *ବି.* ଫଟାରସିକ, ଆତ୍ମୃତି ବେହ୍ୟା ।

**ଫଟାଫଟ୍** *ବିଂ.କ୍ରି.ବିଂ.* ଶୀଘ୍ର, ଚଞ୍ଚଳ, ଚଟାଚଟ, ତୁରନ୍ତ, ଜଲ୍‌ଦି, ବେଗି ବେଗି ।

**ଫଟାଫଟି** *ବି.* ମନୋମାଳିନ୍ୟ, ମନାନ୍ତର ।

**ଫଟାଲି** *ବିଂ.* ମାମୁଲି କଥାକୁ ଗୁରୁତ୍ୱପୂର୍ଣ୍ଣ ବା ସାଧାରଣ କଥାକୁ ଅସାଧାରଣ ରୂପ ଦେଉଥିବା (ନାରୀ) ।

**ଫଟିକ** *ବି.* ସ୍ଫଟିକପଥର ; *ବିଂ.* ସ୍ୱଚ୍ଛ, ସ୍ଫଟିକତୁଲ୍ୟ ।

**ଫଟୋ/ଫଟୁ** *ବି.* ଫଟ, ରୂପର ଅନୁରୂପ, ପ୍ରତିଛବି ।

**ଫଟୋକପି** *ବି.* ଲେଖାର ଅବିକଳ ଯାନ୍ତ୍ରିକ ପ୍ରତିଲିପି ।

**ଫଡ୍‌କୋ** *ବିଂ.* ମିଛୁଆ, ମିଥ୍ୟାବାଦୀ ।

**ଫଡ୍‌ଫଡ୍** *ଅ.* ପକ୍ଷୀ ଡେଣାର ଶବ୍ଦ ; *ବି.* ବାହାଦୁରି ଦେଖାଇ କହିବା ବାକ୍ୟ ।

**ଫଡ଼କିବା** *କ୍ରି.* ଫଡ଼କିବା, ଦେହର ପେଶିଗୁଡ଼ିକ ହଠାତ୍ କମ୍ପିତ ହେବା ।

**ଫଡ଼କା** *ବି.* ଫଡ୍ ଫଡ୍ ଶବ୍ଦକାରୀ ପତାକା, ଆଖିର ସ୍ଫୁରଣ; *ବିଂ.* କମ୍ପନଶୀଳ ।

**ଫଡ଼ଫଡ଼ ହେବା** *କ୍ରି.* ବଡ଼େଇ କରିବା, ଜମାଣି କରିବା ।

**ଫଡ଼ଫଡ଼ିଆ** *ବିଂ.* ୧. ଅଳ୍ପ ଜାଣି ବହୁତ ଜାଣିଥିବା ପରି ଦେଖେଇ ହେବା ୨. ବଡ଼େଇ କରିବା ୩. ଦେଖେଇ ହେବା ।

**ଫଡ଼ା** *ବି.* ୧. ଖଣ୍ଡ, ଫାଳ ୨. ଫଳ ଆଦିର କଟା ଅଂଶ ୩. କାଠି ତିଆରି କୁଲାଭଳି ପାତ୍ର ବିଶେଷ ; *ବିଂ.* ଚିରା ।

**ଫଡ଼ାଏ** *ବି.* ୧. ସମୁଦାୟ ପ୍ରଦାର୍ଥର କିଛି ଅଂଶ ୨. ଚିରୁଡାଏ ।

**ଫଡ଼ାଫଡ଼ା** *ଅ.* ଖଣ୍ଡଖଣ୍ଡ, ଫାଳଫାଳ ।

**ଫଡ଼ି** *ବି.* ୧. ଶୁଖିଲା କେନ୍ଦୁପତ୍ର ଗଚ୍ଛିତ ହୋଇ ରହୁଥିବା ବଡ଼ଘର ୨. ଢ଼ାଲ, ଖଣ୍ଡା ୩. ଏକ ପ୍ରକାର ମାଛ ୪. ଫଡ଼ିଆ ।

**ଫଡ଼ିଆ** *ବି.* ଅଣ୍ଟାତଳକୁ ଗୋଡ଼ର ଉପରିସ୍ଥ ଅଂଶ, ଦେହର ଜଂଘଭାଗ ।

**ଫଡ଼ିକାର** *ବିଂ.* ବାଡ଼ି ବା ଖଣ୍ଡାରେ ଖେଳ ଦେଖାଉଥିବା ଲୋକ ।

**ଫଣଫଣ** *ବି.* ରାଗ ବା ଅଭିମାନରେ ମୁହଁ ଫୁଲାଇବା ।

**ଫଣଫଣିଆ** *ବିଂ.* ମୁହଁ ଫୁଲା ।

**ଫଣା** *ବି.* ସାପର ପ୍ରସାରିତ ମୁଣ୍ଡ ।

**ଫଣୀ** *ବି.* ଫଣାଯୁକ୍ତ ସାପ ।

**ଫଣୀନ୍ଦ୍ର** *ବି.* ଅନନ୍ତନାଗ, ବାସୁକୀ ।

**ଫତଅ** *ବି.* ଫେଣ ।

**ଫତଫତେଇବା** *କ୍ରି.* ୧. ହାତରେ ସାବୁନ୍ ଘସି ଫେଣ କରିବା ୨. ଫେଣହେବା, ଫେଣାଇବା ୩. ଝୋଳଝୋଳିଆ କରିବା ।

**ଫତୁଆ** *ବିଂ.* ୧. ବୋକା, ବୁଦ୍ଧିହୀନ ୨. ଅପଦସ୍ଥ, ହାସ୍ୟାସ୍ପଦ ୩. ନିଷ୍ଫଳ, ଉପହସିତ ।

**ଫତୁଆଜାରି** *ବି.* ୧. ମୁସଲମାନ ସମ୍ପ୍ରଦାୟର ଧର୍ମଗୁରୁଙ୍କଦ୍ୱାରା ଜାରି କରାଯାଇଥିବା ଆଦେଶନାମା ୨. ନିର୍ଦ୍ଦେଶନାମା ।

**ଫତୁର** *ବିଂ.* ନିର୍ଦ୍ଧନ, ଗରିବ, ସର୍ବସ୍ୱାନ୍ତ ।

**ଫତୁରା** *ବି.* ଡହରା, ମିଛୁଆ, ଗାଲୁଆ ।

**ଫତୁରି** *ବି.* ୧. ଫାଙ୍କି ୨. ବାଚାଳତା ୩. ଅପବାଦ ୪. ମିଛ ୫. ମୁହଁ ବାଲିଙ୍ଗି ।

**ଫତୁରିଖୋର** *ବିଂ.* ୧. ଫାଙ୍କିବାଜ ୨.ବାଚାଳ ୩. ଅପବାଦପ୍ରାପ୍ତ ୪. ମିଛୁଆ ୫. ମୁହଁ ବାଲିଙ୍ଗିଆ ।

**ଫତେ** *ବି.* ୧. ସମାପ୍ତି, ଶେଷ ୨. ସିଦ୍ଧି, ଜୟ ।

**ଫତେଇ** *ବି.* ହାତକଟା ଛୋଟ ଜାମା ବିଶେଷ ।

**ଫଦ୍‌କା** *ବିଂ.* ଡେଉଁଥିବା ।

**ଫ(ଫୁ)ଦ୍‌କିବା** *କ୍ରି.* ୧. ଡେଇଁବା ୨. ଡେଇଁ ଡେଇଁ ଚାଲିବା ୩. ସ୍ପନ୍ଦିତ ହେବା, ଫଡ଼୍‌ଫଡ଼୍ ହେବା ।

**ଫନ୍‌ଫନା** *ବିଂ.* ଫେନଯୁକ୍ତ, ଫେଣୁଆ ।

**ଫନ୍‌ଫନାବା** *କ୍ରି.* ବାସି ପଦାର୍ଥ ଲାଗେଇ ଫେନଯୁକ୍ତ ହେବା ।

**ଫନି** *ବି.* ତନ୍ତୁ, ଦେହରେ ଥିବା ସୂତାଳିଆ ଅଂଶ ।

**ଫନ୍ଦ** *ବି.* ୧. ଚାତୁରୀ, ଫାନ୍ଦ, କୌଶଳ ୨. ପାତ୍ର ବା କୂଅ ଆଦିର ଧାର ।

**ଫନ୍ଦା** *ବି.* ୧. ଜୀବିକା, ଅବଲମ୍ବନ, ପେସା, ବୃତ୍ତି ୨. ଫାଶ ।

**ଫନ୍ଦା ଯିବା** *କ୍ରି.* ୧. ଦଉଡ଼ିରେ ବନ୍ଧାହେବା ୨. ଲଙ୍ଗଳ ବା ଶଗଡ଼ରେ ବଳଦଙ୍କୁ ଫାନ୍ଦିବା ।

**ଫନ୍ଦି** *ବି.* ୧. କୌଶଳ ୨. ଅଭିସନ୍ଧି, ଫିକର ୩. ଉପାୟ ।

**ଫନ୍ଦିଫିକର** *ବି.* ବିଭିନ୍ନ ଉପାୟ, ଚକ୍ରାନ୍ତ ।

**ଫନ୍ଦିବାଜ୍** *ବିଂ.* କୂଟ କୌଶଳୀ, ଚକ୍ରୀ, କୁଟୁରୁପିଆ ।

**ଫମ୍ପସା** *ବିଂ.* ୧. ପୋଲା ୨. ପୁଷ୍ଟ ଅଥଚ ଫମ୍ପାଳିଆ ୩. ନରମା ; *ବି.* ଫୁସ୍‌ଫୁସ୍, ଫୁଲକଲିଜା, ଦେହର ଶ୍ୱାସଯନ୍ତ୍ର ।

**ଫମ୍ପସି ଯିବା** *କ୍ରି.* ୧. ସଢ଼ିଯିବା ୨. ପୋଲା ହୋଇଯିବା ।

**ଫମ୍ପରା** *ବିଂ.* ପୋଲା, ଫମ୍ପା ।

**ଫମ୍ପା** *ବିଂ.* ୧. ପୋଲା, ଶୂନ୍ୟଗର୍ଭ, ଖାଲି ୨. ବୁଦ୍ଧିହୀନ ।

**ଫମ୍ପାଳିଆ** *ବିଂ.* ବାହାରକୁ ପରିପୂର୍ଣ୍ଣ ଦିଶୁଥିବା କିନ୍ତୁ ଭିତରେ କିଛି ନଥିବା, ଫୁଲାଳିଆ, ଶୂନ୍ୟଗର୍ଭା ।

**ଫଫିତ୍** *ବିଂ.* ସୁନ୍ଦର, ମନୋଲୋଭା, ରମଣୀୟ ।

**ଫବିବା** *କ୍ରି.* ଶୋଭାପାଇବା, ସୁନ୍ଦର ଦିଶିବା , ମନକୁ ପାଇବା ।

**ଫର୍‌ଫର୍** *ଅ.* ପତଳା ପଦାର୍ଥ ହଲିବାର ଶବ୍ଦ ; *ବିଂ.* ଉଜ୍ଜ୍ୱଳ, ପରିଷ୍କାର ।

**ଫର୍ମା** *ବି.* ୧. ଛାଞ୍ଚ ବା ଆଦର୍ଶ ୨. ବହି ଛପା ଓ ବନ୍ଧାପାଇଁ ୮ / ୧୬ / ୩୨ ପୃଷ୍ଠାରେ ବିଭକ୍ତ କାଗଜର ଅଂଶ ।

**ଫରକ** *ବି.* ତଫାତ୍, ପାର୍ଥକ୍ୟ, ବ୍ୟବଧାନ ; *ବିଂ.* ୧. ପୃଥକ, ବିଚ୍ଛିନ୍ନ, ଅଲଗା ୨. ଭିନ୍ନ ।

**ଫରକଟା** *ବିଂ.* ବିସ୍ତାରିତ, ମେଲା ; *ବି.* ସୁନ୍ଥାକାଟି ବାଳ କୁଣ୍ଡାଇବା ।

**ଫରକଟାଇବା, ଫରକଟେଇବା** *କ୍ରି.* ବିସ୍ତାରିତ କରିବା, ମେଲେଇଦେବା ।

**ଫରକା** *ବିଂ.* ଫେର୍‌କା, ବିସ୍ତାରିତ ।

**ଫରକିବା** *କ୍ରି.* ୧. ଆଖି ସ୍ପନ୍ଦିତ ହେବା, ଆଖି ଡ଼େଇଁବା ୨. ମନେ ପଡ଼ିବା, ସ୍ମରଣ ହେବା ।

**ଫରକେଇ ଦେବା** *କ୍ରି.* ୧. ହଠାତ୍ ଚମକି ପଡ଼ି ଅଲଗା ହେବା ୨. କୌଣସି କଥା ବା କାର୍ଯ୍ୟରେ ଯୋଗ ନଦେଇ ଅଲଗା ହେବା ।

**ଫରଚଟା** *ବି.* କୌଣସି ବିଷୟରୁ ଖିଅ କାଢ଼ିବା, ପ୍ରସଙ୍ଗର ଭିତରକୁ ଯିବା, ଗଭୀର ଭାବରେ ବିଶ୍ଳେଷଣ କରିବା ।

**ଫରଚା** *ବିଂ.* ୧. ନିର୍ମଳ, ପରିଷ୍କାର, ସଫେଦ ୨. ଚଉଡ଼ା, ପ୍ରଶସ୍ତ ; *ବି.* ବଡ଼ି ଭୋର ସମୟ ।

**ଫରଚାଇବା, ଫରଚେଇବା** *କ୍ରି.* ୧. ନିର୍ମଳ ହୋଇ ଆସିବା ୨. ବିସ୍ତାରିତ କରିବା ।

**ଫରଦ,ଫର୍ଦ୍ଦ** *ବି.* ୧. ହିସାବତାଲିକା ୨. କାଗଜ ବା ଲୁଗାଆଦିର ଖଣ୍ଡ ।

**ଫରମାସ** *ବି.* ୧. ବରାଦ ୨. ଆଦେଶ ବା ଇଚ୍ଛା ଜଣାଇବା ।

**ଫରମାସୀ** *ବିଂ.* ବରାଦି ମୁତାବକ ତିଆରି ହୋଇଥିବା, ବରାଦି ।

**ଫରା** *ବିଂ.* ଅଧଫଟା, ଦରଫଟା, ଫାଳଫାଳିକା ।

**ଫରାକ** *ବି.* ୧. ବିସ୍ମରଣ, ଭୁଲ ୨. ସ୍ତ୍ରୀଲୋକ ଓ ଶିଶୁଙ୍କ ପିନ୍ଧା ଢ଼ିଲା ଜାମା ।

**ଫରାକତ** *ବିଂ.* ୧. ଫରଚା, ନିର୍ମଳ ୨. ପ୍ରଶସ୍ତ ୩. ଛଡ଼ାଛଡ଼ି ; *ବି.* ଖୋଲା ଜାଗା ।

**ଫରାସ** *ବି.* ୧. କାର୍ପେଟ ଏବଂ ସତରଞ୍ଜି ଆଦି ଆସ୍ତରଣ ୨. ଘରଝଡ଼ା, ବିଛଣା ପାରିବା ଓ ଆଲୁଅଜଳା ଆଦି କାର୍ଯ୍ୟ କରୁଥିବା ଚାକର ।

**ଫରାସୀ** *ବିଂ.* ଫ୍ରାନ୍‌ସ ଦେଶୀୟ ;*ବି.* ଫ୍ରାନ୍‌ସର ଭାଷା ବା ଅଧିବାସୀ ।

**ଫରି** *ବି.* ୧. ଢ଼ାଲ ୨. ମଲ୍ଲକ୍ରୀଡ଼ା ବିଶେଷ ।

**ଫରିଆଦ** *ବି.* ୧. ଅଭିଯୋଗ, ନାଲିସ ୨. ମାମଲା ।

**ଫରିଆଦୀ** *ବିଂ.* ଅଭିଯୋଗକାରୀ ; *ବି.* ବାଦୀ, ମୁଦେଇ ।

**ଫରିକାର** *ବି.* ଢ଼ାଲଧାରୀ ସିପାହୀ ।

**ଫରୁଆ** *ବି.* ଅଳଙ୍କାର, ସିନ୍ଦୂର, କଜଳ, ଅଫିମଆଦି ରଖାଯାଉଥିବା ଛୋଟ ଡବା ବିଶେଷ ।

**ଫରେନ୍** *ବି.* ବିଦେଶ, ଭିନ୍ନଦେଶ, ପରଦେଶ; *ବିଂ.* ବିଦେଶୀ ।

**ଫରେନର୍** *ବି.* ବିଦେଶୀ, ଭିନ୍ନଦେଶୀ, ପରଦେଶୀ ।

**ଫରେନ୍ ଲିକର୍** *ବି.* ବିଦେଶୀ ମଦ ।

**ଫରେନ୍‌ସିକ** *ବି.* ଅପରାଧସୂତ୍ର ନିର୍ଣ୍ଣୟପାଇଁ ବୈଜ୍ଞାନିକ ପଦ୍ଧତି ।

**ଫର୍ଣ୍ଣିଚର** *ବି.* କାଠ ବା ଲୁହା ଅଥବା ଫାଇବର୍ ଆଦିରେ ତିଆରି ଆସବାବପତ୍ର ।

**ଫର୍ଦ୍ଦ** *ବି.* ୧. ହିସାବତାଲିକା ୨. କାଗଜାଦିର ଖଣ୍ଡ ।

**ଫର୍ମ୍** *ବି.* ୧. କୌଣସି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ବିବରଣୀ ଲେଖିଦେବାପାଇଁ ଉଦ୍ଦିଷ୍ଟ କାଗଜାତ ୨. ଖେଳାଳୀ ଆଦିଙ୍କ କୁଶଳତାର ସ୍ତର ।

**ଫଳ** *ବି.* ୧. ଗଛର ବୀଜାଧାର ୨. ଗାଈଆଦିର ଗର୍ଭଧାରଣ ୩. ହିତ, ଲାଭ ୪. ନିର୍ଦ୍ଧାରିତ ସିଦ୍ଧାନ୍ତ ବା ସମ୍ଭାବନା ୫. କାର୍ଯ୍ୟସିଦ୍ଧି, ପରିଣତି ୬. ସନ୍ତାନ ୭. ନିର୍ଦ୍ଧାରଣ, ମୀମାଂସା ୮. କାର୍ଯ୍ୟାନୁଯାୟୀ ଦଣ୍ଡ ବା ପୁରସ୍କାର ।

**ଫଳକ** *ବି.* ୧. ଢାଲ, ଶସ୍ତ୍ର, ବିଜୁଳି ପଙ୍ଖାଦିର ଫଳା ବା ପଖା ୨. ପଟା ୩. କପାଳର ଉପାସ୍ଥି ୪. ଅସ୍ତ୍ରାଦିର ସୂକ୍ଷ୍ମାଗ୍ର ୫. ସ୍ମାରକୀ ଲେଖା ହୋଇଥିବା ପଥର ।

**ଫଳକର** ***ବିଂ.*** ୧. ଫଳପ୍ରଦ, ସିଦ୍ଧିଜନକ ୨. ଫଳ ବା ଶସ୍ୟ ଉତ୍ପାଦକ ।

**ଫଳକୀ** ***ବିଂ.*** ଢାଲଧାରୀ ; ***ବି.*** ୧. ଫଳିମାଛ ୨. ଫଳକଧାରୀ ଯୋଦ୍ଧା ।

**ଫଳତଃ** ***ଅ.*** ଫଳରେ, ଶେଷରେ, ପ୍ରକୃତପକ୍ଷେ ।

**ଫଳଦ** ***ବିଂ.*** ଫଳଦାୟକ, ସିଦ୍ଧିଦାତା ; ***ବି.*** ଗଛ ।

**ଫଳଦର୍ଶୀ** ***ବିଂ.*** ଦୂରଦର୍ଶୀ, କାର୍ଯ୍ୟର ଭବିଷ୍ୟତ ଅନୁମାନ କରିପାରୁଥିବା; (***ବି.*** ଫଳଦର୍ଶିତା), (***ସ୍ତ୍ରୀ.*** ଫଳଦର୍ଶିନୀ) ।

**ଫଳଦାତା** ***ବିଂ.*** ଯେ ଫଳ ଦିଅନ୍ତି ।

**ଫଳନ** ***ବି.*** ୧. ଫଳରୁ ଜନ୍ମ ୨. ସଙ୍ଗମ ୩. ପ୍ରସବ, ଉତ୍ପତ୍ତି ୪. ସତ୍ୟ ହେବା ୫. ଘଟିବା (***ବିଂ.*** ଫଳିତ) ।

**ଫଳନ୍ତା, ଫଳନ୍ତି** ***ବିଂ.*** ଫଳଯୁକ୍ତ, ଫଳ ଉତ୍ପାଦନକାରୀ, ଫଳିଥିବା ।

**ଫଳନ୍ତୀ** ***ବିଂ.*** ୧. ସନ୍ତାନ ପ୍ରସବିନୀ ୨. ଫଳିଥିବା ।

**ଫଳପାକାନ୍ତ** ***ବିଂ.*** ଫଳ ପାଚିଲେ ଯେଉଁ ଗଛ ମରିଯାଏ ।

**ଫଳପ୍ରଦ, ଫଳପ୍ରସୂ** ***ବିଂ.*** ଫଳଦାୟକ ।

**ଫଳବାନ୍, ଫଳଶାଳୀ** ***ବିଂ.*** ୧. ଫଳଯୁକ୍ତ ୨. କୃତକାର୍ଯ୍ୟ (***ସ୍ତ୍ରୀ.*** ଫଳବତୀ, ଫଳଶାଳିନୀ) ।

**ଫଳଭାଗୀ** ***ବିଂ.*** ଯେ କୃତକର୍ମର ପରିଣାମରେ ସୁଖ ବା ଦୁଃଖ ଭୋଗକରେ ।

**ଫଳଶ୍ରୁତି** ***ବି.*** କୌଣସି ପୁଣ୍ୟକାମ କଲେ ଯେଉଁ ଫଳ ମିଳେ ତାହା ଶୁଣିବା କିମ୍ବା ତା'ର ବିବରଣୀ ଦେବା ।

**ଫଳା** ***ବି.*** ୧. ତୀରର ଅଗ୍ରଭାଗ, ତୀକ୍ଷ୍ଣପ୍ରାନ୍ତ ୨. ବ୍ୟଞ୍ଜନ ବର୍ଣ୍ଣରେ ଯୋଗ କରାଯାଇ ପାରୁଥିବା ବ୍ୟଞ୍ଜନ ବର୍ଣ୍ଣର ଚିହ୍ନ (**ର** ଫଳା, **ନ** ଫଳା) ୩. ପରିଣାମ ୪. ଢ଼ାଲ ।

**ଫଳାଫଳ** ***ବି.*** ପରିଣାମ, କାର୍ଯ୍ୟର ଭଲ ବା ମନ୍ଦ ପରିଣତି ।

**ଫଳାହାର** ***ବି.*** ଫଳଭୋଜନ, ଭାତ ଛଡ଼ା ଅନ୍ୟାନ୍ୟ ନିରାମିଷ ଦ୍ରବ୍ୟ (ଚୂଡ଼ା, ଦହି, ମଣ୍ଡା, ଲୁଚି ଆଦି)ଖାଇବା ।

**ଫଳାହାରୀ** ***ବି. ବିଂ.*** ଫଳଖାଇ ବଞ୍ଚୁଥିବା ।

**ଫଳି** ***ବି.*** ୧. ଶିଢ଼ି ବା ଶଗଡ଼ର ଦଣ୍ଡାଦ୍ୱୟର ସଂଯୋଜକ ପଟା ଖଣ୍ଡ ୨. କାନର ସର୍ବ ନିମ୍ନାଂଶ ୩. **ମାଛ ବିଶେଷ ।**

**ଫଳିତ** ***ବିଂ.*** ୧. ସଂଘଟିତ ୨. ଫଳଯୁକ୍ତ ୩. ସତ୍ୟରେ ପରିଣତ, ସତ୍ୟରୂପେ ପ୍ରମାଣିତ ୪. ପରୀକ୍ଷାସିଦ୍ଧ ୫. ପ୍ରକ୍ରିୟାମୂଳକ ।

**ଫଳିତ ଜ୍ୟୋତିଷ** ***ବି.*** ମଣିଷ ଜୀବନ ଉପରେ ଗ୍ରହନକ୍ଷତ୍ରାଦିର ଫଳାଫଳ ଜ୍ଞାପକ ଜ୍ୟୋତିଷ ଶାସ୍ତ୍ର ।

**ଫଳିତାର୍ଥ** ***ବି.*** ସାରାଂଶ ; ***ବିଂ.*** ଶେଷରେ ଘଟୁଥିବା ।

**ଫଳିବା** ***କ୍ରି.*** ୧. ଗଛରେ ଫଳ ଧରିବା ୨. କାର୍ଯ୍ୟରେ ଘଟିବା ୩. ସତ୍ୟ ହେବା ୪. ଗର୍ଭବତୀ ହେବା ୫. ଉତ୍ପନ୍ନ ହେବା ୬. ଘିମିରି ଆଦି ଦେହରେ ବାହାରିବା, ଦେହ ରିବ୍‌ରିବ୍ ହୋଇଯିବା ।

**ଫଳୀ** ***ବି.*** ଫଏଲ, ଫଳି ବା ମାଛ ।

**ଫଳୋଦୟ** ***ବି.*** ଫଳର ଉତ୍ପତ୍ତି, ଉଦ୍ଦେଶ୍ୟ ସିଦ୍ଧି ।

**ଫଳୋନ୍ମୁଖ** ***ବିଂ.*** ଫଳଦାନ ପାଇଁ ଆରମ୍ଭ କରିବା, ଯାହା ଶୀଘ୍ର ଫଳଧରିବା ଅବସ୍ଥାରେ ଅଛି ।

**ଫଲ୍‌କାବା** ***କ୍ରି.*** ଫାଳ କରିବା, ଭାଗଭାଗ କରିବା ।

**ଫଲ୍‌ଗୁ** ***ବି.*** ୧. ବୁଦ୍ଧଗୟାର ଅନ୍ତଃସଲିଳା ନଦୀ ବିଶେଷ ୨. ଫଗୁ, ଅବିର ୩. ବସନ୍ତକାଳ ।

**ଫଲ୍‌ନା** ***ବିଂ.*** ଅମୁକ, ଯାହାର ନାମ ଉଚ୍ଚାରଣ ବର୍ଜିତ – ତାକୁ ସୂଚେଇବା ପାଇଁ କଥିତ ସର୍ବନାମ ।

**ଫଲ୍‌ଫଲି** ***ବି.*** ଖୋଲାହୃଦୟଥିବା ବାଚାଳ ନାରୀ ।

**ଫଲ୍‌ସି** ***ବି.*** ଯେଉଁ ଉପକରଣଦ୍ୱାରା ଫାଳ କରାଯାଏ ।

**ଫଲା** ***ବି.*** ଅସ୍ତ୍ରାଦିର ପଖା ବା ପାତ୍ର ।

**ଫସ୍** ***ଅ.*** ଶିଥିଳତା ସୂଚକ ଶବ୍ଦ; ***କ୍ରିବିଂ.*** ଅସତର୍କ ଭାବରେ ଓ ହଠାତ୍ ।

**ଫସ୍‌କା** ***ବିଂ.*** ୧. ଅସାର, ମୂଲ୍ୟହୀନ ୨. ହାଲୁକା ୩. ମାଦା ୪. ଢ଼ୁଗୁଳା, ଢ଼ିଲା ୫. ଶିଥିଳ ୬. ସ୍ଖଳନଶୀଳ ।

**ଫସ୍‌କାବା** ***କ୍ରି.*** ୧. ଗଣ୍ଠି ଫିଟାଇଦେବା ୨. ନିଷ୍ଫଳ କରିଦେବା ।

**ଫସ୍‌କିବା** ***କ୍ରି.*** ୧. ଢୁଗୁଳା ହେବା ୨. ଆୟତ୍ତକୁ ଆସୁ ଆସୁ ହାତରୁ ଖସିଯିବା ।

**ଫସ୍‌ଫରସ୍** ***ବି.*** ସହଜରେ ଜଳି ଉଠୁଥିବା ଓ ଅନ୍ଧାରରେ ଦୀପ୍ତି ପ୍ରକାଶକରୁଥିବା ମୌଳିକ ପଦାର୍ଥ ବିଶେଷ ।

**ଫସ୍‌ଫସା** ***ବିଂ.*** କୋମଳ, ହାଲୁକା, ନରମ ।

**ଫସ୍‌ଫସି** ***ବିଂ.*** ନରମ (ମାଟି) ।

**ଫସ୍‌ଫସିଆ** ***ବିଂ.*** ହାଲକା, କୋମଳ, ନରମ ।

**ଫସ୍‌ଲି** ***ବିଂ.*** ୧. ଠକ ୨. ଫସଲ ପ୍ରଦାନକାରୀ ।

**ଫସର୍‌ଫସ୍** ***ବି.*** ଫସର ଫାଟିବା, ବିଫଳତା ।

**ଫସର ଫାଟିବା** ***କ୍ରି.*** ୧. ଭୋର ହେବା ୨. ବ୍ୟର୍ଥ ବା ପଣ୍ଡହେବା ୩. ସିନ୍ଦୂରା ଫାଟିବା ।

**ଫସଲ** ***ବି.*** ଉତ୍ପନ୍ନ ଶସ୍ୟ ।

**ଫସଲୀ** ***ବିଂ.*** ଫସଲ ସମ୍ବନ୍ଧୀୟ, ଭଲ ଫସଲ ଉତ୍ପାଦକ ; ***ବି.*** ଆକବର ପ୍ରବର୍ତ୍ତିତ ସନ ବିଶେଷ ।

**ଫସା** ***ବି.*** କୁରାଢ଼ି, ଟାଙ୍ଗିଆ ଆଦି ଅସ୍ତ୍ରର ମୁଣ୍ଡପାଖ ।

**ଫସିବା** ***କ୍ରି.*** ୧. ଅନିଚ୍ଛା ସତ୍ତ୍ୱେ ସଂଯୁକ୍ତ ହେବା ୨. ପାଲରେ ପଡ଼ିବା ୩. ଠକିଯିବା ୪. ବିନା ଦୋଷରେ କୌଣସି ଅସୁବିଧାରେ ପଡ଼ିବା ।

**ଫସୁଆ** ***ବିଂ.*** ୧. ମିଛୁଆ ୨. ପ୍ରତାରକ, ଠକ ।

**ଫସେଇ ଦେବା** ***କ୍ରି.*** ୧. ପାଲରେ ପକାଇବା ୨. ପ୍ରତାରଣା କରିବା, ଚଞ୍ଚକତା କରିବା ୩. କାହାକୁ ବିନା ଦୋଷରେ ଅସୁବିଧା ବା ବିପଦରେ ପକାଇଦେବା ।

**ଫାଁକ୍** ***ବି.*** ୧. ଦୂରତା, ଫାଙ୍କ ୨. ପାଟି ଭର୍ତ୍ତି ବା ପାପୁଲି ଭର୍ତ୍ତି ପରିମାଣ ।

**ଫାଇଟିଙ୍ଗ୍** ***ବି.*** ୧. କଳହ ୨. ପ୍ରତିଯୋଗିତା ୩. ଝଗଡ଼ା ୪. ଯୁଦ୍ଧ ।

**ଫାଇଦା, ଫାଏଦା** ***ବି.*** ୧. ସୁଫଳ ୨. ଲାଭ ୩. ଉପକାର ।

**ଫାଇନ୍** ***ବି.*** ଜୋରିମାନା ; ***ବିଂ.*** ୧. ସୁନ୍ଦର ୨. ଭଲ, ମନଃପୂତ ।

**ଫାଇନାଲ୍** ***ବି. ବିଂ.*** ୧. ଚୂଡ଼ାନ୍ତ ୨. ଶେଷ ପର୍ଯ୍ୟାୟ ୩. ନିଷ୍ପତ୍ତି ।

**ଫାଇବର୍** ***ବି.*** ୧. ତନ୍ତୁ ୨. ସୂତା ୩. ସୂତ୍ରବତ୍ କାଚ ।

**ଫାଇଲ୍** ***ବି.*** ୧. ନଥିପତ୍ର ବା ଚିଠିପତ୍ର ଆଦିର ତାଡ଼ା ୨. କମ୍ପ୍ୟୁଟରରେ ବିଭିନ୍ନ ସାମଗ୍ରୀ ରଖା ହେବା ସ୍ଥାନ ୩. ଲୁହା ଆଦି କାଟିବା ପାଇଁ ଧାରୁଆ ଲୁହା ହତିଆର ।

**ଫାଇଲେରିଆ** ***ବି.*** ବାତଜ୍ୱର ।

**ଫାଉ** ***ବି.*** ୧. ଗପୁଡ଼ି ୨. ବଡ଼ବଡ଼ କଥା କହୁଥିବା ଲୋକ ୩. ମନଗଢ଼ା କଥା କହୁଥିବା ବ୍ୟକ୍ତି ୪. ଯଥାର୍ଥ ପ୍ରାପ୍ୟରୁ ଅଧିକା କିଛି ; ***ବିଂ.*** ଅଧିକା, ମାଗଣା, ଅତିରିକ୍ତ ।

**ଫାଉଆ, ଫାଉମରା** ***ବିଂ.*** କାମ ନ କରି ବା କିଛି ନ ଜାଣି ଅଧିକ କଥା କହୁଥିବା ବା ଠକୁଥିବା, ଗାଲୁଆ ।

**ଫାଉଡା** ***ବି.*** ମାଟି ହାଣିବାରେ ବ୍ୟବହୃତ ଚଉଡା ପତ୍ର ଥିବା ଲୁହା ସରଞ୍ଜାମ, ରଫା, କୋଦାଳ ।

**ଫାଉଣ୍ଟେନ୍** ***ବି.*** ୧. ଝରକଲମ, ଫାଉଣ୍ଟେନ ପେନ୍ ୨. ଝରଣା ।

**ଫାଉଣ୍ଟେନ ପେନ୍** ***ବି.*** ଝରକଲମ ।

**ଫାଉଣ୍ଡା** ***ବି.*** ନଡ଼ିଆ ବା ତାଳଗଛର ବାହୁଙ୍ଗାର ମୂଳ ଅଂଶ ।

**ଫାଉଣ୍ଡେସନ** ***ବି.*** ୧. ଭିତ୍ତି ୨. ମୂଳଦୁଆ ।

**ଫାଉଲ୍** ***ବି.*** ଖେଳରେ ଧର୍ତ୍ତବ୍ୟ ଦୋଷ ।

**ଫାକାସି, ଫକାସି** ***ବି.*** ନିଃଶ୍ୱାସ, ଦମ୍ ।

**ଫାକୁଲା** ***ବି.*** ମୁତଫରକା ***ବିଂ.*** ମୋଟା ।

**ଫାଙ୍କ** ***ବି.*** ୧. ଶୂନ୍ୟ, ଦୁଇ ବସ୍ତୁ ମଧ୍ୟରେ ଥିବା ସ୍ଥାନ ୨. ବ୍ୟବଧାନ ୩. ତଫାତ ୪. ଅବକାଶ ୫. ପ୍ରଭେଦ ୬. ଛିଦ୍ର ୭. ସଂକୀର୍ଣ୍ଣ ଖୋଲାସ୍ଥାନ ।

**ଫାଙ୍କତା** ***ବିଂ.*** ୧. ଛଳନାପୂର୍ଣ୍ଣ ୨. ଠକ, ପ୍ରତାରକ ।

**ଫାଙ୍କା** ***ବିଂ.*** ୧. ତଫାତ ଥିବା ୨. ଖୋଲା ୩. ବ୍ୟବଧାନଯୁକ୍ତ ୪. ଶୂନ୍ୟ, ଖାଲି ୫. ନିର୍ଜନ ୬. ଯାହା ଫାଙ୍କିଦିଏ ୭. ଅବିଶ୍ୱାସ୍ୟ ୮. ଭିତ୍ତିହୀନ, ଅସାର ; ***ବି.*** ଉନ୍ମୁକ୍ତ ସ୍ଥାନ, ଖୋଲା ସ୍ଥାନ ।

**ଫାଙ୍କା ଆବାଜ** ***ବି.*** ୧. ତୁଚ୍ଛାଶବ୍ଦ ୨. ବୃଥା ଧମକ ।

**ଫାଙ୍କି** ***ବି.*** ୧. ଠକାମି, ବଞ୍ଚନା ୨. ଛଳନା ୩. ଅନ୍ୟର ଅଲକ୍ଷ୍ୟରେ କାମରେ ଅବହେଳା ।

**ଫାଙ୍କିବା, ଫାଙ୍କିମାରିବା** ***କ୍ରି.*** ୧. କାମରେ ଅବହେଳା କରିବା ୨. ଠକିବା, ପ୍ରତାରିତ କରିବା ।

**ଫାଙ୍କିବାଜ** ***ବିଂ.*** ଫାଙ୍କି ଦେବାରେ ଅଭ୍ୟସ୍ତ ବା ଦକ୍ଷ ।

**ଫାଙ୍କିବାଜି** ***ବି.*** ଫାଙ୍କିବାଜର ଆଚରଣ ।

**ଫାଙ୍ଗୁଲା** ***ବିଂ.*** ୧. ପୁଙ୍ଗୁଳା, ଖୋଲାଦେହ ୨. ଦାୟିତ୍ୱହୀନ ; ***ବି.*** କୌଶଳ ।

**ଫାଜଲ** ***ବିଂ.*** ୧. ଜାଣିଥିବା ଭଳି ଯେ ବହୁତ କଥା କହେ, ପ୍ରଗଳ୍‌ଭ ୨. ଅତିରିକ୍ତ, ଉଦ୍‌ବୃତ୍ତ, ବଳକା ।

**ଫାଜଲାମି, ଫାଜିଲାମି** ***ବି.*** ୧. ଫାଜିଲର ଆଚରଣ ୨. ଚଗଲାମି, ଦୁଷ୍ଟାମି ।

**ଫାଜି** ***ବି.*** ଏକପ୍ରକାର ଶାଗ ।

**ଫାଜିଲ୍** ***ବିଂ.*** ୧. ଅଭଦ୍ର ୨. ପ୍ରଗଳ୍‌ଭ, ଜାଣିଲାଭଳି ଗୁଡ଼େ କଥା କହୁଥିବା ।

**ଫାଟ** ***ବି.*** ୧. ରେଖାପରି ଫାଙ୍କ ବା ଛିଦ୍ର, ବିଦୀର୍ଣ୍ଣ ଅଂଶ ୨. ଅମେଳ ।

**ଫାଟକ** ***ବି.*** ବାହାର ଦ୍ୱାର, ଘରର ହତାକୁ ପଶିବାର ମୁଖ୍ୟ ଦ୍ୱାର ।

**ଫାଟସୃଷ୍ଟି** ***ବି.*** ୧. ମନଅମେଳ ଭାବ ଜନ୍ମାଇବା ୨. କୌଣସି କଠିନ ପଦାର୍ଥର ରୂପଖ ଅବସ୍ଥା ବାହ୍ୟଚାପ ଅଥବା ଅନ୍ୟକାରଣ ଯୋଗୁଁ ଫାଟି ଯିବା ଅବସ୍ଥା ।

**ଫାଟିବା** ***କ୍ରି.*** ୧. ବିଦୀର୍ଣ୍ଣ ହେବା ୨. ବିଭକ୍ତ ହେବା ୩. ମତଭେଦ ଦେଖାଦେବା ୪. ଉତ୍ସାହଶୂନ୍ୟ ହେବା ୫. ମନ୍ଦଯଶଯୁକ୍ତ ହେବା ୬. ସ୍ୱରୂପ ହରାଇବା ୭. ନଷ୍ଟ ହୋଇଯିବା ୮. କ୍ଷୀର ଛିଣ୍ଡିଯିବା ।

**ଫାଟୁଆ** ***ବି.*** ଗୋମହିଷାଦିର ଖୁରାରେ ହେଉଥିବା ରୋଗ ବିଶେଷ ।

**ଫାଡା** ***ବି.*** ୧. ଦେଖେଇ ହେବା ସ୍ୱଭାବର ୨. ଛତରା, ବଜାରି ୩. ଡମ୍ଫା ।

**ଫାଡ଼ିବା** ***କ୍ରି.*** ୧. ଚିରିବା, ଫାଳ ବା ଖଣ୍ଡ କରିବା ୨. ଅଲଗା କରିବା ୩. ଫରଚାଇବା ।

**ଫାଣ୍ଡି** ***ବି.*** ଛୋଟ ପୋଲିସ ଥାନା ।

**ଫାଣ୍ଡିଦାର୍** ***ବି.*** ଫାଣ୍ଡି ଅଧିକାରୀ ।

**ଫାଣ୍ଡ୍ରି** ***ବି.*** କୌଣସି ପଦାର୍ଥ ଗଢ଼ଣ ପ୍ରତିଷ୍ଠାନ, ଫାଉଣ୍ଡ୍ରି ।

**ଫାଣ୍ଡେରା** ***ବିଂ.*** ଫିକା, ରଙ୍ଗଛଡ଼ା ।

**ଫାତିଆ** ***ବି.*** ଠିଆ ଠିଆ ପୂଜା ।

**ଫାଦ୍‌ରି, ଫାଦ୍ରି** ***ବିଂ.*** ବହୁ ପୁରୁଷଙ୍କ ସହିତ ଶାରୀରିକ ସମ୍ପର୍କ ରଖିଥିବା ନାରୀ ।

**ଫାନୁସ** ***ବି.*** ୧. ଗରମ ବାୟୁଭରା, କାଗଜର ବେଲୁନ ବିଶେଷ- ଯାହା ମଧ୍ୟରେ ଦୀପ ଥାଏ ୨. ଝାଡ଼ ଆଲୁଅ ୩. ବହୁ ସଂଖ୍ୟାରେ ଦୀପ ବା ବଲ୍‌ବ ଥିବା ଏବଂ ଘର ଛାତରୁ ଝୁଲା ହୋଇଥିବା ଆଲୋକ ସଜ୍ଜା, ସେଣ୍ଡେଲିଅର୍ ।

**ଫାନ୍ଦ** ***ବି.*** ୧. ବାଗୁରା, ଫାଶ ୨. କୂଟ କୌଶଳ ।

**ଫାନ୍ଦିବା** ***କ୍ରି.*** ୧. ମନରୁ କାଢ଼ିବା ବା ଯୋଡ଼ିବା, ମନରୁ ବାହାର କରି କହିବା ବା ଲେଖିବା ୨. ଜାଲ ବିଛେଇବା ।

**ଫାବଡ଼** ***ବି.*** ବାଡ଼ି ବା କାଠ ପଦାର୍ଥ ।

**ଫାବିବା** ***କ୍ରି.*** ହକ୍ ହେବା, ପ୍ରାପ୍ୟବୋଲି ସ୍ଥିର ହେବା, ପ୍ରବର୍ତ୍ତିବା ।

**ଫାବି ଯିବା** ***କ୍ରି.*** ଆଶ୍ୱସ୍ତ ବୋଧ କରିବା, ରକ୍ଷା ପାଇବା।

**ଫାମ୍ପଡ଼େଇବା** ***ବି.*** ୧. ଫମ୍ପା ହୋଇଯିବା ୨. ଧାନଗଛ ଅଫଳନ୍ତି ଭାବେ ବୃଦ୍ଧି ପାଇବା ।

**ଫାମ୍ପିବା** ***କ୍ରି.*** ୧. ପେଟ ବାୟୁପୂର୍ଣ୍ଣ ହେବା ୨. ଫୁଲି ଉଠିବା।

**ଫାୟାର୍** ***ବି.*** ନିଆଁ, ଅଗ୍ନି ।

**ଫାୟାର୍ ଅଫିସ୍** ***ବି.*** ଅଗ୍ନିଶମ ସେବା କାର୍ଯ୍ୟାଳୟ ।

**ଫାୟାର୍ କରିବା** ***କ୍ରି.*** ଗୁଳି ମାରିବା ।

**ଫାୟାର୍ ବ୍ରିଗେଡ୍** ***ବି.*** ଅଗ୍ନିଶମ ସେବାବାହିନୀ, ନିଆଁଲିଭାଳି ଦଳ।

**ଫାୟାର୍‌ମ୍ୟାନ** ***ବି.*** ଅଗ୍ନିଶମ ସେବକ, ନିଆଁଲିଭାଳି ।

**ଫାୟାର୍ ଷ୍ଟେସନ୍** ***ବି.*** ଅଗ୍ନିଶମ ସେବାସଂସ୍ଥା ।

**ଫାର୍** ***ବି.*** ଜମିରୁ ପାଣି ନିଗିଡ଼ିବାପାଇଁ ହିଡ଼ କଟା ; ହିଡ଼ର ଆପେ ଭାଙ୍ଗି ଯାଇ ପାଣି ନିଗିଡ଼ିଯିବା ଅଂଶ ।

**ଫାର୍‌ମ୍, ଫାର୍ମ୍** ***ବି.*** ୧. ବ୍ୟବସାୟ ପ୍ରତିଷ୍ଠାନ, ଫାର୍ମ ୨. ଆବଦ୍ଧ ବଡ଼ ଉଦ୍ୟାନ ବା କ୍ଷେତ ।

**ଫାର୍‌ମ୍ କୁକୁଡ଼ା** ***ବିଂ.*** ସଙ୍କର ଜାତୀୟ କୁକୁଡା ।

**ଫାର୍ମହାଉସ** ***ବି.*** ଆବଦ୍ଧ ଉଦ୍ୟାନ ଭିତରେ ଥିବା ଘର ।

**ଫାର୍‌ମାସିଷ୍ଟ** ***ବିଂ.*** ୧. ଚିକିତ୍ସକଙ୍କ ସହାୟକ ୨. ଔଷଧ ପ୍ରସ୍ତୁତକାରୀ ୩. ଔଷଧ ଦୋକାନୀ ।

**ଫାର୍‌ଶା,ଫାର୍ଶା** ***ବି.*** ୧. ପରଶୁ, ଟାଙ୍ଗିଆ ୨. ଖଟାମିଠା ସ୍ୱାଦଥିବା କୋଳି ବିଶେଷ ।

**ଫାର୍‌ସୀ, ଫାର୍ସୀ** ***ବିଂ.*** ପାରସ୍ୟ ଦେଶୀୟ ; ***ବି.*** ପାରସ୍ୟ ଦେଶର ଭାଷା ବା ଅଧିବାସୀ ।

**ଫାରେନ୍‌ହିଟ୍** ***ବି.*** ତାପ ମାପିବାର ମାନକ ଓ ମାନାଙ୍କନ ପ୍ରକ୍ରିୟା ।

**ଫାର୍ସ୍** ***ବି.*** ୧. ପ୍ରହସନ ୨. ଏକ ଅଙ୍କବିଶିଷ୍ଟ ହାସ୍ୟରସାତ୍ମକ ନାଟକ ।

**ଫାଳ** ***ବି.*** ୧. ଦ୍ରବ୍ୟର ଅଂଶ ବା ଖଣ୍ଡ ୨. ବହିର ପତ୍ର ୩. ଅର୍ଦ୍ଧାଂଶ ୪. ଲଙ୍ଗଳର ଲୁହା ।

**ଫାଳିଆ** ***ବି.*** ୧. ଲମ୍ବାଖଣ୍ଡ ୨. ଚିରା କାଠଫାଳ ।

**ଫାଳିକିଆ** ***ବିଂ.*** ଏକଫାଳବିଶିଷ୍ଟ ।

**ଫାଲ୍** ***ବି.*** ୧. ପାଖ, ଆଡ, ପାର୍ଶ୍ୱ ୨. ଅଂଶ ୩. ଅଞ୍ଚଳ ୪. ଫାଳ ।

**ଫାଲ୍‌ଗୁନ ମାସ** ***ବି.*** ଫଗୁନ ମାସ, ଫଗୁଣ ମାସ ।

**ଫାଲ୍‌ଗୁନୀ** ***ବି.*** ୧. ଅର୍ଜୁନ, କୁନ୍ତୀଙ୍କ ପୁଅ, ମଧ୍ୟମ ପାଣ୍ଡବ ୨. ପୂର୍ବ ଓ ଉତ୍ତରା ଫାଲ୍‌ଗୁନୀ ନକ୍ଷତ୍ର ।

**ଫାଲଟା** ***ବି.*** କଚ୍ଛା ନମାରି ଧୋତି ପିନ୍ଧା ।

**ଫାଲତୁ** ***ବିଂ.*** ୧. ବାଜେ ୨. ଅତିରିକ୍ତ ୩. ଅନାବଶ୍ୟକ ।

**ଫାଲୁଆ** ***ବିଂ.*** ସ୍ଥୂଳକାୟ, ଫୁଲରା (ମୁହଁ) ।

**ଫାଲୁଆ ଗୁଣ୍ଡା** ***ବିଂ.*** ବଡ଼ ଖାଦ୍ୟଗୁଣ୍ଡା ।

**ଫାଲୁଆମୁହାଁ** ***ବିଂ.*** ବଡ଼ମୁହାଁ, ଶରୀର ତୁଳନାରେ ଯାହାର ମୁହଁ ଆକୃତି ବଡ଼ ।

**ଫାଶ** ***ବି.*** ୧. ବାଗୁରା ୨. ଫାନ୍ଦ ୩. କୂଟ କୌଶଳ ।

**ଫାଶି** ***ବି.*** ଏକ ପ୍ରକାର ଗଛ ଓ ତାର କାଠ ।

**ଫାଶୀ** ***ବି.*** ୧. ଗଳାରେ ଦଉଡ଼ି ବାନ୍ଧି ଝୁଲି ରହି ଆତ୍ମହତ୍ୟା ୨. ଗଳାରେ ଫାଶ ଦେଇ ମୃତ୍ୟୁଦଣ୍ଡ ୩. ଫାଶି, ରଥ ତିଆରିରେ ବ୍ୟବହୃତ କାଠ ଓ ତାହାର ଗଛ ୪. ଭଉଁରୀ ଜାଲର ଘେର ।

**ଫାସିଆ** ***ବି.*** ନାକ ବା କାନର ଅଳଙ୍କାର ବିଶେଷ ।

**ଫାସୁ** ***ବି.*** କୋରା ନଡ଼ିଆର ଖଦରା ଅଂଶ ।

**ଫି** ***ବିଂ.*** ୧. ପ୍ରତି, ପ୍ରତ୍ୟେକ, ଏକ ଏକ ହୋଇ ସମସ୍ତ ୨. ଦେୟ ; ***ବି.*** ୧. ଡାକ୍ତର, ଓକିଲ ଆଦିଙ୍କ ପ୍ରାପ୍ୟ ୨. ବେତନ, ମାସୁଲ ।

**ଫିକର** ***ବି.*** ୧. ଉପାୟ ଚିନ୍ତା, ଉପାୟ ୨. କୌଶଳ ୩. ମତଲବ ୪. ଛଳନା ।

**ଫିକା** ***ବିଂ.*** ୧. ପାଣ୍ଡୁର ୨. ରକ୍ତହୀନ ୩. ଅନୁଜ୍ଜ୍ୱଳ ୪. ନିକ୍ଷିପ୍ତ, ଫିଙ୍ଗା ହୋଇଥିବା ।

**ଫିକାଉତା** ***ବି.*** ୧. ରାଗ ଅଥବା ବିରକ୍ତିରେ ବା ସମୟ ଅଭାବରୁ ଜିନିଷପତ୍ର ଏଣେତେଣେ ପକାଇବା ୨. ଫିଙ୍ଗାଫୋପଡ଼ା ।

**ଫିକା ପଡ଼ିବା** ***କ୍ରି.*** ମଳିନ ପଡ଼ିବା, ଶେତା ପଡ଼ିଯିବା, ରଙ୍ଗ ହରାଇବା ।

**ଫିକାଳିଆ** ***ବିଂ.*** ଫିକା ପଡୁଥିବା, ମଉଳଣ ପଡୁଥିବା ।

**ଫିକି** ***ବି.*** ତାସଖେଳ ।

**ଫିକି ଦେବା** ***କ୍ରି.*** ଫିଙ୍ଗି ଦେବା, ଫୋପାଡ଼ି ଦେବା ।

**ଫିଙ୍ଗା** ***ବିଂ.*** ୧. ଫୋପଡ଼ା ହୋଇଥିବା, ନିକ୍ଷିପ୍ତ ୨. ତ୍ୟକ୍ତ ; ***ବି.*** ନିକ୍ଷେପ ।

**ଫିଙ୍ଗାଜାଲ** ***ବିଂ.*** ଭଉଁରୀ ଜାଲ ।

**ଫିଙ୍ଗିବା** ***କ୍ରି.*** ୧. ଫୋପାଡ଼ିବା, ନିକ୍ଷେପ କରିବା ୨. ପକାଇବା ।

**ଫିଜ୍** ***ବି.*** ସ୍କୁଲ କଲେଜ, ଡାକ୍ତରଖାନା ଆଦିରେ ଦେବାକୁ ଦେୟ ।

**ଫିଜୁଲ** ***ବିଂ.*** ଅକାରଣ, ଅନାବଶ୍ୟକ ।

**ଫିଟ୍** ***ବିଂ.*** ୧. ସୁସ୍ଥ ୨. ଉପଯୁକ୍ତ, ଯୋଗ୍ୟ ୩. ପ୍ରସ୍ତୁତ ; ***ବି.*** ଅବସର, ସମୟ ପାଇବା, ଫୁର୍‌ସତ ।

**ଫିଟ୍‌କେଇ ଦେବା** ***କ୍ରି.*** ୧. ବନ୍ଧା ପଶୁ ଫିଟିଯିବାପାଇଁ ଚେଷ୍ଟା କରିବା ୨. ଅଲଗା ହେବା ୩. ଫିରକେଇଯିବା ।

**ଫିଟ୍‌ଫାଟ୍** ***ବିଂ.*** ୧. ସଜବାଜ ହୋଇଥିବା ୨. ଶୋଭାବନ୍ତ ୩. ଉପଯୁକ୍ତ ।

**ଫିଟନ** ***ବି.*** ଛାତଖୋଲା ଘୋଡାଗାଡ଼ି ବିଶେଷ ।

**ଫିଟର୍** ***ବି.*** ମରାମତିକାରୀ ।

**ଫିଟା** ***ବିଂ.*** ୧. ମେଲା, ଖୋଲା ୨. ବନ୍ଧନମୁକ୍ତ ୩. ସ୍ପଷ୍ଟ ପ୍ରକାଶିତ ୪. ଉଦ୍‌ଘାଟିତ ।

**ଫିଟିକିରି** *ବି.* କଷାୟ ଲବଣ ବିଶେଷ, ଧାତବପଥର ।

**ଫିଟିଙ୍ଗ୍** *ବି.* ୧. ମାନିବା, ଫିଟ୍‌ହେବା ୨. ଖଞ୍ଜିବା କାର୍ଯ୍ୟ ୩. ମାପ ଅନୁସାରେ ପ୍ରସ୍ତୁତି ୪. ମରାମତି କରିବା ୫. ସଜାଡ଼ିବା ୬. ଯୋଡାଯୋଡ଼ି କରିବା ୭. ଆବଶ୍ୟକ ସାମଗ୍ରୀ ।

**ଫିଟିବା** *କ୍ରି.* ୧. ମୁକୁଳା ବା ମେଲା ହେବା ୨. ଖୋଲିବା, ବନ୍ଧନମୁକ୍ତ ହେବା ୩. ଉଦ୍‌ଘାଟିତ ହେବା ।

**ଫିଡ଼ିକିବା, ଫିଡ଼ିକି ଯିବା** *କ୍ରି.* ୧. ଦୁରୁଡ଼ିବା ୨. ଛିଟିକିବା, ତରକିବା ୩. ଅଲଗା ହୋଇଯିବା ୪. ଘୁଞ୍ଚିଯିବା ।

**ଫିଡ଼ିଙ୍ଗ୍ ବଟଲ୍** *ବି.* ଶିଶୁଙ୍କୁ ପାଣି ବା କ୍ଷୀର ପିଆଇବା ବୋତଲ ।

**ଫିତା** *ବି.* ୧. ମୋଟା ସୂତାରେ ବୁଣା ଲମ୍ବା ସୋରା ୨. ଲଣ୍ଠନାଦିରେ ବ୍ୟବହୃତ ବତି ୩. ରିବନ୍ , ମୁଣ୍ଡବନ୍ଧା ସୂତାର ପାତଳା ପଟି ।

**ଫିତୁରି** *ବି.* ପ୍ରଜାମେଳି ।

**ଫିନ୍‌ଫିନ୍** *ବିଂ.* ସଫା, ଇସ୍ତ୍ରୀ କରା ।

**ଫିନାଇଲ** *ବି.* ପେଟ୍ରୋଲିଅମ ପଦାର୍ଥରୁ ପ୍ରସ୍ତୁତ ଜୀବାଣୁନାଶକ ତରଳ ରାସାୟନିକ ପଦାର୍ଥ ବିଶେଷ ।

**ଫିମ୍ପି** *ବି.* ଓଦାଳିଆ ସ୍ଥାନରେ ରଖା ପଦାର୍ଥରେ ଜନ୍ମୁଥିବା ଛତିଆ ।

**ଫିମ୍ପିକାଠିଆ** *ବିଂ.* ୧. ପତଳା, ସରୁଆ ୨. ଅନ୍ତଃସାରଶୂନ୍ୟ ।

**ଫିମ୍ପି ମାରିବା** *କ୍ରି.* ପ୍ରାକୃତିକ ଉପାୟରେ କୌଣସି ପଦାର୍ଥ ଶକ୍ତି ହରାଇବା ଯୋଗୁଁ ତହିଁରେ ଧଳାଚିହ୍ନ ହେବା, ଛତୁ ଫୁଟିଯିବା, ଫଙ୍ଗସ୍ ହୋଇଯିବା ।

**ଫିମ୍ପୁଡି** *ବି.* ୧. ବାସ୍ତବତାକୁ ଲୁଚାଇବା ପାଇଁ ବଡ଼ପାଟିରେ କଥା କହିବା ୨. ଅବଜ୍ଞାସୂଚକ ରୁକ୍ଷ ଉତ୍ତର ୩. ଭ୍ରୂଭଙ୍ଗୀ, ମୁହଁଭୁରୁଡ଼ି ।

**ଫିରିକ** *ବି.* ୧. ଫିରିକି, ବାଉଁଶ ଡାଙ୍ଗ ଅଗରେ ତାଳପତ୍ର ଅଥବା ବାଉଁଶ ପାତିଆରେ ପ୍ରସ୍ତୁତ ହେବା ଚକ୍ରୀ ୨. କଙ୍କି ।

**ଫିରିକି** *ବି.* ଏକ ପ୍ରକାର ଶାଗ ।

**ଫିରିକି ଯିବା** *କ୍ରି.* କୌଣସି ଆଶଙ୍କା ଯୋଗୁ ସ୍ଥାନ ଛାଡ଼ି ଚାଲିଯିବା ।

**ଫିରିଙ୍ଗି** *ବି.* ୧. ଇଂଲଣ୍ଡର ଅଧିବାସୀ, ଇଂରେଜ ୨. ଶ୍ୱେତାଙ୍ଗ ବିଦେଶୀ ।

**ଫିରିଙ୍ଗି ଅମଳ** *ବି.* ବ୍ରିଟିଶ ଶାସନ ସମୟ ।

**ଫିରିଫିରା** *ବି.* ୧. କାନର ଗହଣା ବିଶେଷ ୨. ବିମାନସଜ୍ଜାରେ ବ୍ୟବହୃତ ଝୁଲ ୩. ପ୍ରଜାପତି ୪. ଟିପିଟିପି ବର୍ଷା ୫. ବମାପୋକ ।

**ଫିରିଫିରି** *ବି.* ମୁହଁ ଗୋଜିଆ କରି ପେଟ ଭିତରୁ ପବନ ଆଣି ଧ୍ୱନି ସୃଷ୍ଟି, ହୁଇସିଲ୍, ସୁସୁରି ।

**ଫିରେଇ** *ବି.* ମୁଣ୍ଡର କେଶବିନ୍ୟାସ ବିଶେଷ, ଟେରି ।

**ଫିଲ୍‌ଡିଙ୍ଗ୍** *ବି.* କ୍ରିକେଟ ଖେଳରେ ପଡ଼ିଆର ସୀମା ଭିତରେ ବଲ୍ ଜଗିବା, କ୍ଷେତ୍ରରକ୍ଷଣ ।

**ଫିଲର୍** *ବି.* ମୂଳଲେଖା ବା ପରିବେଷିତ ଦୃଶ୍ୟ ସହିତ ସମ୍ପୃକ୍ତ ନଥାଇ ଅତିରିକ୍ତ ଲେଖା ବା କାର୍ଯ୍ୟକ୍ରମ ।

**ଫିଲାମେଣ୍ଟ** *ବି.* ବିଜୁଳି ବଲ୍‌ବ୍ ଭିତରେ ଥିବା ବିଦ୍ୟୁତ୍‌ବାହୀ ସୂକ୍ଷ୍ମ ତାର ।

**ଫିଲିଙ୍ଗ୍‌ଷ୍ଟେସନ୍** *ବି.* ଯାନରେ ପେଟ୍ରୋଲ୍ ବା ଡିଜେଲ୍ ଭରିବା ସ୍ଥାନ।

**ଫିଷ୍ଟ୍** *ବି.* ଭୋଜି, ସମୂହଭୋଜନ ।

**ଫିସ୍** *ବି.* ୧. ଫିଜ୍, ପାରିଶ୍ରମିକ ୨. ଦରମା ୩. ମାସୁଲ ୪. ମାଛ ।

**ଫିସ୍‌ଫିସ୍** *ବିଂ.* ଚୁପିଚୁପି, ଅନୁଚ୍ଚ ସ୍ୱରରେ ।

**ଫିସ୍‌ଲିଯିବା** *କ୍ରି.* ଖସି ପଡ଼ିବା ।

**ଫିସାଦ, ଫିସାଦି** *ବି.* ଛଳନାପୂର୍ଣ୍ଣ କୂଟବୁଦ୍ଧି, ଦୁର୍ବୁଦ୍ଧି, ଚକ୍ରାନ୍ତ ।

**ଫିସାଦିଆ** *ବିଂ.* ଫିସାଦ ପାଞ୍ଚୁଥିବା, କୁତୁରୁପିଆ, ପେଞ୍ଚୁଆ ।

**ଫିହାଲ, ଫିସନ, ଫିସାଲ** *ବି.* ପ୍ରତ୍ୟେକବର୍ଷ, ସବୁବର୍ଷ ।

**ଫୁ** *ଅ.* ୧. ପାଟିରୁ ପବନ ବାହାର କରିବା ୨. ଅବଜ୍ଞାସୂଚକ ଉଚ୍ଚାରଣ ।

**ଫୁଇ** *ବି.* ୧. ବନଶୀକଣ୍ଟାକୁ ପାଣିରେ ଉକୁଚାଇ ରଖିବାପାଇଁ ବ୍ୟବହୃତ ସୋଲ ବା ମୟୂର ପରର କାଠି, ତେରେଣ୍ଡା ୨. ଛୋଟ ଛୋଟ ଆଖୁଖଣ୍ଡ ୩. ସଞ୍ଚିତ ଧନ ୪.ସହମତି, ସମର୍ଥନ ।

**ଫୁଉରା** *ବିଂ.* ଫୋଏରା, ଅପରିଷ୍କାର, ଅପରିଚ୍ଛନ୍ନ ।

**ଫୁକ୍‌ନଲା** *ବି.* ଫୁଙ୍କନଳୀ।

**ଫୁକା** *ବି.* ୧. ଫୁଙ୍କିବା କାର୍ଯ୍ୟ ୨. ଫୋଟକା ୩. ବେଲୁନ ।

**ଫୁକାର** *ବି.* ୧. ଫୁଫୁଶବ୍ଦ ୨. ଉଚ୍ଚସ୍ୱରରେ ଆହ୍ୱାନ ୩. ଉଚ୍ଚସ୍ୱରରେ ପ୍ରଚାର ୪. ପୋଲତଳେ ପାଣିଯିବା ବାଟ ୫. ହାତ ଆଙ୍ଗୁଠିରେ ହୋଇଥିବା ଏକ ପ୍ରକାର ଘା ।

**ଫୁକାରିବା** *କ୍ରି.* ୧. ଉଚ୍ଚସ୍ୱରରେ ଡାକିବା ୨. ଉଚ୍ଚସ୍ୱରରେ ଘୋଷଣା କରିବା ୩. ପ୍ରଚାର କରିବା ୪. ଘୁଙ୍ଗୁଡ଼ି ମାରିବା ।

**ଫୁକିଆ** *ବି.* ପାହାନ୍ତି, ରାତିର ଶେଷ ପ୍ରହର ।

**ଫୁଗୁଡ଼ି** *ବି.* ଘରଚଟିଆ, ଘର ଭିତରେ ରହୁଥିବା ପ୍ରାୟ ମାଟିଆ ରଙ୍ଗର ଛୋଟ ଚଢ଼େଇ ।

**ଫୁଙ୍କ** *ବି.* ୧. ଫୁତକାର ୨. ଧୂଆଁଦେଇ ଫଳାଦି ପକ୍ୱ କରିବାର ପ୍ରକ୍ରିୟା ।

**ଫୁଙ୍କନଳୀ** *ବି.* ଚୁଲି ଫୁଙ୍କିବା ପାଇଁ ଅଥବା ବଣିଆଦ୍ୱାରା ଧାତୁ ଆଉଟିବା ପାଇଁ ବ୍ୟବହୃତ ଫୁଙ୍କା ନଳୀ ।

**ଫୁଙ୍କାଫୁଙ୍କି** *ବି.* ୧. ଝଡ଼ାଫୁଙ୍କା ୨. ଶିଖାଶିଖି ୩. କାନରେ ପବନ ପ୍ରବେଶ ।

**ଫୁଙ୍କିବା** *କ୍ରି.* ୧. ଦୁଇ ଓଠ ସାହାଯ୍ୟରେ ବେଗରେ ପବନ ବାହାର କରିବା ୨. କାନରେ ମନ୍ତ୍ର ବା କୁମନ୍ତ୍ରଣା ଦେବା ୩. ଶଙ୍ଖ, ମହୁରି ଆଦି ବଜାଇବା ୪. କର୍ଣ୍ଣମନ୍ତ୍ର ଦେବା ।

**ଫୁଙ୍ଗା** *ବି.* ୧. ଖୋଲା, ଫୁଙ୍ଗୁଳା, ନଙ୍ଗଳା ୨. କାହାଳି, ଶିଂଗା ଭଳି ଏକ ପ୍ରକାର ଫୁଙ୍କା ବାଦ୍ୟଯନ୍ତ୍ର ।

**ଫୁଙ୍ଗୁଳା** *ବିଂ.* ଫୁଙ୍ଗୁଳା, ଖୋଲା, ଅନାବୃତ, ଆବରଣହୀନ ।

**ଫୁଟ୍** *ବି.* ୧. ବାରଇଞ୍ଚ ପରିମାଣ ୨. ଫଳର ଖୋଷା ୩. ଛୋଟ ମାଂସ ଖଣ୍ଡ ।

**ଫୁଟ୍‌କା** *ବିଂ.* ଫୁଲି ଯାଇଥିବା, ବିନ୍ଧି ହୋଇ ଯାଇଥିବା; *ବି.* ୧. ବାଣ ୨. ଫୋଟକା ।

**ଫୁଟଣ** *ବି.* ହାଣ୍ଡିଫୁଟା, ତରକାରୀ ବଘାରିବାରେ ବ୍ୟବହୃତ ମେଥି, କଳାଜିରା, ପାନମଧୁରୀ, ସୋରିଷ, ଜିରା ଆଦିର ମିଶ୍ରଣ ।

**ଫୁଟନ୍ତ** *ବିଂ.* ବିକଶିତ, ଫୁଟିଥିବା, ଫୁଟିଆସୁଥିବା ।

**ଫୁଟନ୍ତା** *ବିଂ.* ୧. ପ୍ରସ୍ଫୁଟିତ, କଢ଼ିରୁ ଖୋଲି ଯାଉଥିବା ୨. ନିଆଁତାପରେ ଉତ୍ତପ୍ତ ହୋଇ ବୁଦ୍‌ବୁଦ ଜନ୍ମାଉଥିବା ।

**ଫୁଟବଲ** *ବି.* ପାଦରେ ଖେଳାଯାଉଥିବା ପେଣ୍ଡୁ ।

**ଫୁଟା** *ବିଂ.* ୧. ବିକଶିତ ୨. ଛିଦ୍ରଯୁକ୍ତ ୩. ପ୍ରକାଶିତ, ଅଭିବ୍ୟକ୍ତ ।

**ଫୁଟାଣି** *ବି.* ଅତି ମାତ୍ରାରେ ଆତ୍ମବଡ଼ିମା, ଆସ୍ଫାଳନ, ଅତି ଦେଖେଇ ହେବା, ଶ୍ଲାଘା, ବାହାପିଆମି ।

**ଫୁଟାଣିଆ** *ବିଂ.* ଯାହା ନୁହେଁ ତାହା କହୁଥିବା, ନିଜ ବିଷୟରେ ଅଧିକ କିଛି କହୁଥିବା, ଆତ୍ମଗର୍ବୀ, ଆସ୍ଫାଳନକାରୀ ।

**ଫୁଟି** *ବି.* କାକୁଡ଼ି ଜାତୀୟ ଫଳ ।

**ଫୁଟିଆଣି** *ବି.* ଚାଉଳ ଫୁଟିଲାବେଳେ ହାଣ୍ଡିରୁ କଢ଼ାଯାଉଥିବା ତତଲା ପାଣି, ଫୁଙ୍କୁଆଣି; *ବିଂ.* ଫୁଟିବାର (ବେଳ) ।

**ଫୁଟିଆରା** *ବି.* ପ୍ରକାଶପାଇବା, ଖୋଲିଯିବା, ଦାଣ୍ଡରେ ପଡ଼ିବା ।

**ଫୁଟିବା** *କ୍ରି.* ୧. ବିକଶିତ ହେବା ୨. ଉତ୍ତପ୍ତହୋଇ ପାଣି ବୁଦବୁଦଯୁକ୍ତ ହେବା ୩. ବିଦ୍ଧହେବା, କଣାହେବା ୪. ଖଇ, ବାଣ ଆଦି ଫାଟି ଶବ୍ଦ ହେବା ୫. ସଛିଦ୍ର ହେବା ୬. ଆଖିର ଦେଖିବା ଶକ୍ତି ଲୋପପାଇବା ୭. ଆଙ୍ଗୁଠି ଗଣ୍ଠି ମୋଡ଼ି ଦାବିବାଦ୍ୱାରା ଶବ୍ଦ ବାହାରିବା ୮. ଅଣ୍ଡାରୁ ପଦାକୁ ଛୁଆ ବାହାରିବା ୯. ଗୁଳି, ବୋମା ଆଦି ଚାଲି ଶବ୍ଦ ହେବା ।

**ଫୁଟିଯିବା** *କ୍ରି.* ୧. କଣା ହୋଇଯିବା ୨. ନଷ୍ଟ ହେବା ୩. ପ୍ରକାଶିତ ହେବା ।

**ଫୁଟୁକା** *ବି.* ୧. ଜଳ ବୁଦ୍‌ବୁଦ୍ ୨. ତାଳପତ୍ର ବନ୍ଧା ବାଣ ବିଶେଷ ୩. ଜଳପୂର୍ଣ୍ଣ ବ୍ରଣ ।

**ଫୁଟୁକି** *ବି.* ୧. ବୁଢ଼ା ଓ ମଝି ଆଙ୍ଗୁଠିର ସଂଘର୍ଷରୁ ଉତ୍ପନ୍ନ ଶବ୍ଦ ୨. ବାହୁ ବା ଜଙ୍ଘରେ ହାତ ପିଟିବାର ଶବ୍ଦ ।

**ଫୁଟେ** *ବିଂ.* ୧. ଖଣ୍ଡେ, ଖଣ୍ଡିଏ ୨. ଏକ ଫୁଟ ଲମ୍ବା ।

**ଫୁତ୍କାର, ଫୁତ୍କୃତି** *ବି.* ୧. ଫୁ ଫୁ ଶବ୍ଦ ୨. ହେୟ ଜ୍ଞାନ ୩. ସାପର ଗର୍ଜନ ।

**ଫୁନି** *ଅ.* ପୁଣି, ମଧ୍ୟ, ସମେତ ।

**ଫୁଫ୍‌ଲା, ଫୋଗଲା** *ବିଂ.* ପାକୁଆ, ଦାନ୍ତହୀନ ।

**ଫୁଫା** *ବି.* ବାପାଙ୍କ ଭଉଣୀର ସ୍ୱାମୀ, ପିଉସା ।

**ଫୁଫୁ** *ବି.* ବାପାଙ୍କ ଭଉଣୀ, ପିଉସୀ ।

**ଫୁର୍‌ଫୁରି ଯିବା** *କ୍ରି.* ସଫା ହୋଇ ଉଜ୍ଜଳ ଦେଖାଯିବା ।

**ଫୁର୍‌ଲା** *ବି.* ଫୁଲପେଣ୍ଡା, ଫୁଲଗୁଚ୍ଛ ।

**ଫୁର୍‌ଲି** *ବି.* ୧. ଫୁଲ ୨. ଅଟା/ମଇଦାର ଛଣା ବରା ।

**ଫୁରସତ** *ବି.* ଅବସର, ବିଶ୍ରାମ, ରେଷ୍ଟ, ବିରତି ।

**ଫୁରସି ଯିବା** *କ୍ରି.* ୧. ବ୍ୟବହାର ଅନୁପଯୋଗୀ ହୋଇଯିବା, ବିଗିଡ଼ିଯିବା ୨. ନିଆଁ ଧାସରେ ରୋମ ପୋଡ଼ିଯିବା ।

**ଫୁରି** *ବି.* ଛୋଟ ଛୋଟ କାଠ, ଟିକି ଟିକି କାଠଖଣ୍ଡ ।

**ଫୁରିବା** *କ୍ରି.* ୧. ସ୍ଫୁରିବା, ସ୍ପନ୍ଦିତ ହେବା ୨. ପ୍ରକାଶିତ ହେବା ୩. ବାହାରିବା ।

**ଫୁରୁ** *ବି.* ଛୋଟ ଫୋଟକା ।

**ଫୁରୁକୁଟିଆ** *ବି.ବିଂ.* ଅତି ତୀବ୍ର (ଗନ୍ଧ), ନାକଫଟା (ଗନ୍ଧ) ।

**ଫୁରୁଣା** *ବିଂ.* ଆନନ୍ଦିତ ; *ବି.* ଗର୍ବଯୁକ୍ତ ଆନନ୍ଦ, ଫୁଲଣା ।

**ଫୁରୁଫୁରୁ** *ବିଂ.* ପବନରେ ଥରୁଥିବା ।

**ଫୁରୁଲି** *ବି.* ଘରଚଟିଆ ଚଢ଼େଇ ।

**ଫୁର୍ତ୍ତି** *ବି.* ୧. ଆନନ୍ଦ, ଆମୋଦପୂର୍ଣ୍ଣ ଚଞ୍ଚଳତା ୨. ମଉଜ; *ଅ.* ଶୀଘ୍ର, ତ୍ୱରା; *ବିଂ.* ତତ୍ପର, ଚଞ୍ଚଳିଆ ।

**ଫୁର୍ତ୍ତିବାଜ୍** *ବିଂ.* ଆମୋଦ ଓ ଆନନ୍ଦରେ ସମୟ ବିତାଉଥିବା, ଚମ୍ପା ।

**ଫୁର୍ତ୍ତିବାଜି** *ବି.* ଫୂର୍ତ୍ତିରେ କାଳକ୍ଷେପ, ଚମ୍ପାପଣ ।

**ଫୁଲ୍** *ବିଂ.* ୧. ପୂରା, ସମ୍ପୂର୍ଣ୍ଣ, ପରିପୂର୍ଣ୍ଣ ୨. ବୋକା, ନିର୍ବୋଧ; *ବି.* ଫୁଲ ।

**ଫୁଲ୍ ଉସାସ୍** *ବି.* ଅତି ହାଲୁକା, ଫୁଲପରି ଉଶ୍ୱାସ ।

**ଫୁଲ୍‌କା** *ବିଂ.* ପୁଚୁକା, ଫୁଲା ଓ ପାତଳା; *ବି.* ୧. ମାଛର ଶ୍ୱାସ ଯନ୍ତ୍ର ୨. ମାଲକୁସ୍ତି ଜାଗା ୩. ତାବା ରୁଟି ।

**ଫୁଲ୍‌ଫୁଲିଆ** *ବିଂ.* ୧. ଗୋଲାକାର ୨. ଉଜ୍ଜଳ ୩. ବହୁ ରଙ୍ଗ ଓ ପ୍ରକାରର ଫୁଲରେ ଦିଶୁଥିବା ଫୁଲ ।

**ଫୁଲ୍ ବାଡ୍ରୁନ୍** *ବି.* ଫୁଲ ଝାଡୁ ।

**ଫୁଲ୍‌ବାବୁ** *ବି.* ଅତି ସୌଖୀନ ପୋଷାକ ପରିଧାନକାରୀ ବ୍ୟକ୍ତି, ଗୋଟାପଣେ ବାବୁ ।

**ଫୁଲ୍‌ସ୍କେପ୍** *ବିଂ.* ଦୈର୍ଘ୍ୟ ସାଢ଼େ ଷୋଳ ଇଞ୍ଚ ଓ ପ୍ରସ୍ଥ ସାଢ଼େ ତେରଇଞ୍ଚ ବିଶିଷ୍ଟ କାଗଜ ଖଣ୍ଡ ।

**ଫୁଲ** *ବି.* ୧. ପୁଷ୍ପ ୨. ମା ପେଟରେ ପିଲା ବଢୁଥିବା ମୁଣା ଯାହା ଜନ୍ମ ପରେ ପେଟ ଭିତରୁ ବାହାରିଯାଏ ।

**ଫୁଲ ଉଡେଇବା** *କ୍ରି.* ଧାନଗଛରେ ଥୋଡ ପରେ ଫୁଲ ଧରିବା ।

**ଫୁଲକଲିଜା** *ବି.* ଶରୀରର ଫୁସ୍‌ଫୁସ୍, ଫପ୍‌ସା ।

**ଫୁଲକଷି** *ବି.* ଏକାଗଛରେ ଧରିଥିବା ଫୁଲ ଓ କଷି, ଅତି ଛୋଟ ଫଳ ।

**ଫୁଲକାଇବା** *କ୍ରି.* ଅଙ୍ଗାରରେ ସେକି ଫୁଲାଇବା ।

**ଫୁଲକି** *ବି.* ୧. ଏକ ରକମ ପିଠା ୨. ସ୍ଫୁଲିଙ୍ଗ ।

**ଫୁଲକୋବି** *ବି.* ଯେଉଁ କୋବିର ଫୁଲ ଖିଆଯାଏ ।

**ଫୁଲଖଡ଼ି** ***ବି.*** ନରମା ଚକଖଡ଼ି ବିଶେଷ ।

**ଫୁଲଗୁଣା** ***ବି.*** ନାକର ଗହଣା ବିଶେଷ ।

**ଫୁଲଚୁଇଁ[ହିଁ], ଫୁଲଚୁଆଁ** ***ବି.*** ଫୁଲର ମହୁ ଚୋଷୁଥିବା ଏକ ପ୍ରକାର ଛୋଟ ପକ୍ଷୀ ।

**ଫୁଲଛଉ** ***ବି.*** ଯୌବନର ପ୍ରାରମ୍ଭରେ ଦେହରେ ଜାତ ଛଉ, ବୟସ ଛଉ ।

**ଫୁଲଛାଞ୍ଚୁଣି** ***ବି.*** ଖଡ଼ିଫୁଲ ତୃଣର ଚଅଁରରେ ତିଆରି ଛାଞ୍ଚୁଣି ।

**ଫୁଲଝରି** ***ବି.*** ୧. ଏକପ୍ରକାର ବାଣ, ଆତସବାଜି ବିଶେଷ ୨. କାଗଜରେ ତିଆରି ଫୁଲର ଝାଲେରି ।

**ଫୁଲଟାଟି** ***ବି.*** ବାଉଁଶ ପାତିଆ ତିଆରି ଏକ ପ୍ରକାର ଟାଟି ।

**ଫୁଲଠାର** ***ବି.*** ଫୁଲଗୁଡ଼ିକଙ୍କ ନାମଦ୍ୱାରା ମନୋଭାବ ପ୍ରକାଶର ପ୍ରଣାଳୀ ବିଶେଷ ।

**ଫୁଲଦାନି** ***ବି.*** ଫୁଲସଜା ପାତ୍ର ।

**ଫୁଲଦୋଳ** ***ବି.*** ଚୈତ୍ରପୂର୍ଣ୍ଣମୀରେ ଅନୁଷ୍ଠିତ ଶ୍ରୀକୃଷ୍ଣଙ୍କ ଦୋଳ ଉତ୍ସବ ।

**ଫୁଲଧନୁ,ଫୁଲଶର** ***ବି.*** କାମଦେବଙ୍କ ଫୁଲ ତିଆରି ଧନୁ/ଶର ।

**ଫୁଲପିତା** ***ବିଂ.*** ବିବାହ ପରେ ଶ୍ୱଶୁରଘରକୁ ଯାଇ ପ୍ରଥମଥର ବାପ ଘରକୁ ଫେରିଥିବା ଝିଅ ।

**ଫୁଲଫୁଲିକା** ***ବିଂ.*** ଅତି ଅସ୍ୱାଭାବିକ ଭାବେ ଫୁଲିଥିବା, ସ୍ଫୀତ ।

**ଫୁଲ ବସିବା** ***ବି.*** ଫୁଲ ବିନିମୟଦ୍ୱାରା ବାଳିକାମାନେ ମିତ୍ର ସମ୍ପର୍କ ସ୍ଥାପନ କରିବା ।

**ଫୁଲରସିଆ** ***ବି.*** ଭ୍ରମର, ରସିକନାଗର ।

**ଫୁଲରା** ***ବିଂ.*** ଫୁଲ ବ୍ୟବସାୟୀ (*ସ୍ତ୍ରୀ.* ଫୁଲରୀ) ।

**ଫୁଲରି** ***ବି.*** ୧. ଫୁଲ ମହକରେ ସୁବାସିତ ତେଲ ୨. ଛଣା ବିରି ପିଠା ।

**ଫୁଲଶଯ୍ୟା** ***ବି.*** ୧. କୁସୁମ ଶୋଭିତ ଶଯ୍ୟା ୨. ବିବାହ ପରେ ବର-ବଧୂଙ୍କର ପ୍ରଥମ ମିଳନ ରଜନୀର ଫୁଲସଜ୍ଜିତ ଶେଜ ବା ବିଛଣା ।

**ଫୁଲଶାଗୁଣା** ***ବି.*** ବଡ଼ ଶାଗୁଣା ।

**ଫୁଲସଞ୍ଜ** ***ବି.*** ସନ୍ଧ୍ୟାର ଆରମ୍ଭ ସମୟ ।

**ଫୁଲସଭା** ***ବି.*** ବ୍ରତ ବିବାହ ଆଦି ବୈଦିକ ଅନୁଷ୍ଠାନରେ ଆଶୀର୍ବାଦ ସଭା ।

**ଫୁଲା** ***ବିଂ.*** ୧. ମୂଳ ଆକୃତିରୁ ବାହାରକୁ ଉବୁଚି ଉଠିଥିବା ୨. ଫୁଟାଣିଆ ୩. ଖୋସାମତ, ସୋହାଗ ଆଦିରେ ଉଲ୍ଲସିତ ; ***ବି.*** ୧. ସ୍ଫୀତି ୨. ଶୋଥ ରୋଗ ୩. ଆଖିରେ ପଡ଼ିବା ମୋତିଆ ବିନ୍ଦୁ ।

**ଫୁଲାଣିଆ, ଫୁଣାଣୀ** ***ବିଂ.*** ଯେ ଉତ୍‌ଫୁଲ୍ଲ କରେ ।

**ଫୁଲା ପଡ଼ିବା** ***କ୍ରି.*** ଆଖିଡୋଳା ଲାଲ ପଡ଼ିଯିବା ।

**ଫୁଲାଫାଙ୍କା** ***ବି.*** ଦାୟିତ୍ୱଶୂନ୍ୟତା ।

**ଫୁଲାଫାଙ୍କିଆ** ***ବିଂ.*** ଦାୟିତ୍ୱହୀନ ।

**ଫୁଲି** ***ବି.*** ୧. ନାକର ଅଳଙ୍କାର ବିଶେଷ ୨. କାଛକୁରା ୩. ମହୁଲ ଫୁଲରୁ ତିଆରି ଦେଶୀମଦ ।

**ଫୁଲିବା** ***କ୍ରି.*** ୧. ଆକାର ସ୍ୱାଭାବିକତାରୁ ଅଧିକ ହେବା ୨. ଗର୍ବ, ତୋଷାମଦ, ଦମ୍ଭ ଅନୁରାଗ ଆଦିରେ ଉଲ୍ଲସିତ ହେବା ।

**ଫୁଲିମଦ** ***ବି.*** ମହୁଲ ଫୁଲ ପୋଚରୁ ତିଆରି ଉତ୍ତେଜକ ପାନୀୟ ।

**ଫୁଲେଇଗାଲି** ***ବିଂ.*** ଅଭିମାନିନୀ, ମାନ ଅଭିମାନରେ ମୁହଁ ଫୁଲେଇଥିବା ।

**ଫୁଲେଇ ହେବା** ***କ୍ରି.*** ୧. ଅଭିମାନ କରିବା ୨. ଗର୍ବ ହେବା ୩. ଆତ୍ମ ବଡ଼ିମା ପ୍ରକାଶ କରିବା ୪. ଦେଖେଇ ହେବା ।

**ଫୁଲେର** ***ବି.*** ୧. ଅତି ସୁଗନ୍ଧିତ ଅତର ୨. ଛଣ, ନଳିତା ଆଦି କାଟିବା (ଉତ୍ତମ ମାନର ପଟ ପାଇବା ପାଇଁ ସେଗୁଡ଼ିକୁ ଫୁଲଧରିଥିବା ଅବସ୍ଥାରେ କଟା ହୁଏ, ଏହାକୁ ଫୁଲେର କଟା କୁହାଯାଏ) ।

**ଫୁଲ୍ଲ** ***ବିଂ.*** ୧. ଅତି ଆନନ୍ଦିତ ୨. ପ୍ରସ୍ଫୁଟିତ ; ***ବି.*** ଫୁଲ ।

**ଫୁସ୍** ***ବିଂ.*** ପଣ୍ଡ, ନିରର୍ଥକ ; ***ଅ.*** ଆସ୍ତେ ବାହାରିବା ଅନୁଚ୍ଚ ଶବ୍ଦ ।

**ଫୁସ୍‌କା** ***ବିଂ.*** ୧. ଧ୍ୱନି ବିହୀନ ଅପାନ ବାୟୁତ୍ୟାଗ ୨. ହାଲୁକା ।

**ଫୁସ୍‌କି** ***ବି.*** ୧. ଛୋଟବଥ ୨. ଛୋଟବ୍ରଣ ୩. ବାଳମୂଳ ଘା ।

**ଫୁସ୍‌କି ଯିବା** ***କ୍ରି.*** ୧. ଆବଦ୍ଧ ପବନ ବାହାରିଯିବା(ବେଲୁନ୍) ୨. ଠିକ୍ ଭାବରେ ଶବ୍ଦ ନକରିବା (ବାଣ) ୩. ବଡ଼ ଆୟୋଜନଟିରେ ନୈରାଶ୍ୟଜନକ ଅନ୍ତ ହେବା ।

**ଫୁସ୍‌ଫାସ,ଫୁସରଫାସର** ***ବି.*** ଅନୁଚ୍ଚ ସ୍ୱରରେ ଚୁପଚାପ କଥାବାର୍ତ୍ତା, ଚୁପିଚୁପି କଥାବାର୍ତ୍ତା, ଚାପା ଗୁଞ୍ଜରଣ ।

**ଫୁସ୍‌ଫୁସ୍** ***ବି.*** ୧. ଛାତିରେ ଥିବା ପବନଥଳି, ଲଙ୍ଗସ୍ ୨. ଚୁପିଚୁପି କଥା କହିବା, ବହୁ ଲୋକଙ୍କ ଭିତରେ ଅଧିକ ସଂଖ୍ୟକଙ୍କୁ ନ ଶୁଭିବା ପରି କହିବା ।

**ଫୁସା** ***ବି.*** ଗାଣ୍ଡି ।

**ଫୁସୁଲେଇବା** ***ବି.*** ଶିଖାଶିଖି କରି ଆପଣାର କରିବା ।

**ଫେଁ ଫେଁ** ***ଅ.*** ବଡ଼ ପାଟିରେ ହସିବା ଶବ୍ଦ ।

**ଫେଇବା** ***କ୍ରି.*** ୧. ଫିଟାଇବା, ଖୋଲିବା ୨. ମେଲିବା ୩. ଦୂର କରିବା ୪. ମୁକ୍ତ କରିବା ।

**ଫେକାରି** ***ବି.*** କୋକିଶିଆଳି, ଭେରେଣ୍ଡ ।

**ଫେଚକାମି** ***ବି.*** ଖଳବୁଦ୍ଧି, ଫିସାଦ ।

**ଫେଟା** ***ବି.*** ଚଉଡ଼ାକରି ପିନ୍ଧାଧୋତି ।

**ଫେଡ଼ଣ** ***ବି.*** ୧. କଟାଣ, ବିୟୋଗ କରିବା ୨. ଦୂରୀକରଣ ।

**ଫେଡ଼ା** ***ବି.*** ୧. ଗଣିତର ବିୟୋଗ ପ୍ରକ୍ରିୟା ୨. ଛାଞ୍ଚ ।

**ଫେଡ଼ାଙ୍କ, ଫେଡ଼ାଣ** ***ବି.*** ଗଣିତର ବିୟୋଗ ପ୍ରକ୍ରିୟା ।

**ଫେଡ଼ିବା** ***କ୍ରି.*** ୧. ବିୟୋଗ କରିବା ୨. ଫିଟାଇବା ୩. ଖୋଲିବା ୪. ମେଲିବା ୫. ଦୂର କରିବା ୬. ମୁକ୍ତ କରିବା, ମୋଚନ କରିବା ।

**ଫେଣ** ***ବି.*** ୧. ବୁଦ୍‌ବୁଦ୍ ସମଷ୍ଟି ୨. କଠିନଶ୍ରମ ହେତୁ ପାଟିରୁ ବାହାରିବା ଶୁଷ୍କ ଛେପ ବା ବଚ ।

**ଫେଣଫେଣିଆ** ***ବି.*** ଏକ ପ୍ରକାର ଗୁଳ୍ମ ।

**ଫେଣା** ***ବି.*** ୧. ସାପର ଫଣା ୨. ମହୁଫେଣା, ମଧୁକୋଷ ୩. ଫେଣି ମିଠେଇ ୪. କଦଳିଫେଣା ।

**ଫେଣାଇବା, ଫେଣେଇବା** ***କ୍ରି.*** ୧. ବଟାବିରି ଆଦିକୁ ଘାଣ୍ଟି ଫେଣଯୁକ୍ତ କରିବା ୨. କଥାକୁ ବଢ଼େଇ କରି କହିବା ।

**ଫେଣି, ଫେଣୀ** ***ବି.*** ୧. କନ୍ଦରେ ତିଆରି ମିଠେଇ ବିଶେଷ ୨. ଅଟା ତିଆରି ମିଠାଗଜା ବିଶେଷ ।

**ଫେଣିଆ** ***ବିଂ.*** ଫେଣ୍ଟା ହୋଇଥିବା, ଫେଣାଯାଇଥିବା ।

**ଫେଣେ** ***ଅ.*** ପୁଣି ।

**ଫେଣ୍ଟ** ***ବି.*** ପଦାର୍ଥକୁ ଏପଟ ସେପଟ ମିଶାଇବା, ଫେଣ୍ଟିବା କାମ ।

**ଫେଣ୍ଟିବା** ***କ୍ରି.*** ୧. ଘାଣ୍ଟି ଫେଣଯୁକ୍ତ କରିବା ୨. ତାସମୁଠାର ପତାସବୁକୁ ତଳ ଉପର କରି ଗୋଳେଇବା ।

**ଫେଣ୍ଡରା** ***ବିଂ.*** ଧୂସର; ***ବି.*** ବାଉଁଶପାତିଆ ତିଆରି ଗୋଲମୁହାଁ ଆଧାର ବିଶେଷ ।

**ଫେନ୍** ***ବି.*** ପଙ୍ଖା ; ***ବିଂ.*** ପ୍ରଶଂସକ; ***ଅ.*** ଫେର୍, ପୁଣି ।

**ଫେନ୍‌ଚକ** ***ବି.*** କାଠ ପାଲିସ କରିବା ବେଳେ ବ୍ୟବହାର କରାଯାଉଥିବା ଚିକ୍କଣ ଧଳାଗୁଣ୍ଡ ।

**ଫେନ** ***ବି.*** ଫେଣ, ବୁଦ୍‌ବୁଦ୍

**ଫେନଦୁଗ୍ଧ** ***ବି.*** ଦୁଗ୍ଧଫେଣୀ ଗୁଳ୍ମ ।

**ଫେନଳ, ଫେନିଳ** ***ବିଂ.*** ଫେଣଯୁକ୍ତ ।

**ଫେନାୟମାନ** ***ବିଂ.*** ଯାହା ଫେନଯୁକ୍ତ ହେଉଅଛି ।

**ଫେନାୟିତ** ***ବିଂ.*** ଫେନଯୁକ୍ତ ହୋଇଥିବା, ଫେଣଫେଣୁଆ ।

**ଫେନି** ***ବି.*** ୧. ଫେଣୀ ଗଜା ୨. ମଇଦା ତିଆରି ପିଠା ବିଶେଷ ।

**ଫେନ୍ଦ** ***ବି.*** ପାତ୍ର ବା କୂଅ ଉପରର ଧାର ।

**ଫେମିଲି** ***ବି.*** ପରିବାର ।

**ଫେମିଲି ପ୍ଲାନିଂ** ***ବି.*** ପରିବାର ନିୟନ୍ତ୍ରଣ ।

**ଫେମ୍ବର** ***ବି.*** ୧. ବାମ୍ଫ ୨. ଫେଣ ।

**ଫେୟାର** ***ବି.*** ୧. ଟିକଟ ଭଡ଼ା ୨. ଯାତ୍ରା, ମେଳା; ***ବିଂ.*** ୧. ଗୋରା ୨. ଉଚିତ ।

**ଫେୟାର୍ ୱେଦର** ***ବିଂ.*** ଖରାଦିନିଆ (ରାସ୍ତା); ***ବି.*** ଶୁଖିଲା ପାଗ ।

**ଫେର୍** ***ଅ.*** ପୁନରାୟ, ପୁଣି, ଆହୁରି ।

**ଫେର୍‌କା** ***ବିଂ.*** ଓସାରିଆ, ଆଡୁଆ ।

**ଫେର୍‌ଘାଇ** ***ବି.*** ବିଭିନ୍ନ ଜଳାଧାରରୁ ପାଣି ବାହାରିଯିବା ପାଇଁ ଛୋଟ ନାଳ ।

**ଫେର୍ ଘାଏ** ***ଅ.*** ପୁଣିଥରେ, ଆଉଥରେ ।

**ଫେର** ***ବି.*** ୧. ପିନ୍ଧାବସ୍ତ୍ରର ସାମନା କୁଞ୍ଚ ୨. ବେଢ଼ଣ, ବେଷ୍ଟନ ୩. ସଙ୍କଟ ୪. ଦାୟ ୫. ଛଳନା ୬. ତଫାତ ।

**ଫେରକାନି** ***ବି.*** ଫେରର ନିମ୍ନପ୍ରାନ୍ତ ।

**ଫେରଣ୍ଡା** ***ବି.*** ଅଣ୍ଡିରା ବିଲୁଆ, ଭେରେଣ୍ଡା ।

**ଫେରତା** ***ବି.*** କାନର ଅଳଙ୍କାର ବିଶେଷ ।

**ଫେରନ୍ତା** ***ବିଂ.*** ବାହୁଡା, ପ୍ରତ୍ୟାବୃତ୍ତ ।

**ଫେରଫାର** ***ବି.*** ୧. ଜୀବିକା ନିର୍ବାହର ନାନା ଫନ୍ଦି ୨. କଥାର ମାରପେଞ୍ଚ ୩. ଓଲଟ ପାଲଟ ୪. ଚାଲବୁଲ ।

**ଫେରବଦଳ** ***ବି.*** ଅଦଳବଦଳ ।

**ଫେରସ୍ତ** ***ବି.*** ଓ୍ୱାପସ, ପ୍ରତ୍ୟର୍ପଣ ; ***ବିଂ.*** ଓ୍ୱାପସୀ, ପ୍ରତ୍ୟର୍ପିତ ।

**ଫେରା** ***ବିଂ.*** ପ୍ରତ୍ୟର୍ପିତ, ପ୍ରତ୍ୟାବୃତ୍ତ; ***ବି.*** ୧. ପ୍ରତ୍ୟାବର୍ତ୍ତନ, ଓ୍ୱାପସ ୨. ଦଉଡ଼ିର ଏକ ଘେରା ।

**ଫେରାଦ, ଫେରାଦି** ***ବି.*** ବାଦୀ, ମୁଦେଇ, ଅଭିଯୋକ୍ତା ବ୍ୟକ୍ତି ।

**ଫେରାର** ***ବି.*** ଗୋପନରେ ପଳାୟନ ; ***ବିଂ.*** ପଳାତକ ।

**ଫେରାରୀ** ***ବିଂ.*** ୧. ପଳାତକ ୨. ଆତ୍ମଗୋପନକାରୀ ।

**ଫେରି** ***ବି.*** ୧. ବୁଲିବୁଲି ପଣ୍ୟ ବିକ୍ରୟ ୨. ନାନାଆଡ଼େ ଭ୍ରମଣ ୩. ଡଙ୍ଗାଘାଟ ୪. ମୁଣ୍ଡବାଳ ସଜାଇବା, କେଶବିନ୍ୟାସ ।

**ଫେରିଘାଟ** ***ବି.*** ନଇରେ ଡଙ୍ଗାରେ ପାରି ହେଉଥିବା ସ୍ଥାନ ।

**ଫେରିବା** ***କ୍ରି.*** ୧. ବାହୁଡ଼ିବା, ପ୍ରତ୍ୟାବର୍ତ୍ତନ କରିବା, ଓ୍ୱାପସ୍ ଆସିବା ୨. କପାଳ ଫିଟିବା, ଭାଗ୍ୟ ଟେକିବା ୩. ତ୍ୟାଗ କରିବା ୪. ବିଫଳ ମନରେ ପ୍ରସ୍ଥାନ କରିବା ୫. ଭଲ ହେବା ।

**ଫେରିବାଲା** ***ବି.*** ଯେଉଁ ଲୋକ ବୁଲିବୁଲି ଜିନିଷ ବିକେ, ବୁଲାବିକାଳି ।

**ଫେରୁ** ***ବି.*** ବିଲୁଆ, ଶିଆଳ ।

**ଫେରୋଜ** ***ବି.*** ମଣି ବିଶେଷ, ତୁରସ୍କମଣି ।

**ଫେଲ୍** ***ବିଂ.*** ୧. ପରୀକ୍ଷାରେ ଅକୃତକାର୍ଯ୍ୟ ୨. ଅସଫଳ, ଅପାରଗ ୨. ଦେବାଳିଆ; ***ବି.*** ଅସଫଳତା, ଅକୃତକାର୍ଯ୍ୟତା, ଅପାରଗତା ।

**ଫେଶୀ** ***ବି.*** ୧. ଅତସୀ ଫୁଲ ଓ ଗଛ ୨. ସୋରିଷ ପରି ଛୋଟ ତୈଳବୀଜ ବିଶେଷ ।

**ଫେଷିବା** ***କ୍ରି.*** ପେଷିବା, ଚୂରିବା, ଦଳିବା ।

**ଫେସ** ***ବିଂ.*** ପ୍ରସବର ସାତ ଦିନ ପରେ ଗାଈ ଠାରୁ ପ୍ରାପ୍ତ (ଗୋରସ, ଖିରସା) ।

**ଫେସନ** ***ବି.*** ୧. ବେଶସୌଷ୍ଠବ ବା ପ୍ରଥା ୨. ଢଙ୍ଗ, ଧରଣ ୩. ଚାଲ୍ ୪. ସୌଖୀନ ରୀତି ।

**ଫେସଲ** ***ବିଂ.*** ଢିଲା, ଶିଥିଳ, ଢୁଗୁଲା ।

**ଫୈଜତ୍** ***ବି.*** ଗାଳି, ଅବମାନନା, ଫଜିତ୍ ।

**ଫେଁସଲ, ଫେଁସଲା** *ବି.* ଫଇସଲା, ନିଷ୍ପତ୍ତି, ସମାଧାନ ।

**ଫୋଏରା** *ବିଂ.* ଅପରିଷ୍କାର, ଅପରିଚ୍ଛନ୍ନ ।

**ଫୋକ୍** *ବିଂ.* ସାଧାରଣତଃ ଗ୍ରାମାଞ୍ଚଳରେ ରହୁଥିବା ଜନ/ଲୋକ ସମୁଦାୟ ।

**ଫୋକ୍‌ଲୋର୍** *ବି.* ଲୋକବିଦ୍ୟା, ସାଧାରଣ ମଣିଷର ଅନୁଭବ ଓ ବୁଦ୍ଧିପ୍ରସୁତ ବିଦ୍ୟା ।

**ଫୋକଟ, ଫୋକଟ୍** *ବିଂ.* ୧. ମାଗଣା, ମାହାଳିଆ, ବିନାମୂଲ୍ୟ ୨. ଅଯାଚିତ ।

**ଫୋଙ୍ଗସ୍** *ବି.* ଫିମ୍ପି, ଫଙ୍ଗସ୍ ।

**ଫୋଟକା** *ବି.* ୧. ଜଳ ବୁଦ୍ ବୁଦ ୨. ତାଳପତ୍ର ବନ୍ଧା ଏକପ୍ରକାର ବାଣ ।

**ଫୋଟେ** *ବିଂ.* ଅଳ୍ପ ପରିମାଣ (ପାଣି ଆଦି ତରଳ ଖାଦ୍ୟ) ।

**ଫୋଡ଼୍‌କାଡ଼ୋଡ଼୍‌କା** *ବି.* ଫୋଡ଼ା, ବଥ ଆଦି ।

**ଫୋଡ଼୍** *ବି.* ଫୋଡ଼ି କରାଯାଇଥିବା ଛୋଟ ରନ୍ଧ୍ର ବା କଣା ।

**ଫୋଡ଼ଣି** *ବି.* ଫୋଡ(କଣା) କରିବା ପାଇଁ ଯନ୍ତ୍ର ବିଶେଷ, ବେଧନୀ ।

**ଫୋଡ଼ା** *ବିଂ.* ବିଦ୍ଧ, ରନ୍ଧ୍ରଯୁକ୍ତ, କଣା ହୋଇଥିବା; *ବି.* ୧. ଭେଦନ ୨. ଘା', ବଥ ।

**ଫୋଡ଼ାଫୋଡ଼ି** *ବି.* ବହୁବାର ଫୋଡ଼ିବା କ୍ରିୟା ।

**ଫୋଡ଼ିବା** *କ୍ରି.* ୧. ଛିଦ୍ର କରିବା ୨. ଛିଦ୍ର କହିବା, ଗୋପନୀୟ କଥା କହିବା ।

**ଫୋପ୍‌ଲା** *ବି.ବିଂ.* ପାକୁଆ, ଫୁପ୍‌ଲା ।

**ଫୋପଡ୍** *ବି.* ଫୋପଡା ଯାଉଥିବା ବାଡ଼ିଖଣ୍ଡ, ଫାଗୁଡ ।

**ଫୋପଡ଼ା ଫୋପଡ଼ି** *ବି.* ଫିଙ୍ଗାଫିଙ୍ଗି, ଇତସ୍ତତଃ ଫିଙ୍ଗିବା, ପରସ୍ପରକୁ (ଟେକା ଆଦି) ଫିଙ୍ଗିବା; *ବିଂ.* ଇତସ୍ତତଃ ବିକ୍ଷିପ୍ତ ।

**ଫୋପରା** *ବିଂ.* ଖତରା, ଫମ୍ପା, ପୋଲା, ବହୁଛିଦ୍ରଯୁକ୍ତ, କ୍ଷୟ ପାଇଥିବା, ଜୀର୍ଣ୍ଣ ।

**ଫୋପାଡ଼ିବା** *କ୍ରି.* କୌଣସି ପଦାର୍ଥକୁ ଗୋଟିଏ ଜାଗାରୁ ଅନ୍ୟତ୍ର ଉଠାଇ ଫିଙ୍ଗିଦେବା, ଫିଙ୍ଗିବା ।

**ଫୋଫା** *ବିଂ.* ଅନାଦର ପୂର୍ଣ୍ଣ; *କ୍ରି.ବିଂ.* ଅନାଦର ସହକାରେ, ଆନ୍ତରିକତା ବିହୀନ ଭାବେ ।

**ଫୋଲ୍‌ଡର୍** *ବି.* ନଥିପତ୍ରର ମଲାଟ ଥିବା କଭର ।

**ଫୋଲ୍‌ଡ଼ିଙ୍ଗ୍** *ବି.* ଭାଙ୍ଗ; *ବିଂ.* ଭାଙ୍ଗି ହେଉଥିବା ।

**ଫୋଲ୍‌ଡ଼ିଙ୍ଗ୍ ଚେୟାର** *ବି.* ଭାଙ୍ଗଚଉକି, ଭାଙ୍ଗି ହେଉଥିବା ଚଉକି ।

**ଫୋଲ୍‌ଡ଼ିଙ୍ଗ୍ ଛତା** *ବି.* ଭାଙ୍ଗଛତା, ଭାଙ୍ଗି ଛୋଟ କରାଯାଇପାରୁଥିବା ଛତା ।

**ଫୌତ୍(ତୁ)** *ବି.* ମୃତ୍ୟୁ; *ବିଂ.* ମୃତ ।

**ଫୌଜ** *ବି.* ସୈନ୍ୟଦଳ, ଫଉଜ, ବହୁ ଲୋକଙ୍କ ଦଳ ।

**ଫୌଜଦାର** *ବି.* ସେନାଧ୍ୟକ୍ଷ, ଦୁର୍ଗାଧ୍ୟକ୍ଷ ।

**ଫୌଜଦାରି** *ବି.* ୧. ଫଉଜଦାରର ପଦ ବା କାର୍ଯ୍ୟ ୨. ଦଙ୍ଗାହାଙ୍ଗାମା, ମାରପିଟ ଜନିତ ମକଦ୍ଦମା ।

**ଫୌରନ୍** *ଅ.* ତୁରନ୍ତ, ତତ୍‌କ୍ଷଣାତ୍, ସାଙ୍ଗେ ସାଙ୍ଗେ ।

**ଫ୍ୟାକ୍‌ସ** *ବି.* ଟେଲିଫୋନ୍ ସହ ସଂଯୁକ୍ତ ବିଶେଷ ଯନ୍ତ୍ର ସାହାଯ୍ୟରେ ଲିଖିତ ବିବରଣୀ ଗ୍ରହଣ ଓ ପ୍ରେରଣ ।

**ଫ୍ରକ୍** *ବି.* ସାନଝିଅଙ୍କ ଜାମା ବିଶେଷ ।

**ଫ୍ରି** *ବିଂ.* ୧. ମୁକ୍ତ ୨. ଛାଡ଼ପାଇଥିବା ୩. ମାଗଣା ।

**ଫ୍ରିଜ୍** *ବି.* ୧. ବିଭିନ୍ନ ପଦାର୍ଥ ଥଣ୍ଡା ରଖିବା ପାଇଁ ବ୍ୟବହୃତ ଉପକରଣ, କାକରପେଡ଼ି, ଥଣ୍ଡେଇ , ରେଫ୍ରିଜରେଟର୍ ।

**ଫ୍ରିଡମ୍** *ବି.* ସ୍ୱାଧୀନତା, ମୁକ୍ତିବୋଧ ।

**ଫ୍ରିପାସ୍** *ବି.* ବିନା ଖର୍ଚ୍ଚରେ ଓ ମାଗଣା ଟିକଟ୍‌ରେ କୌଣସି ସ୍ଥାନକୁ ଯିବା ବ୍ୟବସ୍ଥା ।

**ଫ୍ରିସିପ୍** *ବି.* ବିନା ଫିଜ୍ ବା ଦରମାରେ ପାଠପଢ଼ା ।

**ଫ୍ରିସେଲ୍** *ବି.* ଖୋଲା ବେପାର ।

**ଫ୍ରିସ୍କୁଲ** *ବି.* ବିନା ଦେୟରେ ପଢ଼ା ଯାଉଥିବା ବିଦ୍ୟାଳୟ ।

**ଫ୍ରିହ୍ୱିଲ୍** *ବି.* ସାଇକେଲ ପଛ ଚକ ଏକ୍‌ସିଲ୍ ମଧ୍ୟରେ ବ୍ୟବହୃତ ଉପକରଣ - ଯାହା ଚକକୁ ସ୍ୱଚ୍ଛନ୍ଦରେ ଆଗ ଓ ପଛକୁ ବୁଲାଏ ।

**ଫ୍ରେମ୍** *ବି.* ୧. ବାନ୍ଧିବା ପଦାର୍ଥ ବା ଅଟକାଇ ରଖିବାର ବେଷ୍ଟନୀ ବା ଚଉବାଡ଼ା ୨. କଙ୍କାଳ, ଛାଞ୍ଚ ।

**ଫୋମେଣ୍ଟ** *ବି.* ଗରମ ଜଳର ସେକ ।

**ଫୋର୍‌ମାନ** *ବି.* କାରଖାନାରେ କାରିଗରମାନଙ୍କ ପ୍ରଧାନ ତତ୍ତ୍ୱାବଧାରକ ।

**ଫୋଲିଓ** *ବି.* ଏକ ଫର୍ଦ୍ଦ କାଗଜର ଅଧା ।

**ଫ୍ଲଡ୍** *ବି.* ବଢ଼ି, ବନ୍ୟା ।

**ଫ୍ଲଡ୍ ଏରିଆ** *ବି.* ବନ୍ୟାଞ୍ଚଳ, ଧୋୟା ଅଞ୍ଚଳ ।

**ଫ୍ଲପ୍** *ବି. ବିଂ.* ବେକାର ହୋଇଯିବା, ବିଫଳ,କାର୍ଯ୍ୟ ଅସଫଳ ହେବା ।

**ଫ୍ଲପି** *ବି.* କମ୍ପ୍ୟୁଟର୍‌ରେ ବ୍ୟବହାର କରାଯାଉଥିବା ଅଭିଲେଖ ସାଧନ ।

**ଫ୍ଲାଇଓଭର୍** *ବି.* ରାସ୍ତା ଉପର ନେଇ ଯାଇଥିବା ପୋଲରାସ୍ତା ।

**ଫ୍ଲାଇଙ୍ଗ୍** *ବି.* ବିମାନ ଉଡାଣ ।

**ଫ୍ଲାଇଟ୍** *ବି.* ଉଡାଜାହାଜ ଉଡାଣ ।

**ଫ୍ଲାଟ୍** *ବି.* ବହୁତଳ ବିଶିଷ୍ଟ କୋଠାରେ ଥିବା ଘର; *ବିଂ.* ଚଟକା, ସମତଳ ।

**ଫ୍ଲାନେଲ** *ବି.* ପଶମନିର୍ମିତ ବସ୍ତ୍ର ।

# ବ

**ବ** *ବି.* ତ୍ରୟୋବିଂଶତିତମ ବ୍ୟଞ୍ଜନବର୍ଣ୍ଣ ।

**ବଁ** *ବି.* କ୍ରୋଧ ବା ବିରକ୍ତି ପ୍ରଦର୍ଶନ ।

**ବଂଶ** *ବି.* ୧. କୁଳ ୨. ବାଉଁଶ ।

**ବଂଶକ୍ରମ** *ବି.* ୧. କୁଳାନୁକ୍ରମ ୨. ପୁରୁଷାନୁକ୍ରମ ।

**ବଂଶଗତ** *ବିଂ.* ୧. କୁଳାନୁକ୍ରମେ ଚଳି ଆସିଥିବା ୨. ପୁରୁଷାନୁକ୍ରମେ ପ୍ରାପ୍ତ ।

**ବଂଶଗତି** *ବି.* ବଂଶାନୁକ୍ରମେ ଶାରୀରିକ ଓ ମାନସିକ ବୈଶିଷ୍ଟ୍ୟର ସଂକ୍ରମଣ ।

**ବଂଶଜ** *ବିଂ.* ବଂଶଜାତ, କୁଳସମ୍ଭୂତ ।

**ବଂଶଧର** *ବି.* କୁଳରକ୍ଷକ ସନ୍ତାନ, ଦାୟାଦ, ଉତ୍ତରପୁରୁଷ ।

**ବଂଶଧାନ୍ୟ** *ବି.* ବାଉଁଶଗଛର ଫୁଲରେ ଥିବା ବୀଜ ।

**ବଂଶ ପରମ୍ପରା** *ବି.* ବଂଶର ଚଳଣି ବା ଆଚାର ।

**ବଂଶବୃକ୍ଷ** *ବି.* ପୂର୍ବପୁରୁଷଙ୍କ ଦାୟାଦ କ୍ରମ ବା ଧାରା, ବଂଶଲତା, ବଂଶାବଳି ।

**ବଂଶଲତା** *ବି.* ବଂଶାନୁକ୍ରମ, ବଂଶାବଳି, ପୂର୍ବପୁରୁଷମାନଙ୍କ କ୍ରମିକତା ।

**ବଂଶାନୁକ୍ରମ** *ବି.* ବଂଶ ପରମ୍ପରା, ପୂର୍ବ ପୁରୁଷଙ୍କ କ୍ରମ ।

**ବଂଶାନୁଚରିତ** *ବି.* ବଂଶର ପୁରୁଷାନୁକ୍ରମିକ କାହାଣୀ ।

**ବଂଶାବତଂସ** *ବି.* କୁଳର ଭୂଷଣ, ବଂଶର ପ୍ରତିଷ୍ଠିତ ବ୍ୟକ୍ତି ।

**ବଂଶୀ** *ବି.* ଛ'ଗୋଟି କଣାଥିବା ବାଉଁଶ ନଳରେ ତିଆରି ସ୍ୱର ବାଦ୍ୟଯନ୍ତ୍ର ।

**ବଂଶୀଧର, ବଂଶୀଧାରୀ** *ବି.* ଶ୍ରୀକୃଷ୍ଣ ।

**ବଅଁକା, ବହଁକା** *ବି.* ବଣବିରାଡ଼ି ।

**ବଅଁର** *ବି.* ୧. ବରକୋଳି, ବଦରି ୨. ନଈରେ ଘାତକ ଜଳଭଉଁରି ।

**ବଅ** *ବି.* ତନ୍ତ ସୂତା ତିଆରି ପାନିଆ ; *କ୍ରି.* ବସିପଡ଼ ।

**ବଅମ, ବଏମ** *ବି.* ଚଉଡ଼ାମୁହାଁ ବୋତଲ, କାଚ ବା ଚିନା ମାଟିର ପାତ୍ର ।

**ବଇଁଚ** *ବି.* ଅଳ୍ପ ମିଠା ଓ ଅଳ୍ପ ଖଟା କୋଳି ବିଶେଷ, ବଇଁଞ୍ଚ କୋଳି ।

**ବଇଠ କରଣ** *ବି.* ଶ୍ରୀମନ୍ଦିରର କରଣସେବକ ।

**ବଇଠକି** *ବି.* ୧. ବ୍ୟାୟମ ବିଶେଷ ୨. ଦୀପରୁଖା ୩. ଗୋଷ୍ଠୀ ବିଚାର, ସମୂହ ଆଲୋଚନା ।

**ବଇଠା** *ବି.* ୧. ଦୀପ ଓ ଡିବିରି ଥୋଇବା ଆଧାର, ରୁଖା ୩. ଦୀପ ରଖିବା ଆଧାର ।

**ବଇଠା ରାଜା** *ବି.* ଯିଏ ବସିକରି ଉପଦେଶ ବା ପରାମର୍ଶ ଦିଏ, ପ୍ରକୃତ ବୁଦ୍ଧିଦାତା ।

**ବଇଠି** *ବି.* ୧. ପାତ୍ର ଆଦି ରଖିବା ଆସନ ୨. ଛୋଟଗିନା ୩. ରୁଖା ୪. ପାତ୍ର ନିମ୍ନସ୍ଥ ଆଧାର ।

**ବଇଠି ପାଳିଆ** *ବି.* ଶ୍ରୀମନ୍ଦିରରେ ବଇଠା ଲଗାଇବା ସେବକ ।

**ବଇତମ** *ବିଂ.* ଜୀର୍ଣ୍ଣ, ପୁରୁଣା, ନଷ୍ଟପ୍ରାୟ ।

**ବଇଦ** *ବି.* ବୈଦ୍ୟ, ଆୟୁର୍ବେଦୀୟ ଚିକିତ୍ସକ, କବିରାଜ ।

**ବଇନା** *ବି.* ଅଗ୍ରିମ ଦେୟ, ଆଡ଼ଭାନ୍ସ ।

**ବଇନି** *ବି.* ପହିଲି ବିକ୍ରିରୁ ପ୍ରାପ୍ତ ଧନ ।

**ବଇଭୋଗ** *ବି.* ବିଳାସ, ଭୋଗ ।

**ବଇରଖ** *ବି.* ୧. ପତାକା ୨. ତାସଖେଳର କଳାପାନ ରଙ୍ଗ ।

**ବଇରୋଷ** *ବି.* ରାଗ, ରୋଷ, ବିଦ୍ୱେଷ ।

**ବଇଲ୍** *ବି.* ୧. ଦେବତାଙ୍କ ସନ୍ତୁଷ୍ଟିପାଇଁ ପ୍ରଦତ୍ତ ଜୀବବଳି ୨. ଯୁଆଳିରେ ଯୋଚା ହୋଇଥିବା ବଳଦ ।

**ବଇସିରା** *ବି.* ଅଭ୍ୟାସ, ଖୋଇ, ପଏଗୁନା ।

**ବଉଁଛାବା** *କ୍ରି.* ବାଆଁରେଇ ଦେବା, ବାହାନା ଦେଖାଇ ଭୁଲାଇଦେବା ।

**ବଉ** *ବି.* ବୋଉ, ମା' ୨. ବୋହୂ, ଭାଉଜ ।

**ବଉଣି** *ବି.* ଆଗତୁରା ଦେବା, ବଇନା, ବହିନି ।

**ବଉଦ** *ବି.* ମେଘ, ବାଦଲ ।

**ବଉଳ** *ବି.* ୧. ଗଛରେ ଫୁଲ ଫୁଟିବାର ପୂର୍ବ ଅବସ୍ଥା-ପ୍ରଧାନତଃ ଆମ୍ବ, ଆମ୍ବଡ଼ା, ଚେରି, ହରିଡ଼ା, ବାହାଡ଼ା ଆଦି ଗଛର ଫୁଲ ୨. ବକୁଳ ଫୁଲ ଓ ଗଛ ।

**ବଉଳ ଅମାବାସ୍ୟା** *ବି.* ପୌଷମାସର ଅମାବାସ୍ୟା ତିଥି-ଯେଉଁ ଦିନ ଆମ୍ବଗଛକୁ ଗଇଁଠା ଭୋଗ ଲଗାଯାଏ ।

**ବଉଳ ଧରିବା** *କ୍ରି.* ଆମ୍ବ, ଆମ୍ବଡ଼ା ଆଦି ଗଛରେ ଫୁଲ ଧରିବା ।

**ବଉଳପାଟ** *ବି.* ବିବାହ ସମୟରେ ମଙ୍ଗୁଳା କନ୍ୟା ପିନ୍ଧୁଥିବା ହଳଦିଆ ଶାଢ଼ୀ ।

**ବଉଳ ବସିବା** *କ୍ରି.* ଜଣେ ଅନ୍ୟ ଜଣକ ହାତରେ ବଉଳ ଦେଇ ସମ୍ପର୍କ ସ୍ଥାପନ କରିବା, ମିତ ବସିବା ।

**ବଉଳା ଗାଈ** *ବି.* ପାଟଳି ରଙ୍ଗର ଶାନ୍ତ, ସୁଧାର ଦୁଧିଆଳୀ ଗାଈ ।

**ବଉଳିବା** *କ୍ରି.* ୧. ଗର୍ଭବତୀ ହେବା ୨. ଆମ୍ବଗଛରେ ଫୁଲ ବା ପତ୍ର କଅଁଳିବା ୩. ପାଣି କମ୍ ଥିବା ଅବସ୍ଥାରେ ଖରାରେ ପାଣି ତାତି ଗଲେ ମାଛମାନେ ନିସ୍ତେଜ ହୋଇ ଭାସିଉଠିବା ।

**ବଉଳୀ** *ବିଂ.* ବଉଳ ଫୁଲ ପରି ; *ବି.* ନଖମୂଳ ଓ ଚମମଧ୍ୟରେ ଥିବା ସରୁଆ ଧଡ଼ିଚମ ।

**ବଉଲ୍‌ଖିଆ** *ବି.* ଫଗୁଣ ପୁନେଇଁରେ ପାରମ୍ପରିକ ନୂଆ ଆମ୍ବଖିଆ ଉତ୍ସବ।

**ବଉସା ଖଟିବା** *କ୍ରି.* ବାଲ୍ୟ ବିବାହ ପ୍ରଚଳିତ ଥିଲାବେଳେ କୁଆଁରୀ ବୋହୂ ବୋହୂପଣ ଦେଖାଇ ସେବା କରିବା ।

**ବଏଁରା** *ବି.* କାତି ପ୍ରାୟ ନ ଥିବା ଏକପ୍ରକାର ଲମ୍ବାଳିଆ ମାଛ ।

**ବଏ** *ବି.* ୧. ବ୍ୟୟ, ଖର୍ଚ୍ଚ ୨. ବିକ୍ରୟ ୩. ପୁଅପିଲା ୪. ହୋଟେଲ ଆଦିରେ ପରିଚାରକ ।

**ବଏକଟ୍** *ବି.* ୧. ବାସନ୍ଦ ୨. ପ୍ରତିବାଦ କରି ଛାଡ଼ିବା ।

**ବଏକା** *ବି.* ଭୟ, ଡର ।

**ବଏତର** *ବି.* ଅଧିକକାଳ ବ୍ୟବହାର ।

**ବଏଦ୍** *ବି.* ବୈଦ୍ୟ, କବିରାଜ ।

**ବଏନ୍** *ବି.* ରକ୍ତ ।

**ବଏନାମା** *ବି.* ବିକ୍ରୟ କବଲା, ବିକ୍ରିତ ଜମିର ଦଲିଲ ।

**ବଏଫ୍ରେଣ୍ଡ୍** *ବି.* ପୁରୁଷବନ୍ଧୁ, ଟୋକାସାଙ୍ଗ, ପ୍ରେମିକ ।

**ବଏମ୍** *ବି.* ଚିନାମାଟି ବା କାଚ ତିଆରି ଘୋଡଣି ଥିବା ପାତ୍ର ।

**ବଏଯିବା** *କ୍ରି.* ମାଈପଶୁ ଗର୍ଭଧାରଣ କରିବା ।

**ବକ୍‌ବକ୍** *ବି.* ଅଯଥା ଓ ଅନାବଶ୍ୟକ କଥା ।

**ବକ୍‌ବାଜ** *ବି.* ପାଟିତୁଣ୍ଡ, ଗଣ୍ଡଗୋଳ ।

**ବକ୍‌ରିବା** *କ୍ରି.* ଉପ୍ରାତିଆ ଢ଼ଙ୍ଗରେ ଉଚ୍ଚସ୍ୱରରେ ପାଟିକରିବା।

**ବକ୍‌ଲି** *ବି.* ୧. କାଠଛାଲି ୨. ଚିରା ଅସମାନ ଫଳ।

**ବକ୍‌ଲିବା** *କ୍ରି.* ପହଁରିବା, ସନ୍ତରଣ କରିବା ।

**ବକ୍‌ଲିଯିବା** *କ୍ରି.* (ଫଳ ଆଦି) ସମ୍ପୂର୍ଣ୍ଣ ବୃଦ୍ଧି ପ୍ରାପ୍ତ ହୋଇ ନ ପାରିବା।

**ବକ୍‌ସାଇଟ୍** *ବି.* ଧାତବ ଖଣିଜ ଦ୍ରବ୍ୟ ବିଶେଷ – ଏଥିରୁ ଆଲୁମିନିୟମ ପ୍ରସ୍ତୁତ ହୁଏ ।

**ବକ** *ବି.* ୧. ଧଳାରଙ୍ଗର ନଳୀଗୋଡ଼ ଓ ଲମ୍ବା ବେକଥିବା ଚଢ଼େଇ, ବଗପକ୍ଷୀ ୨. ଅଗିସ୍ତଫୁଲ ୩. ଗଇଶଫୁଲ ।

**ବକତ୍** *ବି.* ୧. ସମୟ, ବେଳ, ଓଳି ୨. ସୁଯୋଗ ୩. ଥର ।

**ବକତ୍ ବେଳ** *ବି.* ଉପଯୁକ୍ତ ସମୟ, ଉଚିତ ବେଳ ।

**ବକତା** *ବି.* ବକ୍ତା, କହିବା ଲୋକ ।

**ବକଧାର୍ମିକ** *ବିଂ.* ଠକ, ଭଣ୍ଡ ।

**ବକଧ୍ୟାନ** *ବି.* ଏକାଗ୍ରଚିତ୍ତ ।

**ବକପଞ୍ଚକ** *ବି.* କାର୍ତ୍ତିକ ମାସର ଶେଷ ପାଞ୍ଚ ଦିନ – ଯେଉଁ ସମୟରେ ବଗ ମଧ୍ୟ ମାଛ ଖାଏ ନାହିଁ ବୋଲି ଲୋକୋକ୍ତି ରହିଛି ।

**ବକଯନ୍ତ୍ର** *ବି.* ବିଜ୍ଞାନାଗାରରେ ବ୍ୟବହୃତ ପାତନଯନ୍ତ୍ର ।

**ବକର୍‌ନା** *ବିଂ.* ବହୁପ୍ରସବିନୀ (ଗାଈ) ।

**ବକର୍‌ନା ଗୁରସ** *ବି.* ସଦ୍ୟପ୍ରସୂତା ଗାଈର କ୍ଷୀର ।

**ବକର୍‌ବକର୍** *କ୍ରି.ବିଂ.* ବକ୍‌ବକ୍ କରିବା, ଅଯଥା କଥା କହିବା, ଭଡ଼ଭଡ଼ ହେବା ।

**ବକରା** *ବି.* ୧. ଅଣ୍ଡିରା ଛେଳି, ଛାଗ; *ସ୍ତ୍ରୀ.* ବକରୀ ୨. ଅବାନ୍ତର କଥା କହୁଥିବା ବ୍ୟକ୍ତି ୩. ବୋକା ବନିଥିବା ଲୋକ ।

**ବକଳ, ବକଳା** *ବି.* ୧. ଗଛର ଛେଲି ୨. ଘା' ଶୁଖିଗଲେ ତହିଁରୁ ବାହାରୁଥିବା ଖୋଳପା ।

**ବକଲମ** *ବିଂ.* ନିରକ୍ଷରପାଇଁ ଲେଖୁଥିବା ବା ଦସ୍ତଖତ କରୁଥିବା (ବ୍ୟକ୍ତି) ।

**ବକା** *ବି.* ୧. ଭର୍ତ୍ସନା, ଗାଳି ୨. ଅକାରଣରେ ଅଧିକ କଥା କହିବା; *ବିଂ.* ବୋକା ।

**ବକା ଦେବା** *କ୍ରି.* ବଳଦ ଭଡ଼ାରେ ଦେବା, ସାହାରିଆ ବଳଦ ।

**ବକାବକି** *ବି.* ଗାଳିଗୁଲଜ, ବଚସା, ତିରସ୍କାର, ବିତର୍କ ।

**ବକିଆ** *ବି.* ୧. କରଜ, ବାକି ପାଉଣା, ବକେୟା, ବାକିଆ ୨. ବନ୍ଧକ ।

**ବକିବା** *କ୍ରି.* ୧. ଗାଳିଦେବା ୨. ଅଧିକ ନିରର୍ଥକ କଥା କହିବା ୩. ଅସନ୍ତୋଷ ପ୍ରକାଶ କରିବା ।

**ବକୁ** *ବିଂ.* ଅତ୍ୟଧିକ ଅବାନ୍ତର କଥାକୁହା(ବ୍ୟକ୍ତି)

**ବକୁଳ** *ବି.* ବଉଳ ଗଛ ଓ ଫୁଲ ୨. ଆମ୍ବଗଛର ମଞ୍ଜରୀ ।

**ବକୁଳି** *ବି.* ୧. ନାକର ଶୁଖିଲା ମଳି ୨. ବାବାଜୀ ।

**ବକୁଳି ଛାଡ଼ିବା** *କ୍ରି.* ଘାଆରୁ ଖୋଳପା ଛାଡ଼ିବା ।

**ବକ୍ତ** *ବି.* ୧. ସମୟ ୨. ଥରେ ଭୋଜନ ।

**ବକ୍ତବ୍ୟ** *ବି.* ଯାହା କହିବା ଉଚିତ, ଭାଷଣର ବିଷୟ, କହିବା ବିଷୟ, କଥ୍ୟ ।

**ବକ୍ତା** *ବି.* ପ୍ରସଙ୍ଗ ଉପସ୍ଥାପନକାରୀ, ଭାଷଣ ଦେଉଥିବା ବ୍ୟକ୍ତି ।

**ବକ୍ତୃତା** *ବି.* ଭାଷଣ, ଅଭିଭାଷଣ ।

**ବକ୍ଖେଇବା** *କ୍ରି.* ଗାଳିଦେବା ।

**ବକ୍ର** *ବିଂ.* ୧. ବଙ୍କା ୨. କୁଟିଳ ୩. ଅସରଳ ; *ବି.* ବାଙ୍କ, ମୋଡ଼ ।

**ବକ୍ରଗ୍ରୀବ** *ବି.* ଓଟ, ଲମ୍ବା ଗୋଡ଼ ଓ ପିଠିରେ କୁଜଥିବା ଜୀବ ଯିଏ ଚଟକା ପାଦଯୋଗୁ ବାଲି ଉପରେ ସହଜରେ ବୁଲିପାରେ ଏବଂ ଥରେ ପାଣିପିଇ ଦୀର୍ଘକାଳ ରହିପାରେ ; ମରୁଭୂମିର ଜାହାଜ ।

**ବକ୍ରଚଞ୍ଚୁ** *ବି.* ଶୁଆ ।

**ବକ୍ରତୁଣ୍ଡ** *ବି.* ଗଣେଶ ।

**ବକ୍ରଦୃଷ୍ଟି** *ବି.* ବାଙ୍କଚାହାଣି, ତେରେଛା ଚାହାଣି ।

**ବକ୍ରି** *ବି.* ବକରି, ଛେଳି ।

**ବକ୍ସିସ୍** *ବି.* ପାରିତୋଷିକ, ସେବାରେ ସନ୍ତୁଷ୍ଟ ହୋଇ ଦେଉଥିବା ପୁରସ୍କାର, ଟିପ୍ସ୍ ।

**ବଖ(ଖୋ)ନି** *ବି.* ପାରମ୍ପରିକ ଲୋକବଚନ, ବଖାଣ, ବାଖେନି, ତଥ୍ୟସମ୍ବଳିତ ଲୋକକଥା ।

**ବଖଡ଼, ବଖଡ଼ା ବି.** ଝଞ୍ଜଟ, ଗୋଳମାଳ, ବାଧା ; **ବିଂ.** ବଖଡ଼ିଆ ।

**ବଖତ ବି.** ଉପଯୋଗୀ ସମୟ , ସୁଯୋଗ ।

**ବଖତରେ *କ୍ରି.ବିଂ.*** ସମୟରେ, ବେଳରେ ।

**ବଖନି ବି.** ଲୋକବଚନ ।

**ବଖରା ବି.** ୧. କୋଠରି ୨. ଅଂଶ ୩. ନିର୍ଦ୍ଦିଷ୍ଟ ଭାଗରେ ଚାଷ ।

**ବଖରି ବି.** ପରିବାର ସମୂହ, ଖଞ୍ଜାଘର ।

**ବଖରିଆ ବି.** ୧. ଘୋଡାଙ୍କ ଘାସ କାଟିବାପାଇଁ ନିଯୁକ୍ତ ଚାକର ୨. ଅନ୍ୟର କାର୍ଯ୍ୟରେ ଭାଗ ବା ଦାୟିତ୍ୱ ନେଉଥିବା ଲୋକ ୩. ଏକ – ବଖୁରିଆ ଘର ।

**ବଖାଣ ବି.** କହିବା, କଥନ, ବ୍ୟାଖ୍ୟାକରଣ, ବୟାନ, ବର୍ଣ୍ଣନା ; **କ୍ରି.** ବଖାଣିବା ।

**ବଖୁରି ବି.** ଛୋଟ କୋଠରି ।

**ବଗ୍‌ବଗାନୁ *କ୍ରି.ବିଂ.*** ୧. ଆଶାତିରିକ୍ତ ସଂଖ୍ୟାରେ ୨. ପ୍ରସ୍ଫୁଟିତ ହୋଇ ।

**ବଗ୍‌ବଗାବା *କ୍ରି.*** ଉଜ୍ଜ୍ୱଳ ଦିଶିବା, ପ୍ରସ୍ଫୁଟିତ ହେବା ।

**ବଗ ବି.** ବକପକ୍ଷୀ, *ସ୍ତ୍ରୀ.* ବଗୁଲି ।

**ବଗଚରା ବି.** ଯେଉଁଠି ବଗମାନେ ଚରା ଖୋଜନ୍ତି, ପୋଖରୀ ପାଖର ଢ଼ାଲୁ ଓ ସମତଳ ସ୍ଥଳ, ସଡ଼କ ପାଖର ସନ୍ତସନ୍ତିଆ ନୟନଯୋଡ଼ି ।

**ବଗଡ଼ ବିଂ.** ୧. ଦୁଷ୍ଟ, ଖେଚଡ଼ ୨. ମୋଟାବୁଦ୍ଧିଆ ; **କ୍ରି.** ପର୍ବତରେ ନିଆଁ ଲଗାଇବା ।

**ବଗଡ଼ା ବିଂ.** ମୋଟା ଓ ଅକାଣ୍ଡିଆ, (ଚାଉଳ), ମୋଟା ବା ନାଲି ଚାଉଳର ଭାତ ।

**ବଗଡ଼ାଲୁ ବିଂ.** ଅପାରଗ, ଅଯୋଗ୍ୟ, ଅସମର୍ଥ ।

**ବଗଳାମୁଖୀ ବି.** ଦଶମହାବିଦ୍ୟା ମଧ୍ୟରୁ ଅନ୍ୟତମ ଦେବୀ ।

**ବଗଲ୍ ବି.** ୧. କାଖ, ବାହୁମୂଳର ନିମ୍ନ ଦେଶ ୨. ସାମୀପ୍ୟ ୩. ପାର୍ଶ୍ୱ ।

**ବଗଲବା *କ୍ରି.*** ଇତସ୍ତତଃ ବିସ୍ତାରିତ ହେବା ।

**ବଗଲା ବି.** ବଗ ଜାତୀୟ ପକ୍ଷୀ ବିଶେଷ ; **ବିଂ.** ଓଲୁ, ନିର୍ବୋଧ ।

**ବଗା ବିଂ.** ଓଲୁ, ନିର୍ବୋଧ, ବୋକା, ଭକୁଆ ।

**ବଗାଏତ, ବଗାତ ବି.** ବଗିଚା, ବାଡ଼ିବଗିଚା ।

**ବଗାର ବି.** ଅଣ୍ଡିରା ମଇଁଷି, ବାଛୁରି (*ସ୍ତ୍ରୀ.* ବଗାରୀ)

**ବଗାରି ବି.** ଯେଉଁ ମଇଁଷି ଛୁଆ ଦେଇ ନ ଥାଏ, କଳେଈ, ଅପ୍ରସୂତା ମଇଁଷି ।

**ବଗାଳ, ବଗାଳିଆ ବି.** କୁଠିଆ, କୋଠିଆ, ଗାଈ ଗୋରୁଆଦି ଜଗିବାକୁ ନିଯୁକ୍ତ ଚାକର ।

**ବଗାଲ୍ *କ୍ରି.*** ବଗାଳିବା, ଆୟତରେ ରଖିବା, ଅଧୀନରେ ରଖିବା ।

**ବଗି ବି.** ୧. ଦୁଇଚକିଆ ଅଥବା ଚାରିଚକିଆ ଘୋଡ଼ାଗାଡ଼ି ବିଶେଷ ୨. ରେଲଡବା ।

**ବଗିଚା ବି.** ଉଦ୍ୟାନ, କାହାରି ଉଦ୍ୟମରେ ଉଧେଇ ଥିବା ଫୁଲଫଳ କ୍ଷେତ୍ର ।

**ବଗୁଲିଆ ବିଂ.** ଚଞ୍ଚଳ ପ୍ରକୃତିର, ଚଗଲା, ଦୁଷ୍ଟ ।

**ବଘରା ବି.** ଛୁଙ୍କ, ପରଝନା ; **ବିଂ.** ପରଝାବା, ଛୁଙ୍କା ହୋଇଥିବା ; **କ୍ରି.** ବଘାରିବା ।

**ବଘାରିବା *କ୍ରି.*** ବଘରିବା, ପରଝିବା, ତରକାରି ଛୁଙ୍କଦେବା ।

**ବଘିବା *କ୍ରି.*** ଚଢ଼ିବା,ଘୋଡ଼ା, ହାତୀ ବା ଯାନାଦି ଆରୋହଣ କରିବା ।

**ବଙ୍କା ବିଂ.** ବକ୍ର, ଅସରଳ, ଟେଢ଼ା, ଯାହା ସିଧା ନୁହେଁ ; **କ୍ରି.** ବଙ୍କାଇବା ।

**ବଙ୍କାତେଢ଼ା ବିଂ.** ସଳଖ ସୁନ୍ଦର ନ ଥିବା, ବଙ୍କାଟଙ୍କା ।

**ବଙ୍କି ବି.** ଫୁଲର ନାଡ଼ ।

**ବଙ୍କିମ ବିଂ.** ଈଷତ୍ ବଙ୍କା, ସାମାନ୍ୟ ବଙ୍କା, ବଙ୍କାଳିଆ ।

**ବଙ୍କୁଲି ବିଂ.** ହାତରେ ଧରିହେଲା ଭଳି ବଙ୍କା ।

**ବଙ୍କୁଲିବାଡ଼ି ବି.** ଯେଉଁ ବାଡ଼ିର ଅଗ ବଙ୍କା ।

**ବଙ୍ଗ ବି.** ୧. ଭାରତବର୍ଷର ଏକ ପ୍ରାଚୀନ ରାଜ୍ୟ ୨. ଟିଣ ବା ରସ ଧାତୁ ।

**ବଙ୍ଗଜ ବି.** ସିନ୍ଦୂର ; **ବିଂ.** ବଙ୍ଗ ଦେଶରେ ଜାତ ।

**ବଙ୍ଗଳା ବି.** ୧. ବାଂଲାଦେଶ ଓ ପଶ୍ଚିମ ବଙ୍ଗର ଭାଷା ୨. ପ୍ରଶସ୍ତ ବାରଣ୍ଡାବିଶିଷ୍ଟ ବାସଗୃହ ଓ ପାଚେରୀ ବେଷ୍ଟିତ ଘର, ବଂଗ୍‌ଲୋ ।

**ବଙ୍ଗା ବି.** ୧. ଦେବତା ୨. ଭୂତ ୩. ମାସ ।

**ବଙ୍ଗି,ବଙ୍କି ବି.** ଧାନପତ୍ରର ପୋକ–ଯେଉଁ ପୋକ ଧାନ ଗଛର ପତ୍ରକୁ ଖାଇ ଧଳା କରିଦିଏ ।

**ବଙ୍ଗିଫୁଲ ବି.** ଆଖୁଗଛର ଫୁଲ ।

**ବଚ ବି.** ୧. ଔଷଧୀୟ ଗୁଳ୍ମ ବିଶେଷ ୨. ମୁହଁରୁ ବାହାରୁଥିବା ଫେଣମିଶା ଛେପ ।

**ବଚକାନି ବିଂ.** ୧. ଛୋଟ, କ୍ଷୁଦ୍ରାକାର ୨. ଶିଶୁ ସୁଲଭ, ଶିଶୁଯୋଗ୍ୟ ୩. ପିଲାଳିଆ ।

**ବଚନ ବି.** ୧. କଥା, ଉକ୍ତି, ବାକ୍ୟ, ଉପଦେଶ ୨. (ବ୍ୟାକରଣ) ପଦର ଏକତ୍ୱ ବା ବହୁତ୍ୱ ।

**ବଚନଗ୍ରାହୀ ବିଂ.** ଆଜ୍ଞାବହ, କଥାମାନି ଯେ ଚାଲେ ।

**ବଚନିକା ବି.** ୧. ଦୁଇ ବ୍ୟକ୍ତି ମଧ୍ୟରେ କବିତାରେ କଥାବାର୍ତ୍ତା ୨. ଉକ୍ତିପ୍ରତ୍ୟୁକ୍ତି ।

**ବଚନୀୟ ବିଂ.** କଥନୀୟ, ନିନ୍ଦନୀୟ ; **ବି.** ଲୋକନିନ୍ଦା ।

**ବଚସା ବି.** ଝଗଡ଼ା, ତର୍କବିତର୍କ, ପାଟିତୁଣ୍ଡ, ଗୋଳ ।

**ବଚସ୍କର ବି.ବିଂ.** ବୋଲକରା, କଥା ଓ ଆଦେଶର ପୂର୍ଣ୍ଣ ଅଧୀନ, ଆଜ୍ଞାବହ ।

**ବଚା, ବଛା ବି.** ଶିଶୁ, ଟିକିପିଲା, ସନ୍ତାନ ।

**ବଛରା *ବି.*** ୧. ଶିଶୁମାନଙ୍କୁ ହେଉଥିବା ଏକପ୍ରକାର ଝାଡ଼ା ରୋଗ, ବଛଡା ୨. **ବୁଛ୍‌ରା,** ବାଛୁରୀ ।

**ବଛା *ବି.*** ୧. ବାଛୁରୀ ୨. ବିଲ ବାଛିବା କାମ ୩. ବାଲୁଙ୍ଗା ଉପୁଡ଼ା କାମ ୪. ନିର୍ବାଚନ ୫. ପିଲାପିଲି ; ***ବିଂ.*** ନିର୍ବାଚିତ, ଉତ୍କୃଷ୍ଟ, ଅଉଲ।

**ବଛାବଛା *ବିଂ.*** ୧. ଉତ୍କର୍ଷ ଦୃଷ୍ଟିରୁ ବଛା ଯାଇଥିବା ୨. ସ୍ୱତନ୍ତ୍ର ପରୀକ୍ଷା ଦେଇ ଯୋଗ୍ୟ ହୋଇଥିବା ।

**ବଛାଳି *ବିଂ.*** ଯେ ବାଛେ ।

**ବଛିଆରି *ବିଂ.*** ଭଲଯାକ ବାଛିନେଲା ପରେ ଯେଉଁ କେତେକ ନିକୃଷ୍ଟ ଦ୍ରବ୍ୟ ଶେଷକୁ ରହିଯାଏ।

**ବଜନିଆ *ବି.*** ବାଦକ, ବାଜାବାଲା ।

**ବଜନ୍ତରୀ(ରି) *ବି.*** ୧. ବାଦ୍ୟକାର (ଶ୍ରୀମନ୍ଦିରର ନାଭିକଟା ମଣ୍ଡପରେ ବଜନ୍ତରୀମାନେ ବାଦ୍ୟ ବଜାନ୍ତି) ୨. ବାଜାବାଲା ।

**ବଜନ୍ତୀ *ବି.*** ବାଜାବାଲା, ବାଜାବଜାଳି ।

**ବଜବଜ *ଅ.*** ୧. ବିଡ଼ିବିଡ଼ି ୨. ଗୁଡାଏ ଅବାନ୍ତର ଗପ ୩. ପଚି ଫଣଫଣେଇବା ।

**ବଜବଜିଆ *ବି.*** ୧. ପତଳା ଝାଡା ୨. ଗୋରୁଙ୍କ ରୋଗ ବିଶେଷ ।

**ବଜର୍ ବଜର୍ *କ୍ରି.ବିଂ.*** ବକବକ କରିବା, ଅସଂଲଗ୍ନ ବା ଅବାନ୍ତର କଥା କହିବା ।

**ବଜରା *ବି.*** କୋଠରୀବିଶିଷ୍ଟ ବଡ଼ କାଠନୌକା ।

**ବଜା *ବି.*** ୧. ଆଘାତ କରିବା, ବଜାଇବା ୨. ମାଡ଼ ୩. ସ୍ପର୍ଶ ୪. ମାଛଧରାର ଯନ୍ତ୍ର ବିଶେଷ ୫. ଖୁବ ଛୋଟ ଛୋଟ ପଥର ଖଣ୍ଡାଂଶ ।

**ବଜାଇବା, ବଜେଇବା *କ୍ରି.*** ୧. ମାଡ଼ ମାରିବା, ଆଘାତ କରିବା, ସ୍ପର୍ଶ କରାଇବା ୨. ବାଦ୍ୟଯନ୍ତ୍ର ଚାଳନ କରିବା।

**ବଜାଣିଆ *ବି.*** ୧. ବାଜାବାଲା ୨. ଢ଼ୋଲିଆ ୩. ଉପବାସ ହେତୁ ଦେହ ଝୋଲା ମାରିଯିବା ।

**ବଜାବଜି *କ୍ରି.ବିଂ.*** ମରାମରି , ପିଟାପିଟି ।

**ବଜାର *ବି.*** ୧. ନିତିଦିନିଆ ବ୍ୟାପକ କିଣାବିକାର ନିର୍ଦ୍ଦିଷ୍ଟ ସ୍ଥାନ, ବିପଣି, ଶ୍ରେଣୀବଦ୍ଧ ଦୋକାନ ୨. ପଣ୍ୟାଦିର କ୍ରୟବିକ୍ରୟ ସ୍ଥିତି ୩. ଦର, ଭାଉ ।

**ବଜାରୀ *ବି.ବିଂ.*** ୧. ଅଭଦ୍ର, ଅଶାଳୀନ, ସୌଜନ୍ୟହୀନ, ଭଲମନ୍ଦ ନ ବିଚାରି କଥାକହୁଥିବା (ଲୋକ) ୨. ବଜାରରେ ରହୁଥିବା, ବଜାରିଆ(ଲୋକ) ୩. ବଜାରରେ କାରବାର କରି ଜୀବିକା ନିର୍ବାହ କରୁଥିବା (ଲୋକ) ।

**ବଜାୟ *ବିଂ.*** କାଏମ, ଅକ୍ଷୁଣ୍ଣ, ରକ୍ଷିତ, ଦୃଢ଼ପ୍ରତିଷ୍ଠିତ, ବଳବତ୍ତର ।

**ବଜେଟ *ବି.*** ୧. କୌଣସି କାର୍ଯ୍ୟର ଆୟବ୍ୟୟ ଅଟକଳ ୨. ଆୟବ୍ୟୟର ବାର୍ଷିକ ବିବରଣ ।

**ବଜ୍ଜାତ୍ *ବି.ବିଂ.*** ବଦମାସ, ଦୁର୍ବୃତ୍ତ, ଖରାପ ମଣିଷ ।

**ବଜ୍ଜାତି *ବି.*** ବଦମାସି, ଦୁରାଚାର, ଦୁଷ୍ଟାମି ।

**ବଜ୍ର *ବି.*** ୧. ଘଡ଼ଘଡ଼ି, ଚଡ଼କ, ଅଶନି, ବିଦ୍ୟୁତ୍‌ପାତ ୨. ହୀରା ୩. ଆକସ୍ମିକ ଦାରୁଣ ଆଘାତ ; ***ବିଂ.*** ଟାଣ, ଅତି କଠିନ, ଦୁର୍ଭେଦ୍ୟ ।

**ବଜ୍ରକଣ୍ଠ *ବି.*** ଦୃଢ଼ସ୍ୱର, ଆତ୍ମବିଶ୍ୱାସର ସ୍ୱର ।

**ବଜ୍ରକାପ୍ତା *ବି.*** ଏକ ପ୍ରକାର ଗୋଧି ଜାତୀୟ ପ୍ରାଣୀ–ଯାହାର ସାରା ଦେହ ଟାଣ କାତିରେ ଆବୃତ ରହିଥାଏ ଏବଂ ଏହି କାତିରେ ତିଆରି ମୁଦି ପିନ୍ଧିଲେ ଶରୀର ସୁସ୍ଥ ରହେ ବୋଲି ଲୋକ-ବିଶ୍ୱାସ ।

**ବଜ୍ରକୀଟ *ବି.*** ୧.ଘୁଣପୋକ ୨. ଶାଳ ଗ୍ରାମ ଭିତରେ ଥିବା କୀଟ ।

**ବଜ୍ରଚର୍ମା *ବି.*** ଗଣ୍ଡାର, ଗଣ୍ଡା ।

**ବଜ୍ରପାତ *ବି.*** ୧. ବିଜୁଳି ମାରିବା, ବଜ୍ର ପଡ଼ିବା ୨. ଆକସ୍ମିକ ଦାରୁଣ ବିପଦ ୩. ଦୈବୀ ଦୁର୍ଘଟଣା ।

**ବଜ୍ରବାଟୁଳି *ବି.*** ଅତିଟାଣୁଆ ବାଟୁଳି ; ***ବିଂ.*** ଅତି ପରିଶ୍ରମୀ ଓ କଷ୍ଟସହିଷ୍ଣୁ ।

**ବଜ୍ରମୂଳ,ବଜ୍ରମୂଳୀ *ବି.*** ଏକ ଔଷଧୀୟ ଗୁଳ୍ମ–ଯେଉଁ ଗଛର ମୂଳ ସହଜରେ ଉପାଡ଼ି ହୁଏନା ।

**ବଜ୍ରଯାନ *ବି.*** ତାନ୍ତ୍ରିକ ବୌଦ୍ଧମତ ବିଶେଷ ।

**ବଜ୍ରସେହ୍ନା *ବି.*** ଦୁର୍ଭେଦ୍ୟ ସାଞ୍ଜୁ ।

**ବଜ୍ରାଗ୍ନି *ବି.*** ବିଦ୍ୟୁତ୍, ବିଜୁଳି ।

**ବଜ୍ରାସନ *ବି.*** ଯୋଗାସନ ବିଶେଷ ।

**ବଜ୍ରାହତ *ବିଂ.*** ୧. ବଜ୍ରଦ୍ୱାରା ଆଘାତ ପ୍ରାପ୍ତ, ଚଡକମରା ୨. ଆକସ୍ମିକ ବିପଦ ବା ଗଭୀର ଶୋକରେ ଭାଙ୍ଗି ପଡ଼ିଥିବା ।

**ବଞ୍ଚକ *ବିଂ.*** ଶଠ, ଠକ, ପ୍ରତାରକ ; ***ବି.*** ୧. ଶୃଗାଳ ୨. ଚୋର ।

**ବଞ୍ଚନା *ବି.*** ଶଠତା, ଠକାମି, ପ୍ରତାରଣା ।

**ବଞ୍ଚାଇବା *କ୍ରି.*** ୧. ଅନ୍ୟର କ୍ଷତି ନ ହେଲାପରି କଥା ବାଗେଇ କହିବା ୨. ଜିଆଇବା, ଜୀବନ ରକ୍ଷା କରିବା ୩. ବିପଦରୁ ରକ୍ଷା କରିବା ।

**ବଞ୍ଚିତ *ବିଂ.*** ନ୍ୟାୟତଃ ବା ସ୍ୱାଭାବିକ ଭାବରେ ପାଇବା ବସ୍ତୁ ନ ପାଇବା ।

**ବଞ୍ଜୁଳ *ବି.*** ୧. ବେତ ୨. ଅଶୋକ ଗଛର ଫୁଲ ବା କଢ଼ ।

**ବଟ ବି.** ୧. ବରଗଛ ୨. କଉଡ଼ି ୩. ଗୋଲାକାର **ବସ୍ତୁ,** ଗୁଳା ।

**ବଟକରା *ବି.*** ତଉଲର ପରିମାଣସୂଚକ ଧାତୁ ନିର୍ମିତ ଓଜନବିଶେଷ ।

**ବଟଫଳ *ବି.*** ୧. ବରଗଛର ଫଳ ୨. ସୁନା ବା ରୁପା ଗୋଟାଳି ବସିଥିବା ଖଡୁ ବା ଅଳଙ୍କାର ବିଶେଷ ।

**ବଟମ୍ *ବି.*** ୧. ବୋତାମ ୨. ତଳ ।

**ବଟର୍ ବି.** ଲହୁଣୀ ।

**ବଟର୍ ମିଲ୍କ୍ ବି.** ଚଲ୍ହା, ଘୋଳଦହି ।

**ବଟଲ୍ ବି.** ବୋତଲ, ତରଳ ପଦାର୍ଥ ରହୁଥିବା ସରୁ ବେକଯୁକ୍ତ ଆଧାର ।

**ବଟଲ ଫ୍ରେଣ୍ଡ୍ ବି.** ୧. ମଦୁଆ ସାଙ୍ଗ ୨. ଘନିଷ୍ଠ ବନ୍ଧୁ ।

**ବଟା ବି.** ୧. ବାଟିବା କାର୍ଯ୍ୟ ୨. ବଟା ହୋଇଥିବା ଜିନିଷ ; **ବିଂ.** ୧. ବଟା ହୋଇଥିବା ୨. ବଣ୍ଟା ହୋଇଥିବା।

**ବଟାଉପର ବି.** ଚାଙ୍ଗଡ଼ା ଘରର ଛାତ – ଯେଉଁଠି ଫୁଲ, ତୁଳସୀ ମାଳ ଓ ଚୂଳ ଆଦି ରହେ ।

**ବଟାଘଷା ବି.** ମସଲାଦି ବାଟଣ ପ୍ରସ୍ତୁତି ।

**ବଟାଳି ବି.** ୧. ବଢ଼େଇର କାଠଚଞ୍ଛା ଉପକରଣ ବିଶେଷ ୨. ବାଟିବାବାଲା ।

**ବଟାଳିବା କ୍ରି.** ବଟାଳି ଯନ୍ତ୍ରଦ୍ୱାରା କାଠପଟା ଚାଞ୍ଛିବା ।

**ବଟି ବି.** ୧. ଗୁଣ୍ଡାଲୋକଙ୍କୁ ବା କୌଣସି ସଂସ୍ଥାକୁ ଭୟରେ ଦିଆଯାଉଥିବା ନିୟମିତ ଚାନ୍ଦା (ଦାଦାବଟି) ୨. ଟଙ୍କା ଭଙ୍ଗାଇବା ପାଇଁ ଦେୟ, କମିସନ୍ ।

**ବଟିକା, ବଟୀ ବି.** ଛୋଟଗୁଳି, ବଡ଼ି ।

**ବଟିଦେବା କ୍ରି.** ହାତଗୁଞ୍ଜା ଦେବା ।

**ବଟିବା କ୍ରି.** ବଳିବା, ଗୁଣ୍ଠିବା ।

**ବଟୀ, ବଟି ବି.** ବଟିକା, ଔଷଧ ଗୁଳି ।

**ବଟୁ ବି.** ୧. କୁଶ ତିଆରି ମୁଦି ୨. ବ୍ରତ ହୋଇଥିବା ବ୍ରାହ୍ମଣ ବାଳକ, ବ୍ରହ୍ମଚାରୀ ।

**ବଟୁଆ ବି.** ପାନଭଙ୍ଗା ସରଞ୍ଜାମ ରଖାଯାଉଥିବା କନାଥଳି ବିଶେଷ।

**ବଟୁଳି ବି.** ବଇଠି ନଥିବା ଚଉଡାମୁହାଁ ଗୋଲାକାର ପିତଳଲୋଟା ।

**ବଡ଼ୁକୀ ବି.** ୧. ବଡ଼ଝିଅ ୨. ପହିଲି ସ୍ତ୍ରୀ ।

**ବଡ଼ୁବଡ଼ିଆ ବି.** ଗପୁଡ଼ି, ଭଡ଼ଭଡ଼ିଆ ।

**ବଡ଼ୁଲି ବି.** ପ୍ରଥମ ପତ୍ନୀ ।

**ବଡ଼ ବିଂ.** ୧. ବୃହତ ୨. ଲମ୍ବା ୩. ଜ୍ୟେଷ୍ଠ ୪. ଶ୍ରେଷ୍ଠ ୫. ଧନୀ ୬. ଉଚ୍ଚ ୭. ସ୍ଥୂଳ ୮. ପ୍ରଶସ୍ତ, ବିସ୍ତୃତ ୯. ଉଦାର ୧୦. ଗର୍ବିତ ୧୧. ଅତ୍ୟଧିକ ୧୨. ସମ୍ଭ୍ରାନ୍ତ ୧୩. ବୟସ୍କ ୧୪. ଉଚ୍ଚପଦାସୀନ ୧୫. ପ୍ରଥମ ରଜୋବତୀ (ବାଳିକା); **ବି.** ଦେଢ଼ଶୁର, ସ୍ୱାମୀର ବଡ଼ଭାଇ।

**ବଡ଼ ଆଡ଼ରୋଷ ବି.** ଶ୍ରୀମନ୍ଦିରର ଏକ ରୋଷଗୃହ ।

**ବଡ଼ ଓଷା ବି.** ମହାଦେବଙ୍କ ଉଦ୍ଦେଶ୍ୟରେ କାର୍ତ୍ତିକ ଶୁକ୍ଳ ଚତୁର୍ଦ୍ଦଶୀ ଦିନ କରାଯାଉଥିବା ବ୍ରତ ଓ ଉପବାସ ।

**ବଡ଼କନ୍ୟା ବି.** ବଢ଼ିଲାଝିଅ, ବିବାହଯୋଗ୍ୟା ।

**ବଡ଼କା ପୁଅ ବି.** ଜ୍ୟେଷ୍ଠପୁଅ, ବଡ଼ପୁଅ ।

**ବଡ଼କେଳି ବି.** ୧. ଖଇର ୨. ପାନମସଲା ।

**ବଡ଼ଘାଏଁ ଅ.** ବଡ଼ ପାଟିରେ ।

**ବଡ଼ଚାଟ ବି.** ମନିଟର, ଶ୍ରେଣୀର ଦାୟିତ୍ୱପାଇଁ ସ୍ଥିରୀକୃତ ଛାତ୍ର ପ୍ରତିନିଧି ।

**ବଡ଼ଠାକୁର ବି.** ୧. ବଳଭଦ୍ର ୨. ଜଗନ୍ନାଥ ।

**ବଡ଼ତି ବି.** ୧. ଉନ୍ନତି ୨. ବଢ଼େଇ ୩. (ପୁରୀରେ) ସାଧୁସନ୍ଥଙ୍କଦ୍ୱାରା ପ୍ରତିଷ୍ଠିତ ଜାଗାଘର ।

**ବଡ଼ଦାଣ୍ଡ ବି.** ଜଗନ୍ନାଥଙ୍କ ରଥଯାତ୍ରା ହେଉଥିବା ପୁରୀର ଦାଣ୍ଡ, ଶ୍ରୀମନ୍ଦିରଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଦୀର୍ଘ ପ୍ରାୟ ତିନି କିଲୋମିଟର ରାସ୍ତା ।

**ବଡ଼ଦାଣ୍ଡକୁ ଯିବା କ୍ରି.** ନିଃସ୍ୱ ହୋଇ ରାସ୍ତାକୁ ଓହ୍ଲାଇବା, ଦରିଦ୍ର ହୋଇଯିବା, ସର୍ବହରା ହେବା ।

**ବଡ଼ଦିନ ବି.** ଯୀଶୁଖ୍ରୀଷ୍ଟଙ୍କ ଜନ୍ମଦିନ (୨୫ ଡିସେମ୍ବର) ଓ ସେହି ଦିନ ଅନୁଷ୍ଠିତ ହେଉଥିବା ପର୍ବ, କ୍ରିସ୍‌ମାସ୍ ।

**ବଡ଼ଦିନ ଛୁଟି ବି.** ଶିକ୍ଷାନୁଷ୍ଠାନରେ ଶୀତଛୁଟି, କ୍ରିସ୍‌ମାସ୍ ଭାକାସନ୍।

**ବଡ଼ଦେଉଳ ବି.** ପୁରୀର ଶ୍ରୀଜଗନ୍ନାଥ ମନ୍ଦିର ।

**ବଡ଼ପଣ ବି.** ବଡ଼େଇତି, ବଡ଼ିମା ।

**ବଡ଼ପଣ୍ଡା ବି.** ମନ୍ଦିରର ସମ୍ମାନିତ ମୁଖ୍ୟ ସେବକ ବିଶେଷ ।

**ବଡ଼ପାଟିଆ ବି.** ୧. ଯେ ଉଚ୍ଚସ୍ୱରରେ କଥା କହେ ୨. ଡାକବାଜି ଯନ୍ତ୍ର; **ବିଂ.** କୁହାଳିଆ ।

**ବଡ଼ବଡ଼ିଆ ବି.** ବହୁଦର୍ଶୀ ବୟୋବୃଦ୍ଧ ବ୍ୟକ୍ତିଗଣ, ସମ୍ଭ୍ରାନ୍ତଶ୍ରେଣୀ, ଧନିଶ୍ରେଣୀ ।

**ବଡ଼ବଡୁଆ ବି.** ମୃତ ପୂର୍ବପୁରୁଷଗଣ ।

**ବଡ଼ବାପା ବି.** ୧. ବାପାଙ୍କ ବଡ଼ଭାଇ, ଦଦେଇ ୨. ପିତାମହ, ଜେଜେ ।

**ବଡ଼ବାବୁ ବି.** କୌଣସି କାର୍ଯ୍ୟାଳୟର ମୁଖ୍ୟ କିରାଣି, ହେଡ୍ ଆସିଷ୍ଟାଣ୍ଟ/ କ୍ଲର୍କ୍ ।

**ବଡ଼ବୋଉ ବି.** ଜେଠେଇ, ବଡ଼ବାପାଙ୍କ ସ୍ତ୍ରୀ, ବଡ଼େ, ବଡ଼ମା'।

**ବଡ଼ବୋଲା ବିଂ.** ବଡ଼ପାଟିରେ କହିଲେ ହିଁ ଯାହାକୁ ଶୁଭେ ।

**ବଡ଼ଭାଇପଣିଆ ବି.** ୧. ଦାଦାଗିରି ୨. ଅଭିଭାବକତ୍ୱ ।

**ବଡ଼ଭି, ବଡ଼ଭୀ ବି.** ଚନ୍ଦ୍ରଶାଳା, କୋଠାଛାତ ଉପରିସ୍ଥ ଗୃହ, ଗୃହଚୂଡ଼ା, ସିଡ଼ି ଘରର ଛାତ ଉପରେ ଥିବା ଚନ୍ଦ୍ରଶାଳା ।

**ବଡ଼ମା' ବି.** ୧. ଜେଠେଇ ୨. ଜେଜୀ, ପିତାମହୀ ।

**ବଡ଼ମୁଣ୍ଡିଆ ବିଂ.** ୧. ଧନୀ ଓ ସମ୍ଭ୍ରାନ୍ତ ୨. ମୁଣ୍ଡିଆଳ ୩. ବୁଢ଼ା, ପୁରୁଖା ୪. ଅଭିଜ୍ଞ ।

**ବଡ଼ମୁଣ୍ଡିଆ ଚାଣ୍ଟି ବି.** ଜନ୍ଦା ।

**ବଡ଼ମୁହଁ** *ବି.* ବିଶେଷ ଭରସା ବା ଆଗ୍ରହ ।
**ବଡ଼ମୁହାଁ** *ବି.* ଅଳ୍ପରେ ସନ୍ତୁଷ୍ଟ ନ ହୋଇ ଅଧିକ ଲୋଡୁଥିବା ଲୋକ, ସବୁକଥାରେ ଆଧିକ୍ୟପ୍ରବଣ ।
**ବଡ଼ରୋଗ** *ବି.* କୁଷ୍ଠବ୍ୟାଧି ।
**ବଡ଼ଲୋକ** *ବି.* ୧. ଧନୀବ୍ୟକ୍ତି ୨. ଖ୍ୟାତନାମା ବ୍ୟକ୍ତି ।
**ବଡ଼ଲୋକି, ବଡ଼ଲୋକୀ** *ବିଂ. ବି.* ବଡ଼ଲୋକର ଆଚରଣ, ବଡ଼ଲୋକ ପଣିଆ, ନିଜକୁ ବଡ଼କରି ଦେଖାଉଥିବା, ବଡ଼େଇ କରୁଥିବା ।
**ବଡ଼ଶୀ** *ବି.* ବନ୍‌ଶୀ, ମାଛଧରାରେ ବ୍ୟବହୃତ ବାଉଁଶ କଣି, ସୂତା ଓ ଅଙ୍କୁଶାକାର କଣ୍ଟାରେ ତିଆରି ଉପକରଣ ।
**ବଡ଼ସିଂହାର** *ବି.* ଜଗନ୍ନାଥଙ୍କ ଶୟନ ପୂର୍ବର ବେଶ ଓ ଆରତି ।
**ବଡ଼ହେବା, ବଢ଼ିବା** *କ୍ରି.* ଝିଅ ପ୍ରଥମ ଋତୁମତୀ ହେବା ।
**ବଡ଼ା** *ବି.* ୧. ମୁଣ୍ଡର ବଥ ବିଶେଷ, ମୁଣ୍ଡରେ ଉଠୁଥିବା ଛୋଟ ଛୋଟ କାତିଯୁକ୍ତ ଘା' ୨. ବଟାମୁଗ, ବିରି ଆଦିରେ ତିଆରି ତେଲ ଛଣା ଖାଦ୍ୟ ବିଶେଷ, ବରା, ଗାରି ।
**ବଡ଼ାଇ, ବଡ଼ଇ** *ବି.* ଗର୍ବ, ବଡ଼ିମା, ବଡ଼ଲୋକି ଦେଖାଇ ହେବା ଆଚରଣ ।
**ବଡ଼ି** *ବି.* ୧. ବଟା ବିରି , ମୁଗ ଆଦିକୁ ଲୁଣ ମସଲାଦି ମିଶାଇ ଖରାରେ ଶୁଖାଇ ପ୍ରସ୍ତୁତ ଚଟକା ବା କ୍ଷୁଦ୍ରାକାର ଗୁଳା ୨. ଔଷଧବଟିକା ୩. ଶରୀର।
**ବଡ଼ିଭୋର** *ବି.* ପାହାନ୍ତା ପ୍ରହର, ସୂର୍ଯ୍ୟୋଦୟର ପୂର୍ବବର୍ତ୍ତୀ ସମୟ ।
**ବଡ଼ିଆ** *ବି.* କୁଟାଡିଆରି ମଶାଲ, ନିଆଁଅଟା, ଲଦା, ପାଳବେଣ୍ଟି ।
**ବଟୁ** *ବି.* ୧. ବ୍ରାହ୍ମଣ ସନ୍ତାନ, ବ୍ରତ ହୋଇଥିବା ବାଳକ ୨. ବ୍ରତଘର ୩. ବାପାଙ୍କ ବଡ଼ଭାଇ ୪. ମାଙ୍କ ବଡ଼ଭଉଣୀର ସ୍ୱାମୀ ୫. ଜେଜେଙ୍କ ବାପା ୬. ଜଗନ୍ନାଥ, ଲିଙ୍ଗରାଜଙ୍କ ସେବକ ବିଶେଷ (ଗରାବଟୁ)।
**ବଟୁଘର** *ବି.* ବ୍ରତଘର, ଉପନୟନ ।
**ବଟୁ ହେବା** *କ୍ରି.* ଉପନୟନ, ସଂସ୍କାର ହେବା, ବ୍ରତହେବା ।
**ବଡ଼େ** *ବି.* ୧. ବଡ଼ ମା, ମା'ଙ୍କ ବଡ଼ ଭଉଣୀ ବା ବାପାଙ୍କ ଭାଉଜ ୨. ଜେଜେ ବା ବୁଢ଼ା ଦଦାଙ୍କ ମା' ।
**ବଢ଼ା** *ବି.* ୧. ବୃଦ୍ଧି ୨. ବାଢ଼ିବା, ପରିବେଷଣ ୩. ଉଦ୍‌ଯାପନ, ପରିସମାପ୍ତି (ଯଥା- କ୍ଷେତବଢ଼ା) ୪. ଛୋଟ ମାଟିପାତ୍ର ବିଶେଷ ; *ବିଂ.* ୧. ବର୍ଦ୍ଧିତ, ପରିବେଷିତ, ଉଦ୍‌ଯାପିତ ୨. ଲମ୍ବା ହୋଇଥିବା (ହାତ)।
**ବଢ଼ାଣିଆ** *ବିଂ.* ବଡ଼ କରାଯାଇଥିବା ।
**ବଢ଼ାଣିଆ ବାଣୀ** *ବି.* ବଡ଼ ବଡ଼ କଥା ।
**ବଢ଼ାଦର** *ବି.* ବର୍ଦ୍ଧିତ ଭାଉ, ଚଢ଼ାମୂଲ୍ୟ, ଉଚ୍ଚାଦର ।
**ବଢ଼ାବଢ଼ି** *ବି.* ଖାଦ୍ୟ ପରିବେଷଣ ।
**ବଢ଼ାଭାତ** *ବି.* ୧.ବଢ଼ା(ଛୋଟ ମାଟି ହାଣ୍ଡି)ରେ ରନ୍ଧା ହୋଇଥିବା କାଠିମରା ଭାତ ୨. ପରିବେଷଣ କରାଯାଇଥିବା ଭାତ ।
**ବଢ଼ାମାସ** *ବି.* ଅଧିମାସ, ମଳମାସ ।
**ବଢ଼ି** *ବି.* ୧. ନଇବଢ଼ି, ବନ୍ୟା, ଜଳପ୍ଲାବନ ୨. ବୃଦ୍ଧି ।
**ବଢ଼ିଆ** *ବିଂ.* ୧. ଭଲ ୨. ଶୋଭାବନ୍ତ, ସୁନ୍ଦର, ଉତ୍କୃଷ୍ଟ ; *ବି.* ୧. ବଢ଼େଇ, କାଠ କାରିଗର ୨. ଜନଜାତି ବିଶେଷ ।
**ବଢ଼ିଆଳ** *ବି.* ୧. ମେଉଆ, ରାଏକଟା, ଆତ, ସିତାଫଳ ୨. ଘଡ଼ିଆଳ କୁମ୍ଭୀର ; *ବିଂ.*ବୃଦ୍ଧିଶୀଳ, ବଢ଼ି ଉଠୁଥିବା, ପୁଷ୍ଟିଶୀଳ (*ସ୍ତ୍ରୀ.* ବଢ଼ିଆଳୀ) ।
**ବଢ଼ିଆକାଙ୍କ** *ବି.* ବଡ଼ ଆକାରର ବଗ ଭଳି ଚଢ଼େଇ ।
**ବଢ଼ଣା** *ବି.* ଘର ପହଁରିବା ପାଇଁ ବ୍ୟବହୃତ ଉପକରଣ, ଝାଡୁ, ସମ୍ମାର୍ଜନୀ, ବାଢ଼ନି, ବାଢୁନ୍, ଛାଞ୍ଚୁଣି ।
**ବଢ଼ିପାଣି** *ବି.* କୂଳ ଲଙ୍ଘି ନଈରୁ ଉଛୁଳିବା ପାଣି, ବର୍ଷା ଦିନର ଭରା ନଈପାଣି, ବନ୍ୟାଜଳ ।
**ବଢ଼ିବା** *କ୍ରି.* ୧. ବର୍ଦ୍ଧିତ ହେବା,ବଡ଼ ହେବା ୨. (କନ୍ୟା) ପ୍ରଥମ ଋତୁମତୀ ହେବା ୩. ଜଟିଳ ହେବା, ସମସ୍ୟା ଦେଖାଦେବା ୪. ଜଳପ୍ଲାବିତ ହେବା, ନଈ ଆଦିରେ ଅଧିକ ପାଣି ଆସିବା ୫. ସମାପ୍ତ ହେବା ।
**ବଢ଼େ** *କ୍ରି.ବିଂ.* ଖୁବ୍, ଭାରି, ବହୁତ, ଅତ୍ୟଧିକ ।
**ବଢ଼େନ୍** *ବି.* ଲୋକେ ନିଜ ବ୍ୟବହାରପାଇଁ ବଢ଼ାଇଥିବା ଜଙ୍ଗଲ, ବ୍ୟକ୍ତିଗତ ଜଙ୍ଗଲ ।
**ବଢ଼େଲ** *ବି.* ଆତଫଳ, ମେଉଆ, ବଢ଼ିଆଳ ।
**ବଣ** *ବି.* ଘଞ୍ଚ ଗଛଲତା ପଶୁପକ୍ଷୀ ଓ ସରୀସୃପରେ ପରିପୂର୍ଣ୍ଣ ସ୍ଥାନ, ବନ, ଅରଣ୍ୟ, ଜଙ୍ଗଲ ; *ବିଂ.* ଘଞ୍ଚ ।
**ବଣଜନ୍ତୁ** *ବି.* ବଣରେ ରହୁଥିବା ଜୀବଜନ୍ତୁ ।
**ବଣପୋଡ଼ି** *ବି.* ବନାଗ୍ନି, ଦାବାଗ୍ନି, ବଣନିଆଁ ।
**ବଣଭୁଆ** *ବି.* କଟାଶ(ସେ) ।
**ବଣଭୋଜି** *ବି.* ବଣରେ କିମ୍ବା ପ୍ରାକୃତିକ ଶୋଭାପୂର୍ଣ୍ଣ ସ୍ଥାନରେ ବନ୍ଧୁଗହଣରେ ରାନ୍ଧି ଖାଇବା ମଉଜ, ପିକନିକ୍ ।
**ବଣମଣିଷ** *ବି.* ୧. ମନୁଷ୍ୟ ଆକୃତିବିଶିଷ୍ଟ ବଣରେ ରହୁଥିବା ବାନର ବିଶେଷ ୨. ବଣରେ ରହୁଥିବା ମଣିଷ ଆକୃତିର ଜୀବ (ଗରିଲା, ସିମ୍ପାଞ୍ଜି ଇତ୍ୟାଦି)
**ବଣମଲ୍ଲୀ** *ବି.* ମଲ୍ଲୀଭଳି ଫୁଟୁଥିବା ଏକ ପ୍ରକାର ବଣୁଆ ଫୁଲ ।
**ବଣମାଳତୀ** *ବି.* ୧. ବଣୁଆମାଳତୀ ୨. ଅବହେଳିତ, ଅଣଲୋଡ଼ା ।
**ବଣସାରୁ** *ବି.* ଏକ ପ୍ରକାରର ଗଲୁ ସାରୁ ।
**ବଣସୋରିଷ** *ବି.* ଅଣସୋରିଷା ।
**ବଣା** *ବି.* ୧. ଭ୍ରମ, ବାଟ ଭୁଲିବା ୨. ସରୁମୁହାଁ ମାଠିଆ ବିଶେଷ ।

**ବଣି *ବି.*** ୧. ବାଟି, ପକ୍ଷୀ ବିଶେଷ ୨. ତାଳଆଦି ଗଛର ବଣ ବା ତୋଟା ।
**ବଣିଆ *ବି.*** ୧. ସୁନା ରୁପାର କାରିଗର ୨. ବ୍ୟବସାୟୀ ଜାତି ବିଶେଷ ୩. ତାଳ ଆଦି ଗଛର ବଣି ବା ତୋଟା ।
**ବଣିଆତି *ବି.*** ବଣିଆର ବ୍ୟବସାୟ ; ***ବିଂ.*** ବଣିଆ ସଂକ୍ରାନ୍ତ, ବଣିଆ ସମ୍ପର୍କିତ ।
**ବଣିକ *ବି.*** ବ୍ୟବସାୟୀ, ସଉଦାଗର ।
**ବଣିଜ *ବି.*** ବେପାର, ବ୍ୟବସାୟ, କିଣାବିକା ।
**ବଣୁଆ *ବିଂ.*** ୧. ବନଜାତ, ଜଙ୍ଗଲଜାତ ୨. ଅରଣ୍ୟବାସୀ, ବଣରେ ରହୁଥିବା ୩. ହିଂସ୍ର, ବନ୍ୟ, ଅରଣା ।
**ବଣ୍ଟ *ବି.*** ଭାଗ, ଅଂଶ ; ***ବିଂ.*** ବଣ୍ଟିତ, ଭାଗ ହୋଇଥିବା ।
**ବଣ୍ଟକ *ବିଂ.*** ଯେ ବାଣ୍ଟେ, ଯେ ଭାଗକରେ ; ***ବି.*** ଭାଗ, ଅଂଶ ।
**ବଣ୍ଟନ *ବି.*** ଭାଗ ବା ଅଂଶକରି ବିତରଣ, ବାଣ୍ଟ କରିଦେବା, ବିଭାଜନ ।
**ବଣ୍ଟରା, ବଣ୍ଟୁଆରା, ବଣ୍ଟୁରା *ବି.*** ବଣ୍ଟନ, ଭାଗ କରିବା ।
**ବଣ୍ଠ୍ *ବିଂ.*** ବୋକା, ମୂର୍ଖ ; ***ବି.*** ମୁଚାଲିକା, ଦଲିଲ୍, ଚୁକ୍ତିନାମା ।
**ବଣ୍ଠ୍‌କଲ୍ *ବିଂ.*** ଲମ୍ବାଚଉଡା ଓ ମୋଟା, ଚଉରସ ।
**ବଣ୍ଠ୍‌ଚଲ୍ *ବିଂ.*** ଭୟଙ୍କର, ଭୀତିପ୍ରଦ ।
**ବଣ୍ଡା *ବି.*** ୧. ଜନଜାତି ବିଶେଷ ୨. ବ୍ୟଭିଚାରିଣୀ ନାରୀ ; ***ବିଂ.*** ଯେଉଁ ବଳଦ ବା କୁକୁରର ଲାଞ୍ଜ କଟା ହୋଇଥାଏ, ପୁଚ୍ଛାଗ୍ରବିହୀନ ।
**ବଣ୍ଡି *ବି.*** ଫତେଇ, ହାତକଟା ଛୋଟ କମିଜ ବିଶେଷ ।
**ବଣ୍ଡିନାଟ *ବି.*** ଏକ ପ୍ରକାର ନାଟ – ଯାହାର ପ୍ରଧାନ ଚରିତ୍ର ବଣ୍ଡି (କେତେକ ଅଞ୍ଚଳରେ ଦଣ୍ଡନାଟ ମଝିରେ ବଣ୍ଡିନାଟ ପରିବେଷଣ କରାଯାଏ)।
**ବଣ୍ଡିଲ, ବଣ୍ଡିଲି *ବି.*** ଗଣ୍ଠିଲି, ବିଡ଼ା, ପୁଳିନ୍ଦା, ଗୋଛା, ବଣ୍ଡଲ୍ ।
**ବତ୍ *ପ.ପ୍ର.*** ଏହା ଅନ୍ୟ ଶବ୍ଦ ପରେ ଲାଗେ, ପରି, ତୁଲ୍ୟ, (ଜଳବତ୍, ମାତୃବତ୍) ।
**ବତ୍‌କିବା[ଦ୍] *କ୍ରି.*** ୧. ଧାଇଁବା, ଦଉଡ଼ିବା ୨. କୁଦି କୁଦି ପଳାଇବା, ଉତ୍‌କିବା ।
**ବତ୍‌କେ *ବି.*** ନାରୀ ।
**ବତକ *ବି.*** ପାତିହଂସ ।
**ବତର୍ କରିବା *କ୍ରି.*** ୧. କୌଣସି ଜିନିଷକୁ ବ୍ୟବହାର ଉପଯୋଗୀ କରିବା ୨. ବିଶେଷ କାଇଦାରେ ଚଟଣି, ବ୍ୟଂଜନ ଆଦି ପ୍ରସ୍ତୁତ କରିବା।
**ବତର୍‌କିରି *ବି.*** ଝଡ଼ିପୋକ, ବତ୍‌ରିକିରା।
**ବତର୍ ହେବା *କ୍ରି.*** ୧. ଉପଯୋଗୀ ହେବା ୨. ଠିକ୍ ଅବସ୍ଥାକୁ ଆସିବା ୩. ସୁଯୋଗ ପାଇବା ।
**ବତର *କ୍ରି.*** ଡରିବା, ଭୟ ପାଇବା; ***ବି.*** ଡର, ଭୟ; ***ବିଂ.*** ପୂର୍ଣ୍ଣତାପ୍ରାପ୍ତ ; ***ବିଂ.*** ୧. ଅଳ୍ପଓଦା (ଚାଷଜମି) ୨. ଋତୁମତୀ ବା ଗରମ (ଗାଇ ଆଦି) ୩. ଉପଯୁକ୍ତ, ଅନୁକୂଳ ।
**ବତରପାଗ *ବି.*** ଓଦାଳିଆ ବା ଓଦାସିଆ ଜମି ଚଷିବା ପାଗ ।
**ବତରା *ବିଂ.*** ୧. ବତୁରା, ଭିଜା, ଜଳସିକ୍ତ, ପାଣିରେ ଭିଜା ହୋଇଥିବା ୨. ଚାଳଘର ରୁଅରେ ବତା ଭିଡ଼ାହେବା ।
**ବତ୍‌ରିକିରା *ବି.*** ବତେର୍‌କେଲି, ଝରିପୋକ ।
**ବତା *ବି.*** ଚିରାବାଉଁଶ, ଫାଳବାଉଁଶ ।
**ବତାଇବା *କ୍ରି.*** ୧. ଶିଖେଇବା ୨. ବାଟ ଦେଖାଇବା ।
**ବତାନ୍ *ବି.*** ୧. ପରାମର୍ଶ, ଶିକ୍ଷା, ବତାଇବା ୨. କୁପରାମର୍ଶ ।
**ବତାସ *ବି.*** ବାତ୍ୟା, ତୋଫାନ, ବେଗଶୀଳ ପବନ ।
**ବତାସି *ବି.*** ପ୍ରଖର ପବନର ପ୍ରବାହ ।
**ବତାସିଆ *ବିଂ.*** ୧. ଅସହାୟ ବୋଧ କରୁଥିବା ୨. ଝଡ଼ପବନଯୁକ୍ତ ।
**ବତି *ବି.*** ବଳିତା, ପ୍ରଦୀପ, ସଳିତା ।
**ବତିଘର *ବି.*** ନାବିକମାନଙ୍କୁ ସତର୍କ କରାଇବାପାଇଁ ସମୁଦ୍ର କୂଳରେ ଅବା ସମୁଦ୍ର ମଧ୍ୟରେ ସ୍ଥାପିତ ଆଲୋକ ସ୍ତମ୍ଭ, ଲାଇଟ୍ ହାଉସ୍ ।
**ବତିସା *ବି.*** ଏକ ପ୍ରକାର ବଡ଼ କଦଳୀ ।
**ବତିପେଲା *ବି.*** ୧. ଉପରେ ପଡ଼ି ଟିହାଉଥିବା ୨. ଖୋସାମତିଆ ।
**ବତୁ *ବି.*** ଚୋପା, ବୋତି ।
**ବତୁରା *ବିଂ.*** ତିନ୍ତା ହୋଇଥିବା, ଜଳସିକ୍ତ ; ***ବି.*** ଭିଜାଇବା କାର୍ଯ୍ୟ ।
**ବତୁରିବା *କ୍ରି.*** ଭିଜାହେବା, ତିନ୍ତାହେବା ।
**ବତ୍ସ *ବି.*** ୧. ପୁତ୍ର, ଶାବକ ୨. ଅଣ୍ଡିରାବାଛୁରୀ ୩. ସ୍ନେହଭାଜନ ପୁତ୍ର, ଛାତ୍ରାଦିଙ୍କୁ ସମ୍ବୋଧନ ।
**ବତ୍ସତର *ବି.*** ଅଣ୍ଡିରା ବାଛୁରୀ, (*ସ୍ତ୍ରୀ*) ବତ୍ସତରୀ ।
**ବତ୍ସର *ବି.*** ବର୍ଷ, ସାଲ, ଅବ୍ଦ ।
**ବତ୍ସଳ *ବିଂ.*** ୧. ସ୍ନେହଭରା, ଅନୁରାଗଯୁକ୍ତ ୨. ସନ୍ତାନ ଅଭିଳାଷୀ ; ***ବି.*** ବାତ୍ସଲ୍ୟ (*ସ୍ତ୍ରୀ*–ବତ୍ସଳା) ।
**ବ(ବା)ତ୍ସଲ୍ୟ *ବି.*** ୧. ସନ୍ତାନ ପ୍ରତି ଗଭୀର ଶ୍ରଦ୍ଧା, ଅଗାଧ ସ୍ନେହ, ବତ୍ସଳତା ୨. ଅଳଙ୍କାରଶାସ୍ତ୍ରରେ ରସ ବିଶେଷ ।
**ବତ୍ସ[ଛି] *ବି.*** ପୁଅ, ସନ୍ତାନ, ବତ୍ସ ।
**ବଥ *ବି.*** ଘା, ଫୋଡ଼ା, ଏକ ପ୍ରକାର ବ୍ରଣ ।
**ବଥା *ବି.*** ୧. ପୀଡ଼ା, ବ୍ୟଥା ୨. କଷ୍ଟହେବା ।
**ବଥାଇବା *କ୍ରି.*** ପୀଡ଼ା ହେବା, ବିନ୍ଧିବା ।
**ବଥୁଆ *ବି.*** ଏକ ପ୍ରକାର ଶାଗ ; ***ବିଂ.*** ଯାହାର ବଥ ଉଠିଛି ।
**ବଦ୍ *ବିଂ.* *ପୂ.ପ୍ର.*** ୧. ମନ୍ଦ, ନିକୃଷ୍ଟ, ଦୁଷ୍ଟ, ରୁକ୍ଷ ୨. ଅଯଥା, ଯାହା ସ୍ୱାଭାବିକ ନୁହେଁ ୩. ଭିନ୍ନ, ଅନ୍ୟ ।
**ବଦ୍‌କିବା *କ୍ରି.*** ପଳାଇବା, ଭାଗିବା ।
**ବଦ୍‌ଖିଆଲ *ବି.*** ଅବାଟରେ ଯିବାପାଇଁ ଜିଦ୍‌ଖୋରଭାବ ।
**ବଦଖୋଇ *ବି.*** ବଦଭ୍ୟାସ, ଖରାପ ମତଲବ ।
**ବଦଗା *ବି.*** ପାହୁଲ, ବଡ଼ ବଡ଼ ପାହୁଲ ।
**ବଦ୍‌ଗୁଣ *ବି.*** ୧. ଖରାପ ଅଭ୍ୟାସ ୨. ଅବାଗିଆ ପ୍ରକୃତି ୩. ଖୋଇ ।
**ବଦ୍‌ଡ୍ରୋ କଁଚା *ବିଂ.*** ଅତି କଞ୍ଚା ।

**ବଦ୍‌ନି** *ବିଂ.* ଦେବଦେବୀଙ୍କୁ ଉପଯାଚିତ (ସାମଗ୍ରୀ) ବା ହନ୍ତବ୍ୟ(ପ୍ରାଣୀ) ।

**ବଦନ** *ବି.* ୧. ମୁହଁ ୨. କଥନ ।

**ବଦନାମ** *ବି.* ଦୁର୍ନାମ, କଳଙ୍କ, ଅପବାଦ ।

**ବଦନାମି(ମୀ)** *ବିଂ.* ବଦନାମିଆ, ଦୁର୍ନାମଯୁକ୍ତ, ଅପବାଦିଆ, କଳଙ୍କଭାଗୀ ।

**ବଦବୋଇ** *ବି.* ଦୁର୍ଗନ୍ଧ, ଖରାପ ଗନ୍ଧ ।

**ବଦଭ୍ୟାସ** *ବି.* ବଦଖୋଇ, ଖରାପ ଅଭ୍ୟାସ, ମନ୍ଦଆଚରଣ, କୁସ୍ୱଭାବ, କୁଚିନ୍ତା ; *ବିଂ.* ବଦଭ୍ୟାସୀ ।

**ବଦମାସ** *ବିଂ.* ୧. ଦୁର୍ବୃତ୍ତ, ଦୁଷ୍ଟ ୨. ଚଗଲା ।

**ବଦମାସି** *ବି.* ଦୁଷ୍ଟାମି, ଖରାପ ଆଚରଣ, ନଟଖଟିଆ ସ୍ୱଭାବ ।

**ବଦର** *ବି.* ୧. ବନ୍ଦୋବସ୍ତ ଜମିର ସ୍ୱତ୍ୱ ସଂକ୍ରାନ୍ତ ପ୍ରଥମ ଅଭିଯୋଗ ୨. ବରକୋଳି ୩. କପାଫଳ ।

**ବଦରା** *ବି.* ବାଦବିବାଦକାରୀ ବ୍ୟକ୍ତି (*ସ୍ତ୍ରୀ* ବାଦରୀ) ।

**ବଦରାଗ** *ବି.* ଟିକେ କଥାରେ ଅଯଥା କ୍ରୋଧ, ଟିକକେ ରାଗିବା ।

**ବଦରାଗୀ** *ବିଂ.* ଯେ ଟିକକେ ରାଗି ଉଠେ, ଯେ ହଠାତ୍ ରାଗେ, କ୍ଷଣ କୋପୀ ।

**ବଦରି** *ବି.* ବରକୋଳି ।

**ବଦରିକା** *ବି.* ୧. ବରକୋଳି ୨. ହିମାଳୟସ୍ଥ ପ୍ରସିଦ୍ଧ ହିନ୍ଦୁତୀର୍ଥ, ବ୍ୟାସାଶ୍ରମ, ବଦ୍ରିକା ।

**ବଦଳ** *ବି.* ବିନିମୟ, ପରିବର୍ତ୍ତନ ।

**ବଦଳା ଛଦଳା** *ବି.* ଅଦଳ ବଦଳ, ଏପଟ ସେପଟ ।

**ବଦଳି** *ବି.* କର୍ମସ୍ଥଳର ପରିବର୍ତ୍ତନ, ସ୍ଥାନାନ୍ତରରେ ନିୟୋଗ ।

**ବଦଳିଆ** *ବି.* କାର୍ଯ୍ୟରୁ ଅନୁପସ୍ଥିତ ରହିଥିବା ବ୍ୟକ୍ତିର ବଦଳରେ ନିୟୋଜିତ ବ୍ୟକ୍ତି ।

**ବଦଳିବା** *କ୍ରି.* ପରିବର୍ତ୍ତିତ ହେବା, ଅନ୍ୟପ୍ରକାର ହେବା ।

**ବଦଲା** *ବି.* ୧. ପରିବର୍ତ୍ତନ, ବଦଳିବା ୨. ପ୍ରତିଶୋଧ; *ଅ.* ସ୍ଥାନରେ, ପରିବର୍ତ୍ତେ ।

**ବଦହଜମ, ବଦହଜମି** *ବି.* ଜୀର୍ଣ୍ଣ ନ ହେବା ରୋଗ, ହଜମ ନ ହେବା ଅବସ୍ଥା ।

**ବଦହଜମୀ(ମି)** *ବିଂ.* ଯାହା ସହଜରେ ହଜମ ହୁଏ ନାହିଁ, ଅଜୀର୍ଣ୍ଣକାରକ, ଅଜୀର୍ଣ୍ଣତା ସମ୍ବନ୍ଧିତ ।

**ବଦା** *ବି.* ଖାସୁ ହୋଇନଥିବା ଛେଳି – ଯାହାକୁ ଗ୍ରାମଦେବତୀଙ୍କ ପାଖରେ ବଳି ପକାଯାଏ ।

**ବଦାଇ** *ବି.* ସଞ୍ଜା, ସିଧା, ଭୋଜ୍‌ନି, ଅନ୍ୟକୁ ଦାନ କରାଯାଇଥିବା ଅସିଦ୍ଧ ଖାଦ୍ୟ ସାମଗ୍ରୀର ପାତ୍ର ।

**ବଦାନ୍ୟ** *ବିଂ.* ୧. ଦାନଶୀଳ, ଉଦାର ୨. ଭଲବକ୍ତା, ମଧୁରଭାଷୀ ।

**ବଦାନ୍ୟତା** *ବି.* ୧. ଦାନଶୀଳତା ୨. ସୁବକ୍ତାଗୁଣ, ପ୍ରିୟଭାଷଣ ।

**ବଦିଆଁ** *ବିଂ.* ମନୋବାଞ୍ଛା ପୂରଣପାଇଁ ଦେବଦେବୀଙ୍କୁ ନିବେଦିତ ।

**ବଦିବା** *କ୍ରି.* ମନାସିବା, ମାନସିକ କରି ଯାଚିବା, କହିବା ।

**ବଦ୍ଧ** *ବିଂ.* ୧. ବନ୍ଧା ୨. ବନ୍ଦ ୩. ଅଟକ ୪. ଯୁକ୍ତ ବା ଯୋଡ଼ ୫. ବିନ୍ୟସ୍ତ ୬. ଅର୍ପିତ ୭. ଦୃଢ଼, ଅପରିବର୍ତ୍ତନୀୟ ।

**ବଦ୍ଧପରିକର** *ବିଂ.* ୧. ଦୃଢ଼ସଂକଳ୍ପ ୨. ଯେ ଅଣ୍ଟା ଭିଡ଼ିଛି ।

**ବଦ୍ଧମୂଳ** *ବିଂ.* ଦୃଢ଼ମୂଳ, ସୁନିଶ୍ଚିତ ।

**ବଦ୍ଧାଞ୍ଜଳି** *ବି.* ଯୋଡ଼ହସ୍ତ, ଯୁକ୍ତକର ।

**ବଧ** *ବି.* ୧. ମାରିବା, ହତ୍ୟା ୨. ଦେହର ଜମାଟ ବାନ୍ଧିଥିବା ମଳି ୩. ଚର୍ବି ।

**ବଧକ, ବଧକାରୀ** *ବିଂ.* ହତ୍ୟା କରୁଥିବା, ଘାତକ ।

**ବଧଭୂମି, ବଧ୍ୟଭୂମି** *ବି.* ବଧ କରିବାର ସ୍ଥାନ, ବଧସ୍ଥଳ, ମାରଣ ଜାଗା ।

**ବଧା** *ବି.* ୧. ଛାତି ୨. ଧୈର୍ଯ୍ୟ ୩. ଗଦା, ଲଦା ।

**ବଧାଇ, ବଧେଇ** *ବି.* ୧. ଅଭିନନ୍ଦନ ୨. ପୁରସ୍କାର, ପାରିତୋଷିକ ୩. ତାରିଫ୍ ।

**ବଧାଇବା** *କ୍ରି.* ୧. ମୁଷ୍କଛେଦନ କରିବା, ଖାସୁ କରିବା ୨. ସ୍ୱାଗତ କରିବା, ସମ୍ମାନ ଜଣାଇବା ।

**ବଧି** *ବି.* ମୃଦଙ୍ଗରେ ଭିଡ଼ାଯାଉଥିବା ଚମଡ଼ା ଦଉଡ଼ି ।

**ବଧିଆ** *ବି.* ବଧିର, (କାନ)ଅତଡ଼ା ପଡ଼ିବା ।

**ବଧିବା** *କ୍ରି.* ହାଣିବା, ବଧ କରିବା ।

**ବଧିର** *ବିଂ.* ୧. ଶୁଣିବାର ସାମର୍ଥ୍ୟ ନଥିବା, କାଲ ୨. ଜଡ଼ ।

**ବଧିରତା, ବଧିରତ୍ୱ** *ବି.* ଶୁଣି ନପାରିବା, ଶ୍ରବଣଶକ୍ତିହୀନତା ।

**ବଧିରା** *ବିଂ.* ୧. ସ୍ପର୍ଶଶକ୍ତିହୀନ, କାଲୁଆ ୨. ଚେତନାରହିତ ।

**ବଧୁଲି** *ବି.* ଗାଢ଼ ଲାଲରଙ୍ଗର ଏକ ପ୍ରକାର ଫୁଲ, ବନ୍ଧୁଲିଫୁଲ ।

**ବଧୂ** *ବି.* ୧. ପୁଅର ଭାର୍ଯ୍ୟା, ବୋହୂ ୨. ପତ୍ନୀ ୩. କୁଳନାରୀ ।

**ବଧୂଜନ** *ବି.* ବିବାହିତା ଯୁବତୀ, ସଧବା ନାରୀ ।

**ବଧୂଟି** *ବି.* ବାଳିକାବଧୂ ।

**ବଧ୍ୟ** *ବିଂ.* ବଧଯୋଗ୍ୟ, ହତ୍ୟାଯୋଗ୍ୟ ; *ବି.* ବଳି ।

**ବଧ୍ୟପଶୁ** *ବି.* ବଳି ଦେବାକୁ ଅଣାଯାଇଥିବା ପଶୁ, ହତ୍ୟାଯୋଗ୍ୟ ପଶୁ ।

**ବନ୍** *ବି.* ଛୋଟ ଓ ଗୋଲିଆ ପାଉରୁଟି ।

**ବନ୍‌ଉଟି** *ବି.* ୧. ମନଗଢ଼ା କଥା, କାଳ୍ପନିକ ବିଷୟ ୨. ଉଦ୍‌ଭାବନୀ ପ୍ରତିଭା ।

**ବନ୍‌ଟି, ବନାଟି** *ବି.* ଦୁଇ ମୁଣ୍ଡରେ ନିଆଁହୁଳା ଲାଗିଥିବା ଦଉଡ଼ି- ଯାହାକୁ ବୁଲେଇ ଖେଳ ଦେଖାଯାଏ, ବନାଟି ଖେଳ ।

**ବନ୍‌ସିକଁଟା** *ବି.* ବନିଶୀ କଣ୍ଟା ।

**ବନ** *ବି.* ୧. ଅରଣ୍ୟ, ବଣ, ଜଙ୍ଗଲ ୨. ପୁଷ୍ପ ଉପବନ, କୁଞ୍ଜ ୩. ଜଳ, ପାଣି ୪. ଘର ୫. ଝରଣା ; *ବିଂ.* ବନ୍ୟ ।

**ବନଉ, ବନାଉ** *ବି.* ସଭାବ, ବନ୍ଧୁଭାବ ।

**ବନକ** *ବି.* ୧. ରଙ୍ଗ ବିଶେଷ ୨. କାକୁଡ଼ି ଜାତୀୟ ଏକ ପ୍ରକାର ଫଳ, ଫୁଟିକାକୁଡ଼ି ।

**ବନକଲାଗି** *ବି.* ଶ୍ରୀମନ୍ଦିରରେ ଠାକୁରମାନଙ୍କ ଚିତା ବା ରଙ୍ଗଲଗା କର୍ମ ।

**ବନଚର, ବନେଚର** *ବି.* ୧. ବନ୍ୟପଶୁ ୨. ବ୍ୟାଧ, ବାଣୁଆ, କିରାତ ୩. ଋଷି ।

**ବନଜ** *ବିଂ.* ୧. ବଣରେ ଜାତ ୨. ଜଳଜାତ, ପାଣିରେ ଜନ୍ମିଥିବା ; *ବି.* ୧. ପଦ୍ମ ୨. କଇଁ ୩. ଦଳ ।

**ବନପାଳ** *ବି.* ବନ ବିଭାଗର ପ୍ରଧାନ ବା ମୁଖ୍ୟ କର୍ମଚାରୀ ।

**ବନପ୍ରିୟ** *ବି.* କୋଇଲି ।

**ବନବାସ** *ବି.* ୧. ବଣରେ ବାସ ୨. ଅରଣ୍ୟରେ ନିର୍ବାସନ ।

**ବନବାସୀ** *ବିଂ.* ଅରଣ୍ୟର ବାସିନ୍ଦା, ଆଟବିକ ।

**ବନବିଡାଳ** *ବି.* କଟାଶ, ବଣଭୁଆ ।

**ବନମଲ୍ଲିକା,ବନମଲ୍ଲୀ** *ବି.* ମଲ୍ଲୀ ଜାତୀୟ ପାଂଚ ପାଖୁଡାବିଶିଷ୍ଟ ଫୁଲ ବିଶେଷ, କୁରେଇଫୁଲ, ଗିରିମଲ୍ଲିକା, କୁଟଜ ।

**ବନମାଳା** *ବି.* ୧. ନାନା ସୁଗନ୍ଧୀ ଫୁଲରେ ଗୁନ୍ଥା ଜାନୁଯାଏ ଲମ୍ବିଥିବା ମାଳ ୨. ବଣଫୁଲରେ ଗୁନ୍ଥା ହାର ।

**ବନଶି,ବନିଶି** *ବି.* ମାଛଧରାରେ ବ୍ୟବହୃତ ବାଉଁଶ ଦଣ୍ଡ ସହିତ ସଂଯୁକ୍ତ ଡୋର ଓ କଣ୍ଟା ।

**ବନସାଇ** *ବି.* ବୈଜ୍ଞାନିକ ପଦ୍ଧତିରେ ଗଛର ଖର୍ବୀକରଣ ପ୍ରକ୍ରିୟା ।

**ବନସୋଲା** *ବି.* ଚାର ଜାତୀୟ ମିଠାକୋଳି ବିଶେଷ ।

**ବନସ୍ତ** *ବି.* ଘୋର ଜଙ୍ଗଲ, ନିବିଡ଼ ଜଙ୍ଗଲ ।

**ବନସ୍ପତି** *ବି.* ୧. ଯେଉଁ ଗଛରେ ଫଳ ହୁଏ କିନ୍ତୁ ଫୁଲ ଧରେନା (ବର, ଓସ୍ତ ଆଦି ଗଛ) ୨. ଉଦ୍ଭିଦରୁ ରାସାୟନିକ ପ୍ରକ୍ରିୟାରେ ପ୍ରସ୍ତୁତ ଘିଅ ।

**ବନା** *ବି.* ୧. ବ୍ୟଞ୍ଜନବର୍ଣ୍ଣରେ ସ୍ୱରବର୍ଣ୍ଣର ସାଙ୍କେତିକ ମାତ୍ରା ଯୋଗ ୨. ଖଇନି, ଦୋକତା ଗୁଣ୍ଡ ୩. ମୁରୁଜ ; *ବିଂ.* ୧. ତିଆରି ହୋଇଥିବା ୨. ବଣା, ପଥହରା ୩. ଗାରଗାରିଆ ୪. ଚିତାକୁଟା ।

**ବନାଇବା, ବନେଇବା** *କ୍ରି.* ୧. ତିଆରି କରିବା ୨. ବନିବା କ୍ରିୟାର ଣିଜନ୍ତ ରୂପ ୩. ସଜେଇବା ।

**ବନାଗ୍ନି** *ବି.* ବଣନିଆଁ, ଦାବାଗ୍ନି ।

**ବନାଟି** *ବି.* ନିର୍ଦ୍ଦିଷ୍ଟ ଦୈର୍ଘ୍ୟର ଦଉଡ଼ିର ଦୁଇ ମୁଣ୍ଡରେ ନିଆଁ ଲଗାଇ ଦେଖାଉଥିବା ଖେଳ ।

**ବନାତ୍** *ବି.* ତିଆରି ।

**ବନାତ** *ବି.* ଶୀତବସ୍ତ୍ର ବିଶେଷ ।

**ବନାନ୍** *ବି.* ଶବ୍ଦ ଲିଖନରେ ଶୁଦ୍ଧମାତ୍ରାର ପ୍ରୟୋଗ ।

**ବନାନୀ** *ବି.* ଘୋର ଜଙ୍ଗଲ, ବିସ୍ତୃତ ଅରଣ୍ୟ, ଘଞ୍ଚ ଜଙ୍ଗଲ ।

**ବନାବନି** *ବି.* ୧. ଯୋଡ଼ାଯୋଡ଼ି ୨. ଆନ୍ତରିକତା ।

**ବନାବାଡ଼ି** *ବି.* ଚିତ୍ରିତ ବାଡ଼ି, ଗାର ଓ ଚିତ୍ର କୁଟା ହୋଇଥିବା ବାଡ଼ି ।

**ବନାମ୍** *ଅ.* ଓରଫ୍, ପ୍ରତିଦ୍ୱନ୍ଦୀ ଭାବରେ ଅଦାଲତରେ ଅପରପକ୍ଷ ।

**ବନାରସୀ** *ବି.* ବନାରସ ବା ବାରାଣସୀରେ ତିଆରି ।

**ବନାରସୀ ଶାଢ଼ି** *ବି.* ବନାରସରେ ବୁଣା ପାଟ ।

**ବନାଳି** *ବି.* ୧. ପ୍ରସ୍ତୁତକାରୀ, ତିଆରି କଲାବାଲା ୨. ଯେ ମାଂସ, ପରିବା ଆଦି କାଟେ ୩. ବନସମୂହ ।

**ବନାଲେଖା** *ବି.* ଝୋଟି, ଚଟାଣରେ ଚିତ୍ରାଙ୍କନ ।

**ବନିକା** *ବି.* ଛୋଟିଆ ବଣ, କ୍ଷୁଦ୍ର ଜଙ୍ଗଲ ।

**ବନିତା** *ବି.* ୧. ନାରୀ ୨. ଭାର୍ଯ୍ୟା ୩. ପ୍ରିୟା ।

**ବନିବା** *କ୍ରି.* ୧. ମନମିଳିବା ୨. ସୁନ୍ଦର ଦିଶିବା, ପରିଣତ ହେବା, ପାଚିବା ଅବସ୍ଥାରେ ପହଞ୍ଚିବା ୩. ତିଆରି ହେବା ୪. ପରିବା ପ୍ରଭୃତି କଟା ହେବା ।

**ବନିଯିବା** *କ୍ରି.* ପାଚି ଆସିବା, ଠିକ୍ ହୋଇଯିବା, ପ୍ରସ୍ତୁତ ହୋଇଯିବା ।

**ବନିଶୀ** *ବି.* ମାଛଧରାରେ ବ୍ୟବହୃତ ଅଙ୍କୁଶାକାର କଣ୍ଟା ।

**ବନିଶୀ ବାଡି** *ବି.* ଲମ୍ବା ସରୁ ବାଉଁଶ ବାଡ଼ି-ଯେଉଁଥିରେ ବନଶୀ ସୂତା ଲାଗେ ।

**ବନି(ନ)ଶୀ ସୂତା** *ବିଂ.* ବନଶୀ ବାଡ଼ିରେ ଲଗା ହୋଇଥିବା ସୂତା ।

**ବନିହାଁ** *ବିଂ.* ୧. ବହୁତ, ପ୍ରଚୁର ୨. ଶ୍ରେଷ୍ଠ,ଖାଣ୍ଟି ।

**ବନୀ** *ବି.* ଛୋଟବଣ, ବଗିଚା ।

**ବନେ** *ବିଂ.* ୧. ଭଲ ୨. ସୁନ୍ଦର ।

**ବନେବନେ** *ବି.* ସର୍ବକୁଶଳ ।

**ବନେବୁନା** *କ୍ରିବିଂ.* ଭଲ ଭାବରେ, ସର୍ବକୁଶଳ ଭାବରେ ।

**ବନ୍ତ** *ବି.* ବାଲିକୁଦ ।

**ବନ୍ତଲ** *ବି.* କଦଳୀ ବିଶେଷ (ତରକାରି କରି ଖାଇବା ଯୋଗ୍ୟ) ।

**ବନ୍ଥ** *ବି.* ମାଛଧରା ଟଣାଜାଲ, ବଡ଼ଜାଲ ।

**ବନ୍ଦ୍ନା** *ବି.* ବନ୍ଦାପନା, ନିଷେକ।

**ବନ୍ଦ** *ବିଂ.* ମୁଦା, ଖୋଲା ନଥିବା; *ବି.* ୧. ଛୁଟି ୨. ଅବରୋଧ ୩. ପ୍ରତିବାଦ ବା ବିକ୍ଷୋଭ ପ୍ରଦର୍ଶନ ନିମନ୍ତେ କୌଣସି ସ୍ଥାନର କ୍ରିୟାକଳାପକୁ ସ୍ଥଗିତ ରଖିବା।

**ବନ୍ଦନ** *ବି.* ସ୍ତୁତି, ପୂଜନ, ଅଭିବାଦନ ।

**ବନ୍ଦନା** *ବି.* ସ୍ତୁତି, ପୂଜା, ପ୍ରଣାମ, ଅଭିବାଦନ ।

**ବନ୍ଦନୀୟ** *ବିଂ.* ସ୍ତୁତିର ଯୋଗ୍ୟ, ପୂଜ୍ୟ, ନମସ୍ୟ (*ସ୍ତ୍ରୀ*-ବନ୍ଦନୀୟା)

**ବନ୍ଦ ପାଳନ** *ବି.* ଦାବି ହାସଲପାଇଁ ଜୀବନଯାତ୍ରା ବ୍ୟାହତ କରିବା ।

**ବନ୍ଦର** *ବି.* ସମୁଦ୍ର କୂଳରେ ଜାହାଜ ରହିବାର ସ୍ଥାନ, ପୋତାଶ୍ରୟ ।

**ବନ୍ଦାଇବା, ବନ୍ଦେଇବା** *କ୍ରି.* ୧. ବନ୍ଦାଣ କରିବା ୨. ଦୂବ ଅକ୍ଷତ ପକାଇ ଦୀପ ଜଳେଇ ସ୍ୱାଗତ କରିବା, ମଙ୍ଗଳକାମନା କରିବା ।

**ବନ୍ଦାଣ** *ବି.* ବନ୍ଦନ ଓ ପ୍ରଦୀପ ଜାଳି ଅଭ୍ୟର୍ଥନା, ବର ଓ ବ୍ରହ୍ମଚାରୀକୁ ଭେଟି ହିତ-ଶୁଭେଚ୍ଛା ଜ୍ଞାପନ ।

**ବନ୍ଦାନି** *ବି.* ବନ୍ଦ୍ନା, ବନ୍ଦାପନା କାର୍ଯ୍ୟ, ବିବାହବ୍ରତ ବେଦୀରେ ପ୍ରଦତ୍ତ ଉପଢୌକନ ।

**ବନ୍ଦାପନା** *ବି.* ଫୁଲଚନ୍ଦନ ଦେଇ ମଙ୍ଗଳକାମନା ବା ଶୁଭାର୍ଚ୍ଚନ ।

**ବନ୍ଦାପନା ଘର** *ବି.* ବରକନ୍ୟାଙ୍କର ଦୂର୍ବାକ୍ଷତ ଉତ୍ସବ, ଚଉଠିଘର, ନିଷେକ ଘର ।

**ବନ୍ଦାରୁ** *ବି.* ଭାଟ ; *ବିଂ.* ଅଯଥା ସ୍ତୁତିକାରୀ ।

**ବନ୍ଦି** *ବି.* ୧. ବେଷ୍ଟନ ୨. କଏଦୀ ୩. ପରାଧୀନ ।

**ବନ୍ଦିଗୃହ, ବନ୍ଦିଶାଳା** *ବି.* କାରାଗାର, ଜେଲଖାନା ।

**ବନ୍ଦିତ** *ବିଂ.* ପୂଜିତ, ସମ୍ମାନିତ, ପୁରସ୍କୃତ (*ସ୍ତ୍ରୀ.* ବନ୍ଦିତା) ।

**ବନ୍ଦିନୀ** *ବିଂ.* କାରାରୁଦ୍ଧା; *ବି.* ନାରୀ କଏଦୀ ।

**ବନ୍ଦିବା** *କ୍ରି.* ୧. ବନ୍ଦନା କରିବା ୨. ଗୁଣିଗାରୁଡ଼ିଦ୍ୱାରା ଭୂତପ୍ରେତକୁ ବାନ୍ଧି ରଖିବା ବା କିଳିବା ।

**ବନ୍ଦୀ** *ବି.* ୧. କଏଦୀ ୨. ଭାଟ ।

**ବନ୍ଦୁରିଆ, ବନ୍ଦ୍ରିଆ** *ବି.* ୧. ରୁପାରେ ତିଆରି ହାତର ଅଳଙ୍କାର ବିଶେଷ ୨. ଚୋର, ତସ୍କର ଆଦି ଅନିଷ୍ଟକାରୀ ବ୍ୟକ୍ତି ।

**ବନ୍ଦୋବସ୍ତ** *ବି.* ୧. ବ୍ୟବସ୍ଥା, ଆୟୋଜନ, ଶୃଙ୍ଖଳା ୨. ନଥିପତ୍ରରେ ଜମିବାଡ଼ିର ମାଲିକାନା ନିର୍ଦ୍ଧାରଣ ।

**ବନ୍ଦୋବସ୍ତ କ୍ୟାମ୍ପ** *ବି.* ଜମିବାଡ଼ି ମାଲିକାନା ନିର୍ଦ୍ଧାରଣ କରାଯାଉଥିବା ଶିବିର ।

**ବନ୍ଦ୍ୟ** *ବିଂ.* ବନ୍ଦନାଯୋଗ୍ୟ ।

**ବନ୍ଧ** *ବି.* ୧. ବଡ଼ ଆକାରର ହୁଡ଼ାଥିବା ଜଳାଶୟ ୨. ନଈକୂଳରେ ଯାତାୟାତପାଇଁ ପ୍ରସ୍ତୁତ ରାସ୍ତା ୩. ବନ୍ଧନ, ଆବେଷ୍ଟନ, ବାଧା, ରୋଧ ୪. ହିଡ଼, ହୁଡ଼ା ୫. ରତିକ୍ରିୟାର ଭଙ୍ଗି, ମୁଦ୍ରା ୬. କାବ୍ୟ ସଜ୍ଜାର ବିବିଧ କୌଶଳ (ସର୍ପବନ୍ଧ, ପଦ୍ମବନ୍ଧ) ।

**ବନ୍ଧଇ, ବନ୍ଧେଇ** *ବି.* ପୁସ୍ତକାଦି ବାନ୍ଧିବା କାର୍ଯ୍ୟ, ବାନ୍ଧିବା ମଜୁରି ବା ଖର୍ଚ୍ଚ ।

**ବନ୍ଧକ** *ବି.* ଜମି, ସୁନା ଇତ୍ୟାଦି ଜମା ବନ୍ଧାରଖି ଋଣ ନେବା ।

**ବନ୍ଧଣି** *ବି.* ବନ୍ଧନ।

**ବନ୍ଧନ** *ବି.* ୧. ରସି, ଲୁହା ଶିକୁଳି ଆଦିରେ ବାନ୍ଧିବା ୨. ଅଟକ, ଅବରୋଧ ୩. ସମ୍ମୋହନ ୪. ଘେରି ୫. ଜଙ୍ଗଲ ।

**ବନ୍ଧନୀ** *ବି.* ଗାଣିତିକ ଚିହ୍ନ (ଚନ୍ଦ୍ରବନ୍ଧନୀ, ବର୍ଗବନ୍ଧନୀ, କୁଟିଳବନ୍ଧନୀ) ୨. ଦଉଡ଼ି ଆଦି ବନ୍ଧନ ଉପକରଣ ।

**ବନ୍ଧା** *ବି.* ବନ୍ଧକ; *ବିଂ.* ୧. ନିୟମିତ ୨. ସୁରକ୍ଷିତ ୩. ଆବଦ୍ଧ ।

**ବନ୍ଧାକୋବି** *ବି.* ପତ୍ରକୋବି ।

**ବନ୍ଧାଡ଼** *ବି.* ଝାଡ଼ା, ଝାଡ଼ାଯିବା ।

**ବନ୍ଧୁ** *ବି.* ୧. ମିତ୍ର, ପ୍ରିୟଜନ, ଜ୍ଞାତି ୨. ପ୍ରଣୟୀ ।

**ବନ୍ଧୁଆ** *ବି.* ୧. ବନ୍ଧୁ ୨. ପ୍ରେମାସ୍ପଦ ବ୍ୟକ୍ତି ୩. ମୁଣ୍ଡବିକା ଗୋଟି ।

**ବନ୍ଧୁକ** *ବି.* ୧. ଆଗ୍ନେୟ ଅସ୍ତ୍ର ବିଶେଷ, ଗନ୍ ୨.ବଧୁଲି ଫୁଲ ଓ ତାର ଗଛ ।

**ବନ୍ଧୁତା, ବନ୍ଧୁତ୍ୱ** *ବି.* ମିତ୍ରତା, ସୌହାର୍ଦ୍ଦ୍ୟ, ପ୍ରୀତି, ପ୍ରଣୟ, ଭାଇଚାରା ।

**ବନ୍ଧୁର** *ବିଂ.* ୧. ଆବଡ଼ାଖାବଡା, ଉଚ୍ଚନୀଚ, ଅସମତଳ ୨. ବିପଦପୂର୍ଣ୍ଣ ।

**ବନ୍ଧୁରତା** *ବି.* ୧. ଅସମତଳତା ୨. ନୀଚ ୩. ରୁକ୍ଷତା ।

**ବନ୍ଧ୍ୟା** *ବିଂ.* ୧. ଅଫଳନ୍ତା, ଫଳଶୂନ୍ୟ, ବାଞ୍ଝ ୨. ବ୍ୟର୍ଥ ୩. ଅନୁର୍ବର ୪. ଗର୍ଭ ଧାରଣରେ ଅସମର୍ଥା ।

**ବନ୍ୟ, ବଣ୍ୟ** *ବିଂ.* ବଣୁଆ, ବନଜାତ, ବନବାସୀ, ବନସମ୍ବନ୍ଧୀୟ ।

**ବନ୍ୟା** *ବି.* ବଢ଼ି, ଜଳପ୍ଲାବନ ।

**ବପଡ଼ା** *ବି.* ବସ୍ତ୍ର ବା କପଡ଼ା ବୁଣାରେ ସୁତା ସୁତା ଉପରେ ଚଢ଼ିଯିବା ଅବସ୍ଥା, ବଫଡ଼ା ।

**ବ'ପଡ଼ିଆ, ବ'ମତା** *ବି.* ଲୁଗା ବୁଣା ବେଳେ ବଅ ପଡ଼ିଯିବା ହେତୁ ଟାଣି ସୁତା ଓ ଭରଣି ସୁତା ବୁଣାଦୋଷ ଜନିତ ଅସୁବିଧା ।

**ବପନ** *ବି.* ୧. ବୁଣିବା, ବୀଜରୋପଣ, ରୋଇବା ୨. ଲୁଗାବୁଣା ।
**ବପନୀ** *ବି.* ୧. ଖୁର ୨. ତନ୍ତର କଣ୍ଡା ।
**ବପନୀୟ** *ବିଂ.* ବୁଣିବାର ଯୋଗ୍ୟ ।
**ବପୁ** *ବି.* ୧. ଶରୀର, କଳେବର ୨. ବିଶାଳ ଆକୃତି ।
**ବପୁଷ୍ମାନ** *ବିଂ.* ସୁନ୍ଦର ଶରୀରବିଶିଷ୍ଟ, ଶକ୍ତ ବା ମଜଭୁତ ଶରୀର ବିଶିଷ୍ଟ, (*ସ୍ତ୍ରୀ.* ବପୁଷ୍ମତୀ)
**ବପ୍ତା** *ବିଂ.* ବୁଣାଳି, ବପନକାରୀ ; *ବି.* ବାପା ।
**ବଫୁନ୍** *ବି.* ୧. ବିକୃତ ଶରୀର ବିଶିଷ୍ଟ ହାସ୍ୟରସ ସୃଷ୍ଟିକାରୀ ଚରିତ୍ର ୨. ଜୋକର, ବିଦୂଷକ ।
**ବବା** *ବି.* ୧. ବାପର ବଡ଼ଭାଇ, ବୋବା ୨. ମୂକବ୍ୟକ୍ତି ।
**ବମ୍** *ବି.* ୧. ବୋମା ୨. ଘୋଡ଼ାଗାଡ଼ିର ଆଗରେ ଥିବା ଦଣ୍ଡ ୩. ବଡ଼କାହାଳୀ ୪. ଫାନୁସ୍ ।
**ବମ୍‌ବମ୍** *ଅ.* ଗାଲ ବାଦ୍ୟ ବା ଫୁଙ୍କା ବାଦ୍ୟର ଶବ୍ଦ ; *ବି.* ଶ୍ରାବଣ ମାସରେ ନଈରୁ ଜଳ ନେଇ ଶିବଙ୍କ ମଥାରେ ଢାଳିବାକୁ ଯାଉଥିବା ଉପାସକ ଗୋଷ୍ଠୀଙ୍କ ଧ୍ୱନି, ଶିବଙ୍କ ବୀଜମନ୍ତ୍ର ।
**ବମ୍‌ବାଜି, ବମ୍ବାଜି** *ବି.* ୧. ବାରୁଦଖୁନ୍ଦା ବାଣ ବିଶେଷ ୨. ବାଣ ଫୁଟା ଉତ୍ସବ ।
**ବମନ** *ବି.* ବାନ୍ତି, ଉଦ୍‌ଗାର, ଓକାଳ ।
**ବମା** *ବି.* ୧. ଧାନ, ଯଅ, ଗହମ ଆଦିରେ ଲାଗୁଥିବା ଛୋଟ କୀଟ ୨. ମୂଦାବସ୍ତା ଭିତରୁ ଶସ୍ୟାଦି ବାହାର କରିବା ପାଇଁ ବ୍ୟବହୃତ ଫମ୍ପା, ମୁନିଆ ଓ ଅର୍ଦ୍ଧଚନ୍ଦ୍ରାକାର ଧାତବ ଉପକରଣ ।
**ବମାଟିଆ କଥା** *ବି.* ଜନରବ, ଗୁଜବ ।
**ବମାବା** *କ୍ରି.* ଜନରବ କରିବା, ଗୁଜବ ପ୍ରଚାର କରିବା ।
**ବମି** *ବି.* ୧. ଏକ ପ୍ରକାର ମାଛ ୨. ବାନ୍ତି ।
**ବମିତ** *ବିଂ.* ବାନ୍ତି କରାଇ ବାହାର କରି ଦିଆଯାଇଥିବା ।
**ବୟଃପ୍ରାପ୍ତ** *ବିଂ.* ୧. ଯୌବନପ୍ରାପ୍ତ, ଋତୁମତୀ ୨. ସାବାଳକ ।
**ବୟଃସନ୍ଧି** *ବି.* କୈଶୋରର ଶେଷ ଓ ଯୌବନର ଆରମ୍ଭ ଅବସ୍ଥା ।
**ବୟ୍** *ବି.* ୧. ହୋଟେଲ ଆଦିରେ ସେବାକାରୀ ୨. ତନ୍ତୀ ୩. ବାୟାଚଢ଼େଇ ।
**ବୟନ** *ବିଂ.* ଲୁଗାବୁଣା; *ବି.* ବୁଣିବା କାର୍ଯ୍ୟ ।
**ବୟଯିବା** *କ୍ରି.* ଗାଈ ଗର୍ଭଧାରଣ କରିବା ।
**ବୟସ** *ବି.* ବୟଃକ୍ରମ, ଆୟୁଃକାଳ, ସ୍ଥଳବିଶେଷରେ ବାର୍ଦ୍ଧକ୍ୟ ଅଥବା ଯୁବାକାଳ ।
**ବୟସ ଛଉ** *ବି.* ଯୌବନ ଆଗମନରେ କେତେକଙ୍କ ମୁହଁରେ ଦେଖା ଦେଉଥିବା ଅସ୍ଥାୟୀ ଛଉ ।
**ବୟସାଲ୍** *ବିଂ.* ଦରବୁଢ଼ା ।
**ବୟସୀ** *ବି.* ବୟସିକା, ସଖୀ, ସହଚରୀ ; *ବିଂ.* ସମବୟସ୍କ, ସମାନ ବୟସର ।
**ବୟସ୍କ** *ବିଂ.* ଅଧିକ ବୟସର ।
**ବୟସ୍ୟ** *ବି.* ୧. ସମାନ ବୟସର ବନ୍ଧୁ, ସଖା; ସମବୟସ୍କ ସାଥୀ ୨. ସହଚର ୩. ବିଦୂଷକ, ନାଟକରେ ହାସ୍ୟରସ ସୃଷ୍ଟିକାରୀ ପ୍ରଥାସିଦ୍ଧ ଚରିତ୍ର ।
**ବୟହା** *ବି.* ଭାଇଭାଇ ।
**ବୟହା ବୁହିନ** *ବି.* ଭାଇ ଭଉଣୀ ।
**ବୟା** *ବି.* ୧. ନଦୀ ବା ସମୁଦ୍ରର ଚଡାକୁ ସୂଚେଇ ଦେବା ନିମିତ୍ତ ଭାସୁଥିବା ବଡ଼ ପିପା ୨. ବାୟା, ପାଗଳା ।
**ବୟାନ** *ବି.* ୧. ଲିଖିତ ବା ମୌଖିକ ବକ୍ତବ୍ୟ ପ୍ରଦାନ ୨. ବର୍ଣ୍ଣନ ୩. ବ୍ୟାଖ୍ୟାନ ।
**ବୟୋଜ୍ୟେଷ୍ଠ** *ବିଂ.* ବୟସରେ ବଡ଼, ବୟୋଧିକ (*ସ୍ତ୍ରୀ.* ବୟୋଜ୍ୟେଷ୍ଠା)
**ବୟୋବୃଦ୍ଧ** *ବିଂ.* ଅଧିକ ବୟସର, ବୁଢ଼ା (*ସ୍ତ୍ରୀ.* ବୟୋବୃଦ୍ଧା) ।
**ବର୍‌ଜସ** *ବିଂ.* ଟାଣୁଆ, ମଜବୁତ, ଯୋରଦାର ।
**ବର୍‌ଠିଆ** *ବି.* ଧୋବା, ଲୁଗା ଆଦି ସଫା କରିବା ଲୋକ ।
**ବର୍‌ନା** *ବି.* ବାରଣ୍ଡା ।
**ବର୍‌ବଟି** *ବି.* ଝୁଡଙ୍ଗ, ଝୁନ୍‌ଗା, ବରଗୁଡ଼ି, ବରଡା ।
**ବର୍‌ଲା** *ବି.* ୧. ଲାଲମୁଣ୍ଡିଆ ହଂସରାଳି ୨. ଯୁପ ।
**ବର୍‌ଲିବା** *କ୍ରି.* ଅସ୍ୱାଭାବିକ ବୃଦ୍ଧି ହେବା, ଗଛ ଅଧିକ ପତ୍ରୁରିଆ ହୋଇ ବଢ଼ିବା ।
**ବର୍‌ଲିଯିବା** *କ୍ରି.* ଗଛ ଫଳଦେବା ପୂର୍ବରୁ ଅତ୍ୟଧିକ ପତ୍ରୁରିଆ ହୋଇଯିବା ।
**ବର୍‌ହମ ଝାଁଟ୍** *ବି.* ଖଡ଼ାଶାଗ ଓ ଗଛ ।
**ବରଂ, ବରଂଚ** *ଅ.* ତାହା ପରିବର୍ତ୍ତେ, ପକ୍ଷାନ୍ତରରେ ।
**ବର** *ବି.* ୧. ବଟଗଛ ୨. ବିବାହ ପାତ୍ର ୩. ଦେବତା ବା ଗୁରୁଜନଙ୍କ ଠାରୁ ପ୍ରାପ୍ତ ଆଶୀର୍ବାଦ ୪. ଆଶୀର୍ବାଦ ଦେବା ନିମିତ୍ତ କରଭଙ୍ଗୀ ବା ମୁଦ୍ରାବିଶେଷ ; *ବିଂ.* ୧. ଅଭୀଷ୍ଟ ୨. ଶ୍ରେଷ୍ଠ ୩. ଉତ୍କୃଷ୍ଟ ୪. ରମଣୀୟ ।
**ବରକତ** *ବି.* ୧. ସୌଭାଗ୍ୟ, ଆଧିକ୍ୟ ୨. ମଙ୍ଗଳ, ଶୁଭ ।
**ବରକନ୍ଦାଜ** *ବି.* ବନ୍ଧୁକଧାରୀ ସିପାହୀ, ଦେହରକ୍ଷୀ ।
**ବରକର୍ତ୍ତା** *ବି.* ବରର ପିତା ବା ଅଭିଭାବକ ।
**ବରକୋଳି** *ବି.* ଖଟାମିଠା କୋଳି ବିଶେଷ, ବୁରୋ, ବୁଏର, ବଦରି ।
**ବରକୋଳିଆ** *ବିଂ.* ବଡ଼ ବଡ଼ (ଠୋପା), ବରକୋଳି ଆକାରର (ମୋତିର ମାଳ) ।
**ବରଖାସ୍ତ** *ବିଂ.* କର୍ମଚ୍ୟୁତ, ଚାକିରିରୁ ବାହାର ହୋଇଥିବା ।

**ବରଖାସ୍ତି** *ବି.* କର୍ମଚ୍ୟୁତି ।
**ବରଖିଲାପ** *ବି.* ଅନ୍ୟଥା ଆଚରଣ, ଅନ୍ୟପ୍ରକାର ବ୍ୟବହାର ।
**ବରଗଡ଼ା** *ବି.* ଏକ ପ୍ରକାର ଛୁଇଁ, ଝୁଡ଼ଙ୍ଗ, ଝୁନ୍‌ଗା, ବୋରବୋଟି, ବରବଟି, ଢୁମା ଛୁଇଁ ; *ବିଂ.* ମୋଟା ।
**ବରଗଣିଆ** *ବି.* ଶ୍ରୀମନ୍ଦିରରେ ଲେଙ୍କାଗୋଷ୍ଠୀର ସେବକ ବିଶେଷ।
**ବରଗା.ବର୍ଗା** *ବି.* କଡ଼ି ଉପରେ ସ୍ଥିତ ପତଳା ଛୋଟ କାଠଖଣ୍ଡ- ଯାହା ଉପରେ ଛାତ ତିଆରି ହୁଏ ; *ବିଂ.* ପଠା ହୋଇଥିବା, ପଠା ।
**ବରଗିବା** *କ୍ରି.* ପଠାଇବା, ଦାୟିତ୍ୱ ଦେବା ।
**ବରଗୁଡ଼ି** *ବି.* ବରଗଡ଼ା, ବରବଟି, ଡାଲି ଜାତୀୟ ଶସ୍ୟ ବିଶେଷ- କଞ୍ଚା ଅବସ୍ଥାରେ ତରକାରି ଏବଂ ଶୁଖିଲା ପରେ ଡାଲି ଭାବରେ ବ୍ୟବହାର କରାଯାଏ ।
**ବରଜ** *ବି.* ପାନଚାଷର ଖେତ ।
**ବରଜିଆ, ବରଜୀ** *ବି.* ପାନଖେତର ମାଲିକ, ପାନଚାଷୀ ।
**ବରଞ୍ଚ** *ବି.* ବରଂ ।
**ବରଟ/ବରଳ** *ବି.* ୧. ରାଜହଂସ ୨. ବଲୁରି ।
**ବରତ, ବରତା** *ବିଂ.* ଅଦୁହାଁଳି(ଗୋଇ); *ବି.* ବାଛୁରୀ ବଡ଼ ହୋଇଯିବାରୁ ଦୁଧ ଛଡ଼େଇବାକୁ ଆରମ୍ଭ କରିଥିବା ଗାଇ ।
**ବରତା** *ବି.* ତାଳଗଛ ଆଦିର ବାହୁଙ୍ଗା ।
**ବରଣ** *ବି.* ୧. ସାଦର ଗ୍ରହଣ, ସଶ୍ରଦ୍ଧ ଅଭ୍ୟର୍ଥନା ୨. ମହତ୍ ଉଦ୍ଦେଶ୍ୟରେ ଦୁଃଖକଷ୍ଟକୁ ଆପଣେଇ ନେବା ୩. ପ୍ରାର୍ଥନା ୪. ନିର୍ବାଚନ ୫. ମନୋନୟନ ।
**ବରଣଡାଲା** *ବି.* ବରଣର ଉପକରଣ – ନଡ଼ିଆ, ଗୁଆ ଦୂବ, ଫୁଲ ପ୍ରଭୃତି ରଖାଯାଉଥିବା ଡାଲା ।
**ବରଣମାଳା** *ବି.* (ମନ ପସନ୍ଦର) ବରର ଗଳାରେ କନ୍ୟାଦ୍ୱାରା ଦିଆଯାଉଥିବା ଫୁଲମାଳ ।
**ବରଣି** *ବି.* ଘର ଦୁଆର ସଫା କରିବା ଉପକରଣ, ଛାଞ୍ଚୁଣି, ବାଢୁଣି ; *ବିଂ.* ବରଣ କରାଯାଉଥିବା ।
**ବରଣୀୟ** *ବିଂ.* ୧. ବରଣଯୋଗ୍ୟ ୨. ପତିରୂପେ ସ୍ୱୀକାର୍ଯ୍ୟ ୩. ପୂଜନୀୟ ୪. ଗ୍ରହଣୀୟ ୫. ପ୍ରାର୍ଥନୀୟ ।
**ବରଣ୍ଡା, ବରନ୍ଧା** *ବି.* ଘରର କାନ୍ଥକୁ ଲାଗି ରହିଥିବା ମାଟି ପତନଠାରୁ ଉଚ୍ଚା ଅଂଶ, ପିଣ୍ଡା, ଅଡ଼ଙ୍ଗ, ବର୍ନା, ବାରଣ୍ଡା ।
**ବରତନ** *ବି.* ୧. ବେତନ, ବର୍ତ୍ତନ, ପାଉଣା ୨. ବାସନ ।
**ବରତିଆ** *ବିଂ.* ବରଯାତ୍ରୀ ।
**ବରତିବା** *କ୍ରି.* ଶତ୍ରୁ କବଳରୁ ରକ୍ଷା ପାଇବା, ବିପଦରୁ ଉଦ୍ଧାର ପାଇବା ।
**ବରଦ** *ବିଂ.* ବରଦାତା।
**ବରଦା** *ବି.* ଦୁର୍ଗା, ଇଚ୍ଛା ପୂରଣ କରୁଥିବା ଦେବୀ ।
**ବରଦାର** *ବିଂ.* ବାହକ, ଆଜ୍ଞାପାଳନକାରୀ (ହୁକୁମ-ବରଦା)
**ବରଦାସ୍ତ** *ବି.* ସହିବା, ସହନ ।
**ବରଧନୀଘଟ** *ବି.* ମୁଖ୍ୟ ଶୋଭନକଳସ, ସମସ୍ତ ଦେବଦେବୀଙ୍କୁ ଆହ୍ୱାନ କରାଯାଉଥିବା ଜଳପୂର୍ଣ୍ଣ କୁମ୍ଭ, ବର୍ଦ୍ଧନୀଘଟ ।
**ବରଧରା** *ବି.* ବିବାହ ପୂର୍ବରୁ ବରକୁ ନିମନ୍ତ୍ରଣ କରି ଆସିଥିବା ବ୍ୟକ୍ତି ।
**ବରପଣ** *ବି.* ୧. ବରତ୍ୱ, ବରପଣିଆ ୨. କନ୍ୟାପକ୍ଷରୁ ବରର ପ୍ରାପ୍ୟ ଅର୍ଥ ପ୍ରଭୃତି ।
**ବରପୁତ୍ର** *ବି.* ୧. ଦେବାନୁଗ୍ରହରୁ ଜାତ ବ୍ୟକ୍ତି, ଦେବାନୁଗ୍ରହ ପ୍ରାପ୍ତ ମଣିଷ ୨. ଶ୍ରେଷ୍ଠ ସନ୍ତାନ ।
**ବରପୂର୍ବା** *ବିଂ.* ଯଥାରୀତି ନିର୍ବନ୍ଧ ହୋଇ ବିବାହ ପ୍ରସ୍ତାବ ଭାଙ୍ଗିବା ପରେ ଅବିବାହିତା ରହିଥିବା (କନ୍ୟା) ।
**ବରଫ** *ବି.* ଜମାଟ ବାନ୍ଧିଥିବା ଜଳ, ତୁଷାର ।
**ବରଫି** *ବି.* କ୍ଷୀରଦ୍ୱାରା ପ୍ରସ୍ତୁତ ଶୁଖିଲା ମିଠେଇ ବିଶେଷ ।
**ବରବର୍ଣ୍ଣିନୀ** *ବିଂ.* ଉତ୍ତମ ବର୍ଣ୍ଣବିଶିଷ୍ଟା, ଅତି ସୁନ୍ଦରୀ; *ବି.* ୧. ଶ୍ରେଷ୍ଠ ରମଣୀ, ସୁନ୍ଦରୀ ନାରୀ ୨. ଦୁର୍ଗା ୩. ଲକ୍ଷ୍ମୀ ୪. ହରିଦ୍ରା ୫. ହରିଡ଼ା।
**ବରବାଦ୍** *ବିଂ.* ୧. ନଷ୍ଟଭ୍ରଷ୍ଟ, ଉଚ୍ଛନ୍ନ, ଅପବ୍ୟୟିତ ୨. ଅବାଟରେ ଯାଇଥିବା ।
**ବରବାଦି** *ବି.* ଅପବ୍ୟୟ, ବିଧ୍ୱଂସ ।
**ବରମାଲ୍ୟ** *ବି.* ବିବାହରେ କନ୍ୟାଦ୍ୱାରା ବରକୁ ଦିଆଯାଉଥିବା ଫୁଲମାଳ, ବରଣମାଳା ।
**ବରଯାତ୍ରୀ** *ବି.* ବିବାହ କାଳରେ ବରସଙ୍ଗେ ଯାଉଥିବା ଲୋକ, ବରତିଆ ଲୋକ ।
**ବରୟିତା** *ବିଂ.* ବରଣକାରୀ ; *ବି.* ସ୍ୱାମୀ ।
**ବରୟିତ୍ରୀ** *ବିଂ.* ସ୍ୱୟମ୍ବରା, ବିବାହକାରିଣୀ; *ବି.* ପତ୍ନୀ ।
**ବରଲି** *ବି.* ଝଙ୍କାଳିଆ ଗୁଳ୍ମ ଓ ବୁଦାପୂର୍ଣ୍ଣ ଜଙ୍ଗଲ ।
**ବରା** *ବି.* ୧. ବଟାବିରିରେ ତେଲଛଣା ପିଠା ବିଶେଷ, ଗାରି ୨ ବ୍ରାହ୍ମୀ ଶାଗ ୩. ହରିଦ୍ରା, ତ୍ରିଫଳା ।
**ବରାଙ୍ଗ** *ବି.* ୧. ଶ୍ରେଷ୍ଠ ଅଙ୍ଗ, ମସ୍ତକ ୨. ଉପସ୍ଥ ୩. କନ୍ଦର୍ପ ; *ବିଂ.* ଶ୍ରେଷ୍ଠ ଅଙ୍ଗବିଶିଷ୍ଟ ।
**ବରାଙ୍ଗନା** *ବି.* ସୁନ୍ଦରୀ, ଶ୍ରେଷ୍ଠନାରୀ ।
**ବରାଟ** *ବି.* ୧. କଉଡ଼ି ୨. ଦଉଡ଼ି ୩. ତୁଚ୍ଛ ବ୍ୟକ୍ତି ।

**ବରାଟକ** *ବି.* ୧. ରଜ୍ଜୁ, ଦଉଡ଼ି ୨. ପଦ୍ମ ୩. ବୀଜକୋଷ ୪. ପଇସା, କଉଡ଼ି ।

**ବରାତ୍, ବରାତି** *ବି.* ବରଯାତ୍ରୀ, ବିବାହ ପାଇଁ ବରପକ୍ଷର ଆଡମ୍ବରପୂର୍ଣ୍ଣ ଯାତ୍ରା ।

**ବରାଦ** *ବି.* ଅନୁରୋଧ, ଫରମାସ୍ ।

**ବରାଦୀ** *ବିଂ.* ଫରମାସ୍ ମୁତାବକ, ଚାହିଦାନୁସାରୀ, ଦରକାରୀ ।

**ବରାନନା** *ବିଂ.* ସୁମୁଖୀ, ଯେଉଁ ନାରୀର ମୁହଁ ସୁନ୍ଦର ।

**ବରାନୁଗମନ** *ବି.* ବର ସହିତ ବରଯାତ୍ରୀଭାବେ କନ୍ୟାଘରକୁ ଯିବା, ବର ସଙ୍ଗେ କନ୍ୟାଘରକୁ ଯାତ୍ରା, ବରାତ୍ ।

**ବରାବର** *କ୍ରି.ବିଂ.* ୧. ସମକକ୍ଷ, ସମତୁଲ, ପ୍ରତିଯୋଗୀ ୨. ପ୍ରତିଥର, ଚିରକାଳ ।

**ବରାବରି** *ବି.* ସମକକ୍ଷତା, ପ୍ରତିଯୋଗିତା ।

**ବରାଭୟ** *ବି.* ଆଶୀର୍ବାଦ ସହ ଅଭୟ ପ୍ରଦାନ ।

**ବରାଲ୍** *ବି.* ଚାନ୍ଦା, ଭେଦା ।

**ବରାହ** *ବି.* ୧. ବାରହା, ବଣ୍ୟଶୂକର ୨. ବିଷ୍ଣୁଙ୍କ ଅବତାର ବିଶେଷ ।

**ବରିଆ** *ବି.* ୧. ବେଣ୍ଟିନିଆଁ, ନିଆଁଅଟା, ଲଦା, କୁଟାଡିଆରି ମଶାଲ ୨. ବାରହା ।

**ବରିବା** *କ୍ରି.* ବରଣ କରିବା, ସମ୍ମାନର ସହ ବିଧିବିଧାନରେ ନିମନ୍ତ୍ରଣ କରିଆଣିବା ।

**ବରିମା** *ବି.* ଶ୍ରେଷ୍ଠତା, ବଡ଼ିମା ।

**ବରିଷ୍ଠ** *ବିଂ.* ଶ୍ରେଷ୍ଠ, ସର୍ବୋଚ୍ଚ, ସର୍ବାଗ୍ରେ ବରଣୀୟ ।

**ବରୀୟାନ** *ବିଂ.* ଶ୍ରେଷ୍ଠତର (ଦୁଇ ମଧ୍ୟରେ) ଅଧିକତର ଉତ୍କୃଷ୍ଟ, ପୂଜ୍ୟତର (*ସ୍ତ୍ରୀ.* ବରୀୟସୀ) ।

**ବରୁଆ** *ବି.* ଯାହାକୁ କାଳିସୀ ଲାଗିଥାଏ ।

**ବରୁଣ** *ବି.* ୧. ମୁଖବ୍ରଣ ୨. ସମୁଦ୍ରର ଅଧିପତି ଦେବତା, ପଶ୍ଚିମ ଦିଗର ଦିଗପାଳ ୩. ବୃକ୍ଷ ବିଶେଷ ।

**ବରୁଣମୁହାଁ** *ବିଂ.* ଯାହା ମୁହଁରେ ଅଧିକ ବ୍ରଣ ଉଠିଥାଏ ।

**ବରେଇ** *ବି.* ନଡ଼ା ବା ପାଳଦଉଡ଼ି, ବେଣ୍ଟି, ବରିଆ, ବୁରେଇ ।

**ବରେଠ୍** *ବି.* ଶୋଧନ କାର୍ଯ୍ୟ କରୁଥିବା ଜାତି, ବରଠିଆ, ଧୋବା, ରଜକ ।

**ବରେଣ୍ୟ** *ବିଂ.* ବରଣୀୟ, ଶ୍ରେଷ୍ଠ, ପୂଜ୍ୟ, ପୂଜାସ୍ପଦ, ସମ୍ମାନନୀୟ ।

**ବରେନ୍ଦ୍ର** *ବି.* ୧. ରାଜା ୨. ଇନ୍ଦ୍ର ୩.ଶ୍ରେଷ୍ଠ ।

**ବର୍ଗ** *ବି.* ୧. ଦଳ, ଜାତି ୨. ସମୂହ, ଗଣ ୩. ବର୍ଣ୍ଣମାଳାର ସ୍ପର୍ଶ ବର୍ଣ୍ଣ ସମୂହର ଶ୍ରେଣୀ (କ, ଚ, ଟ, ତ, ପ, ଆଦି ପାଞ୍ଚଟି ବର୍ଗ) ୪. ବାଗ, ଶୃଙ୍ଖଳା ୫. ଗ୍ରନ୍ଥର ଭାଗ ବା ଅଧ୍ୟାୟ ୬. ସମାନ ଦୁଇ ରାଶିର ଗୁଣଫଳ ୭. ତ୍ୟାଗ ୮. ଧର୍ମ, ଅର୍ଥ, କାମ, ମୋକ୍ଷ ପ୍ରଭୃତି ଚାରି ବର୍ଗ ବା ଲକ୍ଷ୍ୟ ।

**ବର୍ଗଫଳ** *ବି.* ସମାନ ସମାନ ଦୁଇଟି ସଂଖ୍ୟାର ଗୁଣଫଳ ।

**ବର୍ଗମୂଳ** *ବି.* ବର୍ଗଫଳର ମୂଳରାଶି ।

**ବର୍ଗକ୍ଷେତ୍ର** *ବି.* ଦୈର୍ଘ୍ୟ ପ୍ରସ୍ଥ ସମାନଥିବା ସମକୋଣିଆ କ୍ଷେତ୍ର ।

**ବର୍ଗୀ** *ବି.* ମରହଟ୍ଟା ଅଶ୍ୱାରୋହୀ, ଆକ୍ରମଣକାରୀ ଦଳ (ପ୍ରାଚୀନ) ।

**ବର୍ଗୀୟ, ବର୍ଗୀ** *ବିଂ.* ବର୍ଗୀ ସମ୍ବନ୍ଧୀୟ ।

**ବର୍ଗ୍ୟବର୍ଣ୍ଣ** *ବିଂ.* 'କ' ଠାରୁ 'ମ' ପର୍ଯ୍ୟନ୍ତ ଥିବା ସମସ୍ତ ବ୍ୟଞ୍ଜନବର୍ଣ୍ଣ ।

**ବର୍ଚ୍ଛା** *ବି.* ଭାଲ, ବିଦ୍ଧକାରୀ ଅସ୍ତ୍ରବିଶେଷ ।

**ବର୍ଚ୍ଛି** *ବି.* ଭାଲ, ବଲମ, ଛୋଟବର୍ଚ୍ଛା ।

**ବର୍ଜନ** *ବି.* ତ୍ୟାଗ, ପରିହାର, ଛାଡ଼ିବା ।

**ବର୍ଜନୀୟ,ବର୍ଜ୍ୟ** *ବିଂ.* ତ୍ୟାଜ୍ୟ, ଛାଡ଼ିବା ଯୋଗ୍ୟ ।

**ବର୍ଜୟିତା** *ବିଂ.* ବର୍ଜନକାରୀ, ତ୍ୟାଗକାରୀ ।

**ବର୍ଜିତ** *ବିଂ.* ତ୍ୟକ୍ତ, ଛଡ଼ା ହୋଇଥିବା ।

**ବର୍ଜିବା** *କ୍ରି.* ଛାଡ଼ିବା, ବର୍ଜନ କରିବା ।

**ବର୍ଣ୍ଣ** *ବି.* ୧. ଜାତି (ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର) ୨. ରଙ୍ଗ ୩. ଅକ୍ଷର ୪. ରାଶିଭେଦରେ ଜାତକର ଶ୍ରେଣୀ ବିଭାଗ ୫. ଖ୍ୟାତି, ପ୍ରଶଂସା ୭. ଅଙ୍ଗପ୍ରସାଧନ, ସୌନ୍ଦର୍ଯ୍ୟ ।

**ବର୍ଣ୍ଣକ** *ବି.* ୧. ପ୍ରସାଧନ, ରଙ୍ଗ, ବନକ, ଚନ୍ଦନ ୨. ଭାଟ ୩. ଚିତ୍ରକର ।

**ବର୍ଣ୍ଣଜ୍ଞାନ** *ବି.* ଅକ୍ଷର ପରିଚୟ ।

**ବର୍ଣ୍ଣନ** *ବି.* ୧. ବ୍ୟାଖ୍ୟାନ, ବର୍ଣ୍ଣନା କାର୍ଯ୍ୟ ୨. ଦୋଷଗୁଣ କହିବା, ଦୋଷଗୁଣ କଥନ ୩. ରଙ୍ଗଲେପନ, ରଙ୍ଗଦେବା ।

**ବର୍ଣ୍ଣନା** *ବି.* ୧. ବିବରଣ, ବ୍ୟାଖ୍ୟା ୨. ରଙ୍ଗଲେପ ।

**ବର୍ଣ୍ଣନାତୀତ** *ବିଂ.* ଯାହା ବର୍ଣ୍ଣନା କରାଯାଇ ପାରେନାହିଁ ।

**ବର୍ଣ୍ଣନୀୟ** *ବିଂ.* ବର୍ଣ୍ଣନଯୋଗ୍ୟ ।

**ବର୍ଣ୍ଣମାଳା** *ବି.* ଭାଷାରେ ବ୍ୟବହୃତ ଅକ୍ଷର ସମୂହ ।

**ବର୍ଣ୍ଣୟିତା** *ବିଂ.* ବର୍ଣ୍ଣନକାରୀ, ବୟାନକାରୀ ଲୋକ ।

**ବର୍ଣ୍ଣଲିପି** *ବି.* ବର୍ଣ୍ଣମାଳାର ଲିଖିତ ରୂପ ।

**ବର୍ଣ୍ଣସଙ୍କର** *ବିଂ.* ୧. ଭିନ୍ନ ଜାତୀୟ ପିତାମାତାଙ୍କ ଠାରୁ ଜନ୍ମିତ ୨. ବାପାଙ୍କ ପରିଚୟ ଜଣାନଥିବା ; **ବି.** ମିଶ୍ର ଜାତିର ମଣିଷ ।

**ବର୍ଣ୍ଣସଙ୍କର ମକା** *ବି.* ପରାଙ୍ଗ ସଂଯୋଗ ପ୍ରକ୍ରିୟାରେ ଉତ୍ପନ୍ନ ଉନ୍ନତ ମକା ।

**ବର୍ଣ୍ଣସଙ୍କର ଷଣ୍ଢ** *ବି.* କୃତ୍ରିମ ପ୍ରଜନନଦ୍ୱାରା ଜାତ ଷଣ୍ଢ ।

**ବର୍ଣ୍ଣାନୁକ୍ରମ** *ବି.* ଅକ୍ଷରଗୁଡ଼ିକର କ୍ରମ ସଜ୍ଜୀକରଣ, ଅକ୍ଷରକ୍ରମ ।

**ବର୍ଣ୍ଣାନୁକ୍ରମିକ** *ବିଂ.* ଅକ୍ଷର କ୍ରମ ଅନୁଯାୟୀ ।

**ବର୍ଣ୍ଣାଳି(ଳୀ)** *ବି.* ୧. ବର୍ଣ୍ଣ ସମୂହ ୨. ପ୍ରିଜ୍‌ମ ୩. ତିନିକୋଣିଆ କାଚ ମଧ୍ୟ ଦେଇ ଆଲୋକ ରଶ୍ମିର ନାନା ରଙ୍ଗରେ ପ୍ରତିଫଳନ ।

**ବର୍ଣ୍ଣାଶୁଦ୍ଧି** *ବି.* ଅକ୍ଷର ବା ଶବ୍ଦର ବନାନଗତ ଭୁଲ୍ ।

**ବର୍ଣ୍ଣାଶ୍ରମ** *ବି.* ବୟସ କ୍ରମେ ବ୍ରହ୍ମଚର୍ଯ୍ୟ, ଗାର୍ହସ୍ଥ୍ୟ, ବାନପ୍ରସ୍ଥ ସନ୍ନ୍ୟାସ ପରି ଚାରିଆଶ୍ରମ ।

**ବର୍ଣ୍ଣାଶ୍ରମ ଧର୍ମ** *ବି.* ବ୍ରାହ୍ମଣାଦି ତିନି ବର୍ଣ୍ଣ ଆଚରିତ ବ୍ରହ୍ମଚର୍ଯ୍ୟାଦି ଚାରି ଆଶ୍ରମରେ ପାଳନୀୟ କର୍ମ ।

**ବର୍ଣ୍ଣିତ** *ବିଂ.* ବିବୃତ, ବ୍ୟାଖ୍ୟାତ, ବର୍ଣ୍ଣନା କରାଯାଇଥିବା, କୁହାଯାଇଥିବା ।

**ବର୍ଣ୍ଣିବା** *କ୍ରି.* ବର୍ଣ୍ଣନ କରିବା, ବ୍ୟାଖ୍ୟାନ କରିବା ।

**ବର୍ତ୍ତନ** *ବି.* ୧. ବେତନ ୨. ବାସନ ୩. ସେବକମାନଙ୍କୁ ଖାଦ୍ୟଶସ୍ୟ ଆକାରରେ ପ୍ରଦତ୍ତ ପାରିଶ୍ରମିକ ୪. ଜୀବିକା ୫. ଅବସ୍ଥିତି ୬. ସ୍ଥାପନ ।

**ବର୍ତ୍ତନଭଣ୍ଡାର** *ବି.* ବାସନକୁସନ ବିକ୍ରି ହେଉଥିବା ଦୋକାନ ।

**ବର୍ତ୍ତନୀ** *ବି.* ବଲଣା, ତାକୁଡ଼ିର ପିଣ୍ଡାଚକି ।

**ବର୍ତ୍ତମାନ** *ବି.* ଉପସ୍ଥିତ କାଳ; *ବିଂ.* ୧. ଉପସ୍ଥିତ ୨. ସାମ୍ପ୍ରତିକ, ଆଧୁନିକ ୩. ବିଦ୍ୟମାନ; *କ୍ରି.ବିଂ.* ଏହିକ୍ଷଣି, ଅବିକା, ଏଇକ୍ଷଣି, ଇହାଦେ, ଇଛନ୍‌କା ।

**ବର୍ତ୍ତମାନ ହେବା** *କ୍ରି.* ୧. ହେତୁ ପାଇବା ୨. ପ୍ରଥମ ରଜସ୍ୱଳାହେବା, ଝିଅ ଘରଯୋଗ୍ୟା ହେବା ୩. ଉପସ୍ଥିତ ହେବା ।

**ବର୍ତ୍ତି, ବର୍ତ୍ତିକ, ବର୍ତ୍ତିକା, ବର୍ତ୍ତୀ** *ବି.* ୧. ବତୀ, ବଳିତା ୨. ପ୍ରଦୀପ ୩. ତୂଳି ।

**ବର୍ତ୍ତିବା** *କ୍ରି.* ବଞ୍ଚିବା, ରକ୍ଷାପାଇବା ।

**ବର୍ତ୍ତୁଳ** *ବିଂ.* ଗୋଲାକାର ; *ବି.* ଗୋଲାକାର ବସ୍ତୁ, ବାଟୁଳା, ବାଟୁଳି ।

**ବର୍ତ୍ମ** *ବି.* ୧. ରାସ୍ତା, ବାଟ ୨. ଆଖିପତା ।

**ବର୍ଦ୍ଧକ** *ବିଂ.* ୧. ଯାହା ବଢ଼ାଏ, ପୂରକ ୨. ଛେଦକାରୀ, ଛେଦକ ।

**ବର୍ଦ୍ଧକ, ବର୍ଦ୍ଧକୀ** *ବି.* ୧. ସୂତ୍ରଧର ୨. ବଢ଼େଇ, କାଠ କାରିଗର ।

**ବର୍ଦ୍ଧନ** *ବି.* ବୃଦ୍ଧି, ବଢ଼ିବା, ଉନ୍ନତି ; *ବିଂ.* ବର୍ଦ୍ଧିତ, ବୃଦ୍ଧିକାରୀ ।

**ବର୍ଦ୍ଧନିକଳସ** *ବି.* ଶୋଭା ବୃଦ୍ଧି କରିବାପାଇଁ ପୂଜା ସ୍ଥାନରେ ସ୍ଥାପିତ କଳସ ।

**ବର୍ଦ୍ଧମାନ** *ବିଂ.* ବଢୁଥିବା, ବୃଦ୍ଧିଶୀଳ ; *ବି.* ୧. ଏରଣ୍ଡ, ଜଡ଼ାଗଛ ୨. ମାଟିର ସରା ୩. ଜୈନଧର୍ମର ପ୍ରତିଷ୍ଠାତା, ମହାବୀର ।

**ବର୍ଦ୍ଧିତ** *ବିଂ.* ୧. ଯାହାକୁ ବଢ଼ା ଯାଇଛି ୨. ଛିନ୍ନ ।

**ବର୍ଦ୍ଧିଷ୍ଣୁ** *ବିଂ.* ବଢୁଥିବା, ବିକଶିତ ; *ବି.* ବର୍ଦ୍ଧିଷ୍ଣୁତା ।

**ବର୍ବର** *ବିଂ.* ୧. ଅସଭ୍ୟ ୨. ନିଷ୍ଠୁର ୩. ନିର୍ବୋଧ ; *ବି.* ୧. ଅସଭ୍ୟ ଜାତି ।

**ବର୍ବରତା** *ବି.* ପାଶବିକତା, ନିଷ୍ଠୁରତା, ନୀଚତା, ଅସଭ୍ୟତା ।

**ବର୍ବରୋଚିତ** *ବିଂ.* ୧. ବର୍ବରସୁଲଭ ୨. ଅମାନବିକ ।

**ବର୍ମ** *ବି.* ୧. ଆତ୍ମରକ୍ଷା ପାଇଁ ଛାତି ପିନ୍ଧା ଧାତବ ଉପକରଣ, କବଚ ୨. ସାଞ୍ଜୁ ।

**ବର୍ଷ** *ବି.* ୧. ବାର ମାସର ଏକ ଆବର୍ତ୍ତନ, ସାଲ, ବତ୍ସର, ବଛର ୨. ବୃଷ୍ଟି, ବର୍ଷା ୩. ଦେଶ, ଜମ୍ବୁଦ୍ୱୀପର ନଅଟି ଦେଶ ।

**ବର୍ଷକର** *ବି.* ମେଘ ; *ବିଂ.* ଏକ ବର୍ଷର ।

**ବର୍ଷଜୀବୀ** *ବିଂ.* ଏକବର୍ଷ ମାତ୍ର ବଞ୍ଚୁଥିବା (ଗଛ) ।

**ବର୍ଷଣ** *ବି.* ୧. ବୃଷ୍ଟିପାତ, ବୃଷ୍ଟି ୨. ଉପରୁ ଧାର ଧାର ହୋଇ ବା ବିକ୍ଷିପ୍ତ ହୋଇ ପାଣି ପଡ଼ିବା ୩. ବର୍ଷା ପାଣି ଭଳି ଅନ୍ୟ କିଛି ପଡ଼ିବା ।

**ବର୍ଷଣୋଦ୍ୟତ, ବର୍ଷଣୋନ୍ମୁଖ** *ବିଂ.* ବର୍ଷିବାକୁ ଉପକ୍ରମ କରୁଥିବା ।

**ବର୍ଷବୃଦ୍ଧି** *ବି.* ବୟୋବୃଦ୍ଧି ।

**ବର୍ଷମାଣ** *ବିଂ.* ବୃଷ୍ଟି କରୁଥିବା, ବର୍ଷୁଥିବା ।

**ବର୍ଷମାନ** *ବି.* ବର୍ଷାମାପ ଯନ୍ତ୍ର ।

**ବର୍ଷା** *ବି.* ୧. ବୃଷ୍ଟି, ବାରିପାତ ୨. ବୃଷ୍ଟିପାତର କାଳ ବା ଋତୁ, ଆଷାଢ଼ ଓ ଶ୍ରାବଣ ଦୁଇମାସ ।

**ବର୍ଷାତି** *ବି.* ଦେହକୁ ବର୍ଷାଜଳ ଭେଦୁ ନ ଥିବା ଲମ୍ବା ଜାମା ବା ପୋଷାକ, ରେନ୍‌କୋଟ୍ ।

**ବର୍ଷାୟୁ** *ବି.* ଏକ ବର୍ଷଜୀବୀ ଗଛ, ଗୋଟିଏ ବର୍ଷ ଜୀଉଥିବା ଗଛ ।

**ବର୍ଷିଆ** *ବିଂ.* ବୟସ ହୋଇଥିବା, ବୟସଯୁକ୍ତ ।

**ବର୍ଷିତ** *ବିଂ.* ଧାରା ଆକାରରେ ଉପରୁ ସିଞ୍ଚା ହେଉଥିବା ।

**ବର୍ଷିବା** *କ୍ରି.* ବର୍ଷାହେବା, ବର୍ଷଣ କରିବା ।

**ବର୍ଷୀୟ** *ବିଂ.* ବୟସଯୁକ୍ତ, ବର୍ଷିଆ ।

**ବର୍ଷୀୟାନ୍** *ବିଂ.* ବୃଦ୍ଧତର, ଅଧିକ ବୟସର (*ସ୍ତ୍ରୀ.* ବର୍ଷିୟସୀ), ବୟସ ହୋଇଯାଇଥିବା ।

**ବର୍ଷୁକ** *ବିଂ.* ବର୍ଷୁଥିବା, ବର୍ଷଣକାରୀ ।

**ବର୍ହ** *ବି.* ୧. ମୟୂରପୁଚ୍ଛ ୨. ପତ୍ର ।

**ବର୍ହା** *ବି.* ମୟୂରପୁଚ୍ଛର ପର ।

**ବର୍ହି, ବର୍ହିଃ** *ବି.* ୧. ଅଗ୍ନି ୨. ଯଜ୍ଞ ୩. କୁଶ ।

**ବଳ** *ବି.* ୧. ଜୋର, ଶକ୍ତି, ସାମର୍ଥ୍ୟ ୨. ଦୃଢ଼ତା ୩. ପ୍ରଭାବ ୪. ସହାୟ ୫. ସୈନ୍ୟ ୬. ଶୁକ୍ର ୭. ରକ୍ତ ୮. ସାର ବା ଖତ ; *ବିଂ.* ବଳବାନ ।

**ବଳକା** *ବି. ବିଂ.* ଅବଶିଷ୍ଟ, ବଳି ପଡ଼ିଥିବା ଅଂଶ ।

**ବଳଣା** *ବି.* ସୂତା କାଟିବା ପାଇଁ ଥିବା ତୁଳାର ବର୍ତ୍ତିକା, କତା ଦଉଡ଼ି ବଳିବା ଯନ୍ତ୍ର ।

**ବଳଦ** *ବି.* ଖାସୁକରା ଅଣ୍ଡିରା ଗୋରୁ, ବଳଦ, ବୁଇଲ୍, ବଲଦ୍ ; *ବିଂ.* ଶକ୍ତିଦାୟକ, ବଳଦାତା (*ସ୍ତ୍ରୀ.* ବଳଦା) ।

**ବଳଦିଆ** *ବି.* ଥୋଡ଼ିଆ, ବଳଦ ପିଠିରେ ମାଲ ବୁହାଇ ବ୍ୟବସାୟ କରୁଥିବା ଜାତିବିଶେଷ ; *ବିଂ.* ଗତାନୁଗତିକ, ମୂର୍ଖାଣ୍ଡିଆ ।

**ବଳଦିଆ ପାଠ** *ବି.* ୧. ଗାଣିତିକ ନିୟମରେ ନଯାଇ ତୁଣ୍ଡ ହିସାବ ୨. ଗାଈଗୋଠରେ ଲବ୍ଧ ସାଧାରଣ ଜ୍ଞାନ ।

**ବଳଦେବ, ବଳଭଦ୍ର, ବଳରାମ** *ବି.* ଶ୍ରୀକ୍ଷେତ୍ରର ବଡ଼ ଠାକୁର ।

**ବଳବତ୍** *ବିଂ.* ୧. ଶକ୍ତ, କାର୍ଯ୍ୟକର, ପ୍ରଚଳିତ ୨. ବାହାଲ ।

**ବଳବତ୍ତର** *ବିଂ.* ଅଧିକତର କାର୍ଯ୍ୟକାରୀ ବା ବାହାଲ, ଅଧିକତର ବଳବାନ ।

**ବଳବତ୍ତା** *ବି.* ଶକ୍ତିଶାଳିତା, ଶକ୍ତିମତ୍ତା, ସାମର୍ଥ୍ୟ ।

**ବଳବନ୍ତ** *ବିଂ.* ସମର୍ଥ, ଶକ୍ତିମାନ ।

**ବଳବାନ** *ବିଂ.* ବଳୁଆ, ଶକ୍ତିଶାଳୀ, ପ୍ରବଳ ।

**ବଳବିଦ୍ୟା** *ବି.* ପଦାର୍ଥର କାର୍ଯ୍ୟକାରିତା ଶକ୍ତିବିଷୟକ ବିଦ୍ୟା ବା ଶାସ୍ତ୍ର ।

**ବଳବିନ୍ୟାସ** *ବି.* ଯୁଦ୍ଧପାଇଁ ସୈନ୍ୟସଜ୍ଜା, ବ୍ୟୂହରଚନା ।

**ବଳୟ** *ବି.* ୧. ମଣ୍ଡଳ, ବେଷ୍ଟନ ୨. ହାତପିନ୍ଧା ଅଳଙ୍କାର, ଖଡୁ, ବାଲା ୩. ଚାରିପାଖକୁ ଖୋଲାଘରରେ ଘେରିରହିଥିବା ।

**ବଳୟିତ** *ବି.* ବେଢ଼ା ହୋଇଥିବା, ବେଷ୍ଟିତ, ବଳୟବିଶିଷ୍ଟ, ବଳୟାକାର ।

**ବଳଶାଳୀ** *ବିଂ.* ଶକ୍ତିମାନ, ବଳିଷ୍ଠ ।

**ବଳହୀନ** *ବିଂ.* ଦୁର୍ବଳ, ଅଶକ୍ତ, ବଳନଥିବା ।

**ବଳା** *ବି.* ୧. ହାତର ଖଡୁ, ବଳୟ ୨. ପୁତ୍ର ୩. ତମାଖୁ ଖଇନି ୪. ଅସ୍ତ୍ରବିଦ୍ୟା ବିଶେଷ ।

**ବଳାଇଦେବା, ବଳେଇଦେବା** *କ୍ରି.* ସୌଜନ୍ୟ ସହକାରେ ବନ୍ଧୁଙ୍କୁ ବାଟେଇ ଦେବା, ବନ୍ଧୁଙ୍କୁ ଖଣ୍ଡେ ଦୂରଯାଇ ବିଦାୟ ଦେବା ।

**ବଳାଇବା** *କ୍ରି.* ପ୍ରବର୍ତ୍ତାଇବା, ଅନୁରୋଧ କରିବା, ବାଧ୍ୟ କରିବା ।

**ବଳାକ, ବଳାକା** *ବି.* ଏକପ୍ରକାର ଛୋଟ ବଗ ।

**ବଳାଗଣ୍ଠି** *ବି.* ପାଦକୁ ଲାଗି ଗୋଡ଼ର ଗଣ୍ଠି, ଗୋଡ଼ରେ ବଳା ପିନ୍ଧା ଯାଉଥିବା ସ୍ଥାନର ଗଣ୍ଠି ।

**ବଳାତ୍କାର** *ବି.* ୧. ବଳପ୍ରୟୋଗ, ଜୋର ଜବରଦସ୍ତି ୨. ଧର୍ଷଣ, ଯୌନ ଦୁଷ୍କର୍ମ ।

**ବଳାତ୍କୃତ** *ବିଂ.* ବଳଦ୍ୱାରା କବଳିତ, ଧର୍ଷିତ ।

**ବଳାବଳ** *ବି.* ସାମର୍ଥ୍ୟ ଓ ଦୁର୍ବଳତା, ଉତ୍କର୍ଷ ଅପକର୍ଷ, ଶକ୍ତିର ପ୍ରକୃତ ଅବସ୍ଥା ।

**ବଳାହକ** *ବି.* ୧. ମେଘ ୨. ପର୍ବତ ୩. ବଗ ।

**ବଳି, ବଳୀ** *ବି.* ୧. ଯଜ୍ଞାଦିରେ ନୈବେଦ୍ୟବସ୍ତୁ ୨. ଦେବୀ ନିକଟରେ ଉତ୍ସର୍ଗିତ ପଶୁ ଆଦି ପ୍ରାଣୀ ୩. ପୁରାଣବର୍ଣ୍ଣିତ ଅସୁରରାଜ ୪. ଜୀବଗଣଙ୍କୁ ଖାଦ୍ୟଦାନ ୫. ପେଟର କୁଞ୍ଚିତ ଚର୍ମରେଖା, ତ୍ରିବଳି ୬. ବାର୍ଦ୍ଧକ୍ୟ ହେତୁ ଚର୍ମର ଶିଥିଳତା ୭. ଅର୍ଶ ହେତୁ ମଳଦ୍ୱାରର ମାଂସପିଣ୍ଡ ।

**ବଳିଆ କୁକୁର** *ବି.* ଏକ ପ୍ରକାର ବଣୁଆ କୁକୁର ।

**ବଳିଆର** *ବିଂ.* ବଳିଷ୍ଠ, ଶକ୍ତିଶାଳୀ, ବଳୀୟାନ, ପାରଙ୍ଗମ ।

**ବଳିତ** *ବିଂ.* ସୁଢ଼ଳ, ସୁଠାମ, ସୁନ୍ଦର ଗଢ଼ଣଯୁକ୍ତ ।

**ବଳିତା** *ବି.* ସଳିତା, ତୁଳା ବା ସରୁ କପଡ଼ାରେ ତିଆରି ବତୀ ।

**ବଳିଦାନ** *ବି.* ୧. ଦେବ ଉଦ୍ଦେଶ୍ୟରେ ଜୀବବଧ ୨. ମହତ କାର୍ଯ୍ୟରେ ଉତ୍ସର୍ଗ ।

**ବଳିବା** *କ୍ରି.* ୧. ସୂତା, ଦଉଡ଼ି ଆଦି ତିଆରି କରିବା ୨. ମାଟି ଆଦି ଗୁଳା କରିବା ୩. ଟପିବା ୪. ବହଳିବା, ବଳକା ହେବା, ଅଧିକ ହେବା ୫. ଆଗ୍ରହଯୁକ୍ତ ହେବା ୬. ଅବଶିଷ୍ଟ ରହିବା ।

**ବଳିବାମନ ମୁଗ** *ବି.* ଶ୍ରୀମନ୍ଦିରରେ ଭୋଗ ହେବା ଅଦାଖଣ୍ଡ ମିଶା ଗୋଟା ମୁଗର ବ୍ୟଞ୍ଜନ ।

**ବଳିଭୁକ୍** *ବି.* ଯେଉଁ ପକ୍ଷୀ ବଳିଭୋଗ ଖାଏ, କାକ, ଘରଚଟିଆ ।

**ବଳିଷ୍ଠ** *ବିଂ.* ଅତିଶୟ ବଳବାନ, ଶକ୍ତିଶାଳୀ ।

**ବଳୀବର୍ଦ୍ଦ** *ବି.* ୧. ବଳଦ ୨. ବୃଷ ।

**ବଳୀୟାନ** *ବିଂ.* ଅଧିକ ବଳଶାଳୀ ।

**ବଳୁଆ** *ବିଂ.* ବଳବାନ, ଶକ୍ତିଶାଳୀ ।

**ବଳେପଶା** *ବିଂ.* ୧. ଜବରଦସ୍ତ ପ୍ରବେଶ କରୁଥିବା ୨.ସମ୍ମାନହୀନ ।

**ବଲ୍କ, ବଲ୍କଲ** *ବି.* ଗଛର ଛେଲି, ବକଳା, ବକଳ ।

**ବଲ୍କଲୀ** *ବିଂ.* ବଲ୍କଲବିଶିଷ୍ଟ ।

**ବଲ୍** *ବି.* ୧. ଗୋଲାକାର ଖେଳ ଉପକରଣ, ପେଣ୍ଡୁ, କନ୍ଦୁକ ୨. ବିଜୁଳି ବଲ୍‌ବ, ବିଜୁଳିବତୀ ।

**ବଲ୍‌ଗ, ବଲ୍‌ଗା** *ବି.* ୧. ଲଗାମ, ରଶି, ବାଗଦଉଡ଼ି ୨. ନିୟନ୍ତ୍ରଣ ।

**ବଲ୍‌ଗା ହରିଣ** *ବି.* ଉତ୍ତରମେରୁ ପ୍ରଦେଶରେ ସ୍ଲେଜ୍‌ଗାଡ଼ି ଟାଣିବା ପାଇଁ ନିଯୁକ୍ତ ହରିଣ ବିଶେଷ ।

**ବଲ୍‌ବଲ୍** *ବିଂ.* ପଲକଶୂନ୍ୟ, ଚକିତ ।

**ବଲ୍‌ହ** *ବି.* ଏକ ପ୍ରକାର ମାଟି ।
**ବଲମ** *ବି.* ଭାଲ, ବର୍ଚ୍ଛାଜାତୀୟ ଅସ୍ତ୍ର ବିଶେଷ ।
**ବଲସ୍** *ବି.* ଧାନ ରଖା ଯାଇଥିବା ଆଧାର, ଧାନ୍ୟାଗାର ।
**ବଲାନି ଦେବା** *କ୍ରି.* ଗାଁରେ ହଇଜା ବସନ୍ତ ଭଳି ରୋଗ ଲାଗିଲେ ପଣା ମାଧ୍ୟମରେ ଠାକୁରାଣୀଙ୍କୁ ବନ୍ଦାଇ ନୈବେଦ୍ୟ ଦେବା ।
**ବଲୁରି** *ବି.* ଆଘାତ ପାଇଲେ ଆକ୍ରମଣ କରି ନହୁଡ଼ରେ ମାରୁଥିବା ଏକ ପ୍ରକାର ମାଛି, ବିରୁଡ଼ି ।
**ବଲେଇ** *ବି.* ଜଞ୍ଜାଳ, ଦାୟିତ୍ୱ ।
**ବଲେନ** *ବି.* ଗ୍ରହଶାନ୍ତି ଉଦ୍ଦେଶ୍ୟରେ ପିଠଉତିଆରି ପୁତ୍ତଳିକା ।
**ବଲ୍ଲକୀ** *ବି.* ଏକ ପ୍ରକାର ବୀଣା ।
**ବଲ୍ଲବ** *ବି.* ୧. ରୋଷେୟା, ପାଚକ ୨. ଗଉଡ ୩. ଅଜ୍ଞାତବାସ ସମୟରେ ବିରାଟ ରାଜାଙ୍କ ଗୃହରେ ଭୀମଙ୍କ ଛଦ୍ମନାମ (*ସ୍ତ୍ରୀ.* ବଲ୍ଲବୀ - ଗଉଡୁଣୀ) ।
**ବଲ୍ଲଭ** *ବି.* ୧. ସ୍ୱାମୀ, ପ୍ରଭୁ ୨. ଘୋଡ଼ା ବିଶେଷ ୩. ଶ୍ରୀମନ୍ଦିରରେ ଗୋପାଳ ବଲ୍ଲଭ ବା ସକାଳର ଜଳଖିଆ ଭୋଗ, ଜଗନ୍ନାଥଙ୍କର ନିଃସଂଖୁଡ଼ି ଭୋଗ ।
**ବଲ୍ଲଭ ପିଣ୍ଡି** *ବି.* ଶ୍ରୀମନ୍ଦିରରେ ଅଣସର ପିଣ୍ଡି, ଯେଉଁଠି ବଲ୍ଲଭ ପୂଜା ଅନୁଷ୍ଠିତ ହୁଏ ।
**ବଲ୍ଲଭା, ବଲ୍ଲଭୀ** *ବି.* ପ୍ରିୟା, ପତ୍ନୀ ।
**ବଲ୍ଲରି, ବଲ୍ଲରୀ** *ବି.* ୧. ଲତା ୨. ମୁକୁଳ ।
**ବଲ୍ଲି, ବଲ୍ଲୀ** *ବି.* ୧. ଲତା ୨. ପୃଥିବୀ ।
**ବଲ୍ମୀକ** *ବି.* ୧. ଉଇହୁଙ୍କା ୨. ଗଳଗଣ୍ଡ, ଶୋଥରୋଗ ।
**ବଶଂବଦ** *ବିଂ.* ୧. ସ୍ୱେଚ୍ଛାରେ ବଶୀଭୂତ ବା ଅନୁଗତ ୨. ପ୍ରିୟଭାଷୀ (ସ୍ତ୍ରୀ. ବଶଂବଦୀ) ।
**ବଶ** *ବି.* ଆଜ୍ଞାଧୀନତା, କର୍ତ୍ତୃତ୍ୱ, ପ୍ରଭାବ ; *ବିଂ.* ଆୟତ୍ତ, ଅଧୀନ, ସ୍ନେହରେ କିଣା, ଆଦରାଧୀନ ।
**ବଶତଃ** *ଅ.* ହେତୁ, ନିମିତ୍ତ ।
**ବଶତା** *ବି.* ଅଧୀନତା, ବିଶ୍ୱସ୍ତତା ।
**ବଶବର୍ତ୍ତୀ** *ବିଂ.* ଅଧୀନ, ଅନୁଗତ ।
**ବଶିଷ୍ଠ** *ବି.* ସୂର୍ଯ୍ୟବଂଶର କୁଳଗୁରୁ, ଋଷି ବିଶେଷ ।
**ବଶୀକରଣ** *ବି.* ୧. ଅନ୍ୟକୁ ନିଜ ଅଧୀନକୁ ଆଣିବା ୨. ନିଜ ପ୍ରଭାବବଳରେ ଅଧୀନ କରିବାକୁ ତାନ୍ତ୍ରିକ କ୍ରିୟା ।
**ବଶୀକୃତ** *ବିଂ.* ଆୟତ୍ତାଧୀନ କରାଯାଇଥିବା ।
**ବଶୀଭୂତ** *ବିଂ.* ଯେ ଆୟତ୍ତକୁ ଆସିଛି, ଯେ ବଶ ହୋଇଛି ।
**ବଶ୍ୟ** *ବିଂ.* ବଶ କରିବାର ବା ପୋଷା ମନାଇବାର ଯୋଗ୍ୟ, ଯେ ବଶବର୍ତ୍ତୀ ହୋଇପାରେ ।
**ବଶ୍ୟତା** *ବି.* ଗୋଲାମି, ଆଜ୍ଞାଧୀନତା ।
**ବଷଟ୍** *ବି.* ଦେବତାଙ୍କ ଉଦ୍ଦେଶ୍ୟରେ ଆହୁତି ଦେବା ମନ୍ତ୍ରର ଶେଷ ଅଂଶ ।
**ବଷଟ୍‌କାର** *ବି.* ଅଗ୍ନିରେ ଆହୁତି ପ୍ରଦାନ, ହୋମ ।
**ବସ୍** *ବି.* ୧ ଯାତ୍ରୀବାହୀ ମଟର ଯାନ ୨. ଉପରିସ୍ଥ କର୍ମଚାରୀ, ମାଲିକ ।
**ବସ୍‌କତ୍** *ବି.* ବସ୍ତି, ନିବାସ ସ୍ଥାନ ।
**ବସ** *ବି.* ୧. ମେଦ, ଚର୍ବି, ମଜା ।
**ବସଣି,ବସୁଣି** *ବି.* ନାରୀମାନଙ୍କର ନାକଅଳଙ୍କାର ବିଶେଷ ।
**ବସତି,ବସତୀ** *ବି.* ୧. ବସବାସ ୨. ବାସସ୍ଥାନ, ରହଣିସ୍ଥାନ ୩. ବସ୍ତି, ଉପନିବେଶ ।
**ବସନ** *ବି.* ବସ୍ତ୍ର, ପିନ୍ଧିବା ଲୁଗା, ଆଚ୍ଛାଦନ ।
**ବସନ୍ତ** *ବି.* ୧. ବସନ୍ତ ଋତୁ (ଫାଲଗୁନ ଓ ଚୈତ୍ରମାସକୁ ନେଇ ଋତୁ) ୨. ଫିକା ହଳଦିଆ ରଙ୍ଗ ୩. ବସନ୍ତରୋଗ ୪. ସଙ୍ଗୀତର ରାଗ ବିଶେଷ ।
**ବସନ୍ତଘୋଷ** *ବି.* କଳା ପର, ଲାଲ ଆଖି ଡୋଳା ଓ ମିଠା ସ୍ୱରଥିବା ପକ୍ଷୀ; କୋଇଲି ।
**ବସନ୍ତ ଚିହ୍ନ** *ବି.* ବସନ୍ତ ରୋଗ ହେତୁ ହୋଇଥିବା ଚିହ୍ନ ।
**ବସନ୍ତଦୂତ** *ବି.* ୧. କୋଇଲି ୨. ଆମ୍ବବଉଳ ।
**ବସନ୍ତଦୂତୀ** *ବି.* ୧. ମାଇକୋଇଲି ୨. ମାଧବୀଲତା ।
**ବସନ୍ତପଞ୍ଚମୀ** *ବି.* ସରସ୍ୱତୀଙ୍କ ଆରାଧନା ତିଥି, ମାଘ ମାସ ଶୁକ୍ଳ ପଞ୍ଚମୀ, ଶ୍ରୀପଞ୍ଚମୀ ।
**ବସନ୍ତ ଭୂଇଁ** *ବି.* ଶ୍ରୀମୁଖର ପୀତ ରଙ୍ଗ ରଂଜିତ ଅଂଶ ।
**ବସନ୍ତମୁହାଁ** *ବିଂ.* ଯାହା ମୁହଁରେ ବସନ୍ତ ଦାଗ ଥାଏ ।
**ବସନ୍ତରା, ବସନ୍ତରା ଘଡ଼ି** *ବି.* ପଣାସଂକ୍ରାନ୍ତିରୁ ଏକ ମାସ ଯାଏ ବୃନ୍ଦାବତୀ(ତୁଳସୀ ଗଛ) ଓ ଦେବମୂର୍ତ୍ତି ଉପରେ ମାଟିଘଡ଼ିରୁ କ୍ଷୀଣ ଧାରାରେ ଜଳ ପଡ଼ିବା ।
**ବସନ୍ତରାସ** *ବି.* ଶ୍ରୀକୃଷ୍ଣଙ୍କର ବସନ୍ତକାଳୀନ ରାସ-ଉତ୍ସବ ।
**ବସନ୍ତେଇ** *ବି.* ୧. ଠାକୁରାଣୀ ବିଶେଷ, ଶୀତଳା ଠାକୁରାଣୀ ୨. ବସନ୍ତ ଫୋଟକା ହେବା ସମୟର ଅବସ୍ଥା ।
**ବସନ୍ତୋତ୍ସବ** *ବି.* ବସନ୍ତ କାଳରେ ମଦନପୂଜାର ଉତ୍ସବ, ଦୋଳଯାତ୍ରା, ହୋଲିପର୍ବ ।
**ବସବାସ** *ବି.* ସ୍ଥାୟୀ ଭାବରେ ରହଣି ।
**ବସା** *ବି.* ୧. ପକ୍ଷୀର ବସା, ନୀଡ଼ ୨. ପଶୁ ଓ କୀଟ ପତଙ୍ଗଙ୍କ ବାସସ୍ଥାନ ୩. ଅସ୍ଥାୟୀ ଗୃହ ୪. ବସିବା କାର୍ଯ୍ୟ ବା ଢଙ୍ଗ ୫. ମେଦ, ଚର୍ବି, ମଜ୍ଜା ; *ବିଂ.* ଘନୀଭୂତ(ବସା ଦହି), ଖଚିତ(ହୀରା ବସା ମୁଦି) ।

**ବସାଉଠା** ***ବି.*** ଗତାଗତ ।

**ବସାଘର** ***ବି.*** ୧. ଅସ୍ଥାୟୀ ଘର ୨. ଭଡାଘର ।

**ବସାଦହି** ***ବି.*** ଘନୀଭୂତ ଦହି, ଥଲ୍‌କା ଦହି, ଜମାଟ ବନ୍ଧା ଦହି ।

**ବସାଲି** ***ବିଂ.*** ଚର୍ବିଯୁକ୍ତ ।

**ବସିବା** ***କ୍ରି.*** ୧. ଉପବେଶନ କରିବା ୨. ପ୍ରତିଷ୍ଠିତ ହେବା ୩. (ସ୍ୱର) ବିକୃତ ହେବା, ଗଣଗଣିଆ ସ୍ୱରହେବା ୪. ନିଷ୍କର୍ମା ହେବା ୫. ଜମାଟ ବାନ୍ଧିବା, ଘନ ହେବା ୬. ତଳକୁ ଦବିବା ୭. (ଗହଣା) ଜାକିହେବା, ଖଚିତହେବା ୮. (କର) ଧାର୍ଯ୍ୟହେବା ୯. ସମ୍ବନ୍ଧ ସ୍ଥାପିବା ।

**ବସୁ** ***ବି.*** ୧. ଆଠ ଗଣଦେବତା ୨. ଧନ, ରତ୍ନ, ସ୍ୱର୍ଣ୍ଣ ୩. କୁବେର ୪. ଦୀପ୍ତି, କିରଣ, ଅଗ୍ନି ୫. ଜଳ ୬. ଧନିଷ୍ଠା ନକ୍ଷତ୍ର ।

**ବସୁଦେବ** ***ବି.*** ୧. ଶ୍ରୀକୃଷ୍ଣଙ୍କ ପିତା ୨. କୁବେର ।

**ବସୁଦେବତା** ***ବି.*** ୧. ଧନିଷ୍ଠା ନକ୍ଷତ୍ର ୨. କୁବେର ।

**ବସୁଧା, ବସୁନ୍ଧରା, ବସୁମତୀ** ***ବି.*** ପୃଥିବୀ, ମାଟି ।

**ବସୁଧାରା** ***ବି.*** ୧. ଧନ ପ୍ରବାହ ୨. ବିବାହ ପ୍ରଭୃତି ଅନୁଷ୍ଠାନରେ କାନ୍ଥର ତଳଭାଗରେ ଢ଼ଳାଯିବା ପାଞ୍ଚଟି ବା ସାତଟି ଘିଅର ଧାରା ।

**ବସ୍ତା** ***ବି.*** ବୋରା, ଅଖାର ବଡ଼ଥଳି, ଅଖାର ବଡ଼ମୁଣା ।

**ବସ୍ତାନି** ***ବି.*** ୧. କାଗଜପତ୍ରର କନାବନ୍ଧା ପୁଡ଼ା ୨. ବହିପତ୍ରର ମୁଣା ବା ବ୍ୟାଗ ୩. ଟିକି ଗଣ୍ଠିଲି ।

**ବସ୍ତି** ***ବି.*** ୧. ସହରତଳିର ଦିନ ମଜୁରିଆଙ୍କ ବାସସ୍ଥଳି ୨. ସାଇ ୩. ଦରିଦ୍ରପଲ୍ଲୀ ।

**ବସ୍ତୀ** ***ବି.*** ୧. ତଳିପେଟ ୨. ମୂତ୍ରାଶୟ ୩. ବାସସ୍ଥାନ ।

**ବସ୍ତୁ** ***ବି.*** ୧. ପଦାର୍ଥ, ଜିନିଷ ୨. ସାର ୩. ସତ୍ୟ ୪. ବ୍ରହ୍ମ ।

**ବସ୍ତୁତଃ** ***ଅ.*** ପ୍ରକୃତପକ୍ଷେ ।

**ବସ୍ତୁତତ୍ତ୍ୱ [ବିଦ୍ୟା]** ***ବି.*** ୧. ପଦାର୍ଥର ସ୍ୱରୂପ ନିର୍ଣ୍ଣୟ ବିଷୟକ ବିଦ୍ୟା ୨. ବ୍ରହ୍ମବିଦ୍ୟା ।

**ବସ୍ତୁତନ୍ତ୍ର** ***ବି.*** ବାସ୍ତବ ବା ପ୍ରତ୍ୟକ୍ଷ ବିଷୟକୁ ପ୍ରାଧାନ୍ୟ ; ***ବିଂ.*** ବସ୍ତୁତନ୍ତ୍ରୀ, ବସ୍ତୁତାନ୍ତ୍ରିକ ।

**ବସ୍ତୁବାଦ** ***ବି.*** ଜଡ଼ବାଦ (***ବିଂ.*** ବସ୍ତୁବାଦୀ) ।

**ବସ୍ତ୍ର** ***ବି.*** ୧. ଲୁଗା, ବସନ ୨. କନା, ଆଚ୍ଛାଦନ ।

**ବସ୍ତ୍ରଗୃହ** ***ବି.*** ତମ୍ବୁଘର ।

**ବସ୍ତ୍ରହରଣ** ***ବି.*** ୧. ପିନ୍ଧା ବସନ କାଢ଼ି ନେବା କିମ୍ବା ଚୋରି କରିବା ୨. ଲଙ୍ଗଳା କରିବା ।

**ବସ୍ତ୍ରାଗାର** ***ବି.*** ଲୁଗାଦୋକାନ ।

**ବସ୍ତ୍ରାଞ୍ଚଳ** ***ବି.*** ଲୁଗାର ପଣତ, କାନି ।

**ବସ୍ତ୍ରାବାସ** ***ବି.*** ତମ୍ବୁ, ରାହୁଟି ।

**ବହଁକା, ବଅଁକା** ***ବି.*** ବଣ ବିରାଡ଼ି ।

**ବହଁକାବା** ***କ୍ରି.*** ହାତରେ ଠେଙ୍ଗା ବାଡ଼ି ଆଦିଧରି ଚଳାଇବା ।

**ବହଁଡ଼ିବା** ***କ୍ରି.*** ୧. ବାଟ ଦୁଡ଼ିବା ୨. ଉପସ୍ଥିତ କର୍ତ୍ତବ୍ୟଛାଡ଼ି ମନକୁ ଅନ୍ୟତ୍ର ଲଗାଇବା ।

**ବହଁଡ଼ିଯିବା** ***କ୍ରି.*** ଭୁଲି ଯିବା, ପାଶୋରି ଦେବା ।

**ବହଂଗର୍** ***ବି.ବିଂ.*** ୧. ବଳପୂର୍ବ କାହାରି ଜିନିଷପତ୍ର ଛଡ଼େଇ ନେବା ଲୋକ ୨. ବଳୁଆ ଓ ଦୁର୍ଦ୍ଦାନ୍ତ ।

**ବହ** ***ବିଂ.*** ବହନକାରୀ; ***ବି.*** ୧. ଯାନ, ବାହନ ୨. ବୋହୂ ୩. ବାୟୁ ୪. ସ୍ତ୍ରୀ ।

**ବହଳା** ***ବିଂ.*** ଅଧିକା, ଅତିରିକ୍ତ, ବଳକା ; ***ବି.*** ବହକ ।

**ବହକାଲିଆ** ***ବିଂ.*** ଆଗଚଲା, ଆଗକୁହା ।

**ବହକିବା** ***କ୍ରି.*** ୧. ଟପିବା ୨. ବେଶି ହେବା, ଦରକାର ଠାରୁ ଅଧିକ ହେବା ୩. ଭୁଲିଯିବା, ପାଲରେ ପଡ଼ିବା, ଫସିଯିବା ।

**ବହନ** ***କ୍ରି.ବିଂ.*** ତୁରନ୍ତ, ଶୀଘ୍ର, ସଙ୍ଗେ ସଙ୍ଗେ ; ***ବି.*** ୧. ବୋହିବା, ନେଇଚାଲିବା, ସହିଯିବା ୨. ବହିଯିବା ।

**ବହନା ବିଖ୍‌ନା** ***ବି.*** ୧. ନାପସନ୍ଦ ୨. ବାହୁନା ।

**ବହନି** ***ବି.*** ୧. କ୍ରେତାଦ୍ୱାରା କ୍ରୟାରମ୍ଭ ୨. ଭଉଣୀ, ବହେନ୍ ୩. ବଇନି, ଦୋକାନ ଆଦିରେ ବିକ୍ରି ଅନୁକୂଳ ।

**ବହନୀୟ** ***ବିଂ.*** ବହନଯୋଗ୍ୟ ।

**ବହପ** ***ବି.*** ଦୁଃସାହସ, ଫୁଟାଣି ।

**ବହପିଆ** ***ବିଂ.*** ସାହସୀ, ବାହାପିଆ ।

**ବହମାନ** ***ବିଂ.*** ବହିଯାଉଥିବା, ପ୍ରବାହିତ ହେଉଥିବା ।

**ବହର** ***ବି.*** ୧. ଓସାର, ପ୍ରସ୍ଥ ୨. ଜାହାଜ, ନୌଭେଳା ପ୍ରଭୃତିର ଶ୍ରେଣୀ ।

**ବହଳ** ***ବି.*** ୧. ମୋଟେଇ ୨. ଘନତା ; ***ବିଂ.*** ଘନ, ସାନ୍ଦ୍ର, ବହୁଳ, ଦୃଢ଼ ।

**ବହଳିଆ** ***ବିଂ.*** ୧. ଘଞ୍ଚ, ଘନ, ମୋଟା ୨. ଅଳ୍ପ ଜଳୀୟାଂଶଯୁକ୍ତ, ଗାଢ଼, ବୁଥି ବୁଥା ।

**ବହଲ୍** ***ବି.*** ବୃକ୍ଷ ବିଶେଷ (ଏହାର ପତ୍ରକୁ ଶାଗ ରୂପେ ଖିଆଯାଏ, ଫଳରୁ ଅଠା ହୁଏ ) ।

**ବହଲେଇବା, ବହଲାଇବା** ***କ୍ରି.*** ୧. ମିଜାସ ପରିବର୍ତ୍ତନ କରିବା ପାଇଁ ଉଦ୍ୟମ କରିବା ୨. ଫୁସୁଲାଇବା ୩. ଆଶା ଦେଇ ବାରମ୍ବାର କାଳକ୍ଷେପଣ କରିବା ୪. ଗହଲେଇବା, ବୃଥା ସମୟ ଗଡ଼େଇବା ।

**ବହିଃ** ***ଅ.*** ବାହାରେ, ସୀମାପରେ ।

**ବହିଃ ପ୍ରକୋଷ୍ଠ** ***ବି.*** ବୈଠକଖାନା, ଦାଣ୍ଡଘର, ବାହାରଘର ।

**ବହିଃଶୁଲ୍କ** ***ବି.*** ପଣ୍ୟର ଆମଦାନି ରପ୍ତାନି ଉପରେ ବସୁଥିବା ଟିକସ ବା କର ।

**ବହିଃସ୍ଥ** ***ବିଂ.*** ବାହାରେ ଥିବା, ବାହ୍ୟ ।

**ବହି** ***ବି.*** ୧. ପୁସ୍ତକ, ଗ୍ରନ୍ଥ ୨. ହିସାବଖାତା ୩. ନାଟ୍ୟବିଷୟ ୪. ବିଷୟବସ୍ତୁ ।

**ବହିଆ** *ବି.* ବାୟା, ପାଗଳ, ମୁଣ୍ଡ ଖରାପଥିବା ବ୍ୟକ୍ତି ।

**ବହିନା** *ବି.* ଅଗ୍ରିମ, କିଣାକିଣିପାଇଁ ଆଗରୁ କିଛି ପଇସା ଦେବା।

**ବହିନାଦେବା** *ବି.* କୌଣସି ଜିନିଷ କିଣିବାପାଇଁ ଆଗରୁ ଟଙ୍କା ଦେବା, ଅଗ୍ରୀମ ଦେବା ।

**ବହିତ୍ର** *ବି.* ବୋଇତ, ନୌକା, ଜଳଯାନ ।

**ବହିଦାର** *ବି.* ୧. ହିସାବରକ୍ଷକ, ଲେଖନକାର ୨. ସାଙ୍ଗିଆ ବା ଉପାଧି ବିଶେଷ ।

**ବହିପତ୍ର** *ବି.* ପାଠ୍ୟ ଉପକରଣ ।

**ବହିବା** *କ୍ରି.* ୧. ପ୍ରବାହିତ ହେବା ୨. ବହନ କରିବା ୩. ସହ୍ୟ କରିବା ୪. ଧାରଣ କରିବା ।

**ବହିମେଳା** *ବି.* ପୁସ୍ତକମେଳା, ବୁକ୍‌ଫେୟାର ।

**ବହିରଙ୍ଗ** *ବି.* ବାହ୍ୟଅଙ୍ଗ; *ବିଂ.* ଅଣଆତ୍ମୀୟ, ବାହ୍ୟ (*ବିପ.* ଅନ୍ତରଙ୍ଗ) ।

**ବହିରା** *ବିଂ.* କାଲ, ବଧିର, ଭଁଏରା ।

**ବହିରାଗତ** *ବିଂ.* ବାହାରୁ ଆସିଥିବା ।

**ବହିରାଗମନ** *ବି.* ବାହାରୁ ଆସିବା ।

**ବହିରାବରଣ** *ବି.* ୧. ଢାଙ୍କୁଣି ୨. ବାହାରର ପୋଷାକ ବା ଆଚ୍ଛାଦନ, ଘୋଡ଼ଣି ।

**ବହିରିନ୍ଦ୍ରିୟ** *ବି.* ଆଖି, କାନ, ନାକ, ଜିଭ ଓ ଚମପରି ପାଞ୍ଚଟି ଇନ୍ଦ୍ରିୟ ।

**ବହିର୍ଗତ** *ବିଂ.* ବାହାରକୁ ଯାଇଥିବା, ପଦାକୁ ବାହାରିଥିବା ।

**ବହିର୍ଗମନ** *ବି.* ବାହାରକୁ ଯିବା ।

**ବହିର୍ଜଗତ** *ବି.* ବାହାରର ଦୁନିଆ, ଦୃଶ୍ୟମାନ ଜଗତ, ଜଡ଼ଜଗତ ।

**ବହିର୍ଦ୍ଦେଶ** *ବି.* ୧. ଝାଡ଼ାଫେରା ୨. ସ୍ୱଦେଶ ବାହାରେ ଥିବା ଦେଶ ୩. ବାହାର ବା ଅଂଶ ।

**ବହିର୍ଦ୍ୱାର** *ବି.* ସଦରଦରଜା, ଫାଟକ, ବାଟଦରଜା ।

**ବହିର୍ବାଣିଜ୍ୟ** *ବି.* ବିଦେଶସହ ବାଣିଜ୍ୟ, ଅନ୍ୟ ଦେଶ ସହ ବ୍ୟବସାୟ ।

**ବହିର୍ବାସ** *ବି.* ଉତ୍ତରୀୟ, ସନ୍ନ୍ୟାସୀଙ୍କର କୌପୀନ ଉପରେ ପିନ୍ଧା ଯାଉଥିବା ଲୁଗା ।

**ବହିର୍ଭାଗ** *ବି.* ଉପରିଭାଗ, ଉପର ଅଂଶ ବା ପାଖ ।

**ବହିର୍ଭୂତ** *ବିଂ.* ବାହାରେ ଥିବା, ବହିଃସ୍ଥ, ବହିର୍ଗତ, ବିରୁଦ୍ଧ ।

**ବହିର୍ମୁଖ** *ବି.* ବାହାର ମୁହଁ ।

**ବହିର୍ମୁଖୀ** *ବିଂ.* ବାହାର ବିଷୟରେ ଅନୁରାଗୀ, ବାହାରମୁହାଁ, (*ବିପ.* ଅନ୍ତର୍ମୁଖ) ।

**ବହିର୍ମୁଖୀନ** *ବିଂ.* ଯାହାର ମୁହଁ ବାହାର ପଟକୁ, ବାହ୍ୟଜଗତ ପ୍ରତି ଆସକ୍ତ ।

**ବହିର୍ଲିପି** *ବି.* ଶବ୍ଦଅଳଙ୍କାର ବିଶେଷ ।

**ବହିଷ୍କରଣ, ବହିଷ୍କାର** *ବି.* ବାହାର କରିଦେବା, ତଡ଼ିଦେବା, ବିତାଡ଼ନ, ନିଷ୍କାସନ, ଦୂରେଇଦେବା, ନିର୍ବାସନ ।

**ବହିଷ୍କୃତ** *ବିଂ.* ବିତାଡ଼ିତ, ନିର୍ବାସିତ, ବାହାର କରି ଦିଆଯାଇଥିବା ; *ବି.* ବହିଷ୍କରଣ ।

**ବହୁ** *ବିଂ.* ନାନା, ଅଧିକ, ଅନେକ, ପ୍ରଚୁର, ବହୁତ ; *ବି.* ବଧୂ, ସ୍ତ୍ରୀ, ବହୂ ।

**ବହୁକୁଟୁମ୍ବୀ** *ବିଂ.* ବହୁ ଲୋକ ରହୁଥିବା (ପରିବାର), ଯେଉଁ ପରିବାରରେ ଅଧିକ ଲୋକଥାନ୍ତି, ଅଧିକ ସଦସ୍ୟବିଶିଷ୍ଟ (ପରିବାର) ।

**ବହୁଚୋରି** *ବି.* ଗ୍ରାମ୍ୟ ଖେଳ ବିଶେଷ ।

**ବହୁଜ୍ଞ** *ବିଂ.* ଅଭିଜ୍ଞ, ବହୁଦର୍ଶୀ, ବହୁବିଷୟରେ ଜ୍ଞାନଥିବା (ବ୍ୟକ୍ତି) ।

**ବହୁତ** *ବିଂ.* ଅନେକ, ପ୍ରଚୁର, ଅଧିକ ; *କ୍ରି.ବିଂ.* ଅନେକ ପ୍ରକାରରେ, ବହୁ ବିଷୟରେ ।

**ବହୁଦର୍ଶୀ** *ବି.* ବିଦ୍ୟାଜ୍ଞାତ, ପ୍ରବୀଣ, ପୁରୁଖା, ଅଭିଜ୍ଞ (*ବି.* ବହୁଦର୍ଶିତା) ।

**ବହୁଧା** *ଅ.* ୧. ଅନେକ ଦିଗରେ ୨. ବହୁଖଣ୍ଡରେ ୩. ବହୁପ୍ରକାରେ ।

**ବହୁପତ୍ନୀକ** *ବିଂ.* ଯାହାର ଅନେକ ସ୍ତ୍ରୀ ।

**ବହୁପରସା, ବୋହୁପରସା** *ବି.* ନୂଆବୋହୂ ପ୍ରଥମ କରି ପରିବାର ଲୋକଙ୍କପାଇଁ ନିଜେ ରାନ୍ଧି ପରସିବା ପରମ୍ପରା ।

**ବହୁପ୍ରସବିନୀ, ବହୁପ୍ରସୂତୀ** *ବି.* ବହୁ ସନ୍ତାନର ଜନନୀ।

**ବହୁବଚନ** *ବି.* ଏକାଧିକ ବାଚକ ପଦ ।

**ବହୁବିଧ** *ବିଂ.* ନାନାପ୍ରକାର ।

**ବହୁବିବାହ** *ବି.* ଏକାଧିକ ପତ୍ନୀଗ୍ରହଣ ।

**ବହୁବ୍ରୀହି** *ବି.* *ବ୍ୟାକ.* ସମାସ ବିଶେଷ ।

**ବହୁଭାଗ୍ୟ** *ବି.* ସୌଭାଗ୍ୟ ।

**ବହୁଭାଷୀ** *ବିଂ.* ୧. ବାଚାଳ ୨. ଅନେକ ଭାଷା ଜାଣିଥିବା (ବ୍ୟକ୍ତି)।

**ବହୁମତ** *ବି.* ଅନେକ ମତ, ସଂଖ୍ୟାଧିକ ମତ ।

**ବହୁମାନ** *ବି.* ବିଶେଷ ସମାଦର, ଅଧିକ ଆଦର ।

**ବହୁମୁଖୀ** *ବିଂ.* ୧. ଅନେକ ଦିଗବ୍ୟାପୀ ୨. ବହୁଧାରଣାବିଶିଷ୍ଟ ୩. ବିଭିନ୍ନ ବିଭାଗସମ୍ପନ୍ନ ; *ବି.* ବହୁମୁଖିତା ।

**ବହୁମୂତ୍ର** *ବି.* ଅଳ୍ପ ପରିମାଣରେ ଘନଘନ ପରିସ୍ରା ହେଉଥିବା ରୋଗ ବିଶେଷ, ମଧୁମେହ ।

**ବହୁମୂଲ୍ୟ** *ବିଂ.* ଅତ୍ୟନ୍ତ ବା ଅଧିକ ଦାମିକା।

**ବହିରାଗତ** *ବିଂ.* ବାହାରୁ ଆସିଥିବା, ବାହାରକୁ ଆସିଥିବା ।

**ବହିରାବରଣ** *ବି.* ବାହାରର ଆଚ୍ଛାଦନ, ପୋଷାକ ।

**ବହୁରାଶିକ** *ବିଂ.* ଅନେକ ରାଶିବିଶିଷ୍ଟ; *ବି.* ଗଣିତର ପ୍ରଣାଳୀ ବିଶେଷ ।

**ବହୁରୁଣି** *ବି.* ଶ୍ରୀମନ୍ଦିରରେ ବ୍ୟବହୃତ ବସ୍ତ୍ର ବିଶେଷ ।

**ବହୁରୂପ** *ବି.* ୧. ନାନାରୂପ, ନାନାବେଶ, ନାନାମୂର୍ତ୍ତି ୨. ଏଣ୍ଡୁଅ ।

**ବହୁରୂପା** *ବି.* ଦୁର୍ଗା ; *ବିଂ.* ଛଳନାପ୍ରିୟ ।

**ବହୁରୂପୀ** *ବିଂ.* ନାନାରୂପ ଧାରଣକାରୀ, ଯେ ନାନାପ୍ରକାର ରୂପ ଧରି ଲୋକଙ୍କ ମନରେ ଆନନ୍ଦ ଦିଏ ଅଥବା ଠକେ, ପ୍ରତାରଣା କରେ ।

**ବହୁଳ** *ବିଂ.* ପ୍ରଚୁର, ଅଧିକ ।

**ବହୁଳତା** *ବି.* ପ୍ରଚୁରତା, ଆଧିକ୍ୟ ।

**ବହୁଶାଖ** *ବିଂ.* ଅନେକ ଶାଖା ବା ଡାଳବିଶିଷ୍ଟ ।

**ବହୁ ସଂଖ୍ୟକ** *ବିଂ.* ସଂଖ୍ୟାରେ ଅନେକ, ଅନେକ ସଂଖ୍ୟାଯୁକ୍ତ ।

**ବହୁସ୍ୱାମିକ** *ବିଂ.* ଯାହାର ଅନେକ ସ୍ୱାମୀ, ପ୍ରଭୁ ବା ମାଲିକ ।

**ବହେ** *ବିଂ.* ବହୁତ, ଅନେକ; *କ୍ରି.ବିଂ.* ପ୍ରଚୁର ପରିମାଣରେ ।

**ବହେନ୍** *ବି.* ଭଉଣୀ, ଭଏନ୍, ବହିନ୍ ।

**ବହ୍ନି** *ବି.* ୧. ଅଗ୍ନି, ନିଆଁ ୨. ଦାହକଶକ୍ତି ।

**ବହ୍ନିଜ୍ୱାଳା** *ବି.* ନିଆଁର ତାପ, ନିଆଁର ଆଞ୍ଚ ବା ଧାସ ।

**ବହ୍ନିସଂସ୍କାର** *ବି.* ଶବଦାହ ।

**ବହ୍ୱାଡ଼ମ୍ବର** *ବି.* ବହୁତ ଜାକଜକମ, ଅନେକ ଆଡ଼ାଚୌଡା ।

**ବହ୍ୱାରମ୍ଭ** *ବି.* ବୃଥା ଆଡ଼ମ୍ବର, ଖୁବ ଜାକ ଜମକରେ ଆରମ୍ଭ, ଖୁବ୍ ଘଟାଟୋପରେ ଆରମ୍ଭ ।

**ବକ୍ଷ** *ବି.* ୧. ଛାତି, ବୁକୁ, ହୃଦୟ ୨. ଉପର, ପୁରୋଭାଗ ।

**ବକ୍ଷୋଜ** *ବି.* ସ୍ତନ, କୁଚ, ପୟୋଧର ।

**ବକ୍ଷ୍ୟମାଣ** *ବିଂ.* କୁହାଯାଉଥିବା, ଜଣାଇ ଦିଆଯାଇଥିବା, ଯାହା ବୋଲାଯାଇଅଛି ।

**ବାଁ** *ବିଂ.* ୧. ନିଷ୍ଫଳ, ବ୍ୟର୍ଥ, ପଣ୍ଡ ୨. ବାମ, ଡ଼େବ୍‌ରି ।

**ବାଁକାଲିଆ** *ବିଂ.* କାଇଦାରେ ଖସି ଯାଉଥିବା ।

**ବାଂଶ** *ବିଂ.* ବାଉଁଶ ।

**ବା** *ଅ.* ଅଥବା, କିମ୍ବା, ବିକଳ୍ପ ; *ବି.* ବାପା, ପିତା ।

**ବାଆଁ, ବାଁ** *ବି.* ବାମପାଖ, ଡେବିରି ପାଖ ; *ବିଂ.* ବାମ ପାଖରେ ଥିବା (ବିପ-ଡାଆଁ, ଡାହାଁ, ଭୁଜ୍‌ନି ) ।

**ବାଆଁନ୍‌ବା** *କ୍ରି.* ନାପସନ୍ଦ କରିବା, ବାହୁନିବା ।

**ବାଆଁରା** *ବି.* କ୍ଷୀରପିଆ ବାଛୁରୀମୁହଁରେ ବନ୍ଧାଯାଉଥିବା ତିନିକୋଣିଆ କାଠି ତିଆରି ବାରେଣୀ ବିଶେଷ; *ବିଂ.* ଲକ୍ଷ୍ୟହୀନ ଭାବରେ ବୁଲୁଥିବା, ବୁଲା ।

**ବାଆଁରାଗୋଡ଼ିଆ** *ବି.* ଆଘାତପ୍ରାପ୍ତ ବା ରୋଗିଣା ବାମଗୋଡ଼ ।

**ବାଆଁରେଇବା** *କ୍ରି.* ବାହାନା ଦେଖାଇ ଭୁଲାଇବା, ଛଳେଇବା ।

**ବାଆ** *ବି.* ୧. ପବନ ୨. ବତାସ ।

**ବାଆଣ** *ବି.* ବାଦକ, ବାୟକ, ଯେ ବଜାଏ ।

**ବାଆନ, ବାଉନ** *ବି.* ବାବନ ସଂଖ୍ୟା, ୫୨ ।

**ବାଆପାଣି** *ବି.* ପାଣିପବନ ।

**ବାଇଁଶିଆ, ବାଉଁଶିଆ** *ବି.* ବାଉଁଶପାତିଆ ତିଆରି ଛୋଟ ଟୋକେଇ ।

**ବାଇ(ଈ)** *ବି.* ୧. ବାୟୁରୋଗ ୨. ବଡ଼ ଭଉଣୀ ୩. ମାଲିକାଣୀ, ଗୃହକର୍ତ୍ତ୍ରୀ ୪. ବାୟୁ ; *ବିଂ.* ପାଗଳ, ଏକାନ୍ତ ଆସକ୍ତ, ଖୁବ ସଉକ ଥିବା ।

**ବାଇଆ** *ବିଂ.* ପାଗଳା, ଅସ୍ୱାଭାବିକ ଆଚରଣ କରୁଥିବା ।

**ବାଇକ୍** *ବି.* ୧. ମଟର ସାଇକେଲ ୨. ସାଇକେଲ ।

**ବାଇଖୁଜେନ୍** *ବି.* ୧. ଏକ ପ୍ରକାର ଲତା-ଯାହାର ପତ୍ରର ଅଂଶୁ ବାଜିଲେ ଚମରେ ବିଷକ୍ରିୟା ସୃଷ୍ଟି ହୁଏ, କୁଣ୍ଡେଇ ହୋଇ ଫୁଲିଯାଏ, ବାଇଡ଼ଙ୍କ ୨. ବିଛୁଆତି ।

**ବାଇଗଣ** *ବି.* ଏକ ପ୍ରକାର ପରିବା, ବାଏଁଗନ୍ ।

**ବାଇଗଣି** *ବି.* ୧. ଧୂଆଁପତ୍ର ବିଶେଷ ୨. ବେସନବୋଳା ତେଲଛଣା ବାଇଗଣ ଫଡା ୩. ରକ୍ତିମାଯୁକ୍ତ ନୀଳବର୍ଣ୍ଣ ୪. ବାଇଗଣର ଏକପ୍ରକାର ବ୍ୟଞ୍ଜନ ।

**ବାଇଗଣୀ** *ବିଂ.* ବାଇଗଣ ଚୋପା ପରି ରକ୍ତିମାଭ ନୀଳରଙ୍ଗ ବିଶିଷ୍ଟ ।

**ବାଇଗବା,ବାଇଜଡ଼ା** *ବି.* ଜଡ଼ାଜାତୀୟ ଗଛ ଓ ତା'ର ଫଳ ।

**ବାଇଚଢ଼େଇ** *ବି.* ତାଳ, ଖଜୁରି ଅଥବା ନଡ଼ିଆ ବାହୁଙ୍ଗାରେ ସୁନ୍ଦର ବସା ତିଆରି କରି ରହୁଥିବା ଛୋଟ ଚଢ଼େଇ, ବାୟାଚଢ଼େଇ ।

**ବାଇଜ** *ବିଂ.* ସମାଜଚ୍ୟୁତ, ଏକଘରିଆ ।

**ବାଇଜହାଣ୍ଡି** *ବି.* ମୃତକର୍ମରେ ବେଳିକିଆ ରୋଷେଇ ହୋଇ ରାତିରେ ଗାଁ ମୁଣ୍ଡରେ ଉଜେଇ ଦିଆଯାଉଥିବା ହାଣ୍ଡି, ଛୁଆଁହାଣ୍ଡି, ବାଇଆଟିକା ।

**ବାଇଟ୍** *ବି.* ୧. କାମୁଡ଼ା, ଦଂଶନ ୨. ଟେଲିଭିଜନ ସମ୍ବାଦ ଆଦି ପାଇଁ ସଂକ୍ଷିପ୍ତ ବକ୍ତବ୍ୟ ।

**ବାଇଟୁଙ୍ଗୁରି** *ବିଂ.* ବାରଚାଉଳିଆ, ଇତସ୍ତତଃ ମନ କରୁଥିବା, ଅସ୍ଥିରମନା, ଅବ୍ୟବସ୍ଥିତ ଚିତ୍ତ ।

**ବାଇଡ଼ଙ୍ଗ** *ବି.* ନୀଳରଙ୍ଗର ଫୁଲ ଫୁଟୁଥିବା ଓ ଅତି ଗଲୁ କରୁଥିବା ଲତା ।

**ବାଇଣ୍ଡର** *ବି.* ବହିବନ୍ଧାଳି ।

**ବାଇଣ୍ଡିଙ୍ଗ୍** *କ୍ରି.* ବହି ବାନ୍ଧିବା ।

**ବାଇଦ** *ବି.* ବାଜା, ବାଦ୍ୟ, ଢୋଲ ।

**ବାଇଦା** *ବି.* ମାଲିମକଦମା ଶୁଣାଣିର ନିର୍ଦ୍ଦିଷ୍ଟ ତାରିଖ ।

**ବାଇଧନ** *ବି.* ୧. ଶ୍ରଦ୍ଧାସୂଚକ ସମ୍ବୋଧନର ପାତ୍ର ୨. ଦଣ୍ଡନାଟର ଜଣେ ଚରିତ୍ର ।

**ବାଇନାକୁଲର** ***ବି.*** ସ୍ୱଳ୍ପଶକ୍ତି ସମ୍ପନ୍ନ ଦୂରବୀକ୍ଷଣ ଯନ୍ତ୍ର ।

**ବାଇପାଳକ** ***ବି.*** ସୁବର୍ଣ୍ଣସୁଯୋଗ ।

**ବାଇପାସ୍** ***ବି.*** ୧. ଶାଖାମାର୍ଗ ୨. ସ୍ୱତନ୍ତ୍ର ବିକଳ୍ପ ରାସ୍ତା ୩. ଶଲ୍ୟ ଚିକିତ୍ସା ଦ୍ୱାରା ହୃତ୍‌ପିଣ୍ଡର ରକ୍ତନଳୀ ବଦଳ ।

**ବାଇବିଛ** ***ବିଂ.*** ପାଗଳ ପରି ଅସ୍ଥିର, ବ୍ୟତିବ୍ୟସ୍ତ ।

**ବାଇବିଛୁଆତି** ***ବି.*** ୧. ଅମାନିଆ, ଅବୋଲକରା ୨. ବାଇଡ଼ଙ୍କ ।

**ବାଇବେଲ** ***ବି.*** ଖ୍ରୀଷ୍ଟିୟାନମାନଙ୍କ ଧର୍ମଗ୍ରନ୍ଥ ।

**ବାଇରି** ***ବିଂ. ବି.*** ପାଗଳିନୀ, ବାଇଆଣୀ ।

**ବାଇଶଠେଙ୍ଗ** ***ବି.*** ସ୍ନେହପୂର୍ଣ୍ଣ ଗାଳି ବିଶେଷ ।

**ବାଇଶପଳ** ***ବିଂ.*** ଓଜନିଆ, ସମର୍ଥ ।

**ବାଇଶି ପାହାଚ** ***ବି.*** ଶ୍ରୀମନ୍ଦିର ସିଂହଦ୍ୱାର ଗୁମୁଟରୁ କୂର୍ମବେଢ଼ା ରୋଷ ଆଡ଼ ଓ ଆନନ୍ଦବଜାର ଯିବା ନିମନ୍ତେ ପାହାଚ।

**ବାଇସ** ***ବି.*** ସ୍ଥିରତା, ପ୍ରାସଙ୍ଗିକତା (ବାଗବାଇସ) ।

**ବାଇସାଇକେଲ** ***ବି.*** ଦୁଇଚକବିଶିଷ୍ଟ ସାଇକେଲ ଗାଡ଼ି ବିଶେଷ, ଶୂନଗାଡ଼ି, ବାଇକ୍ ।

**ବାଇସୋଡ଼ା** ***ବି.*** ଖାଇବାସୋଡ଼ା ।

**ବାଇସ୍କୋପ** ***ବି.*** ଚଳଚ୍ଚିତ୍ର, ସିନେମା ।

**ବାଈ** ***ବି.*** ୧. କାମବାଲି ୨. ବେଶ୍ୟା ୩. ଅପା, ନାନୀ ୪. ଭାରତର କେତେକ ଅଞ୍ଚଳରେ ମହିଳାଙ୍କ ସାଙ୍ଗିଆ ।

**ବାଈ ହାଣ୍ଡି** ***ବି.*** ଶ୍ରୀମନ୍ଦିରରେ ବ୍ୟବହୃତ ସବୁଠୁ ବଡ଼ ହାଣ୍ଡି ।

**ବାଉଁଆ** ***ବିଂ.*** ବାଆଁ ହାତ ଯାହାର ଅଧିକ କ୍ରିୟାଶୀଳ ।

**ବାଉଁଳିବା** ***କ୍ରି.*** ପ୍ରଳାପ କରିବା, ଏଣୁତେଣୁ ବକିବା ।

**ବାଉଁଶ** ***ବି.*** ତୃଣଜାତୀୟ ଉଚ୍ଚ ଗଛ ।

**ବାଉଁଶକୀଳା** ***ବି.*** ବାଉଁଶର ତିଆରି ଏକ ପଟ ଗୋଜିଆ ଛୋଟ ଖୁଣ୍ଟି ।

**ବାଉଁଶକୁଣ୍ଡି** ***ବି.*** ବାଉଁଶ ତିଆରି ଟୋକେଇ ।

**ବାଉଁଶରାଣୀ** ***ବି.*** ବାଉଁଶ ଉପରେ ଖେଳ ଦେଖାଉଥିବା ନାରୀ, ଟାଙ୍ଗଚଢ଼ା ନାଟ ଦେଖାଉଥିବା ଝିଅ ; କେଳାମାନେ ବାଉଁଶ ପୋତି, ବାଉଁଶ ଅଗରେ କାଠର ଗୁଳା ଥୋଇ ତା ଉପରେ ତାଲିମ ପାଇଥିବା ଝିଅ ତାର ନାହି ରଖି ଦେଖାଉଥିବା କ୍ରୀଡ଼ା ।

**ବାଉଁଶିଆ** ***ବି.*** ବାଉଁଶପାତିଆ ତିଆରି ବଡ଼ ଭୋଗେଇ, ପାଛିଆ ।

**ବାଉଁସା** ***ବି.*** ଚାଳଘରର ରୁଅ ।

**ବାଉନା** ***ବି.*** ୧. ନାପସନ୍ଦ ୨. ଉଚ୍ଚସ୍ୱରରେ କାନ୍ଦିବା, କାନ୍ଦିବା, ବାହୁନା ।

**ବାଉନିବା** ***କ୍ରି.*** ୧. ନାପସନ୍ଦ କରିବା ୨. ବାହୁନିବା ।

**ବାଉରି** ***ବି.*** ପଛୁଆବର୍ଗର ଜାତି ବିଶେଷ ।

**ବାଉଳା, ବାଉଛା** ***ବିଂ.*** ଭ୍ରାନ୍ତିକାରକ ଆଚରଣ, ବିଚଳିତ ଭାବ, ବିଚଳିତ ଭ୍ରମ ; ***ବି.*** ୧. ପ୍ରଳାପ ବଚନ ୨. ମାୟା, ଭୁଲ, ପ୍ରମାଦ ।

**ବାଉଳି** ***ବି.*** ୧. ପ୍ରଳାପ, ଏଆଡୁ ସେଆଡୁ ଅର୍ଥଶୂନ୍ୟ ବାକ୍ୟାଳାପ ୨. ଅଳ୍ପ ପରିମାଣର ଗୁଡ଼ମିଶ୍ରିତ ଉଖୁଡ଼ା ।

**ବାଉଳିବା** ***କ୍ରି.*** ୟାଡୁସିଆଡୁ ବକିବା, ଅଣ୍ଡସଣ୍ଡ ବକିବା, ବାଚାଳତା ପ୍ରକାଶ କରିବା ।

**ବାଉଲି** ***ବି.*** ପାଣି ପର୍ଯ୍ୟନ୍ତ ପାହାଚଥିବା ବଡ଼କୂଅ ।

**ବାଏଁ ବାଏଁ** ***କ୍ରି.ବିଂ.*** ୧. ବାମ ପଟରେ ୨. ବାହାରେ ବାହାରେ ୩. ପ୍ରଭାବହୀନ ଭାବରେ ୪. ପବନରେ ଉଡ଼ିଯାଉଥିବା ।

**ବାଏରି** ***ବି.ବିଂ.*** ଶଗଡ଼ ଆଦିରେ ଡାହାଣପଟେ ଯୋଚା ବଳଦ ବା ପୋଢ଼।

**ବାକ୍** ***ବି.*** ୧. କଥା, ବାଣୀ, ବଚନ ୨. ବିଦ୍ୟା ୩. ସରସ୍ୱତୀ ।

**ବାକ୍‌ଚାତୁରୀ** ***ବି.*** ୧. ଛଳଉକ୍ତି ୨. ପ୍ରଭାବପୂର୍ଣ୍ଣ କଥନଶୈଳୀ ।

**ବାକ୍‌ଛଳ** ***ବି.*** ଛଳନାପୂର୍ଣ୍ଣ ଉକ୍ତି ।

**ବାକ୍‌ଜାଲ, ବାଗ୍‌ଜାଲ** ***ବି.*** କଥାର ଫାନ୍ଦ, କଥାଛଳ, ବାକ୍‌ଚାତୁରୀ ।

**ବାକ୍‌ଦାନ** ***ବି.*** ବିବାହ ନିର୍ବନ୍ଧ ।

**ବାକ୍‌ପଟୁ** ***ବିଂ.*** କଥା କହିବାରେ ବା ବକ୍ତୃତା ଦେବାରେ ଦକ୍ଷ ବା ପାରଗ ; ***ବି.*** ବାକ୍‌ପଟୁତା ।

**ବାକ୍‌ବିତଣ୍ଡା** ***ବି.*** କଥା କଟାକଟି, ସଙ୍ଗତିହୀନ ଆଲୋଚନା, ଉଚ୍ଚବାଚ ।

**ବାକ୍‌ଯୁଦ୍ଧ** ***ବି.*** କଥା କଟାକଟି, ବଚସା ।

**ବାକ୍‌ଶକ୍ତି** ***ବି.*** ଉଚ୍ଚାରଣ/ ଭାବ ପ୍ରକାଶରେ ଚାତୁର୍ଯ୍ୟ, କଥା କହିପାରିବାର ସାମର୍ଥ୍ୟ ।

**ବାକ୍‌ସଗଛ** ***ବି.*** ଏକ ପ୍ରକାର ପତ୍ରଯୁକ୍ତ ଉଦ୍ୟାନଶୋଭୀ ଗଛ, ଅଳଙ୍କରଣ ଗଛ ।

**ବାକ୍‌ସର୍ବସ୍ୱ** ***ବିଂ.ବି.*** ଫମ୍ପା କଥାକୁହା ବ୍ୟକ୍ତି, କୁହାଳିଆ, ଗାଲୁଆ ।

**ବାକ୍‌ସିଦ୍ଧ** ***ବିଂ.*** ୧. କଥା ଓ କାର୍ଯ୍ୟରେ ଭିନ୍ନତା ନଥିବା (ବ୍ୟକ୍ତି) ୨. ଯାହାଙ୍କ କଥା ଅବଶ୍ୟ ଫଳେ ।

**ବାକ୍‌ସ୍ଫୂର୍ତ୍ତି** ***ବି.*** ତୁଣ୍ଡ ଖୋଲିବା, ପାଟି ଖୋଲିବା, କଥା କହିବା ।

**ବାକି** ***ବି.*** ୧. ଅବଶିଷ୍ଟ, ଉଦ୍‌ବୃତ୍ତ, ବଳକା ଅଂଶ ବା ଧନ ୨. କାଲି, ପରିଶୋଧ କରି ପାରିନଥିବା ଦେୟ ୩. ଉଧାର ; ***ବିଂ.*** ୧. ଅତିରିକ୍ତ ୨. ଆଦାୟ ହୋଇନଥିବା ।

**ବାକିଆ** ***ବିଂ.*** ବାକିଥିବା, ଅନାଦେୟ ରହିଥିବା ।

**ବାକୁଲା ଉଠିବା** ***କ୍ରି.*** ଦୁର୍ବଳତା ହେତୁ ଗୋଡ଼ର ମାଂସପେଶୀ ଘୋଳାବିନ୍ଧା ହେବା ।

**ବାକୁଲି** ***ବି.*** ୧. ଶଗଡ଼ ଯୁଆଳିର ଦୁଇ ପାର୍ଶ୍ୱ ରନ୍ଧ୍ରରେ ଦିଆଯାଉଥିବା କୀଳା ୨. ମାଂସପେଶି ଟାଣିହେବା ଯୋଗୁଁ ବେଦନା ୩. ପାଚିରି ଘେରା ଅଗଣା ବା ଘର ।

**ବାକ୍ୟ** ***ବି.*** ୧. ବଚନ ୨. ପ୍ରତିଶ୍ରୁତି ୩. ବକ୍ତବ୍ୟର ପୂର୍ଣ୍ଣତାସୂଚକ ଅଂଶ ।

**ବାଖିନିବା** ***କ୍ରି.*** ନାପସନ୍ଦ କରିବା ।

**ବାଖର** ***ବି.*** ପ୍ରାଚୀନ କାଳର ଏକ ପ୍ରକାରର କବିତା ରଚନା ଶୈଳୀ ।

**ବାଗ୍‌ଦତ୍ତା** *ବି.* ବିବାହପାଇଁ କଥା ଦିଆଯାଇଥିବା ଓ ମନୋନୀତା କୁମାରୀ ।

**ବାଗ୍‌ଦେବୀ** *ବି.* ସରସ୍ୱତୀ, ବିଦ୍ୟାର ଦେବୀ ।

**ବାଗ୍‌ବିତଣ୍ଡା** *ବି.* କଥାକଟାକଟି, ଯୁକ୍ତିତର୍କ, ଉଚ୍ଚବାଚ ।

**ବାଗ** *ବି.* ୧. କୌଶଳ, ସୂତ୍ର, ଖଞ୍ଜ ୨. ଲଗାମ, ଶୃଙ୍ଖଳା ୩. ସୁବିଧା ୪. ବଡ଼ ବଗିଚା ୫. ରୀତି, ଶୈଳୀ ।

**ବାଗବରଗ** *ବି.* ଶୃଙ୍ଖଳା, ଠାଣିମାଣି ।

**ବାଗାଡ଼ମ୍ବର** *ବି.* ୧. କଥାର ବାହୁଲ୍ୟ, କଥାର ଛଟା, କଥାଚାତୁରୀ ୨. ସମ୍ପର୍କହୀନ ବକ୍ତବ୍ୟ ।

**ବାଗି** *ବି.* ୧. ପିଚ୍ଛୁଳି, ଗିଲ୍‌ଟି, ଜଙ୍ଘ ଖୋଲର ଫୁଲା ମାଂସପିଣ୍ଡ ୨. ଜେଲ୍ ଫେରନ୍ତା ବଡ଼ ଦୋଷୀ, ଦାଗୀ ୩. ବିଦ୍ରୋହୀ ।

**ବାଗିର୍** *ଅ.* ୧. ଭଳି, ସଦୃଶ, ପରି ୨. ଅନୁସାରେ ।

**ବାଗୁଡ଼ି** *ବି.* ଡୁଡୁଖେଳ, ଝିମିଟି ଖେଳ, କିତିକିତି ଖେଳ, ବାଘବକରି ବା ବାଘଛେଳି ଖେଳ ।

**ବାଗୁରା** *ବି.* ଜାଲ, ଫାନ୍ଦ ।

**ବାଗେଇବା** *କ୍ରି.* ୧. ସୁଧାରିବା ୨. କୌଶଳରେ ଆୟତ୍ତ କରିବା ୩. ସଜାଡ଼ିବା ୪. ଶୃଙ୍ଖଳିତ କରିବା ।

**ବାଗେନା** *ବି.* ଫଳଫୁଲରେ ପରିପୂର୍ଣ୍ଣ ଭୂମି, ବଗିଚା, ବାଗାନ୍ ।

**ବାଗ୍ମିତା** *ବି.* ସୁଚିନ୍ତିତ ବକ୍ତୃତା ଦେବାର ଶକ୍ତି, ଭାଷଣପଟୁତା ।

**ବାଘ** *ବି.* ବ୍ୟାଘ୍ର, ହିଂସ୍ର ଶ୍ୱାପଦଜାତୀୟ ଜୀବ ।

**ବାଘନଖୀ** *ବି.* ୧. ଏକ ପ୍ରକାର ଗୁଳ୍ମ – ଯେଉଁ ଗୁଳ୍ମର ଅଗ୍ରଭାଗରେ ବାଘନଖ ପରି ଦୁଇଟି ମୁନିଆ ବଙ୍କା କଣ୍ଟା ଥାଏ ୨. ଗୋଳଯୁଦ୍ଧରେ ବ୍ୟବହୃତ ଏକ ପ୍ରକାର ମାରଣାସ୍ତ୍ର ।

**ବାଘା** *ବିଂ.* ୧. ବାଘପରି ଭୟଙ୍କର ୨.ଅତ୍ୟନ୍ତ ପୌରୁଷବ୍ୟଞ୍ଜକ ।

**ବାଘୁଆ** *ବି.* ମାଟିଆ ରଙ୍ଗର ଲଜୁଆ ମହୁମାଛି ; *ବିଂ.* ବାଘପରି ।

**ବାଘୁଆନିଶ** *ବିଂ.* ମୋଟା ଓ ବିରାଟ ମୁଛ ।

**ବାଘୁଆ ବାନ୍ଧିବା** *କ୍ରି.* ଦିଅଁଙ୍କ ଭୋଗ ପ୍ରସ୍ତୁତ ବେଳେ ପ୍ରସ୍ତୁତକର୍ତ୍ତା ପାଟି ନାକ ଓ କାନକୁ କପଡ଼ାରେ ବାନ୍ଧିବା ।

**ବାଘୁଆ ମାଛି** *ବି.* ବିରୁଡ଼ି ଭଳି ଏକପ୍ରକାରର ମହୁମାଛି ।

**ବାଙ୍କ** *ବିଂ.* ବକ୍ର, ମୋଡା, ଟେରେଛା ; *ବି.* ମୋଡ଼, ଅର୍ଦ୍ଧଚନ୍ଦ୍ର ଆକୃତି ।

**ବାଙ୍କଚାହାଣି** *ବି.* ଟେରଛା ନଜର, କଣେଇ ଚାହିଁବା, ତିର୍ଯ୍ୟକ ଚାହାଣି ।

**ବାଙ୍କଡା** *ବିଂ.* ବଙ୍କେଇ ହୋଇଥିବା ।

**ବାଙ୍କନଳ(ଳି)** *ବି.* ଫୁଙ୍କାନଳ ।

**ବାଙ୍କଶାଳ** *ବି.* ଜାହାଜରେ ଜଞ୍ଜିର ଆଦି ରହିବା କୋଠରି ।

**ବାଙ୍କିଆ** *ବି.* ୧. ଏକପ୍ରକାର ପାଦବଳା ୨. ଏକ ପ୍ରକାରର ସବାରି ।

**ବାଙ୍କୁଲିବାଡ଼ି** *ବି.* ଅଗବଙ୍କା ବାଡ଼ି , ବଙ୍କାମୁଠିଆ ବାଡ଼ି ।

**ବାଙ୍ଗର, ବାଙ୍ଗରା** *ବିଂ.* ସ୍ୱାଭାବିକ ଉଚ୍ଚତାଠାରୁ କମ୍, ଗେଡ଼ା, ବୁଟ୍‌କା, ଖର୍ବକାୟ, ବୁଠି ।

**ବାଙ୍ମୟ** *ବିଂ.* ଶବ୍ଦମୟ, ବାକ୍‌ଦ୍ୱାରା ଗଠିତ, ଶବ୍ଦରେ ରଚିତ ।

**ବାଙ୍ମୟୀ** *ବି.* ସରସ୍ୱତୀ, ବିଦ୍ୟାର ଅଧିଷ୍ଠାତ୍ରୀ ଦେବୀ ।

**ବାଚକ** *ବିଂ.* ୧. ବକ୍ତା, ବୋଧକ, କଥକ, ଭାଷକ ୨. ପୁରାଣ ପଣ୍ଡା (*ସ୍ତ୍ରୀ.* ବାଚିକା) ୩. ସୂଚକ ।

**ବାଚନିକ** *ବିଂ.* ୧. ମୌଖିକ, ବାଚିକ ୨. ନିରର୍ଥକ ।

**ବାଚସ୍ପତି** *ବି.* ୧. ବୃହସ୍ପତି ୨. ବିଧାନସଭାର ଅଧ୍ୟକ୍ଷ ୩. ବିଦ୍ୱାନ ।

**ବାଚାଟ, ବାଚାଳ** *ବିଂ.* ଭଡଭଡ଼ିଆ, ବକର୍‌ବକର୍ ହେଉଥିବା ।

**ବାଚିକ** *ବିଂ.* ବଚନ ସମ୍ବନ୍ଧୀୟ ।

**ବାଚ୍ୟ** *ବି.* କ୍ରିୟା ସହିତ ବାକ୍ୟରେ ଥିବା କର୍ତ୍ତାଆଦିର ସମ୍ବନ୍ଧ ; *ବିଂ.* ୧. ନିନ୍ଦନୀୟ ୨. ଗଣ୍ୟ ୩. କଥନଯୋଗ୍ୟ, ବାକ୍ୟରେ ପ୍ରକାଶଯୋଗ୍ୟ ।

**ବାଛ** *ବି.* ମନପସନ୍ଦ ହେବା ।

**ବାଛନ୍ଦ** *ବି.* ୧. ବାସନ୍ଦ, ପରିବାର ବା ସମାଜଠାରୁ ଅଲଗା କରିଦେବା ୨. ନିଷେଧ ୩. ତ୍ୟକ୍ତସମ୍ପର୍କ ।

**ବାଛବିଚାର** *ବି.* ଭଲମନ୍ଦ ବାରିବା ।

**ବାଛରା** *ବି.* ୧. ଦୁଧଖିଆ ପିଲାଙ୍କ ଅଜୀର୍ଣ୍ଣ ଝାଡ଼ାରୋଗ ୨. ଘୋଡ଼ାଛୁଆ ୩. ବାଛଡ଼ା, ବସ୍ରା ।

**ବାଛି** *ବି.* ମାଇବାଛୁରୀ ।

**ବାଛିବା** *କ୍ରି.* ୧. ମନୋନୀତ କରିବା ୨. ବେଦରକାରୀ ଜିନିଷକୁ ଅଲଗାକରିବା ୩. କ୍ଷେତରୁ ଘାସ ଉପାଡ଼ିବା ୪. ଦୋଷଗୁଣ କାଢ଼ିବା ।

**ବାଛୁରି, ବାଛୁରୀ** *ବି.* ଗାଈଛୁଆ ।

**ବାଜ** *ବି.* ୧. ଛଞ୍ଚାଣ, ଶ୍ୟେନପକ୍ଷୀ, ଶିକାରୀ ପକ୍ଷୀ ବିଶେଷ ୨. ଶରର ପକ୍ଷ ୩. ଥର, ପାଳି (ପହିଲି ବାଜ) ୪. ପାଟିରୁ ବାହାରୁଥିବା ଫେଣ ।

**ବାଜଣା** *ବି.* ବାଦ୍ୟ ବାଜିବା, ବାଦନ, ବାଦ୍ୟ ।

**ବାଜରା** *ବି.* ମକାଜାତୀୟ ଖାଦ୍ୟଶସ୍ୟ ବିଶେଷ ।

**ବାଜା** *ବି.* ବାଦ୍ୟଯନ୍ତ୍ର ବିଶେଷ ।

**ବାଜାବାଲା** *ବି.* ବାଜାବଜାଳି, ବାଦ୍ୟକାର ।

**ବାଜି** *ବି.* ୧. ଇନ୍ଦ୍ରଜାଲ ବିଦ୍ୟା, ଭୋଜବାଜି ୨. ଖେଳର ପାଳି/ ଦଫା ୩. ପଣ ୪. ଘୋଡା ୫. ହଟଚମଟ ।

**ବାଜିକର** *ବି.* ହାତସଫେଇ ଖେଳ ଦେଖାଉଥିବା ବ୍ୟକ୍ତି, ଯାଦୁକର, ଯେ ମ୍ୟାଜିକ ଦେଖାଏ, ମ୍ୟାଜିସିଆନ୍ ।

**ବାଜିବା** *କ୍ରି.* ୧. ବାଦ୍ୟଯନ୍ତ୍ର କ୍ରିୟାଶୀଳ ହେବା ୨. ଘଣ୍ଟାରେ ସମୟ ନିର୍ଦ୍ଦେଶ ୩. ଛୁଇଁବା, ଲାଗିବା ୪. ମାଡ଼ ମାରିବା ।

**ବାଜିମାତ୍** *ବି.* ପ୍ରତିଯୋଗିତାରେ ବିଜୟ ।

**ବାଜିମାରିବା** *କ୍ରି.* ଜିଦି ପକାଇବା, ବେଟ୍ ମାରିବା ।

**ବାଜୀକରଣ** *ବି.* ମୈଥୁନ ସାମର୍ଥ୍ୟ ବୃଦ୍ଧି ବା ରତି ବର୍ଦ୍ଧନ ପାଇଁ ଔଷଧୀୟ ଉପଚାର ।

**ବାଜୁ, ବାଜୁବନ୍ଧ** *ବି.* ବାହୁର ଝୁମୁକାଲଗା ଚଉଡ଼ା ଗହଣା ବିଶେଷ ।

**ବାଜେ** *ବିଂ.* ଅସାର, ନିକୃଷ୍ଟ, ଫାଲତୁ, ଅକାମି, ମୂଲ୍ୟହୀନ, ବୃଥା ।

**ବାଜେଣି** *ବି.* ମୃଦୁ ମଧୁର ଶବ୍ଦ କରୁଥିବା ପାଦ ଅଳଙ୍କାର, ଝୁମୁକା ଲଗା ପାଉଁଜି; *ବିଂ.* ଶବ୍ଦକାରୀ, ଧ୍ୱନିକାରୀ ।

**ବାଜ୍ୟାପ୍ତ** *ବିଂ.* ୧. ସରକାରୀସ୍ତରରେ ସମ୍ପତ୍ତିର ମାଲିକାନାରୁ ହଟାଯାଉଥିବା ୨. ଜବତ ହୋଇଥିବା ।

**ବାଞ୍ଛନୀୟ** *ବିଂ.* ଉଚିତ, ଲୋଡ଼ା ହେଉଥିବା ।

**ବାଞ୍ଛା** *ବି.* ଅଭିଳାଷ, ଇଚ୍ଛା ।

**ବାଞ୍ଛିତ** *ବିଂ.* ଇଚ୍ଛିତ, ଅଭିଳଷିତ ।

**ବାଞ୍ଛିବା** *କ୍ରି.* ଇଚ୍ଛା କରିବା ।

**ବାଞ୍ଝ** *ବି.* ବନ୍ଧ୍ୟା, ଅନୁର୍ବର, ପ୍ରଜନନ ଅକ୍ଷମ ସ୍ତ୍ରୀ, ଅଫଳନ୍ତୀ ।

**ବାଞ୍ଝକାଙ୍କଡ଼** *ବି.* ୧. ଏକ ପ୍ରକାର ଛୋଟ ଫଳ - ପାଚିଗଲେ ଗାଢ଼ ଲାଲ ଦିଶେ ଓ ଖାଦ୍ୟ ଭାବରେ ବ୍ୟବହୃତ ହୁଏ, କୁଆମଇଡା ୨. ଅଷାଢୁଆ ।

**ବାଟ** *ବି.* ୧. ପଥ, ମାର୍ଗ, ରାସ୍ତା ୨. ଉପାୟ ।

**ବାଟ ଓଗାଳିବା** *କ୍ରି.* ୧.ପଥରୋଧ କରିବା ୨. ପ୍ରତିବନ୍ଧକ ସୃଷ୍ଟି କରିବା।

**ବାଟଓଷା** *ବି.* ପୁଷମାସ ଅନ୍ଧାର ପକ୍ଷ ଦ୍ୱିତୀୟା ତିଥିର ଦାଣ୍ଡ ପହଁରି ରାତିରେ ଗାତଖୋଳି ଯମପୂଜା ନିମିତ୍ତ କରାଯାଉଥିବା ଓଷା ।

**ବାଟ କଢ଼ାଇବା** *କ୍ରି.* ୧. ବାଟ ବତେଇବା ୨.ଉପାୟ ବାହାର କରିବା ।

**ବାଟକୁ ଯିବା** *କ୍ରି.* ଯାତ୍ରୀ ସଂଗ୍ରହ ଓ ବକେୟା ଅସୁଲି ପାଇଁ ଶ୍ରୀମନ୍ଦିରର ପଣ୍ଡା ବା ଗୁମାସ୍ତାମାନେ ଦୂରଦୂରାନ୍ତକୁ ଯିବା ।

**ବାଟଖରଚ** *ବି.* ୧. ପଥ ମଧ୍ୟରେ କରାଯାଉଥିବା ବ୍ୟୟ ୨. ବରଯାତ୍ରୀମାନଙ୍କ ପାଇଁ ଯାନବାହାନାଦିରେ କନ୍ୟାଘର ଦେଉଥିବା ଗସ୍ତଖର୍ଚ୍ଚ ।

**ବାଟଘର** *ବି.* ଦାଣ୍ଡଘର, ମେଲାଘର, ଡ୍ରଇଂରୁମ୍ ।

**ବାଟଘାଟ** *ବି.* ପଥ ଓ ତୁଠ, ସବୁଆଡ଼ ।

**ବାଟ ଛାଡ଼ିବା** *କ୍ରି.* ପଥ ଖୋଲିଦେବା, ଦୂରେଇଯିବା ।

**ବାଟଣ** *ବି.* ଯାହା ଶିଳରେ ପେଷାଯାଇ ଚିକ୍କଣ କରାଯାଏ ।

**ବାଟଣା** *ବି.* ବଟା ମସଲା ।

**ବାଟବଣା** *ବି.* ପଥ ହୁଡ଼ିଥିବା, ଭୁଲ ବାଟରେ ଯାଉଥିବା ।

**ବାଟବରଣ** *ବି.* ୧. ଆଗନ୍ତୁକଙ୍କୁ ସମ୍ମାନର ସହ ପାଛୋଟି ଆଣିବା ୨. ବିବାହ ଦିନ ବରକୁ ଦାଣ୍ଡରୁ ବରଣ କରି ବେଦିକୁ ଆଣିବା ।

**ବାଟ ବଳେଇ ଦେବା** *କ୍ରି.* ବନ୍ଧୁ ବିଦାୟ ବେଳେ କିଛିବାଟ ତାଙ୍କ ସହିତ ଯିବା ।

**ବାଟମାରଣା** *କ୍ରି.* ମଝିରୁ ମାରିନେବା, ହଡ଼ପ କରିବା ।

**ବାଟହୁଡ଼ା** *ବିଂ.* ଦିଗ ବାଉଳା ; *ବି.* ଜମିର ଉଚ୍ଚ ହିଡ଼ରାସ୍ତା ।

**ବାଟି** *ବି.* ୧. ଛୋଟ କଂସାପାତ୍ର, ଗିନା ୨. କୋଡ଼ିଏ ଏକର ପରିମିତ ଭୂମି ୩. ଖେଳରେ ବ୍ୟବହୃତ କାଚ / ଚିନାମାଟିରେ ତିଆରି ଗୁଳି ।

**ବାଟିକା** *ବି.* ବଗିଚା, ଉଦ୍ୟାନ ।

**ବାଟିଖେଳ** *ବି.* ଗୁଲିଖେଳ ।

**ବାଟିବା** *କ୍ରି.* ଶିଳରେ ମସଲା ଓ ଭିଜା ଶସ୍ୟାଦି ବାଟି ଚିକ୍କଣ କରିବା ।

**ବାଟୁଳା** *ବି.* ୧. ଗୁଳା, ଗୋଲାକାର ପିଣ୍ଡ ୨. ଡାଲି ଜାତୀୟ ଶସ୍ୟ ବିଶେଷ ।

**ବାଟୁଳି** *ବି.* ଛୋଟ ବାଟୁଳା, ମାଟିର ଗୋଟାଳି, ଲୌହାଦିର ଗୁଳି ।

**ବାଟୁଳିଖଡ଼ା** *ବି.* ବାଟୁଳା ମରା ଛିଟିକିଣି ।

**ବାଟୁଳି ନ ବାଜିବା** *କ୍ରି.* ଅବାଧ କହି ଚାଲିବା ।

**ବାଟେଇ ନେବା** *କ୍ରି.* ବାଟ କଢ଼େଇ ନେବା ।

**ବାଟୋଇ, ବାଟୁଆ** *ବି.* ବାଟଚଲା ଲୋକ, ପଥିକ, ପଥଚାରୀ, ରାହୀ ।

**ବାଟୋଇ ନେବା** *କ୍ରି.* ୧. ଫେରିବା ଲୋକ ସାଙ୍ଗରେ କିଛି ଦୂର ଯିବା, ବଳେଇଦେବା ୨. ବିସର୍ଜନ ଦେବା, ତ୍ୟାଗ କରିବା ୩. ରାସ୍ତା ଦେଖାଇଦେବା ।

**ବାଡ଼, ବାଡ଼ା** *ବି.* ୧. ସୀମାଘେରା ୨. ସୀମା, ସଂଗତି, ମର୍ଯ୍ୟାଦା ୩. ପୁରୀ ମନ୍ଦିରରେ ତିନି ଠାକୁରଙ୍କପାଇଁ ନିଯୁକ୍ତ ନିର୍ଦ୍ଦିଷ୍ଟ ସେବକ ଓ ସେମାନଙ୍କ ଦାୟିତ୍ୱ ୪. ଖଟ, ପଲଙ୍କ ଓ ଡଙ୍ଗା ଆଦିର ଚାରିପାଖର ବେଢ଼ଣ ୫. ଆବରଣ, ଘେର ।

**ବାଡ଼ବ** *ବି.* ସମୁଦ୍ରାଗ୍ନି, ବଡ଼ବା ।

**ବାଡ଼ବାଗ୍ନି** *ବି.* ସମୁଦ୍ରରୁ ବାହାରୁଥିବା ଅଗ୍ନି, ବାଡ଼ବାନଳ ।

**ବାଡ଼ବତା** *ବି.* ସୌଜନ୍ୟ, ଶୃଙ୍ଖଳାଜ୍ଞାନ ।

**ବାଡ଼ବନ୍ଦୀ** *ବିଂ.* ବାଡ଼ ଦେଇ ବନ୍ଦ କରାଯାଇଥିବା ।

**ବାଡ଼ି** *ବି.* ୧. ଯଷ୍ଟି ୨. ଲାଠି ୩. ହଇଜା ୪. ଆବଦ୍ଧ ଜମି ।

**ବାଡ଼ିଆ,ବାଡ଼ା** *ବି.* ପିଟିବା କାର୍ଯ୍ୟ ।

**ବାଡ଼ିଆଡ଼** *ବି.* ଘର ପଛପଟ ଜାଗା।

**ବାଡ଼ିକି** *ବି.* ୧. ଦୂର ଜାଗାରେ ମଳତ୍ୟାଗ ୨. ବାଡ଼ି ଆଡ଼କୁ ।

**ବାଡ଼ିକି ମାଡ଼ିବା** *କ୍ରି.* ଝାଡ଼ା ମାଡ଼ିବା ।

**ବାଡ଼ିଖିଆ** *ବି.* ୧. ଅଭିଶାପ ସୂଚକ ଗାଳି ୨. ହଇଜାରେ ମରିଥିବା ବ୍ୟକ୍ତି, *ସ୍ତ୍ରୀ.* ବାଡ଼ିଖାଇ ।

**ବାଡ଼ିଖେଳ** *ବି.* ଫଡ଼ିଖେଳ, ଲଉଡ଼ିଖେଳ, ପାଇକମାନଙ୍କ ଲାଠିଖେଳ ।

**ବାଡ଼ିଗବ, ବାଡ଼ିଗବା** *ବି.* ବାଇଗବା, ବାଇଜଡା ।

**ବାଡ଼ିପଡ଼ା** *ବି.* ଗାଳି ବିଶେଷ ।

**ବାଡ଼ିପଝାଡ** *ବି.* ବାଡ଼ିଅଗଣା, ବାଡ଼ିର ପ୍ରଶସ୍ତ ପଛପାଖ ।

**ବାଡ଼ିପଶା** *ବି.* ଅଭିସମ୍ପାତ ବିଶେଷ, ଶୋଧା, ଗାଳି ବିଶେଷ ।

**ବାଡ଼ିପୋଡ଼ା** *ବି.* ଗାଳି ବିଶେଷ, ବାଡ଼ିଖିଆ ।

**ବାଡୁଅ, ବାଡୁଆ** *ବିଂ.* ବାହା ହୋଇଥିବା, ବିବାହିତ ।

**ବାଡୁଅପାଣି** *ବି.* ବାହାପାଣି ।

**ବାଢ଼ୁନି** *ବି.* ଝାଡୁ, ପହଁରା, ବାଢୁନ୍ ।

**ବାଢ଼ୁଣିଆ** *ବି.* ପରଷିବା ଲୋକ ।

**ବାଢ଼ିବା** *କ୍ରି.* ୧. ପରଷିବା, ଭାତ ତିଅଣାଦିକୁ ଖାଇବା ପାତ୍ରରେ ଦେବା ୨. ଉପସ୍ଥାପନ କରିବା ।

**ବାଢ଼ୁନ୍** *ବି.* ଝାଡୁ, ପହଁରିବା ପାଇଁ ବ୍ୟବହୃତ ଉପକରଣ ।

**ବାଢୁଣୀ** *ବି.* ପହଁରା, ଛାଞ୍ଚୁଣି, ବାଢୁନ୍, ସମ୍ମାର୍ଜନୀ ।

**ବାଣ** *ବି.* ୧. ଆତସବାଜି ବିଶେଷ ୨. ଅନ୍ୟର କ୍ଷତି ବା ଅନିଷ୍ଟପାଇଁ ତାନ୍ତ୍ରିକଦ୍ୱାରା ପ୍ରୟୋଗ କରାଯିବା କଥିତ ମାରଣମନ୍ତ୍ର ୩. ଶର ।

**ବାଣନଡ଼ିଆ** *ବି.* ଅତି ଛୋଟ ଟାଣନଡ଼ିଆ ।

**ବାଣ ଭିଡ଼ିବା** *କ୍ରି.* ବାରୁଦ ଆଦି ଦ୍ୱାରା ବାଣ ପ୍ରସ୍ତୁତ କରିବା ।

**ବାଣ ପେଶିବା** *କ୍ରି.* ଅନ୍ୟର ଅନିଷ୍ଟପାଇଁ ଗୁଣିଗାରେଡ଼ି କରିବା ।

**ବାଣ ମାରିବା** *କ୍ରି.* ୧. ଧନୁରେ ତୀର ଯୋଖିବା ୨. ଗୁଣିଗାରେଡ଼ି କରିବା ।

**ବାଣି** *ବି.* ୧. ସରୁ ଖୋଟଦଉଡ଼ି ୨. ପଶୁଦେହରେ ଦିଆଯାଉଥିବା ଚଡୁ ୩. ଛନ୍ଦ ୪. ପାଦ ଆଙ୍ଗୁଠିର ପବରେ ହେଉଥିବା ଘା ବା ଫାଟ ।

**ବାଣିଜଟା** *କ୍ରି.* ୧. ଝୋଟକୁ ସୁତୁଳିରେ ପ୍ରସ୍ତୁତ କରିବା କାମ ୨. ଘର ତୋଳିବା ପୂର୍ବରୁ ଅନୁକୂଳ କରି ବାସ୍ତୁଶାସ୍ତ୍ର ଅନୁସାରେ ଦଉଡ଼ି ସାହାଯ୍ୟରେ ଘରର ମାପ ନିର୍ଣ୍ଣୟ ବା ବାଣି ଧରିବା ।

**ବାଣିଜ୍ୟ** *ବି.* ପଣ୍ୟଦ୍ରବ୍ୟାଦିର କିଣାବିକା, ବ୍ୟବସାୟ ।

**ବାଣିଜ୍ୟ ଦୂତ** *ବି.* ବିଦେଶରେ ନିଜ ଦେଶର ବ୍ୟବସାୟ-ସ୍ୱାର୍ଥ ଦେଖିବାପାଇଁ ନିୟୋଜିତ ରାଷ୍ଟ୍ରଦୂତ ।

**ବାଣିଜ୍ୟ ପଥ** *ବି.* ବ୍ୟବସାୟ ବାଣିଜ୍ୟ ପାଇଁ ଗୃହୀତ ମାର୍ଗ ।

**ବାଣିଜ୍ୟପୋତ** *ବି.* ସମୁଦ୍ରଗାମୀ ସଉଦାଗରୀ ଜାହାଜ ।

**ବାଣିଜ୍ୟିକ** *ବିଂ.* ବାଣିଜ୍ୟ ସମ୍ବନ୍ଧୀୟ, ବାଣିଜ୍ୟ ବିଷୟକ ।

**ବାଣୀ** *ବି.* ୧. ଉକ୍ତି, କଥା ୨. ସରସ୍ୱତୀ ୩. ଉପଦେଶ ପୂର୍ଣ୍ଣ ଉକ୍ତି ।

**ବାଣ୍ଟ** *ବି.* ଭାଗ, ବଣ୍ଟନ ।

**ବାଣ୍ଟିକୁଣ୍ଟି** *କ୍ରି.ବିଂ.* ସମାନ ଭାଗରେ ବିଭକ୍ତ କରି ।

**ବାଣ୍ଟିବା** *କ୍ରି.* ୧. ଭାଗ କରିବା ୨. ବିତରଣ କରିବା ।

**ବାତ** *ବି.* ୧. ପବନ ୨. ରୋଗ ବିଶେଷ ୩. ଦେହର ଧାତୁ ବିଶେଷ (ବାତ, ପିତ୍ତ, କଫ) ।

**ବାତଚକ୍ର** *ବି.* ଘୂର୍ଣ୍ଣିବାୟୁ ; *ବିଂ.* ବିକ୍ଷିପ୍ତ ଚିନ୍ତାରେ ବ୍ୟତିବ୍ୟସ୍ତ ।

**ବାତଡ଼ା** *ବି.* ଆଳୁଲତାର ଗଣ୍ଠିଜାତ ଫଳ ।

**ବାତଫୁରୁସି** *ବି.* ବାକ୍‌ଚାତୁରୀ, କଥାଭଙ୍ଗୀ ।

**ବାତମଣ୍ଡଳ** *ବି.* ବାୟୁମଣ୍ଡଳ ।

**ବାତରକ୍ତ** *ବି.* ରକ୍ତଦୋଷଜନିତ ରୋଗ ବିଶେଷ ।

**ବାତଶୂଳ** *ବି.* ବାୟୁଦୋଷରୁ ଉପଜାତ ତୀବ୍ର ଯନ୍ତ୍ରଣା, ବାୟୁ ପ୍ରକୋପ ଜନିତ ପୀଡ଼ା ।

**ବାତାଜୀର୍ଣ୍ଣ** *ବି.* ଗ୍ରହଣୀ ରୋଗ ।

**ବାତାପି** *ବି.* ୧. ଲେମ୍ବୁଜାତୀୟ ଫଳ ବିଶେଷ ୨. ଛୁରୀ ବିଶେଷ ୩. ରାମାୟଣରେ ବର୍ଣ୍ଣିତ ରାକ୍ଷସ ବିଶେଷ ।

**ବାତାବରଣ** *ବି.* ୧. ଜଳବାୟୁ, ଆବହାଉଆ, ବାୟୁମଣ୍ଡଳ ୨. ପରିବେଶ ।

**ବାତାବର୍ତ୍ତ** *ବି.* ଘୂର୍ଣ୍ଣିବାୟୁ, ଖଣ୍ଡିଆଭୂତ ।

**ବାତାୟନ** *ବି.* ଝରକା, ଖିଡ଼ିକି ।

**ବାତାହତ** *ବିଂ.* ୧. ପବନଦ୍ୱାରା ଆଘାତପ୍ରାପ୍ତ ୨. ପବନରେ ଟଳିପଡ଼ିଥିବା (ଗଛ) ।

**ବାତିଲ** *ବିଂ.* ୧. ରଦ୍ଦ, ନାକଚ ୨. ଅଗ୍ରାହ୍ୟ ୩. ପରିତ୍ୟକ୍ତ ।

**ବାତୁଆ** *ବି.ବିଂ.* ବାତ ରୋଗୀ, ଆଣ୍ଠୁଗଣ୍ଠି ରୋଗଗ୍ରସ୍ତ ।

**ବାତୁଳ, ବାତ୍ୱଳ** *ବି.* ୧. ପାଗଳ, ବାୟା, ବାଚାଳ ୨. ବାତରୋଗୀ ।

**ବାତୁଳତା** *ବି.* ବାଚାଳପଣ, ଅବୁଝାପଣ ।

**ବାତୁଳା** *ବିଂ.* ପାଗଳ, ବାୟା ।

**ବାତୁଳୀ** *ବିଂ.* ପାଗଳିନୀ, ପାଗଳି(ଳୀ) ।

**ବାତେଇବା** *କ୍ରି.* କ୍ଷତ ପାଚିଯିବା ଘା ମାତିଯିବା ।

**ବାତେନି** *ବି.* ଉଡ଼ାଖବର, ବାର୍ତ୍ତା, ମୌଖିକ ସମ୍ବାଦ ।

**ବାତ୍ୟା** *ବି.* ପ୍ରବଳ ପବନ, ତୋଫାନ, ଝଡ଼ ।

**ବାତ୍ସରିକ** *ବିଂ.* ବାର୍ଷିକ, ପ୍ରତ୍ୟେକ ବର୍ଷ ଏକ ନିର୍ଦ୍ଦିଷ୍ଟ ଦିନ ପଡୁଥିବା ।

**ବାତ୍ସଲ୍ୟ** *ବି.* ୧. ସନ୍ତାନପ୍ରତି ପ୍ରଗାଢ଼ ମମତା, ଗଭୀର ସ୍ନେହ ୨. କାବ୍ୟରସ ବିଶେଷ ।

**ବାଥ୍‌ରୁମ୍** *ବି.* ଗାଧୁଆଘର ।

**ବାଥୁଡ଼ି** *ବି.* ଆଦିବାସୀ ଜନଜାତି ବିଶେଷ ।

**ବାଦ୍(ବାଦେ)** ***ଅ.*** ପରେ, ଛଡ଼ା, ବିନା, ବ୍ୟତୀତ ; ***ବି.*** ଛାଡ଼ ।

**ବାଦ** ***ବି.*** ୧. ଅହନ୍ତା, ଜିଦି ୨. ତର୍କ ୩. କଳହ ୪. *ପ.ପ୍ର.* ନିର୍ଦ୍ଦିଷ୍ଟ ବିଷୟକ ସିଦ୍ଧାନ୍ତ ।

**ବାଦକ** ***ବି.*** ବଜାଇଲାବାଲା, ବାୟକ, ବଜନ୍ତରୀ, ବଜନିଆ ।

**ବାଦଡ଼ା, ବାଦରା** ***ବି.*** ବାଦୁଡ଼ି , ଚର୍ମ ପକ୍ଷଯୁକ୍ତ ରାତ୍ରିଚର ଏକପ୍ରକାର ଜୀବ ।

**ବାଦନ** ***ବି.*** ବାଜଣା, ବଜାଣ ।

**ବାଦନୀୟ** ***ବିଂ.*** ବଜାଇବାପାଇଁ ଉପଯୁକ୍ତ ।

**ବାଦ ପ୍ରତିବାଦ** ***ବି.*** ତର୍କବିତର୍କ, ବାକ୍‌ଯୁଦ୍ଧ, ଯୁକ୍ତି ପ୍ରତିଯୁକ୍ତି ।

**ବାଦବିସମ୍ବାଦ** ***ବି.*** ମତଭେଦ, ମତାନୈକ୍ୟ ଓ ବିରୋଧ, ବିବାଦ ।

**ବାଦବୁଦିଆ** ***ବି.*** ପରସ୍ପରରେ ଜିଦ୍‌ଜାଦ୍ (କାମ) ; ***ବିଂ.*** ପରସ୍ପରରେ ଅହନ୍ତାକାରୀ ବା ଜିଦ୍‌ଖୋର ।

**ବାଦରା** ***ବିଂ.*** ଜିଦିଆ ; ***ବି.*** ୧. ବାଦୁଡ଼ି ୨. କପାଗଛ ।

**ବାଦଲ** ***ବି.*** ବଉଦ, ମେଘ ।

**ବାଦଲା** ***ବି.*** ସୁନା ବା ରୁପା ତାରର ଜରି ସୁତା ।

**ବାଦଶା, ବାଦଶାହ** ***ବି.*** ମଧ୍ୟଯୁଗୀୟ ଦିଲ୍ଲୀ ସମ୍ରାଟ, ରାଜା ।

**ବାଦଶାହି** ***ବି.*** ୧. ବାଦଶାହାଙ୍କ ପଦ ବା ଅଧିକାର ବା ରାଜ୍ୟ ୨. ବାଦଶାହଙ୍କ ପରି ବିଳାସପୂର୍ଣ୍ଣ ଜୀବନଯାପନ ।

**ବାଦଶାହୀ** ***ବିଂ.*** ବିଳାସୀ, ସମ୍ଭ୍ରାନ୍ତ, ସ୍ୱେଚ୍ଛାଚାରୀ ।

**ବାଦ ସାଧିବା** ***କ୍ରି.*** ଦାଉ ସାଧିବା, ଅହନ୍ତା କରିବା ।

**ବାଦାନୁବାଦ** ***ବି.*** ତର୍କ ବିତର୍କ, କଥା କଟାକଟି ।

**ବାଦାମ** ***ବି.*** ୧. ଭୂଇଁଚଣା, ଚିନାବାଦାମ ୨. ପେସ୍ତା ବାଦାମ ।

**ବାଦାମୀ** ***ବିଂ.*** ଈଷତ୍ ଲାଲ୍‌ଚିଆ ରଙ୍ଗ ।

**ବାଦାମ୍ବ** ***ବି.*** ୧. ପିଜୁଳି ୨. ଲଙ୍କାଆମ୍ବ ।

**ବାଦିତ୍ର** ***ବି.*** ବାଦ୍ୟ, ବାଜା ।

**ବାଦିତ୍ରକ** ***ବି.*** ବାଜାବାଲା ।

**ବାଦୀ** ***ବିଂ.*** ୧. ଯେ ବାଦ ସାଧେ ୨. ବକ୍ତା ୩. ***ପ.ପ୍ର*** ମତାବଲମ୍ବୀ ; ***ବି.*** ମୁଦେଇ, ଅଭିଯୋଗକାରୀ ।

**ବାଦୀ(ଦି)ପାଲା** ***ବି.*** ପ୍ରତିଯୋଗିତାମୂଳକ ପାଲା ।

**ବାଦୀ ପ୍ରତିବାଦୀ** ***ବି.*** ମୁଦେଇ ଓ ମୁଦାଲା ।

**ବାଦୀ(ଦି)ସ୍ୱର** ***ବି.*** ଶାସ୍ତ୍ରୀୟ ରାଗସଙ୍ଗୀତର ପ୍ରଧାନ ସ୍ୱର ।

**ବାଦୁଆ** ***ବିଂ.*** ଅହନ୍ତିଆ, ଜିଦିଆ, ଈର୍ଷାଳୁ ।

**ବାଦୁଡ଼ି** ***ବି.*** ଚର୍ମପକ୍ଷଯୁକ୍ତ ସ୍ତନ୍ୟପାୟୀ ପ୍ରାଣୀ ବିଶେଷ ।

**ବାଦ୍ୟ** ***ବି.*** ବାଜା, ବଜାହେବା ଉପକରଣ ; ***ବିଂ.*** ବଜାଇବା ଯୋଗ୍ୟ ।

**ବାଦ୍ୟକାର** ***ବିଂ.*** ଯେ ବଜାଏ, ଯେ ବାଦନ କରେ ; ***ବି.*** ବାଜା ବଜାଇବା ବ୍ୟକ୍ତି ।

**ବାଧ** ***ବି.*** ବାଧା, ପୀଡ଼ା, ପ୍ରତିବନ୍ଧକ ।

**ବାଧକ** ***ବି.*** ୧. ପ୍ରତିବନ୍ଧକ ୨. ଋତୁସ୍ରାବରୋଗ ୩. ରୋଗ ।

**ବାଧକତା** ***ବି.*** ବାଧ୍ୟତା ଶକ୍ତି, ବାଧାଦେବା ଶକ୍ତି ।

**ବାଧକା** ***ବି.*** ୧. କ୍ଳାନ୍ତି ୨. ରୋଗରେ ପଡ଼ିବା, ଅସୁସ୍ଥ ରହିବା ।

**ବାଧା** ***ବି.*** ପ୍ରତିରୋଧ, ପୀଡ଼ା, ବିଘ୍ନ, ବ୍ୟାଘାତ, କ୍ଳାନ୍ତି ।

**ବାଧାବିଘ୍ନ** ***ବି.*** ପ୍ରତିବନ୍ଧକ, ଘାତ ପ୍ରତିଘାତ ।

**ବାଧିକା** ***ବି.*** ଦୀର୍ଘକାଳୀନ ରୋଗ, ବାଧିକି ।

**ବାଧିକି ପଡ଼ିବା** ***କ୍ରି.*** ଦୀର୍ଘକାଳ ଧରି ରୋଗରେ ପୀଡ଼ିତ ହେବା ।

**ବାଧିତ** ***ବିଂ.*** ୧. ଅନୁଗୃହୀତ ୨. ବ୍ୟାହତ, ନିବାରିତ ୩. ପୀଡ଼ାପ୍ରାପ୍ତ ୪. ବଶୀଭୂତ ।

**ବାଧିବା** ***କ୍ରି.*** କାଟିବା, କଷ୍ଟହେବା, ପୀଡ଼ାହେବା ।

**ବାଧ୍ୟ** ***ବିଂ.*** ଆଜ୍ଞାବହ, ବଶ୍ୟ, ଅନିବାର୍ଯ୍ୟ ।

**ବାଧ୍ୟତା** ***ବି.*** ଆଜ୍ଞାବହତା, ବଶ୍ୟତା, ବିନା ପ୍ରତିବାଦରେ ଗ୍ରହଣୀୟତା ।

**ବାଧ୍ୟତାମୂଳକ** ***ବିଂ.*** ଅବଶ୍ୟ କରଣୀୟ, ଜୋର ଜବରଦସ୍ତ ।

**ବାଧ୍ୟବାଧକ** ***ବିଂ.*** ଅନୁଗତ, ଅନିଚ୍ଛା ସତ୍ତ୍ୱେ ଆଜ୍ଞାବହ ।

**ବାଧ୍ୟବାଧକତା** ***ବି.*** ଅବଶ୍ୟ କରଣୀୟତା ।

**ବାନ** ***ବି.*** ୧. ଶିଶୁପୁଅର ଲିଙ୍ଗ ୨. ତେଜ ।

**ବାନପ୍ରସ୍ଥ** ***ବି.*** ହିନ୍ଦୁଙ୍କର ତୃତୀୟ ଆଶ୍ରମ, ଈଶ୍ୱରାନୁଗତ ହୋଇ ବନଗମନ ।

**ବାନର** ***ବି.*** ମାଙ୍କଡ, *ସ୍ତ୍ରୀ.* ବାନରୀ ।

**ବାନା** ***ବି.*** ୧. ପତାକା ୨. ମଲ୍ଲଙ୍କ ବ୍ୟବହୃତ ଲାଠି ୩. ଆଧିକ୍ୟ ବା ମହିମା ୪. ଯାଯାବର, ବାତରା ।

**ବାନା ଉଡ଼ିବା** ***କ୍ରି.*** ୧. ପତାକା ଉଡ଼ିବା ୨. ସୁନାମ ହେବା ।

**ବାନାଖତା** ***ବି.*** ବେକାର ଲୋକ, ବାରବୁଲା, ଦାୟିତ୍ୱହୀନ ।

**ବାନାପଟା** ***ବି.*** ବନୌଟି, ବନାବାଡ଼ି, ବାଡ଼ିଖେଳ ।

**ବାନା ବଇରେଖ** ***ବି.*** ପତାକା, ଧର୍ମ ସମ୍ପ୍ରଦାୟର ଚିହ୍ନଥିବା ଧ୍ୱଜା ।

**ବାନ୍ତି** ***ବି.*** ପାକସ୍ଥଳିରୁ ହଜମ ହୋଇନଥିବା ଖାଦ୍ୟ ପଦାକୁ ବାହାରି ଆସିବା, ଉଗାଳ, ବମନ ।

**ବାନ୍ଦର, ବାନର** ***ବି.*** ହନୁମାଙ୍କଡ଼ ; ***ବିଂ.*** ଅସୁନ୍ଦର, କୁରୂପ ।

**ବାନ୍ଦରାମି** ***ବି.*** ମାଙ୍କଡାମି, ମାଙ୍କଡସୁଲଭ ଦୁଷ୍ଟାମି ।

**ବାନ୍ଦା, ବନ୍ଦା** ***ବି.*** କ୍ରୀତଦାସ, *ସ୍ତ୍ରୀ.* ବାନ୍ଦୀ ।

**ବାନ୍ଧ** *ବି.* ୧. ବନ୍ଧନ ୨. ଛନ୍ଦ, ଗଣ୍ଠି ୩. ବିଶେଷ ଧରଣର ଲୁଗାବୁଣା କୌଶଳ ।

**ବାନ୍ଧକଳା** *ବି.* ଲୁଗାବୁଣାର ବିଶେଷ କୌଶଳ ।

**ବାନ୍ଧଣ** *ବି.* ଏକା ପ୍ରକାର ଶକ୍ତକାଠ ଓ ଗଛ ବିଶେଷ ।

**ବାନ୍ଧଣୀ,ବାନ୍ଧୁ(ୋ)ଣୀ** *ବି.* ୧. କିଆପଟ, କୋରଟ ଆଦି ସାହାଯ୍ୟରେ ବାଡ଼ ବାନ୍ଧିବା ୨. ଝାଡୁ, ପହଁରା ।

**ବାନ୍ଧବ** *ବି.* ନିଜଲୋକ, ବନ୍ଧୁ, ଆତ୍ମୀୟ ।

**ବାନ୍ଧବୀ** *ବି.* ୧. ନାରୀବନ୍ଧୁ ୨. ସଖୀ ୩. ପ୍ରଣୟିନୀ, ପ୍ରେମିକା ୪. ବନ୍ଧୁପତ୍ନୀ ।

**ବାନ୍ଧିବା** *କ୍ରି.* ୧. ବନ୍ଧନ କରିବା ୨. ଜୁଡ଼ା ସଜାଇବା ୩. ଗୀତ ଆଦି ଲେଖିବା ୪. ଦାଖଲ କରିବା ବା ଗଚ୍ଛିତ କରିବା ୫. ଗଢ଼ିବା ୬. ଗଣ୍ଠି ପକାଇବା ୭. ସଂଯୋଗ କରିବା ୮. ବଶ କରିବା ୯. ଗଢ଼ିବା ୧୦. ସମ୍ପର୍କ ସ୍ଥାପନ କରିବା ।

**ବାନ୍ଧିବୁନ୍ଧି** *କ୍ରି.ବିଂ.* ବହୁ ବସ୍ତୁ ବାନ୍ଧିକରି ।

**ବାପ, ବାପା** *ବି.* ୧. ପିତା ୨. ପିତୃସ୍ଥାନୀୟ ପୂଜ୍ୟ ଲୋକ ୩. ପୁତ୍ର ପ୍ରତି ସ୍ନେହସୂଚକ ସଂବୋଧନ ୪. ବୀଜବପନ ।

**ବାପଅଜା ଅମଳ** *ବି.* ପୁରୁଣାକାଳ ।

**ବାପଧନ** *ବି.* ପୁତ୍ରସ୍ଥାନୀୟ ବ୍ୟକ୍ତିକୁ ସ୍ନେହସୂଚକ ସମ୍ବୋଧନ ।

**ବାପୁଜୀ** *ବି.* ମହାତ୍ମା ଗାନ୍ଧୀ ।

**ବାପୁଡ଼ା** *ବିଂ.* ବିଚରା, ନିରୀହ, ଅସହାୟ ଅଥଚ ଭଲ ; *ବି.* ସାଧାରଣ ଲୋକ, ନିରୀହ ଲୋକ, ଅସହାୟ ଅଥଚ ଭଲଲୋକ ।

**ବାବଦ** *ବି.* ୧. ବିଷୟ ୨. କାରଣ ; *ଅ.* ନିର୍ଦ୍ଦିଷ୍ଟ ଭାବରେ, ବିଷୟରେ, କାରଣରେ, ସମ୍ପର୍କରେ ।

**ବାବଦୂକ** *ବି.* ପ୍ରଗଲ୍‌ଭ, ଗପୁଡ଼ି, ବହୁଭାଷୀ, ବାଚାଳ ।

**ବାବଦୂକତା** *ବି.* ବାଚାଳତା ।

**ବାବନାଭୂତ** *ବି.* ଅଣରୋଜଗାରିଆ, ଏଣେତେଣେ ବୁଲୁଥିବା ମଣିଷ, ବାନା ।

**ବାବା** *ବି.* ୧. ବାପା, ପିତା ୨. ପିତୃସ୍ଥାନୀୟ ବ୍ୟକ୍ତି ୩. ସନ୍ଥ, ସନ୍ନ୍ୟାସୀ ୪. ଅମଲା, ପୂଜ୍ୟବ୍ୟକ୍ତି; *ଅ.* ପୁତ୍ରତୁଲ୍ୟ ବ୍ୟକ୍ତିକୁ ସ୍ନେହସୂଚକ ସମ୍ବୋଧନ ।

**ବାବାଜି** *ବି.* ଗୃହତ୍ୟାଗୀ ଫକୀର ।

**ବାବୁ** *ବି.* ୧. ସମ୍ମାନିତ ବା ସମ୍ଭ୍ରାନ୍ତ ବ୍ୟକ୍ତି ୨. ପୁଅ ୩. ଗୃହକର୍ତ୍ତା ୪. ଅମଲା କିରାଣି ୫. ସ୍ନେହର ସମ୍ବୋଧନ ।

**ବାବୁଆନା, ବାବୁଆନି, ବାବୁଗିରି** *ବି.* ବାବୁପଣ, ବଡ଼ଲୋକିପଣ ।

**ବାବୁଆନି** *ବିଂ.* ବଡ଼ଲୋକି ।

**ବାବୁଭାୟା** *ବି.* ମାନ୍ୟଗଣ୍ୟ ବ୍ୟକ୍ତି ।

**ବାବୁରି** *ବି.* କାନ୍ଧ ଯାଏଁ ଝୁଲିଥିବା ଘଞ୍ଚ କୁଞ୍ଚକୁଞ୍ଚିଆ ବାଳ ।

**ବାମ** *ବି.* ୧. ବାଆଁପାଖ ୨. ପ୍ରତିକୂଳତା ; *ବିଂ.* ୧. ବାଁ, ଡେବିରି ୨. ବିମୁଖ, ବିପରୀତ ।

**ବାମନ** *ବିଂ.* ଖୁବ୍ ଗେଡ଼ା ; *ବି.* ୧. ବିଷ୍ଣୁଙ୍କ ପଞ୍ଚମ ଅବତାର ୨. ବାଙ୍ଗରା ।

**ବାମନୟନା** *ବି.* ଚାରୁନେତ୍ରୀ, ସୁନ୍ଦରୀ ।

**ବାମପନ୍ଥୀ** *ବି. ବିଂ.* ପରିବର୍ତ୍ତନରେ ବୈପ୍ଳବିକ ମାର୍ଗରେ ବିଶ୍ୱାସୀ, ରାଜନୀତିରେ ବାମବାଦୀ ବା ମାର୍କ୍ସବାଦୀ; *ବିପ.* ଦକ୍ଷିଣପନ୍ଥୀ ।

**ବାମମାର୍ଗ** *ବି.* ତନ୍ତ୍ରର ଆଭିଚାରିକ ମାର୍ଗ ।

**ବାମା** *ବି.* ୧. ସୁନ୍ଦରୀ ନାରୀ ୨. ଲକ୍ଷ୍ମୀ ୩. ବାଉଁଆ ୪. ପତ୍ନୀ ।

**ବାମାଚାର** *ବି.* ତନ୍ତ୍ରର ଅଭିଚାର ପ୍ରୟୋଗ ପନ୍ଥା ।

**ବାମାଚାରୀ** *ବିଂ.* ଅଘୋରୀ, ତନ୍ତ୍ର ପ୍ରୟୋଗକାରୀ ।

**ବାମାବର୍ତ୍ତ** *ବିଂ.* ଡାହାଣରୁ ବାଆଁକୁ ଘୁରିଥିବା ।

**ବାମେତର** *ବି.* ବାମର ବିପରୀତ, ଡାହାଣ ।

**ବାମ୍ଫ** *ବି.* ତରଳ ପଦାର୍ଥ ଗରମ ହେବା ଯୋଗୁଁ ଉପରକୁ ଉଠୁଥିବା ଧୂଆଁଳିଆ ଅଂଶ, ବାଷ୍ପ ।

**ବାମ୍ଫଉଠା** *ବି.* ଉଷୁମ ବାଷ୍ପ ଉଠୁଥିବା ।

**ବାମ୍ଫୀ** *ବି.* ଚାରିକୋଣିଆ ବଡ଼ ଓ ଗଭୀର ପକ୍କାକୂଅ ।

**ବାମ୍ଫୁଆଣି** *ବି.* ବାମ୍ଫଦ୍ୱାରା ରୋଗୀ ଦେହରେ ସେକ ଦେଇ ଚିକିତ୍ସା ବିଶେଷ, ବାଷ୍ପସେକ ; *ବିଂ.* ୧. ବାଷ୍ପ ଉଠୁଥିବା ୨. ଅଣାୟତ୍ତ/ବ୍ୟତିବ୍ୟସ୍ତ ।

**ବାୟକ** *ବି.* ତାଳବାଦ୍ୟ ବାଦକ, ମୃଦଙ୍ଗିଆ, ବାହାକ ।

**ବାୟବ** *ବିଂ.* ବାୟୁସଂକ୍ରାନ୍ତ, ବାୟୁ ସଦୃଶ ।

**ବାୟବୀୟ, ବାୟବ୍ୟ** *ବି.* ଉତ୍ତର-ପଶ୍ଚିମ କୋଣ; *ବିଂ.* ନିଷ୍ଫଳ, ଭିତ୍ତିହୀନ ।

**ବାୟବ୍ୟବାୟୁ** *ବି.* ମୌସୁମୀବାୟୁ ।

**ବାୟବ୍ୟମୂଳ** *ବି.* ୧. ବାୟୁଜୀବୀ ଉଦ୍ଭିଦର ମୂଳ ୨. ବରଓହଳ ।

**ବାୟାଁ** *ବିଂ.* ବାଉଁଆ; *ବି.* ଡୁବି ।

**ବାୟା** *ବି.* ୧. ପାଗଳ ୨. ସ୍ନେହ ସମ୍ବୋଧନ ବିଶେଷ ୩. ଛୋଟ ଚଢ଼େଇ ବିଶେଷ ୪. ବିକ୍ରେତା ; *ବିଂ.* ପାଗଳ ।

**ବାୟୁ ଉଦ୍ଭିଦ** *ବି.* ବାୟୁ ଆହାର କରି ବଞ୍ଚୁଥିବା ଉଦ୍ଭିଦ, ବାୟବ୍ୟ ଉଦ୍ଭିଦ ।

**ବାୟୁକୋଣ** *ବି.* ଉତ୍ତର-ପଶ୍ଚିମ କୋଣ ।

**ବାୟୁଜୀବୀ** *ବିଂ.* କେବଳ ପବନ ଆହାର କରି ବଞ୍ଚୁଥିବା ।

**ବାୟୁଦୋଷ** *ବି.* ଅଜୀର୍ଣ୍ଣ ଦୋଷ ହେତୁ ବାୟୁବିକାର ।

**ବାୟୁନିଷ୍କାସନ *ବିଂ.*** ଯନ୍ତ୍ର ସାହାଯ୍ୟରେ ବା ଅନ୍ୟ କୌଣସି ଉପାୟରେ କୌଣସି ବସ୍ତୁ ବା ସ୍ଥାନକୁ ବାୟୁଶୂନ୍ୟ କରିବା ।
**ବାୟୁପଥ *ବି.*** ୧. ଆକାଶ ପଥ ୨. ପବନ ଯିବା ବାଟ ।
**ବାୟୁପରିବର୍ତ୍ତନ *ବି.*** ୧. ସ୍ୱାସ୍ଥ୍ୟର ଉନ୍ନତିପାଇଁ ଜଳବାୟୁ ବଦଳାଇବାକୁ ସ୍ଥାନ ପରିବର୍ତ୍ତନ ୨. ପବନର ଗତି ପରିବର୍ତ୍ତନ ।
**ବାୟୁପ୍ରବାହ *ବି.*** ପବନ ବହିବା, ପବନର ବେଗ ବା ସୁଅ ।
**ବାୟୁବେଗ *ବି.*** ଚଞ୍ଚଳଗତି, ଦ୍ରୁତଗତି।
**ବାୟୁଭକ୍ଷ, ବାୟୁଭୁକ୍ *ବି.*** ସାପ ।
**ବାୟୁମଣ୍ଡଳ *ବି.*** ୧. ପୃଥିବୀକୁ ଘେରି ରହିଥିବା ପବନର ଆସ୍ତରଣ ୨. ବାତାବରଣ ୩. ପାଣିପାଗ ।
**ବାୟୁମାନଯନ୍ତ୍ର *ବି.*** ବାୟୁମଣ୍ଡଳର ଚାପମପା ଯନ୍ତ୍ର , ବ୍ୟାରୋମିଟର୍ ।
**ବାୟୁରୋଗ *ବି.*** ବାୟୁପ୍ରକୋପଜନିତ ରୋଗ, ଗ୍ୟାସ୍, ଅଜୀର୍ଣ୍ଣ ବାୟୁଦୋଷ ।
**ବାୟୁସେନା *ବି.*** ଏୟାର ଫୋର୍ସ, ଆକାଶବାହିନୀ ।
**ବାୟୁସେବନ *ବି.*** ବିଶୁଦ୍ଧ ବାୟୁଗ୍ରହଣ, ଖୋଲାଜାଗାରେ ବୁଲିବା ।
**ବାର୍ନିସ୍ *ବି.*** ରାସାୟନିକ ରଙ୍ଗ ଓ ତାର ପ୍ରଲେପ ।
**ବାର *ବି.*** ୧. ସପ୍ତାହର ବିଭିନ୍ନ ଦିବସ ୩. ପାଳି ୪. ଥର ୫. ନିଷିଦ୍ଧସମୂହ ।
**ବାରଅଡ଼ା *ବି.*** ଯେଉଁ ଫଳିଯୁକ୍ତ ଉପକରଣ ମାଧ୍ୟମରେ ଉପରକୁ ଉଠାଯାଏ, ନିଶୁଣି, ଶିଡ଼ି ।
**ବାରଆଡ଼ର ଛୁଆ *ବି.*** ବେଧଛୁଆ, ଏକାଧିକ ପୁରୁଷ ସହିତ ଶାରୀରିକ ସମ୍ପର୍କ ରଖିଥିବା ନାରୀର ସନ୍ତାନ ।
**ବାରଆଡେ *କ୍ରି.ବିଂ.*** ବହୁ ଦିଗରେ, ସବୁଆଡ଼େ ।
**ବାରକ *ବି.*** ଥରେ ମାତ୍ର, ଥରକ ; ***ବିଂ.*** ନିର୍ଣ୍ଣାୟକ, ନିବାରକ ।
**ବାରକଥା *ବି.*** ୧. ନାନାକଥା ୨. ଏଣୁତେଣୁ କଥା ।
**ବାରକାଉଚିଆ *ବିଂ.*** ନାନା ବସ୍ତୁ ମିଶ୍ରିତ, ବାରଚାଉଳିଆ, ବାଉଳିଆ ।
**ବାରଗୁଲିଆ *ବି.*** ବାରପ୍ରକାର ବିଭିନ୍ନ ସ୍ୱାଦର ମିଷ୍ଟାନ୍ନ ବିଶେଷ; ***ବିଂ.*** ନାନା ପ୍ରକାର ଗୁଲିଗପ କରୁଥିବା (ଲୋକ) ।
**ବାର ଗୋଠିଆଳ *ବି.*** ଶ୍ରୀମନ୍ଦିର ଗାଈ ଗୋରୁ ଦାୟିତ୍ୱରେ ଥିବା ସେବକ।
**ବାରଘଇତା *ବି.*** ଅନେକ ପୁରୁଷ ସହିତ ସଙ୍ଗମ ।
**ବାରଘର *ବି.*** ବିଭିନ୍ନ ଲୋକଙ୍କ ଅବାଧ ପ୍ରବେଶଥିବା ଘର ।
**ବାରଘରପଶା *ବି.ବିଂ.*** ଚୋର, ମାଗନ୍ତାଲୋକ ।
**ବାରଘରବୁଲା *ବିଂ.*** ଆଶ୍ରୟ ବା ଭିକ୍ଷାପାଇଁ ଯେ ଅନେକ ଘର ବୁଲେ, ବାରଦୁଆରିଆ ।
**ବାରଚାଉଳିଆ *ବିଂ.*** ୧. ଅସ୍ଥିର, ଠିକ୍ ଠିକଣା ନଥିବା ୨. ପାଗଳା ଭଳି ।
**ବାରଣ *ବି.*** ୧. ମନା, ନିଷେଧ ୨. ଅଙ୍କୁଶ ୩. ସାଞ୍ଜୁ ୪. ହାତୀ ।
**ବାରଣା *ବିଂ.ବି.*** ଚାରିଭାଗରୁ ତିନିଭାଗ; ***ବି.*** ପୂର୍ବେ ପ୍ରଚଳିତ ଟଙ୍କାର ଷୋହଳ ଅଣାରୁ ବାର ଅଣା ।
**ବାରଣୀ *ବି.*** ଦେହ କିଳିବାର ମନ୍ତ୍ରଯନ୍ତ୍ର ।
**ବାରଣୀୟ *ବିଂ.*** ନିବାରଣ ଯୋଗ୍ୟ ।
**ବାରଣ୍ଡା, ବାରନ୍ଦା *ବି.*** ପିଣ୍ଡା, ଅଡଙ୍ଗ, ଅଳିନ୍ଦ, ବରଣ୍ଡା ।
**ବାରଣ୍ଡା ଦିକଡ଼ା କରିବା *କ୍ରି.*** ତୁଚ୍ଛ, ତଳିତଳାନ୍ତ କରିବା; ଶୋଚନୀୟ କରିବା ।
**ବାରତା *ବି.*** ଖବର, ସମ୍ବାଦ, ବାର୍ତ୍ତା ।
**ବାରଦାଣ୍ଡିଆ *ବିଂ.*** ବାରବୁଲା, ବାରଘରିଆ ।
**ବାରଦୁଆର *ବି.*** ସାହାଯ୍ୟ ପାଇଁ ବିଭିନ୍ନ ଲୋକଙ୍କ ଦ୍ୱାରସ୍ଥ ହେବା ।
**ବାରନାରୀ, ବାରବଧୂ, ବାରବନିତା, ବାରବିଳାସିନୀ *ବି.*** ବେଶ୍ୟା, ବହୁଭୋଗ୍ୟା ନାରୀ, ବାରାଙ୍ଗନା, ବାରଯୋଷା ।
**ବାରପଣ *ବି.*** ୧. ଏକ ପଣ ବା ଅଶୀ ସଂଖ୍ୟାର ବାରଗୁଣ ୨. ତିନି ଚତୁର୍ଥାଂଶ ।
**ବାରବର୍ଷିଆ *ବି.*** ତନ୍ତୁଯୁକ୍ତ ମାଂସଳ କଣ୍ଟାଳିଆ ପତ୍ରଥିବା ବୁଦା, ମୁର୍ଗା ଜାତୀୟ ହେମ୍ପ୍; ***ବିଂ.*** ୧. ବାରବର୍ଷର ୨. ବାରବର୍ଷଯାଏ ୩. ବାରବର୍ଷରେ ଥରେ ହେଉଥିବା ।
**ବାରବାଟୀ *ବି.*** କଟକର ପ୍ରସିଦ୍ଧ ଐତିହାସିକ ଦୁର୍ଗ ବିଶେଷ ।
**ବାରବାର *କ୍ରି.ବିଂ.*** ଥରକୁ ଥର, ବାରମ୍ବାର ।
**ବାରବୀଜା *ବିଂ.*** ବେଧଛୁଆ, ଅବୈଧ(ସନ୍ତାନ), ବାପାଙ୍କ ପରିଚୟ ଜଣାନଥିବା ।
**ବାରବୁଲା *ବିଂ.ବି.*** ଯାଯାବର, ଏଣେତେଣେ ବୁଲୁଥିବା ।
**ବାରବେଧେଇ *ବି.*** ବାରବନିତା, ବେଶ୍ୟା ।
**ବାରବେଳା *ବି.*** ଖରବେଳା, ଦିନର ଯେଉଁ ସମୟରେ ଶୁଭକାମ କରିବା ମନା ।
**ବାରଭନା *ବି.*** ଧୂଆଧୋଇ ହେବାପାଇଁ ଘର ବାହାରେ ବା ଅଗଣାରେ ସ୍ଥାପିତ ଜଳଘଟ ।
**ବାରଭଙ୍ଗିଚା *ବି.*** ବିଭିନ୍ନ ଭଙ୍ଗୀରେ ଛଇଛଟକ ।
**ବାରଭାଇଆ *ବିଂ.*** ବହୁଲୋକଙ୍କ ଇଜ୍‌ମାଲି ବା କୋଠ (ଜମି/ସମ୍ପତ୍ତି) ।
**ବାରଭାୟା *ବି.*** ଶ୍ରୀମନ୍ଦିରର ବାହାର ବେଢ଼ାରେ ଅଧିଷ୍ଠିତ ବାରଟି ଦେବମୂର୍ତ୍ତି- ଜନ୍ମ ହନୁମାନ, ଗୟ, ଗବାକ୍ଷ, ସୁଷେଣ, ହନୁମାନ, ଜାମ୍ବବ, ତାରାକ୍ଷ, ଅଙ୍ଗଦ, ସୌରୀ, ସୁଗ୍ରୀବ, ନଳ ଓ ନୀଳ।
**ବାରଭାୟା(ଇ) ଆଖଡ଼ା *ବି.*** କୌଣସି ନିର୍ଦ୍ଦିଷ୍ଟ ନେତୃତ୍ୱ ବା ଦାୟିତ୍ୱ ନ ଥିବା ବହୁଲୋକଙ୍କ ବିଶୃଙ୍ଖଳ ବ୍ୟବସ୍ଥା ବା ସଂସ୍ଥା ।
**ବାରମଜା *ବି.*** ଚନାଚୁର, ବିଭିନ୍ନ ପ୍ରକାର ଛଣାପଦାର୍ଥ ମିଶ୍ରିତ ସ୍ୱାଦିଷ୍ଟ ଖାଦ୍ୟ।
**ବାରମାସ *ବି.*** ବୈଶାଖରୁ ଚୈତ୍ର ପର୍ଯ୍ୟନ୍ତ ବାରମାସ ।
**ବାରମାସି *ବିଂ. କ୍ରି.ବିଂ.*** ବର୍ଷଯାକ, ସର୍ବଦା ।

**ବାରମାସୀ** *ବିଂ.* ବାରମାସରେ ମିଳୁଥିବା ; *ବି.* ୧. ବର୍ଷର ବାରମାସରେ ବଦଳୁଥିବା ମଣିଷ ଆଚରଣର ବର୍ଣ୍ଣନା ୨. ଏକ ପ୍ରକାର ଚଢ଼େଇ ଯେ ପ୍ରତି ମାସରେ ରଙ୍ଗ ବଦଳାଏ ୩. ଏକ ପ୍ରକାର କଣ୍ଟାଗଛ ।

**ବାରମିଶା** *ବିଂ.* ଭିନ୍ନ ଭିନ୍ନ ପଦାର୍ଥର ମିଶ୍ରଣ କରାଯାଇଥିବା ।

**ବାରମ୍ବାର, ବାରବାର** *ଅ.* ପୁନଃପୁନଃ, ଥରକୁ ଥର ।

**ବାରୟିତା** *ବି.* ନିବାରକ, ବାରଣକର୍ତ୍ତା ।

**ବାରରାତ୍ର** *ବି.* ଛୁତିକିଆର ବାରଦିନ ଗାଧୁଆପାଧୁଆ ହୋଇ ପୋଖତିରି ଶୁଦ୍ଧ ହେବା, ଏଗାର ବା ବାରଦିନ ପର୍ଯ୍ୟନ୍ତ ଥିବା ସୂତକା ଶୌଚ ।

**ବାରଲାଗି** *ବି.* ସପ୍ତାହର ବାର ଅନୁସାରେ ଠାକୁରଙ୍କୁ ଲାଗି ହେଉଥିବା ବସ୍ତ୍ର ।

**ବାରସି, ବାରିସି** *ବି.* ବଢ଼େଇର କାଠ ଚାଞ୍ଛିବା ଯନ୍ତ୍ର ବିଶେଷ, ବାରେସ୍ ।

**ବାରାନିଧି** *ବି.* ସମୁଦ୍ର ।

**ବାରାନ୍ତର** *ବି.* ଅନ୍ୟସମୟ, ଅନ୍ୟବେଳ ।

**ବାରି** *ବି.* ୧. ଘରପଛ ବାଡ଼ି, ବଗିଚା ୨. ପାଣି ୩. ହାତୀବନ୍ଧା ଦଉଡ଼ି, ହାତୀଶାଳ ୪. ଥର, ଦଫା ୫. ଅଲଗା ।

**ବାରିଆ ବାଉଁଶ** *ବି.* କଣ୍ଟା ନ ଥିବା ଏକ ଜାତୀୟ ଲମ୍ବା ଓ ମୋଟା ବାଉଁଶ ।

**ବାରିକ୍** *ବିଂ.* ସୂକ୍ଷ୍ମ, ପତଳା, ଅତିସରୁ ।

**ବାରିକ** *ବି.* ନାପିତ, ବାଳ/ନଖ କାଟୁଥିବା ଓ ଯାବତୀୟ ମାଙ୍ଗଳିକ ଓ ଶୌଚ କର୍ମରେ ପ୍ରମୁଖ ଅଂଶଗ୍ରହଣ କରୁଥିବା ଜାତି,ଭଣ୍ଡାରି (*ସ୍ତ୍ରୀ.* ବାରିକାଣୀ) ।

**ବାରିକମିସ୍ତ୍ରୀ** *ବି.* ପୂର୍ତ୍ତ ବିଭାଗରେ ନିଯୁକ୍ତ କାରିଗର ।

**ବାରିଜ** *ବି.* ପଦ୍ମ ; *ବିଂ.* ଜଳଜାତ ।

**ବାରିଜାକ୍ଷି(କ୍ଷୀ)** *ବି.ବିଂ.* ସୁନ୍ଦରନୟନା, ପଦ୍ମପାଖୁଡ଼ା ପରି ନେତ୍ର ଥିବା ନାରୀ ।

**ବାରିତ** *ବିଂ.* ନିବାରିତ, ପ୍ରତିରୋଧିତ, ବାଧା ଦିଆଯାଇଥିବା, ମନାକରାଯାଇଥିବା ।

**ବାରିଦ** *ବି.* ମେଘ ।

**ବାରିଧର** *ବି.* ୧. ମେଘ ୨. ସମୁଦ୍ର ।

**ବାରିଧି, ବାରାନିଧି** *ବି.* ସମୁଦ୍ର ।

**ବାରିବା** *କ୍ରି.* ୧. ମନା କରିବା, ନିବାରଣ କରିବା ୨. ପାର୍ଥକ୍ୟ ଜାଣିବା ୩. ଠଉରାଇବା ୪. ତ୍ରୁଟି ଦେଖାଇବା ୫. ଖୁଣିବା ।

**ବାରିବାହ** *ବି.* ମେଘ ।

**ବାରିଯନ୍ତ୍ର** *ବି.* ଜଳଯନ୍ତ୍ର ।

**ବାରିଷ୍ଟର** *ବି.* ଉଚ୍ଚଶିକ୍ଷାପ୍ରାପ୍ତ ଆଇନଜୀବୀ ।

**ବାରିଷ୍ଟରି** *ବି.* ବାରିଷ୍ଟରଙ୍କ ବୃତ୍ତି, ବାରିଷ୍ଟରି ପେସା ।

**ବାରୁ** *ବି.* ଘୋଡ଼ା ।

**ବାରୁଆର, ବାରୁଆଳି** *ବି.* ୧. ଏକତ୍ର ବା ସମଷ୍ଟିଗତ ଭାବରେ କରାଯାଉଥିବା କାର୍ଯ୍ୟ ୨. କଳହ, ବାଦାନୁବାଦ; *ବିଂ.* ବିରୋଧ ।

**ବାରୁଣୀ** *ବି.* ୧. ମଦ୍ୟବିଶେଷ ୨. ପଶ୍ଚିମଦିଗ ୩. ଶତଭିଷାନକ୍ଷତ୍ର ଯୋଗରେ ଚୈତ୍ର କୃଷ୍ଣ ଚତୁର୍ଦ୍ଦଶୀ ତୀର୍ଥସ୍ନାନ ।

**ବାରୁଣୀବୁଡ଼** *ବି.* ଚୈତ୍ର କୃଷ୍ଣ ଚତୁର୍ଦ୍ଦଶୀ ଦିନ ଗଙ୍ଗାନଦୀ ବା ବୈତରଣୀ କୂଳସ୍ଥ ଦଶାଶ୍ୱମେଧଘାଟରେ ସ୍ନାନଯୋଗ ।

**ବାରୁଦ** *ବି.* ବିସ୍ଫୋରକ ବସ୍ତୁ ବିଶେଷ ।

**ବାରୁଦ କାମ** *ବି.* ବାଣ ତିଆରି ।

**ବାରୁଦଖାନା** *ବି.* ବାରୁଦ ରଖାଯାଉଥିବା ଘର ।

**ବାରୁଲାଗି** *ବି.* ଘୋଡା ଚଢ଼ିବା ।

**ବାରେ** *କ୍ରି.ବିଂ.* ଥରେ, ଏକବାର ।

**ବାରେଇବା** *କ୍ରି.* ୧. ବାଳୁଙ୍ଗା ଉପାଡ଼ିବା ୨. ଗୋଟିଏ ପାଖକୁ ଢ଼ଳେଇ ସଜେଇ ରଖିବା, କାଟିବା ।

**ବାରେସ୍** *ବି.* ବାରିସି ।

**ବାରୋ** *ବିଂ.* ଛତରା କିସମର, ବାନାବାସ୍ତୁରା ।

**ବାରୋମିଟର** *ବି.* ବାୟୁ ଚାପମାନ ଯନ୍ତ୍ର ।

**ବାର୍ଗେନ୍** *ବି.* ମୂଲଚାଲ ।

**ବାର୍ତ୍ତା** *ବି.* ୧. ଖବର, ସମ୍ବାଦ ୨. ସନ୍ଦେଶ, ବୃତ୍ତାନ୍ତ ୩. ଜନଶ୍ରୁତି ।

**ବାର୍ତ୍ତାକୀ** *ବି.* ବାଇଗଣ ।

**ବାର୍ତ୍ତାଜୀବୀ** *ବିଂ.ବି.* ଖବର ସଂଗ୍ରହ ପେସା କରିଥିବା(ବ୍ୟକ୍ତି), ସାମ୍ବାଦିକ, ଜର୍ଣ୍ଣାଲିଷ୍ଟ ।

**ବାର୍ତ୍ତାବହ** *ବିଂ.* ଖବରବାହକ, ସମ୍ବାଦ ନେବା ଆଣିବା କରୁଥିବା ।

**ବାର୍ତ୍ତାହର, ବାର୍ତ୍ତାହାରୀ** *ବି.* ଦୂତ ।

**ବାର୍ତ୍ତା ସମ୍ପାଦକ** *ବି.* ଖବରକାଗଜର ସମ୍ବାଦ ସମ୍ପାଦନ କରୁଥିବା ବ୍ୟକ୍ତି ।

**ବାର୍ତ୍ତିକ** *ବିଂ.* ବାର୍ତ୍ତା ବା ବୃତ୍ତି ସମ୍ବନ୍ଧୀୟ ।

**ବାର୍ଥଡେ** *ବି.* ଜନ୍ମଦିନ ।

**ବାର୍ଥଡେ ପାର୍ଟି** *ବି.* ଜନ୍ମଦିନ ଉତ୍ସବ ।

**ବାର୍ଥ୍ ପ୍ଲେସ୍** *ବି.* ଜନ୍ମସ୍ଥାନ ।

**ବାର୍ଥ୍ ସାର୍ଟିଫିକେଟ୍** *ବି.* ଜନ୍ମ ତାରିଖ ସଂକ୍ରାନ୍ତ ପ୍ରମାଣପତ୍ର ।

**ବାର୍ଦ୍ଧକ୍ୟ** *ବି.* ବୁଢ଼ାଅବସ୍ଥା, ବୁଢ଼ାବେଳ ।

**ବାର୍ଲି** *ବି.* ଯବଚୂରା ତିଆରି ଖାଦ୍ୟ ପଦାର୍ଥ ବିଶେଷ ।

**ବାର୍ଷିକ** *ବିଂ.* ବର୍ଷକୁ ଥରେ ହେଉଥିବା, ବର୍ଷ ସମ୍ବନ୍ଧୀୟ ।

**ବାର୍ଷିକୀ** *ବିଂ.ବି.* ବର୍ଷପୂରଣିରେ ନିର୍ଦ୍ଦିଷ୍ଟ ଭାବେ ପାଳନ କରାଯାଉଥିବା ଉତ୍ସବ ବା ଅନୁଷ୍ଠାନ, ବର୍ଷପୂର୍ତ୍ତି ଉତ୍ସବ, ସାମ୍ବତ୍ସରିକ ଉତ୍ସବ ।

**ବାର୍ହା** *ବି.* ବରାହ, ବାର୍‌ହା, ବଣୁଆ ଓ ଅରଣା ଘୁଷୁରି ।

**ବାଳ ବି.** ୧. ବାଳକ, ଶିଶୁ, ପିଲା ୨. କେଶ, ଲୋମ ; **ବିଂ.** ଖୁବ୍‌କମ ବୟସ୍କ ।

**ବାଳକ ବି.** ଅଳ୍ପ ବୟସର ପିଲା ; (*ସ୍ତ୍ରୀ.* ବାଳିକା) ।

**ବାଳକତ୍ୱ ବି.** ବାଳକ ଭାବ, ପିଲାଭାବ ।

**ବାଳକାଣ୍ଡ ବି.** ରାମାୟଣର ଆଦ୍ୟକାଣ୍ଡ, ପ୍ରଥମ ଖଣ୍ଡ ।

**ବାଳକିରଣ ବି.** ଉଦୟକାଳୀନ ସୂର୍ଯ୍ୟରଶ୍ମି ।

**ବାଳକୃମି ବି.** ଉକୁଣି ।

**ବାଳକୋଚିତ ବିଂ.** ବାଳକସୁଲଭ, ବାଳକପକ୍ଷରେ ଯାହା ସ୍ୱାଭାବିକ ।

**ବାଳଖିଲ୍ୟ ବିଂ.** ବୁଢ଼ା ଆଙ୍ଗୁଠି ଆକୃତିର ।

**ବାଳଗୋପାଳ ବି.** ବାଳକ ଶ୍ରୀକୃଷ୍ଣ ।

**ବାଳଚପଳତା, ବାଳଚାପଲ୍ୟ ବି.** ଶିଶୁ ସୁଲଭ ଚଞ୍ଚଳତା ।

**ବାଳଚର ବି.** ଦେଶସେବାପାଇଁ ଗଠିତ ଛାତ୍ର ଦଳ,ସ୍କାଉଟ୍ ଦଳ ।

**ବାଳଧୂପ ବି.** ଆଶ୍ୱିନ ଶୁକ୍ଳ ଏକାଦଶୀରୁ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥଙ୍କ ଅତିରିକ୍ତ ଧୂପ ।

**ବାଳ ପକେଇବା କ୍ରି.** ଦେବ ବା ଦେବୀଙ୍କ ନିକଟରେ ମାନସିକ କରାଯାଇଥିବା ଶିଶୁର ମୁଣ୍ଡବାଳ ଲଣ୍ଡା କରାଯିବା ।

**ବାଳପାଦପ ବି.** ଚାରାଗଛ, ପହ୍ଲା ।

**ବାଳବିଧବା, ବାଳୁତବିଧବା ବି.** ଶାଶୁଘରକୁ ଯିବା ପୂର୍ବରୁ ସ୍ୱାମୀ ହରାଇଥିବା କୁମାରୀ କନ୍ୟା ।

**ବାଳଭାନୁ ବି.** ଉଦୟକାଳୀନ ସୂର୍ଯ୍ୟ, ନବୋଦିତ ସୂର୍ଯ୍ୟ ।

**ବାଳଭୋଗ ବି.** ଦେବତାଙ୍କୁ ଅର୍ପିତ ସକାଳ ଭୋଗ ।

**ବାଳମୂଳିଆ ବି.** ରୋମମୂଳରେ ହେବା ବଥ ।

**ବାଳଶଶୀ ବି.** ଶୁକ୍ଳପକ୍ଷ ଦ୍ୱିତୀୟା ଜହ୍ନ ।

**ବାଳସୁଲଭ ବିଂ.** ବାଳକ ପକ୍ଷରେ ଯାହା ସ୍ୱାଭାବିକ, ପିଲାପରି ।

**ବାଳସୂର୍ଯ୍ୟ ବି.** ବାଳଭାନୁ ।

**ବାଳା ବି.** ୧. ଷୋଳବର୍ଷରୁ କମ୍ ବୟସର ତରୁଣୀ ୨. ନାରୀ ୩. ପତ୍ନୀ, ସ୍ତ୍ରୀ ।

**ବାଳିଆ ବି.** କାତି ନଥିବା ବଡ଼ ମାଛବିଶେଷ ।

**ବାଳିକା ବି.** ଷୋଳବର୍ଷରୁ କମ୍ ବୟସର ଝିଅ (ପିଲା), କିଶୋରୀ, ତରୁଣୀ ।

**ବାଳିଶ ବିଂ.** ନିର୍ବୋଧ, ମୂର୍ଖ ; **ବି.** ୧. ଶିଶୁ ୨. ତକିଆ, ମୁଚୁଳା, ମାଣ୍ଡି ।

**ବାଳୀ ବି.** ୧. ଯୁବତୀ ନାରୀ ୨. ରାମାୟଣ ବର୍ଣ୍ଣିତ କିଷ୍କିନ୍ଧ୍ୟାରାଜ, ସୁଗ୍ରୀବର ଭାଇ

**ବାଳୁଆ ବିଂ.** ଦେହରେ ଲମ୍ବା ଓ ଘଞ୍ଚ ବାଳ ଥିବା, ଲୋମଶ, ଲୋମଯୁକ୍ତ (*ସ୍ତ୍ରୀ.* ବାଳୋଇ) ।

**ବାଳୁଙ୍ଗା ବି.** ଅଗରେ ସରୁ ଲମ୍ବା ଓ ମୁନିଆ ସୁଙ୍ଗ ଥିବା ଧାନ ଜାତୀୟ ତୃଣ ଓ ତାହାର ଶସ୍ୟ ; **ବିଂ.** ଅଯୋଗ୍ୟ ଓ ଦୁଷ୍ଟ, କୁଳାଙ୍ଗାର, ଛତରା ।

**ବାଳୁତ ବି.** ଶିଶୁ ; **ବିଂ.** ଖୁବ୍ କମ୍ ବୟସର ।

**ବାଳୁତକନ୍ୟା ବି.** ଅପ୍ରାପ୍ତବୟସ୍କା ବିବାହିତା ବାଳିକା ।

**ବାଳୁତପଣ ବି.** ପିଲାଳିଆମି ।

**ବାଳୁତ ପୁଅ ବି.** ଛୋଟପୁଅ, ପିଲା ।

**ବାଳୁତ ବିଧବା ବି.** ବାଳବିଧବା, ବାଲ୍ୟବିଧବା, ବନ୍ଦାପନା ଘର ଠାରୁ ଗର୍ଭାଧାନ ସଂସ୍କାର-ଏହି ସମୟ ମଧ୍ୟରେ ସ୍ୱାମୀ ହରାଇଥିବା ନାରୀ ।

**ବାଲ୍‌କୋନି ବି.** ଘରର ଉପର ମହଲା ଖୋଲା ପିଣ୍ଡା ।

**ବାଲ୍ ଛଡ଼ାବା କ୍ରି.** କେଶ ଧୋଇ ସଫା କରିବା ।

**ବାଲ୍‌ତି(ଟି) ବି.** ଦସ୍ତା, ଆଲୁମିନିୟମ, ପିତଳ ବା ପ୍ଲାଷ୍ଟିକ୍ ତିଆରି ନାଡ଼ ଥିବା ଫର୍ଚ୍ଚାମୁହାଁ ପାଣି ରଖା ପାତ୍ର ।

**ବାଲ୍‌ବଚା ବି.** ପିଲାପିଲି ।

**ବାଲା ବି.** ବଳା ଗଣ୍ଠିରେ ପିନ୍ଧା ଯାଉଥିବା ଏକ ପ୍ରକାର ଗୋଲାକାର ଅଳଙ୍କାର ।

**ବାଲାମି ବିଂ.** ସରୁଧାନ ଓ ଚାଉଳବିଶେଷ ।

**ବାଲି ବି.** ୧. ବାଲୁକା, ପଥରର ଚୂନା ଚୂନା ସୂକ୍ଷ୍ମ ଆକାର ୨. ବାର୍ଲି, ଯବ ଚୂର୍ଣ୍ଣ ୩. ଦ୍ୱୀପ ବିଶେଷ ।

**ବାଲିଆ ବିଂ.** ୧. ବାଲିପରି ଦାନାଦାର ୨. ବାଲୁକାମିଶ୍ରିତ ।

**ବାଲିଆଦାଢ଼ ବି.** ଜଙ୍ଘସନ୍ଧିରେ ଉଠିଥିବା ବ୍ରଣ ।

**ବାଲିକଙ୍କଡା ବି.** ସମୁଦ୍ର ବାଲିରେ ରହୁଥିବା ଛୋଟ କଙ୍କଡ଼ା ବିଶେଷ ।

**ବାଲିକାଗଜ ବି.** କାଠ, ଲୁହାଦି ଚିକ୍କଣ କରିବାକୁ ବ୍ୟବହୃତ ହେଉଥିବା ଏକ ପ୍ରକାରର ସ୍ୱତନ୍ତ୍ର ମୋଟା କାଗଜ-ଯେଉଁଥିରେ ଅଠା ଓ ବାଲି ସାହାଯ୍ୟରେ ଏକ ଦାଢୁଆ ବୋଳ ଦିଆଯାଇଥାଏ ।

**ବାଲିକିରା ବି.** ଛୋଟ ମାଛ ବିଶେଷ ।

**ବାଲିଖିଆ ବିଂ.** ବାଲି ଚରିଯାଇଥବା (ଗୋଡ଼/ଜମି) ; **ବି.** ପାଣି ବା କାଦୁଅ ବାରମ୍ବାର ଲାଗି ଗୋଡ଼ ଆଙ୍ଗୁଠି ସନ୍ଧିରେ ହେଉଥିବା ଘା' ।

**ବାଲିଗରଡ଼ା ବି.** ୧. ବାଲିକିରା ମାଛ ୨. ନଈବାଲିରୁ ମିଳୁଥିବା ଚିକ୍କଣ ପଥରଖଣ୍ଡ ।

**ବାଲିଘର ବି.** ଦରଓଦା ବାଲିରେ ପିଲା ତିଆରି କରିବା ଘର ।

**ବାଲିଘୁମୁରା** *ବି.* ଏକ ପ୍ରକାର ମାଛ ।

**ବାଲିଙ୍ଗି** *ବି.* ୧. ବାକ୍ ଚାତୁରୀ ୨. ପ୍ରୌଢ଼ି ୩. ଖଞ୍ଜ ଦେଖାଇବା, କୌଶଳକରିବା ।

**ବାଲିଚଡ଼ା, ବାଲିଚରା** *ବି.* ନଈ ମଝିରେ ଢିପ ବା ବାଲିଆ ଭୂଇଁ ଖଣ୍ଡ ।

**ବାଲିଚର** *ବି.* ବଢ଼ି ଯୋଗୁଁ ବାଲି ମାଡ଼ି ଯାଇଥିବା ବିସ୍ତୀର୍ଣ୍ଣ ଅଞ୍ଚଳ ।

**ବାଲିଚରା** *ବିଂ.* ବାଲି ବିସ୍ତୃତ ହୋଇପଡ଼ିଥିବା; *ବି.* ଏକ ପ୍ରକାର ଚର୍ମରୋଗ ।

**ବାଲିଛତୁ** *ବି.* ବାଲିଆ ମାଟିରେ ଫୁଟୁଥିବା ଛୋଟ ଛୋଟ ଛତୁ ।

**ବାଲିଜନ୍ଦା** *ବି.* ୧. କାଦୁଅ ଲାଗି ହୋଇଥିବା ଆଙ୍ଗୁଠି ସନ୍ଧିର ଘା ୨. ଏକ ପ୍ରକାର ନାଲି ଜନ୍ଦା ।

**ବାଲିବନ୍ତ** *ବି.* ନଦୀ ବା ସମୁଦ୍ର କୂଳର ବାଲିର ଉଚ୍ଚ ଗଦା ବା ସ୍ତୁପ ।

**ବାଲିବନ୍ଧ** *ବି.* ୧. ବାଲିରେ ତିଆରି ବନ୍ଧ ୨. କ୍ଷଣସ୍ଥାୟୀ ବସ୍ତୁ ବା ବିଷୟ ।

**ବାଲିଭଜା** *ବିଂ.* ବାଲି ତତାଇ ତା ସହିତ ଭଜା ଯାଉଥିବା (ଶସ୍ୟ) ।

**ବାଲିଶ୍** *ବି.* ତକିଆ, ମାଣ୍ଡି ।

**ବାଲିଶଯ୍ୟା** *ବି.* ମୃତକ କର୍ମର ଏକାଦଶ ଦିନ ପ୍ରେତ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଉଥିବା ନୂତନ ଶଯ୍ୟା ।

**ବାଲିଶୁଆ** *ବି.* ଏକପ୍ରକାର ଛୋଟ ଶୁଆପକ୍ଷୀ ।

**ବାଲିସରା** *ବି.* ନଈ ପ୍ରଭୃତିର ପାଣିତଳେ ଥିବା ବାଲିସ୍ତର ।

**ବାଲିସରିଆ** *ବିଂ.* ଅଧିକ ବାଲିଅଂଶ ଥିବା (ମାଟି)।

**ବାଲିହଂସ** *ବି.* ଛୋଟ ହଂସ ବିଶେଷ ।

**ବାଲିହରିଣ** *ବି.* ଛୋଟ ହରିଣ ବିଶେଷ, ବାଉଟିଆ ।

**ବାଲୁଅ** *ବି.* ତେଣ୍ଡାର ବାହାଲ ମୁଣ୍ଡରେ ଲଗାଯାଇଥିବା ମାଟି ।

**ବାଲୁକା** *ବି.* ପଥରର ଅତି ସରୁସରୁ ଖଣ୍ଡ, ବାଲି, ବାଏଲ, ସିକତା ।

**ବାଲୁକାମୟ** *ବିଂ.* ବାଲିରେ ପୂର୍ଣ୍ଣ ।

**ବାଲୁକାଶିଳ୍ପ** *ବି.* ବାଲିରେ ତିଆରି ମୂର୍ତ୍ତିକଳା ।

**ବାଲୁକେଶ,ବାଲୁକେଶ୍ୱର** *ବି.* ଶିବଲିଙ୍ଗ ବିଶେଷ ।

**ବାଲୁଙ୍କା** *ବି.* ବାଲିରେ ଗଢ଼ା ଶିବଲିଙ୍ଗ ।

**ବାଲୁଙ୍କାପୂଜା** *ବି.* ଭାଦ୍ର ଶୁକ୍ଳ ତୃତୀୟାରେ କୁମାରୀମାନେ ଓ ବ୍ରତଚାରିଣୀମାନେ ଓଦାବାଲିରେ ଶିବଲିଙ୍ଗ ତିଆରିକରି କରୁଥିବା ପୂଜା ୨. କାର୍ତ୍ତିକମାସରେ ବିଧବାମାନଙ୍କ ବାଲୁକା ଶିବପୂଜା ।

**ବାଲେଶ୍ୱରୀ** *ବି.* ୧. ଧୂଆଁପତ୍ର ବିଶେଷ ୨. ମିଷ୍ଟାନ୍ନ ବିଶେଷ; *ବିଂ.* ୧. ଅଶୀ ତୋଳା ଓଜନବିଶିଷ୍ଟ ୨. ବାଲେଶ୍ୱରରେ ଜାତ ବା ପ୍ରସ୍ତୁତ ।

**ବାଲ୍ୟକାଳ** *ବି.* ପିଲାଦିନ, ବାଳୁତ ସମୟ ।

**ବାଲ୍ୟବନ୍ଧୁ, ବାଲ୍ୟସୁହୃଦ** *ବି.* ପିଲାଦିନୁ ଯାହା ସହିତ ବନ୍ଧୁତା ଏଯାବତ ରହିଛି ।

**ବାଲ୍ୟବିଧବା** *ବି.* ବାଳୁତବିଧବା ।

**ବାଲ୍ୟବୈଧବ୍ୟ** *ବି.* ପୁଆଣି ପୂର୍ବରୁ ସ୍ୱାମୀ ମୃତ୍ୟୁ ହେତୁ ବିଧବା ଅବସ୍ଥା ।

**ବାଲ୍ୟସଖା** *ବି.* ବାଲ୍ୟବନ୍ଧୁ, ପିଲାଦିନର ସାଙ୍ଗ, ପିଲାଦିନର ସାଥୀ ।

**ବାଲ୍ୟସଙ୍ଗୀ** *ବି.* ବାଲ୍ୟ ସହଚର, ପିଲାଦିନର ସାଥୀ ।

**ବାଶୁଳୀ, ବାସେଳୀ** *ବି.* ଚଣ୍ଡୀଙ୍କର ଏକ ରୂପ, ଗ୍ରାମଦେବୀ ବିଶେଷ ।

**ବାଷଠ** *ବି.* ମିଛ, ଠକାମି ।

**ବାଷଠିଆ** *ବିଂ.* ଠକ, ମିଛୁଆ, ଶଠ ।

**ବାଷଠୀ** *ବି.* ୬୨ ସଂଖ୍ୟା ।

**ବାଷ୍ଟାର୍ଡ** *ବି.* ବେଧଛୁଆ, ଅବୈଧସନ୍ତାନ ।

**ବାଷ୍ପ** *ବି.* ୧. ତରଳ ପଦାର୍ଥର ବାୟବୀୟ ରୂପ, ତରଳ ପଦାର୍ଥର ଧୂଆଁଳିଆ ବସ୍ତୁ, ବାମ୍ଫ ୨. ନେତ୍ରଜଳ, ଅଶ୍ରୁ ।

**ବାଷ୍ପପୋତ, ବାଷ୍ପୀୟପୋତ, ବାଷ୍ପୀୟତରଣୀ** *ବି.* ବାଷ୍ପଚାଳିତ ଜାହାଜ, ଷ୍ଟିମର୍, ଯନ୍ତ୍ରଚାଳିତ ଡଙ୍ଗା।

**ବାଷ୍ପସ୍ନାନ** *ବି.* ବାମ୍ଫ ଆଣି ସ୍ନାନ, ବାମ୍ଫରେ ଦେହ ଭିଜାଇବା ।

**ବାଷ୍ପାକୁଳ** *ବିଂ.* ଅଶ୍ରୁପୂର୍ଣ୍ଣ, ଲୋତକଭରା ।

**ବାଷ୍ପାୟନ** *ବି.* ତରଳ ପଦାର୍ଥର ବାଷ୍ପରେ ପରିଣତ ହେବା ପ୍ରକ୍ରିୟା ।

**ବାଷ୍ପାୟମାନ** *ବିଂ.* ଯହିଁରୁ ବାଷ୍ପ ବାହାରୁ ଅଛି, ବାମ୍ଫ ବାହାରୁଥିବା ।

**ବାଷ୍ପୀଭବନ** *ବି.* ବାଷ୍ପରେ ପରିଣତ ହେବା; *ବିଂ.* ବାଷ୍ପୀଭୂତ ।

**ବାଷ୍ପୀୟ** *ବିଂ.* ବାଷ୍ପ ବିଷୟକ, ବାଷ୍ପଚାଳିତ ।

**ବାଷ୍ପୀୟଶକଟ** *ବି.* ରେଳଗାଡ଼ି ।

**ବାସ୍** *ଅ.* ସମାପ୍ତି ବା ନିଷେଧ ବୋଧକ ଶବ୍ଦ ।

**ବାସ୍ନା** *ବି.* ସୁଗନ୍ଧ, ମହକ ।

**ବାସ** *ବି.* ୧. ଘର, ଅବସ୍ଥାନ ୨. ଲୁଗା, ବସ୍ତ୍ର ୩. ସୁଗନ୍ଧ, ମହକ ।

**ବାସକସଜ୍ଜା** *ବି.* ନାୟକଙ୍କ ଆଗମନକୁ ଉତ୍କଣ୍ଠାର ସହିତ ଅପେକ୍ଷା କରିଥିବା ସୁସଜ୍ଜିତା ନାୟିକା ।

**ବାସଗୃହ** *ବି.* ସ୍ଥାୟୀ ଭାବରେ ରହିବାପାଇଁ ତିଆରି ଘର ।

**ବାସଙ୍ଗ** *ବି.* ଔଷଧୀୟ ଗଛ ବିଶେଷ (ଶର୍ଦ୍ଦି ଶ୍ଳେଷ୍ମା ଆଦିପାଇଁ) ।

**ବାସନ** *ବି.* ଥାଳି, ତାଟିଆ, ଢାଳ ଆଦି ପାତ୍ର ।

**ବାସନକୁସନ** *ବି.* ଘରର ଦରକାରୀ ଛୋଟ ବଡ଼ ଯାବତୀୟ ରନ୍ଧନ ଓ ଭୋଜନ ଉପକରଣ ବା ପାତ୍ର ।

**ବାସନମଜା** *ବି.* ବାସନ ମାଜିବାପାଇଁ ବ୍ୟବହୃତ ଉପକରଣ ।

**ବାସନ ମାଜିବା** *ବି.* ବାସନ ସଫା କରିବା ।

**ବାସନା** *ବି.* ୧. ଅଭିଳାଷ, କାମନା ୨. ମହକ, ସୁବାସ ୩. ଟେର, ଆଭାସ, ସୂଚନା ; *ବିଂ.* ମହକଯୁକ୍ତ, ସୁବାସ ଯୁକ୍ତ ।

**ବାସନା ଚାଉଳ** *ବି.* ବାସୁଥିବା ସରୁଚାଉଳ, ବାସ୍‌ମତି ଚାଉଳ ।

**ବାସନା ତେଲ** *ବି.* ଅତରମିଶା ବା ସୁଗନ୍ଧିତ ତେଲ ।

**ବାସନ୍ତୀ** *ବିଂ.* ବସନ୍ତକାଳୀନ ; *ବି.* ୧. ଦୁର୍ଗା ୨. ମାଧବୀ, ନବମଲ୍ଲିକା ।

**ବାସନ୍ତୀ ପୂଜା** *ବି.* ବସନ୍ତ କାଳରେ ଅନୁଷ୍ଠିତ ଦୁର୍ଗାପୂଜା ।

**ବାସନ୍ଧ** *ବି.* ୧. ନିଷେଧ ୨. ଜାତିରୁ ଅଟକ ; *ବିଂ.* ସମାଜଚ୍ୟୁତ ।

**ବାସବ** *ବି.* ଇନ୍ଦ୍ର, ବର୍ଷାର ଦେବତା ।

**ବାସଭୂମି** *ବି.* ସ୍ଥାୟୀ ବାସସ୍ଥାନ, ରହିବା ସ୍ଥାନ ।

**ବାସର** *ବି.* ୧. ଦିନ, ତିଥି, ବାର ୨. ବରକନ୍ୟାଙ୍କର ପ୍ରଥମ ମିଳନ ।

**ବାସର ଘର** *ବି.* ବର କନ୍ୟାଙ୍କ ପ୍ରଥମ ମିଳନରାତି ଯାପନର ଘର ।

**ବାସରୀୟ** *ବିଂ.* ଦିବସ ସମ୍ବନ୍ଧୀୟ, ଦିବସଘଟିତ ।

**ବାସି** *ବିଂ.* ଯାହା ସଜ ନୁହେଁ, ଗତକାଲିରୁ ବାକିଥିବା, ପୂର୍ବଦିନ ବ୍ୟବହୃତ, ବାସିଆ; *ବି.* ବାସି ପଖାଳ । ।

**ବାସିକା** *ବି.* ବାକି ପଡ଼ିଥିବା କାମ ।

**ବାସି ତିଅଣ** *ବି.* ଗତକାଲିର ତରକାରି ।

**ବାସି ତୋରାଣି** *ବି.* ଆମ୍ବିଳିତୋରାଣି, କାଞ୍ଜିତୋରାଣି ।

**ବାସିନ୍ଦା** *ବି.* ଅଧିବାସୀ ; *ବିଂ.* ବାସକାରୀ ।

**ବାସି ପଖାଳ** *ବି.* ଗତ ଦିନରୁ ପଖଳା ଯାଇଥିବା ଭାତ ।

**ବାସିପାଇଟି** *ବି.* ଗତଦିନର ସରିନଥିବା କାମ, ସକାଳର ଘରକାମ ।

**ବାସିପାଳିଆ** *ବି.* ଶ୍ରୀମନ୍ଦିରରେ ରାତିରୁ ସେବାରେ ରହିଥିବା ସେବକ ।

**ବାସିବା** *କ୍ରି.* ୧. ମହକିବା, ସୁଗନ୍ଧଯୁକ୍ତ ହେବା ୨. ବାସିହେବାରୁ ଗନ୍ଧାଇବା ।

**ବାସି ଭାତ** *ବି.* ପୂର୍ବଦିନର ରନ୍ଧାଭାତ ।

**ବାସି ମଡ଼ା** *ବି.* ମୃତ୍ୟୁ ପରଦିନ ଯାଏଁ ପଡ଼ିଥିବା ଶବ, *ବିପ.* ସଜମଡା ।

**ବାସି ମୁହଁ** *ବି.* ଅଧୁଆମୁହଁ ।

**ବାସି ଲୁଗା** *ବି.* ଧୋବାଘରୁ ଆସିଥିବା ଲୁଗା, ଧୁଆଲୁଗା ।

**ବାସି ଶେଯ** *ବି.* ଗତ ରାତିର ଶେଯ ।

**ବାସୀ** *ବିଂ.* ବାସକାରୀ, ବାସିନ୍ଦା ।

**ବାସୁଆ ବଳଦ** *ବି.* ୧. ଶିବଙ୍କ ବୃଷଭ ବାହନ ୨. ଭିକ୍ଷା ବୃତ୍ତିପାଇଁ ବ୍ୟବହୃତ ପୋଷା ଷଣ୍ଢ ।

**ବାସୁକୀ** *ବି.* ସର୍ପରାଜ ଅନନ୍ତ, ପୁରାଣାନୁସାରେ ପୃଥିବୀକୁ ମଥାରେ ଧରି ରଖିଥିବା ସାପରାଜା ।

**ବାସୁଙ୍ଗା** *ବି.* କଦଳୀଗଛର ଶୁଖିଲା ପଟ୍ଟ ବା ଖୋଳପା, ପାଟୁଙ୍ଗା ।

**ବାସେଳୀ** *ବି.* ଲୋକଦେବୀ, କୈବର୍ତ୍ତ୍ୟ ସମ୍ପ୍ରଦାୟ ପୂଜିତ ଦେବୀ ।

**ବାସୋପଯୋଗୀ** *ବିଂ.* ଘରକରି ରହିବା ଯୋଗ୍ୟ ।

**ବାସ୍ତବ** *ବିଂ.* ୧. ଯଥାର୍ଥ, ପ୍ରକୃତ ୨. ଇନ୍ଦ୍ରିୟଗ୍ରାହ୍ୟ ।

**ବାସ୍ତବତା** *ବି.* ୧. ଯଥାର୍ଥତା ୨. ଇନ୍ଦ୍ରିୟଗ୍ରାହ୍ୟ ଅବସ୍ଥା ।

**ବାସ୍ତବିକ** *କ୍ରି.ବିଂ.* ପ୍ରକୃତରେ, ଯଥାର୍ଥରେ, ସତସତରେ ; *ବିଂ.* ସତ୍ୟ, ପ୍ରକୃତ, ଯଥାର୍ଥ ।

**ବାସ୍ତୁ** *ବି.* ୧. ବାସଗୃହ, ବାସସ୍ଥାନ, ଭିଟା ୨. ବଥୁଆ ଶାଗ ୩. ଘର ତିଆରି କରିବାକୁ ସୁନିର୍ଦ୍ଦିଷ୍ଟ ଜାଗା ।

**ବାସ୍ତୁବିଦ୍ୟା, ବାସ୍ତୁଶାସ୍ତ୍ର** *ବି.* ସ୍ଥପତି ବିଦ୍ୟା, ଘରନିର୍ମାଣ ବିଦ୍ୟା ।

**ବାସ୍ତୁରା** *ବିଂ.* ବାରବୁଲା, ବାତରା, ବାନାଖାଉଡ଼ିଆ ।

**ବାସ୍ତୁହରା** *ବିଂ.* ଉଦ୍‌ବାସ୍ତୁ, ଗୃହହୀନ ହୋଇ ଭିଟାମାଟି ଛାଡ଼ିଥିବା, ଦରିଦ୍ର ।

**ବାହକ** *ବିଂ.* ବହନକାରୀ, ଚାଳକ ; *ବି.* ବୋଝିଆ, ନାଉରି, ସାରଥି ।

**ବାହନ** *ବି.* ୧. ଯେ ବହନ କରେ, ଯାହା ଉପରେ ଚଢ଼ି ଯିବା ଆସିବା କରାଯାଏ (ହଂସ ସରସ୍ୱତୀଙ୍କର, ମୂଷା ଗଣେଶଙ୍କର) ୨. ମାଧ୍ୟମ, ସହାୟ, ଯାପନ ।

**ବାହା** *ବି.* ୧. ବିବାହ ୨. ବାହୁ ।

**ବାହା ଗିଳିବା** *କ୍ରି.* ଅଧିକ ଆଗେଇବା, ସବୁ ଦ୍ରୋକିବାକୁ ଉଦ୍ୟମ କରିବା ।

**ବାହାଘର** *ବି.* ବିବାହଉତ୍ସବ ।

**ବାହାଚୋରା** *ବି.* ବିବାହ, ବାହାଚୁଡା ।

**ବାହାଡା** *ବି.* ବଡ଼ ଗଛ ଓ ତାର କଷା ଫଳ ବିଶେଷ ; *ବିଂ.* ଦେଢ଼ିଆ ହୋଇ ଉଠିଥିବା (ଦାନ୍ତ) ।

**ବାହାଣ** *ବିଂ.* ୧. ବାମପାର୍ଶ୍ୱସ୍ଥ ୨. ବାଆଁ ପାଖରେ ଯୁକ୍ତ (ବଳଦ) ; *ବି.* ବୁହାଇବା, ବାହିବା, ଚାଳନ କରିବା ।

**ବାହାଣିଆ** *ବି.* ଡଙ୍ଗାବୁହାଳି ଲୋକ ; *ବିଂ.* ପାରିଲାର, ବଳୁଆ ।

**ବାହାଦୁର** *ବିଂ.* ସମର୍ଥ, ଅସାଧ୍ୟ ସାଧନକାରୀ ; *ବି.* ଉପାଧି ବିଶେଷ ।

**ବାହାଦୁରି** *ବି.* ପୌରୁଷ, କୃତିତ୍ୱର ଗୌରବ, ଓସ୍ତାଦି ।

**ବାହାଦୁରିଆ** *ବିଂ.* ୧. ପ୍ରଶଂସାଯୋଗ୍ୟ, ସାମର୍ଥ୍ୟସୂଚକ ୨. ବେଶି ଦେଖେଇ ହେଉଥିବା, ଫୁଟାଣିଆ ।

**ବାହାନା** *ବି.* ଛଳନା, ପେଖନା ।

**ବାହାପିଆ** *ବିଂ.* ବୃଥା ବଡ଼ିମା ଦେଖାଉଥିବା, ବୃଥା ଆସ୍ଫାଳିକରୁଥିବା ।

**ବାହାପାଣି** ***ବି.*** ବାତୁଅପାଣି ।

**ବାହାପୁଆଣି** ***ବି.*** ବାହାଘର ପରେ କନ୍ୟାର ବୋହୂ ହୋଇ ବରଘରକୁ ଯାତ୍ରା ।

**ବାହାବା** ***ବି.*** ଉଚ୍ଛ୍ୱସିତ ପ୍ରଶଂସା ; ***ଅ.*** ବିସ୍ମୟ-ହର୍ଷ ଓ ପ୍ରଶଂସାବ୍ୟଞ୍ଜନ ଉକ୍ତି ।

**ବାହାର** ***ବି.*** ୧. ଯାହା ଏଠି ବା ଭିତର ନୁହେଁ ୨. ଅନ୍ୟ ସ୍ଥାନ ୩. ଅଗଣା, ବାହାରପାଖ ୪. ଆବିଷ୍କାର ; ***ବିଂ.*** ୧. ବାହ୍ୟ ୨. ଅବାଧ୍ୟ ୩. ନିଃସମ୍ପର୍କୀୟ ୪. ଉଦ୍‌ଗତ, ତଡ଼ା ହୋଇଥିବା ।

**ବାହାର ଅବକାଶ** ***ବି.*** ରାଜାଙ୍କ ବିଶ୍ରାମ ବା ମଉଜପାଇଁ ସମୟ ।

**ବାହାରକୁ** ***ବି.*** ଝାଡ଼ା, ବହିର୍ଦ୍ଦେଶ ।

**ବାହାର କୁଆଁର** ***ବି.*** କୁମାର ପୂର୍ଣ୍ଣିମା ଦିନ ଲକ୍ଷ୍ମୀଙ୍କ ଜଗମୋହନରେ ଲକ୍ଷ୍ମୀ ଏବଂ ଜଗମୋହନଙ୍କ ଦ୍ୟୁତକ୍ରୀଡ଼ା ।

**ବାହାର ଗାଆଣି** ***ବି.*** ଶ୍ରୀମନ୍ଦିରର ମାହାରି ବିଶେଷ ।

**ବାହାରି** ***ବିଂ.*** ବାହ୍ୟ, ଅସଂଯୁକ୍ତ, ବାହାରକୁ ଦିଶୁଥିବା ।

**ବାହାରିବା** ***କ୍ରି.*** ୧. ପଦାକୁ ଯିବା ୨. ପ୍ରକାଶିତ ହେବା ୩. ଆବିର୍ଭୂତ ହେବା ୪. ଉଦ୍ୟତ ହେବା ୫. ନିର୍ଗତ ହେବା ।

**ବାହାରେ** ***ଅ.*** ୧. ଅତିରିକ୍ତ, ବ୍ୟତୀତ ୨. ବାହାର ପଟେ, ବାହାର ଆଡ଼େ ।

**ବାହାଲ** ***ବି.*** ୧. ନିଷ୍କର ଜମି ୨. ସ୍ଥାୟୀ ନିଯୁକ୍ତି ୩. ତେଣ୍ଡାରେ ଲାଗିଥିବା ବଡ଼ ବାଉଁଶ ୪. ପାନପତ୍ରର ଦୁଇପାର୍ଶ୍ୱ ୫. ଉଚ୍ଚ ହିଡ଼ ଥିବା ଖାଲୁଆ ଚାଷ ଜମି ; ***ବିଂ.*** କାଏମ, ସ୍ଥାୟୀ ଭାବରେ ନିଯୁକ୍ତ ।

**ବାହାସୂତା** ***ବି.*** ବାହୁରେ ପିନ୍ଧା ହେବା ଅଳଙ୍କାର ବିଶେଷ ।

**ବାହାସ୍ଫୋଟ** ***ବି.*** ଫୁଟାଣି, ବଡ଼ିମା ।

**ବାହି** ***ବି.*** ୧. କାଚମୁଠା ୨. ଖଟର ଲମ୍ବ ଓ ପ୍ରସ୍ଥ କାଠ ବା ଦଣ୍ଡା ।

**ବାହିବା** ***କ୍ରି.*** ୧. ବୁହାଇବା, ଚଳାଇବା ୨. ଅତିକ୍ରମ କରିବା ।

**ବାହିନୀ** ***ବି.*** ୧. ସୈନ୍ୟଦଳ ୨. ନଦୀ ; ***ବିଂ.*** ବାହିକା, ପ୍ରବାହିତା ।

**ବାହୀ** ***ବିଂ.*** ୧. ଯେ ବୋହେ ବା ଧାରଣ କରେ ୨. ଖଟର ଦଣ୍ଡା ।

**ବାହୁ** ***ବି.*** ୧. ବାହା, କାନ୍ଧଠାରୁ କହୁଣି ଯାଏ ଅବୟବ ୨. ଜ୍ୟାମିତିକ କ୍ଷେତ୍ରର ସୀମାନ୍ତ ସରଳରେଖା ।

**ବାହୁକ** ***ବି.*** ରଥଯାତ୍ରା ବେଳେ ରଥ ଉପରୁ ଉତ୍ତେଜକ ଗୀତ ବୋଲୁଥିବା ସେବକ, ଡାହୁକ ।

**ବାହୁଙ୍ଗା** ***ବି.*** ଡାଳ, ନଡ଼ିଆ ଆଦି ଗଛର ଡାଳ ।

**ବାହୁଙ୍ଗି** ***ବି.*** ଭାରର ବାଉଁଶଦଣ୍ଡ, ଭାରଯଷ୍ଟି ।

**ବାହୁଟି** ***ବି.*** ବାହୁର ଗହଣା ବିଶେଷ, ବାଜୁବନ୍ଧ ।

**ବାହୁଟିଆ** ***ବି.*** ଚିତ୍ରିତ ମୃଗ ବିଶେଷ ।

**ବାହୁଟି ପେଷିବା** ***କ୍ରି.*** ତନ୍ତ୍ର ପଦ୍ଧତିରେ ଝିଅ ବୋହୂଙ୍କର ମାନସିକ ବିକୃତି ସୃଷ୍ଟି କରିବା ।

**ବାହୁଡ଼ା, ବାହୁଡ଼ାବିଜେ** ***ବି.*** ଗୁଣ୍ଡିଚା ଘରୁ ଜଗନ୍ନାଥଙ୍କ ରଥ ଫେରିବାର ଉତ୍ସବ ।

**ବାହୁଡ଼ାଦଶମୀ** ***ବି.*** ଆଷାଢ଼ ଶୁକ୍ଳ ଦଶମୀ ।

**ବାହୁଡ଼ିବା** ***କ୍ରି.*** ଲେଉଟିବା, ଫେରିବା ।

**ବାହୁନା** ***ବି.*** ୧. ଗୁଣ ସ୍ମରଣ କରି ବିଳାପ ୨. ଖୁଣ ବା ତ୍ରୁଟି ଦେଖାଇବା ।

**ବାହୁନିବା** ***କ୍ରି.*** ୧. ଗୁଣସବୁ ହେଜି ଦୁଃଖରେ କାନ୍ଦିବା ୨. ଦୋଷ ବା ଖୁଣମାନ ଦେଖାଇ ଦେବା ।

**ବାହୁପାଶ** ***ବି.*** କୁଣ୍ଢ, ଆଶ୍ଳେଷ, ବେଷ୍ଟନକାରୀ ବାହୁ ।

**ବାହୁବନ୍ଧନ** ***ବି.*** ଆଲିଙ୍ଗନ, ଜାବୁଡ଼ି ଧରିବା, ଆଶ୍ଳେଷ ।

**ବାହୁବଳ** ***ବି.*** ଶାରୀରିକ ଜୋର୍, ଅସ୍ତ୍ରଶସ୍ତ୍ରର ଜୋର୍ ।

**ବାହୁବଳୀ** ***ବିଂ.*** ଜୋର୍ ଜବରଦସ୍ତ କରୁଥିବା, ବଳପ୍ରୟୋଗ କରୁଥିବା; ***ବି.*** ୧. ଗୁଣ୍ଡା ୨. ହନୁମାନଙ୍କ ଅନ୍ୟନାମ ୩. ବଳୁଆ ଲୋକ ।

**ବାହୁମୂଳ** ***ବି.*** କାଖ, ବଗଲ ।

**ବାହୁଯୁଦ୍ଧ** ***ବି.*** କୁସ୍ତି, ବିନା ଅସ୍ତ୍ରରେ ଲଢ଼େଇ ।

**ବାହୁଲ୍ୟ** ***ବି.*** ଆଧିକ୍ୟ, ପ୍ରାଚୁର୍ଯ୍ୟ, ବହୁଳତା, ଆତିଶଯ୍ୟ ।

**ବାହୁସ୍ଫୋଟ** ***ବି.*** ସ୍ପର୍ଦ୍ଧାପାଇଁ ନିଜ ବାହୁରେ ପୋଲା ଚାପୁଡ଼ା ଶବ୍ଦ କରିବା, ବାହାସ୍ଫୋଟ ।

**ବାହ୍ୟ** ***ବିଂ.*** ୧. ବାହାରକୁ ଦିଶୁଥିବା ୨. ବଳକା ୩. ଗୌଣ ।

**ବାହ୍ୟଜଗତ** ***ବି.*** ୧. ବାହାର ଦୁନିଆଁ ୨. ଜଡ଼ଜଗତ ।

**ବାହ୍ୟଜ୍ଞାନ** ***ବି.*** ୧. ବାହାର ବିଷୟରେ ଜ୍ଞାନ ୨. ଚେତା, ହୋସ ।

**ବାହ୍ୟଦୃଷ୍ଟି** ***ବି.*** ଚର୍ମଚକ୍ଷୁରେ ଦେଖିବା, ଅଗଭୀର ଦୃଷ୍ଟି ।

**ବିଁଧ୍‌ନି** ***ବି.*** ବେଧୁଣି, କାଠ କଣା କରିବାରେ ବ୍ୟବହୃତ ଯନ୍ତ୍ର, ଫୋଡ଼ଣି, ଭଁଅର ।

**ବିଅଁ** ***ବି.*** ସପ ବା ମସିଣା ବୁଣିବାରେ ବ୍ୟବହୃତ କାଠ ବା ବାଉଁଶର ଛାଞ୍ଚ ।

**ବିଅଣ** ***ବି.*** ଧାନଚାଷ ସମୟରେ ବେଢ଼ୁଡା/ବେଉଷଣ ।

**ବିଅର୍ଥ** ***ବିଂ.*** ବୃଥା, ନିଷ୍ଫଳ, ଅକାରଣ ।

**ବିଅର୍** ***ବି.*** ଲଘୁ ନିଶାଯୁକ୍ତ ପାନୀୟ ବିଶେଷ ।

**ବିଆଇବା** ***କ୍ରି.*** ପ୍ରସବ କରିବା, ଉପୁଜାଇବା ।

**ବିଆଡ଼୍‌** ***ବି.*** ପ୍ରସବ, ଜନ୍ମ ।

**ବିଆଣ** ***ବି.*** ସନ୍ତାନ ପ୍ରସବ ।

**ବିଆଣି** ***ବିଂ.*** ପ୍ରସୂତି, ଜନ୍ମ କରିଥିବା ; ***ବି.*** ସନ୍ତାନ ।

**ବିଆଳି** ***ବି.*** ଲଘୁ ବା ସାନ ଧାନ, ଅଶିଣ ମାସରେ ପାଚୁଥିବା ଛୋଟ ଧାନ ।

**ବିଆଳି ମାଗୁଣିଆ** ***ବିଂ.*** ତୁଚ୍ଛ, ହୀନ ।

**ବିଇଁଚି, ବିଇଁଞ୍ଚି** ***ବି.*** ପାଦର ଚର୍ମରୋଗ ବିଶେଷ, ଏକ୍‌ଜିମା ।

**ବିକ୍‌ସିବା** ***କ୍ରି.*** ୧. ରନ୍ଧନପାତ୍ରରେ ଚାଉଳ ସିଝି ସିଝି ଭାତ ଅବସ୍ଥାକୁ ଆସିବା ୨. ଉଲୁସିବା, ବିକଶିବା ୩. ଅଧିକ ହେବା ।

**ବିକଚ** ***ବିଂ.*** ଫୁଟନ୍ତା, ଫୁଟିଥିବା ।

**ବିକଟ** ***ବିଂ.*** ୧. ଭୟଙ୍କର ୨. ଅସୁନ୍ଦର ।

**ବିକଟାଳ** ***ବିଂ.*** କୁତ୍ସିତ ଓ ଭୟଙ୍କର, କଦାକାର, ବୀଭତ୍ସ ।

**ବିକଣ୍ଡି** ***ବି.*** ସଂକୀର୍ଣ୍ଣ ସ୍ଥାନ ।

**ବିକର୍** ***ବି.*** ଗିଲାସ ଆକୃତିର କାଚପାତ୍ର ବିଶେଷ (ବୈଜ୍ଞାନିକ ପରୀକ୍ଷାଗାରରେ ସାଧାରଣତଃ ବ୍ୟବହୃତ) ।

**ବିକର୍ତ୍ତନ** ***ବି.*** ୧. ଛେଦନ, ଛେଦିବା ୨. ଅପରାହ୍ନର ସୂର୍ଯ୍ୟ ।

**ବିକର୍ଷଣ** ***ବି.*** ଦୁଇ ବସ୍ତୁର ପରସ୍ପରଠାରୁ ଦୂରେଇଯିବା ପ୍ରବୃତ୍ତି, ଆକର୍ଷଣର ବିପରୀତ ।

**ବିକମ୍ପ** ***ବି.*** ଅତିଶୟ କମ୍ପିବା, ଦ୍ରୁତ ସ୍ପନ୍ଦନ ।

**ବିକଳ** ***ବିଂ.*** ଅତ୍ୟନ୍ତ ଆକୁଳ, ବିଚଳିତ ବା ଉଦ୍‌ବିଗ୍ନ ଅବସ୍ଥା ।

**ବିକଳା, ବିକଳିଆ** ***ବିଂ.*** ଖାଦ୍ୟପାଇଁ ଅତି ଆତୁର ବା ଧୈର୍ଯ୍ୟହୀନ, ଅଙ୍କାଳିଆ, ଖାଦ୍ୟଲୋଭୀ ; ***ବି.*** ପୂର୍ଣ୍ଣକଳାର ଅତି ଛୋଟ ଅଂଶ ।

**ବିକଳାଙ୍ଗ** ***ବିଂ.*** ଅଙ୍ଗ ବିକୃତି ଥିବା ।

**ବିକଳ୍ପ** ***ବି.*** ୧. ଅନ୍ୟରୂପ ୨. ଗୋଟାଏ ସ୍ଥାନରେ ସେହିଭଳି ଆଉ ଏକ ବସ୍ତୁ ୩. ବିପରୀତ କଳ୍ପନା ୪. ଭ୍ରମ, ସଂଶୟ ।

**ବିକଳ୍ପିତ** ***ବିଂ.*** ବିପରୀତ ରୂପେ କଳ୍ପନା କରାଯାଇଥିବା, ଅନ୍ୟରୂପେ କଳ୍ପିତ, ସଂଶୟଯୁକ୍ତ ।

**ବିକଶନ, ବିକସନ** ***ବି.*** ୧. ଫୁଟିବା ୨. ବିକାଶ, ପ୍ରସ୍ଫୁଟନ ; ***ବିଂ.*** ବିକଶିତ ।

**ବିକା** ***ବି.*** ୧. ବିକିରି, ବିକିବା ୨. ବିକ୍ରି ।

**ବିକାର** ***ବି.*** ୧. ଖାଦ୍ୟରେ ଅରୁଚି ୨. ଘୃଣା ୩. ଅସ୍ୱାଭାବିକ ଗୁଣ, ୪. ବିକୃତି ୫. ଅନ୍ୟରୂପେ ପ୍ରକାଶିତ ହେବା ୬. ରୋଗ ବିଶେଷ (*ବିଶେ.* ମାନସିକ)

**ବିକାରଗ୍ରସ୍ତ** ***ବିଂ.*** ଅସ୍ୱାଭାବିକ ଅବସ୍ଥାଯୁକ୍ତ, ମାନସିକ ଅସନ୍ତୁଳନ ବା ରୋଗରେ ଆକ୍ରାନ୍ତ ।

**ବିକାଳ** ***ବି.*** ଅପରାହ୍ଣ ।

**ବିକାଳି** ***ବି.*** ୧. ଯେ ବିକେ, ବିକ୍ରେତା ୨. ଅସମୟ, ଦୁଃସମୟ ।

**ବିକାଲ୍** ***ବି.*** ଅସମୟ ।

**ବିକାଶ, ବିକାସ** ***ବି.*** ୧. ଫୁଟିବା ୨. ପ୍ରକାଶ ୩. ଉଲ୍ଲାସ ୪. ଉନ୍ମେଷ, ସର୍ବାଙ୍ଗୀନ ଉନ୍ନତି ।

**ବିକିବା** ***କ୍ରି.*** ବିକ୍ରୟ କରିବା, ମୂଲ୍ୟ ବିନିମୟରେ ଜିନିଷ ଦେବା ।

**ବିକିରଣ** ***ବି.*** ବିଛୁଡ଼ି ହୋଇ ପଡ଼ିବା ।

**ବିକୀର୍ଣ୍ଣ** ***ବି.*** ଚାରିଆଡ଼େ ବୁଣି ହୋଇ ଯାଇଥିବା ।

**ବିକୃତ** ***ବିଂ.*** ୧. ଅସ୍ୱାଭାବିକ ଅବସ୍ଥା ବା ରୂପପ୍ରାପ୍ତ ୨. ବ୍ୟାଧିଗ୍ରସ୍ତ ୩. ବିକଟ, ବିକାରଗ୍ରସ୍ତ ୪. ଅସ୍ୱାଭାବିକ ୫. ଅପ୍ରାକୃତିକ ।

**ବିକୃତି** ***ବି.*** ବିକାର, ବିକୃତ ଅବସ୍ଥା ।

**ବିକେନ୍ଦ୍ରଣ, ବିକେନ୍ଦ୍ରୀକରଣ** ***ବି.*** ୧. କେନ୍ଦ୍ରଠାରୁ ଦୂରକୁ ନେବା ୨. କେନ୍ଦ୍ର ଶାସନ ବ୍ୟବସ୍ଥାକୁ ରାଜ୍ୟ ସରକାରଙ୍କ ଶାସନ ବ୍ୟବସ୍ଥାକୁ ଆଣିବା ୩. କେନ୍ଦ୍ରାଭିମୁଖୀ ଶାସନକୁ ଅନ୍ୟତ୍ର ଅର୍ପଣ ।

**ବିକ୍ରମ** ***ବି.*** ୧. ପ୍ରତାପ, ପରାକ୍ରମ, ଶୌର୍ଯ୍ୟ, ବଳ ୨. ଦ୍ରୁତ ଗତି ୩. ରାଜା ବିକ୍ରମାଦିତ୍ୟ ।

**ବିକ୍ରମାବ୍ଦ** ***ବି.*** ସମ୍ରାଟ ବିକ୍ରମାଦିତ୍ୟଙ୍କ ରାଜତ୍ୱ ଆରମ୍ଭରୁ ଗଣନା କରାଯାଉଥିବା ବର୍ଷ ବା ଗଣନା, ବିକ୍ରମ ସମ୍ବତ୍ ।

**ବିକ୍ରୟ** ***ବି.*** ବିକିବା, ମୂଲ୍ୟ ନେଇ ଅନ୍ୟକୁ ଅଧିକାର ଦେବା ।

**ବିକ୍ରି** ***ବି.*** ବିକା, ବିକିବା ।

**ବିକ୍ରିବଟା** ***ବି.*** କିଣାବିକା, ବ୍ୟବସାୟ ।

**ବିକ୍ରେତା** ***ବିଂ.*** ବିକାଳି, ବିକିବା ଲୋକ, ଦୋକାନି ।

**ବିକ୍ରେୟ** ***ବିଂ.*** ବିକ୍ରୟ ଯୋଗ୍ୟ, ଯାହା ବିକାହେବ ।

**ବିଖ୍‌ନା** ***ବି.*** ନାପସନ୍ଦ ।

**ବିଖ୍‌ନିବା** ***କ୍ରି.*** ୧. ବାଖ୍‌ନିବା, ନାପସନ୍ଦ କରିବା ୨. ମନେ ପକାଇ ବାରମ୍ବାର କହିବା ।

**ବିଖଡ଼** ***ବି.*** କଳି, ଗୋଳମାଳ, ବ୍ୟାଘାତ ।

**ବିଖଡ଼ଦାର** ***ବିଂ.*** କଜିଆଖୋର ।

**ବିଖଣ୍ଡ** ***ବି.*** ଛୋଟ ଛୋଟ ଖଣ୍ଡ ; ***ବିଂ.*** ଛୋଟ ଛୋଟ ଖଣ୍ଡରେ ପରିଣତ ।

**ବିଖଣ୍ଡିତ** ***ବିଂ.*** ୧. ଛୋଟ ଛୋଟ ଖଣ୍ଡରେ ବିଭକ୍ତ ୨. ଯୁକ୍ତିଦ୍ୱାରା ଖଣ୍ଡନ କରାଯାଇଥିବା ୩. ଟିକି ଟିକି ଭାବେ କଟା ହୋଇଥିବା ।

**ବିଖାଡ** ***କ୍ରି.*** ବିଗିଡ଼ିବା, ରାଗିବା ।

**ବିଖ୍ୟାତ** ***ବିଂ.*** ପ୍ରସିଦ୍ଧ, ସୁବିଦିତ, ବିଶେଷଭାବେ ଜଣାଶୁଣା ।

**ବିଖ୍ୟାତି** ***ବିଂ*** ପ୍ରସିଦ୍ଧି, ବିଶେଷ ଖ୍ୟାତି ।

**ବିଖ୍ୟାପନ** ***ବି.*** ଖ୍ୟାତିର ପ୍ରକାଶନ ବା ପ୍ରକଟନ ।

**ବିଗଡ଼ିବା** ***କ୍ରି.*** ୧. ବିରକ୍ତ ହେବା, ପ୍ରତିକୂଳ ହେବା ୨. ଅବାଟରେ ଯିବା ୩. ବାଧାପାଇବା ୪. ନଷ୍ଟ ହେବା, ଖରାପ ହେବା ।

**ବିଗତ** ***ବିଂ.*** ୧. ଅତୀତ ୨. ମୃତ ୩. ଯାହା ପାରି ହୋଇ ଯାଇଛି ।

**ବିଗତସ୍ପୃହ** ***ବିଂ.*** ଆଗ୍ରହଶୂନ୍ୟ ।

**ବିଗଳନ** *ବି.* ୧. ସମ୍ପୂର୍ଣ୍ଣ ରୂପେ ଦ୍ରବଣ ୨. କ୍ଷରଣ ୩. ସ୍ଖଳନ ।
**ବିଗଳିତ** *ବିଂ.* ୧. ସମ୍ପୂର୍ଣ୍ଣ ରୂପେ ଦ୍ରବୀଭୂତ ୨. ବିଶେଷ ଭାବେ କ୍ଷରିତ ବା ଝରିଥିବା ୪. ଅତି ପଚା ୫. ତରଳିତ।
**ବିଗାଡୁ** *ବିଂ.* ଯେ ବିଗାଡ଼ି ଦିଏ ।
**ବିଗାଢ଼** *ବିଂ.* ବିଶେଷ ଭାବରେ ଘନ ।
**ବିଗାଳ** *ବି.* ଲଢ଼ାଇ ।
**ବିଗିଡ଼ିବା** *କ୍ରି.* ୧. ଖରାପ ହେବା ୨. ବିପଥଗାମୀ ହେବା ୩. ରାଗିବା ୪. ବିରକ୍ତ ହେବା ।
**ବିଗୁଣ** *ବି.* ଅବଗୁଣ, ଦୋଷ, ତ୍ରୁଟି ।
**ବିଗୁଲ** *ବି.* ରଣତୂରୀ, ପୁଲିସ ବା ସେନା ବାହିନୀରେ ବ୍ୟବହୃତ ତୂରୀ ।
**ବିଗ୍ରହ** *ବି.* ୧. ପ୍ରତିମା ୨. ଯୁଦ୍ଧ ୩. ଶରୀର ୪. କଳହ ୫. ସମାସର ବ୍ୟାସବାକ୍ୟ ୬. ବିଭାଗ ।
**ବିଗ୍ରହକ, ବିଗ୍ରହୀ** *ବି.* ଯୁଦ୍ଧର ସଂଚାଳକ, ନିୟନ୍ତ୍ରକ ।
**ବିଗ୍ରହଣ** *ବି.* ମୂର୍ତ୍ତି ଧାରଣ ।
**ବିଘଟନ** *ବି.* ୧. ବ୍ୟାଘାତ ୨. ବିରୋଧ, ଅନିଷ୍ଟ ୩. ବିଶ୍ଳେଷଣ ।
**ବିଘଟିତ** *ବିଂ.* ବିଶ୍ଳେଷିତ, ବ୍ୟାହତ, ବିଶେଷରୂପେ ରଚିତ ।
**ବିଘା** *ବି.* ଅଶୀହାତ ବିଶିଷ୍ଟ ବର୍ଗାକାର ଭୂମିର ପରିମାଣ ।
**ବିଘାତ** *ବି.* ପ୍ରତିବନ୍ଧକ, ବିଘ୍ନ, ବାଧା, ଆଘାତ ।
**ବିଘୂର୍ଣ୍ଣନ** *ବି.* ଜୋର୍‌ରେ ଘୂରିବା ।
**ବିଘୋଷଣ,ବିଘୋଷଣା** *ବି.* ବହୁଳ ପ୍ରଚାର ।
**ବିଘୋଷିତ** *ବିଂ.* ସର୍ବତ୍ର ପ୍ରଚାରିତ ।
**ବିଘ୍ନ** *ବି.* ବାଧା ବା ପ୍ରତିବନ୍ଧକ, ଅନ୍ତରାୟ ।
**ବିଘ୍ନଜିତ,ବିଘ୍ନନାଶନ,ବିଘ୍ନହାରୀ** *ବିଂ.* ନିରାପତ୍ତାଦାତା, ସକଳ ରିଷ୍ଟଖଣ୍ଡନକାରୀ; *ବି.* ଗଣେଶ ।
**ବିଘ୍ନବିନାୟକ, ବିଘ୍ନପତି,ବିଘ୍ନରାଜ,ବିଘ୍ନେଶ** *ବି.* ଗଣେଶ ।
**ବିଚ୍** *ବି.* ୧. ସମୁଦ୍ର କୂଳ ୨. ମଧ୍ୟଭାଗ, ମଝି ୩. କୁତୀ, ମାଈ କୁକୁର ।
**ବିଚ୍‌ବଜାର** *ବି.* ସର୍ବସାଧାରଣ (ସ୍ଥାନ), ହାଟବାଟ ।
**ବିଚଣା, ବିଞ୍ଚଣା** *ବି.* ହାତପଙ୍ଖା , ବ୍ୟଜନ, ବିଞ୍ଚଣି ।
**ବିଚରଣ** *ବି.* ୧. ବୁଲାବୁଲି ୨. ନିର୍ଦ୍ଦିଷ୍ଟ ଇଲାକାରେ ବୁଲିବା ।
**ବିଚରା, ବିଚାରା** *ବିଂ.* ନିରୀହ, ଅସହାୟ ଅଥଚ ଭଲ, ବାପୁଡ଼ା ; *ବି.* ସାମାନ୍ୟ ଲୋକ, ନିରୀହ ଲୋକ, ନିରୁପାୟ ଅଥଚ ଭଲ ମଣିଷ ।
**ବିଚରିବା** *କ୍ରି.* ଅଧିକୃତ ଭୂମିରେ ଭ୍ରମିବା ।
**ବିଚଳ, ବିଚଳିତ** *ବିଂ.* ଅସ୍ଥିର, ଆନ୍ଦୋଳିତ, ସ୍ଥାନଚ୍ୟୁତ, ଭ୍ରଷ୍ଟ ।
**ବିଚକ୍ଷଣ** *ବିଂ.* ୧. ନିପୁଣ, କର୍ମକୁଶଳ, କାର୍ଯ୍ୟଦକ୍ଷ ୨. ଦୂରଦର୍ଶୀ, ଅଭିଜ୍ଞ, ବିଦ୍ୱାନ ୩. ଚଉଆଖିଆ, (*ସ୍ତ୍ରୀ.*) ବିଚକ୍ଷଣା ।
**ବିଚକ୍ଷଣତା** *ବି.* ନିପୁଣତା, ଚଉଆଖିଆପଣ ।
**ବିଚାର** *ବି.* ୧. ଭାବିବା, ପାଞ୍ଚ ୨. ନିଷ୍ପତ୍ତି ୩. ସ୍ୱରୂପ ନିର୍ଣ୍ଣୟ ୪. ସତ୍ୟାସତ୍ୟ ଆଦି ନିରୂପଣ ୫. ବିବେଚନା ।
**ବିଚାର ଆଚାର** *ବି.* ଆଚାର ନିଷ୍ଠା, ବୁଝାମଣା, ବିବେଚନା ।
**ବିଚାରକ** *ବିଂ.* ଯେ ବିଚାର କରେ, ନିର୍ଣ୍ଣାୟକ; *ବି.* ନ୍ୟାୟାଧୀଶ, ଜଜ୍, ବିଚାରପତି ।
**ବିଚାରକର୍ତ୍ତା, ବିଚାରପତି** *ବି.* ଜଜ୍, ନ୍ୟାୟାଧୀଶ ।
**ବିଚାରଣ, ବିଚାରଣା** *ବି.* ବିଚାର କାର୍ଯ୍ୟ, ବିବେଚନା, ନ୍ୟାୟ ନିଶାପ ।
**ବିଚାରଣୀୟ, ବିଚାର୍ଯ୍ୟ** *ବିଂ.* ବିଚାରଯୋଗ୍ୟ, ବିଚାରସାଧ୍ୟ, ବିବେଚନୀୟ ।
**ବିଚାରସିଦ୍ଧ** *ବିଂ.* ବିଚାରଦ୍ୱାରା ପ୍ରତିପାଦିତ ବା ଗୃହୀତ ।
**ବିଚାରାଧୀନ** *ବି.* ବିଚାର ହେଉଥିବା ।
**ବିଚାରାଳୟ** *ବି.* ଅଦାଲତ, ନ୍ୟାୟାଧିକରଣ ।
**ବିଚାରିତ** *ବି.* ବିବେଚିତ, ନିର୍ଣ୍ଣୀତ, ମୀମାଂସିତ ।
**ବିଚାରିବା** *କ୍ରି.* ପାଞ୍ଚିବା, ଭଲମନ୍ଦ ସ୍ଥିର କରିବା, ବିଚାର କରିବା ।
**ବିଚିକିଟି, ବିଚିକିଟିଆ** *ବିଂ.* ୧. ଘନ (ଅନ୍ଧକାର), ନିବିଡ଼ ୨. ବିକୃତ ୩. କିଟିକିଟି ।
**ବିଚିଟି ହୋଇ** *କ୍ରି.ବିଂ.* ଛିଞ୍ଚାଡ଼ି ହୋଇ ।
**ବିଚିତ୍ର** *ବିଂ.* ୧. ନାନା ବର୍ଣ୍ଣ ବା ରୂପ ବିଶିଷ୍ଟ ୨. ଅଦ୍ଭୁତ, ଅଜବ ୪. ବିସ୍ମୟଜନକ ୫. ରହସ୍ୟମୟ ୬. ସୁନ୍ଦର ।
**ବିଚିତ୍ରତା** *ବି.* ରହସ୍ୟମୟତା, ବହୁବିଧତା ।
**ବିଚିତ୍ରିତ** *ବିଂ.* ନାନା ଭାବେ ଚିତ୍ରିତ, ବର୍ଣ୍ଣିତ ।
**ବିଚୂର୍ଣ୍ଣିତ** *ବିଂ.* ବିଶେଷଭାବରେ ଗୁଣ୍ଡ କରାଯାଇଥିବା, ଚୂର୍ଣ୍ଣୀଭୂତ ।
**ବିଚେଷ୍ଟ** *ବିଂ.* ନିଶ୍ଚେଷ୍ଟ, ଚେଷ୍ଟାଶୂନ୍ୟ; *ବି.* ବିଚେଷ୍ଟତା ।
**ବିଚ୍ୟୁତ** *ବିଂ.* ସ୍ଖଳିତ, ପତିତ ।
**ବିଚ୍ୟୁତି** *ବି.* ସ୍ଖଳନ, ପତନ ।
**ବିଛଣା** *ବି.* ଶଯ୍ୟା, ଶେଯ ।
**ବିଛଡ଼ା** *ବିଂ.* ଝଡ଼ିପଡ଼ିଥିବା ।
**ବିଛା** *ବି.* ୧. ବିଛୁ, ନାହୁଡରେ ଦଂଶନ କରୁଥିବା ଛୋଟ ଜୀବ ବିଶେଷ ୨. ଅଷ୍ଟାସୁତା ବିଶେଷ ୩. ହାର ବିଶେଷ ୪. ମାର୍ଗଶୀର ମାସ ୫. ଜ୍ୟୋତିଷ ଶାସ୍ତ୍ରରେ ରାଶି ବିଶେଷ ୬. ବିଛାଇବା କାମ, ବିସ୍ତୃତି ; *ବିଂ.* ପରା ହୋଇଥିବା, ବିସ୍ତାର କରାଯାଇଥିବା (ବିଛଣା) ।

**ବିଛାଇବା, ବିଛେଇବା** *କ୍ରି.* ବିସ୍ତାର କରିବା, ସଜାଇ ପକାଇବା ।
**ବିଛାମାଳିଆ** *ବି.* ଛୁଞ୍ଚିସୂତାଦ୍ୱାରା ଏକ ପ୍ରକାର ସ୍ୱତନ୍ତ୍ର ଧରଣର ସିଲେଇ ।
**ବିଛୁ** *ବି.* ୧. ବିଛା, କଣ୍ଟିଆ, କଙ୍କଡା ବିଛା ୨. ଗ୍ରାମୀଣ ବାଳିକାମାନଙ୍କର ଖେଳ ବିଶେଷ ।
**ବିଛୁଆତି** *ବି.* କୁଣ୍ଡେଇ ହେଉଥିବା ବଣୁଆ ଛୋଟ ଗଛ ।
**ବିଚ୍ଛିନ୍ନ** *ବିଂ.* ୧. ପୂରାପୂରି ଅଲଗା ହୋଇଥିବା, ସମ୍ପୂର୍ଣ୍ଣ ପୃଥକ୍‌କୃତ ୨. ବିଚ୍ୟୁତ ।
**ବିଚ୍ଛିନ୍ନତା** *ବି.* ଅଲଗା ହେବା ଅବସ୍ଥା, ଛିନ୍ନ ଅବସ୍ଥା ।
**ବିଚ୍ଛୁରଣ** *ବି.* ୧. ଚାରିଆଡ଼େ ଚୂର୍ଣ୍ଣିହେବା ୨. ବ୍ୟାପ୍ତହେବା ୩. ଆଲୋକ ବିଛାଡ଼ିହେବା ।
**ବିଚ୍ଛେଦ** *ବି.* ୧. ମୃତ୍ୟୁଜନିତ ସମ୍ପର୍କ ତୁଟିବା ଦୁଃଖ ୨. ଅନ୍ତହୀନ ବିରହ ୩. ବିରାମ ।
**ବିଚ୍ଛେଦନ** *ବି.* ୧. କାଟି ପକାଇବା ୨. ଛେଦିବା ।
**ବିଜ୍‌ମୁଜ୍** *ବି.* ମାମୁଲି, ସାଧାରଣ ।
**ବିଜଡ଼ିତ** *ବିଂ.* ନିବିଡ଼ ରୂପେ ଯୁକ୍ତ ବା ଲିପ୍ତ ।
**ବିଜନ** *ବିଂ.* ନିର୍ଜନ, ନିଛାଟିଆ, ନିଭୃତ ।
**ବିଜନତା** *ବି.* ନିର୍ଜନତା ।
**ବିଜୟ** *ବି.* ୧. ଜିଣିବା, ଜିତିବା ୨. ପ୍ରାଧାନ୍ୟ ।
**ବିଜୟା** *ବି.* ୧. ଶାରଦୀୟ ଶୁକ୍ଳ ଦଶମୀ ୨.ଭାଙ୍ଗ, ଗଞ୍ଜେଇ କଳି ।
**ବିଜୟୀ** *ବିଂ.* ବିଜେତା, ଜିଣିଥିବା, ଜୟଲାଭ କରିଥିବା ।
**ବିଜା** *ବି.* ପିଆଶାଳ ଗଛ ।
**ବିଜାତି** *ବି.* ଭିନ୍ନଜାତି, ଅନ୍ୟଜାତି ।
**ବିଜାତୀୟ** *ବିଂ.* ଅନ୍ୟ ଜାତୀୟ, ଭିନ୍ନ ଜାତୀୟ, ଭିନ୍ନ ଧର୍ମର, ଭିନ୍ନ ଶ୍ରେଣୀର ।
**ବିଜାର** *ବି.* ବିରକ୍ତି ୨. ସଙ୍ଗମକ୍ଷମ ବୀର୍ଯ୍ୟଦାୟୀ ଅଣ୍ଡିରା ମଇଁଷି ।
**ବିଜି** *ବି.* କାର୍ଯ୍ୟବ୍ୟସ୍ତ ।
**ବିଜିଗୀଷା** *ବି.* ଜିଣିବାର ଇଚ୍ଛା ।
**ବିଜିତ** *ବିଂ.* ୧. ପରାଜିତ ୨. ଜିଣି ଆଣିଥିବା (ବନ୍ଦୀ), *ସ୍ତ୍ରୀ.* ବିଜିତା ।
**ବିଜିନେସ୍** *ବି.* ବେପାରବଟା, ବ୍ୟବସାୟ ।
**ବିଜୁଳି** *ବି.* ୧. ମେଘ ଖଣ୍ଡଗୁଡ଼ିକର ସଂଘର୍ଷରୁ ଜାତ ଶକ୍ତି ୨. ବିଦ୍ୟୁତ୍, ଯାନ୍ତ୍ରିକ ପଦ୍ଧତିରେ ପାଣି, କୋଇଲା, ପବନ, ବର୍ଜ୍ୟବସ୍ତୁ ଓ ପାରମାଣବିକ ପଦାର୍ଥ ସଂଘର୍ଷ ଉପଜାତ ଶକ୍ତି ।
**ବିଜୃମ୍ଭଣ** *ବି.* ୧. ହାଇମାରିବା, ହାଇ ୨. ଇଚ୍ଛା ୩. ବିସ୍ତାର ୪. ବିକାଶ ।
**ବିଜେ** *ବି.* ୧. ରାଜା ବା ଦେବବିଗ୍ରହଙ୍କ ଯାତ୍ରା ୨. ଗମନ, ପ୍ରସ୍ଥାନ ୩. ଉପସ୍ଥିତି, ଆଗମନ ୪. ଉପବେଶନ ।
**ବିଜେକାହାଳୀ** *ବି.* ଜଗନ୍ନାଥଙ୍କ ବିଜେ ବେଳେ ବଜାଯାଉଥିବା କାହାଳୀ ।
**ବିଜେତା** *ବିଂ.* ବିଜୟୀ, ଜୟଲାଭ କରିଥିବା ।
**ବିଜେୟ** *ବିଂ.* ଜିଣିବା ଯୋଗ୍ୟ ।
**ବିଜେସ୍ଥଳୀ** *ବି.* ଠାକୁରଙ୍କ ଆସ୍ଥାନ ।
**ବିଜେହେବା** *ବି.* ଠାକୁର, ରାଜା ଇତ୍ୟାଦି ଗମନ କରିବା ।
**ବିଜୋଟ** *ବି.* ବିହନ ।
**ବିଜ୍ଞ** *ବିଂ.* ପଣ୍ଡିତ, ବିଚକ୍ଷଣ, ଅଭିଜ୍ଞ, ଜ୍ଞାନୀ, ପ୍ରବୀଣ (ବି.ପ. ଅଜ୍ଞ) ।
**ବିଜ୍ଞତା, ବିଜ୍ଞତ୍ୱ** *ବି.* ପାଣ୍ଡିତ୍ୟ, ବିଚକ୍ଷଣତା, ଅଭିଜ୍ଞତା ।
**ବିଜ୍ଞପ୍ତି** *ବି.* ୧. ଘୋଷଣାନାମା, ଘୋଷଣା ୨. ନିବେଦନ ୩. ଇସ୍ତାହାର ।
**ବିଜ୍ଞାତ** *ବିଂ.* ବିଖ୍ୟାତ, ସୁବିଦିତ ।
**ବିଜ୍ଞାନ** *ବି.* ବିଶେଷଜ୍ଞାନ, ପରୀକ୍ଷାଲବ୍ଧ ବ୍ୟାପକ ଜ୍ଞାନ ।
**ବିଜ୍ଞାନାଗାର/ବିଜ୍ଞାନାଳୟ** *ବି.* ବିଜ୍ଞାନ ବିଷୟକ ପରୀକ୍ଷାଗୃହ ।
**ବିଜ୍ଞାନୀ** *ବିଂ.* ୧. ବିଜ୍ଞାନବିତ୍ ୨. ମହାଜ୍ଞାନୀ ।
**ବିଜ୍ଞାପନ** *ବି.* ବିଶେଷ ଭାବରେ ପ୍ରଚାର ବା ଘୋଷଣା, ନିବେଦନ, ଇସ୍ତାହାର, ବ୍ୟାପକ ସୂଚନା ।
**ବିଜ୍ଞାପନୀ** *ବି.* ବିଜ୍ଞାପନପତ୍ର ।
**ବିଜ୍ଞାପନୀୟ/ବିଜ୍ଞାପ୍ୟ** *ବିଂ.* ବିଜ୍ଞାପନ ବା ଜଣାଇବାର ଯୋଗ୍ୟ ।
**ବିଜ୍ଞାପିତ** *ବିଂ.* ବିଜ୍ଞାପନଦ୍ୱାରା ପ୍ରଚାରିତ, ନିବେଦିତ, ଇସ୍ତାହାର ଦ୍ୱାରା ସୂଚିତ ।
**ବିଜ୍ଞେୟ** *ବିଂ.* ବିଶେଷ ରୂପେ ଜାଣିବାର ଯୋଗ୍ୟ ।
**ବିଞ୍ଚଲା** *ବି.* ହାତପଙ୍ଖା, ବିଞ୍ଚଣା ।
**ବିଞ୍ଚିବା** *କ୍ରି.* ପଙ୍ଖାଦ୍ୱାରା ପବନ ଚଳାଇବା, ପଙ୍ଖା କରିବା ।
**ବିଞ୍ଛାଡ଼ିବା, ବିଞ୍ଛିବା** *କ୍ରି.* ଏଣେତେଣେ ଫିଙ୍ଗିବା, ଫୋପାଡ଼ିବା ।
**ବିଞ୍ଝାର** *ବି.* ଜନଜାତି ବିଶେଷ, ବିଂଝାର ।
**ବିଟ୍** *ବି.* ୧. ମଳ, ବିଷ୍ଠା ୨. ରାତିଜଗୁଆଳିର ପହରା ଦେବା ୩. ଖାଦ୍ୟୋପଯୋଗୀ କନ୍ଦ ବିଶେଷ ।
**ବିଟ୍‌କଲା** *ବିଂ.* ତ୍ରିପଣ୍ଡ କଳା ।
**ବିଟ୍‌କୃମି** *ବି.* ବିଷ୍ଠାରେ ହେଉଥିବା କୃମି ବା ପୋକ ।
**ବିଟ୍‌ପତି** *ବି.* ଜୋଇଁ, ଜାମାତା ।

**ବିଟ୍‌ବିଟ୍‌, ବିଟ୍‌ବିଟା ବିଂ** ଅତିଶୟ, ଅତ୍ୟନ୍ତ (କଳା) ।

**ବିଟ୍‌ଲାହା ବିଂ** ପତିତା, କଳଙ୍କିନୀ, ବିଟାଲି ।

**ବିଟ ବି.** ୧. ଆସବାବ ପତ୍ରରେ ଦିଆଯିବା ସରୁ କାଠପଟି ୨. ଖାଦ୍ୟ କନ୍ଦ ବିଶେଷ ୩. ଶାଗ ବିଶେଷ ୪. କାମୁକ ଲୋକ ୫. ଲୁଣ ବିଶେଷ ।

**ବିଟପ ବିଂ** ଲମ୍ପଟ ; **ବି.** ଗଛର ଡାଳ, ଶାଖା, ପଲ୍ଲବ ।

**ବିଟପୀ ବିଂ** ଭ୍ରଷ୍ଟା, କୁଳଟା ; **ବି.** ଗଛ, ବରଗଛ ।

**ବିଟଲ୍ ବିଂ** କଳୁଷିତ, ବିଟୋଳ ।

**ବିଟାଳିଆ ବିଂ** ଜାତିରୁ ବାସନ୍ଦ ହୋଇଥିବା ।

**ବିଟୋଳ ବିଂ** ଦୁଷ୍ଟ, ଦୂଷିତ, ଶଠ ।

**ବିଠା ବି.** ତଇଲା, ଜମି ।

**ବିଠୁଆ ବିଂ** ଅପବିତ୍ର, ଦୂଷିତ ।

**ବିଡ଼ବିଡାଇବା କ୍ରି.** ୧. ମନକୁ ମନ ବକାବକି କରିବା, ବକ୍‌ବକ୍ ହେବା ୨. ସ୍ୱପ୍ନାବିଷ୍ଟ ଅବସ୍ଥାରେ କଥା କହିବା, ଅସଂଲଗ୍ନ ପ୍ରଳାପ କରିବା, ବିଳିବିଳେଇବା ।

**ବିଡ଼ମ୍ବନ, ବିଡ଼ମ୍ବନା ବି.** ୧. ଠକିଯିବା ୨. ପ୍ରତାରଣା ।

**ବିଡମ୍ବିତ ବିଂ** ପ୍ରତାରିତ, ଉପହସିତ, କ୍ଳେଶପ୍ରାପ୍ତ ।

**ବିଡ଼ା ବି.** ୧. ଗୋଛା, ବଣ୍ଡଲ ୨. ମୋଡ଼ା ହେଉଥିବା ପାନ; **ବିଂ** ପରୀକ୍ଷିତ (ବିଡ଼ା ଯାଇଥିବା) ।

**ବିଡ଼ାଳ ବି.** ବାଘ ଜାତୀୟ ଛୋଟ ଗୃହପାଳିତ ପଶୁ, ବିଲେଇ, ବିରାଡ଼ି ।

**ବିଡାଳି ବିଂ** ଯେ ବିଡ଼େ ବା ପରଖ କରେ ।

**ବିଡ଼ି ବି.** ୧. ଧୂଆଁପତ୍ର ଗୁଣ୍ଡ ପଶି ଶୁଖିଲା କେନ୍ଦୁପତ୍ରରେ ମୋଡ଼ା ହୋଇଥିବା ପିକା ବିଶେଷ ୨. ଛୋଟ ବିଡା ୩. ଖିଲିପାନ ୪. ମାଟି ହାଣ୍ଡି ।

**ବିଡ଼ିଆ ବି.** ଖିଲିପାନ, ଚୂନ ଖଇର ଦୋକତା ଗୁଣ୍ଡ ନ ଦେଇ ଅନ୍ୟ ସାଦା ମସଲା ଦିଆ ପାନଖିଲ ।

**ବିଡ଼ିବା କ୍ରି.** ପରଖ କରିବା, ପରୀକ୍ଷା କରିବା ।

**ବିଣ୍ଡା ବି.** ୧. ପାଳ ବା କନାର ଚୁଣ୍ଡା ୨. ନିଆଁଲୁଣ୍ଡା ୩. ମେଞ୍ଚା, ମୁଠା ୪. ପେଣ୍ଡୁ ୫. ଶୁଖିଲାପତ୍ର ।

**ବିଣ୍ଡି ବି.** ୧. ମାଡ଼ ବା ଚାପାରେ ଗୋଟାଳି ବାନ୍ଧିଥିବା ଦେହର ଚମଡା ୨. ପାଳ ବା କନାର ମେଞ୍ଚା ବା ଚୁଣ୍ଡା ୩. ମୁଚୁଳା ।

**ବିତ୍‌ବିତା ବି.** ବିରକ୍ତି, ବିସ୍ପିତା ।

**ବିତଥ, ବିତଥ୍ୟ ବିଂ** ଅସତ୍ୟ, ଅଳୀକ, ନିଷ୍ଫଳ ।

**ବିତଣ୍ଡା ବି.** ଯୁକ୍ତିହୀନ ବାଜେ ତର୍କ ।

**ବିତରଣ ବି.** ବଣ୍ଟନ, ଅଳ୍ପ ଅଳ୍ପ କରି ବହୁଲୋକଙ୍କୁ ଏକା ସମୟରେ ଦେବା କାମ ।

**ବିତରଣୀୟ ବିଂ** ବଣ୍ଟନଯୋଗ୍ୟ ।

**ବିତରିତ ବିଂ** ବଣ୍ଟା ହୋଇଥିବା, ବଣ୍ଟା ଯାଇଥିବା ।

**ବିତରିବା କ୍ରି.** ବାଣ୍ଟିବା, ବିତରଣ କରିବା ।

**ବିତର୍କ ବି.** ୧. ବିଚାର, ଆଲୋଚନା ୨. ବାଦାନୁବାଦ, ପ୍ରତିଯୁକ୍ତି ୩. ଅନୁମାନ, ସଂଶୟ ।

**ବିତର୍କଣ ବି.** ବାଦାନୁବାଦ, ଯୁକ୍ତି ପ୍ରତିଯୁକ୍ତି ।

**ବିତର୍କିତ ବିଂ** ୧. ବିଚାରିତ, ଆଲୋଚିତ ୨. ଯାହା ବିଷୟରେ ବିତର୍କ କରାଯାଇଛି ୩. ସନ୍ଦିଗ୍ଧ ।

**ବିତଳ ବି.** କଳ୍ପିତ ସାତୋଟି ପାତାଳ ମଧ୍ୟରୁ ଦ୍ୱିତୀୟ ପାତାଳ ।

**ବିତସ୍ତି ବି.** ଚାଖଣ୍ଡେ ପରିମାଣ ମାପ, ଚାଖଣ୍ଡେ ।

**ବିତାଡ଼ନ ବି.** ବାହାର କରିଦେବା, ବହିଷ୍କାରଣ, ତଡ଼ିଦେବା ।

**ବିତାଡ଼ିତ ବିଂ** ବହିଷ୍କୃତ, ବାହାର କରାଯାଇଥିବା ।

**ବିତାନ ବି.** ୧. ଚାନ୍ଦୁଆ ୨.ମଣ୍ଡପ ୩. ସମୂହ ୪. ବିସ୍ତାର ।

**ବିତିବା କ୍ରି.** ଅତିବାହିତ ହେବା, ସମୟ କାଟିବା ।

**ବିତିୟା ବି.** ଶିଳ୍ପୀ ।

**ବିତେଇବା କ୍ରି.** କଟାଇବା, ଅତିବାହିତ କରିବା ।

**ବିତୃଷ୍ଣ ବିଂ** ବିମୁଖ, ଉଦାସୀନ ।

**ବିତୃଷ୍ଣା ବି.** ୧. ବିରାଗ, ଅରୁଚି ୨. ଉଦାସୀନତା ୩. ପ୍ରବଳ ଅନିଚ୍ଛା ୪. କାମନାଶୂନ୍ୟତା ।

**ବିତ୍ତ ବି.** ଧନ, ସମ୍ପଦ, ଦୌଲତ ।

**ବିପ୍ରାତ ବି.** ଅଘଟଣ, ଅମଙ୍ଗଳ ।

**ବିତ୍ରକେ ଅ.** ବିନା, ବ୍ୟତୀତ, ଛଡ଼ା ।

**ବିତ୍ରସ୍ତ ବିଂ** ଅତ୍ୟନ୍ତ ଭୟପ୍ରାପ୍ତ, ଏକାନ୍ତ ଭୀତ, ବିଶେଷ ଭୟ ପାଇଥିବା ।

**ବିଦ୍‌ବତ୍ତା** ବି. ପାଣ୍ଡିତ୍ୟ, ପ୍ରଜ୍ଞା, ଜ୍ଞାନ ।

**ବିଦ୍‌ରା ବିଂ** ବିଦୀର୍ଣ୍ଣ ।

**ବିଦ୍‌ରିବା କ୍ରି.** ବିଦୀର୍ଣ୍ଣହେବା, ଆଘାତ ଯୋଗୁଁ କୌଣସି ପଦାର୍ଥ ଫାଟି ବିକୃତ ହୋଇଯିବା ।

**ବିଦ୍‌ରେ ବିଂ** ଏକ ମେଞ୍ଚା ପରିମାଣ (ଛେପ) ।

**ବିଦ ବି.** ୧. ତାବିଜ ୨. ବାହୁର ଅଳଙ୍କାର ବିଶେଷ ।

**ବିଦର୍‌ବା କ୍ରି.** ଛିଟ୍‌କିବା ।

**ବିଦଗ୍ଧ ବିଂ** ୧. ପଣ୍ଡିତ, ରସିକ ୨. ଚତୁର ୩. କଳାକୁଶଳ ୪. ନିପୁଣ ।

**ବିଦଗ୍ଧତା** *ବି.* ପାଣ୍ଡିତ୍ୟ, ରସଜ୍ଞତା, ଚାତୁରୀ, କଳାକୁଶଳତା ।
**ବିଦଗ୍ଧା** *ବିଂ.ବି.* ୧. ରସିକା ୨. ପରକୀୟା ନାୟିକା ।
**ବିଦଳନ** *ବି.* ଦଳିବା, ଦଳିଚକଟା କରିବା, ଆଘାତ ଦେବା ।
**ବିଦା** *ବିଂ.* ବିଦାୟ ହୋଇଥିବା ; *ବି.* ୧. ମେଲାଣି ୨. ବହୁସଂଖ୍ୟକ ମୋଟା ଲୁହା କଣ୍ଟାରେ ତିଆରି ପାଗ ଜମିରୁ ଘାସ ଉପାଡ଼ିବାରେ ବ୍ୟବହୃତ ଚାଷ ଉପକରଣ ୩. ବହିଷ୍କାର ।
**ବିଦାକି** *ବି.* ୧. ମେଲାଣି, ବିଦାୟ ୨. ଦକ୍ଷିଣା ।
**ବିଦାବିଦି** *ବି.* ଆନୁଷ୍ଠାନିକ ବିଦାୟ ସମ୍ବର୍ଦ୍ଧନା, ଝିଅ ଶାଶୁଘରକୁ ଯିବା ମୁହୂର୍ତ୍ତ ।
**ବିଦାୟ** *ବି.* ୧. ମେଲାଣି ୨. ପ୍ରସ୍ଥାନ, ପ୍ରସ୍ଥାନର ଅନୁମତି ୩. ବୃତ୍ତିରୁ ଅବସର ।
**ବିଦାୟୀ** *ବିଂ.* ୧. ଯେ ବିଦାୟ ନେବାକୁ ଯାଉଅଛି, ବିଦାୟ ନେଉଥିବା, ୨. ଅବସର ନେଉଥିବା ।
**ବିଦାରକ** *ବିଂ.* ବିଦାରଣକାରୀ ।
**ବିଦାରଣ** *ବି.* ୧. ଚିରିବା ବା ଫାଳ କରିବା କାର୍ଯ୍ୟ, ବିଦାରିବା ୨. ରାମ୍ପୁଡ଼ିବା ।
**ବିଦାରଣୀୟ** *ବିଂ.* ବିଦାରିବାର ଯୋଗ୍ୟ ।
**ବିଦାରିତ** *ବିଂ.* ଯାହାକୁ ବିଦାରି ଦିଆଯାଇଛି ।
**ବିଦାରିବା** *କ୍ରି.* ଖିନ୍‌ଭିନ୍ କରିଦେବା, ବିଦୀର୍ଣ୍ଣ କରିଦେବା, ଚିରିବା ।
**ବିଦିକ୍** *ବି.* ୧. ଦୁଇଟି ଦିଗର ମଧ୍ୟଭାଗ ୨. କୋଣ ।
**ବିଦିତ** *ବିଂ.* ୧. ଜଣାଶୁଣା, ଜ୍ଞାତ, ଖ୍ୟାତ ୨. ଅବଗତ ।
**ବିଦୀର୍ଣ୍ଣ** *ବିଂ.* ୧. ଛିନ୍ନଭିନ୍ନ ୨. ଖଣ୍ଡିଆ ୩.ଭଙ୍ଗା ୪. ଫଟା, ବିଦାରିତ ।
**ବିଦୁଷ** *ବିଂ.* ବିଦ୍ୱାନ, ପଣ୍ଡିତ, ଜ୍ଞାନୀ ।
**ବିଦୁଷୀ** *ବିଂ.* ପଣ୍ଡିତା, ବୁଦ୍ଧିମତୀ, ଗୁଣବତୀ ।
**ବିଦୂର** *ବିଂ.* ବହୁଦୂର, ଅତି ଦୂରବର୍ତ୍ତୀ ; *ବି.* ବୈଦୂର୍ଯ୍ୟ ମଣି ।
**ବିଦୂରିତ** *ବିଂ.* ଅପସାରିତ, ଦୂରେଇ ଦିଆଯାଇଥିବା ।
**ବିଦୂଷକ** *ବି.* ନାଟକରେ ହାସ୍ୟ ସୃଷ୍ଟିକାରୀ, ବ୍ରାହ୍ମଣ, ପଣ୍ଡିତ, କଳାବିଶାରଦ ଅଥଚ ଦର୍ଶକଙ୍କ ମନୋରଞ୍ଜନ କରୁଥିବା ଚରିତ୍ର *ବିଂ.* ନିନ୍ଦୁକ, ଅପବାଦକ ।
**ବିଦୂଷଣ** *ବି.* ଅପବାଦ, ନିନ୍ଦା ।
**ବିଦେଶ** *ବି.* ୧. ଅନ୍ୟଦେଶ, ଦୂରଦେଶ ୨. ଦୂରସ୍ଥାନରେ ବା ଦୂର ଦେଶରେ ରହିବା ।
**ବିଦେଶୀ** *ବିଂ.* ୧. ଅନ୍ୟ ଦେଶବାସୀ ୨. ଅନ୍ୟ ଦେଶରେ ତିଆରି ; *ବି.* ଅନ୍ୟଦେଶର ବାସିନ୍ଦା ବା ଲୋକ (*ସ୍ତ୍ରୀ.* ବିଦେଶିନୀ)।
**ବିଦେଶୀୟ** *ବିଂ.* ଭିନ୍ନ ଦେଶରେ ପ୍ରସ୍ତୁତ, ଅନ୍ୟ ଦେଶରୁ ଆସିଥିବା ; *ବି.* ବିଦେଶର ଲୋକ ।
**ବିଦେହ** *ବି.* ୧. ମନସିଜ, କନ୍ଦର୍ପ ୨. ମିଥିଳା ରାଜ୍ୟ ; *ବିଂ.* ଅଶରୀରୀ, ଦେହ ନଥିବା ।
**ବିଦ୍ଧ** *ବିଂ.* ୧. ଭେଦି ଯାଇଥିବା ୨. ଫୋଡ଼ ହୋଇଥିବା ୩. ଆଘାତପ୍ରାପ୍ତ ହୋଇଥିବା (*ଉ.* ଗୁଳିବିଦ୍ଧ) ।
**ବିଦ୍ୱଜ୍ଜନ** *ବି.* ୧. ବିଦ୍ୱାନ୍ ବ୍ୟକ୍ତି, ପଣ୍ଡିତ ୨. ଗୁଣୀ ।
**ବିଦ୍ୱତ୍ତା, ବିଦ୍‌ବତ୍ତା** *ବି.* ଜ୍ଞାନ, ବିଦ୍ୟାରେ ଉତ୍କର୍ଷ, ପାଣ୍ଡିତ୍ୟ ।
**ବିଦ୍ୱାନ** *ବିଂ.ବି.* ପଣ୍ଡିତ, ପ୍ରାଜ୍ଞ, ଗୁଣୀ, ବିଦ୍ୟାଧୁରୀଣ ।
**ବିଦ୍ୱେଷ** *ବି.* ଈର୍ଷା, ଶତ୍ରୁତା ।
**ବିଦ୍ୱେଷକ, ବିଦ୍ୱେଷୀ, ବିଦ୍ୱେଷ୍ଟା** *ବିଂ.* ବିଦ୍ୱେଷଶୀଳ, ଈର୍ଷୁକ, ଅନିଷ୍ଟକାରୀ ।
**ବିଦ୍ୟମାନ** *ବିଂ.* ୧. ଦୃଶ୍ୟମାନ ୨. ଉପସ୍ଥିତ (*ବି.* ବିଦ୍ୟମାନତା) ।
**ବିଦ୍ୟା** *ବି.* ୧. ପଠନ ଓ ଅଧ୍ୟୟନଜନିତ ଜ୍ଞାନ, ବିବିଧ ବିଷୟ ଜ୍ଞାନ ୨. ଶାସ୍ତ୍ର, ମନ୍ତ୍ର ବା ତତ୍ତ୍ୱଜ୍ଞାନ ।
**ବିଦ୍ୟାଗୁରୁ** *ବି.* ବିଦ୍ୟାଦାତା, ମାର୍ଗଦର୍ଶକ ।
**ବିଦ୍ୟାଦାତା** *ବି.* ୧. ଶିକ୍ଷକ ୨. ଗଣେଶ ।
**ବିଦ୍ୟାଦେବୀ** *ବି.* ସରସ୍ୱତୀ, ବିଦ୍ୟାଦାତ୍ରୀ ।
**ବିଦ୍ୟାଧର** *ବି.* ସ୍ୱର୍ଗର ଗାୟକ, ଗନ୍ଧର୍ବ ।
**ବିଦ୍ୟାବନ୍ତ, ବିଦ୍ୟାବାନ୍** *ବିଂ.* ପଣ୍ଡିତ, ଜ୍ଞାନୀ (*ସ୍ତ୍ରୀ.* ବିଦ୍ୟାବତୀ) ।
**ବିଦ୍ୟାଭ୍ୟାସ** *ବି.* ବିଦ୍ୟାଶିକ୍ଷା, ମନଯୋଗ ସହିତ ନିୟମିତ ପାଠପଢ଼ା ।
**ବିଦ୍ୟାରମ୍ଭ** *ବି.* ଖଡ଼ିଛୁଆଁ, ପାଠପଢ଼ା ଆରମ୍ଭ ।
**ବିଦ୍ୟାର୍ଜନ** *ବି.* ଶିକ୍ଷାଲାଭ, ଅଧ୍ୟୟନ ।
**ବିଦ୍ୟାର୍ଥୀ** *ବିଂ.* ପାଠପଢ଼ାଳି, ବିଦ୍ୟାଶିକ୍ଷାର୍ଥୀ, ପାଠାଭିଳାଷୀ ; *ବି.* ଛାତ୍ର ।
**ବିଦ୍ୟୁତ୍** *ବି.* ବିଜୁଳି, ତଡ଼ିତ୍ ।
**ବିଦ୍ୟୁତ୍‌କୋଷ** *ବି.* ବିଦ୍ୟୁତ୍ ଶକ୍ତିର କୃତ୍ରିମ ଆଧାର, ବ୍ୟାଟେରୀ ।
**ବିଦ୍ୟୁତ୍‌ପରିବାହୀ** *ବି.ବିଂ.* ୧. ଯେଉଁ ପଦାର୍ଥ ମଧ୍ୟ ଦେଇ ବିଦ୍ୟୁତ୍ ଶକ୍ତି ସଞ୍ଚାରିତ ହୁଏ ୨. ଯାହା ମାଧ୍ୟମରେ ବିଦ୍ୟୁତ୍ ପରିବାହିତ ହୋଇ ପାରେ ।
**ବିଦ୍ୟୁତ୍‌ପ୍ରଭ** *ବିଂ.* ବିଜୁଳି ପରି ଉଜ୍ଜ୍ୱଳ, ବିଜୁଳି ପରି ଦୀପ୍ତିମୟ ।
**ବିଦ୍ୟୁତ୍‌ପ୍ରଭା** *ବି.* ୧. ବିଜୁଳିର ଦୀପ୍ତି, ବିଜୁଳି ଛଟା ୨. ବିଦ୍ୟୁତ୍‌ର ଆଭାଯୁକ୍ତ ନାରୀ ।
**ବିଦ୍ୟୁତ୍‌ବାହୀ** *ବି.ବିଂ.* ବିଦ୍ୟୁତ୍ ପରିବାହୀ, କଣ୍ଡକ୍ଟର ।
**ବିଦ୍ୟୁତ୍ ସ୍ଫୁରଣ** *ବି.* ବିଜୁଳିର ଚମକ, ବିଜୁଳିର ଝଲକ, ସ୍ପାର୍କ ।

**ବିଦ୍ୟୁତ୍‌ଲତା** *ବି.* ୧. ରେଖାକାର ବିଜୁଳି ଝଟକ ୨. ଲତାପରି ବିଜୁଳି ଝଲକ ।

**ବିଦ୍ରାବଣ** *ବି.* ରାସାୟନିକ ପ୍ରକ୍ରିୟାରେ ଧାତୁ ବା ବସ୍ତୁକୁ ତରଳାଇବା ।

**ବିଦ୍ରୁତ** *ବିଂ.* ୧. ଝରିଥିବା ୨. କ୍ଷରିତ ୩. ଉପହସିତ ।

**ବିଦ୍ରୁମ** *ବି.* ୧. ପୋହଳା ୨. କଅଁଳପତ୍ର ।

**ବିଦ୍ରୁପ** *ବି.* ବ୍ୟଙ୍ଗଭରା ଉକ୍ତି, କଟୁକଥା, ଅସମ୍ମାନ, ଉପହାସ ।

**ବିଦ୍ରୋହ** *ବି.* ୧. ବିରୋଧରେ ଉଠିବା ୨. ଶାସନ ବିରୋଧରେ ଆନ୍ଦୋଳନ ୩. ଶାସନର ଅବମାନନା ।

**ବିଦ୍ରୋହୀ** *ବିଂ.* ଯେ ବିଦ୍ରୋହ କରେ, ପ୍ରତିବାଦୀ ; *ବି.* ବିଦ୍ରୋହକାରୀ ବ୍ୟକ୍ତି, ଆନ୍ଦୋଳନକାରୀ ବ୍ୟକ୍ତି ।

**ବିଧ୍‌ରେ** *ଅ.* ସତରେ, ବିଧିରେ, ନିୟମରେ ।

**ବିଧ** *ବି.* ପ୍ରକାର, ଧାରା ।

**ବିଧବା** *ବି.* ରାଣ୍ଡ, ସ୍ୱାମୀହୀନା ନାରୀ ; *ବିଂ.* ସ୍ୱାମୀହୀନା, ଗାର୍ହସ୍ଥ୍ୟ ଜୀବନରେ ଯେଉଁ ସ୍ତ୍ରୀର ସ୍ୱାମୀ ମରିଯାଇଥାଏ ।

**ବିଧବାବିବାହ** *ବି.* ବିଧବାର ପୁନଃ ପତିଗ୍ରହଣ ।

**ବିଧର୍ମ** *ବି.* ଅନ୍ୟଧର୍ମ (ବିପ- ସ୍ୱଧର୍ମ) ।

**ବିଧର୍ମା** *ବିଂ.* ଅନ୍ୟ ଧର୍ମର ଅନ୍ତର୍ଭୁକ୍ତ ।

**ବିଧର୍ମୀ** *ବିଂ.* ୧. ଧର୍ମ ବିରୋଧୀ ୨. ଧର୍ମାନ୍ତର ଗ୍ରହଣକାରୀ ।

**ବିଧା** *ବି.* ୧. ମୁଷ୍ଟିଦ୍ୱାରା ଆଘାତ ୨. ପ୍ରକାର ୩. ନିୟମ ।

**ବିଧାତା** *ବି.* ସୃଷ୍ଟିକର୍ତ୍ତା ୨. ବ୍ରହ୍ମା ୩. ଈଶ୍ୱର ; *ବିଂ.* ଯେ ବିଧାନ କରେ, ବିଧାୟକ ।

**ବିଧାନ** *ବି.* ନିୟମ, ନୀତି, ବ୍ୟବସ୍ଥା ।

**ବିଧାନ ପରିଷଦ** *ବି.* ରାଜ୍ୟ ପରିଚାଳନା ଓ ଆଇନ ପ୍ରଣୟନପାଇଁ ବିଧାୟକମାନଙ୍କଦ୍ୱାରା ନିର୍ବାଚିତ ପ୍ରତିନିଧି ସଭା ।

**ବିଧାନ ସଭା** *ବି.* ରାଜ୍ୟସ୍ତରର ଶାସନ ଓ ଆଇନ ପ୍ରଣୟନ ପାଇଁ ଜନସାଧାରଣଙ୍କ ପ୍ରତିନିଧିମାନଙ୍କଦ୍ୱାରା ଗଠିତ ସଭା, ଆସେମ୍ବ୍ଲି ।

**ବିଧାୟକ,ବିଧାୟୀ** *ବିଂ.* ୧. ବ୍ୟବସ୍ଥାପକ, ନିୟମ ତିଆରି କରୁଥିବା, ୨. ସମ୍ପାଦନକାରୀ, ସଂଘଟନକାରୀ ; *ବି.* ବିଧାନସଭା ସଦସ୍ୟ, ବିଧାନସଭାର ଜନପ୍ରତିନିଧି, ନିର୍ବାଚିତ ଜନପ୍ରତିନିଧି, ଏମ୍.ଏଲ୍.ଏ ।

**ବିଧି** *ବି.* ୧. ନିୟମ ୨. ପଦ୍ଧତି ୩. କ୍ରମ ୪. ଶାସ୍ତ୍ର ୫. ଆଚାର ୬. ଭାଗ୍ୟ ୭. ବ୍ରହ୍ମା ୮. ଈଶ୍ୱର, ଦଇବ ।

**ବିଧିଜ୍ଞ** *ବିଂ.* ଆଇନଜ୍ଞ, ଶାସ୍ତ୍ରୀୟ ନିୟମରେ ଅଭିଜ୍ଞ ।

**ବିଧିବଦ୍ଧ** *ବିଂ.* ଯଥାବିଧି, ନିର୍ଦ୍ଦିଷ୍ଟ ନିୟମାନୁଯାୟୀ ।

**ବିଧିବିଡ଼ମ୍ବନା** *ବି.* ଭାଗ୍ୟହୀନତା, ଭାଗ୍ୟର ଉପହାସ ।

**ବିଧିଲିପି** *ବି.* ଭାଗ୍ୟଲିପି, କପାଳଲିଖନ ।

**ବିଧିଶାସ୍ତ୍ର** *ବି.* ୧. ସମାଜଶାସ୍ତ୍ର ୨. ଆଇନଶାସ୍ତ୍ର ।

**ବିଧିସଙ୍ଗତ,ବିଧିସମ୍ମତ** *ବିଂ.* ଆଇନ ଅନୁମୋଦିତ, ଶାସ୍ତ୍ର-ସମର୍ଥିତ, ନୀତିନିୟମ ଆଧାରିତ ।

**ବିଧୁ** *ବି.* ୧. ଚନ୍ଦ୍ର ୨. କର୍ପୂର ।

**ବିଧୁନ, ବିଧୁନନ** *ବି.* କମ୍ପନ, ଥରିବା, ଦୋଳନ ।

**ବିଧୁନିତ,ବିଧୂନିତ** *ବିଂ.* ୧. କମ୍ପିତ ୨. ଅପସାରିତ ।

**ବିଧୁର** *ବିଂ.* ୧. କାମକାତର ୨. କ୍ଲିଷ୍ଟ ୩. ଭୀତ ୪. ବିରହପୀଡ଼ିତ (*ବି.* ବିଧୁରତା, ବୈଧୁର୍ଯ୍ୟ) ।

**ବିଧୂମିତ** *ବିଂ.* ଅତ୍ୟନ୍ତ ଧୂଆଁଳିଆ, ଧୂଆଁରେ ଆଚ୍ଛାଦିତ ।

**ବିଧୃତ** *ବିଂ.* ୧. ବିଶେଷଭାବେ ଧାରିତ ୨. ଗୃହୀତ ୩. ଅବଲମ୍ବିତ ।

**ବିଧେୟ** *ବିଂ.* ବିଧାନର ଯୋଗ୍ୟ, କରଣୀୟ, ଉଚିତ, ନ୍ୟାୟସଙ୍ଗତ ।

**ବିଧେୟକ** *ବି.* ଆଇନର ଚିଠା, ଆଇନର ପ୍ରାଥମିକ ଖସଡ଼ା ।

**ବିଧ୍ୱଂସ** *ବି.* ସମ୍ପୂର୍ଣ୍ଣ ଧ୍ୱଂସ, ପୂରାପୂରି ବିନାଶ ।

**ବିଧ୍ୱଂସକ** *ବିଂ.* ଧ୍ୱଂସକାରୀ, ବିନାଶକାରୀ ।

**ବିଧ୍ୱଂସିତ** *ବିଂ.* ୧. ଧ୍ୱସ୍ତ ୨. ବିଲୁପ୍ତ ୩. ଧୂଳିସାତ୍ କରାଯାଇଥିବା ।

**ବିଧ୍ୱଂସୀ** *ବିଂ.* ନଷ୍ଟକାରୀ, ବିନାଶକାରୀ, ମୂଳୋତ୍ପାଟନକାରୀ ।

**ବିଧ୍ୱସ୍ତ** *ବିଂ.* ଧ୍ୱଂସପ୍ରାପ୍ତ, ଧୂଳିସାତ୍, ପୂରାପୂରି ଭାଙ୍ଗି ଯାଇଥିବା ।

**ବିନ୍** *ଅ.* ବିନା, ବ୍ୟତୀତ, ଛଡ଼ା ; *ବି.* ୧. ବିନ୍-ବାଦ୍ୟ ୨. ପରିବା ଭାବେ ବ୍ୟବହୃତ, ଛୁଇଁ ବିଶେଷ ।

**ବିନ୍ତି, ବିଣ୍ଟି** *ବି.* ଏକପ୍ରକାର ତାସ୍ ଖେଳ ।

**ବିନ୍‌ବିହେଇ ମା** *ବି.* ଅବିବାହିତା ମାତା ।

**ବିନ୍‌ମହତିଆ** *ବିଂ.* ମାନମହତହୀନ ।

**ବିନ୍‌ରକତିଆ** *ବିଂ.* ୧. ନିଲଠା, ଅପମାନ ସହି ନେଉଥିବା ବ୍ୟକ୍ତି, ଅଲାଜୁକ ୨. ନିରକ୍ତିଆ ।

**ବିନ୍‌ହକ୍** *ବିଂ.* ଅନଧିକାର, କୌଣସି ହକ୍ ନଥିବା ।

**ବିନ** *ବି.* ଉଇହୁଙ୍କା ।

**ବିନତ** *ବିଂ.* ଅବନତ, ପ୍ରଣତ, ବିନମ୍ର ।

**ବିନତା** *ବି.* ଗରୁଡ଼ଙ୍କ ମାତା ; *ବିଂ.* ନଇଁ ପଡ଼ିଥିବା ନାରୀ ।

**ବିନତି** *ବି.* ୧. ପ୍ରଣତି, ନମସ୍କାର, ଓଳଗି ୨. ବିନୟ, ବିନମ୍ରତା ୩. ମିନତି, ଅଳି ।

**ବିନମ୍ର ବିଂ.** ବିନୟୀ, ନମ୍ରସ୍ୱଭାବବିଶିଷ୍ଟ ।

**ବିନମ୍ରତା ବି.** ବିନୟଭାବ, ଅନୁନୟପୂର୍ଣ୍ଣ ପ୍ରାର୍ଥନା ବା ନିବେଦନ ।

**ବିନୟପିଟକ ବି.** ବୌଦ୍ଧ ଧର୍ମଶାସ୍ତ୍ର ବିଶେଷ, ତ୍ରିପିଟକର ଏକ ଭାଗ ବା ପିଟକ ।

**ବିନୟୀ ବିଂ.** ବିନୟଯୁକ୍ତ, ନମ୍ର ।

**ବିନର୍ବ୍ୟୟ ବି.** ବେପରୁଆ ଖର୍ଚ୍ଚ, ଅବାଧଭାବରେ ଅଯଥା ଖର୍ଚ୍ଚ ।

**ବିନଷ୍ଟ ବିଂ.** ବିନାଶପ୍ରାପ୍ତ, ଧ୍ୱଂସ ପାଇଯାଇଥିବା ।

**ବିନଷ୍ଟି ବି.** ବିନାଶ, ଧ୍ୱଂସ ।

**ବିନା ଅ.** ବ୍ୟତୀତ, ବ୍ୟତିରେକେ, ଛଡ଼ା, ବାଦ, ଅଭାବ ।

**ବିନାୟକ ବି.** ଗଣେଶ ।

**ବିନାବାଡ଼ି ବି.** ଦଣ୍ଡନାଚରେ ନର୍ତ୍ତକ ଧରିଥିବା ସଜ୍ଜିତ ବାଡ଼ି ବା ଯଷ୍ଟି, ଘୁଙ୍ଗୁରଲଗା ମୁଠିକିଆ ଦଣ୍ଡ, ବୀଣାଦଣ୍ଡ, (କେତେକ ଅଞ୍ଚଳରେ) ବନାବାଡ଼ି ।

**ବିନାଶ ବି.** ୧. ନଷ୍ଟ, ଧ୍ୱଂସ, ଲୋପ ୨. ଉଚ୍ଛେଦ ୩. ମୃତ୍ୟୁ, ଅନ୍ତ ।

**ବିନାଶକ ବିଂ.** ବିନାଶକାରୀ, ଧ୍ୱଂସକାରୀ, ନଷ୍ଟକାରୀ ।

**ବିନାଶନ ବି.** ବିନାଶନ, ବିନାଶୀକରଣ, ଧ୍ୱଂସାୟନ ।

**ବିନାଶିବା କ୍ରି.** ୧. ଶେଷ କରିଦେବା ୨. ନାଶକରିବା ୩. ନଷ୍ଟକରିବା ।

**ବିନିଃସୃତ ବିଂ.** ୧. ନିର୍ଗତ, ଝରିଥିବା, ବହୁଥିବା ୨. ସମ୍ୟକ୍ କ୍ଷରିତ ।

**ବିନିଦ୍ର ବିଂ.** ଉଜାଗର, ନିଦ୍ରାହୀନ, ଚେଇଁ ରହିଥିବା, ଜାଗ୍ରତ, ଅନିଦ୍ରା ।

**ବିନିନ୍ଦିତ ବିଂ.** ବିଶେଷ ନିନ୍ଦିତ, ତିରସ୍କୃତ ।

**ବିନିମୟ ବି.** ଦବାନବା, ବଦଳ, ଅଦଳବଦଳ ।

**ବିନିର୍ଗତ ବିଂ.** ବାହାରି ଯାଇଥିବା, ବହିର୍ଗତ, ବହିଆସୁଥିବା ।

**ବିନିର୍ମୁକ୍ତ ବିଂ.** ପୂରାପୂରି ମୁକୁଳିଯାଇଥିବା ।

**ବିନିଷ୍ଚିତ ବିଂ.** ନିର୍ଧାର୍ଯ୍ୟ ଭାବରେ ଠିକ୍ ।

**ବିନିଯୁକ୍ତ ବିଂ.** ୧. କର୍ମାଦିରେ ନିଯୁକ୍ତ ।

ବିନିଯୋଗ ବି. ୧. କାମରେ ଠିକ୍ ଭାବରେ ଲଗାଇବା ୨. ପ୍ରେରଣ ୩. ଅର୍ପଣ ୪. ବ୍ୟବସାୟରେ ଲଗାଣ ।

**ବିନୀତ ବିଂ.** ବିନୟଯୁକ୍ତ, ବିନୟୀ, ନମ୍ର ।

**ବିନୁ, ବିନେ ଅ.** ବିନା, ଛଡ଼ା, ବ୍ୟତୀତ, ବ୍ୟତିରେକେ ।

**ବିନୋଦ ବି.** ୧. ଆମୋଦ, ମନୋରଞ୍ଜନ ୨. ବିହାର ୩. ସନ୍ତୋଷ, ଖୁସିବାସି ; **ବିଂ.** ମନୋରଞ୍ଜକ, ସୁନ୍ଦର, ଆନନ୍ଦବର୍ଦ୍ଧକ ।

**ବିନୋଦକ ବିଂ.** ମନୋରଞ୍ଜକ, ଆନନ୍ଦଦାୟୀ, ତୃପ୍ତିକର ।

**ବିନୋଦନ ବି.** ୧. ସନ୍ତୋଷବିଧାନ ୨. ଆନନ୍ଦବର୍ଦ୍ଧନ ୩. ଆମୋଦପ୍ରମୋଦ, ଚିତ୍ତରଞ୍ଜନ ।

**ବିନୋଦିତ ବିଂ.** ତୃପ୍ତ, ଆପ୍ୟାୟିତ, ଆମୋଦିତ ।

**ବିନୋଦିନୀ ବିଂ.** ପ୍ରମୋଦଦାୟିନୀ, ଆନନ୍ଦବିଧାୟିକା; **ବି.** ଶ୍ରୀରାଧା, କୃଷ୍ଣପ୍ରିୟା ।

**ବିନୋଦୀ ବିଂ.** ବିନୋଦନକାରୀ, ସନ୍ତୋଷବିଧାୟକ ।

**ବିନୋମୁଡ଼ି ବି.** ଉଇ ହୁଙ୍କା ।

**ବିନ୍ଦୁ ବି.** ୧. ବୁନ୍ଦା ୨. କ୍ଷୁଦ୍ରଅଂଶ ୩. ଅନୁସ୍ୱାର ୪. ଟୋପା, କପାଳରେ ଚନ୍ଦନାଦିର ଟୀକା ୫. ରେତ, ଶୁକ୍ର ୬. ସାମାନ୍ୟ ପରିମାଣ, କଣିକା ୭. ଦୈର୍ଘ୍ୟ, ପ୍ରସ୍ଥ ଓ ବେଧହୀନ ଅବସ୍ଥାନ ବା ସ୍ଥିତି ।

**ବିନ୍ଦୁଧାରଣ ବି.** ବ୍ରହ୍ମଚର୍ଯ୍ୟ, ବୀର୍ଯ୍ୟଧାରଣ ।

**ବିନ୍ଦୁବିସର୍ଗ ବି.** ସାମାନ୍ୟତମ ଆଭାସ, ସାମାନ୍ୟ ସୂଚନା ।

**ବିନ୍ଦୁମାତ୍ର ବି.** ଲେଶମାତ୍ର, ଟିକେମାତ୍ର ।

**ବିନ୍ଦୁସରୋବର ବି.** ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର ନିକଟସ୍ଥ ପବିତ୍ର ଜଳାଶୟ ।

**ବିନ୍ଧ ବି.** ଫୋଡ଼, ରନ୍ଧ୍ର, କଣା ।

**ବିନ୍ଧଣା ବି.** ୧. ବିନ୍ଧିବା କାମ ୨. ବ୍ୟଥାହେବା ; **ବିଂ.** ୧. ମାରଣା ୨. କଟୁଭାଷୀ ।

**ବିନ୍ଧଣୀ, ବିନ୍ଧୁଣୀ ବି.** ବେଧୁଣି, ଫୋଡ଼ଣି, କାଠ କଣାକରିବା ଭଅଁର ।

**ବିନ୍ଧା ବି.** ୧. ବ୍ୟଥା, ଟଣା ୨. ଫୋଡ଼ଣ ୩. ଶରମାରିବା ।

**ବିନ୍ଧାଣ ବି.** ତୀର ଲକ୍ଷ୍ୟ, ଶରମାରିବା କାମ ।

**ବିନ୍ଧାଣି ବି.** ୧. କାରିଗର ୨. ସ୍ଥପତି ୩. ମୂର୍ତ୍ତିକାର ୪. ଶର ନିକ୍ଷେପରେ କୁଶଳୀ ।

**ବିନ୍ଧିବା କ୍ରି.** ୧. ଶର ସନ୍ଧାନ କରିବା ୨. ଫୋଡ଼ିବା, ବିଦ୍ଧ କରିବା ୩. ବଥେଇବା ୪. ଆଘାତ କରିବା ।

**ବିନ୍ୟସ୍ତ ବିଂ.** ସୁନ୍ଦର ଭାବେ ଖଞ୍ଜା ଯାଇଥିବା, ସଜାଯାଇଥିବା ।

**ବିନ୍ୟାସ ବି.** ସଜ୍ଜୀକରଣ, ଶୋଭାବନ୍ତ କରିବା କାର୍ଯ୍ୟ, ସଜାସଜି ।

**ବିପଣନ ବି.** କିଣାବିକା, ବେପାର, ବ୍ୟବସାୟ ।

**ବିପଣି ବି.** ୧. ଦୋକାନ, ବିକ୍ରୟ କେନ୍ଦ୍ର ୨. ହାଟ ୩. ବଜାର ।

**ବିପତ୍ତି ବି.** ଭୟଙ୍କର ବିପଦ, ଦୁର୍ବିପାକ ।

**ବିପତ୍ନୀ ବି.** ସଉତୁଣୀ, ଗୋଟିଏ ପୁରୁଷର ଏକାଧିକ ପତ୍ନୀ ।

**ବିପତ୍ନୀକ ବିଂ.** ପତ୍ନୀ ମରିଯାଇଥିବା (ବ୍ୟକ୍ତି) ।

**ବିପଥ ବି.** ଅନୁଚିତ ମାର୍ଗ, ଖରାପ ବାଟ ।

**ବିପଥଗାମୀ ବିଂ.** ଭୁଲ ବାଟରେ ଯାଉଥିବା ।

**ବିପଦ ବି.** ୧. ଆପଦ, ଦୁଃସମୟ ୨. ଭୟ ସଞ୍ଚାର କରୁଥିବା ସ୍ଥିତି ।

**ବିପଦଗ୍ରସ୍ତ ବିଂ.** ବିପନ୍ନ, ବିପଦରେ ପଡ଼ିଥିବା ।

**ବିପନ୍ନ ବିଂ.** ୧. ବିପଦରେ ପଡ଼ିଥିବା ୨. ଦୁର୍ଦ୍ଦଶାଗ୍ରସ୍ତ ।

**ବିପରୀତ ବିଂ.** ୧. ଓଲଟା ୨. ବିରୁଦ୍ଧ ୩. ପ୍ରତିକୂଳ ୪. ଭ୍ରାନ୍ତିଯୁକ୍ତ ୫. ବିଷମ ୬. ପ୍ରତିକୂଳ ।

**ବିପରୀତ କେନ୍ଦ୍ର ବି.** ଅପର ପକ୍ଷର ଶକ୍ତିକେନ୍ଦ୍ର ।

**ବିପରୀତଗାମୀ** *ବିଂ.* ପ୍ରତିକୂଳ ସ୍ରୋତରେ ଯାଉଥିବା, ଓଲଟା ଦିଗରେ ଗତି କରୁଥିବା ।
**ବିପରୀତଧର୍ମୀ** *ବିଂ.* ଆଚରଣ ଓ ବିଚାରର ଅପର ପକ୍ଷଭୁକ୍ତ ।
**ବିପରୀତବୁଦ୍ଧି** *ବି.* ଚିତ୍ତବିକାର, ଭ୍ରାନ୍ତି ।
**ବିପରୀତରତି** *ବି.* ମୈଥୁନକ୍ରିୟାରେ ନାରୀର ସକ୍ରିୟତା, ନାରୀର ପୁରୁଷାୟିତ ରତିକ୍ରୀଡ଼ା ।
**ବିପରୀତମେରୁ** *ବି.* ଗୋଲକ ବା ଚୁମ୍ବକର ଅପର ଦିଗର ଶକ୍ତିକେନ୍ଦ୍ର ।
**ବିପର୍ଯ୍ୟୟ** *ବି.* ୧. ଓଲଟପାଲଟ ବା ବିଶୃଙ୍ଖଳ ଅବସ୍ଥା ୨. ବ୍ୟତିକ୍ରମ ୩. ଧ୍ୱଂସ ।
**ବିପର୍ଯ୍ୟସ୍ତ** *ବିଂ.* ଓଲଟ ପାଲଟ ହୋଇଥିବା, ସମ୍ପୂର୍ଣ୍ଣ ପରିବର୍ତ୍ତିତ, ଛିନଛତର ହୋଇଥିବା, ଛତ୍ରଭଙ୍ଗ ଦେଇଥିବା ।
**ବିପକ୍ଷ** *ବି.* ବିରୋଧୀପକ୍ଷ, ଅନ୍ୟପକ୍ଷ, ପ୍ରତିଦ୍ୱନ୍ଦୀ ।
**ବିପକ୍ଷତା** *ବି.* ବିରୋଧ, ପ୍ରତିକୂଳତା ।
**ବିପକ୍ଷ ଦଳ** *ବି.* ଗଣତାନ୍ତ୍ରିକ ପଦ୍ଧତିରେ ଶାସନ ଦାୟିତ୍ୱରେ ନଥିବା ବିରୋଧୀ ଦଳ ।
**ବିପକ୍ଷୀୟ** *ବିଂ.* ବିରୋଧୀ ପକ୍ଷ ସମ୍ପର୍କିତ ।
**ବିପାକ** *ବି.* ୧. ଭାଗ୍ୟ ଦୁର୍ଯୋଗ, ଦୁର୍ଭୋଗ ୨. ବିଡ଼ମ୍ବନା ୩. ବିଷମ କର୍ମଫଳ ୪. ମନ୍ଦ ପରିଣାମ ।
**ବିପିନ** *ବି.* ବଣ, ଜଙ୍ଗଲ ।
**ବିପୁଳ** *ବିଂ.* ୧. ପ୍ରଚୁର ୨. ବହୁ ୩. ପର୍ଯ୍ୟାପ୍ତ ; *ବି.* ବିପୁଳତା ।
**ବିପୁଳା** *ବି.* ପୃଥିବୀ ( ପୃଥୁଳା ନାରୀ )
**ବିପ୍ର** *ବି.* ବ୍ରାହ୍ମଣ, ଦ୍ୱିଜ ।
**ବିପ୍ରକର୍ଷଣ** *ବି.* ଅପସାରଣ, ଦୂରେଇ ଦେବା କାର୍ଯ୍ୟ ।
**ବିପ୍ରଯୁକ୍ତ** *ବିଂ.* ବିଚ୍ଛିନ୍ନ, ବିଯୁକ୍ତ, ଅଲଗା ହୋଇଯାଇଥିବା ।
**ବିପ୍ରଲାପ** *ବି.* ୧. ଅନର୍ଥକ ଝଗଡ଼ା ୨. ବିରୁଦ୍ଧ ବାକ୍ୟ ୩. ଏଣୁତେଣୁ କଥାବାର୍ତ୍ତା ।
**ବିପ୍ରଲବ୍ଧ** *ବିଂ.* ପ୍ରଣୟରେ ଧୋକା ଖାଇଥିବା, ପ୍ରତାରିତ ହୋଇଥିବା ।
**ବିପ୍ରଲବ୍ଧା** *ବିଂ.* ମିଳନର ସଂକେତ ସ୍ଥଳକୁ ଯାଇ ନାୟକଦ୍ୱାରା ବଞ୍ଚିତା (ନାରୀ) ।
**ବିପ୍ରଲମ୍ଭ** *ବି.* ୧. ପ୍ରତାରଣା ୨. ନାୟକ ନାୟିକାର ବିଚ୍ଛେଦ, ନାୟକ ନାୟିକାର ସଂଭୋଗର ଅଭାବ ।
**ବିପ୍ରଲମ୍ଭ ଶୃଙ୍ଗାର** *ବି.* ଶୃଙ୍ଗାର ଅନୁଭବରେ ବିରହ ଭାବ ।
**ବିପ୍ଳବ** *ବି.* ୧. ସମାଜ ଅବ୍ୟବସ୍ଥାର ଆମୂଳଚୂଳ ହଠାତ୍ ପରିବର୍ତ୍ତନ ୨. ବିଦ୍ରୋହ ୩. ବ୍ୟାପକ ପରିବର୍ତ୍ତନ ୪. ବ୍ୟାପକ ଧ୍ୱଂସ, ବିପର୍ଯ୍ୟୟ ୫. ପରମ୍ପରା ଭଙ୍ଗ ।
**ବିପ୍ଳବୀ** *ବିଂ.* ବିପ୍ଳବର ସମର୍ଥକ ବା ସଂଘଟକ, ବିପ୍ଳବ ସଂଘଟନପାଇଁ ଇଚ୍ଛୁକ ବା ଚେଷ୍ଟିତ, ବିପ୍ଳବାଚାରୀ, ପରିବର୍ତ୍ତନକାମୀ ; *ବି.* ବିପ୍ଳବକାରୀ ବ୍ୟକ୍ତି ।
**ବିଫଳ** *ବିଂ.* ବ୍ୟର୍ଥ, ନିଷ୍ଫଳ, ଅକୃତକାର୍ଯ୍ୟ, ନିରର୍ଥକ ; *ବି.* ବୈଫଲ୍ୟ, ବିଫଳତା ।
**ବିଫଳତା** *ବି.* ନିଷ୍ଫଳତା, ଅକୃତକାର୍ଯ୍ୟତା, ନିରର୍ଥକତା, ବ୍ୟର୍ଥତା ।
**ବିଫଳୀକରଣ** *ବି.* ଭଣ୍ଡୁର କରିବା, ବିଫଳ କରାଇବା, ଅକୃତକାର୍ଯ୍ୟ କରାଇବା ।
**ବିଫଳୀକୃତ** *ବିଂ.* ଅସଫଳ ହୋଇଥିବା, ବ୍ୟର୍ଥ ହୋଇଥିବା ।
**ବିବଦମାନ** *ବିଂ.* ୧. କଳହରତ, ବିବାଦକାରୀ ୨. ବିତର୍କର (ବିଷୟ), ବିତର୍କିତ (*ସ୍ତ୍ରୀ.* ବିବଦମାନା)
**ବିବର** *ବି.* ୧. ରନ୍ଧ୍ର, ଛିଦ୍ର ୨. ଗର୍ତ୍ତ, ଗହ୍ୱର, ଗାତ ।
**ବିବରଣ** *ବି.* ବର୍ଣ୍ଣନା, ବିବୃତି, ବୃତ୍ତାନ୍ତ, ବର୍ଣ୍ଣନ ।
**ବିବରଣୀ** *ବି.* ୧. ବ୍ୟାଖ୍ୟାନପୂର୍ବକ ବର୍ଣ୍ଣନା ୨. ପୂର୍ବ ପାଠଚକ୍ର ଓ ସଭାଦିର ଲିପିବଦ୍ଧ ସୂଚନା, ସଭା କାର୍ଯ୍ୟର ସଂକ୍ଷିପ୍ତ ଲିଖିତ ବର୍ଣ୍ଣନା ।
**ବିବରା** *ବି.* ଯେଉଁ ବିବାହିତା କନ୍ୟାର ବର ମରିଯାଇଥାଏ, ଦୁର୍ବାକ୍ଷତ ବା ଗର୍ଭାଧାନକାଳ ପୂର୍ବରୁ ଯେଉଁ କନ୍ୟାର ବର ମୃତ ।
**ବିବର୍ଜକ** *ବିଂ.* ଯେ ପୁରାପୁରି ଛାଡ଼ିଦିଏ, ଯେ ବିବାକ ତ୍ୟାଗ କରେ ।
**ବିବର୍ଜନ** *ବି.* ସମ୍ପୂର୍ଣ୍ଣ ଛାଡ଼ିବା, ବିସର୍ଜନ ।
**ବିବର୍ଜିତ** *ବିଂ.* ପରିତ୍ୟକ୍ତ, ସମ୍ପୂର୍ଣ୍ଣ ଛାଡ଼ି ଦିଆଯାଇଥିବା ।
**ବିବର୍ଜିତା** *ବିଂ.* ସ୍ୱାମୀଠାରୁ ଛାଡ଼ପତ୍ର ପାଇଥିବା (ନାରୀ), ସ୍ୱାମୀ ପରିତ୍ୟକ୍ତା ।
**ବିବର୍ଣ୍ଣ** *ବିଂ.* ୧. ମଳିନ ୨. ଶେଥା ୩. ତେଜହୀନ ୪. ନିଷ୍ପ୍ରାଣ ।
**ବିବର୍ତ୍ତନ** *ବି.* କ୍ରମବିକାଶ, ଉଦ୍‌ବର୍ତ୍ତନ ।
**ବିବର୍ତ୍ତନବାଦ** *ବି.* ପ୍ରାଣୀ ଜଗତର କ୍ରମିକ ବିକାଶ ସଂକ୍ରାନ୍ତ ତତ୍ତ୍ୱ ।
**ବିବର୍ତ୍ତିତ** *ବିଂ.* ୧. କ୍ରମ ପରିବର୍ତ୍ତିତ ୨. ଘୂର୍ଣ୍ଣିତ ୩. ପ୍ରତ୍ୟାବର୍ତ୍ତିତ ।
**ବିବର୍ଦ୍ଧନ** *ବି.* ସମ୍ୟକ୍ ବୃଦ୍ଧି, ବିଶେଷ ବଢ଼ିବା ।
**ବିବର୍ଦ୍ଧିତ** *ବିଂ.* ବିଶେଷ ବଢ଼ିଥିବା, ସମ୍ୟକ୍ ବର୍ଦ୍ଧିତ ।
**ବିବଶ** *ବିଂ.* ୧. ଅବଶ, ନିଶ୍ଚେଷ୍ଟ ୨. ଥକିପଡ଼ିଥିବା ୩. ବିହ୍ୱଳ ।
**ବିବଶତା** *ବି.* ୧. ନିଶ୍ଚେଷ୍ଟତା ୨. କୌଣସି ସିଦ୍ଧାନ୍ତରେ ପହଞ୍ଚି ପାରୁନଥିବା ଅବସ୍ଥା ୩. କୌଣସି କାର୍ଯ୍ୟକରିବାରେ ଅସମର୍ଥତା ।
**ବିବସନ, ବିବସ୍ତ୍ର** *ବିଂ.* ଲଙ୍ଗଳା, ଉଲଙ୍ଗ, ନଗ୍ନ (*ସ୍ତ୍ରୀ.* ବିବସନା, ବିବସ୍ତ୍ରା) ।
**ବିବସ୍ୱାନ** *ବି.* ୧. ସୂର୍ଯ୍ୟ ୨. ଦେବତା ।
**ବିବକ୍ଷା** *ବି.* କହିବାର ଇଚ୍ଛା ।
**ବିବକ୍ଷିତ** *ବିଂ.* କହିବାକୁ ମନ କରିଥିବା ।
**ବିବକ୍ଷୁ** *ବି.* କହିବାକୁ ଇଚ୍ଛୁକ ।

**ବିବାକ** *କ୍ରି.ବିଂ.* ତମାମ୍, ସମ୍ପୂର୍ଣ୍ଣଭାବରେ ; *ବିଂ.* ୧. ସମୁଦାୟ ୨. ବିବେଚକ ।

**ବିବାଦ** *ବି.* ୧. କଳି ତକରାଳ, ଝଗଡ଼ା ୨. ବିରୋଧ ୩. ଲଢ଼େଇ ୪. ମକଦମା ।

**ବିବାଦୀ** *ବି.* ପ୍ରତିବାଦୀ, ମକଦମାରେ ପ୍ରତିପକ୍ଷ ; *ବିଂ.* ଅଭିଯୋଗର ବିଷୟୀଭୂତ, ବିବାଦକାରୀ ।

**ବିବାସନ** *ବି.* ନିର୍ବାସନ, ସ୍ୱଦେଶରୁ ବିତାଡ଼ନ ।

**ବିବାସିତ** *ବିଂ.* ନିର୍ବାସିତ, ସ୍ୱଦେଶରୁ ବିତାଡ଼ିତ ।

**ବିବାହ** *ବି.* ବାହା, ପାଣିଗ୍ରହଣ, ପରିଣୟ ; *ବିଂ.* ବୈବାହିକ ।

**ବିବାହିତ** *ବିଂ.* ବାହା ହୋଇଥିବା, ଯେ ବାହାହୋଇଥାଏ ।

**ବିବି** *ବି.* ୧. ସମ୍ଭ୍ରାନ୍ତ ମୁସଲମାନ ମହିଳା ୨. ଇଉରୋପୀୟ ମହିଳା ୩. ଗୃହକର୍ତ୍ତ୍ରୀ ୪. ରାଣୀ ଛବି ଥିବା ତାସ୍‌ପତା ୫. ରାଣୀ ୬. ପତ୍ନୀ ।

**ବିବିକ୍ତ** *ବିଂ.* ୧. ଏକାକୀ ୨. ପୃଥକ ୩. ଜନଶୂନ୍ୟ ୪. ପବିତ୍ର ।

**ବିବିଧ** *ବିଂ.* ବହୁ ପ୍ରକାରର ।

**ବିବିକ୍ଷା** *ବି.* ପ୍ରବେଶ କରିବାର ଇଚ୍ଛା, ଭିତରକୁ ଯିବାର ମାନସିକତା ।

**ବିବୁଧ** *ବି.* ୧. ପଣ୍ଡିତ, ବିଦ୍ୱାନ ୨. ଦେବତା ।

**ବିବୃତ** *ବିଂ.* ୧. ଖୋଲା ୨. ପ୍ରସାରିତ ୩. ଅନାବୃତ, ଉନ୍ମୁକ୍ତ ୪. ବିଶେଷ ଚର୍ଚ୍ଚିତ, ବ୍ୟାଖ୍ୟାୟିତ ।

**ବିବୃତି** *ବି.* ୧. ସମ୍ବାଦପତ୍ରର ପ୍ରକାଶ ପାଇଁ ପ୍ରଦତ୍ତ ମତାମତ, ବିବୃତ୍ତି ୨. ବିବରଣ ୩. ମତାମତ ୪. ବର୍ଣ୍ଣନା ୫. ଉନ୍ମୋଚନ ।

**ବିବେକ** *ବି.* ଯଥୋଚିତ ବିଚାର ଶକ୍ତି, ବିଚାର ବିବେଚନା, ତତ୍ତ୍ୱଜ୍ଞାନ ।

**ବିବେକିତା** *ବି.* ବିଚାରଶୀଳତା ।

**ବିବେକୀ** *ବିଂ.* ୧. ବିଚାରବନ୍ତ, ନ୍ୟାୟଶୀଳ ୨. ବିବେକସମ୍ପନ୍ନ ।

**ବିବେଚକ** *ବିଂ.* ଉଚିତ ଅନୁଚିତ ଓ ଭଲମନ୍ଦ ବିଚାର କରିପାରୁଥିବା ।

**ବିବେଚନ,ବିବେଚନା** *ବି.* ବିଚାରଣ, ଅନ୍ୟର ସୁଖସୁବିଧା ପ୍ରତି ଯଥୋଚିତ ଧ୍ୟାନଦେବା, ଚିନ୍ତାଶକ୍ତିଦ୍ୱାରା ଯଥାଯଥ ନିରୂପଣ ।

**ବିବେଚନୀୟ,ବିବେଚ୍ୟ** *ବିଂ.* ୧. ବିଚାରଦ୍ୱାରା ସ୍ଥିରୀକୃତ ୨. ଯାହା ବିଚାର ପାଇଁ ଗ୍ରହଣ କରାହୋଇଅଛି ।

**ବିବ୍ରତ** *ବିଂ.* ବିଚଳିତ, ସମସ୍ୟାରେ ପଡ଼ି ଧନ୍ଦି ହେଉଥିବା, ଅସ୍ଥିର ଓ ବ୍ୟାକୁଳ ମାନସିକତାଯୁକ୍ତ ।

**ବିଭକ୍ତ** *ବିଂ.* ଭାଗଭାଗ, ଖଣ୍ଡଖଣ୍ଡ ହୋଇଥିବା, ଖଣ୍ଡିତ, ପୃଥକୀକୃତ ।

**ବିଭକ୍ତି** *ବି.* ୧. ବିଭାଗ, ବଣ୍ଟନ ୨. କାରକାଦିବୋଧକ ପ୍ରତ୍ୟୟ ବା ଚିହ୍ନ ।

**ବିଭଙ୍ଗ** *ବି.* ୧. ଭଲ ଭାବରେ ସୁସଜ୍ଜିତ ୨. ରଚନା ୩. ଭଙ୍ଗୀ ୪. ଖଣ୍ଡ ; *ବିଂ.* ଖଣ୍ଡିତ, ବିକୃତ ।

**ବିଭଜନ, ବିଭାଜନ** *ବି.* ଭାଗକରଣ, ବଣ୍ଟୁଆରା ।

**ବିଭଜ୍ୟମାନ** *ବିଂ.* ଯାହା ଭାଗଭାଗ କରାହେଉଅଛି ।

**ବିଭବ** *ବି.* ୧. ସମ୍ପଦ, ଐଶ୍ୱର୍ଯ୍ୟ ୨. ମହତ୍ତ୍ୱ ୩. ଶକ୍ତି ୪. ପ୍ରଭୁତ୍ୱ, ଧନ ।

**ବିଭବଶାଳୀ** *ବିଂ.* ଧନୀ, ବିତ୍ତଶାଳୀ, ଐଶ୍ୱର୍ଯ୍ୟାନ୍ୱିତ ।

**ବିଭା** *ବି.* ୧. ବିବାହ ୨. ଦୀପ୍ତି, ଆଲୋକ ୩. ସୌନ୍ଦର୍ଯ୍ୟ ।

**ବିଭାଇ** *ବିଂ.* ବାହା ହୋଇଥିବା ; *ବି.* ବିବାହିତା ପତ୍ନୀ ।

**ବିଭାଗ** *ବି.* ୧. କୌଣସି ବସ୍ତୁ ବା ଭୂମିର ଭାଗ ବା ଅଂଶ ୨. ବୃହତ୍ ପ୍ରତିଷ୍ଠାନର ବା ସରକାରଙ୍କ ବିଭିନ୍ନ ଦପ୍ତର ୪. ରାଜ୍ୟର ଅଞ୍ଚଳ ବା ଅଂଶ ।

**ବିଭାଗୀୟ** *ବିଂ.* ଭାଗ/ଅଂଶ ସମ୍ପର୍କରେ ।

**ବିଭାଜକ** *ବିଂ.* ଭାଗ କରୁଥିବା, ବିଭକ୍ତକାରୀ ।

**ବିଭାଜକରେଖା** *ବି.* ତ୍ରିକୋଣମିତିରେ କୋଣ ବା ଭୂମିକୁ ଭାଗ କରୁଥିବା ରେଖା ।

**ବିଭାଜନ** *ବି.* ୧. ଭାଗୀକରଣ, ବିଭକ୍ତୀକରଣ ୨. ସ୍ୱତନ୍ତ୍ରୀକରଣ ।

**ବିଭାଜିକା** *ବି.* ଯିଏ ଭାଗକରେ, ଭାଗକାରୀ ।

**ବିଭାଜ୍ୟ** *ବିଂ.* ୧. ଭାଗଯୋଗ୍ୟ ୨. ଯେଉଁ ସଂଖ୍ୟାକୁ ଭାଗ କରାଯାଏ (*ବି.* ବିଭାଜ୍ୟତା) ।

**ବିଭାତିବା** *କ୍ରି.* ୧. ପ୍ରକାଶ ପାଇବା ୨. ଉଦୟ ହେବା ୩. ଦେଖାଦେବା, ଗୋଚର ହେବା ।

**ବିଭାବ** *ବି.* ମନର ଶୋକାଦି ସ୍ଥାୟିଭାବ ବା ରସ ଉଦ୍ରେକକାରୀ ବିଷୟ - ଏହା ଆଲମ୍ବନ ଓ ଉଦ୍ଦୀପନ ଭେଦରେ ଦୁଇ ଭାଗରେ ବିଭକ୍ତ ।

**ବିଭାବକ** *ବିଂ.* ୧. ପ୍ରକାଶକ ୨. ଅନୁଭବୀ ।

**ବିଭାବନ** *ବି.* ସମ୍ୟକ୍ ଚିନ୍ତନ, ଅନୁଭବୀକରଣ, ପ୍ରକାଶନ ।

**ବିଭାବନା** *ବି.* ୧. ଅଭିବ୍ୟକ୍ତି ୨. ବିଶେଷ ଚିନ୍ତା, ଅନୁଭବ ୩. ଅର୍ଥାଳଙ୍କାର ।

**ବିଭାବରୀ** *ବି.* ରାତି , ରଜନୀ ।

**ବିଭାବସୁ** *ବି.* ୧. ସୂର୍ଯ୍ୟ ୨. ଅଗ୍ନି ।

**ବିଭାଷା** *ବି.* ୧. ଲୌକିକ ଭାଷା, କଥିତ ଭାଷା, ଉପଭାଷା ୨. ଅଶ୍ଳୀଳ କଥା, ପ୍ରଚଳିତ ଭାଷା ।

**ବିଭାସିତ** *ବିଂ.* ଆଲୋକିତ, ପ୍ରକାଶିତ, ଉଦ୍‌ଭାସିତ, ଦୀପ୍ତ ।

**ବିଭାସିବା** *କ୍ରି.* ଆଲୋକିତ ହେବା, ପ୍ରକାଶିତ ହେବା ।

**ବିଭିନ୍ନ** *ବିଂ.* ୧. ଅଲଗାଅଲଗା, ନାନା, ଭିନ୍ନଭିନ୍ନ ୨. ବିଦୀର୍ଣ୍ଣ ।

**ବିଭିନ୍ନତା** *ବି.* ବିଭେଦ, ଭିନ୍ନ ଭିନ୍ନ ପ୍ରକାରର ହେବା ।

**ବିଭୀଷଣ** *ବିଂ.* ୧. ଅତି କୁତ୍ସିତ, ଭୟଙ୍କର ୨. ସୌମ୍ୟ ।

**ବିଭୀଷଣ ବନ୍ଦାପନା** *ବି.* ଦକ୍ଷିଣାଭିମୁଖ ବନ୍ଦାପନା ।

**ବିଭୀଷିକା** *ବି.* ୧. ଭୟ ସୃଷ୍ଟି କରୁଥିବା ଦୃଶ୍ୟ ଅଥବା ସମ୍ବାଦ, ଆତଙ୍କ ପ୍ରଦର୍ଶନ ।

**ବିଭୁ** *ବି.* ୧. ଅଧିକାରୀ ୨. ଈଶ୍ୱର ୩. ପ୍ରଭୁ ।

**ବିଭୂତି** *ବି.* ୧. ଭସ୍ମ, ପାଉଁଶ ୨. ସମ୍ପତ୍ତି ୩. ଅଣିମା, ଲଘିମା, ବ୍ୟାପ୍ତି, ପ୍ରାକାମ୍ୟ, ମହିମା, ଈଶିତ୍ୱ, ବଶିତ୍ୱ, କାମାବସାୟିତା-ଏଇ ଆଠ ପ୍ରକାର ଯୋଗଲବ୍ଧ ଐଶ୍ୱର୍ଯ୍ୟ, ଅସରନ୍ତି ସୌଭାଗ୍ୟ ।

**ବିଭୂତିଭୂଷଣ** *ବିଂ.* ୧. ପାଉଁଶ ବୋଲି ହୋଇଥିବା ୨. ଐଶ୍ୱର୍ଯ୍ୟବନ୍ତ ।

**ବିଭୂଷଣ** *ବି.* ୧. ଶୋଭାବର୍ଦ୍ଧକ ବେଶପୋଷାକ ଓ ଅଳଙ୍କାର ୨. ସୌନ୍ଦର୍ଯ୍ୟ ।

**ବିଭୂଷିତ** *ବିଂ.* ବେଶ ହୋଇଥିବା, ବିମଣ୍ଡିତ, ଶୋଭିତ ।

**ବିଭେଦ** *ବି.* ୧. ପାର୍ଥକ୍ୟ, ଭେଦ ୨. ମତପାର୍ଥକ୍ୟ ୩. ବିଭକ୍ତୀକରଣ ।

**ବିଭେଦକ** *ବିଂ.* ମନାନ୍ତର ସୃଷ୍ଟିକାରୀ, ସମ୍ପର୍କ ଛିନ୍ନ କରୁଥିବା ।

**ବିଭେଦ୍ୟ** *ବିଂ.* ବିଭେଦର ଯୋଗ୍ୟ, ସ୍ୱତନ୍ତ୍ର ହେବାର ଉପଯୁକ୍ତ ।

**ବିଭୋର,ବିଭୋଳ** *ବିଂ.* ଆତ୍ମହରା, ବିହ୍ୱଳ, ସମାହିତ ।

**ବିଭ୍ରଂଶ** *ବି.* ୧. ବିଚ୍ୟୁତି ୨. ସମ୍ୟକ ସ୍ଖଳନ ୩. ଧ୍ୱଂସ (*ବିଂ.* ବିଭ୍ରଷ୍ଟ) ।

**ବିଭ୍ରମ** *ବି.* ୧. ଭ୍ରାନ୍ତି ୨. ମନର ଚଞ୍ଚଳତା ୩. ବିଚଳନ ।

**ବିଭ୍ରମିବା** *କ୍ରି.* ୧. ବିଚଳିତ ହେବା ୨. ବୁଲିବା ୩. ଘୂରିବା ।

**ବିଭ୍ରାଜିତ** *ବିଂ.* ଶୋଭାପାଉଥିବା, ଉଜ୍ଜ୍ୱଳ ଦିଶୁଥିବା ।

**ବିଭ୍ରାଟ୍** *ବି.* ୧. ଗୋଳମାଳ, ବିଶୃଙ୍ଖଳା, ବିପର୍ଯ୍ୟୟ ୨. ଝଂଜଟ୍, ସଙ୍କଟ ୩. ଉତ୍ପାତ ।

**ବିଭ୍ରାନ୍ତ** *ବିଂ.* ୧. ଭ୍ରମପୂର୍ଣ୍ଣ ୨. ବିଚଳିତ ୩. ସଂଶୟଭରା ୪. ସଂଦିଗ୍ଧ (*ବି.* ବିଭ୍ରମ) ।

**ବିଭ୍ରାନ୍ତି** *ବି.* ଉଦ୍‌ବେଗଜନିତ ଭ୍ରମ ।

**ବିମ୍** *ବି.* ଢ଼ଳେଇ କରା କଡ଼ି ।

**ବିମଣ୍ଡନ** *ବି.* ବିଶେଷ ଶୋଭନ, ଅଳଙ୍କରଣ, ବିଭୂଷଣ, ସୁସଜ୍ଜିତୀକରଣ ।

**ବିମଣ୍ଡିତ** *ବିଂ.* ଅଳଂକୃତ, ଶୋଭାବନ୍ତ, ବିଭୂଷିତ, ସୁସଜ୍ଜିତ, ସୁଶୋଭିତ ।

**ବିମତ** *ବି.* ୧. ଅଲଗା ମତ, ଭିନ୍ନମତ ୨. ଅସମ୍ମତି, ଅରାଜି ।

**ବିମତି** *ବି.* ୧. ଅସମ୍ମତି, ଅସ୍ୱୀକୃତି ୨. ଦୁର୍ବୁଦ୍ଧି, ଦୁଷ୍ଟବୁଦ୍ଧି, ଖଳ ମାନସିକତା ।

**ବିମନ** *ବିଂ.* ୧. ଆନମନା, ଅନ୍ୟମନସ୍କ ୨. ଉଦ୍‌ବିଗ୍ନ, ଉତ୍କଣ୍ଠିତ ।

**ବିମନା** *ବିଂ.* ବିରକ୍ତ, ଅରାଜି ।

**ବିମର୍ଦ୍ଦନ** *ବି.* ୧. ଦଳିବା କାର୍ଯ୍ୟ, ନାଶନ, ନିଷ୍ପେଷଣ, ବିଚୂର୍ଣ୍ଣନ ୨. ସମ୍ୟକଘର୍ଷଣ, ମାଲିସ ୩. ଆଲୋଡନ (*ବିଂ.* ବିମର୍ଦ୍ଦନକାରୀ) ।

**ବିମର୍ଶ** *ବି.* ବିତର୍କ, ବିଚାର, ଆଲୋଚନା, ବ୍ୟାଖ୍ୟାନ, ଯୁକ୍ତିଦ୍ୱାରା ପରୀକ୍ଷା ।

**ବିମର୍ଷ** *ବିଂ.* ବିଷଣ୍ଣ, ମନଦୁଃଖ, ଦୁଶ୍ଚିନ୍ତାଯୁକ୍ତ ।

**ବିମର୍ଷତା** *ବି.* ବିଷଣ୍ଣତା, ବିଷାଦଭାବ ।

**ବିମଳ** *ବିଂ.* ୧. ନିର୍ମଳ, ସ୍ୱଚ୍ଛ, ସଫା ୨.ଅବିମିଶ୍ର, ଖାଣ୍ଟି ୩. ପବିତ୍ର ।

**ବିମଳତା,ବିମଳତ୍ୱ** *ବି.* ନିର୍ମଳତା, ପବିତ୍ରତା, ଶୁଦ୍ଧତା, ସ୍ୱଚ୍ଛତା ।

**ବିମାତା** *ବି.* ୧. ସାବତମା' ୨. ପିତାଙ୍କ ଉପପତ୍ନୀ ।

**ବିମାନ** *ବି.* ୧. ଉଡାଜାହାଜ, ବ୍ୟୋମଯାନ ୨. ପର୍ବପର୍ବାଣିରେ ଦେବତାମାନଙ୍କୁ ବହନ କରି ନିଆଯାଉଥିବା କାଠ ତିଆରି ଯାନ ୨. ମଣ୍ଡପ ।

**ବିମାନଚାରୀ** *ବିଂ.* ଯେ ବ୍ୟୋମଯାନରେ ବିଚରଣ କରେ ; *ବି.* ଉଡାଜାହାଜ ଯାତ୍ରୀ ।

**ବିମାନବଡୁ** *ବି.* ବିଜେ ପ୍ରତିମାଙ୍କ ବାହାର ଓ ଭିତର ବିଜେର ବିମାନ ଓ ଚଉଦୋଳ ଆଦି କାନ୍ଧେଇନେବା ସେବକ, ବିମାନକାନ୍ଧିଆ ।

**ବିମିଶ୍ର** *ବିଂ.* ଭଲ କରି ମିଶା ଯାଇଥିବା, ମିଶାଗୋଳା, ଏକତ୍ରୀକୃତ ।

**ବିମୁକ୍ତ** *ବିଂ.* ୧.ଖୋଲା, ବନ୍ଧନମୁକ୍ତ, ମୁକ୍ତି ପାଇଥିବା ୨. ମୋକ୍ଷପ୍ରାପ୍ତ ।

**ବିମୁକ୍ତି** *ବି.* ୧. ମୋକ୍ଷ, ମୋଚନ ୨. ପରିତ୍ୟାଗ ।

**ବିମୁଖ** *ବିଂ.* ୧. ନିଃସ୍ପୃହ, ଆଗ୍ରହ ନ ଥିବା, ଅନିଚ୍ଛୁକ, ପରାଙ୍ମୁଖ, ମୁହଁଫେରା ୨. ପ୍ରତିକୂଳ, ବାମ, ଅପ୍ରସନ୍ନ ୩. ବିରକ୍ତିକର, ଅରୁଚିକର ।

**ବିମୁଖତା** *ବି.* ୧. ଅପ୍ରସନ୍ନତା ୨. ପ୍ରତିକୂଳତା ୩. ସ୍ପୃହାହୀନତା, ଆଗ୍ରହହୀନତା ।

**ବିମୁଗ୍ଧ** *ବିଂ.* ଅତିଖୁସି, ଅତ୍ୟନ୍ତ ତୃପ୍ତ, ଅଭିଭୂତ, ତନ୍ମୟ, ବିହ୍ୱଳ ।

**ବିମୁଦ୍ରା(ଦ୍ରୀ)କରଣ** *ବି.* ପ୍ରଚଳିତ ନିର୍ଦ୍ଦିଷ୍ଟ ମୂଲ୍ୟ ବିଶିଷ୍ଟ କାଗଜ ନୋଟ୍ ବା ମୁଦ୍ରା ଅଚଳନ୍ତି କରିବା ।

**ବିମୂଢ଼** *ବିଂ.* ୧. ବିବେକ ବିଚାରହୀନ ୨. ମୁଗ୍ଧ, ମୋହିତ, ସମାହିତ ।

**ବିମୂର୍ତ୍ତ** *ବିଂ.* ୧. ଆକାରହୀନ ୨. ମୂର୍ତ୍ତିମନ୍ତ, ପ୍ରମୂର୍ତ୍ତ ।

**ବିମୃଶ୍ୟ,ବିମୃଷ୍ୟ** *ବି.* ବିବେଚନା, ବିବେକ ସମ୍ମତ ଅନୁଶୀଳନ ; *ଅ.* ବିବେଚନା କରି ।

**ବିମୃଶ୍ୟକାରିତା** *ବି.* ପରିଣାମଦର୍ଶିତା, ଭଲମନ୍ଦ ବିଚାର କରିପାରୁଥିବା, କାର୍ଯ୍ୟର ପରିଣାମ ପ୍ରତି ଅବହିତ ।

**ବିମୃଶ୍ୟକାରୀ** ***ବିଂ.*** ପରିଣାମଦର୍ଶୀ (*ବିପ.* ଅବିମୃଶ୍ୟକାରୀ) ।

**ବିମୋଚନ** ***ବି.*** ୧. ମୁକ୍ତି ୨. ତ୍ୟାଗ ୩. ବନ୍ଧନମୁକ୍ତି ।

**ବିମୋଚନକାରୀ** ***ବିଂ.*** ୧. ମୁକ୍ତିଦାତା, ପରିତ୍ରାଣ କରିବାବାଲା ୨. ଖୋଲି ଦେଉଥିବା ।

**ବିମୋହ** ***ବି.*** ୧. ଜଡତା ୨. ମୋହାଚ୍ଛନ୍ନତା, ସମ୍ମୋହିତ ଭାବ ।

**ବିମୋହନ** ***ବି.*** ସମ୍ମୋହନ, ଆସକ୍ତି ।

**ବିମୋହିତ** ***ବିଂ.*** ମୁଗ୍ଧ, ଆତ୍ମହରା, ସମ୍ମୋହିତ, ଅଭିଭୂତ ।

**ବିମୋହିନୀ** ***ବି.ବିଂ.*** ମୁଗ୍ଧକାରିଣୀ, ଆହ୍ଲାଦିନୀ, ମନମୋହୁଥିବା ନାରୀ ।

**ବିମୋକ୍ଷଣ** *ବି.* ୧. ବିସର୍ଜନ ୨. ତ୍ୟାଗ, ଛାଡ଼ିବା ୩. ବିତରଣ ୪. ମୋଚନ ।

**ବିମ୍ବ** ***ବି.*** ୧. ରୂପ, ଛବି, ପ୍ରତିରୂପ ୨. ମଣ୍ଡଳ, ବୃତ୍ତ ୩. କଇଁଚି କାକୁଡ଼ି, କୁଆମଇତା ।

**ବିମ୍ବାଧର** ***ବି.*** ବିମ୍ବଫଳ ପରି ଲାଲଓଠ ।

**ବିମ୍ବାଧରା, ବିମ୍ବାଧରୀ** ***ବିଂ.*** ବିମ୍ବଫଳ ପରି ଓଠ ଥିବା ନାରୀ ।

**ବିମ୍ବିତ** ***ବିଂ.*** ପ୍ରତିଫଳିତ, ବ୍ୟଞ୍ଜିତ ।

**ବିମ୍ବୋଷ୍ଠ** ***ବି.*** ପାଚିଲା ବିମ୍ବ ପରି ଲାଲ ଟକଟକ ଓଠ ।

**ବିଯୁକ୍ତ, ବିଯୁତ** ***ବିଂ.*** ୧. ବିଚ୍ଛିନ୍ନ, ପୃଥକ, ଅଲଗା, ଅସଂଲଗ୍ନ, ସଂଯୋଗହୀନ ୨. [ଗଣିତ] ଫେଡାହୋଇଥିବା ୩. ବେଖାପ ।

**ବିଯୋଗ,ବିୟୋଗ** ***ବି.*** ୧. ଫେଡାଣ, କଟାଣ ୨. ବିଚ୍ଛେଦ, ଛାଡବାଡ଼ ୩. ମୃତ୍ୟୁ ୪. ଅଭାବ ।

**ବିଯୋଜନ,ବିୟୋଜନ** ***ବି.*** ୧. ବିଶ୍ଳେଷଣ, ବ୍ୟାଖ୍ୟା ୨. ବିୟୋଗ ।

**ବିଯୋଜିତ** ***ବିଂ.*** ୧. ବିରହିତ ୨. ଅଲଗା, ଭିନ୍ନ ହୋଇଥିବା ୩. ବିଶ୍ଳେଷିତ ।

**ବିଯୋଡ଼** ***ବି.*** ୧. ଯୋଡ଼ିଭଙ୍ଗ, ବିଚ୍ଛେଦ ୨. ଅଯୁଗ୍ମତା ; ***ବିଂ.*** ୧. ବିଚ୍ଛିନ୍ନ ୨. ଭିନ୍ନ ୩. ଅଯୁଗ୍ମ, ଅଯୋଡ଼, ବିଷମ (ସଂଖ୍ୟା)

**ବିୟତ୍** ***ବି.*** ଆକାଶ, ଗଗନ, ଶୂନ୍ୟ ।

**ବିୟୋଗାନ୍ତ,ବିୟୋଗାନ୍ତକ** ***ବିଂ.*** ନାୟକ ନାୟିକାଙ୍କର ମୃତ୍ୟୁ ବା ବିଚ୍ଛେଦରେ ପରିସମାପ୍ତ (ନାଟକ,ଉପନ୍ୟାସାଦି), ଦୁଃଖାନ୍ତକ (*ବିପ୍ର.* ମିଳନାନ୍ତ, ମିଳନାନ୍ତକ), ଟ୍ରାଜିକ୍ ।

**ବିର୍** ***ବି.*** ଜଙ୍ଗଲ, ଅରଣ୍ୟ, ବଣ ।

**ବିର୍ ଉଲ୍** ***ବି.*** ଜଙ୍ଗଲୀ ଆମ୍ବ ।

**ବିର୍ କାଡ଼ା** ***ବି.*** ବଣମଇଁଷି ।

**ବିର୍ ଖାଣ୍ଡଲା** ***ବି.*** ବଣପଣସ ।

**ବିର୍ଝା** ***ବି.*** ୧. ବିରକ୍ତି ୨. ଥଟ୍ଟା, ଚିଡ଼ାଇବା ।

**ବିର୍ଝାବା** ***କ୍ରି.*** ୧. ଚିଡ଼ାଇବା, ଖତେଇ ହେବା ୨. ବିରକ୍ତ କରିବା ।

**ବିର୍ଝା ବିର୍ଝି** ***ବି.*** ଥଟ୍ଟାତାମସା, ଥଟ୍ଟାପରିହାସ ।

**ବିର୍ଝିଙ୍ଗା** ***ବି.*** ବଣଜହ୍ନି ।

**ବିର୍ତାଙ୍ଗ** ***ବି.*** ଅତି ରାଗିଲା ଅବସ୍ଥା, ଚିଡ଼ଚିଡ଼ା ଭାବ ।

**ବିର୍ଡ଼ିବା** ***କ୍ରି.*** ହୁରୁଡାଇ ନେବା, ଚମକ ବା ଭୟଦେଖାଇ ଘଉଡାଇବା ।

**ବିର୍ଡ଼ି ଯିବା** ***କ୍ରି.*** ଶେଷ ମୁହୂର୍ତ୍ତରେ ପୂର୍ବ ସ୍ୱୀକୃତ କାର୍ଯ୍ୟରୁ ଓହରି ଯିବା ।

**ବିର୍ମାହା** ***ବି.*** ପେଟ କାଟି ଝାଡ଼ା ହେବା ।

**ବିର୍ସା** ***ବି.*** ବଣସାରୁ ।

**ବିର୍ସାମା** ***ବି.*** ବଣହଳଦୀ ।

**ବିରକତ, ବିରକ୍ତ** ***ବିଂ.*** ୧. ଅସନ୍ତୁଷ୍ଟ, ଚିଡ଼ା, ବିର୍ଟୁ, ବିଗଡା ୨. ଅନୁରକ୍ତିହୀନ, ବୈରାଗ୍ୟଯୁକ୍ତ ୩. ଉଦାସୀନ ।

**ବିରକ୍ତି** ***ବି.*** ୧. ଅସନ୍ତୋଷ, ଅସ୍ୱସ୍ତି ୨. ଚିଡ଼ାଭାବ ୩. ବିରାଗ, ବିତୃଷ୍ଣା ।

**ବିରଚକ** ***ବି.ବିଂ.*** ରଚନାକାରୀ, ପ୍ରଣେତା, ଲେଖକ, ସ୍ରଷ୍ଟା ।

**ବିରଚନ,ବିରଚନା** ***ବି.*** ଲିଖନ, ପ୍ରଣୟନ, ନିର୍ମାଣ, ତିଆରିବା ।

**ବିରଚିତ** ***ବିଂ.*** ଲିଖିତ, ପ୍ରଣୀତ, ନିର୍ମିତ, ତିଆରି ହୋଇଥିବା ।

**ବିରତ** ***ବିଂ.*** ଛାଡ଼ି ଦେଇଥିବା, ନିବୃତ୍ତ, କ୍ଷାନ୍ତ, ନିରସ୍ତ ।

**ବିରତି** ***ବି.*** ୧. ବିରାମ, ଅବସର ୨. ବିଶ୍ରାମ ୩. କ୍ଷାନ୍ତି, ନିବୃତ୍ତି ୪. ଅବସାନ ୫. ବିରାଗ ।

**ବିରଳ** ***ବିଂ.*** ୧. ଖୁବକମ, ଦୁର୍ଲଭ ୨. ଛଡ଼ାଛଡ଼ା ; ***ବି.*** ବିଜନ ସ୍ଥାନ, ଜନଶୂନ୍ୟ ଜାଗା ।

**ବିରଳତା** ***ବିଂ.*** ୧. ଅତ୍ୟଳ୍ପତା ୨. ଦୁଷ୍ପ୍ରାପ୍ୟତା ।

**ବିରସ** ***ବିଂ.*** ୧. ନିରାନନ୍ଦ, ହର୍ଷଶୂନ୍ୟ ୨. ବିମର୍ଷ, ବିଷଣ୍ଣ ୩. ଶୁଷ୍କରସ ।

**ବିରସତା** ***ବି.*** ମନଦୁଃଖ, ବିଷଣ୍ଣଭାବ ।

**ବିରହ** ***ବି.*** ସାମୟିକ ଛାଡ଼ବାଡ ହେତୁ ଦୁଃଖ (ପ୍ରେମ/ଦାମ୍ପତ୍ୟ ସମ୍ପର୍କିତ) ।

**ବିରହିତ** ***ବିଂ.*** ବିହୀନ, ବର୍ଜିତ, ବିଯୁକ୍ତ ।

**ବିରହୀ** ***ବିଂ.*** ୧. ଛାଡ଼ବାଡ଼ ହୋଇଥିବା, ୨. ବିରହ ଭୋଗ କରୁଥିବା ।

**ବିରାଗ** ***ବି.*** ବିତୃଷ୍ଣା, ଉଦାସୀନତା, ବୈରାଗ୍ୟ, ବିରକ୍ତି, ଅନିଚ୍ଛା ।

**ବିରାଗୀ** ***ବିଂ.*** ନିଃସ୍ପୃହ, ଉଦାସୀନ, ବୈରାଗ୍ୟଯୁକ୍ତ, ଅନାସକ୍ତ ।

**ବିରାଜ** ***ବି.*** ୧. ଶୋଭା ପାଇବା ୨. ପକ୍ଷୀରାଜ ଗରୁଡ଼ ୩. ପ୍ରକାଶ ।

**ବିରାଜମାନ** *ବିଂ.* ୧. ଶୋଭମାନ, ଶୋଭାପାଉଥିବା ୨. ପ୍ରକାଶମାନ।

**ବିରାଜିତ** *ବିଂ.* ୧. ଶୋଭିତ, ଶୋଭାପାଇ ରହିଥିବା, ଅବସ୍ଥାନ କରୁଥିବା ୨. ପ୍ରକାଶିତ ।

**ବିରାଜିବା** *କ୍ରି.* ୧. ଶୋଭାପାଇବା, ଶୋଭନ ହୋଇରହିବା ୨. ଅଧିଷ୍ଠିତ ହେବା, ଅବସ୍ଥିତ ହେବା ।

**ବିରାଟ** *ବିଂ.* ସୁବିଶାଳ, ଅତିବଡ଼, ସୁମହତ ; *ବି.* ମହାଭାରତ ବର୍ଣ୍ଣିତ ମତ୍ସ୍ୟଦେଶର ରାଜା ।

**ବିରାଡ଼ି** *ବି.* ବିଲେଇ ।

**ବିରାଡ଼ି ବୈଷ୍ଣବ** *ବି.* ଶଠ, ଠକ, ଭଣ୍ଡ ।

**ବିରାଦର** *ବି.* ଭାଇ, ବନ୍ଧୁ, ଜ୍ଞାତି ।

**ବିରାମ** *ବି.* ୧. ଅବସର, ବିରତି ୨. ବିଶ୍ରାମ ୩. ନିବୃତ୍ତି, ଅବସାନ ।

**ବିରାମ ଚିହ୍ନ** *ବି.* ପଦ, ଖଣ୍ଡବାକ୍ୟ ପ୍ରଭୃତିକୁ ପୃଥକ କରୁଥିବା ଚିହ୍ନ (,) ବା କମା ।

**ବିରି** *ବି.* ଡାଲିଜାତୀୟ ଶସ୍ୟ ବିଶେଷ, ବ୍ରୀହି, ମାଷ ।

**ବିରିଙ୍ଗା** *ବି.* କୃଷି କାର୍ଯ୍ୟ କରିବା ସକାଶେ କ୍ଷେତପୋଡ଼ି ।

**ବିରିଙ୍ଗା ମାର୍‌ବା** *କ୍ରି.* କ୍ଷେତ ପୋଡ଼ିବା ।

**ବିରିଡ଼ି,ବିରୁଡ଼ି,ବିରୁଳି** *ବି.* ଦଂଶନ କରୁଥିବା କୀଟ ବିଶେଷ, ବଲୁରୀ, ଟେଁକର୍ ।

**ବିରିବଟା ସମର୍ଥା** *ବି.* ଶ୍ରୀମନ୍ଦିର ସେବକ ବିଶେଷ ।

**ବିରିବୁହା ସୁଆର** *ବି.* କୋଠଭୋଗ ପାଇଁ ରୋଷରେ ବଟାବିରି ଯୋଗାଉଥିବା ସେବକ ।

**ବିରିମୁଣ୍ଡ** *ବି.* ବିରି କୁଟା ଓ ବଟା ପାଇଁ ରୋଷଘର ପରିସରରେ ଥିବା ଛୋଟ ଉପକରଣ ।

**ବିରୁଆ** *ବି.* ଆଲମାରୀ ।

**ବିରୁଦ** *ବି.* ରାଜପ୍ରଶସ୍ତି, ଗଦ୍ୟପଦ୍ୟ ମିଶା ସ୍ତୁତି ।

**ବିରୁଦାବଳି** *ବି.* ରାଜାଙ୍କ ଯଶ କୀର୍ତ୍ତି ସମ୍ବଳିତ ଦୀର୍ଘ ବିବରଣୀ ।

**ବିରୁଦ୍ଧ** *ବିଂ.* ୧. ବିପରୀତ, ପ୍ରତିକୂଳ ୨. ଘେରି ରହିଥିବା ।

**ବିରୁଦ୍ଧାଚରଣ** *ବି.* ୧. ଶତ୍ରୁତା ୨. ପ୍ରତିକୂଳତା, ବିପକ୍ଷତା, ବିରୁଦ୍ଧ ଭାବ ପୋଷଣ ଓ ଆଚରଣ ।

**ବିରୂପ** *ବିଂ.* ୧. କଦାକାର, କୁରୂପ, କୁତ୍ସିତ ୨. ବିରକ୍ତ, ବିମୁଖ ୩. ବିକୃତ ।

**ବିରେଚକ** *ବି.* ଜୁଲାପ ; *ବିଂ.* ଭେଦୀ, ମଳନିଃସାରକ, ଝାଡ଼ା କରାଉଥିବା, ପର୍ଗେଟିଭ୍ ।

**ବିରେଚନ** *ବି.* ମଳ ନିଃସାରଣ, ଝାଡ଼ା ଖଲାସ କରିବା ।

**ବିରୋଧ** *ବି.* ୧. ଶତ୍ରୁତା ୨. ବାଧା ୩. ଯୁଦ୍ଧ ୪. କଳହ ୫. ଅନ୍ୟ ମତ ପୋଷଣ, ଅନୈକ୍ୟ ୬. ପ୍ରତିବାଦ ୭. ବିପରୀତ ଭାବ ।

**ବିରୋଧକ, ବିରୋଧୀ** *ବିଂ.* ୧. ବିପକ୍ଷ, ଶତ୍ରୁ, ବିରୋଧକାରୀ ୨. ପ୍ରତିକୂଳ, ବିପରୀତ ।

**ବିରୋଧନ** *ବି.* ପ୍ରତିକୂଳାଚରଣ, ପ୍ରତିବାଦ କରିବା ।

**ବିଲ୍‌ବିଲାଇବା, ବିଲ୍‌ବିଲେଇବା** *କ୍ରି.* ନିଦ ବାଉଳାରେ ଏଣୁତେଣୁ କହିବା, ଭର୍‌ମିବା ।

**ବିଳ** *ବି.* ୧. ଗାତ, କଣା, ଛିଦ୍ର ୨. ଗୁହା ।

**ବିଳପନ** *ବି.* କ୍ରନ୍ଦନ, ବିଳାପ କରିବା, ବାହୁନି କାନ୍ଦିବା ।

**ବିଳପମାନ** *ବିଂ.* କାନ୍ଦୁଥିବା, ଯେ କ୍ରନ୍ଦନ କରୁଅଛି, କ୍ରନ୍ଦନରତ (*ସ୍ତ୍ରୀ.* ବିଳପମାନା) ।

**ବିଳପିବା** *କ୍ରି.* ବାହୁନି କାନ୍ଦିବା ।

**ବିଳମ୍ବ** *ବି.* ଡେରି, ମଠ ।

**ବିଳମ୍ବନ** *ବି.* ମଠ କରିବା, ବିଳମ୍ବକରଣ ।

**ବିଳମ୍ବିକା** *ବି.* ହଇଜା ରୋଗ ।

**ବିଳମ୍ବିତ** *ବି.* ୧. ବିଳମ୍ବଯୁକ୍ତ, ଡେରି ହୋଇଥିବା ୨. ଧୀରଗତିବିଶିଷ୍ଟ ।

**ବିଳମ୍ବୀ** *ବିଂ.* ମଠୁଆ, ଯେ ଡେରି କରେ (*ସ୍ତ୍ରୀ.* ବିଳମ୍ବିନୀ) ।

**ବିଳସନ** *ବି.* ୧. ଅୟସ, ସୌଖୀନତା ୨. ବାବୁଗିରି ୩. ଲୀଳା, କେଳି ବିହାର, ପ୍ରମୋଦ ୪. ଲୀଳାୟିତ ହାବଭାବ, ଭଙ୍ଗୀ, ଶୋଭା ୫. କ୍ରୀଡ଼ନ ୬. ପ୍ରକାଶନ, ସ୍ଫୁରଣ ।

**ବିଳସିତ** *ବିଂ.* ସ୍ଫୁରିତ, ପ୍ରକାଶିତ, ଶୋଭିତ, ଲୀଳାୟିତ ।

**ବିଳସିବା** *କ୍ରି.* ଖେଳାଲୀଳା କରିବା, ଅୟସ କରିବା, ମଉଜମଜଲିସ କରିବା ।

**ବିଳାପ** *ବି.* ବାହୁନାକାନ୍ଦ, ଖେଦୋକ୍ତି ।

**ବିଳାପକ,ବିଳାପୀ** *ବିଂ.* ଯେ ବାହୁନି କାନ୍ଦେ, ବିଳାପକାରୀ ।

**ବିଳାସ** *ବି.* ୧. ଅୟସ ୨. ସୁଖ ଭୋଗ ୩. ବାବୁଗିରି ୪. ଲୀଳା, କେଳି, ବିହାର, ପ୍ରମୋଦ ୫. ଲୀଳାୟିତ ଭଙ୍ଗୀ ବା ହାବଭାବ ୬. ଶୋଭା ।

**ବିଳାସିତା** *ବି.* ବାବୁଆନି, ସୌଖୀନତା ।

**ବିଳାସିନୀ** *ବି.* ୧. ରସିକାନାରୀ ୨. ବେଶ୍ୟା, ବାରାଙ୍ଗନା ।

**ବିଳାସୀ** *ବିଂ.* ସୌଖୀନ, ସୁଖଭୋଗରତ, ଅୟସକାରୀ, ବିଳାସପରାୟଣ ।

**ବିଳିବିଳେଇବା** *କ୍ରି.* ଭର୍‌ମିବା, ସ୍ୱପ୍ନ ଦେଖି ମନକୁ ମନ ଗପିବା ।

**ବିଲ୍** *ବି.* ୧. ହିସାବ ଦରଜ କରିବା, ଟଙ୍କା ପଇସାର ହିସାବ ୨. ପ୍ରସ୍ତାବିତ ଆଇନର ପାଣ୍ଡୁଲିପି ବା ଖସଡା, ବିଧେୟକ ୩. ପ୍ରଚାରପତ୍ର ୪. ପାଉଣାପାଇଁ ହିସାବ ତାଲିକା ।

**ବିଲ୍‌କୁଲ୍** *ବିଂ.କ୍ରି.ବିଂ.* ବିବାକ, ସମ୍ପୂର୍ଣ୍ଣ, ତମାମ, ପୂରାପୂରି ।

**ବିଲ୍‌ଫଏଲ** *ଅ.* ହଠାତ୍, ଶୀଘ୍ର ।

**ବିଲ୍‌ଟି** *ବି.* ଚାଲାଣ ହୋଇଥିବା ମାଲର ରସିଦ ବା ଫର୍ଦ୍ଦ ।

**ବିଲ** *ବି.* ଖେତ, କିଆରି ।

**ବିଲଗ୍ନ** *ବିଂ* ୧. ଲଗାଲଗି, ସଂଲଗ୍ନ ୨. କୃଶ ; *ବି.* ୧. ଜନ୍ମଲଗ୍ନ ୨. କଟି ।

**ବିଲଜ୍ଜ** *ବିଂ.* ବେଲଜ୍ଜ, ଲଜ୍ଜାହୀନ, ସରମହୀନ, ଅଲାଜୁକ, ନିର୍ଲ୍ଲଜ୍ଜ ।

**ବିଲଣା** *ବିଂ.* ଅସମ୍ପୃକ୍ତ, ସମ୍ବନ୍ଧହୀନ ।

**ବିଲବଛା** *ବି.* ଫସଲ କିଆରିରୁ ଘାସ, ବାଳୁଙ୍ଗା ପ୍ରଭୃତି ବାଛି ଉପାଡ଼ି ପକାଇବା ।

**ବିଲମ** *ବି.* ଗଡ଼ବଡ଼, ବ୍ୟତିକ୍ରମ ।

**ବିଲମ୍ବ** *ବି.* ଝୁଲଣା, ଝୁଲା ।

**ବିଲମ୍ବନ** *ବି.* ଝୁଲିବା, ଦୋଳନ, ଝୁଲଣ ।

**ବିଲମ୍ବିତ** *ବିଂ.* ଓହଳିଥିବା, ଝୁଲିଥିବା; *ବି.* ଶାସ୍ତ୍ରୀୟ ସଙ୍ଗୀତରେ ଧୀରଗତିରେ ଗାୟନ ବା ବାଦନର ପର୍ଯ୍ୟାୟ ।

**ବିଲମ୍ବୀ** *ବିଂ.* ଓହଳିଥିବା, ଲମ୍ବିଥିବା, ଝୁଲିରହିଥିବା ।

**ବିଲୟ** *ବି.* ୧. ବିଲୋପ, ବିନାଶ ୨. ବିଧ୍ୱଂସ, ନିଶ୍ଚିହ୍ନ ୩. ପ୍ରଳୟ ।

**ବିଲୟନ** *ବି.* ବିଲୋପନ, ବିନାଶନ, ବିଧ୍ୱଂସନ, ବିଲୟକରଣ ।

**ବିଲକ୍ଷଣ** *ବିଂ.* ୧. ବିଭିନ୍ନ ୨. ପୃଥକ ୩. ଅସାଧାରଣ ।

**ବିଲକ୍ଷଣତା** *ବି.* ୧. ବିଭିନ୍ନତା ୨. ପୃଥକତା, ପାର୍ଥକ୍ୟ ୩. ଅସାମାନ୍ୟତା ।

**ବିଲକ୍ଷିତ** *ବିଂ.* ୧. ତୁଳନୀୟ ୨. ଯୋଗ୍ୟ ୩. ସମାନ ।

**ବିଲାଇ, ବିଲେଇ** *ବି.* ୧. ବିରାଡ଼ି, ୨. କୁଅକଣ୍ଟା ।

**ବିଲାତ** *ବି.* ୧. ଇଂଲଣ୍ଡ ୨.ବିଦେଶ, ଦୂରଦୂରାନ୍ତ ସ୍ଥାନ ।

**ବିଲାତି** *ବି.* ବିଲାତି ବାଇଗଣ, ପାତଳଘଣ୍ଟା ।

**ବିଲାତୀ** *ବିଂ.* ୧. ବିଦେଶୀ ୨. ଇଂଲଣ୍ଡୀୟ, ବିଲାତର ୩. ବିଦେଶରୁ ଅଣାଯାଇଥିବା ।

**ବିଲିଖନ,ବିଲେଖନ** *ବି.* ୧. ଖୋଳିବା, ଖନନ ୨. ବିଦାରଣ ୩. ରାମ୍ପୁଡ଼ିବା ।

**ବିଲିତା** *ବି.* ଲିତାର ଷାଠିଏ ଭାଗରୁ ଭାଗେ ସମୟ ।

**ବିଲିବା** *କ୍ରି.* ମିଳେଇଯିବା, ଦ୍ରବୀଭୂତ ହେବା ।

**ବିଲିବିଲି** *ବିଂ.* ଭେସରା, ଲେସରା, କୁତ୍ସିତ, ବହଳିଆ, ଘନ ।

**ବିଲୀନ** *ବିଂ.* ସମ୍ପୂର୍ଣ୍ଣ ନିଶ୍ଚିହ୍ନ, ପୂରା ବିଲୁପ୍ତ (*ବି.* ବିଲୟ, ବିଲୀନତା) ।

**ବିଲୀୟମାନ** *ବିଂ.* ଯାହା ପୂରା ଲୋପ ପାଇଯାଉଛି, ନଷ୍ଟପ୍ରାୟ ।

**ବିଲୁଆ** *ବି.* ଶିଆଳ, ଶୃଗାଳ ।

**ବିଲୁଆ ବିଚାର** *ବି.* ଅନେକ ଲୋକ ଏକାଠି ବସି କରୁଥିବା ଅର୍ଥହୀନ ବିଚାର ।

**ବିଲୁଠନ** *ବି.* ୧. ଏକାବେଳେ ଭୂଇଁରେ ଲୋଟିବା, ଗଡ଼ିବା ୨. ପୂରାପୂରି ଲୁଟି ନେବା, ପୂରାପୂରି ଛଡ଼େଇ ନେବା ।

**ବିଲୁପ୍ତ** *ବିଂ.* ୧. ସମ୍ପୂର୍ଣ୍ଣ ଲୋପ ପାଇଯାଇଥିବା ୨. ପୂରାପୂରି ଚିହ୍ନ ବର୍ଣ୍ଣ ହରାଇବା, ନିଶ୍ଚିହ୍ନ ।

**ବିଲେଇଘଂଟି** *ବି.* ଅତ୍ୟନ୍ତ କୃଷ୍ଣବର୍ଣ୍ଣର କୁତ୍ସିତଦର୍ଶନା ନାରୀ ।

**ବିଲେପ** *ବି.* ଲେପନ ଦ୍ରବ୍ୟ, ମଲମ, ପ୍ରଲେପ ।

**ବିଲେପକ** *ବିଂ.ବି.* ଲେପିଲାବାଲା, ଲେପନକାରୀ ।

**ବିଲେପନ** *ବି.* ସମ୍ୟକ୍ ଲେପନ, ଭଲଭାବରେ ଲେପନ କରିବା ବା ବୋଳିବା ।

**ବିଲେପିତ** *ବିଂ.* ଲେପା ହୋଇଥିବା, ଭଲକରି ବୋଳା ଯାଇଥିବା ।

**ବିଲୋକନ** *ବି.* ଭଲଭାବରେ ଦେଖିବା, ଦୃଷ୍ଟିପାତ ।

**ବିଲୋକନୀୟ** *ବିଂ.* ଦର୍ଶନଯୋଗ୍ୟ, ସୁଦୃଶ୍ୟ ।

**ବିଲୋକିତ** *ବିଂ.* ଦେଖାହୋଇଥିବା, ଦୃଷ୍ଟ, ନିରୀକ୍ଷିତ ।

**ବିଲୋକିବା** *କ୍ରି.* ଆଗ୍ରହ ସହିତ ଦେଖିବା ।

**ବିଲୋପ** *ବି.* ୧. ପୂରାପୂରି ଲୋପ ୨. ମୃତ୍ୟୁ ୩. ବିନାଶ ।

**ବିଲୋପକ** *ବିଂ.* ବିଲୋପକାରୀ, ନାଶକାରୀ, ଧ୍ୱଂସକାରୀ ।

**ବିଲୋପନ** *ବି.* ସମ୍ପୂର୍ଣ୍ଣ ନିଶ୍ଚିହ୍ନ କରିବା କାର୍ଯ୍ୟ ।

**ବିଲୋପିବା** *କ୍ରି.* ବିଲୋପ କରିବା, ନାଶ କରିବା ।

**ବିଲୋଭନ** *ବି.* ଲୋଭ ଦେଖାଇବା, ବିମୋହନ, ଲୋଭ ପ୍ରଦର୍ଶନ ।

**ବିଲୋମ** *ବି.* ବିପରୀତ, ପ୍ରତିଲୋମ, ବିରୁଦ୍ଧ (*ବିପ*-ଅନୁଲୋମ) ; *ବିଂ.* ବ୍ୟତିକ୍ରମ ।

**ବିଲୋରି** *ବିଂ.* ଚକଚକ, ଉଜ୍ଜ୍ୱଳ ।

**ବିଲୋରି ବାସନ** *ବି.* ଚକ୍ ଚକ୍ କରୁଥିବା ବାସନ ।

**ବିଲୋଳ** *ବିଂ.* ୧.ଅତି ଚଞ୍ଚଳ ୨.ଅତି ଲୋଭିଲା ୩.ଶିଥିଳ, ଅସଂବଦ୍ଧ ।

**ବିଲ୍ୱ** *ବି.* ବେଲଗଛ – ଏହାର ପତ୍ର ଓ ଫଳ ।

**ବିଶ୍** *ବି.* କୋଡ଼ିଏ ସଂଖ୍ୟା ।

**ବିଶ** *ବି.* ୧. ପଦ୍ମନାଡ଼, ମୃଣାଳ ୨. ବୈଶ୍ୟଜାତି ।

**ବିଶଦ** *ବିଂ.* ୧. ସମ୍ପୂର୍ଣ୍ଣ ଭାବରେ, ଆମୂଳଚୂଳ ୨. ନିର୍ମଳ ୩. ସ୍ୱଚ୍ଛ ୪. ଶୁଭ୍ର, ଧବଳ, ଧୋବଲା ।

**ବିଶଲ୍ୟକରଣୀ** *ବି.* କ୍ଷତ ଉପଶମ କରୁଥିବା ଔଷଧୀ ଲତା ବିଶେଷ, ବଥାହାରୀ ଔଷଧ ।

**ବିଶା** *ବି.* ୧. ଓଜନ, ପାଞ୍ଚସେର ପରିମାଣ ବିଶେଷ ୨. ତୁଳାଯନ୍ତ୍ର ବିଶେଷ ।

**ବିଶାଖା** *ବି.* ୧. ଏକ ନକ୍ଷତ୍ରର ନାମ ୨. ରାଧାଙ୍କର ଅନ୍ୟତମ ସଖୀ ।

**ବିଶାବା** *କ୍ରି.* ବିଶ୍ରାମ ନେବା, ସାମୟିକ ବିରତି ବା ବିଶ୍ରାନ୍ତି ନେବା ।

**ବିଶାରଦ** *ବିଂ.ବି.* ୧. ପଣ୍ଡିତ ୨. ବିଜ୍ଞ, ବିଶେଷଜ୍ଞ ୩. ବୁଦ୍ଧିମାନ୍ ।

**ବିଶାଳ** *ବିଂ.* ୧. ଅତିବଡ଼, ବୃହତ୍ ୨. ବିସ୍ତୀର୍ଣ୍ଣ ୩. ଅତି ଉଦାର ୪. ପ୍ରଶସ୍ତ ।

**ବିଶାଳାକ୍ଷ** *ବି.* ୧. ଆୟତଲୋଚନ, ପୋଟଳଚିରା ଆଖି ୨. ଶିବ ୩. ଗରୁଡ଼ ୪. ବିଷ୍ଣୁ ।

**ବିଶାଳାକ୍ଷୀ** *ବିଂ.* ଆୟତଲୋଚନା(*ସ୍ତ୍ରୀ*) ; *ବି.* ଦୁର୍ଗା, ଯୋଗିନୀ ବିଶେଷ ।

**ବିଶାଣଏ** *ବି.* ଶହେ କୋଡ଼ିଏ ।

**ବିଶି** *ବି.* ବୁଢ଼ା ଆଙ୍ଗୁଠି ପାଖ ଆଙ୍ଗୁଠି, ତର୍ଜନୀ ଆଙ୍ଗୁଠି ।

**ବିଶିକେଶନ** *ବି.* ୧. ଏକମାତ୍ର ଗେହ୍ଲା ପୁଅ ୨. ସୂର୍ଯ୍ୟ ।

**ବିଶିଖ** *ବି.* ୧. ଶର, ତୋମର ଅସ୍ତ୍ର ୨. ଶରତୃଣ ; *ବିଂ.* ଶାଖାଶୂନ୍ୟ ।

**ବିଶିଖା** *ବି.* ୧. ଖଣତି ୨. ତକଲି ୩. ରାଜପଥ, ବଡ଼ଦାଣ୍ଡ ।

**ବିଶିଷ୍ଟ** *ବିଂ.* ୧. ବିଖ୍ୟାତ ୨. ଅସାଧାରଣ ୩. ସମନ୍ୱିତ, ଯୁକ୍ତ ୪. ବିଶେଷ ଗୁଣଯୁକ୍ତ; *ବି.* ବୈଶିଷ୍ଟ୍ୟ, ବିଶିଷ୍ଟତା ।

**ବିଶିଷ୍ଟାର୍ଥ** *ବି.* ଆକ୍ଷରିକ ଅର୍ଥ ବ୍ୟତୀତ ଅନ୍ୟ ବିଶେଷ ଅର୍ଥ ।

**ବିଶୀର୍ଣ୍ଣ** *ବିଂ.* ଶକ୍ତିହୀନ, ଅତ୍ୟନ୍ତ କ୍ଷୀଣ, ଜରାଜୀର୍ଣ୍ଣ ।

**ବିଶୁଦ୍ଧ** *ବିଂ.* ୧. ଖାଣ୍ଟି ୨. ନିର୍ଦ୍ଦୋଷ ୩. ଭ୍ରାନ୍ତିଶୂନ୍ୟ, ତ୍ରୁଟିରହିତ ୪. ପବିତ୍ର ।

**ବିଶୁଦ୍ଧତା** *ବି.* ୧. ପୂରାପୂରି ଶୁଦ୍ଧ ଓ ପବିତ୍ରଭାବ ୨. ନିର୍ଦ୍ଦୋଷତା ୩. ଭ୍ରାନ୍ତିଶୂନ୍ୟତା ୪. ଅମିଶ୍ରତା ୫. ପବିତ୍ରତା ।

**ବିଶୁଦ୍ଧି** *ବି.* ୧. ନିର୍ମଳତା ୨. ପରିଚ୍ଛନ୍ନତା ୩. ପବିତ୍ରତା ୪. ସଂସ୍କାର ।

**ବିଶୁଷ୍କ** *ବିଂ.* ୧. ଅତି ଶୁଖା ୨. ମ୍ଳାନ ।

**ବିଶୃଙ୍ଖଳ** *ବିଂ.* ଶୃଙ୍ଖଳାରହିତ, ନିୟମଶୂନ୍ୟ, ଉଚ୍ଛୃଙ୍ଖଳ, ଲଗାମଛଡ଼ା ।

**ବିଶୃଙ୍ଖଳତା, ବିଶୃଙ୍ଖଳା** *ବି.* ଅବ୍ୟବସ୍ଥା, ନିୟମଶୂନ୍ୟତା, ଲଗାମହୀନତା ।

**ବିଶେଇବା** *କ୍ରି.* ବିଶ୍ରାମ କରିବା ।

**ବିଶେଷ** *ବି.* ୧. ବିଶିଷ୍ଟତା, ବିଲକ୍ଷଣତା ୨. ପ୍ରଭେଦ, ଫରକ ୩. ଆଧିକ୍ୟ ୪. ପ୍ରକାର, ରକମ ; *ବିଂ.* ୧. ବିଶିଷ୍ଟ ୨. ଅସାମାନ୍ୟ ୪. ପ୍ରକୃଷ୍ଟ ୫. ସ୍ୱତନ୍ତ୍ର ।

**ବିଶେଷଜ୍ଞ** *ବିଂ.* ସ୍ୱତନ୍ତ୍ର କୌଣସି ବିଷୟ/ବିଦ୍ୟାରେ ବିଶେଷ ଜ୍ଞାନର ଅଧିକାରୀ, ଅଧିକ ବିଜ୍ଞ, **ସ୍ପେସିଆଲିଷ୍ଟ, ଏକ୍ସପର୍ଟ** ।

**ବିଶେଷଣ** *ବି.* *ବ୍ୟାକ* ଗୁଣ, ଅବସ୍ଥା, ଭାବାଦିର ନିର୍ଦ୍ଦେଶକ ପଦ ।

**ବିଶେଷତଃ** *ଅ.* ଅଧିକ ଭାବରେ , ପ୍ରଧାନତଃ (*ବିପ.* ସାଧାରଣତଃ) ।

**ବିଶେଷତ୍ୱ** *ବି.* ଅସାଧାରଣ ବା ବିଶେଷ ଗୁଣ, ବୈଶିଷ୍ଟ୍ୟ ।

**ବିଶେଷିତ** *ବିଂ.* ପୃଥକ୍ କରାହୋଇଥିବା, ବିଶେଷଭାବରେ ସୂଚିତ, ବିଶେଷଣଦ୍ୱାରା ବ୍ୟାଖ୍ୟାତ ।

**ବିଶେଷୋକ୍ତି** *ବି.* ୧. କାରଣ ଥାଇ କାର୍ଯ୍ୟର ଉତ୍ପତ୍ତି ନ ଘଟିଲେ ହେବା କାବ୍ୟାଳଙ୍କାର ୨. ଅତିଶୟୋକ୍ତି ।

**ବିଶେଷ୍ୟ** *ବି.* ବ୍ୟାକରଣରେ ବ୍ୟକ୍ତି, ବସ୍ତୁ ଆଦିର ସଂଜ୍ଞା ନିର୍ଦ୍ଦେଶକ ପଦ ।

**ବିଶୋଇ** *ବି.* ୧. ସଂଜ୍ଞା ବିଶେଷ ୨. ବିଷୟାଧିପତି, ବିଷୟୀ, ଖଣ୍ଡପତି ।

**ବିଶୋଧକ,ବିଶୋଧୀ** *ବିଂ.* ଯେ ଶୋଧନ କରେ, ବିଶୋଧନକାରୀ, ପରିଶୋଧକାରୀ; *ବି.* ଶୋଧକାରୀ ଦ୍ରବ୍ୟ ।

**ବିଶୋଧନ** *ବି.* ବିଶୁଦ୍ଧୀକରଣ, **ସଂଶୋଧନ, ପରିଷ୍କରଣ** ।

**ବିଶୋଧିତ** *ବିଂ.* ଯାହା ବିଶୁଦ୍ଧ, ନିର୍ମଳ ଓ ପରିଷ୍କୃତ ।

**ବିଶୋଭନ** *ବିଂ.* ଅତି ସୁନ୍ଦର, ଅତି ଶୋଭାକାରୀ ।

**ବିଶୋଷକ** *ବିଂ.* ସମ୍ପୂର୍ଣ୍ଣ ଶୋଷି ପାରୁଥିବା, ସମ୍ପୂର୍ଣ୍ଣ ଶୋଷକ ।

**ବିଶୋଷିତ** *ବିଂ.* ବିଶେଷ ଭାବରେ ଶୋଷା ହୋଇଥିବା ।

**ବିଶ୍ୱ** *ବି.* ସଂସାର, ବ୍ରହ୍ମାଣ୍ଡ, ଜଗତ, ପୃଥିବୀ ; *ବିଂ.* ସବୁ, ସମଗ୍ର ।

**ବିଶ୍ୱକର୍ମା** *ବି.* ୧. ଦେବସ୍ଥପତି ୨. ନିର୍ମାଣକାରୀ ।

**ବିଶ୍ୱକୋଷ** *ବି.* ଦୁନିଆର ଯାବତୀୟ ଜ୍ଞାନର ବ୍ୟାଖ୍ୟାମୂଳକ ଅଭିଧାନ ।

**ବିଶ୍ୱଚରାଚର** *ବି.* ସାରା ଦୁନିଆ ଓ ସକଳ ଜୀବଜଗତ୍ ।

**ବିଶ୍ୱଜନ** *ବି.* ସମଗ୍ର ମଣିଷ ଜାତି, ସର୍ବସାଧାରଣ ।

**ବିଶ୍ୱଜନୀନ** *ବିଂ.* ସାର୍ବଜନୀନ, ସର୍ବଜନହିତକର ।

**ବିଶ୍ୱଜିତ୍** *ବିଂ.* ନିଖିଳ ଅଧୀଶ୍ୱର; *ବି.* ଯଜ୍ଞ ବିଶେଷ ।

**ବିଶ୍ୱଦେବ** *ବି.* ୧. ଅଗ୍ନି ୨. ଦଶ ଗଣଦେବତା ।

**ବିଶ୍ୱନାଥ** *ବି.* ୧. ମହାଦେବ ୨. ପରମେଶ୍ୱର ।

**ବିଶ୍ୱନିନ୍ଦୁକ** *ବି.* ସମସ୍ତଙ୍କର ନିନ୍ଦା କରୁଥିବା ବ୍ୟକ୍ତି ।

**ବିଶ୍ୱପିତା** *ବି.* ଜଗତପାଳକ, ଈଶ୍ୱର, ପରମେଶ୍ୱର ।

**ବିଶ୍ୱପ୍ରେମ** *ବି.* ସକଳ ଲୋକଙ୍କପ୍ରତି ସ୍ନେହଶ୍ରଦ୍ଧା, ସର୍ବଜନପ୍ରୀତି ।

**ବିଶ୍ୱପ୍ରେମିକ, ବିଶ୍ୱପ୍ରେମୀ** *ବିଂ.* ଜଗତର ସବୁ ଲୋକଙ୍କୁ ଯେ ଭଲ ପାଏ (*ବି.* ବିଶ୍ୱପ୍ରେମିକତା, ବିଶ୍ୱପ୍ରେମିତା) ।

**ବିଶ୍ୱବିଦ୍ୟାଳୟ** ***ବି.*** ଉଚ୍ଚତମ ଶିକ୍ଷା ପ୍ରତିଷ୍ଠାନ, ୟୁନିଭର୍ସିଟି ।

**ବିଶ୍ୱବିଶ୍ରୁତ** ***ବିଂ.*** ଜଗତବିଖ୍ୟାତ, ପୃଥିବୀରେ ଜଣାଶୁଣା, ଆନ୍ତର୍ଜାତିକ ସ୍ତରରେ ବେଶ୍ ଜଣାଶୁଣା ।

**ବିଶ୍ୱମାନବତା** ***ବି.*** ଜଗତର ସକଳ ମନୁଷ୍ୟ ସଙ୍ଗେ ଏକାତ୍ମତାବୋଧ ।

**ବିଶ୍ୱମୈତ୍ରୀ** ***ବି.*** ସବୁଲୋକଙ୍କ ପ୍ରତି ମିତ୍ରତା ।

**ବିଶ୍ୱମ୍ଭର** ***ବି.*** ବିଷ୍ଣୁ ; ***ବିଂ.*** ଜଗତର ପାଳକ ।

**ବିଶ୍ୱରୂପ** ***ବି.*** ଜଗତ୍‌କର୍ତ୍ତାଙ୍କର ସର୍ବବ୍ୟାପୀ ରୂପ ।

**ବିଶ୍ୱସନୀୟ** ***ବିଂ.*** ବିଶ୍ୱାସର ଯୋଗ୍ୟ, ବିଶ୍ୱାସ୍ୟ, ନିର୍ଭରଯୋଗ୍ୟ ।

**ବିଶ୍ୱସାହିତ୍ୟ** ***ବି.*** ପୃଥିବୀର ପ୍ରତିନିଧିସ୍ଥାନୀୟ ଉଚ୍ଚକୋଟିର ସାହିତ୍ୟ ।

**ବିଶ୍ୱସୃଷ୍ଟି** ***ବି.*** ନିଖିଳ ଜଗତ, ସମଗ୍ର ସୃଷ୍ଟି, ବିଶ୍ୱର ନିର୍ମାଣ ।

**ବିଶ୍ୱସ୍ତ** ***ବିଂ.*** ବିଶ୍ୱାସଭାଜନ, ବିଶ୍ୱାସଯୋଗ୍ୟ, ବିଶ୍ୱାସକାରୀ (***ବି.*** ବିଶ୍ୱସ୍ତତା) ।

**ବିଶ୍ୱସ୍ତ ସୂତ୍ର** ***ବି.*** ବିଶ୍ୱାସଜନକ ଉତ୍ସ, ବିଶ୍ୱାସଯୋଗ୍ୟ ବ୍ୟକ୍ତି ।

**ବିଶ୍ୱସ୍ରଷ୍ଟା** ***ବି.*** ପରମେଶ୍ୱର, ବ୍ରହ୍ମା ।

**ବିଶ୍ୱା** ***ବି.*** ଭୂମିର ପରିମାଣ ବିଶେଷ, ଏକ ଗୁଣ୍ଠର ଚାରିଭାଗରୁ ଭାଗେ ପରିମାଣ ।

**ବିଶ୍ୱାସ** ***ବି.*** ୧. ଆସ୍ଥା ୨. ଶ୍ରଦ୍ଧା ୩. ନିର୍ଭରଶୀଳତା ।

**ବିଶ୍ୱାସଘାତକ,ବିଶ୍ୱାସଘାତୀ,ବିଶ୍ୱାସହନ୍ତା** ***ବିଂ.*** ବେଇମାନ, କୃତଘ୍ନ, ଅବିଶ୍ୱାସୀ ।

**ବିଶ୍ୱାସଘାତକତା** ***ବି.*** ବିଶ୍ୱାସରେ ବିଷଦେବା, ବେଇମାନି, ପ୍ରତାରଣା ।

**ବିଶ୍ୱାସଭାଜନ** ***ବିଂ.*** ଆସ୍ଥା ବା ନିର୍ଭରର ପାତ୍ର ।

**ବିଶ୍ୱାସୀ** ***ବିଂ.*** ୧. ଯାହାକୁ ବିଶ୍ୱାସ କରାଯାଇ ପାରେ, ବିଶ୍ୱାସଭାଜନ ୨. ଆସ୍ଥାବାନ୍ ।

**ବିଶ୍ୱାସ୍ୟ** ***ବିଂ.*** ବିଶ୍ୱାସଯୋଗ୍ୟ ।

**ବିଶ୍ୱେଦେବ** ***ବି.*** ୧. ବିଷ୍ଣୁ ୨. ଦଶ ଗଣଦେବତା ।

**ବିଶ୍ରଦ୍ଧ** ***ବିଂ.*** ଶ୍ରଦ୍ଧାଶୂନ୍ୟ, ଆଗ୍ରହଶୂନ୍ୟ, ବୀତସ୍ପୃହ ।

**ବିଶ୍ରମ୍ଭ** ***ବି.*** ୧. କେଳି, ପ୍ରମୋଦ ୨. ପ୍ରଣୟ ୩. ବିଶ୍ୱାସ ୪. ସ୍ୱଚ୍ଛନ୍ଦ ବିହାର ।

**ବିଶ୍ରମ୍ଭାଳାପ** ***ବି.*** ୧. ପ୍ରଣୟାଳାପ ୨. ଗୋପନ କଥାବାର୍ତ୍ତା, ବିଶ୍ୱସ୍ତ ବାର୍ତ୍ତାଳାପ ।

**ବିଶ୍ରାନ୍ତ** ***ବିଂ.*** ୧. ଅତିଶୟ କ୍ଳାନ୍ତ, ଅତି ଥକି ପଡ଼ିଥିବା ୨. କ୍ଷାନ୍ତ, ନିବୃତ୍ତ; ୩. ବିଶ୍ରାମ କରିଥିବା ; ***ବି.*** ୧. ବିଶ୍ରାମ ୨. ନିବୃତ୍ତି ୩. ବିରତି ।

**ବିଶ୍ରାମ** ***ବି.*** ୧. ଥକା ମେଣ୍ଟାଇବା, କ୍ଳାନ୍ତି ଅପନୋଦନ ୨. ଶ୍ରମନିବୃତ୍ତି, ବିରାମ ।

**ବିଶ୍ରୀ** ***ବିଂ.*** ୧. ଶ୍ରୀହୀନ ୨. କୁତ୍ସିତ, ଅସୁନ୍ଦର ୩. ଖରାପ ।

**ବିଶ୍ରୁତ** ***ବିଂ.*** ଜଣାଶୁଣା , ବିଖ୍ୟାତ, ଜ୍ଞାତ ।

**ବିଶ୍ରୁତି** ***ବି.*** ଖ୍ୟାତି, ପ୍ରସିଦ୍ଧି ।

**ବିଶ୍ଳେଷ** ***ବି.*** ୧. ବାଦ୍‌ଦେବା, ବିଯୋଗ ୨. ଅସଂଯୋଗ ୩. ବିଚ୍ଛେଦ ।

**ବିଶ୍ଳେଷଣ** ***ବି.*** ୧. ଟିକିନିଖି ପରୀକ୍ଷା, ବ୍ୟାଖ୍ୟା, ତର୍ଜମା; ୨. ବିଚ୍ଛିନ୍ନୀକରଣ ୩. ବିଯୁକ୍ତୀକରଣ ।

**ବିଶ୍ଳେଷିତ** ***ବିଂ.*** ୧. ବ୍ୟାଖ୍ୟା ହୋଇଥିବା, ଚର୍ଚ୍ଚିତ ୨. ଯାହାକୁ ଅଲଗା କରାହୋଇଅଛି ।

**ବିଷ** ***ବି.*** ୧. ଗରଳ, ଜହର, ଜୀବନନାଶକ ବସ୍ତୁ ୨. ପଦ୍ମନାଡ଼ ୩. ଦୃଷ୍ଟିକଟୁ ବସ୍ତୁ ।

**ବିଷକଣ୍ଠ** ***ବି.*** ଶିବ ।

**ବିଷକୁମ୍ଭ** ***ବି.*** ୧. ବିଷଭରା କଳସ ୨. ହିଂସା, ଅସୂୟାଯୁକ୍ତ ବ୍ୟକ୍ତି ।

**ବିଷକ୍ରିୟା** ***ବି.*** ୧. ଦେହରେ ବିଷ ଜରିଯିବା ୨. ବିଷ ପରି କାର୍ଯ୍ୟ ।

**ବିଷଣ** ***ବି.*** ବିଷ ସଞ୍ଚାର, ବିଷେଇବା, ବିଷଜରିବା, ବିଷଘାରିବା ।

**ବିଷଣ୍ଣ** ***ବିଂ.*** ବିଷାଦଯୁକ୍ତ, ମ୍ଳାନ, ଅପ୍ରସନ୍ନ (***ବି.*** ବିଷାଦ) ।

**ବିଷଣ୍ଣତା** ***ବି.*** ଅପ୍ରସନ୍ନଭାବ, ମ୍ଳାନତା ।

**ବିଷଦ** ***ବିଂ.*** ୧. ଯେ ବିଷ ଦିଏ ୨. ନିର୍ମଳ, ଧବଳ ।

**ବିଷଦନ୍ତ** ***ବି.*** ୧. ଯେଉଁ ଦାନ୍ତମୂଳରେ ବିଷ ରହିଥାଏ ୨. ସାପ ।

**ବିଷଦୃଷ୍ଟି** ***ବି.*** ଅଶୁଭ ନଜର, ହିଂସାପୂର୍ଣ୍ଣ ଦୃଷ୍ଟି ।

**ବିଷଧର** ***ବିଂ.*** ବିଷଯୁକ୍ତ ; ***ବି.*** ସାପ ।

**ବିଷଫଳ** ***ବି.*** ୧. ବିଷାକ୍ତ ଫଳ ୨. ଅନିଷ୍ଟକର ପରିଣତି ।

**ବିଷବୃକ୍ଷ** ***ବି.*** ୧. ଅହିତକାରୀ ବସ୍ତୁ ୨. ଅପକାରୀ ବ୍ୟକ୍ତି ।

**ବିଷବୈଦ୍ୟ** ***ବି.*** ୧. ବିଷ କ୍ରିୟାର ଚିକିତ୍ସକ, ସାପୁଆ କେଳା, ଜାଙ୍ଗଳିକ ୨. ଯେଉଁ ବୈଦ୍ୟର ହାତଛୁଆଁ ଔଷଧ ରୋଗୀର ଅସୁସ୍ଥତାର କାରଣ ହୋଇଥାଏ, ବିଷହସ୍ତ ।

**ବିଷମ** ***ବିଂ.*** ୧. ଅସମାନ, ବନ୍ଧୁର ୨. ଦୁଃସହ, ଉତ୍କଟ, ସାଙ୍ଘାତିକ, ଦୁରୂହ ୩. ବିଯୋଡ଼ ।

**ବିଷମ ଜ୍ୱର** ***ବି.*** ଦୀର୍ଘ ଦିନ ଧରି ହେଉଥିବା ଏକ ପ୍ରକାର ଜ୍ୱର, ଆନ୍ତ୍ରିକଜ୍ୱର, ଟାଇଫଏଡ୍ ।

**ବିଷମୟ** ***ବିଂ.*** ୧. ବିଷପୂର୍ଣ୍ଣ ୨. ବିନାଶକାରୀ ।

**ବିଷୟ** ***ବି.*** ୧. ଭୋଗ୍ୟବସ୍ତୁ ୨. ସାଂସାରିକ ଜଞ୍ଜାଳ ୩. ସମ୍ପତ୍ତି ୪. ଦେଶର ଅଞ୍ଚଳ ବା ପ୍ରଗଣା ୫. ବର୍ଣ୍ଣନୀୟ ବସ୍ତୁ ୬. ଆଲୋଚ୍ୟ ଉପାଦାନ ।

**ବିଷୟଆଶୟ** ***ବି.*** ଜମିବାଡ଼ି, ଭୂସମ୍ପତ୍ତି, ଧନଦଉଲତ ।

**ବିଷୟକ** ***ବିଂ.*** ସମ୍ବନ୍ଧୀୟ, ସଂକ୍ରାନ୍ତ ।

**ବିଷୟକର୍ମ** *ବି.* ସାଂସାରିକ କାର୍ଯ୍ୟ ।

**ବିଷୟତୃଷ୍ଣା, ବିଷୟବାସନା, ବିଷୟଲାଳସା** *ବି.* ଧନସମ୍ପତ୍ତିର ଲୋଭ ।

**ବିଷୟବାଡ଼ି** *ବି.* ଚଳନ୍ତି ଓ ଅଚଳନ୍ତି ସମ୍ପତ୍ତି, ଜମିବାଡ଼ି, ଉପାର୍ଜନ, ସ୍ଥାବର - ଅସ୍ଥାବର ସମ୍ପତ୍ତି ।

**ବିଷୟବିତୃଷ୍ଣା, ବିଷୟବୈରାଗ୍ୟ** *ବି.* ପାର୍ଥିବ ସୁଖ ପ୍ରତି ବିତୃଷ୍ଣା ବା ଅନିଚ୍ଛା ।

**ବିଷୟବୁଦ୍ଧି** *ବି.* ସାଂସାରିକ ବ୍ୟାପାରରେ ଦକ୍ଷତା, ସାଂସାରିକ ବିଷୟ ଓ ଦଉଲତ ପ୍ରତି ଆସକ୍ତିଜନିତ ଜ୍ଞାନ ।

**ବିଷୟାନ୍ତର** *ବି.* ବିଷୟଭେଦ, ଅନ୍ୟବିଷୟ ।

**ବିଷୟାସକ୍ତ** *ବିଂ.* ଧନସମ୍ପତ୍ତି ଓ ସାଂସାରିକ ସୁଖଭୋଗ ପ୍ରତି ପ୍ରବଳ ଅନୁରକ୍ତ ।

**ବିଷୟାସକ୍ତି** *ବି.* ଧନ ଦଉଲତ ପ୍ରତି ଲୋଭ, ବିଷୟଲାଳସା ।

**ବିଷୟୀ** *ବିଂ.* ୧. ଧନୀ, ବିଭବଶାଳୀ ୨. ବିଳାସପୂର୍ଣ୍ଣ ଜୀବନ ପ୍ରତି ଆସକ୍ତ ୩. ହିସାବୀ ।

**ବିଷୟୀଭୂତ** *ବିଂ.* ସମ୍ପର୍କଜନିତ ।

**ବିଷାଇବା, ବିଷେଇବା** *କ୍ରି.* ୧. ବିଷାକ୍ତ କରିବା ୨. ଦେହରେ ଘା ଅଧିକ ଚରିଯିବା ।

**ବିଷାକ୍ତ** *ବିଂ.* ବିଷଯୁକ୍ତ, ବିଷମିଶା ।

**ବିଷାଣ** *ବିଂ.* ବିଷାକ୍ତ ; *ବି.* ୧. ପଶୁର ଶିଙ୍ଗ ୨. ଶିଙ୍ଗାବାଦ୍ୟ ୩. ହାତୀ, ବାର୍ହା ଆଦି ପଶୁଙ୍କର ବଡ଼ଦାନ୍ତ ।

**ବିଷାଦ** *ବି.* ନୈରାଶ୍ୟବୋଧ, ଆନନ୍ଦଶୂନ୍ୟ ଭାବ, ଦୁଃଖ, ଅସନ୍ତୋଷ ।

**ବିଷାଦିତ,ବିଷାଦୀ** *ବିଂ.* ଖେଦଯୁକ୍ତ, ନିରାନନ୍ଦ ଭାବଭରା (ସ୍ତ୍ରୀ-ବିଷାଦିତା, ବିଷାଦିନୀ) ।

**ବିଷିର୍ପି** *ବି.* ବିକୃତ ବା ଖରାପ ହୋଇଥିବା ଘା', ମାଡିଯାଇଥିବା ଘା' ।

**ବିଷୁବ** *ବି.* ଯେଉଁ ଦିନ ରାତି ଓ ଦିନ ସମାନ ହୁଏ ।

**ବିଷୁବବୃତ୍ତ** *ବି.* ନିରକ୍ଷ ବୃତ୍ତର ସମାନ୍ତରାଳ ଆକାଶସ୍ଥ କାଳ୍ପନିକ ବୃତ୍ତ ।

**ବିଷୁବରେଖା** *ବି.* ଦୁଇ ମେରୁଠାରୁ ସମଦୂରବର୍ତ୍ତୀ କାଳ୍ପନିକ ବେଷ୍ଟନକାରୀ ରେଖା ।

**ବିଷ୍କମ୍ଭକ** *ବି.* ନାଟକର କୌଣସି ଅଙ୍କର ଆରମ୍ଭରେ ଯେଉଁଠି ଚରିତ୍ର ମୁହଁରେ ପ୍ରଦର୍ଶିତ ହୋଇନଥିବା ଘଟଣା ବର୍ଣ୍ଣିତ ହୁଏ ।

**ବିଷ୍ଟର** *ବି.* ଶ୍ରାଦ୍ଧାଦି କର୍ମରେ ପଣସପତ୍ର ଚଉପଦୀରେ ସ୍ୱର୍ଗତ ପିତୃ ପୁରୁଷଙ୍କ ପ୍ରତୀକ ରୂପେ ରଖାଯାଉଥିବା କୁଶଗଣ୍ଠି ।

**ବିଷ୍ଟି** *ବି.* ୧. ବେଠି ୨. ଯନ୍ତ୍ରଣା ଦେବା ୩. ଅଶୁଭ ଘଟଣା ୪. ଜ୍ୟୋତିଷିକ ଅଶୁଭବେଳା ।

**ବିଷ୍ଟିବେଳା** *ବି.* ଅଶୁଭକାଳ, ଖରାପସମୟ ।

**ବିଷ୍ଟିଯୋଗ** *ବି.* ଜ୍ୟୋତିଷଶାସ୍ତ୍ର ବର୍ଣ୍ଣିତ ବିଘ୍ନଜନକ ସମୟ ବିଶେଷ ।

**ବିଷ୍ଠା** *ବି.* ମଳ, ଗୁହ ।

**ବିଷ୍ଣୁ** *ବି.* ନାରାୟଣ, ହରି ।

**ବିଷ୍ଣୁ କରିବା** *କ୍ରି.* ଗୁରୁଜନଙ୍କଠାରେ ଅସାବଧାନତାବଶତଃ ଗୋଡ଼ ବାଜିଗଲେ ଦୋଷ ମାର୍ଜନାପାଇଁ ହାତରେ ପାଦକୁ ଛୁଇଁ ସେହି ହାତକୁ ମୁଣ୍ଡରେ ମାରି ବିଷ୍ଣୁଶବ୍ଦ ଉଚ୍ଚାରଣ କରିବା ।

**ବିଷ୍ଣୁପଦ** *ବି.* ୧. ଆକାଶ ୨. ପଦ୍ମ ।

**ବିଷ୍ଣୁପଦୀ** *ବି.* ଗଙ୍ଗାନଦୀ ।

**ବିସ୍‌ମାତ୍** *ବି.* ମନସ୍ତାପ, ମନଦୁଃଖ ।

**ବିସ୍‌ମାଦି ହେବା** *କ୍ରି.* ମନସ୍ତାପ କରିବା, ଛିଛା ହେବା ।

**ବିସ୍‌ରେନ୍** *ବି.* ଆଇଁଷ ଗନ୍ଧ ।

**ବିସ** *ବି.* ମୃଣାଳ, ପଦ୍ମନାଡ଼ ।

**ବିସର୍ଗ** *ବି.* ୧. ବର୍ଣ୍ଣ ବିଶେଷ (ଃ) ୨. ବିସର୍ଜନ ୩. ପ୍ରଳୟ ।

**ବିସର୍ଜନ** *ବି.* ୧. ତ୍ୟାଗ ୨. ଉତ୍ସର୍ଗ ୩. ମୋଚନ ୪. ପୂଜାପରେ ନଦୀ ପ୍ରଭୃତିରେ ପ୍ରତିମାର ନିକ୍ଷେପଣ, ମୂର୍ତ୍ତି ଭସାଣି, ପ୍ରତିମା ଉଭେଇ ଦେବା ବା ଉଜେଇ ଦେବା ।

**ବିସର୍ଜନକାରୀ** *ବିଂ.* ୧. ଯେ ପ୍ରତିମା ବିସର୍ଜନକରେ ୨. ଯେ ସଂସାର ମୋହକୁ ତ୍ୟାଗ କରିଥାଏ ।

**ବିସର୍ଜନୀୟ** *ବିଂ.* ବିସର୍ଜନ ଯୋଗ୍ୟ, ତ୍ୟଜ୍ୟ ।

**ବିସର୍ଜିବା** *କ୍ରି.* ୧. ଛାଡ଼ିଦେବା ୨. ବିସର୍ଜନ କରିବା ୩. ଉଜେଇ ଦେବା ୪. ନଷ୍ଟ କରିବାପାଇଁ ପାଣିରେ ଫୋପାଡ଼ିଦେବା ।

**ବିସଦୃଶ** *ବିଂ.* ୧. ଯାହା ଏକାପରି ନୁହେଁ, ସାମଞ୍ଜସ୍ୟହୀନ ୨. ଅନ୍ୟପ୍ରକାର, ଭିନ୍ନ (*ବି.* ବୈସାଦୃଶ୍ୟ) ।

**ବିସମ୍ବାଦ** *ବି.* ୧. ବିରୋଧ ୨. କଳହ ୩. ମତର ଅମେଳ ।

**ବିସମ୍ବାଦିତ** *ବିଂ.* ୧. ବିବଦମାନ ୨. ବିପରୀତ ୩. ବିତର୍କିତ ।

**ବିସର୍ପ** *ବି.* ୧. ଚମରେ ରିବିରିବି ହୋଇ ମାଡ଼ିଯାଇ ଯନ୍ତ୍ରଣା ଦେଉଥିବା ରୋଗ ୨. ପ୍ରସରଣ ।

**ବିସର୍ପିତ** *ବିଂ.* ଧୀରେ ଧୀରେ ସଂଚରିତ ହେଉଥିବା, ଧୀରେ ସଂଚରିତ, ବିସ୍ତୃତ ।

**ବିସର୍ପୀ** *ବିଂ.* ବିସର୍ପଣଶୀଳ ।

**ବିସାନ୍** *ବିଂ.* ବିଷାକ୍ତ ।

**ବିସାର** *ବି.* ଲମ୍ବିବା, ବିସ୍ତାର, ସଞ୍ଚାର ।

**ବିସାରଣ** *ବି.* ଲମ୍ବାଇବା, ସଞ୍ଚରଣ, ପ୍ରବାହ ।

**ବିସାରିତ** *ବିଂ.* ପ୍ରବାହିତ, ବିସ୍ତାରିତ ।

**ବିସାରୀ** *ବିଂ.* ଲମ୍ବିଯାଉଥିବା, ବିସ୍ତାରଶୀଳ, ସଞ୍ଚରଣଶୀଳ; *ବି.* ମାଛ ।

**ବିସିରିଆ** *ବିଂ.* ଆମିଷପ୍ରେମୀ ।

**ବିସିର୍ପିବା, ବିସିରିଯିବା** *କ୍ରି.* ଘା' ଚାରିପଟକୁ ମାଡ଼ିଯାଇ ଅଧିକ ବଢ଼ିବା ।

**ବିସୁଖ** *ବି.* ଅସୁସ୍ଥତା, ଅସୁଖ, ପୀଡ଼ା ।

**ବିସୁଚି[ଚୀ], ବିସୁଚିକା** *ବି.* ଓଲାଉଠା ରୋଗ, ଝାଡ଼ାବାନ୍ତି, ହଇଜା, କଲେରା ।

**ବିସୃତ** *ବିଂ.* ୧. ସଂଚରିତ ୨. ବିସ୍ତୃତ ୩. ପ୍ରବାହଯୁକ୍ତ ।

**ବିସେନ୍** *ବି.* ବିଶ୍ରାମ ।

**ବିସୋର** *ବିଂ* ଭୁଲା, ପାସୋରା ; *ବି.* ପାସୋର, ଭୁଲିବା ।

**ବିସୋରିବା** *କ୍ରି.* ଭୁଲିଯିବା, ପାସୋରିବା , ବିସ୍ମରଣ ହୋଇଯିବା ।

**ବିସ୍କୁଟ୍** *ବି.* ମଇଦାରେ ତିଆରି ଏକ ପ୍ରକାର ଶୁଖିଲା ଖାଦ୍ୟ ବିଶେଷ ।

**ବିସ୍ତ** *ବି.* ଏକ ଭରିର ପ୍ରାଚୀନ ସ୍ୱର୍ଣ୍ଣ ମୁଦ୍ରା ବିଶେଷ ।

**ବିସ୍ତର** *ବିଂ.* ଅଧିକ, ପ୍ରଚୁର, ଢ଼େର; *ବି.* ୧. ବିସ୍ତାର ୨. ସମୂହ ୩. ବିଶେଷ ଭାବେ ବର୍ଣ୍ଣନ ୪. ଶଯ୍ୟା, ବିଛଣା, ଆସନ ।

**ବିସ୍ତରଣ** *ବି.* ଲମ୍ବାଇବା, ପ୍ରସରଣ, ବିସ୍ତାର କରିବା ।

**ବିସ୍ତାର** *ବି.* ୧. ଲମ୍ବିବା, ପ୍ରସାର, ବିସ୍ତୃତ ୨. ଓସାର ୩. ବ୍ୟାପ୍ତି ୪. ବୃଦ୍ଧି ୫. ପରିସର ।

**ବିସ୍ତାରକ** *ବିଂ.* ଦୈର୍ଘ୍ୟ ପ୍ରସ୍ଥ ବଢ଼ାଉଥିବା, ବିସ୍ତାରକାରୀ ।

**ବିସ୍ତାରଣ** *ବି.* ବିସ୍ତୃତୀକରଣ, ପ୍ରସାରଣ, ବର୍ଦ୍ଧନ, ବ୍ୟାପିବା ।

**ବିସ୍ତାରିତ** *ବିଂ.* ୧. ପ୍ରସାରିତ ୨. ସବିଶେଷ ୩. ବ୍ୟାପକ ।

**ବିସ୍ତାରିବା** *କ୍ରି.* ଖୋଲି ତଳେ ବିଛାଇବା, ମେଲାଇବା ।

**ବିସ୍ତୀର୍ଣ୍ଣ** *ବିଂ.* ୧. ବିସ୍ତୃତ ୨. ବିଶାଳ, ପରିବ୍ୟାପ୍ତ ।

**ବିସ୍ତୃତ** *ବିଂ.* ୧. ବିସ୍ତାର ସହ ୨. ସବିଶେଷ ବ୍ୟାପ୍ତ ୩. ବ୍ୟାପକ ।

**ବିସ୍ଫାର, ବିଷ୍ଫାର** *ବି.* ୧. ଶବ୍ଦ ୨. କମ୍ପ ୩. ଧନୁର ଟଙ୍କାର ।

**ବିସ୍ଫାରଣ, ବିଷ୍ଫାରଣ** *ବି.* ପ୍ରସାରଣ, କମ୍ପନ, ଥରିବା ।

**ବିସ୍ଫୁରଣ, ବିଷ୍ଫୁରଣ** *ବି.* ୧. ହଠାତ୍ ଜଳି ଉଠିବା, ହଠାତ୍ ପ୍ରକାଶ ବା ଦୀପ୍ତି ପାଇବା ୨. କମ୍ପନ ।

**ବିସ୍ଫୋଟ, ବିସ୍ଫୋଟକ** *ବି.* ୧. ଫୋଟକା ୨. ଛୋଟ ବ୍ରଣ ।

**ବିସ୍ଫୋରକ** *ବି.* ୧. ହଠାତ୍ ଜଳି ଉଠିବା ବା ଫୁଟିଯିବା ଦ୍ରବ୍ୟ; *ବିଂ.* ଚାଞ୍ଚଲ୍ୟ ସୃଷ୍ଟିକାରୀ ।

**ବିସ୍ଫୋରଣ** *ବି.* ସହସା ଶବ୍ଦ କରି ଫାଟିଯିବା, ଚୂର୍ଣ୍ଣ ବିଚୂର୍ଣ୍ଣ ହୋଇଯିବା ।

**ବିସ୍ୱାଦ** *ବିଂ.* ସ୍ୱାଦହୀନ, ଅସୁଆଦିଆ, ଖାଇବାକୁ ଅସୁଖକର ।

**ବିସ୍ମୟ** *ବି.* ଚମକ, ଆଶ୍ଚର୍ଯ୍ୟ ।

**ବିସ୍ମୟକର, ବିସ୍ମୟଜନକ, ବିସ୍ମୟାବହ** *ବିଂ.* ଆଶ୍ଚର୍ଯ୍ୟଜନକ, ଚକିତ, ଚମତ୍କାରି, ଚମକପ୍ରଦ ।

**ବିସ୍ମୟାବିଷ୍ଟ, ବିସ୍ମୟାଭିଭୂତ** *ବିଂ.* ଆଶ୍ଚର୍ଯ୍ୟଜନିତ, ବିହ୍ୱଳ, ଚକିତ ହୋଇଥିବା, ବିସ୍ମୟାପନ୍ନ ।

**ବିସ୍ମରଣ** *ବି.* ମନେ ନ ପଡ଼ିବା, ଭୁଲିଯିବା, ସ୍ମୃତିଲୋପ, ବିସ୍ମୃତି ।

**ବିସ୍ମରଣୀୟ** *ବିଂ.* ଯାହା ମନେ ରହେନାହିଁ, (*ବିପ.* ସ୍ମରଣୀୟ, ଅବିସ୍ମରଣୀୟ) ।

**ବିସ୍ମରିବା** *କ୍ରି.* ମନେ ନ ରହିବା, ଭୁଲିଯିବା, ପାସୋରିଯିବା ।

**ବିସ୍ମିତ** *ବିଂ.* ଚକିତ, ଆଚମ୍ବିତ ।

**ବିସ୍ମୃତ** *ବିଂ.* ଭୁଲି ହୋଇଯାଇଥିବା, ପାସୋର ହୋଇଯାଇଥିବା ।

**ବିସ୍ମୃତି** *ବି.* ଭୁଲାଣି, ପାସୋର, ବିସ୍ମରଣ, ସ୍ମୃତିଲୋପ ।

**ବିସ୍ରୁତ** *ବିଂ.* ଝରିଯାଇଥିବା, ନିଃସୃତ ।

**ବିହଗ, ବିହଙ୍ଗ, ବିହଙ୍ଗମ** *ବି.* ୧. ଚଢ଼େଇ, ପକ୍ଷୀ ୨. ମେଘ ୩. ଶର (*ସ୍ତ୍ରୀ.* ବିହଗୀ, ବିହଙ୍ଗୀ, ବିହଙ୍ଗମୀ) ।

**ବିହନ** *ବି.* ୧. ବୀଜ, ମଞ୍ଜି ୨. ମାଛର ମଞ୍ଜି ବା ଡିମ୍ବ ୩. ଶସ୍ୟାଦିର ବୀଜ ।

**ବିହରଣ** *ବି.* ୧. ବିହାର, ଭ୍ରମଣ ୨. ଛେଦନ, କାଟି ପକାଇବା ।

**ବିହରିବା** *କ୍ରି.* ୧. କ୍ରୀଡ଼ା କରିବା ୨. ବୁଲିବା, ଭ୍ରମଣ କରିବା ୩. ଛେଦନ କରିବା ।

**ବିହଲ୍‌ବା** *କ୍ରି.* ଖେଳେଇ ହେବା, ବିସ୍ତୃତ ହେବା, ବ୍ୟାପିଯିବା ।

**ବିହସନ** *ବି.* ମୃଦୁହାସ୍ୟ ; *ବିଂ.* ସ୍ମିତ ହାସ୍ୟକାରୀ ।

**ବିହସିତ** *ବିଂ.* ମୃଦୁହାସଯୁକ୍ତ ; *ବି.* ମିଠାହସ, ସ୍ମିତହାସ ।

**ବିହା** *ବି.* ବିବାହ, ପରିଣୟ ।

**ବିହାଇ** *ବିଂ.* ବିବାହିତ, ବାହା ହୋଇଥିବା ।

**ବିହାନ୍** *ବି.* ୧. ବିହନ ୨. ଉପର ଓଳି ।

**ବିହାବରପନ୍** *ବି.* ବିବାହ ଆଦି ଉତ୍ସବ ।

**ବିହାୟସ୍** *ବି.* ୧. ଆକାଶ ୨. ପକ୍ଷୀ (*ସ୍ତ୍ରୀ.* ବିହାୟସୀ) ।

**ବିହାର** *ବି.* ୧. କ୍ରୀଡ଼ା ୨. ଆମୋଦ ଭ୍ରମଣ, ବିଚରଣ ୩. ବୌଦ୍ଧ ଶିକ୍ଷାୟତନ ୪. ବଡ଼ ଶିକ୍ଷାୟତନ ୫. ବାସଭବନ ୬. ଆମୋଦ ପ୍ରମୋଦ ୭. ସ୍କନ୍ଧ ।

**ବିହାରୀ** *ବି.* ବିହାର ପ୍ରଦେଶର ଲୋକ ; *ବିଂ.* ୧. ବିହାର ପ୍ରଦେଶ ସମ୍ବନ୍ଧୀୟ ୨. ବିହାରକାରୀ ।

**ବିହି** *ବି.* ୧. ସୃଷ୍ଟିକର୍ତ୍ତା, ବିଧାତା ୨. ମାୟା, ମେଉଆ, ପିଜୁଳି ।
**ବିହିତ** *ବିଂ.* ୧. ଉଚିତ ୨. ଅନୁଷ୍ଠିତ ୩. ବିଧାନ ବା ପ୍ରଥା ସମ୍ମତ (*ବି.* ବିହିତି) ।
**ବିହିଡ଼େନ** *ବି.* ଏକପ୍ରକାର ଛତୁ, ବିହୁଡ଼ୁଣୀ ଛତୁ ।
**ବିହିବା** *କ୍ରି.* ସୁସମ୍ପାଦନ କରିବା, ବିଧାନ କରିବା ।
**ବିହୀନ** *ବିଂ.* ୧. ଶୂନ୍ୟ ୨. ତ୍ୟକ୍ତ ୩. ନଥିବା, ବିରହିତ ।
**ବିହୀନେ, ବିହୁନେ** *କ୍ରି.ବିଂ.* ବ୍ୟତୀତ, ଛଡ଼ା, ବିନା, ଅଭାବରେ, ବ୍ୟତିରେକେ ।
**ବିହୁଡ଼ା** *ବି.* ବେଉଷଣ, ଧାନଗଛ ଚାଖଣ୍ଡେ ଭଳି ଉଚ୍ଚ ହେଲେ ବିଲରେ ପାଣିଥିଲା ବେଳେ ଚଷିବା ।
**ବିହ୍ୱଳ** *ବିଂ.* ବିଭୋର, ତନ୍ମୟ, ଅତିଶୟ ଆନନ୍ଦ ବା ଦୁଃଖରେ ଅସ୍ଥିର, ଆତ୍ମହରା ।
**ବିହ୍ୱଳତା** *ବି.* ତନ୍ମୟ ବା ଅଭିଭୂତ ଭାବ ।
**ବିକ୍ଷତ** *ବିଂ.* ବିଶେଷ ରୂପେ ଆହତ, ଆଘାତ ଯୋଗୁ କ୍ଷତ, କ୍ଷୟପ୍ରାପ୍ତ ।
**ବିକ୍ଷିପ୍ତ** *ବିଂ.* ଏଣେତେଣେ ପଡ଼ିଥିବା, ବିଛୁଡ଼ି ହୋଇ ପଡ଼ିଥିବା, ଅସଂବଦ୍ଧ, ଅବ୍ୟବସ୍ଥିତ, ବିକୀର୍ଣ୍ଣ ।
**ବିକ୍ଷୁବ୍ଧ** *ବିଂ.* ୧. ଆଲୋଡ଼ିତ, ବିଚଳିତ ୨. ଚଞ୍ଚଳ, ଅସ୍ଥିର ୩. କ୍ଷୋଭଯୁକ୍ତ, ବିକ୍ଷୋଭିତ ।
**ବିକ୍ଷେପ** *ବି.* ୧. ଏଣେତେଣେ ଫିଙ୍ଗା, ଇତସ୍ତତଃ ନିକ୍ଷେପ ୨. ଅବ୍ୟବସ୍ଥିତ ଭାବ ।
**ବିକ୍ଷେପକ** *ବିଂ.* ବିକ୍ଷେପକାରୀ, ବିକିରଣକାରୀ, ଯେ ବିକ୍ଷେପକରେ, ଯେ ଫିଙ୍ଗେ ।
**ବିକ୍ଷେପଣ** *ବି.* ଫିଙ୍ଗା, ଫୋପଡ଼ା, କ୍ଷେପଣକାର୍ଯ୍ୟ ।
**ବିକ୍ଷୋଭ** *ବି.* ୧. ବିଶେଷ ଅସନ୍ତୋଷ ଜନିତ ଆନ୍ଦୋଳନ ୨. ଅସ୍ଥିରତା ୩. ଆଲୋଡ଼ନ ୪. ଉଦ୍‌ବେଳନ ।
**ବୀଚି,ବୀଚୀ** *ବି.* ଉଚ୍ଚ ଢେଉ, ଲହରୀ, ଉର୍ମ୍ମି ।
**ବୀଚିମାଳୀ** *ବି.* ସମୁଦ୍ର ।
**ବୀଜ** *ବି.* ୧. ମଞ୍ଜି, ବିହନ ୨. ଶୁକ୍ର, ବୀର୍ଯ୍ୟ ୩. ଜୀବାଣୁ ୪. କାରଣ ୫. ତତ୍ତ୍ୱ, ମୂଳ ।
**ବୀଜକୋଷ,ବୀଜାଧାର** *ବି.* ଫୁଲର ଯେଉଁ ଅଂଶରେ ପରାଗରେଣୁ ବା ବୀଜ ଥାଏ ।
**ବୀଜଗଣିତ** *ବି.* ଗଣିତଶାସ୍ତ୍ରର ଶାଖା ବିଶେଷ, ଆଲଜେବ୍ରା ।
**ବୀଜନ** *ବି.* ପଙ୍ଖା, ବିଞ୍ଚଣା, ବ୍ୟଜନ ।
**ବୀଜବପନ** *ବି.* ୧. ମଞ୍ଜିବୁଣା, ବିହନବୁଣା, ମଞ୍ଜିଛଟା ୨. ମଞ୍ଜି ବା ବୀଜ ପୋତିବା ।
**ବୀଜବାରକ** *ବିଂ.* ବୀଜାଣୁ ନିବାରକ ।
**ବୀଜବିକ୍ଷେପ** *ବି.* ବାୟୁ, ଜଳ, ପଶୁ, ପକ୍ଷୀ ଆଦି ମାଧ୍ୟମରେ ମଞ୍ଜି ସଞ୍ଚାର ।
**ବୀଜମନ୍ତ୍ର** *ବି.* ୧. ଇଷ୍ଟଦେବତାଙ୍କ ପୂଜାର୍ଚ୍ଚନା ପାଇଁ କ୍ଲୁପ୍ତ ମନ୍ତ୍ର ୨. ମୂଳମନ୍ତ୍ର ୩. ମୂଳକଥା, ଅସଲକଥା ।
**ବୀଜରୋପଣ** *ବି.* ମଞ୍ଜି ଲଗାଇବା, ମଞ୍ଜି ପୋତିବା ବା ରୋଇବା ।
**ବୀଜାଙ୍କ** *ବି.* ମୂଳକଥା ।
**ବୀଜାଣୁ** *ବି.* ବିଭିନ୍ନ ରୋଗ ଉତ୍ପାଦକ ସୂକ୍ଷ୍ମତମ ଅଣୁଜୀବ ।
**ବୀଜାର୍** *ବି.* ୧. ବିରକ୍ତି, ଚିଡ଼ାଚିଡ଼ା ୨. ମହିଁଷିର ଗର୍ଭ ସଞ୍ଚାରଣ ପାଇଁ ବ୍ୟବହୃତ ଅଣ୍ଡିରା ପୋଢ଼ ।
**ବୀଟି,ବୀଟିକା,ବୀଟୀ** *ବି.* ବିଡ଼ା, ପାନଖିଲ, ବିଡ଼ିଆପାନ ।
**ବୀଣା** *ବି.* ସପ୍ତତାର ଯୁକ୍ତ ଭାରତୀୟ ବାଦ୍ୟଯନ୍ତ୍ର ବିଶେଷ ।
**ବୀଣାକାର** *ବି.* ୧. ଦଣ୍ଡଯାତର ଏକ ବିଶେଷ ଚରିତ୍ର, ସୂତ୍ରଧର ୨. ବୀଣାବାଦକ ।
**ବୀଣାପାଣି** *ବି.* ବିଦ୍ୟାର ଦେବୀ ସରସ୍ୱତୀ ।
**ବୀତ** *ବିଂ.* ୧. ଅତୀତ ୨. ନିବୃତ୍ତ ।
**ବୀତକାମ** *ବିଂ.* କାମନାଶୂନ୍ୟ (*ସ୍ତ୍ରୀ.* ବୀତକାମା) ।
**ବୀତଭୟ** *ବିଂ.* ଭୟଶୂନ୍ୟ, ଭୟମୁକ୍ତ, ଡରହୀନ ।
**ବୀତରାଗ** *ବିଂ.* ଅନାସକ୍ତ, ଅନୁରକ୍ତିଶୂନ୍ୟ, କାମନାମୁକ୍ତ ।
**ବୀତଶୋକ** *ବିଂ.* ଶୋକରହିତ ; *ବି.* ଅଶୋକ ବୃକ୍ଷ ।
**ବୀତଶ୍ରଦ୍ଧ** *ବିଂ.* ଶ୍ରଦ୍ଧାଶୂନ୍ୟ, ଆସ୍ଥାରହିତ, ଶ୍ରଦ୍ଧା ହରାଇଥିବା ।
**ବୀତସ୍ପୃହ** *ବିଂ.* ସ୍ପୃହାହୀନ, ଆସକ୍ତିରହିତ, ଇଚ୍ଛା ବା ଉତ୍ସାହଶୂନ୍ୟ ; (*ସ୍ତ୍ରୀ.* ବୀତସ୍ପୃହା)
**ବୀଥି, ବୀଥିକା, ବୀଥୀ** *ବି.* ୧. ଧାଡ଼ି, ଶ୍ରେଣୀ ୨. ଦୁଇପାଖରେ ଗଛ ଲାଗିଥିବା ରାସ୍ତା ।
**ବୀପ୍‌ସା** *ବି.* ୧. ବ୍ୟାପିବାର ଇଚ୍ଛା ୨. ଶବ୍ଦ ବା ବାକ୍ୟର ପୁନରୁକ୍ତ ୩. ପୁନଃ ପୁନଃ ଘଟନ; **ବିଂ.** ବାରମ୍ବାର ଘଟୁଥିବା ବା କୁହାଯାଉଥିବା (କାର୍ଯ୍ୟ, କଥା) ।
**ବୀଭତ୍ସ** *ବିଂ.* ରୁଚିଗର୍ହିତ ଓ ମନରେ ବିକୃତ ପ୍ରତିକ୍ରିୟା ସୃଷ୍ଟିକାରୀ, ଅତି ଜଘନ୍ୟ, ଅତ୍ୟନ୍ତ ଘୃଣ୍ୟ ବା କଦର୍ଯ୍ୟ, ବିକୃତ ।
**ବୀଭତ୍ସତା** *ବି.* ଘୃଣ୍ୟ ବା କଦର୍ଯ୍ୟ ଗୁଣ, କାର୍ଯ୍ୟ ବା ଭାବ ।
**ବୀମା** *ବି.* ମୃତ୍ୟୁ, ଆକସ୍ମିକ ଦୁର୍ଘଟଣା ଆଦି ପାଇଁ କ୍ଷତି ପୂରଣ ବ୍ୟବସ୍ଥା ।

**ବୀର** ***ବି.*** ୧. ବଳବାନ୍ ଓ ଯୋଦ୍ଧା ବା ବ୍ୟକ୍ତି ୨. ତାନ୍ତ୍ରିକସାଧକ ବିଶେଷ ୩. ପବନ ୪. ତାନ୍ତ୍ରିକର ବଶୀଭୂତ ଅପଶକ୍ତି ; ***ବିଂ.*** ୧. ସାହସୀ ୨. ରଣକୁଶଳ ୩. ବଳବାନ ।

**ବୀରକେଶ** ***ବି.*** ମୁଛ, ଗାଲମୋଛ ।

**ବୀରଗତି** ***ବି.*** ଯୁଦ୍ଧରେ ବୀରର ମୃତ୍ୟୁ, ସହିଦ ହେବା ।

**ବୀରଣ** ***ବି.*** ଲମ୍ବା ଚେରଯୁକ୍ତ ବୁଦାଳିଆ ଘାସ, ବେଣା, ବେରନା, ବେରଣା ।

**ବୀରଣମୂଳ** ***ବି.*** ବେଣାଚେର, ବେରନା ବା ବେରଣାର ଚେର, ଉଶୀର ।

**ବୀରତ୍ୱ** ***ବି.*** ବୀରପଣ।

**ବୀରନାରୀ** ***ବି.*** ୧. ଦୁଃସାହସିନୀ ୨. ଯୁଦ୍ଧ ନିପୁଣା, ରଣରଙ୍ଗିଣୀ ୨. ବୀରର ସ୍ତ୍ରୀ ।

**ବୀର ପେଶିବା** ***କ୍ରି.*** ତନ୍ତ୍ରବଳରେ କଥିତ ଭୌତିକ ଶକ୍ତି ପ୍ରୟୋଗ କରିବା ।

**ବୀର ପ୍ରସବିନୀ, ବୀରପ୍ରସୁ** ***ବିଂ.*** ୧. ବୀରପୁତ୍ର ଜାତକାରିଣୀ (ମା') ୨. ବୀରପୁତ୍ର ଜନ୍ମ ଦେଉଥିବା (ଦେଶମାତୃକା) ।

**ବୀରବର** ***ବି.*** ଶ୍ରେଷ୍ଠବୀର ।

**ବୀରା** ***ବିଂ.*** ଶୌର୍ଯ୍ୟବତୀ, ଶ୍ରେଷ୍ଠା, ବୀରାରମଣୀ ; ***ବି.*** ପତିପୁତ୍ରବତୀ ନାରୀ ।

**ବୀରାଚାର** ***ବି.*** ତାନ୍ତ୍ରିକ ସାଧନାର ପଦ୍ଧତି ବିଶେଷ, ବାମାଚାର ତନ୍ତ୍ର ।

**ବୀରାସନ** ***ବି.*** ଡାହାଣ ଓ ବାମପାଦକୁ ଯଥାକ୍ରମେ ବାମ ଓ ଡାହାଣ ଉପରେ ରଖି ଉପବେଶନ, ଏକପ୍ରକାର ଯୋଗାସନ ।

**ବୀର୍ଯ୍ୟ** ***ବି.*** ୧. ପୁରୁଷର ଶୁକ୍ର, ରେତ ୨. ବୀରତ୍ୱ ୩. ତେଜଃ, ଶକ୍ତି ୪. ପ୍ରଭାବ ।

**ବୀର୍ଯ୍ୟବତ୍ତା, ବୀର୍ଯ୍ୟଶାଳିତା** ***ବି.*** ଶକ୍ତି, ବୀରତ୍ୱ, ସାମର୍ଥ୍ୟ ।

**ବୀର୍ଯ୍ୟବନ୍ତ** ***ବିଂ.*** ବୀର୍ଯ୍ୟବାନ୍, ଶକ୍ତିଶାଳୀ ।

**ବୀର୍ଯ୍ୟବାନ, ବୀର୍ଯ୍ୟଶାଳୀ** ***ବିଂ. ବି.*** ସମର୍ଥ ପୁରୁଷ, ବୀରତ୍ୱବିଶିଷ୍ଟ, ବୀର (*ସ୍ତ୍ରୀ.* ବୀର୍ଯ୍ୟଶାଳିନୀ) ।

**ବୀକ୍ଷକ** ***ବିଂ. ବି.*** ଯେ ଟିକ୍‌ନିକ୍ କରି ଦେଖେ ।

**ବୀକ୍ଷଣ** ***ବି.*** ଭଲଭାବରେ ନିରୀକ୍ଷଣ ।

**ବୀକ୍ଷମାଣ** ***ବିଂ.*** ଯାହା ଦେଖାଯାଉଅଛି ।

**ବୁ** ***ବି.*** ୧. ଗନ୍ଧ; ୨. ମାତୃସ୍ତନ, ଦୁଗ୍ଧ ।

**ବୁଆ** ***ବି.*** ୧. ଛୋଟ ଧାନଗଛ, ବୁଆଳି, ତଳିଗଛ ୨. ବାପା ।

**ବୁଆଙ୍ଗ** ***ବି.*** ଏକ ପ୍ରକାର ବାଜା, ଲମ୍ବା ଫମ୍ପା ଲାଉତୁମ୍ବାର ପଛପଟେ ଏକ ବାଉଁଶ ବାନ୍ଧି ବାଉଁଶର ଦୁଇଭାଗରେ ଖୁଣ୍ଟିକରି ତହିଁରେ ଦଉଡ଼ି ବାନ୍ଧି କାଣ୍ଡପରି ଦଉଡ଼ିକୁ ଟାଣିଲେ ଏଥିରୁ ବୁଙ୍ଗ୍ ବୁଙ୍ଗ୍ ଶବ୍ଦ ବାହାରେ ।

**ବୁଆଙ୍ଗଗୁରୁ** ***ବି.*** ତାନ୍ତ୍ରିକ ।

**ବୁଆଙ୍ଗରାଳ** ***ବି.*** ବୁଆଙ୍ଗବାଜାର ଧ୍ୱନି ।

**ବୁଆଙ୍ଗ ସେରେଞ୍ଜ** ***ବି.*** ବୁଆଙ୍ଗ ଗୀତ ।

**ବୁଇ** ***ବି.*** ୧. ଝିଅ ୨. ଝିଅକୁ ଡାକିବା ସମ୍ବୋଧନ ।

**ବୁଇତ୍, ବୁଇଦ୍** ***ବି.*** ବୁଦ୍ଧି ।

**ବୁଇଲ୍** ***ବି.*** ବଳଦ ।

**ବୁଇଲି** ***ବିଂ.*** ଡେଙ୍ଗୀ ।

**ବୁଇହାଁଳ** ***ବି. ବିଂ.*** ନେତା, ଆଗୁଆ (ଲୋକ) ।

**ବୁଏର୍** ***ବି.*** ବୁରୋ, ବରକୋଳି ।

**ବୁକ୍** ***ବି.*** ୧. ବହି ୨. ଟିକଟ, ସିଟ୍ ଆଦିର ସଂରକ୍ଷଣ ।

**ବୁକ୍‌ଚା** ***ବି.*** ବୋଚ୍‌କା, ବୋକ୍‌ଚା, ବୋଝ, ଗଣ୍ଠିରା ।

**ବୁକ୍‌ନା** ***ବିଂ.*** ଅଦାଢୁଆ, ଖଣ୍ଡିଆ (ଅସ୍ତ୍ର), ଥୁତା, ଦଛରା ।

**ବୁକ୍‌ପୋଷ୍ଟ** ***ବି.*** କୌଣସି ମୁଦ୍ରିତ ଚିଠି, ସମ୍ବାଦପତ୍ର, ପତ୍ରିକା ଅଥବା ମୁଦ୍ରିତ ପଦାର୍ଥକୁ ସମ୍ପୂର୍ଣ୍ଣ ବନ୍ଦ ନକରି (ଦୁଇପାଖ ଖୋଲାରଖି) ଅପେକ୍ଷାକୃତ କମ୍ ମହାସୁଲ ଦେଇ ଡାକଯୋଗେ ପଠାଇବା ବ୍ୟବସ୍ଥା ।

**ବୁକ୍‌ଫେୟାର** ***ବି.*** ବହିମେଳା, ପୁସ୍ତକମେଳା ।

**ବୁକ୍‌ବୁକି ମାରିବା** ***କ୍ରି.*** ଅଧିକ ଧନ ହେତୁ ଅନାବଶ୍ୟକ ଖର୍ଚ୍ଚ କରିବା, ଦେଖେଇ ହେବା ।

**ବୁକ୍‌ଲୁ** ***କ୍ରି.*** କୁତୁକୁତୁ କରିବା ।

**ବୁକ୍‌ଲିବା** ***କ୍ରି.*** ପାଣି ଭିତରେ ରହି ଖେଳିବା, ପହଁରିବା ।

**ବୁକ୍‌ଷ୍ଟଲ୍** ***ବି.*** ଉଠା ବହିଦୋକାନ ।

**ବୁକ୍‌ସପ୍** ***ବି.*** ବହିଦୋକାନ ।

**ବୁକ୍‌ସେଲ୍‌ଫ୍** ***ବି.*** ବହି ଆଲ୍‌ମିରା ବା ଥାକ ।

**ବୁକ୍‌ସେଲର୍** ***ବି.*** ବହିବିକାଳି ।

**ବୁକ, ବୁକୁ** ***ବି.*** ୧. ବକ୍ଷ, ହୃଦୟ, ଛାତି ୨. ସାହସ ।

**ବୁକଇବା, ବୁକେଇବା** ***କ୍ରି.*** ବଳେଇ ପଡ଼ିବା, ଅତିରିକ୍ତ ହେବା ।

**ବୁକା** ***ବି.*** ୧. ନାହି, ନାଭି ୨. ବୋଦା, ବୋକା, ଅଣ୍ଡିରା ଛାଗଳ ୩. ଭକୁଆ, ବୋକା ।

**ବୁକାଗୁତ** ***କ୍ରି.*** ନାହି କାଟିବା ।

**ବୁକାବୁଢ଼ୀ *ବି.*** ଧାଇ, ପିଲା ଜନ୍ମ ସମୟରେ ଯେଉଁ ନାରୀ ପ୍ରସବରେ ସହାୟତା କରେ ଏବଂ ନାହି କାଟେ ।

**ବୁକିଙ୍ଗ୍ *ବି.*** ୧. ଟିକେଟ କାଟିବା ୨. ବହିନା ଦେବା ।

**ବୁକିଙ୍ଗ୍ କାଉଣ୍ଟର *ବି.*** ଟିକେଟ ବିକ୍ରି ଝିଡ଼ିକି ବା ଘର ।

**ବୁକୁଚା *ବି.*** ବୋଚ୍‌କା, ଗଣ୍ଠିଲି ।

**ବୁକୁଚାବୁହା *ବିଂ.ବି.*** ବିଶ୍ୱସ୍ତ ଚାକର, ସେବାକାରୀ ।

**ବୁକୁ ପତେଇବା *କ୍ରି.*** ସାହସର ସହିତ ଆଗେଇ ଯିବା, ଜାଣିଶୁଣି ବିପଦ ବରଣ କରିବା ।

**ବୁକୁଫଟା *ବିଂ.*** ହୃଦୟବିଦାରକ, ଅତ୍ୟଧିକ ଯନ୍ତ୍ରଣାଦାୟକ ।

**ବୁଗ୍‌ବୁଗ୍ *ବିଂ.*** ମିଞ୍ଜିମିଞ୍ଜି (ଆଲୋକ) ।

**ବୁଚ୍‌କି *ବି.*** ଛୋଟ ବୁକ୍‌ଚା, ଛୋଟ ବୁଜୁଳା ।

**ବୁଚ୍‌କିବା *କ୍ରି.*** ଲକ୍ଷ୍ୟଭ୍ରଷ୍ଟ ହେବା ।

**ବୁଚ୍‌ଡ଼ିବା *କ୍ରି.*** ହାତରୁ ଜିନିଷ ଖସିଯିବା ।

**ବୁଚା *ବିଂ.*** ଖଣ୍ଡିଶିଙ୍ଗା, ଖଣ୍ଡିଆ ଶିଙ୍ଗଥିବା (ପଶୁ) ।

**ବୁଚି *ବି.*** ଦ୍ରବ୍ୟ ମାପିବାପାଇଁ ମଙ୍ଗ ନ ଥିବା ମାଟିର ସାନ ପାତ୍ର ।

**ବୁଚିନାକି *ବିଂ.*** ସାନ ନାକ ଥିବା ସ୍ତ୍ରୀ (*ପୁଂ.* ବୁଚିନକା) ।

**ବୁଚିମାଠିଆ *ବି.*** ମୁହଁଭଙ୍ଗା ମାଠିଆ ।

**ବୁଛ୍‌ରା *ବି.*** ଅଣ୍ଡିରାବାଛୁରି, ବଛ୍‌ରା ।

**ବୁଜ୍‌ବୁଜ୍ *କ୍ରି.ବିଂ.*** ବାରମ୍ବାର, ଘନଘନ ।

**ବୁଜ୍‌ବୁଜିଆ *ବି.*** ଗୋଟିଏ କାମରେ ବା କଥାରେ ବହୁ ସମୟ ଧରି ବିରକ୍ତ କରୁଥିବା ଲୋକ ।

**ବୁଜା *ବି.*** ୧. ବନ୍ଦ କରିବା, ମୁଦିବା ୨. ବାଡ଼ବନ୍ଦି କରିବା ; ***ବିଂ.*** ମୁଦା ହୋଇଥିବା, ବନ୍ଦ ହୋଇଥିବା ।

**ବୁଜି *ବି.*** ସାନମାଛ, ଚୂନାମାଛ ।

**ବୁଜୁଳା *ବି.*** ଗଣ୍ଠିରା, ଗଣ୍ଠିଲି, ବୋକଚା ।

**ବୁଜୁଳି *ବି.*** ଛୋଟବୁଜୁଳା ।

**ବୁଝସୁଝ *ବି.ବିଂ.*** ୧. ବୁଝିବିଚାରି ୨. ବୁଝାବୁଝି ।

**ବୁଝା *ବି.*** ୧. ବୁଝିବା ୨. ବୋଝ ୩. ଓଜନ ୪. ପସରା ; ***ବିଂ.*** ୧. ଯାହା ବୁଝି ହୋଇଥାଏ ୨. ଯେ ବୁଝେ (*ବିପ.* ଅବୁଝା) ।

**ବୁଝାମଣା *ବି.*** ବିଚାର ଆଲୋଚନା ପରେ ସହମତି, କୌଣସି ବିଷୟରେ ଉଭୟ ପକ୍ଷର ସାଲିସ ।

**ବୁଝାଳି *ବିଂ.*** ବୁଝିଲାବାଲା, ସମଝଦାର ।

**ବୁଝାଶୁଣା, ବୁଝାବୁଝି *ବି.*** କୌଣସି ବିଷୟରେ ଖବର ସଂଗ୍ରହ ବା ନିଶ୍ଚିତ ହେବା ପାଇଁ କାର୍ଯ୍ୟ ।

**ବୁଝିବା *କ୍ରି.*** ୧. ଉପଲବ୍ଧି କରିବା ୨. ପରୀକ୍ଷାକରି ଜାଣିବା ୩. ବିଚାର ବା ବିବେଚନା କରିବା ୪. ସାନ୍ତ୍ୱନା ପାଇବା ୫. ତତ୍ତ୍ୱନେବା ୬. ପଚାରି ଜାଣିବା ୭. ଜଟିଳ ପାଠ ବା କଥାର ମଂଜ କଥା ଜାଣିବା ।

**ବୁଝିବିଚାରି *କ୍ରି.ବିଂ.*** ଭଲଭାବରେ ଭାବିଚିନ୍ତି ।

**ବୁଟ୍ *ବି.*** ଜୋତା ।

**ବୁଟ୍‌କା *ବିଂ.*** କମ ଉଚ୍ଚତା ବିଶିଷ୍ଟ, ଗେଡା, ବୁଠି ।

**ବୁଟ୍‌କୁରୁ *ବିଂ.*** ଅତି ସାନ ।

**ବୁଟ୍‌ଙ୍ଗି *ବିଂ.*** ବାଙ୍ଗରା, ବାଙ୍ଗରୀ ।

**ବୁଟ୍‌ବୁଟ୍ *ବିଂ.*** ଦ୍ରୁତ ଅଥଚ ନାତିଦୀର୍ଘ (ପଦପାତ) ।

**ବୁଟ *ବି.*** ସୋଲା, ଚଣା, ନାକଚଣା ।

**ବୁଟା, ବୁଟି *ବି.*** ୧. ଛୁଞ୍ଚିସୂତା ଦେଇ ଲୁଗାପଟାରେ କରାଯାଇଥିବା ଫୁଲ ୨. ମୂଳ, ମୋଟା ମୋଟି ୩. ବୁଦା, ଗୁଳ୍ମ; ***ବିଂ.*** ନିର୍ଦ୍ଦିଷ୍ଟ, ସ୍ପଷ୍ଟ ।

**ବୁଟାଦାର, ବୁଟିଦାର *ବିଂ.*** ବୁଟାଯୁକ୍ତ, ବୁଟିଚିତ୍ରିତ, ଛୁଞ୍ଚିକାମ ଥିବା ।

**ବୁଟା ଧରାବା *କ୍ରି.*** ଠକିଦେବା, ପ୍ରତାରଣା କରିବା ।

**ବୁଟି,ବୁଠି *ବିଂ.*** ୧. ଅଳ୍ପ ଉଚ୍ଚତାବିଶିଷ୍ଟ, ଗେଡ଼ା, ବାଙ୍ଗରା ୨. ଡିବି ।

**ବୁଟୁ *ବି.*** ଛୋଟଛିଦ୍ର, ସରୁ କଣା ।

**ବୁଟୁ କାଟ୍‌ବା *କ୍ରି.*** ମୂଳ ଛେଦ କରିବା ।

**ବୁଟୁଙ୍ଗ୍ *ବିଂ.ବି.*** ଅଳ୍ପ ଉଚ୍ଚତା ବିଶିଷ୍ଟ ଓ ପୃଥୁଳ (ବ୍ୟକ୍ତି) ଏବଂ ସେଭଳି ଲୋକର ଚାଲି ।

**ବୁଟୁଜ୍, ବୁଟୁଞ୍ଜ *ବି.*** ଟଣଟଣିଆ ବ୍ୟଥା ।

**ବୁଟୁଲ୍ *ବି.*** ଚୂନ ଦୋକ୍ତା ରଖିବା ଛୋଟ ଡିବା ।

**ବୁଟେଇବା *କ୍ରି.*** ଗୋଛାକରିବା ।

**ବୁଡ଼ *ବି.*** ୧. ବୁଡ଼ିଗାଧୁଆ, ସମଗ୍ର ଶରୀରକୁ ପାଣିରେ ବୁଡାଇବା ୨. ସ୍ନାନଯୋଗ ।

**ବୁଡ଼ାଇବା, ବୁଡ଼େଇବା *କ୍ରି.*** ୧. (ଅନ୍ୟକୁ) ଜଳମଗ୍ନ କରାଇବା ୨. ଋଣ ପରିଶୋଧ ନକରିବା ୩. ସମୂଳେ ନଷ୍ଟ କରିଦେବା ।

**ବୁଡ଼ାଳି ବିଂ.** ଜଳରେ ଯେ ବୁଡେ, ବୁଡ଼ିଲାବାଲା ।

**ବୁଡ଼ି ଅଞ୍ଚଳ *ବି.*** ୧. ବନ୍ୟାପ୍ଲାବିତ ଅଞ୍ଚଳ, ବଢ଼ି ମାଡ଼ିବା ଜାଗା ୨. ବିଶାଳ ଜଳଭାଗଦ୍ୱାରା ନିମଗ୍ନ ସ୍ଥଳଭାଗ ।

**ବୁଡ଼ିବା *କ୍ରି.*** ୧. ପାଣି ଭିତରକୁ ଚାଲିଯିବା ୨. ମଜ୍ଜିତ ହେବା, ଜଳମଗ୍ନ ହେବା ୩. ଲୁପ୍ତ ହେବା ୪. ସୂର୍ଯ୍ୟ ଚନ୍ଦ୍ର ପ୍ରଭୃତି ଅସ୍ତ ହେବା ୫. କୌଣସି କାର୍ଯ୍ୟରେ ବା ଚିନ୍ତାରେ ନିବିଷ୍ଟ ହେବା ୬. ଋଣ ପ୍ରଭୃତି ଆଦାୟ ନହେବା ୭. କୁଳର ସତ୍ତା ନ ରହିବା ୮. ବିଶେଷତ୍ୱ ହରାଇବା ।

**ବୁଢୁଙ୍ଗା** *ବି.* ଶୁଖୁଆପୋଡ଼ା ।

**ବୁଢ଼ା** *ବିଂ.* ବୃଦ୍ଧ ; *ବି.* ୧. ବୁଢ଼ାଲୋକ ୨. ପରିଣତ, ପରିପକ୍ୱ ଓ ଅଭିଜ୍ଞ ବ୍ୟକ୍ତି ।

**ବୁଢ଼ାଲେଙ୍କା** *ବି.* ୧. ଜଗନ୍ନାଥଙ୍କ ସେବକ ବିଶେଷ ୨. ପ୍ରଧାନ ସେନାପତି ।

**ବୁଢ଼ାହଡ଼ା** *ବିଂ.* ବୃଦ୍ଧ ଓ ନିପାରିଲା (*ସ୍ତ୍ରୀ.* ବୁଢ଼ୀହଡ଼ୀ)

**ବୁଢ଼ିଆଣୀ** *ବି.* ମାଙ୍କଡସା ବା ସେହି ଜାତୀୟ କୀଟ ।

**ବୁଢ଼ିକୁମ୍ଭ** *ବି.* ଛୋଟ ଝୁମ୍ପୁଡ଼ି, ଛୋଟ କୁଡ଼ିଆ ।

**ବୁଢ଼ୀମା** *ବି.* ଜେଜେମା, ପିତାମହୀ, ଗୋସେଇଁ ମା, ଆଇ ।

**ବୁଣା** *ବି.* ୧. ବୁଣିବା କାମ ୨. ବପନ, ବିହନାଦି ବିକ୍ଷିପ୍ତ କରିବା ; *ବିଂ.* ୧. ତନ୍ତରେ ପ୍ରସ୍ତୁତ ୨. ବୁଣେଇ ହୋଇଥିବା ।

**ବୁଣାଇ** *ବି.* ବୁଣାକାମ ; *ବିଂ.* ଯେ ବୁଣେ ।

**ବୁଣାଳି** *ବିଂ.ବି.* ଯେ ବୁଣେ, ବୁଣିଲା ଲୋକ ।

**ବୁଣିବା** *କ୍ରି.* ୧. ଫିଙ୍ଗାପିଙ୍ଗି କରିବା, ଏଆଡେ ସେଆଡେ ପକାଇବା ୨. ଧାନ ପ୍ରଭୃତି ବପନ କରିବା ୩. ଲୁଗାଆଦି ବୟନ କରିବା ।

**ବୁତା** *ବି.* କାମ, ନିତ୍ୟନୈମିତ୍ତିକ କାର୍ଯ୍ୟ ।

**ବୁତେ** *ଅ.* ସାମର୍ଥ୍ୟ ଓ ଶକ୍ତି ଅନୁସାରେ ।

**ବୁଥ୍** *ବି.* ୧. ଭୋଟ ଗ୍ରହଣ କେନ୍ଦ୍ର ୨. ଅସ୍ଥାୟୀ ଘର ।

**ବୁଥ୍‌ବୁଥା** *ବିଂ.* ବହଳିଆ, ମେଞ୍ଚାମେଞ୍ଚି ।

**ବୁଥା** *ବିଂ.* ୧. ମାଖୁନା ୨. ଥନ୍ତରା, ଦାଢ଼ ବା ଧାର ନଥିବା ।

**ବୁଦ୍‌ବୁଦ** *ବି.* ପାଣିଫୋଟକା, ପାଣିର ଭୁଡ୍‌ଭୁଡକା ।

**ବୁଦ୍‌ବୁଦନ୍** *ବି.* ଭୁଡ୍‌ଭୁଡ଼କା ଉଠିବା ।

**ବୁଦ୍‌ବୁଦି** *ବି.* ବୁଦ୍‌ବୁଦ, ପାଣିଫୋଟକା ।

**ବୁଦା** *ବି.* ୧. ଝଙ୍କାଳିଆ ଗୁଳ୍ମ, ବୁଟା ୨. ବୁଦାପୂର୍ଣ୍ଣ ଜଙ୍ଗଲିଆ ଜାଗା ୩. ଖାସି କରା ନଯାଇଥିବା ଅଣ୍ଡିରା ଛେଳି, ବୋଦା, ବୋକା ।

**ବୁଦେଇ** *ବି.* ଏକ ପ୍ରକାର ଗଛ-ଯାର ବଡ଼ବଡ଼ ପତ୍ରରେ ଖଲି ତିଆରି ହୁଏ ।

**ବୁଦ୍ଧ** *ବିଂ.* ଜ୍ଞାନୀ, ଜାଗ୍ରତ ; *ବି.* ୧. ବୌଦ୍ଧ ଧର୍ମ ପ୍ରଚାରକ ଶାକ୍ୟସିଂହ, ଗୌତମ ୨. ବିଷ୍ଣୁଙ୍କ ନବମ ଅବତାର ।

**ବୁଦ୍ଧତ୍ୱ** *ବି.* ଜ୍ଞାନଲାଭ, ଚରମ ଜ୍ଞାନପ୍ରାପ୍ତି ।

**ବୁଦ୍ଧି** *ବି.* ବୋଧଶକ୍ତି, ବୁଝିବାଶକ୍ତି, ହିତାହିତ ଜ୍ଞାନ ।

**ବୁଦ୍ଧିଗମ୍ୟ** *ବିଂ.* ବୁଦ୍ଧି ବିବେକଦ୍ୱାରା ଯାହା ଜାଣିହୁଏ ।

**ବୁଦ୍ଧିଜୀବୀ** *ବି.ବିଂ.* ୧. ବୁଦ୍ଧିବଳରେ ଜୀବିକା ନିର୍ବାହକାରୀ ବ୍ୟକ୍ତି ୨. ବିଚାରବନ୍ତ ଗୋଷ୍ଠୀ ।

**ବୁଦ୍ଧିନାଶ** *ବି.* ବୁଦ୍ଧିଲୋପ, ବୁଦ୍ଧିଭ୍ରଂଶ, ହିତାହିତ ଜ୍ଞାନଶୂନ୍ୟତା ।

**ବୁଦ୍ଧିବୃତ୍ତି** *ବି.* ହିତାହିତ ଜ୍ଞାନ ଓ ବିବେକାନୁମୋଦିତ ବିଚାର ।

**ବୁଦ୍ଧିମତ୍ତା** *ବି.* ଧୀଶକ୍ତି, ବୋଧଶକ୍ତିକୁଶଳତା ।

**ବୁଦ୍ଧିମନ୍ତ,ବୁଦ୍ଧିମାନ, ବୁଦ୍ଧିଶାଳୀ** *ବିଂ.* ୧. ବୁଦ୍ଧିଆ, ଧୀସମ୍ପନ୍ନ, ବୁଦ୍ଧିଯୁକ୍ତ ୨. ଚାଲାକ, କୁଶଳୀ ।

**ବୁଦ୍ଧିହାନି** *ବି.* ହିତାହିତ ଜ୍ଞାନ ଲୋପପାଇବା, ଭଲମନ୍ଦ ବିଚାର ଶକ୍ତିର ଅଭାବ ।

**ବୁଧ** *ବି.* ୧. ପଣ୍ଡିତ, ଜ୍ଞାନୀବ୍ୟକ୍ତି ୨. ସୌରମଣ୍ଡଳର ଗ୍ରହ ବିଶେଷ ।

**ବୁଧବାର** *ବି.* ସପ୍ତାହର ସାତ ଦିନ ମଧ୍ୟରୁ ଗୋଟିଏ ବାର ।

**ବୁନିଆଦ** *ବି.* ଭିତ୍ତି, ମୂଳ ।

**ବୁନିଆଦି** *ବି.* ଆଭିଜାତ୍ୟ, ସମ୍ଭ୍ରମ, ଖାନ୍‌ଦାନି ।

**ବୁନିଆଦୀ** *ବିଂ.* ୧. ଦୀର୍ଘକାଳ ଧରି ପ୍ରତିଷ୍ଠିତ ୨. ପ୍ରାଚୀନ ଓ ସମ୍ଭ୍ରାନ୍ତ ୩. ଭିତ୍ତିସ୍ୱରୂପ ।

**ବୁନିଆଦୀ ଶିକ୍ଷା** *ବି.* ମୌଳିକ ଶିକ୍ଷା, ଶିକ୍ଷାର ପ୍ରାଥମିକ ସ୍ତର ସୁଗଠିତ କରିବା ଉଦ୍ଦେଶ୍ୟରେ ହାତକାମ ମାଧ୍ୟମରେ ଦିଆଯାଉଥିବା ଶିକ୍ଷାଦାନ ରୀତି (ଗାନ୍ଧିଙ୍କ ପ୍ରବର୍ତ୍ତିତ ଶିକ୍ଷା ପଦ୍ଧତି) ।

**ବୁନ୍ଦ, ବୁନ୍ଦା** *ବି.* ବିନ୍ଦୁ, ଟୋପା ।

**ବୁନ୍ଦିଆ** *ବି.* ମିଷ୍ଟାନ୍ନ ବିଶେଷ, ଛୋଟବୁନ୍ଦି ।

**ବୁପ୍‌ରା** *ବି.* ୧. ସାଧାରଣ ଲୋକ (*ସ୍ତ୍ରୀ.* ବୁପ୍‌ରି) ୨. ବିଚରା ।

**ବୁବୁ** *ବି.* ମାତୃସ୍ତନ, ମାତୃକ୍ଷୀର ।

**ବୁଭୁକ୍ଷା** *ବି.* ଖାଇବାର ଇଚ୍ଛା, ପ୍ରବଳଭୋକ ।

**ବୁଭୁକ୍ଷିତ** *ବିଂ.* କ୍ଷୁଧାର୍ତ୍ତ, ଭୋକିଲା (*ସ୍ତ୍ରୀ.* ବୁଭୁକ୍ଷିତା) ।

**ବୁଭୁକ୍ଷୁ** *ବିଂ.* କ୍ଷୁଧାର୍ତ୍ତ, ଭୋକିଲା, ଖାଇବାପାଇଁ ଉତ୍ସୁକ ବା ବ୍ୟାକୁଳ ।

**ବୁଭୁତ୍ସା** *ବି.* ବୁଝିବାର ଇଚ୍ଛା, ଜାଣିବାର ଇଚ୍ଛା ।

**ବୁଭୁତ୍ସୁ** *ବିଂ.* ବୁଝିବାପାଇଁ ଇଚ୍ଛୁକ ।

**ବୁମେରାଂ** *ବି.* ଓଲଟକୀଳା, ଯେଉଁ ଅସ୍ତ୍ର ଫିଙ୍ଗିଲେ ଫେରିଆସେ ।

**ବୁର୍** *ବି.* ଯୌନାଙ୍ଗର କେଶ ।

**ବୁର୍‌ଖା** *ବି.* ମୁସଲମାନ ନାରୀଙ୍କର ଆପାଦମସ୍ତକ ଢାଙ୍କିବାପାଇଁ ଅଙ୍ଗାବରଣ ।

**ବୁର୍‌ନି** *ବି.* ବୁରୁଣି, ଯେଉଁ ବାଉଁଶ ଟୋକେଇରେ ଧାନ ଧରି କ୍ଷେତରେ ବୁଣାଯାଏ ।

**ବୁର୍ଦ୍ଦୁ** *ବି.* କବାଟର ପ୍ୟାନେଲ ପଶିବା ଅଂଶ ।

**ବୁରା, ବୋରା** *ବି.* ୧. ଅଖା, ବସ୍ତା ୨. ମଳ ; *ବିଂ.* ଖରାପ ।

**ବୁରି** *ବିଂ.* ୧. ଖରାପ, ଦୁଷ୍ଟ ୨. ବୁରେଇ, ତୋଟା ।

**ବୁରିଦେବା** *ବି.* ଇତସ୍ତତଃ ଫିଙ୍ଗି ଫୋପାଡ଼ି ଦେବା, ବୁଣିଦେବା, ବିଞ୍ଚିଦେବା ।

**ବୁରୁ** *ବି.* ୧. ପାହାଡ଼ ପର୍ବତ ୨. ଆତ୍ମା ୩. ପାହାଡ଼ର ଦେବତା ।

**ବୁରୁଚ୍** *ବି.* ଶାଢ଼ି ବା ପୋଷାକରେ ମାରିବା ପିନ୍ ବିଶେଷ, ବ୍ରୋଚ୍ ।

**ବୁରୁଜ** *ବି.* ୧. ଦୁର୍ଗ ବା ପ୍ରାଚୀରର ବାହାରକୁ ବାହାରିଥିବା ଅଂଶ ୨. ନଈଗର୍ଭରୁ ବାହାରିଥିବା ବନ୍ଧର ଅଂଶ ।

**ବୁରୁଣି ପେଟା** *ବିଂ. ବି.* ଯାହାର ପେଟ ବୁରୁଜ ପରି ବାହାରି ପଡ଼ିଥାଏ ।

**ବୁରୁନ୍** *ବି.* ବଡ଼ ପରିବାର ।

**ବୁରୁସ୍** *ବି.* ବ୍ରଶ୍, ପଶୁଲୋମ ପ୍ରଭୃତିରେ ତିଆରି ଝାଡେଣି ।

**ବୁରେଇ** *ବି.* ତୋଟା, ଫଳବଗିଚା, ଅନେକ ଗଛ ଲାଗିଥିବା ସ୍ଥାନ ।

**ବୁଲ୍** *ବିଂ.* ମାତାଲ୍, ମଦ୍ୟପ ।

**ବୁଲ୍‌ବୁଲ୍** *ବି.* ୧. ମଧୁର ସ୍ୱରବିଶିଷ୍ଟ ପକ୍ଷୀବିଶେଷ ୨. ବାଦ୍ୟଯନ୍ତ୍ର ବିଶେଷ, ବେଞ୍ଜୋ ।

**ବୁଲା** *ବି.* ବୁଲିବା କାର୍ଯ୍ୟ, ବିଚରଣ ; *ବିଂ.* ୧. ଯେଉଁ ରାସ୍ତା ସିଧା ନୁହେଁ ୨. ବୁଲିବାରେ ଅଭ୍ୟସ୍ତ ।

**ବୁଲାଇବା, ବୁଲେଇବା** *କ୍ରି.* ୧. ଅନ୍ୟ ଦିଗକୁ ଗତି କରାଇବା ୨. ଛୁଇଁଦେଇ ଚଳେଇବା ୩. ଘୂରିଲା ପରି ଜଣାଯିବା ୪. ବୁଲେଇ ବଙ୍କେଇ କହିବା ୫. ବିଭିନ୍ନ ସ୍ଥାନକୁ ନେବା ।

**ବୁଲାକି** *ବି.* ୧. ନାକରେ ବ୍ୟବହୃତ ଦଣ୍ଡୀ ବିଶେଷ ୨. ବୁଲିବା ଅଭ୍ୟାସ ।

**ବୁଲାଣ, ବୁଲାଣିଆ** *ବିଂ.* ସିଧା ହୋଇ ନଥିବାରୁ ବେଶି ଦୂରତା ବିଶିଷ୍ଟ (ରାସ୍ତା) ।

**ବୁଲାଣିବାଟ** *ବି.* ବଙ୍କାବାଟ ।

**ବୁଲାବିକାଳି** *ବିଂ.* ବୁଲିବୁଲି ବିକୁଥିବା ବ୍ୟକ୍ତି, ଫେରିବାଲା ।

**ବୁଲିବା** *କ୍ରି.* ୧. ଭ୍ରମଣ କରିବା ୨. ଚାଲିବା, ବିଚରଣ କରିବା ୩. କିନ୍ଦରିବା, ଘୂରିବା, ଘୂର୍ଣ୍ଣିତ ହେବା ।

**ବୁଲେଟ୍** *ବିଂ.* ବନ୍ଧୁକରେ ବ୍ୟବହୃତ ଗୁଳି ।

**ବୁଲେହରା** *ବି.* ବିବାହ ପାଇଁ ନିର୍ବନ୍ଧ ।

**ବୁଷ, ବୁସ** *ବି.* ଅଗାଡ଼ି, ବୋଡି, ଭୁସ ।

**ବୁସ୍‌ବୁସ୍** *ବିଂ.* ନରମ ନରମ (ମାଟି), ଭୁଷଭୁଷିଆ (ମାଟି) ।

**ବୁସା** *ବି.* କୁକୁଡ଼ା ଛୁଆ, ଚିଆଁ ।

**ବୃଂହଣ** *ବି.* ୧. ହାତୀର ଡାକ ବା ଗର୍ଜନ ୨. ପୁଷ୍ଟି ; *ବିଂ.* ପୁଷ୍ଟିକର ।

**ବୃକ** *ବି.* ୧. ହୁଣ୍ଡାଳ, ହୁଣ୍ଡାବାଘ, ହେଟାବାଘ ୨. କାଉ ୩. ବିଲୁଆ ୪. କ୍ଷତ୍ରିୟ ।

**ବୃକୋଦର** *ବି.* ୧. ହେଟାବାଘର ପେଟପରି ମୋଟା ଓ ପେଟୁଆ ୨. *ପୁ.* ଭୀମ ।

**ବୃକ୍କ** *ବି.* ଶରୀରର ମୂତ୍ରାଶୟ, କିଡ୍‌ନି ।

**ବୃଜିନ** *ବି.* ୧. ପାପ, ଅପରାଧ ୨. କ୍ଳେଶ ; *ବିଂ.* କୁଟିଳ, ବକ୍ର ।

**ବୃତ** *ବିଂ.* ୧. ଯାହାକୁ ବରଣ କରାଯାଇଅଛି, ସସମ୍ମାନରେ ନିଯୁକ୍ତ ୨. ଆଚ୍ଛାଦିତ ୩.ପ୍ରାର୍ଥିତ ।

**ବୃତ୍ତ** *ବି.* ୧. ପୂର୍ଣ୍ଣ ଗୋଲାକାର କ୍ଷେତ୍ର ୨. ଚରିତ୍ର ୩. ଅକ୍ଷରାଦି ଦ୍ୱାରା ନିୟମିତ ଛନ୍ଦ ; *ବିଂ.* ୧. ଗୋଲାକାର, ବର୍ତ୍ତୁଳ ୨. ଆଚ୍ଛାଦିତ ୩. ନିଯୁକ୍ତ ୪. ଜାତ ।

**ବୃତ୍ତକଳା** *ବି.* ଦୁଇ ବ୍ୟାସାର୍ଦ୍ଧଦ୍ୱାରା ସୀମାବଦ୍ଧ ବୃତ୍ତାଂଶ ।

**ବୃତ୍ତଖଣ୍ଡ** *ବି.* ୧. ଏକ ସରଳରେଖାଦ୍ୱାରା କର୍ତ୍ତିତ ବୃତ୍ତାଂଶ ୨. ଖିଲାଣ ।

**ବୃତ୍ତଚିତ୍ର** *ବି.* ପ୍ରାମାଣିକ ଚିତ୍ର, ତଥ୍ୟଭିତ୍ତିକ ଚଳଚ୍ଚିତ୍ର, ଆଲେଖ୍ୟଚିତ୍ର ।

**ବୃତ୍ତାଂଶ** *ବି.* ବୃତ୍ତର ଅଂଶ ।

**ବୃତ୍ତାନୁବର୍ତ୍ତୀ** *ବିଂ.* ଆଚାରନିଷ୍ଠ, ସଚ୍ଚରିତ୍ର (*ସ୍ତ୍ରୀ.* ବୃତ୍ତାନୁବର୍ତ୍ତିନୀ) ।

**ବୃତ୍ତାନ୍ତ** *ବି.* ବିବରଣ, ବିସ୍ତୃତବାର୍ତ୍ତା, ସମ୍ବାଦ ।

**ବୃତ୍ତାଭାସ** *ବି.* ଡିମ୍ବାକୃତି କ୍ଷେତ୍ର, ଅଣ୍ଡାକାର କ୍ଷେତ୍ର ; *ବିଂ.* ପ୍ରାୟ ବୃତ୍ତାକାର ।

**ବୃତ୍ତି** *ବି.* ୧. ଜୀବିକା, ପେସା ୨. ପ୍ରବୃତ୍ତି, ମାନସିକ ପ୍ରବଣତା ୩. ଆଚରଣ ୪. ଅକ୍ଷର ସଂଖ୍ୟାଦ୍ୱାରା ନିରୂପିତ ଛନ୍ଦ ୫. ନିୟମିତ ଭତ୍ତା ୬. ଶବ୍ଦର ଅର୍ଥ ପ୍ରକାଶିକା ଶକ୍ତି (ଅଭିଧା, ଲକ୍ଷଣା, ବ୍ୟଞ୍ଜନା) ।

**ବୃତ୍ତି କର** *ବି.* ଜୀବିକାକୁ ନେଇ ଆଦାୟ କରାଯାଉଥିବା କର ।

**ବୃତ୍ତିବାଡ଼ି** *ବି.* ୧. ଘରବାଡ଼ି ୨. କାମଧନ୍ଦା ।

**ବୃତ୍ତିଭୋଗୀ** *ବିଂ.* ଯେ ନିୟମିତ ଭତ୍ତା ବା ଅର୍ଥ ସାହାଯ୍ୟ ପାଇ ଚଳେ ।

**ବୃତ୍ତ୍ୟନୁପ୍ରାସ** *ବି.* ଶବ୍ଦାଳଂକାର ବିଶେଷ, ବ୍ୟଞ୍ଜନ ବର୍ଣ୍ଣର ପୁନଃ ଆବୃତ୍ତି ।

**ବୃତ୍ୟ** *ବିଂ.* ବରଣୀୟ ।

**ବୃତ୍ରାରି** *ବି.* ଇନ୍ଦ୍ର, ବୃତ୍ର ସଂହାରକ ।

**ବୃଥା** *କ୍ରି.ବିଂ.* ନିରର୍ଥକ ଭାବରେ, ମିଛରେ ; *ବିଂ.* ୧. ଅକାରଣ ୨. ନିଷ୍ଫଳ ।

**ବୃଥା ଯିବା** *କ୍ରି.* ବ୍ୟର୍ଥ ବା ନିଷ୍ଫଳ ହେବା ।

**ବୃଦ୍ଧ** *ବିଂ.* ୧. ବୁଢ଼ା, ବୟସ୍କ, ବୟୋଜ୍ୟେଷ୍ଠ ୨. ପ୍ରବୀଣ, ପୁରାତନ ୩. ବୃଦ୍ଧିପ୍ରାପ୍ତ, ବଢ଼ିଥିବା ୪. ଅତ୍ୟନ୍ତ, ଘୋର ; *ବି.* ବୁଢ଼ାଲୋକ ।

**ବୃଦ୍ଧ କାକ** *ବି.* ଡାମରାକାଉ ।

**ବୃଦ୍ଧତା, ବୃଦ୍ଧତ୍ୱ** *ବି.* ବୁଢ଼ାକାଳ, ବୁଢ଼ା ଅବସ୍ଥା ।

**ବୃଦ୍ଧପିତାମହ** *ବି.* ବୁଢ଼ା ଦାଦା ବା ଜେଜେଙ୍କ ବାପା (*ସ୍ତ୍ରୀ.* ବୃଦ୍ଧ ପିତାମହୀ) ।

**ବୃଦ୍ଧ ପ୍ରପିତାମହ** *ବି.* ଜେଜେଙ୍କ ବାପାଙ୍କ ବାପା, ପ୍ରପିତାମହଙ୍କ ବାପା ।

**ବୃଦ୍ଧ ପ୍ରପିତାମହୀ** *ବି.* ଜେଜେଙ୍କ ବାପାଙ୍କ ମାଆ, ପ୍ରପିତାମହଙ୍କ ମା' ।

**ବୃଦ୍ଧାଙ୍ଗୁଳ,ବୃଦ୍ଧାଙ୍ଗୁଳି, ବୃଦ୍ଧାଙ୍ଗୁଷ୍ଠ** *ବି.* ବୁଢ଼ାଆଙ୍ଗୁଠି ।

**ବୃଦ୍ଧି** *ବି.* ୧. ବଢ଼ତି, ବଢ଼ିବା ୨. ଉନ୍ନତି, ପ୍ରସାର ୩. ସୁଧ ୪. ସ୍ୱରବର୍ଣ୍ଣର ପ୍ରସାରଣ (ଯେମିତି ଅ,ଇ ବା ଈ ସ୍ଥାନରେ ଐ, ଉ ବା ଊ ସ୍ଥାନରେ ଔ, ର ସ୍ଥାନରେ ଅର ) ।

**ବୃଦ୍ଧିଶ୍ରାଦ୍ଧ** *ବି.* କୌଣସି ମଙ୍ଗଳ ଅନୁଷ୍ଠାନ ପୂର୍ବରୁ ହେବା ଶ୍ରାଦ୍ଧ, ଆଭ୍ୟୁଦୟିକ ଶ୍ରାଦ୍ଧ ।

**ବୃନ୍ତ** *ବି.* ୧. ଡେମ୍ଫ ୨. ଚୁଚୁକ, ସ୍ତନାଗ୍ର ।

**ବୃନ୍ଦ** *ବି.* ୧. ସମୂହ ୨. ଶତକୋଟି ; *ବିଂ.* ଶତକୋଟି ସଂଖ୍ୟକ ।

**ବୃନ୍ଦଗାନ** *ବି.* ମିଳିତଗାନ, କୋରସ୍ ।

**ବୃନ୍ଦା** *ବି.* ୧. ତୁଳସୀ ଗଛ ୨. ଜଳନ୍ଧର ଦାନବର ସ୍ତ୍ରୀ ୩. ରାଧାଙ୍କ ସଖୀ ଓ ଦୂତୀ ।

**ବୃନ୍ଦାବତୀ** *ବି.* ୧. ଚଉଁରାରେ ଲଗାହୋଇ ପୂଜା ପାଉଥିବା ତୁଳସୀ ଗଛ ୨. ଜଳନ୍ଧର ଦାନବର ସ୍ତ୍ରୀ ।

**ବୃନ୍ଦାବନ** *ବି.* ମଥୁରା ନିକଟବର୍ତ୍ତୀ ଯମୁନା ତୀରସ୍ଥ ପ୍ରସିଦ୍ଧ ବୈଷ୍ଣବତୀର୍ଥ, କୃଷ୍ଣଙ୍କର ବାଲ୍ୟଲୀଳାସ୍ଥଳ, ବନବିଶେଷ ।

**ବୃନ୍ଦାବନଚନ୍ଦ୍ର** *ବି.* ଶ୍ରୀକୃଷ୍ଣ ।

**ବୃନ୍ଦାରକ** *ବି.* ଦେବତା ; *ବିଂ.* ଶ୍ରେଷ୍ଠ, ବିଖ୍ୟାତ, ମନୋଜ୍ଞ ।

**ବୃନ୍ଦାହୁଳ** *ବି.* ଏକ ପ୍ରକାର ଦିହୁଡ଼ି ।

**ବୃଶ୍ଚିକ** *ବି.* ୧. ବିଛା ୨. ରାଶିଚକ୍ରର ଅଷ୍ଟମ ରାଶି ।

**ବୃଷ** *ବି.* ୧. ଷଣ୍ଢ ୨. ରାଶିଚକ୍ରର ଦ୍ୱିତୀୟ ରାଶି ୩. ପୁରୁଷର ଶ୍ରେଣୀ ବିଶେଷ ।

**ବୃଷକେତନ, ବୃଷକେତୁ, ବୃଷବାହନ** *ବି.* ଶିବ ।

**ବୃଷଣ** *ବି.* ମୁଷ୍କ, ଅଣ୍ଡକୋଷ ।

**ବୃଷଭ** *ବି.* ଷଣ୍ଢ ; *ବିଂ.* ଶ୍ରେଷ୍ଠ (ଯଥା-ନରବୃଷଭ) ।

**ବୃଷଳ** *ବି.* ୧. ଶୂଦ୍ର ୨. ଅଶ୍ୱ ; *ବିଂ.* ଶୂଦ୍ର ଜାତୀୟ ।

**ବୃଷଳୀ** *ବିଂ.ବି.* ୧. ଶୂଦ୍ରା ୨. ବନ୍ଧ୍ୟା ବା ମୃତବତ୍ସା (*ସ୍ତ୍ରୀ*) ୩. ରଜସ୍ୱଳା ୪. ବ୍ୟଭିଚାରିଣୀ ୫. ଅନୂଢ଼ା ।

**ବୃଷସ୍କନ୍ଧ** *ବିଂ.* ୧. ଅତିଶୟ ବଳବାନ ୨.ବୃଷର କାନ୍ଧପରି ଦୃଢ଼ ପ୍ରଶସ୍ତ କାନ୍ଧବିଶିଷ୍ଟ ।

**ବୃହାଳ** *ବିଂ.* ବିଶାଳ, ପ୍ରକାଣ୍ଡ ।

**ବୃଷୋତ୍ସର୍ଗ** *ବି.* ମରଣମୁଖୀ ବ୍ୟକ୍ତି ପାଇଁ ଅଣ୍ଡିରା ବାଛୁରୀ ଦାନ, ଶ୍ରାଦ୍ଧ କର୍ମ ବିଶେଷ ।

**ବୃଷ୍ଟି** *ବି.* ବର୍ଷଣ, ବାରିପାତ, ବର୍ଷା ପଡ଼ିବା ।

**ବୃଷ୍ଟିପାତ** *ବି.* ବର୍ଷା, ମେଘରୁ ପାଣିପଡ଼ିବା ।

**ବୃଷ୍ଟିମାନ ଯନ୍ତ୍ର** *ବି.* ବର୍ଷା ପରିମାଣ ମାପକ ଯନ୍ତ୍ର ।

**ବୃହତ୍** *ବିଂ.* ୧. ପ୍ରକାଣ୍ଡ, ବିରାଟ, ବଡ଼ ୨. ଦୀର୍ଘ ୩. ଉଦାର, ମହତ ।

**ବୃହତ୍‌କଥା** *ବି.* ଗୁଣାଢ୍ୟଙ୍କ ରଚିତ ବୃହତ୍ ପ୍ରାଚୀନ ଗଦ୍ୟ କଥାକୃତି ।

**ବୃହତୀ** *ବି.* ୧. ନାରଦଙ୍କ ବୀଣା ୨. କ୍ଷୁଦ୍ରାକୃତି ବାଇଗଣ ବିଶେଷ, ଭେଜି ବାଇଗଣ ୩. ଉତ୍ତରୀୟ ୪. ବାଣୀ, ବାକ୍ୟ ।

**ବୃହନ୍ନଳା** *ବି.* ୧. ଅଜ୍ଞାତ ବାସ ବେଳେ କ୍ଳୀବବେଶଧାରୀ ଅର୍ଜୁନଙ୍କ ଛଦ୍ମନାମ ୨. ନପୁଂସକ ।

**ବୃହସ୍ପତି** *ବି.* ୧. ସୌରମଣ୍ଡଳର ଗ୍ରହ ବିଶେଷ ୨. ଦେବଗୁରୁ ୩. ସପ୍ତାହର ବାର ବିଶେଷ ୪. ପଣ୍ଡିତ ୫. ଜ୍ୟୋତିଷ ଶାସ୍ତ୍ରରେ ଏକ ଗ୍ରହ ।

**ବୃକ୍ଷ** *ବି.* ଗଛ, ପାଦପ, ତରୁ ।

**ବୃକ୍ଷଛାୟ** *ବି.* ଶ୍ରେଣୀବଦ୍ଧ ବୃକ୍ଷ ଶ୍ରେଣୀର ବହଳ ଛାଇ, ଗଛର ଛାଇ ।

**ବୃକ୍ଷଛାୟା** *ବି.* ଗଛର ଛାଇ ।

**ବୃକ୍ଷବାଟିକା** *ବି.* ବଗିଚା, ନିକୁଞ୍ଜ, ତୋଟା ।

**ବେ** *ପୁ.ପ୍ର.* ଏକ ଓଡ଼ିଆ ଉପସର୍ଗ (ଅଭାବ, ବିରୋଧ, ନିଷେଧ, ବୈପରୀତ୍ୟ, ମନ୍ଦତ୍ୱ ବା ନିନ୍ଦାସୂଚକ ଉପସର୍ଗ / ଯଥା - ବେନାମୀ, ବେକାବୁ, ବେଆଇନ) ; *ଅ.* ଅମାନ୍ୟ, ଅବଜ୍ଞା ଓ ତୁଚ୍ଛତା ବୋଧକ ସମ୍ବୋଧନ ।

**ବେଅକଲ୍** *ବିଂ.* ନିର୍ବୋଧ, କାଣ୍ଡଜ୍ଞାନଶୂନ୍ୟ, ଅବୋଧ, *ସ୍ତ୍ରୀ.* ବେଅକଲୀ ।

**ବେଅକ୍ତିଆର** *ବିଂ.* ୧. ଅଣାୟତ୍ତ ୨. ଅଧିକାର ବାହାରେ, କ୍ଷମତାର ଅତୀତ ।

**ବେଅନ୍ଦାଜ** *ବିଂ.* ୧. ଅନୁମାନର ବାହାରେ ୨. ଅସଂଖ୍ୟ, ଅପରିମିତ ।

**ବେଆଇନ** *ବିଂ.* ଆଇନ ଦୃଷ୍ଟିରେ ନିଷିଦ୍ଧ, ଅବୈଧ, ଆଇନମତେ ଅପରାଧ, ଆଇନ ବହିର୍ଭୂତ ।

**ବେଆଡ଼ା** *ବିଂ.* ୧. ବେଢଙ୍ଗ, ବେଖାପ ୨. କୁତ୍ସିତ, ବିକୃତ ୩. ଅଶ୍ଳୀଳ, ଅଶୋଭନୀୟ, ଅସଂଯତ ୪. ଅସୁନ୍ଦର, ଅନୁଚିତ ।

**ବେଆଦବ** *ବିଂ.* ଅଭଦ୍ର, ଅବାଧ୍ୟ ।
**ବେଇଜତ** *ବିଂ.* ୧. ବେଜିତ, ଅପମାନିତ, ଲାଞ୍ଛିତ, ସଂଭ୍ରମ ହରାଇଥିବା ୨. ଅପଦସ୍ଥ ୩. ସତୀତ୍ୱ ହରାଇଥିବା ।
**ବେଇଜତି** *ବି.* ଅସମ୍ମାନ , ସମ୍ମାନହାନି ।
**ବେଇଜ୍ଜିତିଆ** *ବିଂ.* ଯାହାର ଇଜ୍ଜତ ବା ସଂଭ୍ରମବୋଧ ନ ଥାଏ, ଯାହାର ସ୍ୱାଭିମାନ ନଥାଏ, ଯାର ମାନ ମହତ ନଥାଏ ।
**ବେଇବା** *କ୍ରି.* ପିଲା ଜନ୍ମକରିବା, ପ୍ରସବ କରିବା ।
**ବେଇମାନ** *ବି.* ୧. ଯେ ଅନ୍ୟର ଉପକାର, ଦାନ ବା ଶ୍ରଦ୍ଧାକୁ ଅସ୍ୱୀକାର କରେ ୨. ଅକୃତଜ୍ଞ, କୃତଘ୍ନ ।
**ବେଇମାନୀ** *ବି.* କୃତଘ୍ନତା ।
**ବେଇରି** *ବି.ବିଂ.* ୧. ବାଏରି, ପାଗଳୀ, ମୁଣ୍ଡ ଠିକ୍ ନଥିବା, ବାୟାଣୀ ୨. ଡାହାଣ ପଟେ ଯୋଚା ହେବା ବଳଦ ।
**ବେଇ.ବେହୀ** *ବିଂ.* ବିବାହିତା ;*ବି.* ନାନୀ, ଅପା ।
**ବେଉଆ** *ବି.* ୧. ବେଓ୍ୱା, ବିଧବା ୨. ଅନାଥ ନାରୀ, ଅସହାୟା ନାରୀ ।
**ବେଉଆରସ** *ବିଂ.* ୧. ମାଲିକାନାହୀନ, ଅସ୍ୱାମିକ, ଦାବିଦାର ଶୂନ୍ୟ ୨. ସ୍ୱତ୍ୱାଧିକାରବିହୀନ, ଉତ୍ତରାଧିକାରୀହୀନ ।
**ବେଉଆରସି** *ବି.* ମାଲିକଶୂନ୍ୟତା, ଉତ୍ତରାଧିକାରହୀନତା, ଯାହାର ଉତ୍ତରାଧିକାର ନାହିଁ ।
**ବେଉତ, ବେଉନ୍ତ** *ବି.* ବଣ୍ଟନ, ବିଭାଗୀକରଣ ।
**ବେଉନ୍ତିବା** *କ୍ରି.* ବାଣ୍ଟିବା, ବରାଦ କରିବା ।
**ବେଉର** *ବି.* ୧. ନିମନ୍ତ୍ରଣ ୨. ଖବର ।
**ବେଉରା** *ବି.* ୧. ଖବର, ସମ୍ବାଦ, ବାର୍ତ୍ତା ୨. ବିବରଣ ୩. ଦୁଧ ମାଠିଆ ; *ବିଂ.* ଫେରନ୍ତା, ଲେଉଟ (ଖବର ବା ଉତ୍ତର) ।
**ବେଉରି** *ବି.* ଛୋଟ ଦୁଧମାଠିଆ ।
**ବେଉଷଣ** *ବି.* ବୁଆ ଧାନବିଲକୁ ହଳକରି ବିହୁଡ଼ିବା, ବିହିଡ଼ା ମାରିବା ।
**ବେଉଷିବା** *କ୍ରି.* ୧. ବେଉଷଣ କରିବା, ବିହିଡ଼ା ମାରିବା ୨. ଯତ୍ନ ନେଇ ବଢ଼ାଇବା ।
**ବେଉସା** *ବି.* ୧. ବ୍ୟବସାୟ, ବେପାର ୨. ଜୀବିକା ।
**ବେଉସାଦାର** *ବି.* ବେପାରୀ, ବ୍ୟବସାୟୀ ।
**ବେଏଁଶିରା** *ବି.* ମନୁଷ୍ୟର ମେରୁଦଣ୍ଡ ତଳେ ଥିବା ଶିରା ।
**ବେଏଁଶିରା ହାଡ** *ବି.* ମେରୁଦଣ୍ଡ ।
**ବେଓଜର** *ବିଂ.* ଆପତ୍ତିହୀନ ; *କ୍ରି.ବିଂ.* ବିନା ଆପତ୍ତି ବା ଓଜରରେ ।
**ବେଓ୍ୱାକପ୍** *ବିଂ.* ବେକୁବ୍, ବୋକା, ଅଜ୍ଞ ।
**ବେକ** *ବି.* ମୁଣ୍ଡ ଓ କାନ୍ଧର ଦେହାଂଶ, ଗଳାର ପଛଭାଗ, ଗ୍ରୀବା, କଣ୍ଠଦେଶ ।
**ବେକା** *ବି.* ୧. ମୁଠାଏ ପରିମାଣ ଘାସ, ନଡ଼ା ଆଦି ୨. ଘିଅ ଘଡ଼ି ୩. ତରଳ ପଦାର୍ଥ ଢ଼ାଳିବା ପାଇଁ ଓସାର ମୁହାଁ ସରୁ ନାଡ଼ ଥିବା ଉପକରଣ ।
**ବେକାଇଦା** *ବି.* ୧. କୌଶଳ ଜଣା ନଥିବା ୨. କାଇଦା କଟକଣା ନ ଥିବା ; *ବିଂ.* ୧. ବିଶୃଙ୍ଖଳ ୩. ଅନିୟମିତ ।
**ବେକାଇଲ୍** *ବିଂ.* ଯେ ନିଜର ଦୋଷ ସ୍ୱୀକାର କରେ ନାହିଁ ।
**ବେକାଏ** *ବିଂ.* ମୁଠାଏ, ମୁଠାଭରା ପରିମାଣର ।
**ବେକାଏମ୍** *ବିଂ.* ନିଷ୍ଫଳ, ଅକାମୀ, ଯାହା କାର୍ଯ୍ୟରେ ପରିଣତ ହୋଇ ନଥାଏ ।
**ବେକାବୁ** *ବିଂ.* ୧. ଅଣାୟତ୍ତ ୨. ଉପାୟାନ୍ତର ବିହୀନ ୩. କାବୁ ବାହାରେ ୪. ନିୟନ୍ତ୍ରଣ ବାହାରେ ।
**ବେକାର** *ବିଂ.* ୧. ଜୀବିକାଶୂନ୍ୟ, ଉପଜୀବ୍ୟହୀନ, କାମଧନ୍ଦାହୀନ ୨. ଅଦରକାରୀ ୩. ବାଜେ ।
**ବେକାରି** *ବି.* କାମଧନ୍ଦା ଶୂନ୍ୟ ଅବସ୍ଥା, ଜୀବିକାଶୂନ୍ୟତା ।
**ବେକାରିଆ** *ବିଂ.* ୧. ମୂଲ୍ୟହୀନ ୨. ଉପାର୍ଜନଅକ୍ଷମ, ବେରୋଜଗାରୀ ।
**ବେକି** *ବି.* ଛୋଟ ଘିଅଘଡ଼ି, ଘିଅ ଠେକି ।
**ବେକିଆ** *ବି.* ହାତଦ୍ୱାରା ବେକରେ ଧକ୍କା, ଅର୍ଦ୍ଧଚନ୍ଦ୍ର ଧକ୍କା, ଗଳଥା, ତଣ୍ଟିଆ ।
**ବେକୁବ୍** *ବିଂ.* ବୋକା, ନିର୍ବୋଧ, ବୁଦ୍ଧିହୀନ, ବେଅକଲ ।
**ବେକୁବି** *ବି.* ବୋକାମି, ନିର୍ବୋଧତା, କାଣ୍ଡଜ୍ଞାନଶୂନ୍ୟତା ।
**ବେକୁବୀ** *ବିଂ.* ନିର୍ବୋଧ ପଣିଆ, ନିର୍ବୋଧତାମୂଳକ ।
**ବେକୁସର୍** *ବିଂ.* ବେକସୁର୍, ଦୋଷହୀନ, ନିର୍ଦ୍ଦୋଷ ।
**ବେକେରି** *ବି.* ପାଉଁରୁଟି, ବିସ୍କୁଟ୍ ଆଦି ତିଆରି କାରଖାନା ।
**ବେଖଟୁ** *ବିଂ.* କୋଢ଼ିଆ , ଶ୍ରମବିମୁଖ, ପରିଶ୍ରମକାତର ।
**ବେଖାତର, ବେଖାତିର** *ବି.* ୧. ଅସମ୍ମାନ, ଅପସନ୍ଦ ୨. ବେପରୁଆପଣ ୩. ଖାତର ନ କରିବା ।
**ବେଖାତରିଆ.ବେଖାତିରିଆ** *ବିଂ.* ବେପରୁଆ, କୌଣସି କଥା ଖାତର ନ କରୁଥିବା ।
**ବେଖାପ** *ବିଂ.* ଅସମାନ, ଅସମଞ୍ଜସ, ଅନ୍ୟବସ୍ତୁ ସହ ଯାହା ଠିକ୍‌ମତେ ଖାପ ଖାଏନାହିଁ ବା ମେଳ ହୁଏ ନାହିଁ, ଅମେଳ ।
**ବେଖୁସ, ବେଖୁସି** *ବି.* ୧. ଅସନ୍ତୋଷ, ବିରକ୍ତି ୨. ଦୁଃଖ ।

**ବେଖୁସୀ** ***ବିଂ.*** ଅସୁଖୀ, ଅସନ୍ତୁଷ୍ଟ, ବିରକ୍ତ, ଦୁଃଖିତ ।

**ବେଗ୍, ବ୍ୟାଗ୍** ***ବି.*** ଥଳି, ମୁଣା ।

**ବେଗ** ***ବି.*** ୧. ଦ୍ରୁତଗତି ୨. ତ୍ୱରା, ଶୀଘ୍ରତା ୩. ଗତିର ପରିମାଣ, ପରିବେଗ ୩. ପ୍ରବାହ ୪. ମଳମୂତ୍ରାଦି ତ୍ୟାଗର ପ୍ରବୃତ୍ତି ୫. ପ୍ରକୋପ ।

**ବେଗଡ଼ା** ***ବିଂ.*** ୧. ଦୁଷ୍ଟ ୨. ନଷ୍ଟ ୩. ବିକୃତ ।

**ବେଗତିକ** ***ବିଂ.*** ୧. ନିରୁପାୟ, ନାଚାର, ଅସହାୟ, ଆଶା ଭରସାହୀନ ୨. ସଙ୍କଟାପନ୍ନ ; ***ବି.*** ୧. ଉପାୟହୀନତା ୨. ପ୍ରତିକୂଳ ଅବସ୍ଥା ୩. ସଙ୍କଟ ।

**ବେଗଧାରଣ** ***ବି.*** ମଳ, ମୂତ୍ର, କାମ, କ୍ରୋଧ ଆଦିର ନିୟନ୍ତ୍ରଣ ବା ସଂଯମନ, ବେଗକୁ ସମ୍ଭାଳି ନେବା ।

**ବେଗବନ୍ତ, ବେଗବାନ୍, ବେଗଶାଳୀ** ***ବିଂ.*** ୧. ଦ୍ରୁତଗତିସମ୍ପନ୍ନ, କ୍ଷିପ୍ରଗତିବିଶିଷ୍ଟ ୨. ଖରସ୍ରୋତଯୁକ୍ତ ୩. ତ୍ୱରାନ୍ୱିତ ୪. ଦୁର୍ଦ୍ଦମନୀୟ (*ସ୍ତ୍ରୀ.* ବେଗବତୀ, ବେଗଶାଳିନୀ) ।

**ବେଗମ୍** ***ବି.*** ୧. ମୁସଲମାନ ସାମ୍ରାଜ୍ଞୀ ବା ରାଣୀ ୨. ସମ୍ଭ୍ରାନ୍ତ ମୁସଲମାନ ମହିଳା ।

**ବେଗର୍** ***ଅ.*** ବିନା, ବ୍ୟତୀତ ; ***ବିଂ.*** ଇତର, ବାଜେ ।

**ବେଗାବେଗି, ବେଗି** ***କ୍ରି. ବିଂ.*** ଶୀଘ୍ର ଶୀଘ୍ର, ଅତି ଜଲଦି, ବେଗେ, ଝଅଟ, ଚଞ୍ଚଳ ।

**ବେଗାର, ବେଗାରି** ***ବି.*** ବିନା ମଜୁରିରେ ବାଧ୍ୟତାମୂଳକ ଖଟଣି, ବେଠି, ବିନା ପାରିଶ୍ରମିକରେ ଶ୍ରମ ।

**ବେଗିତ** ***ବିଂ.*** ତ୍ୱରାନ୍ୱିତ, ବେଗଯୁକ୍ତ, ଝଅଟ୍; ***ବି.*** ଶ୍ୟେନପକ୍ଷୀ ।

**ବେଗୁଆର** ***ବିଂ.*** ବେଗଶାଳୀ, କ୍ଷିପ୍ରଗତିଥିବା ।

**ବେଗୁନିଆ** ***ବି.*** ବନ୍ୟ ଗଛ ବିଶେଷ, ଯାହାର ପତ୍ର ଶୁଖାଇ ବିରି, ମୁଗ ଇତ୍ୟାଦି ଖାଦ୍ୟଶସ୍ୟରେ ପୋକ ନ ଲାଗିବା ପାଇଁ ରଖାଯାଏ ।

**ବେଗେ** ***କ୍ରି. ବିଂ*** ସଅଳ, ଖୁବ ଚଞ୍ଚଳ, ଅତି ଶୀଘ୍ର, ଖୁବ ଜଲଦି, ଝଅଟ ।

**ବେଙ୍ଗ** ***ବି.*** ଏକ ଉଭୟଚର ଜୀବବିଶେଷ, ଭେକ, ମଣ୍ଡୁକ (*ସ୍ତ୍ରୀ.* ବେଙ୍ଗୁଲୀ, ବେଙ୍ଗୀ, ବେଙ୍ଗେଇ) ।

**ବେଙ୍ଗ ଚାଙ୍ଗଡ଼ା** ***ବି.*** ୧. ବିଶୃଙ୍ଖଳା ୨. ବେଙ୍ଗ ବାଜା ।

**ବେଙ୍ଗପାଟିଆ** ***ବିଂ.*** ବେଙ୍ଗ ଭଳି କର୍କଶ ସ୍ୱରଯୁକ୍ତ; *ସ୍ତ୍ରୀ.* ବେଙ୍ଗ ପାଟେ(ଟୋ)ଇ ; ***ବି.*** ୧. ଲଣ୍ଠନର ବତି ବା ଫିତା ପଶୁଥିବା ଅଂଶ ୨. ଫୁଙ୍କା ବାଦ୍ୟଯନ୍ତ୍ର ବିଶେଷ ।

**ବେଙ୍ଗଫୁଲା** ***ବି.*** କେବଳ ଲାଙ୍ଗୁଡ଼ ଓ ମୁଣ୍ଡଯୁକ୍ତ ବେଙ୍ଗଛୁଆ, ବେଙ୍ଗ ପହଣା ।

**ବେଙ୍ଗବାଇଦ** ***ବି.*** ୧. ବେଙ୍ଗ ଚମଡାରେ ପ୍ରସ୍ତୁତ ଏକପ୍ରକାର ବାଦ୍ୟ ୨. ଏକପ୍ରକାର ଶିଶୁ ଖେଳନା ବାଜା ।

**ବେଙ୍ଗଲା** ***ବି.*** ଧାନ, ମୁଗ, ବିରି ଆଦି ବିଭିନ୍ନ ପ୍ରକାର ଶସ୍ୟ ଝଡ଼ାଇବା ପାଇଁ ଖଳାରେ ପୋତା ଯାଇଥିବା ମେରିଖୁଣ୍ଟରେ ଯୋଚା ହୋଇଥିବା ବଳଦମାନଙ୍କୁ ମେରୁର ଚାରିପଟେ ବୁଲାଇବା ବ୍ୟବସ୍ଥା ।

**ବେଙ୍ଗଲାଇବା, ବେଙ୍ଗୁଲିବା** ***କ୍ରି.*** ବେଙ୍ଗଲା ପକାଇବା ପାଇଁ ମେରିଖୁଣ୍ଟ ଚାରିପାଖେ ବୃତ୍ତାକାରରେ ହଳାମାନ ବା ଭରା ଖୋଲାଇ ବିଛାଇବା ।

**ବେଙ୍ଗଲା ପକାଇବା** ***କ୍ରି.*** ମେରିଖୁଣ୍ଟରେ ଏକାଧିକ ବଳଦ ଯୋଚି ଧାନ ଶସ୍ୟବେରାଗୁଡ଼ିକ ବଳଦଙ୍କଦ୍ୱାରା ମଡ଼ାଇବାପାଇଁ ସେମାନଙ୍କୁ ମେରିର ଚାରିପଟେ ବୁଲାଇବା ।

**ବେଙ୍ଗା** ***ବିଂ.*** ସର୍ଦ୍ଦିଯୋଗୁଁ ଗୋରୁଙ୍କ ଗଳାଫୁଲା ରୋଗ, ଉତ୍ପାଦିକା ଶକ୍ତି ହ୍ରାସ; ***ବି.*** ବିଫଳ ।

**ବେଙ୍ଗିକଉଡ଼ି** ***ବି.*** ସାମୁଦ୍ରିକ ବଡ଼ କଉଡି ବିଶେଷ ।

**ବେଙ୍ଗିଦଉଡ଼ି** ***ବି.*** ବଡ଼ ଦଉଡ଼ି ବିଶେଷ ।

**ବେଙ୍ଗିପିତଳ** ***ବି.*** ନିକୃଷ୍ଟ ଧରଣର ପିତଳ ।

**ବେଙ୍ଗିବଥ** ***ବି.*** ଛୋଟ ପିଲାଙ୍କ ମୁଣ୍ଡ ଓ ବେକରେ ହେଉଥିବା ବଥ ।

**ବେଛପରୀ** ***ବିଂ.*** ୧. ଛପର ହୋଇ ନ ଥିବା ୨. ଗୃହଶୂନ୍ୟ, ଘର ନ ଥିବା ।

**ବେଛାଡ଼** ***ବିଂ.*** ୧. ଅବିରାମ, ଅବିଶ୍ରାନ୍ତ, ଲଗାତର ୨. ବିଶ୍ରାମ ନଥିବା ୩. ଅତିଶୟ କ୍ଳାନ୍ତ ବା ହାଲିଆ ହୋଇଥିବା ।

**ବେଜନ୍ମା** ***ବିଂ.*** ୧. ଜାରଜ ୨. ନୀଚବଂଶଜାତ ।

**ବେଜବାବ** ***ବିଂ.*** ୧. ନିରୁତ୍ତର ୨. ପ୍ରତିଶ୍ରୁତିଲଙ୍ଘନକାରୀ, ଜବାବଭ୍ରଷ୍ଟ ।

**ବେଜବାବି** ***ବିଂ.*** ପ୍ରତିଶ୍ରୁତି ଲଙ୍ଘନକାରୀ, ବାକ୍ୟ ଲଙ୍ଘନ କରୁଥିବା, ଜବାବ୍ ରଖୁନଥିବା ।

**ବେଜାଏ, ବେଜାୟ** ***ବିଂ.*** ୧. ଅତ୍ୟନ୍ତ, ଖୁବ୍, ବହୁଳ, ବିସ୍ତର ୨. ଅପରିମିତ ୩. ଅନୁଚିତ ୪. ବେହିସାବ ।

**ବେଜାର** ***ବିଂ.*** ୧. ବିରକ୍ତ, ବିଜାର୍ ୨. ଭର୍ତ୍ସନାକାରୀ ।

**ବେଜିଡ଼ି** ***ବି. ବିଂ.*** ଅରଜସ୍କା ବା ଅପ୍ରାପ୍ତ ବୟସ୍କା (ବାଳିକା), ହେତୁ ପାଇନଥିବା କନ୍ୟା ।

**ବେଜୁ** ***ବି.*** ୧. ତନ୍ତ୍ରସାଧକ, ଗୁଣିଆ, *ସ୍ତ୍ରୀ.* ବେଜୁଣୀ ୨. ନପୁଂସକ ।

**ବେଞ୍ଚ୍** ***ବି.*** ଗୋଡଲଗା ଅଳ୍ପ ଓସାରିଆ ଲମ୍ବା କାଠ ଆସନ ବିଶେଷ ।

**ବେଞ୍ଜାତ, ବେଞ୍ଜାଟି** ***ବି.*** ମଞ୍ଜୁଆତି, ମେଞ୍ଜେଟ୍, ମେହେନ୍ଦି ଗଛ ଓ ତାର ପତ୍ର ।

**ବେଟା** ***ବି.*** ପୁଅ (*ସ୍ତ୍ରୀ.* ବେଟୀ ) ।

**ବେଟାଇମ୍** ***ବି.*** ଅସମୟ ; ***ବିଂ.*** ନିର୍ଦ୍ଦିଷ୍ଟ ସମୟ ବାହାରେ ।

**ବେଠି** ***ବି.*** ବିନା ବେତନରେ ବାଧ୍ୟତାମୂଳକ ଖଟଣି, ବେଗାରି ।

**ବେଠିଆ** ***ବି.*** ଯେ ବେଠି କରେ, ଯେ ବିନା ପାରିଶ୍ରମିକରେ ଶ୍ରମକରେ (*ସ୍ତ୍ରୀ.* ବେଠିଆଣୀ) ।

**ବେଠିକ୍** ***ବିଂ.*** ୧. ଭୁଲ, ଭ୍ରମଯୁକ୍ତ ୨. ଅନିଶ୍ଚିତ ।

**ବେଠିକଣା** ***ବି.*** ୧. ଭୁଲ୍ ଠିକଣା ୨. ଠିକଣାଶୂନ୍ୟତା ; ***ବିଂ.*** ୧. ଆଶାରହିତ ୨. ସ୍ଥିରତାରହିତ, ଯାହାର ଠିକ୍ ଠିକଣା ନାହିଁ ।

**ବେଡ୍** ***ବି.*** ବିଛଣା, ଖଟ ।

**ବେଡ୍‌ପ୍ୟାନ୍** ***ବି.*** ଶଯ୍ୟାଶାୟୀ ରୋଗୀ ବିଛଣାରେ ଝାଡ଼ା ପରିସ୍ରା ଯିବାପାଇଁ ବ୍ୟବହୃତ ପାତ୍ର ।

**ବେଡ୍‌ଲାଇଟ୍** ***ବି.*** ଶୋଇଲା ଘରେଥିବା ସ୍ତିମିତ ଆଲୁଅ ।

**ବେଡ୍‌ସିଟ୍** ***ବି.*** ବିଛଣାଚଦର ।

**ବେଡ଼ଉଲ** ***ବିଂ.*** ଅସୁନ୍ଦର, ଅଗଢ଼ଣ, ଗଠନ ସୌଷ୍ଠବହୀନ ।

**ବେଡ଼ା** ***ବିଂ.*** ୧. ବୋକା, କଥା ବୁଝିପାରୁନଥିବା ୨. ମାନସିକ ଅନଗ୍ରସର ।

**ବେଡ଼ି** ***ବି.*** ଶାଙ୍କୁଳି, ହାତ ଓ ଗୋଡ଼ରେ ବନ୍ଧାଯିବା ଲୁହାକଡ଼ା ।

**ବେଡ଼ିଙ୍ଗ୍** ***ବି.*** ବିଛଣାପତ୍ର ।

**ବେଢ଼** ***ବି.*** ୧. ଘେର, ପରିଧି, ବେଷ୍ଟନ ୨. ବାଡ଼ା, ବାଡ଼ବନ୍ଦି ୩. ଶ୍ରୀମନ୍ଦିରରେ ବୃତ୍ତାକାର ପଡୁଥିବା ସେବକମାନଙ୍କ ପାଳି ।

**ବେଢ଼ଙ୍ଗ, ବେଢ଼ପ** ***ବିଂ.*** ସୌଷ୍ଠବହୀନ, ଅସୁନ୍ଦର, ବେଗଢ଼ଣ, ବେଡଉଲ, ଢଙ୍ଗରଙ୍ଗହୀନ ।

**ବେଢ଼ଙ୍ଗିଆ, ବେଢ଼ଙ୍ଗା** ***ବିଂ.*** ୧. ସୌଷ୍ଠବହୀନ ୨. ଅସୁନ୍ଦର ୩. ଅଶ୍ଳୀଳ ।

**ବେଢ଼ଣ, ବେଢ଼ାଣ** ***ବି.*** ନାରୀ ପିନ୍ଧା ଛୋଟଲୁଗା, ବେହରଣ ।

**ବେଢ଼ା** ***ବି.*** ୧. ଦେଉଳ ଚାରିପାଖର ପାଚେରି ୨. ଦେଉଳ ପରିସର ମଧ୍ୟରେ ଚାରିପଟେ ପରିକ୍ରମା ପାଇଁ ଥିବା ପ୍ରଶସ୍ତ ସ୍ଥାନ ୩. ବେଷ୍ଟନ, ଘେରା ; ***ବିଂ.*** ବେଷ୍ଟିତ ।

**ବେଢ଼ା ପରିକ୍ରମା** ***ବି.*** ଦେବତାଦର୍ଶନ ପୂର୍ବରୁ ବା ପରେ ବେଢା ମଧ୍ୟରେ ପ୍ରଦକ୍ଷିଣ କରି ଦକ୍ଷିଣାବର୍ତ୍ତ ବୁଲିବା ।

**ବେଢ଼ିବା** ***କ୍ରି.*** ବେଷ୍ଟନ କରିବା, ଘେରିବା ।

**ବେଢ଼ିହେବା** ***କ୍ରି.*** ୧. ଘୋଡେଇ ହେବା ୨. ଘେରେଇ ହେବା ।

**ବେଣା** ***ବି.*** ଉଶୀର, ତୃଣ ବିଶେଷ-ଯାହାର ଚେର ସୁଗନ୍ଧିତ, ଖସ୍‌ଖସ୍ ।

**ବେଣାଚେର** ***ବି.*** ଖସଖସ ବା ଉଶୀରର ଚେର ।

**ବେଣି** ***ବି.*** ୧. କୁଟାରେ ବୁଣା ମୋଡା ୨. ନିଆଁବରିଆ (ବଡିଆ) ।

**ବେଣୀ** ***ବି.*** ୧. ବଳା ହୋଇଥିବା କେଶପାଶ ୨. ଜଳପ୍ରବାହ ୩. ଦୁଇ ତାରଯୁକ୍ତ ବାଦ୍ୟ ବିଶେଷ ।

**ବେଣୁ** ***ବି.*** ୧. ସରୁ ବାଉଁଶ ତିଆରି ଫୁଙ୍କା ବାଦ୍ୟ ବିଶେଷ, ବଂଶୀ ୨. ବାଉଁଶ ।

**ବେଣୁକ** ***ବି.*** ସେକା ବାଉଁଶ କଣିରେ ତିଆରି ବାଡ଼ି, ପାଞ୍ଚଣ ବାଡ଼ି ।

**ବେଣୁବାଦକ** ***ବି.ବିଂ.*** ବଂଶୀବଜାଳି, ବଂଶୀବାଦକ ।

**ବେଣ୍ଟ** ***ବି.*** ୧. କଇଁ ନାଡ଼, ପଦ୍ମନାଡ଼ ୨. କଇଁ ବା ପଦ୍ମଫୁଲର ପରିଣତ ବୀଜକୋଷ ୩. ଅସ୍ତ୍ରାଦିର ମୁଠା ୪. ଚଟୁ ବା ଅଣକରେ ଲାଗିଥିବା ବାଉଁଶ ବା କାଠର ଦଣ୍ଡ ୫. ପାରିଧି, ଶିକାର ।

**ବେଣ୍ଟକାର** ***ବି.*** ବ୍ୟାଧ, ଶିକାରୀ ।

**ବେଣ୍ଟପୋଖରୀ** ***ବି.*** କଇଁ ଓ ପଦ୍ମଫୁଲ ପରିପୂର୍ଣ୍ଣ ପୋଖରୀ ।

**ବେଣ୍ଟି** ***ବି.*** ୧. ମୁଣ୍ଡ ମଝିରେ ଥିବା ଲମ୍ବା କେଶଗୁଚ୍ଛର ଚାରିପଟେ ରଖାଯାଇଥିବା କେଶାବଳିର ବେଷ୍ଟନୀ ୨. ଓଳିଆ ବନ୍ଧା ପାଳଦଉଡ଼ି ୩. ଧାନ ଶିସାର ସଜ୍ଜିତ ଗୁଚ୍ଛ ।

**ବେଣ୍ଟୁଆ, ବେଣ୍ଟୁଲା** ***ବି.*** ୧. ଛୋଟ ବେଣ୍ଟଯୁକ୍ତ ଧାନକଢା କାଠପାତ୍ର ୨. ଡଙ୍ଗାରେ ଜମିଥିବା ପାଣିକୁ କାଢି ଫିଙ୍ଗିବାରେ ବ୍ୟବହୃତ କାଠର ପାତ୍ର ।

**ବେତ** ***ବି.*** ୧. ବେତସ ବା ବେତ୍ରଲତା ୨. ବେତ୍ରାଘାତ ୩. ବେତ୍ରଦଣ୍ଡ ।

**ବେତନ** ***ବି.*** କାମ ବା ପରିଶ୍ରମ ବାବଦ ପାଉଣା, ଦରମା, ମଜୁରି, ପାରିଶ୍ରମିକ, ବର୍ତ୍ତନ ।

**ବେତନଖିଆ** ***ବିଂ.*** ଦରମା ପାଉଥିବା ବ୍ୟକ୍ତି ।

**ବେତସ** ***ବି.*** ବେତଲତା ।

**ବେତା** ***ବି.*** ୧. ବେତବୁଣା ବଡ଼ ଟୋକେଇ ୨. ଧାନମରେଇ ।

**ବେତାର** ***ବିଂ.*** ବିନା ତାରରେ ଯାହା ସାଧିତ ହୁଏ, ତାରବିହୀନ ; ***ବି.*** ବେତାର ଯନ୍ତ୍ର, ରେଡିଓ ।

**ବେତାରବାର୍ତ୍ତା** ***ବି.*** ତାରର ବିନା ସାହାଯ୍ୟରେ ପ୍ରେରିତ ଖବର, ରେଡ଼ିଓରେ ପ୍ରଚାରିତ ସମ୍ବାଦ ପ୍ରଭୃତି ।

**ବେତାର ଯନ୍ତ୍ର** ***ବି.*** ଯେଉଁ ଯନ୍ତ୍ରଦ୍ୱାରା ବିନା ତାରରେ ଦୂରବର୍ତ୍ତୀ ସ୍ଥାନକୁ ଖବରାଦି ପଠାଯାଏ ଓ ଗ୍ରହଣ କରାଯାଏ, ରେଡ଼ିଓ ।

**ବେତାଳ** ***ବି.*** ୧. ତାଳଭଙ୍ଗ (ସଂଗୀତାଦିରେ) ୨. ଶିବଙ୍କ ଅନୁଚର ବିଶେଷ ୩. ଭୂତାବିଷ୍ଟ ଶବ, ମୃତ ଦେହାଶ୍ରୟୀ ପ୍ରେତ ।

**ବେତାଳସିଦ୍ଧି** ***ବି.*** କଥିତ ବେତାଳକୁ ଆଜ୍ଞାଧୀନ କରିବାର ଶକ୍ତି ହାସଲ ।

**ବେତାଳିଆ** ***ବିଂ.*** ୧. ସଙ୍ଗୀତର ତାଳଜ୍ଞାନହୀନ ୨. ଯେ କୌଣସି ନିୟମ ମାନି ଚଳେ ନାହିଁ ୩. ଅପ୍ରାସଙ୍ଗିକ, ବେଖାପ, ଅନୁପଯୁକ୍ତ ।

**ବେତୁଆ** ***ବିଂ.*** ବେତ୍ରଧାରୀ, ଯେ ବେତ ଧରିଥାଏ ; ***ବି.*** ବେତ୍ରଧାରୀ ପାଇକ ବା ଦ୍ୱାରପାଳ ।

**ବେତୁରିବା** ***କ୍ରି.*** ଖପର ବା ଚାଳଘରର ରୁଅ ଉପରେ ବତା ଛାଆଣି କରିବା ।

**ବେତୁଲି(ଲି)** ***ବି.*** ବେତ ବୁଣା ଛୋଟ ଟୋକେଇ ।

**ବେତେଇବା** ***କ୍ରି.*** ୧. ବେତରେ ପିଟିବା ୨. ବେତପରି ନଇଁଯିବା ।

**ବେତ୍ତା** ***ବିଂ.*** ଜ୍ଞାନସମ୍ପନ୍ନ, ଅଭିଜ୍ଞ ।

**ବେତ୍ର** ***ବି.*** ୧. ବେତ ୨. ବେତଲତା ୩. ବେତବାଡ଼ି ।

**ବେତ୍ରଦଣ୍ଡ** ***ବି.*** ୧. ବେତବାଡ଼ି ୨. ଶାସ୍ତି ରୂପେ ବେତମାଡ଼ ।

**ବେତ୍ରଧର** ***ବି.*** ଦ୍ୱାରପାଳ, ଯେ ବେତବାଡ଼ି ଧରେ ।

**ବେତ୍ରାଘାତ** ***ବି.*** ବେତମାଡ଼, ବେତରେ ପ୍ରହାର ।

**ବେତ୍ରାସନ** ***ବି.*** ବେତର ମୋଡ଼ା ବା ଚୌକି ।

**ବେଥାନ** ***ବି.*** ଅଥାନ, ଦେହର ମର୍ମସ୍ଥାନ ।

**ବେଦ** ***ବି.*** ୧. ଋକ, ଯଜୁଃ, ସାମ ଓ ଅଥର୍ବ –ଏହି ଚାରି ଭାଗରେ ବିଭକ୍ତ ଭାରତର ପ୍ରାଚୀନ ଶାସ୍ତ୍ର ୨. ଜ୍ଞାନ (***ବିଂ.*** ବୈଦିକ) ।

**ବେଦଖଲ** ***ବିଂ.*** ଅଧିକାରଚ୍ୟୁତ, ସ୍ୱାମିତ୍ୱହୀନ ; ***ବି.*** ଅନ୍ୟାୟ ଭାବରେ ଅଧିକାର କାଢ଼ିନେବା ।

**ବେଦଖଲି** ***ବି.*** ଉଚ୍ଛେଦ, ଦଖଲହୀନତା ।

**ବେଦଖଲୀ** ***ବିଂ.*** ଅନ୍ୟାୟଭାବରେ ଅଧିକୃତ ।

**ବେଦ ଜନନୀ** ***ବି.*** ୧. ଗାୟତ୍ରୀ ୨. ଦୁର୍ଗା, ବେଦମାତା ୩. ସରସ୍ୱତୀ ନଦୀ ।

**ବେଦଜ୍ଞ** ***ବିଂ.*** ଯେ ବେଦ ଜାଣେ, ବେଦବିତ୍ ।

**ବେଦନ** ***ବି.*** ୧. ବୋଧ, ଗଭୀର ଅନୁଭୂତି ୨. ବ୍ୟଥା, ଯନ୍ତ୍ରଣା, ଦୁଃଖ, ମନସ୍ତାପ ୩. ସମବେଦନା, ମମତ୍ୱବୋଧ ୪. ବିବାହ ୫. ଉପହାର, ଉପଢ଼ୌକନ ।

**ବେଦନା** ***ବି.*** ବ୍ୟଥା, ଯନ୍ତ୍ରଣା, ଦୁଃଖ, ମନସ୍ତାପ ।

**ବେଦନୀୟ** ***ବିଂ.*** ଜ୍ଞେୟ, ଜ୍ଞାତବ୍ୟ, ଯାହା ଜାଣିବା ଉଚିତ ।

**ବେଦବିତ୍** ***ବିଂ.*** ବେଦରେ ଅଭିଜ୍ଞ, ବେଦରେ ପାରଙ୍ଗମ ।

**ବେଦବ୍ୟାସ** ***ବି.*** ମହାଭାରତର ରଚୟିତା, ବ୍ୟାସମୁନି, ମହର୍ଷି ଦ୍ୱୈପାୟନ ।

**ବେଦମ୍** ***ବିଂ.*** ୧. ଅଣନିଃଶ୍ୱାସୀ, ଊର୍ଦ୍ଧ୍ୱଶ୍ୱାସ ୨. ଅବସର ରହିତ, ବିରାମହୀନ ।

**ବେଦରକାରୀ** ***ବିଂ.*** ଅନାବଶ୍ୟକ, ଅଦରକାରୀ ।

**ବେଦରଦୀ** ***ବିଂ.*** ନିର୍ଦ୍ଦୟ, ସହାନୁଭୂତିହୀନ ।

**ବେଦଳୀୟ** ***ବିଂ.*** ଭିନ୍ନ ଦଳର ଅନ୍ତର୍ଭୁକ୍ତ ବା ସମ୍ପର୍କିତ ।

**ବେଦସ୍ତୁର** ***ବିଂ.*** ରୀତିବିରୁଦ୍ଧ, ପ୍ରଥା ବାହାରେ ।

**ବେଦାଗମ** ***ବି.*** ବେଦ ଓ ଆଗମ ଶାସ୍ତ୍ର ।

**ବେଦାଙ୍ଗ** ***ବି.*** ଶିକ୍ଷା, କଳ୍ପ, ବ୍ୟାକରଣ, ନିରୁକ୍ତ, ଛନ୍ଦଃ, ଜ୍ୟୋତିଷ – ବେଦର ଆନୁଷଙ୍ଗିକ ଏହି ଛଅ ପ୍ରକାର ଶାସ୍ତ୍ର ।

**ବେଦାନା** ***ବି.*** ଡାଳିମ୍ବ ଜାତୀୟ ଫଳ ବିଶେଷ ।

**ବେଦାନ୍ତ** ***ବି.*** ବେଦର ଶେଷଭାଗ, ଜ୍ଞାନକାଣ୍ଡ, ଉପନିଷଦ (ବେଦବ୍ୟାସ ରଚିତ ଦର୍ଶନଶାସ୍ତ୍ରାଦି ବେଦାନ୍ତର ଅନ୍ତର୍ଗତ) ; ***ବିଂ.*** ଦାନ୍ତହୀନ ।

**ବେଦାନ୍ତୀ** ***ବିଂ.*** ୧. ବେଦାନ୍ତବାଦୀ, ଯେ ବେଦାନ୍ତ ଦର୍ଶନରେ ବିଶ୍ୱାସୀ ୨. ଦନ୍ତହୀନ ।

**ବେଦାଭ୍ୟାସ** ***ବି.*** ବେଦର ଅଧ୍ୟୟନ, ବିଚାର, ଅନୁଶୀଳନ, ଜପ, ଅଧ୍ୟାପନ–ଏହି ପଞ୍ଚ କର୍ମ ।

**ବେଦାଶ୍ରୟ** ***ବି.*** ବିଷ୍ଣୁ ।

**ବେଦି, ବୈଦିକା, ବେଦୀ** ***ବି.*** ୧. ଯଜ୍ଞ, ପୂଜା, ମଙ୍ଗଳ କର୍ମ ପ୍ରଭୃତି ଅନୁଷ୍ଠାନ ନିମିତ୍ତ ପ୍ରସ୍ତୁତ ଚାରିକୋଣିଆ ଉଚ୍ଚଭୂମି ୨. ମଞ୍ଚ, ପୀଠ ।

**ବେଦିତ** ***ବିଂ.*** ଜ୍ଞାପିତ, ନିବେଦିତ ।

**ବେଦୀ** ***ବି.*** ୧. ପୀଠ, ମଞ୍ଚ ୨. ବେଦିକା ; ***ବିଂ.*** ବେତ୍ତା, ଜ୍ଞାତା, ପଣ୍ଡିତ, ବେଦଜ୍ଞ ।

**ବେଦୁଇନ** ***ବି.*** ଆରବର ଯାଯାବର ବା ଭ୍ରାମ୍ୟମାଣ ଜାତି ।

**ବେଦ୍ୟ** ***ବିଂ.*** ଜ୍ଞେୟ, ଜ୍ଞାତବ୍ୟ ।

**ବେଧ** ***ବିଂ.*** ୧. ଜାରଜ, ଅବୈଧ ୨. ସାମାଜିକ ସ୍ୱୀକୃତି ନ ଥିବା; ***ବି.*** ୧. ସ୍ୱାମୀ ଭିନ୍ନ ଅନ୍ୟ ପୁରୁଷ ସଙ୍ଗମ ୨. ବ୍ୟଭିଚାରିଣୀ ନାରୀ ୩. ରନ୍ଧ୍ର, କଣା ।

**ବେଧକ** ***ବିଂ.*** ବିଦ୍ଧକାରକ, ଛିଦ୍ରକାରକ ; ***ବି.*** ୧. ଧଣିଆ ୨. କର୍ପୂର ୩. ଗର୍ଭିତ ଧାନ୍ୟଗୁଳ୍ମ ।

**ବେଧଡକ** ***ବିଂ.*** ୧. ନିଶ୍ଚିନ୍ତ, ନିର୍ଭୟ ୨. ବେଜାୟ, ଅପରିମିତ ; ***କ୍ରି.ବିଂ.*** ନିଶ୍ଚିନ୍ତରେ, ଭୟ ନକରି ।

**ବେଧନ** ***ବି.*** ବିଦ୍ଧକରଣ, ଭେଦନ, ବିନ୍ଧିବା, ଫୋଡ଼ିବା ।

**ବେଧନିକା,ବେଧନୀ** ***ବି.*** ୧. ବଢ଼େଇର ଭଅଁର, ବେଧୁଣି ୨. ସୁଜା, ଫୋଡଣି ୩. ଛୁଞ୍ଚି ।

**ବେଧନୀୟ** ***ବିଂ.*** ଭେଦନଯୋଗ୍ୟ ।

**ବେଧ ପକାଇବା** ***କ୍ରି.*** ନାରୀର ଅନୈତିକ ସନ୍ତାନ ଜନ୍ମ କରିବା, ଅନୈତିକ ଗର୍ଭାଧାନ ହେବା ।

**ବେଧବୁଜୁଳା** ***ବି.*** ୧. ଅଦରକାରୀ ବୋଝ ୨. ଅମର୍ଯ୍ୟାଦାକର ଗର୍ଭ ।

**ବେଧା** ***ବିଂ.*** ବେଧୁଆ (*ସ୍ତ୍ରୀ.* ବେଧେଇ) ।

**ବେଧାରା** ***ବି.*** ବେନିୟମ ; ***ବିଂ.*** ରୀତିବିରୁଦ୍ଧ ।

**ବେଧିତ** ***ବିଂ.*** ଯହିଁରେ ଛିଦ୍ର କରାଯାଇଛି ।

**ବେଧୀ** ***ବିଂ.*** ଯେ ବିଦ୍ଧ କରେ, ଲକ୍ଷ୍ୟଭେଦୀ ।

**ବେଧୁଆ** ***ବି.*** ଲମ୍ପଟ, ଅନୁଚିତ ଯୌନସମ୍ଭୋଗୀ ପୁରୁଷ;(*ସ୍ତ୍ରୀ.* ବେଧେଇ) ।

**ବେଧ୍ୟ** ***ବିଂ.*** ୧. ଭେଦ୍ୟ, ବେଧନଯୋଗ୍ୟ ୨. ଲକ୍ଷ୍ୟ, ଶରବ୍ୟ ।

**ବେନଜର** ***ବି.*** ତତ୍ତ୍ୱାବଧାନର ଅଭାବ ।

**ବେନ୍‌ଜୁ** ***ବି.*** ବେଞ୍ଜୋ, ବୁଲ୍‌ବୁଲ୍, ଏକ ପ୍ରକାର ତାର ବାଦ୍ୟ ।

**ବେନାମ** ***ବି.*** ପ୍ରକୃତ ମାଲିକର ନାମ ବଦଳରେ ବ୍ୟବହୃତ ଅନ୍ୟ ବ୍ୟକ୍ତିର ନାମ ।

**ବେନାମଦାର, ବେନାମିଦାର** ***ବିଂ.ବି.*** ଯେ ପ୍ରକୃତ ମାଲିକ ନୁହେଁ, କିନ୍ତୁ ମାଲିକ ବୋଲି ଲିଖିତ ।

**ବେନାମି** ***ବି.*** ୧. ମାଲିକ ଭିନ୍ନ ଅପର ବ୍ୟକ୍ତିର ନାମ ବ୍ୟବହାର ୨. ଅନାମ ।

**ବେନାମୀ** ***ବିଂ.*** ୧. ନାମ ବିହୀନ ବା ପରିଚୟହୀନ ୨. ଛଦ୍ମ ନାମରେ ଲେଖା ବା ପ୍ରଚାରିତ ।

**ବେନି** ***ବି.*** ୧. ଦୁଇ, ଯୁଗ୍ମ, ଉଭୟ, ଯୋଡ଼ି ୨. ଦୁଇ ସଂଖ୍ୟକ ୩. ବେଣୀ ।

**ବେନିଅତ, ବେନିୟତ** ***ବି.*** ଗଭୀରନିଷ୍ଠା ବା ଆସ୍ଥାର ଅଭାବ ।

**ବେନିୟମ** ***ବି.*** ଅନିୟମ; ***ବିଂ.*** ନିୟମବିରୁଦ୍ଧ, ବିଧିବହିର୍ଭୂତ ।

**ବେନୁଆ** ***ବି.*** ୧. କଙ୍କି, ପାଟ୍‌ପନିଆ, ଫିରଫିରି, ସୁତାଚୋର ୨. ମାଙ୍କଡ ।

**ବେନ୍ଦରା** ***ବି.*** ହରଗଉରା ଗୁଳ୍ମ ଓ ତାର ଫୁଲ; ***ବିଂ.*** କୁରୂପ ।

**ବେନ୍ଦରି** ***ବିଂ.*** କୁରୂପା, କୁତ୍ସିତ ଦେଖାଯାଉଥିବା (ସ୍ତ୍ରୀ) ।

**ବେନ୍ଧା** ***ବି.*** ବାଉଁଶ କାଠିରେ ବୁଣା ମାଛଧରା ଜାଲ ।

**ବେପଥୁ** ***ବି.*** କମ୍ପ, କମ୍ପନ, ଦେହ ଥରିବା ।

**ବେପନ** ***ବି.*** ୧. କମ୍ପନ ୨. ବାତବ୍ୟାଧି (*ବିଂ.* ବେପମାନ) ।

**ବେପରଦା,ବେପର୍ଦା** ***ବିଂ.*** ୧. ଖୋଲା, ମେଲା ୨. ସମ୍ଭ୍ରମଶୂନ୍ୟ ୩. ଆପତ୍ତିକର ଭାବେ ପ୍ରକାଶ୍ୟ ।

**ବେପରବା, ବେପରବାୟ, ବେପରୁଆ, ବେପରେଇ** ***ବିଂ.*** ୧. ନିର୍ଭୟ ୨. ନିଶ୍ଚିନ୍ତ ୩. ଭବିଷ୍ୟତ ସମ୍ପର୍କରେ ଉଦାସୀନ ।

**ବେପସନ୍ଦ** ***ବିଂ.*** ଅମନୋନୀତ, ଅପସନ୍ଦ, ଯାହା ପସନ୍ଦଯୋଗ୍ୟ ନୁହେଁ ।

**ବେପାର** ***ବି.*** ୧.ବ୍ୟବସାୟ, କିଣାବିକା କାରବାର, ବାଣିଜ୍ୟ ୨. ପେସା ୩. କାର୍ଯ୍ୟ, ପାଇଟି ।

**ବେପାରୀ** ***ବିଂ.*** ବ୍ୟବସାୟୀ ; ***ବି.*** ୧. ସଉଦାଗର, ବଣିକ ୨. ଏକ ପ୍ରକାର ଜାତି ।

**ବେଫାଇଦା, ବେଫାଏଦା** ***ବିଂ.*** ୧. ଲାଭଶୂନ୍ୟ, ବ୍ୟର୍ଥ ୨. ନିରର୍ଥକ, ଅକାରଣ ।

**ବେଫିକର** ***ବିଂ.*** ଫୁଲାଫାଙ୍କା, ଭବିଷ୍ୟତ ସମ୍ପର୍କରେ ଚିନ୍ତାଶୂନ୍ୟ ।

**ବେବନ୍ଦୋବସ୍ତ** ***ବି.*** ୧. ଅବ୍ୟବସ୍ଥା, ବିଶୃଙ୍ଖଳା, ବିଶୃଙ୍ଖଳ ଅବସ୍ଥା ୨. ଯେଉଁ ମାହାଲରେ ବନ୍ଦୋବସ୍ତ କାର୍ଯ୍ୟ ହୋଇ ନାହିଁ ।

**ବେବରାଦ** ***ବି.*** ୧. ଯାହା ବରାଦ ହୋଇନାହିଁ ୨. ଅବ୍ୟବସ୍ଥା ।

**ବେବରାଦିଆ,ବେବରାଦୀ** ***ବିଂ.*** ୧. ଆଗରୁ ବରାଦ ଦିଆଯାଇ ନ ଥିବା ୨. ବ୍ୟବସ୍ଥାହୀନ ।

**ବେବର୍ଗା,ବେବର୍ଗିଆ** ***ବିଂ.*** ୧. ଅବାଗିଆ, ସୌଷ୍ଠବହୀନ, ଅବର୍ଗିଆ ୨. ଅସୁନ୍ଦରିଆ, ଅଭବ୍ୟ ।

**ବେବର୍ତ୍ତା** ***ବି.*** ୧. ବ୍ୟବହର୍ତ୍ତା, ତତ୍ତ୍ୱାବଧାରକ କର୍ମଚାରୀ ୨. ରାଜଦତ୍ତ ଉପାଧିବିଶେଷ ।

**ବେବସା** ***ବି.*** ବେଉସା, ପେସା, ବ୍ୟବସାୟ ।

**ବେଭାର** ***ବି.*** ୧. ସ୍ୱଭାବ, ବ୍ୟବହାର, ଆଚରଣ ୨. ପ୍ରଥା ୩. ବେପାର ୪. ବନ୍ଧୁଘରକୁ ଦିଆଯିବା ଉପଢୌକନ ୫. ସାଂସାରିକ ବିଷୟ କର୍ମ ୬. କୁଳମର୍ଯ୍ୟାଦା ; ***ବିଂ.*** ଉଚିତ ।

**ବେଭାରୀ** ***ବିଂ.*** ୧.ବେପାରକାରୀ ୨. ବିଷୟବୁଦ୍ଧିସମ୍ପନ୍ନ ; ***ବି.*** ସାମାଜିକ ଅନୁଷ୍ଠାନ ପ୍ରଭୃତିରେ ଦେଖାଶୁଣା କରୁଥିବା ବ୍ୟକ୍ତି ।

**ବେମ, ବେମା** ***ବି.*** ମାକୁ, କଣ୍ଡା, ତନ୍ତ ।

**ବେମଜଭୁତ** ***ବିଂ.*** ଯାହା ମଜଭୁତ ନୁହେଁ, ଅଦୃଢ଼, ଅଦୀର୍ଘସ୍ଥାୟୀ (*ବି.* ବେମଜଭୂତି) ।

**ବେମଞ୍ଜୁର** ***ବିଂ.*** ନାମଞ୍ଜୁର, ଅଗ୍ରାହ୍ୟ ହୋଇଥିବା ।

**ବେମଞ୍ଜୁରି** ***ବି.*** ମଞ୍ଜୁରି ପାଇ ନ ଥିବା ବା ସ୍ୱୀକୃତି ପାଇନଥିବା ଅବସ୍ଥା ।

**ବେମତଲବ** ***ବି.*** ଅକାରଣ ; ***କ୍ରି.ବିଂ.*** ଅଯଥା ।

**ବେମରାମତ** ***ବିଂ.*** ଯାହା ମରାମତ ହୋଇନଥାଏ , ଯା'ର ଜୀର୍ଣ୍ଣାବସ୍ଥାର ସଂସ୍କାର ହୋଇ ନ ଥାଏ ।

**ବେମରାମତି** ***ବି.*** ମରାମତ ହୋଇ ନ ଥିବା ଅବସ୍ଥା; ଜୀର୍ଣ୍ଣ ବା ସଂସ୍କାର କରାଯାଇନଥିବା ଅବସ୍ଥା ।

**ବେମହତିଆ** ***ବିଂ.*** ବେଇଜ୍ଜତ, ସମ୍ଭ୍ରମଶୂନ୍ୟ, ଅସମ୍ମାନପୂର୍ଣ୍ଣ, ମାନମହତ ନଥିବା ।

**ବେମାର** ***ବି.*** ରୋଗ, ପୀଡ଼ା ; ***ବିଂ.*** ରୋଗଗ୍ରସ୍ତ ।

**ବେମାରି** ***ବି.*** ୧. ରୋଗ ୨. ଖରାପ ଅଭ୍ୟାସ, କୁଅଭ୍ୟାସ ।

**ବେମାରିଆ** ***ବିଂ.*** ରୋଗିଣା, ରୁଗ୍‌ଣ, ପୀଡ଼ିତ, ରୋଗଗ୍ରସ୍ତ ।

**ବେମାଲୁମ** ***ବିଂ*** ଅଜଣା, ଅଜ୍ଞାତ, ଅଗୋଚର ; ***କ୍ରି.ବିଂ*** ଅଜଣାରେ, ଅଗୋଚରରେ, ଅଜ୍ଞାତରେ ।

**ବେମୁରବୀ** ***ବିଂ*** ୧. ଅଭିଭାବକଶୂନ୍ୟ, ଗାର୍ଜନବିହୀନ ୨. ଉଚ୍ଛୃଙ୍ଖଳ ।

**ବେରଙ୍ଗ** ***ବି.*** ୧. ଅନ୍ୟରଙ୍ଗ ୨.(ତାସରେ) ଡାକ ରଙ୍ଗର ବାହାର ରଙ୍ଗ (***ବିଂ*** ବେରଙ୍ଗୀ) ; ***ବିଂ*** ରଙ୍ଗହୀନ, ବିବର୍ଣ୍ଣ, (ତାସରେ) ରଙ୍ଗବହିର୍ଭୂତ ।

**ବେରଲ୍** ***ବିଂ*** କର୍କଶ (ସ୍ୱର) ; ***ବି.*** ଅକଥା ।

**ବେରସିକ** ***ବିଂ*** ଅରସିକ, ରସଜ୍ଞାନ ବିବର୍ଜିତ, ରସଭଙ୍ଗକାରୀ ।

**ବେରିଙ୍ଗ୍** ***ବି.*** ନିର୍ଦ୍ଧାରିତ ଡାକଟିକେଟ୍ ନ ଥିବା ଚିଠି ।

**ବେରିବେରି** ***ବି.*** ପୁଷ୍ଟିସାର ଅଭାବ ଯୋଗୁଁ ସୃଷ୍ଟ ରୋଗ, ଶୋଥ ଜାତୀୟ ରୋଗ ବିଶେଷ ।

**ବେରୁଆଁ, ବେଢୁଆଁ** ***ବି.*** ଜଳଜ ଲମ୍ବା ତୃଣ ଯେଉଁଥିରେ ହେଁସ ମୁନ୍ଦୁରା ବୁଣାଯାଏ ।

**ବେରୂପ** ***ବି.ବିଂ.*** ବିରୂପ, କୁରୂପ, କୁତ୍ସିତ ରୂପ, ମ୍ଲାନରୂପ ।

**ବେରୋଜଗାର** ***ବି.*** ସ୍ଥାୟୀ ଆୟ ନଥିବା ।

**ବେରୋଜଗାରିଆ, ବେରୋଜଗାରୀ** ***ବିଂ*** ବେକାର, ଆୟଶୂନ୍ୟ ।

**ବେଳ** ***ବି.*** ୧. ସମୟ, କାଳ ୨. ଠିକ୍ ସମୟ, ଯଥାକାଳ ୩. ଅନୁକୂଳ ସମୟ, ବେଳା ୪. ପାଗଯୋଗ ୫. ବାର, ଥର ୬. ଫୁରସତ, ଅବସର ୭. ଦିନ ୮. ସୂର୍ଯ୍ୟ ୯. ଓଳି ।

**ବେଳକାଳ** ***ବି.*** ୧. ସମୟ ୨. ଠିକ୍ ସମୟ, ଉପଯୁକ୍ତ ସମୟ ।

**ବେଳବସା** ***ବି.*** ସନ୍ଧ୍ୟାକାଳ, ବେଳବୁଡ଼ ।

**ବେଳବୁଡ଼** ***ବି.*** ସନ୍ଧ୍ୟା, ସୂର୍ଯ୍ୟାସ୍ତ ସମୟ, ବେଳବସା, ସନ୍ଧ୍ୟାକାଳ ।

**ବେଳରତରତ** ***ବି.*** ଗୋଧୂଳି ବେଳ, ଆସନ୍ନ ସନ୍ଧ୍ୟା ।

**ବେଳସୁଁ** ***କ୍ରି.ବିଂ*** ବେଳହୁଁ, ପ୍ରଥମରୁ, ସହଳ, ଆଗହୁଁ ।

**ବେଳା** ***ବି.*** ୧. ପ୍ରହର, ଓଳି ୨. ସମୟ ୩. ଉପଯୁକ୍ତ ସମୟ, ଅନୁକୂଳ କାଳ ୪. କାଳ ବିଭାଗ ୫. ସୀମା ୬. ନଦୀ ବା ସମୁଦ୍ରର ତୀର ।

**ବେଳାବେଳି** ***କ୍ରି.ବିଂ*** ସହଳ, ଶୀଘ୍ର, ନିର୍ଦ୍ଧାରିତ ସମୟର କିଛି ପୂର୍ବରୁ ।

**ବେଳାଭୂମି** ***ବି.*** ସମୁଦ୍ରର ତଟଦେଶ ବା କୂଳଭୂମି ।

**ବେଳିକିଆ** ***ବିଂ*** ୧. ଏକ ଓଳିକିଆ ୨. ପ୍ରେତକର୍ମରେ ଦିନକୁ ମାତ୍ର ଥରେ ଭୋଜନ ହେଉଥିବା ; ***ବି.*** ତିକ୍ତାନ୍ନ ।

**ବେଲ୍** ***ବି.*** ୧. ପିଟାଘଣ୍ଟା ୨. ଜାମିନ ୩. ଘଣ୍ଟି ।

**ବେଲ** ***ବି.*** ବିଲ୍ୱଫଳ ଓ ତାର ଗଛ ।

**ବେଲଜ୍ଜା, ବେଲାଜୁକ** ***ବିଂ*** ୧. ଅଲାଜୁକ, ନିର୍ଲଜ୍ଜ ୨. ଲଜ୍ଜାଜନକ (***ସ୍ତ୍ରୀ.*** ବେଲଜ୍ଜୀ, ବେଲାଜୁକୀ) ।

**ବେଲଣ** ***ବି.*** ବେଲିବା କାର୍ଯ୍ୟ ।

**ବେଲଣା, ବେଲଣାଚକି, ବେଲଣାପେଡ଼ି** ***ବି.*** ରୁଟି ବେଲିବାରେ ବ୍ୟବହୃତ ଗୋଲାକାର ଫଳକ ବା ପୀଠ, ପିଢ଼ି ।

**ବେଲଣାକାଠି** ***ବି.*** ରୁଟି, ଲୁଚି ପ୍ରଭୃତି ବେଲିବାରେ ବ୍ୟବହୃତ ରୋଲ ବାଡ଼ି ପରି ଗୋଲ ଓ ଅଳ୍ପ ଲମ୍ବର କାଠଦଣ୍ଡ ।

**ବେଲା** ***ବି.*** ୧. ବେଲିବା କାର୍ଯ୍ୟ ୨. ବଡ଼କଂସା ୩. ଡଙ୍କି ବା ଚଟୁ ; ***ବିଂ*** ବେଲା ହୋଇଥିବା ।

**ବେଲି** ***ବି.*** ୧. ନବଜ, ରସିକତା, ପରିହାସ ୨. ଛଟା, ଛଳନା ୩. ଛୋଟ ବେଲା, ଅଧବେଲି ।

**ବେଲିଆ** ***ବିଂ*** କୌତୁକକାରୀ, ନବଜିଆ, ଛଳନାକାରୀ, ରସିକ (ସ୍ତ୍ରୀ. ବେଲେଇ) ।

**ବେଲିଙ୍ଗି** ***ବି.*** ଛଇ, ଛଟକ ।

**ବେଲିବା** ***କ୍ରି*** ମଇଦା, ଅଟା ପ୍ରଭୃତିର ଗୁଳାକୁ ବେଲଣା ପେଡ଼ିରେ ରଖି ବେଲଣାକାଠିରେ ଚାପି କ୍ରମେ ପତଳା କରିବା ବା କୌଣସି ନିର୍ଦ୍ଦିଷ୍ଟ ଆକୃତିକୁ ଆଣିବା ।

**ବେଲୁନ** ***ବି.*** ୧. ଗ୍ୟାସଭରା ରବର ମୁଣା, ଫୁଙ୍କା ୨. ଗ୍ୟାସ ଚାଳିତ ବ୍ୟୋମଯାନ ବିଶେଷ, ଫାନୁସ ।

**ବେଶ୍** ***ବିଂ*** ୧. ଠିକ୍ ଠାକ୍ ୨. ଭଲ, ଉତ୍ତମ ୩. ସୁନ୍ଦର, ଚମତ୍କାର ୪. ଉତ୍କୃଷ୍ଟ, ପ୍ରଶଂସନୀୟ ; ***କ୍ରି.ବିଂ*** ୧. ଖୁବ୍, ଯଥେଷ୍ଟ ୨.ଉତ୍ତମରୂପେ ; ***ଅ.*** ଅନୁମୋଦନ ସୂଚକ ଶବ୍ଦ, ଆଚ୍ଛା, ଭଲହେଲା ।

**ବେଶ୍ ଦୁଆର୍** ***ବି.*** ପ୍ରବେଶ ପଥ, ଘରକୁ ପଶିବା ବାଟ ।

**ବେଶ** ***ବି.*** ୧. ସଜ୍ଜା ୨. ପୋଷାକ ପରିଚ୍ଛଦ ୩. ବେଶ୍ୟାଳୟ, ଦାରୀସାହି ୪. ଗୃହ ୫. ପ୍ରବେଶ ; ***ବିଂ*** ସଜ୍ଜିତ ।

**ବେଶକ** ***ବିଂ*** ବେଶକାରୀ, ସାଜସଜ୍ଜାକାରୀ ।

**ବେଶପୋଷାକ** ***ବି.*** ବେଶ ହେବା ନିମିତ୍ତ ପୋଷାକ, ପିନ୍ଧାପିନ୍ଧି ।

**ବେଶବଧୂ, ବେଶବନିତା, ବେଶଯୋଷିତା** ***ବି.*** ବେଶ୍ୟା ।

**ବେଶବାସ** ***ବି.*** ବସନଭୂଷଣ, ବେଶରଚନା ।

**ବେଶଭୂଷା** ***ବି.*** ୧. ସାଜସଜ୍ଜା ୨. ପୋଷାକ ପରିଚ୍ଛଦ, ବସନଭୂଷଣ ।

**ବେଶି** ***ବିଂ*** ଆଧିକ୍ୟ, ପ୍ରାଚୁର୍ଯ୍ୟ ।

**ବେଶୀ** ***ବିଂ.*** ୧. ଅଧିକ, ଅତ୍ୟନ୍ତ ୨. ପ୍ରଚୁର, ବହୁତ ୩. ବଳକା, ଉଦ୍‌ବୃତ୍ତ ; ***ବି.*** ୧. ବେଶଧାରୀ ୨. ବେଶକାରୀ ।

**ବେଶ୍ୟା** ***ବି.*** ଅର୍ଥ ନେଇ ଅନ୍ୟକୁ ଦେହ ଦେଉଥିବା ନାରୀ, ଦାରୀ, ବାରାଙ୍ଗନା, ଗଣିକା ।

**ବେଶ୍ୟାଳୟ** ***ବି.*** ଦାରିଘର ।

**ବେଷ୍ଟ୍** ***ବିଂ.*** ସବୁଠୁ ଭଲ, ସର୍ବୋତ୍ତମ ।

**ବେଷ୍ଟ** ***ବି.*** ୧. ବାଡ଼ ୨. ପରିଧି, ବେଢ଼ା ୩. ନିର୍ଯାସ ୪. ଅଠା ୫. ତାର୍ପିନ ।

**ବେଷ୍ଟକ** ***ବିଂ.*** ବେଷ୍ଟନକାରୀ ; ***ବି.*** ୧. ପଗଡ଼ି ୨. ନିର୍ଯାସ ୩. ତାର୍ପିନ ୪. ପ୍ରାଚୀର ।

**ବେଷ୍ଟନ** ***ବି.*** ୧. ବାଡ଼, ଚାରିଆଡ ଘେରାଇବା ୨. ବେଢ଼ା, ପ୍ରାଚୀର ୩. ପଗଡ଼ି, ଉଷ୍ଣୀଷ ୪. କନାପଟି ୫. ପ୍ରଦକ୍ଷିଣ ୬. ପରିଧି, ବେଢ଼ ।

**ବେଷ୍ଟନୀ** ***ବି.ବିଂ.*** ୧. ବେଢ଼ା, ପ୍ରାଚୀର ୨. ଯାହାଦ୍ୱାରା ଘେରାଯାଏ, ବାଡ଼ ୩. ପରିବେଶ, ପରିପାର୍ଶ୍ୱ, ପରିବେଷ୍ଟନୀ ।

**ବେଷ୍ଟିତ** ***ବିଂ.*** ୧. ଚାରିଆଡ଼ୁ ଘେରା, ବାଡ଼ଦିଆ ୨. ପରିବୃତ ।

**ବେଷ୍ଟିବା** ***କ୍ରି.*** ବେଢ଼ିବା, ଘେରାଇବା ।

**ବେସନ** ***ବି.*** କଞ୍ଚାବୁଟ ଆଦିର ଚୂନା ।

**ବେସବୁର** ***ବିଂ.*** ଅଧୀର, ଅସ୍ଥିର ।

**ବେସର** ***ବି.*** ୧. ବଟା ସୋରିଷ ୨. ବଟା ସୋରିଷଯୁକ୍ତ ବ୍ୟଞ୍ଜନ ବା ମାଛ ତରକାରୀ ୩. ବାଆଁ ନାକର ଗୁଣା ଜାତୀୟ ଅଳଙ୍କାର ୪. ଶ୍ରୀମନ୍ଦିରରେ ମହାପ୍ରସାଦ ବ୍ୟଞ୍ଜନ ବିଶେଷ ।

**ବେସରକାରୀ** ***ବିଂ.*** ୧. ଯାହା ସରକାରଙ୍କ ପରିଚାଳିତ ବା ଅଧୀନ ନୁହେଁ ୨. ବ୍ୟକ୍ତିଗତ ୩. ଘରୋଇ ।

**ବେସରବଟା** ***ବି.*** ସୋରିଷ ମସଲାଦିର ବଟା ।

**ବେସରମ, ବେସରମା** ***ବିଂ.*** ଲଜ୍ଜାସଂକୋଚହୀନ, ଅଲାଜୁକ (*ସ୍ତ୍ରୀ.* ବେସରମୀ) ।

**ବେସାମରିକ** ***ବିଂ.*** ଯାହା ଯୁଦ୍ଧ ସଂକ୍ରାନ୍ତ ନୁହେଁ ।

**ବେସୁରା** ***ବିଂ.*** ଭୁଲ ବା ବିକୃତ ସ୍ୱରଯୁକ୍ତ, ଶ୍ରୁତିକଟୁ ।

**ବେହକ୍** ***ବି.ବିଂ.*** ୧. ଯାହା ଠିକ୍ ନୁହେଁ, ଅନ୍ୟାୟ ୨. ସ୍ୱତ୍ୱହୀନତା ।

**ବେହରଣ, ବେହେରଣ** ***ବି.*** ୧. ଶାଢ଼ି, ଘେର ୨. ସଭାମଣ୍ଡପ, ବିହାର ମଣ୍ଡପ ୩. ବୈଠକସଭା, ଉପବେଶନ ।

**ବେହାଲ୍** ***ବିଂ.*** ୧. ଦୁର୍ବଳ, ଅବସନ୍ନ, ନଷ୍ଟସ୍ୱାସ୍ଥ୍ୟ ୨. ବିପନ୍ନ ୩. ବିବର୍ଣ୍ଣ ; ***ବି.*** ୧. ଦୁର୍ବଳତା, ରୁଗ୍ଣ ସ୍ୱାସ୍ଥ୍ୟ, ବିବର୍ଣ୍ଣତା ୨. ଦୁରବସ୍ଥା ।

**ବେହିଆ** ***ବିଂ.*** ନିର୍ଲଜ୍ଜ, ଅଲାଜୁକ ।

**ବେହିଆଗିରି, ବେହିଆପଣ, ବେହିଆମି** ***ବି.*** ନିର୍ଲଜ୍ଜତା, ଅଲାଜୁକପଣ ।

**ବେହିଲୀ** ***ବିଂ.*** ବିବାହିତା, ବିଭାଇ, ଭୁଆଷୁଣୀ ; ***ବି.*** ବିବାହିତା ସ୍ତ୍ରୀ ।

**ବେହିସାବ** ***ବି.*** ୧. ହିସାବହୀନତା, ବଦଖର୍ଚ୍ଚ ୨. ଅପରିଣାମଦର୍ଶିତା ୩. ଅସତର୍କତା ।

**ବେହିସାବୀ** ***ବିଂ.*** ୧. ହିସାବହୀନ ୨. ଅବାଧ ୩. ଅସଂଖ୍ୟ, ପ୍ରଚୁର, ଅଜସ୍ର ୪. ଅପରିଣାମଦର୍ଶୀ ୫. ଅସତର୍କ ୬. ବଦଖର୍ଚ୍ଚୀ ।

**ବେହୀ** ***ବିଂ.ବି.*** ବେହିଲୀ, ବିଭାଇ, ବିବାହିତା ।

**ବେହୁଡ଼ା** ***ବି.*** ଛୋଟ ଧାନଗଛ ବା ବୁଆକୁ ଲଙ୍ଗଳରେ ପୁଣି ଚାଷ କରିବା, ବିହୁଡ଼ା, ବିହିଡ଼ା, ବେଉଷଣ ।

**ବେହୁଡ଼ିବା** ***କ୍ରି.*** ବେଉଷଣ କରିବା ।

**ବେହୁଦା** ***ବିଂ.*** ୧. ଅନୁଚିତ, ଅସଂଗତ ୨. ଅଭଦ୍ର ।

**ବେହୁରି** ***ବି.*** ଦୁଧ ଆଉଟିବା ବା ଦହି ମୋହିଁବାପାଇଁ ବ୍ୟବହୃତ ମାଟିହାଣ୍ଡି ।

**ବେହୁସିଆର** ***ବିଂ.*** ଅସାବଧାନ, ଅସତର୍କ ।

**ବେହୁସିଆରି** ***ବି.*** ଅସାବଧାନତା, ଅସତର୍କତା ।

**ବେହୁସିଆରୀ** ***ବିଂ.*** ଅସତର୍କତାଘଟିତ ।

**ବେହେଡା** ***ବିଂ.*** ବେଆଡ଼ା, ବେଢ଼ପା, ବିକୃତ, ଅଶୋଭନୀୟ, କୁତ୍ସିତ ।

**ବେହେଡାଦନ୍ତା(ଦୋନ୍ତୀ)** ***ବି.ବିଂ.*** ଯାହାର ଛାମୁଦାନ୍ତ ବଡ଼ ଓ ଡେଢ଼ା ।

**ବେହେରା** ***ବି.*** ୧. ବାହକ, ଯାନବାହକ ୨. ପିଅନ, ଚପରାଶି, ୩. ଗୋଷ୍ଠୀ ବା ଜାତିର ମୁଖ୍ୟ ୪. ପରିଚାରକ ।

**ବେହେରେନ୍** ***ବି.*** ୧. ମୁଖିଆ ଲୋକ ଏକତ୍ର ହୋଇ ନିଷ୍ପତ୍ତି କରିବା, ଧର୍ମସଭା ୨. ପିନ୍ଧାବସ୍ତ୍ର ।

**ବେହେଲ** ***ବିଂ.*** ୧. ନିର୍ଲଜ୍ଜ, ବେହ୍ୟା ୨. ଯେ ଛଟା ମାରେ, ଛଳନାକାରୀ; ***ବି.*** ଥଟ୍ଟାତାମସା, ଚଗଲାମି ।

**ବେହେଲା** ***ବି.*** ଭାୟୋଲିନ୍, ତାର ବାଦ୍ୟଯନ୍ତ୍ର ବିଶେଷ ।

**ବେହୋସ** ***ବି. ବିଂ.*** ଅଚେତ, ସଂଜ୍ଞାହୀନ, ମୂର୍ଚ୍ଛିତ ।

**ବୈକଳ୍ପିକ** ***ବିଂ.*** ୧. ଅନ୍ୟଭାବରେ ସିଦ୍ଧ ୨. ଯାହା ବିକଳ୍ପରେ ଦୁଏ ୩. ସନ୍ଦେହାତ୍ମକ ।

**ବୈକଲ୍ୟ** ***ବି.*** ୧. ଅଙ୍ଗହୀନତା, ଖଞ୍ଜତା ୨. ବିହ୍ୱଳତା ୩. ବିକଳ ଭାବ ।

**ବୈକାଳ** ***ବି.*** ବିକାଳ, ଓପରଓଳି, ଅପରାହ୍ନ ।

**ବୈକାଳି, ବୈକାଳୀ** ***ବିଂ.*** ଅପରାହ୍ନ ସମ୍ପର୍କିତ ; ***ବି.*** ବିଗ୍ରହଙ୍କୁ ନିବେଦିତ ଅପରାହ୍ନର ଭୋଗ ।

**ବୈକାଳିକ** ***ବିଂ.*** ଅପରାହ୍ନକାଳୀନ ।

**ବୈକାଳୀନ** *ବିଂ.* ଅପରାହ୍ନ ସମ୍ପର୍କିତ ।
**ବୈକୁଣ୍ଠ** *ବି.* ୧. ଗୋଲୋକଧାମ, ବିଷ୍ଣୁଲୋକ ୨. ବିଷ୍ଣୁ ।
**ବୈକୁଣ୍ଠନାଥ, ବୈକୁଣ୍ଠପତି** *ବି.* ବିଷ୍ଣୁ, ନାରାୟଣ ।
**ବୈଖାନସ** *ବି.* ୧. ବାନପ୍ରସ୍ଥ ୨. ଶାସ୍ତ୍ରବିଶେଷ ; *ବିଂ.* ବାନପ୍ରସ୍ଥ ସମ୍ବନ୍ଧୀୟ ।
**ବୈଗୁଣ୍ୟ** *ବି.* ୧. ଗୁଣହୀନତା ୨. ତ୍ରୁଟି ୩. ପ୍ରତିକୂଳତା ୪. ବିକୃତି ।
**ବୈଚକ୍ଷଣ୍ୟ** *ବି.* ୧. ବିଚକ୍ଷଣତା ୨. କର୍ମକୁଶଳତା ୩. ଦୂରଦର୍ଶିତା ।
**ବୈଚିତ୍ର, ବୈଚିତ୍ର୍ୟ** *ବି.* ୧. ବିଚିତ୍ରତା ୨. ନାନା ରୂପତା ୩. ଚମତ୍କାରିତ୍ୱ ୪. ବିସ୍ମୟ ।
**ବୈଜୟନ୍ତ** *ବି.* ୧. ଇନ୍ଦ୍ରପ୍ରାସାଦ ୨. ଇନ୍ଦ୍ରଙ୍କ ଧ୍ୱଜା ।
**ବୈଜୟନ୍ତିକ** *ବିଂ.* ୧. ପତାକାଧାରୀ ୨. ବିଜୟସୂଚକ ।
**ବୈଜୟନ୍ତିକା** *ବି.* ପତାକା ।
**ବୈଜୟନ୍ତୀ** *ବି.* ୧. ବିଜୟ ପତାକା, ଧ୍ୱଜା ୨. ମାଳା, ଶ୍ରୀକୃଷ୍ଣଙ୍କ ବନମାଳା ।
**ବୈଜାତ୍ୟ** *ବି.* ୧. ବିଜାତୀୟ ଭାବ, ସ୍ୱଭାବର ଭିନ୍ନତା ୨. ଲାମ୍ପଟ୍ୟ ।
**ବୈଜିକ** *ବିଂ.* ବୀଜ ସମ୍ବନ୍ଧୀୟ, ବୀର୍ଯ୍ୟଗତ ।
**ବୈଜ୍ଞାନିକ** *ବିଂ.* ବିଜ୍ଞାନ ସମ୍ବନ୍ଧୀୟ ; *ବି.* ବିଜ୍ଞାନବିତ୍, ବିଜ୍ଞାନ ପାରଦର୍ଶୀ ବ୍ୟକ୍ତି ।
**ବୈଠକ** *ବି.* ୧. ବସିବା, ଉପବେଶନ ୨. ବାରମ୍ବାର ଉଠବସ କରିବାର ବ୍ୟାୟାମ, ଦଣ୍ଡ ବୈଠକ ୩. ହୁକା ରଖିବାର ପାତ୍ର ୪. ସଭା, ଅଧିବେଶନ ୫. ମଜଲିସ, ଆସର ।
**ବୈଠକଖାନା** *ବି.* ମଜଲିସ ଘର, ଘରର ବାହାର କକ୍ଷ, ଡ୍ରଇଙ୍ଗ୍ ରୁମ୍।
**ବୈଠକି** *ବି.* ୧. ବସିବା ୨. ସଭାବସିବା ।
**ବୈଠକୀ** *ବିଂ.* ୧. ବୈଠକ ବା ଆସରର ଉପଯୁକ୍ତ ସାଥୀ ୨. ଲୋକେ ଏକାଠି ବସି ଶୁଣିବାର ଉପଯୋଗୀ।
**ବୈଠା** *ବି.* ବଇଠା, ପ୍ରଦୀପ, ଦୀପ ବା ଆଲୋକ ଉତ୍ସ ରଖିବା ପାଇଁ ବ୍ୟବହୃତ ବିଭିନ୍ନ ଆକାରର ଉପକରଣ, ଦୀପରୁଖା ।
**ବୈଠି** *ବି.* ବଇଠି, ପାତ୍ରାଦିର ନିମ୍ନଭାଗସ୍ଥ ଆଧାର ।
**ବୈତଣ୍ଡିକ** *ବିଂ.* ଯୁକ୍ତ ବା ତର୍କ ସଂବଧିତ, ବିତଣ୍ଡାକାରୀ ।
**ବୈତନିକ** *ବିଂ.* ୧. ବେତନଭୋଗୀ, ବେତନଦ୍ୱାରା ନିୟନ୍ତ୍ରିତ ୨. ଯେ ବେତନ ଦିଏ ; *ବି.* ଦରମାଖିଆ ବ୍ୟକ୍ତି ।
**ବୈତରଣି, ବୈତରଣୀ** *ବି.* ୧. ଓଡ଼ିଶାର କେନ୍ଦୁଝର ଜିଲ୍ଲାର ଗୋନାସିକାରୁ ବାହାରିଥିବା ଏକ ନଦୀ ୨. ପୁରାଣ ବର୍ଣ୍ଣିତ ଯମଦ୍ୱାର ସମୀପସ୍ଥ ନଦୀ ।
**ବୈତାନ, ବୈତାନିକ** *ବିଂ.* ବିତାନ ସମ୍ବନ୍ଧୀୟ, ଯଜ୍ଞୀୟ ; *ବି.* ୧. ଯଜ୍ଞାଗ୍ନି, ହୋମ ୨. ହୋମର ନୈବେଦ୍ୟ ।
**ବୈତାଳିକ** *ବି.* ସ୍ତୁତିପାଠକ, ବନ୍ଦୀ, ଭାଟ (*ସ୍ତ୍ରୀ.* ବୈତାଳୀ, ବୈତାଳିକା); *ବିଂ.* ବେତାଳ ସମ୍ବନ୍ଧୀୟ ।
**ବୈତାଳିକୀ** *ବି.* ବନ୍ଦୀ ବା ଭାଟର ସଙ୍ଗୀତ, ରାଜାରାଜୁଡ଼ାଙ୍କ ନିଦ୍ରାଭଙ୍ଗ ପାଇଁ ବୋଲାଯାଉଥିବା ଗାନ ।
**ବୈଦଗ୍ଧ୍ୟ** *ବି.* ୧. ପାଣ୍ଡିତ୍ୟ ୨. ରସବୋଧ ୩. ଚିତ୍ତୋତ୍କର୍ଷ ୪. ଚାତୁର୍ଯ୍ୟ ।
**ବୈଦର୍ଭ** *ବିଂ.* ବିଦର୍ଭଦେଶୀୟ ; *ବି.* ବିଦର୍ଭଦେଶର ରାଜା, ଦମୟନ୍ତୀଙ୍କ ପିତା ।
**ବୈଦର୍ଭୀ** *ବି.* ୧. ବିଦର୍ଭ କନ୍ୟା ଦମୟନ୍ତୀ ୨. ଅଳ୍ପ ସମାସଯୁକ୍ତ ପଦ ମାଧୁର୍ଯ୍ୟ ବହୁଳ ରଚନା କ୍ରମ ।
**ବୈଦାନ୍ତିକ** *ବିଂ.* ୧. ବେଦାନ୍ତ ସଂକ୍ରାନ୍ତ, ବେଦାନ୍ତ ଦର୍ଶନର ଅନ୍ତର୍ଭୁକ୍ତ ; *ବି.* ବେଦାନ୍ତ ପାରଦର୍ଶୀ ବ୍ୟକ୍ତି ।
**ବୈଦିକ** *ବିଂ.* ବେଦୋକ୍ତ, ବେଦସମ୍ମତ (*ସ୍ତ୍ରୀ.* ବୈଦିକୀ, *ବିପ.* ଲୌକିକ); *ବି.* ୧. ବ୍ରାହ୍ମଣଙ୍କ ଶ୍ରେଣୀ ବିଶେଷ ୨. ବେଦଜ୍ଞ ବ୍ରାହ୍ମଣ ।
**ବୈଦେହ** *ବିଂ.* ବିଦେହ ବା ମିଥିଳା ସମ୍ବନ୍ଧୀୟ, ମିଥିଳାଜାତ ; *ବି.* ମିଥିଳାର ରାଜା ଜନକ ।
**ବୈଦେହୀ** *ବି.* ଜନକନନ୍ଦିନୀ ସୀତା, ଜାନକୀ ।
**ବୈଦ୍ୟ** *ବି.* ୧. ଆୟୁର୍ବେଦୀୟ ଚିକିତ୍ସକ, କବିରାଜ ୨. ବିଦ୍ୱାନ ବ୍ୟକ୍ତି (*ସ୍ତ୍ରୀ.* ବୈଦ୍ୟା – ନାରୀବୈଦ୍ୟ) ।
**ବୈଦ୍ୟକ** *ବିଂ.* ଆୟୁର୍ବେଦ ଚିକିତ୍ସା ସଂକ୍ରାନ୍ତ ; *ବି.* ୧. ଆୟୁର୍ବେଦ ୨. ଆୟୁର୍ବେଦ ଚିକିତ୍ସାଶାସ୍ତ୍ର ।
**ବୈଦ୍ୟନାଥ** *ବି.* ୧. ଶିବ ୨. ଭୈରବ ବିଶେଷ ।
**ବୈଦ୍ୟୁତ, ବୈଦ୍ୟୁତିକ** *ବିଂ.* ବିଦ୍ୟୁତ୍ ବିଷୟକ, ବିଦ୍ୟୁତଚାଳିତ ।
**ବୈଧ** *ବିଂ.* ନିୟମ ବା ବିଧିସମ୍ମତ, ନ୍ୟାଯ୍ୟ, ଉଚିତ ।
**ବୈଧତା** *ବି.* ନିୟମାନୁସାରିତା, ଔଚିତ୍ୟ ।
**ବୈଧବ୍ୟ** *ବି.* ପତିହୀନ ଅବସ୍ଥା, ବିଧବାପଣ ।
**ବୈଧବ୍ୟ ବିଧୁରା** *ବିଂ.* ବିଧବା ହେବାଦ୍ୱାରା ଅତିଶୟ ଦୁଃଖିତା ।
**ବୈଧର୍ମ୍ୟ** *ବି.* ୧. ବିଧର୍ମୀର ଭାବ, ଧର୍ମ ବିରୋଧତା ୨. ନାସ୍ତିକତା ୩. ବୈଷମ୍ୟ ।
**ବୈଧାନିକ** *ବିଂ.* ବିଧାନସମ୍ମତ, ଆଇନସମ୍ମତ ।
**ବୈଧୁର୍ଯ୍ୟ** *ବି.* ବିଧୁର ଭାବ, ବିଧୁରତା, କାତରତା ।
**ବୈଧେୟ** *ବିଂ.* ୧. ବିଧି ସମ୍ବନ୍ଧୀୟ, ବୈଧ ୨. ମୂଢ଼, ମୂର୍ଖ ।
**ବୈନତେୟ** *ବି.* ବିନତାର ପୁତ୍ର (ଗରୁଡ଼, ଅରୁଣ) ।
**ବୈପରୀତ୍ୟ** *ବି.* ବିପରୀତ ଭାବ, ଓଲଟା ଅବସ୍ଥା ।
**ବୈପ୍ଲବିକ** *ବିଂ.* ୧. ଦ୍ରୁତ ପରିବର୍ତ୍ତନଶୀଳ ୨. ବିପ୍ଳବ ସଂକ୍ରାନ୍ତ, ବିପ୍ଳବାତ୍ମକ, ବିପ୍ଳବକାରୀ ; *ବି.* ବିପ୍ଳବସାଧକ ବ୍ୟକ୍ତି ।

**ବୈଫଲ୍ୟ** *ବି.* ବିଫଳତା, ଅସଫଳତା, ଅକୃତକାର୍ଯ୍ୟତା ।

**ବୈବର୍ଣ୍ଣ, ବୈବର୍ଣ୍ଣ୍ୟ** *ବି.* ବିବର୍ଣ୍ଣତା, ମଳିନତା ।

**ବୈବସ୍ୱତ** *ବି.* ୧. ସୂର୍ଯ୍ୟ ତନୟ ୨. ସପ୍ତମ ମନୁ ୩. ଯମ ୪. ଶନି ; *ବିଂ.* ସୌର, ସୂର୍ଯ୍ୟ ବା ଦେବତା ସମ୍ବନ୍ଧୀୟ ।

**ବୈବସ୍ୱତୀ** *ବି.* ଦକ୍ଷିଣ ଦିଗ ।

**ବୈବାହିକ** *ବିଂ.* ୧. ବିବାହଘଟିତ, ବିବାହ ସମ୍ପର୍କିତ ୨. ବିବାହ ଉପଯୋଗୀ ।

**ବୈଭବ** *ବି.* ବିଭବ, ସମ୍ପଦ ।

**ବୈମାତ୍ର, ବୈମାତ୍ରେୟ** *ବିଂ.* ବିମାତା(ସାବତ ମା')ର ଗର୍ଭଜାତ ।

**ବୈମାନିକ** *ବିଂ.* ବିମାନସଂକ୍ରାନ୍ତ; *ବି.* ୧. ବିମାନଚାରୀ, ବିମାନ ଆରୋହୀ ବ୍ୟକ୍ତି ୨. ବିମାନପୋତ ଚାଳକ, ପାଇଲଟ ।

**ବୈମୁଖ୍ୟ** *ବି.* ୧. ବିମୁଖତା, ଅନିଚ୍ଛା, ସ୍ପୃହାହୀନତା ୨. ପ୍ରତିକୂଳତା ।

**ବୈୟକ୍ତିକ** *ବିଂ.* ବ୍ୟକ୍ତିଗତ ।

**ବୈୟାକରଣ, ବୈୟାକରଣିକ** *ବିଂ.* ୧. ବ୍ୟାକରଣ ସଂକ୍ରାନ୍ତ ୨. ବ୍ୟାକରଣବିତ୍; *ବି.* ବ୍ୟାକରଣ ଶାସ୍ତ୍ରରେ ଅଭିଜ୍ଞ ବ୍ୟକ୍ତି ।

**ବୈୟାସକ, ବୈୟାସିକ** *ବିଂ.* ବ୍ୟାସଦେବ ସମ୍ବନ୍ଧୀୟ, ବ୍ୟାସ ପ୍ରଣୀତ ।

**ବୈୟାସକି** *ବି.* ବ୍ୟାସଦେବଙ୍କ ପୁତ୍ର ଶୁକଦେବ ।

**ବୈୟାସକୀ, ବୈୟାସିକୀ** *ବି.* ବ୍ୟାସପ୍ରଣୀତ ସଂହିତା ।

**ବୈର** *ବି.* ୧. ଶତ୍ରୁତା, ବିରୋଧ, ବିଦ୍ୱେଷ ୨. ବୀରତ୍ୱ, ଶୌର୍ଯ୍ୟ ।

**ବୈରଖ** *ବି.* ଧ୍ୱଜା, ପତାକା ।

**ବୈରତା** *ବି.* ୧. ଶତ୍ରୁତା, ବିପକ୍ଷତା ୨. ବିଦ୍ୱେଷ, ବିରୋଧିତା ।

**ବୈରସାଧନ** *ବି.* ଶତ୍ରୁତାକରଣ, ଶତ୍ରୁତା ଆଚରଣ ।

**ବୈରାଗ,ବୈରାଗ୍ୟ** *ବି.* ସଂସାରପ୍ରତି ଅନାସକ୍ତି, ବିଷୟ ବିତୃଷ୍ଣା ।

**ବୈରାଗୀ** *ବି.* ୧. ସଂସାର ସୁଖ ପ୍ରତି ବିମୁଖ ବ୍ୟକ୍ତି ୨. ବୈଷ୍ଣବ ଭିକ୍ଷୁ ; *ବିଂ.* ୧. ସଂସାର ଭୋଗରେ ବିତୃଷ୍ଣ ୨. ବିବେକୀ ।

**ବୈରୀ** *ବିଂ.* ଶତ୍ରୁ, ବିରୋଧୀ, ବିଦ୍ୱେଷୀ ।

**ବୈଶମ୍ପାୟନ** *ବି.* ମହାଭାରତ ବକ୍ତା ବ୍ୟାସ ଶିଷ୍ୟ ମୁନି ବିଶେଷ ।

**ବୈଶାଖ** *ବି.* ଓଡ଼ିଆ ବର୍ଷର ପ୍ରଥମ ମାସ ।

**ବୈଶାଖୀ** *ବିଂ.* ବୈଶାଖମାସ ସଂକ୍ରାନ୍ତ, ବୈଶାଖମାସ ଘଟିତ ; *ବି.* ୧. ବୈଶାଖମାସର ପ୍ରବଳ ଝଡ଼ ୨. ବିଶାଖା ନକ୍ଷତ୍ରଯୁକ୍ତା ପୂର୍ଣ୍ଣିମା ।

**ବୈଶାରଦ** *ବିଂ.* ପଣ୍ଡିତ, ବିଶେଷଜ୍ଞ ।

**ବୈଶିଷ୍ଟ,ବୈଶିଷ୍ଟ୍ୟ,ବୈଶେଷ୍ୟ** *ବି.* ୧. ବିଶିଷ୍ଟତା, ବିଶେଷତ୍ୱ ୨. ଅସାଧାରଣତ୍ୱ ୩. ପ୍ରଭେଦ ।

**ବୈଶେଷିକ** *ବି.* କଣାଦ ମୁନିଙ୍କ କୃତ ଦର୍ଶନଶାସ୍ତ୍ର ।

**ବୈଶ୍ୱଦେବ** *ବି.* ବିଶ୍ୱଦେବଙ୍କ ସନ୍ତୋଷ ପାଇଁ ପ୍ରତିଦିନ ବ୍ରାହ୍ମଣଙ୍କୁ ଅନ୍ନଦାନ କାର୍ଯ୍ୟ ।

**ବୈଶ୍ୱାନର** *ବି.* ଜଠରାଗ୍ନି, ଅଗ୍ନିର ଅଧିଦେବତା ।

**ବୈଶ୍ୟ** *ବି.* ୧. ବଣିକ ବା ବ୍ୟବସାୟୀ ଜାତି ବିଶେଷ ୨. ପାରମ୍ପରିକ ବର୍ଣ୍ଣ ବିଭାଗରେ ଅନ୍ୟତମ ବର୍ଣ୍ଣ ।

**ବୈଷମ, ବୈଷମ୍ୟ** *ବି.* ୧. ବୈସାଦୃଶ୍ୟ, ପ୍ରଭେଦ ୨. ଅନୈକ୍ୟ ।

**ବୈଷୟିକ** *ବିଂ.* ୧. ବିଷୟଗତ ୨. ଶିଳ୍ପସମ୍ବନ୍ଧୀୟ ୩. ସାଂସାରିକ ଚତୁରତାରେ ବିଚକ୍ଷଣ ୪. ଗାର୍ହସ୍ଥ୍ୟ ।

**ବୈଷ୍ଣବ** *ବି.* ୧. ବିଷ୍ଣୁ ଉପାସକ ବ୍ୟକ୍ତି ବା ସମ୍ପ୍ରଦାୟ ୨. ସାଧୁ, ବାବାଜୀ ୩. ହୋମ ଭସ୍ମ; *ବିଂ.* ବିଷ୍ଣୁଙ୍କ ସମ୍ବନ୍ଧୀୟ, ବିଷ୍ଣୁଭକ୍ତ ।

**ବୈସାଦୃଶ୍ୟ** *ବି.* ବୈଷମ୍ୟ, ପ୍ରଭେଦ, ଅସାମଞ୍ଜସ୍ୟ ।

**ବୈସୂଚନ** *ବି.* ନାଟ୍ୟରେ ପୁରୁଷର ନାରୀ ବେଶ ଧାରଣ ।

**ବୋ** *ଅ.* ବିଭିନ୍ନ ଭାବସୂଚକ ଅବ୍ୟୟ (ସମ୍ବୋଧନସୂଚକ, ବିରକ୍ତିସୂଚକ, ପ୍ରଶ୍ନବାଚକ, ଆସ୍ତିବାଚକ) ।

**ବୋଇ** *ବି.* ବାସ, ଗନ୍ଧ ।

**ବୋଇତ, ବୋହିତ** *ବି.* ବଡ଼ ନୌକା, ଜାହାଜ, ବାଣିଜ୍ୟପୋତ ।

**ବୋଇତ ବନ୍ଦାଣ** *ବି.* ଓଡ଼ିଶାର ପ୍ରାଚୀନ ନୌବାଣିଜ୍ୟ ପରମ୍ପରାକୁ ସ୍ମରଣ କରି ନୌକାକୁ ବନ୍ଦାଇବା ପରମ୍ପରା ।

**ବୋଇତାଳ, ବୋଇତିଆଳ, ବୋହିତୁଆଳ** *ବି.* ୧. ବୋଇତ ଚାଳକ ୨. ବୋଇତରେ ବାଣିଜ୍ୟକାରୀ ସୌଦାଗର, ସାଧବ ।

**ବୋଇତାଳୁ, ବୋଇତିଆଳୁ, ବୋଇତି କଖାରୁ** *ବି.* ମିଠା କଖାରୁ ବିଶେଷ, ମାଖନ, କୁମ୍ଡା ।

**ବୋଉ** *ବି.* ମାଆ, ମାତା, ଜନନୀ ।

**ବୋକ** *ବି.* ଚୁମା, ଚୁମ୍ବନ ।

**ବୋକଚା** *ବି.* ଗଣ୍ଠିରା, ବୋଚ୍‌କା, ବୁଜୁଳା ।

**ବୋକଚାବୁହା** *ବିଂ. ବି.* ୧. ଅତିବିଶ୍ୱସ୍ତ, ଅଙ୍ଗଲଗା ସେବକ ୨. ଅନ୍ୟର ଗଣ୍ଠିଲି ବୋହୁଥିବା ।

**ବୋକଚି** *ବି.* ଛୋଟ ବୋକଚା ।

**ବୋକା** *ବି. ବିଂ.* କୌଣସି କଥାର ଅର୍ଥକୁ ସହଜରେ ବୁଝିପାରୁନଥିବା ମଣିଷ, ନିର୍ବୋଧ, ନିର୍ବୁଦ୍ଧିଆ (*ସ୍ତ୍ରୀ.* ବୋକୀ)

**ବୋକାମି** *ବି.* ବୋକାର ଭାବ ବା ଆଚରଣ, ନିର୍ବୋଧତା ।

**ବୋଚ୍‌କା** *ବି.* ବୋକଚା, ଗଣ୍ଠିରା ।

**ବୋଝ** *ବି.* ୧. ଭାର, ଦାୟିତ୍ୱ ୨. ମୋଟ ୩. ଖେଳରେ ପରାଜୟର ଥର ୪. ବେଭାରଜିନିଷର ବୁଜୁଳା ।

**ବୋଝବୁହା** *ବି.* ବୋଝ ବୋହିବା ; *ବିଂ.* ବୋଝବୁହାଳି ।

**ବୋଝାଇ, ବୋଝେଇ** *ବି.* ୧. ଲଦା ହୋଇଥିବା ମାଲ, ଭାର ସ୍ଥାପନ ୨. ଭରତି, ପୂର୍ଣ୍ଣକରଣ ; *ବିଂ.* ୧. ମାଲରେ ପୂର୍ଣ୍ଣ ୨. ବୋଝଯୁକ୍ତ ୩. ଯାହା ଉପରେ ଭାର ଲଦା ହୋଇଥାଏ ।

**ବୋଝାଇବା, ବୋଝେଇବା** *କ୍ରି.* ଲଦନ କରିବା, ବୋଝାଇ କରିବା ।

**ବୋଝିଆ** *ବି.* ୧. ମୋଟିଆ ୨. ବୋଝବୁହା କୁଲି ୩. ଖେଳରେ ହାରି ବୋଝ ଖାଇବା ଖେଳାଳି ।

**ବୋଡ୍** *ବି.* ୧. କାଠଫଳକ ୨. କାଗଜର ପଟା ୩. ପରିଚାଳନା ସଭା ବା ସଂସ୍ଥା ।

**ବୋଡ଼ା** *ବି.* ୧. ସାପ ବିଶେଷ ୨. ଶସ୍ୟ ମାପିବାର ପରିମାଣ ବିଶେଷ ।

**ବୋଡ଼ିଂ** *ବି.* ଛାତ୍ରାବାସ, ମେସ୍‌ଘର ।

**ବୋଡ଼ି** *ବି.* ପାଞ୍ଚଗଣ୍ଡା, କୋଡ଼ିଏ କଡା ।

**ବୋଡ଼ିକିଆ** *ବିଂ.* ଏକ ବୋଡ଼ି ପରିମିତ, ବୋଡିଏ ଦ୍ରବ୍ୟ ଏକାଠି ବନ୍ଧା ; *ବି.* କଡାଗଣ୍ଡା ପଣିକିଆ ।

**ବୋଢ଼ା** *ବି.* ୧. ବହନକାରୀ ୨. ବିବାହକର୍ତ୍ତା ୩. ସାରଥି ।

**ବୋଣ୍ଟ** *ବି.* ଗଛ ବା ଲତା ସହ ଫୁଲ ଓ ଫଳକୁ ସଂଯୋଗ କରୁଥିବା ଅଂଶ, ବୃନ୍ତ, ଡେମ୍ଫ, ଢେଁଟି, ବେଣ୍ଟ ।

**ବୋତଲ** *ବି.* ବଡ଼ ଶିଶି ।

**ବୋତା** *ବି.* ପଣସ ଆଦିର ଅସାର ବା ଅଦରକାରୀ ଅଂଶ ।

**ବୋତାମ** *ବି.* ଜାମା, ବ୍ୟାଗ ପ୍ରଭୃତିର ଖୋଲା ଅଂଶକୁ ଏକତ୍ର ଲଗାଇବା ପାଇଁ ବ୍ୟବହୃତ ଗୁଡ଼ିକା ବା ଚକତି ।

**ବୋତି** *ବି.* ରବିଶସ୍ୟର ଶୁଖିଲା ଛୁଇଁର ଚୋପା ଓ ଶୁଖିଲା ପତ୍ରର ଗୁଣ୍ଡ ।

**ବୋଦକା** *ବିଂ.* ମୋଟା ଓ ସ୍ପର୍ଶଶକ୍ତିରହିତ ।

**ବୋଦା** *ବି.* ୧. ଖାସୁ ହୋଇ ନଥିବା ମେଣ୍ଢା ବା ଛେଳି ୨. ବଳି ପଡ଼ିବା ମେଷ, ଛାଗ ବା ମହିଷ ।

**ବୋଦାଳ** *ବି.* ବାଳିଆ ମାଛ ।

**ବୋଧ** *ବି.* ୧. ଉପଲବ୍ଧି ୨. ଜ୍ଞାନ ୩. ବୁଦ୍ଧି ୪. ଚେତନା ୫. ସାନ୍ତ୍ୱନା ୬. ଧାରଣା ୭. ଅନୁମାନ ୮. ଜାଗରଣ ।

**ବୋଧକ, ବୋଧୟିତା** *ବିଂ.* ୧. ଜ୍ଞାପକ, ସୂଚକ ୨. ସାନ୍ତ୍ୱନାଦାତା ୩. ଚେତନାଦାନକାରୀ (*ସ୍ତ୍ରୀ.* ବୋଧିକା, ବୋଧୟିତ୍ରୀ) ।

**ବୋଧଗମ୍ୟ** *ବିଂ.* ଯାହା ବା ଯାହାର ଅର୍ଥ ବୁଝି ହୁଏ ।

**ବୋଧଜ୍ଞ** *ବିଂ.* ଯେ ଅଭିପ୍ରାୟ ବୁଝେ ।

**ବୋଧନ** *ବି.* ୧. ଜ୍ଞାନଦାନ, ବୋଧସମ୍ପାଦନ ୨. ନିଦ୍ରାଭଞ୍ଜନ ୩. ଉଦ୍ଦୀପନ ୪. ଦୁର୍ଗାପୂଜା ପୂର୍ବରୁ ଦେବୀଙ୍କ ଜାଗରଣପାଇଁ ଅନୁଷ୍ଠାନ ବିଶେଷ ।

**ବୋଧନୀୟ, ବୋଧ୍ୟ** *ବିଂ.* ଜ୍ଞାତବ୍ୟ, ବୋଧଗମ୍ୟ ।

**ବୋଧା** *ବିଂ.* ୧. ଅନୁଭବୀ ୨. ଅଭିଜ୍ଞ, ପ୍ରବୀଣ ୩. ପୁରୁଖା, ପୋଖତ ୪. ବୁଦ୍ଧିଆ, ଜ୍ଞାନୀ ।

**ବୋଧାତୀତ** *ବିଂ.* ଜ୍ଞାନାତୀତ, ବୁଝିବା ବାହାରେ ।

**ବୋଧି** *ବି.* ୧. ବୁଦ୍ଧତ୍ୱ, ପରମଜ୍ଞାନ, ତତ୍ତ୍ୱଜ୍ଞାନ ୨. ଅଶ୍ୱତ୍ଥ ବୃକ୍ଷ ୩. ସମାଧି ବିଶେଷ ।

**ବୋଧିତ** *ବିଂ.* ୧. ବିଜ୍ଞାପିତ ୨. ଜାଗରିତ, ଚେତନାପ୍ରାପ୍ତ ।

**ବୋଧିଦ୍ରୁମ** *ବି.* ବୁଦ୍ଧଗୟାର ଯେଉଁ ଅଶ୍ୱତ୍ଥ ବୃକ୍ଷତଳେ ବସି ଧ୍ୟାନ କରି ଶାକ୍ୟସିଂହ ଗୌତମ ଜ୍ଞାନ ଲାଭ କରିଥିଲେ ।

**ବୋଧିସତ୍ତ୍ୱ** *ବି.* ବୌଦ୍ଧଶାସ୍ତ୍ର ବର୍ଣ୍ଣିତ ବୁଦ୍ଧଙ୍କ ପୂର୍ବବର୍ତ୍ତୀ ମହାନ୍ ଶକ୍ତିଧାରୀ ସତ୍ତା ବା ମହାପୁରୁଷଗଣ, ପ୍ରାକ୍ ବୁଦ୍ଧକାଳୀନ ବୁଦ୍ଧସତ୍ତା, ବୁଦ୍ଧ ବିଶେଷ ।

**ବୋନସ୍** *ବି.* ନିୟମିତ ପାରିଶ୍ରମିକ ବା ଦରମା ଓ ଲାଭ ବ୍ୟତୀତ ପ୍ରଦତ୍ତ ଅଧିକା ପାରିତୋଷିକ ଅର୍ଥ ।

**ବୋବ୍‌ରା** *ବି.* ଏକପ୍ରକାର ପିଠା, ଚିତଉ ଭଳି ପିଠା ବିଶେଷ ।

**ବୋବା** *ବି.* ୧. ରାବ, ରଡ଼ି ୨. ବାପାଙ୍କ ବଡ଼ ଭାଇ, ବଡ଼ବାପା ୩. ପିତାମହଙ୍କ ବାପା ୪. ଉଚ୍ଚ ସ୍ୱରର କାନ୍ଦ ; *ବିଂ.* ମୂକ, ଜଡ଼ା ।

**ବୋବାଇବା** *କ୍ରି.* ଉଚ୍ଚ ଧ୍ୱନି କରିବା, ରଡ଼ି ଛାଡ଼ିବା ।

**ବୋବାଳି** *ବି.* ବିକଳ ଚିତ୍କାର, ଉଚ୍ଚ କାତର ଧ୍ୱନି, ଆର୍ତ୍ତରଡ଼ି, ଉଚ୍ଚରବ ।

**ବୋବାଳି ପକାଇବା** *କ୍ରି.* ଭୟ ବା ଯନ୍ତ୍ରଣା ହେତୁ ପାଟି କରିବା ।

**ବୋମା** *ବି.* ୧. ମାରାତ୍ମକ ବିସ୍ଫୋରକ ତିଆରି ଅସ୍ତ୍ର ବିଶେଷ ୨. ପାଣି ଉଠା କଳ ବା ପମ୍ପ ।

**ବୋମ୍ବା** *ବି.* ବସ୍ତାରୁ ମାଲର ନମୁନା ବାହାର କରିବାରେ ବ୍ୟବହୃତ ମୁନିଆଁ ଲୁହା ବା ବାଉଁଶ କିଳା ।

**ବୋର୍** *ବି.* କଣା ବା ଗାତ କରିବା କାର୍ଯ୍ୟ ; *ବିଂ.* ବିରକ୍ତ ।

**ବୋର୍‌ଲି** *ବି.* ତୋଟା, ବଗିଚା ।

**ବୋରଝାଞ୍ଜ, ବୋଲଝାଞ୍ଜ** *ବି.* ୧. ଜଳରେ ଭାସମାନ ଓ ପବନରେ ଏଣେତେଣେ ଚାଳିତ ଦଳ (ଉଦ୍‌ଭିଦ) ବିଶେଷ ୨. ବିଭିନ୍ନ ବ୍ୟକ୍ତିଙ୍କ ମତରେ ପ୍ରଭାବିତ ହୋଇ ବିଭିନ୍ନ ସମୟରେ ଭିନ୍ନଭିନ୍ନ ପକ୍ଷ ସମର୍ଥନ କରୁଥିବା ଲୋକ ।

**ବୋରା** *ବି.* ଝୋଟ ବା ଛଣପଟ ଅଖାର ବଡ଼ ବସ୍ତା ବା ଥଳି ।

**ବୋରି, ବୋରିଆ** *ବି.* ତାଳଗଛ ଆଦିର ବଣିଆ (ତୋଟା)ଥିବା ଚକଡା ।

**ବୋରିଆ** *ବି.* ବାଳିକାମାନେ ଗୀତରେ ଉତ୍ତର-ପ୍ରତ୍ୟୁତ୍ତର ସହ ନାଚିବା ଖେଳ ।

**ବୋରିଙ୍ଗ୍** *ବି.* ବିଶେଷ ଉଦ୍ଦେଶ୍ୟରେ କଠିନ ପଦାର୍ଥରେ କଣା କରିବା; *ବିଂ.* ବିରକ୍ତିକର ।

**ବୋଳ** ***ବି.*** ୧. ଲେପ ୨. ଦାନ୍ତ ଓ ଓଠରେ ବସିବା ପାନରସର ସ୍ତର ୩. ଦେହରେ ମଳିର ପରସ୍ତ ୪. ରଙ୍ଗ, ହଳଦୀ ଆଦିର ସ୍ତର ୫. ଚାଉଳ ଆଦିରେ ଥିବା ଅତି ସୂକ୍ଷ୍ମ କୁଣ୍ଡା ୬. ଗନ୍ଧରସ ୭. ଲେବାନ (ଶୁଖିଲା କଦଳୀ ବାହୁଙ୍ଗା ପୋଡ଼ି ତାହା ସିଦ୍ଧ କଲାପରେ ସଫା ଲୁଗାରେ ବ୍ୟବହାର କରିବା) ।

**ବୋଳା** ***ବି.*** ବୋଳିବା ବା ଲେପିବା କାର୍ଯ୍ୟ ; ***ବିଂ.*** ଲେପା ହୋଇଥିବା ।

**ବୋଳିବା** ***କ୍ରି.*** ୧. ଘନ ଭାବରେ ଲେପିବା, ଲେସିବା ୨. ଅନ୍ୟଠାରେ ଆରୋପ କରିବା ।

**ବୋଲ୍** ***ବି.*** ୧. କଥା ୨. ନିର୍ଦ୍ଦେଶ ବାକ୍ୟ ବା ଉପଦେଶ ବାକ୍ୟ ୩. ଅନୁରୋଧ, ହୁକୁମ, ଆଦେଶ ୪. ତାଳବାଦ୍ୟରେ ଡାକ ।

**ବୋଲକରା, ବୋଲକାରୀ** ***ବିଂ.*** ଆଜ୍ଞାବହ, କଥା ମାନୁଥିବା, କଥା ତାଲିମକାରୀ ; ***ବି.*** ଆଜ୍ଞାପାଳକ ଭୃତ୍ୟ ।

**ବୋଲଚାଲ** ***ବି.*** ୧. ଚଟୁଳ କଥା ଓ ଭାବଭଙ୍ଗୀ ୨. କଥାବାର୍ତ୍ତା ଓ ଆଚରଣ ।

**ବୋଲଟ୍** ***ବି.*** ବୋଲ୍ଟ୍, ଲୁହା ପେଚର ଅଗପାଖରେ ଅଣ୍ଟାଯିବାପାଇଁ ବ୍ୟବହୃତ ଘରାଯୁକ୍ତ ଚକତି ।

**ବୋଲଣା** ***ବି.*** ଅପବାଦ, ନିନ୍ଦା, ଭର୍ତ୍ସନା, ଗଞ୍ଜଣା ।

**ବୋଲର୍** ***ବିଂ.*** କ୍ରିକେଟ ଖେଳରେ ବଲ୍ ଫିଙ୍ଗାଳି ।

**ବୋଲହାକ** ***ବି.*** ଆଦେଶ, ନିର୍ଦ୍ଦେଶ, ହୁକୁମ ।

**ବୋଲା** ***ବି.*** ବୋଲିବା କାର୍ଯ୍ୟ, କହିବା କାମ ; ***ବିଂ.*** କଥିତ ।

**ବୋଲା(ଲେ)ଇବା** ***କ୍ରି.*** ୧. କଥିତ ବା ଅଭିହିତ ହେବା, ଖ୍ୟାତ ହେବା ୨. ଆସିବାପାଇଁ କହି ପଠାଇବା, ଡାକି ପଠାଇବା ।

**ବୋଲାବୋଲି** ***ବି.*** ୧. ଉତ୍ତର ପ୍ରତ୍ୟୁତ୍ତର ୨. ପରସ୍ପରରେ ଗାଳି ଗୁଲଜ ବା ବଚସା ।

**ବୋଲି** ***ବି.*** ୧. କଥିତ ଭାଷାର ପ୍ରାଥମିକ ଅବସ୍ଥା ୨. ପ୍ରବଚନ ୩. ବାକ୍ୟ ୪. ପାରିଭାଷିକ ଶବ୍ଦ ୫. ଶୁଆସାରୀଙ୍କୁ ଶିଖାଇବା ପଦ ୬. ବିଭିନ୍ନ ଅଞ୍ଚଳରେ ଭାଷା ଓ ଶବ୍ଦର ପରିବର୍ତ୍ତିତ ରୂପ ୭. ବାଦନର ସାଂକେତିକ ଧ୍ୱନି, ବାଦ୍ୟଗୀତର ସ୍ୱରବନ୍ଧ ; ***ଅ.*** ପର୍ଯ୍ୟନ୍ତ, ହେଲେ, ହୋଇଥିବାରୁ ଉଦ୍ଦେଶ୍ୟରେ, ନାମକ, ରୂପେ ; ***କ୍ରି.*** ବୋଲାପାଏ, କଥିତ ହୁଏ ।

**ବୋଲିବା** ***କ୍ରି.*** ୧. କହିବା ୨. ଗାଇବା, ଆବୃତ୍ତି କରିବା ୩. ଗାଳି ଦେବା ।

**ବୋଲିବାଣୀ** ***ବି.*** ୧. ଟିପ୍ପଣୀ, କମେଣ୍ଟମରା ୨. ଗାଳିଗୁଲଜ ।

**ବୋଲିଙ୍ଗ୍** ***କ୍ରି.*** କ୍ରିକେଟ ଖେଳରେ ନିର୍ଦ୍ଧାରିତ ଓଭରରେ ବଲ୍ ଫିଙ୍ଗିବା ।

**ବୋଲୁଅ** ***ବି.*** ବଡ଼ ଢେଲା ।

**ବୋହିବା** ***କ୍ରି.*** ୧. ବହନ କରିବା ୨. ଧାରଣ କରିବା ୩. ପ୍ରବାହିତ ହେବା ୪. ସହ୍ୟ କରିବା ୫. ବହିବା, ଝରିବା ୬. ଜଳ ଉତ୍ତୋଳନ କରିବା ୭. ଅତିକ୍ରାନ୍ତ ହେବା ୮. ବହନ କରାଇବା,ବୁହାଇବା ୯. ଚାଳିତ କରାଇବା ।

**ବୋହୂ** ***ବି.*** ବଧୂ, ପୁଅର ସ୍ତ୍ରୀ ।

**ବୋହୂଚୋରି** ***ବି.*** ଛୋଟ ଛୋଟ ଝିଅଙ୍କ ଏକ ପ୍ରକାର ଖେଳ ।

**ବୋହୂବୋହୂକା** ***ବି.*** ଝିଅଙ୍କ ମଧ୍ୟରେ ଘରକରଣାର ଅଭିନୟମୂଳକ ଖେଳ ବିଶେଷ ।

**ବୌଦ୍ଧ** ***ବିଂ.*** ବୁଦ୍ଧଦେବ ପ୍ରବର୍ତ୍ତିତ, ବୁଦ୍ଧ ସମ୍ପର୍କିତ, ବୁଦ୍ଧ ପ୍ରବର୍ତ୍ତିତ ଧର୍ମ ସମ୍ବନ୍ଧୀୟ ; ***ବି.*** ୧. ବୁଦ୍ଧମତାବଲମ୍ବୀ ବ୍ୟକ୍ତି ୨. ବୌଦ୍ଧଧର୍ମ ।

**ବୌଦ୍ଧିକ** ***ବିଂ.*** ବୁଦ୍ଧିଗତ, ବୁଦ୍ଧିପ୍ରଯୁକ୍ତ, ବୁଦ୍ଧିଚାଳିତ, ଜ୍ଞାନପ୍ରସୂତ ।

**ବୌଷଟ୍** ***ବି.*** ଅଗ୍ନିରେ ଘୃତାଦି ଆହୁତି ଦେଇ ସମ୍ପୃକ୍ତ ଦେବତାଙ୍କୁ ନିବେଦନ କରିବା ପୂର୍ବରୁ ଉଚ୍ଚାରିତ ମନ୍ତ୍ର ।

**ବ୍ୟକ୍ତ** ***ବିଂ.*** ୧. ପ୍ରକଟ, ସ୍ପଷ୍ଟ, ମୂର୍ତ୍ତ ୨. ଦୃଷ୍ଟ, ଇନ୍ଦ୍ରିୟର ବିଷୟୀଭୂତ ୩. କୁହାଯାଇଥିବା ।

**ବ୍ୟକ୍ତଗଣିତ** ***ବି.*** ପାଟୀଗଣିତ ।

**ବ୍ୟକ୍ତି** ***ବି.*** ୧. ଲୋକ (ପୁରୁଷ ଓ ନାରୀ) ୨. ପ୍ରକାଶ ୩. ବ୍ୟଷ୍ଟି ।

**ବ୍ୟକ୍ତିକ,ବ୍ୟକ୍ତିଗତ** ***ବିଂ.*** ବ୍ୟକ୍ତିବିଶେଷ ସଂକ୍ରାନ୍ତ, ନିଜସ୍ୱ ।

**ବ୍ୟକ୍ତିକୃତ** ***ବିଂ.*** ସ୍ପଷ୍ଟୀକୃତ, ଯାହା ବ୍ୟକ୍ତ ବା ପ୍ରକଟ ହୋଇଛି ।

**ବ୍ୟକ୍ତିତନ୍ତ୍ର, ବ୍ୟକ୍ତିବାଦ** ***ବି.*** ସ୍ୱାତନ୍ତ୍ର୍ୟବାଦ, ନିଜସ୍ୱବାଦ, ବ୍ୟଷ୍ଟିବାଦ ।

**ବ୍ୟକ୍ତିତ୍ୱ** ***ବି.*** ଯେକୌଣସି ବ୍ୟକ୍ତିର ବିଶେଷତ୍ୱ ।

**ବ୍ୟକ୍ତିଭୂତ** ***ବିଂ.*** ଯାହା ଅବ୍ୟକ୍ତ ଥିଲା, ଏବେ ବ୍ୟକ୍ତ ହୋଇଛି ।

**ବ୍ୟକ୍ତୀକରଣ** ***ବି.*** ସ୍ପଷ୍ଟୀକରଣ ।

**ବ୍ୟଗ୍ର** ***ବିଂ.*** ୧. ତ୍ୱରା, ଚଞ୍ଚଳ ୨. ବ୍ୟସ୍ତ ୩. ପ୍ରବଳ ଆଗ୍ରହାନ୍ୱିତ ୪. ଉଦ୍‌ବିଗ୍ନ ।

**ବ୍ୟଗ୍ରତା** ***ବି.*** ୧. ଚଞ୍ଚଳତା ୨. ବ୍ୟଗ୍ରଭାବ, ବ୍ୟଗ୍ରଅବସ୍ଥା ୩. ଉଦ୍‌ବିଗ୍ନତା ।

**ବ୍ୟଙ୍ଗ** ***ବି.*** ଉପହାସ, ବକ୍ରଭାଷ ; ***ବିଂ.*** ବିକଳାଙ୍ଗ, ଅଙ୍ଗହୀନ ।

**ବ୍ୟଙ୍ଗାତ୍ମକ** ***ବିଂ.*** ଉପହାସମୂଳକ, ବିଦ୍ରୂପାତ୍ମକ ।

**ବ୍ୟଙ୍ଗାର୍ଥ** ***ବି.*** ୧. ଉପହାସସୂଚକ ଅର୍ଥ ୨. ସୂଚିତ ଅର୍ଥ ।

**ବ୍ୟଙ୍ଗୋକ୍ତି** ***ବି.*** ଉପହାସମୂଳକ କଥା, ଛଳେଇ କୁହାଯିବା କଥା, ମନକୁ ବାଧିଲା ଭଳି କଥା ।

**ବ୍ୟଙ୍ଗ୍ୟ** ***ବିଂ.*** ବ୍ୟଞ୍ଜନାବୃତ୍ତିଦ୍ୱାରା ବୋଧ୍ୟ, ନିଗୂଢ଼, ଗୂଢ଼ ।

**ବ୍ୟଜନ** ***ବି.*** ବିଞ୍ଚଣା, ପଙ୍ଖା ।

**ବ୍ୟଜନୀ** ***ବି.*** ତାଳପତ୍ରର ବିଞ୍ଚଣା, ତାଳବୃନ୍ତ ।

**ବ୍ୟଞ୍ଜକ *ବିଂ.*** ୧. ସୂଚକ ୨. ବୋଧକ ୩. ପ୍ରକାଶକ ; ***ବି.*** ଭାବ ପ୍ରକାଶ ।

**ବ୍ୟଞ୍ଜନ *ବି.*** ୧. ତରକାରୀ, ତିଅଣ, ତୁଣ ୨. ସୂଚନ, ପ୍ରକାଶନ ୩. ବୈଶିଷ୍ଟ୍ୟବୋଧକ ଲକ୍ଷଣ ବା ଚିହ୍ନ

**ବ୍ୟଞ୍ଜନ ବର୍ଣ୍ଣ *ବି.*** ସ୍ୱରବର୍ଣ୍ଣ ସାହାଯ୍ୟରେ ଉଚ୍ଚାରିତ କ (କ୍‌-ଅ) ଠାରୁ ( ହ୍‌ + ଅ) ଯାଏ ଅକ୍ଷର ।

**ବ୍ୟଞ୍ଜନା *ବି.*** ଶବ୍ଦର ଗୂଢ଼ାର୍ଥ ବା ବ୍ୟଙ୍ଗାର୍ଥ ପ୍ରକାଶକ ଗୁଣ ।

**ବ୍ୟଞ୍ଜିତ *ବିଂ.*** ୧. ପ୍ରକାଶିତ, ସୂଚିତ, ଅଭିବ୍ୟକ୍ତ, ବୋଧିତ ୨. ହାବଭାବ ଦ୍ୱାରା ବ୍ୟକ୍ତ ।

**ବ୍ୟତିକର *ବି.*** ୧. ବିପଦ ୨. ବ୍ୟାପ୍ତି ୩. ସମୂହ ୪. ସମ୍ବନ୍ଧ ; ***ବିଂ.*** ସମ୍ପୃକ୍ତ ।

**ବ୍ୟତିକ୍ରମ *ବି.*** ୧. କର୍ମ ବିପର୍ଯ୍ୟୟ ୨. ଅନ୍ୟଥା ୩. ବୈପରୀତ୍ୟ, ବିଲୋମ ୪. ଗଡ଼ବଡ଼, ପ୍ରଥା ଲଙ୍ଘନ ୫. ଛାଡ଼ିଯିବା ।

**ବ୍ୟତିକ୍ରମଣ *ବି.*** ବ୍ୟତିକ୍ରମ କରିବା ।

**ବ୍ୟତିକ୍ରାନ୍ତ *ବିଂ.*** ବ୍ୟତିକ୍ରମ କରାଯାଇଥିବା, ଛାଡ଼ିଯାଇଥିବା ।

**ବ୍ୟତିପାତ *ବି.*** ୧. ବ୍ୟୁତ୍ପାତ, ଧୂମକେତୁ ପାତ, ଭୂମିକମ୍ପ ଆଦି ପ୍ରାକୃତିକ ଦୁର୍ବିପାକ ୨. ଜ୍ୟୋତିଷଶାସ୍ତ୍ରର ଅଶୁଭ ଯୋଗ ବିଶେଷ ।

**ବ୍ୟତିବ୍ୟସ୍ତ *ବିଂ.*** ୧. ବିବ୍ରତ, ଅତିଶୟ ବ୍ୟସ୍ତ ୨. ଉଦ୍ବ୍ୟକ୍ତ ; ***ବି.*** ବ୍ୟତିବ୍ୟସ୍ତତା ।

**ବ୍ୟତିରିକ୍ତ *ବିଂ.*** ୧. ଅଧିକ, ବଳକା, ଅତିରିକ୍ତ ୨. ଭିନ୍ନ ୩. ବାଦ୍‌ ୪. ଅତିକ୍ରାନ୍ତ ।

**ବ୍ୟତିରେକ *ବି.*** ୧. ଅଭାବ ୨. ଭେଦ ୩. ଅତିକ୍ରମ ୪. ଯାପନ ୫. ଉପମାନ ଅପେକ୍ଷା ଉପମେୟର ଆଧିକ୍ୟ ସୂଚକ କାବ୍ୟାଳଙ୍କାର ବିଶେଷ ।

**ବ୍ୟତୀତ *ଅ.*** ବିନା, ଛଡ଼ା ବ୍ୟତିରେକେ, ବାଦ୍‌ ; ***ବିଂ.*** ୧. ବିଗତ ୨. ଅତିକ୍ରାନ୍ତ, ଅତିବାହିତ ।

**ବ୍ୟତୀହାର *ବି.*** ୧. ବିନିମୟ ୨. ଏକାଧିକ ବ୍ୟକ୍ତିର ଏକ ସମୟରେ ସମାନ ଆଚରଣ ।

**ବ୍ୟଥକ *ବିଂ.*** ପୀଡ଼ାପ୍ରଦ, ଯନ୍ତ୍ରଣାଦାୟକ (***ବି.*** ବ୍ୟଥନ) ।

**ବ୍ୟଥା *ବି.*** ୧. ବଥା, ପୀଡ଼ା, ଯନ୍ତ୍ରଣା ୨. ବେଦନା, ଦୁଃଖକର ଅନୁଭୂତି ।

**ବ୍ୟଥାତୁର *ବିଂ.*** ବିକଳ, ବେଦନାପୀଡ଼ିତ, ଯନ୍ତ୍ରଣାକାତର (*ସ୍ତ୍ରୀ.* ବ୍ୟଥାତୁରା) ।

**ବ୍ୟଥିତ *ବିଂ.*** ମାନସିକ ବିଷାଦଗ୍ରସ୍ତ, ବ୍ୟଥାପ୍ରାପ୍ତ, ଯନ୍ତ୍ରଣାପ୍ରାପ୍ତ ।

**ବ୍ୟପଦେଶ *ବି.*** ୧. ଛଳ ୨. ଇଙ୍ଗିତ ।

**ବ୍ୟପଦେଷ୍ଟା *ବିଂ.*** ଛଳକାରୀ, କପଟୀ ।

**ବ୍ୟପହରଣ *ବି.*** ତହବିଲ ତୋଷରଫ, ଅର୍ଥାଦି ଆତ୍ମସାତ୍‌କରଣ ।

**ବ୍ୟବଚ୍ଛିନ୍ନ *ବିଂ.*** ବିଚ୍ଛିନ୍ନ, ବିଭକ୍ତ ।

**ବ୍ୟବଚ୍ଛେଦ *ବି.*** ୧. ଛେଦନ ୨. ପରୀକ୍ଷା ପାଇଁ ଖଣ୍ଡ ଖଣ୍ଡ କରି ଭାଗ କରିବା ।

**ବ୍ୟବଧାନ *ବି.*** ୧. ମଧ୍ୟବର୍ତ୍ତୀ ଦୂରତ୍ୱ, ଅନ୍ତର ୨. ଯବନିକା ବା ପରଦା ୩. ପରସ୍ପର ମଧ୍ୟରେ ଥିବା ପାର୍ଥକ୍ୟ ।

**ବ୍ୟବସାୟ *ବି.*** ୧. ବେପାର, ବାଣିଜ୍ୟ, କାରବାର ୨. ପେସା, ବୃତ୍ତି ।

**ବ୍ୟବସାୟାତ୍ମିକା ବୁଦ୍ଧି *ବି.*** ୧. ବାଣିଜ୍ୟିକ କୌଶଳ ୨. ବିଷୟବୁଦ୍ଧି ।

**ବ୍ୟବସାୟୀ *ବି.*** ବେଉସାଦାର ; ***ବି.*** ବେପାର ବ୍ୟବସାୟ କରିବା ବ୍ୟକ୍ତି, ବେପାରୀ, ବଣିକ ।

**ବ୍ୟବସ୍ଥା *ବି.*** ୧. ଯୋଗାଡ଼, ବନ୍ଦୋବସ୍ତ ୨. ବିଧାନ ୩. ଶୃଙ୍ଖଳା ।

**ବ୍ୟବସ୍ଥାପକ *ବିଂ.*** ୧. ବିଧାୟକ ୨. ବିଧାନ ବା ଆଇନ ପ୍ରଣୟନକାରୀ ।

**ବ୍ୟବସ୍ଥାପକ ସଭା,ବ୍ୟବସ୍ଥାସଭା *ବି.*** ବିଧାନସଭା, ରାଜ୍ୟ ଶାସନ ଓ ଆଇନ ପ୍ରଣୟନ ପାଇଁ ଜନସାଧାରଣଙ୍କ ପ୍ରତିନିଧିମାନଙ୍କଦ୍ୱାରା ଗଠିତ ସଭା ।

**ବ୍ୟବସ୍ଥାପତ୍ର *ବି.*** ନିର୍ଦ୍ଦେଶପତ୍ର (ଔଷଧ, ପଥ୍ୟ, ପ୍ରାୟଶ୍ଚିତାଦିର) ।

**ବ୍ୟବସ୍ଥା ପଦ୍ଧତି *ବି.*** ନିୟମପ୍ରଣାଳୀ, ନିୟମଧାରା ।

**ବ୍ୟବସ୍ଥାପନ *ବି.*** ନିୟମ ଓ ଆଇନାଦିର ପ୍ରଣୟନ ।

**ବ୍ୟବସ୍ଥାପୟିତା *ବି.*** ବ୍ୟବସ୍ଥାପକ, ବିଧାୟକ, ଆଇନ ପ୍ରଣୟନକାରୀ ।

**ବ୍ୟବସ୍ଥାପିତ *ବିଂ.*** ୧. ନିର୍ଦ୍ଧାରିତ ୨. ସଂସ୍ଥାପିତ ୩. ସୁଶୃଙ୍ଖଳିତ ।

**ବ୍ୟବସ୍ଥାଶାସ୍ତ୍ର *ବି.*** ୧. ଆଇନ ଶାସ୍ତ୍ର ୨. ସ୍ମୃତିଶାସ୍ତ୍ର ୩. ବିଧିବଦ୍ଧ ଆଇନ ୪. ଧର୍ମାଚାର ବିଧାୟକ ଶାସ୍ତ୍ର ।

**ବ୍ୟବସ୍ଥିତ *ବିଂ.*** ୧. ଆଗରୁ ନିର୍ଦ୍ଧାରିତ ୨. ଶୃଙ୍ଖଳାଯୁକ୍ତ ୩. ସ୍ଥିରୀକୃତ ।

**ବ୍ୟବହର୍ତ୍ତବ୍ୟ *ବିଂ.*** ୧. ବ୍ୟବହାର ଯୋଗ୍ୟ ୨. କାର୍ଯ୍ୟର ଉପଯୋଗୀ ।

**ବ୍ୟବହର୍ତ୍ତା *ବିଂ.*** ବିଚାରକାରୀ, ଜଜ୍‌ ; ***ବି.*** ୧. ବେବର୍ତ୍ତା ୨. ସମ୍ପାଦକ ୩. ପରିଚାଳକ, ମେନେଜର ।

**ବ୍ୟବହାର *ବି.*** ୧. ଆଚରଣ, କାର୍ଯ୍ୟକଳାପ ୨. ବେଭାର ୩. କାମରେ ଲଗାଇବା ୪. ପ୍ରଥା, ରୀତି ୫. ପ୍ରୟୋଗ ।

**ବ୍ୟବହାରଜୀବ, ବ୍ୟବହାରଜୀବୀ *ବି.*** ଆଇନଜୀବୀ, ଓକିଲ ଆଦି ଆଇନ ବ୍ୟବସାୟୀ ।

**ବ୍ୟବହାରବିଧି *ବି.*** ମକଦ୍ଦମା ସଂକ୍ରାନ୍ତ ନିୟମାବଳୀ, ଆଇନ ।

**ବ୍ୟବହାରଶାସ୍ତ୍ର *ବି.*** ଆଇନଗ୍ରନ୍ଥ ।

**ବ୍ୟବହାର୍ଯ୍ୟ *ବିଂ.*** ବ୍ୟବହାର ଯୋଗ୍ୟ ।

**ବ୍ୟବହୃତ *ବିଂ.*** ୧. ବ୍ୟବହାର ହୋଇଥିବା ୨. ଆଚରିତ ୩. ଅନୁଷ୍ଠିତ ।

**ବ୍ୟଭିଚାର *ବି.*** ୧. ଗର୍ହିତ ଆଚରଣ ୨. ଅବୈଧ ଯୌନସମ୍ପର୍କ ।

**ବ୍ୟଭିଚାରୀ** *ବିଂ.* ୧. ଅନୁଚିତ କାମ କରୁଥିବା ୨.ପରନାରୀଗାମୀ ।

**ବ୍ୟୟ** *ବି.* ୧. ଖର୍ଚ୍ଚ ୨. କ୍ଷୟ, ନାଶ ୩. *ଜ୍ୟୋତିଷ ଶାସ୍ତ୍ର* ଲଗ୍ନରୁ ଦ୍ୱାଦଶସ୍ଥାନ ।

**ବ୍ୟୟକାତର, ବ୍ୟୟକୁଣ୍ଠ** *ବିଂ.* କୃପଣ, ଖର୍ଚ୍ଚପାଇଁ କୁଣ୍ଠୁ କୁଣ୍ଠୁ, ବ୍ୟୟକୁଣ୍ଠ (*ବି.* ବ୍ୟୟକୁଣ୍ଠତା, ବ୍ୟୟକାତରତା) ।

**ବ୍ୟୟବହୁଳ** *ବିଂ.* ଅଯଥା ଆଡମ୍ବରପୂର୍ଣ୍ଣ, ଯହିଁରେ ବେଶି ଖର୍ଚ୍ଚ ପଡ଼େ ।

**ବ୍ୟୟବହୁଳତା, ବ୍ୟୟବାହୁଲ୍ୟ** *ବି.* ବହୁତ ଖର୍ଚ୍ଚ, ଖର୍ଚ୍ଚରେ ଆଧିକ୍ୟ ।

**ବ୍ୟୟଶୀଳ** *ବିଂ.* ଶାହାଖର୍ଚ୍ଚୀ, ଯେ ଖର୍ଚ୍ଚ କରିବାରେ କୁଣ୍ଠିତ ନୁହେଁ, (*ସ୍ତ୍ରୀ.* ବ୍ୟୟଶୀଳା) ।

**ବ୍ୟୟସାଧ୍ୟ,ବ୍ୟୟସାପେକ୍ଷ** *ବିଂ.* ଯହିଁରେ ବହୁ ବ୍ୟୟର ସମ୍ଭାବନା ଥାଏ ।

**ବ୍ୟୟାଧିପ** *ବି.* *ଜ୍ୟୋତିଷ ଶାସ୍ତ୍ର* ଜନ୍ମଲଗ୍ନଠାରୁ ଦ୍ୱାଦଶ ସ୍ଥାନର ଅଧିପତି ଗ୍ରହ ।

**ବ୍ୟୟିତ** *ବିଂ.* ୧. ଯାହା ଖର୍ଚ୍ଚ ହୋଇଛି ୨. କ୍ଷୟିତ, ନଷ୍ଟ ।

**ବ୍ୟୟୀ** *ବିଂ.* ଖର୍ଚ୍ଚୀ, ବ୍ୟୟକାରୀ ।

**ବ୍ୟର୍ଥ** *ବିଂ.* ୧. ନିଷ୍ଫଳ, ଅସଫଳ ୨. ନିରର୍ଥକ ୩. ଅକୃତକାର୍ଯ୍ୟ (*ବିପ.* ଅବ୍ୟର୍ଥ) ।

**ବ୍ୟର୍ଥକାମ** *ବିଂ.* ବ୍ୟର୍ଥମନୋରଥ, ଯାହାର ଇଚ୍ଛା ବା ମନୋବାଞ୍ଛା ସଫଳ ହୋଇନାହିଁ ।

**ବ୍ୟଷ୍ଟି** *ବି.* ପୃଥକ୍ ଅବସ୍ଥା, ପୃଥକ୍ ପୃଥକ୍ ବ୍ୟକ୍ତି ।

**ବ୍ୟସନ** *ବି.* ଅତିଶୟ ଆସକ୍ତି ବା ନିଶା ।

**ବ୍ୟସନୀ** *ବିଂ.* ବ୍ୟସନପ୍ରିୟ, ଲାଳସା ଓ ଆସକ୍ତି ସମ୍ପନ୍ନ ।

**ବ୍ୟସ୍ତ** *ବିଂ.* ୧. କୌଣସି କାର୍ଯ୍ୟରେ ବ୍ୟାପୃତ ୨. ଉଦ୍‌ବିଗ୍ନ ୩. ବିବ୍ରତ ।

**ବ୍ୟସ୍ତତା** *ବି.* ୧. ଅସ୍ଥିରତା ୨. କାର୍ଯ୍ୟ ଆଦି ପାଇଁ ନିଯୁକ୍ତ ଅବସ୍ଥା ।

**ବ୍ୟାକ୍** *ବି.* ପଛ ।

**ବ୍ୟାକ୍ କରିବା** *କ୍ରି.* ଗାଡ଼ି ମଟକୁ ପଛେଇ ଚଲାଇବା ।

**ବ୍ୟାକ୍‌ୱାର୍ଡ** *ବିଂ.* ପଛୁଆ, ଅନଗ୍ରସର ।

**ବ୍ୟାକ୍ ସାଇଡ୍** *ବି.* ପଛପାଖ ।

**ବ୍ୟାକ୍ ଲାଗିବା** *କ୍ରି.* ପରୀକ୍ଷାରେ ଭଲ ନ ହେବାରୁ ପୁଣି ଥରେ ପରୀକ୍ଷା ଦେବାର ଆବଶ୍ୟକତା ହେବା ।

**ବ୍ୟାକରଣ** *ବି.* ଭାଷାର ଶୁଦ୍ଧ ପ୍ରୟୋଗ ବିଧି ଓ ସେହି ବିଷୟର ଗ୍ରନ୍ଥ ।

**ବ୍ୟାକିଙ୍ଗ୍** *ବି.* ପୃଷ୍ଠପୋଷକତା ।

**ବ୍ୟାକୁଳ** *ବିଂ.* ଆତୁର, ବିହ୍ୱଳତା ସହ ଅସ୍ଥିର ।

**ବ୍ୟାକୁଳତା** *ବି.* କାତରତା, ବ୍ୟାକୁଳ ଭାବ ।

**ବ୍ୟାଖ୍ୟା** *ବି.* ବିଶଦ ଅର୍ଥ ପ୍ରକାଶ, ବିଶଦ ଚର୍ଚ୍ଚା, ବିସ୍ତାରିତ ବର୍ଣ୍ଣନା ।

**ବ୍ୟାଖ୍ୟାତ** *ବିଂ.* ସବିଶେଷ ବର୍ଣ୍ଣିତ ।

**ବ୍ୟାଖ୍ୟାନ** *ବି.* ସବିଶେଷ ବର୍ଣ୍ଣନ, ବ୍ୟାଖ୍ୟାକରଣ, ଟିକିନିଖି ଅର୍ଥ ପ୍ରକାଶ ।

**ବ୍ୟାଗ୍** *ବି.* ଥଳି, ମୁଣା ।

**ବ୍ୟାଘାତ** *ବି.* ବିଘ୍ନ, ଅନ୍ତରାୟ, ବାଧା, ଅସୁବିଧା ।

**ବ୍ୟାଘ୍ର** *ବି.* ବାଘ, ମାଂସାଶୀ ପଶୁ ବିଶେଷ ।

**ବ୍ୟାଘ୍ରଗତି** *ବି.* ୧. ଆଳଙ୍କାରିକ ରଚନା ବିଶେଷ ୨. ବାଘ ଭଳି ବୀରତ୍ୱ ଓ ଚତୁରତା ସହ ଗତି ।

**ବ୍ୟାଘ୍ରନଖ** *ବି.* ୧. ବାଘର ନଖ ୨. ଏକ ପ୍ରକାର ଅସ୍ତ୍ର, ବାଘନଖି ।

**ବ୍ୟାଙ୍କ୍** *ବି.* ୧. ଅଧିକୋଷ, ନିର୍ଦ୍ଦିଷ୍ଟ ସୁଧରେ ଟଙ୍କା ଲଗାଣକାରୀ ଏବଂ ଟଙ୍କା ସୁନା ଆଦି ଜମା ରଖିବା ସଂସ୍ଥା, କରଜ ଆଣିବା ସଂସ୍ଥା ୪. ଯେକୌଣସି ଜମା ରଖିବା ସଂସ୍ଥା (ଯଥା- ବ୍ଲଡ଼ ବ୍ୟାଙ୍କ) ।

**ବ୍ୟାଚ୍** *ବି.* ୧. ଗୋଷ୍ଠୀ, ଦଳ ୨. କୌଣସି ବର୍ଷ ବା ଅବଧି ସମ୍ପୃକ୍ତ ବ୍ୟକ୍ତି ସମୂହ ୩. ଥାକ ।

**ବ୍ୟାଚଲର୍** *ବି. ବିଂ.* ଅବିବାହିତ ।

**ବ୍ୟାଜ୍** *ବି.* ୧. ଆନୁଷ୍ଠିକ ଫଳକ ବା ଚିହ୍ନ ୨. ସୁଧ ।

**ବ୍ୟାଜ** *ବି.* ଛଳ, ବାହାନା ।

**ବ୍ୟାଜସ୍ତୁତି** *ବି.* ୧. ଏକ କାବ୍ୟାଳଙ୍କାର (ବ୍ୟାଜୋକ୍ତି) ୨. କପଟ ପ୍ରଶଂସା ।

**ବ୍ୟାଟ୍** *ବି.* ୧. କ୍ରିକେଟ ବଲ୍ ଖେଳିବାର କାଠ ପଟା, ବଲ୍ଲା ୨. ଖେଳରେ ବ୍ୟବହୃତ ବଲ୍ଲା ।

**ବ୍ୟାଟେରୀ** *ବି.* କୃତ୍ରିମ ଉପାୟରେ ସଂଚିତ ବିଦ୍ୟୁତ୍ ଶକ୍ତିର କୋଷ, ବିଦ୍ୟୁତ୍‌କୋଷ ।

**ବ୍ୟାଣ୍ଡ୍** *ବି.* ଏକତ୍ର ବିଭିନ୍ନ ବାଦ୍ୟ ବାଦନକାରୀ ଦଳ,ଐକତାନ ବାଦକ ।

**ବ୍ୟାଣ୍ଡେଜ୍** *ବି.* କ୍ଷତ ଉପରର ଔଷଧ ପଟି, ଯନ୍ତ୍ରଣା ଉପଶମପାଇଁ ଶରୀରର କୌଣସି ଅଂଶରେ ଭିଡ଼ା ହୋଇଥିବା କନାପଟି ।

**ବ୍ୟାଦାନ** *ବି.* ମୁହଁ ମେଲା କରିବା, ଆଁ କରିବା, ବିସ୍ତାର କରିବା ।

**ବ୍ୟାଧ** *ବି.* ଶିକାରୀ, ବାଣୁଆ ।

**ବ୍ୟାଧି** *ବି.* ରୋଗ, ପୀଡ଼ା ।

**ବ୍ୟାନ୍** *ବି.* ନିଷେଧ ।

**ବ୍ୟାନ** *ବି.* ଶରୀର ମଧ୍ୟସ୍ଥ ପଞ୍ଚ ବାୟୁରୁ ଏକ ବାୟୁ ।

**ବ୍ୟାନର୍** *ବି.* ୧. ପ୍ରଜ୍ଞାପନ ୨. ପତାକା ୩. ପୃଷ୍ଠପୋଷକତା ।

**ବ୍ୟାପକ** *ବିଂ.* ବ୍ୟାପ୍ତିଶୀଳ, ବିଶେଷଭାବରେ ବିସ୍ତାରିତ ।

**ବ୍ୟାପକତା** *ବି.* ବ୍ୟାପିଥିବା ଅବସ୍ଥା, ଚହଟି ଯିବା ଅବସ୍ଥା ।

**ବ୍ୟାପାର** *ବି.* ୧.ବିଷୟ ୨.ଘଟଣା ୩.କ୍ରିୟା, ବୃତ୍ତି ୫.ବେପାର, ବ୍ୟବସାୟ ।

**ବ୍ୟାପାରୀ** *ବି.ବିଂ.* ବେପାରୀ, ବ୍ୟବସାୟୀ ।

**ବ୍ୟାପିକା** ***ବିଂ. ବି.*** ୧. ମୁଖରା, ଖରଖରୀ ୨. ଅଣ୍ଡିରା ଚଣ୍ଡୀ ୩. ସ୍ୱେଚ୍ଛାଚାରିଣୀ ।

**ବ୍ୟାପିବା** ***କ୍ରି.*** ୧. ବ୍ୟାପିଯିବା ୨. ଘୋଟିବା ୩. ଖେଦିଯିବା ୪. ଘୋଡେଇବା ୫. ଖେଳେଇ ହୋଇଯିବା ।

**ବ୍ୟାପୀ** ***ବିଂ.*** ବ୍ୟାପକ, ବିସ୍ତୃତ ହୋଇଥିବା, ଦୂରପ୍ରସାରୀ ; ***ଅ.*** ପର୍ଯ୍ୟନ୍ତ ।

**ବ୍ୟାପୃତ** ***ବିଂ.*** ନିଯୁକ୍ତ, ରତ (*ସ୍ତ୍ରୀ.* ବ୍ୟାପୃତା) ।

**ବ୍ୟାପ୍ତ** ***ବିଂ.*** ଆଚ୍ଛନ୍ନ, ବିସ୍ତୃତ, ପରିପୂର୍ଣ୍ଣ ।

**ବ୍ୟାପ୍ତି** ***ବି.*** ବିସ୍ତୃତି, ପ୍ରସାର, ଆବରଣ ।

**ବ୍ୟାବହାରିକ** ***ବିଂ.*** ୧. ଯାହା ପରମ୍ପରାକ୍ରମେ ବ୍ୟବହାର କରାଯାଉଛି, ଲୋକାଚାର ପ୍ରଚଳିତ ଓ ସାଂସାରିକ ୨. ବ୍ୟବହାର ସିଦ୍ଧ ୩. ବ୍ୟବହାର ପାଇଁ ଉଦ୍ଦିଷ୍ଟ ।

**ବ୍ୟାବୃତି** ***ବି.*** କେନ୍ଦ୍ର ଚାରିପଟେ ଘୂର୍ଣ୍ଣନ, ଆବର୍ତ୍ତନ ।

**ବ୍ୟାୟାମ** ***ବି.*** ସ୍ୱାସ୍ଥ୍ୟର ଉନ୍ନତିପାଇଁ ଅଙ୍ଗଚାଳନା, ଶରୀର ସଞ୍ଚାଳନ, କସ୍‌ରତ୍ ।

**ବ୍ୟାୟାମଶାଳା** ***ବି.*** ଯେଉଁ ସ୍ଥାନରେ ବହୁଲୋକ ନିୟମିତ ବ୍ୟାୟାମ କରନ୍ତି ବା ଶିଖନ୍ତି ।

**ବ୍ୟାସ** ***ବି.*** ୧. ବୃତ୍ତର କେନ୍ଦ୍ର ଭେଦକରି ଦୁଇପାର୍ଶ୍ୱର ପରିଧିଯାଏ ବିସ୍ତୃତ ସରଳରେଖା ୨. ବେଦ ସଂକଳକ ଏବଂ ଭାଗବତ ପୁରାଣାଦିର ରଚୟିତା ବ୍ୟାସ ୩. ପୁରାଣପାଠକ ।

**ବ୍ୟାସକୂଟ** ***ବି.*** ବ୍ୟାସଙ୍କ ମହାଭାରତର କେତେକ ଦୁର୍ବୋଧ୍ୟ ଶ୍ଳୋକ ।

**ବ୍ୟାସବାକ୍ୟ** ***ବି.*** ବିଗ୍ରହ ବାକ୍ୟ, ବ୍ୟାସବଦ୍ଧ ପଦଗୁଡ଼ିକର ବ୍ୟାଖ୍ୟାକାରୀ ବାକ୍ୟ ।

**ବ୍ୟାସାର୍ଦ୍ଧ** ***ବି.*** ବୃତ୍ତର ପରିଧିଠାରୁ କେନ୍ଦ୍ରଯାଏ ପ୍ରସାରିତ ସରଳରେଖା ।

**ବ୍ୟାସାସନ** ***ବି.*** ପୁରାଣପାଠ ବେଳେ ପୁରାଣକୁ ରଖିବାପାଇଁ କାଠର ଛକି ଆସନ ବିଶେଷ, ପୁସ୍ତକାଧାର ।

**ବ୍ୟାହତ** ***ବିଂ.*** ବାଧାପ୍ରାପ୍ତ ।

**ବ୍ୟାହୃତି** ***ବି.*** ୧. ଉକ୍ତି ୨. ନିର୍ଦ୍ଦେଶ ୩. ଭୂଃ, ଭୁବଃ ସ୍ୱଃ ଆଦି ସାତଗୋଟି ଅଭିମନ୍ତ୍ରିତ ଶବ୍ଦ ।

**ବ୍ୟୁଟିପାର୍ଲର୍** ***ବି.*** ଯେଉଁଠି କେଶ, ମୁହଁ ପ୍ରଭୃତିର ପ୍ରସାଧନ କରାଯାଏ, ପ୍ରସାଧନାଳୟ, ବେଶକକ୍ଷ ।

**ବ୍ୟୁତ୍ପତ୍ତି** ***ବି.*** ୧. ଶବ୍ଦର ପ୍ରକୃତି ପ୍ରତ୍ୟୟାଦି ନିରୂପଣ ୨. ପ୍ରଖର ଜ୍ଞାନ ୩. ଅଭିଜ୍ଞତା, ପାରଦର୍ଶିତା ୪. ପାଣ୍ଡିତ୍ୟ ।

**ବ୍ୟୁତ୍ପନ୍ନ** ***ବିଂ.*** ୧. ଶାସ୍ତ୍ର ଧୁରୀଣ, ବିଜ୍ଞ ୨. ପ୍ରକୃତି ପ୍ରତ୍ୟୟାଦି ଯୋଗରେ ଉତ୍ପନ୍ନ ।

**ବ୍ୟୁତ୍ପାଦନ** ***ବିଂ.*** ବ୍ୟୁତ୍ପତ୍ତିଜନକ ; ***ବି.*** ପ୍ରକୃତି ପ୍ରତ୍ୟୟାଦି ସାହାଯ୍ୟରେ ଶବ୍ଦର ସ୍ୱରୂପ ନିର୍ଦ୍ଧାରଣ ।

**ବ୍ୟୁତ୍ପାଦିତ** ***ବିଂ.*** ବ୍ୟୁତ୍ପତ୍ତିଦ୍ୱାରା ନିଷ୍ପାଦିତ ବା ଉତ୍ପାଦିତ, ପ୍ରକୃତି ପ୍ରତ୍ୟୟାଦି ଦ୍ୱାରା ନିର୍ଦ୍ଧାରିତ ।

**ବ୍ୟୁତ୍ପାଦ୍ୟ** ***ବିଂ.*** ବ୍ୟୁତ୍ପତ୍ତିଦ୍ୱାରା ଲକ୍ଷ, ପ୍ରକୃତି ପ୍ରତ୍ୟୟ ଜନିତ ଲାଭ ହୋଇଥିବା ।

**ବ୍ୟୂହ** ***ବି.*** ୧. ଯୁଦ୍ଧରେ କୌଶଳପୂର୍ଣ୍ଣ ସୈନ୍ୟ ସଜ୍ଜା, ଯୁଦ୍ଧରେ ସୈନ୍ୟ ବିନ୍ୟାସ ୨. ସମୂହ ୩. ଦେହ ୪. ଗଠନ ।

**ବ୍ୟୋମ** ***ବି.*** ୧. ଆକାଶ, ନଭ ୨. ଶୂନ୍ୟ ।

**ବ୍ୟୋମକେଶ** ***ବି.*** ଶିବ ।

**ବ୍ୟୋମଚର, ବ୍ୟୋମଚାରୀ** ***ବିଂ. ବି.*** ବିମାନପୋତ ବା ଉଡାଜାହାଜରେ ଯେ ଆକାଶରେ ଭ୍ରମଣକରେ , ଆକାଶଚାରୀ ।

**ବ୍ୟୋମଯାନ** ***ବି.*** ଆକାଶଗାମୀ ଯାନ, ଉଡାଜାହାଜ, ଏରୋପ୍ଲେନ, ବିମାନ ।

**ବ୍ରଏଲର୍** ***ବି.*** ସଂକର କୁକୁଡା, ଅଣ୍ଡା ଦେଉନଥିବା ଓ ମାଂସପାଇଁ ଉପଯୋଗୀ କୁକୁଡା ।

**ବ୍ରଜ** ***ବି.*** ଶ୍ରୀକୃଷ୍ଣଙ୍କ ବାଲ୍ୟଭୂମି ଗୋକୁଳ ଗ୍ରାମ, ବୃନ୍ଦାବନ ୧. ଗଉଡ ୨. ଗୋଷ୍ଠ ୩. ପଥ ୪. ଗମନ ୫. ସମୂହ ।

**ବ୍ରଜକିଶୋରୀ, ବ୍ରଜ ବିନୋଦିନୀ, ବ୍ରଜବିଳାସିନୀ, ବ୍ରଜସୁନ୍ଦରୀ, ବ୍ରଜେଶ୍ୱରୀ** ***ବି.*** ଶ୍ରୀରାଧା, ଚନ୍ଦ୍ରସେଣାଙ୍କ ପତ୍ନୀ ।

**ବ୍ରଜଧାମ** ***ବି.*** ଗୋକୁଳ, ବୃନ୍ଦାବନ ।

**ବ୍ରଜରାଜ, ବ୍ରଜସୁନ୍ଦର, ବ୍ରଜେନ୍ଦ୍ର, ବ୍ରଜେଶ୍ୱର** ***ବି.*** ଶ୍ରୀକୃଷ୍ଣ ।

**ବ୍ରଜଲୀଳା** ***ବି.*** ବ୍ରଜଧାମରେ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା ।

**ବ୍ରଣ** ***ବି.*** ୧. ବଥ, ଘାଆ ୨. ମୁହଁର କାଠ ବରୁଣ ।

**ବ୍ରତ** ***ବି.*** ୧. ନିଷ୍ଠା ୨. ପୂଜା ଉପାସନାଦିରେ ବାହୁରେ ବାନ୍ଧିବା ସୂତ୍ର ୩. ଅଣ୍ଡିରା ବାଛୁରୀର ମୁଷ୍କ ଛେଦନ, ଖାସୁ କରିବା ୪. ସଂକଳ୍ପ, ନିୟମ, ତପସ୍ୟା, ସଂଯମ ୫. ଧର୍ମାନୁଷ୍ଠାନ ୬. ପୁଣ୍ୟ ପାଇଁ, ପାପକ୍ଷୟ ପାଇଁ ବା ଇଷ୍ଟ ଲାଭ ପାଇଁ କରାଯିବା ଧାର୍ମିକ କାର୍ଯ୍ୟ ।

**ବ୍ରତଚାରୀ** ***ବି.*** ଯେ ବ୍ରତ ପାଳେ (*ସ୍ତ୍ରୀ.* ବ୍ରତଚାରିଣୀ ବି. ବ୍ରତଚାରିତା) ।

**ବ୍ରତତି, ବ୍ରତତୀ** ***ବି.*** ପତ୍ରବହୁଳ ଲତା, ଝଙ୍କାଳିଆ ଲତା ।

**ବ୍ରତଧାରୀ** ***ବିଂ.*** ୧. ଉଦ୍ଦେଶ୍ୟ ରଖି କୌଣସି ବ୍ରତ ପାଳୁଥିବା ୨. ବ୍ରତ ପିନ୍ଧିଥିବା ।

**ବ୍ରତଭଙ୍ଗ** ***ବି.*** ୧. ନିୟମ ଲଙ୍ଘନ ୨. ସଂକଳ୍ପ ବା କର୍ତ୍ତବ୍ୟରୁ ବିଚ୍ୟୁତି ୩. ଯଥା ସମୟରେ ବ୍ରତର ଉଜେଇଁବା କ୍ରିୟା ।

**ବ୍ରତଭିକ୍ଷା** ***ବି.*** ବ୍ରତଘର ସମୟର ବ୍ରହ୍ମଚାରୀର ଭିକ୍ଷା ।

**ବ୍ରତସ୍ନାତକ** ***ବି.*** ବେଦାଧ୍ୟୟନ ସାରି ବ୍ରହ୍ମଚର୍ଯ୍ୟାଶ୍ରମ ଶେଷ କରିଥିବା ବ୍ରହ୍ମଚାରୀ, ଗୁରୁକୁଳରୁ ବିଦ୍ୟା ଶେଷକରି ଫେରିଥିବା ବିଦ୍ୟାର୍ଥୀ ।

**ବ୍ରତୀ** ***ବିଂ.*** ୧. ବ୍ରତଧାରୀ ୨. ଦୃଢ଼ କର୍ମନିଷ୍ଠ ।

**ବ୍ରହ୍ମ** *ବି.* ୧. ନିର୍ଗୁଣ ପରମାତ୍ମା ୨. ସଗୁଣ ପରମେଶ୍ୱର ୩. ବିଧାତା ୪. ବ୍ରାହ୍ମଣ ୫. ବେଦ ୬. ଆତ୍ମା ।

**ବ୍ରହ୍ମଗ୍ରନ୍ଥି** *ବି.* ଯଜ୍ଞୋପବୀତ ବା ପିନ୍ଧା ପଇତାର ଗଣ୍ଠିବିଶେଷ ।

**ବ୍ରହ୍ମଘାତୀ** *ବିଂ. ବି.* ୧. ବ୍ରାହ୍ମଣ ହତ୍ୟାକାରୀ ୨. ଆତ୍ମାକୁ ହତ୍ୟା କରୁଥିବା (*ସ୍ତ୍ରୀ.* ବ୍ରହ୍ମଘାତିନୀ) ।

**ବ୍ରହ୍ମଘୋଷ** *ବି.* ବେଦଧ୍ୱନି ।

**ବ୍ରହ୍ମଚର୍ଯ୍ୟ** *ବି.* ଉପନୟନ ପରେ ଗୁରୁକୁଳରେ ବେଦାଦି ପଠନ ଓ ସଂଯମ ଆଚରଣ ।

**ବ୍ରହ୍ମଚର୍ଯ୍ୟା** *ବି.* ୧. ଉପସ୍ଥ ସଂଯମ, ଯୌନସଂଯମ ୨. ବ୍ରାହ୍ମଣର ଦୈନନ୍ଦିନ କାର୍ଯ୍ୟ ।

**ବ୍ରହ୍ମଚର୍ଯ୍ୟାଶ୍ରମ** *ବି.* ୧. ସଂଯତ ଛାତ୍ରାବସ୍ଥା ୨. ଗୁରୁକୁଳର ପ୍ରଥମ ଆଶ୍ରମ ।

**ବ୍ରହ୍ମଚାରୀ** *ବିଂ.* ବ୍ରହ୍ମଚର୍ଯ୍ୟ ପାଳନକାରୀ ; *ବି.* ୧. ଉପନୟନ ପରେ ଗୁରୁଘରେ ରହି ପାଠ ପଢୁଥିବା ବ୍ରାହ୍ମଣକୁମାର ୨. ବ୍ରତ ହେଉଥିବା ବ୍ରାହ୍ମଣ କୁମାର (*ସ୍ତ୍ରୀ.* ବ୍ରହ୍ମଚାରିଣୀ) ।

**ବ୍ରହ୍ମଛଡ଼ା** *ବିଂ.* ମନଛଡା, ଚାରିଦଉଡ଼ିକଟା ।

**ବ୍ରହ୍ମ ଜଳିବା** *କ୍ରି.* ୧. ପ୍ରଚଣ୍ଡ ଭୋକ ହେବା ୨. ଭୀଷଣ ରାଗିବା ।

**ବ୍ରହ୍ମଜ୍ଞ** *ବିଂ.* ଯେ ବ୍ରହ୍ମଙ୍କୁ ଉପଲବ୍ଧି କରିଅଛି (*ସ୍ତ୍ରୀ.* ବ୍ରହ୍ମଜ୍ଞା) ।

**ବ୍ରହ୍ମଜ୍ଞାନୀ** *ବି. ବିଂ.* ଯେ ବ୍ରହ୍ମଙ୍କ ସମ୍ପର୍କରେ ଜ୍ଞାନ ଅର୍ଜନ କରିଅଛି ।

**ବ୍ରହ୍ମଣ୍ୟ** *ବିଂ.* ୧. ବ୍ରହ୍ମ ବା ବ୍ରାହ୍ମଣ ସମ୍ବନ୍ଧୀୟ ୨. ବ୍ରାହ୍ମଣର ଆଚରଣ ବିଶିଷ୍ଟ ।

**ବ୍ରହ୍ମ ତାତିବା** *କ୍ରି.* ଭୋକ ବା ଅପମାନ ଯୋଗୁଁ ରାଗ ।

**ବ୍ରହ୍ମତାଳୁ** *ବି.* ମୁଣ୍ଡର ଚାନ୍ଦି, ମୁଣ୍ଡର ଉପର କୋମଳ ମଧ୍ୟଭାଗ ।

**ବ୍ରହ୍ମତୀର୍ଥ** *ବି.* ୧. ପୁଷ୍କରତୀର୍ଥ ୨. ହାତର ବୁଢ଼ା ଆଙ୍ଗୁଠିର ମୂଳ ଭାଗ ।

**ବ୍ରହ୍ମତେଜଃ** *ବି.* ୧. ବ୍ରହ୍ମଜ୍ଞାନଜନିତ ଜ୍ୟୋତି, ବ୍ରହ୍ମଠାରେ ନିଷ୍ଠାଜନିତ ତେଜ ୨. ବ୍ରାହ୍ମଣର ଆତ୍ମିକ ଶକ୍ତି ୩. ବ୍ରାହ୍ମଣର କଥିତ ଅଲୌକିକ ଆଧ୍ୟାତ୍ମିକ ଦକ୍ଷତା ।

**ବ୍ରହ୍ମତ୍ୱ** *ବି.* ବ୍ରହ୍ମପଦ, ବ୍ରହ୍ମଙ୍କ ସହ ଏକାକାର ହୋଇଯିବା, ବ୍ରହ୍ମଲୀନ ଅବସ୍ଥା ।

**ବ୍ରହ୍ମଦୈତ୍ୟ, ବ୍ରହ୍ମପିଶାଚ, ବ୍ରହ୍ମରାକ୍ଷସ** *ବି.* ୧. କଥିତ ପ୍ରେତଯୋନି ପାଇଥିବା ବ୍ରାହ୍ମଣ ୨. ମାଂସଭକ୍ଷକ ବ୍ରାହ୍ମଣ ।

**ବ୍ରହ୍ମନାଭ** *ବି.* ବିଷ୍ଣୁ, ଜଗନ୍ନାଥ ।

**ବ୍ରହ୍ମପାଦପ** *ବି.* ପଳାଶ ଗଛ ।

**ବ୍ରହ୍ମପୁରୀ, ବ୍ରହ୍ମଲୋକ** *ବି.* ବ୍ରହ୍ମାଙ୍କ ବାସସ୍ଥାନ, ପୁରାଣବର୍ଣ୍ଣିତ ସପ୍ତଲୋକ ମଧ୍ୟରୁ କେବଳ ସତ୍ୟଲୋକ ।

**ବ୍ରହ୍ମବାଦୀ** *ବିଂ.* ବେଦ ବିଶେଷଜ୍ଞ, ବ୍ରହ୍ମଦର୍ଶନ ପ୍ରବକ୍ତା, ବ୍ରହ୍ମଜ୍ଞାନୀ, ବୈଦାନ୍ତିକ, ବ୍ରହ୍ମବିଦ୍ୟାର ବକ୍ତା (*ସ୍ତ୍ରୀ.* ବ୍ରହ୍ମବାଦିନୀ) ।

**ବ୍ରହ୍ମବିଦ୍ୟା** *ବି.* ବ୍ରହ୍ମଜ୍ଞାନ ବିଷୟକ ଶାସ୍ତ୍ର ।

**ବ୍ରହ୍ମବିନ୍ଦୁ** *ବି.* ବେଦପାଠ ସମୟରେ ମୁହଁର ଛେପ ।

**ବ୍ରହ୍ମବୀଜ** *ବି.* ପ୍ରଣବ, ଓଁକାର, ବ୍ରହ୍ମାକ୍ଷର ।

**ବ୍ରହ୍ମବୈବର୍ତ୍ତ** *ବି.* ସଂସ୍କୃତର ଅଠରପୁରାଣ ମଧ୍ୟରୁ ଅନ୍ୟତମ ।

**ବ୍ରହ୍ମଯଜ୍ଞ** *ବି.* ବିଧି ଅନୁଯାୟୀ ବେଦ ଅଧ୍ୟୟନ ।

**ବ୍ରହ୍ମରନ୍ଧ୍ର** *ବି.* ତାଳୁ ଭିତରେ କଳ୍ପିତ ଛିଦ୍ର ।

**ବ୍ରହ୍ମରାତ୍ରି** *ବି.* ଦେବତାଙ୍କର ଦୁଇ ହଜାର ବର୍ଷ ଯାହା ବ୍ରହ୍ମାଙ୍କର ଗୋଟିଏ ରାତ୍ରି ।

**ବ୍ରହ୍ମର୍ଷି** *ବି.* ବ୍ରହ୍ମଜ୍ଞ ଋଷି, ବ୍ରହ୍ମବିତ୍ ।

**ବ୍ରହ୍ମସଂହିତା** *ବି.* ଭଗବତ ସିଦ୍ଧାନ୍ତ ସମ୍ପର୍କିତ ବୈଷ୍ଣବ ଗ୍ରନ୍ଥ ବିଶେଷ ।

**ବ୍ରହ୍ମସାଯୁଜ୍ୟ** *ବି.* ବ୍ରହ୍ମତ୍ୱଲାଭ, ବ୍ରହ୍ମଙ୍କ ସହ ଏକାକାର ହେବା ।

**ବ୍ରହ୍ମସୂତ୍ର** *ବି.* ୧. ବାଦରାୟଣ ବ୍ୟାସ ରଚିତ ବେଦାନ୍ତ ଶାସ୍ତ୍ର ୨. ପଇତା, ଉପବୀତ ।

**ବ୍ରହ୍ମସ୍ୱ** *ବି.* ବ୍ରାହ୍ମଣର ସମ୍ପତ୍ତି ।

**ବ୍ରହ୍ମହତ୍ୟା** *ବି.* ବ୍ରାହ୍ମଣବଧ ।

**ବ୍ରହ୍ମା** *ବି.* ୧. ସୃଷ୍ଟିକର୍ତ୍ତା, ବିଧାତା, ପ୍ରଜାପତି ୨. ଯଜ୍ଞାଦିର ମୁଖ୍ୟ ପୁରୋହିତ ୩. ହିନ୍ଦୁଶାସ୍ତ୍ର ବର୍ଣ୍ଣିତ ବ୍ରହ୍ମଙ୍କ ତିନିରୂପ ମଧ୍ୟରୁ ଏକ ରୂପ ।

**ବ୍ରହ୍ମାଣୀ** *ବି.* ୧. ବ୍ରହ୍ମାଙ୍କର ପତ୍ନୀ, ସାବିତ୍ରୀ ୨. ଦେବୀ ବିଶେଷ ।

**ବ୍ରହ୍ମାନନ୍ଦ** *ବି.* ବ୍ରହ୍ମ ଉପଲବ୍ଧି ଜନିତ ପରମଆନନ୍ଦ ।

**ବ୍ରହ୍ମାବର୍ତ୍ତ** *ବି.* କୁରୁକ୍ଷେତ୍ର ନିକଟସ୍ଥ ସରସ୍ୱତୀ ଓ ଦୃଷଦ୍‌ବତୀ ନଦୀ ଦୁଇଟିର ମଧ୍ୟବର୍ତ୍ତୀ ପ୍ରାଚୀନ ଅଞ୍ଚଳ ।

**ବ୍ରହ୍ମାସନ** *ବି.* ବ୍ରହ୍ମଚିନ୍ତନର ଧ୍ୟାନାସନ ବିଶେଷ, ଯୋଗାସନ ।

**ବ୍ରହ୍ମାସ୍ତ୍ର** *ବି.* ୧. ବ୍ରହ୍ମ ତେଜୋମୟ ପୁରାଣ ବର୍ଣ୍ଣିତ ଯୁଦ୍ଧାସ୍ତ୍ର ବିଶେଷ ୨. ପ୍ରତିକାର ବିହୀନ ଅବ୍ୟର୍ଥ ଉପାୟ ।

**ବ୍ରହ୍ମାକ୍ଷର** *ବି.* ଓଁକାର, ପ୍ରଣବ ।

**ବ୍ରହ୍ମୋତ୍ତର** *ବିଂ.* ବ୍ରାହ୍ମଣମାନଙ୍କୁ ପ୍ରଦତ୍ତ (ନିଷ୍କର ଜମି) ।

**ବ୍ରସ୍** *ବି.* ସଫାପାଇଁ ବ୍ୟବହୃତ ରୁଆଥିବା ବା ଲୋମଯୁକ୍ତ ମାଜଣା ।

**ବ୍ରସ୍ କରିବା** *କ୍ରି.* ୧. ଦାନ୍ତ ଘଷିବା ୨. ବ୍ରସ ସାହାଯ୍ୟରେ କୌଣସି ପଦାର୍ଥ ଉପରେ ଜମିଥିବା ଧୂଳି ଆଦି ଝାଡ଼ି ସଫା କରିବା ।

**ବ୍ରସ୍ ମାରିବା** *କ୍ରି.* ସଫା କରିବା, ଜୋତାରେ ପାଲିସ୍ ଲଗାଇବା ।

**ବ୍ରା** *ବି.* ବକ୍ଷବନ୍ଧନୀ, କାଞ୍ଚଲା, ବ୍ରେସିଅର ।

**ବ୍ରାକେଟ୍** *ବି.* ୧. ବନ୍ଧନୀ ଚିହ୍ନ [ ] ( ) { } ୨. କାନ୍ଥରେ ସଂଲଗ୍ନ କାଠର କ୍ଷୁଦ୍ର ଅଲଗୁଣି ବିଶେଷ ।

**ବ୍ରାଣ୍ଡ** *ବି.* ଚିହ୍ନ, ସଂକେତ ।

**ବ୍ରାଣ୍ଡି** *ବି.* ନିଶାପାନୀୟ ବିଶେଷ ।

**ବ୍ରାତ** *ବି.* ୧. ସମୂହ, ଦଳ ୨. ବରଯାତ୍ରୀ ବା କନ୍ୟାଯାତ୍ରୀ ୩. ପତିତ ବ୍ରାହ୍ମଣସନ୍ତାନ ୪. ପାରିଶ୍ରମିକ, ମଜୁରି ।

**ବ୍ରାସ୍‌ବ୍ୟାଣ୍ଡ୍ *ବି.*** ପିତ୍ତଳତିଆରି ତୂରୀ ଓ ତାଳବାଦ୍ୟ ବିଶେଷ ।

**ବ୍ରାହ୍ମଣ *ବି.*** ୧. ପାରମ୍ପରିକ ବର୍ଣ୍ଣ ବିଭାଗରେ ଉଚ୍ଚତମ ଜାତି ୨. ପୁରୋହିତ, ଦେବପୂଜକ ବା ପୂଜାରି ୩. ପାଚକ ୪. ବ୍ରହ୍ମଜ୍ଞ ବ୍ୟକ୍ତି ୫. ବେଦର ବ୍ୟାଖ୍ୟାନ ଗ୍ରନ୍ଥ ଏତରେୟ, ଶତପଥ, ଗୋପଥ ତାଣ୍ଡ୍ୟ ।

**ବ୍ରାହ୍ମଣିଆ *ବିଂ.*** ୧. ବ୍ରାହ୍ମଣର ଉପଯୁକ୍ତ, ବ୍ରାହ୍ମଣ ସୁଲଭ ୨. ମାଗଣା ; ***ବି.*** ୧. ବ୍ରାହ୍ମଣର କାର୍ଯ୍ୟ ୨. ପରର ଅନୁଗ୍ରହ ଭିକ୍ଷା, ମଗାଯଚା ।

**ବ୍ରାହ୍ମଣୀ *ବି.*** ୧. ବ୍ରାହ୍ମଣର ପତ୍ନୀ ୨. ବ୍ରାହ୍ମଣଜାତୀୟା ସ୍ତ୍ରୀ ।

**ବ୍ରାହ୍ମଣ୍ୟ *ବି.*** ୧. ବ୍ରାହ୍ମଣତ୍ୱ, ବ୍ରାହ୍ମଣୋଚିତ କର୍ମ ୨. ବ୍ରାହ୍ମଣର ଯାବତୀୟ ବେଦବିହିତ କର୍ତ୍ତବ୍ୟ ପାଳନ ୩. ସମବେତ ବ୍ରାହ୍ମଣସମୂହ ।

**ବ୍ରାହ୍ମଧର୍ମ *ବି.*** ଊନବିଂଶ ଶତାବ୍ଦୀରେ ପ୍ରବର୍ତ୍ତିତ ଏକେଶ୍ୱରବାଦୀ ଓ ଜାତିପ୍ରଥାରହିତ ଧର୍ମବିଶେଷ ।

**ବ୍ରାହ୍ମମୁହୂର୍ତ୍ତ *ବି.*** ସୂର୍ଯ୍ୟୋଦୟ ପୂର୍ବବର୍ତ୍ତୀ ଦୁଇ ଘଡ଼ି ସମୟ ।

**ବ୍ରାହ୍ମୀ *ବିଂ.*** ୧. ବ୍ରାହ୍ମଧର୍ମାବଲମ୍ବୀ ୨. ବ୍ରହ୍ମସମ୍ବନ୍ଧୀୟ ; ***ବି.*** ୧. ଭାରତର ପ୍ରାଚୀନ ଲିପି ବିଶେଷ ଓ ଭାଷା ୨. ଔଷଧୀୟ ଗୁଳ୍ମ ବିଶେଷ ୩. ବ୍ରହ୍ମାଙ୍କ ସୃଜନଶକ୍ତି ୪. ଅଷ୍ଟମାତୃକା ଭିତରୁ ଏକ ମାତୃକା ୫. ସରସ୍ୱତୀ ।

**ବ୍ରିଜ୍ *ବି.*** ୧. ସେତୁ, ବନ୍ଧ, ପୋଲ, ଶଙ୍ଖ ୨. ଏକ ପ୍ରକାର ତାସ୍ ଖେଳ ।

**ବ୍ରିଟିଶ *ବିଂ.*** ବ୍ରିଟେନ୍ ବା ବିଲାତ ସମ୍ପର୍କିତ ; ***ବି.*** ବ୍ରିଟେନର ଅଧିବାସୀ ବା ବିଷୟ ।

**ବ୍ରିଟେନ *ବି.*** ବିଲାତ ଦେଶ ।

**ବ୍ରିଫ୍ *ବି.*** ୧. ପଦ ପଦବୀ ବା ଦାୟିତ୍ୱ ୨. ମୋକଦମାର କାଗଜପତ୍ର ବା ଦାୟିତ୍ୱ; ***ବିଂ.*** **ସଂକ୍ଷିପ୍ତ ।**

**ବ୍ରିଫ୍‌କେଶ୍ *ବି.*** କାଗଜପତ୍ର ରଖାଯାଉଥିବା ଛୋଟ ହାତବାକ୍ସ ।

**ବ୍ରୀଡ଼ା *ବି.*** ଲଜ୍ଜା, ଲାଜ, ସରମ ।

**ବ୍ରୀହି *ବି.*** ୧. ବିରି, ମାଷ, ରବିଶସ୍ୟ ବିଶେଷ (ଯେଉଁରୁ ଡାଲି ହୁଏ) ୨. ଧାନ୍ୟ, ଅଣୁ ବା ବିଆଳିଧାନ, ଶସ୍ୟ ।

**ବ୍ରୀହିକାଞ୍ଚନ *ବି.*** ମସୁର ଶସ୍ୟ ।

**ବ୍ରେ *ବି.*** ଏକ ପ୍ରକାର ତାସ ଖେଳ ।

**ବ୍ରେକ୍ *ବି.*** ୧. ଚଳନ୍ତା ସାଇକେଲ, ମଟର, ରେଲଗାଡ଼ି ଆଦି ଯାନର ଗତିକୁ ଅଟକାଇବା ଯନ୍ତ୍ରାଂଶ ୨. ଗତିରୋଧ ୩. ସାମୟିକ ବିରତି ।

**ବ୍ରେକ୍ ଡ୍ୟାନ୍‌ସ *ବି.*** ଆକସ୍ମିକ ବିରତି ଥିବା ଏକ ପ୍ରକାର ପାଶ୍ଚାତ୍ୟ ନୃତ୍ୟ ।

**ବ୍ରେକ୍ ମାରିବା *କ୍ରି.*** ଗତିଶୀଳ ଯାନକୁ ଅଟକାଇବା ।

**ବ୍ରେନ୍ *ବି.*** ମସ୍ତିଷ୍କ, ବୁଦ୍ଧି ।

**ବ୍ରେଲ୍ *ବି.*** ଦୃଷ୍ଟିହୀନଙ୍କ ପଢ଼ିବାପାଇଁ ସାଙ୍କେତିକ ଲିପି ।

**ବ୍ରେଷ୍ଟ *ବି.*** ୧. ଛାତି, ବକ୍ଷ ୨. ସ୍ତନ, ବକ୍ଷୋଜ ।

**ବ୍ରେଷ୍ଟଟାଇଟ୍ *ବି.*** ବକ୍ଷବନ୍ଧନୀ, ବ୍ରେସିଅର୍, ବ୍ରା ।

**ବ୍ରେସ୍‌ଲେଟ୍ *ବି.*** ବାଜୁବନ୍ଧ, ବାହୁ ବା କଟଟିରେ ପିନ୍ଧା ଯାଉଥିବା ଧାତୁ ତିଆରି ମୋଟା ବଳା ।

**ବ୍ରୋକର୍ *ବି.*** ମଧ୍ୟସ୍ଥ, ଦଲାଲ୍ ।

**ବ୍ରୋଙ୍କାଇଟିସ୍ *ବି.*** ଶ୍ୱାସଜାତୀୟ ରୋଗ ।

**ବ୍ରୋସିଅର *ବି.*** ସୂଚନାପୁସ୍ତିକା ।

**ବ୍ଲକ୍ *ବି.*** ୧. ଅଞ୍ଚଳ, ଉପଖଣ୍ଡ ୨. ଚିତ୍ର ଛାପିବା ଫଳକ ।

**ବ୍ଲକ୍‌ଗ୍ରାଣ୍ଟ *ବି.*** ମୋଟାମୋଟି ବାର୍ଷିକ ଅନୁଦାନ ।

**ବ୍ଲଟିଙ୍ଗ ପେପର୍ *ବି.*** ସ୍ୟାହି ଶୋଷିବା ନିମନ୍ତେ ବ୍ୟବହୃତ କାଗଜ ବିଶେଷ, ଶୋଷକକାଗଜ ।

**ବ୍ଲଡ୍ *ବି.*** ରକ୍ତ ।

**ବ୍ଲଡ୍‌ଗ୍ରୁପ୍ *ବି.*** ରକ୍ତର ବର୍ଗ ବା କିସମ୍ ।

**ବ୍ଲାଉଜ୍ *ବି.*** ନାରୀ ବ୍ୟବହାର କରୁଥିବା ଉପର ଅଙ୍ଗର ସଂକ୍ଷିପ୍ତ ଜାମା ବିଶେଷ, ରାଏକା ।

**ବ୍ଲାକ୍ *ବି.*** ୧. କଳା ରଙ୍ଗ ୨. କଳାବଜାର; ***ବିଂ.*** କଳା ।

**ବ୍ଲାକ୍‌ଆଉଟ *ବି.*** ୧. ଅନ୍ଧାର ହୋଇଯିବା ୨. ଚେତନା ଲୋପ ପାଇବା ।

**ବ୍ଲାକ୍‌ଟେପ୍ *ବି.*** ବିଦ୍ୟୁତ୍ କୁପରିବାହୀ କଳାଫିତା ।

**ବ୍ଲାକ୍‌ବୋର୍ଡ *ବି.*** କଳାପଟା, ପିଲାମାନଙ୍କ ପଢ଼ାଘରେ ବ୍ୟବହୃତ କଳା ରଙ୍ଗ ଦିଆ ପଟା ।

**ବ୍ଲାକ୍‌ମନି *ବି.*** କଳାଧନ, ଅସଦ୍ ଉପାୟରେ ଉପାର୍ଜିତ ଧନ ।

**ବ୍ଲାକ୍ ମାର୍କେଟ୍ *ବି.*** କଳାବଜାର ।

**ବ୍ଲାକ୍‌ମେଲ୍ *ବି.*** କାହାକୁ ଫସେଇ ବା ଫିସାଦିରେ ପକେଇ ଫାଇଦା ଉଠାଇବା , ନିଜର ଫାଇଦା ପାଇଁ ଅନ୍ୟକୁ ଜାଲ ପ୍ରମାଣ ମାଧ୍ୟମରେ ହଇରାଣ କରିବା ।

**ବ୍ଲାକ୍‌ମେଲିଂ *ବି.*** କାହାରି ଦୁର୍ବଳତାର ସୁଯୋଗନେଇ ତାଠାରୁ ଧନ ଆଦି ଆଦାୟ କରିବା ।

**ବ୍ଲାକ୍‌ଲିଷ୍ଟେଡ୍ *ବିଂ.*** ବଦନାମୀ ତାଲିକାଭୁକ୍ତ ।

**ବ୍ଲାକ୍‌ହୋଲ୍ *ବି.*** କୃଷ୍ଣଗର୍ତ୍ତ, ପଦାର୍ଥ ବିଜ୍ଞାନରେ ନିରୂପିତ ସବୁଠାରୁ ଅଧିକ ମାଧ୍ୟାକର୍ଷଣ ଶକ୍ତିବଳରେ ଆଲୋକକୁ ସୁଦ୍ଧା ଟାଣି ନେଇପାରୁଥିବା ମୃତତାରକା ।

**ବ୍ଲାଙ୍କ୍ *ବିଂ.*** ଖାଲି, ଶୂନ୍ୟ; ***ବି.*** ଶୂନ୍ୟସ୍ଥାନ ।

**ବ୍ଲାଙ୍କ୍‌ଫାୟାର *ବି.*** ଭୟଭୀତ କରିବା ପାଇଁ ଫାଙ୍କା ଗୁଳିଚାଳନା ।

**ବ୍ଲାଷ୍ଟ୍ ଫର୍ଣ୍ଣେସ୍ *ବି.*** ବଡ଼ ଆକାରର ଲୁହାତରଳା ବିଦ୍ୟୁତ୍ ଚୁଲା ।

**ବ୍ଲାଷ୍ଟ୍ କରିବା *କ୍ରି.*** ୧. ବାରୁଦ ବା ଡିନାମାଇଟ୍ ସାହାଯ୍ୟରେ ଫଟେଇବା ୨. ବିଦୀର୍ଣ୍ଣ କରିବା ୩. ବୋମା ଆଦି ଫାଟିବା ବା ଫୁଟେଇବା ।

**ବ୍ଲିଚିଂ ପାଉଡର *ବି.*** ବିଶୋଧକ ଗୁଣ୍ଡ ।

**ବ୍ଲିଡ଼ିଂ *ବି.*** ରକ୍ତକ୍ଷରଣ ।

**ବ୍ଲୁପ୍ରିଣ୍ଟ୍ *ବି.*** ପ୍ରାଥମିକ ଖସଡ଼ା, ଯୋଜନାର ରୂପରେଖ ।

**ବ୍ଲେଜର୍ *ବି.*** ଗରମକୋଟ, ଖେଳାଳି ଓ କ୍ରୀଡ଼ାବିତ୍‌ମାନଙ୍କୁ ଦିଆଯାଉଥିବା ଦଳର ଚିହ୍ନଥିବା କୋଟ୍ ।

**ବ୍ଲେଡ୍ *ବି.*** ପାତ, କ୍ଷୁର, ଧାର, ଖୁରପାତିଆ, ଖୁରପାତ ।

**ବ୍ଲେମ୍ *ବି.*** ନିନ୍ଦା ।

# ଭ

**ଭ ବି.** ଚତୁର୍ବିଂଶତିତମ ବ୍ୟଞ୍ଜନବର୍ଣ୍ଣ ।

**ଭଁଗ୍ ବି.** ଭାଙ୍ଗ, ଗଞ୍ଜେଇ ଗଛରପତ୍ର ମିଶା ପଣା ।

**ଭଁଟା ବି.** ବାଇଗଣ ।

**ଭଁଡ୍ ବି.** ଅଶ୍ଳୀଳ କଥା, ଅକଥା ।

**ଭଁଡ୍ କୁଦ୍‌ବା କ୍ରି.** ଅଶ୍ଳୀଳ କଥା କହିବା ।

**ଭଁଡ୍‌ଗାଟୁଁଡା ବିଂ.** ୧. ଯେ ପ୍ରଶଂସାମୂଳକ କଥା କୁହେ, ଚାଟୁକାର, ସ୍ତାବକ ୨. ଅତି ବେଶୀ କୁହାଳିଆ ।

**ଭଅଁର,ଭଅଁରା ବି.** ୧. ଛ' ପାଦଥିବା ଛୋଟ ଡେଣାଯୁକ୍ତ ଜୀବ, ଭ୍ରମର, ଭଅଁର ୨. କାଠକୁ ଫୋଡ କରିବା ପାଇଁ ବ୍ୟବହୃତ ଯନ୍ତ୍ର ୩. ବହୁ ନାରୀ ସଂଭୋଗୀ, ରସିକ ।

**ଭଅଁରମାରି, ଭଅଁରାମାରୀ ବି.** ଭ୍ରମରମାରୀ, କୁଷ୍ଠରୋଗ ଚିକିତ୍ସାରେ ଔଷଧ ରୂପେ ବ୍ୟବହୃତ ଏକ ଗଛ ।

**ଭଅଣ୍ଡ ବି.** ୧. ଶ୍ରୀଜଗନ୍ନାଥଙ୍କ ଭୋଗମଣ୍ଡପ ୨. ଶ୍ରୀମନ୍ଦିରର ଭୋଗ ବିଶେଷ ।

**ଭଇଁଚ ବି.** କଣ୍ଟାଳିଆ ଗଛ ବିଶେଷ ଯାହାର ଛୋଟ ଛୋଟ ଖଟାମିଠା କୋଳି ଅତ୍ୟନ୍ତ ସ୍ୱାଦିଷ୍ଟ ।

**ଭଇଁରା ବିଂ.** କାନକୁ ଶୁଭୁନଥିବା, ଭଏଁରା, କାଲ, କାଲା, ଶ୍ରବଣ ଶକ୍ତିରହିତ, *ସ୍ତ୍ରୀ.* ଭଇଁରୀ ।

**ଭଇଁଷ ବି.** ମହିଷ, ମଇଁଷି, ଭଏଁସ୍ ।

**ଭଇଁସାଲ ବି.** ମଇଁଷି ଜଗୁଥିବା ବ୍ୟକ୍ତି, ଭଏଁସାଲ୍, ମଇଁଷିଆଳ ।

**ଭଉଁରା ବି.** ନଟୁ, ଏକ ଖେଳ ସାମଗ୍ରୀ ।

**ଭଉଁରି ବି.** ୧. କେନ୍ଦ୍ର ଚାରିପାଖରେ ଚକ୍ରାକାର ବା ଗୋଲାକାରରେ ଘୂରିବା ୨. ପାଣିଭଅଁର ।

**ଭଉଁରିଆ କ୍ରି.ବିଂ.** ଲକ୍ଷ୍ୟହୀନ ଭାବରେ ।

**ଭଉଁରି କ୍ରୀଡ଼ା ବି.** ଚନ୍ଦନଯାତ୍ରାର ଶେଷ ଦିନରେ ଦେବତାଙ୍କର ଜଳକେଳି ଉତ୍ସବ ।

**ଭଉଁରି ଜାଲ ବି.** ମାଛଧରାରେ ବ୍ୟବହୃତ ଖେପାଜାଲ ।

**ଭଉଣୀ ବି.** ଭଏଣୀ, ଭଗିନୀ, ଭଗ୍ନୀ, ଭଏନ୍, ବହେନ୍ ।

**ଭଉଣୀଘଇତା ବି.** ଭଉଣୀର ସ୍ୱାମୀ, ଭଏନ୍ କୁଅଁ, ଭିଣୋଇ ।

**ଭଉଣୀଜୋଇଁ ବି.** ଭିଣୋଇ, ଭଉଣୀର ସ୍ୱାମୀ ।

**ଭଏଁରା ବିଂ.ବି.** କାଲ, କାନକୁ ଶୁଭୁ ନ ଥିବା, ଭଇଁରା ।

**ଭଏଁସ୍(ସୋ) ବି.** ମଇଁଷି, ମହିଷ ।

**ଭଏଁସ୍ ଅନ୍ଧାର ବି.** ମଇଁଷିଗୋଠ ଗୁହାଳରେ ପଶିବା ବେଳ, ମୁହଁସଞ୍ଜ ।

**ଭଏନ୍ ବି.** ଭଉଣୀ, ଭଗିନୀ ।

**ଭଏନ୍‌କୁଅଁ ବି.** ଭଉଣୀର ସ୍ୱାମୀ ।

**ଭକ୍‌ଭକ୍ କ୍ରି.ବିଂ.** ତୁହାକୁ ତୁହା, ଥରକୁ ଥର ।

**ଭକଡ଼ ବିଂ.** ବୋକା, ଭକୁଆ, ନିର୍ବୁଦ୍ଧିଆ ।

**ଭକୁଆ ବିଂ.** ବୋକା, ଓଲୁ ୨. ପ୍ରତାରିତ ।

**ଭକ୍ତ ବି. ବିଂ.** ୧. ଭକ୍ତି ଓ ବିଶ୍ୱାସରେ, ଅନୁଗତ ୨. ସେବାକାରୀ ୩. ବିଶ୍ୱାସୀ ୪. ଅନ୍ୟପାଖରେ ଆତ୍ମସମର୍ପଣ କରୁଥିବା ବ୍ୟକ୍ତି ।

**ଭକ୍ତବତ୍ସଳ ବି.** ସେବକ ପ୍ରତି ଏକାନ୍ତ ସ୍ନେହଶୀଳ ।

**ଭକ୍ତି ବି.** ଦେବଦେବୀ/ମାନ୍ୟ ବ୍ୟକ୍ତିମାନଙ୍କ ପ୍ରତି ସସମ୍ମାନ ଶ୍ରଦ୍ଧା ବା ଅନୁରାଗ ।

**ଭକ୍ତିବାଦ ବି.** ଆରାଧ୍ୟ ଶକ୍ତି ପାଖରେ ସଂପୂର୍ଣ୍ଣ ଆତ୍ମସମର୍ପଣ ଭାବ ।

**ଭକ୍ତିମାର୍ଗ ବି.** ଆତ୍ମସମର୍ପଣ ମାଧ୍ୟମରେ ମୁକ୍ତି ଲାଭର ରୀତି ।

**ଭକ୍ତିଯୋଗ ବି.** ଭକ୍ତିବଳରେ ଈଶ୍ୱର ପ୍ରାପ୍ତିପାଇଁ ସାଧନା ।

**ଭଗ୍‌ଲି ବି.** ବେଲି, ଛୋପରା, ରହସ୍ୟ, ପରିହାସ ।

**ଭଗତ୍ ବିଂ.ବି.** ଭକ୍ତ, ଆରାଧ୍ୟ ଶକ୍ତି ପାଖରେ ଆତ୍ମସମର୍ପଣ କରୁଥିବା(ବ୍ୟକ୍ତି) ।

**ଭଗ ବି.** ୧. ଯୋନି, ଶକ୍ତିର ଚିହ୍ନ ୨. ଶ୍ରୀ, ଜ୍ଞାନ, ବୈରାଗ୍ୟ, ଐଶ୍ୱର୍ଯ୍ୟ, ବୀର୍ଯ୍ୟ, ଯଶ -ଏହି ଛ' ଗୁଣର ସମାହାର ୩. ସୌନ୍ଦର୍ଯ୍ୟ ୪. ସୌଭାଗ୍ୟ ।

**ଭଗତ ବି.** ୧. ଭକ୍ତ ୨. ସେବକ; **ବି.** ଅନୁଗତ ।

**ଭଗତା ବି.** ଦଣ୍ଡନାଟରେ ଭାଗ ନେଉଥିବା ଶିବଭକ୍ତ, ଭୋକ୍ତା ।

**ଭଗନ୍ଦର ବି.** ଭଗଦ୍ୱାର ବା ଯୋନି/ଗୁହ୍ୟ ଦ୍ୱାରର ବ୍ରଣ ବା ଫୁଲାରୋଗ ।

**ଭଗବତ ବିଂ.** ୧. ଉପଯୁକ୍ତ ୨. ମାନ୍ୟ, ପୂଜ୍ୟ; **ବି.** ଈଶ୍ୱର ।

**ଭଗବତ ଗୀତା ବି.** ବ୍ୟାସଦେବ ରଚିତ ମହାଭାରତର ଭୀଷ୍ମ ପର୍ବର ଅଂଶ ବିଶେଷ ।

**ଭଗବତୀ ବି.** ୧. ଦୁର୍ଗା, ଶକ୍ତି ୨. ସରସ୍ୱତୀ ୩. ଗଙ୍ଗା ; **ବିଂ.** ୧. ପୂଜ୍ୟା, ମାନନୀୟା ୨. ଐଶ୍ୱର୍ଯ୍ୟାଦି ଗୁଣଯୁକ୍ତା ।

**ଭଗବାନ ବି.** ୧. ଈଶ୍ୱର, ପରମେଶ୍ୱର ୨. ପୂଜ୍ୟ, ମାନ୍ୟ ବ୍ୟକ୍ତି ।

**ଭଗା, ଭଙ୍ଗା ବିଂ.** ଭାଙ୍ଗିଯାଇଥିବା, ନଷ୍ଟହୋଇ ଯାଇଥିବା ।

**ଭଗାଇବା କ୍ରି.** ତଡ଼ିଦେବା, ବାହାର କରିଦେବା, ଘଉଡ଼ାଇଦେବା ।

**ଭଗାରି ବି.** ୧. ଅଂଶଧନ ଲାଭପାଇଁ କଳହ ସୃଷ୍ଟିକାରୀ ୨. ଶତ୍ରୁ, ବିପକ୍ଷ ୩. ଅହିତକାରୀ ।

**ଭଗାରିଆ** *ବିଂ.* ଶତ୍ରୁତାମୂଳକ ।

**ଭଗାରିହସା** *ବିଂ* ଶତ୍ରୁମାନଙ୍କଦ୍ୱାରା ଉପହସିତ ବା ସମାଲୋଚିତ ।

**ଭଗିନୀ, ଭଗ୍ନୀ** *ବି.* ଭଉଣୀ, ଗୋଟିଏ ମା ପେଟରୁ ଜନ୍ମିତା ସ୍ତ୍ରୀଲିଙ୍ଗୀ ସନ୍ତାନ, ବହନି, ଭଏନ୍, ବହେନ୍ ।

**ଭଗିନୀପତି, ଭଗ୍ନୀପତି** *ବି.* ଭିଣୋଇ, ଭଉଣୀର ବର ।

**ଭଗିନୀପ୍ରତିମ,ଭଗ୍ନୀପ୍ରତିମ** *ବିଂ.* ଭଉଣୀପରି ।

**ଭଗୁଡ଼ି** *ବି.* ୧. ଥଟ୍ଟା, ପରିହାସ, ଉପହାସ ୨. ପଳାୟନ ।

**ଭଗେଲ** *ବି.* ଭାଗୁଆ, ଭାଗୁଆଳି, ଉପାର୍ଜନର ନିର୍ଦ୍ଧାରିତ ଅଂଶ ନେଉଥିବା ବ୍ୟକ୍ତି ।

**ଭଙ୍ଗ** *ବି.* ୧. ଭେଦ, ହାନି, ଫାଟ ୨. ଶେଷ ୩. ଲହଡ଼ି, ତରଙ୍ଗ, ପଡାଉଠା ୪. ଭଙ୍ଗୀ, ଛଇ ।

**ଭଙ୍ଗ କରିବା** *କ୍ରି.* ବିଧାନସଭା, ସଂସଦ, ସଭା ପ୍ରଭୃତିର କାର୍ଯ୍ୟ ସମାପ୍ତ କରିବା ।

**ଭଙ୍ଗା** *ବିଂ.* ଭାଙ୍ଗି ଯାଇଥିବା, ତୁଟି ଯାଇଥିବା, ମୂଳରୂପ ନଷ୍ଟ ହୋଇଯାଇଥିବା ।

**ଭଙ୍ଗାଇବା** *କ୍ରି.* ୧. ଗର୍ଭନଷ୍ଟ କରିବା ୨. ଟଙ୍କା ଖୁଚୁରା କରିବା ୩. (କଳି) ତୁଟାଇବା, ସମାଧାନ କରିବା ।

**ଭଙ୍ଗାଳି** *ବିଂ.* ୧. ସମାଧାନ କରୁଥିବା ୨. ଭାଙ୍ଗୁଥିବା ୩. ତୁଟାଇ ଦେଉଥିବା ।

**ଭଙ୍ଗି,ଭଙ୍ଗୀ** *ବି.* ୧. ହାବଭାବ, ଆଚରଣ ୨. ଢଙ୍ଗ, ଛଇ, ଚାତୁରୀ, ଠାଣିମାଣି ୩. ଶୈଳୀ, ରୀତି, ପଦ୍ଧତି, ବିନ୍ୟାସ ୪. ରସିକତା ।

**ଭଙ୍ଗିଆ** *ବିଂ.* ରସିକ, ଚତୁର, କଳାବିଳାସପ୍ରବୀଣ ।

**ଭଙ୍ଗିମ** *ବିଂ.* ଠାଣିଥିବା, ଲୀଳାୟିତ ।

**ଭଙ୍ଗିମା** *ବି.* ଢଙ୍ଗ, ଶୋଭା, ଚାତୁର୍ଯ୍ୟ ।

**ଭଙ୍ଗୁର** *ବିଂ.* ୧. ଯାହା ସହଜରେ ଭାଙ୍ଗିଯାଏ, ନାଶଶୀଳ, ବିନାଶଶୀଳ ୨. ବଙ୍କେଇ ଯାଉଥିବା ।

**ଭଙ୍ଗୁରତା** *ବି.* ବିନାଶଶୀଳତା ।

**ଭଙ୍ଗେଇ** *ବି.* ୧. ଗର୍ଭସ୍ଥ ଭ୍ରୂଣକୁ ନଷ୍ଟ କରୁଥିବା ନାରୀ ୨. ଭଙ୍ଗାଇବା କାର୍ଯ୍ୟ ।

**ଭଗ୍ନ** *ବିଂ.* ୧. ଖଣ୍ଡିତ, ଭଙ୍ଗା, ଭାଙ୍ଗିଯାଇଥିବା ୨. ପରାଜିତ, ଅସଫଳ ୩. ବିଚ୍ଛିନ୍ନ ।

**ଭଗ୍ନ ଅବସ୍ଥା** *ବି.* ନଷ୍ଟ ହୋଇଯିବା ଅବସ୍ଥା ।

**ଭଗ୍ନକାମ** *ବିଂ.* ଯାହାର ଇଚ୍ଛା ପୂରଣ ହୋଇନାହିଁ ।

**ଭଗ୍ନଦେହ** *ବିଂ.* ଅସୁସ୍ଥ (ଦେହ), ରୁଗ୍ଣ ।

**ଭଗ୍ନମନୋରଥ** *ବିଂ. ବି.* ଭଙ୍ଗାମନ, ବିଫଳ ମନ ।

**ଭଗ୍ନସ୍ତୂପ** *ବିଂ.* ଭାଙ୍ଗିଯାଇଥିବା ବସ୍ତୁସମୂହର ଗଦା ।

**ଭଗ୍ନହୃଦୟ** *ବିଂ. ବି.* ଭଙ୍ଗାମନ, ବିଫଳ ମନ,ହତାଶ ଭାବ ।

**ଭଗ୍ନାଂଶ** *ବିଂ.* ଯେଉଁ ରାଶିଦ୍ୱାରା ଏକ ରାଶିର ଅଂଶ ନିରୂପଣ କରାଯାଏ ।

**ଭଗ୍ନାବଶେଷ** *ବି.* ମୂଳ ଅଂଶ ନଷ୍ଟ ହୋଇଗଲା ପରେ ପଡ଼ି ରହିଥିବା ଅବଶେଷ ।

**ଭଗ୍ନୀ** *ବି.* ଭଉଣୀ, ବହେନ୍, ଭଏନ୍, ଭଗିନୀ ।

**ଭଣଜା** *ବି.* ଭଣଜା, ଭନଜା, ଭଉଣୀର ପୁଅ ।

**ଭଜନ** *ବି.* ୧. ଦେବୀ, ଦେବତାଙ୍କର ଗୁଣଗାନ ୨. ପ୍ରଶଂସାବାଣୀ ୩. ଦେବତାଙ୍କ ଗୁଣ ସମ୍ପର୍କିତ ଗୀତ ।

**ଭଜନାଳୟ** *ବି.* ଭଜନ କରାଯାଉଥିବା ଘର, ପ୍ରାର୍ଥନାଗୃହ ।

**ଭଜା** *ବି.ବିଂ.* ଭଜାହୋଇଥିବା, ସିଝା ନଯାଇ ଅଳ୍ପ ଉତ୍ତାପରେ ତିଆରି (ଖାଦ୍ୟ) ।

**ଭଜିବା** *କ୍ରି.* ୧. ଗୁଣ କୀର୍ତ୍ତନ କରିବା ୨. ଚାଟୁକରିବା, ତୋଷାମଦ କରିବା ।

**ଭଞ୍ଜକ** *ବିଂ.* ୧. ଭାଙ୍ଗୁଥିବା, ନଷ୍ଟ କରୁଥିବା ୨. ତୁଟାଉଥିବା ।

**ଭଞ୍ଜନ** *ବି.* ୧. ଭାଙ୍ଗିବା ୨. ମୋଚନ କରିବା ୩. ବିନାଶ କରିବା ୪. ସମାଧାନ କରିବା ୫. ଦୂରୀକରଣ ।

**ଭଟ୍** *ବି.* ସିଂଗା(ଘା)ଣି, ସିଙ୍ଗେନ୍, ନାକରୁ ବାହାରୁଥିବା ଗାଢ଼ ତରଳ ପଦାର୍ଥ ।

**ଭଟ୍‌କା** *ବି.* ୧. ଭୁଲ ୨. ଭାଉ ୩. କ୍ଷତି ୪. ଅସଂଗତି; *ବିଂ.* ଚଉଡ଼ା ଓ ଚେପ୍‌ଟା ।

**ଭଟ୍‌କା ନକା** *ବିଂ.* ୧. ସିଂଗାଣିନାକିଆ ୨. ଚଉଡ଼ା ନାକ ଯାହାର ; *ସ୍ତ୍ରୀ.* ଭଟକୀ ।

**ଭଟ୍ ଭଟ୍** *କ୍ରି.ବିଂ* ଅନାବଶ୍ୟକ କଥା ବାରମ୍ବାର କହୁଥିବା, ବକ୍ ବକ୍ ।

**ଭଟକିବା** *କ୍ରି.* ୧. ଭୁଲ କରିବା, ପ୍ରମାଦରେ ପଡ଼ିଯିବା ୨. ବାଟ ହୁଡ଼ିବା ୩. ଭୁଲ ରାସ୍ତାରେ ଯିବା ।

**ଭଟର ଭଟର ହେବା** *କ୍ରି.* ୧. ବେଶୀ କଥା ହେବା ୨. ଗୋଟିଏ କଥାକୁ ବାରମ୍ବାର କହିବା ।

**ଭଟା, ଭଟ୍ଟା** *ବି.* ୧. ପଡ଼ିଆ, ଚାଷ ହୋଇ ନଥିବା ଜମି/ଭୂମି, ପଦର ୨. ଜୁଆରର ପାଣି କମିଯିବା ଅବସ୍ଥା ।

**ଭଟାକଥା** *ବି.* ମିଛକଥା, ବାଜେକଥା ।

**ଭଟାଟିକରା** *ବି.* ଖୋଲାପଡ଼ିଆ ।

**ଭଟା ଧାନ ବି.** ଉଚ୍ଚ ଜମିରେ ଚାଷ ହେଉଥିବା ଧାନ ।

**ଭଟୁଆ ବି.** ଭିଣୋଇ, ଗଇଁ, ବଡ଼ ଭଉଣୀର ସ୍ୱାମୀ।

**ଭଡ଼କ ବି.** ହଠାତ୍ ଭୟଭୀତ ହେବା, ଭଡଙ୍ଗ ।

**ଭଡ଼କା ବି.** ୧. ବୁଦ୍‌ବୁଦ୍ ୨. ହୁକାର ପାଣି ରହୁଥିବା ତଳ ଅଂଶ ୩. ସିଂଗାଣି ମେଞ୍ଚା ।

**ଭଡ଼କିବା କ୍ରି.** ୧. ଭୟରେ ପଳେଇଯିବା, ତରକିଯିବା ୨. ଡବ ଡବ ହୋଇ କହିବା ୩. ହଠାତ୍ ରାଗିଯିବା।

**ଭଡ଼କେଇବା କ୍ରି.** ୧. ଧମକାଇବା ୨. ଭୟ ଦେଖାଇବା ୩. ରଗାଇବା।

**ଭଡ଼ଙ୍ଗ ବି.** ଫୁଟାଣି, ବାଳିଂଗି, ମୁହଁତୋଡ଼ ।

**ଭଡ଼ଙ୍ଗିଆ ବିଂ.** ଛବିଳ, ଚିତ୍ରବିଚିତ୍ର ।

**ଭଡ଼ଭଡୁଆ ବିଂ.** ୧. ବକୁଆ, ବକ୍‌ବକୁଆ ୨. ଆଗକୁହା ୩. ସବୁବେଳେ ଆଡୁସାଡୁ କଥାକହି ଖୁସି ହେଉଥିବା, *ସ୍ତ୍ରୀ.* ଭଡଭଡ଼େଇ ।

**ଭଡ଼ଭାଡ଼ କ୍ରି. ବିଂ.** ସାଙ୍ଗେ ସାଙ୍ଗେ, ହଠାତ୍, ଅବିଳମ୍ବେ, ଟିକକରେ।

**ଭଡ଼ା ବି.** ୧. କୌଣସି ଗାଡ଼ି, ସ୍ଥାନ, ମଣ୍ଡପ ଆଦିର ସାମୟିକ ବ୍ୟବହାର ପାଇଁ ଦିଆହେବା ବ୍ୟବସ୍ଥା ଓ ତାର ମଜୁରି ୨. ଯାନ ବା ଗାଡ଼ିରେ ପୂରା ବୋଝେଇ ।

**ଭଡ଼ାଏ ବିଂ. କ୍ରି. ବିଂ.** ୧. ବହୁତ ୨. ପରିପୂର୍ଣ୍ଣ ୩. ଥର ।

**ଭଡାଘର ବି.** ମାସିକ ଦେୟ ବଦଳରେ ଅସ୍ଥାୟୀ ବାସସ୍ଥଳ ।

**ଭଡ଼ାଟିଆ ବିଂ.** ୧. ଯିଏ ଭଡ଼ା ଦେଇ କୌଣସି ଘରେ ରୁହେ କିମ୍ବା କୌଣସି ଦ୍ରବ୍ୟ ବ୍ୟବହାର କରେ ୨. ଯିଏ ମୂଲ୍ୟ ପାଇଲେ ଯେକୌଣସି କାର୍ଯ୍ୟ ସମ୍ପାଦନ କରିପାରେ ।

**ଭଡ଼ାଦାର ବି.** ଘର କିମ୍ବା ବ୍ୟବହାର୍ଯ୍ୟ ସାମଗ୍ରୀ ଭଡ଼ା ଦେଉଥିବା ବ୍ୟକ୍ତି ।

**ଭଡ଼ାରୀ ବି.** ୧. କୋଷାଧ୍ୟକ୍ଷ ୨. ଭଣ୍ଡାରଘରିଆ, ଭଣ୍ଡାର ଘରର ରକ୍ଷକ ୩. ସରଘରଆଣୀ ।

**ଭଡ଼ିଲ ବିଂ.** ୧. ସେବକ, ସେବାକାରୀ ୨. ବୀର, ଯୋଦ୍ଧା ।

**ଭଡୁଆ ବିଂ.** ୧. ଅନ୍ୟମାନଙ୍କ ଉପଭୋଗପାଇଁ ନିଜ ନାରୀକୁ ଯୋଗାଉଥିବା ୨. ଗଣିକାମାନଙ୍କ ପାଲଟାଲୁଗା ବୋହୁଥିବା ୩. ଗଣିକା ଦଳର ମର୍ଦ୍ଦଳବାଦକ; **ବି.** ୧. ବେଶ୍ୟାର ଆଶ୍ରିତ ବ୍ୟକ୍ତି ୨. ଅତି ନିର୍ଲଜ ବ୍ୟକ୍ତି ।

**ଭଣଜା ବି.** ଭଉଣୀର ପୁଅ, ଭନ୍‌ଜା ।

**ଭଣତି ବି.** ୧. ଭଣିତା, କାବ୍ୟ କବିତାରେ କବି ନିଜ ନାମ ପ୍ରକାଶ କରିବା ୨. ବଚନପ୍ରକାଶ, କଥନ, ଉକ୍ତି ୩. ଶେଷ ।

**ଭଣତିପଦ ବି.** ପଦ୍ୟର ଶେଷ ପଦ ଯେଉଁଠି କବି ନିଜର ନାମ ଉଲ୍ଲେଖ କରିଥାନ୍ତି।

**ଭଣଭଣ ବି.** ମଶାମାଛିଙ୍କର ଡେଣା ଚାଳନାରୁ ସୃଷ୍ଟ ଶବ୍ଦ ।

**ଭଣଭଣିଆ ବିଂ.** ଅସ୍ୱାଭାବିକ (ଅବସ୍ଥା) ।

**ଭଣା ବି.** ୧. ଭଉଣୀ ସହିତ ଶାରୀରିକ ସମ୍ପର୍କ ରଖିଥିବା ବ୍ୟକ୍ତି ୨. ଅମର୍ଯ୍ୟାଦା ସୂଚକ ବାକ୍ୟ ବା ଗାଳି ୩. ହାଣ୍ଡି ।

**ଭଣିତ ବିଂ.** ୧. ଭଣତି, କଥିତ, ଉକ୍ତ ୨. ରଚିତ ୩. ଉଚ୍ଚାରିତ ।

**ଭଣିତା ବି.** ୧. ଭଣତି, କାବ୍ୟ, କବିତା ବା ପୁରାଣାଦିର ଶେଷରେ କବିଙ୍କ ନାମ ଓ ପରିଚୟ ସଂକ୍ରାନ୍ତ ପଦ ୨. ଆଶୀର୍ବାଦ ଶ୍ଳୋକ ୩. ଫଳଶ୍ରୁତି ୪. ଅନୁବର୍ତନୀ ୫. ଆନନ୍ଦପ୍ରଦ ଉଚ୍ଚାରଣ ।

**ଭଣିବା କ୍ରି.** କହିବା, ଉଚ୍ଚାରିବା ।

**ଭଣ୍ଡ ବିଂ.** ୧. ଶଠ, ଧୂର୍ତ୍ତ ୨. ଠକ, ପ୍ରତାରକ ।

**ଭଣ୍ଡକଥା ବି.** ଅଶ୍ଳୀଳକଥା ।

**ଭଣ୍ଡଗଣେଶ ବି.** ଶ୍ରୀମନ୍ଦିରରେ ଉପାସିତ ଶାକ୍ତ ଗଣେଶ ।

**ଭଣ୍ଡତପସ୍ୱୀ ବି.** ଠକ ବାବାଜି ।

**ଭଣ୍ଡହାସିନୀ ବି. ବିଂ.** ବେଶ୍ୟା, ଗଣିକା, ରୂପଜୀବୀ ।

**ଭଣ୍ଡା ବି.** ୧. କଦଳୀ ଗଛର ଫଳକୋଷ ଯହିଁରୁ କାନ୍ଦି ବାହାରେ ୨. ଠକିବା ୩. ଗୋଡ଼ର ଆଣ୍ଠୁ ତଳ ଓ ଗୋଇଠି ଉପରର ମଝି ଅଂଶ, ପେଣ୍ଡା ୪. ଅମୃତଭଣ୍ଡା ।

**ଭଣ୍ଡାଇବା କ୍ରି.** ଭଳେଇବା, ଭୁଲାଇବା, ମଧୁର କଥା କହି ପ୍ରତାରଣା କରିବା ।

**ଭଣ୍ଡାଭଣ୍ଡି ବି** ଏଣୁ ତେଣୁ କଥା କହି ଠକିବା, ବୋକା ବନାଇବା ।

**ଭଣ୍ଡାମି ବି.** ଠକାମି, ଶଠତା, ପ୍ରତାରଣା ।

**ଭଣ୍ଡାର ବି.** ୧. ଧନସଂପତ୍ତି ଅଥବା ଖାଦ୍ୟଦ୍ରବ୍ୟ ସଂଚିତ କରି ରଖାଯାଉଥିବା ଘର, ସରଘର ୨. ଯେକୌଣସି ବସ୍ତୁ ଜମା କରିରଖିବା ଘର।

**ଭଣ୍ଡାରକରଣ ବି.** ତଢ଼ାଉ କରଣ, ଶ୍ରୀମନ୍ଦିରର ସାମଗ୍ରୀରକ୍ଷକ ।

**ଭଣ୍ଡାରନାୟକ ବି.** (ଶ୍ରୀମନ୍ଦିରର) ପାଟପୋଷୀ ମହାପାତ୍ର ।

**ଭଣ୍ଡାରମେକାପ ବି.** ଭଣ୍ଡାର ଦାୟିତ୍ୱରେ ଥିବା ସେବକ ବିଶେଷ ।

**ଭଣ୍ଡାରି ବି.** ୧. ବାରିକ, ନାପିତ, କ୍ଷୌରକାର ୨. ମାଙ୍ଗଳିକ ଓ ଶୋଧନ କର୍ମରେ ପ୍ରଥମେ ଅଂଶଗ୍ରହଣ କରୁଥିବା ବ୍ୟକ୍ତି / ଜାତି ; **ବିଂ.** ଚତୁର ।

**ଭଣ୍ଡାରିଆ ବି.** ୧. ବାରିକ, ବିଶ୍ୱସ୍ତ ସେବାକାରୀ ୨. ଭଣ୍ଡାରଘରିଆ, ଭଣ୍ଡାରଘରର ରକ୍ଷକ ।

**ଭଣ୍ଡାରୁଣୀ ବି.** ବାରିକର ସ୍ତ୍ରୀ, ନାପିତୁଣୀ ।

**ଭଣ୍ଡିବା କ୍ରି.** ଠକିବା, ପ୍ରତାରଣା କରିବା, ଚିତା କାଟିବା ।

**ଭଣ୍ଡୁର ବିଂ.** ୧. ପଣ୍ଡ, ବ୍ୟର୍ଥ, ନଷ୍ଟ, ବିଫଳ ୨. ବିପର୍ଯ୍ୟସ୍ତ ।

**ଭତରି** ***ବି.*** ୧. ଏକ ଜନଜାତି ଏବଂ ସେମାନଙ୍କ କଥିତ ଭାଷା ୨. ଓଡ଼ିଆ ଭାଷାର ଏକ ଆଞ୍ଚଳିକ ରୂପ ।

**ଭତ୍ତା** ***ବି.*** ଭରଣପୋଷଣ ଅର୍ଥାତ୍ ବଂଚିବା ପାଇଁ ଉଦ୍ଦିଷ୍ଟ ଅର୍ଥ ବା ପଦାର୍ଥ ।

**ଭଦଭଦଳିଆ** ***ବି.*** ଭରତିଆ, ଟେରା ପକ୍ଷୀ, ନୀଳରଙ୍ଗର ପକ୍ଷବିଶିଷ୍ଟ ଚଢ଼େଇ ।

**ଭଦର** ***ବି.*** ଖିଅର; ନିଶ, ଦାଢ଼ି ଓ ମୁଣ୍ଡବାଳ କାଟିବା ।

**ଭଦର କରିବା** ***ବି.*** ୧. ମୂଳପୋଛ କରିବା, ଉଚ୍ଛେଦ କରିବା ୨. ଖିଅର କରିବା, ଛଅର କରିବା ।

**ଉଦର ହେବା** ***କ୍ରି.*** ଖିଅର ହେବା ।

**ଭଦ୍ର** ***ବିଂ.*** ୧. ମାର୍ଜିତ, ରୁଚିସମ୍ପନ୍ନ ୨. ମଙ୍ଗଳ ;***ବି.*** ୧. ସଜ୍ଜନ ୨. ମୁଥା ୩. କଜଳପାତି ଚଢ଼େଇ ।

**ଭଦ୍ରତା** ***ବି.*** ମାର୍ଜିତ ବା ସଭ୍ୟ ବ୍ୟବହାର ।

**ଭଦ୍ରଦାରୁ** ***ବି.*** ଦେବଦାରୁ ଗଛ ।

**ଭଦ୍ରଲୋକ** ***ବି.*** ୧. ସଭ୍ୟ ଓ ମାର୍ଜିତ ବ୍ୟକ୍ତି ୨. ବିବାହାଦି କାର୍ଯ୍ୟର ମଧ୍ୟସ୍ଥି ।

**ଭଦ୍ରାମି** ***ବି.*** ଶିଷ୍ଟାଚାର, ଭଦ୍ରତା, ଉତ୍ତମ ବ୍ୟବହାର ।

**ଭଦ୍ରୋଚିତ** ***ବିଂ.*** ଶିଷ୍ଟାଚାର ସମ୍ମତ ।

**ଭନ୍‌ଜା** ***ବି.*** ଭଣଜା, ଭଉଣୀର ପୁଅ ।

**ଭନ୍‌ଭନା** ***ବିଂ.*** ୧. କଜିଆଖୋର ୨. କୁତ୍ସିତ, କଦାକାର ୩. ଅଧିକ, ବହୁସଂଖ୍ୟକ, ସଂଖ୍ୟାଧିକ, ଅଗଣିତ ।

**ଭନ୍‌ଭନାବା** ***କ୍ରି.*** ମାଛିମାନେ ଉଡ଼ିବା କାଳରେ ସେମାନଙ୍କ ଡେଣାରୁ ଭଁ ଭଁ ଶବ୍ଦ ହେବା ।

**ଭବ** ***ବି.*** ୧. ସଂସାର, ଜଗତ ୨. ସ୍ଥିତି, ଉତ୍‌ପତ୍ତି ୩. ଶିବ ।

**ଭବନ** ***ବି.*** ଘର, ବାସସ୍ଥାନ, ଆଳୟ, ଗୃହ ।

**ଭବଦୀୟ** ***ବିଂ.*** ଆପଣଙ୍କର ।

**ଭବ ପାରାବାର** ***ବି.*** ସଂସାର ରୂପକ ସମୁଦ୍ର ।

**ଭବବନ୍ଧନ** ***ବି.*** ସଂସାରର ଆକର୍ଷଣ ଯାହା ମଣିଷକୁ ବାନ୍ଧି ଧରେ ।

**ଭବଭୟ** ***ବିଂ.*** ୧. ସାଂସାରିକ ଜୀବନ ପ୍ରତି ଡର ୨. ପୁନର୍ଜୀବନ ପ୍ରତି ଭୟ ।

**ଭବଲୀଳା** ***ବି.*** ସଂସାରର କାର୍ଯ୍ୟ ।

**ଭବଲୋକ** ***ବି.*** ପୃଥିବୀ, ନରଲୋକ ।

**ଭବାନୀ** ***ବି.*** ଦୁର୍ଗା, ଶିବାନୀ, ମାତୃଶକ୍ତି ।

**ଭବିତବ୍ୟ** ***ବିଂ.*** ଅନିବାର୍ଯ୍ୟ, ଯାହା ନିଶ୍ଚିତ ଘଟିବ ।

**ଭବିଷ୍ୟ, ଭବିଷ୍ୟତ** ***ବିଂ.*** ଅନାଗତ, ଆସି ନ ଥିବା, ଭାବୀ ।

**ଭବିଷ୍ୟବକ୍ତା, ଭବିଷ୍ୟତ ବକ୍ତା** ***ବି.*** ଅନାଗତ ସମୟର କଥା କହୁଥିବା ବ୍ୟକ୍ତି ।

**ଭବିଷ୍ୟବାଣୀ, ଭବିଷ୍ୟତ ବାଣୀ** ***ବି.*** ଭବିଷ୍ୟତରେ ଘଟିବାକୁ ଥିବା କଥା, ଆଗତ କଥା ।

**ଭବ୍ୟ** ***ବିଂ.*** ୧. ଗ୍ରହଣୀୟ ୨. ମାର୍ଜିତ ୩. ଭଦ୍ର ୪. ଉଚ୍ଛ୍ୱସିତ ୫. ପ୍ରୀତିପ୍ରଦ ୬. ସୁନ୍ଦର, ଆକର୍ଷଣୀୟ ।

**ଭମ୍‌ରାଇବା** ***କ୍ରି.*** ୧. ଗଛ ପତଳା କରିବା ୨. ଚତରେଇବା ।

**ଭମର୍** ***ବି.*** ଭ୍ରମର, ଭୃଙ୍ଗ, ଭଅଁର ।

**ଭମର୍‌ଘର** ***ବି.*** ବାଘୁଆ ମହୁମାଛି ବସା ।

**ଭମା** ***ବି.*** ୧. ଛବି, ଚିତ୍ର, ରୂପ ୨. ଧାନକୁ ଫମ୍ପା କରି ଖାଉଥିବା ପୋକ ।

**ଭୟ** ***ବି.*** ଡର, ଶଂକା, ତ୍ରାସ ।

**ଭୟଙ୍କର** ***ବିଂ.*** ଭୟ ଜନ୍ମାଉଥିବା, ଅତିଶୟ ଭୀତିପ୍ରଦ, ଭୀଷଣ ।

**ଭୟବିହ୍ୱଳ** ***ବିଂ.*** ଡରରେ କାକୁସ୍ତ ।

**ଭୟହାରୀ** ***ବିଂ.ବି.*** ଯେ ଭୟ ହରଣ କରେ - ଭଗବାନ ।

**ଭୟାନକ** ***ବିଂ.*** ୧. ଭୀତିପ୍ରଦ ୨. ରସ ବିଶେଷ-ଯାହାର ସ୍ଥାୟୀ ଭାବ ଭୟ ୩. ଅତିଶୟ ।

**ଭୟାବହ** ***ବିଂ.*** ୧. ବିପଦପୂର୍ଣ୍ଣ ୨. ଭୟ ସୃଷ୍ଟିକାରୀ ।

**ଭୟାଳୁ** ***ବିଂ.*** ଡରୁଆ, ଭୟ କରୁଥିବା, ଭୀରୁ ।

**ଭର୍‌କୋ ଭଏଁରୋ** ***ବି.ବିଂ.*** ଅନ୍ୟ ମନସ୍କ ରହୁଥିବା ବା ନିର୍ବୋଧ ବ୍ୟବହାର କରୁଥିବା (ଲୋକ) ।

**ଭର୍‌ତା** ***ବି.*** ୧. ବିଭିନ୍ନ ସିଝା ଅଥବା ପୋଡ଼ା ପନିପରିବାକୁ ଚକଟି ତେଲ ମସଲାଦି ମିଶାଇ ପ୍ରସ୍ତୁତ ଖାଦ୍ୟ ୨. ପାଳନକର୍ତ୍ତା, ସ୍ୱାମୀ, ପ୍ରଭୁ, ମାଲିକ, ଅଧିପତି, ଭର୍ତ୍ତା ।

**ଭର୍‌ଦର** ***ବିଂ.କ୍ରିବିଂ.*** ୧. ଜରୁରୀ ୨. ହଠାତ୍ ୩. ତତ୍‌କ୍ଷଣାତ୍ ।

**ଭର୍‌ନା** ***ବି.*** ୧. ପୂରଣ ୨. କ୍ଷତିପୂରଣ ।

**ଭର୍‌ନା ଦେବା** ***କ୍ରି.*** କ୍ଷତିପୂରଣ ସ୍ୱରୂପ ଦେବା ।

**ଭର୍‌ନା ହେବା** ***କ୍ରି.*** ପୂରାହେବା, ଶେଷ ହେବା ।

**ଭର୍‌ଭଙ୍ଗା** ***ବିଂ.*** ଅଧାଭଙ୍ଗା, ଦରଭଙ୍ଗା ।

**ଭର୍‌ମିବା** ***କ୍ରି.*** ୧. ନିଦରେ ବିଳିବିଳେଇବା ୨. ମାନସିକ ଅସ୍ଥିରତା ହେବା ୩. ବୃଥା ଆଶା କରିବା ।

**ଭର** ***ବିଂ.*** ୧. ପୂର୍ଣ୍ଣ, ପୂରା ୨. ତମାମ; ***କ୍ରି.*** ଭର୍ତ୍ତି କର ।

**ଭରଛନା** ***ବି.*** ଭର୍ତ୍ସନା, ନିନ୍ଦା, ତିରସ୍କାର, କଟୁକଥା ।

**ଭରଣ** ***ବି.*** ୧. ପୋଷଣ, ପାଳନ ୨. ବେତନ, ଦରମା ୩. ଅଶୀ ଗୌଣି ଶସ୍ୟର ପରିମାଣ ୪. ଏକର ପରିମିତ ଜମିର ଏକ ପଞ୍ଚମାଂଶ ।

**ଭରଣପୋଷଣ** ***ବି.*** ପାଳିବା ପୋଷିବା ଏବଂ ସେଥିପାଇଁ ଆବଶ୍ୟକ ଅର୍ଥ ।

**ଭରଣା** ***ବି.*** ୧. ଶୂନ୍ୟସ୍ଥାନ, ଅଭାବ ବା କ୍ଷତିର ପୂରଣ ୨. ଭର୍ତ୍ତି, ପୂର୍ତ୍ତି ।

**ଭରଣି** ***ବି.*** ୧. ଫରୁଆ ୨. ଦ୍ୱିତୀ ନକ୍ଷତ୍ର (ଭରଣୀ) ୩. ଲୁଗାର ଆଡ଼ ବା ଓସାର ବାଗର ସୂତା ।

**ଭରଣୀୟ** ***ବିଂ.*** ପୂରଣୀୟ ।

**ଭରତା** ***ବି.*** ସିଝା ବା ପୋଡା ପରିବା ଚକଟି ତେଲ ମସଲା ଦେଇ ତିଆରି ଖାଦ୍ୟ, ଭର୍ତ୍ତା ।

**ଭରତି** ***ବି.*** ୧. ପୂର୍ଣ୍ଣ, ପୂରଣ ୨. ନିଯୁକ୍ତି ୩. ପ୍ରବେଶ ।

**ଭରତିଆ** ***ବି.*** ଏକ ପକ୍ଷୀ ବିଶେଷ, ଭଦଭଦଳିଆ ।

**ଭରମ** ***ବି.*** ଭ୍ରମ, ଭୁଲ, ପ୍ରମାଦ ।

**ଭରସା** ***ବି.*** ଆସ୍ଥା, ପୂର୍ଣ୍ଣ ବିଶ୍ୱାସ ଓ ଆଶା, ପ୍ରତ୍ୟୟ, ନିର୍ଭରଶୀଳତା ।

**ଭରସିବା** ***କ୍ରି.*** ୧. ଆଶା ରଖିବା, ହିମ୍ମତ ରଖିବା ୨. ନ ଡ଼ରିବା ।

**ଭରା** ***ବିଂ.*** ୧. ଭର୍ତ୍ତି ହୋଇଥିବା, ପୂର୍ଣ୍ଣ ୨. ପରିବ୍ୟାପ୍ତ ୩. ଛଇଲାଟ୍ ; ***ବି.*** ୧. ଆଶ୍ରା, ନିର୍ଭର ୨. ଠେସ, ଭିରା, ଠେକ ୩. କଟା ଧାନର ବିଡ଼ା ।

**ଭରାଇବା** ***କ୍ରି.*** ପୂର୍ଣ୍ଣ କରିବା ।

**ଭରାଣ୍ଡି** ***ବି.*** ଧାନ ଅବା ଶସ୍ୟାଦି କୁଟିବା ପାଇଁ କାଠରେ ଖୋଳାଯାଇଥିବା ଗାତ ବା ଖାଲ ।

**ଭରାଭର** ***ବିଂ.*** ଉଚ୍ଛୁଳା, ପରିପୂର୍ଣ୍ଣ ।

**ଭରି** ***ବି.*** ୧. ସୁନା, ରୁପା, ତମ୍ବା ଆଦି ଧାତବ ପଦାର୍ଥ ଅଥବା ରତ୍ନର ଓଜନ, ମାପ, ଏକ ତୋଳା, ଦଶ ମଷା, ୧୧.୬୫ ଗ୍ରାମ ; ***ବିଂ.*** ପୂର୍ଣ୍ଣ ।

**ଭରିତ** ***ବିଂ.*** ୧. ପୂରିତ ୨. ଭାରଯୁକ୍ତ ୩. ପାଳିତ ।

**ଭରିବା** ***କ୍ରି.*** ପୂର୍ଣ୍ଣ କରିବା, ଭରତି କରିବା ।

**ଭର୍ଗ** ***ବି.*** ୧. ସୂର୍ଯ୍ୟଙ୍କ ତେଜ ୨. ଶିବ ୩. ବ୍ରହ୍ମା ।

**ଭର୍ତ୍ତା** ***ବି.*** ପ୍ରଭୁ ସ୍ୱାମୀ, ପତି; ***ବିଂ.*** ରକ୍ଷାକାରୀ, ପାଳନକର୍ତ୍ତା, ଧାରଣକାରୀ ।

**ଭର୍ତ୍ତି** ***ବି.*** ୧. ପୂର୍ତ୍ତି, ପୂରଣ ୨. ପ୍ରବେଶ ୩. ନିଯୁକ୍ତି ।

**ଭର୍ତ୍ସନା** ***ବି.*** ୧. ନିନ୍ଦା ୨. ଗାଳି ୩. ତିରସ୍କାର ।

**ଭର୍ତ୍ସିତ** ***ବିଂ.*** ନିନ୍ଦିତ, ତିରସ୍କୃତ ।

**ଭଳକା** ***ବି.*** ବାନ୍ତିର ଧାରା, ଥରକୁ ଥର ବାନ୍ତି ।

**ଭଳକିବା** ***କ୍ରି.*** ବାନ୍ତି ଉଠାଇବା ।

**ଭଳାଇବା** ***କ୍ରି.*** ଭୁଲାଇବା, ଫୁସୁଲାଇବା, ମୋହାସକ୍ତ କରିବା, ମିଠାକଥା କହି ପ୍ରଭାବିତ କରିବା ।

**ଭଳାଭଳି** ***ବି. କ୍ରି. ବିଂ.*** ଫୁସୁଲାଫୁସୁଲି, ତୋଷାମଦି ।

**ଭଳି, ଭଳିଆ** ***ଅଂ.*** ପରି, ସଦୃଶ, ତୁଲ୍ୟ, ପ୍ରକାର ।

**ଭଳିବା** ***କ୍ରି.*** ଅନ୍ୟର ଚାଟୁ କଥାରେ ବାସ୍ତବତାକୁ ଭୁଲିଯିବା ।

**ଭଲ୍‌ଗାର** ***ବିଂ.*** ଅଶ୍ଳୀଳ ; ***ବି.*** ଭାଣ୍ଡାମି ।

**ଭଲ୍‌ଟୁ** ***ବି.*** ଭଲବ୍ ଟିଉବ୍, ସାଇକଲ ଆଦିର ଟ୍ୟୁବରେ ପବନ ପୂରାଇଲା ବେଳେ ନଳୀରେ ଲାଗିଥିବା ରବର ଖୋଳ ।

**ଭଲ୍‌ଲୋକିଆ** ***କ୍ରି.ବିଂ.*** ଭଲଲୋକୀ, ଭଲ ପଣିଆ ।

**ଭଲ** ***ବିଂ.*** ୧. ଉତ୍ତମ ୨. ନିରୋଗ, ସୁସ୍ଥ ୩. ଉଚିତ ୪. ଭଦ୍ର ୫. ଆନନ୍ଦଦାୟକ ୬. ଚିତ୍ତାକର୍ଷକ ୭. ରୁଚିକର ୭. ଶୁଭ, ମଙ୍ଗଳ, କଲ୍ୟାଣକର; ***ଅ.*** ଆଚ୍ଛା, ବେଶ୍ ।

**ଭଲମନ୍ଦ** ***ବିଂ.*** ଶୁଭଅଶୁଭ, ସୁଖଦୁଃଖ ।

**ଭଲଲୋକ** ***ବି.*** ୧. ଭଲ ମଣିଷ ଭାବରେ ବିବେଚିତ ବ୍ୟକ୍ତି ୨. ସାଧୁବ୍ୟକ୍ତି ୩. ମଧ୍ୟସ୍ଥି ।

**ଭଲଲୋକି** ***ବି.*** ମଧ୍ୟସ୍ଥତା, ବିବାହରେ ବର-କନ୍ୟା ଯୋଗସୂତ୍ରକାରୀ ।

**ଭଲଲୋକୀ** ***ବିଂ.*** ୧. ସାଧୁଲୋକର ଉପଯୁକ୍ତ ୨. ମଧ୍ୟସ୍ଥ ।

**ଭଲା** ***ବିଂ.*** ୧. ଉତ୍ତମ ୨. ସୁନ୍ଦର; ***ଅ.*** ପ୍ରଶ୍ନ ବା ନିଶ୍ଚିତତାସୂଚକ ଶବ୍ଦ (ସତେକି) ?

**ଭଲିବଲ** ***ବି.*** ଦୁଇ ଦଳର ଛ' ଜଣ ଲେଖା ଖେଳାଳିଙ୍କଦ୍ୱାରା ହାତରେ ଖେଳାଯାଉଥିବା ପେଣ୍ଡୁ ଖେଳ ।

**ଭଲେ** ***ଅ.*** ୧. ସହଜରେ, ବିନା ବାଧାରେ, ଅନାୟାସରେ ୨. ଭଲ ହେଲା ଯେ ।

**ଭଲେଇ** ***ବିଂ.*** ଯେଉଁ ନାରୀ ନିଜର ଦୋଷ ଘୋଡ଼େଇବା ପାଇଁ ଅନ୍ୟ ପାଖରେ ନିଜର ପରି ଅଭିନୟ କରେ, ଅଭିନୟକୁଶଳା ।

**ଭଲେଇ ହେବା** ***କ୍ରି.*** ୧. ଦେଖାଇହେବା ୨. ଅନଧିକାର କଥା କରିବା ।

**ଭଲ୍ଲୁକ** ***ବି.*** ଭାଲୁ, ଋକ୍ଷ ।

**ଭଲ୍ୟୁମ** ***ବି.*** ଧ୍ୱନି/ସ୍ୱରର ଗୁରୁ ଓ ଲଘୁମାନକ ।

**ଭସ୍‌ଭସ୍, ଭସଭାସ** ***ଅ. ବି.*** ବାଷ୍ପୀୟ ବା ତରଳ ପଦାର୍ଥ ବେଗରେ ପଦାକୁ ବାହାରିଯିବା ସମୟରେ ସୃଷ୍ଟ ଧ୍ୱନି ବା ନାଦ ।

**ଭସା.ଭସାଣି** ***ବିଂ.*** ଭାସମାନ, ଭାସୁଥିବା, ଭସାଇ ଦିଆଯାଇଥିବା; ***ବି.*** ଦେବପ୍ରତିମା ବିସର୍ଜନ ଉତ୍ସବ ।

**ଭସାଇବା** ***କ୍ରି.*** ଭସାଇବା କାର୍ଯ୍ୟ ।

**ଭସାମେଘ, ଭସାବାଦଲ** ***ବି.*** ୧. ଆକାଶରେ ଭାସିଯାଉଥିବା ଖଣ୍ଡ ଖଣ୍ଡ ବାଦଲ ୨. ଅସ୍ଥିର ଅବସ୍ଥା ।

**ଭସ୍ମ** ***ବି.*** ୧. ଛାର, ପାଉଁଶ ୨. ପୋଡ଼ା ବସ୍ତୁର ଅବଶେଷ ୩. ବିଭୂତି ୩. ଔଷଧ ଭାବରେ ବ୍ୟବହୃତ ଧାତୁର ପାଉଁଶ ।

**ଭସ୍ମସାତ୍** ***ବିଂ.*** ପୋଡ଼ି ସଂପୂର୍ଣ୍ଣ ଭସ୍ମୀଭୂତ, ପାଉଁଶରେ ପରିଣତ ।

**ଭସ୍ମାବଶେଷ** ***ବି.*** କୌଣସି ପଦାର୍ଥ ପୋଡ଼ା ହେଲାପରେ ରହିଯାଇଥିବା ଅଂଶ ।

**ଭସ୍ମୀଭୂତ** ***ବିଂ*** ୧. ପୋଡ଼ି ପାଉଁଶ ଯାଇଥିବା ୨. ନଷ୍ଟ ହୋଇଯାଇଥିବା ।

**ଭକ୍ଷ** ***ବି.*** ଖାଦ୍ୟ ; ***ବିଂ.*** ଖାଇବା ଯୋଗ୍ୟ, ଆହାର୍ଯ୍ୟ ।

**ଭକ୍ଷକ** ***ବିଂ.ବି.*** ଖାଦକ, ଖାଇଲାବାଲା ।

**ଭକ୍ଷଣ** ***ବି.*** ଖାଇବା କର୍ମ, ଭୋଜନ ।

**ଭକ୍ଷିତ** ***ବିଂ.*** ଗିଳିଥିବା, ଖିଆଯାଇଥିବା ।

**ଭଁାବୁଲିବା** ***କ୍ରି.*** ୧. ଭୂଆଁବୁଲିବା ୨. ବାଟ ବଣାହେବା ୩. ଘାବରେଇଯିବା ୪. ଭଣ୍ଡାଇବା ।

**ଭାଇ** ***ବି.*** ୧. ଏକ ମା ପେଟରୁ ଜନ୍ମିତ, ସହୋଦର ୨. ଭାଇ ସ୍ଥାନୀୟ ବ୍ୟକ୍ତି ୩.ସାଥୀ, ବନ୍ଧୁ ।

**ଭାଇଆ** ***ବି.*** ଜ୍ଞାତି ପରିଜନ, ସଂପର୍କିତ ବ୍ୟକ୍ତି ।

**ଭାଇଆଳ** ***ବିଂ.*** ଜ୍ଞାତି ସଂପର୍କିତ ।

**ଭାଇଚାରା** ***ବି.*** ୧. ଜାତିଭାଇ, କୁଟୁମ୍ବ ସମ୍ପର୍କ ୨. ପରସ୍ପର ଭାଇପଣିଆ ।

**ଭାଇତିରିଆ** ***ବିଂ.ବି.*** ଜ୍ଞାତି ପରିଜନ ସଂପର୍କିତ ।

**ଭାଇନା** ***ବି.*** ୧. ବଡ଼ ଭାଇ ୨. ପୂଜକ ବା ପୁରୋହିତ ।

**ଭାଇପୁଅ** ***ବି.*** ପୁତୁରା, ଭାଇର ପୁଅ ।

**ଭାଇବୋହୂ** ***ବି.*** ସାନଭାଇର ପତ୍ନୀ ।

**ଭାଇଭଗାରି** ***ବି.*** ନିଜ ଭାଇ ଶତ୍ରୁ ପାଲଟିବା, କୁଟୁମ୍ବ ଶତ୍ରୁ ।

**ଭାଇଭାଗ** ***ବି.*** ଭାଇ ଭାଇ ଭିତରେ ସମ୍ପତ୍ତି ବଣ୍ଟନ ।

**ଭାଇରସ୍** ***ବି.*** ୧. ଅଣୁଜୀବକ, ରୋଗବାହକ ସୂକ୍ଷ୍ମତତ୍ତ୍ୱ, ଭୂତାଣୁ ୨. କମ୍ପ୍ୟୁଟର ଆଦିରେ ଇଣ୍ଟରନେଟ ଦେଇ ଆସୁଥିବା କ୍ଷତିକାରୀ ସାମଗ୍ରୀ ।

**ଭାଇରାଲ ଫିଭର** ***ବି.*** ଭୂତାଣୁ ସଂକ୍ରମିତ ଜ୍ୱର ।

**ଭାଇଲା** ***କ୍ରି.*** ବାହାରିଲା, ପ୍ରସ୍ତୁତ ହେଲା ।

**ଭାଉ** ***ବି.*** ୧. ଦର, ମୂଲ୍ୟ ୨. ଅହଂକାର, ଗର୍ବ, ତେଜ, ଦାମ୍ଭିକତା, ବାହାପିଆମି ୩. କୁକୁର ଭୁକିବା ଶବ୍ଦ ।

**ଭାଉଆ** ***ବିଂ.*** ଫୁଟାଣିଆ, ଯାହା ନୁହେଁ ତାହାଠାରୁ ଅଧିକ କରି ନିଜକୁ ଦେଖାଇ ହେଉଥିବା ।

**ଭାଉଚର** ***ବି.*** ଅର୍ଥ ଗ୍ରହଣ କରିଥିବାର ପ୍ରମାଣ ଥିବା ରସିଦ୍, ପ୍ରାପ୍ତି ସ୍ୱୀକାର ଦଲିଲ ।

**ଭାଉଜ** ***ବି.*** ବଡ଼ ଭାଇର ସ୍ତ୍ରୀ, ନୂଆବୋଉ, ବଉ, ବହୂ ।

**ଭାଉଜବୋଉ/ବୋହୂ** ***ବି.*** ବଡ଼ଭାଇର ସ୍ତ୍ରୀ ।

**ଭାଉ ଦେଖାଇବା** ***କ୍ରି.*** ୧. ଫୁଟାଣି ମାରିବା ୨. ବଡ଼ ପଣ ଦେଖାଇହେବା ୩. ବଡ଼େଇ କରିବା ।

**ଭାଏଁଭାଏଁ** ***କ୍ରି.ବିଂ.*** ଶୂନ୍ୟେ ଶୂନ୍ୟେ, ଅଦୃଶ୍ୟରେ, ଆଖିପିଛୁଳାକେ ।

**ଭାଏ** ***ବି.ବିଂ.*** ଭାଇ, ସହୋଦର ୨. ଶୂନ୍ୟ ।

**ଭାଏକି** ***ବି.*** ଭାଇରାଣ ।

**ଭାଏଗ୍ରା** ***ବି.*** ଯୌନଉଦ୍ଦୀପକ ଔଷଧ ବିଶେଷ ।

**ଭାଏବହ** ***ବି.*** ଭାଇବୋହୂ, ସାନଭାଇର ସ୍ତ୍ରୀ ।

**ଭାଏଲ୍** ***ଅ.*** କାଳେ, ସଂଭବତଃ ; ***ବି.*** ତରଳ ପଦାର୍ଥ ରଖିବାପାଇଁ ବ୍ୟବହୃତ ଛୋଟ ଶିଶି ।

**ଭାଓଲେନ୍‌ସ** ***ବି.*** ହିଂସା, ହିଂସାତ୍ମକ ଆଚରଣ ।

**ଭାକ୍** ***ବି.*** ଅଲଗା କରିବା ଅଂଶ, ଭାଗ; ***କ୍ରି.*** ବାହାରିଯିବା ପାଇଁ ଆଦେଶଦେବା ।

**ଭାକୁଟ, ଭାକୁଡ଼** ***ବି.*** କାତିଯୁକ୍ତ ବଡ଼ମାଛ ।

**ଭାକୁଟମୁଣ୍ଡିଆ, ଭାକୁଡ଼ମୁଣ୍ଡିଆ** ***ବି.ବିଂ.*** ବଡ଼ମୁଣ୍ଡିଆ ।

**ଭାକୁଡ଼ା** ***ବି.*** ୧. ଗଣିକାପୁତ୍ର, ବେଶ୍ୟା ସନ୍ତାନ ୨. ବାପା କିଏ ଜଣା ନଥିବା ବ୍ୟକ୍ତି ।

**ଭାକୁଡ଼ିଆ** ***ବିଂ.*** ୧. ମୋଟାସୋଟା, ପୃଥୁଳକାୟ ୨. ବୋକା, ନିର୍ବୋଧ ।

**ଭାକେଟ୍** ***କ୍ରି.*** ବିଚାରାଳୟ ନିଷେଧ ଆଦେଶକୁ ଉଠାଇବା ।

**ଭାକେନ୍‌ସି** ***ବି.*** ଖାଲିସ୍ଥାନ ବା ପଦବି ।

**ଭାକେସନ୍** ***ବି.*** ୧. ଲମ୍ବାଛୁଟି ୨. ବିଚାର ବିଭାଗ ଓ ଶିକ୍ଷାନୁଷ୍ଠାନ ଭୋଗ କରୁଥିବା ଅବକାଶ ।

**ଭାଗ** ***ବି.*** ୧. ଅଂଶ, ଟୁକୁଡ଼ା, ଖଣ୍ଡ ୨. ବିଭାଜନ, ବିଭାଗ ୩. ଅନୁପାତ ୪. ସମ୍ପତ୍ତି ଆଦିରୁ ପାଇଥିବା ଅଂଶ ।

**ଭାଗ କରିବା** ***କ୍ରି.*** ୧. ବିଭକ୍ତ କରିବା ୨. ନିର୍ଦ୍ଦିଷ୍ଟ ହିସାବରେ ବାଣ୍ଟିବା ।

**ଭାଗଚାଷ** ***ବି.*** ଅନ୍ୟର ଜମିରେ ଚାଷକରି ମାଲିକକୁ ଉତ୍ପନ୍ନ ଶସ୍ୟର ଅଂଶ ପ୍ରଦାନ ।

**ଭାଗଚାଷୀ** ***ବି.*** ମାଲିକର ଜମିକୁ ଚାଷକରି ଫସଲ ଭାଗ ଦେଉଥିବା ବ୍ୟକ୍ତି ।

**ଭାଗଡ଼** ***ବି.*** ପଳାୟନ, ଛୁ କରିବା ।

**ଭାଗଦାର** ***ବି.*** ଅଂଶୀଦାର, ଭାଗ ନେଉଥିବା ।

**ଭାଗଫଳ** ***ବି.*** କୌଣସି ସଂଖ୍ୟାକୁ ଅନ୍ୟ ଏକ ସଂଖ୍ୟାରେ ହରିଲେ ଯେଉଁ ଫଳ ମିଳେ ।

**ଭାଗବଣ୍ଟରା** ***ବି.*** କୌଣସି ପଦାର୍ଥକୁ ବିଭିନ୍ନ ଲୋକଙ୍କ ମଧ୍ୟରେ ଆବଣ୍ଟନ ।

**ଭାଗବତ** ***ବି.*** ୧. ଜଗନ୍ନାଥ ଦାସ ରଚିତ ଓଡ଼ିଆ କାବ୍ୟ ଗ୍ରନ୍ଥ ୨. ବ୍ୟାସଦେବ ରଚିତ ସଂସ୍କୃତ ଅଧ୍ୟାତ୍ମ ଗ୍ରନ୍ଥ ; ***ବିଂ.*** ଭଗବତ୍ ବିଷୟକ, ଭଗବତ୍‌ଦତ୍ତ ।

**ଭାଗବତଗାଦି** ***ବି.*** ଯେଉଁ ବ୍ୟାସ ଆସନରେ ଭାଗବତଗ୍ରନ୍ଥ ପୂଜା ହେଉଥାଏ ।

**ଭାଗବତ ଗୋସାଇଁ** ***ବି.*** ଦେବତା ମାନ୍ୟରେ ପୂଜିତ ଭାଗବତ ଗାଦି ।

**ଭାଗବତ ଘର** ***ବି.*** ଯେଉଁ ଘରେ ଭାଗବତ ପାଠ କରାଯାଏ ।

**ଭାଗବତଟୁଙ୍ଗି** ***ବି.*** ଭାଗବତ ଘର ।

**ଭାଗବତ ପାରାୟଣ** ***ବି.*** ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସମ୍ପୂର୍ଣ୍ଣ ଭାଗବତ ଗ୍ରନ୍ଥ ପାଠ ଓ ପୂଜନ ।

**ଭାଗମାପ** ***ବି.*** କୌଣସି ଦ୍ରବ୍ୟ ପ୍ରସ୍ତୁତି କାଳରେ ବିଭିନ୍ନ ପଦାର୍ଥର ଆନୁପାତିକ ମିଶ୍ରଣ ।

**ଭାଗଶେଷ** ***ବି.*** ଭାଜକଦ୍ୱାରା କୌଣସି ଏକ ସଂଖ୍ୟାକୁ ହରଣ କରିବା ପରେ ଅବଶେଷ ରହିଯାଇଥିବା ସଂଖ୍ୟା ।

**ଭାଗହାର** ***ବି.*** ହରଣ ପ୍ରଣାଳୀ ।

**ଭାଗା,ଭାଗାବଂଡ଼** ***ବି.ବିଂ.*** କାମ ନ କରି ଲକ୍ଷ୍ୟହୀନ ଭାବରେ ଏଣେତେଣେ ବୁଲୁଥିବା ଲୋକ, ଛତରା, ବାରବୁଲା, ବାଟେରା, ଉଦୁର୍‌ଛିଆ ।

**ଭାଗିଆଳି, ଭାଗୁଆଳି** ***ବିଂ.*** ୧. ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ଅଂଶୀଦାର ୨. ଭାଗକରି କରାଯାଉଥିବା ।

**ଭାଗିଦାର** ***ବିଂ.*** ୧. ଅଂଶୁଆଳୀ, ଭାଗ ଦେଉଥିବା ୨. ଭାଗ ପାଇବା ଯୋଗ୍ୟ ୩. ଉତ୍ତରଦାୟୀ ।

**ଭାଗିବା** ***କ୍ରି.*** ପଳେଇଯିବା, ଛୁ କରିବା ।

**ଭାଗୀ** ***ବିଂ.*** ୧. ଅଂଶୀଦାର, ଭାଗ ପାଉଥିବା ୨. ଉତ୍ତରଦାୟୀ ।

**ଭାଗୁଡ଼ି** ***ବିଂ.*** ୧. ଭୟରେ ଧାଇଁ ପଳାଉଥିବା ୨. ଛତ୍ରଭଙ୍ଗ ଦେଉଥିବା ୩. ସମ୍ପର୍କରେ ଫାଟ ସୃଷ୍ଟି କରୁଥିବା ।

**ଭାଗ୍ୟ** ***ବି.*** ଅଦୃଷ୍ଟ, କପାଳ ।

**ଭାଗ୍ୟଗଣନା** ***ବି.*** ଜ୍ୟୋତିଷଦ୍ୱାରା ଭବିଷ୍ୟତ ସମ୍ପର୍କରେ ଆକଳନ ।

**ଭାଗ୍ୟଚକ୍ର** ***ବି.*** ଜାତକ ବା କୋଷ୍ଠୀ ।

**ଭାଗ୍ୟଦେବୀ** ***ବି.*** ଲକ୍ଷ୍ମୀ ।

**ଭାଗ୍ୟଫଳ** ***ବି.*** ପୂର୍ବ ନିର୍ଦ୍ଦିଷ୍ଟ ଫଳ ।

**ଭାଗ୍ୟବତୀ** ***ବିଂ.*** ଭଲ ଜୀବନ ବଞ୍ଚୁଥିବା ନାରୀ, ସୌଭାଗ୍ୟବତୀ ।

**ଭାଗ୍ୟବାନ** ***ବିଂ.*** ସୌଭାଗ୍ୟଶାଳୀ (ପୁରୁଷ) ।

**ଭାଗ୍ୟବାଦୀ** ***ବିଂ.*** ଭାଗ୍ୟ ବା ଅଦୃଷ୍ଟରେ ବିଶ୍ୱାସ କରୁଥିବା ।

**ଭାଗ୍ୟ ବିପର୍ଯ୍ୟୟ** ***ବି.*** ଦୁର୍ଗତି, ବ୍ୟକ୍ତିର ଖରାପ ବେଳ ବା ସମୟ ।

**ଭାଗ୍ୟଲିଖନ** ***ବି.*** ପୂର୍ବଜନ୍ମର କୃତକର୍ମର କଥିତ ପରିଣତି ।

**ଭାଗ୍ୟହୀନ** ***ବିଂ.*** ଦୁର୍ଭାଗା, ଜୀବନରେ ବିଫଳ ହେଉଥିବା ।

**ଭାଗ୍ୟୋଦୟ** ***ବି.*** ଶୁଭଦିନର ଆରମ୍ଭ ।

**ଭାଙ୍ଗ୍** ***ବି.*** ୧. ଚୂନ ମସଲାଦିଆ ଧୂଆଁପତ୍ର ଚୂର୍ଣ୍ଣ, ଦୋକ୍‌ତା ୨. ଗଞ୍ଜେଇ ଗଛର ପତ୍ରକୁ ଶୁଖାଯାଇ ପ୍ରସ୍ତୁତ ମାଦକ ଦ୍ରବ୍ୟ, ଭାଙ୍ଗ ୩. ବଟା ଗଞ୍ଜାଇ ବା ପତିର ପାନୀୟ ।

**ଭାଙ୍ଗଡ଼** ***ବିଂ.*** ଭାଙ୍ଗଖୋର, ଭାଙ୍ଗୁଆ, ନିଶାସକ୍ତ ।

**ଭାଙ୍ଗପଡ଼ିବା** ***କ୍ରି.*** କୁଞ୍ଚପଡ଼ିବା, ପୋଷାକପତ୍ର ନୋଚାକୋଚା ହୋଇଯିବା ।

**ଭାଙ୍ଗପତ୍ର** ***ବି.*** ଧୂଆଁପତ୍ର, ଧୁଙ୍ଗିଆ ।

**ଭାଙ୍ଗଭାଙ୍ଗ** ***କ୍ରି.ବିଂ.*** ୧. ହୁଡ଼ାହୁଡ଼ା ୨. ଥାକଥାକ ୩. ବହୁ ଭାଙ୍ଗଯୁକ୍ତ ।

**ଭାଙ୍ଗିବା** ***କ୍ରି.*** ୧. କୌଣସି ବସ୍ତୁକୁ ତଳେ ପକାଇ ବା ବାଡ଼େଇ ଖଣ୍ଡ ଖଣ୍ଡ କରିବା ୨. ନଷ୍ଟ କରିବା ୩. କଳିଆଦି ସମାଧାନ କରିବା, କଳି ଦୂର କରିବା ୪. (ସଭା, ମେଳା ଆଦି) ଶେଷ ହେବା ୫. (ଲୁଗାପଟା) ଚଉଡିବା ୬. ମଝିବାଟରୁ ଏକ ପାଖିଆ ହେବା ବା ଅନ୍ୟ ବାଟରେ ଯିବା ୭. ଗର୍ଭ ନଷ୍ଟ ହେବା ବା କରିବା ୮. (ନିୟମ) ଲଙ୍ଘନ କରିବା ୯. ପଡ଼ିଆ ଜମିକୁ ଉଠିଆ କରିବା ।

**ଭାଙ୍ଗୁଣିଆ** ***ବି.ବିଂ.*** ୧. ଭାଙ୍ଗୁଥିବା ୨. ନଷ୍ଟ କରୁଥିବା ୩. ଚତୁରତାର ସହିତ କାର୍ଯ୍ୟପଛାକୁ ଭଣ୍ଡୁର କରୁଥିବା, କାମ ବିଗାଡୁଥିବା ।

**ଭାଜକ** ***ବି.*** ୧. ଭାଗଭାଗ କରୁଥିବା, ବିଭକ୍ତକାରୀ ୨. ଯେଉଁ ରାଶିଦ୍ୱାରା ଗୋଟିଏ ସଂଖ୍ୟାର ହରଣ କରାଯାଏ ।

**ଭାଜକରେଖା** ***ବି.*** ସୀମା ନିର୍ଣ୍ଣାୟକ ଚିହ୍ନ ।

**ଭାଜନ** ***ବିଂ.*** ୧. ଯୋଗ୍ୟ ୨. ସମର୍ଥ ।

**ଭାଜି** ***ବିଂ.*** ୧. ଭଜା ଯାଇଥିବା, ବ୍ୟଞ୍ଜନ ୨. ଭାଜି ଶାଗ ୩. ତରକାରୀ ।

**ଭାଜିତ** ***ବି.*** ଯାହା ଭାଗ ହୋଇଥାଏ ।

**ଭାଜିବା** ***କ୍ରି.*** ୧. ଭାଙ୍ଗିବା ୨. ନଷ୍ଟ କରିବା ୩. ସମାଧାନ କରିବା ୪. ତାତିରେ ପାକ କରିବା ।

**ଭାଜ୍ୟ** ***ବି.*** ଯେଉଁ ରାଶିକୁ ଭାଗ କରାଯାଏ ।

**ଭାଟ୍** ***ବି.*** ୧. ଦରୁଆନ, ଫାଟକ ଜଗୁଆଳି ୨. ମୂଲ୍ୟଯୁକ୍ତ ଟିକସ ।

**ଭାଟ** ***ବି.*** ଛଳ ପ୍ରଶଂସକ, ଚାଟୁକାରୀ, ସ୍ତୁତିକାରୀ ।

**ଭାଟି** ***ବି.*** ୧. ବଡ଼ ଚୁଲି ୨. ବଡ଼ ହାଣ୍ଡି ୩. ମଦ ତିଆରି ସ୍ଥାନ ୪. ଇଟା ତିଆରି ସ୍ଥାନ ୫. ହୋଟେଲ ଆଦିର ବଡ଼ ଚୁଲ୍ହା ବା ରନ୍ଧାଘର ।

**ଭାଟିଆ** ***ବିଂ.*** ଭାଟିର ମାଲିକ, ଭାଟିପରିଚାଳକ ।

**ଭାଟୋ** ***ବି.*** ଭିଣୋଇ, ଭଟୁଆ, ଗଇଁ ।

**ଭାଡ଼ି *ବି.*** ୧. ଉପକରଣ ଓ ଶସ୍ୟ ରଖିବାପାଇଁ ତିଆରି ମଞ୍ଚ, ମଂଚା ୨. ଶସ୍ୟ ଥରେ ଭାଜିବାର ପରିମାଣ ୪. ପାରା ରହିବା ଖୋପ ।

**ଭାଡ଼ିଆ *ବି.*** ମଞ୍ଚାରେ ରହି ଅନ୍ୟକୁ ନିରାପତ୍ତା ଦେଉଥିବା ବ୍ୟକ୍ତି ।

**ଭାଡ଼ି ମାରିବା *କ୍ରି.*** ଭାଡ଼ି ଉପରେ ଥାକ ଥାକ କରି ଖାଦ୍ୟ ଶସ୍ୟ ଓ ଅନ୍ୟ ପଦାର୍ଥ ରଖିବା ।

**ଭାଡୁଆ *ବି.*** ୧. ଗଣିକାମାନଙ୍କୁ ଗରାଖ ଯୋଗାଉଥିବା ଏବଂ ସେମାନଙ୍କର ପାଲଟା ଲୁଗା ବୋହୁଥିବା ବ୍ୟକ୍ତି ୨. ବେଶ୍ୟାର ସନ୍ତାନ ।

**ଭାଣ *ବି.*** ୧. ପ୍ରାକୃତ ଭାଷାରେ ରଚିତ ଏକ ଅଙ୍କ ବିଶିଷ୍ଟ ନାଟକ ୨. ଛଳନା, କପଟ ।

**ଭାଣିଜୀ *ବି.*** ଭଉଣୀର ଝିଅ, ଭାନ୍‌ଜି ।

**ଜାଣିଜୀଜୋଇଁ *ବି.*** ଭଉଣୀର ଝିଅର ସ୍ୱାମୀ ।

**ଭାଣ୍ଡ *ବି.*** ୧. ପାତ୍ର, ଆଧାର ୨. ହାଣ୍ଡି ୩. ବିଦୂଷକ ୪. ବେହିୟା, ନିର୍ଲଜ୍ଜ ବ୍ୟକ୍ତି ।

**ଭାଣ୍ଡ କାରଖାନା *ବି.*** ୧. ଜନଗହଳି ଯୋଗୁ ଉତ୍ପନ୍ନ ବିଶୃଙ୍ଖଳା ୨. ବିଶୃଙ୍ଖଳ ପରିବେଶ ।

**ଭାଣ୍ଡାମି *ବି.*** ନିର୍ଲ୍ଲଜ୍ଜତା, ଅଶିଷ୍ଟ ବ୍ୟବହାର ।

**ଭାଣ୍ଡାଲିଜମ୍ *ବି.*** ବର୍ବରତା, ଅସଭ୍ୟତା, ଅଶାଳୀନତା ।

**ଭାଣ୍ଡିଆ *ବିଂ.*** ଅପଦସ୍ଥ, ଲଜ୍ଜିତ, ଉପହସିତ, ଅପମାନିତ ।

**ଭାତ *ବି.*** ଚାଉଳ ସିଝାହୋଇ ପ୍ରସ୍ତୁତ ଅନ୍ନ ; ***ବିଂ.*** ତେଜୋଦୀପ୍ତ, ଆଲୋକିତ, ଉଦ୍‌ଭାସିତ ।

**ଭାତଖୁଆଣି *ବି.*** ଅନ୍ନପ୍ରାସନ, ଖିରିଚଟା, **ଭାତ୍‌ଖୁଆ, ଶିଶୁର** ପ୍ରଥମ ଭାତଖିଆ ଉତ୍ସବ ।

**ଭାତପରଶା *ବି.*** ଭାତ ପରଶାରେ ବ୍ୟବହୃତ କରଛୁଲି ବା ବଡ଼ ଚଟୁ, ହାତା, ପରଶୁଣି ।

**ଭାତିଆ *ବି.*** ୧. ଖାଦ୍ୟ ୨. **ଭତ୍ତା,** ପାରିଶ୍ରମିକ, ମୂଲ, ମଜୁରି ।

**ଭାତୁଆ *ବିଂ.*** ୧. ଖାଇବାପାଇଁ ବିକଳ ହେଉଥିବା ୨. ଭାତପରି ସ୍ୱାଦହୀନ ୩. ବହୁତ ଭାତ ଖାଉଥିବା ।

**ଭାତୁଆଣି *ବି.*** ହାଣ୍ଡିର ଯେଉଁ ଫୁଟନ୍ତା ପାଣିରେ ଚାଉଳ ପଡ଼େ, ଫୁଙ୍କୁଆଣି, ଅଁଧାନ୍ ପାଏନ୍ ।

**ଭାତୁଡ଼ି *ବି.*** ଦେହରେ ଉଠିଥିବା ଶୁଖିଲା ବ୍ରଣ, ମଶା ।

**ଭାତୁଡ଼ିମୁହାଁ *ବିଂ.ବି.*** ଯେଉଁ ନାରୀର ମୁହଁରେ ଭାତୁଡି ଉଠିଥାଏ ।

**ଭାଦ୍‌ଲି *ବି.*** ବାଦୁଡି ।

**ଭାଦର୍ *ବି.*** ଭାଦ୍ରବମାସ, ଭୋଦୁଅମାସ ।

**ଭାଦ୍ରବ *ବି.*** ଭୋଦୁଅ ମାସ, ଭୋଦୋ, ଭାଦର ।

**ଭାନ୍‌ଜୀ *ବି.*** ଭାଣିଜୀ, ଭଉଣୀର ଝିଅ ।

**ଭାନ *ବି.*** ୧. ବାହାନା, ଛଳନା, କୃତ୍ରିମ ଆଚରଣ ୨. ପ୍ରକାଶ, ଦୀପ୍ତି ।

**ଭାନୁ *ବି.*** ୧. ସୂର୍ଯ୍ୟ ୨. କାନ୍ତି, ଶୋଭା ।

**ଭାନୁମତୀ ଖେଳ *ବି.*** ଇନ୍ଦ୍ରଜାଲ, କୁହୁକ, ଯାଦୁବିଦ୍ୟା, ଭୋଜବାଜି ।

**ଭାପ *ବି.*** ବାଷ୍ପ, ଗରମ ପାଣିରୁ ବାହାରୁଥିବା ବାମ୍ଫ ।

**ଭାବ *ବି.*** ୧. ମାନସିକ ଅବସ୍ଥା ୨. ଅଭିପ୍ରାୟ ୩. ଆବେଗ ୪. ସ୍ୱଭାବ, ପ୍ରକୃତି ।

**ଭାବପ୍ରବଣ *ବିଂ.*** ୧. ଭାବାଳୁ ୨. ଆବେଗ ପରାୟଣ ।

**ଭାବଗତ *ବିଂ.*** ଗଭୀର ଅନୁଭୂତିଲବ୍‌ଧ ।

**ଭାବଗର୍ଭକ *ବିଂ.*** ଭାବପୂର୍ଣ୍ଣ, ଆବେଗଦୀପ୍ତ ।

**ଭାବଗ୍ରାହୀ *ବି.ବିଂ.*** ୧. ମର୍ମଜ୍ଞ ୨. ଅନ୍ତରର କଥା ଜାଣିପାରୁଥିବା ୩. ନାରାୟଣ, ବିଷ୍ଣୁ ।

**ଭାବ ଦିଆନିଆ *ବି.*** ପ୍ରେମଭାବ ସୂଚକ ଭାବ ବିନିମୟ ।

**ଭାବନା *ବି.*** ୧. ଚିନ୍ତା ୨. ମନକଥା ୩. ଉଦ୍‌ବେଗ ୪. ପ୍ରଧାନ ବା ମୁଖ୍ୟ ଦ୍ରବ୍ୟ ସହିତ ଅନ୍ୟ ଦ୍ରବ୍ୟର ମିଶ୍ରଣ (ରସାୟନ) ।

**ଭାବନାବ *ବି.*** ମଧୁରସମ୍ପର୍କ, ସୁସମ୍ପର୍କ ।

**ଭାବନୀୟ *ବିଂ.*** ଚିନ୍ତନୀୟ ।

**ଭାବବିନୋଦିଆ *ବି.ବିଂ.*** ୧. ରସିକ, ପ୍ରେମିକ, ଭାବବିଦ୍‌ଗଧ ୨. ଶ୍ରୀକୃଷ୍ଣ ।

**ଭାବବିହ୍ୱଳ *ବିଂ.*** ମୁଗ୍‌ଧ ଅନୁଭବରେ ଆବିଷ୍ଟ ।

**ଭାବଭଙ୍ଗୀ *ବି.*** ଅନୁଭବର ଆଙ୍ଗିକ ପ୍ରକାଶ ।

**ଭାବଲେଖ *ବି.*** ଆଦର୍ଶର ରୂପାୟନ, ଅନୁଭବର ଲିଖନ ।

**ଭାବାତ୍ମକ *ବିଂ.*** ଭାବପୂର୍ଣ୍ଣ, ଅନୁଭବପୁଷ୍ଟ ।

**ଭାବାନ୍ତର *ବି.*** ମାନସିକ ଅବସ୍ଥାର ପରିବର୍ତ୍ତନ ।

**ଭାବାବେଶ *ବି.*** ଭାବର ନିବିଡ଼ ସଞ୍ଚାର ।

**ଭାବାର୍ଥ *ବି.*** ସାରକଥା, ମର୍ମକଥା ।

**ଭାବାଳୁ *ବିଂ.*** ଚିନ୍ତିତ, ଚିନ୍ତାଶୀଳ, ଆବେଗପ୍ରବଣ ।

**ଭାବିତ *ବି.*** ୧. ଚିନ୍ତିତ ୨. ଉଦ୍‌ବିଗ୍ନ ।

**ଭାବିବା *କ୍ରି.*** ୧. ଚିନ୍ତା କରିବା ୨. ବିଚାର କରି ଦେଖିବା ୩. ମନୋନିବେଶ କରିବା ।

**ଭାବୀ *ବିଂ.*** ଆଗାମୀ, ଭବିଷ୍ୟତ, ଘଟିବାକୁ ଥିବା; ***ବି.*** ଭାଉଜ, ବଡ଼ଭାଇଂକ ସ୍ତ୍ରୀ ।

**ଭାବୁକ *ବିଂ.*** ଚିନ୍ତାଶୀଳ, କଳ୍ପନାପ୍ରବଣ ।

**ଭାବୁକତା ବି.** ଆତ୍ମଭୋଳା ଭାବ, ଚିନ୍ତାଶୀଳତା ।

**ଭାବୋଚ୍ଛ୍ୱାସ ବି.** ଭାବର ସ୍ଫୁରଣ, ଆବେଗର ତୀବ୍ରତା ।

**ଭାୟା ବି.** ୧. ଜରିଆ ୨. ମାଧ୍ୟମ ୩. ଭାଇ ।

**ଭାର ବି.** ୧. ଗୋଟିଏ ବାହୁଙ୍ଗିର ଦୁଇ ପାଖରେ ବୁହାଯାଉଥିବା ପରିମାଣ ୨. ବୋଝ ୩. ଉଦ୍‌ବେଗ ୪. ବାହୁଙ୍ଗି ୫. ଦାୟିତ୍ୱ ।

**ଭାରକେନ୍ଦ୍ର ବି.** ୧. ଭାର ବା ବାହୁଙ୍ଗିର ମଧ୍ୟଭାଗ ୨. ପଦାର୍ଥର କେନ୍ଦ୍ରବିନ୍ଦୁ ।

**ଭାରତଲୀଳା ବି.** ମହାଭାରତ ବର୍ଣ୍ଣିତ ଚରିତ୍ର ଆଧାରିତ ଘଟଣାର ନୃତ୍ୟଗୀତଭରା ଅଭିନୟ ।

**ଭାରତୀ ବି.** ୧. ସରସ୍ୱତୀ, ବିଦ୍ୟାର ଦେବୀ ୨. କଥା ୩. ଭାଷା ୪. ବାଣୀ ।

**ଭାରତୀୟ ବି.** ଭାରତର ଅଧିବାସୀ; **ବିଂ.** ଭାରତ ସମ୍ବନ୍ଧୀୟ ।

**ଭାରଥୋର ବି.** ବିବାହ, ବ୍ରତ, ଶ୍ରାଦ୍ଧ ଆଦି ପାରିବାରିକ ତଥା ସାମାଜିକ ଉତ୍ସବ ପାଳନ କାଳରେ ବନ୍ଧୁବର୍ଗଙ୍କ ପ୍ରଦତ୍ତ ସାମଗ୍ରୀ ।

**ଭାରଦଣ୍ଡ ବି.** ବାହୁଙ୍ଗି ।

**ଭାରଦା ବି.** ନିଜ ପତ୍ନୀକୁ ଅନ୍ୟର ଉପଭୋଗପାଇଁ ସୁଯୋଗ ଦେଉଥିବା ପୁରୁଷ ।

**ଭାରଯୁକ୍ତ ବିଂ.** ୧. ଦାୟିତ୍ୱ ନିର୍ବାହକାରୀ, ଭାରପ୍ରାପ୍ତ ୨. ଭାରି, ଅଧିକ ଓଜନ ।

**ଭାରବାହୀ ବି.** ୧. ଭାର ବୋହୁଥିବା, ଭାରୁଆ ୨. ବୋଝିଆ ।

**ଭାରସାମ୍ୟ ବି.** ଓଜନ, କାର୍ଯ୍ୟ, ଦାୟିତ୍ୱ ଆଦିର ସମବଣ୍ଟନ ବା ସମତା ।

**ଭାରସାମ୍ୟହୀନ ବିଂ.** ଅସମ, ଦୁର୍ବଳ, ଅନିୟନ୍ତ୍ରିତ, ଅସ୍ଥିର ।

**ଭାରହୀନ ବିଂ.** ହାଲୁକା, ସହଜ, ଉଶ୍ୱାସ ।

**ଭାରା ବି.** ୧. ଭାର ୨. ଦାୟିତ୍ୱ ୩. ଓଜନ ୪. ଗୁରୁତା ୫. ଉଚ୍ଚ ଜାଗାରେ ରହି କାମ କରିବାପାଇଁ କାଠ ଅଥବା ବାଉଁଶ ତିଆରି ମଞ୍ଚା ୬. ଚାପ ପ୍ରୟୋଗ ।

**ଭାରାକ୍ରାନ୍ତ ବିଂ.** ଅତ୍ୟଧିକ କାମ, ଚିନ୍ତା ବା ଓଜନ ଯୋଗୁଁ ଶାରୀରିକ ଅଥବା ମାନସିକ ସ୍ତରରେ କ୍ଳାନ୍ତ ବା ଅବସନ୍ନ ।

**ଭାରି ବିଂ.** ୧. ଓଜନିଆ ୨. ବହୁତ, ଅତ୍ୟନ୍ତ, ଅତ୍ୟଧିକ ; **କ୍ରି.ବିଂ.** ଅତ୍ୟଧିକ ଭାବରେ, ବହୁପରିମାଣରେ ।

**ଭାରିଆ, ଭାରୁଆ ବି.** ଭାରବହନକାରୀ, ଭାରବାହକ ।

**ଭାରିଯା ବି.** ୧. ପତ୍ନୀ, ସ୍ତ୍ରୀ, ଭାର୍ଯ୍ୟା ୨. ପୋଷଣଯୋଗ୍ୟା ।

**ଭାରିଯାନ ବି.** ବହୁ ମାଲ୍ ବୋଝେଇ ହେଉଥିବା ବଡ଼ ଗାଡ଼ି ।

**ଭାରିଶିଳ୍ପ ବି.** ବଡ଼ କଳକାରଖାନା ।

**ଭାରୋଇମଲ୍ଲ ବି.** ପ୍ରଧାନବୀର, ପରାକ୍ରମଶାଳୀ, ଯୋଦ୍ଧା ।

**ଭାରୋତ୍ତୋଳନ ବି.** ୧. ଲୁହାଚକି ଖଞ୍ଜା ଯାଇଥିବା ବାରବେଲ ଉଠାଇବା ୨. ଓଜନିଆ ବସ୍ତୁ ଉଠାଇବା ୩. ୱେଟଲିଫ୍ଟିଙ୍ଗ କ୍ରୀଡ଼ା ।

**ଭାର୍ଗୁଂଡା ବିଂ.** ମୁହଁ ଫୁଲେଇଥିବା, ଅପମାନଜନିତ ବିରସତା ଯୋଗୁଁ ଗମ୍ଭୀର, ଫୁଲୁକା ମୁହାଁ ।

**ଭାର୍ଯା ବି.** ୧. ଭାରିଯା, ପତ୍ନୀ ୨. ପୋଷିବାର ଯୋଗ୍ୟା ।

**ଭାଳି କ୍ରି.** ଚିନ୍ତାକରି, ମନରେ ରଖି (ଅସମାପିକା କ୍ରିୟା) ।

**ଭାଳିବା କ୍ରି.** ଚିନ୍ତା କରିବା, ବିବେଚନା କରିବା, ହେଜିବା ।

**ଭାଳେଣି ବି.** ବିଚାର, ଚିନ୍ତା ।

**ଭାଳେଣି ପଡ଼ିଯିବା କ୍ରି.** ଅତ୍ୟଧିକ ଚିନ୍ତାଗ୍ରସ୍ତ ହୋଇପଡ଼ିବା, କୌଣସି ସମସ୍ୟା ସମାଧାନର ଉପାୟ ନପାଇ ଚିନ୍ତିତ ହେବା ।

**ଭାଳ୍‌ବା କ୍ରି.** ଭାବିବା, ଚିନ୍ତା କରିବା ।

**ଭାଲ ବି.** ୧. କପାଳ, ଲଲାଟ ୨. ଭାଗ୍ୟ, ଅଦୃଷ୍ଟ ୩. ବର୍ଚ୍ଛା ।

**ଭାଲପଟ ବି.** ୧. ଭାଗ୍ୟ ୨. କପାଳର ଆକାର ।

**ଭାଲା ବି.** ବର୍ଚ୍ଛା, ଜାଭେଲିନ, କୁନ୍ତ ।

**ଭାଲିଆ ବି.** କାଜୁ ଗଛ, ଲଙ୍କାଆମ୍ବ, ଏକ ପ୍ରକାର ଗଛ-ଯାହା ଫଳର ରସ ଦେହରେ ଲାଗିଲେ ଘା ହୋଇଯାଏ ।

**ଭାଲିଆପାପୁ ବି.** କାଜୁବାଦାମ ।

**ଭାଲୁ ବି.** ଦୀର୍ଘ ମୁନିଆ ନଖ ଥିବା ଲୋମଶ ହିଂସ୍ରଜନ୍ତୁ ।

**ଭାଲୁଆ ବିଂ.** ଗହଳ ଲୋମଯୁକ୍ତ ଶରୀରବିଶିଷ୍ଟ ।

**ଭାଲୁକୁଣୀ ବି.** ୧. ଖୁଦରକୁଣୀ ୨. କୁମାରୀମାନେ ଭଲ ବର ଓ ଭାଇମାନଙ୍କର ମଙ୍ଗଳ ପାଇଁ ଭାଦ୍ରବ ମାସରେ ପୂଜା କରୁଥିବା ଦେବୀ ବିଶେଷ - ଯାହାକୁ ଖୁଦୁରୁକୁଣୀ ମଧ୍ୟ କୁହାଯାଏ ୩. ବାଳର ଯତ୍ନ ନେଉନଥିବା ନାରୀ ।

**ଭାଲୁଚାଂଟି ବି.** କଳା ଡଗଡଗା ପିଂପୁଡ଼ି ।

**ଭାଲୁ ଧରିବା କ୍ରି.** ଅଯଥା ଜଞ୍ଜାଳରେ ପଡ଼ିବା, ଅକାରଣରେ ହଇରାଣ ହେବା ।

**ଭାଲୁପୋକ ବି.** ସଁବାଳୁଆ, ଭୁର୍ସା କିରା ।

**ଭାଲୁଶାଷା ବିଂ.** ଅତି ଲୋଭୀ, କୃପଣ, ଶୁଣ୍ଠା, କାମ୍ପି ।

**ଭାଲେଣ୍ଟାଇନ ଡେ ବି.** ଫେବୃଆରୀ ଚଉଦ ତାରିଖ ଦିନ ପାଳିତ ପ୍ରେମୀଦିବସ ।

**ଭାଷ ବି.** ୧. କଥା, ବଚନ, ଉକ୍ତି ୨. ଟୀକାଗ୍ରନ୍ଥ ।

**ଭାଷକ ବି.** କଥକ, ବକ୍ତା, ପ୍ରବଚକ ।

**ଭାଷଣ ବି.** ବକ୍ତୃତା, କଥନ ।

**ଭାଷା ବି.** ୧. ଉଚ୍ଚାରିତ ଅର୍ଥପୂର୍ଣ୍ଣ ଶବ୍ଦ ସମୂହ-ଯାହାଦ୍ୱାରା ବ୍ୟକ୍ତି ନିଜ ଅନୁଭବ ଓ ବିଚାରକୁ ପ୍ରକାଶ କରେ ଏବଂ ଶୁଣିବା ଲୋକେ ବୁଝିପାରନ୍ତି ୨. ଉକ୍ତି ୩. ବଚନ ୪. ଭାବ ପ୍ରକାଶକ ମାଧ୍ୟମ ୫. ଚିଠି ।

**ଭାଷାତତ୍ତ୍ୱ** *ବି.* ଭାଷାର ଉତ୍‌ପତ୍ତି, ବିବର୍ତ୍ତନ, ବ୍ୟବହାର ଓ ଉଚ୍ଚାରଣ ସଂକ୍ରାନ୍ତ ତାତ୍ତ୍ୱିକ ବ୍ୟାଖ୍ୟା ।

**ଭାଷାତୀତ** *ବିଂ.* ଯେଉଁ ଅନୁଭବ ଓ ବିଚାରକୁ ଶବ୍ଦରେ ପ୍ରକାଶ କରିବା ଅସମ୍ଭବ ।

**ଭାଷାନ୍ତର, ଭାଷାଂତରଣ** *ବି.* ଅନୁବାଦ ।

**ଭାଷିବା** *କ୍ରି.* କହିବା, ଭାଷଣ ଦେବା ।

**ଭାଷ୍ୟ** *ବି.* ବ୍ୟାଖ୍ୟା, ଟୀକା, ବିଶଦ ଆଲୋଚନା, ବ୍ୟାଖ୍ୟାନ, ଚର୍ଚ୍ଚା ।

**ଭାଷ୍ୟକାର** *ବି.* ଟୀକାକାର, ବ୍ୟାଖ୍ୟାକାର ।

**ଭାସ୍‌କୁଟି** *ବି.* ୧. ହାସ୍ୟକର ଆଚରଣ, ରଙ୍ଗରସାତ୍ମକ ଅଭିନୟ, ପ୍ରହସନ ୨. ଅନ୍ୟର ଗୁମର କଥା, ପରଛିଦ୍ର ।

**ଭାସ** *ବି.* ୧. ଦୀପ୍ତି, କାନ୍ତି, ଆଲୋକ, ତେଜ ୨. **ଶାଗୁଣା ପକ୍ଷୀ** ।

**ଭାସନ୍ତ[ନ୍ତା]** *ବିଂ.* ୧. ଭାସମାନ, ଭାସୁଥିବା ୨. ସୁନ୍ଦର, ତେଜୋଦୀପ୍ତ ।

**ଭାସମାନ** *ବିଂ.* ଭାସନ୍ତ, ଭାସୁଥିବା, ତରଳ ପଦାର୍ଥର ଉପରେ ରହୁଥିବା ।

**ଭାସିବା** *କ୍ରି.* ପାଣି ବା ତରଳ ପଦାର୍ଥର ଉପରେ ରହିବା, ପବନରେ ଅବସ୍ଥାନ କରିବା ।

**ଭାସିଯିବା** *କ୍ରି.* ୧. ପାଣିରେ ବହିଯିବା ୨. ସବୁ କିଛି ହରାଇବା, ସର୍ବସ୍ୱାଂତ ହେବା ୩. ନଷ୍ଟ ହୋଇଯିବା ।

**ଭାସ୍କର** *ବି.* ୧. ସୂର୍ଯ୍ୟ ୨. କର୍ପୂର ୩. ଏକ ପ୍ରକାର ଲୁଣ ୪. ପଥର ଅଥବା ଧାତୁ ଦ୍ରବ୍ୟକୁ ଖୋଦନ କରି ମୂର୍ତ୍ତି ତିଆରି କରୁଥିବା ଶିଳ୍ପୀ, ଖୋଦାଇ ଶିଳ୍ପୀ ।

**ଭାସ୍କର୍ଯ୍ୟ** *ବି.* ପଥର, ବାଲି, କାଠ, ମାଟି ଆଦି ପଦାର୍ଥରେ ଉକୁଟୁଥିବା କଳା, ସ୍ଥାପତ୍ୟ, କମକୁଟି ।

**ଭାସ୍ୱର** *ବିଂ.* ଉଜ୍ଜ୍ୱଳ, ଦୀପ୍ତିମାନ, ଆଲୋକିତ ।

**ଭିଆ** *ବି.* ୧. ବିବାହ ୨. ଉପାର୍ଜନ ୩. ସଂଘଟନ ।

**ଭିଆଇବା** *କ୍ରି.* ୧. ଘଟାଇବା ୨. ଅର୍ଜନ କରିବା ୩. ସୃଷ୍ଟି କରିବା ୪. ବିଧାନ କରିବା, ବ୍ୟବସ୍ଥା କରିବା ।

**ଭିଆଣ** *ବି.* ୧. ରଚନା, ନିର୍ମାଣ, ସର୍ଜନ, ବିଧାନ ୨. ପିଲାପିଲି ।

**ଭି.ଏ.ଡବ୍ଲୁ.** *ବି.* ଗ୍ରାମସେବକ, ଭିଲେଜ ଏଗ୍ରିକଲଚର ଓ୍ୱାର୍କର ।

**ଭିକ୍[କ]** *ବି.* ଅନ୍ୟକୁ ମାଗି ଲବ୍‌ଧ ପଦାର୍ଥ ବା ଅର୍ଥ ।

**ଭିକ୍[କ]ମଗା** *ବିଂ.* ୧. ମାଗିଖିଆ ୨. ଭିକାରି ୩. ନିର୍ଦ୍ଧନ ।

**ଭିକାରି** *ବି.* ଭିକ ମାଗୁଥିବା ବ୍ୟକ୍ତି ।

**ଭିକାରୁଣୀ, ଭିଖାରେନ** *ବି.* ଭିକ ମାଗୁଥିବା ନାରୀ ।

**ଭିଜା** *ବିଂ.* ଓଦା, ସିକ୍ତ, ଆର୍ଦ୍ର, ତିନ୍ତିଥିବା ।

**ଭିଜାଇବା** *କ୍ରି.* ଓଦା କରିବା, ବତୁରାଇବା ।

**ଭିଜାମାଟି** *ବି.* ଓଦା ହୋଇଥିବା ଭୂମି, ଚକଟା ବା ବତୁରା ହୋଇ ଥିବା ମାଟି ।

**ଭିଜିଟ୍** *ବି.* ପରିଦର୍ଶନ, ଦେଖିବାପାଇଁ ଯିବା ।

**ଭିଜିଟିଂ କାର୍ଡ** *ବି.* ପରିଚୟ ଚିଠା ।

**ଭିଜିବା** *କ୍ରି.* ଓଦାହେବା ।

**ଭିଟା** *ବି.* ପୂର୍ବପୁରୁଷର ବାସସ୍ଥାନ, ପୈତୃକ ଘର, ଡିହଜମି ।

**ଭିଟାମାଟି** *ବି.* ଜନ୍ମ ହୋଇଥିବା ପୈତୃକ ଘର ବା ବାସସ୍ଥାନ ।

**ଭିଟାମିନ୍** *ବି.* ଖାଦ୍ୟପ୍ରାଣ, ଖାଦ୍ୟପଦାର୍ଥରେ ଥିବା ଜୀବନୀଶକ୍ତି ବା ସାର ଅଂଶ ।

**ଭିଡ଼** *ବି.* ଗହଳି; **ବିଂ.** ୧. ଦୁର୍ବୋଧ୍ୟ, ଜଟିଳ, କଷ୍ଟକର ୨. ଜାମ୍ ।

**ଭିଡ଼ ଭାଙ୍ଗିବା** *କ୍ରି.* ଗହଳି କମିଯିବା, ଲୋକ ପତଳା ହୋଇଯିବା ।

**ଭିଡ଼ମାଡ** *ବିଂ.* ଅନୁରୋଧ ଏଡି ନ ପାରି କାର୍ଯ୍ୟ ସଂପାଦନ ପାଇଁ ଇଚ୍ଛୁକ ।

**ଭିଡ଼ା** *ବି.* ଜକା, ଭିଡ଼ିବା କାର୍ଯ୍ୟ, ଶକ୍ତି ପ୍ରୟୋଗ କରି ନିଜ ଆଡ଼କୁ ଆଣିବା କାର୍ଯ୍ୟ ।

**ଭିଡ଼ାଓଟରା** *କ୍ରି.ବିଂ.* ଟଣାଟଣି, ଘିଚାଘିଚି ।

**ଭିଡ଼ାଭିଡ଼ି** *କ୍ରି.ବିଂ.* ଟଣାଓଟରା ।

**ଭିଡ଼ିଓ** *ବି.* ଚଳମାନ ଛବି, ଚଳଚ୍ଚିତ୍ର ।

**ଭିଡ଼ି ଧରିବା** *କ୍ରି.* ୧. ଆଲିଙ୍ଗନ କରିବା ୨. ନିଜ ଆଡ଼କୁ ଟାଣି ଧରିବା ।

**ଭିଡ଼ିବା** *କ୍ରି.* ୧. ଜାକିବା ୨. ନିଜ ଆଡ଼କୁ ଟାଣି ଆଣିବା ୩. ଆଣ୍ଟ କରି ବାନ୍ଧିବା ୪. ବାଣ ତିଆରି କରିବା ।

**ଭିଣା** *ବି.* ବିଦାରିବା, ପିଞ୍ଜିବା କାର୍ଯ୍ୟ ।

**ଭିଣିବା** *କ୍ରି.* ଟିକି ଟିକି କରିବା, ଛେଦରା ବାହାର କରିଦେବା, ଛିନ୍ନଭିନ୍ନ କରିବା ।

**ଭିଣିଭିଣି** *କ୍ରି.ବିଂ.* ମନ ଭିତରେ ଗରଗର ବା ରାଗ ଭାବ ।

**ଭିଣୋ(ଣେ)ଇ** *ବିଂ.* ୧. ଭଉଣୀର ସ୍ୱାମୀ, ୨. ତୁଳାଭିଣାର ମୂଲ ବା ମଜୁରି ।

**ଭିତ୍‌ରି** *ବି.* ଶଗଡ଼ ବା ହଳର ବାମପାଖରେ ଯୋଚା ବଳଦ; **ବିଂ.** ୧. ଭିତରେ ଥିବା ୨. ଗୋପନୀୟ, ଅପ୍ରକଟିତ, ଆଖିକୁ ଦିଶୁନଥିବା

**ଭିତ୍‌ରିଆ** *ବି.* ୧. ରାଜା ବା ଜମିଦାର ଘରର ବିଶ୍ୱାସୀ ଖିଦ୍‌ମଦଗାର ୨. ଅନ୍ଦର ମହଲର ବିଶ୍ୱସ୍ତ ସେବକ ୨. ଶଗଡ଼ ବା ହଳର ବାଁ ପାଖର ବଳଦ ୩. ଗୋପନ କଥା ଜାଣିଥିବା ।

**ଭିତ୍‌ରି ପେଞ୍ଚ** *ବି.* ଷଡଯନ୍ତ୍ର, ଗୁପ୍ତ କୌଶଳ ।

**ଭିତର** *ବିଂ.* ୧. ମଧ୍ୟଭାଗ, ଅନ୍ତସ୍ଥ ୨. ଗୋପନୀୟ, ବାହାରକୁ ଦେଖାଉନଥିବା ।

**ଭିତର କାଠ** *ବି.* ପୁରୀ ଶ୍ରୀମନ୍ଦିରରେ ଚନ୍ଦନ ଅର୍ଗଳୀ ବା ଆଡ଼ କାଠ।

**ଭିତରକାହାଳି** *ବି.* ୧. ଶ୍ରୀମନ୍ଦିରର ସେବକ ବିଶେଷ ।

**ଭିତରଗାୟେଣୀ** *ବି.* ଶ୍ରୀମନ୍ଦିରର ଗର୍ଭଗୃହରେ ଗୀତଗୋବିନ୍ଦ ଗାଉଥିବା ମାହାରୀ ବା ଦେବଦାସୀ ।

**ଭିତରଘର** *ବି.* ଅନ୍ତଃପୁର ଖଞ୍ଜା ।

**ଭିତର(ଛୁ)ଛୁମହାପାତ୍ର** *ବି.* ଶ୍ରୀମନ୍ଦିର ସୁରକ୍ଷା ଓ ଦେବତାଙ୍କ ସକଳ ନୀତିର ତଦାରଖ କରୁଥିବା ପ୍ରଧାନ ସେବକ ସେ ମହାନାୟକ ସେବକ ଭାବରେ ମଧ ପରିଚିତ ।

**ଭିତର ସେବାୟତ** *ବି.* ଶ୍ରୀ ମନ୍ଦିରର ଭିତରକାଠଠାରୁ ଆରମ୍ଭ କରି ସିଂହାସନ ପର୍ଯ୍ୟନ୍ତ ନିଯୁକ୍ତ ସେବକ ।

**ଭିତିରି** *ବିଂ.* ଗୁପ୍ତ, ଗୋପନୀୟ, ଅପ୍ରକାଶ୍ୟ, ଅଜଣା ।

**ଭିତ୍ତି** *ବି.* ୧. ମୂଳଦୁଆ, ନିଅଁ ୨. କାନ୍ଥ ।

**ଭିତ୍ତିଚିତ୍ର** *ବି.* ପଥର ଅଥବା କାଂଥରେ ଅଙ୍କିତ ଚିତ୍ର ।

**ଭିତ୍ତିପ୍ରସ୍ତର** *ବି.* ୧. ନିହ ପଥର ୨. ଯେକୌଣସି ପରିଯୋଜନାର ଉଦଘାଟନ କାଳରେ ପ୍ରଧାନ ବ୍ୟକ୍ତିଙ୍କ ନାମ ଖୋଦିତ ଫଳକ ।

**ଭିତ୍ତିଭୂମି** *ବି.* ୧. ମୂଳଦୁଆ ୨. କୌଣସି ଯୋଜନାର ପ୍ରଥମ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ।

**ଭିତ୍ତିସ୍ଥାପନ** *ବି.* କୌଣସି ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ ।

**ଭିତ୍ତିହୀନ** *ବିଂ.* କାରଣ ନ ଥିବା, ଅମୂଳକ ।

**ଭିନେ** *ବିଂ.* ଫରକ୍, ଅଲଗା, ଅନ୍ୟ, ପୃଥକ ।

**ଭିନେ ହେବା** *କ୍ରି.* ଅଲଗା ହେବା, ଭାଗ ଭାଗ ହୋଇଯିବା ।

**ଭିନ୍ନ** *ଅ.* ବ୍ୟତୀତ, ବିନା, ଛଡ଼ା ; *ବିଂ.* ବିଭକ୍ତ, ଅଲଗା, ଅନ୍ୟ, ବିଯୁକ୍ତ, ଛଡ଼ା ।

**ଭିନ୍ନ ଅର୍ଥ** *ବି.* ଅନ୍ୟ ତାତ୍ପର୍ଯ୍ୟ, ଅନ୍ୟ ଉଦ୍ଦେଶ୍ୟ ।

**ଭିନ୍ନତା** *ବି.* ପ୍ରଭେଦ, ପୃଥକତ୍ୱ, ଅନ୍ୟଠାରୁ ଅଲଗା ।

**ଭିନ୍ନାଭିନ୍ନ** *ବି.* ପାତରଅନ୍ତର, ଭେଦାଭେଦ, ପର ଆପଣା ଭାବ ।

**ଭିମ୍‌କଳା** *ବିଂ.* ୧. ଗାଢ଼ କଳା ୨. ଗାଢ଼ ଅନ୍ଧାର ।

**ଭିର୍‌କିବା** *କ୍ରି.* ୧. ଭୟପାଇବା, ଭୟରେ ବ୍ୟସ୍ତ ହୋଇପଡ଼ିବା ୨. ହୁରୁଡ଼ିଯିବା ୩. ବିଗିଡ଼ି ଯିବା ।

**ଭିର୍‌ନା** *ବି.* ଝୋଟ ବୁଣା ମୋଟା ଓ ଶକ୍ତ ଦଉଡ଼ି ।

**ଭିର୍‌ଭିର୍‌ନା** *ବିଂ.* ବିକୃତ, କଦର୍ଯ୍ୟ, ଅରୁଚିକର ।

**ଭିରିବା** *କ୍ରି.* ୧. ସଜହେବା, ବେଶ ହେବା ୨. ସୁନ୍ଦର ଦିଶିବା ।

**ଭିରେଇବା** *କ୍ରି.* ୧. ଯୋଗାଡ଼ କରିବା ୨. ମରାମତି କରିବା ।

**ଭିଲ୍** *ବି.* ଗୋଷ୍ଠୀ, ସମୂହ, ଦଳ ।

**ଭିଲ** *ବି.* ଭିଲ୍ଲ, ରାଜସ୍ଥାନର ପାର୍ବତ୍ୟ ଅଂଚଳରେ ରହୁଥିବା ଆଦିମ ଜାତି ବିଶେଷ ।

**ଭିଲେନ** *ବି.* ୧. କାହାଣୀ ନାଟକ ଆଦିର ଖଳନାୟକ ୨. କୁଚକ୍ରୀ ।

**ଭିସା** *ବି.* ଅନ୍ୟ ଦେଶକୁ ଯିବାପାଇଁ ସେହି ସରକାରଂକଠାରୁ ପ୍ରାପ୍ତ ଅସ୍ଥାୟୀ ଅନୁମତି ପତ୍ର ।

**ଭିକ୍ଷା** *ବି.* ୧. ଭିକ ୨. ଦୟା ବା ଅନୁଗ୍ରହ ପ୍ରାର୍ଥନା ୩. ମାଗୁଣି ।

**ଭିକ୍ଷାଅନ୍ନ** *ବି.* ଭିକ୍ଷାରୁ ମିଳୁଥିବା ଅନ୍ନ ବା ଖାଦ୍ୟ ।

**ଭିକ୍ଷାଜୀବୀ** *ବିଂ.* ଭିକମାଗି ଜୀବନ ବଞ୍ଚୁଥିବା ।

**ଭିକ୍ଷାବୃତ୍ତି** *ବି.* ଭିକ ମାଗିବାକୁ ପେଶା ଭାବରେ ଗ୍ରହଣ ।

**ଭିକ୍ଷୁ, ଭିକ୍ଷୁକ** *ବିଂ.ବି.* ୧. ଭିକାରି, ଭିକମାଗୁଥିବା, ମାଗଂତା ୨. ସନ୍ନ୍ୟାସୀ, ଶ୍ରମଣ, ଭିକ୍ଷାର୍ଥୀ ।

**ଭୀତ** *ବିଂ.* ଭୟ ପାଇଥିବା, ଡରିଯାଇଥିବା, ଆତଙ୍କିତ ।

**ଭୀତି** *ବି.* ଭୟ, ତ୍ରାସ, ଡର ।

**ଭୀତିକର** *ବିଂ.* ଭୟ ସୃଷ୍ଟିକାରୀ, ଡରାଉଥିବା ।

**ଭୀମ** *ବିଂ.* ୧. ବଳୁଆ, ଶକ୍ତିଶାଳୀ ୨. ଭୀଷଣ, ଭୟଙ୍କର, ଭୀତିପ୍ରଦ ।

**ଭୀମକାନ୍ତ** *ବିଂ.* ବୃହଦାକାର ଓ ରୋଚକ, ସୁନ୍ଦର ଓ ହୃଷ୍ଟପୃଷ୍ଟ ।

**ଭୀମନାଦ(ରଡ଼ି)** *ବି.* କାନ ଅତଡା ପଡ଼ିଗଲା ପରି ଉଠୁଥିବା ଧ୍ୱନି ବା ଶବ୍ଦ, ତୀବ୍ର ଗର୍ଜନ, ତ୍ରାସ ସୃଷ୍ଟିକାରୀ ଆହ୍ୱାନ ।

**ଭୀରୁ** *ବିଂ.* ୧. ଡରୁଆ, ତ୍ରସ୍ତ, ଭୟାଳୁ ୨. କାପୁରୁଷ, ଯେକୌଣସି ସମସ୍ୟାର ମୁକାବିଲା କରିବାପାଇଁ ଅସମର୍ଥ ।

**ଭୀରୁତା** *ବି.* କାପୁରୁଷତା, ଅସହାୟ ଅବସ୍ଥା ।

**ଭୀଷଣ** *ବିଂ.* ୧. ଭୟଙ୍କର, ଦାରୁଣ, ଅସହ୍ୟ ୨. ଘୋର, ଅତିଶୟ ।

**ଭୀଷଣତା** *ବି.* ୧. ଭୟଙ୍କରତା ୨. ଆତିଶଯ୍ୟ ।

**ଭୁଆଁ ବୁଲିବା** *କ୍ରି.* ବାସ୍ତବତାକୁ ସମୁଝି ନ ପାରି ହଇରାଣ ହେବା।

**ଭୁଆ** *ବି.* ଅଣ୍ଡିରାବିରାଡ଼ି, କଟାସ ।

**ଭୁଆ ବୁଲାଇବା** *କ୍ରି.* ପ୍ରତାରଣାକରିବା, ଠକିବା ।

**ଭୁଆସୁଣୀ** *ବି.* ୧. ନୂଆ ବାହା ହୋଇଥିବା ଯୁବତୀ, କୁଳବଧୂ ୨. ବଢ଼ିଲା ଝିଅ ୩. ଦେବୀ ବା ଶକ୍ତି ପୀଠ ।

**ଭୁଆସୁଣୀ ଯିବା** *କ୍ରି.* ପ୍ରଥମ କରି ସ୍ୱାମୀ ଘରକୁ ଯିବା ।

**ଭୁଆସେନ୍** *ବି.* ଭୁଆସୁଣୀ, ସଂଠଣା ଦେଖାଉଥିବା ବୋହୂ ।

**ଭୁଈଁତୁତୁ** *ବି.* ବାର୍‌ହା, ବରାହ, ବରିହା ।

**ଭୁକ୍ତା** *ବି.ବିଂ.* ୧. ଶିବ ଉପାସନା କୈନ୍ଦ୍ରିକ ଦଣ୍ଡବ୍ରତ ପାଳନକାରୀ ୨. ଗ୍ରାମର ମୁଖ୍ୟ ବ୍ୟକ୍ତି, ଗଉଁତିଆ ।

**ଭୁକା[ଖା]** ***ବିଂ.*** ୧. ଭୋକିଲା, ଖାଲିପେଟିଆ ୨. ଲୋଭୀ, ଆସକ୍ତ ୩. ଗରିବ, ନିଃସ୍ୱ ; ***ବି.*** ଭୁକିବା ।

**ଭୁକିବା** ***କ୍ରି.*** ୧. କୁକୁର, ବିଲୁଆ ଆଦି ପଶୁ ବୋବାଇବା ୨. ଅର୍ଥହୀନ ପ୍ରଳାପ ୩. ପଥର ଆଦି ଟାଣ ପଦାର୍ଥକୁ ଅସ୍ତ୍ରରେ କ୍ଷତ କରିବା ।

**ଭୁକିହେବା** ***କ୍ରି.*** ବହୁ ସମୟ ପର୍ଯ୍ୟନ୍ତ ଅନାବଶ୍ୟକ କଥା କହିବା ।

**ଭୁକ୍ତ** ***ବିଂ.*** ୧. ଅଧୀନ, ଅନ୍ତର୍ଗତ ୨. ଭକ୍ଷିତ, ଖିଆଯାଇଥିବା ।

**ଭୁକ୍ତ ଅବଶେଷ** ***ବି.*** ଅଇଁଠା, ଖିଆଯାଇଥିବା ଖାଦ୍ୟର ଅବଶେଷ ।

**ଭୁକ୍ତଭୋଗୀ** ***ବିଂ.*** ୧. ବହୁବାର ଭୋଗିଥିବା ୨. ଅନୁଭବୀ, ଅଭିଜ୍ଞତା ସଂପନ୍ନ ।

**ଭୁକ୍ତି** ***ବି.*** ୧. ଅତିବାହିତ ସମୟ ୨. ଭୋଗ କରିବା ଇଚ୍ଛା ।

**ଭୁଖା** ***ବିଂ.*** ଭୁକା, ଭୋକିଲା, ଖାଇନଥିବା, କ୍ଷୁଧାତୁର ।

**ଭୁ[ଭୋ]ଗ୍ରା** ***ବି.*** କରହୀନ ବା ନିଷ୍କର ଜମି ।

**ଭୁଗା** ***ବି.*** ଟୋକେଇ, ବାଉଁଶ ପାତିଆରେ ତିଆରି ବଡ଼ପାତ୍ର ବା ପାଛିଆ ।

**ଭୁଗେଲ** ***ବି.*** ପାଛିଆ, ବାଉଁଶ ପାତିଆରେ ତିଆରି ଛୋଟପାତ୍ର ବା ଡାଲା ।

**ଭୁଗୋଇ** ***ବି.*** ଛୋଟ ପାଛିଆ, ଡାଲା ।

**ଭୁଗୋଇବା** ***କ୍ରି.*** ମୋଟାହେବା ।

**ଭୁଚକାନି** ***ବି.*** ୧. ଧପାଧପି, ଠକାଠକି, ସତର୍କତାର ସହିତ ଅନ୍ୟକୁ ପ୍ରତାରଣା ୨. ଅନ୍ୟର ଖାପଚା ବା କବଳରୁ ଖସି ପଳାଇବା ।

**ଭୁଚକିବା** ***କ୍ରି.*** ବାଟ ନ ପାଇବା, ଭୟରେ ବିଚଳିତ ହୋଇ ଭବିଷ୍ୟତ ସ୍ଥିର କରି ନ ପାରିବା ।

**ଭୁଜ୍‌ନି** ***ବି.ବିଂ.*** ଡାହାଣ, ଦକ୍ଷିଣ ।

**ଭୁଜ୍‌ନି ହାତ** ***ବି.*** ଖାଇବାହାତ, ଡାହାଣହାତ ।

**ଭୁଜ** ***ବି.*** ୧. ବାହୁ, ହାତ ୨. ଭୋଜନ କରିବା, ଖାଇବା ୩. ଜ୍ୟାମିତିକ ବାହୁ ୪. ଭୋଜି ।

**ଭୁଜଙ୍ଗ[ମ]** ***ବି*** ସାପ ।

**ଭୁଜଙ୍ଗପତି** ***ବି.*** ସାପମାନଙ୍କର ରାଜା, ଅନନ୍ତ ।

**ଭୁଜଦଣ୍ଡ** ***ବି.*** ପୁରୁଷର ସୁଗଠିତ ବାହୁ ।

**ଭୁଜପାଶ** ***ବି.*** ଆଲିଙ୍ଗନ, ଆଶ୍ଳେଷ ।

**ଭୁଜବଳ** ***ବି.*** ବାହୁବଳ, ସାମର୍ଥ୍ୟ ।

**ଭୁଜମୂଳ** ***ବି.*** କାନ୍ଧ ।

**ଭୁଜା** ***ବି.*** ଲୁଣ ଓ ପାଣି ମିଶା ଚାଉଳକୁ ଭାଜି ତିଆରି କରାଯାଉଥିବା ଖାଦ୍ୟ ବିଶେଷ, ମୁଢ଼ି, ନୁନ୍‌ଲିଆ ।

**ଭୁଜାଖିଆ** ***ବି.*** କୌଣସି ବ୍ୟକ୍ତିକୁ ଖୁସି କରିବାପାଇଁ ଦିଆଯାଉଥିବା ଅର୍ଥ ବା ପାରିତୋଷିକ ।

**ଭୁଜାଲି** ***ବି.*** ଅଧା ଖଣ୍ଡାଭଳି ଧାରୁଆ ଲୁହାତିଆରି ଅସ୍ତ୍ର ।

**ଭୁଜିଆ** ***ବି.*** ୧. ବେସନ ତିଆରି ସରୁ ସେଓ, ଗାଣ୍ଠିଆ ଇତ୍ୟାଦି ୨. ଅଣ୍ଡା ଖରଡା ।

**ଭୁଞ୍ଜ** ***ବିଂ.*** ବୁଝିପାରୁନଥିବା, ଓଲୁ, କିଂକର୍ତବ୍ୟବିମୂଢ଼ ।

**ଭୁଞ୍ଜା** ***ବି.*** ଖାଇବା ପଦାର୍ଥ, ଭୋଗ ।

**ଭୁଞ୍ଜାଇବା** ***କ୍ରି.*** ୧. ଭୁଜାଇବା, ଆଦରରେ ଖୁଆଇବା ୨. ଭୋଗ କରାଇବା ।

**ଭୁଞ୍ଜାଭୁଞ୍ଜି** ***ବି.*** ପରସ୍ପରକୁ ଖୁଆଇ ଦେବା, ଖୁଆଖୋଇ ହେବା ।

**ଭୁଞ୍ଜିବା** ***କ୍ରି.*** ଖାଇବା, ଭୋଜନ କରିବା ।

**ଭୁଞ୍ଜୁକ** ***ବି.*** ଉପପତି, ପତ୍ନୀ ଭିନ୍ନ ଅନ୍ୟ ନାରୀ ସହ ସଂପର୍କ ଥିବା ରସିକ ପୁରୁଷ ।

**ଭୁଟ୍‌ଭାଟ** ***ବି.*** ଅନ୍ୟ କାହାକୁ ନ ଶୁଭିବା ପରି ପରସ୍ପର ମଧ୍ୟରେ କଥାବାର୍ତା ।

**ଭୁଟ୍‌ଭୁଟ୍** ***ବି.*** ବଦହଜମି ଯୋଗୁ ପେଟ ଭିତରର ଗୁଡୁଗୁଡୁ ଶବ୍ଦ ।

**ଭୁଟ୍‌ଭୁଟି** ***ବି.*** ୧. ମୋଟର ବା ଯନ୍ତ୍ରଚାଳିତ ଡଙ୍ଗା, ଲଞ୍ଚ ୨. ବଡ଼ ଅଟୋରିକ୍‌ସା ।

**ଭୁଟ, ଭୁଟା** ***ବି.*** ୧. ମକା ୨. ବାଜରା ।

**ଭୁଟୁରା** ***ବି.*** ଭଣ୍ଡିବା, ଠକିବା, ପ୍ରତାରଣା କରିବା, ଚିତାକାଟିବା ।

**ଭୁଟୁରୁ ଭୁଟୁରୁ** ***କ୍ରି.ବିଂ.*** ଗୁଣୁ ଗୁଣୁ (ହେବା), ଚୁପ୍ ଚୁପ୍ କରି (କହିବା) ।

**ଭୁଡୁ[ଭ]କା** ***ବି.*** ୧. ବୁଦ୍‌ବୁଦ୍, ତରଳ ପଦାର୍ଥର ଉପର ଭାଗରେ ସୃଷ୍ଟ ଫୋଟକା ୨. ବେଲୁନ ।

**ଭୁଡୁକାଣି** ***ବି.*** ମାଛଆଦି ଜଳଚର ଜୀବ ପାଣି ଭିତରେ ନିଃଶ୍ୱାସ ଛାଡ଼ିବା କାଳରେ ସୃଷ୍ଟ ବୁଦ୍‌ବୁଦ୍ ବା ଫୋଟକା ।

**ଭୁଡୁକି** ***ବି.*** ଫୁଟାଣି, ବାହାସ୍ଫୋଟ, ନିଜର ସାମର୍ଥ୍ୟ ସଂପର୍କରେ ଉଦ୍‌ଘୋଷଣା, ବଡ଼େଇ, ବାହାଦୁରି, ଭଡ଼କ ।

**ଭୁଡୁଙ୍ଗ** ***ବି.*** ତୁରୀ, ମହୁରି ବାଦ୍ୟ ।

**ଭୁଡୁଙ୍ଗିଆ** ***ବି.*** ତୁରୀ ବା ମହୁରି ଫୁଙ୍କିବା ଲୋକ ।

**ଭୁଡ଼ି** ***ବି.*** ୧. ପେଟର ଅନ୍ତଃନାଡୀ ୨. ବୁଦ୍‌ବୁଦ୍ ।

**ଭୁଡୁଭୁଡୁ[କା]** ***ବି.*** ପାଣି ଭିତରେ ପବନ ଛାଡ଼ିବାଦ୍ୱାରା ସୃଷ୍ଟ ଫୋଟକା ଓ ଶବ୍ଦ ।

**ଭୁଣ୍ଡା** ***ବିଂ.*** ମୋଟାସୋଟା, କୋଦା, ଥାକୁଲଥୁକୁଲ, ମାଉଁସିଆ, ଭୁସ୍କା ।

**ଭୁଣ୍ଡି** ***ବି.*** ୧. ସ୍ତନାଗ୍ର ୨. ଫୁଲର ଗେଣ୍ଡୁ ୩. ପାଟଫୁଲି, ଚଉଁରି, ଫରୁଆର ଅଗ୍ରଭାଗ ।

**ଭୁଣ୍ଡିଆ** ***ବିଂ.*** ୧. ସମ୍ମାନାସ୍ପଦ, ଅଗ୍ରଗଣ୍ୟ ୨. ସାହସୀ ।

**ଭୁଣ୍ଡି ମୋଡ଼ିଦେବା** ***କ୍ରି.*** ୧. ବିକାଶକୁ ନଷ୍ଟ କରିଦେବା ୨. ଦାଉସାଧିବା ।

**ଭୁତେ** ***କ୍ରି.ବିଂ.*** ପାଦେ, ଚକେ, ଅଳ୍ପ ବା ଟିକିଏ ଆଗକୁ (ଯିବା) ।

**ଭୁତା** ***ବିଂ.ବି.*** ୧. ନିର୍‌ବୁଦ୍ଧିଆ, ଓଲୁ ୨. ମୁଥା, ଗଜମସ୍ତକ ।

**ଭୁତାଇବା** ***କ୍ରି.*** ବୋକା ବନେଇବା, ଠକିଦେବା, ଚିତାକାଟିବା ।

**ଭୁତାଣ୍ଡି** ***ବି.*** ବୋକାପଣ, ଓଲୁପଣ ।

**ଭୁତାଣ୍ଡିଆ** ***ବିଂ.*** ବୋକାପରି ଆଚରଣ କରୁଥିବା, ବୁଝି ସମୁଝି ପାରୁନଥିବା ।

**ଭୁତି** ***ବି.*** ୧. କୁଲି କାମ ୨. ମଜୁରି ୩. ମୂଲ, ପାରିଶ୍ରମିକ ।

**ଭୁତିଆ** ***ବି.*** ୧. ଗଉଡ଼ ଜାତି, ଗୋପାଳ ୨. ମୂଲିଆ, ମଜୁରିଆ ।

**ଭୁତିଆର** ***ବି.*** ଦିନ ମଜୁରିଆ ।

**ଭୁତିଆରି** ***ବି.*** ଗନ୍ଧିଗଛ ।

**ଭୁନି** ***ବି.*** ୧. ବିଧବାମାନେ ପିନ୍ଧୁଥିବା ଫୁଲପକା କାନି ନଥିବା ଧଳା ଲୁଗା ୨. ଶୁଣ୍ଢିଆ ।

**ଭୁବନ** ***ବି.*** ୧. ଜଗତ, ଲୋକ ୨. ବାସସ୍ଥାନ, ଘର ।

**ଭୁୟାଁ,ଭୂୟାଁ** ***ବି.*** ୧. ଜନଜାତି ବିଶେଷ ୨. ଚଷା ବା କୃଷିଜୀବୀ ସମ୍ପ୍ରଦାୟ ବିଶେଷ ୩. ପୂର୍ବ ଭାରତର ବିଭିନ୍ନ ଅଞ୍ଚଳରେ ରହୁଥିବା ବିଭିନ୍ନ ଜନଗୋଷ୍ଠୀ ।

**ଭୁର୍‌କୁଟି** ***ବି.*** କୌତୁକ, ଛଇଛଟକ ୨. କୌଶଳ ।

**ଭୁର୍‌କୁଟିଆ** ***ବିଂ.ବି.*** ୧. କଉତୁକିଆ ୨. ଦୁର୍ଗନ୍ଧପୂର୍ଣ୍ଣ ୩. ଗଛର ଅଗ କୌଣସି କାରଣରୁ ରୁଗ୍‌ଣ ହୋଇଯିବା (ଅବସ୍ଥା) ।

**ଭୁର୍‌କୁଣ୍ଡା** ***ବି.ବିଂ.*** ବିରକ୍ତ, ଖୁମ୍‌ସାମୁହାଁ ।

**ଭୁର୍‌ଭୁସା** ***ବିଂ.*** ନୁଖୁରା, ମୁଣ୍ଡବାଳରେ ତେଲ ଲାଗି ନଥିବା ଅବସ୍ଥା, ରୁକ୍ଷ ।

**ଭୁର୍‌ଲି** ***ବି.*** ବୃଥାଗପ, ବାଜେକଥା ।

**ଭୁର୍‌ଲି ଉଡାବା** ***କ୍ରି.*** ମୁହଁ ଭୁରୁଡ଼ି ମାରିବା, କଥା ନ ବୁଝି ଜାଣିଥିବା ପରି ଅଭିନୟ କରିବା, ଗାଲୁ ପେଲିବା ।

**ଭୁରା** ***ବି.*** ଗୁଡ଼କାଣ୍ଡି, ଦାନାଦାର ମୋଟା ଗୁଡ଼ଖଣ୍ଡ ।

**ଭୁରି** ***ବି.*** ୧. ପାଉଣା, ଦକ୍ଷିଣା ୨. ମଜୁରି ।

**ଭୁରିବରଷା** ***ବି.*** କୁଣ୍ଡାଝଡ଼ା ବର୍ଷା ।

**ଭୁରିଭୁରି** ***ବି.*** ବିରିବିରି, ଚମଉପରେ ଉଠୁଥିବା ଅତି ଛୋଟ ଫୋଟକା ।

**ଭୁରୁକୁଟି, ଭୁର୍କୁଟି** ***ବିଂ.*** ୧. ଅତି ତିକ୍ତ, ଅତି ଖରାପ ୨. କଦର୍ଯ୍ୟ ; ***ବି.*** ଛଇଛଟକ ।

**ଭୁରୁଙ୍ଗା** ***ବିଂ.*** ବିକୃତ, ଅସନ୍ତୋଷରେ ମୁହଁ ଓହଳାଇଥିବା ।

**ଭୁରୁଙ୍ଗା ମାରିଯିବା** ***କ୍ରି.*** ବିକୃତ ହୋଇଯିବା, ରୁଗ୍‌ଣ ହୋଇଯିବା, ସେଥୁଆ ହୋଇଯିବା ।

**ଭୁରୁଡ଼, ଭୁରୁଡ଼ା** ***ବିଂ.*** ତୋଡ଼ କାଢୁଥିବା ।

**ଭୁରୁଡ଼େଇବା** ***କ୍ରି.*** ୧. ଭିଡ଼ିବା, ଠକିବା ୨. ମୁହଁତୋଡ଼ ମାରିବା ୩. ଘଉଡ଼େଇଦେବା ୪. କୌଶଳକ୍ରମେ ମନାଇବା ।

**ଭୁରୁଣ୍ଡି, ଭୁରୁଣ୍ଡ** ***ବି.*** ୧. ତୋଡ଼, ମିଛ ଆସ୍ଫାଳନ, ଛଳ ଦାମ୍ଭିକତା ୨. ଦାଦାଗିରି ।

**ଭୁରୁଣ୍ଡିବା** ***କ୍ରି.*** ବିଛଣାରେ ଗଡ଼ପଡ଼ ହେବା ।

**ଭୁରୁଥାବା,ଭୁଢଥାବା** ***କ୍ରି.*** ୧. ବୋଧଦେବା, ମନ ଭୁଲେଇବା ୨. ମିଠା କଥା କହି ମନକୁ ଖୁସି କରାଇବା ୩. ସାନ୍ତ୍ୱନା ଦେବା ।

**ଭୁରୁଭୁରା,ଭୁରୁଭୁରୁ** ***ବି.*** ୧. କୌଣସି ପଚା ପଦାର୍ଥର ଉପରେ ଜନ୍ମୁଥିବା ଫଣଫଣିଆ ବସ୍ତୁ ୨. ଏକ ପ୍ରକାର ପୋକ ମାଟି ଖୋଳିବା ଫଳରେ ଉପରକୁ ବାହାରୁଥିବା ଗୁଣ୍ଡ; ***କ୍ରି.ବିଂ.*** ଅଳ୍ପ ଅଳ୍ପ ।

**ଭୁରୁସୁଙ୍ଗ** ***ବି.*** ଛୋଟ ଗଛ ଓ ତାର ପତ୍ର – ଯାହାର ପତ୍ରକୁ ଖଟା, କାଞ୍ଜି, ଆମ୍ବିଳ ଜାତୀୟ ତରକାରିରେ ବ୍ୟବହାର କରାଯାଏ ଏବଂ ପତ୍ରକୁ ମଧ୍ୟ ଚଟଣି କରାଯାଏ, ମିର୍‌ସିଙ୍ଗା ।

**ଭୁରେଇବା** ***କ୍ରି.*** ୧. ବୋଧଦେବା, ଆଶ୍ୱାସନା ଦେବା ୨. ଗୁଣ୍ଡ ଜାତୀୟ ବସ୍ତୁ ବୁଣିବା ।

**ଭୁଲ୍** ***ବି.*** ୧. ଗଳତି, ଦୋଷ ୨. ଭ୍ରମ ; ***ବିଂ.*** ୧.ଅଶୁଦ୍ଧ ୨. ଅଯଥାର୍ଥ ।

**ଭୁଲ୍‌ତା** ***ବି.*** ଭୂଲତା, ଆଖିର ଉପରି ଭାଗରେ ଥିବା ରୋମ ରେଖା ।

**ଭୁଲ୍‌ଭଟକା** ***ବି.*** ଦୋଷତ୍ରୁଟି ।

**ଭୁଲଣା** ***ବି.*** ଭୁଲିବା ।

**ଭୁଲା** ***ବିଂ.*** ୧. ପାସୋର ଯାଉଥିବା ୨. ଭୋଳା ।

**ଭୁଲାଇବା** ***କ୍ରି.*** ଛଳନାପୂର୍ଣ୍ଣ ବା ଚାଟୁ କଥାରେ କାହାକୁ ମନେଇଦେବା, ବାସ୍ତବତାଠାରୁ ଦୂରେଇ ଦେବା ।

**ଭୁଲାଣିଆ** ***ବିଂ.*** ଯାହା ଭୁଲାଏ ବା ବାଟବଣା କରିଦିଏ ।

**ଭୁଲିଆ** ***ବି.*** ଲୁଗାବୁଣା ଜାତି ବିଶେଷ ।

**ଭୁଲିବା** ***କ୍ରି.*** ୧. ଭ୍ରମରେ ପଡ଼ିଯିବା ୨. ଅନ୍ୟର ରୂପ, ଆଚରଣ ବା କଥାରେ ଭୁଲିଯିବା ୩. ବାସ୍ତବତାଠାରୁ ଦୂରେଇଯିବା ୪. ପାଶୋରି ଦେବା ।

**ଭୁଲୁ** ***ବି.*** ଘଳିଆ, ସିଡ଼ ବା ବନ୍ଧର ଆଡୁଆ ଦୁଇ ପାଖକୁ ଭେଦିଥିବା ସରୁ ନାଳି ।

**ଭୁଲେସରି** *ବି.* ୧. ଅନ୍ୟର ପ୍ରାର୍ଥନାକୁ ପାସୋରି ଦେଉଥିବା ଦେବୀ ୨. ନିଜ ଭିତରେ ତନ୍ମୟ ଭାବ ।

**ଭୁଲେସରିଆ** *ବିଂ.* ଭୁଲା, ଭୋଳି ।

**ଭୁଶୁଡିବା** *କ୍ରି.* ଧସିଯିବା, ଭାଙ୍ଗି ଅଜାଡ଼ି ହୋଇ ପଡ଼ିବା ।

**ଭୁଷିବା** *କ୍ରି.* ତେଣ୍ଟା, ଛୁରି ଆଦି ମୁନିଆ ଅସ୍ତ୍ରଦ୍ୱାରା ଅନ୍ୟ ଜୀବ ଅଥବା କୌଣସି ପଦାର୍ଥକୁ ଆଘାତ କରିବା ।

**ଭୁଷ, ଭୁସା** *ବି.* ୧. ତେଣ୍ଟା ୨. ତିଅ ୩. ଖୋବା ୪. କରତଗୁଣ୍ଡ ୫. ଯେକୌଣସି ପଦାର୍ଥର ଗୁଣ୍ଡ ।

**ଭୁଷଣ୍ଡ** *ବି.* ୧. ଚାଷୀ ୨. ଏକ କୁଆର ନାମ, ପୁରାଣ ବର୍ଣ୍ଣିତ ତ୍ରିକାଳଜ୍ଞ କାକ ।

**ଭୁଷି ପକାଇବା** *କ୍ରି.* ଶିଂଗ, ମୁଠା ବା ବାଡ଼ିରେ ଅନ୍ୟକୁ ଆଘାତ ଦେବା ।

**ଭୁଷୁଣ୍ଡା** *ବିଂ.* ମୋଟା ଦେହ ଯୋଗୁ ଅସୁନ୍ଦର, ଥାକୁଲା, ଅର୍ଘାସୁରିଆ ।

**ଭୁଷୁଣ୍ଡୀ** *ବି.* ୧. ଥାକୁଲୀ ୨. ଏକ ପ୍ରକାରର ଅସ୍ତ୍ର, ଭୁଷଣ୍ଡୀ ।

**ଭୁସ୍** *ଅ.* ଅଚାନକ ଜୋରରେ ପଡ଼ିବା ।

**ଭୁସ୍କା** *ବିଂ.* ମୋଟା, ଗେଧ୍‌କା, ବୃଷାଳ, *ସ୍ତ୍ରୀ.* ଭୁସ୍‌କୀ ।

**ଭୁସ୍କିନା** *କ୍ରି.ବିଂ.* ହଠାତ୍, ଅନହୁତି, ଆକସ୍ମିକ ଭାବରେ ।

**ଭୁସ୍‌ପଣ୍ଡିତ** *ବି.* ମୂର୍ଖ, ଅଜ୍ଞାନ ବ୍ୟକ୍ତି ।

**ଭୁସ୍‌ଭାସ୍** *ଅ.* ୧. ଏକ ସମୟରେ ଏକାଧିକ ପଦାର୍ଥ ତଳେ ପଡ଼ିଯିବାର ଶବ୍ଦ ୨. ଦଳେ ଲୋକ ଏକ ସମୟରେ ଭିତରକୁ ଧସାଧସି ହୋଇ ପଶିଯିବା ।

**ଭୁସା** *ବି.* କରତରେ କାଠ କାଟିବାଦ୍ୱାରା ଉତ୍ପନ୍ନ ଗୁଣ୍ଡ, କାଠ ଗୁଣ୍ଡ ।

**ଭୁସାବାଲି** *ବି.* ଅତି ସରୁବାଲି - ଯାହା ଉପରେ ଚାଲିଲେ ପାଦ ହଠାତ୍ ଭିତରକୁ ଦବିଯାଏ ।

**ଭୁସାଭୁସି** *କ୍ରି. ବିଂ.* ପରସ୍ପରକୁ ଅସ୍ତ୍ରଦ୍ୱାରା ଆଘାତ କରିବା ବା ଭୁସିବା ।

**ଭୁସାମାଲ** *ବି.* ଡାଲି, ଚାଉଳ, ତେଲ, ଲୁଣ, ମସଲାମସଲି ଆଦି ପଦାର୍ଥ ।

**ଭୁସାମାଲ ଦୋକାନ** *ବି.* ଡାଲି, ତେଲ, ଲୁଣ ମସଲାମସଲି ବିକ୍ରି ହେଉଥିବା ଦୋକାନ, ତେଜରାତି ଦୋକାନ ।

**ଭୁସି** *ବି.* ୧.ଗୃହପାଳିତ ପଶୁମାନଙ୍କ ଖାଇବାର ସୁବିଧା ପାଇଁ କଟା ଛଣର ଛୋଟ ଛୋଟ ଖଣ୍ଡ ୨. ଘୁସି, ହାତ ମୁଠାକରି ଅନ୍ୟପ୍ରତି ଆଘାତ ୩. ଶସ୍ୟ ଆଦିର ଗୁଣ୍ଡ ।

**ଭୁସି ମାରିବା** *କ୍ରି.* ମୁଠା ହାତରେ ଅନ୍ୟକୁ ଶକ୍ତ ଭାବରେ ଆଘାତ ଦେବା ।

**ଭୂ** *ବି.* ୧. ଭୂମି ୨. ପୃଥିବୀ, ଧରା ୩. ସ୍ଥାନ ୪. ଆଧାର ।

**ଭୂଇଁ** *ବି.* ୧. ମାଟି ୨. ଜମି, କିଆରି, ଖେତ ୩. ଭୂମି ।

**ଭୂଇଁଅଁଳା** *ବି.* ଏକ ଜାତୀୟ ଗଛରୁ ଫଳୁଥିବା ଅଁଳାପରି ଛୋଟ ଫଳ ।

**ଭୂଇଁକଖାରୁ** *ବି.* ଏକ ପ୍ରକାର ଲତା କନ୍ଦ, କଖାରୁ ପରି ଦିଶୁଥିବା ଏବଂ ମାଟି ତଳେ ହେବା କନ୍ଦ ।

**ଭୂଇଁଚଣା** *ବି.* ଚିନାବାଦାମ, ମୁଙ୍ଗଫଲି, ଚେରଚଣା ।

**ଭୂଇଁଜନ୍ଦା** *ବି.* ଧୂଳିଆ ଜନ୍ଦା ।

**ଭୂଇଁତେଲ** *ବି.* ମାଟିତେଲ, କିରୋସିନ, ଗନ୍ଧତେଲ ।

**ଭୂଇଁଫୋଡ** *ବିଂ.* ପ୍ରତିରୋଧ ସତ୍ତ୍ୱେ ସ୍ୱାଭାବିକ ଭାବରେ ମାଟି ଫଟେଇ ଉପରକୁ ଆସୁଥିବା ।

**ଭୂଇଁ ଦହନ** *ବି.* ରଜସଂକ୍ରାନ୍ତି ପରଦିନ, ମାଟି ବା ପୃଥିବୀ ମାଆ ରଜୋବତୀ ହେବାର ଦ୍ୱିତୀୟ ଦିନ ।

**ଭୂଇଁ ନାକ୍‌କା** *ବିଂ.* ମାଟିରେ ଲାଗୁଥିବା ।

**ଭୂଇଁନିମ୍ବ** *ବି.* ଚିରେଇତା ପରି ଏକ ଜାତୀୟ ଶାଗ-ଯାହାର ପତ୍ର ଅତି ପିତାଳିଆ ।

**ଭୂଇଁବରକୋଳି** *ବି.* ଛୋଟ ବରକୋଳି ଗଛ ଯାହା ସାଧାରଣତଃ ବାଲିଆ ମାଟିରେ ଉଧେଇଥାଏ ।

**ଭୂଇଁବାଣ** *ବି.* ଏକ ପ୍ରକାରର ଛୋଟ ନଡ଼ିଆ ଗଛ-ଯାହାର କାନ୍ଧି ମାଟି ଉପରେ ଲାଗିଯାଏ ।

**ଭୂକମ୍ପ[ନ]** *ବି.* ୧. ଭୂମିକମ୍ପ ୨. ଆଗ୍ନେୟଗିରିରୁ ଲାଭା ଉଦଗୀରଣ, ପର୍ବତରୁ ପଥର ସ୍ଖଳନ ୩. ଭୂମିତଳେ ପ୍ରାକୃତିକ ବା କୃତ୍ରିମ ଉପାୟରେ ବିସ୍ଫୋରଣ ଆଦି ନାନା କାରଣରୁ କୌଣସି ଅଞ୍ଚଳରେ ସୃଷ୍ଟ କମ୍ପନ ବା ବିଚଳନ ୪. ଭୂମିଚଳନ ।

**ଭୂକର** *ବି.* ମାଲଗୁଜାରି, ଜମି ମାଲିକ ସରକାରଙ୍କୁ ଦେଉଥିବା ରାଜସ୍ୱ ବାବଦ ଦେୟ ।

**ଭୂଖଣ୍ଡ** *ବି.* ପୃଥିବୀର କୌଣସି ଅଞ୍ଚଳ ବା ଅଂଶ ।

**ଭୂଗର୍ଭ** *ବିଂ.ବି.* ମାଟିତଳେ ବା ମାଟି ଭିତର ।

**ଭୂଗୋଳ** *ବି.* ୧. ପୃଥିବୀ ସଂକ୍ରାନ୍ତ ବିଦ୍ୟା ବା ବିବରଣ, ୨. ଆକୃତି, ରୂପ, ଚେହେରା ।

**ଭୂଚିତ୍ର** *ବି.* ପୃଥିବୀର ମାନଚିତ୍ର ବା ମ୍ୟାପ ।

**ଭୂତ** *ବିଂ.* ଅତୀତ, ଗତ; *ବି.* ୧. ଶିବଙ୍କ ଅନୁଚର, ଗଣ ୨. ପ୍ରାଣୀ ୩. ପ୍ରେତ, ପିଶାଚ ଆଦି ଆଧିଭୌତିକ ଶକ୍ତି ୪. ଇନ୍ଦ୍ରିୟଗ୍ରାହ୍ୟ ବସ୍ତୁଗୁଡ଼ିକର ମୂଳ ଉପାଦାନ ।

**ଭୂତ ଆବିଷ୍ଟ** *ବିଂ.* ଅଦୃଶ୍ୟ ଶକ୍ତିଦ୍ୱାରା ସଂକ୍ରମିତ ।

**ଭୂତ କାରଖାନା** *ବି.* ବିଶୃଙ୍ଖଳ ପରିବେଶ, ଉଦ୍ଦେଶ୍ୟହୀନ କାର୍ଯ୍ୟ ।

**ଭୂତକାଳ** *ବି.* ଅତୀତକାଳ ।

**ଭୂତଖାନା** *ବି.* ୧. ଖଳ ଓ ଦୁଷ୍ଟ ଲୋକମାନଙ୍କର ଆଡ୍‌ଡା ସ୍ଥଳ ୨. ଯେଉଁ ଘରେ ଆସବାବପତ୍ର ବିପର୍ଯ୍ୟସ୍ତ ହୋଇ ପଡ଼ିଥାଏ ।

**ଭୂତଖିଆ** ***ବି.*** ଯେଉଁ ଫଳର ବାହାର ସ୍ୱାଭାବିକ ଦିଶୁଥିଲେ ସୁଦ୍ଧା ଭିତରେ କିଛି ନଥାଏ, ଶସହୀନ ଫଳ ।

**ଭୂତତ୍ତ୍ୱ** ***ବି.*** ଭୂମିସଂକ୍ରାନ୍ତ ବିଦ୍ୟା ବା ଭୂବିଜ୍ଞାନ ।

**ଭୂତତ୍ତ୍ୱବିତ୍** ***ବି. ବିଂ.*** ପୃଥିବୀ ସମ୍ବନ୍ଧିତ ବିଦ୍ୟା ବିଶେଷଜ୍ଞ ।

**ଭୂତନାଥ** ***ବି.*** ଶିବ, ଗଣମାନଙ୍କର ପ୍ରଭୁ ।

**ଭୂତପୂର୍ବ** ***ବିଂ.*** ଯାହା ଅତୀତରେ ଥିଲା, ପୂର୍ବତନ ।

**ଭୂତଳ** ***ବି.*** ୧. ପାତାଳ, ମାଟିତଳ ୨. ପୃଥିବୀପୃଷ୍ଠ ।

**ଭୂତଳଶାୟୀ** ***ବିଂ.*** ମାଟି ଉପରେ ଶୋଇପଡ଼ିଥିବା, ଧରାଶାୟୀ ।

**ଭୂତାବିଷ୍ଟ** ***ବିଂ.*** ଭୂତ ପ୍ରେତ ଆଦି ଅଶୁଭ ଶକ୍ତିଦ୍ୱାରା ସଂକ୍ରମିତ ।

**ଭୂତି** ***ବି.*** ୧. ବିଭୂତି, ମହିମା ୨. ସାଧନା ବା ଯୋଗଲବ୍ଧ ସିଦ୍ଧି, ଐଶ୍ୱର୍ଯ୍ୟ ୩. ଭସ୍ମ, ପାଉଁଶ ୪. ସମ୍ପତ୍ତି ।

**ଭୂଧର** ***ବି.*** ପର୍ବତ ।

**ଭୂପତି** ***ବି.*** ୧. ରାଜା ୨. ପରିମିତ ଅଞ୍ଚଳର ମାଲିକ ବା ଅଧିକାରୀ ।

**ଭୂଭାଗ** ***ବି.*** ୧. ପୃଥିବୀର ବିଭିନ୍ନ ଅଞ୍ଚଳ ୨. ସ୍ଥଳଭାଗ ୩. ଖଣ୍ଡିତ ଭାଗ ।

**ଭୂମଣ୍ଡନା** ***ବିଂ.*** ଅତିସୁନ୍ଦରୀ, ରୂପବତୀ ।

**ଭୂମଣ୍ଡଳ** ***ବି.*** ସମଗ୍ର ବିଶ୍ୱ, ପୃଥିବୀମଣ୍ଡଳ ।

**ଭୂମା** ***ବି.*** ୧. ପ୍ରାଚୁର୍ଯ୍ୟ ୨. ସମଗ୍ର ବିଶ୍ୱରେ ପରିବ୍ୟାପ୍ତ, ଅନନ୍ତ ବିପୁଳତା, ପରମସତ୍ତା; ***ବିଂ.*** **ବହୁଳ, ସର୍ବବ୍ୟାପୀ ।**

**ଭୂମାନନ୍ଦ** ***ବି.*** ସର୍ବବ୍ୟାପ୍ତ ସତ୍ତା ଅନୁଭବଜନିତ ଆନନ୍ଦ, ଦିବ୍ୟାନନ୍ଦ ।

**ଭୂମି** ***ବି.*** ୧. ମାଟି ୨. ଜମି ବା ଖେତ ୩. ଆଧାର, କ୍ଷେତ୍ର ୪. ପୃଥିବୀ, ଧରିତ୍ରୀ ୫. ସ୍ଥାନ, ଜାଗା ୬. ଦେଶ ୭. ତ୍ରିଭୂଜର ବିପରିତ ଦିଗସ୍ଥ ବାହୁ ।

**ଭୂମିକମ୍ପ** ***ବି.*** ଭୂଗର୍ଭର ଆଲୋଡ଼ନ ଯୋଗୁ ଭୂମି ଥରିବା ।

**ଭୂମିକା** ***ବି.*** ୧. ଉପକ୍ରମଣିକା, ପ୍ରାକ୍‌ସୂଚନା, ମୁଖବନ୍ଧ, ଗ୍ରନ୍ଥର ଆଭାସ, ଅବତରଣିକା, ଆଦ୍ୟକଥନୀ ୨. ନାଟକ ଆଦିରେ ଅନ୍ୟ କୌଣସି ବ୍ୟକ୍ତି ବା ଚରିତ୍ରର ବେଶ ଧାରଣ ।

**ଭୂମିଜ** ***ବିଂ.*** ଖେତରୁ ଉତ୍ପାଦିତ, କୃଷିଜାତ; ***ବି.*** ୧. ଏକ ଆଦିବାସୀ ସମ୍ପ୍ରଦାୟ ଓ ସେମାନଙ୍କର ଭାଷା ୨. ମଙ୍ଗଳଗ୍ରହ ।

**ଭୂମିପ୍ରଣାମ** ***ବି.*** ଭୂମିରେ ଶୋଇପାଇ ମୁଣ୍ଡ ଲଗାଇ ନମସ୍କାର ।

**ଭୂମିବାଡ଼ି** ***ବି.*** ସମ୍ପତ୍ତିବାଡ଼ି, ଜମିଜମା ।

**ଭୂମିଷ୍ଠ** ***ବି.*** ୧. ମାଟିକୁ ଛୁଇଁଥିବା, ଭୂଲୁଣ୍ଠିତ ୨. ପ୍ରସୂତ, ଜାତ, ଉତ୍ପନ୍ନ ।

**ଭୂମିସମ୍ଭବା** ***ବିଂ.*** ମାଟିରୁ ଜନ୍ମିତା; ***ବି.*** ସୀତା ।

**ଭୂମିସାତ୍** ***ବିଂ.*** ୧. ତଳେ ପଡ଼ିଥିବା ୨. ପରାଜିତ ।

**ଭୂମିହୀନ** ***ବିଂ.*** ଜମି ନ ଥିବା, ଭୂସମ୍ପତ୍ତି ନଥିବା ।

**ଭୂୟଃ** ***ଅ.*** ବାରମ୍ବାର, ପୁନଃପୁନଃ, ଥରକୁ ଥର ; ***ବିଂ.*** ଅଧିକ, ବହୁଭାବରେ ; ***ବି.*** ବାହୁଲ୍ୟ, ଆଧିକ୍ୟ ।

**ଭୂୟୋଦର୍ଶନ** ***ବି.*** ବହୁତ ଦେଖିବା ଓ ଶୁଣିବା ଯୋଗୁଁ ଲବ୍‌ଧ ଜ୍ଞାନ ।

**ଭୂୟୋଦର୍ଶୀ** ***ବିଂ.*** ତୀକ୍ଷଣ ଅନ୍ତର୍ଦୃଷ୍ଟିସମ୍ପନ୍ନ ।

**ଭୂୟୋବିଦ୍ୟ** ***ବିଂ. ବି.*** ବିଦ୍ୱାନ୍, ପଣ୍ଡିତ ।

**ଭୂରି** ***ବିଂ.*** ୧. ବହୁତ, ପ୍ରଚୁର, ଅନେକ ୨. ବାହୁଲ୍ୟ ।

**ଭୂରିଭୋଜନ** ***ବି.*** ତୃପ୍ତିକର ଖାଇବା ।

**ଭୂରୁ** ***ବି.*** ଆଖିର ଉପରି ଭାଗରେ ଥିବା ଲୋମ ରେଖା, ଭ୍ରୂ ।

**ଭୂରୁଭଙ୍ଗୀ** ***ବି.*** ଭ୍ରୂ ସଂଚାଳନ ମାଧ୍ୟମରେ ମନକଥା ପ୍ରକାଶ ।

**ଭୂର୍ଜ** ***ବି.*** ନରମ ଛାଲିଥିବା ଏକ ଗଛ ।

**ଭୂର୍ଜପତ୍ର** ***ବି.*** ଭୂର୍ଜ ଗଛର ନରମ ଚୋପା ବା ବକଳା ।

**ଭୂଲୋକ** ***ବି.*** ମରତ, ମର୍ତ୍ତ୍ୟପୁର, ପୃଥିବୀ ।

**ଭୂଷଣ** ***ବି.*** ଗହଣା, ଅଳଙ୍କାର, ଆଭରଣ ।

**ଭୂଷା** ***ବି.*** ଭୂଷଣ, ଆଭରଣ, ଶରୀରଚର୍ଯାରେ ବ୍ୟବହୃତ ବସ୍ତୁ ।

**ଭୂସଂସ୍କାର** ***ବି.*** ୧. ହୋମାଦି ମାଙ୍ଗଳିକ କାର୍ଯ୍ୟ ସ-ାଦନ ପୂର୍ବରୁ ସ୍ଥାନଶୋଧନ ବା ପବିତ୍ରୀ କରଣ ୨. ଜମିଜମାର ସ୍ୱତ୍ତ୍ୱ ସଂକ୍ରାନ୍ତ ଆଇନଗତ ପରିବର୍ତ୍ତନ ।

**ଭୂସମ୍ପତ୍ତି** ***ବି.*** ଜମିବାଡ଼ି, ସ୍ଥାବର ସମ୍ପତ୍ତି ।

**ଭୂସ୍ୱର୍ଗ** ***ବି.*** ପୃଥିବୀରେ ସ୍ୱର୍ଗପରି କଳ୍ପିତ ରମଣୀୟ ସ୍ଥାନ, କାଶ୍ମୀର ।

**ଭୂସ୍ୱାମୀ** ***ବି.*** ଜମି ଅଧିକାରୀ ।

**ଭୃଙ୍ଗ** ***ବି.*** ୧. ଭଅଁର ୨. କଜଳପାତି ୩. ଲମ୍ପଟ, ଚରିତ୍ରହୀନ ପୁରୁଷ ।

**ଭୃଙ୍ଗରାଜ** ***ବି.*** ଏକ ପ୍ରକାରର ଲତା- ଯାହାର ପତ୍ରରସ ମିଶ୍ରିତ ତେଲ ମୁଣ୍ଡ ଥଣ୍ଡାରଖେ ଓ ସ୍ମୃତି ଶକ୍ତି ବଢ଼ାଏ ।

**ଭୃତ୍ୟ** ***ବି.*** ଚାକର, ବେତନଭୋଗୀ କର୍ମଚାରୀ ।

**ଭେଇବା** ***କ୍ରି.*** ଭିଆଇବା, ସର୍ଜନା କରିବା, ଉତ୍ପନ୍ନ କରିବା ।

**ଭେଉ** ***ବି.*** ୧. ଗୁମର, ରହସ୍ୟ, ଗୋପନୀୟ କଥା ୨. ରୀତି, ଢଂଗ ।

**ଭେଉଆ** ***ବିଂ.*** ଗୁମର କଥା ସଂଗ୍ରହ କରୁଥିବା ।

**ଭେକ୍‌ଟା, ଭେକ୍‌ଟି** ***ବି.*** ଲୁଣିପାଣିରେ ରହୁଥିବା ଏକ ପ୍ରକାର ବଡ଼ମାଛ ।

**ଭେକ୍‌ଲା *ବି.ବିଂ.*** ବୋକା, ହେଣ୍ଡା ।

**ଭେକ, ଭେଖ *ବି.*** ୧. ବେଙ୍ଗ, ମଣ୍ଡୁକ ୨. ପୋଷାକ, ବେଶ, ବେଶପରିପାଟୀ ୩. ଜୀବିକା ପାଇଁ ବେଶ ।

**ଭେକଧାରୀ, ଭେଖଧାରୀ *ବି.*** ୧. ଛଦ୍ମବେଶୀ ୨. ଅଭିନେତା ।

**ଭେକ ନବା *କ୍ରି.*** ଶିଷ୍ୟତ୍ୱ ଗ୍ରହଣ କରିବା ।

**ଭେକା *ବିଂ.*** ୧. ଜ୍ଞାନଶୂନ୍ୟ ୨. ଅଭାବପୀଡ଼ିତ, ଗରିବ ।

**ଭେଜରା *ବି.*** ୧. ଟମାଟୋ, ବିଲାତି ବାଇଗଣ, ପାତଲଘଣ୍ଟା ୨. ମଞ୍ଜିଆ ବାଇଗଣ ।

**ଭେଜରି *ବି.*** ୧. ଅଙ୍କରାନ୍ତି ଫଳ, ଭେଜି ବାଇଗଣ, ବାଇଗଣ ପରି ଦିଶୁଥିବା କଣ୍ଟାଯୁକ୍ତ ଫଳ ୨. ଟମାଟୋ, ପାତଲଘଣ୍ଟା, ବିଲାତିବାଇଗଣ ।

**ଭେଜା *ବି.*** ୧. ମସ୍ତିଷ୍କ, ବୁଦ୍ଧି ୨. ବିଲାତି ବାଇଗଣ ।

**ଭେଜାଲ *ବି.*** କୌଣସି ପଦାର୍ଥ ସହିତ ସମଜାତୀୟ ନିମ୍ନମାନ ପଦାର୍ଥର ମିଶ୍ରଣ; ***ବିଂ.*** ଅପମିଶ୍ରିତ, ନକଲି ।

**ଭେଜି *ବି.*** ଛୋଟ ଆକାର ବିଶିଷ୍ଟ ଏକ ଜାତୀୟ ଗୁଳ୍ମ ।

**ଭେଜିବା *କ୍ରି.*** ପଠାଇବା, ପ୍ରେରଣ କରିବା ।

**ଭେଟ *ବି.*** ପରସ୍ପର ସହିତ ଦେଖାଚାହାଁ, ଦେଖା ସାକ୍ଷାତ୍ ।

**ଭେଟଘାଟ *ବି.*** ସାମାଜିକ ମିଳନ, ସମ୍ମେଳନ ।

**ଭେଟଣ, ଭେଟଣା *ବି.*** ୧. ଅକସ୍ମାତ ଆଉ କାହା ସହିତ ମୁହାଁମୁହିଁ ହେବା ୨. କୌଣସି ଅଶରୀରୀ ବା ଭୂତ ପ୍ରେତ ଡାହାଣୀ ସହିତ ଆକସ୍ମିକ ଦେଖାରେ ଭୟ ଓ ବିସ୍ମୟ ।

**ଭେଟମଣ୍ଡପ *ବି.*** ଶ୍ରୀ ମନ୍ଦିରର ବାହାର ବେଢ଼ାର ରୋଷଘର ପାଖରେ ଥିବା ମଣ୍ଡପ ।

**ଭେଟାଇବା *କ୍ରି.*** ୧. ଚିହ୍ନାଇବା ୨. ଦେଖା କରାଇବା, ଏକତ୍ର କରାଇବା ।

**ଭେଟାଭେଟି *ବି.*** ଦେଖା କରାଇବା, ପହଞ୍ଚାଇବା ।

**ଭେଟି *ବି.*** ଉପରିସ୍ଥ ବା ପଦସ୍ଥ ବ୍ୟକ୍ତିଙ୍କ ସନ୍ତୋଷ ବିଧାନପାଇଁ ପ୍ରଦତ୍ତ ଉପହାର, ସଲାମି ।

**ଭେଟିଆ *ବିଂ.ବି.*** ବେଠିଆ, ବେଠି ଖଟୁଥିବା, ଦାସ ।

**ଭେଟିବା *କ୍ରି.*** ୧. ଦେଖା କରିବା ୨. ମିଳିତ ହେବା ୩. ହଠାତ୍ ଆଗରେ ଦେଖିବା ।

**ଭେଡ଼ା *ବି.*** ୧. ମେଣ୍ଢା, ଗଡ଼ରା, ମେଷ ୨. ଉଚ୍ଚା ଓ ଚଉଡା ହିଡ଼ ୩. କିଆରି ବା ଜମି ପାଖରେ ପଡ଼ିଆ ପଡ଼ିଥିବା ଲମ୍ବା ଭୂମି ୪. ଅଳ୍ପ ଦୂର ବାଟ ।

**ଭେଡ଼ାଏ *ବିଂ.*** ଥରକରେ, ଓଡ଼େ ।

**ଭେଡ଼ି, ଭେଡୀ *ବି.*** ୧. ଯୁବତୀ, ଟୋକୀ, ଭେଣ୍ଡୀ ୨. ମେଣ୍ଢା, ମେଣ୍ଢୀ; ***ବିଂ.*** କିଛି ବୁଝିପାରୁନଥିବା ଓ କିଛି ପାରୁନଥିବା ।

**ଭେଡ଼ିବା *କ୍ରି.*** ୧. ଭର୍ତ୍ତି କରିବା, ପୂରାଇବା ୨. ଲଦିବା, ଉପରେ ଥୋଇବା ।

**ଭେଣା *ବି.*** ଭେଣ୍ଡା, ଯୁବକ ।

**ଭେଣି *ବି.*** ଭିଣୋଇ, ଭଉଣୀର ସ୍ୱାମୀ ।

**ଭେଣ୍ଡର୍ *ବି.*** ୧. ବୁଲା ବିକାଳି ୨. ବିକ୍ରେତା ।

**ଭେଣ୍ଡି *ବି.*** ଏକ ପ୍ରକାର ତନ୍ତୁଯୁକ୍ତ ଲାଳୁଆ ସବୁଜ ରଙ୍ଗର ପରିବା ।

**ଭେଣ୍ଡିଆ/ଭେଣ୍ଡା *ବି.*** ୧. ଟୋକା ୨. ସମର୍ଥ ଯୁବକ ।

**ଭେଣ୍ଡୀ *ବି.*** ଯୁବତୀ, ଟୁକେଲ, ଟୋକୀ ।

**ଭେଦ *ବି.*** ୧. ଭିତରକୁ ପଶିବା ୨. ବିଦ୍ଧ କରିବା ୩. ଉଦ୍‌ଘାଟନ ୪. ବିଚ୍ଛେଦ ୫. ଗୋପନ ରହସ୍ୟ ୬. ବିଦାରଣ ୭. ଭିତିରି କଥା, ଗୋହି, ଛିଦ୍ର ୮. ଛେଦ ୯. ପତଳା ଝାଡା ୧୦. ମନ ଅମେଳ ୧୧. ସବଳେ ପ୍ରବେଶ ୧୨. ଅମେଳ ୧୩. ଭିନ୍ନତା, ଅନୈକ୍ୟ, ପାର୍ଥକ୍ୟ ।

**ଭେଦନୀୟ, ଭେଦ୍ୟ *ବିଂ.*** ଅତିକ୍ରମଣ ଯୋଗ୍ୟ, ସାଧ୍ୟ ।

**ଭେଦବୁଦ୍ଧି *ବି.*** ସବୁ ବୁଝିପାରିବାର ସାମର୍ଥ୍ୟ; ***ବିଂ.*** ସାରକଥା ବା ରହସ୍ୟ ଜାଣିବାରେ ସମର୍ଥ ।

**ଭେଦା *ବି.*** ଚାନ୍ଦା, ସାମୂହିକ କାର୍ଯ୍ୟ ସମ୍ପାଦନପାଇଁ ଅନ୍ୟମାନଙ୍କଠାରୁ ସଂଗୃହୀତ ଅର୍ଥ ବା ପଦାର୍ଥ ।

**ଭେଦାଭେଦ *ବି.*** ପାର୍ଥକ୍ୟ, ବିଷମତା, ନିଜପର ଜ୍ଞାନ ।

**ଭେଦିବା *କ୍ରି.*** ୧. କୌଣସି ପଦାର୍ଥ ବା ବିଦ୍ୟାର ବିଶେଷତାକୁ ଅନୁଭବ କରିବା ୨. ଅତିକ୍ରମ କରିବା, ବୁଝିବା ୩. ଓଦାହେବା, ଭିଜିବା ୪. ବିଦ୍ଧ କରିବା ୫. ତରକାରୀ ଆଦିରେ ଚିନି, ଲୁଣ ଆଦି ଭଲଭାବେ ମିଶିବା ।

**ଭେଦୀ *ବିଂ.*** ଭେଦକାରୀ, ସତ୍ୟ ଉଦ୍‌ଘାଟକ ବିଭାଜନକାରୀ, ଭିତରକୁ ପଶି ପାରୁଥିବା ।

**ଭେଦୁଆ *ବି.ବିଂ.*** ୧. ସତର୍କତାର ସହିତ ସତ୍ୟ ଉଦ୍‌ଘାଟନରେ ସମର୍ଥ, ଗୁପ୍ତଚର ୨. ପରସ୍ପର ମଧ୍ୟରେ ମତଭେଦ ସୃଷ୍ଟିକାରୀ ।

**ଭେପସ *ବି.*** ୧. ଦେଖାଇ ହେବା ୨. ଛଳନା ।

**ଭେବଳ *ବି.*** ମୋହାସକ୍ତ ବା ବିହ୍ୱଳ ଭାବ ।

**ଭେବଳା *ବି.*** ବୁଝିପାରୁନଥିବା ଅବସ୍ଥା, କିଂକର୍ତ୍ତବ୍ୟବିମୂଢ଼ତା, ବୋଧଶୂନ୍ୟତା ।

**ଭେମାରଡ଼ି *ବି.*** ଉଚ୍ଚ ସ୍ୱରରେ କାନ୍ଦିବା, ଚିତ୍କାର କରିବା ।

**ଭେର, ଭେରୀ *ବି.*** ବଡ଼ମୁହଁ ଥିବା ଫୁଙ୍କା ବାଦ୍ୟ, ପଟହ, ତୂରୀ ।

**ଭେରଣ୍ଡା** ***ବି.*** ୧. ଅଣ୍ଡିରାବିଲୁଆ ୨. ଗବ ବା ଜଡ଼ାଗଛ ଓ ତାର ଫଳ ୩. ରାତିରେ ଅମଙ୍ଗଳ ସୂଚକ ରାବକାରୀ ପକ୍ଷୀ ବିଶେଷ।

**ଭେରସା, ଭେରଶା** ***ବିଂ.*** ୧. ହାସ୍ୟ ସୃଷ୍ଟିକାରୀ ୨. ଧଣ୍ଡସଣ୍ଡ, ଅଶ୍ଳୀଳ ୩. ବେହିୟା ।

**ଭେରସାମି, ଭେସରାମି** ***ବି.*** ବେହିୟାମି ।

**ଭେରାଇଟି** ***ବି.*** ବିବିଧତା, ବୈଚିତ୍ର୍ୟ ।

**ଭେରାଇଟି ଷ୍ଟୋର** ***ବି.*** ହରେକ ପଦାର୍ଥ ମିଳୁଥିବା ଗୋଟିଏ ଦୋକାନ ।

**ଭେଳ** ***ବିଂ.*** ୧. ମୂର୍ଖ, ଅପୋଗଣ୍ଡ ୨. ଭୀରୁ ୩. ବିଚଳିତ (ମନ) ।

**ଭେଳକା** ***ବିଂ.*** ହତଚକିତ, ଛାନିଆ, ଅଭିଭୂତ ।

**ଭେଳା** ***ବି.*** ୧. କାଠଗଡ଼, ବାଉଁଶ ଖଣ୍ଡ, କଦଳୀ ଗଡ଼ ଅଥବା ଡଙ୍ଗାକୁ ଡଙ୍ଗା ସହିତ ଛନ୍ଦି ତିଆରି କରଯାଇଥିବା ଭାସମାନ ଜଳଯାନ ୨. ଦଳ, ପଲ ।

**ଭେଳାଇବା** ***କ୍ରି.*** ଅନେକଙ୍କୁ ମତେଇ ଏକାଠି କରିବା ।

**ଭେଳା ବୁଡ଼ିବା** ***କ୍ରି.*** ୧. ବଂଶ ଧ୍ୱଂସ ପାଇଯିବା ୨. ବଞ୍ଚିବାର ଅବଲମ୍ବନ ନଷ୍ଟ ହୋଇଯିବା ୩. ଆଶ୍ରାହୀନ ହୋଇଯିବା ।

**ଭେଳିଆ** ***ବିଂ.*** ଅନେକଙ୍କୁ ଏକତ୍ର କରିପାରୁଥିବା, ମେଳିଆ ।

**ଭେଲିକି** ***ବି.*** ୧. କୁହୁକ, ଇନ୍ଦ୍ରଜାଲ ୨. ଛଳନା, ଅଭିନୟ, ବାହାନା ୩. ଚମତ୍କାରିତା ।

**ଭେଲିକି ଲଗାଇବା** ***କ୍ରି.*** ୧. କୁହୁକ ବିଦ୍ୟା ଦେଖାଇବା ୨. ଛଳନା, ବାହାନା କରିବା ।

**ଭେଲ୍‌କା** ***ବି.*** ଭେଳକା ।

**ଭେଲ୍‌କ୍ରମ୍** ***ବି.*** ପରସ୍ପର ସହିତ ଲଗାଇଦେଲେ ଲାଖିରହୁଥିବା ବସ୍ତୁ - ଯାହା ସାହାଯ୍ୟରେ ଯୋତା, ହାତଘଡ଼ି ପ୍ରଭୃତି ଭଲ ଭାବରେ ବନ୍ଧାଯାଏ ।

**ଭେଲ** ***ବି.*** ୧. ଉପାୟ ୨. ଖାଦ, ଖରାପ, ମନ୍ଦ; ***ବିଂ.*** ୧. ଭେଜାଲ୍ ୨. ଅପମିଶ୍ରିତ ।

**ଭେଲା** ***ବିଂ.*** କୁରୂପ, ଅସୁନ୍ଦର; ***ବି.*** ୧. ଅଘଟଣ ୨. ଭେଳା ୩. ପେଣ୍ଡୁଳା ।

**ଭେଲି** ***ବିଂ.*** ପିଣ୍ଡୁଳା ଆକାର, ମେଂଚା ମେଂଚା; ***ବି.*** କାଠୁଆ ଓ ଦାନାବଂଧା ଗୁଡ ।

**ଭେଲୁ** ***ବି.*** ୧. ମୂଲ୍ୟ ୨. କଦର ।

**ଭେଲୁଅ** ***ବି.*** ବୋଲୁଅ, ଟେକା, ଶୁଳା, ଢ଼େଲା ।

**ଭେଲୁଆ** ***ବିଂ.*** ୧. ଫାଲୁଆ ୨. ପରିପୁଷ୍ଟ ; ***ବି.*** କାଜୁବାଦାମ ।

**ଭେଶ, ଭେସ** ***ବି.*** ବେଶ, ସଜ, ପ୍ରସାଧନ ।

**ଭେଷ** ***ବି.*** ଭୟ, ଡର, ଆତଙ୍କ ।

**ଭେଷଜ** ***ବି.*** ଔଷଧ, ଓଷଧି ।

**ଭେଷଜାଗାର** ***ବି.*** ଔଷଧ ରଖା ବା ବିକ୍ରୟ ହେବା ସ୍ଥାନ ।

**ଭେଷ୍ଟିଙ୍ଗ୍** ***ବି.*** ଜମିର କିସମ ବଦଳ ।

**ଭେସର, ଭେସରା** ***ବିଂ.*** ଭେରସା, ଅରୁଚିକର ଓ ହାସ୍ୟ ଉଦ୍ଦୀପକ ।

**ଭୈରବ** ***ବିଂ.*** ଭୀଷଣ, ଅତି ଭୟଙ୍କର ; ***ବି.*** ୧. ମହାଦେବଙ୍କର ଭୟଙ୍କର ରୂପ ୨. ସଙ୍ଗୀତର ରାଗ ବିଶେଷ।

**ଭୈରବୀ** ***ବି.ବିଂ.*** ୧. ଦୁର୍ଗା ୨. ଭୟଙ୍କରୀ ୩. ଲିଙ୍ଗାୟତବାଦର ସାଧକ ବା ସନ୍ନ୍ୟାସିନୀ ।

**ଭୋ[ଃ]** ***ଅ.*** ୧. ସଂବୋଧନ ସୂଚକ ଶବ୍ଦ, ହୋ, ଗୋ, ଆହେ, ଅହୋ ; ***ବି.*** ୨. କୁକୁର ଭୁକିବାର ଶବ୍ଦ ।

**ଭୋଇ** ***ବି.*** ୧. ସବାରି ବାହକ ୨. ଗୁମାସ୍ତା, ଆୟ ବ୍ୟୟର ହିସାବ ରକ୍ଷକ ।

**ଭୋକ, ଭୋଖ** ***ବି.*** ଖାଇବାର ଇଚ୍ଛା, କ୍ଷୁଧା ।

**ଭୋକାଲ୍** ***ବିଂ.*** ୧. କୁହାଳିଆ ୨. କଣ୍ଠନିଃସୃତ।

**ଭୋକାଲ୍ ମିଉଜିକ୍** ***ବି.*** କଣ୍ଠସଙ୍ଗୀତ ।

**ଭୋକିଲା** ***ବିଂ.*** କ୍ଷୁଧାତୁର, ଭୋକ ଲାଗୁଥିବା ।

**ଭୋକେସନାଲ** ***ବିଂ.*** ଧନ୍ଦାମୂଳକ, ବୃତ୍ତିମୂଳକ, ବୈଷୟିକ ।

**ଭୋକ୍ତବ୍ୟ** ***ବିଂ.*** ଖାଇବାଯୋଗ୍ୟ, ଭକ୍ଷଣୀୟ ।

**ଭୋକ୍ତା** ***ବିଂ.*** ୧. ଖାଉଥିବା ୨. ଉପଭୋଗକାରୀ ୩. ଶିବ ଆରାଧନା କୈନ୍ଦ୍ରିକ ଦଣ୍ଡବ୍ରତ ପାଳନକାରୀ (ଭକ୍ତ) ।

**ଭୋଗ** ***ବି.*** ୧. ଖାଇବା, ଭୋଜନ ୨. ଉପଭୋଗ ୩. ଇନ୍ଦ୍ରିୟଗ୍ରାହ୍ୟ ସୁଖଦୁଃଖାଦି ଅନୁଭବ ୪. ପୂଜାର ପ୍ରସାଦ ୫. ସାପ, ସାପର ଫଣା।

**ଭୋଗଚକ୍ର** ***ବି.*** ଭୋଗପଦାର୍ଥ ରଖିବାପାଇଁ ଚଟାଣରେ ମୁରୁଜରେ ଅଙ୍କିତ ଚିତ୍ର ।

**ଭୋଗବାଦ** ***ବି.*** ଉପଭୋଗ ସଂକ୍ରାନ୍ତ ବିଚାର ।

**ଭୋଗବିଳାସୀ** ***ବି.*** ୧. ସନ୍ଧ୍ୟାରେ ଭାଙ୍ଗ ଖାଉଥିବା ବ୍ୟକ୍ତି ୨. ପାର୍ଥିବ ସୁଖ ଓ ଧନସମ୍ପତ୍ତିର ବିଳାସୀ ।

**ଭୋଗବେଳା** ***ବି.*** ୧. ସନ୍ଧ୍ୟା ସମୟ ୨. ଭାଙ୍ଗଖିଆ ସମୟ ।

**ଭୋଗଭୂମି** ***ବି.*** ସୁଖଭୋଗ ବା ଅୟସ କରିବା ସ୍ଥାନ ।

**ଭୋଗରା** ***ବି.*** ୧. ପୂର୍ବେ ଗଉନ୍ତିଆମାନେ ଭୋଗ କରୁଥିବା ନିଷ୍କର ଭୂସମ୍ପତ୍ତି ୨. ଦେବୋତ୍ତର ଜମି ।

**ଭୋଗରାଗ** ***ବି.*** ଅନ୍ୟର ପରିତୃପ୍ତିପାଇଁ ସମର୍ପିତ ପଦାର୍ଥ ।

**ଭୋଗ ଲଗାଇବା/ଦେବା** ***କ୍ରି.*** ୧. ପୂଜାରେ ନୈବେଦ୍ୟ ପ୍ରଦାନ କରିବା ୨. ଅନ୍ୟର ତୃପ୍ତିପାଇଁ ନିଜର ପ୍ରିୟ ପ୍ରଦାର୍ଥ ଅର୍ପଣ କରିବା ୩. ଲାଞ୍ଚଦେବା।

**ଭୋଗସ୍ଥାନ** ***ବି.*** ଦେହ, ଶରୀର ।

**ଭୋଗାଇବା** ***କ୍ରି.*** ମୋଟାହେବା ।

**ଭୋଗି** ***ବି.*** ମକର ସଂକ୍ରାନ୍ତି ପୂର୍ବ ରାତିରେ ହେଉଥିବା ଅଗ୍ନିଉତ୍ସବ, ମଘାପୋଡ଼ି ।

**ଭୋଗିବା** ***କ୍ରି.*** ୧. ଅନୁଭୂତିରେ ଆଣିବା ୨. ସୁଖଦୁଃଖ, ଭଲମନ୍ଦକୁ ଅଙ୍ଗେ ନିଭାଇବା ୩. କଷ୍ଟ ପାଇବା ।

**ଭୋଗୀ** ***ବିଂ.*** ୧. ଉପଭୋଗକାରୀ ୨. ଅୟସୀ, ସୁଖୀ; ***ବି.*** ୧. ସାପ ୨. ରାଜା ।

**ଭୋଗେଇ** ***ବି.*** ବାଉଁଶପାତିଆରେ ବା ତାଳପତ୍ରରେ ତିଆରି ଛୋଟ ପାଛିଆ ।

**ଭୋଗ୍ୟ** ***ବିଂ.*** ଯାହା ଉପଭୋଗର ଯୋଗ୍ୟ ।

**ଭୋଗ୍ୟା** ***ବି.*** ଦେହଜୀବୀ, ବେଶ୍ୟା; ***ବିଂ.*** ଉପଭୋଗ୍ୟା ।

**ଭୋଜ୍‌ନି** ***ବି.*** ସଞ୍ଜା, ଦାନ ଆଦି ପାଇଁ ଦିଆ ହେବା ଚାଉଳ, ଡାଲି, ପରିବା ପ୍ରଭୃତି ।

**ଭୋଜକ** ***ବିଂ.*** ଯେ ଖୁଆଏ, ଖୁଆଉଥିବା ।

**ଭୋଜ[ନ]** ***ବି.*** ୧. ଖାଇବା କାର୍ଯ୍ୟ, ଆହାର, ଖାଦ୍ୟଦ୍ରବ୍ୟ ଗ୍ରହଣ ୨. ଭୋଜି ।

**ଭୋଜନାଳୟ** ***ବି.*** ୧. ଖାଇବାଘର ୨. ହୋଟେଲ ।

**ଭୋଜନୀୟ** ***ବିଂ.*** ଖାଇବାର ଯୋଗ୍ୟ ବା ଖାଦ୍ୟଗୁଣଯୁକ୍ତ ।

**ଭୋଜବାଜି** ***ବି.*** କୁହୁକ ବା ଯାଦୁବିଦ୍ୟା, ଇନ୍ଦ୍ରଜାଲ, କିମିଆ, ମ୍ୟାଜିକ ।

**ଭୋଜା** ***ବି.*** ଖାଇବା ପଦାର୍ଥ, ଯାହା ଖିଆଯାଏ ।

**ଭୋଜି** ***ବି.*** ବିଶେଷ ଉତ୍ସବପାଳନ ଅଥବା ଖୁସି ମନାସ କାଳରେ ବହୁଲୋକ ଏକତ୍ର ଖାଇବା ।

**ଭୋଜିଭାତ** ***ବି.*** ସମୂହଭୋଜନ ।

**ଭୋଜ୍ୟ** ***ବି.*** ଖାଦ୍ୟସାମଗ୍ରୀ, ଖାଇବା ପଦାର୍ଥ; ***ବିଂ.*** ଭକ୍ଷଣୀୟ, ଖାଇବା ଯୋଗ୍ୟ ।

**ଭୋଟ** ***ବି.*** ପ୍ରତିନିଧି ବାଛିବା ଅଥବା କୌଣସି ପ୍ରସଙ୍ଗରେ ସିଦ୍ଧାନ୍ତ ଗ୍ରହଣ କାଳରେ ଯୋଗ୍ୟ ସଭ୍ୟମାନଙ୍କର ମତ ।

**ଭୋଟ କମ୍ବଳ** ***ବି.*** ଭୁଟାନ ଦେଶର ଉତ୍କୃଷ୍ଟ ପଶମ ତିଆରି ଚଦର ।

**ଭୋଟକା** ***ବିଂ.*** ମୋଟା, ପୃଥୁଳ, ଗେଧିକା ।

**ଭୋଟର** ***ବି.*** ନିର୍ବାଚକ, ମତଦାତା ।

**ଭୋଟ ହୋଇଯିବା** ***କ୍ରି.*** ୧. ଭ୍ରଷ୍ଟ ହେବା ୨. ବ୍ୟବହାର ଅନୁପଯୋଗୀ ହେବା ୩. ଅନ୍ୟମାନଙ୍କଦ୍ୱାରା ନଷ୍ଟ ବା ଅପହୃତ ହୋଇଯିବା ୪. ପ୍ରଘଟ ହୋଇଯିବା, ଦାଣ୍ଡରେ ପଡ଼ିବା ।

**ଭୋଟା** ***ବିଂ.*** ୧. ମୋଟାଳିଆ, ପୃଥୁଳ ୨. ଅସୁନ୍ଦର ।

**ଭୋଡ଼ଙ୍ଗ** ***ବି.*** ପୂର୍ବେ ଯୁଦ୍ଧ ସମୟରେ ବଜାଯାଉଥିବା ଶିଙ୍ଘ ତିଆରି ବାଦ୍ୟ ବିଶେଷ, ଶିଂଗା, ତୂରୀ ।

**ଭୋଡ଼ଙ୍ଗା** ***ବିଂ.*** ପୋଲା, ଫମ୍ପାଳିଆ ।

**ଭୋଦ, ଭୋଦୁଅ** ***ବି.*** ଭାଦ୍ରବ ମାସ ।

**ଭୋଦେଇ** ***ବିଂ.*** ଭାଦ୍ରବ ମାସରେ ଜାତ ଅଥବା ସଂଘଟିତ ।

**ଭୋଦେଇ ଧାନ** ***ବି.*** ଭାଦ୍ର ମାସରେ ଅମଳ ହେଉଥିବା ଧାନ, ବିଆଳି ଧାନ ।

**ଭୋପା** ***ବିଂ.*** ୧. ପ୍ରସଙ୍ଗହୀନ କଥା କହୁଥିବା ୨. ମିଛୁଆ ; ***ବି.*** ଦେଉଳପୂଜକ ।

**ଭୋବୋସତି** ***ବି*** ବିଚିତ୍ର ହାବଭାବ ବା ବ୍ୟବହାର ।

**ଭୋର** ***ବି.*** ବଡ଼ିସକାଳ, ସୂର୍ଯ୍ୟ ଉଦୟହେବା ପୂର୍ବର ଅବସ୍ଥା, ଉଷା; ***ବିଂ.*** ୧. ଭୋଳ, ବିହ୍ୱଳ ୨. ସମାପ୍ତ ୩. ନିଶାରେ ଉନ୍ମତ୍ତ ।

**ଭୋରା** ***ବିଂ.*** ୧. ବାଉଳା ୨. ଭୋଳା ୩. ଆଉବାୟା ।

**ଭୋର୍ଲି ହେବା** ***କ୍ରି.*** ଅଧିକ ଦର ବା ନିଶା ଯୋଗୁଁ ବାଉଳି ଚାଉଳି ହେବା, ବିଳବିଳାଇବା ।

**ଭୋଳ** ***ବିଂ.*** ବିହ୍ୱଳ, ଆତ୍ମବିସ୍ମୃତ, ତନ୍ମୟ ।

**ଭୋଳା** ***ବିଂ.*** ୧. ଭୁଲିଯାଉଥିବା ୨. ଉଦାସୀନ ୩. ସଦା ଅନ୍ୟମନସ୍କ ।

**ଭୋଳାନାଥ** ***ବି.*** ୧. ଶିବ ୨. ଅନ୍ୟମନସ୍କ ବ୍ୟକ୍ତି ।

**ଭୋଲ୍** ***ବି.*** ୧. ଭୁଲ, ଭ୍ରମ ୨.ଗାତ, ବିବର; ***ବିଂ.*** ମତ୍ତ, ପ୍ରମତ୍ତ, ଉନ୍ମତ୍ତ ।

**ଭୋଲ୍‌ଟେଜ୍** ***ବି.*** ବିଦ୍ୟୁତ୍‌ଶକ୍ତି ପରିମାପକ ଏକକ ।

**ଭୌଗୋଳିକ** ***ବିଂ.*** ଭୂଗୋଳ ବା ପୃଥିବୀର ପ୍ରାକୃତିକ ସମ୍ପଦ ଓ ଭୂମି ସଂକ୍ରାନ୍ତ ।

**ଭୌତିକ** ***ବିଂ.*** ୧. ମାଟି, ଆକାଶ, ପାଣି, ପବନ ଓ ଆଲୋକ ସମ୍ପର୍କିତ ୨. ଭୂତ ବା ଅଶରୀରୀ ସମ୍ବନ୍ଧିତ ।

**ଭୌତିକ କାଣ୍ଡ** ***ବି.*** ୧. ଅସ୍ୱାଭାବିକ ଘଟଣା ୨. ବିଶ୍ୱାସ କରାଯାଉଥିବା ଭୂତ, ପ୍ରେତ, ପିଶାଚ ଆଦି ଅଶରୀରୀମାନଙ୍କ ଉପଦ୍ରବ ବା କାର୍ଯ୍ୟକଳାପ ।

**ଭୌତିକ ବିଜ୍ଞାନ** ***ବି.*** ପଦାର୍ଥବିଦ୍ୟା ।

**ଭୌତିକ ବିଦ୍ୟା** ***ବି.*** ପାର୍ଥିବ ଜ୍ଞାନ ।

**ଭ୍ରଥଖଣ୍ଡ** ***ବି.*** ଭାରତବର୍ଷ ବା ଭାରତ ଦେଶ ।

**ଭ୍ରଥା** ***ବି.*** ଜଣେ ନାରୀଠାରୁ ଜନ୍ମିତ ସନ୍ତାନମାନେ, ଭାଇ, ସହୋଦର ।

**ଭ୍ରମ** ***ବି.*** ୧. ଅସଂଗତ ଧାରଣା ୨. ଭୁଲ ଧାରଣା ୩. ବିଭିନ୍ନ ପ୍ରକାର ମାଟି ପାତ୍ର ଗଢ଼ିବାରେ କୁମ୍ଭାର ବ୍ୟବହୃତ ଯନ୍ତ୍ର, କୁରାଳ ଯନ୍ତ୍ର ୪. ବଢ଼େଇମାନଙ୍କଦ୍ୱାରା କାଠକୁନ୍ଦା ଯନ୍ତ୍ର ୫. ଭ୍ରମଣ, ବୁଲିବା କାର୍ଯ୍ୟ ।

**ଭ୍ରମଜାଲ** ***ବି.*** ବହୁ ପ୍ରମାଦ ବା ଭୁଲ ଧାରଣା ।

**ଭ୍ରମଣ** *ବି.* ବୁଲିବା, ଘୁରିବା, ପର୍ଯ୍ୟଟନ ।

**ଭ୍ରମଣକାରୀ** *ବିଂ.ବି.* ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାଉଥିବା, ପରିବ୍ରାଜକ, ପର୍ଯ୍ୟଟକ ।

**ଭ୍ରମଣ କାହାଣୀ** *ବି.* ବ୍ୟକ୍ତିର ବିଭିନ୍ନ ଅଞ୍ଚଳ ଭ୍ରମଣକାଳୀନ ଅନୁଭବ ଆଧାରିତ ବିବରଣୀ, ଭ୍ରମଣବୃତ୍ତାନ୍ତ ।

**ଭ୍ରମପ୍ରମାଦ** *ବି.* ତ୍ରୁଟି, ଭୁଲ ।

**ଭ୍ରମବଶତଃ** *କ୍ରି.ବିଂ* ଭୁଲ୍‌ରେ, ଭୁଲ ଧାରଣାଯୋଗୁଁ ।

**ଭ୍ରମର** *ବି.* ଭଅଁର, ଭୃଙ୍ଗ, ଛଅ ଗୋଡ଼ଥିବା ପୋକ, ଷଟ୍‌ପଦ ।

**ଭ୍ରମରମାରୀ(ରି)** *ବି.* ଭଅଁରମାରି, ଏକ ବୁଦାଳିଆଗଛ – ଯାହାର ଚେର କୁଷ୍ଠରୋଗର ଔଷଧ ରୂପେ ବ୍ୟବହୃତ ହୋଇଥାଏ ।

**ଭ୍ରମାତ୍ମକ** *ବିଂ.* ଭୁଲ୍‌ଯୁକ୍ତ, ଭ୍ରାନ୍ତ, ପ୍ରମାଦପୂର୍ଣ୍ଣ ।

**ଭ୍ରମିବା** *କ୍ରି.* ୧. ବୁଲିବା, ଘୁରିବା ୨. ଭ୍ରମିହେବା, କୌଣସି ପ୍ରକାର ଫଳ ନ ପାଇ କାର୍ଯ୍ୟରେ ପ୍ରବୃତ୍ତ ରହିବା ୩. ଧନ୍ଦି ହେବା ।

**ଭ୍ରମି ହେବା** *କ୍ରି.* ୧. ଧନ୍ଦିକି ହେବା ୨. ଭ୍ରମରେ ପଡ଼ିବା ୩. ନିଷ୍ଫଳ ଭାବରେ ଏଣେତେଣେ ବୁଲିବା ।

**ଭ୍ରଷ୍ଟ** *ବିଂ* ୧. ପତିତ ୨. ଦୋଷଯୁକ୍ତ ୩. ନଷ୍ଟ ୪. ଅସଦ୍ ଆଚରଣକାରୀ ୫. ଚ୍ୟୁତ ।

**ଭ୍ରଷ୍ଟାଚାର** *ବି.* ୧. ବ୍ୟଭିଚାର ୨. ଅନୈତିକ କାର୍ଯ୍ୟ ୩. ଦୁର୍ନୀତି ।

**ଭ୍ରଷ୍ଟାଚାରୀ** *ବିଂ* ୧. ଅନ୍ୟାୟୀ ୨. ଦୁର୍ନୀତିଗ୍ରସ୍ତ, ଅସଦାଚାରୀ ୩. ଅନ୍ୟ ନାରୀ ଆସକ୍ତ, ବ୍ୟଭିଚାରୀ ।

**ଭ୍ରାତ[ତା]** *ବି.* ୧. ଭାଇ, ସହୋଦର, ଗୋଟିଏ ମା'ଠାରୁ ଜନ୍ମିତ ସନ୍ତାନ ୨. ଭାଇ ସ୍ଥାନୀୟ ବ୍ୟକ୍ତି ।

**ଭ୍ରାତୃଜାୟା** *ବି.* ୧. ଭାଇର ପତ୍ନୀ, ଭାଇବୋହୂ ୨. ଭାଉଜ, ନୂଆବୋଉ ।

**ଭ୍ରାତୃତ୍ୱ** *ବିଂ* ଭାଇପଣ, ସହୋଦର ଭାବ ।

**ଭ୍ରାତୃବଧୂ** *ବି.* ଭ୍ରାତୃଜାୟା, ଭାଇବୋହୂ, ସାନଭାଇର ସ୍ତ୍ରୀ ।

**ଭ୍ରାତୃବିବାଦ** *ବି.* ଭାଇ ଭାଇ ମଧ୍ୟରେ କଳହ ।

**ଭ୍ରାତୃଷ୍ପୁତ୍ର** *ବି.* ଭାଇର ପୁଅ, ପୁତୁରା ।

**ଭ୍ରାତୃଷ୍ପୁତ୍ରୀ** *ବି.* ଝିଆରୀ, ଭାଇର ଝିଅ ।

**ଭ୍ରାତୃସ୍ନେହ** *ବି.* ଭାଇମାନଙ୍କ ମଧରେ ଶ୍ରଦ୍ଧା/ପ୍ରେମଭାବ ।

**ଭ୍ରାନ୍ତ** *ବିଂ* ୧. ଭ୍ରମଯୁକ୍ତ, ଅସଙ୍ଗତ ୨. ଘୁରୁଥିବା ।

**ଭ୍ରାନ୍ତି** *ବି.* ଭ୍ରମ, ଭୁଲଭଟକ ।

**ଭ୍ରାନ୍ତିମୂଳକ** *ବିଂ* ଭୁଲ, ଭ୍ରମାତ୍ମକ ।

**ଭ୍ରାମ୍ୟମାଣ** *ବିଂ* ୧. ବୁଲୁଥିବା, ଚଳନଶୀଳ, ଚଳନ୍ତ ୨. ଘୂରୁଥିବା, ଘୂର୍ଣ୍ଣାୟମାନ ।

**ଭ୍ରୂ[ଲତା]** *ବି.* ଭୁରୁ, ଭ୍ରୂଲତା, ଭୁଲ୍‌ତା, ଉପର ଆଖିପତା ଉପରକୁ ଥିବା ଲୋମାବଳୀ ।

**ଭ୍ରୂକୁଟି** *ବି.* ୧. ଭ୍ରୂଭଙ୍ଗୀ, ଭୁରୁ ସଞ୍ଚାଳନ ୨. ବିରକ୍ତି ବା ଅନାସ୍ଥାଭାବ ଯୋଗୁଁ ଭ୍ରୂଲତାର ସଂଚାଳନ ।

**ଭ୍ରୂକୁଞ୍ଚନ** *ବି.* ଘୃଣା, ଅସନ୍ତୋଷ ବା ବିରକ୍ତି କାରଣରୁ ଭ୍ରୂଲତାର ସଂକୋଚନ ।

**ଭ୍ରୂଣ** *ବି.* ୧. ବୀଜ ବା ମଞ୍ଜିର ସୂକ୍ଷ୍ମତମ ଅଂଶ-ଯେଉଁଥିରୁ ନୂଆ ଜୀବନ ଅଙ୍କୁରିତ ହୁଏ ୨. ଗର୍ଭସ୍ଥ ସନ୍ତାନ ।

**ଭ୍ରୂଣରୋପଣ** *ବି.* ସନ୍ତାନ ଜନ୍ମପାଇଁ ନାରୀର ଗର୍ଭରେ ପୁରୁଷର ଭ୍ରୂଣ ସଂସ୍ଥାପନ ।

**ଭ୍ରୂଣହତ୍ୟା** *ବି.* ମାତୃଗର୍ଭସ୍ଥ ଶିଶୁର ଜନ୍ମ ପୂର୍ବରୁ ତା'ର ଜୀବନ ନାଶ ।

**ଭ୍ରୂଭଙ୍ଗ(ଗୀ)** *ବି.* ୧. ଈର୍ଷା, କ୍ରୋଧ ବା ଅଭିମାନଯୋଗୁଁ ଭ୍ରୂଲତାରେ ବିକାର ବା କୁଞ୍ଚନ ୨. ଠାର ।

**ଭ୍ରୂକ୍ଷେପ** *ବି.* ୧. ଭ୍ରୂଚଳନ ୨. ଆଖି ପକାଇବା, ନଜର ଦେବା ୩. ଖାତିର ।

**ଭ୍ୟାନ** *ବି.* ମୋଟରଗାଡ଼ି ।

**ଭ୍ୟାନିଟି ବ୍ୟାଗ** *ବି.* ସ୍ତ୍ରୀଲୋକ ସାଥିରେ ନେଉଥିବା ମୁଣା ବା ବ୍ୟାଗ ।

**ଭ୍ୟାଲୁ** *ବି.* ଭେଲ୍ୟୁ, ମୂଲ୍ୟବୋଧ ।

# ମ

**ମ** ***ବି.*** ୧. ବ୍ୟଞ୍ଜନ ବର୍ଣ୍ଣର ପଞ୍ଚବିଂଶ ବର୍ଣ୍ଣ ୨. ବ୍ରହ୍ମା ୩. ବିଷ୍ଣୁ ୪. ଶିବ ୫. ଯମ ୬. ଚନ୍ଦ୍ର ୭. ସମୟ ୮. ବିଷ ୯. ମୁଖ ୧୦. ଓଁ ଶବ୍ଦର ଶେଷ ଉଚ୍ଚାରଣ ; ***ଅ.*** ୧. ସମ୍ବୋଧନ ୨. ଅନାଦର, ସନ୍ଦେହ ବା ବିସ୍ମୟ ସୂଚକ ଅନୁନାସିକ ଶବ୍ଦ ।

**ମଅନ,ମଅମ** ***ବି.*** ଅଟା ବା ମଇଦାରେ ପ୍ରସ୍ତୁତ ଛଣାଯାଉଥିବା ଖାଦ୍ୟକୁ ଖାସ୍ତା କରିବା ପାଇଁ ମିଶାଯାଉଥିବା ଘିଅ, ମଇନ ।

**ମଅଳ** ***ବି.*** ମଳି ; ***ବିଂ.*** ମଳିଆ, ମସିଆ ।

**ମଅଳିଆ** ***ବିଂ.*** ମଳିନ, ମଳିଆ ।

**ମଇଁଷ** ***ବି.*** ପୋଡ଼, ମଇଁଷି ।

**ମଇଁଷା** ***ବିଂ.*** ମଇଁଷି ଦୁଧରୁ ଜାତ ।

**ମଇଁଷାଳ, ମଇଁଷିଆଳ** ***ବି.*** ମଇଁଷି ଜଗୁଆଳ, ମହିଷରକ୍ଷକ ।

**ମଇଁଷି** ***ବି.*** ମହିଷ, ଭଏଁସ୍ ।

**ମଇଁଷିଆ** ***ବିଂ.*** ୧. ମହିଷଜାତ ୨. ବଡ଼ ଆକୃତି ବିଶିଷ୍ଟ ୩. ଅସାର ବା ଗୌଣ ୪. ଅରଣା ସ୍ୱଭାବର ।

**ମଇ** ***ବି.*** ୧. ମେ, ଇଂରାଜୀ ବର୍ଷର ପଞ୍ଚମ ମାସ ୨. ଜମିକୁ ହଳ କରାଯିବା ପରେ ମାଟିକୁ ସମତୁଲ କରିବାରେ ବ୍ୟବହୃତ ଉପକରଣ ବିଶେଷ ।

**ମଇତା** ***ବି.*** ଫଳ ବିଶେଷ ଓ ତାର ଲତା ।

**ମଇତ୍ର** ***ବି.*** ୧. ବନ୍ଧୁ, ମିତ୍ର ୨. ସମାନ ନାମଯୁକ୍ତ ଧର୍ମବନ୍ଧୁ ।

**ମଇତ୍ରାଣୀ** ***ବି.*** ମଇତ୍ରର ସ୍ତ୍ରୀ ।

**ମଇଥୁନ** ***ବି.*** ମୈଥୁନ, ରମଣ, ସହବାସ ।

**ମଇଦା** ***ବି.*** ଖୁବ୍ ପତଳା ଗହମ ଗୁଣ୍ଡ ।

**ମଇଦାନ** ***ବି.*** ୧. ବିସ୍ତୀର୍ଣ୍ଣ ପଡ଼ିଆ ୨. ମଳତ୍ୟାଗ, ଝାଡ଼ା ଫେରିବା ।

**ମଇନା** ***ବି.*** ୧. ସାରୀପକ୍ଷୀ ୨. ବଣି ଚଢ଼େଇ ।

**ମଇଳା** ***ବି.*** ୧. ଆବର୍ଜନା ୨. ବିଷ୍ଠା ; ***ବିଂ.*** ୧. ଅନୁଜ୍ଜ୍ୱଳ ୨. ଅପରିଷ୍କୃତ ୩. କାଳିଆ ୪. ଯାହା ସଫା ନୁହେଁ ।

**ମଇଳାଣ** ***ବି.*** ପାଇଖାନା ।

**ମଇଲମ, ମଏଲମ** ***ବି.*** ୧. ମଲମ ୨. ଦେବନୀତି ବିଶେଷ, ଦେବତାଙ୍କ ଦେହରୁ ଅଳଙ୍କାର ଓ ବେଶ କାଢ଼ିବା ।

**ମଇଲମ ଭୋଗ** ***ବି.*** ଅଣସର ସମୟରେ ଖୁଆ ମୁଗ ଓ କୋରା ନଡ଼ିଆ ଆଦି ଭୋଗ ।

**ମଉକା** ***ବି.*** ସୁଯୋଗ, ସୁବିଧା, ଅବସର ।

**ମଉକିଲ** ***ବି.*** ମହକିଲ, ମକଦ୍ଦମାପାଇଁ ଓକିଲଙ୍କ ସାହାଯ୍ୟ ନେଉଥିବା ପକ୍ଷ ।

**ମଉଛବ, ମଉଚ୍ଛା** ***ବି.*** ବଡ଼ ଭୋଜି, ମହୋତ୍ସବ ।

**ମଉଛୁକ** ***ବି.*** ଦେବଦେବୀ ପୀଠରେ ମାନସିକ କରି ହୋଇଥିବା ଅନ୍ନ ପ୍ରସାଦର ସାମୂହିକ ସେବା ।

**ମଉଜ,ମଉଜି** ***ବି.*** ଅମୋଦ ପ୍ରମୋଦ, ସୁଖ, ଆନନ୍ଦ ।

**ମଉଜା** ***ବି.*** ୧. ଗ୍ରାମ, ଗ୍ରାମସମଷ୍ଟି ୨. ଗୋଡ଼ ପିନ୍ଧା ମୋଜା ।

**ମଉଜିଆ,ମଉଜି** ***ବିଂ.*** ମଉଜ ପ୍ରିୟ, ସଦା ପ୍ରଫୁଲ୍ଲ, ଆମୋଦପ୍ରିୟ ।

**ମଉଡ଼** ***ବି.*** ୧. ମୁକୁଟ ୨. ଚୂଡ଼ା ବା ଶୀର୍ଷ ୩. ସୁନା ମୋହର ୪. ଚତୁଷ୍କୋଣ ଚାଳଘର ।

**ମଉଡ଼ମଣି** ***ବି.*** ୧. ମୁକୁଟରେ ଥିବା ମୂଲ୍ୟବାନ ପଥର ୨. ସର୍ବଶ୍ରେଷ୍ଠ ବ୍ୟକ୍ତି ।

**ମଉନ,ମଉନି** ***ବିଂ.*** ନୀରବ, ତୁନି ।

**ମଉନମାଳା** ***ବି.*** ସୁନା ରୁପାରେ ତିଆରି କଣ୍ଠିରେ ଗୁଚ୍ଛାହାର, କଣ୍ଠିମାଳା ।

**ମଉନମୁହାଁ** ***ବିଂ.*** ଚୁପ୍ ସଇତାନ (***ସ୍ତ୍ରୀ.*** ମଉନମୁହାଁ) ।

**ମଉନାବତୀ** ***ବି.*** ୧. ସବୁବେଳେ ଚୁପ୍‌ଚାପ ରହୁଥିବା ନାରୀ ୨. ବେତାଳ ପଞ୍ଚବିଂଶତିରେ ବର୍ଣ୍ଣିତ ମୌନବ୍ରତଧାରିଣୀ ରାଜକନ୍ୟା ।

**ମଉରସ** ***ବି.*** ପିତା, ପିତାମହ ଆଦି ପୂର୍ବପୁରୁଷ ।

**ମଉରସୀ** ***ବିଂ.*** ପୈତୃକ, ପୁରୁଷାନୁକ୍ରମେ ଭୋଗ ହେଉଥିବା ।

**ମଉରାଡି** ***ବି.*** ମହୁରାଳି, ଏକପ୍ରକାର ଛୋଟ ମାଛ ।

**ମଉଳା** ***ବିଂ.*** ୧. ମଉଳିଯାଇଥିବା ୨. ମାମୁଁ ସମ୍ପର୍କିତ; ***ବି.*** ମାମୁଁ ।

**ମଉଳା ନିମନ୍ତ୍ରଣ** ***ବି.*** ବିବାହ ବା ବ୍ରତଘର ପାଇଁ ପିଲାର ମାମୁଙ୍କୁ କରାଯିବା ନିମନ୍ତ୍ରଣ ।

**ମଉଳାପକ୍ଷ** ***ବି.*** ପିତୃପକ୍ଷ, ଆଶ୍ୱିନ କୃଷ୍ଣପକ୍ଷ, ଅପରପକ୍ଷ ।

**ମଉଳାଶୁର** ***ବି.*** ସ୍ୱାମୀ ବା ସ୍ତ୍ରୀର ମାମୁ, ମାମୁ ଶଶୁର ।

**ମଉଳା ଶ୍ରାଦ୍ଧ** ***ବି.*** ୧. ପିତୃପକ୍ଷ (ଆଶ୍ୱିନ କୃଷ୍ଣପକ୍ଷ) ଅମାବାସ୍ୟା ତିଥିରେ ପାଳନ କରାଯାଉଥିବା ଶ୍ରାଦ୍ଧ, ମହାଳୟା ଶ୍ରାଦ୍ଧ ୨. ମାମୁଁଙ୍କ ପିତା ପିତାମହାଦିଙ୍କ ଉଦ୍ଦେଶ୍ୟରେ ହେଉଥିବା ଶ୍ରାଦ୍ଧ ।

**ମଉଳି** ***ବି.*** ୧. ମସ୍ତକ ୨. ମୌଳିକ ।

**ମଉଳିବା** ***କ୍ରି.*** ୧. ଫୁଲ ଆଦି ଝାଉଁଳିପଡ଼ିବା ୨. ମ୍ଳାନ ହେବା ୩. ସଭାଦି ଭାଙ୍ଗିବା ୪. ଶେଷ ହେବା ୫. ଗର୍ବ ତ୍ୟାଗ କରି ନମ୍ରହେବା ।

**ମଉଲ** ***ବି.*** ମହୁଲ ।

**ମଉଲବୀ** *ବି.* ମୌଲବୀ ।

**ମଉଶଯ୍ୟା, ମହୁଶଯ୍ୟା** *ବି.* ନିଷେକ ରାତ୍ରିରେ ବର-ବଧୂଙ୍କର ଏକତ୍ର ମିଳନ ଓ ଶୟନ, ମଧୁଶଯ୍ୟା ।

**ମଉଷଦ, ମଉଷଦି, ମଉଷଧ, ମଉଷଧି** *ବି.* ଅବ୍ୟର୍ଥ ଔଷଧ ।

**ମଉସା** *ବି.* ମାଆଙ୍କ ଭଉଣୀଙ୍କ ସ୍ୱାମୀ (*ସ୍ତ୍ରୀ.* ମାଉସୀ) ।

**ମଏ** *ଅ.* ସମେତ, ମିଶାଇ, ଏକତ୍ର ।

**ମଏଦାନ** *ବି.* ମଇଦାନ, ବଡ଼ ପଡ଼ିଆ ।

**ମକଚା** *ବିଂ.* ମୋଡ଼ି ହୋଇଥିବା, ଈଷତ ଦଳିତ, ମଳାଯାଇଥିବା, ଦଳିତ ।

**ମକଚିବା** *କ୍ରି.* ମୋଡ଼ିବା, ଦଳିବା, ମଳିବା ।

**ମକଚି ଯିବା** *କ୍ରି.* ଗଣ୍ଠି ମୋଡ଼ିହୋଇ ଯିବା ।

**ମକଚି ହେବା** *କ୍ରି.* ମୋଡ଼ିହେବା ।

**ମକଦମ, ମକଦ୍ଦମ** *ବି.* ଜମିଦାରର ଅଧୀନ ମଧ୍ୟସ୍ୱତ୍ତ୍ୱାଧିକାରୀ, ଗ୍ରାମାଧିକାରୀ ।

**ମକଦମା, ମକଦ୍ଦମା** *ବି.* ମାମଲା, ଅଦାଲତରେ କରାଯିବା ଅଭିଯୋଗ ଓ ତାର ବିଚାର ।

**ମକଦମି, ମକଦ୍ଦମି** *ବି.* ଜମିଦାରର ଅଧୀନରେ ଭୂସ୍ୱାମିତ୍ୱ, ମଧ୍ୟସ୍ୱତ୍ୱ, ମକଦ୍ଦମର ଅଧିକାର ବା ବୃତ୍ତି ।

**ମକଦମୀ, ମକଦ୍ଦମୀ** *ବିଂ.* ମକଦମ ବା ମକଦମି ସଂକ୍ରାନ୍ତ ବା ଘଟିତ ।

**ମକମକ** *ଅ.* ୧. ବେଙ୍ଗର ଡାକ ୨. ବିରହ ବେଦନା; *ବିଂ.* ନବ ଯୌବନ ଯୋଗୁଁ ଅସ୍ଥିର ବା ଉନ୍ମତ୍ତ ।

**ମକମକାଇବା, ମକମକେଇବା** *କ୍ରି.* ମକମକ ହେବା, ଦୁଃସହ ବିରହ ବା ନବୀନ ଯୌବନ ଯୋଗୁଁ ଅସ୍ଥିର ବା ଉନ୍ମତ୍ତ ହେବା ।

**ମକମକିଆ** *ବିଂ.* ୧. କାମାତୁର ୨. ଯୌବନ ଯୋଗୁଁ ଚଞ୍ଚଳ (*ସ୍ତ୍ରୀ.* ମକମକେଇ) ।

**ମକର** *ବି.* ୧. ଖଣ୍ଡା ମଗର ୨. ପୁରାଣ ବର୍ଣ୍ଣିତ ଜଳ ଜନ୍ତୁ ବିଶେଷ, ଗଙ୍ଗାଦେବୀଙ୍କ ବାହନ ୩. କନ୍ଦର୍ପର ଧ୍ୱଜଚିହ୍ନ ୪. ରାଶିଚକ୍ରର ଦଶମ ରାଶି ୫. ମାଘମାସ ୬. ସଙ୍ଗିନୀତ୍ୱ ସୂଚକ ସମ୍ବନ୍ଧ ୭. କୁବେରଙ୍କ ନିଧି ବିଶେଷ।

**ମକରକୁଣ୍ଡଳ** *ବି.* ୧. ମକରାକୃତି କର୍ଣ୍ଣଭୂଷଣ, ବୀର ବଉଳି ୨. ଶ୍ରୀକୃଷ୍ଣଙ୍କ କର୍ଣ୍ଣଭୂଷଣ ।

**ମକର କେତନ, ମକରକେତୁ** *ବି.* କନ୍ଦର୍ପ, ମଦନ, କାମଦେବ ।

**ମକରକ୍ରାନ୍ତି** *ବି.* ଦକ୍ଷିଣାୟାନ୍ତ ବୃତ୍ତ, ବିଷୁବରେଖାର ୨୩୧/୨ ଡ଼ିଗ୍ରୀ ଦକ୍ଷିଣରେ ପୃଥିବୀ ଚତୁଃପାର୍ଶ୍ୱକୁ ବେଷ୍ଟନ କରିଥିବା ଏକ କାଳ୍ପନିକରେଖା ବା ଅକ୍ଷବୃତ୍ତ ।

**ମକରଡ଼ା** *ବି.* ମାଙ୍କଡା ପଥର ।

**ମକରଧ୍ୱଜ** *ବି.* ୧. କନ୍ଦର୍ପ, କାମଦେବ ୨. ଆୟୁର୍ବେଦୀୟ ଔଷଧ ବିଶେଷ ।

**ମକରନ୍ଦ** *ବି.* ୧. ପୁଷ୍ପମଧୁ ୨. ପୁଷ୍ପ ରେଣୁ ୩. କୁନ୍ଦ ଫୁଲ ବା ଗଛ ୪. ମହୁମାଛି ୫. କୋଇଲି ୬. ଅମୃତ ।

**ମକର ସଂକ୍ରାନ୍ତି** *ବି.* ମାଘ ମାସର ସଂକ୍ରାନ୍ତି ତିଥି (ସୂର୍ଯ୍ୟ ଧନୁ ରାଶିରୁ ମକର ରାଶିକୁ ପ୍ରବେଶ କରି ଉତ୍ତରାୟଣ ଆରମ୍ଭ କରୁଥିବା ଦିନ) ।

**ମକରା** *ବି.* ୧. ଏକ ପ୍ରକାର ଶାରଦ ଧାନ ୨. ବୁଢ଼ିଆଣୀ ।

**ମକରୀ** *ବି.* ୧. ସମୁଦ୍ର ୨. ଚନ୍ଦନ ପାଟୀ ୩. ମକର ଶବ୍ଦର ସ୍ତ୍ରୀଲିଙ୍ଗ ।

**ମକା** *ବି.* ଜନ୍ହା, ଶସ୍ୟ ବିଶେଷ ।

**ମକାଖଇ** *ବି.* ମକାଚଣାକୁ ଭାଜିଲେ ହେବା ଖଇ ।

**ମକାନ** *ବି.* ଘର, ଗୃହ ।

**ମକାର** *ବି.* ୧. 'ମ' ଅକ୍ଷର ୨. 'ମ' ଅକ୍ଷର ସୂଚକ ମାତ୍ରା ( ୍ମ ) ୩. ପଞ୍ଚ-ମକାର (ମଦ, ମାଂସ, ମତ୍ସ୍ୟ, ମୈଥୁନ ଓ ମୁଦ୍ରା) ।

**ମକାର ସାଧନ** *ବି.* ପଞ୍ଚ-ମକାର ସାହାଯ୍ୟରେ ତାନ୍ତ୍ରିକ ସାଧନା ।

**ମକୁଟ** *ବି.* ମୁକୁଟ, ଶିରୋଭୂଷଣ ।

**ମକୁଟା** *ବି.* ୧. ମୋଟା ପାଟ ସୂତାରେ ବୁଣାଯାଇଥିବା ମଠା ଖଦି ୨. ନାହାଚାଳିଆ ଘରର ହାତୀଅନ୍ଦ ଉପରର ତ୍ରିଭୁଜାକାର ଅଂଶ ୩. ଘରର ଚାଳରେ ବନ୍ଧାଯାଇଥିବା ନଡା ବିଡ଼ା ।

**ମକୁନ୍ଦି ଉଖୁଡା** *ବି.* ଦୋପାଗି ଉଖୁଡା ।

**ମକୁପ, ମକୁବ** *ବିଂ.* ୧. କିଛି ସମୟ ପାଇଁ ସ୍ଥଗିତ, ରିଆତି ପ୍ରାପ୍ତ ୨. ରଦ୍ଦ, ବରଖାସ୍ତ ।

**ମକୁବି** *ବି.* ସାମୟିକ ଭାବରେ ବନ୍ଦ, ମହଲତ, ରଦ୍ଦ ଅବସ୍ଥା, ନିଷ୍କୃତି ।

**ମକୁର** *ବି.* ୧. ମୁକୁର, ଦର୍ପଣ ୨. ମୁକୁଳ ୩. କୁମ୍ଭାର ଦଣ୍ଡ ୪. କୁନ୍ଦଫୁଲ ୫. ବଉଳ ଗଛ ।

**ମକୁଳ** *ବି.* ୧. ଫୁଲକଢ଼ି ୨. ମୁକୁଳ ୩. ଦର୍ପଣ ୪. କୁମ୍ଭାର ଦଣ୍ଡ ।

**ମକ୍କେଲ** *ବି.* ମହକିଲ, ମକଦମା ପାଇଁ ଓକିଲଙ୍କ ସାହାଯ୍ୟ ନେଉଥିବା ପକ୍ଷ ।

**ମଖ** *ବି.* ଯାଗ, ଯଜ୍ଞ ।

**ମଖଣ୍ଡି** *ବି.* ୧. ଥଟ୍ଟା କଥା ୨. ଅତି ଭଲ ଖାଇବା ।

**ମଖନ** *ବି.* ଦୁଧରୁ ବାହାରିବା ଲହୁଣୀ ।

**ମଖମଲ** *ବି.* କୋମଳ ଚିକ୍କଣ ବସ୍ତ୍ର ବିଶେଷ ।

**ମଖମଲପୋକ, ମଖମଲୀପୋକ** *ବି.* ସାଧବବୋହୂ ପୋକ ।

**ମଖମଲୀ** *ବିଂ.* ମଖମଲ ପରି କୋମଳ ଓ ଚିକ୍କଣ ।

**ମଖସା, ମଖାସା** *ବି.* ପୁରସ୍କାର ରୂପେ ପ୍ରଦତ୍ତ ଜାଗିର, ଅଳ୍ପ ଖଜଣାରେ ଦିଆଯାଇଥିବା ଜାଗିରି ।

**ମଖିଚୋଷ, ମଖିଚୁଷ, ମକ୍ଷିଚୋଷ,** *ବିଂ.* କାମ୍ପି, ଅତି କୃପଣ ।

**ମଗ୍** *ବି.* ବେଣ୍ଟଲଗା ଜଳପାତ୍ର, ପିଆଲା ବିଶେଷ ।

**ମଗ୍‌ସିର୍** *ବି.* ମଗୁଶିର, ମାର୍ଗଶିର ମାସ ।

**ମଗଜ** *ବି.* ୧. ମସ୍ତିଷ୍କ ୨. ବୁଦ୍ଧି ।

**ମଗଜଲଡୁ** *ବି.* ଅଟା, ଚିନି, ଘିଅରେ ପ୍ରସ୍ତୁତ ଗୋଲାକାର ମିଷ୍ଟାନ୍ନ ।

**ମଗଜା** *ବିଂ.* ମନୁଆଁ, ମନମୋଟିଆ, ଗର୍ବୀ ।

**ମଗଜି** *ବି.* ଜାମା, ରେଜେଇ ଆଦିର ଧାରରେ ସିଲେଇକରି ଯୋଡାଯିବା ଧଡ଼ି ।

**ମଗଜିଆ** *ବିଂ.* ବୁଦ୍ଧିମାନ୍ ।

**ମଗଜିଦାର** *ବିଂ.* ସରୁ ଧଡ଼ିଦାର (ଜାମା ବା ରେଜେଇ) ।

**ମଗ ବ୍ରାହ୍ମଣ** *ବି.* ୧. ଶାକ ଦ୍ୱୀପ ବ୍ରାହ୍ମଣ ୨. ସୂର୍ଯ୍ୟ ପୂଜକ ପୁରୋହିତ ।

**ମଗର** *ବିଂ.* କୁମ୍ଭୀର, ମକର ।

**ମଗର ମୁଣ୍ଡ** *ବି.* କୁମ୍ଭୀର ମୁଣ୍ଡ ଆକାର ଯୁକ୍ତ ସୁନାର ଖଡୁ ବା ବଳା (ଅଳଙ୍କାର ବିଶେଷ) ।

**ମଗରମୁହାଁ** *ବି.ବିଂ.* କୁମ୍ଭୀର ମୁହାଁ, ଗୋଜିଆ ମୁହାଁ ।

**ମଗର ମୂଲକ** *ବି.* ଅରାଜକତା ବ୍ୟାପିଥିବା ଦେଶ ।

**ମଗରା** *ବି.* ୧. ଅବାଧ୍ୟ, ଧୃଷ୍ଟ, ଏକବୁଝା ୨. ତେଲ ପୁରୁଣା ହେଲେ ହେବା ଗନ୍ଧ ।

**ମଗରାପଣ** *ବି.* ଅବାଧ୍ୟତା ।

**ମଗା** *ବି.* ମାଗିବା ; *ବିଂ.* ୧. ମାଗି ଆଣିଥିବା ୨. ଭିକ୍ଷାକାରୀ ।

**ମଗାଇବା, ମଗେଇବା** *କ୍ରି.* ଦ୍ରବ୍ୟ ବା ବ୍ୟକ୍ତି ଆସିବା ପାଇଁ ଖବର ଦେବା ବା ଆୟୋଜନ କରିବା ।

**ମଗାମଗି** *ବି.* ମାଗିବା କ୍ରିୟା ।

**ମଗାଯଚା** *ବି.* ନାନା ଲୋକଙ୍କୁ ମାଗି ସଂଗ୍ରହ ; *ବିଂ.* ନାନା ଲୋକଙ୍କଠାରୁ ମାଗି ସଂଗୃହୀତ ।

**ମଗୁଶିର** *ବି.* ମାର୍ଗଶିର ମାସ, ମଗ୍‌ସିର ।

**ମଗ୍ନ, ମଗନ** *ବିଂ.* ୧. ନିମଜ୍ଜିତ, ନିବିଷ୍ଟ ୨. ତନ୍ମୟ, ବିଭୋର ୩. ଆସକ୍ତ ।

**ମଘ** *ବିଂ.* ମହାକୃପଣ, ଅତ୍ୟନ୍ତ କାମ୍ପି ।

**ମଘା** *ବିଂ.* ୧. ମାଘ ମାସରେ ସଂଘଟିତ ୨. ଅତି କୃପଣ ; *ବି.* ଜ୍ୟୋତିଷ ଶାସ୍ତ୍ରୋକ୍ତ ଦଶମ ନକ୍ଷତ୍ର ।

**ମଘା ପଡ଼ିବା** *କ୍ରି.* ବାଧା ପଡ଼ିବା ।

**ମଘାପରାଣି** *ବି.* ବରକୁ କନ୍ୟା ପକ୍ଷର ନାରୀମାନେ ପାଛୋଟି ଆଣିବା ବିଧି ବିଶେଷ ।

**ମଙ୍କୁର** *ବି.* ମୁକୁର, ଆରସି ।

**ମଙ୍ଗ** *ବି.* ୧. ସ୍ୱୀକାର ୨. ଡଙ୍ଗାର ଆଗ ଓ ପଛର ଶେଷ ଭାଗ; *ବିଂ.* ସ୍ୱୀକୃତ, ସମ୍ମତ ।

**ମଙ୍ଗଧରା** *ବି.* ୧. ନୌକାର ଗତିକୁ ନିୟନ୍ତ୍ରଣ କରିବାପାଇଁ ପଛମଙ୍ଗରେ ଲଗାଯାଇଥିବା ଦଣ୍ଡ ୨. ଡଙ୍ଗାର ମଙ୍ଗୁଆଳ ।

**ମଙ୍ଗନ** *ବି.* ୧. ବିବାହର ପୂର୍ବ ଦିନ ପାଳନ କରାଯାଉଥିବା ବିଧି ବିଧାନ ୨. ବିବାହର ପୂର୍ବ ଦିବସ; *ବିଂ.* ଶୁଭଦାୟକ ।

**ମଙ୍ଗନ ଓଢ଼ଣ** *ବି.* ବିବାହର ପୂର୍ବଦିନ ବର ଓ କନ୍ୟା ପିନ୍ଧୁଥିବା ନୂଆ ଲୁଗା ।

**ମଙ୍ଗଳ** *ବିଂ.* ୧. ଶୁଭ ୨. ହିତକାରୀ ୩. କଲ୍ୟାଣକର ; *ବି.* ୧. ଗ୍ରହ ବିଶେଷ ୨. ସପ୍ତାହର ବାର ବିଶେଷ ।

**ମଙ୍ଗଳ ଆଳତି** *ବି.* ବ୍ରାହ୍ମ ମୁହୂର୍ତ୍ତରେ ଦେବ ବିଗ୍ରହମାନଙ୍କର ପ୍ରଥମ ଆଳତି ।

**ମଙ୍ଗଳକର** *ବିଂ.* ଶୁଭଙ୍କର, ହିତକର ।

**ମଙ୍ଗଳ କର୍ମ** *ବି.* ବିବାହାଦି ଶୁଭକର୍ମ ।

**ମଙ୍ଗଳ କଳସ, ମଙ୍ଗଳ ଘଟ** *ବି.* ହିନ୍ଦୁ ଉତ୍ସବ ବା ଦେବଦେବୀ ପୂଜାରେ ସ୍ଥାପିତ ଜଳପୂର୍ଣ୍ଣ କଳସ ।

**ମଙ୍ଗଳ କାମନା, ମଙ୍ଗଳାକାଙ୍କ୍ଷା** *ବି.* କଲ୍ୟାଣ ବା ଶୁଭ ବାଞ୍ଛା, ହିତକାମନା ।

**ମଙ୍ଗଳକାମୀ** *ବି. ବିଂ.* ମଙ୍ଗଳ କାମନା କରୁଥିବା ବ୍ୟକ୍ତି , ହିତାକାଙ୍କ୍ଷୀ ।

**ମଙ୍ଗଳ କୁମ୍ଭ** *ବି.* ପୂର୍ଣ୍ଣକୁମ୍ଭ, ଶୁଭକର୍ମରେ ବସାଯାଇଥିବା ଜଳପୂର୍ଣ୍ଣ କଳସ ।

**ମଙ୍ଗଳକୃତ୍ୟ** *ବି.* ହିନ୍ଦୁ ବିବାହର ପୂର୍ବ ନୀତି, ମଙ୍ଗନ ।

**ମଙ୍ଗଳ ଗୁଜ୍ଜରୀ** *ବି.* ଛାନ୍ଦ ଗୀତର ରାଗ ବିଶେଷ ।

**ମଙ୍ଗଳ ଘଟ** *ବି.* ଦେବୀଙ୍କ ପ୍ରତୀକ ମନେକରି ଯେଉଁ ଜଳପୂର୍ଣ୍ଣ କଳସକୁ ପୂଜା କରାଯାଏ ।

**ମଙ୍ଗଳଚଣ୍ଡୀ** *ବି.* ମଙ୍ଗଳମୟୀ ଦୁର୍ଗା, ଭଗବତୀ, ଅଭୀଷ୍ଟସିଦ୍ଧିପାଇଁ ମଙ୍ଗଳବାର ଦିନ ଯେଉଁ ଦେବୀ(ଦ୍ୱିଭୁଜା)ଙ୍କୁ ପୂଜା କରାଯାଏ ।

**ମଙ୍ଗଳ ଦର୍ଶନ** *ବି.* ଶୁଭ ଶକୁନ, ଯାହାଦେଖିଲେ ମଙ୍ଗଳ ମନେ କରାଯାଏ ।

**ମଙ୍ଗଳଦାୟକ** ***ବିଂ.*** ହିତକର, ଯାହା ହିତ ବା ମଙ୍ଗଳ କରିଥାଏ ।

**ମଙ୍ଗଳ ଦୋଷ** ***ବି.*** ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଜନ୍ମକୁଣ୍ଡଳିରେ ନିର୍ଦ୍ଦିଷ୍ଟ ଦୋଷଯୁକ୍ତ ସ୍ଥାନରେ ମଙ୍ଗଳଗ୍ରହର ଅବସ୍ଥାନ (ଲଗ୍ନର ୧, ୨, ୪, ୭, ୮, ୧୨) ।

**ମଙ୍ଗଳପାକ, ମଙ୍ଗଳପାଗ** ***ବି.*** ୧. ବରର ବନ୍ଧୁବାନ୍ଧବଙ୍କୁ ବିବାହର ପୂର୍ବଦିନ ଦିଆଯିବା ଅନ୍ନଭୋଜନ ୨. ଅନୁକୂଳ କରାଯିବା ନୂଆ ପାଗ ହାଣ୍ଡି ।

**ମଙ୍ଗଳ ପାଠକ** ***ବି.*** ଭାଟ, ଶୁଭ, ସଙ୍ଗୀତ ପାଠକାରୀ ।

**ମଙ୍ଗଳବାଦ୍ୟ** ***ବି.*** ଶୁଭକାର୍ଯ୍ୟ ନିମିତ୍ତ ବଜା ଯାଉଥିବା ବାଦ୍ୟ ।

**ମଙ୍ଗଳବାର** ***ବି.*** ସୋମବାରର ପରବର୍ତ୍ତୀ ଦିନ ।

**ମଙ୍ଗଳମୟ** ***ବିଂ.*** ଶୁଭକାରକ, ମଙ୍ଗଳରେ ପରିପୂର୍ଣ୍ଣ, ସର୍ବମଙ୍ଗଳର ଯାହା ଆଧାର ; ***ବି.*** ଈଶ୍ୱର, ଭଗବାନ ।

**ମଙ୍ଗଳ ସମାଚାର** ***ବି.*** ଶୁଭଖବର ।

**ମଙ୍ଗଳସୂଚକ** ***ବିଂ.*** ଯାହା ଶୁଭ ସୂଚାଏ ।

**ମଙ୍ଗଳ ସୂତ୍ର** ***ବି.*** ୧. ବିବାହରେ ବରକନ୍ୟାଙ୍କ ହାତରେ ଦୁବ ବରକୋଳି ପତ୍ର ସହିତ ବନ୍ଧାଯିବା ହଳଦିଆ ସୂତା ୨. ବିବାହିତାମାନେ ପିନ୍ଧିବା ହାର ବା ମାଳି।

**ମଙ୍ଗଳ ସ୍ନାନ** ***ବି.*** ବିବାହଦିନ ସକାଳେ କନ୍ୟାର ସ୍ନାନ, କୋଇଲି ବୁଡ଼ ।

**ମଙ୍ଗଳ ହାଣ୍ଡି** ***ବି.*** ବିବାହ, ବ୍ରତ ଆଦି ଉତ୍ସବରେ ରୋଷେଇ ପାଇଁ ପୂର୍ବଦିନ ଅନୁକୂଳ କରାଯାଉଥିବା ପ୍ରଥମ ପାଗ ହାଣ୍ଡି ।

**ମଙ୍ଗଳା** ***ବି.*** ୧. ଦେବୀ ଦୁର୍ଗା, ପାର୍ବତୀ, ଦେବୀଙ୍କ ରୂପ ବିଶେଷ ୨. ବନ୍ଦାପନା ।

**ମଙ୍ଗଳାଚରଣ** ***ବି.*** ୧. ଶୁଭକର୍ମ ଆରମ୍ଭରେ କରାଯିବା ପ୍ରାଥମିକ ସ୍ତୁତି ପାଠ ୨. ଗ୍ରନ୍ଥ ଆରମ୍ଭରେ ଦେବଦେବୀଙ୍କ ବନ୍ଦନା ।

**ମଙ୍ଗଳାଚାର** ***ବି.*** ଶୁଭ ଅନୁଷ୍ଠାନ, କଲ୍ୟାଣକର ଆଚାର ବା ବିଧିବିଧାନ ।

**ମଙ୍ଗଳାରୋପଣ** ***ବି.*** ବିବାହ ବା ବ୍ରତ ଆଦିରେ କରାଯାଉଥିବା ପ୍ରାଥମିକ କର୍ମ ।

**ମଙ୍ଗଳାଷ୍ଟକ** ***ବି.*** ୧. ଶୁଭକାର୍ଯ୍ୟରେ ମଙ୍ଗଳାଚରଣ ରୂପେ ପାଠ କରାଯିବା ଆଠଟି ଶ୍ଳୋକ ୨. ଦହି, ଦୁବ ଆଦି ଆଠଟି ମଙ୍ଗଳ ଦ୍ରବ୍ୟ ।

**ମଙ୍ଗାଇବା** ***କ୍ରି.*** ମନାଇବା, ରାଜି କରାଇବା ।

**ମଙ୍ଗିବା** ***କ୍ରି.*** ରାଜି ହେବା, ପ୍ରବୃତ୍ତ ହେବା ।

**ମଙ୍ଗୁଆଳ** ***ବି.*** ଯେ ନୌକାର ମଙ୍ଗ ଧରିଥାଏ ବା ମୋଡ଼ ନିର୍ଣ୍ଣୟ କରେ ।

**ମଙ୍ଗୁଳା** ***ବିଂ.*** ଶୁଭ ଅନୁକୂଳ କରାଯାଇଥିବା ।

**ମଙ୍ଗୁଳା କନ୍ୟା** ***ବି.*** ବିବାହ ପାଇଁ ଯେଉଁ କନ୍ୟାର ଶୁଭାନୁଷ୍ଠାନ ହୋଇ ସାରିଥାଏ ।

**ମଙ୍ଗୁଳି କନ୍ୟା** ***ବି.*** କଥିତ ମଙ୍ଗଳ ଦୋଷଯୁକ୍ତ କନ୍ୟା, ଜାତକରେ ବିବାହ ପାଇଁ ବାଧକ ଦୋଷଥିବା ଝିଅ ।

**ମଙ୍ଗୁଳିବା** ***କ୍ରି.*** ୧. ଶୁଭକାର୍ଯ୍ୟ ପୂର୍ବରୁ ଗ୍ରାମ ଦେବତାଙ୍କୁ ପୂଜା କରିବା ୨. ଶୁଭ କାର୍ଯ୍ୟ ପୂର୍ବରୁ କନ୍ୟାକୁ ବିଧିବଦ୍ଧ ପ୍ରସ୍ତୁତ କରିବା ।

**ମଚ୍‌କିବା** ***କ୍ରି.*** ମକଚିଯିବା, ମୋଡ଼ି ହୋଇଯିବା ।

**ମଚମଚ** ***ଅ.*** ୧. ଜୋତା ମାଡ଼ି ଚାଲିବାର ଶବ୍ଦ ୨. କଅଁଳ ଦ୍ରବ୍ୟ ଚୋବାଇବାର ଶବ୍ଦ ।

**ମଚଳା** ***ବି.*** କୁଣ୍ଡିଆ, କଣ୍ଡୁ କରୁଥିବା ଚର୍ମରୋଗ, କୋଡ଼ ଯାଦୁ ।

**ମଚା** ***ବି.*** ୧. ଯଜ୍ଞ ୨. ଚାଳଘର ଭିତରେ ଥିବା ଭାଡ଼ି ୩. ବିଲରେ ଧାନ ଜଗିବା ପାଇଁ ଚାରିଟି ଲମ୍ବା କାଠ ଉପରେ ତିଆରି ଅସ୍ଥାୟୀ ବ୍ୟବସ୍ଥା ।

**ମଚାଳିବା, ମଞ୍ଚାଳିବା** ***ବି.*** (ଗୋଡ଼) ଘଷିବା, (ଗୋଡ଼) ମୋଡ଼ିବା ।

**ମଚୁଆ** ***ବି.*** ଖଟର ଦଣ୍ଡା ପାଖ ।

**ମଛ** ***ବି.*** ମାଛ ।

**ମଛଦିଆ** ***ବି.*** ଗଡ଼ିଆ, ପୋଖରୀ ଆଦି ମାଲିକଙ୍କୁ ମାଛଧରାଳି ଦେବା କର ବା ଅଂଶ ।

**ମଛା** ***ବି.*** ୧. ପଣ୍ୟଦ୍ରବ୍ୟ ଓ ସୁନାର ନମୁନା ୨. କାଟସୁନା; ***ବିଂ.*** ସୁନ୍ଦର ।

**ମଛୁଆ** ***ବି.*** ଗୋଟିଏ ପ୍ରକାର ଫୁଲ ।

**ମଜଦୁର** ***ବି.*** ଶ୍ରମିକ, ମୂଲିଆ, ଶ୍ରମଜୀବୀ ।

**ମଜବୁତ, ମଜଭୁତ, ମଜଭୁତିଆ** ***ବିଂ.*** ଦୃଢ଼, ଶକ୍ତ, ଦୀର୍ଘକାଳସ୍ଥାୟୀ ।

**ମଜରା** ***ବି.*** ଆଳସ୍ୟ, କ୍ଳାନ୍ତି , ଜରଜରୁଆ ଲାଗିବା ।

**ମଜଲି** ***ବି.*** ରାସ୍ତା କଡ଼ରେ ଥିବା ଚଟିଘର, ସରେଇଘର, ପାନ୍ଥନିବାସ ।

**ମଜଲି ମୁଣ୍ଡ** ***ବି.*** ୧. ଯାତ୍ରାର ଶେଷ ସୀମା ୨. କର୍ମର ସମାପ୍ତି ।

**ମଜଲିସ୍‌** ***ବି.*** ୧. ନୃତ୍ୟ ଗୀତାଦି ବା ଆମୋଦ ପ୍ରମୋଦ ଆସର ୨. ସଭା ।

**ମଜା** ***ବି.*** ୧. ଆନନ୍ଦ ୨. ପରିହାସ ୩. ତାମସା ୪. ମଉଜ, କୌତୁକ ୫. ମାଜିବା; ***ବିଂ.*** ମଜା ହୋଇଥିବା (ବାସନ) ।

**ମଜାଇବା, ମଜେଇବା** ***କ୍ରି.*** ୧. ପରିଷ୍କାର କରିବା, ମାଜି ଘାସି ସଫା କରିବା ୨. ମାର୍ଜିତ କରାଇବା ୩. ଉଜ୍ଜ୍ୱଳ କରିବା ୪. ମୁଗ୍ଧକରିବା, ଆସକ୍ତ କରିବା ।

**ମଜାକ୍‌** ***ବି.*** ଥଟ୍ଟା, ପରିହାସ ।

**ମଜାଘଷା** ***ବି.*** ଘଷି ଉଜ୍ଜ୍ୱଳ ଓ ସଫା କରିବା କାର୍ଯ୍ୟ ।

**ମଜା ଚଖାଇବା** ***କ୍ରି.*** ୧. କୁଫଳ ଭୋଗ କରାଇବା ୨. କୌଣସି ଦ୍ରବ୍ୟ ଖାଇ ସୁଖ ଭୋଗ କରିବାର ସୁଯୋଗ ଦେବା ।

**ମଜା ଚାଖିବା** ***କ୍ରି.*** ୧. କୁଫଳ ଭୋଗିବା ବା ଅନୁଭବ କରିବା ୨. କୌଣସି ଦ୍ରବ୍ୟଖାଇ ସୁଖ ଅନୁଭବ କରିବା ।

**ମଜାଦାର୍** ***ବିଂ.*** ୧. କୌତୁକପୂର୍ଣ୍ଣ ୨. ଆନନ୍ଦ ଦାୟକ, ସୁଖପ୍ରଦ ।

**ମଜା ନେବା** ***କ୍ରି.*** ଉପଭୋଗ କରିବା ।

**ମଜା ବାହାରିଯିବା** ***ବି.*** ୧. କୁଫଳ ଭୋଗ କରିବା, ସୁଖାନୁଭୂତି ଲୋପ ହେବା ୨. ଅଧିକ ବା ଅନାବଶ୍ୟକ ପରିଶ୍ରମ କରି ହଇରାଣ ହେବା ।

**ମଜାମଜି** ***ବି.*** ମାଜିବା କାମ ।

**ମଜା ମୁଠା** ***ବି.*** ଯହିଁରେ ଅଳଙ୍କାର ମଜାଯାଏ ।

**ମଜା ହେବା** ***କ୍ରି.*** ୧. ଉପଭୋଗ୍ୟ ହେବା ୨. ମାଜିହେବା, ମାର୍ଜିତ ହେବା ।

**ମଜିବା, ମଜ୍ଜିବା** ***କ୍ରି.*** ୧. ମଗ୍ନ ହେବା ୨. ଆସକ୍ତ ହେବା ୩. ଆତ୍ମବିସ୍ମୃତ ହେବା ୪. ମୁଗ୍ଧ ହେବା ।

**ମଜିରା** ***ବି.*** ଏକାଧିକ ଗିନିଯୁକ୍ତ ବାଦ୍ୟଯନ୍ତ୍ର ।

**ମଜୁର** ***ବି.*** ମୂଲିଆ, ଶ୍ରମଜୀବୀ, ମଜଦୁର ।

**ମଜୁରା** ***ବି.*** ୧. ପରିଶୋଧ ୨. ଅସୁଲ ୩. ହିସାବ ଭରଣା କରିବା ।

**ମଜୁରା କରିବା** ***କ୍ରି.*** ହିସାବ ଭରଣା କରିବା ।

**ମଜୁରି, ମଜୁରୀ** ***ବି.*** କୌଣସି କାମ କରିବା ବଦଳରେ ଯାହା ପ୍ରାପ୍ୟ, ପାରିଶ୍ରମିକ, ମୂଲ ।

**ମଜୁରିଆ** ***ବି.*** ଶ୍ରମଜୀବୀ, ମୂଲିଆ ।

**ମଜ୍ଜା** ***ବି.*** ୧. ହାଡ଼ରସା ୨. ମଂଜା, ବୃକ୍ଷର ମଞ୍ଜ ବା ରସ ୩. ସୁଖ, ଆନନ୍ଦ, କୌତୁକ ।

**ମଜ୍ଜାଇବା** ***କ୍ରି.*** ନିମଜ୍ଜିତ କରିବା, ମୁଗ୍ଧ କରିବା ।

**ମଜ୍ଜାଗତ** ***ବିଂ.*** ୧. ଜନ୍ମଗତ ୨. ଅଭ୍ୟାସରେ ପରିଣତ ହୋଇ ଯାଇଥିବା ।

**ମଜ୍ଜାରସ** ***ବି.*** ପୁରୁଷର ଶୁକ୍ର, ରେତଃ ।

**ମଜ୍ଜାସାର** ***ବି.*** ଜାଇଫଳ ।

**ମଜ୍ଜିତ** ***ବିଂ.*** ବୁଡ଼ାଇ ଦିଆଯାଇଥିବା ।

**ମଝ୍‌ଲି** ***ବିଂ.*** ମଝିଆଁ (ସ୍ତ୍ରୀ ବା କନ୍ୟା) ।

**ମଝା** ***ବି.*** ମଧ୍ୟଭାଗ, କଟି, ଅଣ୍ଟା ।

**ମଝାମଝି** ***କ୍ରି.ବିଂ.*** ମଧ୍ୟସ୍ଥଳରେ ।

**ମଝାଲ** ***ବି.*** ମଧ୍ୟସ୍ଥଳ ; ***ବିଂ.*** ମଧ୍ୟମ ଭଳିଆ ।

**ମଝି** ***ବି.*** ମଧ୍ୟଭାଗ ; ***ବିଂ.*** ମଧ୍ୟରେ ଥିବା, ବଡ଼-ସାନ ବା ଦୁଇ ଜଣଙ୍କମଧ୍ୟରେ ।

**ମଝିଆ, ମଝିଆଁ** ***ବିଂ.*** ୧. ଜ୍ୟେଷ୍ଠ ଓ କନିଷ୍ଠର ମଧ୍ୟବର୍ତ୍ତୀ (ସନ୍ତାନ) ୨. ମଧ୍ୟମ; ***ବି.*** ନାଉରିଆ, ମାଝି, ମାଛଧରିବା ଓ ନୌକା ଚଳାଇବାରେ ନିଯୁକ୍ତ ବ୍ୟକ୍ତି ।

**ମଝିଆଣୀ** ***ବି.*** ମଧ୍ୟମ ସନ୍ତାନର ସ୍ତ୍ରୀ, ମଝିଆଁ ବୋହୂ ।

**ମଝିକୋଠା** ***ବି.*** କୋଠାର ମଧ୍ୟଭାଗରେ ଥିବା ବଖରା ।

**ମଝିଦରିଆ** ***ବି.*** ୧. ସମୁଦ୍ରର ମଧ୍ୟଭାଗ, ଗଭୀର ସମୁଦ୍ର ୨. ଘୋର ବିପଦ ।

**ମଝିଦରିଆକୁ ପେଲିଦେବା** ***କ୍ରି.*** କୌଣସି ଲୋକକୁ ବିପଦରେ ପକାଇବା ।

**ମଝିଦାଣ୍ଡ** ***ବି.*** ରାସ୍ତା ବା ଦାଣ୍ଡର ମଧ୍ୟଭାଗ ।

**ମଝିମଝିକା, ମଝିମଝିଆ** ***ବିଂ.*** ୧. ମଧ୍ୟସ୍ଥଳରେ ଥିବା ୨. ଯେ ଦୁଇଟି ମତରୁ କୌଣସି ଗୋଟିକୁ ଦୃଢ଼ ଭାବରେ ଧରେ ନାହିଁ, ମଧ୍ୟମପନ୍ଥୀ ।

**ମଝିଲା** ***ବିଂ.*** ୧. ମଝିଆଁ ୨. ମଧ୍ୟରେ ସ୍ଥିତ ୩. ମଧ୍ୟମ ଆକୃତି ।

**ମଞ୍ଚ** ***ବି.*** ୧. ସଭା ସମିତି ବା ନାଟକ ଅଭିନୟ ହେବା ଉଚ୍ଚ ସ୍ଥାନ ୨. ମଞ୍ଚା ୩. ବେଦୀ ୪.ଭାଡ଼ି ୫. ମଣ୍ଡପ ୬. ମର୍ତ୍ତ୍ୟଲୋକ, ପୃଥିବୀ ।

**ମଞ୍ଚା** ***ବି.*** ୧. ଉଚ୍ଚଭାଡ଼ି ୨. ବନ୍ୟଜନ୍ତୁ ଶିକାର ପାଇଁ ଜଙ୍ଗଲରେ ବନ୍ଧାଯିବା ଭାଡ଼ି ୩. ଫସଲ ଜଗିବା ପାଇଁ ଶସ୍ୟ କ୍ଷେତରେ ବନ୍ଧାଯିବା ଭାଡ଼ି ।

**ମଞ୍ଚାଳିବା** ***କ୍ରି.*** ପାଦ ଘଷିବା, ହାତରେ ପାଦକୁ ଚିପିବା ।

**ମଞ୍ଜ** ***ବି.*** ୧. କାଠର ମଝିରେ ଥିବା ସାର ଭାଗ ୨. ମଞ୍ଜପତ୍ର ୩. କଥାର ମର୍ମ ୪. ଗୁପ୍ତ ବିଷୟ ୫. ଛୋଟ ଗଛ ।

**ମଞ୍ଜକଥା** ***ବି.*** ଅସଲ କଥା, ଭିତିରି କଥା, କଥାର ମର୍ମ, ସାରକଥା ।

**ମଞ୍ଜକାଠ** ***ବି.*** ଟାଣକାଠ, କାଠର ମଜ୍ଜା ।

**ମଞ୍ଜକୀଳା ମାରିବା** ***ବି.*** ଗଛର ମଞ୍ଜ ଶୁଖି ଯିବା, କଦଳୀ ବା ଅନ୍ୟାନ୍ୟ ଗଛର ଏକ ରୋଗ ।

**ମଞ୍ଜନ** ***ବି.*** ୧. ମାର୍ଜନ ୨. ଦାନ୍ତ ଘଷା ଚୂର୍ଣ୍ଣ ।

**ମଞ୍ଜପତ୍ର** ***ବି.*** କଦଳୀ ଗଛର କଅଁଳିଆ ପତ୍ର ।

**ମଞ୍ଜରି, ମଞ୍ଜରୀ** ***ବି.*** ୧. ଅଙ୍କୁର ୨. ମୁକୁଳ ୩. ଲତା ୪. ପାଦଅଳଙ୍କାର, ଘାଗୁଡ଼ି ।

**ମଞ୍ଜରିତ** ***ବି.*** ଅଙ୍କୁରିତ, ମୁକୁଳିତ ।

**ମଞ୍ଜରିବା** ***କ୍ରି.*** କଅଁଳିବା, ଗଜୁରିବା ।

**ମଞ୍ଜା** ***ବି.*** ୧. କଦଳୀ ଗଛର ଗଣ୍ଡିର ମଧ୍ୟଭାଗ ୨. ମାଇ ଛେଳି ।

**ମଞ୍ଜାରି** ***ବି.*** ଅଣ୍ଡିରା ବିରାଡ଼ି, ଭୁଆ ବିଲେଇ ।

**ମଞ୍ଜି** ***ବି.*** ୧. ଫଳ ମଧ୍ୟସ୍ଥ ବୀଜ ୨. ଶସ୍ୟାଦିର ବିହନ ୩. ମାଛର ଡିମ୍ବ ୪. କଥାର ଗୁପ୍ତ ମର୍ମ ୫. ବଥର ପୂଯମୟ କଠିନ ଖିଲ ୬. ମୂଳ କାରଣ ।

**ମଞ୍ଜିଆ ବିଂ.** ୧. ଯେଉଁ ଫଳରେ ମଞ୍ଜିସବୁ ପାକଳ ହୋଇଯାଇଥାଏ ୨. ଯେଉଁ ଫଳରେ ଅଧିକ ମଞ୍ଜିଥାଏ; **ବି.** ଚିଲିକାରେ ମିଳୁଥିବା ଏକ ପ୍ରକାର ମାଛ ।

**ମଞ୍ଜିମାଛ ବି.** ଯେଉଁ ମାଛର ପେଟରେ ଡିମ୍ବଥାଏ ।

**ମଞ୍ଜିଶୁଖୁଆ ବି.** ଶୁଖା ଯାଇଥିବା ମାଛ ମଞ୍ଜି ।

**ମଞ୍ଜିଷ୍ଠା ବି.** ମେଞ୍ଜେଟ୍, ମଞ୍ଜୁଆତି ଲତା ।

**ମଞ୍ଜୀର ବି.** ନୂପୁର ।

**ମଞ୍ଜୁଆତି ବି.** ଏକ ପ୍ରକାର ରକ୍ତବର୍ଣ୍ଣର ଲତା ବିଶେଷ ।

**ମଞ୍ଜୁର ବିଂ.** ସ୍ୱୀକୃତ, ଅନୁମୋଦିତ।

**ମଞ୍ଜୁରି ବି.** ସ୍ୱୀକୃତି, ଅନୁମୋଦନ ।

**ମଞ୍ଜୁଳ ବିଂ** ମନୋହର, ସୁନ୍ଦର, ମଧୁର ।

**ମଞ୍ଜୁଷା ବି.** ପେଡ଼ି, ସିନ୍ଦୁକ, ପେଟ୍ରା ।

**ମଟକା, ମସକା ବି.** ୧. ଯେଉଁ କାଠି ପ୍ରଭୃତି ସହଜରେ ଭାଙ୍ଗିଯାଏ, ୨. ମୋଟା ଟସର ଲୁଗା ବା ମଠା; **ବିଂ.** ଭଙ୍ଗୁର, ଭଙ୍ଗପ୍ରବଣ ।

**ମଟନ୍ ବି.** ଖାଇବା ଯୋଗ୍ୟ (ଖାସି ପ୍ରଭୃତିର) ମାଂସ ।

**ମଟନ୍ କଷା ବି.** ତେଲରେ କଷା ହୋଇ ପ୍ରସ୍ତୁତ ଖାସି ମାଂସ।

**ମଟମଟ ଅ.** ୧. ଧ୍ୱନି ବିଶେଷ ୨. ଏକ ଦୃଷ୍ଟିରେ ଚାହିଁବା ।

**ମଟମାଟ ଅ.** ବୃକ୍ଷ ଶାଖାର ଭାଙ୍ଗିବା ଧ୍ୱନି ।

**ମଟର ବି.** ୧. ମଟର ଛୁଇଁ ବା ସେହି ଗୁଳ୍ମ ୨. ଯନ୍ତ୍ରପାତି, କାର, ବସ୍ ପ୍ରଭୃତି ଚଳାଇବା ଯନ୍ତ୍ର ।

**ମଟର କାର ବି.** ମଟର ଗାଡ଼ି ।

**ମଟର ବୋଟ୍ ବି.** ଯନ୍ତ୍ରଚାଳିତ ନୌକା ।

**ମଟରମାଳ ବି.** ମଟର ମଞ୍ଜିପରି ଛୋଟ ଛୋଟ ସୁନାର ଗୋଲକକୁ ନେଇ ଗୁନ୍ଥାଯାଇଥିବା ହାର ।

**ମଟା ବି.** ପଶା ବା କଉଡ଼ି ଖେଳରେ ଯେଉଁ ସାର ମରି ଯାଇ ଖେଳରୁ ବାହାରି ଯାଏ ।

**ମଟାମ ବି.** ରାଜ ମିସ୍ତ୍ରୀଙ୍କ ସମକୋଣ ଓ ସମତଳ ନିର୍ଣ୍ଣୟ ନିମିତ୍ତ ବ୍ୟବହୃତ ଉପକରଣ ।

**ମଟାଳ ବିଂ.ବି.** ୧. ପାଣି ପଡ଼ିଲେ ଚିକିଟା ଓ ଶୁଖିଗଲେ ଟାଣ (ମାଟି) ୨. କାଦୁଆ ମାଟି; **ବି.** ବିଳମ୍ବ, କାଳକ୍ଷେପଣ ।

**ମଟାଳିଆ ବିଂ.** ୧. କାଦୁଆ ୨. ଟାଣୁଆ ।

**ମଟାଳିବା କ୍ରି.** ଅପେକ୍ଷା କରିବା, ବିଳମ୍ବ ସହିବା, ସମୟକୁ ଟାଳିବା ।

**ମଠ ବି.** ୧. ଆଶ୍ରମ, ବାବାଜିମାନଙ୍କ ରହିବା ସ୍ଥାନ ୨. ବିଳମ୍ବ ୩. ଅଳସୁଆମି ୪. କାଳକ୍ଷେପଣ ।

**ମଠ ଅଲଣା ବିଂ.** ଅଳ୍ପ ଅଲଣା ।

**ମଠଧାରୀ ବି.** ୧. ମଠର ମହନ୍ତ ୨. ଯେଉଁ ବୈଷ୍ଣବ ମଠରେ ବାସ କରନ୍ତି ।

**ମଠବାଡ଼ି ବି.** ମଠ ଓ ମଠର ସମ୍ପତ୍ତି ।

**ମଠା ବି.** ୧. ଟସର, ଏକ ପ୍ରକାର ମୋଟା ରେଶମ ଲୁଗା ୨. ଚଲ୍ହା, ଘୋଳ ଦହି, ମହି ; **ବିଂ.** ଯାହା ଚିକ୍କଣ ହୋଇଥାଏ ।

**ମଠାଇବା, ମଠେଇବା କ୍ରି.** କାମରେ ଡେରି କରିବା, ବିଳମ୍ବ କରିବା ।

**ମଠାଧିପ ବି.** ମହନ୍ତ, ମଠାଧୀଶ ।

**ମଠୁଆ ବିଂ.** ୧. ଅଳସୁଆ, ସବୁକାମରେ ବିଳମ୍ବ କରୁଥିବା ୨. ମଠ ସମ୍ବନ୍ଧୀୟ ।

**ମଡ୍ ବି.** ତୋରାଣି, ପେଜ ।

**ମଡ୍‌ମଡ୍, ମଡ୍‌ମାଡ୍ ଅ.** ୧. ଶୁଖିଲା ଗଛଡାଳ ଭାଙ୍ଗିବା ଶବ୍ଦ ୨. ଟାଣ ଜିନିଷ ଚୋବାଇବା ଶବ୍ଦ ।

**ମଡ଼କ ବି.** ୧. ମହାମାରୀ ୨. ହଇଜା, କଲେରା ୩. ବ୍ୟାପକ ମୃତ୍ୟୁ ।

**ମଡ଼କା ବିଂ.** ମସକା, ଭଙ୍ଗପ୍ରବଣ, ମଟକା ।

**ମଡ଼ମଡ଼ିଆ ବିଂ.** ଯାହା ସହଜରେ ଭାଙ୍ଗିଯାଏ, ଭଙ୍ଗପ୍ରବଣ ।

**ମଡ଼ଫୁଲିଘର ବି.** ରୋଷେଇଘର ।

**ମଡ଼ର୍ନ୍ ବି.ବିଂ.** ୧. ଆଧୁନିକ ୨. ସାମ୍ପ୍ରତିକ, ଏଇ ସମୟର ।

**ମଡ଼ା ବି.** ୧. ଶବ, ମୃତ ଦେହ ୨. ଧାନ ବେଙ୍ଗଳା ୩. ଗୋଡ଼ରେ ମଳିବା, ଦଳିବା ; **ବିଂ.** ୧. ଅସ୍ଥିକଙ୍କାଳସାର ୨. ପାଣି ମାଡ଼ୁଥିବା (ସ୍ଥାନ) ୩. ମାଡ଼ି ଦିଆହୋଇଥିବା ୪. ନୂଆ ଲୁଗାକୁ ଥରେ ପିନ୍ଧି ଦେବା ଫଳରେ ତାହା ମାରା ହେବା ।

**ମଡ଼ା ଅମଡ଼ା ବି.** ୧. ବାଟ ଓ ଅବାଟ-ଲୋକେ ଚାଲୁଥିବା (ବାଟ) ଓ ବାଟ ଫିଟି ନଥିବା (ସ୍ଥାନ) ୨. ପାଣି ମାଡ଼ିଯାଇଥିବା ସ୍ଥାନ ।

**ମଡ଼ାଇବା, ମଡ୍ରେଇବା କ୍ରି.** ୧. ଜଳସେଚନ କରିବା ୨. ଆଚ୍ଛାଦନ କରିବା ୩. ଅନ୍ୟକୁ ଜମି ଚାଷ କରିବାର ଅଧିକାର ଦେବା ୪. କୁରୁତା ବା ଯୋତା ପିନ୍ଧିବା ୫. ରଙ୍ଗର ଲେପ ଦେବା ୬. ଲତା ମାଡ଼ିବାର ଉପାୟ କରିବା, ୭. ପୋଲୁହ ମାଡ଼ିବା ୮. ଅକ୍ଷର ଉପରେ ଖଡ଼ି ବୁଲାଇ ଅଭ୍ୟାସ କରିବା ୯. ଯେକୌଣସି ଦିଗକୁ ଗତି କରିବା ୧୦. ପାଚିଲା ଧାନ କଳେଇ ଉପରେ ବଳଦ ବା ଯନ୍ତ୍ରପାତି ଚଳାଇ ଧାନ ଅଲଗା କରିବା ୧୧. ଗାଡ଼ିମଟରର ଚକ ତଳେ ଚାପି ଦେବା ।

**ମଡ଼ାକଢ଼ା** *ବିଂ. ବି.* ମଡ଼ା ବା ଶବକୁ ବୋହିବା ଲୋକ, ଶବବାହକ ।
**ମଡ଼ାଖାଇ** *ବି.* ୧. ମଶାଣି ୨. ବିଲୁଆ ।
**ମଡ଼ାଚଣ୍ଡିଆ** *ବି. ବିଂ.* ୧. ଶ୍ମଶାନବାସୀ ବ୍ୟକ୍ତି ୨. ତନ୍ତ୍ର ସାଧକ ୩. ଶ୍ମଶାନରେ ରହୁଥିବା ୪. ଯେ ମଶାଣିରେ ଶବର ଲୁଗାପଟା କାଢ଼ିନେଇ ତାକୁ ବିକି ଜୀବିକା ନିର୍ବାହ କରେ ।
**ମଡ଼ା ଜମି** *ବି.* ୧. ଯେଉଁ ଜମିରେ ପାଣି ମାଡ଼ିଥାଏ ୨. ଯେଉଁ ଜମି ଉପରେ ଯିବା ଆସିବା କରିବା ହେତୁ ବାଟ ଫିଟିଥାଏ ।
**ମଡ଼ା ପଦା** *ବି.* ଶ୍ମଶାନ ।
**ମଡ଼ାପୋଡ଼ା** *ବି.* ଶବଦାହ ।
**ମଡ଼ାମଡ଼ି** *ବି.* ଦଳାଦଳି, କୁଦାକୁଦି ।
**ମଡ଼ା ସାଙ୍ଗିଆ, ମଡ଼ା ସାଙ୍ଗି** *ବି.* ଶବ ସଙ୍ଗେ ମଶାଣିକୁ ଯିବା ବ୍ୟକ୍ତି ।
**ମଡ଼ିଆ** *ବିଂ.* ୧. ମଢ଼ିଆ, ଅତି ଦୁର୍ବଳ ୨. ମାଣ୍ଡିଆ ୩. ବସ୍ତର ଅଞ୍ଚଳ ଅଧିବାସୀଙ୍କ ଭାଷା ।
**ମଡୁଆ** *ବି.* ୧. ଦୁର୍ବଳ ବ୍ୟକ୍ତି ୨. ଛାମୁଣ୍ଡିଆ, ମୋଡ଼ୋ ।
**ମଡ଼େଇବା** *କ୍ରି.* ୧. ମଡ଼ାଇବା ୨. ଶିଳରେ ଭାଙ୍ଗ ବାଟିବା ୩. ଭାଙ୍ଗ ସେବନ କରିବା।
**ମଡ଼େଲ୍** *ବି. ବିଂ.* ୧. ଆଦର୍ଶ, ଆଦର୍ଶ ସ୍ଥାନୀୟ ୨. ପୋଷାକ, ଅଳଙ୍କାର ଆଦିର ବିଜ୍ଞାପନ ପାଇଁ ପ୍ରଶିକ୍ଷିତ ବ୍ୟକ୍ତି ।
**ମଢ଼, ମଢ଼ା** *ବି.* ଶବ ।
**ମଢ଼ଘର** *ବି.* ମଡ଼ାଘର, ଶବ ରଖାଯାଉଥିବା ଘର ।
**ମଢ଼ିଆ** *ବି.* ୧. ପତ୍ର କୁଡ଼ିଆ ୨. ଛୋଟ ହାତୁଡ଼ି; *ବିଂ.* ମେଢ଼ିଆ, ଅତି ଦୁର୍ବଳ, ମୁର୍ଦ୍ଧାରିଆ ।
**ମଢ଼ିଆଳ** *ବି.* ୧. ପାଲଟା ଲୁଗା, ମଇଳାଲୁଗା ୨. ଧୋବା ।
**ମଢୁଆ** *ବି.* ତାଳପତ୍ର ବା ନଡ଼ିଆ ପତ୍ରର ଶିରାରେ ତିଆରି ବା ପ୍ରସ୍ତୁତ ଶକ୍ତ ଖଡ଼ିକା ।
**ମଢୁଆ ଶାଙ୍କୋଳି/ଶାଙ୍କୁଳି** *ବି.* ପୂର୍ବ କାଳରେ ଚାଟଶାଳୀରେ ଦୁଷ୍ଟ ଛାତ୍ରମାନଙ୍କୁ ଦିଆ ଯାଉଥିବା ଦଣ୍ଡ ବିଶେଷ ।
**ମଣ** *ବି.* ୧. ଘୋଡ଼ା, ବଳଦଙ୍କୁ ତାଲିମ ଦେବା ୨. ମହଣ (୪୦ ସେର) ମାପ ୩. ତାଳପତ୍ର ଶିରାରେ ନିର୍ମିତ ବନ୍ଧନ ବା ଫାଶ ।
**ମଣ କରିବା** *କ୍ରି.* ଆୟତ୍ତ କରିବା, ତାଲିମ ଦେଇ ପୋଷ ମନାଇବା ।
**ମଣାଇବା** *କ୍ରି.* ୧. ମନାଇବା, ରାଜି କରାଇବା ୨. ଆୟତ୍ତ କରିବା ୩. ମନୋରଞ୍ଜନ କରିବା ୪. ମଣ କରିବା, ତାଲିମ ଦେବା ।
**ମଣାଣ** *ବି.* ୧. ମନାଇବାକାର୍ଯ୍ୟ ୨. ମୁକାବିଲା ।
**ମଣି, ମଣୀ** *ବି.* ୧. ବହୁମୂଲ୍ୟ ପଥର, ରତ୍ନ ୨. ମଣିବନ୍ଧ କଚଟି ୩. ସାପ ମୁଣ୍ଡରେ ଥିବା କଥିତ ରତ୍ନ ।

**ମଣିଆ,ମଣୁଆ** *ବିଂ.* ତାଲିମ ପାଇଥିବା ।
**ମଣିକର୍ଣ୍ଣିକା** *ବି.* ୧. ମଣି ଯୁକ୍ତ କର୍ଣ୍ଣଭୂଷଣ ୨. କାଶୀରେ ଗଙ୍ଗାତୀରର ଏକ ଘାଟ ।
**ମଣିକାଚ** *ବି.* ୧. ସ୍ଫଟିକ ୨. ତୀରର ପଛମୁଣ୍ଡ ।
**ମଣିକାଞ୍ଚନ ଯୋଗ** *ବି.* ୧. ସୁନା ସହିତ ମୂଲ୍ୟବାନ ରତ୍ନ ପଥରର ସଂଯୋଗ ୨. ସାର୍ଥକ ମିଳନ, ଶୁଭଙ୍କର ମିଳନ ।
**ମଣିକାର** *ବି.* ୧. ଜହୁରୀ, ମଣିବ୍ୟବସାୟୀ ୨. ଯେ ମଣି ବା ରତ୍ନ ପଥରକୁ କାଟି ସଫା କରେ ବା ପାଲିସ କରେ ୩. ମଣି ପରୀକ୍ଷକ ।
**ମଣିନାଗ** *ବି.* ଲୋକ କଥାରେ ଯେଉଁ ନାଗ ସାପ ମୁଣ୍ଡରେ ମଣିଥାଏ ।
**ମଣିପୁର** *ବି.* ୧. ଭାରତର ଉତ୍ତର-ପୂର୍ବ ରାଜ୍ୟ ବିଶେଷ ୨. ମେରୁଦଣ୍ଡରେ କଳ୍ପିତ ଛଅଗୋଟି ଚକ୍ର ମଧ୍ୟରୁ ନାଭିକେନ୍ଦ୍ରରେ ଥିବା ତୃତୀୟ ଚକ୍ର (ମଣିପୁର ଚକ୍ର) ।
**ମଣିବନ୍ଧ** *ବି.* କଚଟି, ହାତ ପାପୁଲିର ମୂଳ ।
**ମଣିବା** *କ୍ରି.* ୧. ମନେକରିବା ୨. ବିଚାର କରିବା ୩. ବିଶ୍ୱାସ କରିବା ୪. ଅନୁମାନ କରିବା ।
**ମଣିମା** *ବି.* ରାଜା ଓ ଦେବତାଙ୍କୁ କରାଯାଉଥିବା ସମ୍ବୋଧନ ପଦ, ଛାମୁ ।
**ମଣିମାଣିକ୍ୟ** *ବି.* ବିଭିନ୍ନ ପ୍ରକାରର ମୂଲ୍ୟବାନ ରତ୍ନ ପଥର ।
**ମଣିଷ** *ବି.* ମନୁଷ୍ୟ ।
**ମଣିଷପଣିଆ** *ବି.* ଭଲ ମଣିଷର ଗୁଣ, ମାନବିକତା ।
**ମଣିଷମାରୁ** *ବିଂ.* ନରହନ୍ତା, ମଣିଷକୁ ହତ୍ୟା କରୁଥିବା (ବ୍ୟକ୍ତି) ।
**ମଣିହରା ଫଣୀ** *ବି.* ସବୁଠାରୁ ପ୍ରିୟ ବ୍ୟକ୍ତି ବା ମୂଲ୍ୟବାନ ବସ୍ତୁ ହରାଇବା କାରଣରୁ ଅସ୍ଥିରମନା ବ୍ୟକ୍ତି ।
**ମଣୋହି, ମୁଣୋହି, ମଣୋଇ** *ବି.* ୧. ରାଜା ବା ରାଣୀଙ୍କ ଭୋଜନ ୨. ନିବେଦିତ ଭୋଗକୁ ଦେବତାଙ୍କର ଗ୍ରହଣ ୩. ଭୋଜନ କ୍ରିୟା ।
**ମଣ୍ଡ** *ବି.* ୧. ଜାଉ, ପେଜ, ମଡ଼ ୨. ତେଲର କାଣ୍ଟି ୩. ରୋଗୀର ପଥ୍ୟ ୪. ଲୁଗାରେ ଦେବା ପତଳା ପେଜ ୫. ଖଳି ୬. କାଗଜ ତିଆରି ପାଇଁ ପ୍ରସ୍ତୁତ ଘନ ତରଳ ଦ୍ରବଣ ।
**ମଣ୍ଡଣ** *ବି.* ମଣ୍ଡନ, ଅଳଙ୍କରଣ, ସଜାଇବା ।
**ମଣ୍ଡଣି, ମଣ୍ଡଣୀ** *ବି.* ସାଜସଜ୍ଜା, ଭୂଷଣ ।
**ମଣ୍ଡନ** *ବି.* ଗୌରବ କିମ୍ବା ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଅଳଙ୍କାର, ପ୍ରସାଧନ ଆଦି ଧାରଣ ।
**ମଣ୍ଡପ** *ବି.* ୧. ବେଦି ୨. ଛାମୁଡ଼ିଆ ୩. ବିବାହ ଗୃହ ୪. ମନ୍ଦିର ୫. କୌଣସି ଶୁଭ ବା ସାମୂହିକ କାର୍ଯ୍ୟ ପାଇଁ ସ୍ଥାନ ।

**ମଣ୍ଡଳ** ***ବି.*** ୧. ଚନ୍ଦ୍ରସୂର୍ଯ୍ୟାଦିର ଚତୁଃପାର୍ଶ୍ୱରେ ଦେଖା ଯାଉଥିବା ବୃତ୍ତାକାର ଆଲୋକିତ ପରିଧି ୨. ବୃତ୍ତାକାର କ୍ଷେତ୍ର ବା ବୃତ୍ତ ୩. ଗ୍ରହମାନଙ୍କ ଗତିରେଖା ୪. ପରିଧି ୫. ବିଶେଷ ଉଦ୍ଦେଶ୍ୟରେ ଗଠିତ ଅଞ୍ଚଳ।

**ମଣ୍ଡଳା** ***ବି.*** ଭୂମି ଉପରେ ଅଙ୍କା ଯାଇଥିବା ଗୋଲାକାର ରେଖା, ମୁଣ୍ଡୁଳା ।

**ମଣ୍ଡଳାକାର** ***ବିଂ.*** ଗୋଲାକାର,ବୃତ୍ତାକାର ।

**ମଣ୍ଡଳାଧୀଶ, ମଣ୍ଡଳେଶ୍ୱର** ***ବି.*** ୧. ବିଶେଷ ଉଦ୍ଦେଶ୍ୟରେ ଗଠିତ ବା ଚିହ୍ନିତ ମଣ୍ଡଳର ଉଚ୍ଚ ଅଧିକାରୀ ୨. ରାଜଚକ୍ରବର୍ତ୍ତୀ, ସମ୍ରାଟ ୩. ଚାଳିଶ ଯୋଜନ ବିସ୍ତୀର୍ଣ୍ଣ ରାଜ୍ୟର ଶାସକ ବା ଅଧିପତି।

**ମଣ୍ଡଳୀ** ***ବି.*** ଗୋଷ୍ଠୀ, ସମୂହ (ପଣ୍ଡିତମଣ୍ଡଳୀ, ବିଚାରକମଣ୍ଡଳୀ, ରାଜନ୍ୟମଣ୍ଡଳୀ ଇତ୍ୟାଦି) ।

**ମଣ୍ଡା** ***ବି.*** ୧. ଚାଉଳ ଚୂନାରେ ପ୍ରସ୍ତୁତ ପୂରଦିଆ ସିଝା ପିଠା ୨. ଫୁଲର ପେନ୍ଥା, ପୁଷ୍ପଗୁଚ୍ଛ ।

**ମଣ୍ଡିତ** ***ବିଂ.*** ଭୂଷିତ, ସଜ୍ଜିତ ।

**ମଣ୍ଡିବା** ***କ୍ରି.*** ଭୂଷିତ କରିବା, ଅଳଙ୍କୃତ କରିବା, ସଜେଇବା ।

**ମଣ୍ଡୁକ** ***ବି.*** ବେଙ୍ଗ, ଭେକ ।

**ମଣ୍ଡୁକାସନ** ***ବି.*** ଯୋଗାସନ ବିଶେଷ; ବେଙ୍ଗଭଳି ଶରୀର ସଂକୁଚିତ କରିବା ଆସନ ।

**ମଣ୍ଡେଇବା** ***କ୍ରି.*** ମଣ୍ଡିବା, ପିନ୍ଧାଇବା, ସଜ୍ଜିତ କରିବା ।

**ମତ** ***ବି.*** ୧. ଅଭିପ୍ରାୟ, ମନର ଭାବ ୨. ଅଭିମତ ୩. ଉଦ୍ଦେଶ୍ୟ ।

**ମତଗଜ, ମତଙ୍ଗଜ** ***ବି.*** ମତ୍ତହସ୍ତୀ, ମାତଙ୍ଗ ।

**ମତଗଜଚାଲି** ***ବି.*** ଧୀର ଚାଲି, ହାତୀର ଚାଲିପରି ଚାଲି ।

**ମତଙ୍ଗ** ***ବି.*** ହାତୀ, ହସ୍ତୀ ।

**ମତଦ୍ୱୈଧ** ***ବି.*** ୧. ଦୁଇଟି ପୃଥକ ମତ ୨. ଦୁଇଜଣଙ୍କ ମଧ୍ୟରେ ମତପାର୍ଥକ୍ୟ ।

**ମତବାଦ** ***ବି.*** ୧. ମୂଳନୀତି ୨. ଯୁକ୍ତି ପ୍ରମାଣାଦି ବଳରେ ସୃଷ୍ଟ ଓ ଗୃହୀତ ଧାରଣା ।

**ମତବାଦୀ** ***ବିଂ.*** କୌଣସି ନିର୍ଦ୍ଦିଷ୍ଟ ମତରେ ବିଶ୍ୱାସୀ, ମତାବଲମ୍ବୀ ।

**ମତବିରୁଦ୍ଧ** ***ବିଂ.*** ମତର ପ୍ରତିକୂଳ ।

**ମତବିରୋଧ** ***ବି.*** କୌଣସି ମତର ବିରୁଦ୍ଧ ମତ ।

**ମତବିରୋଧୀ** ***ବିଂ.*** ଭିନ୍ନ ମତ ପୋଷଣକାରୀ ।

**ମତଭେଦ** ***ବି.*** ମତର ଅମେଳ, ଅନ୍ୟ ମତ ପୋଷଣ ।

**ମତଲପ୍,ମତଲବ** ***ବି.*** ୧. ଅଭିପ୍ରାୟ, ଅଭିସନ୍ଧି, ଉଦ୍ଦେଶ୍ୟ ୨. କୌଣସି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟମୂଳକ ମନୋଗତ ଭାବ ୩. ଅର୍ଥ ।

**ମତଲପି, ମତଲବୀ** ***ବିଂ.*** ୧. ଯାହାର କିଛି ଅଭିସନ୍ଧି ଅଛି ୨. ସ୍ୱାର୍ଥପର ୩. ମନ୍ଦ ଅଭିପ୍ରାୟଯୁକ୍ତ ୪. ଫନ୍ଦିବାଜ ।

**ମତାନୁଯାୟୀ** ***କ୍ରି.ବିଂ.*** କୌଣସି ମତ ଅନୁସାରେ ।

**ମତାନ୍ତର** ***ବି.*** ଭିନ୍ନମତ, ଅନ୍ୟ ମତ ପୋଷଣ ।

**ମତାବଲମ୍ବନ** ***ବି.*** କୌଣସି ମତକୁ ଆଶ୍ରୟ କରିବା, ମତକୁ ମାନିବା ।

**ମତାବଲମ୍ବୀ** ***ବିଂ.*** ଯେ କୌଣସି ଏକ ନିର୍ଦ୍ଦିଷ୍ଟ ମତ ଅନୁସାରେ ଚଳେ ।

**ମତାମତ** ***ବି.*** ସମ୍ମତି (ସମର୍ଥନ) ଅଥବା ଅସମ୍ମତି ସୂଚକ ଭାବ ପ୍ରକାଶ ।

**ମତି** ***ବି.*** ୧. ବୁଦ୍ଧି ୨. ସ୍ମୃତି ୩. ଇଚ୍ଛା ୪. ପ୍ରକୃତି ୫. ପ୍ରବୃତ୍ତି ।

**ମତିଗତି** ***ବି.*** ୧. ଢଙ୍ଗଢ଼ାଙ୍ଗ ୨. କ୍ରିୟାକଳାପ ୩. ଆନ୍ତରିକ ଉଦ୍ଦେଶ୍ୟ, ଇଚ୍ଛା ୨. ପ୍ରବୃତ୍ତି ।

**ମତିଭ୍ରମ** ***ବି.*** କୌଣସି କାରଣରୁ ଭୁଲ୍ ଠିକ୍ ବିଚାର ଶକ୍ତି ହରାଇ ବସିବା।

**ମତିଭ୍ରଷ୍ଟ, ମତିଭ୍ରଂଶ** ***ବିଂ.*** ୧. ବୁଦ୍ଧି ବା ସ୍ମୃତି ହରାଇଥିବା ୨. ଉନ୍ମତ୍ତ ୩. ମନର ଭାବ ଇତଃସ୍ତତଃ ହେଉଥିବା ।

**ମତୁଆ** ***ବିଂ.*** ୧. ଯେ ଅନ୍ୟକୁ ମତାଏ ୨. ଉନ୍ମତ୍ତ ।

**ମତୁଆଳ, ମତୁଆଲ, ମତୁଆଲା** ***ବିଂ.ବି.*** ୧. ମଦୁଆ (ଲୋକ) ୨. ପାଗଳ ; ***ବିଂ.*** ମଦ ନିଶା ବା ଅନ୍ୟ କୌଣସି କାରଣରୁ ବିଭୋର ।

**ମତେ** ***କ୍ରି.ବିଂ.*** ଅନୁସାରେ, ମୁତାବକ; ***ସ.*** ମୋତେ ।

**ମତ୍ତ** ***ବିଂ.*** ୧. ବିହ୍ୱଳ ୨. ମାତାଲ୍ ।

**ମତ୍ତବାଇ** ***ବି.*** କାମଉନ୍ମାଦ ।

**ମତ୍ତବାରଣ** ***ବି.*** ପାଗଳ ହାତୀ, ଉନ୍ମତ୍ତ ହାତୀ, କ୍ରୋଧାନ୍ଧ ହାତୀ ।

**ମତ୍ତବାୟା** ***ବିଂ.*** କାମ ଉନ୍ମାଦନାଗ୍ରସ୍ତ ।

**ମତ୍ସ୍ୟଜୀବୀ** ***ବି.*** କେଉଟ, ଧୀବର, ଜାଲିଆ ।

**ମଥନ** ***ବି.*** ୧. ମନ୍ଥନ ୨. ଦଳନ, ଅତ୍ୟାଚାର ୩. ଶତ୍ରୁଦଳନ ୪. ମୋହିବା ।

**ମଥନୀ** ***ବି.*** ଦହିମୁହାଁ ହାଣ୍ଡି ।

**ମଥା** ***ବି.*** ୧. ମୁଣ୍ଡ ୨. ଶୀର୍ଷ ୩. ଅଗ୍ରଭାଗ ୪. ବୁଦ୍ଧି ୫. ଆରମ୍ଭ ସ୍ଥାନ ୬. କପାଳ ।

**ମଥାଘଷା** ***ବି.*** ମୁଣ୍ଡର କେଶ ପରିଷ୍କାର କରିବାରେ ବ୍ୟବହାର କରାଯାଉଥିବା ସୁଗନ୍ଧ ମସଲା ମିଶ୍ରିତ ଗୁଣ୍ଡ (ମେଥି, ଗନ୍ଧ ଶୁଣ୍ଠି ଓ ବେଣାଚେର ଆଦି ସୁଗନ୍ଧ ଦ୍ରବ୍ୟ ମିଶ୍ରିତ ଚୂର୍ଣ୍ଣ) ।

**ମଥାଜାଲି** ***ବି.*** ନାରୀମାନେ ମଥାର କେଶ ଉପରେ ପିନ୍ଧୁଥିବା ଅଳଙ୍କାର ବିଶେଷ ।

**ମଥାଦହି** *ବି.* ୧. ଲହୁଣି ୨. ମୁଣ୍ଡମଖା ତେଲ ।

**ମଥା ଦେବା** *କ୍ରି.* ୧. ଚିନ୍ତା କରିବା ୨. କୌଣସି ବିଶେଷ ଉଦ୍ଦେଶ୍ୟରେ ଜୀବନ ଦେବା ।

**ମଥାନ** *ବି.* ୧. ଘର ଚାଳର ସର୍ବୋଚ୍ଚ ଅଂଶ, ମୁଣ୍ଡି ୨. ଚିତ୍ରକରର ତୂଳୀ ।

**ମଥାଭ୍ରମ** *ବି.* ମୁଣ୍ଡ ବୁଲାଇବା ।

**ମଥାମଣି** *ବି.* ନାରୀମାନେ ସୂଛାରେ ପିନ୍ଧୁଥିବା ଅଳଙ୍କାର ।

**ମଥିତ** *ବିଂ.* ୧. ଆଲୋଡ଼ିତ, ଆନ୍ଦୋଳିତ, ଦଳିତ ୨. ପାଣି ନ ଦେଇ ମନ୍ଥନ କରାଯାଇଥିବା ।

**ମଥିବା** *କ୍ରି.* ୧. ଚକଟିବା, ମନ୍ଥନ କରିବା ୨. ତୋଷାମଦ କରିବା ।

**ମଦ** *ବି.* ୧. ମଦ୍ୟ, ସୁରା ୨. ହର୍ଷ, ଆନନ୍ଦ, ଉନ୍ମାଦ ୩. ଗର୍ବ, ଅହଙ୍କାର ।

**ମଦଖଟି** *ବି.* ମଦୁଆଙ୍କ ମଦପିଆ ସ୍ଥାନ ।

**ମଦଖୋର** *ବିଂ.* ମଦୁଆ, ମଦ୍ୟାସକ୍ତ ।

**ମଦଗନ୍ଧ** *ବି.* ୧. ମଦର ଗନ୍ଧ ୨. ଛତିଆନା ଗଛ ୩. ହାତୀର ଗଣ୍ଡରୁ ଝରୁଥିବା କଥିତ ତରଳ ପଦାର୍ଥର ଗନ୍ଧ ।

**ମଦଗର୍ବ** *ବି.* ୧. ଫୁଟାଣି, ଦାମ୍ଭିକତା ୨. ନିଶା ପ୍ରଭାବଯୁକ୍ତ ଅହଂକାର ।

**ମଦଝୁଙ୍କ** *ବି.* ୧. ମଦ ନିଶା ୨. ମଦ ନିଶାରେ ଟଳି ଟଳି ଚାଲିବା ।

**ମଦତ୍** *ବି.* ୧. ସାହାଯ୍ୟ, ସହାୟତା ୨. ଅଫିମ ଗୁଳି ।

**ମଦତି, ମଦତୀ** *ବି.* ୧. ମଦୁଆ ୨. ଅଫିମ ଗୁଲିଖୋର ।

**ମଦନ ଚତୁର୍ଦ୍ଦଶୀ** *ବି.* ଚୈତ୍ର ଶୁକ୍ଳ ଚତୁର୍ଦ୍ଦଶୀ ।

**ମଦନବାଇ** *ବି.* କାମପୀଡ଼ାଜନିତ ଆତୁର ଅବସ୍ଥା ।

**ମଦନ ବାଉଳା** *ବିଂ.* ଯୌନ କାମନାରେ ପାଗଳ ପ୍ରାୟ, କାମବିହ୍ୱଳ ।

**ମଦଭାଟି** *ବି.* ମଦ ରକ୍ଷା ଯାଉଥିବା ସ୍ଥାନ ।

**ମଦମତ୍ତ** *ବିଂ.* ୧. ଗର୍ବରେ ଉନ୍ମତ୍ତ ୨. ମଦ ପିଇ ମାତାଲ ।

**ମଦରଙ୍ଗା** *ବି.* ଏକ ପ୍ରକାର ଶାଗ ଲତା ।

**ମଦାନ୍ଧ** *ବିଂ.* ଅତିରିକ୍ତ ଗର୍ବ ବା ମଦ୍ୟପାନ ହେତୁ ହିତାହିତ ଜ୍ଞାନଶୂନ୍ୟ ।

**ମଦିରା** *ବି.* ମଦ, ସୁରା ।

**ମଦୁଆ** *ବି.ବିଂ.* ମଦଖୋର ।

**ମଦ୍ୟ** *ବି.* ମଦ, ସୁରା ।

**ମଦ୍ୟପ** *ବିଂ.* ଯେ ମଦ ପିଏ, ମଦ ପିଇଥିବା ବା ପିଉଥିବା ଲୋକ ।

**ମଦ୍ରାସା** *ବି.* ମୁସଲମାନ ଧର୍ମ, ସଂସ୍କୃତି ଓ ଭାଷା (ଆରବୀ, ପାରସୀ) ଶିକ୍ଷା ଦିଆଯାଉଥିବା ବିଦ୍ୟାଳୟ ।

**ମଧୁ** *ବି.* ୧. ମହୁ ୨. ଫୁଲରେ ଥିବା ମିଠାରସ ୩. ଚୈତ୍ର ମାସ ୪. ବସନ୍ତ ଋତୁ ; *ବିଂ.* ମିଠା, ମିଷ୍ଟ, ମଧୁର ।

**ମଧୁକ** *ବି.* ୧. ମହୁଲ, ୨. ମହୁଲି, ମହୁଲ ଫୁଲରୁ ତିଆରି କରାଯାଉଥିବା ମଦ ୩. ଯଷ୍ଟିମଧୁ ।

**ମଧୁକଣ୍ଠ** *ବିଂ.* ୧. ମିଷ୍ଟଭାଷୀ ୨. ଯାହାର କଣ୍ଠ ମଧୁର ।

**ମଧୁକର** *ବି.* ୧. ଭ୍ରମର, ମହୁମାଛି ୨. କାମୁକ ବ୍ୟକ୍ତି ୩. ଭୃଙ୍ଗରାଜ ଗଛ ୪. ବାଣିଜ୍ୟ ତରୀ ।

**ମଧୁ କାଳ** *ବି.* ବସନ୍ତ ଋତୁ ।

**ମଧୁକୈଟଭ** *ବି.* ଚଣ୍ଡୀପୁରାଣ ବର୍ଣ୍ଣିତ ବିଷ୍ଣୁଙ୍କ କର୍ଣ୍ଣମୂଳରୁ ଜାତ ଅସୁର ଦ୍ୱୟ ।

**ମଧୁକୋଷ** *ବି.* ମହୁଫେଣା, ମହୁଘରା ।

**ମଧୁଚକ୍ର** *ବି.* ମହୁଫେଣା ।

**ମଧୁଚନ୍ଦ୍ରିକା** *ବି.* ବିବାହ ପରେ ପରେ ନବ ଦମ୍ପତିଙ୍କର ଏକାନ୍ତରେ ରହିବା, ହନିମୁନ୍ ।

**ମଧୁତରଡ଼ା** *ବି.* ଏକ ପ୍ରକାର ବଣୁଆ ଲତାଓ ତାର ଫଳ ।

**ମଧୁତ୍ରୟ** *ବି.* ଘିଅ, ମହୁ ଓ ଶର୍କରା ।

**ମଧୁପ** *ବି.ବିଂ.* ଭ୍ରମର, ମହୁମାଛି ; ଯେ ମଧୁପାନ କରେ ।

**ମଧୁପର୍କ** *ବି.* ମହୁ, ଦହି, ଘିଅ, ଗୁଡ଼ ଓ ପାଣି ମିଶ୍ରିତ ନୈବେଦ୍ୟ ।

**ମଧୁପାର୍ବଣ** *ବି.* ବାସନ୍ତୀ ବା ବସନ୍ତ ଋତୁରେ ପାଳିତ ଦୁର୍ଗାପୂଜା ।

**ମଧୁପୁଷ୍ପ** *ବି.* ୧. ମହୁଲ ଗଛ ୨. ବଉଳଗଛ ୩. ଅଶୋକ ଗଛ ୪. ଶିରୀଷ ଗଛ ।

**ମଧୁବ୍ରତ** *ବି.* ଭ୍ରମର, ମହୁମାଛି ।

**ମଧୁମୟ** *ବିଂ.* ୧. ମଧୁରତାରେ ପୂର୍ଣ୍ଣ ୨. ଅତି ମଧୁର ୩. ଆନନ୍ଦଦାୟୀ, ସୁଖକର ।

**ମଧୁମାଳତୀ** *ବି.* ହଳଦିଆ ମାଳତୀ ଫୁଲ ଓ ତାର ଲତା ।

**ମଧୁମାସ** *ବି.* ଚୈତ୍ର ମାସ ।

**ମଧୁମେହ** *ବି.* ରକ୍ତ ଶର୍କରା ବା ଡାଇବେଟିସ୍, ବହୁମୂତ୍ର ରୋଗ ।

**ମଧୁଯଷ୍ଟି** *ବି.* ୧. ଯଷ୍ଟି ମଧୁ ୨. ଆଖୁ, କୁଶେର ।

**ମଧୁଯାମିନୀ** *ବି.* ୧. ମେଘ ମୁକ୍ତ ଜହ୍ନ ରାତି ୨. ବସନ୍ତ ଋତୁର ରାତି ।

**ମଧୁର** *ବିଂ.* ୧. ଅତି ମିଠା ୨. ସୁଖକର, ପ୍ରୀତିକର ୩. ମନୋହର ।

**ମଧୁର ଚିଙ୍ଗୁଡ଼ି** *ବି.* ମଧୁର ଜଳରେ ରହୁଥିବା ଚିଙ୍ଗୁଡ଼ି ମାଛ ।

**ମଧୁରତା** *ବି.* ମିଷ୍ଟତା, ମିଠା ଗୁଣ ।

**ମଧୁର ପାଣି** *ବି.* ୧. ଯାହା ସମୁଦ୍ର, ହ୍ରଦ ପ୍ରଭୃତିର ଲୁଣିଆ ପାଣି ନୁହେଁ ୨. ମିଠା ପାଣି ।

**ମଧୁର ଭକ୍ତି** *ବି.* ବୈଷ୍ଣବ ମତରେ ପ୍ରେମରସ ମିଶ୍ରିତ ଭକ୍ତି ।

**ମଧୁର ଭଗତି** *ବି.* ଲୋକ ଦେଖାଣିଆ ବା ଛଳନାତ୍ମକ ଭକ୍ତି ।

**ମଧୁର ମାଛ** *ବି.* ନଦୀ ଓ ପୋଖରୀରେଥିବା ମାଛ ।

**ମଧୁର ରସ** *ବି.* ୧. ଶୃଙ୍ଗାର ରସ ୨. ବୈଷ୍ଣବ ମତରେ କାମ ବର୍ଜିତ ପବିତ୍ର ପ୍ରେମ ୩. ମିଠା ରସ ୪. ଆଖୁ ୫. ତାଳ ଗଛ ।

**ମଧୁରାଳାପ** *ବି.* ମିଠା କଥା, ଶ୍ରୁତି ସୁଖକର କଥାବାର୍ତ୍ତା ।

**ମଧୁରିଆ** *ବିଂ.* ଈଷତ୍ ମଧୁର, ସାମାନ୍ୟ ମିଠା ।

**ମଧୁଶଯ୍ୟା** *ବି.* ବିବାହପରେ ସ୍ୱାମୀ ଓ ସ୍ତ୍ରୀଙ୍କର ପ୍ରଥମ ଏକତ୍ର ଶୟନ ।

**ମଧୁସୁଦନ** *ବି.* ୧. ବିଷ୍ଣୁ ୨. *ପୁରାଣ* ମଧୁ ନାମକ ଦୈତ୍ୟର ନାଶକ ।

**ମଧ୍ୟ** *ବିଂ.* ୧. ମଧ୍ୟବର୍ତ୍ତୀ ୨. ଅଭ୍ୟନ୍ତର ; *ଅ.* ସୁଦ୍ଧା, ପୁଣି, ଆହୁରି ଏବଂ ଓ କିନ୍ତୁ ; *ବି.* ୧. ମଝି ଅଣ୍ଟା, କଟିଦେଶ ୨. ବିରାମ, ଅବସର ୩. ଶତକୋଟି ସଂଖ୍ୟା ।

**ମଧ୍ୟପଦଲୋପୀ ସମାସ** *ବି.* ସମାସ ଗଠନକାରୀ ପଦଗୁଡ଼ିକରୁ ମଝି ପଦଟି ଲୋପ ହୋଇ ଯେଉଁ କର୍ମଧାରୟ ସମାସର ସମସ୍ତ ପଦ ଗଠିତ ହୁଏ (ଲମ୍ବ ଅଟେ ଉଦର - ଲମ୍ବୋଦର)।

**ମଧ୍ୟପାତ୍ର** *ବି.* ୧. ମଧ୍ୟସ୍ଥ ବ୍ୟକ୍ତି, ମଧ୍ୟସ୍ଥି ୨. ରାଜଦୂତ ।

**ମଧ୍ୟପ୍ରାଚ୍ୟ** *ବି.* ଆରବ ଅଞ୍ଚଳର ରାଜ୍ୟସମୂହ , ମିଡ଼ିଲ୍‌ଇଷ୍ଟ, ପ୍ରାଚ୍ୟ ଓ ପାଶ୍ଚାତ୍ୟର ମଧ୍ୟବର୍ତ୍ତୀ ଅଞ୍ଚଳ ।

**ମଧ୍ୟବର୍ତ୍ତୀ** *ବିଂ.* ମଧ୍ୟସ୍ଥ, ଦୁଇଟି ମଧ୍ୟରେ ଅବସ୍ଥିତ, ମଝିରେ ଥିବା ।

**ମଧ୍ୟବୟସ୍କ** *ବିଂ.* ଅଧାବୟସୀ, ପ୍ରୌଢ଼ (*ସ୍ତ୍ରୀ.* ମଧ୍ୟବୟସ୍କା) ।

**ମଧ୍ୟବିତ୍ତ** *ବିଂ. ବି.* ଯେ ଧନୀ ନୁହେଁ କିମ୍ବା ଗରିବ ନୁହେଁ, ମିଡ଼ିଲ୍ କ୍ଲାସ୍ ।

**ମଧ୍ୟଭଳି** *ବିଂ.* ମଝିମଝିଆ, ମଧ୍ୟମ ପ୍ରକାରର ।

**ମଧ୍ୟମ** *ବି.* ୧. କଟିଦେଶ ୨. ସଙ୍ଗୀତର ଚତୁର୍ଥସ୍ୱର(ମା) ; *ବିଂ.* ୧. ମଝିଆଁ, ଦୁଇଟି ମଧ୍ୟରେ ସ୍ଥିତ, ମଧ୍ୟବର୍ତ୍ତୀ ୨. କମ୍ ନୁହେଁ କି ବେଶୀ ନୁହେଁ ।

**ମଧ୍ୟମ କାବ୍ୟ** *ବି.* ତିନି ଶ୍ରେଣୀର କାବ୍ୟ (ଅଧମ, ମଧ୍ୟମ ଓ ଉତ୍ତମ) ମଧ୍ୟରୁ ମଧ୍ୟ ଶ୍ରେଣୀର, ଏଥିରେ ବାଚ୍ୟାର୍ଥଠାରୁ ବ୍ୟଙ୍ଗ୍ୟାର୍ଥର ଚମତ୍କାରିତା ପରିମିତ ପରିମାଣରେ ଉପଲବ୍ଧ ।

**ମଧ୍ୟମଣି** *ବି.* ହାର ମଝିରେ ଥିବା ରତ୍ନ ।

**ମଧ୍ୟମା** *ବି. ବିଂ.* ୧. ମଝିମଝିଆ ୨. ମଝି ଆଙ୍ଗୁଠି ୩. ନବଯୌବନା ସ୍ତ୍ରୀ ୪. ମଝିରେ ଫୁଟିଥିବା କଢ଼ ।

**ମଧ୍ୟଯମକ** *ବି.* ଶବ୍ଦାଳଙ୍କାର ବିଶେଷ (ବାକ୍ୟମଧ୍ୟରେ ଭିନ୍ନାର୍ଥବୋଧକ ଏକ ଶବ୍ଦର ବାରମ୍ବାର ବ୍ୟବହାର ଜନିତ ଶବ୍ଦାଳଙ୍କାର) ।

**ମଧ୍ୟଯୁଗ** *ବି.* ଏକାଦଶରୁ ସପ୍ତଦଶ ଶତାବ୍ଦୀର ସମୟସୀମା ।

**ମଧ୍ୟଯୁଗୀୟ** *ବିଂ.* ମଧ୍ୟଯୁଗ ସମ୍ବନ୍ଧୀୟ, ବହୁ ପୁରାତନ ।

**ମଧ୍ୟରାତ୍ର** *ବି.* ଅଧରାତି ।

**ମଧ୍ୟସ୍ଥ** *ବି.* ୧. ଦୁଇ ଜଣଙ୍କ ମଧ୍ୟରେ ବିବାଦ ସମାଧାନ କରୁଥିବା ବ୍ୟକ୍ତି ୨. ବିବାହ ସମ୍ପର୍କ ପ୍ରତିଷ୍ଠା ନିମିତ୍ତ ବର କନ୍ୟା ଉଭୟ ପକ୍ଷର ସଂଯୋଗକାରୀ ; *ବିଂ.* ୧.ଭିତରେଥିବା, ଅଭ୍ୟନ୍ତରସ୍ଥ ୨. ମଧ୍ୟବର୍ତ୍ତୀ, ମଝିରେଥିବା।

**ମଧ୍ୟସ୍ଥତା** *ବି.* ମଧ୍ୟସ୍ଥି କାର୍ଯ୍ୟ, ଭଲଲୋକି ।

**ମଧ୍ୟାନ୍ତର** *ବି.* ୧. ଚଳଚ୍ଚିତ୍ର ଚାଲୁଥିବା ବେଳେ ମଝିରେ ହେଉଥିବା ବିରତି ୨. ବିଦ୍ୟାଳୟ ବା କାରଖାନା ଆଦିରେ ହେଉଥିବା ବିଶ୍ରାମ ସମୟ ।

**ମଧ୍ୟାହ୍ନ** *ବି.* ଦ୍ୱିପ୍ରହର, ପ୍ରାୟ ଦିନ ବାରଟା; *ବିଂ.* ମାଧ୍ୟାହ୍ନିକ ।

**ମଧ୍ୟାହ୍ନ ଭୋଜନ** *ବି.* ଦିନର ପ୍ରଧାନ ଭୋଜନ ।

**ମନ୍‌ଜିଲ** *ବି.* ୧. ପ୍ରାସାଦ, ବାସଗୃହ ୨. ଲକ୍ଷ୍ୟସ୍ଥଳ ୩. ଘରର ମହଲା ।

**ମନଃ କଷ୍ଟ, ମନକଷ୍ଟ** *ବି.* ମନର ଦୁଃଖ ।

**ମନଃ(ମନ)ପୀଡ଼ା** *ବି.* ମାନସିକ ଦୁଃଖ ।

**ମନଃପୂତ** *ବି.* ଚିତ୍ତଶୁଦ୍ଧି, ପ୍ରସନ୍ନତା ।

**ମନଃସମୀକ୍ଷଣ** *ବି.* ମନର ପ୍ରକୃତି ବା ପ୍ରବଣତାର ବିଶ୍ଳେଷଣ ଓ ବିଚାର ।

**ମନ** *ବି.* ୧. ଚିତ୍ତ ୨. ଇଚ୍ଛା ୩. ପ୍ରବୃତ୍ତି ୪. ମାନସିକ ପ୍ରକୃତି ୫. ଅନ୍ତଃକରଣ ।

**ମନ ଇଚ୍ଛା** *କ୍ରି.ବିଂ.* ମନ ବା ଇଚ୍ଛା ଅନୁସାରେ ।

**ମନ ଉଡ଼ିବା** *କ୍ରି.* ୧. କୌଣସି କାରଣରୁ ଖୁସି ଲାଗିବା ୨. ମନ ଚଞ୍ଚଳ ହେବା ।

**ମନ ଉଲୁସା** *ବିଂ.* ମନଖୁସୀ, ମନ ଚାହୁଁଥିବା ।

**ମନ କଥା** *ବି.* ହୃଦୟର ଭାବ ।

**ମନକାମନା** *ବି.* ମନୋକାମନା, ମନର ଇଚ୍ଛା ।

**ମନ କିଣିନେବା** *କ୍ରି.* ୧. ମୁଗ୍ଧ କରିଦେବା ୨. ମନକୁ ଖୁସି କରିଦେବା ।

**ମନକୁ** *କ୍ରି.ବିଂ.* ସ୍ୱେଚ୍ଛାକ୍ରମେ, ଅନ୍ୟର ବିନା ସାହାଯ୍ୟରେ, ଆପେ ଆପେ ।

**ମନକୁ ଆଣିବା *କ୍ରି.*** ବିଚାର କରିବା, କୌଣସି କଥାକୁ ମନରେ ସ୍ଥାନଦେବା ।

**ମନକୁ ଆସିବା *କ୍ରି.*** ୧. ଯୁକ୍ତିଯୁକ୍ତ ମନେହେବା ୨. ଗ୍ରହଣଯୋଗ୍ୟ ହେବା ୩. ମନ ମାନିବା ୪. ପସନ୍ଦ ହେବା।

**ମନ କୁଣ୍ଢେମୋଟ ହେବା *କ୍ରି.*** ଖୁସି ଲାଗିବା, ମନ ଆନନ୍ଦରେ ଫୁଲି ଉଠିବା ।

**ମନକୁ ପାଇବା *କ୍ରି.*** ପସନ୍ଦ ହେବା ।

**ମନକୁ ବାଧିବା *କ୍ରି.*** ମନରେ କଷ୍ଟ ହେବା ।

**ମନଖୋଲା *ବିଂ.*** ଅକପଟ, ଛଳନାରହିତ; ***କ୍ରି.ବିଂ.*** ଖୋଲା ମନରେ ।

**ମନ ଖୋଲିବା *କ୍ରି.*** ମନର ଭାବକୁ ଅନ୍ୟ ଆଗରେ ପ୍ରକାଶ କରିବା ।

**ମନଗଢ଼ା *ବିଂ.*** କାଳ୍ପନିକ, ଅବାସ୍ତବ ।

**ମନ ଘର ଧରିବା *କ୍ରି.*** କୌଣସି ଘଟଣାରେ ଚିନ୍ତିତ ହୋଇ ପଡ଼ିବା ।

**ମନ ଛାଡ଼ିଯିବା *କ୍ରି.*** ବିତୃଷ୍ଣା ଆସିବା ।

**ମନଜଗା *ବି.*** ଅନ୍ୟର ଇଛା ଅନୁସାରେ କାର୍ଯ୍ୟ, ତୋଷାମୋଦ ।

**ମନ ଜଗିବା *କ୍ରି.*** କାହାରି ମନ ଜାଣି ସନ୍ତୁଷ୍ଟ କରିବା ।

**ମନଜଣା *ବିଂ.*** ଯାହା ଅନ୍ୟର ମନରେ ସନ୍ତୋଷ ଦିଏ, ଅନ୍ୟର ଇଛା ପୂରଣରେ ସହାୟକ ।

**ମନ ଜଳିଯିବା *କ୍ରି.*** ବିରକ୍ତି ଭାବ ଆସିବା, ଅତିରିକ୍ତ ଅନୁତାପ କରିବା ।

**ମନ ଜାଣିବା *କ୍ରି.*** ଅନ୍ୟର ମନକଥା ବୁଝିବା ।

**ମନ ଟଳିବା *କ୍ରି.*** ଇଛା ଶକ୍ତି କମିଯିବା, ମନର ଦୃଢ଼ତା ହ୍ରାସ ପାଇବା ।

**ମନ ଟାଳିବା *କ୍ରି.*** ୧. ମନର ଦୃଢ଼ତାକୁ ଭାଙ୍ଗିଦେବା ୨. ମୁଗ୍ଧ କରିବା।

**ମନ ତରଳିବା *କ୍ରି.*** କଠୋର ବା କୋମଳ ମନ ଦୟାରେ ଭରିଯିବା ।

**ମନ ଦଉଡ଼ିବା *କ୍ରି.*** ତୀବ୍ର ଇଚ୍ଛା ହେବା, କୌଣସି ପ୍ରସଙ୍ଗରେ ମନ ଆକୃଷ୍ଟ ହେବା ।

**ମନଦୁଃଖ *ବି.*** ମନୋବେଦନା, କୌଣସି କାରଣରୁ ମନରେ କଷ୍ଟ ହେବା, ମନ ବ୍ୟଥିତ ହେବା ।

**ମନ ଦେବା *କ୍ରି.*** ୧. ମନକୁ ଜଡ଼ିତ କରିବା, ମନୋନିବେଶ କରିବା ୨. ଆଦର କରିବା, ଆଗ୍ରହ ଦେଖାଇବା ।

**ମନଧରା, ମନରଖା *ବିଂ.*** ଅନ୍ୟ ମନରେ ସନ୍ତୋଷପାଇଁ କରାଯାଉଥିବା, କାହାରି ମନ ଖୁସି କରିବାପାଇଁ କରାଯାଉଥିବା।

**ମନନ *ବି.*** ୧. ପ୍ରଗାଢ଼ ଚିନ୍ତନ ୨. ଅନୁମାନ, ଇଚ୍ଛା ।

**ମନପବନ *ବି.*** ଚଞ୍ଚଳ ମନ ।

**ମନ ପବନ ଘୋଡ଼ା *ବି.*** ୧. ଯେଉଁ କଳ୍ପିତ ଘୋଡାରେ ବସିଲେ ପବନ ଗତିରେ ଯାଇହୁଏ ବା ଲକ୍ଷ୍ୟସ୍ଥଳରେ ପହଞ୍ଚିହୁଏ ୨. ଦ୍ରୁତ ଗତିରେ ଛୁଟୁଥିବା ମନ ।

**ମନପବନ ଡଙ୍ଗା *ବି.*** ୧. ଯେଉଁ କଳ୍ପିତ ଡଙ୍ଗାରେ କ୍ଷିପ୍ର ଗତିରେ ଯାଇହୁଏ ୨. କ୍ଷିପ୍ର ବେଗରେ ଗତି କରୁଥିବା ମନ ଡଙ୍ଗା ।

**ମନ ପାଇବା, ମନକୁ ପାଇବା *କ୍ରି.*** ପସନ୍ଦ ବା ମନୋନୀତ ହେବା, ପସନ୍ଦ କରିବା ।

**ମନ ପୂରିବା *କ୍ରି.*** ୧. ଇଚ୍ଛା ପୂରଣ ହେବା, ଅଭିଳାଷ ପୂର୍ଣ୍ଣ ହେବା ୨. ମନ ଭରିଯିବା ।

**ମନ ପୋଡ଼ିବା *କ୍ରି.*** ୧. ଦୁଃଖିତ ହେବା ୨. ଅନ୍ୟମନରେ ଦୁଃଖ ଦେବା ୩. ଆଗ୍ରହ ଲୋପ ପାଇବା ।

**ମନଫଟା *ବି.*** ଉତ୍ସାହ ଭଙ୍ଗ, ମନ ଦୁଃଖ ।

**ମନ ଫଟାଇବା *କ୍ରି.*** ୧. ଦୁଇ ବନ୍ଧୁ ବା ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ମନୋମାଳିନ୍ୟ ଘଟାଇବା ୨. କୌଣସି ବ୍ୟକ୍ତିକୁ କୁପରାମର୍ଶ ଦେଇ ତାର ମନକୁ ଅନ୍ୟଦିଗରେ ପରିଚାଳିତ କରିବା ।

**ମନ ଫଟାଫଟି *ବି.*** ଦୁଇ ଜଣଙ୍କ ମଧ୍ୟରେ ପରସ୍ପର ପ୍ରତି ମନର ଅମେଳ ହେବା, ପରସ୍ପର ପ୍ରତି ବିରାଗ ଭାବ ।

**ମନ ଫାଟିବା *କ୍ରି.*** କୌଣସି ବିଷୟ ପ୍ରତି ବିରାଗ ଜନ୍ମିବା ।

**ମନ ଫିକା ପଡ଼ିଯିବା *କ୍ରି.*** ଆଗ୍ରହ ଲୋପ ହେବା,ବିରସ ହେବା, ନିରୁତ୍ସାହିତ ହେବା ।

**ମନଫୁଲଣା, ମନଫୁଲାଣିଆ *ବିଂ.*** ଚିନ୍ତାଶୂନ୍ୟ, ହୃଷ୍ଟଚିତ୍ତ ।

**ମନ ବଢ଼ିବା *କ୍ରି.*** ଇଚ୍ଛା ହେବା, ମନ ବଳିବା ।

**ମନ ବଳିବା *କ୍ରି.*** ମନବଢ଼ିବା, ଆସକ୍ତି ଜନ୍ମିବା ।

**ମନବହଲା *ବିଂ.*** ମନଭୁଲାଣିଆ, ମନର ଭାବକୁ ବଦଳାଇ ପାରୁଥିବା ।

**ମନବାଉଳା *ବିଂ.*** ୧. ଅସ୍ଥିର ମନା ୨. ମନଭୁଲା, ଯାହାର ବିସ୍ମୃତି ଘଟିଅଛି ।

**ମନବାଞ୍ଛା, ମନୋବାଞ୍ଛା *ବି.*** ମନସ୍କାମନା, ମନର ଇଚ୍ଛା ।

**ମନବିକଳ *ବି.*** ମନର ବ୍ୟାକୁଳତା ।

**ମନ ବିକିଦେବା *କ୍ରି.*** ୧. ଅନ୍ୟର ବଶୀଭୂତ ହେବା, ଅନ୍ୟର ଅନୁଗତ ହେବା ୨. ଭଲ ପାଇବା, ଅନ୍ୟଠାରେ ଆସକ୍ତ ହେବା ।

**ମନ ବିଗିଡ଼ିବା *ବି.*** ୧. ମନ ଛାଡ଼ିଯିବା ୨. ମନୋମାଳିନ୍ୟ ଘଟିବା ୩. ମନ କଷ୍ଟ ହେବା ।

**ମନ ବିଡ଼ିବା *କ୍ରି.*** ଅନ୍ୟ ଲୋକର ମନୋଭାବକୁ ପରୀକ୍ଷା ବା କଳନା କରିବା ।

**ମନବିରସ *ବି.*** ବିରକ୍ତି, ମନର ବିଷଣ୍ଣ ଭାବ, ନିରାନନ୍ଦ ।

**ମନବୁଝା** *ବି.ବିଂ.* ଯାହା କେବଳ ମନ ବୁଝାଇବାପାଇଁ ।

**ମନ ବୁଝିବା** *କ୍ରି.* ୧. ସାନ୍ତ୍ୱନା ପାଇବା, ଆଶ୍ୱସ୍ତ ହେବା ୨. ମନବୋଧ ହେବା ୩. କାହାରି ମନର ଅବସ୍ଥାକୁ ହୃଦୟଙ୍ଗମ କରିବା ।

**ମନବୋଧ** *ବି.* ୧. ମନର ତୃପ୍ତି, ମନର ସନ୍ତୋଷ ୨. ମନକୁ ବୁଝାଇବା।

**ମନବୋଧିଆ** *ବିଂ.* ୧. ମନଭୁଲାଣିଆ ୨. ତୃପ୍ତିକର ।

**ମନଭଙ୍ଗା** *ବି.* ମନୋମାଳିନ୍ୟ; *ବିଂ.* ଯେ ମନ ଭାଙ୍ଗିଦିଏ ।

**ମନମଉଜୀ, ମନମଉଜି** *ବିଂ. ବି.* ଖୁସିବାସିଆ, ଆତ୍ମତୁଷ୍ଟ, ନିଜ ଭିତରେ ନିଜେ ମସଗୁଲ ।

**ମନ ମଜ୍ଜିବା** *କ୍ରି.* ମୁଗ୍ଧ ହେବା, ତନ୍ମୟ ହେବା ।

**ମନମତ** *ବି.* କୌଣସି ବିଷୟ ପ୍ରତି ଅତ୍ୟନ୍ତ ଲାଳସା ।

**ମନମତାଣିଆ** *ବିଂ.* ମନକୁ ଭୁଲେଇ ପାରୁଥିବା, ମନକୁ ମୁଗ୍ଧ କରି ପାରୁଥିବା, ମନକୁ ସନ୍ତୋଷ ଦେଇପାରୁଥିବା ।

**ମନ ମରିଯିବା** *କ୍ରି.* ଉତ୍ସାହ କମିଯିବା, ଆଗ୍ରହ ହ୍ରାସ ପାଇବା ।

**ମନ ମାନିବା** *କ୍ରି.* ପସନ୍ଦ ହେବା ।

**ମନମାଫି, ମନମାଫିକ** *କ୍ରି. ବିଂ.* ମନକୁ ଚାହିଁ, ଇଚ୍ଛାନୁସାରେ ।

**ମନ ମାରିବା** *କ୍ରି.* ବିରସ ହେବା, ମନର ଆଗ୍ରହକୁ ନଷ୍ଟ କରିଦେବା ।

**ମନମିଳା, ମନମେଳ** *ବି.* ସୌହାର୍ଦ୍ଦ୍ୟ, ମନ ସହିତ ମନର ମିଳନ ।

**ମନମିଳାପୀ** *ବିଂ. ବି.* ଯାହା ସହିତ ଘନିଷ୍ଠତା ଥାଏ ।

**ମନମୁଖି, ମନମୁଖୀ** *ବିଂ.* ୧. ମନୁଆ ୨. ମନ ଇଚ୍ଛା କାମ କରୁଥିବା ୩. ସ୍ୱେଚ୍ଛାଚାରୀ ; *କ୍ରି.ବିଂ.* ୧. ଯଥେଚ୍ଛା, ଇଚ୍ଛାନୁସାରେ ୨. ମନକୁ ପାଇବା ଭଳି ।

**ମନମୁନ** *ବି.* ସମ୍ପୂର୍ଣ୍ଣ ମନୋଯୋଗ ।

**ମନମୋଟ, ମନମୋଟା** *ବି.* ମନର ଗର୍ବ, ବେଖାତିର ଭାବ ।

**ମନମୋଟିଆ** *ବିଂ.* ଗର୍ବରେ ଫୁଲିଥିବା ।

**ମନ(ନୋ)ମୋହନ** *ବିଂ.* ମନୋହାରୀ, ଅତି ସୁନ୍ଦର; *ସ୍ତ୍ରୀ.* ମନ(ନୋ)ମୋହିନୀ ।

**ମନଯୋଗ, ମନୋଯୋଗ** *ବି.* ଅଭିନିବେଶ, ମନ ଦେବା, ଏକାଗ୍ରତା ।

**ମନଯୋଗୀ, ମନୋଯୋଗୀ** *ବି.ବିଂ.* ଯେ ମନକୁ ଯୁକ୍ତ କରେ ବା ଜଡ଼ିତ କରେ, ଯେ ମନ ଦିଏ ।

**ମନର ଗୁଣେ** *କ୍ରି.ବିଂ.* ମନଅନୁସାରେ ।

**ମନର ଜାଳା** *ବି.* ଅନୁତାପ, ମନର ଯନ୍ତ୍ରଣା ।

**ମନର ଜୋର** *ବି.* ଦୃଢ଼ପ୍ରତିଜ୍ଞା, ମନର ବଳ ।

**ମନ ରଞ୍ଜେଇବା** *କ୍ରି.* ମନକୁ ଖୁସିକରାଇବା ।

**ମନର ମଳି** *ବି.* ୧. ପାପ ୨. କପଟ, ମନର ଦୂଷିତ ଭାବନା ।

**ମନର ସାଧ** *ବି.* ପୋଷିତ ବାଞ୍ଛା, ଇଚ୍ଛା ।

**ମନରୁ ଯିବା** *କ୍ରି.* ପାଶୋରିବା, ଭୁଲିଯିବା ।

**ମନରେ ରଖିବା** *କ୍ରି.* ଭୁଲି ନଯିବା, ସ୍ମରଣ କରିବା।

**ମନରେ ଲାଖିବା** *କ୍ରି.* ସର୍ବଦା ମନେପଡ଼ିବା, ମନ ସହିତ ଜଡ଼ିତ ରହିବା ।

**ମନଲାଖି** *ବିଂ.* ୧. ନିଜ ଇଚ୍ଛାର ଅନୁରୂପ ବା ଅନୁକୂଳ ୨. ମନୋମୁଗ୍ଧକର ।

**ମନଲୋଭା, ମନୋଲୋଭା** *ବିଂ.* ଆକର୍ଷଣୀୟ, ମନୋହର, ମନକୁ ଆସକ୍ତ କରୁଥିବା ।

**ମନସା** *ବି.* ୧. ସର୍ପଦେବୀ, ନାଗମାତା ୨. ନାଗରାଜ ବାସୁକିଙ୍କ ଭଉଣୀ ୩. କଶ୍ୟପଙ୍କ ଔରସରେ କଦ୍ରୁମକଙ୍କ ଗର୍ଭଜାତ କନ୍ୟା ।

**ମନସା ପଞ୍ଚମୀ** *ବି.* ଶ୍ରାବଣ କୃଷ୍ଣ ପଞ୍ଚମୀ, ଯେଉଁଦିନ ନାଗ ମାତା ମନସା ଦେବୀଙ୍କର ପୂଜା କରାଯାଏ ।

**ମନସ୍କାମ, ମନସ୍କାମନା** *ବି.* ମନୋରଥ, ମନ ଭିତରର ଇଚ୍ଛା ବା ଉଦ୍ଦେଶ୍ୟ ।

**ମନସ୍ତାପ** *ବି.* ମନର ଯନ୍ତ୍ରଣା, ମନର କଷ୍ଟ, ଅନୁତାପ ।

**ମନସ୍ତୁଷ୍ଟି** *ବି.* ମନର ସନ୍ତୋଷ ।

**ମନସ୍ଥ** *ବି.* ୧. ସଂକଳ୍ପ ୨. ଅଭିପ୍ରାୟ ।

**ମନସ୍ୱୀ** *ବିଂ.* ୧. ପ୍ରଶସ୍ତ ଚିତ୍ତ, ସ୍ଥିର ଚିତ୍ତ ୨. ଉଚ୍ଚାଭିଳାଷୀ ୩. ଉଚ୍ଚମନା ।

**ମନ ହାଇଁପାଇଁ ହେବା** *କ୍ରି.* କୌଣସି ବିଷୟ ପ୍ରତି ମନରେ ଲାଳସା ଜନ୍ମିବା ।

**ମନା** *ବି.* ନିଷେଧ, ବାରଣ, ଅସ୍ୱୀକାର ।

**ମନାଇବା, ମନେଇବା** *କ୍ରି* ୧. ରାଜି କରାଇବା ୨. ପ୍ରସନ୍ନ କରିବା ୩. ମୁଗ୍ଧ କରିବା ୪. ବଶୀଭୂତ କରିବା ୫. ସୁନ୍ଦର ବା ରୁଚିକର ହେବା ।

**ମନାନ୍ତର** *ବି.* ମନୋମାଳିନ୍ୟ ।

**ମନାସ** *ବି.* ମାନସିକ କରିବା, ଦେବତାଙ୍କ ନିକଟରେ ଅଭିଳାଷ ପୂର୍ଣ୍ଣ ହେବା ନିମିତ୍ତ ସଂକଳ୍ପ କରିବା ବା ଅଙ୍ଗୀକାର କରିବା ।

**ମନାସିତ** *ବିଂ.* ଯାହା ମନାସ (ମାନସିକ) କରାଯାଇଥାଏ ।

**ମନାସିବା** *କ୍ରି.* ୧. ମାନସିକ କରିବା ୨. ବାଞ୍ଛା କରିବା ୩. ମନରେ ସ୍ଥିର କରିବା ୪. ମାନସିକ ପୂର୍ଣ୍ଣହେଲେ ଦେବତାଙ୍କୁ ପୂଜା ଦେବାପାଇଁ ଅଙ୍ଗୀକାର କରିବା ।

**ମନିଅର୍ଡ଼ର୍** *ବି.* ଡାକ ଯୋଗେ ଟଙ୍କା ପ୍ରେରଣ ବା ପଠାଯାଉଥିବା ଟଙ୍କା ।

**ମନିପର୍ସ୍ ବି.** ପକେଟରେ ଟଙ୍କା ପଇସା ରଖିବାର ଥଳି ।

**ମନିବ୍ୟାଗ ବି.** ଟଙ୍କା ଥଳି, ଟଙ୍କା ମୁଣା, ଗାଞ୍ଜିଆ ।

**ମନୀଷା ବି.** ତୀକ୍ଷ୍ଣ ବୁଦ୍ଧି, ପ୍ରଜ୍ଞା, ଗଭୀର ଜ୍ଞାନ ।

**ମନୀଷୀ ବିଂ.ବି.** ବିଦ୍ୱାନ୍, ପଣ୍ଡିତ ବ୍ୟକ୍ତି, ଜ୍ଞାନୀ ଲୋକ ।

**ମନୁ ବି.** ୧. ମନୁଷ୍ୟ ଜାତିର ଆଦିପୁରୁଷ ୨. ଧର୍ମଶାସ୍ତ୍ର (ମନୁ ସଂହିତା) ପ୍ରଣେତା ମୁନିବିଶେଷ ।

**ମନୁଆ, ମନୁଆଁ ବିଂ.ବି.** ଖିଆଲୀ; **ବି.** ୧. ନିଜ ଇଚ୍ଛା ଅନୁସାରେ କାମ କରୁଥିବା (ବ୍ୟକ୍ତି) ୨. ମନହେଲେ କାମ କରିବା ପ୍ରକୃତି ୩. ନିଜ ଇଛା ଅନୁସାରେ କାମ କରିବା ଲୋକ ୪. ଏକ ବାଗିଆ ଲୋକ ।

**ମନୁଷ୍ୟ ବି.** ମଣିଷ, ମାନେ, ମୁନୁଷ୍, ମାନବ ।

**ମନୁଷ୍ୟତା, ମନୁଷ୍ୟତ୍ୱ ବି.** ୧. ମାନବିକତା, ମାନବୋଚିତ ସଦ୍‌ଗୁଣ, ମଣିଷପଣିଆ ୨. ଶିଷ୍ଟ ଆଚରଣ ୩. ପୁରୁଷକାର ।

**ମନୁଷ୍ୟତାବର୍ଜିତ ବିଂ.** ଅମାନବିକ, ଅମଣିଷ ତୁଲ୍ୟ ।

**ମନୁଷ୍ୟଲୋକ ବି.** ପୃଥିବୀ, ମର୍ତ୍ତ୍ୟଲୋକ ।

**ମନୁଷ୍ୟୋଚିତ ବିଂ.** ମନୁଷ୍ୟର ବିହିତ କର୍ମ, ଯାହା ମନୁଷ୍ୟ କରିବା ଉଚିତ ।

**ମନୁସଂହିତା ବି.** ସ୍ମାର୍ତ୍ତମୁନି ମନୁ ପ୍ରଣୀତ ଗ୍ରନ୍ଥ ବିଶେଷ ।

**ମନେଇ ହେବା କ୍ରି.** ଜାମିନ ହେବା ।

**ମନେ କରିବା କ୍ରି.** ୧. ଧାରଣା କରିବା ୨. ସ୍ମରଣ କରିବା, ମନେ ପକାଇବା ।

**ମନେମନେ କ୍ରି.ବିଂ.** ମନ ଭିତରେ, ଆପଣା ବିଚାରରେ ।

**ମନେମନେ ମିଠାଇ ଖାଇବା କ୍ରି.** ୧. ଭବିଷ୍ୟତର ମଧୁର କଳ୍ପନାରେ ଆନନ୍ଦ ଲାଭ କରିବା ୨. ଭିତରେ ଭିତରେ ଖୁସି ହେବା ।

**ମନେ ହୁଏ ଅ.** ସମ୍ଭବତଃ, ଜଣାଯାଏ ଯେ ।

**ମନୋଗତ ବିଂ.** ୧. ଯାହା ମନରେ ଅଛି, ହୃଦ୍‌ଗତ ୨. ଯାହା ମନରେ ଜନ୍ମନିଏ ।

**ମନୋଗ୍ରାହୀ ବିଂ.** ଚିତ୍ତାକର୍ଷକ ।

**ମନୋଜଗତ୍, ମନୋରାଜ୍ୟ ବି.** ଭାବଜଗତ, ଅନ୍ତର୍ଜଗତ, ଚିନ୍ତାରାଜ୍ୟ ।

**ମନୋଜ୍ଞ ବିଂ.** ୧. ଯେ ମନକଥା ଜାଣେ ୨. ମନୋହର, ମନକୁ ଛୁଇଁଲା ଭଳି, ଅତି ସୁନ୍ଦର ।

**ମନୋନୟନ ବି.** ନିର୍ବାଚନ, ପସନ୍ଦକରଣ, ବାଛିବା ।

**ମନୋନିବେଶ ବି.** ମନୋଯୋଗ, ମନକୁ ଗଭୀରଭାବରେ ଜଡ଼ିତ କରିବା ।

**ମନୋନୀତ ବିଂ.** ୧. ମନକୁ ପାଇଥିବା ୨. ପସନ୍ଦ ହୋଇଥିବା, ବଛା ଯାଇଥିବା ୩. ଅନୁମୋଦିତ ।

**ମନୋନେତ୍ର ବି.** କଳ୍ପନା ଚକ୍ଷୁ ।

**ମନୋପଲି ବି.** ଏକଚାଟିଆ ଅଧିକାର ।

**ମନୋବାଞ୍ଛା ବି.** ଅଭୀଷ୍ଟ, ମନର ସାଧ, ଆନ୍ତରିକ ଇଚ୍ଛା, ମନସ୍କାମନା ।

**ମନୋବିକାର ବି.** ୧. ମନର ଅସ୍ୱାଭାବିକ ଅବସ୍ଥା ୨. ମନର ଦୁର୍ବଳତା, ଚାଞ୍ଚଲ୍ୟ ।

**ମନୋବିଚ୍ଛେଦ ବି.** ମନାନ୍ତର, ଦୁଇଜଣଙ୍କ ମଧ୍ୟରେ ମନର ଅମେଳ ।

**ମନୋବିଜ୍ଞାନ ବି.** ମନର କ୍ରିୟାକଳାପ ସମ୍ପର୍କିତ ବିଦ୍ୟା, ସାଇକୋଲଜି ।

**ମନୋବେଦନା ବି.** ମନର ଦୁଃଖ, ମାନସିକ କଷ୍ଟ ।

**ମନୋବୃତ୍ତି ବି.** ମନର ଭାବ ।

**ମନୋବ୍ୟଥା ବି.** ମନ ଦୁଃଖ ।

**ମନୋଭଙ୍ଗ ବି.** ୧. ନୈରାଶ୍ୟ, ବିଷାଦ ୨. ମନ ଭାଙ୍ଗିଯିବା ୩. ଆଶା ଭାଙ୍ଗିଯିବା ।

**ମନୋଭାବ ବି.** ୧. ଉଦ୍ଦେଶ୍ୟ, ଅଭିପ୍ରାୟ ୨. ମନ ଭିତରର ଭାବନା ।

**ମନୋମତ ବିଂ.** ମନ ପସନ୍ଦ, ମନକୁ ପାଇଥିବା, ଇଚ୍ଛାନୁରୂପ ।

**ମନୋମାଳିନ୍ୟ ବି.** ମନର ଅମେଳ, ମନାନ୍ତର, କଳହ ।

**ମନୋମୁଗ୍ଧକର, ମନୋମୋହକର ବିଂ.** ଚିତ୍ତାକର୍ଷକ, ଯାହା ମନକୁ ମୋହିତ କରେ ।

**ମନୋଯୋଗ ବି.** ଏକାଗ୍ରତା, ଅଭିନିବେଶ ।

**ମନୋଯୋଗୀ ବିଂ.** ଅଭିନିବେଶକାରୀ, ଯେ ମନର ଏକାଗ୍ରତା ରଖେ, ଯେ ମନଦିଏ ।

**ମନୋରଞ୍ଜକ ବିଂ.** ମନୋରଞ୍ଜନକାରୀ, ଯାହା ବା ଯେ ମନକୁ ମୁଗ୍ଧ କରେ, ଯେ ଚିତ୍ତର ସନ୍ତୋଷ ବିଧାନ କରେ, ମନର ସନ୍ତୋଷ ବିଧାୟକ, ଆନନ୍ଦଦାୟକ ।

**ମନୋରଞ୍ଜନ ବି.** ମନର ଆନନ୍ଦଦାନ, ହୃଦୟର ସନ୍ତୋଷ ବିଧାନ ।

**ମନୋରଥ ବି.** ମନରଥ, ମନୋକାମନା, ଇଚ୍ଛା, ବାସନା, ଅଭିଳାଷ ।

**ମନୋରମ ବିଂ.** ରମଣୀୟ, ମନୋହର, ସୁନ୍ଦର ।

**ମନୋରାଜ୍ୟ ବି.** ମନୋଜଗତ, ଅନ୍ତର୍ଜଗତ ।

**ମନୋ(ନ)ଲୋଭା ବିଂ.** ମନଲୋଭା, ମନକୁ ଆସକ୍ତ କରୁଥିବା, ରମଣୀୟ ।

**ମନୋହର ବିଂ.** ଅତି ସୁନ୍ଦର, ଚିତ୍ତାକର୍ଷକ, ଯାହା ଚିତ୍ତକୁ ମୁଗ୍ଧ କରେ; **ବି.** ୧. ମିଠା ବିଶେଷ, ଲଡୁ ୨. ଖଇରେ ତିଆରି ମିଷ୍ଟାନ୍ନ ବିଶେଷ ।

**ମନୋହରଣ ବି.** ଚିତ୍ତାକର୍ଷଣ ।

**ମନୋହରି ବି.** ପ୍ରସାଧନ ସାମଗ୍ରୀ, ଖେଳନା, କଲମ, ପେନସିଲ, ଖାତା ଆଦି ଦ୍ରବ୍ୟ ।

**ମନୋହାରୀ** *ବିଂ.* ରମଣୀୟ, ଅତି ସୁନ୍ଦର ।

**ମନ୍ତ** *ଅ.* ପ୍ରକାର, ପରି ଏବଂ ଅଛି ସମ୍ପନ୍ନ ଅର୍ଥ ପ୍ରକାଶ କରୁଥିବା ପଶ୍ଚାତ୍ ପ୍ରତ୍ୟୟ, (ଯଥା - ଋଦ୍ଧିମନ୍ତ) ।

**ମନ୍ତବ୍ୟ** *ବି.* ମତାମତ, ଅଭିମତ, ଟୀକା, ଟିପ୍ପଣୀ ।

**ମନ୍ତୁରା** *ବିଂ.* ମନ୍ତ୍ରଦ୍ୱାରା ଶୁଦ୍ଧ କରାଯାଇଥିବା ।

**ମନ୍ତୁରିବା** *କ୍ରି.* ୧. ମନ୍ତ୍ର ଉଚ୍ଚାରଣ କରି ଫୁଙ୍କିବା ୨. ମନ୍ତ୍ରଦ୍ୱାରା ପବିତ୍ର କରିବା ।

**ମନ୍ତ୍ର** *ବି.* ୧. ବୈଦିକ ଉପାସନାରେ ଦେବତାଙ୍କ ଉଦ୍ଦେଶ୍ୟରେ ଉଚ୍ଚାରଣ କରାଯାଉଥିବା ପଦ ୨. ପବିତ୍ର ଓ ଶକ୍ତିଶାଳୀ ଶବ୍ଦ ବା ବାକ୍ୟର ସମଷ୍ଟି ।

**ମନ୍ତ୍ରକାର** *ବି.ବିଂ.* ମନ୍ତ୍ରର ରଚକ ।

**ମନ୍ତ୍ରକୁଶଳ** *ବି.ବିଂ.* ମନ୍ତ୍ରଣା ଦାନରେ ଦକ୍ଷ ।

**ମନ୍ତ୍ରଗୁରୁ** *ବି.* ଦୀକ୍ଷାଗୁରୁ ।

**ମନ୍ତ୍ରଗ୍ରହଣ** *ବି.* ୧. ଗୁରୁଙ୍କଠାରୁ ଦୀକ୍ଷାଗ୍ରହଣ ୨. ପରାମର୍ଶ ଗ୍ରହଣ ୩.ବ୍ରତ ବା ସଂକଳ୍ପ ଗ୍ରହଣ ।

**ମନ୍ତ୍ରଜଳ** *ବି.* ମନ୍ତୁରା ପାଣି, ମନ୍ତୁରା ହୋଇଥିବା ଜଳ, ଅଭିମନ୍ତ୍ରିତ ଜଳ ।

**ମନ୍ତ୍ରଜ୍ଞ** *ବିଂ.ବି.* ଦୀକ୍ଷାଗୁରୁ, ମନ୍ତ୍ରଦାତା, ଯେ ମନ୍ତ୍ର ଜାଣେ ; *ବି.* ମନ୍ତ୍ରଦାତା ଗୁରୁ ।

**ମନ୍ତ୍ରଣ** *ବି.* ୧. ଗୋପନରେ ଆଲୋଚନା ବା ପରାମର୍ଶକରଣ ୨. ମନ୍ତ୍ରଦ୍ୱାରା ସଂସ୍କାରକରଣ, ମନ୍ତୁରିବା ।

**ମନ୍ତ୍ରଣା** *ବି.* ଗୋପନରେ ଆଲୋଚନା, ଗୁପ୍ତ ପରାମର୍ଶ ।

**ମନ୍ତ୍ରଣାକକ୍ଷ,ମନ୍ତ୍ରଣାଗାର,ମନ୍ତ୍ରଣାଗୃହ** *ବି.* ମନ୍ତ୍ରଣା ବା ଗୋପନ ଆଲୋଚନା ନିମିତ୍ତ ଉଦ୍ଦିଷ୍ଟ କୋଠରୀ ବା ଘର ।

**ମନ୍ତ୍ରଣାଦାତା** *ବିଂ.ବି.* ଯେ ମନ୍ତ୍ରଣା ଦିଏ, ପରାମର୍ଶଦାତା; (*ସ୍ତ୍ରୀ.* ମନ୍ତ୍ରଣାଦାତ୍ରୀ) ।

**ମନ୍ତ୍ରଣା ସଭା** *ବି.* ଗୋପନୀୟ ଭାବରେ ଆଲୋଚନା ପାଇଁ କରାଯାଉଥିବା ସଭା ।

**ମନ୍ତ୍ରତନ୍ତ୍ର** *ବି.* ମନ୍ତ୍ର ବା ତାନ୍ତ୍ରିକ ବିଧିଦ୍ୱାରା ଦେବତାଙ୍କ ନିରାଜନା ।

**ମନ୍ତ୍ରଦାତା** *ବିଂ.ବି.* ଦୀକ୍ଷାଗୁରୁ, ପରାମର୍ଶଦାତା ।

**ମନ୍ତ୍ରଦ୍ରଷ୍ଟା, ମନ୍ତ୍ରଦର୍ଶୀ** *ବିଂ.* ୧. ବେଦମନ୍ତ୍ରର ପ୍ରଥମ ସ୍ରଷ୍ଟା ୨. ସତ୍ୟ ଦ୍ରଷ୍ଟା ; *ବି.* ବୈଦିକ ଋଷି ।

**ମନ୍ତ୍ରପୂତ** *ବିଂ.* ମନ୍ତ୍ରଦ୍ୱାରା ପବିତ୍ର ବା ଶୋଧନ କରାଯାଇଥିବା ।

**ମନ୍ତ୍ରପ୍ରୟୋଗ** *ବି.* କୌଣସି ବିଶେଷ ଲକ୍ଷ୍ୟରେ ମନ୍ତ୍ରର ବ୍ୟବହାର ।

**ମନ୍ତ୍ରଫୁଙ୍କା** *ବି.* ୧. ଶିଷ୍ୟର କର୍ଣ୍ଣରେ ଗୁରୁଙ୍କ ମନ୍ତ୍ର ଉଚ୍ଚାରଣ ୨. ଗୋପନରେ ମନ୍ତ୍ରଣା ଦାନ ।

**ମନ୍ତ୍ର ବିଦ୍ୟା** *ବି.* ତାନ୍ତ୍ରିକ ବିଦ୍ୟା ।

**ମନ୍ତ୍ରବୀଜ** *ବି.* ମନ୍ତ୍ରର ମୂଳପିଣ୍ଡ ରୂପେ କଳ୍ପିତ ଅକ୍ଷର ବା ଅକ୍ଷର ପୁଞ୍ଜ ।

**ମନ୍ତ୍ରମୁଗ୍ଧ** *ବିଂ.* ୧. ମନ୍ତ୍ରଦ୍ୱାରା ବଶୀଭୂତ, ମନ୍ତ୍ରଦ୍ୱାରା ଅଭିଭୂତ ୨. ଅତ୍ୟନ୍ତ ଅଭିଭୂତ ବା ମୁଗ୍ଧ ।

**ମନ୍ତ୍ରମୂଳ** *ବି.* ମନ୍ତ୍ରସିଦ୍ଧି ପାଇଁ ବ୍ୟବହୃତ ରେଖା ବା ମୁଦ୍ରା ।

**ମନ୍ତ୍ରଯାନ** *ବି.* ବୌଦ୍ଧଧର୍ମର ଶାଖା ବିଶେଷ, ବଜ୍ରଯାନ ।

**ମନ୍ତ୍ରରାଜ** *ବି.* ମନ୍ତ୍ରମାନଙ୍କ ମଧ୍ୟରେ ଶ୍ରେଷ୍ଠ ମନ୍ତ୍ର ।

**ମନ୍ତ୍ରସଂସ୍କାର** *ବି.* ମନ୍ତ୍ରଗ୍ରହଣ ପୂର୍ବରୁ ଅନୁସୃତ ହେଉଥିବା ତନ୍ତ୍ର ବର୍ଣ୍ଣିତ କ୍ରିୟା ବିଶେଷ ।

**ମନ୍ତ୍ରସଂହିତା** *ବି.* ବେଦମନ୍ତ୍ରର ସଂଗୃହୀତ ଅଂଶ ।

**ମନ୍ତ୍ରସାଧନ** *ବି.* ମନ୍ତ୍ରରେ ସିଦ୍ଧି ଲାଭ ନିମିତ୍ତ ଉପଯୁକ୍ତ ପ୍ରଣାଳୀ ଅବଲମ୍ବନ ।

**ମନ୍ତ୍ରସିଦ୍ଧ** *ବିଂ.* ମନ୍ତ୍ରସାଧନାରେ ସିଦ୍ଧି ପ୍ରାପ୍ତ ।

**ମନ୍ତ୍ରସିଦ୍ଧି** *ବି.* ମନ୍ତ୍ରସାଧନାରେ ସଫଳତା ।

**ମନ୍ତ୍ରିତ** *ବିଂ.* ୧. ମନ୍ତୁରା, ମନ୍ତ୍ରଦ୍ୱାରା ପରିଶୁଦ୍ଧ ୨. ମନ୍ତ୍ରଣା ବା ପରାମର୍ଶଦ୍ୱାରା ନିର୍ଦ୍ଧାରିତ ।

**ମନ୍ତ୍ରିତ୍ୱ** *ବି.* ୧. ମନ୍ତ୍ରୀର ପଦ ବା କାର୍ଯ୍ୟ ୨. ଶାସନ କ୍ଷେତ୍ରରେ ମନ୍ତ୍ରଣା ବା ପରାମର୍ଶ ଦେଉଥିବା ବ୍ୟକ୍ତିର କାର୍ଯ୍ୟ ।

**ମନ୍ତ୍ରିବା** *କ୍ରି.* ମନ୍ତ୍ର ଉଚ୍ଚାରଣ କରି ପବିତ୍ର କରିବା, ମନ୍ତୁରିବା ।

**ମନ୍ତ୍ରୀ** *ବିଂ.* ୧. ଗଣତନ୍ତ୍ରରେ ଜନମତଦ୍ୱାରା ନିର୍ବାଚିତ ଶାସନ କର୍ତ୍ତା(ମୁଖ୍ୟମନ୍ତ୍ରୀ/ପ୍ରଧାନମନ୍ତ୍ରୀ) ଦ୍ୱାରା ନିଯୁକ୍ତ ସାମ୍ବିଧାନିକ ପଦବୀ ୨. ମନ୍ତ୍ରଣାଦାତା, ଅମାତ୍ୟ, ରାଜା ବା ଶାସକଙ୍କୁ ପରାମର୍ଶ ଦେଉଥିବା ବ୍ୟକ୍ତି ।

**ମନ୍ଥ** *ବି.* ୧. ମନ୍ଥନ ୨. ଆଲୋଡନ ୩. ମୋହିବା ୪. ଚକଟିବା, ଦଳିବା ୫. ଘାଣ୍ଟିବା ।

**ମନ୍ଥଡ଼** *ବି.* ପାରିବାରିକ କଳହ ; *ବିଂ.* ଖଳ, ପରଘର ଭଙ୍ଗା, କଳିହା ।

**ମନ୍ଥଡ଼ା** *ବି.ବିଂ.* ପରଘର ଭଙ୍ଗା, କୁ-ପରାମର୍ଶ ଦାତା, କୁମନ୍ତ୍ରଣା ଦେଇ ଅଶାନ୍ତି ପୂରାଉଥିବା ବ୍ୟକ୍ତି (*ସ୍ତ୍ରୀ.* ମନ୍ଥୁଡ଼ୀ) ।

**ମନ୍ଥନ** *ବି.* ୧. ମନ୍ଥିବା କାର୍ଯ୍ୟ, ମଥନ ୨. ଦହିଖୁଆ ।

**ମନ୍ଥନଦଣ୍ଡ** *ବି.* ଦହି ମୋହିବାର ଦଣ୍ଡ, ଖୁଆଦଣ୍ଡ ।

**ମନ୍ଥନ ରଜ୍ଜୁ** *ବି.* ଦହି ମୁହାଁ ଛାଟେଣୀ, ଖୁଆଦଣ୍ଡରେ ବ୍ୟବହୃତ ହେଉଥିବା ଦଉଡ଼ି ।

**ମନ୍ଥନୀ** *ବି.* ଦହିମୁହାଁ ହାଣ୍ଡି ।

**ମନ୍ଥର** *ବିଂ.* ଅଳସ, ମନ୍ଦଗାମୀ, ମାନ୍ଦା ।

**ମନ୍ଥରଗତି** *ବି.* ଧୀରଗତି ; *ବିଂ.* ଧୀରେ ଧୀରେ ଯାଉଥିବା ।

**ମନ୍ଥାଚକଟା** *ବି.* ଦଳାଚକଟା ।

**ମନ୍ଥିବା** *କ୍ରି.* ୧. ମନ୍ଥନ କରିବା, ଦଳିବା ୨. ଆଲୋଡ଼ନ କରିବା ।

**ମନ୍ଦ** *ବିଂ.* ୧. ଖରାପ ୨. ଅନିଷ୍ଟକର, ଅପକାରକ ୩. ମନ୍ଥର, ଧୀରଗାମୀ ୪. ଖଳ ୫. ଦୁଷ୍ଟ ୬. ଅଶୁଭ ।

**ମନ୍ଦକର୍ମ** *ବି.* ୧. ଖରାପ କାର୍ଯ୍ୟ ୨. ଖରାପ ଭାଗ୍ୟ ।

**ମନ୍ଦଗତି** *ବି.* ଧୀର ଗତି, ଧୀରେଧୀରେ ଚାଲିବା, ଧୀରଚାଲି ।

**ମନ୍ଦଗ୍ରହ** *ବି.* ଶନିଗ୍ରହ, ଅଶୁଭ ଗ୍ରହ ।

**ମନ୍ଦଦଶା** *ବି.* ୧. ଖରାପ ସମୟ ୨. ମନ୍ଦଭାଗ୍ୟ, ଗ୍ରହର ଖରାପ ଅବସ୍ଥାନ, ଅମଙ୍ଗଳକାରକ ଅବସ୍ଥା ।

**ମନ୍ଦପବନ** *ବି.* ଧୀରବାୟୁ, ମୃଦୁପବନ ।

**ମନ୍ଦପ୍ରକୃତି** *ବି.* ଖରାପ ଗୁଣ, କୁସ୍ୱଭାବ ।

**ମନ୍ଦଫଳ** *ବି.* ଅଶୁଭ ଫଳ, ଖରାପ ଫଳ ।

**ମନ୍ଦବୁଦ୍ଧି, ମନ୍ଦମତି** *ବିଂ.* ୧. କୁବୁଦ୍ଧିଯୁକ୍ତ, ଖଳବୁଦ୍ଧି, ଦୁଷ୍ଟବୁଦ୍ଧି ୨. କ୍ଷୀଣ ବୋଧଶକ୍ତି ସମ୍ପନ୍ନ, ମାନସିକ ଅନଗ୍ରସର ।

**ମନ୍ଦବୃଷ୍ଟି** *ବି.* ଝିପିଝିପି ବର୍ଷା ।

**ମନ୍ଦଭାଗ୍ୟ** *ବି.ବିଂ.* ଯାହାର ଭାଗ୍ୟ ଖରାପ, ହତଭାଗ୍ୟ ।

**ମନ୍ଦଭାଷୀ** *ବିଂ.* ମୃଦୁଭାଷୀ, କୋମଳ କଥା କହୁଥିବା ବ୍ୟକ୍ତି; (*ସ୍ତ୍ରୀ.* ମନ୍ଦଭାଷିଣୀ) ।

**ମନ୍ଦମତି** *ବି.ବିଂ.* ୧. ମନ୍ଦବୁଦ୍ଧି, ଦୁଷ୍ଟ ବୁଦ୍ଧି ୨. ମାନସିକ ଅନଗ୍ରସର ।

**ମନ୍ଦମନ୍ଦ** *କ୍ରି.ବିଂ.* ଧୀରେ ଧୀରେ, ମୃଦୁ ଭାବରେ ।

**ମନ୍ଦହାସ୍ୟ, ମନ୍ଦହାସ** *ବି.* ସ୍ମିତ, ମୁରୁକିହସ ।

**ମନ୍ଦା** *ବି.* ୧. ମଳା ୨. ଆଳବାଳ ୩. ଗୋଲାକାର ଦାଗ ୪. ଗୋଲାକୃତି ଦଳ ।

**ମନ୍ଦାଏ** *ବିଂ.* ମୁନ୍ଦିଏ, ମୁନ୍ଦାଏ, ଅଳ୍ପ ପରିମିତ ।

**ମନ୍ଦାକ** *ବି.ବିଂ.* ମନ୍ଦାଏ ମାତ୍ର ।

**ମନ୍ଦାକିନୀ** *ବି.* ୧. ସ୍ୱର୍ଗଗଙ୍ଗା ୨. ଗଙ୍ଗାର ଉପନଦୀ ।

**ମନ୍ଦାକ୍ରାନ୍ତା** *ବି.* ସପ୍ତଦଶାକ୍ଷର ସଂସ୍କୃତ ଛନ୍ଦ ବିଶେଷ ।

**ମନ୍ଦାଗ୍ନି** *ବି.* ଜୀର୍ଣ୍ଣଶକ୍ତିର ଅଭାବ, ଅଗ୍ନିମାନ୍ଦ୍ୟ, ହଜମଶକ୍ତିର ବା କ୍ଷୁଧାର ହ୍ରାସ ।

**ମନ୍ଦାମନ୍ଦା** *କ୍ରି.ବିଂ.* ଫଂଙ୍ଗା ଫଂଙ୍ଗା ହୋଇ ।

**ମନ୍ଦାର** *ବି.* ଜବା ଫୁଲ ।

**ମନ୍ଦିର** *ବି.* ଦେଉଳ, ଉପାସନା ଗୃହ, ଦେବତା ଗୁଡ଼ି, ମାହାପ୍ରୁ ଘର ।

**ମନ୍ଦିରା** *ବି.* ଗିନି, କଂସା ତିଆରି ଛୋଟ ଝାଞ୍ଜ ବିଶେଷ ।

**ମନ୍ଦୀଭୂତ** *ବିଂ.* ହ୍ରାସପ୍ରାପ୍ତ, କମିଯାଇଥିବା, କ୍ଷୀଣ ହୋଇଥିବା ।

**ମନ୍ଦୁରା** *ବି.* ୧. ହେଁସ, ମୁନ୍ଦୁରା ୨. ଅସ୍ତାବଳ, ଘୋଡ଼ାଶାଳ ।

**ମନ୍ଦେ** *ବିଂ.* ମନ୍ଦାଏ, ମୁନ୍ଦାଏ, ଅଳ୍ପ ପରିମିତ ।

**ମନ୍ଦ୍ର** *ବିଂ.* ଗମ୍ଭୀର; *ବି.* ୧. ଗମ୍ଭୀର ଧ୍ୱନି ୨. ମୃଦଙ୍ଗ ୩. ନିମ୍ନତମ ସ୍ୱରଗ୍ରାମ ।

**ମନ୍ୱନ୍ତର** *ବି.* ୧. ଖଣ୍ଡପ୍ରଳୟ ୨. ଦୁର୍ଭିକ୍ଷ ବା ଅକାଳ ୩. ୩୦ କୋଟି ୬୭ ଲକ୍ଷ ୨୦ ହଜାର ବର୍ଷ ବ୍ୟାପୀ କାଳ ୪. ଦେବତାଙ୍କର ୭୧ଟି ଯୁଗ ।

**ମନ୍ମଥ** *ବି.* କନ୍ଦର୍ପ, କାମଦେବ ।

**ମନ୍ୟ** *ବିଂ.* (ପର/ପଶ୍ଚାତ୍ ପ୍ରତ୍ୟୟ, ଯାହା ଅନ୍ୟ ବିଶେଷଣ ସହ ଲାଗେ, ଯଥା-ପଣ୍ଡିତମନ୍ୟ) ଯେ ନିଜକୁ ଅନ୍ୟପରି ବିଚାର କରେ ବା ଦେଖାଇ ହୁଏ ।

**ମପା** *ବି.* ମାପିବା; *ବିଂ.* ମାପ କରାଯାଇଥିବା ।

**ମପାକାଠି** *ବି.* ଯେଉଁ କାଠି ସାହାଯ୍ୟରେ ମପାଯାଏ, ମାପକାଠି ।

**ମପାଚୁପା** *ବି.* ମାପ କରିବା ; *ବିଂ.* ୧. ନିର୍ଦ୍ଦିଷ୍ଟ, ନିର୍ଦ୍ଧାରିତ ୨. ସଂଯତ ।

**ମପାମପି** *ବି.* ଭୂମି ବା ବିଭିନ୍ନ ପଦାର୍ଥର ମାପିବା କ୍ରିୟା ।

**ମପାଳି** *ବି.ବିଂ.* ମାପିବା ଲୋକ, ଯେ ମାପେ ।

**ମଫ** *ବି.ବିଂ.* ୧. ମଫସଲିଆ, ଗାଉଁଲି ୨. ବୋକା ।

**ମଫଲର** *ବି.* ୧. ଗଳାବନ୍ଧ, ଶୀତରୁ ରକ୍ଷା ପାଇବା ପାଇଁ ଗଳାରେ ବା ମୁଣ୍ଡରେ ଗୁଡ଼ା ହେବା ପଶମ ବସ୍ତ୍ର ୨. ଶବ୍ଦରୋଧକ ଉପକରଣ (ଗାଡ଼ି ମଟରରେ) ।

**ମଫସଲ** *ବି.* ୧. ଗ୍ରାମାଞ୍ଚଳ, ପଲ୍ଲୀ ୨. ଲୁଗାର ସାମନା ଧଡ଼ି ।

**ମଫସଲିଆ, ମଫସଲୀ** *ବିଂ.* ୧. ଦେଶୁଆ, ଗ୍ରାମ୍ୟ, ଗାଉଁଲି ୨. ମଫସଲରେ ବାସକରୁଥିବା ୩. ଅମାର୍ଜିତ ବା ଅନୁନ୍ନତ ମନେ କରାଯାଉଥିବା ।

**ମମତା** *ବି.* ଭଲ ପାଇବା, ସ୍ନେହ ସମ୍ପର୍କ, ଆତ୍ମୀୟତାଭାବ, ଆସକ୍ତି ।

**ମମତ୍ୱବୋଧ** *ବି.* ଆତ୍ମୀୟତା ଭାବ, ନିଜର ବୋଲି ଭାବିବା ।

**ମୟଦାନ୍** *ବି.* ୧. ମଇଦାନ, ପଡ଼ିଆ ୨. ପ୍ରତିଦ୍ୱନ୍ଦ୍ୱିତାର କ୍ଷେତ୍ର ।

**ମୟନା, ମୟିନା** *ବି.* ମଏନା, ସାରୀ ।

**ମୟୂଖ** *ବି.* ୧. କିରଣ, ଜ୍ୟୋତି, ଆଲୋକ ୨. ଜ୍ୱାଳା ୩. ଶୋଭା ।

**ମୟୂର ବି.** ଦୀର୍ଘ ଓ ଚିତ୍ରିତ ପୁଚ୍ଛଯୁକ୍ତ ଏକ ବୃହଦାକାର ପକ୍ଷୀ, ଭାରତର ଜାତୀୟ ପକ୍ଷୀ, ମଞ୍ଜୁର ।

**ମୟୂରଚନ୍ଦ୍ରିକା ବି.** ମୟୂରର ପୁଚ୍ଛରେ ଥିବା ଚନ୍ଦ୍ରାକୃତି ଚିହ୍ନ ।

**ମୟୂରଚୂଡ଼ା ବି.** ମୟୂର ମୁଣ୍ଡର ଚୂଳ ।

**ମୟୂରପଙ୍ଖା ବି.** ମୟୂରର ପୁଚ୍ଛ (ଲାଞ୍ଜ)ରେ ତିଆରି ପଙ୍ଖା ।

**ମୟୂରପୁଚ୍ଛ ବି.** ମୟୂରର ଚିତ୍ରିତ ତଥା ସୁଦୃଶ୍ୟ ଲାଞ୍ଜ ।

**ମୟୂରବାହନ ବି.** କାର୍ତ୍ତିକେୟ ।

**ମୟୂର ସିଂହାସନ ବି.** ରତ୍ନ ଖଚିତ ମୟୂରାକୃତି ସିଂହାସନ ।

**ମର୍‌ଡ଼ିଖିଆ ବିଂ.** ମର୍‌କଖିଆ, ମରୁଡ଼ି ବା ହଇଜାରେ ମରିବା ଯୋଗ୍ୟ (ଗାଳି ବା ଅଭିଶାପ) ।

**ମର ବିଂ.** ମରଣଶୀଳ, ବିନାଶଶୀଳ ; **ବି.** ୧. ମରଣ ୨. ପୃଥିବୀ, ଜଗତ ।

**ମରକ ବି.** ମଡ଼କ, ମହାମାରୀ ।

**ମରକଟ ବି.** ମାଙ୍କଡ, ମର୍କଟ; **ବିଂ.** ମାଙ୍କଡପରି କଦାକାର (ଲୋକ) ।

**ମରକତ ବି.** ମର୍କତ, ପାନ୍ନା, ଶାଗୁଆ ବର୍ଣ୍ଣର ରତ୍ନ ପଥର ।

**ମରକନ୍ଦ ବି.** ମକରନ୍ଦ, ଫୁଲର ରସ, ପୁଷ୍ପମଧୁ ।

**ମରଜି ବି.** ୧. ଇଚ୍ଛା ୨. ଖୁସି ୩. ଖିଆଲ ।

**ମରଣ ବି.** ମୃତ୍ୟୁ, ପ୍ରାଣ ଚାଲିଯିବା ।

**ମରଣକାଳ ବି.** ମୃତ୍ୟୁ ସମୟ ।

**ମରଣଦଶା ବି.** ୧. ମରଣାପନ୍ନ ଅବସ୍ଥା, ମୁମୂର୍ଷୁ, ମୃତ ପ୍ରାୟ ଅବସ୍ଥା ୨. ଅତି ଖରାପ ସମୟ ବା ଅବସ୍ଥା ।

**ମରଣଯନ୍ତା ବି.** ମୃତ୍ୟୁ ହେବା ଭଳି ପରିସ୍ଥିତି ବା ଅବସ୍ଥା, ବିପଜ୍ଜନକ ସ୍ଥିତି ।

**ମରଣାନ୍ତ,ମରଣାନ୍ତକ ବିଂ.** ୧. ମୃତ୍ୟୁ ବା ବିନାଶରେ ଯାହାର ଅବସାନ ଘଟେ ୨. ମୃତ୍ୟୁ ବା ଶେଷାବସ୍ଥା ପର୍ଯ୍ୟନ୍ତ ।

**ମରଣୋଦ୍ୟତ ବିଂ.** ମରିବାକୁ ଯାଉଥିବା ।

**ମରତ ବି.** ମର୍ତ୍ତ୍ୟଲୋକ, ପୃଥିବୀ ।

**ମରଦ ବି.** ୧. ପୁରୁଷ ୨. ଯୁବକ ୩. ସ୍ୱାମୀ; **ବିଂ.** ବଳବାନ୍, ସାହସୀ ।

**ମରଦନ ବି.** ମର୍ଦ୍ଦନ, ମାଲିସ ।

**ମରଦନିଆ ବିଂ.** ଯେ ମର୍ଦ୍ଦନ କରେ, ମାଲିସବାଲା ।

**ମରଦପଣ ବି.** ପୌରୁଷ, ସାହସ, ଅଣ୍ଡିରାପଣ ।

**ମରମ ବି.** ୧. ଶରୀରର ମର୍ମ ସ୍ଥାନ, ଅନ୍ତଃକରଣ ୨. ରହସ୍ୟ, ଗୁଢ଼ରହସ୍ୟ, ଗୁପ୍ତକଥା, ଗୂଢ଼ କଥା ୩. ତାତ୍ପର୍ଯ୍ୟ ।

**ମରମକୁହା ବିଂ.** ଯେ ଅନ୍ୟର ମର୍ମକଥା କହି ଦୁଃଖ ଦିଏ, ମର୍ମଘାତୀ ।

**ମରମଘାତୀ ବିଂ.** ଯେ ଅନ୍ୟର ମନରେ ବେଦନା ଦିଏ ।

**ମରମଜାଗା ବି.** ୧. ବ୍ୟକ୍ତିର ଅନ୍ତର୍ମନ ୨. ଦେହର ଲିଙ୍ଗ, ହୃତପିଣ୍ଡ ଆଦି ସ୍ପର୍ଶକାତର ଅଙ୍ଗ ।

**ମରମବାଧକ ବିଂ.** ମନର କଷ୍ଟ ଦାୟକ, ମନ ବା ହୃଦୟକୁ ବାଧୁଥିବା ।

**ମରମଭେଦ ବି.** ଗୁପ୍ତ ରହସ୍ୟ ।

**ମରମଭେଦୀ ବିଂ.** ଯାହା ଅନ୍ତରକୁ ବ୍ୟଥା ଦିଏ, ଯାହା ମନ ଭିତରକୁ ଭେଦିଯାଏ ।

**ମରମର ବିଂ.** ମୁମୂର୍ଷୁ ; **ବି.** ପତ୍ରର ମର୍ମର ଧ୍ୱନି ।

**ମରମୀ ବିଂ.** ଦରଦୀ, ମର୍ମ ଜାଣିଥିବା (ବ୍ୟକ୍ତି) ।

**ମରମେ ମରମେ କ୍ରି.ବିଂ.** ହୃଦୟ ଭିତରେ ।

**ମରହଟ୍ଟା ବି.** ମହାରାଷ୍ଟ୍ରବାସୀ, ମରାଠା, ମରାଠି ।

**ମରହଟ୍ଟିଆ, ମରହଟ୍ଟୀ ବିଂ.** ୧. ପୁରୁଣାକାଳିଆ ୨. ମରହଟ୍ଟା କାଳର ବା ସମ୍ବନ୍ଧୀୟ ।

**ମରାଖାଇ ବି.** ୧. ଶ୍ମଶାନ ୨. ମୁର୍ଦ୍ଦାରଖାନା ୩. ଶୃଗାଳ ୪. ଶାଗୁଣା ।

**ମରା ଦେଉଳ,ମଡା ଦେଉଳ ବି.** ସମାଧି ମନ୍ଦିର, ସମାଧି ସ୍ତମ୍ଭ ।

**ମରାମତ,ମରାମତି ବି.** ସଜଡା ଯିବା, ସଜାଡ଼ିବା କାର୍ଯ୍ୟ, ଜୀର୍ଣ୍ଣ ସଂସ୍କାର ।

**ମରାମତୀ ବିଂ.** ମରାମତି କରାଯାଇଥିବା ।

**ମରାମରା ବିଂ.** ଦରମରା ।

**ମରାମରି ବି.** ପରସ୍ପରକୁ ମାଡ଼ ଦିଆଦେଇ, ମାରପିଟ୍ ।

**ମରାର ବି.** ୧. ଅମାର, ଧାନକୋଠି ୨. ଖଳା ।

**ମରାଳ ବି.** ରାଜହଂସ ।

**ମରାହଣା ବି.** ହାଣକାଟ, ହଣାହଣି, ଭୀଷଣ ଯୁଦ୍ଧ ବା ହିଂସାକାଣ୍ଡ ।

**ମରି କ୍ରି.** ମୃତ୍ୟୁଲାଭକରି ।

**ମରିଆ ବି.** ବସ୍ତର ଅଞ୍ଚଳରେ ବାସ କରୁଥିବା କନ୍ଧମାନଙ୍କ ଭାଷା ।

**ମରିଚ ବି.** ୧. ଲଙ୍କା ମରିଚ, ମିର୍ଚ୍ଚା ୨. ଗୋଲମରିଚ, ମସଲା ବିଶେଷ ।

**ମରିଚା ବି.ବିଂ.** କଳଙ୍କି, ମୁରଚା, ମଡ଼ିଚା, ଜଂକ୍ ।

**ମରିଚି ମସଲା ବି.** ଭାଙ୍ଗ ।

**ମରିବା କ୍ରି.** ୧. ଜୀବନ ଚାଲିଯିବା, ମୃତ୍ୟୁ ଲାଭ କରିବା, ପ୍ରାଣ ତ୍ୟାଗ କରିବା ୨. କଷ୍ଟଭୋଗ କରିବା ୩. ଖେଳରେ ଅଂଶ ଗ୍ରହଣ କରିବାରୁ ବଞ୍ଚିତ ହେବା ୪. (ତରକାରୀ ଆଦିର)ଜଳୀୟ ଅଂଶ କମିବା ।

**ମରୀଚିକା ବି.** ମୃଗତୃଷ୍ଣା, ଖରାଦିନେ ଅଧିକ ଖରାତାଉରେ ଦୂରରୁ ପାଣିଥିବାର ଭ୍ରମ, ମରୁଭୂମିରେ ସୃଷ୍ଟି ହେଉଥିବା ସେଭଳି ଭ୍ରମ ।

**ମରୁ** *ବି.* ବାଲୁକାମୟ ସ୍ଥଳଭାଗ ।

**ମରୁଆ** *ବି.* ୧. ତୁଳସୀ ଭଳି ବାସନାଥିବା ଫୁଲ ଓ ପତ୍ର ୨. ଏକ ପ୍ରକାର କୋକଲି ମାଛ ।

**ମରୁଡ଼ି** *ବି.* ବର୍ଷା ଅଭାବରେ ଶସ୍ୟନାଶ, ମଡକ ।

**ମରୁଡ଼ିଆ** *ବିଂ.* ଭୋକିଲା, ଅନାହାରରେ ଦୁର୍ବଳ, ମେଢ଼େଙ୍ଗା ।

**ମରୁତ** *ବି.* ପବନ ।

**ମରୁତ କୋଣ** *ବି.* ଉତ୍ତର-ପଶ୍ଚିମକୋଣ, ବାୟୁକୋଣ ।

**ମରୁଦେଶ** *ବି.* ମରୁଭୂମି, ସ୍ଥଳଭାଗରେ କେବଳ ବାଲିଥିବା ବିସ୍ତୀର୍ଣ୍ଣ ସ୍ଥାନ ବା ଅଞ୍ଚଳ ।

**ମରୁଦ୍ୱୀପ** *ବି.* ମରୁଭୂମି ମଧ୍ୟରେ ଥିବା ଜଳାଶୟ ଓ ତା ଚାରିପଟେ ଥିବା ସବୁଜ ଅଞ୍ଚଳ ।

**ମରୁଦ୍ୟାନ** *ବି.* ମରୁଭୂମିରେ କାଁଭାଁ ଦେଖାଯାଉଥିବା ଗଛଲତାଥିବା ଜାଗା ।

**ମରୁପ୍ରଦେଶ** *ବି.* ମରୁଭୂମି ।

**ମରୁଭୂମି** *ବି.* ପାଣି ଓ ଗଛବୃକ୍ଷ ପ୍ରାୟ ନଥିବା ବିସ୍ତୃତ ବାଲି ଅଞ୍ଚଳ ।

**ମରୁମୟ** *ବିଂ.* ବାଲିରେ ପୁରି ରହିଥିବା, ବାଲି ମାଡ଼ିଯାଇଥିବା, ଅନୁର୍ବର, ନିପାଣିଆ ।

**ମରେଇ** *ବି.* ୧. ଅମାର, ଧାନ ରଖିବା ପାଇଁ ଝାଟିମାଟିରେ ତିଆରି ଆଧାର ବିଶେଷ, ଲୁଦ୍ର, ଓଳିଆ ୨. କଣ୍ଟା ଗୁଳ୍ମ ବିଶେଷ ।

**ମର୍କଟ** *ବି.* ମାଙ୍କଡ, ବାନର ।

**ମର୍ଡର** *ବି.* ହତ୍ୟା, ଖୁନ୍ ।

**ମର୍ଡରର୍** *ବିଂ.* ଖୁନୀ, ହତ୍ୟାକାରୀ ।

**ମର୍ତ୍ତ, ମର୍ତ୍ତ୍ୟ** *ବି.* ପୃଥିବୀ ।

**ମର୍ତ୍ତ୍ୟଲୀଳା** *ବି.* ମାନବଲୀଳା, ବଞ୍ଚିଥିବା ଯାଏ କରୁଥିବା କାର୍ଯ୍ୟ ।

**ମର୍ତ୍ତ୍ୟଲୋକ** *ବି.* ପୃଥିବୀ ।

**ମର୍ଦ୍ଦ** *ବି.ବିଂ.* ୧. ମରଦ, ପୁରୁଷ, ଅଣ୍ଡିରା ୨. ସ୍ୱାମୀ, ଘଇତା ୩. ଭେଣ୍ଡିଆ ।

**ମର୍ଦ୍ଦନ** *ବି.* ୧. ଦଳନ, ଦଳିବା ୨. ମାଲିସ କରିବା ୩. ମଳିବା ୪. ଖଳିବା ୫. ହାତ ମିଳେଇବା ।

**ମର୍ଦ୍ଦପଣ,ମର୍ଦ୍ଦପଣିଆ** *ବି.* ଅଣ୍ଡିରାପଣିଆ, କାଡ଼ପଣ, ପୁରୁଷ ପଣିଆ, ପୌରୁଷ ।

**ମର୍ଦ୍ଦଳ** *ବି.* ମାଦଳ ବାଦ୍ୟ, ପଖଉଜ ।

**ମର୍ଦ୍ଦାନି,ମର୍ଦ୍ଦାନା** *ବି.* ୧. ଅଣ୍ଡିରାପଣ, ମରଦଗିରି ୨. କାଛୁଆପଣ ।

**ମର୍ଦ୍ଦାନୀ** *ବି.* ଅଣ୍ଡିରାଚଣ୍ଡୀ ସ୍ତ୍ରୀ, ଉଗ୍ରସ୍ୱଭାବର ନାରୀ, ଉଦଣ୍ଡୀ ।

**ମର୍ଫିଆ** *ବି.* ଅଫିମ ସାର, ନିଶ୍ଚେତକ ।

**ମର୍ମ** *ବି.* ୧. ଉଦ୍ଦେଶ୍ୟ, ଅଭିପ୍ରାୟ ୨. ଗୂଢ଼ ଅର୍ଥ ୩. ମରମ, ହୃଦୟ ୪. ତାତ୍ପର୍ଯ୍ୟ ।

**ମର୍ମଗ୍ରାହୀ** *ବିଂ.* ୧. ସମଝଦାର, ମର୍ମଜ୍ଞ ୨. ମନଛୁଆଁ ।

**ମର୍ମଘାତୀ** *ବିଂ.* ହୃଦୟବିଦାରକ, ଦାରୁଣ, ଶୋଚନୀୟ, ପ୍ରାଣଘାତୀ, ବ୍ୟଥାଦାୟକ ।

**ମର୍ମଜ୍ଞ** *ବିଂ. ବି.* ଗୂଢ଼ ଅର୍ଥ ଜାଣିଥିବା ବ୍ୟକ୍ତି, ତତ୍ତ୍ୱଦର୍ଶୀ ବ୍ୟକ୍ତି, ଜ୍ଞାନୀ ।

**ମର୍ମନ୍ତୁଦ** *ବି.* ହୃଦୟବିଦାରକ, ଅତି କରୁଣ, ଶୋଚନୀୟ ।

**ମର୍ମପୀଡ଼ା, ମର୍ମବେଦନା, ମର୍ମବ୍ୟଥା** *ବି.* ତୀବ୍ର ମାନସିକ ଯନ୍ତ୍ରଣା, ମନୋବ୍ୟଥା ।

**ମର୍ମଭେଦ** *ବି.* ୧. ହୃଦୟର ବେଦନା ୨. ଗୁପ୍ତ ରହସ୍ୟର ଅବଧାରଣ ୩. ମର୍ମ ସ୍ଥାନରେ ଶର ଆଦି ବିଦ୍ଧକରିବା ।

**ମର୍ମଭେଦୀ** *ବିଂ.* ହୃଦୟରେ ଯାହା ଦୁଃଖ ଓ ବ୍ୟଥା ସୃଷ୍ଟି କରେ ।

**ମର୍ମର** *ବି.* ୧. ମାର୍ବଲ ପଥର ୨. ଶୁଖିଲା ପତ୍ର ସମୂହର ଶବ୍ଦ ।

**ମର୍ମସ୍ଥଳ** *ବି.* ୧. ଅନ୍ତରର କୋମଳତମ ଓ ଗୋପନୀୟ ସ୍ଥାନ ୨. ହୃଦୟ ୩. ଦେହ ମଧ୍ୟସ୍ଥ ଜୀବନ ସ୍ଥାନ ବା ପ୍ରାଣକୋଷ ।

**ମର୍ମସ୍ପର୍ଶୀ** *ବିଂ.* ମନଛୁଆଁ ।

**ମର୍ମାଘାତ** *ବି.* ଛାତିଫଟା ଦୁଃଖ ଓ କୋହ, ହୃଦୟକୁ ବିଶେଷ ଭାବେ ବାଧିବା ଅନୁଭୂତି ।

**ମର୍ମାନ୍ତକ** *ବିଂ.* ହୃଦୟବିଦାରକ, ଅତି କରୁଣ ।

**ମର୍ମାହତ** *ବିଂ.* ଦୁଃଖରେ ଅଭିଭୂତ ।

**ମର୍ଯ୍ୟାଦା** *ବି.* ୧. ଗୌରବ, ସମ୍ମାନ ୨. ନ୍ୟାୟସଙ୍ଗତ ଓ ଶାଳୀନତାଯୁକ୍ତ ନିୟମ ୩. ମାନ୍ୟସୂଚକ ପ୍ରଦତ୍ତ ଦକ୍ଷିଣା, ନୂଆ ଲୁଗା ଆଦି ।

**ମର୍ଯ୍ୟାଦାବନ୍ତ** *ବିଂ.* ସମ୍ମାନନୀୟ, ସମ୍ଭ୍ରାନ୍ତ ।

**ମର୍ଯ୍ୟାଦାବିହୀନ** *ବିଂ.* ୧. ସମ୍ମାନହୀନ ୨. ଅଶାଳୀନ ।

**ମର୍ଯ୍ୟାଦାଲଙ୍ଘନ** *ବି.* ଅସମ୍ମାନ କରିବା, ସୁନାମ ଓ ସଦାଚାରର ସୀମା ଡେଇଁ ଯିବା ।

**ମର୍ଯ୍ୟାଦାଶାଳୀ** *ବିଂ.* ସମ୍ଭ୍ରାନ୍ତ, ସମ୍ମାନାସ୍ପଦ, ସମ୍ମାନଯୁକ୍ତ ।

**ମଳ** *ବି.* ୧. ମଳି, ଆବର୍ଜନା, ମଇଳା ୨. ଗୁହ, ବିଷ୍ଠା, ୩. କଳଙ୍କି ୪. କାଣ୍ଟି ୫. ପାପ ୬. ସିଂଘାଣି ୭. କଫ ୮. ଲୁହ, ଅଶ୍ରୁ; *ବିଂ.* ଦୋଷଯୁକ୍ତ ।

**ମଳକୁଚା** *ବିଂ.* ମଇଳା, ମସିଆ ।

**ମଳକୁଟି, ମଳୁକୁଟି** *ବି.* ଦେହରେ ବୋଳା ହୋଇଥିବା ବଟା ହଳଦୀ ଶୁଖିଲା ପରେ ବଳି ବଳି ହୋଇ ଖସୁଥିବା ମଳି ।

**ମଳତା** *ବି.* ମଳି, ଦାଗ ।

**ମଳତ୍ୟାଗ** *ବି.* ଝାଡ଼ା ଫେରିବା, ହଗିବା ।

**ମଳଦ୍ୱାର** *ବି.* ହଗିବା ବାଟ, ଚୁଇଁ, ଗୁହ୍ୟଦ୍ୱାର ।

**ମଳନାଳୀ** *ବି.* ମଳଦ୍ୱାର ସହିତ ସଂଯୁକ୍ତ ଅନ୍ତ୍ର ।

**ମଳବେଗ** *ବି.* ୧. ଝାଡ଼ାତଲବ, ଝାଡ଼ା ମାଡ଼ିବା ୨. ଅତିସାର ରୋଗ ।

**ମଳଭାଣ୍ଡ** *ବି.* ୧. ମଳତ୍ୟାଗ ନିମିତ୍ତ ବ୍ୟବହାର କରାଯାଉଥିବା ପାତ୍ର ୨. ଉଦରର ନିମ୍ନ ଦେଶ ୩. ମୂଳାଧାର ।

**ମଳମଳ** *ବିଂ.* ଭଲ ଭାବରେ ନିଦ ଛାଡ଼ି ନଥିବା (ଆଖି) ।

**ମଳ ମାସ** *ବି.* ଅଧିମାସ, ଦୁଇ ଅମାବାସ୍ୟା ଥିବା ଓ ସଂକ୍ରାନ୍ତି ପଡୁନଥିବା ଅଧିକ ଚାନ୍ଦ୍ରମାସ (ଏହି ମାସରେ ଶୁଭକର୍ମାଦି ନିଷିଦ୍ଧ) ।

**ମଳୟ** *ବି.* ମୃଦୁ ଦକ୍ଷିଣା ପବନ, ବସନ୍ତ ପବନ।

**ମଳୟ ପବନ** *ବି.* ବସନ୍ତକାଳୀନ ଦକ୍ଷିଣାପବନ ।

**ମଳା** *ବି.* ୧. ଗଛମୂଳର ମାଟି ୨. କୁଟାରେ ପ୍ରସ୍ତୁତ ଗୋଲାକାର ମୋଡ଼ା ୩. ମୁଚୁଳା ।

**ମଳାଶାଶୁ, ମଉଳା ଶାଶୁ** *ବି.* ସ୍ୱାମୀର ବା ସ୍ତ୍ରୀର ମାଈଁ ।

**ମଳାଶୁର, ମଉଳାଶୁର** *ବି.* ମଉଳାଶୁର, ସ୍ୱାମୀ ବା ସ୍ତ୍ରୀର ମାମୁଁ ।

**ମଳି** *ବି.* ୧. ଝାଳ ବୋହି ଚମ ଉପରେ ଜମୁଥିବା ଅଥବା ଅନ୍ୟାନ୍ୟ ସୂତ୍ରରୁ ଜମୁଥିବା ମଳ ୨. ମଇଳା ଜିନିଷ ବା ସ୍ଥାନ ।

**ମଳିଆ, ମସିଆ** *ବିଂ.* ମଳିନ ।

**ମଳିଚମ** *ବି.* ଶରୀରର ଚମ ଉପରେ ଥିବା ଅତି ପାତଳ ଚମ, ଗୁଚମ୍ ।

**ମଳିଚିଆ** *ବିଂ.* ଅଳ୍ପ ମଇଳା ଯୁକ୍ତ ।

**ମଳିନ** *ବିଂ.* ୧. ମଇଳାଯୁକ୍ତ, ଅସନାମସନା ୨. ମସିଆ ୩. କଳଙ୍କିଯୁକ୍ତ ୪. ତେଜ ହରାଇଥିବା ।

**ମଳିନତା** *ବି.* ୧. ଆନନ୍ଦହୀନ ବା ଉଦାସୀନ ଭାବ ୨. ଅପରିଚ୍ଛନ୍ନତା ।

**ମଳିବା** *କ୍ରି.* ୧. ଦଳିବା, ଘଷିବା ୨. ଖୋସାମତ କରିବା ୩. ଧାନ ଆଦି ଶସ୍ୟ ଅମଳ କରିବା ।

**ମଳିମୁଣ୍ଡା, ମଳିମୁଣ୍ଡିଆ** *ବିଂ.* ୧. ଅତିଶୟ ଗରିବ, ଦୁଃସ୍ଥ ୨. ଅପରିଷ୍କାର ପୋଷାକ ପିନ୍ଧିଥିବା ।

**ମଳୁ** *ବି.* ରୋଗୀ ।

**ମଳୁକ, ମଳୁଖ** *ବି.* ୧. ଖୁଦ ଠାରୁ ଟିକେ ବଡ଼ ଭଙ୍ଗା ଚାଉଳ ୨. ଦେହରେ ଲଗାଯାଇଥିବା ବଟା ହଳଦୀ ଶୁଖିଯାଇ ଝଡ଼ି ପଡୁଥିବା ମଳି ।

**ମଳେଇବା** *କ୍ରି.* ବାଛୁରି ମରି ଯାଇଥିବା ଗାଈଠାରୁ ଅନ୍ୟ ବାଛୁରି ଲଗାଇ ଦୁଧ ଦୁହିଁବା ।

**ମଲ୍‌କାବା** *କ୍ରି.* ଦେହ ଚମ୍‌କାଇବା, ଛଇଛଟକ କାଢ଼ିବା ।

**ମଲ୍‌କି** *ବି.* ମାଟି ଗିନା, ଓଳି।

**ମଲ୍‌କିବା** *କ୍ରି.* ମଚକିହେବା, ରକା ପଶିବା ।

**ମଲ୍‌ଖା** *ବି.* ଛୋଟ ଗିନା ଭଳି ମାଟି ପାତ୍ର।

**ମଲ୍‌ଖୁ** *ବି.* ମଳୁକ, ମଳୁଖ; ଖୁଦଠାରୁ ବଡ଼ ଭଙ୍ଗା ଚାଉଳ।

ମଲ୍‌ମଲାବା *କ୍ରି.* କୌଣସି ବିଷୟରେ ଆତୁରତା ବା ଅବାଂଛିତ ଆଗ୍ରହ ଦେଖାଇବା।

**ମଲ୍‌ମଲି** *ବିଂ.* ଉପରେ ପଡ଼ି ଦେଖେଇ ହେଉଥବା ନାରୀ ।

**ମଲ୍‌ମଲିଆ** *ବିଂ.* ୧. ଚଞ୍ଚଳ ସ୍ୱଭାବ ସମ୍ପନ୍ନ ୨. ଟଳମଳ ହେଉଥିବା ଅସ୍ଥିର।

**ମଲ** *ବି.* ନାରୀମାନେ ଗୋଡ଼ରେ ପିନ୍ଧୁଥିବା ଧାତୁ ନିର୍ମିତ ବଳା ।

**ମଲଇ, ମଲେଇ** *ବି.* ଆଉଟା କ୍ଷୀରର ସର ।

**ମଲକଡ଼ି** *ବି.* କାନରେ ବ୍ୟବହାର କରାଯାଉଥିବା ଅଳଙ୍କାର ବିଶେଷ ।

**ମଲମ** *ବି.* ପ୍ରଲେପ, ମଏଲମ୍, ଦେହରେ ଲେପି ପ୍ରୟୋଗ କରାଯାଉଥିବା ଔଷଧ ।

**ମଲମଲ** *ବି.* ଚିକ୍କଣ, ଚିକ୍‌ଚିକ୍ ।

**ମଲମଲ ହେବା** *କ୍ରି.* ଦେଖେଇ ହେବା ।

**ମଲା** *ବିଂ.* ୧. ମରି ଯାଇଥିବା, ମୃତ ୨. ଫିକା, ପାଣ୍ଡୁର ୩. ଜୀର୍ଣ୍ଣଶୀର୍ଣ୍ଣ ୪. ମୁମୂର୍ଷୁ ।

**ମଲାଗଲା** *ବିଂ.* ୧. ମୁମୂର୍ଷୁ ୨. ମୃତ ୩. ନିଖୋଜ ।

**ମଲାଙ୍ଗ** *ବି.* ପରାଙ୍ଗପୁଷ୍ଟ ଉଦ୍ଭିଦ ବିଶେଷ ।

**ମଲାଚଣ୍ଡିଆ** *ବି.* ମଡ଼ା ଚଣ୍ଡିଆ, ମଡା ବୋହିବା ଲୋକ, ମଡାସାଙ୍ଗିଆ ।

**ମଲାଜହ୍ନ** *ବି.* ଭୋର ସମୟର ପାଣ୍ଡୁର ବା ଫିକା ଜହ୍ନ, ଛାଇ ଜହ୍ନ ।

**ମଲାଟ** *ବି.* ପୁସ୍ତକର ବହିରାବଣ, ବହି ଉପରେ ଦିଆଯିବା ଆବରଣ, କଭର୍ ।

**ମଲ୍ଲ** *ବି.* ବାହୁ ଯୋଦ୍ଧା, ମାଲ, ପହିଲମାନ ।

**ମଲ୍ଲକ୍ରୀଡ଼ା** *ବି.* କୁସ୍ତି ।

**ମଲ୍ଲଯୁଦ୍ଧ** *ବି.* କୁସ୍ତି, ବାହୁଯୁଦ୍ଧ ।

**ମଲ୍ଲାର, ମହ୍ଲାର** *ବି.* ମେଘମହ୍ଲାର, ଶାସ୍ତ୍ରୀୟ ସଙ୍ଗୀତର ରାଗ ବିଶେଷ ।

**ମଲ୍ଲି, ମଲ୍ଲୀ, ମଲ୍ଲିକା** *ବି.* ଖରାଦିନେ ଫୁଟୁଥିବା ଧଳା ରଙ୍ଗର ସୁଗନ୍ଧ ଫୁଲ ବିଶେଷ ।

**ମଶା** *ବି.* କାମୁଡ଼ି ରକ୍ତ ଶୋଷୁଥିବା ପୋକ ବିଶେଷ, ମଚ୍ଛଡ୍ ।

**ମଶାଣି** *ବି.* ଶ୍ମଶାନ, ମସାନ୍, ଶବସତ୍କାର କରାଯାଉଥିବା ସ୍ଥାନ ।

**ମଶାଣିପଦା** *ବି.* ଶ୍ମଶାନଭୂମି ।

**ମଶାରି, ମଶୁରି** *ବି.* ମଶାକାମୁଡ଼ାରୁ ରକ୍ଷା ପାଇବାପାଇଁ ଜାଲ କନାରେ ତିଆରି ଆଚ୍ଛାଦନ ।

**ମଶାଲ** *ବି.* ଦିହୁଡ଼ି, ବଡ଼ ତେଲବତୀ, ରୋଷଣି ସମୟରେ ପାରମ୍ପରିକ ରୀତିରେ ତିଆରି ପୁନାଙ୍ଗ କିମ୍ବା ଜଡ଼ାତେଲ ପକାଯାଇ ଜଳାଯାଉଥିବା ଆଲୁଅ ।

**ମଶାଲଚି** *ବି.* ଦିହୁଡ଼ିଆ, ମଶାଲଧାରୀ ।

**ମଶି, ମସି, ମସୀ** *କ୍ରି.* ୧. କଲମ, ଲେଖନୀ ୨. ସ୍ୟାହି, କାଳି ।

**ମଶିଜୀବୀ, ମସୀଜୀବୀ** *ବିଂ.* ୧. ଲେଖକ ୨. ମୋହରିର ୩. କିରାଣି ।

**ମଷା, ମସା** *ବି.* ଏକ ତୋଳାର ଦଶ ଭାଗରୁ ଏକ ଭାଗ ।

**ମସ୍‌କରା** *ବି.* ଥଟ୍ଟା, ପରିହାସ ; *ବିଂ.* ନବଜିଆ, ପରିହାସକାରୀ ।

**ମସ୍‌କା** *ବି.* ଲହୁଣୀ ।

**ମସ୍‌କାଧରା** *କ୍ରି.* ଧରାପରା, ଧକମ୍ ଧକ୍କା ।

**ମସ୍‌କା ମାରିବା** *କ୍ରି* ତୋଷାମଦ କରିବା, ତେଲେଇବା ।

**ମସ୍‌କାରା** *ବି.* ଆଖି ପତାରେ ଲଗାଇବା ପ୍ରସାଧନ ସାମଗ୍ରୀ ।

**ମସ୍‌କିବା** *କ୍ରି.* ୧. ଲୋଭରେ ଗୁଡ଼ାଏ ଖାଇଯିବା ୨. ଠେଲିବା ।

**ମସ୍‌କି ହେବା** *କ୍ରି.* ମୋଡ଼ି ବା ମକଚି ହୋଇଯିବା ।

**ମସ୍‌କୁରା** *ବି.* ପୋକଖିଆ ଦାନ୍ତ ।

**ମସ୍‌କୁଲ** *ବି.* ମୁସ୍କିଲ, ଅସୁବିଧା; *ବିଂ.* ଅସୁବିଧାଜନକ, ଗୋଳମାଳିଆ ।

**ମସ୍‌ମସ୍** *ବିଂ.* ମୁସ୍‌ମୁସିଆ ; *ବି.* ମୁଢ଼ି ଆଦି ଚୋବେଇବା ଶବ୍ଦ ।

**ମସ୍‌ରା** *ବି. ବିଂ.* ଭଜା (ହୋଇଥିବା) ।

**ମସ୍‌ରାବା** *କ୍ରି.* ଅଳ୍ପ ଜାଳ ବା ଉତ୍ତାପରେ ଦୀର୍ଘ ସମୟ ଭାଜିବା ।

**ମସକା** *ବିଂ.* ମଟକା, ହାଲ୍‌କା, ଅଳ୍ପକେ ହେଉଥିବା ।

**ମସଜିଦ** *ବି.* ମୁସଲମାନମାନଙ୍କ ଉପାସନାପୀଠ ।

**ମସନଦ** *ବି.* ରାଜ ସିଂହାସନ, ରାଜାଙ୍କ ଆସନ ।

**ମସଲା** *ବି.* ୧. ରୁଚିକର ଖାଦ୍ୟ ପ୍ରସ୍ତୁତି ପାଇଁ ବ୍ୟବହୃତ ଜୀରା, ସୋରିଷ, ଲବଙ୍ଗ, ଗୁଜୁରାତ ପ୍ରଭୃତି ୨. ବୁଦ୍ଧି ବା ମଗଜ ୩. ଦକ୍ଷତା ୪. ଯୋଡ଼େଇ, ପଲସ୍ତରା ପ୍ରଭୃତି ପାଇଁ ପାଣି ମିଶା ବାଲି ଓ ସିମେଣ୍ଟ ୫. ପାନରେ ବ୍ୟବହୃତ ଗୁଣ୍ଡି, ଜର୍ଦା ପ୍ରଭୃତି ।

**ମସା** *ବି.* ଜାଇ, ତିଳ ଚିହ୍ନ, ଭାତୁଡ଼ି ୨. ମଷା ।

**ମସାନ୍** *ବି.* ଶ୍ମଶାନ, ମଶାଣି ।

**ମସାଲିବା** *କ୍ରି.* ମୋଡ଼ିବା, ରଗଡ଼ିବା ।

**ମସି, ମସୀ** *ବି.* ୧. କାଳି ୨. ବିଭିନ୍ନ ପ୍ରକାର କଳା ୩. କଲମ ।

**ମସିଆ** *ବିଂ.* ୧. ମଇଳା, ମଳିଯୁକ୍ତ ୨. ଈଷତ କଳା, ମଳିନ ।

**ମସିଣ** *ବିଂ.* ମସୃଣ ।

**ମସିଣା** *ବି.* ଜୁଣ ବା ବେରୁଆଁ ଉଦ୍ଭିଦର ଶୁଖିଲା ପତ୍ରରେ ତିଆରି ଚଟେଇ, ସପ, ପଟି, ପଟିଆ ।

**ମସିନ୍** *ବି.* ଅତି ସୂକ୍ଷ୍ମ ବା ଚିକଣ ଅବସ୍ଥା ।

**ମସିହା** *ବି.* ଖ୍ରୀଷ୍ଟାବ୍ଦ, ଇଂରାଜୀ ବର୍ଷ ଗଣନା ।

**ମସୀ** *ବି.* କଲମ, ଲେଖନୀ ।

**ମସୀହା** *ବି.* ୧. ଧର୍ମୀୟ ମହାପୁରୁଷ ୨. ତ୍ରାଣକର୍ତ୍ତା ।

**ମସୁଧା** *ବି.* ୧. ଫନ୍ଦି, ଖରାପ ଉଦ୍ଦେଶ୍ୟ ୨. ସଲାସୁତୁରା ୩. ବିଚାରବିମର୍ଶ ।

**ମସୁର, ମସୂର** *ବି.* ରବିଶସ୍ୟ ବିଶେଷ, ମସୁରି, ମୁସ୍‌ରିଡାଲି ।

**ମସୃଣ** *ବିଂ.* ୧. ଚିକ୍କଣ ୨. ତେଲିଆ ୩. ପାଲିସ ୪. ମସିନ୍ ୫. କୋମଳ ।

**ମସ୍କରା** *ବି.* ଥଟ୍ଟା ପରିହାସ ।

**ମସ୍କରିଆ** *ବିଂ. ବି.* ରହସ୍ୟକାରୀ, ମଉଜିଆ, ନବଜିଆ ।

**ମସ୍ତ** *ବିଂ.* ୧. ବଢ଼ିଆ, ଖୁବ୍ ଭଲ ୨. ମାତାଲ, ମତ୍ତ ୩. ବିସ୍ତୃତ, ବିଶାଳ ୪. ପରିପୁଷ୍ଟ ; *ବି.* ୧. ମସ୍ତକ ୨. ଅଗ୍ରଭାଗ ।

**ମସ୍ତକ** *ବି.* ମଥା, ମୁଣ୍ଡ, ଶୀର୍ଷ ।

**ମସ୍ତବଡ଼** *ବିଂ.* ଅତି ବଡ଼ ।

**ମସ୍ତରାମ** *ବି.* ୧. ମନମଉଜିଆ ଲୋକ ୨. ଆଡ଼ବାୟା, ଆଉପାଗେଳା ୩. ବେପରୁଆ ।

**ମସ୍ତ ହେବା** *କ୍ରି.* ୧. ମାତିବା ୨. ଅତିମାତ୍ରାରେ କାର୍ଯ୍ୟରେ ଜଡ଼ିତ ହେବା ୩. (ହାତୀ) ଯୌନମିଳନ ପାଇଁ ଆତୁର ହେବା ।

**ମସ୍ତି** *ବି.* ମଉଜମଜଲିସ, ଆମୋଦ ପ୍ରମୋଦ ।

**ମସ୍ତି କରିବା** *କ୍ରି.* ମଉଜ କରିବା, ଖୁସି ମନେଇବା ।

**ମସ୍ତିଷ୍କ** *ବି.* ୧. ମୁଣ୍ଡ ଭିତରେଥିବା ଅଙ୍ଗ ଯାହା ପ୍ରାଣୀର କାର୍ଯ୍ୟକଳାପ ନିୟନ୍ତ୍ରଣ କରିଥାଏ, ବ୍ରେନ୍ ୨. ମଗଜ ୩. ବୋଧଶକ୍ତି ।

**ମସ୍ତିଷ୍କହୀନ** *ବିଂ.* ବୁଦ୍ଧିଶୂନ୍ୟ, ନିର୍ବୁଦ୍ଧିଆ ।

**ମହକ** *ବି.* ସୁବାସ, ସୁଗନ୍ଧ, ସୌରଭ, ବାସ୍ନା ।

**ମହକିବା** *କ୍ରି.* ସୁଗନ୍ଧ ଖେଳିଯିବା, ବାସିବା ।

**ମହକିଲ** *ବି.* ମୋକଦ୍ଦମା ପାଇଁ ଓକିଲଙ୍କ ସାହାଯ୍ୟ ନେଉଥିବା ପକ୍ଷ ।

**ମହକୁମା** *ବି.* ୧. ଜିଲ୍ଲାର ବିଭାଗ, ସବ୍‌ଡିଭିଜନ ୨. ଇଜଲାସ ।

**ମହଙ୍ଗା ବିଂ.** ମହରଗ, ଦୁର୍ମୂଲ୍ୟ ; **ବି.** ଚଢ଼ାଦର ।

**ମହଙ୍ଗିଆ ବି.** ଉଚ୍ଚ ମୂଲ୍ୟ ନେଉଥିବା ବ୍ୟକ୍ତି ; **ବିଂ.** ମହରଗ ।

**ମହଜୁତ୍, ମହଜୁଦ୍ ବିଂ.** ୧. ସଂରକ୍ଷିତ ୨. ଗଚ୍ଛିତ ୩. ହାଜର, ବିଦ୍ୟମାନ ।

**ମହଣ ବିଂ.** ୧. ମହୁ ସିଠା ୨. ମହମ ୩. ପୁରୁଣା ଚାଳିଶ ସେର ଓଜନର ଏକକ ।

**ମହତ୍ ବିଂ.** ୧. ଶ୍ରେଷ୍ଠ ୨. ଉଦାର ୩. ଖୁବ୍ ବଡ଼, ବୃହତ୍ ।

**ମହତ ବି.** ମାନସସମ୍ମାନ, ମର୍ଯ୍ୟାଦା, ଇଜ୍ଜତ ।

**ମହତ କଥା ବି.** ଉଦାରତାପୂର୍ଣ୍ଣ କଥା ।

**ମହତ ନେବା କ୍ରି.** ୧. ନାରୀର ସତୀତ୍ୱ ହରଣ କରିବା ୨. କୌଣସି ଲୋକର ସମ୍ମାନହାନି ଘଟାଇବା ।

**ମହତପଣ ବି.** ଉଦାରତା, ମହତ ବ୍ୟକ୍ତିଙ୍କ ଆଚରଣ ।

**ମହତ ପଦାରେ ପଡ଼ିବା କ୍ରି.** ମର୍ଯ୍ୟାଦା ହାନି ହେବା, ସମ୍ମାନ ନଷ୍ଟ ହେବା, ଲୋକହସା ହେବା ।

**ମହତ ସମ୍ଭାଳିବା କ୍ରି.** ନିଜର ବା ଅନ୍ୟର ସମ୍ମାନ ରକ୍ଷା କରିବା ।

**ମହତସରା, ମହତବୁଡ଼ା ବିଂ.** ସମ୍ମାନ ହାନିକର, ମର୍ଯ୍ୟାଦାନାଶକ ।

**ମହତ ସାରିବା କ୍ରି.** ୧. ମର୍ଯ୍ୟାଦା ନଷ୍ଟ କରିବା ୨. ତୁଣ୍ଡ ସାରିବା ୩. ହିନସ୍ତାହେବା ।

**ମହତୀ ବି.** ନାରଦଙ୍କ ବୀଣା ; **ବିଂ.** ଶ୍ରେଷ୍ଠା, ପୂଜନୀୟା ।

**ମହତ୍ତମ ବିଂ.** ସବୁଠାରୁ ଅଧିକ ମହାନ୍ ।

**ମହତ୍ତର ବିଂ.** ଦୁଇ ମଧ୍ୟରେ ଅଧିକ ମହତ୍ୱପୂର୍ଣ୍ଣ ; **ବି.** ମେହେନ୍ତର ।

**ମହତ୍ତ୍ୱ ବି.** ୧. ମର୍ଯାଦା ୨. ଉତ୍କର୍ଷ ୩. ମହିମା, ଗୌରବ ୪. ଉଦାରତା ।

**ମହନ ବି.** ମଳି, ମଳିଆ ।

**ମ(ମୋ)ହନଭୋଗ ବି.** ହାଲୁଆ, ଅଟା ବା ସୁଜିରେ ତିଆରି ମିଷ୍ଟାନ୍ନ ବିଶେଷ ।

**ମହନି ବି.** ବଶୀକରଣ ନିମନ୍ତେ ମନ୍ତୁରା ଦ୍ରବ୍ୟ ।

**ମହନିଏନ୍ ବି.** ମୋହିନୀ, ମନ୍ତ୍ରକାରିଣୀ ସ୍ତ୍ରୀ ।

**ମହନୀୟ ବିଂ.** ପୂଜନୀୟ, ସମ୍ମାନନୀୟ ।

**ମହନୀୟତା ବି.** ମହତ୍‌ଭାବ, ଉତ୍କର୍ଷ ।

**ମହନ୍ତ ବି.** ୧. ମଠର ଅଧ୍ୟକ୍ଷ, ଦେବ ୨. ମନ୍ଦିରର ମୁଖ୍ୟ ସେବକ ।

**ମହମ ବି.** ୧. ମହୁର ସିଠା ୨. ମହଣ ୩. ଅଟା ମଇଦା ପ୍ରଭୃତିରେ ଗୋଳାଯାଉଥିବା ଘିଅ ।

**ମହମବତୀ ବି.** ମହମରେ ପ୍ରସ୍ତୁତ ବତୀ ।

**ମହମହ କ୍ରି.ବିଂ.** ସୁଗନ୍ଧ ବା ବାସ୍ନାର ସୂଚକ ଶବ୍ଦ ।

**ମହମହ ବାସିବା କ୍ରି.** ଚତୁର୍ଦ୍ଦିଗରେ ସୁଗନ୍ଧ ବ୍ୟାପିଯିବା ।

**ମହରଗ, ମହର୍ଗ ବିଂ.** ମହଙ୍ଗା ; **ବି.** ଚଢ଼ା ମୂଲ୍ୟ ।

**ମହରଗା, ମହରଗିଆ, ମହର୍ଗିଆ ବିଂ.** ଯେ ଅତ୍ୟଧିକ (ଚଢ଼ା) ମୂଲ୍ୟ ଦାବିକରେ, ଚଢ଼ାଦରରେ ଯେ ବିକ୍ରି କରେ ।

**ମହରମ ବି.** ଆରବୀୟ ଚାନ୍ଦ୍ର ବର୍ଷର ପ୍ରଥମ ମାସ, ଇସଲାମ୍ ଧର୍ମାବଲମ୍ବୀମାନଙ୍କ ପବିତ୍ରମାସ ।

**ମହରସ ବି.** ମହୁ ।

**ମହରା ବି.** ମହୁରା, ବିଷଦ୍ରବ୍ୟ ବିଶେଷ ।

**ମହଲଣ, ମହଲନ ବିଂ.** ମଉଳି ଥିବା, ମଳିନ ।

**ମହଲ ବି.** ପକ୍‌କା ଘର , ଉଚ୍ଚ ପ୍ରାସାଦ, ବଡ଼ କୋଠା ।

**ମହଲତ୍ ବି.** ମକଦ୍ଦମାରେ ପକ୍ଷମାନଙ୍କୁ ହାକିମଙ୍କଦ୍ୱାରା ଦିଆଯିବା ଅବକାଶ ବା ସମୟ ।

**ମହଲା ବିଂ.** ୧. ମହଲ ବିଶିଷ୍ଟ ୨. ମାମୁଁଘର ସମ୍ବନ୍ଧିତ ; **ବି.** ୧. ନଗରର ଅଂଶ, ପଡ଼ା, ମୋହଲ୍ଲା ୨. କୋଠାଘରର ତାଲା (ଏକ ମହଲା, ଉପର ମହଲା) ।

**ମହଲା କରିଆ ବି.** ବିବାହ ବେଳେ ବରପକ୍ଷରୁ ଆସିବା ମଧ୍ୟସ୍ଥି ବା ସଂଯୋଗକାରୀ ।

**ମହର୍ଷି ବି.** ମହାନ୍ (ଶ୍ରେଷ୍ଠ) ଋଷି ।

**ମହା ବିଂ.** ୧. ବିପୁଳ ୨. ପ୍ରବଳ ୩. ଅତିଶୟ ୪. ବିଶାଳ ।

**ମହାଅକଡ଼ିଆ, ମହାଅକଳିଆ ବିଂ.** ଅତି ଅସୁବିଧାଜନକ ।

**ମହା ଅଖାଡୁ ବିଂ.** ଭାରି ଅବୁଝା ।

**ମହାଅଣସର ବି.** ନବକଳେବର ନିମନ୍ତେ ବର୍ଦ୍ଧିତ ଅଣସର ।

**ମହାକବି ବି.** ମହାକାବ୍ୟର ରଚୟିତା, ଶ୍ରେଷ୍ଠ କବି ।

**ମହାକର୍ଷଣ ବି.** ମାଧ୍ୟାକର୍ଷଣ, ଜଡ଼ବସ୍ତୁମାନଙ୍କର ପରସ୍ପର ଆକର୍ଷଣ ।

**ମହାକାବ୍ୟ ବି.** ଆଠସର୍ଗରୁ ଉର୍ଦ୍ଧ୍ୱ ସର୍ଗଯୁକ୍ତ କାବ୍ୟ, ଯେଉଁଥିରେ ନାୟକ ସଦ୍‌ବଂଶ ଜାତ ହୋଇଥିବେ ।

**ମହାକାୟ ବିଂ.** ଅତିବଡ଼ ଶରୀର ବିଶିଷ୍ଟ, ବିଶାଳକାୟ, ବଡ଼ ଆକାରର ।

**ମହାକାଳ ବି.** ୧. ଶିବଙ୍କର ପ୍ରଳୟକାଳୀନ ରୂପ ୨. ଅନନ୍ତ ସମୟ ।

**ମହାକାଳୀ ବି.** ଆଦ୍ୟାଶକ୍ତିଙ୍କ ରୁଦ୍ର ରୂପ ।

**ମହାକାଶ ବି.** ଅନନ୍ତ ଆକାଶ, ଅନ୍ତରୀକ୍ଷ, ପୃଥିବୀ ଉପରିସ୍ଥ ବାୟୁମଣ୍ଡଳର ଉର୍ଦ୍ଧ୍ୱର ଆକାଶ ।

**ମହାକ୍ରୋଧୀ ବିଂ.** ଅତିଶୟ ରାଗୀ ।

**ମହାଗୁରୁ ବି.** ପିତା, ମାତା, ଶିକ୍ଷାଦାତା ଇତ୍ୟାଦି ଶ୍ରେଷ୍ଠ ଗୁରୁଜନ ।

**ମହାଜନ ବି.** ୧. ବଡ଼ ବ୍ୟବସାୟୀ ୨. ସାଧୁପୁରୁଷ ୩. ଅଧିକ ଧନସମ୍ପତ୍ତିର ଅଧିକାରୀ ୪. ଟଙ୍କା ଋଣ ଦେଉଥିବା ବ୍ୟବସାୟୀ ।

**ମହାଜନି ବି.** ୧. ସୁଧ ଭିତ୍ତିରେ ଅର୍ଥଲଗାଣ କାରବାର ୨. ବ୍ରାହ୍ମଣ ଗ୍ରାମର ମହାଜନଙ୍କ ସ୍ୱତ୍ୱ ।

**ମହାଜ୍ଞାନୀ ବିଂ. ବି.** ଅତ୍ୟନ୍ତ ଜ୍ଞାନୀବ୍ୟକ୍ତି ।

**ମହାତୀର୍ଥ ବି.** ୧. ଶ୍ରେଷ୍ଠ ତୀର୍ଥ ୨. ଶ୍ମଶାନ ଘାଟ ।

**ମହାତ୍ମା ବିଂ.** ମହାମନା, ମହାନୁଭବ ; **ବି.** ମହାପୁରୁଷ ।

**ମହାଦଶା ବି.** ଜାତକ ଅନୁସାରେ କୌଣସି ଗ୍ରହର ସଞ୍ଚାର ଜନିତ ଦଶା ।

**ମହାଦାରୁ ବି.** ୧. ନବକଳେବର ନିମନ୍ତେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନଙ୍କ ବିଗ୍ରହ ନିର୍ମାଣ ପାଇଁ ମନୋନୀତ ଗଛ ଓ ତା'ର କାଠ ୨. ଦେବଦାରୁ ।

**ମହାଦୀପ ବି.** ୧. ଶିବ ଚତୁର୍ଦ୍ଦଶୀ ଦିନ ଜାଗର ରାତିରେ ଶିବ ମନ୍ଦିରର ଚୂଡ଼ାକୁ ଉଠାଯାଉଥିବା ଦୀପ ୨. ପ୍ରତି ଏକାଦଶୀରେ ଶ୍ରୀମନ୍ଦିର ଶିଖରରେ ଉଠାଯାଉଥିବା ଦୀପ ।

**ମହାଦେଈ ବି.** ପାଟରାଣୀ ।

**ମହାଦେବ ବି.** ଶିବ ।

**ମହାଦେବୀ ବି.** ୧. ଦୁର୍ଗା ୨. ପଟ୍ଟମହିଷୀ ।

**ମହାଦେଶ ବି.** ପୃଥିବୀର ସାତଗୋଟି ବୃହତ୍ ଭୂଭାଗରୁ ଗୋଟିଏ।

**ମହାନ୍ ବିଂ.** ୧. ଖୁବ୍ ବଡ଼ ୨. ଆଦର୍ଶ ୩. ମହତ୍ ।

**ମହାନଗର, ମହାନଗରୀ ବି.** ୧. ବଡ଼ ସହର ୨. ପୌରାଞ୍ଚଳ, ମ୍ୟୁନିସ୍‌ପାଲଟି କର୍ପୋରେସନ୍, ମେଟ୍ରୋ ଇତ୍ୟାଦି ।

**ମହାନନ୍ଦ ବି.** ଶ୍ରେଷ୍ଠ ଆନନ୍ଦ, ମୋକ୍ଷ, ପରମ ଆନନ୍ଦ ।

**ମହାନବମୀ ବି.** ଆଶ୍ୱିନ ଶୁକ୍ଳ ନବମୀ ।

**ମହାନାୟକ ବି.** ୧. ଶ୍ରେଷ୍ଠ ନେତା ୨. ଶ୍ରେଷ୍ଠ ଅଭିନେତା ।

**ମହାନିଦ୍ରା ବି.** ମୃତ୍ୟୁ ।

**ମହାନିମ୍ବ ବି.** ଏକ ବିଶାଳ ଦ୍ରୁମ ବିଶେଷ ।

**ମହାନିର୍ବାଣ ବି.** ୧. ମୋକ୍ଷ ପ୍ରାପ୍ତି ୨. ବୁଦ୍ଧଙ୍କ ଦେହତ୍ୟାଗ ।

**ମହାନିଶା ବି.** ୧. ରାତିର ଦ୍ୱିତୀୟ ଓ ତୃତୀୟ ପ୍ରହର ୨. ପ୍ରଳୟ ରାତ୍ରି ।

**ମହାନୁପ୍ରାଣତା ବି.** ମହାନୁଭବତା, ଉଚ୍ଚମନ ।

**ମହାନୁଭବ ବି. ବିଂ.** ଉଦାର ହୃଦୟଯୁକ୍ତ, ଉଚ୍ଚମନା, ମହାଜ୍ଞାନୀ ।

**ମହାପଦ୍ମ ବି.** ଏକ ଲକ୍ଷ କୋଟି ସଂଖ୍ୟା ।

**ମହାପଶୁ ବି.** ଦେବୀଙ୍କର ବଳିରୂପେ ବ୍ୟବହୃତ ମଇଁଷି (ଅବଲୁପ୍ତ ପ୍ରଥା) ।

**ମହାପାତକ,ମହାପାପ ବି.** ଜଘନ୍ୟ ପାପ କର୍ମ, ଯଥା-୧. ବ୍ରହ୍ମହତ୍ୟା ୨. ବ୍ରହ୍ମସ୍ୱ ହରଣ ୩. ସୁରାପାନ ୪. ଗୁରୁପତ୍ନୀ ହରଣ ।

**ମହାପୁରାଣ ବି.** ବ୍ୟାସଙ୍କ ରଚିତ ଅଷ୍ଟାଦଶ ପୁରାଣ ।

**ମହାପୁରୁଷ ବି.** ମହାତ୍ମା, ଆଲୌକିକ ଶକ୍ତି ସମ୍ପନ୍ନ ବ୍ୟକ୍ତି ।

**ମହାପୂଜା ବି.** ଶାରଦୀୟ ଦୁର୍ଗାପୂଜା ।

**ମହାପ୍ରପଞ୍ଚ ବି.** ଜଗତ୍ ପ୍ରବାହ ।

**ମହାପ୍ରଭୁ ବି.** ୧. ପରମେଶ୍ୱର ୨. ଶ୍ରୀଜଗନ୍ନାଥ ୩. ଶ୍ରୀ ଚୈତନ୍ୟ ୪. ପୂଜାସ୍ପଦ ବ୍ୟକ୍ତି ।

**ମହାପ୍ରୟାଣ ବି.** ୧. ମୃତ୍ୟୁ ୨. ମହାପୁରୁଷଙ୍କର ତିରୋଧାନ ।

**ମହାପ୍ରସ୍ଥାନ ବି.** ମୃତ୍ୟୁ, ଦେହାବସାନ ।

**ମହାପ୍ରଳୟ ବି.** ସମଗ୍ର ସୃଷ୍ଟିର ଧ୍ୱଂସ ।

**ମହାପ୍ରସାଦ ବି.** ପୁରୀର ଶ୍ରୀଜଗନ୍ନାଥଙ୍କୁ ଅର୍ପିତ ସଙ୍କୁଡି ଓ ଶୁଖିଲା ଭୋଗ ।

**ମହାପ୍ରାଣ ଧ୍ୱନି ବି.** ଯେଉଁ ସବୁ ବର୍ଣ୍ଣ ଉଚ୍ଚାରଣ ପାଇଁ ଅଧିକ ଶ୍ୱାସବାୟୁ ଆବଶ୍ୟକ ପଡେ ଯଥା- ଖ,ଘ, ଛ, ଝ, ଠ ଇତ୍ୟାଦି ।

**ମହାଫିଜଖାନା, ମହାଫିସଖାନା ବି.** ଦପ୍ତରର ଦଲିଲ ପତ୍ର ସଂରକ୍ଷିତ ହୋଇ ରହିବାର କୋଠରୀ, ରେକର୍ଡରୁମ୍ ।

**ମହାବଳ ବିଂ.** ଅତ୍ୟନ୍ତ ଶକ୍ତିଶାଳୀ; **ବି.ବିଂ.** ପଟାଳିଆ ବାଘ ।

**ମହାବଳୀ ବି.** ୧. ମହାଯୋଦ୍ଧା ୨. ହନୁମାନ; **ବିଂ.** ଅତି ପରାକ୍ରମୀ।

**ମହାବାକ୍ୟ ବି.** ୧. ଆପ୍ତବାକ୍ୟ ୨. ବିବାହ ବେଦୀରେ ହସ୍ତବନ୍ଧନ ସମୟରେ ଉଚ୍ଚାରିତ ବୈଦିକ ମନ୍ତ୍ର ୩. ମହାପୁରୁଷଙ୍କ ଜ୍ଞାନଗର୍ଭବାଣୀ ।

**ମହାବାରୁଣୀ ବି.** ଚୈତ୍ରମାସ କୃଷ୍ଣପକ୍ଷ ତ୍ରୟୋଦଶୀ ତିଥିରେ ଶତଭିଷା ନକ୍ଷତ୍ରର ସଂଯୋଗ ଘଟିଲେ ହେବା ବାରୁଣୀ ତୀର୍ଥ ସ୍ନାନ ଯୋଗ ।

**ମହାବାହୁ ବି. ବିଂ.** ୧. ଦୀର୍ଘ ଓ ଶକ୍ତିଶାଳୀ ବାହୁଯୁକ୍ତ ୨. ଅତ୍ୟନ୍ତ ବଳଶାଳୀ ; **ବି.** ଶ୍ରୀଜଗନ୍ନାଥ ।

**ମହାବିଦ୍ୟା ବି.** ମୃତ ବ୍ୟକ୍ତିକୁ ପୁଣି ଥରେ ଜୀବିତ କରିବାର ବିଦ୍ୟା।

**ମହାବିଦ୍ୟାଳୟ ବି.** ଉଚ୍ଚ ଶିକ୍ଷାୟତନ, କଲେଜ ।

**ମହାବିନାୟକ ବି.** ଗଣେଶ ।

**ମହାବିପଦ, ମହାବିପତ୍ତି ବି.** ଘୋର ବିପତ୍ତି ।

**ମହାବିଷୁବ ବି.** ବିଷୁବ ବା ପଣା ସଂକ୍ରାନ୍ତି, ସୂର୍ଯ୍ୟଙ୍କର ଶେଷ ରାଶିକୁ ସଂକ୍ରମଣ ।

**ମହାବୀର ବିଂ.** ଅମିତ ବଳଶାଳୀ; **ବି.** ୧. ହନୁମାନ ୨. ଶେଷ ଜୈନ ତୀର୍ଥଙ୍କରଙ୍କ ନାମ ୩. ମହାନ୍ ବୀର ।

**ମହାବୈଦ୍ୟ ବି.** ୧. ନିମ୍ନ ସ୍ତରର ଚିକିତ୍ସକ ୨. ଯମ ।

**ମହାବ୍ୟାଧି ବି.** କୁଷ୍ଠ, ଯକ୍ଷ୍ମା ଅଥବା କର୍କଟ ପରି ଦୁରାରୋଗ୍ୟବ୍ୟାଧି ।

**ମହାବ୍ୟାହୃତି ବି.** ଗାୟତ୍ରୀ ମନ୍ତ୍ରର ପ୍ରଣବାଂଶ ।

**ମହାବ୍ୟୋମ** *ବି.* ଅନ୍ତରୀକ୍ଷ, ମହାଶୂନ୍ୟ ।

**ମହାଭାଗ** *ବି. ବିଂ.* ୧. ମହାଶୟ, ସମ୍ମାନନୀୟ ବ୍ୟକ୍ତି ୨. ଦୟା, ଦାକ୍ଷିଣ୍ୟପ୍ରଭୃତି ସଦ୍‌ଗୁଣଯୁକ୍ତ ।

**ମହାଭାଗ୍ୟ** *ବି.* ଅତ୍ୟନ୍ତ ସୌଭାଗ୍ୟ ବା ଉତ୍ତମ ଭାଗ୍ୟ ।

**ମହାଭାବ** *ବି.* ପ୍ରେମଭକ୍ତିରେ ଉନ୍ମତ୍ତ ଚରମ ଅବସ୍ଥା ।

**ମହାଭାରତ** *ବି.* ବ୍ୟାସଙ୍କ ରଚିତ କୁରୁପାଣ୍ଡବ କାହାଣୀ ସମ୍ବଳିତ ମହାକାବ୍ୟ, ଶାରଳା ଦାସ ରଚିତ ଓଡ଼ିଆ ମହାକାବ୍ୟ ।

**ମହାଭାରତ ଯୁଦ୍ଧ** *ବି.* କୌରବ ପାଣ୍ଡବଙ୍କ ମଧ୍ୟରେ ଘଟିଥିବା ୧୮ ଦିନ ବ୍ୟାପୀ ଯୁଦ୍ଧ ।

**ମହାଭାରତୀୟ** *ବିଂ.* ୧. ଅଖଣ୍ଡ ଭାରତ ସମ୍ପର୍କିତ ୨. ସର୍ବ ଭାରତୀୟ ଭାବଧାରା ସମ୍ବନ୍ଧିତ ।

**ମହାଭୂତ** *ବି.* କ୍ଷିତି, ଅପ୍, ତେଜ, ମରୁତ୍, ବ୍ୟୋମ-ଏହି ପଞ୍ଚଭୂତ ।

**ମହାଭୋଳା, ମହାଭୋଳ** *ବି. ବିଂ.* ଯେ ସବୁ କଥା ଭୁଲି ଯାଏ ।

**ମହାମଣ୍ଡଳ** *ବି.* ୧. ମହାସଭା ୨. ମହାସଂଘ ୩. ବିସ୍ତୃତ ଅଞ୍ଚଳ ୪. ଦୀର୍ଘକାୟ ସାପ ବିଶେଷ, ଚନ୍ଦ୍ର ବୋଡ଼ା ।

**ମହାମତି** *ବିଂ.* ଉଦାର ଚେତନା ଯୁକ୍ତ, ଉଚ୍ଚମନା ; *ବି.* ୧. ଗଣେଶ ୨. ବୃହସ୍ପତି ।

**ମହାମନା** *ବି. ବିଂ.* ଉଦାରଚେତା, ଉଚ୍ଚମନା (ବ୍ୟକ୍ତି) ।

**ମହାମନ୍ତ୍ର** *ବି.* ଶକ୍ତିଶାଳୀ ମନ୍ତ୍ର, ଇଷ୍ଟମନ୍ତ୍ର ।

**ମହାମନ୍ତ୍ରୀ** *ବି.* ପାଟମନ୍ତ୍ରୀ ।

**ମହାମହିମ** *ବିଂ.* ୧. ଉଚ୍ଚ ମହିମା ଯୁକ୍ତ ୨. ମହାପ୍ରତାପୀ, ସୁମହାନ୍, ପ୍ରଭୁତ୍ୱସମ୍ପନ୍ନ ; *ବି.* ପରମ ମାନନୀୟ ବ୍ୟକ୍ତିଙ୍କୁ ସମ୍ବୋଧନ ।

**ମହାମାଈ,ମହାମାୟୀ** *ବି.* ଦୁର୍ଗା, କାଳୀ, ମହାମାୟା, ଠାକୁରାଣୀ ।

**ମହାମାନବ** *ବି.* ମହାପୁରୁଷ, ବିଶିଷ୍ଟ ଗୁଣସମ୍ପନ୍ନ ବ୍ୟକ୍ତି ।

**ମହାମାନୀ** *ବିଂ.* ଅତି ଅହଙ୍କାରୀ, ଅଭିମାନୀ, ଅତି ଗୌରବଶାଳୀ ।

**ମହାମାନ୍ୟ** *ବିଂ.* ୧. ବିଶେଷ ସମାନର ଅଧିକାରୀ ୨. ସର୍ବମାନ୍ୟ ।

**ମହାମାୟା** *ବି.* ଆଦ୍ୟାଶକ୍ତି, ଦୁର୍ଗା, ଭଗବତୀ ।

**ମହାମାରୀ** *ବି.* ମଡ଼କ, ସଂକ୍ରାମକ ରୋଗଯୋଗୁଁ ବହୁଲୋକଙ୍କ ମୃତ୍ୟୁ ।

**ମହାମୁଦ୍ରା** *ବି.* ତନ୍ତ୍ରବର୍ଣ୍ଣିତ ଆଙ୍ଗୁଳିଦ୍ୱାରା ରଚିତ ମୁଦ୍ରା ବିଶେଷ ।

**ମହାମୁନି** *ବି.* ୧. ମୁନିଶ୍ରେଷ୍ଠ ୨. ବ୍ୟାସ ୩. ଅଗସ୍ତି ଋଷି ୪. ବୁଦ୍ଧଦେବ ୫. କୃପାଚାର୍ଯ୍ୟ ।

**ମହାମୃତ୍ୟୁଞ୍ଜୟ** *ବି.* ଶିବ ।

**ମହାମୃତ୍ୟୁଞ୍ଜୟ ମନ୍ତ୍ର** *ବି.* ମହାଦେବଙ୍କ ମନ୍ତ୍ର, ମୃତ୍ୟୁରୋଧକ ମନ୍ତ୍ର ।

**ମହାମୋହ** *ବି.* ସଂସାର ବିଷୟାସକ୍ତି ରୂପକ ଅଜ୍ଞାନତା ।

**ମହାମ୍ଳ** *ବି.* ତିନ୍ତୁଳି ।

**ମହାଯଜ୍ଞ** *ବି.* ପ୍ରଧାନ ଯଜ୍ଞ, ହିନ୍ଦୁମାନଙ୍କର ପାଞ୍ଚଗୋଟି ନିତ୍ୟ କର୍ତ୍ତବ୍ୟ (ବେଦାଧ୍ୟୟନ, ଅଗ୍ନିହୋତ୍ର ହୋମ, ତର୍ପଣ, ଅତିଥି ସେବା, ଜୀବଗଣଙ୍କୁ ଖାଦ୍ୟଦାନ) ।

**ମହାଯମକ** *ବି.* ଶବ୍ଦାଳଙ୍କର ବିଶେଷ, ଭିନ୍ନାର୍ଥବାଚକ ଶବ୍ଦର ବାରମ୍ବାର ପ୍ରୟୋଗ ।

**ମହାଯଶା** *ବିଂ.* ଅତିଶୟ ଯଶଶାଳୀ ।

**ମହାଯାତ୍ରା** *ବି.* ମୃତ୍ୟୁ, ମହାପୁରୁଷଙ୍କର ଦେହାବସାନ ।

**ମହାଯାନ** *ବି.* ନାଗାର୍ଜୁନ ପ୍ରବର୍ତ୍ତିତ ବୌଦ୍ଧ ଦର୍ଶନ ଓ ଅନୁଗାମୀ ସମ୍ପ୍ରଦାୟ ।

**ମହାଯୁଗ** *ବି.* ଚାରି ଯୁଗର ସମଷ୍ଟି ।

**ମହାଯୁଦ୍ଧ** *ବି.* ଭୟଙ୍କର ଯୁଦ୍ଧ, ବିଶ୍ୱଯୁଦ୍ଧ ।

**ମହାଯୋଗ** *ବି.* ୧. ସୁସମୟ ୨. କଠୋର ସାଧନା ।

**ମହାଯୋଗୀ** *ବି.* ୧. ଶିବ ୨. ବିଷ୍ଣୁ ୩.ଉଚ୍ଚକୋଟୀର ଯୋଗ ସାଧକ ।

**ମହାଯୋଗେଶ୍ୱର** *ବି.* ୧. ବିଷ୍ଣୁ, ଭଗବାନ ୨. ଶିବ ।

**ମହାଯୋଗେଶ୍ୱରୀ** *ବି.* ଦୁର୍ଗା ।

**ମହାରଣା** *ବି.* ୧. ପାରମ୍ପରିକ ବଢ଼େଇ, କମାର, ପଥୁରିଆ ବା ଚିତ୍ରକର ୨.ଏମାନଙ୍କର ବଂଶର ପାରମ୍ପରିକ ଉପାଧି ।

**ମହାରଥୀ** *ବି.* ଅସାଧାରଣ ଯୋଦ୍ଧା ।

**ମହାରାଜ** *ବି.* ୧. ସମ୍ରାଟ, ଅଧିରାଜ ୨. ଦୀକ୍ଷାଗୁରୁ ତଥା ପୂଜ୍ୟ ବ୍ୟକ୍ତିଙ୍କୁ ପ୍ରଦତ୍ତ ଆଖ୍ୟା ୩. ମଠର ମହନ୍ତ ବା ଅଧ୍ୟକ୍ଷ ୪. ସମ୍ମାନନୀୟ ବ୍ୟକ୍ତି ।

**ମହାରାଜା** *ବି.* ୧. ସାମନ୍ତରାଜା ୨. ଇଂରେଜ ଶାସନ କାଳରେ ବଡ଼ ବଡ଼ ଜମିଦାରଙ୍କୁ ଦିଆଯାଉଥିବା ସମ୍ମାନସୂଚକ ଉପାଧି ୩. ସମ୍ରାଟ ।

**ମହାରାଣୀ** *ବି.* ମହାରାଜଙ୍କ ପତ୍ନୀ, ସମ୍ରାଟଙ୍କ ମହିଷୀ ।

**ମହାରାତ୍ରି** *ବି.* ୧. ପ୍ରଳୟର ରାତ୍ରି ୨. ମହାଷ୍ଟମୀର ରାତ୍ରି ।

**ମହାରିଷ୍ଟ** *ବି.* ଜ୍ୟୋତିଷ ଶାସ୍ତ୍ର ବର୍ଣ୍ଣିତ ଅନିଷ୍ଟ ଯୋଗ ।

**ମହାରୁଦ୍ର** *ବି.* ଶିବଙ୍କ ଧ୍ୱଂସାତ୍ମକ ମୂର୍ତ୍ତି ।

**ମହାରୋଗ** *ବି.* ଉନ୍ମାଦ, କୁଷ୍ଠ, ରାଜଯକ୍ଷ୍ମା ଆଦି ଅସାଧ୍ୟ ରୋଗ ।

**ମହାର୍ଘ** *ବିଂ.* ଅତି ମୂଲ୍ୟବାନ, ଦୁର୍ମୂଲ୍ୟ ।

**ମହାର୍ଣ୍ଣବ** *ବି.* ମହାସାଗର ।

**ମହାଳୟା** *ବି.* ଆଶ୍ୱିନ ମାସର ଅମାବାସ୍ୟା ତିଥି ।

**ମହାଳୟା ଶ୍ରାଦ୍ଧ** *ବି.* ମଉଳା ଶ୍ରାଦ୍ଧ, ପିତୃପକ୍ଷରେ ବା ଆଶ୍ୱିନ ଅମାବାସ୍ୟା ଦିନ କରାଯାଉଥିବା ପିତୃଶ୍ରାଦ୍ଧ ।

**ମହାଲ, ମାହାଲ** ***ବି.*** ଜମିଦାରିର ଅଂଶ ବା ଅଞ୍ଚଳ ।

**ମହାଲକ୍ଷ୍ମୀ** ***ବି.*** ୧. ବିଷ୍ଣୁଙ୍କ ପତ୍ନୀ, ନାରାୟଣୀ ୨. ଧନଦାତ୍ରୀ ଦେବୀ ।

**ମହାଲକ୍ଷ୍ମୀ ଓଷା** ***ବି.*** ମାର୍ଗଶିର ମାସର ପ୍ରତି ଗୁରୁବାର ଦିନ କରାଯାଉଥିବା ଲକ୍ଷ୍ମୀ ପୂଜା, ମାଣବସା, ଗୁରୁବାର ଓଷା ।

**ମହାଲକ୍ଷ୍ମୀ ପୂଜା** ***ବି.*** କୁମାର ପୂର୍ଣ୍ଣିମାର ପୂଜା, ଲକ୍ଷ୍ମୀଙ୍କ ପୂଜା ।

**ମହାଶକ୍ତି** ***ବି.*** ଆଦ୍ୟାଶକ୍ତି ।

**ମହାଶୟ** ***ବି.*** ୧. ଉଦାର ଚେତନାଯୁକ୍ତ ବ୍ୟକ୍ତି ୨. ସମ୍ମାନସୂଚକ ସମ୍ବୋଧନ ।

**ମହାଶୁକ୍ଳା** ***ବି.*** ସରସ୍ୱତୀ ।

**ମହାଶୂନ୍ୟ** ***ବି.*** ମହାକାଶ, ଅନ୍ତରୀକ୍ଷ, ସୂର୍ଯ୍ୟଙ୍କ ପ୍ରଭାବ ବହିର୍ଭୂତ ଆକାଶ ।

**ମହାଶ୍ୱେତା** ***ବି.*** ୧. ସରସ୍ୱତୀ ୨. ଦୁର୍ଗା ।

**ମହାଶ୍ମଶାନ** ***ବି.*** ୧. ସର୍ବଦା ଶବଦାହ ହେଉଥିବା ଶ୍ମଶାନ ୨. ସିଦ୍ଧ ମଶାଣି ।

**ମହାଷ୍ଟମୀ** ***ବି.*** ଶରତ ଋତୁର ଦୁର୍ଗା ପୂଜାର ଅଷ୍ଟମୀତିଥି ।

**ମହାସଭା** ***ବି.*** ୧. ରାଷ୍ଟ୍ରର ପ୍ରତିନିଧିମୂଳକ ବ୍ୟବସ୍ଥାପକ ସଭା ୨. ବଡ଼ ଧରଣର ସଭା ।

**ମହାସମୁଦ୍ର,ମହାସାଗର,ମହାସିନ୍ଧୁ** ***ବି.*** ଅତିବୃହତ୍ ସମୁଦ୍ର ବା ସାଗର ।

**ମହାସୁଆର** ***ବି.*** ରାଜା ଓ ଦେବତାଙ୍କ ବ୍ୟଞ୍ଜନ ପ୍ରସ୍ତୁତ କରୁଥିବା ବ୍ରାହ୍ମଣ ସୁପକାର ।

**ମହାସୁଲ,ମାହାସୁଲ** ***ବି.*** ଭଡ଼ା, ଯେକୌଣସି ଦ୍ରବ୍ୟ ପଠାଇବାର ଖର୍ଚ୍ଚ ।

**ମହାସ୍ନାନ** ***ବି.*** ସୁବାସିତ ଦ୍ରବ୍ୟମିଶ୍ରିତ ତୀର୍ଥଜଳରେ ଦେବ ପ୍ରତିମାନଙ୍କର ସ୍ନାନ ।

**ମହି** ***ବି.*** ଖଟା ଦହି, ଜୁଆ, ମାରଣ, ଚଲହା, ଘୋଳଦହି ।

**ମହିଆ** ***ବିଂ.*** ଖଟା ଓ ରହଣିଆ ।

**ମହିଧର, ମହୀଧର** ***ବି.*** ପର୍ବତ ।

**ମହିପତି, ମହୀପତି, ମହିପାଳ, ମହୀପାଳ** ***ବି.*** ରାଜା ।

**ମହିବିଲା** ***ବି.*** ୧. ଦଧି ମନ୍ଥନ ଦଣ୍ଡ ୨. ଦଧି ମନ୍ଥନ କାର୍ଯ୍ୟ ।

**ମହିମଣ୍ଡନ** ***ବିଂ.*** ଅତି ସୁନ୍ଦର (*ସ୍ତ୍ରୀ.* ମହିମଣ୍ଡନା)।

**ମହିମଣ୍ଡଳ, ମହୀମଣ୍ଡଳ** ***ବି.*** ସମଗ୍ର ପୃଥିବୀ ।

**ମହିମା** ***ବି.*** ୧. ଗୌରବ, ମହତ୍ତ୍ୱ ୨. ଶିବଙ୍କ ବିଭୂତି ବିଶେଷ ୩. ଅଷ୍ଟଐଶ୍ୱର୍ଯ୍ୟରୁ ଗୋଟିଏ ।

**ମହିମା କୀର୍ତ୍ତନ** ***ବି.*** ମାହାତ୍ମ୍ୟ ବର୍ଣ୍ଣନ, ଗୌରବଗାନ ।

**ମହିମାଗାଦି** ***ବି.*** ଢେଙ୍କାନାଳର ଯୋରନ୍ଦା ଗ୍ରାମରେ ଥିବା ମହିମାଧର୍ମର ପୀଠ ।

**ମହିମା ଗୋସାଇଁ** ***ବି.*** ମହିମା ଧର୍ମର ପ୍ରତିଷ୍ଠାତା ମହାପୁରୁଷ ।

**ମହିମାଧର୍ମ** ***ବି.*** ଅଲେଖ ଧର୍ମ ।

**ମହିମାଧର୍ମୀ** ***ବି. ବିଂ.*** ମହିମା ଧର୍ମର ଦୀକ୍ଷିତ ବ୍ୟକ୍ତି ।

**ମହିମାନ୍ୱିତ, ମହିମାମଣ୍ଡିତ** ***ବି.*** ମହିମାଯୁକ୍ତ, ଗୌରବଯୁକ୍ତ ।

**ମହିମାବ୍ୟଞ୍ଜକ** ***ବିଂ.*** ମାହାତ୍ମ୍ୟ ବିଜ୍ଞାପକ, ଗୌରବସୂଚକ ।

**ମହିରୁହ, ମହୀରୁହ** ***ବି.*** ବଡ଼ ଗଛ ।

**ମହିଳା** ***ବି.*** ୧. ସମ୍ଭ୍ରାନ୍ତ ପରିବାରର ରମଣୀ ୨. ନାରୀ ।

**ମହିଷ** ***ବି.*** ମଈଁଷି, ଭଏଁସ୍ ।

**ମହିଷଟିପା** ***ବି.*** ମଈଁଷି ବେକରେ ବନ୍ଧା ଯାଉଥିବା କାଠର ଘଣ୍ଟି ।

**ମହିଷପାଳ, ମହିଷିଆଳ** ***ବି.*** ମଈଁଷି ଜଗିବା ଲୋକ ।

**ମହିଷବଳି** ***ବି.*** ଶରତକାଳୀନ ଦୁର୍ଗାପୂଜା ବା ବାସନ୍ତୀ ଦୁର୍ଗାପୂଜା ଅବସରରେ ଦେବୀଙ୍କ ଆଗରେ ଦିଆଯାଉଥିବା ଅଣ୍ଡିରା ମଈଁଷି (ପଣ୍ଡା) ବଳି (ଲୁପ୍ତପ୍ରଥା) ।

**ମହିଷବାହନ** ***ବି.*** ଯମ ।

**ମହିଷମର୍ଦ୍ଦିନୀ** ***ବି.*** ମହିଷାସୁରକୁ ବଧ କରିଥିବା ଦୁର୍ଗା ।

**ମହିଷାଳ** ***ବି.*** ମଈଁଷି ଚରାଉଥିବା ବା ଜଗୁଥିବା ବ୍ୟକ୍ତି, ମଈଁଷିଆଳ ।

**ମହିଷାସୁର** ***ବି.*** ମଈଁଷି ରୂପଧାରୀ ପୌରାଣିକ ଅସୁର ବିଶେଷ ।

**ମହିଷୀ** ***ବି.*** ୧. ମାଈ ମଈଁଷି ୨. ପାଟରାଣୀ ୩. ରାଜପତ୍ନୀ ।

**ମହୀ** ***ବି.*** ପୃଥିବୀ ।

**ମହୀତଳ** ***ବି.*** ଭୂତଳ, ଭୂପୃଷ୍ଠ ।

**ମହୀୟାନ୍** ***ବିଂ.*** ଅତିମହାନ୍, ସମ୍ମାନାସ୍ପଦ ।

**ମହୀରୁହ** ***ବି.*** ବୃକ୍ଷ, ଗଛ ।

**ମହୁ** ***ବି.*** ଫୁଲଭିତରେ ଥିବା ମଧୁର ରସ ।

**ମହୁଆ** ***ବିଂ.*** ମହୁପରି ମିଠା; ***ବି.*** ୧. ମହୁଲ ଗଛ ୨. ମହୁଲି, ମହୁଲି ମଦ ।

**ମହୁଘରା** ***ବି.*** ମହୁଫେଣା ।

**ମହୁଫେଣା** ***ବି.*** ୧. ମହୁମାଛି ଫୁଲର ରସକୁ ମହୁ ରୂପରେ ସଞ୍ଚି ରଖିବା ଫେଣା ୨. ଚିତୋଉ ପିଠା ।

**ମହୁମାଛି** ***ବି.*** ମଧୁସଂଗ୍ରହ କରୁଥିବା କୀଟ ବା ମାଛି ।

**ମହୁର** ***ବି.*** ୧. ଆମିଷଯୁକ୍ତ ଘାଣ୍ଟ ତରକାରୀ ୨. ନାନା ପ୍ରକାର ପରିବା ମିଶି ଗୋଲମରିଚ ଗୁଣ୍ଡ ଦିଆ ଘାଣ୍ଟ ତରକାରୀ ।

**ମହୁରା** ***ବି.*** ୧. ବୃକ୍ଷରୁ ଜାତ ବିଷ ବିଶେଷ ୨. କଳାରୂପ ।

**ମହୁରାଢ଼ି, ମହୁରାଳି** ***ବି.*** ୧. ଏକ ଜାତୀୟ ଛୋଟ ମାଛ ୨. ଏକ ପ୍ରକାର ଆମ୍ବ ।

**ମହୁରି** *ବି.* ୧. ପେଁଅଁକାଳି ବା ଏକ ପ୍ରକାର ତୂରୀ (ବାଦ୍ୟଯନ୍ତ୍ର) ୨. ପାଇଜାମାର ତଳ ଗୋଲେଇ ମାପ ୩. ପାନ ମଧୁରି ବା ପାନ ମହୁରି ନାମକ ମସଲା।

**ମହୁରିଆ** *ବି.* ମହୁରି ବଜାଉଥିବା ବ୍ୟକ୍ତି ବା ଜାତି ବିଶେଷ ।

**ମହୁଲ** *ବି.* ଏକ ଜାତୀୟ ବୃକ୍ଷ ଓ ତାର ଅଳ୍ପ ମିଠା ଫୁଲ ବା ଫଳ ।

**ମହୁଲ ମଦ** *ବି.* ମହୁଲ ଫୁଲରୁ ଅର୍କ ରୂପେ ବାହାର କରାଯାଉଥିବା ମଦ, ମହୁଲି ମଦ ।

**ମହୁଲି** *ବି.* ମହୁଲ ଫଳରୁ ପ୍ରସ୍ତୁତ ମଦ ।

**ମହେଶ, ମହେଶ୍ୱର** *ବି.* ଶିବ ।

**ମହୋତ୍ସବ** *ବି.* ୧. ମହାନ ଉତ୍ସବ, ଆନନ୍ଦ ଉପଭୋଗର ବିପୁଳ କାର୍ଯ୍ୟକ୍ରମ ୨. ବୈଷ୍ଣବ ସମ୍ପ୍ରଦାୟର ସଂକୀର୍ତ୍ତନ ଓ ପ୍ରସାଦ ସେବନ, ମଉଛବ ୩. ଉତ୍ସବ ।

**ମହୋଦଧି** *ବି.* ମହାସାଗର, ସମୁଦ୍ର ।

**ମହୋଦୟ** *ବି.ବିଂ.* ମହାଶୟ, ସମ୍ମାନନୀୟ ବ୍ୟକ୍ତି ; *ବି.* କର୍ତ୍ତୃତ୍ୱ ।

**ମହୋପକାରୀ** *ବିଂ.* ବିଶେଷ ହିତକର, ଉପକାରୀ, ସାହାଯ୍ୟକାରୀ ।

**ମହୋଲ୍ଲାସ** *ବି.* ଅତ୍ୟନ୍ତ ଆନନ୍ଦ ।

**ମହୌଷଧି** *ବି.* ୧. ଅବ୍ୟର୍ଥ ଔଷଧ ୨. ଦୁର୍ବା, ଦୁବ ।

**ମକ୍ଷି** *ବି.* ମାଛି ।

**ମକ୍ଷିକା, ମକ୍ଷୀକା** *ବି.* ମାଛି ।

**ମକ୍ଷିଚୁସ୍** *ବିଂ.* କୃପଣ ।

**ମାଂସ** *ବି.* ମାଉଁସ, ଶରୀରର କୋମଳାଂଶ ।

**ମାଂସପେଶି, ମାଂସପେଶୀ** *ବି.* ଶରୀରର ମାଂସପିଣ୍ଡକୁ ପରସ୍ପର ବାନ୍ଧିବା ଓ ସଂଚାଳନ କରୁଥିବା ମାଂସ ପିଣ୍ଡ ।

**ମାଂସବିକ୍ରେତା** *ବିଂ.* ମାଂସ ବିକୁଥିବା ବ୍ୟକ୍ତି, କଂସେଇ ।

**ମାଂସଭୋଜୀ** *ବିଂ.* ମାଂସ ଭକ୍ଷକ, ମାଂସ ଖାଉଥିବା ।

**ମାଂସାହାର** *ବି.* ମାଂସ ଭୋଜନ ।

**ମାଂସଳ** *ବିଂ.* ମୋଟା ବା ମାଉଁସିଆ, ଅଧିକ ମାଂସଯୁକ୍ତ ।

**ମାଂସାଶୀ** *ବିଂ.* ମାଂସ ଭୋଜୀ ।

**ମା, ମାଆ** *ଅ.* ୧. ମାତା, ଜନନୀ ୨. ଲକ୍ଷ୍ମୀ ୩. ଦେବୀ ୪. ମାତୃସ୍ଥାନୀୟା ନାରୀ ୫. କନ୍ୟା କିମ୍ବା ନାରୀଙ୍କ ପ୍ରତି ସମ୍ବୋଧନ ।

**ମାଆ ଛେଉଣ୍ଡ** *ବିଂ.* ବାଲ୍ୟକାଳରୁ ମାକୁ ହରାଇଥିବା ସନ୍ତାନ ।

**ମାଆମାଟି** *ବି.* ଜନ୍ମଭୂମି ।

**ମାଆ ଲୋ** *ଅ.* ବିସ୍ମୟ, କଷ୍ଟ ବା ଦୁଃଖରେ ଉଚ୍ଚାରିତ ଧ୍ୱନି ।

**ମାଆ ସାଆନ୍ତାଣୀ** *ବି.* ଗୃହକର୍ତ୍ତ୍ରୀ ।

**ମାଇ** *ବିଂ.* ୧. ମାଇଚିଆ, ସ୍ତୈଣ ୨. ମୁଖ୍ୟ, ବଡ଼ ୩. ସ୍ତ୍ରୀଲିଙ୍ଗୀ।

**ମାଇଆ, ମାଇ୍ଆ** *ବି.ବିଂ.* ୧. ମାଇଚିଆ, ନାରୀସ୍ୱଭାବଯୁକ୍ତ ପୁରୁଷ ୨. ସ୍ତ୍ରୀ ବୁଦ୍ଧିରେ ପରିଚାଳିତ ।

**ମାଇକ୍** *ବି.* ଡାକବାଜି ଯନ୍ତ୍ର, ମାଇକ୍ରୋଫୋନ୍ ।

**ମାଇକି, ମାଏକି** *ବି.* ମା'ରାଣ, ମା' ନାଁରେ ରାଣ ଖାଇବା।

**ମାଇକିନିଆ** *ବି.* ୧. ସ୍ତ୍ରୀ ଲୋକ ୨. ପତ୍ନୀ, ଭାର୍ଯ୍ୟା ।

**ମାଇକିନିଆ ଲୋକ** *ବି.* ନାରୀ, ସ୍ତ୍ରୀଲୋକ ।

**ମାଇକ୍ରୋସ୍କୋପ୍** *ବି.* ଅଣୁବୀକ୍ଷଣ ଯନ୍ତ୍ର ।

**ମାଇଖେଡ଼** *ବି.* ୧. ମୂଳ ୨. ପ୍ରଥମ ଗଜାରୁ ଉଠିବା ଶସ୍ୟ କେଣ୍ଡା।

**ମାଇଗୁଲିଆ,ମାଇବୋଲା** *ବିଂ.* ସ୍ତ୍ରୀ ବୁଦ୍ଧିରେ ପରିଚାଳିତ, ସ୍ତ୍ରୀର ନିର୍ଦ୍ଦେଶକୁ ପାଳନ କରୁଥିବା, ସ୍ତ୍ରୈଣ, ସ୍ତ୍ରୀର ବଶୀଭୂତ ।

**ମାଇଚିଆ** *ବିଂ. ବି.* ୧. ନାରୀର ବେଶଭୂଷଣ ଓ ପ୍ରସାଧନ ବ୍ୟବହାରକାରୀ ୨. ନାରୀ ମେଳରେ ରହୁଥିବା ବ୍ୟକ୍ତି ୩. ନାରୀଭଳି ବ୍ୟବହାର କରିବା ପୁରୁଷ, ମାଇ ।

**ମାଇତି ଗୋଇତି** *ବି.* କୁଳଗୋତ୍ର, କୁଳଶୀଳ ।

**ମାଇନ୍** *ବି.* ୧. ଖଣି ୨. ମାଟି ବା ପାଣିତଳେ ଖଞ୍ଜା ଯାଇଥିବା ବିସ୍ଫୋରକ ।

**ମାଇନ** *ବି.* ସଂଭ୍ରମ, ମାନ୍ୟ ।

**ମାଇନ କରିବା** *କ୍ରି.* ୧. ଗୁରୁଜନଙ୍କୁ ସମ୍ମାନ ଦେଖାଇବା ୨. ସମାଜରେ ପ୍ରଚଳିତ ମର୍ଯ୍ୟାଦା ଅନୁସାରେ ଚଳିବା ।

**ମାଇନର୍** *ବି. ବିଂ.* ୧. ନାବାଳକ ୨. ମଧ୍ୟ ଇଂରାଜି ଶ୍ରେଣୀ ପର୍ଯ୍ୟନ୍ତ (ପାଠ୍ୟକ୍ରମ) ୩. କ୍ଷୁଦ୍ର, ଯାହା ଅତି ବଡ଼ ନୁହେଁ ।

**ମାଇନର ସ୍କୁଲ** *ବି.* ମଧ୍ୟ ଇଂରାଜୀ ବିଦ୍ୟାଳୟ ।

**ମାଇନସ୍** *ବି.* ବିୟୋଗ, ଫେଡ଼ାଣ ।

**ମାଇନା** *ବି.* ୧. ପୁଙ୍ଖାନୁପୁଙ୍ଖ ପରୀକ୍ଷା ୨. ମାସିକ ଦରମା ।

**ମାଇପ** *ବି.* ପତ୍ନୀ, ଭାର୍ଯ୍ୟା ।

**ମାଇପ କଥା, ମାଇପୀ କଥା** *ବି.* ସ୍ତ୍ରୀର ଉପଦେଶ, ସ୍ତ୍ରୀର ଅନୁରୋଧ, ସ୍ତ୍ରୀଲୋକଙ୍କ କଥା ।

**ମାଇପ କାନିଧରା** *ବିଂ.* ନିଜ ଭାର୍ଯ୍ୟାର କଥାରେ ଚଳୁଥିବା ।

**ମାଇପବୁଦ୍ଧିଆ** *ବିଂ.* ସ୍ତ୍ରୀ ବୁଦ୍ଧିଦ୍ୱାରା ପରିଚାଳିତ ।

**ମାଇପ ବୋଲକରା, ମାଇପୀ ବୋଲକରା** *ବିଂ.* ସ୍ତ୍ରୀର ଆଦେଶ ପାଳନକାରୀ ।

**ମାଇପବୋଲା** *ବିଂ.* ସ୍ତ୍ରୀ କଥାରେ ଚଳୁଥିବା ।

**ମାଇପ ସୁହାଗ ବି.** ସ୍ତ୍ରୀ ପ୍ରତି ଅତିରିକ୍ତ ଆଦର ।
**ମାଇପ ସୁହାଗୀ ବି.** ସ୍ତ୍ରୀକୁ ଅତିମାତ୍ରାରେ ଆଦର କରୁଥିବା ବ୍ୟକ୍ତି ।
**ମାଇପି ବି.** ନାରୀଜାତି, ସ୍ତ୍ରୀ ଜାତି ।
**ମାଇପିଲା ବି.** ୧. ମା ଓ ଛୁଆ ୨. ଝିଅପିଲା, ସ୍ତ୍ରୀ ଲୋକ।
**ମାଇପୀ ବିଂ.** ନାରୀ ସମ୍ବନ୍ଧୀୟ, ନାରୀଜନୋଚିତ ।
**ମାଇପୀ ସଭା ବି.** ସ୍ତ୍ରୀଲୋକମାନଙ୍କର ସଭା ।
**ମାଇପେ ବି.** ସ୍ତ୍ରୀଲୋକମାନେ ।
**ମାଇଲ ବି.** ୧୭୬୦ ଗଜ ଦୂରତ୍ୱ-ପ୍ରାୟ ୬୬୭ ମିଟର, ଅଧକୋଶ, ଆଠ ଫର୍ଲଙ୍ଗ ।
**ମାଇଲଖୁଣ୍ଟ, ମାଇଲଖୁଣ୍ଟି ବି.** ୧. ସ୍ଥାନର ଦୂରତା ସୂଚକ ଚିହ୍ନିତ ପଥର ଖୁଣ୍ଟ ୨. ଐତିହାସିକ ବା ସ୍ମରଣୀୟ ଘଟଣା।
**ମାଇଲି ମୂଷା ବି.** ଲାଜ ଅପମାନରେ ସାଙ୍କୁଡ଼ିଯିବା ଅବସ୍ଥା ।
**ମାଇଲୁକାନି ବି.** ଲୁଚକାଳି ଖେଳ, ଲୁକ୍‌ଲୁକାନି ।
**ମାଈ ବିଂ.** ସ୍ତ୍ରୀ ଜାତୀୟ; **ବି.** ୧. ନାରୀ ୨. ସ୍ତ୍ରୀଲିଙ୍ଗୀ ପ୍ରାଣୀ ୩. ମାତା ୪. ଦେବୀ ଅଥବା ମାତୃସ୍ଥାନୀୟା ନାରୀ ।
**ମାଇକାକର ବି.** ମାଘ-ଫଗୁଣ ମାସରେ ପଡ଼ୁଥିବା ପାହାନ୍ତି କାକର ବା ଛୋଟ ଛୋଟ ଜଳକଣା, ଶିଶିର ବିନ୍ଦୁ ।
**ମାଈଗଛ ବି.** ଫଳ ଫଳୁ ଥିବା ଗଛ ।
**ମାଈଗୋବର ବି.** ଗାଈର ଗୋବର । ।
**ମାଈଫୁଲ ବି.** ଫଳ ଧରୁଥିବା ଫୁଲ ।
**ମାଈମୁହାଁ ବିଂ.** ଲାଜକୁଳା ।
**ମାଈଶୀତ ବି.** ଶୀତକାଳର ଆଦ୍ୟାବସ୍ଥାରେ ପାହାନ୍ତିଆବେଳେ ହେବା ଶୀତ।
**ମାଉଁସ ବି.** ଜୀବ ଦେହର ମାଂସ ।
**ମାଉଁସିଆ ବିଂ.** ମାଂସଳ, ଯାହା ହାଡୁଆ ବା ମଞ୍ଜିଆ ନୁହେଁ ।
**ମାଉଲି ବି.** ମେଏଲି, ଗ୍ରାମ୍ୟ ଦେବୀ।
**ମାଉସୀ ବି.** ୧. ମା'ଙ୍କର ଭଉଣୀ ୨. ମାତୃତୁଲ୍ୟା ନାରୀଙ୍କୁ ସମ୍ବୋଧନ ।
**ମାଉସୀମା ବି.** ୧. ବାପାଙ୍କର ମାଉସୀ ୨. ମା ରୂପେ ସମ୍ମାନ ପାଉଥିବା ମାଉସୀ ୩. ଧାଈ, ଧାତ୍ରୀ ୪. ଉପମାତା ।
**ମାଉସୀମା ମନ୍ଦିର ବି.** ଘୋଷ ବା ରଥ ଯାତ୍ରାରେ ଯାଉଥିବାବେଳେ ବଡ଼ ଦାଣ୍ଡରେ ଜଗନ୍ନାଥଙ୍କର ବିଶ୍ରାମ ନିବାସ ।
**ମାଉସୀ ଶାଶୁ ବି.** ନିଜ ସ୍ୱାମୀ ଅଥବା ସ୍ତ୍ରୀର ମାଉସୀ ।
**ମାଏଝି, ମାଈଝି ବି.** ସ୍ତ୍ରୀଲୋକ ।
**ମାଏଟ୍ ବି.** ମାଟି ।
**ମାଏନ୍ ବି.** ମାନ୍ୟ।
**ମାଏନ୍ତା, ମେନ୍ ତା ବି.** ୧. ମାନ୍ୟତା ୨. ଅତିଥିଙ୍କୁ ଯଥାଯୋଗ୍ୟ ସମ୍ମାନ।
**ମାଏନ୍ ମେନ୍‌ସା, ମନ୍‌ମେନ୍ଛା ବିଂ.** ୧. ଅନେକ ପ୍ରକାର, ବହୁବିଧ ୨. ଛାଏଁ, ସ୍ୱତଃ ।
**ମାଓବାଦୀ ବିଂ.** ଚୀନର ରାଷ୍ଟ୍ର ନେତା ମାଓ ସେତୁଙ୍ଗ୍‌ଙ୍କ ରାଜନୀତିକ ଦର୍ଶନ ବିଶ୍ୱାସୀ ।
**ମାକଡ୍ ବି.** ମାଂକଡ଼ ।
**ମାକଡ୍‌ଦୁଧୀ ବିଂ.** କ୍ଷୀଣସ୍ତନା ।
**ମାକଡ୍ ଫାଶ ବି.** ବାଘୁଆ ଫାଶ।
**ମାକଡ୍ ଭିଆ ବି.** ଜଙ୍ଗଲ, ପାହାଡ଼ ଆଦିରେ ଅଗ୍ନିକାଣ୍ଡ, ଜଙ୍ଗଲ ପୋଡ଼ି।
**ମାକଡ୍‌ମୁହାଁ, ମାଙ୍କଡ୍‌ମୁହାଁ ବିଂ.** ୧. ଅସୁନ୍ଦର ୨. ମାଙ୍କଡ଼ପରି ମୁହଁ ଯାହାର (ଏକ ପ୍ରକାର ଗାଳି) ।
**ମାକଡ଼ସା, ମାଙ୍କଡ଼ସା ବି.** ଆଠଟି ପାଦଥିବା କୀଟ ବିଶେଷ, ବୁଢ଼ିଆଣି ।
**ମାକଡ଼ା ପଥର, ମାଙ୍କଡ଼ା ପଥର ବି.** ଛିଦ୍ରଯୁକ୍ତ ନାଲିଆ ପଥର ।
**ମାକଡ଼ି, ମାଙ୍କଡ଼ି ବି.** କାନରେ ବ୍ୟବହାର କରାଯାଉଥିବା ବଳୟ ଆକୃତିର ଅଳଙ୍କାର ।
**ମାକଡ଼ିଆ, ମାଙ୍କଡ଼ିଆ ବିଂ.** ମାଙ୍କଡ଼ ପରି କୁରୂପ ବା ଦୁର୍ବଳ ଶରୀରଯୁକ୍ତ; **ବି.** ୧. ରୋଗାକ୍ରାନ୍ତ ଶରୀରର କୃଶତା ୨. ମାଙ୍କଡ଼ ପୋଷି ଓ ନଚାଇ ପେଟ ପୋଷୁଥିବା ବ୍ୟକ୍ତି ୩. ମାଙ୍କଡ ମାଂସ ଖାଉଥିବା ଏକ ଜନଜାତି।
**ମାକୁ ବି.** ଲୁଗା ବୁଣାରେ ବ୍ୟବହୃତ କଣ୍ଟାଯୁକ୍ତ ଯନ୍ତ୍ର ; **ବିଂ.** ଦାଢ଼ି ନଥିବା (ଶ୍ମଶ୍ରୁହୀନ), ମାଖୁନା ।
**ମାକୁନ୍ଦା, ମାଖୁନା ବି.** ୧. ଦାଢ଼ି ଉଠୁ ନ ଥିବା ପୁରୁଷ, ମୁହଁରେ ଓ ଛାତିରେ ବାଳ ନଥିବା ପୁରୁଷ ୨. ଦାନ୍ତ ନ ଥିବା ବାଙ୍ଗରା ହାତୀ ।
**ମାଖନ ବି.** ୧. ଲହୁଣୀ ୨. କୁମୁଡ଼ା, ବୋଇତାଲୁ, ବୋଇତି କଖାରୁ ।
**ମାଖିବା କ୍ରି.** ବୋଳିବା, ଦେହରେ ତେଲଆଦି ମାଲିସ୍ କରିବା ।
**ମାଖୁନା ବିଂ.** ୧. ଅନ୍ତରା, ଦାଢ଼ହୀନ ; ୨. ନିଶଦାଢ଼ି ଉଠୁ ନଥିବା ।
**ମାଗ ବି.** ମାଗିବା କର୍ମ ।
**ମାଗଣ ବି.** ୧. ମାଗିବା ୨. ଭେଦା, ଚାନ୍ଦା ଆକାରରେ ଆଦାୟ କରାଯାଉଥିବା ଅର୍ଥ ଅଥବା ଦ୍ରବ୍ୟ ।
**ମାଗଣା ବିଂ.** ବିନା ମୂଲ୍ୟରେ ପ୍ରାପ୍ତ, ଭିକ୍ଷାରୁ ମିଳୁଥିବା, ମାହାଳିଆ; **କ୍ରି.ବିଂ.** ବିନା ମୂଲ୍ୟରେ ।

**ମାଗଣା କଥା** *ବି.* ମୂଲ୍ୟହୀନ ବା ମାହାଲିଆ କଥା ।

**ମାଗଣାଖିଆ** *ବି.ବିଂ.* ବିନା ପରିଶ୍ରମରେ ଅନ୍ୟମାନଙ୍କଠାରୁ ଖାଉଥିବା (ଲୋକ), ପରାନ୍ନଭୋଜୀ ।

**ମାଗଣା ପରିଶ୍ରମ** *ବି.* ବେଠି ।

**ମାଗଣା ମାଲ** *ବି.* ଯେଉଁ ଜିନିଷ ପାଇଁ ମୂଲ୍ୟ ଦେବାକୁ ପଡ଼େ ନାହିଁ ।

**ମାଗଣାହାରୀ** *ବି.ବିଂ.* ମାହାଲିଆ ଖାଉଥିବା ବ୍ୟକ୍ତି ।

**ମାଗତା, ମାଗନ୍ତା** *ବିଂ.* ମାଗିଖିଆ, ଯେ ମାଗେ ; *ବି.* ଭିକାରି ।

**ମାଗଧ** *ବି.* ଭାଟ, ସ୍ତୁତି ପାଠକ।

**ମାଗଧୀ** *ବି.* ୧. ମଗଧର ପ୍ରାଚୀନ ଭାଷା , ପ୍ରାକୃତ ଭାଷା ବିଶେଷ ୨. ଭାଟ ଜାତି ।

**ମାଗଧୀ ପ୍ରାକୃତ** *ବି.* ପାଲି ଭାଷା ।

**ମାଗାଜିନ୍** *ବି.* ୧. ସାମୟିକ ପତ୍ରିକା ୨. ଅସ୍ତ୍ରଭଣ୍ଡାର ୩. ଆଗ୍ନେୟାସ୍ତ୍ରରେ ଗୁଳି ଭର୍ତ୍ତି କରିବା ଆଧାର ।

**ମାଗିଖିଆ** *ବିଂ.* ୧. ଅତି ଗରିବ ୨. ଭିକ୍ଷା କରି ବଞ୍ଚୁଥିବା ବ୍ୟକ୍ତି ।

**ମାଗିବା** *କ୍ରି.* ୧. କୌଣସି ଜିନିଷ ଦେବା ପାଇଁ କାହାରିକୁ ଅନୁରୋଧ କରିବା ୨. ପ୍ରାର୍ଥନା କରିବା ୩. ଭିକ୍ଷା କରିବା ।

**ମାଗୁଣି** *ବି.* ଭିକ୍ଷା, ପ୍ରାର୍ଥନା ।

**ମାଗୁଣିଆ** *ବିଂ.* ପ୍ରାର୍ଥନାକାରୀ ।

**ମାଗୁର୍ ଗୁରିଆ, ମାଗୁର୍ ଗୋରିଆ** *ବି.ବିଂ.* ବେଶୀ ଶ୍ୟାମଳ ବା ଗୋରା ନ ହୋଇ ମଧ୍ୟମ ବର୍ଣ୍ଣଯୁକ୍ତ; *ସ୍ତ୍ରୀ* ମାଗୁରଗୋରୀ ।

**ମାଗୁର** *ବି.* ଏକ ପ୍ରକାର କାତି ନ ଥିବା ମାଛ ।

**ମାଗୁରନିଶା** *ବିଂ.* ୧. ଯେଉଁ ଲୋକ ମୁହଁରେ ଅଳ୍ପ ପରିମାଣର ନିଶ ଥାଏ ୨. ବେଇମାନ ।

**ମାଗୁରମୁହାଁ** *ବିଂ.* ଚେପା ମୁହାଁ ।

**ମାଘ** *ବି.* ୧. ଓଡ଼ିଆ ବର୍ଷର ଦଶମ ମାସର ନାମ ୨. ସଂସ୍କୃତରେ ରଚିତ ଶିଶୁପାଳ ବଧ କାବ୍ୟର କବି ।

**ମାଘ ପଞ୍ଚମୀ** *ବିଂ.* ଶ୍ରୀପଞ୍ଚମୀ, ବସନ୍ତ ପଞ୍ଚମୀ, ମାଘ ମାସର ଶୁକ୍ଳ ପଞ୍ଚମୀ, ସରସ୍ୱତୀ ପୂଜାର ଦିନ ।

**ମାଘ ପର୍ବ, ମାଘେଇପର୍ବ** *ବି.* ମାଘମାସରେ ଅନୁଷ୍ଠିତ ହେଉଥିବା ଜନଜାତିଙ୍କର ପର୍ବ ।

**ମାଘ ବ୍ରତ** *ବି.* ମାଘ ମାସରେ ପାଳିତ ହେଉଥିବା ବ୍ରତ ।

**ମାଘ ସପ୍ତମୀ** *ବି.* ମାଘ ଶୁକ୍ଳ ସପ୍ତମୀ, ତିଳ ସପ୍ତମୀ ।

**ମାଘ ସ୍ନାନ** *ବି.* ପବିତ୍ର ମାଘ ମାସରେ କରାଯାଉଥିବା ପ୍ରାତଃ ସ୍ନାନ ।

**ମାଘୀ** *ବି.* ମଘା ନକ୍ଷତ୍ରଯୁକ୍ତ ପୂର୍ଣ୍ଣିମା ; *ବିଂ.* ମାଘ ମାସରେ ଅମଳ କରାଯାଉଥିବା ।

**ମାଘେଇ** *ବିଂ.* ମାଘ ମାସରେ ହେଉଥିବା, ମାଘ ସମ୍ବନ୍ଧୀୟ ।

**ମାଘେଇ ବର୍ଷା** *ବି.* ମାଘ ମାସରେ ହେଉଥିବା ବର୍ଷା ।

**ମାଙ୍କଡ଼** *ବି.* ମାକଡ, ବାନର, କପି ।

**ମାଙ୍କଡଚିତ୍** *ବି.* ୧. ମାଙ୍କଡ ଭଳି ଓଲଟି ପଡ଼ିବା ୨. ଉଚ୍ଚସ୍ଥାନରୁ ଡେଇଁ ପାଣି ଭିତରେ ଚିତ୍ ହୋଇ ପଡ଼ିବା ୩. ସମ୍ପୂର୍ଣ୍ଣ ବିଫଳତା, ହାରି ଯିବା ।

**ମାଙ୍କଡସା ଜାଲ, ମାକଡସା ଜାଲ** *ବି.* ମକ୍ରା ଜାଲ, ବୁଢ଼ିଆଣି ଜାଲ ।

**ମାଙ୍କଡ଼ତିଆଁ** *ବି.* ୧. ଅର୍ଥ ନ ବୁଝି କାର୍ଯ୍ୟ କରିବା ୨. ଖେଳନା ମାଙ୍କଡ଼କୁ ସରୁ ତାରରେ ରଖି ତଳ ଉପର କରିବା ଖେଳ ।

**ମାଙ୍କୁ** *ବି.* କପି କଳ, ପୁଲି, ଖିଡ୍ ଖିଡ଼ି ।

**ମାଙ୍ଗ** *ବି.* ସୁଛା, ସୁଉଁତିଆ, ସୀମନ୍ତ ।

**ମାଙ୍ଗଭାଙ୍ଗ** *ବି.* ସୁଛା କାଟିବା, ସୁଉଁତିଆ କରିବା, ସୀମାନ୍ତ ରଚନା ।

**ମାଙ୍ଗଳିକ** *ବିଂ.* ସୌଭାଗ୍ୟପ୍ରଦ, ଶୁଭପ୍ରଦ ; *ବି.* ମଙ୍ଗଳ, ସୁଖ, ସୌଭାଗ୍ୟ ।

**ମାଙ୍ଗଳିକ ଉତ୍ସବ** *ବି.* ବିବାହ, ବ୍ରତ, ଯଜ୍ଞ, ହୋମ ପ୍ରଭୃତି ପବିତ୍ର ତଥା ଶୁଭକାର୍ଯ୍ୟ ।

**ମାଙ୍ଗାନିଜ** *ବି.* ଖଣିଜ ଦ୍ରବ୍ୟ ବିଶେଷ ।

**ମାଚିସ୍** *ବି.* ଆଗିପେଟି, ଦିଆସିଲି ।

**ମାଛ** *ବି.* କାତି ଥିବା ଅଥବା ନଥିବା ଖାଦ୍ୟ ଉପଯୋଗୀ ଜଳଜୀବ, ଝୁରି, ମତ୍ସ୍ୟ, ମୀନ ।

**ମାଛ ଆଖିଆ** *ବି.* ଗୋଡ଼ ତଳିପାରେ ହେବା ଗୋଲାକାର ବିଣ୍ଡି ଆକାରର ରୋଗ ବିଶେଷ ।

**ମାଛକଣ୍ଟା** *ବି.* ୧. ମାଛ ଦେହରେ ଥିବା ହାଡ଼ ୨. ଏକ ଜାତୀୟ ଧାନ ୩. ଏକ ପ୍ରକାର ସିଲାଇ ।

**ମାଛ ଜାଆଁଳ** *ବି.* ଡିମ୍ବରୁ ସଦ୍ୟ ବାହାରି ଥିବା ଛୋଟ ମାଛ ।

**ମାଛଡିମ୍ବ** *ବି.* ମାଛ ପେଟରେ ଥିବା ମାଛର ଅଣ୍ଡା, ମାଛ ମଞ୍ଜି ।

**ମାଛ ମନ୍ଦା** *ବି.* ଛୋଟ ଛୋଟ ମାଛଙ୍କ ଦଳ ।

**ମାଛମରା, ମାଛଧରା** *ବି.* ୧. ମାଛ ଧରିବା ୨. କେଉଟ ।

**ମାଛରଙ୍କା** *ବି.* ମାଛ ଶିକାର କରୁଥିବା ପକ୍ଷୀ ବିଶେଷ; *ବିଂ.* ଅତି ମାତ୍ରାରେ ମାଛ ପ୍ରିୟ ।

**ମାଛରଙ୍କୁଣା** *ବିଂ.* ମାଛ ଖାଇବା ପାଇଁ ଲାଳାୟିତ ବ୍ୟକ୍ତି ।

**ମାଛହାଟ** *ବି.* ୧. ଯେଉଁ ହାଟରେ ମାଛ ବିକ୍ରୟ ହୁଏ ୨. ମାଛ ହାଟପରି ପାଟି ତୁଣ୍ଡ ହେଉଥିବା ସ୍ଥାନ ।

**ମାଛି** *ବି.* ୧. ପତଙ୍ଗ ବିଶେଷ, ମକ୍ଷିକା ୨. ନାକର ଅଳଙ୍କାର ।

**ମାଛି ଅନ୍ଧାର** *ବି.* ମୁହଁସଞ୍ଜ, ପାତଳଅନ୍ଧାର ।

**ମାଛିଆ ପାତକ** *ବି.* ଦେହର ଘାଆରେ ପୋକପଡ଼ି ଅଭିଶପ୍ତ ରୂପେ ବିବେଚିତ ହେଉଥିବା ପାପକର୍ମ, ଅତି ଜଘନ୍ୟ କାର୍ଯ୍ୟ ।

**ମାଛିକଣ୍ଠି** *ବି.* ମାଛି ଆକୃତିର କଣ୍ଠି ।

**ମାଛି ଗୋଡ଼ଧୁଆ** *ବି.ବିଂ.* ଅତି କୃପଣ ।

**ମାଛି ଚିପା, ମାଛିଚିପା** *ବିଂ.* ଅତି କୃପଣ, ଲୋଭୀ ।

**ମାଛି ମଣିବା** *କ୍ରି.* ଖାତିର ନ କରିବା ।

**ମାଛି ମାରିବା** *କ୍ରି.* ବେକାର ବସିବା, କାମଦାମ ନ କରି ବସିରହିବା ।

**ମାଛୁଆ** *ବିଂ.* ୧. ମାଛପ୍ରିୟ ୨. ମତ୍ସ୍ୟଗନ୍ଧଯୁକ୍ତ; *ବି.* କେଉଟ ।

**ମାଜଣା** *ବି.* ୧. ମାଜିବା ୨. ସ୍ନାନ ୩. ଦେବତାଙ୍କ ସ୍ନାନବିଧି ୪. ଅଭିଷେକ ।

**ମାଜଣା ମଣ୍ଡପ ବି. ଶ୍ରୀମନ୍ଦିରରେ ପ୍ରତି ଗୁରୁବାର ଦିନ ଲକ୍ଷ୍ମୀ, ସରସ୍ୱତୀ ଓ ମଦନ ମୋହନଙ୍କ ମାର୍ଜନରୀତି ବା ମାଜଣା ଅନୁଷ୍ଠିତ ହେଉଥିବା ମଣ୍ଡପ; ବିଭା ମଣ୍ଡପ (ରୁକ୍ମିଣୀ ବିବାହ ଏଠାରେ ହେଉଥିବାରୁ), ସୋମନାଥ ମଣ୍ଡପ ।**

**ମାଜିବା** *କ୍ରି.* ମାର୍ଜିତ କରିବା, ଘଷି ପରିଷ୍କାର କରିବା ।

**ମାଜିମୁଜି** *କ୍ରି.ବିଂ.* ଭଲଭାବରେ ସଫାକରି ।

**ମାଜିଷ୍ଟର, ମେଜେଷ୍ଟର, ମାଜିଷ୍ଟ୍ରେଟ** *ବି.* ନିର୍ଦ୍ଦିଷ୍ଟ ଅଞ୍ଚଳର ପ୍ରଶାସନିକ ବା ନ୍ୟାୟିକ ଅଧିକାରୀ ।

**ମାଞ୍ଚି, ମାଞ୍ଚିଆ** *ବି.* ବେତ ଅଥବା ବାଉଁଶ ପାତିଆରେ ତିଆରି ହୋଇଥିବା ଛୋଟ ଚଉକି ।

**ମାଞ୍ଜା** *ବି.* ଗୁଡ଼ି ସୁତାକୁ ଶକ୍ତ କରିବା ନିମିତ୍ତ ବ୍ୟବହୃତ କାଚଗୁଣ୍ଡ ମିଶ୍ରିତ ଅଠା ।

**ମାଞ୍ଜୋ** *ବି.* ବିଲେଇ, ବିରାଡ଼ି ।

**ମାଝି** *ବି.* ୧. କେଉଟ ୨. ଡଙ୍ଗାଚାଳକ, ନାଉରି ।

**ମାଟି** *ବି.* ୧. ମାଏଟ୍, ମୃତ୍ତିକା ୨. ଭୂମି ।

**ମାଟିଆ** *ବିଂ.* ୧. ମାଟିର ରଙ୍ଗଯୁକ୍ତ ୨. ମାଟିର ସ୍ୱାଦଯୁକ୍ତ; *ବି.* ପୁରୀର କୃଷିଜୀବୀ ଗୋଷ୍ଠୀବିଶେଷ (ତିଳକ ମାଟିଆ) ।

**ମାଟିଆ କେଳା** *ବି.* ଏକପ୍ରକାର କେଳା ଜାତି ।

**ମାଟିଆ ଚିଲ** *ବି.* ମାଟିଆ ବା ଧୂସର ରଙ୍ଗର ଚିଲ (ପକ୍ଷୀବିଶେଷ) ।

**ମାଟି ଆଳୁ** *ବି.* ଖମ୍ବ ଆଳୁ, ଦେଶୀ ଆଳୁ ।

**ମାଟିଆ ବର୍ଣ୍ଣ** *ବି.* ମାଟିଭଳି ରଙ୍ଗ ।

**ମାଟିଆମଙ୍ଗଳା, ମାଟିଆମଙ୍ଗୁଳା** *ବିଂ.* ପ୍ରଚୁର ଧନସମ୍ପତ୍ତି ଥିବା ସତ୍ତ୍ୱେ ଯେଉଁ ଲୋକ ମଇଳା ଓ ମୋଟା ଲୁଗା ପିନ୍ଧେ ଓ ବଗଡ଼ା ଭାତ ଖାଇ କୃପଣତା ଦେଖାଏ ।

**ମାଟି କରିଦେବା** *କ୍ରି.* କାର୍ଯ୍ୟକୁ ନଷ୍ଟ ବା ବିଫଳ କରିଦେବା ।

**ମାଟି ଖାଇବା** *କ୍ରି.* ୧. କୌଣସି ପଦାର୍ଥ ମାଟିରେ ପୋତି ହୋଇ ନଷ୍ଟ ହୋଇଯିବା ୨. କୁକର୍ମ ସ୍ୱୀକାର କରିବା ୩. ଅତି ବୁଢ଼ା ହୋଇଯିବା ୪. ପାମ୍ପରା ହୋଇଯିବା ।

**ମାଟିତେଲ** *ବି.* କିରାସିନି, ଭୂଇଁ ତେଲ ।

**ମାଟି ଦେବା** *କ୍ରି.* ଶବ ସଂସ୍କାର କରିବା ।

**ମାଟିବଂଶ** *ବି.* ଅତୀତରେ ଶିଶୁଙ୍କୁ ପଢ଼ାଉଥିବା ବା ଅବଧାନ କାର୍ଯ୍ୟ କରୁଥିବା ନିର୍ଦ୍ଦିଷ୍ଟ ଜାତି ବିଶେଷ, ନାୟକ ଜାତି ।

**ମାଟିରେ ମିଶିବା** *କ୍ରି.* ୧. ଶରୀର ପ୍ରଭୃତି ମାଟିରେ ମିଶି ମାଟି ହୋଇଯିବା ୨. ନଷ୍ଟ ହୋଇଯିବା ।

**ମାଟି ହୋଇଯିବା** *କ୍ରି.* ୧. ପଣ୍ଡ ହେବା, ନଷ୍ଟ ହେବା ୨. ପରିଶ୍ରମ ବିଫଳ ହୋଇଯିବା ।

**ମାଟୁ, ମାଣ୍ଟୁ** *ବି.* ୧. ଆଟୁ , ଅଟାଳି ୨. ଶିକାରୀ ଲୁଚିବା ଓ ଜଗିବା ପାଇଁ ଗାତ ।

**ମାଟେଇବା** *କ୍ରି.* ମଠେଇବା, ବିଳମ୍ବ କରିବା ।

**ମାଠ** *ବି.* ୧. କପା ସୂତାରେ ବୁଣା ଯାଇଥିବା ମୋଟା ଶୀତ ଚାଦର ୨. ମାଜିବା କାର୍ଯ୍ୟ ୩. ରାସ୍ତା ।

**ମାଠଣ** *ବି.* ବାରମ୍ବାର ଘଷିବା କାମ, ଘଷିଘଷି ଚିକ୍କଣ କରିବା କାମ ।

**ମାଠପଥର** *ବି.* ଘଷିକରି ଚିକ୍କଣ କରିବାପାଇଁ ବ୍ୟବହୃତ ଏକ ପ୍ରକାର ଟାଣ ପଥର ।

**ମାଠ ପୁଳି** *ବି.* ଶ୍ରୀମନ୍ଦିରର ଛପନ ଭୋଗ ଅନ୍ତର୍ଗତ ଏକପ୍ରକାର ପିଠା ।

**ମାଠର** *ବି.* ପ୍ରାଚୀନ ଉତ୍କଳର ରାଜବଂଶ ବିଶେଷ ।

**ମାଠିଆ** *ବି.* ମାଟି ତିଆରି ସରୁ ବେକ ଓ ଛୋଟ ମୁହଁଥିବା ଗୋଲାକାର ପାତ୍ର , ଘୁମ୍ପରି ।

**ମାଠିଣି** *ବି.* ଘଷିବା ଯୋଗୁଁ ପାଲିସ ହେବା ।

**ମାଠିବା** *କ୍ରି.* ଧୀରେଧୀରେ ଘଷି ଚିକ୍କଣ ଅଥବା ପାଲିସ କରିବା ।

**ମାଠିମୁଠି** *କ୍ରି.ବିଂ.* ମାଜିମୁଜି ଚିକ୍କଣ କରି ।

**ମାଠୁଆ** *ବିଂ.* ମନ୍ଥର ଭାବରେ ନିଠେଇ କରି କାର୍ଯ୍ୟ କରୁଥିବା ବ୍ୟକ୍ତି (*ସ୍ତ୍ରୀ.* ମାଠେଇ, ମାଠୋଇ) ।

**ମାଠୁଣି** *ବି.* ବଣିଆଙ୍କ ଛୋଟ ହାତୁଡ଼ି ।

**ମାଠୁଲ୍** *ବି.* ଛୋଟ ମାଠିଆ ।

**ମାଡ଼ିବା** *କ୍ରି.* ୧. କୌଣସି ଜିନିଷ ବା ଭୂମି ଉପରେ ପାଦ ରଖିବା ୨. (ଜୋତା) ପିନ୍ଧିବା ।

**ମାଡ଼ମର୍ଦ୍ଦନ୍** *ବି.* ପିଟାପିଟି, ବାଡ଼ିଆପିଟା ।

**ମାଡ଼** *ବି.* ୧. ପ୍ରହାର, ପିଟା, ଆଘାତ ୨. କାର୍ଯ୍ୟର ତୋଡ଼ ।

**ମାଡ଼ ଖାଇଯିବା** *କ୍ରି.* ୧. ଅସଫଳ ହେବା ୨. କ୍ଷତି ହେବା ୩. ଆଘାତପ୍ରାପ୍ତ ହେବା ।

**ମାଡ଼ଖିଆ** *ବିଂ* ୧. ମାଡୁଆ, ବାରମ୍ବାର ଭୁଲ୍ କାମକରି ଦଣ୍ଡ ପାଉଥିବା ୨. ମାଡ଼ ଖାଇବା ଯୋଗ୍ୟ ।

**ମାଡ଼ପିଟ୍** *ବି.* ମାରପିଟ୍, ମରାପିଟା, ଗୋଳମାଳ ।

**ମାଡ଼ ମରାମରି** *ବି.* ପରସ୍ପର ବାଡ଼ିଆବାଡ଼ି ।

**ମାଡ଼ ମୁଲାଇବା** *କ୍ରି.* ମାଡ଼ ଖାଇବା ଯୋଗ୍ୟ କାମ କରିବା ।

**ମାଡାମ୍** *ବି.* ୧. ମାନନୀୟା ମହିଳା ୨. ମାଲିକାଣି ।

**ମାଡ଼ି ପଡ଼ିବା** *କ୍ରି.* ୧.ବାଧିବା ୨.ଭାରାକ୍ରାନ୍ତ ହେବା ୩. ଉପରୁ କିଏ ଚାପିବା ପରି ଜଣାଯିବା ୪. ଜମାହେବା ।

**ମାଡ଼ିବା** *କ୍ରି.* ୧. *ବିଶେ.* ପାଦରେ ଜୋର୍‌ରେ ଚାପିବା, ଦାବିବା ୨. ଆଗକୁ ଗତି କରିବା ୩. ଆବୃତ କରିବା ୪. ପଦାର୍ପଣ କରିବା ୫. ଉପରକୁ ଉପରକୁ ରଖିବା, ଲଦିବା ୬. ନୁଆଁଇବା ୭. (ଲତା, ରୋଗ ଆଦି) ବଢ଼ିବା ।

**ମାଡ଼ିମକଚି ହୋଇ ରହିବା** *କ୍ରି.* ଅନ୍ୟ ଉପାୟ ନ ଦେଖି ନୀରବ ରହିବା, କର୍ମ ଆଦରି ରହିବା ।

**ମାଡ଼ିମୁଡ଼ି ପୂରାଇବା/ପୂରେଇବା** *କ୍ରି.* ଚାପଦେଇ ଭର୍ତ୍ତିକରିବା ।

**ମାଡ଼ି ଯିବା** *କ୍ରି.* ୧. ବ୍ୟାପିଯିବା ୨. ଉପରେ ଚଢ଼ିଯିବା ୩. ତରଳପଦାର୍ଥ ଚାରି ଆଡ଼କୁ ବ୍ୟାପିଯିବା ୪. ବଢ଼ିଯିବା ।

**ମାଡ଼ି ରହିବା** *କ୍ରି.* ସ୍ଥାୟୀ ଭାବରେ ଅଧିକାର କରିବା ।

**ମାଡୁଆ** *ବିଂ* ୧. ମାଡ଼ ଖାଇବାର ଯୋଗ୍ୟ ୨. ମାଡ଼ ଖାଇବାରେ ଅଭ୍ୟସ୍ତ ।

**ମାଡ଼େନ, ମଡ଼େନ୍** *ବି.* ଧାନ ମଡାଇବା କାର୍ଯ୍ୟ।

**ମାଢ଼** *ବି.* ଅଧତୋଳା ଓଜନ ପରିମାଣ ।

**ମାଢ଼ି, ମାଢ଼ୀ** *ବି.* ଦାନ୍ତକୁ ଧରି ରଖୁଥିବା ମାଂସ, ଦାନ୍ତମୂଳର ମାଂସ ।

**ମାଣ** *ବି.* ୧. ଜମିର ପଚିଶ ଗୁଣ୍ଠ ପରିମାଣ ୨. ଶସ୍ୟ ମାପିବା ନିମିତ୍ତ ବେତତିଆରି ପାତ୍ର ବିଶେଷ ୩. ଏକ ପ୍ରକାର ସାରୁ ୪. ଅଧସେର ମାପ ପରିମାଣ ୪. ମାନ୍, ଚାରିଅଡ଼ା ପରିମାଣ ଓ ତାହା ମାପିବା ପାଇଁ ପାତ୍ର ।

**ମାଣଓଷା, ମାଣବସା** *ବି.* ମାର୍ଗଶିର ମାସ ଗୁରୁବାର ଦିନ ନୂଆ ଧାନରେ ପୂର୍ଣ୍ଣ ମାଣକୁ ଲକ୍ଷ୍ମୀରୂପେ କଳ୍ପନା କରି କରାଯାଉଥିବା ଲକ୍ଷ୍ମୀପୂଜା ।

**ମାଣକ** *ବି.* ୧. ମାଣସାରୁ ୨. ଏକ ମାଣ ପରିମାଣ ।

**ମାଣ ପୂରିବା** *କ୍ରି.* ପରମାୟୁ ଶେଷ ହେବା ।

**ମାଣସାରୁ** *ବି.* ମାଟି ଭିତରେ ଫଳୁଥିବା ଏକ ପ୍ରକାର ସାରୁ ।

**ମାଣିଆବନ୍ଧ, ମାଣିଆବନ୍ଧି** *ବି.* ମାଣିଆବନ୍ଧ ଗ୍ରାମରେ ବୁଣାଯାଉଥିବା ରେଶମ ଧଡ଼ିଯୁକ୍ତ ପ୍ରସିଦ୍ଧ ସୂତା ଶାଢ଼ି ।

**ମାଣିକ** *ବି.* ପଦ୍ମରାଗମଣି, ରକ୍ତବର୍ଣ୍ଣର ମୂଲ୍ୟବାନ ରତ୍ନ, ପାନ୍ନା ।

**ମାଣିକଚାନ୍ଦି** *ବି.* ଛୋଟ ଗୁଆ ।

**ମାଣିକଯୋଡ଼ି** *ବି.* ଅନ୍ତରଙ୍ଗ ବନ୍ଧୁ ଦ୍ୱୟ ।

**ମାଣିକା** *ବି.* ତେଲ, ଘିଅ ଇତ୍ୟାଦି ମାପ କରିବା ପାଇଁ ଧାତବ ପାତ୍ର ବିଶେଷ।

**ମାଣିକି** *ବି.* ଉପର ଚକିର କେନ୍ଦ୍ରରେ ଲଗାଯାଇଥିବା ଗୋଲାକାର ଛିଦ୍ରଯୁକ୍ତ କାଠ ଖଣ୍ଡ, ପିହାଣିଆ ।

**ମାଣିକ୍ୟ** *ବି.* ମାଣିକ, ପଦ୍ମରାଗ ମଣି ।

**ମାଣିଖୁଣ୍ଟି, ମାଣିକାଠି** *ବି.* ପେଷଣା ତଳ ଚକିର କେନ୍ଦ୍ରରେ ପୋତା ଯାଇଥିବା ଛିଦ୍ରଯୁକ୍ତ କାଠ ଖିଲ ।

**ମାଣ୍ଡଳିକ** *ବିଂ* ମଣ୍ଡଳ ସମ୍ବନ୍ଧୀୟ ।

**ମାଣ୍ଡି** *ବି.* ୧. ଡକିଆ, ମୁଣ୍ଡ ଅଥବା କାନ୍ଧର ଭାରକୁ ଲାଘବ କରିବା ପାଇଁ ବ୍ୟବହାର କରାଯାଉଥିବା ମୁଟୁଳା ୨. ଚାଳ ଘରର ଗରି ।

**ମାଣ୍ଡିଆ** *ବି.* ୧. ଖାଦ୍ୟ ଉପଯୋଗୀ ଶସ୍ୟ ବିଶେଷ, ମଡିଆ ୨. ପିତ୍ତଳ ନିର୍ମିତ ବଡ଼କୁଣ୍ଡ ।

**ମାଣ୍ଡିଆ କଙ୍କଡା, ମାଣ୍ଡୁଆ କଙ୍କଡା** *ବି.* ବଡ଼ କଳା କଙ୍କଡା ।

**ମାଣ୍ଡିଆ ଜାଉ** *ବି.* ମାଣ୍ଡିଆ ଶସ୍ୟ ଚୂନାରେ ପ୍ରସ୍ତୁତ ଜାଉ ।

**ମାଣ୍ଡୁଅ** *ବି.* ଛେନାପିଠା ବିଶେଷ, ଛପନ ଭୋଗ ଭିତରୁ ଏକ ପିଠା ।

**ମାଣ୍ଡୁଆ** *ବିଂ* ୧. ମୋଟା ବୁଦ୍ଧିଆ ୨. ମୋଟା ୩. ବହଳିଆ ।

**ମାଣ୍ଡୁକିଳା** *ବି.* ତେନ୍ତରା ଖିଲ, ଶଗଡ଼ଦଣ୍ଡା ସହିତ ତେନ୍ତରାକୁ ଯୋଖିବାରେ ବ୍ୟବହୃତ କିଳା ବା ଖିଲ, କାନିଖିଲା ।

**ମାତ୍** *ବି.* ୧. ଉନ୍ମତ୍ତ ଭାବ ୨. ଖେଳରେ ଜୟ; *ବିଂ* ମତ୍ତ ।

**ମାତ୍‌ବା** *କ୍ରି.* ନିଶାରେ ଭୋଳ ହେବା ।

**ମାତ** *ବି.* ମାଆ ।

**ମାତଙ୍ଗ** *ବି.* ହାତୀ ।

**ମାତଙ୍ଗୀ** *ବି.* ୧. ମାଇହାତୀ ୨. ତନ୍ତ୍ରରେ ପୂଜିତ ହେଉଥିବା ନବମ ମହାବିଦ୍ୟା ।

**ମାତବର** *ବି.* ମୁରବି, ବଡ଼ଲୋକ ।

**ମାତବରି** *ବି.* ମୁରବିଙ୍କ କାର୍ଯ୍ୟ ବା ଆଚରଣ ।

**ମାତବରିଆ, ମାତବରୀ** *ବିଂ* ବଡ଼ ଧରଣର ତଥା ଆଡ଼ମ୍ବରପୂର୍ଣ୍ଣ ।

**ମାତର** *ଅ.* ମାତ୍ର, କିନ୍ତୁ, କେବଳ ।

**ମାତା** *ବି.* ୧. ମାଆ, ବୋଉ ୨. ମାତୃସ୍ଥାନୀୟା ବା କନ୍ୟାସ୍ଥାନୀୟା ନାରୀ ୩. ଠାକୁରାଣୀ ୪. ପୃଥିବୀ ୫. ଗାଈ ୬. ଲକ୍ଷ୍ମୀ ୭. ବସନ୍ତ ରୋଗ ।

**ମାତାଜୀ** ***ବି.*** ୧. ସଂସାରତ୍ୟାଗିନୀ ନାରୀ, ସନ୍ନ୍ୟାସିନୀ ୨. ମାଆ ।

**ମାତା ଟିପା** ***ବି.*** ବସନ୍ତ ପ୍ରତିଷେଧକ ଟୀକା।

**ମାତାମହ** ***ବି.*** ମାଆଙ୍କର ବାପା, ଅଜା ।

**ମାତାମହୀ** ***ବି.*** ମାଆଙ୍କର ମାଆ, ଆଇ ।

**ମାତାଲ** ***ବିଂ.*** ମଦ୍ୟପାନ ଯୋଗୁଁ ଉନ୍ମତ୍ତ, ମଦନିଶା ଘାରିଥିବା ।

**ମାତିବା** ***କ୍ରି.*** ୧. ମାତ୍‌ବା, ମତ୍ତହେବା ୨. କ୍ରୋଧିତ ହେବା ୩. ଅତିରିକ୍ତ ଉତ୍ସାହ ହେତୁ ତତ୍ପର ହେବା ୪. ବିଦ୍ରୋହୀ ହେବା ୫. ଅବୁଝା ହେବା ୬. ପ୍ରାଦୁର୍ଭାବ ଦେଖାଇବା ।

**ମାତୁଳ** ***ବି.*** ମାମୁଁ, ମାଆଙ୍କର ଭାଇ ।

**ମାତୁଳା, ମାତୁଳୀ** ***ବି.*** ମାଇଁ ।

**ମାତୁଳାଳୟ** ***ବି.*** ମାମୁଘର ।

**ମାତୃକ** ***ବିଂ.*** ମାତୃ ସମ୍ବନ୍ଧୀୟ; ***ବି.*** ୧. ମାମୁଘର ୨. ମାମୁ ।

**ମାତୃକଳ୍ପା** ***ବି.ବିଂ.*** ମାତୃତୁଲ୍ୟ, ମାଆଭଳି ମାନନୀୟା ।

**ମାତୃକା** ***ବି.*** ୧. ମାତାମହୀ ୨. ମାତା ୩. ଧାଇ ୪. ମାଇଁ ୫. ଷୋଡଶ ମାତୃକା, ମାତୃ ଦେବତା ।

**ମାତୃଗଣ** ***ବି.*** ଅଷ୍ଟଶକ୍ତି(ବ୍ରାହ୍ମୀ, ମାହେଶ୍ୱରୀ, ଐନ୍ଦ୍ରୀ, ବାରାହୀ, ବୈଷ୍ଣବୀ, କୌମାରୀ, ଚାମୁଣ୍ଡା,ଚର୍ଚ୍ଚିକା) ।

**ମାତୃଗର୍ଭ** ***ବି.*** ମାତାଙ୍କର ଗର୍ଭାଶୟ, ଜରାୟୁ ।

**ମାତୃଘାତକ, ମାତୃଘାତୀ** ***ବିଂ.*** ମାତାର ବଧକାରୀ, ମାତୃହତ୍ୟାକାରୀ ।

**ମାତୃତ୍ୱ** ***ବି.*** ୧. ମାଆ ହେବା ଅବସ୍ଥା ୨. ସନ୍ତାନବତ୍ସଳତା ୩. ମାଆର ସକଳଗୁଣ ।

**ମାତୃ ଦିବସ** ***ବି.*** ବାର୍ଷିକ ମାତୃଶ୍ରାଦ୍ଧ, ମାତାଙ୍କ ଶ୍ରାଦ୍ଧ ଦିବସ ।

**ମାତୃଦାୟ** ***ବି.*** ମାତାଙ୍କ ବିୟୋଗଜନିତ ଦାୟିତ୍ୱ ।

**ମାତୃଦେବ** ***ବି.*** ଦେବତୁଲ୍ୟା ମା' ।

**ମାତୃଦ୍ରୋହ** ***ବି.*** ମାତାଙ୍କର ବିରୁଦ୍ଧାଚରଣ ।

**ମାତୃ ନବମୀ** ***ବି.*** ଆଶ୍ୱିନମାସ କୃଷ୍ଣ ପକ୍ଷ ନବମୀ ଦିନ ପରଲୋକଗତା ମାଆଙ୍କପାଇଁ ଝିଅମାନେ କୌଣସି ବ୍ରାହ୍ମଣୀ ସ୍ତ୍ରୀ ଲୋକଙ୍କୁ ସଞ୍ଜାଳି ନୂଆଶାଢ଼ି, କାଚ, ସିନ୍ଦୂର ଓ ଭୋଜନ ଦେଇ ଅର୍ଚ୍ଚନା କରିବା ବିଧି ।

**ମାତୃପକ୍ଷ** ***ବି.*** ମାତା ସହିତ ସମ୍ବନ୍ଧଯୁକ୍ତ ଆତ୍ମୀୟ ବର୍ଗ, ମାଆର ବାପ ଘରର ସମ୍ବନ୍ଧୀୟ ଲୋକ ।

**ମାତୃ ବିଚ୍ଛେଦ** ***ବି.*** ୧. ମାତୃବିୟୋଗ ୨.ମାତାଙ୍କଠାରୁ ଅଲଗା ହେବା ।

**ମାତୃବିୟୋଗ** ***ବି.*** ମାଆର ମୃତ୍ୟୁ ।

**ମାତୃଭକ୍ତ** ***ବିଂ.*** ୧. ମାତୃଭକ୍ତିଯୁକ୍ତ, ମାଙ୍କ ପ୍ରତି ଗଭୀର ସମ୍ମାନଯୁକ୍ତ ୨. ଦେବୀ ଭକ୍ତ ।

**ମାତୃଭକ୍ତି** ***ବି.*** ମାତାଙ୍କ ପ୍ରତି ଶ୍ରଦ୍ଧା ବା ସମ୍ମାନବୋଧ ।

**ମାତୃଭାଷା** ***ବି.*** କୌଣସି ଜନସମୁଦାୟର କଥିତ ମୂଳ ଭାଷା, ନିଜ ମାଆର ଭାଷା ।

**ମାତୃଭୂମି** ***ବି.*** ଜନ୍ମଭୂମି, ନିଜର ଦେଶ ।

**ମାତୃରିଷ୍ଟ** ***ବି.*** ଜ୍ୟୋତିଷ ଶାସ୍ତ୍ରାନୁସାରେ ମା'ଙ୍କର ଅନିଷ୍ଟକାରକ ଯୋଗ ।

**ମାତୃଶ୍ରାଦ୍ଧ** ***ବି.*** ପରଲୋକଗତ ମାତାଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ ।

**ମାତୃସ୍ଥାନୀୟା** ***ବିଂ.*** ମା ପରି, ମାତୃତୁଲ୍ୟା, ମା ଭଳି ପୂଜନୀୟା ।

**ମାତୃସ୍ନେହ** ***ବି.*** ମାତାଙ୍କର ସନ୍ତାନ ପ୍ରତି ସ୍ନେହ ।

**ମାତୃହତ୍ୟା** ***ବି.*** ନିଜ ମାଙ୍କୁ ମାରିଦେବା ।

**ମାତୃହନ୍ତା** ***ବି.ବିଂ.*** ନିଜ ମା'ଙ୍କ ହତ୍ୟାକାରୀ, ମାତାର ବଧକାରୀ ।

**ମାତୃହୀନ** ***ବିଂ.*** ମା ଛେଉଣ୍ଡ, ମାକୁ ହରାଇଥିବା ।

**ମାତ୍ର** ***ଅ.*** ୧. କେବଳ ୨. କିନ୍ତୁ ୩.ପକ୍ଷାନ୍ତରେ ।

**ମାତ୍ରା** ***ବି.*** ୧. ପରିମାଣ ୨. ସୀମା ୩. ବ୍ୟଞ୍ଜନ ବର୍ଣ୍ଣ ସହିତ ଯୁକ୍ତ ହେଉଥିବା ସ୍ୱରବର୍ଣ୍ଣର ସଂକ୍ଷିପ୍ତ ରୂପ ୪. ଅକ୍ଷରର ଫୁଡ଼ା ବା ଶୀର୍ଷରେଖା ୫. ଅକ୍ଷରର ଉଚ୍ଚାରଣ କାଳର ପରିମାଣ ୬. ସଙ୍ଗୀତର ତାଳର ଭାଗ ୭. ଗଣିତରେ ଦୈର୍ଘ୍ୟ-ପ୍ରସ୍ଥ-ବେଧ ବା ଆୟତନ ୮. ଛନ୍ଦ ପରିମାପର ଏକକ ୯. ଔଷଧ ।

**ମାତ୍ରା ଦୋଷ** ***ବି.*** ୧. ଇନ୍ଦ୍ରିୟ ସୁଖଭୋଗ ଜନିତ ତ୍ରୁଟି ୨. ମଦ୍ୟପାନ ଦୋଷ ୩. କଥା କହିବା ବେଳେ ନିରର୍ଥକ ମନ୍ତବ୍ୟ ଦେବା ଅଥବା ଅହେତୁକ ଅଙ୍ଗଭଙ୍ଗୀ ଦେଖାଇବା ଇତ୍ୟାଦି ଦୋଷ ।

**ମାତ୍ରାଧିକ୍ୟ** ***ବି.*** ପରିମାଣଠାରୁ ଅଧିକ ହେବା ।

**ମାତ୍ରାସ୍ପର୍ଶ** ***ବି.*** ରୂପ, ରସ ଆଦି ବାହ୍ୟ ବିଷୟ ସହିତ ଇନ୍ଦ୍ରିୟର ସମ୍ପର୍କ ।

**ମାତ୍ରାକ୍ଷର ଛନ୍ଦ, ମାତ୍ରାବୃତ୍ତ** ***ବି.*** ୧. ବର୍ଣ୍ଣ ସମୂହର ଗୁରୁଲଘୁ ଉଚ୍ଚାରଣର ଭିତ୍ତିରେ ରଚିତ କବିତାର ଛନ୍ଦ ୨. ପଦର ଶେଷ ବର୍ଣ୍ଣର (ଚରଣ) ପୂର୍ବବର୍ଣ୍ଣର ସ୍ୱରସାମ୍ୟ ।

**ମାତ୍ରିକ** ***ବିଂ.*** ମାତ୍ରାଯୁକ୍ତ ।

**ମାତ୍ରେ, ମାତ୍ରକେ** ***ଅ.*** ସଙ୍ଗେ ସଙ୍ଗେ, ପରେ ପରେ ।

**ମାତ୍ସର୍ଯ୍ୟ** ***ବି.*** ପରଶ୍ରୀକାତରତା, କାମ, କ୍ରୋଧ ଇତ୍ୟାଦି ଷଡଶତ୍ରୁ ମଧ୍ୟରୁ ଅନ୍ୟତମ ଶତ୍ରୁ ।

**ମାଥ** ***ବି.*** ମଥା, ମୁଣ୍ଡ ।

**ମାଦକ** ***ବିଂ.*** ନିଶା ବା ଉନ୍ମାଦନା ସୃଷ୍ଟି କରୁଥିବା (ଦ୍ରବ୍ୟ) ।

**ମାଦକତା** ***ବି.*** ଉନ୍ମତ୍ତଭାବ, ନିଶା ସୃଷ୍ଟିକାରୀ ଶକ୍ତି ।

**ମାଦକଦ୍ରବ୍ୟ** ***ବି.*** ନିଶା ଉତ୍ପନ୍ନ କରୁଥିବା ଜିନିଷ ।

**ମାଦକ ସେବନ** ***ବି.*** ମାଦକ ଦ୍ରବ୍ୟ ଗ୍ରହଣ (ଭୋଜନ/ପାନ) ।

**ମାଦକସେବୀ** ***ବିଂ.*** ନିଶାଖୋର ।

**ମାଦଳ** ***ବି.*** ୧. କାଠ ଓ ଚମଡ଼ାରେ ତିଆରି ମୃଦଙ୍ଗ ବା ମର୍ଦ୍ଦଳ ଜାତୀୟ ବାଦ୍ୟ ୨. ହାତଗୋଡ଼ହୀନ ଶରୀର ; ***ବିଂ.*** ପଙ୍ଗୁ, କୋଢ଼ିଆ।

**ମାଦଳା** ***ବି.*** ହାତଗୋଡ଼ହୀନ ଶରୀର ।

**ମାଦଳାପାଞ୍ଜି** ***ବି.*** ଜଗନ୍ନାଥଙ୍କ ରୀତିନୀତି ଓ ରାଜବଂଶାବଳି ସମ୍ପର୍କିତ କ୍ରମ ବିବରଣୀ ।

**ମାଦୀ** ***ବିଂ.*** ୧. ଭୀରୁ (ନାରୀ) ୨. ମାଈ, ସ୍ତ୍ରୀ ଜାତୀୟା ; ***ବି.*** ୧. ମାଈ ଜୀବ ୨. ମାଇଚିଆ ।

**ମାଦେଲି** ***ବି.*** ଶ୍ରୀମନ୍ଦିରରେ ମାଦଳ ବଜାଇବା ସେବକ।

**ମାଧବୀ** ***ବି.*** ୧. ଲତା ବିଶେଷ ଓ ତାର ଫୁଲ ୨. ମଧୁ ଶର୍କରା ବା ମହୁର ଗୁଡ଼ ୩. ମାଧବଙ୍କ ପତ୍ନୀ (ତୁଳସୀ, ଲକ୍ଷ୍ମୀ, ଦୁର୍ଗା) ।

**ମାଧା** ***ବିଂ.*** ମାନ୍ଦା, ଅଳସୁଆ, ନିର୍ବୁଦ୍ଧିଆ ।

**ମାଧୁକରୀ** ***ବି.*** ୧. ପଞ୍ଚ ଗୃହରୁ ମୁଷ୍ଟିଭିକ୍ଷା ୨. ଭକ୍ତମାନଙ୍କର ଭୋଜ୍ୟ ଭିକ୍ଷା ସଂଗ୍ରହ ୩. ଅଷ୍ଟପ୍ରହରୀ ବଢ଼ିଲା ପରେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ନୈବେଦ୍ୟ ।

**ମାଧୁକରୀ ବୃତ୍ତି** ***ବି.*** ଦ୍ୱାର ଦ୍ୱାର ବୁଲି ଭିକ୍ଷା ସଂଗ୍ରହ ।

**ମାଧୁରୀ** ***ବି.*** ସୌନ୍ଦର୍ଯ୍ୟ, ଲାବଣ୍ୟ, ମନୋହାରିତା ।

**ମାଧୁର୍ଯ୍ୟ** ***ବି.*** ୧. ସୌନ୍ଦର୍ଯ୍ୟ, ଲାବଣ୍ୟ ୨. କାବ୍ୟଗୁଣ ବିଶେଷ ।

**ମାଧ୍ୟମ** ***ବି.*** ଯାହା ସାହାଯ୍ୟରେ ଅଥବା ମଧ୍ୟସ୍ଥତାରେ କାର୍ଯ୍ୟ ସମ୍ପନ୍ନ ହୁଏ ।

**ମାଧ୍ୟମିକ** ***ବିଂ.*** ୧. ମଧ୍ୟବର୍ତ୍ତୀ, ମଧ୍ୟରେ ସ୍ଥିତ, ଦୁଇ ଶ୍ରେଣୀର ମଧ୍ୟବର୍ତ୍ତୀ ୨. ବୌଦ୍ଧ ସମ୍ପ୍ରଦାୟର ଏକ ଶୂନ୍ୟବାଦୀ ଶାଖା ।

**ମାଧ୍ୟମିକ ବିଦ୍ୟାଳୟ** ***ବି.*** ପ୍ରାଥମିକ ଶିକ୍ଷା ଓ ଉଚ୍ଚଶିକ୍ଷାର ମଧ୍ୟବର୍ତ୍ତୀ ଶିକ୍ଷାନୁଷ୍ଠାନ ।

**ମାଧ୍ୟାକର୍ଷଣ** ***ବି.*** ପୃଥିବୀ ନିଜର କେନ୍ଦ୍ର ଆଡ଼କୁ ଟାଣୁଥିବା ଶକ୍ତି, ପୃଥିବୀର ଆକର୍ଷଣୀ ଶକ୍ତି ।

**ମାଧ୍ୟାହ୍ନିକ** ***ବିଂ.*** ମଧ୍ୟାହ୍ନକାଳୀନ ।

**ମାନ୍** ***ବି.*** ୧. ଶଗଡ଼ ଚକର ମଧ୍ୟସ୍ଥ ଛିଦ୍ର ୨. ମାଣ (ମାପ ବିଶେଷ-ଚାରି ଅଢ଼ାରେ ଗୋଟିଏ ମାଣ) ୩. ଅଢ଼ା (ମାପ) ୪. ମାନ, ସମ୍ମାନ, ଇଜ୍ଜତ୍ ।

**ମାନ** ***ବି.*** ୧. ସମ୍ମାନ, ମର୍ଯ୍ୟାଦା, ସୁନାମ ୨. ରାଗ, କ୍ରୋଧ ୩. ଗର୍ବ ୪. ଆତ୍ମାଭିମାନ ୫. ମାପିବା, ଓଜନ କରିବା ୬. (ସଙ୍ଗୀତରେ) ତାଳର ବିରାମ ।

**ମାନ ଅପମାନ** ***ବି.*** ସମ୍ମାନ ଓ ଅସମ୍ମାନ ଉଭୟ ।

**ମାନକ** ***ବି.*** ମାଣସାରୁ, ମାଣକ; ***ବିଂ.*** ଆଦର୍ଶ ସ୍ଥାନୀୟ, ଷ୍ଟାଣ୍ଡାର୍ଡ୍ ।

**ମାନକ ଭାଷା** ***ବି.*** ସର୍ବସାଧାରଣଙ୍କ ପାଇଁ ଆଦର୍ଶ ଭାଷା।

**ମାନ କରିବା** ***କ୍ରି.*** ଅଭିମାନ କରିବା, ରୁଷିବା ।

**ମାନକଳହ, ମାନକଳି** ***ବି.*** ଅଭିମାନାତ୍ମକ କଳି ।

**ମାନ କାଟିବା** ***କ୍ରି.*** ତାଳବାଦ୍ୟର ନିର୍ଦ୍ଧାରିତ ମାତ୍ରାରେ କାଟ ଦେବା ।

**ମାନଚିତ୍ର** ***ବି.*** ଦେଶ ବା କୌଣସି ଅଞ୍ଚଳର ଆକାର ଓ ସୀମା ସୂଚାଉଥିବା ଛବି, ଭୌଗୋଳିକ ସୀମା ସୂଚାଉଥିବା ନକ୍ସା ।

**ମାନଦଣ୍ଡ** ***ବି.*** ୧. ମାପିବା ଦଣ୍ଡ ୨. ତୁଳା ଦଣ୍ଡ ।

**ମାନନ** ***ବି.*** ସମ୍ମାନ ପ୍ରଦର୍ଶନ, ପୂଜନ, ଆଦରକରଣ ।

**ମାନନୀୟ** ***ବିଂ.*** ପୂଜନୀୟ, ମାନ୍ୟ ।

**ମାନପତ୍ର** ***ବି.*** ସମ୍ମାନସୂଚକ ଲେଖା, ଅଭିନନ୍ଦନ ପତ୍ର, ଯେଉଁ ଲେଖାଦ୍ୱାରା ବ୍ୟକ୍ତି ବିଶେଷଙ୍କୁ ସମ୍ମାନ ଅର୍ପଣ କରାଯାଏ ।

**ମାନବ** ***ବି.*** ମଣିଷ, ମନୁଷ୍ୟ ; ***ବିଂ.*** ମନୁଙ୍କଠାରୁ ଜାତ, ମନୁଙ୍କ ସମ୍ବନ୍ଧୀୟ ।

**ମାନବତା, ମାନବତ୍ୱ** ***ବି.*** ମନୁଷ୍ୟ ସୁଲଭ ଗୁଣ, ଧର୍ମ ବା ଭାବ ।

**ମାନବ ଧର୍ମ** ***ବି.*** ମନୁଷ୍ୟ ସୁଲଭ ଗୁଣ ବା ଧର୍ମ ।

**ମାନବର୍ଜିତ** ***ବିଂ.*** ସମ୍ମାନରହିତ ।

**ମାନବଲୀଳା** ***ବି.*** ପୃଥିବୀରେ ମାନବର କାର୍ଯ୍ୟକଳାପ ।

**ମାନବଲୀଳା ସମ୍ବରଣ** ***ବି.*** ମରଣ, ମୃତ୍ୟୁ ।

**ମାନବ ସମାଜ** ***ବି.*** ବହୁ ମଣିଷଙ୍କଦ୍ୱାରା ଗଠିତ ସମାଜ ।

**ମାନବିକ** ***ବିଂ.*** ମନୁଷ୍ୟ ପକ୍ଷରେ ଯାହା ସ୍ୱାଭାବିକ ।

**ମାନବୀ** ***ବି.*** ୧. ନାରୀ, ସ୍ତ୍ରୀ ୨. ମନୁଙ୍କ କନ୍ୟା ।

**ମାନବୀୟ** ***ବିଂ.*** ବୈଜ୍ଞାନିକ ଗବେଷଣାଦି ପାଇଁ ମନୁଷ୍ୟୋଚିତ ।

**ମାନବୋଚିତ** ***ବିଂ.*** ମନୁଷ୍ୟର ଉପଯୁକ୍ତ ।

**ମାନଭଙ୍ଗ** ***ବି.*** ୧. ମାନହାନି, ସମ୍ମାନହାନି, ଅପମାନ ୨. ଅପମାନ ତୁଟିଯିବା ।

**ମାନଭଞ୍ଜନ** ***ବି.*** ଅଭିମାନ ଅଥବା କୃତ୍ରିମ କ୍ରୋଧର ଦୂରୀକରଣ ।

**ମାନମନ୍ଦିର** ***ବି.*** ଗ୍ରହନକ୍ଷତ୍ର ଆଦିର ପର୍ଯ୍ୟବେକ୍ଷଣ କରିବା ଗୃହ, ପ୍ଲାନେଟୋରିଅମ୍ ।

**ମାନମର୍ଯ୍ୟାଦା, ମାନମହତ** ***ବି.*** ସମ୍ମାନ ।

**ମାନସ** ***ବି.*** ୧. ମନ, ଚିତ୍ତ ୨. କଳ୍ପନା ୩. ଅଭିଳାଷ ।

**ମାନସପଟ** ***ବି.*** ଚିତ୍ତପଟ, ମନୋରାଜ୍ୟ ।

**ମାନସରାଜ୍ୟ** ***ବି.*** ମନୋରାଜ୍ୟ, ମନ ଭିତର ।

**ମାନସନେତ୍ର *ବି.*** ଅନ୍ତର୍ଦୃଷ୍ଟି, କଳ୍ପନା ।
**ମାନସପୁତ୍ର *ବି.*** ମନ ବା କଳ୍ପନାରୁ ଜାତ ପୁତ୍ର ।
**ମାନସପ୍ରତିମା *ବି.*** କଳ୍ପନାରେ ଗଠିତ ମୂର୍ତ୍ତି ।
**ମାନସାଙ୍କ *ବି.*** ମନେ ମନେ ସମାଧାନ କରାଯାଉଥିବା ଅଙ୍କ, ତୁଣ୍ଡ ଅଙ୍କ ।
**ମାନସିକ *ବି.*** ୧. ମନ ସମ୍ବନ୍ଧିତ, କାଳ୍ପନିକ, କଳ୍ପନାପ୍ରସୂତ ୨. ମନୋଗତ ୩. ଅଭୀଷ୍ଟ ସିଦ୍ଧିପାଇଁ ଦେବୀ ଦେବତାଙ୍କ ଉଦ୍ଦେଶ୍ୟରେ ଯାଚଞ୍ଚା ।
**ମାନସିକତା *ବି.*** ମନର ଭାବ, ମନର ପ୍ରକୃତି ।
**ମାନସୀ *ବି.*** ମନ ମଧ୍ୟରେ କଳ୍ପିତା ପ୍ରିୟା ।
**ମାନହାନି *ବି.*** ଅପମାନ, ସମ୍ମାନହାନି, ମର୍ଯ୍ୟାଦା ନାଶ ।
**ମାନହାନିକର *ବିଂ.*** ସମ୍ମାନ ବା ମର୍ଯ୍ୟାଦାର କ୍ଷତିକାରକ ।
**ମାନହାନି ମକଦ୍ଦମା *ବି.*** ସମ୍ମାନହାନି ଘଟାଇବା ଲୋକ ବିରୁଦ୍ଧରେ ମକଦ୍ଦମା ।
**ମାନି *ବି.ବିଂ.*** ଅନ୍ୟପାଇଁ ଜାମିନ ହୋଇଥିବା ।
**ମାନିଆ *କ୍ରି.ବିଂ.*** ୧. ପାଇଁ, ସକାଶେ, ଅନୁସାରେ ୨. ପରିମାଣ ଅନୁସାରେ ; ***ବି.*** ୧. ସହଜାତ ପ୍ରକୃତି ୨. ପାଗଳାମି, ଝୁଙ୍କ, ଜିଦ୍ଦି ।
**ମାନିତ *ବିଂ.*** ସମ୍ମାନିତ, ପୂଜିତ ।
**ମାନିନୀ *ବିଂ.*** ଅଭିମାନବତୀ, ଗର୍ବିଣୀ; ***ବି.*** ପ୍ରିୟଙ୍ଗୁଲତା ।
**ମାନିବା *କ୍ରି.*** ୧. ଆଦେଶ ପାଳନ କରିବା ୨. ସମ୍ମାନ କରିବା ୩. ଶୋଭାପାଇବା ୪. ସ୍ୱୀକାର କରିବା ୫. ସୁନ୍ଦର ଦିଶିବା ୬. ରାଜି ହେବା ୭. ବିଶ୍ୱାସ କରିବା ।
**ମାନି ହେବା *କ୍ରି.*** ଜାମିନ ହେବା ।
**ମାନୀ *ବିଂ.*** ୧. ଅହଙ୍କାରୀ, ଗର୍ବୀ, ଅଭିମାନୀ ୨. ମାନନୀୟ ।
**ମାନୁଷ *ବି.*** ମନୁଷ୍ୟ, ନର ।
**ମାନୁଷିକ *ବିଂ.*** ମାନବୀୟ, ମନୁଷ୍ୟ ସମ୍ବନ୍ଧୀୟ ।
**ମାନେ *ବି.*** ଅର୍ଥ, ତାତ୍ପର୍ଯ୍ୟ, ହେତୁ, କାରଣ ।
**ମାନେଈ *ବିଂ.*** ମାନିନୀ, ଅଭିମାନିନୀ ।
**ମାନେଜ୍ କରିବା *କ୍ରି.*** ଚଳାଇ ନେବା ।
**ମାନେଜର *ବି.*** କର୍ମ ନିର୍ବାହକ, କର୍ମ ପରିଚାଳକ ।
**ମାନେଜରି *ବି.*** କର୍ମ ନିର୍ବାହକାରୀର କାର୍ଯ୍ୟ, କର୍ମ ପରିଚାଳନାକାରୀର କାର୍ଯ୍ୟ ।
**ମାନେଜିଙ୍ଗ୍ କମିଟି *ବି.*** ପରିଚାଳନା ସମିତି ।
**ମାନେ ବହି *ବି.*** ଅର୍ଥ ବୁଝାଉଥିବା ପୁସ୍ତକ, ସରଳ ପ୍ରଶ୍ନୋତ୍ତର ବହି ।

**ମାନେମାନେ *କ୍ରି.ବିଂ.*** ସମ୍ମାନ ଥାଉ ଥାଉ ।
**ମାନ୍ତ୍ରିକ *ବି.*** ମନ୍ତ୍ରରେ ସିଦ୍ଧି ଅର୍ଜନ କରିଥିବା ଗୁଣିଆ ।
**ମାନ୍ଦା *ବିଂ.*** ୧. ସ୍ଫୂର୍ତ୍ତିହୀନ, ଅଳସୁଆ, ନିସ୍ତେଜ ୨. ନିରୁତ୍ସାହଜନକ ।
**ମାନ୍ଦାବୁଦ୍ଧି *ବି.*** ମୋଟା ବୁଦ୍ଧି ।
**ମାନ୍ଦ୍ୟ *ବି.*** ଆଳସ୍ୟ, ହାନି, ହ୍ରାସ ।
**ମାନ୍ଧାତା ଅମଳ *ବି.*** ଅତି ପ୍ରାଚୀନ କାଳ, ପୁରୁଣାକାଳିଆ ସମୟ ।
**ମାନ୍ୟ *ବି.*** ସମ୍ମାନ, ମର୍ଯ୍ୟାଦା ; ***ବିଂ.*** ୧. ମାନନୀୟ, ସମ୍ମାନଯୋଗ୍ୟ ୨. ପ୍ରାର୍ଥନୀୟ ।
**ମାନ୍ୟଗଣ୍ୟ *ବିଂ.*** ସମ୍ଭ୍ରାନ୍ତ ସମାଜରେ ମାନନୀୟ ଓ ଗଣନୀୟ ।
**ମାନ୍ୟଧର୍ମ ବି.** ଗୁରୁଜନଙ୍କୁ ଦିଆ ଯାଉଥିବା ସମ୍ମାନ ।
**ମାନ୍ୟବର *ବିଂ.*** ଅତି ସମ୍ଭ୍ରାନ୍ତ, ମାନ୍ୟ ବ୍ୟକ୍ତିଙ୍କ ମଧ୍ୟରେ ମହାମାନ୍ୟ ।
**ମାନ୍ୟାସ୍ପଦ *ବିଂ.*** ସମ୍ମାନ ପାଇବାର ଯୋଗ୍ୟ ।
**ମାପ *ବି.*** ୧. ମାପିବା କ୍ରିୟା ୨. ପରିମାଣ ୩. ଓଜନ ୪. ଆୟତନ ।
**ମାପକ *ବି.ବିଂ.*** ୧. ଯେ ମାପେ ୨. ମାପୁଣି ୩. ଯେଉଁ ବସ୍ତୁ ସାହାଯ୍ୟରେ ମପାଯାଏ ବା ତଉଲାଯାଏ ।
**ମାପକାଠି *ବି.*** ମାନଦଣ୍ଡ, ମାପିବା ପାଇଁ ବ୍ୟବହୃତ ଯଷ୍ଟି ବା ଦଣ୍ଡ ।
**ମାପଚୁପ୍ କରିବା *କ୍ରି.*** ୧. କ୍ଷେତ ବା ସ୍ଥାନ ପ୍ରଭୃତିର ଦୈର୍ଘ୍ୟ, ପ୍ରସ୍ଥ ମାପ କରିବା ୨. ଭଲ ଭାବରେ ତନଖିବା ୩. କଳନା କରିବା ।
**ମାପନ *ବି.*** ୧. ମାପିବା କର୍ମ ୨. ତଉଲିବା କର୍ମ ।
**ମାପନୀୟ *ବିଂ.*** ମାପିବାର ଯୋଗ୍ୟ ।
**ମାପିବା *କ୍ରି.*** ୧. ମାପ କରିବା ୨. ପରିମାଣ ନିର୍ଣ୍ଣୟ କରିବା ୩. ତଉଲିବା ।
**ମାପୁଣି *ବି.*** ୧. ମାପ କରିବା ଲୋକ ୨. ମାପିବା କ୍ରିୟା ୩. ମାପିବା ଲୋକର ପାରିଶ୍ରମିକ ।
**ମାଫ୍ *ବି.*** ୧. କ୍ଷମା, ମାର୍ଜନା ୨. ରିଆତି ୩. ଅବ୍ୟାହତି, ଛାଡ଼ ୪. ଛୁଟି ।
**ମାଫି *ବି.*** ୧. କ୍ଷମା, ମାର୍ଜନା ୨. ରିଆତି, ଛାଡ଼ ୩. ଅବ୍ୟାହତି ୪. ନିଷ୍କର ବୃତ୍ତି ।
**ମାଫିକ୍, ମାଫିକେ *କ୍ରି.ବିଂ.ଅ.*** ତୁଲ୍ୟ, ମୁତାବକ ।
**ମାଫିଦାର *ବି.ବିଂ.*** ନିଷ୍କର ବୃତ୍ତି ଭୋଗ କରୁଥିବା ବ୍ୟକ୍ତି ।
**ମା ବାପ *ବି.*** ୧. ମାତା ଓ ପିତା ୨. କ୍ଷମାଶୀଳ ତଥା ସହାନୁଭୂତିଶୀଳ ବ୍ୟକ୍ତି ୩. ରକ୍ଷକ ୪. ନିୟାମକ ବ୍ୟକ୍ତି ।
**ମାମଲତ *ବି.*** ୧. ଉଦ୍ଦେଶ୍ୟ ୨. ମାମଲା ୩. ବ୍ୟବସାୟ, କାରବାର ।
**ମାମଲତ୍କାର *ବି.*** ୧. ଘରର ବୈଷୟିକ କାର୍ଯ୍ୟ ବୁଝୁଥିବା ବ୍ୟକ୍ତି ୨. ବ୍ୟବସାୟ ବୁଝୁଥିବା ବ୍ୟକ୍ତି ।

**ମାମଲତଦାର୍** *ବି.* ମକଦ୍ଦମା ପ୍ରଭୃତି ବୁଝିବା ପାଇଁ ନିଯୁକ୍ତ ବ୍ୟକ୍ତି ।

**ମାମଲତି** *ବି.* ୧. ସାଂସାରିକ କାର୍ଯ୍ୟ ୨. ମାଲିମକଦ୍ଦମା ଜ୍ଞାନ ୩. ବ୍ୟବସାୟ, ବାଣିଜ୍ୟ ଜ୍ଞାନ ।

**ମାମଲା** *ବି.* ୧. ମକଦ୍ଦମା ୨. ଘଟଣା ୩. ବିଷୟ ।

**ମାମଲାଖୋର, ମାମଲାବାଜ୍** *ବି.* ମକଦ୍ଦମା କରିବାରେ ପଟୁ, ମକଦ୍ଦମା ପ୍ରିୟ ।

**ମାମା** *ବି.* ୧. ମାମୁ ୨. ମା, ମାତା ୩. କନ୍ୟା, ଝିଅ ୪. ଜେଜେମା, ଆଇ ; *ବିଂ.* ଭଲ, ପରିଷ୍କାର ।

**ମାମୀ** *ବି.* ମାଇଁ ।

**ମାମୁ** *ବି.* ମାଙ୍କ ଭାଇ (*ସ୍ତ୍ରୀ.* ମାଈଁ) ।

**ମାମୁ ଅଜା** *ବି.* ବାପାଙ୍କ ମାମୁ, ମାଙ୍କ ମାମୁ ।

**ମାମୁଘର** *ବି.* ୧. ମାଙ୍କ ଭାଇର ଘର ୨. ଜେଲଖାନା ୩. ମଦଖଟି ।

**ମାମୁଲି** *ବିଂ.* ୧. ଗତାନୁଗତିକ, ଚିରାଚରିତ ୨. ଅତି ସାଧାରଣ ୩. ବାଜେ ; *ବି.* ବକ୍‌ସିସ୍, ଟିକସ ।

**ମାମୁଲି କାମ** *ବି.* ସାଧାରଣ କାରିଗରି, ଯେଉଁ କାମରେ ଅସାଧାରଣ କାରିଗରି ନଥାଏ ।

**ମାମୁଲି ଖରଚ** *ବି.* ସାଧାରଣ ଖରଚ, ଅତି ସାଧାରଣ ବ୍ୟୟ ।

**ମାୟା** *ବି.* ୧. ମୋହ, ଆସକ୍ତି ୨. ଇନ୍ଦ୍ରଜାଲ ୩. ଛଦ୍ମବେଶ ୪. ସଗୁଣ ପ୍ରକୃତି ୫. ଅବିଦ୍ୟା, ଅଜ୍ଞାନ ୬. ଦକ୍ଷିଣ ଆମେରିକାର ପ୍ରାଚୀନ ସଭ୍ୟତା ୭. ପିଜୁଳି, ମେଘୁଆ ।

**ମାୟାଜାଲ** *ବି.* ଅଦୃଶ୍ୟ ଜାଲଭଳି ବେଢ଼ି ରହିଥିବା ମାୟା ବା ଭ୍ରାନ୍ତି ।

**ମାୟାଡ଼ୋର, ମାୟାପାଶ** *ବି.* ସ୍ନେହ ବନ୍ଧନ, ଦଉଡ଼ିପରି ମନୁଷ୍ୟକୁ ଛନ୍ଦିଥିବା ମାୟାମୋହ ।

**ମାୟାଦଣ୍ଡ** *ବି.* କୁହୁକ କାଠି ।

**ମାୟାବାଦ** *ବି.* ଶଙ୍କରାଙ୍କ ପ୍ରଚାରିତ ଦର୍ଶନ - ଜଗତ୍ ମିଥ୍ୟା, କେବଳ ବ୍ରହ୍ମ ହିଁ ସତ୍ୟ ।

**ମାୟାବାଦୀ** *ବିଂ.ବି.* ମାୟାବାଦରେ ବିଶ୍ୱାସ କରୁଥିବା ବ୍ୟକ୍ତି ।

**ମାୟାବିଦ୍ୟା** *ବି.* ଇନ୍ଦ୍ରଜାଲ, ଭୋଜବାଜି ।

**ମାୟାବୀ** *ବିଂ.* ଯାଦୁକର, କପଟାଚାରୀ ।

**ମାୟାମମତା** *ବି.* ସ୍ନେହ ଓ ମମତା ।

**ମାୟାମୟ** *ବିଂ.* ମାୟାଦ୍ୱାରା ପୂର୍ଣ୍ଣ, ଛଳନାରେ ପୂର୍ଣ୍ଣ ।

**ମାୟାମୁକ୍ତ** *ବିଂ.* ମୋହମୁକ୍ତ, ମୋହରୁ ଉଦ୍ଧାର ପାଇଥିବା ।

**ମାୟାମୃଗ** *ବି.* ୧. ରାମାୟଣରେ ବର୍ଣ୍ଣିତ ମାରୀଚ ରାକ୍ଷସ, ଛଳନାରେ ସ୍ୱର୍ଣ୍ଣ ମୃଗ ରୂପ ଧାରଣ କରିଥିବା ରାକ୍ଷସ ୨. ବିପଦ୍‌ଜନକ ଆକର୍ଷଣ ।

**ମାୟାମୋହ** *ବି.* ମାୟାଜନିତ ଅଜ୍ଞାନତା ।

**ମାୟାରୂପୀ** *ବିଂ.* ଛଦ୍ମରୂପଧାରୀ ।

**ମାୟାସଂସାର** *ବି.* ମିଥ୍ୟା ସଂସାର, ମାୟାଦ୍ୱାରା ଜଡ଼ିତ ସଂସାର ।

**ମାୟୀ** *ବି.* ଦେବୀ, ମାତା, ନାରୀ ।

**ମାର୍‌କଁଡ଼ିଆ** *ବିଂ.* ମାରଣା, ସବୁବେଳେ ମାରିବା ପାଇଁ ଉଦ୍ୟତ ।

**ମାର୍‌କାଟ୍** *ବି.* ହଣାକଟା, ହଣାମରା ।

**ମାର୍‌କିନ୍** *ବି.* ଏକ ପ୍ରକାର ମୋଟା ଲୁଗା ।

**ମାର୍‌ଜାତ୍** *ବି.* ୧. ଉତ୍ସବ, ତିହାର ୨. ଅତିଥି ସତ୍କାର ।

**ମାର୍‌ଜାତି** *ବି.* ପୁରସ୍କାର ।

**ମାର୍‌ଜିନ୍** *ବି.* ପ୍ରାନ୍ତ, ଧାର, କାଗଜ ଲେଖାର ଦୁଇ ପାର୍ଶ୍ୱରେ ଖାଲି ଜାଗା ।

**ମାର୍‌ଧର୍** *ବି.* ମାଡ଼ଗୋଳ, ପିଟାମରା ।

**ମାର୍‌ନି** *ବି.ବିଂ.* ମାରଣା ।

**ମାର୍ ମାର୍ କରିବା** *କ୍ରି.* ମାଡ଼ଭୟ ଦେଖାଇ ତଡ଼ିବା ।

**ମାର** *କ୍ରି.* ହତ୍ୟା, ବିନାଶ ବା ପ୍ରହାର କର ; *ବି.* ୧. ବୁଦ୍ଧଦେବଙ୍କ ତପସ୍ୟା ଭଙ୍ଗକାରୀ ଅପଦେବତା ୨. କନ୍ଦର୍ପ ।

**ମାରକ** *ବି.* ୧. ମଡ଼କ, ମହାମାରୀ, ସଂକ୍ରାମକ ରୋଗ ୨. ଅଶୁଭ ଗ୍ରହ, ଗ୍ରହ ଦଶା ।

**ମାରକଗ୍ରହ** *ବିଂ.* ଜ୍ୟୋତିଷ ଶାସ୍ତ୍ରରେ ମାରକ ସ୍ଥାନର (ଜନ୍ମ ଲଗ୍ନର ୨ୟ ଓ ୭ମ ସ୍ଥାନ) ଅଧିପତି ଗ୍ରହ ।

**ମାରକତ** *ବିଂ.* ମରକତମଣି ସଦୃଶ ।

**ମାରକଦଶା** *ବି.* ଯେଉଁ ଗ୍ରହଙ୍କ ପ୍ରଭାବ (ଦଶା)ରେ ମୃତ୍ୟୁଘଟେ ବୋଲି ବିଶ୍ୱାସ ।

**ମାରଣ** *ବି.* ୧. ବିନାଶ, ବଧ, ହତ୍ୟା ୨. ବଧ ଉଦ୍ଦେଶ୍ୟରେ ତାନ୍ତ୍ରିକ ଅଭିଚାର ବିଶେଷ ୩. ଧାତୁକୁ ଭସ୍ମରେ ପରିଣତ କରିବା କ୍ରିୟା ।

**ମାରଣା** *ବିଂ.* ଯେ ମାରେ, ଯେ ବିନ୍ଧେ, ଘାତକ, ଖଣ୍ଟ, ଡକାୟତ ; *ବି.* ମହାରଣା, ପଥୁରିଆ, ବଢ଼େଇ, କାରିଗର, କମାର ।

**ମାରପେଞ୍ଚ** *ବି.* କପଟ ଆଚରଣ, ଷଡଯନ୍ତ୍ର, ଜଟିଳତା ।

**ମାରବାଡ୍** *ବି.* ରାଜସ୍ଥାନର ଅଞ୍ଚଳ ବିଶେଷ ।

**ମାରବାଡ଼ି, ମାରୁଆଡ଼ି** *ବି.* ୧. ମାରବାଡ଼ ରାଜ୍ୟର ଅଧିବାସୀ ୨. ଏକ ବ୍ୟବସାୟୀ ସମ୍ପ୍ରଦାୟ ୩. ମାରବାଡ଼ର ଭାଷା ।

**ମାରହାଟିଆ** *ବିଂ.* ମାରିବାରେ ଅଭ୍ୟସ୍ତ ବ୍ୟକ୍ତି ।

**ମାରାଂ ବିଂ.** ବଡ଼, ଗଖା, ବିଶାଳ, ପ୍ରଧାନ ।

**ମାରାଂଦାରେ ବି.** ବଡ଼ ଗଛ ।

**ମାରାଂ ଅଫିସର୍ ବି.** ବଡ଼ ହାକିମ ।

**ମାରାଂ ଦୁକ୍ ବି.** ସବୁଠୁ ବଡ଼ ଦୁଃଖ ।

**ମାରା ବିଂ.** ୧. ନଷ୍ଟ, କ୍ଷତି, ହାନି ୨. ନିହତ ୩. ଅପବିତ୍ର, ଦୂଷିତ ।

**ମାରାଗ ବି.** ମରକତ ମଣି ।

**ମାରାତ୍ମକ ବିଂ.** ପ୍ରାଣନାଶକ, ସାଙ୍ଘାତିକ ।

**ମାରାଥନ୍ ବି.** କ୍ରୀଡ଼ା ପରମ୍ପରାରେ ୨୬ ମାଇଲ ଦୌଡ଼ ପ୍ରତିଯୋଗିତା ।

**ମାରା ପଡ଼ିବା କ୍ରି.** ୧. ନିହତ ହେବା ୨. ଅପବିତ୍ର ହେବା ।

**ମାରି ବି.** ମହାମାରୀ, ମଡ଼କ ।

**ମାରି ଖାଇବା କ୍ରି.** ୧. ଜୀବକୁ ହତ୍ୟାକରି ତା ମାଂସକୁ ଖାଇବା ୨. ଦୁର୍ନୀତିକରି ମାରିନେବା, ଆତ୍ମସାତ କରିବା ।

**ମାରିନେବା କ୍ରି.** ୧. ଛଡ଼ାଇ ନେବା ୨. ଆତ୍ମସାତ କରିବା ୩. ଠକିନେବା ।

**ମାରିବା କ୍ରି.** ୧. ପ୍ରହାର ବା ଆଘାତ କରିବା,ବାଡ଼େଇବା ୨. ବଧ କରିବା, ହତ୍ୟାକରିବା ୩. ଲୋପ କରିବା ୪. ଆତ୍ମସାତ କରିବା ୫. ଫୁଟାଇ ତରଳ ପଦାର୍ଥର ପରିମାଣ କମାଇବା ୬. ଖୋସିବା ୭. ଉପଭୋଗ କରିବା ୮. ଦେହରେ ଲଗାଇବା ୯. ପାଣି ଛାଟିବା ୧୦. ଅପବିତ୍ର ବା ମାରା କରିବା ୧୧. ପରାଜିତ କରିବା ୧୨. ଲହୁଣୀରୁ ଘିଅ ତିଆରି କରିବା ।

**ମାରିବା ତାରିବା କ୍ରି.** ଲୋକର ସର୍ବନାଶ କରିବା ଓ ତାକୁ ରକ୍ଷା କରିବା ।

**ମାରିଷ ବି.** ୧. ଲେଉଟିଆ ଶାଗ ୨. ଖଡ଼ା ଶାଗ ।

**ମାରୁ ବିଂ.** ୧. ହତ୍ୟାକାରୀ ୨. ଦୁର୍ନୀତିଗ୍ରସ୍ତ ; **ବି.** ୧. ମାରଣ, ବଧ ୨. ପ୍ରହାର, ଆଘାତ ।

**ମାରୁତ, ମରୁତ ବି.** ବାୟୁ, ପବନ, ଅଣଞ୍ଚାଶ ପବନ ।

**ମାରୁତି ବି.** ୧. ହନୁମାନ ୨. ଭୀମ ।

**ମାର୍କ୍ ବି.** ୧. ବିଭିନ୍ନତା ସୂଚାଙ୍କ ୨. ପରୀକ୍ଷାରେ ଛାତ୍ର ପାଇବା ନମ୍ବର ୩. ଦାଗ, ଚିହ୍ନ ।

**ମାର୍କା, ମାରୁକା ବି.** ୧. ଚିହ୍ନ, ଦାଗ ୨. ମୋହର, ଛାପ ।

**ମାର୍କାମରା, ମାର୍କାଦିଆ ବିଂ.** ୧. ବିଶେଷ ଭାବରେ ଚିହ୍ନିତ, ବିଖ୍ୟାତ ୨. କୁଖ୍ୟାତ (ଦାଗୀ) ।

**ମାର୍କିନ୍ ବି.** ମାର୍କିନ୍, ମୋଟା ସୂତା କନା ବିଶେଷ ; **ବିଂ.** ଯୁକ୍ତରାଷ୍ଟ୍ର ଆମେରିକା ସମ୍ପର୍କିତ ।

**ମାର୍କୁଣ୍ଡି ବିଂ.** ବିବାହପାଇଁ କନ୍ୟାଘରକୁ ଯାଉଥିବା ବରସହିତ ପାଲିଙ୍କି ବା ଯାନରେ ଯାଉଥିବା ବାଳକ, କୋହ୍ଲବର ।

**ମାର୍କେଟ ବି.** ବଜାର, ଜିନିଷପତ୍ର ବିକ୍ରୟ ଅଞ୍ଚଳ ।

**ମାର୍କେଟିଙ୍ଗ୍ ବି.** ୧. ବଜାର କରିବା ୨. ବଜାରରେ ପ୍ରଚଳନ କରିବା ।

**ମାର୍ଗ ବି.** ୧. ପଥ, ବାଟ ୨. ଆଚରିତ ପ୍ରଣାଳୀ ୩. ଉପାୟ ୪. ଶୁଦ୍ଧ ସଙ୍ଗୀତର ଶାସ୍ତ୍ରୀୟ ପଦ୍ଧତି ୫. ପାୟୁ, ଗୁହ୍ୟ ଦ୍ୱାର ୬. ମାର୍ଗଶିର ମାସ ।

**ମାର୍ଗଣ ବି.** ୧. ମାଗଣ, ପ୍ରାର୍ଥନା ୨. ଅନ୍ୱେଷଣ ୩. ଶର, ବାଣ ।

**ମାର୍ଗଶିର ବି.** ମଗୁଶିର ବା ମଗଶିର୍ ମାସ ।

**ମାର୍ଗୀ ବିଂ.** ୧. କୌଣସି ମାର୍ଗ ଅବଲମ୍ବନକାରୀ ୨. ପଥପ୍ରଦର୍ଶକ ; **ବି.** ୧. ସଙ୍ଗୀତରେ ଶୁଦ୍ଧ ଶାସ୍ତ୍ରୀୟ ପଦ୍ଧତି ୨. ଅଗ୍ରଣୀ ବ୍ୟକ୍ତି, ନେତା ।

**ମାର୍ଚ୍ ବି.** ୧. ଇଂରାଜୀ ବର୍ଷର ତୃତୀୟ ମାସ ୨. ଚାଲି, ଅଗ୍ରଗତି ।

**ମାର୍ଚ୍ କରିବା କ୍ରି.** ସାମରିକ ପଦ୍ଧତିରେ ଚାଲିବା, ଆଗେଇଯିବା ।

**ମାର୍ଚେଣ୍ଟ୍ ନେଭି ବି.** ନୌବାଣିଜ୍ୟ, ଜାହାଜ ଜରିଆରେ ବେପାର ।

**ମାର୍ଜନ ବି.** ୧. ମାଜିବା କାର୍ଯ୍ୟ, ପରିଷ୍କାର କରିବା କାର୍ଯ୍ୟ, ଶୋଧନ ୨. ଦୋଷ ମୁକ୍ତି ।

**ମାର୍ଜନା ବି.** ୧. କ୍ଷମା ୨. ଶୋଧନ ୩. ମାଜଣା, ଦେବ ଦେବୀଙ୍କ ବିଗ୍ରହକୁ ଯଥାବିଧି ସ୍ନାନ କରାଇ ପୂଜା ଅର୍ଚ୍ଚନା କରିବା ।

**ମାର୍ଜନୀ ବି.** ୧. ଝାଡୁ, ପହଁରା, ଛାଞ୍ଚୁଣି ୨. ଗାମୁଛା ।

**ମାର୍ଜନୀୟ ବିଂ.** ୧. କ୍ଷମଣୀୟ ୨. ପରିଷ୍କୃତ ହେବା ଯୋଗ୍ୟ ୩. ମାର୍ଜନାର ଯୋଗ୍ୟ ।

**ମାର୍ଜାର ବି.** ୧. ବିରାଡ଼ି ୨. ଶାଳିଆପତନୀ ୩. କଟାଶ ।

**ମାର୍ଜିତ ବିଂ.** ୧. ପରିଷ୍କୃତ, ବିଶୁଦ୍ଧିକୃତ ୨. ଅନୁଶୀଳନଦ୍ୱାରା ଉତ୍କର୍ଷପ୍ରାପ୍ତ ୩. ପ୍ରକ୍ଷାଳିତ, ଦୋଷମୁକ୍ତ ୪. ସଭ୍ୟ ଓ ସଂସ୍କୃତ ।

**ମାର୍ତୁଲ ବି.** ଲୁହାର ହାତୁଡ଼ି ।

**ମାର୍ତ୍ତଣ୍ଡ ବି.** ୧. ସୂର୍ଯ୍ୟ ୨. ଅର୍କଗଛ ।

**ମାର୍ଫତ୍ ବି.କ୍ରି.ବିଂ.** ଜିମା, ଜରିଆରେ, ତତ୍ତ୍ୱାବଧାନରେ, କେଆର୍‌ଅଫ୍ ।

**ମାର୍ଫତଦାର୍ ବି.** ଜିମାଦାର, ସାଧାରଣ ସମ୍ପତ୍ତିର ଅଧିକାର ପ୍ରାପ୍ତ ପରିଚାଳକ ।

**ମାର୍ବଲ ବି.** ଶଙ୍ଖମଲମଲ ପଥର ।

**ମାର୍ମିକ ବିଂ.** ହୃଦୟସ୍ପର୍ଶୀ, ମର୍ମସ୍ପର୍ଶୀ ।

**ମାର୍ସାଦ୍ ବି.** ମହାପ୍ରସାଦ ସଙ୍ଗାତ, ପରସ୍ପରକୁ ମହାପ୍ରସାଦ ଖୁଆଇଥିବା ମଇତ୍ର, ମହାର୍ଦ ।

**ମାଳ ବି.** ୧. ଗଳାମାଳି ୨. ଫୁଲର ହାର ୩. ଉଚ୍ଚ ଭୂମି, ଜଙ୍ଗଲ ଭୂମି ୪. ପଙ୍‌କ୍ତି, ସମୂହ ୫. ଜାତିବିଶେଷ ।

**ମାଳଚୂଳ ବି.** ଶ୍ରୀଜଗନ୍ନାଥଙ୍କ ପୁଷ୍ପଭୂଷା ବିଶେଷ ।

**ମାଳଚୂଳ ସେବକ ବି.** ଶ୍ରୀମନ୍ଦିରରେ ନିର୍ଦ୍ଦିଷ୍ଟ ଦିନ ମାନଙ୍କରେ ଠାକୁରଙ୍କ ପାଇଁ ଫୁଲ, ମାଳ, ତୁଳସୀଚୂଳ ଆଦି ଯୋଗାଇବା ସେବାକାରୀ।

**ମାଳଞ୍ଚ ବି.** ଫୁଲ ବଗିଚା ।

**ମାଳବ ଗୌଡ଼ା ବି.** ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତର ରାଗ ବିଶେଷ ।

**ମାଳଭୂମି ବି.** ଅରଣ୍ୟବେଷ୍ଟିତ ଉଚ୍ଚ ପାର୍ବତ୍ୟାଞ୍ଚଳ ।

**ମାଳମାଳ ବିଂ.** ବହୁ ସଂଖ୍ୟକ, ବହୁ ସଂଖ୍ୟାରେ ସଜା ହୋଇଥିବା, ଅସଂଖ୍ୟ ।

**ମାଳ ଯମକ ବି.** ଶବ୍ଦାଳଙ୍କାର ବିଶେଷ-ପଦର ଆଦ୍ୟ, ମଧ୍ୟ ଓ ପ୍ରାନ୍ତରେ ଭିନ୍ନାର୍ଥବାଚକ ଶବ୍ଦର ବାରମ୍ବାର ପ୍ରୟୋଗ ।

**ମାଳଶ୍ରୀ ବି.** ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ ତଥା ବାଦ୍ୟଶୈଳୀ ବିଶେଷ ।

**ମାଳସୂତା ବି.** ଅରଟ ଚାରିପାଖରେ ଗୁଡ଼ିଆ ହୋଇ ତାକୁଡ଼ିରେ ସଂଯୁକ୍ତ ହୋଇଥିବା ସୂତା ।

**ମାଳହାଣ୍ଡି, ମାଲହାଣ୍ଡି ବି.** ଦଶତୁଠରେ ଦଗ୍ଧ ହାଣ୍ଡି ।

**ମାଳା ବି.** ୧. ବେକର ହାର, ଫୁଲମାଳ ୨. ଶ୍ରେଣୀ, ଧାଡ଼ି, ସମୂହ ୩. ଜପାମାଳ ।

**ମାଳା ଜଉପୁନି ବି.** ବାବାଜିଙ୍କର ଦୁଇଗୋଟି ପ୍ରଧାନ ବ୍ୟବହାର ସାମଗ୍ରୀ ।

**ମାଳାକାର ବି.** ଯେ ମାଳା ଗୁନ୍ଥେ, ମାଲ୍ୟକାର, ମାଳୀ ।

**ମାଳାବଦଳ ବି.** ଗାନ୍ଧର୍ବ ରୀତିରେ ବିବାହ, ବରକନ୍ୟା ପରସ୍ପରକୁ ମାଳା ପିନ୍ଧାଇ ପତି ବା ପତ୍ନୀ ଭାବରେ ସ୍ୱୀକାର କରିବା ।

**ମାଳି ବି.** କଣ୍ଠି, ଛୋଟ ହାର, ରୁଦ୍ରାକ୍ଷ ବା ତୁଳସୀର ମାଳା ।

**ମାଳିକା ବି.** ୧. ଅଚ୍ୟୁତାନନ୍ଦ ବା ଅନ୍ୟ ସନ୍ଥଙ୍କ ରଚିତ ଭବିଷ୍ୟବାଣୀ ସୂଚକ ପଦ୍ୟଧର୍ମୀ ରଚନା ୨. ମଲ୍ଲି ।

**ମାଳୀ ବି.** ଉଦ୍ୟାନ ପାଳକ, ମାଳାକାର; ***ସ୍ତ୍ରୀ.*** ମାଳୁଣି ।

**ମାଳୁଆ ବିଂ.** ୧. ଜଙ୍ଗଲୀ, ଜଙ୍ଗଲବାସୀ ୨. କନ୍ଧ ଜାତି ବିଶେଷ ।

**ମାଳୋପମା ବି.** କାବ୍ୟରଚନାରେ ଅଳଙ୍କାର ବିଶେଷ ଗୋଟିଏ ଉପମେୟ ନିମିତ୍ତ ଏକାଧିକ ଉପମାନର ପ୍ରୟୋଗ ।

**ମାଲ୍ ବି.** ୧. ବ୍ୟବସାୟ ପାଇଁ ଦ୍ରବ୍ୟ, ଜିନିଷ ୨. ମଦ ୩. ଉତ୍ତେଜକ ବସ୍ତୁ।

**ମାଲ୍‌ଖେକାରି ବି.** କୋକିଶିଆଳ, ଖେକର୍ଲି ।

**ମାଲ୍‌ଚି ବି.** ମହାଲକ୍ଷ୍ମୀ ।

**ମାଲ୍ ଟିକ୍‌ରା ବି.** ଉଚ୍ଚ ପଡ଼ିଆ ଭୂଇଁ।

**ମାଲ୍ ଥୋଣେ ବି.ବିଂ.** ବୋକା, ଓଲୁ ।

**ମାଲ୍‌ଦାର୍ ବିଂ.** ଧନୀ, ସମ୍ପତ୍ତିଶାଳୀ ।

**ମାଲ୍ ଧାନ୍ ବି.** ମାଲ୍ ଜମିରେ ଉତ୍ପନ୍ନ ହେବା ଧାନ ।

**ମାଲ ବି.** ୧. ମଲ୍ଲଯୋଦ୍ଧା ୨. ପଣ୍ୟଦ୍ରବ୍ୟ, ଜିନିଷପତ୍ର ୩. ରାଜସ୍ୱ, ଖଜଣା ୪. ରଥଯାତ୍ରା ବେଳେ ରଥମାନଙ୍କରେ ବନ୍ଧା ଚାରମାଳ ତଳେ ଦିଆଯାଉଥିବା ଚାରୋଟି କାଠଗଡ଼ ।

**ମାଲକଛା ବି.** ମଲ୍ଲଯୋଦ୍ଧା କଛାମାରି ପିନ୍ଧୁଥିବା ଲୁଗା ।

**ମାଲକୁସ୍ତି ବି.** ବାହୁଯୁଦ୍ଧ, ମଲ୍ଲଯୁଦ୍ଧ ।

**ମାଲଖାନା ବି.** ଖଜଣାଖାନା, ମୂଲ୍ୟବାନ ଦ୍ରବ୍ୟ ରଖିବା ଘର ।

**ମାଲଗାଡ଼ି ବି.** ପଣ୍ୟବାହୀ ରେଳଗାଡ଼ି, ଗୁଡ୍‌ସ୍ ଟ୍ରେନ୍ ।

**ମାଲଗୁଜାର ବି.** ଜମିଦାର, ରାଜସ୍ୱ ଦେଉଥିବା ଭୂମିର ମାଲିକ ।

**ମାଲଗୁଜାରି ବି.** ରାଜସ୍ୱ, ଖଜଣା, ଭୂମିକର ।

**ମାଲଗୋଦାମ ବି.** ପଣ୍ୟଦ୍ରବ୍ୟାଦି ରଖା ଯିବାର ବୃହତ୍ ଗୃହ, ଦ୍ରବ୍ୟ ସଞ୍ଚୟ ଗୃହ, ଗଦି, ପେଣ୍ଠ ।

**ମାଲପତ୍ର ବି.** ମୂଲ୍ୟବାନ ଦ୍ରବ୍ୟ, ସମ୍ପତ୍ତି, ଟଙ୍କାପଇସା ।

**ମାଲପା ବି.** ଦେହରେ ଲଗାଇବା ତେଲ ।

**ମାଲପୁଆ ବି.** ଅମାଲୁ, ଛେନା, ମଇଦା ଓ ଚିନିମିଶ୍ରିତ ଘିଅଛଣା ପିଠା ।

**ମାଲଭାଇ ବି.** ଶବ କାନ୍ଧେଇବା ଜ୍ଞାତି ଭାଇ ।

**ମାଲମସଲା ବି.** ୧. ଘର ତିଆରି କରିବାର ଉପକରଣ ୨. କାର୍ଯ୍ୟ ନିମିତ୍ତ ଆବଶ୍ୟକ ଉପକରଣ ।

**ମାଲସ୍ ବି.** ମାଲିସ୍ ।

**ମାଲିକ ବି.** ଖାମିନ୍ଦ, ଅଧିକାରୀ, ପ୍ରଭୁ ।

**ମାଲିକାନା ବି.** ଅଧିକାର, ମାଲିକର ପ୍ରାପ୍ୟ ଅର୍ଥ ।

**ମାଲିମକଦ୍ଦମା ବି.** ନାନା ପ୍ରକାର ମକଦ୍ଦମା ।

**ମାଲିସ ବି.** ୧. ମର୍ଦ୍ଦନ ୨. ଲେପନ ୩. ତେଲ ପ୍ରଭୃତି ଘଷିବା ।

**ମାଲୁମ ବି.** ଜ୍ଞାନ, ଉପଲବ୍ଧି, ଜଣାଥିବା ।

**ମାଲେମାଲ୍ ବିଂ.** ଅନ୍ୟାୟମାର୍ଗରେ ହଠାତ୍ ଧନୀ ହୋଇଥିବା ।

**ମାଲେରିଆ ବି.** ମଶା କାମୁଡ଼ାରୁ ହେଉଥିବା ଏକ ପ୍ରକାର ଜ୍ୱର ।

**ମାଲ୍ୟ ବି.** ମାଳା, ଫୁଲର ମାଳା ।

**ମାଷ୍ଟର ବି.** ୧. ଶିକ୍ଷକ ୨. ନୃତ୍ୟ, ସଙ୍ଗୀତ ଶିକ୍ଷାଦାତା ୩. ଗୁରୁ ୪. କୁଶଳୀ ବୁଣାକାର ବା ଦର୍ଜୀ (***ସ୍ତ୍ରୀ.*** ମାଷ୍ଟ୍ରାଣୀ)।

**ମାଷ୍ଟର ପ୍ଲାନ୍ ବି.** ୧. ଚୂଡ଼ାନ୍ତ ଖସଡ଼ା ୨. ବିସ୍ତୃତ ନିଷ୍ପତ୍ତି ବା ଯୋଜନା ।

**ମାଷ୍ଟର ମାଇଣ୍ଡ ବି.** କୌଣସି ଅପରାଧ ପଛରେଥିବା ପ୍ରକୃତ ଅପରାଧୀ।

**ମାଷ୍ଟରି, ମାଷ୍ଟରଗିରି ବି.** ଶିକ୍ଷକତା, ଶିକ୍ଷକର ବୃତ୍ତି ।

**ମାସ୍ କେର ବି.** ଶାମୁକା ।

**ମାସ** *ବି.* ବର୍ଷର ବାରଭାଗରୁ ଭାଗେ – ସ୍ଥୂଳ ଗଣନାରେ ତିରିଶ ଦିନ ।

**ମାସାନ୍ତ** *ବି.* ୧. ସଂକ୍ରାନ୍ତିର ପୂର୍ବଦିନ ୨. ଚାନ୍ଦ୍ରମାସ ଆରମ୍ଭର ପୂର୍ବଦିନ ।

**ମାସାବଧି** *କ୍ରି.ବିଂ.* ମାସେ ହେଲା, ଏକମାସ କାଳ ।

**ମାସାହାରୀ, ମାଂସାହାରୀ** *ବିଂ.* ଯିଏ ମାଂସ ଖାଏ, ମାଂସ ଯାହାର ଖାଦ୍ୟ ।

**ମାସିଆରି** *ବିଂ.* ମାସିକ ; *ବି.* ମାସିକ ବେତନ ।

**ମାସିକିଆ** *ବିଂ.* ୧. ମାସକୁ ମାସ ୨. ମାସେ ପରିମିତ, ଏକ ମାସ ପାଇଁ ।

**ମାସିରି, ମାସରି** *ବି.* ୧. ମାସିକ ବେତନ ୨. ମାସୁଆରି, ସ୍ତ୍ରୀମାନଙ୍କ ମାସିକ ଋତୁସ୍ରାବ ।

**ମାସୁଆରି** *ବି.* ୧. ନାରୀମାନଙ୍କ ମାସିକ ଋତୁସ୍ରାବ ୨. ମାସିକିଆ ।

**ମାସୁଲ,ମାହାସୁଲ** *ବି.* ୧. ଶୁଳ୍କ, ଭଡ଼ା ୨. ଡାକ ବା ରେଳରେ ପଠାଯାଉଥିବା ଖର୍ଚ୍ଚ ୩. ପ୍ରେରଣ ମୂଲ୍ୟ ।

**ମାସ୍ତାନ** *ବି.* ବ୍ରାହ୍ମଣମାନଙ୍କ ଏକ ଉପଗୋଷ୍ଠୀ ।

**ମାସ୍ତୁଲ** *ବି.* ପୋତ ଆଦିରେ ପାଲ ଟାଣିବାରେ ବ୍ୟବହୃତ କାଠଖୁଣ୍ଟ, ମାଷ୍ଟ ।

**ମାହାଁ** *ଅ.* ମା' ରାଣ, ମା ନାଁରେ ରାଣ ।

**ମାହାତ୍ମ୍ୟ** *ବି.* ୧. ମହତ୍ତ୍ୱ, ଗୌରବ, ମହିମା ୨. ପ୍ରଶସ୍ତି ।

**ମାହାପୁରୁ, ମାହାପ୍ରୁ** *ବି.* ୧. ମହାପ୍ରଭୁ, ଭଗବାନ ୨. ଦେବତା ।

**ମାହାପ୍ରୁଗୁଡ଼ି** *ବି.* ମନ୍ଦିର, ଦେଉଳ, ମାହାପ୍ରୁ ଘର ।

**ମାହାପ୍ରୁ ଘର** *ବି.* ଦେବ ମନ୍ଦିର, ଦେଉଳ, ମାହାପ୍ରୁଗୁଡ଼ି ।

**ମାହାରା** *ବି.* ପାଣି ଗଡ଼ିଯିବା ପାଇଁ ଖୋଳା ଯାଇଥିବା ଅଣଓସାରିଆ ନାଳ ।

**ମାହାରୀ** *ବି.* ଶ୍ରୀମନ୍ଦିରରେ ସେବାକାରିଣୀ, ଦେବଦାସୀ, ନର୍ତ୍ତକୀ ।

**ମାହାଳ** *ବି.* ଗମ୍ଭାରି ଜାତୀୟ ଏକପ୍ରକାର ଗଛ ।

**ମାହାଳିଆ** *ବିଂ.* ମାଗଣା ; *କ୍ରି.ବିଂ.* ବୃଥା, ଅକାରଣରେ ।

**ମାହାଲ** *ବି.* ଜମିଦାରୀ, ଭୂରାଜସ୍ୱ ନିମନ୍ତେ ଉଦ୍ଦିଷ୍ଟ ନିର୍ଦ୍ଦିଷ୍ଟ ଅଞ୍ଚଳ ।

**ମାହାଲା** *ବିଂ.* ମହଲା, ତଳଯୁକ୍ତ ବା ତାଲାଯୁକ୍ତ କୋଠାଘର ; *ବି.* କୋଠାଘରର ବିଭିନ୍ନ ତାଲା ।

**ମାହିଆ** *ବିଂ.* ନାରୀ ପ୍ରକୃତି ଯୁକ୍ତ, ମାଇଚିଆ, ସ୍ତ୍ରୀ ବୁଦ୍ଧିରେ ଚାଳିତ, ମାଇଆ ।

**ମାହିନା** *ବି.* ମାସିକ ବେତନ ।

**ମାହୁନ୍ତ** *ବି.* ହାତୀ ଚାଳକ ।

**ମାହେନ୍ଦ୍ର** *ବିଂ.* ଇନ୍ଦ୍ର ସମ୍ବନ୍ଧୀୟ ; *ବି.* ଶୁଭମୁହୂର୍ତ୍ତ ବା ଶୁଭଯୋଗ ।

**ମାହେନ୍ଦ୍ର ବେଳା** *ବି.* ଜ୍ୟୋତିଷଶାସ୍ତ୍ରରେ ଗଣନା କରାଯାଇ ସ୍ଥିରୀକୃତ ଶୁଭମୁହୂର୍ତ୍ତ ବା ବେଳା ।

**ମାହେଶ୍ୱର** *ବିଂ.ବି.* ଶୈବ, ଶିବ ଉପାସକ ।

**ମାହେଶ୍ୱରୀ** *ବି.* ଦୁର୍ଗା ।

**ମିଆଁ** *ବି.* ୧. ମୁସଲମାନ ଭଦ୍ରବ୍ୟକ୍ତି, ବାବୁ ଓ ମହାଶୟ ଆଦିର ପ୍ରତିଶବ୍ଦ ୨. ସ୍ୱାମୀ, ମୁନିବ ୩. ସମ୍ମାନିତ ବ୍ୟକ୍ତି ।

**ମିଆଁଉଁ** *ବି.* ବିରାଡ଼ିର ବୋବାଇବା ଧ୍ୱନି ।

**ମିଆଦ** *ବି.* ୧. ନିର୍ଦ୍ଧାରିତ ସମୟ ବା ବର୍ଷ ୨. ଜେଲଦଣ୍ଡର ଅବଧି ।

**ମିଆଦୀ** *ବିଂ.* ନିର୍ଦ୍ଦିଷ୍ଟ କାଳଯୁକ୍ତ ।

**ମିକ୍ଷ୍ଚର୍** *ବି.* ଚନାଚୁର୍, ବାରମଜା ।

**ମିଚିଡ଼ି** *ବି.* ପୋଇଲତାର ଫଳ ।

**ମିଚେ** *ବିଂ.* ୧. ଅତି ସରୁ ବା ସୂକ୍ଷ୍ମ ୨. ଅତ୍ୟନ୍ତ ଛୋଟ, ସାନ ।

**ମିଛ** *ବିଂ.* ଅସତ୍ୟ, ମିଥ୍ୟା, ଭୁଲ୍ ତଥ୍ୟ ବା କଥା ।

**ମିଛ ବାଲିଙ୍ଗି** *ବି.* ବୃଥା ଆସ୍ଫାଳନ, ପ୍ରୌଢ଼ି ।

**ମିଛ ମାୟା** *ବି.* କପଟ ସ୍ନେହ ; *ବିଂ.* ଅବାସ୍ତବ, ଅସାର ।

**ମିଛରେ** *କ୍ରି.ବିଂ.* ଅକାରଣରେ, ଅବାସ୍ତବ ରୂପେ ।

**ମିଛ ସତ ଲଗାଇ କହିବା** *କ୍ରି.* ଚୁଗୁଲି କରିବା, ଦୁର୍ନାମ କରିବା ।

**ମିଛିମିଛିକା** *ବିଂ.* ମିଛଟାରେ ।

**ମିଛୁଆ** *ବିଂ.* ମିଛ କହୁଥିବା, ମିଥ୍ୟାବାଦୀ ।

**ମିଛେଇ, ମିଛୋଇ** *ବିଂ.ବି.* ମିଛ କହୁଥିବା ନାରୀ ।

**ମିଜାଜ(ସ)** *ବି.* ୧. ମନର ଅବସ୍ଥା ୨. ମସ୍ତିଷ୍କ ।

**ମିଜାଜ୍ ଖରାପ କରିବା** *କ୍ରି.* ୧. ଅନ୍ୟକୁ ବିରକ୍ତ କରିବା ୨. ଦୁଃଖିତ ହେବା ।

**ମିଜାଜ୍ ଗରମ ହେବା** *ବି.* ରାଗ ଜନ୍ମିବା ।

**ମିଜାଜୀ** *ବିଂ.* ୧. ଖିଆଲୀ ୨. ଫୁଟାଣିଆ ।

**ମିଞ୍ଜା** *ବି.* ୧. ଦୁଇ ବସ୍ତୁ ମଧ୍ୟରେ ଫାଙ୍କ ନ ରଖି ମିଳେଇ ଦେବା ୨. ପିଏଇ ଦେବା ।

**ମିଞ୍ଜାଦେବା** *କ୍ରି.* ଚାଳରେ ଖୁଞ୍ଜା ଦେବା ।

**ମିଞ୍ଜି** *ବି.* ପୋହଳା ଭଳି ଦେଖାଯାଉଥିବା ଏକ ପ୍ରକାର ମାଛ ।

**ମିଞ୍ଜି ମିଞ୍ଜି** *ବିଂ.* ୧. ଉଜ୍ଜ୍ୱଳ ନ ଦିଶିବା, ଅସ୍ପଷ୍ଟ ୨. ଧପଧପ ।

**ମିଞ୍ଜିମିଞ୍ଜିଆ** *ବିଂ.* କ୍ଷୀଣଭାବରେ ବା ଅସ୍ପଷ୍ଟଭାବରେ ଜଳୁଥିବା ବା ଦେଖା ଯାଉଥିବା ।

**ମିଟ୍‌ମାଟ୍ *ବି.*** ବିବାଦର ମୀମାଂସା, ସମସ୍ୟା ସମାଧାନ ।
**ମିଟର୍ *ବି.*** ୧. ମାପଯନ୍ତ୍ର ୨. ପ୍ରାୟ ୩୯ ଇଞ୍ଚ ଦୈର୍ଘ୍ୟ ।
**ମିଟାଇବା *କ୍ରି.*** ୧. ମେଣ୍ଟାଇବା ୨. ସିଲଟର ଲେଖା ଲିଭାଇ ଦେବା ।
**ମିଟିକା *ବି.*** ପଲକ, ଆଖିଠାର ।
**ମିଟିକାଳି *ବି.*** ମିରିକାଳି ମାଛ, ଏକ ପ୍ରକାର ମାଛ ।
**ମିଟିଙ୍ଗ୍ *ବି.*** ୧. ସଭା ୨. ବୈଠକ ୩. ଅଧିବେଶନ ।
**ମିଟିବା *କ୍ରି.*** ମୀମାଂସା ହେବା, ଫଇସଲା ହେବା ।
**ମିଟିମିଟି *ଅ.କ୍ରି.ବିଂ.*** ୧. ଦପ୍‌ଦପ୍, ମିଞ୍ଜିମିଞ୍ଜି ୨. ବାରମ୍ବାର ଅଧା ବୁଜା ଓ ଅଧାଖୋଲା ।
**ମିଟୁ *ବି.*** ଶୁଆ ପକ୍ଷୀ ।
**ମିଠା *ବିଂ.*** ୧. ମଧୁର ଗୁଣ ଥିବା ୨. ସୁଆଦିଆ, ସୁସ୍ୱାଦୁ ।
**ମିଠାଇ, ମିଠେଇ *ବି.*** ୧. ଲଡୁ ୨. ମନୋହର ୩. ମିଷ୍ଟାନ୍ନ ୪. ଚକଲେଟ, ଆଦି ।
**ମିଠାକଡ଼ା *ବିଂ.*** ଜିଭ ସାହାଯ୍ୟରେ ଗ୍ରହଣ କରାଯାଉଥିବା ପଦାର୍ଥ ବିଶେଷ ସମ୍ପର୍କରେ-ଯେପରି ଉଖୁଡାର ମିଠା କଡ଼ା ପାଗ, ଅର୍ଥାତ୍ ମିଠା ହେଲେ ବି ତାହା କଡ଼ା ହେତୁ ଆଉ ପ୍ରକାରେ ଲାଗିବା, ସେମିତି ମିଠା କଡ଼ା ବା କଡ଼ାମିଠା ପାନ, ମିଠା କଡ଼ା କଥା ।
**ମିଠାକଡ଼ା ଶୁଣାଇ ଦେବା *କ୍ରି.*** ଅପ୍ରିୟ ସତ୍ୟ ଶୁଣାଇଦେବା ।
**ମିଠା କଥା *ବି.*** ମଧୁର କଥା, ମନ ଖୁସି କଲାଭଳି କଥା, ପାଣିରେ ସର ପକାଇବା ଭଳି କଥା ।
**ମିଠାଖଟା *ବିଂ.*** ଖଟା ଓ ମିଠା ମିଶ୍ରିତ ।
**ମିଠାପାଣି *ବି.*** ମଧୁର ଜଳ, ସାବୁନ ଫେଣ ହୋଇ ପାରୁଥିବା ପାଣି ।
**ମିଠାଳିଆ *ବିଂ.*** ମଧୁର ଗୁଣଯୁକ୍ତ, ମନ ଖୁସି ହେଲା ପରି, ପ୍ରୀତିପ୍ରଦ ।
**ମିଡ୍‌ୱାଇଫ୍ *ବି.*** ଧାଇ , ଶିଶୁ ପ୍ରସବ କାଳରେ ସାହାଯ୍ୟକାରିଣୀ ।
**ମିଡିଅମ୍ *ବି.*** ଯେଉଁ ବ୍ୟକ୍ତିକୁ ବା ଯାହାକୁ ମାଧ୍ୟମ ରୂପେ ଗ୍ରହଣ କରାଯାଏ ; ***ବିଂ.*** ମଝାମଝି, ମଧ୍ୟଭଳି ।
**ମିଡିଆ *ବି.*** ୧. ଗଣଯୋଗାଯୋଗର ମାଧ୍ୟମ, ଖବର କାଗଜ ଦୂରଦର୍ଶନ ଆଦି ପ୍ରସାରଣର ମାଧ୍ୟମ ୨. ପାରସ୍ପରିକ ସମ୍ପର୍କ ପ୍ରତିଷ୍ଠାର ମାଧ୍ୟମ ।
**ମିଡ଼ିଏଟର *ବି.*** ମଧ୍ୟସ୍ଥି, ସଂଯୋଗକାରୀ ।
**ମିଡିଲ୍ *ବିଂ.*** ମଧ୍ୟମ, ମଝି ମଝିଆଁ ।
**ମିଡିଲ୍‌ମ୍ୟାନ *ବି.*** ୧. ମଧ୍ୟସ୍ଥି ୨. ଦଲାଲ, ବ୍ରୋକର ।
**ମିଣିପ, ମିଣିପି *ବି.*** ୧. ପୁରୁଷ ୨. ମରଦ ୩. ସ୍ୱାମୀ, ଗେରସ୍ତ ।
**ମିତ *ବି.*** ସାଙ୍ଗ, ସାଥୀ, ବନ୍ଧୁ, ସଙ୍ଗାତ (*ସ୍ତ୍ରୀ.* ମିତଣୀ) ; ***ବିଂ.*** ୧. କମ୍, ଅଳ୍ପ, ଅଳ୍ପ ପରିମାଣ ୨. ସଂଯତ ।
**ମିତବାକ୍, ମିତଭାଷୀ *ବିଂ.ବି.*** ସଂଯତ ଭାବରେ ଅଳ୍ପ କଥା କହୁଥିବା ବ୍ୟକ୍ତି ।
**ମିତବ୍ୟୟ *ବି.*** ଅଳ୍ପ ଖର୍ଚ୍ଚ, ଆୟ ଅନୁସାରେ ଖର୍ଚ୍ଚ ।
**ମିତବ୍ୟୟୀ *ବିଂ.ବି.*** ଅଳ୍ପ ଖର୍ଚ୍ଚ କରୁଥିବା ଲୋକ, ହିସାବୀ ।
**ମିତାଚାର *ବି.*** ସଂଯତ ବ୍ୟବହାର, ଭଦ୍ରଜନୋଚିତ ବ୍ୟବହାର ।
**ମିତାଚାରୀ *ବିଂ.*** ଯାହାର ବ୍ୟବହାର ସଂଯତ ।
**ମିତାନ୍, ମିତାର, ମିତାଲ *ଅ.*** ପରି, ସଦୃଶ, ଭଳି, ତୁଲ୍ୟ ।
**ମିତାହାର *ବି.*** ସ୍ୱଳ୍ପ ଭୋଜନ, ସଂଯତ ଆହାର ।
**ମିତାହାରୀ *ବିଂ.*** ପରିମିତ ଅଥବା ସଂଯତ ଭାବରେ ଭୋଜନକାରୀ ।
**ମିତି, ମିତିକା *ଅ.*** ପରି, ପରିକା, ପ୍ରକାରର ।
**ମିତ୍ର *ବି.*** ୧. ସାଙ୍ଗ, ବନ୍ଧୁ ୨. ସୂର୍ଯ୍ୟ ।
**ମିତ୍ରାକ୍ଷର *ବି.*** କବିତାରେ ପଦର ଉପାନ୍ତ ବର୍ଣ୍ଣ ମେଳରେ ଏକାକ୍ଷରତା ।
**ମିତ୍ରାବରୁଣ *ବି.*** ଦୁଇ ବୈଦିକ ଦେବତା (ସୂର୍ଯ୍ୟ ଓ ବରୁଣ) ।
**ମିଥ୍ *ବି.*** ୧. ପୁରାଣ କଥା ୨. ପ୍ରଚଳିତ କଥା ।
**ମିଥୁନ *ବି.*** ୧. ତୃତୀୟ ସୌର ମାସ, ଆଷାଢ଼ ୨. ସ୍ତ୍ରୀ ପୁରୁଷ ଯୁଗଳ, ଯୁଗଳ ମୂର୍ତ୍ତି, ଯୋଡ଼ି ୩. ରାଶି ଚକ୍ରରେ ତୃତୀୟ ରାଶି ।
**ମିଥ୍ୟା *ବି.*** ମିଛ, ଅସତ୍ୟ କଥା ।
**ମିଥ୍ୟାଚାର *ବି.*** ୧. ମିଥ୍ୟା କଥନ, ମିଛ କହିବା ୨. କପଟତା ସହ ବ୍ୟବହାର କରିବା ।
**ମିଥ୍ୟାଚାରୀ *ବିଂ.*** ୧. ମିଥ୍ୟାବାଦୀ, ମିଛୁଆ ୨. କପଟାଚାରୀ ।
**ମିଥ୍ୟାପବାଦ *ବି.*** ଅହେତୁକ ନିନ୍ଦା, ଅନ୍ୟାୟରେ ଦୋଷାରୋପ ।
**ମିଥ୍ୟାବାଦୀ *ବିଂ.ବି.*** ମିଛୁଆ, ମିଛକୁହା, ମିଛ କହୁଥିବା ଲୋକ ।
**ମିଥ୍ୟା ଭାଷଣ *ବି.*** ମିଛକଥା, ମିଥ୍ୟା କଥନ ।
**ମିଥ୍ୟାଭାଷୀ *ବିଂ.*** ଯେ ମିଛ ବା କପଟପୂର୍ଣ୍ଣ କଥା କହେ ।
**ମିଥ୍ୟାଭିଯୋଗ *ବି.*** ମିଛ ଅଭିଯୋଗ ।
**ମିଥ୍ୟା ସମ୍ବାଦ *ବି.*** ମିଛ ବା ଭୁଲ ଖବର ।
**ମିନତି *ବି.*** ୧. ବିନତି ୨. ଅନୁନୟ ପୂର୍ବକ ପ୍ରାର୍ଥନା ।
**ମିନା *ବିଂ.*** ୧. ଧାତୁନିର୍ମିତ ଅଳଙ୍କାର ବା ଦ୍ରବ୍ୟ ଉପରେ ନାନା ରଙ୍ଗର ଅତିସୂକ୍ଷ୍ମ ପୁଟ ଦେବା କାରିଗରି ୨. କଲେଇ ୩. ନୀଳ ପଥର ବିଶେଷ ।

**ମିନାର** *ବି.* ୧. ଗମ୍ବୁଜ ୨. ମନ୍ଦିର ବା ମସ୍‌ଜିଦର ଉପରିଭାଗରେ ନିର୍ମିତ ସ୍ତମ୍ଭାକୃତିର ଏକାଧିକ ଉଚ୍ଚ ଚୂଡ଼ା ।

**ମିନିଟ୍** *ବି.* ଏକଘଣ୍ଟାର ଷାଠିଏ ଭାଗରୁ ଏକଭାଗ ସମୟ, ଷାଠିଏ ସେକେଣ୍ଡ ।

**ମିନିତ** *ବି.* ମାଛ ।

**ମିନିଷ୍ଟର୍** *ବି.* ମନ୍ତ୍ରୀ ।

**ମିର୍‌କଟିଆ, ମିରକିଟିଆ** *ବି.ବିଂ.* ମୃତ୍ତିକିଆ, ମରଣ ଯୋଗୁଁ ଅଶୌଚ।

**ମିର୍‌ଚା** *ବି.* ଲଙ୍କାମରିଚ, ମରିଚ, ମିରିଚା।

**ମିରକାଳି, ମିରିକାଳି** *ବି.* ମିଟିକାଳି, ଏକ ପ୍ରକାର ମାଛ ।

**ମିରିଗ** *ବି.* ମୃଗ, ହରିଣ ।

**ମିରିଚା** *ବି.* ମରିଚ, ଲଙ୍କା ।

**ମିରିଜାଇ, ମିରିଜେଇ** *ବି.* ପାତଳ ତୁଳାଭରା କୁର୍ତ୍ତା (ଜାମା) ବିଶେଷ ।

**ମିରିଧା, ମିର୍ଧା** *ବି.* ୧. ଗେଧ ୨. ଖଲାସିମାନଙ୍କ ସର୍ଦ୍ଦାର ୩. ଗୋଦାମ ଜଗୁଆଳ ।

**ମିଲ୍‌ମିଲା** *ବି.* ଚର୍ମରେ ହେଉଥିବା ବସନ୍ତ ପରି ଏକ ପ୍ରକାର ସଂକ୍ରାମକ ରୋଗ, ମିଳିମିଳା, ମିଜିଲ୍‌ସ୍ ।

**ମିଳନ** *ବି.* ୧. ଏକାଠି ହେବା ୨. ମିଶ୍ରଣ, ସଂଯୋଗ, ସନ୍ଧି, ମିଶ୍ରଣ ୩. ସାଦୃଶ୍ୟ ।

**ମିଳନ ଗୃହ** *ବି.* ଏକତ୍ର ହୋଇ ଆଲୋଚନା ଅଥବା ମଉଜ କରିବାର ଘର ।

**ମିଳନାନ୍ତକ** *ବିଂ.* ନାଟକର ପରିଣତିରେ ନାୟକ ଓ ନାୟିକାର ମିଳନ (*ବିପ.* ବିୟୋଗାନ୍ତକ) ।

**ମିଳନୀ** *ବି.* ବନ୍ଧୁ ସମ୍ମେଳନ, ଏକାଠି ହୋଇ ପାଳନ କରାଯାଉଥିବା ଉତ୍ସବ ।

**ମିଳା** *ବି.* ଭୁଲ ଠିକ୍ ଜାଣିବା ପାଇଁ ଗଣତି ବା ମିଶାଣ ; *ବିଂ.* ମିଳାଇ ଯାଇଥିବା, ସଢ଼ା ।

**ମିଳାଇବା, ମିଳେଇବା** *କ୍ରି.* ୧. ଦ୍ରବୀଭୂତ ହୋଇଯିବା ୨. ତରଳିଯିବା ୩. ଲୀନ ହେବା ୪. ମିଶାଇ ଦେବା ୫. ଏକାଠି କରିଦେବା ୬. ଦୁଇଟି ମଧ୍ୟରେ ତୁଳନା କରି ଦେଖିବା ।

**ମିଳାପି, ମେଳାପି** *ବିଂ.* ଖୁରସାଣିଆ, ମିଶିଯିବା ଭଳି ମଣିଷ ।

**ମିଳାମିଶା** *ବି.* ୧. ପୂର୍ବ ବିବାଦର ସମାଧାନକରି ସୁସମ୍ପର୍କ ସ୍ଥାପନ କରିବା, ମେଣ୍ଟମାଣ୍ଟ, ମୀମାଂସା ୨. ସାମାଜିକ ସମ୍ପର୍କ ।

**ମିଳିବା** *କ୍ରି.* ୧. ପାଇବା ୨. ଏକାଭଳି ଦିଶିବା, ସଦୃଶ ହେବା ୩. ସଂଯୁକ୍ତ ହେବା ୪. ଠିକ୍ ହେବା ୫. ଏକତ୍ର ହେବା ୭. ଜୁଟିବା ୮. ସଦ୍ଭାବ ରଖିବା ।

**ମିଳିତ** *ବିଂ.* ଏକତ୍ର, ସମବେତ, ଏକାଠି ।

**ମିଳିନ୍ଦ** *ବି.* ଭଅଁର, ଭ୍ରମର ।

**ମିଳିମିଶି** *ଅ.* ଏକତ୍ର, ଏକାଠି ।

**ମିଲ୍** *ବି.* ୧. ଭୋଜନ ୨. କଳ, କାରଖାନା ।

**ମିଲ୍‌କି ଦେବା** *କ୍ରି.* ଅନ୍ୟମାନଙ୍କ ଅଜ୍ଞାତରେ ହଠାତ ଖସି ଚାଲିଯିବା।

**ମିଲନ୍** *ବି.* ମେଳାପୀ, ମିଳାମିଶା କରିବା ଲୋକ।

**ମିଲିଙ୍ଗ୍** *କ୍ରି.* ଧାନ, ଗହମ ଆଦି କୁଟିବା ବା ପେଷାଇବା ।

**ମିଶା** *ବିଂ.* ୧. ଅପମିଶ୍ରିତ ୨. ବର୍ଣ୍ଣସଙ୍କର ୩. ଏକାଠି ହୋଇଥିବା ।

**ମିଶାଣ** *ବି.* ଯୋଗ, ସଂଖ୍ୟାଗୁଡ଼ିକୁ ଏକାଠି କରି ମିଶେଇବା ।

**ମିଶିବା** *କ୍ରି.* ୧. ଏକାଠି ହେବା, ସମବେତ ହେବା ୨. ଯୋଡ଼ି ହୋଇଯିବା ୩. ବିଲୀନ ହେବା ୪. ଭେଟିବା ୫. ଆକ୍ରମଣ ପାଇଁ ପାଖକୁ ଲାଗି ଆସିବା ।

**ମିଶିରି** *ବି.* ମିଶ୍ରି ।

**ମିଶୁଆ** *ବିଂ.ବି.* ଯେ ଅନ୍ୟମାନଙ୍କ ସହିତ ସହଜରେ ମିଳାମିଶା କରିପାରେ, ମେଳାପୀ ।

**ମିଶ୍ର** *ବି.* ମିଶ୍ରିତ ଦ୍ରବ୍ୟ ; *ବିଂ.* ଏକାଠି କରାଯାଇଥିବା, ମିଶ୍ରଣରୁ ଜାତ ।

**ମିଶ୍ରଣ** *ବି.* ଏକୀକରଣ, ଏକାଧିକ ବସ୍ତୁକୁ ମିଶାଇବା, ସଂଯୋଗୀକରଣ ।

**ମିଶ୍ରି** *ବି.* ବଡ଼ବଡ଼ ଦାନାରେ ପରିଣତ ହୋଇଥିବା କନ୍ଦ ବା ଖଣ୍ଡ, ମିଶିରି ।

**ମିଶ୍ରିତ** *ବିଂ.* ୧. ମିଳିତ ୨. ମିଶାମିଶି ୩. ଗୋଳିଆମିଶା, ଅପମିଶ୍ରିତ ।

**ମିଷ** *ବି.* ୧. ଛଳ ୨. କପଟ ୩. ଈର୍ଷା ୪. ପ୍ରତିଯୋଗିତା ।

**ମିଷ୍ଟ** *ବିଂ.* ମିଠା, ମଧୁର, ସ୍ୱାଦ୍ୟ, ପ୍ରୀତିପଦ ।

**ମିଷ୍ଟବଚନ** *ବି.* ମିଠା କଥା, ଶ୍ରୁତିସୁଖକର କଥା ।

**ମିଷ୍ଟର୍** *ବି.* ୧. ମହାଶୟ, ମହୋଦୟ ୨. ପତି, ସ୍ୱାମୀ ।

**ମିଷ୍ଟାନ୍ନ** *ବି.* ୧. ମିଠେଇ, ଚିନି ବା ଗୁଡ଼ରେ ତିଆରି ସ୍ୱାଦିଷ୍ଟ ଦ୍ରବ୍ୟ ୨. ମିଠାଭାତ, (କାନିକା, ପଲଉ) ।

**ମିଷ୍ଟ୍ରେସ୍** *ବି.* ୧. ମାଷ୍ଟ୍ରାଣି, ଶିକ୍ଷୟିତ୍ରୀ ୨. ମାଲିକାଣି ।

**ମିସ୍** *ବି.* ୧. ଇଂରାଜୀ ମାଧ୍ୟମ ସ୍କୁଲରେ ଶିକ୍ଷୟିତ୍ରୀଙ୍କୁ ସମ୍ବୋଧନ ୨. ଅବିବାହିତା ବ୍ୟକ୍ତିଙ୍କ ନାମ ପୂର୍ବରୁ ଲିଖିତ ସମ୍ମାନସୂଚକ ଶବ୍ଦ ।

**ମିସ୍ କରିବା** *କ୍ରି.* ୧. କାହାର ଅଭାବ ଅନୁଭବ କରିବା ୨. ହାତଛଡ଼ା ହେବା ୩. ଯଥାସମୟରେ ପହଞ୍ଚି ନପାରିବାରୁ ହରେଇବା ।

**ମିସନ୍ *ବି.*** ୧. ଧର୍ମପ୍ରଚାରକ ମଣ୍ଡଳ ୨. ଦୂତରୂପେ ଉପସ୍ଥାପିତ ରାଜନୀତିଜ୍ଞ ୩. ଆଭିମୁଖ୍ୟ, ଉଦ୍ଦେଶ୍ୟ, ଲକ୍ଷ୍ୟ, ବ୍ରତ ୪. ଧର୍ମ ବା ସମାଜସେବୀ ପ୍ରତିଷ୍ଠାନ ।

**ମିସନାରୀ *ବି.ବିଂ.*** ୧. ଖ୍ରୀଷ୍ଟଧର୍ମ ପ୍ରଚାରକ ୨. ଖ୍ରୀଷ୍ଟଧର୍ମ ପ୍ରଚାର ଅନୁଷ୍ଠାନ ।

**ମିସଲ୍ *ବି.*** ୧. କଚେରିରେ ଜଜ୍‌ଙ୍କ ସମେତ ଉପସ୍ଥିତ ବାଦୀ-ପ୍ରତିବାଦୀ ୨. ଜଜ୍‌ଙ୍କ ବସିବାସ୍ଥଳ, ଇଜ୍‌ଲାସ୍, ଚାମ୍ବର୍ ।

**ମିସା *ଅ.*** ମଧ୍ୟ, ବି ।

**ମିସାଇଲ୍ *ବି.*** କ୍ଷେପଣାସ୍ତ୍ର, ବହୁଦୂରରୁ ଗୋଟିଏ ଦେଶରୁ ଅନ୍ୟ ଦେଶ ଉପରେ ମାଡ କରି ପାରୁଥିବା ଆଗ୍ନେୟ ବା ଆଣବିକ ଅସ୍ତ୍ର ।

**ମିସାନ୍ *ବିଂ.*** ମିଳାମିଶା କରିବାକୁ ଭଲ ପାଉଥିବା, ମିଳନ୍ ମିସନ୍, ମିଶୁଆ, ସହଜରେ ଅନ୍ୟମାନଙ୍କ ସାଙ୍ଗେ ମିଶି ଯାଉଥିବା ।

**ମିସ୍ତ୍ରି *ବି.*** ୧. କାରିଗର ୨. ବାଲି ସିମେଣ୍ଟ ଯୋଡ଼େଇ କରିବା ବ୍ୟକ୍ତି ।

**ମିହନତ *ବି.*** ମେହନତ, ଖଟଣି, ପରିଶ୍ରମ ।

**ମିହି *ବିଂ.*** ସୂକ୍ଷ୍ମ, ପତଳା, ସରୁ, ଅତି କ୍ଷୁଦ୍ର ।

**ମିହିଦାନା *ବି.*** ୧. ଛୋଟ ଛୋଟ ବୁନ୍ଦି ୨. ମୁଗଲଡୁ ।

**ମିହିର *ବି.*** ୧. ସୂର୍ଯ୍ୟ ୨. ମେଘ ୩. ପବନ ୪. ଚନ୍ଦ୍ର ୫. ବୃଦ୍ଧ ୬. ଅର୍କଗଛ ।

**ମିହ୍ନା *ବି.*** ନିଷ୍କର ଭୂମି ।

**ମୀନ *ବି.*** ୧. ଅତି ଛୋଟ ମାଛ ୨. ଦ୍ୱାଦଶ ସୌର ମାସ, ଚୈତ୍ର ୩. ଶେଷ ରାଶି ।

**ମୀନକେତନ *ବି.*** କନ୍ଦର୍ପ ।

**ମୀନ ରାଶି *ବି.*** ଜ୍ୟୋତିଷ ଶାସ୍ତ୍ର ବର୍ଣ୍ଣିତ ବାର ରାଶି ମଧ୍ୟରୁ ଶେଷ ରାଶି ।

**ମୀନାକ୍ଷୀ *ବିଂ.ବି.*** ମାଛଭଳି ଆଖି ଯେଉଁ ନାରୀର, ଦାକ୍ଷିଣାତ୍ୟରେ ପୂଜିତା ଦେବୀ ।

**ମୀମାଂସା *ବି.*** ୧. କଳିର ଆପୋଷ ସମାଧାନ ୨. ଜୈମିନି ପ୍ରଣୀତ ଦର୍ଶନ ଶାସ୍ତ୍ର ।

**ମୀଳନ *ବି.*** ୧. ଆଖି ବୁଜିବା ୨. ମୁଦ୍ରଣ ୩. ସଂକୋଚନ ।

**ମୁଁ, ମୁ *ସ.*** ୧. ସ୍ୱୟଂ, ନିଜେ ୨. ମୁକାମ ଶବ୍ଦକୁ ସଂକ୍ଷେପରେ ଲେଖିବା ବିଧି ।

**ମୁଆଁ *ବି.*** ଗୁଡ଼କୁ ପାଗ କରାଯାଇ ଖଇ ଅଥବା ମୁଢ଼ି/ଭୁଜା ପକାଇ ପ୍ରସ୍ତୁତ କରାଯାଉଥିବା ଲଡୁ ।

**ମୁଆଁପିଠା *ବି.*** ବଟାଯାଇଥିବା ବିରି ଓ ଅରୁଆ ଚାଉଳ ବା ଉଷୁନା ଚାଉଳର ପିଠୋଉକୁ ଅଥାର ହାଣ୍ଡିରେ କନା ଦେଇ ପାଣିର ବାମ୍ଫରେ ସିଝା ଯାଉଥିବା ଗୋଲ ପିଠା, ସାଦା ବା ପୁରଦିଆ ଇଡ଼ିଲି ।

**ମୁଆଁସ *ବି.*** ୧. ଗର୍ବ, ବହପ ୨. ମୁହାଁମୁହିଁ ବା ସାମନା ସାମନି ହେବାର ସାହସ, ଆସ୍ପର୍ଦ୍ଧା ୩. ଅଗ୍ରଗତି ।

**ମୁଆଁ ସଂକ୍ରାନ୍ତି *ବି.*** ପୌଷ ସଂକ୍ରାନ୍ତି ବା ଧନୁସଂକ୍ରାନ୍ତି ।

**ମୁଇ, ମୁଇଁ *ସର୍ବ.*** ମୁଁ ।

**ମୁଇଚ୍ *ବି.ବିଂ.*** ଅଶୁଭ ।

**ମୁକର *ଅ.*** ନିଶ୍ଚୟ, ନିଶ୍ଚିତ ।

**ମୁକରର୍, ମୁକରିର *ବିଂ.*** କାର୍ଯ୍ୟରେ ସ୍ଥାୟୀ ନିଯୁକ୍ତି ।

**ମୁକା *ବି.*** ୧. ଦଫା, ଥର ୨. ଦଳ ୩. ସୁଯୋଗ ।

**ମୁକାଏମ *ବି.*** ପ୍ରତିନିଧି ।

**ମୁକାବିଲା *ବି.*** ୧. ଅଭିଯୋଗକାରୀ ଓ ଅଭିଯୁକ୍ତଙ୍କୁ ସାମ୍ନା ସାମ୍ନି କରାଇ ଅଭିଯୋଗର ସତ୍ୟାସତ୍ୟ ପରୀକ୍ଷା ୨. ଯାଞ୍ଚ ୩. ମୁହାଁମୁହିଁ, ସାମ୍ନାସାମ୍ନି ୪. ପ୍ରତିଯୋଗିତା, ପ୍ରତିଦ୍ୱନ୍ଦ୍ୱିତା ।

**ମୁକାମ *ବି.*** ବାସସ୍ଥାନ ।

**ମୁକାମୁ, ମୁକା *ବି.*** ସତ୍ୟନାରାୟଣ ପାଲା କରାଯିବା ବେଳେ ଆସ୍ଥାନରେ ପଞ୍ଚଦେବତା ସମେତ ସତ୍ୟନାରାୟଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ ହୋଇଥିବା ଚୋପାଛଡ଼ା ପାଚିଲା କଦଳୀ ।

**ମୁକାର,ମୁଁକାର *ବି.*** ଅହଂକାର, ଗର୍ବ ।

**ମୁକୁ *ବି.*** ମୁକ୍ତି, ମୋକ୍ଷ; ***ସର୍ବ.*** ମୋତେ ।

**ମୁକୁଟ *ବି.*** ରାଜା, ବିଶିଷ୍ଟ ବ୍ୟକ୍ତି ବା ବିବାହ ସମୟରେ ବର କନ୍ୟାଙ୍କ ମୁଣ୍ଡରେ ବନ୍ଧା ଯାଉଥିବା ଶିରୋଭୂଷଣ, ମକୁଟ ; ***ବିଂ.*** ଶ୍ରେଷ୍ଠ, ପ୍ରଧାନ ।

**ମୁକୁନ୍ଦ ଉଖୁଡା *ବି.*** ଏକ ପ୍ରକାର ଉଖୁଡ଼ା, ଶ୍ରୀମନ୍ଦିରରେ ଛପନ ଭୋଗ ମଧ୍ୟରେ ଅନ୍ୟତମ ।

**ମୁକୁର *ବି.*** ୧. ଦର୍ପଣ, ଆଇନା, ଆରସି ୨. କୁମ୍ଭାର ବ୍ୟବହାର କରୁଥିବା ଏକ କାଠଫାଳିଆ ୩. ମଲ୍ଲିଫୁଲର ତୋଡ଼ା ।

**ମୁକୁରବିମ୍ବ *ବି.*** ୧. ଆଇନାରେ ପ୍ରତିଫଳିତ ରୂପ ୨. ଅବାସ୍ତବତା ।

**ମୁକୁଳ *ବି.*** ୧. ଫୁଟି ଆସୁଥିବା ଫୁଲକଢ଼ ୨. ଶସ୍ୟ କଟାଳିକୁ ପାରିଶ୍ରମିକ ରୂପେ ଦିଆଯିବା ଧାନହଳା ୩. ଆମ୍ବ ବଉଳ ।

**ମୁକୁଳ, ମୁକୁଳା, ମୁକୁଳି *ବିଂ.*** ମେଲା, ଖୋଲା, ଫିଟା ।

**ମୁକୁଳାଇବା *କ୍ରି.*** ୧. ବନ୍ଧନରୁ ଫିଟାଇବା ୨. ଋଣ ପରିଶୋଧକରି ବନ୍ଧକ ରଖିଥିବା ପଦାର୍ଥ ଫେରସ୍ତ ପାଇବା ।

**ମୁକୁଳିତ *ବିଂ.*** ଅର୍ଦ୍ଧ ପ୍ରସ୍ଫୁଟିତ, ଅଧା ଫୁଟିଥିବା ।

**ମୁକୁଳିବା *କ୍ରି.*** ୧. ମୁକ୍ତ ହେବା ୨. ଖୋଲିଯିବା ୩. ଋଣମୁକ୍ତ ହେବା ।

**ମୁକ୍ତ** ***ବିଂ.*** ୧. ସ୍ୱାଧୀନତା ପ୍ରାପ୍ତ ୨. ନିଷ୍କୃତି ପାଇଥିବା ୩. କୌଣସି ବନ୍ଧନ ନଥିବା ୪. ମୋକ୍ଷପ୍ରାପ୍ତ ୫. ଅବାଧ, ବନ୍ଧନହୀନ ୬. ଉନ୍ମୁକ୍ତ, ଖୋଲା ।

**ମୁକ୍ତକ** ***ବି.*** ୧. ଯେଉଁ ଅକ୍ଷରର ଖୋଳ ନଥାଏ, ଯଥା – ବର୍ଚ୍ଛା, ବଲମ ୨. ସନ୍ଧି ସମାସହୀନ ମଧୁର ପଦ୍ୟ ଶୈଳୀ ।

**ମୁକ୍ତକଣ୍ଠ** ***ବି.*** ବଡ଼ ପାଟି , ଖୋଲା ପାଟି, ଖୋଲା କଣ୍ଠ; ***ବିଂ.*** ୧. ଉଚ୍ଚସ୍ୱରରେ କୁହାଳିଆ ୨. ସ୍ୱର ପ୍ରକାଶରେ କୃତ୍ରିମତା ଅଥବା ବାଧା ବନ୍ଧନ ନ ଥିବା ୩. **ସ୍ପଷ୍ଟଭାଷୀ** ।

**ମୁକ୍ତକେଶ** ***ବି.*** ଖୋଲା କେଶ, ମୁକୁଳା କେଶ ; ***ବିଂ.*** ଉନ୍ମୁକ୍ତ କେଶ ବିଶିଷ୍ଟ ।

**ମୁକ୍ତକେଶୀ** ***ବିଂ.*** କାଳୀ ; ***ବିଂ.*** ବାଳମୁକୁଳି ।

**ମୁକ୍ତଛନ୍ଦ** ***ବି.*** ଯେଉଁ କବିତାରେ **ଛନ୍ଦ** ନଥାଏ ।

**ମୁକ୍ତହସ୍ତ** ***ବିଂ.*** ୧. ଦାନଶୀଳ ୨. ଖର୍ଚ୍ଚି, ଖୋଲାହାତିଆ ।

**ମୁକ୍ତା** ***ବି.*** ମୋତି ; ***ବିଂ.*** ବନ୍ଧନହୀନା ।

**ମୁକ୍ତାଫଳ** ***ବି.*** ୧. ମୁକ୍ତା ୨. କର୍ପୂର ।

**ମୁକ୍ତାମାଳା** ***ବି.*** ଗୁନ୍ଥା ହୋଇଥିବା ମୁକ୍ତାର ମାଳ, ମୋତି ମାଳା ।

**ମୁକ୍ତାର** ***ବି.*** ମୁକ୍ତିଆର, ମୋକଦ୍ଦମା ଚଳାଇବା ପାଇଁ ପ୍ରତିନିଧି ।

**ମୁକ୍ତାହାର** ***ବି.*** ମୋତିମାଳ ।

**ମୁକ୍ତି** ***ବି.*** ୧. ଦୁଃଖ କଷ୍ଟ ବା ଜଞ୍ଜାଳରୁ ରକ୍ଷାପାଇବା ୨. ଖଲାସ ହେବା ୩. ମୃତ୍ୟୁ ପରେ ବୈକୁଣ୍ଠପ୍ରାପ୍ତି ୪. ଜଞ୍ଜାଳରୁ ମୁକ୍ତ ହେବା ୫. ସ୍ୱାଧୀନ ହେବା ।

**ମୁକ୍ତିଆର** ***ବି.*** ମକଦ୍ଦମା ଚଳାଇବା ପାଇଁ ନିଯୁକ୍ତ ପ୍ରତିନିଧି, ମୁକ୍ତାର ।

**ମୁକ୍ତିପତ୍ର** ***ବି.*** ଅବ୍ୟାହତି ଲାଭ ବା ଚୁକ୍ତିପୂରଣର ନିର୍ଦ୍ଦେଶସୂଚକ ଦଲିଲ୍ ବା ଚିଠି ।

**ମୁକ୍ତିପଥ** ***ବି.*** ପରିତ୍ରାଣର ଉପାୟ ।

**ମୁକ୍ତିମଣ୍ଡପ** ***ବି.*** ପୁରୀର ଜଗନ୍ନାଥ ମନ୍ଦିର ଜଗମୋହନର ଦକ୍ଷିଣରେ ଥିବା ମଣ୍ଡପ, ଧର୍ମଆଚରଣ ସଂକ୍ରାନ୍ତରେ ନିଷ୍ପତ୍ତି ନେଉଥିବା ପଣ୍ଡିତସଭା ।

**ମୁଖ୍‌ଫଲି, ମୁଙ୍ଗଫଲି** ***ବି.*** ଚିନାବାଦାମ, ଭୂଇଁଚଣା ।

**ମୁଖ** ***ବି.*** ୧. ମୁହଁ, ବଦନ ୨. ପାଟି, ତୁଣ୍ଡ ୩. ପ୍ରବେଶ ୪. ଅଗ୍ରଭାଗ, ସାମ୍ନା ପଟ ୫. ଅଭିମୁଖ ବା ଦିଗ ।

**ମୁଖ ଉଜ୍ଜ୍ୱଳ କରିବା** ***କ୍ରି.*** ଗୌରବାନ୍ୱିତ କରିବା ।

**ମୁଖକମଳ** ***ବି.*** ପଦ୍ମଫୁଲପରି ସୁନ୍ଦର ମୁହଁ ।

**ମୁଖକାନ୍ତି** ***ବି.*** ମୁହଁର ଶୋଭା ।

**ମୁଖଗହ୍ୱର** ***ବି.*** ପାଟି ।

**ମୁଖଚନ୍ଦ୍ର** ***ବି.*** ଚନ୍ଦ୍ର ସଦୃଶ ସୁନ୍ଦର ତଥା ଆହ୍ଲାଦଦାୟକ ମୁଖ ।

**ମୁଖଚୋରା** ***ବିଂ.*** ୧. ଲାଜୁକ ୨. ଚୋର ମୁହାଁ, ଭୀରୁ ।

**ମୁଖଡ଼ିଣ୍ଡିମ** ***ବି.*** ହୁଳହୁଳି ।

**ମୁଖପଖାଳ** ***ବି.*** ଶ୍ରୀମନ୍ଦିରରେ ଗରାବଡୁ ଗୋଷ୍ଠୀର ସେବକ, ଯେଉଁମାନେ ଅବକାଶ ନୀତିରେ ଠାକୁରଙ୍କ କାଠିଲାଗି ସାମଗ୍ରୀ ଯୋଗାନ୍ତି ।

**ମୁଖପତ୍ର** ***ବି.*** କୌଣସି ଏକ ସଂଘ ବା ଅନୁଷ୍ଠାନର ନିଜସ୍ୱ ଆଦର୍ଶ ଓ କାର୍ଯ୍ୟକଳାପ ପ୍ରଚାର ପାଇଁ ପ୍ରକାଶିତ ପତ୍ରିକା ।

**ମୁଖପଦ୍ମ** ***ବି.*** ପଦ୍ମଫୁଲପରି ସୁନ୍ଦର ମୁହଁ ।

**ମୁଖପାତ୍ର** ***ବି.*** କୌଣସି ସଂଘ ବା ଅନୁଷ୍ଠାନ ପାଇଁ କହୁଥିବା ବ୍ୟକ୍ତି, ପ୍ରବକ୍ତା ।

**ମୁଖବନ୍ଧ** ***ବି.*** (ବହିର) ଭୂମିକା, ଉପକ୍ରମ, ପ୍ରସ୍ତାବନା, ଉପୋଦ୍‌ଘାତ ।

**ମୁଖବନ୍ଧନ** ***ବି.*** ୧. ତନ୍ତ୍ର ପ୍ରୟୋଗଦ୍ୱାରା ମୂକ କରାଇଦେବା ୨. ମୁହଁ ଖୋଲି କଥା କହି ନପାରିବା ୩. **ଘୋଡ଼ଣି, ଢାଙ୍କୁଣି** ।

**ମୁଖବାସ** ***ବି.*** ପାଟି ବାସିବା ପାଇଁ ବ୍ୟବହୃତ ଅଳେଇଚ, ଲବଙ୍ଗ, ଗୁଜୁରାତି, ପାନମଧୁରି ଇତ୍ୟାଦି ଦ୍ରବ୍ୟ, ଖିଲିପାନ ।

**ମୁଖବ୍ୟାଦାନ** ***ବି.*** ଆଁ କରିବା ।

**ମୁଖଭଙ୍ଗି,ମୁଖଭଙ୍ଗୀ** ***ବି.*** ମୁହଁର ଛଟକ, ମୁହଁମୋଡ଼ା, ମୁଖ ବିକୃତି ।

**ମୁଖମଣ୍ଡଳ** ***ବି.*** ସମଗ୍ର ମୁହଁ ।

**ମୁଖର** ***ବିଂ.*** ୧. ଅନବରତ କଥାକୁହା, ବଡ଼ ପାଟିଆ ୨. ଅପ୍ରିୟ ଭାଷୀ; ***ବି.*** କୁଆ, ***ସ୍ତ୍ରୀ. ବିଂ.*** ମୁଖରା ।

**ମୁଖରକ୍ଷା** ***ବି.*** ୧. ଅନୁରୋଧ ରକ୍ଷା ୨. ସମ୍ମାନ ରକ୍ଷା ।

**ମୁଖରିତ** ***ବିଂ.*** ଶବ୍ଦାୟମାନ, ଧ୍ୱନିମୟ ।

**ମୁଖରୋଚକ** ***ବିଂ.*** ଖାଇବାକୁ ରୁଚିକର, ସୁଆଦିଆ, ସ୍ୱାଦିଷ୍ଟ ।

**ମୁଖରୋଧ** ***ବି.*** ମୁଖବନ୍ଧନ, କଥା କହିବାକୁ ନ ଦେବା ।

**ମୁଖଲଜ୍ଜା** ***ବି.*** ମୁହଁଲାଜ, ମୁହଁ ଉପ୍ରୋଧ, ଯୋଗ୍ୟ ଲୋକକୁ ଖାତିର ନ କରିବା, ଉପ୍ରୋଧ ।

**ମୁଖଶାଳା,ମୁଖଶାଳି** ***ବି.*** ଘର ବା ମନ୍ଦିର ଆଗରେ ଥିବା ସଂଲଗ୍ନ ଛୋଟ ଘର ।

**ମୁଖଶୁଦ୍ଧି** ***ବି.*** ଖାଇ ସାରିବା ପରେ ହରିଡ଼ା, ଅଁଳା, ଜାଇଫଳ ଆଦି ସେବନ, ମୁଖବାସ ।

**ମୁଖସନ୍ଧି** ***ବି.*** ପାରମ୍ପରିକ ନାଟକର ପ୍ରଥମ ସନ୍ଧି ।

**ମୁଖସ୍ଥ** ***ବିଂ.*** ମନେ ରଖାଯାଇଥିବା, କଣ୍ଠସ୍ଥ, ଘୋଷା ହୋଇଥିବା ।

**ମୁଖା** ***ବି.*** ୧. କାଗଜ ମଣ୍ଡ, କନାପଟି ଆଦି ପଦାର୍ଥରେ ତିଆରି ବିଭିନ୍ନ ଜୀବଜନ୍ତୁ, ଦେବଦେବୀ ଅସୁର ଆଦି ଶକ୍ତିଙ୍କ କୃତ୍ରିମ ମୁହଁ ୨. ଛଳନା ୩. ଚାଳଘରର ସେଣିର ଦୁଇ ମୁଣ୍ଡରେ ଦୁଇ ଦୁଇ କରି ପଞ୍ଜରା କଡ଼କୁ ଲମ୍ବିଥିବା ମଜଭୁତ କାଠ ବା ତାଳ ; ***ଅ.*** ମୁହାଁ, ଆଡକୁ ।

**ମୁଖାକୃତି** ***ବି.*** ମୁହଁର ଗଢ଼ଣ, ଚେହେରା ।

**ମୁଖାଗ୍ନି** *ବି.* ଶବ ସତ୍କାରକାଳରେ ମୁହଁରେ ଦିଆଯାଉଥିବା ନିଆଁ ।

**ମୁଖାଚ୍ଛାଦନ** *ବି.* ମୁହଁର ଘୋଡଣି, ଓଢ଼ଣା ।

**ମୁଖାପେକ୍ଷୀ** *ବିଂ.* ୧. ମୁହଁର ଆଦେଶକୁ ଅପେକ୍ଷା କରୁଥିବା ଲୋକ ୨. ଅନ୍ୟ ଉପରେ ନିର୍ଭର କରୁଥିବା ।

**ମୁଖାବଲୋକନ** *ବି.* ମୁହଁ ଚାହିଁବା ।

**ମୁଖାମୁଖି** *କ୍ରି.ବିଂ.* କଳିତକରାଳରେ ସାମ୍ନା ସାମ୍ନି, ମୁହାଁମୁହିଁ।

**ମୁଖି** *ବି.* ମୁଥ, ମୁଷ୍ଟି ।

**ମୁଖିଆ** *ବି.ବିଂ.* ୧. ମୁରବୀ ୨. ମୁଣ୍ଡିଆଳ ୩. ମୁଖ୍ୟ ୪. ପ୍ରଧାନ ।

**ମୁଖୁଚାଳି** *ବି.* ଚାଳଘରର ମୁଖାକୁ ଅବଲମ୍ବନ କରି ତିଆରି ଛୋଟ ଚାଳଘର, ଅଧାକାଛ ଥିବା ଘର ।

**ମୁଖ୍ୟ** *ବିଂ.* ୧. ପ୍ରଧାନ, ପ୍ରଥମ ୨. ଶ୍ରେଷ୍ଠ ।

**ମୁଖ୍ୟତଃ** *ଅ.* ପ୍ରଧାନତଃ ।

**ମୁଖ୍ୟମନ୍ତ୍ରୀ** *ବି.* ମନ୍ତ୍ରିମଣ୍ଡଳର ମୁଖ୍ୟ ବା ନେତା ।

**ମୁଗ୍‌ନା** *ବି.* ମଞ୍ଜିରୁ ହୋଇଥିବା ସଜନା ଗଛ, ମୁନ୍‌ଗା, ସଜନା ଛୁଇଁ ।

**ମୁଗ୍ ପାଏନ୍** *ବି.* ୧. କାଠ ବାକ୍ସ ବା କବାଟରେ ଲାଗିବା ଗୁଞ୍ଜର ୨. ମୁଗ ବତୁରା ପାଣି ।

**ମୁଗ୍‌ଫଳି** *ବି.* ଚିନାବାଦାମ, ଚେର୍ ଚଣା, ଭୂଇଁ ଚଣା ।

**ମୁଗ** *ବି.* ରବି ଶସ୍ୟ ବିଶେଷ ।

**ମୁଗକଣି** *ବି.* ଖୁବ୍ ଛୋଟ ଛୋଟ ମୁଗଦାନା, ଅତି କ୍ଷୁଦ୍ର ଅଥବା ଅବିକଶିତ ମୁଗଦାନା, ମୁଗ ଖୁଦ ।

**ମୁଗଛତୁ** *ବି.* ଭଜା ହୋଇଥିବା ମୁଗର ଚୂନା ।

**ମୁଗଛୁଇଁ** *ବି.* ମୁଗ ଗଛର କଞ୍ଚା ଛୁଇଁ ।

**ମୁଗଜାଇ** *ବି.* ଚୋପାଛଡ଼ା ଓ ଫାଳ ହୋଇଥିବା ମୁଗର ଦାନା ।

**ମୁଗଡ଼ାଲି** *ବି.* ୧. କଞ୍ଚା ବା ଭଜା ହୋଇଥିବା ମୁଗର ଫାଳ ୨. ଫାଳ କରାଯାଇଥିବା ମୁଗରେ ପ୍ରସ୍ତୁତ ବ୍ୟଞ୍ଜନ ।

**ମୁଗଦାନ୍ତିଆ** *ବିଂ.* ଛୋଟ ଛୋଟ ଦାନ୍ତ ବିଶିଷ୍ଟ ।

**ମୁଗ ବରା** *ବି.* ବଟା ମୁଗରେ ସିଝା ବା ଛଣା ପିଠା ।

**ମୁଗ ବୋତି** *ବି.* ମୁଗ ଛୁଇଁକୁ ମଳି ତହିଁରୁ ମୁଗ ବାହାର କରି ନେବା ପରେ ରହି ଯାଉଥିବା ଚୋପା ଅଂଶ ।

**ମୁଗମଣ୍ଡା** *ବି.* ସିଝା ଚାଉଳ ଖଳିରେ ବଟା ଅଥବା ସିଝା ମୁଗକୁ ପୁର କରି ପ୍ରସ୍ତୁତ ପିଠା ।

**ମୁଗା, ମୁଙ୍ଗା** *ବିଂ.* ମୂକ, କଥା କହିପାରୁ ନଥିବା ; *ବି.* ୧. ରେଶମ ପୋକ ୨. ଆସାମର ମଠା ବସ୍ତ୍ର ୩. ଈଷତ୍ ହଳଦିଆ ରେଶମ ବସ୍ତ୍ର ବା ମଠା ।

**ମୁଗିଆ** *ବି.* ମଗୁଆ, ବଟା ମୁଗରୁ ତିଆରି ମିଷ୍ଟାନ୍ନ ବିଶେଷ ।

**ମୁଗୁନି** *ବି.* ଏକ ପ୍ରକାର କଳା ରଙ୍ଗର ଟାଣ ପଥର ।

**ମୁଗୁର** *ବି.* ବଢ଼େଇଙ୍କ ହାତୁଡ଼ି ଜାତୀୟ ପିଟଣା ।

**ମୁଗୁରା** *ବି.* ମାଛ ଧରିବା ପାଇଁ ତିଆରି ଖଡ଼ିକା ବା ବାଉଁଶ କାଠିର ମାଛଧରା ଉପକରଣ, ଦାନ୍ଦର୍ ।

**ମୁଗୁରୁ** *ବି.* ଏକ ପ୍ରକାର ପ୍ରାଚୀନ ଶସ୍ତ୍ର ।

**ମୁଗେଇ ଓଳି** *ବି.* ଶ୍ରୀମନ୍ଦିରରେ ବ୍ୟବହୃତ ଏକ ପ୍ରକାର ପୋଡ଼ା ମାଟି ପାତ୍ର ।

**ମୁଗ୍ଧ** *ବିଂ.* ୧. ମୋହିତ ୨. ବଶୀଭୂତ ୩. ଆତ୍ମହରା ।

**ମୁଗ୍ଧବୋଧ** *ବିଂ.* ୧. ଯାହା ଯେ କୌଣସି ଲୋକକୁ ସହଜରେ ବୁଝାଇ ଦେଇ ହୁଏ ୨. ଯାହା କ୍ଲିଷ୍ଟ ନୁହେଁ ।

**ମୁଗ୍ଧା** *ବି.* ୧. କାମକ୍ରୀଡ଼ାରେ ଅନଭିଜ୍ଞା ନାୟିକା ୨. ନବବଧୂ ; *ବିଂ.* ସରଳ ସ୍ୱଭାବ।

**ମୁଙ୍ଗେର୍ ଠେଙ୍ଗା** *ବି.* ପୁରାଗିଟା, ପୁଡ଼ା ପିଟିବା ପାଇଁ ବ୍ୟବହୃତ ଠେଙ୍ଗା।

**ମୁଚ୍‌ଲା, ମୁଚୁଲା** *ବି.* ତକିଆ, ମାଣ୍ଡି ।

**ମୁଚକୁନ୍ଦ** *ବି.* ମୁଚୁକୁନ୍ଦ, ଔଷଧୀୟ ଗୁଣଯୁକ୍ତ ଗଛ ଓ ତାହାର ହଳଦୀ ରଙ୍ଗ ଓ ମୋଟା ପାଖୁଡ଼ା ଥିବା ଫୁଲ ।

**ମୁଚାଲିକା** *ବି.* ୧. ଅଙ୍ଗୀକାରପତ୍ର, ଏକରାରନାମା ୨. ଶାନ୍ତିଭଙ୍ଗ ନ କରିବା ପାଇଁ ବିଚାରପତିଙ୍କୁ ଦେବା ପ୍ରତିଜ୍ଞାପତ୍ର ।

**ମୁଚୁଲା** *ବି.* ୧. ମୁଚ୍‌ଲା, ମାଣ୍ଡି , ତକିଆ ୨. ହାଣ୍ଡି, ମାଠିଆ ପ୍ରଭୃତି ତଳେ ରଖାଯାଉଥିବା ନଡା ବା କୁଟାର ମୋଡା ।

**ମୁଛ** *ବି.* ନିଶ, ମେଛା ।

**ମୁଞ୍ଚନ** *ବି.* ତ୍ୟାଗ, ପରିହାର, ମୋଚନ ।

**ମୁଞ୍ଚିବା** *କ୍ରି.* ତ୍ୟାଗକରିବା ।

**ମୁଞ୍ଜର** *ବି.* ନୂଆ କରି ଫୁଟିଥିବା ଫୁଲ, କଇଁ ବା ପଦ୍ମର ମୂଳ ।

**ମୁଞ୍ଜରିତ** *ବିଂ.* ମୁକୁଳିତ, ନବପଲ୍ଲବିତ ।

**ମୁଞ୍ଜରିବା** *କ୍ରି.* ମୁକୁଳିତ ହେବା ।

**ମୁଞ୍ଜରୀ** *ବିଂ.* ୧. ତୁଳସୀ ଜଟାବା ମଞ୍ଜରୀ ୨. ପଦ୍ମକେଶର ୩. ତୃଣ ଶିଷା।

**ମୁଜ୍‌ବା** *କ୍ରି.* ବୁଜିବା, ବନ୍ଦ କରିଦେବା।

**ମୁଟ୍‌ରା** *ବି.* ମୋଟରା, ଗଣ୍ଠିଲି, ବୋକ୍‌ଚା ।

**ମୁଟ୍‌ଲା** *ବି.* ୧. ହାତୁଡ଼ି ୨. କାଠଗଡ଼ ୩. ବାଲିଗିରିଡ଼ା ମାଛ ।

**ମୁଠା** *ବି.* ୧. ହାତର ପାପୁଲି ସହିତ ଆଙ୍ଗୁଳିଗୁଡ଼ିକ ବନ୍ଦକରି ରଖିବା ୨. ଝାଡୁର ମୂଳ ୩. କଟୁରି, ଭୁଜାଲି ପ୍ରଭୃତିର ବେଣ୍ଟ ୪. ଲଙ୍ଗଳର ଯେଉଁ ଅଂଶକୁ ହାତରେ ଧରାଯାଏ ୫. ନାରୀର ହାତ ପାଇଁ କାଚର ପରିମାଣ ୬. ସମସ୍ତ ତାସପତ୍ର ୭. ନିର୍ଦ୍ଦିଷ୍ଟ ଅଞ୍ଚଳ; *ବିଂ.* ମୁଷ୍ଟି ପରିମିତ, ମୁଠାଏ ।

**ମୁଠାଏ** *ବି.* ମୁଠାରେ ରହିବା ପଦାର୍ଥର ପରିମାଣ ।

**ମୁଠାତଳ ବିଂ** ଆୟତ୍ତାଧୀନ ।

**ମୁଠାତଳିଆ ବିଂ.** ନିଜର ଆୟତ୍ତାଧୀନ ।

**ମୁଠାରୁ ଖସିଯିବା କ୍ରି.** ଆୟତ୍ତରୁ ବାହାରିଯିବା ।

**ମୁଠି ବି.** ୧. ସଙ୍କୁଚିତ ପାପୁଲି ୨. ଖଣ୍ଡା, କଟୁରି ଆଦିର ବେଣ୍ଟ ୩. ଭଣ୍ଡାରିର କ୍ଷୁର, କତୁରି, ନହୁରୁଣି ରହୁଥିବା ଚମଡ଼ାମୁଣି ୪. ଚାଉଳ ଓ ଧାନର ପରିମାଣ (ମୁଠିଚାଉଳ, ଅକ୍ଷିମୁଠି) ।

**ମୁଠିଆ ବି.** ୧. ବଢ଼ିଣା, ପହଁରା ଆଦିର ମୂଳକୁ ବେତ ଅଥବା ତାଳ କୋରଟରେ ନିର୍ଦ୍ଦିଷ୍ଟ ଏକ ଛନ୍ଦରେ ବାନ୍ଧିବା ୨. ଘରେ ଟଙ୍ଗା ଯାଉଥିବା ଶିକା ୩. ଗଉଡମାନେ ବ୍ୟବହାର କରୁଥିବା ବାହୁଙ୍ଗିରେ ବେତ କୋରଟର ବନ୍ଧନ ।

**ମୁଠିଏ ବି. ବିଂ.** ମୁଠାଏ, ଏକ ମୁଠା ପରିମିତ ।

**ମୁଠିଚାଉଳ ବି.** ଭିକ ଚାଉଳ, ଭିକ୍ଷାଦ୍ୱାରା ସଂଗୃହୀତ ଚାଉଳ ।

**ମୁଠିଭିକ, ମୁଠିଭିଖ ବି.** ଘରଘର ବୁଲି ମୁଠାଏ ଲେଖା ଚାଉଳ ଭିକ୍ଷା କରିବା ।

**ମୁଠିଶାଗ ବି.** ଅନାବନା ଜାଗାରେ ଉଠୁଥିବା ଏକ ପ୍ରକାରର ଶାଗ ।

**ମୁଠୁଣିଏ ବି.** ପାପୁଲିକୁ ମୁଠାକରି କହୁଣିଠାରୁ କାଣି ଆଙ୍ଗୁଠିର ମୂଳ ପର୍ଯ୍ୟନ୍ତ ମାପ ।

**ମୁଠେଇବା କ୍ରି.** ମୁଠାକରି ଆଣ୍ଟରେ ଧରିବା, ମୁଠା କରିବା, ମୁଠା ମଧ୍ୟରେ ରଖିବା ।

**ମୁଡ୍ ବି.** ୧. ମନର ଅବସ୍ଥା ୨. ମୁଣ୍ଡ ।

**ମୁଡ୍କି ବି.** ୧. ଉଖୁଡା ୨. ଖୁବ୍ ହାଲୁକା ଜିଲାପି ଆକାରର ଛଣା ଯାଇଥିବା ଈଷତ୍ ଲୁଣିଆ ଖାଦ୍ୟ ।

**ମୁଡ୍ତୋପୁ ବି.** ମୁଣ୍ଡପୋତା କେଳା ; **ବିଂ.** ତଳମୁହାଁ, ପୋତାମୁହାଁ ।

**ମୁଡ୍ମୁଡ଼ିଆ ବି.** ଯାହା ସହଜରେ ଭାଙ୍ଗିଯାଏ ।

**ମୁଡ୍ସା ବି.** ୧. ଗାଁ ମୁଣ୍ଡ ୨. ଶେଷ ଭାଗ ।

**ମୁଡ୍କି ହସ, ମୁରୁକି ହସା ବି.** ଈଷତ୍ ହାସ୍ୟ, ମୁଲ୍କି ହସା ।

**ମୁଡ୍ର୍ ଘାଏ ଯିବା କ୍ରି.** ନିଶ୍ଚିତ ଭାବେ ନଷ୍ଟ ହେବା ବା ମୃତ୍ୟୁବରଣ କରିବା ।

**ମୁଡ଼ା ବି.** ୧. ଗୋଟିଏ ପାଖରେ ହିଡ଼ ଥିବା ଜଳାଶୟ ପାଖର କ୍ଷେତ ୨. ବଡ଼ ହୁଡ଼ା ଥିବା ଧାନ କ୍ଷେତ ୩. ମୋଡ଼ା ।

**ମୁଡ଼ା ହାକିଦେବା କ୍ରି.** ତରବରରେ ବା ଜୋରରେ ଦଉଡ଼ି ପଳାଇ ଯିବା ।

**ମୁଡ଼ି ବିଂ.** ମନୁଆ ; **ବି.** ମୁଣ୍ଡ ।

**ମୁଢ଼ି ବି.** ମୁରହି, ଅଳ୍ପ ଲୁଣମିଶା ଗରମ ପାଣିରେ ଚାଉଳକୁ ଉଗୁଜି ତତଲା ବାଲିରେ ଭଜା ଖାଦ୍ୟ, ନୁନ୍‌ଲିଆ ।

**ମୁଢ଼ି ଚାଉଳ ବି.** ମୁଢ଼ି ଭାଜିବା ପାଇଁ ସ୍ୱତନ୍ତ୍ର ଭାବରେ ଲୁଣି ପାଣି ଦିଆ ହୋଇ ପାଗ ହୋଇଥିବା ଚାଉଳ ।

**ମୁଣା/ମୁଣି ବି.** ୧. ଥଳି, ଝୁଲି, ମୁନା ୨. ଅଖା, ବସ୍ତା ।

**ମୁଣୋହି ବି.** ମଣୋହି, ଭୋଜନ ।

**ମୁଣ୍ଡ ବି.** ୧. ମସ୍ତକ, ମଥା ୨. ପ୍ରାନ୍ତ ୩. ଅଗ, ଉପରିଭାଗ ୪. ଲୋକ ୫. କର୍ତ୍ତା ୬. ରାହୁ, ଗ୍ରହ ୭. ଭଣ୍ଡାରି ୮. ମୁଣ୍ଡି, ମଣ୍ଡପ ୯. ଜୀବନ ; **ବିଂ.** ଲଣ୍ଡା, ମୁଣ୍ଡିତ ।

**ମୁଣ୍ଡ କିଣିବା କ୍ରି.** ଆୟତ୍ତ କରିବା, ଅଧୀନକୁ ନେବା ।

**ମୁଣ୍ଡକୁ ପାଣି ଛଡ଼ାଇବା କ୍ରି.** କୌଣସି କାର୍ଯ୍ୟ ନିମିତ୍ତ ଜୀବନ ଉତ୍ସର୍ଗ କରିବା ପାଇଁ ପ୍ରସ୍ତୁତ ରହିବା ।

**ମୁଣ୍ଡକୁ ହାତ ପାଇବା କ୍ରି.** ୧. ସାବାଳକ ହେବା ୨. ନିଜ ଦାୟିତ୍ୱ ନିଜେ ତୁଲାଇ ପାରିବା ।

**ମୁଣ୍ଡ କୋଡ଼ିବା କ୍ରି.** ଭୂଇଁରେ ମୁଣ୍ଡକୁ ବାରମ୍ବାର ବାଡେଇବା, ବ୍ୟସ୍ତ, ବିବ୍ରତ ହେବା ।

**ମୁଣ୍ଡ ଖରଚ କରିବା କ୍ରି.** ବୁଦ୍ଧି ଖଟେଇବା ।

**ମୁଣ୍ଡ ଖାଇବା କ୍ରି.** ୧. ମୁଣ୍ଡର ପାଖାପାଖି ଉଚ୍ଚତାରେ ପହଞ୍ଚିବା ୨. ଚିନ୍ତାର କାରଣ ହେବା ୩. ସର୍ବନାଶର କାରଣ ହେବା ।

**ମୁଣ୍ଡ ଖେଳେଇବା କ୍ରି.** ବୁଦ୍ଧି ଖଟେଇବା, ଉପାୟ ଚିନ୍ତା କରିବା ।

**ମୁଣ୍ଡ ଗଡ଼ାଇବା କ୍ରି.** ୧. ମୁଣ୍ଡକୁ ମାଟିରେ ବା ଚଟାଣରେ ଏପଟ ସେପଟ ଗଡ଼ାଇବା ୨. ଅସହାୟ ହେବା, ଅକ୍ଷମତା ପ୍ରକାଶ କରିବା ୩. ସବୁ କଥାରେ ନାହିଁ ନାହିଁ କରିବା ।

**ମୁଣ୍ଡଗଣ୍ଡି ବି.** ୧. ବାଜେ କଥା ୨. ବେଖାପ ଆଚରଣ ।

**ମୁଣ୍ଡଗୁଞ୍ଜା ବିଂ.** ଆଶ୍ରିତ, ନିର୍ଭରଶୀଳ; **ବି.** ଆଶ୍ରୟସ୍ଥାନ ।

**ମୁଣ୍ଡ ଗୁଞ୍ଜିବା କ୍ରି.** ଆଶ୍ରୟ ନେବା ।

**ମୁଣ୍ଡଝାଳ ତୁଣ୍ଡରେ ମାରିବା କ୍ରି.** କଠିନ ପରିଶ୍ରମ କରିବା ।

**ମୁଣ୍ଡ ଟୁଙ୍ଗାରିବା କ୍ରି.** ୧. ମୁଣ୍ଡକୁ ଉପର ତଳ କରିବା ୨. ମୁଣ୍ଡକୁ ଏପଟ ସେପଟ ହଲାଇ ସମ୍ମତି ବା ଅସମ୍ମତି ଜଣାଇବା ।

**ମୁଣ୍ଡ ଦେଖେଇବା କ୍ରି.** ୧. ସାହସ ଦେଖେଇବା ୨. ବନ୍ଧୁଭାବ ପ୍ରକାଶ କରିବା ।

**ମୁଣ୍ଡଧରା ବି.** ୧. ମୁଣ୍ଡ ବିନ୍ଧା, ମୁଣ୍ଡ ବଥା, ଶିର ପୀଡ଼ା ୨. ରକ୍ଷାକାରୀ ।

**ମୁଣ୍ଡ ଧାଣତା ବି.** ମୁଣ୍ଡିଆଳ, ପ୍ରଧାନ ।

**ମୁଣ୍ଡନ ବି.** ୧. ବାଳ/ଚୁଟି ପକା, ଲଣ୍ଡା ହେବା ୨. ବ୍ରତଘର ।

**ମୁଣ୍ଡନକର୍ମ ବି.** ୧. ଲଣ୍ଡା ହେବା ୨. ବାଳ ପକାଇବା ୩. ସଂସ୍କାର କ୍ରିୟା ।

**ମୁଣ୍ଡପୋତା ବି.** ଏକ ଜାତିର କେଳା, ଯେଉଁମାନେ ମାଟିରେ ମୁଣ୍ଡକୁ ପୋତି ଖେଳ ଦେଖାନ୍ତି ।

**ମୁଣ୍ଡବନ୍ଧା ବି.** ପଗଡ଼ି ।

**ମୁଣ୍ଡବିକା** *ବି.* ୧. ଚାକିରି ଖଟିବା ୨. ସମର୍ପଣ କରିଦେବା ।
**ମୁଣ୍ଡବୋଝିଆ** *ବି.ବିଂ.* ଯେଉଁ ଶ୍ରମିକ ମୁଣ୍ଡରେ ବୋଝ ବୁହେ ।
**ମୁଣ୍ଡ ବ୍ୟଥା** *ବି.* ୧. ଶିର ପୀଡ଼ା ୨. ଚିନ୍ତାର ବିଷୟ ।
**ମୁଣ୍ଡଭିଡ଼ା** *ବି.* ୧. ଝିଅପିଲାଙ୍କ ମୁଣ୍ଡରେ ବନ୍ଧାଯାଇଥିବା ବିଭିନ୍ନ ରଙ୍ଗର ରିବନ ଫିତା , ପାଟଫୁଲି ୨. ମୁଣ୍ଡରେ ଗୁଡ଼ାହେବା ଚାଦର ।
**ମୁଣ୍ଡମାଳା** *ବି.* ନରମୁଣ୍ଡରେ ଗୁନ୍ଥାଯାଇଥିବା ମାଳା ।
**ମୁଣ୍ଡମାଳିନୀ** *ବି.ବିଂ.* କାଳୀ, ଶ୍ୟାମା ।
**ମୁଣ୍ଡ ରଖିବା** *କ୍ରି.* ଜୀବନ ରଖିବା ।
**ମୁଣ୍ଡରେ ଅଠା ବୋଳିବା** *କ୍ରି.* ଦୋଷାରୋପ କରିବା, ଅସୁବିଧାରେ ପକାଇବା ।
**ମୁଣ୍ଡରେ ଉକୁଣି କାମୁଡ଼ିବା** *କ୍ରି.* ୧. ଅତିମାତ୍ରାରେ ଚିନ୍ତିତ ହେବା ୨. ଉକୁଣି କାମୁଡ଼ିବା ।
**ମୁଣ୍ଡରେ ଚଢ଼ିବା** *କ୍ରି.* ଅବାଧ୍ୟ ହେବା, ବେଖାତିର କରିବା ।
**ମୁଣ୍ଡରେ ତେନ୍ତୁଳିଆ ବିଛା ପଶିବା/କାମୁଡ଼ିବା** *କ୍ରି.* ଗଭୀର ଚିନ୍ତାରେ ବିବ୍ରତ ହେବା ।
**ମୁଣ୍ଡରେ ପାନେ ଦେବା** *କ୍ରି.* ଅପମାନିତ କରିବା ।
**ମୁଣ୍ଡରେ ବଜ୍ର ପଡ଼ିବା** *କ୍ରି.* ୧. ହଠାତ୍ ବିପଦ ଆସିବା ୨. ବିପଦରେ ପଡ଼ି କିଂକର୍ତ୍ତବ୍ୟବିମୂଢ଼ ହେବା ।
**ମୁଣ୍ଡରେ ଶିକା ଛିଡ଼ିବା** *କ୍ରି.* ବିପଦ ପଡ଼ିବା ।
**ମୁଣ୍ଡରେ ହାତଦେଇ ବସିବା** *କ୍ରି.* ହତାଶ ହେବା, କର୍ତ୍ତବ୍ୟଶୂନ୍ୟ ହୋଇ ବସିବା ।
**ମୁଣ୍ଡରେ ହାତ ଦେବା** *କ୍ରି.* ୧. ଚିନ୍ତିତ ରହିବା ୨. ବିପଦରେ ଆତଙ୍କିତ ହେବା ୩. କୌଣସି ସମସ୍ୟା ଯୋଗୁଁ ବିଚଳିତ ହେବା ।
**ମୁଣ୍ଡରେ ହାତ ବୁଲାଇବା** *କ୍ରି.* କୌଣସି ଲୋକକୁ ଠକି ତାଠାରୁ କିଛି ଦ୍ରବ୍ୟ ନେଇଯିବା ।
**ମୁଣ୍ଡରେ ହାତୀ ସୁନାକଳସ ଢ଼ାଳିବା** *କ୍ରି.* ହଠାତ୍ ରାଜପଦ ଭଳି ମର୍ଯ୍ୟାଦା ମିଳିବା ।
**ମୁଣ୍ଡଳା,ମୁଣ୍ଡୁଳା** *ବି.* ବୃତ୍ତାକାର ରେଖା ।
**ମୁଣ୍ଡା** *ବି.* ୧. ଲଣ୍ଡା ଗଛ ୨. ହଳଦୀ ୩. କଦଳୀ ୪. ସାରୁ ୫. ଓଲୁଅର ମୂଳ ୬. କଟା ମାଛ ଖଣ୍ଡ ୭. କାଠ ବା ପଥରର ବଡ଼ ଖଣ୍ଡ ୮. ବସାଦହିର ଖଣ୍ଡ ୯. ଚେକ୍/ରସିଦ୍ ଆଦିର ମୂଳକିତା ୧୦. ଲଙ୍ଗଳର ଯେଉଁ କାଠ ଖଣ୍ଡରେ ଲୁହା ପଶିଥାଏ ୧୧. ଧୋବା ଯେଉଁ କାଠ ଗଣ୍ଡିରେ ଲୁଗାକୁ ବାଡ଼େଇ ସଫାକରେ ୧୧. ଦାଢ଼/ଧାର ନଥିବା ଦନ୍ତୁରା କଟୁରି, ପନିକି ଆଦି ୧୩. ଜନଜାତି ବିଶେଷ; *ବିଂ.* ୧. ନିର୍ବୁଦ୍ଧିଆ, ଓଲୁ ୨. ଦନ୍ତୁରା ୩. ମୁଣ୍ଡିତା ବା ଲାଣ୍ଡୀ (ସ୍ତ୍ରୀଲୋକ) ।
**ମୁଣ୍ଡାଇବା** *କ୍ରି.* ୧. ମୁଣ୍ଡରେ ବୋଝ ନେବା ୨. କାର୍ଯ୍ୟଭାର ଗ୍ରହଣ ୩. ଦାୟିତ୍ୱ ନିର୍ବାହ କରିବା ୪.ପ୍ରସବର ଠିକ୍ ପୂର୍ବରୁ ଶିଶୁର ମୁଣ୍ଡ ପ୍ରସବ ଦ୍ୱାରକୁ ଆସିବା ।
**ମୁଣ୍ଡାମୁଣ୍ଡି** *କ୍ରି.ବିଂ.* ଶେଷଯାଏଁ, କଛାକଛି, ପ୍ରାନ୍ତଯାଏଁ, ପ୍ରାୟ ।
**ମୁଣ୍ଡି** *ବି.* ୧. ବାଡ଼ିର ଅଗ୍ରଭାଗ ୨. କାଠ ଗଡ଼ ୩. ଦେଉଳ ଓ ଘର ଆଦିର ଅଗ୍ରଭାଗ ୪. ଗଛବୃଛ ନଥିବା ପାହାଡର ଶୀର୍ଷଭାଗ ୫. ମଣ୍ଡପ ୬. ଖୋଷାରେ ପିନ୍ଧା ହେବା ମନ୍ଦିରାକୃତି ଅଳଙ୍କାର ବିଶେଷ ।
**ମୁଣ୍ଡିଆ** *ବି.* ୧. ଛୋଟ ପାହାଡ଼ ୨. ତଳେ ମୁଣ୍ଡ ଲଗାଇ ପ୍ରଣାମ ୩. ମୁଣ୍ଡ ଦ୍ୱାରା ଦେବା ଆଘାତ ।
**ମୁଣ୍ଡିଆ ପକାଇବା** *କ୍ରି.* ୧. ଭୂମିରେ ମୁଣ୍ଡଲଗାଇ ପ୍ରଣାମ କରିବା ୨. ମୁଣ୍ଡ ଦ୍ୱାରା ଆଘାତ କରିବା ।
**ମୁଣ୍ଡିଆମରା** *ବି.* ପୁରୀରେ ଶ୍ରୀଗୁଣ୍ଡିଚା ମନ୍ଦିର ପାଚେରୀ କଡ଼, ଯେଉଁ ବାଟଦେଇ ବାଲିଘାଟ ଆଡୁ ଶରଧାବାଲିକୁ ପ୍ରବେଶ କରାହୁଏ - ଏଠାରୁ ଶ୍ରୀମନ୍ଦିର ଦିଶୁଥିବାରୁ ଲୋକେ ମୁଣ୍ଡିଆ ମାରିଥାନ୍ତି ।
**ମୁଣ୍ଡିଆ ମାରିବା** *କ୍ରି.* ୧. ମୁଣ୍ଡରେ ଅନ୍ୟକୁ ଆଘାତ କରିବା ୨. ପ୍ରଣିପାତ ହେବା ।
**ମୁଣ୍ଡିଆଳ** *ବି.* ୧. ଗାଆଁ ଆଦିର ମୁରବି, ମୁଖିଆ ୨. ସର୍ଦ୍ଦାର ୩. ନେତୃସ୍ଥାନୀୟ ବ୍ୟକ୍ତି ।
**ମୁଣ୍ଡିଚଷା** *ବି.* ଓଡଚଷା, ଅଭାବଗ୍ରସ୍ତ ଚଷା ।
**ମୁଣ୍ଡିତ** *ବିଂ.* ଲଣ୍ଡା, ଠାଁଟୁ, ଟାଙ୍ଗରୁ, ବାଳ ନଥିବା (ମଥା) ।
**ମୁଣ୍ଡି ମାରିବା** *କ୍ରି.* ୧. କାର୍ଯ୍ୟ ଶେଷ କରିବା ୨. ତିଆରି କରାଯାଉଥିବା ଦେଉଳରେ ଦଧିନଉତି ଥାପିବା ।
**ମୁତ୍‌ଗୁନା** *ବି.* ମୂତ୍ରାଶୟ ।
**ମୁତ୍‌ଫରକା** *ବିଂ.* ବାଜେ, ଅନାବଶ୍ୟକ, ଫାଲ୍‌ତୁ, ନିରର୍ଥକ ।
**ମୁତ** *ବି.* ପ୍ରସାବ, ପରିସ୍ରା, ମୂତ୍ର ।
**ମୁତଏନ୍** *ବିଂ.* ମୁତୟନ, କାର୍ଯ୍ୟରେ ନିଯୁକ୍ତ ।
**ମୁତନଳା** *ବି.* ୧. ଯେଉଁ ନଳାରେ ଲୋକମାନେ ପରିସ୍ରା କରନ୍ତି ୨. ଯେଉଁ ନଳାଦେଇ ମୁତ ବହିଯାଏ ।
**ମୁତୟନ** *ବି.* ମୁତଏନ୍, ନିଯୁକ୍ତ ।
**ମୁତାବକ** *କ୍ରି.ବିଂ.* ଅନୁଯାୟୀ, ଅନୁସାରେ, ଧାରାରେ ।
**ମୁତୁରା** *ବି.ବିଂ.* ୧. ଯେ ଅତ୍ୟଧିକ ପରିସ୍ରା କରେ ୨. ଯେ ଶେଯ ବା ଲୁଗାରେ ପରିସ୍ରା କରିଦିଏ, *ସ୍ତ୍ରୀ.* ମୁତୁରୀ ।
**ମୁତୁରି** *ବି.* ଏକପ୍ରକାର ଗୁଳ୍ମ ଯାହାର ଡାଙ୍ଗ ଦାନ୍ତକାଠି ରୂପେ ବ୍ୟବହୃତ ହୁଏ ।
**ମୁଥ** *ବି.* ୧. ମୁଷ୍ଟି ଆଘାତ ୨. ଥର, ବାର ।
**ମୁଥା** *ବି.* ଏକପ୍ରକାର ଘାସର ମୂଳପିଣ୍ଡ ବା ସୁବାସିତ କନ୍ଦ, ମୁସ୍ତକ ।

**ମୁଦ ବି.** ୧.ବନ୍ଦ, ନିବୁଜ ୨. ମୋହର ଛାପ ୩. ମୁଜା ଚିଠି, ଲଫାପା ୪. ହର୍ଷ, ଆନନ୍ଦ ।

**ମୁଦ କରିବା କ୍ରି.** ୧. ବିଧିବଦ୍ଧ ଭାବରେ ମନ୍ଦିର ସେହିଦିନ ପାଇଁ ବନ୍ଦ କରିବା ୨. ଘର ପ୍ରଭୃତି ଜବତ କରି ତାଲାରେ ଜଉମୁଦ ଦେବା ୩. ଲଫାପା ଆଦି ଜଉ ମୁଦ ବା ମୋହର ଦେଇ ବନ୍ଦ କରିବା ।

**ମୁଦ ଦେବା ବି.** ଲାଖ (ଜଉ) ସାହାଯ୍ୟରେ ମୋହର ବା ଛାପ ଦେବା ।

**ମୁଦଲ ବି.** ୧. ଆରମ୍ଭ ୨. ରାଜାଙ୍କ ଆଦେଶ ।

**ମୁଦା ବିଂ.** ୧. ବୁଜା ୨. ପିଣ୍ଡୁଳାକାର ୩. ମୁଦ୍ରିତ ୪. ଆବୃତ ବା ଢଙ୍କା ।

**ମୁଦାରା ବି.** ସଙ୍ଗୀତର ଦ୍ୱିତୀୟ ସ୍ୱରଗ୍ରାମ ।

**ମୁଦାଲା ବି.** ମାଡ଼ପିଟ ବା ଫୌଜଦାରୀ ମକଦ୍ଦମାର ଆସାମୀ, ପ୍ରତିବାଦୀ ।

**ମୁଦି ବି.** ହାତ ଅଥବା ଗୋଡ଼ ଆଙ୍ଗୁଠିରେ ପିନ୍ଧା ଯାଉଥିବା ଗୋଲାକାର ଅଳଙ୍କାର ବିଶେଷ, ମୁଦ୍ରିକା ।

**ମୁଦିଆ ବି.** ୧. ଛୋଟ ମୁଦି ୨. ମୁଦିଦିଆ, କାଠକାମରେ ମୁଦିଆକାରର ଗୋଲାକାର ଧାତୁର ରିଙ୍ଗ୍, ବୁନ୍ଦିଆ ।

**ମୁଦିତ ବିଂ.** ୧. ବନ୍ଦ ୨. ଆନନ୍ଦିତ, ହୃଷ୍ଟ, ଆମୋଦିତ ।

**ମୁଦିବା କ୍ରି.** ୧. ବନ୍ଦ କରିବା, ବୁଜିବା ୨. ଘୋଡ଼ାଇବା ।

**ମୁଦିରଥ ବି.** ମୁଦ୍ରହସ୍ତ, ଗଜପତି/ରାଜାଙ୍କ ବ୍ରାହ୍ମଣ ପ୍ରତିନିଧି, ଶ୍ରୀଜଗନ୍ନାଥଙ୍କ ସେବକ ବିଶେଷ ।

**ମୁଦିରା ବି.** ମୁଦି ବ୍ୟବସାୟୀ ।

**ମୁଦୁଲି ବି.** ୧. ଜଗନ୍ନାଥ ମନ୍ଦିରରେ ପୂଜା ଉପକରଣ ଦାୟିତ୍ୱରେ ଥିବା ସେବକ ବିଶେଷ ୨. ସଂଜ୍ଞା ବିଶେଷ ।

**ମୁଦୁସୁଲି, ମୁଦୁସୁଲୀ ବି.** ରାଜାଙ୍କର ପୋଇଲି, ଧାଇ, ଅନ୍ତଃପୁରର ଦାସୀ ।

**ମୁଦେଇ ବି.** କଚେରିରେ ବାଦୀ, ଫରିଆଦୀ ।

**ମୁଦ୍ଗର ବି.** ୧. କାଠର ବଡ଼ ହାତୁଡ଼ି ବା ପିଟଣା ୨. ଗଦା ।

**ମୁଦ୍ରଣ ବି.** ୧. ବହି ଛାପିବା ୨. ମୋହର ଛାପିବା ୩. କୁଜିବା, ନିମୀଳନ ୪. ସଂକୋଚନ ।

**ମୁଦ୍ରଣ ପ୍ରମାଦ ବି.** ଛାପା ହୋଇଥିବା ପୁସ୍ତକରେ ପରିଲକ୍ଷିତ ତ୍ରୁଟି, ଭୁଲ୍ ଛପା ।

**ମୁଦ୍ରା ବି.** ୧. ସରକାରୀ ନାମାଙ୍କିତ ନିର୍ଦ୍ଦିଷ୍ଟ ନିର୍ଦ୍ଧାରିତ ମୂଲ୍ୟ ରୂପେ ପ୍ରଚଳିତ ଧାତୁ ତିଆରି ବସ୍ତୁ, କଏନ୍ ୨. ସିଲ୍ ମୋହର ୩. ଧାତୁରେ ଖୋଦିତ ଲିପି ୪. ନାଚବେଳେ ଆଙ୍ଗିକଭଙ୍ଗୀ ୫. ମୁଦ୍ରିତ ଅକ୍ଷର ୬. ବୈଷ୍ଣବଙ୍କ ଦେହରେ ଧାରଣୀୟ ଚିହ୍ନ ୭. ଶ୍ରୀମନ୍ଦିରରେ ସେବକ ବିଶେଷ ।

**ମୁଦ୍ରାକର ବି.** ୧. ଛାପାଖାନାର ଅକ୍ଷର ଖଞ୍ଜାଳି ୨. ମୁଦ୍ରା ପ୍ରସ୍ତୁତକାରୀ ।

**ମୁଦ୍ରାଦୋଷ ବି.** ୧. କଥା କହିବା ବେଳେ ଭୁଲ୍‌ଭାଲ୍ ଶବ୍ଦର ବ୍ୟବହାର ୨. ଲିପିପ୍ରମାଦ ୩. ବିଶେଷ ପ୍ରକାରର ଅଙ୍ଗଭଙ୍ଗୀ କରିବାର କୁଅଭ୍ୟାସ ।

**ମୁଦ୍ରାଯନ୍ତ୍ର ବି.** ୧. ଛାପାକଳ ୨. ମୁଦ୍ରା ତିଆରି କରିବା ଯନ୍ତ୍ର ।

**ମୁଦ୍ରାରକ୍ଷକ ବି.** କୋଷାଧ୍ୟକ୍ଷ ।

**ମୁଦ୍ରାଶାଳା ବି.** ଟଙ୍କା ପ୍ରସ୍ତୁତ କରିବା ସରକାରୀ କାରଖାନା ।

**ମୁଦ୍ରାସ୍ଫୀତି ବି.** ଦେଶର ପଣ୍ୟ ଦ୍ରବ୍ୟ ଅପେକ୍ଷା ଅର୍ଥର ବୃଦ୍ଧି ଯୋଗୁଁ ଟଙ୍କାର ମୂଲ୍ୟ ହ୍ରାସ ।

**ମୁଦ୍ରିକା ବି.** ୧. ମୁଦି ୨. ସୁନା, ରୁପା, ତମ୍ବାଦିରେ ତିଆରି ହୋଇଥିବା ବିଭିନ୍ନ ମୂଲ୍ୟ ବା ପରିମାଣର ମୁଦ୍ରା ।

**ମୁଦ୍ରିତ ବିଂ.** ୧. ଛପା ୨. ସଂକୁଚିତ ୩. ବୁଜି ହୋଇଥିବା ୪. ମୁଦା ୫. ମୋହର ମରାଯାଇଥିବା ।

**ମୁନ୍‌ଗା ବି.** ୧. ମୁନିଙ୍ଗା ୨. ସଜନା ଛୁଇଁ ଓ ଶାଗ ।

**ମୁନ୍‌ଜି ବିଂ.** କୃପଣ, ବାମ୍ପି ।

**ମୁନ୍‌ସଫ୍ ବି.** ଜମିବାଡ଼ିର ସ୍ୱତ୍ୱାସ୍ୱତ୍ୱ ଘେନି ନିମ୍ନ ଅଦାଲତର ବିଚାରକ, ମୁନ୍‌ସିଫ୍ ବିଚାରପତି ।

**ମୁନ୍‌ସଫ୍ କୋର୍ଟ ବି.** ଜମିବାଡ଼ି ସମ୍ବନ୍ଧୀୟ ଦେବାନି ମାମଲାର ନିମ୍ନ ବିଚାରାଳୟ ।

**ମୁନ୍‌ସି ବି.** ୧. ପାର୍ସି ବା ଉର୍ଦ୍ଦୁ ଭାଷାରେ ପଣ୍ଡିତ ୨. ପୋଲିସ୍ ସବ୍-ଇନିସପେକ୍ଟର ୩. ମୋହରିର ୪. କିରାଣୀ ।

**ମୁନ ବି.** ୧. ଖଣ୍ଡା, ଛୁରୀ, ଚାକୁ, କଲମ, ପେନ୍‌ସିଲ୍, ଛୁଞ୍ଚି ଆଦିର ସୂକ୍ଷ୍ମ ଅଗ୍ରଭାଗ ୨. ଗଭୀର ଅଭିନିବେଶ ।

**ମୁନଫା, ମୁନାଫା ବି.** ଲାଭ ।

**ମୁନା ବି.** ୧. ମୁଣା, ଥଳି ୨. ପକେଟ୍ ।

**ମୁନାଫାଖୋର ବି.ବିଂ.** ଅତିରିକ୍ତ ଲାଭପାଇଁ ଲାଳାୟିତ (ବ୍ୟବସାୟୀ) ।

**ମୁନାରା ବି.** ଛୋଟ ଜଙ୍ଗଲ, ମନାରି ।

**ମୁନି ବି.** ୧. ଋଷି, ତପସ୍ୱୀ, ଯୋଗୀ, ସାଧକ ୨. ଚାଷୀ ୩. ସାତ ସଂଖ୍ୟା ୪. ତନ୍ତ୍ର ମତାନୁସାରେ ବିଶିଷ୍ଟ ଦେବୀ ; **ବିଂ.** ୧. ମୌନୀ, ବାକ୍ ସଂଯମୀ ୨. ଚୁପ୍‌ସଇତାନ ।

**ମୁନିଆ, ମୁନିଆଁ ବିଂ.** ମୁନ ବା ତୀକ୍ଷ୍ଣ ଅଗ୍ରଭାଗଥିବା ।

**ମୁନିପୁଙ୍ଗବ, ମୁନିବର ବି.ବିଂ.** ଶ୍ରେଷ୍ଠ ମୁନି ।

**ମୁନିବ ବି.** ଖାମିଦ୍, ମାଲିକ ।

**ମୁନିବପଣ ବି.** ମାଲିକଗିରି, ପ୍ରଭୁତ୍ୱ ।

**ମୁନୁସ୍ ବି.** ୧. ମଣିଷ, ମନୁଷ୍ୟ ୨. ସ୍ୱାମୀ, ପତି ।

**ମୁନୁସ୍ ପିଲା ବି.** ପୁରୁଷ ଲୋକ ।

**ମୁନ୍ଦା ବି.** ଟୋପା, ଅଳ୍ପ ପରିମାଣର ଜଳୀୟ ପଦାର୍ଥ ।

**ମୁନ୍ଦାଏ ବିଂ.** ଟୋପାଏ, ଢ଼ୋକେ, ସାମାନ୍ୟ ପରିମାଣର ଜଳୀୟ ପଦାର୍ଥ (ପାଣି, ତୋରାଣି) ।

**ମୁନ୍ଦୁରା ବି.** ଖରି, ଜୁଣ, ଗରଡ଼ ଆଦି ତୃଣରେ ତିଆରି ହୋଇଥିବା ହେଁସ, ପଟି ବା ମସିଣା ।

**ମୁଫତ୍ ବିଂ.** ମାଗଣା, ମାହାଳିଆ ।

**ମୁବାରକ୍ ବି.** ଅଭିନନ୍ଦନ, ଶୁଭେଚ୍ଛା; ବିଂ. **ସୁଖୀ,** ଆଶୀର୍ବାଦପ୍ରାପ୍ତ ।

**ମୁମୁକ୍ଷା ବି.** ମୋକ୍ଷ କାମନା, ମୁକ୍ତି ପାଇବାର ଇଚ୍ଛା ।

**ମୁମୁକ୍ଷୁ ବି.** ମୋକ୍ଷକାମୀ, ଯତି, ମୁକ୍ତିପ୍ରାର୍ଥୀ, ସଂସାର ବିରାଗୀ; **ବି.** ଋଷି ।

**ମୁମୂର୍ଷୁ ବିଂ.** ମରଣକୁ ଅପେକ୍ଷା କରି ଶଯ୍ୟାଶାୟୀ ହୋଇଥିବା, ମୃତ ପ୍ରାୟ ବା ମରମର ଅବସ୍ଥାରେ ଥିବା ।

**ମୁର୍କି ବିଂ.** ଖଣ୍ଡିଆ, ଭଙ୍ଗା ୨. ମୁଚୁକି, **ସ୍ମିତ** (ହସି) ।

**ମୁର୍କୁଟିଆ ବିଂ.** ମୋଡ଼ା, ବକ୍ର, ବଙ୍କା।

**ମୁର୍କୁଟିବା କ୍ରି.** ମୋଡ଼ିବା, ମୋଡ଼ି ଛିଣ୍ଡାଇବା ।

**ମୁର୍ଚା ବି.** କଳଙ୍କି, ମଡ଼ିଚା ।

**ମୁର୍ଛିବା କ୍ରି.** ଆପଣାର ସମ୍ପର୍କ ବା ସମ୍ପତ୍ତି ତ୍ୟାଗ କରିବା, ମୁରୁଛିବା ।

**ମୁର୍ଦୁଙ୍ଗ୍ ବି.** ମୃଦଙ୍ଗ।

**ମୁର୍ଧୁନିଆ ବିଂ.** ମହତ୍ତ୍ୱପୂର୍ଣ୍ଣ, ବିଶିଷ୍ଟ।

**ମୁର୍ମୁରା ବିଂ.** ବିରସ, ଉତ୍ସାହହୀନ, ଉଦାସ ।

**ମୁର୍ମୁରି ବିଂ.** ସଂକୀର୍ଣ୍ଣ, ଅପ୍ରଶସ୍ତ ।

**ମୁର୍ଲି ବିଂ.** ମୋଡା ହୋଇଥିବା ।

**ମୁର୍ହି ବି.** ମୁଢ଼ି, ନୁନ୍‌ଲିଆ, ଭୁଜା ।

**ମୁରଜ ବି.** ମୃଦଙ୍ଗ ପରି ଏକ ବାଦ୍ୟଯନ୍ତ୍ର ।

**ମୁରବି ବି.** ୧. ଅଭିଭାବକ ୨. ନେତୃସ୍ଥାନୀୟ ବ୍ୟକ୍ତି ।

**ମୁରବିଗିରି, ମୁରବିୟାନା ବି.** ଅଭିଭାବକର ଭାବ, ଅନ୍ୟ ଉପରେ ଆଧିପତ୍ୟ ବିସ୍ତାର କରୁଥିବା ମାନସିକତା, ଅଭିଭାବକତ୍ୱ, କର୍ତ୍ତୃତ୍ୱ ।

**ମୁରଲୀ ବି.** ବାଉଁଶ ନଳରେ ରନ୍ଧ୍ର କରି ପ୍ରସ୍ତୁତ କରାଯାଉଥିବା ଫୁଙ୍କା ବାଦ୍ୟ ଯନ୍ତ୍ର, ବଂଶୀ, ବେଣୁ ।

**ମୁରଲୀଧର, ମୁରଲୀଧାରୀ ବି.** ଶ୍ରୀକୃଷ୍ଣ ।

**ମୁରଲୀ ଧ୍ୱନି ବି.** ବଂଶୀ ଧ୍ୱନି ।

**ମୁରାଟ ବିଂ.** ୧. ମୁଖ୍ୟ, ପ୍ରଧାନ ୨. ସୁନ୍ଦର ; **ବି.** କୁଟିଳ ଭ୍ରୂଭଙ୍ଗୀ, ଆଖି ତରାଟ ଚାହାଣି ।

**ମୁରାଟିବା କ୍ରି.** ଆଖି ତରାଟି ଅର୍ଥାତ୍ ଆଖିର ଉପରପତାକୁ ଟେକିଦେଇ ସ୍ଥିର ଭାବରେ ଚାହିଁବା ।

**ମୁରାରି ବି.** ମୁର ରାକ୍ଷସର ଶତ୍ରୁ, ଭଗବାନ, କୃଷ୍ଣ ।

**ମୁରୁକି ହସ ବି.** ଈଷତ୍ ହାସ୍ୟ, ଦରହାସ, ମୁଚ୍‌କି **ହସା,** ସ୍ମିତ ।

**ମୁରୁକୁଟିଆ ବିଂ.** ୧. ଦେହରେ ମାଉଁସ ନଲାଗି ନହକା ଚେହେରା ୨. ଜରାଜୀର୍ଣ୍ଣ ୩. ପୁଷ୍ଟିହୀନତା **ଯୋଗୁଁ** ଦୁର୍ବଳ ।

**ମୁରୁକୁଟିବା କ୍ରି.** ମୋଡ଼ିବା, ମୋଡ଼ିକରି ଛିଡ଼ାଇ ଦେବା ।

**ମୁରୁଖ ବି.** ବୁଦ୍ଧିହୀନ, ଅଜ୍ଞାନ, ମୂଢ଼, ମୂର୍ଖ ।

**ମୁରୁଗା, ମୁର୍ଗା ବି.** ୧. ଗଞ୍ଜା, ଅଣ୍ଡିରା କୁକୁଡ଼ା ୨. **ବନ୍ୟ ଗୁଳ୍ମ ବିଶେଷ** ।

**ମୁରୁଗି, ମୁର୍ଗି ବି.** ମାଈ କୁକୁଡା ।

**ମୁରୁଚା ବି.** ୧. ଦୁର୍ଗର ପରିଖା ବା ପାଚେରି ୨. ପଡ଼ିରହିଥିବା ଲୁହା ଜିନିଷ ବା ଅସ୍ତ୍ରଶସ୍ତ୍ରରେ ଲାଗିଥିବା କଳଙ୍କି ।

**ମୁରୁଛା ବି.** ୧. ତ୍ୟାଗ ୨. ମୋହଯିବା, ମୂର୍ଚ୍ଛା ।

**ମୁରୁଛିତ ବିଂ.** ୧. ମୂର୍ଚ୍ଛିତ, ଚେତାଶୂନ୍ୟ ୨. ପରିତ୍ୟକ୍ତ ।

**ମୁରୁଛିବା, ମୂର୍ଚ୍ଛିବା କ୍ରି.** ଆଶା ହରାଇବା, ଲୋଭ ଛାଡ଼ିବା ।

**ମୁରୁଜ ବି.** ଝୋଟି ପକାଯାଉଥିବା ବିଭିନ୍ନ କିସମର ରଙ୍ଗର ଚୂନା, ଚାଉଳ ଚୂନା, ଖଡ଼ିର ଚୂନା ।

**ମୁରୁତିକା ବି.** ମରିଥିବା ଲୋକପାଇଁ ପାଳନ କରାଯାଉଥିବା ଶୌଚବିଧି, ମୃତକିଆ, **ମିରକିତିଆ,** ମୃତକାଶୌଚ ।

**ମୁର୍ଦ୍ଦାର ବି.** ଶବ, ମଡ଼ା ।

**ମୁର୍ଦ୍ଦାରିଆ ବିଂ.** ୧. ମଡାପରି ଗନ୍ଧଯୁକ୍ତ ୨. **ଦୁର୍ବଳିଆ,** ମଡାପରି ଶୀର୍ଣ୍ଣ ।

**ମୁଲ୍‌କି ହଁସି ବି.** ମୁରୁକି ହସ ।

**ମୁଲ୍‌ମୁଲ୍ ବି.** ରହିରହି ଅଳ୍ପଅଳ୍ପ ଦିଶୁଥିବା (ହସ), ସ୍ମିତ ।

**ମୁଲକ ବି.** ରାଜ୍ୟ, ଅଞ୍ଚଳ, ଦେଶ ; **ବିଂ.** ଅନେକ ।

**ମୁଲତବୀ ବି.** ପରେ ବିଚାର ପାଇଁ ସ୍ଥଗିତ ।

**ମୁଲତବୀ ପ୍ରସ୍ତାବ ବି.** ବିଧାନସଭା, ସଂସଦ ଆଦିରେ କୌଣସି ବିଷୟର ଆଲୋଚନା ପାଇଁ ସଦସ୍ୟଙ୍କ ପ୍ରସ୍ତାବ।

**ମୁଲା, ମୁଲ୍ଲା ବି.** ମୁସଲମାନ ପୁରୋହିତ ।

**ମୁଲାଏମ ବି.** କୋମଳ ।

**ମୁଲାକାତ୍ ବି.** ଭେଟ, ଦେଖା ।

**ମୁଲାବା କ୍ରି.** ୧. ମୂଲ୍ୟାୟନ କରିବା ୨. ଦରଦାମ ଘେନି ମୂଲଚାଲ କରିବା, ମୂଲ କରିବା ।

**ମୁଲାହିଜା ବି.** ଚକ୍ଷୁଲଜ୍ଜା, ଖାତିରି ।

**ମୁଲି ବି.** ମୂଳା ।

**ମୁଲିଆଁ ବିଂ.** ମୂଲ୍ୟ ବା ଦର ନିରୂପଣ ଯୋଗ୍ୟ ।

**ମୁଲୁର୍ ମୁଲୁର୍ ବିଂ.** ମୁଲ୍ ମୁଲ୍ ।

**ମୁଲେର୍ ବି.** କୁଲିରେଜାମାନଙ୍କ ଦଳପତି ବା ମୁଖିଆ ।

**ମୁଶ୍‌କିଆ ବିଂ. ବି.** ଯେଉଁବ୍ୟକ୍ତି ଅନ୍ୟଠୁ ଟଙ୍କା ଧାର ଆଣି ଶୁଝିବାକୁ ଲୁଚେ ।

**ମୁଶ୍‌ମୁଶ୍‌ *ଅ.*** ୧. ଶୁଖିଲା ପତ୍ର ବା ଧୂଆଁପତ୍ରକୁ ହାତରେ ମକଚିବା ଶବ୍ଦ ୨. ଗରମଗରମ ମୁଢ଼ି ଚୋବାଇବା ଶବ୍ଦ ।

**ମୁଶ୍‌ମୁଶିଆ *ବିଂ.*** ଅଳ୍ପ ଚାପରେ ଭାଙ୍ଗି ଯାଉଥିବା ।

**ମୁଶାହା(ହି)ବ୍‌ *ବି.*** ତୋଷାମଦ ।

**ମୁଷ୍‌କିଲ୍‌, ମୁସ୍କିଲ୍‌ *ବି.*** ୧. ଅଡୁଆ ୨. ବିପଦ ୩. ବିଷମ ସମସ୍ୟା; ***ବିଂ.*** କଷ୍ଟକର ।

**ମୁଷଦି(ଦ୍ଦି) *ବି.*** ଗୁମାସ୍ତା, ହିସାବପତ୍ରରକ୍ଷକ ।

**ମୁଷ(ଶ,ସ)ଳ *ବି.*** ୧. ଗଦା ୨. ଢିଙ୍କିର ପାହୁରାଣି ୩. ହେମଦସ୍ତା ୪. ଏକ ପ୍ରକାର ଉଦ୍ଭିଦ ୫. ତେଲିଘଣାରେ ବ୍ୟବହୃତ କାଠଦଣ୍ଡ ।

**ମୁଷଳଧାର(ରା) *ବି.*** ଜୋର୍‌ ବର୍ଷାର ଧାରା ।

**ମୁଷଳପାଣି *ବି.*** ମୁଷଳ ହାତରେ ଯାହାର – ବଳରାମ ।

**ମୁଷଳି *ବିଂ.*** ମୁଷଳପରି ଲମ୍ବା ଓ ମୋଟା ।

**ମୁଷଳୀ *ବି.*** ୧. ବଳରାମ ୨. ତାଳମୂଳୀ ୩. ଝିଟିପିଟି ।

**ମୁଷା *ବି.*** ୧. କୋର, ଧାତୁ ତରଳାଇବା ପାତ୍ର ୨. ମୋଜେସ୍‌, ଇହୁଦୀମାନଙ୍କର ଧର୍ମବିଧି ବିଧାନ ପ୍ରଣେତା ।

**ମୁଷାଣ୍ଡ(ଣ୍ଡି) *ବି.*** ଢିଙ୍କି ପାହାର ।

**ମୁଷି *ବି.*** ଚୋରି ।

**ମୁଷିତ *ବି.*** ଚୋରି ଜିନିଷ ; ***ବିଂ.*** ଅପହୃତ, ବଞ୍ଚିତ ।

**ମୁଷୁଣ୍ଡା *ବି.*** ଢିଙ୍କିର ମୁଷଳ ।

**ମୁଷ୍କ *ବି.*** ୧. ଅଣ୍ଡକୋଷ ୨. ଚୋର ୩. ଘଣ୍ଟାପାଟଳୀ ଗଛ ; ***ବିଂ.*** ମାଂସଳ, ମାଉଁସିଆ ।

**ମୁଷ୍କଗ୍ରନ୍ଥି *ବି.*** ଅଣ୍ଡକୋଷ, ଅଣ୍ଡକୋଷର ନାଡ ।

**ମୁଷ୍କଛେଦ *ବି.*** ଖାସି କରିବା ।

**ମୁଷ୍କଭାର *ବି.*** ଅଣ୍ଡକୋଷ ବୃଦ୍ଧି ।

**ମୁଷ୍କର *ବିଂ.*** କୁରୁଣ୍ଡା; ***ବି.*** **ବର୍ଦ୍ଧିତ ଅଣ୍ଡକୋଷ, କୁରୁଣ୍ଡିଆ ।**

**ମୁଷ୍କଶୂନ୍ୟ *ବିଂ.*** ଅଣ୍ଡକୋଷହୀନ, ଖାସି ହୋଇଥିବା ।

**ମୁଷ୍ଟ *ବି.*** ଚୋରି ; ***ବିଂ.*** ଅପହୃତ ।

**ମୁଷ୍ଟି *ବି.*** ୧. ହାତର ମୁଠା ୨. ମୁଥ, ବିଧା ୩. ମୁଠାଏ ପରିମାଣ ୪. ଖଣ୍ଡାର ବେଣ୍ଟ ୫. ଧାତୁ ତରଳାଇବାପାତ୍ର ୬. ଘଣ୍ଟାପାଟଳୀ ଗଛ ।

**ମୁଷ୍ଟିକ *ବି.*** ୧. ଧାତୁ ତରଳାଇବା ପାତ୍ର ୨. ବଣିଆ ।

**ମୁଷ୍ଟିଦେଶ *ବି.*** ଧନୁମୁଠା ବା ମଧ୍ୟଦେଶ ।

**ମୁଷ୍ଟିବଦ୍ଧ *ବିଂ.*** ମୁଠାକରାଯାଇଥିବା ।

**ମୁଷ୍ଟିଭିକ୍ଷା *ବି.*** ଦ୍ୱାରେଦ୍ୱାରେ ବୁଲି ଏକ ମୁଠା ପରିମିତ ଚାଉଳ ଭିକ୍ଷା, ମୁଠିଭିକ ।

**ମୁଷ୍ଟିମାଡ଼ *ବି.*** ବିଧା ମାଡ଼ ।

**ମୁଷ୍ଟିମିତ *ବି.*** ସାମାନ୍ୟ, ମୁଠାଏ ପରିମିତ ।

**ମୁଷ୍ଟିମେୟ *ବିଂ.*** ଅଳ୍ପ ସଂଖ୍ୟକ, ହାତ ଗଣନ୍ତା ।

**ମୁଷ୍ଟ୍ୟାଘାତ *ବି.*** ବିଧା ମାଡ଼ ବା ମୁଥ ।

**ମୁସ୍‌କା *ବିଂ.*** ଧାରକାରୀ, ଋଣୀ ।

**ମୁସ୍‌ଡ଼ିବା *କ୍ରି.*** ମୁଷ୍ଟୁଣ୍ଡେଇ ପଶିବା, ଠେଲି ପେଲି ପଶିବା ।

**ମୁସ୍‌ବା *କ୍ରି.*** ବାଧା ନ ମାନି ଠେଲିପେଲି ଚାଲିଯିବା ।

**ମୁସ୍‌ତର *ବି.*** ମାଗଣା, ମାହାଳିଆ ।

**ମୁସ୍‌ରି *ବି.*** ମସୁର(ଡାଲି) ।

**ମୁସ୍‌ଲି *ବି.*** ଘରଛାତ ମଝିରେ ଥିବା ଲମ୍ବମାନ ବଡ଼ କାଠ ଖଣ୍ଡ ।

**ମୁସଲମାନ *ବି.*** ହଜରତ ମହମ୍ମଦଙ୍କ ପ୍ରବର୍ତ୍ତିତ ଧର୍ମାବଲମ୍ବୀ ବ୍ୟକ୍ତି ବା ସମ୍ପ୍ରଦାୟ ।

**ମୁସମା(ମ୍ମା) *ବି.ବିଂ.*** ମଜରା, ଠିକ୍‌ଠାକ୍‌ ।

**ମୁସଲଲ୍ଲୁମ୍‌ *ଅ.*** ଆଦୌ, ବିଲ୍‌କୁଲ ।

**ମୁସଲିମ *ବି.ବିଂ.*** ଇସ୍‌ଲାମ ସମ୍ବନ୍ଧିତ, ଇସ୍‌ଲାମ ଧର୍ମାବଲମ୍ବୀ ।

**ମୁସଲ୍ଲା *ବି.*** ନମାଜପାଠ ବେଳେ ମୁସଲମାନ ବ୍ୟକ୍ତି ମସ୍‌ଜିଦ୍‌ର ଯେଉଁ ସ୍ଥାନରେ ବସିଥାନ୍ତି ।

**ମୁସାଫିର୍‌ *ବି.*** ଭ୍ରମଣକାରୀ, ପରିବ୍ରାଜକ, ଯାତ୍ରୀ ।

**ମୁସାଫିରଖାନା *ବି.*** ପାନ୍ଥନିବାସ, ପାନ୍ଥଶାଳା, ଚଟିଘର ।

**ମୁସିଆରି *ବି.*** ବଡ଼ ଆକାରର କଣ୍ଟିଆ ମାଛ ।

**ମୁସିବତ୍‌ *ବି.*** କଷ୍ଟ, ବିପତ୍ତି, ସଙ୍କଟ, ହଇରାଣ ।

**ମୁସିବାଇ *ବି.*** ମାଉସୀ ।

**ମୁସ୍କିଲ୍‌ *ବିଂ.*** କଷ୍ଟକର, ମହା ଜଟିଳ, ଅତ୍ୟଧିକ ।

**ମୁସ୍ତ *ବି.*** ୧. ମୁଥା ଘାସ ୨. ଥର, ବାର , କିସ୍ତି ।

**ମୁସ୍ତକ *ବି.*** ୧. ମୁଥା ୨. ଜମିଜମା ବିଷୟ ।

**ମୁସ୍ତ(ସ୍ତା)ଫା *ବି.*** ହଜରତ ମହମ୍ମଦଙ୍କ ଅନ୍ୟତମ ନାମ ୨. ମୁସଲମାନଙ୍କ ଉଚ୍ଚ ବଂଶୋପାଧି ବା ସାଧାରଣ ପ୍ରଚଳିତ ନାମ ।

**ମୁସ୍ତରି *ବି.*** ସମ୍ପତ୍ତି କ୍ରୟକାରୀ, କ୍ରେତା ।

**ମୁସ୍ତାଜ(ଦା)ର *ବି.*** ଠିକାଦାର ।

**ମୁସ୍ତାଜରି *ବି.*** ଠିକାଦାରର କାର୍ଯ୍ୟ ।

**ମୁସ୍ତେଜ *ବିଂ.*** ୧. ପ୍ରସ୍ତୁତ ୨. ଉଦ୍ୟତ , ଉତ୍ତେଜିତ, ଆକ୍ରମଣୋଦ୍ୟତ ।

**ମୁହଁ *ବି.*** ୧. ମୁଖ, ବଦନ, ଚେହେରା ୨. ବଥ ଆଦିର ଅଗ୍ରଭାଗ ଯେଉଁଠି ଫୁଟି ପୂଜ ବାହାରେ ୩. ମାନମହତ, ସରମ ୪. ଆସ୍ପର୍ଦ୍ଧା, ଦୁଃସାହସ ୫. ଆଶ୍ରା, ମୋହବତ, ପ୍ରଶ୍ରୟ ।

**ମୁହଁଅନ୍ଧାର *ବି.*** ସନ୍ଧ୍ୟାପରେ ଓ ସକାଳ ପୂର୍ବର ଝାପସା ଅନ୍ଧାର ସମୟ ।

**ମୁହଁ ଆଣ୍ଠ *ବି.*** ମୁହଁ ଭୁରୁଡୁ, କଥାରେ ଦାମ୍ଭିକତା ।

**ମୁହଁଉପରେ କଥା କହିବା କ୍ରି.** ଧୃଷ୍ଟତାପୂର୍ବକ କଥା କହିବା ।

**ମୁହଁ କରିବା କ୍ରି.** ୧. କୌଣସି ଆଡ଼କୁ ମୁହଁ ବୁଲେଇବା ୨. ବଡ଼ପଣ ଦେଖେଇବା ୩. ରାଗରେ ତମ୍‌ତମ୍ ହେବା ।

**ମୁହଁ ଜଳା ପଡ଼ିବା କ୍ରି.** ୧. ମୁହଁ ଶୁଖିଲା ଦେଖାଯିବା ୨. ଅପବାଦ ଜନିତ ଶ୍ରୀହୀନ ଘଟିବା ୩. ବଦନାମ ହେବା ।

**ମୁହଁ ଜାଡ଼ିବା କ୍ରି.** ପ୍ରତିବାଦ କରିବା ।

**ମୁହଁ ଜାଡୁଆ ବିଂ.** ମୁଖର ।

**ମୁହଁକୁ ଏଡ଼େ କରିବା କ୍ରି.** କ୍ରୋଧ ବା ଅଭିମାନରେ ମୁହଁ ଫୁଲେଇବା ।

**ମୁହଁକୁ ଚାହିଁବା କ୍ରି.** ୧. ଅନୁକୂଳ ଚିନ୍ତା କରିବା ୨. ଉପ୍ରୋଧପଣିଆ କରିବା ୩. ମୁହଁ ଦେଖିବା ।

**ମୁହଁକୁ ମୁହଁ ନ ଦିଶିବା କ୍ରି.** ଘୋର, କିଟିକିଟିଆ ଅନ୍ଧାର ହେବା ।

**ମୁହଁକୁ ମୁହଁ ପକେଇବା କ୍ରି.** ୧. କଳିତକରାଳ କରିବା ୨. ପଦକୁ ପଦ ଜବାବ ଦେବା ।

**ମୁହଁଖର, ମୁହଁଖୋର ବିଂ.** କଟୁଭାଷୀ, ଜବାବଖୋର୍ ।

**ମୁହଁ ଖରାପ ବି.** କଟୁକଥା, ଅଶ୍ଳୀଳ କଥନ ।

**ମୁହଁଖାଇ ବିଂ.** କଳିହୁଡ଼ୀ ।

**ମୁହଁ ଖୋଲିବା କ୍ରି.** ୧. ନିଜ ମତ ପ୍ରକାଶ କରିବା ୨. ପାଟି ଫିଟେଇବା ୩. ଗୁପ୍ତ କଥା ପ୍ରଘଟ କହିବା ।

**ମୁହଁଗଲୁ ବି.** କଥା କହିବାକୁ ପାଟି ଖଲଖଲ ହେବା ।

**ମୁହଁଗାଲୁ ବି.** ଦାମ୍ଭିକତା, କୌଣସି ସତକଥାକୁ ନ ମାନିବା ।

**ମୁହଁଚାହାଣି ବି.** ନୂଆବୋହୂର ମୁହଁଦେଖା ଉପହାର, ମୁହଁଚାହାଁ ।

**ମୁହଁଚୋର ବିଂ.** ଚୋରମୁହାଁ, ଲାଜୁଆ ।

**ମୁହଁଛିଞ୍ଚତା ବି.** ବିରକ୍ତି ପ୍ରକାଶକ ମୁହଁ ଭଙ୍ଗୀ ।

**ମୁହଁ ଜଗିବା କ୍ରି.** ୧. ଅନିଷ୍ଟ ନ ଘଟିବା ପାଇଁ ସତର୍କ ହେବା ୨. ଅନ୍ୟକୁ ସନ୍ତୁଷ୍ଟ କଲାଭଳି କଥା କହିବା ।

**ମୁହଁ ଜଳିଯିବା କ୍ରି.** ଲଜ୍ଜାରେ ମୁହଁ ବିବର୍ଣ୍ଣ ହେବା ।

**ମୁହଁଜୋର୍(ରି) ବି.** ଦାମ୍ଭିକତା, ଭୁରୁଡୁ ; **ବିଂ.** ଭୁରୁଡା ।

**ମୁହଁଟାଣ ବି.** ଦାମ୍ଭିକତା ; **ବିଂ.** ଦାମ୍ଭିକ ।

**ମୁହଁ ତୁଟିବା କ୍ରି.** ଚକ୍ଷୁ ଲଜ୍ଜା ନ ରଖି ଜବାବ୍ ଓ ଗାଳିଦେବା ।

**ମୁହଁ ଦେଖାଇବା କ୍ରି.** ୧ ସମାଜରେ ମୁହଁ ଟେକି ଚାଲିବା ୨. ଆକସ୍ମିକ ଭାବେ ପହଞ୍ଚିଯିବା ୩. କିଛି କାମ ନ କରି ଖାଲି ଉପସ୍ଥାନ ଦେବା ।

**ମୁହଁ ଦେବା କ୍ରି.** କୌଣସି ବ୍ୟକ୍ତିକୁ ଅଯଥା ବା ଅନୁଚିତ ପ୍ରଶୟ ଦେବା ।

**ମୁହଁ ନ ଚାହିଁବା କ୍ରି.** ଘୃଣା ବା ବିରକ୍ତି ହେତୁ କୌଣସି ବ୍ୟକ୍ତି ସହିତ ସମ୍ପର୍କ ଛିନ୍ନ କରିବା, ତ୍ୟାଗ କରିବା, ମୁଖାବଲୋକନ ନ କରିବା ।

**ମୁହଁ ନାଳିଚିଆ ବି.** ଖାଦ୍ୟ ପଦାର୍ଥ ଦେଖିଲେ ପାଟିରୁ ଲାଳ ଗଡ଼ିବା, ଖାଦ୍ୟପ୍ରତି ଲୋଭ ।

**ମୁହଁ ପାଇବା କ୍ରି.** ଅନ୍ୟଠାରୁ ସାହସ ପାଇବା, ପ୍ରଶୟ ପାଇବା ।

**ମୁହଁ ପେଡ଼ି କରିବା କ୍ରି.** ରାଗ ବା ଅଭିମାନରେ ମୁହଁ ଫୁଲେଇବା ।

**ମୁହଁ ଫିକା ପଡ଼ିଯିବା କ୍ରି.** ମୁହଁ ତେଜହୀନ ହେବା, ଦୁଃଖ ଓ ସରମରେ ମୁହଁ ଶୁଖିଯିବା ।

**ମୁହଁଫିଟା ବିଂ.** କୌଣସି ସଂକୋଚ ନ ରଖି ଯେ କଥାବାର୍ତ୍ତା କରେ ।

**ମୁହଁ ଫୁଲା ବି.** ରାଗ, ଅଭିମାନରେ ମୁହଁ ଗମ୍ଭୀର ଦେଖାଯିବା ।

**ମୁହଁ ଫୁଲାଫୁଲି ବି.ବିଂ.** ପରସ୍ପରପ୍ରତି ଅଭିମାନ କରିବା ।

**ମୁହଁ ବଙ୍କା କରିବା କ୍ରି.** ୧. ବିମୁଖହେବା ୨. ଲଜ୍ଜିତ ହେବା ୩. ଅନ୍ୟକୁ ଲଜ୍ଜିତ କରିବା ।

**ମୁହଁବଢ଼ା ବି.** ଯା ନାହିଁ ତାହା କହିବାକୁ ପ୍ରଶ୍ରୟ ଦେବା; **ବିଂ.** ଉପରମୁହାଁ, ଉଦ୍ଧତ ।

**ମୁହଁ ବଢ଼ିବା କ୍ରି.** ୧. ଅବାଧ ହେବା ୨. ମୁଖରତା ବୃଦ୍ଧି ପାଇବା ।

**ମୁହଁବନ୍ଧ ବି. ଶଗଡ଼ ଅଖରେ ଲଗାଯିବା ଲୁହା ବଳୟ, ସମା ।**

**ମୁହଁ ବାଲିଙ୍ଗି ବି.** ବୃଥା ବାଚନିକ ଆସ୍ଫାଳନ, ଉଦ୍ଧତପଣିଆ ।

**ମୁହଁଭଗତି ବି.** ଅନ୍ତର ଭିତରେ ନଥାଇ ଖାଲି କଥାରେ ଭକ୍ତି ।

**ମୁହଁ ଭାଙ୍ଗିବା କ୍ରି.** ଜଣେ ଲୋକର ଅଯଥା କଥାକୁ ପ୍ରତିହତ କରିବା ।

**ମୁହଁ ଭୁରୁଡୁ ବି.** ଦାମ୍ଭିକତା ଦେଖେଇ ହେବା, ସତକଥାକୁ ଗ୍ରହଣ ନ କରି ତୁଚ୍ଛାରେ ରାଗ ଦେଖେଇବା ।

**ମୁହଁ ମାଡ଼ିବା କ୍ରି.** ଦୁଃଖ ବା ଲାଜରେ ତଳକୁ ମୁହଁ କରିବା ।

**ମୁହଁ ମାରିବା କ୍ରି.** ୧. ଗୋରୁ ଗାଈ, ଛେଳି, ବିଲେଇ, କୁକୁର ଆଦି ନ ଖାଇ ପଦାର୍ଥଟିକୁ ମୁହଁର ସ୍ପର୍ଶ ଦେବା ୨. କାମ ନଥାଇ ଖାଲିରେ ଦେଖାଚାହାଁ କରିଯିବା ୩. କୌଣସି ସ୍ଥାନକୁ ନାମକୁମାତ୍ର ଯିବା ।

**ମୁହଁମୋଡ଼ା ବି.** ହେୟଭାବ, ଅବଜ୍ଞା ।

**ମୁହଁ ମୋଡ଼ିବା କ୍ରି.** ନାପସନ୍ଦ କରିବାର ମୁଖ ଭଙ୍ଗୀ କରିବା ।

**ମୁହଁ ମୋଡ଼ି ରହିବା କ୍ରି.** ୧. କୌଣସି କଥାରେ ଅସଫଳ ହୋଇ ଲଜ୍ଜିତ ହୋଇ ରହିବା ୨. କୌଣସି କଥାକୁ ସମର୍ଥନ କରି ନ ପାରୁଥିବାରୁ ମୁହଁ ଲୁଚାଇବା ।

**ମୁହଁ ରଖିବା କ୍ରି.** ୧. କୌଣସି ବ୍ୟକ୍ତିର ସମ୍ମାନ ରଖିବା ୨. କଥା ରଖିବା ।

**ମୁହଁରକ୍ଷା ବି.** ମାନରକ୍ଷା, ଉପ୍ରୋଧ ରକ୍ଷା ।

**ମୁହଁରୁ ନାଳ ବୋହିବା କ୍ରି.** ଖାଦ୍ୟ ପଦାର୍ଥ ଦେଖି ଲୋଭାସକ୍ତ ହେବା, ଖାଇବାକୁ ଆତୁର ହେବା ।

**ମୁହଁରୁ ବରତିବା କ୍ରି.** ରକ୍ଷା ପାଇବା ।

**ମୁହଁରେ କାଳିଦେବା, କାଳି ବୋଳିବା କ୍ରି.** ଅପଦସ୍ଥ କରିବା, ଅପମାନିତ କରିବା ।

**ମୁହଁରେ ଜବାବ ଦେବା କ୍ରି.** ଗୁରୁଜନଙ୍କୁ ଅବାଧ୍ୟ ଭାବରେ ଉତ୍ତର ଦେବା ।

**ମୁହଁରେ ନିଆଁ** *ଅ.* ତୋତେ ମରଣ ହେଉ – ଏକ ପ୍ରକାର ଗାଳି ।
**ମୁହଁରେ ପାଲବିଣ୍ଡା(ଚୁଣ୍ଡା) ମାରିବା** *କ୍ରି.* ତୁନି ହୋଇ ରହିବା ।
**ମୁହଁରେ ବାଡ଼ ବତା ନଥିବା** *କ୍ରି.* କଥା କହିବାରେ ସଂଯମ ନଥିବା ।
**ମୁହଁରେ ଲାଗିବା** *କ୍ରି.* ଥରେ ଖାଇ ଭୁଲି ନପାରିବା, ଥରେ ଖାଇଥିବା ପଦାର୍ଥକୁ ପୁଣି ଖାଇବା ପାଇଁ ଲାଳାୟିତ ହେବା ।
**ମୁହଁସଞ୍ଜ** *ବି.* ସନ୍ଧ୍ୟାର ପୂର୍ବାବସ୍ଥା, ଗୋଧୂଳି ମୁହୂର୍ତ୍ତ ।
**ମୁହଁ ସମ୍ଭାଳିବା** *କ୍ରି.* ସାବଧାନ ପୂର୍ବକ କଥା କହିବା ।
**ମୁହଁ ସୁଆଗ, ମୁହଁ ସୁଆଗିଆ** *ବିଂ. ବି.* କଅଁଳକୁହା, ବାହ୍ୟ ଆଦର ।
**ମୁହଁ ହେବା** *କ୍ରି.* ୧. ବ୍ରଣ, ବଥ ଆଦିରୁ ପୂଜ ବାହାରିବା ବାଟ ହେବା ୨. ଘଳିଆ ହେବା ।
**ମୁହାଁ** *ବି.* ୧. ଗାଈଗୋରୁଙ୍କ ମୁଖ ରୋଗ ବିଶେଷ ୨. ମୁଆଁ ; *ବିଂ.* କୌଣସି ଦିଗକୁ ଉନ୍ମୁଖ ।
**ମୁହାଁଇବା** *କ୍ରି.* ୧. କୌଣସି ଆଡକୁ ଯିବା ୨. ଦହି ମନ୍ଥିବା ୩. ଗୋରୁଗାଈଙ୍କୁ କୁଣ୍ଡା ଚୋକଡ ଗୋଳି ଖୁଆଇବା ୪. ଚୁଲିରେ ଜାଳ ପୂରେଇବା ।
**ମୁହାଁମୁହିଁ** *ବିଂ.କ୍ରି.* ପରସ୍ପର ସମ୍ମୁଖୀନ, ସାମନାସାମନି ।
**ମୁହାଁସ** *ବି.* ୧. ବଡ଼ପଣ ୨. ଅଭିଳାଷ ୩. ବିଷୟାସକ୍ତି ୪. ମାୟାମମତା ୫. ସ୍ନେହ ।
**ମୁହାଣ** *ବି.* ୧. ନଦୀ ସମୁଦ୍ରରେ ପଡ଼ିଥିବା ସଂଗମ ସ୍ଥଳ ୨. ଚୁଲିରେ ଜାଳ ଦେବା ବା ପେଲିବା ୩. ପୋଖରୀରୁ ପାଣି ବାହାରକୁ ଯିବା ପାଇଁ କରାଯାଉଥିବା ମାହାରା ।
**ମୁହିଁ** *ସ.* ମୁଁ ।
**ମୁହାଁ** *ବିଂ.* ମୁଖଯୁକ୍ତ ।
**ମୁହୁରତ୍** *ବି.* ୧. ଶୁଭ ସମୟ ବା ମୁହୂର୍ତ୍ତ ୨. ସିନେମା ପ୍ରଭୃତି ନିର୍ମାଣର ଶୁଭାରମ୍ଭ ।
**ମୁହୁର୍ମୁହୁଃ** *ଅ.କ୍ରି.ବିଂ.* ଘନ ଘନ, ଥରକୁ ଥର, ବାରମ୍ବାର ।
**ମୁହୂର୍ତ୍ତ** *ବି.* ୧. ଦିବାରାତ୍ରିର ତିରିଶ ଭାଗରୁ ଏକ ଭାଗ, ୪୮ ମିନିଟ ୨. ଏକ ଦଣ୍ଡ ୩. ଅତି ଅଳ୍ପ ସମୟ ।
**ମୁହେଁ ମୁହେଁ** *କ୍ରି.ବିଂ.* ମୁହଁ ଉପରେ, ଉପରୋଧ ନ ରଖି ।
**ମୁହ୍ୟମାନ** *ବିଂ.* ୧. ମୋହପ୍ରାପ୍ତ, ମୂର୍ଚ୍ଛା ଯାଇଥିବା ୨. ଅଭିଭୂତ ।
**ମୁହ୍ଲାଜା** *ବି.* ମୁଲାହିଜା, ଉପରୋଧ ।
**ମୂକ** *ବି.ବିଂ.* କଥା କହିବାର ଶକ୍ତି ନଥିବା, ବାକ୍‌ଶକ୍ତି ରହିତ, ଘୁଙ୍ଗା ।
**ମୂକ ସାକ୍ଷୀ** *ବି.* ନୀରବ ଦର୍ଶକ ।
**ମୂଢ଼** *ବିଂ.* ୧. ଜ୍ଞାନହୀନ, ବିଦ୍ୟା ବୁଦ୍ଧି ନ ଥିବା ୨. ଜଡ଼, ମୋହଗ୍ରସ୍ତ ।
**ମୂଢ଼ପଣ** *ବି.* ନିର୍ବୋଧତା, ଜ୍ଞାନହୀନତା, ମୂର୍ଖତା ।
**ମୂଢ଼ମତି** *ବିଂ.* ଯାହାର ବୁଝିବାର କ୍ଷମତା ନାହିଁ ।
**ମୂତ, ମୂତ୍ର** *ବି.* ପରିସ୍ରା, ପିଶାବ୍ ।
**ମୂତିବା** *କ୍ରି.* ପ୍ରସ୍ରାବ କରିବା, ପରିସ୍ରା କରିବା, ଏକ ଯିବା ।
**ମୂତୁରା** *ବିଂ.* ମୁତୁରା ।
**ମୂତ୍ରତ୍ୟାଗ** *ବି.* ପରିସ୍ରା ବା ପ୍ରସ୍ରାବ କରିବା, ମୁତିବା ।
**ମୂତ୍ରଦାହ** *ବି.* ପରିସ୍ରା ପୋଡ଼ା ।
**ମୂତ୍ରନଳୀ** *ବି.* ମୂତ୍ରଥଳିରୁ ବାହାରକୁ ପରିସ୍ରା ଆସିବାର ବାଟ ।
**ମୂତ୍ରପୁଟ** *ବି.* ତଳିପେଟ, ମୂତ୍ରାଶୟ ।
**ମୂତ୍ରପୁରୀଷ** *ବି.* ମୂତ ଓ ଗୁହ ।
**ମୂତ୍ର ପ୍ରଦାହ** *ବି.* ପରିସ୍ରାଦ୍ୱାର ପୋଡ଼ାଜଳା ।
**ମୂତ୍ରାଶୟ** *ବି.* ମୂତ୍ରସ୍ଥଳୀ, ଶରୀରର ଯେଉଁ ଅଙ୍ଗରେ ମୂତ୍ର ରହେ ।
**ମୂରତି** *ବି.* ମୂର୍ତ୍ତି; କାଠ, ମାଟି, ପଥର ଆଦି ବିଭିନ୍ନ ମାଧ୍ୟମରେ ତିଆରି କୌଣସି ଜୀବ/ପଦାର୍ଥର ପ୍ରତିରୂପ ।
**ମୂରୁଛିବା** *କ୍ରି.* ଛାଡ଼ିବା, ମୂର୍ଚ୍ଛିବା, ତ୍ୟାଗ କରିବା ।
**ମୂର୍ଖ** *ବିଂ.ବି.* ୧. ନିର୍ବୋଧଲୋକ, ଅଜ୍ଞ ୨. ଅଶିକ୍ଷିତ, ଅପାଠୁଆ ।
**ମୂର୍ଖାମି** *ବି.* ମୂର୍ଖତା, ଜ୍ଞାନହୀନତା ।
**ମୂର୍ଚ୍ଛନା** *ବି.* ସଙ୍ଗୀତରେ ସପ୍ତସ୍ୱରର ଆରୋହ ଅବରୋହ ବିଶେଷ ।
**ମୂର୍ଚ୍ଛା** *ବି.* ୧. ଚେତନା ଲୋପ ପାଇବା ୨. ଉନ୍ମାଦ ରୋଗ ୩. ଅପସ୍ମାର ରୋଗ ।
**ମୂର୍ଚ୍ଛାଗତ** *ବିଂ.* ଚେତନା ହରାଇଥିବା ।
**ମୂର୍ଚ୍ଛାଭଙ୍ଗ** *ବି.* ମୂର୍ଚ୍ଛାପରେ ଚେତନା ଫେରିପାଇବା ।
**ମୂର୍ଚ୍ଛିତ** *ବିଂ.* ବେହୋସ, ମୂର୍ଚ୍ଛାପ୍ରାପ୍ତ, ମୂର୍ଚ୍ଛାପ୍ରାପ୍ତ, ଅଚେତନ ।
**ମୂର୍ତ୍ତ** *ବିଂ.* ସାକାର, ରୂପଧାରୀ ।
**ମୂର୍ତ୍ତି** *ବି.* ୧. ପ୍ରତିମା ୨. ରୂପ, ଆକୃତି ୩. ବ୍ରାହ୍ମଣ ଓ ବୈଷ୍ଣବଙ୍କ ସଂଖ୍ୟା/ଗୋଟି (ତିନିମୂର୍ତ୍ତି ବୈଷ୍ଣବ) ।
**ମୂର୍ତ୍ତିକାର** *ବି.* ପ୍ରତିମା ତିଆରି କରୁଥିବା, ବ୍ୟକ୍ତି ।
**ମୂର୍ତ୍ତିକିଆ** *ବି.* ମୃତାହ, ଶୌଚ, ଜ୍ଞାତି ବା ପରିବାରରେ ମୃତ୍ୟୁଜନିତ ଅଶୌଚ, ମିରକିତିଆ ।
**ମୂର୍ତ୍ତିଧାରଣ** *ବି.* ରୂପଧରିବା, ଜୀଅନ୍ତା ଶରୀରରେ ଉଭା ହେବା ।
**ମୂର୍ତ୍ତିଧାରୀ** *ବିଂ.* ଯେ ରୂପ ଧରିଥାଏ ।
**ମୂର୍ତ୍ତି ପୂଜକ** *ବି.ବିଂ.* ପ୍ରତିମା ପୂଜକ ।
**ମୂର୍ତ୍ତିପୂଜା** *ବି.* ପ୍ରତିମା ପୂଜା ।
**ମୂର୍ତ୍ତିମନ୍ତ** *ବିଂ.* ମୂର୍ତ୍ତିମାନ, ଶରୀରଧାରୀ ।
**ମୂର୍ତ୍ତିମାନ୍** *ବିଂ.* ମୂର୍ତ୍ତିବିଶିଷ୍ଟ, ଦେହଧାରୀ, ସାକାର, ଶରୀରଧାରୀ ।
**ମୂର୍ତ୍ତିଯୁକ୍ତ** *ବିଂ.* ଯାହାର ରୂପ ଅଛି ।
**ମୂର୍ତ୍ତିହୀନ** *ବିଂ.* ନିରାକାର, ଅଶରୀରୀ, ରୂପ ନ ଥିବା ।
**ମୂର୍ତ୍ତିମୂଳ** *ବି.* (ଶ୍ରୀମନ୍ଦିର) ନୈବେଦ୍ୟକୁ ଉପଯୁକ୍ତ ଭାବେ ସଜାଇ ଅର୍ପଣ ଯୋଗ୍ୟ କରିବା ।

**ମୂର୍ଦ୍ଧନା, ମୂର୍ଦ୍ଧନି** *ବି.* ୧. ମୁଣ୍ଡ ୨. ପାହାଡ଼ର ଅଗ୍ରଭାଗ ।

**ମୂର୍ଦ୍ଧନାପାତ** *ବି.* ମୁଣ୍ଡକାଟ ।

**ମୂର୍ଦ୍ଧନା ଫାଟିବା** *କ୍ରି.* ମରିବା ।

**ମୂର୍ଦ୍ଧନି** *ବି.* ଶ୍ରେଷ୍ଠ ।

**ମୂର୍ଦ୍ଧନ୍ୟ** *ବି.* ମୂର୍ଦ୍ଧନ୍ୟ ବର୍ଣ୍ଣ (ଟ ବର୍ଗ); **ବିଂ. ମୁଣ୍ଡରୁ ଜାତ, ମସ୍ତକୋତ୍ପନ୍ନ ।**

**ମୂର୍ଦ୍ଧା** *ବି.* ୧. ମସ୍ତକ, ମୁଣ୍ଡ ୨. ତାଳୁ ୩. ଜ୍ୟାମିତିକ କ୍ଷେତ୍ରର ଭୂମି ।

**ମୂଳ** *ବି.* ୧. ଗଛର ଚେର ୨. ଆରମ୍ଭ ୩. ମୋଟାମୋଟି ୪. ପ୍ରଧାନ ୫. ଅସଲ ୬. ଶସ୍ତ୍ରର ବେଣ୍ଟ; **ବିଂ. ଆଦ୍ୟ, ପ୍ରଥମ, ପ୍ରଧାନ ।**

**ମୂଳକ** *ବି.* ମୂଳା ; **ବିଂ.** ସମ୍ବନ୍ଧୀୟ, କାରଣ ସମ୍ବନ୍ଧିତ ।

**ମୂଳ କଥା** *ବି.* ପ୍ରଧାନ କଥା ।

**ମୂଳ କଳନ୍ତର** *ବି.* ସୁଧମୂଳ ।

**ମୂଳକାଟ** *ବି.* ମୂଳପୋଛ, ମୂଳରୁ କାଟିଦେବା, ସମୂଳ ଉଚ୍ଛେଦ, ଗଛର ମୂଳ ଛେଦନ ।

**ମୂଳକାରଣ** *ବି.* ସୃଷ୍ଟି, ଜନ୍ମ ବା ଉତ୍ପତ୍ତିର ପ୍ରଥମ ବା ପ୍ରଧାନ କାରଣ ।

**ମୂଳକାରିକା** *ବି.* ୧. ମୂଳଧନର ବୃଦ୍ଧି ୨. ମୂଳଗ୍ରନ୍ଥର ଅର୍ଥ ପ୍ରକାଶକ ଟୀକା ।

**ମୂଳଗରିଡ଼ି)** *ବି.* ଚାଳଘରର ଛପର ଅଂଶର ପ୍ରଥମ ଭାଗ ।

**ମୂଳ ଛେଦ** *ବି.* ଗଛର ମୂଳ କାଟିବା, ଚେର କାଟିବା ।

**ମୂଳତଃ** *ଅ.* ପ୍ରଥମତଃ, ମୂଳରୁ ।

**ମୂଳଦୁଆ** *ବି.* ଘରର ପ୍ରଥମ ପିଢ଼, ଭିତ୍ତି, ପୁନାଦି ।

**ମୂଳଧନ** *ବି.* ୧. ବ୍ୟବସାୟରେ, ବ୍ୟବହୃତ ଧନ ୨. ପାଣ୍ଠି ।

**ମୂଳନୀତି** *ବି.* ୧. ପ୍ରଥମ ନିୟମ ୨. ପ୍ରାରମ୍ଭିକ ଧାରା ।

**ମୂଳପିଣ୍ଡ** *ବି.* ୧. ଆଳୁ ଆଦିର ମୂଳ ୨. ଭିତ୍ତି ।

**ମୂଳପୋଛ** *ବି.* ସମୂଳେ ବିନାଶ ।

**ମୂଳମନ୍ତ୍ର** *ବି.* ୧. ବୀଜମନ୍ତ୍ର ୨. ପ୍ରଧାନ ଉଦ୍ଦେଶ୍ୟ ।

**ମୂଳସୂତ୍ର** *ବି.* ପ୍ରଥମ ନିୟମ ।

**ମୂଳା** *ବି.* ୧. ଏକ ନକ୍ଷତ୍ରର ନାମ ୨. ମାଟି ତଳେ ହେବା ଏକ ପରିବା ।

**ମୂଳାଧାର** *ବି.* ୧. ମୂଳ କାରଣ ୨. ଗୁହ୍ୟ ଓ ଲିଙ୍ଗର ମଧ୍ୟବର୍ତ୍ତୀ ଜାଗା ।

**ମୂଳାଷ୍ଟମୀ** *ବି.* ଆଶ୍ୱିନ କୃଷ୍ଣ ଅଷ୍ଟମୀ ।

**ମୂଳି** *ବି.* ୧. ଔଷଧଭାବେ ବ୍ୟବହୃତ ଉଦ୍ଭିଦ ମୂଳ ୨. ବାଉଁଶର ମୂଳ ୩. ମୂଳ ନିକଟସ୍ଥ ।

**ମୂଳିଆ ଠେଙ୍ଗା** *ବି.* ମୂଳ ବାଉଁଶରେ ତିଆରି ଠେଙ୍ଗା ।

**ମୂଳିଆ ସୁଆଁସିଆ** *ବି.* **ଶ୍ରୀମନ୍ଦିରରେ ସୁଆଁସିଆ ସେବକ ବିଶେଷ ।**

**ମୂଳିକ** *ବି.* ସନ୍ୟାସୀ, ଯୋଗୀ ।

**ମୂଳି ବାଉଁଶ** *ବି.* ୧. ବାଉଁଶର ମୂଳାଂଶ ୨.ଏକ ପ୍ରକାର କଣ୍ଟା ବାଉଁଶ ।

**ମୂଳୀୟ** *ବିଂ.* ମୂଳ ସମ୍ବନ୍ଧୀୟ ।

**ମୂଳୁ** *ଅ.* ପ୍ରଥମରୁ ।

**ମୂଳେ** *ଅ.* ଜରିଆରେ, ସମ୍ମୁଖରେ, କାରଣରେ ।

**ମୂଳୋଚ୍ଛେଦ** *ବି.* ମୂଳ କାଟିବା ।

**ମୂଳୋତ୍ଖାତ** *ବି.* ୧. ଗଛର ମୂଳ ଉପାଡ଼ିଦେବା ୨. ନିର୍ମୂଳ କରିଦେବା ।

**ମୂଳୋତ୍ପାଟନ** *ବି.* ଗଛର ମୂଳ ଓପାଡ଼ିବା, ସମ୍ପୂର୍ଣ୍ଣ ନାଶ କରିବା ।

**ମୂଲ** *ବି.* ମୂଲ୍ୟ, ମଜୁରୀ ।

**ମୂଲ କରିବା** *କ୍ରି* ଦରଦାମ କରିବା, ଦର **ଛିଣ୍ଡେଇବା ।**

**ମୂଲଚାଲ** *ବି.* ଦରଦାମ, ଦର ମୂଲାଇବା ।

**ମୂଲପାତି** *ବି.* ଦୈନିକ କାମଧନ୍ଦାର ମଜୁରି ।

**ମୂଲିଆ** *ବି.* ଶ୍ରମିକ, ଖଟିଖିଆ, ମଜୁରିଆ ।

**ମୂଲ୍ୟ** *ବି.* ୧. ଦ୍ରବ୍ୟାଦିର ଦାମ ୨. ଯୋଗ୍ୟତା ।

**ମୂଲ୍ୟବାନ** *ବିଂ.* ୧. ଦାମୀ, କ୍ରୟ ନିମିତ୍ତ ଯାହାର ଦର ଅଧିକ ୨. ମହତ୍ତ୍ୱପୂର୍ଣ୍ଣ ।

**ମୂଲ୍ୟହୀନ** *ବିଂ.* ଅସାର, ନିରର୍ଥକ ।

**ମୂଲ୍ୟାବଧାରଣ** *ବି.* ଦର ଠିକ୍ କରିବା, ମୂଲ୍ୟ ନିର୍ଦ୍ଧାରଣ ।

**ମୂଷା** *ବି.* ଗାତ ବା ଚାଳ ପ୍ରଭୃତିରେ ରହୁଥିବା ଏକ ପ୍ରକାର କ୍ଷୁଦ୍ର ଜୀବ ।

**ମୂଷା ଗାତ** *ବି.* ମୂଷା ଖୋଳିଥିବା ଗାତ ।

**ମୂଷାଜନ୍ତା** *ବି.* ମୂଷାଧରା ଯନ୍ତ୍ର ।

**ମୂଷାଦାନ୍ତିଆ** *ବିଂ.* ଯାହାର ଦାନ୍ତ ଛୋଟ ଓ ତୀକ୍ଷ୍ଣ ।

**ମୂଷିକ, ମୂଷୀକ** *ବି.* ୧. ମୂଷା ୨. ଚୋର ୩. ଶିରୀଷ ଗଛ ।

**ମୂଷିକବାହନ** *ବି.* ମୂଷା ବାହନ ଯାହାର-ଗଣେଶ ।

**ମୃଗ** *ବି.* ୧. ହରିଣ ୨. ପଶୁ ।

**ମୃଗଚର୍ମ** *ବି.* ମୃଗ ଛାଲ ।

**ମୃଗତୃଷ୍ଣା** *ବି.* ମରୀଚିକା, ସୂର୍ଯ୍ୟ କିରଣରେ ସୃଷ୍ଟି ହେବା ଜଳଭ୍ରମ ।

**ମୃଗନୟନା, ମୃଗନୟନୀ** *ବି.ବିଂ.* ମୃଗ ଆଖିଭଳି ଚଳଚଞ୍ଚଳ ନେତ୍ର ଯୁକ୍ତ ନାରୀ ।

**ମୃଗନାଭି** *ବି.* କସ୍ତୁରୀ ।

**ମୃଗପତି** *ବି.* ସିଂହ ।

**ମୃଗବାହନ** *ବି.* ବାୟୁ ।

**ମୃଗମଦ** *ବି.* କସ୍ତୁରୀ ।

**ମୃଗୟା** *ବି.* ଶିକାର ।

**ମୃଗରାଜ** *ବି.* ସିଂହ ।

**ମୃଗଶିରା** *ବି.* ୧. ଜ୍ୟୋତିଷଶାସ୍ତ୍ର ବର୍ଣ୍ଣିତ ୨୭ ନକ୍ଷତ୍ର ମଧ୍ୟରୁ ୫ମ ନକ୍ଷତ୍ର ୨. ହରିଣର ମୁଣ୍ଡ ।

**ମୃଗାଙ୍କ** *ବି.* ୧. ଚନ୍ଦ୍ର ୨. ବାୟୁ ୩. କର୍ପୂର ୪. ଚନ୍ଦ୍ରରେ କଳଙ୍କ ।

**ମୃଗାଙ୍କଶେଖର** *ବି.* ମହାଦେବ ।

**ମୃଗାଜିନ** *ବି.* ହରିଣର ଚମଡ଼ା ।

**ମୃଗାକ୍ଷୀ** *ବି.* ୧. ମହାକାଳ ଲତା ୨. ହରିଣର ଆଖିପରି ସୁନ୍ଦର ଆଖିଥିବା ନାରୀ ।

**ମୃଗି, ମୃଗୀ** *ବି.* ୧. ହରିଣୀ ୨. ମିରିଗୀ, ମୂର୍ଚ୍ଛାରୋଗ ।

**ମୃଗୁଣୀ** *ବି.* ହରିଣୀ ।

**ମୃଗେନ୍ଦ୍ର** *ବି.* ସିଂହ ।

**ମୃଣାଳ** *ବି.* ୧. ପଦ୍ମନାଡ଼, ପଦ୍ମମୂଳ ୨. ବେଣାମୂଳ ।

**ମୃଣ୍ମୟ** *ବିଂ.* ମାଟିରେ ତିଆରି ।

**ମୃଣ୍ମୟ ପ୍ରତିମା** *ବି.* ମାଟିର ମୂର୍ତ୍ତି ବା ପିତୁଳା ।

**ମୃତ୍** *ବି.* ମୃତ୍ତିକା, ମାଟି ।

**ମୃତ୍କାର** *ବି.* କୁମ୍ଭାର, କୁମ୍ଭକାର ।

**ମୃତ୍ପାତ୍ର** *ବି.* ମାଟିରେ ତିଆରି ଘଟ, ମାଠିଆ, କଳସ ।

**ମୃତ** *ବିଂ.* ୧. ମରିଥିବା , ମରଣ ଲଭିଥିବା ୨. ଲୁପ୍ତ ।

**ମୃତକ** *ବି.* ୧. ଶବ ୨. ମୃତିକିଆ, ମରଣ ଅଶୌଚ ।

**ମୃତକଳ୍ପ** *ବିଂ.* ମୃତପ୍ରାୟ ।

**ମୃତଦାର** *ବିଂ.* ଯାହାର ସ୍ତ୍ରୀ ମରିଯାଇଥାଏ, ବିପତ୍ନୀକ।

**ମୃତପତ୍ନୀକ** *ବି.ବିଂ.* ପତ୍ନୀ ମରିସାରିଥିବା ପତି ।

**ମୃତବତ୍ସା** *ବି.ବିଂ.* ୧. ମଲା ବାଛୁରୀ ଜନ୍ମ କରିଥିବା ଗାଈ ୨. ମଲାଛୁଆ ଜନ୍ମ କରିଥିବା ନାରୀ ।

**ମୃତସଂଜୀବନୀ** *ବି.* ଯେଉଁ ମନ୍ତ୍ର ବା ବିଦ୍ୟାବଳରେ ମୃତକୁ ଜୀବିତ କରିହୁଏ ବୋଲି ବିଶ୍ୱାସ ।

**ମୃତସଂଜୀବନୀ ମନ୍ତ୍ର** *ବି.* ମୁମୂର୍ଷୁ ବ୍ୟକ୍ତିକୁ ବଞ୍ଚାଇବା ପାଇଁ ପାଠକରାଯାଉଥିବା ମନ୍ତ୍ର ବିଶେଷ ।

**ମୃତ ସ୍ନାନ** *ବି.* ଶବ ଦାହ ପରେ କରାଯିବା ସ୍ନାନ ।

**ମୃତାହ** *ବି.* ମୃତ୍ୟୁ ଦିବସ, ଅନ୍ତ୍ୟେଷ୍ଟିକ୍ରିୟା ।

**ମୃତାହ କର୍ମ** *ବି.* ଶୁଦ୍ଧିକ୍ରିୟା ।

**ମୃତିକା, ମୃତ୍ତିକା** *ବି.* ମାଟି ।

**ମୃତିକିଆ** *ବି.* କୌଣସି ବ୍ୟକ୍ତିର ମୃତ୍ୟୁପରେ ପରିବାର ବା ଜ୍ଞାତି କୁଟୁମ୍ବ ପାଳନ କରୁଥିବା ଅଶୌଚ କାମ, ମିରକିଡିଆ, ମରଣାଶୌଚ ।

**ମୃତ୍ୟୁ** *ବି.* ମରଣ ।

**ମୃତ୍ୟୁଞ୍ଜୟ** *ବି.* ଶିବ ।

**ମୃତ୍ୟୁଞ୍ଜୟ ମନ୍ତ୍ର** *ବି.* ଶିବଙ୍କୁ ଜପକରିବାର ମନ୍ତ୍ର ବିଶେଷ ।

**ମୃତ୍ୟୁଭୟ** *ବି.* ମରିବାର ଆଶଙ୍କା, ମରଣ ଆତଙ୍କ ।

**ମୃତ୍ୟୁମୁଖ** *ବି.* ଆସନ୍ନମୃତ୍ୟୁ, ମରିବାକୁ ଯାଉଥିବା, ଚରମ ମୁହୂର୍ତ୍ତ ।

**ମୃତ୍ୟୁଯୋଗ** *ବି.* ଅଶୁଭ ଯୋଗ, ମୃତ୍ୟୁ ଘଟିବାର (ଜ୍ୟୋତିଷ ଶାସ୍ତ୍ରୋକ୍ତ) ଯୋଗ, ମାରକ ଯୋଗ ।

**ମୃତ୍ୟୁ ଶଯ୍ୟା** *ବି.* ଆସନ୍ନମୃତ୍ୟୁ ଜନିତ ଅବସ୍ଥା ।

**ମୃଦ୍‌ଘଟ** *ବି.* ମାଟିରେ ତିଆରି କଳସ ବା ମାଠିଆ ।

**ମୃଦଙ୍ଗ** *ବି.* ଖୋଳ, ମାଟିରେ ତିଆରି ଦି' ପାଖରେ ଚମଡ଼ା ଛାଉଣି ଦିଆ ବାଦ୍ୟଯନ୍ତ୍ର, ମୁରୁଦୁଙ୍ଗ୍ ।

**ମୃଦଙ୍ଗିଆ** *ବି.* ଯେ ମୃଦଙ୍ଗ ବାଏ ବା ବଜାଏ ।

**ମୃଦୁ** *ବିଂ.* ୧. ନମ୍ର ୨. କୋମଳ ୩. ଲଘୁ ୪. କ୍ଷୀଣ ୫. ଅନୁଚ୍ଚ ୬. ଶାନ୍ତ ।

**ମୃଦୁଅଙ୍ଗୀ** *ବିଂ.* କୋମଳ ଶରୀରବିଶିଷ୍ଟ ।

**ମୃଦୁଗମ୍ଭୀର** *ବିଂ.* ଧୀର ଅଥଚ ଗାମ୍ଭୀର୍ଯ୍ୟପୂର୍ଣ୍ଣ ।

**ମୃଦୁଜଳ** *ବି.* ଲବଣ ବା କ୍ଷାର ଅଂଶ ନଥିବା ଜଳ ।

**ମୃଦୁଭାବ** *ବି.* କୋମଳ ଭାବ ; *ବିଂ.* କୋମଳ ଭାବଯୁକ୍ତ ।

**ମୃଦୁମନ୍ଦ** *ବିଂ.* ଧୀରମନ୍ଥର ।

**ମୃଦୁମଳୟ** *ବି.* ଧୀରଭାବରେ ପ୍ରବାହିତ ଦକ୍ଷିଣା ପବନ, ଧୀର ସମୀର ।

**ମୃଦୁଳ** *ବି.* ଅଗୁରୁ ବିଶେଷ; *ବିଂ.* କୋମଳ, ଧୀର ।

**ମୃଦୁଳା** *ବି.* ଫୁଲ ବିଶେଷ ; *ବିଂ.* କୋମଳାଙ୍ଗୀ ।

**ମୃଦୁସ୍ୱଭାବ** *ବି.* ଧୀର ପ୍ରକୃତି ।

**ମୃଦୁହାସ(ସ୍ୟ)** *ବି.* ମୁରୁକି ହସ ।

**ମେ** *ବି.* ମଇ, ଏପ୍ରିଲ ପରବର୍ତ୍ତୀ ମାସର ନାମ ।

**ମେ ମେ ହେବା** *କ୍ରି.* ୧. ଆର୍ତ୍ତନାଦ କରିବା ୨. ଛେଳି ବୋବାଇବା ।

**ମେଉଆ** *ବି.* ୧. ଏକ ପ୍ରକାରର ଖାଇବା ଫଳ ୨. ମେଘୁଆ, ପିଜୁଳି ।

**ମେକପ୍** *ବି.* ପ୍ରସାଧନ ।

**ମେକପ୍ କରିବା** *କ୍ରି.* ୧. ଭରଣା କରିବା, ଯାହା କ୍ଷତି ବା ଅସୁବିଧା ହୋଇଛି ତା'ର ପୂରଣ କରିବା ୨. ପ୍ରସାଧନ କରିବା ୩. ନାଚ, ନାଟକ ପ୍ରଭୃତିର କଳାକାରଙ୍କୁ ସାଜ କରିବା।

**ମେକାପ** *ବି.* ଶ୍ରୀ ଜଗନ୍ନାଥ ମନ୍ଦିରର ବସ୍ତ୍ର ଭୂଷଣ ସାଇତି ରଖିବା ସେବକ ।

**ମେଖ** *ବି.* ୧. କିଳା ୨. କଣ୍ଟା ୩. ବାଧା ।

**ମେଖଡ଼** *ବି.* ବିବାଦ, ବିଘ୍ନ ।

**ମେଖଡ଼ିଆ** *ବିଂ.* କଳିହୁଡା ।

**ମେଖଳା** *ବି.* ୧. ଅଣ୍ଟାସୂତା ୨. ପାହାଡ଼ର ତଳଦେଶ ୩. ହୋମକୁଣ୍ଡର ଚାରିପାଖରେ କରାଯାଉଥିବା ମାଟିର ହିଡ଼ ।

**ମେଗୁଆ** *ବି.* ମେଉଆ, ଚାଉଳିଆ, ମାୟା, ପିଜୁଳି ।
**ମେଘ** *ବି.* ୧. ବାଦଲ ୨. ବର୍ଷା ।
**ମେଘଗର୍ଜନ** *ବି.* ଘଡ଼ଘଡ଼ି ଶବ୍ଦ ।
**ମେଘଡମ୍ବରୁ** *ବି.* ୧. ଘଡ଼ଘଡ଼ିର ଧ୍ୱନି ୨. ବଡ଼ ଚାନ୍ଦୁଆ ୩. ମେଘାଡମ୍ବର, ଏକ ପ୍ରକାର ଛତା ।
**ମେଘନାଦ ପାଚିରି(ପାଚେରୀ)** *ବି.* ୧. ମନ୍ଦିର ବା ରାଜବାଟୀର ବାହାର ବେଢ଼ା, ଚାରିପାଖରେ ଥିବା ଉଚ୍ଚ ପାଚେରୀ ୨. ଶ୍ରୀଜଗନ୍ନାଥ ମନ୍ଦିର ବେଢ଼ା ଚତୁଃପାର୍ଶ୍ୱସ୍ଥ ପ୍ରାଚୀର ।
**ମେଘବାହନ** *ବି.* ଇନ୍ଦ୍ର ।
**ମେଘମଲ୍ଲାର** *ବି.* ଶାସ୍ତ୍ରୀୟ ସଙ୍ଗୀତର ରାଗ ବିଶେଷ ।
**ମେଘା** *ବିଂ.* ମେଘୁଆ ; *ବି.* ବାଦ୍ୟଯନ୍ତ୍ର ବିଶେଷ ।
**ମେଘାଚ୍ଛନ୍ନ** *ବିଂ.* ମେଘ ଢଙ୍କା, ମେଘୁଆ ।
**ମେଘାଡମ୍ବର** *ବି.* ମେଘ ଡମ୍ବରୁ, ଏକ ପ୍ରକାର ଚାନ୍ଦୁଆ ବା ଛତ୍ର ।
**ମେଘୁଆ** *ବିଂ.* ବାଦଲିଆ, ମେଘ ଘୋଟି ରହିଥିବା ; *ବି.* ପିଜୁଳି, ମାୟା, ଏକ ପ୍ରକାରର ଫଳ ।
**ମେଚଡ଼, ମେଞ୍ଚଡ** *ବି.* ୧. ଖର୍ବକାୟ ୨. ଅତିଅଳ୍ପ ବୟସ୍କ (ପିଲା) ।
**ମେଚ୍ଛା** *ବି.* ନିଶ ।
**ମେଚ୍ଛେଲ୍‌ଲୁ** *ବି.* ନିଶୁଆ ।
**ମେଜ** *ବି.* ଟେବୁଲ ।
**ମେଜର୍** *ବି.* ୧. ପଦାତିକ ବାହିନୀର ଉପାଧି ୨. ସାବାଳକ ।
**ମେଜରମେଣ୍ଟ** *ବି.* ମାପଚୁପ, ମାପ ।
**ମେଜାଜ୍** *ବି.* ମିଜାସ, ମନର ଅବସ୍ଥା, ପ୍ରକୃତି ।
**ମେଜିଆ** *ବି.* ଘରର ତଳ, ଚଟାଣ ।
**ମେଜିକ୍** *ବି.* ଭେଲିକି, କୁହୁକ, ଭୋଜବାଜି, ଯାଦୁବିଦ୍ୟା ।
**ମେଜିଷ୍ଟ୍ରେଟ୍** *ବି.* ମାଜିଷ୍ଟ୍ରେଟ, ଶାସନକର୍ତ୍ତା, ବିଚାରକ ।
**ମେଜେଟ୍** *ବି.* ମଂଜୁଆତି, ବେଙ୍ଗାଟି ।
**ମେଞ୍ଜ** *ବି.* ମାଛର ମଞ୍ଜି ।
**ମେଞ୍ଚଡ** *ବି.* ଛୋଟ ପିଲା ; *ବିଂ.* ଅତିଛୋଟ, ମେଞ୍ଚଡା(*ସ୍ତ୍ରୀ.* ମେଞ୍ଚଡୀ)
**ମେଞ୍ଚା** *ବି.* ଗୋଳାପୁଳା ।
**ମେଞ୍ଚାଏ** *ବିଂ.* ପୁଳାଏ, ମେଞ୍ଚିଏ ।
**ମେଞ୍ଚା ମେଞ୍ଚା** *ବି.* ପୁଳାପୁଳା ।
**ମେଟ୍** *ବି.* ୧. କୁଲି ବା ଶ୍ରମିକଙ୍କ ମୁଖ୍ୟ ୨. ପଲ, ସମୂହ ୩. ସାଥୀ ୪. ସତରଞ୍ଜ ଖେଳରେ ମାତ୍ କରିନେବା ୫. ହାତୀର ମାହନ୍ତକୁ ସାହାଯ୍ୟ କରିବା ଭୃତ୍ୟ ।
**ମେଟାବା** *କ୍ରି.* ଚିହ୍ନ, ଦାଗ ବା ଲେଖା ଲିଭାଇବା ।
**ମେଟାଲ୍** *ବି.* ୧. ଧାତୁ ୨. ଘର, ରାସ୍ତା ଆଦି ତିଆରିରେ ବ୍ୟବହୃତ ଗେଟି ବା ପଥରଖଣ୍ଡ ।
**ମେଟ୍ରୋ** *ବି.* ମାଟିତଳେ ବା ଭୂଇଁଠାରୁ ବହୁ ଉଚ୍ଚରେ ଯାଉଥିବା ରେଳପଥ ।
**ମେଡ୍ ସାର୍ଭେଣ୍ଟ୍** *ବି.* ଚାକରାଣି, କାମତୁଣି, କାମବାଲି ।
**ମେଡାଲ** *ବି.* ଧାତୁ ନିର୍ମିତ ପଦକ ।
**ମେଡ଼ିଆ** *ବି.* ୧. ମାଧ୍ୟମ, ସାଧନ ୨.ଗାଈଗୋରୁଙ୍କୁ ଖାଇବାକୁ ଦିଆ ଯାଉଥିବା କୁଣ୍ଡ ୩. ଗଣମାଧ୍ୟମ ।
**ମେଡ଼ିକାଲ** *ବିଂ.* ଚିକିତ୍ସା ବିଷୟକ; *ବି.* ଚିକିତ୍ସାଳୟ, ହାସ୍‌ପାତାଳ ।
**ମେଡ଼ି ଦେବା** *କ୍ରି.* ଅବଜ୍ଞା କରିବା, ଏଡାଇଯିବା ।
**ମେଡ଼ିସିନ୍** *ବି.* ଔଷଧ ।
**ମେଡେନ୍ ଓଭର୍** *ବି.* କ୍ରିକେଟ୍ ଖେଳରେ ଛ ଟି ବଲ୍ ଖେଳି ଗୋଟିଏ ବି ରନ୍ କରି ନପାରିବା ଓଭର ।
**ମେଢ଼** *ବି.* ୧. ଠାକୁର, ମାଟିର ପ୍ରତିମାଙ୍କ ଥାଟ ୨. ଜମିବାଡ଼ି ମାପପାଇଁ ସୀମା ୩. ରାଜ ପ୍ରାସାଦ ୪. ପକ୍‌କା ଘର ।
**ମେଢ଼ବନ୍ଧି** *ବି.* ୧. ବାଡ଼ି ଘରର ଚାରିପାଖରେ ପାଚେରି ଦେବା ୨. କ୍ଷେତ୍ର ଚାରି ପାଖରେ ଉଚ୍ଚ ହିଡ଼ ଦେବା ।
**ମେଢ଼ା** *ବି.* ଖୋବା, ସରୁଖୁଣ୍ଟି ।
**ମେଢ଼ିଆ** *ବିଂ.* ଦୁବ୍‌ଲାପତଲା, ଶୀର୍ଣ୍ଣକାୟ ।
**ମେଢ଼ୀ** *ବି.* ୧. ବେଙ୍ଗଳା ପକାଇବାପାଇଁ ଖଳା ମଝିରେ ପୋତାଯାଇଥିବା ଖମ୍ବ, ମେରି ୨. ଦଳପତି ୩. ମେଣ୍ଢୀ ।
**ମେଢ଼େଇବା** *କ୍ରି.* ଜଣକର ଦୋଷ ବା ଦାୟିତ୍ୱକୁ ଅନ୍ୟଉପରେ ଲଦି ଦେବା ।
**ମେଢ଼େଇ ହେବା** *କ୍ରି.* କିଛି କାରଣ ନଥାଇ ଗୋଟେ ଜାଗାରେ ରୁଣ୍ଡ ହେବା ।
**ମେଣ୍ଟ** *ବି.* ୧. ମାହୁନ୍ତ ୨. ମେଣ୍ଢା ୩. ଦଳ ୪. ମେଳି, କୌଣସି କାର୍ଯ୍ୟ ପାଇଁ ଏକଜୁଟ ହେବା ୫. ମେଟ୍, ଜାହାଜର ଖଲାସୀ ୬. ମେଳିଆଙ୍କ ମିଳନ ସ୍ଥଳ ।
**ମେଣ୍ଟଣ** *ବି.* ୧. ଏଡ଼ିବା ୨. ଖଣ୍ଡନ ୩. ମେଣ୍ଟାଇବା ବା ବିବାଦର ନିଷ୍ପତ୍ତି କରିବା ।
**ମେଣ୍ଟାଇବା** *କ୍ରି.* ୧. ଚଳାଇଦେବା ୨. ମୀମାଂସା କରିଦେବା ୩. କ୍ଷମା କରିଦେବା ।
**ମେଣ୍ଟାମେଣ୍ଟି** *ବି.* ୧. କାର୍ଯ୍ୟନିର୍ବାହ ୨. ଫଇସଲା, ମିଳାମିଶା ।
**ମେଣ୍ଟି** *ବି.* ୧. ଧାନକେଣ୍ଡାର ଗୋଛା, ଧାନଭରା ୨. ଧୂଆଁପତ୍ରର ବିଡ଼ା ।
**ମେଣ୍ଟିବା** *କ୍ରି.* ୧. ଫଇସଲା ହୋଇଯିବା ୨. ନିର୍ବାହିତ ହେବା ୩. ମୀମାଂସା ହୋଇଯିବା ୪. ଖଣ୍ଡନ କରିବା ୫. ନିବୃତ୍ତ ହେବା ୬. ତୃପ୍ତ ହେବା ।

**ମେଣ୍ଢ** *ବି.* ମେଣ୍ଢା, ଗଡ଼ରା ।
**ମେଣ୍ଡରା** *ବି.* ଶଗଡ଼ ଚକର ମାଣରେ ଥିବା ଛିଦ୍ରରେ ଲାଗିବା ଲୁହା ବଳୟ, ସମା ।
**ମେଣ୍ଡା** *ବିଂ.* ମେଞ୍ଚା, ଜମାଟ ବାନ୍ଧିଥିବା ।
**ମେଣ୍ଡାମେଣ୍ଡା** *ବିଂ.* ମେଞ୍ଚା ମେଞ୍ଚା, ସାଲୁସାଲୁ, ପୁଳାପୁଳା ।
**ମେଣ୍ଢା** *ବି.* ୧. ଭେଡ଼ା, ଗଡ଼ରା, ମେଷ ୨. ନିର୍ବୋଧ ଲୋକ ।
**ମେଣ୍ଢାଇବା** *କ୍ରି.* ୧. ଏକାଠି ଗଦାକରିବା ୨. ଜୁଟାଇବା ୩. ଚତୁରତାର ସହିତ ଅନ୍ୟ ଲୋକ ମୁଣ୍ଡରେ କିଛି କାର୍ଯ୍ୟ ଲଦି ଦେବା ।
**ମେଣ୍ଢାମୁଣ୍ଡିଆ** *ବି.* ଜୁଆଳିରେ ଝୁରାମୁଣ୍ଡ ପାଖକୁ ଲାଗିଥିବା ଖିଲ ; *ବିଂ.* ୧. ମେଣ୍ଢା ମୁଣ୍ଡଭଳି ଟାଣ ମୁଣ୍ଡ ଯାହାର ୨. ନିର୍ବୋଧ ।
**ମେଣ୍ଢା ମୁଣ୍ଡିଆ ଖେଚୁଡ଼ି** *ବି.* ଶ୍ରୀମନ୍ଦିରରେ ଖେଚୁଡ଼ି ଭୋଗ ବିଶେଷ ।
**ମେଣ୍ଢା ପୋଡ଼ି** *ବି.* ପୁରୀରେ ଦୋଳ ପୂର୍ଣ୍ଣିମା ପୂର୍ବ ଦିନ ଦୋଳବେଦୀ ପରିସରରେ ଅନୁଷ୍ଠିତ ଅଗ୍ନି ଉତ୍ସବ ।
**ମେଣ୍ଢୀ** *ବି.* ମେଢ଼ୀ, ମାଈ ମେଣ୍ଢା ।
**ମେଥଡ୍** *ବି.* ପ୍ରଣାଳୀ, ପଦ୍ଧତି, ଧାରା ।
**ମେଥି, ମେଥୀ** *ବି.* ଫୁଟଣ ମସଲା ବିଶେଷ, ଔଷଧୀୟ ମସଲା ।
**ମେଥିଚୂନା** *ବିଂ.* ମେଥିର ଗୁଣ୍ଡ ।
**ମେଥିଶାଗ** *ବି.* ମେଥି ଗଛର ପତ୍ର ।
**ମେଦ** *ବି.* ୧. ଚର୍ବି ୨. ହାଡ଼ର ମଜ୍ଜା ୩. କସ୍ତୁରୀ ୪. ମଞ୍ଜିଷ୍ଠା ୫. ପାଳମରେଇ ।
**ମେଦଗ୍ରସ୍ତ** *ବିଂ.* ମୋଟାସୋଟା, ଚର୍ବିଳ ।
**ମେଦା** *ବି.* ୧. ସ୍ତୁପ ୨. ମେଞ୍ଚା ୩. ବିଭିନ୍ନ ପ୍ରକାର ଖାଦ୍ୟର ଏକାଠି ମିଶ୍ରଣ ।
**ମେଦିନୀ** *ବି.* ପୃଥିବୀ ।
**ମେଦୁର** *ବିଂ.* ୧. ଚିକ୍କଣ ୨. ତେଲିଆ ୩. କୋମଳ ୪. ଶ୍ୟାମବର୍ଣ୍ଣ ।
**ମେଧ** *ବି.* ଯଜ୍ଞ ।
**ମେଧା** *ବି.* ୧. ଧୀଶକ୍ତି ୨. ବୋଧଶକ୍ତି ।
**ମେଧାବୀ** *ବି.* ଶୁକ ପକ୍ଷୀ (ମେଧାବିନୀ-ସାରୀ) ; *ବିଂ.* ବୁଦ୍ଧିମାନ, (*ସ୍ତ୍ରୀ.* ମେଧାବିନୀ) ।
**ମେଧ୍ୟ** *ବି.* ୧. ଯବ ୨. ଖଇର ୩. ଛେଳି ; *ବିଂ.* ପବିତ୍ର, ଶୁଦ୍ଧ ।
**ମେନ୍** *ବିଂ.* ମୁଖ୍ୟ, ପ୍ରଧାନ; *ବି.* ମାନ୍ୟ ।
**ମେନ୍ତା** *ବି.* ଅତିଥି ସତ୍କାର ବା ସମ୍ମାନ ପ୍ରଦର୍ଶନ ପାଇଁ ବିଶେଷ ଭୋଜନ ବ୍ୟବସ୍ଥା ।
**ମେନ୍‌ମେନ୍‌ଛା** *ବିଂ.କ୍ରି.ବଂ.* ଇଚ୍ଛାନୁଯାୟୀ, ଯଥେଷ୍ଟ, ଯାହାକୁ ଯେତେ ଲୋଡ଼ା ।
**ମେନ୍ ସୁଇଚ୍** *ବି.* ବିଜୁଳି ଶକ୍ତି ନିୟନ୍ତ୍ରଣ ପାଇଁ ବ୍ୟବହୃତ ମୂଳ ବୋତାମ ।
**ମେନୁ** *ବି.* ୧. ତାଲିକା ୨. ଖାଦ୍ୟ ତାଲିକା ।
**ମେନେଜ୍ କରିବା** *କ୍ରି.* ୧. ତୁଲେଇବା, ଦାୟିତ୍ୱ ମୁଣ୍ଡେଇବା ୨. ଚଳେଇନେବା ।
**ମେନେଜ୍‌ମେଣ୍ଟ** *ବି.* ୧. ପରିଚାଳନା ୨. କୌଣସି ଅନୁଷ୍ଠାନର ପରିଚାଳନା ପାଇଁ ଉଦ୍ଦିଷ୍ଟ ସଦସ୍ୟ ମଣ୍ଡଳୀ ।
**ମେନେଜର** *ବି.* ପରିଚାଳକ ।
**ମେନେଜିଙ୍ଗ୍ କମିଟି** *ବି.* ପରିଚାଳନା ସମିତି ।
**ମେନେଜିଙ୍ଗ୍ ଡାଇରେକ୍ଟର** *ବି.* ପରିଚାଳନା ନିର୍ଦ୍ଦେଶକ ।
**ମେନ୍ଦୁଡ** *ବିଂ.* କଳିହୁଡା, ମନ୍ଦ ପରାମର୍ଶଦାତା ।
**ମେନ୍ଥଲ** *ବି.* ୧. ପିପରମେଣ୍ଟ ଦାନା ୨. ଗ୍ୟାସ୍‌ଲାଇଟ୍ ବା ପେଟ୍ରୋମକ୍ସର ବତୀ, ମେଣ୍ଟଲ ।
**ମେପ୍** *ବି.* ନକ୍ସା, ମାନଚିତ୍ର ।
**ମେବା(ୱା)** *ବି.* ଶୁଖିଲା ଖାଦ୍ୟ ବା ଫଳ ।
**ମେମ୍** *ବି.* ସାହେବାଣୀ, ସାହେବଙ୍କ ପତ୍ନୀ ।
**ମେମୋ** *ବି.* ସଂକ୍ଷିପ୍ତ ସ୍ମାରକଲିପି ।
**ମେମୋରାଣ୍ଡମ୍** *ବି.* ଦାବିପତ୍ର, ସ୍ମାରକଲିପି ।
**ମେମୋରିଆଲ** *ବି.* ସ୍ମାରକୀ ।
**ମେମ୍ବର** *ବି.* ସଦସ୍ୟ, ସଭ୍ୟ ।
**ମେୟର** *ବି.* ମହାନଗରୀର ପୌରପରିଷଦର ଅଧ୍ୟକ୍ଷ, ନଗରପାଳ ।
**ମେର୍‌କେଟା, ମେରକେଟିଆ** *ବିଂ.* ଅତି ଦୁର୍ବଳ, ଦରମରା (*ସ୍ତ୍ରୀ.* ମେର୍‌କେଟି) ।
**ମେରଘେଟା** *ବିଂ.* ମେରକେଟା, ମେର୍‌କେଟିଆ, ଦରମରା, ଅତି ଦୁର୍ବଳ ।
**ମେରଦା** *ବି.* ୧. ଉଚ୍ଚସ୍ତୂପ (ବନ୍ୟାଜଳରୁ ରକ୍ଷା ପାଇବାର ବିଶ୍ରାମ ସ୍ଥଳ) ୨. ଢବାଘର, ଆଟୁଘର ।
**ମେର୍‌ସିଙ୍ଗା** *ବି.* ମିର୍‌ସିଙ୍ଗା, ଭୁରସୁଙ୍ଗା ଫୁଟଣପତ୍ର ।
**ମେର୍‌ହା** *ବି.* କାଠ ବା ବାଉଁଶ ଠେଙ୍ଗା ।
**ମେରି** *ବି.* ୧. ଯୀଶୁଖ୍ରୀଷ୍ଟଙ୍କ କୁମାରୀ ମାତା ୨. ଖଳାରେ ବେଙ୍ଗଳା ପକାଇବାପାଇଁ ପୋତାଯିବା ଖୁଣ୍ଟ ।
**ମେରିଆ** *ବି.* ୧. ନରବଳି ୨. ମେରିପାଖର ବଳଦ ।
**ମେରିଖୁଣ୍ଟ, ମେରିଖୁଣ୍ଟି** *ବି.* ଖଳାମଝିରେ ପୋତା ଯିବା କାଠର ଖୁଣ୍ଟ ।
**ମେରିଟ୍** *ବି.* ଯୋଗ୍ୟତା ।
**ମେରିଟ୍‌ଲିଷ୍ଟ** *ବିଂ.* ଯୋଗ୍ୟତାନୁସାରେ ତିଆରି ତାଲିକା ।
**ମେରିରାୟ** *ବି.ବିଂ.* ଏକଛତ୍ର ଶାସକଙ୍କ ମନଇଚ୍ଛା ଶାସନ ।
**ମେରୁ** *ବି.* ୧. ମେରିଖୁଣ୍ଟ ୨. ଚିଲମ ୩. କୋଲପର ମଝିରେ ଥିବା ଖୁଣ୍ଟି ୪. ପୃଥିବୀର ଉତ୍ତର ଓ ଦକ୍ଷିଣ ପ୍ରାନ୍ତବିନ୍ଦୁ ୫. ପିଠିର ମଝିହାଡ ୬. ଜପାମାଳିର ପ୍ରଧାନ ମାଳି ୭. ଏକ ଆଦିବାସୀ ପର୍ବ ୮. ସୁମେରୁ ପର୍ବତ ୯. ବଡ଼ ଆକାରର ଶୁଆ ପକ୍ଷୀ; *ବିଂ.* ପ୍ରକାଣ୍ଡ ।

**ମେରୁଦଣ୍ଡ** *ବି.* ୧. ପିଠିର ମଝି ହାଡ଼ ୨. ପୃଥିବୀର ମଧ୍ୟଭେଦୀ ଓ ଉତ୍ତର-ଦକ୍ଷିଣ ସୀମା ସ୍ପର୍ଶକାରୀ କଳ୍ପିତ ରେଖା ।

**ମେରୁଦଣ୍ଡୀ** *ବି.* ମେରୁଦଣ୍ଡ ଥିବା ପ୍ରାଣୀ (*ବିପ.* ଅମେରୁଦଣ୍ଡୀ) ।

**ମେର୍ଦ୍ଧା** *ବିଂ.* ୧. ଆଟୁ ୨. ମାଟିର ଉଚ୍ଚସ୍ତୂପ, ମେର୍‌ଦା ।

**ମେଳ** *ବି.* ୧. ମିଳନ, ଏକାଠି ହେବା ୨. ଖାପ ଖାଇବା; *ବିଂ.* ମିଳିତ, ସଂଯୁକ୍ତ ।

**ମେଳକ** *ବି.* ୧. ବିବାହ ପୂର୍ବରୁ ବରକନ୍ୟାଙ୍କ ଜାତକ ମିଳାଇବା, ଦଶମେଳକ ୨. ସାଦୃଶ୍ୟ ; *ବିଂ.* ୧. ଯେ ମେଳ କରାଏ, ୨. ଏକତ୍ର, ମିଳିତ ।

**ମେଳଛା** *ବି.ବିଂ.* ଅପରିଷ୍କାର, ମଳିଛା ।

**ମେଳଣ, ମେଳନ** *ବି.* ୧. ମିଳନ ୨. ଏକରକମର ଯାତ୍ରା ।

**ମେଳଣ ପଡ଼ିଆ** *ବି.* ଯେଉଁ ପଡ଼ିଆରେ ଦେବ ପ୍ରତିମା ମାନଙ୍କୁ ସୁଶୋଭିତ ବିମାନରେ ଆଣି ସମବେତ କରାଯାଏ ।

**ମେଳା** *ବି.* ୧. ଉତ୍ସବ, ମଉଚ୍ଛବ ୨. କୋଳି ୩. ଅଞ୍ଜନ ୪. ସଭା, ୫. ହାଟ ।

**ମେଳାପ** *ବି.* ୧. ସମୂହ ୨. ମେଳ (ମନର) ।

**ମେଳାପୀ** *ବିଂ.* କଥାବାର୍ତ୍ତା ଜରିଆରେ ସମସ୍ତଙ୍କ ସହ ମିଶିପାରୁଥିବା ଲୋକ ।

**ମେଳା ମଉଚ୍ଛବ** *ବି.* ଖିଆପିଆର ଧୂମ୍‌ଧାମ ଭିତରେ ଅନେକଙ୍କ ସହିତ ଭେଟ ହେବାର ଉତ୍ସବସ୍ଥଳ ।

**ମେଳାମେଳା** *ଅ.* ଦଳ ଦଳ ।

**ମେଳି** *ବି.* ୧. ବିଦ୍ରୋହ, ଜନଅଶାନ୍ତି ୨. ଚକ୍ରାନ୍ତ ୩. ଲୋକଗହଳି ।

**ମେଳିଆ** *ବିଂ.* ଷଡଯନ୍ତ୍ରକାରୀ, ବିଦ୍ରୋହୀ ।

**ମେଲ୍‌** *ବି.* ୧. ପୁରୁଷ ଲୋକ ୨. କମ୍ପ୍ୟୁଟର୍ ମାଧ୍ୟମରେ ପଠାଯାଇଥିବା ସନ୍ଦେଶ ୩. ଡାକଦ୍ଵାରା ପ୍ରେରିତ ଚିଠିପତ୍ର ୪. ଡାକ ଗାଡ଼ି ।

**ମେଲ୍‌ଗାଡ଼ି** *ବି.* ଯେଉଁ ରେଳ ଗାଡ଼ିରେ ଡାକ ବୁହାଯାଏ ।

**ମେଲ୍‌ଛା** *ବି.* ଖାସି, ନପୁଂସକ ଅଣ୍ଡିରା ଛେଳି, ଛେଳିଛୁଆ ।

**ମେଲ୍ ମେଲ୍** *କ୍ରି.ବିଂ.* ସ୍ୱଚ୍ଛନ୍ଦ ବେପରୁଆ ଢଙ୍ଗରେ (ଚାଲିଯିବା) ।

**ମେଲ୍ ମେଲ୍ ହେବା** *କ୍ରି.* ଅଯାଚିତ ଭାବରେ କୌଣସି କାର୍ଯ୍ୟରେ ସାମିଲ ହେବା।

**ମେଲା** *ବି.* ୧. ଫାଙ୍କା ୨. ଖୋଲାସ୍ଥାନ; ବି. ୧. ହାଟ ୨. ଫାଙ୍କା ଜାଗା ।

**ମେଲାଘର** *ବି.* ୧. ବାହାର ଘର ୨. କାନ୍ଥ ନଥିବା ଘର ୩. ଦ୍ୱାର ନ ଲାଗିଥିବା ଖୋଲା ପ୍ରଶସ୍ତ ଘର ।

**ମେଲାଣି** *ବି.* ୧. ବିଦାୟ ୨. ବିଦାୟକାଳୀନ ଉପହାର ଦ୍ରବ୍ୟ ।

**ମେଲାଫରଚା** *ବିଂ.* ପ୍ରଶସ୍ତ, ଖୋଲା ।

**ମେଲାମୁହାଁ** *ବିଂ.* ମେଲାପାଟିଆ ।

**ମେଲିବା** *କ୍ରି.* ୧. ଖୋଲିବା ୨. ଭସାଇଦେବା ୩. ମେଲା କରିବା ୪. ସର୍ବସାଧାରଣରେ ପ୍ରକାଶ କରିବା ୫. ବଢ଼ାଇବା ।

**ମେଲେରିଆ** *ବି.* ମଶା କାମୁଡାରେ ହେବା ଜର, କମ୍ପଜର ବିଶେଷ ।

**ମେଲୋଡ଼ି** *ବି.* ୧. ସଙ୍ଗୀତର ସ୍ୱର ମାଧୁରୀ ୨. ପେଶାଦାର ସଙ୍ଗୀତ କଳାକାରଙ୍କଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ।

**ମେଷ** *ବି.* ୧. ମେଣ୍ଢା ୨. ସୌରମାସର ପ୍ରଥମ ମାସ ୩. ଦ୍ୱାଦଶ ରାଶିର ପ୍ରଥମ ରାଶି ।

**ମେଷପାଳକ** *ବି.* ମେଣ୍ଢା ଜଗୁଆଳି, ଗଡ଼ରିଆ ।

**ମେଷଯୁଦ୍ଧ** *ବି.* ୧. ମେଣ୍ଢା ଲଢ଼େଇ ୨. ଏକ ପ୍ରକାର ଶବ୍ଦାଳଙ୍କାର ।

**ମେଷ ସଂକ୍ରମଣ** *ବି.* ପଣା ସଂକ୍ରାନ୍ତି, ବିଷୁବ ସଂକ୍ରାନ୍ତି ।

**ମେଷୀ** *ବି.* ମେଣ୍ଢୀ ।

**ମେସ୍‌** *ବି.* ଏକତ୍ର ଭୋଜନ ପାଇଁ ଛାତ୍ରବାସ ପ୍ରଭୃତିରେ ରୋଷେଇ ବ୍ୟବସ୍ଥା।

**ମେସ୍‌ମେରିଜିମ୍** *ବି.* ସମ୍ମୋହିତ କରିବା ବିଦ୍ୟା ବା କୌଶଳ ।

**ମେସିନ୍** *ବି.* କଳ, ଯନ୍ତ୍ର ।

**ମେସିନ୍‌ଗନ୍** *ବି.* କମାଣ, ଏକପ୍ରକାର ଯନ୍ତ୍ରଚାଳିତ ବନ୍ଧୁକ ।

**ମେହ** *ବି.* ୧. ଧାତୁକ୍ଷୟ ବା ପ୍ରଦର ରୋଗ ୨. ମେଘ ।

**ମେହଗାନି** *ବି.* ଆସବାବ ତିଆରି ଉପଯୋଗୀ ଏକପ୍ରକାରର ଗଛ ।

**ମେହ(ହେ)ନତ୍** *ବି.* ପରିଶ୍ରମ ।

**ମେହନତୀ** *ବିଂ.* ପରିଶ୍ରମୀ ।

**ମେହୁ** *ବି.* ମେଘ ।

**ମେହୁଆ** *ବି.* ମେଘୁଆ, ପିଜୁଳି, ଖାଦ୍ୟ ଫଳ ବିଶେଷ ।

**ମେହେନ୍ଦି** *ବି.* ମଞ୍ଜୁଆତି, ମେଂଜେଟ୍, ହାତ ପାପୁଲିକୁ ଚିତ୍ରିତ କରିବା ପାଇଁ ଏକ ପ୍ରକାର ପ୍ରସାଧନ ସାମଗ୍ରୀ।

**ମେହେନା** *ବି.* ତାମଜାନ୍ ।

**ମେହେନ୍ତର** *ବି.* ମଇଳା ପରିଷ୍କାରକାରୀ, ପାଇଖାନା, ନାଳନର୍ଦ୍ଦମା ସଫେଇ କାର୍ଯ୍ୟରେ ନିଯୁକ୍ତ ବ୍ୟକ୍ତି, ସଫାଇବାଲା, ମାହାର ।

**ମେହେମାନ୍** *ବି.* ଅତିଥି ।

**ମେହେମାନ୍‌ଦାର** *ବି.* ଅତିଥିସତ୍କାର କରିବା ବ୍ୟକ୍ତି ।

**ମେହେମାନ୍‌ଦାରୀ** *ବି.* ଅତିଥିସତ୍କାର ।

**ମେହେମାନୀ** *ବି.* ଆତିଥ୍ୟ ।

**ମେହେର** *ବି.* ୧. ବନ୍ଧୁତ୍ୱ ୨. ଅନୁଗ୍ରହ ୩. ବଂଶୋପାଧି ବିଶେଷ ।

**ମେହେରବାନ୍** *ବି.* ୧. ଦୟାଭାବ ୨. ବନ୍ଧୁ, ସୁହୃଦ ; *ବିଂ.* ଦୟାଳୁ ।

**ମେହେରବାନି** *ବି.* ଦୟା, କରୁଣା ।

**ମୈତା** *ବି.* କୁଆମଇତା ଫଳ ।

**ମୈତ୍ର** *ବି.* ୧. ମଇତ୍ର, ବନ୍ଧୁ ୨. ମିତ୍ରତା ୩. ଅନୁରାଧା ନକ୍ଷତ୍ର ; ***ବିଂ.*** ମିତ୍ର ସମ୍ବନ୍ଧୀୟ ।

**ମୈତ୍ରୀ** *ବି.* ମିତ୍ରତା, ବନ୍ଧୁତା ।

**ମୈତ୍ରୀଭାବ** *ବି.* ବନ୍ଧୁଭାବ ।

**ମୈତ୍ରେୟ** *ବି.* ୧. ସୂର୍ଯ୍ୟ ୨. କୋଣାର୍କ ପାଖର ପବିତ୍ର ବନ (ମୈତ୍ରେୟ ଋଷିଙ୍କ ନାଁରେ ଅଥବା ସୂର୍ଯ୍ୟଙ୍କ ବନ ହେତୁ) ୩. ବୁଦ୍ଧଦେବ ; ***ବିଂ.*** ମିତ୍ର ସମ୍ବନ୍ଧୀୟ ।

**ମୈଥିଳୀ** *ବି.* ୧. ମିଥିଳାର କନ୍ୟା ସୀତା ୨. ମିଥିଳା ଅଞ୍ଚଳରେ ପ୍ରଚଳିତ ଥିବା ଭାଷା; ***ବିଂ.*** ମିଥିଳା ସମ୍ବନ୍ଧିତ ।

**ମୈଥୁନ** *ବି.* ରତିକ୍ରିୟା, ସହବାସ ।

**ମୈଦାନ** *ବି.* ମଇ(ଏ)ଦାନ୍, ବଡ଼ ପଡ଼ିଆ ।

**ମୈନା** *ବି.* ସାରୀ ।

**ମୈନାକ** *ବି.* ୧. ହିମାଳୟଙ୍କ ପୁତ୍ର ୨. ହିମାଳୟର ଏକ ଶୃଙ୍ଗ ୩. ଓଡ଼ିଶାର ସୋନପୁର ଅଞ୍ଚଳର ଏକ ପର୍ବତ ।

**ମୈଲମ** *ବି.* ୧. ଅଞ୍ଜନ ୨. ଲେପ, ମଲମ ୩. ମଇଲମ, ଦେବତାଙ୍କର ବେଶ ପରିବର୍ତ୍ତନ ।

**ମୋ** *ସ.* ମୋର ।

**ମୋଅରି, ମୋଓରି** *ସ.* କେବଳ ମୋର ।

**ମୋକଦ୍ଦମା** *ବି.* ମକଦ୍ଦମା, କୋର୍ଟ କଚେରିରେ ଚାଲୁଥିବା ମାମଲା ।

**ମୋକାନ(ମ)** *ବି.* ମୁକାମ, ଘର, ବାସସ୍ଥାନ ।

**ମୋକାବିଲା, ମୁକାବିଲା** *ବି.* ସାମ୍ନା ସାମ୍ନି ଯୁଝିବା, ପ୍ରତିଦ୍ୱନ୍ଦ୍ୱିତା ।

**ମୋଗଲ** *ବି.* ମଙ୍ଗୋଲୀୟ ମୁସଲମାନ ।

**ମୋଗଲବନ୍ଦି** *ବି.* ୧. ମୋଗଲମାନଙ୍କଦ୍ୱାରା ଅଧିକୃତ ଅଞ୍ଚଳ ୨. ପରାଧୀନ ଭାରତର ପ୍ରତ୍ୟକ୍ଷ ବ୍ରିଟିଶ୍ ଶାସନାଧୀନ ଅଞ୍ଚଳ ।

**ମୋଗଲ ବାଦସାହା** *ବି.* ମୋଗଲ ସମ୍ରାଟ ।

**ମୋଘ** *ବି.* ପାଚେରି, ବାଡ଼; ***ବିଂ.*** ୧. ବିଫଳ ୨. ପରିତ୍ୟକ୍ତ ୩. ବ୍ୟର୍ଥ ।

**ମୋଚନ** *ବି.* ମୁକ୍ତି, ମୁକ୍ତ କରିବା, ଫିଟାଇବା ।

**ମୋଚନୀୟ** ***ବିଂ.*** ମୁକ୍ତ ହେବାର ଯୋଗ୍ୟ ।

**ମୋଚୟିତା** ***ବିଂ.*** ବନ୍ଧନରୁ ମୁକ୍ତିଦାତା ।

**ମୋଚା** *ବି.* ୧. କଦଳୀଗଛ ୨. ଶିମିଳିଗଛ ; ***ବିଂ.*** ଲୋଚା, ସଂକୁଚିତ ।

**ମୋଚି** *ବି.* ଚମଡ଼ା କାମ କରୁଥିବା ଲୋକ, ଯୋତା, ଚପଲ ଆଦି ମରାମତ ବା ତିଆରି କରିବା ବ୍ୟକ୍ତି, ଚର୍ମକାର ।

**ମୋଚିତ** ***ବିଂ.*** ଅନ୍ୟଦ୍ୱାରା ମୁକ୍ତ, ଯାହାକୁ ମୁକ୍ତ କରାଯାଇଅଛି ।

**ମୋଚିବା** *କ୍ରି.* ୧. ଲୋଚା ବା ସଂକୁଚିତ କରିବା ୨. ମୋଚନ କରିବା ।

**ମୋଚୁଆ** *ବି.* ମଚୁଆ, ଖଟଖୁରା ।

**ମୋଜା** *ବି.* ପାଦରେ ବ୍ୟବହୃତ ମୁଣା, ସକ୍ସ୍, ଜୁରାପ୍ ।

**ମୋଜାଇକ** *ବି.* ବିବିଧ ରଙ୍ଗର ଛୋଟ ଛୋଟ ପଥର ସଜ୍ଜା, ଚଟାଣରେ ବ୍ୟବହୃତ ଏ ପ୍ରକାର ଗୋଡ଼ି ।

**ମୋଜେସ୍** *ବି.* ମୁଷା, ଇହୁଦୀ ଧର୍ମଗୁରୁ ।

**ମୋଟ୍ଲା** *ବି.* ମୁଟୁଲା, ଗଣ୍ଠିଲି ।

**ମୋଟ** *ବି.* ୧. ସମଷ୍ଟି ୨. ବୋଝ ୩. ବଗଡ଼ା ; ***ବିଂ.*** ମୋଟା, ସ୍ଥୂଳ ।

**ମୋଟ କରିବା** *କ୍ରି.* ମିଶାଇବା ।

**ମୋଟଚାଉଳ, ମୋଟା ଚାଉଳ** *ବି.* ବଗଡ଼ା ଚାଉଳ ।

**ମୋଟ ଦର** *ବି.* ଏକକାଳୀନ ବହୁପରିମାଣରେ ବିକ୍ରୀ କରାଯିବା ପାଇଁ ମୂଲ୍ୟ ।

**ମୋଟ ଧାନ, ମୋଟା ଧାନ** *ବି.* ୧. ବଗଡ଼ାଧାନ ୨. ଶାରଦ ଧାନ ।

**ମୋଟର** *ବି.* ୧. ମୋଟର ଗାଡ଼ି ୨. ଇଞ୍ଜିନ, ଯେଉଁ ଯନ୍ତ୍ର ମାଧ୍ୟମରେ ବସ୍ତୁ ଗତିଶୀଳ ହୁଏ ।

**ମୋଟରା** *ବି.* ୧. ମୋଟା ଶାରଦ ଧାନ ୨. କୁଲି, ବୋଝିଆ ୩. ବୁଜୁଲି, ଗଣ୍ଠିରି, ଗଣ୍ଠିଲି, ବୋଚ୍କା, ଗଣ୍ଠିରା ।

**ମୋଟରେ** *କ୍ରି.ବିଂ.* ମୋଟ ଉପରେ ।

**ମୋଟଲା** *ବି.* ଗଣ୍ଠିଲି ।

**ମୋଟା** ***ବିଂ.*** ୧. ମେଦବହୁଳ, ମାଂସଳ ୨. ସ୍ଥୂଳକାୟ ।

**ମୋଟାବୁଦ୍ଧି** *ବି.* ବୁଦ୍ଧିର ଅଭାବ, ନିର୍ବୁଦ୍ଧିଆ ଲୋକ, ଗବା ।

**ମୋଟାବୁଦ୍ଧିଆ** ***ବିଂ.*** ନିର୍ବୋଧ ।

**ମୋଟାମୋଟି** *କ୍ରି.ବିଂ.* ମୋଟଉପରେ, ସ୍ଥୂଳଭାବରେ ।

**ମୋଟିଆ** *ବି.* ବୋଝିଆ, କୁଲି ।

**ମୋଟୀ** ***ବିଂ.*** ସ୍ଥୂଳକାୟା (ସ୍ତ୍ରୀ) ।

**ମୋଟେ** *ଅ.* ଆଦୌ, ଏକାବେଳକେ ।

**ମୋଟେଇ** *ବି.* ୧. ଘନ ୨. ଗୋଲେଇ ।

**ମୋଟ୍ଟାୟିତ** *ବି.ବିଂ.* ୧. ନାୟିକାର ଭାବ ବିଶେଷ ୨. ଦେହ ଭିଡ଼ି ମୋଡ଼ି ହେବା ଭଙ୍ଗୀ, କାମ ସଂଚାର ସୂଚକ ଅଳସ ଭଙ୍ଗୀ ।

**ମୋଠାଇଁ** *ଅ.* ମୋ'ଠି, ମୋଠାରେ ।

**ମୋଠାକୁ** *ଅ.* ମୋ ନିକଟକୁ, ମୋ ପାଖକୁ ।

**ମୋଡ** *ବି.* ୧. ବାଙ୍କ, ବୁଲାଣି ୨. ଜଟିଳତା, କପଟତା ।

**ମୋଡମାଡ଼** *ବି.* ୧. ବିଘ୍ନ, ପେଞ୍ଚ ୨. ଛଳ ୩. ବାଙ୍କ ।

**ମୋଡ଼ା** *ବି.* ୧. ବଳାଯାଇଥିବା କତା, ନଡ଼ା, କଦଳୀ ପଟୁକା ଇତ୍ୟାଦିର ମଳା ୨. ଅନ୍ୟ ଦିଗକୁ ବୁଲାଇବା ୩. ଗୋଡ଼ ମାଲିସ ୪. ବସ୍ତୁକୁ ମୋଡ଼ି ନିର୍ଦ୍ଦିଷ୍ଟ ଆକାରକୁ ଆଣିବା (ପାନ, ପିଠା) ୫. ବସିବା ପାଇଁ ଉଚ୍ଚ ଆସନ ।

**ମୋଡ଼ାଏ** *ବି.* ଘେରାଏ ବା ଥରେ ମୋଡା ଯାଇଥିବା ।
**ମୋଡ଼ାମୋଡ଼ି** *କ୍ରି.ବିଂ.* ବୁଲାବୁଲି, ଘୁରାଘୁରି ।
**ମୋଡ଼ିଆ** *ବି.* ୧. ମୋଡ଼ା, ବାଉଁଶ ବା ବେତର ଉଚ୍ଚ ଆସନ ୨. ପାଦର ଅଳଙ୍କାର ବିଶେଷ ୩. ମୋଡ଼ା, ଖଡ଼ୁ ୪. ଶ୍ରୀମନ୍ଦିରରେ ଭୋଗ ହେବା ଏକ ପ୍ରକାର ପିଠା ।
**ମୋଡ଼ିବା** *କ୍ରି.* ୧. ଦେହକୁ ଶକ୍ତ ଭାବରେ ଘଷିବା ୨. ଅନ୍ୟ ଦିଗକୁ ବୁଲାଇବା ୩. ମାରିପକାଇବା ।
**ମୋଡ଼ିମାଡ଼ି ହୋଇରହିବା** *କ୍ରି.* କିଂକର୍ତ୍ତବ୍ୟବିମୂଢ଼ ହୋଇ ଚୁପ୍ ରହିବା ।
**ମୋଡୋ** *ବି.* ଛାମୁଣ୍ଡିଆ, ମଡୁଆ ।
**ମୋଢ଼ା** *ବି.* ୧. ମୋଡ଼ା, ମୋଡ଼ିଆ ୨. ନିର୍ବୋଧ ୩. ଦୁଷ୍ଟ, ଘାତକ ।
**ମୋତହିଁ** *ସ.* ମୋ ଠାରେ ।
**ମୋ ତହୁଁ** *ସ.* ମୋ ଠାରୁ, ମୋ ଅପେକ୍ଷା ।
**ମୋତି** *ବି.* ୧. ମୁକ୍ତା ୨. ଚିତ୍ର ଖୋଳିବା ଉପକରଣ ।
**ମୋତିଆବିନ୍ଦୁ** *ବି.* ଆଖିରେ ପରଳ ମାଡ଼ିବା ରୋଗ ।
**ମୋତିଚୁର** *ବି.* ୧. ଧୂଆଁପତ୍ର ୨. ଏକ ପ୍ରକାର ଲଡୁ ୩. ମିହିଦାନା ।
**ମୋତିଜାଲି** *ବି.* ନାରୀମାନଙ୍କ ବେଶଭୂଷଣ ବିଶେଷ ।
**ମୋତି ବାରେଣି ଓଝା** *ବି.* ଶ୍ରୀମନ୍ଦିରର ସେବକ ବିଶେଷ ଯେ ଅଣସର ଏକାଦଶୀ ଦିନ ଲୁହା ଜିନିଷ ଯୋଗାନ୍ତି ।
**ମୋତିହାରି, ମୋତିହାରୀ** *ବି.* ନିକୃଷ୍ଟ ଧରଣର ଧୂଆଁପତ୍ର ବିଶେଷ ।
**ମୋଦ** *ବି.* ୧. ଆନନ୍ଦ, ହର୍ଷ, ଆମୋଦ, ଆହ୍ଲାଦ ୨. ସୁବାସ ।
**ମୋଦକ** *ବି.* ୧. ଆୟୁର୍ବେଦର ଏକ ପ୍ରକାର ଔଷଧ ୨. ଆନନ୍ଦ ଦାୟକ ବସ୍ତୁ ବା ଅନୁଭୂତି ୩. ଲଡୁ ୪. ମୁଆଁ; *ବିଂ.* ଆନନ୍ଦଦାୟକ, ଆମୋଦପ୍ରଦ ।
**ମୋଦିତ** *ବିଂ.* ଆନନ୍ଦିତ, ହର୍ଷିତ ।
**ମୋଫତ୍** *ବିଂ.* ମୁଫତ୍, ମାହାଳିଆ, ମାଗଣା; *କ୍ରି.ବିଂ.* ବିନା ମୂଲ୍ୟରେ ।
**ମୋଫତି** *ବିଂ.* ମାଗଣାରେ ପ୍ରାପ୍ତ ।
**ମୋବାଇଲ୍** *ବିଂ.* ଭ୍ରାମ୍ୟମାଣ ; *ବି.* ବିନା ତାରରେ ସହଜରେ ନେଇ ଆଣି ପାରୁଥିବା ଫୋନ୍ ।
**ମୋର୍ନୁଁ** *ସ.* ମୋଠୁଁ, ମୋଠାରୁ ।
**ମୋର୍ନେ** *ସ.* ମୋଠି, ମୋଠାରେ ।
**ମୋର** *ସ.* ନିଜର ।
**ମୋରମ** *ବି.* ଛୋଟ ନାଲି ଗୋଡ଼ି ।
**ମୋରେ** *ସ.* ମୋଠାରେ, ମୋ ପ୍ରତି ।
**ମୋଲ୍ଲା** *ବି.* ମୁଲ୍ଲା, ମୁସଲମାନ ବିଦ୍ୱାନ୍ ବା ପୁରୋହିତ ।
**ମୋଶନ୍** *ବି.* ୧. ଅଦାଲତରେ ଅର୍ପିଲ ୨. ଗତି ୩. ସଂସଦରେ ଆନୀତ ପ୍ରସ୍ତାବ ।
**ମୋହ** *ବି.* ୧. ମୂର୍ଚ୍ଛା ୨. ଅଜ୍ଞାନତା ୨. ଦୁଃଖ ୩. ମୂର୍ଖତା ୪. କ୍ଲେଶ ।
**ମୋହନ** *ବି.* ୧. ମୁଗ୍ଧକରିବା ୨. କନ୍ଦର୍ପର ବାଣ ୩. କୃଷ୍ଣ ୪. ଦୁଦୁରା ବା ଧାତୁରା ଗଛ; *ବିଂ.* ମନମୋହକର, ଯେ ଚିତ୍ତକୁ ଅଭିଭୂତ କରେ, ଚିତ୍ତାକର୍ଷକ ।
**ମୋହନଭୋଗ** *ବି.* ହାଲୁଆ; ସୁଜି, ଚିନି ଓ ଘିଅରେ ପ୍ରସ୍ତୁତ କରାଯାଉଥିବା ଖାଦ୍ୟ ବିଶେଷ ।
**ମୋହନାସ୍ତ୍ର** *ବି.* ଯେଉଁ ଅସ୍ତ୍ର ପ୍ରୟୋଗ କଲେ ଲୋକ ମୂର୍ଚ୍ଛାଯାଏ ।
**ମୋହନିଆ** *ବିଂ.* ଯାହା ମୁଗ୍ଧ କରେ ।
**ମୋହନିଦ୍ରା** *ବି.* ଅଚେତନ ଅବସ୍ଥା, ଚେତନା ଶୂନ୍ୟ ନିଦ୍ରା ।
**ମୋହନୀୟ** *ବିଂ.* ୧. ବିଭ୍ରାନ୍ତିକର ୨. ଗୋଳମାଳିଆ ୩. ଯାହାକୁ ମୁଗ୍ଧ କରାଯାଇପାରେ ୪. ଲୋଭନୀୟ ୫. ସୁନ୍ଦର ।
**ମୋହପାଶ** *ବି.* ମୋହରୂପକ ଜାଲ, ସଂସାରର ମାୟାବନ୍ଧନ ।
**ମୋହବତ୍** *ବି.* ୧. ମୁହଁ ଉପ୍ରୋଧ ୨. ବନ୍ଧୁତ୍ୱ ୩. ଭଲ ପାଇବା, ପ୍ରେମ ।
**ମୋହ(ହୋ)ର** *ସ.* ମୋର ; *ବି.* ୧. ସୁନା ଟଙ୍କା, ଅସରଫି ୨. ସିଲ୍ ।
**ମୋହରି** *ସ.* ମୋରି ।
**ମୋହରିର** *ବି.* କିରାଣି; କଚେରି ଓ ରେଜିଷ୍ଟ୍ରିଖାନାରେ ଲେଖାଲେଖି କରୁଥିବା ଲୋକ ।
**ମୋହାଣ, ମୁହାଁଣ** *ବି.* ନଦୀ ଓ ସମୁଦ୍ରର ମିଳନ ସ୍ଥଳ ।
**ମୋହାବେଶ** *ବି.* ମୋହ ଘୋଟିବା ଅବସ୍ଥା ।
**ମୋହିତ** *ବିଂ.* ମୋହପ୍ରାପ୍ତ, ମୂର୍ଚ୍ଛାପ୍ରାପ୍ତ ।
**ମୋହିନୀ** *ବିଂ.ବି.* ୧. ମୋହକାରିଣୀ ୨. ନାରାୟଣଙ୍କ ସୁନ୍ଦରୀ ନାରୀ ରୂପ ୩. ମଲ୍ଲୀଫୁଲ ୪. ତ୍ରିପୁରସୁନ୍ଦରୀ ।
**ମୋହିନୀ କନ୍ୟା** *ବି.* ୧. ସମୁଦ୍ରମନ୍ଥନ କାଳରେ ନାରାୟଣଙ୍କର ନାରୀରୂପ ଅବତାର ବିଶେଷ ୨. ମନ ମୋହି ନେଉଥିବା ସୁନ୍ଦରୀ ତରୁଣୀ ।
**ମୋହିବା** *କ୍ରି.* ୧. ମୁଗ୍ଧକରିବା ୨. ଭ୍ରମରେ ପକାଇବା ।
**ମୋକ୍ଷ** *ବି.* ୧. ମୁକ୍ତି, ଉଦ୍ଧାର, ମୋଚନ ୨. ଘଣ୍ଟାପାଟଳୀ ଗଛ ।
**ମୋକ୍ଷଗତି** *ବି.* ନିର୍ବାଣ ।
**ମୋକ୍ଷଣ** *ବି.* ମୋଚନ, ମରଣ ।
**ମୋକ୍ଷଦ** *ବିଂ.* ମୋକ୍ଷଦାନକାରୀ ।
**ମୋକ୍ଷଧାମ** *ବି.* ବୈକୁଣ୍ଠପୁରୀ, ସ୍ୱର୍ଗ ।
**ମୋକ୍ଷପଥ** *ବି.* ପରିତ୍ରାଣର ଉପାୟ ।
**ମୋକ୍ଷପଦ** *ବି.* ମୋକ୍ଷଲାଭ ରୂପ ଐଶ୍ୱର୍ଯ୍ୟ ।
**ମୋକ୍ଷପ୍ରାପ୍ତ** *ବି.* ନିର୍ବାଣପ୍ରାପ୍ତ ।

**ମୋକ୍ଷପ୍ରାପ୍ତି ବି.** ନିର୍ବାଣ ବା ମୁକ୍ତି ଲାଭ ।

**ମୌକ୍ତିକ ବି.** ମୁକ୍ତା; **ବିଂ.** ମୁକ୍ତା ସମ୍ବନ୍ଧୀୟ ।

**ମୌଖିକ ବିଂ.** ୧. ମୁଖ ସମ୍ବନ୍ଧୀୟ ୨. ମୁହେଁ ମୁହେଁ ।

**ମୌଛବ, ମଉଛବ ବି.** ଉତ୍ସବ, ଏକତ୍ର ହୋଇ କରାଯାଉଥିବା ବଡ଼ ଭୋଜି ବା ଉତ୍ସବ ।

**ମୌଜିଆ, ମଉଜିଆ ବିଂ.** ଖୁସିବାସିଆ (ଲୋକ), ସଦା ପ୍ରଫୁଲ୍ଲ ।

**ମୌନ ବିଂ.** ନୀରବ, ଚୁପ୍‌ଚାପ; **ବି.** ନୀରବତା, ବାକ୍ ସଂଯମ ।

**ମୌନବ୍ରତ ବି.** କଥା ନ କହିବାର ବ୍ରତ, ବାକ୍‌ସଂଯମ ।

**ମୌନ ସମ୍ମତି ବି.** ନୀରବ ସମର୍ଥନ ।

**ମୌନ ସ୍ୱଭାବ ବି.** ଚୁପ୍‌ଚାପ ପ୍ରକୃତି, ନୀରବ ପ୍ରକୃତି ।

**ମୌନୀ ବି.** ଋଷି, ତପସ୍ୱୀ ; **ବିଂ.** ମୌନବ୍ରତଧାରୀ, କଥା କହୁ ନଥିବା, ମୌନାବଲମ୍ବୀ ।

**ମୌରସ୍ ବି.** ପୂର୍ବ ପୁରୁଷ ।

**ମୌରସି, ମୌରସୀ ବିଂ.** ପୈତୃକ, ପୁରୁଷାନୁକ୍ରମେ ଉତ୍ତରାଧିକାର ସୂତ୍ରରେ ପ୍ରାପ୍ତ ।

**ମୌରସୀ ପଟ୍ଟା ବି.** ଉତ୍ତରାଧିକାର ଭାବେ ପ୍ରାପ୍ତ ଚିରସ୍ଥାୟୀ ପଟ୍ଟା ।

**ମୌଳ ବି.** ଗ୍ରାମର ମୁଖିଆ ; **ବିଂ.** ମୌଳିକ, ବିଶୁଦ୍ଧ ବଂଶଜ, ମୂଳଜାତ ।

**ମୌଳବାଦୀ ବି.ବିଂ.** କୌଣସି ଧର୍ମ ବା ବିଶ୍ୱାସକୁ ମୂଳକଥା ମନେ କରୁଥିବା (ବ୍ୟକ୍ତି ବା ସଙ୍ଗଠନ), ଫଣ୍ଡାମେଣ୍ଟାଲିଷ୍ଟ୍ ।

**ମୌଳା ବି.** ମାମୁ, ମଉଳା ।

**ମୌଳି, ମୌଳୀ ବି.** ୧. ଅଗ୍ରଭାଗ ୨. ମୁକୁଟ ୩. ମୁଣ୍ଡ, ମସ୍ତକ ୪. ପୃଥିବୀ ୫. ଅଶୋକ ବୃକ୍ଷ ୬. ଦଳପତି ୭. ଶିଖା, ଚୁଟି ।

**ମୌଳିକ ବିଂ.** ୧. ମୂଳ ସମ୍ବନ୍ଧୀୟ ୨. ଆଦି ୩. ଅବିମିଶ୍ରିତ ୪. ନିରୁତା ।

**ମୌଳିକ ପଦାର୍ଥ ବି.** ଯେକୌଣସି ପଦାର୍ଥର ମୂଳ ପିଣ୍ଡ, ଯାହାର କ୍ଷୟ ବା ବୃଦ୍ଧି ନାହିଁ ।

**ମୌଳିକତା ବି.** ଚିନ୍ତା, ରଚନା ବା କୌଣସି କାର୍ଯ୍ୟ ବା ଉଦ୍ଭାବନର ନୂତନତ୍ୱ ।

**ମୌଳୀ ବିଂ.** ମୁକୁଟଧାରୀ ।

**ମୌଲବୀ ବି.** ଆରବୀ ଭାଷାରେ ଅଧ୍ୟାପକ ବା ପଣ୍ଡିତ ।

**ମୌଲାନା ବି.** ଉଚ୍ଚତର ମୁସଲମାନ ବିଦ୍ୱାନ୍ ବା ଧର୍ମାଚାର୍ଯ୍ୟ ।

**ମୌସୁମ, ମୌସୁମି ବି.** ଦକ୍ଷିଣ-ପଶ୍ଚିମ ଦିଗରୁ ପ୍ରବାହିତ ବର୍ଷାବାହୀ ବାୟୁ ।

**ମୌସୁମୀ ବିଂ.** ସାମୟିକ, ବର୍ଷାକାଳୀନ; **ବି.** ଯେଉଁ ବାୟୁ ପ୍ରବାହ ଯୋଗୁଁ ବର୍ଷା ହୁଏ ।

**ମ୍ରିୟମାଣ ବିଂ.** ୧. ଅବସନ୍ନ ୨. ଲଜ୍ଜିତ ୩. ଦୁଃଖିତ, ବିଷଣ୍ଣ ୪. ମୃତପ୍ରାୟ ।

**ମ୍ୟାଗାଜିନ୍, ମାଗାଜିନ୍ ବି.** ୧. ପତ୍ରିକା ୨. ଅସ୍ତ୍ରାଗାର ୩. ବନ୍ଧୁକ ଗୁଳି ରଖିବା ଖୋଳ ।

**ମ୍ୟାଚ୍ ବି.** ୧. ଖେଳରେ ପ୍ରତିଯୋଗିତା ୨. ଯାହା ସାଙ୍ଗେ ଯେ ମାନେ ।

**ମ୍ୟାଜିକ୍ ବି.** ମେଜିକ୍, ଭୋଜ ବାଜି, କୁହୁକ ବିଦ୍ୟା ।

**ମ୍ୟାପ୍ ବି.** ମାନଚିତ୍ର, ନକ୍ସା ।

**ମ୍ୟାମ୍ ବି.** ମାଡାମ୍, ସାହେବାଣୀ ।

**ମ୍ୟୁଜିକ୍ ବି.** ଗାନ ସହିତ ସଙ୍ଗୀତ, ସଙ୍ଗୀତ ।

**ମ୍ୟୁଜିୟମ୍ ବି.** ଯେଉଁଠାରେ ଦେଶ ବା ଜାତିର ଐତିହାସିକ, ସାମାଜିକ, ନୃତାତ୍ତ୍ୱିକ ଓ ସାଂସ୍କୃତିକ ଗୁରୁତ୍ୱ ଥିବା ବସ୍ତୁ, ମୁଦ୍ରା, ପୋଥି ବା ଗ୍ରନ୍ଥମାନ, ଜୀବ ବା ପ୍ରାଣୀର ମେରୁଦଣ୍ଡ, ଖପୁରି, ଅସ୍ଥିଆଦି ସଂଗୃହୀତ ହୋଇ ରହିଥାଏ, ସଂଗ୍ରହାଳୟ, ଯାଦୁଘର ।

**ମ୍ୟୁନିସିପାଲଟି ବି.** ପୌରସଭା, ନଗରପାଳିକା, ନଗରର ପୌର ସଂଘ , ନଗରାଞ୍ଚଳ, ପୌରପାଳିକା, ପୌରାଞ୍ଚଳ ।

**ମ୍ଳାନ ବିଂ.** ୧. ମଳିନ, ତେଜହୀନ ୨. ବିଷଣ୍ଣ ।

**ମ୍ଳାନି ବି.** ମଳିନତା, ଅପ୍ରସନ୍ନତା ।

**ମ୍ଳେଚ୍ଛ ବି.ବିଂ.** ୧. ଅସଭ୍ୟ ୨. ବିଧର୍ମୀ ଲୋକ ।

**ମ୍ଳେଚ୍ଛାଚାର ବି.** ଅସଭ୍ୟ ଆଚରଣ, କଦାଚାର ।

# ଯ

**ଯ** *ବି.* ୧. ବର୍ଣ୍ଣମାଳାର ଷଡ଼ବିଂଶ ଅକ୍ଷର ୨. ଆଲୋକ ୩. ଗାଡ଼ି, ଯାତ୍ରା ୪. ସଂଯମ ୫. ପବନ ୬. ପେଟର ଡାହାଣପଟ; *କ୍ରି.* ଯାଅ ।

**ଯଅ** *ବି.* ୧. ଯବଧାନ ୨. ବାର୍ଲି, ଗହମଜାତୀୟ ଶସ୍ୟବିଶେଷ ।

**ଯଉଆ** *ବି.* ଜଉ, ଛୋଟ ଗଛ ବା ଲଟାରେ ଲାଗୁଥିବା ଏକପ୍ରକାର ଛୋଟ ଛୋଟ ପୋକ।

**ଯକୃତ୍** *ବି.* ପ୍ରାଣୀ ଶରୀରରେ ଥିବା ଅଙ୍ଗବିଶେଷ ଯାହା ବିଶୋଧନ କାର୍ଯ୍ୟ କରିଥାଏ, ଲିଭର୍ ।

**ଯଖ** *ବି.* ସମ୍ପତ୍ତିକୁ ଜଗିରହିଥିବା କୃପଣ, ଯକ୍ଷ, ଜଂଖ ।

**ଯଚା** *ବି.ବିଂ.* ଇଚ୍ଛାରେ ଦେବାପାଇଁ କୁହା ।

**ଯଚାଇ** *ବି.* ୧. ବଳେ ବଳେ ଦେବାପାଇଁ ବ୍ୟଗ୍ରତା ୨. ମୂଲ୍ୟ ନିରୁପଣ ।

**ଯଚେଇବା** *କ୍ରି.* କୁହାବୋଲା କରି ଦେବା ।

**ଯଜନ** *ବି.* ଯଜ୍ଞ କର୍ମ, ଦେବ ପୂଜନ ।

**ଯଜମାନ** *ବି.* ଯଜ୍ଞ ବା ଶ୍ରାଦ୍ଧ, ହୋମ, ସଂସ୍କାର କର୍ମ ଆଦି କରାଉଥିବା ବ୍ୟକ୍ତି ।

**ଯଜମାନି** *ବିଂ.* ପୁରୋହିତଗିରି ।

**ଯଜମାନିଆ** *ବି.* ପୁରୋହିତଗିରି ସମ୍ବନ୍ଧୀୟ ।

**ଯଜୁଃ** *ବି.* ୧. ଯଜୁର୍ବେଦ, ଦ୍ୱିତୀୟ ବେଦ ୨. ଯାଗ ଯଜ୍ଞ ସମ୍ପର୍କିତ ତଥା ବିଭିନ୍ନ ସଂସ୍କାରକର୍ମ ସମ୍ବନ୍ଧୀୟ ମନ୍ତ୍ର ।

**ଯଜୁଃ ବେଦ** *ବି.* **ଯଜୁର୍ବେଦ,** ଚାରି ବେଦ ମଧ୍ୟରୁ ଦ୍ୱିତୀୟ ବେଦ ।

**ଯଜୁର୍ବେଦୀ** *ବିଂ.* ଯଜୁର୍ବେଦ ବିଧିରେ କର୍ମକାରୀ ।

**ଯଜ୍ଞ** *ବି.* ୧. ଯାଗ ୨. ଦେବତାଙ୍କ ଉଦ୍ଦେଶ୍ୟରେ ବୈଦିକ ରୀତିରେ ଘିଅ ଆହୁତି , ହୋମ ।

**ଯଜ୍ଞକର୍ତ୍ତା** *ବି.* ଯଜ୍ଞାଦି ଅନୁଷ୍ଠାନ କରିବା ବ୍ୟକ୍ତି ।

**ଯଜ୍ଞକୁଣ୍ଡ** *ବି.* ଯଜ୍ଞସ୍ଥାନରେ ହୋମାଗ୍ନିର ଆଧାର ।

**ଯଜ୍ଞପାତ୍ର** *ବି.* ଯଜ୍ଞ କାର୍ଯ୍ୟରେ ଦରକାରୀ ଶ୍ରୁବ, ଶ୍ରୌଚ୍ ଇତ୍ୟାଦି ।

**ଯଜ୍ଞପୁରୁଷ** *ବି.* ବିଷ୍ଣୁ ।

**ଯଜ୍ଞମଣ୍ଡଳ, ଯଜ୍ଞଶାଳା, ଯଜ୍ଞଭୂମି, ଯଜ୍ଞକ୍ଷେତ୍ର** *ବି.* ଯଜ୍ଞ କରିବାର ନିର୍ଦ୍ଦିଷ୍ଟ ସ୍ଥାନ ।

**ଯଜ୍ଞମୁଖ** *ବି.* ଅଗ୍ନି ।

**ଯଜ୍ଞରସ** *ବି.* ସୋମରସ ।

**ଯଜ୍ଞସୂତ୍ର** *ବି.* ପଇତା ।

**ଯଜ୍ଞାଙ୍ଗ** *ବି.* ଯଜ୍ଞରେ ବ୍ୟବହୃତ ଖଇର, ଡିମ୍ବିରି ଓ ବ୍ରାହ୍ମଣଝାଟିଆ ଆଦି ଗଛର କାଠ ।

**ଯଜ୍ଞୀୟ** *ବିଂ.* ଯଜ୍ଞକର୍ମ ସମ୍ବନ୍ଧୀୟ ।

**ଯଜ୍ଞୋପବୀତ** *ବି.* ପଇତା ।

**ଯତ୍** *ସ.* ଯେ, ଯେଉଁ, ଯାହା ।

**ଯତ୍‌କିଞ୍ଚିତ୍** *ବିଂ.* ଅଳ୍ପ ହେଲେ ବି ଯାହା କିଛି, ସାମାନ୍ୟ ପରିମାଣର ।

**ଯତ୍‌ପରୋନାସ୍ତି** *ବିଂ.* ପାରୁପର୍ଯ୍ୟନ୍ତ, ଯଥାଶକ୍ତି ।

**ଯତ୍‌ସାମାନ୍ୟ** *ବିଂ.* ଅଳ୍ପ କିଛି ।

**ଯତନ୍** *ବି.* ସେବା, ଯତ୍ନନେବା।

**ଯତନ** *ବି.* ଯତ୍ନ, ହେପାଜତ ।

**ଯତି** *ବି.* ୧. ପରିବ୍ରାଜକ ୨. ମୁନି ୩. ନିବୃତ୍ତି ୪. ବିରାମସ୍ଥଳ ।

**ଯତିଚିହ୍ନ** *ବି.* ରଚନାଦି ପାଠ କାଳରେ ଜିହ୍ୱାର ବିରାମ ନିର୍ଦ୍ଦେଶକ ଚିହ୍ନ ।

**ଯତିପାତ** *ବି.* ରଚନା ବା ଛନ୍ଦର ବିଭିନ୍ନ ସ୍ଥାନରେ ବିରାମର ନିୟମିତତା।

**ଯତିଭଙ୍ଗ** *ବି.* ରଚନା ବା ଗାୟନ ଶୈଳୀରେ ବିରାମଜନିତ ତ୍ରୁଟି ବିଶେଷ , ଛନ୍ଦଭଙ୍ଗ।

**ଯତୀ** *ବି.ବିଂ.* ଜିତେନ୍ଦ୍ରିୟ, ସନ୍ନ୍ୟାସୀ ।

**ଯତୁନେ** *କ୍ରି.ବିଂ.* ଜିଦିରେ, ବାରଣ ସତ୍ତ୍ୱେ ।

**ଯତ୍ରେକତ୍ରେ** *କ୍ରି.ବିଂ.* କଷ୍ଟେମଷ୍ଟେ, ଯେନତେନ ପ୍ରକାରେ ।

**ଯତ୍ନ, ଯତନ** *ବି.* ୧. ହେପାଜତ ୨. ମନଯୋଗ ୩. ତତ୍ତ୍ୱାବଧାନ ୪. ପ୍ରୟାସ ।

**ଯତ୍ରତତ୍ର** *ଅ.* ଯହିଁ ତହିଁ, ଏଠି ସେଠି ।

**ଯଥା** *ଅ.* ୧. ଯେପରି ୨. ଦୃଷ୍ଟାନ୍ତସ୍ୱରୂପ ; *ବି.* ଲୁଗାଯୋଡ଼ ।

**ଯଥାକଥା** *ଅ.* କୌଣସି ପ୍ରକାରେ ।

**ଯଥାକାଳ** *ବି.* ଠିକ୍ ବେଳ, ଉପଯୁକ୍ତ ସମୟ; *ଅ.* ଠିକ୍ ସମୟରେ ।

**ଯଥାକ୍ରମ** *ଅ.* କ୍ରମାନୁସାରେ, ପରସ୍ପର ଶୃଙ୍ଖଳାବଦ୍ଧ ଭାବରେ।।

**ଯଥାପୂର୍ବ** *ଅ.* ଆଗଭଳି, ପୂର୍ବଭଳି ।

**ଯଥାବିଧି** *ଅ.* ବିଧିବଦ୍ଧ ଭାବେ, ନିୟମ ଅନୁଯାୟୀ ।

**ଯଥାବିହିତ** *ବିଂ.* ଉପଯୁକ୍ତ, ବିଧିସମ୍ମତ ।

**ଯଥାଯଥ** *ବିଂ.କ୍ରି.* ୧. ଠିକେ ଠିକେ ୨. ଆଗ ପର ସମନ୍ୱୟ ରଖି ।

**ଯଥାଯୋଗ୍ୟ** *ବିଂ.* ଉପଯୁକ୍ତ, ଯୋଗ୍ୟତାବିଶିଷ୍ଟ ।

**ଯଥାରୀତି** *କ୍ରି.ବିଂ.ବିଂ.* ପ୍ରଥା ବା ଚଳଣିକୁ ନ ଛାଡ଼ି , ନିୟମ ଅନୁଯାୟୀ।

**ଯଥାରୁଚି** ***ବିଂ.*** ରୁଚି ଅନୁସାରେ, ମନ ପସନ୍ଦ ଅନୁଯାୟୀ ।

**ଯଥାର୍ଥ** ***ବିଂ.*** ୧. ବାସ୍ତବ ୨. ଖାଣ୍ଟି ୩. ନିର୍ଭୁଲ ୪. ପ୍ରକୃତ ୫. ଉପଯୁକ୍ତ ।

**ଯଥାଲାଭ** ***ବି.ଅ.*** ଯେତିକି ମିଳିଲା ସେତିକି ଯଥେଷ୍ଟ ।

**ଯଥାଶକ୍ତି** ***ଅ. ବିଂ.*** ପାରୁପର୍ଯ୍ୟନ୍ତ, ସାମର୍ଥ୍ୟ ମାଫିକ, ସାମର୍ଥ୍ୟକୁ ଅତିକ୍ରମ ନ କରି ।

**ଯଥାସମ୍ଭବ** ***କ୍ରି.ବିଂ.*** ଯେତିକି ହୋଇପାରେ ସେତିକି ମାତ୍ର ।

**ଯଥାସାଧ୍ୟ** ***ଅ. କ୍ରି.ବିଂ.*** ଯେତିକି ପାରିବା ସେତିକି, ନିଜର ଶକ୍ତି ଅନୁଯାୟୀ।

**ଯଥାସ୍ଥାନ** ***ବି.*** ନିର୍ଦ୍ଦିଷ୍ଟ ବା ଉପଯୁକ୍ତ ସ୍ଥାନ ।

**ଯଥେଚ୍ଛା** ***ବିଂ.*** ଯେମିତି ଖୁସି ସେମିତି, ଇଚ୍ଛାନୁଯାୟୀ ।

**ଯଥେଚ୍ଛାଚାର** ***ବି.*** ସ୍ୱେଚ୍ଛାଚାର, ଉଚ୍ଛୃଙ୍ଖଳତା, ଅବାଧ ଆଚରଣ ।

**ଯଥେଚ୍ଛାଚାରୀ** ***ବିଂ.*** ଅମାନିଆ, ଶୃଙ୍ଖଳାହୀନ ।

**ଯଥେଷ୍ଟ** ***ବିଂ.*** ୧. ପ୍ରଚୁର, ବହୁପରିମାଣ ୨. ଉପଯୁକ୍ତ ପରିମାଣ; ***ଅ.କ୍ରି.ବିଂ.*** ଇଚ୍ଛା ବା ଆବଶ୍ୟକତା ମତେ ।

**ଯଥୋଚିତ** ***ବିଂ.*** ଯଥାଯୋଗ୍ୟ, ସମୁଚିତ, ଉପଯୁକ୍ତ ।

**ଯଦର୍ଥେ** ***ଅ.*** ଯେଉଁ ଉଦ୍ଦେଶ୍ୟରେ ।

**ଯଦା** ***ଅ.*** ଯେଉଁ କାଳରେ, ଯେତେବେଳେ।

**ଯଦି** ***ଅ.*** ୧. ସମ୍ଭବତଃ ୨. ପକ୍ଷାନ୍ତରେ ।

**ଯଦିବା** ***ଅ.*** ଯେବେ, ଅବା, ପକ୍ଷାନ୍ତରେ ।

**ଯଦୃଚ୍ଛା** ***ବି.*** ନିଜର ଇଚ୍ଛା ଅନୁସାରେ ।

**ଯଦୃଚ୍ଛାଚାରୀ** ***ବିଂ.*** ସ୍ୱେଚ୍ଛାଚାରୀ, ଅବିଚାରୀ ।

**ଯଦ୍ୟପି** ***ଅ.*** ୧. ନିତାନ୍ତ ପକ୍ଷେ ୨. ଯଦିଚ, ଯଦିଓ ।

**ଯନ୍ତ** ***ବି.*** ପାଣି ବୁହା ତେଣ୍ଡା ।

**ଯନ୍ତା** ***ବି.*** ୧. କମାରର ଭାତି ୨. ପଶୁ/ଜୀବଧରା ବାକ୍ସ ୩. ଲୁହା ରଡ଼୍ ବଙ୍କା ବା ସିଧା କରିବା ପାଇଁ ଯନ୍ତ୍ର ।

**ଯନ୍ତ୍ର** ***ବି.*** ୧. କଳ ୨. ହାତହତିଆର ୩. ସାଜ ସରଞ୍ଜାମ ୪. ତନ୍ତ୍ରୋକ୍ତ ଅଭିଚାର ପ୍ରୟୋଗ କୌଶଳ ଓ ଚିତ୍ର ସଙ୍କେତ ।

**ଯନ୍ତ୍ରଣା** ***ବି.*** ପୀଡା, ବ୍ୟଥା, କ୍ଳେଶ ।

**ଯନ୍ତ୍ରତନ୍ତ୍ର** ***ବି.*** ୧. ଯନ୍ତ୍ରପାତି, ଯନ୍ତ୍ର ଓ ତାର ସରଞ୍ଜାମ ୨. ଗୁଣି ଗାରେଡ଼ି, ମନ୍ତ୍ରଯନ୍ତ୍ର ।

**ଯନ୍ତ୍ର ପେଷଣୀ** ***ବି.*** ୧. ଗ୍ରାଇଣ୍ଡର ୨. ଯନ୍ତ୍ର ଘୋରଣା ୩. ଯନ୍ତ୍ର ଚାଳିତ ଚକି ।

**ଯନ୍ତ୍ରବିଜ୍ଞାନ** ***ବି.*** କଳ/ଯନ୍ତ୍ର ନିର୍ମାଣ ତଥା ଯନ୍ତ୍ର ବ୍ୟବହାର ବିଦ୍ୟା ।

**ଯନ୍ତ୍ରମନ୍ତ୍ର** ***ବି.*** ଗୁଣିଗାରେଡି, କୌଶଳ ବିଦ୍ୟା, ଟୁଣୁକାଟୁଣୁକି ବିଦ୍ୟା ।

**ଯନ୍ତ୍ରମାନବ** ***ବିଂ.*** ରୋବଟ୍, କୃତ୍ରିମ ଉପାୟରେ ପ୍ରସ୍ତୁତ ଯନ୍ତ୍ର, ଯାହା ମଣିଷ ଭଳି କାମ କରିପାରେ ।

**ଯନ୍ତ୍ରଶାଳା** ***ବି.*** କାରଖାନା ।

**ଯନ୍ତ୍ରଶିଳ୍ପୀ** ***ବି.*** ୧. ଯନ୍ତ୍ର ପ୍ରସ୍ତୁତି ବା ଚାଳନାରେ ଦକ୍ଷ ବ୍ୟକ୍ତି ୨. ବାଦ୍ୟ ବାଦନରେ ପଟୁବ୍ୟକ୍ତି ।

**ଯନ୍ତ୍ରାଳୟ** ***ବି.*** ୧. କଳଘର ୨. ଛାପାଖାନା ୩. ମୁଦ୍ରଣାଳୟ ।

**ଯନ୍ତ୍ରିବା** ***କ୍ରି.*** ୧. ଯୋଚ଼ିବା ୨. ଯୋଡ଼ିବା ୩. ଯୋଖିବା ।

**ଯନ୍ତ୍ରୀ** ***ବି.*** ୧. ଇଞ୍ଜିନିୟର ୨. ଯନ୍ତ୍ର ସଜଡାସଜଡ଼ି କରୁଥିବା ବ୍ୟକ୍ତି; ***ବିଂ.*** ୧. ଷଡ଼ଯନ୍ତ୍ରକାରୀ ୨. ଯନ୍ତ୍ରଯୁକ୍ତ ।

**ଯବ** ***ବି.*** ୧. ଯଅ ଶସ୍ୟ ୨. ଜାଭା ଦ୍ୱୀପ ୩. ହାତ ଆଙ୍ଗୁଠିରେ ଯବ ରେଖା ୪. ଆଙ୍ଗୁଳି ପରିମାଣ ୫. ଦ୍ୱିପୁଟ ପୃଷ୍ଠ କାଚ ୬. ଚଉଠ ଇଞ୍ଚ ଲମ୍ବ ପରିମାଣ ।

**ଯବକାଚ** ***ବି.*** ଲେନ୍ସ୍; ଦୂରବୀକ୍ଷଣ, ଅଣୁବୀକ୍ଷଣ, ଚଷମାଦିରେ ବ୍ୟବହୃତ ଉତ୍ତଳ ବା ଅବତଳ କାଚ଼ ।

**ଯବନ** ***ବିଂ.*** ୧. ବିଧର୍ମୀ ବ୍ୟକ୍ତି ୨. ବିଦେଶୀ ବ୍ୟକ୍ତି ୩. ମୁସଲମାନ ।

**ଯବନାନୀ** ***ବି.*** ୧. ଯବନମାନଙ୍କର ଲିପି ୨. ଗ୍ରୀସ୍ ଦେଶୀୟା ନାରୀ ।

**ଯବନିକା** ***ବି.*** ୧. ରଙ୍ଗମଞ୍ଚର ସମ୍ମୁଖ ପରଦା, ପଟ୍ଟାବରଣ ୨. ଯବନ ରମଣୀ ।

**ଯବନୀ** ***ବି.*** ୧. ଯବନ ରମଣୀ ୨. ପରଦା ୩. ରଙ୍ଗମଞ୍ଚର ପଟ୍ଟାବରଣ।

**ଯବଶାସ୍ତ୍ର** ***ବି.*** ଶ୍ରୀମୁଖ ଚିତ୍ରଣ ପୋଥି (ଲେଖକ-ଦତ୍ତ ମହାପାତ୍ର), ନାଟ୍ୟଶାଳାର ମାପଚୁପ ଓ ନିର୍ମାଣ ପ୍ରସଙ୍ଗରେ ବ୍ୟବହୃତ ପଦ ।

**ଯବକ୍ଷାର** ***ବି.*** ଖାର, ସୋଡ଼ା ।

**ଯବକ୍ଷାରଜାନ** ***ବି.*** ବାୟୁର ମୌଳିକ ଉପାଦାନ ବିଶେଷ (ନାଇଟ୍ରୋଜେନ) ।

**ଯବାଗୁ** ***ବି.*** ଜାଉ, ରନ୍ଧା ବାର୍ଲି, ଖିରି ।

**ଯବାନ୍** ***ବି.*** ୧. ସିପାହୀ, ପଦାତିକ ସୈନିକ ୨. ଯୁବକ, ଭେଣ୍ଡିଆ, ଯୁଆନ, ଭେଣ୍ଡା ୩. ବଳୁଆ ।

**ଯବାନି** ***ବି.*** ଯୌବନ ବୟସ, ଯୌବନଅବସ୍ଥା ।

**ଯବାନୀ** ***ବି.*** ୧. ଯୁଆଣି ୨. ନବଯୌବନ ।

**ଯବିଷ୍ଠ** ***ବିଂ.*** ସର୍ବକନିଷ୍ଠ, ସବୁଠାରୁ ଛୋଟ, ସବାସାନ ।

**ଯବୀୟାନ** ***ବିଂ. ବି.*** ୧. ଦୁଇଜଣଙ୍କ ଭିତରେ ସାନ ୨. କନିଷ୍ଠ ।

**ଯବେ** ***ବିଂ.*** ଟିକେ, ଏକ ଯଅ ପରିମାଣର ।

**ଯମ** ***ବି.*** ୧. ମୃତ୍ୟୁର ଦେବତା ୨. ମୃତ୍ୟୁ ୩. ସଂଯମନ, ନିୟନ୍ତ୍ରଣ ୪. ଶନି ୫. କାଉ ।

**ଯମଅଇଁଠା** ***ବି.*** ଅପର୍ଚିଆ(ଣି), ଏକାଧିକ ସନ୍ତାନଙ୍କ ଅକାଳମୃତ୍ୟୁପରେ ବଞ୍ଚିଥିବା ସନ୍ତାନ ।

**ଯମଓଷା** ***ବି.*** ବାଟଓଷା ।

**ଯମକ** ***ବି.*** ୧. ସମୋଚ୍ଚାରିତ ଶବ୍ଦର ଭିନ୍ନାର୍ଥରେ ପ୍ରୟୋଗ ୨. ଶବ୍ଦାଳଙ୍କାର ବିଶେଷ ।

**ଯମକିଆ** ***ବିଂ.*** ୧. କୌତୁକପ୍ରିୟ ୨. ମଉଜିଆ, ଟିକଲବାଜିଆ ।

**ଯମଘର** ***ବି.*** ୧. ନରକପୁର ୨. ଦଣ୍ଡ ପାଇବାର ସ୍ଥାନ ।

**ଯମଜ** ***ବିଂ.ବି.*** ଯାଆଁଳା, ଏକା ଗର୍ଭକେ ଜନ୍ମିତ ଏକାଧିକ ସନ୍ତାନ ।

**ଯମଝାଳ** ***ବି.*** ୧. ମୃତ୍ୟୁକାଳୀନ ଝାଳ ୨. ହଠାତ୍ ଭୟଜନିତ ବୋହିବା ଝାଳ ।

**ଯମଦଉଡ଼ି** ***ବି.*** ମରଣର ଡାକ ବା ଆହ୍ୱାନ (*ପୁରାଣ* ଯମ ତାଙ୍କ ଚମଦଉଡ଼ିରେ ସଦ୍ୟମୃତ ବ୍ୟକ୍ତିର ଆତ୍ମାପୁରୁଷକୁ ବାନ୍ଧିକରି ନିଅନ୍ତି) ।

**ଯମଦଣ୍ଡ** ***ବି.*** ଅଧର୍ମ ବା ପାପକର୍ମ ଜନିତ ଫଳ ।

**ଯମଦାଢ଼** ***ବି.*** ମୃତ୍ୟୁର ନିକଟବର୍ତ୍ତୀ ଅବସ୍ଥା, ମରଣ ପାଖାପାଖି ।

**ଯମଦ୍ୱାର** ***ବି.*** ନରକର ଦ୍ୱାର, ପାପକର୍ମ ଅର୍ଜିତ ଫଳଲାଭର ପାଖ ଅବସ୍ଥା ।

**ଯମଦ୍ୱିତୀୟା** ***ବି.*** ୧. କାର୍ତ୍ତିକ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ପାଳିତ ବ୍ରତ, ଏ ଦିନ ଯମ, ଯମୁନା ଓ ଚିତ୍ରଗୁପ୍ତଙ୍କର ପୂଜା କରାଯାଏ ୨. ଭ୍ରାତୃଦ୍ୱିତୀୟା ।

**ଯମବାହନ** ***ବି.*** ମଇଁଷି ।

**ଯମଭଗିନୀ** ***ବି.*** ୧. ଯମୁନା ନଦୀ ୨. ଯମଙ୍କ ଭଉଣୀ ।

**ଯମମାସ** ***ବି.*** କାର୍ତ୍ତିକ ମାସ ।

**ଯମଯନ୍ତ୍ରଣା** ***ବି.*** ୧. ଭୟଙ୍କର କଷ୍ଟ ୨. ଅପ୍ରକାଶ୍ୟ ଯନ୍ତ୍ରଣା ୩. ମୃତ୍ୟୁକାଳୀନ ଅସହ୍ୟ ପୀଡ଼ା ।

**ଯମଳ** ***ବି.ବିଂ.*** ଯୁଗ୍ମ, ଯାଁଳା, ଯୁଗଳ, ଯୋଡ଼ି, ଯାଉଁଳି, ଏକସଙ୍ଗେ ଜାତ ।

**ଯମାନା, ଜମାନା** ***ବି.*** ୧. ଅମଳ ୨. ଯୁଗ ୩. କାଳ, ସମୟ ।

**ଯମାନୀ** ***ବି.*** ଜୁଆଣି ।

**ଯମାଳୟ** ***ବି.*** ଯମପୁର ।

**ଯମୀ** ***ବିଂ.*** ଜିତେନ୍ଦ୍ରିୟ, ସଂଯତ; ***ବି.*** ଯମର ଭଉଣୀ ।

**ଯଶ** ***ବି.*** ଖ୍ୟାତି, ପ୍ରସିଦ୍ଧି ।

**ଯଶଦ** ***ବି.*** ଦସ୍ତାଧାତୁ ।

**ଯଶସ୍କର** ***ବିଂ.*** ଯାହା ଯଶ ଲାଭ କରାଏ ।

**ଯଶସ୍ୱୀ** ***ବିଂ.*** ଯଶ ଅର୍ଜନକାରୀ, ବିଖ୍ୟାତ ।

**ଯଶୋଗାଥା** ***ବି.*** ବ୍ୟକ୍ତିର ଯଶବର୍ଣ୍ଣିତ ପଦାବଳୀ ।

**ଯଶୋଦ** ***ବିଂ.*** ଯଶଦାୟକ ; ***ବି.*** ପାରଦ ।

**ଯଶୋରାଶି** ***ବି.*** ଅଜସ୍ର ଯଶ, ବିପୁଳ ଖ୍ୟାତି ।

**ଯଶୋଲିପ୍ସା** ***ବି.*** ଯଶ ବା ଖ୍ୟାତି ପାଇବାର ଆକାଂକ୍ଷା ବା ଲୋଭ, ପ୍ରସିଦ୍ଧ ପାଇବାର ଇଚ୍ଛା ।

**ଯଶୋହାନି** ***ବି.*** ଯଶର ନାଶ, ବଦନାମି, ଅଯଶ ।

**ଯଷ୍ଟା** ***ବି.*** ଯାଗକର୍ତ୍ତା, ଯଜମାନ ।

**ଯଷ୍ଟି** ***ବି.*** ବାଡ଼ି, ଲାଠି ।

**ଯଷ୍ଟିମଧୁ** ***ବି.*** ଏକ ଔଷଧୀୟ ବୃକ୍ଷର ମିଠା ମୂଳ କନ୍ଦ, ଜାଠିମହୁ ।

**ଯହିଁ** ***ସ.*** ଯେଉଁଠି ।

**ଯହିଁ ପାଇଁ** ***ଅ.ସ.*** ଯାହା ପାଇଁ, ଯାହା ନିମନ୍ତେ, ଯେଉଁ ଉଦ୍ଦେଶ୍ୟରେ ।

**ଯହୁଁ** ***ଅ.*** ଯେହେତୁ, ଯେଣୁ ।

**ଯକ୍ଷ** ***ବି.*** ୧. ଯଖ, କୁବେରଙ୍କ ପ୍ରଜା ୨. କୃପଣ ବ୍ୟକ୍ତି ।

**ଯକ୍ଷରାଜ** ***ବି.*** କୁବେର ।

**ଯକ୍ଷ୍ମା** ***ବି.*** କ୍ଷୟକାଶ ରୋଗ, ଟି.ବି. ।

**ଯାଁବାଳ** ***ବି.*** ଜନ୍ମ ସମୟରୁ ଥିବା ବାଳ, ଜନମ ବାଳ ।

**ଯାଁବାଳ ପଡ଼ିବା** ***କ୍ରି.*** ମାନସିକ କରାଯାଇଥିବା ଶିଶୁକୁ ଦେବ ବା ଦେବୀ ପୀଠରେ ମୁଣ୍ଡନ କରାଇବା ।

**ଯା** ***କ୍ରି.*** ପଳା, ବାହାର (ଯିବା ଅର୍ଥରେ) ।

**ଯା, ଯାଆ** ***ବି.*** ଦେଢ଼ଶୁର ବା ଦିଅରର ସ୍ତ୍ରୀ ।

**ଯାଆଁଳ** ***ବି.*** ୧. ମାଛର ଛୁଆ ୨. ଡିମ୍ବରୁ ସଦ୍ୟ ଜାତ ଛୋଟ ମାଛ ।

**ଯାଆଁଳ ଛାଡ଼ିବା** ***କ୍ରି.*** ମାଛଚାଷ ପାଇଁ ଉଦ୍ଦିଷ୍ଟ ଜଳଭାଗରେ ମାଛବିହନ ଛାଡ଼ିବା ।

**ଯାଆଁଳା** ***ବିଂ.ବି.*** ଯୁଗ୍ମ, ଯମଜ ସନ୍ତାନ ।

**ଯା-ଆସ** ***ବି.*** ଯିବା ଆସିବା, ଯାତାୟାତ, ଗମନାଗମନ ।

**ଯାଉଁଳି** ***ବିଂ.*** ୧. କାନ୍ଧର ଆଗରେ ଓ ପଛରେ ଝୁଲିବା ବୁଜୁଳି ୨. ଯୋଡ଼ି, ଯୁଗଳ, ଦୋହରା ।

**ଯାଉଁଳି କରଡ଼ା** ***ବି.*** ଦୁଇଟି କନା ମୋଡ଼ି ଶ୍ରୀମନ୍ଦିରରେ ଠାକୁରମାନଙ୍କ ଶ୍ରୀମୁଖ ସଜ୍ଜିତ କରାଯିବା ପାଇଁ ବସ୍ତ୍ରାଭୂଷଣ ।

**ଯାଉ** ***ବିଂ.*** ୧. ବହଳ ଖିରି (ଚାଉଳ, ମାଣ୍ଡିଆ ପ୍ରଭୃତିର) ୨. ଆବଶ୍ୟକତାରୁ ଅଧିକ ସିଝି ନରମ ହୋଇ ଯାଇଥିବା ଭାତ ୩. ଭଲ ଭାବରେ ସିଝି ଖିରି ଭଳି ପ୍ରସ୍ତୁତ ଖାଦ୍ୟ (ଯଥା– ମାଣ୍ଡିଆ ଯାଉ) ।

**ଯାଉଆ** ***ବିଂ.*** ଯାଉଭଳି ବୁଥୁବୁଥୁ ବା ଲୁଟୁପୁଟୁ ।

**ଯାଉହଉ** ***ବି.*** ଯା'ହେଉ, ଆପାତତଃ, ତାହେଲେ ।

**ଯାକ** ***ଅ.*** ସମସ୍ତ, ସମୂହଗୁଡ଼ିକ ।

**ଯାକଯମକ** ***ବି.*** ଆଡମ୍ବର ।

**ଯାକେ** ***ଅ.*** ପର୍ଯ୍ୟନ୍ତ ।

**ଯାଗ** ***ବି.*** ଯଜ୍ଞ ଉତ୍ସବ ।

**ଯାଗଯଜ୍ଞ** ***ବି.*** ନାନାବିଧ ଯଜ୍ଞ ।

**ଯାଚ୍ଞା** ***ବି.*** ୧. ପ୍ରାର୍ଥନା ୨. ଭିକ୍ଷା ୩. କାମନା ୪. ମାଗଣ ।

**ଯାଚକ** ***ବି.*** ଭିକ୍ଷୁକ, ପ୍ରାର୍ଥୀ, ମାଗନ୍ତା ।

**ଯାଚନ** ***ବି.*** ଭିକମଗା, ମାଗୁଣି ।

**ଯାଚନା** ***ବି.*** ୧. ପ୍ରାର୍ଥନା ୨. ମାଗୁଣି ।

**ଯାଚିବା** ***କ୍ରି.*** ୧. ମଗା ନ ହୋଇଥିବା ବସ୍ତୁ ଦେବା ୨. ମାନସିକ କରିବା ।

**ଯାଜ** ***ବି.*** ୧. ଖାଦ୍ୟ ଦ୍ରବ୍ୟ ୨. ଅନ୍ନ, ଭାତ ।

**ଯାଜକ** ***ବି.*** ପୂଜକ ।

**ଯାଜନ** ***ବି.*** ପୁରୋହିତର ଯଜ୍ଞ କରିବା ବୃତ୍ତି ।

**ଯାଜ୍ଞିକ** ***ବି.*** ୧. ଯଜ୍ଞକର୍ତ୍ତା, ଋତ୍ୱିକ ୨. ଅଶ୍ୱତ୍ଥ ବୃକ୍ଷ; ***ବିଂ.*** **ଯଜ୍ଞୀୟ** ।

**ଯାଞ୍ଚ** ***ବି.*** ତନଖି, ସମୀକ୍ଷଣ, ପରଖ ।

**ଯାଞ୍ଜି** ***ବି.*** ଜଞ୍ଜାଳ, ସମସ୍ୟା, ଅଡୁଆ ।

**ଯାଠି** ***ବି.*** ଲାଠି ।

**ଯାଠିମଧୁ** ***ବି.*** ଗଛର ମିଠା ସ୍ୱାଦଯୁକ୍ତ ମୂଳ ବା କନ୍ଦ, ଯଷ୍ଟି ମଧୁ ।

**ଯାତ** ***ବି.*** ୧. ଯାତରା ୨. ପର୍ବ ୩. ଦେବୋତ୍ସବ ୪. ମେଳା ୫. ଗ୍ରାମ୍ୟ ନାଟ୍ୟାଭିନୟ; ***ବିଂ.*** ୧. ଗତ, ଅତୀତ ୨.ଲବ୍ଧ ୩. ଜ୍ଞାତ ।

**ଯାତନା** ***ବି.*** ୧. ଯନ୍ତ୍ରଣା, ପୀଡ଼ା ୨. ଅତ୍ୟାଚାର ।

**ଯାତରା** ***ବି.*** ୧. ଯାତ୍ରା ୨. ମେଳା, ପର୍ବ ୩. ଦେବୋତ୍ସବ ୪. ଜନଗହଳି ୫. ଦୃଶ୍ୟପଟହୀନ ମୁକ୍ତାକାଶ ନାଟ୍ୟାଭିନୟ ।

**ଯାତାୟାତ** ***ବି.*** ଚଳପ୍ରଚଳ, ଯା ଆସ ।

**ଯାତ୍ରା** ***ବି.*** ୧. ପ୍ରସ୍ଥାନ ୨. ଗମନ ୩. ଦେବୋତ୍ସବ ୪. ମେଳା ୫. ମୁକ୍ତ ରଙ୍ଗମଞ୍ଚର ନାଟ୍ୟାଭିନୟ ।

**ଯାତ୍ରାକାଳି** ***ବିଂ.*** ଯାତ୍ରା ସମୟର, ଯିବାବେଳର ।

**ଯାତ୍ରାଙ୍ଗୀ ଭୋଗ** ***ବି.*** ଯାତ୍ରାଦିନମାନଙ୍କରେ ଶ୍ରୀମନ୍ଦିରରେ ହେଉଥିବା ଅତିରିକ୍ତ ଭୋଗ ।

**ଯାତ୍ରାଙ୍ଗୀ ମହାସ୍ନାନ** ***ବି.*** ଯାତ୍ରା ଦିନମାନଙ୍କରେ ଶ୍ରୀମନ୍ଦିରରେ ଅତିରିକ୍ତ ମହାସ୍ନାନ ବିଧି ।

**ଯାତ୍ରାଦାଣ୍ଡ** ***ବି.*** ବିଶେଷ କିଣାବିକା ହେଉଥିବା ବଜାର ।

**ଯାତ୍ରାପିଲା** ***ବିଂ.*** ଯାତ୍ରାରେ ନାଚୁଥିବା ବା ଅଭିନୟ କରୁଥିବା କମ୍ ବୟସର କଳାକାର ।

**ଯାତ୍ରାବାଲା** ***ବି.*** ଯାତ୍ରା କଳାକାର ।

**ଯାତ୍ରାଭଙ୍ଗ** ***ବି.*** ୧. ଅନୁକୂଳ କରି ବାହାରିବା ବେଳେ କୌଣସି ଅଶୁଭ ଦର୍ଶନ ହେତୁ ଯିବା ବନ୍ଦ ୨. ମେଳା ବା ନାଟକ ଅଭିନୟ ବନ୍ଦ ।

**ଯାତ୍ରିକ** ***ବିଂ.*** ଗମନଯୋଗ୍ୟ, ଯାତ୍ରାକାରୀ ; ***ବି.*** ତୀର୍ଥଯାତ୍ରୀ ।

**ଯାତ୍ରୀ** ***ବି.*** ୧. ବାଟୋଇ, ପଥିକ ୨. ତୀର୍ଥକାମୀ ବ୍ୟକ୍ତି ।

**ଯାତ୍ରୀଗୁମାସ୍ତା** ***ବି.*** ପ୍ରସିଦ୍ଧ ଧର୍ମ କ୍ଷେତ୍ରମାନଙ୍କରେ ଯାତ୍ରୀମାନଙ୍କୁ ଦେବ ଦର୍ଶନ ପାଇଁ ଆଣିବା ଅଧିକାରପ୍ରାପ୍ତ ବ୍ୟକ୍ତି ।

**ଯାତ୍ରୀ ପଣ୍ଡା** ***ବି.*** ଯାତ୍ରୀ ବୃତ୍ତି କରୁଥିବା ସେବକ ବା ଅଣସେବକ ।

**ଯାଥାର୍ଥ୍ୟ** ***ବି.*** ଯଥାର୍ଥତା, ସତ୍ୟତା, ବାସ୍ତବତା, ପ୍ରକୃତ ବ୍ୟାପାର ।

**ଯାଦବ** ***ବି. ବିଂ.*** ୧. ଯଦୁବଂଶରେ ଜାତ ୨. ଗୋପାଳ ଜାତି ୩. ଶ୍ରୀକୃଷ୍ଣ ।

**ଯାଦୁ** ***ବି.*** ୧. କୁଣ୍ଡିଆ ୨. ଚର୍ମରୋଗ ୩. ଭେଳିକି ୪. ଇନ୍ଦ୍ରଜାଲ, ଆକର୍ଷଣ ।

**ଯାଦୁଆ** ***ବି.ବିଂ.*** **ଯାଦୁରା,** ଯାଦୁରୋଗ ଭୋଗୁଥିବା ବ୍ୟକ୍ତି ।

**ଯାଦୁକର** ***ବି.ବିଂ.*** ବାଜିକର, ମେଜିକବାଲା, ଐନ୍ଦ୍ରଜାଲିକ ।

**ଯାଦୁଘର** ***ବି.*** ମିଉଜିୟମ୍; ପ୍ରାକୃତିକ, ଶିଳ୍ପ, ବିଜ୍ଞାନଜାତ ବା ପ୍ରାଚୀନ ଦ୍ରବ୍ୟଗୁଡ଼ିକ ସଂରକ୍ଷଣ ଓ ପ୍ରଦର୍ଶନ ପାଇଁ ଯେଉଁଠି ଏକାଠି ରଖାଯାଇଥାଏ ।

**ଯାଦୁବିଦ୍ୟା** ***ବି.*** ତନ୍ତ୍ରମନ୍ତ୍ର, ଭୋଜବାଜି, କୁହୁକବିଦ୍ୟା, ବଶୀକରଣ ବିଦ୍ୟା ।

**ଯାଦୁରା** ***ବି.ବିଂ.*** ଯାଦୁଆ, ଯାଦୁରୋଗୀ ।

**ଯାଦୃକ୍** ***ବିଂ.*** ଯେଉଁପରି, ଯେଭଳି ।

**ଯାଦୃଚ୍ଛିକ** ***ବିଂ.*** ନିଜ ଖୁସି ଅନୁଯାୟୀ, ସ୍ୱେଚ୍ଛାକୃତ ।

**ଯାନ** ***ବି.*** ୧. ଯାତାୟାତ ନିମିତ୍ତ ବ୍ୟବହୃତ ଯାନ ୨. ପାଲିଙ୍କି ।

**ଯାନବାହନ** ***ବି.*** ୧. ଚକଲଗା ବା ଯନ୍ତ୍ର ଚାଳିତ ଗାଡ଼ିମଟର ୨. ଘୋଡା, ହାତୀ ପ୍ରଭୃତି ଯୋଚା ଯାଇଥିବା ବା ମଣିଷ ଦ୍ୱାରା ଟଣା ହେବା ଗାଡ଼ି ।

**ଯାନିଯାତ[ତ୍ରା]** ***ବି.*** ମେଳା ମଉଛବ ।

**ଯାନିଯୌତୁକ** ***ବି.*** ବିବାହରେ ଝିଅକୁ ବାପ ଘରୁ ଦିଆଯାଉଥିବା ଉପଢ଼ୌକନ ଓ ଅନ୍ୟାନ୍ୟ ଦ୍ରବ୍ୟ ।

**ଯାନ୍ତ୍ରିକ** ***ବିଂ.*** ୧. ଯନ୍ତ୍ର ବିଷୟକ ୨. ଯନ୍ତ୍ରବିଶାରଦ, ଯନ୍ତ୍ର ନିର୍ମାଣରେ ଦକ୍ଷ ।

**ଯାନ୍ତ୍ରିକ ତ୍ରୁଟି** ***ବି.*** ଯନ୍ତ୍ରାଂଶରେ ଅସୁବିଧା, କଳକବ୍ଜାରେ ରହିଥିବା ଖଇଚା ।

**ଯାପନ** ***ବି.*** ସମୟ ବିତେଇବା ।

**ଯାପିତ** ***ବିଂ.*** ଅତିବାହିତ , ସମାପିତ।

**ଯାପିବା** ***କ୍ରି.*** କଟାଇବା, ଯାପନ କରିବା ।

**ଯାପ୍ୟ** ***ବିଂ.*** ୧. ଲୁଚି ରହିଥିବା(ରୋଗ) ୨. ଦୀର୍ଘ ଦିନ ଧରି ଭୋଗୁଥିବା (ରୋଗ) ୩. ନିନ୍ଦନୀୟ ୪. ଗୋପନୀୟ ୫. ନଗଣ୍ୟ ।

**ଯାବ** ***ବି.*** ଅଳତା, ଯାବକ; ***ବିଂ.*** ଯବ ସମ୍ବନ୍ଧୀୟ ।

**ଯାବକ** ***ବି.*** ୧. ଅଧାପାଚିଲା ଯଅ ୨. ଡାଳୁଅ ଧାନ ୩. ଅଳତା ।

**ଯାବଚ୍ଚନ୍ଦ୍ର ଦିବାକର** ***ଅ.*** ଚିରକାଳ ପାଇଁ, ସବୁଦିନ ପାଇଁ, ଚନ୍ଦ୍ରସୂର୍ଯ୍ୟ ଥିବା ଯାକେ ।

**ଯାବଡ଼, ଯାବଡ଼ା** ***ବି.*** ଥାପଡ଼, ଚାପୁଡ଼ା; ***ବିଂ.*** ଶୀଘ୍ର ।

**ଯାବତ୍** ***ଅ.*** ୧. ପର୍ଯ୍ୟନ୍ତ ୨. ସମୁଦାୟ ୩. ଯାବତୀୟ ।

**ଯାବତ୍‌ଚନ୍ଦ୍ରାର୍କେ** ***କ୍ରି.ବିଂ.*** ସୂର୍ଯ୍ୟଚନ୍ଦ୍ର ଥିବା ପର୍ଯ୍ୟନ୍ତ, ସବୁକାଳରେ ।

**ଯାବତୀୟ** ***ବିଂ.*** ସବୁ ପ୍ରକାର ।

**ଯାବନିକ** ***ବିଂ.*** ବିଦେଶୀ ବା ଯବନ ସମ୍ବନ୍ଧୀୟ ।

**ଯାବନୀ** ***ବି.*** ଯବନ ଭାଷା ।

**ଯାବନ୍ତ** ***ଅ.*** ଯାହା ହୋଇପାରେ ସେ ସବୁ ।

**ଯାମ** ***ବି.*** ପ୍ରହର, ତିନିଘଣ୍ଟାର ଅବଧି ।

**ଯାମକ** ***ବି.*** ପହରାଦାର, ପ୍ରହରୀ ।

**ଯାମଳ** ***ବି.ବିଂ.*** ୧. ଯୁଗ୍ମ, ଯୋଡ଼ି, ଯାଆଁଳା, ଯୁଗଳ ୨. ଏକାସାଙ୍ଗରେ ଜାତ ।

**ଯାମାତା** ***ବି.*** ଜାମାତା, ଜ୍ୱାଇଁ, ଜୋଇଁ ।

**ଯାମାର୍ଦ୍ଧ** ***ବି.*** ଅଧାପହର ।

**ଯାମି** ***ବି.*** ୧. ଭଉଣୀ ୨. ଝିଅ ୩. ବୋହୁ ୪. ରାତି ୫. ସ୍ତ୍ରୀ ।

**ଯାମିନୀ** ***ବି.*** ରାତି ।

**ଯାମୀ** ***ବି.*** ୧. ଭଉଣୀ ୨. ଦ୍ୱିଜା ନକ୍ଷତ୍ର ୩. ଦକ୍ଷିଣଦିଗ ୪. କୁଳନାରୀ ୫. ରାତି ।

**ଯାଯାବର** ***ବିଂ.*** ୧. ଭ୍ରମଣଶୀଳ ୨. ଯାହାର ସ୍ଥିର ବାସସ୍ଥାନ ନାହିଁ ୩. ବନ୍ଧନମୁକ୍ତ ୪. ନିର୍ଦ୍ଦିଷ୍ଟ ଶୃଙ୍ଖଳାରେ ବନ୍ଧାପଡ଼ି ନ ଥିବା; ***ବି.*** ୧. ଏଣେତେଣେ ବୁଲୁଥିବା ବ୍ୟକ୍ତି ବା ଗୋଷ୍ଠୀ ୨. ବାରବୁଲା ।

**ଯାଯାବରୀ** ***ବିଂ.*** ୧. ।

**ଯାୟେ** ***ଅ.*** ଯାଏ, ଯାକେ, ପର୍ଯ୍ୟନ୍ତ ।

**ଯିବା** ***କ୍ରି.*** ୧. ଗମନ ବା ପ୍ରସ୍ଥାନ କରିବା ୨. ଧ୍ୱଂସ ପାଇବା ୩. ମରିଯିବା ।

**ଯିମିତି** ***ଅ.*** ୧. ଯେମିତି, ଯେଉଁଭଳି, ଯେଉଁପରି ୨. ଯେଉଁକ୍ଷଣି ।

**ଯୁଁ** ***କ୍ରି.*** ଯିବା, ଚାଲ ଯିବା।

**ଯୁ** ***ବି.*** ବଳ, ସାମର୍ଥ୍ୟ, ତାକତ ।

**ଯୁଆଳିଲା** ***ବି.*** ଜୁଆଳିର ଦୁଇମୁଣ୍ଡରେ ଥିବା ଖିଲ, ସଅଳ ।

**ଯୁଆଡ଼** ***ସ.*** ଯେଉଁଆଡ, ଯେଉଁଦିଗ ।

**ଯୁଆଣି** ***ବି.*** ସୁଗନ୍ଧ ମସଲା ବିଶେଷ, ଅଜୁଏନ୍ ।

**ଯୁଆଣି ଅର୍କ** ***ବି.*** ଯୁଆଣିରୁ ପ୍ରସ୍ତୁତ ଔଷଧୀୟ ଗୁଣବିଶିଷ୍ଟ ନିର୍ଯ୍ୟାସ ।

**ଯୁଆନ** ***ବିଂ.ବି.*** ଭେଣ୍ଡା, ଗଜା ଟୋକା, ଯୁବକ, ଡିଣ୍ଡା ।

**ଯୁଆର, ଯୁଆରା** ***ବି.*** କୃଷିଜାତ ଶସ୍ୟ ବିଶେଷ ।

**ଯୁଆଳି** ***ବି.*** ଯୁଗକାଷ୍ଠ, ଲଙ୍ଗଳ ବା ଶଗଡ଼ ଟାଣିବାପାଇଁ ଗୋରୁ, ମଇଁଷି, ଘୋଡା ଆଦିଙ୍କ କାନ୍ଧରେ ଆଡ଼ବାଗରେ ସ୍ଥାପିତ ବାଉଁଶ ବା କାଠଖଣ୍ଡ, ଯୁଏଡ଼ ।

**ଯୁକ୍ତ** ***ବିଂ.*** ୧. ଯୋଗ ହୋଇଥିବା ୨. ମିଳିତ ୩. ସଂଲଗ୍ନ ୪. ମିଶ୍ରିତ ୫. ଲଗା, ମିଶା ୬. ସମ୍ପୃକ୍ତ ୭. ଯୋଡ, ଏକତ୍ର ।

**ଯୁକ୍ତକର** ***ବି.*** କୃତାଞ୍ଜଳି ; ***ବିଂ.*** ଯୋଡ଼ ହାତ ।

ଯୁକ୍ତ ଚିହ୍ନ ବି. ମିଶାଣ ଚିହ୍ନ, ଦୁଇ ସଂଖ୍ୟାର ମିଶାଣ ସୂଚକ ଚିହ୍ନ (+)

**ଯୁକ୍ତବେଣୀ** ***ବି.*** ୧. ପ୍ରୟାଗ (ଗଙ୍ଗା, ଯମୁନା, ସରସ୍ୱତୀ)ର ସଙ୍ଗମ ୨. ବେଣୀବଦ୍ଧ କେଶଗୁଚ୍ଛ ।

**ଯୁକ୍ତାହାର** ***ବି.*** ପରିମିତ ଭୋଜନ, ସ୍ୱଳ୍ପ ଖାଇବା, ସଂଯତ ଆହାର ।

**ଯୁକ୍ତାକ୍ଷର** ***ବି.*** ଏକାଧିକ ବ୍ୟଞ୍ଜନ ବର୍ଣ୍ଣ ସହିତ ଫଳାର ମିଳିତ ରୂପ ।

**ଯୁକ୍ତି** ***ବି.*** ୧. ବିଚାର ଆଲୋଚନା, ବିତର୍କ ୨. ବିବେଚନା ୩. ମନ୍ତ୍ରଣା, ପରାମର୍ଶ ।

**ଯୁକ୍ତିତର୍କ** ***ବି.*** ୧. ଆଲୋଚନା ୨. କାରଣ ପ୍ରଦର୍ଶନକରି ତର୍କ ।

**ଯୁକ୍ତିଦାତା** ***ବି.*** ପରାମର୍ଶଦାତା, ଉପଦେଶଦାତା ।

**ଯୁକ୍ତିଯୁକ୍ତ** ***ବିଂ.*** ୧. ବିଚାରସଙ୍ଗତ ୨. ଯଥାର୍ଥ ୩. ନ୍ୟାୟୋଚିତ ।

**ଯୁକ୍ତିସଂଗତ** ***ବିଂ.*** ବିଚାରସଙ୍ଗତ, ନ୍ୟାଯ୍ୟ, ନ୍ୟାୟୋଚିତ ।

**ଯୁକ୍ତିହୀନ** ***ବିଂ.*** ୧. ଯୁକ୍ତି ନ ଥିବା ୨. ବିନା କାରଣରେ ।

**ଯୁଗ** ***ବିଂ.*** ଯୁଗ୍ମ, ଯୋଡ଼ା; ***ବି.*** ୧. ଅନନ୍ତ ସମୟର ଆପାତତଃ ଚାରିଭାଗ ଯଥା- ସତ୍ୟ, ତ୍ରେତା, ଦ୍ୱାପର ଓ କଳି ୨. ଦୀର୍ଘ ସମୟ ୩. ପଶା, ଲୁଡୁ ଆଦି ଖେଳରେ ଜଣେ କିମ୍ବା ତା ଯୋଡ଼ି ଖେଳାଳିଙ୍କ ସାର ବା ଗୋଟିର ଏକତ୍ର ସ୍ଥିତି ୩. ଯୁଆଳି ୪. କାଳ, ସମୟ ।

**ଯୁଗକାଷ୍ଠ** ***ବି.*** ଯୁଆଳି ।

**ଯୁଗଧର୍ମ** ***ବି.*** ୧. କୌଣସି ସମୟର ଆଚାରବିଚାର ଓ ଚଳଣି ୨. ସମୟର ନିୟମ ।

**ଯୁଗନ୍ଧର** ***ସ.*** ଝୁରାମୁଣ୍ଡି, ଲଙ୍ଗଳର ଈଷ, କସ୍‌ନା ।

**ଯୁଗପତ୍** ***ଅ.*** ଏକକାଳୀନ, ଏକା ଥରକେ, ସମାନ ସମୟରେ ଘଟିବା ।

**ଯୁଗପୁରୁଷ** *ବି.* ୧. କ୍ରାନ୍ତିକାରୀ ୨. ସମୂହର ବିଚାରରେ ପରିବର୍ତ୍ତନ ସୃଷ୍ଟିକାରୀ ବ୍ୟକ୍ତିତ୍ୱ ।

**ଯୁଗପ୍ରବର୍ତ୍ତକ** *ବି.ବିଂ.* ନୂଆରୀତି ବା ସଂସ୍କାରାଦି ଚଳାଇବା ବ୍ୟକ୍ତି ।

**ଯୁଗ ବସିବା** *କ୍ରି.* ପଶାଖେଳରେ ଦୁଇଟିଗୋଟି ଗୋଟିଏ ଘରେ ରହିବା ।

**ଯୁଗଯୁଗ** *ବି.* ଦୀର୍ଘକାଳ ।

**ଯୁଗଯୁଗାନ୍ତର** *ବି.* ୧. ଅପରିମିତ କାଳ ୨. କାଳକ୍ରମିକ; ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ କାଳର ନିରନ୍ତରତା ।

**ଯୁଗରାଇଜ** *ବି.* ୧. ବହୁକାଳବ୍ୟାପୀ ରାଜ୍ୟସଂପଦ ଭୋଗ ୨. ଦୀର୍ଘ ଜୀବନ ।

**ଯୁଗଳ** *ବି. ବିଂ.* ଯୁଗ୍ମ, ଯୋଡ଼ି, ଦ୍ୱୟ ।

**ଯୁଗଳବନ୍ଦି** *ବି.* ଦୁଇଟି ସ୍ୱତନ୍ତ୍ର ବାଦ୍ୟ/ତାଳ/ସ୍ୱରର ସମନ୍ୱିତ ସଙ୍ଗୀତ ।

**ଯୁଗଳମୂର୍ତ୍ତି** *ବି.* ହରପାର୍ବତୀ/ରାଧାକୃଷ୍ଣ ଆଦି ଦେବଦେବୀଙ୍କର ମିଳିତ ମୂର୍ତ୍ତି ।

**ଯୁଗସନ୍ଧି** *ବି.* ଗୋଟିଏ ଯୁଗର ଅବସାନ ଓ ନୂଆଯୁଗର ଆରମ୍ଭ ସମୟ ।

**ଯୁଗାନ୍ତ** *ବି.* ୧. ପ୍ରଳୟ ୨. ଗୋଟିଏ ଯୁଗର ଅବସାନ ।

**ଯୁଗାନ୍ତକାରୀ** *ବିଂ.* ୧. ସମ୍ପୂର୍ଣ୍ଣ ପରିବର୍ତ୍ତନକାରୀ ୨. ଅଭୂତପୂର୍ବ ।

**ଯୁଗାନ୍ତର** *ବି.* ୧. ଅନ୍ୟ ଯୁଗ ୨. ବିପୁଳ ପରିବର୍ତ୍ତନ ।

**ଯୁଗାବତାର** *ବି.* ଯୁଗ ରୁଚିର ସଂସ୍କାରକ ବା ପରିବର୍ତ୍ତନକାରୀ ।

**ଯୁଗାବଧି** *କ୍ରି.ବିଂ.* ବହୁକାଳଧରି ।

**ଯୁଗୀୟ** *ବିଂ.* ୧. କୌଣସି ଯୁଗ ସମ୍ବନ୍ଧୀୟ ୨. ଯୁଗ ବିଶେଷରେ ଘଟିତ ।

**ଯୁଗେ ଯୁଗେ** *ଅ.* ୧. ପ୍ରତି ଯୁଗରେ ୨. କାଳେ କାଳେ, ସବୁକାଳରେ ୩. ଗତାନୁଗତିକ ରୂପେ ୪. ଚିର କାଳ।

**ଯୁଗୋପଯୋଗୀ** *ବିଂ.* ୧. କାଳ ଉପଯୋଗୀ ୨. ଯୁଗର ରୀତି ଅନୁସାରେ ୩. ସମୟୋଚିତ ଭାବେ ।

**ଯୁଗ୍ମ** *ବି.* ୧. ଯୁଗଳ, ଯୋଡ଼ି, ଦ୍ୱୟ ୨. ମିଥୁନ ୩. ସମନ୍ୱୟ; **ବିଂ.** ସହଯୋଗୀ ।

**ଯୁଗ୍ମତିଥି** *ବି.* ଗୋଟିଏ ଦିନରେ ପଡ଼ିବା ଦୁଇଟି ତିଥି ।

**ଯୁଗ୍ମ-ସଚିବ** *ବି.* ଜଏଣ୍ଟ ସେକ୍ରେଟାରୀ, ଉପଶାସନସଚିବଙ୍କ ଉପରିସ୍ଥ ସଚିବ ।

**ଯୁଗ୍ମ-ସମ୍ପାଦକ** *ବି.* ଅନ୍ୟତମ ସମ୍ପାଦକ।

**ଯୁଜ** *ବି.* ବହିର ଅଂଶ ବା ଫର୍ମା ।

**ଯୁଜ ସିଲାଇ** *ବି.* ବହିର ଫର୍ମାଗୁଡ଼ିକ ସିଲେଇ କରିବାର ରୀତିବିଶେଷ ।

**ଯୁଝ** *ବି.* ଯୁଦ୍ଧ, ଲଢ଼େଇ, ବିବାଦ ।

**ଯୁଝାଳି** *ବି.* ଯୋଦ୍ଧା, ସଂଗ୍ରାମୀ, ବୀର, ସାହସୀ ।

**ଯୁଝିବା** *ବି.* ୧. ଯୁଦ୍ଧ ବା ବିବାଦ କରିବା ୨. କଷ୍ଟକରିବା ।

**ଯୁଟିବା** *କ୍ରି.* ୧. ପହଞ୍ଚିବା ୨. ମିଳିବା ୩. ଯୁଦ୍ଧ କରିବା ।

**ଯୁଟାଇବା** *କ୍ରି.* ୧. ପହଞ୍ଚାଇବା ୨. ମିଳାଇବା ୩. କଳହ ଉପୁଜାଇବା।

**ଯୁଣ** *ବି.* ୧. ମଶିଣା ତିଆରିରେ ବ୍ୟବହୃତ ଏକ ପ୍ରକାରର ଲମ୍ବା ଘାସ- ଯାହାର ପତ୍ର ଟାଆଁସିଆ ଓ ଧାରୁଆ ୨. ଯାନ ବିଶେଷ।

**ଯୁତ** *ବିଂ.* ୧. ଯୁକ୍ତ ୨. ମିଳିତ ୩. ସମ୍ପୃକ୍ତ; **ବି.** ୧. ଚାରିହାତ ପରିମାଣ ୨. ମାହୁନ୍ତର, ହାତୀକୁ ପଦଦ୍ୱାରା ତାଡ଼ନା ।

**ଯୁଦ୍ଧ** *ବି.* ଲଢ଼େଇ, ସଂଘର୍ଷ, ରଣ, ସଂଗ୍ରାମ ।

**ଯୁଦ୍ଧନୀତି** *ବି.* ଲଢ଼େଇର ନିୟମ ।

**ଯୁଦ୍ଧବାଦ୍ୟ** *ବି.* ବୀରବାଦ୍ୟ, ଯୁଦ୍ଧ ବେଳେ ବାଜୁଥିବା ବୀରତ୍ୱବ୍ୟଞ୍ଜକ ବାଦ୍ୟ ।

**ଯୁଦ୍ଧବିଦ୍ୟା** *ବି.* ୧. ଯୁଦ୍ଧର କୌଶଳ ୨. କୂଟନୀତି ଇତ୍ୟାଦି ବିଷୟକ ତତ୍ତ୍ୱ ବା ଶାସ୍ତ୍ର ।

**ଯୁଦ୍ଧବିରତି** *ବି.* ୧. ଯୁଦ୍ଧ ଶେଷ, ଯୁଦ୍ଧାବସାନ ୨. ଶାନ୍ତି ବା ସନ୍ଧି ନିମନ୍ତେ ଯୁଦ୍ଧ ବନ୍ଦ କରିବା ।

**ଯୁଦ୍ଧଯାତ୍ରା** *ବି.* ଯୁଦ୍ଧ ପାଇଁ ଅଭିଯାନ ।

**ଯୁଦ୍ଧାସ୍ତ୍ର** *ବି.* ଯୁଦ୍ଧ କ୍ଷେତ୍ରରେ ବ୍ୟବହାର୍ଯ୍ୟ ଅସ୍ତ୍ର ।

**ଯୁବ** *ବି. ବିଂ.* ଯୌବନ, କୈଶୋର ପରବର୍ତ୍ତୀ ଅବସ୍ଥା ।

**ଯୁବଉତ୍ସବ** *ବି.* ଯୁବକ ଯୁବତୀମାନଙ୍କ ଉତ୍ସବ ।

**ଯୁବକ** *ବି.* ଯୁଆନ, ଭେଣ୍ଡା, ଡିଣ୍ଡା, ଯୁବା, ଗଜାଟୋକା ।

**ଯୁବକାଳ** *ବି.* ଯୁଆନବୟସ, ଯୌବନ ସମୟ ।

**ଯୁବତୀ, ଯୁବତି** *ବି.* ଯୁବା ନାରୀ, ଯୁବାବୟସୀ, ଟୋକୀ, ଟୁକେଲି, ଧାଙ୍ଗଡ଼ି(ରି), ନବଯୌବନା, ତରୁଣୀ ।

**ଯୁବରାଜ** *ବି.* ୧. ରାଜାଙ୍କର ପ୍ରଥମ ପୁତ୍ର ୨. ରାଜଗାଦିର ଅଧିକାରୀ ରାଜପୁତ୍ର ।

**ଯୁବରାଣୀ** *ବି.* ଯୁବରାଜାଙ୍କ ପତ୍ନୀ ।

**ଯୁବଶକ୍ତି** *ବି.* ୧. ଯୁଆନ ଗୋଷ୍ଠୀ, ଯୁବ ସମୁଦାୟ ୨. ଯୌବନର ସାମର୍ଥ୍ୟ ।

**ଯୁବା** *ବିଂ.ବି.* ଯୁଆନ ।

**ଯୁଯୁ** *ବି.* ଘୋଡା ।

**ଯୁଯୁଧାନ** *ବିଂ.* ୧. ଯୁଦ୍ଧରତ ୨. ସମରପ୍ରିୟ, ରଣରଙ୍ଗ, ଯୋଦ୍ଧା; **ବି.** ୧. କ୍ଷତ୍ରିୟ ୨. ଇନ୍ଦ୍ର ।

**ଯୁଯୁତ୍ସା** *ବି.* ଯୁଦ୍ଧ କରିବାର ଇଚ୍ଛା ।

**ଯୁଯୁତ୍ସୁ** ***ବିଂ.*** ଯୁଦ୍ଧ କରିବାକୁ ଇଚ୍ଛା କରୁଥିବା; ***ବି.*** ଜାପାନର ସମର କଳା ।

**ଯୁଯୁକ୍ଷୁ** *ବି.* ମିଳନ ବା ମୁକ୍ତି ପାଇଁ ଅଭିଳାଷୀ ।

**ଯୁଇ** *ବି.* ଯୁଥିକା ଫୁଲ, ଶୀତ ରାତିରେ ଫୁଟୁଥିବା ଏକପ୍ରସ୍ଥ ପାଖୁଡା ଥିବା ସୁବାସିତ ଧଳାଫୁଲ ।

**ଯୁକ** *ବି.* ଉକୁଣି, ଲିଖ, ବାଳରେ ରହୁଥିବା ରକ୍ତଶୋଷୀ କୀଟ ।

**ଯୁଣ** *ବି.* ଦୂରତାର ମାପର ଏକକ, ଯୋଜନ, ଚାରି କୋଶ ବା ଆଠ ମାଇଲ ।

**ଯୁଥ** *ବି.* ପଶୁ ବା ପକ୍ଷୀର ଦଳ, ଗୋଠ, ପଲ ।

**ଯୁଥନାଥ** *ବି.* ୧. ପଶୁ ଦଳର ମୁଖ୍ୟ ୨. ଗେଧ ୩. ଦନ୍ତାହାତୀ ।

**ଯୁଥପତି** *ବି.* ଦଳପତି ।

**ଯୁଥଭ୍ରଷ୍ଟ** *ବିଂ.* ଦଳଛଡ଼ା, ଗୋଠଛଡ଼ା ।

**ଯୁଥିକା** *ବି.* ଯୁଇଫୁଲ ।

**ଯୁନୀ** *ବି.* ଯୁବତୀ, ଟୋକୀ ।

**ଯୁପ** *ବି.* ହରିକାଠ, ପଶୁପକ୍ଷୀଙ୍କୁ ଥୋଇ ବଳି ଦିଆଯାଉ ଥିବା ଦ୍ୱିଶାଖ କାଠ ।

**ଯୁପଦ୍ରୁମ** *ବି.* ଯେଉଁ ଗଛର କାଠରେ ଯୁପ ତିଆରି ହୁଏ ।

**ଯୁଷ** *ବି.* ଝୋଳ, ଅଣ, କ୍ୱାଥ, ଫଳର ନିର୍ଯାସ ।

**ଯେ** *ସ.* ନିର୍ଦ୍ଦିଷ୍ଟ ବସ୍ତୁ, ବ୍ୟକ୍ତି ବା ବିଷୟ ; ***ବିଂ.*** ଯେଉଁ ; ***ଅ.*** ମିଶ୍ର ବାକ୍ୟରେ ଅପ୍ରଧାନ ଅଂଶ ସୂଚକ ଶବ୍ଦ ।

**ଯେଉଁ** *ସ.* ଯେ, ଯାହା ।

**ଯେଝା** *ସ.* ଯେ ଯାହାର ।

**ଯେଡ଼ିକି, ଯେଡ଼େ** *ବିଂ.* ଯେଉଁ ଆକୃତିବିଶିଷ୍ଟ ।

**ଯେଣିକି** ***କ୍ରି.ବିଂ.*** ଯେଉଁ ଆଡ଼କୁ, ଯେଉଁଠାକୁ, ଯହିଁକୁ ।

**ଯେଣୁ** ***କ୍ରି.ବିଂ.*** ଯେହେତୁ, ଯେଉଁ କାରଣରୁ ।

**ଯେଣୁତେଣୁ** ***କ୍ରି.ବିଂ.*** ଯାହୁସାତୁ ।

**ଯେଣେ** ***କ୍ରି.ବିଂ.*** ଯୁଆଡେ ।

**ଯେଣେତେଣେ** ***କ୍ରି.ବିଂ.*** ଯେ କୌଣସି ଦିଗରେ, ଇଆଡ଼େ ସିଆଡ଼େ ।

**ଯେତେ** *ସ.* ଯେଉଁ ପରିମାଣରେ ।

**ଯେତେବେଳେ** ***କ୍ରି.ବିଂ.*** ଯେଉଁ ସମୟରେ ।

**ଯେତେମନ୍ତେ** ***କ୍ରି.ବିଂ.*** ଯେତେ ଭଳି, ଯେତେ ପ୍ରକାରର, ଯେତେ କରି, ଯେଉଁ ରକମର ।

**ଯେପରି** ***କ୍ରି.ବିଂ.*** ଯେଉଁ ପ୍ରକାରେ ।

**ଯେବ** *ବିଂ.* ଯେଉଁ କାଳର ।

**ଯେବକା** *ବିଂ.* ଯେଉଁ କାଳୀନ ବା ସମୟର ।

**ଯେବଣ** *ସ.* ୧. ଯେଉଁ ପ୍ରକାର ୨. ଯେଉଁ ।

**ଯେବେ** *ଅ.* ଯେଉଁ ସମୟରେ, ଯଦି ।

**ଯେବେ ହେଲେ** *ଅ.* ଯେବେ ହେଁ, ଯେବେ ; ***ବି.*** ଯେ କୌଣସି ସମୟରେ ।

**ଯେଭଳି** *ଅ.* ଯେପରି ।

**ଯେମତ, ଯେମନ୍ତ** *ବିଂ.* ଯେପରି ।

**ଯେ ପ୍ରକାରେ** ***କ୍ରି.ବିଂ.*** ଯେଉଁପରି ଭାବରେ, ଯେପରି ଭାବେ ।

**ଯେରୂପେ** *ଅ.* ଯେଭଳି, ଯେପରି ।

**ଯେସନେ** *ଅ.* ଯେମିତି, ଯେଉଁପରି ।

**ଯେସା** *ଅ.* ଯେପରି, ଯେଉଁ ପ୍ରକାରର ।

**ଯେ ସେ** *ସ.* ଅନିର୍ଦ୍ଦିଷ୍ଟ ବ୍ୟକ୍ତି, ଯେ କେହି, ଯିଏ ସିଏ ।

**ଯେହେତୁ** ***କ୍ରି.ବିଂ.*** ଯେଉଁ କାରଣରୁ, ଯେଉଁଥି ପାଇଁ ।

**ଯୋ[ଯୁ]କିଆ** *ବି.* ଘାଇରେ ଲୁହାଫାଳକୁ ରଖିବା ପାଇଁ ବ୍ୟବହୃତ ଦିମୁନିଆଁ କଣ୍ଟା ।

**ଯୋକ୍ତ** *ବି.* ଲଙ୍ଗଳ ଦଉଡ଼ି, ଯୋତ, ଯୁଆଳି ଦଉଡ଼ି ବା ଯୋତା ।

**ଯୋକ୍ତା** ***ବିଂ.ବି.*** ସଂଯୋଗକାରୀ, ଯୋଗକର୍ତ୍ତା, ଯୁଟାଇବା ଲୋକ ।

**ଯୋଖ** *ବି.* ୧. ପରିମାଣ ୨. ଓଜନ, ତଉଲ ୩. ସଂଯୋଗ ୪. ତୁଳନା, ସମସ୍କନ୍ଧତା ୫. ଲାଖ; ***ବିଂ.*** **ସଦୃଶ, ସମସ୍କନ୍ଧ, ତୁଳିତ** ।

**ଯୋଖା** *ବିଂ.* ୧. ଯୋଡ଼ା ୨. ସଂଯୁକ୍ତ ୩. ତୁଲ୍ୟ; ***ବି.*** ପିଠା ତିଆରି ପାଇଁ ଚାଉଳ ଗୁଣ୍ଡ ବା ଅଟା ସିଝାର ଉପାଦାନ ।

**ଯୋଖିବା** *କ୍ରି.* ୧. ଯୋଡ଼ିବା, ସଂଯୁକ୍ତ କରିବା ୨. ଲଗାଇବା ୩. ମିଳାଇବା ୪. ଲାଖ କରିବା ।

**ଯୋଗ** *ବି.* ୧. ମିଳନ, ସମ୍ପର୍କ ୨. ଯମ, ନିୟମ, ପ୍ରାଣାୟାମ ଆଦି ଅଷ୍ଟାଙ୍ଗବିଶିଷ୍ଟ ସାଧନା ୩. ସମୟ ୪. ମିଶାଣ ୫. ପତଞ୍ଜଳିକୃତ ଦର୍ଶନଶାସ୍ତ୍ର ୬. ସମାହିତ ଭାବ, ଆତ୍ମବିସ୍ମୃତି, ନିଜକୁ ଭୁଲି ଯିବା ୭. ବାହ୍ୟ ଆକର୍ଷଣରୁ ମୁକ୍ତି ୮. ଅର୍ଜନ ୯. ସଂକଳନ, ସମଷ୍ଟି ।

**ଯୋଗକୁ** *ଅ.* ଭାଗ୍ୟବଶତଃ, ଘଟଣାଚକ୍ରରେ ।

**ଯୋଗଜନ୍ମା** *ବିଂ.* କ୍ଷଣଜନ୍ମା, ମହାପୁରୁଷ ଶ୍ରେଣୀର ମଙ୍ଗଳକାରୀ, ଯଶସ୍ୱୀ ।

**ଯୋଗଣିଖିଆ** *ବି.* ଯୋଗିନୀଖିଆ – ଏକ ଅଭିଶାପ ବା ଗାଳି ।

**ଯୋଗଦାନ** *ବି.* ୧. ସ୍ଥାନରେ ଉପସ୍ଥିତି ୨. ପ୍ରବେଶ ୩. ଭାଗ ନେବା ।

**ଯୋଗନିଦ୍ରା** *ବି.* ପ୍ରଳୟ କାଳରେ ସର୍ବଧ୍ୱଂସ ଇଚ୍ଛା କରି ପରମ ପୁରୁଷଙ୍କର ମୋହାସକ୍ତ ନିଶ୍ଚଳ ଅବସ୍ଥା ।

**ଯୋଗଫଳ** ***ବି.*** ମିଶାଣ ଫଳ ।

**ଯୋଗବଳ** ***ବି.*** ଯୋଗଦ୍ୱାରା ଲାଭ ହୋଇଥିବା ଶକ୍ତି ବା କ୍ଷମତା ।

**ଯୋଗବାହ** ***ବି.*** ଜିହ୍ୱାମୂଳୀୟ ବର୍ଣ୍ଣ (ଅନୁସ୍ୱାର, ବିସର୍ଗ) ।

**ଯୋଗବାହୀ** ***ବି.*** ୧. ମହୁ ୨. ଗୋରସ, କ୍ଷୀର ୩. ପାରଦ ; ***ବିଂ.*** ସଂଯୋଗକାରୀ ।

**ଯୋଗଭଙ୍ଗ** ***ବି.*** ସମାଧି ବା ବ୍ରତର ଅବସାନ, ଧ୍ୟାନ ଭଗ୍ନହେବା ।

**ଯୋଗମାୟା** ***ବି.*** ଭଗବାନଙ୍କର ଲୀଳାବିସ୍ତାରିଣୀ ଶକ୍ତି, ମହାମାୟା ।

**ଯୋଗା** ***ବିଂ.*** ଯୋଗ୍ୟ, ଉପଯୁକ୍ତ ।

**ଯୋଗାଇବା** ***କ୍ରି.*** ୧. ଆବଶ୍ୟକ ବସ୍ତୁ ସଂଗ୍ରହ କରି ପହଞ୍ଚାଇବା ୨. ଉଚିତ ବା **ଉପଯୁକ୍ତ** ହେବା ।

**ଯୋଗାକର୍ଷଣ** ***ବି.*** ଏକଜାତୀୟ ପରମାଣୁ ସମୂହର ପରସ୍ପର ସହିତ ସଂଯୁକ୍ତ ହୋଇ ରହିଥିବାର ଆକର୍ଷଣ ।

**ଯୋଗାଡ଼** ***ବି.*** ୧. ଆୟୋଜନ, ଉଦ୍‌ଯୋଗ ୨. ସଂଗ୍ରହ ୩. ବାସନ ।

**ଯୋଗାଡ଼ ମଜା ସେବକ** ***ବି.*** ଶ୍ରୀମନ୍ଦିରରେ ବାସନ ମଜା ସେବକ।

**ଯୋଗାଡ଼ଯନ୍ତ୍ର** ***ବି.*** କାର୍ଯ୍ୟ କରିବାର ଉପଯୁକ୍ତ ଆୟୋଜନ ବା ବ୍ୟବସ୍ଥା ।

**ଯୋଗାଡ଼ିଆ** ***ବି. ବିଂ.*** ୧. କୌଶଳରେ କାମ କରେଇପାରୁଥିବା, ଧୁରନ୍ଧର ୨. ଯୋଗାଉଥିବା ବ୍ୟକ୍ତି ।

**ଯୋଗାଡ଼ିବା** ***କ୍ରି.*** ଯୋଗାଡ଼ କରିବା, ଆୟୋଜନ କରିବା ।

**ଯୋଗାଣ** ***ବି.*** ଅତ୍ୟାବଶ୍ୟକ ବସ୍ତୁର ସଂଗ୍ରହ ଓ ଯୋଗାଇବା କାର୍ଯ୍ୟ ।

**ଯୋଗାଣ ବିଭାଗ** ***ବି.*** ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଡ଼ ଓ ବିତରଣ କରାଉଥିବା ସରକାରୀ ବିଭାଗ ।

**ଯୋଗାଣିଆ** ***ବି.*** ୧. ସାହାଯ୍ୟକାରୀ, ଯେଉଁ ଲୋକ ଯୋଗାଡ଼ କରିପାରେ ୨. ଶ୍ରୀମନ୍ଦିରରେ ବିଭିନ୍ନ ନୀତିରେ ଆବଶ୍ୟକ ଜିନିଷପତ୍ର ଯୋଗାଇବା, ସେବକ ।

**ଯୋଗାଯୋଗ** ***ବି.*** ୧. ଭେଟ ୨. ସହଯୋଗିତା ୪. ସାକ୍ଷାତ୍‌କାର ୫. ସମ୍ପର୍କ ସ୍ଥାପନ ୬. ଆଦାନ ପ୍ରଦାନ ।

**ଯୋଗାଯୋଗକାରୀ** ***ବି.*** ସଂଯୋଗକାରୀ, ଆୟୋଜକ ।

**ଯୋଗାରୂଢ଼** ***ବିଂ.*** ଯୋଗସାଧନାରେ ମଗ୍ନ, ସମାଧିରେ ଲୀନ ।

**ଯୋଗାସନ** ***ବି.*** ଯୋଗ ସାଧନାରେ ବସିବା ଭଙ୍ଗୀ ।

**ଯୋଗାସୀନ** ***ବିଂ.*** ଯୋଗରେ ବସିଥିବା ।

**ଯୋଗିନୀ** ***ବି.*** ୧. ଦୁର୍ଗାଙ୍କ ଚଉଷଠି ସହଚରୀ ୨. ଡାକିନୀ, ଡାଆଣୀ ୩. ତିଥି ବିଶେଷରେ ଓ ଦିଗ ବିଶେଷରେ ଅଧିକାରିଣୀ ଦେବୀ ୪. ନାରୀ ଯୋଗୀ ।

**ଯୋଗୀ** ***ବି.*** ୧. ନାଥ ଧର୍ମାବଲମ୍ବୀ ବ୍ୟକ୍ତି ୨. ଯୋଗସାଧକ ତପସ୍ୱୀ ୩. ନୀରବ ସାଧକ ।

**ଯୋଗୁଁ** ***କ୍ରି.ବିଂ.*** ହେତୁରୁ, କାରଣରୁ, ବଶତଃ ।

**ଯୋଗେ** ***ଅ.*** ଅବଲମ୍ବନରେ, କାରଣରେ, ସହାୟତାରେ, ଦ୍ୱାରା ।

**ଯୋଗେଶ୍ୱର** ***ବି.*** ୧. ଶ୍ରେଷ୍ଠ ଯୋଗୀ ୨. ମହାଦେବ ।

**ଯୋଗେଶ୍ୱରୀ** ***ବି.*** ଦୁର୍ଗା ।

**ଯୋଗ୍ୟ** ***ବିଂ.*** ୧. ଉପଯୁକ୍ତ ୨. ପାରିବାର ୩. ସମର୍ଥ ୪. କାର୍ଯ୍ୟଦକ୍ଷ ।

**ଯୋଗ୍ୟତା** ***ବି.*** ସାମର୍ଥ୍ୟ, ପାରିବାରପଣ, କାର୍ଯ୍ୟଦକ୍ଷତା ।

**ଯୋଚା** ***ବି.*** ସଂଯୋଜନ ; ***ବିଂ.*** ସଂଯୋଜିତ, ବେଙ୍ଗଳା ବା ହଳ କାମରେ ଲାଗିଥିବା, ବନ୍ଧା ହୋଇଥିବା ।

**ଯୋଚିବା** ***କ୍ରି.*** ୧. ବାନ୍ଧିବା, ସଂଯୋଜିତ କରିବା ୨. ଶଗଡ଼ ଆଦିରେ ବଳଦଙ୍କୁ ଲଗାଇବା ।

**ଯୋଜକ** ***ବିଂ.*** ୧. ଯୋଗକାରକ ୨. ଦୁଇଟି ବୃହତ ସ୍ଥଳଭାଗ ମଧ୍ୟରେ ସଂଯୋଗସ୍ଥାପକ ସଂକୀର୍ଣ୍ଣ ଭୂଖଣ୍ଡ ।

**ଯୋଜନ** ***ବି.*** ୧. ସଂଘଟନ ୨. ନିୟୋଜନ ୩. ଚାରିକୋଶ (ଆଠ ମାଇଲ) ପରିମାଣର ଦୂରତ୍ୱ ।

**ଯୋଜନା** ***ବି.*** ୧. କୌଣସି କାର୍ଯ୍ୟ ବା କାର୍ଯ୍ୟକ୍ରମ ପାଇଁ ବିଧିବଦ୍ଧ ପ୍ରସ୍ତୁତି ୨. ସଂଯୋଜନା ୩. ପରିକଳ୍ପନା ।

**ଯୋଜିତ** ***ବିଂ.*** ୧. ନିୟୋଜିତ ୨. ଗ୍ରଥିତ, ଖଚିତ ।

**ଯୋଟ** ***ବି.*** ୧. ମିଳନ, ଯୋଗ ୨. ସଂହତି ୩. ଯୋଡ଼ା ୪. ଏକତ୍ର ସ୍ଥିତି ।

**ଯୋଟକ** ***ବି.*** ବର ଓ କନ୍ୟାର ଜାତକରେ ରାଶି ଓ ନକ୍ଷତ୍ରର ପରସ୍ପର ଅନୁକୂଳତା ବା ମେଳ ।

**ଯୋଡ଼** ***ବି.*** ୧. ଯୁଗଳ ୨. ଧୋତି ସହ ଚାଦର ୩. ମିଳନ ୪. ବର୍ଷାଜଳପୁଷ୍ଟ ଗୋହିରୀ ୫. ନାଳ, ନଳିଆ, ଜୋର ; ***ବିଂ.*** ୧. ଯୁକ୍ତ ୨. ବଦ୍ଧ ୩. ଯୁଗ୍ମ ।

**ଯୋଡ଼ ପଡ଼ିବା** ***କ୍ରି.*** ମୈଥୁନରତ ହେବା, ଯୁଲ୍ ଯିବା ।

**ଯୋଡ଼ା** ***ବିଂ.ବି.*** ୧. ସଂଯୋଜିତ ୨. ଯୁଗ୍ମ, ଯୁଗଳ, ଏକ ସଙ୍ଗେ ଦୁଇଟି, ହଳ ।

**ଯୋଡ଼ାଣ** ***ବି.*** ଇଟା ବା ପଥର ଯୋଡ଼େଇ କରିବା ।

**ଯୋଡ଼ାମୁହଁ** ***ବି.*** ସଂଯୋଗସ୍ଥଳ ।

**ଯୋଡ଼ି** ***ବି.*** ୧. ଦୁଇଟି ବା ଦୁଇ ଜଣ ଏକତ୍ର ୨. ହଳ ୩. ଦ୍ୱୟ ୪. ଯୁଗଳ ୫. ଅନ୍ତରଙ୍ଗ ୬. ଦୁଇଶକ୍ତି ; ***ବିଂ.*** ୧. ଯୁଗ୍ମସଂଯୁକ୍ତ ୨. ସମ୍ମିଳିତ ୩. ଏକତ୍ର ଅବସ୍ଥିତ ।

**ଯୋଡ଼ିଦାର** ***ବି.*** ଘନିଷ୍ଠ ସହଚର, ଅନ୍ତରଙ୍ଗ ଦୁଇ ବନ୍ଧୁ, ସବୁବେଳେ ଏକାଠି ଥିବା ଦୁଇ ବ୍ୟକ୍ତି ।

**ଯୋଡ଼ିନାଗରା** ***ବି.*** ୧. ଦୁଇଟି ନାଗରାଥାଇ ବାଦ୍ୟ ୨. ମଙ୍ଗଳବାଦ୍ୟ ।

**ଯୋଡ଼ିଯମକ** ***ବି.*** ଯେଉଁ ଶବ୍ଦାଳଙ୍କାରରେ ଲଗାଲଗି ଦୁଇଟି କରି ଭିନ୍ନାର୍ଥବୋଧକ ସମୋଚ୍ଚାରିତ ଶବ୍ଦ ରହିଥାଏ ।

**ଯୋଡ଼ିଯାଉଁଳି** ***ବି.*** ଘନିଷ୍ଠ ଭାବରେ ଏକତ୍ର ଦୁଇଜଣ ।

**ଯୋଡ଼ିଯାଡ଼ି** ***କ୍ରି.ବିଂ.*** ୧. ଲଗେଇ ଜୁଟେଇ ୨. ମନରୁ ଫାନ୍ଦି, ଖଞ୍ଜାଖଞ୍ଜି କରି ।

**ଯୋଡ଼େଇ** ***ବି.*** ଇଟା ବା ପଥରରେ କାନ୍ଥ ତିଆରି ; ***କ୍ରି.*** ସଂଯୋଗୀକରଣ ।

**ଯୋତ** ***ବି.*** ୧. ଯୁଆଳିରେ ବନ୍ଧା ହେବା ମଜବୁତ ଦଉଡ଼ି, ଯୋତା ୨. ଯୁଆଳି ବା ଯୋତରେ ବଳଦ ଯୋଚିବା ।

**ଯୋଧା** ***ବିଂ.ବି.*** ବୀର, ଯୋଦ୍ଧା, ଯୁଦ୍ଧକାରୀ ।

**ଯୋଦ୍ଧା** ***ବିଂ.ବି.*** ଯୁଦ୍ଧକରୁଥିବା ବ୍ୟକ୍ତି ।

**ଯୋଦ୍ଧୃବେଶ** ***ବି.*** ବୀରବେଶ, ସୈନିକର ପୋଷାକ ।

**ଯୋନି** ***ବି.*** ୧. ଉତ୍ପତ୍ତି ସ୍ଥଳ ୨. ସ୍ତ୍ରୀ-ଜନନେନ୍ଦ୍ରିୟ, ଭଗ ୩. କାରଣ ୪. ପୂର୍ବ ଫାଲଗୁନୀ ନକ୍ଷତ୍ର ।

**ଯୋନିକପାଟ** ***ବି.*** ଯୋନିର ଉଭୟ ପାର୍ଶ୍ୱସ୍ଥ ସ୍ଥିତିସ୍ଥାପକ ଆବରଣ ।

**ଯୋନିକୀଟ** ***ବିଂ.ବି.*** ଅତ୍ୟନ୍ତ କାମପ୍ରବଣ ବ୍ୟକ୍ତି, କାମାତୁର, କାମସର୍ବସ୍ୱ ।

**ଯୋନିଜ** ***ବିଂ.*** ୧. ମାତୃଯୋନିରୁ ବାହାରୁଥିବା ଶରୀର ୨. ଜନ୍ମ ନେଇଥିବା, ଜାତ ।

**ଯୋନିମୁକ୍ତ** ***ବିଂ.*** ମୋକ୍ଷପ୍ରାପ୍ତ, ଜନ୍ମମୃତ୍ୟୁରହିତ ।

**ଯୋନିରସ** ***ବି.*** ଯୋନିରୁ ନିର୍ଗତ ରସ ବା ରଜ ।

**ଯୋର** ***ବି.*** ୧. ଯୋଡ଼ ୨. ପାଟ ପ୍ରଭୃତି ସ୍ଥାନର ଜଳନାଳୀ ।

**ଯୋରିହେବା** ***କ୍ରି.*** ୧. ଯୋଡ଼ି ହେବା, ସାଙ୍ଗ ହେବା, ମିଶିବା ୨. ଲଗାଲଗି ହୋଇ ବସିବା, ଦେହକୁ ଦେହ ଲଗାଇ ବସିବା ୩. ନିଜକୁ ଅନ୍ୟ ସହିତ ସମାନ ମନେ କରିବା ।

**ଯୋଷା** ***ବି.*** ନାରୀ, ସ୍ତ୍ରୀଲୋକ ।

**ଯୋ ହୁକୁମ** ***ଅ.*** ଯେ ଆଜ୍ଞା, ଯଥା ଆଜ୍ଞା ।

**ଯୌକ୍ତିକ** ***ବି.*** ତର୍କ ସମ୍ମତ, ଯୁକ୍ତିଯୁକ୍ତ ।

**ଯୌଗିକ** ***ବିଂ.*** ୧. ଦୁଇଟିର ଯୋଗ ବା ମିଶ୍ରଣରୁ ଉତ୍ପନ୍ନ ୨. ବ୍ୟାକରଣରେ ପ୍ରକୃତି ପ୍ରତ୍ୟୟ ଯୋଗରେ ଗଠିତ ଓ ତଦନୁସାରେ ଅର୍ଥ ପ୍ରକାଶ କରୁଥିବା ୩. ଯୋଗ ସମ୍ବନ୍ଧୀୟ; ***ବି.*** **ଯୌଗିକତା** ।

**ଯୌଗିକ ବାକ୍ୟ** ***ବି.*** ଦୁଇଟି ସରଳ ବାକ୍ୟର ମିଶ୍ରଣରେ ଗଠିତ ବାକ୍ୟ ।

**ଯୌଗିକ ରସାୟନ** ***ବି.*** ଯେଉଁ ବସ୍ତୁଗୁଡ଼ିକ ମିଶ୍ରଣରେ ନୂତନ ବସ୍ତୁ ସୃଷ୍ଟି ହୁଏ (ଯେଥା ଉଦ୍ଯାନ ଓ ଅମ୍ଳଯାନ ମିଶ୍ରଣରେ ସୃଷ୍ଟି ହେଉଥିବା ଜଳ) ।

**ଯୌତୁକ** ***ବି.*** ବିବାହ ବେଳେ ବରକୁ ଓ କନ୍ୟାକୁ ଧନସମ୍ପତ୍ତି ବା ଉପହାର ଦେବାର ପ୍ରଥା ।

**ଯୌଥ** ***ବିଂ.*** ୧. ଏକାଧିକ ବ୍ୟକ୍ତିଦ୍ୱାରା ମିଳିତ ଭାବରେ କୃତ ୨. ସମ୍ମିଳିତ, ଅଧିକାରଭୁକ୍ତ ।

**ଯୌଧେୟ** ***ବିଂ.*** ଯୋଦ୍ଧାର ସନ୍ତାନ, ବୀର ପୁରୁଷ ୨. ପ୍ରାଚୀନ ଭାରତର ଯୁଦ୍ଧରଙ୍କ ଜାତି ବିଶେଷ ।

**ଯୌନ** ***ବି.*** ୧. ସନ୍ତାନ ଉତ୍ପାଦନ ସମ୍ବନ୍ଧିତ ଅଙ୍ଗପ୍ରତ୍ୟଙ୍ଗ ୨. ଯୌନକ୍ରିୟା ; ***ବିଂ.*** ୧. ଯୌନକ୍ରିୟା ବା ସନ୍ତାନ ଉତ୍ପାଦନ ସମ୍ବନ୍ଧିତ ୨. ସଂଗମ ବିଷୟକ ।

**ଯୌନକର୍ମୀ** ***ବି.ବିଂ.*** ବେଶ୍ୟା, ଯୌନକର୍ମକୁ ଜୀବିକାରୂପେ ଗ୍ରହଣ କରୁଥିବା ସ୍ତ୍ରୀ, ରୂପଜୀବୀ ।

**ଯୌନାଚାର** ***ବି.*** ପୁରୁଷ ନାରୀର ନିଷିଦ୍ଧ ଦୈହିକ ସମ୍ପର୍କ ।

**ଯୌନଜୀବନ** ***ବି.*** ୧. ପୁରୁଷ-ନାରୀଙ୍କ ଦୈହିକ ସମ୍ପର୍କ ୨. ଦାମ୍ପତ୍ୟ ସୁଖ ।

**ଯୌନତା** ***ବି.*** କାମପ୍ରବଣତା ।

**ଯୌନତୃଷ୍ଣା** ***ବି.*** ସଙ୍ଗମ ଇଚ୍ଛା, ରମଣ ଇଚ୍ଛା ।

**ଯୌନବିଜ୍ଞାନ** ***ବି.*** ମୈଥୁନ ସମ୍ବନ୍ଧିତ ବିଶେଷ ଜ୍ଞାନ ।

**ଯୌନରୋଗ** ***ବି.*** ନାରୀ ବା ପୁରୁଷ ସଂସର୍ଗ ସମ୍ପର୍କିତ ରୋଗ, ପୁରୁଷ ବା ନାରୀର ଯୌନାଙ୍ଗ ସମ୍ପର୍କିତ ରୋଗ ।

**ଯୌନସମ୍ପର୍କ** ***ବି.*** ମୈଥୁନ, ଦୈହିକ ସମ୍ପର୍କ, ନାରୀ-ପୁରୁଷଙ୍କ ଶାରୀରିକ ସମ୍ପର୍କ ।

**ଯୌନସୁଖ** ***ବି.*** ନାରୀ ପୁରୁଷ ସଂଭୋଗ ଜନିତ ଆନନ୍ଦ ।

**ଯୌବନ** ***ବି.*** ୧. ପ୍ରଜନନ କ୍ଷମତା ଥିବା କାଳ ୨. ତାରୁଣ୍ୟ ୩. ଯୁବା ଅବସ୍ଥା ।

**ଯୌବନ କଣ୍ଟକ** ***ବି.*** କାଠବ୍ରଣ ।

**ଯୌବନବତୀ** ***ବିଂ.*** ନବ ଯୁବତୀ ।

**ଯୌବନମତ୍ତ** ***ବି.*** ଯୌବନଗର୍ବିତ ।

**ଯୌବନ ଲକ୍ଷଣ** ***ବି.*** ଯୁବା ବୟସରେ ଶରୀରରେ ଦେଖା ଦେଉଥିବା ପରିବର୍ତ୍ତନ ।

**ଯୌବନଶ୍ରୀ** ***ବି.*** ଯୁବା ବୟସରେ ଶାରୀରିକ ସୌନ୍ଦର୍ଯ୍ୟ ।

**ଯୌବନ ସଂଚାର** ***ବି.*** ଯୁବାବସ୍ଥାର ଆରମ୍ଭ ।

**ଯୌବନସଙ୍ଗୀ** ***ବି.*** ଯୁବା କାଳର ସାଙ୍ଗ ।

**ଯୌବନସୁଲଭ** ***ବିଂ.*** ଯୁବାକାଳୀନ ମାନସିକ ସ୍ଥିତି, ପ୍ରବୃତ୍ତି ଆଦି, ସମ୍ବନ୍ଧିତ ।

**ଯୌବନୋଦୟ** ***ବି.*** ଯୁବାବସ୍ଥାର ଆରମ୍ଭ କାଳ ।

**ଯୌବରାଜ୍ୟ** ***ବି.*** ୧. ଯୁବରାଜଙ୍କ ପଦ, ନୃପତିଙ୍କୁ ରାଜକାର୍ଯ୍ୟରେ ସାହାଯ୍ୟ କରିବାର ନେଇ ଅଗ୍ରଜ ରାଜକୁମାରର ଦାୟିତ୍ୱଗ୍ରହଣ ।

# ୟ

**ୟ** *ବି.* ୨୭ତମ ବ୍ୟଞ୍ଜନ ବର୍ଣ୍ଣ(‘ଯ’ ଅକ୍ଷରର ଅନ୍ୟରୂପରେ ଏହା ବ୍ୟବହୃତ, ସଂସ୍କୃତ ଭାଷାରେ ‘ୟ’ ‘ଯ’ ସ୍ଥାନରେ ଉଚ୍ଚାରିତ ହୁଏ, ମାତ୍ର ଓଡ଼ିଆ ଭାଷାରେ ଏହାର ସ୍ୱତନ୍ତ୍ର ଉଚ୍ଚାରଣ ପ୍ରଚଳିତ)।

**ୟରିଙ୍ଗ** *ବି.* ଇଅରିଙ୍ଗ, କାନରେ ପିନ୍ଧା ଯାଉଥିବା ଛୋଟ ସୁନା ବଳା ।

**ୟହିଁରୁ** *ଅଂ.* ଏଥିରୁ ।

**ୟହିଁରେ** *ଅ.* ଏଥିରେ ।

**ୟା** *ସ.* ୧. ଏହା ୨. ଏହାର ୩. ଏହି ବିଷୟର ।

**ୟାକୁ** *ସ.* ୧. ଏହାକୁ ୨. ଏହି ବ୍ୟକ୍ତିକୁ ୩. ଏହି ବସ୍ତୁକୁ ।

**ୟାଘେନି** *ଅ.* ୧. ଏହା ପାଇଁ ୨. ଏହି ନିମିତ୍ତ ୩. ଏଇ କାରଣରୁ ।

**ୟାଙ୍କ** *ସ.* ୧. ଏହାଙ୍କର ୨. ଏହି ବ୍ୟକ୍ତିଙ୍କର ୩. ଏହି ବ୍ୟକ୍ତିମାନଙ୍କର ୪. ନାଁ ନ ନେଇ ପତି ପତ୍ନୀ ପରସ୍ପର ବିଷୟରେ ସୂଚନା ଦେଉଥିବା ଶବ୍ଦ ।

**ୟାଙ୍କଠଉଁ** *ସ.* ୧. ଏହାଙ୍କ ଠାରୁ ୨. ଏହାଙ୍କ ଅପେକ୍ଷା ।

**ୟାଙ୍କଠିଁ** *ସ.* ଏହାଙ୍କ ନିକଟରେ, ଏହାଙ୍କ ପାଖରେ ।

**ୟାଙ୍କଠେଇଁ** *ସ.* ଏହାଙ୍କ ନିକଟରେ ।

**ୟାଙ୍କ ଠେଇଁକି** *ସ.* ଏହାଙ୍କ ନିକଟକୁ

**ୟାଙ୍କମାନଙ୍କ** *ସ.* ଏମାନଙ୍କ, ଏହିମାନଙ୍କ ।

**ୟାଙ୍କୁ** *ସ.* ୧.ଏହି ବ୍ୟକ୍ତିମାନଙ୍କୁ ୨. ଏହି ଜୀବ ବା ପ୍ରାଣୀମାନଙ୍କୁ ।

**ୟାଙ୍କେ** *ସ.* ଆଙ୍କେ, ଏଇ ବ୍ୟକ୍ତି, ଏହି ବ୍ୟକ୍ତିମାନେ (ସେମାନେ-ତାଙ୍କେ) ।

**ୟାଠଉଁ** *ଅ.କ୍ରି.ବିଂ.* ୧. ଏହାଙ୍କଠାରୁ ୨. ଏହି ବ୍ୟକ୍ତିଙ୍କଠାରୁ ୩. ଏହି ବ୍ୟକ୍ତି ଅପେକ୍ଷା ।

**ୟାଠିଁ** *ସ.* ୧. ଏହାଙ୍କ ଠାରେ ୨. ଏହାଠାରେ ।

**ୟାର୍ଡ୍** *ବି.* ୧. ରେଳ ଓ ଜାହାଜ ପ୍ରଭୃତି ରହିବା ପାଇଁ ବ୍ୟବହୃତ ସ୍ଥାନ ୨. ଏକ ଗଜ, ତିନି ଫୁଟ ଦୈର୍ଘ୍ୟ ।

**ୟାର୍ଡ୍ଷ୍ଟିକ୍** *ବି.* ମାନଦଣ୍ଡ, ମାପଦଣ୍ଡ ।

**ୟାଡ଼** *ଅ.* ଇଆଡ଼, ଏଇ ଦିଗର, ଏଇ ଅଞ୍ଚଳରେ ।

**ୟାଦ** *ବି.* ସ୍ମରଣ, ମନେ ପକାଇବା ।

**ୟାପରି** *ବି.* ୧. ଏପରି, ଏଭଳି ୨. ଏଇ ବସ୍ତୁ ବା ବ୍ୟକ୍ତି ଭଳି ।

**ୟାର** *ବି.* ସଖା, ବନ୍ଧୁ; *ସ.* ଏହାର ।

**ୟାସରି** *ଅ.* ୧. ଏହା ସରି, ଏହାଭଳି ୨. ଏହି ବ୍ୟକ୍ତି ବା ବସ୍ତୁପରି ।

**ୟୁକାଲିପଟ୍ସ** *ବି.* ସୁଗନ୍ଧ ପତ୍ରଥିବା ଡେଙ୍ଗାଗଛ ।

**ୟୁଜର୍ସ୍ ଫି** *ବି.* ୧. ସରକାରୀ ଡାକ୍ତରଖାନାରେ ରୋଗୀ ଚିକିତ୍ସା ନିମିତ୍ତ ପ୍ରଦତ୍ତ ସାଧାରଣ ଦେୟ ୨. କୌଣସି ସାର୍ବଜନିକ ସେବା ପାଇଁ ମାହାସୁଲ ।

**ୟୁଟୋପିଆ** *ବି.* ଆଦର୍ଶ ଗଣତନ୍ତ୍ର ।

**ୟୁନାଇଟେଡ୍ କିଙ୍ଗଡମ୍** *ବି.* ୟୁକେ, ବିଲାତ ।

**ୟୁନାଇଟେଡ୍ ଷ୍ଟେଟସ୍** *ବି.* ଯୁକ୍ତରାଷ୍ଟ୍ର ଆମେରିକା ।

**ୟୁନିଟ୍** *ବି.* ୧. ଏକକ ୨. ଭାଗ ୩. ବହୁ ମଧ୍ୟରେ ଗୋଟିଏ ।

**ୟୁନିଭର୍ସିଟି** *ବି.* ବିଶ୍ୱବିଦ୍ୟାଳୟ ।

**ୟୁନିୟନ୍** *ବି.* ୧. କୌଣସି ଅନୁଷ୍ଠାନର ଛାତ୍ରଛାତ୍ରୀ, କର୍ମଜୀବୀ ଆଦିଙ୍କ ଦ୍ୱାରା ନିର୍ବାଚିତ ବା ମନୋନୀତ ସମିତି ବା ସଂଘ ୨. ଅନୁଷ୍ଠାନ, ସଂସ୍ଥା ।

**ୟୁନିୟନ୍ ମେମ୍ବର** *ବି.* ସଂଘ ବା ଅନୁଷ୍ଠାନର ସଦସ୍ୟ ।

**ୟୁନିୟନ୍ ଲିଡ଼ର୍** *ବି.* ସଂଘନେତା ।

**ୟୁନିସେଫ୍** *ବି.* ୟୁନିନାଇଟେଡ୍ ନେସନ୍ସ୍ ଇଣ୍ଟର୍ନ୍ୟାସନାଲ୍ ଚିଲ୍ଡ୍ରେନ୍ସ୍ ଏମରଜେନ୍ସି ଫଣ୍ଡ୍, ଜାତିସଂଘର ଆନ୍ତର୍ଜାତିକ ଶିଶୁ କଲ୍ୟାଣ ପାଣ୍ଠି ।

**ୟୁନେସ୍କୋ** *ବି.* ୟୁନାଇଟେଡ୍ ନେସନସ୍ ଏଡୁକେସନାଲ୍, ସାଇଣ୍ଟିଫିକ୍ ଆଣ୍ଡ୍ କଲରାଲ୍ ଅର୍ଗାନାଇଜେସନ, ଜାତି ସଂଘର ଆନ୍ତର୍ଜାତିକ ବିଜ୍ଞାନ, ଶିକ୍ଷା ଓ ସଂସ୍କୃତି ବିକାଶ ପ୍ରତିଷ୍ଠାନ ।

**ୟୁରିଆ ସାର** *ବି.* ରାସାୟନିକ ସାର ବିଶେଷ ।

**ୟୁରିକ୍ ଏସିଡ୍** *ବି.* ୧. ମୂତରେ ଥିବା ଅମ୍ଳରସ ବିଶେଷ ୨. ଏକ ପ୍ରକାର ରାସାୟନିକ ଅମ୍ଳରସ ।

**ୟୁରିନ୍** *ବି.* ପରିସ୍ରା, ମୂତ ।

**ୟୁରିନ୍ ଟେଷ୍ଟ** *ବି.* ମୂତ୍ର ପରୀକ୍ଷା ।

**ୟୁରିନାଲ୍** *ବି.* ପରିସ୍ରାଗାର, ମୂତ୍ରାଗାର ।

**ୟୁରେସିଆ** *ବି.* ୟୁରୋପ ଓ ଏସିଆ ମହାଦେଶର ସମାହାର ।

**ୟୁରୋପିଆନ୍** *ବିଂ. ବି.* ୟୁରୋପ ମହାଦେଶୀୟ, ୟୁରୋପ ଅଧିବାସୀ, ୟୁରୋପ୍ ମହାଦେଶ ସମ୍ବନ୍ଧିତ ।

**ୟେ** *ସ.* ୧. ଏ, ଇଏ, ଏହି ୨. ନାରୀମାନଙ୍କର ପତିପ୍ରତି ପରୋକ୍ଷ ସମ୍ବୋଧନ ।

**ୟେଥୁ ଅନ୍ତେ** *ବି.* ଏହାପରେ ।

**ୟେମନ୍ତ** *ସ.* ଏହିଭଳି, ଏପ୍ରକାରର ।

**ୟେସନ** *ସ.* ଏହିପରି, ଏଭଳି ।

**ୟେହି** *ସ.* ଏହି ।

**ୟେହୋ** *ସ.* ୧. ହେ, ହୋ, ଭୋ ୨. ଏ ।

# ର

**ର** ***ବି.*** ସପ୍ତବିଂଶତି ବ୍ୟଞ୍ଜନ ବର୍ଣ୍ଣ; ***କ୍ରି.*** ରହ ।

**ରଁଚିବା** ***କ୍ରି.*** ରଙ୍ଗ କରିବା ବା ହେବା।

**ରଁଚେ** ***ବିଂ.*** ଅଳ୍ପ ଟିକିଏ, ସାମାନ୍ୟ ପରିମାଣ।

**ରଁଚେଥିପେ** ***କ୍ରି.ବିଂ.*** ଅଳ୍ପଟିକିଏ, ବୁନ୍ଦାଏ, ଅଳ୍ପ ପରିମାଣରେ।

**ରଅ ଠଅ** ***କ୍ରି.ବିଂ.*** ଯେ କୌଣସି ପ୍ରକାରେ, ଅନିୟମିତ ଢଙ୍ଗରେ ; ***ବିଂ.*** କୌଣସିମତେ ଚଳନୀୟ ।

**ରଇ** ***ବି.*** ୧. ଚିତାନିଆଁ ୨. ଜୁଇ ଗାତ ।

**ରଇକାଠ** ***ବି.*** ଚିତାଗ୍ନି ଜଳାଇବା ପାଇଁ ବ୍ୟବହୃତ କାଠ ।

**ରଇଗାଡ଼** ***ବି.*** ଜୁଇଗାଡ଼ ।

**ରଇଜଳା** ***ବିଂ.*** ଗାଳି ବିଶେଷ, କାହାର ରଇ ଜଳିବାକୁ ବା ମୃତ୍ୟୁ ପାଇଁ ଅଭିଶାପ ଦେବା ।

**ରଇତ, ରଏତ** ***ବି.*** ଜମି ଚଷୁଥିବା ବ୍ୟକ୍ତି, ପ୍ରଜା ।

**ରଇତି, ରଏତି** ***ବି.*** ରଇତର କାମ ।

**ରଇତୀ, ରଏତୀ** ***ବିଂ.*** ରଇତ ସମ୍ବନ୍ଧୀୟ ।

**ରଇବାର** ***ବି.*** ରବିବାର, ସୂର୍ଯ୍ୟଙ୍କ ବାର ।

**ରଇଶୀତଳା** ***ବି.*** ଶବ ଦାହରେ ଚିତାଗ୍ନିକୁ ଲିଭାଇ ଅସ୍ଥି ସଂଗ୍ରହ ।

**ରଇଶୁଆ** ***ବିଂ.*** ଗାଳି ବିଶେଷ, ରଇଜଳା ।

**ରକ୍‌ମି** ***ବି. ବିଂ.*** ନାନାପ୍ରକାର ଛଇ ଛଟକ ଦେଖାଇବା ନାରୀ।

**ରକ୍‌ରକାବା** ***କ୍ରି.*** ୧. ଅସ୍ତ୍ରଦ୍ୱାରା ଘଷିଘଷି କାଟିବା ୨. କଷ୍ଟ ହେବା।

**ରକଟା** ***ବି.*** ୧. ବାସନରେ ଲାଗିଥିବା ଶୁଖିଲା ଅଇଁଠା ୨. ବହୁ ସମୟ ଯାଏ ଚୋବାଇବା; ***ବିଂ.*** ଯେଉଁ ପାତ୍ରରେ ରନ୍ଧା ଖାଦ୍ୟ ଶୁଖିଲା ରହିଥାଏ ।

**ରକଟିବା** ***କ୍ରି.*** ଦୀର୍ଘସମୟଧରି ଚୋବାଇବା ବା ଚୁଷିବା, ରେକେଟିବା ।

**ରକତ୍ ସିଂଘି** ***ବି.*** ୧. ଏକପ୍ରକାର ସାପ ୨. ଏକ ପ୍ରକାର ଧାନ ।

**ରକବକ** ***ବି.*** ଛିଡେଇପୋଡେଇ, ଅସହଣିକ ହେବା ।

**ରକବା** ***ବି.*** ଜମିର ମୋଟ ପରିମାଣ ବା କ୍ଷେତ୍ରଫଳ ।

**ରକମ୍ ହେବା** ***କ୍ରି.*** ଦେଖାଇ ହେବା, ଛଇଛଟକ କରିବା।

**ରକମ** ***ବି.*** ୧. ପ୍ରକାର, କିସମ, ଧରଣ ୨. ରୀତି ।

**ରକମଉଆରି, ରକମାରି** ***ବିଂ.*** ବିଚିତ୍ର, ନାନା କିସମର, ଦଫାଓ୍ୱାରି ।

**ରକମ ରକମ** ***ବିଂ.*** ବିଭିନ୍ନ କିସମର, ନାନା ପ୍ରକାରର ।

**ରକା, ରକ୍କା** ***ବି.*** ଶରୀରର (ବେକ, ଅଣ୍ଟା ଇତ୍ୟାଦି)କୌଣସି ଅଂଶରେ ବାୟୁ ଅଟକି ଯାଇ ହେଉଥିବା ବେଦନା ।

**ରକାପାଏଁ(ନ)** ***ବି.*** ଛୁଆ ଜନ୍ମ ହେବା ପରେ ଛୁଆର ମାମୁ ଛୁଆକୁ କଷାପାଣି ପେଇବା ।

**ରକା ସାରବା (ସାରିବା)** ***କ୍ରି.*** ରକା ଉପଶମନ ନିମନ୍ତେ ମାଲିସ କରିବା।

**ରକ୍ତ** ***ବି.*** ୧. ରକତ, ଶୋଣିତ, ରୁଧିର ୨. ରକ୍ତ ସମ୍ପର୍କୀୟ ବ୍ୟକ୍ତି ୩. ଲାଲ ରଙ୍ଗ ।

**ରକ୍ତକ** ***ବି.*** ୧. ରକ୍ତ ବା ଗାଢ଼ ଲାଲ ରଙ୍ଗର ଲୁଗା ୨. ବଧୁଲି ଗଛ ; ***ବିଂ.*** ଅନୁରକ୍ତ ।

**ରକ୍ତକଇଁ** ***ବି.*** ନାଲି କଇଁ ।

**ରକ୍ତକମଳ** ***ବି.*** ନାଲି ରଙ୍ଗର ପଦ୍ମ ।

**ରକ୍ତ କାନ୍ଦିବା** ***କ୍ରି.*** ଅତ୍ୟଧିକ ମାନସିକ ଯନ୍ତ୍ରଣା ହେତୁ ଆଖିରୁ ଲୁହ ନବହି ରକ୍ତ ବାହାରିବା ପରି ଲାଗିବା ।

**ରକ୍ତଗଙ୍ଗା,ରକ୍ତନଦୀ,ରକ୍ତସ୍ରୋତ** ***ବି.*** ପ୍ରଚୁର ରକ୍ତପାତ, ରକ୍ତର ସୁଅ ।

**ରକ୍ତ ଗଡ଼ିବା** ***କ୍ରି.*** ଗୋଡ଼ ଆଦି ଗୋଦର ହେବା, ବାତଜ୍ୱର କାରଣରୁ ହାତ, ଗୋଡ଼, କୋଷ ଆଦି ଫୁଲିଯିବା ।

**ରକ୍ତ ଚଢ଼ିଯିବା** ***କ୍ରି.*** ରାଗରେ ଅସ୍ଥିର ହେବା, ମୁଣ୍ଡକୁ ପିତ୍ତ ଚଢ଼ିଯିବା, ରାଗିଯିବା ।

**ରକ୍ତଚକ୍ଷୁ, ରକ୍ତଦୃଷ୍ଟି** ***ବି.*** ୧. କ୍ରୋଧବଶତଃ ଆଖି ଲାଲ ହେବା ୨. ରଙ୍ଗିଲା ଆଖି, ନାଲ ଟହଟହ ଆଖି ।

**ରକ୍ତ ଚାଉଳ ଚୋବାଇବା** ***କ୍ରି.*** ରାଗରେ ଜର୍ଜରିତ ହେବା, ଅତ୍ୟଧିକ କ୍ରୋଧ କରିବା ।

**ରକ୍ତଚାପ** ***ବି.*** ୧. ଦେହରେ ରକ୍ତ ସଞ୍ଚାଳନର ବେଗ ୨. ଏହି ବେଗର କମ୍ ବା ଅଧିକ ହେବା ଜନିତ ରୋଗ ବିଶେଷ ।

**ରକ୍ତଚିତା** ***ବି.*** ପ୍ରତିହିଂସା ପରାୟଣ ହୋଇ ଶତ୍ରୁକୁ ହତ୍ୟାପରେ ତା ରକ୍ତକୁ କପାଳରେ ଲଗେଇବା।

**ରକ୍ତଜବା** ***ବି.*** ନାଲି ମନ୍ଦାର ଫୁଲ ।

**ରକ୍ତଝାଡ଼ା** ***ବି.*** ନାଳରକ୍ତ ଝାଡ଼ା, ରକ୍ତ ଆମାଶୟ, ଆମ୍ବଗରମୀ ଝାଡ଼ା।

**ରକ୍ତଦନ୍ତିକା, ରକ୍ତଦନ୍ତୀ** ***ବି. ବିଂ.*** ଚଣ୍ଡୀ ସପ୍ତଶତୀରେ ବର୍ଣ୍ଣିତ ଦେବୀଙ୍କର ସଂହାରକାରିଣୀ ରୂପ ବିଶେଷ ।

**ରକ୍ତଦାନ** ***ବି.*** ୧. ରୋଗୀକୁ ବଞ୍ଚାଇବା ପାଇଁ ଅନ୍ୟ କେହି ନିଜ ଶରୀରରୁ ରକ୍ତଦେବା ୨. ଅନ୍ୟପାଇଁ ପ୍ରାଣ ଉତ୍ସର୍ଗ କରିବା ।

**ରକ୍ତପତାକା** ***ବି.*** ୧. ଲାଲ ପତାକା ୨. ଶତ୍ରୁର ରକ୍ତରେ ରଞ୍ଜିତ ପତାକା ।

**ରକ୍ତପତ୍ରିକା, ରକ୍ତପୁଷ୍ପିକା** ***ବି.*** ୧. ନାଲି ରଙ୍ଗର ପୁରୁଣି ଶାଗ ୨. ଲାଲ ରଙ୍ଗର କାଗଜରେ ଲେଖା ଚିଠି ।

**ରକ୍ତପଲ୍ଲବ** *ବି.* ଅଶୋକ ଗଛ ।

**ରକ୍ତପା** *ବି.* ୧. ରାକ୍ଷସୀ ୨. ଜୋକ ।

**ରକ୍ତ ପାଣି ହେବା** *କ୍ରି.* (ଭୟରେ) ଛାନିଆ ହେବା, କଲିଜା ପାଣି ହେବା, ପିଳେହି ପାଣି ହେବା ।

**ରକ୍ତପାତ** *ବି.* ବ୍ୟାପକ ହିଂସା, ହତ୍ୟା ବା ଦଙ୍ଗା ହାଙ୍ଗାମା ।

**ରକ୍ତପାନ** *ବି.* ରକ୍ତ ପିଇବା ବା ଶୋଷିବା ।

**ରକ୍ତପାୟୀ** *ବି.* ୧. ଉକୁଣି ୨. ଛାରପୋକ ; *ବିଂ.* ରକ୍ତ ପାନକାରୀ ।

**ରକ୍ତପିପାସା** *ବି.* ରକ୍ତପାନର ଇଚ୍ଛା, ହତ୍ୟା କରିବାର ବାସନା; *ବିଂ.* ରକ୍ତପିପାସୁ ।

**ରକ୍ତପୁଷ୍ପା** *ବି.* ଶିମିଳି ଗଛ ।

**ରକ୍ତପ୍ରଦର** *ବି.* ଯୋନିଦ୍ୱାର ଦେଇ ରକ୍ତ ସ୍ରାବଯୁକ୍ତ ସ୍ତ୍ରୀରୋଗ ବିଶେଷ ।

**ରକ୍ତବର୍ଣ୍ଣ** *ବି.* ନାଲି ରଙ୍ଗ ।

**ରକ୍ତବହ, ରକ୍ତବାହ, ରକ୍ତବାହୀ** *ବିଂ.* ଯାହାର ମଧ୍ୟ ଦେଇ ରକ୍ତ ସ୍ରୋତ ପ୍ରବାହିତ ହୁଏ ।

**ରକ୍ତବୀଜ,ରକ୍ତବୀର୍ଯ୍ୟ** *ବି.* ୧. ପୁରାଣ ବର୍ଣ୍ଣିତ ଅସୁର ବିଶେଷ ଯାହାର ରକ୍ତର ପ୍ରତ୍ୟେକ ବିନ୍ଦୁ ମାଟିରେ ପଡ଼ି ଆଉ ଏକ ଅସୁର ସୃଷ୍ଟି କରୁଥିଲା ୨. ଯାହାକୁ ନିର୍ମୂଳ କରିବା ଏକାନ୍ତ କଷ୍ଟକର ୩. ଛାର ପୋକ।

**ରକ୍ତବୃନ୍ତା** *ବି.* ୧. ଶେଫାଳିକା, ଗଙ୍ଗଶିଉଳି ଫୁଲ ୨. ଡେମ୍ଫ ଲାଲଥିବା ଧଳାଫୁଲ ବିଶେଷ ।

**ରକ୍ତମୁଖା** *ବିଂ.* ହତ୍ୟା କରିବାକୁ ଉଦ୍ୟତ ।

**ରକ୍ତମୋକ୍ଷଣ** *ବି.* ଚିକିତ୍ସା କରିବା ପାଇଁ ଶିରା କାଟି ଦେହରୁ ରକ୍ତ ନିଗାଡ଼ିବା ।

**ରକ୍ତରଞ୍ଜିତ** *ବିଂ.* ରକ୍ତ ବୋଳା ।

**ରକ୍ତଲୋଚନ** *ବି.* ରକ୍ତ ଚକ୍ଷୁ, ନାଲିଆଖି ।

**ରକ୍ତଶୋଷଣ** *ବି.* ୧. ଚୁଷି ବା ଶୋଷି ରକ୍ତପାନ ୨. ସର୍ବସ୍ୱ ଆତ୍ମସାତ୍‌କରଣ ।

**ରକ୍ତ ସଞ୍ଚାର** *ବି.* ୧. ରକ୍ତ ଗଳନ ୨. ରକ୍ତ ପ୍ରବାହର ଗତି ।

**ରକ୍ତ ସମ୍ପର୍କ** *ବି.* ଜନ୍ମ ବା ବିବାହଦ୍ୱାରା ଦୁଇ ବ୍ୟକ୍ତି ବା ପରିବାର ମଧ୍ୟରେ ପ୍ରତିଷ୍ଠିତ ସମ୍ପର୍କ ।

**ରକ୍ତସ୍ନାତ** *ବି.* ରକ୍ତ ଜର୍ଜରିତ ।

**ରକ୍ତସ୍ନାନ** *ବି.* ସମସ୍ତ ଶରୀର ରକ୍ତରେ ଜୁଡୁବୁଡୁ ହେବା ଅବସ୍ଥା ।

**ରକ୍ତସ୍ୱଳ୍ପତା** *ବି.* ରକ୍ତରୁ ଲୋହିତ ରକ୍ତ କଣିକାର ଆନୁପାତିକ ଅଭାବ।

**ରକ୍ତସ୍ରବଣ, ରକ୍ତସ୍ରାବ** *ବି.* ଦେହରୁ ପ୍ରଚୁର ରକ୍ତ ବାହାରିଯିବା ।

**ରକ୍ତହୀନ** *ବିଂ.* ରକ୍ତଶୂନ୍ୟ, ଶେତାଳିଆ, ରକ୍ତର ଅଭାବ ।

**ରକ୍ତହୀନତା** *ବି.* ଦେହରେ ରକ୍ତର ଅଭାବ, ଏନିମିଆ ।

**ରକ୍ତା** *ବି.* ୧. ଗୁଞ୍ଜ, ଗୁଞ୍ଜା ଫଳ, କାଇଞ ୨. ଲାଖ ।

**ରକ୍ତାକ୍ତ** *ବିଂ.* ରକ୍ତ ବୋଳା, ରକ୍ତରଞ୍ଜିତ ।

**ରକ୍ତାତିସାର, ରକ୍ତାତୀସାର, ରକ୍ତାମାଶୟ** *ବି.* ନାଳରକ୍ତ ଝାଡ଼ା, ଆମ ରକ୍ତ ଝାଡ଼ା ।

**ରକ୍ତାଭ** *ବିଂ.* ନାଲିସିଆ, ନାଲି ଆଭା ବିଶିଷ୍ଟ, ଈଷତ ଲାଲ ।

**ରକ୍ତାମ୍ବର** *ବି.* ନାଲି ବସ୍ତ୍ର ।

**ରକ୍ତାରକ୍ତି** *ବି.* ହଣାହଣି, ଲଢ଼େଇ ।

**ରକ୍ତିଆ** *ବି.ବିଂ.* ରକ୍ତାଭ, ନାଲିଆ ।

**ରକ୍ତିକା** *ବି.* ୧. ନାଲି କାଇଞ ୨. ଗୁଞ୍ଜା, କାଇଞ ପରିମାଣର ଓଜନ ୩. ରାଇସୋରିଷ ।

**ରକ୍ତିମ** *ବିଂ.* ଲାଲବର୍ଣ୍ଣଯୁକ୍ତ, ନାଲିଆ, ରକ୍ତାଭ ।

**ରକ୍ତିମା** *ବି.* ଲାଲ ଆଭା, ଲାଲିମା ।

**ରକ୍ତୋତ୍ପଳ** *ବି.* ରକ୍ତପଦ୍ମ, ରକ୍ତ କଇଁ ।

**ରଖ୍** *କ୍ରି.* ରଖିବାକୁ ଆଦେଶ ।

**ରଖ୍‌ନିଆଁ** *ବି.* ରଖିଆ, ରଖେଇଆ, ଜାରପୁରୁଷ, *ସ୍ତ୍ରୀ.* ରଖନି ।

**ରଖ** *କ୍ରି.* ୧. ରଖିବାକୁ ଆଦେଶ ବା ଅନୁରୋଧ ୨. ଗାଡ଼ି ମଟର ଅଟକିବା ପାଇଁ ନିର୍ଦ୍ଦେଶ ୩. ଥୁଅ ।

**ରଖଡ୍** *ବିଂ.* ରୂକ୍ଷ ।

**ରଖା** *ବି.* ରକ୍ଷା, ରକ୍ଷଣ, ଜଗିବା; *ବିଂ.* ସଞ୍ଚୟ କରାଯାଇଥିବା, ହେପାଜତରେ ଥିବା ।

**ରଖାଇବା** *କ୍ରି.* ୧. ଅନ୍ୟଦ୍ୱାରା ରଖିବା କାର୍ଯ୍ୟ କରାଇବା ୨. ଜଗାଇବା ୩. ଜଗୁଆଳି ଭାବେ ରଖିବା ।

**ରଖାରଖି** *ବି.* ଦ୍ରବ୍ୟକୁ ସଜାଡ଼ି ରଖିବା, ସଜଡ଼ା ସଜଡ଼ି ।

**ରଖାଳ, ରଖାଳି, ରଖୁଆଳ, ରଖୁଆଳି** *ବିଂ.* ଜଗାଳ, ଜଗୁଆଳି ।

**ରଖିଆ, ରଖେଇଆ** *ବି.* ୧. ବିବାହ ନକରି ଯେଉଁ ପୁରୁଷକୁ ସ୍ତ୍ରୀ ପତି ରୂପେ ବ୍ୟବହାର କରେ ୨. ଜଗିବା ଲୋକ, ରକ୍ଷକ ।

**ରଖିବା** *କ୍ରି.* ୧. ସ୍ଥାପନ କରିବା, ଥୋଇବା ୨. ଆଶ୍ରୟ ଦେବା ୩. ଉଦ୍ଧାର କରିବା ୪. ସୁରକ୍ଷା ଦେବା ୫. ଜମା କରିବା ୬. ବହନ ବା ଧାରଣ କରିବା ୭. ନିଯୁକ୍ତ କରିବା ୮. ପୋଷିବା, ପାଳିବା ୯. ସଞ୍ଚୟ କରିବା ୧୦. ଗ୍ରହଣ କରିବା ୧୧. ଛାଡ଼ିବା ୧୨. ଗତିରୋଧ କରିବା ୧୩. ପ୍ରତିଷ୍ଠା ଅର୍ଜନ କରିବା ୧୪. (ନିଶ, ଦାଢ଼ି) ବଢ଼ାଇବା ୧୫. କୌଣସି ନାରୀକୁ ବିବାହ ନକରି ପୁରୁଷ ନିଜ ଘରେ ସ୍ଥାନ ଦେବା ।

**ରଖୁଆଳ** *ବି.* ୧. ଜଗୁଆଳ, ରକ୍ଷକ ବ୍ୟକ୍ତି, ଗୋରୁ ଆଦି ଜଗିବା ବ୍ୟକ୍ତି ୨. ଜଗୁଆଳି, ପହରାବାଲା ।

**ରଖେଇ** *ବି. ବିଂ.* ରକ୍ଷିତା, ରଖୁଣୀ ।

**ରଖେଇ ଥୋଇ ନଦେବା** *କ୍ରି.* ୧. ଅସ୍ତବ୍ୟସ୍ତ କରିବା ୨. କୌଣସି କଥାପାଇଁ ଲଗାତାର ପଚାରିବା ।

**ରଗ୍** *ବି.* ୧. ଗାଲିଚା ୨. କମ୍ବଳ ବିଶେଷ ।

**ରଗଡ଼ିବା** *କ୍ରି.* ୧. ଘଷିବା ୨. ଘଷାମୋଡ଼ା କରିବା।

**ରଗ୍ରଗ୍** *ଅ.* କଣ୍ଢୁ, ଗଲଗଲ ; *ବିଂ.* କ୍ରୋଧରେ ଜର୍ଜର ।

**ରଗ୍ରଗା** *ବିଂ.* ଜ୍ୱଳନ୍ତ (ଅଙ୍ଗାର)।

**ରଗ୍ରଗାବା** *କ୍ରି.* ୧. ଜଳାପୋଡ଼ା ହେବା ୨. ଜ୍ୱାଳା ହେବା।

**ରଗ୍ରଗି ଯିବା** *କ୍ରି.* ମରିଚ, ଧୂଆଁପତ୍ର ଆଦିର ପୋଡ଼ା ଗନ୍ଧ ଯୋଗୁଁ ନାକ, ଆଖି ପୋଡ଼ି ହେବା।

**ରଗ** *ବି.* ୧. କ୍ରୋଧ, ରାଗ, ଅହନ୍ତା ୨. (ଚୂନ ଆଦିର) ସ୍ୱାଭାବିକ କଡ଼ା ଗୁଣ ୩. ଲଲାଟର ଦୁଇ ପାର୍ଶ୍ୱସ୍ଥ ଶିରା ।

**ରଗଡ଼** *ବି.* ୧. ମୃଦଙ୍ଗାଦି ବାଦ୍ୟର ବୋଲ ଡାକ ୨. ମୃଦଙ୍ଗାଦିର ଶବ୍ଦ ବିଶେଷ ୩. କଠିନ ବସ୍ତୁର ଘର୍ଷଣ ୪. ପୋଷଣ ୫. ଚର୍ବଣ ୬. ମର୍ଦ୍ଦନ; *ବିଂ.* ଦୃଢ଼, ଜୋର, ଟାଣ ।

**ରଗଡ଼ ଝଗଡ଼** *ବି.* ଟଣା ଓଟରା ।

**ରଗଡ଼ବାଜ୍** *ବିଂ.* ଜିଗରବାଜ, ଆମୋଦପ୍ରିୟ ।

**ରଗଡ଼ା** *ବିଂ.* ୧. ବଗଡ଼ା(ଭାତ) ୨. ଖଦଡା ୩. ଟାଣ, କର୍କଶ ୪. ପେଷିତ, ମର୍ଦ୍ଦିତ ୫. ଚର୍ବିତ ; *ବି.* ୧. ପେଷଣ ୨. ଘର୍ଷଣ ୩. ଜୋର ମୋଡା ୪. ଘୋଷରା ୫. କଠିନ ପରିଶ୍ରମ ବା କସରତ ।

**ରଗଡ଼ି** *ବି.* ୧. କଙ୍କର, ଗୋଡ଼ି ୨. ଅଳ୍ପ ଉଚ୍ଚ ପାହାଡ, ଢୁଡି, ୩. ଟାଣ ବସ୍ତୁ ଦ୍ୱୟର ଘର୍ଷଣ; *ବିଂ.* କଙ୍କରମୟ, ଗୋଡ଼ିପୂର୍ଣ୍ଣ ।

**ରଗଡ଼ିଆ** *ବିଂ.* ବଗଡ଼ା, ଖଦଡା ।

**ରଗଡ଼ିବା** *କ୍ରି.* ୧. ଚୋବାଇବା ୨. ଦଳିବା ୩. ମକଚିବା ୪. ମୁଗ-ବିରି ଆଦି ଟାଣୁଆ ଶସ୍ୟ ଦଳି ଗଡ଼ ଗଡ଼ କରି ଭାଙ୍ଗିବା ୫. ଜୋରରେ ମୋଡ଼ିବା, ଘଷିବା ବା ମାଜିବା ୬. କାନ ମୋଡ଼ିବା।

**ରଗଡ଼ି ଯିବା** *କ୍ରି.* ଦମ୍ଭର ସହିତ ତରତର ଚାଲିବା ।

**ରଗ ମରିଯିବା** *କ୍ରି.* ରାଗ ଶାନ୍ତ ହେବା ।

**ରଗରଗ** *ବିଂ.* ଦହକୁଥିବା (ରେଡନିଆଁ), କ୍ରୋଧାନ୍ୱିତ ; *ବି.* ଖେଞ୍ଚିହେବା, ବିନ୍ଧିବା ।

**ରଗାଇବା** *କ୍ରି.* କାହାମନରେ ରାଗ ଜନ୍ମାଇବା, ରାଗିବା ଭଳି କଥା କହିବା ବା କାମ କରିବା।

**ରଗାରଗି** *ବି.* ପରସ୍ପର ପ୍ରତି କ୍ରୋଧଭାବ, ପରସ୍ପର ଉପରେ ରାଗିବା ।

**ରଘୁକୁଳ** *ବି.* ରଘୁଙ୍କ ବଂଶ, ସୂର୍ଯ୍ୟବଂଶ ।

**ରଘୁକୁଳତିଳକ** *ବି.* ରଘୁବଂଶର ଶ୍ରେଷ୍ଠ ବ୍ୟକ୍ତି ରାମଚନ୍ଦ୍ର ।

**ରଘୁନନ୍ଦନ** *ବି.* ରାମଚନ୍ଦ୍ର ।

**ରଘୁବଂଶିକ, ରଘୁବଂଶୀ** *ବିଂ.* ରଘୁବଂଶରେ ଜାତ ; *ବି.* ରାମଚନ୍ଦ୍ର ।

**ରଙ୍କ** *ବିଂ.* ଦରିଦ୍ର, ଅତି ଆତୁର, ବିକଳ ।

**ରଙ୍କଣା, ରଙ୍କୁଣା, ରଙ୍କୀ** *ବିଂ.* ବିକଳିଆ, ଆତୁରିଆ, ଲାଳାୟିତ, ସ୍ତ୍ରୀ. ରଙ୍କୁଣୀ, ରଙ୍କେଇ ।

**ରଙ୍କନିଧି** *ବି.* ୧. ଦରିଦ୍ରର ସମ୍ବଳ, ଦରିଦ୍ର ଧନ ୨. ପ୍ରିୟତମ ବ୍ୟକ୍ତି ।

**ରଙ୍କରଙ୍କ** *ବିଂ.* ସ୍ନେହ ରଙ୍କୁଣା, ବାତ୍ସଲ୍ୟସ୍ନେହପ୍ରବଣ ।

**ରଙ୍କସରସର** *ବି. ବିଂ.* ଡହଳବିକଳ, ଆତୁରିଆ ।

**ରଙ୍କା** *ବିଂ.* ବିକଳିଆ, ଲୋଭୀ, ଲାଳାୟିତ ; *ବି.* ୧. ଲାଳସା ୨. ଅଭାବ ।

**ରଙ୍କାଳ,ରଙ୍କାଳିଆ** *ବିଂ.* ଅତି କ୍ଷୁଧାତୁର, ବିକଳିଆ, ବିକଳା ।

**ରଙ୍କୁ** *ବି.* ବାହୁଟିଆ ମୃଗ ।

**ରଙ୍କୁଣୀ ରତନ** *ବି.* ନାରୀର ପ୍ରିୟତମ ବ୍ୟକ୍ତି, ଗେହ୍ଲା ସନ୍ତାନ ।

**ରଙ୍ଗ୍** *ବି.* ୧. ଆଲୁମିନିୟମ, ରସ ୨. ବର୍ଣ୍ଣ, ରଙ୍ଗ ; *ବିଂ.* ଭୁଲ୍ ।

**ରଙ୍ଗ** *ବି.* ୧. ଚିତ୍ର ପାଇଁ ବ୍ୟବହୃତ ବିଭିନ୍ନ ବର୍ଣ୍ଣର ସାମଗ୍ରୀ, କଲର, ପେଣ୍ଟ ୨. ନାଲିବର୍ଣ୍ଣ ୩. ଦେହର ବର୍ଣ୍ଣ ୪. ତାସଖେଳର ବାଜିରେ ଯେଉଁ ଚିହ୍ନର ତାସକୁ ପ୍ରାଧାନ୍ୟ ଦିଆଯାଏ ୫. ଧରଣ ୬. ତାମସା, ଥଟ୍ଟା, ପରିହାସ, ମଜା, ରଞ୍ଜକ ଦ୍ରବ୍ୟ ୭. ନୃତ୍ୟ-ଗୀତ-ଅଭିନୟ ୮. କ୍ରୀଡ଼ା ପ୍ରତିଯୋଗିତା ୯. ଲୀଳାୟିତ ହାବଭାବ, ଲୀଳା ୧୦. ଛଇ, ଭଙ୍ଗୀ ୧୧ କୌତୁକ ୧୨. ହିଞ୍ଜଡା, ବେଙ୍କୁ, ମାଇଚିଆ; *ବିଂ.* ନାଲିଆ, ରକ୍ତ ବର୍ଣ୍ଣ ବିଶିଷ୍ଟ ।

**ରଙ୍ଗକ** *ବି.* ଜୀବ ଓ ଉଦ୍ଭିଦ ପ୍ରଭୃତିର ଦେହରୁ ପ୍ରାପ୍ତ ରଞ୍ଜକ ପଦାର୍ଥ ।

**ରଙ୍ଗ କରିବା** *କ୍ରି.* ୧. ରଙ୍ଗବୋଳିବା, ରଙ୍ଗାଇବା ୨. ପରିହାସ କରିବା ।

**ରଙ୍ଗ କାଢ଼ିବା** *କ୍ରି.* ଛଇ କରିବା, ଭଙ୍ଗୀ ଦେଖାଇବା ।

**ରଙ୍ଗକାର** *ବି.* ଚିତ୍ରକର ।

**ରଙ୍ଗ ଖେଳିବା** *କ୍ରି.* ରଙ୍ଗ ପିଚକାରୀ ମରାମରି ହେବା, ହୋରି ଖେଳରେ ରଙ୍ଗ ପକାପକି ହେବା ।

**ରଙ୍ଗଗୃହ** *ବି.* ନାଟ୍ୟଶାଳା ।

**ରଙ୍ଗ ଟହଟହ** *ବିଂ.* ଖୁବ୍‌ଲାଲ, ନାଲି ଜରଜର ।

**ରଙ୍ଗଢ଼ଙ୍ଗ** *ବି.* ଆଚରଣ, ହାବ ଭାବ, ଚାଲିଚଳନ ।

**ରଙ୍ଗଣ, ରଙ୍ଗନ** *ବି.* ୧. ଚିତ୍ରଣ ୨. ରଙ୍ଗଣୀ ଫୁଲ ।

**ରଙ୍ଗଣୀ** *ବି.* ୧. ଧଳା, ନାଲି, ହଳଦିଆ, ଛିଟ ପ୍ରଭୃତି ନାନା ରଙ୍ଗଯୁକ୍ତ ଫୁଲ ବିଶେଷ ୨. ତନ୍ତୁବାୟ ଜାତି ବିଶେଷ ।

**ରଙ୍ଗତା** *ବି.* ୧. ପତଳା ଜରିପାତିଆ ୨. ରାଙ୍ଗା ଧାତୁର ପତଳା ପତ୍ର ।

**ରଙ୍ଗ ତାମସା** *ବି.* ହାସ୍ୟ କୌତୁକ, ଥଟ୍ଟା ମଜା ।

**ରଙ୍ଗପୀଠ, ରଙ୍ଗସ୍ଥଳ** *ବି.* ନୃତ୍ୟ ସ୍ଥାନ, ମଞ୍ଚ ।

**ରଙ୍ଗପ୍ରିୟ** *ବିଂ.* କୌତୁକପ୍ରିୟ; *ବି.* ରଙ୍ଗପ୍ରିୟତା ।

**ରଙ୍ଗବତୀ** *ବି.* ନାଗରୀ, ରସିକା ନାରୀ ।

**ରଙ୍ଗବାଣ** *ବି.* ନାଲି ଗୋଡ଼ିବାଣ ଫୁଲ ।

**ରଙ୍ଗବିଦ୍ୟା** *ବି.* ନାଟ୍ୟବୃତ୍ତି ।

**ରଙ୍ଗବେରଙ୍ଗ** *ବିଂ.* ନାନା ପ୍ରକାର ରଙ୍ଗ ବିଶିଷ୍ଟ ।

**ରଙ୍ଗଭଙ୍ଗ** *ବି.* କୌତୁକଜନକ ଅଙ୍ଗଭଙ୍ଗୀ ।

**ରଙ୍ଗଭବନ** *ବି.* କେଳିମନ୍ଦିର, ରଙ୍ଗ ମହଲ ।

**ରଙ୍ଗଭୂମି** *ବି.* ୧. ରଣକ୍ଷେତ୍ର ୨. ଖେଳକୁଦର ସ୍ଥାନ ୩. କୁସ୍ତି ଆଖଡ଼ା ୪. ଖେଳପଡ଼ିଆ ୫. ନାଟ୍ୟଗୃହ ।

**ରଙ୍ଗମଞ୍ଚ, ରଙ୍ଗମଣ୍ଡପ** *ବି.* ଯେଉଁ ମଞ୍ଚ ଉପରେ ଅଭିନୟ ପ୍ରଦର୍ଶିତ ହୁଏ ।

**ରଙ୍ଗମହଲ** *ବି.* ୧. ଅନ୍ତଃପୁର, ଅନ୍ଦରମହଲ ୨. ବିଳାସଭବନ, ପ୍ରମୋଦଭବନ ୩. ସୁସଜ୍ଜିତ ନାଚଘର ।

**ରଙ୍ଗରଙ୍ଗିଆ** *ବିଂ.* ୧. ଚିତ୍ରବିଚିତ୍ର, ବହୁବର୍ଣ୍ଣ ଯୁକ୍ତ ୨. କୌତୁକପ୍ରିୟ ୩. ରସିକ, *ସ୍ତ୍ରୀ.* ରଙ୍ଗରଙ୍ଗେଇ ।

**ରଙ୍ଗରସ** *ବି.* ୧. ଆମୋଦ ପ୍ରମୋଦ ୨. କୌତୁକ ପରିହାସ, ହସଖୁସି ।

**ରଙ୍ଗରହସ୍ୟ** *ବି.* ଥଟ୍ଟା-ତାମସା, ହାସ୍ୟ-କୌତୁକ, ହାସ-ପରିହାସ ।

**ରଙ୍ଗରୁଟ୍** *ବି.* ସାମରିକ ଓ ପୁଲିସ ବିଭାଗର ଶିକ୍ଷାନବିସ୍ ।

**ରଙ୍ଗଶାଳା** *ବି.* ଅଭିନୟଗୃହ, ରଙ୍ଗମଞ୍ଚ ।

**ରଙ୍ଗସଭା** *ବି.* ନୃତ୍ୟସଭା ।

**ରଙ୍ଗସାଜୀ** *ବି.* ଚିତ୍ରକରର ବୃତ୍ତି ।

**ରଙ୍ଗସ୍ଥଳ** *ବି.* ୧. ରଙ୍ଗଭୂମି, ନାଟ୍ୟ ଗୃହ ୨. ରଣକ୍ଷେତ୍ର ୩. କ୍ରୀଡ଼ା ପ୍ରତିଯୋଗିତାର ସ୍ଥାନ ୪. ମଲ୍ଲଭୂମି ।

**ରଙ୍ଗା** *ବିଂ.* ୧. ଲାଲରଙ୍ଗର, ରକ୍ତାଭ ୨. ରଞ୍ଜିତ, ଚିତ୍ରିତ; *ବି.* ରଙ୍ଗକରିବା କର୍ମ ।

**ରଙ୍ଗାଇବା, ରଙ୍ଗେଇବା** *କ୍ରି.* ୧. ରଞ୍ଜିତ କରିବା, ରଙ୍ଗ କରିବା ୨. ନାଲିଆ କରିବା ୩. ଚିତ୍ରିତ କରିବା ।

**ରଙ୍ଗାଖଡ଼ା** *ବି.* ଲାଲ୍‌ରଙ୍ଗର ଖଡ଼ା ।

**ରଙ୍ଗାଜୀବ** *ବି.* ୧. ଚିତ୍ରକର, ନଟ ୨. ସୁତା ବା ଲୁଗା ପ୍ରଭୃତି ରଙ୍ଗାଇବା ଜାତି ।

**ରଙ୍ଗାଜୀବୀ** *ବିଂ.* ଯେ ଚିତ୍ର ବା ରଙ୍ଗକରିବା ବୃତ୍ତି ଦ୍ୱାରା ପେଟ ପୋଷେ ।

**ରଙ୍ଗାଧର** *ବିଂ.ବି.* ନାଲି ରଙ୍ଗର ଓଠ ଯାହାର, ରକ୍ତ ଅଧର ବିଶିଷ୍ଟ ।

**ରଙ୍ଗା ପଡ଼ିବା** *କ୍ରି.* ୧. ରାଗି ଲାଲ୍ ପଡ଼ିବା ୨. ଲାଜେଇଯିବା ।

**ରଙ୍ଗାବତାର** *ବି.* କୃଷ୍ଣ ଅବତାର ।

**ରଙ୍ଗବାଜି** *ବି.* ଧମକ ଚମକ ।

**ରଙ୍ଗାଳୟ** *ବି.* ନାଟ୍ୟଶାଳା, ଥିଏଟରଘର ।

**ରଙ୍ଗିଆ** *ବିଂ.* ରସିକ, କୌତୁକପ୍ରିୟ, ରହସିଆ, ନବଜିଆ (*ସ୍ତ୍ରୀ.* ରଙ୍ଗେଇ, ରଙ୍ଗୀ)

**ରଙ୍ଗିଣୀ, ରଙ୍ଗିନୀ** *ବିଂ.* ରସିକା, ରଙ୍ଗପ୍ରିୟା, ଅନୁରାଗିଣୀ; *ବି.* ଏକ ପ୍ରକାର ଲାଲ ରଙ୍ଗର ଫୁଲ ।

**ରଙ୍ଗିନ, ରଙ୍ଗିଳ** *ବିଂ.* ରଞ୍ଜିତ, ରଙ୍ଗଯୁକ୍ତ, ଚିତ୍ର ବିଚିତ୍ର, ନାନା ବର୍ଣ୍ଣରେ ଶୋଭିତ ।

**ରଙ୍ଗିବା** *କ୍ରି.* ୧. (ଶିଶୁ)ଗୁରୁଣ୍ଡିବା ୨. ସାପ ଆଦି ଜୀବ ଚାଲିଯିବା ।

**ରଙ୍ଗିମା** *ବି.* ୧. ଶୋଭା ୨. ଆନନ୍ଦ, ସ୍ଫୁର୍ତ୍ତି; *ବିଂ.* ରକ୍ତାଭ ।

**ରଙ୍ଗିଲା** *ବିଂ.* ରସିକ ବା ରସିକା ।

**ରଙ୍ଗୀ** *ବିଂ.* ୧. ରସିକ, ଆସକ୍ତ ୨. ରଞ୍ଜନକାରୀ ୩. ଅଭିନୟକାରୀ ; *ବି.* ଲାଲବର୍ଣ୍ଣ ।

**ରଙ୍ଗେଇ** *ବିଂ.* ରସିକ ସ୍ୱଭାବର ନାରୀ, ରସବତୀ ।

**ରଚ୍ କରିବା** *କ୍ରି.* ହଠାତ୍ ମକଚି ହେବା ବା ଭାଙ୍ଗିଯିବା ।

**ରଚ୍‌କା** *ବି.* ୧. ଝିଙ୍କା ୨. ରକା ।

**ରଚ୍‌କିବା** *କ୍ରି.* ମଚକି ଯିବା, ମଚ୍‌କିବା ।

**ରଚକ** *ବିଂ.ବି.* ରଚୟିତା, ଗ୍ରନ୍ଥର ଲେଖକ ।

**ରଚନ** *ବି.* ସର୍ଜନ, ନିର୍ମାଣ, ଗଢ଼ିବା ।

**ରଚନା** *ବି.* ୧. ସୃଷ୍ଟି ୨. ଲିଖିତ ବସ୍ତୁ ୩. ପ୍ରଣୟନ ୪. ଗଳ୍ପ, ଉପନ୍ୟାସ, ପ୍ରବନ୍ଧ, କାବ୍ୟ କବିତାଦି ୫. ନିର୍ମାଣ, ଗଠନ ।

**ରଚନାତ୍ମକ** *ବିଂ.* ସୃଷ୍ଟିଶୀଳ ବା ମଙ୍ଗଳକର (କାର୍ଯ୍ୟ ବା ଦୃଷ୍ଟିଭଙ୍ଗୀ) ।

**ରଚରଚ** *କ୍ରି.ବିଂ.* ଖାଦ୍ୟରେ ବାଲି ମିଶିବା ଯୋଗୁଁ ଚୋବାଇବାବେଳେ ହେବା ଅନୁଭୂତି ବା ଶବ୍ଦ ।

**ରଚନା କୌଶଳ** *ବି.* ରଚନାଚାତୁରୀ, ଲିଖନଭଙ୍ଗୀ, ଲିଖନ ନୈପୁଣ୍ୟ ।

**ରଚନା ପଦ୍ଧତି** *ବି.* ଲିଖନର ଢଙ୍ଗ ବା ନିୟମ, ଗଳ୍ପ କବିତାଦିର ଲେଖିବାର ପ୍ରଣାଳୀ ବା ଧାରା ।

**ରଚୟିତା** *ବିଂ.ବି.* ରଚକ, ପ୍ରଣେତା, ଗ୍ରନ୍ଥର ଲେଖକ ।

**ରଚିତ** ***ବିଂ.*** ଯାହା ରଚନା କରାଯାଇଅଛି, ଲିଖିତ, ସୃଷ୍ଟ ।

**ରଚିବା** ***କ୍ରି.*** ୧. ପ୍ରଣୟନ କରିବା, ରଚନା କରିବା ୨. ଘଟାଇବା ୩. କଳ୍ପନାଦ୍ୱାରା ସୃଷ୍ଟି କରିବା ୪. ଗଢ଼ିବା ।

**ରଚିଯିବା** ***କ୍ରି.*** ଲୁଗାପଟା ଆଦିର ରଙ୍ଗ ଅନ୍ୟ ଲୁଗାରେ ଲାଗିଯିବା।

**ରଚେଇ ଦେବା** ***କ୍ରି.*** ରଙ୍ଗ କରିବା ବା ବୋଳିବା, ରଂଜିତ କରିବା, ରଙ୍ଗାଇବା।

**ରଜଃ** ***ବି.*** ୧. ଧୂଳି ୨. ଫୁଲର ପରାଗ ୩. ସ୍ତ୍ରୀମାନଙ୍କ ମାସିକ ଋତୁ ବା ରକ୍ତ ସ୍ରାବ ୪. ଯୌବନ ପ୍ରାପ୍ତି ୫. ମାୟାରେ ଆସକ୍ତି ଓ କର୍ମରେ ଉତ୍ସାହ ଆଣୁଥିବା ଗୁଣ ବିଶେଷ ୬. ଇଚ୍ଛା ୭. ତ୍ରିଗୁଣ ମଧ୍ୟରୁ ଗୋଟିଏ (ସତ୍ତ୍ୱ, ରଜଃ, ତମ)।

**ରଜ** ***ବି.*** ୧. ଆଷାଢ଼ ସଂକ୍ରାନ୍ତି ଏବଂ ତାହାର ପୂର୍ବ ଓ ପର ଦିନ- ଏହି ତିନିଦିନ ବ୍ୟାପୀ ପର୍ବ ସମୟ (ଯେଉଁ ସମୟରେ ଭୂମି ରଜସ୍ୱଳା ହୁଏ ବୋଲି ବିଶ୍ୱାସ କରାଯାଏ) ୨. ଏହି ସମୟରେ ପାଳିତ ଉତ୍ସବ ୩. ପାଉଁଶ ୪. ଧୂଳି ।

**ରଜକ** ***ବି.*** ଧୋବା, ଉଜୁଳା (*ସ୍ତ୍ରୀ.* ରଜକୀ ରଜକିନୀ) ; ***ବିଂ.*** ରଂଜକ, ଯେ ରଙ୍ଗକରେ ।

**ରଜଘଷ** ***ବି.*** ନିକଟତର ସମ୍ପର୍କ; ***ବିଂ.*** ଅତ୍ୟଧିକ ମିଳାମିଶା ବା ଚଳପ୍ରଚଳ ହେଉଥିବା।

**ରଜଚକ୍ର** ***ବି.*** ନାରୀମାନଙ୍କ ମାସିକିଆ, ମାସୁଆରୀ ।

**ରଜତ** ***ବି.*** ୧. ରୁପା ୨. ହାତୀ ଦାନ୍ତ ; ***ବିଂ.*** ରୁପେଲି, ଉଜ୍ଜ୍ୱଳ ଧଳା (ରଙ୍ଗ) ।

**ରଜତଗିରି** ***ବି.*** ୧. କୈଳାସ ପର୍ବତ ୨. ବରଫାବୃତ ପାହାଡ଼ ।

**ରଜତ ଜୟନ୍ତୀ** ***ବି.*** ପଚିଶ ବର୍ଷ ପୂର୍ତ୍ତିରେ ଅନୁଷ୍ଠିତ ଉତ୍ସବ ।

**ରଜନ** ***ବି.*** ୧. ଝୁଣା ବିଶେଷ, ଶାଳ ବୃକ୍ଷର ରସରୁ ତେଲ ବାହାର କରିନେବା ପରେ ରହିଯିବା ଅଠା ଅଂଶକୁ ଶୁଷ୍କକରି ତହିଁରୁ ପ୍ରସ୍ତୁତ କରାଯିବା ଝୁଣା ୨. ରଙ୍ଗକରଣ ।

**ରଜନି, ରଜନୀ** ***ବି.*** ୧. ରାତି, ରାତ୍ରି ୨. ହଳଦୀ ୩. ଲାଖ।

**ରଜନିଗନ୍ଧା, ରଜନୀଗନ୍ଧା** ***ବି.*** ସନ୍ଧ୍ୟାରେ ଫୁଟୁଥିବା ଗଜଦନ୍ତ ଫୁଲ, ସୁଗନ୍ଧଯୁକ୍ତ ଧଳାରଙ୍ଗର ଫୁଲ ।

**ରଜନୀମୁଖ** ***ବି.*** ସନ୍ଧ୍ୟାର ଠିକ୍ ପରବର୍ତ୍ତୀ କାଳ, ମୁହଁ ସଞ୍ଜ, ଫୁଲ ସଞ୍ଜ ।

**ରଜସ୍ୱଳା** ***ବିଂ.*** ଋତୁମତୀ; ***ବି.*** ନାରୀର ଯୌବନପ୍ରାପ୍ତି, (ଝିଅ) ଘରଯୋଗ୍ୟା ହେବା, ବଢ଼ିବା ।

**ରଜା** ***ବି.*** ୧. ରାଜା ୨. ଗଞ୍ଜପା ଖେଳର ସାର ବିଶେଷ ୩. ତାସ ଖେଳର ସାହେବ ୪. ସର୍ବଶ୍ରେଷ୍ଠ ବ୍ୟକ୍ତି ବା ପ୍ରାଣୀ ବା ବସ୍ତୁ (*ସ୍ତ୍ରୀ.* ରାଣୀ) ।

**ରଜାଝିଅ** ***ବି.*** ୧. ରାଜାଙ୍କର ଝିଅ, ରାଜକନ୍ୟା, ରାଜଜେମା ୨. ଅତି ସୁନ୍ଦରୀ ଝିଅ ।

**ରଜାପୁଅ** ***ବି.*** ୧. ରାଜପୁତ୍ର ୨. ସୁନ୍ଦର ପିଲା ।

**ରଜା ଫିର୍‌ଫିର୍** ***ବି.*** ବଡ଼ ଆକାରର କଂକି।

**ରଜିକା, ରଜକା** ***ବିଂ.*** ଲୁଗା ରଙ୍ଗ କରୁଥିବା (ସ୍ତ୍ରୀ) ; ***ବି.*** ଲୁଗା କାଚି ସଫା କରୁଥିବା ନାରୀ।

**ରଜୋଗୁଣ** ***ବି.*** କାମ-କ୍ରୋଧ-ଲୋଭ- ମାୟା-ଦ୍ୱେଷାଦିର ଆଧିକ୍ୟ (ଯାହା ଫଳରେ ମାନବ ପ୍ରକୃତି ଉଦ୍ଦୀପ୍ତ ହୁଏ ଅଥଚ ତୃପ୍ତି ମିଳେ ନାହିଁ) ।

**ରଜୋଦର୍ଶନ, ରଜୋଦ୍ଗମ** ***ବି.*** ବାଳିକାର ପ୍ରଥମ ଋତୁସ୍ରାବ ଅର୍ଥାତ୍ ଯୌବନପ୍ରାପ୍ତି, ଝିଅଟିଏ ଘରଯୋଗ୍ୟା ହେବା ।

**ରଜୋନିବୃତ୍ତି** ***ବି.*** ବୟସ ବୃଦ୍ଧି ହେତୁ ଋତୁସ୍ରାବ ବନ୍ଦ ହେବା, ମାସୁଆରି ବନ୍ଦ ହେବା, ମେନୋପଜ୍ ।

**ରଜ୍ଜୁ** ***ବି.*** ଦଉଡ଼ି, ଡୋର ।

**ରଜ୍ଜୁବଦ୍ଧ** ***ବିଂ.*** ୧. ଦଉଡ଼ିବନ୍ଧା ୨. ପରାଧୀନ ଓ ନିୟନ୍ତ୍ରିତ ।

**ରଝୋରଝୋ** ***କ୍ରି.ବିଂ.*** ପ୍ରବଳଭାବରେ (ବର୍ଷିବା); ***ବି.*** ପ୍ରବଳ ବର୍ଷାର ଧ୍ୱନି।

**ରଞ୍ଜକ** ***ବି.*** ୧. ତୋପ ବା ଆଗକାଳିଆ ବନ୍ଧୁକର ନଳୀ ମୂଳରେ ଥିବା ରନ୍ଧ୍ରରେ ଦିଆଯିବା ବାରୁଦ ୨. ବାରୁଦ, ରଞ୍ଜକଦ୍ରବ୍ୟ ୩. ଧୋବା ୪. ହିଙ୍ଗୁଳ ୫. ଚିତ୍ରକର ; ***ବିଂ.*** ୧. ଲୁଗା ରଙ୍ଗାଉଥିବା ବ୍ୟକ୍ତି ୨. ରଞ୍ଜନକାରୀ ।

**ରଞ୍ଜକଘର, ରଞ୍ଜକଦାନି** ***ବି.*** ତୋପ ବା ବନ୍ଧୁକର ଯେଉଁ ଛିଦ୍ରରେ ନିଆଁ ଧରାଇ ଦିଆଯାଏ ।

**ରଞ୍ଜନ** ***ବି.*** ୧. ଆନନ୍ଦଦାନ ୨. ରଙ୍ଗକରଣ ୩. ହିଙ୍ଗୁଳ ୪. ରକ୍ତ ଚନ୍ଦନ ; ***ବିଂ.*** ପ୍ରୀତିଜନକ, ଆନନ୍ଦଦାୟକ, (*ସ୍ତ୍ରୀ.* ରଞ୍ଜନା, ରଞ୍ଜନୀ) ।

**ରଞ୍ଜନରଶ୍ମି** ***ବି.*** ଏକ୍ସରେ, ଯେଉଁ ଆଲୋକଶକ୍ତି ମାଧ୍ୟମରେ ଉପରସ୍ଥ ଆବରଣ ଭେଦକରି ଶରୀର ଭିତରର ଛବି ଉଠାଯାଇଥାଏ ।

**ରଞ୍ଜନୀ** ***ବି.*** ୧. ହରିଡା, ହଳଦୀ, ମଞ୍ଜିଷ୍ଠା, କୁଙ୍କୁମ, ଶେଫାଳିକା ଓ ନୀଳ ଗୁଳ୍ମର ମିଶ୍ରଣ ।

**ରଞ୍ଜା** ***ବି.*** ଲତାଉପରକୁ ମାଡ଼ିବାପାଇଁ ବ୍ୟବହୃତ ଶୁଖିଲା ଡାଳ ବା ଝାଟି ।

**ରଞ୍ଜାଇବା, ରଞ୍ଜଇବା** ***କ୍ରି.*** ୧. ରଞ୍ଜିତ କରିବା, ମୋହିତ ବା ସନ୍ତୁଷ୍ଟ କରିବା ୨. (ଲତା ପାଇଁ) ରଞ୍ଜା ଦେବା ।

**ରଞ୍ଜିତ** ***ବିଂ.*** ୧. ରଙ୍ଗଯୁକ୍ତ ୨. ଚିତ୍ରିତ ୩. ଶୋଭିତ ୪. ତୋଷିତ ୫. ମୋହିତ (*ସ୍ତ୍ରୀ.* ରଞ୍ଜିତା) ।

**ରଞ୍ଜିନୀ** ***ବିଂ.*** *ସ୍ତ୍ରୀ.* ଆନନ୍ଦ ପ୍ରଦାନ କରୁଥିବା ; ***ବି.*** ୧. ହଳଦୀ ୨. ମଞ୍ଜୁଆତି ୩. ନୀଳ ଗୁଳ୍ମ ।

**ରଞ୍ଜିବା** ***କ୍ରି.*** ୧. ରଙ୍ଗ କରିବା ୨. ପ୍ରୀତି ସମ୍ପାଦନ କରିବା, ମୁଗ୍ଧ କରିବା ୩. ଖୁସି କରିବା ।

**ରଟ୍‌କିବା** ***କ୍ରି.*** କାମୁଡ଼ିବା।

**ରଟ୍‌ବା** ***କ୍ରି.*** ବାରମ୍ବାର ବଡ଼ ପାଟିରେ ଘୋଷି ପାଠ ଆଦି ମୁଖସ୍ଥ କରିବା।

**ରଟ୍ ରଟ୍** ***କ୍ରି.ବିଂ.*** ରଟ ରଟ।

**ରଟ** ***ବି.*** ଉଚ୍ଚଶବ୍ଦ ।

**ରଟକା** ***ବି.*** କୋଳଥ ; ***ବିଂ.*** ୧. ଅଭିମାନୀ ୨. ଲାଗିରହିଥିବା ।

**ରଟନ** ***ବି.*** ଘୋଷଣା, କଥନ, ପ୍ରଚାରଣ ।

**ରଟନା** ***ବି.*** ଘୋଷଣା, ପ୍ରଚାର, ଖ୍ୟାତି, ପ୍ରଶଂସା ।

**ରଟନ୍ତୀ** ***ବି.*** ମାଘ କୃଷ୍ଣ ଚତୁର୍ଦ୍ଦଶୀ, କାଳିକା ପୂଜା ।

**ରଟମଟ** ***କ୍ରି.ବିଂ.*** ବିସ୍ତାରିତ ଭାବରେ; ***ବିଂ.*** ବିସ୍ତାରିତ ।

**ରଟରଟ** ***ଅ.ବି.*** ୧. ଟାଣ ଜିନିଷକୁ କାମୁଡ଼ି ଛିଣ୍ଡାଇବାର ଶବ୍ଦ ୨. ବେଶୀ ଭାର ହେତୁ ବାହୁଙ୍ଗି ବା ବାଉଁଶ ଇତ୍ୟାଦି ଲହକିଗଲେ ହେଉଥିବା ଶବ୍ଦ ୩. ଗଛ ଡାଳ ଭାଙ୍ଗିବା ସମୟରେ ହେଉଥିବା ଶବ୍ଦ।

**ରଟିତ** ***ବିଂ.*** ଘୋଷିତ, ପ୍ରଚାରିତ, କଥିତ, ଖ୍ୟାତ ।

**ରଟିବା** ***କ୍ରି.*** ଉଚ୍ଚ କଣ୍ଠରେ କହିବା, ଘୋଷଣା ବା ପ୍ରଚାର କରିବା, ଘୋଷିତ ବା ପ୍ରଚାରିତ ହେବା, ଘୋଷି ହେବା ।

**ର-ଠ** ***କ୍ରି.ବିଂ.*** ରଅ-ଠଅ ।

**ରଠିଲ** ***ବିଂ.*** ଟାଣ, ଶକ୍ତ।

**ରଡ୍** ***ବି.*** ଲୁହାଛଡ଼ ।

**ରଡ୍‌ବା** ***କ୍ରି.*** ୧. ଉଚ୍ଚ ସ୍ୱରରେ କାନ୍ଦିବା ୨. ପାଟି କରିବା।

**ରଡ଼** ***ବି.*** ୧. ଜଳନ୍ତା ନିଆଁଖଣ୍ଡ, ଜଳନ୍ତା ଅଙ୍ଗାର ୨. ଅହନ୍ତା; ***ବିଂ.*** ଜଳନ୍ତା ।

**ରଡ଼ନିଆଁ** ***ବି.*** ଦହକ ନିଆଁ, ଜଳନ୍ତା ନିଆଁଖଣ୍ଡ ।

**ରଡ଼ରଡ଼, ରଡ଼ରାଡ଼** ***ଅ.*** ଗଛ ବା ଗଛର ଶୁଖିଲା ଡାଳ ଭାଙ୍ଗିପଡ଼ିବା ଶବ୍ଦ ।

**ରଡରଡ଼ିଆ** ***ବିଂ.*** ବଗଡ଼ିଆ, ଚିକ୍କଣ ହୋଇନଥିବା ।

**ରଡ଼ାକିର୍ଲା** ***ବି.*** ଗାଳି ଗୋଳମାଳ, ପାଟି ତୁଣ୍ଡ ।

**ରଡ଼ି** ***ବି.*** ଗର୍ଜନ, ଉଚ୍ଚ ଶବ୍ଦ ବା ଡକା, କୁହାଟ, ଚିତ୍କାର ।

**ରଡ଼ିବା** ***କ୍ରି.*** ୧. ବିକଳରେ କାନ୍ଦିବା ୨. ଉଚ୍ଚ ସ୍ୱରରେ ଡକା ପାରିବା ବା ଡାକ ଛାଡ଼ିବା ୩. ଚିତ୍କାର କରିବା ।

**ରଡ଼୍ହା** ***ବିଂ.*** ଲୋଭୀ, ଖାଦ୍ୟ ଲୋଭୀ।

**ରଣ** ***ବି.*** ୧. ଲଢ଼େଇ, ଯୁଦ୍ଧ ୨. ଧ୍ୱନି, ଶବ୍ଦ ୩. ଗମନ ।

**ରଣକାତର** ***ବିଂ.*** ଲଢ଼େଇ ପାଇଁ ଅନିଚ୍ଛୁକ, ଯୁଦ୍ଧକୁ ଡରୁଥିବା ।

**ରଣକାମୀ** ***ବିଂ.*** ଯୁଦ୍ଧ କରିବାକୁ ଇଚ୍ଛୁକ ।

**ରଣକୁଶଳ** ***ବିଂ.*** ଯୁଦ୍ଧ ବିଦ୍ୟାରେ ବା ଯୁଝିବାରେ ପାରଙ୍ଗମ ।

**ରଣକୁହୁଡ଼ି** ***ବି.*** ଅସମୟରେ, ଦିନବେଳେ ହେଉଥିବା କୁହୁଡ଼ି ।

**ରଣକୌଶଳ** ***ବି.*** ଯୁଦ୍ଧକାଇଦା, ଯୁଦ୍ଧନୈପୁଣ୍ୟ ।

**ରଣଘଣ୍ଟା** ***ବି.*** ଗଞ୍ଜାମ ଅଞ୍ଚଳରେ ଦୋଳପୂର୍ଣ୍ଣିମା ଦିନ ହେଉଥିବା ଏକ ଉତ୍ସବ ।

**ରଣଚଣ୍ଡୀ** ***ବି.*** *ସ୍ତ୍ରୀ.* ୧. ଉଗ୍ରଚଣ୍ଡୀ, ଅଣ୍ଡିରାଚଣ୍ଡୀ, କଳିହୁଡୀ ବା ବଦ୍‌ରାଗୀ ନାରୀ ୨. ପୁରାଣରେ ଦାନବମାନଙ୍କ ସହିତ ଉନ୍ମତ୍ତଭାବରେ ସଂଗ୍ରାମକାରିଣୀ ଚଣ୍ଡୀ ୩. ଉଗ୍ରା, ରଣୋନ୍ମତ୍ତା, ନାରୀ, ଦେବୀ ।

**ରଣଝଣ** ***ବି.*** ରୁଣୁଝୁଣୁ, ମୁଦ୍ରା ଅଥବା ଅଳଙ୍କାରର ଶବ୍ଦ ।

**ରଣ ଢକ୍‌କା** ***ବି.*** ଯୁଦ୍ଧବାଦ୍ୟ, ବୀରବାଦ୍ୟ ।

**ରଣତରି[ରୀ]** ***ବି.*** ରଣପୋତ, ଯୁଦ୍ଧ ଜାହାଜ ।

**ରଣ ତୂରୀ** ***ବି.*** ଯୁଦ୍ଧବେଳେ ବାଜିବା କାହାଳୀ ।

**ରଣନ** ***ବି.*** ଶବ୍ଦକରଣ, ଝଙ୍କାର ।

**ରଣନୀତି** ***ବି.*** ଯୁଦ୍ଧନୀତି ।

**ରଣ ପଦ୍ଧତି** ***ବି.*** ଯୁଦ୍ଧ କୌଶଳ ବା ନୀତି ।

**ରଣପକ୍ଷୀ** ***ବି.*** ଛଞ୍ଚାଣ, ଶିକାରୀପକ୍ଷୀ ।

**ରଣପା** ***ବି.*** ଘୋଡେଲ, ଦ୍ରୁତଗମନ ପାଇଁ ପୂର୍ବକାଳରେ ବ୍ୟବହୃତ ଏବଂ ଏବେ ମଧ୍ୟ ଘଣ୍ଟ ପାଟୁଆମାନଙ୍କଦ୍ୱାରା ବ୍ୟବହୃତ ଦୀର୍ଘ ବାଡ଼ି ବା ବାଉଁଶ, ଯହିଁରେ ପାଦ ଥୋଇବା ପାଇଁ ଏକ ଛୋଟ କାଠ ଲାଗିଥାଏ ; ***ବିଂ.*** ୧. ଖୁବ୍ ଡେଙ୍ଗା(ଲୋକ) ୨. ଖରଖରୀ ବା ତୁଣ୍ଡେଇ(ନାରୀ), ମୁଖରା ।

**ରଣପୋତ** ***ବି.*** ଯୁଦ୍ଧଜାହାଜ, ରଣତରୀ।

**ରଣପ୍ରାଙ୍ଗଣ** ***ବି.*** ଯୁଦ୍ଧଭୂମି, ସମରଭୂମି ।

**ରଣବାଦ୍ୟ** ***ବି.*** ଯୁଦ୍ଧବାଦ୍ୟ ।

**ରଣଭଙ୍ଗ** ***ବି.*** ଛତ୍ରଭଙ୍ଗ, ଯୁଦ୍ଧ କ୍ଷେତ୍ରରୁ ପଳାୟନ; ***ବିଂ.*** ଯୁଦ୍ଧରୁ ବିରତ ।

**ରଣଭଣ** ***ବିଂ.*** ମଶା, ମାଛି ପ୍ରଭୃତି ଅଧିକ ସଂଖ୍ୟାରେ ଥିବା (ସ୍ଥାନ)।

**ରଣମୁଖା** ***ବିଂ.*** ଉଗ୍ର ମୂର୍ତ୍ତି ଧାରଣ କରିଥିବା, ଯୁଦ୍ଧ ପାଇଁ ରକ୍ତମୁଖା ।

**ରଣରଙ୍ଗ** ***ବିଂ.*** ଯୁଦ୍ଧ ପାଇଁ ଆତୁର ବା ବ୍ୟାକୁଳ, ଲଢ଼ିବାକୁ ଯେ ଅତିମାତ୍ରାରେ ଆତୁର ।

**ରଣରଙ୍ଗ** ***ବି.*** ସମର ବିଳାସ, ଯୁଦ୍ଧଜନିତ ଆନନ୍ଦ ।

**ରଣରଣିଆ** ***ବିଂ.*** ଟାଣ, ଉଜ୍ଜ୍ୱଳ(ଖରା) ।

**ରଣଶିଙ୍ଗା, ରଣଶୃଙ୍ଗ** ***ବି.*** ଶିଙ୍ଗରେ ତିଆରି ଭେରି ଜାତୀୟ ଯୁଦ୍ଧବାଦ୍ୟ ବିଶେଷ ।

**ରଣଶିକ୍ଷା** ***ବି.*** ସମରବିଦ୍ୟାରେ ତାଲିମ ।

**ରଣସଜ୍ଜା** ***ବି.*** ସମରସଜ୍ଜା ।

**ରଣସ୍ତମ୍ଭ** ***ବି.*** ଜୟସ୍ତମ୍ଭ, ଯୁଦ୍ଧର ସ୍ମୃତିରକ୍ଷାର୍ଥ ସ୍ମୃତି ସ୍ତମ୍ଭ ।

**ରଣସ୍ଥଳ** ***ବି.*** ଯୁଦ୍ଧ କ୍ଷେତ୍ର ।

**ରଣକ୍ଷେତ୍ର** ***ବି.*** ଯୁଦ୍ଧଭୂମି ।

**ରଣା** ***ବି.*** ୧. ସାଧାରଣତଃ ସନ୍ତସନ୍ତିଆ ସ୍ଥାନରେ ରହୁଥିବା ବିଷଧର ସାପ ବିଶେଷ ୨. ଜାତି ବିଶେଷର ସାଙ୍ଗିଆ ।

**ରଣାଙ୍ଗନ** ***ବି.*** ଯୁଦ୍ଧକ୍ଷେତ୍ର ।

**ରଣି** ***ବି.*** କଙ୍କପକ୍ଷୀ ।

**ରଣିତ** ***ବିଂ.*** ଧ୍ୱନିତ, ଅନୁରଣିତ, ଶବ୍ଦାୟିତ ।

**ରଣିପାଇକ** ***ବି.*** ରାତିରେ ଲୋକଙ୍କୁ ସତର୍କ କରୁଥିବା ପାଇକ, କୁହାଟିଆ ।

**ରଣିଫୁଲ** ***ବି.*** ୧. ଜହ୍ନିଫୁଲ ୨. ଏକ ପ୍ରକାର ଧଳାଫୁଲ ।

**ରଣ୍ଡ** ***ବିଂ.*** ୧. ଧୂର୍ତ୍ତ ୨. ସନ୍ତାନ ଉତ୍ପାଦନରେ ଅକ୍ଷମ (ପୁରୁଷ) ୩. ଫଳ-ଫୁଲ-ଉତ୍ପାଦନରେ ଅକ୍ଷମ (ବୃକ୍ଷ), *ସ୍ତ୍ରୀ* ରଣ୍ଡା ୪. ମୃତପତ୍ନୀକ , ରୋଣ୍ଡୋଳା ।

**ରଣ୍ଡକ** ***ବି.*** ଅଫଳନ୍ତି ଅଣ୍ଡିରା ଗଛ ବା ଗୁଳ୍ମ ।

**ରଣ୍ଡା** ***ବିଂ.*** ୧. ବିଧବା ୨. ବନ୍ଧ୍ୟା ; ***ବି.*** ୧. ବିଧବା ନାରୀ, ବାଞ୍ଝ ସ୍ତ୍ରୀ ୨. ବେଶ୍ୟା ।

**ରଣ୍ଡୀ** ***ବି.*** *ସ୍ତ୍ରୀ.* ବେଶ୍ୟା, ଯୌନକର୍ମୀ, ରାଣ୍ଡୀ ।

**ରଣ୍ଡୀବାଜ** ***ବିଂ.*** ବେଶ୍ୟାଗୃହକୁ ଯାଉଥିବା ବ୍ୟକ୍ତି, ଲମ୍ପଟ ।

**ରଣ୍ଡୀବାଜି** ***ବି.*** ୧. ବେଶ୍ୟାଳୟକୁ ଯିବା ଅଭ୍ୟାସ ବା ପ୍ରବୃତ୍ତି ୨. ବେଶ୍ୟା ବୃତ୍ତି ।

**ରତ** ***ବିଂ.*** ୧. ନିଯୁକ୍ତ ୨. ଆସକ୍ତ (*ସ୍ତ୍ରୀ.* ରତା) ।

**ରତନ** ***ବିଂ.ବି.*** ୧. ଶ୍ରେଷ୍ଠ ୨. ଅତି ପ୍ରିୟ ୩. ରତ୍ନ ।

**ରତରତ** ***ଅ.*** (ସୂର୍ଯ୍ୟ) ବୁଡୁଥିବା, ଅସ୍ତୋନ୍ମୁଖ ।

**ରତା** ***ବି.*** ଈଷତ ନାଲି ରଙ୍ଗର କାତି ନଥିବା ମାଗୁର ଜାତୀୟ ଛୋଟ ମାଛ ବିଶେଷ ; ***ବିଂ.*** ୧. ନାଲିଆ, ରକ୍ତବର୍ଣ୍ଣଯୁକ୍ତ ୨. ରଣମୁହାଁ ୩. ଚୁପ୍ ସଇତାନ ।

**ରତାମାଟି** ***ବି.*** ଈଷତ୍ ଲାଲ ରଙ୍ଗର ମାଟି , ଗେରୁମାଟି, ରଙ୍ଗମାଟି ।

**ରତାମୁହାଁ** ***ବି. ବିଂ.*** ୧. ରାଗରେ ମୁହଁ ନାଲି ହୋଇଥିବା ୨. ଚୁପ୍ ସଇତାନ (*ସ୍ତ୍ରୀ.* ରତାମୁହାଁ) ।

**ରତାଳିଆ** ***ବିଂ.*** ସାମାନ୍ୟ ନାଲିଆ, ଈଷତ୍ ରକ୍ତିମ ।

**ରତି** ***ବି.*** ୧. ଗୁଞ୍ଜ ବା କାଇଁଚଫଳ ୨. ସେହି ଫଳର ଓଜନ ପରିମାଣ ବିଶେଷ (ପ୍ରାୟ ଏକ ଗ୍ରାମ) ୩. ଅତି କ୍ଷୁଦ୍ର ବସ୍ତୁ, ଅତି ସାମାନ୍ୟ ପରିମିତ ବସ୍ତୁ ୪. କାମଦେବଙ୍କ ପତ୍ନୀ ୫. ମୈଥୁନ, ଯୌନକ୍ରିୟା, ରମଣ ୬. ଅନୁରାଗ, ଆସକ୍ତି ।

**ରତିଏ** ***ବିଂ.*** ୧. ସାମାନ୍ୟ ପରିମାଣର ୨. ଏକ ରତିର ପରିମାଣ (ଆନୁମାନିକ ଏକଗ୍ରାମ) ।

**ରତିଖେଦ** ***ବି.*** ୧. ଯୌନକ୍ରିୟା ବା ରମଣ ଜନିତ କ୍ଳାନ୍ତି ୨. ରତି ସୁଖ ଅଭାବରେ ହେଉଥିବା ଦୁଃଖ ।

**ରତିବନ୍ଧ** ***ବି.*** ମୈଥୁନ ବା ରମଣର ବିଭିନ୍ନ ଭଙ୍ଗୀ, କାମଶାସ୍ତ୍ର ବର୍ଣ୍ଣିତ ୬୪ଟି ଯୌନ ମିଳନର ଭଙ୍ଗୀ ।

**ରତିରଙ୍ଗ** ***ବି.*** ନାନା ପ୍ରକାର ରତିବିଳାସ ।

**ରତିରହସ୍ୟ** ***ବି.*** ଯୌନକ୍ରିୟା ବା ରମଣ ସମ୍ବନ୍ଧୀୟ ଗୁପ୍ତ କଥା ।

**ରତିଶାସ୍ତ୍ର** ***ବି.*** ଯୌନକ୍ରିୟା ସମ୍ପର୍କିତ ଶାସ୍ତ୍ର ।

**ରତେ** ***ବିଂ.*** ୧. ସାମାନ୍ୟ ପରିମାଣ, ଅଳ୍ପଟିକେ ୨. ଏକ ରତି ପରିମାଣ ।

**ରତ୍ନ** ***ବି.*** ମୁକ୍ତା, ମାଣିକ, ବୈଦୂର୍ଯ୍ୟ, ଗୋମେଦ, ହୀରକ, ପ୍ରବାଳ, ପୁଷ୍ପରାଗ, ମରକତ ଓ ନୀଳକାନ୍ତ: ଏହି ନଅପ୍ରକାର ବହୁମୂଲ୍ୟ ପଥର ।

**ରତ୍ନକମ ଦିହୁଡ଼ିଆ** ***ବି.*** ଶ୍ରୀମନ୍ଦିରରେ ଦିହୁଡ଼ିଆ ସେବକ ବିଶେଷ ।

**ରତ୍ନକମ ବିନ୍ଧାଣି** ***ବି.*** ଶ୍ରୀମନ୍ଦିରରେ ସୁନାରୂପା ଆଦି ଯାବତୀୟ ଧାତୁ କାର୍ଯ୍ୟ କରିବା ସେବକ ।

**ରତ୍ନଖଚିତ** ***ବି.*** ଯହିଁରେ ରତ୍ନ ବସାଣ ହୋଇଛି, ରତ୍ନ ଶୋଭିତ ।

**ରତ୍ନଗର୍ଭ** ***ବି.*** ସମୁଦ୍ର ; ***ବିଂ.*** ଯାହା ମଧ୍ୟରେ ରତ୍ନ ଥାଏ, *ସ୍ତ୍ରୀ.* ରତ୍ନଗର୍ଭା ।

**ରତ୍ନଗର୍ଭା** ***ବି.*** ବସୁମତୀ ।

**ରତ୍ନଗିରି, ରତ୍ନାଚଳ** ***ବି.*** ମେରୁ ଓ ସୁମେରୁ ପର୍ବତ ।

**ରତ୍ନପଲଙ୍କ** ***ବି.*** ୧. ରତ୍ନଖଚିତ ପଲଙ୍କ ୨. ଶ୍ରୀମନ୍ଦିରରେ ଠାକୁରଙ୍କ ପହଡ଼ ନିମନ୍ତେ ବ୍ୟବହୃତ ରୂପା ପଲଙ୍କ ।

**ରତ୍ନପ୍ରସବିନୀ, ରତ୍ନପ୍ରସୁ** ***ବିଂ.*** ୧. ରତ୍ନଗର୍ଭା, ରତ୍ନର ପ୍ରସବକାରିଣୀ ବା ଉତ୍ପାଦନକାରିଣୀ ୨. ସୁସନ୍ତାନ ପ୍ରସବିନୀ ।

**ରତ୍ନବଣିକ** ***ବି.*** ମଣିମୁକ୍ତାର ବ୍ୟବସାୟୀ, ଜହୁରୀ ।

**ରତ୍ନବେଦୀ** ***ବି.*** ରତ୍ନସିଂହାସନ, ଶ୍ରୀଜଗନ୍ନାଥଙ୍କ ରତ୍ନସିଂହାସନ ।

**ରତ୍ନମୟ** ***ବିଂ.*** ରତ୍ନପୂର୍ଣ୍ଣ, ରତ୍ନଭରା (*ସ୍ତ୍ରୀ.* ରତ୍ନମୟୀ) ।

**ରତ୍ନମାଳା** ***ବି.*** ମଣିମୁକ୍ତାର ହାର ।

**ରତ୍ନହାଣ୍ଡି** ***ବି.*** ଶ୍ରୀମନ୍ଦିରରେ ବ୍ୟବହୃତ ହାଣ୍ଡିକୁଡୁଆ ଆଦି ।

**ରତ୍ନହାଣ୍ଡି ଜାଗିରି** ***ବି.*** ଶ୍ରୀମନ୍ଦିରକୁ ହାଣ୍ଡିକୁଡୁଆ ଯୋଗାଇବାପାଇଁ କୁମ୍ଭାର ବିଷୋଇଙ୍କୁ ମିଳିଥିବା ଭୂସମ୍ପତ୍ତି।

**ରତ୍ନାକର** ***ବି.*** ୧. ସମୁଦ୍ର ୨. ରତ୍ନର ଖଣି ।

**ରତ୍ନାବଳି, ରତ୍ନାବଳୀ** ***ବି.*** ୧. ରତ୍ନସମୂହ, ବିଭିନ୍ନ ରତ୍ନ ୨. ରତ୍ନଖଚିତ ହାର ।

**ରତ୍ନାଭରଣ, ରତ୍ନାଳଙ୍କାର** ***ବି.*** ରତ୍ନଖଚିତ ଅଳଙ୍କାର ।

**ରତ୍ନାଲଟ ସେବକ** ***ବି.*** ଶ୍ରୀମନ୍ଦିରରେ ଆଲଟ ବିଞ୍ଚିବା ସେବକ।

**ରଥ** ***ବି.*** ୧. ଦେବବିଗ୍ରହକୁ ସ୍ଥାନାନ୍ତରିତ କରିବାର ଯାନ ୨. ପ୍ରାଚୀନକାଳରେ ଯୁଦ୍ଧପାଇଁ ବ୍ୟବହୃତ ହେଉଥିବା ଅଶ୍ୱାଦିବାହିତ ଚକ୍ରଯୁକ୍ତ ଯାନ କିମ୍ବା ଯୁଦ୍ଧଯାନ ୩. ମନ୍ଦିରାକୃତି ଚକାଲଗା ଯାନ ୪. ବ୍ରାହ୍ମଣମାନଙ୍କ ସାଙ୍ଗିଆ ବିଶେଷ ।

**ରଥକାଠ ଅମିନ** ***ବି.*** ରଥର କାଠ ବୁଝିନେଇ ରଥକୁ ଯୋଗାଇଥିବା ମହାରଣା।

**ରଥକାର** ***ବି.*** ରଥ ନିର୍ମାଣ କରୁଥିବା କାରିଗର ।

**ରଥଗଢ଼ା** ***କ୍ରି.*** ରଥ ନିର୍ମାଣ, ରଥତିଆରି ।

**ରଥଗୀତ** ***ବି.*** ରଥ ଟାଣିବା ବେଳେ ଡାହୁକଦ୍ୱାରା ବୋଲା ଯାଉଥିବା ଉତ୍ତେଜକ ଗୀତ ।

**ରଥଚକ୍ର** ***ବି.*** ରଥର ଚକ ।

**ରଥଚାଳକ** ***ବି.*** ରଥ ଚାଳିବା ଲୋକ, ସାରଥୀ ।

**ରଥ ଭୋଇ** ***ବି.*** ରଥଯାତ୍ରାପାଇଁ ରଥକାମ କରୁଥିବା ଭୋଇ ସେବକ।

**ରଥଭୋଗ** ***ବି.*** ଠାକୁର ରଥରେ ଥିବାବେଳେ କରାଯାଉଥିବା ଭୋଗ ।

**ରଥଯାତ୍ରା** ***ବି.*** ଶ୍ରୀଗୁଣ୍ଡିଚା, ଆଷାଢ଼ ମାସର ଶୁକ୍ଳ ଦ୍ୱିତୀୟା ତିଥିରେ ଅନୁଷ୍ଠିତ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ତ୍ରିରଥର ଗୁଣ୍ଡିଚାଘରକୁ ଯିବା ଓ ଦଶମୀ ଦିନ ଫେରିବା ଯାତ୍ରା ।

**ରଥଯାତ୍ରୀ** ***ବି.*** ରଥଯାତରେ ଯୋଗଦେବାପାଇଁ ଆସୁଥିବା ଯାତ୍ରୀ ।

**ରଥା** ***ବି.*** ରଥୀ, ବୀରପୁରୁଷ ।

**ରଥାଙ୍ଗ** ***ବି.*** ୧. ଚକ, ରଥଚକ୍ର ୨. ଚକୁଆ ଚଢ଼େଇ ।

**ରଥାଙ୍ଗପାଣି** ***ବି.*** ଚକ୍ରଧର ବିଷ୍ଣୁ ।

**ରଥୀ** ***ବି. ବିଂ.*** ରଥାରୋହୀ, ରଥରେ ଚଢ଼ି ଯୁଦ୍ଧ କରୁଥିବା ଯୋଦ୍ଧା ।

**ରଥ୍ୟ** ***ବିଂ.*** ରଥସମ୍ବନ୍ଧୀୟ ; ***ବି.*** ୧. ରଥ ଟାଣିବା ଅଶ୍ୱ ୨. ରଥର ଚକ ।

**ରଥ୍ୟା** ***ବି.*** ୧. ପ୍ରଶସ୍ତ ରାସ୍ତା ବା ସଡ଼କ, ରାଜପଥ, ବଡ଼ଦାଣ୍ଡ ୨. ରଥ ସମୂହ ।

**ରଦ୍, ରଦ୍ଦ** ***ବିଂ.*** ୧. ବାତିଲ ୨. ପ୍ରତ୍ୟାହୃତ ୩. ପ୍ରତ୍ୟାଖ୍ୟାତ, ଖାରଜ ୪. ନାମଞ୍ଜୁର, ଅଗ୍ରାହ୍ୟ ; ***ବି.*** ପ୍ରତ୍ୟାଖ୍ୟାନ, ନାମଞ୍ଜୁରି, ଖାରଜକରଣ ।

**ରଦ୍‌ଦ୍ଧି** ***ବିଂ.*** ରଦ୍ଧି, ଅତି ବାଜେ, ନିକୃଷ୍ଟ।

**ରଦ** ***ବି.*** ୧. ଦାନ୍ତ, ଦନ୍ତ ୨. ଖନନ, ଛେଦନ , ଖୋଳିବା, ଛେଦିବା ।

**ରଦଖଦ** ***ବିଂ.*** ପୁରାପୁରି ବାତିଲ ବା ଖାରଜ, ସମ୍ପୂର୍ଣ୍ଣ ଅକାମୀ ।

**ରଦନ** ***ବି.*** ଦାନ୍ତ, ଦଶନ ।

**ରଦ ରଦ** ***ବି.*** ଅସ୍ତବ୍ୟସ୍ତ ଅବସ୍ଥା ।

**ରଦା** ***ବି.*** ଇଟାକାନ୍ଥ ଗଢ଼ିବାରେ ଦିଆଯିବା ଇଟାର ଏକ ପ୍ରସ୍ତ, ଲଦା ।

**ରଦି, ରଦ୍ଧି** ***ବିଂ.*** ୧. ନିମ୍ନମାନର, ଅତି ବାଜେ ୨. ଅକାମୀ ୩. ତୁଚ୍ଛ, ନିକୃଷ୍ଟ ୪. ଅଚଳ ।

**ରଦ୍ଧିବାଲା** ***ବି.*** ରଦ୍ଧି ଜିନିଷ ବିକାକିଣା କରିବା ବ୍ୟକ୍ତି, କବାଡ଼ି।

**ରନ୍** ***ବି.*** ୧. ଦୌଡ଼ ୨. କ୍ରିକେଟ୍ ଖେଳର ଦୌଡ଼ ।

**ରନର୍** ***ବି.*** ୧. ଡାକମୁଣା ନିଆଅଣା କରିବା କର୍ମଚାରୀ, ଡାକପାଇକ ୨. ଦୌଡାଳି. ଧାବକ ।

**ରନ୍ଥା** ***ବି.*** ଦନ୍ଥରା, ଧାର ନଥିବା ।

**ରନ୍ଥାଳିଆ** ***ବିଂ.*** ୧. ଆତୁରଭାବରେ ଯେ ଦରାଣ୍ଡେ ବା ମଛି ପକାଏ ବା ଗିଳିପାଏ (*ସ୍ତ୍ରୀ.* ରନ୍ଥାଳୀ) ୨. କାଙ୍ଗାଳ, ବିକଳିଆ ।

**ରନ୍ଥିବା** ***କ୍ରି.*** ବ୍ୟସ୍ତ ବା ବିକଳ ହୋଇ ଅଣ୍ଡାଳିବା ବା ମଛିବା ବା ଗିଳିବା ।

**ରନ୍ଦଲ୍** ***ବି.*** ଗୋଳମାଳ ; ***ବିଂ.*** ଅଝଟିଆ ।

**ରନ୍ଦା** ***ବି.*** କାଠ ଚାଞ୍ଛି ପାଲିସ କରିବା ଉପକରଣ ।

**ରନ୍ଦାପତା** ***ବି.*** ରନ୍ଦାରେ ବ୍ୟବହୃତ ଲୁହାର ଧାରୁଆ ପାତ ।

**ରନ୍ଦିବା** ***କ୍ରି.*** ରନ୍ଦାଦ୍ୱାରା କାଠକୁ ସମତୁଲ ଓ ଚିକ୍କଣ କରିବା ।

**ରନ୍ଧୁନିଆ** ***ବି.*** ରାନ୍ଧୁଣିଆ, ରୋଷେୟା, ପାଚକ ।

**ରନ୍ଧନ** ***ବି.*** ପାକ, ରୋଷେଇ, ରାନ୍ଧଣା ।

**ରନ୍ଧନଗୃହ, ରନ୍ଧନଶାଳା, ରନ୍ଧନାଗାର** ***ବି.*** ରୋଷେଇଘର, ରୋଷଘର, ପାକଶାଳା, ରନ୍ଧାଘର, କିଚେନ୍ ।

**ରନ୍ଧନୀୟ** ***ବିଂ.*** ରନ୍ଧନର ଯୋଗ୍ୟ, ରାନ୍ଧିବା ଉପଯୋଗୀ (ଦ୍ରବ୍ୟ) ।

**ରନ୍ଧା** ***ବି.*** ରୋଷେଇ, ରାନ୍ଧଣା, ରନ୍ଧନ, ପାକ ; ***ବିଂ.*** ରୋଷେଇ ହୋଇଥିବା, ପାକ ହୋଇଥିବା ।

**ରନ୍ଧାଘର, ରନ୍ଧାଶାଳା** ***ବି.*** ରୋଷେଇ ଘର ।

**ରନ୍ଧା ଜଡ଼ା *ବି.*** ଜଡ଼ାମଞ୍ଜିକୁ ରାନ୍ଧି ବାହାର କରାଯିବା ତେଲ ।

**ରନ୍ଧାବଢ଼ା *ବି.*** ୧. ରାନ୍ଧିବା ଓ ପରଷିବା ୨. ରନ୍ଧନ ସମ୍ପର୍କିତ ବିଭିନ୍ନ କାର୍ଯ୍ୟ ।

**ରନ୍ଧାରନ୍ଧି *ବି.*** ରୋଷେଇବାସ ।

**ରନ୍ଧ୍ର *ବି.*** ୧. ବିନ୍ଧ, କଣା, ଛିଦ୍ର ୨. ବିବର, ଗର୍ତ୍ତ, କୋଟର ୩. ଗୋହି ।

**ରନ୍ଧ୍ରବଂଶ *ବି.*** ବେଲିଙ୍ଗି ବାଉଁଶ ।

**ରପ୍‌ଟା *ବି.*** ଅଳ୍ପ ଉଚ୍ଚତା ବିଶିଷ୍ଟ ଛୋଟ ପୋଲ, ଜଳସ୍ତର ବଢ଼ିଲେ ଯାହା ଉପର ଦେଇ ପାଣି ବହିଯାଏ।

**ରପ୍‌ଟିବା *କ୍ରି.*** ଝପଟି ଯିବା, ବ୍ୟଗ୍ରତା ସହକାରେ ଧାଇଁ ଯିବା ।

**ରପଟ୍ *ବି.*** ୧. ଗସ୍ତ ୨. ଅଭ୍ୟାସ ୩. ପରିଶ୍ରମ ୪. ବିଜ୍ଞାପନ ୫. ରିପୋର୍ଟ ୬. ହଇଜା, ମହାମାରୀ ।

**ରପ୍ତାନି *ବି.*** ବିକ୍ରୟାର୍ଥ ବିଦେଶକୁ ପଣ୍ୟଦ୍ରବ୍ୟ ଯୋଗାଣ (*ବିପ.* ଆମଦାନି) ।

**ରପ୍ତାନୀ *ବିଂ.*** ବିକ୍ରୟାର୍ଥ ବିଦେଶକୁ ପ୍ରେରିତ ।

**ରଫ୍ *ବି.*** ୧. ଅସଂଶୋଧିତ ଲେଖା ୨. ଆଜେବାଜେ ଲେଖା ।

**ରଫ୍‌ଖାତା *ବି.*** ସବୁ ବିଷୟକ ଟିପାଖାତା ।

**ରଫା *ବି.*** ୧. ଆପୋଷ ମୀମାଂସା ୨. ବିନାଶ, ଶେଷ ୩. ସମାଧାନ ୪. ନିଷ୍ପତ୍ତି ୫. ମାମଲା ବା ସଂଘର୍ଷ ଶେଷ ୬. କୋଡ଼ି, ରମ୍ପା ।

**ରଫାଦଫା *ବି.*** ୧. ଆପୋଷ ମୀମାଂସା ୨. ସମାଧାନ ।

**ରଫାନାମା *ବି.*** ଆପୋଷ ମୀମାଂସାର ସର୍ତ୍ତାଦି ସମ୍ବଳିତ ଦଲିଲ ।

**ରଫୁ *ବି.*** ପୁରୁଣା ଲୁଗାପଟାର ଫାଟ ବା ଚିରା ଜାଗାକୁ ସୂତାରେ ବୁଣିବା ଭଳି ସିଲାଇ ।

**ରବ୍ ରବା *ବି.*** ଚମରେ ଆମ୍ବୁଡ଼ା ଦାଗ ଯୋଗୁଁ ହେବା ବିକୃତି ।

**ରବ *ବି.*** ୧. ରାବ ୨. ଶବ୍ଦ ୩. ଧ୍ୱନି, ଗୋଳମାଳ ।

**ରବର *ବି.*** ୧. ଏକ ପ୍ରକାର ଗଛ ଓ ତା'ର ଅଠା ୨. କାଗଜରୁ ସୀସାଲେଖା ଘଷି ସଫା କରିବାରେ ବ୍ୟବହୃତ ବସ୍ତୁ, ଇରେଜର ।

**ରବଲ୍‌କୋଇଲା *ବି.*** ଚୂନା କୋଇଲା, ଗୁଣ୍ଡକୋଇଲା ।

**ରବ[ବୈ]ୟା *ବି.*** ୧. ଢଙ୍ଗ ବା ଆଚରଣ ୨. ମନୋଭାବ, ଖୋଇ ।

**ରବା *ବି.*** ୧. ବୀଣା ବା ସିତାର ଜାତୀୟ ବାଦ୍ୟଯନ୍ତ୍ର ୨. ଧ୍ୱନି, ଶବ୍ଦ ।

**ରବାଡ଼ିଆ *ବି.*** ଶ୍ରୀମନ୍ଦିରରେ ରୋଷଘର ସଫା କରିବା ସେବକ।

**ରବାଦିଆ *ବି.*** ଶ୍ରୀମନ୍ଦିରରେ ରବା ବଜାଇବା ସେବକ।

**ରବାବ୍ *ବି.*** ୧. ରୁବାବ୍, ଗାମ୍ଭୀର୍ଯ୍ୟ ୨. ଆଚରଣ ବିଧି ୩. ପ୍ରଭାବ ।

**ରବି *ବି.*** ୧. ସୂର୍ଯ୍ୟ, ଦିବାକର ୨. ଅରଖ, ଅର୍କଗଛ ୩. ସପ୍ତାହର ବାର ବିଶେଷ ୪. ମୁଗ, ବିରି, ବାଜରା, ଗହମ, ଯବ ଆଦି ଫସଲ ।

**ରବିଆ *ବି.*** ହଇଜା, ମଡ଼କ, ମହାମାରୀ।

**ରବି ଋତୁ *ବି.*** ବର୍ଷର ଯେଉଁ ସମୟରେ ମୁଗ, ବିରି, ମାଣ୍ଡିଆ ପ୍ରଭୃତି ରବି ଫସଲ କରାଯାଏ।

**ରବିକର *ବି.*** ସୂର୍ଯ୍ୟକିରଣ ।

**ରବିଦଶା *ବି.*** ଜାତକ ଗଣନା ଅନୁସାରେ ମନୁଷ୍ୟର ଆୟୁକାଳରେ ରବି ଗ୍ରହର ରାଜତ୍ୱ କାଳ ।

**ରବିନାରାୟଣ ବ୍ରତ *ବି.*** ରବିବାର ଦିନ ଏକାଦଶୀ ଥିଲେ ସୂର୍ଯ୍ୟ ଓ ବିଷ୍ଣୁଙ୍କୁ ଉପାସନା କରିବା ବ୍ରତ ।

**ରବିପ୍ରିୟ *ବି.*** ୧. ରକ୍ତ କରବୀର, ରକ୍ତକମଳ ୨. ତମ୍ବା, ତାମ୍ର ।

**ରବିଫସଲ *ବି.*** ଡାଲି ଜାତୀୟ ଶସ୍ୟାଦିର ଚାଷ ।

**ରବିବାର, ରବିବାସର *ବି.*** ସପ୍ତାହର ଶେଷ ଦିନ, ସାଧାରଣତଃ ଛୁଟି ହେବା ଦିନ ।

**ରବିମଣ୍ଡଳ *ବି.*** ସୂର୍ଯ୍ୟର ପରିଧି, ସୂର୍ଯ୍ୟମଣ୍ଡଳ ।

**ରବିରଶ୍ମି *ବି.*** ସୂର୍ଯ୍ୟକିରଣ ।

**ରବିଶସ୍ୟ *ବି.*** ମୁଗ, ବିରି, ଗହମ, ଯବ ଆଦି ବସନ୍ତକାଳୀନ ଶସ୍ୟ ।

**ରବିଶୁଦ୍ଧି *ବି.*** ଜ୍ୟୋତିଷ ଶାସ୍ତ୍ରରେ ରବିଗ୍ରହ ବ୍ୟକ୍ତିର ଜନ୍ମ ରାଶିଠାରୁ ତୃତୀୟ, ଷଷ୍ଠ, ଦଶମ ବା ଏକାଦଶ ସ୍ଥାନରେ ରହିବା ଏବଂ ସୌରମାସର ତେର ଦିନ ପରେ ଦ୍ୱିତୀୟ, ପଞ୍ଚମ ବା ନବମ ସ୍ଥାନରେ ରହିବା ।

**ରବିସଂକ୍ରମଣ *ବି.*** ସଂକ୍ରାନ୍ତି ।

**ରବେଇଖବେଇ ହେବା *କ୍ରି.*** ବିରକ୍ତି ଓ ଅସନ୍ତୋଷ ପ୍ରକାଶ କରିବା ।

**ରବେୟା *ବି.*** ରବୟା ।

**ରଭସ *ବି.*** ୧. ମିଳନ, ସମ୍ଭୋଗ ୨. ରତିକ୍ରୀଡ଼ା ୩. ଔତ୍ସୁକ୍ୟ, ପ୍ରବଳ ଭାବାବେଗ ୪. ଗଭୀର ଶୋକ ୫. ବଳାତ୍କାର ୬. ଅନୁତାପ ।

**ରମ୍ *ବି.*** ଏକ ପ୍ରକାର ମଦ ।

**ରମ୍‌ଜାନ *ବି.*** ରମ୍‌ଦାନ, ମୁସଲମାନ ବର୍ଷର ନବମ ମାସ, ରୋଜା (ଓପାସ) ମାସ ।

**ରମ୍‌ଦିବା, ରମଦ୍‌ବା *କ୍ରି.*** ୧. ହାତରେ ଦଳି ଗୁଣ୍ଡ କରିବା ୨. ମର୍ଦ୍ଦନ କରିବା।

**ରମ *ବିଂ.*** ଆନନ୍ଦଜନକ, ରମଣୀୟ; ***ବି.*** ୧. କନ୍ଦର୍ପ ୨. ସ୍ୱାମୀ (*ସ୍ତ୍ରୀ.* ରମା) ୩. ରମଣ ।

**ରମଣ *ବି.*** ୧. ମୈଥୁନ ୨. ବିଚରଣ ୩. ସ୍ୱାମୀ, ପତି ୪. କାମଦେବ, କନ୍ଦର୍ପ ୫. ଗଧ, ଗର୍ଦ୍ଦଭ ୬. ମୁଷ୍କ ୭. ଜଂଘ, ନିତମ୍ବ ।

**ରମଣୀ *ବି.*** ୧. ସୁନ୍ଦରୀ ନାରୀ, ଉତ୍ତମା ନାରୀ ୨. ପ୍ରିୟା ବା ସନ୍ତୋଷଦାୟିନୀ ପତ୍ନୀ ୩. ସ୍ତ୍ରୀଜାତି ।

**ରମଣୀୟ** *ବିଂ.* ମନୋରମ, ସୁନ୍ଦର, ମନୋହର (*ସ୍ତ୍ରୀ.* ରମଣୀୟା) ; *ବି.* ରମଣୀୟତା ।

**ରମଣୀରତ୍ନ** *ବି.* ୧. ଶ୍ରେଷ୍ଠା ନାରୀ ୨. ସର୍ବଗୁଣବତୀ ପତ୍ନୀ ।

**ରମା** *ବି.* ୧. ଲକ୍ଷ୍ମୀ ୨. ପ୍ରିୟା ୩. କାନ୍ତା, ସୁନ୍ଦରୀ ପତ୍ନୀ ୪. ଉପପତ୍ନୀ ୫. ଶୋଭା ; *ବିଂ.* ରମଣୀୟା, ରମ୍ୟା, ଆନନ୍ଦଦାୟିକା ।

**ରମାକାନ୍ତ** *ବି.* ଲକ୍ଷ୍ମୀପତି, ବିଷ୍ଣୁ ।

**ରମାନା** *ବି.* ୧. ପ୍ରେରଣ, ଚାଲଣ ୨. ପ୍ରସ୍ଥାନ, ଯାତ୍ରା ; *ବିଂ.* ପ୍ରେରିତ, ଯାତ୍ରା ପାଇଁ ନିଷ୍କ୍ରାନ୍ତ ।

**ରମି** *ବି.* ଏକପ୍ରକାର ତାସ ଖେଳ।

**ରମିବା** *କ୍ରି.* ୧. ରମଣ ବା ସମ୍ଭୋଗ କରିବା ୨. କ୍ରୀଡ଼ା ବା ବିହାର କରିବା ୩. ଆନନ୍ଦିତ କରିବା ବା ହେବା ୪. ହରଣ ବା ଆକର୍ଷଣ କରିବା ।

**ରମ୍ପା** *ବି.* ୧. ଶୁଖିଲା କୁଣ୍ଡିଆ ୨. ରାମ୍ପିବା ୩. ନଈର ଅତଡ଼ା ଦାଢ଼ ୪. ରଫା, କୋଡ଼ି ; *ବିଂ.* ରାମ୍ପୁଡା ।

**ରମ୍ପାରମ୍ପି** *ବି.* କୁଣ୍ଡିଆ କୁଣ୍ଡେଇ ।

**ରମ୍ପାଲୁ** *ବି.* ରାମ୍ପିବା ଉପକରଣ ।

**ରମ୍ବସ୍** *ବି.* ଯେଉଁ ସାମନ୍ତରିକ କ୍ଷେତ୍ରର ବାହୁଗୁଡ଼ିକ ସମାନ ମାତ୍ର କୋଣଗୁଡ଼ିକ ସମକୋଣ ନୁହଁନ୍ତି ।

**ରମ୍ଭା** *ବି.* ୧. କଦଳୀ ୨. ଅପ୍ସରା ବିଶେଷ ୩. ଗୌରୀ ୪. ଗାଈର ହମ୍ବା ରଡ଼ି, ଗୋଧ୍ୱନି ୫. ବେଶ୍ୟା, ବାରାଙ୍ଗନା ।

**ରମ୍ଭା ତୃତୀୟା** *ବି.* ମାଘ ଶୁକ୍ଳ ତୃତୀୟା ।

**ରମ୍ଭୋରୁ** *ବି.* କଦଳୀ ବୃକ୍ଷପରି ବର୍ତ୍ତୁଳ ଉରୁବିଶିଷ୍ଟ ସୁନ୍ଦରୀ ରମଣୀ।

**ରମ୍ୟ** *ବିଂ.* ମନୋରମ, ସୁନ୍ଦର (*ସ୍ତ୍ରୀ.* ରମ୍ୟା) ; *ବି.* ୧. ଚମ୍ପା, ଚମ୍ପା ଗଛ ୨. ଅଗସ୍ତି ଗଛ ୩. ପଟୋଳମୂଳ ।

**ରମ୍ୟରଚନା** *ବି.* ପ୍ରଧାନତଃ ଲଘୁ ବିଷୟ ଆଧାରିତ ହାସ୍ୟରସାଶ୍ରିତ ସୁଖପାଠ୍ୟ ଗଦ୍ୟ ରଚନା।

**ରୟତ** *ବି.* ରଇତ, ପ୍ରଜା ।

**ରୟତି** *ବି.* ଜମି ଉପରେ ପ୍ରକାର ଦଖଲ ସ୍ୱତ୍ତ୍ୱ ।

**ରୟାଲ୍** *ବି.* ରାଜକୀୟ, ମର୍ଯ୍ୟାଦାଜନକ ।

**ରୟାଲ୍‌ଟି** *ବି.* ୧. ଲେଖକୀୟ ସ୍ୱତ୍ତ୍ୱ ୨. ବସ୍ତୁର ମାଲିକକୁ ଦିଆଯିବା ମାଲିକାନା ଦେୟ ।

**ରଶଦ୍** *ବି.* ୧. ସୈନ୍ୟମାନଙ୍କ ପାଇଁ ଆବଶ୍ୟକ ଖାଦ୍ୟ ସରଞ୍ଜାମ ୨.ଖାଦ୍ୟପେୟ ସାମଗ୍ରୀ, ଖୋରାକି, ଭାତିଆ ।

**ରଶଦ୍‌ଖାନା** *ବି.* ଯେଉଁଠି ସୈନ୍ୟଙ୍କ ପାଇଁ ଆବଶ୍ୟକ ଖାଦ୍ୟ ସରଞ୍ଜାମ ରଖାଯାଏ।

**ରଶି, ରସି** *ବି.* ରଜ୍ଜୁ, ଡୋର, ଦଉଡ଼ି ।

**ରଶ୍ମି** *ବି.* ୧. କିରଣ ୨. ଦଉଡ଼ି ୩. ପକ୍ଷ୍ମ ୪. ଲଗାମ, ବଲ୍‌ଗା ।

**ରଷ୍ଟିକେଟ୍ କରିବା** *କ୍ରି.* ଛାତ୍ର ବା ଛାତ୍ରୀଙ୍କୁ ଶିକ୍ଷାନୁଷ୍ଠାନରୁ ବହିଷ୍କାର କରିବା ।

**ରସ୍** *ବି.* ୧. ଭିଡ଼ ୨. କ୍ୟାମେରାରେ ଉଠାଯାଇଥିବା ଓ ସମ୍ପାଦିତ ହୋଇନଥିବା ଦୃଶ୍ୟ ୩. ରସ ।

**ରସ୍ କଡ଼ା** *ବି.* ଗୁଡ଼ ରନ୍ଧାପାଇଁ ବଡ଼ ଲୁହା ପାତ୍ର ବିଶେଷ।

**ରସ୍‌ନା ତେଲ** *ବି.* କିରୋସିନ୍, ମାଟିତେଲ।

**ରସ୍‌ମି** *ବି.* ରିସ୍‌ମି, ରାଗ, ରୋଷ, କ୍ରୋଧ।

**ରସ୍‌ରସାବା** *କ୍ରି.* ଜରଜର ଲାଗିବା ।

**ରସ୍‌ରସିଆ** *ବିଂ.* ରସଯୁକ୍ତ, ରସମୟ।

**ରସ** *ବି.* ୧. ଫୁଲ, ପତ୍ର, ଫଳ ଆଦିର ତରଳ ସାରଭାଗ ୨. ମିଶ୍ରିତ ଧାତୁ ବିଶେଷ, ଗିଲ୍‌ଟି, ରଂଗ୍, ଆଲୁମିନିୟମ୍ ୩. ଭୋଗ ସୁଖ ୪. ବାରୁଦ ୫. ଶ୍ଳେଷ୍ମା ୬. ପ୍ରବଳ ଅନୁରାଗ ୭. କୌତୁକ, ନିର୍ଯ୍ୟାସ ୮. ପାଣି, ଜଳ ୯. ସାର କଥା, ଗୁଢ଼ମର୍ମ ୧୦. ପାରଦ ୧୧. କଟୁ, ତିକ୍ତ, କଷାୟ, ଲବଣ, ଅମ୍ଳ, ମଧୁର – ଏହି ଛ ପ୍ରକାର ରସ ୧୨. ଦ୍ରବ ୧୩. ଶୃଙ୍ଗାର, ବୀର, କରୁଣ, ଅଦ୍ଭୁତ, ହାସ୍ୟ, ଭୟାନକ, ବୀଭତ୍ସ, ରୌଦ୍ର, ଶାନ୍ତ: ପାଠକ ବା ଶ୍ରୋତାର ମନଉପରେ ଅନୁରୂପ ପ୍ରଭାବ ବିସ୍ତାରକାରୀ କାବ୍ୟର ଏହି ନଅ ପ୍ରକାର ବର୍ଣ୍ଣନାବୈଶିଷ୍ଟ୍ୟ ।

**ରସକଦମ୍ବ** *ବି.* ଏକ ପ୍ରକାର ଫଟ୍‌କା, ବାଣ ବିଶେଷ ।

**ରସକଦମ୍ବା** *ବି.* ୧. କଦମ୍ବ ଫୁଲର ଆକୃତି ବିଶିଷ୍ଟ ୨. ମିଷ୍ଟାନ୍ନ ବିଶେଷ ।

**ରସକୁଲ୍ୟା** *ବି.* ଏକ ପ୍ରକାର ଓଡ଼ିଆ ଛନ୍ଦ ।

**ରସକେଳି** *ବି.* ୧. ମଉଜ ୨. ରାସଲୀଳା ୩. ରସ ବା ଶିରାରେ ଭିଜା ମିଷ୍ଟାନ୍ନ ।

**ରସକେଶର, ରସକେସର** *ବି.* କର୍ପୂର ।

**ରସକୋରା** *ବି.* ନଡ଼ିଆ କୋରାରେ ପ୍ରସ୍ତୁତ ଲଡୁ ବିଶେଷ ।

**ରସଖଇ** *ବି.* ଚିନିରେ ପ୍ରସ୍ତୁତ ଉଖୁଡା, ଚିନି ଉଖୁଡା, ଛାଚି ଉଖୁଡା ।

**ରସଗର୍ଭ, ରସଗର୍ଭକ** *ବିଂ.* ସରସ, ରସପୂର୍ଣ୍ଣ (*ସ୍ତ୍ରୀ.* ରସଗର୍ଭା, ରସଗର୍ଭିକା) ।

**ରସଗୋଲା** *ବି.* ଚିନି ଶିରା ଓ ଦୁଧ ଛେନାରେ ପ୍ରସ୍ତୁତ ମିଷ୍ଟାନ୍ନ ବିଶେଷ ।

**ରସଗ୍ରହଣ** *ବି.* ୧. କାବ୍ୟାଦିର ରସ ଉପଭୋଗ ୨. ସ୍ୱାଦଗ୍ରହଣ ୩. ସାରଗ୍ରହଣ ।

**ରସଘ୍ନ** *ବି.* ସୋହାଗା, ଟାଙ୍ଗଣା ; *ବିଂ.* ଶରୀର ମଧ୍ୟସ୍ଥ ରସର ଆଧିକ୍ୟ ନାଶକ ।

**ରସଜ୍ଞ** *ବିଂ.* ୧. କାବ୍ୟର ବିବିଧ ରସସମ୍ବନ୍ଧରେ ଅଭିଜ୍ଞ ୨. ମର୍ମଗ୍ରାହୀ, ରସିକ, ସମଝଦାର (*ସ୍ତ୍ରୀ.* ରସଜ୍ଞା); *ବି.* ରସଜ୍ଞତା ।

**ରସଜ୍ଞାନ** *ବି.* ରସ ଉପଲବ୍ଧି ବା ଉପଭୋଗ କରିବାର ଶକ୍ତି ।

**ରସଦ୍** *ବି.* ରଶଦ୍, ଖାଦ୍ୟ ବ୍ୟବସ୍ଥା, ଭାଡିଆ।

**ରସଦ** *ବିଂ.* ଅନୁରାଗଜନିତ ସୁଖଦାୟକ (*ସ୍ତ୍ରୀ.* ରସଦା) ।

**ରସଦାୟକ** *ବି.* ଶ୍ରୀମନ୍ଦିରରେ ଯୋଗାଣିଆ ଆଦି ସେବକଙ୍କ ଭାଗ ବା ପ୍ରାପ୍ୟାଂଶ।

**ରସଦୋଷ** *ବି.* ଶୃଙ୍ଗାରାଦି ରସର ଅପକର୍ଷଣ ।

**ରସନ** *ବି.* ୧. ରସଗ୍ରହଣ ୨. ଆସ୍ୱାଦନ ୩. ଧ୍ୱନନ ୪. ଜିଭ ।

**ରସନା** *ବି.* ୧. ଜିଭ ୨. ମେଖଳା, କାଞ୍ଚୀ ୩. ରଜ୍ଜୁ, ରାସ୍ନା ।

**ରସନାୟକ** *ବି.* ୧. ମହାଦେବ ୨. ପାରଦ ।

**ରସନେନ୍ଦ୍ରିୟ** *ବି.* ଜିହ୍ୱା, ଜିଭ ।

**ରସବତୀ** *ବିଂ.* ସୁରସିକା ; *ବି.* ସୁନ୍ଦରୀ ଓ ରସିକା ଯୁବତୀ ।

**ରସବଳିତା** *ବି.* ଦଉଡ଼ବତି, ବାଣ ଆଦିରେ ନିଆଁ ଲଗାଇବାରେ ବ୍ୟବହୃତ ବାରୁଦ ବଳିତା ।

**ରସବୃଦ୍ଧି** *ବି.* ଶ୍ଳେଷ୍ମାବୃଦ୍ଧି ।

**ରସବେତ୍ତା** *ବିଂ.* ରସଜ୍ଞ, ରସ ବିଷୟରେ ଅଭିଜ୍ଞ ।

**ରସବୋଧ** *ବି.* ରସଜ୍ଞାନ, ରସ ଉପଭୋଗର ଦକ୍ଷତା ।

**ରସଭଙ୍ଗ** *ବି.* ସାହିତ୍ୟ କାବ୍ୟ, କବିତା, ନାଟକାଦିରେ ରସ ପରିବେଷଣ ଜନିତ ତ୍ରୁଟି ।

**ରସର୍କେଲି** *ବି.* ପଶ୍ଚିମ ଓଡ଼ିଶାର ଜନପ୍ରିୟ ଲୋକଗୀତ ଓ ନୃତ୍ୟ ବିଶେଷ।

**ରସରଙ୍ଗ** *ବି.* ଆମୋଦ ପ୍ରମୋଦ ।

**ରସରଚନା** *ବି.* ରସଯୁକ୍ତ ଲେଖା, ରସିକତାପୂର୍ଣ୍ଣ ରଚନା ।

**ରସରା** *ବି.* ଆଲୁମିନିୟମ୍ ବା ରସ କାରିଗର ।

**ରସରାଜ** *ବିଂ.* ୧. ହାସ୍ୟରସ ଧୂରୀଣ ୨. ରସିକଶ୍ରେଷ୍ଠ ; *ବି.* ୧. ଶ୍ରୀକୃଷ୍ଣ ୨. ରସାଞ୍ଜନ, ପାରଦ ।

**ରସଶାଳା** *ବି.* ରସାୟନ ଗବେଷଣାଗାର ।

**ରସା** *ବି.* ୧. ଲସା ୨. ପୂଯ ୩. ତରକାରିର ଗାଢ଼ ଝୋଳ ୪. ପୃଥିବୀ ୫. ଜିଭ ।

**ରସାଇବା** *କ୍ରି.* ଅନ୍ୟ ମନକୁ ରଞ୍ଜାଇବା ।

**ରସାଞ୍ଜନ** *ବି.* ସୁରୁମା, ମିଶ୍ରିତ ଖଣିଜ ଧାତୁ ବିଶେଷ, ରସାୟନା ।

**ରସାଢ୍ୟ** *ବିଂ.* ରସାଳ ; *ବି.* ଆମ୍ରଡା ।

**ରସାଣ** *ବି.* ୧. ପାଲିସପଥର ୨. ଶାଣଯନ୍ତ୍ର ।

**ରସାଣିବା** *କ୍ରି.* ଶାଣରେ ଘଷି ପାଲିସ କରିବା ।

**ରସାଣିତ** *ବିଂ.* ଶାଣିତ, ପାଲିସକରା ।

**ରସାତଳ** *ବି.* ପାତାଳ ।

**ରସାତ୍ମକ** *ବିଂ.* ରସସମୃଦ୍ଧ, ରସଗର୍ଭକ ।

**ରସାଧିକ୍ୟ** *ବି.* ୧. ଶ୍ଳେଷ୍ମା ଆଦି ରସବୃଦ୍ଧି ୨. କାବ୍ୟରସରେ ବୃଦ୍ଧି ।

**ରସାନ୍** *ବିଂ.* ୧. ରସମୟ ୨. ବିପଦପୂର୍ଣ୍ଣ।

**ରସାନ** *ବି.* ସୁନା ଅଳଙ୍କାର ସଫେଇତି ।

**ରସାନନ୍ଦ** *ବି.* ରସ ଉପଭୋଗଜନିତ ଆନନ୍ଦ ।

**ରସାବଳି** *ବି.* ଗାଢ଼ ଆଉଟା କ୍ଷୀରରେ ରଖାଯାଇଥିବା ଛେନାର ମିଠା ।

**ରସାଭାସ** *ବି.* ୧. ବିରୁଦ୍ଧ ରସ ବର୍ଣ୍ଣନା ୨. ରସର ଅନୁଚିତ ବର୍ଣ୍ଣନା ।

**ରସାମୃତ** *ବି.* ୧. ଅମୃତପରି ମଧୁର ୨. ଆୟୁର୍ବେଦୀୟ ଔଷଧ ବିଶେଷ ।

**ରସାମ୍ଳ** *ବି.* ୧. ତେନ୍ତୁଳି ୨. ଖଟା ପାଳଙ୍ଗ ୩. ଅମ୍ଳରସ ।

**ରସାୟନ** *ବି.* ୧. ଶକ୍ତି ପ୍ରଦାୟକ ଭେଷଜ ୨. ପଦାର୍ଥ ସମୂହର ଉପାଦାନ ଓ ଗୁଣର ପରସ୍ପର ସମ୍ବନ୍ଧାଦି ବିଷୟକ ବିଦ୍ୟା ୩. ଗୁଣାନ୍ତର ପ୍ରାପ୍ତି ୪. ବିଷ ବିଶେଷ ; *ବିଂ.* ରାସାୟନିକ ।

**ରସାୟନଜ୍ଞ, ରସାୟନୀ** *ବିଂ.ବି.* ରାସାୟନିକ, ରସାୟନ ବିଦ୍ୟାରେ ଅଭିଜ୍ଞ ବା ଚର୍ଚ୍ଚାକାରୀ(ବ୍ୟକ୍ତି), କେମିଷ୍ଟ ।

**ରସାୟନ ବିଜ୍ଞାନ** *ବି.* ରସାୟନ ଶାସ୍ତ୍ର, କେମିଷ୍ଟ୍ରି।

**ରସାୟନ ଶାସ୍ତ୍ର** *ବି.* ରସାୟନ ବିଜ୍ଞାନ, କେମିଷ୍ଟ୍ରି ।

**ରସାଳ** *ବିଂ.* ସରସ, ରସବହୁଳ, ରସପ୍ରାଚୁର୍ଯ୍ୟ ହେତୁ ଚିତ୍ତଗ୍ରାହୀ (*ସ୍ତ୍ରୀ.* ରସାଳ) ; *ବି.* ୧. ଆମ୍ବ ୨. ଆଖୁ ୩. ପଣସ ୪. ଗହମ ।

**ରସାଳସା** *ବିଂ.* ରସମୁଗ୍ଧା, ଅନୁରାଗ ହେତୁ ଅଳସ ଗମନା ; *ବି.* ଧମନୀ, ରକ୍ତ ପ୍ରବାହିତ ହେଉଥିବା ନାଡ଼ି ।

**ରସାଳାପ** *ବି.* ସରସତାପୂର୍ଣ୍ଣ କଥାବାର୍ତ୍ତା ।

**ରସାଳି** *ବି.ବିଂ.* ରସିକ ନାରୀ।

**ରସାସ୍ୱାଦ, ରସାସ୍ୱାଦନ** *ବି.* ରସ ସ୍ୱାଦ ଜନିତ ଅନୁଭବ, ରସବୋଧ ।

**ରସିଆ, ରସୁଆ** *ବିଂ.* ୧. ରସିକ, ରସମୁଗ୍ଧ ୨. ରସଯୁକ୍ତ ।

**ରସିକ** *ବିଂ.ବି.* ୧. ନାଗର, ରସିଆ, ରଙ୍ଗ ରସ ପ୍ରିୟ, (*ବିପ.* ବେରସିକ) ୨. ରସଜ୍ଞ, ରସଗ୍ରାହୀ, ବିଦଗ୍ଧ, (*ସ୍ତ୍ରୀ.* ରସିକା, *ବିପ.* ଅରସିକ) ।

**ରସିକତା** *ବି.* ୧. ହାସ୍ୟରସ ବା ଆଦିରସଯୁକ୍ତ ରଙ୍ଗରସର ଅବତାରଣା ୨. ହାସପରିହାସ, ରଙ୍ଗରସ ୩. ରସିକର ଭାବ, ରସଜ୍ଞତା, ମର୍ମଗ୍ରାହିକତା ।

**ରସିକନାରୀ ବି.** ବିଳାସପ୍ରିୟା ରମଣୀ, ରସଗ୍ରାହିଣୀ ।

**ରସିକନାଗର ବି.** ପ୍ରେମିକ, ନାରୀପ୍ରିୟ ।

**ରସିକ ଶିକୁଳା ବି.** ଶ୍ରୀମନ୍ଦିରରେ ଠାକୁରମାନେ ସିଂହାସନରେ ରୁନ୍ଧା ହେବା ପାଇଁ ବ୍ୟବହୃତ ରୂପା ଶିକୁଳି।

**ରସିକଶେଖର, ରସିକେଶ୍ୱର ବି.** ୧.ଶ୍ରୀକୃଷ୍ଣ ୨. ଅତ୍ୟନ୍ତ ରସିକ ।

**ରସିକା ବି.** ୧. ରସିକତା ପ୍ରକାଶ କରୁଥିବା ନାରୀ ୨. ରସମୟୀ ନାୟିକା ୩. କଟିମେଖଳା ୪. ଆଖୁରସ ।

**ରସିତ ବିଂ.** ୧. ଆସ୍ୱାଦିତ ୨. ଧ୍ୱନିତ ୩. ସ୍ୱର୍ଣ୍ଣାଦିଖଚିତ (*ସ୍ତ୍ରୀ.* ରସିତା) ବି. ୧. ମେଘଧ୍ୱନି ୨. ଆସ୍ୱାଦନ ୩. ଶବ୍ଦ, ଧ୍ୱନି ।

**ରସିଦ ବି.** ପାଉତି, ଲିଖିତ ବା ଛାପା ପ୍ରାପ୍ତିସ୍ୱୀକାର ପତ୍ର, ଚିରୁକୁଟି ।

**ରସିବା କ୍ରି.** ୧. ଅନୁରାଗ ଯୁକ୍ତ ବା ଆସକ୍ତ ହେବା ୨. ପ୍ରେମାର୍ଦ୍ର ହେବା ୩. ମନ ବଳାଇବା, ଢ଼ଳିବା ୪. ରସଯୁକ୍ତ ହେବା ୫. ଓଦା ହେବା ।

**ରସିଯିବା କ୍ରି.** ହାଲିଆ ହେଇଯିବା, କ୍ଳାନ୍ତ ହେବା।

**ରସୁଆ, ରସୁଆଳ, ରସାଳିଆ ବିଂ.** ରସଯୁକ୍ତ, ରସାଳ, ରସଭରା, ରସବହୁଳ ।

**ରସୁଣ ବି.** ପିଆଜପରି ଆକାର ବିଶିଷ୍ଟ ଧଳା ରଙ୍ଗର ତୀବ୍ର ଗନ୍ଧଯୁକ୍ତ କନ୍ଦ ବିଶେଷ, ଲେସୁନ୍ ।

**ରସୁଣିଆ ବିଂ.** ୧. ରସୁଣପରି ଗନ୍ଧଯୁକ୍ତ ୨. ଏକ ପ୍ରକାର ସୁନାହାର ।

**ରସୁଲ୍ ବି.** ଈଶ୍ୱରଙ୍କ ଦୂତ, ପୟଗମ୍ବର, ଆଲ୍ଲା ପ୍ରେରିତ ମହାପୁରୁଷ ।

**ରସେନ୍ଦ୍ର, ରସେଶ୍ୱର ବି.** ପାରଦ।

**ରସେନ୍ ବି.** ଖାରିଆ ପାଣି ମାଡୁଥିବା ଚାଷ ଜମି, ଖାରି(ଡୁଲି/ମୁଡ଼ା)।

**ରସୋତ୍ତୀର୍ଣ୍ଣ ବିଂ.** ରସ ପରିବେଷଣରେ ସଫଳ ବା ସାର୍ଥକ ।

**ରହଁଟା ବି.** ଅରଟ।

**ରହଃ ବିଂ.** ୧. ଗୁପ୍ତ, ଗୂଢ଼ ୨. ନିର୍ଜନ, ନିକାଞ୍ଚନ, ଏକାନ୍ତ ।

**ରହ କ୍ରି.** ୧. ବିରତ ହୁଅ ୨. ଅପେକ୍ଷାକର, ଥେବ ୩. ଏଇଠି ଅବସ୍ଥାନ କର ୪. ଗତି ବନ୍ଦ କର ।

**ରହ, ରହଃ ବି.** ୧. ସୁରତ, ଯୌନକ୍ରିୟା, ଶୃଙ୍ଗାର ୨. ଗୋପନୀୟ ବିଷୟ ।

**ରହଟ୍ ବି.** ରେହେଁଟି, କୂଅଁରୁ ପାଣି ଉଠାଇବା ପାଇଁ ବ୍ୟବହୃତ ଉପକରଣ।

**ରହଣ ବି.** ୧. ଋଣ ପାଇଁ ବନ୍ଧକ ଦିଆଯିବା ସମ୍ପତ୍ତି ୨. ସମ୍ପତ୍ତି ବନ୍ଧା ରଖି ଋଣଦାନ ରୀତି ।

**ରହଣି ବି.** ଅସ୍ଥାୟୀ ଅବସ୍ଥାନ ; **ବିଂ.** ବେଶିକାଳ ସ୍ଥାୟୀ ।

**ରହଣିଆ ବିଂ.** ଦୀର୍ଘ ସମୟ ରହିଯିବା ଫଳରେ ଭିନ୍ନ ପ୍ରକାର ଗନ୍ଧଯୁକ୍ତ, ଗମ୍ରା ।

**ରହଣି ଡାଲି ବି.** ବହୁଦିନ ସଂରକ୍ଷିତ ହୋଇପାରୁଥିବା ଡାଲି ।

**ରହଣି ଭୋଗ ବି.** ଅଧିକ ଦିନ ଖରାପ ନ ହୋଇ ରହିପାରୁଥିବା ଭୋଗ।

**ରହଣୀ ବିଂ.** ୧. ରହଣି ସମ୍ବନ୍ଧୀୟ ୨. ବନ୍ଧକୀ ୩. ଅସ୍ଥାୟୀ ଅଧିକାରର ଉପଯୋଗୀ ।

**ରହସିଆ ବିଂ.** ନବଜିଆ, ପରିହାସପ୍ରିୟ, ରସିକିଆ ।

**ରହସ୍ୟ ବି.** ୧. ଯାହା ସହଜରେ ବୁଝି ବା ଜାଣି ହୁଏ ନାହିଁ ୨. ଗେଲ, ଥଟ୍ଟା, କୌତୁକ ୩. ଗୂଢ଼ ତତ୍ତ୍ୱ ୪. ଗଭୀର ତାତ୍ପର୍ଯ୍ୟ ।

**ରହସ୍ୟପୂର୍ଣ୍ଣ,ରହସ୍ୟମୟ,ରହସ୍ୟାବୃତ ବିଂ.** ୧. ଯାହାର ପ୍ରକୃତ ସତ୍ୟ ବା ତତ୍ତ୍ୱ ବୁଝିବା କଷ୍ଟକର ୨. ଏକାନ୍ତ ଗୋପନୀୟ ୩. ଅତି ଦୁର୍ବୋଧ୍ୟ।

**ରହସ୍ୟଭେଦ, ରହସ୍ୟୋଦ୍‌ଘାଟନ ବି.** ଗୋପନ ତଥ୍ୟ ବା ତତ୍ତ୍ୱର ଉଦ୍‌ଘାଟନ ।

**ରହସ୍ୟାଳାପ ବି.** ୧. ହାସପରିହାସ ପୂର୍ଣ୍ଣ କଥାବାର୍ତ୍ତା, ରସାଳାପ ୨. ଗୋପନୀୟ ଆଳାପ ।

**ରହିତ ବିଂ.** ୧. ତ୍ୟକ୍ତ ୨. ବିହୀନ ୩. ବାତିଲ, ରଦ୍ଦ ୪. ପ୍ରତ୍ୟାହୃତ, ନିବୃତ୍ତ ୫. ସ୍ଥଗିତ, ବନ୍ଦ ।

**ରହିତାଦେଶ ବି.** କୌଣସି କାର୍ଯ୍ୟ ନ କରିବା ପାଇଁ ଅଦାଲତ ବା କର୍ତ୍ତୃପକ୍ଷଙ୍କ ଆଦେଶ, ଷ୍ଟେ କରିବା।

**ରହିବା କ୍ରି.** ୧. ଅଟକିବା ୨. ଅବସ୍ଥାନ କରିବା ୩. ଅପେକ୍ଷା କରିବା ୪. ବନ୍ଦ ବା ନିବୃତ୍ତ ହେବା ୫. ବାସ କରିବା ୬. ବାଦ୍‌ପଡ଼ିବା ।

**ରହୁ ବି.** ରଥ ।

**ରକ୍ଷଃ ବି.** ନିଶାଚର, ରାକ୍ଷସ ।

**ରକ୍ଷ ବି.** ୧. ରକ୍ଷଣ, ତ୍ରାଣ ୨. ଜଗୁଆଳି, ରକ୍ଷକ ; **ବିଂ.** ରକ୍ଷାକର୍ତ୍ତା, ରକ୍ଷାକାରୀ ।

**ରକ୍ଷକ ବିଂ.ବି.** ୧. ରକ୍ଷାକାରୀ, ତ୍ରାଣ କର୍ତ୍ତା ୨. ତତ୍ତ୍ୱାବଧାରକ ୩. ଜଗୁଆଳି, ପ୍ରହରୀ ।

**ରକ୍ଷଣ ବି.** ୧. ଦେଖାଶୁଣା, ତତ୍ତ୍ୱାବଧାନ ୨. ରକ୍ଷାକରଣ ; **ବିଂ.** ରକ୍ଷକ ।

**ରକ୍ଷଣଶୀଳ ବିଂ.** ପରମ୍ପରାର ପକ୍ଷପାତୀ, ନୂତନ ସଂସ୍କାର ବିରୋଧୀ ; **ବି.** ରକ୍ଷଣଶୀଳତା ।

**ରକ୍ଷଣା ବି.** ରକ୍ଷା କାର୍ଯ୍ୟ ।

**ରକ୍ଷଣାବେକ୍ଷଣ ବି.** ତତ୍ତ୍ୱାବଧାନ ଓ ରକ୍ଷାକରଣ, ସଯତ୍ନରେ ରକ୍ଷାକରଣ, ଜଗାରଖା ।

**ରକ୍ଷଣୀ ବି.** ଲଗାମ ।

**ରକ୍ଷଣୀୟ ବିଂ.** ୧. ରକ୍ଷା କରିବାର ଯୋଗ୍ୟ ୨. ପାଳନୀୟ ୩. ଆଶ୍ରୟ ପାଇବାର ଯୋଗ୍ୟ ।

**ରକ୍ଷୟିତ୍ରୀ ବି. ବିଂ.** ୧. ରକ୍ଷାକର୍ତ୍ତ୍ରୀ ୨. ପାଳୟିତ୍ରୀ, ପାଳିକା ।

**ରକ୍ଷା** *ବି.* ୧. ଉଦ୍ଧାର, ପରିତ୍ରାଣ ୨. ଅବ୍ୟାହତି ୩. ନିସ୍ତାର ୪. ନଷ୍ଟ କରାଇ ନଦେବା ୫. ପାଳନ, ତତ୍ତ୍ୱାବଧାନ ୬. ପହରା ୭. ବିପନ୍ନ କରାଇ ନଦେବା ୮. ରଖିବା ୯. ସ୍ଥାପନ ୧୦. ସମ୍ଭାଳିବା ।

**ରକ୍ଷାକବଚ** *ବି.* ୧. ବିପଦ ଏଡାଇବାପାଇଁ ଧାରଣୀୟ ମନ୍ତ୍ରପୂତ କବଚ ବା ତେଉଁରିଆ ୨. ଆଘାତ ନ ହେବା ପାଇଁ ରକ୍ଷାକାରୀ ବସ୍ତ୍ର ବା ଉପାଦାନ ।

**ରକ୍ଷା କରିବା** *କ୍ରି.* ୧. ବିପଦରୁ ବଞ୍ଚାଇବା ୨. ଜଗିବା ୩. ସାଇତିବା ।

**ରକ୍ଷାକର୍ତ୍ତା, ରକ୍ଷାକାରୀ** *ବିଂ.* ଯେ ବା ଯାହା ରକ୍ଷା କରେ ।

**ରକ୍ଷାକାରୀ** *ବି.* ରକ୍ଷକ ବା ତ୍ରାଣକର୍ତ୍ତା; *ବିଂ.* ଯେ ରକ୍ଷାକରେ ।

**ରକ୍ଷାକାଳୀ** *ବି.* ରୋଗ, ମହାମାରୀ, ଦୁର୍ଭିକ୍ଷ ଅତିବୃଷ୍ଟି, ଅନାବୃଷ୍ଟି ପ୍ରଭୃତିରୁ ରକ୍ଷା ପାଇବାପାଇଁ ପୂଜା କରାଯାଉଥିବା ଦେବୀ ।

**ରକ୍ଷାଗୃହ** *ବି.* ଅନ୍ତୁଡ଼ିଶାଳ ।

**ରକ୍ଷା ପଞ୍ଚମୀ** *ବି.* ଭାଦ୍ର ଶୁକ୍ଳ ପଞ୍ଚମୀ ।

**ରକ୍ଷା ପାଇବା** *କ୍ରି.* ବିପଦରୁ ଉଦ୍ଧାର ପାଇବା, ବଞ୍ଚିଯିବା ।

**ରକ୍ଷା ପୂର୍ଣ୍ଣିମା** *ବି.* ଶ୍ରାବଣ ପୂର୍ଣ୍ଣିମା, ରାଖୀ ପୂର୍ଣ୍ଣିମା ।

**ରକ୍ଷାପେକ୍ଷକ** *ବି.* ୧. ଜଗୁଆଳି, ଦ୍ୱାରୀ, ପ୍ରହରୀ ୨. ଅନ୍ତଃପୁର ରକ୍ଷକ, କଞ୍ଚୁକୀ ।

**ରକ୍ଷାବନ୍ଧନ** *ବି.* ୧. ରକ୍ଷା କବଚ, ନିରାପତ୍ତା/ ସୁରକ୍ଷା ପାଇଁ ବନ୍ଧା ଯାଇଥିବା ବ୍ରତ ସୂତା ୨. ରାଖୀ, ଏ ଦିନ ଭଉଣୀ ଭାଇଙ୍କ ହାତରେ ରାଖୀ ବାନ୍ଧିବା ଅନୁଷ୍ଠାନ ।

**ରକ୍ଷାମନ୍ତ୍ର** *ବି.* ୧. ବିପଦ-ନିବାରକ ମନ୍ତ୍ର ୨. ରକ୍ଷାପ୍ରାପ୍ତିର ଉପାୟ ।

**ରକ୍ଷାସୂତ୍ର** *ବି.* ୧. ରାଖି ୨. ରକ୍ଷା ସୂତା, ଆତ୍ମରକ୍ଷାର୍ଥ ଅଥବା (ବିବାହାଦିରେ) ଅମଙ୍ଗଳ ଏଡାଇବା ପାଇଁ ହାତରେ ବନ୍ଧାଯାଉଥିବା ମନ୍ତୁରା ସୂତା, ମୌଳି ।

**ରକ୍ଷିକ** *ବି.* ୧. ଜଗୁଆଳି, ପ୍ରହରୀ ୨. ନଗରପାଳ ।

**ରକ୍ଷିତ** *ବିଂ.* ୧. ଯାହା ରଖାଯାଇଛି, ଯାହାକୁ ରକ୍ଷା କରାଯାଇଛି ୨. ପାଳିତ, ଗଚ୍ଛିତ ୩. ଯାହାକୁ ନଷ୍ଟ କରାଇ ଦିଆଯାଇ ନାହିଁ ।

**ରକ୍ଷିତବ୍ୟ, ରକ୍ଷ୍ୟ** *ବିଂ.* ରକ୍ଷଣୀୟ, ସାଇତିବା ଯୋଗ୍ୟ ।

**ରକ୍ଷିତା** *ବି. ବିଂ.* ୧. ପାଳିତା ୨. ବିବାହ ସଂସ୍କାର ନହୋଇ ଜଣକର ପତ୍ନୀ ଭାବରେ ରହିଥିବା ନାରୀ, ଥୋଇଲା(ଲି), ରଖେଇ, ଉପପତ୍ନୀ ।

**ରକ୍ଷୀ** *ବିଂ.* ରକ୍ଷାକାରୀ ; *ବି.* ରକ୍ଷିକ, ପ୍ରହରୀ ।

**ରାଁଡ଼, ରାଁଡ଼ି** *ବି.ବିଂ.* ରାଣ୍ଡୀ, ବିଧବା ।

**ରାଆଁତାଳି** *ବି.* ଧାନକଟାପରେ ବିଲରେ ପଡ଼ିଥିବା ଧାନ ବା ଧାନକେଣ୍ଡାର ସାଉଁଟାଳି ବା ଖୁଣ୍ଟାଳି ।

**ରାଆ, ରାହା** *ବି.* ୧. ଶିଶୁର ଲମ୍ବା କାନ୍ଦ ୨. ବାଟ ।

**ରାଆବାଳୀ, ରାହାବାଳୀ** *ବିଂ.* ୧. କଜିଆଖୋରଣୀ ୨. କଳିହୁଡ଼ୀ ।

**ରାଇଁ ଝାଇଁ** *ବି.* ପରସ୍ପର ସାମାନ୍ୟ କଳହ ।

**ରାଇ** *ବି.* ୧. ଘରି, କୌଣସି ଧାତବ ପେଚ ଦେହରେ ମଣ୍ଡଳାକାରରେ ଘେରିଥିବା ତିର୍ଯ୍ୟକ୍ ଧାର ବା ଘରା ୨. ଏକ ପ୍ରକାର ସୋରିଷ ୩. ବେସର ବା ସୋରିଷ ବଟାଯୁକ୍ତ ବ୍ୟଞ୍ଜନ ବିଶେଷ ।

**ରାଇଆ, ରାଇଙ୍ଗିଣିଆ** *ବିଂ.* କଡ଼ା ଗନ୍ଧଯୁକ୍ତ ଓ କଡ଼ା ସ୍ୱାଦଯୁକ୍ତ, ସୋରିଷିଆ ।

**ରାଇକାଞ୍ଜିଆ** *ବିଂ.* ବ୍ୟତିବ୍ୟସ୍ତ ।

**ରାଇଜ** *ବି.* ରାଜ୍ୟ, ଅଞ୍ଚଳ ।

**ରାଇଜର** *ବି.* ୧. ପାହାଚର ଉଚ୍ଚତା ୨.ବହୁ ଉଚ୍ଚ କୋଠାବାଡ଼ି ।

**ରାଇଟ୍** *ବିଂ.* ୧. ଠିକ୍ ୨. ଡାହାଣ; *ବି.* ୧. ଡାହାଣ ଦିଗ ୨. ଅଧିକାର ।

**ରାଇଟର୍** *ବି.* ୧. ଲେଖକ ୨. କଚେରୀରେ ଦଲିଲ୍ ଲେଖକ ୩. ଥାନା କେସ୍ ଡାଇରି ଲେଖାଳି ।

**ରାଇଟିଆ** *ବିଂ.* ଖାସା କଥା କହୁଥିବା ଲୋକ ।

**ରାଇଟିଙ୍ଗ୍ ପ୍ୟାଡ୍** *ବି.* ଲେଖିବ ପାଇଁ ସାଦା କାଗଜ ଲେଛା ।

**ରାଇତା** *ବି.* ୧. ବେସର ଯୁକ୍ତ ତରକାରି ବିଶେଷ ୨. ଦହି ଓ କୋରା କାକୁଡ଼ିର ମିଶ୍ରଣରେ ପ୍ରସ୍ତୁତ ଖାଦ୍ୟ ।

**ରାଇତେଲ** *ବି.* ଏକପ୍ରକାର ସୋରିଷ (ରାଇ) ତେଲ ।

**ରାଇଦାମୋଦର** *ବି.* ରାଧାକୃଷ୍ଣ ।

**ରାଇଫଲ** *ବି.* ବଡ଼ ଓ ଶକ୍ତିଶାଳୀ ବନ୍ଧୁକ ବିଶେଷ ।

**ରାଇବଲ୍ଲଭ** *ବି.* ଶ୍ରୀକୃଷ୍ଣ ।

**ରାଇବା** *କ୍ରି.* ୧. କଅଁଳେଇ ଡାକିବା ୨. ଶବ୍ଦ କରିବା ।

**ରାଇମ୍** *ବି.* ୧. ଶିଶୁ ଗୀତ ୨. କବିତାରେ ଅନ୍ତ୍ୟବର୍ଣ୍ଣ ମିଳନ ।

**ରାଇଶା** *ବି.* ବରଗୁଡ଼ି ଛୁଇଁ ।

**ରାଇଶୀତଳା, ରାଇଶୀତୁଳା** *ବି.* ଶବ ଦାହ ପରେ ଚିତା ଭସ୍ମ ଉପରେ କ୍ଷୀର, ପଇଡ ପାଣି ବା ପାଣି ଢ଼ାଳି ତାହା ଲିଭାଇବା, ରଇଶୀତଳା ।

**ରାଇସ୍** *ବି.* ଭାତ ।

**ରାଇସ୍‌ମିଲ୍** *ବି.* ଧାନକଳ ।

**ରାଇସୋରିଷ** *ବି.* ଧଳା ସୋରିଷ ।

**ରାଈ, ରାଇ କିଶୋରୀ** *ବି.* ରାଧିକା, ରାଧା ।

**ରାଉଟୀ** *ବି.* ତମ୍ବୁ ।

**ରାଉଡ଼ି** *ବିଂ.* ୧. ଗୋଳିଆ, ଗୋଳାର ୨. ବଦମାସିଆ ୩. ମୁଖରା; *ବି.* ଗୁଣ୍ଡା, ବଦମାସ ।

**ରାଉଣ୍ଡ୍** *ବି.* ୧. ଘେରା, ବେଢ଼ା ୨. ଥର ; **ବିଂ.** ଗୋଲାକାର ।

**ରାଉଣ୍ଡ୍ ଫିଗର୍** *ବି.* ପୂର୍ଣ୍ଣ ସଂଖ୍ୟା ।

**ରାଉଣ୍ଡ୍ ମାରିବା** *କ୍ରି.* ଘେରା ବୁଲିବା ।

**ରାଉଣ୍ଡର୍** *ବି.* ଗୋଲେଇ ଆଙ୍କୁଥିବା ଯନ୍ତ୍ର ।

**ରାଉତ, ରାଉତରା** *ବି.* ୧. ଘୋଡ଼ା ସବାର, ଅଶ୍ୱାରୋହୀ ୨. ସେନାନାୟକ ୩. ଖଣ୍ଡାୟତଙ୍କ ଏକ ଉପାଧି ୪. ଅଧୀନସ୍ଥ ବା ସାମନ୍ତରାଜା ।

**ରାଉ ରାଉ** *ବି.* ୧. ଡାମରାକୁଆର କ୍ରମାଗତ କର୍କଶ ଶବ୍ଦ ୨. କୋଳାହଳ, ପାଟିତୁଣ୍ଡ ; **ବିଂ.** ରାଉରାଉଆ ।

**ରାଉଳ** *ବି.* ଶିବ ଓ ଦୁର୍ଗାଙ୍କ ସେବକ ମାଳୀ ସମ୍ପ୍ରଦାୟ ।

**ରାଉଳିଆ** **ବିଂ.** ରଞ୍ଜାଳିଆ, ଅସ୍ତବ୍ୟସ୍ତ ।

**ରାଏ, ରାୟ** *ବି.* ୧. ଅଦାଲତଙ୍କ ମୀମାଂସାର ହୁକୁମ ୨. ରାଜା, କ୍ଷତ୍ରିୟଙ୍କ ଉପାଧି ବିଶେଷ ।

**ରାଏକା** *ବି.* ୧. ଝିଅମାନଙ୍କର ଜାମା ବା ଫ୍ରକ୍ ୨. ବ୍ଲାଉଜ ।

**ରାଏତ୍ କଣା** *ବି.* ଅନ୍ଧାରକଣା, ଯେ ଅନ୍ଧାରରେ ଭଲ ଭାବରେ ଦେଖି ପାରେ ନାହିଁ।

**ରାଏତ୍ ସର୍‌ତା** **ବିଂ. କ୍ରି.ବିଂ.** ସାରା ରାତି ।

**ରାଏତା** *ବି.* ରାଇତା, ରାଇ ବା ସୋରିଷବଟା ଦେଇ ହେବା ତରକାରୀ।

**ରାଏ ଦେବା** *କ୍ରି.* ନିଷ୍ପତ୍ତି ପ୍ରକାଶ କରିବା ।

**ରାଏନକଲ, ରାୟନକଲ** *ବି.* ମୋକଦ୍ଦମାର ନିର୍ଣ୍ଣୟର ପ୍ରତିଲିପି ।

**ରାଏରକମ** *ବି.* ହାବଭାବ, ରୀତି ପ୍ରକୃତି।

**ରାଏଲ୍** *ବି.* ହରଡ଼ (ଡାଲି)।

**ରାକ୍‌ସେନ୍** *ବି.* ୧. ରାକ୍ଷସୀ ୨. ମନ୍ଦ ପ୍ରକୃତିର ନାରୀ।

**ରାକସ** *ବି.* ୧. ରାକ୍ଷସ ୨. ମନ୍ଦ ପ୍ରକୃତିର ଲୋକ।

**ରାକା** *ବି.* ୧. ପୂର୍ଣ୍ଣିମା ତିଥି ୨. ନବ ଋତୁମତୀ ବାଳିକା ।

**ରାଖି, ରାଖୀ** *ବି.* ରକ୍ଷାସୂତ୍ର ।

**ରାଖୀ(କ୍ଷୀ) ପୂର୍ଣ୍ଣିମା** *ବି.* ୧. ଯେଉଁ ଦିନ ଭଉଣୀମାନେ ଭାଇଙ୍କୁ ରାଖୀ ବାନ୍ଧନ୍ତି ୨. ଗହ୍ମା ପୂନିଅଁ ୩. ଶ୍ରାବଣ ପୂର୍ଣ୍ଣମୀ ୪. ବଳଭଦ୍ର ଜନ୍ମ ତିଥି ୫. ଝୁଲଣ ପୂର୍ଣ୍ଣିମା ।

**ରାଖୀ ବନ୍ଧନ** *ବି.* ୧. ଗହ୍ମା ପୁନେଇଁ ଦିନ ପ୍ରିୟଜନଙ୍କ କଚଟିରେ ଶୁଭ ମନାସି ରାଖୀ ପିନ୍ଧା ଓ ଏଇ ଉତ୍ସବ ୨. ଭାଇ ହାତରେ ଭଉଣୀ ରାକ୍ଷୀ ସୂତ୍ର ବାନ୍ଧିବା ଏବଂ ଏହାର ଉତ୍ସବ।

**ରାଗ୍‌ଚନା** *ବି.* ୧. ରାଗ ଚଣା ୨. ସିଝା ଚଣାରେ ଲଙ୍କାଗୁଣ୍ଡ, ଲେମ୍ବୁରସ, ପିଆଜ, ତେଲ ଆଦି ଦେଇ ପ୍ରସ୍ତୁତ ସୁଆଦିଆ ଖାଦ୍ୟ।

**ରାଗ୍‌ସନ୍ଧି** *ବି.* ଉରୁ ସନ୍ଧି, ଦୁଇ ଗୋଡ଼ର ସନ୍ଧିସ୍ଥଳ।

**ରାଗ** **ବିଂ.** ପାଟି ପୋଡ଼ିବା ଭଳି ସ୍ୱାଦଯୁକ୍ତ ; *ବି.* ୧. ରିସ୍‌ମି , କ୍ରୋଧ ୨. ରକ୍ତିମା, ପାଟଳ ବର୍ଣ୍ଣ ୩. ରଞ୍ଜକଦ୍ରବ୍ୟ ୪. ପ୍ରେମ, ଅନୁରାଗ, ଆସକ୍ତି ୫. ଚିତ୍ତରଞ୍ଜକ ସ୍ୱର ୬. ସଙ୍ଗୀତରେ ସ୍ୱରବିନ୍ୟାସର ଛଅଟି ମୂଳ ପଦ୍ଧତି ୭. ଲଙ୍କା ମରିଚ ।

**ରାଗ କରିବା** *କ୍ରି.* କ୍ରୋଧଯୁକ୍ତ ହେବା, ରିସମି ହେବା, ରାଗିବା ।

**ରାଗଚଣା** *ବି.* ବତୁରା ବା ବୁଟ ଓ ଚଣାକୁ ସିଝାଇ କାଗଜି ଲେମ୍ବୁ ଓ ଲଙ୍କା ମରିଚ ଗୁଣ୍ଡରେ ବଘାରି ପ୍ରସ୍ତୁତ କରାଯାଉଥିବା ଖାଦ୍ୟ ।

**ରାଗନ୍ତ, ରାଗନ୍ତା** **ବିଂ.** ରାଗି ଯାଇଥିବା, କ୍ରୁଦ୍ଧ ।

**ରାଗବେଳ, ରାଗବେଳା** *ବି.* ରାଗିଥିବା ସମୟ, ମନରେ କ୍ରୋଧଥିବା ସମୟ ।

**ରାଗମାର୍ଗ** *ବି.* ନିଃସ୍ୱାର୍ଥ ଈଶ୍ୱର ପ୍ରେମ, ପ୍ରେମ ଭକ୍ତିର ମାର୍ଗ ।

**ରାଗ ରଖିବା** *କ୍ରି.* ମନରେ ପ୍ରତିହିଂସା ଭାବକୁ ପୋଷଣ କରିବା ।

**ରାଗରେ ତମତମ ହେବା** *କ୍ରି.* କ୍ରୋଧରେ ଜର୍ଜରିତ ହେବା ।

**ରାଗରୋଷ** *ବି.* ଅହନ୍ତା, ଅନିଷ୍ଟ ଚିନ୍ତା ।

**ରାଗ ସମ୍ବରଣ କରିବା** *କ୍ରି.* କ୍ରୋଧଭାବ ସଂଯତ କରିବା ।

**ରାଗାତ୍ମକ** **ବିଂ.** ଅନୁରାଗ ସମ୍ବନ୍ଧିତ, ପ୍ରେମ ସମ୍ବନ୍ଧୀୟ ।

**ରାଗାନୁଗା** *ବି.* ପ୍ରେମଭକ୍ତି, ଭଗବାନ ବା କୃଷ୍ଣଙ୍କ ପ୍ରେମକୁ ନେଇ ଗଢ଼ି ଉଠିଥିବା ଭକ୍ତି, ଗୋପୀଭାବ ।

**ରାଗାନ୍ୱିତ** **ବିଂ.** କ୍ରୋଧାନ୍ୱିତ, କୁପିତ, କ୍ରୁଦ୍ଧ ।

**ରାଗିଣୀ** *ବି.* ଛଅ ରାଗର ଛତିଶ ପତ୍ନୀ-ଅର୍ଥାତ୍ ଛଅଟି ମୂଳ ସ୍ୱରରୁ ଉପଜାତ ଛତିଶଟି ପ୍ରଧାନ ସ୍ୱର।

**ରାଗିବା** *କ୍ରି.* କ୍ରୁଦ୍ଧ ହେବା ରିସା କରିବା, ରିସମି ହେବା ୨. ବିରକ୍ତ ହେବା ।

**ରାଗୀ** **ବିଂ.** ୧. କ୍ରୋଧୀ ୨. ରାଗଯୁକ୍ତ ୩. ଅନୁରକ୍ତ ୪. କାମୁକ (*ସ୍ତ୍ରୀ.* ରାଗିଣୀ) ୫. ରୁଷ୍ଟ ।

**ରାଗୁଆ** **ବିଂ.** ୧. କୋପ ସ୍ୱଭାବଯୁକ୍ତ ୨. କଟୁ ସ୍ୱାଦଯୁକ୍ତ ୩. ରାଗ ଲାଗୁଥିବା ।

**ରାଘବ** *ବି.* ୧. ପେଟୁ ବ୍ୟକ୍ତି ୨. ରୋହିମାଛ ୩. ବୃହତ ସାମୁଦ୍ରିକ ମତ୍ସ୍ୟ ବିଶେଷ ୪. ଧୁରନ୍ଧର ବ୍ୟକ୍ତି ୫. ଶ୍ରୀରାମଚନ୍ଦ୍ର ; **ବିଂ.** ରଘୁବଂଶୀୟ ।

**ରାଙ୍ଗା** *ବି.* ଝଳାଇବା କାମରେ ବ୍ୟବହୃତ ହେଉଥିବା ତଥା ନିଆଁରେ ଲାଗି ତରଳି ଯାଉଥିବା ଧାତୁ ଦ୍ରବ୍ୟ ବିଶେଷ ।

**ରାଜତ୍ୱି** *ବି.* ରାଜୁତି, ରାଜତ୍ୱ, ରାଜାଙ୍କର ଶାସନ, ପଦ, ଅଧିକାର ବା ଅମଳ।

**ରାଜ୍‌ଦନ୍ତନି** *ବି.* ମୋଟାଳିଆ କଣ୍ଟାଳିଆ ଗୁଳ୍ମ ବିଶେଷ।

**ରାଜ** *ବି.* ୧. ରାଜା ୨. ସରକାର, ରାଜୁତି, ଶାସନ ୩. ରାଇଜ, ରାଜ୍ୟ ; ***ବିଂ.*** ଶ୍ରେଷ୍ଠ, ପ୍ରଧାନ ।

**ରାଜଆଜ୍ଞା** *ବି.* ରାଜାଙ୍କ ଆଦେଶ ।

**ରାଜକ** *ବି.* ରାଜା, ଶାସକ, ସରକାର ; ***ବିଂ.*** ଶାସନକାରୀ ।

**ରାଜକନ୍ୟା, ରାଜକୁମାରୀ** *ବି.* ରାଜାଙ୍କ ଝିଅ, ଜେମା ।

**ରାଜକବି** *ବି.* ଦରବାରରେ ନିଯୁକ୍ତ ଓ ସମ୍ମାନିତ କବି, ଦରବାରୀ କବି ।

**ରାଜକର** *ବି.* ରାଜାଙ୍କୁ ବା ସରକାରଙ୍କୁ ଦେୟ ଖଜଣା, ରାଜସ୍ୱ, ମାଲଗୁଜାରି ।

**ରାଜକର୍ମ, ରାଜକାର୍ଯ୍ୟ** *ବି.* ୧. ସରକାରୀ କାମ ବା ଚାକିରି ୨. ପ୍ରଶାସନିକ କାର୍ଯ୍ୟ, ରାଜ୍ୟଶାସନ ୩. ରାଷ୍ଟ୍ର ସେବା, ରାଜ୍ୟ ଶାସନ ୪. ଶାସକ ବା ରାଜାଙ୍କ କର୍ତ୍ତବ୍ୟ ।

**ରାଜକର୍ମଚାରୀ** *ବି.* ୧. ସରକାରୀ ସେବକ ୨. ରାଜକାର୍ଯ୍ୟରେ ନିଯୁକ୍ତ ବା ରାଜାଙ୍କଦ୍ୱାରା ନିଯୁକ୍ତ କର୍ମଚାରୀ ।

**ରାଜକଳା** *ବି.* ୧. ଆଭିଜାତ୍ୟର ଲକ୍ଷଣ ୨. ନେତୃତ୍ୱର ଦକ୍ଷତା ବା ପ୍ରତିଭା ୩. ରାଜଲକ୍ଷଣ ।

**ରାଜକାମ** *ବି.* ଇଟା ପଥର ଚୂନ ଆଦି ଦ୍ୱାରା କୋଠା ଆଦି ନିର୍ମାଣ କର୍ମ ।

**ରାଜକୀୟ** *ବିଂ.* ୧. ସରକାରୀ ୨. **ଶାସକୀୟ,** ଶାସକଙ୍କ ବା ରାଜାଙ୍କ ସମ୍ବନ୍ଧୀୟ ୩. ବହୁ ଆଡ଼ମ୍ବରପୂର୍ଣ୍ଣ ୪. ମର୍ଯ୍ୟାଦା ଓ ଆଭିଜାତ୍ୟ ସୂଚକ ।

**ରାଜକୁମାର** *ବି.* ରାଜପୁତ୍ର (*ସ୍ତ୍ରୀ.* ରାଜକୁମାରୀ) ।

**ରାଜକୁଳ** *ବି.* ୧. ରାଜାଙ୍କ ବଂଶ ୨. ନୃପତି ସମୂହ ।

**ରାଜକୋଷ** *ବି.* ରାଜ୍ୟ ବା ଦେଶର ଖଜଣା ଖାନା ।

**ରାଜଗାଦି** *ବି.* ୧. ରାଜସିଂହାସନ ୨. କ୍ଷମତାର ଆସନ ।

**ରାଜଗୁରୁ** *ବି.* ରାଜାଙ୍କର ବା ରାଜପରିବାରର କୁଳ, ଧର୍ମ ଓ ମନ୍ତ୍ର ଗୁରୁ ।

**ରାଜଗୃହ** *ବି.* ୧. ରାଜାଙ୍କ ନଅର, ରାଜବାଟୀ ୨. ପ୍ରାଚୀନ ମଗଧର (ଆଧୁନିକ ବିହାର) ଇତିହାସ ପ୍ରସିଦ୍ଧ ନଗର ବିଶେଷ ।

**ରାଜଚକ୍ରବର୍ତ୍ତୀ** *ବି.* ସାର୍ବଭୌମ ଶାସକ ବା ସମ୍ରାଟ ।

**ରାଜ ଚିକିତ୍ସକ** *ବି.* ରାଜବୈଦ୍ୟ ।

**ରାଜଚିହ୍ନ** *ବି.* ରାଜାଙ୍କର କଥିତ ଲକ୍ଷଣ ।

**ରାଜଛତ୍ର** *ବି.* ରାଜାଙ୍କ ମସ୍ତକ ଉପରେ ଧରା ଯାଉଥିବା ଛତା ।

**ରାଜଜେମା** *ବି.* ରାଜକନ୍ୟା, ରଜା ଝିଅ ।

**ରାଜଟିକା** *ବି.* ୧. ରାଜ୍ୟାଭିଷେକ ସମୟରେ ରାଜାଙ୍କ ଲଲାଟରେ ଦତ୍ତ ତିଳକ ୨. ଉପାୟନ, ସମ୍ମାନ ।

**ରାଜତନ୍ତ୍ର** *ବି.* ୧. ରାଜ୍ୟ ଶାସନ ନୀତି ୨. ରାଜାଙ୍କ ଅଧୀନ ଶାସନ ବ୍ୟବସ୍ଥା କିମ୍ବା ତଦନୁଯାୟୀ ଶାସିତ ରାଜ୍ୟ ।

**ରାଜତିଳକ** *ବି.* ରାଜଟିକା, ଅଭିଷେକ ।

**ରାଜତ୍ୱ** *ବି.* ୧. ରାଜପଦ ୨. ରାଜାଙ୍କ ଶାସନ ବା ଅଧିକାର ବା ଅମଳ ।

**ରାଜଦଣ୍ଡ** *ବି.* ୧. ରାଜପଦର ନିଦର୍ଶନ ସ୍ୱରୂପ ରାଜା ଧରିଥିବା ଦଣ୍ଡ ୨. ଅପରାଧୀଙ୍କୁ ରାଜା ଦେବା ଦଣ୍ଡ ।

**ରାଜଦତ୍ତ** *ବି.* ରାଜା ବା ସରକାରଙ୍କଦ୍ୱାରା ପ୍ରଦତ୍ତ ଉପାଧି, ପୁରସ୍କାର ଆଦି ।

**ରାଜଦନ୍ତ** *ବି.* ଉପର ପାଟିର ମଧ୍ୟବର୍ତ୍ତୀ ଦୁଇ ଛାମୁଦାନ୍ତ, ପାଟି ସମ୍ମୁଖର ଚାରିଗୋଟି ଦାନ୍ତ ।

**ରାଜଦମ୍ପତି** *ବି.* ରାଜା ଓ ରାଣୀ ।

**ରାଜଦରବାର** *ବି.* ରାଜକାର୍ଯ୍ୟ ପରିଚାଳନା ପାଇଁ ରାଜା ଯେଉଁ ବିଚାର ସଭାରେ ବସନ୍ତି ।

**ରାଜଦର୍ଶନ** *ବି.* ରାଜା ବା ଶାସକଙ୍କ ଦେଖା ପାଇବା ।

**ରାଜଦାଣ୍ଡ** *ବି.* ରାଜପଥ, ରାଜଧାନୀର ପ୍ରଧାନ ମାର୍ଗ ।

**ରାଜଦୁଲଣୀ** *ବି.* ଗେଲବସର ରାଜ କନ୍ୟା, ଅଲିଅଳୀ ରଜାଝିଅ ।

**ରାଜଦୂତ** *ବି.* ୧. **ରାଷ୍ଟ୍ରଦୂତ,** ରାଷ୍ଟ୍ର ପ୍ରତିନିଧି, ଅନ୍ୟ ରାଷ୍ଟ୍ର ସହିତ କୂଟନୈତିକ ସମ୍ପର୍କ ରକ୍ଷା ପାଇଁ ପ୍ରେରିତ ଭାରପ୍ରାପ୍ତ ଅଧିକାରୀ ୨. ରାଜା ବା ସରକାରଙ୍କ କର୍ତ୍ତୃକ ପ୍ରେରିତ ଦୂତ ।

**ରାଜଦୃଷ୍ଟି** *ବି.* ୧. ରାଜାଙ୍କ ଅନୁଗ୍ରହ ଦୃଷ୍ଟି ବା କୋପଦୃଷ୍ଟି ୨. ସରକାରଙ୍କ ନଜର ।

**ରାଜଦ୍ୱାର** *ବି.* ୧. ରାଜଦରବାର ୨. ରାଜାଙ୍କ ସନ୍ନିଧି ୩. ବିଚାରାଳୟ ।

**ରାଜଦ୍ରୋହ, ରାଜଦ୍ରୋହିତା** *ବି.* ପ୍ରଚଳିତ ଶାସନ ବ୍ୟବସ୍ଥାର ଖୋଲା ମେଲା ବିରୋଧ ।

**ରାଜଦ୍ରୋହୀ** *ବିଂ.ବି.* ବ୍ୟବସ୍ଥିତ ଶାସନର ବିରୋଧକାରୀ ।

**ରାଜଧର୍ମ** *ବି.* ୧. ଦେଶ ଶାସନ ଓ ପ୍ରଜାପାଳନ ୨. ରାଜା ଅନୁଗତ ଧର୍ମ ୩. ରାଜ୍ୟ ଶାସନର ନୀତି ।

**ରାଜଧାନୀ** *ବି.* ୧. ରାଜାଙ୍କର ବା ରାଜପ୍ରତିନିଧିଙ୍କର ପ୍ରଧାନ ଆବାସ ନଗରୀ ୨. ଉଚ୍ଚତମ ସରକାରୀ ଦପ୍ତର ଥିବା ଶାସନର କେନ୍ଦ୍ରସ୍ଥଳୀ ବା ପ୍ରଧାନ ନଗରୀ ।

**ରାଜଧୂପ** *ବି.* ଶ୍ରୀମନ୍ଦିରରେ ସକାଳ ଧୂପ।

**ରାଜନ୍** *ବି. ସମ୍ବୋଧନ* ହେ ରାଜା ।

**ରାଜନ** *ବି.* ରାଜା ।

**ରାଜନଅର** *ବି.* ରାଜ ପ୍ରାସାଦ ।

**ରାଜନାମା** *ବି.* କ୍ରମାନୁସାରେ ରାଜାମାନଙ୍କର ନାମ ତାଲିକା, ରାଜ ବଂଶର ଇତିହାସ ।

**ରାଜନୀତି** *ବି.* ୧. ରାଷ୍ଟ୍ର ଶାସନ ପାଇଁ ବା ରାଷ୍ଟ୍ର ପରିଚାଳନା ପାଇଁ ଉପଯୋଗୀ ବିଧି ୨. ସାମ-ଦାନ-ଦଣ୍ଡ-ଭେଦ: ରାଜ୍ୟ ଶାସନର ଏହି ଚତୁର୍ବିଧ ଉପାୟ ୩.ଶ୍ରୀମନ୍ଦିରରେ ରାଜାଙ୍କ ନୀତି ବା ସେବା ।

**ରାଜନୀତିକ** *ବିଂ.* ରାଷ୍ଟ୍ରଶାସନ ଘଟିତ, ରାଜନୀତିଗତ, ରାଜନୀତିମୂଳକ ।

**ରାଜନୀତିଜ୍ଞ** *ବିଂ.ବି.* ରାଜନୀତି ବିଶାରଦ ।

**ରାଜନୈତିକ** *ବିଂ.* ରାଜନୀତି ସମ୍ବନ୍ଧୀୟ ।

**ରାଜନ୍ୟ** *ବି.* ୧. ସାମନ୍ତ ରାଜା ୨. ରାଜବଂଶୀୟ ଲୋକ ୩. ରାଜପୁତ୍ର ୪. କ୍ଷତ୍ରିୟ ।

**ରାଜନ୍ୟବର୍ଗ** *ବି.* ସାମନ୍ତ ରାଜା ଗୋଷ୍ଠୀ ।

**ରାଜପଟ୍ଟ** *ବି.* ୧. ରାଜ ମୁକୁଟ ୨. ରାଜପଦ ୩. ରାଜସିଂହାସନ, ରାଜଦତ୍ତ ସନନ୍ଦ ୫. କୃଷ୍ଣ ବର୍ଣ୍ଣ ରତ୍ନ ବିଶେଷ ।

**ରାଜପଣ** *ବି.* ୧. ରାଜତ୍ୱ ୨. ରାଜାର ଯୋଗ୍ୟତା ବା ଅଧିକାର ।

**ରାଜପଥ** *ବି.* ୧. ନଗରାଦିର ପ୍ରଧାନ ରାସ୍ତା ୨. ସଦର ରାସ୍ତା, ସର୍ବସାଧାରଣ ଓ ଯାନବାହନ ପାଇଁ ପ୍ରଶସ୍ତ ମାର୍ଗ ।

**ରାଜପଦ** *ବି.* ରାଜାଧିକାର, ରାଜତ୍ୱ, ରାଜ୍ୟ ଶାସନ ।

**ରାଜପଦବୀ** *ବି.* ରାଜଦତ୍ତ ପଦ ବା ଉପାଧି ।

**ରାଜପରିବାର** *ବି.* ରାଜାଙ୍କ ବଂଶ ବା ପରିବାର ବର୍ଗ ।

**ରାଜ ପହରଣ** *ବି.* ରାଜାଙ୍କ ପୋଷାକ ।

**ରାଜପୁତ** *ବି.* ରାଜପୁତନାର ଅଧିବାସୀ କ୍ଷତ୍ରିୟ ଜାତି (*ସ୍ତ୍ରୀ.* ରାଜପୁତାନୀ) ।

**ରାଜପୁତ୍ର** *ବି.* ରଜାପୁଅ, ରାଜକୁମାର (*ସ୍ତ୍ରୀ.* ରାଜପୁତ୍ରୀ) ।

**ରାଜପୁର** *ବି.* ୧. ରାଜା ରହୁଥିବା ସ୍ଥାନ, ରାଜନଗର ୨. ରାଜାଙ୍କ ଉଆସ, ରାଜା ବା ଶାସକଙ୍କ ବାସଭବନ ।

**ରାଜପୁରୀ** *ବି.* ରାଜପୁର, ରାଜଧାନୀ।

**ରାଜପୁରୁଷ** *ବି.* ୧. ରାଜବଂଶୀୟ ବ୍ୟକ୍ତି ୨. ଅଭିଜାତ ଲକ୍ଷଣଯୁକ୍ତ ସୁପୁରୁଷ ୩. ଉଚ୍ଚପଦସ୍ଥ ସରକାରୀ କର୍ମଚାରୀ ।

**ରାଜପୁରୋଧା** *ବି.* ରାଜ ପୁରୋହିତ ।

**ରାଜପ୍ରତିନିଧି** *ବି.* ରାଜାଙ୍କ ବଦଳରେ ରାଜାଙ୍କ କାର୍ଯ୍ୟ ତୁଲାଇବା ପାଇଁ ଭାରପ୍ରାପ୍ତ କର୍ମଚାରୀ ।

**ରାଜପ୍ରସାଦ** *ବି.* ୧. ଶ୍ରୀମନ୍ଦିରରେ ଠାକୁରମାନଙ୍କ ଶ୍ରୀଅଙ୍ଗର ଚନ୍ଦନ ଓ କରାଳ ଚନ୍ଦନ, ୨. ରାଜାଙ୍କର ବା ସରକାରଙ୍କର ଅନୁଗ୍ରହ ବା ଦାନ ।

**ରାଜପ୍ରାସାଦ** *ବି.* ରଜାଙ୍କ ନଅର ।

**ରାଜବଂଶ** *ବି.* ରାଜକୁଳ ।

**ରାଜବଂଶଜ** *ବିଂ.* ରାଜକୁଳରେ ଜାତ ।

**ରାଜବଂଶୀ, ରାଜବଂଶୀୟ** *ବିଂ.* ରାଜକୁଳରେ ଜନ୍ମ ନେଇଥିବା ।

**ରାଜବଧୂ, ରାଜବନିତା** *ବି.* ରାଜବଂଶୀୟା ନାରୀ ।

**ରାଜବନ୍ଦୀ** *ବି.* ରାଜନୀତିକ ଅପରାଧରେ କାରାବଦ୍ଧ ବ୍ୟକ୍ତି (*ସ୍ତ୍ରୀ.* ରାଜବନ୍ଦିନୀ)

**ରାଜବଲ୍ଲଭ** *ବି.* ରାଜାଙ୍କ ପ୍ରିୟପାତ୍ର (*ସ୍ତ୍ରୀ.* ରାଜବଲ୍ଲଭୀ) ।

**ରାଜବଲ୍ଲି[ଲ୍ଲୀ]** *ବି.* କଲରା ।

**ରାଜବସ୍ତ୍ର** *ବି.* ରାଜପୋଷାକ ।

**ରାଜବାଟୀ** *ବି.* ରଜାଙ୍କ ଉଆସ ।

**ରାଜବାଳା** *ବି.* ରାଜଜେମା, ରାଜକୁମାରୀ ।

**ରାଜବିଦ୍ୱେଷ** *ବି.* ୧. ରାଜ ବିରୋଧ ୨. ରାଜାଙ୍କର ଅନ୍ୟ ପ୍ରତି ଶତ୍ରୁତାଭାବ ବା ଅବିଚାର ।

**ରାଜବିଧି, ରାଜବିଧାନ** *ବି.* ସରକାରଙ୍କର ବା ରାଜାଙ୍କର ଶାସନ ପଦ୍ଧତି ବା ଆଇନ ।

**ରାଜବିପ୍ଳବ** *ବି.* ୧. ରାଜ୍ୟ ଶାସନର ପ୍ରଚଳିତ ନିୟମର ପରିବର୍ତ୍ତନ ୨. ରାଜ୍ୟ ଶାସନ ବିରୁଦ୍ଧରେ ଆନ୍ଦୋଳନ ।

**ରାଜବୈଦ୍ୟ** *ବି.* ୧. ରାଜାଙ୍କୁ ଚିକିତ୍ସା କରୁଥିବା ବୈଦ୍ୟ ୨. ଶ୍ରେଷ୍ଠ ଚିକିତ୍ସକ ।

**ରାଜଭକ୍ତ** *ବିଂ.* ରାଜାଙ୍କର ଅନୁଗତ, ସରକାର ପ୍ରତି ଅନୁରକ୍ତ ; *ବି.* ରାଜଭକ୍ତି ।

**ରାଜଭବନ** *ବି.* ୧. ରାଜ ପ୍ରସାଦ, ଉଆସ ୨. ରାଜ୍ୟପାଳଙ୍କ ସରକାରୀ ବାସଭବନ ।

**ରାଜଭାଷା** *ବି.* ୧. ରାଷ୍ଟ୍ରଭାଷା, ହିନ୍ଦୀ ୨. ସରକାରୀ କାର୍ଯ୍ୟରେ ବ୍ୟବହୃତ ଭାଷା ୩. ରାଜା ବା ଶାସକଙ୍କର ମାତୃଭାଷା ।

**ରାଜଭୃତ୍ୟ** *ବି.* ୧. ରାଜାଙ୍କ ଚାକର ୨. ସରକାରୀ କର୍ମଚାରୀ ।

**ରାଜଭୋଗ** *ବି.* ୧. ବଡ଼ ରସଗୋଲା ପରି ମିଷ୍ଟାନ୍ନ ବିଶେଷ ୨. ରାଜାଙ୍କ ଯୋଗ୍ୟ ଖାଦ୍ୟ ଓ ଭୋଗ୍ୟ ସାମଗ୍ରୀ ୩. ଶ୍ରୀମନ୍ଦିରରେ ସକାଳ ଧୂପ ୪. ଏହି ସକାଳ ଧୂପରେ ହେଉଥିବା ଭୋଗ ସମ୍ଭାର ।

**ରାଜଭୋଗ୍ୟ** *ବିଂ* ୧. ରାଜାଙ୍କ ଉପଭୋଗର ଯୋଗ୍ୟ, ଉଚ୍ଚକୋଟୀର ବିଳାସ ସାମଗ୍ରୀ ।

**ରାଜମନ୍ତ୍ରୀ** *ବି.* ରାଜ୍ୟ ଶାସନରେ ରାଜାଙ୍କର ମନ୍ତ୍ରଣାଦାତା, ପାଟମନ୍ତ୍ରୀ ।

**ରାଜମର୍ଯ୍ୟାଦା** *ବି.* ରାଜାଙ୍କ ଯଥୋଚିତ ସମ୍ମାନ ।

**ରାଜମହଲ** *ବି.* ରାଜପ୍ରାସାଦ, ରାଜବାଟୀ, ରଜା ଉଆସ ।

**ରାଜମହିଷୀ** *ବି.* ପଟ୍ଟମହିଷୀ, ପାଟରାଣୀ, ରାଜସମ୍ମାନର ଅଧିକାରିଣୀ, ରାଜାଙ୍କର ପ୍ରଧାନ ରାଣୀ ।

**ରାଜମା** *ବି.* ବିନ୍ ଜାତୀୟ ଗୁଳ୍ମ ଓ ତାର ଖାଦ୍ୟ ଉପଯୋଗ୍ୟ ମଞ୍ଜି ।

**ରାଜମାର୍ଗ** *ବି.* ରାଜପଥ, ନଗରର ପ୍ରଶସ୍ତ ରାସ୍ତା ।

**ରାଜମିସ୍ତ୍ରି, ରାଜମିସ୍ତ୍ରୀ** *ବି.* କୋଠାବାଡ଼ିର ନିର୍ମାଣକାରୀ କାରିଗର, ବାସ୍ତୁଶିଳ୍ପୀ ।

**ରାଜମୁକୁଟ** *ବି.* ୧. ରାଜାଙ୍କ ପଦମର୍ଯ୍ୟାଦା ସୂଚକ ଶିରୋଭୂଷଣ ୨. ରାଜପଦ ।

**ରାଜଯକ୍ଷ୍ମା** *ବି.* ମାରାତ୍ମକ ଯକ୍ଷ୍ମା ରୋଗ, କ୍ଷୟକାଶ ରୋଗ, ଟିବି ।

**ରାଜଯୋଗ** *ବି.* ୧. ଯୋଗସାଧନର ପଦ୍ଧତି ବିଶେଷ ୨. ଜାତକରେ ଗ୍ରହ ନକ୍ଷତ୍ରାଦିର ଶୁଭ ଅବସ୍ଥାନ ବିଶେଷ ।

**ରାଜଯୋଗ୍ୟ** *ବିଂ* ରାଜାଙ୍କ ଉପଯୋଗୀ ।

**ରାଜଯୋଟକ** *ବି.* ବର-କନ୍ୟାଙ୍କ ରାଶିଚକ୍ରରେ ସର୍ବୋତ୍କୃଷ୍ଟ ଶୁଭ ମେଳ ବା ଶ୍ରେଷ୍ଠ ସୁସଙ୍ଗତି ।

**ରାଜରାଜତା, ରାଜରାଜୁତା** *ବି.* ବିଭିନ୍ନ ରାଜା ଓ ସାମନ୍ତ ରାଜା ।

**ରାଜରାଜେଶ୍ୱର** *ବି.* ଏକଚ୍ଛତ୍ର ସମ୍ରାଟ, ସାର୍ବଭୌମ ଶାସକ ।

**ରାଜରାଜେଶ୍ୱରୀ** *ବି.* ୧. ଏକଚ୍ଛତ୍ର ସମ୍ରାଟଙ୍କ ମହିଷୀ ୨. ଦଶ ମହାବିଦ୍ୟା ମଧ୍ୟରୁ ଭୁବନେଶ୍ୱରୀ ମହାବିଦ୍ୟା ।

**ରାଜରାଣୀ** *ବି.* ୧. ପାଟରାଣୀ, ପଟ୍ଟ ମହିଷୀ ୨. ଅତୁଳ ଐଶ୍ୱର୍ଯ୍ୟଶାଳୀ ବ୍ୟକ୍ତିଙ୍କ ପତ୍ନୀ ।

**ରାଜର୍ଷି** *ବି.* ଋଷିପ୍ରାୟ ଜୀବନ ଯାପନକାରୀ ରାଜା ।

**ରାଜଲକ୍ଷଣ** *ବି.* ମନୁଷ୍ୟ ଶରୀରରେ ଦେଖାଯିବା ରାଜୋଚିତ ଚିହ୍ନ ସକଳ ।

**ରାଜଲକ୍ଷ୍ମୀ, ରାଜଶ୍ରୀ** *ବି.* ରାଜ୍ୟର ଅଧିଷ୍ଠାତ୍ରୀ ଓ ମଙ୍ଗଳକାରିଣୀ ଦେବୀ ।

**ରାଜଶକ୍ତି** *ବି.* ୧. ରାଜାଙ୍କର ବା ସରକାରଙ୍କର ଶାସନ ଶକ୍ତି ଅଥବା ସୈନ୍ୟବଳ ୨. ରାଜ୍ୟ ପରିଚାଳନା କ୍ଷମତା ।

**ରାଜଶେଖର** *ବି.* ସମ୍ରାଟ ।

**ରାଜସଂସ୍କରଣ** *ବି.* ଗ୍ରନ୍ଥାଦିର ସୁନ୍ଦରତମ ଓ ଶ୍ରେଷ୍ଠ ସଂସ୍କରଣ ।

**ରାଜସ, ରାଜସିକ** *ବିଂ* ୧. ପ୍ରଭୁତ୍ୱ, ଖ୍ୟାତି, ଗର୍ବାଦିମୂଳକ ୨. ରାଜୋଗୁଣ ପ୍ରଧାନ; ୩. ରଜୋଗୁଣରୁ ଜାତ (*ସ୍ତ୍ରୀ.* ରାଜସୀ, ରାଜସିକୀ) ।

**ରାଜସଭା** *ବି.* ରାଜଦରବାର ।

**ରାଜସଭାସଦ୍** *ବି.* ମନ୍ତ୍ରଣାଦି ଦେବା ପାଇଁ ଯେଉଁ ବ୍ୟକ୍ତି ରାଜାଙ୍କ ଦ୍ୱାରା ନିଯୁକ୍ତ ହୋଇ ନିୟମିତ ଭାବରେ ରାଜସଭାରେ ବସନ୍ତି ।

**ରାଜସର୍ପ** *ବି.* ଶଙ୍ଖଚୂଡ଼ ସାପ ।

**ରାଜସର୍ଷପ** *ବି.* ରାଇ ସୋରିଷ ।

**ରାଜସିଂହାସନ** *ବି.* ରାଜସଭାରେ ରାଜାଙ୍କ ବସିବା ପାଇଁ ଆସନ ।

**ରାଜସୂୟ** *ବି.* ରାଜଚକ୍ରବର୍ତ୍ତୀ କିମ୍ବା ସମ୍ରାଟ ହେବାପାଇଁ ପୂର୍ବକାଳରେ କରାଯାଉଥିବା ଯଜ୍ଞ ବିଶେଷ ।

**ରାଜସେବକ** *ବି.* ରାଜାଙ୍କ ସେବାକାରୀ, ଭୃତ୍ୟ ।

**ରାଜସେବା** *ବି.* ୧. ରାଜାଙ୍କର ପରିଚର୍ଯ୍ୟା ୨. ରାଜକୀୟ ବା ସରକାରୀ ଚାକିରି ।

**ରାଜସ୍ୱ** *ବି.* ରାଜାଙ୍କୁ ବା ସରକାରଙ୍କୁ ଦେୟ ଖଜଣା, ମାଲଗୁଜାରି, ରାଜକର ।

**ରାଜସ୍ୱ ପର୍ଷଦ** *ବି.* ରାଜ୍ୟରେ ରାଜସ୍ୱ ବିଭାଗର ଉଚ୍ଚ କ୍ଷମତାସମ୍ପନ୍ନ ବ୍ୟବସ୍ଥା, ବୋର୍ଡ଼ ଅଫ୍ ରେଭିନ୍ୟୁ ।

**ରାଜସ୍ୱ ସଚିବ** *ବି.* କେନ୍ଦ୍ର ବା ରାଜ୍ୟ ସରକାରଙ୍କର ରାଜସ୍ୱ ବିଭାଗର ଭାରପ୍ରାପ୍ତ ଉଚ୍ଚ ଅଧିକାରୀ , ରେଭେନ୍ୟୁ ସେକ୍ରେଟେରୀ ।

**ରାଜହଂସ** *ବି.* ମରାଳ, କଳହଂସ, ଧଳା ରଙ୍ଗର ଲମ୍ବାବେକ ଥିବା ହଂସ ବିଶେଷ (*ସ୍ତ୍ରୀ.* ରାଜହଂସୀ) ।

**ରାଜହସ୍ତୀ** *ବି.* ୧. ପାଟହାତୀ, ରାଜା ଚଢୁଥିବା ହାତୀ ୨. ଶ୍ରେଷ୍ଠ ହାତୀ ।

**ରାଜା** *ବି.* ୧. ରାଜ୍ୟର ଅଧିପତି ବା ଶାସକ ୨. ମାଲିକ, ପ୍ରଭୁ ୩. ଅତି ବିତ୍ତଶାଳୀ ବ୍ୟକ୍ତି ୪. ଶ୍ରେଷ୍ଠ ବସ୍ତୁ ବା ପ୍ରାଣୀ ୫. ଉପାଧି ବିଶେଷ (*ସ୍ତ୍ରୀ.* ରାଜ୍ଞୀ, ରାଣୀ) ।

**ରାଜାଜ୍ଞା, ରାଜାଦେଶ** *ବି.* ୧. ରାଜାଙ୍କ ହୁକୁମ ୨. ସରକାରୀ ହୁକୁମ୍ ।

**ରାଜାଧିରାଜ** *ବି.* ସମ୍ରାଟ, ଚକ୍ରବର୍ତ୍ତୀ ।

**ରାଜାନୁକମ୍ପା, ରାଜାନୁଗ୍ରହ** *ବି.* ରାଜାଙ୍କର ବା ସରକାରଙ୍କର ଦୟା ବା ଦାନ ।

**ରାଜାନୁଗତ** *ବି.* ରାଜାଙ୍କ ସମର୍ଥକ, ରାଜାଙ୍କ ଅଧୀନ ।

**ରାଜାନୁଗୃହୀତ** *ବିଂ* ରାଜାଙ୍କ କୃପା ଲାଭ କରିଥିବା ବ୍ୟକ୍ତି ।

**ରାଜାନ୍ତଃପୁର** *ବି.* ରାଜ ଉଆସର ଅନ୍ଦର ମହଲ ।

**ରାଜାବଳ, ରାଜାବଳୀ** *ବି.* କୌଣସି ରାଜ୍ୟର ରାଜାମାନଙ୍କ ଧାରାବାହିକ ନାମ ସମୂହ, ବଂଶ ତାଲିକା ବା ବଂଶଲତା ।

**ରାଜାବେଶ** *ବି.* ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ବେଶ ବିଶେଷ।

**ରାଜାସନ** *ବି.* ରାଜାଙ୍କ ଆସନ ବା ପଦ, ସିଂହାସନ ।

**ରାଜି** *ବି.* ସମ୍ମତି, ସ୍ୱୀକୃତି, ସହମତି ।

**ରାଜିକା** *ବି.* ୧. ଧାଡ଼ି, ପଙ୍‌କ୍ତି ୨. ଶ୍ରେଣୀ ୩. ରେଖା ୪. କ୍ଷେତ୍ର ୫. ରାଇସୋରିଷ ।

**ରାଜିତ** *ବିଂ.* ଶୋଭିତ, ଦୀପ୍ତ ।

**ରାଜିନାମା** *ବି.* ୧. ସମ୍ମତିପତ୍ର, ପରସ୍ପର ସହମତି ମୂଳକ ବୁଝାମଣା ୨. ମକଦ୍ଦମାର ଆପୋଷ ନିଷ୍ପତ୍ତି ପାଇଁ ଇଚ୍ଛାକରି ବାଦୀ ଓ ପ୍ରତିବାଦୀ ଏକାଠି ଅଦାଲତକୁ ଲେଖିବା ଦରଖାସ୍ତ ।

**ରାଜିବା** *କ୍ରି.* ଶୋଭା ପାଇବା, ଦୀପ୍ତ ହେବା ।

**ରାଜିରୁଜା** *ବିଂ.* ପରସ୍ପର ସହମତିରେ ସନ୍ତୁଷ୍ଟ ।

**ରାଜୀ** *ବିଂ.* ସମ୍ମତ, ସ୍ୱୀକୃତ; *ବି.* ଶ୍ରେଣୀ, ଧାଡ଼ି, ସମୂହ, ରେଖା ।

**ରାଜୀବ** *ବି.* ୧. ପଦ୍ମ ୨. ସାରସ ପକ୍ଷୀ ୩. ବଡ଼ମାଛ ୪. ହାତୀ ।

**ରାଜୀବନୟନ, ରାଜୀବଲୋଚନ** *ବିଂ.* କମଳନୟନ, ପଦ୍ମପ୍ରାୟ ସୁନ୍ଦର ନେତ୍ର ବିଶିଷ୍ଟ (*ସ୍ତ୍ରୀ.* ରାଜୀବନୟନା, ରାଜୀବଲୋଚନା) ।

**ରାଜୁଡା, ରାଜୋଡା** *ବି.* ୧. ରାଜଡ଼ା, ରାଜାଙ୍କଦ୍ୱାରା ଶାସିତ ରାଜ୍ୟ ୨. ସାମନ୍ତ ରାଜା ୩. ରାଜା ତୁଲ୍ୟ ବ୍ୟକ୍ତି ; *ବିଂ.* ରାଜାଙ୍କ ଶାସିତ ।

**ରାଜୁତି** *ବି.* ୧. ରାଜତ୍ୱ, ରାଜପଣ ୨. ରାଜାଙ୍କ ଶାସନ ବା ଶାସନକାଳ ।

**ରାଜେନ୍ଦ୍ର** *ବି.* ପ୍ରଧାନ ବା ଶ୍ରେଷ୍ଠ ରାଜା (*ସ୍ତ୍ରୀ.* ରାଜେନ୍ଦ୍ରାଣୀ) ।

**ରାଜ୍ୟ** *ବି.* ୧. ରାଜାଙ୍କ ଅଧିକାରଭୁକ୍ତ ଭୂଖଣ୍ଡ ୨. ଭାରତର ସ୍ୱତନ୍ତ୍ର ଶାସନ ବ୍ୟବସ୍ଥା ସମନ୍ୱିତ ପ୍ରଦେଶ ୩. ଅଞ୍ଚଳ, ମୁଲକ ୪. ରାଜତ୍ୱ, ରାଜକର୍ମ ।

**ରାଜ୍ୟଚ୍ୟୁତ, ରାଜ୍ୟଭ୍ରଷ୍ଟ** *ବିଂ.* ରାଜ୍ୟହରା, ରାଜ୍ୟ ବା ରାଜପଦରୁ ବଞ୍ଚିତ ବା ବିତାଡ଼ିତ (*ବି.* ରାଜ୍ୟଚ୍ୟୁତି, ରାଜ୍ୟଭ୍ରଂଶ) ।

**ରାଜ୍ୟଛଡ଼ା** *ବିଂ.* ୧. ନିର୍ବାସିତ ୨. ନିୟମଛଡ଼ା, ଅସାଧାରଣ ।

**ରାଜ୍ୟତନ୍ତ୍ର** *ବି.* ରାଜ୍ୟ ଶାସନ ପ୍ରଣାଳୀ ।

**ରାଜ୍ୟପାଳ** *ବି.* ଗଣତନ୍ତ୍ର ଶାସନରେ ପ୍ରାଦେଶିକ ସର୍ବୋଚ୍ଚ ସାମ୍ବିଧାନିକ ଶାସନ ମୁଖ୍ୟ, ଗଭର୍ଣ୍ଣର ।

**ରାଜ୍ୟଭାର** *ବି.* ରାଜ୍ୟ ଶାସନର ଦାୟିତ୍ୱ ।

**ରାଜ୍ୟରକ୍ଷା** *ବି.* ଶତ୍ରୁ ଆକ୍ରମଣ ଓ ପ୍ରାକୃତିକ ବିପର୍ଯ୍ୟୟରୁ ରାଜ୍ୟକୁ ସମ୍ଭାଳିବା କାର୍ଯ୍ୟ ।

**ରାଜ୍ୟଶାସନ** *ବି.* ରାଜ୍ୟ ପାଳନ ଓ ପରିଚାଳନା ।

**ରାଜ୍ୟସଭା** *ବି.* ବିଭିନ୍ନ ରାଜ୍ୟର ବିଧାନସଭାଦ୍ୱାରା ନିର୍ବାଚିତ ତଥା ରାଷ୍ଟ୍ରପତିଙ୍କ ମନୋନୀତ ସଭ୍ୟମାନଙ୍କଦ୍ୱାରା ଗଠିତ ସଂସଦ ।

**ରାଜ୍ୟାଙ୍ଗ** *ବି.* ରାଜ୍ୟରେ ସୁଶାସନ ପାଇଁ ଆବଶ୍ୟକ ଅଙ୍ଗ ବା ଉପକରଣ (ଶାସକ, ମନ୍ତ୍ରୀ, ମିତ୍ର, ଧନ, ଦେଶ, ଦୁର୍ଗ, ସୈନ୍ୟ, ପ୍ରଜା ଓ ପୁରୋହିତ ବା ତପସ୍ୱୀ-ଏହି ନଅ) ।

**ରାଜ୍ୟାଭିଷେକ** *ବି.* ରାଜାଙ୍କର ରାଜଗାଦିରେ ବସିବା ଅନୁଷ୍ଠାନ, ରାଜାଙ୍କର ଗାଦିନସୀନ ହେବା ପ୍ରକ୍ରିୟା ।

**ରାଜ୍ୟେଶ୍ୱର** *ବି.* ରାଜ୍ୟର ମାଲିକ, ରାଜା, ଅଧିପତି(*ସ୍ତ୍ରୀ.* ରାଜ୍ୟେଶ୍ୱରୀ) ।

**ରାଞ୍ଚ[ଞ୍ଚୁ] ରାଞ୍ଚୁଆ** *ବିଂ.* ଦନ୍ତୁଡ଼ା ।

**ରାଞ୍ଚିବା, ରାଞ୍ଚୁଡିବା** *କ୍ରି.* ନଖାଦି ଦ୍ୱାରା ରାମ୍ପିବା ବା କ୍ଷତବିକ୍ଷତ କରିବା ।

**ରାଜ୍ଞୀ** *ବି.* ରାଜମହିଷୀ, ରାଜପତ୍ନୀ, ରାଣୀ ।

**ରାଟ୍** *ବି.* ୧. ରାଜା ୨. ପ୍ରଭୁ ; *ବିଂ.* ସୁନ୍ଦର, ଶୋଭମାନ ।

**ରାଟ** *ବି.* ୧. ରାଜା, ପ୍ରଭୁ ୨. ଶ୍ରେଷ୍ଠ ବସ୍ତୁ, ବ୍ୟକ୍ତି ବା ପ୍ରାଣୀ ।

**ରାଟି** *ବି.* ୧. ଶରାଳି ପକ୍ଷୀ ୨. ଯୁଦ୍ଧ ।

**ରାଟୁ** *ବି.* ଗୋଳମାଳ, ବଡ଼ ପାଟିରେ କହିବା, ପାଟିତୁଣ୍ଡ ।

**ରାଠୋର** *ବି.* ରାଜପୁତ କ୍ଷତ୍ରିୟ ଜାତି ବିଶେଷ ।

**ରାଡ଼ାର** *ବି.* ଦୂରବର୍ତ୍ତୀ ବସ୍ତୁର ସ୍ଥିତି ନିର୍ଣ୍ଣୟ କରିବା ନିମିତ୍ତ ବ୍ୟବହୃତ ହେଉଥିବା ଯନ୍ତ୍ର ବିଶେଷ ।

**ରାଡ଼ରାଡୁଆ, ରାଡୁ ରାଡୁଆ** *ବିଂ.* ୧. କର୍କଶ, ଅଚିକ୍କଣ ୨. କରଡା ୩. ଚୋବାଇବାକୁ କଠିନ ।

**ରାଢ଼** *ବିଂ.* ୧. ନିଷ୍ଠୁର, କଠୋର ହୃଦୟ ୨. ଅତି କର୍କଶ ୩. କୃପଣ ।

**ରାଢ଼ି** *ବି.* ୧. (କେବଳ ଚୂଡ଼ା କୁଟୁଥିବା) କେଉଟ ଜାତି ବିଶେଷ ୨. ରାହାଡ଼ି, ରାଏଲ, ହରଡ ଡାଲି ; ବିଂ. ରଢ଼ା, ଖାଦ୍ୟ ଲୋଭୀ ।

**ରାଢୁଆ** *ବିଂ.* ଦଣ୍ଡା, ନିଷ୍ଠୁର, କୃପଣ (*ସ୍ତ୍ରୀ.* ରାଢୁଆଣୀ, ରାଢୁଣୀ) ।

**ରାଢେ଼ନ୍** *ବିଂ.* ଉଦଣ୍ଡୀ ଝିଅ, ଅଣ୍ଡିରା ଚଣ୍ଡୀ ।

**ରାଣ** *ବି.* ୧. ଶପଥ ୨. ରାଜା ୩. ଶ୍ରେଷ୍ଠ ବସ୍ତୁ ବା ବ୍ୟକ୍ତି ବା ପ୍ରାଣୀ ୪. ମୟୂରପୁଚ୍ଛ ୫. ଘୋଡାର ଲଗାମ ।

**ରାଣ ଖାଇବା** *କ୍ରି.* ହଲପ କରିବା, ନିଜ ନାମରେ ଶପଥ କରାଇବା ।

**ରାଣ ଦେବା** *କ୍ରି.* ଅନ୍ୟକୁ ଶପଥ ଦେଇ ଅନୁରୋଧ କରିବା ।

**ରାଣନିୟମ** ***ବି.*** ଶପଥ ।

**ରାଣ ପକାଇବା** ***ବି.*** ୧. ନିଜକୁ ଶପଥବଦ୍ଧ କରି ଅଥବା ଅନ୍ୟ ଉପରେ ଶପଥ ଦେଇ କିଛି କାର୍ଯ୍ୟ କରିବାର ନିଷ୍ପତ୍ତି ନେବା ୨. ଅନ୍ୟକୁ କୌଣସି କାର୍ଯ୍ୟରୁ ବିରତ କରିବାପାଇଁ ଅନୁରୋଧ କରିବା।

**ରାଣା** ***ବି.*** ରାଜା, ରାଜପୁତମାନଙ୍କ ରାଜାଙ୍କ ଉପାଧି ।

**ରାଣୀ** ***ବି.*** ରାଜପତ୍ନୀ, ରାଜ୍ଞୀ ।

**ରାଣୀ କଙ୍କଡା** ***ବି.*** ବଡ଼ ମାଇ କଙ୍କଡା ।

**ରାଣୀମା** ***ବି.*** ରାଜମାତା ।

**ରାଣୀହଂସପୁର** ***ବି.*** ରାଣୀଙ୍କ ଉଆସ ବା ଅନ୍ତଃପୁର ।

**ରାଣ୍ଡ, ରାଣ୍ଡୀ** ***ବିଂ.*** ପତିହୀନା ; ***ବି.*** ବିଧବା ନାରୀ ।

**ରାଣ୍ଡବାଜି** ***ବି.*** କାମୁକତା, ଲମ୍ପଟତା, ବେଶ୍ୟାଗମନ, ବ୍ୟଭିଚାର ।

**ରାଣ୍ଡମାଇପ** ***ବି.*** ବିଧବା ସ୍ତ୍ରୀ ।

**ରାଣ୍ଡ ରଖିବା** ***କ୍ରି.*** ବିଧବାକୁ ସ୍ତ୍ରୀ ଭାବରେ ରଖିବା ।

**ରାଣ୍ଡର ପୁଅ** ***ବି.*** ୧. ନିରାଶ୍ରୟା ବିଧବାର ପୁଅ ୨. ବିଧବା ସ୍ତ୍ରୀର ଅବୈଧ ସନ୍ତାନ ।

**ରାଣ୍ଡହାତ** ***ବି.*** ଅଳଙ୍କାର ବିହୀନ ହାତ, କାଚ ପିନ୍ଧିନଥିବା ହାତ ।

**ରାଣ୍ଡିଆ** ***ବିଂ.*** ବେଶ୍ୟା ବା ବିଧବା ନାରୀ ସହିତ ସହବାସକାରୀ (ଏକ ପ୍ରକାର ଭର୍ତ୍ସନା), **ବେଶ୍ୟାସକ୍ତ** ।

**ରାଣ୍ଡୀଖଣ୍ଡୀ** ***ବି.*** ଆଶ୍ରୟହୀନା ତଥା ପିତାମାତାଙ୍କୁ ହରାଇଥିବା ବାଳିକା, ଅସହାୟା ବିଧବା ।

**ରାଣ୍ଡୀ ପୁଅ ଅନନ୍ତା** ***ବି.*** ଦାୟିତ୍ୱବୋଧଶୂନ୍ୟ ନିଶ୍ଚିନ୍ତମନା ବେମୁରବି ଯୁବକ; ବିଧବାର ମୁରବିଶୂନ୍ୟ, ଅଯୋଗ୍ୟ ସନ୍ତାନ ।

**ରାଣ୍ଡୁଆ** ***ବିଂ.କି.*** ୧. ବିପତ୍ନୀକ ୨. ବିଧବା ବିବାହକାରୀ ।

**ରାତାରାତ, ରାତାରାତି** ***କ୍ରି.ବିଂ.*** ରାତିମଧ୍ୟରେ, ରାତି ଥାଉ ଥାଉ, ଦିନ ହୋଇ ଲୋକେ ଜାଣିବା ପୂର୍ବରୁ ।

**ରାତି, ରାତ୍ର** ***ବି.*** ରାତ୍ରି, ରାଏତ୍, ରଜନୀ ।

**ରାତିଅଧ** ***ବି.*** ନିଶୀଥ, ଅର୍ଦ୍ଧରାତ୍ର, ଅଧରାତି ।

**ରାତି ଅଧିଆ** ***ବିଂ.*** ୧. ରାତି ଅଧରେ ଘଟୁଥିବା ୨. ଅଦୃଶ୍ୟ ଭାବରେ ବା ଗୋପନରେ କରାଯାଉଥିବା (କାର୍ଯ୍ୟ) ।

**ରାତି ଅନିଦ୍ରା** ***ବି.*** ରାତିରେ ଶୋଇ ନଥିବା ଅବସ୍ଥା ।

**ରାତିଖିଆ** ***ବି.*** ରାତି ଭୋଜନ ।

**ରାତିଚରା** ***ବି.*** ବାଦୁଡ଼ି ।

**ରାତି ଜଳକା** ***ବି.*** ଅନ୍ଧାରକଣା ରୋଗ ; ***ବିଂ.*** ଅନ୍ଧାରକଣା ।

**ରାତି ଜାଗିବା** ***କ୍ରି.*** ରାତିରେ ନଶୋଇବା ।

**ରାତି ଜାଙ୍ଗୁଲୁ ଜାଙ୍ଗୁଲୁ** ***ବି.*** ପ୍ରତ୍ୟୁଷ, ବଡ଼ିଭୋର ।

**ରାତିଦିନ, ରାତ୍ରଦିନ** ***କ୍ରି.ବିଂ.*** କି ଦିନ କି ରାତି ସର୍ବଦା ।

**ରାତିପହରା** ***ବି.*** ରାତିସାରା ପହରା, ରାତିରେ ଧନ ସମ୍ପତ୍ତିକୁ ଜଗିରହିବା ।

**ରାତି ପାହିବା** ***ବି.*** ସକାଳ ହେବା, ଉଷାକାଳ, ଭୋର ।

**ରାତି ପିନ୍ଧା** ***ବି.*** ରାତି ସମୟରେ ପିନ୍ଧା ଯାଉଥିବା ଲୁଗା ।

**ରାତିବିକାଳି** ***କ୍ରି.ବିଂ.*** ରାତି ବେଳା, ରାତିର ଅସମୟରେ; ***ବି.*** ୧. ରାତିରେ ଅସୁବିଧା ସମୟରେ ୨. ରାତିରେ ପସରାଧରି ବିକୁଥିବା ଲୋକ ।

**ରାତିବିକାଳିଆ** ***ବିଂ.*** ରାତିର ଅସମୟରେ ସଂଘଟିତ ।

**ରାତିବିଭା** ***ବି.*** ରାତି ଲଗ୍ନରେ ବିବାହ କାର୍ଯ୍ୟ ।

**ରାତିଭର, ରାତିଭୋର** ***କ୍ରି.ବିଂ.*** ରାତିସାରା, ରାତି ଆରମ୍ଭରୁ ଭୋର୍ ହେବା ଯାଏ ।

**ରାତିଯାକ ବସିବା** ***କ୍ରି.*** ଅନିଦ୍ରା ହେବା ।

**ରାତିରାତି** ***କ୍ରି.ବିଂ.*** ୧. ରାତି ତମାମ ୨. ପ୍ରତିରାତିରେ ।

**ରାତି ହଗୁରା** ***ବିଂ.*** ଯାହାର ରାତିରେ ଝାଡ଼ା ଫେରିବାର ଅଭ୍ୟାସ ଅଛି ।

**ରାତ୍ରି, ରାତ୍ରୀ** ***ବି.*** ରାତି, ରାଏତ୍ ।

**ରାତ୍ରିକର** ***ବି.*** ଚନ୍ଦ୍ର ।

**ରାତ୍ରିକାଳ** ***ବି.*** ରାତି ସମୟ ।

**ରାତ୍ରିଚର, ରାତ୍ରିଞ୍ଚର** ***ବି.ବିଂ.*** ରାତ୍ରିରେ ବିଚରଣକାରୀ ; ***ବି.*** ୧. ରାକ୍ଷସ ୨. ଚୋର ୩. ପ୍ରେତ ବା ପିଶାଚ (*ସ୍ତ୍ରୀ.* ରାତ୍ରିଚରୀ, ରାତ୍ରିଞ୍ଚରା(ରୀ) ।

**ରାତ୍ରିଜଳ** ***ବି.*** ଶିଶିର, କୁହେଳି ।

**ରାତ୍ରିଜାଗର** ***ବିଂ.*** ରାତିରେ ଚେଇଁ ରହୁଥିବା; ***ବି.*** କୁକୁର ।

**ରାତ୍ରିଜାଗରଣ** ***ବି.*** ରାତି ଚେଇଁବା ।

**ରାତ୍ରିବେଦ, ରାତ୍ରିବେଦୀ** ***ବି.*** କୁକୁଡ଼ା ।

**ରାତ୍ରିଭୋଜନ** ***ବି.*** ରାତି ସମୟରେ ଖାଇବା, ରାତି ଖିଆ, ଡ଼ିନର୍ ।

**ରାତ୍ରିଯାପନ** ***ବି.*** ରାତି ବିତାଇବା ବା କଟାଇବା ।

**ରାଧା** ***ବି.*** ୧. ଶ୍ରୀକୃଷ୍ଣଙ୍କ ପ୍ରେୟସୀ ୨. ବିଶାଖା ନକ୍ଷତ୍ର ୩. ବିଦ୍ୟୁତ ।

**ରାଧାକାନ୍ତ, ରାଧାନାଥ,ରାଧାବଲ୍ଲଭ, ରାଧାବିନୋଦ, ରାଧାମୋହନ, ରାଧାରମଣ** ***ବି.*** ଶ୍ରୀକୃଷ୍ଣ ।

**ରାଧାଚକ୍ର** ***ବି.*** ସୁଦର୍ଶନ ଚକ୍ର , ଦ୍ରୌପଦୀଙ୍କ ସ୍ୱୟଂବର ସଭାରେ ଉପସ୍ଥାପିତ ଲକ୍ଷ୍ୟ ଭେଦୀ ଚକ୍ର (ସାରଳା ମହାଭାରତ)।

**ରାଧାଚଡ଼କ** ***ବି.*** ମଣିଷ ଉପରେ ପଡ଼ି ମୃତ୍ୟୁ ଘଟାଇବା ବଜ୍ର, ବଜ୍ରାଘାତ ।

**ରାଧାଜନ୍ମ** *ବି.* ରାଧାଷ୍ଟମୀ, ଭାଦ୍ରଶୁକ୍ଳ ଅଷ୍ଟମୀ ।

**ରାଧାତନୟ, ରାଧାସୁତ** *ବି.* କର୍ଣ୍ଣ ।

**ରାଧା ଦାମୋଦର** *ବି.* ଶ୍ରୀରାଧା ଓ ଶ୍ରୀକୃଷ୍ଣ ।

**ରାଧାପଦ୍ମ** *ବି.* ସୂର୍ଯ୍ୟମୁଖୀ ଫୁଲ ।

**ରାଧାବଲ୍ଲଭ** *ବି.* ଶ୍ରୀକୃଷ୍ଣ ।

**ରାଧାମାଧବ, ରାଧାଶ୍ୟାମ** *ବି.* ରାଧାଓ କୃଷ୍ଣ ।

**ରାଧାଷ୍ଟମୀ, ରାଧାଜନ୍ମାଷ୍ଟମୀ** *ବି.* ୧. ଶ୍ରୀରାଧାଙ୍କ ଜନ୍ମଦିନ, ଭାଦ୍ର ଶୁକ୍ଳ ଅଷ୍ଟମୀ ୨. ଅତିବଡ଼ୀ ଜଗନ୍ନାଥ ଦାସଙ୍କର ଜନ୍ମତିଥି ।

**ରାଧିକା** *ବି.* ବୃଷଭାନୁ କନ୍ୟା କୃଷ୍ଣ-ପ୍ରେୟସୀ ଗୋପବାଳା ବିଶେଷ ।

**ରାଧିକାଚୂଡ଼ା** *ବି.* ଥୋପା ଥୋପା ହଳଦିଆ ଫୁଲ ବିଶେଷ, ରାଧା ଚୂଡ଼ା ଗଛ ଓ ତାର ଫୁଲ ।

**ରାଧେକୃଷ୍ଣ, ରାଧାକୃଷ୍ଣ** *ବି.* ବୈଷ୍ଣବଗଣ କର୍ତ୍ତୃକ ରାଧା ଓ କୃଷ୍ଣଙ୍କର ନାମୋଚ୍ଚାରଣ ।

**ରାଧେୟ** *ବି.* ସାରଥି ଅଧିରଥଙ୍କ ପତ୍ନୀ ରାଧାଙ୍କ ପାଳିତପୁତ୍ର କର୍ଣ୍ଣ ।

**ରାନୁ** *ବି.* କୁସ୍‌ନା ମଦ ତିଆରିରେ ବ୍ୟବହୃତ ଏକ ପ୍ରକାର ଚେରିମୂଳି ଦ୍ରବ୍ୟ।

**ରାନ୍ଧନି** *ବି.* ରାନ୍ଧୁଣୀ, ରୋଷେଇ କରିବା ନାରୀ।

**ରାନ୍ଧଣା** *ବି.* ୧. ରନ୍ଧନ କାର୍ଯ୍ୟ ୨. ରନ୍ଧା ହୋଇଥିବା ଦ୍ରବ୍ୟ ୩. ରନ୍ଧନପାଇଁ ଚାଉଳ, ଡାଲି, ପରିବାଦି ଜିନିଷ ।

**ରାନ୍ଧଣା ଘର** *ବି.* ପାକଶାଳା, ରନ୍ଧାଘର, ରୋଷେଇ ଘର ।

**ରାନ୍ଧବାଢ଼** *ବି.* ରନ୍ଧାବଢ଼ା ।

**ରାନ୍ଧିବା** *କ୍ରି.* ରୋଷେଇ କରିବା, ରନ୍ଧନ ବା ପାକ କରିବା ।

**ରାନ୍ଧୁଣି, ରାନ୍ଧୁଣିଆ** *ବି.* ରୋଷେୟା, ପୂଝାରୀ, ରନ୍ଧନିଆ, ପାଚକ, ସୁଆର ; *ବିଂ.* ରନ୍ଧନକାରୀ (*ସ୍ତ୍ରୀ.* ରାନ୍ଧୁଣୀ) ।

**ରାନ୍ଧୁଣୀ** *ବି.* ରୋଷେଇ କରିବା ନାରୀ, ରାନ୍ଧନି, ପାଚିକା।

**ରାପର୍** *ବି.* ୧. ଗରମ ଶୀତ ବସ୍ତ୍ର ୨. ବହି ଗୁଡାଇବା କାଗଜ ପ୍ରଭୃତି ୩. ଏକ ପ୍ରକାର ଆଧୁନିକ ସଙ୍ଗୀତର ଗାୟକ/ଗାୟିକା ।

**ରାପିଡ୍** *ବିଂ.* କ୍ଷିପ୍ର, ଅତିଶୀଘ୍ର।

**ରାପିଡ୍ ଆକସନ୍ ଫୋର୍ସ** *ବି.* ତୁରନ୍ତ ପଦକ୍ଷେପ ନେଉଥିବା ସେନା ବାହିନୀ, ରାଫ୍ ।

**ରାବ** *ବି.* ରବ, ଶବ୍ଦ, ଧ୍ୱନି, ପଶୁପକ୍ଷୀଙ୍କ ବୋବାଳି ।

**ରାବଣ** *ବି.* ୧. *ପୁରାଣ* ଲଙ୍କାର ରାଜା, ଦଶାନନ ୨. ଶାଗୁଣା ପକ୍ଷୀ ।

**ରାବଣଛତା** *ବି.* ସମୁଦ୍ରର ଜୀବ ବିଶେଷ ।

**ରାବଣଛାୟା** *ବି.* ଛାୟାଚିତ୍ର, ଲୋକକଳା ବିଶେଷ ।

**ରାବଣପୁରୀ** *ବି.* ଲଙ୍କାପୁରୀ ।

**ରାବଣବଂଶ** *ବି.* ୧. ଆତ୍ମୀୟ ସ୍ୱଜନପୂର୍ଣ୍ଣ ବିରାଟ ପରିବାର ୨. ରାବଣଙ୍କର ବଂଶ ।

**ରାବଣା** *ବିଂ.* ଅତି ପୁଷ୍ଟ ଓ ଦୀର୍ଘକାୟ ।

**ରାବନ୍** *ବି.* ରାବଣ ପକ୍ଷୀ, ଶାଗୁଣା।

**ରାବା** *ବି.* ୧. ଲୋକ ମୁଖରେ ପ୍ରଚାର, ଗୁଜବ ୨. ଦୋସା ବା ଚକୁଳି ତିଆରି ପାଇଁ ବଟା ବିରି।

**ରାବା କରିବା** *କ୍ରି.* ପ୍ରଚାର ବା ଅପପ୍ରଚାର କରିବା, ଗୁଜବ ରଟନା କରିବା।

**ରାବାଡ଼ି** *ବି.* ଆଦାୟ, ଭୂମିରୁ ଆଦାୟ ହେବା ଶସ୍ୟ ବିଶେଷ ।

**ରାବା ଦୋସା** *ବି.* ବଟା ବିରିରେ ପ୍ରସ୍ତୁତ ଦୋସା ବା ଚକୁଳି।

**ରାବିଡ଼ି** *ବି.* କ୍ଷୀରକୁ ବହୁ ସମୟ ଆଉଟି ବହଳିଆ କରି ପ୍ରସ୍ତୁତ ମିଠା ।

**ରାବିବା** *କ୍ରି.* ବୋବାଇବା, (ପକ୍ଷୀ) ଧ୍ୱନି କରିବା ।

**ରାଭସିକ** *ବିଂ.* ଗୁଆଁର, ହୁଣ୍ଡାଳିଆ ।

**ରାମ୍ ତାଳି** *ବି.* ଛୋଟ ଛୋଟ ଝାଂଜ ଖଞ୍ଜା କାଠ ତିଆରି ବାଦ୍ୟ ଯନ୍ତ୍ର ବିଶେଷ, ରାମ ତାଳି।

**ରାମ୍‌ରାମ୍** *ଅ.* ୧. ବିରକ୍ତି, ଘୃଣା, ବିସ୍ମୟ ଅନୁତାପ ଆଦି ସୂଚକ ଉଚ୍ଚାରଣ ୨. ନମସ୍କାର ସୂଚକ ପଦ ।

**ରାମନାମ୍ ସତ୍ୟ** *ବି.* ୧. ଶବ ବାହକମାନେ ଶ୍ମଶାନକୁ ଶବ ନେବା ବେଳେ ଉଚ୍ଚାରଣ କରାଯାଉଥିବା ବାକ୍ୟ ୨. ମରଣ, ମୃତ୍ୟୁ।

**ରାମ** *ବି.* ୧. ସୌନ୍ଦର୍ଯ୍ୟ ୨. ବିଷ୍ଣୁଙ୍କର ଷଷ୍ଠ ଅବତାର (ପରଶୁରାମ) ୩. ବିଷ୍ଣୁଙ୍କ ସପ୍ତମ ଅବତାର, (ରାମଚନ୍ଦ୍ର) ୩. ବିଷ୍ଣୁଙ୍କ ଅଷ୍ଟମ ଅବତାର (ବଳରାମ) ; *ବିଂ.* ମନୋହର, ରମଣୀୟ (*ସ୍ତ୍ରୀ.* ରାମା) ।

**ରାମକେରୀ, ରାମକେଳୀ** *ବି.* ଓଡ଼ିଶୀ ରାଗିଣୀ ବିଶେଷ ।

**ରାମଖଡ଼ି** *ବି.* ଲେଖିବା ପାଇଁ ବ୍ୟବହୃତ ଧଳା ଖଡ଼ି ବିଶେଷ ।

**ରାମଗିରି** *ବି.* ପୁରାଣ ବର୍ଣ୍ଣିତ ଚିତ୍ରକୂଟ ପର୍ବତ ।

**ରାମଗୀତା** *ବି.* ଅଧ୍ୟାତ୍ମ ରାମାୟଣରେ ବର୍ଣ୍ଣିତ ଲକ୍ଷ୍ମଣଙ୍କ ପ୍ରତି ଶ୍ରୀରାମ ଚନ୍ଦ୍ରଙ୍କର ଆଧ୍ୟାତ୍ମିକ ଉପଦେଶ ବିଶେଷ ।

**ରାମଚନ୍ଦ୍ର, ରାମଭଦ୍ର** *ବି.* ରାମାୟଣରେ ଦଶରଥଙ୍କ ଜ୍ୟେଷ୍ଠ ପୁତ୍ର ।

**ରାମଛେଳି** *ବି.* ବଡ଼ ଓ ହୃଷ୍ଟପୁଷ୍ଟ ଛେଳି ।

**ରାମଜନ୍ମ** *ବି.* ରାମ ନବମୀ, ଶ୍ରୀରାମଙ୍କ ଜନ୍ମଦିନ, ଚୈତ୍ର ଶୁକ୍ଳ ନବମୀ ।

**ରାମଠ** *ବି.* ୧. ହେଙ୍ଗୁ ୨. ଆଖରୋଟ ଗଛ ୩. ଛଚିନ୍ଦ୍ରା ।

**ରାମତାରକ** *ବି.* ପ୍ରଭୁ ରାମଚନ୍ଦ୍ରଙ୍କୁ ଜପିବାର ମନ୍ତ୍ରବିଶେଷ ।

**ରାମତାଳି, ରାମତାଳିକା** *ବି.* ୧. ରାମ୍‌ତାଳି, ଭଜନ ଜଣାଣ ଗାଇବା ବେଳେ ଗାୟକ ଦୁଇ ହାତରେ ଅଲଗା ଅଲଗା ଧରି ବଜାଇବା କାଠର ତାଳବାଦ୍ୟ ଯହିଁରେ ଘୁଙ୍ଗୁର ଓ ପିତଳ ପାତିଆ ଲାଗିଥାଏ ୨. ମୁହାଁମୁହିଁ ଭୀଷଣ କଳି ।

**ରାମତିଳକ** ***ବି.*** ରାମାନନ୍ଦୀ ଚିତା, ରାମଜ ମାଟିରେ ତିଳକ ।

**ରାମ ତୁଳସୀ** ***ବି.*** ଧଳା ତୁଳସୀ ।

**ରାମଧନୁ** ***ବି.*** ଇନ୍ଦ୍ରଧନୁ ।

**ରାମଧୁନ** ***ବି.*** ଅଯୋଧ୍ୟାପତି ରାମଚନ୍ଦ୍ରଙ୍କର ଗୁଣକୀର୍ତ୍ତନ ।

**ରାମନବମୀ** ***ବି.*** ଚୈତ୍ର ମାସର ଶୁକ୍ଳ ନବମୀ, ଶ୍ରୀରାମଚନ୍ଦ୍ରଙ୍କର ଜନ୍ମତିଥି ।

**ରାମଫଳ** ***ବି.*** ଏକପ୍ରକାର ଆତଫଳ, ଲେଉଆ ।

**ରାମରହିମ** ***ବି.*** ହିନ୍ଦୁଙ୍କର ଉପାସ୍ୟ ଦେବତା ଓ ମୁସଲମାନଙ୍କର ଉପାସ୍ୟ ଦେବତା ।

**ରାମରାଜତ୍ୱ** ***ବି.*** ରାମରାଜ୍ୟ, ରାମଙ୍କ ରାଜତ୍ୱ ଭଳି ଅତି ସୁଶାସିତ ଓ ସୁଖଶାନ୍ତିପୂର୍ଣ୍ଣ ରାଜତ୍ୱ ।

**ରାମରାଜ୍ୟ** ***ବି.*** ନ୍ୟାୟ ଓ ସୁଖଶାନ୍ତିପୂର୍ଣ୍ଣ ରାଜ୍ୟ, ଅତି ସୁଶାସିତ ରାଜ୍ୟ, ଆଦର୍ଶ ରାଜ୍ୟ ।

**ରାମଲୀଳା** ***ବି.*** ରାମଚରିତର ଅଭିନୟ, ରାମଚନ୍ଦ୍ରଙ୍କ ଜୀବନଚରିତ ବା କ୍ରିୟାକଳାପର ନାଟ୍ୟରୂପ ।

**ରାମଶିଆଳ, ରାମଶିଆଳି** ***ବି.*** ଏକପ୍ରକାର ବଡ଼ ବିଲୁଆ ।

**ରାମଶିଙ୍ଗା** ***ବି.*** ଫୁଙ୍କି ବଜାହେବା ଶିଙ୍ଗାବାଦ୍ୟ ବିଶେଷ ।

**ରାମା** ***ବି.*** ୧. ସୁନ୍ଦରୀ ନାରୀ ୨. ସଙ୍ଗୀତ କଳାଭିଜ୍ଞା ନାରୀ ୩. ପ୍ରିୟା ୪. ପତ୍ନୀ ; ***ବିଂ.*** ୧. ରମଣୀୟା ୨. ଶୁଭ୍ରା ।

**ରାମାନନ୍ଦୀ** ***ବି.*** ୧. ରାମାନୁଜ ପ୍ରବର୍ତ୍ତିତ ବୈଷ୍ଣବ ସମ୍ପ୍ରଦାୟ ୨. କାହାକୁ ଭଣ୍ଡାଇ ଦ୍ରବ୍ୟାଦି ହରଣ ; ***ବିଂ.*** ରାମାନନ୍ଦ ବା ସେହି ସମ୍ପ୍ରଦାୟ ସମ୍ବନ୍ଧିତ ।

**ରାମାନନ୍ଦୀ ଚିତା** ***ବି.*** ତ୍ରିପୁଣ୍ଡ୍ରକ ଚିତା ।

**ରାମାନୁଜୀ** ***ବି.*** ରାମାନୁଜ-ପ୍ରବର୍ତ୍ତିତ ବୈଷ୍ଣବ ସମ୍ପ୍ରଦାୟ; ***ବିଂ.*** ରାମାନନ୍ଦ ବା ସେହି ସମ୍ପ୍ରଦାୟ ସମ୍ବନ୍ଧୀୟ ।

**ରାମାବତାର** ***ବି.*** ତ୍ରେତାଯୁଗରେ ଦଶରଥଙ୍କ ପୁତ୍ରଭାବେ ଜନ୍ମନେଇଥିବା ଭଗବାନ ବିଷ୍ଣୁଙ୍କ ସପ୍ତମ ଅବତାର ।

**ରାମାଭିଷେକ** ***ବି.*** ସୀତା ଉଦ୍ଧାରପରେ ଅଯୋଧ୍ୟା ଫେରିଥିବା ରାମଚନ୍ଦ୍ରଙ୍କର ରାଜସିଂହାସନ ଆରୋହଣ ମହୋତ୍ସବ ।

**ରାମାୟଣ** ***ବି.*** ବାଲ୍ମୀକି ରଚିତ ରାମଚରିତ ବିଷୟକ ସଂସ୍କୃତ ମହାକାବ୍ୟ ।

**ରାମି** ***ବି.*** ପାଟପନିଆ, କଂକି, ସୂତାଚୋର ।

**ରାମି ମଇନା** ***ବି.*** ଗୁହ ଖାଇ ବଣି ଚଢ଼େଇ ।

**ରାମ୍ପିକାମ୍ପି ହେବା** ***କ୍ରି.*** ୧. ବିରକ୍ତି ପ୍ରକାଶ କରିବା ୨. ରାଗରେ ଅସ୍ଥିର ହେବା ।

**ରାମ୍ପିବା** ***କ୍ରି.*** ୧. ନଖଦ୍ୱାରା ଚିରିବା ୨. ରାମ୍ପୁଡିବା ୩. ଚିରୁଣୀଦ୍ୱାରା ମୁଣ୍ଡକୁ ଜୋରରେ କୁଣ୍ଡାଇବା ୪. ଯନ୍ତ୍ରଦ୍ୱାରା ଚାଞ୍ଛିବା (***ବି.ବିଂ.*** ରମ୍ପା) ।

**ରାମ୍ପିହେବା** ***କ୍ରି.*** ମୁଣ୍ଡ କୁଣ୍ଡେଇ ହେବା ।

**ରାମ୍ପୁଡା** ***ବି.*** ରାମ୍ପୁଡିବା କାର୍ଯ୍ୟ, ନଖକ୍ଷତ ; ***ବିଂ.*** ଯାହା ରାମ୍ପୁଡା ହୋଇଥାଏ ।

**ରାମ୍ପୁଡିବା** ***କ୍ରି.*** ୧. ନଖଦ୍ୱାରା ଚିରିବା, ଆଁଫରିବା ୨. ଚିରୁଣୀ ଦ୍ୱାରା ମୁଣ୍ଡକୁ ଜୋରରେ କୁଣ୍ଡାଇବା ୩. ଯନ୍ତ୍ରଦ୍ୱାରା ଚାଞ୍ଛିବା (***ବି.ବିଂ.*** ରମ୍ପା)

**ରାୟ** ***ବି.*** ୧. ବିଚାରକଙ୍କ ଶେଷ ନିଷ୍ପତ୍ତି, ନ୍ୟାୟ ବିଚାର, ଜଜ୍‌ମେଣ୍ଟ ୨. ମତ, ସିଦ୍ଧାନ୍ତ ୩. ରାଜା, ଜମିଦାର ବା ସମ୍ଭ୍ରାନ୍ତ ବ୍ୟକ୍ତିଙ୍କ ଉପାଧି ।

**ରାଳ** ***ବି.*** ୧. ଆଲକାତରା, ଦାମୁର ୨. ଝୁଣା ।

**ରାଶି** ***ବି.*** ୧. ତିଳ ବା ଖସା ୨. ପରିମାଣସୂଚକ ସଂଖ୍ୟା ୩. ସମୂହ, ପୁଞ୍ଜ ୪. ସ୍ତୂପ, ଗଦା ୫. ଜ୍ୟୋତିଷ ଶାସ୍ତ୍ରରେ ମେଷାଦି ଦ୍ୱାଦଶ ନକ୍ଷତ୍ରପୁଞ୍ଜ ୬. ଅଦୃଷ୍ଟ, ଭାଗ୍ୟ ୭. ଛୋଟ ପାନପତ୍ର ।

**ରାଶିଚକ୍ର** ***ବି.*** ମେଷାଦି ଦ୍ୱାଦଶ ରାଶିର ଅବସ୍ଥାନ ଯୁକ୍ତ କଳ୍ପିତ ବୃତ୍ତ ।

**ରାଶିତେଲ** ***ବି.*** ଖସା ବା ତିଳକୁ ପେଷି ବାହାର କରାଯାଉଥିବା ତେଲ ।

**ରାଶିନକ୍ଷତ୍ର** ***ବି.*** ମନୁଷ୍ୟ ଜନ୍ମ ହେବା ସମୟରେ ଚନ୍ଦ୍ର ଯେଉଁ ନକ୍ଷତ୍ରରେ ଥାନ୍ତି, ଜ୍ୟୋତିଷଶାସ୍ତ୍ରର ଗଣନା ବିଶେଷ ।

**ରାଶିନାମ** ***ବି.*** ଜାତକ ନାମ ।

**ରାଶି ପଟାଇବା** ***କ୍ରି.*** ବରକନ୍ୟାଙ୍କ ଜାତକ ମେଳକ ବୁଝିବାର ପ୍ରଥା ବିଶେଷ ।

**ରାଶିଫଳ** ***ବି.*** ଜନ୍ମକାଳରେ ଚନ୍ଦ୍ରର କୌଣସି ରାଶିରେ ଅବସ୍ଥାନ ଅନୁଯାୟୀ ଜାତ ବ୍ୟକ୍ତିର ସ୍ୱଭାବ ଓ ଭାଗ୍ୟଫଳ ।

**ରାଶିବଡ଼ି** ***ବି.*** ଖସା ବା ତିଳ ମିଶ୍ରିତ ବଡ଼ି ।

**ରାଶିରାଶି** ***ବିଂ.*** ଅସଂଖ୍ୟ, ଗଦାଗଦା ।

**ରାଶିଲଡୁ** ***ବି.*** ଖସା ବା ତିଳକୁ ମିଠା ପାଗ କରି ପ୍ରସ୍ତୁତ କରାଯାଉଥିବା ଲଡୁ ।

**ରାଶୀକୃତ** ***ବିଂ.*** ଜମା ହୋଇଥିବା, ସ୍ତୂପୀକୃତ, ଗଦା ବା ଜମା କରାଯାଇଥିବା, ***ବି.*** ରାଶୀକରଣ ।

**ରାଷ୍ଟ୍ର** ***ବି.*** ଦେଶ, ଏକଶାସନତନ୍ତ୍ରାଧୀନ ଏକାଧିକ ରାଜ୍ୟର ସମଷ୍ଟି, ସାର୍ବଭୌମ ସ୍ୱାଧୀନ ଦେଶ; ***ବିଂ.*** ଘୋଷିତ, ପ୍ରଚାରିତ, ରଟିତ ।

**ରାଷ୍ଟ୍ର କରିବା** ***କ୍ରି.*** ସବୁଆଡ଼େ କହି ବୁଲିବା, ପ୍ରଚାର କରିବା ।

**ରାଷ୍ଟ୍ରଦୂତ** ***ବି.*** ସାର୍ବଭୌମ ଦେଶର କୂଟନୈତିକ ପ୍ରତିନିଧି ।

**ରାଷ୍ଟ୍ରନାୟକ** *ବି.* ରାଷ୍ଟ୍ରର ଶାସକ ବା ପରିଚାଳକ, ଦେଶର ପ୍ରଧାନ ନେତା, ରାଷ୍ଟ୍ର ମୁଖ୍ୟ ।

**ରାଷ୍ଟ୍ରନୀତି** *ବି.* ଦେଶର ଶାସନ ନୀତି ।

**ରାଷ୍ଟ୍ରନୀତିକ, ରାଷ୍ଟ୍ରନୈତିକ** *ବିଂ.* ଦେଶର ଶାସନ ନୀତି ସମ୍ପର୍କିତ ।

**ରାଷ୍ଟ୍ରପତି** *ବି.* ସାଧାରଣତନ୍ତ୍ର ରାଷ୍ଟ୍ରର ନିର୍ବାଚିତ ସର୍ବୋଚ୍ଚ ବୈଧାନିକ ଶାସକ, ସାର୍ବଭୌମ ଦେଶର ସର୍ବୋଚ୍ଚ ଶାସନକର୍ତ୍ତା ।

**ରାଷ୍ଟ୍ରପୁଞ୍ଜ** *ବି.* ଦେଶ ସମୂହ ।

**ରାଷ୍ଟ୍ରବିପ୍ଳବ** *ବି.* ଦେଶର ପ୍ରଚଳିତ ଶାସନବ୍ୟବସ୍ଥାର ଆମୂଳ ପରିବର୍ତ୍ତନ ପାଇଁ ଆନ୍ଦୋଳନ, ଦାବିପୂରଣ ପାଇଁ ରାଷ୍ଟ୍ରର ଭିତରେ ଚାଲୁଥିବା ଆନ୍ଦୋଳନ ।

**ରାଷ୍ଟ୍ରିୟ, ରାଷ୍ଟ୍ରୀୟ** *ବିଂ.* ରାଷ୍ଟ୍ରସମ୍ବନ୍ଧୀୟ, ରାଷ୍ଟ୍ରିକ ।

**ରାସ** *ବି.* କୃଷ୍ଣଲୀଳା ସମ୍ପର୍କିତ ନୃତ୍ୟଗୀତ, କାର୍ତ୍ତିକପୂର୍ଣ୍ଣିମା ଉତ୍ସବ ।

**ରାସକେଳି, ରାସପର୍ବ, ରାସଯାତ୍ରା, ରାସରଙ୍ଗ, ରାସଲୀଳା** *ବି.* କାର୍ତ୍ତିକ ପୂର୍ଣ୍ଣିମାରେ ଗୋପନାରୀମାନଙ୍କ ମେଳରେ ରାଧାକୃଷ୍ଣଙ୍କର ନୃତ୍ୟୋତ୍ସବ ।

**ରାସନ୍ କାଡ୍** *ବି.* ପଡ଼ି କାଡ୍, ଆର୍ଥିକ ଅନଗ୍ରସର ପରିବାରମାନଙ୍କୁ ସୁଲଭ ମୂଲ୍ୟରେ ଅତ୍ୟାବଶ୍ୟକ ଖାଉଟି ସାମଗ୍ରୀ ଯୋଗାଣ ପାଇଁ ସରକାରୀ ବ୍ୟବସ୍ଥା ପତ୍ର।

**ରାସନ** *ବିଂ.* ୧. ଜିହ୍ୱା ସମ୍ବନ୍ଧୀୟ, ଆସ୍ୱାଦ ସମ୍ବନ୍ଧୀୟ ୨. ରାଶନ, ପଡ଼ି, ଖାଦ୍ୟ ।

**ରାସମଣ୍ଡପ** *ବି.* ଯେଉଁ ବେଦୀରେ ରାସଯାତ୍ରା (ରାଧାକୃଷ୍ଣଙ୍କ ନୃତ୍ୟ ଗୀତ) କରାଯାଏ ।

**ରାସମଣ୍ଡଳ** *ବି.* ୧. ବୈକୁଣ୍ଠରେ ଭଗବାନଙ୍କ ରାସ କ୍ରୀଡ଼ାର ବୃତ୍ତାକାର ନିତ୍ୟକ୍ଷେତ୍ର ୨. ଦ୍ୱାପରରେ ରାଧାକୃଷ୍ଣଙ୍କୁ ବେଢ଼ି ନାଚୁଥିବା ଷୋଳସହସ୍ର ଗୋପୀଙ୍କ ମଣ୍ଡଳ ।

**ରାସଯାତ୍ରା** *ବି.* କାର୍ତ୍ତିକ ପୂର୍ଣ୍ଣମୀର ମହୋତ୍ସବ ।

**ରାସରଙ୍ଗିଣୀ(ନୀ), ରାସରସମୟୀ, ରାସରସିକା** *ବି.* ଶ୍ରୀରାଧା ।

**ରାସଲୀଳା** *ବି.* ୧. ରାଧାକୃଷ୍ଣଙ୍କ ପ୍ରେମଲୀଳା ୨. ନାୟକ ନାୟିକାଙ୍କ ଗୋପନ ପ୍ରେମଲୀଳା ୩. ପ୍ରେମୋଦ୍ଦୀପକ ନୃତ୍ୟ ।

**ରାସାୟନ** *ବିଂ.* ରସାୟନ-ସମ୍ବନ୍ଧୀୟ, ରସାୟନ ଘଟିତ ।

**ରାସାୟନିକ** *ବିଂ.* ରସାୟନ ସମ୍ବନ୍ଧିତ, କେମିକାଲ; *ବି.* ରସାୟନ ଶାସ୍ତ୍ର ବିଶାରଦ ବ୍ୟକ୍ତି ।

**ରାସିଗଡ଼ିଆ** *ବି.* ଦୁର୍ଭାଗ୍ୟ, ମନ୍ଦଭାଗ୍ୟ।

**ରାସେଶ୍ୱର** *ବି.* ରାସୋତ୍ସବର ନାୟକ ଶ୍ରୀକୃଷ୍ଣ ।

**ରାସେଶ୍ୱରୀ** *ବି.* ରାସୋତ୍ସବ ବା ରାସନୃତ୍ୟର ନାୟିକା ରାଧିକା ।

**ରାସ୍ତା** *ବି.* ୧. ବାଟ, ପଥ, ସଡ଼କ ୨. କାର୍ଯ୍ୟସାଧନର ଉପାୟ ।

**ରାସ୍ତା କାଟିବା** *କ୍ରି.* ୧. ଗମନାଗମନର ପଥକୁ କାଟି ପକାଇବା ୨. ଅନ୍ୟକୁ ଏଡ଼ିବାପାଇଁ ବାଟଭାଙ୍ଗି ଅନ୍ୟବାଟେ ଯିବା ୩. ନିଜ ବାଟ ନିଜେ ସ୍ଥିର କରିନେବା ।

**ରାସ୍ତାଘାଟ** *ବି.* ୧. ଗମନାଗମନର ରାସ୍ତା ୨. ନଦୀ ପାରି ହେବା ଘାଟ ୩. ରାସ୍ତା ଓ ଗାଧୁଆ ତୁଠ ।

**ରାସ୍ତା ଦେଖିବା** *କ୍ରି.* ନିଜ ଉପାୟ ନିଜେ ବାହାର କରିବା ।

**ରାସ୍ତା ଧରିବା** *କ୍ରି.* ୧. ନିର୍ଦ୍ଦିଷ୍ଟ ବାଟରେ ଯିବା ୨. ଉଚିତ ପନ୍ଥା ଅବଲମ୍ବନ କରିବା ।

**ରାସ୍ନା** *ବି.* ୧. ପରଗଛା ବା ମଲାଙ୍ଗ ବିଶେଷ ୨. ଗନ୍ଧଦ୍ରବ୍ୟ ବିଶେଷ ।

**ରାହା** *ବି.* ୧. ରାସ୍ତା, ମାର୍ଗ ୨. ଉପାୟ ୩. ବିରାମହୀନ ଲମ୍ବାସ୍ୱରର କ୍ରନ୍ଦନ ୪. ଲଗାତାର ଲମ୍ବାସ୍ୱର ।

**ରାହାଏନ୍** *ବି.* ୧. ରାସ୍ତା, ପଥ ୨. ଗାଈଗୋରୁ ଯିବା ବାଟ।

**ରାହାଜାନ** *ବି.* ପଥିକମାନଙ୍କୁ ଲୁଟ୍ କରୁଥିବା ଡକାୟତ ।

**ରାହାଜାନି** *ବି.* ପ୍ରକାଶ୍ୟ ରାସ୍ତାରେ ଡକାୟତି ।

**ରାହାଡ଼ି** *ବି.* ୧. ବାଲୁଙ୍ଗା ଧାନର ଗଛ, ନୀବାର ଗୁଳ୍ମ ୨. ରାଏଲ୍ ବା ହରଡ଼ ଡାଲି।

**ରାହାଡ଼ି ଦାଏଲ** *ବି.* ହରଡ଼ ଡାଲି, ରାଏଲ୍ ଦାଏଲ।

**ରାହା ଦେବା** *କ୍ରି.* ୧. ବାଟ ଛାଡ଼ିଦେବା ୨. ଆଶ୍ରୟଦେବା, ସ୍ଥାନ ଦେବା ୩. ସାନ୍ତ୍ୱନା ଦେବା ।

**ରାହାବାଳୀ, ରାଆବାଳୀ** *ବିଂ.* ନିତାନ୍ତ କଳିକାଣ୍ଡୋଇ (ସ୍ତ୍ରୀ), କଳିହୁଡୀ, କଳହପ୍ରିୟା ।

**ରାହାସ** *ବି.* ରାସ, ରାସଲୀଳାର ଅଭିନୟ ।

**ରାହାସ ମଡୁଆ** *ବି.* ରାସ ପୂର୍ଣ୍ଣିମା ବା ଅନ୍ୟ ଯାନିଯାତ୍ରା ବା ସଂକୀର୍ତ୍ତନ ସକାଶେ ଗାଁର ମଧ୍ୟସ୍ଥଳରେ କରାଯିବା ଛାମୁଣ୍ଡିଆ ବା ଛାୟାମଣ୍ଡପ।

**ରାହୁ** *ବି.* ୧. ଜ୍ୟୋତିଷ ଶାସ୍ତ୍ରରେ ଅଷ୍ଟମ ଗ୍ରହ ୨. ଗ୍ରହଣ ସମୟରେ ଯେଉଁ ଛାୟାପାତ ଚନ୍ଦ୍ରକୁ ଗ୍ରାସ ବା ଆଚ୍ଛନ୍ନ କରେ ୩. ଅସୁର ବିଶେଷର ଛିଣ୍ଡା ମୁଣ୍ଡ ୪. ସର୍ବନାଶକାରୀ ବ୍ୟକ୍ତି ।

**ରାହୁଗତ, ରାହୁଗ୍ରସ୍ତ** *ବିଂ.* ୧. ରାହୁଦ୍ୱାରା କବଳିତ ୨. ଦୁର୍ଭାଗ୍ୟଗ୍ରସ୍ତ ।

**ରାହୁଗ୍ରାସ** *ବି.* ରାହୁଦ୍ୱାରା ହେବା ସୂର୍ଯ୍ୟ ପରାଗ ।

**ରାହୁତ, ରାଉତ** *ବି.* ଅଶ୍ୱାରୋହୀ, ଘୋଡ଼ସବାର ସୈନିକ ।

**ରାହୁତିଆ, ରାଉତିଆ** *ବି.* କ୍ଷତ୍ରିୟ ବିଶେଷ ।

**ରାହୁଦଶା** *ବି.* ଜ୍ୟୋତିଷ ଶାସ୍ତ୍ରଅନୁଯାୟୀ ମଣିଷର ପରମାୟୁକାଳ ମଧ୍ୟରେ ପଡୁଥିବା ରାହୁ ଗ୍ରହର ଦଶା ।

**ରାହୁମୁକ୍ତ** *ବି.* ଗ୍ରହଣରୁ ମୋକ୍ଷପ୍ରାପ୍ତ, ସୂର୍ଯ୍ୟ ବା ଚନ୍ଦ୍ରଗ୍ରହଣ ଛାଡ଼ିଯିବା ।

**ରାହୁରେଖା** *ବି.* ଶ୍ରୀମନ୍ଦିରରେ ବ୍ୟବହୃତ ଅଳଙ୍କାର ବିଶେଷ।

**ରାକ୍ଷସ** *ବି.* ନିଶାଚର, ପୁରାଣୋକ୍ତ ଯଜ୍ଞନାଶକାରୀ ଆଦିମ ଜାତି ବିଶେଷ ; *ବିଂ.* ରାକ୍ଷସ ସମ୍ବନ୍ଧୀୟ ।

**ରାକ୍ଷସବିବାହ** *ବି.* ପ୍ରଚଳିତ ବିଧିବିଧାନ ବିନା ବଳପୂର୍ବକ ବିବାହ ।

**ରାକ୍ଷସୀ** *ବି.ବିଂ.* ୧. ରାକ୍ଷସଜାତୀୟ (ସ୍ତ୍ରୀ.), ରାକ୍ଷସପ୍ରାୟ ନିଷ୍ଠୁରା (*ସ୍ତ୍ରୀ.*) ରାକ୍ଷସ ସଦୃଶ, ରାକ୍ଷସ ସୁଲଭ ।

**ରାକ୍ଷସୀ ବେଳା** *ବି.* ରାତି ପୂର୍ବର ତିନି ମୁହୂର୍ତ୍ତ (ପ୍ରାୟ ଅଢ଼େଇ ଘଣ୍ଟା) କାଳ ।

**ରାକ୍ଷସୀ ମାୟା** *ବି.* ୧. ରାକ୍ଷସ ସୁଲଭ ବା ରାକ୍ଷସ କର୍ତ୍ତୃକ ଛଳନା ୨. ମାରାତ୍ମକ ଛଳନା ୩. ବଶୀକରଣ ।

**ରାକ୍ଷାସୁଣୀ** *ବି.* ରାକ୍ଷସୀ ।

**ରାକ୍ଷୀ** *ବି.* ରାଖୀ, ଭାଇର ମଙ୍ଗଳ ମନାସ କରି ଭଉଣୀ ଭାଇ ହାତରେ ଶ୍ରାବଣ ପୂର୍ଣ୍ଣିମା ଦିନ ବାନ୍ଧୁଥିବା ପାଟ ଡୋର ।

**ରାକ୍ଷୀ ପୂର୍ଣ୍ଣିମା** *ବି.* ଗହ୍ମାପୂର୍ଣ୍ଣିମା, ଶ୍ରାବଣ ପୂର୍ଣ୍ଣିମା ।

**ରିଆଜ** *ବି.* ୧. ଗାନର ଅଭ୍ୟାସ ୨. ପ୍ରଥା, ରୀତି, ଚଳଣି ।

**ରିଆତି, ରିହାତି** *ବି.* ଛାଡ଼, ମାଫି, ଅବ୍ୟାହତି, ନିଷ୍କୃତି ।

**ରିକଭରି** *ବି.* ଭରଣା, ଦେୟ ଆଦାୟ ।

**ରିଙ୍ଗ୍** *ବି.* ୧. ଚାବି ଗୁନ୍ଥିବାର କଡ଼ା ୨. ଧାତୁବଳୟ ୩. ମୁଦି ୪. ବକ୍‌ସିଙ୍ଗ୍ ଆଦି ଖେଳର ସ୍ଥାନ ୫. ଟେଲିଫୋନ୍‌ର ଘଣ୍ଟି ।

**ରିକ୍ତ** *ବିଂ.* ୧. ଶୂନ୍ୟ, ଖାଲି ୨. ନିଃସ୍ୱ, ନିଃସମ୍ବଳ (*ସ୍ତ୍ରୀ.* ରିକ୍ତା) ; *ବି.* ରିକ୍ତତା ।

**ରିକ୍ତହସ୍ତ** *ବିଂ.* ଶୂନ୍ୟହସ୍ତ, ନିର୍ଦ୍ଧନ ।

**ରିକ୍ତା** *ବି.* ଚତୁର୍ଥୀ, ନବମୀ, ଏକାଦଶୀ : ଏହି ତିନି ନିଷ୍ଫଳା ତିଥି ।

**ରିକ୍ସା** *ବି.* ୧. ହାତ ଟଣା ଦିଚକିଆ ଯାନ ୨. ପାଦଚାଳିତ ତିନି ଚକିଆ ଯାନ, ସାଇକେଲ୍ ରିକ୍ସା ୩. ଅଟୋରିକ୍ସା ।

**ରିକ୍ସାବାଲା** *ବି.* ରିକ୍ସାଚାଳକ ।

**ରିଚାର୍ଜ** *ବି.* ୧. ବେଟେରୀକୁ ବୈଦ୍ୟୁତିକ ଶକ୍ତି ଯୋଗାଣ ୨. ମୋବାଇଲ ଫୋନ୍ ଆଦିର ପାଉଣା ।

**ରିଜର୍ଭ୍** *ବି.* ନିର୍ଦ୍ଦିଷ୍ଟ ବ୍ୟବହାର ପାଇଁ ସଂରକ୍ଷଣ ବ୍ୟବସ୍ଥା ।

**ରିଜର୍ଭ୍ ଗାଡ଼ି** *ବି.* ସ୍ୱତନ୍ତ୍ର ବ୍ୟବହାର ନିମିତ୍ତ ନିରୂପିତ ଗାଡ଼ି ।

**ରିଜର୍ଭ୍ ସିଟ୍** *ବି.* ଅଟକ ବା ସଂରକ୍ଷିତ ହୋଇ ରଖାଯାଇଥିବା ଆସନ ।

**ରିଜଲିଉସନ୍** *ବି.* ସଭାସମିତିରେ ନିଆଯାଉଥିବା ସିଦ୍ଧାନ୍ତ ।

**ରିଜାଇନ୍** *ବି.* ଇସ୍ତଫା ।

**ରିଜୁଗୁତ୍** *ବି.* ରୀତି ଯୁକ୍ତ ଓ ଭଦ୍ର ବ୍ୟବହାର କରୁଥିବା ନାରୀ।

**ରିଝବା** *କ୍ରି.* ଆକୃଷ୍ଟ ହେବା, ରସିବା।

**ରିଝାଲ୍** *ବି.* ୧. ଆକର୍ଷଣ ୨. ସଉକି ।

**ରିଝେଇ ଦେବା** *କ୍ରି.* ମୋହିନେବା, ମୋହିତ କରିବା ।

**ରିଟର୍ଣ୍ଣ ଟିକେଟ** *ବି.* ଯିବା ଆସିବା ଦୁଇପିଠି ପାଇଁ କରାଯାଉଥିବା ଟିକେଟ୍ ।

**ରିଟି ପିଟି** *ବି.* ଅଧିକ ବୋଝ ବା ଭାର ବୋହିବାରେ ଅକ୍ଷମତା।

**ରିଠା** *ବି.* ଲୁଗା ସଫାରେ ବ୍ୟବହୃତ କ୍ଷୁଦ୍ର ଅଠାଳିଆ ଫଳବିଶେଷ, ଇଠା ଫଳ ।

**ରିଡ଼ିଙ୍ଗ୍ ରୁମ୍** *ବି.* ପଢ଼ାପଢ଼ି ପାଇଁ ଉଦ୍ଦିଷ୍ଟ କୋଠରୀ, ପାଠାଗାର ।

**ରିଢ଼** *ବି.* ପ୍ରାନ୍ତ, ଧାର, ଶେଷାଂଶ।

**ରିତିବା** *କ୍ରି.* ମଜ୍ଜି ଯିବା।

**ରିଧୋ** *ବି.* ରସିକତା ।

**ରିପ୍** *ବି.* ଘର ଛପର ପାଇଁ ବ୍ୟବହୃତ କାଷ୍ଠୋପକରଣ ବିଶେଷ।

**ରିପିଟ୍** *ବି.* ୧. ଲୁହା, ଦସ୍ତା, ପିତ୍ତଳ ଆଦିର ଖିଲ ବିଶେଷ ୨. ପୁନରାବୃତ୍ତି ।

**ରିପୁ** *ବି.* ୧. ଶତ୍ରୁ ୨. କାମ-କ୍ରୋଧ-ଲୋଭ-ମୋହ-ମଦ-ମାତ୍ସର୍ଯ୍ୟ ଏହି ଷଡରିପୁ ।

**ରିପୁଞ୍ଜୟ** *ବିଂ.* ଶତ୍ରୁଜୟୀ ।

**ରିପୁବଳ** *ବି.* ଶତ୍ରୁର ପରାକ୍ରମ, ଶତ୍ରୁସେନାର ଶକ୍ତି ।

**ରିପୋଟ, ରିପୋର୍ଟ** *ବି.* ୧. ବିବରଣ ୨. ଅନୁସନ୍ଧାନ, ପରୀକ୍ଷା ବା ଗବେଷଣାର ଫଳ ସମ୍ବନ୍ଧରେ ଲିଖିତ ବିବରଣ ୩. ଅଭିଯୋଗ ।

**ରିପ୍ରେଜେଣ୍ଟ** *କ୍ରି.* ପ୍ରତିନିଧିତ୍ୱ କରିବା ।

**ରିପ୍ରେଜେଣ୍ଟେଟିଭ୍** *ବି.* ପ୍ରତିନିଧି ।

**ରିପ୍ଲାଇ କାର୍ଡ** *ବି.* ପ୍ରେରକ ପାଖକୁ ଉତ୍ତର ଦେବାପାଇଁ ଉଦ୍ଦିଷ୍ଟ ପୋଷ୍ଟକାର୍ଡ ସଙ୍ଗେ ଲାଗିଥିବା ଆଉ ଖଣ୍ଡିଏ କାର୍ଡ ।

**ରିଫଣ୍ଡ୍** *ବି.* ପ୍ରତ୍ୟାର୍ପଣ, ଫେରସ୍ତ ଦେବା ।

**ରିଫାଇନ୍** *ବିଂ.* ଶୋଧିତ, ନିର୍ମଳୀକୃତ, ଅତି ସଫା ।

**ରିଫିଲ୍** *ବି.* ୧. ପୁନଃ ପୂରଣ ୨. ଡଟ କଲମରେ ବ୍ୟବହୃତ ଲେଖନୀ ।

**ରିଫ୍ରେସ୍** *ବି.* ପୁନଃ ପ୍ରକ୍ରିୟା, କମ୍ପ୍ୟୁଟରର ସଫ୍‌ଟଓ୍ୟାରଗୁଡ଼ିକ ସକ୍ରିୟ କରିବା ।

**ରିଫ୍ରେସମେଣ୍ଟ** *ବି.* ଚା, ଜଳଖିଆ ।

**ରିଫ୍ରେସର୍ କୋର୍ସ** *ବି.* ଅଧ୍ୟାପକ ବା କର୍ମଚାରୀମାନଙ୍କ ପାଇଁ ଉଜ୍ଜୀବନ ପାଠ୍ୟକ୍ରମ ।

**ରିବନ** *ବି.* ଏକ ପ୍ରକାର ଫିତା ଯାହା ମୁଣ୍ଡରେ ଝିଅମାନେ ବାନ୍ଧନ୍ତି ।

**ରିବେଟ୍** *ବି.* ୧. ରିହାତି, ଛାଡ଼ ୨. ଆଂଶିକ ଫେରସ୍ତ ।

**ରିଭଲ୍‌ଭର୍ *ବି.*** ୧. ଘୂର୍ଣ୍ଣାୟମାନ କାରତୁଜ ଘର ଥିବା ପିସ୍ତଲ ୨. ଗୋଟିଏ ହାତରେ ବ୍ୟବହୃତ ହେଉଥିବା ଭଉଁରିଆ ନଳୀଯୁକ୍ତ କ୍ଷୁଦ୍ର ବନ୍ଧୁକ ।

**ରିଭଲ୍‌ଭିଂ *ବି.*** ଘୂର୍ଣ୍ଣାୟମାନ ।

**ରିଭଲ୍ୟୁସନ୍ *ବି.*** ୧. ବିପ୍ଳବ ୨. ଆବର୍ତ୍ତନ ।

**ରିଭ୍ୟୁ *ବି.*** ୧. ପୁନର୍ବିଚାର, ତନଖି ୨. ସମୀକ୍ଷା ୩. ପୁନର୍ବିଚାର ପାଇଁ ଦାଖଲ ।

**ରିଭ୍ୟୁ କମିଟି *ବି.*** ସମୀକ୍ଷା କମିଟି ।

**ରିଭ୍ୟୁୟର *ବିଂ.*** ସମୀକ୍ଷକ ।

**ରିମ୍ *ବି.*** ୧. କୋଡ଼ିଏ ଦିସ୍ତା (୪୮୦ ବା ୫୦୦ ଫର୍ଦ୍ଦ) କାଗଜ ୨. ଗାଡ଼ିମଟର ଚକରେ ବ୍ୟବହୃତ ଧାତବ ବଳୟ ।

**ରିମାଇଣ୍ଡର୍ *ବି.*** ୧. ତାଗିଦା ୨. ସ୍ମାରକପତ୍ର ।

**ରିମି *ବି.*** ବଣ୍ୟଜନ୍ତୁ ଛେଳି ମେଣ୍ଢା ମାରି ଖାଇବା ପରେ ଛାଡ଼ି ଯାଇଥିବା ଅଂଶ ।

**ରିମୋଟ୍ *ବି.*** ଦୂରରେ ଥାଇ ନିୟନ୍ତ୍ରଣ; ***ବିଂ.*** ଦୂରଦୂରାନ୍ତ ।

**ରିମୋଟ୍ ଏରିଆ *ବି.*** ଦୂରବର୍ତ୍ତୀ ଅଞ୍ଚଳ ।

**ରିରଂସା *ବି.*** ଯୌନସମ୍ପର୍କ ପାଇଁ ଇଚ୍ଛୁକ, ରମଣ ବା ସଙ୍ଗମ ଇଚ୍ଛା ।

**ରିରଂସୁ *ବିଂ.*** ରମଣେଚ୍ଛୁ ।

**ରିଲ୍ *ବି.*** ୧. ସୂତାପ୍ରଭୃତି ଗୁଡ଼ାଇବାର ଶଗଡ଼ୀ ବିଶେଷ ୨. ଆଲୋକ ଚିତ୍ର ଉଠାଇବା ପାଇଁ ତଦ୍ରୂପ ବ୍ୟବସ୍ଥା ।

**ରିଲିଫ୍ *ବି.*** ଆପଦକାଳୀନ ସହାୟତା ।

**ରିଲିଫ୍ ଫଣ୍ଡ୍ *ବି.*** ଆପଦକାଳୀନ ସହାୟତା ପାଣ୍ଠି ।

**ରିଲିଭ୍ *ବି.*** ଅବ୍ୟାହତି ।

**ରିଲିଭର୍ *ବିଂ.*** କୌଣସି କର୍ମଚାରୀ ବଦଳି ହେବାବେଳେ ଯେ ତାଙ୍କଠାରୁ ଦାୟିତ୍ୱ ଗ୍ରହଣ କରେ ।

**ରିଷା *ବି.*** ରୋଷ, ରିସ୍‌ମି, କ୍ରୋଧ ।

**ରିଷାଇବା, ରିଷେଇବା *କ୍ରି.*** ଚିଡ଼େଇବା, ରଗେଇବା ।

**ରିଷୁଆ *ବିଂ.*** ରାଗୀ, କ୍ରୋଧୀ ।

**ରିଷ୍ଟ *ବି.*** ୧. ଅଶୁଭ ୨. ଗ୍ରହଦୋଷ ୩. ଘାଟି ୪. ପାପ; ***ବିଂ.*** ଅଶୁଭଦାୟକ, ପାପଜନକ ।

**ରିଷ୍ଟଖଣ୍ଡନ *ବି.*** ପାପଜନିତ ବା ଅଶୁଭ ଜନିତ ଅବସ୍ଥା କଟିଯିବା ।

**ରିଷ୍ଟକ୍ଷୟ *ବି.*** ଅଶୁଭର ବିନାଶ ।

**ରିଷ୍ଟି *ବି.*** ୧. ଅଶୁଭ, ଅମଙ୍ଗଳ ୨. ଗ୍ରହଦୋଷ ୩. ଖଣ୍ଡା ୪. ନିଷ୍ଫଳ ଶ୍ରମ, ବେଠି ।

**ରିସ୍କ *ବି.*** କ୍ଷତି ବା ବିପଦର ସମ୍ଭାବନା ସତ୍ତ୍ୱେ ନିଆଯିବା ପଦକ୍ଷେପ ।

**ରିସ୍‌ଟ୍‌ୱାଚ୍ *ବି.*** ହାତରେ ବନ୍ଧା ହେବା ଘଣ୍ଟା ।

**ରିସ୍‌ମି *ବି.*** ରାଗ, କ୍ରୋଧ ।

**ରିସର୍ଚ୍ଚ *ବି.*** ଗବେଷଣା ।

**ରିସା *ବି.*** ରାଗ, କ୍ରୋଧ, ରିସ୍‌ମି ।

**ରିସିଭର୍ *ବି.*** ୧. ବିଚାରାଧୀନ ସମ୍ପତ୍ତିର ରକ୍ଷା ପାଇଁ ଅଦାଲତ ଦ୍ୱାରା ନିଯୁକ୍ତ କର୍ମଚାରୀ ୨. ଟେଲିଫୋନର ବାର୍ତ୍ତା ଗ୍ରହଣ ବା ପ୍ରେରଣ କରୁଥିବା ଯନ୍ତ୍ରାଂଶ ୩. ଚୋରାମାଲ କିଣୁଥିବା ବ୍ୟକ୍ତି ।

**ରିସେପ୍‌ସନ୍ *ବି.*** ଅଭ୍ୟର୍ଥନା ।

**ରିସେପସନ୍ କମିଟି *ବି.*** ଅଭ୍ୟର୍ଥନା ସମିତି ।

**ରିସେପ୍‌ସନିଷ୍ଟ *ବିଂ.*** ଅଭ୍ୟର୍ଥନାକାରୀ ।

**ରିସେଲିଂ *ବି.*** ପୁନଃ ବିକ୍ରୟ ।

**ରିସ୍ତା *ବି.*** ସମ୍ପର୍କ ।

**ରିସ୍ୱତ୍ *ବି.*** ଲାଞ୍ଚ, ଘୁଷ୍, ଉତ୍କୋଚ ।

**ରିହ *ବି.*** ଈର୍ଷା, ଆକ୍ରୋଶ, ଅଦଉତି ।

**ରିହର୍ସାଲ *ବି.*** ଅଭିନୟ ବା ପରିବେଷଣ ପୂର୍ବରୁ ଅଭ୍ୟାସ ବା ତାଲିମ୍ ।

**ରିହା *ବି.*** ୧. ମୁକ୍ତି ୨. ଅବ୍ୟାହତି ।

**ରିହାତି *ବି.*** ଛାଡ଼, ମୂଲ୍ୟହ୍ରାସ ।

**ରିକ୍ଷା *ବି.*** ଲିଖ, ଉକୁଣି ଡିମ୍ବ ।

**ରୀଠା *ବି.*** ଏକପ୍ରକାର ଲତା, ତାହାର ଶିମ୍ବଜାତୀୟ ଫଳ ଏବଂ ମଞ୍ଜି, ଏହି ମଞ୍ଜି ମୁଣ୍ଡବାଳ ଧୋଇବାରେ ବ୍ୟବହୃତ ହୁଏ, ରିଠାଫଳ ।

**ରୀତି *ବି.*** ୧. ପଦ୍ଧତି, ପ୍ରଣାଳୀ ୨. ପ୍ରଥା, ଧାରା ୩. ଦସ୍ତୁର, ବ୍ୟବହାର ୪. ରଚନାପ୍ରଣାଳୀ ୫. ପ୍ରକୃତି ।

**ରୀତିନୀତି *ବି.*** ଆଚାର ବ୍ୟବହାର, ଚାଲିଚଳନ, ସ୍ୱଭାବ ଓ ବିବେଚନା, ରଙ୍ଗଢ଼ଙ୍ଗ, ସ୍ୱାଭାବିକଗୁଣ ଓ କର୍ମାଦି ।

**ରୀତିବହିର୍ଭୂତ *ବିଂ.*** ରୀତିବିରୁଦ୍ଧ, ନିୟମ ବା ପରମ୍ପରାର ବିରୁଦ୍ଧ ବା ପ୍ରତିକୂଳ ।

**ରୀତିମତ *ବିଂ.*** ୧. ଧରାବନ୍ଧା ୨. ବିଧିବଦ୍ଧ, ନିୟମ ସଙ୍ଗତ ୩. ଯଥାରୀତି ।

**ରୀତି ମତେ *କ୍ରି.ବିଂ.*** ୧. ପର୍ଯ୍ୟାପ୍ତରୂପେ ୨. ପୂରାଭାବରେ ୩. ଭଲକରି ୪. ନିୟମ ବା ବିଧି ଅନୁସାରେ ।

**ରୀତିସିଦ୍ଧ *ବିଂ.*** ନିୟମଦ୍ୱାରା ପ୍ରତିଷ୍ଠିତ ।

**ରୁଅ *ବି.*** ୧. ଘରର ଶେଣି ଉପରେ ଆଡ଼ବାଗରେ ପଡ଼ିଥିବା ବାଉଁଶ ବା କାଠ ୨. ଚଣ୍ଡୀ ଆଦି ଲମ୍ବା ସ୍ତୋତ୍ରର ଏକଥର ଆବୃତ୍ତି ।

**ରୁଆଁ *ବି.*** ରୋମ, ଲୋମ, ଲୋମ ଭଳି କୋମଳ ବସ୍ତୁ ।

**ରୁଆ *ବି.*** ୧. ପହ୍ଲା/ତଳି ଆଦି ରୋଇବା ୨. ରେଣୁ ୩. କପାତୁଳା ୪. ପଗଡ଼ ୫. ଲୋମପରି କ୍ଷୁଦ୍ର ଅଂଶୁ; ***ବିଂ.*** ରୋପିତ ।

**ରୁଆ ଉଠିବା *କ୍ରି.*** ଲୁଗା ବା କୌଣିସି ବସ୍ତୁ ଉପରୁ କ୍ଷୁଦ୍ର ଅଂଶ ଉଠିବା ।

**ରୁଆଡି *ବି.ବିଂ.*** ରୋପଣ କାରିଣୀ, ଧାନ ଆଦି ରୋଉଥିବା ନାରୀ।

**ରୁଆଳି *ବି.*** ଧାନ ରୋଇବା ଲୋକ ; ***ବିଂ.*** ୧. ଯେ ରୁଏ ୨. ରୁଆଯୁକ୍ତ ୩. ଛୋଟ ଓ ଗୋଲିଆ ।

**ରୁଇ *ବି.*** ୧. ଯୂଇ, ଚିତାଗ୍ନି ୨. କପା, ତୁଳା ୩. ବାଡ଼ ଘେରିବାପାଇଁ ବ୍ୟବହୃତ ସରୁଡାଳ, ଝାଟି ।

**ରୁଇବା *କ୍ରି.*** ରୋଇବା, ରୋପିବା, ରୋପଣ କରିବା।

**ରୁକା *ବି.*** ନଗଦ, ରୋକ୍‌ଡ଼ା, ନଗଦ ଟଙ୍କାର କାରବାର ।

**ରୁକିବା, ରୋକିବା *କ୍ରି.*** ତରଳ ପଦାର୍ଥ ଢାଳିବା, ଇଡ଼ିବା, ନିଗାଡ଼ିବା।

**ରୁକୁଣା ରଥ *ବି.*** ଚୈତ୍ର ଶୁକ୍ଳ ଅଷ୍ଟମୀ (ଅଶୋକାଷ୍ଟମୀ)ରେ ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିରରୁ ମାଉସୀମା  ମନ୍ଦିର ପର୍ଯ୍ୟନ୍ତ ଟଣା ଯାଉଥିବା ରଥ ।

**ରୁକୁଣା ହାତପୋଛା *ବି.*** ସୁଗନ୍ଧିତ ମୋଟା ପତ୍ରଯୁକ୍ତ ଔଷଧୀୟ ଗୁଳ୍ମ।

**ରୁକ୍ମିଣୀ ଦ୍ୱାଦଶୀ *ବି.*** ବୈଶାଖ ଶୁକ୍ଳ ଦ୍ୱାଦଶୀ ତିଥି ।

**ରୁଖ୍ *ବି.*** ୧. ଦା', କରତ ଆଦିର ଦାନ୍ତ ୨. ତୀକ୍ଷ୍ଣ ମୂନ।

**ରୁଖ *ବି.*** ୧. ନିଆଁ ଝୁଲ ୨. ଲୁହାର ସରୁ ଗୁଣ୍ଡ ୩. ବାଣର ନିଆଁ ଝୁଲ ।

**ରୁଖା *ବିଂ.*** ୧. ରୁକ୍ଷ ୨. ତୈଳହୀନ, ନୁଖୁରା ୩. ନୀରସ ୪. ତୁଚ୍ଛା ୫. ବଗଡ଼ା ; ***ବି.*** ପିଲିସଜ, ଦୀପ ରଖା  ବଇଠା ।

**ରୁଖା ରୁଖା *ବିଂ.*** ସୁନ୍ଦର, ଗୋଲଗୋଲ(ଗୋଡ଼)

**ରୁଖାଶୁଖା *ବିଂ.*** ୧. ତେଲ, ଘିଅ, ମସଲା ଦିଆ ନ ହୋଇଥିବା ଶୁଖିଲା (ଖାଦ୍ୟ) ୨. ସାଧାରଣ(ଭୋଜନ) ୩. ଶୀର୍ଣ୍ଣ ଓ ଦୁର୍ବଳ(ଦେହ), ଦୁବୁଲାପତଳା, ମଢ଼ପରି ଦିଶୁଥିବା ।

**ରୁଖିଆ *ବି.*** ନ୍ୟାୟ ନିଷ୍ପତ୍ତି ବେଳେ ଏକ ଦେଶଦର୍ଶୀ ହେବା, ପକ୍ଷପାତୀ ବିଚାର।

**ରୁଖିବା *କ୍ରି.*** ଅସ୍ତ୍ରଦ୍ୱାରା ଘଷି ଚିକଣ କରିବା।

**ରୁଗ୍‌ଣ *ବିଂ.*** ରୋଗିଣା, ରୋଗା, ରୁଘା, ଭଙ୍ଗା ଦେହ (*ସ୍ତ୍ରୀ.* ରୁଗ୍‌ଣା ) ।

**ରୁଗ୍‌ରୁଗ୍, ରୁଗୁରୁଗୁ *କ୍ରି.ବିଂ.*** ସାମାନ୍ୟ ଯନ୍ତ୍ରଣା ବା ଜଳାପୋଡ଼ା, ଅଳ୍ପ କଷ୍ଟ।

**ରୁଗା *ବିଂ.*** ରୋଗୀ, ରୁଗ୍‌ଣ, ରୁଘା।

**ରୁଗୁଡା, ରୁଗୁଡ଼ିଆ *ବିଂ.*** ୧.ବାଙ୍ଗର ଓ ଶୀର୍ଣ୍ଣକାୟ (*ସ୍ତ୍ରୀ.* ରୁଗୁଡ଼ୀ, ରୁଗୁଡ଼େଇ) ୨. ଗୋଡ଼ିପଥର ବହୁଳ ୩. ଅତି ଛୋଟ ।

**ରୁଗୁଡ଼ି *ବି.*** ୧. କଙ୍କର, ଗୋଡ଼ି ୨. ଲାଲ ଟାଣ ଗୋଡ଼ି ୩. ଛୋଟ ପାହାଡ଼ ।

**ରୁଘା *ବିଂ.*** ରୁଗା, ରୋଗା, ରୋଗିଣା ।

**ରୁଘେଇ *ବିଂ.*** ରୋଗିଣା ନାରୀ, ରୁଗ୍‌ଣା, ବେମ୍‌ରିଏନ୍।

**ରୁଙ୍ଗିବା *କ୍ରି.*** ୧. ବାରମ୍ବାର ମାଗିବା ୨. ବାରମ୍ବାର ଖାଇବା ଜିନିଷ ମାଗିବା।

**ରୁଚା *ବି.*** ୧. ତେଜ, ଦୀପ୍ତି ୨. ଇଚ୍ଛା ୩. ବେଦମନ୍ତ୍ର, ଋଚା ।

**ରୁଚି *ବି.*** ୧. ଆଗ୍ରହ ୨. ଆକର୍ଷଣ ୩. ସ୍ପୃହା, ଅଭିଳାଷ ୪. ପସନ୍ଦ।

**ରୁଚିକର *ବିଂ.*** ୧. ମନଲାଖି ୨. ଇନ୍ଦ୍ରିୟ ସୁଖଦାୟୀ ୩. ସୁସ୍ୱାଦୁ ୪. ପ୍ରୀତିକର ।

**ରୁଚିଫଳ *ବି.*** ନାସପାତି ।

**ରୁଚିବା *କ୍ରି.*** ୧. ରୁଚିକର ହେବା ୨. ଖାଇବାପାଇଁ ଆଗ୍ରହ ଆସିବା ୩. ମନକୁ ପାଇବା, ପସନ୍ଦ ହେବା, ମନକୁ ଘେନିବା ୪. ଚୁରିବା, ଗୁଣ୍ଡ କରିବା ।

**ରୁଚିବିରୁଦ୍ଧ *ବିଂ.*** ଯାହା ପସନ୍ଦ ଯୋଗ୍ୟ ନୁହେଁ, ଅପ୍ରୀତିକର ।

**ରୁଚିର *ବିଂ.*** ୧. ମନୋଜ୍ଞ, ସୁନ୍ଦର, ମଧୁର ୨. ଉଜ୍ଜ୍ୱଳ ୩. ହୃଦୟଗ୍ରାହୀ (*ସ୍ତ୍ରୀ.* ରୁଚିରା, ***ବି.*** ରୁଚିରତା(ତ୍ୱ); ***ବି.*** ୧. ଲବଙ୍ଗ ପୁଷ୍ପ ୨. କୁଙ୍କୁମ।

**ରୁଚ୍ୟ *ବିଂ.*** ରୁଚିକର, ଅନୁରାଗଜନକ, ପ୍ରୀତିକର, ମନୋଜ୍ଞ ।

**ରୁଜ୍‌ନା *ବି.*** କପା ତନ୍ତୁ ଓ ମଞ୍ଜିକୁ ପୃଥକ କରିବା ପାଇଁ ବ୍ୟବହୃତ ଉପକରଣ ବିଶେଷ।

**ରୁଜା *ବି.*** ୧. ରୋଗ, ବ୍ୟାଧି ୨. ବଥା ୩. ହାନି ୪. ଭଙ୍ଗ ।

**ରୁଜୁ *ବି.*** ୧. ଦାଏର, ଦାଖଲ ୨. ଉପସ୍ଥିତି, ହାଜିରି ୩. ସୂତ୍ରପାତ, ଆରମ୍ଭ ୪. ଉପସ୍ଥାପନ ୫. ଯୋଗାଣ ; ***ବିଂ.*** ଉପସ୍ଥାପିତ, ହାଜର, ଦାଖଲୀ ।

**ରୁଜୁ ହାଜର *ବିଂ.*** ୧. ନିଜେ ସାମନାରେ ଉପସ୍ଥିତ ହେଉଥିବା ୨. ସମ୍ମୁଖବର୍ତ୍ତୀ ; ***ବି.*** ରୁଜୁ ହାଜିରି ।

**ରୁଝାଳ *ବି.*** ଦୁଇ ପାହାଡ ମଝିରେ ଥିବା ଗହୀରିଆ ଅଂଶ ; ***ବିଂ.*** ଅତି ଗହୀର ।

**ରୁଞ୍ଜ *ବିଂ.*** ମନୋହର, ସୁନ୍ଦର; ***ବି.*** ୧. କାଇଁଚ ୨. କାର୍ତ୍ତିକ ମାସରେ ତୁଳସୀମୂଳେ ଦିଆଯିବା ମୁରୁଜ।

**ରୁଟ୍ *ବି.*** ୧. ଏକପ୍ରକାର ହରିଣ ୨. ରାସ୍ତା, ବାଟ  ୩. ଚେର, ମୂଳ ।

**ରୁଟ୍‌କିନା *କ୍ରି.ବିଂ.*** ହଠାତ୍ ତୀକ୍ଷ୍ଣ ଦାନ୍ତଦ୍ୱାରା କାମୁଡ଼ିବା ଭଳି, ଚଟ୍‌କିନା (କାମୁଡ଼ିବା) ।

**ରୁଟ୍‌ମୁଟ୍, ରୁଟୁମୁଟୁ *ଅ.*** ଛୋଟ ଟାଣୁଆ ଦ୍ରବ୍ୟ ଚୋବାଇବାର ଶବ୍ଦ ।

**ରୁଟ୍‌ରୁଟ୍ *କ୍ରି.ବିଂ.*** ପୋକ ଆଦି ବାରମ୍ବାର କାମୁଡ଼ିବା, ସେଭଳି ଅନୁଭୂତି ହେବା।

**ରୁଟି** ***ବି.*** ରୋଟି, ଅଟାରେ ତିଆରି ଗୋଲାକାର ସେକା ଖାଦ୍ୟ ବିଶେଷ ।

**ରୁଟିନ୍** ***ବି.*** ୧. ଧରାବନ୍ଧା, କାମ ୨. ନିୟମିତ କାର୍ଯ୍ୟ ୩. କାର୍ଯ୍ୟ ନିର୍ଘଣ୍ଟ ।

**ରୁଠା** ***ବିଂ.*** ୧. ମୋଟା ୨. ଶୁଖିଲା, ନିର୍ଜଳ ୩. ଅନୁର୍ବର ୪. ଅରୁଚା, ନୀରସ ।

**ରୁଡ୍‌ମୁଡ୍, ରୁଡୁମୁଡୁ** ***ଅ.*** ମସ୍‌କା ବସ୍ତୁ ଚୋବାଇବା ଶବ୍ଦ ।

**ରୁଢ଼** ***ବି.*** ୧. ଦାଢ଼ି ୨. କ୍ଷୌର ହେବା ପରେ ମୁହଁରେ କଅଁଳିବା କେଶମୂଳ ବା ଖୁଣ୍ଟି ।

**ରୁଢ଼ା** ***ବିଂ.*** ୧. ଶୁକୁଟା, ସିଠୁଆ, ଚେମଡା ୨. ଠୁରା, ଖର୍ବକାୟ, ବାଙ୍ଗରା ।

**ରୁଢ଼ିଆ** ***ବିଂ.*** ୧. ଖିଅର ପରେ ମୁହଁରେ ଗଜୁରିଥିବା ୨. ଛୋଟ ଛୋଟ ଦାଢ଼ି ଓ ନିଶ ଯୁକ୍ତ ।

**ରୁଣଝୁଣ, ରୁଣୁଝୁଣୁ** ***ବି.*** ରୁନ୍‌ଝୁନ୍, ରଣଝଣ, ଅଳଙ୍କାର ଆଦିର କିଣିକିଣି ନାଦ ।

**ରୁଣା(ଣ୍ଡା)ଇବା** ***କ୍ରି.*** ରୁଣ୍ଡ କରିବା, ଠୁଳ କରିବା, ଏକତ୍ର କରିବା।

**ରୁଣ୍ଡା, ରୁଣ୍ଡିଆ** ***ବିଂ.*** ୧. କୃପଣ (*ସ୍ତ୍ରୀ.* ରୁଣ୍ଡୀ, ରୁଣ୍ଡେଇ) ୨. ଖାଣ୍ଟି ବା ଅମିଶା ୩. ବିଚାରବନ୍ତ, ନ୍ୟାୟବନ୍ତ ।

**ରୁଣ୍ଡ** ***ବିଂ.*** ଜମା, ଏକତ୍ରିତ, ଠୁଳ, ମେଳ ।

**ରୁଣ୍ଡାଇବା, ରୁଣ୍ଡେଇବା, ରୁଣ୍ଡିଆଇବା** ***କ୍ରି.*** ଏକାଠି କରିବା, ଠୁଳେଇବା, ଜମେଇବା, ଗୋଟାଇ ଏକାଠି କରିବା ।

**ରୁତ** ***ବି.*** ଚଢ଼େଇର ରାବ, କୂଜନ ବା ଧ୍ୱନି ।

**ରୁଥିବା** ***କ୍ରି.*** ଦ୍ରୁତ ଗତିରେ ଆକ୍ରମଣ କରିବା ପାଇଁ ମାଡ଼ି ଆସିବା।

**ରୁଦ୍ଧ** ***ବିଂ.*** ଅଟକ, ପ୍ରତିହତ, ବାଧାପ୍ରାପ୍ତ, ବ୍ୟାହତ (*ସ୍ତ୍ରୀ.* ରୁଦ୍ଧା; ***ବି.*** ରୁଦ୍ଧତା) ।

**ରୁଦ୍ଧଶ୍ୱାସ** ***ବି.*** ଉତ୍ତେଜନା ଓ ଉତ୍କଣ୍ଠାର ଆଧିକ୍ୟ ହେତୁ ଶ୍ୱାସ ନେବାରେ ଅକ୍ଷମତା, ଅଣନିଶ୍ୱାସୀ ଅବସ୍ଥା ।

**ରୁଦ୍ର** ***ବିଂ.*** ୧. ଭୟଙ୍କର, ଉଗ୍ର, ଭୀଷଣ ୨. ପ୍ରଚଣ୍ଡ, ଦୁର୍ଦ୍ଦମ ୩. ସଂହାରକ (*ସ୍ତ୍ରୀ.* ରୁଦ୍ରା) ; ***ବି.*** ୧. ଶିବ, ଶିବଙ୍କ ପ୍ରଳୟ ରୂପ ୨. ସୂର୍ଯ୍ୟ ୩. ଏକାଦଶ ଗଣଦେବତା ।

**ରୁଦ୍ରଗଣ** ***ବି.*** ଶିବଙ୍କ ପାରିଷଦଗଣ ।

**ରୁଦ୍ରଜଟା** ***ବି.*** ପିଙ୍ଗଳ ଲତା ବିଶେଷ ।

**ରୁଦ୍ରତାଳ** ***ବି.*** ୧. ସଙ୍ଗୀତର ଏକ ପାରମ୍ପରିକ ତାଳ ୨. ତାଣ୍ଡବନୃତ୍ୟର ତାଳ ୩. ମୃଦଙ୍ଗର ତାଳ ବିଶେଷ ୪. ଓଡ଼ିଶୀ ସଙ୍ଗୀତରେ ଖେମଟା ତାଳ ୫. ହିନ୍ଦୁସ୍ତାନୀ ସଙ୍ଗୀତରେ ଦାଦ୍‌ରା ତାଳ ।

**ରୁଦ୍ରନାରାୟଣ** ***ବି.*** ଶିବ ଓ ବିଷ୍ଣୁ ।

**ରୁଦ୍ରପ୍ରୟାଗ** ***ବି.*** ତୀର୍ଥ ବିଶେଷ (ହିମାଳୟର ଉଚ୍ଚ ଅଂଶରେ ପ୍ରବାହିତ ମନ୍ଦାକିନୀ ଓ ଅଳକାନନ୍ଦାର ସଙ୍ଗମ ସ୍ଥାନ) ।

**ରୁଦ୍ରପ୍ରିୟା** ***ବି.*** ୧. ପାର୍ବତୀ ୨. ହରିଡ଼ା ।

**ରୁଦ୍ରବୀଣା** ***ବି.*** ଏକ ପ୍ରକାର ବୀଣା, ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତର ତାର ବାଦ୍ୟ।

**ରୁଦ୍ରଭାବ** ***ବି.*** ପ୍ରଚଣ୍ଡ ଭାବ, ଉଗ୍ରସ୍ୱଭାବ ।

**ରୁଦ୍ରମୂର୍ତ୍ତି** ***ବି.*** ଭୟଙ୍କର ରୂପ, ଶିବଙ୍କର ଅଗ୍ନି ମୂର୍ତ୍ତି ; ***ବିଂ.*** ଭୟଙ୍କର ଆକୃତି ବିଶିଷ୍ଟ ।

**ରୁଦ୍ରରସ** ***ବି.*** ସାହିତ୍ୟରେ ନବରସ ମଧ୍ୟରୁ ଭୟାନକ ରସ ।

**ରୁଦ୍ରାଣୀ** ***ବି.*** ଦୁର୍ଗା, ପାର୍ବତୀ ।

**ରୁଦ୍ରାଭିଷେକ** ***ବି.*** ଶିବଙ୍କର ମାଜଣା ଓ ସ୍ନାନକର୍ମ ।

**ରୁଦ୍ରାକ୍ଷ** ***ବି.*** ବଡ଼ ଆକାରର ଏକ ବିରଳ ଗଛ ଓ ତାର ଫଳ, ଯାହାକୁ ମାଳା ଭାବରେ ଗୁନ୍ଥି ଜପ, ଧ୍ୟାନ କଲାବେଳେ ବ୍ୟବହାର କରାଯାଏ ।

**ରୁଦ୍ରାକ୍ଷମାଳା** ***ବି.*** ରୁଦ୍ରାକ୍ଷ ଫଳରେ ଗୁନ୍ଥା ଜପମାଳା ।

**ରୁଧିର** ***ବି.*** ୧. ରକ୍ତ ୨. କୁଙ୍କୁମ ; ***ବିଂ.*** ନାଲିଆ ।

**ରୁଧିରରଞ୍ଜିତ, ରୁଧିରାକ୍ତ** ***ବିଂ.*** ରକ୍ତାକ୍ତ, ରକ୍ତବୋଳା ।

**ରୁନ୍ ଝୁନ୍** ***ବି.*** ରୁଣୁଝୁଣୁ, ରଣଝଣ, ଟଙ୍କା ପଇସା ବା ଅଳଙ୍କାର ବାଜିବା ଧ୍ୱନି।

**ରୁନ୍ଧା** ***ବି.*** ଦୃଢ଼ ଭାବରେ ବନ୍ଧନ (ଶ୍ରୀମନ୍ଦିର ରତ୍ନସିଂହାସନରେ, ସ୍ନାନବେଦୀରେ, ରଥ ଉପରେ ଓ ଗୁଣ୍ଡିଚା ମନ୍ଦିରରେ ଠାକୁରମାନଙ୍କୁ ଶୁଆଅଣ୍ଟିଆ, ରସିକ ଶିକୁଳା, ତମ୍ବା ନାରାଚଆଦିଦ୍ୱାରା ରୁନ୍ଧା ଯାଇଥାଏ)।

**ରୁନ୍ଧିବା** ***କ୍ରି.*** ରୁଦ୍ଧ କରିବା, ରୁଦ୍ଧ ହେବା ।

**ରୁନ୍ଧିହେବା** ***କ୍ରି.*** ୧. ଶ୍ୱାସକ୍ରିୟା ବନ୍ଦ ହେବା ଭଳି ଲାଗିବା ୨. ବନ୍ଦ ହୋଇ ରହିଥିବା।

**ରୁନ୍ଧେନ୍** ***ବି.*** ବାଡ଼ ଘେରିବା ଓ ବୁଜିବା ଉପକରଣ ତଥା ସାମଗ୍ରୀ।

**ରୁପ** ***ବି.*** ଶୁଆ, ମିଟୁ।

**ରୁପା** ***ବି.*** ରଜତ, ରୌପ୍ୟଧାତୁ ; ***ବିଂ.*** ରୌପ୍ୟ ନିର୍ମିତ ।

**ରୁପାଛୁଆଣି** ***ବି.ବିଂ.*** କୌଣସି ବସ୍ତୁ ଉପରେ ରୁପାର ପତ୍ର ମଡାଇବା, ରୁପାଛାଉଣି ।

**ରୁପି** ***ବି.*** ଉପି, ମୁଣ୍ଡର କେଶମୂଳର ଧଳାରଙ୍ଗର ଟିକି ଟିକି କାତିପରି ମଳା ଚମ ।

**ରୁପିଆ** ***ବି.*** ୧. ଟଙ୍କା ୨. ରୌପ୍ୟମୁଦ୍ରା ।

**ରୁପେଲି** ***ବିଂ.*** ୧. ରୁପାଭଳି ଉଜ୍ଜ୍ୱଳ ଧଳାରଙ୍ଗର, ରଜତାଭ ୨. ରୁପାଛୁଆଣୀ ୩. ଦେଖିବାକୁ ରୁପାତୁଲ୍ୟ ୪. ରୁପାର ଲେପଯୁକ୍ତ ।

**ରୁବ୍‌ନା** *ବି.* ରେବଣା, ରୋବଣା, ରୋବେନ୍; ଗୋଟିଏ ଗାତ ଥିବାର ପଥର, ଯହିଁରେ ବତୁରା ଶସ୍ୟ ପେଷା ଯାଏ।

**ରୁବାବ୍** *ବି.* ଗର୍ବ, ଫୁଟାଣି ।

**ରୁବାୟତ** *ବି.* ପାର୍ସୀ ଚତୁଷ୍ପଦୀ କବିତା ସମୂହ ।

**ରୁମ୍** *ବି.* କୋଠରି, ପ୍ରକୋଷ୍ଠ ।

**ରୁମ୍‌କା** *ବି.* ଗୁଚ୍ଛ, ଗୋଛାଏ ବାଳ, ଘାସ ଆଦି।

**ରୁମ୍‌ବା** *କ୍ରି.* ୧. ଘୋଡ଼ାଇବା ୨. ଆବୃତ୍ତ କରିବା ୩. ଘେରାଇବା ୪. ପର ଉପାଡ଼ିବା।

**ରୁମ୍‌ମେଟ୍** *ବିଂ.* ସହପ୍ରକୋଷ୍ଠବାସୀ, ଏକା କୋଠରୀରେ ରହୁଥିବା।

**ରୁମ୍ ସର୍ଭିସ** *ବି.* ହୋଟେଲ ଆଦିରେ କୋଠରିଭିତରେ ଖାଇବାପିଇବା ଯୋଗାଇଦେବା ବ୍ୟବସ୍ଥା ।

**ରୁମ୍ ହିଟର୍** *ବି.* କୋଠରୀ ଉତ୍ତାପକ ।

**ରୁମ** *ବି.* ୧. ଲୋମ, ରୁଆଁ ୨. ପ୍ରଧାନତଃ ମସ୍ତକ ଓ ମୁଖମଣ୍ଡଳ ବ୍ୟତୀତ ମନୁଷ୍ୟ ଦେହର ଅନ୍ୟାନ୍ୟ ଅବୟବର ବାଳ ୩. ପଶୁପକ୍ଷୀ, ସଁବାଳୁଆ ପ୍ରଭୃତିଙ୍କ ଲୋମ ୩. ପତ୍ରାଦିର ଆଂଶୁ ୪. ଅଳ୍ପ ପରିମାଣ ।

**ରୁମ ଟାଙ୍କୁରିବା** *କ୍ରି.* ରୋମାଞ୍ଚ ହେବା ।

**ରୁମଟିଙ୍ଗା** *ବିଂ.* ଅତ୍ୟନ୍ତ ଚିଡ଼ିଚିଡ଼ା ।

**ରୁମ ବଙ୍କା କରିବା** *କ୍ରି.* କୌଣସି ବ୍ୟକ୍ତିର ସାମାନ୍ୟମାତ୍ର ଅନିଷ୍ଟ କରି ନ ପାରିବା ।

**ରୁମମୂଳ** *ବି.* ଲୋମ କୂପ ।

**ରୁମରୁମା, ରୁମରୁମିଆ** *ବିଂ.* ବାଳୁଆ, ଲୋମଶ, ଲୋମଭଳି ଅନୁଭୂତ ।

**ରୁମା** *ବିଂ.* ଲୋମମୟ ; *ବି.* ପଶମୀ ବସ୍ତ୍ର ।

**ରୁମାଲ୍** *ବି.* ମୁହଁ ହାତ ପୋଛିବାର ବର୍ଗାକାର ଛୋଟ କପଡ଼ା ।

**ରୁମାଲି** *ବିଂ.* ୧. ରୁମାଲ ଭଳି ଆକାର ବିଶିଷ୍ଟ ୨. ରୋମଶ, ରୋମଯୁକ୍ତ ୩. ଠଗ, ନରହନ୍ତା; *ବି.* ଏକ ଶ୍ରେଣୀୟ ବାଳକ ନର୍ତ୍ତକ। ।

**ରୁମାଲି ରୋଟି** *ବି.* ରୁମାଲ ଭଳି ବଡ଼ ଆକାରର ତଥା କୋମଳ ପାତଳ ରୁଟି ।

**ରୁଲ୍** *ବି.* ୧. ନିୟମ ୨. ଆଇନ, ନଜିର ୩. ମୁଦ୍ରିତ ନିର୍ଦ୍ଦେଶ ୪. ପଙ୍‌କ୍ତି ସମୂହ ମଧ୍ୟରେ ବ୍ୟବଧାନ ରଖିବାପାଇଁ ବ୍ୟବହୃତ କାଠ ବା ଧାତୁର ଲମ୍ବାଦଣ୍ଡ ।

**ରୁଲ୍‌ବାଡ଼ି** *ବି.* ସରଳରେଖା ଟାଣିବାରେ ବ୍ୟବହୃତ କାଠ ବା ଧାତୁ ନିର୍ମିତ ଗୋଲାକାର ଲମ୍ବଦଣ୍ଡ ।

**ରୁଲ୍ ରେଗୁଲେସନ୍** *ବି.* ନିୟମକାନୁନ୍ ।

**ରୁଲିଂ** *ବି.* ନିୟମ ସମ୍ପର୍କିତ ନିର୍ଦ୍ଦେଶ ।

**ରୁଲିଂ ପେପର** *ବି.* ଗାରପକା କାଗଜ ।

**ରୁଲି** *ବିଂ.* ଏକ ପ୍ରକାର ଖଡୁ, ନାରୀଙ୍କ ବ୍ୟବହୃତ ଖଡୁ ଜାତୀୟ ହାତ ଗହଣା ବିଶେଷ ।

**ରୁଷା** *ବି.* ବାକ୍ୟହୀନ ବା ରୁଦ୍ଧ କ୍ରୋଧ, ରାଗଯୁକ୍ତ ଅଭିମାନ ।

**ରୁଷିଆଣୀ** *ବି.* ୧. ଋଷି ପତ୍ନୀ ୨. ବ୍ରତୋପନୟନ ପରେ ବ୍ରହ୍ମଚାରୀ ଘରୁ ଅଳ୍ପ ଦୂର ଯାଇ ଫେରି ଆସିବା ।

**ରୁଷିତ, ରୁଷ୍ଟ** *ବିଂ.* ରାଗିଥିବା, କ୍ରୁଦ୍ଧ, କୁପିତ *ସ୍ତ୍ରୀ.* ରୁଷିତା, ରୁଷ୍ଟା ।

**ରୁଷିବା** *କ୍ରି.* ଦୁଃଖ, ଅପମାନ ବା କ୍ରୋଧ ଯୋଗୁଁ ଅଭିମାନ କରିବା ।

**ରୁହ** *କ୍ରି.* ରହିବାପାଇଁ ଅନୁରୋଧ କରାଯିବା; *ବିଂ.* ଜାତ, ତଦୁତ୍ପନ୍ନ, ଆରୂଢ଼ ।

**ରୁକ୍ଷ** *ବିଂ.* ୧. କର୍କଶ, ଅଚିକ୍କଣ ୨. କଠୋର, ଶ୍ରୁତିକଟୁ ୩. ଉଗ୍ର, ତୀବ୍ର, କ୍ରୋଧଯୁକ୍ତ ୪. ଲାଳିତ୍ୟହୀନ ୫. ଅରୁଚିକର ୬. ନୁଖୁରା (*ସ୍ତ୍ରୀ.* ରୁକ୍ଷା); *ବି.* ବୃକ୍ଷ ।

**ରୁକ୍ଷକେଶ** *ବି.* ନୁଖୁରା ବାଳ ।

**ରୁକ୍ଷ ପ୍ରକୃତି** *ବି.* କଠୋର ପ୍ରକୃତି ; *ବିଂ.* କଠୋର ପ୍ରକୃତି ବିଶିଷ୍ଟ ।

**ରୁକ୍ଷଭାଷୀ** *ବିଂ. ବି.* ଆତ୍ମାକୁ ବାଧୁଥିବା ପରି ଯେ କଥା କହେ, କଡ଼ା କଥା କହୁଥିବା ବ୍ୟକ୍ତି (*ସ୍ତ୍ରୀ.* ରୁକ୍ଷଭାଷିଣୀ) ।

**ରୂଢ଼** *ବିଂ.* ୧. କର୍କଶ, ରୁକ୍ଷ, ଅପ୍ରିୟ ୨. ମୌଳିକ ୩. ବ୍ୟୁତ୍ପତ୍ତି ବହିର୍ଭୂତ ଅର୍ଥପ୍ରକାଶକ (*ବିପ.* ଯୌଗିକ) ୪. ସ୍ଫୁଟ (ବିପ. ଗୂଢ଼) ୫. ବୃଦ୍ଧି ପ୍ରାପ୍ତ ।

**ରୂଢ଼ବଚନ** *ବି.* କର୍କଶ ବା ଅଶିଷ୍ଟ କଥା, କଠୋର କଥା ।

**ରୂଢ଼ଭାଷୀ** *ବିଂ.* ଯେ କର୍କଶ କଥା କହେ, କଠୋର ଭାଷୀ ।

**ରୂଢ଼ି** *ବି.* ୧. ବ୍ୟୁତ୍ପତ୍ତି ୨. ପ୍ରସିଦ୍ଧି ୩. ଅର୍ଥପ୍ରକାଶର ଶକ୍ତି ୪. ସାଧାରଣ ଲୋକମାନଙ୍କ ଦ୍ୱାରା ବ୍ୟବହୃତ ଅର୍ଥବ୍ୟଞ୍ଜକ ଖଣ୍ଡବାକ୍ୟ ବା ପଦସମୂହ ।

**ରୂପ** *ବି.* ୧. ଆକୃତି,ଚେହେରା, ଶରୀର ୨. ଶ୍ରୀ, ସୌନ୍ଦର୍ଯ୍ୟ ୩. ଧରଣ, ପ୍ରକାର, ସ୍ୱରୂପ ୪. ସ୍ୱଭାବ ୫. ବର୍ଣ୍ଣ, ରଙ୍ଗ ୬. ଶବ୍ଦମୂଳ ବା ଧାତୁମୂଳ ସହିତ ବିଭକ୍ତି ଯୋଗ; *ବିଂ.* ୧. ତତ୍‌ସଦୃଶ ୨. ଏକ ସଂଖ୍ୟା ବିଶିଷ୍ଟ ।

**ରୂପକ** *ବି.* ୧. ଆକୃତି, ଗଠନ ୨. ରୁପା ୩. ଉପମାନ ଓ ଉପମେୟର ଅଭେଦ କଳ୍ପନାମୂଳକ ଅର୍ଥାଳଂକାର ବିଶେଷ (ଯଥା-ମୁଖଚନ୍ଦ୍ର) ୪. ଯେଉଁ ଦୃଶ୍ୟକାବ୍ୟ ବା ନାଟକରେ କୌଣସି ତତ୍ତ୍ୱକୁ ରୂପ ଦିଆଯାଏ ୫. ସଙ୍ଗୀତର ତାଳ ବିଶେଷ; *ବିଂ.* ଆକାର ଯୁକ୍ତ, ମୂର୍ତ୍ତ, ମୂର୍ତ୍ତି ବିଶିଷ୍ଟ ।

**ରୂପକ ଅଳଙ୍କାର** *ବି.* ଉପମାନ ଓ ଉପମେୟ ମଧ୍ୟରେ ଅଭେଦ କଳ୍ପନା ।

**ରୂପକଥା** *ବି.* କାଳ୍ପନିକ କାହାଣୀ ।

**ରୂପକାର** *ବି.* ୧. ଶିଳ୍ପୀ, ବେଶକାରୀ ୨. ଶ୍ରୀମନ୍ଦିରରେ ରୂପକାର୍ଯ୍ୟ (ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଆଦି) କରୁଥିବା ସେବକ ।

**ରୂପଗୁଣ** *ବି.* ସୌନ୍ଦର୍ଯ୍ୟ ଓ ଉତ୍ତମ ସ୍ୱଭାବ, ଚେହେରା ଓ ଆଚରଣ।

**ରୂପଜ** *ବିଂ.* ରୂପ ଜନିତ, ସୌନ୍ଦର୍ଯ୍ୟର ଆକର୍ଷଣରୁ ଜାତ ।

**ରୂପଜୀବୀ, ରୂପଜୀବିନୀ** *ବି.* ବେଶ୍ୟା, ଯୌନକର୍ମୀ, ଗଣିକା ।

**ରୂପତୃଷ୍ଣା** *ବି.* ସୁନ୍ଦର ବସ୍ତୁ ବା ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ପାଇଁ ଅଭିଳାଷ ବା ବାସନା ।

**ରୂପଧାରଣ** *ବି.* ମୂର୍ତ୍ତି ପରିଗ୍ରହ, ରୂପ ବା ଶରୀର ସହ ଦେଖା ଦେବା ।

**ରୂପଧାରୀ** *ବିଂ.* ବେଶଧାରୀ, ସୌନ୍ଦର୍ଯ୍ୟଶାଳୀ ।

**ରୂପବତୀ** *ବିଂ.* ସୁନ୍ଦରୀ, ସୁଦର୍ଶନା ।

**ରୂପବନ୍ତ** *ବିଂ.* ରୂପବାନ୍, ସୌନ୍ଦର୍ଯ୍ୟଯୁକ୍ତ, ସୁନ୍ଦର ।

**ରୂପବାନ୍** *ବିଂ.* ୧. ସୁନ୍ଦର ୨. ରୂପଧାରୀ ।

**ରୂପବିହୀନ** *ବିଂ.* ୧. ସୌନ୍ଦର୍ଯ୍ୟହୀନ ୨. ଯାହାର ରୂପ ନାହିଁ, ନିରାକାର।

**ରୂପଭେଦ** *ବି.* ରୂପର ବିଭିନ୍ନତା, ଭିନ୍ନ ଭିନ୍ନ ରୂପ ।

**ରୂପମାଧୁରୀ** *ବି.* ଆକୃତି ଜନିତ କମନୀୟତା, ସୌନ୍ଦର୍ଯ୍ୟଗତ ମଧୁରତା ।

**ରୂପମୋହ** *ବି.* ସୌନ୍ଦର୍ଯ୍ୟ ପ୍ରତି ଅନ୍ଧ ଆକର୍ଷଣ, ରୂପ ବିହ୍ୱଳତା ।

**ରୂପଯୌବନ** *ବି.* ସୌନ୍ଦର୍ଯ୍ୟ ଓ ଯୁବାବସ୍ଥା ।

**ରୂପରଙ୍ଗ** *ବି.* ରୂପ ଓ ବର୍ଣ୍ଣ ।

**ରୂପରସ** *ବି.* ବସ୍ତୁର ଆକାର ଓ ସ୍ୱାଦ ।

**ରୂପରେଖ** *ବି.* ରୂପର ଅସ୍ତିତ୍ୱ, ଆକାର ପ୍ରକାର କିମ୍ବା ସୀମାଦିର ଖସଡ଼ା ।

**ରୂପଲାବଣ୍ୟ** *ବି.* ଶରୀରର ଗଠନ ସୌଷ୍ଠବ ଓ କମନୀୟତା ।

**ରୂପସୀ** *ବିଂ.* ଅପରୂପ ସୁନ୍ଦରୀ, ଅତ୍ୟନ୍ତ ରୂପବତୀ ।

**ରୂପାନ୍ତର** *ବି.* ୧. ଭିନ୍ନ ମୂର୍ତ୍ତି, ଭିନ୍ନ ଅବସ୍ଥା ବା ଭାବ, ଭିନ୍ନ ମୂର୍ତ୍ତିଧାରଣ ୨. ଭିନ୍ନ ଭାବପ୍ରାପ୍ତି ବା ଭିନ୍ନ ଅବସ୍ଥାପ୍ରାପ୍ତି ୩. ଅନ୍ୟ ରୂପ ।

**ରୂପାନ୍ତରିତ** *ବିଂ.* ୧. ଭିନ୍ନ ଆକାର ବା ଭିନ୍ନ ରୂପରେ ପରିଣତ ୨. ଭିନ୍ନ ଅବସ୍ଥାକୁ ପରିବର୍ତ୍ତିତ ।

**ରୂପାୟଣ(ନ)** *ବି.* ୧. ରଚନା ୨. ରୂପଦାନ, ମୂର୍ତ୍ତିଦାନ ୩. ନାଟକାଦିରେ ଭିନ୍ନ ଭିନ୍ନ ଭୂମିକାରେ ଅଭିନୟ ।

**ରୂପାୟିତ** *ବିଂ.* ୧. ମୂର୍ତ୍ତ ୨. ବର୍ଣ୍ଣିତ ୩. ଯାହାକୁ ରୂପ ଦାନ କରାଯାଇଛି, କୌଣସି ଆକାରରେ ପରିଣତ (*ସ୍ତ୍ରୀ.* ରୂପାୟିତା) ।

**ରୂପିତ** *ବିଂ.* ୧. ରୂପଯୁକ୍ତ ୨. ବର୍ଣ୍ଣିତ ୩. ଆକୃତିପ୍ରାପ୍ତ ୪. ଚିତ୍ରିତ (*ସ୍ତ୍ରୀ.* ରୂପିତା) ।

**ରୂପୀ** *ବିଂ.* ୧. ରୂପଧାରଣ କରିଥିବା, ମୂର୍ତ୍ତିଧାରୀ ୨. ବେଶଧାରୀ (*ସ୍ତ୍ରୀ.* ରୂପିଣୀ) ।

**ରୂପେ** *ଅ.* ପରି, ଭାବେ ।

**ରୂପ୍ୟ** *ବି.* ୧. ରୂପା, ରଜତ ; *ବିଂ.* ରୂପଯୁକ୍ତ, ସୁନ୍ଦର (*ସ୍ତ୍ରୀ.* ରୂପ୍ୟା) ।

**ରୂପ୍ୟକ** *ବି.* ୧. ରୌପ୍ୟମୁଦ୍ରା ୨. ଟଙ୍କା, ରୁପିଆ ।

**ରୂପ୍ୟାଧ୍ୟକ୍ଷ** *ବି.* ଟଙ୍କାଶାଳାର ଅଧ୍ୟକ୍ଷ ବା ପ୍ରଧାନ କର୍ମଚାରୀ ।

**ରୁସାଦ୍** *ବି.* ପଲ, ସମୁଦାୟ।

**ରେଁକ୍‌ବା** *କ୍ରି.* ୧. ଚିତ୍କାର କରିବା ୨. କର୍କଶ ସ୍ୱରରେ କାନ୍ଦିବା।

**ରେଁକା** *ବି.* ଲାଲ ଥଣ୍ଟଥିବା ଦେଶୀ ଶୁଆ ପକ୍ଷୀ।

**ରେଁଡ଼୍‌ବା** *କ୍ରି.* ଘଷିବା, ମାଜିବା।

**ରେ** *ଅ.* ୧. ସ୍ନେହ ଭର୍ତ୍ସନା ବା ସୂଚକ ସମ୍ବୋଧନ ୨. ବିସ୍ମୟ ବା ଖେଦ-ସୂଚକ ଶବ୍ଦ ୩. ଅଧିକରଣ କାରକର ଚିହ୍ନ (ଆରେ, ହଇରେ)।

**ରେଆଜ** *ବି.* ୧. ରିବାଜ, ପ୍ରଥା, ରୀତି, ଚଳଣି ୨. ରିଆଜ, ନାଚ ବା ଗାନର ଅଭ୍ୟାସ।

**ରେକ୍‌ବା** *କ୍ରି.* ରେକିବା, ବଡ଼ ପାଟିରେ କାନ୍ଦିବା, ପାଟି କରିବା।

**ରେକ** *ବିଂ.* କୃଶ, କ୍ଷୀଣ; *ବି.* ଶଙ୍କା,ସଂଶୟ ।

**ରେକଟ୍** *ବି.* ମହୁମାଛି ଭଳି ଘରା କରୁଥିବା ଏକ ପ୍ରକାର ମାଛି।

**ରେକଟିବା, ରେକିଟିବା** *କ୍ରି.* କ୍ରମାଗତ ଚୋବାଇ ଚୋବାଇ ଚୁଷିବା ।

**ରେକଡ୍, ରେକର୍ଡ୍** *ବି.* ୧. ଦଲିଲ, ନଥିପତ୍ର ୨. ନଜିର ପାଇଁ ସଂରକ୍ଷିତ କାଗଜବିଡ଼ା ୩. ଗ୍ରାମୋଫୋନର ରେକର୍ଡ ୪. ଶବ୍ଦ ବା ଦୃଶ୍ୟର ଅଭିଲେଖ, ଧ୍ୱନି ଓ ଦୃଶ୍ୟର ସେଲୁଲଏଡ୍, ଚିପ୍‌ସ ଅଥବା ଅନ୍ୟାନ୍ୟ ଆଧାରରେ ଅଭିଲିଖିତ ଏବଂ ସଂରକ୍ଷିତ କରିବା ବ୍ୟବସ୍ଥା, ଧ୍ୱନି, ଲିପି ଓ ଦୃଶ୍ୟ ଅଭିଲେଖ ୫. ଖେଳକୁଦ ଆଦିରେ ସର୍ବୋଚ୍ଚ କୃତିତ୍ୱ ।

**ରେକର୍ଡ୍ କରିବା** *କ୍ରି.* ୧. କଥୋପକଥନ, ବିବରଣୀ, ପ୍ରଶ୍ନୋତ୍ତର ପ୍ରଭୃତି ଲିପିବଦ୍ଧ କରିବା ୨. କୌଣସି ଯନ୍ତ୍ର ସାହାଯ୍ୟରେ କଥାବାର୍ତ୍ତା, ଗୀତ ପ୍ରଭୃତି ଅଭିଲିଖିତ ଓ ସଂରକ୍ଷିତ କରିବା ୩. ଅସାଧାରଣ ବା ସର୍ବୋଚ୍ଚ କୃତିତ୍ୱ ଲିପିବଦ୍ଧ ହେବା।

**ରେକର୍ଡ୍ କିପର** *କି.* ନଥିରକ୍ଷକ ।

**ରେକର୍ଡ୍ ଡାନ୍‌ସ** *ବି.* ଗ୍ରାମୋଫୋନ୍ ରେକର୍ଡ଼ ଆଦିରେ ବାଜିବା ସଙ୍ଗୀତ ସହ ନାଚିବା।

**ରେକର୍ଡ୍ ପ୍ଲେୟାର୍** *ବି.* ଯେଉଁ ଯନ୍ତ୍ର ସାହାଯ୍ୟରେ ରେକର୍ଡ୍ ବାଜିପାରେ ।

**ରେକର୍ଡ୍ ଭାଙ୍ଗିବା** *କ୍ରି.* ଆଗରୁ ସର୍ବୋଚ୍ଚ ବୋଲି ମାନ୍ୟତାପ୍ରାପ୍ତ ଓ ଲିପିବଦ୍ଧ କୃତିତ୍ୱରୁ ଅଧିକ କରିବା।

**ରେକର୍ଡ ରୁମ୍** *ବି.* ଯେଉଁ କୋଠରିରେ ନଥିପତ୍ର ରଖାଯାଇଥାଏ, ଅଭିଲେଖାଗାର ।

**ରେଜା** *ବି.* ବୁଢ଼ା ଆଙ୍ଗୁଠି ଓ ମଝିଆଙ୍ଗୁଠିର ପରିଧି ମଧ୍ୟରେ ଯେତିକି ଧରିହୁଏ ତାର ପରିମାଣ ।

**ରେକାବ ବି.** ଘୋଡାର ଦୁଇ ପାର୍ଶ୍ୱରେ ଜିନ ସଂଲଗ୍ନ ପାଦାନ ବା ପାଦ ରଖିବା ସ୍ଥାନ ।

**ରେକାବି ବି.** ଛୋଟ ଥାଳି, ପତଳା ଥାଳିଆ ।

**ରେକି ବି.** ୧. ଜଞ୍ଜାଳ, ହାଉଯାଉ, ଘୋଘୋ ୨. ଏକ ପ୍ରକାର ଧ୍ୟାନ ସାଧନା ଓ ରୋଗ ଚିକିତ୍ସା ।

**ରେକିବା କ୍ରି.** ରେକ୍‌ବା, ଉଚ୍ଚସ୍ୱରରେ କାନ୍ଦିବା ବା ପାଟି କରିବା।

**ରେକୁ ବି.** ଟିଣ ।

**ରେକେଟା ବି.** ଅଇଁଠା ବାସନରେ ଲାଗିରହିଥିବା ଖାଦ୍ୟପଦାର୍ଥର ଶୁଖିଲା ଅଂଶ ।

**ରେକେଟିବା କ୍ରି.** ଝୁଣି ଖାଇବା ।

**ରେଖ ବି.** ୧. ରେଖା, ଚିହ୍ନ ୨. କଜଳରେ ଅଙ୍କିତ ଲାଞ୍ଜି ୩. ଚନ୍ଦନ ତିଳକାଦିରେ ଅଙ୍କିତ କଳି ।

**ରେଖ ଦେଉଳ ବି.** ମନ୍ଦିର ନିର୍ମାଣର ବାସ୍ତୁକଳା ବିଶେଷ।

**ରେଖନ ବି.** ୧. ରେଖା ଟାଣିବା ୨. ଲେଖିବା ।

**ରେଖ ସୁନ୍ଦରୀ ବି.** ଶ୍ରୀମନ୍ଦିରରେ ଠାକୁରଙ୍କ ଆଦେଶର ପ୍ରତୀକ ରୂପେ ବ୍ୟବହୃତ ଅଙ୍ଗଲାଗି କନା ଖଣ୍ଡ।

**ରେଖା ବି.** ୧. ଲମ୍ବା ଚିହ୍ନ, ଗାର ୨. ଅତ୍ୟଳ୍ପ ପରିମାଣ ୩. ଈଷତ୍ ଚିହ୍ନ ବା ଆଭାସ ୪. ଧାଡ଼ି ବା ଶ୍ରେଣୀ ୫. ବେଧହୀନ ଓ ପ୍ରସ୍ଥହୀନ ଦୈର୍ଘ୍ୟ (**ବିଂ.** ରୈଖିକ) ।

**ରେଖା ଗଣିତ ବି.** କ୍ଷେତ୍ରତତ୍ତ୍ୱ, ଜ୍ୟାମିତି ।

**ରେଖାଙ୍କନ ବି.** ୧. ଗାର ଟାଣିବା ୨. ଚିତ୍ରାଙ୍କନ ।

**ରେଖାଙ୍କିତ ବିଂ.** ରେଖାଯୁକ୍ତ, ଯାହାର ତଳେ ଗାର ଦିଆଯାଇଥାଏ, ଗାର ଦ୍ୱାରା ଚିହ୍ନିତ ।

**ରେଖାଚିତ୍ର ବି.** ୧. ରେଖାଦ୍ୱାରା ଅଙ୍କା ହୋଇଥିବା ଚିତ୍ର ବା ଛବିର ଖସଡ଼ା ୨. ପ୍ରାଥମିକ ରୂପ ।

**ରେଖା ପଞ୍ଚମୀ ବି.** ରକ୍ଷା ପଞ୍ଚମୀ, ଭାଦ୍ର କୃଷ୍ଣ ପଞ୍ଚମୀ ।

**ରେଖାପାତ ବି.** ୧. ଗାର ଟଣା ୨. ମନରେ କୌଣସି ସ୍ଥାୟୀ ଭାବର ସଞ୍ଚାର ।

**ରେଖାଲାଗି କ୍ରି.** ରକ୍ଷା ପଞ୍ଚମୀ ଦିନ ଶ୍ରୀଜଗନ୍ନାଥଙ୍କଠାରେ ରାକ୍ଷୀ ବନ୍ଧନ ଉତ୍ସବ ।

**ରେଖିବା କ୍ରି.** ୧. ଗାର କାଟିବା, ଚିତ୍ରର ଆରମ୍ଭରେ ରେଖା ଆଙ୍କିବା ୨. ରେଖାଦ୍ୱାରା ଚିହ୍ନିତ କରିବା ।

**ରେଗୁଲାର୍ ବିଂ.** ନିୟମାନୁସାରେ, ନିୟମିତ ।

**ରେଗୁଲେଟର୍ ବିଂ.** (ଯନ୍ତ୍ରାଦିର)ନିୟନ୍ତ୍ରକ, ନିୟାମକ ।

**ରେଗୁଲେସନ୍ ବି.** ଅଧିନିୟମ ।

**ରେଗେଡ଼ା ବିଂ.** କର୍କଶ, ବନ୍ଧୁର, ମୋଟା ।

**ରେଗେଡା ବାଲି ବି.** ବଡ଼ ବଡ଼ ଦାନା ବିଶିଷ୍ଟ ବାଲି ।

**ରେଙ୍ଗସିବା କ୍ରି.** ଗୁରୁଣ୍ଡିବା, ରଙ୍ଗିବା।

**ରେଙ୍ଗା ବିଂ.** ଚାଲିବାରେ ଅକ୍ଷମ।

**ରେଙ୍ଗୁନ ବି.** ଆଧୁନିକ ମିଆଁମାର (ବର୍ମା)ର ରାଜଧାନୀ ରେଙ୍ଗୁନ ସହର ।

**ରେଙ୍ଗାଳ ବି.** ୧. ରେଙ୍ଗାଲ ୨. ପୁରୁଣା ଶୁଖିଲା ଶାଳ କାଠର ମଞ୍ଜ ।

**ରେଙ୍ଗାଲ ବି.** ୧ ଏକ ପ୍ରକାର ଗଛ ୨. କାଠର ମଞ୍ଜ ଅଂଶ।

**ରେଚକ ବିଂ.** ମଳ ଭେଦକାରକ, ମଳ ନିଃସାରକ ; **ବି.** ୧. ଜୁଲାପ, ଝାଡାକାରକ ଔଷଧ ୨. ପିଚିକାରି ୩. ଯୋଗସାଧନାରେ ଡାହାଣ ନାକପୁଡା ବାଟେ ଶ୍ୱାସତ୍ୟାଗ ପ୍ରକ୍ରିୟା ବିଶେଷ ।

**ରେଚନ ବିଂ.** ଝାଡ଼ାକାରକ ପାଇଁ ଔଷଧ; **ବି.** ୧. ଜୁଲାପ ବା ପଥ୍ୟଦ୍ୱାରା ଝାଡ଼ା କରାଇବା ୨. ଶ୍ୱାସତ୍ୟାଗ ।

**ରେଚିତ ବିଂ.** ୧. ତ୍ୟକ୍ତ ୨. ଅପସାରିତ ୩. ଝାଡ଼ାଦ୍ୱାରା ବାହାର କରାଯାଉଥିବା ।

**ରେଜକି, ରେଜିକି ବି.** ଟଙ୍କାଠାରୁ କମ୍ ମୂଲ୍ୟର କ୍ଷୁଦ୍ର ମୁଦ୍ରା, ରେଜା ପଇସା ।

**ରେଜର୍ ବି.** ୧. ଖୁର, କ୍ଷୁର ୨. କ୍ଷୌର ଯନ୍ତ୍ର ।

**ରେଜଲ୍‌ଟ ବି.** ପରିଣାମ, ଫଳାଫଳ ।

**ରେଜା ବିଂ.** ୧. ଅଳ୍ପ ମୂଲ୍ୟବିଶିଷ୍ଟ ୨. ବ୍ୟବହାର ପରେ ବଳି ପଡ଼ିଥିବା ; **ବି.** ୧. ଆଉଟା ଧାତୁକୁ ଢ଼ାଳି କାଠି ବା ଖଣ୍ଡ କରିବାରେ ବ୍ୟବହୃତ ବଣିଆଙ୍କ ଛାଞ୍ଚ ୨. ଖୁଚୁରା ପଇସା ୩. ସ୍ତ୍ରୀ କୁଲି, ମୂଲିଆଣୀ ।

**ରେଜାଇ, ରେଜେଇ ବି.** ତୁଳାଦିଆ ପତଳା ଶେଯ ଯାହାକୁ ଲୋକେ ଘୋଡେଇ ହୋଇ ଶୁଅନ୍ତି, ତୋଷକ ।

**ରେଜିଷ୍ଟର ବି.** ୧. ହାଜିରା ବହି ୨. ନିୟମ ଅନୁଯାୟୀ ନିର୍ଦ୍ଧାରିତ ତଥ୍ୟ ଲିପିବଦ୍ଧ ହେବାର ଖାତା ।

**ରେଜିଷ୍ଟରି, ରେଜିଷ୍ଟ୍ରି ବି.** ପ୍ରମାଣସ୍ୱରୂପ ସରକାରୀ ବହିରେ ବା ତାଲିକାରେ ଲିପିବଦ୍ଧକରଣ ବା ଅନ୍ତର୍ଭୁକ୍ତକରଣ, ନିବନ୍ଧୀକରଣ; **ବିଂ.** ନିବନ୍ଧୀକୃତ, ଯାହା ରେଜିଷ୍ଟ୍ରି କରାଯାଇଛି ।

**ରେଜିଷ୍ଟ୍ରାର ବି.** ୧. ନିବନ୍ଧକ ୨. ରେଜିଷ୍ଟ୍ରୀ କରିବାର ଭାରପ୍ରାପ୍ତ କର୍ମଚାରୀ ୩. ବିଶ୍ୱବିଦ୍ୟାଳୟର ତତ୍ତ୍ୱାବଧାରକ, କୁଳସଚିବ ।

**ରେଜିଷ୍ଟ୍ରୀକୃତ ବିଂ.** ନିବନ୍ଧୀକୃତ ; **ବି.** ରେଜିଷ୍ଟ୍ରୀକରଣ ।

**ରେଞ୍ଚ ବି.** ଦ୍ରବ୍ୟାଦିକୁ ଭିଡ଼ିକରି ଧରିବାରେ ବ୍ୟବହୃତ ଉପକରଣ ବିଶେଷ, ବଢ଼େଇ ଓ କମାରଙ୍କ ଏକ ହତିଆର, ପେଚ ଆଣ୍ଟିବା ଉପକରଣ ।

**ରେଞ୍ଜ୍ ବି.** ୧. ବନଖଣ୍ଡ ୨. ଅଞ୍ଚଳ, ସୀମା ।

**ରେଞ୍ଜ୍ ଅଫିସ୍ *ବି.*** ଜଙ୍ଗଲ ବିଭାଗର ଆଞ୍ଚଳିକ ଦପ୍ତର ।

**ରେଂଜ *ବି.*** ଦଉଡ଼ି ।

**ରେଞ୍ଜର *ବି.*** ନିର୍ଦ୍ଦିଷ୍ଟ ବନଖଣ୍ଡର ଦାୟିତ୍ୱରେ ଥିବା ଅଧିକାରୀ, ଜଙ୍ଗଲର ତତ୍ତ୍ୱାବଧାରକଙ୍କ ଅଧସ୍ତନ କର୍ମଚାରୀ ବିଶେଷ ।

**ରେଟ୍ *ବି.*** ଦର, ଭାଉ, ହାର ।

**ରେଟ୍ କରିବା *କ୍ରି.*** ଦର କରିବା, ମୂଲେଇବା, ଭାଉକରିବା।

**ରେଠେଇବା *କ୍ରି.*** ବିଣ୍ଡି ପଡ଼ିଯିବା, ଶରୀରର ଚମ ଶକ୍ତ ହୋଇଯିବା।

**ରେଡ୍ *ବିଂ.*** ଲାଲ୍ (ରଙ୍ଗ); ***ବି.*** ଚଢାଉ ।

**ରେଡ୍ ଆଲର୍ଟ *ବି.*** ଆସନ୍ନ ବିପଦ ପାଇଁ ସତର୍କ ପଦକ୍ଷେପ, ସତର୍କ ରହିବା ପାଇଁ ସୂଚନା ବା ନିର୍ଦ୍ଦେଶ।

**ରେଡ୍ ପଡ଼ିବା *କ୍ରି.*** ପୁଲିସ ବାହିନୀ ଆଦି ସନ୍ଦିଗ୍ଧ ଅପରାଧିକ କାର୍ଯ୍ୟର ତଦନ୍ତ ପାଇଁ ଚଢ଼ଉ କରିବା।

**ରେଡ୍ ଲାଇଟ୍ *ବି.*** ୧. ଲାଲବତୀ ୨. ବିପଦ ସଂକେତ ୩. ଟ୍ରାଫିକ ପୋଷ୍ଟରେ ଗାଡ଼ିମଟର ରହିବା ସଙ୍କେତ ।

**ରେଡ୍ ଲାଇଟ୍ ଏରିଆ *ବି.*** ଯୌନକର୍ମୀମାନେ ରହୁଥିବା ଅଞ୍ଚଳ, ବେଶ୍ୟାପଡ଼ା ।

**ରେଡ୍ ସିଗନାଲ୍ *ବି.*** ବିପଦ ସଂକେତ ।

**ରେଡ଼ି *ବି.*** ୧. ଏଡ଼ି, ଗୋଡ଼ର ଗୋଇଠି ୨. ଏରଣ୍ଡ, ଗବ, ଜଡା; ***ବିଂ.*** ପ୍ରସ୍ତୁତ ।

**ରେଡ଼ିଅମ୍ *ବି.*** ଅତି ଉଜ୍ଜ୍ୱଳ ଓ ତେଜସ୍କ୍ରିୟ ମୌଳିକ ଧାତୁବିଶେଷ ।

**ରେଡ଼ିଓ *ବି.*** ବେତାର ବା ତାରହୀନ ବାର୍ତ୍ତାଦି ପ୍ରେରଣ ଓ ଗ୍ରହଣର ବ୍ୟବସ୍ଥା ।

**ରେଡିମେଡ୍ *ବି.*** ୧. ଆଗରୁ ପ୍ରସ୍ତୁତ ୨. ସଦ୍ୟ ତିଆରି ।

**ରେଡ଼ି ହେବା *କ୍ରି.*** ପ୍ରସ୍ତୁତ ହେବା ।

**ରେଢ଼ା *ବିଂ.*** ଲେହନକାରୀ; ***ବି.*** ବାଲିବନ୍ଧ କରି ଏଥିରେ ମାଛଧରା।

**ରେଢ଼ିବା *କ୍ରି.*** ୧. ଏଡ଼ିଦେବା, ଲଙ୍ଘନ କରିବା ୨. ଅସମ୍ମାନ କରିବା, ଅବଜ୍ଞା କରିବା ୩. ଜିଦି ଧରି ବସିବା ।

**ରେଣା, ରେଣହାଁ *ବି.ବିଂ.*** ବାରମ୍ବାର ଗୋଟିଏ କଥା କହି ନିଜ କଥା ଠିକ ବୋଲି କହୁଥିବା (ବ୍ୟକ୍ତି)।

**ରେଣି ଦେବା *କ୍ରି.*** ୧. ଜୋର କରି ମିଛକୁ ସତ ପ୍ରମାଣ କରିବା ପାଇଁ ଚେଷ୍ଟା କରିବା ୨. ଅସ୍ୱୀକାର କରିବା।

**ରେଣୁ *ବି.*** ୧. ଧୂଳି ୨. ଗୁଣ୍ଡ ୩. ଚୂର୍ଣ୍ଣ ୪. ପରାଗ ୫. ପାଉଁଶ ।

**ରେଣୁକା *ବି.*** ୧. ଗନ୍ଧଦ୍ରବ୍ୟ ବିଶେଷ ୨. *ପୁରାଣ* ପରଶୁରାମଙ୍କ ମାତା ।

**ରେଣ୍ଟ୍ *ବି.*** ୧. ଜମିର ଖଜଣା, ରାଜସ୍ୱ ୨. ଘର, ଗାଡ଼ି ଆଦିର ଭଡ଼ା ।

**ରେଣ୍ଟ *ବି.*** ହୁଡାର ପୋଖରୀ ଆଡ଼କୁ ଥିବା ଢ଼ାଲୁ ଅଂଶ ।

**ରେଣ୍ଟା, ରେଣ୍ଟିଆ, ରେଣ୍ଟୁଆ *ବିଂ.*** ଜିଦିଆ, ଜିଗରିଆ, ଏକଜିଦିଆ *ସ୍ତ୍ରୀ.* ରେଣ୍ଟୀ, ରେଣ୍ଟେ(ଣ୍ଟା)ଇ ।

**ରେତ୍ *ବି.*** ୧. ଉହା, ଉନ୍ନେଇ ୨. ରାତି ।

**ରେତ, ରେତଃ *ବି.*** ୧. ଶୁକ୍ର ବା ବୀର୍ଯ୍ୟ ୨. ପାରଦ ।

**ରେପ୍ *ବି.*** ଧର୍ଷଣ, ବଳାତ୍କାର ଯୌନକ୍ରିୟା ।

**ରେଫ୍ *ବି.*** ବ୍ୟଞ୍ଜନବର୍ଣ୍ଣର ଶୀର୍ଷରେ ବ୍ୟବହାର କରାଯାଉଥିବା ସଂକେତ, (ର୍) ଆକୃତିର ଚିହ୍ନ ।

**ରେଫ *ବିଂ.*** ୧. କ୍ରୁର ୨. ନୀଚ ୩. ନିନ୍ଦିତ ୪. କୃପଣ ।

**ରେଫଣ, ରେଭଣ *ବି.*** ଗୋରୁଙ୍କ ଡାକ, ହମ୍ବାରଡ଼ି ।

**ରେଫରି *ବି.*** ୧. ଖେଳ ପରିଚାଳନାକାରୀ ୨. ଦୁଇ ପକ୍ଷର ମଧ୍ୟସ୍ଥ ବ୍ୟକ୍ତି ।

**ରେବତ *ବି.*** ୧. ସୁନାରି ଗଛ ୨. ପିଜୁଳି ୩. ଜମ୍ବୀର ଫଳ ।

**ରେବତୀ *ବି.*** ୧. ସପ୍ତବିଂଶ ନକ୍ଷତ୍ର ୨. ବଳରାମଙ୍କ ପତ୍ନୀ ୩. ଚନ୍ଦ୍ରପତ୍ନୀ ୪. ଦୁର୍ଗା ୫. ଗାଈ ୬. ମାତୃକାବିଶେଷ ।

**ରେବା *ବି.*** ୧. ନର୍ମଦା ନଦୀ ୨. ଦୁର୍ଗା ୩. କାମଦେବ-ପତ୍ନୀ ରତି ।

**ରେଭେନ୍ୟୁ *ବି.*** ରାଜସ୍ୱ।

**ରେଭେନ୍ୟୁ ଅଫିସର *ବି.*** ରାଜସ୍ୱ ଅଧିକାରୀ ।

**ରେଭେନ୍ୟୁ ଇନିସ୍ପେକ୍ଟର୍ *ବି.*** ରାଜସ୍ୱ ନିରୀକ୍ଷକ ।

**ରେଭେନ୍ୟୁ ଷ୍ଟାମ୍ପ *ବି.*** ଅର୍ଥପ୍ରାପ୍ତିର ପ୍ରମାଣ ନିମିତ୍ତ ବ୍ୟବହୃତ ହେଉଥିବା ରସିଦ୍ ଟିକଟ୍ ।

**ରେରେକାର *ବି.*** ଆକ୍ରମଣାତ୍ମକ ଆସ୍ଫାଳନ ମୂଳକ ଧ୍ୱନି ।

**ରେଳ *ବି.*** ଲୁହା ଧାରଣା ୨. ଟ୍ରେନ, ବାଷ୍ପଚାଳିତ ଯାନ ।

**ରେଳଗାଡ଼ି *ବି.*** ଟ୍ରେନ୍, ଲୁହାଧାରଣା ଉପରେ ଚାଳିତ ବାଷ୍ପୀୟ ଯାନ ।

**ରେଳପଥ *ବି.*** ରେଳଗାଡ଼ି ଯିବା ଆସିବାର ପୋଇ ବା ରାସ୍ତା ।

**ରେଳବାଇ *ବି.*** ୧. ରେଲୱେ, ରେଳପଥ ୨. ରେଳ ଚଳାଚଳ ବିଭାଗ ବା କର୍ତ୍ତୃପକ୍ଷ ।

**ରେଲିଂ, ରେଲିଙ୍ଗ *ବି.*** କାଠର ବା ଲୁହା ଛଡ଼ର ବେଢ଼ ବା ବାଡ଼ା ।

**ରେଶମ *ବି.*** ଗୋଟିପୋକର ଲାଳରୁ ବାହାରୁ ଥିବା ତନ୍ତୁ ପ୍ରସ୍ତୁତ ସୂତା, ସିଲକ୍ ।

**ରେଶମପୋକ *ବି.*** ୧. ଗୋଟି ପୋକ ୨. ପାଟପୋକ ।

**ରେଶମ ଲୁଗା *ବି.*** ରେଶମ ସୂତାରେ ତିଆରି ଲୁଗା, ପାଟଲୁଗା ।

**ରେଶମୀ *ବିଂ.*** ୧. ରେଶମ ସୂତାରେ ପ୍ରସ୍ତୁତ ୨. ରେଶମ ପରି କୋମଳ ଓ ମସୃଣ ।

**ରେଷ୍ଟ୍‌ସେଡ୍ *ବି.*** ବିଶ୍ରାମଗାର ।

**ରେଷ୍ଟୁରାଣ୍ଟ୍ *ବି.*** ହୋଟେଲ, ରେସ୍ତୋରାଁ, ମୂଲ୍ୟ ବିନିମୟରେ ଖାଦ୍ୟ ମିଳୁଥିବା ସ୍ଥାନ ।

**ରେସ୍ *ବି.*** ୧. ଦୌଡ଼ ପ୍ରତିଯୋଗିତା ୨. ବସାଘର ।

**ରେସ୍ ଅଫିସ *ବି.*** ବସାଘର କାର୍ଯ୍ୟାଳୟ ।

**ରେସନ** *ବି.* ରାସନ, ପଡ଼ି ।

**ରେସନ୍‌କାର୍ଡ଼** *ବି.* ରାସନ୍ କାଡ଼, ପଡ଼ିପତ୍ର ।

**ରେଷ୍ଟୋରାଁ** *ବି.* ରେଷ୍ଟୁରାଣ୍ଟ ।

**ରେହେଁଟି** *ବି.* ଚକ୍ରଦୋଳି, ହାୱା ଦୋଳି, ନାଗରଦୋଳା ।

**ରୈଖିକ** *ବିଂ.* ରେଖାଦ୍ୱାରା ଚିହ୍ନିତ, ରେଖା ସମ୍ବନ୍ଧୀୟ ।

**ରୋଇଙ୍ଗ୍** *ବି.* ନୌଚାଳନା ।

**ରୋଇବା** *କ୍ରି.* ରୋପଣ କରିବା, ତଳିଗଛକୁ ଭୂମିରେ ପୋତିବା ।

**ରୋକ୍** *ବି.* ୧. ଦା' କଟୁରୀ ଆଦି ଉପକରଣରେ ବିଶେଷ ପ୍ରକାର ଦାଢ଼ ୨. ନିଷେଧ ୩. ବାଧାଦେବା, ବନ୍ଦ କରିବା ।

**ରୋକ୍‌ଠୋକ୍, ରୋକଠୋକ** *ବିଂ.* ୧. ସିଧାସିଧି, ବିନା ଭୟରେ ୨. ନଗଦ ପ୍ରଦତ୍ତ ୩. ସାଙ୍ଗେସାଙ୍ଗେ କୃତ ; *କ୍ରି.ବିଂ.* ୧. ହାତେହାତେ ୨. ସଙ୍ଗେସଙ୍ଗେ ୩. ନଗଦା ନଗଦ, ଏକା ଥୋକରେ ।

**ରୋକ୍‌ଠୋକ୍ ଜବାବ ଦେବା** *କ୍ରି.* ମୁହେଁମୁହେଁ ସିଧାସଳଖ ଉତ୍ତର ଦେବା, ସଙ୍ଗେସଙ୍ଗେ ଉତ୍ତର ଦେବା ।

**ରୋକଡ଼ା** *ବି.* ଟଙ୍କାପଇସା, ସେହି କାରବାର ।

**ରୋକ** *ବି.* ୧. ରୋଧ, ବାଧା, ବନ୍ଦ, ଅଟକ ୨. ନଗଦ ଟଙ୍କା ଦେଇ କ୍ରୟ ୩. ଦୀପ୍ତି ।

**ରୋକଟ** *ବି.* ବାଦ୍ୟର ତାଳମାନ ଜ୍ଞାପକ ଧ୍ୱନି ସମୂହ ।

**ରୋକଡ଼** *ବି.* ୧. ଦୈନିକ ଜମାଖରଚ ହିସାବର ଖାତା ୨. ନଗଦ ଟଙ୍କାପଇସା ବା ତାର ହିସାବ ।

**ରୋକା** *ବି.* ୧. ହାତଚିଠା ୨. ନିର୍ଦ୍ଦେଶସୂଚକ ଖାମହୀନ କ୍ଷୁଦ୍ର ପତ୍ର ୩. ରସିଦ୍ ।

**ରୋକିବା** *କ୍ରି.* ୧. ଅଟକାଇବା, ବନ୍ଦ କରିବା ୨. ଗତିରୋଧ କରିବା, ଅଟକାଇବା ୩. ନିଷେଧ କରିବା ୪. ଗୁଳିବା, ତରଳ ପଦାର୍ଥ ଢ଼ାଳିବା ।

**ରୋଗ** *ବି.* ୧. ଦେହର ପୀଡ଼ା, ବେମାରି ୨. (ଲକ୍ଷଣାର୍ଥ) ମନ୍ଦ ଅଭ୍ୟାସ ।

**ରୋଗକାରକ** *ବିଂ.* ପୀଡ଼ା ଉତ୍ପାଦକ, ବ୍ୟାଧିର ସୃଷ୍ଟିକାରୀ ।

**ରୋଗକ୍ଳିଷ୍ଟ** *ବି.* ରୋଗଦ୍ୱାରା ଆକ୍ରାନ୍ତ, ପୀଡ଼ିତ ।

**ରୋଗଚର୍ଯ୍ୟା** *ବି.* ଆରୋଗ୍ୟ କରିବା ପାଇଁ ଅବଲମ୍ବିତ ଉପାୟ ବା ପ୍ରକ୍ରିୟା ।

**ରୋଗ ଛାଡ଼ିବା** *କ୍ରି.* ୧. ଆରୋଗ୍ୟ ହେବା ୨. ପୁରୁଣା ଅଭ୍ୟାସ ବନ୍ଦ ହେବା ।

**ରୋଗ ଜୀବାଣୁ** *ବି.* ଯେଉଁ ଜୀବାଣୁ ମନୁଷ୍ୟାଦି ଜୀବଦେହରେ ପ୍ରବେଶ କରି ରୋଗ ସୃଷ୍ଟି କରେ ।

**ରୋଗଜୀର୍ଣ୍ଣ, ରୋଗଶୀର୍ଣ୍ଣ** *ବିଂ.* ରୋଗ ହେବାଯୋଗୁଁ କୃଶ ବା ଦୁର୍ବଳ, ରୋଗିଣା ।

**ରୋଗ ଡେଇଁବା** *କ୍ରି.* ଜଣକଠାରୁ ଆଉ ଜଣକୁ ରୋଗ ସଂକ୍ରମଣ କରିବା ।

**ରୋଗଣା, ରୋଗଣିଆ** *ବିଂ.* ରୁଗ୍‌ଣପ୍ରାୟ, ରୋଗୀପରି ଶୀର୍ଣ୍ଣ (*ସ୍ତ୍ରୀ.* ରୋଗଣୀ) ।

**ରୋଗ ନିର୍ଣ୍ଣୟ** *ବି.* ରୋଗ ନିରୂପଣ, ରୋଗ ଚିହ୍ନଟ ।

**ରୋଗବଇରାଗ, ରୋଗବୈରାଗ** *ବି.* ଅସୁସ୍ଥତା ।

**ରୋଗଭୂ** *ବି.* ରୋଗର ଘର ସ୍ୱରୂପ ଦେହ ।

**ରୋଗମୁକ୍ତ** *ବିଂ.* ଆରୋଗ୍ୟପ୍ରାପ୍ତ ।

**ରୋଗଯନ୍ତ୍ରଣା** *ବି.* ରୋଗଜନିତ ପୀଡ଼ା ।

**ରୋଗହ, ରୋଗହା** *ବିଂ.* ରୋଗନାଶକ ; *ବି.* ବୈଦ୍ୟ, ଚିକିତ୍ସକ, ଡାକ୍ତର ।

**ରୋଗହ୍ରାସ** *ବି.* ପୀଡ଼ାର ଉପଶମ ।

**ରୋଗା** *ବିଂ.* ରୁଗ୍‌ଣ, ରୁଘା, ଭଗ୍ନ ସ୍ୱାସ୍ଥ୍ୟ, ରୋଗ ଭୋଗିବା ହେତୁ ଦୁର୍ବଳ, ଅସୁସ୍ଥ ବା ଶୀର୍ଣ୍ଣ (*ସ୍ତ୍ରୀ.* ରୋଗେଇ) ।

**ରୋଗାଇବା, ରୋଗେଇବା** *କ୍ରି.* ରୋଗଦ୍ୱାରା ଆକ୍ରାନ୍ତ ହେବା ।

**ରୋଗାକ୍ରାନ୍ତ** *ବିଂ.* ରୋଗରେ ପଡ଼ିଥିବା ।

**ରୋଗିଚର୍ଯ୍ୟା** *ବି.* ରୋଗୀକୁ ରୋଗ ମୁକ୍ତ କରିବା ନିମିତ୍ତ ସେବା ।

**ରୋଗିଣା** *ବି.* ରୋଗଣା ।

**ରୋଗିଣୀ** *ବି.* ସ୍ତ୍ରୀରୋଗୀ ; *ବିଂ.* ରୋଗଗ୍ରସ୍ତା, ରୋଗାକ୍ରାନ୍ତା, ବ୍ୟାଧିଗ୍ରସ୍ତା ।

**ରୋଗୀ** *ବିଂ.ବି.* ୧. ରୋଗପୀଡ଼ିତ, ରୋଗାକ୍ରାନ୍ତ, ମଲୁ ୨. ଚିକିତ୍ସାଧୀନ ବ୍ୟକ୍ତି ।

**ରୋଚକ** *ବିଂ.* ୧. ରୁଚିକର, ମନପସନ୍ଦ ୨. ରୁଚିକାରକ ୩. ଭୋଜନର ଆଗ୍ରହବର୍ଦ୍ଧକ ।

**ରୋଚନ** *ବି.* ୧. ଗୋରୋଚନା ୨. ପିଆଜ ୩. ସଜନା ୪. ଡାଳିମ୍ବ ।

**ରୋଚନା** *ବି.* ୧. ଉତ୍ତମା ନାରୀ ୨. ରକ୍ତ କହ୍ଲାର ୩. ଗୋରଚନା ।

**ରୋଚନୀ** *ବି.* ୧. ଗୋରୋଚନା ୨. ଅଁଳା ୩. ପୋଦିନା ।

**ରୋଚ୍ୟ** *ବିଂ.* ୧. ରୁଚିକର, ରୋଚକ, ପସନ୍ଦିଆ, ପ୍ରୀତିକର (*ସ୍ତ୍ରୀ.* ରୋଚ୍ୟା) ।

**ରୋଜ୍** *ବି.* ୧. ପ୍ରତ୍ୟହ, ନିତି ୨. ଦିନ, ଦିବସ, ତାରିଖ ୩. ଗୋଲାପ ।

**ରୋଜଗାର** *ବି.* ଉପାର୍ଜନ, ଆୟ ।

**ରୋଜଗାରିଆ, ରୋଜଗାରୀ** ***ବିଂ*** ଆୟଶୀଳ, ଉପାର୍ଜନକାରୀ (*ସ୍ତ୍ରୀ.* ରୋଜଗାରିଆଣୀ) ।

**ରୋଜନା, ରୋଜିନା** ***ବି.କ୍ରି.ବିଂ.*** ପ୍ରତ୍ୟହ, ପ୍ରତିଦିନ ; ***ବି.*** ଦୈନିକ ଖଞ୍ଜା ।

**ରୋଜନାମଚା** ***ବି.*** ଦୈନିକଲିପି, ଡାଏରୀ, ଦିନଲିପି ।

**ରୋଜନାମା** ***ବି.*** ୧. ଦୈନିକ ଆୟବ୍ୟୟ ହିସାବର ବହି ୨. ରୋଜନାମଚା, ଦିନଲିପି, ଡାଏରୀ ୩. ଜୀବନର ଦୈନନ୍ଦିନ ଘଟନାଦିର ବିବରଣ ଲେଖାଯିବା ବହି ।

**ରୋଜା** ***ବି.*** ପବିତ୍ର ରମଜାନ ମାସରେ ମୁସଲମାନମାନଙ୍କର ପ୍ରତିଦିନ ସୂର୍ଯ୍ୟୋଦୟଠାରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଉପବାସ ।

**ରୋଟ,ରୋଟା** ***ବିଂ.*** ୧. ମୋଟା ୨. ପୃଥୁଳ ୩. ବଗଡ଼ା ୪. ଉଚ୍ଚସ୍ୱରଯୁକ୍ତ *ସ୍ତ୍ରୀ.* ରୋଟୀ ।

**ରୋଟଗଳା** ***ବି.*** କର୍କଶ ସ୍ୱର ।

**ରୋଟ ଚାଉଳ** ***ବି.*** ବଗଡ଼ା ଚାଉଳ ।

**ରୋଟାରି** ***ବି.*** ଏକ ଆନ୍ତର୍ଜାତିକ ସେବାକାରୀ ସଂସ୍ଥା ।

**ରୋଟି, ରୋଟିକା** ***ବି.*** ରୁଟି ।

**ରୋଡ୍** ***ବି.*** ରାସ୍ତା, ସଡ଼କ,ରାଜପଥ ।

**ରୋଦ, ରୋଦନ** ***ବି.*** ୧. କାନ୍ଦିବା, କ୍ରନ୍ଦନ ୨. ଅଶ୍ରୁ ।

**ରୋଦନ୍ ଖରା** ***ବି.*** ଅତି ଟାଣ ଖରା।

**ରୋଦନା, ରୋଦିନା** ***ବି.*** ସରୁ ପତ୍ର ଯୁକ୍ତ ପୋଦିନାଜାତୀୟ ସୁଗନ୍ଧ ଗୁଳ୍ମ ବିଶେଷ ।

**ରୋଦର, ରୋଦ୍ର** ***ବି.*** ଓଦର, ଶସ୍ୟାଦି ରଖିବାପାଇଁ ବାଉଁଶ ପାତିଆରେ ତିଆରି ବଡ଼ଆଧାର, ଶଗଡ଼ ଉପରେ ରଖାଯିବା ଲମ୍ବାକୃତି ଡୋଲି , ଲୁଦର୍ ।

**ରୋଦସୀ** ***ବି.*** ୧. ପୃଥିବୀ ୨. ଆକାଶ ୩. ସ୍ୱର୍ଗ ୪. ଊର୍ଦ୍ଧ୍ୱସ୍ଥ ଶୂନ୍ୟଦେଶ ।

**ରୋଧ** ***ବି.*** ୧. ବାଧା, ପ୍ରତିବନ୍ଧ ୨. ସ୍ତମ୍ଭନ, ଅଟକ ।

**ରୋଧକ, ରୋଧୀ** ***ବିଂ.*** ରୋଧକାରୀ, ନିବାରଣକାରୀ (*ସ୍ତ୍ରୀ.* ରୋଧିକା, ରୋଧିନୀ)।

**ରୋଧନ** ***ବି.*** ବାଧାଦାନ, ଅଟକ ; ***ବିଂ.*** ରୋଧକାରୀ (*ସ୍ତ୍ରୀ.* ରୋଧନା) ।

**ରୋଧନୀୟ, ରୋଧ୍ୟ** ***ବିଂ.*** ରୋଧକରିବାର ଯୋଗ୍ୟ ।

**ରୋଧିତ** ***ବିଂ.*** ଯାହାକୁ ବାଧା ଦିଆଯାଇଛି ।

**ରୋଧିବା** ***କ୍ରି.*** ଅଟକ କରିବା, ବାଧା ଦେବା ।

**ରୋ(ଲୋ)ଧ୍ର** ***ବି.*** ୧. ଏକପ୍ରକାର ଫୁଲଗଛ ୨. ପାପ, ଅପରାଧ ।

**ରୋପ** ***ବି.*** ୧. ସ୍ଥାପନ, ୨. ରୋପଣ ୩. ଶର ୪. ଗାତ ।

**ରୋପକ** ***ବିଂ.*** ରୋପଣକାରୀ (*ସ୍ତ୍ରୀ.* ରୋପିକା) ।

**ରୋପଣ** ***ବି.*** ୧. ରୋପିବା, (ଚାରା) ଲଗାଇବା, ବୀଜାଦି ରୋଇବା, ୨. ସ୍ଥାପନ ୩. ଆରୋପ ।

**ରୋପଣକାରୀ** ***ବିଂ.*** ଯେ ରୋପଣ କରେ ।

**ରୋପଣୀୟ, ରୋପ୍ୟ** ***ବିଂ.*** ରୋଇବା ବା ରୋପିବା ଯୋଗ୍ୟ ।

**ରୋପୟିତା** ***ବିଂ.*** ରୋପଣକାରୀ (*ସ୍ତ୍ରୀ.* ରୋପୟିତ୍ରୀ) ।

**ରୋପା** ***ବି.*** ରୁଆ, ବିଲରେ ଧାନ ତଳି ରୋପଣ।

**ରୋପିତ** ***ବିଂ.*** ୧. ଯାହାକୁ ରୋପଣ କରାଯାଇଅଛି ୨. ସ୍ଥାପିତ ୩. ଆରୋପିତ ।

**ରୋପିବା** ***କ୍ରି.*** ୧. ରୋଇବା, ଚାରାଗଛ ପୋତିବା, ଚାରା ଲଗାଇବା ୨. ଥାପିବା ।

**ରୋବ୍** ***ବି.*** ୧. ବାଡ଼ ଦେବାରେ ବ୍ୟବହୃତ ଗଛର ଡାଳ ବା ଗଣ୍ଡି ୨. ଫୁଟାଣି।

**ରୋବଟ** ***ବିଂ.*** ରୋବୋ(ଟ୍), ଯନ୍ତ୍ର ମାନବ, ଅନ୍ୟ ଜୀବ ପରି କାମ କରୁଥିବା ଯାନ୍ତ୍ରିକ କର୍ମୀ ।

**ରୋବଣା** ***ବି.*** ପେଷଣଯନ୍ତ୍ର ବା ପଥର ଚକି, ରୋବେନ୍, ରୁଗୁଣା ।

**ରୋମ** ***ବି.*** ମୁଣ୍ଡବାଳ ବ୍ୟତୀତ ଶରୀରର ଲୋମ ।

**ରୋମ ଉଖୁଡ଼ିବା, ରୋମ ଉପୁଡ଼ିବା** ***କ୍ରି.*** ଦେହରୁ ଲୋମ ଉପୁଡ଼ିଯିବା ।

**ରୋମକଣ୍ଟକ** ***ବି.*** ବିସ୍ମୟ, ଉତ୍‌ଫୁଲ୍ଲତା, ଭୟ, ବିସ୍ମୟ, ଉଲ୍ଲାସ ଆଦି ଅନୁଭୂତିର ଆଧିକ୍ୟ ହେତୁ ଦେହର ରୋମ ଟାଙ୍କୁରି ଉଠିବା ।

**ରୋମକୂପ, ରୋମବିବର** ***ବି.*** ଲୋମର ମୂଳରେଥିବା କ୍ଷୁଦ୍ର ଛିଦ୍ର ।

**ରୋମକେଶର, ରୋମଗୁଚ୍ଛ** ***ବି.*** ଚାମର ।

**ରୋମଜ** ***ବିଂ.*** ଲୋମରୁ ପ୍ରସ୍ତୁତ, ପଶମୀ ।

**ରୋମଟାଙ୍କୁରା** ***ବିଂ.*** ରୋମାଞ୍ଚକର ।

**ରୋମ ଟାଙ୍କୁରିବା** ***କ୍ରି.*** ରୋମାଞ୍ଚିତ ହେବା ।

**ରୋମନ୍ଥ, ରୋମନ୍ଥନ** ***ବି.*** ୧. ଚର୍ବିତଚର୍ବଣ, ଖାଇଥିବା ଖାଦ୍ୟକୁ ଉଦ୍‌ଗାର କରି ପୁଣି ଚୋବାଇବା, ପାକୁଳି ୨. କୌଣସି ବିଷୟର ପୁନର୍ବିଚାର ୩. ପୁଣିଥରେ ଗଲା କଥା ମନେ ପକାଇବା ।

**ରୋମନ୍ଥକ, ରୋମନ୍ଥିକ** ***ବିଂ.*** ରୋମନ୍ଥନକାରୀ ; ***ବି.*** ପାକୁଳି କରୁଥିବା ଗୋମହିଷାଦି ପଶୁ ।

**ରୋମପୁଲକ, ରୋମବିକାର, ରୋମବିକ୍ରିୟା, ରୋମବିଭେଦ, ରୋମହର୍ଷ** ***ବି.*** ବିସ୍ମୟ, ଉତ୍‌ଫୁଲ୍ଲତା, ଭୟ, ପୁଲକ ଆଦି ଅନୁଭୂତିର ପ୍ରାବଲ୍ୟହେତୁ ଦେହର ଲୋମ ଟାଙ୍କୁରି ଉଠିବା ବା ଠିଆ ହୋଇଯିବା ।

**ରୋମ ବଙ୍କାଇବା** ***କ୍ରି.*** କୌଣସି ବ୍ୟକ୍ତିର ଅନିଷ୍ଟ ନ କରିପାରିବା ।
**ରୋମଭୂମି** ***ବି.*** ମଳିଚମ, ତ୍ୱକ୍, ଦେହର ପାତଳ ଚର୍ମ ଆବରଣ ।
**ରୋମରାଜି, ରୋମରେଖା, ରୋମଲତା, ରୋମଶ୍ରେଣ[ଣୀ]** ***ବି.*** ୧. ଲୋମସମୂହ ୨. ନାଭିର ଉର୍ଦ୍ଧ୍ୱଭାଗକୁ କିଛି ଦୂର ପ୍ରସାରିତ ଉଦରର ଲୋମ ରେଖା ।
**ରୋମଶ** ***ବିଂ.*** ଲୋମବହୁଳ (*ସ୍ତ୍ରୀ.* ରୋମଶା), ଘନ ଲୋମରେ ଭରା, ଲୋମଶ ।
**ରୋମହର୍ଷକ, ରୋମହର୍ଷଣକାରୀ** ***ବିଂ.*** ରୋମାଞ୍ଚ ସୃଷ୍ଟିକାରୀ, ଯାହା ରୋମ ଟାଙ୍କୁରାଇଦିଏ ।
**ରୋମହର୍ଷଣ** ***ବି.*** ରୋମ ଟାଙ୍କୁରା ଅନୁଭୂତି ।
**ରୋମାଙ୍କୁର** ***ବି.*** ଟାଙ୍କୁରି ଉଠୁଥିବା ବା ଉଠିଥିବା ଲୋମ ।
**ରୋମାଞ୍ଚ** ***ବି.*** ପୁଲକ ।
**ରୋମାଞ୍ଚକର** ***ବିଂ.*** (ଯେଉଁ ଅନୁଭୂତି) ଦେହରେ ରୋମ ଟାଙ୍କୁରାଇ ଦିଏ, ଲୋମ ଉଲୁସା, ଲୋମହର୍ଷକ ।
**ରୋମାଞ୍ଚିତ** ***ବିଂ.*** ରୋମାଞ୍ଚଯୁକ୍ତ, ପୁଲକିତ (*ସ୍ତ୍ରୀ.* ରୋମାଞ୍ଚିତା) ।
**ରୋମାଞ୍ଚିବା** ***ବି.*** ରୋମ ଟାଙ୍କୁରି ଉଠିବା, ରୋମାଞ୍ଚିତ ହେବା ।
**ରୋମାନ୍** ***ବି.ବିଂ.*** ରୋମ୍ ସମ୍ବନ୍ଧିତ, ରୋମୀୟ।
**ରୋମାନ୍ କାଥଲିକ୍** ***ବି.*** ଖ୍ରୀଷ୍ଟିଆନ ସମ୍ପ୍ରଦାୟର ପ୍ରଧାନ ଶାଖା ।
**ରୋମାଣ୍ଟିକ୍** ***ବିଂ.ବି.*** ୧. ରୋମାଞ୍ଚକର, ପୁଲକ ପ୍ରଧାନ ୨. ପ୍ରଣୟଧର୍ମୀ ୩. ଆବେଗାତ୍ମକ; ***ବି.*** ଆବେଗଜନିତ ଅଧୀରତା, ଭାବ ପ୍ରବଣତା ।
**ରୋମାଣ୍ଟିସିଜିମ୍** ***ବି.*** କଳା ବା ସାହିତ୍ୟରେ ସ୍ୱୈରବାଦ, ରୋମାଞ୍ଚବାଦ, ପୁଲକବାଦ ।
**ରୋମାବଳି[ଳୀ]** ***ବି.*** ଲୋମ ସମୂହ ।
**ରୋମୀୟ** ***ବି.*** ୧. ରୋମ୍‌ବାସୀ, ରୋମର ଲୋକ ୨. ରୋମାନ୍ ଲିପି ; ***ବିଂ.*** ଇତାଲୀ ଅନ୍ତର୍ଗତ ରୋମନଗର ସମ୍ବନ୍ଧୀୟ ।
**ରୋମୋଦ୍ଗମ** ***ବି.*** ରୋମାଞ୍ଚ, ପୁଲକ; ***ବିଂ.*** ରୋମୋଦ୍ଗତ ।
**ରୋରୁଦା** ***ବି.*** ବାହୁନା, ଗୁଣ ମନେ ପକାଇ ବିକଳ କ୍ରନ୍ଦନ ।
**ରୋରୁଦ୍ୟମାନ** ***ବିଂ.*** ବାହୁନି ବାହୁନି କାନ୍ଦୁଥିବା, ଛାତି ଫଟାଇ କାନ୍ଦୁଥିବା (*ସ୍ତ୍ରୀ.* ରୋରୁଦ୍ୟମାନା) ।
**ରୋଳ** ***ବି.*** ୧. ରୁଲବାଡ଼ି, ସରଳରେଖା ଟାଣିବାରେ ବା ପ୍ରହାର କରିବାରେ ବ୍ୟବହୃତ ସମାନ ବେଧର କାଷ୍ଠ ଦଣ୍ଡ ବିଶେଷ ୨. ଚିତ୍କାର, ଉଚ୍ଚସ୍ୱର, ଅବ୍ୟକ୍ତ ଉଚ୍ଚ ଧ୍ୱନି, ଘୋ-ଘା, ଗର୍ଜନ ୩. ଯୁଦ୍ଧ, କଳହ ୪. ଚହଳ, ଗୋଳମାଳ ୫. ଖୁଣ୍ଟ ୬. ଶିଢ଼ି ।
**ରୋଳ ଉଠିବା** ***କ୍ରି.*** ଘୋ ଘୋ ଶବ୍ଦ ହେବା ।
**ରୋଳା** ***ବି.*** ନୋଳା, ବେତମାଡ଼ର ଚିହ୍ନ ।
**ରୋଲ୍** ***ବି.*** ୧. ବିଦ୍ୟାଳୟରେ ଛାତ୍ରମାନଙ୍କ ଉପସ୍ଥାପନ ବା ହାଜିରା ୨. ପରିବା, ଅଣ୍ଡାଭଜା, ମାଂସ ଆଦି ପୁର ଦେଇ ଗୁଡ଼ା ହୋଇଥିବା ଲାଛା ରୁଟି ୩. ଫଟୋ ଉଠା ଫିଲମ୍‌ର ଚକି ୪. ଭୂମିକା ।

**ରୋଲ୍ ନମ୍ବର** ***ବି.*** ବିଦ୍ୟାଳୟର ଶ୍ରେଣୀରେ ଛାତ୍ରଙ୍କ କ୍ରମିକ ସଂଖ୍ୟା, ହାଜିରା ବହିର କ୍ରମ ଅନୁସାରେ ପ୍ରତ୍ୟେକ ଛାତ୍ରର କ୍ରମିକ ସଂଖ୍ୟା ।
**ରୋଲର୍** ***ବି.*** ରୋଡ଼ ରୋଲର, ଖାଲ ଢ଼ିପ ସମତଳ କରିବା ପାଇଁ ଗୋଲାକାର ବୃହତ୍ ଚଳନଶୀଳ ଲୁହା ଚକଥିବା ଯନ୍ତ୍ର ।
**ରୋଶଣି,ରୋଶାଣି** ***ବି.*** ଆଡମ୍ବରପୂର୍ଣ୍ଣ ଆଲୋକ ସଜ୍ଜା ଓ ଆଲୋକର ଶୋଭାଯାତ୍ରା, ଆଲୋକୋତ୍ସବ ।
**ରୋଷ** ***ବି.*** ୧. ରୋଷେଇ, ରନ୍ଧନ, ପାକ ୨. କ୍ରୋଧ, ରାଗ, କୋପ ।
**ରୋଷ ଅମିନ** ***ବି.*** ଶ୍ରୀମନ୍ଦିରରେ ସୂପକାର ଗୋଷ୍ଠୀର ସେବକ, ଜଗିଆ ମହାସୁଆର ।
**ରୋଷକଷାୟ,ରୋଷକଷାୟିତ** ***ବିଂ.*** ରାଗରେ ଲାଲ ହୋଇଯାଇଥିବା କ୍ରୋଧରେ ଆରକ୍ତ, *ସ୍ତ୍ରୀ.* ରୋଷକଷାୟିତା ।
**ରୋଷଘର** ***ବି.*** ୧. ରୋଷେଇ ଘର ୨. ମନ୍ଦିରର ରନ୍ଧନଶାଳା ।
**ରୋଷ ଛତିଶା ନିଯୋଗ** ***ବି.*** ଶ୍ରୀମନ୍ଦିରରେ ରୋଷ ସହିତ ସମ୍ପୃକ୍ତ ବିଭିନ୍ନ ସେବକ ଗୋଷ୍ଠୀ।
**ରୋଷଜନକ** ***ବିଂ.*** ଯାହା କ୍ରୋଧ ଜନ୍ମାଏ ।
**ରୋଷଜନିତ** ***ବିଂ.*** କ୍ରୋଧରୁ ଜନ୍ମିଥିବା ।
**ରୋଷଜର୍ଜର** ***ବିଂ.*** କ୍ରୋଧରେ ଜର୍ଜରିତ, ରାଗରେ ଉନ୍ମାଦିତ ।
**ରୋଷଣ** ***ବି.*** ୧. ରାଗ, କ୍ରୋଧ, କୋପନ ୨. ପାରଦ ୩. କଷଟିପଥର ।
**ରୋଷଣିଆ** ***ବିଂ.ବି.*** ପାଚକ, ରୋଷେୟା, ରାନ୍ଧୁଣିଆ ।
**ରୋଷଣି** ***ବି.*** ରୋଶଣି ।
**ରୋଷ ଦଳାଇ** ***ବି.*** ଶ୍ରୀମନ୍ଦିର ରୋଷ କାର୍ଯ୍ୟ ପାଇଁ ସେବକ।
**ରୋଷଦୀପ୍ତ** ***ବିଂ.*** କ୍ରୋଧରେ ପ୍ରଚଣ୍ଡ, ରାଗରେ ଲାଲ୍ (*ସ୍ତ୍ରୀ.* ରୋଷଦୀପ୍ତା ।
**ରୋଷଦୃଷ୍ଟି** ***ବି.*** କ୍ରୋଧପୂର୍ଣ୍ଣ ଦୃଷ୍ଟି, ରାଗ ଜରଜର ଚାହାଣି ।
**ରୋଷନାୟକ** ***ବି.*** ଶ୍ରୀମନ୍ଦିର ସେବାରେ ସୂପକାର ଗୋଷ୍ଠୀର ନାୟକ ବିଶେଷ।
**ରୋଷପରାୟଣ** ***ବିଂ.*** ରାଗୀ, କ୍ରୋଧୀ ।
**ରୋଷ ପାଇକ** ***ବି.*** ଶ୍ରୀମନ୍ଦିରରେ ରୋଷ ପ୍ରତିହାରୀ, ରୋଷଦ୍ୱାର ରକ୍ଷକ ସେବକ ବିଶେଷ।
**ରୋଷବହ୍ନି** ***ବି.*** କ୍ରୋଧର ଦାହ ବା ଜ୍ୱାଳା, ଅତ୍ୟଧିକ ରାଗ ।
**ରୋଷବିସ୍ଫାରିତ** ***ବିଂ.*** ରାଗରେ ମେଲା ହୋଇଥିବା (ଆଖି), କ୍ରୋଧ ଜର୍ଜରିତ ।
**ରୋଷଭର** ***ବିଂ.*** ରାଗାନ୍ୱିତ, କ୍ରୁଦ୍ଧ ।
**ରୋଷମ** ***ବି.*** ରାସନ, ସଞ୍ଚା, ଖାଦ୍ୟସାମଗ୍ରୀ ।
**ରୋଷ ହୋମ** ***ବି.*** ଶ୍ରୀମନ୍ଦିରରେ ପ୍ରତ୍ୟହ ରୋଷରେ ରନ୍ଧନ ପୂର୍ବରୁ ହେବା ହୋମ।

**ରୋଷାଇ, ରୋଷେଇ** *ବି.* ରାନ୍ଧିବା କାମ, ଖାଦ୍ୟଦ୍ରବ୍ୟର ପାକକ୍ରିୟା ବା ରନ୍ଧନ ଧାରା ।

**ରୋଷା[ଷେ]ଇଆ, ରୋଷେୟା** *ବି.* ପାଚକ; ରାନ୍ଧୁଣିଆ (*ସ୍ତ୍ରୀ.* ରୋଷାଇଆଣୀ, ରୋଷେୟାଣୀ) ।

**ରୋଷା[ଷେ]ଇଘର** *ବି.* ରୋଷେଇଶାଳା, ରନ୍ଧାଘର, ରନ୍ଧନଗୃହ, ପାକଶାଳା ।

**ରୋଷାଇବାସ, ରୋଷେଇବାସ** *ବି.* ରନ୍ଧାବଢ଼ା, ରନ୍ଧନ କ୍ରିୟା ।

**ରୋଷାଗ୍ନି** *ବି.* କ୍ରୋଧାଗ୍ନି ।

**ରୋଷାନ୍ଧ** *ବିଂ.* ରାଗରେ ହିତାହିତଜ୍ଞାନ ଶୂନ୍ୟ ।

**ରୋଷାନ୍ୱିତ** *ବିଂ.* ପ୍ରଚଣ୍ଡ ରାଗିଥିବା, ଅତ୍ୟନ୍ତ କ୍ରୋଧଯୁକ୍ତ, କ୍ରୁଦ୍ଧ (*ସ୍ତ୍ରୀ.* ରୋଷାନ୍ୱିତା) ।

**ରୋଷାବିଷ୍ଟ** *ବିଂ.* କ୍ରୋଧର ଚାପରେ ନିଜତ୍ୱ ଭୁଲିଥିବା (*ସ୍ତ୍ରୀ.* ରୋଷାବିଷ୍ଟା); *ବି.* ରୋଷାବେଶ ।

**ରୋଷିତ, ରୁଷ୍ଟ** *ବିଂ.* ଯାହାକୁ ରଗାଇ ଦିଆଯାଇଛି, କୋପିତ (*ସ୍ତ୍ରୀ.* ରୋଷିତା, ରୁଷ୍ଟା) ।

**ରୋଷିବା** *ବି.* ରୋଷ କରିବା, ରାଗିବା ।

**ରୋଷୀ** *ବିଂ.* କ୍ରୋଧୀ, ରାଗୀ ।

**ରୋଷେୟା** *ବି.* ସୁପକାର, ପାଚକ, ରାନ୍ଧୁଣିଆ, ରନ୍ଧନିଆ ।

**ରୋଷ୍ଟ୍** *ବି.* ୧. ଭଜା ୨. ଭାଜି ପ୍ରସ୍ତୁତ କରାଯିବା ମସଲା ମିଶା ବ୍ୟଞ୍ଜନ ବିଶେଷ ।

**ରୋସମ** *ବି.* ୧. ବିଶେଷ ଉପଲକ୍ଷରେ ଦିଆଯିବା ସଲାମି ୨. କାର୍ଯ୍ୟସାଧନ ପରେ ଦିଆଯିବା ପୁରସ୍କାର ବା ବକ୍‌ସିସ ।

**ରୋସାବା** *କ୍ରି.* ମାଡ଼ ବାଜିବା ବା ମକ୍‌ଚି ଯିବାର କିଛି ସମୟ ପରେ ପୀଡ଼ା ଅନୁଭୂତ ହେବା।

**ରୋହ** *ବି.* ୧. ଆରୋହଣ ୨. ଅଙ୍କୁର ।

**ରୋହକ** *ବି.* ୧. ଆରୋହୀ ୨. ଚଢ଼ିଥିବା ଲୋକ ।

**ରୋହଣ** *ବି.* ୧. ଆରୋହଣ ୨. ପର୍ବତ ।

**ରୋହି, ରୋହିମାଛ** *ବି.* ଏକ ପ୍ରକାର ବଡ଼ ମଧୁର ଜଳ ମାଛ, ରୋହିତ।

**ରୋହିଣୀ** *ବି.* ୧. ସତେଇଶ ନକ୍ଷତ୍ର ମଧ୍ୟରୁ ଚତୁର୍ଥ ନକ୍ଷତ୍ର ୨. ପୁରାଣରେ ଦକ୍ଷରାଜକନ୍ୟା ଓ ଚନ୍ଦ୍ରଙ୍କ ପତ୍ନୀ ୪. ପୁରାଣରେ ବଳରାମଙ୍କ ମାତା ୫. ନାଲିଆ ଗାଈ ୬. ଉପରକୁ ଉଠି ମାଡ଼ିବା ଲତା, ବଲ୍ଲରୀ ୭. ହରିଡ଼ା, ହରିତକୀ, ହରିତାଳ ।

**ରୋହିଣୀକାନ୍ତ,ରୋହିଣୀପତି, ରୋହିଣୀବଲ୍ଲଭ** *ବି.* ୧. ଚନ୍ଦ୍ର ୨. ବସୁଦେବ ।

**ରୋହିଣୀକୁଣ୍ଡ** *ବି.* ପୁରୀର ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଥିବା ବିମଳାଙ୍କ ମନ୍ଦିର ସମ୍ମୁଖସ୍ଥ ଏକ କ୍ଷୁଦ୍ର ଜଳକୁଣ୍ଡ ।

**ରୋହିତ୍** *ବି.* ୧. ସୂର୍ଯ୍ୟ ୨. ନାଲି ରଙ୍ଗ ୩. ନାଲିଆ ମୃଗୀ ୪. ରୋହିମାଛ ।

**ରୋହିତ, ରୋହିତକ** *ବି.* ୧. ରୋହି ମାଛ ୨. ନାଲିଆ ମୃଗ ୩. ପଦ୍ମରାଗ ମଣି ୪. ନାଲିରଙ୍ଗ ୫. ରକ୍ତ କୁଙ୍କୁମ; *ବିଂ.* ରକ୍ତବର୍ଣ୍ଣଯୁକ୍ତ ।

**ରୋହିତନ, ରୁଇତନ** *ବି.* ତାସର ଠିକିରି ରଙ୍ଗ ।

**ରୋହିବାଡ଼ି** *ବି.* କ୍ଷୀରରୁ ଖୁଆ ମନ୍ଥିବା ପାଇଁ ବ୍ୟବହୃତ ବାଡ଼ି।

**ରୋହିଣୀତଳା** *ବି.* ଶବ ଦାହର ତୃତୀୟଦିନ ପଇଡ଼ପାଣି, ଦୁଗ୍ଧ ଇତ୍ୟାଦିରେ ଚିତାଗ୍ନିକୁ ଲିଭାଇବା, ରାଇଣୀତଳା ।

**ରୋହୀ** *ବିଂ.* ଆରୋହଣକାରୀ ; *ବି.* ଅଶ୍ୱତ୍ଥ ବୃକ୍ଷ, ବଟବୃକ୍ଷ ।

**ରୈଖିକ** *ବିଂ.* ୧. ରେଖାଦ୍ୱାରା ଚିହ୍ନିତ ୨. ରେଖା ସମ୍ବନ୍ଧୀୟ ୩. ଗୋଟିଏ ସରଳରେଖାରେ ଗତି କରୁଥିବା ।

**ରୈବତକ** *ବି.* ବିନ୍ଧ୍ୟାଚଳର ପଶ୍ଚିମ ଦିଗସ୍ଥ ପର୍ବତ ବିଶେଷ ।

**ରୌଦ୍ର** *ବିଂ.* ୧. ରୁଦ୍ର ସମ୍ବନ୍ଧୀୟ ୨. ପ୍ରଚଣ୍ଡ, ଭୟଙ୍କର, ଉଗ୍ର ।

**ରୌଦ୍ରତପ୍ତ** *ବିଂ.* ଖରା ତାପରେ ଉତ୍ତପ୍ତ।

**ରୌଦ୍ରରସ** *ବି.* ୧. କାବ୍ୟରେ ବର୍ଣ୍ଣିତ କ୍ରୋଧ ସଂଚାରକ ରସବିଶେଷ ୨. ସୂର୍ଯ୍ୟତାପ ।

**ରୌଦ୍ରସ୍ନାନ** *ବି.* ୧. ସର୍ବାଙ୍ଗରେ ସୂର୍ଯ୍ୟତାପ ପ୍ରୟୋଗର ଚିକିତ୍ସା ବିଶେଷ ୨. ସୂର୍ଯ୍ୟକିରଣରେ ସ୍ନାନ କରିବା ।

**ରୌଦ୍ରୀ** *ବି.* ଚଣ୍ଡୀ ।

**ରୌଦ୍ରୋଜ୍ଜ୍ୱଳ** *ବିଂ.* ସୂର୍ଯ୍ୟତେଜରେ ଝିଲିମିଲି ।

**ରୌପ୍ୟ** *ବି.* ୧. ରୁପା ୨. ରୂପାର ମୁଦ୍ରା ବା ଟଙ୍କା ।

**ରୌପ୍ୟକ** *ବିଂ.* ୧. ରୁପାରେ ନିର୍ମିତ, ରୁପାରେ ତିଆରି ୨. ରୁପାସଦୃଶ, ରୁପେଲି ।

**ରୌପ୍ୟଚକ୍ରି** *ବି.* ୧. ରୁପାର ଚକତି ୨. ରୁପା ଟଙ୍କା ।

**ରୌପ୍ୟଜୟନ୍ତୀ** *ବି.* ପଚିଶ ବର୍ଷ ପୂରିବାର ଉତ୍ସବ, ରଜତ ଜୟନ୍ତୀ।

**ରୌପ୍ୟମୁଦ୍ରା** *ବିଂ.* ରୁପା ଟଙ୍କା ।

**ରୌରବ** *ବି.* ଭୀଷଣ ପାପୀଙ୍କ ପାଇଁ ନିର୍ଦ୍ଦିଷ୍ଟ କଥିତ ନରକ ବିଶେଷ; *ବିଂ.* ଧୂର୍ତ୍ତ, ଭୟଙ୍କର ।

**ର୍ୟାକ୍** *ବି.* କାଠ, ଲୁହା, ପ୍ଲାଷ୍ଟିକ ଆଦିରେ ନିର୍ମିତ ଥାକ ବା ଖୋଲା ଆଲମାରି ।

**ର୍ୟାକେଟ୍** *ବି.* ୧. ଟେନିସ, ବ୍ୟାଡମିଣ୍ଟନ ଆଦି ଖେଳରେ ବ୍ୟବହୃତ ବୁଣା ବ୍ୟାଟ୍ ୨. କୁଚକ୍ରୀ ଦଳ ୩. କୁକର୍ମ ବା ଦୁର୍ନୀତିର ଷଡ଼ଯନ୍ତ୍ର ।

**ର୍ୟାଙ୍କ୍** *ବି.* ସ୍ଥାନ, ଯୋଗ୍ୟତାକ୍ରମ ।

# ଲ

**ଲ** ***ବି.*** ତ୍ରିଂଶତିତମ ବ୍ୟଞ୍ଜନବର୍ଣ୍ଣ ।

**ଲଅ, ଲହ** ***ବି.*** ୧. ଲତା ୨. ସାପ ।

**ଲଅର୍‌ ଝପର** ***ବି.*** ପିନ୍ଧା ଲୁଗାର କାନି ପଣତ ବା ପ୍ରାନ୍ତଦେଶ ତଳେ ଘୋଷାରି ହେବା (ଅବସ୍ଥା); ***କ୍ରି.ବିଂ.*** ଦେଖେଇହେବାପାଇଁ ଏପଟସେପଟ ଘୂରି ବୁଲିବା ।

**ଲ[ନ]ଇଁବା** ***କ୍ରି.*** ୧. ନଇଁବା, ନଇଁପଡ଼ିବା, ଝୁଙ୍କି ଯିବା ୨. ନମ୍ର ବା ନତ ହେବା ।

**ଲଇ** ***ବି.*** ୧. ଲହଲତା, ଲତା ୨. ଗଛର ବକଳ ବା ଛାଲିରୁ ବାହାରିଥିବା ପତଳା ତନ୍ତୁ ୩. ତାଳ ବାହୁଙ୍ଗାର ପଟ ।

**ଲଉଡ଼ି** ***ବି.*** ୧. ବାଡ଼ି, ଯଷ୍ଟି ୨. ପାଞ୍ଚଣ ।

**ଲଏ** ***ବି.*** ୧. ଲୟ, ମନୋଯୋଗ ୨. ଅଭ୍ୟାସ ।

**ଲଏନ[ଲଙ୍ଗ]କିଲାଟ** ***ବି.*** ଲଙ୍ଗକ୍ଲଥ୍‌, ଧଳା ସୂତାର ଗାଫ୍‌ବୁଣା ଥାନକନା ବିଶେଷ ।

**ଲଏସର** ***ବିଂ.*** ୧. ଶୀର୍ଣ୍ଣ, ଦୁର୍ବଳ ୨. ବିନୀତ ।

**ଲଏ ହେବା** ***କ୍ରି.*** ଅଭ୍ୟାସରେ ପଡ଼ିଯିବା ।

**ଲକ୍‌** ***ବି.*** ୧. ତାଲା ୨. ଭାଗ୍ୟ ୩. କେନାଲର ଜଳପତନ ସମାନ କରି ବୋଟ ଚଳାଚଳ କରିବାପାଇଁ କେନାଲମଧ୍ୟରେ ନିର୍ମିତ କବାଟଯୁକ୍ତ ପ୍ରକୋଷ୍ଠ ବିଶେଷ ୪. ପାଖ, ପାର୍ଶ୍ୱ ।

**ଲକ୍‌ଠକ୍‌** ***ବିଂ.କ୍ରି.ବିଂ.*** କମ୍‌ ନୁହେଁ କି ଅଧିକ ନୁହେଁ, ମୁଣ୍ଡକୁମୁଣ୍ଡା ।

**ଲକ୍‌ଠକାବା** ***କ୍ରି.*** ଉପଯୁକ୍ତ ସମୟ ବା ସୁଯୋଗ ଦେଖିବା ।

**ଲକ୍‌ଠା** ***ବିଂ.*** ନିକଟ, ପାଖ ।

**ଲକ୍‌ବକାବା** ***କ୍ରି.*** ଅସ୍ଥିର ହେବ, ଲଡ଼୍‌ ଲଡ଼ ହେବା ।

**ଲକଚ, ଲୁକୁଚ** ***ବି.*** ଜେଉଟ ଫଳ ଓ ତାର ଗଛ ।

**ଲକଡ଼[ଡ଼ି]** ***ବି.*** ୧. ଶୁଖିଲା କାଠ, ଜାଳେଣି କାଠ ୨. କାଠି ।

**ଲକର୍‌** ***ବି.*** ୧. ମୂଲ୍ୟବାନ ବସ୍ତୁ ରଖିବା ପାଇଁ ଗୁପ୍ତ ବାକ୍ସ ବା ଖୋପ ୨. ବ୍ୟାଙ୍କରେ ସେଭଳି ବ୍ୟବସ୍ଥା ।

**ଲକଲକ** ***ବିଂ.କ୍ରି.ବିଂ.*** ୧. ନକନକ, ସରୁଆ ୨. ନମନୀୟ ପଦାର୍ଥ ପ୍ରସାରିତ ଓ ଆନ୍ଦୋଳିତ ହେବା ; ***ବି.*** ନିଆଁରେ ବସି ସିଝିଥିବା ଦ୍ରବ୍ୟରୁ ପାଣିଅଂଶ କମିଯିବା ପରେ ତହିଁର ଫୁଟିବା ଶବ୍ଦ ।

**ଲକଲକିଆ** ***ବିଂ.*** ୧. ନମନୀୟ ଓ ଆନ୍ଦୋଳିତ ବା ଲୁଳିତ ୨. ପତଳା, ସରୁଆ (*ସ୍ତ୍ରୀ.* ଲକଲକେଇ) ।

**ଲକଲକେ[କା]ଇବା** ***କ୍ରି.*** ଲକଲକ ହେବା ।

**ଲକସ୍ତକ** ***ବିଂ.*** ନିଉନ, ବିନମ୍ର, ଦୀନଭାବାପନ୍ନ ।

**ଲକି** ***ବି.*** ୧. ବଡ଼ ପିତଳ ବେଲା, ତସଲା ୨. ନଖି, ଡେକଚି; ***ବିଂ.*** ଭାଗ୍ୟବାନ ।

**ଲକେ** ***ଅ.*** ଠାରେ, ସ୍ଥାନରେ, ପାଖରେ ।

**ଲକେଇ** ***ବିଂ.*** ଜାଉଆ ।

**ଲକେଇବା** ***କ୍ରି.*** ଜାଉଆ ହେବା, ପେଜୁଆ ହେବା ।

**ଲକେଟ୍‌** ***ବି.*** ହାର ପ୍ରଭୃତିର ଝୁଲା ପଦକ, ମଧ୍ୟମଣି ।

**ଲକ୍ତକ** ***ବି.*** ୧. ଅଳତା, ଅଲକ୍ତକ ୨. ନାଲି ରଙ୍ଗର ବସ୍ତ୍ର ୩. ଛିଣ୍ଡା ଲେଙ୍ଗଡ଼ା ବା ଜୀର୍ଣ୍ଣ ବସ୍ତ୍ରଖଣ୍ଡ ।

**ଲଖିଲଖାବା** ***କ୍ରି.*** ଅଦାଢୁଆ ଅସ୍ତ୍ର ଦ୍ୱାରା ବାରମ୍ବାର ଘଷି କାଟିବା ।

**ଲଖା** ***ବି.*** ଗରା, ଲୋଟା ଭଳି ପାତ୍ରରେ କଣାକୁ ଟୁଙ୍କିବା ପାଇଁ ଦିଆଯିବା ଲେପ, ଲାଖ ଚୁଣ୍ଡା ।

**ଲଖେଇବା** ***ବି.*** କୌଣସି ପଦାର୍ଥରେ ଅନ୍ୟ ଏକ ପଦାର୍ଥକୁ ଖପେଇ ଦେବା ବା ଶକ୍ତ ଭାବରେ ରଖିବା ।

**ଲଗତି** ***ବି.*** ଲଗାଣ, ଋଣ ବ୍ୟବସାୟ ।

**ଲଗତିଆ** ***ବି.ବିଂ.*** ଋଣୀ, ଋଣଗ୍ରସ୍ତ ।

**ଲଗନିଆ** ***ବି.*** ୧. ଲଗ୍ନ ସ୍ଥିର କରିବା ବ୍ୟକ୍ତି ୨. ଯେ ଲାଗି ହୁଏ ବା ଲଗେଇ ହୁଏ ।

**ଲଗ** ***ବି.*** ୧. ସଙ୍ଗ, ସଂସ୍ପର୍ଶ, ସମ୍ପର୍କ ୨. ସମ୍ବନ୍ଧ ୩.ବିବାହ ଆଦିର ଲଗ୍ନଧାରା ।

**ଲଗ[ଗା]ଉତି, ଲଗୁତି** ***ବି.*** ବ୍ୟବସାୟରେ ଖର୍ଚ୍ଚ ହେବା ମୂଳ ଟଙ୍କା ।

**ଲଗନ୍‌** ***ବି.*** ୧. ଶୁଭକାର୍ଯ୍ୟର ବେଳା, ଶୁଭଲଗ୍ନ ୨. ମନୋଯୋଗ ।

**ଲଗା** ***ବିଂ.*** ୧. ସଂଯୁକ୍ତ, ସଂଲଗ୍ନ ୨. ଅଭିନ୍ନ (*ବିପ.* ଅଲଗା) ୩. ଦାୟୀ ; ***ବି.*** ସମ୍ପର୍କ ।

**ଲଗାଉ** ***ବି.*** ଲଗାଲଗି ଅବସ୍ଥା, ସମ୍ପର୍କ ; ***ବିଂ.*** ସଂଲଗ୍ନ, ସମ୍ପୃକ୍ତ ।

**ଲଗାଏତ** ***ଅ.*** ଠାରୁ, ଅବଧି, ପର୍ଯ୍ୟନ୍ତ; ***କ୍ରି.ବିଂ.*** ଅବିଚ୍ଛିନ୍ନ ଭାବରେ, କ୍ରମାନ୍ୱୟରେ, ଲଗାଇ ବା ମିଶାଇ, କ୍ରମାଗତଭାବରେ ।

**ଲଗାଜୁଟା** ***ବି.*** ଲଗା ଯୋଡ଼ା; ***ବିଂ.*** ସମ୍ପର୍କୀୟ, ଲାଗେରଲେସର ।

**ଲଗାଜୋଡ଼ା** ***ବି.*** କାହା ବିରୁଦ୍ଧରେ ବନେଇଚୁନେଇ କହିବା, ମନ୍ଦ ଉଦ୍ଦେଶ୍ୟରେ ତା କଥା ଏଠି, ୟା କଥା ସେଠି କହି ଶତ୍ରୁତା ବଢ଼ାଇବା ।

**ଲଗାଣ** ***ବିଂ.*** ୧. ବିରାମହୀନ, ବହୁ ଦିନ ବ୍ୟାପୀ, ଅବିଚ୍ଛିନ୍ନ ; ***ବି.*** ୧. ବହୁ ଦିବସବ୍ୟାପୀ ବୃଷ୍ଟି ବା ଝଡ଼ ୨. କରଜ ଲଗାଇବା, ମୂଳଧନ ନିୟୋଜନ ।

**ଲଗାଣି** *ବିଂ* ୧. ତିରୋଟ ବେଳେ ଋଣ ଭାବେ ଦିଆଯାଇଥିବା (ଧାନ) – ଯାହା ଅତ୍ୟଧିକ ସୁଧ ସହିତ ଅମଳ ପରେ ଫେରସ୍ତ କରିବାକୁ ହୁଏ ୨. କ୍ରମାଗତ ବର୍ଷୁଥିବା ୩. ଅବିରାମ ।

**ଲଗାଣିଆ** *ବିଂ* ୧. ଖଟୁଆ ୨. ଲଗାଣ ଯୁକ୍ତ ; *ବି.* ପିଆଦା ।

**ଲଗାତାର** *କ୍ରି.ବିଂ.* ୧. କ୍ରମାଗତ ଭାବେ, ଲଗାଏତ୍, ଲଗାଣ ୨. ବାରମ୍ବାର ।

**ଲଗାନ୍** *ବି.* ୧. ଭୂରାଜସ୍ୱ, କର ବା ଶୁଳ୍କ ୨. ମାଲିକ ଜମିରେ ବେଠି ବା ଭାଗୁଆଳି ଚାଷ ।

**ଲଗାନି** *ବି.* ଲଗାଣି, ଋଣ ।

**ଲଗାପଘା** *ବି.* ୧. ସମ୍ପର୍କ ଓ ଦାୟିତ୍ୱ ୨. ସାଂସାରିକ ବନ୍ଧନ ।

**ଲଗାମ** *ବି.* ୧. ଘୋଡ଼ାର ବଲ୍‌ଗା ୨. ଓଷ୍ଠପ୍ରାନ୍ତର ସନ୍ଧି ୩. ଓଠକୋଣରେ ହେବା ଘାଆ, କେର୍ ଖାଇବା ୪. ସଂଯମ, ନିୟନ୍ତ୍ରଣ ।

**ଲଗାମଛଡ଼ା** *ବି.ବିଂ.* ଅମାନିଆ, ଯଥେଚ୍ଛାଚାରୀ, ନିୟନ୍ତ୍ରଣହୀନ, ଅବାଧ୍ୟ, ଅସଂଯତ ।

**ଲଗାଲଗି** *ବିଂ.କ୍ରି.ବିଂ.* ସଂଲଗ୍ନ, ଘଞ୍ଚ , ପାଖକୁ ପାଖ ।

**ଲଗାଲୁତରା** *ବି.* ଲଗାଯୋଡ଼ା, ଶୁଣିଥିବା କଥା ଅନ୍ୟଠି ବନେଇଚୁନେଇ କରିବା, ଲଗାକୁଟା ।

**ଲଗାଲୁତ୍‌ରିଆ** *ବି.ବିଂ.* ବହୁ ଲୋକଙ୍କ ସାଙ୍ଗରେ ସମ୍ପର୍କ ଯୋଡ଼ି ଏବଂ ବନେଇ ଚୁନେଇ କଥା କହି କଳହ ସୃଷ୍ଟିକାରୀ (*ସ୍ତ୍ରୀ.* ଲଗାଲୁତ୍‌ରିଏନ୍) ।

**ଲଗାହାରି** *ବି.* ୧. ଜ୍ଞାତି କୁଟୁମ୍ବଙ୍କ ଭଳି ନିକଟ ଲୋକ ୨. ମୃତ୍ୟୁ ଦେବତା ୩. ଅପମୃତ୍ୟୁ ।

**ଲଗି, ଲଗୀ, ନଗୀ** *ବି.* ୧. ଆଙ୍କୁଡି ୨. ଡଙ୍ଗାର ଅଙ୍କୁଶାଗ୍ର କାତ ।

**ଲଗୁଆର** *ବିଂ* ଋଣଗ୍ରସ୍ତ ; *ବି.* ଖାତକ ।

**ଲଗୁଡ଼[ର,ଳ]** *ବି.* ୧. ମୋଟା ଯଷ୍ଟି ବା ବାଡ଼ି ୨. ଲାବଡ଼, ଠେଙ୍ଗା ୩. ଗଦା ବା ମୁଦ୍ଗର ଜାତୀୟ ପ୍ରାଚୀନ ଲୌହ ଶସ୍ତ୍ର ବିଶେଷ ୪. ରକ୍ତ କରବୀର, ନାଲି କନିଅର ଫୁଲ ।

**ଲଗେଜ୍** *ବି.* ୧. ଯାତ୍ରୀର ସଙ୍ଗରେ ଥିବା ଜିନିଷପତ୍ରର ଗଣ୍ଠିରି, ଗଣ୍ଠିଲି; ବାକ୍ସ, ବେଗ୍ ପ୍ରଭୃତି ସମାନ ୨. ତାହାର ଉଡ଼ା ।

**ଲଗ୍ନ** *ବି.* ୧. ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଗ୍ରହମାନଙ୍କ ସ୍ଥିତି ୨. ମେଷାଦି ରାଶିର ଉଦୟ କାଳ ; *ବିଂ* ୧. ସଂଯୁକ୍ତ ୨. ଆସକ୍ତ ।

**ଲଘିମା** *ବି.* ୧. ଲଘୁତା, ହ୍ରସ୍ୱତ୍ୱ, ଲାଘବ ୨. ଗୌରବହୀନତା ୩. ଯୋଗଲବ୍ଧ ଐଶ୍ୱର୍ଯ୍ୟବିଶେଷ, ଦେହକୁ ଇଚ୍ଛାମତେ ଲଘୁ ବା ସୁକ୍ଷ୍ମ କରିବାର ଶକ୍ତି (*ବିପ.* ଗରିମା) ।

**ଲଘିଷ୍ଠ** *ବିଂ* ୧. ସବୁଠାରୁ ଛୋଟ, ସବାସାନ, କ୍ଷୁଦ୍ରତମ ୨. ସର୍ବାପେକ୍ଷା ହାଲୁକା ୩. ସର୍ବନିମ୍ନ (*ସ୍ତ୍ରୀ.* ଲଘିଷ୍ଠା, *ବିପ.* ଗରିଷ୍ଠ) ।

**ଲଘିଷ୍ଠ ସାଧାରଣ ଗୁଣିତକ** *ବି.* ଲ.ସା.ଗୁ.-ଯେଉଁ ସର୍ବନିମ୍ନ ରାଶିକୁ ଦୁଇ ବା ତତୋଽଧିକ ରାଶିଦ୍ୱାରା ପୃଥକ ପୃଥକ ଭାଗ କଲେ କୌଣସି ଥର ଭାଗଶେଷ ରହେନାହିଁ ।

**ଲଘୁ** *ବିଂ* ୧. ହାଲୁକା, ଅଳ୍ପ ଓଜନ ବିଶିଷ୍ଟ ୨. ଅଳ୍ପ ପରିମିତ ୩. କ୍ଷୁଦ୍ର ୪. ଖର୍ବ ୫. ତରଳ ୬. ଅସ୍ଥିର, ଅବ୍ୟବସ୍ଥିତ ୭. ଅଗମ୍ଭୀର, ଚିନ୍ତାଶୂନ୍ୟ, ଚିନ୍ତାଶକ୍ତିହୀନ ୮. ମୃଦୁ ଅଥଚ କ୍ଷିପ୍ର ୯. ନୀଚ, ହେୟ, ନଗଣ୍ୟ, ଅସାର ୧୦. ସହଜବୋଧ୍ୟ ୧୧. ବ୍ୟାକରଣରେ ହ୍ରସ୍ୱମାତ୍ରାଯୁକ୍ତ; *ବି.* ୧. କୃଷ୍ଣ ଅଗରୁ ୨. ବେଣାଚେର (*ବି.* ଲଘୁତ୍ୱ, ଲଘୁତା, ଲାଘବ, *ବିପ.* ଗୁରୁ) ।

**ଲଘୁକରଣ** *ବି.* ୧. ଭାରୀ ଜିନିଷର ହାଲୁକାକରଣ ୨. ଜଟିଳ ବିଷୟର ସରଳୀକରଣ (ଗଣିତ) ୩. ମିଶ୍ରରାଶିକୁ ଅମିଶ୍ର ରାଶିରେ ଏବଂ ଅମିଶ୍ର ରାଶିକୁ ମିଶ୍ର ରାଶିରେ ପରିଣତ କରିବା (*ବିଂ* ଲଘୁକୃତ) ।

**ଲଘୁକ୍ରିୟା** *ବି.* ୧. ସାମାନ୍ୟ ଫଳଯୁକ୍ତ କର୍ମ ୨. ଲଘୁଶଙ୍କା, ପରିସ୍ରାତ୍ୟାଗ, ମୁତିବା କାର୍ଯ୍ୟ ।

**ଲଘୁକୃତ** *ବିଂ* ଯାହା ଲଘୁ କରା ହୋଇଅଛି, ଯାହା ଊଣା କରା ହୋଇଅଛି ।

**ଲଘୁଚାପ** *ବି.* ପୃଥିବୀ ଉପରେ କୌଣସି ଅଞ୍ଚଳରେ ବାୟୁମଣ୍ଡଳର ଚାପର ହ୍ରାସ ।

**ଲଘୁଧାନ** *ବି.* ଶାରଦଧାନ ବିଶେଷ, ଶରତ ଋତୁ ବେଳକୁ ପାଚୁଥିବା ଧାନ ।

**ଲଘୁପାକ** *ବିଂ* ସହଜପାଚ୍ୟ, ଯାହା (ଯେଉଁ ଖାଦ୍ୟ)ସହଜରେ ହଜମ ହୁଏ; *ବି.* ଅଳ୍ପ ଜାଳ ଦେଇ ସିଝାଇବା ।

**ଲଘୁଭୋଜନ** *ବି.* ଜଳଖିଆ, ଅଳ୍ପାହାର ।

**ଲଘୁଶଙ୍କା** *ବି.* ଲଘୁକ୍ରିୟା ।

**ଲଙ୍ଗଜଡ଼ା, ଲଙ୍କାକାଲ, ଲଙ୍କାଗବ** *ବି.* ବାଇଗବା ।

**ଲଙ୍କାଆମ୍ବ** *ବି.* ବାଜାମ୍ବ, ଲଙ୍କା ଭାଲିଆ, କାଜୁବାଦାମ ।

**ଲଙ୍କାକାଣ୍ଡ** *ବି.* ୧. ରାମାୟଣ ମହାକାବ୍ୟର ଲଙ୍କାଧ୍ୱଂସ ଖଣ୍ଡ ୨. ତୁମୁଳ ଝଗଡ଼ା ୩. ବ୍ୟାପକ ଅଗ୍ନିକାଣ୍ଡ ।

**ଲଙ୍କା ଭାଲିଆ** *ବି.* ଲଙ୍କା ଆମ୍ବ ।

**ଲଙ୍କାମରିଚ, ଲଙ୍କାମାରିଚ** *ବି.* ମିର୍ଚ୍ଚା, ଜ୍ୱାଳାକାରକ ଲମ୍ବା ମରିଚ ବିଶେଷ ।

**ଲଙ୍କାସିଝୁ[ଜୁ]** *ବି.* ଖଡ଼ିସିଝୁ ।

**ଲଙ୍ଗ** *ବି.* ଜାର, ଲୁଙ୍ଗୁରା ବା ଲମ୍ପଟ ବ୍ୟକ୍ତି ।

**ଲଙ୍ଗପଙ୍ଗ, ଲଙ୍ଗରପଙ୍ଗର, ଲହରପହର** *ବିଂ* ଆଖିଦୃଶିଆ ହେବା ଉଦ୍ଦେଶ୍ୟରେ ଚଳପ୍ରଚଳ ।

**ଲଙ୍ଗର, ନଙ୍ଗର *ବି.*** ଶିକୁଳା ସହିତ ସଂଲଗ୍ନ ଭାରି ଲୁହାର ଅଙ୍କୁଶ ବିଶେଷ ଯାହା ପାଣି ତଳକୁ ପକାଇ ଜାହାଜ, ନୌକା ଆଦି ଅଟକାଯାଏ ।

**ଲଙ୍ଗରୀ *ବିଂ.*** ଲଙ୍ଗର ପକାଇଥିବା (ଜାହାଜ) ।

**ଲଙ୍ଗଳ *ବି.*** ଭୂମି ଚଷିବା ପାଇଁ ଦେଶୀୟ ଉପକରଣ ବିଶେଷ ।

**ଲଙ୍ଗଳଗାର, ଲଙ୍ଗଳଶିଆର *ବି.*** ଲଙ୍ଗଳରେ ଚଷିବା ଫଳରେ ଭୂଇଁ ଦେହରେ ଖୋଲି ହୋଇଯିବା ଲମ୍ବ ରେଖା ।

**ଲଙ୍ଗଳମୁଣ୍ଡା *ବି.*** ଲଙ୍ଗଳର ନିମ୍ନଭାଗ (ଯହିଁରେ ଲଙ୍ଗଳ ଲୁହା ପଶେ), ଏହା ପ୍ରସ୍ତୁତ ହେବାପାଇଁ ତ୍ରିକୋଣାକାର କାଷ୍ଠଖଣ୍ଡ ।

**ଲଙ୍ଗଳା *ବିଂ.*** ୧. ନଗ୍ନ, ଉଲଙ୍ଗ, ଅନାବୃତ, ବିବସ୍ତ୍ର ୨. ମାୟାବନ୍ଧନହୀନ ୩. ଅସ୍ତବ୍ୟସ୍ତ ଓ ବ୍ୟଗ୍ରଭାବ ବଶତଃ ଅସମ୍ଭାଳ (*ସ୍ତ୍ରୀ.* ଲଙ୍ଗୁଳୀ, ***ବି.*** ଲଙ୍ଗଳାପଣ) ।

**ଲଙ୍ଗଳାମୁକୁଳା *ବିଂ.*** ପୂରାପୂରି ଲୁଗାପଟା ଦେହରୁ କଢ଼ା ହୋଇଥିବା ୨. ବ୍ୟଗ୍ରତା ଓ ବ୍ୟସ୍ତତା ଯୋଗୁଁ ନିତାନ୍ତ ଅସମ୍ଭାଳ ।

**ଲଙ୍ଗା, ଲଙ୍ଘା *ବି.*** ସମକୋଣ ଭାବରେ ପରସ୍ପର ମିଳିତ ଦୁଇ ଚାଳର ନୁଆଣିଆ ସନ୍ଧିସ୍ଥଳ ।

**ଲଙ୍ଗୁଟି, ଲଙ୍ଗୋଟା, ଲଙ୍ଗୋଟି *ବି.*** ଲେଙ୍ଗୁଟି, କୌପୀନ ।

**ଲଙ୍ଗୁ[ଙ୍ଗୋ]ଟିଆ *ବିଂ.*** କୌପୀନଧାରୀ, ସଂସାର ବିରାଗୀ ।

**ଲଙ୍ଗୁଳି *ବିଂ.*** ଲଙ୍ଗଳା (*ସ୍ତ୍ରୀ.* ଲଙ୍ଗୁଳୀ) ; ***ବି.*** ଦିଗମ୍ବର ସନ୍ନ୍ୟାସୀ ।

**ଲଙ୍ଘନ *ବି.*** ୧. ଲଂଘିଯିବା, ଅତିକ୍ରମଣ ୨. ଉପବାସ ୩. ଲମ୍ଫନ, ଟପିବା ୪. ଅବହେଳନ, ଅଗ୍ରାହ୍ୟକରଣ, ଅମାନ୍ୟକରଣ ।

**ଲଙ୍ଘନୀୟ, ଲଙ୍ଘ୍ୟ *ବିଂ.*** ଲଙ୍ଘନଯୋଗ୍ୟ ।

**ଲଙ୍ଘା *ବି.*** ସ୍ତ୍ରୀମାନଙ୍କ ବେକଠାରୁ ଗୋଡ଼ଯାଏ ଲମ୍ବିତ ଫ୍ରକ ଜାମା ବିଶେଷ, ଲାହାଙ୍ଗା, ନାଇଟି; ***ବିଂ.***ଉନ୍ମୁକ୍ତ, କୋଷମୁକ୍ତ ।

**ଲଙ୍ଘିତ *ବିଂ.*** ଯାହା ଲଙ୍ଘନ କରାଯାଇଅଛି, ଅତିକ୍ରାନ୍ତ, ଅବଜ୍ଞାତ ।

**ଲଙ୍ଘିବା *କ୍ରି.*** ଅତିକ୍ରମ କରିବା, ଟପିବା, ପାର ହୋଇଯିବା ।

**ଲଛା *ବି.*** ୧. ତୁଳନା, ସାଦୃଶ୍ୟ ୨. ଦୁଧସର ୩. ଚିଆଁବା, ଚଢ଼ି ଦେବା, ଲାଛିବା କାର୍ଯ୍ୟ ; ***ବିଂ.*** ୧. ସଦୃଶ ୨. ଲାଛିବା କର୍ମ କରାଯାଇଥିବା ।

**ଲଛା ପରଟା *ବି.*** ଦଳା ଅଟା ବା ମଇଦାକୁ କୁଣ୍ଡଳୀ ଆକାରରେ ବେଲି ତିଆରି ପରଟା।

**ଲଛିବା *କ୍ରି.*** ତୁଳନା କରିବା ।

**ଲଜ୍ *ବି.*** ୧. ଭଡାଘର ୨. ମୂଲ୍ୟ ବିନିମୟରେ ସୀମିତ କାଳପାଇଁ ରହିବା ସ୍ଥାନ।

**ଲଜିଂହାଉସ୍ *ବି.*** ସାମୟିକ ରହଣି ପାଇଁ ଭଡ଼ାଘର ବା ହୋଟେଲ୍ ।

**ଲଜ୍ଜା *ବି.*** ସରମ, ଲାଜ, ବ୍ରୀଡା, ସ୍ୱାଭାବିକ ସଙ୍କୋଚ ।

**ଲଜ୍ଜାକର, ଲଜ୍ଜାଜନକ, ଲଜ୍ଜାବହ *ବିଂ.*** ଯାହା ଲଜ୍ଜାଦିଏ, ଲଜ୍ଜାର କାରଣସ୍ୱରୂପ ।

**ଲଜ୍ଜାନ୍ୱିତ *ବିଂ.*** ଲଜ୍ଜିତ(*ସ୍ତ୍ରୀ.* ଲଜ୍ଜାନ୍ୱିତା) ।

**ଲଜ୍ଜାବତୀ *ବିଂ.*** ଲାଜକୁଳୀ, ଲଜ୍ଜାଶୀଳା ; ***ବି.*** ଲାଜକୁଳୀ ଲତା ।

**ଲଜ୍ଜାବନତ, ଲଜ୍ଜାନତ *ବିଂ.*** ଲାଜରେ ନଇଁ ପଡ଼ିଥିବା (*ସ୍ତ୍ରୀ.* ଲଜ୍ଜାବନତା, ଲଜ୍ଜାନତା) ।

**ଲଜ୍ଜାଳୁ *ବିଂ.*** ଲାଜକୁଳା ।

**ଲଜ୍ଜାଶୀଳ *ବିଂ.*** ଲାଜକୁଳା, ଲଜ୍ଜାବାନ୍ (*ସ୍ତ୍ରୀ.* ଲଜ୍ଜାଶୀଳା, ***ବି.*** ଲଜ୍ଜାଶୀଳତା) ।

**ଲଜ୍ଜାଶୂନ୍ୟ, ଲଜ୍ଜାହୀନ *ବିଂ.*** ଅଲାଜୁକ, ବେହିଆ, ନିର୍ଲଜ୍ଜ ; *ସ୍ତ୍ରୀ.* ଲଜ୍ଜାଶୂନ୍ୟା, ଲଜ୍ଜାହୀନା ।

**ଲଜ୍ଜିତ *ବିଂ.*** ଅପମାନିତ, ଲଜ୍ଜାପ୍ରାପ୍ତ (*ସ୍ତ୍ରୀ.* ଲଜ୍ଜିତା) ।

**ଲଞ୍ଚ୍ *ବି.*** ୧. ଭୁଟ୍‌ଭୁଟି, କଳଚାଳିତ ଛୋଟ ନୌକା ୨. ମଧ୍ୟାହ୍ନ ଭୋଜନ ।

**ଲଞ୍ଜା *ବିଂ.*** ଲାଞ୍ଜ ଯୁକ୍ତ ।

**ଲଞ୍ଜାତାରା *ବି.*** ଧୂମକେତୁ ।

**ଲଟ୍‌ପଟି *ବି.*** ଗାମୁଛା, ଅଂଗଛି ।

**ଲଟ *ବି.*** ୧. ଗୋଳମାଳ, ଜଞ୍ଜାଳ, ଅଡୁଆ ୨. ଗୁରୁ ଦାୟିତ୍ୱ ୩. ମାୟାବନ୍ଧନ ୪. ପ୍ରେମଡୋରି ୫. ଦୋଷ ୬. ପ୍ରମାଦବଚନ ; ***ବିଂ.*** ପାଗଳ, ନିର୍ବୋଧ ।

**ଲଟକାଇବା *କ୍ରି.*** ୧. ଝୁଲାଇ ରଖିବା, ଓହଳାଇ ରଖିବା ୨. ଅଠାଦେଇ ଲଗାଇବା।

**ଲଟକିବା *କ୍ରି.*** ବନ୍ଧନରୁ ଓହଳିବା ବା ଝୁଲିବା ; ***ବି.ବିଂ.*** ଲଟକା ।

**ଲଟଘଟ *ବି.*** ଅନର୍ଥ, କୂଟକପଟ, ଗୋଳମାଳ (***ବିଂ.*** ଲଟଘଟିଆ) ।

**ଲଟପଟ *ବିଂ.*** ସରସର, ବଲବଲ, ଲିପ୍ତ, ଜଡ଼ିତ ।

**ଲଟରପଟର *ବି.*** ୧. ଘାଣ୍ଟି ହେବା, ଗୋଳିହେବା ୨. ଅବୈଧ ଓ ଗୁପ୍ତ ପ୍ରଣୟ ସମ୍ପର୍କ ୩. ଲମ୍ପଟ ଆଚରଣ (***ବିଂ.*** ଲଟପଟିଆ) ।

**ଲଟା *ବି.*** ୧. ଲତା ୨. ଜଙ୍ଗଲ ୩. ଜଞ୍ଜାଳ ।

**ଲଟା[ଟେ]ଇବା *କ୍ରି.*** ୧. (ଲତା)ବର୍ଦ୍ଧିତ ହୋଇ ମାଡ଼ିବା ୨. ଲଟାପରି ବିସ୍ତୃତ ହେବା ୩. ଲତାଭଳି ଗୁଡ଼େଇହେବା ।

**ଲଟାଙ୍ଗ ପଟାଙ୍ଗ ହେବା, ଲଡ଼ାଙ୍ଗ ପଡ଼ାଙ୍ଗ ହେବା *କ୍ରି.*** ଅସ୍ତବ୍ୟସ୍ତ ହେବା, ଏପଟ ସେପଟ ହେବା।

**ଲଟାପଟା *ବିଂ.*** ପରସ୍ପର ଛନ୍ଦାଛନ୍ଦି ।

**ଲଟାବୁଟା *ବି.*** ଲତାବୁଦା, ବଣଜଙ୍ଗଲ, ଗଛଲତା ।

**ଲଟାଳ, ଲଟାଳିଆ ବିଂ** ଲତାସଦୃଶ, ଲତାପରି ବିସ୍ତରଣଶୀଳ ।

**ଲଟି ବି.** ୧. ଛୋଟ ଜଙ୍ଗଲ ୨. ଛୋଟ ଲଟା ।

**ଲଟୁ ବି.** ଛତ୍ରାକାର ମୁନ ଲାଗିଥିବା ଗୋଲକ, ନଟୁ ।

**ଲଟେଇ ବି.** ସୂତା ଗୁଡ଼େଇ ରଖିବାର ଚରଖି, ତାକୁଡ଼ିର ନିମ୍ନାଂଶ ।

**ଲଟେରି ବି.** ଭାଗ୍ୟ ପରୀକ୍ଷାର ଜୁଆଖେଳ ବିଶେଷ,ଯେଉଁଥିରେ ନିର୍ଦ୍ଧାରିତ ମୂଲ୍ୟର ଟିକଟ କିଣି ବଡ଼ ପୁରସ୍କାର ଜିଣିବାର କାମନା ଥାଏ, ସୁର୍ତ୍ତିଖେଳ ।

**ଲଟ୍‌ଟୁ ବି.ବିଂ** ମୁଗ୍ଧ, ବିମୋହିତ ।

**ଲଡ଼୍‌ରା ବି.ବିଂ** ଗେଲହା, ଅତ୍ୟଧିକ ସ୍ନେହରେ ବଢ଼ିଥିବା।

**ଲଡ଼୍‌ଲଡ଼୍ କ୍ରି.ବିଂ.ବିଂ** ଦୋଳାୟମାନ, ପଡ଼ି ଯାଉଥିବା ଭଳି।

**ଲଡ଼ବଡ଼, ଲଡ଼ବଡ଼ିଆ ବିଂ** ଅଦୃଢ଼, ବିଚଳନଶୀଳ, ଅବ୍ୟବସ୍ଥିତ (ଚିତ୍ତ) ।

**ଲଡ଼୍‌ଲଡ଼୍, ଲଡ଼ଲଡ଼ିଆ ବିଂ** ଶ୍ଳଥ, ନହକିଆ ।

**ଲଡ୍ଡୁ, ଲଡ୍ଡୁକ ବି.** ମୋଦକ, ଲଡୁ, ବେସନରେ ତିଆରି ମିଠେଇ ।

**ଲଢ଼ା ବି.** ଲଢ଼ିବା ; **ବିଂ** ଲଢୁଆ ।

**ଲଢ଼ା[ଢ଼େ]ଇ ବି.** ୧. ଯୁଦ୍ଧ, ସଂଘର୍ଷ ୨. ପରସ୍ପର ଶକ୍ତି ପରୀକ୍ଷା ।

**ଲଢ଼ାଭିଡ଼ା ବି.** ଦୁଇ ବିବାଦୀ ପକ୍ଷ ନିଜ ନିଜର ଟାଣ ବା ଜିଦି ବଜାୟ ରଖିବାପାଇଁ ଆପ୍ରାଣ ଉଦ୍ୟମ ।

**ଲଢ଼ିବା କ୍ରି.** ୧. ଲଢ଼େଇ କରିବା ୨. କୌଣସି ବିଷୟ ପାଇଁ ଉଦ୍ୟମ କରିବା।

**ଲଢୁଆ ବିଂ** ଯୁଦ୍ଧ ନିପୁଣ, ଯୁଦ୍ଧପ୍ରିୟ; **ବି.** ଯୋଦ୍ଧା, ବୀର ।

**ଲଢ଼େ[ଢ଼ା]ଇ ପାଲା ବି.** ୧. ବାଦୀ ପାଲା ୨. ଦୁଇ ପକ୍ଷ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଘୋର ବିବାଦ ବା କଳହ ।

**ଲଣ୍ଠଣ[ନ], ଲଣ୍ଠଣ(ନ) ବି.** କାଚ ବେଷ୍ଟିତ ଟିଣ ତିଆରି ପ୍ରଦୀପ ବିଶେଷ, ଲାଲ୍‌ଟିନ୍, ହାରକିନି ।

**ଲଣ୍ଠନ ଦେଖାଇବା କ୍ରି.** ଭକୁଆ ବନେଇବା, ବଡ଼ ବଡ଼ କଥା କହି ପ୍ରଭାବିତ କରିବା ପାଇଁ ଚେଷ୍ଟା କରିବା ।

**ଲଣ୍ଡଭଣ୍ଡ ବିଂ** ୧. ଅସ୍ତବ୍ୟସ୍ତ, ବିପର୍ଯ୍ୟସ୍ତ, ଉଚ୍ଛନ୍ନ, ଅସ୍ଥିର ଓ ତ୍ୱରାନ୍ୱିତ ୨. ବିଶୃଙ୍ଖଳ, ଇତସ୍ତତଃ ବିକ୍ଷିପ୍ତ; **ବି.** ତ୍ୱରାଯୁକ୍ତ ଅସ୍ଥିରତା ।

**ଲଣ୍ଡା ବିଂ** ୧. କେଶହୀନ, ମୁଣ୍ଡିତ ୨. ବୃକ୍ଷହୀନ (ପର୍ବତ) ୩. ଶାଖାହୀନ (ବୃକ୍ଷ) ; **ବି.** ଛେପ ଓ ଗୋବର ଆଦିର ମେଞ୍ଚା, ଲୁଣ୍ଡା ।

**ଲଣ୍ଡାକୂଅ ବି.** ନନ୍ଦ ନଥିବା କୂଅ ।

**ଲଣ୍ଡାଗଛ ବି.** ୧. ପତ୍ର ଝଡ଼ି ଯାଇଥିବା ଗଛ ୨. ଶାଖା ବିହୀନ ଗଛ ।

**ଲଣ୍ଡା ଦେଉଳ ବି.** ଶିଖର ନଥିବା ବା ମୁଣ୍ଡି ମରାହୋଇ ନଥିବା ଦେଉଳ ।

**ଲଣ୍ଡା ପାହାଡ଼ ବି.** ଟାଙ୍ଗରା ମୁଣ୍ଡିଆ ।

**ଲଣ୍ଡାବଗୁଲି ବି.** ୧. ଇସବଗୁଲ ୨. ବନ୍ୟ ତୁଳସୀ ବିଶେଷ ।

**ଲଣ୍ଡାମୁଣ୍ଡିଆ ବିଂ.ବି.** କେଶହୀନ ମସ୍ତକବିଶିଷ୍ଟ (ବ୍ୟକ୍ତି) ।

**ଲଣ୍ଡି ବି.** (ମୂଷା, ଛେଳି ଆଦିଙ୍କ) କ୍ଷୁଦ୍ରାକାର ଗୋଲ ବିଷ୍ଠାଖଣ୍ଡ, ଛୋଟ ଛୋଟ ଗୋଲିଆ ଗୁହଖଣ୍ଡ ।

**ଲଣ୍ଡିତ ବିଂ** ଲଣ୍ଡା ହୋଇଥିବା, ମୁଣ୍ଡିତ (*ସ୍ତ୍ରୀ.* ଲଣ୍ଡିତା) ।

**ଲତପ[ଲ]ତ, ଲତପ[ଲ] ତିଆ ବିଂ** ନରମ, ଚିପିଲେ ଲତପତ ହେଉଥିବା ।

**ଲତା ବି.** ଲଟା, ଲଇ, କଅଁଳ କାଣ୍ଡ ।

**ଲତା[ତେ]ଇବା କ୍ରି.** ଲଟାଇବା, ଲଟାପରି ମାଡ଼ିଯିବା ।

**ଲତାଘ[ପ]ତା, ଲତାନିପତାନି ବି.** ୧. କି ନିକଟସମ୍ପର୍କୀୟ କି ଦୂର ସମ୍ପର୍କୀୟ ଯେତେ ଜ୍ଞାତିକୁଟୁମ୍ବ ଓ ବନ୍ଧୁବାନ୍ଧବ ୨. ଠାବ ଠିକଣା ।

**ଲତାଣି[ଳି]ଆ ବିଂ** ଲତାସଦୃଶ, ଲଟାଳିଆ, ଲତାପରି ବିସ୍ତରଣଶୀଳ ।

**ଲତାତନ୍ତୁ ବି.** ଲତାର ଆଙ୍କୁଡ଼ା, ଆକର୍ଷ, ଲତାର ସୁଣ୍ଢାକାର ଅଙ୍ଗ ଯାହା ଆଶ୍ରୟ ଦେହରେ ଗୁଡାଇ ହୁଏ, ଡଙ୍କର ଗୋଡ଼ ୨. ପ୍ରରୋହ ।

**ଲତାତରୁ ବି** ୧. ଶାଳଗଛ ଓ ତାଳଗଛ ୨. କମଳାଲେମ୍ବୁର ଗଛ ।

**ଲତାନ୍ତ ବି.** ଫୁଲ, ପୁଷ୍ପ ।

**ଲତାଫଳ ବି.** ପୋଟଳ, ପଟୋଳ ।

**ଲତିକା ବି.** ଲତା, କ୍ଷୁଦ୍ର ଲତା ।

**ଲଥ୍‌କିନା(କରି) କ୍ରି.ବିଂ** ହଠାତ୍ ବା ଧଡ଼୍‌କରି (ବସିବା) ।

**ଲଥ୍‌କିନି କ୍ରି.ବିଂ** ଧପ୍ କରି, ହଠାତ୍ କରି ।

**ଲଥ ବି.** ନୋଥ, ଲୋଥ, ନାକର ଗହଣା ।

**ଲଥା ବି.** କଥା ବା କାହାଣୀର ଶାଖା ବା ଉପକଥା ।

**ଲଥି ବି.** ନଥି, ଏକତ୍ର ଗୁଚ୍ଛା କାଗଜପତ୍ରର ତାଡ଼ା ।

**ଲଦଉ ବିଂ** ବୋଝେଇ, ମାଲରେ ବା ବୋଝରେ ଭରା ; **ବି.** ମାଲବୁହା ଡଙ୍ଗା ।

**ଲଦନ ବି.** ୧. ହାତୀପିଠିରେ ପକାଯାଉଥିବା ବାଡ଼ାହୀନ ଗଦି ୨. ଥୋରିଆ ବଳଦ ପିଠିରେ ଲଦା ହେବା ଭାର ବା ଛେଲା, ବୋଝ ୩. ଲଦା ହେବା ।

**ଲଦା ବିଂ** ବୋଝେଇ ହୋଇଥିବା ; **ବି.** ୧. ବୋଝ ରଖିବା କାର୍ଯ୍ୟ ୨. ନିଆଁ ବରିହା, ନିଆଁଥିବା ପାଳବେଣ୍ଟି ।

**ଲଦା[ଦେ]ଇ ବି.** ୧. ଲଦିବା କାର୍ଯ୍ୟ ୨. ଲଦିବାର ମୂଲ ; **ବିଂ** ଲଦାହେବା ।

**ଲଦାଲଦି ବି.କ୍ରି.ବିଂ** ତଳଉପର ହୋଇ ରହିବା ।

**ଲଦିବା କ୍ରି.** ୧. ବୋଝେଇ କରିବା, ବୋଝ ସ୍ଥାପନ କରିବା ୨. ଉପର୍ଯ୍ୟୁପରି ଆଘାତ କରିବା ୩. କାହାରି ଇଚ୍ଛାବିରୁଦ୍ଧରେ ତା ଉପରେ ଦାୟିତ୍ୱ ଚାପିବା ।

**ଲନ୍ ବି.** ପ୍ରସ୍ତୁତ ଘାସ ପଡିଆ ।

**ଲନ୍ ଟେନିସ୍ ବି.** ଘାସ କୋର୍ଟ୍‌ରେ ଖେଳା ହେବା ଟେନିସ୍ ।

**ଲନ୍ଦଫନ୍ଦ ବି.** ଜଟିଳତା, କୁଟିଳ ଆଚରଣ ; **ବିଂ.** ଲନ୍ଦଫନ୍ଦିଆ ।

**ଲନ୍ଦା ବି.** ମାଂସ ଆଦିର ସରସ ଖଣ୍ଡ।

**ଲନ୍ଧା ବି.** ହାଲୁକା ମଦ ।

**ଲପଟିବା କ୍ରି.** ଆଣ୍ଠୋଇବା ୨. ସେହି ଅବସ୍ଥାରେ ନିରୋଳାରେ ଛପି ରହିବା ।

**ଲପନ ବି.** ୧. ମୁଖ ୨. କଥନ, ଭାଷଣ ।

**ଲପାଙ୍ଗି ବି.ବିଂ.** ବେଶ୍ୟା, ଚରିତ୍ରହୀନା।

**ଲଫଙ୍ଗା ବି.** ୧. ବାରବୁଲା ଲୋକ ୨. ଦାୟିତ୍ୱହୀନ ବ୍ୟକ୍ତି ।

**ଲଫା ବି.** ନଫା, ଲାଭ, ମୁନାଫା ।

**ଲଫାଫା ବି.** ଚିଠିର ଖୋଳ ବା ପୁଳିନ୍ଦା ।

**ଲବ୍‌ଡା ବି.** ପୁରୁଷର ଲିଙ୍ଗ।

**ଲବ୍‌ଡ଼ାବା କ୍ରି.** ଲକ୍ଷ୍ୟ କରି ବାଡ଼ି, ଢେଲା ଆଦି ଫୋପାଡ଼ିବା।

**ଲବ ବି.** ୧. ସାମାନ୍ୟ ୨. ଭଗ୍ନାଂଶର ଉପର ରାଶି, ବିଭାଜ୍ୟ ଅଙ୍କ (**ବିପ.** ହର) ୩. ଅତି ସୂକ୍ଷ୍ମ କାଳାଂଶ ୪. ଅତି ଅଳ୍ପାଂଶ ୫. କଣା ବା ଲେଶ, ଅଣୁ, ବିନ୍ଦୁ ମାତ୍ର ।

**ଲବଙ୍ଗ ବି.** ୧. ମସଲାରୂପେ ଓ ମୁଖଶୁଦ୍ଧି ପାଇଁ ବ୍ୟବହୃତ ଶୁଷ୍କ ଫୁଲବିଶେଷ ଓ ତାର ଗଛ ୨. ତଳ କାନର ଅଳଙ୍କାର ବିଶେଷ ୩. ଉପପତି ୪. ଦେବକୁସୁମ ବିଶେଷ ।

**ଲବଙ୍ଗଲତା ବି.** ୧. ଲବଙ୍ଗ ଦିଆ ମିଷ୍ଟାନ୍ନ ବିଶେଷ ୨. ମଧୁ ମାଳତୀ ଲତା ।

**ଲବଜ ବି.** ୧. କଥା, ବାକ୍ୟ, ଶବ୍ଦ ୨. କଥାର ଅଂଶରୂପେ ବ୍ୟବହୃତ ମୁଦ୍ରାଦୋଷସୂଚକ ଅର୍ଥହୀନ ଶବ୍ଦ ୩. ରହସ୍ୟ ବା କୌତୁକିଆ କଥା।

**ଲବଣ ବି.** ୧. ଲୁଣ, ନୁନ୍, କ୍ଷାରରସ ୨. କ୍ଷାରଯୁକ୍ତ ରାସାୟନିକ ଦ୍ରବ୍ୟ ୩. ପୌରାଣିକ କ୍ଷାର ସମୁଦ୍ର; **ବିଂ.** ୧. ଲୁଣିଆ, କ୍ଷାର ରସଯୁକ୍ତ ୨. ଲାବଣ୍ୟଯୁକ୍ତ (*ସ୍ତ୍ରୀ.* ଲବଣା) ।

**ଲବଣାକ୍ତ ବିଂ.** ୧. ଲୁଣମିଶା ୨. ଲୁଣିଆ ।

**ଲବଣୀ ବି.** ଦୁଧକୁ ଦହିରେ ପରିଣତ କରି ମନ୍ଥିବା ଯୋଗୁଁ ବାହାରୁଥିବା ଅତି କୋମଳ ପଦାର୍ଥ, ଲହୁଣି, ନବନୀତ ।

**ଲବଣୀପିତୁଳା ବି.** ସୁକୋମଳ ଅଙ୍ଗବିଶିଷ୍ଟ ଅତିପ୍ରିୟ ବ୍ୟକ୍ତି ।

**ଲବର୍‌ଗାଲି ବି.ବିଂ.** ୧. ଟିକକେ ରୁଷୁଥିବା ଝିଅ ୨. ସୁକୁମାରୀ, ସ୍ନେହରେ ବଢ଼ିଥିବା, ଲାଡ଼ରି।

**ଲବରଲଁଡ଼ି ବି.** ସ୍ତ୍ରୀ ଲୋକମାନଙ୍କୁ ଦିଆଯିବା ଗାଳି ବିଶେଷ।

**ଲ(ଲା)ବାଙ୍ଗ୍ ବି.** ଲଗାମ୍।

**ଲବାନ୍ ବି.** ହାତରେ କନ୍ଥାସିଲେଇ କରିବା କାରିଗର।

**ଲବାର ବିଂ.** ଦୁଷ୍ଟ, ଚଗଲା ।

**ଲବେ କ୍ରି.ବିଂ.** ତିଳେ, ଅଣୁମାତ୍ର ।

**ଲବ୍ଧ ବିଂ.** ଗୃହୀତ, ପ୍ରାପ୍ତ, ଉପାର୍ଜିତ (*ସ୍ତ୍ରୀ.* ଲବ୍ଧା, **ବି.** ଲବ୍ଧି) ।

**ଲବ୍ଧପ୍ରତିଷ୍ଠ ବିଂ.** ପ୍ରତିଷ୍ଠାପ୍ରାପ୍ତ, ପ୍ରସିଦ୍ଧ, ଖ୍ୟାତନାମା।

**ଲବ୍ଧି ବି.** ୧.ଲାଭ, ଆୟ, ପ୍ରାପ୍ତି ୨. ଭାଗଫଳ ୩. ପ୍ରାପ୍ତ ସଂଖ୍ୟା ବା ଲବ୍‌ଧାଙ୍କ ।

**ଲଭ୍ ବି.** ପ୍ରେମ, ଭଲପାଇବା ।

**ଲଭ୍ ଆଫେୟାର ବି.** ପ୍ରେମ ସମ୍ପର୍କ ।

**ଲଭ୍‌ଲି ବିଂ.** ସୁନ୍ଦର ।

**ଲଭର୍ ବି.** ପ୍ରେମିକ ।

**ଲଭିବା କ୍ରି.** ଲାଭ କରିବା, ପାଇବା, ଅର୍ଜିବା ।

**ଲଭ୍ୟ ବିଂ.** ପ୍ରାପ୍ୟ, ଲାଭସ୍ୱରୂପ ପ୍ରାପ୍ତିର ସମ୍ଭାବନାଯୋଗ୍ୟ (*ସ୍ତ୍ରୀ.* **ଲଭ୍ୟା**, **ବି.** ଲଭ୍ୟତା) ।

**ଲମ୍ ବିଂ.** ଲମ୍ବା, ଦୀର୍ଘ।

**ଲମ୍‌ତମ କ୍ରି.ବିଂ.** ଲମ୍ବ ହୋଇ ।

**ଲମ୍‌ତା ବି.** ୧. ରାଜସେବକ ବିଶେଷ ୨. ଅନୁଚର, ପାଖରେ ରହିବା, ଆଜ୍ଞାକାରୀ ଲୋକ ୩. ଘର ଜୋଇଁଆ ୪. ଗୋତି ବା ଶ୍ରମିକ ।

**ଲମ୍ଭିଯିବା କ୍ରି.** ୧. ବିଦାୟ ନେଇ ଚାଲିଯିବା ୨. ଝିଅ ବିଦା ହେବା।

**ଲମ୍ଭିବା କ୍ରି.** ୧. ଯାତ୍ରାପାଇଁ ଅନୁକୂଳ କରିବା ୨. ଲମ୍ଭିଯିବା ।

**ଲମ୍ପଟ ବିଂ.** କାମୁକ, ବହୁସ୍ତ୍ରୀଗାମୀ, ଚରିତ୍ରହୀନ (ବ୍ୟକ୍ତି) , ଆସକ୍ତ; (**ବି.** ଲମ୍ପଟତା, ଲମ୍ପଟ୍ୟ, *ସ୍ତ୍ରୀ.* ଲମ୍ପଟା) ।

**ଲମ୍ପଟୀ ବିଂ.ବି.** ୧. ଲମ୍ପଟିଆ, ଲମ୍ପଟାଚାରୀ, କାମୁକ ବ୍ୟକ୍ତି ୨. ଅସତୀ, ବ୍ୟଭିଚାରିଣୀ, ବିଟପୀ ନାରୀ ।

**ଲମ୍ଫ ବି.** ଡିଆଁ, କୁଦା ।

**ଲମ୍ଫନ ବି.** କୁଦା ମାରିବା, ଡେଇଁବା, ଲମ୍ଫ ଦେବା ।

**ଲମ୍ବ ବିଂ.** ୧. ଦୀର୍ଘ, ପ୍ରସାରିତ ୨. ସମକୋଣରେ ସ୍ଥିତ ; **ବି.** ୧. ଦୈର୍ଘ୍ୟ, ଦୀର୍ଘ ରେଖା ୨. ସମକୋଣରେ ଅବସ୍ଥିତ ରେଖା ୩. ଅବଲମ୍ବନ ୪. ଉଚ୍ଚତା ।

**ଲମ୍ବଜନ୍ତୁ ବି.** ସାପ ।

**ଲମ୍ବଡ଼ା ବିଂ.** ଲମ୍ବାଳିଆ (*ସ୍ତ୍ରୀ.* ଲମ୍ବଡ଼ୀ) ।

**ଲମ୍ବନ ବି.** ଅବଲମ୍ବନ, ଆଶ୍ରୟ ।

**ଲମ୍ବମାନ ବିଂ.** ଝୁଲନ୍ତା, ଦୋଳାୟମାନ (*ସ୍ତ୍ରୀ.* ଲମ୍ବମାନା) ।

**ଲମ୍ବଲମ୍ବ କ୍ରି.ବିଂ.** ଅନେକ ବସ୍ତୁ ବା ବ୍ୟକ୍ତି ଏକ ସମୟରେ ଲମ୍ବ ହୋଇ ।

**ଲମ୍ବ ହେବା(ହୋଇ ପଡ଼ିବା)** *କ୍ରି.* ଭୂଇଁରେ ଶୋଇଯିବା, ସର୍ବାଙ୍ଗ ଭୂମିରେ ଥୋଇବା ।

**ଲମ୍ବା** *ବିଂ.* ୧. ଦୀର୍ଘାକାର ୨. ଡେଙ୍ଗା ୩. ବିସ୍ତୃତ ୪. ଦୀର୍ଘକାଳବ୍ୟାପୀ ୫. ଧରାଶାୟୀ; *ବି.* ଦୈର୍ଘ୍ୟ (*ବିପ.* ଚଉଡା) ।

**ଲମ୍ବାଳିଆ** *ବିଂ.* ଲମ୍ବାଧରଣର, ଅପେକ୍ଷାକୃତ ଲମ୍ବା ।

**ଲମ୍ବିକା** *ବି.* ଘଣ୍ଟିକା ।

**ଲମ୍ବିତ** *ବିଂ.* ୧. ଝୁଲା, ହଲା, ଲମ୍ବିଯାଇଥିବା ୨. ଦୋଳିତ, ଆଶ୍ରିତ ।

**ଲମ୍ବିବା** *କ୍ରି.* ୧. ଲମ୍ବା ବା ଦୀର୍ଘତା ବଢ଼ିଯିବା, ଦୈର୍ଘ୍ୟରେ ବୃଦ୍ଧି ପାଇବା ୨. ଓହଳିଯିବା, ଝୁଲିବା ।

**ଲୟ** *ବି.* ୧. ବୃହତ୍ତର ସତ୍ତା ସହିତ ମିଳନ ଫଳରେ ସ୍ୱାତନ୍ତ୍ର୍ୟଲୋପ ୨. ସଂଶ୍ଳେଷ, ଧ୍ୱଂସ, ପ୍ରଳୟ ୩. ଏକାଗ୍ର ଧ୍ୟାନ ବା ମନୋଯୋଗ, ଅଭିନିବେଶ ୪. ସଙ୍ଗୀତ ପରିବେଷଣରେ ତାଳର ନିର୍ଦ୍ଦିଷ୍ଟ ବେଗ; *ବିଂ.* ଲୀନ ।

**ଲରି** *ବି.* ୧. ବହୁ ଯାତ୍ରୀଙ୍କ ବସିବା ଉପଯୋଗୀ ବଡ଼ ମୋଟର ଯାନ ବିଶେଷ ୨. ମାଲ ବୋଝେଇ ହେବାପାଇଁ ବଡ଼ ଟ୍ରକ ।

**ଲରିଆ** *ବି.* ଓଡ଼ିଶା ଓ ପଡୋଶୀ ଛତିଶଗଡ଼ ରାଜ୍ୟର ପୂର୍ବାଞ୍ଚଳରେ କଥିତ ଭାଷା ବିଶେଷ ।

**ଲରିଗଛ** *ବି.* ଫଳ ଧରିନଥିବା ପୂର୍ଣ୍ଣାବୟବ ଗଛ।

**ଲରୋଥରୋ** *ବିଂ.* ଲୋଳିତ ଚମ ଓ ଥରୁଥିବା।

**ଲଳନା** *ବି.* ୧. ଜିହ୍ୱା ୨. ରୁଚିସମ୍ପନ୍ନା ତରୁଣୀ ।

**ଲଳିତ** *ବି.* ୧. ଲାସ୍ୟ, ନାରୀର ଯୌବନସୁଲଭ, ଭଙ୍ଗୀ, ୨. ସ୍ତ୍ରୀନୃତ୍ୟ ୩. କ୍ରୀଡ଼ା ୪. ଶାସ୍ତ୍ରୀୟ ସଙ୍ଗୀତର ରାଗ ବିଶେଷ ; *ବିଂ.* ୧. କୋମଳ, କମନୀୟ ୨. ଈପ୍ସିତ ୩. ଚଞ୍ଚଳ (*ସ୍ତ୍ରୀ.* ଲଳିତା, *ବି.* ଲାଳିତ୍ୟ) ।

**ଲଳିତକଳା** *ବି.* ଚିତ୍ରାଙ୍କନ, ସ୍ଥାପତ୍ୟ, ଫଟୋଗ୍ରାଫି ପ୍ରଭୃତି ଚାରୁକଳା ।

**ଲଳିତା** *ବି.* ୧. ନଳିତା, ଝୋଟ ବାହାରୁଥିବା ଗଛ ୨. ଶ୍ରୀରାଧାଙ୍କ ପ୍ରିୟ ସଖୀ ୩. କସ୍ତୁରୀ ୪. ଦୁର୍ଗା ।

**ଲଲହା** *ବି.ବିଂ.* ଖାଦ୍ୟ ଲୋଭୀ, *ସ୍ତ୍ରୀ.* ଲଲେହି।

**ଲଲାଟ** *ବି.* ୧. କପାଳ ୨. ଭାଗ୍ୟ, ଅଦୃଷ୍ଟ (*ବିଂ.* ଲାଲାଟିକ) ।

**ଲଲାଟଲି[ଲେ] ଖନ** *ବି.* ଅଦୃଷ୍ଟଲିପି, କପାଳଲିଖନ, ଭାଗ୍ୟ ଲିପି, ଅବଶ୍ୟମ୍ଭାବୀ ଘଟନା ।

**ଲଲାମ** *ବି.* ଭୂଷଣ, ଚିହ୍ନ, ଶୋଭା ।

**ଲସ୍** *ବି.* କ୍ଷତି ।

**ଲସ୍‌କା** *ବିଂ.* ନହକା, ନଇଁପାଉଥିବା ।

**ଲସ୍‌କି ଯିବା** *କ୍ରି.* ନଇଁଯିବା, ଚେପାହେବା ।

**ଲସ୍‌ଲସାବା** *କ୍ରି.* ଫୁଲ, ପତ୍ର, ଫଳରେ ଗଛ ପୂର୍ଣ୍ଣ ହେବା।

**ଲସମ** *ବି.* ଶର୍ଦି, ଶ୍ଳେଷ୍ମା ।

**ଲସମା** *ବିଂ.* ଶର୍ଦିଆ, ଶ୍ଳେଷ୍ମାକ୍ରାନ୍ତ (*ସ୍ତ୍ରୀ.* ଲଶମୀ) ।

**ଲସରପସର** *ବିଂ.* ନୁଙ୍ଗୁରୁପୁଙ୍ଗୁରୁ, ଗୋପନୀୟ ଲାଭ ବା ଉଦ୍ଦେଶ୍ୟସାଧନ ପାଇଁ କୌଣସି ସ୍ଥାନ ବା କାହା ପାଖକୁ ଯିବାଆସିବା କରିବା ;**ବି. ଲଣ୍ଡଭଣ୍ଡ, ଚଳଚଞ୍ଚଳ** ଚାଲି ।

**ଲସଲସିଆ** *ବିଂ.* ୧. ସନ୍ତସନ୍ତିଆ ୨. ଅଠାଳିଆ ୩. କୋମଳ ଓ ସତେଜ ପତ୍ରବହୁଳ ।

**ଲସା** *ବି.* ୧. ଘାଆରୁ ବାହାରୁଥିବା ପାଣି ୨. ଆମ୍ବ ଲସି ୩. ଫଳ, ଗଛ, ପତ୍ର ପ୍ରଭୃତିର କ୍ଷୀର ବା ରସ ୪. ଅଠା ।

**ଲସା[ସେ]ଇବା** *କ୍ରି.* ୧. ଘା, ବ୍ରଣ ପ୍ରଭୃତିରୁ ଲସା ବା ପୂଜ ବୋହିବା ୨. ଦୂର କରିବା ।

**ଲସି** *ବି.* ୧. ଆମ୍ବଫଳ ଆଦିରୁ ଡେମ୍ଫ ଭାଙ୍ଗିଦେଲେ ତହିଁରୁ ବୋହିବା ରସ ୨. ଦହିରେ ଚିନି, ବରଫ ପ୍ରଭୃତି ଫେଣ୍ଟି ପ୍ରସ୍ତୁତ କରାହେବା ପାନୀୟ ।

**ଲସୁନ** *ବି.* ଲେସୁନ୍, ରସୁଣ ।

**ଲସ୍କର** *ବି.* ୧. ଜାହାଜର ଖଲାସୀ ୨. ସେନା, ଫଉଜ, ନୌସୈନ୍ୟ ।

**ଲହଁକିବା** *କ୍ରି.* ପାରିହେବା, ନଇ ପାରି ହେବା ।

**ଲହଁପାବା** *କ୍ରି.* ବାଡ଼ି ଆଦି ଦ୍ୱାରା ବା ହାତ ଗୋଡ଼ ବଢ଼େଇ ଉପରେ ବା ଦୂରରେ ଥିବା ବସ୍ତୁକୁ ଛୁଇଁବା ବା ପାଇବା।

**ଲହ** *ବି.* ୧. ଲଇ, ଲତା ୨. ଲୁହ ୩. ସାପ ।

**ଲହକା, ଲହଲହକା** *ବିଂ.* ନହକା ।

**ଲହକିବା** *କ୍ରି.* ନଇଁଯିବା, ପାରିହେବା, ଲହଁକିବା ।

**ଲହଙ୍ଗା** *ବି.* ଲେହେଙ୍ଗା, କୁଞ୍ଚଥିବା ଘାଗରା; *ବିଂ.* ସରୁ ଓ ଲମ୍ବା ଲମ୍ବା ପବ ବିଶିଷ୍ଟ ।

**ଲହଡ଼ା** *ବି.* ଲହରୀ, ଢ଼େଉ, ଲହଡ଼ି ।

**ଲହଡ଼ା ମାରିବା** *କ୍ରି.* ୧. ଲହରୀ ବା ଢ଼େଉ ହେବା ୨. ଅତି ବେଶି ହେବା (ଲୋକ, ବସ୍ତୁ ପ୍ରଭୃତି) ।

**ଲହଡ଼ି** *ବି.* ତରଙ୍ଗ, ଢେଉ, ଆଘାତ ଦ୍ୱାରା ତରଳ ପଦାର୍ଥର ଉପର ଭାଗରେ ସୃଷ୍ଟି ହେଉଥିବା କମ୍ପନ ।

**ଲହଡ଼ିବା** *କ୍ରି.* ଲହରୀ ଉଠିବା, ଲହରୀପରି ତଳ ଉପର ହୋଇ ଖେଳିବା ।

**ଲହଡ଼ି ମୁଦି** *ବି.* ତରଙ୍ଗାୟିତ ଶୈଳୀରେ ମୁଦା ଯାଉଥିବା ଛାତ।

**ଲହପିଆ** *ବି.ବିଂ.* ଡେଙ୍ଗା, ପତଳିଆ ।

**ଲହମା, ଲମହା** *ବି.* ମୁହୂର୍ତ୍ତ, ନିମେଷ, ଅତି ସୂକ୍ଷ୍ମକାଳ ।

**ଲହମାକେ** *କ୍ରି.ବିଂ.* କ୍ଷଣକେ, ସେଇ ମୁହୂର୍ତ୍ତରେ ।

**ଲହର** *ବି.* ୧. ଉଚ୍ଚ ଢେଉ, ପ୍ରବାହ, ସ୍ରୋତ ୨. କଥାର ବା କାନ୍ଦର ହପା ବା ଲହସ ୩. ହାରର ସରି ୪. ସଙ୍ଗୀତର ମୂର୍ଚ୍ଛନା ।

**ଲହରପହର** *କ୍ରି.ବିଂ.* କୌଣସି ଉଦ୍ଦେଶ୍ୟ ବା ଅଭିସନ୍ଧି ରଖି ନିର୍ଦ୍ଦିଷ୍ଟ ସୀମାଯୁକ୍ତ ସ୍ଥାନମଧ୍ୟରେ ବାରମ୍ବାର ଯାଆସ କରୁଥିବା ।

**ଲହରି,ଲହରୀ** *ବି.* ତରଙ୍ଗ, ଢେଉ, ଲହଡ଼ି ।

**ଲହଲହ** *ବିଂ.* ଜିଭ ପଦାକୁ ବାହାରି ହଲୁଥିବା, ଲୋଲଜିହ୍ୱ ।

**ଲହଲହକା** *ବିଂ.* ନହନହକା, ସହଜରେ ନଇଁ ପଡୁଥିବା ବା ନଇଁ ଯାଉଥିବା, ଲଇ ଭଳି ନଇଁ ଯାଉଥିବା ।

**ଲହସ** *ବି.* ଝୁଙ୍କ, ଆବେଶ ; *କ୍ରି.ବିଂ.* ୧. ଛଳରେ ୨. ଏକାନିଃଶ୍ୱାସରେ, ହପାରେ ।

**ଲହସା** *ବିଂ.* ଶ୍ଳଥ, ଶିଥିଳ; *ବି.* ଗୋବସନ୍ତ ରୋଗ ।

**ଲହସିବା** *କ୍ରି.* ତଳଆଡ଼କୁ ଧୀରେ ନଇଁ ବା ଖସିପଡ଼ିବା, ବୋହିପଡ଼ିବା ।

**ଲହିବା** *କ୍ରି.* ଔଷଧ ଆଦି କାଟୁ କରିବା।

**ଲହୁ** *ବି.* ରକ୍ତ, ରୁଧିର ।

**ଲହୁଣି** *ବି.* ଲବଣୀ, ଦହି ମନ୍ଥିଲେ ବାହାରୁଥିବା ତେଲିଆ ଅଂଶ, ଚିକ୍‌ନା, ଚିକଣା ।

**ଲହୁଣିଆ** *ବିଂ.* ଲହୁଣି ଭଳି, ଲହୁଣି ଗନ୍ଧଯୁକ୍ତ ; *ବି.ବିଂ.* ଯେ ଲହୁଣି ବିକେ ।

**ଲହୁରୁଣୀ** *ବି.* ନହୁରୁଣୀ, ଭଣ୍ଡାରିଙ୍କ ନଖକଟା ଅସ୍ତ୍ର, ନଖରଞ୍ଜନୀ ।

**ଲହୁଲି** *ବିଂ.* ନହୁଲି, ନବଯୁବତୀ।

**ଲହୁଲୁହାଣ[ଣି]** *ବିଂ.* ଲୁହ ଓ ରକ୍ତଜରଜର, ଲହୁଲୁହ ଏକାକାର ।

**ଲକ୍ଷ** *ବି.* ୧. ଶହେ ହଜାର ସଂଖ୍ୟା, ୧୦୦,୦୦୦ ୨. ତୁଳନା; *ବିଂ.* ଲକ୍ଷଣୀୟ, ତୁଳନୀୟ ।

**ଲକ୍ଷଣ** *ବି.* ୧. ଚିହ୍ନ, ନିଦର୍ଶନ ୨. ଆଭାସ ୩. ସ୍ୱରୂପ ; *ବିଂ.* ଲକ୍ଷଣିକ ।

**ଲକ୍ଷଣା** *ବି.* ୧. ସାରସୀ, ହଂସୀ ୨. ଶବ୍ଦର ଶକ୍ତି ବିଶେଷ ।

**ଲକ୍ଷଣାର୍ଥ,ଲକ୍ଷାର୍ଥ** *ବି.* ଆଭିଧାନିକ ଅର୍ଥ ବ୍ୟତୀତ ବୁଝାଯିବା ଅନ୍ୟ ଅର୍ଥ ।

**ଲକ୍ଷଣୀୟ** *ବିଂ.* ୧. ଦର୍ଶନୀୟ ୨. ଅନୁଭବନୀୟ ।

**ଲକ୍ଷପତି** *ବି.* ଲକ୍ଷ ବା ତଦୂର୍ଦ୍ଧ ଟଙ୍କାର ମାଲିକ, ଧନଶାଳୀ ବ୍ୟକ୍ତି ।

**ଲକ୍ଷିତ** *ବିଂ.* ୧. ଦୃଷ୍ଟ ୨. ଉଦ୍ଦିଷ୍ଟ ୩. ଅନୁଭୂତ ୪. ଚିହ୍ନିତ ୫. ଲକ୍ଷଣ ଦ୍ୱାରା ବା ଲକ୍ଷଣା ବୃତ୍ତିଦ୍ୱାରା ଜ୍ଞାତ ।

**ଲକ୍ଷିବା** *କ୍ରି.* ୧. ଲକ୍ଷ୍ୟ କରିବା ୨. ତୁଳନା କରିବା ୩. ଚିହ୍ନିତ କରିବା ୪. ଲାଖ ବା ଉଦ୍ଦେଶ୍ୟ କରିବା ୫. ନିରେଖି ଚାହିଁବା ୬. ଠଉରାଇବା ।

**ଲକ୍ଷ୍ମୀ** *ବି.* ୧. ଧାନଚାଉଳ ଆଦି ଖାଦ୍ୟଶସ୍ୟ ୨. ସୁଚରିତା ଓ ଗୃହକର୍ମ ନିପୁଣା ବଧୂ ୩. ସୁଲକ୍ଷଣା, ସୁନ୍ଦରୀ ଓ ସୌଭାଗ୍ୟବତୀ ନାରୀ ୪. ବିଷ୍ଣୁପତ୍ନୀ ୫. ଧନସମ୍ପଦ ଓ ସୌଭାଗ୍ୟର ଅଧିଷ୍ଠାତ୍ରୀ ଦେବୀ ୬. ଶ୍ରୀ, ଶୋଭା ୭. ରାଜଶ୍ରୀ ୮. ସୌଭାଗ୍ୟ ୯.ଐଶ୍ୱର୍ଯ୍ୟ, ସମ୍ପଦ ୧୦. ହରିଦ୍ରା ୧୧. ମୁକ୍ତା ୧୨. ବାରନାରୀ ।

**ଲକ୍ଷ୍ମୀଛଡା** *ବିଂ.* ଅଲକ୍ଷଣା, ଶ୍ରୀଭ୍ରଷ୍ଟ, ଦୁର୍ଭାଗା, ହତଶ୍ରୀ, ହତଲକ୍ଷ୍ମୀ (*ସ୍ତ୍ରୀ.* ଲକ୍ଷ୍ମୀଛାଡୀ) ।

**ଲକ୍ଷ୍ମୀଫଳ** *ବି.* ୧. ବେଲ ୨. ଶ୍ରୀଫଳ ।

**ଲକ୍ଷ୍ମୀବନ୍ତ** *ବିଂ.* ସୌଭାଗ୍ୟଶାଳୀ, ଭାଗ୍ୟବନ୍ତ, ଧନୀ, ବିଭବଶାଳୀ ।

**ଲକ୍ଷ୍ମୀବାର, ଲକ୍ଷ୍ମୀବାସର** *ବି.* ଲକ୍ଷ୍ମୀପୂଜା କରାଯାଉଥିବା ଦିନ ବା ବାର, ଗୁରୁବାର ।

**ଲକ୍ଷ୍ମୀବିଳାସ** *ବି.* ଶ୍ରୀମନ୍ଦିରର ଛପନ ଭୋଗ ଅନ୍ତର୍ଭୁକ୍ତ ଏକ ପ୍ରକାର ପିଠା।

**ଲକ୍ଷ୍ମୀଭଣ୍ଡାର** *ବି.* ଅସରନ୍ତି ଭଣ୍ଡାର, ଧନ ଓ ଖାଦ୍ୟଦ୍ରବ୍ୟାଦିରେ ସଦାପରିପୂର୍ଣ୍ଣ ଗୃହ ।

**ଲକ୍ଷ୍ମୀସ୍ୱରୂପା, ଲକ୍ଷ୍ମୀସ୍ୱରୂପିଣୀ** *ବିଂ.* ସାକ୍ଷାତ୍ ଲକ୍ଷ୍ମୀଙ୍କ ପରି, ରୂପଗୁଣ ଉଭୟରେ ଲକ୍ଷ୍ମୀତୁଲ୍ୟା (ନାରୀ) ।

**ଲକ୍ଷ୍ୟ** *ବି.* ୧. ଉଦ୍ଦେଶ୍ୟ ୨. ଦୃଷ୍ଟି, ନଜର ୩. ଛଳ ୪. ଚାତୁରୀ ୫. ଅଭିପ୍ରେତ, କାମ୍ୟ ବିଷୟ ୬. ଧ୍ୟାନ ବା ମନୋଯୋଗର ବିଷୟ, ଶରବ୍ୟ ୭. ଭେଦ୍ୟ ବସ୍ତୁ ୮. ନିଶାଣ ବା ଲାଖ ।

**ଲକ୍ଷ୍ୟଚ୍ୟୁତ, ଲକ୍ଷ୍ୟଭ୍ରଷ୍ଟ** *ବିଂ.* ୧. ଲକ୍ଷ୍ୟ ବା ଉଦ୍ଦେଶ୍ୟ ପରିପୂରଣରେ ଅସମର୍ଥ ୨. ଉଦ୍ଦେଶ୍ୟ ଅନୁସରଣ କରି ଯେ ଚଳିପାରି ନାହିଁ ୩. ନିଶାଣ ଭେଦ କରିପାରି ନଥିବା (*ସ୍ତ୍ରୀ.* ଲକ୍ଷ୍ୟଭ୍ରଷ୍ଟା) ।

**ଲକ୍ଷ୍ୟବେଧ, ଲକ୍ଷ୍ୟଭେଦ** *ବି.* ଲାଖବିନ୍ଧା, ନିଶାଣକୁ ବିଦ୍ଧକରଣ, କୌଣସି ଲକ୍ଷ୍ୟ ବା ନିଶାଣରେ ତୀର, ଗୁଳି ପ୍ରଭୃତି ବିଦ୍ଧ କରିବା ।

**ଲକ୍ଷ୍ୟସ୍ଥଳ** *ବି.* ୧. ପହଞ୍ଚିବା ପାଇଁ ଉଦ୍ଦିଷ୍ଟ ସ୍ଥାନ ୨. ଯାହା ଲାଭ କରିବା ଉଦ୍ଦେଶ୍ୟ ।

**ଲକ୍ଷ୍ୟହୀନ** *ବିଂ.* ଉଦ୍ଦେଶ୍ୟହୀନ, ଯାହାର କୌଣସି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ନଥାଏ (*ସ୍ତ୍ରୀ.* ଲକ୍ଷ୍ୟହୀନା, *ବି.* ଲକ୍ଷ୍ୟହୀନତା) ।

**ଲକ୍ଷ୍ୟାର୍ଥ** *ବି.* ଲକ୍ଷଣାର୍ଥ, ଆକ୍ଷରିକ ଅର୍ଥ ପରିବର୍ତ୍ତେ ବୁଝାଯିବା ଅନ୍ୟ ଅର୍ଥ ।

**ଲାଇଟ୍** *ବି.* ୧. ଆଲୁଅ, ବୈଦ୍ୟୁତିକବତି ୨. ବିଦ୍ୟୁତ୍ ଶକ୍ତି; *ବିଂ.* ହାଲୁକା।

**ଲାଇନ୍** ***ବି.*** ୧. ଧାଡ଼ି, ପଙ୍‌କ୍ତି ୨. ରେଖା ବା ଗାର ୩. ରେଳ, ଟ୍ରାମ, ଟେଲିଗ୍ରାଫ ଆଦିର ପଥ ୪. ଶିକ୍ଷା ବା ଚାକିରିର କ୍ଷେତ୍ର ୫. କାର୍ଯ୍ୟର ପଥ ବା ଧାରା (*ବିପ.* ବେଲାଇନ) ।

**ଲାଇନ୍ କରିବା** ***କ୍ରି.*** ଧାଡ଼ି ହେବା ।

**ଲାଇନ୍ କାଟିବା** ***କ୍ରି.*** ୧. ଗୋଟିଏ ପେଶା ବା ବୃତ୍ତିରୁ ଅନ୍ୟ ଗୋଟିଏକୁ ଆପଣେଇବା ୨. ବିଦ୍ୟୁତ୍, ପାଣି ଆଦିର ଯୋଗାଣ କୌଣସି କାରଣରୁ ବନ୍ଦ କରିଦେବା ।

**ଲାଇନ୍ ମାରିବା** ***କ୍ରି.*** ପ୍ରେମ ନିବେଦନ ଉଦ୍ଦେଶ୍ୟରେ ପଛରେ ଗୋଡ଼େଇବା, ପ୍ରେମ ବା ନିବିଡ଼ ସମ୍ପର୍କର ଆଶା ରଖିବା ।

**ଲାଇବ୍ରେରି** ***ବି.*** ପଢ଼ିବା ପାଇଁ ଉଦ୍ଦିଷ୍ଟ ବହିଘର, ପୁସ୍ତକାଗାର, ଗ୍ରନ୍ଥାଗାର ।

**ଲାଇସେନ୍‌ସ** ***ବି.*** ବ୍ୟବସାୟ ବା ବୃତ୍ତି ଅବଲମ୍ବନ କରିବାର କିମ୍ବା ଯାନବାହନ ଓ ବନ୍ଧୁକାଦି ବ୍ୟବହାର କରିବାର ସରକାରୀ ଅନୁମତି ।

**ଲାଏକ** ***ବିଂ.*** ୧. ସାବାଳକ ୨. ଯୋଗ୍ୟ, ଉପଯୁକ୍ତ, ସମର୍ଥ, ପାରିବାର (*ବିପ.* ନାଲାଏକ) ।

**ଲାଉ** ***ବି.*** ୧. ଅଲାବୁ, ତୁମ୍ବି ୨. ଶିଶୁ ପ୍ରଭୃତିଙ୍କୁ ପିଠିରେ ଧାରଣ ।

**ଲାଉ କରିବା** ***କ୍ରି.*** ଶିଶୁକୁ ପିଠିରେ ବସାଇ ବୋହିବା ।

**ଲାଉଞ୍ଜ୍** ***ବି.*** ବୈଠକ ଖାନା ।

**ଲାଉଡ଼୍‌ସ୍ପିକର୍** ***ବି.*** ଡାକବାଜି ଯନ୍ତ୍ର ।

**ଲାଉ ମୁଡ଼ା** ***ବି.*** ଚଉକାଠର ଉପର ଓ ତଳ କୋଣରେ କବାଟର ଦଣି ରହିବା ପାଇଁ କରାଯାଉଥିବା ଛିଦ୍ର ।

**ଲାଏକରି** ***ବି.*** ଏକପ୍ରକାର ବାଇଗଣ ।

**ଲାଏନ୍ ଜୁରି** ***ବି.*** ରାସ୍ତାର ଦୁଇ ପାଖରେ ପାଣି ବହିଯିବା ପାଇଁ ନାଳ ।

**ଲାଏର** ***ବି.*** ବିଲ ଜଗିବା ପାଇଁ କୁଡ଼ିଆ ।

**ଲାଖଲାଖ୍** ***ବିଂ.*** ଲକ୍ଷ ଲକ୍ଷ, ବହୁ ସଂଖ୍ୟକ ।

**ଲାଖ** ***ବି.*** ୧. ଜଉ, ଜତୁ, ଲାକ୍ଷା ୨. ଲକ୍ଷ୍ୟ ବସ୍ତୁ ୩. ତୁଳନା, ସମକକ୍ଷତା ; ***ବିଂ.*** ଲକ୍ଷଣଯୁକ୍ତ, ସଦୃଶ, ତୁଳନୀୟ, ସମକକ୍ଷ ।

**ଲାଖବିନ୍ଧା** ***ବି.*** ୧. ଲକ୍ଷ୍ୟଭେଦ ୨. ଦଶହରା ବେଳେ କଳାହାଣ୍ଡି ତଥା ଅନ୍ୟ ସ୍ଥାନଗୁଡ଼ିକରେ ହେବା ଉତ୍ସବ ।

**ଲାଖରାଜ** ***ବିଂ.*** ନିଷ୍କର ; ***ବି.*** ନିଷ୍କର ସ୍ୱତ୍ୱ ।

**ଲାଖରାଜଦାର** ***ବି.ବିଂ.*** ନିଷ୍କର ଜମିର ଅଧିକାରୀ ।

**ଲାଖରାଜି** ***ବି.*** ନିଷ୍କର ଜମି ।

**ଲାଖରାଜୀ** ***ବିଂ.*** ନିଷ୍କର ସ୍ୱତ୍ୱ ବିଶିଷ୍ଟ, ଲାଖରାଜି ସମ୍ପର୍କିତ ।

**ଲାଖି** ***ବିଂ.*** ସଦୃଶ, ସମକକ୍ଷ, ତୁଳନୀୟ, ଯୋଗ୍ୟ; ***ବିଂ.*** ଶିମ୍ବ, ମୁଗ ଆଦିରେ ହେବା ଏକ ପ୍ରକାର ପୋକ ।

**ଲାଖିବା** ***କ୍ରି.*** ୧. ତୁଳନା ହେବା ୨. ସମକକ୍ଷ ବା ଯୋଗ୍ୟ ହେବା ୩. ଗ୍ରହଣୀୟ ହେବା ୪. ଦୃଢ଼ସଂଲଗ୍ନ ହେବା ୫. ନିବିଷ୍ଟ ହୋଇ ରହିବା ।

**ଲାଖୋ** ***ବିଂ.*** ପରିପକ୍ୱ, ପାଚିଥିବା ।

**ଲାଗ** ***ବି.*** ୧. ଲଗ୍ନ ୨. କ୍ଷଣ, ମୁହୂର୍ତ୍ତ, ଦଣ୍ଡେ ୩. ଋଣ ୪. ମହାଜନି ।

**ଲାଗଣ** ***ବି.*** ବ୍ୟବସାୟାଦିରେ ଅର୍ଥାଦି ବିନିଯୋଗ, ଲଗାଣ, ଧାନ ଆଦି ଶସ୍ତା ଭାଉରେ କିଣିବା ପାଇଁ ଟଙ୍କା ପ୍ରଦାନ ।

**ଲାଗର ଲେସର** ***ବିଂ.*** ଲେଖାଯୋଖା, ଦୂର ସମ୍ପର୍କୀୟ ।

**ଲାଗଲାଗ** ***କ୍ରି.ବିଂ.*** ୧. କ୍ରମାଗତଭାବରେ, ଉତ୍ତରୋତ୍ତର, ପଛକୁ ପଛ ୨. ତୁହାଇ ତୁହାଇ ।

**ଲାଗି** ***ଅ.*** ୧. ପାଇଁ, କାରଣରୁ, ହେତୁ ୨. ଉଦ୍ଦେଶ୍ୟରେ, ଯୋଗୁଁ ୩. ପରିବର୍ତ୍ତରେ; ***ବିଂ.*** ୧. ଗୃହୀତ ୨. ସଂଲଗ୍ନ ୩. ପରିହିତ ୪. ଉପଯୋଗ କରାଯାଇଥିବା ; ***ବି.*** ୧. ପରିଧାନ, ଧାରଣ ୨. ମାଦକ ଦ୍ରବ୍ୟର ନିଶା ।

**ଲାଗିପାଗି** ***କ୍ରି.ବିଂ.*** ନିରବଚ୍ଛିନ୍ନ ଭାବରେ ନିଯୁକ୍ତ ହୋଇ, ନିବିଷ୍ଟ ରହି, ପରିଶ୍ରମ କରି, ଚେଷ୍ଟା କରି ।

**ଲାଗିବା** ***ବିଂ.*** ଯେ ବା ଯାହା ଲାଗେ; ***କ୍ରି.*** ୧. ସଂଯୁକ୍ତ ହେବା, ସଂଲଗ୍ନ ହେବା ୨. ଲିପ୍ତ ହେବା ୩. ନିଯୁକ୍ତ ହେବା ୪. (ଗାଡ଼ି ଆଦି) ପହଞ୍ଚିବା ୫. ଆରୋପିତ ହେବା ୬. ଅଟକିବା ୭. ପରିହିତ ହେବା, ଧାରଣ କରାଯିବା ୮. ଅବିଚ୍ଛିନ୍ନ ଭାବରେ କାମ କରିବା ୯. ପ୍ରଥମେ ଜଳାଯିବା ୧୦. ବିନିଯୋଗ କରାଯିବା ୧୧. ଖଟାଯିବା ୧୨. ଦରକାର ହେବା ୧୩. ମୂଲ୍ୟରୂପେ ବ୍ୟୟିତ ହେବା ୧୪. ରୁଆ ଯିବା, ଚାରା ଗଛ ପୋତିବା ୧୫. ଆରମ୍ଭ ହେବା ୧୬. ପରିପୁଷ୍ଟ ହେବା ୧୭. ବିରକ୍ତ କରିବା ୧୮. କ୍ରମାଗତ ବିରୋଧାଚରଣ କରିବା ୧୯. ପ୍ରସ୍ତାବ ବା ପ୍ରସଙ୍ଗର ଅବତାରଣା ହେବା ୨୦. ପରଖା ହେବା ୨୧. ଆଘାତ ପାଇବା ୨୨. କଷ୍ଟ ହେବା, ବାଧିବା ୨୩. ସ୍ପର୍ଶ କରିବା ୨୪. ସଙ୍ଗତ ବା ସମୀଚୀନ ହେବା ୨୫. ଆବିଷ୍ଟ ହେବା ୨୬. ଅନୁଭୂତ ବା ପ୍ରତୀତ ହେବା ୨୭. ଏକାଦିକ୍ରମେ ଅବସ୍ଥିତ ହେବା, ରତ ରହିବା ୨୮. ଅର୍ପିତ ହେବା, ଭଲମନ୍ଦ ବୁଝିବାର ଦାୟିତ୍ୱ ନିହିତ ହେବା ୨୯. ବ୍ୟବହୃତ ହେବା ୩୦. (ତରକାରୀ ଆଦି) ସାମାନ୍ୟ ପୋଡ଼ିଯିବା ।

**ଲାଗୁ** ***ବିଂ.*** ପ୍ରଯୋଜ୍ୟ; ପ୍ରଚଳିତ ।

**ଲାଗୁଆ** ***ବି.*** ପ୍ରତ୍ୟହ ନିୟମିତ ରୂପେ ଯୋଗାଣର ବ୍ୟବସ୍ଥା ; ***ବିଂ.*** ନିୟମିତ ଭାବରେ ଯୋଗାଣକାରୀ କିମ୍ବା ଗ୍ରହଣକାରୀ(ବ୍ୟକ୍ତି), ନିୟମିତ ରୂପେ ଯୋଗାଇ ଦିଆଯାଉଥିବା (ଦ୍ରବ୍ୟ), ଋଣଗ୍ରସ୍ତ ।

**ଲାଗୁଆଣି** ***ବି.*** ୧. ଚୁଲିରେ ନିଆଁ ଧରାଇବାରେ ବ୍ୟବହୃତ ସରୁ ଶୁଖିଲା କାଠଖଣ୍ଡ ବା ଅନ୍ୟ ସହଜ ଦାହ୍ୟ ପଦାର୍ଥ ୨. ପ୍ରତିଦିନ, ନିୟମିତ ଯୋଗାଣ ।

**ଲାଗୁ ହେବା କ୍ରି.** (ନିର୍ଦ୍ଦେଶ, ଆଇନ) ପ୍ରଚଳିତ ହେବା, ଜାରି ହବା।

**ଲାଗେଲାଗେ** *କ୍ରି.ବିଂ.* ଲାଗ ଲାଗ ; *ଅ.* ଲାଗିବା ପ୍ରାୟ, ସଂଘର୍ଷ ହୋଇଯିବା ପରି ।

**ଲାଘବ ବି.** ୧. ଲଘୁତା, ହାଲୁକାଭାବ ୨. ଅଳ୍ପତ୍ୱ, ହ୍ରାସ ୩. ମର୍ଯ୍ୟାଦାହାନି, ଅପମାନ ୪. ସଂକ୍ଷେପ ୫. ପଟୁତା ୫. ଚଞ୍ଚଳତା ୬. ଅସ୍ଥିରତା (*ବିପ.* ଗୌରବ) ।

**ଲାଗ୍ ବିଂ.ବି.** ଦୀର୍ଘାକୃତି (ପେନ୍‌ସିଲ, ଆଖୁ ଭଳି) ପଦାର୍ଥ।

**ଲାଙ୍ଗଳ ବି.** ୧. ଲଙ୍ଗଳ, ନଙ୍ଗଳ, ହଳ ୨. ସିଆ ୩. ହଳିଆ, କୃଷକ ୪. ଛୋଟ ଈଶଯୁକ୍ତ ଲଙ୍ଗଳ ୫. ତାଳଗଛ ୬. ବିଷବିଶେଷ ।

**ଲାଙ୍ଗଳଦଣ୍ଡ ବି.** ଈଷ ।

**ଲାଙ୍ଗଳପଦ୍ଧତି ବି.** ଲଙ୍ଗଳରେ ଚଷିବା ଫଳରେ ଭୂଇଁ ଦେହରେ ଖୋଳି ହୋଇଯିବା ଲମ୍ବ ରେଖା ।

**ଲାଙ୍ଗଳୀ ବି.** ୧. କୃଷକ, ଚଷା, ହଳିଆ, ହଳୁଆ ୨. ହଳଧର, ବଳରାମ ୩. ନଡ଼ିଆ ଗଛ ୪. ବିଷଧର ସର୍ପ ।

**ଲାଙ୍ଗୁଡ଼ ବି.** ୧. ଲାଞ୍ଜ, ଲେଂଜ୍, ପୁଚ୍ଛ ୨. ସର୍ବଦା ସଙ୍ଗରେ ବା ପଛେ ପଛେ ଯିବା ବ୍ୟକ୍ତି ୩. ନାମ ପଛରେ ବ୍ୟବହୃତ ଉପାଧି ।

**ଲାଙ୍ଗୁଡ଼ଖଣ୍ଡି, ଲାଙ୍ଗୁଡ଼ଖଣ୍ଡିଆ ବିଂ.** କଟାଲାଙ୍ଗୁଳ, କଟାପୁଛ, କଟା ଲାଙ୍ଗୁଡ଼ (*ସ୍ତ୍ରୀ.* ଲାଙ୍ଗୁଳଖଣ୍ଡୀ, ଲାଙ୍ଗୁଡ ଖଣ୍ଡେଇ) ।

**ଲାଙ୍ଗୁଡା, ଲାଙ୍ଗୁଳା ବିଂ.** ଲାଙ୍ଗୁଡଯୁକ୍ତ ; **ବି.** ଅଂଶେଇ, ପଚା ଜାଗାରେ ଜନ୍ମିବା କୃମିବିଶେଷ ।

**ଲାଙ୍ଗୁଳ, ଲାଙ୍ଗୂଳ ବି.** ଲାଙ୍ଗୁଡ, ଲାଂଜ, ପୁଚ୍ଛ ।

**ଲାଙ୍ଗୁଳୀ, ଲାଙ୍ଗୂଳୀ ବିଂ.** ଲାଙ୍ଗୁଡ଼ଯୁକ୍ତ ; **ବି.** ହନୁ ମାଙ୍କଡ ।

**ଲାଛିବା କ୍ରି.** ୧. ବନ୍ଧୁକ ଫୁଟାଇବା ବା ଫାଏର କରିବା ୨. ଲକ୍ଷ୍ୟ କରି ଶର ମାରିବା ୩. ଚଡ଼ୁ ଦେବା ବା ଦାଗିବା ।

**ଲାଜ୍‌ଲଜନା ବିଂ.** ଲଜ୍ଜାଜନକ, ଲଜ୍ଜାକର ।

**ଲାଜ ବି.** ୧. ଲଜ୍ଜା ୨. ଖଇ ୩. ବତୁରା ଚାଉଳ ୪. ବେଣାଚେର, ଉଶୀର ।

**ଲାଜକୁରା[ଳା] ବିଂ.** ଲଜ୍ଜାଶୀଳ, ଲାଜୁକ; *ସ୍ତ୍ରୀ.* ଲାଜକୁରୀ(ଳୀ) ।

**ଲାଜକୁଳୀ ବି.** ଲାଜକୁଳି ଲତା, ଯାହା ଛୁଇଁ ଦେଲେ ଝାଉଁଳି ଯାଏ ୨. ଲଜ୍ଜାବତୀ ମହିଳା ।

**ଲାଜରା ବିଂ.** ଲାଜ କରୁଥିବା, ଲାଜକୁଳା ।

**ଲାଜଲାଜ ବିଂ.** ଈଷତ୍ ଲଜ୍ଜିତ ।

**ଲାଜା ବି.** ୧. ଲିଆ, ଫୁଲାଲିଆ, ଖଇ ୨. ଅରୁଆ ଚାଉଳ, ଅକ୍ଷତ ।

**ଲାଜା ହୋମ ବି.** ବିବାହ ଅନୁଷ୍ଠାନ ବେଳେ ଖଇ (ଲିଆ) ପକାଇ ହୋମ ।

**ଲାଜୁଆ, ଲାଜୁକ ବିଂ.** ଲାଜରା, ଲଜ୍ଜାଶୀଳ, ମୁହଁଚୋର (*ସ୍ତ୍ରୀ.* ଲାଜେ(ଜୋ)ଇ, ଲାଜୁକୀ, *ବିପ.* ଅଲାଜୁଆ, ଅଲାଜୁକ, ନିଲଜିଆ, ବେଲଜ୍ଜ) ।

**ଲାଜେ ହେବା କ୍ରି.** ଶରମ କରିବା, ଲାଜ କରିବା, ଲାଜେଇବା।

**ଲାଞ୍ଚ ବି.** କାର୍ଯ୍ୟ ହାସଲ ପାଇଁ କୌଣସି କର୍ମଚାରୀ/ବ୍ୟକ୍ତି ବିଶେଷଙ୍କୁ ପ୍ରଦତ୍ତ ପଦାର୍ଥ ବା ଅର୍ଥ, ଘୁଷ୍, ରିସ୍ୱତ, ଉତ୍କୋଚ ।

**ଲାଞ୍ଚଖିଆ, ଲାଞ୍ଚୁଆ ବିଂ.** ଘୁଷ୍‌ଖୋର (*ସ୍ତ୍ରୀ.* ଲାଞ୍ଚଖାଇ, ଲାଞ୍ଚେ(ଞ୍ଚୋ)ଇ ।

**ଲାଞ୍ଛନ ବି.** ୧. ଚିହ୍ନ ୨. ଅଙ୍କନ ୩. ନାମ, ଉପାଧି ୪. କଳଙ୍କ ୫. ଧ୍ୱଜା ।

**ଲାଞ୍ଛନା ବି.** ୧. ଭର୍ତ୍ସନା, ତିରସ୍କାର ୨. ଅପମାନ ୩. ଉତ୍ପୀଡନ, ନିଗ୍ରହ ।

**ଲାଞ୍ଛିତ ବିଂ.** ୧. କଳଙ୍କିତ, ଭର୍ତ୍ସିତ, ତିରସ୍କୃତ, ଅବମାନିତ ୨. ନାମଯୁକ୍ତ, ଉପାଧିଯୁକ୍ତ ୩. ଧ୍ୱଜଯୁକ୍ତ ୪. ଅଙ୍କିତ, ଚିହ୍ନିତ ୫. ଉତ୍ପୀଡ଼ିତ, ନିଗୃହୀତ (*ସ୍ତ୍ରୀ.* ଲାଞ୍ଛିତା) ।

**ଲାଞ୍ଜ ବି.** ପଶୁପକ୍ଷୀଙ୍କ ଦେହର ଲମ୍ବ ପଛ ଅଂଶ, ଲେଞ୍ଜ, ପୁଚ୍ଛ, ଲାଙ୍ଗୁଡ ।

**ଲାଞ୍ଜି ବି.** ୧. ଲମ୍ବ ଜଳାଶୟର ଗୋଜିଆ ଶେଷ ଅଂଶ ୨. (କଜଳର) ଲମ୍ବ ସୂକ୍ଷ୍ମରେଖା ୩. ଢିଙ୍କିର ପଛଭାଗ (ତାହା ଉପରେ ଗୋଡ଼ ରଖି କୁଟାଯାଏ) ୩. କଟା ମାଛର ଲାଞ୍ଜ ପାଖର ଅଂଶ ।

**ଲାଞ୍ଜିଆ ବଳଦ ବି.** ବେଙ୍ଗଳାର ଶେଷମୁଣ୍ଡରେ ଯୋଚା ବଳଦ (*ବିପ.* ମେରିଆ ବଳଦ) ।

**ଲାଟ୍ ସାହେବ ବି.** ୧. ଗଭର୍ଣ୍ଣର ୨. ଅତି ମାତ୍ରାରେ ଗର୍ବୀ ଲୋକ ।

**ଲାଟ ବି.** ୧. ଗଭର୍ଣ୍ଣର ବା ପ୍ରଦେଶର ସର୍ବୋଚ୍ଚ ଇଂରେଜ ଶାସକ ୨. ସର୍ବାଧିନାୟକ ବା ସୈନ୍ୟବିଭାଗର ସର୍ବୋଚ୍ଚ ସେନାପତି ୩. ଜମିଦାରିର ମାହାଲ ବିଶେଷ ୪. ନିଲାମରେ ବିକ୍ରି ହେବାକୁଥିବା ପୃଥକ୍ ଦ୍ରବ୍ୟର ସମଷ୍ଟି ବା ଦ୍ରବ୍ୟଗୁଚ୍ଛ ୪. ବୃଥା ବାକ୍ୟ ୫. ଦୋଷ ୬. ବିଦ୍ୱାନ ବ୍ୟକ୍ତି ୭. ଜୀର୍ଣ୍ଣ ବସ୍ତ୍ରାଦି; **ବିଂ.** ଜୀର୍ଣ୍ଣ, ବ୍ୟବହୃତ, ପୁରାତନ, ମଳିନ ।

**ଲାଟବନ୍ଦି ବି.** ୧. ସରକାରଙ୍କ ଖଜଣାଖାନାରେ ରାଜସ୍ୱ ଦାଖଲ କରିବାର ନିର୍ଦ୍ଧାରିତ ଦିବସ ୨. ନିଲାମରେ ବିକ୍ରେୟ ଦ୍ରବ୍ୟମାନଙ୍କର କିମ୍ବା ମାହାଲମାନଙ୍କର ଦଫା ଦଫା ହୋଇ ପ୍ରସ୍ତୁତ ହେବା ତାଲିକା ।

**ଲାଟିନ୍ ବି.** ରୋମ ବା ଇଟାଲିର ପ୍ରାଚୀନ ଭାଷା ।

**ଲାଟୀ, ଲାଟିକା ବି.** ପ୍ରାଚୀନ ଲାଟ ଦେଶ ପ୍ରଚଳିତ ସୁକୁମାର ଗୁଣବ୍ୟଞ୍ଜକ ଶବ୍ଦାବଳୀରେ ପୂର୍ଣ୍ଣ କାବ୍ୟରଚନା ରୀତି ।

**ଲାଠି ବି.** ବାଡ଼ି, ଠେଙ୍ଗା ।

**ଲାଠିଆଳ ବିଂ.** ଲାଠିଧାରୀ ; **ବି.** ଲାଠିଖେଳ ବା ଲାଠିଯୁଦ୍ଧରେ ଦକ୍ଷ ବ୍ୟକ୍ତି ।

**ଲାଠିଚାର୍ଜ୍ ବି.** ଲାଠିମାଡ଼, ପୁଲିସ୍ ବାହିନୀ ଦ୍ୱାରା ବିଶୃଙ୍ଖଳିତ ଲୋକଙ୍କୁ ଘଉଡେଇବା ପାଇଁ ଲାଠି ମାଡ଼ ।

**ଲାଡ୍,ଲାଡ଼ ବି.** ସ୍ନେହ, ଗେଲ ।

**ଲାଡ୍ରା ବିଂ.** ଗେହ୍ଲା, ଲଡ୍ରା, ଆଦରର ।

**ଲାଡ଼ିଆ ବି.** ବାଉଁଶ ଟୋକେଇ ବିଶେଷ।

**ଲାଣ୍ଡ୍ ବି.** ଜମି, ଭୂମି ।

**ଲାଣ୍ଡ୍ କରିବା କ୍ରି.** ଉଡ଼ାଜାହାଜ ଆକାଶମାର୍ଗରୁ ଆସି ଭୂମିସ୍ପର୍ଶ କରିବା।

**ଲାଣ୍ଡ୍‌ମାଇନ୍ ବି.** ମାଟିରେ ପୋତା ହୋଇଥିବା ବିସ୍ଫୋରକ ।

**ଲାଣ୍ଡ୍‌ରେକର୍ଡ଼ ବି.** ଜମିଜମା ସଂକ୍ରାନ୍ତ ନଥିପତ୍ର ।

**ଲାଣ୍ଡି ବି.ବିଂ.** ୧. କେଶହୀନ ସ୍ତ୍ରୀ ୨. ଲଣ୍ଡିତା।

**ଲାଣ୍ଡିଆ ବିଂ.** ୧. ଅସୁନ୍ଦର, ଅଳଙ୍କାରବିହୀନ ୨. ଶାଖାହୀନ ୩. ପୁଚ୍ଛହୀନ ୪. ଅପୂର୍ଣ୍ଣାଙ୍ଗ ୫. ବୃକ୍ଷଲତାଶୂନ୍ୟ ୬. ଆଶ୍ରାହୀନ ୭. ବିକୃତ ଶରୀର ବିଶିଷ୍ଟ ।

**ଲାଣ୍ଡିଙ୍ଗ୍ ବି.** ୧. ଉଡାଜାହାଜର ଅବତରଣ ୨. ପାହାଚ ଶ୍ରେଣୀର ମଧ୍ୟବର୍ତ୍ତୀ ସମତଳ ସ୍ଥାନ ।

**ଲାଣ୍ଡୁ ବିଂ.ବି.** ମୁଣ୍ଡରେ ବାଳ ନଥିବା, ଲଣ୍ଡା, ଠାଟୁ, ନଣ୍ଡାଲୋକ ।

**ଲାତ ବି.** ନାତ, ପଦାଘାତ, ଗୋଇଠା । ।

**ଲାଥୁରା ବିଂ.** ୧. ମାଂସଳ (ବ୍ୟକ୍ତି) ୨. କର୍ମକୁଣ୍ଠ (*ସ୍ତ୍ରୀ.* ଲାଥୁରୀ) ।

**ଲାଫ ବି.** ଲମ୍ଫ, ଡିଆଁ ।

**ଲାବ୍ଡ଼ା ବି.** ୧. ଫୋପଡ଼, ଲେଦା, ଲାବଡ଼ ୨. ପୁରୁଷର ଯୌନାଙ୍ଗ ।

**ଲାବଡ଼ ବି.** ଛୋଟ ଆକାରର ବାଡ଼ି, ଯାହା ଫୋପାଡ଼ି ଗଛରୁ ଫଳ ଝଡ଼ାଇବା ପାଇଁ ସାଧାରଣତଃ ବ୍ୟବହୃତ ହୁଏ ।

**ଲାବଣ ବିଂ.** ଲବଣ ମିଶା, ଲୁଣିଆ ।

**ଲାବଣିକ ବିଂ.** ଲୁଣ ସମ୍ବନ୍ଧୀୟ, ଲବଣମିଶ୍ରିତ, ଲୁଣବହୁଳ ; **ବି.** ଲୁଣ ବ୍ୟବସାୟୀ (*ସ୍ତ୍ରୀ.* ଲାବଣିକୀ) ।

**ଲାବଣ୍ୟ ବି.** ୧. ଲବଣତ୍ୱ ୨. କାନ୍ତି, ସୌନ୍ଦର୍ଯ୍ୟ, ମାଧୁର୍ଯ୍ୟ ।

**ଲାଭ ବି.** ୧. ପ୍ରାପ୍ତି, ଉପାର୍ଜନ, ଆୟ, ଉପସ୍ୱତ୍ୱ ୨. ବ୍ୟବସାୟାଦିରେ ଆୟରୁ ଖରଚ ବାଦ୍ ଉଦ୍‌ବୃତ୍ତ ଅର୍ଥ, ମୁନାଫା ୩. ମୂଲ୍ୟ ଦେଇ ଦ୍ରବ୍ୟ କିଣିବା ପରେ ବିକ୍ରେତାଠାରୁ ମିଳିବା ଅଧିକା କିଛି ଦ୍ରବ୍ୟ ୪. ସ୍ୱାର୍ଥ ୫. ଉପକାର ୫. ଫାଇଦା (**ବିପ.** କ୍ଷତି, ଲୋକସାନ) ।

**ଲାଭାଲାଭ ବି.** ଲାଭ ଓ କ୍ଷତି, ଲାଭନଷ୍ଟି, ନଫା-ନଷ୍ଟି ।

**ଲାଭଲେଶ ବି.** ମୂଲ୍ୟାନୁଯାୟୀ ଦ୍ରବ୍ୟକ୍ରୟ ପରେ କ୍ରେତା ଯେଉଁ ସାମାନ୍ୟ ଅଧିକା ଦ୍ରବ୍ୟ ବିକ୍ରେତା ଠାରୁ ଆଣେ (ପାଏ) ।

**ଲାମା ବି.** ତିବ୍ବତୀୟ ବୌଦ୍ଧ ପୁରୋହିତ ।

**ଲାରି ବି.** କୁଡ଼ିଆ ଘର।

**ଲାଳ ବି.** ଛେପ, ମୁଖନିର୍ଗତ ସ୍ରାବ ।

**ଲାଳକ ବିଂ.** ଲାଳନକାରୀ, ସ୍ନେହରେ ବା ଯତ୍ନରେ ପାଳନକାରୀ (*ସ୍ତ୍ରୀ.* ଲାଳିକା) ।

**ଲାଳଚା ବି.** ଲୋଭ, ଆସକ୍ତି ।

**ଲାଳ(ଳି)ଚିଆ ବିଂ.** ଲାଳସାଯୁକ୍ତ, ଲାଳାୟିତ, ଟକଳା, ଖାଦ୍ୟଦ୍ରବ୍ୟପ୍ରତି ବିଶେଷ ଲୋଭୀ, *ସ୍ତ୍ରୀ.* ଲାଳ(ଳି) ଚେଇ ।

**ଲାଳନ ବି.** ଯତ୍ନର ସହ ପାଳନ ।

**ଲାଳନପାଳନ ବି.** ଖୁବ ଯତ୍ନ-ଆଦର-ସ୍ନେହରେ ପିଲାଙ୍କୁ ବଢ଼ାଇବା, ପ୍ରତିପାଳନ (**ବିଂ.** ଲାଳିତପାଳିତ) ।

**ଲାଳାୟିତ ବିଂ.** ଲୋଭଗ୍ରସ୍ତ, ଲୋଲୁପ, ଲୁବ୍ଧ, ଅତ୍ୟନ୍ତ ଆଗ୍ରହାନ୍ୱିତ (*ସ୍ତ୍ରୀ.* ଲାଳାୟିତା) ।

**ଲାଳିକା ବି.** ମୂଳ ରଚନାର ବ୍ୟଙ୍ଗରୂପ ।

**ଲାଳିତ ବିଂ.** ପ୍ରତିପାଳିତ, ଯତ୍ନରେ ପାଳିତ ବା ବର୍ଦ୍ଧିତ (*ସ୍ତ୍ରୀ.* ଲାଳିତା ) ।

**ଲାଳିତ୍ୟ ବି.** ୧. ଲଳିତଭାବ, କୋମଳତା, କମନୀୟତା ୨. ସୌନ୍ଦର୍ଯ୍ୟ ୩. ମାଧୁର୍ଯ୍ୟ, ସୌକୁମାର୍ଯ୍ୟ ।

**ଲାଲିମା, ନାଲି ବି.** ଲାଲ ଆଭା, ରକ୍ତିମା ।

**ଲାଲୁଆ ବିଂ.** ୧. ଲାଳ ବାହାରୁଥିବା ୨. ଲାଳ ଗଡ଼ୁଥିବା ୩. ଚିକ୍‌କଣ ୪. ଲାଳ ଭଳି ।

**ଲାଳେ[ଳା]ଇବା କ୍ରି.** ୧. ପାଟିରୁ ନାଳ ଗଡ଼ିବା ବା ଗଡ଼େଇବା ୨. ଅତ୍ୟନ୍ତ ଲାଳାୟିତ ହେବା, ଲୋଭେଇବା ।

**ଲାଲ୍‌କୋଠା ବି.** (ଓଡ଼ିଶାରେ) ହାଇକୋଟ, ଉଚ୍ଚ ନ୍ୟାୟାଳୟ, ନାଲିକୋଠା ।

**ଲାଲ୍‌ଚି ବି.** ଢିଲାଜାମା, ପଞ୍ଜାବି ।

**ଲାଲ୍‌ଟିନ୍ ବି.** ଲଣ୍ଠନ।

**ଲାଲ୍‌ବତି ବି.** ୧. ଦେବାଳିଆ ହେବା ଲକ୍ଷଣ ୨. ବିପଦ ସଙ୍କେତର ସୂଚନା ୩. ବିଶିଷ୍ଟ ପଦାଧିକାରୀଙ୍କର ଯାନରେ ବ୍ୟବହୃତ ନାଲିବତି ।

**ଲାଲ ବି.** ୧. ନାଲି ରଙ୍ଗ ୨. ଘୋଡ଼ା, ଗୋରୁ ପ୍ରଭୃତିଙ୍କ ଖୁରାତଳେ ମରାଯିବା ଲୁହାପାତ, ନାଲ ; **ବିଂ.** ନାଲି ରଙ୍ଗର, ରକ୍ତ ବର୍ଣ୍ଣ ବିଶିଷ୍ଟ ।

**ଲାଲଚିଆ ବି.** ୧. ଈଷତ୍ ଲାଲ ୨. ଲାଳସୀ ।

**ଲାଲପଗଡ଼ି, ଲାଲପଗଡ଼ିଆ ବି.** ପୁଲିସ କନେଷ୍ଟବଳ ।

**ଲାଲପାନ ବି.** ତାସପତ୍ରର ନାଲିପାନ ବା ହାଟ୍ସ୍ ।

**ଲାଲ ମୋହରିଆ ବି.** ଶ୍ରୀମନ୍ଦିରର ନେପାଳ ପଣ୍ଡା।

**ଲାଲ ଯାତ୍ରୀ ବି.** ଧନୀ ଯାତ୍ରୀ।

**ଲାଲସାହେବ ବି.** (ରାଜୁଡା ସମୟରେ) ରଜାଙ୍କର ସାନଭାଇ, ଲାଲ୍ ସାଇ।

**ଲାଲବତୀ ଅଞ୍ଚଳ ବି.** ଯୌନକର୍ମୀମାନେ ସମୂହ ଭାବେ ରହୁଥିବା ଜାଗା।

**ଲାଲି ବି.** ଲାଲରଙ୍ଗ; **ବିଂ.** ରକ୍ତବର୍ଣ୍ଣ ବିଶିଷ୍ଟ।

**ଲାଲିଆ ବିଂ.** ନାଲିଆ, ରକ୍ତିମ, ଲାଲରଙ୍ଗ ବିଶିଷ୍ଟ।

**ଲାଲେଲାଲ ବିଂ.** ଲାଲ ଟହଟହ, ଅତ୍ୟନ୍ତ ଲାଲ ; **ବି.** ସ୍ୱଚ୍ଛଳ ଅବସ୍ଥା।

**ଲାଷ୍ଟ୍ ବି.** ଶେଷ, ଅନ୍ତିମ ।

**ଲାଷ୍ଟିଙ୍ଗ୍ କରିବା କ୍ରି.** ବେଶିଦିନ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ବା ଉପଯୋଗୀ ହେବା ।

**ଲାସ୍ ବି.** ଶବ, ମୃତଶରୀର।

**ଲାସା ବି.** ଅଠାଳିଆ ଅବସ୍ଥା।

**ଲାସି ବି.** ୧. ଫଳ, ଫୁଲ, ବଳିତା, ଦଉଡ଼ି ଆଦିର ପ୍ରାନ୍ତଭାଗ ୨. ପର୍ବତ ବା ଉଚ୍ଚ ଭୂଭାଗର କ୍ରମସୂକ୍ଷ୍ମ ପ୍ରାନ୍ତଭାଗ, ଲାଞ୍ଜି।

**ଲାସ୍ୟ ବି.** ମଧୁର ଓ କୋମଳଭାବ ପ୍ରକାଶ କରୁଥିବା ସୁକୁମାର ନୃତ୍ୟ ଭଙ୍ଗୀ, ଲୀଳାୟିତ ଗତି।

**ଲାସ୍ୟମୟୀ ବିଂ.** ଲାସ୍ୟଥିବା ନାରୀ।

**ଲାସ୍ୟା ବି.ବିଂ.** ନର୍ତ୍ତକୀ।

**ଲାହା ବି.** ୧. ଜଉ, ଲାଖ ୨. ଶରୀରର ରସ, ଶକ୍ତି, ବଳ, ସାମର୍ଥ୍ୟ ୩. ସଜ୍ଜା ୪. ପାଟିରୁ ବହିବା ଲାଳ।

**ଲାହାରି ବି.** ୧. ଶଙ୍ଖାରି, ଲାଖଚୁଡ଼ି ବା ଶଙ୍ଖା ବ୍ୟବସାୟୀ ଜାତିବିଶେଷ ୨. ରସିକିଆ ଟୋକା (*ସ୍ତ୍ରୀ.* ଲାହାରୁଣୀ, ଲାହାରିଆଣୀ)।

**ଲାହି ବି.** ୧. ନାହି, ନାଭି ୨. ବଟା ଚାଉଳର ଖିରି।

**ଲାକ୍ଷଣିକ, ଲାକ୍ଷଣ୍ୟ ବିଂ.** ଲକ୍ଷଣଯୁକ୍ତ, ଲକ୍ଷଣସ୍ୱରୂପ, ଲକ୍ଷଣଦ୍ୱାରା ବୋଧ୍ୟ ; **ବି.** ଦୈବଜ୍ଞ।

**ଲାକ୍ଷା ବି.** ଜଉ, ଲାଖ।

**ଲାକ୍ଷାରସ ବି.** ଅଳତା।

**ଲିଆ ବି.** ୧. ଖଇ, ଲାଜା, ଫୁଲାଲିଆ ୨. ମୁଢ଼ି, ହୁଡୁମ, ଖଇ ପ୍ରଭୃତି ଚାଉଳ ଭଜା।

**ଲିଆ ଜୁଗାଡ଼ ବି.** ଲିଆରେ ଗୁଡ଼ ପଗା ହୋଇ ମନ୍ଦିର ଆକୃତିରେ ତିଆରି ଭୋଗ କରିବା ପାଇଁ ଲଡୁ ବା ମୁଆଁ।

**ଲିକ୍ କରିବା କ୍ରି.** ୧. ପାଣି, ବାୟୁ ବାହାରି ଯିବା (ଯଥା ଚକରୁ) ୨. ଗୋପନୀୟତା ପ୍ରଘଟ କରିଦେବା।

**ଲିକ୍‌ରି, ଲିଖ୍‌ରି ବିଂ.** ସାମାନ୍ୟ ପରିମାଣର।

**ଲିକ୍ ହେବା କ୍ରି.** ୧. କଣା ହୋଇ ପାଣି, ପବନ ପ୍ରଭୃତି ବାହାରି ଯିବା ୨. ଗୋପନ ତଥ୍ୟ କଥା ଆଦି ପ୍ରଘଟ ହେବା ।

**ଲିଖ ବି.** ସାଧାରଣତଃ ଦେହର ଗହଳ ବାଳୁଆ ଜାଗାରେ ରହୁଥିବା ଅତି କ୍ଷୁଦ୍ର ଜୀବ, ଉକୁଣି, ନିଖ, ଲିକ୍ଷା।

**ଲିଖନ ବି.** ୧. ଲେଖିବା କାର୍ଯ୍ୟ, ଅକ୍ଷରବିନ୍ୟାସ, ଲିପିବଦ୍ଧକରଣ ୨. ଚିତ୍ରଣ, ଅଙ୍କନ ୩. ଲିଖିତ ବିଷୟ, ପତ୍ର ବା ଚିଠି ୪. ଲିପି।

**ଲିଖନପଦ୍ଧତି ବି.** ଲେଖିବାର ବା ରଚନା କରିବାର ଶୈଳୀ।

**ଲିଖିତ ବିଂ.** ଲେଖାଯାଇଥିବା, ଲେଖା ଆକାରରେ ଥିବା, ଲିପିବଦ୍ଧ।

**ଲିଖିତବ୍ୟ ବିଂ.** ଲେଖନୀୟ, ଯାହା ଲେଖାଯିବା ଉଚିତ ବା ଆବଶ୍ୟକ।

**ଲିଖୁର୍ ଲାଖ୍ କ୍ରି.ବିଂ.** କୌଣସି ଦରକାରୀ ବସ୍ତୁ ନ ଭୁଲି, ସମ୍ପୂର୍ଣ୍ଣ ଭାବରେ।

**ଲିଗର ବିଂ.** ୧. ଊଣା ୨. ଦୁର୍ବଳ।

**ଲିଙ୍ଗ ବି.** ୧. *ବ୍ୟାକରଣ* ପୁରୁଷ, ସ୍ତ୍ରୀ ଓ କ୍ଳୀବ - ଏହି ତିନି ଭେଦ ୨. ଶିବଙ୍କ ପୂଜାପାଇଁ ବ୍ୟବହୃତ ପ୍ରତୀକ ୩. ପୁଂ-ଜନନେନ୍ଦ୍ରିୟ ୪. (ସାଂଖ୍ୟ ଦର୍ଶନରେ) ବୁଦ୍ଧିତତ୍ତ୍ୱ ; **ବିଂ.** ଲୈଙ୍ଗ, ଲୈଙ୍ଗିକ।

**ଲିଗାଁଇବା କ୍ରି.** ଗର୍ଭ ସଞ୍ଚାର ହେବା, ଗର୍ଭବତୀ ହେବା।

**ଲିଚୁ ବି.** ନାଲିଆ ରଙ୍ଗର ଛୋଟ ଆକୃତି ବିଶିଷ୍ଟ ଫଳବିଶେଷ, ସେହି ଗଛ।

**ଲିଜ୍ ବି.** ଘର ବା ଜମିର ଅସ୍ଥାୟୀ ଅଧିକାର।

**ଲିଟର୍ ବି.** ଏକ ହଜାର ମିଲିଲିଟର ପରିମାଣ ତରଳ ପଦାର୍ଥର ମାପ।

**ଲିଟି ବି.** ୧. ଛୋଟ ଆକାରର ଚଢ଼େଇ ବିଶେଷ ୨. ଚୁଟି, ମୁଣ୍ଡର ଶିଖା।

**ଲିଡ୍ କ୍ରି.** ନେତୃତ୍ୱ ନେବା, ଆଗେଇବା; **ବି.** ୧. ସୀମା ୨. ଡଟ୍ କଲମରେ ଲାଗିବା ଲମ୍ୱାଳିଆ ଆଧାର ଯହିଁରେ ସ୍ୟାହି ଥାଏ। ।

**ଲିଡ୍‌ବ୍ୟାଙ୍କ ବି.** ଅଗ୍ରଣୀ ବ୍ୟାଙ୍କ ।

**ଲିଡର୍ ବି.** ନେତା, ଆଗଚଲା ଲୋକ।

**ଲିଡର୍‌ସିପ୍ ବି.** ନେତୃତ୍ୱ, ନେତାଗିରି ।

**ଲିଡିଙ୍ଗ୍ ବିଂ.** ଆଗୁଆ।

**ଲିତା ବି.** ୧. ଏକ ଦଣ୍ଡର ଷାଠିଏ ଭାଗରୁ ଏକ ଭାଗ, ଲିପ୍ତା ୨. ଅଇଁଠା, ଅଇଁଠା ବାସନ ବା ଜାଗା।

**ଲିଥୋ, ଲିଥୋଗ୍ରାଫି ବି.** ପଥର ଫଳକରେ ଖୋଦେଇ କରି ତହିଁରୁ ଛାପା ଉଠାଇବାର ପଦ୍ଧତି।

**ଲିପା ବି.** ଗୋବର, ମାଟି ପ୍ରଭୃତି ପାଣିରେ ଗୋଳେଇ କାନ୍ଥ, ଚଟାଣ ପ୍ରଭୃତିରେ ଲେପିବା; **ବିଂ.**ଲେପିତ।

**ଲିପା[ପେ]ଇ ବି.** ୧. ଲିପିବା କାମ ୨. ଲିପିବା ପାଇଁ ମଜୁରି।

**ଲିପାପୋଛା** *ବି.* ଗୋବରପାଣି ବା ପାଣିଦ୍ୱାରା ଲେପିବା ଏବଂ ପୋଛିବା ।

**ଲିପି[ପୀ]** *ବି.* ୧. ଲେଖିବା ପାଇଁ ବ୍ୟବହୃତ ପ୍ରତୀକ ବା ଚିହ୍ନ ଏବଂ ସେହି ପଦ୍ଧତି ୨. ଲେଖା ୩. ବର୍ଣ୍ଣମାଳା ୪. ପତ୍ର, ଚିଠି ।

**ଲିପିକ[କା]ର** *ବି.* ଲେଖାଳୀ, ନକଲ ନବିସ ।

**ଲିପିକଳା** *ବି.* ସୁଦୃଶ୍ୟ ଅକ୍ଷରରେ ଲେଖିବାର କିମ୍ବା ସୁନ୍ଦର ରୂପେ ଚିତ୍ର କରିବାର କୌଶଳ ।

**ଲିପିଜ୍ଞାନ** *ବି.* ବର୍ଣ୍ଣମାଳା ଲେଖିବାର ଜ୍ଞାନ ।

**ଲିପିବଦ୍ଧ** *ବିଂ.* ଲିଖିତ, ଲେଖାହୋଇ ସଂରକ୍ଷିତ ।

**ଲିପିବା** *କ୍ରି.* ମାଟି, ଗୋବର ପ୍ରଭୃତି ବୋଳିବା, ଲେପନ କରିବା, ତରଳ ପଦାର୍ଥକୁ ପତଳା କରି ଲଗାଇବା ।

**ଲିପ୍ତ** *ବିଂ.* ୧. ଜଡ଼ିତ ବା ସମ୍ପୃକ୍ତ, ବ୍ୟାପୃତ ୨. ଲିପା ହୋଇଥିବା ୩. ସଂଯୁକ୍ତ ବା ଯୋଡ଼ା ୪. ବିଷବୋଳା (*ସ୍ତ୍ରୀ.* ଲିପ୍ତା, *ବି.* ଲିପ୍ତତା, ଲେପ) ।

**ଲିପ୍ୟନ୍ତର** *ବି.* ପ୍ରତିବର୍ଣ୍ଣୀକରଣ, ଏକ ଭାଷାର ଅକ୍ଷରକୁ ଅନ୍ୟ ଭାଷାର ଲିପିରେ ଲେଖିବା ।

**ଲିପ୍ସା** *ବି.* ପ୍ରାପ୍ତିର ବା ଲାଭର ପ୍ରବଳ ଇଚ୍ଛା, ଲୋଭ ।

**ଲିଫ୍ଟ୍** *ବି.* ବହୁ ମହଲା ଥିବା ଘରରେ ଚଢ଼ିବା/ଓହ୍ଲେଇବା ପାଇଁ ବ୍ୟବହୃତ ବୈଦ୍ୟୁତିକ ଯନ୍ତ୍ର ।

**ଲିଭା[ଭେ]ଇବା** *କ୍ରି.* ଲେଖା ପ୍ରଭୃତି ପୋଛିଦେବା ୨. (ନିଆଁ) ନିର୍ବାପିତ କରିବା ୩. ନିଭାଇବା, ନିର୍ବାହ କରିବା, ଅନୁଭୂତିରେ ଆଣିବା ।

**ଲିଭିବା** *କ୍ରି.* ୧. ନିଭିବା, ନିର୍ବାପିତ ହେବା ୨. ପୋଛି ହୋଇଯିବା ୩. ନିଶ୍ଚିହ୍ନ ବା ଲୁପ୍ତ ହେବା ।

**ଲିମ୍** *ବି.* ନିମ୍ବ ।

**ଲିମି ଯିବା** *କ୍ରି.* ଲିଭିଯିବା ।

**ଲିମ୍ବ** *ବି.* ନିମ, ନିମ୍ବ ।

**ଲିସ୍ଟ୍[ଷ୍ଟ]** *ବି.* ତାଲିକା, ଫର୍ଦ୍ଦ ।

**ଲିସ୍ୱା** *କ୍ରି.* ନିସିବା, ଶାଣ ଦେବା, ଅସ୍ତ୍ରାଦିକୁ ଘଷି ଚିକ୍କଣ କରିବା ।

**ଲିହଣ, ଲିହାଣ** *ବି.* ନିହଣ, ପଥର କାଟିବା ବା ଖୋଦେଇ କରିବାରେ ବ୍ୟବହୃତ ହତିଆର ।

**ଲିହିବା** *କ୍ରି.* ୧. ଲେଖିବା ୨. ପଥର ପ୍ରଭୃତିରେ ଖୋଦେଇ କରି ଛବି ଆଙ୍କିବା ବା ଲେଖିବା ୨. ନିର୍ଦ୍ଧାରଣ କରିବା ୩. ଲେହନ କରିବା, ଚାଟିବା ୪. ଛୁରୀରେ ଚାଞ୍ଛି ବାଡ଼ି ଆଦି ଚିକ୍କଣ ବା ଧାରୁଆ କରିବା ।

**ଲୀନ** *ବିଂ.* ୧. ଲୟପ୍ରାପ୍ତ, ଲୁପ୍ତ ୨. ଅଦୃଶ୍ୟ ୩. ସଂଲଗ୍ନ ୪. ମିଳିତ ୫. ନିଦ୍ରିତ (*ସ୍ତ୍ରୀ.* ଲୀନା) ।

**ଲୀଳା** *ବି.* ୧. ଉତ୍ସବ ୨. ପୌରାଣିକ ଅବତାରଙ୍କ ଚରିତ ବିଷୟକ ଗୀତାଭିନୟ ୩. କେଳି, କ୍ରୀଡ଼ା, ବିଳାସ, ପ୍ରମୋଦ ୪. ହାବଭାବ ୫. ଦେବତା ବା ମହାପୁରୁଷଙ୍କର କିମ୍ବା ପ୍ରାଣୀର କାର୍ଯ୍ୟକଳାପ ୬. ଗୂଢ଼ ମର୍ମପୂର୍ଣ୍ଣ ଖେଳା ବା କାର୍ଯ୍ୟ ।

**ଲୀଳାଖେଳା** *ବି.* ୧. ଜୀବନଯାତ୍ରା ୨. କାର୍ଯ୍ୟକଳାପ ।

**ଲୀଳାମୟ** *ବିଂ.* ୧. ଆନନ୍ଦ ଓ ବିଳାସପୂର୍ଣ୍ଣ ୨. ଯାହାର କାର୍ଯ୍ୟକଳାପ ସାଧାରଣ ମାନବ ବୁଦ୍ଧିର ଅଗମ୍ୟ (*ସ୍ତ୍ରୀ.* ଲୀଳାମୟୀ) ।

**ଲୀଳାକ୍ଷେତ୍ର, ଲୀଳାଭୂମି** *ବି.* କ୍ରୀଡ଼ାଭୂମି, ବିଳାସ ବା ବିହାର ପାଇଁ ବ୍ୟବହୃତ କ୍ଷେତ୍ର ।

**ଲୁଁଡ଼ା** *ବି.* ଗୋବର ପାଣିରେ ପୋଛା ।

**ଲୁଁଡ଼ାପତା** *ବି.* ଗୋବର ପାଣି ବୋଳା ପୋଛା କନା ।

**ଲୁଇଁବା** *କ୍ରି.* ନଇଁବା, ଅବନମିତ ହେବା ।

**ଲୁଇ** *ବି.* ୧. ଛୋଟ ଦାମୁଡ଼ି, କଅଁଳା ଅଣ୍ଡିରା ବାଛୁରି ୨. ମୋଟା ପଶମୀ ଚାଦର ।

**ଲୁକ୍‌ବା** *କ୍ରି.* ଲୁଚିବା, ଆତ୍ମଗୋପନ କରିବା ।

**ଲୁକ୍‌ଲୁକାନି** *ବି.* ଲୁଚକାଳି ଖେଳ ।

**ଲୁକାଚୋରା** *ବିଂ.* ଲୁଚାଚୋରା ।

**ଲୁକାବା** *କ୍ରି.* ଲୁଚାଇବା, ଗୋପନ ରଖିବା ।

**ଲୁକ୍କାୟିତ** *ବିଂ.* ୧. ପ୍ରଚ୍ଛନ୍ନ, ଗୁପ୍ତ, ଅଗୋଚର ୨. ଅନ୍ତର୍ହିତ ୩. ଗୋପନରେ ରକ୍ଷିତ ।

**ଲୁଖୁରା** *ବିଂ.* ନୁଖୁରା, ମାଖରା, ରୁକ୍ଷ, ତୈଳହୀନ ।

**ଲୁଗା** *ବି.* ବସ୍ତ୍ର, ଧୋତି, ଶାଢ଼ି, ପୋଷାକ ।

**ଲୁଗାପଟା** *ବି.* ଯାବତୀୟ ପରିଧେୟ, ପୋଷାକପତ୍ର ।

**ଲୁଙ୍ଗି** *ବି.* ଓସାରିଆ ଅଳ୍ପ ଲମ୍ବ ଅଣ୍ଟା ତଳ ପିନ୍ଧା ଲୁଗା ।

**ଲୁଙ୍ଗୁପୁଙ୍ଗୁ ହେବା** *କ୍ରି.* କୌଣସି ଉଦ୍ଦେଶ୍ୟରଖି ଗୋଟିଏ ସ୍ଥାନରେ ଲସର ପସର ହେବା ।

**ଲୁଙ୍ଗୁରା** *ବିଂ.* ୧. ଅପରିଷ୍କୃତ, ଆବର୍ଜନାବିଶିଷ୍ଟ ୨. ମଇଳା, ଅପରିଚ୍ଛନ୍ନ ୩. ନୁଙ୍ଗୁରା, ଅଶ୍ଳୀଳ ୪. ଲମ୍ପଟ (*ସ୍ତ୍ରୀ.* ଲୁଙ୍ଗୁରୀ) ।

**ଲୁଙ୍ଗୁରାମି** *ବି.* ୧. ଅପରିଚ୍ଛନ୍ନତା ୨. ଲମ୍ପଟତା ୩. ହୀନ ବା ଅଶ୍ଳୀଳ ଆଚରଣ ।

**ଲୁଚ୍‌କିବା** *କ୍ରି.* ଧୀର ଗତିରେ ଦୌଡ଼ିବା ।

**ଲୁଚ[ଚୁ]କାଳି** *ବି.* ୧. ପିଲାମାନଙ୍କ ଖେଳ ବିଶେଷ ୨. ଗୋପନତା, ସତ୍ୟ ଗୋପନର ଚେଷ୍ଟା ।

**ଲୁଚାଏ, ଲୁଚାକ** *ବିଂ.* ମେଞ୍ଚାଏ, ଗୁଡାଏ ।

**ଲୁଚାଚୋରା, ଲୁଚାଛପା** *ବିଂ.* ଗୁପ୍ତ, ସାଧାରଣରେ ଅପ୍ରକାଶିତ ବା ଅଜ୍ଞାତ ।

**ଲୁଚି** *ବି.* ମଇଦାର ଘିଅଛଣା ପତଳା ପୁରି ।

**ଲୁଚିବା** *କ୍ରି.* ୧. ଛପି ରହିବା ୨. ଲୁକ୍କାୟିତ ହେବା ୩. ଗୋପନରେ ବା ଅନ୍ତରାଳରେ ରହିବା ୪. ଅନ୍ତର୍ହିତ ବା ଅଦୃଶ୍ୟ ହେବା ୫. ଲୁପ୍ତ ହେବା ।

**ଲୁଛିବା, ଲୁଛିଯିବା** *କ୍ରି.* ଅନ୍ୟର ଶୋଭା, ଆଦର, ଦୟାଦିରେ ମୁଗ୍ଧ ବା ଅଭିଭୂତ ହେବା ।

**ଲୁଜ୍** *ବି.* ୧. ଢିଲା, ଢୁଗୁଳା ୨. ହରାଇବା ।

**ଲୁଟ୍‌ନି** *ବି.* ଖୋଷା, ନାରୀମାନଙ୍କ କେଶବିନ୍ୟାସ ବିଶେଷ।

**ଲୁଟ୍‌ପୁଟାବା** *କ୍ରି.* ୧. ଅଠାଳିଆ ପଦାର୍ଥରେ ଘାଣ୍ଟି ହେବା ୨. ନିଦରେ ଘାରି ହେବା।

**ଲୁଟ** *ବି.* ୧. ଲୁଣ୍ଠନ, ଛଡ଼େଇ ନେଇଯିବା, ଡକାୟତି ୨. ନିକ୍ଷିପ୍ତ ଦ୍ରବ୍ୟକୁ ବହୁ ବ୍ୟକ୍ତି ଏକତ୍ର ମିଳି ଗ୍ରହଣ ୩. ଅନ୍ୟାୟଭାବରେ ଆତ୍ମସାତ୍‌କରଣ ।

**ଲୁଟକାର** *ବିଂ.* ଲୁଣ୍ଠନକାରୀ, ଲୁଟିଲାବାଲା ।

**ଲୁଟତରାଜ, ଲୁଟପାଟ** *ବି.* ବ୍ୟାପକ ଲୁଣ୍ଠନ ।

**ଲୁଟିଆ, ଲୁଟିଆରା** *ବିଂ.* ଲୁଣ୍ଠନକାରୀ, ଯେ ଲୁଟି ନିଏ ; *ବି.* ଡକାୟତ ।

**ଲୁଟିବା** *କ୍ରି.* ୧. ଲୁଟ୍ ବା ଜୁର କରିବା ୨. ପ୍ରଚୁର ଭାବରେ ଉପଭୋଗ କରିବା ।

**ଲୁଟେରା** *ବି.* ଲୁଟିଆ, ଯେ ଲୁଟ୍ ବା ଡକାୟତି କରେ ।

**ଲୁଠନ** *ବି.* ଭୂଇଁରେ ଗଡ଼ିବା ବା ଲୋଟିବା, ଗଡାଗଡ଼ି।

**ଲୁଠା** *ବି.* ନିଆଖୁଣ୍ଟା ।

**ଲୁଠିତ** *ବିଂ.* ଭୂମିରେ ଗଡ଼ୁଥିବା ବା ଲୋଟୁଥିବା ।

**ଲୁଡୁ[ଡୋ]** *ବି.* ଖେଳବିଶେଷ, ଗୋଟିଏ ପଟା ଓ ସାର ନେଇ ଏକ ପ୍ରକାରର ଖେଳ ।

**ଲୁଢୁ** *ବିଂ.ବି.* ମାନ୍ଦା, ନିରୁତ୍ସାହୀ (ଲୋକ), ଯେ ସବୁକାମରେ ଉଦାସୀନ ।

**ଲୁଣ** *ବି.* ୧. ନୁନ୍, ଲବଣ ୨. କ୍ଷାର ରସଯୁକ୍ତ ଦ୍ରବ୍ୟ ବିଶେଷ ।

**ଲୁଣ ଖୁରୁମା** *ବି.* ଶ୍ରୀମନ୍ଦିରରେ ବ୍ୟବହୃତ ଏକ ପ୍ରକାର ପିଠା।

**ଲୁଣସେକ** *ବି.* ଉଷୁମ ଲୁଣପୁଡ଼ାଦ୍ୱାରା ସେକ ।

**ଲୁଣା, ଲୁଣୀ** *ବିଂ.* ୧. ଲୁଣିଆ ୨. ଲବଣାକ୍ତ ୩. ଲବଣବହୁଳ ।

**ଲୁଣାପତା** *ବି.* ଗୋବର ପାଣି ଭିଜା କପଡାଦ୍ୱାରା ଘଷାପୋଛା କାର୍ଯ୍ୟ ।

**ଲୁଣିଆ** *ବିଂ.* ଲବଣାକ୍ତ, ଲବଣବହୁଳ ; *ବି.* ୧. ଲବଣ ପ୍ରସ୍ତୁତକାରୀ ବା ଲୁଣ ବ୍ୟବସାୟୀ ଜାତି ବିଶେଷ ୨. ସମୁଦ୍ର ୩. କୋଳିବିଶେଷ ।

**ଲୁଣ୍ଠକ** *ବିଂ.* ଲୁଣ୍ଠନକାରୀ ; *ବି.* ଡକାୟତ ।

**ଲୁଣ୍ଠନ** *ବି.* ୧. ବଳପୂର୍ବକ ଅପହରଣ, ଲୁଟ, ଡକାୟତି ୨. ଅନ୍ୟାୟଭାବରେ ଆତ୍ମସାତ୍ ୩. ଭୂମିରେ ଗଡ଼ିବା, ତଳେ ଲୋଟିବା ।

**ଲୁଣ୍ଠିତ** *ବିଂ.* ୧. ବଳପୂର୍ବକ ଅପହୃତ ବା ଧର୍ଷିତ ୨. ଭୂମିରେ ଗଡୁଥିବା ବା ଲୋଟୁଥିବା (*ସ୍ତ୍ରୀ.* ଲୁଣ୍ଠିତା) ।

**ଲୁଣ୍ଠିବା** *କ୍ରି.* ଲୁଣ୍ଠନ କରିବା, ଲୁଟିବା, ଡକେଇତି କରିବା ।

**ଲୁଣ୍ଡା** *ବି.* ୧. ନିଆଁ ନେବାର ଛୋଟ କୁଟାବିଣ୍ଡା ୨. ଶିଶୁଙ୍କ ଝାଡ଼ା ପୋଛିନେବାରେ ବ୍ୟବହୃତ କନା ବା କୁଟା ବିଣ୍ଡା ୩. ଘର ବା ଅଗଣା ଲିପା ପୋଛାରେ ବ୍ୟବହୃତ କନାପୁଡ଼ା ।

**ଲୁଣ୍ଡିକା** *ବି.* ପାତ୍ର ଆଦି ମାଜିବା କିମ୍ବା ଘର ଲିପିବାରେ ବ୍ୟବହୃତ ତୃଣ ବା କନାର ପିଣ୍ଡ ବା ଗୋଲକ ।

**ଲୁତିକା** *ବି.* ୧. ଛୋଟ ମାକଡ଼ସା ୨. ଛୋଟ ପିମ୍ପୁଡ଼ି ।

**ଲୁତୁପ[ଲୁ]ତୁ, ଲୁତୁପୁ[ଲୁ]ତିଆ** *ବିଂ.* ଖୁବ୍ ଲତପତ, ଅତି ନରମା ।

**ଲୁଦ୍‌ବୁଦ୍, ଲୁଦୁବୁଦୁ** *ବି.* ଅଗ୍ନିମାନ୍ଦ୍ୟ ବା କ୍ଷୁଧାହୀନତା ରୋଗ, ବଦହଜମି ରୋଗ ।

**ଲୁଦ୍‌ବୁଦି ଯିବା** *କ୍ରି.* ପ୍ରବଳ ଶବ୍ଦ ହେବା, ଶବ୍ଦରେ ପ୍ରକମ୍ପିତ ହେବା।

**ଲୁଦ୍‌ଲୁଦା** *ବିଂ.* ନରମ, ଓଦାଳିଆ ।

**ଲୁଦର** *ବି.* ୧. ଶଗଡ଼ରେ ରହୁଥିବା ବାଉଁଶ ତିଆରି ବଡ଼ ଆକାରର ଆଧାର ୨. ଧାନ ବା ଶସ୍ୟ ରଖିବା ଡୋଲି ।

**ଲୁପ୍ତ** *ବିଂ.* ୧. ଲୋପ ହୋଇଯାଇଥିବା, ବିଲୀନ ୨. ବିନଷ୍ଟ ୩. ଅନ୍ତର୍ହିତ (*ସ୍ତ୍ରୀ.* ଲୁପ୍ତା, *ବି.* ଲୁପ୍ତତା, ଲୋପ) ।

**ଲୁବ୍ଧ** *ବି.* ୧. ବ୍ୟାଧ ୨. ନକ୍ଷତ୍ର ବିଶେଷ, ଲୁବ୍ଧକ ନକ୍ଷତ୍ର ; *ବିଂ.* ୧. ଲୋଭଯୁକ୍ତ, ଲୋଲୁପ ୨. କାମୁକ, ଲମ୍ପଟ (*ବି.* ଲୁବ୍‌ଧତା, ଲୋଭ, *ସ୍ତ୍ରୀ.* ଲୁବ୍‌ଧା) ୩. ଆକୃଷ୍ଟ, ମୋହିତ ।

**ଲୁବ୍ଧକ** *ବି.ବିଂ.* ଲୁବ୍ଧ ।

**ଲୁର୍‌କି** *ବି.* ୧. ଚଉକୁଣି, ପତ୍ର ବା ଖଳିର ମାଳ ୨. ବରବେଶ ପାଇଁ ଆବଶ୍ୟକ ପତ୍ରମାଳ ବିଶେଷ।

**ଲୁଳିତ** *ବିଂ.* ୧. ଦୋଳିତ ୨. କମ୍ପିତ ୨. ଆନ୍ଦୋଳିତ ୩. ଇତସ୍ତତଃ ଚାଳିତ ୪. ମୁକୁଳା ବା ଆଲୁଳାୟିତ ୫. ଲୋଳ ୬. ଢ଼ିଲା ।

**ଲୁଳିବା** *କ୍ରି.* ୧. ଢ଼ିଲା ଭାବରେ ଝୁଲିବା ୨. ଦୋହଲିବା ୩. ଚାଳିତ ହେବା ୪. ଥକିଯିବା ୫. ଝାଉଁଳିବା ।

**ଲୁଲି ଧର୍‌ବା** *କ୍ରି.* ୧. ସୁଡୁଲି ବା ଦଉଡ଼ି ବଳିବା ୨. କ୍ଳାନ୍ତ ଓ ଅବସନ୍ନ ହେବା।

**ଲୁହ** *ବି.* ଦୁଃଖ, ରାଗ ଅଥବା ଆନନ୍ଦରେ ଆଖିରୁ ଝରୁଥିବା ପାଣି, ଲୋତକ, ଅଶ୍ରୁ, ଲହ, ନେତ୍ରଜଳ ।

**ଲୁହବୁହା ବାଷ୍ପ** *ବିଂ.* ପୋଲିସମାନେ ଧର୍ମଘଟ ଓ ବିଭିନ୍ନ ବିଶୃଙ୍ଖଳା ସମୟରେ ଜନତାଙ୍କୁ ଘଉଡ଼ାଇ ଦେବା ନିମିତ୍ତ ପ୍ରୟୋଗ କରୁଥିବା ବାଷ୍ପବିଶେଷ ।

**ଲୁହର, ଲୋହାର** ***ବି.*** କମାର, ଲୋହରା, ଲୁହା କାମ କରୁଥିବା ଲୋକ ବା ଜାତି ।

**ଲୁହା** ***ବି.*** ଲୌହ ଧାତୁ ; ***ବିଂ.*** ୧. ଲୁହାପରି ଟାଣ ୨. ନିଷ୍ଠୁର ୩. କ୍ଲେଶସହ, ଧୈର୍ଯ୍ୟଶୀଳ ।

**ଲୁହାଗୁହ, ଲୁହାମଳି** ***ବି.*** ଲୌହମଳ, ମଣ୍ଡୁର, ମଡିଚା, କଳଙ୍କି ଛୋଲି ।

**ଲୁହାଟିଆ** ***ବିଂ.*** ଲୁହା ଗନ୍ଧ ବା ସ୍ୱାଦ ଥିବା ।

**ଲୁହାଣ** ***ବିଂ.*** ରକ୍ତଜର୍ଜରିତ ।

**ଲୁହାପତର, ଲୁହାଫରଦ** ***ବି.*** ଲୁହାର ପତଳା ଚାଦର ।

**ଲୁହାପାତ, ଲୁହାପାତିଆ** ***ବି.*** ଲୁହାର ଅତି ପାତଳା ଓ ସରୁ ଖଣ୍ଡ ।

**ଲୁହୁଙ୍ଗି ମାରିବା** ***କ୍ରି.*** ଶୀଘ୍ର ପାଦ ପକାଇ, ଏକପ୍ରକାର ଦଉଡ଼ିଲା ଭଳି ଚାଲିବା।

**ଲୁହୁରା** ***ବି.*** ଲୋହରା, କମାର।

**ଲୂତା** ***ବି.*** ୧. ବୁଢ଼ିଆଣି ଜାଲ, ମକ୍ରା ଜାଲ୍ ବା ସୂତା ୨. ମାକଡ଼ସା ମୂତ ପଡ଼ି ଦେହରେ ହେଉଥିବା ଘା ।

**ଲୂମ** ***ବି.*** ପୁଚ୍ଛ, ଲାଙ୍ଗୁଡ ।

**ଲେଉଆ** ***ବି.*** ୧. ଆତଜାତୀୟ ଫଳ ବିଶେଷ ୨. ଲାଉ ।

**ଲେଉଟ** ***ବି.*** ୧. ଫେରସ୍ତ, ଉଆପସ୍ ୨. ପ୍ରତ୍ୟାବର୍ତ୍ତନ ୩. ବଦଳ ୪. ବିନିମୟ ୫. ପ୍ରତିକ୍ରିୟା ୬. ବ୍ୟାୟାମ କାଳରେ ବୁଲାଇବା କାଷ୍ଠ ମୁଦ୍ଗର; ***ବିଂ.*** ୧. ପ୍ରତ୍ୟାବର୍ତ୍ତନମୂଳକ ୨. ପ୍ରତିକ୍ରିୟାମୂଳକ ୩. ଫେରନ୍ତା ୪. ପୁନରାଗତ ୫. ବିପରୀତ ୬. ପାଲଟା ୭. ପ୍ରତିଷେଧକ ।

**ଲେଉଟ ଉତ୍ତର** ***ବି.*** ୧. ଗୁରୁଜନଙ୍କ ପ୍ରତି ଅବଜ୍ଞା ସୂଚକ ପ୍ରତିଉତ୍ତର ବା ଜବାବ ଦେବା ୨. ପ୍ରେମ ମୂଳକ ଉକ୍ତି-ପ୍ରତ୍ୟୁକ୍ତି ।

**ଲେଉଟଚକୁଳି** ***ବି.*** ନିଜଲୋକ ଦୂରଗମନ କାଳରେ ତାକୁ ଦିଆଯାଉଥିବା ଚକୁଳି, ଓଲଟଚକୁଳି ।

**ଲେଉଟଜନ୍ମ** ***ବି.*** ପୁନର୍ଜନ୍ମ, ପୁନରବତାର ।

**ଲେଉଟଡ଼ାକ** ***ବି.*** ପ୍ରତିଧ୍ୱନି ।

**ଲେଉଟଣ** ***ବି.*** ଲେଉଟିବା କର୍ମ ।

**ଲେଉଟା** ***ବି.*** ଫେରିଆସିବା, ପ୍ରତ୍ୟାବର୍ତ୍ତନ ; ***ବିଂ.*** ଫେରନ୍ତା, ପ୍ରତ୍ୟାବର୍ତ୍ତିତ, ନିବର୍ତ୍ତିତ ।

**ଲେଉଟା[ଟେ]ଇବା** ***କ୍ରି.*** ୧. ଫେରାଇବା ୨. ଗାଇ ଫଳ ଯିବାରେ ଗର୍ଭଧାରଣ ନ କରିବା ୩. ଓଲଟାଇବା ।

**ଲେଉଟାଣ** ***ବି.*** ଲେଉଟାଇବା କର୍ମ ।

**ଲେଉଟାଣି** ***ବି.*** ୧. ଫେରିଆସିବା ୨. ଫେରିବା ବେଳର ଯାତ୍ରା ବା ଭ୍ରମଣ ; ***କ୍ରି.ବିଂ.*** ଲେଉଟିଆସିବା ବେଳେ, ଫେରିବା ସମୟରେ; ***ବି.*** ଫେରନ୍ତି, ଫେରନ୍ତା ।

**ଲେଉଟାପାଣି** ***ବିଂ.*** ବଢ଼ିର ଓଲଟା ସୁଅ ।

**ଲେଉଟି** ***କ୍ରି.ବିଂ*** ୧. ଆଉଥରେ, ପୁନରପି ୨. ପକ୍ଷାନ୍ତରେ ।

**ଲେଉଟିଆ** ***ବି.*** ଏକ ପ୍ରକାର ଶାଗ; ***କ୍ରି.*** ୧. ଫେରିଆସିବା, ବାହୁଡ଼ିବା ୨. ପରିବର୍ତ୍ତିତ ହେବା ୩. ପୁନରାୟ ଘଟିବା ବା ଜାତ ହେବା ୪. ଫିଂଟିବା ।

**ଲେକିନ** ***ଅ.*** କିନ୍ତୁ, ପରନ୍ତୁ ।

**ଲେଖ** ***ବି.*** ୧. ଚିଠି, ଲିପି ୨. ଦଲିଲ ୩. ଅଙ୍କନ, ରେଖା (***ବିଂ.*** ଲୈଖିକ) ।

**ଲେଖକ** ***ବି.*** ୧. ଗ୍ରନ୍ଥପ୍ରବନ୍ଧାଦିର ରଚୟିତା ୨. ଲିପିକର, ଚିତ୍ରକର ୩. ଲେଖାଳି, ନବସିନ୍ଦା (***ସ୍ତ୍ରୀ.*** ଲେଖିକା) ।

**ଲେଖକତ୍ୱ** ***ବି.*** ଲେଖିବାର ଶକ୍ତି, ରଚକପଣ ।

**ଲେଖନ** ***ବି.*** ୧. ଲେଖନୀ, ଲୁହାର ମୁନିଆ ଲେଖନୀ ବିଶେଷ ୨. ଲିଖନ, ଅକ୍ଷର ବିନ୍ୟାସ, ଲିପିକରଣ ୩. ଅଙ୍କନ, ଚିତ୍ରକରଣ ୪. ଭୂର୍ଜପତ୍ର, ଯାହା ଉପରେ ଲେଖାଯାଏ, ଲିଖନପତ୍ର ।

**ଲେଖନୀ** ***ବି.*** ୧. ଯାହାଦ୍ୱାରା ଲେଖାଯାଏ ୨. ଲୁହାତିଆରି କଲମ ୩. କଲମ ।

**ଲେଖନୀୟ** ***ବି.*** ଲିଖନଯୋଗ୍ୟ, ଲିଖନର ବିଷୟୀଭୂତ, ଯାହା ଲେଖାଯିବ।

**ଲେଖହାର, ଲେଖହାରକ, ଲେଖହାରୀ** ***ବି.*** ପତ୍ରବାହକ (***ସ୍ତ୍ରୀ.*** ଲେଖହାରୀ, ଲେଖହାରିକା, ଲେଖହାରିଣୀ) ।

**ଲେଖା** ***ବିଂ.*** ୧. ଲିଖିତ ୨. ବନ୍ଧୁତାଦ୍ୱାରା ସମ୍ପୃକ୍ତ ୩. ବିବେଚିତ, ସ୍ଥିରୀକୃତ ; ***ବି.*** ୧. ସମ୍ପର୍କ ୨. ଅନୁମାନ ୩. ବିଚାର ୪. ଲିଖିତ ବିଷୟ ବା ରଚନା ୪. ଲେଖିବାର ଭଙ୍ଗୀ ବା ପ୍ରଣାଳୀ ୫. ଲିଖନ ୬. ବିନ୍ୟସ୍ତ ଅକ୍ଷର, ରେଖା, ଶ୍ରେଣୀ, ଧାଡ଼ି ୭. ଚିହ୍ନ ଗଣନା, ଅଙ୍କନ (***ବି.*** ଲୈଖିକ) ।

**ଲେଖା[ଖେ]ଇ** ***ବି.*** ୧. ଲେଖିବା କାର୍ଯ୍ୟ ୨. ଲେଖିବାର ପାରିଶ୍ରମିକ ବା ମୂଲ ।

**ଲେଖାଏଁ, ଲେଖେଁ** ***ଅ.*** ପରିମାଣରେ, ସଂଖ୍ୟାରେ ।

**ଲେଖା କରିବା** ***କ୍ରି.*** ୧. ଗଣିବା, ଗଣିତ କରିବା ୨. ହିସାବ କରିବା।

**ଲେଖାକାର** ***ବି.*** ୧. ଯେ ଲେଖନ୍ତି ୨. ଗଣନା ବା ହିସାବପତ୍ର କରୁଥିବା କର୍ମଚାରୀ, ଏକାଉଣ୍ଟେଣ୍ଟ ।

**ଲେଖାପଢ଼ା** ***ବି.*** ୧. ବିଦ୍ୟାଭ୍ୟାସ ୨. ବିଦ୍ୟା ୩.ଦଲିଲ ଆଦି ସମ୍ପାଦନ ।

**ଲେଖାଯୋଖା** ***ବିଂ.*** ଦୂର ସମ୍ପର୍କରେ ସମ୍ପୃକ୍ତ; ***ବି.*** ୧. ହିସାବପତ୍ର ୨. ଇୟତ୍ତା।

**ଲେଖାଳି** ***ବିଂ.ବି.*** ୧. ଯେ ଲେଖେ, ଅର୍ଜିନବିସ୍ , ଲିଖନକାର ୨. ଗୋଟିଏ ଲେଖାରୁ ଯେ ଅନୁଲିପି ତିଆରି କରନ୍ତି।

**ଲେଖାଲେଖି** *ବି.* ୧. ପରସ୍ପରକୁ ଲେଖା, କାଗଜକଲମରେ ବାଦ-ପ୍ରତିବାଦ ୨. କ୍ରମାଗତ ଆବେଦନ ଓ ପତ୍ର ପ୍ରେରଣ ୩. ସାହିତ୍ୟ, ଲେଖିବା ସମ୍ବନ୍ଧୀୟ ସୃଜନ କର୍ମ।

**ଲେଖିବା** *କ୍ରି.* ୧. କଲମ, ଖଡ଼ି ପ୍ରଭୃତି ସାହାଯ୍ୟରେ କାଗଜ, ଖାତା ପତ୍ରରେ ଲେଖନ କାର୍ଯ୍ୟ କରିବା ୨. ଗ୍ରନ୍ଥାଦି ରଚନା କରିବା ୩. କାହାରି ଉଦ୍ଦେଶ୍ୟରେ ପତ୍ରାଦି ଲେଖି ପ୍ରେରଣ କରିବା ୪. ଅଙ୍କନ ବା ଚିତ୍ର କରିବା ୫. ଗଣନା କରିବା ।

**ଲେଖେ** *ଅ.* ପରି, ଭଳି, ସଦୃଶ ।

**ଲେଖ୍ୟ** *ବିଂ.* କେବଳ ଲେଖିବାପାଇଁ ବ୍ୟବହୃତ; *ବି.* ଦଲିଲ, ଦସ୍ତାବିଜ।

**ଲେଙ୍କ୍ଡ଼ା, ଲେକଡା** *ବି.* ୧. ପୁରୁଣା ଲୁଗା, ଲେଙ୍କ୍ରି, ଚିରା ଛିଣ୍ଡା କନା ୨. ହେଟା ବାଘ ।

**ଲେଙ୍କ୍[କ]ଡ଼ିଆ** *ବିଂ.* ଶୀର୍ଣ୍ଣ, ମୁର୍କୁଟିଆ ।

**ଲେଙ୍କ୍ରି** *ବି.* ପୁରୁଣା ଚିରାଫଟା ଲୁଗା ।

**ଲେଙ୍ଗ୍‌ଟି** *ବି.* ଲେଙ୍ଗୁଟି, ଲଙ୍ଗୋଟି ।

**ଲେଙ୍ଗ୍‌ଡ଼ି ଘେସ୍‌ରି** *କ୍ରି.ବିଂ.* ଅତି କଷ୍ଟରେ ଛୋଟେଇ ଛୋଟେଇ ବା ଧୀର ଗତିରେ (ଚାଲିବା)।

**ଲେଙ୍ଗ୍‌ଡ଼ିବା** *କ୍ରି.* ୧. ପଛେ ପଛେ ଲାଗି ରହିବା, ପଶ୍ଚାଦ୍‌ଗାମୀ ହେବା ୨. କାହାରି ସାଙ୍ଗରେ ଯିବା ପାଇଁ ବିନା କାରଣରେ ଚାହିଁବା।

**ଲେଙ୍ଗ[ଙ୍ଗୁ]ଟ, ଲେଙ୍ଗ(ଙ୍ଗୁ)ଟି** *ବି.* କୌପୀନ, ଲେଙ୍ଗ୍‌ଟି, କୌପୁନିତୁଲ୍ୟ କ୍ଷୁଦ୍ର ବସ୍ତ୍ର ।

**ଲେଙ୍ଗ[ଙ୍ଗୁ]ଟିଆ** *ବିଂ.ବି.* ୧. ଯେ ଲେଙ୍ଗୁଟି ପିନ୍ଧିଥାଏ ୨. ସଂସାର ବିରାଗୀ, ଗୃହତ୍ୟାଗୀ ।

**ଲେଙ୍ଗଡ଼ା** *ବିଂ.* ଖଞ୍ଜ, ଛୋଟା (*ସ୍ତ୍ରୀ.* ଲେଙ୍ଗଡ଼ୀ); *ବି.* ସୁସ୍ୱାଦୁ ଆମ୍ବ ବିଶେଷ ।

**ଲେଙ୍ଗଡ଼ା[ଡ଼େ]ଇବା** *କ୍ରି.* ଛୋଟେଇବା, ଛୋଟେଇ ଚାଲିବା ।

**ଲେଙ୍ଗିଡ଼ିମେଣ୍ଡି** *ବି.* ହୀନ, ତୁଚ୍ଛ ଲୋକ।

**ଲେଞ୍ଚା** *ବିଂ.* ୧. କାଞ୍ଚି, କୃପଣ ୨. ନୀଚମନା, ଲୋଚା ।

**ଲେଛା ପୋକ** *ବି.* ବିଛା।

**ଲେଛିଦେବା** *କ୍ରି.* ୧. ନିଆଁ ଲଗାଇବା, ଅଗ୍ନି ସଂଯୋଗ କରିବା ୨. ରଗେଇ ଦେବା, କୌଣସି କଥା କହି ବା କାର୍ଯ୍ୟକରି (କାହାର) କ୍ରୋଧ ଜାତ କରିବା ୩. ଅବଜ୍ଞା କରିବା ୪. ନ ଧୋଇ କେବଳ ଲେଛି ବା ପୋଛି ହେବା ।

**ଲେଛିବା** *କ୍ରି.* ତ୍ୟାଗକରିବା ।

**ଲେଛିହେବା** *କ୍ରି.* ଚେଙ୍କି ହେବା, ନିଆଁ ବା ତେଲ ଜିନିଷ ବାଜି ସାମାନ୍ୟ ପୋଡ଼ିଯିବା ।

**ଲେଂଜ୍** *ବି.* ଲାଂଜ।

**ଲେଂଜ୍‌ରା** *ବି.* ୧. କାମର ଚାପ, କାର୍ଯ୍ୟବ୍ୟସ୍ତତା ୨. ସଂସାର ଜଂଜାଳ।

**ଲେଞ୍ଜ[ଞ୍ଚ]ରା** *ବି.* ୧. ଆଖିର ମଇଳା ୨. ଅଳିଆ, ଗୋଳମାଳିଆ ବିଷୟ ୩. ଅଡୁଆ, ଝଞ୍ଜଟ, ଅଡୁଆଡତୁଆ ।

**ଲେଞ୍ଜେନ୍** *ବି.* ଲଞ୍ଜାତାରା, ଧୂମକେତୁ ।

**ଲେଟ୍** *ବି.* ଡେରି, ଉଛୁର, ବିଳମ୍ବ ।

**ଲେଟ୍ ଫି** *ବି.* ବିଳମ୍ବଜନିତ ଜୋରିମାନା ।

**ଲେଠ୍‌ରୁ** *ବିଂ.ବି.* ଅଳସୁଆ ବା କର୍ମକୁଣ୍ଠ (ବ୍ୟକ୍ତି) ।

**ଲେଠ୍‌କନ୍ଦା** *ବି.* ଲାଠିକନ୍ଦା, ସେହି ଲତା ।

**ଲେଠ୍‌ଚଘୁ** *ବି.* ଲାଠି ଧରି ଖେଳ ଦେଖାଉଥିବା କେଳା/କେଳୁଣି, ଡାଙ୍ଗ ଚଢ଼ା ।

**ଲେଡ଼୍‌କୋଖେଚୋ** *ବିଂ.* ନଡବଡ଼ିଆ, ଠିକ୍ ଭାବରେ ଠିଆ ରହି ବା ବସି ପାରୁ ନଥିବା ।

**ଲେଡ଼ା** *ବି.* ପାପୁଲିର ମୂଳଭାଗ ।

**ଲେଡ଼ି** *ବି.* ୧. ମହିଳା ୨. ପାପୁଲି ମଧ୍ୟସ୍ଥ ଖାଲୁଆ ଅଂଶ, ହାତର ଚକି ୩. ପାଦର ଗୋଇଠି ୪. ଋତୁସ୍ରାବକାଳୀନ ରକ୍ତ ।

**ଲେଡ଼ିକିନି** *ବି.* ଖୁଆ, କନ୍ଦମୂଳ ଇତ୍ୟାଦିରେ ପ୍ରସ୍ତୁତ ମିଠା ବିଶେଷ ।

**ଲେଣ୍ଠା** *ବି.* ୧. ଅଡୁଆ ୨. କୌତୁକ ।

**ଲେଣ୍ଠି** *ବିଂ.* ଅତି ଅପ୍ରଧାନ, ଅବହେଳନୀୟ, ବାଜେ, ଇତର, ନଗଣ୍ୟ, ତୁଚ୍ଛ, ହୀନ ।

**ଲେଣ୍ଡ** *ବି.* ବଦ୍ଧ ମଳଖଣ୍ଡ, ଗୁହଲଣ୍ଡ ।

**ଲେଣ୍ଡି** *ବି.* କଠିନ ଓ ଗୋଟାଳିଆ ବିଷ୍ଠା ବା ଗୁହ, ଛେଳି, ମେଣ୍ଢା ପ୍ରଭୃତି ତ୍ୟାଗ କରୁଥିବା ସେଭଳି ଶୁଖିଲା ଗୋଲାକାର ବିଷ୍ଠାଖଣ୍ଡ ।

**ଲେଣ୍ଡିକିମେଣ୍ଡି** *ବି.* ପତଳା ଓ ଦୁର୍ବଳ ସ୍ୱାସ୍ଥ୍ୟ ଥିବା ଲୋକ (*ବିଶେ.* ଝିଅପିଲା) ।

**ଲେତା** *ବିଂ.* କଡ଼ା ପାଗ ହୋଇଥିବା (ଗୁଡ଼)।

**ଲେତାଗୁଣ** *ବି.ବିଂ.* ସମ୍ପର୍କୀୟ, ଦୂରସମ୍ପର୍କୀୟ।

**ଲେତି** *ବି.* ଗଛପାଚିଲା ଆମ୍ବ, *ବିଶେ.* ଛୋଟ ଆକାରର ଆମ୍ବ (ଯୋହା ଚୁଇଁ ବା ଶୋଷି ଖିଆ ଯାଏ) ।

**ଲେଥା** *ବି.* ଖୁଦ, ଖଟା, ପରିବାଆଦି ମିଶା ଆମ୍ବିଳ ତରକାରି ବିଶେଷ ।

**ଲେଦ୍** *ବି.* କାଠ ଅଥବା ଲୁହା କୁନ୍ଦଯନ୍ତ୍ର ।

**ଲେଦର୍** *ବି.* ପଶୁଚମଡ଼ା, ଚମଡା ।

**ଲେଦର୍ ବ୍ୟାଗ** *ବିଂ.* ଚମଡ଼ାରେ ପ୍ରସ୍ତୁତ ଥଳି ।

**ଲେଦା** *ବି.* ଗଛରୁ ଫଳ ଝାଡ଼ିବା ପାଇଁ ଫୋପାଡ଼ିବା କାଠ ବା ବାଉଁଶ ଖଣ୍ଡ, ଲାବଡ଼ା।

**ଲେଦି** ***ବି.*** ଘୋଡ଼ାଗୁହ, ହାତୀଗୁହ ।

**ଲେଧୋ** ***ବିଂ.*** ଅଳସୁଆ, ନିକମା ।

**ଲେନ୍** ***ବି.*** ଗଳି, ପ୍ରଧାନ ରାସ୍ତାରୁ ବାହାରି ଭିତରକୁ ଯାଇଥିବା ସରୁ ରାସ୍ତା ।

**ଲେନ୍ଥା** ***ବି.*** ପେଣ୍ଡା, ପେଛା, ଗୁଚ୍ଛ, ପୁଞ୍ଜ ।

**ଲେନ୍ସ୍** ***ବି.*** ଯବକାଚ ।

**ଲେପ୍‌ସି ଯିବା** ***କ୍ରି.*** ବଙ୍କା ହୋଇଯିବା।

**ଲେପ** ***ବି.*** ୧. ମଲମ, ପ୍ରଲେପ, ରଙ୍ଗର ସ୍ତର ୨. ଲେପନ ସାମଗ୍ରୀ ୩. ଶ୍ରାଦ୍ଧାଦିରେ ପିତୃଲୋକଙ୍କୁ ଦିଆଯିବା ପିଣ୍ଡ ସଙ୍ଗେ ପ୍ରଦତ୍ତ କ୍ଷୁଦ୍ର ପିଣ୍ଡ ।

**ଲେପନ** ***ବି.*** ଲିପିବା ବା ବୋଳିବା କାର୍ଯ୍ୟ (***ବିଂ.*** ଲିପ୍ତ) ।

**ଲେପର୍** ***ବି.ବିଂ.*** ଅତି ଅଲାଜୁକ ଯେ ଯାହା କହିଲେ ବି ଖାତିର କରେ ନାହିଁ ; ***ବି.*** କୁଷ୍ଠ ରୋଗୀ।

**ଲେପିବା** ***କ୍ରି.*** ଲିପିବା, ବୋଳିବା ।

**ଲେପେଟେଇବା** ***କ୍ରି.*** ପେଟେଇବା, ନଇଁ ପଡ଼ିବା ।

**ଲେଫ୍‌ଟନାଣ୍ଟ୍** ***ବି.*** ୧. ପଦସ୍ଥ ସାମରିକ କର୍ମଚାରୀ ୨. କର୍ମକ୍ଷେତ୍ରରେ ସହଯୋଗୀ ।

**ଲେଫ୍‌ଟରାଇଟ୍** ***ବି.*** ବାଆଁ ଡାଆଁ, ଡ୍ରିଲ ସମୟରେ ଛନ୍ଦରେ ପଦପାତ ।

**ଲେଫ୍‌ଟ୍ ହାଣ୍ଡ୍** ***ବି.*** ୧. ବାଆଁ ହାତ ୨. ଦୋ ନମ୍ବରି କାରବାର, ବେନିୟମ କାମ ।

**ଲେଫ୍[ଫେ]ଡ଼ା** ***ବିଂ.*** ଦରହସା (***ସ୍ତ୍ରୀ.*** ଲେଫଡୀ) ; ***ବି.*** ବନ୍ୟ ଲତା ଫଳ ବିଶେଷ ।

**ଲେଫ୍‌ରା ମାରି ବସିବା** ***କ୍ରି.*** ହାତ ଗୋଡ଼ ଲମ୍ବାଇ ବସିବା।

**ଲେଫ[ଫେ]ଡିବା** ***କ୍ରି.*** ଓଠ ଫାଡ଼ି ଦାନ୍ତ ଦେଖାଇବା ।

**ଲେଫା ମାର୍‌ବା** ***କ୍ରି.*** ଅଳ୍ପ ପାଣିରେ ମାଛ ଧରିବା ।

**ଲେଫେର୍** ***ବି.*** ଏକ ପ୍ରକାର ବର୍ଷାଦିନିଆ ଶାଗ।

**ଲେବ୍‌ଡ଼ି ଯିବା** ***କ୍ରି.*** ପଡ଼ିଯିବା ଯୋଗୁଁ ବା ଆଘାତ ପାଇ ଚେପା ହୋଇଯିବା।

**ଲେବର୍ ପାର୍ଟି** ***ବି.*** ଶ୍ରମିକ ସଂଘ ବା ଦଳ ।

**ଲେବର୍‌ପେନ୍** ***ବି.*** ଶିଶୁ ଜନ୍ମକାଳୀନ ଯନ୍ତ୍ରଣା, ପ୍ରସବ ବେଦନା ।

**ଲେବର୍ ରୁମ୍** ***ବି.*** ପ୍ରସୂତି କକ୍ଷ ।

**ଲେବରର୍** ***ବି.*** ଶ୍ରମିକ, ମୂଲିଆ, ମଜୁରିଆ ।

**ଲେବେ[ମେ]ନଚୁଷ** ***ବି.*** ପିଲାମାନେ ଚୋଷି ଖାଇବା ପାଇଁ ଚିନିରେ ତିଆରି ମିଠେଇ ।

**ଲେଭଡ଼** ***ବି.*** ଜିଭରେ ଲାଗିଥିବା ଛତିଆ ।

**ଲେଭଡ଼ା** ***ବିଂ.*** ଲମ୍ପଟ, ନିର୍ଲଜ୍ଜ ଭାବରେ ଆସକ୍ତ (***ସ୍ତ୍ରୀ.*** ଲେଭଡ଼ୀ) ।

**ଲେଭି** ***ବି.*** ୧. ରିହାତି ଦର ୨. କର ବା ଟିକସ ।

**ଲେଭେଲକ୍ରସିଂ** ***ବି.*** ରେଳ ଲାଇନ୍ ପାରି ହେବାପାଇଁ ଫାଟକ ଥିବା ରାସ୍ତା ।

**ଲେମ[ମୋ]ନେଡ଼** ***ବି.*** ଖନିଜ ପଦାର୍ଥ ମିଶ୍ରିତ ଅଳ୍ପ ମଧୁର ପାନୀୟ ବିଶେଷ ।

**ଲେମ୍ଫ୍** ***ବି.*** କାଚବେଷ୍ଟିତ ପ୍ରଦୀପ ବିଶେଷ, ଲ୍ୟାମ୍ପ୍ ।

**ଲେମ୍ବୁ** ***ବି.*** ଆମ୍ବିଳା ଫଳବିଶେଷ ।

**ଲେଲିହ, ଲେଲିହାନ** ***ବିଂ.*** ବାରମ୍ବାର ଚାଟୁଥିବା ଲହଲହ ଜିହ୍ୱାବିଶିଷ୍ଟ ; ***ବି.*** ସାପ (***ସ୍ତ୍ରୀ.*** ଲେଲିହା, ଲେଲିହାନୀ) ।

**ଲେଶ** ***ବି.*** ୧. ଅତ୍ୟଳ୍ପ ପରିମାଣ, ସାମାନ୍ୟ ଅଂଶ ୨. କଣା, ବିନ୍ଦୁ ; ***ବିଂ.*** ଅତ୍ୟଳ୍ପ, ସାମାନ୍ୟ ।

**ଲେସ୍** ***ବି.*** ଜାମା ଓ ଲୁଗା ପ୍ରଭୃତିରେ ଲଗାଯିବା ନକ୍ସାକଟା ଫିତା ବା ଧଡ଼ି ବିଶେଷ ; ***ବିଂ.*** କମ୍ ।

**ଲେସ୍‌କି ଯିବା** ***କ୍ରି.*** ମୁଢ଼ି ପ୍ରଭୃତି ସିପିଯିବା ବା ନରମି ଯିବା ।

**ଲେସ୍‌ଡ଼ିଆ** ***ବି.ବିଂ.*** ଅଳସୁଆ, ଦୀର୍ଘସୂତ୍ରୀ।

**ଲେସା** ***ବି.*** ୧. ଲସା, ଅଠା ୨. ରସ, ନିର୍ଯ୍ୟାସ ୩. ଜମାଟ ବାନ୍ଧି ଶୁଖିଯାଇଥିବା ଅଠାଳିଆ ରସ ।

**ଲେସିଦେବା** ***କ୍ରି.*** ୧. ଘନଭାବରେ ଆବରଣ କରିବା ୨. ଅନ୍ୟର ଦେହରେ ମିଶିଗଲାପରି ଲାଗିଯିବା ।

**ଲେସିବା** ***କ୍ରି.*** ବହଳଭାବରେ ଲେପିବା, ପଲସ୍ତରା କରିବା।

**ଲେସୁନ୍** ***ବି.*** ରସୁଣ ।

**ଲେହ** ***ବି.*** ଜିଭଦ୍ୱାରା ଚାଟିବା ପଦାର୍ଥ ।

**ଲେହନ** ***ବି.*** ଜିଭ ଦ୍ୱାରା ଚାଟିବା ।

**ଲେହି** ***ବି.*** ୧. ମଇଦା ଅଠା, ମଣ୍ଡ ୨. ଯେଉଁ ଟାଣ ଲୁହାପିଣ୍ଡ ଉପରେ ତତଲା ଲୁହାଫାଳ ରଖି କମାର ତା ଆବଶ୍ୟକତା ମୁତାବକ ପଦାର୍ଥ ତିଆରି କରେ ।

**ଲେହୀ** ***ବିଂ.*** ଲେଖନକାରୀ ; ***ବି.*** ସୋହାଗା, ଟାଙ୍ଗଣା ।

**ଲେହେଁଟା** ***ବିଂ.*** ଓଲଟା, ଲେଉଟା।

**ଲେହେଁଟିବା** ***କ୍ରି.*** ୧. ଫେରି ଆସିବା ୨. ଲେଉଟିବା ।

**ଲେହେଣା** ***ବି.*** ଲାଞ୍ଛନେବା ଅଭ୍ୟାସ ; ***ବିଂ.*** ଲାଞ୍ଛୁଆ ।

**ଲେହ୍ୟ** ***ବିଂ.*** ଚାଟିବା ଉପଯୁକ୍ତ (ଚଟଣି, ଔଷଧ ଆଦି) ।

**ଲୋ** ***ଅଂ.*** ସ୍ତ୍ରୀଲୋକଙ୍କୁ ଆଦରଭରା ସମ୍ବୋଧନାତ୍ମକ ଶବ୍ଦ ।

**ଲୋଇ** ***ବି.*** ପଶମ ତିଆରି ପତଳା ଚାଦର ।

**ଲୋକ** ***ବି.*** ୧. ବ୍ୟକ୍ତି ୨. ଜନତା, ଜନସମୁଦାୟ ୩. ମନୁଷ୍ୟ ୪. ଜଗତ୍ ୫. ମର୍ତ୍ତ୍ୟ, ସ୍ୱର୍ଗ, ପାତାଳ ଇତ୍ୟାଦି ସ୍ଥାନ (ଭୂଲୋକ, ଗୋଲୋକ)।

**ଲୋକକଥା** *ବି.* କାଳକ୍ରମେ ଚଳି ଆସୁଥିବା ଲୋକ ତୁଣ୍ଡର କାହାଣୀ ।

**ଲୋକଗୀତ** *ବି.* ସାଧାରଣ ମଣିଷର ଅନୁଭବ ଆଧାରିତ ସ୍ୱତଃସ୍ଫୁର୍ତ୍ତ ଗୀତ ଓ ତାହାର ଗାନରୀତି ।

**ଲୋକଚରିତ** *ବି.* ୧. ମଣିଷ ପ୍ରକୃତି, ମଣିଷର ବିଚାର ବିବେଚନା ୨. ଅବିବେକୀ ଚିନ୍ତନ ।

**ଲୋକଜନ** *ବି.* ୧. ଲୋକବାକ ୨. ବହୁ ବ୍ୟକ୍ତି ୩. ଅନୁଚରବର୍ଗ, ସହକର୍ମିଗଣ, ଦଳବଳ ।

**ଲୋକତନ୍ତ୍ର** *ବି.* ପ୍ରଜାପାଳନ, ଗଣତନ୍ତ୍ର, ଜନସାଧାରଣଙ୍କ ନିୟନ୍ତ୍ରିତ ରାଷ୍ଟ୍ରଶାସନ ବ୍ୟବସ୍ଥା ।

**ଲୋକଦେଖାଣିଆ** *ବିଂ.* ୧. ଆନ୍ତରିକତା ନଥିବା ବାହ୍ୟାଚାର ୨. ଦେଖେଇ ହେବାପାଇଁ ଉଦ୍ଦିଷ୍ଟ ।

**ଲୋକନ** *ବି.* ଆଖିରେ ପଡ଼ିବା, ଜଣାପଡ଼ିବା ।

**ଲୋକନାୟକ** *ବି.* ଜନସମୂହର ପ୍ରିୟ ନେତା, ଜନନାୟକ ।

**ଲୋକପାଳ[କ]** *ବି.* ୧. କେବଳ ଜନପ୍ରତିନିଧିମାନଙ୍କ ବିରୋଧରେ ଅଭିଯୋଗ ସଂକ୍ରାନ୍ତ ବିଚାରକ ୨. ରାଜା ବା ଶାସକ ।

**ଲୋକପ୍ରବାଦ** *ବି.* ଜନଶ୍ରୁତି, କିମ୍ବଦନ୍ତୀ, ଲୋକାନୁଭୂତିର ପହେଳି, ଲୋକ ପ୍ରଚଳିତ କଥା ।

**ଲୋକବଳ** *ବି.* ସାହାଯ୍ୟ/ସମର୍ଥନପାଇଁ ପ୍ରସ୍ତୁତ ବନ୍ଧୁବାନ୍ଧବ ଆଦି ।

**ଲୋକବାକ** *ବି.* ୧. ସମବେତ ଜନତା, ବହୁବ୍ୟକ୍ତି ୨. ସମ୍ପର୍କୀୟ ବ୍ୟକ୍ତି ।

**ଲୋକବାଣୀ** *ବି.* ଅନୁଭୂତି ଓ ବିଚାରସିଦ୍ଧ ଉକ୍ତି ।

**ଲୋକବୃତ୍ତି** *ବି.* ସାଧାରଣ ମଣିଷର ଆଚରଣ ।

**ଲୋକଭାଷା** *ବି.* ଲୋକ ତୁଣ୍ଡରେ ବ୍ୟବହୃତ ଭାଷା ।

**ଲୋକମତ** *ବି.* ଜନସାଧାରଣଙ୍କ ମତ, ଉକ୍ତି, ବିଚାର, ଧାରଣା ଆଦି ।

**ଲୋକମୁଖ** *ବି.* ସର୍ବସାଧାରଣଙ୍କ ମତ ବା ବିଚାର ।

**ଲୋକରଞ୍ଜନ** *ବି.* ଜନସାଧାରଣଙ୍କର ବା ପ୍ରଜାବର୍ଗରପାଇଁ ଯାହା ଆନନ୍ଦଦାୟକ ।

**ଲୋକଲଜ୍ଜା** *ବି.* ଚକ୍ଷୁଲଜ୍ଜା, ସମାଜରେ ହେବା ନିନ୍ଦା ।

**ଲୋକଲୋଚନ** *ବିଂ.* ୧. ସର୍ବସାଧାରଣଙ୍କ ଦୃଷ୍ଟି ଅର୍ଥାତ୍ ଅବଗତି ୨. ପଦାରେ ପକାଇବା, ପଦାକୁ ଆଣିବା ।

**ଲୋକଶିକ୍ଷା** *ବି.* ଜନସଚେତନତା, ଲୋକ ଅବଗତି ।

**ଲୋକସଭା** *ବି.* ୧. ଜନପ୍ରତିନିଧିମଣ୍ଡଳୀର ସଙ୍ଗଠନ, ରାଷ୍ଟ୍ରର ଶାସନ ପରିଚାଳନାପାଇଁ ନିର୍ଦ୍ଧାରିତ ଅଞ୍ଚଳରୁ ପ୍ରତ୍ୟକ୍ଷ ଭାବରେ ଜନସାଧାରଣଙ୍କଦ୍ୱାରା ନିର୍ବାଚିତ ପ୍ରତିନିଧିମାନଙ୍କର ସଂସଦ ବା ହାଉସ୍, ଭାରତୀୟ ପାର୍ଲ୍ୟାମେଣ୍ଟର ନିମ୍ନସଦନ ।

**ଲୋକସାନ, ଲୋକସାନି** *ବି.* ନୋକସାନ୍, ଅକାରଣ କ୍ଷତି, ନଷ୍ଟି, ପଣ୍ୟଦ୍ରବ୍ୟର ବିକ୍ରିବଟାରେ ବାଧ୍ୟହୋଇ କମ୍ ଦାମରେ ଛାଡ଼ିଦେବା; *ବିଂ.* ନଷ୍ଟ, କ୍ଷତିଗ୍ରସ୍ତ ।

**ଲୋକସିଦ୍ଧି** *ବିଂ.* ୧. ପରମ୍ପରା ୨. ପ୍ରଚଳିତ ବିଶ୍ୱାସ/ ଧାରଣା ।

**ଲୋକସେବା ଆୟୋଗ** *ବି.* କେନ୍ଦ୍ର ଓ ରାଜ୍ୟରେ ଉଚ୍ଚ ସରକାରୀ କର୍ମଚାରୀ ଚୟନ ସଂସ୍ଥା, ପବ୍ଲିକ ସର୍ଭିସ୍ କମିଶନ ।

**ଲୋକହସା** *ବି.* ବିନା କାରଣରେ ଅପମାନିତ ହେବା; *ବିଂ.* ବିଦ୍ରୂପର ଉପଲକ୍ଷ୍ୟ ।

**ଲୋକହିତକର** *ବିଂ.* ଜନସମାଜର ମଙ୍ଗଳ ବିଧାୟକ ।

**ଲୋକହିତୈଷଣା** *ବି.* ମାନବସମାଜର ମଙ୍ଗଳସାଧନ ଇଚ୍ଛା ।

**ଲୋକହିତୈଷୀ** *ବିଂ.* ମାନବସମାଜର କଲ୍ୟାଣକାମୀ (*ସ୍ତ୍ରୀ.* ଲୋକହିତୈଷିଣୀ, *ବି.* ଲୋକହିତୈଷିତା) ।

**ଲୋକାଚାର** *ବି.* ସାମାଜିକ ପ୍ରଥା, ସାମାଜିକ ରୀତିନୀତି ।

**ଲୋକାତିଗ, ଲୋକାତୀତ** *ବିଂ.* ଅଲୌକିକ, ଅସାଧାରଣ, ସାଧାରଣ ଲୋକର ଧାରଣାର ବାହାରେ ।

**ଲୋକାନ୍ତରିତ** *ବିଂ.* ପରଲୋକଗତ, ମୃତ ।

**ଲୋକାପବାଦ** *ବି.* ଲୋକନିନ୍ଦା, ଜନସାଧାରଣଦ୍ୱାରା ରଟିତ ବା ପ୍ରଚାରିତ ଅପବାଦ ।

**ଲୋକାୟତ** *ବି.* ବେଦବିରୋଧୀ ଚାର୍ବାକ୍ ମତ, ନାସ୍ତିକ୍ୟବାଦ; *ବିଂ.* ଧର୍ମ ନିରପେକ୍ଷ ।

**ଲୋକାୟୁକ୍ତ** *ବି.* ଉଚ୍ଚ ପଦପଦବୀରେ ଥିବା ବ୍ୟକ୍ତିଙ୍କର ଦୁର୍ନୀତିର ବିଚାର ପାଇଁ ଗଠିତ ସଂସ୍ଥା ।

**ଲୋକାରଣ୍ୟ** *ବିଂ.* ବହୁ ଲୋକରେ ଭରା; *ବି.* ଅସଂଖ୍ୟ ବ୍ୟକ୍ତିଙ୍କ ସମାବେଶ ବା ଭିଡ଼ ।

**ଲୋକାଳୟ** *ବି.* ଲୋକଙ୍କ ବସତିସ୍ଥଳ, ଜନପଦ ।

**ଲୋକୋତ୍ତର** *ବିଂ.* ଅତିମାନୁଷ, ଲୋକଦୁର୍ଲଭ, ଅସାମାନ୍ୟ, ଅଲୌକିକ, ଅସାଧାରଣ ।

**ଲୋଚକ** *ବି.* ୧. ମାଂସପିଣ୍ଡ ୨. ଆଖିର କଜଳ ।

**ଲୋଚନ** *ବି.* ଆଖି, ଚକ୍ଷୁ, ନୟନ ।

**ଲୋଚା** *ବିଂ.* ୧. ସଙ୍କୁଚିତ ୨. କୁଞ୍ଚିତ ୩. ନିକୁଛିଆ, ଛୋଟଲୋକୀ ୪. ଅଧମ ୫. ଭୀରୁ, ଡରୁଆ ।

**ଲୋଚା[ଚେ]ଇବା** *କ୍ରି.* ସଙ୍କୁଚିତ କରିବା ।

**ଲୋଚାକୋଚା** *ବିଂ.* ୧. ଅସମତଳ ୨. ଚେପା ୩. ଉଞ୍ଚାଡେଙ୍ଗା ।

**ଲୋଟଣି** *ବିଂ.* ୧. ସବୁ ପାଖକୁ ଓଲଟୁଥିବା ୨. ତଳେ ମାଡ଼ିଥିବା ।

**ଲୋଟଣି ପାରା** *ବି.* ଆକାଶରେ ବନ୍ଧ ଭାଙ୍ଗୁଥିବା ବା ଆଡଚିରା ଦେଉଥିବା ପାରା ।

**ଲୋଟଣି ଭାଙ୍ଗିବା** *କ୍ରି.* ପାରା ଓଲଟପାଲଟ ହୋଇ ଉଡ଼ିବା ।

**ଲୋଟା** *ବି.* ୧. ଛୋଟ ଗଡୁ, ଢ଼ାଳ ବା ଜଳପାତ୍ର ୨. ଭୂମିରେ ଲୋଟିବା, ଲୋଟଣା ।

**ଲୋଟାକମ୍ବଳ** *ବି.* ସାମାନ୍ୟତମ ସଙ୍ଗତି, ବଞ୍ଚିବାର ନ୍ୟୂନତମ ଅବଲମ୍ବନ ।

**ଲୋଟିଆ** *ବି.* ଛୋଟ ଲୋଟା ।

**ଲୋଟିବା** *କ୍ରି.* ଭୂଲୁଣ୍ଠିତ ହେବା, ଗଡ଼ିବା ।

**ଲୋଡ଼ନ** *ବି.* ଘଣ୍ଟାଚକଟା, ମନ୍ଥନ, ଆନ୍ଦୋଳନ (*ବିଂ.* ଲୋଡ଼ିତ) ।

**ଲୋଡ଼ନ୍ତା** *ବିଂ.* ୧. ଅନ୍ୱେଷଣକାରୀ ୨. ଯାହାର ଲୋଡ଼ା ବା ପ୍ରୟୋଜନ ଥାଏ, ଦରକାର ଥିବା ବ୍ୟକ୍ତି ।

**ଲୋଡ଼ା** *ବି.* ୧. ପ୍ରୟୋଜନ, ଦରକାର ୨. ବିବାହାଦି କାର୍ଯ୍ୟରେ ବନ୍ଧୁଙ୍କୁ ଖୋଜା ନିମନ୍ତ୍ରଣ ; *ବିଂ.* ୧. ଆବଶ୍ୟକ ୨. ବାଞ୍ଛିତ, ନିମନ୍ତ୍ରିତ ।

**ଲୋଡ଼ି ଆଣିବା** *କ୍ରି.* ସାଦର ନିମନ୍ତ୍ରଣ କରି ଆଣିବା, ବରଣ କରିବା, ଡାକି ଆଣିବା ।

**ଲୋଡ଼ିବା** *କ୍ରିଂ.* ୧. ଡାକିବା ୨. ଇଚ୍ଛା ବା ବାଞ୍ଛା କରିବା ୩. ନିମନ୍ତ୍ରଣ କରିବା ୪. ଦରକାର କରିବା ।

**ଲୋତକ** *ବି.* ଲୁହ, ଅଶ୍ରୁ ।

**ଲୋତରା, ଲୋତରାକୋତରା** *ବିଂ.* ୧. ଲୁଳିତ, କ୍ଳାନ୍ତ, ଅବଶ ୨. ଅତି ଜରାଜୀର୍ଣ୍ଣ ୩. ବେଶି ପାଚିଯାଇ ସଢ଼ି ଯାଇଥିବା (*ସ୍ତ୍ରୀ.* ଲୋତରୀ,ଲୋତରୀ କୋତରୀ) ୩. ନିଜ ପ୍ରତି ଯତ୍ନ ନେଉନଥିବା (ନାରୀ) ।

**ଲୋତରିବା** *କ୍ରି.* ଲୋତରା ହେବା ।

**ଲୋଥ** *ବି.* ନଥ, ଲଥ, ନାକର ଝୁଲା ଗହଣା ବିଶେଷ ।

**ଲୋଥରା** *ବିଂ.* ଲୋଚାକୋଚା, ଅସ୍ତବ୍ୟସ୍ତ ।

**ଲୋଦା[ଧା]** *ବି.* ପାଣି ବୁହାଇବାପାଇଁ ବା ବହିଯିବା ପାଇଁ ନଡ଼ିଆ, ତାଳ ଆଦି ଗଛର ଶୁଖିଲା ଗଣ୍ଡିରେ ପ୍ରସ୍ତୁତ ଡଙ୍ଗା ଆକାରର ଉପକରଣ ।

**ଲୋଧ, ଲୋଧ୍ର** *ବି.* ଔଷଧି ବୃକ୍ଷ ବିଶେଷ ।

**ଲୋଧା** *ବି.* ଉତ୍ତର ଓଡ଼ିଶାରେ ବସବାସ କରୁଥିବା ଜନଜାତି ବିଶେଷ ।

**ଲୋଧ୍ରରେଣୁ** *ବି.* ୧. ଲୋଧ୍ରଗଛର ଛେଲିର ଗୁଣ୍ଡ ୨. ଫୁଲର ପରାଗ ।

**ଲୋପ** *ବି.* ୧. ବିନାଶ, ଧ୍ୱଂସ ୨. ନିଶ୍ଚିହ୍ନତା ୩. ଅନ୍ତର୍ଦ୍ଧାନ ୪. ଲୟ ୫. ଭ୍ରଂଶ ୬. ସ୍ଥାନଚ୍ୟୁତି ୭. କ୍ଷୟ ।

**ଲୋପନୀୟ, ଲୋପ୍ୟ** *ବିଂ.* ଲିଭିବାର ବା ଲୁପ୍ତ ହେବାର ଯୋଗ୍ୟ ।

**ଲୋପିବା** *କ୍ରି.* ଲୋପ କରିବା ।

**ଲୋଫର୍** *ବି.* ଛତରା, ବାରବୁଲା ।

**ଲୋଭ** *ବି.* ହାତେଇବା ବା ଲାଭ କରିବାପାଇଁ ପ୍ରବଳ ବାସନା, ଲିପ୍ସା, ପରଦ୍ରବ୍ୟ ଆତ୍ମସାତ୍ କରିବାର ପ୍ରବୃତ୍ତି, ବିଷୟତୃଷ୍ଣା ।

**ଲୋଭନୀୟ** *ବିଂ.* ଲୋଭଜନକ, ସ୍ପୃହଣୀୟ, ଚିତ୍ତାକର୍ଷକ (*ସ୍ତ୍ରୀ.* ଲୋଭନୀୟା) ; *ବି.* ଲୋଭନୀୟତା ।

**ଲୋଭରା** *ବିଂ.* ଲୋଭୀ ।

**ଲୋଭସମ୍ବରଣ** *ବି.* ଲୋଭ ପ୍ରବୃତ୍ତିର ନିୟନ୍ତ୍ରଣ ବା ସଂଯମନ, ଲୋଭତ୍ୟାଗ ।

**ଲୋଭା[ଭେ]ଇବା** *କ୍ରି.* ଲୋଭ କରିବା ।

**ଲୋଭାନ୍ୱିତ, ଲୋଭାବିଷ୍ଟ** *ବିଂ.* ଲାଲାୟିତ, ଲୋଭଗ୍ରସ୍ତ (*ସ୍ତ୍ରୀ.* ଲୋଭାନ୍ୱିତା, ଲୋଭାବିଷ୍ଟା) ।

**ଲୋଭିତ** *ବିଂ.* ଯାହାକୁ ଲୋଭ ଦେଖାଯାଇଅଛି, ଲୋଭାକର୍ଷିତ (*ସ୍ତ୍ରୀ.* ଲୋଭିତା) ।

**ଲୋଭୀ** *ବିଂ.ବି.* ଲୋଭ କରୁଥିବା (ବ୍ୟକ୍ତି) ।

**ଲୋମ** *ବି.* ୧. ରୁମ, ରୋମ (ଶିରସ୍ଥିତ କେଶକୁ ଛାଡ଼ି ଦେହସାରା ଅନ୍ୟତ୍ର ଲୋମ) ୨. ପଶମ ।

**ଲୋମହର୍ଷଣ** *ବି.* ରୁମ ଟାଙ୍କୁରିବା, ଭୟରେ କିମ୍ବା ବିସ୍ମୟରେ ଦେହ ଶୀତେଇବା ।

**ଲୋରା ଲାଗ୍‌ବା** *କ୍ରି.* ମନେମନେ (କାହାକୁ) ଖୋଜି ହେବା।

**ଲୋଳ** *ବିଂ.* ୧. ଚଞ୍ଚଳ, ଚଟୁଳ ୨. ଚପଳ ୩. ଲହଲହ ୪. ଲୋଲୁପ, ସତୃଷ୍ଣ ୫. ଶିଥିଳ, ଢ଼ିଲା ୬. ଦୋଳାୟମାନ (*ସ୍ତ୍ରୀ.* ଲୋଳା) ।

**ଲୋଳକ** *ବିଂ.* ଦୋଳାୟମାନ, ଶ୍ଲଥ ; *ବି.* ନାକର ନୋଳକ ।

**ଲୋଳଜିହ୍ୱ** *ବିଂ.* ଯାହାର ଜିଭ ଲାଳସାଯୁକ୍ତ ଓ ଚଞ୍ଚଳ, ଲହ ଲହ (*ସ୍ତ୍ରୀ.* ଲୋଳଜିହ୍ୱା) ।

**ଲୋଳଜିହ୍ୱା** *ବି.* ଲାଳସାଯୁକ୍ତ ଓ ଚଞ୍ଚଳ ବା ଲହଲହ ଜିଭ ।

**ଲୋଳା** *ବି.* ୧. ପ୍ରାଚୀନ ଉତ୍କଳର ସାମୁଦ୍ରିକପୋତବିଶେଷ ୨. ଜିହ୍ୱା ; *ବିଂ.* ଚଞ୍ଚଳା, ଚପଳା ।

**ଲୋଳାୟମାନ** *ବିଂ.* ଦୋଳାୟମାନ, ଲହଲହ ।

**ଲୋଳିତ** *ବିଂ.* ୧. କମ୍ପିତ, ଆନ୍ଦୋଳିତ ୨. ଶ୍ଲଥ, ଝୁଲା ।

**ଲୋଳିବା** *କ୍ରି.* ଢ଼ିଲା ଝୁଲିବା ।

**ଲୋଲା** *ବି.* ନଙ୍ଗଳ କଲାବେଳେ କସ୍‌ନାରେ ଲାଗିବା ଘାସ।

**ଲୋଲୁପ, ଲୋଲୁଭ** *ବିଂ.* ଲୋଭାତୁର, ଅତିଲୋଭୀ (*ସ୍ତ୍ରୀ.* ଲୋଲୁପା, ଲୋଲୁଭା); *ବି.* ଲୋଲୁପତା ।

**ଲୋଷ୍ଟ, ଲୋଷ୍ଟୁ, ଲୋଷ୍ଟ୍ର, ଲୋଷ୍ଠ** ***ବି.*** ଟେକା, ଢେଲ୍, ବନ୍ଧା ମାଟିର ଟେଳା ।

**ଲୋସଡ଼ିବା** ***କ୍ରି.*** ବୋହିପଡ଼ିବା, ଓହଳି ପଡ଼ିବା ।

**ଲୋହ** ***ବି.*** ୧. ଲୁହ ୨. ଲୁହା ୩. ଲହୁ, ରକ୍ତ ୪. ରକ୍ତ ଚନ୍ଦନ ; ***ବିଂ.*** ରକ୍ତାଭ, ନାଲିଆ ।

**ଲୋହକାର** ***ବି.*** ଲୁହାରେ ପଦାର୍ଥ ତିଆରି କରୁଥିବା ବ୍ୟକ୍ତି, କମାର, କର୍ମକାର, ଲୁହୁରା ।

**ଲୋହରା,ଲୋହାର,ଲୁହୁରା** ***ବି.*** କମାର ।

**ଲୋହରା ସାଲ୍** ***ବି.*** କମାର ଶାଳ ।

**ଲୋହାରଖାନା** ***ବି.*** କମାରଶାଳ ।

**ଲୋହି** ***ବି.*** ଟାଙ୍ଗଣା ।

**ଲୋହିତ** ***ବି.*** ୧. ରକ୍ତବର୍ଣ୍ଣ ୨. ରୁଧିର, ରକ୍ତ ୩. ରୋହିତ, ରୋହିମାଛ ୪. ମସୁର ଡାଲି ୫. ମଙ୍ଗଳଗ୍ରହ ୬. କୁଙ୍କୁମ ୭. ରକ୍ତଚନ୍ଦନ ୮. ସର୍ପ ୯. ରକ୍ତବର୍ଣ୍ଣ ମୃଗବିଶେଷ ; ***ବିଂ.*** ନାଲିଆ ।

**ଲୋହିତକ** ***ବି.*** ୧. ପିତ୍ତଳ ୨. ପଦ୍ମରାଗମଣି ୩. ମଙ୍ଗଳଗ୍ରହ ୪. ତମ୍ବା ।

**ଲୌକିକ** ***ବିଂ.*** ୧. ପାର୍ଥିବ ୨. ମନୁଷ୍ୟ ବା ଜନସାଧାରଣ ବା ସମାଜ ବା ପୃଥିବୀ ସମ୍ବନ୍ଧୀୟ ୩. ଲୋକପ୍ରଚଳିତ ।

**ଲୌକିକତା** ***ବି.*** ୧. ବେଭାର, ବିବାହାଦି ସାମାଜିକ ବ୍ୟାପାରରେ ପ୍ରଦତ୍ତ ଉପହାର କିମ୍ବା ଉପହାରାଦିର ଆଦାନପ୍ରଦାନ ୨. ସାମାଜିକତା, ସାମାଜିକ ଶିଷ୍ଟାଚାର ବା ଚଳଣି ।

**ଲୌକିକାଚାର** ***ବି.*** ଲୋକାଚାର, ସମାଜରେ ପ୍ରଚଳିତ ବ୍ୟବହାର ବା ଶିଷ୍ଟତା ।

**ଲୌହ** ***ବି.*** ଲୁହା ; ***ବିଂ.*** ଲୁହାତିଆରି ।

**ଲୌହବନ୍ଧ** ***ବି.*** ଲୁହାର ଶିକୁଳି, ଲୁହାର କଡ଼ି ବା ବେଡ଼ି ।

**ଲୌହମାନବ** ***ବି.*** ଦୃଢ଼ ଇଚ୍ଛା ଶକ୍ତି ଥିବା ବ୍ୟକ୍ତି ।

**ଲୌହଯୁଗ** ***ବି.*** ଯେଉଁ ଆଦିମ ଯୁଗରେ ଲୋକେ ପ୍ରସ୍ତର ନିର୍ମିତ ବସ୍ତୁ ପରିବର୍ତ୍ତେ ଲୁହାର ବ୍ୟବହାର କରୁଥିଲେ, ପ୍ରସ୍ତରୋତ୍ତର ଯୁଗ ।

# ଓ୍ୱ

**ଓ୍ୱ** ***ବି.*** ଅବର୍ଗ୍ୟ ବର୍ଣ୍ଣ ବିଶେଷ ('ପ' ବର୍ଗର ଓଷ୍ଠ୍ୟ ବର୍ଣ୍ଣ 'ବ' ଠାରୁ ଭିନ୍ନ ଏକ ଅର୍ଦ୍ଧସ୍ୱର/ଅର୍ଦ୍ଧବ୍ୟଞ୍ଜନ) ।

**ଓ୍ୱକାଲତ୍‌ନାମା** ***ବି.*** ମୋକଦ୍ଦମା ପରିଚାଳନା ପାଇଁ ଓକିଲଙ୍କ ସହ ଚୁକ୍ତିପତ୍ର ।

**ଓ୍ୱକିଲ** ***ବି.*** ଆଇନଜୀବୀ, ଓକିଲ ।

**ଓ୍ୱଗାଏତ୍** ***ବି.*** ବଗିଚା, ଜମିର ଏକ କିସମ, ବଗାଏତ୍ ।

**ଓ୍ୱଗେର୍** ***ଅ.*** ପ୍ରଭୃତି, ଓଗେର, ଇତ୍ୟାଦି ।

**ଓ୍ୱଜିର** ***ବି.*** ମୁସଲମାନ ଶାସନ କାଳର ମନ୍ତ୍ରୀ ।

**ଓ୍ୱଜୁ** ***ବି.*** ନମାଜ ପଢ଼ିବା ପୂର୍ବରୁ ମୁହଁ,ହାତ, ଗୋଡ଼ ଧୋଇବା ।

**ଓ୍ୱନ୍ଦଓ୍ୱସ୍ତ** ***ବି.*** ଘରବାଡ଼ି ଜମିଜମା ମାପ, ଅଧିକାରିତ୍ୱ ନିର୍ଦ୍ଧାରଣ ଓ ରାଜସ୍ୱ ପରିମାଣ ସ୍ଥିରୀକରଣ, ବନ୍ଦୋବସ୍ତ ।

**ଓ୍ୱାଃ (ଓ୍ୱାହ୍)** ***ଅ.*** ବାଃ, ପ୍ରଶଂସା ବା ବିସ୍ମୟ ସୂଚକ ଧ୍ୱନି ।

**ଓ୍ୱାଇଣ୍ଡିଙ୍ଗ୍** ***କ୍ରି.*** ୧. ଯନ୍ତ୍ରରେ ତାର ଗୁଡ଼ାଇବା ୨. ଘଡ଼ିରେ ଚାବିଦେବା ।

**ଓ୍ୱାଇପର୍** ***ବି.*** ଗାଡ଼ିମଟରର ସାମନା କାଚରୁ ବର୍ଷାପାଣି ପୋଛା ଯନ୍ତ୍ରକାଠି ।

**ଓ୍ୱାଇଫ୍** ***ବି.*** ସ୍ତ୍ରୀ, ପତ୍ନୀ ।

**ଓ୍ୱାଉ** ***ବି.*** ଓଉ, ଖଟା ତର୍କାରୀ ପାଇଁ ଉଦ୍ଦିଷ୍ଟ ଖଟାଳିଆ ପରିବା ବିଶେଷ ।

**ଓ୍ୱାକ୍ ଓଭର୍** ***ବି.*** ଖେଳରେ ଏକ ପ୍ରତିଦ୍ୱନ୍ଦ୍ୱୀ ଦଳ ଯୋଗ ନଦେବା ଫଳରେ ଅନ୍ୟ ଦଳଟିର ଛାଏଁ ବିଜୟ ।

**ଓ୍ୱାକ୍‌ମ୍ୟାନ୍** ***ବି.*** ଜଣେ ଲୋକ କାନରେ ଯନ୍ତ୍ର ସାହାଯ୍ୟରେ ଶୁଣିବା ପାଇଁ ଉଦ୍ଦିଷ୍ଟ ଛୋଟ ଟେପରେକର୍ଡର ।

**ଓ୍ୱାକପ** ***ବି.*** ଜନରବ, ଗୁଜବ ।

**ଓ୍ୱାକଫ୍** ***ବି.*** ମୁସଲମାନ ଧର୍ମସ୍ଥଳ ରକ୍ଷା ପାଇଁ ଖଞ୍ଜାଯାଇଥିବା ସମ୍ପତ୍ତି ।

**ଓ୍ୱାକିଟକି** ***ବି.*** ଚଳମାନ ଅବସ୍ଥାରେ ପୋଲିସ୍‌ମାନଙ୍କ ଦ୍ୱାରା ବ୍ୟବହୃତ ବେତାର ଯନ୍ତ୍ର ।

**ଓ୍ୱାଗନ୍** ***ବି.*** ବାଗିନ୍, ମାଲଗାଡ଼ିର ଡବା, ମାଲବାହୀ ଖୋଲା ରେଳଡବା ।

**ଓ୍ୱାଚ୍** ***ବି.*** ୧. ନିଘା, ନଜର ୨. ହାତଘଣ୍ଟା ।

**ଓ୍ୱାଚ୍‌ମ୍ୟାନ୍** ***ବି.*** ଜଗୁଆଳି ।

**ଓ୍ୱାଜ୍** ***ବି.*** ଏକପ୍ରକାର ପାଶ୍ଚାତ୍ୟ ନାଚ ।

**ଓ୍ୱାଜିବ୍** ***ବି.*** ହକ୍ ; ***ବିଂ.*** ଠିକ୍, ଉଚିତ ।

**ଓ୍ୱାଟ୍** ***ବି.*** ବିଜୁଳିବତୀର ଆଲୋକର ଏକକ ।

**ଓ୍ୱାଟର୍** ***ବି.*** ପାଣି, ଜଳ ।

**ଓ୍ୱାଟର୍ କୁଲର୍** ***ବି.*** ପାଣିକୁ ଥଣ୍ଡାକରୁଥିବା ଯନ୍ତ୍ର ।

**ଓ୍ୱାଟର୍‌ପ୍ରୁଫ୍** ***ବିଂ.*** ପାଣି ନିରୋଧକ ।

**ଓ୍ୱାଟର୍ ବଟଲ୍** ***ବି.*** ପାଣି ବୋତଲ ।

**ଓ୍ୱାଟର୍ ବ୍ୟାଗ୍** ***ବି.*** ପାଣିରଖା ଥଳି ।

**ଓ୍ୱାର୍ଡ୍** ***ବି.*** ୧. ଡାକ୍ତରଖାନାର ସ୍ୱତନ୍ତ୍ର ବିଭାଗ ବା କୋଠରି ୨. ନିର୍ବାଚନମଣ୍ଡଳୀର ପ୍ରଶାସନିକ ବିଭାଗ ୩. ଅଭିଭାବକଙ୍କ ଅଧୀନ ବାଳକ ୪. ବିଚାରାଳୟର ସୁରକ୍ଷାପ୍ରାପ୍ତ ନାବାଳକ ବା ମାନସିକ ରୋଗୀ ୫. ଜେଲଖାନାର ଗୋଟିଏ ଗୋଟିଏ ଅଂଶ ୬. ଡାକ୍ତରଖାନାରେ ନିର୍ଦ୍ଦିଷ୍ଟ ବିଭାଗର ରୋଗୀପାଇଁ ଚିକିତ୍ସା ସ୍ଥାନ ୭. ବଚନ, କଥା, ଜବାବ ୭. ଶବ୍ଦ ।

**ଓ୍ୱାର୍ଡ୍ ବୟ୍** ***ବି.*** ହଷ୍ଟେଲ ଆଦିରେ ବୋଲହାକକାରୀ ପିଲା ।

**ଓ୍ୱାର୍ଡ୍ ମେମ୍ବର** ***ବି.*** ଓ୍ୱାର୍ଡ୍‌ର ପ୍ରତିନିଧିତ୍ୱ କରୁଥିବା ନିର୍ବାଚିତ ସଦସ୍ୟ ।

**ଓ୍ୱାପସ୍** ***ବିଂ.*** ଫେରସ୍ତ ।

**ଓ୍ୱାର୍** ***ବି.*** ଯୁଦ୍ଧ ।

**ଓ୍ୱାରଣ୍ଟ** ***ବି.*** ୧. ଗିରଫ ପରଓ୍ୱାନା ୨. ଆନୁଷ୍ଠାନିକ ବା ସରକାରୀ ଆଦେଶ ପତ୍ର ।

**ଓ୍ୱାରା** ***ବିଂ.*** ଶସ୍ତା, ଅଳ୍ପମୂଲ୍ୟ, କମ୍ ଦାମର ।

**ଓ୍ୱାରି** ***ଅ.*** ଅନୁଯାୟୀ, ସ୍ୱତନ୍ତ୍ର ସ୍ୱତନ୍ତ୍ର ।

**ଓ୍ୱାରିଜା** ***ବି.*** ଭିନ୍ନ ଭିନ୍ନ ବାବଦରେ ଆୟବ୍ୟୟର ହିସାବ ।

**ଓ୍ୱାରିସ୍** ***ବି.*** ୧. ଉତ୍ତରାଧିକାରୀ ୨. ମୃତ ବ୍ୟକ୍ତିର ସମ୍ପତ୍ତିର ଉତ୍ତରାଧିକାରୀ ।

**ଓ୍ୱାରୀ** ***ବିଂ.*** ଅନୁଯାୟୀ, ସ୍ୱତନ୍ତ୍ର ।

**ଓ୍ୱାରେଣ୍ଟି** ***ବିଂ.*** ୧. ନିର୍ଭର ଯୋଗ୍ୟ ପ୍ରତିଶ୍ରୁତି ୨. ଜିନିଷ କିଣା ସମୟରେ ଜିନିଷ ବଦଳ ବା **ରକ୍ଷଣାବେକ୍ଷଣର** ଚୁକ୍ତି ୩. ଗିରଫ କରିବା ପାଇଁ ଓ୍ୱାରଣ୍ଟ ଜାରି ହୋଇଥିବା ବ୍ୟକ୍ତି ।

**ଓ୍ୱାର୍କ୍** ***ବି.*** କାମ ।

**ଓ୍ୱାର୍କ୍ ଅର୍ଡ଼ର** ***ବି.*** କାମ ପାଇଁ ସରକାରୀ ଆଦେଶ ।

**ଓ୍ୱାର୍କ୍‌ଚାର୍ଜ** ***ବି.*** କାମପାଇଁ ନିର୍ଦ୍ଦିଷ୍ଟ ବ୍ୟକ୍ତି ଅଥବା ସଂସ୍ଥାକୁ ଦାୟିତ୍ୱ ।

**ଓ୍ୱାର୍କ୍‌ସପ୍** ***ବି.*** ୧. କର୍ମଶାଳା ୨. ଯାନ ଅଥବା ଯନ୍ତ୍ର ମରାମତି ପ୍ରତିଷ୍ଠାନ ।

**ୱାର୍କ୍‌ସରକାର** ***ବି.*** ନିର୍ମାଣ କାର୍ଯ୍ୟ ତଦାରଖକାରୀ ।

**ୱାର୍କର୍** ***ବି.*** ୧. କର୍ମୀ ୨. ଶ୍ରମିକ ।

**ୱାର୍କିଂ ଆୱାର୍** ***ବି.*** କାମ କରିବାର ସମୟ ନିର୍ଘଣ୍ଟ ।

**ୱାର୍କିଂ ଲଞ୍ଚ୍** ***ବି.*** କାମ ଚାଲିଥିବା ବେଳେ ହାଲୁକା ମଧ୍ୟାହ୍ନ ଭୋଜନ ।

**ୱାର୍ଣ୍ଣିଂ** ***ବି.*** ସତର୍କବାଣୀ ।

**ୱାଲା** ***ପ.ପ୍ର.*** ବୃତ୍ତି ବା ବସ୍ତୁ ସହିତ ଯୁକ୍ତ ହୋଇ ବ୍ୟକ୍ତିକୁ ସୂଚିତ କରେ : ଫେରିୱାଲା, ଫଲୱାଲା ।

**ୱାସ୍** ***ବି.*** ୧. ସଫା, ପରିଷ୍କାର ୨. ଅବାଞ୍ଛିତ ଗର୍ଭପାତ ୩. ସମ୍ପୂର୍ଣ୍ଣ ଧୋଇଯିବା ।

**ୱାସ୍‌ବେସିନ୍** ***ବି.*** ହାତମୁହଁ ଧୋଇବାପାଇଁ ପାତ୍ର ।

**ୱାସର୍** ***ବି.*** ନଟ୍ ବୋଲଟ୍‌ରେ ଜାମ୍ ଦିଆଯିବା ପାଇଁ ଉଦ୍ଦିଷ୍ଟ ମଝିରେ କଣା ଥିବା ଧାତୁ ବା ରବର ତିଆରି ଉପକରଣ ।

**ୱାସିଙ୍ଗ୍‌ମେସିନ୍** ***ବି.*** ଲୁଗାଧୁଆ କଳ ।

**ୱାସିଙ୍ଗ୍ ପାଉଡ଼ର୍** ***ବି.*** ଲୁଗାଧୁଆ ଗୁଣ୍ଡ ।

**ୱାସିଙ୍ଗ୍ ସୋଡା** ***ବି.*** ଲୁଗାପଟା ସଫା କରିବା ପାଇଁ ବା ବାସନ ଧୋଇବା ପାଇଁ ଗରମ ପାଣିରେ ବ୍ୟବହାରଯୋଗ୍ୟ ସୋଡ଼ା କ୍ଷାର ।

**ୱିକ୍** ***ବି.*** ସପ୍ତାହ, ସାତ ଦିନ ସମୟ ସୀମା ଦୁର୍ବଳ; ***ବିଂ.*** ଅକ୍ଷମ, ଅସମର୍ଥ ।

**ୱିକେଟ୍** ***ବି.*** କ୍ରିକେଟ ଖେଳରେ ବ୍ୟାଟ୍‌ସମ୍ୟାନ ରକ୍ଷା କରୁଥିବା ତିନୋଟି ମୁନିଆ ପୋତା ଖୁଣ୍ଟ ଓ ସେଗୁଡ଼ିକ ଉପରେ ଥୁଆହୋଇଥିବା ବେଲ୍ ବା ଦୁଇଟି କାଠି ।

**ୱିକେଟ୍ କିପର୍** ***ବି.*** କ୍ରିକେଟ ଖେଳର ୱିକେଟ ପଛରେ ବଲ୍‌କୁ ଜଗୁଥିବା ମୁଖ୍ୟ କ୍ଷେତ୍ରରକ୍ଷକ ।

**ୱିକେଟ୍ ପଡ଼ିବା** ***ବି.*** କ୍ରିକେଟ ଖେଳରେ ଜଣେ ବ୍ୟାଟ୍‌ସମ୍ୟାନ ଆଉଟ୍ ହେବା ।

**ୱିଗ୍** ***ବି.*** ପରଚୁଳା, ନକଲି କେଶଗୁଚ୍ଛ ।

**ୱିଣ୍ଡୋ** ***ବି.*** ୧. ଝରକା ୨. କମ୍ପ୍ୟୁଟର୍ ଚାଳନା ପାଇଁ ଆବଶ୍ୟକ ସଫ୍‌ଟ୍‌ୱେର୍ ।

**ୱିଲ୍** ***ବି.*** ମୃତ୍ୟୁ ପୂର୍ବରୁ ସମ୍ପତ୍ତିର ଉତ୍ତରାଧିକାରୀ ବିଷୟରେ ଲିଖିତ ଦଲିଲ୍, ଶେଷ ଇଚ୍ଛାପତ୍ର ।

**ୱେଜ୍** ***ବି.*** ମୂଲ, ପାରିଶ୍ରମିକ ।

**ୱେଟ୍** ***ବି.*** ୧. ଓଜନ ୨. ବଟକରା; ***ବିଂ.*** ଓଦା ।

**ୱେଟ୍ ଲିଫ୍ଟିଙ୍ଗ** ***ବି.*** ଭାରୋତ୍ତଳନ ।

**ୱେଟ୍‌ର୍** ***ବି.*** ପରିଚାରକ, ହୋଟେଲ ଆଦିରେ ଖାଦ୍ୟ ପରିବେଷକ ।

**ୱେଟିଙ୍ଗ୍** ***ବି.*** ଅପେକ୍ଷା କରିବା, ଟାକିବା ।

**ୱେଟିଙ୍ଗ୍ ରୁମ୍** ***ବି.*** ପ୍ରତୀକ୍ଷା ଗୃହ, ମୁସାଫିର୍‌ଖାନା, ଯାତ୍ରୀ ବିଶ୍ରାମ ସ୍ଥଳ ।

**ୱେଟିଙ୍ଗ୍ ଲିଷ୍ଟ୍** ***ବି.*** ଅପେକ୍ଷା ତାଲିକା ।

**ୱେଦର୍** ***ବି.*** ପାଣିପାଗ ।

**ୱେଦର୍ ରିପୋର୍ଟ୍** ***ବି.*** ପାଣିପାଗ ବିବରଣୀ ।

**ୱେବ୍‌ସାଇଟ୍** ***ବି.*** ଇଣ୍ଟରନେଟ୍‌ରେ ନିର୍ଦ୍ଦିଷ୍ଟ ବ୍ୟକ୍ତି ବା ବିଷୟର ସୂଚନା କ୍ଷେତ୍ର ।

**ୱେବିଲ୍** ***ବି.*** ମାଲବାହୀ ଗାଡ଼ି ପାଇଁ ତନଖି ଘାଟି ପାରିହେବା ଅନୁମତି ପତ୍ର ।

**ୱେର୍‌ହାଉସ୍** ***ବି.*** ମାଲଗୋଦାମ, ଗୋଦାମ ଘର ।

**ୱେଷ୍ଟ୍ ପେପର୍** ***ବି.*** ରଦ୍ଦି କାଗଜ, ଅଦରକାରୀ କାଗଜ ।

**ୱେଷ୍ଟ୍ ବାସ୍‌କେଟ୍** ***ବି.*** ଅଦରକାରୀ କାଗଜ ରଖିବା ପାଇଁ ଝୁଡ଼ି ।

**ୱେଷ୍ଟର୍ଣ୍ଣ ମ୍ୟୁଜିକ୍** ***ବି.*** ପାଶ୍ଚାତ୍ୟ ସଙ୍ଗୀତ ।

**ୱେଷ୍ଟର୍ଣ୍ଣ ଷ୍ଟାଇଲ୍** ***ବି.*** ପାଶ୍ଚାତ୍ୟ ଢଙ୍ଗ, ଶୈଳୀ ।

# ଶ

**ଶ ବି.** ୧. ବତିଶତମ ବ୍ୟଞ୍ଜନ ବର୍ଣ୍ଣ (ଅବର୍ଗ୍ୟ) ୨. ଶହ, ଶତ ସଂଖ୍ୟା, ୧୦୦।

**ଶଂସିତ ବିଂ.** ୧. କଟା ଯାଇଥିବା ଅଂଶ ୨. ଉଦ୍ଧୃତ ଅଂଶ ୩. କଥିତ, ଉକ୍ତ ।

**ଶଅକିଆ ବିଂ.** ଶହେ ସଂଖ୍ୟା ବିଶିଷ୍ଟ ।

**ଶଅର ବି.** ଶବର ଜନ ଜାତି ।

**ଶଇଁ ବି.** ଶମୀ ଗଛ।

**ଶଇଥଲ ବି.** ଶିଥିଳତା, ଅବସର, ଢ଼ିଲା; **ବିଂ.** ଅଚଞ୍ଚଳ, ଶିଥିଳ, ଅବସରଯୁକ୍ତ ।

**ଶଉଚ ବି.** ୧. ଝାଡ଼ା ଫେରିବା ପରେ ପାଣି ସାରିବା କାର୍ଯ୍ୟ, ଧୁଆଧୋଇ ହେବା ୨. ମୃତିକିଆ ବା ଛୁତିକିଆ ପରେ ପଇତା ପିନ୍ଧିବା, ଖିଅର ହେବା, ମହାପ୍ରସାଦ ପାଇବା ପ୍ରଭୃତି କାର୍ଯ୍ୟ କରି ଶୁଦ୍ଧ ହେବା ।

**ଶଉପ ବି.** ୧. ଶପ, ମଶିଣା ୨. ଶଙ୍କର, ଶିବ ମହାଦେବ ।

**ଶଉରା ବି.** ଶବର ।

**ଶଏ ବି. ବିଂ.** ଏକଶହ, ଶହେ, ୧୦୦ ।

**ଶକ୍ ବି.** ୧. ହଠାତ୍ ଆଘାତ ୨. ଆକସ୍ମିକ ଆଘାତ ୩. ବିଦ୍ୟୁତ୍ ତାର ସ୍ପର୍ଶରେ ଆଘାତ ୪. ମାନସିକ ଆଘାତ ।

**ଶକ୍‌ଟାପର ବି.** ପଶାପାଲି।

**ଶକ ବି.** ୧. ମଧ୍ୟ ଏସିଆର ପ୍ରାଚୀନ ଜାତି ବିଶେଷ ୨. ଶକାବ୍ଦର ପ୍ରବର୍ତ୍ତକ ରାଜା ଶକାଦିତ୍ୟ ବା ଶାଳିବାହନ ୩. ଶକାଦିତ୍ୟଙ୍କ ଅନୁସାରେ ବର୍ଷ ଗଣନା ।

**ଶକଟ ବି.** ଶଗଡ଼, ଶଗଡ଼ ଗାଡ଼ି ।

**ଶକଟା ବି.** ଏକ ପ୍ରକାର ପଶା ଖେଳ, ସତରଞ୍ଜଖେଳ ।

**ଶକଟାପାଲି ବି** ପଶାପାଲି, ଶକ୍‌ଟାପର ।

**ଶକର କନ୍ଦ ବି.** ସାକର କନ୍ଦା, ବଣୁଆ ମିଠା ଆଳୁ ବିଶେଷ ।

**ଶକାବ୍ଦ ବି.** ଶକ ଶାସନକାଳରୁ ପ୍ରବର୍ତ୍ତିତ ବର୍ଷ ଗଣନା।

**ଶକୁନ, ଶକୁନ୍ତ ବି.** ୧. ଶୁଭ ବା ଅଶୁଭ ସୂଚକ ଚିହ୍ନ ୨. ଶାଗୁଣା ୩. ପକ୍ଷୀ ।

**ଶକୁନା ବି.** ଝିଟିପିଟି ।

**ଶକୁନି ବି.** ୧. ଶାଗୁଣା ପକ୍ଷୀ ୨. କୌରବମାନଙ୍କ ମାମୁ ୩. ଧୂର୍ତ୍ତ ଓ କୁଟିଳ ବୁଦ୍ଧି ଥିବା ଲୋକ ।

**ଶକ୍ତ ବିଂ.** ୧. ମଜଭୁତ, ଦୃଢ଼, ଟାଣ ୨. କଠିନ ୩. ସମର୍ଥ ୪. ବଳବାନ , କାର୍ଯ୍ୟକ୍ଷମ ।

**ଶକ୍ତି ବି.** ୧. କ୍ଷମତା, ବଳ, ସାମର୍ଥ୍ୟ ୨. ଦେବୀ, ଦୁର୍ଗା ୩. ଶବ୍ଦର ଅର୍ଥ ବିଶେଷ ବା ଯୋଗ୍ୟତା ୪. ଉର୍ଜା।

**ଶକ୍ତିପୂଜା ବି.** ଦେବୀ ଉପାସନା ବା ପୂଜା ।

**ଶକ୍ତିବାନ, ଶକ୍ତିମାନ ବିଂ.** ଯାହାର ଶକ୍ତି ଅଛି, ସାମର୍ଥ୍ୟ ସମ୍ପନ୍ନ, ବଳୁଆ ।

**ଶକ୍ତିହୀନ ବିଂ.** ଦୁର୍ବଳ, ଅକ୍ଷମ ।

**ଶକ୍ୟ ବିଂ.** ସମର୍ଥ, ପାରିବାର, କ୍ଷମ ।

**ଶକ୍ର ବି.** ଦେବତାମାନଙ୍କର ରଜା, ଇନ୍ଦ୍ର ।

**ଶଗଡ଼ ବି.** ବଳଦ ବା ପୋଢ଼ଦ୍ୱାରା ଟଣା ହେଉଥିବା କାଠ ତିଆରି ଗାଡ଼ି ।

**ଶଗଡ଼ଗୁଳା ବି.** ୧. ଶଗଡ଼ ଚାଲିବା ରାସ୍ତାରେ ତାର ଚକ ଦୁଇଟି ଗଡୁଥିବା ଦୁଇ ସମାନ୍ତର ମାର୍ଗ, ଧରସା ୨. ଚିରାଚରିତ ପ୍ରଥା, ନୂତନତା ବା ଭିନ୍ନତା ନଥିବା କାର୍ଯ୍ୟ ।

**ଶଗଡ଼ି ବି.** ୧. ଖେଳନା ଶଗଡ଼ ୨. ଶଗଡ଼ ଆକୃତି ରଥ ୩. ଦହି ମନ୍ଥିଲା ବେଳେ ଖୁଆବାଡ଼ି ପଶୁଥିବା କାଠ ଚକି ୪. ପୁଲି, ଖିଡ୍‌ଖିଡ଼ି ।

**ଶଗଡ଼ିଆ ବି.** ଶଗଡ଼ଚାଳକ, ଶଗଡ଼ ଯେ ଚଲାଏ, ଗାଡ଼ିଆଳ ।

**ଶଙ୍କରାଭରଣ ବି.** ୧. ସଙ୍ଗୀତର ଶାସ୍ତ୍ରୀୟ ରାଗ ବିଶେଷ ୨. ଛାନ୍ଦର ରାଗିଣୀ ବିଶେଷ ।

**ଶଙ୍କା ବି.** ଭୟ, ସନ୍ଦେହ ।

**ଶଙ୍କୁ ବି.** ୧. ଚିହ୍ନ ୨. କିଳା, ଗୋଜଣା, ଖିଲା ୩. ସୂର୍ଯ୍ୟର ଛାଇ ମାପିବାକୁ ବ୍ୟବହୃତ ଆଙ୍ଗୁଳି ପରିମିତ କାଠି ୪. ବିକ୍ରମାଦିତ୍ୟଙ୍କ ରାଜସଭାର ନବରତ୍ନଙ୍କ ମଧ୍ୟରୁ ଜଣେ ୫. ଶାଙ୍କୁଚ ମାଛ ୬. ପାପ ।

**ଶଙ୍ଖ ବି.** ୧. ସାମୁଦ୍ରିକ ଗେଣ୍ଡା ଜାତୀୟ ଜୀବ, କମ୍ବୁ (ଏହାର ଖୋଳପାକୁ ଫୁଙ୍କିଲେ ମଧୁର ସ୍ୱର ବାହାରେ, ଶୁଭକାର୍ଯ୍ୟବେଳେ ଏହାକୁ ବଜାନ୍ତି) ୨. ପୋଲ ରାସ୍ତା ମଝିରେ ପାଣି ଯିବା ପାଇଁ ବାଟ ୩. ଛୋଟ ନଈ ବା ନାଳ ଉପରେ ପୋଲ(ବଡ଼ ଶଙ୍ଖ, ସାତଶଙ୍ଖ) ।

**ଶଙ୍ଖଚିଲ ବି.** ଧଳା ଚିଲ (ଏହାକୁ ଦେଖିବା ଶୁଭ ବୋଲି ମନେ କରାଯାଏ) ।

**ଶଙ୍ଖଚୂଡ଼ ବି.** ଏକ ପ୍ରକାର ନାଗ ସାପ – ଏହାର ମୁଣ୍ଡ ଉପରେ ଶଙ୍ଖ ଚିହ୍ନ ଥାଏ ।

**ଶଙ୍ଖନାଭିମଣ୍ଡଳ ବି.** ଶ୍ରୀକ୍ଷେତ୍ରର କେନ୍ଦ୍ର – ଯେଉଁ ସ୍ଥାନରେ ଶ୍ରୀଜଗନ୍ନାଥଙ୍କ ମନ୍ଦିର ପ୍ରତିଷ୍ଠିତ ବୋଲି ପରିକଳ୍ପିତ ।

**ଶଙ୍ଖବିଷ ବି.** ୧. ଶଙ୍ଖୁଆ ବିଷ ୨. ଏକପ୍ରକାର ଖଣିଜ ଦ୍ରବ୍ୟ ।

**ଶଙ୍ଖ ଭୂଇଁ ବି.** ଶ୍ରୀଜଗନ୍ନାଥଙ୍କ ଶ୍ରୀମୁଖରେ ଶଙ୍ଖଚୂର୍ଣ୍ଣରେ ପ୍ରସ୍ତୁତ ଶ୍ୱେତରଙ୍ଗ ରଞ୍ଜିତ ଅଂଶ।

**ଶଙ୍ଖମର୍ମର ବି.** ଧଳା ରଙ୍ଗର ମାର୍‌ବଲ ପଥର ।

**ଶଙ୍ଖସାରୁ ବି.** ବଡ଼ ମୋଟା ଆକାରର କନ୍ଦା ହେଉଥିବା ସାରୁଗଛ, ଶଙ୍ଖକନ୍ଦ ।

**ଶଙ୍ଖକ୍ଷେତ୍ର ବି.** ପୁରୀ, ଶ୍ରୀକ୍ଷେତ୍ର ।

**ଶଙ୍ଖି ବି.** ବେକ, ଗଳା ।

**ଶଙ୍ଖିନୀ ବି.** ଶାସ୍ତ୍ର ଅନୁସାରେ ପଦ୍ମିନୀ, ଚିତ୍ରିଣୀ, ଶଙ୍ଖିନୀ ଓ ହସ୍ତିନୀ- ଏ ଚାରି ଜାତିର ନାୟିକାମାନଙ୍କ ମଧ୍ୟରୁ ଅନ୍ୟତମ ।

**ଶଙ୍ଖୁଆ ବି.ବିଂ.** ଶଙ୍ଖ ଫୁଙ୍କିବା ଲୋକ, ସେହି ଜାତି ।

**ଶଙ୍ଖୁଳା ବି.** ୧. ସ୍ୱାଗତ ସଂଭାଷଣ, କୁଶଳ ସମ୍ବାଦ ୨. ପାଇବା ଉଦ୍ଦେଶ୍ୟରେ ପ୍ରେରିତ ଦ୍ରବ୍ୟ ବା ବୋଝ ଭାର ।

**ଶଚୀ, ଶଚି ବି.** ସ୍ୱର୍ଗର ସ୍ଥାୟୀ ରାଣୀ, ଇନ୍ଦ୍ରଙ୍କ ପତ୍ନୀ ।

**ଶଟ୍‌କା ବି.** ହୁକ୍କାର ଚିଲମରୁ ନିମ୍ନସ୍ଥ ଜଳପାତ୍ରକୁ ଧୂଆଁ ଆସିବାର ଲମ୍ବା ନଳ ।

**ଶଟକାଏ ବିଂ.** ପୂରା ଦମ୍‌ରେ ଟଣାହେବା ଧୂଆଁ ।

**ଶଟା ବି.** ସିଂହର କେଶର ।

**ଶଟାବଟା ବି.** ୧. ଭଣ୍ଡାଭଣ୍ଡି ୨. ହଇରାଣ ହରକତ; **କ୍ରି.ବିଂ.** କୌଣସି ମତେ ।

**ଶଠ ବିଂ.** ୧. ଖଳ, ପ୍ରବଞ୍ଚକ, ଧୂର୍ତ୍ତ, ଠକ, ପ୍ରତାରକ ୨. ପ୍ରତାରଣକାରୀ ବ୍ୟକ୍ତି ; **ବି.** ୧ କୁଙ୍କୁମ ୨. ଲୁହା ।

**ଶଢ଼ା ବିଂ.** ସଢ଼ା, ପଚିଯାଇଥିବା, ନଷ୍ଟ ପ୍ରାୟ ।

**ଶଢ଼େଇ ବି.** ନଡ଼ିଆର କତା ତଳେ ଥିବା ଦୃଢ଼ ଆବରଣ ।

**ଶଣ ବି.** ସଣ, ସନ୍, ଛଣପଟ ।

**ଶଣ୍ଢା ବି.** ୧. ପିଆଜ ଗଛର ଫୁଲ ଦଣ୍ଡ ୨. କାନ୍ଧ ଓ ମୁଣ୍ଡର ମଧ୍ୟବର୍ତ୍ତୀ ସ୍ଥାନର ପଛଭାଗ ।

**ଶତ ବିଂ.** ଏକ ଶହ, ଶହେ ସଂଖ୍ୟା(୧୦୦) ।

**ଶତକ ବି.** ୧. ଶହେ ପଦ ବିଶିଷ୍ଟ ରଚନା ୨. କ୍ରିକେଟ ଖେଳରେ ଶହେ ରନ୍ ୩. ଶହେ ବର୍ଷ ୪. ଏକଠାରୁ ଶହେ ପର୍ଯ୍ୟନ୍ତ ।

**ଶତକଡ଼ା ବି.** ପ୍ରତି ଶହରେ, ଶହ ପ୍ରତି ।

**ଶତକୁମ୍ଭ ବି.** ସୁନା ।

**ଶତଦଳ ବି.** ଶହେ ପାଖୁଡ଼ା ଥିବା ପଦ୍ମ ।

**ଶତଧା ଅ.** ୧. ଶହେ ଭାଗ ବା ଖଣ୍ଡ ୨. ଶହେ ଥର ୩. ଶହେ ପ୍ରକାର ।

**ଶତପଥ ବି.** ଯଜୁର୍ବେଦର ବ୍ରାହ୍ମଣ ଅଂଶ ବିଶେଷ ।

**ଶତବାର୍ଷିକୀ, ଶାତବର୍ଷିକୀ ବି.** ଶହେ ବର୍ଷ ପୂର୍ତ୍ତିରେ ଅନୁଷ୍ଠିତ ଉତ୍ସବ/ ଜୟନ୍ତୀ ।

**ଶତଭିଷା ବି.** (ଜ୍ୟୋତିର୍ବିଜ୍ଞାନ) ପଚିଶ ନକ୍ଷତ୍ର ମଧ୍ୟରୁ ଏକତମ ।

**ଶତମୁଖ ବିଂ.** ଆବେଗରେ ପ୍ରଶଂସା ମୁଖର ।

**ଶତରଞ୍ଜି ବି.** ରଙ୍ଗବେରଙ୍ଗର ମୋଟା ସୂତା ତିଆରି ବଡ଼ ଆସନ, ଛତରଙ୍ଗ୍ ।

**ଶତାବରୀ ବି.** ଛତୁଆରୀ, ଔଷଧୀୟ ଗୁଣ ବିଶିଷ୍ଟ କଣ୍ଟାଳିଆ ଲଟା ବିଶେଷ ।

**ଶତାବ୍ଦୀ ବି.** ଶହେ ବର୍ଷର କାଳଖଣ୍ଡ ।

**ଶତାୟୁ ବିଂ.** ଶହେ ବର୍ଷ ବଞ୍ଚିଥିବା (ବ୍ୟକ୍ତି, ଗଛ ପ୍ରଭୃତି) ।

**ଶତେକ ବିଂ.** ଶହେ ।

**ଶତ୍ରୁ ବି.** ୧. ଭଗାରି, ବିପକ୍ଷ, ଅରି ୨. ଦାଉ ସାଧୁଥିବା ଲୋକ।

**ଶଧ ବି.** ୧. ଲୋଭ, ଲାଳସା ୨. ଗର୍ଭିଣୀର ଦୋହଦ ବା ଇଚ୍ଛା, ଶାଧ, ଶାଦ ।

**ଶନି ବି.** ନଅଟି ଗ୍ରହ ମଧ୍ୟରୁ ଗୋଟିଏ ।

**ଶନିଦଶା ବି.** ୧. ଅତି ଦୁଃସମୟ, ଅଯଥା ଯନ୍ତ୍ରଣା ଭୋଗିବା ସମୟ ୨. ମଣିଷର ଭାଗ୍ୟ ଉପରେ ଶନି ଗ୍ରହର ପ୍ରଭାବ ।

**ଶନିଦୃଷ୍ଟି ବି.** କ୍ଷତି କାମନା, କୋପଦୃଷ୍ଟି ।

**ଶନିବାର ବି.** ରବିବାର ପୂର୍ବ ବାର ।

**ଶନିସପ୍ତା ବି.** ସାଢ଼େ ସାତ ବର୍ଷ ବ୍ୟାପୀ ଦୁର୍ଭିକ୍ଷ/କ୍ଷତି ।

**ଶପ, ସପ ବି.** କାଣ୍ଟକାଣ୍ଟିଆ ଘାସରେ ବୁଣା ମଶିଣା ବା ପଟି ।

**ଶପଥ ବି.** ପ୍ରତିଜ୍ଞା, ହଲପ, କୌଣସି କାର୍ଯ୍ୟ କରିବା ବା ନ କରିବା ପାଇଁ ଦୃଢ଼ ସଂକଳ୍ପ ।

**ଶଫରୀ ବି.** କେରାଣ୍ଡି ମାଛ, କୁଜିମାଛ ।

**ଶବ ବି.** ମୃତଦେହ, ମୁର୍ଦ୍ଦାର, ମଡ଼ା ।

**ଶବ ଆସନ ବି.** ତାନ୍ତ୍ରିକ ସିଦ୍ଧିଲାଭ କରିବାକୁ ଆସନ ରୂପେ ବ୍ୟବହାର କରିବା ଶବ ।

**ଶବଦାହ ବି.** ଶବ ପୋଡ଼ାଯିବା ।

**ଶବଳ ବିଂ.** ବହୁ ରଙ୍ଗ ମିଶା, ଚିତ୍ କବରା, ହର୍‌ରଙ୍ଗୀ ।

**ଶବସଂସ୍କାର ବି.** ଶବ ପୋଡ଼ିବା ବା ଶବକୁ ସମାଧି ଦେବା ।

**ଶବସାଧନା ବି.** ତାନ୍ତ୍ରିକ ମଶାଣିରେ ଶବଉପରେ ବସି ସିଦ୍ଧି ଲାଭ କରିବାର ପ୍ରଯତ୍ନ ।

**ଶବ୍ଦ ବି.** ୧. ଅର୍ଥବୋଧକ ଅକ୍ଷର ଓ ମାତ୍ରାର ସମଷ୍ଟି ୨. ଧ୍ୱନି ।

**ଶବ୍ଦକୋଷ ବି.** ଅଭିଧାନ, ଅକ୍ଷରକ୍ରମରେ ସଜ୍ଜିତ ପଦ ଓ ତାର ଅର୍ଥ ଦିଆଯାଇଥିବା ନିଘଣ୍ଟୁ ।

**ଶବ୍ଦବୋଧ ବି.** ଶବ୍ଦ ଜ୍ଞାନ ।

**ଶମ୍ ବି.** କଲ୍ୟାଣ, ମଙ୍ଗଳ ।

**ଶମ ବି.** ବଣୁଆ ବାବୁଲ୍ ଜାତୀୟ ଗଛ, ଶମୀ ।

**ଶମା, ସମା ବି.** ଢିଙ୍କିର ପାହାର କାଠରେ ଲାଗିଥିବା ଲୁହାର ବଳା, ଶମ୍ବ, ସମ୍ବ ।

**ଶମୀ** *ବି.* ଶମ, ବାବୁଲ ଗଛ ପରି କଣ୍ଟା ବହୁଳ ଓ ଝଙ୍କାଳିଆ ବଣୁଆ ଗଛ ।

**ଶମ୍ପା** *ବି.* ବିଦ୍ୟୁତ, ବିଜୁଳି ।

**ଶମ୍ବର, ସମ୍ବର** *ବି.* ୧. ତୃଣଜୀବୀ ବଣୁଆ ପଶୁ ବିଶେଷ, ମୃଗଜାତୀୟ ଏକ ପଶୁ ୨. ଡାଲିରେ ଖଟା ଓ ପରିବା ଦେଇ ପ୍ରସ୍ତୁତ ଦକ୍ଷିଣ ଭାରତୀୟ ବ୍ୟଞ୍ଜନ।

**ଶମ୍ଭୁ ଏକାଦଶୀ** *ବି.* ସୋମବାର ଦିନ ପଡ଼ିବା ଏକାଦଶୀ ତିଥି ।

**ଶଯ୍ୟା** *ବି.* ଶେଯ, ଖଟ, ପଲଙ୍କ ।

**ଶୟନ** *ବି.* ଶୋଇବା, ନିଦ।

**ଶୟନ ଏକାଦଶୀ** *ବି.* ଆଷାଢ଼ ଶୁକ୍ଳ ଏକାଦଶୀ, ଶ୍ରୀ ଜଗନ୍ନାଥଙ୍କର ଦ୍ୱାଦଶ ଯାତ୍ରା ମଧ୍ୟରୁ ଏକତମ, ଏହି ଦିନରୁ ପ୍ରଭୁ ଶୟନ କରନ୍ତି ବୋଲି ବିଶ୍ୱାସ କରାଯାଏ। ।

**ଶର** *ବି.* ବାଣ, କାଠି ଯୁକ୍ତ ତୀର ।

**ଶରଣ** *ବି.* ଆଶ୍ରୟ, ରକ୍ଷା, ନିରାପତ୍ତା ।

**ଶରଣପଞ୍ଜର** *ବିଂ.* ନିରାପତ୍ତା ଦେଇ ପୂର୍ଣ୍ଣ ରକ୍ଷାକାରୀ ।

**ଶରଣାର୍ଥୀ** *ବି.ବିଂ.* ବାସଚ୍ୟୁତ ପରଆଶ୍ରିତ ବ୍ୟକ୍ତି ବା ପରିବାର ।

**ଶରତ୍** *ବି.* ବର୍ଷା ଋତୁର ପରବର୍ତ୍ତୀଋତୁ, ଭାଦ୍ରବ ଓ ଆଶ୍ୱିନ ମାସଦ୍ୱୟ ।

**ଶରଧା** *ବି.* ଶ୍ରଦ୍ଧା, ଗାଢ଼ ସ୍ନେହ ମମତା ।

**ଶରଧା ବାଲି** *ବି.* ପୁରୀର ବଡଦାଣ୍ଡରେ ଗୁଣ୍ଡିଚା ମନ୍ଦିର ନିକଟବର୍ତ୍ତୀ ଅଞ୍ଚଳ ଏବଂ ଏହାର ବାଲି/ଧୂଳି ।

**ଶରବ୍ୟ** *ବି.* ତୀରର ଲକ୍ଷ୍ୟସ୍ଥଳ, ନିର୍ଦ୍ଦିଷ୍ଟ ଲକ୍ଷ୍ୟ ।

**ଶରଭ, ଶଲଭ** *ବି.* ଆଠ ଗୋଡ଼ ଥିବା ପୁରାଣବର୍ଣ୍ଣିତ ମୃଗ ବିଶେଷ ଯେ ସିଂହକୁ ମଧ୍ୟ ବଧ କରିପାରେ ।

**ଶରଳ** *ବି.* ସର୍‌ଗି ଗଛ, ଶାଳ ବୃକ୍ଷ ।

**ଶରାଳି** *ବି.* ପାତିହଂସ ଜାତୀୟ ଏକ ଜଳଚର ପକ୍ଷୀ ।

**ଶରୀର** *ବି.* ଦେହ, ଗାଗର, କାୟା ।

**ଶର୍କରା** *ବି.* ଗୁଡ଼, ଶାକର, ଖଣ୍ଡ, ନବାତ, କନ୍ଦ ।

**ଶର୍ବରୀ** *ବି.* ୧. ରାତି ୨. ହଳଦୀ ।

**ଶର୍ମ** *ବି.* ସୁଖ, କଲ୍ୟାଣ, ମଙ୍ଗଳ, ଶୁଭ ।

**ଶଳା** *ବି.* ଭାର୍ଯ୍ୟାର ଭାଇ, ଶାଳକ ।

**ଶଲ** *ବିଂ.* ଅନିଷ୍ଟକାରୀ ; *ବି.* ଶତ୍ରୁ, କଣ୍ଟକ, ଅମଙ୍ଗଳ ।

**ଶଲଭ** *ବି.* ପଙ୍ଗପାଳ, ଝିଣ୍ଟିକା ।

**ଶଲ୍ୟ** *ବି.* ୧. କଣ୍ଟା ୨. ଶର ।

**ଶଲ୍ୟ ଚିକିତ୍ସା** *ବି.* ଅସ୍ତ୍ରଚିକିତ୍ସା, ରୋଗ ମୁକ୍ତି ପାଇଁ ଅସ୍ତ୍ରୋପଚାର ।

**ଶଲ୍ୟତନ୍ତ୍ର** *ବି.* ଅସ୍ତ୍ରଚିକିତ୍ସା ଶାସ୍ତ୍ରପଦ୍ଧତି ।

**ଶଲ୍ଲକ** *ବି.* ୧. କାତି, ବଲ୍କଳ ୨. କଣ୍ଟକ ବୃକ୍ଷ ୩. ଝିଙ୍କକାଠି ।

**ଶଶାଙ୍କ** *ବି.* ଚନ୍ଦ୍ର, ଜହ୍ନ ।

**ଶଶିକର** *ବି.* ଜ୍ୟୋତ୍ସ୍ନା, କୌମୁଦୀ, ଜହ୍ନ କିରଣ ।

**ଶଶିଠାର** *ବି.* ଓଡ଼ିଆ ଲୋକ ଉକ୍ତିରେ ଠାର, ସଙ୍କେତାତ୍ମକ ଭାଷା ।

**ଶଶୁରଘର** *ବି.* ସ୍ୱାମୀ ଅଥବା ସ୍ତ୍ରୀର ବାପଘର ।

**ଶସ** *ବି.* ଫଳ ଅଥବା ଗଛର ମଞ୍ଜ ।

**ଶସ୍ତା** *ବିଂ.* ଚଳନ୍ତି ଦାମ ଠାରୁ କମ୍, ସାଧାରଣ ମୂଲ୍ୟଠାରୁ କମ୍ ।

**ଶସ୍ତ୍ର** *ବି.* ହିଂସା ପାଇଁ ହାତରେ ଧରିଥିବା ହତିଆର ।

**ଶସ୍ତ୍ରାଗାର** *ବି.* ଅସ୍ତ୍ରଶସ୍ତ୍ର ସୁରକ୍ଷିତ ରଖାଯାଉଥିବା ସ୍ଥାନ ।

**ଶସ୍ୟ** *ବି.* ୧. କୃଷି ଜାତ ଖାଦ୍ୟ ପଦାର୍ଥ ୨. ଫସଲ ୩. ବିରି ।

**ଶସ୍ୟଶ୍ୟାମଳ** *ବି.* ପ୍ରଚୁର ଶସ୍ୟ ଉପୁଜିବା ହେତୁ ସବୁଜ ବର୍ଣ୍ଣ ।

**ଶସ୍ୟସମ୍ଭାର** *ବି.* ପ୍ରଚୁର ପରିମାଣର ଶସ୍ୟ ଉତ୍ପାଦନ ।

**ଶସ୍ୟକ୍ଷେତ୍ର** *ବି.* ଚାଷ ଜମି ।

**ଶସ୍ୟାଗାର** *ବି.* ଖମାର, ଗୋଲା, ଅମାର ।

**ଶସ୍ୟାଧାର** *ବି.* ଓଳିଆ,କୋଳମେଇ ।

**ଶହ** *ବି.* ଏକ ଶତ ସଂଖ୍ୟା, ୧୦୦।

**ଶହେ ଟଙ୍କିଆ ଫୁଲ** *ବି.* କାଠଚମ୍ପା ଫୁଲ ଓ ତାର ଗଛ ।

**ଶାକ** *ବି.* ଖାଦ୍ୟଯୋଗ୍ୟ ପତ୍ର, ଶାଗ ।

**ଶାକମ୍ଭରୀ** *ବି.* ୧. ଦୁର୍ଗା, ପାର୍ବତୀ ୨. ପୃଥିବୀ ।

**ଶାକର** *ବି.* ୧. ଶର୍କରା ୨. ଆମ୍ବିଳା-ମିଠା ତରକାରୀ ।

**ଶାକରକନ୍ଦା** *ବି.* ମାଟି ତଳେ ଫଳୁଥିବା ଧଳା ରଙ୍ଗର ମିଠା ଆଳୁ, ଶଙ୍ଖଆଳୁ ।

**ଶାକର ପଟା** *ବି.ବିଂ.* ଦ୍ୱାରବନ୍ଧର ଚଉକାଠ ଉପରେ ଦିଆଯିବା ପଟା ଫାଳ ।

**ଶାକ୍ତ** *ବିଂ.* ଶକ୍ତି ଉପାସକ ।

**ଶାକ୍ୟମୁନି** *ବି.* ଗୌତମବୁଦ୍ଧ ।

**ଶାଖା** *ବି.* ୧. ଗଛର ଡାଳ ୨. କୌଣସି ବସ୍ତୁର ଭାଗ ୩. ଗ୍ରନ୍ଥର ଅଧ୍ୟାୟ ୪. ବେଦ ବିଭାଗ ।

**ଶାଖାନଦୀ** *ବି.* ମୁଖ୍ୟ ନଦୀରୁ ଜାତ ନଦୀ ।

**ଶାଖାମୃଗ** *ବି.* ମାଙ୍କଡ ।

**ଶାଗ** *ବି.* ୧. ଶାକ, ଖାଦ୍ୟ ଭାବରେ ବ୍ୟବହୃତ ବିଭିନ୍ନ ଗୁଳ୍ମ, ଲତା ଓ ଗଛର ପତ୍ର ୨. ଅଧିକ ପରିମାଣର ଶାଗପଡ଼ିଥିବା ତରକାରି ୩. ତରକାରି ।

**ଶାଗଖରଡ଼ା, ଶାଗଭାଜି** *ବି.* ରସୁଣତେଲ ଓ ଫୁଟଣ ସାହାଯ୍ୟରେ ଖାଦ୍ୟ ଉପଯୋଗୀ କରିଥିବା ଶାଗପତ୍ର ।

**ଶାଗଖିଆ** ***ବିଂ.*** ଗରିବ, ଧନହୀନ ।

**ଶାଗମାଛ ଦର** ***ବି.*** ପଦାର୍ଥର ପ୍ରକୃତ ମୂଲ୍ୟଠାରୁ କମ୍, ଢୁଣ୍ଡାମୂଲ ।

**ଶାଗୁଣା** ***ବି.*** ଗୃଧ୍ର ପକ୍ଷୀ, ଗିଧନ୍ ।

**ଶାଙ୍କୁଚ** ***ବି.*** କଣ୍ଟାଳିଆ ଲାଙ୍ଗୁଡ ଥିବା ସାମୁଦ୍ରିକ ହିଂସ୍ର ଜୀବ ବିଶେଷ ।

**ଶାଟପଟ** ***ବି.*** ଧୋତି ପୋଷାକ, ପୋଷାକ ପରିଚ୍ଛଦ ।

**ଶାଠ** ***ବି.*** ଲୋକ ବ୍ୟବହାର ଶିକ୍ଷା, ଲୋକ ଚରିତ୍ର ଅଧ୍ୟୟନ, ସାଂସାରିକ ଚତୁରତା ।

**ଶାଠ୍ୟ** ***ବି.*** ଧୂର୍ତ୍ତତା, ଶଠତା ।

**ଶାଢ଼ି** ***ବି.*** ନାରୀ ପରିଧେୟ ଦୀର୍ଘ ବସ୍ତ୍ର ।

**ଶାଢ଼ି ବନ୍ଧା** ***ବି.*** ସମ୍ମାନ ସୂଚକ ଶିରୋପା ବାନ୍ଧିବା ।

**ଶାଣ** ***ବି.*** ଲୁହା ଦାଢ଼ କରିବା ପଥର ।

**ଶାଣଦିଆ** ***ବିଂ.*** ୧. ଶାଣ ଦ୍ୱାରା ଦାଢ଼ କରାଯାଇଥିବା ୨. ଅପ୍ରିୟ ସତ୍ୟ କହୁଥିବା ।

**ଶାଣପଥର** ***ବି.*** ଅସ୍ତ୍ରଶସ୍ତ୍ର ଧାର କରିବାରେ ବ୍ୟବହୃତ ଏକ ଜାତୀୟ ପଥର ।

**ଶାଣିତ** ***ବିଂ.*** ଧାରୁଆ ।

**ଶାଦ** ***ବି.*** ପଙ୍କ, କାଦୁଅ ।

**ଶାଦା** ***ବିଂ.*** ୧. ସାଦା, ଧଳା, ଶୁଭ୍ର ୨. ନିରାମିଷ(ଭୋଜନ) ୩. କଡ଼ା ନୁହେଁ ଯାହା ।

**ଶାଧ** ***ବି.*** ଶ୍ରଦ୍ଧା, ସ୍ପୃହା, ଆକାଂକ୍ଷା ।

**ଶାଧଖିଆ** ***ବି.*** ଗର୍ଭିଣୀ ନାରୀର ଖାଇବାପାଇଁ ପ୍ରଥମେ ବାପ ଘର ଓ ପରେ ବନ୍ଧୁମାନଙ୍କ ଘରୁ ଆସିଥିବା ସୁଖାଦ୍ୟ ପଦାର୍ଥ ।

**ଶାନ୍ତ** ***ବିଂ.*** ୧. ଅବିଚଳିତ ୨. ଧୀର ୩. ସ୍ଥିର, ଅଚଞ୍ଚଳ ୪. ଆବେଗହୀନ; ***ବି.*** ଶାନ୍ତି ।

**ଶାନ୍ତଶିଷ୍ଟ** ***ବିଂ.*** ନମ୍ର ଓ ଭଦ୍ର ।

**ଶାନ୍ତି** ***ବି.*** ୧. ଉଦ୍‌ବେଗହୀନତା ୨. ସ୍ଥିରତା ୩. ଉପଶମ ।

**ଶାନ୍ତିଉଦକ** ***ବି.*** ଅନ୍ତ୍ୟେଷ୍ଟିକ୍ରିୟାରେ ଏକାଦଶାହ ଦିନ ମୃତକଙ୍କ ପରିବାରଙ୍କ ଅଶୌଚ ନାଶ ଉଦ୍ଦେଶ୍ୟରେ ଛିଞ୍ଚା ଯାଉଥିବା ଜଳ ।

**ଶାନ୍ତିକମିଟି** ***ବି.*** ଦଙ୍ଗାହଙ୍ଗାମା ବା ଗଣ୍ଡଗୋଳ ପରେ ଦୁଇ ପକ୍ଷର ମିଳାମିଶା ପାଇଁ ଗଠିତ କମିଟି ।

**ଶାନ୍ତିଜଳ (ବାରି)** ***ବି.*** ଶାନ୍ତି ଉଦକ, ପୂଜାଦିଦ୍ୱାରା ମନ୍ତ୍ରପୂତ ଜଳ ।

**ଶାନ୍ତିପ୍ରିୟ** ***ବିଂ.*** ଯେ ସ୍ୱଭାବତଃ ନିରୁପଦ୍ରବ ଅବସ୍ଥାକୁ ଭଲ ପାଏ, ***ସ୍ତ୍ରୀ.*** ଶାନ୍ତିପ୍ରିୟା ।

**ଶାନ୍ତିବାଚନ** ***ବି.*** ଶାନ୍ତି ଉଦକ ସେଚନ ସମୟରେ ବୋଲାଯିବା ମନ୍ତ୍ର ବିଶେଷ ।

**ଶାନ୍ତିଭଙ୍ଗ** ***ବି.*** ଅଶାନ୍ତି ବା ଉପଦ୍ରବ ସୃଷ୍ଟି, ଦଙ୍ଗାହାଙ୍ଗାମା, ମାରପିଟ୍ ।

**ଶାନ୍ତିରକ୍ଷା** ***ବିଂ.*** ଅଶାନ୍ତି ବା ଉପଦ୍ରବାଦିର ନିରାକରଣ ।

**ଶାପ** ***ବି.*** ୧. ଅଭିସମ୍ପାତ, କ୍ଷତିକାମନା ୨. ବ୍ୟକ୍ତିଗତ ଧମକରେ ଅନ୍ୟର ମାନସିକ ବିଚଳନ ଘଟାଇବା ।

**ଶାପଗ୍ରସ୍ତ** ***ବିଂ.*** ଅଭିଶାପ ପାଇଥିବା, ଅଭିଶାପ ଯୋଗୁଁ ହୀନ ଜନ୍ମ ପ୍ରାପ୍ତ, ଦୁଃଖ ଯନ୍ତ୍ରଣା ପ୍ରାପ୍ତ ।

**ଶାପମୁକ୍ତି** ***ବି.*** ଅଭିଶାପ ଜନିତ ଦୁର୍ଦ୍ଦଶା ଭୋଗରୁ ଉଦ୍ଧାର ।

**ଶାବକ** ***ବି.*** ଶିଶୁ, ଛୁଆ; ***ବିଂ.*** ଶାବ ସମ୍ବନ୍ଧୀୟ ।

**ଶାବନ** ***ବିଂ.*** କଳା ଓ ହଳଦୀ ମିଶା ରଙ୍ଗ ।

**ଶାବନା** ***ବିଂ.*** ଯାହାର ଦେହର ରଙ୍ଗ କଳା ନୁହେ କି ଗୋରା ନୁହେଁ, ମାଗୁର ଗୋରିଆ ।

**ଶାବର** ***ବିଂ.*** ଶବର ସମ୍ପର୍କିତ; ***ବି.*** ମୃଗଚର୍ମ ।

**ଶାବର ଶ୍ରୀକ୍ଷେତ୍ର** ***ବି.*** କୋରାପୁଟରେ ଶ୍ରୀଜଗନ୍ନାଥ ପୂଜିତ ତୀର୍ଥସ୍ଥାନ ।

**ଶାବଳ** ***ବି.*** ଖଣତା ଜାତୀୟ ଅସ୍ତ୍ର ବିଶେଷ ।

**ଶାମ** ***ବି.*** ୧. ସଦ୍ଭାବ, ବନ୍ଧୁତ୍ୱ ୨. ରାଜନୀତିର ଚାରିପ୍ରକ୍ରିୟା (ଶାମ, ଦାନ, ଦଣ୍ଡ, ଭେଦ)ଇତ୍ୟାଦିରୁ ଗୋଟିଏ ।

**ଶାମିଆନା** ***ବି.*** ଚାନ୍ଦୁଆ ।

**ଶାମୁକା** ***ବି.*** ଶୁକ୍ତି, ସିପ ।

**ଶାମ୍ବ ଦଶମୀ** ***ବି.*** ପୌଷ ଶୁକ୍ଳ ଦଶମୀ ।

**ଶାୟକ** ***ବି.*** ଶର, ବାଣ, ତୀର ।

**ଶାୟିତ** ***ବିଂ.*** ୧. ଶୋଇଥିବା ୨. ଯାହାକୁ ଶୁଆଇ ଦିଆଯାଇଥାଏ ।

**ଶାର,ସାର** ***ବି.*** ୧. ପଶା ୨. ପଶାର ଗୋଟି ୩. ମଇନାପକ୍ଷୀ ।

**ଶାରଗୁଣା** ***ବି.*** ଶାଗୁଣା ।

**ଶାରଙ୍ଗ** ***ବି.*** ୧. ମୃଗ ୨. କନ୍ଦର୍ପର ଧନୁ ୩. ହାତୀ ୪. ସିଂହ ୫. ଚାତକ ୬. ମୟୂର ୭. ରାଜହଂସ ୮. ଜ୍ୟୋସ୍ନା ରାତି ୯. ପଦ୍ମ ୧୦. ପୃଥିବୀ ୧୧. ଚନ୍ଦନ ୧୨. ଚନ୍ଦ୍ର ।

**ଶାରଙ୍ଗୀ** ***ବି.*** ସାରଙ୍ଗୀ, ଭାଓଲିନ୍ ବା ବେହେଲା ଜାତୀୟ ତାରବାଦ୍ୟ ଯନ୍ତ୍ର ବିଶେଷ ।

**ଶାରଦ** ***ବିଂ.*** ଶରତ୍ କାଳୀନ; ***ବି.*** ବକୁଳ ।

**ଶାରଦା** ***ବି.*** ୧. ସରସ୍ୱତୀ ୨. ଦୁର୍ଗା ୩. ବୀଣାବିଶେଷ ୪. ସ୍ଥଳକମଳ ।

**ଶାରଦୀ** ***ବି.*** କୁମାରପୂର୍ଣ୍ଣିମା ; ***ବିଂ.*** ଶରତକାଳୀନ ।

**ଶାରଦୀୟ** ***ବିଂ.*** ଶରତକାଳୀନ ।

**ଶାରଳା, ସାରଳା** *ବି.* ୧. ସରସ୍ୱତୀ ୨. ଦୁର୍ଗା ୩. ଝଙ୍କଡ଼ରେ ପୂଜିତା ଦେବୀ ।

**ଶାରି** *ବି.* ମଇନା ପକ୍ଷିଣୀ, ପଶାର ଗୋଟି ।

**ଶାରୀରିକ** *ବିଂ.* ଦେହ ସମ୍ପର୍କୀୟ ।

**ଶାର୍ଙ୍ଗ** *ବିଂ.* ଶୃଙ୍ଗରୁ ତିଆରି ; *ବି.* କନ୍ଦର୍ପର ଧନୁ ।

**ଶାର୍ଙ୍ଗଧର, ଶାର୍ଙ୍ଗପାଣି** *ବି.* ଶାରଙ୍ଗ ନାମକ ଧନୁଧାରଣ କରିଥିବା କୃଷ୍ଣ, ବିଷ୍ଣୁ ।

**ଶାର୍ଦ୍ଦୂଳ** *ବି.* ୧. ବାଘ ୨. ଘର କାଛର ନାଗବନ୍ଧ ଉପରୁ କାଛ ଉଠିଥିବା ସ୍ଥାନର ମୂଳ ୩. ଶରଭ ମୃଗ; **ବିଂ.** ଶ୍ରେଷ୍ଠ ।

**ଶାଳ** *ବି.* ୧. ଘର ୨. କାରଖାନା ୩. ଗ୍ରୀଷ୍ମମଣ୍ଡଳର ପାର୍ବତ୍ୟ ଅଞ୍ଚଳରେ ଦେଖାଯାଉଥିବା ଶକ୍ତ ଉଚ୍ଚ ଗଛ, ସରଗି ଗଛ ୪. ପାଚେରୀ ୫. ଖନ୍ଦା ୬. ଦେହରେ ବଡ଼ ବଡ଼ ଚକ୍ର ଚିହ୍ନଥିବା ଶେଉଳ ପରି ମାଛ ।

**ଶାଳକ** *ବି.* ଶଳା, ପତ୍ନୀଙ୍କ ଭାଇ ।

**ଶାଳଗ୍ରାମ** *ବି.* ପୂଜିତ ଚିକ୍କଣ ବାଲିଗରଡ଼ା ।

**ଶାଳବଣିଆ** *ବି.* ଯେଉଁଠି ବହୁ ସଂଖ୍ୟକ ଶାଳ ଗଛ ଥାଏ ।

**ଶାଳଭଞ୍ଜିକା** *ବି.* ୧. ପଥର ଅଥବା କାଠରେ ତିଆରି ଏକ ନିର୍ଦ୍ଦିଷ୍ଟ ଭଙ୍ଗୀର ନାରୀମୂର୍ତ୍ତି ୨. ବେଶ୍ୟା ।

**ଶାଳା,ଶାଲା** *ବି.* ୧. ସ୍ଥାନ ୨. ଗୃହ ୩. କାରଖାନା ୪. ଭଣ୍ଡାର ।

**ଶାଳି, ଶାଳୀ** *ବିଂ.* ହେମନ୍ତ ଋତୁରେ ଜାତ (ଶସ୍ୟ,ଧାନ)

**ଶାଳିଆପତନି** *ବି.* ଗନ୍ଧନକୁଳ, ଲାଙ୍ଗୁଡରୁ ବାସନା ବାହାରୁଥିବା ନେଉଳ ଜାତୀୟ ପ୍ରାଣୀ ।

**ଶାଳିଆ ବାଉଁଶ** *ବି.* ଲମ୍ବା ସରଳିଆ ବାଉଁଶ ।

**ଶାଳିତ** *ବି.* ଶାଳୁଆଡଙ୍ଗା, ଶାଳ କାଠରେ ତିଆରି ଡଙ୍ଗା, କୋଶଳି; **ବିଂ** ଚିତ୍ରିତ, ଶବଳିତ ।

**ଶାଳିବାହାନ** *ବି.* ଶାତବାହନ, ଶକାବ୍ଦର ପ୍ରବର୍ତ୍ତକ ପ୍ରସିଦ୍ଧ ରାଜା ।

**ଶାଳୀ** *ବି.* ପତ୍ନୀର ସାନ ଭଉଣୀ ।

**ଶାଳୀନ** *ବିଂ.* ବ୍ୟବହାର କୁଶଳ ; *ବି.* ଶାଳୀନତା ।

**ଶାଳୁଆ** *ବି.* ୧. ଶାଳଗଛ ଓ ତାର କାଠ ୨. ବାଡ଼ଯୁକ୍ତ ମାଛଧରା ଜାଲବିଶେଷ ୩. ଛୋଟ ଡଙ୍ଗାବିଶେଷ ୪. ଶେଣାଦ୍ୱାରା ପାଣି ବୋହିବା ଲୋକ; **ବିଂ. ହୃଷ୍ଟପୁଷ୍ଟ,** ବଳବାନ ।

**ଶାଲ୍ମଳୀ** *ବି.* ଶିମିଳି ଗଛ ।

**ଶାଲୁ** *ବି.* ୧. ପତଳା ସୂତାର ରଙ୍ଗିନ କନା ୨. ଉତ୍ତମ ରେଶମୀ ବସ୍ତ୍ର ୩. କଷାୟଦ୍ରବ୍ୟ ।

**ଶାଶୁ** *ବି.* ପତିର ବା ପତ୍ନୀର ମାଆ ।

**ଶାଶୁଖାଇ** *ବି.* ବିବାହର ଅଳ୍ପଦିନପରେ ବୋହୁର ଶାଶୁ ମରି ଯାଇଥିଲେ ତା ପ୍ରତି ବ୍ୟବହୃତ ଅପମାନଜନକ ପଦ ।

**ଶାଶୁଘର** *ବି.* ବିବାହିତା ନାରୀର ସ୍ୱାମୀଘର ।

**ଶାଶ୍ୱତ** *ବିଂ.* ନିତ୍ୟ, ଚିରସ୍ଥାୟୀ, ଅବିନଶ୍ୱର ।

**ଶାଶ୍ୱତୀ** *ବି.* ପୃଥିବୀ, ଧରିତ୍ରୀ ।

**ଶାସକ** *ବି.* ୧. ଶାସନକର୍ତ୍ତା ୨. ରାଜା ୩. ଅଧିପତି, ଚାଳକ ।

**ଶାସନ** *ବି.* ୧. **ରାଜା, ପ୍ରଶାସକ ବା ନିର୍ବାଚିତ ସାମ୍ବିଧାନିକ କର୍ତ୍ତୃପକ୍ଷଙ୍କ ବିଧି ବ୍ୟବସ୍ଥା, ପ୍ରଶାସନ** ୨. ସନନ୍ଦଦ୍ୱାରା ବ୍ରାହ୍ମଣମାନଙ୍କୁ ରାଜା ଦେଇଥିବା ନିଷ୍କର ଭୂମି ସଂବଳିତ ଗ୍ରାମ ୩. ପରିଚାଳନା, ଉପଦେଶ ୪. ଆଜ୍ଞାପତ୍ର ୫. **ନିର୍ଦ୍ଦେଶ, ବିଧି, ସନନ୍ଦ, ଆଜ୍ଞା** ୬. ଦମନ, ଶୃଙ୍ଖଳାରକ୍ଷା, ଶାସ୍ତିଦାନ ୭. ଧର୍ମୋପଦେଶ ପ୍ରଦାନକାରୀ ପୁରୁଷ ।

**ଶାସନତନ୍ତ୍ର** *ବି.* ଶାସନ ସଂକ୍ରାନ୍ତ ନିୟମକାନୁନ, ଶାସନ ବ୍ୟବସ୍ଥା ।

**ଶାସନୀ** *ବିଂ.* କୁଳୀନ (ବ୍ରାହ୍ମଣ), ବ୍ରାହ୍ମଣ ଶାସନ ଅଧିବାସୀ ।

**ଶାସନୀୟ** *ବିଂ.* ଶାସନ ଯୋଗ୍ୟ, ଶିକ୍ଷଣୀୟ, ଦଣ୍ଡନୀୟ ।

**ଶାସିତ** *ବିଂ.* ଦମିତ, ଶିକ୍ଷିତ, ପାଳିତ, ଦଣ୍ଡିତ ।

**ଶାସିବା** *କ୍ରି.* ଶାସନ କରିବା ।

**ଶାସ୍ତି** *ବି.* ୧. ସଜା, ଦଣ୍ଡ ୨. ନିଗ୍ରହ ୩. କଷ୍ଟ ।

**ଶାସ୍ତିବିଧାନ** *ବି.* ଦଣ୍ଡଦାନ ।

**ଶାସ୍ତ୍ର** *ବି.* ବିଶେଷ ଜ୍ଞାନ ପ୍ରଦାନ କରୁଥିବା ଗ୍ରନ୍ଥ, ଧର୍ମଗ୍ରନ୍ଥ, ବିଧି ସଂହିତା, ବିଦ୍ୟା ବା ବିଜ୍ଞାନ ।

**ଶାସ୍ତ୍ରକାର** *ବିଂ. ବି.* ଶାସ୍ତ୍ରପ୍ରଣେତା ।

**ଶାସ୍ତ୍ରଚର୍ଚ୍ଚା** *ବି.* ଶାସ୍ତ୍ରପାଠ ଓ ଆଲୋଚନା ।

**ଶାସ୍ତ୍ରଜ୍ଞ** *ବିଂ.* ଶାସ୍ତ୍ରଜ୍ଞାନରେ ପାରଦର୍ଶୀ, ଜ୍ଞାନୀ, ପଣ୍ଡିତ ।

**ଶାସ୍ତ୍ରବିଧି** *ବି.* ଶାସ୍ତ୍ରର ନିର୍ଦ୍ଦେଶ ବା ଅନୁଶାସନ ।

**ଶାସ୍ତ୍ରବିହିତ,ଶାସ୍ତ୍ରସମ୍ମତ, ଶାସ୍ତ୍ରସିଦ୍ଧ** *ବିଂ.* ଶାସ୍ତ୍ରବିଧି ଅନୁଯାୟୀ ।

**ଶାସ୍ତ୍ରମୂଳକ** *ବିଂ.* ଶାସ୍ତ୍ରରୁ ଉତ୍ପନ୍ନ ।

**ଶାସ୍ତ୍ରୀ** *ବି.* ୧. ଶାସ୍ତ୍ରରେ ଅଭିଜ୍ଞ ୨. ବ୍ରାହ୍ମଣ ପଣ୍ଡିତର ଉପାଧି ୩. ସଂସ୍କୃତ ଶିକ୍ଷା ବ୍ୟବସ୍ଥାରେ ସ୍ନାତକସ୍ତରୀୟ ଉପାଧି ।

**ଶାସ୍ତ୍ରୀୟ** *ବିଂ.* ୧. ଶାସ୍ତ୍ର ସଂକ୍ରାନ୍ତୀୟ ୨. ଶାସ୍ତ୍ର ଅନୁସାରୀ ।

**ଶାସ୍ତ୍ରୀୟତା** *ବି.* ଶାସ୍ତ୍ର ସମ୍ମତ ଗୁଣ ।

**ଶାହ** *ବି.* ସମ୍ରାଟ, ଏକଛତ୍ର ଅଧିପତି ।

**ଶାହାଖର୍ଚ୍ଚୀ** *ବିଂ.* ପ୍ରଚୁର ବ୍ୟୟଶୀଳ, ବଦ୍‌ଖର୍ଚ୍ଚୀ ।

**ଶାହାଜାଦା** *ବି.* ମୁସଲମାନ ରାଜକୁମାର, *ସ୍ତ୍ରୀ.* ଶାହାଜାଦୀ ।

**ଶାହାଜିରା** *ବି.* ଏକ ପ୍ରକାର ମସଲା।

**ଶା(ସା)ହାଡ଼ା** *ବି.* ବିରାଟ ଆକାରର ଗଛ ଓ ତାହାର ଫଳ ।

**ଶାହାଣ** *ବି.* ଶାଣ, ଧାରକରିବା ।

**ଶାହାନ୍‌ଶାହ୍** ***ବି.*** ସମ୍ରାଟଙ୍କ ସମ୍ରାଟ ।
**ଶାହାପୁରୁଷ** ***ବି.*** ଜୀବାତ୍ମା, ପ୍ରେତାତ୍ମା ।
**ଶାହାଲା, ସାହାଲା** ***ବିଂ.*** ୧. ଶ୍ରେଣୀ, ଧାଡ଼ି ୨. ଘରର ଶ୍ରେଣୀ ।
**ଶାହାଲିଆ** ***ବିଂ.*** ଶ୍ରେଣୀବନ୍ଧ, ଧାଡ଼ିଦାରିଆ ।
**ଶିଂଶପା** ***ବି.*** ୧. ଅଶୋକ ବୃକ୍ଷ ୨. ଶିଶୁ ଗଛ ।
**ଶିଅ** ***ବି.*** ଭୂଇଁ ତଳେ ଥିବା ଗଛର ମୂଳ – ଯହିଁରୁ ଚେର ବାହାରେ ।
**ଶିଅଳ** ***ବି.*** ଖଜୁରି, ତାଳ ଆଦି ଗଛରୁ ରସ ବା ତାଡ଼ି ବାହାର କରୁଥିବା ବୃତ୍ତିଧାରୀ ବ୍ୟକ୍ତି ।
**ଶିଆଣା** ***ବି. ବିଂ*** ସିଆଣିଆ, ବାହାଦୁରିଆ, ଅତିଚାଲାକ ।
**ଶିଆର** ***ବି.*** ହଳ ଜମିରେ ଲଙ୍ଗଳ ଫାଳରେ କଟା ରେଖା, ପହଣି ।
**ଶିଆଳ** ***ବି.*** ବିଲୁଆ ।
**ଶିଆଳି** ***ବି.*** ୧. ସିଏଲ୍, ଏକ ପ୍ରକାର ଲତା ୨. ଏକ ପ୍ରକାର ଧାନ ।
**ଶିଆଳିଖିଆ** ***ବିଂ.*** ଟାଙ୍ଗରା ବା ଚନ୍ଦା ।
**ଶିଉଳି** ***ବି.*** ୧. ଶୈବାଳ, ପାଣି ଭିତରର ତୃଣ ବିଶେଷ ୨. ଓଦା ସ୍ଥାନରେ ଜନ୍ମୁଥିବା ଅତି କ୍ଷୁଦ୍ର ଉଦ୍‌ଭିଦ ବିଶେଷ ୩. ଶେଫାଳି ଗଛ ଓ ଫୁଲ ।
**ଶିକ୍‌ଥ** ***ବି.*** ୧. ମହଣ, ମହୁଖଦା ୨. ଅଠା ୩. ଗୁଣ୍ଡାଏ ଭାତ ।
**ଶିକା** ***ବି.*** ଦଉଡ଼ିର ମୁଣା, କିଛି ଦ୍ରବ୍ୟ ଉପରୁ ଝୁଲାଇ ରଖିବାପାଇଁ ଏହା ବ୍ୟବହୃତ ହୁଏ ।
**ଶିକାର** ***ବି.*** ୧. ପାରିଧି, ବେଣ୍ଟ, ମୃଗୟା, ଖେଦା ୨. ମନୋରଞ୍ଜନ ବା ଖାଦ୍ୟ ପାଇଁ ଜୀବଜନ୍ତୁଙ୍କ ହତ୍ୟା ୩. ମାଂସ ।
**ଶିକାରୀ** ***ବି.*** ୧. ବ୍ୟାଧ, ଯେ ଶିକାର କରେ; ***ବିଂ.*** ଧୂର୍ତ୍ତ, ଚତୁର ।
**ଶିକୁଳି** ***ବି.*** ଜଂଜିର, ଶିକ୍‌ଲି ।
**ଶିଖ** ***ବି.*** ୧. ଗୁରୁ ନାନକ ଦ୍ୱାରା ପ୍ରବର୍ତ୍ତିତ ଧର୍ମର ଅନୁଗାମୀ ୨. ଶିଖର, ଅଗ୍ରଭାଗ, ଚୂଡ଼ା, ମଥାନ ୩. ମଥା (ନଖରୁ ଶିଖ ଯାଏ); ***ବିଂ.*** ଶ୍ରେଷ୍ଠ ; ***କ୍ରି.*** ଶିଖିବାକୁ ନିର୍ଦ୍ଦେଶ ।
**ଶିଖ ଗୁରୁ** ***ବି.*** ଶିଖମାନଙ୍କର ପ୍ରଥମ ଦଶ ଜଣ ଧର୍ମ ଗୁରୁ ।
**ଶିଖଣ୍ଡ** ***ବି.*** ମୟୂର ପୁଚ୍ଛ, ମୟୂର ଚନ୍ଦ୍ରିକା ।
**ଶିଖଣ୍ଡୀ** ***ବି.*** ୧. ମୟୂର ୨. କୁକୁଡ଼ା ୩. ଯାହାକୁ ଆଗରେ ରଖି ତାର ଆଢୁଆଳରେ ନିଜର କାର୍ଯ୍ୟ ସାଧନ କରାଯାଏ ୪. ମହାଭାରତରେ ଅମ୍ବାର ନପୁଂସକ ରୂପ ।
**ଶିଖର** ***ବି.*** ଅଗ, ଚୂଡ଼ା, ଅଗ୍ରଭାଗ, ଶୀର୍ଷ ଦେଶ, ଉପରିଭାଗ ।
**ଶିଖରିଦଶନା** ***ବିଂ. ବି.*** ପାଚିଲା ଡାଳିମ୍ବ ମଞ୍ଜି ପରି ଈଷତ୍ ରକ୍ତାଭ ଦାନ୍ତମୂଳ ଥିବା ନାରୀ ।
**ଶିଖରୀ** ***ବି.*** ୧. ପର୍ବତ ୨. ବୃକ୍ଷ ୩. ପାର୍ବତ୍ୟ ଦୁର୍ଗ ୪. ଡାଳିମ୍ବ ବୀଜ ୫. ଅପାମାର୍ଗ ଗୁଳ୍ମ ।

**ଶିଖା** ***ବିଂ.*** ଶିଖା ଯାଇଥିବା ; ***ବି.*** ୧. ଅଭିଜ୍ଞତା ଲାଭ ୨. ଚୂଡ଼ା, ଶୀର୍ଷ ଦେଶ, ଶୃଙ୍ଗ, କ୍ରମ ସୂକ୍ଷ୍ମ ଅଗ୍ରଭାଗ, ଉଚ୍ଚ ସ୍ଥାନର ମୂନ ୩. ଚୁଟି ୪. ଜ୍ୱାଳା ୫. ପକ୍ଷୀଙ୍କ ମୁଣ୍ଡର ଚୂଳ ୬. ନିଆଁର ଅଗ୍ରଭାଗ ।
**ଶିଖା ଆଭରଣ** ***ବି.*** ମୁକୁଟ, ଶିରୋଭୂଷା ।
**ଶିଖାଣ** ***ବି.*** ୧. ଶିଖେଇବା ୨. ମନ୍ଦ ପରାମର୍ଶ ୩. ପ୍ରରୋଚନା ।
**ଶିଖାଣିଆ** ***ବିଂ.*** କୁପରାମର୍ଶଦାତା ।
**ଶିଖାତରୁ** ***ବି.*** ପିଲିସଜ, ରୁଖା ।
**ଶିଖାଧାରଣ** ***ବି.*** ମୁଣ୍ଡରେ ଚୁଟି ରଖିବା ; ***ବିଂ.*** ଶିଖାଧାରୀ ।
**ଶିଖାମୁଣ୍ଡନ** ***ବି.*** ଲଣ୍ଡା ହେବା ।
**ଶିଖାମୋଚନ** ***ବି.*** ମୁଣ୍ଡର ଚୁଟି ଗଣ୍ଠି ଫିଟାଇବା ।
**ଶିଖାଳି** ***ବିଂ.*** ୧. ଯେ ଶିଖେ ୨. ଯେ ଶିଖାଏ ।
**ଶିଖିବା** ***କ୍ରି.*** ୧. କାହାଠାରୁ କୌଣସି ବିଦ୍ୟା ବା କୁଶଳତା ପାଇବା ୨. ଅଭ୍ୟାସ କରିବା ୩. ଜାଣିବା, ବୁଝିବା ୪. ତାଲିମ୍ ନେବା ୫. ଅଭିଜ୍ଞ ହେବା ୬. ପରାମର୍ଶ ପାଇବା ୭. ବୁଦ୍ଧି ନେବା ।
**ଶିଖିମନେଇ** ***ବି.*** ପର ଶିକ୍ଷାରେ ପଡ଼ି ମନ୍ଦ କାର୍ଯ୍ୟ କରିବା ଲୋକ ।
**ଶିଖୀ** ***ବି.*** ୧. ମୟୂର ୨. କୁକୁଡ଼ା ୩. ନିଆଁ ୪. ପର୍ବତ ୫. ଶର ୬. ବୃକ୍ଷ ୭. ବ୍ରାହ୍ମଣ ।
**ଶିଙ୍ଗ (ଘ)** ***ବି.*** ପଶୁର ମୁଣ୍ଡରେ ଥିବା ମୁନିଆ ଟାଣ ଅଙ୍ଗ ।
**ଶିଙ୍ଗଡ଼ା, ସିଙ୍ଗଡ଼ା** ***ବି.*** ୧. ପାଣିଭିତରର ଲତାରେ ଫଳିବା ତିନିକୋଣିଆ କଣ୍ଟାବହୁଳ ମିଠା ଶସ-ଫଳ ୨. ଆଳୁ ମଟର ଆଦି ପୁର ଦିଆ ତେଲ ଛଣା ତିନିକୋଣିଆ ଜଳଖିଆ ବିଶେଷ, ସମୋସା ।
**ଶିଙ୍ଗତାହାର** ***ବି.*** ଶେଫାଳି, ଗଙ୍ଗଶିଉଳି ଫୁଲ ।
**ଶିଙ୍ଗା** ***ବି.*** ଫୁଙ୍କିବା କାହାଳି, ଶିଙ୍ଗରେ ତିଆରି ମୁଖ ବାଦ୍ୟ ।
**ଶିଙ୍ଗାଣି, ଶିଙ୍ଘାଣି** ***ବି.*** ନାକରୁ ବାହାରୁଥିବା ଶେଷ୍ମାମଳ, ସିଂଗେନ୍ ।
**ଶିଙ୍ଗାର, ସିଂହାର, ଶୃଙ୍ଗାର** ***ବି.*** ରାଜା ଓ ଦେବତାଙ୍କର ବେଶ ରଚନା, ପରିପାଟି ଭରା ସଜ୍ଜା, ଭୂଷଣ ।
**ଶିଙ୍ଗାରି ହେବା** ***କ୍ରି.*** ବିବାଦ ପାଇଁ ଖୁରେଇ ହେବା ବା ଖୁରି ଖାଇବା ।
**ଶିଙ୍ଗାରୀ, ସିଂହାରୀ** ***ବି.*** ବେଶକାରୀ ସେବକ ।
**ଶିଙ୍ଗାଳ** ***ବି. ବିଂ.*** ବଡ଼ ଶିଙ୍ଗ ଥିବା (ପଶୁ) ।
**ଶିଙ୍ଗି** ***ବି.*** ମଧୁରପାଣିର ମାଛବିଶେଷ ।
**ଶିଙ୍ଗିବୁଡ଼ା** ***ବି.*** ପାଣିଭିତରେ ଅଣନିଃଶ୍ୱାସୀ ହୋଇ ବୁଡ଼ିଯିବା ।
**ଶିଙ୍ଗିଶିଙ୍ଗି** ***ବିଂ.*** ରାଗରେ ଗରଗର ।
**ଶିଜୁ [ଝୁ], ସିଝୁ** ***ବି.*** ପତରରେ କ୍ଷୀର ଥିବା ବୁଦା ଗଛ ବିଶେଷ, ଏହାକୁ ବାଡ଼ ଭାବରେ ବ୍ୟବହାର କରାଯାଏ ।
**ଶିଝା** ***ବିଂ.*** ୧. ସିଝା, ପାକ କରାଯାଇଥିବା ୨. ଉତ୍ତାପ ଯୋଗୁଁ ମଉଳି ଯାଇଥିବା ; ***ବି.*** ବିନା ମସଲାର ତରକାରି ।

**ଶିଞ୍ଜନ** *ବି.* ମଧୁର ଧ୍ୱନି, ରୁଣୁଝୁଣୁ ନାଦ ।

**ଶିଞ୍ଜିନୀ** *ବି.* ୧. ଧନୁର ଗୁଣ ୨. ନୂପୁର, ଘୁଙ୍ଗୁର ।

**ଶିଠ** *ବି.* ରାଜାଙ୍କ ଉଆସ ଓ ଖମାରର ତତ୍ତ୍ୱାବଧାରକ କର୍ମଚାରୀ, ଖମାରୀ ।

**ଶିଠ କରଣ** *ବି.* ଶ୍ରୀମନ୍ଦିରର କରଣ ସେବା ବିଶେଷ ।

**ଶିଠା** *ବି.* ୧. ଖଦା, ଖଦଡା ୨. କାଣ୍ଡି, ବର୍ଜନୀୟ ଅଂଶ ୩. ମହଣ ୪. ସାରରସ ନିର୍ଗତ ହେବା ପରେ ଅବ୍ୟବହାର୍ଯ୍ୟ ଅଂଶ ୫. ରସହୀନସ୍ୱାଦ ।

**ଶିଠୁଆ** *ବିଂ.* ସ୍ୱାଦହୀନ, ନୀରସ, ରସହୀନ ।

**ଶିଢ଼ି** *ବି.* ୧. ନିଶୁଣି, ନିଃଶ୍ରେଣୀ ୨. ପାହାଚ ଭଳି ଆରୋହଣୀ ।

**ଶିତ** *ବିଂ.* ୧. ଦାଢୁଆ, ତୀକ୍ଷ୍ଣ ୨. କ୍ଷୀଣ, କୃଶ, ଚେମେଟା ।

**ଶିତାଫଳ** *ବି.* ଆତ ।

**ଶିତୁଳି** *ବିଂ.* ହେମାଳିଆ, ଥଣ୍ଡାଳିଆ ।

**ଶିତୁଳିଆ** *ବି.* ମୁଣ୍ଡରେ ବାରମ୍ବାର ବାହାରୁଥିବା କଷ୍ଟପ୍ରଦ ବ୍ରଣ ।

**ଶିଥିଳ** *ବିଂ.* ୧. ଢ଼ିଲା, ହୁଗୁଳା, ଶ୍ଳଥ ୨. ଅବସନ୍ନ, କ୍ଳାନ୍ତ ୩. ମନ୍ଥର, ଧୀର, ଅଳସ ।

**ଶିଥିଳତା** *ବି.* ଶିଥିଳଭାବ ।

**ଶିପ** *ବି.* ଶାମୁକାର ଦୁଇ ଖୋଳ ।

**ଶିପଚୂନ** *ବି.* ପୋଡ଼ା ଶାମୁକାରୁ ତିଆରି ଚୂନ ।

**ଶିପିବା** *କ୍ରି.* ସେମିଟି ଯିବା, ସଂକୁଚିତ ହେବା ।

**ଶିବ** *ବି.* ୧. ମଙ୍ଗଳ, କଲ୍ୟାଣ, ଶୁଭ ୨. ମହାଦେବ; **ବିଂ.** ଶୁଭଦ, ସୁଖଦ, ରମ୍ୟ ।

**ଶିବ ଚତୁର୍ଦ୍ଦଶୀ** *ବି.* ଫାଲ୍‌ଗୁନ କୃଷ୍ଣ ଚତୁର୍ଦ୍ଦଶୀ ।

**ଶିବତ୍ୱ** *ବି.* ମୋକ୍ଷ, ମୃତ୍ୟୁ ।

**ଶିବପ୍ରିୟ** *ବି.* ବେଲପତ୍ର ।

**ଶିବବାହନ** *ବି.* ବୃଷଭ ।

**ଶିବରାତ୍ରି** *ବି.* ଜାଗର ରାତି ।

**ଶିବଲିଙ୍ଗ** *ବି.* ଲିଙ୍ଗ ପୂଜାର ପ୍ରତୀକ ।

**ଶିବା** *ବି.* ବିଲୁଆ, ଶୃଗାଳ ।

**ଶିବିକା** *ବି.* ସବାରୀ, ପାଲିଙ୍କି, ଡୋଲି, ଦୋଳା ।

**ଶିବିର** *ବି.* ୧. ରାଉଟି, ତମ୍ବୁ ୨. ସାମୟିକ ସେନା ନିବାସ ୩. କୌଣସି ନିର୍ଦ୍ଦିଷ୍ଟ କାମ ପାଇଁ ବହୁ ଲୋକ ସାମୟିକ ବାସ କରୁଥିବା ସ୍ଥାନ ।

**ଶିବିରାର୍ଥୀ** *ବିଂ.* ଅସ୍ଥାୟୀ ଛାଉଣିରେ ରହୁଥିବା ସମର ଶିକ୍ଷାର୍ଥୀବାହିନୀର ସଦସ୍ୟ ଏବଂ ସ୍ୱେଚ୍ଛାସେବୀ ।

**ଶିମ, ଶିମ୍ବ** *ବି.* ୧. ଶିମ୍ବ ଫଳ, ସେମି, ଝଟା ୨. ସେହି ଲତା ।

**ଶିମୁଳି** *ବି.* ଲାଲ ଫୁଲ ଥିବା କଣ୍ଟାଯୁକ୍ତ ବୃକ୍ଷ-ଯାହାର ଫଳ ଶୁଖିଲେ ତୁଳା ବାହାରେ ।

**ଶିମ୍ବି** *ବି.* ବଣୁଆ ମୁଗ ଛୁଇଁ ।

**ଶିୟା, ସିଆ** *ବି.* ମୁସଲମାନ ଧର୍ମର ଶାଖା ବିଶେଷ ।

**ଶିର** *ବି.* ୧. ମୁଣ୍ଡ ୨. ଶିରା (ରକ୍ତବାହୀ) ୩. ଅଗ୍ରଭାଗ, ଶୀର୍ଷ ।

**ଶିର କପଡ଼ା** *ବି.* ଶ୍ରୀମନ୍ଦିରରେ ଠାକୁରମାନଙ୍କ ମସ୍ତକରେ ଲାଗି ହେଉଥିବା ବସ୍ତ୍ର ବିଶେଷ ।

**ଶିରପା** *ବି.* ମର୍ଯ୍ୟାଦା ସୂଚକ ପୁରସ୍କାର ଲବ୍ଧ ପଗଡ଼ି, ପାରିତୋଷିକ ଦାମୀ ଚାଦର ବା ଶାଢ଼ୀ ।

**ଶିର ପେଞ୍ଚ** *ବି.* ଶ୍ରୀମନ୍ଦିରରେ ଠାକୁରଙ୍କ ମସ୍ତକରେ ବ୍ୟବହୃତ ଅଳଙ୍କାର ବିଶେଷ ।

**ଶିରା** *ବି.* ୧. ଦେହର ରକ୍ତବାହୀ ନାଡ଼ି, ଛିର ୨. ରନ୍ଧା ଚିନିର ଦ୍ରବଣ ।

**ଶିରାପ୍ରଶିରା** *ବି.* ଦେହର ବଡ଼ ଛୋଟ ରକ୍ତବାହୀ ନଳି ।

**ଶିରାଳ** *ବିଂ.* ମୋଟ ଶିରା ଯୁକ୍ତ ; **ବି.** କରମଙ୍ଗା ଫଳ ।

**ଶିରିଞ୍ଜ୍‌ସିରିଂଜ୍** *ବି.* ଇଂଜେକସନ୍ ଦେବା ପାଇଁ ଛୁଞ୍ଚି ଓ ନଳୀ ।

**ଶିରିଣି** *ବି.* ସତ୍ୟପୀରଙ୍କ ପ୍ରସାଦ କଦଳୀ ଚକଟା (କ୍ଷୀର-ଚିନି-କଦଳୀ-ଛେନା) ।

**ଶିରିଶିରେଇବା** *କ୍ରି.* ୧. ଦେହରେ ସୀତ୍କାର ସୃଷ୍ଟି ହେବା ୨. ଦେହ ଝିମ୍ ଝିମ୍ ହୋଇଯିବା ।

**ଶିରୀ** *ବି.* ୧. ସୌନ୍ଦର୍ଯ୍ୟ, ରୂପ, ଶୋଭା ୨. ସମ୍ପଦ, ଶ୍ରୀ ।

**ଶିରୀ ଦେଖି ନପାରିବା** *କ୍ରି.* ଅନ୍ୟର ସମ୍ପଦ ବା ସୁଖ ସୌଭାଗ୍ୟ ଦେଖି ଈର୍ଷା କରିବା ବା ଅସହିଷ୍ଣୁ ହେବା ।

**ଶିରୀପାଳିଆ, ଶିରିପାଳିଆ** *ବି.* ଠିଆପାଲାରେ ଗାହାଣଙ୍କର ପ୍ରଧାନ ସହଯୋଗୀ କଳାକାର ।

**ଶିରୀଷ** *ବି.* ଅତି ସୁକୁମାର କୋମଳ ଫୁଲ, ସେହି ଗଛ ବିଶେଷ ।

**ଶିରୋଧାର୍ଯ୍ୟ** *ବି.* ବିନା ପ୍ରତିବାଦରେ ଆଦେଶ ପାଳନ; **ବିଂ.** ଅବଶ୍ୟ କରଣୀୟ ।

**ଶିରୋନାମ(ମା)** *ବି.* ୧. ଠିକଣା ୨. ପତ୍ର ଉପରେ ଲିଖିତ ଗ୍ରାହକର ନାମ ଧାମ ଆଦି ବିସ୍ତୃତ ପରିଚୟ (ଶିର ଭୂଷଣ) ୩. ଲେଖା ବା ରଚନାର ଶୀର୍ଷକ ।

**ଶିରୋଭୂଷଣ, ଶିରୋଭୂଷା** *ବି.* ମୁଣ୍ଡରେ ପିନ୍ଧୁଥିବା ଅଳଙ୍କାର ।

**ଶିରୋମଣି** *ବି.* ୧. ମସ୍ତକରେ ପିନ୍ଧାଯାଉଥିବା ମୂଲ୍ୟବାନ ପଥର ବା ମଣି ୨. ପଣ୍ଡିତମାନଙ୍କୁ ପ୍ରଦତ୍ତ ଉପାୟନ ୩. ଶ୍ରେଷ୍ଠ ବ୍ୟକ୍ତି ।

**ଶିଳ** *ବି.* ୧. ପଥରଖଣ୍ଡ, ପଥର, ଶିଳା ୨. ବାଟିବାର ଆଧାର ପଥର ।

**ଶିଳପୁଆ** *ବି.* ବାଟିବା ପାଇଁ ବ୍ୟବହୃତ ଗୋଲାକାର ଲମ୍ବା ପଥର ।

**ଶିଳା** *ବି.* ୧. ପଥର, ପଥର ଖଣ୍ଡ ୨. କୁଆପଥର ୩. ଏରୁଣ୍ଡି ବନ୍ଧ ୪. କର୍ପୂର ।

**ଶିଳାଗୃହ** *ବି.* ୧. ପଥର ଘର ୨. ବନ୍ଦୀଶାଳ ।

**ଶିଳାଲିପି, ଶିଳାଲେଖା** *ବି.* ପଥରରେ ଖୋଦିତ ଲେଖା ।

**ଶିଳାଲେଖ** *ବି.* ସ୍ଥାୟୀ ସୂଚନା ପାଇଁ ପଥର ଦେହରେ ଲିଖିତ ଅନୁଦେଶ ଆଦି ।

**ଶିଳ୍ପ** *ବି.* ୧. କାରୁକର୍ମ, କାରିଗରୀ, କାରୁକଳା, ଦ୍ରବ୍ୟ ନିର୍ମାଣ ଚାତୁରୀ ୨. କଳକାରଖାନା, ହୋଟେଲ, ସିନେମା ପ୍ରଯୋଜନା ପ୍ରଭୃତି ବ୍ୟବସାୟିକ କର୍ମ ।

**ଶିଳ୍ପକଳା** *ବି.* ସୃଜନାତ୍ମକ ଶିଳ୍ପ ବିଦ୍ୟା, ମୂର୍ତ୍ତି ତିଆରି ବିଦ୍ୟା ।

**ଶିଳ୍ପକେନ୍ଦ୍ର** *ବି.* ୧. ଯାନ୍ତ୍ରିକ ଉପାୟରେ ଜିନିଷପତ୍ର ତିଆରି ହେଉଥିବା ସ୍ଥାନ ୨. ଯେଉଁ ଅଞ୍ଚଳରେ ଅନେକ କଳକାରଖାନା ଥାଏ ।

**ଶିଳ୍ପଚାତୁରୀ** *ବି.* ମୂର୍ତ୍ତି, ମନ୍ଦିର ଆଦି ଗଢ଼ଣର କଳାକାରିଗରି ।

**ଶିଳ୍ପପତି** *ବି.* କଳକାରଖାନା ମାଲିକ ।

**ଶିଳ୍ପବିଦ୍ୟା** *ବି.* ଯନ୍ତ୍ର, ଅଳଙ୍କାର, ଆଦିର ନିର୍ମାଣ ଓ ଅଙ୍କନ କୁଶଳତା ବା କୌଶଳ ।

**ଶିଳ୍ପଶାଳା** *ବି.* ୧. ମୂର୍ତ୍ତି ଗଢ଼ଣ ଓ ପ୍ରଦର୍ଶନ ଗୃହ ୨. କାରଖାନା ।

**ଶିଳ୍ପଶାସ୍ତ୍ର** *ବି.* ମନ୍ଦିର, ପ୍ରସାଦ, ଗୃହ, ମୂର୍ତ୍ତି ପ୍ରଭୃତିର ଗଢ଼ଣ ତତ୍ତ୍ୱ ଲିଖିତ ଗ୍ରନ୍ଥ ।

**ଶିଳ୍ପାୟନ** *ବି.* କଳକାରଖାନା ପ୍ରତିଷ୍ଠା ବା ସ୍ଥାପନା ।

**ଶିଳ୍ପୀ** *ବି.* ୧. କାରିଗର ୨. କଳାକାର ୩. ସ୍ଥପତି, ଭାସ୍କର, ଚିତ୍ରକର, ଅଭିନେତା, ଗାୟକ ଆଦି ପର୍ଯ୍ୟାୟଭୁକ୍ତ କୁଶଳୀ ବ୍ୟକ୍ତି ।

**ଶିଳ୍ପୋଦ୍ୟୋଗୀ** *ବିଂ.* ଶିଳ୍ପ ପ୍ରତିଷ୍ଠା ପାଇଁ ଉଦ୍ୟମୀ ।

**ଶିଶି** *ବି.* କାଚରେ ତିଆରି ଛୋଟ ବୋତଲ ।

**ଶିଶିର** *ବି.* କାକର ବୁନ୍ଦା, ହିମ ।

**ଶିଶୁ** *ବି.* ୧. ଛୁଆ, ପିଲା, ସାନ ପିଲା ୨. ଶିଂଶପା ବୃକ୍ଷ ୩. ଶିଶୁ ଗଛ ଓ ତାହାର କାଠ ।

**ଶିଶୁ ଗଛ** *ବି.* କଳା ମଞ୍ଜ ଥିବା ଟାଣ କାଠର ଗଛ – ଯାହା ଦାମୀ ଆସବାବପତ୍ର ଗଢ଼ଣରେ ମୁଖ୍ୟତଃ ବ୍ୟବହୃତ ହୋଇଥାଏ ।

**ଶିଶୁତ୍ୱ** *ବି.* ପିଲାଳିଆ ଆଚରଣ ।

**ଶିଶୁପାଳ** *ବିଂ. ବି.* ବିଫଳ ମନୋରଥ, ଭାଣ୍ଡିଆ, ଅପମାନିତ ।

**ଶିଶୁମାର** *ବି.* ମାଠାରୁ ଦୁଧ ଖାଉଥିବା ମାଛଜାତୀୟ ଜୀବ ।

**ଶିଶୁ ସାହିତ୍ୟ** *ବି.* ପିଲାମାନଙ୍କ ପାଇଁ ଅଥବା ପିଲାମାନଙ୍କ ଦ୍ୱାରା ଲିଖିତ ସାହିତ୍ୟ ।

**ଶିଶୁସୁଲଭ** *ବିଂ.* ପିଲାଳିଆ ।

**ଶିଶ୍ନ** *ବି.* ପୁରୁଷର ଲିଙ୍ଗ, ପୁଂ ଜନନେନ୍ଦ୍ରିୟ ।

**ଶିଷ୍ଟ** *ବିଂ.* ୧. ଭଦ୍ର, ସୁବୋଧ, ନମ୍ର, ମାର୍ଜିତ ୨. ନୀତିମାନ, ସୁଶୀଳ ୩. ବାକି (ଅବଶିଷ୍ଟ); *ବିଂ.* ମନ୍ତ୍ରୀ, ସର୍ଦ୍ଦାର ।

**ଶିଷ୍ଟ ଆଚାର, ଶିଷ୍ଟାଚାର** *ବି.* ଭଦ୍ର ଓ ଶାଳୀନ ବ୍ୟବହାର, ଭଦ୍ର ବା ମାର୍ଜିତ ଆଚରଣ ।

**ଶିଷ୍ଟପ୍ରୟୋଗ** *ବି.* ପଣ୍ଡିତ ବା ବିଦ୍ୱାନ୍‌ମାନଙ୍କଦ୍ୱାରା ଶବ୍ଦର ଯଥାର୍ଥ ଓ ମାର୍ଜିତ ପ୍ରୟୋଗ ।

**ଶିଷ୍ୟ** *ବି.* ୧. ଶିକ୍ଷାଦୀକ୍ଷା ଗ୍ରହଣକାରୀ ୨. ଆଜ୍ଞାପାଳନକାରୀ ୩. ଛାତ୍ର ।

**ଶିଷ୍ୟତ୍ୱ** *ବି.* ଶିକ୍ଷାର୍ଥୀ ଅବସ୍ଥା ।

**ଶିସ୍ତ,ସିସ୍ତ** *ବି.* ୧. ଖଜଣା ୨. ଜୋରିମାନା ।

**ଶିହରଣ** *ବି.* ବେପଥୁ, କମ୍ପନ, ରୋମ ଟାଙ୍କୁରି ଉଠିବା ।

**ଶିହରିବା** *କ୍ରି.* ଭୟ, ପ୍ରେମ, ଉଦ୍‌ବେଗ ଆଦି ଯୋଗୁଁ ଦେହରେ ରୋମାଞ୍ଚ ସୃଷ୍ଟି ହେବା ୨. ଦେହ ଶିରିଶିରେଇ ଉଠିବା ।

**ଶିକ୍ଷକ** *ବି.* ଶିକ୍ଷାଦାତା, ତାଲିମଦାତା, *ସ୍ତ୍ରୀ.* ଶିକ୍ଷୟିତ୍ରୀ ।

**ଶିକ୍ଷଣ** *ବି.* ଶିକ୍ଷା ଗ୍ରହଣ, ଅଧ୍ୟୟନ, ବିଦ୍ୟାଭ୍ୟାସ, ଶିକ୍ଷାଦାନ, ଅଧ୍ୟାପନ ।

**ଶିକ୍ଷଣୀୟ** *ବିଂ.* ଶିଖିବାର ଯୋଗ୍ୟ ।

**ଶିକ୍ଷୟିତା** *ବି.ବିଂ.* ଶିକ୍ଷକ ।

**ଶିକ୍ଷା** *ବି.* ୧. ଅଭ୍ୟାସ-ଚର୍ଚ୍ଚା-ଆଲୋଚନାଦ୍ୱାରା ବୋଧ ଓ ଅଧ୍ୟୟନ ୨. ଜ୍ଞାନାର୍ଜନ ୩. ଦଣ୍ଡ, ଶାସ୍ତି ୪. ଶବ୍ଦାର୍ଥ ବିଦ୍ୟା, ଉଚ୍ଚାରଣ ବିଦ୍ୟା ।

**ଶିକ୍ଷାଦୀକ୍ଷା** *ବି.* ବିଦ୍ୟାଗ୍ରହଣ ଓ ନିର୍ଦ୍ଦେଶ ଲାଭ, ଜ୍ଞାନାର୍ଜନ, ଶାସ୍ତ୍ରାଧ୍ୟୟନ ଓ ମନ୍ତ୍ରଗ୍ରହଣ ।

**ଶିକ୍ଷାନବିସ୍** *ବି.* ଶିକ୍ଷାର୍ଥୀ, ତାଲିମ ପାଉଥିବା ବ୍ୟକ୍ତି ।

**ଶିକ୍ଷା ପଦ୍ଧତି** *ବି.* ୧. ପାଠ ପଢ଼ିବା ବା ପଢ଼ାଇବା କାଇଦା ୨. ଆଚରିତ ଶିକ୍ଷା ପ୍ରଣାଳୀ ।

**ଶିକ୍ଷାପ୍ରଦ** *ବିଂ.* ଯହିଁରୁ ଜ୍ଞାନମିଳେ, ଶିକ୍ଷାଦାୟକ, ନୀତିମୂଳକ ।

**ଶିକ୍ଷାବିତ୍** *ବି.* ଶିକ୍ଷାଦାନ ବିଷୟ ଓ ପଦ୍ଧତିରେ ଅଭିଜ୍ଞ ।

**ଶିକ୍ଷାମନ୍ଦିର** *ବି.* ବିଦ୍ୟାଳୟ, ଚାଟଶାଳୀ ।

**ଶିକ୍ଷିତ** *ବିଂ.* ୧. ପାଠୁଆ, ଶିକ୍ଷାପ୍ରାପ୍ତ ୨. ଜ୍ଞାନୀ ।

**ଶୀକର** *ବି.* ବାୟୁରେ ଜଳକଣା ମିଶ୍ରିତ ପ୍ରବାହ ।

**ଶୀଘ୍ର** *କ୍ରି.ବିଂ.* ଯଥାଶୀଘ୍ର, ଅବିଳମ୍ବେ, ବେଗି, ବିଳମ୍ବ ନକରି, ତୁରନ୍ତ, ବେଗି ; *ବିଂ.* ଦ୍ରୁତ, କ୍ଷିପ୍ର ।

**ଶୀତ** *ବି.* ଥଣ୍ଡା, ଜାଡ଼, ଥଣ୍ଡାବୋଧ, ଜାଡୁଆ ।

**ଶୀତ ଋତୁ, ଶୀତକାଳ** *ବି.* ପୌଷ ଓ ମାଘ ମାସ ।

**ଶୀତକଟିବନ୍ଧ** *ବି.* ଭୂମଣ୍ଡଳର ଦୁଇ ମେରୁ ସନ୍ନିହିତ ବରଫାବୃତ ଭୂମି ଭାଗ ।

**ଶୀତକାଳୀନ** *ବିଂ.* ଶୀତ ଦିନିଆ, ଶୀତ ଋତୁରେ ସଂଘଟିତ । ।

**ଶୀତତାପନିୟନ୍ତ୍ରିତ** *ବିଂ.* ଯନ୍ତ୍ର ସାହାଯ୍ୟରେ ଉତ୍ତାପ ନିୟନ୍ତ୍ରିତ, ଏୟାରକଣ୍ଡିସନ୍‌ଡ୍ ।

**ଶୀତପୋଷାକ** *ବି.* ଗରମ ପୋଷାକ, ଥଣ୍ଡା ନିବାରକ ସ୍ୱେଟର ଆଦି ।

**ଶୀତପ୍ରଧାନ** *ବି.ବିଂ.* ବିଶେଷତଃ ଥଣ୍ଡା ରହୁ ଥିବା ଅଞ୍ଚଳ ।

**ଶୀତଳ** *ବିଂ.* ୧. ଥଣ୍ଡା, କାଲୁଆ ୨. ଅନ୍ତ୍ୟେଷ୍ଟି କ୍ରିୟାରେ ତୁଷ୍ଟି ଭୋଜନ ।

**ଶୀତଳତା** *ବିଂ.* ୧. ଥଣ୍ଡାଗୁଣ ୨. ଜଡ଼ତା, ସ୍ଥାଣୁତା ।

**ଶୀତଳପଟି** *ବି.* ବେଣାଚେର, ବେରୁଆ ଅଥବା ବେତ ପାତିଆରେ ତିଆରି ନରମ ମଶିଣା ।

**ଶୀତଳଭଣ୍ଡାର** *ବି.* କଞ୍ଚା ପରିବା ଓ ଆମିଷାଦି ଅଧିକ କାଳ ସତେଜ ରଖିବା ପାଇଁ ନିମ୍ନ ତାପମାନ ଥିବା ଘର ।

**ଶୀତଳଭୋଗ** *ବି.* ୧. ସକାଳ ଓ ସଞ୍ଜରେ ଦେବତାଙ୍କୁ ଲାଗି କରାଯାଇଥିବା ଶୁଖିଲା ଭୋଗ, ଶୁଖିଲା ଖାଦ୍ୟ ସାମଗ୍ରୀ ୨. ଶ୍ରୀମନ୍ଦିରରେ ଶୀତଳ ମଣୋହି- ନିସଂଖୁଡ଼ି ବା ଅରନ୍ଧା ଫଳ ଆଦି ଭୋଗ ଦ୍ରବ୍ୟ ।

**ଶୀତଳଷଷ୍ଠୀ** *ବି.* ଜ୍ୟେଷ୍ଠ ମାସର ଶୁକ୍ଳ ପକ୍ଷ ଷଷ୍ଠୀ ତିଥି, ଶିବ ପାର୍ବତୀଙ୍କ ବିବାହ ଉତ୍ସବ ।

**ଶୀତଳା** *ବିଂ.* ଥଣ୍ଡା କରାଯାଇଥିବା ।

**ଶୀତଳାଇବା** *କ୍ରି.* ୧. ଥଣ୍ଡା କରିବା ୨. ଶାନ୍ତ କରିବା ।

**ଶୀତଳୀକରଣ** *ବି.* ଶୀତଳ ଭଣ୍ଡାରରେ ଖାଦ୍ୟାଦି ଥଣ୍ଡା ରଖିବାର ପ୍ରକ୍ରିୟା ।

**ଶୀତଳୀଭବନ** *କ୍ରି.ବି.* ପାଣିକୁ ବରଫ କରିବା ପ୍ରକ୍ରିୟା ।

**ଶୀତୁଳିଆ** *ବିଂ.* ଅଳ୍ପ ଥଣ୍ଡା ।

**ଶୀତୁଳି ପଡ଼ିବା** *କ୍ରିଂ.* ୧. ଉଦ୍‌ବେଗ କମିଯିବା ୨. ରାଗ ଶାନ୍ତ ହେବା ୩. ଥଣ୍ଡା ପାଗ ହେବା ।

**ଶୀତୁଳିବା** *କ୍ରି.* ୧. ଥଣ୍ଡା କରିବା ୨. ଶାନ୍ତ କରିବା ।

**ଶୀର୍ଣ୍ଣ** *ବିଂ.* ୧. ପତଳା, କ୍ଷୀଣ ୨. ରୋଗିଣା ୩. ଶୁଖା ୪. କୃଶ ।

**ଶୀର୍ଷ** *ବିଂ.* ୧. ଉପରି ଭାଗ ୨. ଉଚ୍ଚ ସ୍ଥାନ ୩. ମସ୍ତକ ୪. ଚୂଡ଼ା ।

**ଶୀର୍ଷକ** *ବି.* ୧. ଶିରୋନାମା ୨. ଖପୁରି ୩. ପଗଡ଼ି ।

**ଶୀର୍ଷବିନ୍ଦୁ** *ବି.* ଚୂଡ଼ା, ଶିଖର, ସବା ଉପର, ତୀଖର ଅଗ୍ରଭାଗ ।

**ଶୀର୍ଷସ୍ଥାନୀୟ** *ବିଂ.* ୧. ସବା ଉପରେ ଥିବା ୨. ସର୍ବ ପ୍ରଧାନ ୩. ମୁଖ୍ୟ ।

**ଶୀଳ** *ବି.* ସ୍ୱଭାବ, ଚରିତ୍ର, ଆଚାର, ଆଚରଣ, ରୀତିନୀତି, ସମ୍ଭ୍ରମ, ମର୍ଯ୍ୟାଦା ।

**ଶୀଳନ** *ବି.* ଅଭ୍ୟାସ, ଆଲୋଚନା, ବ୍ୟାଖ୍ୟାନ ।

**ଶୁଆ** *ବି.* ୧. ଶୁକ ପକ୍ଷୀ ୨. ଶୋଇବା, ନିଦ ।

**ଶୁଆପଖିଆ** *ବିଂ.* ଶୁଆ ପକ୍ଷର ରଙ୍ଗ ପରି ଶାଗୁଆ ।

**ଶୁଆସିଆ** *ବିଂ.* ଶ୍ୱାସ ରୋଗରେ ଆକ୍ରାନ୍ତ ।

**ଶୁକ୍‌ତାରା** *ବି.* ଶୁକ୍ରଗ୍ରହ, ସୂର୍ଯ୍ୟୋଦୟ ପୂର୍ବ ଆକାଶରେ ଓ ସୂର୍ଯ୍ୟାସ୍ତ ପରେ ପଶ୍ଚିମ ଆକାଶରେ କିଛି ମାସ ଧରି ଦେଖା ଦେଇଥିବା ଫୁକିଆ ତରା, ପାହାନ୍ତିଆ ତରା, ଶୁକଲ୍ ତରା ।

**ଶୁକ୍‌ତି** *ବି.* ଓଦା ଧାନ କିଣି ଜମା ରଖିବା ପରେ ତାହା ଶୁଖିଯାଇ ଓଜନ କମିବା ।

**ଶୁକଧାନ, ଶୁକଧାନୀ** *ବିଂ.* ଶିଙ୍ଗଥିବା ଶସ୍ୟ ଯଥା – ଯଅ, ଗହମ ଓ କେତେକ ଦେଶୀଧାନ ।

**ଶୁକା** *ବି.* ଟେଳା, ଟେକା ।

**ଶୁକିଟି** *ବି.* ଶୁଖିଲା ଗୁହ ।

**ଶୁକୁଟା** *ବିଂ.* ୧. ସେମେଟା ୨. ପୁଷ୍ଟିହୀନ ୩. କ୍ଷୀଣ ୪. ଦୁର୍ବଳ ଶରୀରଧାରୀ ୫. ଶୀର୍ଣ୍ଣ ।

**ଶୁକୁଟିବା** *କ୍ରି.* ସେମିଟିଯିବା, ଶୁଖିଯିବା, ଶସହୀନ ହୋଇଯିବା ।

**ଶୁକୁଟୀ** *ବିଂ.* ୧. କାମ୍ପୀ ୨. ସେମେଟୀ ୩. ରସହୀନ ।

**ଶୁକୁଲି ମହାପ୍ରସାଦ** *ବି.* ଶ୍ରୀଜଗନ୍ନାଥଙ୍କ ଶୁଖିଲା ଭୋଗ ।

**ଶୁକୁ ଶୁକୁ** *ବିଂ.* କଣ୍ଠାଗତ ପ୍ରାଣ, ମୁମୂର୍ଷୁ ।

**ଶୁକ୍ତି** *ବି.* ଶାମୁକା, ଗେଣ୍ଡା, ଶଙ୍ଖ ଆଦି ଜଳଚର ଜୀବ ।

**ଶୁକ୍ର** *ବି.* ୧. ବୀର୍ଯ୍ୟ ୨. ଶୁକ୍ର ଗ୍ରହ ୩. ଦୈତ୍ୟ ଗୁରୁ, ଭାର୍ଗବ ୪. ସପ୍ତାହର ବାର ବିଶେଷ; *ବିଂ.* ସଫା, ପରିଷ୍କୃତ ।

**ଶୁକ୍ରକୀଟ** *ବି.* ପୁରୁଷର ଶୁକ୍ରବୀଜ ।

**ଶୁକ୍ରଦୋଷ** *ବି.* ୧. ଜ୍ୟୋତିଷଶାସ୍ତ୍ର ଅନୁସାରେ କୌଣସି ବ୍ୟକ୍ତିର ଜନ୍ମକୁଣ୍ଡଳୀରେ ଥିବା ଶୁକ୍ର ଗ୍ରହର ଅଶୁଭ ଦୃଷ୍ଟି ୨. ଅସ୍ୱାଭାବିକ ବୀର୍ଯ୍ୟ ବା ରେତ ସ୍ଖଳନ ।

**ଶୁକ୍ରବାର** *ବି.* ସୋମବାରରୁ ଆରମ୍ଭ ହେଉଥିବା ସପ୍ତାହର ପଞ୍ଚମ ଦିବସ ।

**ଶୁକ୍ରାଚାର୍ଯ୍ୟ** *ବି.* ଅସୁରମାନଙ୍କର ଗୁରୁ ।

**ଶୁକ୍ଳ** *ବିଂ.* ୧. ଧଳା ୨. ସଫେଦ୍ ୩. ନିର୍ମଳ ୪. ପବିତ୍ର ।

**ଶୁକ୍ଳ ତିଥି** *ବି.* ଅମାବାସ୍ୟା ତିଥି ପର ପ୍ରତିପଦ ଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ପନ୍ଦରଟି ତିଥି ।

**ଶୁକ୍ଳପକ୍ଷ** *ବି.* ଜହ୍ନପକ୍ଷ, ଚନ୍ଦ୍ରକଳାର ବୃଦ୍ଧି ପକ୍ଷ ପନ୍ଦର ଦିନ ।

**ଶୁଖା** *ବିଂ.* ରସହୀନ, ଶୁଷ୍କ; *ବି.* ୧. ଶୁଷ୍କ କରିବା କାମ ୨. ମରୁଡ଼ି ।

**ଶୁଖାରୁଖା** *ବିଂ.* ଶୁଖା ଓ ରୁକ୍ଷ ।

**ଶୁଖିଲା** *ବିଂ.* ୧. ପାଣି ନଥିବା ୨. ରସ ନଥିବା ୩. ଶୁଖା, ଶୁଷ୍କ ୪. ଉତ୍ସାହ ହୀନ ।

**ଶୁଖିଲା ସୋହାଗ** *ବି.* ମିଛ ଭଲ ପାଇବା, ଛଳପ୍ରୀତି, ଆନ୍ତରିକତାହୀନ ପ୍ରେମ, ବାହାର ଦେଖାଣିଆ ସ୍ନେହ ।

**ଶୁଖୁଆ** *ବି.* ଲୁଣଯୁକ୍ତ ବା ବିନା ଲୁଣରେ ପ୍ରସ୍ତୁତ ଶୁଖିଲା ମାଛ ।

**ଶୁଙ୍କ** *ବି.* ଗହମ ଓ ବାଲୁଙ୍ଗା ଧାନର ଅଗରୁ ବାହାରି ଥିବା ସରୁ ଟାଣ ଆଁଶୁ, ସିଁସା ।

**ଶୁଙ୍ଘିବା** *କ୍ରି.* ଆଘ୍ରାଣ କରିବା, ଶ୍ୱାସରେ ଗନ୍ଧ ବାରିବା ।

**ଶୁଚି** *ବିଂ.* ୧. ପବିତ୍ର ୨. ଶୁଦ୍ଧ, ନିର୍ମଳ ୩. ନିର୍ଦ୍ଦୋଷ ୪. ଧଳା, ଶୁଭ୍ର ; *ବି.* ଶୁଦ୍ଧତା ।

**ଶୁଚିବାଇରୋଗ** *ବି.* ୧. ଛୁଆଁତି ରୋଗ ୨. ଉଦ୍‌ଭଟ ପବିତ୍ରତା ବୋଧ ।

**ଶୁଣାକଥା** *ବି.* ଗୁଜବ, ଲୋକମୁଖରେ ପ୍ରଚାରିତ କଥା ।

**ଶୁଣାଣି** *ବି.* ନ୍ୟାୟାଳୟରେ ବାଦୀ ପ୍ରତିବାଦୀମାନଙ୍କର ବକ୍ତବ୍ୟ ।

**ଶୁଣ୍ଠ** *ବିଂ.* କୃପଣ ।

**ଶୁଣ୍ଠା** *ବି.* ୧. ଶୁଖିଲା ମାଂସ ୨. ପରିବା ଶୋଲା ୩. ଶୁଖିଲା ବେଲ; *ବିଂ.* ୧. କାମ୍ପି, ଚିପା, କୃପଣ ୨. ଶୁଖିଲା, ଶୋଲା (ପରିବା) ।

**ଶୁଣ୍ଠି** *ବି.* ଶୁଖିଲା ଅଦା ।

**ଶୁଣ୍ଡା** *ବି.* ୧. ଲତାର ଶାଖା ଉପଶାଖା ୨. ବେଶ୍ୟା, କୁଟୁଣୀ ।

**ଶୁଣ୍ଢ** *ବି.* ୧. ଥୋଡ ପାହାର ୨. ମଶା ଓ ଡାଆଁଶଙ୍କ ରକ୍ତ ଶୋଷିବା ନଳୀ ।

**ଶୁଣ୍ଠି ପିଣ୍ଡା ହେବା** *କ୍ରି.* ବେଇଜତ ହେବା, ମାନ ହରେଇବା, ଲୋକହସା ହେବା ।

**ଶୁଣ୍ଡୀ** *ବି.* ମଦ୍ୟ ପ୍ରସ୍ତୁତକାରୀ ଓ ମଦ ବିକାଳି ଗୋଷ୍ଠୀ ।

**ଶୁଦ୍ଧ** *ବିଂ.* ୧. ପବିତ୍ର, ନିର୍ମଳ ୨. ଅମିଶା, ସ୍ୱଚ୍ଛ ୩. ଖାଣ୍ଟି ।

**ଶୁଦ୍ଧ ଅଶୁଦ୍ଧ** *ବିଂ.* ଭଲ ମନ୍ଦ, ସଦୋଷ ବା ନିର୍ଦ୍ଦୋଷ ।

**ଶୁଦ୍ଧଚାରୀ** *ବିଂ.* ଯେଉଁ ବ୍ୟକ୍ତି ନିଜକୁ ଶୁଦ୍ଧ ଓ ପବିତ୍ର ମନେକରି ଅନ୍ୟମାନଙ୍କ ସ୍ପର୍ଶ ଓ ସଂକ୍ରମଣରୁ ସୁରକ୍ଷିତ ରଖିବା ପାଇଁ ସବୁ ସମୟରେ ପରିଷ୍କାର ଓ ପରିଚ୍ଛନ୍ନତା ଉପରେ ଗୁରୁତ୍ୱ ଦେଉଥାଏ, ଶୁଚିବାୟୁଗ୍ରସ୍ତ ।

**ଶୁଦ୍ଧମତି** *ବିଂ.* ଖୋଲା ଅନ୍ତଃକରଣ, ପବିତ୍ରମନା, ସାଧୁ ଚରିତ୍ର ସମ୍ପନ୍ନ ।

**ଶୁଦ୍ଧଶ୍ରାଦ୍ଧ** *ବି.* ଅନ୍ତ୍ୟେଷ୍ଟି କ୍ରିୟାରେ ପିଣ୍ଡ ଦାନ ।

**ଶୁଦ୍ଧସ୍ନାନ** *ବି.* ୧. ନୁଖୁରା ଗାଧୁଆ ୨. ଋତୁମତୀ ନାରୀର ଶେଷ ସ୍ନାନ ।

**ଶୁଦ୍ଧି** *ବି.* ୧. ପରିଷ୍କରଣ ୨. ସଂସ୍କାର ୩. ପ୍ରାୟଶ୍ଚିତ ।

**ଶୁଦ୍ଧିକରଣ** *ବି.* ୧. ପରିଷ୍କରଣ ୨. ନିର୍ମଳ କରିବା ୩. ଭ୍ରମ ସଂଶୋଧନ ।

**ଶୁଦ୍ଧିକ୍ରିୟା** *ବି.* ହିନ୍ଦୁ ପରିବାରରେ ମୃତ ବ୍ୟକ୍ତି ପାଇଁ ଦଶଦିନ ପର୍ଯ୍ୟନ୍ତ ଅଶୌଚପାଳନ ଓ ଦଶାହ କର୍ମ ।

**ଶୁଦ୍ଧିଘର** *ବି.* ଜ୍ଞାତି ଓ କୁଟୁମ୍ବମାନଙ୍କର ଶୁଦ୍ଧି କ୍ରିୟାରେ ଯୋଗଦାନ ।

**ଶୁଦ୍ଧିପତ୍ର** *ବି.* ଛାପା ବହିର ତ୍ରୁଟି ବା ଅଶୁଦ୍ଧିଗୁଡ଼ିକର ସଂଶୋଧନ ପତ୍ର ।

**ଶୁଧାର, ସୁଧାର** *ବିଂ.* ୧. କଥା ମାନୁଥିବା, ଶାନ୍ତଶିଷ୍ଟ ୨. ଭଲ ।

**ଶୁଧାରିବା, ସୁଧାରିବା** *କ୍ରି.* ୧. ସମସ୍ୟା ସମାଧାନ କରିବା ୨. ସଂଶୋଧନ କରିବା ୩. ସଜାଡ଼ିବା ୪. ଭଲ ବାଟକୁ ଆଣିବା ।

**ଶୁଧୁରିବା, ସୁଧୁରିବା** *କ୍ରି.* ଭୁଲ ଭଟକାରୁ ମୁକୁଳି ଆସିବା, ଭଲ ବାଟକୁ ଆସିବା, ଭଲ ହୋଇଯିବା ।

**ଶୁନ** *ବି.* କୁକୁର, ଶ୍ୱାନ ।

**ଶୁନାଶୀର,ସୁନାସୀର** *ବି.* ୧. ଦେବତାମାନଙ୍କର ରାଜା, ଇନ୍ଦ୍ର ୨. ପେଚା ।

**ଶୁନି** *ବି.* କୁକୁରୀ, ମାଇ କୁକୁର ।

**ଶୁଭ** *ବିଂ.ବି.* ୧. ମଙ୍ଗଳ ୨. ଶିବ ୩. କଲ୍ୟାଣ ୪. ସୌଭାଗ୍ୟ ।

**ଶୁଭ ଅଶୁଭ** *ବିଂ.* ଭଲ ମନ୍ଦ, ହିତାହିତ ଅବସ୍ଥା ।

**ଶୁଭ ଆଶିଷ** *ବି.* ଶୁଭାଶିଷ, ଆଶୀର୍ବାଦ ।

**ଶୁଭକର, ଶୁଭଙ୍କର** *ବିଂ.* ମଙ୍ଗଳକାରୀ, ଭଲ ବା ଉତ୍ତମ ଫଳ ଦେଉଥିବା ।

**ଶୁଭକାମ** *ବିଂ.* ମଙ୍ଗଳ ଇଚ୍ଛା କରୁଥିବା, ଶୁଭେଚ୍ଛୁ ।

**ଶୁଭକାମନା** *ବି.* ମଙ୍ଗଳ ମନାସ, ଶୁଭେଚ୍ଛା ।

**ଶୁଭକାମୀ** *ବିଂ.* ଆଶୀର୍ବାଦଦାତା, ମଙ୍ଗଳ ପାଞ୍ଚୁଥିବା ।

**ଶୁଭଖବର** *ବି.* ସୁସମ୍ବାଦ, ଭଲ ଖବର ।

**ଶୁଭଚିନ୍ତକ** *ବି.ବିଂ.* ମଙ୍ଗଳ ପାଞ୍ଚୁଥିବା, ହିତକାରୀ ।

**ଶୁଭଦ** *ବିଂ.* ମଙ୍ଗଳଦାୟକ, ସୁଖ ଦେଉଥିବା ।

**ଶୁଭଦୃଷ୍ଟି** *ବି.* ୧. ମଙ୍ଗଳ କାମନା, ସୁନଜର ୨. କଲ୍ୟାଣ, ଶୁଭ ମନାସ ୩. ବିବାହ କାଳରେ ବରକନ୍ୟାଙ୍କର ଦୃଷ୍ଟି ।

**ଶୁଭଯୋଗ** *ବି.* ୧. ଭଲ ବେଳ ୨. ସୁଯୋଗ ୩. ଅନୁକୂଳ କ୍ଷଣ ।

**ଶୁଭ ଶୁକ୍ରବାର** *ବି.* ଯୀଶୁଙ୍କୁ କ୍ରୁଶବିଦ୍ଧ କରାଯାଇଥିବା ଦିନ, ଗୁଡ୍ ଫ୍ରାଇଡେ ।

**ଶୁଭ ଲକ୍ଷଣ** *ବି.* ମଙ୍ଗଳ ସୂଚକ ଚିହ୍ନ ବା ସଂକେତ, ସୁଲକ୍ଷଣ ।

**ଶୁଭଲଗ୍ନ** *ବି.* ଭଲ ବେଳ, ମଙ୍ଗଳ କାର୍ଯ୍ୟ ସମ୍ପାଦନ କରିବାର ସମୟ ।

**ଶୁଭାକାଂ(ଙ୍)କ୍ଷୀ** *ବିଂ.* ହିତାକାଂକ୍ଷୀ, ମଙ୍ଗଳ କାମନା କରୁଥିବା ।

**ଶୁଭାଶୁଭ** *ବି.* ଭଲମନ୍ଦ, ସୁଖଦୁଃଖ ।

**ଶୁଭିବା** *କ୍ରି.* ଶୁଣାଯିବା, କର୍ଣ୍ଣଗୋଚର ହେବା ।

**ଶୁଭେଚ୍ଛା** *ବି.* ଶୁଭ କାମନା, ଶୁଭଚିନ୍ତା ।

**ଶୁଭେଚ୍ଛୁ** *ବିଂ.* ଯେ କାହାରି ଭଲ ମନାସେ, ଶୁଭଚିନ୍ତକ ।

**ଶୁଭ୍ର** *ବିଂ.* ୧. ଧଳା, ଶ୍ୱେତ, ଧବଳ, ଶୁକ୍ଳ ୨. ଗୋରା ୩. ପବିତ୍ର ; *ବି.* ୧. ଧଳାବର୍ଣ୍ଣ ୨. ରୁପା ୩. ଅଭ୍ରକ ୪. ଚନ୍ଦନ ।

**ଶୁରୁକୁଟା** *ବିଂ.* ଶୁକୁଟା, ଦୁର୍ବଳିଆ, ଶୀର୍ଣ୍ଣ, କ୍ଷୀଣକାୟ ।

**ଶୁରୁକୁଟୀ** *ବିଂ.* ଶୁକୁଟୀ, ଦୁର୍ବଳା, ଶୀର୍ଣ୍ଣା ।

**ଶୁଲ୍କ** *ବି.* ୧. ପଣ୍ୟ ଦ୍ରବ୍ୟର ଆମଦାନି-ରପ୍ତାନି ଉପରେ ଧାର୍ଯ୍ୟ କର ୨. ମାହାସୁଲ ୩. ଟିକସ ୪. ଯୌତୁକ ୫. ମୂଲ୍ୟ ।

**ଶୁଶ୍ରୂଷକ** *ବି.ବିଂ.* ସେବାକାରୀ, ଚାକର, ଭୃତ୍ୟ ।

**ଶୁଶ୍ରୂଷା** *ବି.* ୧. ରୋଗୀର କ୍ଷୀଣ ସ୍ୱରକୁ ଶୁଣିବାରେ କାନଡେରା ୨. ରୋଗୀର ସେବା ।

**ଶୁଷ୍କ** *ବିଂ.* ୧. ଶୁଖିଲା, ରସହୀନ ୨. ବୃଥା ୩. କର୍କଶ ୪. ଟାଆଁସିଆ ।

**ଶୁଷ୍କତା** *ବି.* ଶୁଖିଲା ଅବସ୍ଥା ।

**ଶୂକ** *ବି.* ଶସ୍ୟାଦିର ମୁନିଆ ଅଗ, ଶୁଙ୍ଗ ।

**ଶୂକର** *ବି.* ବରାହ, ଘୁଷୁରି , **ଘୁଷୁରା** ।

**ଶୂଦ୍ର** *ବି.* ପ୍ରାଚୀନ ଭାରତୀୟ ସମାଜ ବ୍ୟବସ୍ଥାରେ ତିନି ଉଚ୍ଚ ବିଭାଗର ସେବାକାରୀ, ଜାତି ବିଭାଗର ଚତୁର୍ଥ ବର୍ଗ ।

**ଶୂଦ୍ରମୁନି** *ବି.* ଓଡ଼ିଆ ମହାଭାରତର ରଚୟିତା ସାରଳା ଦାସ ।

**ଶୂନ୍‌ଚିତ୍** *ବି.* ୧. ଶୂନ୍ୟରେ ସାଧୁନ୍ ଭାଙ୍ଗିବା ୨. ମଲ୍ଲମାନଙ୍କର ଶାରୀରିକ କୌଶଳ ବିଶେଷ ।

**ଶୂନ୍‌ଛାତ** *ବି.* କଡ଼ିବର୍ଗାହୀନ ଢଳେଇ ଛାତ ।

**ଶୂନଫଟକା** *ବି.* ତାଳପତ୍ରରେ ମୋଡ଼ା ହୋଇଥିବା ବାଣ ।

**ଶୂନଶାନ୍** *ବିଂ.* ନିକଞ୍ଚନ, କେହି ଉପସ୍ଥିତ ନଥିବା, ପୂରାଖାଲି, ଜନପ୍ରାଣୀ ଶୂନ୍ୟ ।

**ଶୂନଶୂନା** *ବିଂ.* ୧. ଖାଲି, ଫମ୍ପା, ନିଷ୍ଫଳ ୨. ରିକ୍ତ, ତୁଚ୍ଛା ୩. ଉଦାସ ୪. ନିରର୍ଥକ ୫. ଶୂନ୍ୟ ।

**ଶୂନ୍ୟ** *ବିଂ.* ୧.ଶୂନ, ଗଣିତର ଆରମ୍ଭ ସଂଖ୍ୟା ୨. ଦଶଗୁଣ ବର୍ଦ୍ଧନକାରୀ ଚିହ୍ନ ୩. ନଥିବା, ଖାଲି ବା ଫମ୍ପା ୪. ଅର୍ଥହୀନ ।

**ଶୂନ୍ୟଗର୍ଭ** *ବିଂ.* ୧. ଫମ୍ପା, ପୋଲା ୨. ଖାଲି ପେଟ ୩. ଭିତରେ କିଛି ନଥିବା ।

**ଶୂନ୍ୟବାଣୀ** *ବି.* ଆକାଶ ବା ଶୂନ୍ୟରୁ ଶୁଭୁଥିବା ଭବିଷ୍ୟ ସଂକ୍ରାନ୍ତ ବିବରଣୀ ବା ତଥ୍ୟ, ଦୈବବାଣୀ ।

**ଶୂନ୍ୟବାଦ** *ବିଂ.* ସ୍ରଷ୍ଟାଙ୍କର ନିରାକାରତ୍ୱ ଉପରେ ପ୍ରତିଷ୍ଠିତ ମତବାଦ ।

**ଶୂନ୍ୟବାଦୀ** *ବିଂ.ବି.* ୧. ସମଗ୍ର ସୃଷ୍ଟି ସୃଜନ ପ୍ରକ୍ରିୟାରେ ଅଣାକାର ବ୍ରହ୍ମ ଉପରେ ବିଶ୍ୱାସ କରୁଥିବା ୨. ମହାଯାନ ବୌଦ୍ଧ ସମ୍ପ୍ରଦାୟ ।

**ଶୂନ୍ୟ ବିହାର** *ବି.* ଆକାଶରେ ପରିଭ୍ରମଣ ବା ବୁଲିବା ।

**ଶୂନ୍ୟମଣ୍ଡଳ** *ବି.* ମହାକାଶ, ମହାଶୂନ୍ୟ ।

**ଶୂନ୍ୟସ୍ଥାନ** *ବି.* ଖାଲିଜାଗା, ଅପୂରା ଅଂଶ ।

**ଶୂନ୍ୟହସ୍ତ** *ବି.ବିଂ.* ୧. ଖାଲି ହାତ ୨. ଅତି ଦରିଦ୍ର ୩. କିଛି ନ ପାଇ, ଅସଫଳ ହୋଇ ।

**ଶୂପକାର, ସୂପକାର** *ବି.* ରୋଷେୟା ବ୍ରାହ୍ମଣ ।

**ଶୂର** *ବି.* ଯୋଦ୍ଧା, ବୀର ।

**ଶୂର୍ପ** *ବି.* ୧. ଖାଦ୍ୟ ଶସ୍ୟକୁ ପାଛୁଡ଼ି ସଫା କରିବାପାଇଁ ବ୍ୟବହୃତ ବାଉଁଶ ପାତିଆରେ ତିଆରି ଉପକରଣ, **ପାଛୁଡ଼ା**, କୁଲା ୨. ପରିମାଣ ବିଶେଷ ।

**ଶୂଳ** *ବି.* ୧. ପେଟମରା ରୋଗ ୨. ଲୁହା ତିଆରି ଦୃଢ଼ ମୁନିଆ ଅସ୍ତ୍ରବିଶେଷ ୩. ପ୍ରସବ ବେଦନା ।

**ଶୂଳ ମାରିବା** *ବି.* ୧. ପ୍ରସବବେଦନା ଅନୁଭବ ହେବା ୨. ରହି ରହି ପ୍ରବଳ ପୀଡ଼ା ହେବା ।

**ଶୂଳା** *ବି.* ଘୋଳା, ବିନ୍ଧା ।

**ଶୂଳାଝାଡ଼ା** *ବି.* ପେଟ ମୋଡ଼ି ହୋଇ ଝାଡ଼ା, ଆମାଶୟ ।

**ଶୂଳି** *ବି.* ଅପରାଧୀର ମୃତ୍ୟୁଦଣ୍ଡ ପାଇଁ ପୂର୍ବେ ବ୍ୟବହୃତ ହେଉଥିବା ମାଟିରେ ପୋତା ଲୌହ ଶଳାକା ।

**ଶୂଳିଆ** *ବି.* ଅପରାଧୀକୁ ଶୂଳିରେ ଚଢ଼ାଇ ମାରିବା ପାଇଁ ନିଯୁକ୍ତ ଲୋକ ।

**ଶୂଳିଆପଦା** *ବି.* ଶୂଳି ଦେବା ଜାଗା ।

**ଶୂଳୁଣୀ** *ବି.* ପ୍ରସବ କାଳରେ ନାରୀର ଶୂଳ ଧରୁଥିବା ଧାଇ ।

**ଶୂଳେଇ ବିଜେ** *ବି.* ରାଜା/ମଣିମାଙ୍କର ଝାଡ଼ାଯିବା ସମୟ ।

**ଶୂଳେଇ ହେବା** *କ୍ରି.ବିଂ.* ୧. ବିନ୍ଧିବା, ଛେଚିକୁଟି ହେବା ୨. ସନ୍ତାନ ପ୍ରସବର ପୂର୍ବଅବସ୍ଥା ୩. ଗଲୁ କରିବା, କୁଣ୍ଡେଇ ହେବା ୪. କୌଣସି ପଦାର୍ଥ ଭୋଗ କରିବା ପାଇଁ ଉଗ୍ର ଲାଳସା ହେବା ।

**ଶୃଗାଳ** *ବି.* ବିଲୁଆ, କୁଳିହା, ଶିଆଳ ।

**ଶୃଙ୍ଖଳ, ଶୃଙ୍ଖଳା** *ବି.* ୧. ଶିକୁଳି ୨. ନିଗଡ଼ ୩. ଧାରା ୪. ରୀତି ୫. ନିୟମ ୬. ସଣ୍ଢଣା ୮. ବନ୍ଦୋବସ୍ତ ୯. ବନ୍ଧନୀ ଚିହ୍ନ ୧୦. ଲୁହା ବା ଧାତୁ ନିର୍ମିତ କଡ଼ି ।

**ଶୃଙ୍ଖଳିତ** ***ବିଂ.*** ୧. ଶିକୁଳି ବନ୍ଧା ହୋଇଥିବା ୨. ନିୟମବଦ୍ଧ ୩. ସୁବିନ୍ୟସ୍ତ ।

**ଶୃଙ୍ଗ** ***ବି.*** ୧. ପଶୁର ଶିଙ୍ଗ ୨. ପର୍ବତର ଚୂଡ଼ା ୩. ଶିଙ୍ଗା ବାଦ୍ୟ ୪. ଉତ୍କର୍ଷ ୫. ଊର୍ଦ୍ଧ୍ୱ ଭାଗ ୬. ପିଚକାରୀ ।

**ଶୃଙ୍ଗାର** ***ବି.*** ୧. ନାରୀ ପୁରୁଷଙ୍କର ଶାରୀରିକ ସମ୍ମିଳନ, ରତିକ୍ରିୟା ୨. ବେଶଭୂଷା-ଅଙ୍ଗରାଗ ୩. କାବ୍ୟବର୍ଣ୍ଣିତ ଆଦିରସ ବା ଉଜ୍ଜ୍ୱଳ ରସ ।

**ଶୃଙ୍ଗାରଚର୍ଚ୍ଚା** ***ବି.*** ଅଳଙ୍କାର ଓ ପୋଷାକରେ ଦେହ ସଜାଇବା, ସଜେଇ ହେବା କାର୍ଯ୍ୟ ।

**ଶେଉଳ** ***ବି.*** ଗଡ଼ିଶା ଜାତୀୟ ପଙ୍କୁଆ ମାଛ ବିଶେଷ ।

**ଶେଖ** ***ବି.*** ସମ୍ମାନିତ ବା ବିଶିଷ୍ଟ ମୁସଲମାନ ବ୍ୟକ୍ତିଙ୍କ ଉପାଧି ।

**ଶେଠ** ***ବି.*** ୧. ବ୍ୟବସାୟୀ ୨. ଧନୀ ବ୍ୟକ୍ତି ୩. ସଉଦାଗର ୪. ଋଣଦାତା; ***ବିଂ.*** ଶ୍ରେଷ୍ଠ, ପ୍ରଧାନ, ମୁଖ୍ୟ ।

**ଶେଠୀ, ସେଠି** ***ବି.*** ଧୋବା, ଲୁଗା ସଫା କରୁଥିବା ଜାତି ବିଶେଷ ।

**ଶେଣି** ***ବି.*** ଚାଳ ଘରର ଖୁଣ୍ଟ ଉପରେ ବା କାନ୍ଥ ଉପରେ ପଡ଼ିବା ଲମ୍ବା କାଠ ଖଣ୍ଡ ।

**ଶେଣିସାପଟା** ***ବି.*** ଶେଣି ଉପରେ ରୁଅକୁ ଚିପି ରଖିବା ପାଇଁ ଶେଣିର ଉପରେ ଓ ତଳେ ଦିଆଯିବା ବତାର କାମୁଡ଼ା ।

**ଶେଣ୍ଡା** ***ବି.*** ୧. ପିଆଜ, ବାରବର୍ଷିଆ, ରସୁଣ ଆଦି ଗଛରୁ ପାକଳ ଅବସ୍ଥାରେ ବାହାରୁଥିବା ଶୁଣ୍ଢପରି କାଣ୍ଡ ୨. ବେକ ।

**ଶେଣ୍ଢିଆ** ***ବିଂ.*** ୧. ଷଣ୍ଢପରି ଉଦ୍ଧତ ୨. କାହାକୁ ଭୟ କି ଖାତିର ନଥିବା ୩. ପୌରୁଷଯୁକ୍ତ ୪. ଦୁର୍ଦ୍ଧର୍ଷ ।

**ଶେତ** ***ବି.*** ୧. ଶ୍ୱେତ, ଧଳା ୨. ଶେଥା, ରକ୍ତହୀନ ।

**ଶେତା, ଶେଥା** ***ବିଂ.*** ୧. ରକ୍ତହୀନ, ବିବର୍ଣ୍ଣ ବା ପାଣ୍ଡୁର ୨. ରକ୍ତହୀନତା ଯୋଗୁଁ ପାଣ୍ଡୁର ୩. ଧଳାପଡ଼ି ଆସୁଥିବା, ଶେଥୁଆ ୪. ଧଳା, ଧୋବ ।

**ଶେଫାଳି** ***ବି.*** ଗଙ୍ଗଶିଉଳି, ଶିଙ୍ଗଡ଼ାହାର ଫୁଲ ।

**ଶେମିଜ, ସେମିଜ** ***ବି.*** ନାରୀମାନଙ୍କ ପ୍ରଧାନ ପରିଧେୟ ତଳେ ପିନ୍ଧୁଥିବା ଲମ୍ବା ଜାମା ।

**ଶେମେଟା, ସେମେଟା** ***ବିଂ.*** ଶୁଖିଯାଇଥିବା , ଶୁକୁଟା, ଶୀର୍ଣ୍ଣ, କ୍ଷୀଣକାୟ ।

**ଶେମେଟିବା, ସେମେଟିବା** ***କ୍ରି.*** ଶୁଖିଯିବା, ଦୁର୍ବଳ ହୋଇଯିବା ।

**ଶେମେଟୀ, ସେମେଟି** ***ବି.*** ଦୁର୍ବଳ, ସୁକୁଟୀ, କ୍ଷୀଣକାୟ ।

**ଶେଯ** ***ବି.*** ଶୋଇବା ପାଇଁ ବ୍ୟବହୃତ ଗଦି, ବିଛଣା ।

**ଶେଯା** ***ବି.*** ଡଙ୍ଗାର କୋଠରୀ ତଳେ ପଡ଼ିଥିବା କାଠ ପଟା ।

**ଶେଯାଇବା** ***କ୍ରି.*** ଶୋଇବା ପାଇଁ ବିଛଣା ପକାଇବା ।

**ଶେଲ** ***ବି.*** ପ୍ରାଚୀନ ଯୁଦ୍ଧାସ୍ତ୍ର ବିଶେଷ ।

**ଶେଷ** ***ବି.*** ୧. ସମାପ୍ତି, ଅନ୍ତ ୨. ଧ୍ୱଂସ, ବିନାଶ ୩. ଅବଶିଷ୍ଟ ଭାଗ ; ***ବିଂ.*** ପରିତ୍ୟକ୍ତ, ପରେ ଆଉ କିଛି ନଥିବା ।

**ଶେଷକଥା** ***ବି.*** ୧. ସିଦ୍ଧାନ୍ତ ୨. ନ୍ୟାୟ ।

**ଶେଷକାଳ** ***ବି.*** ୧. ମରଣବେଳ ୨. ବୁଢ଼ା ସମୟ ।

**ଶେଷଜୀବନ** ***ବି.*** ବୁଢ଼ା ବୟସ, ପରିଣତ କାଳ ।

**ଶେଷାଶେଷି** ***ବି.*** ସରାସରି, ସରି ଆସିବା ଅବସ୍ଥା ।

**ଶୈଥିଲ୍ୟ** ***ବି.*** ଢିଲାପଣ, ମନ୍ଥରତା, ଅବସାଦ, ଶିଥିଳତା ।

**ଶୈବ** ***ବିଂ.*** ଶିବ ସମ୍ବନ୍ଧିତ, ଶିବ ସମ୍ପ୍ରଦାୟଭୁକ୍ତ, ଶିବଭକ୍ତ ।

**ଶୈବାଳ** ***ବି.*** ଶିଉଳି, କ୍ଷୁଦ୍ରାକାର ଜଳଜ ଉଦ୍‌ଭିଦ ବିଶେଷ, ସ୍ଥିର ପାଣିରେ ଭାସୁଥିବା ନେଳି ।

**ଶୈଳ** ***ବି.*** ପଥର, ପର୍ବତ ; ***ବିଂ.*** ଶିଳାପୂର୍ଣ୍ଣ, ପାର୍ବତ୍ୟ ।

**ଶୈଳଜ** ***ବିଂ.*** ପର୍ବତରୁ ଜାତ ।

**ଶୈଳୀ** ***ବି.*** ୧. ରୀତି ୨. ଧାରା ୩. ସଂକ୍ଷିପ୍ତ ପ୍ରଣାଳୀ ୪. ଢାଞ୍ଚା ।

**ଶୈଳୀବିଜ୍ଞାନ** ***ବି.*** ରଚନା ଶୈଳୀ ସମ୍ପର୍କିତ ବିଦ୍ୟା ।

**ଶୈଶବ** ***ବି.*** ଶିଶୁ ଅବସ୍ଥା, ପିଲାବେଳ ।

**ଶୋଇବା** ***କ୍ରି.*** ୧. ନିଦ୍ରାଯିବା ୨. ଶେଯରେ ଶୟନ କରିବା, ବିଛଣାରେ ଗଡ଼ପଡ଼ ହେବା ୩. ତଳେ ପଡ଼ିରହିବା ।

**ଶୋଇଲା** ***ବିଂ.*** ଯେ ଶୋଇଛି , ଶୋଇଥିବା ।

**ଶୋକ** ***ବି.*** କାନ୍ଦ, ପ୍ରିୟଜନ ବିଚ୍ଛେଦରେ ମାନସିକ ଯନ୍ତ୍ରଣା ।

**ଶୋକସଭା** ***ବି.*** କୌଣସି ବ୍ୟକ୍ତିଙ୍କ ମୃତ୍ୟୁରେ ଆୟୋଜିତ ସମ୍ମେଳନ ।

**ଶୋକାକୁଳ** ***ବିଂ.*** ଦୁଃଖରେ ଅଧୀର ।

**ଶୋଚନା** ***ବି.*** ଅନୁତାପ, ବେଦନା ଓ ବିଷାଦ ଚିନ୍ତା ।

**ଶୋଚନୀୟ** ***ବିଂ.*** ଅତି ଖରାପ, ଅତି ଦୟନୀୟ ।

**ଶୋଠ** ***ବି.*** ହିଡ଼ ବା ବନ୍ଧର ଆଡ଼ଭାଗରେ ଏକ ପାଖରୁ ଅନ୍ୟ ପାଖକୁ ପାଣି ଯିବାପାଇଁ ତିଆରି ବାଟ ।

**ଶୋଠଲ** ***ବିଂ.*** ମୋଟାସୋଟା, କୁନ୍ଦଲାକୁନ୍ଦଲି ।

**ଶୋଣ** ***ବି.*** ଲାଲ୍ ରଙ୍ଗ, ରକ୍ତରଙ୍ଗ ।

**ଶୋଣିତ** ***ବି.*** ୧. ରକ୍ତ ୨. କୁଙ୍କୁମ ।

**ଶୋଥ** ***ବି.*** ଦେହରେ ପାଣିର ଅଧିକ ପରିମାଣ ଯୋଗୁଁ ଫୁଲାରୋଗ ।

**ଶୋଧ** ***ବି.*** ୧. ଋଣ ସୁଝା ୨. ଭୁଲ ସୁଧାରିବା ୩. ସଂଶୋଧନ ୪. ଶ୍ରୀମନ୍ଦିରରେ ଲୋକ ଖାଲି କରିବା ପ୍ରକ୍ରିୟା ।

**ଶୋଧକ** ***ବିଂ.*** ୧. ପରିଷ୍କାର କରୁଥିବା ୨. ସଂସ୍କାରକ ।

**ଶୋଧଣ** ***ବି.*** ଗାଳି, ଭର୍ତ୍ସନା, ତିରସ୍କାର ।

**ଶୋଧନ** *ବି.* ୧. ସଫେଇ ୨. ସଂସ୍କାର ୩. ଗାଳି ।

**ଶୋଧନୀ** *ବି.* ଝାଡ଼ୁ, ବାଢ଼ଣି, ସମ୍ମାର୍ଜନୀ ।

**ଶୋଧା** *ବି.* ୧. ଗାଳି, ତିରସ୍କାର, ଭର୍ତ୍ସନା ୨. ମୂଳଦୁଆ ଶୋଧନ ।

**ଶୋଧାଶୋଧି** *ବି.* ଗାଳିଗୁଲଜ ।

**ଶୋଧି** *ବି.* ଶୂନ୍ୟରୁ ଦଶ ସଂଖ୍ୟା ପର୍ଯ୍ୟନ୍ତ ଯୋଗ ନିଯୋଗ ପଠନାଭ୍ୟାସ ।

**ଶୋଧିବା** *କ୍ରି.* ୧. ଗାଳିଦେବା, ଭର୍ତ୍ସନା କରିବା , ତିରସ୍କାର କରିବା ୨. ଘର ତିଆରି ପୂର୍ବରୁ ଭୂମି ପ୍ରସ୍ତୁତ କରିବା ।

**ଶୋଭନ** *ବିଂ.* ଶୋଭାଯୁକ୍ତ, ସୁନ୍ଦରିଆ; *ସ୍ତ୍ରୀ.* ଶୋଭନା ।

**ଶୋଭା** *ବି.* ସୌନ୍ଦର୍ଯ୍ୟ, କାନ୍ତି, ଦୀପ୍ତି, ସୁଷମା ।

**ଶୋଭାବନ** *ବିଂ.* ସୁନ୍ଦର, ରମଣୀୟ, ରମ୍ୟ, ରୁଚିକର ।

**ଶୋଭାଯାତ୍ରା** *ବି.* ବହୁଲୋକଙ୍କର ଶୃଙ୍ଖଳିତ ପଟୁଆର ।

**ଶୋଷ** *ବି.* ୧. ପାଣି ପିଇବାର ଇଚ୍ଛା, ତୃଷା ୨. ପାଇବାର ଆତୁରତା ।

**ଶୋଷକ** *ବିଂ. ବି.* ୧. ଅତ୍ୟାଚାରୀ ଶାସକ ୨. ସ୍ୱାର୍ଥ ପାଇଁ ଅନ୍ୟର ଧନ, ମାନ ଓ ସୁଖକୁ ଅନ୍ୟାୟ ଭାବରେ ନିଜର କରୁଥିବା, ଶୋଷଣକାରୀ ୩. ରକ୍ତ ଶୋଷୁଥିବା (ଜୀବ, କୀଟ) ।

**ଶୋଷଣ** *ବି.* ଶୋଷିବା, ଅନ୍ୟର ଅସହାୟତାର ସୁଯୋଗ ନେଇ ସର୍ବସ୍ୱ ଅପହରଣ ।

**ଶୋଷା** *ବିଂ.* ୧. ଜଳୀୟ ଏବଂ ତରଳ ପଦାର୍ଥ ଚୋଷି ନେଉଥିବା, ୨. ଶୋଷକ, ପୀଡ଼କ ।

**ଶୋଷି** *ବି.* ଗଛଗଣ୍ଡିର ମଞ୍ଜ ବା ମଝି ଅଂଶରେ ଥିବା ନରମ ଅଂଶ ।

**ଶୋଷିତ** *ବିଂ.* ବଳପୂର୍ବକ ବା ଅନ୍ୟାୟ ଭାବରେ ଯାହାଠାରୁ ଧନ ସମ୍ପତ୍ତି ନିଆଯାଇଛି ।

**ଶୋଷିବା** *କ୍ରି.* ତରଳ ପଦାର୍ଥ ସଜୋରେ ପାଟି ଭିତରକୁ ଟାଣିବା, ଶୋଷଣ କରିବା ।

**ଶୋଷୀ** *ବିଂ.* ୧. ପାଣି ପିଇବାର ପ୍ରବଳ ଇଚ୍ଛାଯୁକ୍ତ, ତୃଷାର୍ତ୍ତ ୨. ଶୋଷକ, ଶୋଷଣକାରୀ, ବଳ ପୂର୍ବକ ଅଥବା ଅନ୍ୟାୟ ଭାବରେ ଅନ୍ୟର ଧନ ସମ୍ପତ୍ତି ଅକ୍ତିଆର କରୁଥିବା ।

**ଶୌଚ** *ବି.* ଶରୀର ଓ ମନର ଶୋଧନ ବା ପରିଷ୍କରଣ, ପବିତ୍ରତା, ନିର୍ମଳତା ।

**ଶୌଚକର୍ମ** *ବି.* ମଣିଷର ଜନ୍ମ ଏବଂ ମୃତ୍ୟୁକାଳରେ ଅନୁଷ୍ଠିତ ସଂସ୍କାର ବିଧି, ଶୁଦ୍ଧୀକରଣ ବିଧି ।

**ଶୌଚ ହେବା** *କ୍ରି.* ୧. ମଳ ତ୍ୟାଗ ପରେ ମଳଦ୍ୱାର ଓ ଦେହର ଅଙ୍ଗ ପ୍ରତ୍ୟଙ୍ଗ ସଫା କରିବା, ଛଞ୍ଚେଇ ହେବା ୨. ଜନ୍ମ ଏବଂ ମୃତ୍ୟୁର ନିର୍ଦ୍ଦିଷ୍ଟ ସମୟ ପରେ ଅନୁଷ୍ଠିତ ଶୋଧନ କାର୍ଯ୍ୟ ୩. ଖିଅର ହେବା, ନଖ କାଟିବା ।

**ଶୌରସେନୀ** *ବିଂ. ବି.* ୧. ମଥୁରାଞ୍ଚଳବାସୀ ୨. ଶୂରସେନ ଦେଶର ଭାଷା ।

**ଶୌର୍ଯ୍ୟ** *ବି.* ୧. ବୀରତ୍ୱ, ଶୂରର ସ୍ୱଭାବ ୨. ବୀର୍ଯ୍ୟ ।

**ଶୌର୍ଯ୍ୟବାନ** *ବିଂ.ବି.* ୧. ବୀର ୨. ଶୂର ୩. ତେଜୋଦୀପ୍ତ ୪. ସାହସୀ ।

**ଶ୍ୱଶୁର** *ବି.* ପତି ବା ପତ୍ନୀଙ୍କ ପିତା , ଶଶୁର ।

**ଶ୍ୱଶ୍ରୂ** *ବି.* ଶାଶୂ, ସ୍ୱାମୀ ଅଥବା ସ୍ତ୍ରୀର ବୋଉ ବା ମା ।

**ଶ୍ୱାନ** *ବି.* କୁକୁର, କୁତ୍ତା ।

**ଶ୍ୱାନଦାନ୍ତ** *ବି.* ଦାନ୍ତ ମାଢ଼ିର ଦୁଇ ପାଖରେ ଥିବା ମୁନିଆ ଦାନ୍ତ ।

**ଶ୍ୱାସ** *ବି.* ୧. ନିଃଶ୍ୱାସ ପ୍ରଶ୍ୱାସ ୨. ପ୍ରାଣବାୟୁ ।

**ଶ୍ୱାସନଳୀ** *ବି.* ପବନ ନେବା ଆଣିବାରେ ଦେହର କଣ୍ଠ ଠାରୁ ଫୁସ୍ ଫୁସ୍‌କୁ ଯୋଗ କରୁଥିବା ନଳୀ ।

**ଶ୍ୱାସପ୍ରଶ୍ୱାସ** *ବି.* ନାକ ବାଟ ଦେଇ ଫୁସ୍‌ଫୁସ୍‌କୁ ଯାଉଥିବା ଓ ବାହାରକୁ ଆସୁଥିବା ପବନ ।

**ଶ୍ୱାସରୁଦ୍ଧ** *ବିଂ.* ନିଃଶ୍ୱାସ ପ୍ରଶ୍ୱାସ ବନ୍ଦ ବା ଅଟକି ଯାଇଥିବା ।

**ଶ୍ୱାସରୋଗ** *ବି.* ଧଇଁ ରୋଗ ।

**ଶ୍ୱାସରୋଧ** *ବି.* ଶ୍ୱାସ ବନ୍ଦ ହେବା, ନିଃଶ୍ୱାସ ପ୍ରଶ୍ୱାସ ଛାଡ଼ିବା ଓ ଗ୍ରହଣ କରିବାରେ ବାଧା ସୃଷ୍ଟି ହେବା ।

**ଶ୍ୱେତ** *ବି. ବିଂ.* ଶୁକ୍ଳ, ଧଳାରଙ୍ଗ, ଗୋରା ।

**ଶ୍ୱେତଗଙ୍ଗା** *ବି.* ଶ୍ରୀକ୍ଷେତ୍ରର ତୀର୍ଥ ପୁଷ୍କରିଣୀ ବିଶେଷ ।

**ଶ୍ୱେତପତ୍ର** *ବି.* ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରଦତ୍ତ କୌଣସି ଘଟଣା ବା କାର୍ଯ୍ୟର ସ୍ପଷ୍ଟ ବିବରଣୀ ବା ସୂଚନା ।

**ଶ୍ୱେତସାର** *ବି.* ଚାଉଳ, ଗହମ ଇତ୍ୟାଦି ଖାଦ୍ୟଶସ୍ୟରେ ଥିବା ଶରୀର ପାଇଁ ଆବଶ୍ୟକ ଉପାଦାନ ।

**ଶ୍ୱେତାଙ୍ଗୀ, ଶ୍ୱେତାଙ୍ଗିନୀ** *ବି. ବିଂ.* ୧. ପାଶ୍ଚାତ୍ୟ ଗୋରୀ, ବିଦେଶିନୀ ୨. ଅତି ଗୋରୀ ।

**ଶ୍ୱେତାମ୍ବର** *ବି.* ଜୈନମାନଙ୍କ ମଧ୍ୟରେ ଧଳା ଲୁଗା ପିନ୍ଧୁଥିବା ସମ୍ପ୍ରଦାୟ ।

**ଶ୍ମଶାନ** *ବି.* ମଶାଣି, ଶବସତ୍କାର ସ୍ଥାନ, ଶବ ସଂସ୍କାର ସ୍ଥଳ ।

**ଶ୍ମଶାନଚାରୀ** *ବିଂ.* ଶ୍ମଶାନରେ ରହୁଥିବା, ଶ୍ମଶାନବାସୀ ।

**ଶ୍ମଶାନ ବୈରାଗ୍ୟ** *ବି.* ମଶାଣିରେ ଶବଦାହ ଦେଖି ଜୀବନର ତୁଚ୍ଛତା ଅନୁଭବଜନିତ ସାମୟିକ ବୈରାଗ୍ୟ ।

**ଶ୍ମଶ୍ରୂ** *ବି.* ପୁରୁଷର ମୁଖମଣ୍ଡଳରେ ଜାତ ହେଉଥିବା କେଶ, ମୁଛ, ଦାଢ଼ି ।

**ଶ୍ମଶ୍ରୂଳ** *ବି.* ଲମ୍ବା ନିଶ ଦାଢ଼ିଥିବା ।

**ଶ୍ମଶ୍ରୁହୀନ** *ବିଂ* ମାଖୁନା, ଦାଢ଼ିନଥିବା ।
**ଶ୍ୟାମ** *ବି.* ୧. ଘନ ନୀଳରଙ୍ଗ ୨. କୃଷ୍ଣ ୩. ନୂଆ ମେଘ ବର୍ଣ୍ଣ ୪. ସବୁଜ ବର୍ଣ୍ଣ ; *ବିଂ* ନୀଳବର୍ଣ୍ଣ ବିଶିଷ୍ଟ ।
**ଶ୍ୟାମଳ** *ବି.* ଈଷତ କୃଷ୍ଣରଙ୍ଗ; *ବିଂ.* ୧. ଶାଗୁଆ ୨. ସାବନା ।
**ଶ୍ୟାମଳିମା** *ବି.* ୧. ପରିବ୍ୟାପ୍ତ ଶାଗୁଆ ରଙ୍ଗ ୨. ଶ୍ୟାମଳ ବର୍ଣ୍ଣ ବ୍ୟାପ୍ତି ।
**ଶ୍ୟାମଳୀ** *ବି.* ସାବନୀ ।
**ଶ୍ୟାମା** *ବି.* ୧. କୃଷ୍ଣବର୍ଣ୍ଣା ନାରୀ ୨. ନବଯୌବନା ରମଣୀ ୩. କାଳୀ ।
**ଶ୍ୟାଳ, ଶ୍ୟାଳକ** *ବି.* ଶଳା, ପତ୍ନୀର ଭାଇ ।
**ଶ୍ୟାଳିକା** *ବି.* ପତ୍ନୀର ଭଉଣୀ, ଶାଳୀ ।
**ଶ୍ୟେନ** *ବି.* ଛଞ୍ଚାଣ, ଚିଲ, ବାଜ, ଏକ ଶିକାରୀ ପକ୍ଷୀ ।
**ଶ୍ୟେନଦୃଷ୍ଟି** *ବି.* ୧. ଅଶୁଭ ଆଖି ୨. ତୀକ୍ଷ୍ଣନଜର ।
**ଶ୍ରଦ୍ଧା** *ବି.* ୧. ସ୍ନେହ, ଆଦର ୨. ପ୍ରୀତି ଭାବ ।
**ଶ୍ରଦ୍ଧାଞ୍ଜଳି** *ବି.* ଶୁଭ ମନାସ, ପ୍ରୀତି ଓ ଭକ୍ତି ନିବେଦନ, ଶ୍ରଦ୍ଧାନିବେଦନ।
**ଶ୍ରଦ୍ଧାଭାଜନ, ଶ୍ରଦ୍ଧାସ୍ପଦ** *ବିଂ ବି.* ଶ୍ରଦ୍ଧା ବା ଭଲ ପାଇବାର ପାତ୍ର ବା ଅଧିକାରୀ ।
**ଶ୍ରଦ୍ଧାଳୁ** *ବିଂ* ୧. ଶ୍ରଦ୍ଧାଶୀଳ, ଶ୍ରଦ୍ଧାବାନ ୨. ଭକ୍ତିଭାବାପନ୍ନ ।
**ଶ୍ରଦ୍ଧେୟ** *ବିଂ* ଭଲ ପାଇବାର ଯୋଗ୍ୟ ।
**ଶ୍ରବ[ଣ]** *ବି.* କାନ, ଶ୍ରୁତି ।
**ଶ୍ରବଣଗୋଚର** *ବି.* କାନକୁ ଶୁଭିବା ।
**ଶ୍ରବଣା** *ବି.* ଜ୍ୟୋତିଷ ଶାସ୍ତ୍ର ଅନୁସାରେ ୨୭ଟି ନକ୍ଷତ୍ରରୁ ଅନ୍ୟତମ ।
**ଶ୍ରମ** *ବି.* ଖଟଣି, ପରିଶ୍ରମ, ମେହେନତ୍ ।
**ଶ୍ରମକାତର** *ବିଂ* କାମକରିବାକୁ ଡରୁଥିବା, ଅଳସୁଆ ।
**ଶ୍ରମଜୀବୀ** *ବିଂ ବି.* ଶାରୀରିକ ପରିଶ୍ରମକରି ଜୀବନ ବଞ୍ଚୁଥିବା, ଖଟିଖିଆ, ଶ୍ରମିକ, ମଜୁରିଆ ।
**ଶ୍ରମଝାଳ** *ବି.* କଠିନ ପରିଶ୍ରମ ଜନିତ ଝାଳ, ସ୍ୱେଦ ୨. ପରିଶ୍ରାନ୍ତି ଜନିତ ସ୍ୱେଦ ।
**ଶ୍ରମଣ** *ବି.* ବୌଦ୍ଧ ସନ୍ନ୍ୟାସୀ ।
**ଶ୍ରମଦାନ** *ବି.* ସାମୂହିକ ହିତ ଉଦ୍ଦେଶ୍ୟରେ ବିନା ମୂଲ୍ୟରେ ପରିଶ୍ରମ ।
**ଶ୍ରମବିନୋଦନ** *ବି.* କଠିନ ପରିଶ୍ରମଜନିତ କ୍ଳାନ୍ତି ଭୁଲିବାପାଇଁ ଆମୋଦ ।
**ଶ୍ରମଭାର** *ବି.* ପରିଶ୍ରମ ଜନିତ କ୍ଳାନ୍ତି ।
**ଶ୍ରମସ୍ୱୀକାର** *ବି.* ପରିଶ୍ରମକୁ ଶ୍ରଦ୍ଧାରେ ଗ୍ରହଣ କରିବା ।
**ଶ୍ରମିକ** *ବି.* ଶ୍ରମଜୀବୀ, ମେହେନତି ମଣିଷ, ଶାରୀରିକ ଶ୍ରମକରି ପେଟ ପୋଷୁଥିବା ବ୍ୟକ୍ତି ।
**ଶ୍ରାଦ୍ଧ** *ବି.* ୧. ମୃତ ବ୍ୟକ୍ତି ପ୍ରତି ପିଣ୍ଡଦାନ ୨. ଅଯଥା ଶ୍ରମ, ଅର୍ଥର କ୍ଷତି ବା ଅପଚୟ ।
**ଶ୍ରାନ୍ତ** *ବିଂ* ହାଲିଆ, କ୍ଳାନ୍ତ ।
**ଶ୍ରାନ୍ତି** *ବି.* ୧. ପରିଶ୍ରମଜନିତ କ୍ଳାନ୍ତି ୨. ବିରାମ ।
**ଶ୍ରାବ** *ବି.* କ୍ଷରଣ, ସ୍ରବିବା, ବହିବା ।
**ଶ୍ରାବଣ** *ବି.* ଓଡ଼ିଆ ବର୍ଷ ଗଣନାରେ ଚତୁର୍ଥ ମାସ, ବର୍ଷା ଋତୁର ଏକ ମାସ ।
**ଶ୍ରାବଣୀୟ** *ବିଂ* ଶୁଣାଇବାର ଯୋଗ୍ୟ ।
**ଶ୍ରାବ୍ୟ** *ବିଂ* ୧. ଶୁଣିବାପାଇଁ ଯୋଗ୍ୟ ୨. ଯାହା ଶୁଣି ହୁଏ ।
**ଶ୍ରାବ୍ୟ କାବ୍ୟ** *ବି.* ପଢ଼ିବା, ଶୁଣିବାପାଇଁ ଉପଯୁକ୍ତ କାବ୍ୟ ।
**ଶ୍ରୀ** *ବି.* ୧. ଲକ୍ଷ୍ମୀ ୨. ସରସ୍ୱତୀ ୩. ସୌଭାଗ୍ୟ ୪. ଢଙ୍ଗ ୫. ବେଶ ବିନ୍ୟାସ ୬. ମାନ ସୂଚକ ପଦବୀ ।
**ଶ୍ରୀଅଙ୍ଗ** *ବି.* ୧. ବିଶିଷ୍ଟ ବ୍ୟକ୍ତିମାନଙ୍କ ଦେହ ୨. ଜଗନ୍ନାଥଙ୍କ ବିଗ୍ରହ ।
**ଶ୍ରୀକର** *ବିଂ* ୧. ଶୋଭାକର ୨. ଶ୍ରୀହସ୍ତ, ଲକ୍ଷ୍ମୀହସ୍ତ ।
**ଶ୍ରୀକାପଡ଼ା** *ବି.* ଜଗନ୍ନାଥ ମହାପ୍ରଭୁଙ୍କ ଅଙ୍ଗଲାଗି ବସ୍ତ୍ର ।
**ଶ୍ରୀଗୁରୁ** *ବି.* ଜ୍ଞାନଦାତା, ମନ୍ତ୍ରଦାତା ।
**ଶ୍ରୀଚରଣ** *ବି.* ଦେବତା, ଗୁରୁଜନମାନଙ୍କ ପଦ ।
**ଶ୍ରୀଦେବୀ** *ବି.* ୧. ଶ୍ରୀମନ୍ଦିରର ରତ୍ନ ସିଂହାସନରେ ଆସୀନା ଲକ୍ଷ୍ମୀ ପ୍ରତିମା ୨. ଲକ୍ଷ୍ମୀ, ସୌଭାଗ୍ୟ ଓ ଧନର ଦେବୀ ।
**ଶ୍ରୀନିକେତନ** *ବି.* ବୈକୁଣ୍ଠ, ବିଷ୍ଣୁଙ୍କ ବିହାର କ୍ଷେତ୍ର ।
**ଶ୍ରୀପଞ୍ଚମୀ** *ବି.* ମାଘ ଶୁକ୍ଳ ପଞ୍ଚମୀ, ବସନ୍ତପଞ୍ଚମୀ-ସରସ୍ୱତୀ ପୂଜାତିଥି ।
**ଶ୍ରୀଫଳ** *ବି.* ୧. ନଡ଼ିଆ ୨. ବେଲ ୩. ଗୁଆ ।
**ଶ୍ରୀବସ୍ତ୍ର ଖଣ୍ଡପାଳ** *ବି.* ଶ୍ରୀମନ୍ଦିର ନିର୍ମାଣ ଶୈଳୀ ବା ଢାଞ୍ଚାର ନାମ ।
**ଶ୍ରୀବିଗ୍ରହ** *ବି.* ଦେବପ୍ରତିମା ।
**ଶ୍ରୀବିଦ୍ୟା** *ବି.* ତନ୍ତ୍ରଶାସ୍ତ୍ର ବର୍ଣ୍ଣିତ ମହାବିଦ୍ୟାଗୁଡ଼ିକ ମଧ୍ୟରୁ ଅନ୍ୟତମ ।
**ଶ୍ରୀବୃଦ୍ଧି** *ବି.* ବଢ଼ତି, ଧନଜନ ଗୋପଲକ୍ଷ୍ମୀ ପ୍ରାପ୍ତି, ସମୃଦ୍ଧି, ଉନ୍ନତି ।
**ଶ୍ରୀମତୀ** *ବି. ବିଂ* ୧. ସୌଭାଗ୍ୟବତୀ ୨. ବିବାହିତା ବା ବୟଃପ୍ରାପ୍ତା ନାରୀ ୩. ରାଧା ।
**ଶ୍ରୀମଦ୍ଭାଗବତ** *ବି.* ବ୍ୟାସକୃତ ଶ୍ରୀମଦ୍ଭାଗବତ ମହାପୁରାଣ ଗ୍ରନ୍ଥ ।
**ଶ୍ରୀମନ୍ଦିର** *ବି.* ଶ୍ରୀଜଗନ୍ନାଥଙ୍କ ମନ୍ଦିର ।
**ଶ୍ରୀମୁଖ** *ବି.* ୧. ସୁନ୍ଦର ଓ ପବିତ୍ର ମୁଖ ୨. ସମ୍ମାନାସ୍ପଦଙ୍କ ମୁହଁ ।
**ଶ୍ରୀମୁଖ ଓଡା** *ବି.* ଶ୍ରୀଜଗନ୍ନାଥଙ୍କ ଶ୍ରୀମୁଖରେ ଯେଉଁ ଧଳା କନା ପଡ଼ି ତା' ଉପରେ ଶ୍ରୀମୁଖ ଚିତ୍ରିତ ହୋଇଥାଏ।
**ଶ୍ରୀମୁଖ ସିଂହାର** *ବି.* ଶ୍ରୀଜଗନ୍ନାଥଙ୍କ ଶ୍ରୀମୁଖ ଚିତ୍ରଣ।

**ଶ୍ରୀହୀନ** ***ବିଂ.*** ୧. ଲକ୍ଷ୍ମୀଛଡ଼ା, ନିର୍ଦ୍ଧନ ୨. କୁରୂପ ୩. ସୌନ୍ଦର୍ଯ୍ୟହୀନ ।

**ଶ୍ରୀକ୍ଷେତ୍ର** ***ବି.*** ଶ୍ରୀଜଗନ୍ନାଥ ମନ୍ଦିର ଯୋଗୁଁ ପ୍ରସିଦ୍ଧ ସହର ପୁରୀ ।

**ଶ୍ରୁତ** ***ବିଂ.*** ଯାହା ଶୁଣାଯାଇଅଛି, ବିଖ୍ୟାତ ।

**ଶ୍ରୁତଲିଖନ** ***ବି.*** ଶୁଣିକରି ଲେଖାଯିବା କାର୍ଯ୍ୟ ।

**ଶ୍ରୁତି** ***ବି.*** ୧. ବେଦ ୨. ଶୁଣି ଶୁଣି ମନେ ରଖାଯାଇଥିବା ବିଦ୍ୟା ୨. କାନ ୩. କିମ୍ବଦନ୍ତୀ ।

**ଶ୍ରୁତିକଟୁ** ***ବିଂ.*** ୧. ଶୁଣିବାକୁ ଭଲ ଲାଗୁନଥିବା ୨. ପୀଡ଼ା ଦାୟକ, ଅପ୍ରୀତିକର ।

**ଶ୍ରୁତିଗୋଚର** ***ବି.*** ୧. କାନକୁ ଶୁଭିବା ୨. ବୋଧ ହେବା ୩. ଜଣାଯିବା ।

**ଶ୍ରୁତିପଥ** ***ବି.*** କାନର ବାହାରୁ ପଟଳ ପର୍ଯ୍ୟନ୍ତ ଲମ୍ବିଥିବା ଅଂଶ ।

**ଶ୍ରୁତିମଧୁର** ***ବିଂ.*** ଶୁଣିବାକୁ ଭଲ ଲାଗୁଥିବା ।

**ଶ୍ରେଣୀ** ***ବି.*** ୧. ଧାଡ଼ି, ପଙ୍‌କ୍ତି ୨. ଦଳ, ଗୋଷ୍ଠୀ, ଗଣ ୪. ସମ୍ପ୍ରଦାୟ, ସମାଜ, ସଙ୍ଘ, ଏକ ମତବାଦୀ ବ୍ୟକ୍ତିଗଣ ୫. ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କର ଶିକ୍ଷାର ପର୍ଯ୍ୟାୟ ୬. ବିଭାଗ ।

**ଶ୍ରେଣୀଗୃହ** ***ବି.*** ସ୍କୁଲରେ ପଢ଼ାଯାଉଥିବା କୋଠରୀ ।

**ଶ୍ରେଣୀ ଶିକ୍ଷକ** ***ବି.*** ବିଦ୍ୟାଳୟର ବିଭିନ୍ନ ଶ୍ରେଣୀର ଅଧାୟୀମାନଙ୍କର ଦାୟିତ୍ୱ ନେଇଥିବା ଶିକ୍ଷକ ।

**ଶ୍ରେୟଃ** ***ବି.*** ୧. ମଙ୍ଗଳ, ଉପକାର, ହିତ, କଲ୍ୟାଣ ୨. ସୁଖ-ସୌଭାଗ୍ୟ; ***ବିଂ.*** ହିତକର, ଅତି ପ୍ରଶସ୍ତ, ଶ୍ରେଷ୍ଠ, ସବୁଠାରୁ ଉତ୍ତମ ବା ଉପଯୋଗୀ ।

**ଶ୍ରେଷ୍ଠ** ***ବିଂ.*** ସର୍ବୋତ୍ତମ, ଉତ୍‌କୃଷ୍ଟ, ପ୍ରଧାନ, ପ୍ରଶସ୍ତ ।

**ଶ୍ରେଷ୍ଠତମ** ***ବିଂ.*** ସବୁଠାରୁ ଭଲ, ଅତି ଉତ୍ତମ ।

**ଶ୍ରେଷ୍ଠୀ** ***ବି.*** ୧. ବଣିକ ୨. ଧନୀ ୩. କୁଳୀନ, ସମ୍ଭ୍ରାନ୍ତ ।

**ଶ୍ରୋଣୀ** ***ବି.*** ନିତମ୍ବ, ପିଚା, କଟିଦେଶ, ଅଣ୍ଟାର ପଛଭାଗ ।

**ଶ୍ରୋତ୍ରିୟ** ***ବିଂ.*** ବେଦଜ୍ଞ (ବ୍ରାହ୍ମଣ) ।

**ଶ୍ଲଥ** ***ବିଂ.*** ଢୁଗୁଲା, ଶିଥିଳ, ଢ଼ିଲା ।

**ଶ୍ଲାଘା** ***ବି.*** ୧. ନିଜର ପ୍ରଚାର ୨. ପ୍ରୌଢ଼ୀ, ଆତ୍ମଗରିମା, ଆତ୍ମପ୍ରଶଂସା, ବଡ଼ିମା, ଅହଂକାର ।

**ଶ୍ଲୀଳ** ***ବିଂ.*** ଶୋଭନ, ଭଦ୍ର, ରୁଚିସଂଗତ,ଶିଷ୍ଟ ।

**ଶ୍ଲେଷ** ***ବି.*** ୧. ପ୍ରଚ୍ଛନ୍ନ ବିଦ୍ରୂପ, ନିନ୍ଦା ୨. ଏକାଧିକ ଅର୍ଥରେ ଗୋଟିଏ ପଦର ବ୍ୟବହାର ୩. ବ୍ୟଙ୍ଗ ଉକ୍ତି ।

**ଶ୍ଲୋକ** ***ବି.*** ୧. ପଦ୍ୟ ୨. ଛନ୍ଦୋବଦ୍ଧ ଭକ୍ତି କବିତା ।

# ଷ

**ଷ ବି.** ଏକତ୍ରିଂଶ ବ୍ୟଞ୍ଜନ ବର୍ଣ୍ଣ ।

**ଷଟ୍ ବି.** ଛଅ ; **ବିଂ.** ଛଅ ସଂଖ୍ୟକ ।

**ଷଟ୍‌କ ବି.** ୧. ଛଅଟି ୨. ଛଅଟି କବିରାଜି ଦ୍ରବ୍ୟର ଏକତ୍ର ମିଶ୍ରଣ ।

**ଷଟ୍‌କର୍ଣ୍ଣ ବି.** ୧. ଗୁପ୍ତ ବିଷୟ ୨. ରହସ୍ୟ ।

**ଷଟ୍‌କର୍ମ ବିଂ.** ୧. ଛଅଟି କର୍ମ (ଯଜନ, ଯାଜନ, ଅଧ୍ୟୟନ, ଅଧ୍ୟାପନ, ଦାନ, ପ୍ରତିଗ୍ରହ) ୨. ଛଅଟି ଅଭିଚାର (ଶାନ୍ତିକରଣ, ବଶୀକରଣ, ସ୍ତମ୍ଭନ, ବିଦ୍ୱେଷଣ, ଉଚ୍ଚାଟନ, ମାରଣ) ।

**ଷଟ୍‌କୋଣ ବିଂ.** ଛଅକୋଣ ବିଶିଷ୍ଟ ; **ବି.** ୧. ବଜ୍ର ୨. ହୀରା, ହୀରକ ୩. ଷଡଭୁଜ କ୍ଷେତ୍ର ୪. ଲଗ୍ନଠାରୁ ଷଷ୍ଠ ସ୍ଥାନ ୫. ତନ୍ତ୍ରୋକ୍ତ ଯନ୍ତ୍ରବିଶେଷ ୬. ଗଣେଶଙ୍କ ପୂଜା ପାଇଁ ଊର୍ଦ୍ଧ୍ୱମୁଖ ତ୍ରିକୋଣ ଓ ଅଧଃମୁଖ ତ୍ରିକୋଣ- ଏ ଉଭୟ ଛଅଟି କୋଣର ଚିତ୍ର ।

**ଷଟ୍‌କୋଣୀ ବିଂ.** ୧. ଛଅକୋଣଯୁକ୍ତ ୨. ଛକୋଣିଆ ।

**ଷଟ୍‌ଚକ୍ର, ଷଡଚକ୍ର ବି.** ତନ୍ତ୍ରଶାସ୍ତ୍ରମତେ ଦେହମଧ୍ୟସ୍ଥ ପଦ୍ମାକୃତି ଛଅଟି ଚକ୍ର ବା ସ୍ଥାନ (ଗୁହ୍ୟ ଦ୍ୱାରର ଊର୍ଦ୍ଧ୍ୱରେ ଥିବା ମୂଳାଧାର ବା ଆଧାର ଚକ୍ର, ଲିଙ୍ଗମୂଳରେ ଥିବା ସ୍ୱାଧିଷ୍ଠାନ ବା ଲିଙ୍ଗଚକ୍ର, ନାଭିମୂଳରେ ଥିବା ମଣିପୂରକ ବା ନାଭିଚକ୍ର, ହୃଦୟରେ ଥିବା ଅନାହତ ବା ହୃଦୟଚକ୍ର, କଣ୍ଠଦେଶରେ ଥିବା ବିଶୁଦ୍ଧ ବା କଣ୍ଠଚକ୍ର, ଭ୍ରୂ ମଧ୍ୟରେ ଥିବା ଆଜ୍ଞାଚକ୍ର ବା ରାଧାଚକ୍ର ବା ବ୍ରହ୍ମରନ୍ଧ୍ର ଚକ୍ର ; ଏହି ଷଡଚକ୍ରର ଊର୍ଦ୍ଧ୍ୱରେ ତାଳୁର ବ୍ରହ୍ମରନ୍ଧ୍ର ଚକ୍ରରେ ରହିଛି ସହସ୍ରଦଳ ପଦ୍ମ ।

**ଷଟ୍‌ଚରଣ ବି.** ୧. ଭ୍ରମର ୨. ମଧୁକର ୩. ଉକୁଣି ; **ବିଂ.** ଛଅ ଗୋଡ଼ିଆ ।

**ଷଟ୍ ଦର୍ଶନ ବି.** ଭାରତୀୟ ଦର୍ଶନ ପରମ୍ପରାର ଛ ଗୋଟି ବିଭାଗ- ସାଂଖ୍ୟ, ନ୍ୟାୟ, ଯୋଗ, ବୈଶେଷିକ, ପୂର୍ବମୀମାଂସା ଓ ଉତ୍ତର ମୀମାଂସା ।

**ଷଟ୍‌ପଦ ବି.** ୧. ଭ୍ରମର, ମଧୁକର ୨. ଉକୁଣି;**ବିଂ.** ୧. ଛଅ ଗୋଡ଼ିଆ(ଜୀବ), ୨. ଛଅଟି ପଦ ବିଶିଷ୍ଟ (ପଦ୍ୟ ରଚନା) ।

**ଷଟ୍‌ପଦୀ ବିଂ.** ୧. ଛଅଗୋଡ଼ ଯୁକ୍ତ, ଛଅପଦବିଶିଷ୍ଟ ୨. ଛଅ ପଙ୍‌କ୍ତିଯୁକ୍ତ (କବିତା); **ବି.** ୧. ଛଅପୋଇ ୨. ଛଅଚରଣବିଶିଷ୍ଟ କବିତା ବା ଶ୍ଳୋକ, ଛଅପଦିଆ ।

**ଷଟ୍ ପ୍ରଜ୍ଞ ବିଂ. ବି.** ୧. ଚାରି ପୁରୁଷାର୍ଥ (ଧର୍ମ, ଅର୍ଥ, କାମ, ମୋକ୍ଷ) ତଥା ଲୋକାଚାର ଓ ଲୋକତତ୍ତ୍ୱ - ଏହି ଛଅଟି ବିଷୟରେ ଅଭିଜ୍ଞ, ଷଡ଼ଭିଜ୍ଞ ୨. ବୌଦ୍ଧ ୩. କାମୁକ ।

**ଷଟ୍ ଶାସ୍ତ୍ର ବି.** ଛଅଟି ଦର୍ଶନ ଶାସ୍ତ୍ର (ସାଂଖ୍ୟ, ପାତଞ୍ଜଳ, ପୂର୍ବ ମୀମାଂସା, ଉତ୍ତର ମୀମାଂସା, ନ୍ୟାୟ, ବୈଶେଷିକ) ।

**ଷଟ୍ ଶାସ୍ତ୍ରୀ ବିଂ.** ଛଅଟି ଦର୍ଶନରେ ପ୍ରବୀଣ ବା ପାରଦର୍ଶୀ ।

**ଷଠୀ ବି.** ଷାଠିଏ ; **ବିଂ.** ଷାଠିଏ ।

**ଷଠୀ ଶହେ ବି. ବିଂ.** ଏକ ଶହ ଷାଠିଏ ।

**ଷଠି ଉଠିଆରି ବି.** ଶିଶୁ ଜନ୍ମ ହେବାର ଷଷ୍ଠ ଦିବସ ଓ ଦ୍ୱାଦଶ ଦିବସ, ମାତା ସ୍ନାନ ପୂର୍ବକ ଅନ୍ତୁଡ଼ି ଉଠିବା ଅବସରରେ ଦୁଇଟିର ଉତ୍ସବ ।

**ଷଠିକା ଧାନ ବି.** ପ୍ରାୟ ଷାଠିଏ ଦିନରେ ପାଚୁଥିବା ଶାରଦ ଧାନ, ସେଟ୍‌କା ।

**ଷଠିଘର, ଷଠୀଘର ବି.** ନବଜାତ ଶିଶୁ ଜନ୍ମର ଷଷ୍ଠ ଦିବସରେ ଷଷ୍ଠୀ ଦେବୀ ପୂଜା ଓ ଅନୁଷ୍ଠିତ ଉତ୍ସବ ।

**ଷଠିଦିଉଛେଇଁ(ଈ) ବି.** ଷଷ୍ଠୀ ଦେବୀ (ଷୋଡଶ ମାତୃକାନ୍ତର୍ଗତ ମାତୃକା ବିଶେଷ) ।

**ଷଠି(ଆ)ଧାନ ବି.** ଶୀଘ୍ର ପାଚି ଯାଉଥିବା ଶାରଦ ଧାନ ବିଶେଷ, ସେଟ୍‌କା ।

**ଷଠିବାଡ଼ିଆ ବି.** ଭାଦ୍ରବ ମାସ ଶୁକ୍ଳପକ୍ଷ ଷଷ୍ଠୀ (ଷଷ୍ଠୀ ଓଷା) ଦିନ ବାଳକ ବାଳିକାଙ୍କ ସୁରକ୍ଷା ପାଇଁ ମାଆ ବା ବୟସ୍କା ସ୍ତ୍ରୀଲୋକଙ୍କ ଦ୍ୱାରା ସାରୁନଡ଼ା, ଧାନକେଣ୍ଡା, ବଜ୍ରମୂଳୀ, ବାଉଁଶପତ୍ର ଏକତ୍ର ବନ୍ଧା ହୋଇଥିବା ବିଡ଼ାରେ ଆଘାତ କରିବା କାର୍ଯ୍ୟ ।

**ଷଠୀ ବି.** ଷଷ୍ଠୀ ଦେବୀ; **ବି.ବିଂ. ଷଷ୍ଠୀ** ।

**ଷଠୀ ଓଷା ବି.** ଭାଦ୍ର ମାସ ଶୁକ୍ଳ ଷଷ୍ଠୀ ଦିନ ଅନୁଷ୍ଠିତ ଷଷ୍ଠୀ ଦେବୀଙ୍କ ପୂଜା ।

**ଷଡ୍‌ଋତୁ ବି.** ବର୍ଷର ଛଅଟି ଋତୁ- ୧. ଗ୍ରୀଷ୍ମ (ବୈଶାଖ, ଜ୍ୟେଷ୍ଠ ମାସ) ୨. ବର୍ଷା (ଆଷାଢ଼, ଶ୍ରାବଣ ମାସ) ୩. ଶରତ (ଭାଦ୍ରବ ଓ ଆଶ୍ୱିନମାସ) ୪. ହେମନ୍ତ (କାର୍ତ୍ତିକ ଓ ମାର୍ଗଶିର ମାସ) ୫. ଶିଶିର (ଶୀତ) (ପୌଷ ଓ ମାଘ ମାସ) ୬. ବସନ୍ତ (ଫାଲ୍‌ଗୁନ ଓ ଚୈତ୍ରମାସ) ।

**ଷଡ୍‌ଗୁଣ ବି.** ୧. ଛଅଟି ଗୁଣ : ସନ୍ଧି, ବିଗ୍ରହ, ଯାନ, ଆସନ, ଦ୍ୱୈଧ, ଆଶ୍ରୟ ୨. ଶାସକ ବା ରାଜାମାନଙ୍କର ଏହି ଛଅ ଗୁଣ ୩. ଛଅଟି ବିଶିଷ୍ଟ ଲକ୍ଷ୍ୟ (ଐଶ୍ୱର୍ଯ୍ୟ, ଜ୍ଞାନ, ଯଶଃ, ଶ୍ରୀ, ବୈରାଗ୍ୟ, ଧର୍ମ); **ବିଂ.** ୧. ଛଅ ସଂଖ୍ୟାଦ୍ୱାରା ଗୁଣିତ ୨. ଛଅଗୁଣା ।

**ଷଡ୍‌ଜ ବି.** ୧. ନାସା, ଉରଃ, କଣ୍ଠ, ତାଳୁ, ଜିହ୍ୱା, ଦନ୍ତ-ଏହି ଛଅ ସ୍ଥାନରୁ ଜାତ କେକାତୁଲ୍ୟ ସ୍ୱର ୨. ସ୍ୱରଗ୍ରାମର ପ୍ରଥମ ବା ମୂଳସ୍ୱର ସା (ମୟୂରସ୍ୱର ସଦୃଶ)ରୁ ଜାତ ଅନ୍ୟ ଛଅଟି ସ୍ୱର (ରିଷଭ, ଗା-ଗାନ୍ଧାର, ମା-ମଧ୍ୟମ, ପା-ପଞ୍ଚମ, ଧା-ଧୈବତ, ନି-ନିଷାଦ) ।

**ଷଡ୍‌ଦର୍ଶନ ବି.** ଛଅଟି ଦର୍ଶନ ଶାସ୍ତ୍ର [ସାଂଖ୍ୟ, ପାତଞ୍ଜଳ(ଯୋଗ), ପୂର୍ବ ମୀମାଂସା, ଉତ୍ତର ମୀମାଂସା, (ବେଦାନ୍ତ)- ନ୍ୟାୟ (ତର୍କ), ବୈଶେଷିକ]

**ଷଡ୍‌ବର୍ଗ** *ବି.* ୧. କାମ-କ୍ରୋଧ-ଲୋଭ-ମୋହ-ମଦ- ମାତ୍ସର୍ଯ୍ୟ ମନୁଷ୍ୟର ଏହି ଛଅଟି ଅନ୍ତଃଶତ୍ରୁ ୨. ଧର୍ମ -ଅର୍ଥ-କାମ-ମୋକ୍ଷ-ଲୋକାଚାର-ତତ୍ତ୍ୱଜ୍ଞାନ : ମନୁଷ୍ୟର ଏହି ଛଅ କାମ୍ୟ ବା ଲକ୍ଷ୍ୟ ।

**ଷଡ୍‌ଭୁଜା** *ବିଂ.ବି.* ୧. ଛଅ ବାହୁବିଶିଷ୍ଟା ଦେବୀ ୨. ଦୁର୍ଗା ୩. ଚାମୁଣ୍ଡା ।

**ଷଡ୍‌ଯନ୍ତ୍ର,ଷଡ଼ଯନ୍ତ୍ର** *ବି.* ୧. ଚକ୍ରାନ୍ତ, ବିରୁଦ୍ଧାଚରଣ ବା ପ୍ରଭୂତ କ୍ଷତି କରିବା ଉଦ୍ଦେଶ୍ୟରେ ଗୁପ୍ତ ମନ୍ତ୍ରଣା ୨. ତନ୍ତ୍ରୋକ୍ତ ମତରେ ସ୍ତମ୍ଭନ, ମୋହନ, ବଶୀକରଣ, ଉଚ୍ଚାଟନ, ତାଡ଼ନ, ମାରଣ ।

**ଷଡ୍‌ରସ** *ବି.* ଛଅ ପ୍ରକାରର ରସ ବା ସ୍ୱାଦ ଯଥା : ଲବଣ- ଅମ୍ଳ- କଟୁ- କଷାୟ - ତିକ୍ତ- ମଧୁର; *ବିଂ.* ଏହି ଛଅ ପ୍ରକାରର ରସରେ ପ୍ରସ୍ତୁତ ।

**ଷଡ୍‌ରିପୁ** *ବି.* କାମ କ୍ରୋଧ-ଲୋଭ-ମୋହ-ମଦ-ମାତ୍ସର୍ଯ୍ୟ: ମନୁଷ୍ୟର ଏହି ଛଅଟି ଅନ୍ତଃଶତ୍ରୁ ।

**ଷଡ୍‌ଲବଣ** *ବି.* ଛଅ ପ୍ରକାରର ଲୁଣ-ସୈନ୍ଧବ, ସାମୁଦ୍ର, ବିଟ, କାଚ, ସୌବର୍ଚ୍ଚଳ ଓ ମୃତ ।

**ଷଡ଼** *ବି.* ଛଅ ; *ବିଂ.* ଛଅ ସଂଖ୍ୟକ, ଷଷ୍ଠ ।

**ଷଡ଼ଙ୍ଗ** *ବି.* ୧. ଦେହର ଛଅ ଅଙ୍ଗ (ମୁଣ୍ଡ, କଟି, ଦୁଇ ହାତ, ଦୁଇ ଗୋଡ଼) , ୨. ବେଦାଙ୍ଗ (ବେଦର ଛଅଟି ଭାଗ ଯଥା-ଶିକ୍ଷା, କଳ୍ପ, ବ୍ୟାକରଣ, ନିରୁକ୍ତ, ଛନ୍ଦଃ, ଜ୍ୟୋତିଷ ); ୩. ବାପା ଅଥବା ମାଙ୍କ ପ୍ରଥମ ଶ୍ରାଦ୍ଧ ଦାନ କାଳରେ ପ୍ରେତୋଦ୍ଦେଶ୍ୟରେ ପ୍ରଦତ୍ତ ଛଅ ପ୍ରକାର ଦ୍ରବ୍ୟ ( ପୀଠ ବା ଆସନ, ଛତ୍ର, ଉପାନହ, ଶଯ୍ୟା, ଅନ୍ନ, ଜଳ) ; ୪. ଛଅ ପ୍ରକାର ପୂଜା ସାମଗ୍ରୀ (ଗୋମୂତ୍ର, ଗୋମୟ, ଦୁଗ୍ଧ,ଦଧି, ଘୃତ, ଗୋରୋଚନା ) ; ୫. ସେନାଙ୍ଗ (ସେନାଦଳର ଛଅ ବିଭାଗ) ; ୬. ରାଜ୍ୟାଙ୍ଗ (ସଚିବ, ଭୃତ୍ୟ, ସୁହୃତ୍, ଶ୍ରେଣୀ, ଦ୍ୱିଷତ୍, ଆରଣ୍ୟ ସୈନ୍ୟ ); ୭. ତାନ୍ତ୍ରିକ ଦେବପୂଜାରେ ଅଙ୍ଗନ୍ୟାସର ଛଅ ଅବୟବ (ହୃଦୟ, ମଥା, ଶିଖା, କବଚ, ଆଖି, ପାପୁଲି/ ହାତପିଠି ) ; ୮. ଛଅ ପ୍ରକାର ଯୋଗସାଧନର ସୋପାନ(ପ୍ରତ୍ୟାହାର, ଧ୍ୟାନ, ପ୍ରାଣାୟାମ, ଧାରଣା, ତର୍କ, ସମାଧି ) ।

**ଷଡ଼ଙ୍ଗୀ** *ବି.ବିଂ.* ବେଦର ଛ' ଅଙ୍ଗ ଅଧ୍ୟୟନ କରିଥିବା ବିଦ୍ୱାନ ।

**ଷଡ଼ଜ** *ବି.* ମୟୂରର କଣ୍ଠଧ୍ୱନି, ସଙ୍ଗୀତର ଆଦ୍ୟସ୍ୱର (ଏହାର ସଙ୍କେତ 'ସା' : ଏହା ମୟୂରର ସ୍ୱରତୁଲ୍ୟ) ।

**ଷଡ଼ଜୟନ୍ତୀ** *ବି.* ବର୍ଷର ଛଅଗୋଟି ନିର୍ଦ୍ଦିଷ୍ଟ ଉପବାସ ବ୍ରତ ଯଥା - ଶିବରାତ୍ରି, ଜନ୍ମାଷ୍ଟମୀ, ବାମନଜନ୍ମ, ନୃସିଂହଜନ୍ମ, ରାମନବମୀ ଓ ମହାଷ୍ଟମୀ ।

**ଷଡ଼ଦର୍ଶୀ** *ବିଂ.ବି.* ଛଅଗୋଟି ଦର୍ଶନ ଶାସ୍ତ୍ର : ଯୋଗ, ସାଂଖ୍ୟ, ନ୍ୟାୟ, ପୂର୍ବ ମୀମାଂସା ଓ ଉତ୍ତର ମୀମାଂସାରେ ଅଭିଜ୍ଞ ।

**ଷଡ଼ବିକାର** *ବି.* ଜନ୍ମ, ସ୍ଥିତି, ବୃଦ୍ଧି, ପରିଣାମ ଓ ବିକାଶ ଆଦି ଜୀବର ଛଅଗୋଟି ଅବସ୍ଥା ବା ପରିବର୍ତ୍ତନ ।

**ଷଡ଼ଭିଜ୍ଞ** *ବିଂ.* ପର ଚିତ୍ତ ଜ୍ଞାନ, ଆତ୍ମଜ୍ଞାନ(ଆଧ୍ୟାତ୍ମିକ ଜ୍ଞାନ), ଜାତିସ୍ମରଣ (ପୂର୍ବଜନ୍ମ ସ୍ମରଣ), ବିୟଦ୍‌ଗତି (ଶୂନ୍ୟଗତି), ଯେକୌଣସି ଦେହଧାରଣର ଶକ୍ତି ପ୍ରଭୃତି ଛଅ ବିଷୟରେ ବିଶାରଦ ; *ବିଂ.* ଷଟ୍ ପ୍ରଜ୍ଞ ।

**ଷଡ଼ରିପୁ** *ବି.* କାମ, କ୍ରୋଧ, ଲୋଭ, ମୋହ, ମଦ ଓ ମାତ୍ସର୍ଯ୍ୟ : ବ୍ୟକ୍ତିର ବିକାଶର ଏହି ଛଅଟି ଅନ୍ତଃଶତ୍ରୁ ।

**ଷଡ଼କ୍ଷର** *ବିଂ.* ଛଅ ଅକ୍ଷର ଯଥା- ଅ, ଉ, ଏ, ଓ, ନ ଏବଂ ର ବର୍ଣ୍ଣ; ଏହି ଅକ୍ଷରଗୁଡ଼ିକୁ ଯୋଗସାଧନରେ ନ୍ୟାସ କରାଯାଏ ।

**ଷଡ଼କ୍ଷର ମନ୍ତ୍ର** *ବି.* ଛଅ ଅକ୍ଷର ଯୁକ୍ତ ମନ୍ତ୍ର ୧. ହରେ ରାମ କୃଷ୍ଣ ୨. ଓଁ ନମଃ ଶିବାୟ ୩. ନମୋ ଗଣେଶାୟ ୪. ଓଁ ଶ୍ରୀରାମ ରାମ ।

**ଷଡ଼ାନନ** *ବିଂ.* ଛଅଟି ମୁହଁଥିବା ; *ବିଂ.* ଶିବ-ପାର୍ବତୀଙ୍କ ପୁତ୍ର କାର୍ତ୍ତିକେୟ, ଷାଣ୍ମାତୁର ।

**ଷଡ଼ୈଶ୍ୱର୍ଯ୍ୟ** *ବି.* ଛଅପ୍ରକାର ସାଂସାରିକ ସମ୍ପଦ ଯଥା: ପ୍ରଭୁତ୍ୱ, ପରାକ୍ରମ, ଯଶଃ, ସମ୍ପଦ, ଜ୍ଞାନ ଓ ବୈରାଗ୍ୟ ।

**ଷଣ୍ଢ** *ବି.* ୧. ପୁରୁଷ ଗୋରୁ, ବୃଷଭ, ଶିବଙ୍କ ବାହନ ୨. ପଦ୍ମସମୂହ ।

**ଷଣ୍ଢପଣିଆ** *ବି.* ୧. ଷଣ୍ଢର ଗୁଣ ୨. ବୀରତ୍ୱ ।

**ଷଣ୍ଢା** *ବି.* ୧. ଗର୍ଦ୍ଦନ, ବେକମୂଳ ୨. ଜ୍ୱର ହେତୁ ଓଠରେ ଘା' ବା ଜରଷଣ୍ଢା ୩. ପିଆଜ ଆଦିର ଷଣ୍ଢା, ବଡ଼ ନାଡଯୁକ୍ତ ପିଆଜ ଫୁଲ ।

**ଷଣ୍ଢାଇବା** *କ୍ରି.* ଜଣକର ଇଚ୍ଛା ବିରୋଧରେ ତାକୁ କୌଣସି ପ୍ରକାରେ ଜୁଟାଇବା ।

**ଷଣ୍ଢାମାର୍କା** *ବିଂ.* ୧. ବଳିଷ୍ଠ ୨. ଉଦ୍ଧତ,ଦୁର୍ବିନୀତ, ଦୁର୍ଦ୍ଦମ, ଦୁର୍ଦ୍ଧାନ୍ତ ୩. ଷଣ୍ଢପରି ବିଶାଳକାୟ ।

**ଷଣ୍ଢାଳୀ** *ବି.* ୧. କାମୁକୀ ୨. ତେଲ, ଘିଅ ଆଦି ତରଳ ପଦାର୍ଥର ଏକ ଛଟାଙ୍କି ପରିମାଣ ୩. ପୋଖରୀ ।

**ଷଣ୍ଢିଆ** *ବିଂ.* ୧. ପୌରୁଷହୀନ, ନପୁଂସକ ୨. ଷଣ୍ଢ ସମ୍ବନ୍ଧୀୟ ।

**ଷଣ୍ଢୁଣୀ** *ବି.* ବାଂଝଗାଈ ।

**ଷଣ୍ମାସ** *ବି.* ଛଅ ମାସ, ବର୍ଷର ଅଧା ।

**ଷତ୍ୱବିଧାନ, ଷତ୍ୱବିଧି** *ବି.* 'ସ' ଜାଗାରେ 'ଷ' ହେବାର ବ୍ୟାକରଣଗତ ନିୟମ ବିଶେଷ ।

**ଷଷ୍ଠି[ଷଷ୍ଠୀ]** *ବି.ବିଂ.* ଷାଠିଏ ।

**ଷଷ୍ଠକ** *ବି.* ଚତୁର୍ଦ୍ଦଶପଦୀ କବିତାର ୮+୬ ମଧ୍ୟରୁ ଶେଷ ଛଅ ଧାଡ଼ି, ସେସ୍‌ଟେଟ୍ ।

**ଷଷ୍ଠାଷ୍ଟମ** *ବି.* ୧. ବର କନ୍ୟାଙ୍କର ବା ଦମ୍ପତିଙ୍କ ସ୍ୱ ରାଶିରୁ ପରସ୍ପର ସହିତ ଷଷ୍ଠ ଓ ଅଷ୍ଟମ ରାଶିରେ ସ୍ଥିତି ୨. ଦଶାଭୁକ୍ତି କାଳରେ ଦଶାଧିପ ଓ ଅନ୍ତର୍ଦ୍ଦଶାଧିପର ପରସ୍ପରଠାରୁ ୬ କିମ୍ବା ୮ ସ୍ଥାନରେ ଅବସ୍ଥାନ ।

**ଷଷ୍ଠୀ *ବି.*** ୧. ସନ୍ତାନର ରକ୍ଷୟିତ୍ରୀ ଦେବୀ ବିଶେଷ ୨. ମାତୃକା ବିଶେଷ (କୃତ୍ତିକା) ୩. ବ୍ୟାକରଣରେ ସମ୍ବନ୍ଧ ପଦର ବିଭକ୍ତି ୪. ଅମାବାସ୍ୟା ଓ ପୂର୍ଣ୍ଣିମାର ପରବର୍ତ୍ତୀ ଷଷ୍ଠ ଦିନ ବା ଷଷ୍ଠ ତିଥି ।

**ଷଷ୍ଠୀଘର *ବି.*** ୧. ଶିଶୁ ଜନ୍ମ ହେବାର ଷଷ୍ଠ ଦିନ ପାଳିତ ଉତ୍ସବ ବିଶେଷ ଓ ଷଷ୍ଠୀ ଦେବୀଙ୍କ ପୂଜା ୨. ଏନ୍ତୁଡ଼ିଶାଳରେ ମାଟିକାନ୍ଥରେ କଉଡ଼ି ଲଗା ଘର ନକ୍ସା ।

**ଷଷ୍ଠୀ ତତ୍‌ପୁରୁଷ *ବି.*** ଷଷ୍ଠୀ ବିଭକ୍ତିଯୁକ୍ତ ପୂର୍ବପଦକୁ ଉତ୍ତରପଦ ସହିତ ଯୋଗକାରୀ ସମାସ ବିଶେଷ ।

**ଷଷ୍ଠୀପୂଜା *ବି.*** ୧. ଶିଶୁଜନ୍ମର ଷଷ୍ଠ ଦିନରେ ପାଳିତ ଉତ୍ସବ ବିଶେଷ ଓ ଷଷ୍ଠିଦେବୀ ପୂଜା ୨. ଭାଦ୍ର ଶୁକ୍ଳ ଷଷ୍ଠୀ ଦିନ କରାଯାଉଥିବା ଷଷ୍ଠୀଦେବୀଙ୍କ ପୂଜା ।

**ଷଷ୍ଠୀ ବିଭକ୍ତି *ବି.*** ସମ୍ବନ୍ଧ ପଦ ସୂଚନା ପାଇଁ ଚିହ୍ନ ବା ରୂପ ।

**ଷାଠିଆ, ସାଠିଆ *ବି.*** ମରହଟ୍ଟା ଶାସକ ପ୍ରଦତ୍ତ ଉପାଧି ବିଶେଷ ।

**ଷାଠିଏ *ବି.ବିଂ.*** ୬୦ ସଂଖ୍ୟା ।

**ଷାଣ୍ମାତୁର *ବି.*** ୧. ଛଅ ମାତାର ସନ୍ତାନ ୨. କାର୍ତ୍ତିକେୟ ।

**ଷାଣ୍ମାସିକ *ବିଂ.*** ୧. ଛଅ ମାସ ଅନ୍ତରରେ ଥରେ ପ୍ରକାଶିତ, ଜାତ, ସଂଘଟିତ ବା ସାଧିତ ୨. ଛଅ ମାସରେ କରାଯାଉଥିବା ବା ସମ୍ପାଦିତ ।

**ଷାଣ୍ମାସିକ ପରୀକ୍ଷା *ବି.*** ସ୍କୁଲ, କଲେଜଗୁଡ଼ିକରେ ପ୍ରତି ଛ ମାସରେ ଅନୁଷ୍ଠିତ ପରୀକ୍ଷା ।

**ଷାଣ୍ମାସିକୀ *ବି.*** ୧. ପ୍ରତି ଛଅ ମାସରେ ପ୍ରକାଶିତ ହେଉଥିବା ପତ୍ରିକା ୨. ଛଅ ମାସରେ ଅନୁଷ୍ଠିତ ଉତ୍ସବ, ପରୀକ୍ଷା ଆଦି ।

**ଷାଣ୍ମାସ୍ୟ *ବିଂ.*** ୧. ଛଅମାସ ଅନ୍ତରରେ ଥରେ ପ୍ରକାଶିତ ବା ଜାତ ୨. ଛଅମାସରେ କରଣୀୟ ।

**ଷେଣ୍ଢ *ବି.*** ଷଣ୍ଢ, ବୃଷ ; ***ବିଂ.*** ୧. ଷଣ୍ଢ ଭଳି ବଳୁଆ ୨. ଗୁଣ୍ଡା, ଏକାଧିପତ୍ୟକାରୀ ୩. ଶ୍ରେଷ୍ଠ ୪. ବଳବାନ୍ ୫. ଶକ୍ତିଶାଳୀ ।

**ଷୋଡ଼ନ୍ *ବି.*** ଛଅଟି ଦାନ୍ତିଥିବା ବଳଦ ବା ଷଣ୍ଢ ।

**ଷୋଡ଼ଶ *ବି.*** ୧. ଷୋଳ ସଂଖ୍ୟା ୨. ଶ୍ରାଦ୍ଧାଦିକାଳରେ ପ୍ରେତୋଦ୍ଦେଶ୍ୟରେ ଦିଆଯିବା ଷୋଳଟି ବସ୍ତୁ (ଭୂମି, ଆସନ, ଜଳ, ବସ୍ତ୍ର,ଦୀପ, ଅନ୍ନ, ତାମ୍ବୁଳ, ଛତ୍ର, ଗନ୍ଧ, ମାଲ୍ୟ, ଫଳ, ଶଯ୍ୟା, ପାଦୁକା, ଗୋ, କାଞ୍ଚନ, ରଜତ); ***ବିଂ.*** ୧. ଷୋଳ ସଂଖ୍ୟକ ୨. ଷୋଳ ସ୍ଥାନୀୟ ୩. ଷୋଳ ସଂଖ୍ୟାର ପୂରକ ।

**ଷୋଡ଼ଶ କଳା *ବିଂ.* ଷୋଳ କଳା,** ଚନ୍ଦ୍ରର ଷୋଳଟି ଅଂଶ ବା କଳା (ଅମୃତା, ମାନଦା, ପୂଷା, ତୁଷ୍ଟି, ପୁଷ୍ଟି, ରତି, ଧୃତି, ଶଶୀ, ଚନ୍ଦ୍ରିକା, କାନ୍ତି, ଜ୍ୟୋସ୍ନା, ଶ୍ରୀ, ପ୍ରୀତି, ଅଙ୍ଗଦା, ପୂର୍ଣ୍ଣା, ପୂର୍ଣ୍ଣାମୃତା) ; ***ବି.*** ୧. ବସ୍ତୁବିଶେଷର ବା ବିଷୟ ବିଶେଷର ପୂର୍ଣ୍ଣାଙ୍ଗ ଅବସ୍ଥା ୨. ସମ୍ପୂର୍ଣ୍ଣ ଭାବ ।

**ଷୋଡ଼ଶ ଦାନ *ବି.*** ଶ୍ରାଦ୍ଧାଦି କାଳରେ ପ୍ରେତୋଦ୍ଦେଶ୍ୟରେ ଦିଆଯିବା ଷୋଳଟି ବସ୍ତୁ, ଯଥା – ଭୂମି, ଆସନ, ଜଳ, ବସ୍ତ୍ର, ଦୀପ, ଅନ୍ନ, ତାମ୍ବୁଳ, ଛତ୍ର, ଗନ୍ଧ, ମାଲ୍ୟ, ଫଳ, ଶଯ୍ୟା, ପାଦୁକା, ଗୋ, କାଞ୍ଚନ ଓ ରଜତ ।

**ଷୋଡ଼ଶମାତୃକା *ବି.*** ଷୋଳଜଣ ମାତୃକା–ଗୌରୀ, ପଦ୍ମା, ଶଚୀ, ମେଧା, ସାବିତ୍ରୀ, ବିଜୟା, ଜୟା, ଦେବସେନା (ଷଷ୍ଠୀ), ସ୍ୱଧା, ସ୍ୱାହା, ଶାନ୍ତି, ପୁଷ୍ଟି, ଧୃତି, ତୁଷ୍ଟି, ଆତ୍ମଦେବତା, କୁଳଦେବତା ।

**ଷୋଡ଼ଶାଙ୍ଗ *ବି.*** ଷୋଳ ପ୍ରକାର ଗନ୍ଧଦ୍ରବ୍ୟରେ ପ୍ରସ୍ତୁତ ଧୂପ ବିଶେଷ ଦାରୁ (ଦେବଦାରୁ), ପତ୍ର (ତେଜପତ୍ର), ମଳୟସମ୍ଭବ (ଶ୍ୱେତଚନ୍ଦନ କାଠ), ହ୍ରୀବେର (କୁରୁବେଲୀ), ଅଗୁରୁ, କୁଷ୍ଠ(କୃଢ଼), ଗୁଡ଼, ସର୍ଜରସ (ଝୁଣା), ଘନ(ମୁଥା କିମ୍ବା ମତାନ୍ତରେ କର୍ପୁର), ହରୀତକୀ (ହରିଡ଼ା), ନଖୀ(ସୁଗନ୍ଧ ଦ୍ରବ୍ୟ ବିଶେଷ), ଲାକ୍ଷା(ଜଉ) ଓ ଜଟାମାଂସୀ ।

**ଷୋଡ଼ଶୀ *ବି.*** ୧. ତନ୍ତ୍ରୋକ୍ତ ଦଶ ମହାବିଦ୍ୟାରୁ ଏକ ମହାବିଦ୍ୟା ୨. ଷୋଳବୟସୀ ଯୁବତୀ ; ***ବିଂ.*** ଷୋଳସ୍ଥାନୀୟା, ଷୋଳବର୍ଷବୟସ୍କା ।

**ଷୋଡ଼ଶୋପଚାର *ବି.*** ୧. ଦେବ ପୂଜାର ଷୋଳ ଉପକରଣ (ଆସନ, ସ୍ୱାଗତ, ପାଦ୍ୟ, ଅର୍ଘ୍ୟ, ଆଚମନୀୟ, ମଧୁପର୍କ, ପୁନରାଚମନୀୟ, ସ୍ନାନ, ବସନ, ଆଭରଣ, ଗନ୍ଧ, ପୁଷ୍ପ, ଧୂପ, ଦୀପ, ନୈବେଦ୍ୟ, ଚନ୍ଦନ) ୨. ଶକ୍ତିପୂଜାର ଷୋଳ ଉପକରଣ (ପାଦ୍ୟ, ଅର୍ଘ୍ୟ , ଆଚମନୀୟ, ସ୍ନାନ, ବସନ, ଭୂଷଣ, ଗନ୍ଧ, ପୁଷ୍ପ, ଧୂପ, ଦୀପ, ନୈବେଦ୍ୟ, ପୁନରାଚମନୀୟ, ମଦ୍ୟ, ତାମ୍ବୁଳ, ତର୍ପଣ, ନତି) ୩. ବିଶିଷ୍ଟ ବା ପ୍ରଭୁତ୍ୱଶାଳୀ ବ୍ୟକ୍ତିକୁ ସବୁ ପ୍ରକାରେ ଆପ୍ୟାୟିତ ଓ ପରିତୃପ୍ତ କରିବାର ଯାବତୀୟ ଉପକରଣ ।

**ଷୋଳ *ବି.*** ଷୋହଳ ସଂଖ୍ୟା, ୧୬ ; ***ବିଂ.*** ଷୋହଳ ସଂଖ୍ୟକ, ଷୋହଳ ସ୍ଥାନୀୟ ।

**ଷୋଳଅଣା *ବି.*** ଏକଟଙ୍କା(ପୂର୍ବେ ଷୋଳ ଅଣାରେ ଏକଟଙ୍କା ହେଉଥିଲା); ***ବିଂ.*** ୧. ସମ୍ପୂର୍ଣ୍ଣ ୨. ପୂର୍ଣ୍ଣାଙ୍ଗ ୩. ଉତ୍କୃଷ୍ଟ ; ***କ୍ରି.ବିଂ.*** ପୂରାପୂରି, ପୂରାଭାବରେ ।

**ଷୋଳକଳା *ବି.*** ଚନ୍ଦ୍ରର ଷୋଳଟି ଅଂଶ (ଏହି ଷୋଳ କଳାର ନାମ– ଅମୃତା, ମାନଦା, ପୂଷା, ତୁଷ୍ଟି, ରତି, ଧୃତି, ଶଶୀ, ଚନ୍ଦ୍ରିକା, କାନ୍ତି, ଜ୍ୟୋସ୍ନା, ଶ୍ରୀ, ପ୍ରୀତି, ଅଙ୍ଗଦା, ପୂର୍ଣ୍ଣା, ପୂର୍ଣ୍ଣାମୃତ) ୨. ବସ୍ତୁବିଶେଷର ବା ବିଷୟ ବିଶେଷର ପୂର୍ଣ୍ଣାଙ୍ଗ ଅବସ୍ଥା ୩. ସମ୍ପୂର୍ଣ୍ଣଭାବ ।

**ଷୋଳଟିଆ ପଣା *ବି.* ଶ୍ରୀମନ୍ଦିରରେ ଲାଗିବା ଷୋହଳ ଓଳି ପଣା ।**

**ଷୋଳପଣ *ବି.ବିଂ.*** ପୂର୍ଣ୍ଣମାତ୍ରା, ପୁରାପୁରି, ସମ୍ପୂର୍ଣ୍ଣ ଭାବରେ ।

**ଷୋଳପାଲା *ବି.*** ପୁତ୍ରଲାଭ ବା ତତ୍ତୁଲ୍ୟ ମନୋବାଞ୍ଛା ପୂରଣ ଲକ୍ଷ୍ୟରେ ସତ୍ୟପୀରଙ୍କୁ ମନାସିତ ଷୋଳଗୋଟି ପାଲା ବା ପୂଜା ।

**ଷୋଳପୂଜା *ବି.*** ୧. ପୁତ୍ରଲାଭ ବା ତତ୍ତୁଲ୍ୟ ମନୋବାଞ୍ଛା ସିଦ୍ଧି ନିମନ୍ତେ ସତ୍ୟପୀରଙ୍କୁ ମନାସିତ ଷୋଳଗୋଟି ପାଲା ବା ପୂଜା ୨. ଦେବୀ ଉଦ୍ଦେଶ୍ୟରେ ଆଚରିତ ପୂଜା ।

**ଷୋଳ ଶାସନ** *ବି.* ପୁରୀ ଶ୍ରୀମନ୍ଦିରକୁ କେନ୍ଦ୍ର କରି ଷୋହଳଟି ରାଜଦତ୍ତ ବ୍ରାହ୍ମଣପ୍ରଧାନ ଗ୍ରାମ।

**ଷୋହଳ** *ବି.* ଷୋଳ, ୧୬ ସଂଖ୍ୟା ; *ବିଂ.* ୧. ୧୬ ସଂଖ୍ୟକ ୨. ୧୬ ସ୍ଥାନୀୟ ।

**ଷୋହଳ କରଣ** *ବି.* ଶ୍ରୀମନ୍ଦିରରେ ଷୋହଳପ୍ରକାର ସେବାରେ ନିଯୁକ୍ତ କରଣ ସେବକ।

**ଷ୍ଟକ୍** *ବିଂ.ବି.* ଗଚ୍ଛିତ ମାଲ ।

**ଷ୍ଟକିଷ୍ଟ** *ବି.* ଗୋଦାମରେ ମାଲ ଗଚ୍ଛିତ ରଖୁଥିବା କର୍ମଚାରୀ ବା ବେପାରୀ ।

**ଷ୍ଟପ୍‌ୱାଚ** *ବି.* ବିରାମ ଘଡ଼ି, ଖେଳ ଆଦିରେ ବ୍ୟବହୃତ ଘଡ଼ି ।

**ଷ୍ଟମ୍ପ୍** *ବି.* ଖୁଣ୍ଟା, କ୍ରିକେଟ ଖେଳରେ କ୍ରିଜ୍ ଦୁଇପଟେ ପୋତା ଯାଉଥିବା କାଠ ଖୁଣ୍ଟି ।

**ଷ୍ଟଲ୍** *ବି.* ୧. ଅସ୍ଥାୟୀ ବା ଛୋଟ ଦୋକାନ ୨. ସଜାହୋଇ ରହିଥିବା ବହି ଓ ମନୋହରି ଦୋକାନ ୩. ଖାଦ୍ୟ ବିତରଣ ପାଇଁ ଅସ୍ଥାୟୀ ସ୍ଥାନ ବା କୋଠରୀ ୩. ପ୍ରଚାର ପ୍ରସାରପାଇଁ ଉଦ୍ଦିଷ୍ଟ ଅସ୍ଥାୟୀ ତମ୍ବୁ ।

**ଷ୍ଟାଇପେଣ୍ଡ** *ବି.* ଯୋଗ୍ୟ ବିବେଚିତ ଛାତ୍ରଙ୍କୁ ସରକାରଙ୍କଠାରୁ ମିଳୁଥିବା ବୃତ୍ତି ।

**ଷ୍ଟାଇଲ୍** *ବି.* ୧. ରୀତି ୨. ଶୈଳୀ ୩. ଫେସନ, ଆଚରଣ, ଦେଖେଇ ହେବା ଢଙ୍ଗ ।

**ଷ୍ଟାଇଲ୍ ମାରିବା** *କ୍ରି.* ଦେଖାଇ ହେବା ।

**ଷ୍ଟାଚ୍ୟୁ** *ବି.* ମୂର୍ତ୍ତି, ପ୍ରତିମୂର୍ତ୍ତି, ପ୍ରତିମା ।

**ଷ୍ଟାର୍ଟ୍** *କ୍ରି.* ଆରମ୍ଭ କରିବା, ଯନ୍ତ୍ର ଚାଲୁକରିବା ।

**ଷ୍ଟାଟସ୍** *ବି.* ୧. ସାମାଜିକ ପାହ୍ୟା ୨. ଅବସ୍ଥା ।

**ଷ୍ଟାଟିସ୍‌ଟିକ୍ସ** *ବି.* ପରିସଂଖ୍ୟାନ ।

**ଷ୍ଟାଡ଼ିୟମ୍** *ବି.* ଖେଳ କସରତ ହେଉଥିବା ସ୍ଥାନ ।

**ଷ୍ଟାଣ୍ଡାର୍ଡ୍** *ବି.ବିଂ.* ମାନ ନିର୍ଦ୍ଧାରକ, ମାନକ ।

**ଷ୍ଟାଣ୍ଡାର୍ଡ୍ ଟାଇମ୍** *ବି.* ସରକାରୀ ଆଇନ ଅନୁସାରେ ଦେଶରେ ଚଳୁଥିବା ସବୁ ପ୍ରାନ୍ତ ପାଇଁ ଏକ ସମୟ, ମାନକ ସମୟ ।

**ଷ୍ଟାପଲର** *ବି.* କାଗଜକୁ ପିନଦ୍ୱାରା ଗୁନ୍ଥିବା ଯନ୍ତ୍ର ।

**ଷ୍ଟାବିଲାଇଜର** *ବି.* ବିଦ୍ୟୁତ ପ୍ରବାହକୁ ନିୟନ୍ତ୍ରଣ କରୁଥିବା ଯନ୍ତ୍ର ।

**ଷ୍ଟାମ୍ପ** *ବି.* ୧. ଡାକଟିକଟ ୨. ଦଲିଲ ବା ଚିଠିପତ୍ରରେ ମାମୁଲ ବା ମୁଦ ଲଗାଯିବା ସରକାରୀ ଛାପା ୩. ମୋହର, ମୁଦ୍ରା ।

**ଷ୍ଟାମ୍ପପ୍ୟାଡ୍** *ବି.* ସିଲ୍ ମାରିବା ଏବଂ ମୁଦ୍ରାଙ୍କନ ପାଇଁ ବ୍ୟବହୃତ କାଳିଭିଜା ମୋଟା କନା ପଟିଥିବା ଛୋଟ ବାକ୍ସ।

**ଷ୍ଟାମ୍ପ ଭେଣ୍ଡର** *ବି.* ଟିକଟବିକାଳି, ସରକାରୀ ଟିକେଟ ବିକ୍ରେତା ।

**ଷ୍ଟାର୍** *ବି.* ୧. ନକ୍ଷତ୍ର ୨. ଚିତ୍ରତାରକା (ଅଭିନେତା) ୩. ବିଖ୍ୟାତ ଖେଳାଳି ।

**ଷ୍ଟିଅରିଂ କମିଟି** *ବି.* ନିୟନ୍ତ୍ରଣକାରୀ କମିଟି, ବ୍ୟବସ୍ଥା ପରିଚାଳନା କମିଟି।

**ଷ୍ଟିଅରିଂ ହ୍ୱିଲ୍** *ବି.* ଚଳନ୍ତା ଗାଡ଼ିର ଦିଗ ନିୟନ୍ତ୍ରଣକାରୀ ଯନ୍ତ୍ରାଂଶ ।

**ଷ୍ଟିକର୍** *ବିଂ.* ପଛରେ ଅଠାଲାଗିଥିବା ଚିତ୍ର ବା ଛାପା କାଗଜ ।

**ଷ୍ଟିମର୍** *ବି.* ପେଟ୍ରୋଲ, ଡିଜେଲ ଅଥବା ବାଷ୍ପଚାଳିତ ଜଳଯାନ ।

**ଷ୍ଟିଲ୍** *ବି.* ଇସ୍ପାତ, କଳଙ୍କି ଲାଗୁ ନ ଥିବା ଲୁହା ।

**ଷ୍ଟୁଡ଼ିଓ** *ବି.* ୧. ଚିତ୍ରଶାଳା, ଶିଳ୍ପୀ ବା ଭାସ୍କରର କର୍ମଶାଳା, କଳାମନ୍ଦିର, ଚିତ୍ରମନ୍ଦିର ୨. ଫଟୋ ଉଠାଇବା, ସିନେମା ତିଆରି, ସଙ୍ଗୀତ ରେକଡ଼ିଙ୍ଗ ଆଦି ହେବା ସ୍ଥାନ।

**ଷ୍ଟୁଡେଣ୍ଟ୍** *ବି.* ଛାତ୍ର, ବିଦ୍ୟାର୍ଥୀ ।

**ଷ୍ଟୁଲ୍** *ବି.* ୧. ପୀଢ଼ା, ଉଚ୍ଚାସନ ୨. ଝାଡ଼ା, ମଳ ।

**ଷ୍ଟେ** *ବି.* ବିଚାରାଳୟର ରହିତାଦେଶ ।

**ଷ୍ଟେ ଅର୍ଡର୍** *ବିଂ.* ରହିତାଦେଶ, ସ୍ଥଗିତାଦେଶ ।

**ଷ୍ଟେଆର୍‌କେସ୍** *ବି.* ପାହାଚ, ସୋପାନଶ୍ରେଣୀ, ଶିଡ଼ି ।

**ଷ୍ଟେଜ୍** *ବି.* ୧. ରଙ୍ଗମଞ୍ଚ, ମଞ୍ଚ ୨. ଅବସ୍ଥା, ସ୍ତର ।

**ଷ୍ଟେଟ୍** *ବି.* ୧. ପ୍ରଦେଶ, ରାଜ୍ୟ ୨. ପୂର୍ବତନ ଗଡ଼ଜାତ ବା କରଦ ରାଜ୍ୟ ।

**ଷ୍ଟେନ୍‌ଲେସ୍** *ବି.* ୧. ଯେଉଁ ଲୁହାରେ କଳଙ୍କ ଧରେ ନାହିଁ ୨. ଯେଉଁ ଲୁହାକୁ ଚୁମ୍ବକ ଧରେ ନାହିଁ ।

**ଷ୍ଟେପିନ** *ବି.* ଷ୍ଟେପ୍‌ନି, ଦୁଇ ବା ଚାରି ଚକିଆ ଯାନରେ ବଦଳ ପାଇଁ ଥିବା ବଳକା ଚକ ।

**ଷ୍ଟେସନ୍** *ବି.* ୧. ରେଳଗାଡ଼ି ଅଟକୁଥିବା ସ୍ଥାନ ୨. ବସ୍ ରହିବା ସ୍ଥାନ ୩. ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ପ୍ରସ୍ତୁତ ସ୍ଥାନ ଯଥା: ପୋଲିସ ଷ୍ଟେସନ, ଇଲେକ୍ଟ୍ରିକ୍ ସବ୍-ଷ୍ଟେସନ ।

**ଷ୍ଟେସନାରି** *ବି.* କାଗଜପତ୍ର ଇତ୍ୟାଦି ମନୋହର ସାମଗ୍ରୀ ।

**ଷ୍ଟୋଭ୍** *ବି.* ଚୁଲି, ଗ୍ୟାସ, କିରାସିନି ଆଦି ଦ୍ୱାରା ଜଳିବା ଚୁଲି ବିଶେଷ।

**ଷ୍ଟୋର୍** *ବି.* ଗୋଦାମଘର, ଭଣ୍ଡାର ।

**ଷ୍ଟୋର୍‌କିପର** *ବି.* ଭଣ୍ଡାରରକ୍ଷକ ।

**ଷ୍ଟୋର୍ ରୁମ୍** *ବି.* ଭଣ୍ଡାର ଘର ।

**ଷ୍ଟ୍ର** *ବି.* ୧. ପାନୀୟ ପିଇବାପାଇଁ ବ୍ୟବହୃତ ସରୁ ନଳୀ ୨. କୁଟା, ଛଣ ।

**ଷ୍ଟ୍ରଙ୍ଗ୍** *ବିଂ.* ୧. ଶକ୍ତ, କଠିନ ୨. କଠୋର ୩. ବଳବାନ ।

**ଷ୍ଟ୍ରଙ୍ଗ୍‌ରୁମ୍** *ବି.* ସୁରକ୍ଷିତ ପ୍ରକୋଷ୍ଠ, ଦୁର୍ଭେଦ୍ୟ ପ୍ରକୋଷ୍ଠ ।

**ଷ୍ଟ୍ରାଇକ୍** *ବି.* ୧. ଆନ୍ଦୋଳନ, ଧର୍ମଘଟକରିବା ୨. ପ୍ରହାର ।

**ଷ୍ଟ୍ରିଟ୍** *ବି.* ରାସ୍ତା, ସଡ଼କ ।

**ଷ୍ଟ୍ରିଟ୍ ଲାଇଟ୍** *ବି.* ରାସ୍ତାର ଆଲୋକ ।

**ଷ୍ଟ୍ରେଚର୍** *ବି.* ରୋଗୀ ନବାଆଣିବାପାଇଁ ବ୍ୟବହୃତ ଖଟିଆ ବା ଦୋଳା ।

**ଷ୍ଟ୍ରୋକ୍** *ବି.* ୧. ଆଘାତ, ପ୍ରହାର ୨. ହୃଦ୍‌ଘାତ ।

# ସ

ସ *ବି.* ବର୍ଣ୍ଣମାଳାର ଦ୍ୱାତ୍ରିଂଶ ବ୍ୟଞ୍ଜନ ବର୍ଣ୍ଣ।

**ସଁକ୍, ସଁଖି** ***ବି.*** ଗଳା, ତଣ୍ଟି, ବେକ।

**ସଁକ୍‌ରିବା** ***କ୍ରି.*** ୧. ସଂକୁଚିତ ହେବା ୨. ଛୋଟ ହୋଇଯିବା।

**ସଁକ୍‌ଲିବା** ***କ୍ରି.*** ୧. ସାଉଁଟିବା ୨. ଏଠିସେଠି ପଡ଼ିଥିବା ବସ୍ତୁ ଆଦି ଏକାଠି କରିବା।

**ସଁଖ୍‌ଲିବା** ***କ୍ରି.*** ୧. ସଁକ୍‌ଲିବା ୨. ସେବା ଯତ୍ନ କରିବା ୩. ଶୋକାତୁର ବ୍ୟକ୍ତି ବା ପରିବାରକୁ ସାନ୍ତ୍ୱନା ଦେବା, ସଂଖୋଳିବା।

**ସଁତ୍‌ଲା** ***ବି.*** ୧. ସନ୍ତୁଳା ୨. ତରକାରୀ ସନ୍ତୁଳିବା କାମ ।

**ସଁତ୍‌ଲି ହେବା** ***କ୍ରି.*** ଘାଣ୍ଟି ଚକଟି ହେବା, ହଇରାଣ ହେବା।

**ସଁତା** ***ବି.*** ଯୋଡ଼ି ହୋଇଥିବା ଦୁଇଟି ଫଳ ବା ପରିବା ; ***ବିଂ.*** ଯୁଗ୍ମ, ଦୁଇଟି ବା ଦୁଇଜଣ ଏକତ୍ର।

**ସଁପିବା** ***କ୍ରି.*** ୧. ଅର୍ପଣ କରିବା ୨. ଗାଳି କରିବା ।

**ସଂକଳ୍ପ** ***ବିଂ.*** ୧. ମନସ୍ଥ କରିଥିବା କାର୍ଯ୍ୟ, ସ୍ଥିରୀକୃତ କାର୍ଯ୍ୟ ୨. ଶପଥ, ପ୍ରତିଜ୍ଞା ୩. ମାନସିକ ଦୃଢ଼ତା ୪ ଦୃଢ଼, ଇଚ୍ଛା, ନିଷ୍ଠା ବା ଉଦ୍ଦେଶ୍ୟ ୫. ଧର୍ମାନୁଷ୍ଠାନ ଆରମ୍ଭରୁ କୃତ ଅଙ୍ଗୀକାର ।

**ସଂକଳ୍ପିତ** ***ବିଂ.*** ୧. କରିବାପାଇଁ ଦୃଢ଼ନିଶ୍ଚିତ, ସଂକଳ୍ପବଦ୍ଧ ୨. କର୍ତ୍ତବ୍ୟ ରୂପେ ସ୍ଥିରୀକୃତ ।

**ସଂକୀର୍ଣ୍ଣ** ***ବିଂ.*** ୧. ଅପ୍ରଶସ୍ତ, ସରୁ, ସାଂକୁର୍ ୨. ଅନୁଦାର ।

**ସଂକୀର୍ଣ୍ଣତା** ***ବି.*** ୧. ଅନୁଦାରତା ୨. ହୀନମନ୍ୟତା, ଛୋଟମନ ।

**ସଂକୀର୍ଣ୍ଣମନା** ***ବିଂ.*** ଛୋଟମନା, ଯିଏ ଉଦାର ନୁହେଁ ।

**ସଂକୀର୍ତ୍ତନ** ***ବି.*** ଗୀତ ଓ ବାଦ୍ୟ ସହିତ ଦେବଦେବୀଙ୍କ ମହିମାଗାନ, ସମ୍ୟକ୍‌ରୂପେ ମହିମାଗାନ ।

**ସଂକୀର୍ତ୍ତିତ** ***ବିଂ.*** ଭଲ ଭାବରେ ବର୍ଣ୍ଣିତ ବା କଥିତ।

**ସଂକୁଚିତ** ***ବିଂ.*** ୧. ସାଂକୁଡ଼ି ଯାଇଥିବା, ଆକାର ଛୋଟ ହୋଇଥିବା ୨. କୁଞ୍ଚ କୁଞ୍ଚକା ହୋଇଥିବା ୩. ମୁଦିହୋଇଥିବା, ମୁଦିତ ୪. ସେମେଟା ୫. ସଂକୋଚଯୁକ୍ତ, ଦ୍ୱିଧାଗ୍ରସ୍ତ ।

**ସଂକ୍ରମଣ** ***ବି.*** ୧. ରୋଗ ଜୀବାଣୁର ସଂଚରଣ ବା ଗୋଟିଏ ସ୍ଥାନ ବା ଶରୀରରୁ ଅନ୍ୟତ୍ର ଯିବା ୨. ଗମନ, ଚଳନ, ସଞ୍ଚଳନ ୩. ସୂର୍ଯ୍ୟ ଓ ଅନ୍ୟଗ୍ରହମାନଙ୍କର ଅନ୍ୟ ରାଶିକୁ ଗମନ ।

**ସଂକ୍ରମିତ** ***ବିଂ.*** ୧. ସଂଚାରିତ ୨. ଗମିତ ୩. ଏକ ଦେହରୁ ବା ସ୍ଥାନରୁ ଅନ୍ୟ ଦେହ ବା ସ୍ଥାନକୁ ସଞ୍ଚାରିତ ୪. ସ୍ଥାପିତ, ନିବେଶିତ ।

**ସଂକ୍ରମିବା** ***କ୍ରି.*** ୧. ସଂକ୍ରାମକ ହେବା, ବ୍ୟାପିବା, ସଞ୍ଚାରିତ ହେବା ୨. ସଂକ୍ରମଣ କରିବା ।

**ସଂକ୍ରାମକ ରୋଗ** ***ବି.*** ବାୟୁ, ଜଳ ବା ଅନ୍ୟ ମାଧ୍ୟମ ଦ୍ୱାରା ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ବ୍ୟାପୁଥିବା ଜୀବାଣୁ, ଭୂତାଣୁ ଜନିତ ସଂକ୍ରମିତ ରୋଗ ।

**ସଂକ୍ରାନ୍ତ** ***ବି.*** ବିଷୟ, ସମ୍ବନ୍ଧ, ପ୍ରସଙ୍ଗ ; ***ବିଂ.*** ୧. ଗତ ୨. ପ୍ରବିଷ୍ଟ ୩. ଘଟିତ ୪. ସମ୍ବନ୍ଧୀୟ, ବିଷୟକ ।

**ସଂକ୍ରାନ୍ତି** ***ବି.*** ୧. ସୌର ମାସର ଆରମ୍ଭ ଦିନ ୨. ସୂର୍ଯ୍ୟଙ୍କର ଏକ ରାଶିରୁ ଅନ୍ୟ ରାଶିକୁ ଗମନ ୩. ଗମନ, ବ୍ୟାପ୍ତି ।

**ସଂଖ୍ୟକ** ***ବିଂ.*** ସଂଖ୍ୟାଯୁକ୍ତ, ପରିମାଣ ବା ଗଣନାସୂଚକ ।

**ସଂଖ୍ୟା** ***ବି.*** ୧. ସୁମାରି, ଗଣନା, ହିସାବ, ରାଶି ୨. ରାଶି ଲିଖନରେ ବ୍ୟବହୃତ ୧, ୨, ୩, ୪ ପ୍ରଭୃତି ଅଙ୍କ ।

**ସଂଖ୍ୟାଗରିଷ୍ଠ** ***ବିଂ.*** ସଂଖ୍ୟାରେ ସବୁଠାରୁ ଅଧିକ ।

**ସଂଖ୍ୟାତୀତ** ***ବିଂ.*** ଅସୁମାରି, ଅଗଣିତ, ଅସଂଖ୍ୟ, ବହୁ ଅଧିକ ।

**ସଂଖ୍ୟାଲଘିଷ୍ଠ** ***ବିଂ.*** ସଂଖ୍ୟାରେ ସବୁଠାରୁ ଛୋଟ ; ***ବି.*** ସଂଖ୍ୟାରେ ଅପେକ୍ଷାକୃତ ଅଳ୍ପ ଥିବା ସାମାଜିକ ଗୋଷ୍ଠୀ ।

**ସଂଖ୍ୟାଲଘୁ** ***ବି. ବିଂ.*** ୧. ଲଘୁତା ୨. ଅଳ୍ପସଂଖ୍ୟକ, ସଂଖ୍ୟାରେ ଅଳ୍ପ (ଗୋଷ୍ଠୀ) ୩. ଦେଶ ବା ସମାଜରେ ଥିବା ଅଳ୍ପ ସଂଖ୍ୟକ ବ୍ୟକ୍ତିଙ୍କ ଗୋଷ୍ଠୀ ।

**ସଂଗୁପ୍ତ** ***ବିଂ.*** ଅତ୍ୟନ୍ତ ଗୋପନୀୟ, ଲୁଚାଚୋରା ।

**ସଂଗୃହୀତ** ***ବିଂ.*** ୧. ସଂଗ୍ରହ କରାଯାଇଥିବା ୨. ସଂଚିତ ୩. ଆହରିତ ।

**ସଂଗ୍ରହ** ***ବି.*** ୧. ଏକତ୍ର କରିବା, ବିଭିନ୍ନ ସ୍ଥାନରୁ ଆଣି ଗୋଟିଏ ସ୍ଥାନରେ ରଖିବା ୨. ସଂଗୃହୀତ ବସ୍ତୁ ।

**ସଂଗ୍ରହଣ** ***ବି.*** ୧. ଏକତ୍ରୀକରଣ ୨. ଆହରଣ ୩. ସଂକଳନ ୪. ଚୟନ, ୫. ସ୍ତୁପୀକରଣ ।

**ସଂଗ୍ରହାଳୟ** ***ବିଂ.*** ମ୍ୟୁଜିୟମ, କୌଣସି ଏକଜାତୀୟ ବା ଅନେକ ପ୍ରକାରର ବସ୍ତୁ ସାଇତା ହୋଇ ରହିଥିବା ସ୍ଥାନ ।

**ସଂଗ୍ରହୀତା** ***ବିଂ.*** ସଂଗ୍ରହକର୍ତ୍ତା, ***ସ୍ତ୍ରୀ.*** ସଂଗ୍ରାହିକା ।

**ସଂଗ୍ରାମ** ***ବି.*** ୧. ଯୁଦ୍ଧ, ଲଢ଼େଇ ୨. ଦୁଇ ବିରୋଧ ପକ୍ଷ ମଧ୍ୟରେ ମୁକାବିଲା ।

**ସଂଘ** ***ବି.*** ୧. ସଂଗୋଷ୍ଠୀ, ଦଳ, ସମୂହ, ସମିତି ୨. ବୌଦ୍ଧ ଭିକ୍ଷୁମାନଙ୍କ ସମାଜ ୩. ବୌଦ୍ଧ ଧର୍ମର ତ୍ରିରତ୍ନ ମଧ୍ୟରୁ ଅନ୍ୟତମ ।

**ସଂଘଟନ** ***ବି.*** ୧. ଘଟିବା, ଘଟନ, ଯୋଜନ ୨. ମେଳନ, ଏକତ୍ରୀକରଣ ।

**ସଂଘଟନା** ***ବି.*** ୧. ଯୋଜନା ୨. ସମ୍ପାଦନ ।

**ସଂଘଟିତ** ***ବିଂ.*** ଯାହା ଘଟିଅଛି, ଘଟିପାଇଥିବା ।
**ସଂଘର୍ଷ** ***ବି.*** ୧. ପରସ୍ପର ସହିତ ଧକ୍‌କା ଖାଇବା, ଧକ୍କା ୨. ବିବାଦ ୩. ବାଡ଼ିଆ ପିଟା ।
**ସଂଘର୍ଷଣ** ***ବି.*** ୧. ପରସ୍ପର ଘଷିହେବା ୨. ସମ୍ୟକ୍ ଘୋଟନ ୩. ଘୋରିବା କାର୍ଯ୍ୟ ।
**ସଂଘାତ** ***ବି.*** ୧. ପରସ୍ପର ବିରୋଧୀ ମାନସିକତା ୨. ପରସ୍ପର ସହିତ ସଂଘର୍ଷ ବା ଆଘାତ ୩. ସମୂହ, ସମଷ୍ଟି, ଜନସଂଯୋଗ ।
**ସଂଘାରାମ** ***ବି.*** ବୌଦ୍ଧମଠ ।
**ସଂଜ୍ଞା** ***ବି.*** ୧. ଚେତନା, ଚେତା, ହୋସ ୨. ପରିଚୟ, ନାମ ୩. ହସ୍ତାଦିଦ୍ୱାରା ସଙ୍କେତ ୪. ସୂର୍ଯ୍ୟପତ୍ନୀ ୫. ଗାୟତ୍ରୀ ।
**ସଂଜ୍ଞାର୍ଥ** ***ବି.*** ପାରିଭାଷିକ ଅର୍ଥ ।
**ସଂବୃଦ୍ଧି** ***ବି.*** ବଢ଼ତି, ବିକାଶ, ଅଭିବୃଦ୍ଧି, ସମ୍ୟକ୍ ବୃଦ୍ଧି ।
**ସଂଯତ** ***ବିଂ.*** ୧. ସଂଯମ ବା ନିୟନ୍ତ୍ରଣରେ ଥିବା ୨. ଇନ୍ଦ୍ରିୟ ବାସନାରୁ ନିବୃତ୍ତ ୩. ନିୟନ୍ତ୍ରିତ ୪. ପରିମିତ ୫. ବିନୀତ ଓ ଶାନ୍ତ ୬. ପ୍ରତିହତ ୭. ବଶୀଭୂତ ।
**ସଂଯମ** ***ବି.*** ୧. ଇନ୍ଦ୍ରିୟ ନିଗ୍ରହ ୨. ନିୟନ୍ତ୍ରଣ ୪. ନିରୋଧ ୫. ସମାଧି ୬. ଧ୍ୟାନ ୭. ବ୍ରତ ନିୟମ ।
**ସଂଯମୀ** ***ବିଂ.*** ୧. ଜିତେନ୍ଦ୍ରିୟ ୨. ଯେ ନିଜ କାମନା ବାସନାକୁ ନିୟନ୍ତ୍ରଣରେ ରଖିପାରେ, ସଂଯମପରାୟଣ ।
**ସଂଯାତ** ***ବିଂ.*** ୧. ସହଯାତ୍ରୀ, କାହା ସହିତ ଯାଉଥିବା ୨. ଦଳ ବଦ୍ଧ ଭାବରେ ଗତ ।
**ସଂଯୁକ୍ତ** ***ବିଂ.*** ୧.ଏକାଠି ଯୋଡା ହୋଇଥିବା ୨. ମିଳିତ, ଏକତ୍ରୀଭୂତ, ସମନ୍ୱିତ ୩. ସଂଲଗ୍ନ ।
**ସଂଯୋଗ** ***ବି.*** ୧. ମିଳନ, ମିଶ୍ରଣ ୨. ଯୋଗାଯୋଗ ୩. ସମ୍ପର୍କ ।
**ସଂଯୋଗୀ** ***ବିଂ.*** ୧. ଯୋଡ଼ିଥିବା ୨. ପ୍ରିୟା ସହିତ ମିଳିତ (ବ୍ୟକ୍ତି) ।
**ସଂଯୋଜକ** ***ବିଂ.*** ୧. ଯେ ଯୋଡ଼ିଦିଏ ୨. ସଂଶ୍ଳେଷକ ୩. କାର୍ଯ୍ୟକ୍ରମ, ସଭାସମିତି ପ୍ରଭୃତିରେ ଉପସ୍ଥାପକ ।
**ସଂଯୋଜନ** ***ବି.*** ୧. ସଂଯୋଗସାଧନ ୨. ଏକତ୍ରୀକରଣ ୩. ମିଶ୍ରଣ ୪. ସଂଯୁକ୍ତୀକରଣ ।
**ସଂଯୋଜନା** ***ବି.*** ଯୋଡ଼ିବା କାର୍ଯ୍ୟ, ସଂଯୁକ୍ତୀକରଣ ।
**ସଂଯୋଜିତ** ***ବିଂ.*** ୧. ଯୋଡ଼ା ଯାଇଥିବା ୨. ଏକତ୍ରୀକୃତ ।
**ସଂରକ୍ଷଣ** ***ବି.*** ୧. ସାଇତିବା, ଭଲ ଭାବରେ ରଖିବା ୨. ସୁରକ୍ଷା ଦେବା କାର୍ଯ୍ୟ ।
**ସଂରକ୍ଷିତ** ***ବିଂ.*** ୧. ସଯତ୍ନରେ ରଖାଯାଇଥିବା ୨. କୌଣସି ବିଶେଷ ଉଦ୍ଦେଶ୍ୟରେ ବା ବିଶେଷ ପ୍ରକାରରେ ରକ୍ଷା କରାଯାଇଥିବା ।
**ସଂରୁଦ୍ଧ** ***ବି.*** ସମ୍ପୂର୍ଣ୍ଣ ଭାବରେ ଅବରୋଧ; ***ବିଂ.*** ୧. ଅବରୁଦ୍ଧ ୨. ଅଙ୍କୁରିତ ୩. ଜାତ ୪. ପ୍ରବୃଦ୍ଧ ।
**ସଂଲାପ** ***ବି.*** ୧. ଆଳାପ ୨. ଅଭିନୟରେ ଚରିତ୍ରମାନଙ୍କ କଥୋପକଥନ, ଉକ୍ତି-ପ୍ରତ୍ୟୁକ୍ତି ।
**ସଂଲଗ୍ନ** ***ବିଂ.*** ୧. ଲଗାଲଗି ୨. ମିଳିତ ୩. ସଂଯୁକ୍ତ ।
**ସଂଲଗ୍ନକ** ***ବି.*** କୌଣସି ପ୍ରଶ୍ନ ବା ଲେଖାର ଶେଷରେ ସଂଯୋଜିତ ବା ସଂଯୁକ୍ତ ତଥ୍ୟ ବା ପାଠ ।
**ସଂଲିପ୍ତ** ***ବିଂ.*** ପୁରାପୁରି ଜଡ଼ିତ ବା ମିଳିତ, ସଂଯୁକ୍ତ ।
**ସଂଶୟ** ***ବି.*** ସନ୍ଦେହ, ଭବିଷ୍ୟତ ସମ୍ବନ୍ଧରେ ଭୟ ବା ଅନିଶ୍ଚିତତା ।
**ସଂଶୟଚ୍ଛେଦ** ***ବି.*** ସନ୍ଦେହ, ଦୂରୀକରଣ, ଦ୍ୱିଧାମୋଚନ ।
**ସଂଶୟାକୁଳ** ***ବିଂ.*** ଅତିଶୟ ସନ୍ଦେହ ଯୁକ୍ତ, ଦ୍ୱିଧାହେତୁ ଦ୍ୱନ୍ଦ୍ୱ ବା ଉଦ୍‌ବେଗଯୁକ୍ତ ।
**ସଂଶୟାତ୍ମକ** ***ବିଂ.*** ଅନିଶ୍ଚିତ ଓ ସନ୍ଦେହମୂଳକ ।
**ସଂଶିତ** ***ବିଂ.*** ୧. କଥିତ, ସମ୍ପାଦିତ ୨. ନିର୍ଣ୍ଣିତ ୩. ନିଶ୍ଚିତ ।
**ସଂଶୋଧକ** ***ବିଂ.*** ୧. ଶୋଧନ କରୁଥିବା ୨. ପରିଷ୍କାର କରୁଥିବା ୩. ଭୁଲକୁ ଠିକ୍ କରୁଥିବା ।
**ସଂଶୋଧନ** ***ବି.*** ୧. ଭ୍ରମ ବା ତ୍ରୁଟିର ନିରାକରଣ, ଭୁଲକୁ ସଜାଡ଼ିବା ୨. ପରିଷ୍କରଣ ।
**ସଂଶୋଧିତ** ***ବିଂ.*** ୧. ପରିଶୋଧିତ ୨. ପରିମାର୍ଜିତ ୩. ଠିକ୍ କରାଯାଇଥିବା ।
**ସଂଶ୍ରବ** ***ବି.*** ୧. ସମ୍ପର୍କ, ସମ୍ବନ୍ଧ ୨. ପ୍ରତିଶ୍ରୁତି, ପ୍ରତିଜ୍ଞା, ଅଙ୍ଗୀକାର ।
**ସଂଶ୍ଳିଷ୍ଟ** ***ବିଂ.*** ୧. ମିଳିତ ୨. ଭଲ ଭାବରେ ସମ୍ପର୍କିତ, ସମ୍ବନ୍ଧିତ ।
**ସଂଶ୍ଳେଷ** ***ବି.*** ୧. ଦୁଇବାହୁରେ ଭିଡ଼ିଧରିବା, ଆଲିଙ୍ଗନ, ମିଳନ ୨. ବିଭିନ୍ନ ବସ୍ତୁ ଏକତ୍ର ହୋଇ ଭିନ୍ନ ରୂପ ନେବା ।
**ସଂଶ୍ଳେଷଣ** ***ବି.*** ୧. ଆଲିଙ୍ଗନ ୨. ଏକତ୍ରୀକରଣ ୩. ଯୌଗିକ ପଦାର୍ଥର ସୃଷ୍ଟି ପାଇଁ ବିଭିନ୍ନ ପଦାର୍ଥର ମିଶ୍ରଣ ୪. ସୂର୍ଯ୍ୟାଲୋକରୁ ପ୍ରାକୃତିକ ପ୍ରକ୍ରିୟାରେ ପତ୍ରର ଖାଦ୍ୟ ପ୍ରସ୍ତୁତି ।
**ସଂଶ୍ଳେଷିତ** ***ବିଂ.*** ଯେଉଁଗୁଡ଼ିକୁ ଏକତ୍ର କରାଯାଇଛି, ଏକୀଭୂତ ।
**ସଂସକ୍ତି** ***ବି.*** ୧. ସଂଯୋଗ ୨. ମିଳନ ୩. ଆକର୍ଷିକା ଶକ୍ତି ।
**ସଂସର୍ଗ** ***ବି.*** ୧. ସଙ୍ଗ ୨. ସମ୍ପୃକ୍ତି ୩. ସହବାସ, ମିଳନ ୪. ଏକତ୍ରଭାବ ।
**ସଂସାଧନ** ***ବି.*** ୧. ଭଲ ଭାବରେ କାର୍ଯ୍ୟ ସାଧନ ୨. ସମ୍ପାଦନ ।
**ସଂସାର** ***ବି.*** ୧. ସମଗ୍ର ବିଶ୍ୱ, ଜଗତ, ଦୁନିଆ ୨. ଇହଲୋକ ୩. ଘରକରଣା ୪. ଜୀବଧର୍ମ ।

**ସଂସାରବନ୍ଧନ** *ବି.* ୧. ପାରିବାରିକ ସମ୍ପର୍କ ସୂତ୍ର ୨. ସାଂସାରିକ ମାୟାମୋହ ।

**ସଂସାରବାସନା** *ବି.* ୧. ବିବାହକରି ଘର ବସାଇବା ଇଚ୍ଛା ୨. ପାର୍ଥିବ ବିଷୟ ପ୍ରତି ଆସକ୍ତି ।

**ସଂସାରଯାତ୍ରା** *ବି.* ପରିବାର ପରିପାଳନ, ଗାର୍ହସ୍ଥ୍ୟ ଧର୍ମ ।

**ସଂସାରଲୀଳା** *ବି.* ପୃଥିବୀରେ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଜୀବର କାର୍ଯ୍ୟକଳାପ ।

**ସଂସାରୀ** *ବିଂ.* ୧. ଘର କାର୍ଯ୍ୟରେ ବୁଡ଼ି ରହିଥିବା ୨. ସଂସାର ପ୍ରତି ଆସକ୍ତ ୩. ସାଂସାରିକ ବ୍ୟାପାରରେ ଅଭିଜ୍ଞ ।

**ସଂସ୍କରଣ** *ବି.* ୧. ଗ୍ରନ୍ଥାକାରରେ ମୁଦ୍ରିତ ରୂପ ୨. ପ୍ରକାଶନ ୩. ମୁଦ୍ରଣ ୪. ସଂଶୋଧନ, ବିଶୋଧନ, ସଫାଇ ।

**ସଂସ୍କାର** *ବି.* ୧. ସଂଶୋଧନ, ଶୋଧନ ବା ଶୁଦ୍ଧୀକରଣ କାର୍ଯ୍ୟ ୨. ହିନ୍ଦୁଧର୍ମର ଦଶବିଧ ଶାସ୍ତ୍ରୀୟ ଅନୁଷ୍ଠାନ ୩. ଉନ୍ନତକରଣ ୩. ଉତ୍ତମ ଚରିତ୍ରବତ୍ତା, ପରିବାରରେ ପାଇଥିବା ଉତ୍ତମ ଶିକ୍ଷା ୪. ପରିଷ୍କରଣ ୫. ମରାମତି ୬. ଶବ ସତ୍କାର ।

**ସଂସ୍କାରକ** *ବିଂ.ବି.* ସଂଶୋଧକ, ଅନାଚରଣୀୟ କାର୍ଯ୍ୟ ବିରୋଧରେ ଜନମତ ସୃଷ୍ଟି କରୁଥିବା ବ୍ୟକ୍ତି ।

**ସଂସ୍କୃତ** *ବି.* ଭାରତର ଅନ୍ୟତମ ପ୍ରାଚୀନ ଭାଷା ; *ବିଂ.* ୧. ମାର୍ଜିତ, ସଂଶୋଧିତ, ପରିଷ୍କୃତ ୨. ପବିତ୍ରୀକୃତ ।

**ସଂସ୍କୃତାୟନ** *ବି.* ୧. ପରିଶୋଧନ ପ୍ରକ୍ରିୟା ୨. ଲୋକ ଭାଷାର ସାଧୁଭାଷାରେ ରୂପାନ୍ତରଣ ।

**ସଂସ୍କୃତାୟିତ** *ବିଂ.* ୧. ପରିଶୋଧିତ ହୋଇଥିବା ୨. ଜୀବନଗତ ଆଚାର ଓ ବିଚାରର କାରଣରୁ ପରିବର୍ତ୍ତନ ପ୍ରୟାସୀ ।

**ସଂସ୍କୃତି** *ବି.* ୧. ଯେକୌଣସି ଜନସମୁଦାୟର ଜୀବନଚର୍ଯ୍ୟାର ମର୍ମ ୨. ଶିକ୍ଷା ବା ଚର୍ଚ୍ଚାଦ୍ୱାରା ଲବ୍ଧ ବିଦ୍ୟା, ବୁଦ୍ଧି, ଶିଳ୍ପ, କଳା, ରୁଚି, ନୀତି ଆଦିର ନିଷ୍କର୍ଷ ଓ ଉତ୍କର୍ଷ ।

**ସଂସ୍କୃତି ସଚେତନ** *ବିଂ.* ନିଜ ଗୋଷ୍ଠୀର ଆଚାର, ବିଚାର ଆଦି ପ୍ରତି ବିଶ୍ୱସ୍ତ ଓ ସଚେତନ ।

**ସଂସ୍ଥା** *ବି.* ୧. ଅନୁଷ୍ଠାନ ୨. ସଂଘ, ପ୍ରତିଷ୍ଠାନ ୩. ଜୀବନଯାପନର ରୀତି ।

**ସଂସ୍ଥାନ** *ବି.* ୧. ବ୍ୟବସ୍ଥା ୨. ଜୀବନ ଧାରଣର ଉପାୟ ୩. ଯୋଗାଡ଼ ୪. ଅନୁଷ୍ଠାନ ।

**ସଂସ୍ଥାପକ** *ବି.ବିଂ.* ପ୍ରବର୍ତ୍ତକ, ବ୍ୟବସ୍ଥାପକ, ପ୍ରତିଷ୍ଠାତା ।

**ସଂସ୍ଥାପନ** *ବି.* ୧. ଭଲ ଭାବରେ ନୂଆକରି ଗଠନ କାର୍ଯ୍ୟ ୨. ସ୍ଥିରୀକରଣ ।

**ସଂସ୍ପର୍ଶ** *ବି.* ୧. ସାନ୍ନିଧ୍ୟ, ସଙ୍ଗ ୨. ସମ୍ପର୍କ ୩. ମିଳାମିଶା ୪. ଛୁଆଁ ।

**ସଂସ୍ରବ** *ବି.* ୧. ମିଳାମିଶା ୨. ସଂସ୍ପର୍ଶ ୩. ସମ୍ବନ୍ଧ ।

**ସଂହତ** *ବିଂ.* ୧. ସୁଦୃଢ଼, ପରସ୍ପରକୁ ଜଡ଼େଇରଖିବା ଭାବ ୨. ଘନୀଭୂତ ୩. ଜମାଟବନ୍ଧା ୪. ସୁବିନ୍ୟସ୍ତ ୫. ଏକତ୍ରୀଭୂତ ୬. ନିବିଡ଼ ଭାବେ ମିଳିତ ୭. ସୁସଜ୍ଜିତ ।

**ସଂହତି** *ବି.* ୧. ଦୃଢ଼ ଓ ନିବିଡ଼ ସମ୍ପର୍କ ୨. ଐକ୍ୟ ବା ମୈତ୍ରୀଭାବ ୩. ସୁବିନ୍ୟାସ ।

**ସଂହରଣ** *ବି.* ୧. ବିନାଶନ ୨. ସମ୍ବରଣ ୩. ସମ୍ପୂର୍ଣ୍ଣ ପ୍ରତ୍ୟାହାର କରିବା ।

**ସଂହାର** *ବି.* ୧. ବିନାଶ, ଧ୍ୱଂସ ୨. ବଧ ୩. ପ୍ରଳୟ ୪. ଅବସାନ ।

**ସଂହାରକ** *ବିଂ.* ବିନାଶକାରୀ, ନଷ୍ଟକାରୀ, ସଂହାରକାରୀ ।

**ସଂହାରିବା** *କ୍ରି.* ୧. ନଷ୍ଟ କରିବା ୨. ହତ୍ୟା କରିବା ।

**ସଂହିତା** *ବି.* ୧. ବେଦ ମନ୍ତ୍ରର ସମଷ୍ଟି ୨. ମନୁଆଦିଙ୍କ କୃତ ସ୍ମୃତିଶାସ୍ତ୍ର ୩.ସଂଗୃହୀତ ରଚନାବଳୀ ୪. ସଂକଳିତ ଗ୍ରନ୍ଥ ୫. ଧର୍ମଶାସ୍ତ୍ର ୬. ଅବଶ୍ୟ ପାଳନୀୟ ନିର୍ଦ୍ଦେଶାବଳୀ ।

**ସଂକ୍ଷିପ୍ତ** *ବିଂ.* ୧. ଯାହା ସଂକ୍ଷେପ କରାଯାଇଛି ୨. ଅତି ଛୋଟ ୩. ଅଳ୍ପୀକୃତ ।

**ସଂକ୍ଷିପ୍ତସାର** *ବି.* ଅଧିକକୁ ଅଳ୍ପରେ କୁହାଯାଇଥିବା, ସାରାଂଶ, ନିଷ୍କର୍ଷ, ସାରକଥା, ସାରସମ୍ପଦ ।

**ସଂକ୍ଷେପ** *ବି.* ସଂକ୍ଷିପ୍ତ ବର୍ଣ୍ଣନା ।

**ସଂକ୍ଷେପତଃ** *କ୍ରି.ବିଂ.* ଅତି ଅଳ୍ପରେ, ଚୁମ୍ବକରେ, ସଂକ୍ଷେପ ଭାବରେ ।

**ସଂକ୍ଷେପିତ** *ବିଂ.* ଯାହା ସଂକ୍ଷିପ୍ତ କରାଯାଇଛି ।

**ସଅଁବାଳୁଆ, ସଁବାଳୁଆ** *ବି.* ପ୍ରଜାପତି ହେବା ପୂର୍ବରୁ ରୁମବହୁଳ କୀଟ ଅବସ୍ଥା, ଭୁର୍ସାକିରା, ଭାଲୁପୋକ ।

**ସଅର** *ବି.* ଶବର ଜନଜାତି ବିଶେଷ, *ସ୍ତ୍ରୀ.* ସଅରୁଣୀ ।

**ସଅଳ** *ବିଂ.କ୍ରି.ବିଂ.* ସହଳ, ଚଞ୍ଚଳ, ଶୀଘ୍ର, ଝଅଟ, ବେଗି ।

**ସଇ** *ବି.* ୧. ଦସ୍ତଖତ, ସ୍ୱାକ୍ଷର ୨. ସହୀ, ସଙ୍ଗାତ, ମିତ୍ର ।

**ସଇତାନ୍** *ବି.* ୧. ଇହୁଦୀ ତଥା ଖ୍ରୀଷ୍ଟୀୟ ଏବଂ ମୁସଲମାନ ଶାସ୍ତ୍ରୋକ୍ତ ପାପ ଓ ଅଧର୍ମର ପ୍ରେରଣାଦାତା ୨. ମନ୍ଦବୁଦ୍ଧି ସମ୍ପନ୍ନ ଈଶ୍ୱର ବିଦ୍ୱେଷୀ ଦେବତା ବିଶେଷ ୩. ଖରାପ ଲୋକ ।

**ସଇତାନି** *ବି.* ଦୁର୍ବୃତ୍ତପଣିଆ, ଦୁଷ୍ଟାମି, ମନ୍ଦ ଆଚରଣ ।

**ସଇତାନିଆ** *ବିଂ.* ସଇତାନ ସୁଲଭ, ସଇତାନିମୂଳକ, ବଦମାସିଆ, ଦୁଷ୍ଟ, ଖଳ ।

**ସଇ ବସିବା** *କ୍ରି.* ବନ୍ଧୁତା ସ୍ଥାପନ କରିବା, ମିତ ବା ସଙ୍ଗାତ ବସିବା ।
**ସଇ ମାରିବା** *କ୍ରି.* ୧. ଦସ୍ତଖତ କରିବା ୨. ସୁମାରି ବା ଗଣତି କରି ଧାନବିଡ଼ା ପ୍ରଭୃତି ଗଦା କରିବା ।
**ସଇସ** *ବି.* ଘୋଡ଼ା ଜଗାଳି, ଅଶ୍ୱପାଳକ, ଘୋଡ଼ାର ଯତ୍ନନେବା ଲୋକ ।
**ସଇସଙ୍ଗାତ** *ବି.* ବନ୍ଧୁବାନ୍ଧବ, ସାଙ୍ଗସୁଖ ।
**ସଇ** *ବି.* ସଇସଙ୍ଗାତ, ମିତ ।
**ସଉଆ** *ବିଂ.* ଚଉଠ ଅଂଶ, ଏକଚତୁର୍ଥାଂଶ, ଚାରିଭାଗରୁ ଭାଗେ, ପାଏ ପରିମାଣ ।
**ସଉକିନି** *ବି.* ୧. ବିଳାସ ୨. ଅୟସ ୩. ମଉଜ ୪. ରସିକତା ।
**ସଉକିନିଆ** *ବିଂ.* ୧. ବିଳାସୀ, ଅୟସପ୍ରିୟ ୨. ମଉଜିଆ ୩. ରସିକ ୪. ଫିଟ୍‌ଫାଟ ।
**ସଉତୁଣିଆ** *ବିଂ.* ସଉତୁଣୀ ସମ୍ପର୍କିତ, ସପତ୍ନୀ ସମ୍ବନ୍ଧୀୟ ।
**ସଉତୁଣୀ** *ବି.* ସପତ୍ନୀ (ସ୍ୱାମୀଙ୍କର ଏକାଧିକ ପତ୍ନୀଥିଲେ ସେମାନେ ପରସ୍ପରର ସଉତୁଣୀ ହୁଅନ୍ତି) ।
**ସଉଦା** *ବି.* ୧. ପଣ୍ୟ ଦ୍ରବ୍ୟ, ଖରଦି ଯୋଗ୍ୟ ପଦାର୍ଥ ୨. କିଣାବିକା।
**ସଉଦା କରିବା** *କ୍ରି.* ୧. ପଦାର୍ଥ କିଣିବା ୨. ମୂଲଚାଲ କରିବା, ମୂଲେଇବା ।
**ସଉଦାଗର, ସୌଦାଗର** *ବି.* ୧. ବଣିକ, ବଡ଼ ବ୍ୟବସାୟୀ, ବେପାରୀ ୨. ଜାହାଜରେ ବେପାର କରୁଥିବା ଲୋକ ।
**ସଉଦାଗରୀ** *ବିଂ.* ଥୋକ ବେପାରୀ ସମ୍ବନ୍ଧିତ।
**ସଉଦାଗିରି** *ବି.* ସଉଦାଗରର ଜୀବିକା, ବଣିକ ବୃତ୍ତି, ବାଣିଜ୍ୟ ।
**ସଉଦା ପଟିବା** *ବି.* ୧. କିଣା ବିକାର ଭାଉ ଛିଡ଼ିବା ୨. ହିସାବ ନିକାସ ହେବା ।
**ସଉଦାପତ୍ର** *ବି.* ହାଟବଜାର ବା ଦୋକାନରୁ କିଣାଯାଉଥିବା ଜିନିଷପତ୍ର ।
**ସଉଧ, ସୌଧ** *ବି.* ବଡ କୋଠାଘର, ଅଟ୍ଟାଳିକା ।
**ସଉପ** *ବି.* ୧. ସପ, ମଶିଣା ୨. ସୌଫ୍, ପାନମଧୁରୀ ।
**ସଉରା** *ବି.* ସଅର, ଶବର ଜାତିବିଶେଷ, *ସ୍ତ୍ରୀ.* ସଉରୁଣୀ ।
**ସଏରାତ** *ବି.* ୧. ଜମିଦାରୀର ସ୍ଥାୟୀ ଖଜଣା ବ୍ୟତୀତ ମାଛ ଦିଆ ପ୍ରଭୃତି ଅସ୍ଥାୟୀ ଖଜଣା ୨. ସମସ୍ୟା ୩. ବିପଦ ।
**ସକ୍‌ବକ୍, ସକବକ** *ବି.* ୧. ଅଭାବ ୨. ଅସୁବିଧା ୩. ତ୍ରୁଟି ।
**ସକ୍ ସକ୍, ସକସକ** *ବି.* ୧. ସାଧ, ହାଇଁ ପାଇଁ ୨. ଲାଳସା ୩. ଇଛା, ଆଗ୍ରହ ୪. ମନର ଝୁଙ୍କ ୫. ସଉକ, ଚିତ୍ତବିନୋଦର ଅଭିପ୍ରାୟ ।
**ସକରୁଣ** *ବିଂ.* ୧. ସଦୟ, କରୁଣାପୂର୍ଣ୍ଣ ୨. ଦୟା ଉଦ୍ରେକକାରୀ ।
**ସକର୍ମକ** *ବିଂ.* ୧. *ବ୍ୟାକରଣ* କର୍ମକାରକର ପଦଯୁକ୍ତ ୨. ମନ ପସନ୍ଦ କାମ କରୁଥିବା, କାମ୍ୟକର୍ମଯୁକ୍ତ ୩. କାମରେ ଲାଗିଥିବା, କର୍ମସମନ୍ୱିତ ।
**ସକଳ** *ବିଂ.* ୧. ସମଗ୍ର, ସବୁ, ସମୁଦାୟ, ସମସ୍ତ ୨. ସମ୍ପୂର୍ଣ୍ଣ ; *ବି.* ସମୂହ ।
**ସକଳଙ୍କ** *ବିଂ.* ୧. ଅପବାଦରେ ଜଡ଼ିତ, କଳଙ୍କିତ ୨. କଳଙ୍କଯୁକ୍ତ ।
**ସକସକ** *ବି.* ସକେଇ ସକେଇ ଅନୁଚ୍ଚ ସ୍ୱରରେ କାନ୍ଦ ।
**ସକାଇବା, ସକେଇବା** *କ୍ରି.* ରହି ରହି ବହୁସମୟ ଯାଏ ଅନୁଚ୍ଚ ସ୍ୱରରେ କାନ୍ଦିବା ।
**ସକାଣ** *ବି.* ସକେଇ କାନ୍ଦଣା, ସକା କାନ୍ଦ ।
**ସକାମ** *ବିଂ.* କାମନା ଥିବା, ଫଳ ଲାଭର ଆଶାଥିବା ।
**ସକାଳ** *ବି.* ୧. ଦିନର ପ୍ରଥମ ଭାଗ ୨. ପ୍ରାତଃକାଳ ।
**ସକାଳିଆ, ସକାଳୁଆ** *ବିଂ.* ପ୍ରାତଃକାଳୀନ ।
**ସକାଶ** *ଅ.* ନିମିତ୍ତ, ପାଇଁ, ଲାଗି ।
**ସକେଇ** *ବିଂ.* ଯେ ଅନୁଚ୍ଚ ସ୍ୱରରେ କାନ୍ଦେ, ଉଦ୍ଦେଶ୍ୟମୂଳକ କାନ୍ଦର ଅଭିନୟ କରୁଥିବା (ନାରୀ) ।
**ସକ୍ରିୟ** *ବିଂ.* ୧. କ୍ରିୟାରତ ୨. କର୍ମଶୀଳ ୩. କର୍ମତତ୍ପର ।
**ସଖା** *ବି.* ବନ୍ଧୁ, ସଙ୍ଗୀ, ସହଚର ।
**ସଖାସୋଦର** *ବି.* ଭାଇ ବିରାଦର, ବନ୍ଧୁ କୁଟୁମ୍ବ, ପ୍ରିୟଜନସମୂହ ।
**ସଖିତ୍ୱ** *ବି.* ବନ୍ଧୁତ୍ୱ, ଘନିଷ୍ଠତା, ସମପ୍ରାଣତା ।
**ସଖୀ** *ବି.* ୧. ସମପ୍ରାଣା, ସଙ୍ଗିନୀ ୨. ବାନ୍ଧବୀ, ନାରୀ ବନ୍ଧୁ ୩. ପୁତ୍ତଳିକା ୪. ନାରୀ ବେଶରେ ସଜ୍ଜିତ ନର୍ତ୍ତକ ।
**ସଖୀତ୍ୱ** *ବି.* ଦୁଇନାରୀଙ୍କ ଘନିଷ୍ଠତା, ବନ୍ଧୁତା ।
**ସଖୀନାଟ** *ବି.* ୧. କଣ୍ଢେଇନାଟ ୨. କେଳାମାନେ ପିତୁଳି ନଚାଇ ଦେଖାଇବା ନାଟ ୩. ନାରୀ ବେଶରେ ସଜ୍ଜିତ ନଟର ନୃତ୍ୟ ।
**ସଖୀପିଲା, ସଖୀପୁଅ** *ବି.* ରାମ ଲୀଳା, କୃଷ୍ଣଲୀଳାଆଦିରେ ନାରୀ ବେଶରେ ସଜ୍ଜିତ ଅଭିନୟକାରୀ ବାଳକ ।
**ସଖୀଭାବ** *ବି.* ୧. ସଖୀ ତୁଲ୍ୟ ଆଚରଣ ୨. ବୈଷ୍ଣବ ସାଧକଙ୍କ ଗୋପୀ ଭାବ ।
**ସଗର୍ବ** *ବିଂ.* ଗର୍ବସହକାରେ, ଅହଂଭାବଯୁକ୍ତ, ଗର୍ବିତ, ଗର୍ବପୂର୍ଣ୍ଣ ।
**ସଗର୍ଭ** *ବିଂ.ବି.* ସହୋଦର, ଏକା ମା ପେଟରୁ ଜନ୍ମିତ ।
**ସଗୁଣ** *ବିଂ.* ୧. ସତ୍ତ୍ୱ, ରଜ, ତମ – ଏଇ ତିନିଗୁଣ ବିଶିଷ୍ଟ ୨. ଜ୍ୟା ବା ଗୁଣ ଚଢ଼ା ଯାଇଥିବା ଧନୁ ୩. ଓଜଃ, ମାଧୁର୍ଯ୍ୟ, ପ୍ରସାଦ ଆଦି ଗୁଣବିଶିଷ୍ଟ ୪. **ଗୁଣଯୁକ୍ତ** ।

**ସଗୁଣ ବ୍ରହ୍ମ *ବି.*** ଗୁଣା ଯୁକ୍ତ ସତ୍ତା, ବିଶ୍ୱର ସୃଷ୍ଟି, ସ୍ଥିତି, ପ୍ରଳୟ ପାଇଁ ଆବଶ୍ୟକ ।

**ସଗୋତ୍ର *ବିଂ.*** ୧. ଏକବଂଶଜାତ ୨. ଏକ ମନୋଧର୍ମବିଶିଷ୍ଟ ; ***ବି.*** ଜ୍ଞାତି ।

**ସଘନ *ବିଂ.*** ୧. ଗହଳ ୨. ମେଘୁଆ, ମେଘାବୃତ ୩. ଗାଢ଼ ; ***କ୍ରି.ବିଂ.*** ଘନ ଘନ ହେଉଥିବା ।

**ସଙ୍କଟାପନ୍ନ *ବିଂ.*** ସଂକଟକର ପରିସ୍ଥିତିରେ ପହଞ୍ଚିଥିବା, ବିପଦ୍‌ଗ୍ରସ୍ତ, ବିପନ୍ନ ।

**ସଙ୍କର *ବି.*** ୧. ଭିନ୍ନ ଜାତୀୟ ପୁରୁଷ ଓ ସ୍ତ୍ରୀର ମିଳନରୁ ଉତ୍ପନ୍ନ ବ୍ୟକ୍ତି ବା ଜାତି ୨. ଭିନ୍ନ ଭିନ୍ନ ଉଭିଦ ବା ପ୍ରାଣୀର ସଂଯୋଗରୁ ଜାତ ଉଦ୍‌ଭିଦ ବା ପ୍ରାଣୀ ୩. ବର୍ଣ୍ଣସଂକର ।

**ସଙ୍କରୀକରଣ *ବି.*** ଦୁଇଟି ଭିନ୍ନ ଜାତିର ପ୍ରାଣୀ ବା ଉଦ୍‌ଭିଦର ମିଶ୍ରଣ ।

**ସଙ୍କର୍ଷଣ,ସଂକର୍ଷଣ *ବି.*** ୧. କୃଷିକାର୍ଯ୍ୟ ୨. ହଳଧରା, ଜମିଚାଷ ୩. *ପୁରାଣ* ବଳରାମ ।

**ସଙ୍କଳକ, ସଙ୍କଳୟିତା *ବିଂ. ବି.*** ସଂକଳନ କରିଥିବା (ବ୍ୟକ୍ତି) ।

**ସଙ୍କଳନ, ସଂକଳନ *ବି.*** ୧. ସଂଗ୍ରହ, ଏକାଠି କରିବା ୨. ଅଙ୍କର ମିଶାଣ ।

**ସଙ୍କୁଚିବା *କ୍ରି.*** ୧. ସଙ୍କୁଚିତ ହେବା ୨. ଲଜ୍ଜାରେ ଜଡ଼ ହେବା ୩. ସାଂକୁଡ଼ି ଛୋଟ ହୋଇଯିବା ।

**ସଙ୍କୁଡ଼ି, ସଙ୍ଖୁଡ଼ି *ବି.*** ୧. ଅଇଁଠା ଖାଦ୍ୟ ୨. ଅନ୍ନ ବ୍ୟଞ୍ଜନାଦି ରନ୍ଧା ଖାଦ୍ୟ (ଭୋଗ) ।

**ସଙ୍କୁଡି ଭୋଗ *ବିଂ.*** ଅନ୍ନବ୍ୟଞ୍ଜନାଦି ରନ୍ଧା ହୋଇଥିବା ଭୋଗ ।

**ସଙ୍କୁଳ, ସଂକୁଳ *ବିଂ.*** ପରିପୂର୍ଣ୍ଣ, ପୂରି ରହିଥିବା, ଭରି ରହିଥିବା ।

**ସଙ୍କେତ, ସଂକେତ *ବି.*** ୧. ଇସାରା, ଇଙ୍ଗିତ, ଠାର ୨. ଚିହ୍ନ, ଲକ୍ଷଣ ୩. ସୂତ୍ର, ନିୟମ ୪. ଅଭିଧା, ଶବ୍ଦର ଅର୍ଥବୋଧକ ଶକ୍ତି ୫. ନାୟକ ନାୟିକାଙ୍କ ଗୋପନ ମିଳନ ପାଇଁ ନିରୂପିତ ସ୍ଥାନ ବା ଗୋପନ ମିଳନ ବ୍ୟବସ୍ଥା ।

**ସଙ୍କୋଚ, ସଂକୋଚ *ବି.*** ୧. ସଂକ୍ଷେପ ୨. ହ୍ରାସ ୩. କୁଣ୍ଠା ୪. ମନର ଦ୍ୱିଧା ୫. ଜଡ଼ଭାବ ୬. ସାଂକୁଚ ।

**ସଙ୍କୋଚକ, ସଂକୋଚକ *ବିଂ.*** ଯାହା ସଙ୍କୋଚନ କରାଏ ।

**ସଙ୍କୋଚନ,ସଂକୋଚନ *ବି.*** ସଂକ୍ଷେପଣ, ଆକାର କମିଯିବା ।

**ସଙ୍କୋଚନୀୟ *ବିଂ.*** ସଙ୍କୁଚିତ ହେବାର ବା କରାଇବାର ଯୋଗ୍ୟ ।

**ସଙ୍ଖ *ବି.*** ଶଂଖ, ପୋଲ, ସେତୁ ।

**ସଙ୍ଖାଳି *ବି.*** ୧. ପ୍ରିୟ ବସ୍ତୁ ବା ବ୍ୟକ୍ତି ୨. ଜୀବନସର୍ବସ୍ୱ, ପ୍ରାଣଧନ ଏକମାତ୍ର ଭରସାର ବସ୍ତୁ ବା ବ୍ୟକ୍ତି ।

**ସଙ୍ଖି *ବି.*** ୧. ତୋଟି, ଗଳା ୨. ଧଳା ବିଲେଇ ।

**ସଙ୍ଖୁଡ଼ି ପରିଛା *ବି.*** ଶ୍ରୀମନ୍ଦିର ସେବାରେ ପାଟଯୋଷୀ ମହାପାତ୍ର ଓ ତଳିଛ ମହାପାତ୍ର ।

**ସଙ୍ଖୁଳା ଭାର *ବି.*** ଭାରଥୋର ସହିତ ବନ୍ଧୁ ନିମନ୍ତ୍ରଣ ।

**ସଙ୍ଖୁଳିବା *କ୍ରି.*** ୧. ନିମନ୍ତ୍ରଣ କରିଯିବା ୨. ଭଲ ମନ୍ଦ ଖବର ବୁଝିବା ପାଇଁ ବନ୍ଧୁ ଘରକୁ ଯିବା ।

**ସଙ୍ଖୁଳି ଯିବା *କ୍ରି.*** ନୂଆ ବନ୍ଧୁ, ଝିଅ ବା ଜ୍ୱାଇଁକୁ ଘରକୁ ଆସିବା ପାଇଁ ପ୍ରଥମ ନିମନ୍ତ୍ରଣ ଦେବାକୁ ଯିବା ।

**ସଙ୍ଗ *ବି.*** ୧. ସଂସର୍ଗ ୨. ମିଳନ ୩. ସାଥୀ, ସାଙ୍ଗ ୪. ଆସକ୍ତି ୫. ସହବାସ ।

**ସଙ୍ଗଚ୍ୟୁତ,ସଙ୍ଗଭ୍ରଷ୍ଟ *ବିଂ.*** ୧. ସାଙ୍ଗଛଡ଼ା ୨. ଏକୁଟିଆ ।

**ସଙ୍ଗଠକ, ସଂଗଠକ *ବି.ବିଂ.*** ୧. ବ୍ୟକ୍ତିମାନଙ୍କୁ ଏକାଠି କରୁଥିବା ନେତା ବା କର୍ମୀ ୨. ସଭା, ସମିତି, ଅନୁଷ୍ଠାନ ପ୍ରଭୃତିର ଆୟୋଜକ ।

**ସଙ୍ଗଠନ, ସଂଗଠନ *ବି.*** ୧. ଗୋଷ୍ଠୀବଦ୍ଧ ଅନୁଷ୍ଠାନ ୨. ସୁନ୍ଦର ରୂପେ ନିର୍ମାଣ ୩. ବିବିଧ ଆକାରର ସଂଯୋଗ ସାଧନ ୪. ସର୍ବାଙ୍ଗୀନ ଉତ୍କର୍ଷ ସାଧନ ୫. ସଂଘବଦ୍ଧୀକରଣ ।

**ସଙ୍ଗଠିତ, ସଂଗଠିତ *ବିଂ.*** ୧. ଭଲ ଭାବରେ ଗଠିତ ୨. ଯେଉଁମାନଙ୍କର ସାମର୍ଥ୍ୟ ବା ମତବାଦକୁ ଏକତ୍ରିତ କରାଯାଇଛି ।

**ସଙ୍ଗଡ଼ିବା *କ୍ରି.*** ୧. ଅନେକ ପଦାର୍ଥକୁ ଏକାଠି ମିଶାଇବା ୨. ଦୁଇଟି ଗୋରୁଙ୍କୁ ପଘାରେ ଏକାଠି ଛନ୍ଦି ଦେବା ୩. ସିଝା ପରିବାକୁ ଏକାଠି ମିଶାଇବା ୪. ଗାଇ ଦୁହାଁଇ ନ ଦେଲେ ତାକୁ ସୁଧାରିବା ପାଇଁ ବିଭିନ୍ନ ଉପାୟ କରିବା ।

**ସଙ୍ଗତ *ବି.*** ୧. ଶିଖ୍‌ମାନଙ୍କ ଧର୍ମସ୍ଥାନ ୨. ଗାନ ବାଦନରେ ବାଦ୍ୟଯନ୍ତ୍ରର ସହଯୋଗିତା ୩. ମିଳନ, ମିତ୍ରତା, ମିଳାମିଶା ୪. ପ୍ରେମ ; ***ବିଂ.*** ୧. ମିଳିତ, ସଂଯୁକ୍ତ ୨. ଯୁକ୍ତିଯୁକ୍ତ, ସମୀଚୀନ ୩. ଅନୁମତ ୪. ଅନୁଯାୟୀ ।

**ସଙ୍ଗତି *ବି.*** ୧. ସ୍ୱଚ୍ଛଳତା ୨. ସାମଞ୍ଜସ୍ୟ ୩. ନ୍ୟାୟୋଚିତ ସିଦ୍ଧାନ୍ତ ୪. ସମ୍ପର୍କ ।

**ସଙ୍ଗତେ *କ୍ରି.ବିଂ.*** ସଙ୍ଗେ, ସହିତ ।

**ସଙ୍ଗଦୋଷ *ବି.*** ୧. ମନ୍ଦବ୍ୟକ୍ତି ସହିତ ସମ୍ବନ୍ଧ ବା ସଂସର୍ଗ ଜନିତ ଦୋଷ ୨. ସହବାସ ଜନିତ ଅନିଷ୍ଟ ।

**ସଙ୍ଗଭଙ୍ଗ *ବି.*** ୧. ମିଳନ ତୁଟିବା ୨. ସାଙ୍ଗ ଭାଙ୍ଗିଯିବା ୩. ସଙ୍ଗିନୀର ବିଚ୍ଛେଦ ।

**ସଙ୍ଗମ** ***ବି.*** ୧. ଶାରୀରିକ ମିଳନ, ସହବାସ ୨. ନଦୀ ଓ ସମୁଦ୍ରର ମିଳନସ୍ଥଳ ୩. ନଦୀମାନଙ୍କର ମିଳନସ୍ଥାନ ୪. ଗଙ୍ଗା, ଯମୁନା ଓ ସରସ୍ୱତୀ ନଦୀର ମିଳନ ସ୍ଥଳ - ପ୍ରୟାଗ ବା ଆଲାହାବାଦ ।

**ସଙ୍ଗମେଳ** ***ବି.*** ୧. ବନ୍ଧୁମାନଙ୍କର ଏକାଠି ହେବା ୨. ବନ୍ଧୁତ୍ୱ ।

**ସଙ୍ଗାଡ଼, ସଙ୍ଗାଡ଼ି** ***ବି.*** ୧. ଛଅ ଖିଅ ପଇତା ପାଇଁ ଦୁଇ କେରା ସୂତା ୨. ଦୁଇ ଖଣ୍ଡ, ଦୁଇ ପଟ ୩. ମାଛ ମଞ୍ଜିର ଦୁଇଫାଳ ୪. ଚିତାଗ୍ନିରେ ମୁହାଁଯିବା କାଠଖଣ୍ଡ ସମୂହ ।

**ସଙ୍ଗାତ** ***ବି.*** ୧. ଘନିଷ୍ଠ ବନ୍ଧୁ ୨. ମିତ ବା ମିତଣୀ ୩. ପ୍ରଣୟିନୀ ।

**ସଙ୍ଗାତୁଣୀ** ***ବି.*** ୧. ସଙ୍ଗାତର ସ୍ତ୍ରୀ. ୨. ପ୍ରେୟସୀ ।

**ସଙ୍ଗିନ** ***ବି.*** ୧. ବନ୍ଧୁକ ନଳୀ ଅଗରେ ଲାଗିଥିବା ଧାରୁଆ ଅସ୍ତ୍ର, ବାୟୋନେଟ୍ ୨. ତୀକ୍ଷ୍ଣ ଛୁରା ; ***ବିଂ.*** ୧. ସଙ୍କଟାପନ୍ନ ୨. ସାଙ୍ଘାତିକ ୩. ବିଷମ ୪. ଗୁରୁତର ୫. ଅତି ଖରାପ ୬. ଅତି ଆୟାସସାଧ୍ୟ।

**ସଙ୍ଗିନୀ** ***ବି.*** ୧. ନାରୀ ବନ୍ଧୁ ବା ସାଥୀ, ବାନ୍ଧବୀ, ସଜନୀ ୨. ସହଚରୀ, ସଙ୍ଗରେ ବିଚରଣକାରିଣୀ, ସହଚାରିଣୀ।

**ସଙ୍ଗିବା** ***କ୍ରି.*** ୧. ସହବାସ କରିବା ୨. ଋତୁମତୀ ଗାଈକୁ ଷଣ୍ଢ ମୈଥୁନ କରିବା ।

**ସଙ୍ଗୀ** ***ବି.*** ସାଥୀ, ସହଚର, *ସ୍ତ୍ରୀ.* ସଙ୍ଗିନୀ ।

**ସଙ୍ଗୀତ** ***ବି.*** ୧. ଗୀତ ଓ ବାଦ୍ୟର ସମାହାର ୨. ସ୍ୱର ଝଙ୍କାର ।

**ସଙ୍ଗୀତଜ୍ଞ** ***ବିଂ.ବି.*** ସଙ୍ଗୀତ ଶାସ୍ତ୍ରରେ ପାରଦର୍ଶୀ ।

**ସଙ୍ଗେ** ***କ୍ରି.ବିଂ.*** ୧. ସାଥିରେ ୨. ସହିତ ୩. ପାଖେ ୪. ସଙ୍ଗରେ ୫. ସମ୍ପର୍କରେ ୬. ଆନୁଷଙ୍ଗିକ ଭାବରେ ।

**ସଙ୍ଗେଇ ଦେବା** ***କ୍ରି.*** ରଖିଦେବା, ଯତ୍ନ ସହକାରେ ଠିକ୍ ଜାଗାରେ ରଖିଦେବା।

**ସଙ୍ଗେସଙ୍ଗେ** ***କ୍ରି.ବିଂ.*** ୧. ହଠାତ୍, ଅବିଳମ୍ବେ ୨. ତତ୍‌କ୍ଷଣାତ୍ ୩. ସର୍ବଦା ୪. ସହଚର ଭାବରେ ।

**ସଙ୍ଘା** ***ବି.*** ପରସ୍ପର ସମ୍ମୁଖୀନ ଦୁଇ କାଛ ଉପରେ ବାଉଁଶ ବା ପଟା ପକାଇ ଜିନିଷ ରଖିବା ନିମିତ୍ତ ଭାଡ଼ି ।

**ସଚକିତ** ***ବିଂ.*** ୧. ଅତ୍ୟନ୍ତ ଚକିତ ୨. ଭୟାର୍ତ୍ତ, ତ୍ରସ୍ତ ୩. ବିସ୍ମିତ ।

**ସଚଞ୍ଚଳ** ***ବିଂ.କ୍ରି.ବିଂ.*** ୧. ଗତିଶୀଳ ଭାବରେ ୨. ବ୍ୟଗ୍ରତାର ସହିତ ୩. ପ୍ରଖର ୪. ଅତି ଶୀଘ୍ର ।

**ସଚରାଚର** ***ବିଂ.*** ୧. ସର୍ବତ୍ର, ସବୁଠି ୨. ସର୍ବଦା ।

**ସଚଳ** ***ବିଂ.*** ୧. ଚଳମାନ, ଗତିଶୀଳ ୨. ସଙ୍ଗତିସମ୍ପନ୍ନ ୩. ପ୍ରଚଳିତ ୪. କାର୍ଯ୍ୟକାରୀ ।

**ସଚା, ସଚ୍ଚା** ***ବିଂ.*** ୧. ସଚ୍ଚୋଟ ୨. ଖାଣ୍ଟି ୩. ଠିକ୍ ୪. ଅକୃତ୍ରିମ ୫. ଯଥାର୍ଥ ୬. ନ୍ୟାଯ୍ୟ ୭. ସାଧୁ ୮. ସତ୍ୟପରାୟଣ ।

**ସଚିତ୍ର** ***ବିଂ.*** ଚିତ୍ରଯୁକ୍ତ, ଛବିଥିବା ।

**ସଚିବ** ***ବି.*** ୧. ଉଚ୍ଚ ପ୍ରଶାସନିକ ପଦାଧିକାରୀ, ସରକାରଙ୍କ ସେକ୍ରେଟାରୀ ୨. ମନ୍ତ୍ରୀ, ଅମାତ୍ୟ ୩. ସମ୍ପାଦକ, କାର୍ଯ୍ୟନିର୍ବାହୀ ଅଧିକାରୀ ।

**ସଚେତ୍** ***ବିଂ.*** ୧. ଜାଗ୍ରତ ୨. ହୁସିଆର ୩. ସଜ୍ଞାନ, ହୋସ୍ ଥିବା।

**ସଚେତନ** ***ବିଂ.*** ୧. ଜାଗ୍ରତ, ଶୋଇ ନ ଥିବା ୨. ଅଚେତ ନଥିବା, ଚେତନାଯୁକ୍ତ ୩. ହୁସିଆର, ସତର୍କ ୪. ଜୀବନ୍ତ ।

**ସଚେଷ୍ଟ** ***ବିଂ.*** ୧. ଯତ୍ନଶୀଳ ୨. ଉଦ୍ୟୋଗୀ, ଉଦ୍ୟମୀ ।

**ସଚ୍ଚରିତ୍ର** ***ବିଂ.*** ଉତ୍ତମ ବା ସତ୍‌ସ୍ୱଭାବବିଶିଷ୍ଟ, ଉତ୍ତମ ଚରିତ୍ରସମ୍ପନ୍ନ ।

**ସଚ୍ଚା** ***ବିଂ.*** ୧. ଠିକ୍, ଉଚିତ ୨. ପ୍ରକୃତ ।

**ସଚ୍ଚିଦାନନ୍ଦ** ***ବି.*** ୧. ସତ୍, ଚିତ୍ ଓ ଆନନ୍ଦ ସ୍ୱରୂପ ବ୍ରହ୍ମ ୨. ପରମେଶ୍ୱର ।

**ସଚ୍ଚୋଟ** ***ବିଂ.*** ୧. ସଚ୍ଚରିତ୍ର ୨. ସାଧୁ ୩. ସତ୍ୟଶୀଳ ୪. ନୀତିବାନ୍ ୫. ସଚ୍ଚା, ଖାରା ୬. ନ୍ୟାୟବନ୍ତ ।

**ସଚ୍ଛଳ, ସ୍ୱଚ୍ଛଳ** ***ବିଂ.*** ସଙ୍ଗତିସମ୍ପନ୍ନ, ଅଭାବଶୂନ୍ୟ ; ***ବି.*** ସ୍ୱଚ୍ଛଳତା ।

**ସଚ୍ଛିଦ୍ର** ***ବିଂ.*** ୧. କଣା ଥିବା, ରନ୍ଧ୍ର ବା ଛିଦ୍ର ଥିବା ୨. କଣା ହୋଇଥିବା ୩. ତ୍ରୁଟିଯୁକ୍ତ ।

**ସଜ** ***ବି.*** ୧. ବ୍ୟବସାୟୀ, କାରିଗର ପ୍ରଭୃତିଙ୍କ ଉପକରଣାଦି ୨. ସାଜ ୩. ଅଳଙ୍କାର ୪. ଗୃହ ଉପକରଣ ୫. ସୁଯୋଗ ୬. ଖଞ୍ଜ ୭. ଓର ୮. ସୁବିଧା ୯. ଅବସ୍ଥା ; ***ବିଂ.*** ୧. ତଟକା ୨. ସୁଶୋଭିତ ୩. ଅଳଙ୍କୃତ ୪. ସଜିଲ୍, ପ୍ରସ୍ତୁତ ୫. ସହଜ, ସୁସାଧ୍ୟ ୬. ସୁବିଧାଜନକ ୭. ଉପଯୋଗୀ ।

**ସଜକ୍ରିୟା** ***ବି.*** ମୃତ୍ୟୁ ଦିନଠୁଁ କରାଯାଉଥିବା ପ୍ରେତକର୍ମ ।

**ସଜଡ଼ା** ***ବି.*** ସଜାଡ଼ିବା କାର୍ଯ୍ୟ, ଠିକ୍ ଭାବରେ ରଖିବା ; ***ବିଂ.*** ସଜ୍ଜିତ, ମରାମତି ହୋଇଥିବା ।

**ସଜଡ଼ା ସଜଡ଼ି** ***ବି.*** ଜିନିଷପତ୍ର ବା ବିଭିନ୍ନ ବସ୍ତୁକୁ ସଜେଇ ରଖିବା ।

**ସଜନୀ** ***ବି.*** ୧. ସହଚରୀ, ସଖୀ ୨. ପ୍ରଣୟିନୀ ବା ପ୍ରେମିକା ୩. ପତ୍ନୀ ।

**ସଜବାଜ** ***ବି.*** ୧. କୌଣସି କାର୍ଯ୍ୟ ନିମିତ୍ତ ପୂର୍ବ ପ୍ରସ୍ତୁତି ୨. ରଜ ପୂର୍ବଦିନର ସାଜସଜ୍ଜା ; ***ବିଂ*** ୧. ସୁସଜ୍ଜିତ ୨. ବେଶ ପୋଷାକ ପିନ୍ଧି ପ୍ରସ୍ତୁତ ୩. ସଜିଲ ୪. ସ-ମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ।

**ସଜଳ** ***ବିଂ.*** ୧. ଜଳପୂର୍ଣ୍ଣ ୨. ଆର୍ଦ୍ର ୩. ଭିଜା, ଲୁହଭରା (ଆଖି)।

**ସଜପାଳିଆ** ***ବି.*** ଶ୍ରୀମନ୍ଦିରରେ ରାତିରେ ପାଳି ଖଟିଥିବା ବ୍ୟକ୍ତି ବା ବାସୀ ପାଳିଆଙ୍କୁ ଦାୟିତ୍ୱ ମୁକ୍ତ କରି ସେବାରେ ନିଯୁକ୍ତ ସେବକ।

**ସଜଳସ** ***ବି.*** ଝୁଣା, ଶାଳ ଗଛରୁ ବାହାରୁଥିବା ଖିରର ଶୁଖିଲା ଅବସ୍ଥା ।

**ସଜା** ***ବି.*** ୧. ଜେଲ ଦଣ୍ଡ ୨. ଦଣ୍ଡ, ଶାସ୍ତି ୩. ପ୍ରତିଫଳ ୪. ସଜେଇବା କାର୍ଯ୍ୟ; ***ବିଂ.*** ୧. ସଜ୍ଜିତ, ସଜଡ଼ା ୨. ମିଥ୍ୟା ପ୍ରମାଣ ଦ୍ୱାରା ପ୍ରସ୍ତୁତ ।

**ସଜାଇବା** ***କ୍ରି.*** ୧. ବେଶ କରାଇବା ୨. ଅଳଙ୍କୃତ କରିବା ୩.ସୁବିନ୍ୟସ୍ତ କରି ସ୍ଥାପନ କରିବା ୪. ସଜ୍ଜିତ କରିବା ୫. ମରାମତି କରିବା ।

**ସଜାଉ** ***ବି.*** ଢୋଲବାଜା ।

**ସଜା କାଟିବା** ***କ୍ରି.*** ଜେଲ ଦଣ୍ଡ ଭୋଗିବା ।

**ସଜାଗ** ***ବିଂ.*** ୧. ଜାଗ୍ରତ ୨. ସଚେତ ୩. ସାବଧାନ, ସତର୍କ ।

**ସଜାଡ଼** ***ବିଂ.*** ଆରୋଗ୍ୟପ୍ରାପ୍ତ ; ***ବି.*** ୧. ଯଥାଯୋଗ୍ୟ ସନ୍ନିବେଶ ୨. ଦେହର ସୁସ୍ଥ ଅବସ୍ଥା ପ୍ରାପ୍ତି ୩. ମରାମତି ୪. ସଞ୍ଚା ୫. ଡାଲା ।

**ସଜାଡ଼ିବା** ***କ୍ରି.*** ୧. ସାଜିବା ୨. ସଜ୍ଜିତ କରିବା ୩. ମରାମତି କରିବା ୫. କ୍ରମାନୁସାରେ ସଜେଇବା ୬. ଅସୁବିଧା ଦୂର କରିବା ୭. ଠିକ୍ କରିବା ।

**ସଜାତି** ***ବିଂ.*** ୧. ସମଶ୍ରେଣୀୟ ୨. ଏକ ଜାତୀୟ ୩. ସମାଜ ବା ଜାତିର ଅନ୍ତର୍ଗତ ; ***ବି.*** ୧. ସେହି ଏକ ଜାତିର ଅନ୍ତର୍ଭୁକ୍ତ ଲୋକ ୨. ସମଜାତୀୟ ସ୍ତ୍ରୀ ବା ପୁରୁଷଙ୍କଠାରୁ ଜନ୍ମିତ ସନ୍ତାନ ।

**ସଜାତୀୟ** ***ବିଂ.*** ୧. ଏକଜାତୀୟ ୨. ସମଶ୍ରେଣୀୟ ୩. ଏକା ପ୍ରକାର ମାନସିକତା ଯୁକ୍ତ ।

**ସଜା ଦେବା** ***କ୍ରି.*** ୧. ଦଣ୍ଡ ବା ଶାସ୍ତି ଦେବା ୨. ଜେଲରେ ଭରିବା ।

**ସଜିଲ** ***ବି.*** ୧. ସୁବିଧା ୨. ସୁଯୋଗ ୩. ସଜ୍ଜିତ ଅବସ୍ଥା ୪. ପ୍ରସ୍ତୁତି ୫. ବନ୍ଦୋବସ୍ତ ୬. ଯୋଗାଡ଼ ୭. ଉପକରଣାଦି ସଂଗ୍ରହ ; ***ବିଂ.*** ୧. କାର୍ଯ୍ୟସାଧନ ପାଇଁ ପ୍ରସ୍ତୁତ ୨. ଆୟୋଜିତ ୩. ସଂଗୃହୀତ ୪. ସୁବିଧାଜନକ ୫. ସଜଡ଼ା ।

**ସଜୀବ** ***ବିଂ.*** ୧. ଜୀଅନ୍ତା, ଜୀବନ୍ତ, ଜୀବିତ ୨. ସଚେତନ ୩. ସତେଜ ; ***ବି.*** ସଜୀବତା ।

**ସଜ୍ଜନ** ***ବି.*** ୧. ଉତ୍ତମ ଲୋକ, ସାଧୁଲୋକ ୨. ଭଦ୍ରଲୋକ ୩. ସଜ୍ଜାକରଣ ୪. ଆୟୋଜନ ୫. ସମ୍ଭ୍ରାନ୍ତ ବା ଉଚ୍ଚକୁଳଜାତ ବ୍ୟକ୍ତି ।

**ସଜ୍ଜା** ***ବି.*** ୧. ବେଶଭୁଷା ୨. ପୋଷାକ ୩. ଅଳଙ୍କରଣ ୪. ଆୟୋଜନ ।

**ସଜ୍ଜାଗୃହ** ***ବି.*** ୧. ସାଜଘର, ବେଶ ଘର ୨. ଯାତ୍ରା, ଥିଏଟର ପ୍ରଭୃତି କଳାକାରମାନଙ୍କର ବେଶ ହେବାର ଗୃହ, ଗ୍ରୀନ୍ ରୁମ୍ ।

**ସଜ୍ଜିତ** ***ବିଂ.*** ୧. ଭୂଷିତ, ଅଳଙ୍କୃତ ୨. ଆୟୋଜିତ ୩. ବେଶ ପରିହିତ ୪. ଉଦ୍ୟତ, ପ୍ରସ୍ତୁତ ।

**ସଜ୍ଜୀକୃତ** ***ବିଂ.*** ୧. ଯାହାକୁ ବେଶ କରାଯାଇଅଛି ୨. ଯାହାକୁ ସଜା ଯାଇଛି ୩. ସଜ୍ଜିତ, ସଜାଡ଼ି ରଖା ହୋଇଥିବା ।

**ସଜ୍ଞାନ** ***ବିଂ.*** ୧. ଚେତନାଯୁକ୍ତ ୨. ଜ୍ଞାନଯୁକ୍ତ ୩. ଜାଣିଶୁଣି, ଜାଣିବା ଅବସ୍ଥାରେ କରା ଯାଇଥିବା, ଅବହିତ ।

**ସଞ୍ଚ** ***ବିଂ.*** ୧. ସୁଠାମ ୨. କମନୀୟ ; ***ବି.*** ୧. କ୍ଷତଚିହ୍ନ ୨. ଦାଗ ୩. ଆକୃତି ୪. ସୌନ୍ଦର୍ଯ୍ୟ ୫. ସୁଢ଼ଳତା ୬. ଛାଞ୍ଚ ୭. ଲିଖନ ପୃଷ୍ଠା ।

**ସଞ୍ଚନ** ***ବି.*** ୧. ସଞ୍ଚୟନ , ସାଇତି ରଖିବା ୨. ନିଜ ଅଧିକାରରେ ରଖିବା ।

**ସଞ୍ଚପ** ***ବି.*** ସଂକ୍ଷେପ; ***ବିଂ.*** ସଂକ୍ଷିପ୍ତ, ଅଳପରେ ।

**ସଞ୍ଚପିବା** ***କ୍ରି.*** ୧. ସଂକ୍ଷେପ କରିବା ୨. ସଞ୍ଚିବା ୩. ସଂଗ୍ରହ କରିବା, ରାଶିକୃତ କରିବା ।

**ସଞ୍ଚରଣ** ***ବି.*** ୧. ଗତିଶୀଳତା ୨. ଚଳନ, ଗମନ ୩. କମ୍ପନ, ଥରିବା ; ***ବିଂ.*** ସଞ୍ଚରଣଶୀଳ ।

**ସଞ୍ଚରିତ** ***ବିଂ.*** ୧. ବହିଯାଉଥିବା ୨. ପ୍ରସାରିତ ହୋଇଯାଉଥିବା, ବ୍ୟାପି ଯାଉଥିବା ।

**ସଞ୍ଚରିବା** ***କ୍ରି.*** ୧. ଜାତ ହେବା, ସୃଷ୍ଟି ହେବା ୨. ଗତିକରିବା ୩. ଟାଙ୍କୁରିବା ।

**ସଞ୍ଚଳନ** ***ବି.*** ଚାଳିତ ବା ଗତିଶୀଳ ହେବା ଅବସ୍ଥା ।

**ସଞ୍ଚୟ** ***ବି.*** ୧. ଭବିଷ୍ୟତ ପାଇଁ ସାଇତି ରଖିବା ୨. ଜମାଇ ରଖିବା ୩. ସମୂହ ।

**ସଞ୍ଚୟକାରୀ** ***ବିଂ.*** ବ୍ୟୟ ନ କରି ନିଜ ପାଖରେ ରଖିଥିବା, ସାଇତି ରଖୁଥିବା ।

**ସଞ୍ଚୟନ** ***ବି.*** ୧. ଏକାଠି କରାଯାଇଥିବା ବସ୍ତୁ ୨. ଏକତ୍ରୀକରଣ ।

**ସଞ୍ଚୟିତା** ***ବି.*** ୧. କୃତିସମୂହର ସଂଗ୍ରହକାରୀ ୨. ସଂକଳକ ୩. ସଂଚୟକାରୀ ।

**ସଞ୍ଚା** ***ବିଂ.*** ୧. ଦୃଢ଼ ୨. ସଞ୍ଚିତ ୩. ସଞ୍ଚୟୀ ୪. କୃପଣ ; ***ବି.*** ୧. ଦାଗ ୨. କ୍ଷତଚିହ୍ନ ୩. ଛିଟା ୪. ଶୋଭା ୫. ରୋଷେଇ ପାଇଁ ଦିଆଯିବା ଖାଦ୍ୟ ସାମଗ୍ରୀ ୬. ସିଧା ୭. ସମଷ୍ଟି ୮. ସଂଗ୍ରହ ୯. ଆୟୋଜନ ୧୦. ପୋଥି ଲେଖା ପାଇଁ ପ୍ରସ୍ତୁତ ପତ୍ର ।

**ସଞ୍ଚାଣ** *ବି.* ଛଞ୍ଚାଣ, ବାଜ, ଶ୍ୟେନ ପକ୍ଷୀ ।

**ସଞ୍ଚାର** *ବି.* ୧. ବାଦ୍ୟର ଆଦ୍ୟତାନ ୨. ଗତି ୩. ବିସ୍ତାର ୪. ବ୍ୟାପ୍ତି ୫. ଜନ୍ମ ୬. ଗ୍ରହାଦିର ଅନ୍ୟ ରାଶିକୁ ଗତି ୭. ଉଦୟ ୮. ଆବିର୍ଭାବ ୯. ଧର୍ମଭିତ୍ତିକ ସାମୂହିକ ବାଦ୍ୟ ଓ ନୃତ୍ୟ ।

**ସଞ୍ଚାରଣ** *ବି.* ୧. ସଂକ୍ରମଣ ୨. ସ୍ଥାନାନ୍ତରଗମନ ୩. ଭେଦନ ।

**ସଞ୍ଚାରିତ** *ବିଂ.* ୧. ସ୍ଥାନାନ୍ତରିତ ୨. ସଂକ୍ରମିତ ୩. ଦୋହଲୁଥିବା, ଚଳୁଥିବା ।

**ସଞ୍ଚାରିବା** *କ୍ରି.* ୧. ବିସ୍ତାରିବା ୨. ଚାଳିବା ୩. ଆନ୍ଦୋଳିତ କରିବା ।

**ସଞ୍ଚାରୀ** *ବିଂ.* ୧. ଗତିରେ ସହାୟକ ୨. କ୍ଷଣକପାଇଁ ଆବିଷ୍ଟ କରୁଥିବା ; *ବି.* ଶାସ୍ତ୍ରୀୟ ଗାୟନରେ ରାଗ ବିସ୍ତାରର ତୃତୀୟ ଚରଣ ।

**ସଞ୍ଚାରୀ ଭାବ** *ବି.* ରସତତ୍ତ୍ୱରେ ମୂଳ ଭାବର ସହକାରୀ ଅସ୍ଥାୟୀ ଭାବ ।

**ସଞ୍ଚାଳକ** *ବିଂ.ବି.* ଯିଏ ବା ଯାହା ଚଳାଏ, ସଞ୍ଚାଳନକାରୀ, ସଞ୍ଚାରକାରକ ।

**ସଞ୍ଚାଳନ** *ବି.* ଚଳାଇବା କାର୍ଯ୍ୟ, ପ୍ରବର୍ତ୍ତନ, ଦୋଳାୟନ ।

**ସଞ୍ଚାଳିତ** *ବିଂ.* ଚାଳିତ, ପରିଚାଳିତ, ଗତିଶୀଳ ହେଉଥିବା ।

**ସଞ୍ଚିତ** *ବିଂ.* ୧. ଯତ୍ନରେ ସୁରକ୍ଷିତ, ଗଚ୍ଛିତ ୨. ସଂଗୃହୀତ ।

**ସଞ୍ଚିବା** *କ୍ରି.* ୧.ସଞ୍ଚୟ କରିବା ୨. ଯତ୍ନରେ ସାଇତିବା ୩. ପାଳିବା ୪. ସର୍ଜନା ବା ନିର୍ମାଣ କରିବା ୫. ପୂର୍ବରୁ ସ୍ଥିର କରିବା ।

**ସଞ୍ଜ, ସଞ୍ଜବୁଡ଼** *ବି.* ୧. ସନ୍ଧ୍ୟାକାଳ ୨. ସୂର୍ଯ୍ୟ ଅସ୍ତ ଯିବାର ପରବର୍ତ୍ତୀ ସମୟ ।

**ସଞ୍ଜଦୀପ, ସଞ୍ଜବତି** *ବି.* ସନ୍ଧ୍ୟା ସମୟରେ ଗୃହଦ୍ୱାରରେ, ଦେବମନ୍ଦିରରେ, ତୁଳସୀ ଚଉରା ବା ଗୃହଦେବତା ସମ୍ମୁଖରେ ଜଳାଯିବା ଦୀପ ।

**ସଞ୍ଜା** *ବି.* ୧. ପୂର୍ବକାଳରେ କରରୂପେ ଦେୟ ଉତ୍ପାଦିତ ଶସ୍ୟର ନିର୍ଦ୍ଦିଷ୍ଟ ପରିମାଣର ରାଜଭାଗ ୨. ମାଇ ଛେଳି ।

**ସଞ୍ଜାଇ** *ବି.* ଲୁଗା, ଜାମା, ମଶାରି, ରେଜେଇ, ତକିଆ ପ୍ରଭୃତିର ଧାର ବା ଧଡ଼ିରେ ସିଲେଇ ହୋଇ ଲଗାଯିବା ଝାଲର ।

**ସଞ୍ଜାତ, ସଂଜାତ** *ବିଂ.* ଜାତ, ଉତ୍ପନ୍ନ, ଜନ୍ମ ।

**ସଞ୍ଜାପଟା** *ବି.* ଜମିମାଲିକ ପ୍ରଜାକୁ ଲେଖି ଦେଇଥିବା ଚୁକ୍ତି ପତ୍ର ବା ଦଲିଲ୍ ।

**ସଞ୍ଜାଭାଗ** *ବି.* ଖଜଣା ଦେବା ସର୍ତ୍ତରେ କରାଯାଉଥିବା ଚାଷ ।

**ସଞ୍ଜିବନୀ** *ବି.* ଜୀବନ ଦାନ କରି ପାରୁଥିବା ମହୌଷଧି, ଅମୃତ ।

**ସଞ୍ଜିବନୀପୁର** *ବି.* ଯମପୁର ।

**ସଞ୍ଜୁଆ** *ବିଂ.* ସନ୍ଧ୍ୟା ସମୟର, ସାନ୍ଧ୍ୟ ।

**ସଟ୍‌କଟ୍** *ବି.* କୌଣସି ସ୍ଥାନକୁ ଯିବା ପାଇଁ ସବୁଠୁ କମ୍ ବାଟ୍ ; *ବିଂ.* ୧. ଅଳ୍ପ, କମ୍ ୨. କାଣ୍ଟଛାଟ ; *କ୍ରି.ବିଂ.* ଅଳ୍ପ ଖର୍ଚ୍ଚରେ ବା ସାଧାରଣ ଭାବରେ ।

**ସଟ୍‌କଲା** *ବିଂ.* ଶୀଘ୍ର, ଚଞ୍ଚଳ; *କ୍ରି.ବିଂ.* ଜଲଦି ଜଲଦି ।

**ସଟ୍‌କିନା** *କ୍ରି.ବିଂ* ୧. ହଠାତ୍ ୨. ଅପ୍ରତ୍ୟାଶିତ ଭାବରେ ୩. ଅତି ଶୀଘ୍ର, ସଟ୍‌କଲା ।

**ସଟ, ସଟା** *ବି.* ୧. ସିଂହର କେଶର ୨. ଋଷିଙ୍କ ଜଟା ୩. ବରଗଛର ଓହଳ ୪. ମୁଣ୍ଡର ଶିଖା ।

**ସଟଲ୍, ଶଟଲ୍** *ବି.* ଦୁଇ ପ୍ରଧାନ ସହର ବା ନଗର ମଧ୍ୟରେ ଯାତାୟତ କରୁଥିବା ଯାତ୍ରୀବାହୀ ଟ୍ରେନ୍ ବା ବସ୍, ସଟଲ ଟ୍ରେନ୍ ।

**ସଟଲ୍ କର୍କ୍** *ବି.* ବ୍ୟାଡ୍‌ମିଣ୍ଟନ୍ ଖେଳରେ ବ୍ୟବହୃତ ପରଦିଆ କର୍କ୍ ।

**ସଟା, ସଟ୍ଟା** *ବି.* ଏକପ୍ରକାର ଜୁଆଖେଳ ।

**ସଟାବଟା** *ବି.* ୧. ଅଳୀକ ପ୍ରବୋଧ ବାକ୍ୟ ୨. କୌଶଳପୂର୍ଣ୍ଣ ମୀମାଂସା ; *କ୍ରି.ବିଂ.* ୧. ଯେନତେନ ପ୍ରକାରେ, କୌଣସି ପ୍ରକାରରେ (ସମାପିତ) ୨. ତରବରିଆ ।

**ସଟାସଟ୍** *କ୍ରି.ବିଂ.* ୧. ଅଳ୍ପ ସମୟ ଭିତରେ, ତତ୍‌କ୍ଷଣାତ୍, ସେଇ କ୍ଷଣି ୨. ସହଜରେ ୩. ବିନା ପ୍ରତିବନ୍ଧକ ବା ଅସୁବିଧାରେ ।

**ସଟୀକ** *ବିଂ.* ଟୀକାଯୁକ୍ତ ବା ବ୍ୟାଖ୍ୟା, ମନ୍ତବ୍ୟାଦି ସମନ୍ୱିତ (ପୁସ୍ତକ) ।

**ସଟ୍ଟକ** *ବି.* ପ୍ରାକୃତ ଭାଷାରେ ରଚିତ ଅଦ୍ଭୁତ ରସ ପ୍ରଧାନ ନାଟକ (ଯଥା: କର୍ପୂର ମଞ୍ଜରୀ) ।

**ସଡ଼କ୍‌ଦମ୍** *ବିଂ.* ୧. ସ୍ତମ୍ଭୀଭୂତ ୨. ସିଧା ଛିଡ଼ା ହୋଇଥିବା ।

**ସଡ଼କ** *ବି.* ଦୀର୍ଘ ଓ ପ୍ରଶସ୍ତ ରାସ୍ତା, ପଥ ।

**ସଡ଼କି ପଲମ** *ବି.* ଚକୁଳି ପିଠା ପ୍ରସ୍ତୁତିରେ ବ୍ୟବହୃତ ଚଟକା ମାଟି ତେଲୁଣି ।

**ସଡ଼ପ, ସଲପ** *ବି.* ୧. ଗୁଆଗଛ ଭଳି ଦେଖାଯିବା ଏକ ପ୍ରକାରର ଗଛ ୨. ସଲପ ଗଛର ରସରୁ ପ୍ରସ୍ତୁତ ମଦ ।

**ସଡ଼ସଡ଼** *ଅ.* ୧. ହାପୁରି(ଡ଼ି) ଖାଇବାର ଶବ୍ଦ ୨. ପଚା ଘାଆ ଧକଧକ ହେବା ଅନୁଭବ ୩. ସବୁବେଳେ ନାକରେ ସିଂଘାଣି ଥିବା ଯୋଗୁଁ ହେବା ଧ୍ୱନି ।

**ସଡ଼ସଡ଼ିଆ** *ବିଂ.* ପାଣିଆ, ଅଧିକ ପାଣିଥିବା ।

**ସଡ଼ିଙ୍ଗୀ** *ବି.* ଜାଲବୁଣା ବେଳେ ସୁତା ଗୁଡ଼ାଯାଇଥିବା ବାଉଁଶ ପାତିଆ ବା ପିତଳ ନିର୍ମିତ ଉପକରଣ ।

**ସଢୁ, ସଢୁ** *ବି.* ନିଜ ସ୍ତ୍ରୀର ଭଉଣୀର ସ୍ୱାମୀ, ଶାଳୀ ବା ଦେଢ଼ଶାଶୁଙ୍କ ସ୍ୱାମୀ ।

**ସଣ, ସଣପଟ** *ବି.* ଛଣପଟ, ସଣ ଗଛର ଛାଲରୁ ବାହାରୁ ଥିବା ସରୁ ତନ୍ତୁ ।

**ସଣଭଣ** *କ୍ରି.ବିଂ. ଅ.* ୧. ସାଲୁବାଲୁ ୨. ରଣଭଣ ୩. ପଙ୍କ, ମଇଳା ପଚା ଜିନିଷ ଆଦି ପୂରିଥିବା ଅବସ୍ଥା ।

**ସଣ୍ଣା** *ବି.* ୧. ମର୍ଯ୍ୟାଦା ୨. ଉତ୍ତମ ଚାଲିଚଳଣ ।

**ସଣ୍ଡାଳୀ** *ବି.* ୧. ଛିଣ୍ଡାଳୀ, କାମୁକୀ ନାରୀ ୨. ପୁଷ୍କରିଣୀ ୩. ତରଳ ଦ୍ରବ୍ୟର ଏକ ଛଟାଙ୍କ ପରିମାଣ ।

**ସଣ୍ଡାସ୍** *ବି.* ପାଇଖାନା ।

**ସଣ୍ଡିଆକିଳା** *ବି.* ଶଗଡ଼ର ପହିମାନଙ୍କୁ ଯୋଡ଼ ଖୋଇବାରେ ବ୍ୟବହୃତ ଖିଲ ।

**ସଣ୍ଢୁଆସ** *ବି.* ଚାଳଘରେ ଦିଆଯାଇଥିବା ବତା କାମୁଡା ।

**ସଣ୍ଢୁଆସୀ** *ବି.* ଲୁହା ନିର୍ମିତ ଚିମୁଟା ।

**ସଣ୍ଢୁଆସୀ ଆକ୍ରମଣ** *ବି.* ଦୁଇପାଖୁ ଆକ୍ରମଣ ।

**ସତ୍** *ବିଂ.* ୧. ସତ୍ତାଯୁକ୍ତ ୨. ବିଦ୍ୟମାନ ୩. ନିତ୍ୟ ୪. ସତ୍ୟ ୫. ସାଧୁ ୬. ଉତ୍ତମ ୭. ଶୁଭ ୮. ବିଦ୍ୱାନ୍ ; *ବି.* ୧. ବ୍ରହ୍ମ ୨. ଅସ୍ତିତ୍ୱ ।

**ସତ୍‌କଥା** *ବି.* ସାଧୁବଚନ, ଉତ୍ତମ କଥା ।

**ସତ୍‌କର୍ମ** *ବି.* ଭଲ କାମ, ପୁଣ୍ୟକାମ ।

**ସତ୍‌ପଥ** *ବି.* ଭଲ ବାଟ, ନୀତିନିୟମ ମାନି କାର୍ଯ୍ୟ କରିବାର ବାଟ ।

**ସତ୍‌ପାତ୍ର** *ବି.* ୧. ଯୋଗ୍ୟ ବ୍ୟକ୍ତି ୨. ବିବାହ ପାଇଁ ଉପଯୁକ୍ତ ବ୍ୟକ୍ତି ।

**ସତ୍‌ସଙ୍ଗ, ସତ୍‌ମାର୍ଗ** *ବି.* ଭଲ ବା ସାଧୁ ବ୍ୟକ୍ତିମାନଙ୍କ ସହିତ ସମ୍ପର୍କ ।

**ସତ** *ବି.* ୧. ସତ୍ୟ, ଯାହା ମିଛ ନୁହେଁ ୨. ପ୍ରତିଜ୍ଞା, ସତ୍ୟ, ପଣ, ପ୍ରତିଶ୍ରୁତି ୩. ବିଶ୍ୱାସ, ଆସ୍ଥା ୪. ନିୟତ ୫. ଇଚ୍ଛା ୬. ସତ୍ତ୍ୱଗୁଣ; *ବିଂ.* ୧. ସତ୍ୟମୂଳକ ୨. ନିତ୍ୟ, ଚିରସ୍ଥାୟୀ ୩. ଯଥାର୍ଥ ।

**ସତତ** *କ୍ରି.ବିଂ.* ୧. ସବୁବେଳେ, ସର୍ବଦା ୨. ନିରନ୍ତର ।

**ସତରଞ୍ଜ** *ବି.* ଚତୁରଙ୍ଗ ବା ନ୍ୟାୟବଳ ନାମକ ଖେଳ, ପଶାଖେଳ ।

**ସତରଞ୍ଜି** *ବି.* ବିଛଣାତଳେ ବା ଚଟାଣରେ ବିଛା ହେବା ମୋଟା ଦରି, ଛତ୍‌ରଙ୍ଗ ।

**ସତରେ** *ଅ.* ପ୍ରକୃତରେ ।

**ସତର୍କ** *ବିଂ.* ୧. ସାବଧାନ ୨. ହୁସିଆର, ଜାଗ୍ରତ ; *ବି.* ସତର୍କତା ।

**ସତସତିଆ** *ବି.* ୧. ସତକୁ ସତ ୨. ଝିଟିପିଟି ।

**ସତା** *ବି.* ସାତ ମୂଲ୍ୟର ଚିହ୍ନିତ ତାସ ପତା ; *ବିଂ.* ସାତଗୁଣା ।

**ସତାଇବା** *କ୍ରି.* ହଇରାଣ ହରକତ କରିବା, କଷ୍ଟଦେବା ।

**ସତାନିପତାନି** *ବି.* ତଳ ଓ ଉପରର ସାତପୁରୁଷ, ଅଂଶବଂଶ ।

**ସତାର** *ବି.* ୧. ଅପେକ୍ଷା ୨. କାଳବିଳମ୍ବ ; *ବିଂ.* ୧. ତାରଯୁକ୍ତ ୨. ତନ୍ତ୍ରୀଯୁକ୍ତ ୩. ତାର ସହିତ ବିଦ୍ୟମାନ ।

**ସତାରିବା** *କ୍ରି.* ୧. କାଳ ବିଳମ୍ବ କରିବା ୨. ସମ୍ଭାଳି ନେବା ୩. ସବୁର କରିବା ୪. ଅପେକ୍ଷା କରିବା, ଅଟକିବା ।

**ସତିଆ** *ବିଂ.* ସତ୍‌ବାକ୍, ସତକଥା କହୁଥିବା ; *ବି.* ଝିଟିପିଟି, ଘରଗୋଧି, *ସ୍ତ୍ରୀ.* ସତେଇ ।

**ସତୀ** *ବି.* ୧. ସତ୍ୟବାଦିନୀ ବା ସତ୍ୟପରାୟଣା ନାରୀ ୨. ପାର୍ବତୀ ୩. ସ୍ୱାମୀର ଚିତା ନିଆଁରେ ପୋଡ଼ି ମରୁଥିବା ଅଥବା ପୋଡ଼ି ମାରି ଦିଆଯାଉଥିବା ପତ୍ନୀ; *ବିଂ.* ୧. ସାଧ୍ୱୀ ୨. ପତିବ୍ରତା ।

**ସତୀଛଦ** *ବି.* ଜନନେନ୍ଦ୍ରିୟର ପତଳା ଚର୍ମ ଆବରଣ ।

**ସତୀତ୍ୱ,ସତିତ୍ୱ** *ବି.* ଏକ ପୁରୁଷ ସହିତ ସମଗ୍ର ଜୀବନ ବଞ୍ଚୁଥିବା ପତ୍ନୀର ଧର୍ମ ।

**ସତୀଦାହ** *ବି.* ସ୍ୱାମୀର ଚିତାରେ ପତ୍ନୀର ଆତ୍ମ ବିସର୍ଜନ ବା ଦହନ ।

**ସତୀପୀଠ** *ବି.* *ପୁରାଣ* ସତୀଙ୍କ ମୃତ ଦେହ ବିଷ୍ଣୁଙ୍କ ଚକ୍ରରେ ଏକାବନ ଖଣ୍ଡ ହୋଇ ଭାରତର ଏକାବନଟି ସ୍ଥାନରେ ପଡ଼ିଥିବା ସ୍ଥାନ ବା ପୀଠ ।

**ସତୀର୍ଥ** *ବି.ବିଂ.* ସହାଧ୍ୟାୟୀ, ପଢ଼ାସଙ୍ଗୀ, ସମବୃତ୍ତି ।

**ସତୁଆ** *ବିଂ.* ସତ କଥା କହୁଥିବା, ସତ୍ୟବାଦୀ ।

**ସତୃଷ୍ଣ** *ବିଂ.* ୧. ତୃଷାର୍ତ୍ତ, ଶୋଷିଲା ୨. ଆତୁର, ଆଗ୍ରହୀ ।

**ସତେ** *ଅ. କ୍ରି.ବିଂ.* ୧. ବାସ୍ତବରେ ୨. ଫଳରେ ୩. ପ୍ରଶ୍ନ, ସମ୍ଭାବନା ବା ବିସ୍ମୟସୂଚକ ଶବ୍ଦ ।

**ସତେଜ** *ବିଂ.* ୧. ତେଜୀୟାନ ୨. ସଜ ୩. ବଳିଷ୍ଠ, ହୃଷ୍ଟପୁଷ୍ଟ ।

**ସତ୍କାର** *ବି.* ୧. ଗ୍ରହଣ ୨. ମାନ, ସମାଦର ୩. ସେବା ୪. ପୂଜା ।

**ସତ୍ୱର** *ବିଂ.* ଶୀଘ୍ର, ଚଞ୍ଚଳ; *କ୍ରି.ବିଂ.* ସାଙ୍ଗେ ସାଙ୍ଗେ ୨. ବେଗି ; *ବି.* ସତ୍ୱରତା ।

**ସତ୍ତା** *ବି.* ୧. ସ୍ଥିତି, ଅସ୍ତିତ୍ୱ, ବିଦ୍ୟମାନତା ୨. ଶାସନ କ୍ଷମତା ।

**ସତ୍ତ୍ୱ, ସତ୍ୱ** *ବି.* ୧. ସାର ୨. ନିର୍ଯ୍ୟାସ ୩. ଅସ୍ତିତ୍ୱ ୪. ତ୍ରିଗୁଣ ମଧ୍ୟରୁ ପ୍ରଥମ ଓ ଶ୍ରେଷ୍ଠଗୁଣ ୫. ପ୍ରକୃତି ୬. ପ୍ରାଣ ୭. ଚୈତନ୍ୟ ୮. ପ୍ରାଣୀ, ଜୀବ ।

**ସତ୍ତ୍ୱଗୁଣ** *ବି.* ସାତ୍ତ୍ୱିକଭାବ ।

**ସତ୍ତ୍ୱେ** *ଅ.* ୧. ଥିଲେ ହେଁ ୨. ହେଲେ ହେଁ ୩. ଥାଇ ମଧ୍ୟ ।

**ସତ୍ୟ** *ବିଂ.* ୧. ସତ, ଯାହା ମିଥ୍ୟା ନୁହେଁ ୨. ଯଥାର୍ଥ, ବାସ୍ତବ ୩. ଚିରସ୍ଥାୟୀ, ନିତ୍ୟ ୪. ପ୍ରତିଜ୍ଞା, ଶପଥ ୫. ପ୍ରକୃତ, ଅଭ୍ରାନ୍ତ ; *ବି.* ୧. ସତ, ଯଥାର୍ଥ ୨. ଅପରିବର୍ତ୍ତନୀୟ ପ୍ରାକୃତିକ ବା ବୈଜ୍ଞାନିକ ନିୟମ ବା ସିଦ୍ଧାନ୍ତ ।

**ସତ୍ୟତା** *ବି.* ୧. ଯାହା ସତ ବା ଠିକ୍ ୨. ଯଥାର୍ଥତା, ବାସ୍ତବତା ।
**ସତ୍ୟନିଷ୍ଠ** *ବିଂ.* ଆପଣା ବଚନ ଓ ଆଚରଣରେ ସତ୍ୟ ପ୍ରତି ବିଶ୍ୱସ୍ତ, ସତ୍ୟବ୍ରତ, ନିଷ୍ଠାପର ।
**ସତ୍ୟପୀର** *ବି.* ହିନ୍ଦୁ ଓ ମୁସଲମାନ ଉଭୟ ସମ୍ପ୍ରଦାୟ ଦ୍ୱାରା ପୂଜିତ ଦେବତା ।
**ସତ୍ୟପ୍ରିୟ** *ବିଂ.* ସତ୍ୟ ଅନୁରାଗୀ, ଉଚିତ ବା ନୀତି ସମ୍ମତ କଥା ଓ କାର୍ଯ୍ୟରେ ବିଶ୍ୱାସୀ ।
**ସତ୍ୟବାକ୍** *ବିଂ.* ୧. ସତ୍ୟବାଦୀ ୨. ମୁନି ୩. ଋଷି ୪. କାଉ ।
**ସତ୍ୟବାଦୀ** *ବିଂ.* ସତିଆ, ସତକଥା କହୁଥିବା ।
**ସତ୍ୟଭଙ୍ଗ** *ବି.* କଥା ନରଖିବା, ପ୍ରତିଶ୍ରୁତି ଉଲ୍ଲଂଘନ ।
**ସତ୍ୟଭ୍ରଷ୍ଟ** *ବିଂ.* ୧. ସତ୍ୟପଥରୁ ବିଚ୍ୟୁତ ୨. କଥା ହାରିଥିବା, ବଚନ ହାରିଥିବା ।
**ସତ୍ୟମୂଳକ** *ବିଂ.* ସତ କଥା ବା ଘଟଣା ଉପରେ ପ୍ରତିଷ୍ଠିତ ।
**ସତ୍ୟଯୁଗ** *ବି.* ପୁରାଣ ବର୍ଣ୍ଣିତ ଚାରି ଯୁଗ ମଧ୍ୟରୁ ପ୍ରଥମ ଯୁଗ ।
**ସତ୍ୟଲୋକ** *ବି.* ଆତ୍ମାର ଊର୍ଦ୍ଧ୍ୱଗତି କାଳରେ ପ୍ରଥମ ସୋପାନ ।
**ସତ୍ୟାଗ୍ରହ** *ବି.* ୧. ସତ୍ୟପ୍ରତି ଆଗ୍ରହ ୨. ନ୍ୟାଯ୍ୟ ଅଧିକାର ପ୍ରାପ୍ତି ପାଇଁ ଗାନ୍ଧୀଜୀଙ୍କ ପ୍ରବର୍ତ୍ତିତ ଅହିଂସ ସଂଗ୍ରାମ ୩. ସତ୍ୟ ପ୍ରତିଷ୍ଠା ପାଇଁ ଦୃଢ଼ ପ୍ରତିଜ୍ଞା ।
**ସତ୍ୟାଗ୍ରହୀ** *ବିଂ.ବି.* ନ୍ୟାଯ୍ୟ ଅଧିକାର ପାଇଁ ପ୍ରତିବାଦ ବା ବିଦ୍ରୋହ କରୁଥିବା, ସତ୍ୟାଗ୍ରହ ବ୍ରତ ଅବଲମ୍ବନକାରୀ ।
**ସତ୍ୟାନାଶ** *ବି.* ୧. ସର୍ବନାଶ ୨. ସମୂଳେ ଧ୍ୱଂସ ।
**ସତ୍ୟାନାଶିଆ** *ବିଂ.* ଯାହା ଯୋଗୁଁ ସର୍ବନାଶ ଘଟେ, କୁଳାଙ୍ଗାର ।
**ସତ୍ୟାନୁରାଗ** *ବି.* ସତ୍ୟ ପ୍ରୀତି ; *ବିଂ.* ସତ୍ୟାନୁରାଗୀ ।
**ସତ୍ୟାନୁସନ୍ଧାନ** *ବି.* ପ୍ରକୃତ ତଥ୍ୟ ଜାଣିବାର ଚେଷ୍ଟା ।
**ସତ୍ୟାନୁସନ୍ଧିତ୍ସା** *ବି.* ସତ୍ୟ ବା ପ୍ରକୃତ ତଥ୍ୟ ଜାଣିବାର ଇଚ୍ଛା ।
**ସତ୍ୟାସତ୍ୟ** *ବି.* ସତମିଛ, ସତ୍ୟଅସତ୍ୟ ।
**ସଦ୍‌ଗତି** *ବି.* ଆତ୍ମାର ମୁକ୍ତି, ସ୍ୱର୍ଗପ୍ରାପ୍ତି, ମୋକ୍ଷଲାଭ ।
**ସଦ୍‌ଗୁଣ** *ବି.* ଭଲ ଗୁଣ ।
**ସଦ୍‌ଗୁରୁ** *ବି.* ନ୍ୟାୟବନ୍ତ ଓ ଗୁଣୀ ଶିକ୍ଷକ ।
**ସଦ୍‌ଜ୍ଞାନ** *ବି.* ୧. ଈଶ୍ୱର ସମ୍ପର୍କିତ ବିଦ୍ୟା ୨. ଭଲ ବୁଦ୍ଧି ।
**ସଦ୍‌ବଂଶଜ** *ବିଂ.* ଉଚ୍ଚବଂଶରେ ଜନ୍ମଲାଭ କରିଥିବା ।
**ସଦ୍‌ବିଚାର** *ବି.* ଉତ୍ତମ ବିଚାର ।
**ସଦ୍‌ଭାବ** *ବି.* ଉତ୍ତମ ସମ୍ପର୍କ, ପରସ୍ପର ସଂପ୍ରୀତି ।
**ସଦନ** *ବି.* ଘର, ବାସସ୍ଥାନ, ବାସଗୃହ; *ବିଂ.* ସମୀପ, ନିକଟ ।
**ସଦୟ** *ବିଂ.* ୧. ଦୟାଳୁ ୨. ଅନୁଗ୍ରହଯୁକ୍ତ ୩. ଦୟାଭାବ ଥିବା, କରୁଣାବନ୍ତ; *ବିଂ.* ସଦୟତା ।
**ସଦର** *ବି.* ୧. ସର୍ବସାଧାରଣ ବ୍ୟବହୃତ ସ୍ଥାନ ୨. ଅନ୍ତଃପୁରର ବାହାର ସ୍ଥାନ ୩. ବହିର୍ଭାଗ, ଦାଣ୍ଡ ପାଖ ୪. ଜିଲ୍ଲାର ପ୍ରଧାନ ସହର ୫. ପୋଷାକ ଆଦିର ସାମନା ପଟ ୬. ପ୍ରଧାନ, ମୁଖ୍ୟ ।
**ସଦରଜମା** *ବି.* ସରକାରଙ୍କୁ ଦେୟ ରାଜସ୍ୱ ।
**ସଦରମଫସଲ** *ବିଂ.* ୧. ମୁଖ୍ୟ ଓ ଗୌଣ ୨. ପ୍ରକାଶ୍ୟ ଓ ଅପ୍ରକାଶ୍ୟ ୩. ବାହାର ଓ ଭିତର, ଉଭୟ ପାଖ ୪. ସହର ଓ ଗ୍ରାମ ।
**ସଦରମହକୁମା** *ବି.* ଜିଲ୍ଲା ଶାସନର କେନ୍ଦ୍ରସ୍ଥାନ ।
**ସଦରିଆ, ସଦରୀ** *ବିଂ.* ୧. ସହରାଞ୍ଚଳର ବାସିନ୍ଦା ୨. ଆଧୁନିକ ରୁଚି ଓ ସଭ୍ୟତାସମ୍ପନ୍ନ ବ୍ୟକ୍ତି ।
**ସଦର୍ପ** *ବିଂ.* ୧. ଦାମ୍ଭିକତା ପ୍ରକାଶ କରୁଥିବା ୨. ଅନ୍ୟକୁ ପାସଙ୍ଗରେ ଆଣୁନଥିବା ୩. ଦର୍ପ ବା ଗର୍ବର ସହ ।
**ସଦଳ** *ବିଂ.* ୧. ନିଜଗୋଷ୍ଠୀ ସହିତ ୨. ପାଖୁଡ଼ାଯୁକ୍ତ ।
**ସଦଳବଳ** *ବି.* ନିଜର ଦଳବଳ ବା ସାହାଯ୍ୟକାରୀ ଗୋଷ୍ଠୀ ସହିତ ।
**ସଦସ୍ୟ** *ବି.* ୧. ସଭ୍ୟ ୨. ସଭାସଦ ।
**ସଦସ୍ୟତା** *ବି.* ସଦସ୍ୟ ବା ସଭ୍ୟ ହେବା ଯୋଗ୍ୟତା ବା ଅବସ୍ଥା ।
**ସଦା** *ଅ.କ୍ରି.ବିଂ.* ସବୁବେଳେ, ସତତ, ସବୁସମୟରେ ।
**ସଦାକାଳ** *ବି.* ସବୁ ସମୟ, ଚିରକାଳ ; *କ୍ରି.ବିଂ.* ସଦାକାଳେ ।
**ସଦାଚରଣ** *ବି.* ୧. ସାଧୁ ବା ଉତ୍ତମ ବ୍ୟବହାର ୨. ଶାସ୍ତ୍ରବିହିତ ଶୁଦ୍ଧରୀତି ବା ଚାଲିଚଳଣ ।
**ସଦାଚାରୀ** *ବିଂ.* ୧. ଉତ୍ତମ ଆଚାରଯୁକ୍ତ ୨. ସାଧୁ ବା ଶାନ୍ତ ପ୍ରକୃତି ଯୁକ୍ତ ।
**ସଦାଫଳ** *ବି.* ୧. ନଡ଼ିଆ ୨. ବେଲ ୩. ଗୁଆ ।
**ସଦାବର୍ତ୍ତ** *ବି.* ସବୁ ସମୟରେ ରହିବା, ଖାଇବା ପାଇଁ ବିନା ଦେୟରେ ଉତ୍ତମ ବ୍ୟବସ୍ଥା ।
**ସଦାବିହାରୀ** *ବି.* ସବୁ ଋତୁରେ ଫୁଟୁଥିବା ଫୁଲ ବିଶେଷ ।
**ସଦାବ୍ରତ** *ବି.* ଅନ୍ନଛତ୍ର, ସବୁ ସମୟରେ ଦାନ ।
**ସଦାଳାପ** *ବି.* ୧. ରୁଚିକର ଓ ତୃପ୍ତିଦାୟକ କଥାବାର୍ତ୍ତା , ପ୍ରୀତିପୂର୍ଣ୍ଣ କଥାବାର୍ତ୍ତା ୨. ଉତ୍ତମ ବିଷୟରେ ଚର୍ଚ୍ଚା ।
**ସଦାଶୟ** *ବିଂ.* ୧. ମହାଶୟ ୨. ସହୃଦୟ ୩. ଉଦାରମନା ।
**ସଦାସର୍ବଦା** *ଅ.କ୍ରି. ବିଂ.* ୧. ସବୁବେଳେ ୨. ପ୍ରତିମୁହୂର୍ତ୍ତରେ ।
**ସଦିଚ୍ଛା** *ବି.* ୧. ଶୁଭକାମନା, ଉତ୍ତମ ବା ମଙ୍ଗଳକର ଇଚ୍ଛା ୨. ଆଶୀର୍ବାଦ ।

**ସଦୁକ୍ତି** *ବି.* ୧. ସାଧୁବଚନ ୨. ମହାପୁରୁଷମାନଙ୍କ କଥିତ ଓ ସବୁ ଯୁଗରେ ପ୍ରଯୁଜ୍ୟ ଲୋକହିତକର ଉପଦେଶବାକ୍ୟ, ଆପ୍ତ ବଚନ ୩. ପରୀକ୍ଷିତ ସତ୍ୟ ।

**ସଦୁତ୍ତର** *ବି.* ପ୍ରଶ୍ନର ଯଥାର୍ଥ ବା ଠିକ୍ ଉତ୍ତର ।

**ସଦୁଦ୍ଦେଶ୍ୟ** *ବି.* ୧. ଭଲ ଉଦ୍ଦେଶ୍ୟ, ମହତ୍ ଲକ୍ଷ୍ୟ ୨. ସାଧୁସଙ୍କଳ୍ପ ।

**ସଦୁପଦେଶ** *ବି.* ମଙ୍ଗଳପ୍ରଦ ଉପଦେଶ, ଠିକ୍ କଥା ।

**ସଦୁପାୟ** *ବି.* ଉତ୍ତମ ବା ଉପଯୁକ୍ତ ଉପାୟ, ସରଳ ମାର୍ଗ, ସାଧୁପନ୍ଥା ।

**ସଦୃଶ** *ବିଂ.* ୧. ସମାନ ଦେଖା ଯାଉଥିବା ୨. ଅନୁରୂପ, ତୁଲ୍ୟ, ସମାନ ; *କ୍ରି.ବିଂ.* ଭଳି, ପରି ।

**ସଦ୍ୟ** *ବିଂ.* ସଜ, ତଟକା, ନଗଦ, ଦରଦ ।

**ସଧବା** *ବି.ବିଂ.* ଅହିଅ(ଅହ୍ୟ), ଯାହାର ସ୍ୱାମୀ ଜୀବିତ ।

**ସଧର୍ମ** *ବି.* ୧. ସମାନ ବା ଏକା ଧର୍ମ ୨. ଏକ ବା ସମାନ ଗୁଣ ବା ପ୍ରକୃତି ।

**ସଧର୍ମଣୀ** *ବି.* ସହଧର୍ମିଣୀ, ପତ୍ନୀ ।

**ସଧର୍ମା, ସଧର୍ମୀ** *ବିଂ.* ସମାନ ବା ଏକା ଗୁଣ ବା ପ୍ରକୃତି ବିଶିଷ୍ଟ ।

**ସଧୀର** *ବିଂ.* ଅତ୍ୟନ୍ତ ଧୀର ।

**ସଧୀରେ** *କ୍ରି.ବିଂ.* ୧. ଧୈର୍ଯ୍ୟ ସହିତ ୨. ଆସ୍ତେ ଆସ୍ତେ ୩. ଅତିଧୀରେ ।

**ସନ୍** *ବି.* ୧. ଛଣ, ଛଣପଟ, ନଳିତାପଟ ୨. ବର୍ଷ ।

**ସନ୍‌ବିର୍‌ଲି** *ବି.* ଆଖିରେ ହେବା ରୋଗ ବିଶେଷ, ଆଖିରେ ଆଲୁଅ ହେବା ।

**ସନ** *ବି.* ୧. ସାଲ, ବର୍ଷ, ଅବ୍ଦ ୨. ହାତୀର କାନହଲା ୩. ସଣ ପଟ ।

**ସନନ୍ଦ** *ବି.* ୧. ରାଜା ବା ଶାସକଙ୍କ ଆଦେଶ ୨. ଉପାଧିପତ୍ର ୩. ଜମି, ଘରବାଡ଼ି ପ୍ରଭୃତିର ପଟ୍ଟା ।

**ସନମତ** *ବି.ବିଂ.* ସମ୍ମତ, ଏକମତ, ରାଜି ।

**ସନମତି** *ବି.* ୧. ସ୍ୱୀକୃତି ୨. ବରଘରୁ କନ୍ୟାଘରକୁ ପଠାଯାଇଥିବା ବେଭାର ।

**ସନମାନ** *ବି.* ସମ୍ମାନ, ମର୍ଯ୍ୟାଦା, ଉପଯୁକ୍ତ ବ୍ୟବହାର ବା ଆତିଥ୍ୟ ।

**ସନସନ** *ବି.* ଧୀର ପବନରେ ଥରୁଥିବା ପତ୍ରର ଧ୍ୱନି, ମର୍ମର (ଶୁଖିଲା ପତ୍ରର ଧ୍ୱନି) ।

**ସନହାଲ** *ବି.* ଚଳିତ ବର୍ଷ, ଏଇ ବର୍ଷ ।

**ସନା** *ଅ.ବିଂ.* ସଦା, ସର୍ବଦା, ନିତ୍ୟ ।

**ସନାକୁରୁ** *ବି.* ଥଟାରିଙ୍କ ଶାଳରେ ନିଆଁ ଉଖାରିବା ଲୁହା ଆଙ୍କୁଡ଼ି ।

**ସନାତନ** *ବିଂ.* ୧. ବହୁକାଳ ପ୍ରଚଳିତ ୨. ନିତ୍ୟ, ଶାଶ୍ୱତ, ଚିରସ୍ଥାୟୀ ।

**ସନାତନ ଧର୍ମ** *ବି.* ୧. ଚିରନ୍ତନ ଆଧାତ୍ମିକ ସତ୍ୟ ଓ ବିଶ୍ୱାସ ଆଧାରିତ ହିନ୍ଦୁଧର୍ମ ।

**ସନାତନୀ** *ବିଂ.* ପ୍ରାଚୀନପନ୍ଥୀ, ଯୁଗୋପଯୋଗୀ ପରିବର୍ତ୍ତନକୁ ସ୍ୱୀକାର କରୁନଥିବା ।

**ସନେଟ୍** *ବି.* ପାଶ୍ଚାତ୍ୟ ସାହିତ୍ୟର ଚତୁର୍ଦ୍ଦଶପଦୀ କବିତା, ସେହି ଶୈଳୀ ।

**ସନ୍ତ** *ବିଂ.* ୧. ସନ୍ଥ, ସାଧୁ ବ୍ୟକ୍ତି ୨. ସନ୍ନ୍ୟାସୀ ୩. ମହାପୁରୁଷ ୪. ପର ଆପଣା ଭେଦ ନ ଥିବା ବ୍ୟକ୍ତି ।

**ସନ୍ତକ** *ବି.* ୧. ସୂଚକ ଚିହ୍ନ, ନିଦର୍ଶନ ଦ୍ରବ୍ୟ, ସ୍ମାରକ ବସ୍ତୁ ୨. ଦସ୍ତଖତ, ସଇ ।

**ସନ୍ତତ** *ବିଂ.* ୧. ବିସ୍ତୀର୍ଣ୍ଣ ୨. ଅବିଚ୍ଛିନ୍ନ ; *କ୍ରି.ବିଂ.* ନିରନ୍ତର, ଅବିରତ, ସର୍ବଦା ।

**ସନ୍ତତି** *ବି.* ୧. କନ୍ୟା ୨. ପୁତ୍ର ବା କନ୍ୟା ୩. ବ୍ୟାପ୍ତି, ବିସ୍ତାର ୪. ଧାରା ୫. ପଙ୍‌କ୍ତି, ଶ୍ରେଣୀ ।

**ସନ୍ତପନ୍ତ,ସନ୍ତରପନ୍ତର** *ବିଂ.* ୧. ତହଳ ବିକଳ ୨. ବିଚଳିତ ।

**ସନ୍ତପ୍ତ** *ବି.* ୧. ଦୁଃଖିତ ୨. ତତଲା, ଗରମ ୩. ଦଗ୍ଧ ।

**ସନ୍ତରଣ** *ବି.* ପହଁରା, ପହଁରିବା କାର୍ଯ୍ୟ ।

**ସନ୍ତରଣକାରୀ** *ବିଂ.ବି.* ପହଁରାଳି ।

**ସନ୍ତରା** *ବି.* ୧. ପରୁଡ଼ି ତୃଣ ୨. ଶରତୃଣ ବିଶେଷ, ଏରକ ୩. ମେଲେଛ ୪. ଆର୍ଦ୍ରଭୂମି, ସନ୍ତସନ୍ତିଆ ଜାଗା ।

**ସନ୍ତର୍ପଣ** *ବି.* ୧. ଅତି ସତର୍କତା, ସାବଧାନତା ୨. ତୃପ୍ତୀକରଣ; *ବିଂ.* ତୃପ୍ତିକର ।

**ସନ୍ତର୍ପିତ** *ବିଂ.* ତୃପ୍ତିଦାୟକ, ତୃପ୍ତିଜନକ ।

**ସନ୍ତସନ୍ତିଆ** *ବିଂ.* ଓଦା, ଅଳ୍ପ କାଦୁଆ ।

**ସନ୍ତା** *ବି.* ଘାଆରୁ ପୂଜ ବାହାରିବା ପାଇଁ ଘାଆମୁହଁରେ ଦିଆ ଯାଉଥିବା ସରୁକାଠି ବା ସଳିତା ।

**ସନ୍ତାନ** *ବି.* ପୁତ୍ର ବା କନ୍ୟା, ଅପତ୍ୟ, ପିଲାଝିଲା , ପିଲାପିଲି, ଔରସରୁ ଜାତ, ଔଲାଦ ।

**ସନ୍ତାପ** *ବି.* ୧. ଦୁଃଖ ୨. ଅନ୍ତର୍ଦାହ, ମାନସିକ ଯନ୍ତ୍ରଣା, ମନସ୍ତାପ ୩. ଜ୍ୱରାଦି ହେତୁ ଦେହର ତାପବୃଦ୍ଧି ୪. ଉତ୍ତାପ ; *ବିଂ.* ସନ୍ତାପକ, ସନ୍ତାପନ ।

**ସନ୍ତାପହାରକ** *ବିଂ.* କଷ୍ଟ ଲାଘବକାରୀ, ଯନ୍ତ୍ରଣା ଉପଶମ କରୁଥିବା ।

**ସନ୍ତାପିତ** *ବିଂ.* ୧. ଦୁଃଖିତ, ମାନସିକ ଯନ୍ତ୍ରଣା ଭୋଗୁଥିବା ୨. ଉଷ୍ଣ, ସନ୍ତାପଯୁକ୍ତ ।

**ସନ୍ତାପୀ** *ବିଂ.* ୧. ସନ୍ତାପଭୋଗୀ ୨. ଅନ୍ୟକୁ ଯେ ସନ୍ତାପିତ କରେ ।

**ସନ୍ତିଆ** *ବିଂ.* ୧. ଅଳ୍ପ ଓଦାଳିଆ, ସନ୍ତସନ୍ତିଆ ୨. ସନ୍ତରା ।

**ସନ୍ତୁଳା ବି.** ବିଭିନ୍ନ ପନିପରିବା ମିଶାଇ ପ୍ରସ୍ତୁତ ତରକାରି, ସଁଥୁଳା ।

**ସନ୍ତୁଳିତ ବିଂ.** ୧. ବିଚଳିତ ୨. ସମତୁଲ ୩. ବ୍ୟବସ୍ଥିତ ୪. ବିଭିନ୍ନ ବସ୍ତୁର ଉଚିତ ପରିମାଣରେ ପ୍ରୟୋଗ ବା ବ୍ୟବହାର ହୋଇଥିବା ।

**ସନ୍ତୁଳିବା କ୍ରି.** ୧. ପରିବାକୁ ତେଲ ମସଲାରେ କଷିବା ୨. ଦେହ ମନକୁ ଯନ୍ତ୍ରଣାଦେବା ୩. ହଇରାଣ ହରକତ କରିବା ।

**ସନ୍ତୁଷ୍ଟ ବିଂ.** ତୃପ୍ତ, ପରିତୃପ୍ତ, ଅତିଶୟ ତୁଷ୍ଟ ।

**ସନ୍ତୁଷ୍ଟି, ସନ୍ତୋଷ ବି.** ପରିତୋଷ, ଅତିଶୟ ହର୍ଷ ।

**ସନ୍ତେଇବା କି.** ୧. ସନ୍ତସନ୍ତିଆ ହେବା, ଓଦାଳିଆ ହେବା, ଜକେଇବା ୨. ସନ୍ତାପିତ କରିବା ୩. କ୍ଲେଶ ଦେବା।

**ସନ୍ତୋଷ ବି.** ୧. ତୃପ୍ତି, ତୋଷ ଭାବ ୨. ଖୁସିଭାବ ; **ବିଂ.** ସନ୍ତୋଷକ ; **ବି.** ସନ୍ତୋଷଣ ।

**ସନ୍ତୋଷିବା କ୍ରି.** ସନ୍ତୁଷ୍ଟ କରିବା, ତୃପ୍ତ କରିବା, ତୃପ୍ତି ଦେବା, ଆନନ୍ଦ ଦେବା ।

**ସନ୍ତ୍ରସ୍ତ ବିଂ.** ଅତ୍ୟନ୍ତ ଭୀତ, ବେଶି ଭୟ ପାଇଥିବା, ଡରି ଯାଇଥିବା।

**ସନ୍ତ୍ରାସ ବି.** ଆତଙ୍କ ।

**ସନ୍ତ୍ରାସବାଦ ବି.** ୧. ଭୟ ସଞ୍ଚାରରେ ବିଶ୍ୱାସ ୨. ହିଂସାତ୍ମକ ପନ୍ଥା ସାହାଯ୍ୟରେ ଦାବି ହାସଲ ବା ଶାସନ ବ୍ୟବସ୍ଥା ପରିବର୍ତ୍ତନରେ ବିଶ୍ୱାସ ।

**ସନ୍ତ୍ରାସବାଦୀ ବିଂ.** ସନ୍ତ୍ରାସବାଦ ନୀତି ଆଚରଣକାରୀ, ଆତଙ୍କବାଦୀ, ଟେରରିଷ୍ଟ୍ ।

**ସନ୍ତ୍ରୀ ବି.** ୧. ରକ୍ଷୀ ୨. ପ୍ରହରୀ ୩. ସଶସ୍ତ୍ର ସିପାହି ।

**ସନ୍ଦର୍ଭ ବି.** ୧. ପ୍ରବନ୍ଧ ୨. ଗ୍ରନ୍ଥ ୩. ସଂଗ୍ରହ ୪. ଗ୍ରନ୍ଥନ ୫. ପୂର୍ଣ୍ଣରଚନା ୬. ବିସ୍ତାର ୭. ବିଷୟ, ଆଲୋଚ୍ୟ ବିଷୟ ।

**ସନ୍ଦିହାନ ବିଂ.** ସନ୍ଦେହଯୁକ୍ତ।

**ସନ୍ଦୀପିତ ବିଂ.** ପ୍ରଜ୍ୱଳିତ, ଉଦ୍ଦୀପିତ ।

**ସନ୍ଦୀପ୍ତ ବିଂ.** ୧. ତେଜିଲା ଅବସ୍ଥା, ଉଦ୍ଦୀପ୍ତ ୨. ଜଳୁଥିବା, ପ୍ରଜ୍ୱଳିତ ୩. ତେଜୀୟାନ୍ ବା ଉଜ୍ଜ୍ୱଳ ହୋଇଥିବା।

**ସନ୍ଦେଶ ବି.** ୧. ବାର୍ତ୍ତା, ଠିକଣା, ବାତେନି, ଖବର ୨. ଚିନି ଓ ଛେନାରେ ତିଆରି ଏକ ପ୍ରକାର ମିଠା ।

**ସନ୍ଦେହ ବି.** ୧. ନିଶ୍ଚିତ ସିଦ୍ଧାନ୍ତରେ ପହଞ୍ଚିପାରୁନଥିବା ଅବସ୍ଥା ୨. ଅବିଶ୍ୱାସ ୩. ସଂଶୟ ୪. ଅର୍ଥାଳଙ୍କାର ବିଶେଷ ।

**ସନ୍ଦେହୀ ବିଂ.** କୌଣସି ବ୍ୟକ୍ତି ବା ବିଷୟରେ ସନ୍ଦେହ କରୁଥିବା, ସନ୍ଦେହକାରୀ, ସଂଶୟଯୁକ୍ତ ।

**ସନ୍ଧର ବି.** ପକ୍କାଘରର ଦରଜା ଚଉକାଠ ସହିତ କାନ୍ଥଧାରକୁ ସଂଯୋଗକାରୀ ପାତଳ ଲୌହଖଣ୍ଡ ।

**ସନ୍ଧା ବି.** ୧. ଖାଲି ଜାଗା, ଶୂନ୍ୟସ୍ଥାନ, ଫାଙ୍କ ୨. ବ୍ୟବଧାନ ୩. ଦୁଇ ବସ୍ତୁ ମଧ୍ୟବର୍ତ୍ତୀ ସ୍ଥାନ ୪. ମାଟିକୁ ପାଣି ଦେଇ ଗୋଳେଇବା।

**ସନ୍ଧାଇବା କ୍ରି.** ୧. ଗଜା କରିବା ପାଇଁ ମଞ୍ଜି ବା ବିହନକୁ ପଦାରେ ଘୋଡାଇ ରଖିବା ୨. ମାଟି ବା ବାଲିକୁ ପାଣି ଦେଇ ଏକାଠି ଦବେଇ ଦେବା ।

**ସନ୍ଧାନ ବି.** ୧. ଖୋଜଖବର ୨. ଠିକଣା ବା ପତ୍ତା ୩. ଖୋଜିବା, ଅନ୍ୱେଷଣ ୪. ଶରଯୋଖା, ତୀର ଯୋଖି ଲାଖ କରିବା ।

**ସନ୍ଧାନିକା ବି.** ବିବିଧ ଫଳରୁ ପ୍ରସ୍ତୁତ ଆଚାର ବିଶେଷ ।

**ସନ୍ଧାନୀ ବି.** ଭେଦୁଆ, ଗୁପ୍ତଚର, ଯେ ଖୋଜଖବର ରଖେ ; **ବିଂ.** ସନ୍ଧାନ, ଖୋଜଖବର ବା ତଥ୍ୟ ସଂଗ୍ରହ କରୁଥିବା ।

**ସନ୍ଧା ମାରିବା କ୍ରି.** ଖାଲିଥିବା ଜାଗାକୁ ପୂର୍ଣ୍ଣ କରିବା ।

**ସନ୍ଧି ବି.** ୧. ଦୁଇ ବିରୋଧୀ ପକ୍ଷ ମଧ୍ୟରେ ସମାଧାନ ବା ଚୁକ୍ତି ୨. ଦେହର ଅଙ୍ଗ ପ୍ରତ୍ୟଙ୍ଗର ମିଳନ ସ୍ଥଳ ୩. ଗ୍ରନ୍ଥି ମୁଖ ୪. ଦୁଇ ଯୁଗ ବା ବୟସାଦିର ମିଳନକାଳ ୫. ଦିନ ରାତି ବା ଦୁଇ ତିଥିର ମିଳନ ସମୟ ୬. ବ୍ୟାକରଣରେ ବର୍ଣ୍ଣଦ୍ୱୟର ସଂଯୋଗ ଓ ତଜ୍ଜନିତ ରୂପାନ୍ତର (*ଉଦା.* ରୂପ+ଅନ୍ତର=ରୂପାନ୍ତର) ୭. ନାଟକର ବ୍ୟବଚ୍ଛେଦ ଏକକ, ଅଭିନୟରେ ଗାଢ଼ତର ହେଉଥିବା ବିଷୟକ୍ରମ ୮ ଦୁଇ ଭିନ୍ନ ବସ୍ତୁ ବା ସମୟର ମିଳନ ସ୍ଥାନ ୯. ସୁଡ଼ଙ୍ଗ ୧୦. ଗୁପ୍ତ କଥା ୧୧. ରୋଗର ବିଷମ ଅବସ୍ଥା ।

**ସନ୍ଧିଆ ବି.** ୧. ଯୋଡ଼ ସ୍ଥାନ ୨. ଶଗଡ଼ ଚକର ପରିଧି କାଠ ଦୁଇଖଣ୍ଡର ଯୋଡ଼ ଯାଗା ।

**ସନ୍ଧିକଥା ବି.** ଗୁମରକଥା, ଗୁପ୍ତକଥା, ରହସ୍ୟ ।

**ସନ୍ଧିକାଳ ବି.** ପୂର୍ଣ୍ଣିମା ଓ ପ୍ରତିପଦ ମଧ୍ୟବର୍ତ୍ତୀ ସମୟ ।

**ସନ୍ଧିଚୋର ବି.** ସିନ୍ଧିଚୋର, ସିନ୍ଧିଆଳ, ସିନ୍ଧି କରୁଥିବା ଚୋର ।

**ସନ୍ଧିଚ୍ୟୁତି ବି.** ହାଡ଼ ଗଣ୍ଠିରୁ ହାଡ଼ ଖସିଯିବା ।

**ସନ୍ଧିତ ବିଂ.** ବନ୍ଧ, ମିଳିତ, ସଂଯୋଜିତ, ସନ୍ଧାଯାଇଥିବା ।

**ସନ୍ଧିତ୍ସା ବି.** ସନ୍ଧାନ କରିବାର ଇଚ୍ଛା।

**ସନ୍ଧିତ୍ସୁ ବିଂ.** ସନ୍ଧାନ କରିବାକୁ ଇଚ୍ଛୁକ ।

**ସନ୍ଧିପୂଜା ବି.** ମହାଷ୍ଟମୀ ଶେଷ ଓ ମହାନବମୀ ଆରମ୍ଭରେ ହେଉଥିବା ଦୁର୍ଗା ପୂଜା, ମହାନବମୀର ଆଦ୍ୟଦଣ୍ଡ ପୂଜା ।

**ସନ୍ଧିବଦ୍ଧ ବିଂ.** ରାଜନୀତିକ ସନ୍ଧି ବା ଚୁକ୍ତି କରିଥିବା ।

**ସନ୍ଧିବା କ୍ରି.** ୧. ଶର ସନ୍ଧାନ କରିବା ୨. ଯୋଡ଼ିବା ୩. ଅନୁସନ୍ଧାନ ବା ଅନ୍ୱେଷଣ କରିବା ୪. ଦଳି ବା ଚକଟି ଏକତ୍ର କରିବା ।

**ସନ୍ଧିବାତ ବି.** ଗଣ୍ଠିବାତ ।

**ସନ୍ଧିବିଚ୍ଛେଦ** *ବି.* ୧. ସନ୍ଧିନିଷ୍ପନ୍ନ ପଦର ଅଂଶକୁ ପୃଥକ କରିବା ୨. ସନ୍ଧିର ଉଲ୍ଲଂଘନ।

**ସନ୍ଧିବିଗ୍ରହ** *ବି.* ଯୁଦ୍ଧରେ ପରେ ଶାନ୍ତି ସ୍ଥାପନ ଓ ସମସ୍ୟା ସମାଧାନ ସଂକ୍ରାନ୍ତ ରାଜିନାମା।

**ସନ୍ଧିବିଗ୍ରହକ** *ବି.* ଯୁଦ୍ଧର ସମାଧାନ ପାଇଁ ପରାମର୍ଶଦାତା।

**ସନ୍ଧିବେଳା** *ବି.* ୧. ସନ୍ଧ୍ୟାକାଳ ୨. ଦୁଇ ତିଥିର ମିଳନକାଳ ୩. ଆଶ୍ୱିନ ଶୁକ୍ଳପକ୍ଷର ମହାଷ୍ଟମୀର ଶେଷ ଓ ମହାନବମୀର ଆରମ୍ଭ କାଳ ।

**ସନ୍ଧିକ୍ଷଣ** *ବି.* ୧. ସଂଯୋଗର ମୁହୂର୍ତ୍ତ ୨. ଏକ କାଳର ଅବସାନ ଓ ଅନ୍ୟକାଳର ଆରମ୍ଭ ।

**ସନ୍ଧ୍ୟା** *ବି.* ୧. ସଞ୍ଜ ବା ରାତିର ଆରମ୍ଭ ୨. ଦିନ ଓ ରାତି ମଧ୍ୟରେ ଥିବା ସନ୍ଧିବେଳ ୩. ସଞ୍ଜଦୀପ ୪. ପୂଜା, ଉପାସନା ୫. କାଳ ଦେବତାଙ୍କ ତିନି ସ୍ତ୍ରୀରୁ ଜଣେ ।

**ସନ୍ଧ୍ୟା ଆଳତି** *ବି.* ସଞ୍ଜରେ ଦେବତାଙ୍କ ନିକଟରେ ଧୂପ ଦୀପ ନେଇ ପୂଜା ଅର୍ଚ୍ଚନା।

**ସନ୍ଧ୍ୟାତାରା** *ବି.* ସନ୍ଧ୍ୟାରେ ଦେଖାଯାଉଥିବା ଉଜ୍ଜ୍ୱଳ ତାରା, ପହରିକିଆ ତାରା, ଶୁକ୍ରଗ୍ରହ ।

**ସନ୍ଧ୍ୟାଦର୍ଶନ** *କ୍ରି.* ଆଷାଢ଼ ଶୁକ୍ଳ ନବମୀ ସନ୍ଧ୍ୟାରେ ଗୁଣ୍ଡିଚା ଘରେ ଜଗନ୍ନାଥ ଦର୍ଶନ, ଆଡ଼ପ ଦର୍ଶନ।

**ସନ୍ଧ୍ୟା ଦେବା** *କ୍ରି.* ସନ୍ଧ୍ୟା ସମୟରେ ତୁଳସୀ ଚଉରାରେ ଏବଂ ପୂଜା ସ୍ଥାନରେ ତଥା ଘରେ ଦୀପ ଜଳାଇବା ।

**ସନ୍ଧ୍ୟାରାଗ** *ବି.* ଅସ୍ତଗାମୀ ସୂର୍ଯ୍ୟର ରକ୍ତିମ ଆଲୋକ ।

**ସନ୍ଧ୍ୟାହ୍ନିକ** *ବି.* ସନ୍ଧ୍ୟାବନ୍ଦନା, ସନ୍ଧ୍ୟାକାଳର ମନ୍ତ୍ରଜପ ।

**ସନ୍ନିକଟ** *ବି.* ଅତି ନିକଟ, ପାଖ; *ବିଂ.* ଅତି ନିକଟବର୍ତ୍ତୀ ; *କ୍ରି.ବିଂ.* ଅତି ନିକଟରେ ।

**ସନ୍ନିଧାନ, ସନ୍ନିଧି** *ବି.* ୧. ନିକଟ ବା ସମୀପଭାବ, ପାଶ୍ୱର୍ବର୍ତ୍ତୀ ଅବସ୍ଥା, ସାମୀପ୍ୟ ୨. ସମାଗମ।

**ସନ୍ନିଧାପନ** *ବି.* ୧. ନିକଟରେ ଆଣିଥୋଇବା ବା ରଖିବା ୨. ସଂସ୍ଥାପନ।

**ସନ୍ନିପାତ** *ବି.* ୧. ପ୍ରାଣଘାତୀ ରୋଗ ଯୋଗୁଁ ଦେହ ଥଣ୍ଡା ହୋଇ ଆସିବା ୨. ବାତ, ପିତ୍ତ, କଫର ଏକତ୍ର ମିଳନଜନିତ ଅବସ୍ଥା ୩. ସମୂହ, ଏକତ୍ର।

**ସନ୍ନିବଦ୍ଧ** *ବିଂ.* ଦୃଢ଼ ଭାବରେ ଆବଦ୍ଧ, ଟାଣ ଭାବରେ ଯୋଡ଼ା ଯାଇଥିବା।

**ସନ୍ନିବେଶ** *ବି.* ୧. ଏକାଠି କରିବା, ଜମା କରିବା ୨. ରଚନା, ବିନ୍ୟାସ ୩. ସ୍ଥାନ ୪. ନିକଟ।

**ସନ୍ନିବେଶିତ** *ବିଂ.* ସଂସ୍ଥାପିତ, ବିନ୍ୟାସିତ, ଏକତ୍ରୀକୃତ ।

**ସନ୍ନିହିତ** *ବିଂ.* ୧. ନିକଟରେ ଥିବା, ନିକଟସ୍ଥ, ପାଖରେ ଥିବା ୨. ସଂସ୍ଥାପିତ ।

**ସନ୍ନ୍ୟାସ** *ବି.* ୧. ସଂସାରବାସନା ତ୍ୟାଗ ୨. ବୈରାଗ୍ୟ ୩. ହିନ୍ଦୁ ଶାସ୍ତ୍ର ଅନୁଯାୟୀ ଜୀବନର ଚାରି ପର୍ଯ୍ୟାୟ ମଧ୍ୟରୁ ଶେଷ ପର୍ଯ୍ୟାୟ, ଚତୁର୍ଥାଶ୍ରମ ।

**ସନ୍ନ୍ୟାସୀ** *ବିଂ.ବି.* ୧. ଭିକ୍ଷୁ ୨. ସନ୍ନ୍ୟାସ ଧର୍ମ ଗ୍ରହଣ କରିଥିବା ୩. ସଂସାର ବିରାଗୀ ।

**ସପ, ଶପ** *ବି.* ମସିଣା, ପଟି, ନରମ ଓ ଚିକ୍‌କଣ ତୃଣ ତିଆରି ଆସନ।

**ସପଟିବା** *କ୍ରି.* ସଂକୁଚିତ ହେବା, ଜଡ଼ିଯିବା।

**ସପତ** *ବି.ବିଂ.* ସାତ, ସପ୍ତ।

**ସପତଣୀ** *ବି.* ସଉତୁଣୀ, ସପତ୍ନୀ, କୋଣସି ପୁରୁଷର ଏକାଧିକ ସ୍ତ୍ରୀ ଥିଲେ ସେମାନଙ୍କ ପରସ୍ପର ସମ୍ପର୍କ।

**ସପତ୍ନ** *ବି.* ଶତ୍ରୁ, ପ୍ରତିପକ୍ଷ ; *ବିଂ.* ଶତ୍ରୁଭାବାପନ୍ନ ।

**ସପତ୍ନୀ** *ବି.* ସପତଣୀ, ସଉତୁଣୀ ।

**ସପତ୍ନୀକ** *ବିଂ.* ସସ୍ତ୍ରୀକ, ପତ୍ନୀ ସହିତ।

**ସପତ୍ନୀପୁତ୍ର** *ବି.* ସାବତପୁଅ, ସଉତୁଣୀର ପୁଅ।

**ସପନ,ସ୍ୱପନ,ସ୍ୱପ୍ନ** *ବି.* ୧. ନିଦ୍ରିତ ଅବସ୍ଥାରେ ମାନସିକ ସ୍ତରରେ ଦୃଶ୍ୟମାନ ଚିତ୍ର ପ୍ରଭୃତି ୨. ଆଶା, ଅଭିଳାଷ, ଆକାଂକ୍ଷା ୩. ଯାହା ପାଇବା ବା ଭୋଗ କରିବା ସହଜ ନୁହେଁ ।

**ସପନାଇବା** *କ୍ରି.* ୧. ନିଦ୍ରିତ ବ୍ୟକ୍ତିକୁ ସ୍ୱପ୍ନରେ କେହି ଦେଖାଦେବା ୨. ନିଦ୍ରିତାବସ୍ଥାରେ ଦେଖାଦେଇ କୌଣସି ଆଦେଶ ଦେବା ।

**ସପରିବାର** *ବିଂ.* ୧. ପରିବାର ସହିତ ୨. ପୁଅ, ଝିଅ, ବାପା ବୋଉ ସମ୍ବଳିତ ଗାର୍ହସ୍ଥ୍ୟ ଜୀବନ ।

**ସପିଣ୍ଡ** *ବି.* ୧. ପିଣ୍ଡାଧିକାରୀ ୨. ସାତପୁରୁଷର ଜ୍ଞାତି, ସାତ ପୁରୁଷର କୁଟୁମ୍ବ।

**ସପିଣ୍ଡୀକରଣ** *ବି.* ୧. ସମୂହ ସ୍ମୃତି ୨. ପିତୃପିଣ୍ଡ ସହିତ ପ୍ରେତପିଣ୍ଡର ମିଶ୍ରଣ ।

**ସପିବା** *କ୍ରି.* ସଁପିବା, ସମ୍ପିବା, ଗାଳିଦେବା ।

**ସପୁର୍** *ବିଂ.* ୧. ସରୁଆ ୨. ସଂକୀର୍ଣ୍ଣ ୩. ଅଣଓସାରିଆ ୪. ସୂକ୍ଷ୍ମ।

**ସପୁରି** *ବି.* କଣ୍ଟାଳିଆ ପତ୍ରଥିବା ବୁଦାଳିଆ ଗଛ ବିଶେଷ ଏବଂ ତାହାର ଖଟା ମିଠା ରସଯୁକ୍ତ ସୁସ୍ୱାଦୁ ଫଳ।

**ସପେଟା** *ବି.* ବକୁଳ ଜାତୀୟ ଗଛ ଏବଂ ତାର ମିଠା ଶସଯୁକ୍ତ ଫଳ, ଚିକୁ, ସର୍କାରୀ କେନ୍ଦୁ ।

**ସପୋଟ୍ ବି.** ୧. ସାହାଯ୍ୟ ସହଯୋଗ ୨. ସମର୍ଥନ ।

**ସପ୍ତ ବି.** ୧. ସାତ (୭) ୨. ସାତ ଅଙ୍କ ବା ପରିମାଣ ; **ବିଂ.** ସାତ ସଂଖ୍ୟକ, ସାତଟି ।

**ସପ୍ତକ ବି.** ୧. ସାତଟିର ସମଷ୍ଟି ୨. ସଙ୍ଗୀତର ସ୍ୱର ଗ୍ରାମ- ସା,ରି,ଗା,ମା,ପା,ଧା,ନି-ଏଇ ସାତସ୍ୱରର ସମଷ୍ଟି ।

**ସପ୍ତକାଣ୍ଡ ବି.** ରାମାୟଣ ଗ୍ରନ୍ଥର ସାତଗୋଟି କାଣ୍ଡ ବା ବିଭାଗ ।

**ସପ୍ତତାଳ ବିଂ.** ଉଚ୍ଚତା ବା ଗଭୀରତାରେ ସାତତାଳ ବିଶିଷ୍ଟ ।

**ସପ୍ତଧା ବିଂ** ୧. ସାତ ପ୍ରକାରେ ବା ସାତଖଣ୍ଡରେ ବିଭକ୍ତ ୨. ସାତ ବାର ।

**ସପ୍ତ ଧାତୁ ବି.** ଦେହ ମଧ୍ୟସ୍ଥ ସାତଟି ଉପାଦାନ (ରସ, ରକ୍ତ, ମାଂସ, ମେଦ, ଅସ୍ଥି,ମଜ୍ଜା, ଶୁକ୍ର)

**ସପ୍ତପଦୀ ବି.** ୧. ନୂଆ ବାହା ହୋଇ ଗଇଁଠାଳ ଥିବା ବର କନ୍ୟା ସାତପାଦ ଚାଲିବା ୨. ସାତ ପଦିଆ ଗୀତ ।

**ସପ୍ତପାତାଳ ବି.** ହିନ୍ଦୁ ପୁରାଣ ବର୍ଣ୍ଣିତ ସାତ ଲୋକ (ଅତଳ, ବିତଳ, ସୁତଳ, ତଳାତଳ, ମହାତଳ, ରସାତଳ, ପାତାଳ ) ।

**ସପ୍ତପିତୃକ ଅମାବାସ୍ୟା ବି.** ସପ୍ତପୁରୀ ଅମାବାସ୍ୟା, ସାତପୁରି ଅମାବାସ୍ୟା, ଭାଦ୍ର ଅମାବାସ୍ୟା ।

**ସପ୍ତପୁରୁଷ ବି.** ୧. ବ୍ୟକ୍ତିର ପୂର୍ବ ବା ପର ସାତ ପୁରୁଷ ବା ପିଢ଼ି ୨. ବ୍ୟକ୍ତିର ଉପରକୁ ତିନି ପୁରୁଷ ଓ ତଳକୁ ତିନି ପୁରୁଷ ତଥା ନିଜେ ।

**ସପ୍ତଫଣ ବି.** କଣ୍ଟା ଥିବା ଏକ ପ୍ରକାରର କ୍ୟାକ୍‌ଟସ , ସାତଫେଣୀ, ନାଗଫେଣି ଗଛ ; **ବିଂ.** ସାତଟି ଫଣାଥିବା ।

**ସପ୍ତବାୟୁ ବି.** ପୃଥିବୀ ପୃଷ୍ଠର ଉପରକୁ ଥିବା ସାତଟି ବାୟୁ ସ୍ତର (ଆବହ, ପ୍ରବହ, ସଂବହ, ଉଦ୍‌ବହ, ବିବହ, ପରାବହ) ।

**ସପ୍ତଭୁବନ ବି.** ସପ୍ତଲୋକ (ଭୂଃ, ଭୁବଃ, ସ୍ୱଃ, ତପଃ, ଜନ, ମହଃ, ସତ୍ୟ) ।

**ସପ୍ତମଙ୍ଗଳା ବି.** ବ୍ରତ ବା ବିବାହର ସପ୍ତମ ଦିବସ, ସେହିଦିନ କରାଯାଉଥିବା ସଂସ୍କାର ବିଶେଷ ।

**ସପ୍ତମନୁଷ୍ୟ ବି.** *ପୁରାଣ* ସାତଜଣ ଆଦି ପୁରୁଷ (ସନକ, ସନନ୍ଦ, ସନାତନ, କପିଳ, ବୋଢୁ, ଆସୁରୀ ଏବଂ ପଞ୍ଚଶିଖ) ।

**ସପ୍ତମାତା ବି.** ସାତଜଣ ମାତୃସ୍ଥାନୀୟା ନାରୀ (ଜନନୀ, ଗୁରୁପତ୍ନୀ, ବ୍ରାହ୍ମଣୀ, ରାଜପତ୍ନୀ, ଧାତ୍ରୀ, ଗାଭୀ, ପୃଥିବୀ) ।

**ସପ୍ତମାତୃକା ବି.** ୧. ଜୀବର ମଙ୍ଗଳ ସାଧିକା ସାତଜଣ ମାଆ ବା ଦେବୀ (କୁମାରୀ, ଧନଦା, ନନ୍ଦା, ବିମଳା, ମଙ୍ଗଳା, ବଳା, ପଦା) ୨. ତାନ୍ତ୍ରିକ ମତରେ ଉପାସିତ ସାତ ଦେବୀ (ବ୍ରାହ୍ମୀ, ମାହେଶ୍ୱରୀ, କୌମାରୀ, ବୈଷ୍ଣବୀ, ବାରାହୀ, ଐନ୍ଦ୍ରୀ, ଚାମୁଣ୍ଡା) ।

**ସପ୍ତମୀ ତତ୍ ପୁରୁଷ ବି.** ଯେଉଁ ତତ୍‌ପୁରୁଷ ସମାସରେ ସପ୍ତମୀ ବିଭକ୍ତିର ଚିହ୍ନ ଲୋପପାଏ ।

**ସପ୍ତମୀ ବିଭକ୍ତି ବି.** ଅଧିକରଣ କାରକରେ ଚିହ୍ନ (ଯଥା-ରେ, ଠାରେ, ମଧ୍ୟରେ ) ।

**ସପ୍ତରଥୀ ବି.** ୧. ସାତ ଜଣ ରଥାରୂଢ଼ ଯୋଦ୍ଧା ୨. ମହାଭାରତରେ ଅଭିମନ୍ୟୁବଧ ବେଳେ ଆକ୍ରମଣକାରୀ ସାତଜଣ ଯୋଦ୍ଧା- ଦ୍ରୋଣ, କର୍ଣ୍ଣ, କୃପ, ଶକୁନି, ଅଶ୍ୱତ୍ଥାମା, ଦୁର୍ଯ୍ୟୋଧନ ଓ ଦୁଃଶାସନ ।

**ସପ୍ତର୍ଷି ବି.** ୧. ପୁରାଣ ପ୍ରସିଦ୍ଧ ସାତଜଣ ଶ୍ରେଷ୍ଠ ଋଷି : ମରୀଚି, ଅତ୍ରି, ଅଙ୍ଗିରା, ପୁଲସ୍ତ୍ୟ, ପୁଲହ, କ୍ରତୁ ଓ ବଶିଷ୍ଠ ୨. ଶ୍ରୁତର୍ଷି, କାଣ୍ଡର୍ଷି, ପରମର୍ଷି, ମହର୍ଷି, ରାଜର୍ଷି, ବ୍ରହ୍ମର୍ଷି, ଦେବର୍ଷି – ଏହି ସାତ ପ୍ରକାର ଋଷି ।

**ସପ୍ତର୍ଷି ମଣ୍ଡଳ ବି.** ଉତ୍ତର ଆକାଶରେ ଦେଖାଯିବା ସାତଟି ତାରାର ସମାବେଶ (କ୍ରତୁ, ପୁଲହ, ପୁଲସ୍ତ୍ୟ, ଅତ୍ରି, ଅଙ୍ଗିରା, ବଶିଷ୍ଠ, ମରୀଚି)

**ସପ୍ତଲୋକ, ସପ୍ତସ୍ୱର୍ଗ ବି.** ସପ୍ତ ଭୁବନ, ସାତ ଭୁବନ (ଭୂଃ, ଭୁବଃ, ସ୍ୱଃ, ତପଃ ଜନ, ମହଃ, ସତ୍ୟ ) ।

**ସପ୍ତଶତୀ ବି.** ୧. ସାତ ଶହର ସମବାୟ ୨. ସାତ ଶହ ଶ୍ଳୋକ ବିଶିଷ୍ଟ ଦେବୀ ମାହାତ୍ମ୍ୟ ସୂଚକ ଗ୍ରନ୍ଥ ; **ବିଂ.** ୧. ସାତଶହ ୨. ସାତ ଶହ ଶ୍ଳୋକଯୁକ୍ତ ।

**ସପ୍ତସମୁଦ୍ର, ସପ୍ତସାଗର, ସପ୍ତସିନ୍ଧୁ, ସପ୍ତାର୍ଣ୍ଣବ ବି.** ପୁରାଣ ପ୍ରସିଦ୍ଧ ସାତଟି ସମୁଦ୍ର : ଲବଣ, ଇକ୍ଷୁରସ, ସୁରା ସର୍ପି, ଦଧିମଣ୍ଡ, କ୍ଷୀର, ସ୍ୱାଦୂଦକ ।

**ସପ୍ତସ୍ୱର ବି.** ସଙ୍ଗୀତର ସାତଟି ସ୍ୱରଗ୍ରାମ : ସା, ରି, ଗା, ମା, ପା, ଧା, ନି ।

**ସପ୍ତସ୍ୱରା, ସପ୍ତସ୍ୱରୀ ବି.** ୧. ସାତସ୍ୱର ଥିବା ବାଦ୍ୟ ଯନ୍ତ୍ର ୨. ଜଳତରଙ୍ଗ ବାଦ୍ୟ ।

**ସପ୍ତା ବି.** ୧. ସପ୍ତାହ, ହପ୍ତା ୨. ପ୍ରଥମ ସ୍କନ୍ଧଠାରୁ ଦ୍ୱାଦଶ ସ୍କନ୍ଧ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବରେ ଭାଗବତ ପାରାୟଣ ।

**ସପ୍ତାଙ୍ଗ ବି.** ରାଜ୍ୟର ସାତଟି ଅଙ୍ଗ (ସ୍ୱାମୀ, ଅମାତ୍ୟ, ସୁହୃଦ୍, କୋଷ, ରାଷ୍ଟ୍ର, ଦୁର୍ଗ, ବଳ) ।

**ସପ୍ତାଶ୍ୱ ବି.** ୧. ସାତ ଗୋଟି ବୈଦିକ ଛନ୍ଦ : ଗାୟତ୍ରୀ, ଉଷ୍ଣିକ, ଅନୁଷ୍ଟୁପ, ବୃହତୀ, ପଙ୍‌କ୍ତି, ତ୍ରିଷ୍ଟୁପ୍, ଜଗତୀ ; **ବିଂ.** ସାତଗୋଟି ଅଶ୍ୱ ବିଶିଷ୍ଟ (ରଥ ପ୍ରଭୃତି) ।

**ସପ୍ତାହ ବି.** ରବିବାର ଠାରୁ ଶନିବାର ପର୍ଯ୍ୟନ୍ତ ସାତବାରର ସମାହାର, ହପ୍ତା, ସପ୍ତା ।

**ସପ୍ରତିଭ ବିଂ.** ୧. ସତର୍କ ୨. ଯେ ଘାବରିଯାଏ ନାହିଁ ।

**ସପ୍ରମାଣ** *ବିଂ* ୧. ପ୍ରମାଣଯୁକ୍ତ, ପ୍ରମାଣିତ ୨. ପ୍ରମାଣ ସହ ।

**ସପ୍ରସଙ୍ଗ** *ବିଂ* ପ୍ରସଙ୍ଗ ସହିତ, ବିଷୟବସ୍ତୁର ନିର୍ଦ୍ଦିଷ୍ଟ ସୂଚନା ସହ ।

**ସଫ୍ଟ୍** *ବିଂ* କୋମଳ, ମୃଦୁ, ନରମ ।

**ସଫ୍ଟ୍‌ୱେଆର୍** *ବି.* କମ୍ପ୍ୟୁଟର୍‌ରେ ବ୍ୟବହୃତ ବିଭିନ୍ନ କାର୍ଯ୍ୟକ୍ରମ ବା ପ୍ରୋଗ୍ରାମ୍ ।

**ସଫର୍** *ବି.* ୧. ଯାତ୍ରା, ଭ୍ରମଣ ୨. ପର୍ଯ୍ୟଟନ ୩. ଇଲାକା ମଧ୍ୟରେ ରାଜ କର୍ମଚାରୀଙ୍କ ଗସ୍ତ ।

**ସଫର୍ କରିବା** *କ୍ରି.* ୧. କଷ୍ଟ ଭୋଗିବା ୨. ଯାତ୍ରା କରିବା ।

**ସଫର, ସଫରୀ** *ବିଂ* ୧. ଛେଲା କେରାଣ୍ଡି ୨. ମହୁରାଳି ମାଛ ।

**ସଫଳ** *ବିଂ* ୧. କୃତକାର୍ଯ୍ୟ, ଫଳବାନ ୨. ଉପଯୁକ୍ତ, ସାର୍ଥକ ।

**ସଫଳକାମ** *ବିଂ* ଯାହାର ଇଚ୍ଛା ପୂରଣ ହୋଇଛି, ଯାହାର ବାଞ୍ଛା ପୂରଣ ହୋଇଅଛି ।

**ସଫଳତା** *ବି.* କାର୍ଯ୍ୟହାସଲ, କାର୍ଯ୍ୟ ସିଦ୍ଧି ।

**ସଫା** *ବିଂ* ୧. ପରିଷ୍କାର ୨. ସ୍ୱଚ୍ଛ, ନିର୍ମଳ ୩. ଧଳା ୪. ନିଃଶେଷ ; *କ୍ରି.ବିଂ* ପ୍ରକାଶ୍ୟ ଭାବରେ, ଖୋଲାଖୋଲି ।

**ସଫାଇ** *ବି.* ୧. ପରିଷ୍କାର ପରିଚ୍ଛନ୍ନତା, ପରିଷ୍କୃତି ୨. ସଫା କରିବା କାର୍ଯ୍ୟ ।

**ସଫାଇ ଦେବା** *କ୍ରି.* ୧. କୈଫିୟତ ଦେବା, ନିଜ ପକ୍ଷ ସମର୍ଥନ କରିବା ବା ଲେଖିକରି ଦେବା ୨. ନିର୍ଦ୍ଦୋଷତାର ପ୍ରମାଣ ପ୍ରଦର୍ଶନ କରିବା ।

**ସଫାଇବାଲା** *କ୍ରି.* ସଫା ବା ପରିଷ୍କାର କରିବା କାମରେ ନିଯୁକ୍ତ ବ୍ୟକ୍ତି ।

**ସଫାକଥା** *ବି.* ସ୍ପଷ୍ଟକଥା, ରୋକ୍ ଠୋକ୍ କଥା ।

**ସଫା କରିଦେବା** *କ୍ରି.* ଶେଷ କରିଦେବା, ଧ୍ୱଂସ କରିଦେବା ।

**ସଫା କରିବା** *କ୍ରି.* ୧. ପରିଷ୍କାର କରିବା ୨. ଲୁଗା କାଚିବା ।

**ସଫାସଫା** *କ୍ରି.ବିଂ* ଖୋଲା ଖୋଲି, ନିଷ୍କପଟ ଭାବରେ ।

**ସଫାସଫି** *ବି.* ସଫେଇ କାମ ।

**ସଫାସୁତୁରା** *ବିଂ* ୧. ଅତି ପରିଷ୍କାର ୨. ପରିଚ୍ଛନ୍ନ, ସୁନିର୍ମଳ ।

**ସଫି** *ବି.* ଏକ ପ୍ରକାର ଦେଶୀ ମଦ ।

**ସଫେଇତି** *କି.* ସଫାସଫି କରିବା କାର୍ଯ୍ୟ, ସଫେତି ।

**ସଫେତ, ସଫେଦ୍** *ବିଂ* ଧଳା ।

**ସଫେତି, ସଫେଇତି** *ବି.* ୧. କଲିଚୂନ ପାଣିରେ କାନ୍ଥ ଧଉଳେଇବା କାର୍ଯ୍ୟ ୨. ପରିଷ୍କାର ପରିଚ୍ଛନ୍ନ କରିବା କାର୍ଯ୍ୟ ।

**ସଫେଦା** *ବି.* ସୀସାରୁ ପ୍ରସ୍ତୁତ ଧଳାରଙ୍ଗ ବିଶେଷ ।

**ସଫେନ** *ବିଂ* ଫେଣଯୁକ୍ତ ।

**ସବ୍‌କମିଟି** *ବିଂ* ଉପ-ସମିତି, କୌଣସି ବିଶେଷ କାର୍ଯ୍ୟ ପାଇଁ ଅଳ୍ପ ସଂଖ୍ୟକ ସଭ୍ୟଙ୍କୁ ନେଇ ଗଠିତ କମିଟି ।

**ସବ୍‌କଲେକ୍ଟର** *ବି.* ଉପ-ଜିଲ୍ଲାପାଳ, ଜିଲ୍ଲାର ଉପଖଣ୍ଡର ପ୍ରାଶାସନିକ ଓ ରାଜସ୍ୱ ଅଧିକାରୀ ।

**ସବ୍‌ଜ** *ବିଂ* ସବୁଜ, ଶାଗୁଆ, ହରିତ୍; *ବି.* ଶାଗୁଆ ରଙ୍ଗ ।

**ସବ୍‌ଜଜ୍** *ବି.* ଉପ-ବିଚାରପତି ।

**ସବ୍‌ଜାନତା** *ବିଂ* ସର୍ବଜାଣ, ଯେ ସବୁ ଜାଣେ ବୋଲି ଦେଖାଇ ହୁଏ ।

**ସବ୍‌ଜି** *ବି.* ତରକାରି ଉପଯୋଗୀ କଞ୍ଚା ପରିବା ।

**ସବ୍‌ଜୀ** *ବି.* ତରକାରୀ, ବ୍ୟଞ୍ଜନ ।

**ସବ୍‌ଡ଼ିଭିଜନ** *ବି.* ଜିଲ୍ଲା ପ୍ରଶାସନର ସୁବିଧା ପାଇଁ ବିଭାଗୀକରଣ, ଉପଖଣ୍ଡ ।

**ସବ୍‌ରାତ୍** *ବି.* ୧. ଧୈର୍ଯ୍ୟ ୨. ଅପେକ୍ଷା କରିବା ।

**ସବଜାଣ** *ବିଂ* ସର୍ବଜାଣ, ସବ୍‌ଜାନ୍‌ତା, ଯେ ସବୁକଥା ଜାଣେ ।

**ସବର୍ଣ୍ଣ** *ବି.* ୧. ସମାନ ବର୍ଣ୍ଣ କିମ୍ବା ଜାତି ୨. ଯେଉଁ ବର୍ଣ୍ଣମାନଙ୍କର ଉଚ୍ଚାରଣ ସ୍ଥାନ ସମାନ ୩. ଉଚ୍ଚ ଜାତି ; *ବିଂ* ୧. ସମଜାତୀୟ ୨. ସମରଙ୍ଗ ବିଶିଷ୍ଟ ।

**ସବଳେ** *କ୍ରି.ବିଂ* ବଳପୂର୍ବକ, ଜୋର ଜବରଦସ୍ତ କରି ।

**ସବା** *ସ.* ସବୁ, ସର୍ବ ; *ବିଂ* ସମ୍ପୂର୍ଣ୍ଣ , ପୂରା ।

**ସବାଇ** *ବି.* ଏକ ପ୍ରକାର ଘାସ (କାଗଜ ମଣ୍ଡ, ଦଉଡ଼ିଆ ଖଟ ଦଉଡ଼ି ତିଆରି ପ୍ରଭୃତିରେ ଲାଗେ) ।

**ସବାଖାଇ** *ବି.* ୧. ସବାଖିଆ ନୀଚ ପ୍ରକୃତିର ସ୍ତ୍ରୀ ୨. ଅଲକ୍ଷଣୀ, ସମସ୍ତଙ୍କୁ ବା ସବୁ କିଛି ଗ୍ରାସ କରୁଥିବା ।

**ସବାଖିଆ** *ବିଂ* ଯେ ସବୁ ପଦାର୍ଥ ଖାଏ ; *ବି.* ଅଖାଦ୍ୟ ଖାଉଥିବା ଏକ ପ୍ରକାରର ଯାଯାବର ଗୋଷ୍ଠୀ ।

**ସବାଗିଳା** *ବି.* ସର୍ବଗ୍ରାସୀ, ସବୁ ଖାଇ ଧ୍ୱଂସ କରିପାରୁଥିବା ବ୍ୟକ୍ତି ।

**ସବାନ୍ଧବ** *ବିଂ* ଜ୍ଞାତି ସହିତ; *କ୍ରି.ବିଂ* ଜ୍ଞାତି ମେଳରେ, ବନ୍ଧୁଙ୍କ ସହ ।

**ସବା ପଛ** *କ୍ରି.ବିଂ* ସବାଶେଷ, ସମସ୍ତଙ୍କ ପରେ, ଅବଶେଷରେ ।

**ସବା ବଡ଼** *ବିଂ* ସବୁଠାରୁ ବଡ଼, ବୃହତ୍ତମ ।

**ସବାର୍** *ବି.* ୧. ଆରୋହୀ ୨. ଅଶ୍ୱାରୋହୀ ।

**ସବାରି** *ବି.* ଦୁଇପାଖରେ କବାଟଥିବା ଏବଂ ଆୟତାକାର ବାକ୍ସ ପରି ଦିଶୁଥିବା କାଠ ତିଆରି ମଣିଷ ବୁହା ଯାନ, ପାଲିଂକି ।

**ସବାରିଆ** *ବିଂ* ସୁଆରିଆ, ସବାରି ବୋହିବା ଲୋକ ।

**ସବାରି ଡାକ** *ବିଂ* ସବାରି ବାହକମାନେ ଦେଇଥିବା ଡାକ ।

**ସବାଲ୍ ବି.** ପ୍ରଶ୍ନ ।
**ସବା ସାନ ବିଂ.** ସବୁଠୁ ସାନ, କନିଷ୍ଠ ।
**ସବିତା ବି.** ସୂର୍ଯ୍ୟ ୨. ଈଶ୍ୱର ୩. ଅର୍କଗଛ ; **ବିଂ.** ୧. ଜନକ ୨. ପ୍ରସବକାରୀ ।
**ସବିଧାନ ବିଂ.** ନିୟମ ଅନୁଯାୟୀ, ବିଧିପୂର୍ବକ ।
**ସବିନୟ ବିଂ.** ବିନୟ ସହିତ, ବିନୟଯୁକ୍ତ, ବିନୀତ ।
**ସବିଶେଷ ବିଂ.** ୧. ବିଶେଷ ପ୍ରକାରର ୨. ଅସାଧାରଣ ୩. ବିଶେଷ ରୂପେ ୪. ବିଶଦ୍ ଭାବରେ ।
**ସବିସ୍ତର ବିଂ.** ୧. ବିଶଦ୍ ୨. ପ୍ରଚୁର ୩. ସମଧିକ ୪. ବିସ୍ତୃତ ; **କ୍ରି.ବିଂ.** ୧. ବିଶଦ୍‌ଭାବରେ ୨. ବିଶେଷ ବର୍ଣ୍ଣନା କରି ।
**ସବିସ୍ତାର ବିଂ.** ବିସ୍ତାରିତ, ଅସଂକ୍ଷିପ୍ତ ।
**ସବିସ୍ମୟ ବିଂ.** ବିସ୍ମୟଯୁକ୍ତ, ବିସ୍ମୟ ସହିତ ।
**ସବିହେଁ ସ.** ସଭିଏଁ, ସମସ୍ତେ ।
**ସବୁ ବିଂ.** ସର୍ବ, ସମସ୍ତ, ସମୁଦାୟ, ସକଳ ; **ସ.** ୧. ସମସ୍ତ ଲୋକ ୨. ସକଳ ସମ୍ପଦ ।
**ସବୁଜ ବିଂ.** ୧. ଶାଗୁଆ, ଶ୍ୟାମଳ ୨. ତରୁଣ, ଅଳ୍ପ ବୟସ୍କ ; **ବି.** ହରିତ୍ ରଙ୍ଗ ।
**ସବୁଜାଣତା ବିଂ.** ୧. ସବଜାନ୍ତା, ସବୁ ଜାଣିଥିବା ୨. ସବୁ ଜାଣିଛି ବୋଲି ମନେ କରୁଥିବା ।
**ସବୁଠାରେ ସ.** ସମସ୍ତ ଜାଗାରେ, ସବୁ ସ୍ଥାନରେ ।
**ସବୁତ୍ ବି.** ୧. ପ୍ରମାଣ ୨. କାରଣ ।
**ସବୁଥିକି ସ.** ସବୁଠିକି, ସବୁସ୍ଥାନକୁ ; **କ୍ରି.ବିଂ.** ସମସ୍ତ ବିଷୟ ପାଇଁ, ସବୁଆଡ଼ିକି ।
**ସବୁଥିରୁ, ସବୁଠୁ, ସବୁଠାରୁ ସ.** ୧. ସବୁ ବିଷୟରୁ ୨. ସର୍ବାପେକ୍ଷା ।
**ସବୁଦିନ ବି.** ସବୁବେଳେ, ପ୍ରତିଦିନ, ସଦାବେଳେ ।
**ସବୁନ୍ତି ସ.** ୧. ସମସ୍ତଙ୍କୁ ୨. ସମସ୍ତେ ୩. ସବୁରି ।
**ସବୁବେଳେ କ୍ରି.ବିଂ.** ସର୍ବଦା, ସବୁ ସମୟରେ ।
**ସବୁମତେ ଅ.** ସମସ୍ତ ପ୍ରକାରେ, ସବୁ ପ୍ରକାରେ ।
**ସବୁର, ସବୁରାତ ବି.** ୧. ଅପେକ୍ଷା ୨. ଧୈର୍ଯ୍ୟଧାରଣ ୩. କାଳବିଳମ୍ବ; **ବିଂ.** ସବୁରାତିଆ ।
**ସବୁର କରିବା କ୍ରି.** ଧୈର୍ଯ୍ୟ ରଖିବା, ଅପେକ୍ଷା କରିବା ।
**ସବୁରି ସ.** ୧. ସମସ୍ତଙ୍କର ୨. ସଭିଙ୍କର; **ବି.** ଧୈର୍ଯ୍ୟ, ସହନଶୀଳତା ।
**ସବୁରିବା କ୍ରି.** ୧. ସବୁର କରିବା ୨. ଧୈର୍ଯ୍ୟ ଧରିବା ।
**ସବେଗ ବିଂ.** ୧. ବେଗବିଶିଷ୍ଟ ୨. ବେଗବାନ୍ ।
**ସବେତନ ବିଂ.** ୧. ବେତନ ସହ ୨. ଚାକିରି କରି ଦରମା ନେଉଥିବା ।
**ସବ୍ୟ ବିଂ.** ବାଁ, ଡେବ୍ରି, ବାମ ।
**ସଭଙ୍ଗଶ୍ଳେଷ ବି.** କାବ୍ୟର ଅଳଙ୍କାର ବିଶେଷ ।
**ସଭା ବି.** ୧. ଗୋଷ୍ଠୀ ୨. ପରିଷଦ ୩. ସଂଘ ୪. ସମାଜ ୫. ସମ୍ମେଳନ ୬. ବୈଠକ ୭. ଦରବାର ୮. କୌଣସି ବିଶେଷ ଉଦ୍ଦେଶ୍ୟରେ ସମବେତ ଲୋକ ସମାଗମ ।
**ସଭାଗୃହ ବି.** ଯେଉଁ ଘରେ ସଭା ହୁଏ ।
**ସଭାଜନ ବି.** ସଭାରେ ଉପସ୍ଥିତ ବ୍ୟକ୍ତିଗଣ ।
**ସଭାଧ୍ୟକ୍ଷ, ସଭାପତି ବି.** ୧. ସଭାକାର୍ଯ୍ୟ ପରିଚାଳନା କରୁଥିବା ବ୍ୟକ୍ତି ୨. କୌଣସି ଅନୁଷ୍ଠାନ ବା ସଙ୍ଗଠନର ସର୍ବୋଚ୍ଚ ପଦବୀ, ସେହି ପଦବୀରେ ଥିବା ବ୍ୟକ୍ତି ।
**ସଭାପଣ୍ଡିତ ବି.** ରାଜସଭା ବା ଅନ୍ୟ ସଭାର ସଭ୍ୟ ପଣ୍ଡିତ ବା ବିଦ୍ୱାନ୍ ବ୍ୟକ୍ତି ।
**ସଭାପତି ବି.** ୧. ଅନୁଷ୍ଠାନ ବା ସଙ୍ଗଠନର ସର୍ବୋଚ୍ଚ ପଦବୀ ୨. ସଭାର ମୁଖ୍ୟ ବା ଅଧକ୍ଷ ।
**ସଭାପତିତ୍ୱ ବି.** ସଭାସମିତିରେ ଅଧ୍ୟକ୍ଷତା, ସଭା ପରିଚାଳନାର ଦାୟିତ୍ୱ ନିର୍ବାହ ।
**ସଭାପର୍ବ ବି.** ବ୍ୟାସଙ୍କ ମହାଭାରତର ଦ୍ୱିତୀୟ ପର୍ବ ।
**ସଭାଭଙ୍ଗ ବି.** ସଭାର ଆନୁଷ୍ଠାନିକ କାର୍ଯ୍ୟସମାପ୍ତି ।
**ସଭାମଣ୍ଡପ ବି.** ସଭା ହେବା ପାଇଁ ସଜ୍ଜିତ ସ୍ଥାନ ।
**ସଭାସଦ୍ ବି.** ୧. ସଭାରେ ଉପସ୍ଥିତ ସଭ୍ୟ ୨. ସଦସ୍ୟ, ପାରିଷଦ ।
**ସଭାସ୍ଥଳ ବି.** ସଭା ହେଉଥିବା ସ୍ଥାନ ।
**ସଭିଏ ସ.** ସମସ୍ତେ ।
**ସଭିଙ୍କ ସ.** ସମସ୍ତଙ୍କର ।
**ସଭେ ସ.** ସମସ୍ତେ, ସର୍ବେ, ସଭିଏ ।
**ସଭ୍ୟ ବି.** ୧. ସଭାର ସଦସ୍ୟ ୨. କୌଣସି ଅନୁଷ୍ଠାନ, ସଙ୍ଗଠନ ବା ଗୋଷ୍ଠୀର ସଦସ୍ୟ ; **ବିଂ.** ଭଦ୍ର, ମାର୍ଜିତ, ଶାଳୀନ ।
**ସଭ୍ୟତା ବି.** ୧. ଭଦ୍ରତା, ଶିଷ୍ଟାଚାର, ମାର୍ଜିତ ରୁଚି, ୨. ସାମାଜିକ ଉତ୍କର୍ଷ ।
**ସଭ୍ୟସମାଜ ବି.** ସଭ୍ୟ ଲୋକମାନଙ୍କର ସମାଜ ।
**ସମ୍ ବି.** ଭାରତୀୟ ସଙ୍ଗୀତରେ ତାଳର ପ୍ରଥମ ମାତ୍ରା ।
**ସମ୍‌ସାଇବା କ୍ରି.** ୧. ସମତଳ କରିବା ୨. ସଜାଡ଼ିବା, ବାଗେଇବା ୩. କଳିତକରାଳର ସମାଧାନ କରିବା ।
**ସମ ବିଂ.** ୧. ତୁଲ୍ୟ, ସଦୃଶ, ଅନୁରୂପ, ସମାନ, ଅଭିନ୍ନ, ଏକ ଧର୍ମା ୨. ଋଜୁ ୩. ସମ୍ପୂର୍ଣ୍ଣ ୪. ସାଧୁ ; **ବି.** ସଙ୍ଗୀତରେ ତାଳର ମାତ୍ରାବିଶେଷ ।

**ସମକଛ, ସମକକ୍ଷ** *ବି.* ତୁଲ୍ୟ ପ୍ରତିଯୋଗୀ, ସମାନ ପ୍ରତିଦ୍ୱନ୍ଦ୍ୱୀ ; *ବିଂ.* ୧. ତୁଲ୍ୟ, ପ୍ରତିଯୋଗ୍ୟ, ସମର୍ଥ ୨. ପାରିବାର ୩. ଟକ୍‌କର ଦେଉଥିବା ।

**ସମକଟିବନ୍ଧ** *ବି.* *ଭୂଗୋଳ* ସମଶୀତୋଷ୍ଣମଣ୍ଡଳ ।

**ସମକାଳ** *ବି.* ୧. ସେଇ କ୍ଷଣ ୨. ସେହି ଏକା ସମୟ ।

**ସମକାଳୀନ** *ବିଂ.* ୧. ଏକ ସମୟରେ ଜାତ ୨. ସମସାମୟିକ, ଏକା ସମୟ ବା କାଳର ।

**ସମକୋଣ** *ବି.* ୯୦° ପରିମାଣ ବିଶିଷ୍ଟ କୋଣ ।

**ସମକୋଣୀ ତ୍ରିଭୁଜ** *ବି.* ଯେଉଁ ତ୍ରିଭୁଜର ଗୋଟିଏ କୋଣ ନବେ ଡିଗ୍ରୀ ବିଶିଷ୍ଟ ।

**ସମଗୁଣ** *ବିଂ.* ସମାନ ଗୁଣ ବିଶିଷ୍ଟ ।

**ସମଗ୍ର** *ବି.* ୧. ସମସ୍ତ ୨. ସମୁଦାୟ ୩. ଅଖଣ୍ଡ, ସବୁ ।

**ସମଘନ** *ବି.* ସମାନ ଦୈର୍ଘ୍ୟ, ପ୍ରସ୍ଥ ଓ ଉଚ୍ଚତା ବିଶିଷ୍ଟ ବସ୍ତୁ ; *ବିଂ.* ୧. ଏକ ଜାତୀୟ ୨. ସମଧର୍ମବିଶିଷ୍ଟ ।

**ସମଜ୍,ସମଝ** *ବି.* ୧. ବୁଝିବା ଶକ୍ତି, ବୋଧ ୨. ବିବେଚନା ୩. ମୂର୍ଖ ଦଳ ୪. ପଶୁଙ୍କ ଦଳ, ଗୋଠ ।

**ସମଜ୍‌ଦାର** *ବିଂ.ବି.* ୧. ବୁଝିବା ସମଝିବା (ଲୋକ), ବିବେଚନାକ୍ଷମ ୨. ଗୁଣଗ୍ରାହୀ, ରସଜ୍ଞ ୩. ଅନୁଭବୀ ।

**ସମଜ୍‌ଦାରି** *ବି.* ୧. ବୁଝିବା ଶକ୍ତି ୨. ଚତୁର ବୁଦ୍ଧିମତ୍ତା ୩. ଉପଲବ୍ଧି ବା ରସଗ୍ରାହକତା ।

**ସମଜାତି** *ବିଂ.ବି.* ସମାନ ଜାତି, ଶ୍ରେଣୀ ବା ଗୋଷ୍ଠୀ ।

**ସମଜାତୀୟ, ସମଜାତିକ** *ବିଂ.* ୧.ଏକ ଶ୍ରେଣୀୟ ୨.ଏକ ଜାତିଭୁକ୍ତ ୩. ଏକ ବିଚାର ବା ଏକ ମତ ବିଶିଷ୍ଟ ।

**ସମଜିବା** *କ୍ରି.* ୧. ବୁଝିବା ୨. ବିବେଚନା କରିବା ୩. ବୋଧ ବା ଉପଲବ୍ଧି କରିବା ।

**ସମଝ** *ବି.* ସମଜ୍ ।

**ସମଞ୍ଜସ** *ବିଂ.* ୧. ଉଚିତ, ସଙ୍ଗତ ୨. ଉପଯୁକ୍ତ, ସମୀଚୀନ ୩. ସଦୃଶ ୪. ଯୋଗ୍ୟ ୫. ଖାଣ୍ଟି, ନିରୋଳା ।

**ସମତଳ** *ବି.ବିଂ.* ସମାନ ତଳଭୂମି ଥିବା (କ୍ଷେତ୍ର, ସ୍ଥାନ) ।

**ସମତଳ ଅଞ୍ଚଳ** *ବି.* ସମାନ ତଳରେ ଅବସ୍ଥିତ ଅଞ୍ଚଳ ।

**ସମତଳ ଭୂମି** *ବି.* ୧. ଉଚ୍ଚ ନୀଚ ନଥିବା ଭୂମି ୨. ସମୁଦ୍ର ଉପକୂଳବର୍ତ୍ତୀ ନିମ୍ନଭୂମି ।

**ସମତା** *ବି.* ୧. ସମାନତା, ସାମ୍ୟ ୨. ତୁଲ୍ୟତା ୩. ସମଭାବ ୪. ଏକରୂପତା ।

**ସମତୁଲ** *ବିଂ.* ୧. ସମାନ ଓଜନ ବିଶିଷ୍ଟ ୨. ସମକକ୍ଷ ।

**ସମଦର୍ଶନ** *ବି.* ଧୀରବିଚାର ପୂର୍ବକ ଦୃଷ୍ଟି, ଅପକ୍ଷପାତ ଦୃଷ୍ଟି, ସମଦୃଷ୍ଟି ; *ବିଂ.* ସମଦର୍ଶୀ ।

**ସମଦର୍ଶିତା** *ବି.* ସମସ୍ତଙ୍କୁ ବା ସବୁ ମତକୁ ସମାନ ଦୃଷ୍ଟିରେ ଦେଖିବା, ଅପକ୍ଷପାତିତା ।

**ସମଦୀ, ସମ୍ଦି** *ବି.* ବରକନ୍ୟା ଉଭୟଙ୍କ ବାପାଙ୍କ ମଧ୍ୟରେ ସମ୍ପର୍କ, ସମ୍ବନ୍ଧୀ, ସମ୍ଧି ।

**ସମଦୃଷ୍ଟି** *ବି.* ସମଦର୍ଶିତା ।

**ସମଧିକ** *ବିଂ.* ୧. ବହୁତ, ଅତ୍ୟଧିକ ୨. ପ୍ରଚୁର, ପର୍ଯ୍ୟାପ୍ତ ।

**ସମନ୍** *ବି.* ମୋକଦ୍ଦମା ଆଦିରେ ନିଶ୍ଚିତ ଉପସ୍ଥିତ ହେବା ପାଇଁ ଆଦେଶ; ଅଦାଲତରେ ହାଜର ହେବା ନିମିତ୍ତ ସାକ୍ଷୀ, ଆସାମୀ ପ୍ରଭୃତିଙ୍କ ପ୍ରତି ହୁକୁମନାମା ।

**ସମନ୍ୱୟ** *ବି.* ବିଭିନ୍ନ ବିଷୟର ଉଚିତ ସଂଯୋଜନ ବା ସଂଯୋଗୀକରଣ ୨. ସଂଯୋଗ, ମିଳନ ।

**ସମନ୍ୱିତ** *ବିଂ.* ୧. ଯୁକ୍ତ ୨. ବିଶିଷ୍ଟ ୩. ସଙ୍ଗତିଯୁକ୍ତ ୪. ମିଶା, ମିଶ୍ରିତ, ମିଳିତ ୫. ଏକତ୍ର ।

**ସମବୟସ** *ବି.* ସମାନ ବୟସ ।

**ସମବୟସୀ, ସମବୟସ୍କ** *ବିଂ.* ଏକ ବୟସିଆ, ସମାନ ବୟସର ।

**ସମବସ୍ଥା** *ବି.* ୧. ଏକା ପ୍ରକାର ସ୍ଥିତି ବା ଅବସ୍ଥା, ତୁଲ୍ୟସ୍ଥିତି ୨. ସମରୂପତା ।

**ସମବାୟ** *ବି.* ୧. ସମୂହ ୨. ମିଳନ, ସମ୍ବନ୍ଧ; *ବିଂ.* ୧. ଯୌଥ ୨. ସମବେତ, ଦଳବଦ୍ଧ ।

**ସମବାୟ ବ୍ୟାଙ୍କ୍** *ବି.* ସଭ୍ୟମାନଙ୍କଦ୍ୱାରା ଯୌଥ ଭାବରେ ଗଠିତ ଏବଂ ପରିଚାଳିତ ବ୍ୟାଙ୍କ, କୋଅପରେଟିଭ୍ ବ୍ୟାଙ୍କ୍ ।

**ସମବାୟ ସମିତି** *ବି.* ପରସ୍ପରକୁ ସାହାଯ୍ୟ କରିବା ପାଇଁ ଯୌଥ ସୂତ୍ରରେ ଗଠିତ ବା ପରିଚାଳିତ ବ୍ୟବସାୟ ପ୍ରତିଷ୍ଠାନାଦି, କୋଅପରେଟିଭ ସୋସାଇଟି ।

**ସମବାହୁ, ସମଭୁଜ** *ବିଂ.* ଯେଉଁ କ୍ଷେତ୍ରର ବାହୁଗୁଡ଼ିକର ଦୈର୍ଘ୍ୟ ସମାନ ।

**ସମବାହୁ ତ୍ରିଭୁଜ** *ବି.* ଯେଉଁ ତ୍ରିଭୁଜର ତିନି ବାହୁ ସମାନ ।

**ସମବେତ** *ବିଂ.* ସମ୍ମିଳିତ, ଏକତ୍ରୀଭୂତ, ଏକ ସ୍ଥାନରେ ଠୁଳ, ଏକାଠି ଜମାହୋଇଥିବା ।

**ସମବେଦନା, ସମବ୍ୟଥା** *ବି.* ଅନ୍ୟର ଦୁଃଖରେ ଦୁଃଖୀ, ସହାନୁଭୂତି ପ୍ରକାଶ, ଦରଦ ।

**ସମମଣ୍ଡଳ** ***ବି.*** ନାତିଶୀତୋଷ୍ଣମଣ୍ଡଳ, ଅଧିକ ତାତି ବା ଅଧିକ ଶୀତ ନଥିବା ଅଞ୍ଚଳ ।

**ସମୟ** ***ବି.*** ୧. କାଳ, ବେଳ ୨. ମୃତ୍ୟୁ ୩. ଅବକାଶ, ଫୁର୍‌ସତ୍ ୪. ଅବସର, ସୁଯୋଗ ୫. ଋତୁ ।

**ସମୟନିଷ୍ଠ** ***ବିଂ.*** ୧. ନିର୍ଦ୍ଦିଷ୍ଟ ବା ଠିକ୍ ସମୟରେ କାର୍ଯ୍ୟକାରୀ ୨. ନିର୍ଦ୍ଧାରିତ ସମୟରେ ଆସୁଥିବା ।

**ସମୟ ନେବା** ***କ୍ରି.*** ମହଲତ ନେବା ।

**ସମୟସେବୀ** ***ବିଂ.*** ସୁବିଧାବାଦୀ, ବେଳକାଳ ବା ସୁଯୋଗ ଦେଖି ଯେ ନିଜ କାର୍ଯ୍ୟଧାରା ବଦଳାଏ ।

**ସମୟାନୁବର୍ତ୍ତିତା** ***ବି.*** ଯଥା ସମୟରେ କାର୍ଯ୍ୟକରିବା ସ୍ୱଭାବ ; ***ବିଂ.*** ସମୟାନୁବର୍ତ୍ତୀ ।

**ସମୟାନୁବର୍ତ୍ତୀ** ***ବିଂ.*** ସମୟ ପ୍ରତି ସଚେତନ, ଠିକ୍ ସମୟରେ କାର୍ଯ୍ୟ କରୁଥିବା ।

**ସମୟୋଚିତ, ସମୟୋପଯୋଗୀ** ***ବିଂ.*** ଯେଉଁ ସମୟରେ ଯାହା କରିବା ବା ହେବାର ବିଧେୟ, ସମୟର ଆବଶ୍ୟକତା ମାଫିକ ।

**ସମର** ***ବି.*** ଲଢ଼େଇ, ଯୁଦ୍ଧ ।

**ସମରକୁଶଳ** ***ବିଂ.*** ଯୁଦ୍ଧ ନିପୁଣ ।

**ସମରଥ** ***ବିଂ.*** ସମର୍ଥ, ସରି ।

**ସମରଥା** ***ବିଂ.*** ପରାକ୍ରମଶାଳୀ ।

**ସମରବିଦ୍ୟା** ***ବି.*** ଯୁଦ୍ଧ ସମ୍ବନ୍ଧୀୟ ବିଦ୍ୟା ।

**ସମରାଭ୍ୟାସ** ***ବି.*** ଯୁଦ୍ଧ ନିମିତ୍ତ ଅଭ୍ୟାସ କର୍ମ ।

**ସମରାଶି** ***ବି.*** ୧. ଯୋଡ଼ି ସଂଖ୍ୟା, ଯୁଗ୍ମ ସଂଖ୍ୟା ୨. ଯେଉଁ ରାଶିଗୁଡ଼ିକୁ ଦୁଇଦ୍ୱାରା ସମାନ ଭାଗ କରାଯାଇପାରେ ।

**ସମର୍ଥ** ***ବିଂ.*** ୧. ପାରଗ, କ୍ଷମ ୨. ଯୋଗ୍ୟ, ଉପଯୁକ୍ତ ୩. କର୍ମକ୍ଷମ ।

**ସମର୍ଥକ** ***ବିଂ.*** ସମର୍ଥନକାରୀ, କୌଣସି ବିଷୟ ବା କାର୍ଯ୍ୟ ପକ୍ଷରେ ଥିବା ।

**ସମର୍ଥନ** ***ବି.*** କାର୍ଯ୍ୟ, ପ୍ରସ୍ତାବ ପ୍ରଭୃତିର ପ୍ରତିପୋଷଣ ।

**ସମର୍ଥିତ** ***ବିଂ.*** ସମର୍ଥନପ୍ରାପ୍ତ ।

**ସମର୍ପଣ** ***ବି.*** ୧. ସମ୍ପୂର୍ଣ୍ଣ ଭାବେ ଦେଇଦେବା, ଅର୍ପଣ ୨. ଦାନ ୩. ଉତ୍ସର୍ଗ ।

**ସମର୍ପିତ** ***ବିଂ.*** ୧. ଯାହା ସମର୍ପଣ କରାଯାଇଅଛି ୨. ଦତ୍ତ, ଦିଆ ହୋଇଥିବା ୩. ଉତ୍ସର୍ଗୀକୃତ, କୌଣସି କାର୍ଯ୍ୟ, ବିଷୟ ବା ମତବାଦରେ ବିଶ୍ୱାସ ରଖିଥିବା ।

**ସମର୍ପିବା** ***କ୍ରି.*** ସମର୍ପଣ କରିବା, ସଅଁପି ଦେବା ।

**ସମଶ୍ରେଣୀ** ***ବି.*** ଏକ ବା ସମାନ ଜାତି ବା ଗୋଷ୍ଠୀ ବା ଦଳ ; ***ବିଂ.*** ସମାନ ଜାତି ବା ଗୋଷ୍ଠୀ ବିଷୟକ ।

**ସମଷ୍ଟି** ***ବି.*** ୧. ଯୋଗଫଳ ୨. ସମୂହ ଭାବରେ ଶ୍ରେଣୀ ବା ଦଳ ୩. ବ୍ୟାପ୍ତି ।

**ସମଷ୍ଟିଗତ** ***ବିଂ.*** ସାମୂହିକ, ଗୋଷ୍ଠୀଗତ ।

**ସମସରି** ***ବିଂ.*** ୧. ସମକକ୍ଷ ୨. ଅବିକଳ ସମାନ, ସବୁମନ୍ତେ ଏକାଭଳି, ଠିକ୍ ଅନୁରୂପ ୩. ସହିତ ।

**ସମସାମୟିକ, ସାମସମୟିକ** ***ବିଂ.*** ଏକ କାଳ ବା ସମୟର ।

**ସମସୂତ୍ର** ***ବି.*** ୧. ସେହି ଏକ ସରଳରେଖା ୨. ଏକା ଉପାୟ ୩. ଚକ୍ରବାଳର ପୂର୍ବ ଓ ପଶ୍ଚିମ ବିନ୍ଦୁ ଭେଦକାରୀ କାଳ୍ପନିକ ବୃତ୍ତ ୪. ବାନ୍ଧିବା ବା ସିଲେଇ କରିବାରେ ବ୍ୟବହୃତ ସେହି ଏକା ସୂତା ବା ଉପକରଣ ।

**ସମସ୍କନ୍ଧ** ***ବିଂ.*** ୧. ସମାନ ଆର୍ଥିକ ସ୍ୱଚ୍ଛଳତା ବା ସାମାଜିକ ପ୍ରତିପତ୍ତି ଥିବା ୨. ସମଯୋଗ୍ୟତାସମ୍ପନ୍ନ, **ସମକକ୍ଷ** ୩. **ସମଯୋଦ୍ଧା,** ସମାନ ବଳଶାଳୀ ।

**ସମସ୍ତ** ***ସ.*** ପୂରାପୂରି, ସବୁ ; ***ବିଂ.*** ୧. ସବୁ, ସକଳ, ସମୁଦାୟ ୨. ସମ୍ପୂର୍ଣ୍ଣ ୩. ଅଖଣ୍ଡ ୪. ଠୁଳ କରାଯାଇଥିବା, ଏକତ୍ରୀକୃତ ୫. ସମାସବଦ୍ଧ ।

**ସମସ୍ତପଦ** ***ବି.*** ସମାସନିଷ୍ପନ୍ନ ପଦ ।

**ସମସ୍ତେ** ***ସ.*** ସର୍ବେ, ସବେ, ସମସ୍ତ ଲୋକେ, ସଭିଏ ।

**ସମସ୍ୟମାନ** ***ବିଂ.*** ଯେଉଁ ପଦମାନଙ୍କରେ ସମାସ କରାଯାଇଛି ।

**ସମସ୍ୟା** ***ବି.*** ୧. ଅସୁବିଧାଜନକ ପରିସ୍ଥିତି, ଜଞ୍ଜାଳ ୨. ଅତି ଜଟିଳ ବା ଦୁରୂହ ବିଷୟ, ଯାହାର ସମାଧାନ କଷ୍ଟକର ୩. ସଙ୍କଟ, ବିପଦ ।

**ସମକ୍ଷ** ***ବି.*** ସାମ୍ନା, ସମ୍ମୁଖ ।

**ସମା** ***ବିଂ.*** ତୁଲ୍ୟା ; ***ବି.*** ୧. ଶଗଡ଼ ଚକର ମଧ୍ୟବର୍ତ୍ତୀ ଲୁହାଚକି ୨. ଢିଙ୍କିର ପାହାର ଅଗରେ ଲାଗିଥିବା ଲୁହା ବଳୟ ।

**ସମାକୀର୍ଣ୍ଣ** ***ବିଂ.*** ୧. ପରିବ୍ୟାପ୍ତ, ବିଚ୍ଛୁରିତ ୨. ସଂକୁଳ, ବ୍ୟାପି ଯାଇଥିବା, ପରିପୂର୍ଣ୍ଣ ; ***ବି.*** ସମାଗମ, ଭିଡ଼, ଗହଳି ।

**ସମାକୁଳ** ***ବିଂ.*** ୧. ଅତ୍ୟନ୍ତ ଆକୁଳ, ବ୍ୟାକୁଳ, କାତର ୨. ସଂଶୟାଚ୍ଛନ୍ନ, ସଂଶୟଯୁକ୍ତ ।

**ସମାଗତ** ***ବିଂ.*** ୧. ଆସିଥିବା, ପହଞ୍ଚିଥିବା ୨. ସମବେତ, ସମ୍ମିଳିତ ।

**ସମାଗମ** ***ବି.*** ୧. ଉପସ୍ଥିତି ୨. ଆଗମନ ୩. ଏକତ୍ର ହୋଇଥିବା ଲୋକ ।

**ସମାଚାର** ***ବି.*** ୧. ଖବର, ସମ୍ବାଦ, ବାର୍ତ୍ତା ୨. ଶିଷ୍ଟାଚାର ।

**ସମାଚ୍ଛନ୍ନ** *ବିଂ* ୧. ପୂରା ଘୋଡ଼ାଯାଇଥିବା, ସମ୍ପୂର୍ଣ୍ଣ ଆବୃତ ୨. ଅଭିଭୂତ ।
**ସମାଚ୍ଛାଦନ** *ବି.* ୧. ଗୋଟିପଣେ ଘୋଡ଼ାଇ ରଖିବା, ସେଭଳି ପୋଷାକ ୨. ଆବରଣ, ଘୋଡଣି ।
**ସମାଜ** *ବି.* ୧. ମାନବ ଗୋଷ୍ଠୀ ୨. ନିର୍ଦ୍ଦିଷ୍ଟ ଜାତି, ବୃତ୍ତି, ଧର୍ମ ସମାନତା ଥିବା ଗୋଷ୍ଠୀ ବା ସମ୍ପ୍ରଦାୟ ୩. ପରସ୍ପର ସହଯୋଗିତାରେ ଗୋଷ୍ଠୀ ଜୀବନ ବିତାଉଥିବା ମନୁଷ୍ୟ ସମୂହ ୪. ସଭା, ସମିତି, ସଂଘ ।
**ସମାଜଚ୍ୟୁତ** *ବିଂ* ନିଜ ସମାଜ ବା ଗୋଷ୍ଠୀରୁ ବହିଷ୍କୃତ, ସାମାଜିକ ଅଧିକାରରୁ ବଞ୍ଚିତ, ଏକଘରକିଆ ।
**ସମାଜତତ୍ତ୍ୱ, ସମାଜବିଜ୍ଞାନ** *ବି.* ମଣିଷ ସମାଜର ଗଠନ ଓ ବିକାଶକ୍ରମ ସମ୍ବନ୍ଧୀୟ ଜ୍ଞାନ ।
**ସମାଜତନ୍ତ୍ର** *ବି.* ୧. ସମାଜ ଚଳାଇବା ନୀତି ୨. ସମାଜର ଜନ ସାଧାରଣଙ୍କ ମଙ୍ଗଳ ଓ ବିକାଶକୁ ପ୍ରାଧାନ୍ୟ ଦେଇଥିବା ଶାସନ ନୀତି ବା ବ୍ୟବସ୍ଥା ; *ବିଂ* ସମାଜତନ୍ତ୍ରୀ, ସମାଜତାନ୍ତ୍ରିକ ।
**ସମାଜପତି** *ବି.* ମୁଖିଆ, ସମାଜ ବା ଗୋଷ୍ଠୀର ନେତା ।
**ସମାଜବଦ୍ଧ** *ବିଂ* ପରସ୍ପର ସହଯୋଗରେ ସମାଜରେ ଏକତ୍ର ରହୁଥିବା ।
**ସମାଜବାଦ** *ବି.* ୧. ସୋସିଆଲିଜ୍‌ମ୍, ସମାଜର ସବୁ ମଣିଷର ସମାନ ଅଧିକାର ବିଚାର ସଂକ୍ରାନ୍ତ ଦର୍ଶନ ୨. ସମାଜତନ୍ତ୍ର ।
**ସମାଜବାଦୀ** *ବିଂ* ସମାଜବାଦରେ ବିଶ୍ୱାସୀ ।
**ସମାଜବିଜ୍ଞାନୀ** *ବି.* ସମାଜ ବ୍ୟବସ୍ଥା ସଂକ୍ରାନ୍ତ ବିଦ୍ୟାର ବିଶେଷଜ୍ଞ ।
**ସମାଜବିରୁଦ୍ଧ** *ବିଂ* ସାମାଜିକ ରୀତି ନୀତିର ବିରୋଧୀ ।
**ସମାଜବିରୋଧୀ** *ବିଂ* ସମାଜ ବ୍ୟବସ୍ଥାର ବିରୁଦ୍ଧାଚରଣ କରୁଥିବା ।
**ସମାଜ ସଂସ୍କାର** *ବି.* ସମାଜରେ ଚଳିଆସୁଥିବା ରୀତି, ପ୍ରଥା ପ୍ରଭୃତିର ସମୟୋପଯୋଗୀ ପରିବର୍ତ୍ତନ ସାଧନ ।
**ସମାଜ ସଂସ୍କାରକ** *ବିଂ ବି.* ସମାଜର ବିବିଧ ପ୍ରଥାର ଶୋଧନକାରୀ, ସମାଜର ପରିବର୍ତ୍ତନବାଦୀ ।
**ସମାଦର** *ବି.* ୧. ବିଶେଷ ଆଦର, ବିଶେଷ ମର୍ଯାଦା ୨. ସମ୍ମାନ ପ୍ରଦର୍ଶନ, ସମ୍ବର୍ଦ୍ଧନା ।
**ସମାଦି କୁଡୁଆ** *ବି.* ଶ୍ରୀମନ୍ଦିରରେ ବ୍ୟବହୃତ ମାଟି ପାତ୍ର ବିଶେଷ ।
**ସମାଦୃତ** *ବିଂ* ବିଶେଷ ରୂପେ ଆଦୃତ, ସମାଦର ପ୍ରାପ୍ତ, ବିଶେଷ ମର୍ଯ୍ୟାଦା ପ୍ରାପ୍ତ ।
**ସମାଧାନ** *ବି.* ୧. ସମସ୍ୟାର ପ୍ରତିକାର, ନିଷ୍ପତ୍ତି ୨. ବିବାଦ ବା କଳହର ମୀମାଂସା ୩. ସିଦ୍ଧାନ୍ତ ଗ୍ରହଣ ।
**ସମାଧି** *ବି.* ୧. ଶବ ବା ଚିତାଭସ୍ମ ପୋତା ହେବା ସ୍ଥାନ ୨. ସେହି ସ୍ଥାନରେ ନିର୍ମିତ ସ୍ମାରକୀ ୩. ଭୂଗର୍ଭରେ ସନ୍ୟାସୀଙ୍କ ଶବ-ନିଧାନ ୪. କବର, କବରଦାନ ୫. ବାହ୍ୟଜ୍ଞାନହୀନ ଧ୍ୟାନ ୬. କାବ୍ୟର ଗୁଣ ବିଶେଷ ।
**ସମାଧିଫଳକ** *ବି.* ସମାଧି ଉପରେ ସ୍ଥାପିତ ମୃତ ବ୍ୟକ୍ତିଙ୍କ ନାମାଙ୍କିତ ଫଳକ ।
**ସମାଧିମଗ୍ନ, ସମାଧିସ୍ଥ** *ବିଂ* ବାହ୍ୟଜ୍ଞାନ ରହିତ ଅବସ୍ଥା, ଗଭୀର ଧ୍ୟାନସ୍ଥ ।
**ସମାଧି ମନ୍ଦିର** *ବି.* ଶବ ପୋଡ଼ା ଯାଇଥିବା ବା ଚିତାଭସ୍ମ ପୋତା ହେବା ସ୍ଥାନରେ ନିର୍ମିତ ମନ୍ଦିର ।
**ସମାଧି ସ୍ତମ୍ଭ** *ବି.* ସମାଧି ବା କବର ଉପରେ ନିର୍ମିତ ସ୍ମୃତି ସ୍ତମ୍ଭ ।
**ସମାଧିକ୍ଷେତ୍ର, ସମାଧିପୀଠ** *ବି.* ଶବ ଅଥବା ଚିତାଭସ୍ମ ପୋତା ଯାଇଥିବା ସ୍ଥାନ ।
**ସମାନ** *ବିଂ* ୧. ଏକରୂପ, ଅଭିନ୍ନ, ସଦୃଶ ୨. ତୁଲ୍ୟ ୩. ଅନୁରୂପ, ସମପରିମାଣ ସଂଖ୍ୟା ବା ଆକାର ବିଶିଷ୍ଟ ୪. ସମତଳ ୫. କମ୍ କି ବେଶି ନୁହେଁ ; *ବି.* ନାଭିସ୍ଥ ବାୟୁ ବିଶେଷ ; *ବି.* ସମାନତା ।
**ସମାନସ୍କନ୍ଧ** *ବିଂ* ସମସ୍କନ୍ଧ, ସମଯୋଗ୍ୟତା ସମ୍ପନ୍ନ ।
**ସମାନାଧିକରଣ** *ବି.* ୧. ସମଜାତୀୟ ବସ୍ତୁରେ ଥିବା ସାଧାରଣ ଗୁଣ ବା ଧର୍ମ ୨. *ବ୍ୟାକ.* ବିଶେଷ୍ୟ-ବିଶେଷଣ ସମ୍ବନ୍ଧ ।
**ସମାନାଧିକାର** *ବି.* ଏକା ପ୍ରକାର ଅଧିକାର, ତୁଲ୍ୟ ଅଧିକାର ବା ସ୍ୱତ୍ୱ ।
**ସମାନୁପାତ** *ବି.* ୧. ସଦୃଶ ବା ସମାନ ସମ୍ବନ୍ଧ, ଆନୁପାତିକ ସମତା ୨. ଦୁଇ ରାଶିର ଅନୁପାତ ସହିତ ଅନ୍ୟ ଦୁଇ ରାଶିର ଅନୁପାତର ତୁଲ୍ୟତା ।
**ସମାନୁପାତୀ** *ବିଂ* ଯେଉଁ ଅନୁପାତଗୁଡ଼ିକ ପରସ୍ପର ସମାନ ।
**ସମାନ୍ତର** *ବିଂ* ସମାନ ବ୍ୟବଧାନ ଥିବା ।
**ସମାନ୍ତରାଳ** *ବିଂ* ସର୍ବତ୍ର ପରସ୍ପର ସମଦୂରବର୍ତ୍ତୀ (ରେଖା) ।
**ସମାନ୍ତରିକ** *ବିଂ* ଯେଉଁ ଚତୁର୍ଭୁଜର ଦୁଇ ସମ୍ମୁଖୀନ ବାହୁ ପରସ୍ପର ସମାନ୍ତର ।
**ସମାପକ** *ବିଂ* ଯେ କୌଣସି କାର୍ଯ୍ୟର ସମାପ୍ତି କରେ, ସମାପନକାରୀ, ଉଦ୍‌ଯାପକ ।
**ସମାପନ** *ବି.* ୧. ଉଦ୍‌ଯାପନ, ଶେଷକରିବା ୨. ପୂରା କରିବା ୩. ସମାଧାନ, ସମ୍ପାଦନ, ସମାପ୍ତିସାଧନ ।
**ସମାପିକା** *ବିଂ* *ବ୍ୟାକ.* ଯାହାର ପ୍ରୟୋଗଦ୍ୱାରା ବାକ୍ୟ ଶେଷ ହୁଏ ।
**ସମାପିକା କ୍ରିୟା** *ବି.* *ବ୍ୟାକ.* ଯେଉଁ କ୍ରିୟାପଦ ବାକ୍ୟର ସମାପ୍ତିର ସୂଚନା ଦିଏ ।
**ସମାପିତ** *ବିଂ* ସମାପ୍ତିପ୍ରାପ୍ତ, ସମାପ୍ତ, ଶେଷ ହୋଇଥିବା, ସମ୍ପାଦିତ ।
**ସମାପ୍ତ** *ବିଂ* ୧. ଯାହା ଶେଷ ହୋଇଅଛି, ସମ୍ପୂର୍ଣ୍ଣ ୨. ନିଷ୍ପନ୍ନ ।

**ସମାପ୍ତି** *ବି.* ଅବସାନ, ଶେଷ, ଉଦ୍‌ଯାପନ ।

**ସମାବର୍ତ୍ତନ** *ବି.* ୧. ବିଶ୍ୱବିଦ୍ୟାଳୟର ପ୍ରମାଣପତ୍ର, ଉପାଧି ଆଦି ପ୍ରଦାନ ଉତ୍ସବ ୨. ଫେରିବା, ପ୍ରତିଆଗମନ ୩. ବିଦ୍ୟା ଲାଭ ଶେଷରେ ଶିକ୍ଷାର୍ଥୀଙ୍କ ଗାର୍ହସ୍ଥ୍ୟ ଜୀବନକୁ ପ୍ରତ୍ୟାବର୍ତ୍ତନ ।

**ସମାବର୍ତ୍ତିତ** *ବିଂ.* ପ୍ରତ୍ୟାବର୍ତ୍ତିତ, ଫେରନ୍ତା ।

**ସମାବିଷ୍ଟ** *ବିଂ.* ୧. ଏକତ୍ର, ସମବେତ ୨. ଯୋଗ ଦେଇଥିବା, ଭାଗ ନେଇଥିବା ୩. ସମାହିତ, ଆବିଷ୍ଟ ।

**ସମାବୃତ** *ବିଂ.* ୧. ଭଲ ଭାବରେ ବେଢ଼ା ହୋଇଥିବା ୨. ପରିବେଷ୍ଟିତ, ପରିବୃତ, ପ୍ରତ୍ୟାବୃତ୍ତ, ବ୍ରହ୍ମଚର୍ଯ୍ୟ ପାଳନ ପରେ ଗୃହଧର୍ମ ପାଳନ ପାଇଁ ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କରିଥିବା ।

**ସମାବେଶ** *ବି.* ୧. ଏକାଠି କରିବା ବା ହେବା, ସମ୍ମେଳନ ୨. ଏକତ୍ର ଅବସ୍ଥାନ, ସହାବସ୍ଥାନ ୩. ପ୍ରବେଶ ।

**ସମାବେଶିତ** *ବିଂ.* ୧. ଏକତ୍ର ରଖାହୋଇଥିବା ୨. ସମ୍ମିଳିତ ।

**ସମାରୂଢ଼** *ବିଂ.* ୧. ଆଡମ୍ବରଯୁକ୍ତ ୨. ଉପରେ ଚଢ଼ିଥିବା, *ସ୍ତ୍ରୀ.* ସମାରୂଢ଼ା ।

**ସମାରୋହ** *ବି.* ୧. ଜାକଜମକରେ ଉତ୍ସବ ୨. ସମ୍ମିଳନୀ, ବହୁଲୋକ ବା ବସ୍ତୁଙ୍କର ଏକାଠି ମେଳ ୩. ଆଡ଼ମ୍ବର ୪. ମଜଲିସ, ସଭା ।

**ସମାର୍ଜନ** *ବି.* ୧. ଓଳାଇବା, ଝାଟେଇବା, ଝାଡୁରେ ପରିଷ୍କାର କରିବା ୨. ମାର୍ଜନ, ମାଜଣା ୩. ସଂଶୋଧନ ।

**ସମାର୍ଜନୀ** *ବି.* ଝାଡୁ, ବାଢୁନ୍ ।

**ସମାର୍ଥ, ସମାର୍ଥକ** *ବିଂ.* ସମାନ ଅର୍ଥବୋଧକ, ଏକ ଅର୍ଥ ବିଶିଷ୍ଟ, ସମାନ ଅର୍ଥବିଶିଷ୍ଟ ।

**ସମାଲୋକନ** *ବି.* ୧. ତନ୍ନତନ୍ନ ବିଚାର ୨. ବିଶେଷ ଦୃଷ୍ଟି ।

**ସମାଲୋଚକ** *ବି.ବିଂ.* ୧. ସମାଲୋଚନାକାରୀ ୨. ଦୋଷଗୁଣର ଉପଯୁକ୍ତ ବିବେଚନାକାରୀ, ନିରପେକ୍ଷ ଆଲୋଚନାକାରୀ ।

**ସମାଲୋଚନ, ସମାଲୋଚନା** *ବି.* ଭଲଭାବେ ଆଲୋଚନା କରିବା କର୍ମ, ବିଷୟର ବିଶ୍ଳେଷଣ ବା ବ୍ୟାଖ୍ୟା ।

**ସମାଲୋଚନୀୟ** *ବିଂ.* ଆଲୋଚିତ ହେବାର ଯୋଗ୍ୟ ।

**ସମାଲୋଚିତ** *ବିଂ.* ୧. ନିନ୍ଦିତ, ଉପହସିତ ୨. ଯାହାର ଦୋଷଗୁଣ ବିଚାର ଆଲୋଚନା କରାଯାଇଛି ।

**ସମାସ** *ବି.* ୧. *ବ୍ୟାକ.* ଦୁଇ ବା ଅଧିକ ପଦର ଏକପଦୀକରଣ ୨. ସମାହାର, ମିଳନ ୩. ସଂକ୍ଷେପଣ ।

**ସମାସୀନ** *ବିଂ.* ଆସନ ଗ୍ରହଣ କରିଥିବା, ବସିଥିବା, ଉପବିଷ୍ଟ ।

**ସମାହାର** *ବି.* ୧. ସଂଗ୍ରହ ୨. ଏକତ୍ରୀକରଣ, ସମୂହ ୩. ସଂକ୍ଷେପ ।

**ସମାହିତ** *ବିଂ.* ୧. ଧ୍ୟାନମଗ୍ନ ୨. ସମ୍ପୂର୍ଣ୍ଣ ଭାବରେ ନିମଜ୍ଜିତ ୩. ସଂଗୃହୀତ, ଏକତ୍ରୀକୃତ ୪. ସମ୍ପାଦିତ ୫. ଅବହିତ ।

**ସମାକ୍ଷ** *ବିଂ.* ୧. ଏକାକ୍ଷିକ, ଗୋଟିଏ ଅକ୍ଷରେ ସ୍ଥିତ ୨. ସମାନ ଅକ୍ଷ ବିଶିଷ୍ଟ ।

**ସମାକ୍ଷ ରେଖା** *ବି.* ନିରକ୍ଷରେଖାର ସମାନ୍ତର ଭୂପୃଷ୍ଠର କାଳ୍ପନିକ ରେଖା ।

**ସମିତି** *ବି.* ୧. ସଭା, ପରିଷଦ ୨. ସଂଘ, ସଂସଦ ୩. ସଂସ୍ଥା ।

**ସମିଧ** *ବି.* ୧. ହୋମକାଠ ୨. ଇନ୍ଧନ, ଜାଳେଣି କାଠ ।

**ସମିର, ସମୀର** *ବି.* ବାୟୁ, ପବନ ।

**ସମୀଚୀନ** *ବିଂ.* ୧. ସଙ୍ଗତ ୨. ଉପଯୁକ୍ତ, ଉଚିତ ୩. ଯଥାର୍ଥ ୪. ଯୁକ୍ତିଯୁକ୍ତ ।

**ସମୀପ** *ବି.* ନିକଟ, ପାଖ ; *ବିଂ.* ସନ୍ନିହିତ ।

**ସମୀପବର୍ତ୍ତୀ** *ବିଂ.* ୧. ନିକଟବର୍ତ୍ତୀ ୨. ଅନ୍ତିକ ।

**ସମୀର, ସମୀରଣ** *ବି.* ବାୟୁ, ପବନ ।

**ସମୀକ୍ଷକ** *ବିଂ.ବି.* ୧. ସମୀକ୍ଷା ବା ଆଲୋଚନା କରୁଥିବା ୨. ବିଚାରବନ୍ତ, ବିବେଚକ ୩. ଟଙ୍କା ପଇସା ଖର୍ଚ୍ଚ ତନଖି କରିବା ଅଧିକାରୀ, ଅଡ଼ିଟର ।

**ସମୀକ୍ଷଣ** *ବି.* ୧. ସମ୍ୟକ୍ ଦର୍ଶନ, ପର୍ଯ୍ୟବେକ୍ଷଣ ୨. ସମୀକ୍ଷା କାର୍ଯ୍ୟ ।

**ସମୀକ୍ଷା** *ବି.* ୧. କୌଣସି କାର୍ଯ୍ୟ, ବିଷୟ ବା କଳାକୃତିର ବିଚାର ୨. ପର୍ଯ୍ୟବେକ୍ଷଣ ୩. ବିବେଚନା ୪. ମୀମାଂସା ଦର୍ଶନ ।

**ସମୁଚିତ** *ବିଂ.* ସମ୍ପୂର୍ଣ୍ଣ ଉଚିତ, ଯଥାର୍ଥ, ଅଭ୍ରାନ୍ତ ।

**ସମୁଚ୍ଚ** *ବିଂ.* ଅତି ଉଚ୍ଚ, ଉତ୍ତୁଙ୍ଗ, ସମୁନ୍ନତ ।

**ସମୁଚ୍ଚୟ** *ବି.* ୧. ସଂଗ୍ରହ, ସମାହାର ୨. ସମୂହ ୩.ସଂଖ୍ୟା ୪. ମିଳନ ।

**ସମୁଜ୍ଜ୍ୱଳ** *ବିଂ.* ୧. ଅତି ଉଜ୍ଜ୍ୱଳ ୨. ପ୍ରଦୀପ୍ତ ।

**ସମୁତ୍ପନ୍ନ** *ବିଂ.* ୧. ସମ୍ପୂର୍ଣ୍ଣ ଭାବେ ଉତ୍ପନ୍ନ ୨. ଜାତ, ଜନ୍ମିତ ।

**ସମୁତ୍ପାଟନ** *ବି.* ୧. ପୂରାପୂରି ଉପାଡ଼ିବା, ମୂଳୋତ୍ପାଟନ, ସମ୍ପୂର୍ଣ୍ଣ ଉତ୍ପାଟନ, ନିର୍ମୂଳ ୨. ସମ୍ପୂର୍ଣ୍ଣ ଧ୍ୱଂସ ସାଧନ ।

**ସମୁଦାୟ** *ବିଂ.* ୧. ସମସ୍ତ, ସମଗ୍ର ୨. ସମ୍ପୂର୍ଣ୍ଣ ; *ବି.* ସମୂହ ।

**ସମୁଦିତ** *ବିଂ.* ୧. ସମ୍ପୂର୍ଣ୍ଣ ଉଦିତ ୨. ଆବିର୍ଭୂତ, ଜାତ ୩. ଉତ୍ପାଦିତ, ଉତ୍ପନ୍ନ ।

**ସମୁଦି, ସମୁଧୀ** *ବି.* ବର ଏବଂ କନ୍ୟାର ବାପ, ସମ୍ବନ୍ଧୀ, ଦୁହିଙ୍କ ସ-ର୍କ , *ସ୍ତ୍ରୀ.* ସମୁଦୁଣୀ, ସମୁଧୁଣୀ, ସମୁଦିଆଣୀ, ସମୁଧି, ସମୁଧିଆଣୀ ।

**ସମୁଦ୍ୟତ ବିଂ.** ସମ୍ୟକ୍ ରୂପେ ପ୍ରସ୍ତୁତ, ଉନ୍ମୁଖ ।

**ସମୁଦ୍ୟମ ବି.** ୧. ବିଶେଷ ଉଦ୍ୟମ ୨. ଆରମ୍ଭ ୩. ଆନ୍ତରିକ ଚେଷ୍ଟା ।

**ସମୁଦ୍ର ବି.** ୧. ସାଗର, ଦରିଆ, ପାରାବାର ୨. ୧୦୦୦୦୦୦୦୦୦୦୦୦୦୦ ସଂଖ୍ୟା।

**ସମୁଦ୍ରମନ୍ଥନ ବି.** ୧. *ପୁରାଣ* ଅମୃତ ସଂଗ୍ରହ ପାଇଁ ଦେବତା ଓ ଦାନବମାନେ ମନ୍ଦର ପର୍ବତକୁ ଖୁଆ ଦଣ୍ଡ ଓ ବାସୁକୀ ନାଗକୁ ଦଉଡ଼ି କରି ମନ୍ଥିବା ୨. ଅକାରଣ ପରିଶ୍ରମ ।

**ସମୁନ୍ନତ ବିଂ.** ୧. ଅତ୍ୟନ୍ତ ଉନ୍ନତ, ଉତ୍କର୍ଷ ଯୁକ୍ତ ୨. ଅତି ଉଚ୍ଚ ୩. ଉପରକୁ ଉଠିଥିବା ୪. ମହତ୍, ମର୍ଯ୍ୟାଦାସ-ନ୍ନ ।

**ସମୁନ୍ନତି ବି.** ୧. ବିଶେଷ ଉନ୍ନତି ୨. ଖୁବ୍ ଉନ୍ନତ ଅବସ୍ଥା ୩. ଅଭିବୃଦ୍ଧି ।

**ସମୂଳ ବିଂ.** ୧. ମୂଳ ସହ ୨. ସମ୍ପୂର୍ଣ୍ଣ ।

**ସମୂଳୋତ୍ପାଟନ ବି.** ୧. ମୂଳ ସହିତ ଉପାଡ଼ିଦେବା ୨. ସମ୍ପୂର୍ଣ୍ଣ ଧ୍ୱଂସ, ବିଲୟ ।

**ସମୂହ ବିଂ.** ୧. ବହୁ, ଅନେକ, ପ୍ରଚୁର, ଗୋଛା ; **ବି.** ୧. ରାଶି ୨. ଗଣ ୩. ସମୁଦାୟ ।

**ସମୂହତନ୍ତ୍ର ବି.** ସ୍ୱାୟତ୍ତଶାସନ, ପଞ୍ଚାୟତି ଶାସନ ।

**ସମୃଦ୍ଧ ବିଂ.** ୧. ଅତି ବିଭବଶାଳୀ, ଋଦ୍ଧିମନ୍ତ ୨. ସମ୍ୟକ୍ ବୃଦ୍ଧିପ୍ରାପ୍ତ ୩.ଖୁବ ଉନ୍ନତି ସମ୍ପନ୍ନ ୪. ସୌଭାଗ୍ୟବନ୍ତ ।

**ସମୃଦ୍ଧି ବି.** ୧. ଅଭିବୃଦ୍ଧି, ବିକାଶ ୨. ଉନ୍ନତି ୩. ପ୍ରଚୁର ଧନ ସମ୍ପତ୍ତି, ବିଭବ, ପ୍ରାଚୁର୍ଯ୍ୟ।

**ସମେତ ବିଂ.** ୧. ସହ, ସହିତ ୨. ଯୁକ୍ତ, ମିଶ୍ରିତ ୩. ସଂଯୁକ୍ତ, ଲଗ୍ନ ।

**ସମ୍ପତ୍ତି ବି.** ୧. ଧନ, ବିତ୍ତ, ଐଶ୍ୱର୍ଯ୍ୟ ୨. ଜମିବାଡ଼ି ।

**ସମ୍ପତ୍ଶାଳୀ ବିଂ.** ଧନଶାଳୀ, ଧନବାନ୍ ।

**ସମ୍ପଦ ବି.** ୧. ଧନ, ଐଶ୍ୱର୍ଯ୍ୟ, ବିଭବ, ସମ୍ବଳ ୨. ଉତ୍କର୍ଷ, ଗୌରବ।

**ସମ୍ପନ୍ନ ବିଂ.** ୧. ସମ୍ପତ୍ତିଶାଳୀ, ବିଶିଷ୍ଟ ୨. ନିଷ୍ପନ୍ନ ୩. ସମାହିତ ୪. ସମ୍ପୂର୍ଣ୍ଣ ।

**ସମ୍ପର୍କ ବି.** ୧. ସମ୍ବନ୍ଧ ୨. ସଂଯୋଗ ୩. ଆତ୍ମୀୟତା ୪. ସଂସର୍ଗ ୫. ଯୋଗାଯୋଗ ; **ବିଂ.** ସମ୍ପର୍କିତ, ସମ୍ପୃକ୍ତ ।

**ସମ୍ପର୍କିତ, ସମ୍ପୃକ୍ତ ବିଂ.** ୧. ସମ୍ବନ୍ଧବିଶିଷ୍ଟ ୨. ସଂକ୍ରାନ୍ତ ୩. ବିଷୟକ ।

**ସମ୍ପର୍କୀୟ ବିଂ.** ପାରିବାରିକ ବା ରକ୍ତଗତ ସମ୍ପର୍କ ଥିବା, *ସ୍ତ୍ରୀ.* ସମ୍ପର୍କୀୟା ।

**ସମ୍ପା ବି.** ୧. ଶୋଧା, ଗାଳି ୨. ଶଂପା, ବିଜୁଳି, ବିଦ୍ୟୁତ୍ ।

**ସମ୍ପାତ ବି.** ପଡ଼ିବା, ପତନ ।

**ସମ୍ପାତୀ ବିଂ.** ଯାହା ତଳକୁ ଖସିପାରେ ବା ପଡ଼ିପାରେ, ପତନଶୀଳ।

**ସମ୍ପାଦକ ବି.** ୧. ଅନୁଷ୍ଠାନ ବା ସଙ୍ଗଠନର କାର୍ଯ୍ୟନିର୍ବାହକ, କର୍ମ-ନିଷ୍ପାଦକ ୨. ସଂକଳୟିତା ୩. ପତ୍ରିକା, ସମ୍ବାଦପତ୍ର ପ୍ରଭୃତିର ଯେ ସମ୍ପାଦନା କରନ୍ତି, *ସ୍ତ୍ରୀ.* ସମ୍ପାଦିକା ।

**ସମ୍ପାଦକୀୟ ବିଂ.** ୧. ସମ୍ପାଦକ ସମ୍ବନ୍ଧୀୟ ୨. ସମ୍ପାଦକଙ୍କଦ୍ୱାରା ଲିଖିତ ; **ବି.** ସମ୍ବାଦପତ୍ର, ପତ୍ରପତ୍ରିକାର ଅଗ୍ରଲେଖ, ସମ୍ପାଦକଙ୍କ ମନ୍ତବ୍ୟ ।

**ସମ୍ପାଦନ, ସମ୍ପାଦନା ବି.** ୧. ତୁଲେଇବା, କାର୍ଯ୍ୟ ନିର୍ବାହ ୨. ସମାପନ ୩. ଗ୍ରନ୍ଥାଦିର ସଙ୍କଳନ ୪. ସମ୍ବାଦପତ୍ରାଦିର ବିଷୟ ବା ଲେଖା ତଦାରଖ, ଚୟନ ଓ ସଂଶୋଧନ ୫. ସମ୍ପାଦକର କାର୍ଯ୍ୟ ।

**ସମ୍ପାଦିତ ବିଂ.** ୧. କରାଯାଇଥିବା, ନିର୍ବାହିତ, ସମାହିତ ୨. ଯାହାର ସମ୍ପାଦନା କରାଯାଇଛି ।

**ସମ୍ପାଦିବା କ୍ରି.** ୧. ସମ୍ପାଦନ କରିବା, ନିର୍ବାହ କରିବା, ତୁଲେଇବା ୨. ସାଇତି ରଖିବା, ସାଇତିବା ୩. ମନାସିବା, କାମନା କରିବା ୪. ଅର୍ଜନ କରିବା ୫. ସଞ୍ଚୟ କରିବା ୬. ଖୋଜିବା, ଲୋଡ଼ିବା ।

**ସମ୍ପିବା, ସଁପିବା କ୍ରି.** ୧. ଅର୍ପିବା, ସମର୍ପଣ କରିବା ୨. ଉତ୍ସର୍ଗ କରିବା ୩. ଦାୟିତ୍ୱ ବା ତତ୍ତ୍ୱାବଧାନରେ ଦେବା ୪. ଗାଳି ବା ଅଭିଶାପ ଦେବା ।

**ସମ୍ପୁଟ ବି.** ୧. ଛୋଟ କାଠବାକ୍ସ, ପେଡ଼ି ୨. ଛୋଟ ପେଟରା ୩. ଫରୁଆ, କରାଟ ୪. ରତିବନ୍ଧ ବିଶେଷ ।

**ସମ୍ପୂର୍ଣ୍ଣ ବିଂ.** ୧. ପୂରାପୂରି, ପରିପୂର୍ଣ୍ଣ ୨. ସମାପ୍ତି, ଶେଷ ୩. ସପ୍ତସ୍ୱର ବିଶିଷ୍ଟ (ରାଗ) ।

**ସମ୍ପୂର୍ଣ୍ଣତା ବି.** ୧. ପରିପୂର୍ଣ୍ଣତା, ସମଗ୍ରତା ୨. ସମାପ୍ତି ।

**ସମ୍ପୃକ୍ତ ବିଂ.** ୧. ସମ୍ପର୍କିତ ୨. ସମ୍ବନ୍ଧିତ ୩. ସଂଯୁକ୍ତ ୪. ଜଡ଼ିତ ।

**ସମ୍ପ୍ରତି ଅ.** ଏବେ, ବର୍ତ୍ତମାନ , ଏହିକ୍ଷଣି, ଇଛେନ୍, ଅଇଛୁଣୁକା ।

**ସମ୍ପ୍ରଦାନ ବି.** ୧. ପୂରାପୂରି ପ୍ରଦାନ, ସମ୍ପୂର୍ଣ୍ଣ ଭାବରେ ଅର୍ପଣ ୨. ବିବାହବେଳେ ବର ହାତରେ କନ୍ୟାକୁ ଅର୍ପଣ ।

**ସମ୍ପ୍ରଦାନ କାରକ ବି.** *ବ୍ୟାକ.* ପ୍ରାପକ ବୋଧକ କାରକ, ଯେଉଁ କାରକରେ ଚତୁର୍ଥୀ ବିଭକ୍ତି ହୁଏ ।

**ସମ୍ପ୍ରଦାୟ ବି.** ୧. ସଂଘ ୨. ଗୋଷ୍ଠୀ ୩. ଧର୍ମୀୟ ସଂଗୋଷ୍ଠୀ; **ବିଂ.** ସାମ୍ପ୍ରଦାୟିକ।

**ସମ୍ପ୍ରସାରଣ ବି.** ୧. ବ୍ୟାକରଣର ସଂଜ୍ଞା ବିଶେଷ ୨. ବିସ୍ତରଣ, ବଢ଼େଇବା ।

**ସମ୍ବତ୍ ବି.** ବିକ୍ରମାଦିତ୍ୟ ପ୍ରବର୍ତ୍ତନ କରିଥିବା ଅବ୍ଦ ବା ବର୍ଷ ଅନୁକ୍ରମ ।

**ସମ୍ବତ୍ସର ବି.** ବର୍ଷେ, ଏକ ବର୍ଷ କାଳ ; ***ବିଂ.*** ସାମ୍ବତ୍ସର, ସାମ୍ବତ୍ସରିକ ।

**ସମ୍ବଦ୍ଧ ବି.** ଭଲଭାବରେ ସମ୍ପର୍କଯୁକ୍ତ, ଦୃଢ଼ ଭାବରେ ବଦ୍ଧ ବା ଯୁକ୍ତ , ସମ୍ପର୍କଯୁକ୍ତ ।

**ସମ୍ବନ୍ଧ ବି.** ୧. ବାନ୍ଧି ବା ଯୋଡ଼ିହୋଇ ରହିବା ୨. ବିବାହ ପ୍ରସ୍ତାବ ୪. ସମ୍ପର୍କ ୩. ସଂସ୍ରବ ୫. ବନ୍ଧୁତ୍ୱ, ମିତ୍ରତା ୬. ଯୋଗାଯୋଗ ୭. ଆତ୍ମୀୟତା ୮. *ବ୍ୟାକ.* ଜନ୍ୟଜନକାଦି ଭାବ ୯. *ବ୍ୟାକ.* ଷଷ୍ଠୀ ବିଭକ୍ତିର ପଦବିଶେଷ ।

**ସମ୍ବନ୍ଧୀ ବି.** ୧. ସମୁଦି, ପୁତ୍ର ବା କନ୍ୟାର ଶଶୁର ମଧ୍ୟରେ ସମ୍ପର୍କ ୨. କୁଟୁମ୍ବ ଲୋକ ୩. ବିବାହ ବନ୍ଧନଦ୍ୱାରା ସମ୍ବନ୍ଧିତ ବ୍ୟକ୍ତି ।

**ସମ୍ବର୍, ଶମ୍ବର ବି.** ୧. ତେନ୍ତୁଳି, ହେଙ୍ଗୁ, ଡାଲି ଓ ପରିବାରେ ତିଆରି ବ୍ୟଞ୍ଜନ ୨. ତୃଣଭୋଜୀ ଚତୁଷ୍ପଦ ବଣ୍ୟ ପ୍ରାଣୀ ବିଶେଷ ।

**ସମ୍ବରଣ ବି.** ୧. ସମ୍ଭାଳା, ସମ୍ଭାଳିବା ୨. ନିବାରଣ ୩. ସଂଯମନ ୪. ଦମନ ୫. ନିରୋଧ ୬. ଆବରଣ ୭. ଆଚ୍ଛାଦନ ୮. ବରମାଲ୍ୟଦାନ ; ***ବିଂ.*** ସଂବୃତ, ସମ୍ବରଣୀୟ ।

**ସମ୍ବର୍ତ୍ତକ ବି.** ୧. କଳ୍ପାନ୍ତ, ମହାପ୍ରଳୟ ୨. ପ୍ରଳୟ କାଳରେ ଦେଖାଯିବା ମେଘବିଶେଷ ।

**ସମ୍ବର୍ଦ୍ଧକ ବିଂ.** ସମ୍ବର୍ଦ୍ଧନକାରୀ ।

**ସମ୍ବର୍ଦ୍ଧନ ବି.** ୧. ବୃଦ୍ଧି ସମ୍ପାଦନ ୨. ସମ୍ମାନ ପ୍ରଦର୍ଶନ ।

**ସମ୍ବର୍ଦ୍ଧନା ବି.** ୧. ସସମ୍ମାନ ଅଭ୍ୟର୍ଥନା ୨. ଶ୍ରଦ୍ଧା ଓ ସମ୍ମାନ ପ୍ରଦର୍ଶନ।

**ସମ୍ବର୍ଦ୍ଧିତ ବିଂ.** ୧. ଯାହାକୁ ବିଶେଷ ଭାବରେ ବଢ଼ାଯାଇଅଛି ୨. ସମ୍ବର୍ଦ୍ଧନା ପ୍ରାପ୍ତ, ସମ୍ମାନିତ, ଅଭ୍ୟର୍ଥିତ ।

**ସମ୍ବଳ ବି.** ୧. ପାଥେୟ ୨. ଧନ ୩. ଅବଲମ୍ବନ ୪. ପାଣ୍ଠି ।

**ସମ୍ବଳିତ ବିଂ.** ୧. ଯୁକ୍ତ, ମିଶ୍ରିତ, ସମନ୍ୱିତ ୨. ବେଷ୍ଟିତ ୩. ଚୂର୍ଣ୍ଣିତ ।

**ସମ୍ବାଦ ବି.** ୧. ଖବର, ସମାଚାର, ବାର୍ତ୍ତା ୨. ଆଳାପ, ସମ୍ଭାଷ, କଥୋପକଥନ ।

**ସମ୍ବାଦଦାତା ବି.** ୧. ସାମ୍ବାଦିକ, ଖବର କାଗଜର କ୍ଷମତାପ୍ରାପ୍ତ ପ୍ରତିନିଧି, ପ୍ରେସ୍ ରିପୋର୍ଟର ୨. ଖବର ଦେଲାବାଲା ।

**ସମ୍ବାଦପତ୍ର ବି.** ଖବରକାଗଜ ।

**ସମ୍ବାଦବାହକ ବି.** ବାର୍ତ୍ତାବହ, ଦୂତ ।

**ସମ୍ବାଦୀ ବିଂ.** ୧. ତୁଲ୍ୟ, ସାଦୃଶ୍ୟଯୁକ୍ତ ୨. ସମ୍ଭାଷଣକାରୀ, ସମ୍ଭାଷୀ; **ବି.** ଶାସ୍ତ୍ରୀୟ ସଙ୍ଗୀତରେ ରାଗର ମୂଳସ୍ୱରର ପରିପୋଷକ ବା ସହାୟକ ସ୍ୱର।

**ସମ୍ବାହ, ସମ୍ବାହନ ବି.** ୧. ସଞ୍ଚାଳନ ୨. ଭାର ଆଦି ବହନ ୩. ହାତଗୋଡ଼ ଘଷା, ଅଙ୍ଗମର୍ଦ୍ଦନ ।

**ସମ୍ବାହକ ବିଂ. ବି.** ୧. ଭାର ବହନକାରୀ ୨. ଅଙ୍ଗମର୍ଦ୍ଦନକାରୀ, ହାତଗୋଡ଼ଘଷା ଚାକର ୩. ଏକ ପଦାର୍ଥରୁ ଅନ୍ୟପଦାର୍ଥକୁ ଉତ୍ତାପ ବହନକାରୀ (ଯନ୍ତ୍ର) ।

**ସମ୍ବିତ୍ ବି.** ୧. ଚେତନା, ଜ୍ଞାନ ୨. ବୁଦ୍ଧି ।

**ସମ୍ବିଧାନ ବି.** ରାଷ୍ଟ୍ରଗଠନ ଓ ପରିଚାଳନା ପଦ୍ଧତି ସଂକ୍ରାନ୍ତ ନିୟମାବଳୀ ।

**ସମ୍ବିଧାନ ସଭା ବି.** ସମ୍ବିଧାନ ବା ରାଷ୍ଟ୍ରନିୟମ ପ୍ରଣୟନ ନିମିତ୍ତ ଗଠିତ ସଭା।

**ସମ୍ବେଗ ବି.** ଆବେଗ, ଉଦ୍‌ବେଗ ।

**ସମ୍ବେଦ ବି.** ୧. ସହାନୁଭୂତି, ସମବ୍ୟଥା, ଦରଦ ୨. ଜ୍ଞାନ ୩. ବୁଝିବା ଶକ୍ତି, ବୋଧ ୪. ଅନୁଭବ ୫. ଅଭିଜ୍ଞତା ।

**ସମ୍ବେଦନ, ସମ୍ବେଦନା ବି.** ୧. ସହାନୁଭୂତି, ସମବେଦନା ୨. ନିବେଦନ, ଜ୍ଞାପନ ୩. ଅନୁଭବ ଜନିତ ଜ୍ଞାନ ବା ବୋଧ ।

**ସମ୍ବେଦନଶୀଳ ବିଂ.** ୧. ସହାନୁଭୂତିଶୀଳ, ଦରଦୀ, ସମବେଦନାପରାୟଣ ୨. ଅନୁଭବପରାୟଣ ୩. ସ୍ପର୍ଶକାତର ।

**ସମ୍ବୋଧ, ସମ୍ବୋଧନ ବି.** ୧. କାହାକୁ ନାମଧରି ଡାକିବା ୨. ଆହ୍ୱାନ, ଆମନ୍ତ୍ରଣ ୩. ଅଭିଭାଷଣ ୪. ପ୍ରବୋଧ, ବୋଧନ ।

**ସମ୍ବୋଧନ ବି.** ୧. *ବ୍ୟାକ* ଆହ୍ୱାନ ସୂଚକ ପଦ ୨. ସମ୍ବୋଧନ, ବିସ୍ମୟ ଆଦି ପାଇଁ ଚିହ୍ନ (!) ।

**ସମ୍ଭବ ବିଂ.** ୧. ସମ୍ଭାବନା ଯୁକ୍ତ, ଯାହା ଘଟିପାରେ ବା ହୋଇପାରେ ୨. ଜାତ, ଉତ୍ପନ୍ନ ; **ବି.** ୧. ଜନ୍ମ, ଉତ୍ପତ୍ତି ୨. ସମ୍ଭାବନା ୩. ସମୀଚୀନତା ୪. ଅନୁମାନ ।

**ସମ୍ଭବତଃ *ଅଂ.*** ପ୍ରାୟତଃ, ବୋଧହୁଏ, ହୁଏତ, ଅନୁମିତ ହୁଏ ଯେ ।

**ସମ୍ଭବପର ବିଂ.** ୧. ସମ୍ଭାବନାଯୁକ୍ତ, ଯାହା ଘଟିପାରେ ୨. ବିଶ୍ୱାସ୍ୟ ୩. ଯାହା କରିବା ବା ଘଟିବା ଅନୁମେୟ ।

**ସମ୍ଭବାତୀତ ବିଂ.** ଯାହା ଅସମ୍ଭବ, ସମ୍ଭାବନା ନଥିବା ।

**ସମ୍ଭବ୍ୟ ବିଂ.** ସମ୍ଭବପର, ଯାହା ଘଟିବ ବୋଲି ଅନୁମାନ କରାଯାଇପାରେ ।

**ସମ୍ଭାଇବା *କ୍ରି.*** ୧. ରହିବା ବା ଧରିବା ପାଇଁ ଯଥେଷ୍ଟ ହେବା ୨. ପଶାଇବା, ସମେଇବା, ପ୍ରବିଷ୍ଟ କରିବା ୩. ସମ୍ଭବପର ଜଣାଯିବା ।

**ସମ୍ଭାବନା ବି.** ୧. ଆଶା ବା ଆଶଙ୍କା; ଏଭଳି ଘଟିପାରେ- ଏହି ଅନୁମାନ, ଭବିଷ୍ୟତ ସମ୍ପର୍କରେ ପୂର୍ବାନୁମାନ ୨. କାବ୍ୟାଳଙ୍କାର ବିଶେଷ ।

**ସମ୍ଭାବନୀୟ *ବିଂ.*** ସମ୍ଭାବ୍ୟ ।

**ସମ୍ଭାବିତ *ବିଂ.*** ସମ୍ଭାବ୍ୟ, ସମ୍ଭାବନାଯୁକ୍ତ, ଯାହା ସମ୍ଭବ ହେବ ବୋଲି ଅନୁମିତ ।

**ସମ୍ଭାର *ବି.*** ୧. ସମାରୋହ ୨. ଦ୍ରବ୍ୟ ସମୂହ ୩. ବନ୍ଧୁଘରକୁ ପଠା ଯାଉଥିବା ଦ୍ରବ୍ୟ, ଭାର, ବେଭାର ୪. ଆୟୋଜନ ୬. ରାଶି, ସମୂହ ୭. ସଂଗ୍ରହ, ସଂଗୃହୀତ ପଦାର୍ଥ ।

**ସମ୍ଭାଳ *ବି.ବିଂ.* ସମ୍ବରଣ, ଧୈର୍ଯ୍ୟ ଧାରଣ ।**

**ସମ୍ଭାଳିବା *କ୍ରି.*** ୧. ସମ୍ବରଣ କରିବା ୨. ସଂଯତ ବା ଆୟତ୍ତ କରିବା ୩. ଦାଉ ସହିବା ୪. ଅଟଳ ବା ସ୍ଥିର ରହିବା ୫. ନିଜ ମଧ୍ୟରେ ଧାରଣ କରିବା ୬. ଧୈର୍ଯ୍ୟ ଧରିବା ୭. କୌଣସି ବା କାହାରି ଦାୟିତ୍ୱ ନେବା ।

**ସମ୍ଭାଷଣ *ବି.*** ୧. ବନ୍ଧୁତ୍ୱପୂର୍ଣ୍ଣ ଆଳାପ ୨. କଥୋପକଥନ ୩. ଅଭ୍ୟର୍ଥନା ।

**ସମ୍ଭୂତ *ବିଂ.*** ଜାତ, ଉତ୍ପନ୍ନ, *ସ୍ତ୍ରୀ.* ସଂଭୂତା ।

**ସମ୍ଭୋଗ *ବି.*** ଦୈହିକ ଉପଭୋଗ, ଶାରୀରିକ ସମ୍ପର୍କ ।

**ସମ୍ଭୋଗ ଶୃଙ୍ଗାର *ବି.*** ନାୟକ ନାୟିକାଙ୍କ ପରସ୍ପର ମିଳନ ଜନିତ ସୁଖଭୋଗ ।

**ସମ୍ଭ୍ରମ *ବି.*** ୧. ସମ୍ମାନ, ସମାଦର ୨. ଭୟ ମିଶ୍ରିତ ଶ୍ରଦ୍ଧା ୩. ହର୍ଷ ଭୟାଦିଜନିତ ମିଶ୍ରିତ ଆବେଗ ୪. ସମ୍ମାନ ପ୍ରଦର୍ଶନ ପାଇଁ ବ୍ୟସ୍ତତା ୫. ମର୍ଯ୍ୟାଦା ।

**ସମ୍ଭ୍ରାନ୍ତ *ବି.ବିଂ.*** ୧. ଅଭିଜାତ, କୁଳୀନ ୨. ମାନ୍ୟ ।

**ସମ୍ମାର୍ଜନ, ସମାର୍ଜନ *ବି.*** ୧. ପରିଷ୍କରଣ, ଶୋଧନ ୨. ଝାଡୁ କରିବା ୩. ଲେଖା ବା ପାଣ୍ଡୁଲିପିର ବିଷୟ ପରୀକ୍ଷା ସହିତ ଆବଶ୍ୟକ ଶୋଧନ ।

**ସମ୍ମାର୍ଜନୀ *ବି.*** ଖରିକିବା ବା ପରିଷ୍କାର କାର୍ଯ୍ୟରେ ବ୍ୟବହୃତ ଉପକରଣ, ବ୍ରସ୍, ବାଢ଼ଣି, ଝାଡୁ, ପହଁରା, ଝାଡ଼ଣ, ବଢ଼ଣା, ବାରୁନ୍ ।

**ସମ୍ମିଳନ *ବି.*** ୧. ସଭା, ସଂଘ, ମେଳା ୨. ସଂଯୋଗ, ୩. ଏକାଠି ହେବା ୪. ସମ୍ୟକ୍ ମିଳନ ।

**ସମ୍ମିଳନୀ *ବି.*** ସଭା, ପରିଷଦ, ମେଳା ।

**ସମ୍ମିଳିତ *ବିଂ.*** ୧. ସମବେତ, ଏକତ୍ର ୨. ଠୁଳ ୩. ସଂଯୁକ୍ତ ।

**ସମ୍ମିଶ୍ରଣ *ବି.*** ୧. ଭଲକରି ମିଶିଥିବା ଅନେକ ପଦାର୍ଥ ୨. ମିଶାଇବା କାର୍ଯ୍ୟ ୩. ମିଳନ ୪. ସଂଯୋଗ ।

**ସମ୍ମୁଖ *ବି.*** ଆଗ ସାମ୍ନା, ସାମ୍ନା ।

**ସମ୍ମୁଖାସମ୍ମୁଖି *କ୍ରି.ବିଂ.*** ମୁହାଁମୁହିଁ ଭାବରେ, ମୁହାମୁହିଁ ।

**ସମ୍ମୁଖୀନ *ବିଂ.*** ସମ୍ମୁଖରେ ଉପସ୍ଥିତ, ସମ୍ମୁଖବର୍ତ୍ତୀ ।

**ସମ୍ମେଳନ *ବି.*** ୧. ସଭାସମିତି ୨. ମେଳା ୩. ଜନସମାବେଶ, ବହୁ ମଣିଷଙ୍କର ସମାବେଶ ।

**ସମ୍ମୋହ *ବି.*** ୧. ଅତିଶୟ ଆସକ୍ତି ୨. ଅତି ନିଜର ଭାବ ।

**ସମ୍ମୋହନ *ବି.*** ୧. ଯାଦୁ ମନ୍ତ୍ର ବା ଅନ୍ୟ କୌଣସି ଉପାୟରେ କାହାକୁ ନିଜ ଇଚ୍ଛାର ବଶବର୍ତ୍ତୀ କରାଇବା ୨. ମନ ମୋହିବା ୩. କନ୍ଦର୍ପର ବାଣ ବିଶେଷ ।

**ସମ୍ମୋହିତ *ବିଂ.*** ୧. ମୋହଗ୍ରସ୍ତ ୨. ମୋହବିଦ୍ୟା ବା ଅନ୍ୟକୌଣସି ଉପାୟଦ୍ୱାରା ବଶୀଭୂତ; *ସ୍ତ୍ରୀ.* ସମ୍ମୋହିତା ।

**ସମ୍ୟକ୍ *କ୍ରି.ବିଂ.*** ୧. ଉତ୍ତମ ରୂପେ ୨. ପୂର୍ଣ୍ଣରୂପେ ୩. ସବୁପ୍ରକାରେ ୪. ସମଗ୍ର ଭାବରେ ୫. ଉପଯୁକ୍ତ ଭାବରେ ; ***ବିଂ.*** ୧. ସମ୍ପୂର୍ଣ୍ଣ ୨. ଯୋଗ୍ୟ ୩. ଉପଯୁକ୍ତ ୪. ସତ୍ୟ ।

**ସମ୍ରାଜ୍ଞୀ *ବି.*** ୧. ମହାରାଣୀ ୨. ରାଜରାଜେଶ୍ୱରୀ ।

**ସମ୍ରାଟ *ବି.*** ୧. ରାଜାଧିରାଜ, ସାର୍ବଭୌମ ନୃପତି ୨. ସର୍ବଶ୍ରେଷ୍ଠ ପୁରୁଷ ।

**ସଯତ୍ନ *ବିଂ.*** ୧. ଯତ୍ନ ସହିତ ୨. ସାଦର ।

**ସୟତାନ *ବି.ବିଂ.*** ସଇତାନ ।

**ସୟତାନି *ବି.*** ସଇତାନି ।

**ସୟତାନିଆ *ବିଂ.*** ସଇତାନିଆ ।

**ସର୍କି *ବି.*** ଧଇଁ, ଶ୍ୱାସ, ଆଜ୍ମା ।

**ସର୍ଗି *ବି.*** ଶାଳଗଛ ।

**ସର୍ଲିଆ *ବି.*** ତେନ୍ତୁଳିଆ ବିଛା ।

**ସର୍ଲିଯିବା *କ୍ରି.*** ଖସଡ଼ିବା, କାଦୁଆ ବା ଶିଉଳି ଲଗା ଜାଗାରେ ଗୋଡ଼ ଖସିଯିବା ।

**ସର୍ସରାବା *କ୍ରି.*** ଖଟା ଆଦି ଖାଇବା ପରେ ଦାନ୍ତରେ ହେବା ଅନୁଭବ ।

**ସର୍ସି *ବି.* ବଡ଼ାଇ, ଆତ୍ମପ୍ରଶଂସା ।**

**ସର *ବି.*** ୧. ପୋଖରୀ ୨. ହ୍ରଦ ୩. ପାଣି ୪. ଦୁଧସର ୫. ଲୁଣ ।

**ସରକ *ବି.*** ୧. ସଡ଼କ ୨. ମୁଖ୍ୟ ବାଟ ୩. ଆକାଶ ।

**ସରକା *ବି.*** ୧. ସମ୍ପର୍କ, ସମ୍ବନ୍ଧ ୨. ଅଂଶ ।

**ସରକାର *ବି.*** ୧. ରାଜଶକ୍ତି, ରାଷ୍ଟ୍ରଶାସନ ତନ୍ତ୍ର, ଗଭର୍ଣ୍ଣମେଣ୍ଟ ୨. ପ୍ରଶାସନ, ଶାସନ ବିଭାଗ ୪. ରାଜପୁରୁଷ ୫. ଶାସନକର୍ତ୍ତା ୬. ପ୍ରଭୁ, ମାଲିକ ୭. ମୋଗଲ ଶାସନ କାଳରେ ଶିକ୍ଷିତ ରାଜକର୍ମଚାରୀଙ୍କୁ ପ୍ରଦତ୍ତ ଉପାଧି ।

**ସରକାରୀ** *ବିଂ.* ୧. ସରକାର ସଂକ୍ରାନ୍ତ ୨. ପ୍ରଶାସନିକ, ଶାସନ ସମ୍ବନ୍ଧୀୟ ୩. ସରକାରଙ୍କର ।
**ସରଗ** *ବି.* ୧. ସ୍ୱର୍ଗ ୨. ଆକାଶ ୩. ଉଚ୍ଚ ସ୍ଥାନ ।
**ସରଗଚାନ୍ଦ** *ବି.* ୧. ଆକାଶରେ ଉଦିତ ଚନ୍ଦ୍ର ୨. ଅପ୍ରାପ୍ୟ ବା ଦୁଷ୍ପ୍ରାପ୍ୟ ବସ୍ତୁ ବା ବ୍ୟକ୍ତି ।
**ସରଗଫଳ** *ବି.* କରକା, କୁଆପଥର ।
**ସରଘର** *ବି.* ଭଣ୍ଡାର ଘର, ଖାଦ୍ୟ ସାମଗ୍ରୀ ସଞ୍ଚୟ ଘର ।
**ସରଘରିଆ** *ବି.* ଭଣ୍ଡାର ଘର ରକ୍ଷକ, ଭଣ୍ଡାର ରକ୍ଷଣାବେକ୍ଷଣ ପାଇଁ ଭାରପ୍ରାପ୍ତ କର୍ମଚାରୀ ।
**ସରଘା** *ବି.* ମହୁମାଛି ।
**ସରଜମିନ** *ବି.* ୧. ଚଉହଦି ଯୁକ୍ତ ଜମି ୨. ଘଟଣାସ୍ଥଳ ।
**ସରଞ୍ଜାମ** *ବି.* ୧. ଉପକରଣ, ଆସବାବ ୨. ଆୟୋଜନ ।
**ସରଣ** *ବି.* ୧. ଗମନ ୨. ଲୁହାମଳ ।
**ସରଣ, ସରଣୀ** *ବି.* ୧. ପଥ, ରାସ୍ତା ୨. ଧାଡ଼ି ୩. ରୀତି, ପ୍ରଣାଳୀ ୪. ପସାରୁଣି ଲତା ।
**ସରତ, ସର୍ତ୍ତ** *ବିଂ.* ୧. ଚୁକ୍ତି ନିୟନ୍ତ୍ରକ ନିୟମ ୨. ଦଲିଲ୍‌ର ଆନୁଷଙ୍ଗିକ ବିଭିନ୍ନ ଅଙ୍ଗ ୩. ନିର୍ଦ୍ଧାରଣ ୪. କରାର ।
**ସରଦ** *ବି.* ୧. ଶୀତଳତା ୨. କଫଜନିତ ରୋଗବିଶେଷ ।
**ସରଦାର, ସର୍ଦ୍ଦାର** *ବି.* ୧. ଦଳପତି, କୌଣସି ଗୋଷ୍ଠୀ ବା ଦଳର ମୁଖ୍ୟବ୍ୟକ୍ତି, ପ୍ରଧାନ ବ୍ୟକ୍ତି ୨. ପରିଚାଳକ ୩. ସେନାନାୟକ, ସେନାପତି ୪. ଚୋର, ଡକାୟତ ଆଦି ଦଳର ମୁଖିଆ ।
**ସରଦାରି, ସର୍ଦ୍ଦାରି** *ବି.* ସରଦାରର ପଦ ବା କାର୍ଯ୍ୟ ।
**ସରଦି, ସର୍ଦ, ସର୍ଦ୍ଦି** *ବି.* ଥଣ୍ଡା ଯୋଗୁଁ ଦେହରେ ସାମାନ୍ୟ ଉତ୍ତାପ ରହିବା ଓ ନାକରୁ ପାଣି ବୋହିବା, ଲସମ୍ ।
**ସରଦି ଗରମି** *ବି.* ଅତିରିକ୍ତ ତାପ ଭୋଗ ହେତୁ ଶ୍ଳେଷ୍ମାଜନିତ ଅସୁସ୍ଥତା; *ବିଂ.* ଥଣ୍ଡା ଓ ଗରମ ମିଶା ।
**ସରନ୍ତା** *ବିଂ.* ୧. ଯାହା ସରିଯାଏ ୨. ଶେଷ, ସବାଶେଷ ୩. ସରିଆସୁଥିବା ।
**ସରପଞ୍ଚ** *ବି.* ଗ୍ରାମପଞ୍ଚାୟତର ନିର୍ବାଚିତ ଅଧ୍ୟକ୍ଷ ।
**ସରପଣା** *ବି.* ଦୁଧମିଶା ଶୀତଳ ମିଠା ପଣା ।
**ସରପୁଳି** *ବି.* ୧. ଘିଅଛଣା କାକରା ପିଠା ୨. ଘନ ଦୁଧସର ।
**ସରବତ** *ବି.* ୧. ସର୍ବତ, ଚିନି, ଫଳରସ ଆଦି ମିଶା ଶୀତଳ ପାନୀୟ ୨. ସୁସ୍ୱାଦୁ ଶୀତଳ ପାନୀୟ ।
**ସରବରା, ସର୍ବରା** *ବି.* ଖଜଣା, ରାଜସ୍ୱ, କର ।
**ସରବରାକାର** *ବି.* ଭାରତର ସ୍ୱାଧୀନତାପ୍ରାପ୍ତି ପୂର୍ବରୁ ଖଜଣା ଅସୁଲକରି ସରକାରଙ୍କଠାରେ ଦାଖଲ କରୁଥିବା କର୍ମଚାରୀ ।
**ସରବରାକାରି** *ବି.* ସର୍ବରାକାରର କାର୍ଯ୍ୟ ବା ପଦ ।
**ସରବରାହ** *ବି.* ଚାଲାଣ, ଯୋଗାଣ ।
**ସରବରାହକାରୀ** *ବିଂ.* ଯୋଗାଣିଆ, ଯୋଗାଣଦାର, ଯେ ଯୋଗାଏ ।
**ସରମ** *ବି.* ଲାଜ, ସଙ୍କୋଚ ।
**ସରମା** *ବିଂ.* ଲଜ୍ଜାଶୀଳ; *ବି.* କୁକୁରୀ, ମାଈ କୁକୁର, କୁତୀ ।
**ସରମିବା** *କ୍ରି.* ୧. ସଙ୍କୁଚିତ ହେବା ୨. ଲାଜରେ ନଇଁଯିବା ।
**ସରଳ** *ବିଂ.* ୧. ସହଜ ୨. ସାଦାସିଧା ୩. କପଟଶୂନ୍ୟ ।
**ସରଳତା** *ବି.* ୧. ସହଜଭାବ ୨. କପଟଶୂନ୍ୟ ସ୍ୱଭାବ ୩. ଋଜୁତା ୪. ସାଦାସିଧା ଢଙ୍ଗ ।
**ସରଳାର୍ଥ** *ବି.* ସହଜ ଅର୍ଥ, ସହଜବୋଧ୍ୟ ଅର୍ଥ ।
**ସରଳିଆ** *ବିଂ.* ସରଳ ପ୍ରକୃତିର, ନିଷ୍କପଟ, ଛନ୍ଦମନ୍ଦ ଜାଣି ନଥିବା ।
**ସରଳୀକରଣ** *ବି.* ୧. ବିଭିନ୍ନ ସଙ୍କେତଦ୍ୱାରା ପ୍ରକାଶିତ ରାଶିଗୁଡ଼ିକୁ ଏକ ରାଶିରେ ପରିଣତ କରିବା ୨. କଠିନ ବା ଜଟିଳ ବିଷୟକୁ ସହଜସାଧ୍ୟ କରିବା ।
**ସରସ** *ବିଂ.* ୧. ଉତ୍କୃଷ୍ଟ, ଉତ୍ତମ ୨. ରସିକିଆ, ରସଯୁକ୍ତ, ରସୁଆଳ, ମଜାଦାର ୩. ପ୍ରସନ୍ନ, ହସହସ ୪. ପ୍ରୀତିପୂର୍ଣ୍ଣ, ଚିତ୍ତାକର୍ଷକ; *ବି.* ହ୍ରଦ ।
**ସରସତା** *ବି.* ୧. ପ୍ରସନ୍ନତା, ଆନନ୍ଦ, ସରସ ଭାବ ୨. ମଧୁରତା ୩. ରସପୂର୍ଣ୍ଣତା ।
**ସରସତିଆ** *ବି.* ପାଳୁଅରେ ତିଆରି ଏକ ପ୍ରକାର ମିଷ୍ଟାନ୍ନ ।
**ସରସର** *କ୍ରି.ବିଂ.* ୧. ଜୁବୁବୁବୁ ୨. ପୂରା ଓଦାହୋଇଥିବା ; *ବି. ଅ.* ପବନର ଧ୍ୱନି ।
**ସରସା** *ବି.* ଦନ୍ତରୋଗ ବିଶେଷ ; *ବିଂ.* ୧. ଉତ୍କୃଷ୍ଟ, ଖୁବ ଭଲ, ଉତ୍ତମ ୨. ଅସଲ ୩. ଉର୍ବର ୪. ଅଢଳ ।
**ସରସିଜ** *ବି.* ପଦ୍ମଫୁଲ, କମଳ ।
**ସରସୀ** *ବି.* ପୋଖରୀ, ପୁଷ୍କରିଣୀ, ଜଳାଶୟ ।
**ସରସ୍ୱତୀ** *ବି.* ୧. ବିଦ୍ୟା ଓ କଳାର ଅଧିଷ୍ଠାତ୍ରୀ ଦେବୀ ୨. ବାକ୍ୟ ୩. ଆର୍ଯ୍ୟାବର୍ତ୍ତର ପ୍ରାଚୀନ ନଦୀ ବିଶେଷ ୪. ଉତ୍ତମା ସ୍ତ୍ରୀ ୫. ସୋମଲତା ।
**ସରହଦ** *ବି.* ୧. ଚଉହଦି, ଚାରିପାଖର ସୀମା ୨. ରାଷ୍ଟ୍ରର ସୀମାନ୍ତ, ସୀମାରେଖା ।
**ସରା** *ବି.* ୧. ମାଟି ତିଆରି ଚଟକା ଛୋଟ ପାତ୍ର, ତେଲେନ୍ ; *ବିଂ.* ୧. ପରସ୍ତ ୨. ଶେଷ ହୋଇଥିବା ।
**ସରାଇ** *ବି.* ୧. ପାନ୍ଥଶାଳା ୨. ଚଟିଘର ୩. ଯାତ୍ରୀ ବିଶ୍ରାମଘର ।

**ସରାଇବା** *କ୍ରି.* ୧. ହରେଇବା ୨. ଶେଷ କରିବା ୩. ତରଳ ପଦାର୍ଥ ଅଳ୍ପଅଳ୍ପ ଝରିବା ।

**ସରାଗ** *ବି.* ୧. ଶ୍ରଦ୍ଧା ୨. ପ୍ରେମ ୩. ଆଗ୍ରହ ୪. ଉତ୍ସୁକତା ୫. ମମତା ୬. ପ୍ରିୟଭାବ ୭. ଅନୁରାଗ ୮. ଲାଳସା ; *ବିଂ.* ୧. ଅନୁରକ୍ତ ୨. ରଞ୍ଜିତ ୩. ସନ୍ତୁଷ୍ଟ ।

**ସରାଗିଆ** *ବି.ବିଂ.* ୧. ଅନୁରାଗଯୁକ୍ତ ୨. ମମତାଯୁକ୍ତ ୩. ଆଗ୍ରହୀ ୪. ଉତ୍ସୁକ ୫. ଶ୍ରଦ୍ଧାଶୀଳ ୬. ପ୍ରେମଶୀଳ ।

**ସରାଗୀ** *ବି.ବିଂ.* ସରାଗିଆ, ଅନୁରାଗୀ, ରସିକ।

**ସରାପ, ସରାବ** *ବି.* ମଦ, ସୁରା ।

**ସରାସରି** *କ୍ରି.ବିଂ.* ଶେଷ ବେଳକୁ, ସରି ଆସିବା ବେଳେ ।

**ସରି** *ବି.* ୧. ସାମ୍ୟ ୨. ଉପମା, ତୁଳନା ୩. ଶଗଡ଼ ଚକାଦ୍ୱାରା ମାଟିରେ ଅଙ୍କିତ ଚିହ୍ନ ବା ଗୁଳା ୪. ହାର ବା ସୁତାକେରାର ଲହର ବା ସୋରା ୫. ଦୁଃଖ ପ୍ରକାଶ ପାଇଁ ଇଂରାଜୀ ଶବ୍ଦ ; *ବିଂ.* ୧. ତୁଲ୍ୟ, ସଦୃଶ ୨. ସମାନ ୩. ଯୋଗ୍ୟ ; *ଅ.* ୧. ଘରି ୨. ଭଳି ୩. ପର୍ଯ୍ୟନ୍ତ ୪. ଯଥେଷ୍ଟ ।

**ସରିକ** *ବି.* ୧. ଅଂଶ ୨. ଭାଗ ୩. ଭାଗୀଦାର ।

**ସରିକଦାର** *ବିଂ.ବି.* ଅଂଶୀଦାର, ଭାଗୀଦାର ।

**ସରିକାନା** *ବିଂ.* ୧. ଇଜମାଲି ୨. ଅଂଶୀଦାରର ପ୍ରାପ୍ୟ ।

**ସରିକି** *ଅ.* ୧. ଯାଏ ୨. ପର୍ଯ୍ୟନ୍ତ ୩. ମଧ୍ୟ ୪. ସୁଦ୍ଧା ।

**ସରିକିଆ** *ବିଂ.* ୧. ଏକ ସରିଆ ବା ଏକ ସୋରା ବିଶିଷ୍ଟ (ହାର, ମାଳି) ୨. ଭାଗ ୩. ଇଜିମାଲି, କୋଠ ।

**ସରିତ** *ବି.* ୧. ନଦୀ ୨. ଦୁର୍ଗା ୩. ସୂତା ।

**ସରିପଟ** *ବିଂ.* ୧. ସମାନସ୍କନ୍ଧ ୨. ପ୍ରତିଦ୍ୱନ୍ଦ୍ୱୀ ।

**ସରିବା** *କ୍ରି.* ୧. ସମାପ୍ତ ହେବା, ଶେଷ ହେବା ୨. ପୂରିବା ୩. ସମ୍ପୂର୍ଣ୍ଣ ହେବା ୪. କ୍ଷୟିତ ହେବା ୫. ବ୍ୟୟିତ ହେବା ୬. ଗତ ହେବା ୭. ସର୍ବସ୍ୱାନ୍ତ ବା ଉଛନ୍ନ ହେବା ୮. ସାଙ୍ଘାତିକ ହେବା ୯. ହାନି ଘଟିବା ୧୦. ଦାରୁଣ କଷ୍ଟ ଭୋଗିବା ୧୧. ଲୋପ ପାଇବା ୧୨. ଶେଷ ଅବସ୍ଥାକୁ ଯିବା ।

**ସରିବେଦ୍** *ବି.* ଖେଳ ବା ପ୍ରତିଦ୍ୱନ୍ଦ୍ୱିତାରେ ସମାନ ହେବା ।

**ସରିସମ୍** *ବିଂ.* ସମ୍ପୂର୍ଣ୍ଣ ରୂପେ ବା ସର୍ବତୋଭାବରେ ସମାନ ।

**ସରୀସୃପ** *ବି.* ୧. କୁଟିଳ ଭାବରେ ଡେଇଁ ଡେଇଁ ଗତି କରୁଥିବା ବା ଭୂଇଁରେ ଗୁରୁଣ୍ଡି ଆଗଉଥିବା ପ୍ରାଣୀ (ଯଥା- ସାପ, କୁମ୍ଭୀର) ୨. *ଜ୍ୟୋତିଷ* କର୍କଟ ରାଶି, ବିଛାରାଶି ଓ ମୀନ ରାଶି ।

**ସରୁ** *ବିଂ.* ୧. ପତଳା, କ୍ଷୀଣ, କୃଶ, ଶୀର୍ଣ୍ଣ ୨. ସୂକ୍ଷ୍ମ ୩. ଝୀନ ୪. କୋମଳ ୫. ଅପ୍ରଶସ୍ତ, ସଂକୀର୍ଣ୍ଣ ।

**ସରୁଆ** *ବିଂ.* ୧. ସରୁ, ଶୀର୍ଣ୍ଣ, କ୍ଷୀଣ ୨. ଧଡ଼ିଆ, ପାତଳ, ସଂକୀର୍ଣ୍ଣ ।

**ସରୂପ** *ବିଂ.* ୧. ସମରୂପ, ସଦୃଶ, ତୁଲ୍ୟ ୨. ଏକାଭଳି, ସମାନ ଆକୃତି ବିଶିଷ୍ଟ ।

**ସରେଇ, ସରେଇଘର** *ବି.* ସରାଇ, ସାମୟିକ ବିଶ୍ରାମ ବା ରହଣି ପାଇଁ ରାଜପଥପାର୍ଶ୍ୱରେ ଥିବା ଘର ।

**ସରୋଜ** *ବି.* ପଦ୍ମଫୁଲ ; *ବିଂ.* ସରୋବରରୁ ଜାତ ।

**ସରୋଜିନୀ** *ବି.* ୧. ପଦ୍ମିନୀ ୨. ପଦ୍ମଲତା ୩. ପଦ୍ମସମୂହ ୪. ବହୁତ ପଦ୍ମ ଫୁଟୁଥିବା ପୁଷ୍କରିଣୀ ।

**ସରୋବର** *ବି.* ୧. ପଦ୍ମ ଫୁଟୁଥିବା ବୃହତ୍ ଜଳାଶୟ ୨. ଦୀଘି, ଦୀର୍ଘିକା ୩. ପୋଖରୀ, ହ୍ରଦ, ପୁଷ୍କରିଣୀ ।

**ସରୋଷ** *ବିଂ.* କ୍ରୋଧଯୁକ୍ତ, ରୁଷ୍ଟ, କ୍ରୁଦ୍ଧ ।

**ସର୍କସ୍** *ବି.* ମନୋରଞ୍ଜନ ଉଦ୍ଦେଶ୍ୟରେ ମଣିଷ ଓ ପଶୁ ପକ୍ଷୀମାନଙ୍କ ବ୍ୟାୟାମ ଓ କ୍ରୀଡ଼ାଦି କଳା କୌଶଳ ପ୍ରଦର୍ଶନ ।

**ସର୍ଗ** *ବି.* ୧. କାବ୍ୟଗ୍ରନ୍ଥର ପରିଚ୍ଛେଦ ବା ଅଧ୍ୟାୟ ୨. ବ୍ରହ୍ମାଙ୍କ କର୍ତ୍ତୃକ ମୂଳସୃଷ୍ଟି ୩. ନିର୍ମାଣ ୪. ଉତ୍ପତ୍ତି ୫. ନିସର୍ଗ ବା ପ୍ରକୃତି ୬. ନିୟମ ୭. ଉତ୍ସର୍ଗ, ବିସର୍ଜନ।

**ସର୍ଜକ** *ବିଂ.* ସୃଷ୍ଟିକାରୀ ; *ବି.* ପିଆଶାଳ ଗଛ ।

**ସର୍ଜନ୍** *ବି.* ଶଲ୍ୟ ଚିକିତ୍ସକ, ଅସ୍ତ୍ର ଚିକିତ୍ସକ ।

**ସର୍ଜନ** *ବି.* ୧. ସୃଜନ, ସୃଷ୍ଟୀକରଣ ୨. ଉତ୍ସର୍ଗ, ତ୍ୟାଗ ୩. ସୈନ୍ୟଦଳର ପଶ୍ଚାତ୍‌ଭାଗ ।

**ସର୍ଜନା** *ବି.* ୧. ରଚନା ୨. ସୃଷ୍ଟି, ସୃଷ୍ଟ ବସ୍ତୁ ୩. ମନଗଢ଼ା ମିଛ କଥା ୪. ମିଛ ମାଲି ମକଦ୍ଦମା ।

**ସର୍ଜି** *ବି.* ୧. ସର୍‌ଗୀ, ଶାଳଗଛ ୨. ସାଜି ମାଟି, ଖାରିଆ ମାଟି, ଖଳିଆ ୩. ସୋଡା ଖାର ।

**ସର୍ଜିତ** *ବିଂ.* ସୃଷ୍ଟ, ଯାହାକୁ ସୃଷ୍ଟି କରାଯାଇଅଛି ।

**ସର୍ଜିବା** *କ୍ରି.* ସର୍ଜନ କରିବା, ସୃଷ୍ଟି କରିବା ।

**ସର୍ତ୍ତ** *ବି.* ୧. ଚୁକ୍ତିର ନିୟନ୍ତ୍ରକ ନିୟମ, ସମ୍ବିଦା ୨. କୌଣସି କାର୍ଯ୍ୟ ପାଇଁ ବା କିଛି ପାଇବା ପାଇଁ ଅବଶ୍ୟ କରଣୀୟ କାର୍ଯ୍ୟ ।

**ସର୍ଦ, ସର୍ଦି** *ବି.* ସରଦି, ଲସମ୍, ଥଣ୍ଡାରୋଗ ।

**ସର୍ଦାର** *ବି.* ସରଦାର, ଦଳର ପ୍ରଧାନ ବା ମୁଖ୍ୟ ।

**ସର୍ପ** *ବି.* ସରୀସୃପ ଜାତୀୟ ଜୀବ, ସାପ, ସାଁପ୍ ।

**ସର୍ପିଳ** *ବିଂ.* ସାପର ଗତି ପରି ଅଙ୍କାବଙ୍କା ।

**ସର୍ବଂସହ** *ବିଂ.* ଯେ ସବୁ ସହିପାରେ, *ସ୍ତ୍ରୀ.* ସର୍ବସଂହା ।

**ସର୍ବଂସହା** *ବିଂ.* ୧. ସବୁ ସହୁଥିବା ୨. ପୃଥିବୀ ।

**ସର୍ବ** *ବି.* ସମସ୍ତ ବ୍ୟକ୍ତି, ପ୍ରାଣୀ, ବିଷୟ ବା ସମ୍ପଦ ; *ବିଂ.* ସମସ୍ତ, ସମଗ୍ର, ସମୁଦାୟ, ସମ୍ପୂର୍ଣ୍ଣ ।

**ସର୍ବଗ୍ରାସ** *ବି.* ୧. ଚନ୍ଦ୍ର ଗ୍ରହଣ ବା ସୂର୍ଯ୍ୟ ପରାଗରେ ପୂର୍ଣ୍ଣ ଗ୍ରାସ ୨. ସବୁ ପ୍ରକାର ବସ୍ତୁ ଭକ୍ଷଣ ।

**ସର୍ବଗ୍ରାସୀ** ***ବିଂ.*** ସର୍ବଗିଳା, ଯେ ସମସ୍ତ ପ୍ରକାର ଖାଦ୍ୟ ଅଖାଦ୍ୟ ଖାଇପାରେ ।

**ସର୍ବଘୋଟ ଦିବାକର** ***ବି.*** ଯେ ସ୍ଥାନ ଅସ୍ଥାନ ନ ମାନି ସବୁ କିଛି ଖାଏ ।

**ସର୍ବଜନୀନ** ***ବିଂ.*** ୧. ବହୁବ୍ୟକ୍ତିଙ୍କ ମିଳିତ ଉଦ୍ୟମରେ କୃତ ୨. ସର୍ବ ସାଧାରଣଙ୍କପାଇଁ ଉଦ୍ଦିଷ୍ଟ ।

**ସର୍ବଜ୍ଞ** ***ବି.ବିଂ.*** ଯେ ସବୁ ଜାଣେ, ଯାହାର ଅଗୋଚର କିଛି ନାହିଁ ।

**ସର୍ବତ୍** ***ବି.*** ସରବତ ।

**ସର୍ବତଃ** ***କ୍ରି.ବିଂ.ଅ.*** ୧. ସମ୍ପୂର୍ଣ୍ଣ ରୂପେ ୨. ସବୁ ଦିଗରେ ୩. ସବୁ ପ୍ରକାରେ ୪. ସବୁ ବିଷୟରେ ।

**ସର୍ବତୋଭଦ୍ର** ***ବି.*** ୧. ସବୁ ବିଷୟରେ ସୁଖକର ବା କଲ୍ୟାଣକର ୨. ଚାରିପଟେ ଦ୍ୱାର ଥିବା ଗୃହ ବା ଦେବାଳୟ ବିଶେଷ ୩. ପୂଜା, ପ୍ରତିଷ୍ଠାଦି କର୍ମରେ ମୁରୁଜରେ ଅଙ୍କିତ ଦଶଦିଗରେ ଦ୍ୱାରଯୁକ୍ତ ଚତୁଷ୍କୋଣ ମଣ୍ଡଳ ବିଶେଷ ୪. ବନଦୁର୍ଗା ଓ ଶିବଙ୍କ ମୂର୍ତ୍ତିଯୁକ୍ତ ନଗର ୫. ଚିତ୍ରକାବ୍ୟ ବିଶେଷ ୬. ଶୁଭଅଶୁଭ ଜ୍ଞାପକ ମଣ୍ଡଳ ୭. ବିଷ୍ଣୁଙ୍କ ରଥ ୮. ନିମ୍ବଗଛ ।

**ସର୍ବତୋଭଦ୍ରା** ***ବିଂ.*** ପାରମ୍ପରିକ ନାଟକର ନଟୀ ।

**ସର୍ବତୋମୁଖ** ***ବିଂ.*** ୧. ସର୍ବଦିଗବର୍ତ୍ତୀ ୨. ସବୁ ଦିଗକୁ ମୁହଁ ଥିବା ; ***ବି.*** ୧. ଶିବ ୨. ବ୍ରହ୍ମା ୩. ଆତ୍ମା ୪. ଜଳ ୫. ଆକାଶ ୬. ଅଗ୍ନି ।

**ସର୍ବତ୍ର** ***ଅ.*** ସବୁଠି, ସବୁ ସ୍ଥାନରେ, ସବୁଠାରେ, ସବୁଆଡ଼େ, ସବୁ ଦିଗରେ ।

**ସର୍ବଥା** ***ଅ.*** ସବୁ ପ୍ରକାରେ, ଯେକୌଣସି ପ୍ରକାରେ, ଯାବତୀୟ ପ୍ରକାରେ ।

**ସର୍ବଦର୍ଶୀ** ***ବିଂ.*** ୧. ସକଳ ଦ୍ରଷ୍ଟା ୨. ବିଚକ୍ଷଣ ୩. ଅଭିଜ୍ଞ ; ***ବି.*** ୧. ପରମେଶ୍ୱର ୨. ବୁଦ୍ଧଦେବ ।

**ସର୍ବଦା** ***ଅ.*** ସବୁବେଳେ, ସତତ, ସବୁ ସମୟରେ ।

**ସର୍ବଦେବମୁଖ** ***ବି.*** ଅଗ୍ନି ।

**ସର୍ବଧର୍ମସମନ୍ୱୟ** ***ବି.*** ବିଭିନ୍ନ ଧର୍ମର ଅନ୍ତର୍ନିହିତ ଏକମତ ତତ୍ତ୍ୱ ।

**ସର୍ବନାମ** ***ବି.*** *ବ୍ୟାକ.* ବିଶେଷ୍ୟ ପରିବର୍ତ୍ତେ ବ୍ୟବହୃତ ଶବ୍ଦ ।

**ସର୍ବନାଶ** ***ବିଂ.*** ସର୍ବସ୍ୱାନ୍ତ, ସବୁ କିଛି ନଷ୍ଟ ହୋଇଥିବା; ***ବି.*** ୧. ସମୂହବିନାଶ ୨. ଘୋର କ୍ଷତି ୩. ଘୋର ଅନିଷ୍ଟ, ଭୀଷଣ ବିପଦ ।

**ସର୍ବନାଶିଆ** ***ବିଂ.*** ଯେ ସମସ୍ତ ପ୍ରକାର ଅନିଷ୍ଟ ବା କ୍ଷତି ଘଟାଏ ।

**ସର୍ବନାଶୀ** ***ବିଂ.*** ଯେ ସବୁ କିଛି ନଷ୍ଟ କରେ ।

**ସର୍ବନିୟନ୍ତା** ***ବି.*** ପରମେଶ୍ୱର ; ***ବିଂ.*** ଯେ ସମସ୍ତ ବିଷୟ ବା ଘଟଣାର ନିୟନ୍ତ୍ରଣକାରୀ ।

**ସର୍ବପ୍ରଧାନ** ***ବିଂ.*** ସମସ୍ତଙ୍କ ମଧ୍ୟରେ ଶ୍ରେଷ୍ଠ ବା ଶୀର୍ଷ ସ୍ଥାନୀୟ ।

**ସର୍ବବାଦିସମ୍ମତ** ***ବିଂ.*** ସମସ୍ତଙ୍କ ଦ୍ୱାରା ସ୍ୱୀକୃତ, ସବୁ ମତବାଦୀଙ୍କଦ୍ୱାରା ସ୍ୱୀକୃତ ।

**ସର୍ବବାଦୀ** ***ବିଂ.*** ସମସ୍ତ ପ୍ରକାର ମତରେ ବିଶ୍ୱାସୀ ।

**ସର୍ବବିତ୍** ***ବିଂ.*** ସର୍ବଜ୍ଞ, ଯେ ସବୁ କଥା ଜାଣେ ।

**ସର୍ବବ୍ୟାପୀ** ***ବିଂ.*** ୧. ସର୍ବତ୍ର ବିଦ୍ୟମାନ ୨. ଯେ ସବୁଆଡେ ବ୍ୟାପିପାରେ ; ***ବି.*** ୧. ବାୟୁ ୨. ଈଶ୍ୱର ।

**ସର୍ବଭକ୍ଷ, ସର୍ବଭୁକ୍** ***ବିଂ.*** ଯେ ସବୁ ଖାଏ; ***ବି.*** ହୁତାଶନ, ଅଗ୍ନି ।

**ସର୍ବଭୂତ** ***ବି.*** ଜଗତର ସମସ୍ତ ପ୍ରାଣୀ ।

**ସର୍ବମଙ୍ଗଳା** ***ବି.*** ଦୁର୍ଗା, ପାର୍ବତୀ ।

**ସର୍ବମୟ କର୍ତ୍ତା** ***ବି.*** ଯାହାର ପ୍ରଭୁତ୍ୱ ଓ ଅଧିକାର ସର୍ବବ୍ୟାପୀ ।

**ସର୍ବଶ୍ରେଷ୍ଠ** ***ବିଂ.*** ୧. ସବୁଠାରୁ ବଡ଼, ସକଳ ମଧ୍ୟରେ ଶ୍ରେଷ୍ଠ ୨. ସବୁଠାରୁ ଭଲ, ସର୍ବୋତ୍ତମ ୩. ସର୍ବପ୍ରଧାନ ।

**ସର୍ବସମ୍ମତ** ***ବିଂ.*** ସମସ୍ତଙ୍କ ଦ୍ୱାରା ସ୍ୱୀକୃତ ବା ଅନୁମୋଦିତ ।

**ସର୍ବସମ୍ମତି** ***ବି.*** ୧. ଏକମତ ୨. ସବୁଲୋକଙ୍କ ଅନୁମୋଦନ ବା ସ୍ୱୀକୃତି ।

**ସର୍ବସାଧାରଣ** ***ବି.*** ଦେଶ ବା ସମାଜର ସବୁଶ୍ରେଣୀର ଲୋକ, ସମସ୍ତ ସାଧାରଣ ଲୋକେ ।

**ସର୍ବସାର** ***ବିଂ.*** ସମସ୍ତଙ୍କ ମଧ୍ୟରେ ଉତ୍କୃଷ୍ଟ ବା ପ୍ରଧାନ ; ***ବି.*** ସକଳ ବସ୍ତୁର ଉତ୍କୃଷ୍ଟ ବା ଶ୍ରେଷ୍ଠ ଅଂଶ ।

**ସର୍ବସିଦ୍ଧି** ***ବି.*** ୧. ସକଳ ପ୍ରକାରର ସଫଳତା ୨. ସକଳ ଅଭୀଷ୍ଟ ପୂରଣ ।

**ସର୍ବସ୍ୱ** ***ବି.*** ସମସ୍ତ ସମ୍ପତ୍ତି ବା ସମ୍ବଳ ।

**ସର୍ବସ୍ୱାନ୍ତ** ***ବିଂ.*** ୧. ସବୁ କିଛି ହରାଇଥିବା, ସର୍ବନାଶ ଗ୍ରସ୍ତ ୨. ସମ୍ପୂର୍ଣ୍ଣ ତଳିତଳାନ୍ତ ; ***ବି.*** ୧. ସର୍ବକ୍ଷୟ ୨. ସମସ୍ତ ସମ୍ପତ୍ତିର ନାଶ ।

**ସର୍ବହରା** ***ବିଂ.*** ଯେ ସବୁ ହରାଇଛି ; ***ବି.*** ୧. ସାମ୍ୟବାଦୀ ମତରେ ଶୋଷିତ ସାଧାରଣ ଲୋକେ ୨. ଦାରିଦ୍ର୍ୟ ପୀଡ଼ିତ ଦୁର୍ଦ୍ଦଶାଗ୍ରସ୍ତ ମଣିଷ, ଅତି ଦରିଦ୍ର ।

**ସର୍ବାଙ୍ଗସୁନ୍ଦର** ***ବିଂ.*** ନିଖୁଣ, ଯାହାର ଶରୀରରେ ଟିକିଏ ବି ଖୁଣ ନାହିଁ, ଯାହାର ସବୁ ସୁନ୍ଦର ।

**ସର୍ବାଙ୍ଗୀଣ, ସର୍ବାଙ୍ଗୀନ** *ବିଂ* ୧. ସକଳ ବିଷୟକ ୨. ପୂର୍ଣ୍ଣାଙ୍ଗ ୩. ସମ୍ପୂର୍ଣ୍ଣ ୪. ସର୍ବାଙ୍ଗ ବ୍ୟାପୀ ।

**ସର୍ବାର୍ଥ** *ବି.* ୧. ଯାବତୀୟ ପ୍ରୟୋଜନ ୨. ସବୁ ପ୍ରକାର ଇଚ୍ଛା ବା କାମନା ।

**ସର୍ବାର୍ଥସାଧକ** *ବିଂ* ସମସ୍ତ ଅଭୀଷ୍ଟ ବା ପ୍ରୟୋଜନର ପୂରଣକାରୀ *ସ୍ତ୍ରୀ.* ସର୍ବାର୍ଥସାଧିକା ।

**ସର୍ବେ** *ସ.* ସଭିଏ, ସମସ୍ତେ ; *ଅ.* ମୋଟରେ ।

**ସର୍ବେଶ୍ୱର** *ବି.* ୧. ସବୁରି ପ୍ରଭୁ ୨. ଶିବ ; *ବିଂ* ସାର୍ବଭୌମ ।

**ସର୍ବେସର୍ବା** *ବିଂ* ୧. ସର୍ବମୟ କର୍ତ୍ତା ୨. ସମସ୍ତଙ୍କ ଉପରେ ଏକମାତ୍ର ଅଧିକାରୀ ।

**ସର୍ବୋତ୍କୃଷ୍ଟ** *ବିଂ* ୧. ସବୁଠାରୁ ଭଲ ୨. ସମସ୍ତଙ୍କ ମଧ୍ୟରେ ଶ୍ରେଷ୍ଠ ।

**ସର୍ବୋତ୍ତମ** *ବିଂ* ୧. ସର୍ବଶ୍ରେଷ୍ଠ ୨. ସବୁଠୁ ଭଲ, ସବୁ ଅପେକ୍ଷା ଉତ୍କୃଷ୍ଟ ।

**ସର୍ବୋପରି** *ଅ.* ୧. ସବା ଉପରେ ୨. ସମସ୍ତଙ୍କ ଉପରେ ୩. ଅଧିକନ୍ତୁ ।

**ସର୍ବୌଷଧି** *ବି.* କୁଷ୍ଠ, ଜଟାମାଂସୀ, ହରିଦ୍ରା, ବଚ, ଶୈଳେୟ, ଚନ୍ଦନ, ମୁରା, ରକ୍ତ ଚନ୍ଦନ, କର୍ପୂର ଓ ମୁସ୍ତା – ଏଇ ଦଶ ପ୍ରକାର ଦ୍ରବ୍ୟର ସମାହାର ।

**ସର୍ଭେ** *ବି.* ୧. ଜମିମାପ ୨. ଜରିବ ୩. ଆକଳନ ।

**ସର୍ଷପ** *ବି.* ସୋରିଷ ।

**ସଳଖ** *ବିଂ* ୧. ସିଧା, ବଙ୍କାଟଙ୍କା ହୋଇନଥିବା ୨. ସାଦାସିଧା, ସରଳ ୩. ଶୁଭଦଶାଯୁକ୍ତ ।

**ସଳଖା** *କ୍ରି.ବିଂ* ସଳଖ ଭାବେ, ବଙ୍କା ନ ହୋଇ ସିଧା ଭାବରେ ।

**ସଳଖାଇବା** *କ୍ରି.* ୧. ସିଧା କରିବା, ସଳଖ କରିବା ୨. ବାଗେଇବା, ଉପଯୁକ୍ତ କରିବା ୩. ସଳଖିବା, ବାଟକୁ ଆଣିବା, ଶୃଙ୍ଖଳିତ କରିବା ।

**ସଳଖି** *କ୍ରି.ବିଂ* ସିଧା ହୋଇ ।

**ସଳଖିବା** *କ୍ରି.* ୧. ସିଧା କରିବା ୨. ସିଧାସିଧା ଯିବା ୩. ସିଧା ହୋଇ ବସିବା ୪. ଦୁଷ୍ଟ ବା ଦୋଷୀକୁ ସଂଯମିତ କରିବା ।

**ସଳିଆ** *ବିଂ* ସରୁ ଓ ଡେଙ୍ଗା, *ସ୍ତ୍ରୀ.* ସଳେଇ ।

**ସଳିତା** *ବି.* ସରୁ ବଳିତା, ଲଣ୍ଠନ, ଡିବିରି, ଦୀପ ପ୍ରଭୃତିରେ ଜଳାହେବା ସରୁବତୀ ।

**ସଳଙ୍ଗା** *କ୍ରି.ବିଂ* ସିଧା ସିଧା, ସରଳରେଖାରେ।

**ସଲ୍‌ପଟ୍** *ବିଂ* ସିଧାସଳଖ।

**ସଲ୍ ମୁଦି** *କ୍ରି.* ବକ୍ର କାସ୍ତାର କାତିରେ ତିଆରି ମୁଦି ।

**ସଲ୍ ସମିବା** *କ୍ରି.* ରକା ରହିବା।

**ସଲପ** *ବି.* ସଡ଼ପ, ତାଳଜାତୀୟ ଗଛ, ଯାହାର ରସରୁ ମଦ ପ୍ରସ୍ତୁତ ହୁଏ ।

**ସଲରା, ଶଲରା** *ବି.* କଲରାଜାତୀୟ ଫଳବିଶେଷ, କଣ୍ଟକୀ ଗଛ ବିଶେଷ ।

**ସଲରି** *ବି.* କାଦୁଆଖୁମ୍ପୀ ପକ୍ଷୀ ।

**ସଲସଲ** *ଅ.* ଦେହରେ କୌଣସି ପଦାର୍ଥ ବା ଅନ୍ୟ ଅଙ୍ଗପ୍ରତ୍ୟଙ୍ଗର ମୃଦୁଚାଳନା ଜନିତ ଅନୁଭବ ।

**ସଲସଲିଆ** *ବିଂ* ଯାହା ସଲସଲ କରେ, ଯାହା କୁତୁକୁତୁ ଭାବ ଜାତ କରେ ।

**ସଲାମ** *ବି.* ସସମ୍ମାନ ଅଭିବାଦନ ସୂଚକ ଶବ୍ଦ, ମୁସଲମାନି ରୀତିରେ ଅଭିବାଦନ ବା ନମସ୍କାର ।

**ସଲାମି** *ବି.* ସଲାମ କରିବା ବେଳେ ଦିଆଯିବା ଭେଟି ବା ଉପହାର, ପ୍ରଣାମି, ଦର୍ଶନି।

**ସଲିଳ** *ବି.* ପାଣି, ଜଳ ।

**ସଲିଳସମାଧି** *ବି.* ୧. ପାଣିରେ ବୁଡ଼ିଯାଇ ମୃତ୍ୟୁ ୨. ପାଣିରେ ବୁଡାଇ ଶବ ସତ୍କାର କରିବା ।

**ସଲୀଳ** *ବିଂ* ୧. ଲୀଳାୟିତ ୨. ସୁନ୍ଦର ଭଙ୍ଗୀଯୁକ୍ତ ।

**ସଲ୍ଲଜ** *ବିଂ* ଲାଜେଇ ଯାଇ, ଲାଜସହ, ଲାଜଯୁକ୍ତ ।

**ସଶଙ୍କ** *ବିଂ* ଆଶଙ୍କା ସହିତ, ଶଙ୍କାଯୁକ୍ତ ।

**ସଶବ୍ଦ** *ବିଂ* ୧. ଉଚ୍ଚ ଆବାଜପୂର୍ଣ୍ଣ ୨. ଶବ୍ଦଯୁକ୍ତ ।

**ସଶରୀର** *ବିଂ* ଶରୀର ସହ, ଦେହଯୁକ୍ତ, ସଦେହ ।

**ସଶସ୍ତ୍ର** *ବିଂ* ୧. ହତିଆରଯୁକ୍ତ ୨. ଅସ୍ତ୍ର ସହ, ଶସ୍ତ୍ରସଜ୍ଜିତ ।

**ସଶିଷ୍ୟ** *ବିଂ* ଶିଷ୍ୟ ସହିତ ।

**ସଶ୍ରମ** *ବିଂ* ୧. ଶାରୀରିକ ପରିଶ୍ରମ ସହ, ଶ୍ରମଯୁକ୍ତ ୨. ବେଠି କାମ ସହ ।

**ସସ୍** *ବି.* ଫଳଶସ ଆଦିରେ ତିଆରି ବହଳିଆ ଚଟଣି ଜାତୀୟ ଖାଦ୍ୟ ।

**ସସ୍‌ପେନ** *ବି.* ଚା' କରା, ନାଡ଼ଲଗା ଛୋଟ ରୋଷେଇ ଉପକରଣ ।

**ସସମ୍ମାନ** *ବିଂ* ୧. ସମ୍ମାନପୂର୍ଣ୍ଣ ୨. ସମ୍ମାନପ୍ରଦର୍ଶନ ସହ ।

**ସସାଗରା** *ବିଂ* ୧. ସାଗର ବା ସମୁଦ୍ର ସମେତ ୨. ସମୁଦ୍ର ସହ ବିରାଜିତା ।

**ସସୀମ** *ବିଂ* ୧. ସୀମାବିଶିଷ୍ଟ ୨. ପରିମିତ, ଯାହାର ସୀମା ଅଛି ।

**ସସୈନ୍ୟ** *ବିଂ* ସୈନ୍ୟସହ, ସୈନ୍ୟଯୁକ୍ତ ।

**ସସ୍ତ୍ରୀକ** *ବିଂ* ସ୍ତ୍ରୀ ସହ, ପତ୍ନୀ ସହ ।

**ସସ୍ନେହ** *ବିଂ.* ୧. ସ୍ନେହପୂର୍ଣ୍ଣ, ସ୍ନେହଯୁକ୍ତ ୨. ତେଲିଆ, ତେଲମିଶା ।

**ସସ୍ପୃହ** *ବିଂ.* ୧. ସ୍ପୃହାର ସହ, ଇଛା ଥାଇ, ଆକାଂକ୍ଷାଭରା ୨. ଲୋଲୁପ ।

**ସସ୍ମିତ** *ବିଂ.* ହସହସ, ସହାସ୍ୟ, ମୃଦୁ ହସ ସହିତ ।

**ସହ** *ବିଂ.* ୧. *ପୂ.ପ୍ର.* ସହଯୋଗୀ, ସହକାରୀ ୨. ସହିଷ୍ଣୁ ୩. ସମର୍ଥ ୪. ସହାୟ ୫. ସମନ୍ୱିତ; *ଅ.* ୧. ସହିତ ୨. ସଙ୍ଗେ, ସାଙ୍ଗରେ ।

**ସହକର୍ମୀ** *ବିଂ.ବି.* ୧. ଏକତ୍ର କାର୍ଯ୍ୟ କରୁଥିବା ୨. ସମାନ କର୍ମକାରୀ ।

**ସହକାର** *ବି.* ୧. ସହାୟତା, ସାହାଯ୍ୟ, ସହଯୋଗ ୨. ଆମ୍ବଗଛ ୩. ଆମ୍ବ ।

**ସହକାରୀ** *ବିଂ.ବି.* ୧. ସାହାଯ୍ୟକାରୀ ୨. ସହକର୍ମୀ ।

**ସହକାରେ** *କ୍ରି.ବିଂ.* ସହଯୋଗରେ, ଯୋଗେ, ସଙ୍ଗେ ।

**ସହଗମନ** *ବି.* ସଙ୍ଗରେ ଯିବା, ଏକତ୍ର ଗମନ ।

**ସହଗାମୀ** *ବିଂ.ବି.* ୧. ସଙ୍ଗୀ ୨. ସଙ୍ଗରେ ବା ଏକତ୍ର ଯାଉଥିବା, *ସ୍ତ୍ରୀ.* ସହଗାମିନୀ ।

**ସହଚର** *ବି.ବିଂ.* ୧. ଏକତ୍ର ବା ଏକ ସଙ୍ଗେ ବିଚରଣକାରୀ ୨. ସାଙ୍ଗରେ ଯାଉଥିବା ଚାକର, ଅନୁଚର ; *ବି.* ବନ୍ଧୁ, ସାଥୀ, ସଙ୍ଗୀ ।

**ସହଚରୀ** *ବି.* ୧. ସଖୀ, ସଙ୍ଗିନୀ ୨. ପତ୍ନୀ ।

**ସହଚାରୀ** *ବି.ବିଂ.* ସହଚର, ଏକତ୍ର ଯାଉଥିବା ।

**ସହଜ** *ବିଂ.* ୧. ସରଳ ୨. ସୁବୋଧ୍ୟ ୩. ଅନାୟାସରେ କରି ହେଉଥିବା ୪. ଏକ ସଙ୍ଗେ ଜାତ ୫. ସ୍ୱାଭାବିକ ୬. ସୁଲଭ ।

**ସହଜାତ** *ବିଂ.* ୧. ଏକ ସଙ୍ଗେ ବା ଏକ ସମୟରେ ଜାତ ୨. ଯାଆଁଳା, ଯମଜ ୩. ଗୋଟିଏ ଗର୍ଭରୁ ଜନ୍ମ ନେଇଥିବା ।

**ସହଜସାଧନା** *ବି.* ବୌଦ୍ଧତନ୍ତ୍ର ପ୍ରଭାବିତ ଏକ ପ୍ରକାର କାୟା ସାଧନା ।

**ସହଜଲବ୍ଧ** *ବି.* ସହଜରେ ମିଳିଥିବା, ବିନା କଷ୍ଟରେ ବା କମ୍ ଆୟାସରେ ପ୍ରାପ୍ତ ।

**ସହଜ ବିଶ୍ୱାସ** *ବି.* ସ୍ୱାଭାବିକ ଧାରଣା, ସାଧାରଣ ଭାବରେ ସୃଷ୍ଟି ହେବା ପ୍ରତ୍ୟୟ ।

**ସହଜିଆ** *ବିଂ.* ୧. ସହଜ ୨. ସରଳ ୩. ଅନାୟାସସାଧ୍ୟ ୪. ସୁବୋଧ୍ୟ ; *ବି.* କୃଷ୍ଣରାଧାଙ୍କ ରାସଲୀଳାର ଅନୁଗାମୀ ଧର୍ମ ସମ୍ପ୍ରଦାୟ ଓ ଉକ୍ତ ଧର୍ମାବଲମ୍ବୀ ବ୍ୟକ୍ତି ।

**ସହଜେ** *କ୍ରି.ବିଂ.* ୧. ସ୍ୱାଭାବିକ ଭାବରେ, ୨. ଅଳ୍ପକେ ୩. ଅକ୍ଳେଶରେ ୪. ସାମାନ୍ୟ କାରଣରେ ୫. ଜନ୍ମସୂତ୍ରରେ ।

**ସହଣ, ସହଣି** *ବି.* ୧. ସହନ, ସହିଷ୍ଣୁତା ୨. ଦେବଦେବୀଙ୍କୁ ମନାସ, ମାନସିକ ୪. ପ୍ରଚଳିତ ଦର ଠାରୁ କିଛି ଅଧିକ ପରିମାଣର ଧାନ ଆଦି କିଣିବା ପାଇଁ ଆଗୁଆ ଟଙ୍କା ଋଣ ଦେବା ରୀତି , ଲଗାଣି ।

**ସହଣି, ସହଣିକ** *ବିଂ.* ସହନଶୀଳ, ସହିଷ୍ଣୁ ।

**ସହଧର୍ମା, ସହଧର୍ମୀ** *ବିଂ.* ସମାନ ଧର୍ମ ଆଚରଣକାରୀ, ସଧର୍ମା ।

**ସହଧର୍ମିଣୀ** *ବି.* ପତ୍ନୀ, ସ୍ତ୍ରୀ ।

**ସହନ** *ବି.* ୧. ସହିବା, ବରଦାସ୍ତ ୨. କ୍ଷମା ୩. ଧୈର୍ଯ୍ୟଧାରଣ ।

**ସହନଶୀଳ** *ବିଂ.* ୧. ଧୈର୍ଯ୍ୟଶୀଳ ୨. ସହିଷ୍ଣୁ; *ବି.* ସହନଶୀଳତା ।

**ସହପାଠ** *ବି.* ୧. ଏକତ୍ର ପଠନ ୨. ବାଳକ ବାଳିକାଙ୍କର ଏକତ୍ର ଶିକ୍ଷାବ୍ୟବସ୍ଥା ।

**ସହପାଠୀ** *ବିଂ.ବି.* ସାଙ୍ଗପଢୁଆ, ସହାଧ୍ୟାୟୀ, ସମାନ ଶ୍ରେଣୀରେ ପାଠ ପଢୁଥିବା, *ସ୍ତ୍ରୀ.* ସହପାଠିନୀ ।

**ସହବାସ** *ବି.* ୧. ଏକତ୍ର ବାସ ବା ଅବସ୍ଥାନ ୨. ସ୍ୱାମୀ ସ୍ତ୍ରୀ ରୂପେ ଏକତ୍ର ରହିବା ୩. ରତିକ୍ରିୟା, ମୈଥୁନ ।

**ସହମରଣ** *ବି.* ୧. ଏକତ୍ର ମରଣ ୨. ସ୍ୱାମୀର ଚିତା ନିଆଁରେ ସ୍ତ୍ରୀର ଜୀବନ ତ୍ୟାଗ ବା ଏକତ୍ର ମରଣ ।

**ସହଯାତ୍ରା** *ବି.* ମିଶିକରି ଯିବା, ଏକ ସଙ୍ଗେ ଗମନ ।

**ସହଯାତ୍ରୀ** *ବିଂ.ବି.* ୧. ଏକ ସଙ୍ଗେ ଗମନକାରୀ (ବ୍ୟକ୍ତି) ୨. ସାଙ୍ଗହୋଇ ଯାଉଥିବା (ତୀର୍ଥ ଯାତ୍ରୀ), ସହଗାମୀ ।

**ସହଯୋଗ** *ବି.* କୌଣସି କାର୍ଯ୍ୟରେ ସାହାଯ୍ୟ, ସହାୟତା ।

**ସହଯୋଗ ସମିତି** *ବି.* ବହୁଲୋକଙ୍କ ମିଳିତ ଧନ ଓ ଉଦ୍ୟମରେ ଗଠିତ ବ୍ୟାବସାୟିକ ସଂଘ ।

**ସହଯୋଗିତା** *ବି.* ସହଯୋଗୀର ଭାବ, ଗୁଣ ବା କାର୍ଯ୍ୟ ।

**ସହଯୋଗୀ** *ବିଂ.* ୧. ସାହାଯ୍ୟକାରୀ ୨. ସହକର୍ମୀ ; *ବି.* କୌଣସି କାର୍ଯ୍ୟରେ କାହାକୁ ସାହାଯ୍ୟ କରିବା ବ୍ୟକ୍ତି ।

**ସହର** *ବି.* ୧. ବଡ଼ ଆକାରର ଉନ୍ନତ ଜନବସତି, ଛୋଟ ନଗର ୨. ସଅର, ଶବର ଜନଜାତି ।

**ସହରତଳି** *ବି.* ସହର ନିକଟବର୍ତ୍ତୀ ଅଞ୍ଚଳ ।

**ସହରିଆ, ସହରୀ** *ବିଂ.* ୧. ସହରବାସୀ ୨. ସହରରେ ପ୍ରଚଳିତ ୩. ସହରଜାତ ୪. ସହରରେ ସୁଲଭ ।

**ସହର୍ଷ** *ବିଂ.* ୧. ଆନନ୍ଦ ସହ ୨. ହସ ହସ, ହସଯୁକ୍ତ ।

**ସହଳ** *ବି.* ୧. ତ୍ୱରା ୨. ଶୀଘ୍ରତା ; *ବିଂ.* ଶୀଘ୍ର, ତ୍ୱରିତ, ଚଞ୍ଚଳ, ସତ୍ୱର; *କ୍ରି.ବିଂ.* ୧. ଶୀଘ୍ର ୨. ଚଞ୍ଚଳ ।

**ସହଳିଆ** *ବିଂ.* ୧. ଚଞ୍ଚଳିଆ ୨. ଶୀଘ୍ର ସମ୍ପାଦନକାରୀ ; *କ୍ରି. ବିଂ.* ବେଳାବେଳି ।

**ସହଲା** *ବି.* ସାହାଯ୍ୟ, ସହଯୋଗ ।

**ସହସା** ***ଅ.*** ଅକସ୍ମାତ୍, ହଠାତ୍ ।

**ସହସିଆ** ***ବି.*** ପଥର କାମ କରିବା ଗୋଷ୍ଠୀ ବିଶେଷ।

**ସହସ୍ର** ***ବି.*** ହଜାର ସଂଖ୍ୟା ; ***ବିଂ.*** ୧. ଏକ ହଜାର ସଂଖ୍ୟକ ୨. ଅସଂଖ୍ୟ ।

**ସହସ୍ରକ** ***ବି.*** ହଜାରବର୍ଷ ସମୟ ।

**ସହସ୍ରଚକ୍ଷୁଃ, ସହସ୍ରାକ୍ଷ** ***ବି.*** ଇନ୍ଦ୍ର ।

**ସହସ୍ରନାମ** ***ବି.*** ବିଷ୍ଣୁ ଓ ଶିବଙ୍କର ହଜାର ନାମସମ୍ବଳିତ ସ୍ତୋତ୍ର ।

**ସହସ୍ରଭୁଜା** ***ବି.*** ମହିଷାସୁରମର୍ଦ୍ଦିନୀ ଦୁର୍ଗା ।

**ସହସ୍ରଶୀର୍ଷା** ***ବି.*** ବିଷ୍ଣୁ ।

**ସହସ୍ରାର** ***ବି.*** ଯୋଗଶାସ୍ତ୍ର ବର୍ଣ୍ଣିତ ଶିରରେ ଥିବା ସୁଷୁମ୍ନା ନାଡ଼ିସ୍ଥ ସହସ୍ରଦଳ ପଦ୍ମ ।

**ସହାଧ୍ୟାୟୀ** ***ବିଂ.ବି.*** ସହପାଠୀ, ପଢ଼ାସାଥୀ ।

**ସହାନୁଭୂତି** ***ବି.*** ୧. ଦରଦ ୨. ସମବେଦନା, ସମବ୍ୟଥା, ଅନ୍ୟର ଦୁଃଖରେ ସମାନ ଦୁଃଖବୋଧ ।

**ସହାନୁଭୂତିଶୀଳ** ***ବିଂ.*** ୧. ଦରଦୀ ୨. ସମଦୁଃଖୀ ।

**ସହାବସ୍ଥାନ** ***ବି.*** ୧. ଏକତ୍ର ଅବସ୍ଥାନ ବା ବାସ ୨. ପରସ୍ପର ମଧ୍ୟରେ ବୁଝାମଣା ସହ ସମ୍ପର୍କ ରକ୍ଷା ।

**ସହାୟ** ***ବି.ବିଂ.*** ୧. ସହକାରୀ ୨. ସମର୍ଥକ ୩. ସାହାଯ୍ୟକାରୀ ।

**ସହାୟକ** ***ବିଂ.ବି.*** ୧. ସାହାଯ୍ୟକାରୀ ୨. ପରିପୋଷକ ।

**ସହାୟତା** ***ବି.*** ୧. ସାହାଯ୍ୟ ୨. ସମର୍ଥନ ।

**ସହାସ, ସହାସ୍ୟ** ***ବିଂ.*** ୧. ହାସ୍ୟଯୁକ୍ତ ୨. ହାସ୍ୟରତ ୩. ସସ୍ମିତ ।

**ସହି** ***ବିଂ.*** ୧. ନିର୍ଭୁଲ, ଖାଣ୍ଟି ୨. ଠିକ୍, ଯଥାର୍ଥ ୩. ଯୋଗ୍ୟ ; ***ବି.*** ୧. ଦସ୍ତଖତ ୨. ସମ୍ମତି, ରାଜି ।

**ସହିକାରିଆ** ***ବିଂ.*** ୧. ଖୁବ୍ ପୁଷ୍ଟ ୨. ପର୍ଯ୍ୟାପ୍ତ ।

**ସହିତ** ***ଅ.*** ସଙ୍ଗେ ; ***ବି.*** ୧. ସଂଯୁକ୍ତ ୨. ହିତକର ।

**ସହିତା** ***ବିଂ.*** ୧. ସହନଶୀଳ ୨. କ୍ଷମାଶୀଳ ୩. ଧୈର୍ଯ୍ୟବନ୍ତ ।

**ସହିଦ** ***ବି.*** ୧. ଯୁଦ୍ଧରେ ନିହତ ବ୍ୟକ୍ତି ୨. ନ୍ୟାଯ୍ୟ ଅଧିକାର ନିମିତ୍ତ ଦେଶ ପାଇଁ ଯୁଦ୍ଧକରି ପ୍ରାଣବଳି ଦେଇଥିବା ବ୍ୟକ୍ତି ।

**ସହିବା** ***କ୍ରି.*** ୧. ସହ୍ୟ କରିବା, ବରଦାସ୍ତ କରିବା ୨. ସମ୍ଭାଳିବା ୩. ଅଙ୍ଗେ ନିଭେଇବା ୪. କ୍ଷମା କରିବା ।

**ସହିଷ୍ଣୁ** ***ବିଂ.ବି.*** ସହିବା ବ୍ୟକ୍ତି ।

**ସହିଷ୍ଣୁତା** ***ବି.*** ସହିବାର ଶକ୍ତି, ସହନଶୀଳତା ।

**ସହିସ** ***ବି.*** ସଇସ ।

**ସହିସମ୍ଭାଳି** ***କ୍ରି.ବିଂ.*** ୧. ଢ଼ୁସିଆର ହୋଇ ୨. ଆଗପଛ ବିଚାର କରି ୩. ଧୈର୍ଯ୍ୟର ସହିତ ଅପେକ୍ଷା କରି ।

**ସହିସମ୍ଭାଳିଆ** ***ବିଂ.*** ଯେ ବୁଝିବିଚାରି କାମ କରେ ।

**ସହୀ** ***ବି.*** ୧.ସଖୀ, ବାନ୍ଧବୀ ୨. ସହଚରୀ ୩. ମହାପ୍ରସାଦ ଦିଆ ନିଆ ହୋଇ ଦୁଇନାରୀଙ୍କ ମଧ୍ୟରେ ବନ୍ଧୁ ସମ୍ପର୍କ ।

**ସହୃଦୟ** ***ବିଂ.*** ୧. ହୃଦୟବାନ୍ ୨. ଗୁଣଗ୍ରାହୀ ୩. ରସଜ୍ଞ ୪. ବିଦ୍ୱାନ୍ ।

**ସହୃଦୟତା** ***ବି.*** ୧. ଆନ୍ତରିକତା ୨. ଗୁଣଗ୍ରାହିତା ୩. ରସଜ୍ଞତା ୪. ସମଜଦାରପଣ ୫. ହୃଦୟବତ୍ତା ୬. ମହତ୍ତ୍ୱ ।

**ସହେତୁ, ସହେତୁକ** ***ବିଂ.*** କାରଣ ଯୁକ୍ତ, ଉଦ୍ଦେଶ୍ୟବିଶିଷ୍ଟ, କାରଣ ଥାଇ ।

**ସହୋଦର** ***ବି.*** ୧. ଏକ ମାତୃଗର୍ଭରୁ ଜାତ ୨. ଏକ ସଙ୍ଗରେ ଜାତ ଭ୍ରାତା ; ***ବିଂ.*** ଏକ ମାତାର ଗର୍ଭଜାତ ।

**ସହୋଦରା** ***ବି.*** ଏକ ମାଆ ପେଟରୁ ଜାତ ବା ଏକ ସଙ୍ଗେ ଜାତ ଭଉଣୀ ।

**ସହ୍ୟ** ***ବି.*** ୧. ସହନ ୨. ବରଦାସ୍ତ ୩. ଧୈର୍ଯ୍ୟ ୪. ପଶ୍ଚିମଘାଟ ପର୍ବତମାଳାର ଉତ୍ତରାଂଶ ; ***ବିଂ.*** ସହନଯୋଗ୍ୟ, ସହନୀୟ ।

**ସହ୍ୟାଦ୍ରି** ***ବି.*** ପଶ୍ଚିମଘାଟ ପର୍ବତମାଳା ଅନ୍ତର୍ଗତ ପର୍ବତ ବିଶେଷ ।

**ସାଂକେତିକ, ସାଙ୍କେତିକ** ***ବିଂ.*** ୧. ସଙ୍କେତ ସମ୍ବନ୍ଧୀୟ ୨. ସଙ୍କେତଦ୍ୱାରା ସୂଚିତ ; ***ବି.*** ପାଟୀଗଣିତରେ ଅଙ୍କ କଷିବାର ଏକ ଧାରା ବା ପଦ୍ଧତି ବିଶେଷ ।

**ସାଂଖ୍ୟ, ସାଙ୍ଖ୍ୟ** ***ବି.*** କପିଳ ମୁନିକୃତ ଦର୍ଶନଶାସ୍ତ୍ର ; ***ବିଂ.*** ଜ୍ଞାନୀ ।

**ସାଂଗଠନିକ** ***ବିଂ.*** ସଙ୍ଗଠନ ସଂକ୍ରାନ୍ତ, ସଙ୍ଗଠନମୂଳକ ।

**ସାଂଘାତିକ, ସାଙ୍ଘାତିକ** ***ବିଂ.*** ମାରାତ୍ମକ, ଭୟଙ୍କର, ଗୁରୁତର ; ***ବି.*** ଜନ୍ମ ନକ୍ଷତ୍ରଠାରୁ ଷୋଡଶ ନକ୍ଷତ୍ର ।

**ସାଂଧିବିଗ୍ରହିକ** ***ବିଂ.*** ସନ୍ଧି ଓ ବିଗ୍ରହ ସାଧନରେ ନିପୁଣ ବ୍ୟକ୍ତି ; ***ବି.*** ସନ୍ଧି ଓ ବିଗ୍ରହର ଭାରପ୍ରାପ୍ତ ଅଧିକାରୀ ।

**ସାଂଧ୍ୟ, ସାନ୍ଧ୍ୟ** ***ବିଂ.*** ସଞ୍ଜୁଆ, ସନ୍ଧ୍ୟାକାଳୀନ, ସଞ୍ଜବେଳେ ଅନୁଷ୍ଠିତ ।

**ସାଂପ୍ରତିକ, ସାମ୍ପ୍ରତିକ** ***ବିଂ.*** ବର୍ତ୍ତମାନକାଳର, ଅଧୁନାତନ, ଏଇ ସମୟର ।

**ସାଂପ୍ରଦାୟିକ, ସାମ୍ପ୍ରଦାୟିକ** ***ବିଂ.*** ୧. କୌଣସି ଧର୍ମ, ଜାତି, ଗୋଷ୍ଠୀ ସମ୍ପର୍କିତ ୨. ସମ୍ପ୍ରଦାୟଗତ, ଗୋଷ୍ଠୀଗତ ।

**ସାଂବତ୍ସରିକ, ସାମ୍ବତ୍ସରିକ** ***ବିଂ*** ୧. ବାର୍ଷିକ ୨. ବର୍ଷବ୍ୟାପି ୩. ବର୍ଷଶେଷରେ କରଣୀୟ; ***ବି.*** ଦୈବଜ୍ଞ, ଜ୍ୟୋତିର୍ବେତ୍ତା ।

**ସାଂବାଦିକ, ସାମ୍ବାଦିକ** ***ବିଂ*** ଖବରକାଗଜ, ପତ୍ରପତ୍ରିକା ପ୍ରଭୃତିର ସମ୍ବାଦଦାତା, ସମ୍ବାଦ ସଂଗ୍ରହକାରୀ ।

**ସାଂବାଦିକତା, ସାମ୍ବାଦିକତା** ***ବି.*** ସାମ୍ବାଦିକର କାର୍ଯ୍ୟ, ସାମ୍ବାଦିକ ପେସା ।

**ସାଂବିଧାନିକ, ସାମ୍ବିଧାନିକ** ***ବିଂ*** ୧. ରାଷ୍ଟ୍ର ବା କୌଣସି ଅନୁଷ୍ଠାନର ପରିଚାଳନା ସଂକ୍ରାନ୍ତ ନିୟମ ବିଷୟକ ୨. ସମ୍ବିଧାନଗତ, ସମ୍ବିଧାନ ସମ୍ମତ ।

**ସାଂସର୍ଗିକ** ***ବିଂ*** ସଂସର୍ଗଜାତ, ଛୁଆଁଛୁଇଁ ବା ପାଖରେ ରହିବା ଯୋଗୁ ଘଟିଥିବା ।

**ସାଂସାରିକ** ***ବିଂ*** ୧. ସଂସାର ସମ୍ବନ୍ଧିତ, ସଂସାର ଆସକ୍ତ ୨. ଦୈନନ୍ଦିନ ଜୀବନ ଯାପନ ସହିତ ସମ୍ବନ୍ଧିତ, ଜୀବନଯାତ୍ରା ସମ୍ବନ୍ଧିତ ୩. ପାରିବାରିକ ବା ଗାର୍ହସ୍ଥ୍ୟ ଜୀବନଯାପନକାରୀ ୪. ଇହକାଳୀନ ।

**ସାଂସାରିକତା** ***ବି.*** ୧. ସଂସାରି ଅବସ୍ଥା ୨. ସଂସାର ଆସକ୍ତି ।

**ସାଂସ୍କାରିକ** ***ବିଂ*** ଅନ୍ତ୍ୟେଷ୍ଟିକ୍ରିୟା ସମ୍ବନ୍ଧୀୟ ।

**ସାଂସ୍କୃତିକ** ***ବିଂ*** ୧. ସଂସ୍କୃତିମୂଳକ ୨. ସଂସ୍କୃତି ସମ୍ବନ୍ଧୀୟ ।

**ସାଂସ୍କୃତିକ କାର୍ଯ୍ୟକ୍ରମ** ***ବି.*** ନାଚ, ଗୀତ ପ୍ରଭୃତିର କାର୍ଯ୍ୟକ୍ରମ, ସଭା ସରିଯିବା ପରେ ଆୟୋଜନ କରାଯାଉଥିବା ମନୋରଞ୍ଜନ କାର୍ଯ୍ୟକ୍ରମ ।

**ସାଆଁରିବା** ***କ୍ରି.*** ନଡ଼ିଆ କତାରୁ ଅଳିଆ ଛଡ଼ାଇ ପରିଷ୍କାର କରିବା ।

**ସାଆନ୍ତ** ***ବି.*** ୧. ସାମନ୍ତ ୨. ପ୍ରଭୁ, ଖାମିଦ, ସ୍ୱାମୀ ୩. ରାଜପୁତ୍ର ବା ରାଜବଂଶଜଙ୍କ ଉପାଧି ୪. କୁଳୀନ ବ୍ରାହ୍ମଣ ୫. ରାଜାଙ୍କ ରକ୍ଷିତା ଗର୍ଭରୁ ଜାତ ସନ୍ତାନ ୬. ବିବାହରେ ବରଯାତ୍ରୀ ରୂପେ ଯାଇଥିବା ବରପକ୍ଷର ବିଶିଷ୍ଟ ଜ୍ଞାତି ଓ ବନ୍ଧୁ ୭. ବାପାଙ୍କ ବାପା ବା ଜକାଙ୍କୁ ସମ୍ବୋଧନ ।

**ସାଆନ୍ତକୁଣିଆ** ***ବି.*** ୧. ସମ୍ଭ୍ରାନ୍ତ ଅତିଥି ୨. ବିବାହ ସମୟରେ ବରପକ୍ଷର ବ୍ୟକ୍ତି ।

**ସାଆନ୍ତବାପ** ***ବି.*** ବାପାଙ୍କ ବାପା, ଜେଜେ, ବୁଢ଼ା ଦାଦା ।

**ସାଆନ୍ତାଇ** ***ବି.*** ୧. ସାଆନ୍ତ ପଦ ୨. ପ୍ରଭୁତ୍ୱ ୩. ବଡ଼ପଣ ; ***ବିଂ*** ସାଆନ୍ତ ସମ୍ବନ୍ଧୀୟ ।

**ସାଆନ୍ତିଆ** ***ବି.*** ୧. ସାଆନ୍ତପଣିଆ, ସାଆନ୍ତଭାବ ୨. ବଡ଼ ପଣିଆ ।

**ସାଆନ୍ତେଇ** ***ବି.*** ସାଆନ୍ତାଇ ।

**ସାଇଁ** ***ବି.*** ୧. ସ୍ୱାମୀ ୨. ପ୍ରଭୁ ୩. ପତି ୪. ପିଆଜ ପତ୍ର ୫. ବୁଢ଼ା ମୂଳା ଗଛରୁ ବାହାରିଥିବା ପୁଷ୍ପଦଣ୍ଡ ।

**ସାଇଁଆ** ***ବିଂ*** ୧. ସାଇଁ ବାହାରିଥିବା ୨. ବୁଢ଼ା ହୋଇଯାଇଥିବା ୩. ଅଂଶା ପଡ଼ିଯାଇଥିବା ।

**ସାଇଁସାଇଁ** ***ବି.*** ପବନର ଶବ୍ଦ ।

**ସାଇ** ***ବି.*** ସାହି, ଗାଁ ବା ସହରର ପଡ଼ା, ଜନବସତିର କ୍ଷୁଦ୍ର ଏକକ ।

**ସାଇଆ** ***ବି.*** ୧. ଏକା ସାହିର ଅଧିବାସୀ ୨. ସାଇବାଲା ।

**ସାଇକଲ୍** ***ବି.*** ଶୁନଗାଡ଼ି, ସାଇକେଲ୍, ମଣିଷ ଚଳଉଥିବା ଦୁଇଚକିଆ ଯାନ, ବାଇସାଇକେଲ୍ ।

**ସାଇକଲିଆ** ***ବିଂ.ବି.*** ୧. ସାଇକେଲ ଚଳାଉଥିବା ବ୍ୟକ୍ତି ୨. ସାଇକେଲରେ ଯାତାୟତକାରୀ ।

**ସାଇକ୍ଲୋନ୍** ***ବି.*** ବାତ୍ୟା ।

**ସାଇତା** ***ବିଂ*** ୧. ସଞ୍ଚିତ ୨. ଯତ୍ନରେ ରଖାଯାଇଥିବା ।

**ସାଇତିବା** ***କ୍ରି.*** ୧. ଯତ୍ନରେ ସଂଚୟ କରି ରଖିବା ୨. ସମ୍ପାଦିବା ।

**ସାଇନ୍ କରିବା** ***କ୍ରି.*** ୧. ଦସ୍ତଖତ କରିବା, ସ୍ୱାକ୍ଷର କରିବା ୨. ଅନୁମୋଦନ କରିବା ।

**ସାଇନ୍‌ଡାଏ** ***ଅ.*** ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ।

**ସାଇନ୍‌ବୋର୍ଡ** ***ବି.*** ୧. ଦୋକାନ, ଅଫିସ ଇତ୍ୟାଦିର ପରିଚୟସୂଚକ ନାମପଟା ୨. ଲେଖା ଯାଇ ଟଙ୍ଗା ହୋଇଥିବା ନାମ ଫଳକ ।

**ସାଇପଡ଼ିଶା** ***ବି.*** ନିଜ ଘର ପାଖରେ ଥିବା ଘରଗୁଡ଼ିକ ବା ରହୁଥିବା ପରିବାର ସମୂହ, ପ୍ରତିବେଶୀ।

**ସାଇବ** ***ବି.*** ୧. ସାହେବ ୨. ସମ୍ଭ୍ରାନ୍ତ ବା ସମ୍ମାନିତ ବ୍ୟକ୍ତି ୩. କର୍ତ୍ତା ୪. ମାଲିକ ୫. ଇଂରେଜ ବା ଶ୍ୱେତାଙ୍ଗ ପୁରୁଷ ୫. ବିଲାତି ଭାବାପନ୍ନ ବ୍ୟକ୍ତି ୬. ତାସ ଖେଳର ରାଜା, ପୁରୁଷ ଚିତ୍ର ଯୁକ୍ତ ତାସ ବିଶେଷ ।

**ସାଇବୁଲା** ***ବି.*** ରଜ ଉତ୍ସବରେ ଝିଅମାନଙ୍କ ପଡ଼ାରେ ବା ସାଇରେ ବୁଲାବୁଲି ।

**ସାଇଭାଇ** ***ବି.*** ୧. ନିଜ ସାଇର ଭାଇ ସ୍ଥାନୀୟ ବ୍ୟକ୍ତି ୨. ନିଜ ସାଇବାସୀ ହେବା ଯୋଗୁଁ ଆପଣା ଭାବ ୩. ବସ୍ତିବାସୀ।

**ସାଇମୁରବୀ** ***ବି.*** ସାଇର ମୁଖିଆ ବା ମାମଲତକାର ।

**ସାଇଯାତ** ***ବି.*** ପୁରୀରେ ବିଭିନ୍ନ ଉତ୍ସବରେ ସାଇଗୁଡ଼ିକରେ ଅନୁଷ୍ଠିତ ଧର୍ମଭିତ୍ତିକ ସାଂସ୍କୃତିକ ଅନୁଷ୍ଠାନ ।

**ସାଉଁଟା, ସାଉଣ୍ଟା** ***ବିଂ.ବି.*** ୧. ଯେ ସାଉଁଟେ ୨. ସଂଗ୍ରହକାରୀ ୩. ସଂଗୃହୀତ ; ***ବି.*** ୧. ସଂଗ୍ରହ ୨. ସାଉଁଟିବା ।

**ସାଉଁଟାଳି** ***ବି.ବିଂ*** ଏଠିସେଠି ପଡ଼ିଥିବା ଦ୍ରବ୍ୟ ସଂଗ୍ରହକାରୀ ।

**ସାଉଁଟିବା** ***କ୍ରି.*** ୧. ବିକ୍ଷିପ୍ତ ପଦାର୍ଥ ସଂଗ୍ରହ କରିବା ୨. ପଡ଼ିଥିବା ଜିନିଷ ଗୋଟେଇବା ।

**ସାଉଁଳା** ***ବି.*** ୧. ଲଘୁ କୋମଳ ସ୍ପର୍ଶ ୨. କଅଁଳିଆ ଓ ଖୁସାମତିଆ କଥା ୩. ପରିଷ୍କରଣ ୪. ଚିକ୍କଣକରଣ ; ***ବିଂ.*** ୧. କୋମଳ ଓ ଲଘୁ ୨. ପରିଷ୍କୃତ ୩. ମସୃଣକୃତ ।

**ସାଉଁଳିଆ** ***ବିଂ.*** ୧. ମସୃଣ ୨. ଚିକ୍କଣ ୩. ଚାଟୁମିଶା (କଥା) ।

**ସାଉଁଳିବା** ***କ୍ରି.*** ୧. ଭଲଭାବରେ ଆଉଁସିବା ୨.କଅଁଳେଇ କହିବା, ସ୍ନେହପୂର୍ଣ୍ଣ କଥା କହିବା ୩. ପରିଷ୍କାର କରିବା ୪. ମସୃଣ କରିବା

**ସାଉ, ସାହୁ** ***ବି.*** ୧. ବଣିକ, ମହାଜନ ୨. ଋଣଦାତା ୩. ସାଙ୍ଗିଆ ବିଶେଷ ।

**ସାଉକାର, ସାହୁକାର** ***ବି.*** ୧. ମହାଜନ ୨. ଋଣଦାତା ।

**ସାଉକାରି** ***ବି.*** ୧. ମହାଜନି ୨. ସାହୁକାରର ବୃତ୍ତି ୩. ଋଣ ଲଗାଣ କାର୍ଯ୍ୟ ।

**ସାଉଟିବା** ***କ୍ରି.*** ଫୋପଡ଼ା ହୋଇଥିବା ଜିନିଷକୁ ଗୋଟେଇବା ।

**ସାଏଦ୍ କରିବା** ***କ୍ରି.*** ଦାଉ ସାଧିବା ୨. ହଇରାଣ ହରକତ କରିବା ୩. ସାଧ ବା ଆୟତ୍ତ କରିବା।

**ସାଏମ୍** ***ବି.*** ଢିଙ୍କି ପାହାର ମୁଣ୍ଡରେ ଲାଗିବା ଲୁହା ବଳାର ସମା।

**ସାକ୍ରା** ***ବି.*** ୧. ପାଣି କଖାରୁରେ ହେବା ଗୁଡ଼ ଦିଆ ତରକାରୀ ୨. କୌଣସି ପରିବାରେ ଗୁଡ଼ ପାଣି ଦେଇ ହେବା ବ୍ୟଞ୍ଜନ।

**ସାକରପଟି** ***ବି.*** ଗୁଡ଼ ଓ ଚଣାରେ ତିଆରି ମିଠେଇ।

**ସାକାର** ***ବିଂ.*** ୧. ଆକାର ସହ, ଆକାରଥିବା ୨. ମୂର୍ତ୍ତ, ମୂର୍ତ୍ତିବିଶିଷ୍ଟ ୩. ସଫଳ ।

**ସାକାର ପୂଜା** ***ବି.*** ପ୍ରତିମା ପୂଜା, ଦେବଦେବୀଙ୍କ ମୂର୍ତ୍ତିପୂଜା ।

**ସାକାରବାଦ** ***ବି.*** ଈଶ୍ୱରଙ୍କ ସାକାର ରୂପରେ ବିଶ୍ୱାସଥିବା ମତବାଦ ।

**ସାକାରବାଦୀ** ***ବିଂ.*** ସାକାର ବା ମୂର୍ତ୍ତିପୂଜାରେ ବିଶ୍ୱାସୀ ।

**ସାକାର ହେବା** ***କ୍ରି.*** ସାର୍ଥକ ହେବା, ଫଳବତୀ ହେବା ।

**ସାକାରିନ୍** ***ବି.*** ୧. ଅତ୍ୟନ୍ତ ମିଠା ଦ୍ରବ୍ୟ ବିଶେଷ ୨. ଚିନି ବଦଳରେ ବ୍ୟବହାର କରାଯାଉଥିବା ପଦାର୍ଥ ।

**ସାକିନ** ***ବି.*** ୧. ନିବାସ, ବାସସ୍ଥାନ ୨. ଠିକଣା ।

**ସାକୀ** ***ବି.*** ମଦ ପରିବେଷଣକାରୀ ତରୁଣୀ ।

**ସାକୁ** ***ବି.*** ଫୁଟାଣି, ଗର୍ବ, ଉଗୁରି ।

**ସାକୁଲା** ***ବି.*** କାକୁତିମିନତି ; ***ବିଂ.*** ଖୋସାମତି , ଚାଟୁପୂର୍ଣ୍ଣ।

**ସାକୁଲାଇବା** ***କ୍ରି.*** ୧. ଫୁସୁଲାଇବା ୨. କଅଁଳ କଥା କହି ମୁଗ୍ଧ କରିବା, ଚାଟୁ କରିବା ୩. କାକୁତି ମିନତି କରିବା ।

**ସାକୁଲା କଥା** ***ବି.*** ଖୋସାମତିଆ କଥା, ତେଲିଆ କଥା, ଚାଟୁପୂର୍ଣ୍ଣ କଥା ।

**ସାକୁଲିଆ** ***ବିଂ.*** ଖୋସାମତିଆ, କାକୁତିମିନତିକାରୀ ।

**ସାଖ୍ୟ** ***ବି.*** ସଖାଭାବ, ବନ୍ଧୁତ୍ୱ, ମିତ୍ରତା ।

**ସାଗ୍** ***ବି.*** ୧. ଶାଗ ୨. ତରକାରୀ ।

**ସାଗ୍‌ବରିଆ** ***ବି.*** ପରିବା ବଗିଚାର ମାଳୀ, ପନିପରିବା ଚାଷୀ ।

**ସାଗର** ***ବି.*** ୧. ବିଶାଳ, ପ୍ରାକୃତିକ ହ୍ରଦ ୨. ସମୁଦ୍ର ୩. ଦଶପଦ୍ମ ପରିମାଣ ବା ଅଙ୍କ (୧,୦୦,୦୦୦,୦୦୦,୦୦୦) ୪. ଏକ ଜାତିର ମୃଗ ।

**ସାଗରସଙ୍ଗମ** ***ବିଂ.*** ନଈ ଯେଉଁଠି ସମୁଦ୍ରରେ ମିଶିଥାଏ, ନଦୀ-ସମୁଦ୍ରର ମିଳନସ୍ଥଳ, ନଦୀର ମୁହାଣ ।

**ସାଗିବା** ***କ୍ରି.*** ୧. ସଙ୍କୁଚିତ ହେବା ୨. ଲହଁସି ଯିବା, ନହକା ହେବା ୩. ମଝିରୁ ନଇଁ ଯିବା ୪. ଦେହକୁ ଆଗ ବା ପଛ ଆଡୁ ନୁଆଁଇବା ୫. ପ୍ରସାରିତ ହେବା ।

**ସାଗୁ** ***ବି.*** ବୃକ୍ଷବିଶେଷର ମଜ୍ଜାରୁ ପ୍ରସ୍ତୁତ ଖାଦ୍ୟବିଶେଷ ।

**ସାଗୁଦାନା** ***ବି.*** ସାଗୁର ଛୋଟ ଛୋଟ ଦାନା ।

**ସାଗୁନ୍** ***ବି.*** ସାବୁନ।

**ସାଙ୍କୁଚ** ***ବି.*** ସମୁଦ୍ରର ଜୀବ ବିଶେଷ, ସାର୍କ ।

**ସାଙ୍କୁଡ଼ିବା** ***କ୍ରି.*** ୧. ସଙ୍କୁଚିତ ହେବା ୨. ଜାକିହେବା ୩. କୁଙ୍କୁଡ଼ି କାଙ୍କୁଡ଼ି ହେବା ।

**ସାଙ୍କେତିକ** ***ବିଂ.*** ସଙ୍କେତ ଦ୍ୱାରା ସୂଚିତ ;***ବି.*** ପାଟୀଗଣିତର ଏକ ଧାରା ।

**ସାଙ୍ଗ** ***ବି.*** ସଙ୍ଗୀ, ସାଥୀ, ବନ୍ଧୁ ; ***ବିଂ.*** ୧. ସହଚାରୀ ୨. ଶେଷ ।

**ସାଙ୍ଗମେଳ** ***ବି.*** ୧. ବନ୍ଧୁ ଗୋଷ୍ଠୀ ୨. ଏକାଧିକ ବନ୍ଧୁଙ୍କ ମିଳନ ।

**ସାଙ୍ଗସରିସା** ***ବି.*** ୧. ବନ୍ଧୁ ମହଲ, ବନ୍ଧୁ ଗୋଷ୍ଠୀ ୨. ସଙ୍ଗୀ ବା ସମକକ୍ଷ ବ୍ୟକ୍ତି ।

**ସାଙ୍ଗସାଥୀ** ***ବି.*** ସଂଗୀ, ବନ୍ଧୁ ।

**ସାଙ୍ଗସୁଖ** ***ବି.*** ଆମୋଦ ସଙ୍ଗୀ, ସହଚରଙ୍କ ସହ ଆମୋଦପ୍ରମୋଦ ।

**ସାଙ୍ଗା** ***ବି.*** ଚାଳ ଘରର ଓରା ।

**ସାଙ୍ଗୁଆ** ***ବିଂ.*** ୧. ସଙ୍ଗପ୍ରିୟ ୨. ସାମାଜିକ ; ***ବି.*** ୧. ସଙ୍ଗୀ, ସହଚର ୨. ଅନ୍ୟ ପଣ୍ଡାର ଯାତ୍ରୀଙ୍କ ପିଛା କରୁଥିବା ଯାତ୍ରୀଗୁମାସ୍ତା ।

**ସାଙ୍ଗେସାଙ୍ଗେ** ***କ୍ରି.ବିଂ.*** ସଙ୍ଗେ ସଙ୍ଗେ, ତତ୍‌କ୍ଷଣାତ୍, ସେଇଲାଗେ ।

**ସାଙ୍ଗୋପାଙ୍ଗ** ***ବିଂ.*** ସାମୂହିକ ; ***ବି.*** ୧. ଅନ୍ତରଙ୍ଗ ବନ୍ଧୁ ୨. ବେଦ ଓ ବେଦାଙ୍ଗର ସମାହାର ୩. ପୂର୍ଣ୍ଣାଙ୍ଗ ।

**ସାଚି** ***ବି.*** ୧. ଖଣ୍ଡ, ନବାତ, କନ୍ଦ ୨. ଏକପ୍ରକାର ମିଷ୍ଟାନ୍ନ ; ***ବିଂ.*** ୧. ଧଳା ୨. ଉତ୍କୃଷ୍ଟ ୩. ଅସଲି ।

**ସାଚିଖଇ** ***ବିଂ.*** ନବାତ ପାଗରେ ତିଆରି ଧଳା ଖଇ ଉଖୁଡା ।

**ସାଜ୍‌ବା** ***କ୍ରି.*** ୧. ସଜାଡ଼ିବା, ମରାମତି କରିବା ୨. ତେଲମସଲା ଦେଇ ଆଚାର କରିବା ୩. ମାନିବା, ମେଳ ଖାଇବା।

**ସାଜ** *ବି.* ୧. ସଜ୍ଜା ୨. ବେଶ ୩. ପୋଷାକ, ପରିଛଦ ଓ ଅଳଙ୍କାର ୪. ଗୃହ ଉପକରଣ, ଆସବାବପତ୍ର ୫. ସାଞ୍ଜୁ ଓ ଅସ୍ତ୍ରଶସ୍ତ୍ରାଦି ୬. ଏକ ସାର ବା ଏକ ସେଟ୍ ୭. ପରିପାଟୀ ୮. ପ୍ରସ୍ତୁତି ପର୍ବ ।

**ସାଜଗୋଜ** *ବି.* ବେଶଭୂଷା ପରିଧାନ ଓ ତାହାର ପରିପାଟୀ ; *ବିଂ.* ସୁସଜ୍ଜିତ ।

**ସାଜଘର** *ବି.* ସଜ୍ଜାଗୃହ, ନଟନଟୀମାନଙ୍କର ବେଶପୋଷାକ ଘର, ଗ୍ରୀନ୍ ରୁମ୍ ।

**ସାଜସଜ୍ଜା** *ବି.* ୧. ସଜାସଜି, ସୌନ୍ଦର୍ଯ୍ୟକରଣ ୨. ରୂପସଜ୍ଜାର ଉପକରଣ ସମୂହ ୩. ବେଶ ଧାରଣ ।

**ସାଜସରଞ୍ଜାମ** *ବି.* ୧. କୌଣସି କାର୍ଯ୍ୟ ପାଇଁ ଆବଶ୍ୟକ ଉପକରଣ ୨. ମରାମତି, ସଜେଇବା ବା ନିର୍ମାଣ କରିବା ସାମଗ୍ରୀ ।

**ସାଜି** *ବିଂ.* କୋଠ (ସମବାୟ ଭିତ୍ତିରେ); *ବି.* ପୂଜା ଚାଙ୍ଗୁଡ଼ି ।

**ସାଜିବା** *ବି.* ୧. ସଜ ହେବା, ବେଶ ପୋଷାକ ପିନ୍ଧିବା ୨. ପ୍ରସ୍ତୁତ ହେବା ୩. ମାନିବା, ଶୋଭା ପାଇବା ୪. ଉପଯୋଗୀ ହେବା ୫. କପଟ ରୂପ ଧାରଣ କରିବା ୬. ମରାମତି କରିବା, ସଜାଡ଼ିବା ୭. ସେବନ ପାଇଁ ପ୍ରସ୍ତୁତ କରିବା ୮. ତେନ୍ତୁଳି, ଆମ୍ବୁଲ ଆଦି ଦୀର୍ଘକାଳ ବ୍ୟବହାର ଉପଯୋଗୀ କରିବା ।

**ସାଜିମାଟି, ସାଜିଖାର** *ବି.* ୧. କ୍ଷାରମାଟି ୨. ବୈଦ୍ୟଲୁଣ ୩. ମାଟିମିଶା ସ୍ୱାଭାବିକ ସୋଡ଼ା କ୍ଷାର ।

**ସାଜିସୁଜି** *କ୍ରି.ବିଂ.* ବେଶଭୂଷା ହୋଇ, ଶୋଭାବନ୍ତ କରି ।

**ସାଜୋ** *ବି.* ୧. ବେଶ ପୋଷାକ ୨. ସାମଗ୍ରୀ, ସରଞ୍ଜାମ ।

**ସାଞ୍ଚ** *ବି.* ୧. ଛାଞ୍ଚ ୨. ମୂର୍ତ୍ତି ତିଆରି ପାଇଁ ବ୍ୟବହୃତ ଢାଂଚା, ପୂର୍ବରୁ ପ୍ରସ୍ତୁତ ନକଲ, ଛାଞ୍ଚ ୩. ଅଲେଖା ତାଳପତ୍ର ଖେଦା ।

**ସାଞ୍ଜୁଆଳ** *ବିଂ.* ସାଞ୍ଜୁ ବା ବର୍ମ ଆବୃତ ।

**ସାଞ୍ଜୁଳିବା** *କ୍ରି.* ଏକାଧିକ ଦ୍ରବ୍ୟ ବା ପଶୁଙ୍କୁ ଏକାଠି ଛନ୍ଦିବା ।

**ସାଟ୍, ସାର୍ଟ୍** *ବି.* କମିଜ, ଜାମା, କୁର୍ତ୍ତା ।

**ସାଟକିଳା** *ବି.* ଶଗଡ଼ ଫଳିର ମୁଣ୍ଡରେ ଥିବା କାଠଖିଲ, ଚନାଖୁଟି ।

**ସାଟି** *ବି.* ଜଂଘ ।

**ସାଟିନ୍** *ବି.* କୋମଳ ଓ ଚିକ୍କଣ କପଡ଼ା ବିଶେଷ ।

**ସାଟିଫିକେଟ୍** *ବି.* ୧. ପ୍ରମାଣପତ୍ର ୨. ପ୍ରଶଂସାପତ୍ର ।

**ସାଟେଲାଇଟ୍** *ବି.* କୃତ୍ରିମ ଉପଗ୍ରହ; *ବିଂ.* ଅନ୍ୟକୌଣସି ବୃହତ୍ତର ସଂସ୍ଥା ବା ସ୍ଥାନର ନିକଟବର୍ତ୍ତୀ ବା ନିର୍ଭରଶୀଳ ।

**ସାଡ଼ମ୍ବର** *ବିଂ.* ଆଡ଼ମ୍ବର ସହକାରେ, ଆଡ଼ମ୍ବରଯୁକ୍ତ ।

**ସାଢ଼େ** *ବିଂ.* ଅଧେ ସହ, ସାର୍ଦ୍ଧ ।

**ସାଣମେଲା, ସାହାଣମେଲା** *ବିଂ.ବି.* ୧. ପୂର୍ଣ୍ଣ ଉନ୍ମୁକ୍ତ, ପୂରା ଖୋଲା (ଦ୍ୱାର) ୨. ସର୍ବସାଧାରଣଙ୍କ ଜଗନ୍ନାଥ ଦର୍ଶନପାଇଁ ନିର୍ଦ୍ଧାରିତ ସମୟ ।

**ସାଙ୍ଖିବା** *କ୍ରି.* ୧. ଫେଣ୍ଟିବା ୨. ଯୋଡ଼ିବା ବା ସଂଲଗ୍ନ କରିବା ୩. ବଙ୍କା ଅଂଶକୁ ସିଧା କରିବା ।

**ସାଣ୍ଠ** *ବି.* ୧. ସମ୍ବଳ, ବିଭବ, ପାଣ୍ଠି ୨. ମୂଳଧନ ।

**ସାଣ୍ଢଣା** *ବି.* ଚିତା, ମୁରୁଜ ଆଦି କାରୁକଳା ।

**ସାଣ୍ଟିବା** *କ୍ରି.* ବିପଦ ବା ଅସୁବିଧାରେ ପକାଇ ଦୀର୍ଘ ସମୟ ପର୍ଯ୍ୟନ୍ତ ହଇରାଣ କରିବା ।

**ସାଣ୍ଡ୍‌ଉଇଚ୍** *ବି.* ଦୁଇ ପାଉଁରୁଟି ଖଣ୍ଡ ମଝିରେ ଅମଲେଟ୍, ସାଲାଡ଼ ବା ଅନ୍ୟ କିଛି ରଖି ପ୍ରସ୍ତୁତ ଖାଦ୍ୟ ।

**ସାଣ୍ଡଲ, ସେଣ୍ଡଲ୍** *ବି.* ଗୋଇଠି ପାଖରେ ଫିତାଲଗା ଚପଲ ।

**ସାତ୍ ଗାଟି** *ବି.* କାଂଜି ଗାଟି ଖେଳ, ଗିଲ ବା ତେନ୍ତୁଳି ମଞ୍ଜି ନେଇ ଖେଳ ।

**ସାତ** *ବି.* ୭ ସଂଖ୍ୟା ; *ବିଂ.* ୧. ୭ ସଂଖ୍ୟକ ୨. ବହୁ, ନାନା, ଅନେକ ।

**ସାତକାଣ୍ଡ** *ବି.* ୧. ରାମାୟଣର ସାତୋଟି ଭାଗ ୨. ଖୁବ ବଡ଼ ଘଟଣା ।

**ସାତକାମୁଡା** *ବି.* ଛଅ ପାଦ ବିଶିଷ୍ଟ ପକ୍ଷ ନ ଥିବା ଏବଂ ଲାଞ୍ଜ ଓ ମୁହଁରେ ଦୁଇଟି ନାହୁଡ଼ ଥିବା କଳା ପୋକ ବିଶେଷ ।

**ସାତଖୁଣ ମାଫ** *ବି.* ସମସ୍ତ ଅପରାଧ ମାଫ କରିବା, ଯାବତୀୟ ଦୋଷତ୍ରୁଟିର କ୍ଷମା ।

**ସାତଘଡ଼ିଆ** *ବି.* ବଧୂଲି, ଦିପହରିଆ ଫୁଲ ।

**ସାତତାଳ** *ବିଂ.* ୧. ସାତଟି ତାଳ ଗଛ ମିଶିଲେ ଯେତେ ସେତିକି (ଗଭୀର) ୨. ସାତ ପୁରୁଷ ଉଚ୍ଚ ବା ଗଭୀର (ଏକ ତାଳ ପୁରୁଷେ ଦୀର୍ଘ), ସୁଗଭୀର ।

**ସାତଦୀପ** *ବି.* ବରକନ୍ୟାଙ୍କୁ ବନ୍ଦାଇବାରେ ବ୍ୟବହୃତ ସାତଟି ମୁହଁ ଥିବା ଦୀପ ।

**ସାତପଛ** *କ୍ରି.ବିଂ.* ସମସ୍ତଙ୍କ ପଛରେ ବା ପରେ (ଆସିଥିବା) ।

**ସାତପର** *ବିଂ.* ୧. ପୂରାପୂରି ସମ୍ପର୍କହୀନ ୨. ସମ୍ପର୍କ ରଖି ନଥିବା ।

**ସାତପାଞ୍ଚ** *ବିଂ.* ୧. ବିବିଧ, ନାନା, ଅନେକ ପ୍ରକାରର ୨. ଲଗେଇ ଜୁଟେଇ, ମିଛସତ, ୩. ସଂଶୟାପନ୍ନ, ଦୋଦୋପାଞ୍ଚ ; *ବି.* ୧. ବହୁଲୋକ ୨. ନାନା କଥା ୩. ଭଲ ମନ୍ଦ ଦିଗ ୪. ବିଚାରରେ ଅସ୍ଥିରତା ।

**ସାତ ପାହାଚ** *ବି.* ଶ୍ରୀମନ୍ଦିର ପ୍ରବେଶ ପଥରେଥିବା ସାତଟି ପାହାଚ ।

**ସାତପୁରୁଷ** *ବି.* ସାତପିଢ଼ି, ସପ୍ତପୁରୁଷ ।

**ସାତପୁରୁଷୀ** *ବିଂ.* ୧. ସାତ ପିଢ଼ି ଧରି ୨. ବହୁ ପିଢ଼ି ବା ପୁରୁଷଧରି ।

**ସାତଫେଣିଆ** *ବି.* ସପ୍ତଫେଣୀ ଗଛ ବା ତାର କଣ୍ଟା ।

**ସାତବେଣ୍ଟି** *ବି.* ଅପରାଧୀର ମୁଣ୍ଡର ସାତ ଜାଗାରେ ବେଣ୍ଟି ଛାଡ଼ି ଖିଅର କରିବା ଭଳି ପ୍ରାଚୀନ ସାମାଜିକ ବା ରାଜ ଦଣ୍ଡ ବିଶେଷ; *ବିଂ.* ସାତବେଣ୍ଟିଆ ।

**ସାତଭାଇଆ** *ବି.* ୧. ଚଞ୍ଚଳ ପ୍ରକୃତିର ପକ୍ଷୀ ବିଶେଷ ୨. ସପ୍ତତାରକା ବିଶିଷ୍ଟ କୃତ୍ତିକା ନକ୍ଷତ୍ର ୩. ବାଳମୂଳିଆ (ବାଳମୁନିଆ) ଶ୍ରେଣୀର ଯନ୍ତ୍ରଣାପ୍ରଦ ବଥ; *ବିଂ.* ବହୁ ସ୍ୱାମୀଥିବା ।

**ସାତଭାୟା ଆଖଡ଼ା** *ବି.* ଅନେକ ମାମଲତକାରୀ ପ୍ରଭୁତ୍ୱ ଜାହିର କରୁଥିବା ବିଶୃଙ୍ଖଳିତ ଅନୁଷ୍ଠାନ ।

**ସାତମଙ୍ଗଳା** *ବି.* ସପ୍ତମଙ୍ଗଳା, ବିବାହ ବା ବ୍ରତର ସପ୍ତମ ଦିନ ।

**ସାତସଉତୁଣିଆ** *ବିଂ.* ଦୈନିକ ଝଗଡ଼ା ଲାଗୁଥିବା; *ବି.* ଗଛ ଶାଖାରେ ସାଧାରଣତଃ ବାସ କରୁଥିବା ଏକ ପ୍ରକାର ଚଢ଼େଇ ।

**ସାତସନ୍ଧି** *ବି.* ଅଗମ୍ୟ ବା ଗୁପ୍ତସ୍ଥାନ, ଏକାନ୍ତ ଗୋପନୀୟ ଜାଗା ।

**ସାତ୍ତ୍ୱିକ, ସାତ୍ୱିକ** *ବିଂ.* ସତ୍ତ୍ୱଗୁଣ ସମ୍ବନ୍ଧୀୟ, ସତ୍ତ୍ୱଗୁଣ ବିଶିଷ୍ଟ, ସତ୍ତ୍ୱଗୁଣଜାତ, ସତ୍ତ୍ୱଗୁଣ ପ୍ରଧାନ; *ବି.* ୧. ବ୍ରହ୍ମା ୨. ପ୍ରଣୟାଦିଜନିତ ଦୈହିକ ଓ ମାନସିକ ଲକ୍ଷଣଯୁକ୍ତ ମନୋଭାବ ୩. ଅଷ୍ଟବିଧ ମାନସିକ ଲକ୍ଷଣ (ସ୍ତମ୍ଭ, ସ୍ୱେଦ, ରୋମାଞ୍ଚ, ସ୍ୱରଭଙ୍ଗ, କମ୍ପ, ବିବର୍ଣ୍ଣତା, ଅଶ୍ରୁ ଓ ମୂର୍ଚ୍ଛା), ପ୍ରେମାନୁଭୂତିର ଲକ୍ଷଣ।

**ସାତ୍ତ୍ୱିକ ପୁରାଣ** *ବି.* ଛଅଗୋଟି ସତ୍ତ୍ୱଗୁଣ ବିଶିଷ୍ଟ ପୁରାଣ ( ନାରଦୀୟ, ଗରୁଡ଼, ପଦ୍ମ, ବରାହ, ଭାଗବତ, ବିଷ୍ଣୁ) ।

**ସାତ୍ତ୍ୱିକ ସ୍ମୃତି** *ବି.* ଛଅଜଣ ମୁନିଙ୍କ ରଚିତ ସ୍ମୃତି ଶାସ୍ତ୍ର [ବଶିଷ୍ଠ, ହାରିତ, ବ୍ୟାସ, ପରାଶର, ଭରଦ୍ୱାଜ, କାଶ୍ୟପ]

**ସାଥିସାଥି, ସାଥେସାଥେ** *ଅ.କ୍ରି.ବିଂ.* ସେଇଲାଗେ, ସାଙ୍ଗ ସାଙ୍ଗେ, ସଙ୍ଗେ ସଙ୍ଗେ ।

**ସାଥୀ** *ବି.ବିଂ.* ୧. ସଙ୍ଗୀ, ବନ୍ଧୁ, ସାଙ୍ଗ ୨. ସାଙ୍ଗରେ ଯାତ୍ରା କରୁଥିବା ବ୍ୟକ୍ତି, ସହଚର, ସହଯାତ୍ରୀ ।

**ସାଥୁଆ** *ବି.* ନିଜ ଅଞ୍ଚଳର ଯାତ୍ରୀଙ୍କୁ ସାଥିରେ ଆଣି ପୁରୀରେ ପଣ୍ଡାଙ୍କ ମାର୍ଫତ୍‌ରେ ଦେବା ବ୍ୟକ୍ତି।

**ସାଦ** *ବି.* ୧. ଗର୍ଭବତୀର ଇଚ୍ଛା, ଦୋହଦ ୨. ଇଚ୍ଛା, ଲୋଭ ।

**ସାଦର** *ବିଂ.* ଆଦରପୂର୍ଣ୍ଣ, ଆଦର ସହିତ, ସମ୍ମାନ ସହକାରେ ।

**ସାଦା** *ବିଂ.* ୧. ସାଧାରଣ ୨. କାରୁକାର୍ଯ୍ୟହୀନ ୩. ଅଲେଖା (କାଗଜ) ୪. ସରଳ ବା ଖୋଲା ଭାବବିଶିଷ୍ଟ ୫. ସାଦାସିଧା ୬. ନିରାଡ଼ମ୍ବର, ଅକପଟ ୭. କଡ଼ା ମସଲା ପଡ଼ି ନଥିବା (ପାନ) ୮. ମସଲା ପଡ଼ିନଥିବା(ଖାଦ୍ୟ) ୭. ନିରାମିଷ, ଆମିଷହୀନ (ତରକାରି) ।

**ସାଦାଟିଆ** *ବିଂ.* ପ୍ରାୟ ସାଦା, ସାଦାପରି ।

**ସାଦାସିଧା** *ବିଂ.* ୧. ସରଳ, ନିଷ୍କପଟ ୨. ନିରାଡ଼ମ୍ବର, ବିଳାସବର୍ଜିତ ।

**ସାଦି** *ବି.* ୧. ବିବାହ ୨. ସାରଥି ୩. ଅଶ୍ୱାରୋହୀ ୪. ଗଜାରୋହୀ ୫. ରଥାରୋହୀ; *ବିଂ.* ଅବସନ୍ନ ।

**ସାଦିସୁଦା** *ବିଂ.* ଶାଦିଶୁଦା, ବିବାହିତ ବା ବିବାହିତା ।

**ସାଦୃଶ୍ୟ** *ବି.* ଅନୁରୂପତା, ଏକରୂପତା, ତୁଲ୍ୟତା ।

**ସାଧ** *ବି.* ୧. ସାଦ, ଗର୍ଭିଣୀର ଇଚ୍ଛା ଅନୁରୂପ ଭୋଜନ ପାଇଁ ଆଗ୍ରହ, ଦୋହଦ ୨. ଅଭିଳଷିତ ବିଷୟ ବା ସଉକି ।

**ସାଧକ** *ବିଂ.ବି.* ୧. ସାଧନା କରୁଥିବା ବା କରିଥିବା, ସାଧନକର୍ତ୍ତା, ସାଧନାକାରୀ ବ୍ୟକ୍ତି ୨.ଯୋଗସିଦ୍ଧ ବ୍ୟକ୍ତି ।

**ସାଧନ** *ବି.* ୧. ସମ୍ପାଦନ, କରଣ ବା କରିବା ୨. ସିଦ୍ଧି, ସାଫଲ୍ୟ ୩. ଆଧ୍ୟାତ୍ମିକ କାର୍ଯ୍ୟ, ଆରାଧନ ୪. ହେତୁ ୫. ଉପାୟ ୬. ଅର୍ଥ, ଟଙ୍କା ପଇସା, ପାଣ୍ଠି ୭. ସହାୟକ ଉପକରଣ ୮. କୌଣସି କାର୍ଯ୍ୟ ବା ସାମଗ୍ରୀ ୯. ଅନୁଶୀଳନ ।

**ସାଧନା** *ବି.* ୧. ଆରାଧନା ବା ସାଧନ ପଦ୍ଧତି ୨. ଉତ୍ତମ ଉଦ୍ଦେଶ୍ୟ ସିଦ୍ଧି ପାଇଁ ବିହିତ ପ୍ରକ୍ରିୟା ୩. ଶିକ୍ଷା, ଅଭ୍ୟାସ ୪. ବ୍ରତ, ଶ୍ରେୟ ପନ୍ଥା ୫. ସାଧନୀୟ ବିଷୟ ।

**ସାଧନୀୟ** *ବିଂ.* ୧. ସାଧନଯୋଗ୍ୟ, ସାଧ୍ୟ ୨. କରଣୀୟ ୩. ନିଷ୍ପାଦୀୟ, ଯାହା ପ୍ରମାଣ କରିବାକୁ ହେବ ୪. ଆରାଧ୍ୟ ।

**ସାଧବ** *ବି.* ୧. ସାଧୁ ବ୍ୟକ୍ତି,ସଜ୍ଜନ ୨. ବୋଇତିଆଳ ବା ନୌବଣିକ, ସୌଦାଗର ୩. ମହାଜନ, ସାହୁକାର ।

**ସାଧବବୋହୂ, ସାଧବାଣୀ** *ବି.* ପାଟପୋକ, ଇନ୍ଦ୍ରଗୋପ, ପାଟକିରା, ମଖ୍‌ମେଲ୍ କିରା, ନାଲି ଟୁକୁଟୁକୁ ପୋକ ।

**ସାଧବୀ** *ବି.ବିଂ.* ୧. ସାଧୁନାରୀ ୨. ସତୀ ସ୍ତ୍ରୀ ୩. ଅହିଅ ନାରୀ, ସଧବା ।

**ସାଧାରଣ** *ବିଂ.* ୧. ସାର୍ବଜନୀନ, ନିର୍ବିଶେଷ ୨. ସରଳ, ସାଦାସିଧା, ନିରୀହ ୩. ଗର୍ବହୀନ ୪. କପଟଶୂନ୍ୟ ୫. ତୁଚ୍ଛ, ନଗଣ୍ୟ ୬. ମାମୁଲି ୭. ସାମାନ୍ୟ ୮. ପ୍ରକାଶ୍ୟ; *ବି.* କୋଠ ।

**ସାଧାରଣତଃ** *ଅ.* ପ୍ରାୟତଃ, ସଚରାଚର, ସାଧାରଣରୂପେ ।

**ସାଧାରଣତନ୍ତ୍ର** *ବି.* ଜନସାଧାରଣଙ୍କଦ୍ୱାରା ନିର୍ବାଚିତ ପ୍ରତିନିଧିମାନଙ୍କଦ୍ୱାରା ରାଷ୍ଟ୍ରଶାସନ ବ୍ୟବସ୍ଥା, ଗଣତନ୍ତ୍ର, ପ୍ରଜାତନ୍ତ୍ର ।

**ସାଧାରଣତନ୍ତ୍ର ଦିବସ** *ବି.* ଭାରତ ବର୍ଷ ଏକ ସାଧାରଣତନ୍ତ୍ର ଭାବେ ପରିଚିତ ହେବାର ଦିବସ, ୨୬ ଜାନୁଆରୀ।

**ସାଧାରଣୀ** *ବିଂ.* ସର୍ବସାଧାରଣଭୋଗ୍ୟା; *ବି.* ୧. ବେଶ୍ୟା ୨. କଞ୍ଚିକାଠି, ଚାବି ।

**ସାଧିତ** *ବିଂ.* ୧. ସମ୍ପାଦିତ ୨. ସମାହିତ ୩. ପ୍ରମାଣସିଦ୍ଧ ।

**ସାଧିବା** ***କ୍ରି.*** ୧. ସାଧନ କରିବା, ସାଧ୍ୟ ବା ଆୟତ୍ତ କରିବା ୨. ଗଣିତର ସମସ୍ୟା ସମାଧାନ କରିବା ୩. ସିଦ୍ଧ କରିବା ୪. ଦାଉ ଶୁଝାଇବା ୫. ହଇରାଣ ହରକତ କରିବା, କଷ୍ଟ ଦେବା ।

**ସାଧୁ** ***ବି.*** ୧. ଉତ୍ତମ ସ୍ୱଭାବର ବ୍ୟକ୍ତି ୨.ସଜ୍ଜନ, ସନ୍ନ୍ୟାସୀ, ଯୋଗୀ ୩. ବଣିକ, ସୌଦାଗର ୪. ସାହୁକାର, ସୁଧଖୋର ମହାଜନ ; ***ବିଂ.*** ୧. ସତ୍, ଧାର୍ମିକ ୨. ଶିଷ୍ଟ, ଭଦ୍ର, ମାର୍ଜିତ ୩. ଉତ୍ତମ ୪. ମହତ୍ ୫. ଉଚିତ, ଉପଯୁକ୍ତ ।

**ସାଧୁତା** ***ବି.*** ୧. ସଚ୍ଚୋଟତା, ନୀତି ପରାୟଣତା ୨. ଧାର୍ମିକତା, ଧର୍ମଶୀଳତା ୩. ସଜ୍ଜନତା, ଭଲପଣିଆ ।

**ସାଧୁନ୍ ପାରିବା** ***କ୍ରି.*** କ୍ରୀଡ଼ା ବା ଶାରୀରିକ କୌଶଳ ଦେଖାଇବା ।

**ସାଧୁବାଦ** ***ବି.*** ଧନ୍ୟବାଦ, ପ୍ରଶଂସାଜ୍ଞାପନ ।

**ସାଧୁବୃତ୍ତ** ***ବି.*** ସତକର୍ମ, ସଦାଚରଣ; ***ବିଂ.*** ସତ୍ ସ୍ୱଭାବବିଶିଷ୍ଟ ।

**ସାଧୁଭାଷା** ***ବି.*** ୧. ସଂସ୍କୃତ ଶବ୍ଦ ପ୍ରଧାନ ଲେଖ୍ୟ ଭାଷା ୨. ସାହିତ୍ୟର ଉପଯୁକ୍ତ ମାର୍ଜିତ ଭାଷା ।

**ସାଧ୍ୱୀ** ***ବିଂ.*** ସତୀ, ପତିବ୍ରତା, ସଚ୍ଚରିତ୍ରା ; ***ବି.*** ୧. ସନ୍ନ୍ୟାସିନୀ ୨. ସତୀ ନାରୀ ।

**ସାଧ୍ୟ** ***ବି.*** ୧. ଯାହା କରିବା ସମ୍ଭବ, ସମ୍ପାଦନର ଯୋଗ୍ୟ ୨. କ୍ଷମତାର ଆୟତ୍ତ ୩. ଯୋଗ ବିଶେଷ ୪. ଦ୍ୱାଦଶ ଗଣଦେବତା ମଧ୍ୟରେ ଅନ୍ୟତମ ୪. ଶର ୫. ଅନୁମାନ ଦ୍ୱାରା ନିର୍ଣ୍ଣେୟ ବିଷୟ ।

**ସାଧ୍ୟ କରିବା** ***କ୍ରି.*** ୧. ଦଣ୍ଡ ବା ଶାସ୍ତିଦ୍ୱାରା ଜବତ କରିବା ୨. ସାଧିବା, ପଶୁଙ୍କୁ ମଣ କରିବା ୩. ଶାସନଦ୍ୱାରା ନିୟନ୍ତ୍ରଣକୁ ଆଣିବା ୪. ପତିତ ଜମିକୁ ଆବାଦ କରିବା ୪. କୌଣସି କଠିନ କାର୍ଯ୍ୟ କରିବା ପାଇଁ ସମର୍ଥ ହେବା ।

**ସାଧ୍ୟତା** ***ବି.*** ସାଧନଯୋଗ୍ୟତା, ସାଧନୀୟ ହେବା ଅବସ୍ଥା ।

**ସାଧ୍ୟବହିର୍ଭୂତ, ସାଧ୍ୟାତିରିକ୍ତ, ସାଧ୍ୟାତୀତ** ***ବିଂ.*** ଅସାଧ୍ୟ, ଯାହା କରିହେବା ସମ୍ଭବ ନୁହେଁ, ଶକ୍ତି ବାହାରେ ।

**ସାଧ୍ୟମତ, ସାଧ୍ୟମତେ,** ***କ୍ରି.ବିଂ.*** ଶକ୍ତିମତେ, ପାରୁ ପର୍ଯ୍ୟନ୍ତ ।

**ସାନ୍‌ଲି** ***ବି.*** ୧. ଏକାଧିକ ବିବାହ କରିଥିବା ଲୋକର ସାନ ପତ୍ନୀ ୨. କନିଷ୍ଠା ନାରୀ ।

**ସାନ** ***ବିଂ.*** ୧. ଛୋଟ, କ୍ଷୁଦ୍ର ୨. କନିଷ୍ଠ ୩. ହୀନ, ନିକୃଷ୍ଟ ।

**ସାନନ୍ଦ** ***ବିଂ.*** ଆନନ୍ଦସହ, ଆନନ୍ଦରେ, ସହର୍ଷ ।

**ସାନ ମଝିଆଁ** ***ବିଂ.*** କନିଷ୍ଠ ବା ସବାସାନର ଉପର ।

**ସାନାଇ** ***ବି.*** ସହାନାଇ, କାଠ ତିଆରି ତୂରୀଭଳି ଫୁଙ୍କା ବାଦ୍ୟଯନ୍ତ୍ର, ବିବାହାଦି ଉତ୍ସବରେ ମଙ୍ଗଳବାଦ୍ୟ ।

**ସାନି** ***ବି.*** ୧. ପିଡ଼ିଆଗୁଣ୍ଡ ମିଶା କଟାନଡ଼ା, ଛେନିନଡ଼ା ୨. ପୁନର୍ବିଚାର ୩. ଦେବଦାସୀ ୪. ବେଶ୍ୟା; ***କ୍ରି.ବିଂ. ବିଂ.*** ପୁଣି ଥରେ, ଦ୍ୱିତୀୟ ବାର, ଆହୁରିଥରେ, ଦ୍ୱିତୀୟଥର ।

**ସାନିଟାରି ନେପ୍‌କିନ୍** ***ବି.*** ନାରୀମାନେ ଋତୁମତୀ ହେବା କାଳରେ ବ୍ୟବହାର କରୁଥିବା ବେଣ୍ଡେଜ୍ ଭଳି ତଳିକନା ।

**ସାନି ଘାଣ୍ଟି ହେବା** ***ବିଂ.*** ୧. ଗୋଳିଆମିଶା କରିବା ୨. କୌଣସି କାର୍ଯ୍ୟରେ ଅଯଥା ହାତ ଦେଇ ବିଶୃଙ୍ଖଳା ସୃଷ୍ଟି କରିବା ୩. ଗୁଡ଼ାଏ କାମର ଚାପ ଯୋଗୁଁ ହଇରାଣ ହେବା ।

**ସାନିବା** ***କ୍ରି.*** ଗୋଳେଇବା, ଘାଣ୍ଟିବା, ଚକଟିବା, ସାନ୍ଧିବା ।

**ସାନୁ** ***ବି.*** ପର୍ବତ ଉପରର ସମତଳ ସ୍ଥାନ, ଗିରିତଟ, ଅଗ୍ର ।

**ସାନୁଜ** ***ବିଂ.*** ୧. ଅନୁଜ ବା ସାନଭାଇ ସହିତ ୨. ପର୍ବତ ଉପରେ ଜାତ ।

**ସାନୁଦେଶ** ***ବି.*** ଅଧିତ୍ୟକା, ପର୍ବତ ଉପରର ସମତଳ ସ୍ଥାନ ।

**ସାନୁନୟ** ***ବିଂ.*** ମିନତିଭରା, ଅନୁନୟଭରା ।

**ସାନୁମାନ** ***ବି.*** ପର୍ବତ ।

**ସାନ୍ତ** ***ବିଂ.*** ଯାହାର ଅନ୍ତଅଛି, ସସୀମ ; ***ବି.*** ସାନ୍ତତା ।

**ସାନ୍ତରା, ସାନ୍ତ୍ରା** ***ବି.*** ୧. ମିଠା କମଳା ବିଶେଷ ୨. ସାମନ୍ତରାୟ, ସାମନ୍ତବଂଶୀୟ, ସାଙ୍ଗିଆ ବା ଉପାଧିବିଶେଷ ।

**ସାନ୍ତାଳ** ***ବି.*** ପୂର୍ବ ଭାରତୀୟ ଜନଜାତି ବିଶେଷ ।

**ସାନ୍ତାଳୀ** ***ବିଂ.*** ୧. ସାନ୍ତାଳ ସୁଲଭ ୨. ସାନ୍ତାଳ ସମାଜରେ ପ୍ରଚଳିତ ୩. ସାନ୍ତାଳ ସମ୍ବନ୍ଧୀୟ; ***ବି.*** ୧. ସାନ୍ତାଳୀ ଭାଷା ୨. ଏହାର ଲିପି, ଅଲ୍‌ଚିକି ।

**ସାନ୍ତ୍ୱନା** ***ବି.*** ଆଶ୍ୱାସନା, ପ୍ରବୋଧ ।

**ସାନ୍ଦ୍ର** ***ବିଂ.*** ଘନ, ପ୍ରଗାଢ଼, ତରଳ ଅଥଚ ଗାଢ଼ ।

**ସାନ୍ଧିବା** ***କ୍ରି.*** ୧. ଏକତ୍ର ମିଶାଇବା ପାଇଁ ଭଲ କରି ଘାଣ୍ଟିବା, ଦଳିବା ୨. ଛିଦ୍ରରେ ପୂରାଇ ଖୋବିବା ୩. ଅକଳ ବା ଅସୁବିଧାରେ ପକାଇ ବିବ୍ରତ କରିବା ।

**ସାନ୍ନିଧ୍ୟ** ***ବି.*** ଅନ୍ତରଙ୍ଗତା, ନିକଟତା, ସମୀପତା ।

**ସାନ୍ନିପାତିକ** ***ବିଂ.*** ୧. ବାତ, ପିତ ଓ କଫ ଏହି ତିନି ଦୋଷ ଜନିତ, ସନ୍ନିପାତ ଜନିତ ୨. ସାଙ୍ଘାତିକ ।

**ସାପ** ***ବି.*** ଲମ୍ବାକୃତି ବିଭିନ୍ନ ପ୍ରଜାତିର ସରୀସୃପ, ସର୍ପ, ସାଁପ୍ ।

**ସାପୁଆ** ***ବିଂ.*** ୧. ସାପ ବହୁଳ ୨. ସାପ ପରି ସରୁ ୩. ଯେ ସାପ ଧରେ ଓ ଖେଳାଏ, କେଳା ୪. ସରୁ ଡଙ୍ଗା ବିଶେଷ ୫. ଛଚିନ୍ଦା ।

**ସାପୁଆ କେଳା** ***ବି.*** ବୃତ୍ତି ଭାବରେ ସାପ ଧରିବା ଓ ଖେଳାଇବା ଲୋକ ।

**ସାପେକ୍ଷ** ***ବିଂ.*** ଅପେକ୍ଷାଯୁକ୍ତ, ନିର୍ଭରଶୀଳ ।

**ସାପେକ୍ଷାନୁମାନ** ***ବି.*** ଦୁଇ ବା ତତୋଽଧିକ ସତ୍ୟର ପରସ୍ପର ସମ୍ବନ୍ଧ ବିଚାରଦ୍ୱାରା ନୂତନ ସତ୍ୟର ଆବିଷ୍କାର ।

**ସାପ୍ତାହିକ** ***ବିଂ.*** ୧. ସାତ ଦିନରେ ଥରେ ଅନୁଷ୍ଠିତ ୨. ସପ୍ତାହ ସମ୍ବନ୍ଧୀୟ; ***ବି.*** ସପ୍ତାହରେ ଥରେ ପ୍ରକାଶ ପାଉଥିବା ପତ୍ରପତ୍ରିକା।

**ସାଫ୍** ***ବିଂ.*** ୧. ପରିଷ୍କୃତ, ସଫା, ନିର୍ମଳ, ସ୍ୱଚ୍ଛ ୨. ଖତମ୍ ୩. ବାଧାମୁକ୍ତ, ନିଷ୍କଣ୍ଟକ ୪. ନିଷ୍କପଟ, ଖୋଲା ; ***କ୍ରି.ବିଂ.*** ସ୍ପଷ୍ଟରୂପେ, ଖୋଲାଖୋଲି ଭାବରେ ।

**ସାଫ୍‌ସୁତର୍** ***ବିଂ.*** ପରିଷ୍କାର ପରିଚ୍ଛନ୍ନ ।

**ସାଫଲ୍ୟ** ***ବି.*** ସଫଳତା, ସାର୍ଥକତା, କୃତକାର୍ଯ୍ୟତା ।

**ସାଫି** ***ବି.*** ୧. ମୂଳ ଲେଖାର ସ୍ୱଚ୍ଛ ପ୍ରତିଲିପି ଲିଖନ ୨. ପରିଷ୍କରଣ, ନିର୍ମଳୀକରଣ ।

**ସାବ୍‌ନା, ସାବନିଆ** ***ବିଂ.ବି.*** ମାଗୁରଗୋରିଆ, ଈଷତ୍ କଳା, ***ବି.*** କୁଳାରେ ଧାନ ଖେଳାଇ ନାଚିବା ବେଳର ଗୀତ।

**ସାବକ** ***ବିଂ.*** ୧. ପୂର୍ବ ପୁରୁଷର, ପୁରାତନ, ବିଗତ ୨. ପୂର୍ବବର୍ଷର ୩. ଉତ୍ତରାଧିକାର ସୂତ୍ରରେ ପାଇଥିବା; ***ବି.*** ପୂର୍ବପୁରୁଷର ଘରବାଡ଼ି ।

**ସାବକୀ** ***ବିଂ.*** ପୁରୁଣାକାଳିଆ, ପ୍ରାଚୀନକାଳୀନ ।

**ସାବତ** ***ବିଂ.*** ବିମାତା ସମ୍ବନ୍ଧିତ, ସାବତ ମା ସମ୍ପର୍କିତ, ବୈମାତ୍ରେୟ ।

**ସାବତ ନିଯୋଗ** ***ବି.*** ପୁରୀରେ ପଞ୍ଚ ତୀର୍ଥ ସେବକ, ତୀର୍ଥରକ୍ଷା ପଡ଼ିଆରୀ।

**ସାବତପୁଅ** ***ବି.*** ସଉତୁଣୀର ପୁଅ ।

**ସାବତଭାଇ** ***ବି.*** ମାଆର ସଉତୁଣୀର ପୁଅ ।

**ସାବତମା** ***ବି.*** ମାଆର ସଉତୁଣୀ, ବିମାତା ।

**ସାବଧାନ** ***ଅ.*** ହୁସିଆର ହେବାକୁ ଅନୁରୋଧ ବା ନିର୍ଦ୍ଦେଶ ; ***ବି.*** ହୁସିଆରି ; ***ବିଂ.*** ୧. ହୁସିଆର, ସତର୍କ ୨. ଅବହିତ ; ***ବି.*** ସାବଧାନତା ।

**ସାବଧାନୀ** ***ବିଂ.*** ହୁସିଆର, ଅତିରିକ୍ତ ସତର୍କ ।

**ସାବଲୀଳ** ***ବିଂ.*** ୧. ଅନାୟାସ କୃତ, ସ୍ୱଚ୍ଛନ୍ଦ ୨. ଲୀଳାୟିତ ; ***ବି.*** ସାବଲୀଳତା ।

**ସାବାଡ଼** ***ବିଂ.*** ୪. ସମତୁଲ ୩. ସର୍ବସ୍ୱାନ୍ତ ୧. ଶେଷ, ଖତମ ୨. ଧ୍ୱଂସ, ନିଃଶେଷ, ବିନାଶପ୍ରାପ୍ତ ।

**ସାବାଡ଼ କରିବା** ***କ୍ରି.*** ୧. ଦଣ୍ଡ ଦେଇ ସାଧ୍ୟ କରିବା ୨. ପ୍ରତିଶୋଧ ନେବା ।

**ସାବାଳକ** ***ବିଂ.*** ୧. ପ୍ରାପ୍ତବୟସ୍କ, ଆଇନାନୁମୋଦିତ ବୟସ ପ୍ରାପ୍ତ ; ***ବି.*** ଅଠର ବର୍ଷ ପୂରିଥିବା ବ୍ୟକ୍ତି ।

**ସାବାଳକି** ***ବି.*** ପ୍ରାପ୍ତବୟସ୍କ ଅବସ୍ଥା, ଅଠର ବର୍ଷରୁ ଅଧିକ ବୟସ ।

**ସାବାସ** ***ଅ.*** ବାଃ, ଧନ୍ୟ ; ***ବି.*** ସାଧୁବାଦ, ଧନ୍ୟବାଦ ।

**ସାବାସି** ***ବି.*** ଧନ୍ୟବାଦ, ବାହାବା।

**ସାବାସିଆ, ସାବାସୀ** ***ବିଂ.*** ପ୍ରଶଂସାର ଯୋଗ୍ୟ, ଅଭିନନ୍ଦନୀୟ ।

**ସାବାସି ଦେବା** ***କ୍ରି.*** ୧. ଭଲ ବା ସାହସିକ କାମ ପାଇଁ ପ୍ରଶଂସା କରିବା ୨. ଧନ୍ୟବାଦ ଦେବା ।

**ସାବିତ** ***ବିଂ.*** ୧. ନିଖୁଣ ୨. ସୁନ୍ଦର, ଉତ୍ତମ ୩. ପ୍ରମାଣିତ ।

**ସାବିତ୍ରୀ** ***ବି.*** ୧. ସୂର୍ଯ୍ୟମଣ୍ଡଳର ଅଧିଷ୍ଠାତ୍ରୀ ଦେବୀ ୨. ପଇତା ୩. ବ୍ରହ୍ମାଙ୍କ ପତ୍ନୀ ୪. ବେଦମାତା ୫. ଗାୟତ୍ରୀମନ୍ତ୍ରର ଅଧିଷ୍ଠାତ୍ରୀ ଦେବୀ ୬. ସତ୍ୟବାନଙ୍କ ପତ୍ନୀ ।

**ସାବିନ, ସାବୁନ** ***ବି.*** କ୍ଷାର, ଚର୍ବି, ତୈଳ ଆଦିରେ ପ୍ରସ୍ତୁତ ଓ ପାଣି ସହ ବ୍ୟବହୃତ ମଇଳା ସଫାକାରୀ ଦ୍ରବ୍ୟବିଶେଷ, ସୋପ୍, ସାଗୁନ୍ ।

**ସାବୁତ** ***ବିଂ.*** ୧. ପ୍ରମାଣିତ, ସାବ୍ୟସ୍ତ ୨. ସୁଦୃଢ଼ ; ***ବି.*** ୧. ସବୁତ୍, ପ୍ରମାଣ ୨. ସୁଦୃଢ଼ତା ।

**ସାବୁନ** ***ବି.*** ସାଗୁନ, ଯାହା ସାହାଯ୍ୟରେ ଦେହ ବା ଲୁଗା ସଫା କରାଯାଏ ।

**ସାବ୍ୟସ୍ତ** ***ବିଂ.*** ନିର୍ଣ୍ଣୀତ, ସ୍ଥିରୀକୃତ, ପ୍ରମାଣିତ ; ***ବି.*** ସ୍ଥିରୀକରଣ ଓ ଘୋଷଣା ।

**ସାମ୍‌ଗିରି** ***ବି.*** ମୃତକର ଶୁଦ୍ଧିକ୍ରିୟା ବେଳେ ପଂକ୍ତିରେ ପରସା ଯାଉଥିବା ମିଷ୍ଟାନ୍ନ ଭୋଜନ ।

**ସାମ** ***ବି.*** ୧. ତୃତୀୟ ବେଦ, ସାମବେଦର ଗାନ ମନ୍ତ୍ର ୨. ପ୍ରିୟ ବଚନ, ସାନ୍ତ୍ୱନା ୩. ତୋଷଣ ଓ ସନ୍ଧି ଉପରେ ଆଧାରିତ ରାଜନୀତିବିଶେଷ ।

**ସାମଗ୍ରିକ** ***ବିଂ.*** ୧. ସମଗ୍ର ୨. ପୁରାପୁରି ୩. ସମ୍ପୂର୍ଣ୍ଣ ।

**ସାମଗ୍ରୀ** ***ବି.*** ୧. ଦ୍ରବ୍ୟ, ଜିନିଷ ୨. ସୁସ୍ୱାଦୁ ଖାଦ୍ୟବସ୍ତୁ।

**ସାମଞ୍ଜସ୍ୟ** ***ବି.*** ୧. ସମତା, ସାଦୃଶ୍ୟ ୨. ସଙ୍ଗତି, ମେଳ ।

**ସାମନା** ***ବି.*** ସମ୍ମୁଖ, ସମ୍ମୁଖବର୍ତ୍ତୀ ଦିଗ, ଆଗ ; ***ବିଂ.*** ସମ୍ମୁଖସ୍ଥ, ସମୀପବର୍ତ୍ତୀ ।

**ସାମନାସାମନି** ***କ୍ରି.ବିଂ.*** ମୁହାଁମୁହିଁ ।

**ସାମନୀ** ***ବି.*** ପଶୁ ବାନ୍ଧିବା ଦଉଡ଼ି, ରଜ୍ଜୁ, ପଘା ।

**ସାମନ୍ତ** ***ବି.*** ୧. ସାଆନ୍ତ, ରାଜବିରାଦର ୨. ମୁଖ୍ୟ ବ୍ୟକ୍ତି ୩. ପ୍ରଭୁ, ଖାମିନ୍ଦ ୪. କରଦ ରାଜା ୫. ଶ୍ରେଷ୍ଠପ୍ରଜା ; ***ବିଂ.*** ନିକଟ, ସମୀପବର୍ତ୍ତୀ ।

**ସାମବାୟିକ** *ବିଂ* ସମବାୟ ସମ୍ପର୍କିତ ।

**ସାମୟିକ** *ବିଂ* ୧. ନିର୍ଦ୍ଦିଷ୍ଟ ବା ଅଳ୍ପକାଳ ପାଇଁ ୨. ବେଳେବେଳେ, ସମୟ ବିଶେଷରେ ୩. ନିର୍ଦ୍ଦିଷ୍ଟ ସମୟାନ୍ତରେ (ପ୍ରକାଶ୍ୟ) ୪. ସମୟୋଚିତ।

**ସାମୟିକୀ** *ବି.* ବର୍ତ୍ତମାନ ସମୟର ବିଷୟ, ସାମ୍ପ୍ରତିକ ଘଟଣାବଳିର ପ୍ରସଙ୍ଗ ।

**ସାମରଥା** *ବିଂ* ୧. ସମର୍ଥ, ବଳିଷ୍ଠ ୨. ବୀରତ୍ୱପୂର୍ଣ୍ଣ ୩. ଯୋଗ୍ୟ ।

**ସାମରିକ** *ବିଂ* ୧. ସମର ବା ଯୁଦ୍ଧ ସମ୍ପର୍କିତ ୨. ଯୁଦ୍ଧକାଳୀନ ।

**ସାମର୍ଥ୍ୟ** *ବି.* ୧. କ୍ଷମତା, ବଳ, ଶକ୍ତି ୨. ପାରଗତା, ଯୋଗ୍ୟତା ।

**ସାମଲା** *ବି.* ପୁରୁଣାକାଳିଆ ପଗଡ଼ି ।

**ସାମାଜିକ** *ବିଂ* ୧. ସମାଜ ସମ୍ବନ୍ଧୀୟ ୨. ସମାଜରେ ପ୍ରଚଳିତ ୩. ସମାଜବଦ୍ଧ ୪. ସମାଜରେ ବାସକାରୀ ୫. ସମାଜର ହିତକର ୬. ସଭ୍ୟ ୭. ସହୃଦୟ ।

**ସାମାଜିକତା** *ବି.* ୧. ଲୌକିକତା ୨. ବେଭାର ୩. ସଭ୍ୟତା ।

**ସାମାନ** *ବି.* ଜିନିଷପତ୍ର, ମାଲମତା, କାର୍ଯ୍ୟସାଧନର ବସ୍ତୁ ସମୂହ ।

**ସାମାନ୍ତରିକ** *ବିଂ* ସମାନ୍ତରାଳ, ସମାନ ବ୍ୟବଧାନ ଥିବା (ଦୁଇଟି ବା ଅଧିକ ସରଳରେଖା) ।

**ସାମାନ୍ୟ** *ବିଂ* ୧. ଅତି ଛୋଟ ୨. ନଗଣ୍ୟ, ତୁଚ୍ଛ ୩. ଅତି ଅଳ୍ପ ୪. ସାଧାରଣ, ଗତାନୁଗତିକ, ବୈଶିଷ୍ଟ୍ୟହୀନ ।

**ସାମାନ୍ୟତଃ** *ଅ.* ସାଧାରଣ ପ୍ରକାରେ, ସଚରାଚର, ସାଧାରଣତଃ, ମୋଟାମୋଟି ।

**ସାମାନ୍ୟା** *ବିଂ* ସାଧାରଣୀ ; *ବି.* ସାଧାରଣ ଭୋଗ୍ୟା ନାରୀ, ବାରବନିତା, ବେଶ୍ୟା ।

**ସାମିଆନା** *ବି.* ଚାନ୍ଦୁଆ ।

**ସାମିଲ୍** *ବିଂ* ୧. ଅନ୍ତର୍ଭୁକ୍ତ ୨. ମିଶିଥିବା, ସମ୍ମିଳିତ, ଅଙ୍ଗୀଭୂତ ।

**ସାମୀପ୍ୟ** *ବି.* ନିକଟତା, ସମୀପତା, ପାଖ, ସନ୍ନିଧି ।

**ସାମୁଡ଼ା** *ବି.* ଫସଲ ଜଗିବାପାଇଁ ନିର୍ମିତ ମଞ୍ଚ ।

**ସାମୁଦ୍ର, ସାମୁଦ୍ରିକ** *ବିଂ* ସମୁଦ୍ର ସମ୍ବନ୍ଧୀୟ, ସମୁଦ୍ର ସମ୍ପର୍କିତ, ସମୁଦ୍ର ଜାତ ; *ବି.* ୧. ସୈନ୍ଧବ ଲୁଣ ୨. ହାତ ରେଖାଦ୍ୱାରା ଶୁଭାଶୁଭ ତଥା ଭାଗ୍ୟନିର୍ଣ୍ଣୟ ବିଦ୍ୟା ।

**ସାମ୍ମୁଖ୍ୟ** *ବି.* ୧. ପ୍ରତ୍ୟକ୍ଷ ଆନ୍ଦୋଳନ କରୁଥିବା **ସମ୍ମିଳିତ** ରାଜନୀତିକ ଦଳ ବା ଗୋଷ୍ଠୀ ୨. ସମ୍ମୁଖର ଭାବ ୩. ଅଗ୍ରବର୍ତ୍ତିତା ୪. ମୁହାଁମୁହିଁ ଅବସ୍ଥିତି ।

**ସାମୂହିକ** *ବିଂ* ସମସ୍ତଙ୍କୁ ନେଇ, ସମଷ୍ଟିଗତ ।

**ସାମ୍ୟ** *ବି.* ୧. ସମତା, ଏକରୂପତା, ସାଦୃଶ୍ୟ ୨. ସମଦର୍ଶିତା ।

**ସାମ୍ୟବାଦ** *ବି.* କମ୍ୟୁନିଷ୍ଟ ମତବାଦ, କମ୍ୟୁନିଜମ ।

**ସାମ୍ୟବାଦୀ** *ବିଂ* ୧. ସାମ୍ୟବାଦରେ ବିଶ୍ୱାସୀ ୨. ସମଦର୍ଶୀ ; *ବି.* ସାମ୍ୟବାଦରେ ଆସ୍ଥା ରଖୁଥିବା ବ୍ୟକ୍ତି ।

**ସାମ୍ରାଜ୍ୟ** *ବି.* ୧. ସମ୍ରାଟଙ୍କ ଶାସନାଧୀନ ରାଜ୍ୟ ସମୂହ ୨. ଉପନିବେଶ ବା ରାଜ୍ୟଗୁଡ଼ିକୁ ନେଇ ଗଠିତ ବୃହତ୍ ରାଜ୍ୟ ।

**ସାମ୍ରାଜ୍ୟବାଦ** *ବି.* **ଶକ୍ତି ପ୍ରୟୋଗ ଦ୍ୱାରା** ଅନ୍ୟ ରାଷ୍ଟ୍ରମାନଙ୍କୁ ରାଜନୈତିକ ବା ଅର୍ଥନୀତିକ ନିୟନ୍ତ୍ରଣକୁ ଆଣିବାରେ ବିଶ୍ୱାସ କରୁଥିବା ମତବାଦ ।

**ସାମ୍ରାଜ୍ୟବାଦୀ** *ବିଂ.ବି.* ସାମ୍ରାଜ୍ୟବାଦର ସମର୍ଥକ ।

**ସାମ୍ରାଜ୍ଞୀ** *ବି.* **ସମ୍ରାଜ୍ଞୀ,** ସମ୍ରାଜୀ, ମହାରାଣୀ ।

**ସାୟଂ** *ବି.* ସଂଜ, ଦିନାନ୍ତ, ସନ୍ଧ୍ୟା।

**ସାୟଂକାଳୀନ** *ବିଂ* ସଂଧ୍ୟା ସମୟର, ସଞ୍ଜବେଳିଆ, ବେଳବୁଡ଼ିଆ ।

**ସାୟଂକୃତ୍ୟ** *ବି.* ସନ୍ଧ୍ୟା ସମୟରେ କରାଯାଉଥିବା ପୂଜା, ଉପାସନାଦି କର୍ମ ।

**ସାୟକ,ଶାୟକ** *ବି.* ୧. ଶର, ବାଣ ୨. ଖଣ୍ଡା, ଖଡ଼୍ଗ ।

**ସାୟା** *ବି.* ଶାଢ଼ିତଳେ ପରିଧେୟ ଢିଲା ଘାଗରା ବିଶେଷ, ପେଟିକୋଟ୍ ।

**ସାୟାହ୍ନ** *ବି.* ଅପରାହ୍ନ ପରବର୍ତ୍ତୀ ଓ ସୂର୍ଯ୍ୟାସ୍ତର ମଧ୍ୟବର୍ତ୍ତୀ ସମୟ, ସନ୍ଧ୍ୟାକାଳ ।

**ସାୟୁଜ୍ୟ** *ବି.* ୧. ଏକତ୍ୱ, ଅଭେଦ ଭାବ ୨. ସହଯୋଗ ୩. ପରମାତ୍ମାରେ ଜୀବାତ୍ମାର ବିଲୟରୂପ ମୁକ୍ତି ।

**ସାର୍** *ଅ.* ମହାଶୟ, ସମ୍ମାନନୀୟ ବ୍ୟକ୍ତି ଓ ଶିକ୍ଷକଙ୍କୁ ସମ୍ବୋଧନ ; *ବି.* ୧. ଶିକ୍ଷକ ୨. ବ୍ରିଟିଶ ସରକାର ପ୍ରଦତ୍ତ ସମ୍ମାନସୂଚକ ଉପାଧି; *ଅ.* **କ୍ଷଣି, ମାତ୍ରେ ।**

**ସାର** *ବି.* ୧. ନିର୍ଯ୍ୟାସ ୨. ତାତ୍ପର୍ଯ୍ୟ, ମର୍ମାର୍ଥ ୩. ସଂକ୍ଷେପ ନିଷ୍କର୍ଷ ୪. ଜମିର ଉର୍ବରତା ବୃଦ୍ଧିକର ପଦାର୍ଥ, ଖତ୍ ୫. ଉତ୍ତମ ଉପାଦାନ ୬. ପଶାର ଗୋଟି ୭. ବୃକ୍ଷ ମଧ୍ୟସ୍ଥ ଶକ୍ତଅଂଶ, ମଜ୍ଜା ୮. ବଙ୍କା ତେଢ଼ା ଜମିର ବିଭିନ୍ନ ଅଂଶର ମାପରୁ ଧାର୍ଯ୍ୟ କରାଯାଇଥିବା ଉକ୍ତ ଜମିର ହାରାହାରି କ୍ଷେତ୍ରଫଳ ୯. ନାନା ବର୍ଣ୍ଣ ୧୦. ଅଗିଜଳାରେ ପଡୁଥିବା ସାହାଡା ବା ଅଣଖୁଆ ୧୧. ହଳ, **ଯୋଡ଼ି** ୧୨. ତାସ, ତାସ ଖେଳ ; *ବିଂ* ୧. ଶ୍ରେଷ୍ଠ ୨. ଉତ୍କୃଷ୍ଟ ୩. ପ୍ରକୃତ ୪. ଗୁଢ଼ ୫. ସଂକ୍ଷିପ୍ତ ୬. ବହୁବର୍ଣ୍ଣା, ନାନାରଙ୍ଗ ବିଶିଷ୍ଟ ।

**ସାରକୁଢ଼** *ବି.* ଖତଗଦା ।

**ସାରଗର୍ଭ, ସାରଗର୍ଭକ** *ବିଂ* ୧. ଉତ୍ତମ ଭାବ ଓ ବିଷୟରେ ପରିପୂର୍ଣ୍ଣ ୨. ଅନ୍ତଃସାର ବିଶିଷ୍ଟ, ଉତ୍କୃଷ୍ଟ ଗୁଣଯୁକ୍ତ ୩. ମୂଲ୍ୟବାନ ଚିନ୍ତାଧାରା ଥିବା ।

**ସାରଗ୍ରାହୀ** ***ବିଂ.*** ଉତ୍କୃଷ୍ଟ ବା ଶ୍ରେଷ୍ଠଅଂଶ ଗ୍ରହଣକାରୀ, ମର୍ମଜ୍ଞ, ଗୂଢ଼ ତାତ୍ପର୍ଯ୍ୟ ଉପଲବ୍ଧିରେ ସମର୍ଥ ।

**ସାରଙ୍ଗ** ***ବି.*** ୧. ଚିତ୍ରିତ ମୃଗ ୨. ସାରଙ୍ଗୀ, ବେହେଲା ଜାତୀୟ ବାଦ୍ୟଯନ୍ତ୍ର ୩. ଷ୍ଟିମର ବା ବୋଟ୍‌ର ପ୍ରଧାନ ଚାଳକ ୪. କୋଇଲି ୫. ମୟୂର ୬. ଭ୍ରମର ୭. ଚାତକ ୮. ମୁନି ୯. ସିଂହ ୧୦. ହାତୀ ୧୧. ପୃଥିବୀ ୧୨. ବିଷ୍ଣୁଙ୍କ ଧନୁ ୧୩. ପଦ୍ମ ୧୪. ଚନ୍ଦନ ୧୫. ମେଘ ୧୬. କର୍ପୂର ୧୭. ଛତା ୧୮. ରାଜହଂସ ୧୯. କନ୍ଦର୍ପ ୨୦. ଜହ୍ନରାତି ୨୧. ଶଙ୍ଖ ; ***ବିଂ.*** ଚିତ୍ରିତ, ଛିଟ ।

**ସାରଙ୍ଗଧର** ***ବିଂ.*** ସାରଙ୍ଗ ନାମକ ଧନୁ ଯେ ଧାରଣ କରନ୍ତି, ବିଷ୍ଣୁ ।

**ସାରଙ୍ଗୀ** ***ବି.*** ୧. ସାରଙ୍ଗ, ବେହେଲା ଜାତୀୟ ତାର ବାଦ୍ୟ ଯନ୍ତ୍ର ୨. ସରୁ ଓ ସିଧା ବାଉଁଶ ବିଶେଷ ।

**ସାରଣ** ***ବି.*** ୧. ଅପସାରଣ ୨. ଚାଳନ ୩. ଦୋଷ ଶୋଧନ ୩. ଅତିସାର ରୋଗ ।

**ସାରଣି, ସାରଣୀ** ***ବି.*** ୧. ତାଲିକା ୨. ଛୋଟ ନଈ ୩. ଖେଳନା ବିଶେଷ, କଣ୍ଢେଇ ।

**ସାରଥି** ***ବି.*** ୧. ଚାଳକ, ରଥଚାଳକ ୨. ନେତା ୩. ସହାୟକ ।

**ସାରବତ୍ତା** ***ବି.*** ୧. ସାରକଥା ୨. ତତ୍ତ୍ୱାର୍ଥ, ସାରଥିବା ଅବସ୍ଥା ।

**ସାରମର୍ମ** ***ବି.*** ଅସଲ ବା ସଂକ୍ଷିପ୍ତ ରୂପ ।

**ସାରମେୟ** ***ବି.*** କୁକୁର ।

**ସାରଳା, ଶାରଳା** ***ବି.*** ୧. ଦୁର୍ଗା ୨. ସରସ୍ୱତୀ ।

**ସାରଲ୍ୟ** ***ବି.*** ସରଳତା ।

**ସାରସଂଗ୍ରହ** ***ବି.*** ଶ୍ରେଷ୍ଠ ଅଂଶ ସମୂହ, ଉତ୍କୃଷ୍ଟ ବସ୍ତୁର ସମୂହ ।

**ସାରସ** ***ବି.*** ୧. ହଂସ, କଳହଂସ ୨. ପଦ୍ମ ୩. ଚନ୍ଦ୍ର ; ***ବିଂ.*** ସରୋବର ସମ୍ବନ୍ଧୀୟ ।

**ସାରସ୍ୱତ** ***ବିଂ.*** ୧. ସରସ୍ୱତୀ ସମ୍ବନ୍ଧୀୟ ୨.ବିଦ୍ୟା ସମ୍ବନ୍ଧୀୟ ୩. ବିଦ୍ୱାନ୍ ୪. ସାହିତ୍ୟ ସମ୍ବନ୍ଧିତ ।

**ସାରସ୍ୱତ ସମାଜ** ***ବିଂ.*** ବିଦଗ୍ଧ ସମାଜ ୨. ବିଦ୍ୱଜ୍ଜନ ମଣ୍ଡଳୀ ୩. ସାହିତ୍ୟିକ ବୃନ୍ଦ ।

**ସାରାଂଶ** ***ବି.*** ୧. ମୂଳ ବିଷୟର ଅସଲ ଅଂଶ ୨. ମୂଳପାଠର ସଂକ୍ଷିପ୍ତ ସାର ୩. ପ୍ରଧାନ ବା ମୂଲ୍ୟବାନ୍ ଭାଗ ।

**ସାରା** ***କ୍ରି.ବିଂ.*** ତମାମ୍, ଯାକ ; ***ବିଂ.*** ୧. ସମସ୍ତ, ସକଳ ୨. ସମ୍ପନ୍ନ ୩. ଶେଷ ୪. ଚୂଡ଼ାନ୍ତ ବା ଶେଷରେ ସ୍ଥିରୀକୃତ ୫. କମ୍ ନୁହେଁ କି ବେଶି ନୁହେଁ ; ***ବି.*** ହାରାହାରି ମାପ ।

**ସାରିଆ** ***ବିଂ.*** ୧. ସ୍ନେହୀ, ସୁଆଗିଆ, ଗେହ୍ଲା ୨. ଉତ୍କୃଷ୍ଟ ।

**ସାରିକା, ସାରୀ** ***ବି.*** ମାଈ ଶୁଆ ପକ୍ଷୀ ।

**ସାରିଗାମା, ସାରେଗାମା** ***ବି.*** ସଙ୍ଗୀତର ସପ୍ତସ୍ୱର ବା ସ୍ୱରଗ୍ରାମର ସଂକ୍ଷିପ୍ତ ରୂପ ।

**ସାରିଦେବା** ***କ୍ରି.*** ୧. ଶେଷ କରିଦେବା ୨. ଖର୍ଚ୍ଚ କରି ଦେବା ୩. ବ୍ୟବହାର କରି ଶେଷ କରିଦେବା ୪. ନାଶ କରିବା, ସର୍ବନାଶ ଘଟାଇବା ।

**ସାରିନ୍ଦା** ***ବି.*** ସାରଙ୍ଗୀ ବାଦ୍ୟ, ତାନପୁରା ଜାତୀୟ ତିନିତାର ବିଶିଷ୍ଟ କାଠ ତିଆରି ତାର ବାଦ୍ୟବିଶେଷ ।

**ସାରିବା** ***କ୍ରି.*** ୧. ଶେଷ କରିବା, ସମାପ୍ତ କରିବା ୨. ଦୂର କରିବା ୩. ଉପଯୋଗ କରିବା ୪. ମକଚା ବିନ୍ଧା ହେବା ସ୍ଥାନରେ ଅଳ୍ପ ତେଲ ଲଗାଇ ହାଲୁକା ଭାବେ ମାଲିସ କରିବା ।

**ସାରୀ** ***ବି.*** ୧. ମଇନା ଚଢେଇ ୨. ବେହେଲା ବାଦ୍ୟର ଯଷ୍ଟି ୩. ପଶାର ଗୋଟି ।

**ସାରୁ** ***ବି.*** କଚୁ, ଖାଦ୍ୟୋପଯୋଗୀ ଗଣ୍ଡୁକାରକ କନ୍ଦା ଓ ବଡ଼ ଆକାରର ପତ୍ର ଥିବା ଉଦ୍‌ଭିଦ ବିଶେଷ ।

**ସାରୁଆ** ***ବି.*** ୧. ସାରୁଚାଷ ଦ୍ୱାରା ଜୀବିକା ନିର୍ବାହକାରୀ ୨. ବ୍ରାହ୍ମଣ ଶ୍ରେଣୀ ବିଶେଷ ।

**ସାରୂପ୍ୟ** ***ବି.*** ୧. ସମରୂପତା, ସମାନ ଆକୃତି ୨. ଈଶ୍ୱରଙ୍କ ତୁଲ୍ୟ ରୂପପ୍ରାପ୍ତି ରୂପକ ମୁକ୍ତି ବିଶେଷ ।

**ସାରୋଦ୍ଧାର** ***ବି.*** ୧. ସଂକ୍ଷିପ୍ତ ବିବରଣ ୨. ପ୍ରକୃତ ତାତ୍ପର୍ଯ୍ୟ ୩. ସାରକଥା ।

**ସାର୍ଥକ** ***ବିଂ.*** ୧. ଅର୍ଥଯୁକ୍ତ ୨. ସଫଳ ୩. ଚରିତାର୍ଥ ; ***ବି.*** ସାର୍ଥକତା ।

**ସାର୍ଦ୍ଧ** ***ବି.*** ୧. ଅଧେ ସହିତ ୨.ସାଢ଼େ ।

**ସାର୍ବକାଳିକ** ***ବିଂ.*** ସବୁଦିନିଆ, ସବୁ କାଳ ପାଇଁ, ଚିରନ୍ତନ, ଚିରସ୍ଥାୟୀ ।

**ସାର୍ବଜନିକ** ***ବିଂ.*** ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ, ସର୍ବଜନୀନ ।

**ସାର୍ବଜନୀନ** ***ବିଂ.*** ୧. ସମସ୍ତଙ୍କ ପାଇଁ ୨. ସମସ୍ତଙ୍କ ପକ୍ଷରେ ହିତକର ।

**ସାର୍ବଜାତିକ** ***ବିଂ.*** ସବୁ ବା ନାନା ଜାତି ସମ୍ପର୍କିତ ।

**ସାର୍ବଭୌମ** ***ବିଂ.*** ୧. ସମସ୍ତଙ୍କ ଉପରେ ପ୍ରଭୁତ୍ୱକାରୀ ୨. ଅବାଧ ୩. ବିଶ୍ୱବିଖ୍ୟାତ ; ***ବି.*** ରାଜଚକ୍ରବର୍ତ୍ତୀ, ସମ୍ରାଟ ।

**ସାଲ, ଶାଲ** ***ବି.*** ୧. ସାଧାରଣ ଘର ୨. ମାଛ ବିଶେଷ ୩. ବଡ଼ ଆକାରର ଗଛ ବିଶେଷ, ସରଗି ୪. ପ୍ରାଚୀର, ପାଚେରି ।

**ସାଳା, ଶାଳା** ***ବି.*** ୧. ଖଞ୍ଜା ୨. ଗୃହ ୩. କାରଖାନା ୪. ଭଣ୍ଡାର ୫. ବଡ଼ଶାଖା ।

**ସାଳି** ***ବି.*** ୧. ଏକ ପ୍ରକାର ଧାନ ୨. ଶାରଦ ଧାନ ।

**ସାଳଂକାର, ସାଳଙ୍କାର** ***ବିଂ*** ୧. ଅଳଙ୍କାର ବା ଗହଣା ଭୂଷିତ ୨. କାବ୍ୟାଳଙ୍କାର ଯୁକ୍ତ ।

**ସାଳଗ୍ରାମ, ଶାଳଗ୍ରାମ** ***ବି.*** ବିଷ୍ଣୁଙ୍କ ପ୍ରତୀକ ରୂପ ଗଣ୍ଡକ ନଦୀଜାତ କୀଟଛିଦ୍ରିତ ଚକ୍ରଯୁକ୍ତ କ୍ଷୁଦ୍ର ଶିଳାଖଣ୍ଡ ।

**ସାଲ୍** ***ବି.*** ୧. ଖଟର ବାହି ୨. ବର୍ଷ, ଅବ୍ଦ ।

**ସାଲତମାମି** ***ବି.*** ୧. ବର୍ଷଶେଷ ୨. ବାର୍ଷିକ ବିବରଣ ୩. ବାର୍ଷିକ ହିସାବ ।

**ସାଲବରାସାଲ** ***ଅ. କ୍ରିବିଂ.*** ପ୍ରତିବର୍ଷ ।

**ସାଲଭର** ***ବିଂ.କ୍ରି.ବିଂ.*** ସାରାବର୍ଷ ବ୍ୟାପୀ, ବର୍ଷ ତମାମ ।

**ସାଲସା** ***ବି.*** ରକ୍ତଶୋଧକ, ବଳବର୍ଦ୍ଧକ ଔଷଧ ବିଶେଷ ।

**ସାଲାଡ୍** ***ବି.*** କଞ୍ଚା ବିଲାତି ବାଇଗଣ, କାକୁଡ଼ି, ମୂଳା ଇତ୍ୟାଦି ପରିବା କଟାହୋଇ ଦହି, ଲୁଣ ଆଦି ମିଶିଥିବା ଏକ ପ୍ରକାର ରୋଚକ ଖାଦ୍ୟ ।

**ସାଲାରି** ***ବି.*** ବେତନ, ଦରମା ।

**ସାଲିଆ** ***ବିଂ*** ବର୍ଷକିଆ, ସାମ୍ବତ୍ସରିକ ।

**ସାଲିଆନା** ***ବିଂ*** ବାର୍ଷିକ ; ***ବି.*** ବର୍ଷକ ନିମନ୍ତେ କର, ଖଜଣା ବା ସେଭଳି ପ୍ରାପ୍ୟ ଅର୍ଥ ।

**ସାଲିସ୍** ***ବି.*** ୧. ଆପୋସ୍ ସମାଧାନ, ଆପୋସ ମିଳାମିଶା ୨. ସନ୍ଧି, ମଧ୍ୟସ୍ଥଦ୍ୱାରା ବୁଝାମଣା ।

**ସାଲିସି** ***ବି.*** ୧. ସାଲିସର କାର୍ଯ୍ୟ ୨. ମଧ୍ୟସ୍ଥତା ୩. ଭଲଲୋକି ୪. ବିବାଦର ସମାଧାନ ।

**ସାଲୁଜନା** ***ବି.*** ପତଳା ନାଲିକନା ।

**ସାଲୁଟ୍** ***ବି.*** ସାମରିକ ଅଭିବାଦନ ।

**ସାଲୁବାଲୁ** ***କ୍ରି.ବିଂ.*** ଅଳ୍ପ ଜାଗାରେ ବହୁ ସଂଖ୍ୟାରେଥିବା (ପୋକ, ଜୀବ ଆଦି) ।

**ସାଲୋକ୍ୟ** ***ବି.*** ଈଶ୍ୱରଙ୍କ ସହିତ ଏକ ଲୋକରେ ବାସ ରୂପ ମୁକ୍ତିବିଶେଷ ।

**ସାଶି** ***ବି.*** କବାଟ ବା ଝରକାରେ ଲାଗିଥିବା କାଚର ଫଳକ ।

**ସାଶ୍ରୟ** ***ବିଂ*** ଆଶ୍ରୟପ୍ରାପ୍ତ ।

**ସାଶ୍ରୁ** ***ବିଂ*** ଲୁହଭରା, ଲୋତକପୂର୍ଣ୍ଣ ।

**ସାଷ୍ଟମ** ***ବିଂ*** ସଚେତନ, ସଜ୍ଞାନ ।

**ସାଷ୍ଟାଙ୍ଗ** ***ବିଂ*** ଆଠ ଅଙ୍ଗଯୁକ୍ତ, ଆଠଅଙ୍ଗ ସହିତ କୃତ (ପ୍ରଣାମ) ।

**ସାସ୍** ***ବି.*** ଶାଶୁ ।

**ସାସ୍ନା** ***ବି.*** ଗୋରୁଙ୍କ ଗଳକମ୍ବଳ ।

**ସାହଚର୍ଯ୍ୟ** ***ବି.*** ୧. ସହଚରତ୍ୱ, ସାଥିରେ ଯିବା ପ୍ରବୃତ୍ତି ୨. ସହାୟତା ।

**ସାହସ** ***ବି.*** ୧. ବିପଜ୍ଜନକ କାର୍ଯ୍ୟ କରିବା ପାଇଁ ଆବଶ୍ୟକ ମାନସିକତା ୨. ସହସାକୃତ କର୍ମ ୩. ଅବିବେକୀ ଭାବରେ ହଠାତ୍ କରିବା କର୍ମ ।

**ସାହସିକ** ***ବିଂ*** ୧. ସାହସ ଆବଶ୍ୟକ ହେଉଥିବା, ଯହିଁରେ ନିର୍ଭୟତାର ପ୍ରୟୋଜନ ହୁଏ ୨. ନିର୍ଭୀକ ।

**ସାହସିକତା** ***ବି.*** ବିପଜ୍ଜନକ କାର୍ଯ୍ୟ କରିବା ପାଇଁ ଆବଶ୍ୟକ ମାନସିକ ଶକ୍ତି, ନିର୍ଭୀକତା ।

**ସାହସିଆ** ***ବିଂ*** ନିର୍ଭୀକ ।

**ସାହସୀ** ***ବିଂ*** ୧. ଭୟହୀନ ୨. ନିର୍ଭୟ ୩. ସହସା ଆଚରଣକାରୀ ।

**ସାହା, ସାହାପକ୍ଷ, ସାହାବଳ** ***ବିଂ*** ୧. ଅନୁକୂଳ ସହାୟତା ୨. ଆଶ୍ରୟଦାତା ; ***ବି.*** ସାହାଯ୍ୟ, ଅବଲମ୍ବନ ।

**ସାହାଖରଚିଆ, ସାହାଖରଚୀ** ***ବିଂ*** ବଦଖର୍ଚ୍ଚୀ, ବ୍ୟୟଶୀଳ, ରୋଜଗାର ଠାରୁ ଅଧିକ ଖର୍ଚ୍ଚ କରୁଥିବା ।

**ସାହାଡ଼** ***ବି.*** ସାଧାରଣତଃ ନଦୀପଠାରେ ହେବା ବଡ଼ ଗଛ ବିଶେଷ ।

**ସାହାଣ** ***ବି.*** ୧. ପଲ, ଦଳ, ସମୂହ ୨. ଶାଣ ଯନ୍ତ୍ର; ***ବିଂ*** ସମ୍ପୂର୍ଣ୍ଣ ।

**ସାହାଣମେଲା** ***ବିଂ*** ପୂରା ଖୋଲା; ***ବି.*** ୧. ଦ୍ୱାରର ସମ୍ପୂର୍ଣ୍ଣ ଉନ୍ମୋଚନ ୨. ଶ୍ରୀମନ୍ଦିରରେ ଦେବ ଦର୍ଶନ ପାଇଁ ଗମ୍ଭୀରା ଭିତର ରତ୍ନ ସିଂହାସନ ଯାଏ ସର୍ବସାଧାରଣ ପ୍ରବେଶ ନିମିତ୍ତ ସୁଯୋଗ ।

**ସାହାଣି** ***ବି.*** ୧. ସଇସ, ଅଶ୍ୱରକ୍ଷକ ଭୃତ୍ୟ ୨. ସାଙ୍ଗିଆ ବିଶେଷ ।

**ସାହାନାଇ** ***ବି.*** ସାନାଇ ।

**ସାହାବ** ***ବି.*** ୧. ସାହେବ, ସାଇବ ୨. ଉଚ୍ଚପଦସ୍ଥ ବା ସମ୍ମାନିତ ବ୍ୟକ୍ତି ୩. ମାଲିକ ୪. ଇଂରେଜ ବା ଇଉରୋପୀୟ ପୁରୁଷ ।

**ସାହାଯ୍ୟ** ***ବି.*** ୧. ସହାୟତା ୨. ଅନୁକୂଳତା ।

**ସାହାର** ***ବି.*** ସୁବାସଯୁକ୍ତ ଆମ୍ବ ଫଳ ଓ ତାର ଗଛ ।

**ସାହାରିଆ ବଳଦ** ***ବି.*** ଜଣକ ବଳଦ ସହିତ ଯୋଚା ହୋଇଥିବା ଅନ୍ୟର ବଳଦ ।

**ସାହାଲା** ***ବି.*** ୧. ଶ୍ରେଣୀ, ଧାଡ଼ି ୨. ଗୃହଶ୍ରେଣୀ, ଖଞ୍ଜାଘର ; ***ବିଂ*** ଶ୍ରେଣୀବଦ୍ଧ ।

**ସାହାଲିଆ** ***ବିଂ*** ଶ୍ରେଣୀବଦ୍ଧ, ଧାଡ଼ିଦାରିଆ ।

**ସାହାସ** ***ବି.*** ୧. ଆଶ୍ରୟ ୨. ସାହାଲା, ଧାଡ଼ି ।

**ସାହି** ***ବି.*** ୧ ସ୍ୟାହି, କାଳି ୨. ସାଇ, ପଡ଼ା ୩. ଝିଂକ ।

**ସାହିଆ** ***ବି.ବିଂ.*** ସାଇଆ, ସାଇବାଲା ।

**ସାହିତ୍ୟ** ***ବି.*** ୧. ସାମଗ୍ରିକ ଭାବେ କାବ୍ୟ କବିତା, ନାଟକ, ପ୍ରବନ୍ଧ, ଉପନ୍ୟାସ ପ୍ରଭୃତି ରଚନା ୨. ଜ୍ଞାନଗର୍ଭକ ଗ୍ରନ୍ଥ ୨. ଶିକ୍ଷାମୂଳକ ରଚନା ୩. ଏକଶ୍ରେଣୀୟ ରଚନା ସମଷ୍ଟି ।

**ସାହିତ୍ୟ କଳା** ***ବି.*** କାବ୍ୟ, ନାଟକ, ଉପନ୍ୟାସ ପ୍ରଭୃତି ରଚନାର କଳା ।

**ସାହିତ୍ୟରଥୀ** ***ବିଂ.ବି.*** ବିଶିଷ୍ଟ ସାହିତ୍ୟିକ ।

**ସାହିତ୍ୟରସିକ** ***ବିଂ.ବି.*** ଯେ ସାହିତ୍ୟର ରସ ବା ମର୍ମ ଉପଲବ୍ଧି ବା ଉପଭୋଗ କରେ, ବିଦଗ୍ଧ, ସହୃଦୟ, ରସଗ୍ରାହୀ ।

**ସାହିତ୍ୟସେବା** ***ବି.*** ୧. ଗ୍ରନ୍ଥାଦି ପ୍ରଣୟନ ଏବଂ ତଦ୍ଵାରା ସାହିତ୍ୟର ପୁଷ୍ଟିସାଧନ ୨. ସାହିତ୍ୟ ଚର୍ଚ୍ଚା ।

**ସାହିତ୍ୟାଚାର୍ଯ୍ୟ** ***ବି.*** ୧. ଟୋଲ୍ ପାଠ୍ୟକ୍ରମର ସାହିତ୍ୟ ବିଭାଗୀୟ ଉପାଧି ୨. ସାହିତ୍ୟରେ ପଣ୍ଡିତ ୩. ସାହିତ୍ୟ  ଅଧ୍ୟାପକ ।

**ସାହିତ୍ୟିକ** ***ବିଂ.*** ୧. ସାହିତ୍ୟ ବିଷୟକ ୨. ସାହିତ୍ୟ ରଚନାକାରୀ ; ***ବି.*** ଯେ କାବ୍ୟ, ଉପନ୍ୟାସ ପ୍ରଭୃତି  ଗ୍ରନ୍ଥ ଲେଖନ୍ତି ।

**ସାହିନାୟକ** ***ବି.*** ସାହି ବା ଅଞ୍ଚଳର ମୁରବୀ, ମୁଖିଆ ।

**ସାହିଭାଇ** ***ବି.*** ଏକା ସାହିରେ ରହିବା ଲୋକ ।

**ସାହିଯାତ, ସାହିଯାତ୍ରା** ***ବି.*** ରାମନବମୀ ଠାରୁ ରାମାଭିଷେକ ପର୍ଯ୍ୟନ୍ତ ପୁରୀରେ ପାଳିତ ବିଭିନ୍ନ ଉତ୍ସବ ଅବସରରେ ସାହିମାନଙ୍କ ପକ୍ଷରୁ ଆୟୋଜିତ ଯାତ୍ରା ।

**ସାହୁକାର** ***ବି.*** ୧. ପୋଷଣକାରୀ ବ୍ୟକ୍ତି ବା ଖାଉନ୍ଦ ୨. ବ୍ୟବସାୟୀ ୩. ମହାଜନ, ଋଣଦାତା ।

**ସାହୁକାରି** ***ବି.*** ମହାଜନି କାରବାର ।

**ସାହେବ** ***ବି.*** ସାହାବ, ସାଇବ ।

**ସାହେବାଣୀ** ***ବିଂ.ବି.*** ୧. ସାହେବଙ୍କ ସ୍ତ୍ରୀ ୨. ଶ୍ଵେତାଙ୍ଗ ନାରୀ ୩. ଉଚ୍ଚ ପଦାଧିକାରୀ ବା ବଡ଼ ଲୋକଙ୍କ ସ୍ତ୍ରୀ ୪. ପ୍ରତିପତ୍ତି ଥିବା ମହିଳା ।

**ସାହେବାନା** ***ବି.*** ୧. କର୍ତ୍ତୃତ୍ଵ ୨. ପ୍ରଭୁତ୍ଵ ୩. ସାହେବ ପରି ଚଳଣି ବା ବିଳାସିତା ।

**ସାହେବାନିଆ, ସାହେବୀ** ***ବିଂ.*** ୧. ୟୁରୋପୀୟ ସୁଲଭ ୨. ବିଲାତୀ ଲୋକଙ୍କ ଭଳି ଆଚାର ଆଚରଣଯୁକ୍ତ ୩. ବଡ଼ ଲୋକୀ ।

**ସାକ୍ଷ** ***ବି.*** ନିଜ ଆଖିରେ ଦେଖିବା ।

**ସାକ୍ଷର** ***ବିଂ.*** ୧. ଅକ୍ଷର ଜ୍ଞାନଯୁକ୍ତ ୨. ଅକ୍ଷରଯୁକ୍ତ ।

**ସାକ୍ଷରତା** ***ବି.*** ଅକ୍ଷର ପରିଚୟ, ଅକ୍ଷର ଜ୍ଞାନ ।

**ସାକ୍ଷାତ୍** ***ବି.*** ଦର୍ଶନ, ଦେଖା, ଭେଟ, ମୁଲାକାତ ; ***ଅ.କ୍ରି.ବିଂ.*** ସ୍ଵୟଂ, ସ୍ଵଚକ୍ଷୁରେ, ପ୍ରତ୍ୟକ୍ଷରେ, ସମ୍ମୁଖରେ,  ସିଧାସିଧି ; ***ବିଂ.*** ୧. ପ୍ରତ୍ୟକ୍ଷ ୨. ସିଧାସଳଖ, ସାମନାସାମନି ୩. ତୁଲ୍ୟ, ସଦୃଶ ।

**ସାକ୍ଷାତ୍କାର** ***ବି.*** ୧. ମିଳନ ବା ଭେଟ ୨. ପ୍ରତ୍ୟକ୍ଷୀକରଣ, ଦର୍ଶନ ୩. ପତ୍ରପତ୍ରିକାରେ ପ୍ରକାଶ ବା ଟିଭିରେ ପ୍ରସାର ପାଇଁ ବିଶିଷ୍ଟ  ବ୍ୟକ୍ତିଙ୍କ ସହ ମୁହାଁମୁହିଁ କଥୋପକଥନ ।

**ସାକ୍ଷାତେ** ***ଅ.*** ସ୍ଵୟଂ, ସ୍ଵଚକ୍ଷୁରେ, ପ୍ରତ୍ୟକ୍ଷ ଭାବରେ ; ***ବିଂ.*** ପୁରାପୁରି, ଠିକ୍ ସମାନ  ।

**ସାକ୍ଷାଦର୍ଶ** ***ବିଂ.ବି.*** ଯେ ନିଜେ ଦେଖିଥାଏ ।

**ସାକ୍ଷି** ***ବି.*** ସାକ୍ଷ୍ୟ ।

**ସାକ୍ଷୀ** ***ବିଂ.*** କୌଣସି ଘଟଣାର ପ୍ରତ୍ୟକ୍ଷଦର୍ଶୀ  ; ***ବି.*** ୧. କୌଣସି ଘଟଣାର ପ୍ରତ୍ୟକ୍ଷଦର୍ଶୀ ବ୍ୟକ୍ତି ୨. ନିଜ ଆଖିରେ ଦେଖିବା କଥା କଚେରୀ ଆଦିରେ ବୟାନ କରିବା ବ୍ୟକ୍ତି ।

**ସାକ୍ଷ୍ୟ** ***ବି.*** ସାକ୍ଷୀର କର୍ମ, ଅଦାଲତରେ ନିଜେ ଦେଖିଥିବା ଘଟଣାର ବୟାନ ।

**ସିଁକ୍ରାବା** ***କ୍ରି.*** ସଜୋର ଶ୍ଵାସ ତ୍ୟାଗ ଦ୍ଵାରା ନାକରୁ ସିଂଘାଣି ବାହାର କରିବା ।

**ସିଂଘାଣି,ସିଙ୍ଘାଣୀ** ***ବି.*** ନାସାମଳ, ନାକରୁ ନିର୍ଗତ ଶ୍ଳେଷ୍ମା, ସିଙ୍ଘେନ୍ ।

**ସିଂହ** ***ବି.*** ୧. ଅତି ବଳଶାଳୀ ଓ କେଶରଯୁକ୍ତ ହିଂସ୍ର  ବଣ୍ୟ ଜନ୍ତୁ, କେଶରୀ ୨. କ୍ଷତ୍ରିୟ ଓ ରାଜପୁତମାନଙ୍କ ବଂଶର ଉପାଧି ୩. ସାଙ୍ଗିଆ ବିଶେଷ ୪. ରାଶି ଚକ୍ରର ପଞ୍ଚମ ରାଶି ୫. ପରାକ୍ରମୀ ବା  ସାହସୀ ବ୍ୟକ୍ତି ; ***ବିଂ.*** ଶ୍ରେଷ୍ଠ ।

**ସିଂହଦରଜା, ସିଂହଦ୍ଵାର** ***ବି.*** ସିଂହ ମୂର୍ତ୍ତିଯୁକ୍ତ ଦ୍ଵାର; ମନ୍ଦିର, ଉଆସ ଆଦିର ପ୍ରଧାନ ପ୍ରବେଶଦ୍ଵାର ।

**ସିଂହଧ୍ଵନି, ସିଂହନାଦ** ***ବି.*** ୧. ସିଂହର ଗର୍ଜନ ୨. ବୀରର ହୁଂକାର, ଯୁଦ୍ଧକାଳୀନ ଧ୍ଵନି ।

**ସିଂହବାହିନୀ** ***ବି.*** ସିଂହାରୂଢ଼ା ଦେବୀ ଦୁର୍ଗା  ।

**ସିଂହାବଲୋକନ** ***ବି.*** ୧. ଗମନ କାଳରେ ସିଂହଭଳି କରୁଥିବା ପଶ୍ଚାତ୍ ଦୃଷ୍ଟିପାତ ୨. ଅଗ୍ରଗତି କାଳରେ ଗତ ବିଷୟର ପର୍ଯ୍ୟାଲୋଚନା ।

**ସିଂହାର** ***ବି.*** ସ୍ଵତନ୍ତ୍ର ବେଶ ।

**ସିଂହୁଣୀ** ***ବି.*** ସିଂହୀ, ମାଈସିଂହ ।

**ସିଂହେଇ** ***ବିଂ.*** ପାନବରଜିଆଙ୍କ ପୂଜିତ ଦେବୀ ବିଶେଷ ।

**ସିଅଳ୍** ***ବିଂ.*** ୧. ନରମ ୨. ଶୀତଳ, ଥଣ୍ଡା ।

**ସି ଅକ୍ଷର** ***ବି.*** ବିଦ୍ୟାରମ୍ଭରେ ଗୁରୁ ‘ସିଦ୍ଧିରସ୍ତୁ’ କହିବା ବେଳେ ଶିଶୁର ପ୍ରଥମ ସି ଅକ୍ଷର ଉଚ୍ଚାରଣ,  ପଢ଼ା ଆରମ୍ଭ  ।

**ସି ଅକ୍ଷର ବିବର୍ଜିତ** ***ବିଂ.*** ଅପାଠୁଆ, ଅଶିକ୍ଷିତ, ଯେ ସି ଅକ୍ଷର ମଧ୍ୟ ଉଚ୍ଚାରଣ କରି ନାହିଁ  ।

**ସିଆଁ** ***ବି.*** ୧. ସିଲାଇ  ୨. ସୀମା ; ***ବିଂ.*** ସିଲାଇ ହୋଇଥିବା ।

**ସିଆଇ** ***ବି.*** ୧. ସାହି, କାଳି ୨. ସର୍କଲ ଇନ୍‌ସପେକ୍ଟର, ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଦାୟିତ୍ଵରେ ଥିବା ଶିକ୍ଷା ଅଥବା ପୁଲିସ  ଅଧିକାରୀ ।

**ସିଆଇ ଘଡ଼ି** ***ବି.*** ଦୁଆତ, କାଳିଘଡ଼ି ।

**ସି.ଆଇ.ଡ଼ି.** ***ବି.*** କ୍ରିମିନାଲ ଇନ୍‌ଭେଷ୍ଟିଗେସନ ଡିପାଟମେଣ୍ଟ, ଗୋଇନ୍ଦା ବିଭାଗ ।

**ସିଆଡ଼** ***ଅ.*** ସେ ସ୍ଥାନ, ସେ ପଟ, ସେ ଦିଗ ।

**ସିଆଡ଼କା, ସିଆଡ଼ିକା** ***ବିଂ.*** ସେ ପଟର, ସେଆଡ଼ର ।

**ସିଆଡ଼ି** ***ବି.*** ଛୋଟ ସଣ୍ଡୁଆସି, ବଣିଆଙ୍କ ଚିମୁଟା ।

**ସିଆଣ, ସିଆଣି** ***ବିଂ.*** ଚତୁର, ଧୂର୍ତ୍ତ, ଶଠ ।

**ସିଆଣା ପାଗଳ** ***ବିଂ. ବି.*** ୧. ଚତୁରତାକୁ ଘୋଡାଇରଖି ମିଛ ବାତୁଳତା ପ୍ରଦର୍ଶନକାରୀ ୨. ଲୋକ ଦେଖାଣିଆ ପାଗଳାମି ୩. ବାହାରକୁ ସରଳ ଜଣାଗଲେ ବି ଭିତରେ ଧୂର୍ତ୍ତ ।

**ସିଆଣିଆ** ***ବିଂ.*** ସିଆଣ, ଚାଲାଖିଆ ।

**ସିଆଣୀ** ***ବିଂ.*** ୧. ବୁଦ୍ଧିମତୀ, ଜ୍ଞାନପ୍ରାପ୍ତା ୨. ସମର୍ଥ ୩. ପ୍ରଥମ ରଜୋବତୀ, ପ୍ରଥମ ପୁଷ୍ପବତୀ ।

**ସିଆର** ***ବି.*** ଶିଆର, ହଳ କରାଯାଇଥିବା କ୍ଷେତର ଗାର, ଲଙ୍ଗଳ କର୍ଷିତ ରେଖା, ସୀତା ।

**ସିଆଳ** ***ବି.*** ୧. ତାଳ ଅଥବା ଖଜୁରି ଗଛରୁ ରସ ବାହାର କରୁଥିବା ଜାତି ବିଶେଷ ୨. ଶୃଗାଳ, ବିଲୁଆ ।

**ସିଇଁବା** ***କ୍ରି.*** ୧. ସିଲେଇ କରିବା ୨. ଚିରାଫଟା ବସ୍ତ୍ର ସିଲେଇ କରିବା, ରଫୁ କରିବା ୩. ଦନା, ଚଉପଦୀ ବା ଖଲି ସିଲେଇ କରିବା ।

**ସିଉଁଟା** ***ବି.*** ମୁଣ୍ଡ ବାଳକୁ ଦୁଇ ଭାଗ କରି ସଜାଇବା ଯୋଗୁଁ ସୃଷ୍ଟ ମଝି ରେଖା, ସୁଛା, ମାଙ୍ଗ, ସୀମନ୍ତ ।

**ସିଉଁଟି** ***ବି.*** ସୀମନ୍ତର ଅଳଙ୍କାର ।

**ସିଉଁଟିଆ** ***ବି.*** ସିଉଁଟା ।

**ସିଉକା, ସିଉକି, ସୁକି** ***ବି.*** ୧. ଟଙ୍କାର ଚାରିଭାଗରୁ ଏକ ଭାଗ, ଚାରିଅଣି, ପଚିଶ ପଇସା ୨. ଚାରିଅଣି ମୁଦ୍ରା ।

**ସିଏଲ୍** ***ବି.*** ଶିଆଳୀ ଲତା ଓ ତାର ପତ୍ର ।

**ସିକ୍‌ଥ** ***ବି.*** ୧. ମହଣ ୨. ମହୁଶିଠା ୩. ଗୁଣ୍ଡାଏ ଭାତ, ଏକଗ୍ରାସ ଅନ୍ନ ।

**ସିକ୍‌ଲି** ***ବି.*** ୧. ଶିକୁଳି ୨. ଛୋଟ ଶିକା ।

**ସିକଞ୍ଜା** ***ବି.*** ବନ୍ଧା ବହିଗୁଡ଼ିକ ଚାପଦେବା ଓ ସେଗୁଡ଼ିକର ଧାର କାଟିବା ଯନ୍ତ୍ର ।

**ସିକତା** ***ବି.*** ବାଲି, ବାଲୁକା ।

**ସିକା, ଶିକା** ***ବି.*** ଦ୍ରବ୍ୟାଦି ଝୁଲାଇ ରଖିବାପାଇଁ ଦଉଡ଼ିତିଆରି ଆଧାର ।

**ସିକିମି** ***ବି.*** ଅଧୀନ ପ୍ରଜାର ସ୍ୱତ୍ୱ ବା ଅଧିକାର; ***ବିଂ.*** ସିକିମୀ ।

**ସିକିମୀ** ***ବିଂ.*** ଜମିଦାର ବା ସ୍ୱତ୍ୱାଧିକାରୀଙ୍କର ଅଧୀନ ।

**ସିକୁନ୍** ***ବି.*** ବାଉଁଶ ଖଡ଼ିକା ।

**ସିକ୍ତ** ***ବିଂ.*** ଭିଜା, ଓଦା ।

**ସିଗାରେଟ, ସିଗ୍ରେଟ** ***ବି.*** ପତଳା କାଗଜରେ ଧୂଆଁପତ୍ର ମୋଡା ସରୁଆ ଚୁରୁଟ ।

**ସିଙ୍କୋନା** ***ବି.*** ବୃକ୍ଷ ବିଶେଷ ଯାହା ଛାଲିରୁ କୁଇନାଇନ୍ ପ୍ରସ୍ତୁତ ହୁଏ ।

**ସିଙ୍ଗଡ଼ା** ***ବି.*** ୧. ଜଳଜ ଲତା ବିଶେଷର ଶୃଙ୍ଗଥିବା ତିନିକୋଣିଆ ଫଳ ୨. ମସଲାମିଶା ଭଜା ଆଳୁ ଆଦିର ପୁର ଥିବା ମଇଦାତିଆରି ତିନି କୋଣିଆ ତେଲ ଭଜା ଜଳଖିଆ ବିଶେଷ, ସମୋସା ।

**ସିଙ୍ଗାଲ୍** ***ବି.*** ଏକପ୍ରକାର ମାଛ ୨. ଶିଂଗ ଥିବା ହରିଣ ।

**ସିଙ୍ଘେନ** ***ବି.*** ସିଂଘାଣୀ ।

**ସିଜ୍ କରିବା** ***କ୍ରି.*** ଗାଡ଼ିମୋଟର, ସମ୍ପତ୍ତି, ନଥିପତ୍ରଆଦି ଜବତ କରିବା ।

**ସିଜର୍ ଲିଷ୍ଟ୍** ***ବି.*** ଜବତ ସମ୍ପତ୍ତି ତାଲିକା ।

**ସିଜୁ, ସିଝୁ** ***ବି.*** କାକ୍‌ଟସ୍ ଜାତୀୟ ଉଦ୍ଭିଦ ବିଶେଷ (କଣ୍ଟାସିଜୁ, ପତର ସିଜୁ) ।

**ସିଝା** ***ବି.*** ସିଝିଥିବା ବସ୍ତୁ, ସିଦ୍ଧ ଦ୍ରବ୍ୟ; ***ବିଂ.*** ସିଦ୍ଧ ବା ପକ୍ୱ ।

**ସିଝିବା** ***କ୍ରି.*** ୧. ନିଆଁ ତାତିରେ ସିଦ୍ଧ ହେବା ୨. ଖରା ତାତିରେ ଝାଉଁଳି ଯିବା ।

**ସିଞ୍ଚଡ଼ା** ***ବି.*** ଛିଞ୍ଚତା, ସେଚନ, ବର୍ଷାପାଣି ଛିଟିକା ଆକାରରେ ପଡ଼ିବା; ***ବିଂ.*** ୧. ବାୟୁବେଗରେ ପରିବାହିତ ୨. ହାତ ବା ପହଁରା, ଝାଡୁ ଆଦିରେ ବିଞ୍ଚା ଯାଉଥିବା (ତରଳ ପଦାର୍ଥ) ।

**ସିଞ୍ଚନ** ***ବି.*** ସେଚନ, ତରଳଦ୍ରବ୍ୟ ଛିଟାଇ ପକାଇବା ।

**ସିଞ୍ଚା** ***ବି.*** ସେଚନ, ଛିଞ୍ଚା ; ***ବିଂ.*** ସେଚିତ, ସିଞ୍ଚିତ ।

**ସିଞ୍ଚାଡ଼ିବା** ***ବି.*** ଛିଞ୍ଚାଡ଼ିବା, ଛିଟା ଆକାରରେ ପକାଇବା ।

**ସିଞ୍ଚିତ** ***ବିଂ.*** ସେଚିତ, ଛିଞ୍ଚା ।

**ସିଞ୍ଚିବା** ***କ୍ରି.*** ଛିଞ୍ଚିବା, ସେଚନ କରିବା, ଛେରା ଦେବା ।

**ସିଟ୍** ***ବି.*** ୧. ବସିବା ସ୍ଥାନ, ଜାଗା ୨. ଆସନ ୩. ଶିକ୍ଷାନୁଷ୍ଠାନ, ଛାତ୍ରାବାସ ଆଦିରେ ଛାତ୍ରଛାତ୍ରୀମାନଙ୍କପାଇଁ ସ୍ଥାନ ।

**ସିଟାମ** ***ବି.*** ଷ୍ଟାମ୍ପ୍, ଡାକଟିକେଟ, ଦଲିଲ ଇତ୍ୟାଦିରେ ମରାଯିବା ସରକାରୀ ଛପାଟିକଟ ।

**ସିଟି** ***ବି.*** ୧. ଜିଭ ଓ ଓଠ ଦେଇ ବାହାରୁଥିବା ଦୀର୍ଘ ସୁସୁରି ୨. ହ୍ୱିସଲ୍ ୩. ନଗର, ବଡ଼ ସହର ।

**ସିଠା** ***ବି.*** ୧. ଖଦା, ଖଦଡା ୨. ତେଲର କାଣ୍ଟି ୩. ରସହୀନ ବର୍ଜନୀୟ ଅଂଶ ୪. ମହଣ ୫. ଗଛର ଘନୀଭୂତ କ୍ଷୀର; ***ବିଂ.*** ବିବର୍ଣ୍ଣ ।

**ସିଠି** ***ବି.*** ଶଗଡ଼ର ଅଖରେ ଲାଗିବା ବଡ଼ କାଠ ଖଣ୍ଡ।

**ସିଠୁ** ***ବିଂ.*** ୧. ରସଶୂନ୍ୟ ୨. ରକ୍ତହୀନ ୩. ବିବର୍ଣ୍ଣ, ଶେଥୁଆ ।

**ସିଡ଼ି** ***ବି.*** କମ୍ପ୍ୟୁଟରରେ ବ୍ୟବହୃତ ଅଭିଲେଖନ ଉପକରଣ, କଂପାକ୍ଟ୍ ଡିସ୍କ୍ ।

**ସିତ୍ଲାବା** ***କ୍ରି.*** ଥଣ୍ଡା କରିବା।

**ସିତ୍ଲିଆ** ***ବି.*** ୧. ପାଟିରେ ହେବା ଏକ ପ୍ରକାର ଘା ୨. ଅପେକ୍ଷାକୃତ ଶୀତଳ ପାଗ।

**ସିତ୍ଲି ପସ୍‌ବା** ***କ୍ରି.*** ସନ୍ତାଇବା, କାନ୍ଥ ଆଦି ସିପେଇବା, ଓଦା ହେବା।

**ସିତ** ***ବି.*** ୧. ଧଳାରଙ୍ଗ ୨. ଶର ୩. ଶୁକ୍ରାଚାର୍ଯ୍ୟ ୪. ରୂପା ୫. ଚନ୍ଦନ; ***ବିଂ.*** ୧. ଧଳା ୨. ସମ୍ପନ୍ନ ୩. ବନ୍ଧନଯୁକ୍ତ ।

**ସିତାଂଶୁ** ***ବି.*** ୧. ଚନ୍ଦ୍ର ୨. କର୍ପୂର ।

**ସିତା** ***ବି.*** ୧. ଧଳା ଦୂବ ୨. ଜ୍ୟୋତ୍ସ୍ନା ୩. ମଲ୍ଲୀ ଫୁଲ ୪. ମିଶ୍ରି ୫. ସୁନ୍ଦରୀ ନାରୀ ।

**ସିତାଖଣ୍ଡ** ***ବି.*** ୧. ମିଷ୍ଟାନ୍ନ ବିଶେଷ ୨. ମିଶ୍ରି ।

**ସିତାଭୋଗ** ***ବି.*** ୧. କ୍ଷୀର, ଛେନା, ମଇଦା ଓ ଘିଅରେ ପ୍ରସ୍ତୁତ ମିଷ୍ଟାନ୍ନ ବିଶେଷ ୨. ସରୁ ଧାନ ବିଶେଷ ।

**ସିତାର, ସେତାର** ***ବି.*** ବୀଣା ଜାତୀୟ ତାରବାଦ୍ୟଯନ୍ତ୍ର ବିଶେଷ ।

**ସିତାରୀ** ***ବିଂ.ବି.*** ସିତାରବାଦକ ।

**ସିତି, ଶିତି** ***ବି.*** ୧. ଧଳାରଙ୍ଗ ୨. କଳାରଙ୍ଗ ୩. ନୀଳରଙ୍ଗ ୪. ବନ୍ଧନ ; ***ବିଂ.*** ଧଳା, କଳା ବା ନେଳିଆ ।

**ସିଦ୍ଧ** ***ବିଂ.*** ୧. ନିଷ୍ପନ୍ନ ୨. ସଫଳ ହୋଇଥିବା ୩. ପ୍ରମାଣୀକୃତ ୪. ନିଆଁରେ ସିଝା ଯାଇଥିବା ୫. ସିଝିଥିବା ୬. ସାଧନାରେ ଉତ୍ତୀର୍ଣ୍ଣ ୭. ଅଲୌକିକ ଶକ୍ତିସମ୍ପନ୍ନ ; ***ବି.*** ୧. ଦେବଯୋନି ବିଶେଷ ୨. ତ୍ରିକାଳଜ୍ଞ ଋଷି ।

**ସିଦ୍ଧକାମ** ***ବିଂ.*** ସଫଳ ମନୋରଥ ।

**ସିଦ୍ଧପୁରୁଷ** ***ବି.*** ସିଦ୍ଧିପ୍ରାପ୍ତ ବ୍ୟକ୍ତି, ମୁକ୍ତ ମାନବ ।

**ସିଦ୍ଧବିଦ୍ୟା** ***ବି.*** ତନ୍ତ୍ରଶାସ୍ତ୍ର ମତରେ ଦଶ ମହାବିଦ୍ୟା ।

**ସିଦ୍ଧରସ** ***ବି.*** ପାରଦ, ପାରା, ମର୍କ୍ୟୁରି ।

**ସିଦ୍ଧାନ୍ତ** ***ବି.*** ୧. ମୀମାଂସା ୨. ନିର୍ଦ୍ଧାରଣ ୩. ଶେଷ ସମାଧାନ ।

**ସିଦ୍ଧାନ୍ତୀ** ***ବିଂ.*** ମୀମାଂସକ, ସିଦ୍ଧାନ୍ତକାରୀ ।

**ସିଦ୍ଧାର୍ଥ** ***ବିଂ.*** ସିଦ୍ଧ ମନୋରଥ, ସଫଳକାମ; ***ବି.*** ବୁଦ୍ଧ ।

**ସିଦ୍ଧି** ***ବି.*** ୧. ସଫଳତା ୨. ସମ୍ପାଦନ ୩. ସାଧନ ୪. ଜୟଲାଭ ୫. ଉତ୍ତୀର୍ଣ୍ଣତା ୬. ଯୋଗ ୭. ମୋକ୍ଷ ୮. ଅଲୌକିକ ଶକ୍ତି ।

**ସିଦ୍ଧିଦାତା** ***ବିଂ.*** ସିଦ୍ଧି ବା ସଫଳତା ଦେଉଥିବା; ***ବି.*** ଶ୍ରୀ ଗଣେଶ ।

**ସିଦ୍ଧିଦାତ୍ରୀ** ***ବି.*** ଦୁର୍ଗା, ଶକ୍ତି, ଦେବୀ ।

**ସିଦ୍ଧିରସ୍ତୁ** ***ବି.*** ବିଦ୍ୟାରମ୍ଭ ବେଳେ ଗୁରୁ ନିର୍ଦ୍ଦେଶ ଅନୁଯାୟୀ ଶିଶୁଦ୍ୱାରା ଉଚ୍ଚାରିତ ଆଦ୍ୟ ପଦ ।

**ସିଧା** ***ବିଂ.*** ୧. ସଳଖ ୨. ସରଳ, ଅମାୟିକ, ନିଷ୍କପଟ ୩. ସ୍ପଷ୍ଟ ; ***ବି.*** ସଞ୍ଚା, ଆଗନ୍ତୁକଙ୍କ ଖାଦ୍ୟ ପାଇଁ ଦିଆଯିବା ରନ୍ଧନ ସାମଗ୍ରୀ ।

**ସିନ୍** ***ବି.*** ୧. ନାଟକର ଗର୍ଭାଙ୍କ ବା ଦୃଶ୍ୟ ୨. ଅଭିନୟ ମଞ୍ଚରେ ବ୍ୟବହୃତ ଅଙ୍କିତ ଦୃଶ୍ୟପଟ ୩. ଦୃଶ୍ୟ ୪. ପାପ ।

**ସିନା** ***ଅ.*** ୧. କେବଳ ୨. ସମ୍ଭବତଃ ୩. ନିଶ୍ଚେ ୪. ସାଧାରଣତଃ ୫. ସ୍ୱଭାବତଃ; ***ବି.*** ପଶୁର ବକ୍ଷସ୍ଥଳ, ପଞ୍ଜର ।

**ସିନାଜୋର, ସିନାଜୋରି** ***ବି.*** ୧. ବଳପୂର୍ବକ କରିବା କାର୍ଯ୍ୟ, ଜୁଲମ, ଜବରଦସ୍ତି ୨. ଦୁଃସାହସ, ଦାମ୍ଭିକତା ୩. ମୁହଁ ଆଣ୍ଠ ।

**ସିନାନ** ***ବି.*** ସ୍ନାନ, ଗାଧୁଆ ।

**ସିନିହ, ସିନେହ** ***ବି.*** ସ୍ନେହ, ଗଭୀର ପ୍ରେମଭାବ, ଭଲ ପାଇବା ।

**ସିନେମା** ***ବି.*** ଛାୟାଚିତ୍ର, ମୁଭି, ବାଇସ୍କୋପ, ଚଳଚ୍ଚିତ୍ର ।

**ସିନେରି** ***ବି.*** ୧. ଦୃଶ୍ୟାବଳୀ, ଚିତ୍ରାବଳୀ ୨. ଭୂଦୃଶ୍ୟ।

**ସିନ୍ତୁଳା** ***ବି.*** ସନ୍ତୁଳା, ବିନା ମସଲାରେ ସିଝା ପରିବାର ତରକାରି ।

**ସିନ୍ଥା, ସୁନ୍ଥା** ***ବି.*** ସିଁଥା, ସୀମନ୍ତ ।

**ସିନ୍ଥେଟିକ୍** ***ବିଂ.*** ଏକାଧିକ ରାସାୟନିକ ଦ୍ରବ୍ୟ ମିଶ୍ରଣରେ ପ୍ରସ୍ତୁତ (ବସ୍ତୁ) ।

**ସିନ୍ଥେସାଇଜର୍** ***ବି.*** ଇଲେକ୍ଟ୍ରୋନିକ୍ ବାଦ୍ୟଯନ୍ତ୍ର ବିଶେଷ ।

**ସିନ୍ଦୁକ** ***ବି.*** କାଠ ବା ଲୁହା ତିଆରି ବଡ଼ ବାକ୍ସ ।

**ସିନ୍ଦୁର** ***ବି.*** ୧. ରକ୍ତବର୍ଣ୍ଣ ଚୂର୍ଣ୍ଣ ବିଶେଷ ୨. ଲାଲରଙ୍ଗ ଗୁଣ୍ଡ ।

**ସିନ୍ଦୁରକଲିଆ** ***ବି.ବିଂ.*** କପାଳରେ ସିନ୍ଦୂର କଲି ମାରିବା ଲୋକ ।

**ସିନ୍ଦୁରମୁଣ୍ଡି** ***ବି.*** ନାଲିମୁଣ୍ଡିଆ ପକ୍ଷୀ ବିଶେଷ ।

**ସିନ୍ଦୁରା** ***ବି.*** ପାହାନ୍ତା ପ୍ରହରର ଆଲୁଅ, ଅରୁଣିମା ।

**ସିନ୍ଦୁରିଆ, ସିନ୍ଦୁରୀ** ***ବିଂ.*** ସିନ୍ଦୂର ଭଳି ଲାଲ୍ ।

**ସିନ୍ଦୁରିତ** ***ବିଂ.*** ସିନ୍ଦୂର ରଞ୍ଜିତ, ଲାଲରଙ୍ଗରେ ରଞ୍ଜିତ ।

**ସିନ୍ଧାଳ, ସିନ୍ଧିଆଳ** ***ବି.*** ସିନ୍ଧିଚୋର, ସିନ୍ଧିଖୋଳି ଯେ ଚୋରିକରେ ।

**ସିନ୍ଧି** ***ବି.*** ଚୋରି ପାଇଁ କାନ୍ଥରେ ଖୋଳାଯିବା ଗାତ ।

**ସିନ୍ଧିଆ** ***ବିଂ.ବି.*** ଯେ ସିନ୍ଧି ଖୋଳେ, ସିନ୍ଧିଚୋର ।

**ସିନ୍ଧୀ** ***ବିଂ.*** ସିନ୍ଧ୍ ବା ସିନ୍ଧୁ ପ୍ରଦେଶ ସମ୍ବନ୍ଧିତ, ସିନ୍ଧୁପ୍ରଦେଶ ଜାତ; ***ବି.*** ସିନ୍ଧୁ ଅଞ୍ଚଳର ଅଧିବାସୀ ଓ ଭାଷା ।

**ସିନ୍ଧୁ** ***ବି.*** ୧. ସମୁଦ୍ର ୨. ନଦୀ ୩. ସିନ୍ଧ୍, ଭାରତ ଓ ପାକିସ୍ଥାନ ମଧ୍ୟରେ ବିଭାଜିତ ପ୍ରଦେଶ ବିଶେଷ ।

**ସିନ୍ଧୁଗଜ *ବି.*** ଜଳହସ୍ତୀ ।

**ସିନ୍ଧୁଘୋଟକ *ବି.*** ଘୋଡା ଆକୃତିର ମାଂସାଶୀ ସାମୁଦ୍ରିକ ଜଳଜନ୍ତୁ ।

**ସିନ୍ଧୁଜ *ବିଂ.*** ସମୁଦ୍ରରୁ ଜାତ ; ***ବି.*** ସୈନ୍ଧବଲବଣ ।

**ସିନ୍ଧୁଜା *ବି.*** ଲକ୍ଷ୍ମୀ ।

**ସିନ୍ଧୁର *ବି.*** ହାତୀ, ହସ୍ତୀ ।

**ସିପାଇ, ସିପାହୀ *ବି.*** ୧. ସିପେଇ, ସୈନିକ, ଭାରତୀୟ ସୈନିକ ୨. ଅସ୍ତ୍ରଧାରୀ ରକ୍ଷୀ, ପ୍ରହରୀ ୩. ପୁଲିସ କନେଷ୍ଟବଲ ।

**ସିବନ, ସୀବନ *ବି.*** ସିଲେଇ, ସୂଚୀକର୍ମ ।

**ସିମ୍ *ବି.*** ମୋବାଇଲ ଫୋନ୍‌ରେ ବ୍ୟବହୃତ କ୍ଷୁଦ୍ର ପତଳା ବୈଦ୍ୟୁତିକ ବସ୍ତୁ।

**ସିମ *ବି.*** ଏକ ପ୍ରକାର ଲତା ଓ ତାହାର ଫଳ, ଶିମ୍ବ, ସେମି, ଝଟା ; ***ବିଂ.*** ସମସ୍ତ, ସମଗ୍ର ।

**ସିମଖାଇ *ବି.*** ବର୍ଷର ନୂଆ ଶିମ୍ବ ଖାଇବା ପର୍ବ ।

**ସିମେଇ *ବି.*** ମଇଦାରୁ ପ୍ରସ୍ତୁତ ସୂତା ପରି ସରୁ ଲଘୁ ଖାଦ୍ୟ ଉପାଦାନ ।

**ସିମେଣ୍ଟ *ବି.*** ଇଟା ବା ପଥର ଯୋଡ଼େଇରେ ବ୍ୟବହୃତ ମାଟି, ଚୂନପଥର ଚୂର୍ଣ୍ଣ ଓ ରସାୟନିକ ପଦାର୍ଥ ଆଦିର ମିଶ୍ରଣରେ ପ୍ରସ୍ତୁତ ଗୁଣ୍ଡ ।

**ସି-ାଞ୍ଜି *ବି.*** ବଣମଣିଷ, ଆଫ୍ରିକାର ଲାଞ୍ଜବିହୀନ ମନୁଷ୍ୟାକାର ମାଙ୍କଡ଼ ପ୍ରଜାତି ବିଶେଷ ।

**ସିମ୍ବ, ସିମ୍ବା, ସିମ୍ବି, ସିମ୍ବିକା, ସିମ୍ବୀ *ବି.*** ଶିମ୍ବ ଲତା ଓ ତାର ଛୁଇଁ, ସେମି. ଝଟା ।

**ସିର୍‌ଗିଲୋ *ବି.*** ୧. ଅତ୍ୟନ୍ତ ସରୁ ବା ପତଳା ୨. ଶୀର୍ଣ୍ଣ, ଧେଡ଼ିଆ।

**ସିର୍‌ଜି କରି ଯିବା *କ୍ରି.*** ଯିବା ପାଇଁ ମନ ନିଶ୍ଚିତ କରି ଯିବା।

**ସିର୍‌ଜିବା *କ୍ରି.*** ୧. ସୃଷ୍ଟି କରିବା ୨. ମନରୁ ଫାନ୍ଦିବା।

**ସିର୍‌ନି *ବି.*** ୧. କ୍ଷୀର, କଦଳୀ, ଅଟା, ଆଦିରେ ପ୍ରସ୍ତୁତ ଘନ ପାୟସ ୨. ସତ୍ୟନାରାୟଣ ପୂଜାରେ ଅର୍ପିତ ନୈବେଦ୍ୟ ।

**ସିର୍‌ଲି ସିପୋ *ବିଂ.*** ଅତି ପତଳା, ସରୁ, ନହକା।

**ସିର *ବି.*** ୧. ଶିରା, ଛିର, ଶରୀର ରକ୍ତବାହୀ ନଳୀ ୨. ପିପ୍ପଳୀ ମୂଳ ।

**ସିରକା *ବି.*** ଆଖୁରସ, ଗୁଡ଼, ଅଙ୍ଗୁର ପ୍ରଭୃତି ମିଶ୍ରଣରୁ ପ୍ରସ୍ତୁତ ଅମ୍ଳରସ, ସିର୍କା, ଭିନେଗାର୍ ।

**ସିରସ୍ତା *ବି.*** ୧. କାର୍ଯ୍ୟାଳୟ, ଦପ୍ତର, ଅଫିସ, ବିଭାଗ ୨. ହାତୀକୁ ମଣ କରିବା ।

**ସିରସ୍ତାଦାର *ବି.*** ମୁଖ୍ୟ କର୍ମଚାରୀ, ସିରସ୍ତାର ତତ୍ତ୍ୱାବଧାରକ ।

**ସିରସ୍ତାଦାରି *ବି.*** ସିରସ୍ତାଦାରର କାର୍ଯ୍ୟ ।

**ସିରା *ବି.*** ୧. ଚିନି, ନବାତ ଆଦିର ତରଳ ଗାଢ଼ରସ ୨. ଶିରା, ଶରୀରର ରକ୍ତବାହୀ, ନଳୀ ୩. ପତ୍ରର ଉପରିସ୍ଥ ସରୁ ରେଖା ।

**ସିରିଞ୍ଜ୍ *ବି.*** ଇଞ୍ଜେକ୍ସନ ଦେବା ଉପକରଣ ।

**ସିରିସ *ବି.*** ପଶୁଙ୍କ ଶିଙ୍ଗ, ଚମ, ଅସ୍ଥି, ଖୁରାପ୍ରଭୃତିକୁ ଆଉଟି ପ୍ରସ୍ତୁତ କରାଯାଉଥିବା ଅଠା ।

**ସିରିସ କାଗଜ *ବି.*** ସିରିସ ଅଠାବୋଳା କାଚଗୁଣ୍ଡ ବିଛାଯାଇଥିବା କାଗଜ, ବାଲିକାଗଜ ।

**ସିଲ୍ *ବି.*** ୧. ମୋହର, ମୁଦ୍ରା, ଛାପ ଦେବା ଯନ୍ତ୍ର ୨. ବ୍ୟକ୍ତିର ନାମ, ପଦବୀ ଅଥବା କାର୍ଯ୍ୟାଳୟ ଆଦିର ଚିହ୍ନ ଥିବା ମୁଦ୍ରା ବା ମୋହର ୩. ଡେଣା ଓ ଲାଞ୍ଜ ଥିବା ସାମୁଦ୍ରିକ ଜୀବ ୪. ଶିଳ ।

**ସିଲ *ବି.*** ଛୁଟି, ସିଏଲ, କାଜୁଆଲ ଲିଭ୍ ।

**ସିଲଟ *ବି.*** ସ୍ଲେଟ, କଳାପଟା, ପିଲାମାନେ ଅକ୍ଷର ଶିଖିବା ବେଳେ ଖଡ଼ିରେ ଲେଖିବା ପାଇଁ ବ୍ୟବହୃତ ଏକ ପ୍ରକାର କଳା ପଟା ।

**ସିଲପଟ *ବି.*** ରେଳ ଧାରଣାତଳେ ଆଡୁଆ ପଡ଼ିଥିବା ପତଳା କଡ଼ି ; ***ବିଂ.*** ୧. ସମତଳ ଓ ପତଳା, ସରୁ ଓ ଚଟକା ୨. ନିଃସମ୍ବଳ, ନିଃସ୍ୱ ।

**ସିଲାଇ *ବି.*** ସିଲେଇ, ଛୁଞ୍ଚିକାମ, ସୀବନକର୍ମ ।

**ସିଲାବସ୍ *ବି.*** ନିର୍ଦ୍ଦିଷ୍ଟ ଶିକ୍ଷା ପାଇଁ ଉଦ୍ଦିଷ୍ଟ ପାଠ୍ୟ, ପାଠ୍ୟକ୍ରମ ।

**ସିଲି *ବି.*** ଚକ, ଶଗଡ଼ ଚକ।

**ସିଲୁହ *ବି.*** ୧. ଉପକାର ୨. ନମସ୍କାର, ଅଭିବାଦନ।

**ସିଲ୍କ *ବି.*** ଗୋଟିପୋକ ପ୍ରସ୍ତୁତ ଖୋଳପାରୁ ବାହାରୁଥିବା ଟାଣ ଓ ସୂକ୍ଷ୍ମ ସୂତା, ରେଶମ ।

**ସିସ୍‌ମାଇବା *କ୍ରି.*** ୧. ପ୍ରକୋପ କମିଯିବା ୨. ଶେଷ ହେବା।

**ସିସା *ବି.*** ପେନ୍‌ସିଲ।

**ସିସ୍ତୁ, ସିସ୍ତ୍ *ବି.*** ଭୂମିକର, ଖଜଣା, ମାଲ୍‌ଗୁଜାରି, ରାଜସ୍ୱ, ଟିକସ।

**ସିହ୍‌ନିବା *କ୍ରି.*** ଖୁଣ୍ଟ ଆଦି ପୋତିବା ବେଳେ ମାଟି ଗୋଡ଼ି ଖୁନ୍ଦି ଖୁନ୍ଦି ଭରିବା।

**ସିହ୍‌ରି, ସିହ୍‌ଲି *ବି.*** କାଠ ବୁହା ଭାର।

**ସିହା *ବି.*** ୧. ଜମାଖର୍ଚ୍ଚ ବହି, ଦୈନିକ ଖଜଣା ଆଦାୟ ବା ଆୟବ୍ୟୟର ହିସାବ ୨. ସିଆ, ମୁସଲମାନ ଧର୍ମର ସମ୍ପ୍ରଦାୟ ବିଶେଷ ।

**ସିହାଇ *ବି.*** ଲେଖିବା କାଳି, ସ୍ୟାହି ।

**ସିହାଣ, ସିହାଣିଆ *ବିଂ.*** ସିଆଣ, ସିଆଣିଆ, ଧୂର୍ତ୍ତ ।

**ସୀତ୍ *ଅ.*** ଜିଭ ଓ ଦାନ୍ତଦ୍ୱାରା କୃତ ଧ୍ୱନିବିଶେଷ ।

**ସୀତ୍କାର, ଶୀତ୍କାର** ***ବି.*** ନାରୀମାନଙ୍କର ରତିକାଳୀନ ସ୍ୱତଃସ୍ଫୂର୍ତ୍ତ ଧ୍ୱନି, ଇସ୍‌ଇସ୍ ଶବ୍ଦ ।

**ସୀତା** ***ବି.*** ୧. ଲଙ୍ଗଳ ସିଆର ୨. ଶାକର, ସୀତାଭୋଗ ୩. ରାମାୟଣରେ ରାମଚନ୍ଦ୍ରଙ୍କ ପତ୍ନୀ ।

**ସୀବନ** ***ବି.*** ସିଲେଇ ।

**ସୀବନୀ** ***ବି.*** ଛୁଞ୍ଚି ।

**ସୀମନ୍ତ** ***ବି.*** ସୁଛା, ମାଙ୍ଗ, କେଶର ମଧ୍ୟରେଖା ।

**ସୀମନ୍ତକ** ***ବି.*** ୧. ସିନ୍ଦୂର ୨. ସୁଛା, ସିଁଥା, ସୀମନ୍ତ ।

**ସୀମନ୍ତମଣି** ***ବି.*** ମଥାମଣି, ସୀମନ୍ତ ଉପରେ ପିନ୍ଧା ହେବା ଗହଣା ।

**ସୀମନ୍ତିନୀ** ***ବି.*** ସଧବା ନାରୀ ୨. ବଧୂ, ବୋହୂ ୩. ନାରୀ ।

**ସୀମନ୍ତୋନ୍ନୟନ** ***ବି.*** ଗର୍ଭିଣୀ ହିନ୍ଦୁ ନାରୀର ଚତୁର୍ଥ, ଷଷ୍ଠ ଓ ଅଷ୍ଟମାସରେ କରଣୀୟ ସଂସ୍କାର ।

**ସୀମା** ***ବି.*** ୧. ଦେଶ, ରାଷ୍ଟ୍ର ଆଦିର ଜଳ ବା ସ୍ଥଳ ଭାଗର ବ୍ୟାପ୍ତି ସୂଚକ କାଳ୍ପନିକ ସରହଦ, ବୋର୍ଡ଼ର ୨. ପ୍ରାନ୍ତ, ଧାର ୩. ଶେଷ, ଅନ୍ତ୍ୟଭାଗ ୩. ଗଣ୍ଡି ୪. ମର୍ଯ୍ୟାଦା ୫. ସମୁଦ୍ରବେଳା ୬. **ସିଆଁ, ଚୌହଦି** ।

**ସୀମାତୀତ** ***ବିଂ.*** ୧. ଯେତେ ପାରିବ ତାଠୁ ଅଧିକ, ସାମର୍ଥ୍ୟରୁ ବଳି ୨. ଅଶେଷ, ଅସୀମ ।

**ସୀମାନା** ***ବି.*** ସୀମାରେଖା, ସରହଦ, ସିଆଁ, ଚଉହଦି ।

**ସୀମାନ୍ତ** ***ବି.ବିଂ.*** ଶେଷ ସୀମା, ପ୍ରାନ୍ତରେ ଅବସ୍ଥିତ ସ୍ଥାନ ।

**ସୀମାନ୍ତ ପ୍ରଦେଶ** ***ବି.*** ଦେଶ ବା ରାଷ୍ଟ୍ରର ପ୍ରାନ୍ତ ଭାଗରେ ଥିବା ଅଞ୍ଚଳ ।

**ସୀମାବଦ୍ଧ** ***ବିଂ.*** ୧. ସୀମାରେ ଆବଦ୍ଧ, ସୀମାରେଖାଦ୍ୱାରା ଚିହ୍ନିତ ୨. ସୀମିତ, ସସୀମ ୩. ପରିମିତ, ସଂକୀର୍ଣ୍ଣ ।

**ସୀମାରେଖା** ***ବି.*** ଦେଶ, ରାଷ୍ଟ୍ର ଆଦିର ଅଧିକୃତ ଜଳ ବା ସ୍ଥଳ ଭାଗ ସୂଚାଇବା କାଳ୍ପନିକ ରେଖା ।

**ସୀମାଲଙ୍ଘନ** ***ବି.*** ୧. ବେଆଇନ ଭାବେ ରାଷ୍ଟ୍ର ବା ଦେଶର ସୀମା ଲଂଘି ପ୍ରବେଶ ୨. ସୀମା ଟପିଯିବା ୩. ଶିଷ୍ଟାଚାର ବହିର୍ଭୁତ ବ୍ୟବହାର, ମର୍ଯ୍ୟାଦା ଅତିକ୍ରମଣ ।

**ସୀସା** ***ବି.*** ୧. ଏକ ପ୍ରକାର ଧାତୁ, ସୀସକ ଧାତୁ ୨. ପେନ୍‌ସିଲ୍ ୩. ପେନ୍‌ସିଲ୍ ଭିତରର କଳା ସରୁ କାଠି ।

**ସୁଁଠା** ***ବି.*** ସାଇତା ଶୁଖିଲା ମାଂସ ।

**ସୁ** *ଉପସର୍ଗ* ଉତ୍କୃଷ୍ଟ, ଭଲ, ଅତ୍ୟନ୍ତ, ଶୁଭ, ଉତ୍ତମ, ଅଧିକ, ସୁନ୍ଦର, ମଧୁର ଆଦି ବୋଧକ (ଯଥା, ସୁତନୁ, ସୁଧୀର, ସୁସ୍ୱନ, ସୁଶାନ୍ତ) ।

**ସୁଅ** ***ବି.*** ସ୍ରୋତ, ପ୍ରବାହ, ଧାରା ।

**ସୁଆଁ** ***ବି.*** ଏକ ପ୍ରକାର ସରୁ ଘାସ ।

**ସୁଆଁରି** ***ବି.*** ଅଟା ତିଆରି ପୁରି ।

**ସୁଆଁରିବା, ସୁଆଁଳିବା** ***କ୍ରି.*** ୧. ସାଉଁଳିବା ୨. ଆଦରରେ ଆଉଁଷିବା ।

**ସୁଆଁଳି** ***ବି.*** ୧. କାକରା ୨. ପାଚିଲା ତାଳରସରେ ତିଆରି ପିଠା ।

**ସୁଆଗ** ***ବି.*** ୧. ଅତିଶୟ ସ୍ନେହ, ଆଦର ୨. ପ୍ରେମ ।

**ସୁଆଗିଆ** ***ବିଂ.*** ଅତି ସ୍ନେହଯୁକ୍ତ, ଆଦରଯୁକ୍ତ, *ସ୍ତ୍ରୀ.* ସୁହାଗିନୀ/ ସୋହାଗିନୀ ।

**ସୁଆଙ୍ଗ** ***ବି.*** ୧. ଲଘୁ ହାସ୍ୟରସାତ୍ମକ ଦୃଶ୍ୟକାବ୍ୟ ୨. ବିଚିତ୍ର ବେଶଧାରୀ ଅଭିନେତାମାନଙ୍କ ଗ୍ରାମ୍ୟ ଯାତ୍ରା ୩. ନାଟ ୪. ରଙ୍ଗରହସ୍ୟ ୫. ଛଳନା, ଛୋପରା ।

**ସୁଆଙ୍ଗିଆ** ***ବିଂ.*** ୧. ସୁଆଙ୍ଗପ୍ରିୟ ୨. ଛଇଳ ୩. ରହସିଆ, ଛୋପରା, ନବଜିଆ ।

**ସୁଆଣି** ***ବିଂ.*** ପାଣିସୁଅ ଯିବା ବାଟ, କାଜ ବା କଜ୍‌ୱେ ।

**ସୁଆଡି** ***ବିଂ.*** ମୃଦୁ, ଧୀର ।

**ସୁଆଦ** ***ବି.*** ସ୍ୱାଦ, ଖାଦ୍ୟ ରୁଚି ; ***ବିଂ.*** ୧. ମିଠା, ମଧୁର ୨. ସୁସ୍ୱାଦୁ, ଖାଇବାକୁ ରୁଚିକର, ସୁଆଦିଆ ।

**ସୁଆଦିଆ** ***ବିଂ.*** ସୁସ୍ୱାଦଯୁକ୍ତ ।

**ସୁଆର** ***ବି.*** ୧. ରୋଷେୟା ୨. ମନ୍ଦିରର ରୋଷେୟା, ସୁପକାର ୩. ସବାର ।

**ସୁଆରି** ***ବି.*** ସବାରି, କାଠପଟାରେ ତିଆରି ଘରପରି ମଣିଷ କାନ୍ଧରେ ବୁହା ହେବା ପାଲିଂକୀ ।

**ସୁଆରିଆ** ***ବିଂ.*** ସବାରିଆ ।

**ସୁଆଲ** ***ବି.*** ୧. ସୱାଲ୍, ପ୍ରଶ୍ନ ୨. ଓକିଲଦ୍ୱାରା କଚେରୀରେ ସାକ୍ଷୀକୁ ପଚରାଯିବା ପ୍ରଶ୍ନ ।

**ସୁଆସି** ***ବି.*** ଅନ୍ୟ ସ୍ତ୍ରୀ ।

**ସୁଆସେନ୍** ***ବି.*** ବିବାହ ସମୟରେ ସାହାଯ୍ୟକାରିଣୀ ନାରୀ, ବରକନ୍ୟାକୁ ସ୍ୱାଗତକାରିଣୀ ।

**ସୁଇଁଟୁ** ***ବିଂ.*** ଦୁର୍ବଳ ।

**ସୁଇ** ***ବି.*** ଛୁଞ୍ଚ ।

**ସୁଇନକା** ***ବି.ବିଂ.*** ସରୁ ଓ ଲମ୍ବା ନାକ ଥିବା (ବ୍ୟକ୍ତି) ।

**ସୁଉକି, ସୁକି, ସିଉକି** ***ବି.*** ପୂର୍ବେ ପ୍ରଚଳିତ ଚାରିଅଣି (ଏବର ପଚିଶ ପଇସା) ମୁଦ୍ରା ।

**ସୁକ୍** ***ବି.*** ଧାନ, ଘାସ ଆଦିରେଥିବା ସରୁ କଣ୍ଟା ।

**ସୁକ୍‌ତଳା** ***ବି.*** ଜୋତା ଭିତରେ ପଡ଼ିଥିବା ପାଦ ଆକୃତିର ପତଳା ଓ ନରମ ଚମଡ଼ାଖଣ୍ଡ ।

**ସୁକଣ୍ଠ** *ବି.* ୧. ମଧୁର ବା ଲଳିତ କଣ୍ଠସ୍ୱର ୨. ମିଠା ଗଳା ; *ବିଂ.* ସୁମଧୁର କଣ୍ଠସ୍ୱର ବିଶିଷ୍ଟ ।

**ସୁକଲ୍ୟାଣ** *ବିଂ.* ଶୁଭାଶୀର୍ବାଦ ।

**ସୁକାନ** *ବି.* ୧. ଡଙ୍ଗାର ପଛ ମଙ୍ଗତଳେ ପାଣି କାଟିବାପାଇଁ ବ୍ୟବହୃତ ପର ଆକୃତିର ପତଳା ପଟା ୨. ଚିଲିକା ହ୍ରଦରେ ବ୍ୟବହୃତ ସ୍ୱତନ୍ତ୍ର ପ୍ରକାରର ଯାତ୍ରୀବାହୀ ଡଙ୍ଗା ।

**ସୁକାନୀ** *ବି.* ୧. ଡଙ୍ଗାର ମଙ୍ଗଧରା ୨. ଡଙ୍ଗା ବା ଜାହାଜର ମଙ୍ଗୁଆଳ ବା କର୍ଣ୍ଣଧାର ।

**ସୁକାନ୍ତ** *ବିଂ.* ସୁନ୍ଦର କାନ୍ତିଯୁକ୍ତ, ଶୋଭାବନ୍ତ, *ସ୍ତ୍ରୀ.* ସୁକାନ୍ତି ।

**ସୁକାନ୍ତି** *ବି.* ସୁନ୍ଦର କାନ୍ତି ; *ବିଂ.* ଦେଖିବାକୁ ସୁନ୍ଦର, କାନ୍ତିଯୁକ୍ତ ।

**ସୁକୁଟ, ସୁକଟ** *ବି.* ୧. ଲାଞ୍ଛନା, ନିର୍ଯ୍ୟାତନା ୨. ହଟହଟା ୩. ଅନର୍ଥ ।

**ସୁକୁଟ ଦେଖିବା** *କ୍ରି.* ଅନ୍ୟର ହଟହଟାକୁ ଉପଭୋଗ କରିବା ।

**ସୁକୁମାର, ସୁକୁମାରିଆ** *ବିଂ.* ୧. କଷ୍ଟ ସହିବାରେ ଅକ୍ଷମ ୨. ଅତି କୋମଳ ୩. ଅତି ସୁନ୍ଦର ୪. ଗେହ୍ଲା ; *ବି.* ସୁନ୍ଦର ବାଳକ, *ସ୍ତ୍ରୀ.* ସୁକୁମାରୀ ।

**ସୁକୁମାର ବିଦ୍ୟା** *ବି.* କାବ୍ୟ, ସଙ୍ଗୀତ ଓ ଚିତ୍ରାଙ୍କନାଦି ଚାରୁକଳା ।

**ସୁକୁମାରିଆ** *ବିଂ.* ୧. ସୁକୁମାର, ଗେଲବସରିଆ ୨. ଯେ କଷ୍ଟ ସହି ପାରେ ନାହିଁ ।

**ସୁକୃତ୍** *ବି.ବିଂ.* ୧. କର୍ମକୁଶଳୀ ୨. ଧାର୍ମିକ, ଧର୍ମାଚାରୀ, ପୁଣ୍ୟବାନ୍ ।

**ସୁକୃତି** *ବି.* ୧. ପୁଣ୍ୟ, ସତ୍‌କର୍ମ ୨. ସୌଭାଗ୍ୟ, ମଙ୍ଗଳ ; *ବିଂ.* ୧. ସୁସମ୍ପନ୍ନ ୨. ସୁନିର୍ମିତ ।

**ସୁକେଶା** *ବିଂ.* ସୁନ୍ଦର କେଶଥିବା ।

**ସୁକେସୁକେ** *କ୍ରି.ବିଂ.* ବିନା କାରଣରେ, ବିନାଦୋଷରେ ।

**ସୁଖ୍‌ବାସି** *ବି.* ଜମିବାଡ଼ି ନଥିବା କିମ୍ବା ସ୍ଥାୟୀ ଚାକିରି କରୁ ନଥିବା ଦାୟହୀନ ଓ ସ୍ୱାବଲମ୍ବୀ ବ୍ୟକ୍ତି ।

**ସୁଖ** *ବି.* ୧. ମାନସିକ ବା ଶାରୀରିକ ଆନନ୍ଦ ୨. ସୁସ୍ଥତା, ନୀରୋଗ ଅବସ୍ଥା, ଆରାମ ୩. ମନର ପ୍ରୀତି ଭାବ ୪. ସ୍ୱର୍ଗ ୫. ପାଣି ; *ବିଂ.* ୧. ପ୍ରୀତିପ୍ରଦ ୨. ଆରାମଦାୟକ ।

**ସୁଖକର** *ବିଂ.* ଆରାମଜନକ, ଆନନ୍ଦକର ।

**ସୁଖଦ** *ବିଂ.* ସୁଖ ଦେଉଥିବା, ସୁଖକର, ଆରାମଦାୟକ ।

**ସୁଖଦାୟୀ** *ବିଂ.* ସୁଖଦ, ଯାହା ସୁଖ ଦିଏ, ସୁଖଦାୟକ ।

**ସୁଖ ପାଇବା** *କ୍ରି.* ୧. ଆନନ୍ଦ ପାଇବା ୨. ଭଲ ପାଇବା, ସ୍ନେହ କରିବା ୩. ପସନ୍ଦ କରିବା ।

**ସୁଖପାଠ୍ୟ** *ବିଂ.* ପଢ଼ିବାକୁ ଭଲ ଲାଗୁଥିବା ।

**ସୁଖବର** *ବି.* ଶୁଭ ସମ୍ବାଦ, ଭଲ ଖବର ।

**ସୁଖବାସୀ** *ବିଂ.* ସୁଖ୍ ବାସି, ଜମିବାଡ଼ି ନ ଥିବା ଲୋକ ।

**ସୁଖଶ୍ରାବ୍ୟ** *ବିଂ.* ଶ୍ରୁତିସୁଖକର, ଶୁଣିବାକୁ ମଧୁର ।

**ସୁଖସ୍ମୃତି** *ବି.* ସୁଖ ଦେଉଥିବା ଅତୀତର କଥା ବା ଘଟଣା, ଆନନ୍ଦଦାୟକ ପଛକଥା, ସୁଖଦାୟକ ସ୍ମୃତି ।

**ସୁଖସ୍ପର୍ଶ** *ବିଂ.* ୧. ଯେଉଁ ଛୁଆଁ ବା ସ୍ପର୍ଶ ସୁଖ ଦିଏ ୨. ଯାହାର ସ୍ପର୍ଶ ଆନନ୍ଦ ଦିଏ ।

**ସୁଖସ୍ୱପ୍ନ** *ବି.* ସୁଖଦାୟକ କଳ୍ପନା ।

**ସୁଖସ୍ୱାଚ୍ଛନ୍ଦ୍ୟ** *ବି.* ନୀରୋଗ ତଥା ସାଂସାରିକ ଜଞ୍ଜାଳ ବା ସମସ୍ୟାମୁକ୍ତ ଅବସ୍ଥା ।

**ସୁଖା** *ବିଂ.* ଶୁଖା, ଶୁଖିଥିବା, ଓଦା ନ ଥିବା , ଜଳୀୟ ଅଂଶ ନଥିବା ; *ବି.* ୧. ମରୁଡ଼ି ୨. ବରୁଣପୁରୀ ।

**ସୁଖାଇବା** *କ୍ରି.* କୌଣସି ପଦାର୍ଥସ୍ଥ ଜଳୀୟ ଅଂଶକୁ ମାରିବା ପାଇଁ ଖରା, ପବନ ଅଥବା ନିଆଁ ତାଉରେ ରଖିବା ।

**ସୁଖାଦ୍ୟ** *ବିଂ.* ରୁଚିକର, ପୁଷ୍ଟିକର ଖାଦ୍ୟ ।

**ସୁଖାବହ** *ବିଂ.* ସୁଖଦାୟକ, ଆନନ୍ଦପ୍ରଦ ।

**ସୁଖୀ** *ବିଂ.* ୧. ସୁଖଭୋଗ କରୁଥିବା, ଆନନ୍ଦରେ ଥିବା ୨. ଜଞ୍ଜାଳମୁକ୍ତ, ସମସ୍ୟାମୁକ୍ତ, *ସ୍ତ୍ରୀ.* ସୁଖିନୀ ।

**ସୁଖ୍ୟାତି** *ବି.* ଯଶ, ସୁନାମ, ପ୍ରଶଂସା ।

**ସୁଗ୍ରା** *ବି.* ଅଣ୍ଡିରା ବାରହା ।

**ସୁଗଠନ** *ବି.* ସୁନ୍ଦର ଗଢ଼ଣ ବା ଆକୃତି ।

**ସୁଗଠିତ** *ବିଂ.* ନିଖୁଣ, ନିକ, ଉତ୍ତମ ରୂପେ ଗଢ଼ା, ଭଲ ଭାବରେ ନିର୍ମିତ ।

**ସୁଗନ୍ଧ** *ବି.* ସୁବାସ, ସୌରଭ ; *ବିଂ.* ସୁବାସିତ ବା ଭଲ ବାସୁଥିବା ।

**ସୁଗନ୍ଧରାଜ** *ବି.* ରାତିରେ ଫୁଟୁଥିବା ବହୁ ପାଖୁଡାଥିବା ଧଳା ରଙ୍ଗର ସୁବାସିତ ଫୁଲ ।

**ସୁଗନ୍ଧା** *ବି.* ୧. ତୁଳସୀ ୨. ମାଧବୀଲତା ୩. ବଣୁଆ ଅଦା ।

**ସୁଗନ୍ଧି** *ବିଂ.* ସ୍ୱାଭାବିକ ମଧୁର ଗନ୍ଧଯୁକ୍ତ ; *ବି.* ୧. ଗନ୍ଧଦ୍ରବ୍ୟ ୨. ଚନ୍ଦନ ୩. ଧନିଆ ୪. ସୁଗନ୍ଧିତ ଆମ୍ବଗଛ ।

**ସୁଗନ୍ଧିତ** *ବିଂ.* ସୁଗନ୍ଧଯୁକ୍ତ, ସୁବାସିତ, ଭଲ ବାସୁଥିବା ।

**ସୁଗମ** *ବିଂ.* ୧. ଯିବା ଆସିବାପାଇଁ ସହଜ ୨. ସହଜରେ ବୁଝିହେଉଥିବା, ସୁବୋଧ୍ୟ ; *ବିଂ.* ସୁଗମ୍ୟ ।

**ସୁଗୃହିଣୀ** *ବି.* ଘରର ସମସ୍ତ କାର୍ଯ୍ୟରେ ନିପୁଣା ଏବଂ ପରିବାରର ମଙ୍ଗଳକାରିଣୀ ନାରୀ/ଘରଣୀ, ସୁଗୁଣବିଶିଷ୍ଟ ଗୃହିଣୀ ।

**ସୁଗୋଲ** ***ବିଂ.*** ୧. ସମ୍ପୂର୍ଣ୍ଣ ଗୋଲକାର ୨. ଡଉଲଡାଉଲ, ସୁଠାମ ୩. ନିଟୋଳ ।

**ସୁଘୋଷ** ***ବି.*** ୧. ଶୁଣିବାକୁ ସୁଖକର ନାଦ ୨. ନକୁଳଙ୍କ ଶଙ୍ଖର ନାମ ୩. ଏକ ବାଦ୍ୟଯନ୍ତ୍ର ।

**ସୁଚାରୁ** ***ବିଂ.*** ସୁନ୍ଦର ରୂପ ଓ ଗୁଣଥିବା, ଶୋଭନୀୟ ।

**ସୁଜନ** ***ବି.*** ୧. ଭଦ୍ରବ୍ୟକ୍ତି ୨. ଭଲ ମଣିଷ ୩. ସାଧୁପୁରୁଷ ।

**ସୁଜନତା** ***ବି.*** ଭଦ୍ରତା, ସୌଜନ୍ୟ ।

**ସୁଜଳା** ***ବିଂ.*** ପ୍ରଚୁର ବା ଭଲ ପାଣିରେ ଭର୍ତ୍ତି, ଜଳପୂର୍ଣ୍ଣ ।

**ସୁଜା** ***ବି.*** ୧. ଜଂଜିର ମୁଣ୍ଡରେ ପୋତାଯିବା ଲୁହା କଣ୍ଟା ୨. ବଡ଼ ମୋଟା ଛୁଞ୍ଚି, ଡାମ୍ଫଣ ୩. ଇଂଜେକ୍‌ସନ ।

**ସୁଜାଣ** ***ବିଂ.*** ୧. ଯେ ଭଲଭାବରେ ଜାଣେ ୨. ଅନୁଭବୀ ।

**ସୁଜି** ***ବି.*** ୧. ଗହମ, ଚାଉଳ ଆଦିର ମୋଟାଳିଆ ଗୁଣ୍ଡ (ଖିରି ଆଦି କରିବା ପାଇଁ) ୨. (ସୁଜି) ହାଲୁଆ ୩. ଛୁଞ୍ଚି ।

**ସୁଜ୍ଞ** ***ବି.ବିଂ.*** ଭଲ ଜ୍ଞାନ ଥିବା (ବ୍ୟକ୍ତି), ପଣ୍ଡିତ, ବିଜ୍ଞ, ଜ୍ଞାନୀ ।

**ସୁଜ୍ଞାନୀ** ***ବିଂ.*** ବ୍ରହ୍ମଜ୍ଞାନୀ ।

**ସୁଝିବା** ***କ୍ରି.*** ବିବାହ ପାଇଁ ଜାତକ ମେଳ ଖାଇବା ।

**ସୁଝୀନ** ***ବିଂ.*** ସରୁ, ପତଳା, ସୂକ୍ଷ୍ମ ।

**ସୁଠାମ** ***ବିଂ.*** ସୁନ୍ଦର ଗଢ଼ଣଯୁକ୍ତ ; ***ବି.*** ସୁନ୍ଦର ଗଢ଼ଣ ।

**ସୁଡ଼କା** ***ବି.ବିଂ.*** ସଡ଼ ସଡ଼ ଶବ୍ଦ କରି ହାପୁରା ; ***ବିଂ.*** ସଡ ସଡ଼ ଶବ୍ଦ କରି ଯେ ଖାଏ ।

**ସୁଡ଼କିବା** ***କ୍ରିଂ.*** ସଡ଼ ସଡ଼ ଶବ୍ଦକରି ଶୋଷି ଖାଇବା ।

**ସୁଡ଼ଙ୍ଗ** ***ବି.*** ୧. କାନ୍ଥର ସିନ୍ଧିଗାତ ୨. ମାଟିତଳେ ନିର୍ମିତ ସରୁ ଗୋପନପଥ ୩. ପାହାଡ଼ କଟାଯାଇ ହୋଇଥିବା ରାସ୍ତା, ଟନେଲ୍ ।

**ସୁଢ଼ଳ** ***ବିଂ.*** ଅତି ସୁନ୍ଦର, ସୁନ୍ଦର ଗଢ଼ଣବିଶିଷ୍ଟ ।

**ସୁଣୁସୁଣିଆ** ***ବିଂ.*** ସର୍ଦ୍ଦି ଯୋଗୁଁ ଫଣଫଣିଆ ।

**ସୁତ୍** ***ବି.*** ୧. ସୂତା ୨. ସାମାନ୍ୟ ଦୈର୍ଘ୍ୟ ।

**ସୁତ୍‌ଘାଇ** ***ବି.*** ବିଲକୁ ପାଣି ଆସିବା ପାଇଁ ଖୋଳା ହେବା ସରୁ ନାଳ ।

**ସୁତ୍‌ରେ** ***ବିଂ.*** ସିଧା, ସଳଖ ।

**ସୁତ୍‌ରେନ୍** ***ବି.*** ପ୍ରସବ ବେଳେ ସାହାଯ୍ୟ କରିବା ନାରୀ, ଧାଈ ।

**ସୁତ** ***ବି.*** ପୁଅ ।

**ସୁତକ, ସୁତକ** ***ବି.*** ୧. ପୁଅ ୨. ଛୁତିକିଆ ।

**ସୁତନୁ** ***ବି.*** ସୁନ୍ଦର ଦେହ ; ***ବିଂ.*** ସୁନ୍ଦର ଦେହ ବିଶିଷ୍ଟ ।

**ସୁତନ୍ତ୍ରୀ** ***ବି.*** ମଧୁର ସ୍ୱରଯୁକ୍ତ ବୀଣା ।

**ସୁତର୍** ***ବିଂ.*** ୧. ବ୍ୟବସ୍ଥିତ, ଶୃଙ୍ଖଳିତ ୨. ସଫାସୁତୁରା ; ***ବି.*** ଲକ୍ଷ୍ୟ, ଲକ୍ଷ୍ୟଭେଦ ।

**ସୁତରାଂ** ***ଅଂ.*** ଅତଏବ, ତେଣୁ, ଫଳତଃ, ସେହି ହେତୁରୁ, ଅଗତ୍ୟା ।

**ସୁତଳ** ***ବି.*** ପୁରାଣବର୍ଣ୍ଣିତ ତୃତୀୟ ପାତାଳ ।

**ସୁତା** ***ବି.*** ଝିଅ ।

**ସୁତି** ***ବି.*** ୧. ପ୍ରପୌତ୍ର, ନାତିର ପୁଅ ବା ଝିଅ ୨. ଫଳର ପ୍ରଥମ ଅବସ୍ଥା ୩. ସୂତା ଲୁଗା ।

**ସୁତୁଙ୍ଗ** ***ବିଂ.*** ଅତି ଉଚ୍ଚ ; ***ବି.*** ୧. ନଡ଼ିଆଗଛ ୨. ଗ୍ରହଗଣର ଉଚ୍ଚ ସ୍ଥିତି ।

**ସୁଦ, ସୁଧ** ***ବି.*** ୧. କଳନ୍ତର, ଋଣ ବାବଦରେ ଖାତକଠାରୁ ନିଆଯିବା ଟଙ୍କା ୨. କୁସୀଦ ୩. ବୃଦ୍ଧି ।

**ସୁଦର୍ଶନ** ***ବି.*** ବିଷ୍ଣୁଙ୍କ ଚକ୍ର ; ***ବିଂ.*** ସୁଦୃଶ୍ୟ, ସୁଶୋଭନ, *ସ୍ତ୍ରୀ.* ସୁଦର୍ଶନା ।

**ସୁଦଶା** ***ବି.*** ୧. ଉତ୍ତମ ବା ଅନୁକୂଳ ସମୟ ୨. ଧନର ଦେବୀ ଲକ୍ଷ୍ମୀଙ୍କୁ ପୂଜା କରାଯାଉଥିବା ବ୍ରତ ବିଶେଷ ।

**ସୁଦିନ** ***ବିଂ.*** ୧. ଶୁଭ ଦିନ ୨. ଭଲ ସମୟ, ପ୍ରକୃଷ୍ଟ ସମୟ ।

**ସୁଦୂର** ***ବିଂ.*** ଅତି ଦୂରବର୍ତ୍ତୀ ; ***ବି.*** ବହୁଦୂରବର୍ତ୍ତୀ ସ୍ଥାନ ।

**ସୁଦୂରପରାହତ** ***ବିଂ.*** ଯାହା ଘଟିବା କଠିନ, ଯାହା ଘଟିବାର ସମ୍ଭାବନା ନାହିଁ ।

**ସୁଦୃଢ଼** ***ବିଂ.*** ଅତ୍ୟନ୍ତ ଦମ୍ଭିଲା, ଅତି ମଜବୁତ ।

**ସୁଦୃଶ୍ୟ** ***ବିଂ.*** ସୁନ୍ଦର, ସୁଦର୍ଶନ, ସୁନ୍ଦର ଦେଖାଯାଉଥିବା ।

**ସୁଦୃଷ୍ଟି** ***ବି.*** ସୁନଜର, ଶୁଭଦୃଷ୍ଟି, ଦୟାର୍ଦ୍ର ଦୃଷ୍ଟି, ପ୍ରୀତିପୂର୍ଣ୍ଣ ଦୃଷ୍ଟି ।

**ସୁଦ୍ଧା** ***ଅ.*** ୧. ମଧ୍ୟ ୨. ପର୍ଯ୍ୟନ୍ତ ୩. ସମେତ ।

**ସୁଧିବା** ***କ୍ରି.*** ୧. ସଂଶୋଧନ କରିବା ୨. ମୂଲ୍ୟାୟନ କରିବା ।

**ସୁଧର୍ମା** ***ବିଂ.*** ଧର୍ମପରାୟଣ ; ***ବି.*** ୧. ଦେବସଭା ୨. ଗାର୍ହସ୍ଥ୍ୟଧର୍ମରେ ଥିବା ଗୃହକର୍ତ୍ତା ।

**ସୁଧାଂଶୁ** ***ବି.*** ଚନ୍ଦ୍ର ।

**ସୁଧା** ***ବି.*** ୧. ଅମୃତ ୨. ଚକ୍‌ଖଡ଼ି ୩. ଚୂର୍ଣ୍ଣ ୪. ଜ୍ୟୋତ୍ସ୍ନା ୫. ପାଣି ୬. ଫୁଲରସ ୭. କ୍ଷୀର, ଗୋରସ ୮. ମଦ ।

**ସୁଧାକର, ସୁଧାନିଧି, ସୁଧାବାସ** ***ବି.*** ଚନ୍ଦ୍ର ।

**ସୁଧାର** ***ବିଂ.*** ଶାନ୍ତଶିଷ୍ଟ ; ***ବି.*** ସୁଧାରିବା କର୍ମ ।

**ସୁଧାରିବା** ***କ୍ରି.*** ୧. ସଜାଡ଼ିବା, ବାଗେଇବା, ଭଲ ବାଟକୁ ଆଣିବା ୨. ନିୟମାଧୀନ ଓ ଶୃଙ୍ଖଳିତ କରିବା ୩. ସଂଶୋଧନ କରିବା ।

**ସୁଧୀ** ***ବି.ବିଂ.*** ଜ୍ଞାନୀ, ପଣ୍ଡିତ, ବିଦ୍ୱାନ୍ ।

**ସୁଧୀର** ***ବିଂ.*** ଶାନ୍ତ, ନମ୍ର ; ***ବି.*** ଧୀର ସ୍ୱଭାବ, ଧୀର ଗତି ।

**ସୁଧୁରାଇବା** ***କ୍ରି.*** ୧. ବେନିୟମରୁ ନିୟମକୁ ଆଣିବା ୨. ଶୃଙ୍ଖଳିତ କରିବା ।

**ସୁଧୁରିବା** ***କ୍ରି.*** ଭଲ ବାଟକୁ ଆସିବା, ବେଧାରାରୁ ଧାରାକୁ ଆସିବା, ବିଶୃଙ୍ଖଳାରୁ ଶୃଙ୍ଖଳାକୁ ଆସିବା ।

**ସୁନ୍‌ବା** ***କ୍ରି.*** ଶୁଣିବା।

**ସୁନ୍‌ସୁନିଆ** ***ବି.*** କାଦୁଆ ମାଟିରେ ହେବା ଚାରିପତ୍ରିଆ ଶାଗ ବିଶେଷ।

**ସୁନଜର** ***ବି.*** ସୁଦୃଷ୍ଟି, ଶୁଭଦୃଷ୍ଟି, ଅନୁକୂଳ ଦୃଷ୍ଟି ।

**ସୁନତ୍** ***ବି.*** ମୁସଲମାନ ବାଳକଙ୍କ ଲିଙ୍ଗ ଅଗର ଚର୍ମଛେଦନ ସଂସ୍କାର ବିଶେଷ ।

**ସୁନା** ***ବି.*** ୧. ଉଜ୍ଜ୍ୱଳ ହଳଦିଆ ରଙ୍ଗର ମୂଲ୍ୟବାନ ଧାତୁ, ଯାହା ଅଳଙ୍କାର ପ୍ରଭୃତି ତିଆରିରେ ବ୍ୟବହୃତ ହୁଏ ୨. ସୁନା ପରି ପ୍ରିୟ ବା ମୂଲ୍ୟବାନ ବସ୍ତୁ ୩. ପୁରୁଷ (*ବିଶେ.* ବାଳକର) ଯୌନାଙ୍ଗ; ***ବିଂ.*** ୧. ଗେହ୍ଲା ୨. ଶାନ୍ତଶିଷ୍ଟ ୩. ଅତ୍ୟନ୍ତ ମୂଲ୍ୟବାନ ।

**ସୁନା କୂଅ** ***ବି.*** ଶ୍ରୀମନ୍ଦିର ଉତ୍ତର ଦ୍ୱାର ବେଢ଼ାରେ ଶୀତଳା ଠାକୁରାଣୀ ମନ୍ଦିର ପାଖରେ ଥିବା କୂଅ - ସ୍ନାନ ପୂର୍ଣ୍ଣିମା ଦିନ ଏହାର ଜଳ ସ୍ନାନବିଧି ନିମନ୍ତେ ବ୍ୟବହୃତ ହୁଏ।

**ସୁନାଗୋରୀ** ***ବିଂ.*** ସୁନାପରି ଦେହରଙ୍ଗଥିବା ନାରୀ ।

**ସୁନାପୋକ** ***ବି.*** ପ୍ରଜାପତି ହେବାର ଦ୍ୱିତୀୟ ଅବସ୍ଥା।

**ସୁନା ଦିହୁଡ଼ି ସେବକ** ***ବି.*** ରଥକୁ ରାତି ବେଳା ଦିହୁଡ଼ିଦ୍ୱାରା ଆଲୋକିତ କରୁଥିବା ସେବକ ।

**ସୁନାବେଶ** ***ବି.*** ଦେବଦେବୀଙ୍କର ସ୍ୱର୍ଣ୍ଣାଳଙ୍କାର ମଣ୍ଡିତ ବେଶ।

**ସୁନାମ** ***ବି.*** ଖ୍ୟାତି, ପ୍ରଶଂସା ।

**ସୁନାମି** ***ବି.*** ପ୍ରଳୟଙ୍କର ସମୁଦ୍ର ଜୁଆର ।

**ସୁନାମୁଖୀ** ***ବି.*** ମଳ ନିଃସାରକ ଔଷଧୀୟ ପତ୍ର ବିଶେଷ, ବିରେଚକ ଭାବରେ ବ୍ୟବହୃତ ପତ୍ର, ସେହି ଗଛ ।

**ସୁନାରି** ***ବି.*** ୧. ବଣିଆ ୨. ଖରାଦିନରେ ହଳଦିଆ ଫୁଲ ଫୁଟୁଥିବା ଏକପ୍ରକାର ଗଛ ।

**ସୁନାରୀ** ***ବି.*** ସୁନ୍ଦରୀ ବା ରସିକା ରମଣୀ, ଉତ୍ତମା ସ୍ତ୍ରୀ ।

**ସୁନି, ସୁନ୍ନି** ***ବି.*** ମୁସଲମାନମାନଙ୍କ ଦୁଇ ମୁଖ୍ୟ ସମ୍ପ୍ରଦାୟ ମଧ୍ୟରୁ ଗୋଟିଏ (ଅନ୍ୟଟି ସିହା) ।

**ସୁନିଆ** ***ବି.*** ୧. ପୁରୀ ରାଜାଙ୍କ ଅଙ୍କ ପରିବର୍ତ୍ତନ ଦିବସ ୨. ଓଡ଼ିଆ ନୂଆ ବର୍ଷର ପ୍ରଥମ ଦିନ, ଭାଦ୍ର ମାସର ଶୁକ୍ଳ ଦ୍ୱାଦଶୀ ୩. ସୁନା ମୋହର, ସ୍ୱର୍ଣ୍ଣମୁଦ୍ରା ୪. ସୁନା ।

**ସୁନେଲି** ***ବିଂ.*** ସ୍ୱର୍ଣ୍ଣା, ସୁନାପରି ରଙ୍ଗଯୁକ୍ତ, ଉଜ୍ଜ୍ୱଳ ହଳଦିଆ ରଙ୍ଗ ବିଶିଷ୍ଟ ।

**ସୁନ୍ଥା** ***ବି.*** ସୀମନ୍ତ, ମୁଣ୍ଡବାଳର ମାଙ୍ଗ, ସିଉଁଥିଆ ।

**ସୁଛାଣ** ***ବି.*** ମାଣ୍ଡି, ତକିଆ ।

**ସୁଛାଣି** ***ବି.*** ଜୁଇଗାଡ଼ ତଳେ ଆଡୁଆ ରଖାଯାଉଥିବା ଦୁଇ କାଠଗଡ ।

**ସୁନ୍ଦର** ***ବିଂ.*** ୧. ସୁଦୃଶ୍ୟ, ଶୋଭନ ୨. ଖୁବ ଭଲ ୩. ରୋଚକ, ରୁଚିପୂର୍ଣ୍ଣ ୪. ଉଚିତ ।

**ସୁନ୍ଦରାଚଳ** ***ବି.*** ଗୁଣ୍ଡିଚା ମଣ୍ଡପ ।

**ସୁନ୍ଦରୀ** ***ବିଂ.*** ଦେଖିବା ପାଇଁ ଆକର୍ଷଣୀୟା; ***ବି.*** ୧. ରୂପବତୀ ନାରୀ ୨. ବଣୁଆ ଗଛ ବିଶେଷ ।

**ସୁପ୍** ***ବି.*** ସିଝା ପରିବା ପତ୍ର ବା ମାଂସ ଆଦିର ଗରମ ଝୋଳ ।

**ସୁପକ୍ୱ** ***ବିଂ.*** ୧. ଠିକ୍ ଭାବେ ପାଚିଥିବା ୨. ଭଲ ଭାବରେ ସିଝିଥିବା ୩. ଭଲ ଭାବରେ ରୋଷେଇ ହୋଇଥିବା ।

**ସୁପର୍** ***ବିଂ.*** ୧. ଖୁବ ଭଲ ୨. ଉଚ୍ଚ ଗୁଣସମ୍ପନ୍ନ ୩. ଉନ୍ନତମାନର ।

**ସୁପର୍ଣ୍ଣ** ***ବିଂ.*** ୧. ସୁନ୍ଦର ପକ୍ଷଯୁକ୍ତ ୨. ସୁନ୍ଦର ପତ୍ରଯୁକ୍ତ ; ***ବି.*** ୧. ଗରୁଡ଼ ୨. କୁକୁଡ଼ା ୩. ସ୍ୱର୍ଣ୍ଣଚୂଡ଼ପକ୍ଷୀ ୪. ସୁନାରି ଗଛ ।

**ସୁପନକା** ***ବିଂ.ବି.*** ସରୁ ଓ ତୀକ୍ଷ୍ଣ ନାକ ଥିବା (ଲୋକ)।

**ସୁପା** ***ବି.*** କୁଲା।

**ସୁପାତି** ***ବିଂ.*** କୋମଳ ଓ ସୁସଜ୍ଜିତ; ***ବି.*** କୋମଳ ଶଯ୍ୟା, ନରମ ଶେଯ ।

**ସୁପାରି** ***ବି.*** ୧. ଗୁଆ ୨. ଲିଙ୍ଗର ଚର୍ମହୀନ ଅଗ୍ରଭାଗ ୩. ଅର୍ଥ ବିନିମୟରେ କାହାକୁ ବାଡ଼େଇବା ବା ହତ୍ୟା କରିବା ପାଇଁ ବରାଦ ବା ଠିକା ।

**ସୁପୁତ୍ର** ***ବି.*** ଗୁଣବାନ୍ ପୁଅ ।

**ସୁପୁର** ***ବି.*** ସୁପାରି, ଗୁଆ ।

**ସୁପୁରୁଷ** ***ବି.*** ୧. ସୁନ୍ଦର ବ୍ୟକ୍ତି ୨. ପୁରୁଷମାନଙ୍କର ଭଲ ଗୁଣ ମନେ କରାଯାଉଥିବା ସମସ୍ତ ଗୁଣଯୁକ୍ତ ପୁରୁଷ ୩. ସାଧୁବ୍ୟକ୍ତି ୪. ସୁଗଠିତ ପୁରୁଷ ।

**ସୁପ୍ତ** ***ବିଂ.*** ୧. ଶୋଇଥିବା, ନିଦ୍ରାମଗ୍ନ, ନିଦ୍ରିତ ୨. ଯାହା ସକ୍ରିୟ ନୁହେଁ, ନିଷ୍କ୍ରିୟ ।

**ସୁପ୍ତି** ***ବି.*** ଗାଢ଼ ନିଦ୍ରା, ଅଙ୍ଗର ନିଷ୍ଚେଷ୍ଟତା ।

**ସୁପ୍ରତିଷ୍ଠ, ସୁପ୍ରତିଷ୍ଠିତ** ***ବିଂ.*** ଉତ୍ତମ ବା ଦୃଢ଼ ପ୍ରତିଷ୍ଠାଯୁକ୍ତ, ଉତ୍ତମ ବା ଦୃଢ଼ ରୂପେ ସ୍ଥାପିତ, ଖ୍ୟାତି ଓ ପ୍ରତିପତ୍ତି ସମନ୍ୱିତ ।

**ସୁପ୍ରଭାତ** ***ବି.*** ସୁନ୍ଦର ବା ଶୁଭ ପ୍ରଭାତ; ***ଅ.*** ପ୍ରାତଃକାଳର ସମ୍ବୋଧନ ବା ଅଭିବାଦନ ।

**ସୁପ୍ରଶସ୍ତ** ***ବିଂ.*** ୧. ଅତ୍ୟନ୍ତ ଚଉଡ଼ା ବା ବିସ୍ତୃତ ୨. ସୁଯୋଗ୍ୟ ୩. ଅତି ଉଦାର ୪. ଅତି ଉତ୍ତମ ।

**ସୁପ୍ରସନ୍ନ** ***ବି.ବିଂ.*** ଅତି ପ୍ରସନ୍ନ, ଅନୁକୂଳ ।

**ସୁପ୍ରସିଦ୍ଧ** *ବିଂ.* ଖ୍ୟାତିସମ୍ପନ୍ନ , ବିଶେଷ ଭାବରେ ପ୍ରସିଦ୍ଧ ।

**ସୁପ୍ରାପ୍ୟ** *ବିଂ.* ସହଜ ଲଭ୍ୟ, ସୁଲଭ ।

**ସୁଫଳ** *ବି.* ୧. ଶୁଭଫଳ ୨. ଉତ୍ତମ ପରିଣତି ୩. ବେଲ ୪. ଡାଳିମ୍ବ ୫. ତୀର୍ଥାଟନର ପୁଣ୍ୟଲାଭ ପାଇଁ ଯାତ୍ରୀ ପଣ୍ଡାଙ୍କୁ ଦେବା ଭେଟି ବା ଦକ୍ଷିଣା; *ବିଂ.* ପ୍ରଚୁର ଫଳୋତ୍ପାଦକ ।

**ସୁବନ୍ଦୋବସ୍ତ** *ବି.* ଉତ୍ତମ ବ୍ୟବସ୍ଥା ।

**ସୁବର୍ଣ୍ଣ** *ବି.* ୧. ସୁନା ୨. ସୁନାମୋହର ; *ବିଂ.* ୧. ସୁନ୍ଦର ଅକ୍ଷରଯୁକ୍ତ ବା ବର୍ଣ୍ଣବିଶିଷ୍ଟ ୨. ସୁରୂପ ।

**ସୁବର୍ଣ୍ଣ ଜୟନ୍ତୀ** *ବି.* ଅନୁଷ୍ଠାନ, ଘଟଣା, ବିଶେଷ ଦିବସ ଆଦିର ପଚାଶ ବର୍ଷ ପୂର୍ତ୍ତି ଉପଲକ୍ଷ୍ୟେ ଅନୁଷ୍ଠିତ ଉତ୍ସବ ।

**ସୁବର୍ଣ୍ଣ ସୁଯୋଗ** *ବି.* ସବୁଠାରୁ ଉପଯୁକ୍ତ ସୁଯୋଗ ।

**ସୁବଳିତ** *ବିଂ.* ସୁଗଠିତ, ସୁନ୍ଦର ଓ ବର୍ତ୍ତୁଳାକାର ।

**ସୁବା** *ବି.* ପ୍ରଦେଶ, ମୋଗଲ ଅମଳରେ ଦେଶର ପ୍ରଶାସନିକ ବିଭାଗ ।

**ସୁବାଦାର** *ବି.* ୧. (ଅତୀତରେ) ପ୍ରାଦେଶିକ ଶାସନ କର୍ତ୍ତା ୨. ନିର୍ଦ୍ଦିଷ୍ଟ ସଂଖ୍ୟକ ସୈନିକ ବା ସିପାହୀଙ୍କ ମୁଖ୍ୟ ।

**ସୁବାଦାରି** *ବି.* ସୁବାଦାରର ପଦ ବା କାର୍ଯ୍ୟ, ସୁବାଦାରର ଅଧିକାର କ୍ଷେତ୍ର ।

**ସୁବାସ** *ବି.* ୧. ସୌରଭ, ସୁଗନ୍ଧ ୨. ସୁନ୍ଦର ଗୃହ ୩. ସୁନ୍ଦର ବସ୍ତ୍ର; *ବିଂ.* ସୌରଭ ଯୁକ୍ତ ।

**ସୁବାସିତ** *ବିଂ.* ଭଲ ବାସୁଥିବା, ସୁଗନ୍ଧିତ, ସୁଗନ୍ଧଯୁକ୍ତ ।

**ସୁବାସିନୀ** *ବିଂ. ବି.* ୧. ସୁଗନ୍ଧିତା, ବାସମୟୀ ନାରୀ ୨. ବାପଘରେ ରହୁଥିବା ନାରୀ ।

**ସୁବିଚାର** *ବି.* ୧. ନ୍ୟାୟୋଚିତ ବିଚାର ୨. ସତ୍‌ବିବେଚନା ।

**ସୁବିଦିତ** *ବିଂ.* ଉତ୍ତମ ରୂପେ ଜ୍ଞାତ ବା ପ୍ରସିଦ୍ଧ, ଯାହା ସମସ୍ତେ ଭଲ ଭାବରେ ଜାଣନ୍ତି ।

**ସୁବିଦ୍ୟା** *ବି.* ଉତ୍ତମ ବା ହିତକର ବିଦ୍ୟା ।

**ସୁବିଧା** *ବି.* ୧. ସହଜ ଉପାୟ ୨. ଭଲ ଅବସ୍ଥା ୩. କୌଣସି କାମ ପାଇଁ ଅନୁକୂଳ ଅବସ୍ଥା ।

**ସୁବିଧାବାଦୀ** *ବି.* ଯେ ସୁବିଧା ଅନୁସାରେ ମତ ପରିବର୍ତ୍ତନ କରେ ବା କାର୍ଯ୍ୟକରେ ।

**ସୁବିମଳ** *ବିଂ.* ସମ୍ପୂର୍ଣ୍ଣ ନିର୍ମଳ, ସୁନିର୍ମଳ, ସ୍ୱଚ୍ଛ ।

**ସୁବୁଦ୍ଧି** *ବି.* ୧. ସଦ୍‌ବୁଦ୍ଧି ୨. ଉତ୍ତମ ବୁଦ୍ଧି ; *ବିଂ.* ଶୁଭ ବୁଦ୍ଧିଶାଳୀ, ସଦ୍‌ବୁଦ୍ଧି ଯୁକ୍ତ ।

**ସୁବୃଷ୍ଟି** *ବି.* ଯଥାକାଳରେ ଉପଯୁକ୍ତ ବର୍ଷା ।

**ସୁବୃହତ୍** *ବିଂ.* ଖୁବ୍ ବିରାଟ୍, ଅତି ବଡ଼ ।

**ସୁବେଳା** *ବି.* ଉପଯୁକ୍ତ ସମୟ, ଶୁଭ ସମୟ, ଭଲ ସମୟ ।

**ସୁବେଶ** *ବି.* ଉତ୍ତମ ପୋଷାକ, ପରିପାଟୀ ; *ବିଂ.* ସୁନ୍ଦର ପୋଷାକ ପରିହିତ ।

**ସୁବେଶିନୀ** *ବିଂ.* ଉତ୍ତମ ବେଶଧାରିଣୀ ।

**ସୁବୋଧ** *ବିଂ. ବି.* ୧. ଯାହା ସହଜରେ ବୁଝି ହୁଏ ୨. ଯାହାକୁ ସହଜରେ ବୁଝାଇ ହୁଏ ୩. ସୁବୁଦ୍ଧି ୪. ଶାନ୍ତଶିଷ୍ଟ; *ବି.* ଉତ୍ତମ ବୁଦ୍ଧି ବା ଜ୍ଞାନ ।

**ସୁବୋଧ୍ୟ** *ବିଂ.* ସହଜରେ ବୋଧଗମ୍ୟ, ଯାହା ବୁଝିବାକୁ ସହଜ ।

**ସୁବ୍ୟବସ୍ଥା** *ବି.* ଉପଯୁକ୍ତ ବ୍ୟବସ୍ଥା, ଶୃଙ୍ଖଳିତ ଆୟୋଜନ ।

**ସୁବ୍ୟବସ୍ଥିତ** *ବିଂ.* ୧. ଉପଯୁକ୍ତ ବ୍ୟବସ୍ଥାଯୁକ୍ତ ୨. ପ୍ରତିଷ୍ଠିତ ୩. ଉତ୍ତମ ଭାବେ ଆୟୋଜିତ ।

**ସୁବ୍ରତ** *ବିଂ.* ଧର୍ମ କର୍ମ ପରାୟଣ, *ସ୍ତ୍ରୀ.* ସୁବ୍ରତା ।

**ସୁଭଗ** *ବିଂ.* ୧. ସୌଭାଗ୍ୟଶାଳୀ ୨. ସୁନ୍ଦର ୩. ସୁଖଦ ୪. ପ୍ରିୟ ; *ବି.* ୧. ଚମ୍ପା ଫୁଲ ୨. ଅଶୋକ ଗଛ ୩. ଶିଳାରସ ୪. ଗନ୍ଧକ ।

**ସୁଭଗା** *ବି.* ୧. ପତି ସୋହାଗିନୀ ନାରୀ ୨. ପାଞ୍ଚବର୍ଷିୟା କୁମାରୀ ୩. ସୁଲକ୍ଷଣୀ ୪. କସ୍ତୁରୀ ୫. ହଳଦୀ ।

**ସୁଭାଷ** *ବିଂ.* ସୁବଚନ, ସୁଉକ୍ତି ; *ବିଂ.* ମଧୁରଭାଷୀ ।

**ସୁଭାଷିତ** *ବିଂ.* ଉତ୍ତମରୂପେ କଥିତ ; *ବି.* ସୁବଚନ, ଶିକ୍ଷାପୂର୍ଣ୍ଣ ଉକ୍ତି, ସୂକ୍ତି ।

**ସୁମନ** *ବି.* ୧. ଫୁଲ ୨. ମଲ୍ଲୀ ୩. ଫୁଲମାଳ ୪. ପଣ୍ଡିତ ବ୍ୟକ୍ତି ; *ବିଂ.* ୧. ମହାମନା ୨. ଉଦାରଚେତା ।

**ସୁମରଣ** *ବି.* ୧. ସ୍ମରଣ ୨. ସୁଖ ମୃତ୍ୟୁ ।

**ସୁମରିବା** *କ୍ରି.* ମନେପକାଇବା, ହେତାଇବା ।

**ସୁମାର,ସୁମାରି** *ବି.* ୧. ଗଣନ, ସଂଖ୍ୟାନ ୨. ଇୟତ୍ତା ।

**ସୁମାରି ରଖିବା** *କ୍ରି.* ୧. ମନେ ରଖିବା ୨. ହିସାବ ରଖିବା ।

**ସୁମେରୁ ବୃତ୍ତ** *ବି.* ଉତ୍ତରମେରୁଠାରୁ ୨୩୧/୨ ଡିଗ୍ରୀ ଅକ୍ଷାଂଶ ଦୂରସ୍ଥ କାଳ୍ପନିକ ବୃତ୍ତାକାର ରେଖା ବିଶେଷ ।

**ସୁଯୋଗ** *ବି.* ୧. ଅନୁକୂଳ ସମୟ ୨. ଉପଯୁକ୍ତ ଅବସର ୩. ଶୁଭଯୋଗ ।

**ସୁଯୋଗ୍ୟ** *ବିଂ.* ଅତି ଉପଯୁକ୍ତ, ସମସ୍ତ ଗୁଣ ଓ ଯୋଗ୍ୟତାସମ୍ପନ୍ନ ; *ସ୍ତ୍ରୀ.* ସୁଯୋଗ୍ୟା ।

**ସୁର୍** *ବି.* ଗୀତର ସ୍ୱର, ଧୁନ୍ ।

**ସୁର୍‌କି, ସୁର୍କି** *ବି.* ୧. ଚୂନସହ ମିଶିଥିବା ଇଟାଗୁଣ୍ଡ ୨. ଚୂନପଲସ୍ତରା ୩. ଛୋଟଛୋଟ ଗେଟି ୩. ଛୋଟ ଆକାରର ପଥର ବା ଇଟାଖଣ୍ଡ ୪. ବନିଶୀର ଲମ୍ବା ଡୋର ।

**ସୁର୍କି(ଲି) ହେବା** ***କ୍ରି.*** ଖାଇବା ବା ପିଇବା ବେଳେ ଖାଦ୍ୟ ବା ପାନୀୟ ତଣ୍ଟିରେ ଲାଗିଯିବା।

**ସୁର୍‌ଗୁନା** ***ବି.*** ୧. ଶାଗୁଣା ୨. କାଠହଣା ଚଢ଼େଇ।

**ସୁର୍‌ତା** ***ବି.*** ୧. ସ୍ମରଣ ୨. ଚେତା ।

**ସୁର୍‌ନିଆ** ***ବି.*** ୧. ଡୁଡୁ ଭଳି ଏକ ପ୍ରକାର ଲୋକଖେଳ ୨. ଛଞ୍ଚାଣ ।

**ସୁର** ***ବି.*** ୧. ଦେବତା ୨. ସୂର୍ଯ୍ୟ ୩. ପଣ୍ଡିତ ଲୋକ ୪. ତାଳ ଲୟଯୁକ୍ତ ନିୟନ୍ତ୍ରିତ ଧ୍ୱନି ।

**ସୁରକାମିନୀ** ***ବି.*** ଅପ୍‌ସରା, ଦେବକନ୍ୟା ।

**ସୁରଙ୍ଗ** ***ବି.*** ୧. ଚପଳତା, କୌତୁକ ୨. ନାରଙ୍ଗ ୩. ସୁନ୍ଦର ରଙ୍ଗ ୪. ସୁଡଙ୍ଗ, ସିନ୍ଧିଗାତ; ***ବିଂ.*** ୧. ଉଜ୍ଜ୍ୱଳ ରକ୍ତବର୍ଣ୍ଣ ୨. ଉତ୍ତମ ଭାବେ ରଙ୍ଗାଯାଇଥିବା ।

**ସୁରତ** ***ବି.*** ୧. ରତିକ୍ରୀଡ଼ା, ମୈଥୁନ ୨. ଚେହେରା ୩. ଆକୃତି ; ***ବିଂ.*** ୧. ଅତିଶୟ ଅନୁରକ୍ତ ୨. ଦୟାଳୁ ; ***ସ୍ତ୍ରୀ.*** ସୁରତା ।

**ସୁରତରୁ** ***ବି.*** ୧. ପୁରାଣବର୍ଣ୍ଣିତ ନନ୍ଦନବନର ପାଞ୍ଚ ବୃକ୍ଷ (କଳ୍ପବୃକ୍ଷ, ମନ୍ଦାର, ପାରିଜାତ, ସନ୍ତାନ, ହରିଚନ୍ଦନ) ୨. ପୁନ୍ନାଗ ।

**ସୁରତି** ***ବି.*** ୧. ଆଲିଙ୍ଗନ ୨. ରତିକ୍ରୀଡ଼ା, କାମକେଳି, ଶୃଙ୍ଗାର ।

**ସୁରଧୁନୀ** ***ବି.*** ସ୍ୱର୍ଗର ଗଙ୍ଗା, ମନ୍ଦାକିନୀ ।

**ସୁରପେଟି** ***ବି.*** ସଙ୍ଗୀତ ପରିବେଷଣବେଳେ ତାନପୁରାପରି ସ୍ୱର ସୃଷ୍ଟି କରୁଥିବା ଯନ୍ତ୍ରପେଡ଼ି ।

**ସୁରଭି** ***ବି.*** ୧. ସୁବାସ, ମଧୁର ଗନ୍ଧ, ସୁଗନ୍ଧ, ବାସ୍‌ନା ୨. ବସନ୍ତକାଳ, ଚୈତ୍ରମାସ ୩. ସୁଗନ୍ଧ ଦ୍ରବ୍ୟ ୪. ଚମ୍ପା ଗଛ ଓ ଫୁଲ ୫. ବଉଳ ଗଛ ଓ ଫୁଲ ; ***ବିଂ.*** ସୁଗନ୍ଧିତ, ସୁଗନ୍ଧଯୁକ୍ତ, ସୁବାସିତ ।

**ସୁରଭିତ** ***ବିଂ.*** ସୁଗନ୍ଧିତ, ସୁବାସିତ ।

**ସୁରଭୀ, ସୁରଭି** ***ବି.*** ୧. ପୁରାଣ ବର୍ଣ୍ଣିତ ସ୍ୱର୍ଗର କାମଧେନୁ ବା ଭରଦ୍ୱାଜଙ୍କ କାମଧେନୁ, ନନ୍ଦିନୀର ମାତା ୨. ତୁଳସୀ ୩. ପୃଥିବୀ ।

**ସୁରମା** ***ବି.*** ଆଖିର କଳା, ଅଞ୍ଜନ।

**ସୁରମ୍ୟ** ***ବିଂ.*** ଅତି ରମଣୀୟ, ଅତ୍ୟନ୍ତ ସୁନ୍ଦର ।

**ସୁରସିକ** ***ବିଂ.*** ୧. ଅତିଶୟ ରଙ୍ଗରସପଟୁ ୨. ଉତ୍ତମ ରସଜ୍ଞ ।

**ସୁରସୁନ୍ଦରୀ, ସୁରାଙ୍ଗନା** ***ବି.*** ଅପ୍‌ସରା ।

**ସୁରକ୍ଷା** ***ବି.*** ନିରାପତ୍ତା ।

**ସୁରକ୍ଷାକର୍ମୀ** ***ବିଂ.*** ନିରାପତ୍ତା ଦାୟିତ୍ୱରେ ଥିବା ସିପାହୀ ବା ଅଧିକାରୀ ।

**ସୁରକ୍ଷାଦାତା** ***ବିଂ.ବି.*** ନିରାପତ୍ତା ପ୍ରଦାନକାରୀ , ଅଙ୍ଗରକ୍ଷୀ, ବଡ଼ିଗାର୍ଡ ।

**ସୁରକ୍ଷା ବଳୟ** ***ବି.*** ନିରାପତ୍ତା ପାଇଁ କରାଯାଇଥିବା ଘେର ।

**ସୁରକ୍ଷିତ** ***ବିଂ.*** ୧. ଯତ୍ନରେ ରକ୍ଷିତ ୨. ସାବଧାନରେ ସଂଚିତ ୩. ସୁରକ୍ଷା ବା ନିରାପତ୍ତା ମଧ୍ୟରେ ଥିବା ।

**ସୁରା** ***ବି.*** ୧. ମଦିରା, ମଦ, ସ୍ନାୟୁ ଉତ୍ତେଜକ ପାନୀୟ ୨. ଓଦା କାଠରେ ଫୁଟିବା ଛତୁ ।

**ସୁରାଇ** ***ବି.*** ସୁରେଇ, ସରୁ ଓ ଲମ୍ବାମୁହାଁ ମାଟିର ଜଳପାତ୍ର ବିଶେଷ ।

**ସୁରାକ** ***ବି.*** ୧. ସନ୍ଧାନ ୨. ସୂତ୍ର ।

**ସୁରାଜ** ***ବି.*** ୧. ସୁଶାସନ ୨. ଉତ୍ତମ ରାଜା ।

**ସୁରାଡ଼୍** ***ବି.*** ଦଳ, ପଲ।

**ସୁରାସାର** ***ବି.*** ଆଲ୍‌କୋହଲ, ବିଶୁଦ୍ଧ ମଦ୍ୟ, ସ୍ପିରିଟ୍ ।

**ସୁରିକିରା** ***ବି.*** ଶସ୍ୟାଦିରେ ଲାଗିବା ଏକପ୍ରକାର କୀଟ, ଉକୁଣିଆ ପୋକ।

**ସୁରୀ** ***ବି.*** ଦେବୀ, ଦେବପତ୍ନୀ ।

**ସୁରୁ** ***ବି.*** ଆରମ୍ଭ ; ***ବିଂ.*** ଛୋଟ ।

**ସୁରୁଆ** ***ବି.*** ମାଂସର ଝୋଳ ।

**ସୁରୁକା** ***ବି.*** ସମ୍ପର୍କ ।

**ସୁରୁଖୁରୁ** ***ବି.*** ୧. ବାଧାହୀନତା ୨. ସୁବିଧା ; ***ବିଂ.*** ନିର୍ବିଘ୍ନ, ସୁଚାରୁ ।

**ସୁରୂପ** ***ବି.*** ସୁନ୍ଦର ବା ସୁଗଠିତ ଆକାର, ସୁନ୍ଦର ଆକୃତି ; ***ବିଂ.*** ସୁଶ୍ରୀ, ସୁଦର୍ଶନ; ***ସ୍ତ୍ରୀ.*** ସୁରୂପା ।

**ସୁରେଶ୍ୱରୀ** ***ବି.*** ୧. ଦୁର୍ଗା ୨. ଗଙ୍ଗା ୩. ଲକ୍ଷ୍ମୀ ।

**ସୁଲ୍‌କି** ***ବି.*** ସରୁଗଳି, ଦୁଇଘର ମଝିରେ ଥିବା ଗଳି ବାଟ।

**ସୁଲ୍‌ସୁଲି** ***ବି.*** ସୁଲ୍‌କି, ସଂକୀର୍ଣ୍ଣ ବାଟ, ସରୁ ଗଳି।

**ସୁଲ୍‌ହା** ***ବିଂ.*** ଶୁଖିଲା, ସୋଲା, ଶୁଖାଯାଇଥିବା (ମାଂସ, ପରିବା)।

**ସୁଲତାନ** ***ବି.*** ୧. ମୁସଲମାନ ରାଜା, ବାଦଶା ୨. ତୁର୍କିର ପ୍ରାଚୀନ ରାଜାଙ୍କ ଉପାଧି ।

**ସୁଲତାନି** ***ବି.*** ସୁଲତାନଙ୍କ ପଦ, ଅଧିକାର ।

**ସୁଲତାନୀ** ***ବିଂ.*** ସୁଲତାନଙ୍କ ଯୋଗ୍ୟ, ରାଜୋଚିତ, ବାଦଶାହୀ ।

**ସୁଲଭ** ***ବିଂ.*** ୧. ସହଜ ପ୍ରାପ୍ୟ ୨. କ୍ରୟଶକ୍ତିର ସୀମା ଭିତରେ ୩. ପସନ୍ଦିଆ ୪. ସହଜସିଦ୍ଧ ।

**ସୁଲଭ ମୂଲ୍ୟ ଦୋକାନ** ***ବି.*** ସରକାରୀ ବ୍ୟବସ୍ଥାରେ ଉପଯୁକ୍ତ ମୂଲ୍ୟ ବା ଅପେକ୍ଷାକୃତ ଶସ୍ତାରେ ଅତ୍ୟାବଶ୍ୟକ ଜିନିଷ ମିଳୁଥିବା ଦୋକାନ ।

**ସୁଲଭ ଶୌଚାଳୟ** ***ବି.*** ସାଧାରଣ ବ୍ୟବହାରପାଇଁ ପାଇଖାନା ଓ ଗାଧୁଆ ଘର – ଏହି ଯୋଜନା ।

**ସୁଲଭ୍ୟ** ***ବିଂ.*** ସହଜ ପ୍ରାପ୍ୟ ।

**ସୁଲଳିତ** ***ବିଂ.*** ୧. ଅତି କୋମଳ ୨. ମଧୁର, ମନୋହର ୩. ରୁଚିକର, ହୃଦୟଗ୍ରାହୀ ।

**ସୁଲକ୍ଷଣ** *ବି.* ୧. ସାମୁଦ୍ରିକ ବିଦ୍ୟା ଅନୁସାରେ ଉତ୍ତମ ଲକ୍ଷଣ ୨. ସୌଭାଗ୍ୟ ଚିହ୍ନ; *ସ୍ତ୍ରୀ.* ସୁଲକ୍ଷଣା ।

**ସୁଲୁସୁଲିଆ** *ବିଂ.* ୧. ଧୀର ପ୍ରବାହିତ, ବେଶ ସୁଖକର ୨. ଯାହା ସୁଲୁସୁଲୁ କରେ ।

**ସୁଲେହି** *ବି.* ଗୋଟିଏ ଚାଙ୍ଗୁଡ଼ାରେ ରଖା ଷୋହଳ ପ୍ରକାର ଉପହାର ଦ୍ରବ୍ୟ; ଜ୍ୱାଇଁ ଭଣଜାମାନଙ୍କୁ ଷୋହଳ ପ୍ରକାର ବସ୍ତୁ ଦାନ କରିବା ଅନୁଷ୍ଠାନ।

**ସୁଶାସକ** *ବି.* ଉତ୍ତମ ଶାସକ ।

**ସୁଶାସନ** *ବି.* ନ୍ୟାୟ ସଙ୍ଗତ ଶାସନ, ଉତ୍ତମ ଶାସନ ।

**ସୁଶିକ୍ଷା** *ବି.* ୧. ଉତ୍ତମ ଶିକ୍ଷା ୨. ହିତ ଉପଦେଶ ୩. ସୁନ୍ଦର ଅଭ୍ୟାସ ।

**ସୁଶିକ୍ଷିତ** *ବିଂ.* ୧. ଉତ୍ତମ ଶିକ୍ଷାପ୍ରାପ୍ତ ୨. ଉଚ୍ଚ ଶିକ୍ଷାପ୍ରାପ୍ତ ; *ସ୍ତ୍ରୀ.* ସୁଶିକ୍ଷିତା ।

**ସୁଶୀଳ** *ବିଂ.* ୧. ଭଦ୍ର ୨. ଉତ୍ତମ ଆଚରଣ କରୁଥିବା ୩. ସୁଚରିତ୍ର ୪. ବିନୀତ ; *ସ୍ତ୍ରୀ.* ସୁଶୀଳା ।

**ସୁଶୃଙ୍ଖଳ** *ବିଂ.* ସୁବ୍ୟବସ୍ଥିତ, ଉତ୍ତମରୂପେ ନିୟନ୍ତ୍ରିତ ।

**ସୁଶୃଙ୍ଖଳା** *ବି.* ୧. ଉତ୍ତମ ବ୍ୟବସ୍ଥା ୨. ଉତ୍ତମ ନିୟମ ୩. ସୁନ୍ଦର ରୀତି ।

**ସୁଶୋଭନ** *ବିଂ.* ୧. ଅତି ସୁନ୍ଦର ୨. ସୁସଙ୍ଗତ ୩. ସୁନ୍ଦର ସଜ୍ଜାଯୁକ୍ତ ।

**ସୁଶୋଭିତ** *ବିଂ.* ସୁନ୍ଦର ଭାବରେ ସଜ୍ଜିତ ବା ଭୂଷିତ, ସୁମଣ୍ଡିତ ।

**ସୁଶ୍ରାବ୍ୟ** *ବିଂ.* ଶୁଣିବାକୁ ସୁଖକର, ଶ୍ରୁତିମଧୁର ।

**ସୁଶ୍ରୀ** *ବିଂ.* ସୁନ୍ଦରୀ; *ବି.* ୧. ସୁନ୍ଦର କାନ୍ତି, ଲାବଣ୍ୟ ୨. ନାରୀମାନଙ୍କ ସମ୍ମାନାର୍ଥେ ବ୍ୟବହୃତ ପୂର୍ବ-ନାମ।

**ସୁଷମ** *ବିଂ.* ୧. ସୁସଙ୍ଗତିପୂର୍ଣ୍ଣ ୨. ସୁନ୍ଦର ୩. ଶୋଭନ ୪. ସମତଳ ୫. ଯଥୋପଯୁକ୍ତ ଉପାଦାନ ବିଶିଷ୍ଟ ।

**ସୁଷମ ଖାଦ୍ୟ** *ବି.* ସମସ୍ତ ଖାଦ୍ୟପ୍ରାଣଥିବା ଖାଦ୍ୟ, ପରିମିତ ଭୋଜନ ।

**ସୁଷମା** *ବି.* ଲାବଣ୍ୟ, ପରମ ଶୋଭା।

**ସୁଷୁପ୍ତ** *ବିଂ.* ଗଭୀର ନିଦ୍ରାମଗ୍ନ ।

**ସୁଷୁପ୍ତି** *ବି.* ୧. ଗଭୀର ନିଦ୍ରା ୨. ଚେତନାର ତୃତୀୟ ଅବସ୍ଥା ।

**ସୁଷୁମ୍ନା** *ବିଂ.* ୧. ମେରୁଦଣ୍ଡର ଇଡ଼ା, ପିଙ୍ଗଳା ନାଡ଼ିର ମଧ୍ୟବର୍ତ୍ତୀ ନାଡ଼ି ୨. ସୂର୍ଯ୍ୟକିରଣ ।

**ସୁଷୁରି** *ବି.* ୧. ଓଠ ଓ ଜିଭ ଦେଇ ବାହାରୁଥିବା ଧ୍ୱନି, ହୁଇସିଲ୍, ସିଟି ୨. ପେଁକାଳୀ ।

**ସୁଷ୍ଠୁ** *ବିଂ.* ୧. ଅତି ସୁନ୍ଦର ୨. ସତ୍ୟ ୩. ଶ୍ରେଷ୍ଠ ୪. ନିଖୁଣ

**ସୁସଂଯତ** *ବିଂ.* ସମ୍ପୂର୍ଣ୍ଣ ନିୟନ୍ତ୍ରିତ ଥିବା, ଶୃଙ୍ଖଳିତ ।

**ସୁସଂସ୍କୃତ** *ବିଂ.* ୧. ଅତି ଭଦ୍ର ବା ସଭ୍ୟ ୨. ସୁମାର୍ଜିତ ୩. ରୁଚିସମ୍ପନ୍ନ ।

**ସୁସଙ୍ଗତ** *ବିଂ.* ସମ୍ପୂର୍ଣ୍ଣ ସଙ୍ଗତ, ଯଥାଯଥ ।

**ସୁସଙ୍ଗତି** *ବିଂ.* ପୂର୍ଣ୍ଣଭାବରେ ଯଥାଯଥ ଅବସ୍ଥା, ପୂର୍ଣ୍ଣ ସଙ୍ଗତି ।

**ସୁସଜ୍ଜିତ** *ବିଂ.* ଭଲ ରୂପେ ସଜ୍ଜିତ, ଉତ୍ତମଭାବରେ ସଜାଯାଇଥିବା ।

**ସୁସଞ୍ଜ** *ବିଂ.* ଅତି ସୁନ୍ଦର, ସୁଗଠିତ, ସୁସଜ୍ଜିତ, ପୁଷ୍ଟ ।

**ସୁସମୟ** *ବିଂ.* ଭଲବେଳା, ଉଚିତ ସମୟ, ଅନୁକୂଳ ବା ଉପଯୁକ୍ତ ସମୟ ।

**ସୁସମ୍ପନ୍ନ** *ବିଂ.* ୧. ବିନା ବାଧାରେ ନିଷ୍ପନ୍ନ ୨. ଉତ୍ତମଭାବେ କରାଯାଇଥିବା ୩. ଅତ୍ୟନ୍ତ ସମୃଦ୍ଧିଶାଳୀ ।

**ସୁସମ୍ବାଦ** *ବି.* ୧. ଶୁଭ ଖବର, ସୁଖବର ୨. ଆନନ୍ଦଦାୟକ ସମ୍ବାଦ ।

**ସୁସାଧ୍ୟ** *ବିଂ.* ଅନାୟାସସାଧ୍ୟ, ବିନା କଷ୍ଟରେ କରିହେଉଥିବା ।

**ସୁସୁ କରିବା** *କ୍ରି.* ପରିସ୍ରା କରିବା (*ସା.* ଶିଶୁ ଭାଷା) ।

**ସୁସ୍ତା** *ବିଂ.* ଧୀର, ମଠୁଆ।

**ସୁସ୍ଥ** *ବିଂ.* ୧. ସ୍ୱାସ୍ଥ୍ୟଯୁକ୍ତ, ରୋଗଶୂନ୍ୟ, ନୀରୋଗ ୨. ସୁସ୍ଥିର ।

**ସୁସ୍ଥତା** *ବି.* ନିରୋଗତା, ଉତ୍ତମ ସ୍ୱାସ୍ଥ୍ୟ, କୁଶଳତା ।

**ସୁସ୍ଥିଆ, ସୁସ୍ଥି** *ବିଂ.* ଆରାମପ୍ରିୟ, ଅୟସିଆ ।

**ସୁସ୍ପଷ୍ଟ** *ବିଂ.* ୧. ବାରିହୋଇ ପଡୁଥିବା, ଜାଣିହେଉଥିବା ୨. ପରିଷ୍କାର ଦେଖା ଯାଉଥିବା ୩. ପ୍ରାଞ୍ଜଳ ।

**ସୁସ୍ୱନ, ସୁସ୍ୱର** *ବି.* ୧. ମଧୁର ଧ୍ୱନି ୨. ଶଙ୍ଖ ୩. ଶଙ୍ଖ ଧ୍ୱନି ; *ବିଂ.* ମଧୁର ଧ୍ୱନିଯୁକ୍ତ ।

**ସୁସ୍ୱାଦ** *ବି.* ଉତ୍ତମ ବା ମଧୁର ସ୍ୱାଦ; *ବିଂ.* ମଧୁର ବା ରୁଚିକର ସ୍ୱାଦଯୁକ୍ତ ।

**ସୁସ୍ମିତ** *ବିଂ.* ମୃଦୁହାସଯୁକ୍ତ, ଓଠରେ ହସ ଫୁଟିଥିବା ; *ବି.* ମୁରୁକି ହସ ।

**ସୁହାଇବା** *କ୍ରି.* ୧. ସହ୍ୟ କରାଇବା, ସହନଯୋଗ୍ୟ ହେବା ୨. ସୁବିଧାଜନକ ହେବା ୩. ସମ୍ଭାଳିବା ।

**ସୁହାଗ** *ବି.* ସୁଆଗ, ସୋହାଗ, ଅତିଶୟ ସ୍ନେହ ବା ଆଦର ।

**ସୁହାଗିଆ** *ବିଂ.* ୧. ଅତି ସ୍ନେହ ବା ଆଦର ଚାହୁଁଥିବା ୨. ସୌଭାଗ୍ୟବନ୍ତ ୩. ଆଦରର ପାତ୍ର ।

**ସୁହାଗିନୀ** *ବିଂ.* ୧. ଅତିଶୟ ସ୍ନେହଶୀଳା, ଆଦରଶୀଳା ୨. ସୌଭାଗ୍ୟବତୀ ୩. ଆଦରିଣୀ ୪. ସ୍ନେହ ଓ ଆଦରର ପାତ୍ରୀ ।

**ସୁହୁଁଡ଼ି ଦେବା** *କ୍ରି.* ଗଛର ଡାଳ କାଟି ପକାଇବା।

**ସୁହୃଦ୍ *ବି.*** ୧. ଅନ୍ତରଙ୍ଗ ବନ୍ଧୁ ୨. ହିତୈଷୀ ସଖା ୩. ସହାନୁଭୂତିଶୀଳ ବନ୍ଧୁ ୪. ପ୍ରତ୍ୟୁପକାର ପ୍ରତ୍ୟାଶା କରୁନଥିବା ବନ୍ଧୁ ।

**ସୂକର *ବି.*** ୧. ଘୁଷୁରି, ବରାହ ୨. ହୀନ ବ୍ୟକ୍ତି ।

**ସୂକ୍ତ, ସୂକ୍ତି *ବି.*** ୧. ବେଦମନ୍ତ୍ର, ବେଦର ସ୍ତୋତ୍ର ୨. ସଦ୍‌ବଚନ ।

**ସୂଚକ *ବିଂ.*** ୧. ବୋଧକ ୨. ଜ୍ଞାପକ ୩. ପ୍ରକାଶକ ; ***ବି.*** ୧. ଛୁଞ୍ଚି ୨. ଦରଜି ୩. ସୂତ୍ରଧର ୪. ଚୁଗୁଲିଆ ଲୋକ ।

**ସୂଚନ *ବି.*** ୧. ଜ୍ଞାପନ ୨. ସଂକେତରେ ଜଣାଇବା ୩. ଚୁଗୁଲି କରିବା ।

**ସୂଚନା *ବି.*** ୧. ଇଙ୍ଗିତ, ସଂକେତ, ପ୍ରସ୍ତାବନା ୨. ତଥ୍ୟପ୍ରଦାନ, ଜଣାଇବା ୩. ସୂତ୍ରପାତ ୪. ଉପକ୍ରମ ।

**ସୂଚନା ଅଧିକାର ଆଇନ *ବି.*** ଯେଉଁ ଆଇନ ବଳରେ ଜଣେ ଆବେଦନ କଲେ କର୍ତ୍ତୃପକ୍ଷଙ୍କଠାରୁ ନିର୍ଦ୍ଦିଷ୍ଟ ତଥ୍ୟ ବା ସୂଚନା ପାଇପାରିବେ।

**ସୂଚାଇବା *କ୍ରି.*** ୧. ଜଣାଇବା, ସୂଚିତ କରାଇବା ୨. ଅବଗତ କରାଇବା ।

**ସୂଚି, ସୂଚୀ *ବି.*** ୧. ଛୁଞ୍ଚି, ସୀବନୀ ୨. ସୂକ୍ଷ୍ମ ଅଗ୍ରଭାଗ, ନାହୁଡ଼ ୩. ଆରମ୍ଭ ୪. ଉପକ୍ରମ ୫. ନୃତ୍ୟଶିଳ୍ପୀର ହସ୍ତ ମୁଦ୍ରା ।

**ସୂଚିତ *ବିଂ.*** ଜ୍ଞାପିତ, ଜଣାଇ ଦିଆ ହୋଇଥିବା ।

**ସୂଚିପତ୍ର *ବି.*** ବହିପତ୍ରରେ ବିଷୟ ଓ ପୃଷ୍ଠା ତାଲିକା ।

**ସୂଚିଭେଦ୍ୟ *ବିଂ.*** ୧. ଅତି ଘନ, ଅତି ନିବିଡ଼ ୨. କେବଳ ଛୁଞ୍ଚିଦ୍ୱାରା ବିଦ୍ଧ କରି ହେଉଥିବା ।

**ସୂଚିମୁଖ *ବିଂ.*** ଛୁଞ୍ଚିପରି ମୁନିଆଁ ଅଗ ବିଶିଷ୍ଟ, ଛୁଞ୍ଚିମୁହାଁ; ***ବି.*** ୧. ଛୁଞ୍ଚିର ମୁନ ୨. ଚୁଚୁମୁହାଁ, ସରୁ ମୁହଁଥିବା ୩. ଚୁଚୁନ୍ଦ୍ରା ୪. ନେଉଳ ୫. ହୀରା ୬. ପ୍ରାଚୀନ ବ୍ୟୂହ ରଚନା ଶୈଳୀ ବିଶେଷ ।

**ସୂଚ୍ୟଗ୍ର *ବି.*** ୧. ଛୁଞ୍ଚିର ଅଗ ବା ମୁନ ୨. କୁଶ ; ***ବିଂ.*** ୧. ଅତି ତୀକ୍ଷ୍ଣ ୨. ନିହାତି ଅଳ୍ପ ।

**ସୂତ *ବିଂ.*** ୧. ଜାତ ୨. ଉତ୍ପନ୍ନ ; ***ବି.*** ୧. ସାରଥି ୨. ସୂର୍ଯ୍ୟ ୩. ସୂତ୍ରଧର ଜାତି ୪. ସ୍ତୁତିପାଠକ ।

**ସୂତକ *ବି.*** ଜନ୍ମ, ଛୁତକ, ଜନ୍ମଶୌଚ ।

**ସୂତକାଗାର *ବି.*** ଅନ୍ତୁଡ଼ିଶାଳ, ଅଁତ୍‌ରା ।

**ସୂତକାଶୌଚ *ବି.*** ସନ୍ତାନ ଜନ୍ମଜନିତ ଅଶୁଦ୍ଧ ଅବସ୍ଥା ।

**ସୂତର *ବି.*** ୧. ଖଞ୍ଜ ୨. କଦର ୩. ଗୁପ୍ତ ମନ୍ତ୍ରଣା ।

**ସୂତରାଇବା *କ୍ରି.*** ୧. ଫୁସୁଲାଇବା, ଗୋପନ ପରାମର୍ଶ ଦେବା ୨. ଲାଖ କରିବା, ଲକ୍ଷ୍ୟ ସାଧିବା।

**ସୂତରାସୂତୁରି *ବି.*** ୧. ଗୋପନୀୟ ମନ୍ତ୍ରଣା, ଷଡଯନ୍ତ୍ର ୨. ଫୁସୁଲା ଫୁସୁଲି ।

**ସୂତା *ବି.*** ୧. କପାରୁ ବଳା ହେଉଥିବା ସରୁ ତନ୍ତୁ, ସୂତ୍ର, ଧାଗା, ତାଗ ୨. ତନ୍ତୁ ୩. ନବପ୍ରସୂତା ନାରୀ ।

**ସୂତାକଣ୍ଡା *ବି.*** ତନ୍ତରେ ବୁଣିବା ପାଇଁ କାଠଘେରା ସୂତାର ବିଡ଼ା ।

**ସୂତାର *ବି.*** ୧. ସୂତ୍ରଧର ୨. ବଢ଼େଇ ।

**ସୂତାରି *ବି.*** ଯେ ଟିକା ଦିଏ, ଟିକାଦାର, ଟିକାଦିଆ ।

**ସୂତି *ବି.*** ୧. ପ୍ରସବ, ଜନ୍ମ, ଉତ୍ପତ୍ତି ୨. ସିଲେଇ, ସୀବନ ୩. ସୂଚୀକର୍ମ ।

**ସୂତିଆ *ବି.*** ତଙ୍ଗାଟଣା ଲମ୍ବା ଆଣ୍ଠ ଦଉଡ଼ି ।

**ସୂତିକା *ବି.*** ୧. ପ୍ରସୂତିମାନଙ୍କୁ ହେଇଥିବା ଉଦରାମୟ ରୋଗ ୩. ପୋଖତି ୪. ସଦ୍ୟ ପ୍ରସବ କରିଥିବା ଗାଈ।

**ସୂତୀ *ବିଂ.*** ସୂତାବୁଣା, କପାଡିଆରି ।

**ସୂତୁଲି *ବି.*** ଛଣପଟ ଦଉଡ଼ି, ପୁରି ଦଉଡ଼ି ; ***ବିଂ.*** ସୂତାରେ ବୁଣା ହୋଇଥିବା ।

**ସୂତ୍ର *ବି.*** ୧. ଖଞ୍ଜ, କୌଶଳ, ସୂତର ୨. ସୂତା, ତାଗ ୩. ଡୋରି ୪. ପଇତା ୫. କ୍ରମ ୬. ସମ୍ପର୍କ ୭. ଗଣିତର ଧାରା, ଅଙ୍କ କଷିବାର ସଂକ୍ଷିପ୍ତ ଉପାୟ ୮. ପରମ୍ପରା ୯. ସଙ୍କେତ ୧୦. ମୂଳ ୧୧. ସୁରାକ ୧୨. ସଂକ୍ଷିପ୍ତ ବାକ୍ୟ ୧୩. ବିଧି ୧୪. ନିୟମ ୧୫. ବିଷୟ ନିର୍ଦ୍ଦେଶ ୧୬. ନାଟକର ପ୍ରସ୍ତାବନା ୧୭. ଆରମ୍ଭ ୧୮. ସୂଚନା ।

**ସୂତ୍ରଧର *ବି.*** ୧. ବଢ଼େଇ ୨. ନାଟକର ପ୍ରଧାନ ନଟ ୩. ଇନ୍ଦ୍ର ।

**ସୂତ୍ରପାତ *ବି.*** ୧. ଆରମ୍ଭ ୨. ସୂଚନା ।

**ସୂତ୍ରପିଟକ *ବି.*** ବୌଦ୍ଧ ଧର୍ମଗ୍ରନ୍ଥ ବିଶେଷ ।

**ସୂଦ *ବି.*** ୧. ତିଅଣ ୨. ରାନ୍ଧୁଣିଆ ।

**ସୂପକାର *ବି.*** ସୂଆର, ପାଚକ, ରନ୍ଧନିଆ, ରାନ୍ଧୁଣିଆ।

**ସୂର *ବି.*** ୧. ସୂର୍ଯ୍ୟ ୨. ପଣ୍ଡିତ ବା ଜ୍ଞାନୀବ୍ୟକ୍ତି ୩. ବୀର ।

**ସୂରି *ବି.*** ୧. କବି ୨. ପଣ୍ଡିତ ବ୍ୟକ୍ତି ୩. ଜୈନଗୁରୁଙ୍କ ଉପାଧି ।

**ସୂରୀ *ବି.*** ୧. ପଣ୍ଡିତା ନାରୀ ୨. ନାରୀ କବି ୩. ସୂର୍ଯ୍ୟଙ୍କ ମାନବୀ ପତ୍ନୀ ୪. କୁନ୍ତୀ ; ***ବିଂ.*** ବିଜ୍ଞା, ବିଦୂଷୀ, କବୀ ।

**ସୂର୍ପ *ବି.*** ଶସ୍ୟାଦିରୁ ଅନ୍ୟ ପଦାର୍ଥ ପରିଷ୍କାର ପରିଷ୍କାର ପାଇଁ ବ୍ୟବହୃତ ବାଉଁଶ ପାତିଆରେ ତିଆରି ଉପକରଣ, କୁଲା ।

**ସୂର୍ପୀ *ବି.*** ଛୋଟ କୁଲେଇ ।

**ସୂର୍ଯ୍ୟ *ବି.*** ରବି, ଦିବାକର ।

**ସୂର୍ଯ୍ୟକାନ୍ତ *ବି.*** ୧. ମଣି ବିଶେଷ ୨. ଆତସକାଚ, ଯବକାଚ ।

**ସୂର୍ଯ୍ୟଘଡ଼ି *ବି.*** ସୂର୍ଯ୍ୟକିରଣ ଦ୍ୱାରା କାଠି ଆଦିର ଛାଇର ସ୍ଥିତି ଅନୁସାରେ ସମୟ ନିର୍ଣ୍ଣୟ କରୁଥିବା ପ୍ରାଚୀନ ଯନ୍ତ୍ର ଓ କୌଶଳ ବିଶେଷ ।

**ସୂର୍ଯ୍ୟପରାଗ** ***ବି.*** ସଂକ୍ରମଣରତ ସୂର୍ଯ୍ୟ ଓ ପୃଥିବୀର ମଧ୍ୟବର୍ତ୍ତୀ ସ୍ଥାନରେ ଚନ୍ଦ୍ରର ସଂଚାର ହେବା ଫଳରେ ଆଂଶିକ ବା ସମ୍ପୂର୍ଣ୍ଣ ଭାବେ ସୂର୍ଯ୍ୟ ଦେଖା ନଯିବା ଅବସ୍ଥା ।

**ସୂର୍ଯ୍ୟବଂଶ** ***ବିଂ.*** ପୁରାଣବର୍ଣ୍ଣିତ ଇକ୍ଷ୍ୱାକୁ ରାଜବଂଶ ।

**ସୂର୍ଯ୍ୟବଂଶୀ** ***ବିଂ.*** ୧. ସୂର୍ଯ୍ୟବଂଶରେ ଉତ୍ପନ୍ନ ୨. ରଘୁବଂଶ ବା ସୂର୍ଯ୍ୟବଂଶ ସମ୍ବନ୍ଧୀୟ ।

**ସୂର୍ଯ୍ୟମଣ୍ଡଳ** ***ବି.*** ସୂର୍ଯ୍ୟର ପରିବେଶ ବା ପରିଧି ।

**ସୂର୍ଯ୍ୟମୁଖୀ** ***ବି.*** ସୂର୍ଯ୍ୟଆଡ଼କୁ ମୁହଁ କରି ଫୁଟୁଥିବା ହଳଦିଆ ଫୁଲ- ଯାହାର ମଞ୍ଜିରୁ ତେଲ ବାହାରେ ।

**ସୂର୍ଯ୍ୟସଂକ୍ରମଣ** ***ବି.*** ସୂର୍ଯ୍ୟର ଏକ ରାଶିରୁ ଅନ୍ୟ ରାଶିକୁ ଗମନ, ସଂକ୍ରାନ୍ତି ।

**ସୂର୍ଯ୍ୟସ୍ନାନ** ***ବି.*** ଖରାପୁଆଁ, ଖାଲି ଦେହରେ ଖରା ଖାଇବା ।

**ସୂର୍ଯ୍ୟାସ୍ତ** ***ବି.*** ପଶ୍ଚିମ ଆକାଶରେ ସୂର୍ଯ୍ୟ ବୁଡ଼ିବା, ବେଳବୁଡ଼, ଦିନାନ୍ତ, ଦିନ ଶେଷ।

**ସୂର୍ଯ୍ୟୋଦୟ** ***ବି.*** ଦିନ ଆରମ୍ଭରେ ପୂର୍ବ ଆକାଶରେ ସୂର୍ଯ୍ୟଙ୍କ ପ୍ରଥମ ପ୍ରକାଶ ।

**ସୂକ୍ଷ୍ମ** ***ବିଂ.*** ୧. ସରୁ ୨. ପାତଳା ୩. ପୁଙ୍ଖାନୁପୁଙ୍ଖ ୪. ରୁଚିକର ।

**ସୂକ୍ଷ୍ମକୋଣ** ***ବି.*** ସମକୋଣଠାରୁ କ୍ଷୁଦ୍ରତର କୋଣ ।

**ସୂକ୍ଷ୍ମକୋଣୀ** ***ବିଂ.*** ସୂକ୍ଷ୍ମକୋଣବିଶିଷ୍ଟ ।

**ସୂକ୍ଷ୍ମଦର୍ଶୀ** ***ବିଂ.*** କୌଣସି ପ୍ରସଙ୍ଗକୁ ବିଶଦ୍ ଚର୍ଚ୍ଚା କରୁଥିବା ବା ସ୍ପଷ୍ଟ ଜାଣିପାରୁଥିବା, ବିଚକ୍ଷଣ, କୁଶଳୀ ।

**ସୂକ୍ଷ୍ମଦୃଷ୍ଟି** ***ବି.*** ଅନ୍ତର୍ଦୃଷ୍ଟି, ତୀକ୍ଷ୍ଣଦୃଷ୍ଟି ; ***ବିଂ.*** ଅନ୍ତର୍ଦୃଷ୍ଟିସମ୍ପନ୍ନ, ପୁଙ୍ଖାନୁପୁଙ୍ଖ ବୁଝିପାରୁଥିବା ।

**ସୂକ୍ଷ୍ମଦେହ, ସୂକ୍ଷ୍ମଶରୀର** ***ବି.*** ଇନ୍ଦ୍ରିୟ, ପ୍ରାଣ, ମନ ଓ ବୁଦ୍ଧି ସମନ୍ୱିତ ଜଡ଼ଧର୍ମବର୍ଜିତ ଶରୀର ।

**ସୂକ୍ଷ୍ମାତିସୂକ୍ଷ୍ମ** ***ବିଂ.*** ଅତିଶୟ ସୂକ୍ଷ୍ମ ।

**ସୃଜକ** ***ବିଂ.*** ୧. ସ୍ରଷ୍ଟା, ନିର୍ମାଣକାରୀ, ତିଆରିକଲାବାଲା ୨. ଜନ୍ମଦାତା ।

**ସୃଜନ** ***ବି.*** ନିର୍ମାଣ, ସୃଷ୍ଟି, ସୃଷ୍ଟୀକରଣ , କଳାତ୍ମକ ସୃଷ୍ଟି ପାଇଁ ସାମର୍ଥ୍ୟ ବା ପ୍ରତିଭା ।

**ସୃଜନୀ** ***ବି.*** ନୂଆ ସୃଷ୍ଟି; ***ବିଂ.*** ସୃଜନ ବା ସୃଷ୍ଟି ସମ୍ପର୍କିତ ।

**ସୃଜିତ** ***ବିଂ.*** ଯାହା ତିଆରି ହୋଇଛି , ସୃଷ୍ଟ।

**ସୃଜିବା** ***କ୍ରି.*** ତିଆରି କରିବା, ସୃଜନ କରିବା, ସୃଷ୍ଟିକରିବା, ଗଢ଼ିବା ।

**ସୃଜ୍ୟ** ***ବିଂ.*** ସୃଷ୍ଟି ବା ନିର୍ମାଣ କରିବା ଯୋଗ୍ୟ ।

**ସୃଷ୍ଟ** ***ବିଂ.*** ୧. ରଚିତ ୨. ନିର୍ମିତ ୩. ଉତ୍ପନ୍ନ ୪. ସୃଷ୍ଟି ହୋଇଥିବା, ସୃଷ୍ଟି କରାଯାଇଥିବା ।

**ସୃଷ୍ଟି** ***ବି.*** ୧. ବସ୍ତୁ ଆଦିର ନିର୍ମାଣ ବା ରଚନା ୨. ରୂପାୟନ ୩. ଉତ୍ପାଦନ ୪. ନିର୍ମିତ, ରଚିତ ବା ଉତ୍ପାଦିତ ବସ୍ତୁ ୫. ବିଶ୍ୱ ୬. ପ୍ରକୃତି ୭. ନିଃସର୍ଗ ।

**ସୃଷ୍ଟିକର୍ତ୍ତା** ***ବିଂ.*** ଯେ ସୃଷ୍ଟି କରେ ବା ରଚନା କରେ; ***ବି.*** ବ୍ରହ୍ମା, ପରମେଶ୍ୱର ।

**ସୃଷ୍ଟିଛଡ଼ା** ***ବିଂ.*** ଦୁନିଆ ବାହାର ୨. ଅଦ୍ଭୁତ ୩. ଅସ୍ୱାଭାବିକ, ଅବାଗିଆ ।

**ସେଁଟି, ସେଁଠି** ***ବି.*** ଭଗାଙ୍କୁର, ଯୋନିମଣି ।

**ସେଁଠ୍‌ରା** ***ବି.*** ନିର୍ଲଜ୍ଜ, ସେଠ୍‌ରିଆ ।

**ସେ, ସେଇ** ***ସ.*** ନିର୍ଦ୍ଦିଷ୍ଟ ବ୍ୟକ୍ତି, ବସ୍ତୁ ; ***ବିଂ.*** ଉକ୍ତ, ଉଲ୍ଲିଖିତ, ନିର୍ଦ୍ଦିଷ୍ଟ ।

**ସେଇଆ, ସେଇତା** ***ସ.*** ତାହା, ହେଇଟା ।

**ସେଇଟା, ସେଇଟି** ***ସ.*** ତାହା (ତୁଚ୍ଛ ଭାବରେ) ।

**ସେଇଠାକୁ, ସେଠାକୁ** ***ସ.*** ସେଇ ସ୍ଥାନକୁ ।

**ସେଇଠି, ସେଠାରେ** ***ସ.*** ସେଇ ସ୍ଥାନରେ, ସେଠାନେ।

**ସେଇଠୁ** ***ଅ.*** ୧. ସେହିଠାରୁ, ତାହା ପରଠାରୁ ୨. ସେଇ ଲାଗେ, ତାପରେ।

**ସେଇଲାଗେ** ***ଅ.*** ସାଙ୍ଗେ ସାଙ୍ଗେ, ସେଇ କ୍ଷଣି ।

**ସେଉ, ସେଓ** ***ବି.*** ୧. ଆପଲ୍, ଫଳ ବିଶେଷ ୨. ତେଲରେ ଛଣା ବେସନରୁ ପ୍ରସ୍ତୁତ ଲମ୍ବା ଲମ୍ବା ସରୁ ଖାଦ୍ୟ ।

**ସେଉଠୁ** ***ଅ.*** ସେଇଠାରୁ ।

**ସେଉଳ, ଶେଉଳ** ***ବି.*** ମଧୁର ଜଳ କାତିଯୁକ୍ତ ମାଛ ବିଶେଷ ।

**ସେକ୍‌ତେନ୍** ***ବି.ବିଂ.*** ସେକତୁଣୀ ।

**ସେକ** ***ବି.*** ଧୀରେ ଧୀରେ ତାପ ପ୍ରୟୋଗ ।

**ସେକତୁଣୀ** ***ବି.*** ପ୍ରସୂତି ଓ ନବଜାତ ଶିଶୁକୁ ସେକିବା କାର୍ଯ୍ୟରେ ନିଯୁକ୍ତା ନାରୀ, ସେକ୍‌ତେନ୍ ।

**ସେକିଦେବା** ***କ୍ରି.*** ମାଡ଼ ମାରିବା, ବାଡ଼େଇବା ।

**ସେକିବା** ***କ୍ରି.*** ୧. ଗରମ ସେକ ଦେବା, ଧୀରେ ଧୀରେ ତାପ ପ୍ରୟୋଗ କରିବା ୨. ଅଳ୍ପ ତାପ ପ୍ରୟୋଗଦ୍ୱାରା ପକ୍ୱ କରିବା ।

**ସେକେଟା** ***ବିଂ.*** ସୁକୁଟି ଯାଇଥିବା, ସୁକୁଟା ।

**ସେକେଣ୍ଡ୍** ***ବି.*** ଏକ ମିନିଟ୍‌ର ଷାଠିଏ ଭାଗରୁ ଏକଭାଗ ପରିମିତ ସମୟ ; ***ବିଂ.*** ଦ୍ୱିତୀୟ ।

**ସେକେଣ୍ଡ୍ ହାଣ୍ଡ୍** ***ବି.*** ଘଣ୍ଟାର ସେକେଣ୍ଡ କଣ୍ଟା; ***ବି.ବିଂ.*** ପ୍ରଥମ ମାଲିକର ବ୍ୟବହାର ପରେ ଦ୍ୱିତୀୟ ଭାବରେ ବ୍ୟବହୃତ (ବସ୍ତୁ) ।

**ସେକେଣ୍ଡ୍ ସୋ** ***ବି.*** ସିନେମା, ନାଟକ ଆଦିର ସେହି ଦିନ ବା ରାତିର ଦ୍ୱିତୀୟ ପ୍ରଦର୍ଶନ ।

**ସେକେଣ୍ଡାରୀ** *ବିଂ.* ୧. ମାଧ୍ୟମିକ ୨. ଦ୍ୱିତୀୟ ସ୍ଥାନୀୟ, ଯାହା ମୁଖ୍ୟ ବା ପ୍ରଧାନ ନୁହେଁ ।

**ସେକ୍ସ** *ବି.* ୧. ଲିଙ୍ଗଭେଦ ୨. ଯୌନ ୩. ଯୌନ ସମ୍ପର୍କ ।

**ସେକ୍ସି** *ବିଂ.* ୧. ଯୌନବିକାରଗ୍ରସ୍ତ ୨. କାମୁକୀ ବା କାମୁକ ୩. ଯୌନଭାବ ଉତ୍ତେଜକ ।

**ସେଙ୍ଗା** *ବି.* ୧. ଛୁଇଁ ୨. ଛୁଇଁଜାତୀୟ ଶସ୍ୟ / ପରିବା।

**ସେଙ୍ଗେଲ୍** *ବି.* ନିଆଁ।

**ସେଚନ** *ବି.* ୧. ପାଣି ମଡ଼ାଇବା କାର୍ଯ୍ୟ ୨. ସିଞ୍ଚନ, ବର୍ଷଣ ।

**ସେଚନୀ** *ବି.* ସେଣା, ଜଳକ୍ଷେପଣ ପାତ୍ର ।

**ସେଟ୍** *ବି.* ୧. ସଜ, ଏକ ପ୍ରକାର ବା ଏକ ସଙ୍ଗେ ବ୍ୟବହାର୍ଯ୍ୟ ଦ୍ରବ୍ୟ ସମୂହ ୨. ନାଟକ, ଚଳଚ୍ଚିତ୍ର ପ୍ରଭୃତିର ଅଭିନୟ ପାଇଁ ପ୍ରସ୍ତୁତ ସ୍ଥାନ ।

**ସେଟେନ୍, ସେଠେନ୍** *ବି.* ଧୋବଣୀ ।

**ସେଠ୍** *ବିଂ. ବି.* ନିର୍ଲଜ୍ଜ, ଭର୍ତ୍ସନା ଶୁଣି ମଧ୍ୟ ସେ ଲଜ୍ଜିତ ନୁହେଁ ।

**ସେଠ୍‌ରିଆ** *ବି.ବିଂ.* ନିର୍ଲଜ୍ଜ, ସେଁଡ଼ରା ।

**ସେଠ** *ବି.* ୧. ଧୋବା ୨. ଧନବାନ ।

**ସେଡ୍** *ବି.* ୧. ଅସ୍ଥାୟୀ ଘର, ଚାଳିଆ ଘର ୨. ବର୍ଷା, ଖରା ଆଦିରୁ ରକ୍ଷା ପାଇବା ପାଇଁ ଅସ୍ଥାୟୀ ଛାତ ।

**ସେଢ଼** *ବି.* ଜାହାଜର ପାଲ ।

**ସେଢୁଅ, ସେଢୁଅ** *ବି.* କାଠ ତିଆରି ଛୋଟ ସେଣା ।

**ସେଣା** *ବି.* ବାଉଁଶ ପାତିଆ ବା ଟିଣ ନିର୍ମିତ ପାଣିବୁହା ଉପକରଣ ବିଶେଷ ।

**ସେତଖାନା** *ବି.* ପାଇଖାନା ।

**ସେତାର, ସୀତାର** *ବି.* ବୀଣା ଜାତୀୟ ତାର ବାଦ୍ୟଯନ୍ତ୍ର ବିଶେଷ ।

**ସେତାରୀ, ସୀତାରୀ** *ବି.ବିଂ.* ସୀତାର ବାଦକ ।

**ସେତୁ** *ବି.* ସଙ୍ଘ, ପୋଲ, ପାଣିବନ୍ଧ ।

**ସେତୁଆ** *ବିଂ.* ଶେଥା, ଫିକା ।

**ସେନ୍‌କେ** *ସ.* ସେଠାକୁ, ହେଠାନ୍‌କେ ।

**ସେନ୍‌ତା** *ସ.* ସେହିପରି, ସେମିତି ।

**ସେନ୍‌ତେଇ** *ସ.* ସେହିପରି, ହେନ୍ତା, ତେମନ୍ତ ।

**ସେନ** *ସ.* ସେଠାରେ, ହେଲଗେ, ହେନ ।

**ସେନା** *ବି.* ଫଉଜ, ସୈନିକ, ସୈନ୍ୟ ।

**ସେନାଙ୍ଗ** *ବି.* ହାତୀ, ଘୋଡ଼ା, ରଥ, ପଦାତିକ – ସୈନ୍ୟଦଳର ଏଇ ଚାରି ପ୍ରକାର ଅଙ୍ଗ ।

**ସେନାଧ୍ୟକ୍ଷ, ସେନାନାୟକ, ସେନାପତି** *ବି.* ସୈନ୍ୟଦଳର ପରିଚାଳକ ।

**ସେନାନିବାସ** *ବି.* ସୈନିକମାନଙ୍କର ଛାଉଣି, ଶିବିର, ତମ୍ବୁ ।

**ସେନାନୀ** *ବି.* ୧. ସେନାପତି ୨. କାର୍ତ୍ତିକେୟ ।

**ସେନାପଟା** *ବି.* ପହଣ୍ଡିପୂର୍ବରୁ ଠାକୁରଙ୍କ ଶ୍ରୀଅଙ୍ଗ ପଶ୍ଚାତ୍‌ଦେଶରେ ମେରୁଦଣ୍ଡ ଭଳି ଭିଡ଼ାଯାଉଥିବା କାଷ୍ଠ ଖଣ୍ଡ।

**ସେନିବା, ସିନିବା** *କ୍ରି.* ଖେଞ୍ଚି ଭର୍ତ୍ତି କରିବା ।

**ସେନୁ** *ସ.* ସେଇଠୁ, ସେହିଠାରୁ ।

**ସେନେ** *ସ.* ସେଠାରେ ।

**ସେନେହ** *ବି.* ସ୍ନେହ, ଆଦର, ପ୍ରେମ ।

**ସେନେହା** *ବିଂ.* ଆଦର କରୁଥିବା, ସ୍ନେହୀ ।

**ସେନେହୀ** *ବିଂ.* ସ୍ନେହପ୍ରବଣ ।

**ସେପ୍‌ଟିକ୍** *ବିଂ.* ଘା' ପାଚିଯିବା ବା ପୂଜେଇଯିବା ।

**ସେପ୍‌ଟି ଟ୍ୟାଙ୍କ** *ବି.* ପାଇଖାନାର ମଇଳା ପାଣି, ମଳ ଆଦି ପାଇଁ ଖାତ ।

**ସେପାରେସନ** *ବି.* ଅଲଗା ହେବା, ଭିନେ ହେବା ।

**ସେପୁର** *ବିଂ.* ଆତ୍ମାମାନଙ୍କର ମୃତ୍ୟୁପରର ବସତି, ଆରପାରି, ପରଲୋକ ।

**ସେଫ୍** *ବିଂ.* ନିରାପଦ, ଆପଦଶୂନ୍ୟ ; *ବି.* କାଛରେ ଥିବା ଲୁହା ଆଲମିରା ବା ଟ୍ରେଜେରୀ।

**ସେଫ୍‌ଟିପିନ୍** *ବି.* ଘୋଡଣୀଲଗା ପିନ୍‌କଣ୍ଟା, ଚୁରିଚିପା ।

**ସେଫ୍‌ଟି ରେଜର** *ବି.* ପାତଲଗା ନିରାପଦ ଦାଢ଼ିକଟା ଖୁର ।

**ସେଫାଳି** *ବି.* ଶେଫାଳି, ରାତିରେ ଫୁଟି ସକାଳେ ସୂର୍ଯ୍ୟକିରଣ ପଡ଼ିବା ମାତ୍ରେ ଝଡ଼ିପଡୁଥିବା ଗେରୁଆ ଡେମ୍ଫ ଓ ଧଳା ପାଖୁଡ଼ା ଥିବା ଫୁଲ, ଗଙ୍ଗଶିଉଳି ।

**ସେବ୍‌ସେବା** *ବିଂ.* ପଚିବାକୁ ଯାଉଥିବା, ସଢ଼ା।

**ସେବକ** *ବିଂ.ବି.* ୧. ବିଭିନ୍ନ ଶ୍ରମ ଦେଇ ଯେ ସେବା କରେ, ସେବାକାରୀ ୨. କୌଣସି ମାଦକଦ୍ରବ୍ୟ ସେବନ କରୁଥିବା ; *ବି.* ୧. ସେବାକାରୀ ବ୍ୟକ୍ତି ୨. ଚାକର ୩. ଭକ୍ତ ୪. ପୂଜକ ।

**ସେବକା, ସେବକାର** *ବିଂ.* ସେକାଳର, ଅତୀତର ।

**ସେବତୀ** *ବି.* ଶୀତ ଋତୁରେ ଫୁଟୁଥିବା ବିଭିନ୍ନ ରଙ୍ଗ (ମୁଖ୍ୟତଃ ହଳଦିଆ) ବିଶିଷ୍ଟ ଫୁଲ ବିଶେଷ, ସେହି ପ୍ରଜାତିର ଗଛ, ଶତପତ୍ରୀ।

**ସେବନ** *ବି.* ୧. ପୂଜନ ୨. ସେବା ୩. ଉପଭୋଗ ୪. ଗ୍ରହଣ ୫. ପାନ ବା ଭୋଜନ ।

**ସେବା** *ବି.* ୧. ଆବଶ୍ୟକ ପଦାର୍ଥର ଯୋଗାଣ ୨. ଉପାସନା, ପୂଜା ୩. ଉପଭୋଗ ୪. ବ୍ୟବସାୟିକ କାର୍ଯ୍ୟ ସମ୍ପାଦନ ।

**ସେବା କରିବା** *କ୍ରି.* ୧. ଦେବତାଙ୍କ ପାଦୁକ, ପ୍ରସାଦାଦି ଗ୍ରହଣ କରିବା ୨. ରୋଗୀର ଯତ୍ନ ନେବା ୩. ମାଲିକ ବା ଗୁରୁଜନଙ୍କ ଆବଶ୍ୟକ କାର୍ଯ୍ୟ କରିବା ।

**ସେବାଦାସୀ** ***ବି.*** ୧. ପରିଚର୍ଯ୍ୟାକାରିଣୀ ୨. ଭୃତ୍ୟା, ନିକଟତମ ଚାକରାଣି ୩. ବୈଷ୍ଣବ ମହନ୍ତ ବା ସନ୍ନ୍ୟାସୀଙ୍କ ସେବିକା ୪. ଉପପତ୍ନୀ।

**ସେବାଧର୍ମ** ***ବି.*** ନିଷ୍ଠା ସହିତ କୌଣସି ଆଶା ନ ରଖି ପରୋପକାର ।

**ସେବାୟତ, ସେବେୟିତ** ***ବି.*** ଦେବତାଙ୍କ ପୂଜକ ବା ପୂଜାରୀ, ଦେବ ମନ୍ଦିରର ସ୍ଥାୟୀ ବା ପୁରୁଷାନୁକ୍ରମିକ ସେବକ ଓ ଉପସ୍ୱତ୍ୱର ଅଧିକାରୀ।

**ସେବିକା** ***ବିଂ.*** ସେବାକାରିଣୀ, ସେବାକରୁଥିବା ନାରୀ ; ***ବି.*** ୧. ଦାସୀ ୨. ନର୍ସ ୩. ରୋଗୀର ଆରୋଗ୍ୟ ବ୍ରତ ଧାରିଣୀ ।

**ସେବିତ** ***ବିଂ.*** ୧. ଉପଭୁକ୍ତ ୨. ସେବା ବା ପରିଚର୍ଯ୍ୟାପ୍ରାପ୍ତ ୩. ଉପାସିତ ୪. ଅଧ୍ୟୁଷିତ ୫. ଆଶ୍ରିତ ।

**ସେବିତା** ***ବିଂ.*** ସେବା ପାଉଥିବା ନାରୀ।

**ସେବୀ** ***ବିଂ.*** ୧. ସେବା କରୁଥିବା ୨. ସେବନକାରୀ ।

**ସେବ୍ୟ** ***ବିଂ.*** ୧. ଭୋଗ୍ୟ ୨. ଉପାସ୍ୟ ୩. ସେବାଯୋଗୀ ; ***ବି.*** ୧. ବେଣାଚେର ୨. ଅଶ୍ୱତ୍ଥ ଗଛ ୩. ଜଳ ।

**ସେଭିଙ୍ଗସ୍** ***ବି.*** ୧. ଭବିଷ୍ୟତରେ ଉପଯୋଗ ପାଇଁ ଅର୍ଥ ସଞ୍ଚୟ ୨. ସଞ୍ଚୟ, ସଞ୍ଚିତ ଅର୍ଥ ।

**ସେମ୍‌ଟିବା** ***କ୍ରି.*** ୧. ଚେପା ବା ଟୋଲା ହୋଇଯିବା ୨. ସଂକ୍ରିଯିବା, ସଂକୁଚିତ ହୋଇଯିବା ।

**ସେମ୍‌ଲିହା** ***ବି.*** ଥଣ୍ଡାରୋଗ, ଶ୍ଳେଷ୍ମାରୋଗ ।

**ସେମି** ***ବି.*** ୧. ଟାଆଁସିଆ ପତ୍ର ଓ ନାଡ଼ଥିବା ଏକପ୍ରକାର ଲତା ଓ ତାହାର ଫଳ, ଶିମ୍ବ, ଝଟା ୨. ଅନ୍ତଃବର୍ତ୍ତୀ ଖେଳ, ସେମିଫାଇନାଲ୍, ଖେଳରେ ଫାଇନାଲ୍ ପୂର୍ବ ଖେଳ ।

**ସେମିଆ, ସିମିଆ** ***ବି.*** ସିମେଇ ।

**ସେମିକୋଲନ୍** ***ବି.*** ବିରାମ ଚିହ୍ନ ବିଶେଷ ( ; ), ଯତି ଚିହ୍ନ ।

**ସେମିଫାଇନାଲ** ***ବି.*** ଫାଇନାଲ ବା ଚୂଡ଼ାନ୍ତ ଖେଳ ପ୍ରତିଯୋଗିତା ପୂର୍ବରୁ ଅନୁଷ୍ଠିତ ଚାରିଦଳ ମଧ୍ୟରେ ହେବା ଦୁଇଟି ଖେଳ ।

**ସେମେଟା** ***ବିଂ.*** ୧. ଶୁଖି ଯାଇଥିବା ୨. ରସହୀନ ହୋଇଥିବା ୩. ତାଜା ନଥିବା ।

**ସେୟାର** ***ବି.*** ୧. ଭାଗ ବା ଅଂଶ ୨. ପୁଞ୍ଜିନିବେଶ ବା ବେପାରରେ ଭାଗ ବା ଅଂଶଧନ ।

**ସେୟାର୍ ମାର୍କେଟ୍** ***ବି.*** କମ୍ପାନୀରେ ଅର୍ଥ ଖଟାଇବା ପାଇଁ ସେୟାର ବା ଅଂଶଧନ କିଣାବିକା ।

**ସେୟାର୍ ହୋଲଡର୍** ***ବି.*** ଅଂଶୀଦାର ।

**ସେର୍‌କି** ***ବି.*** ମାଛ ବିଶେଷ ।

**ସେର୍‌ମେନା** ***ବିଂ.*** କ୍ଷୀଣ, ଦୁର୍ବଳ ; ***ବି.*** କୋକିଶିଆଳ ।

**ସେର୍‌ସୁଆଁ** ***ବି.*** ଭୃରୁସଙ୍ଗ ବା ମିର୍‌ସିଙ୍ଗା ଗଛ (ଏହି ଗଛର ବାସୁଥିବା ପତ୍ର ଖଟା, ଚଟଣି ତରକାରୀ ଆଦିରେ ବ୍ୟବହୃତ ହୁଏ) ।

**ସେର** ***ବି.*** ପୂର୍ବେ ପ୍ରଚଳିତ ଓଜନ ମାପ ବିଶେଷ, ଷୋଳ ଛଟାଙ୍କି ବା ଅଶୀ ତୋଳା ଓଜନ (ପ୍ରାୟ ୯୩୦ ଗ୍ରାମ) ।

**ସେରକିଆ, ସେରିକିଆ** ***ବିଂ.*** ଏକ ସେର ଓଜନବିଶିଷ୍ଟ, ଏକ ସେର ପରିମାଣ ବିଶିଷ୍ଟ ।

**ସେରଙ୍ଗେ** ***ଅ.*** ୧. ସେହିପରି ୨. ବଦଳୁ ନଥିବା ।

**ସେରନ୍ଦା** ***ବିଂ.*** ୧. ଗେହ୍ଲା, ଅଲିଅଳ ୨. ପ୍ରଧାନ, ଉତ୍ତମ ।

**ସେରା** ***ବିଂ.*** ଶ୍ରେଷ୍ଠ, ଉତ୍କୃଷ୍ଟ, ଭଲ, ଉତ୍ତମ ; ***ସ.*** ସେସବୁ, ସେମାନେ, ସେଗୁଡ଼ିକ ।

**ସେରୁଆଲି** ***ବି.*** କଙ୍କଡ଼ାବିଛା ।

**ସେଲ୍** ***ବି.*** ୧. ବିକ୍ରୟ, ବିକ୍ରି ୨. ମୋବାଇଲ୍ ଫୋନ୍ ୩. ବେଟେରୀ ।

**ସେଲ୍‌ସ୍ ଟାକସ୍** ***ବି.*** ବିକ୍ରିକର ।

**ସେଲକେ** ***ଅ.*** ୧. ସେଠାରେ, ସେହିଠାରେ ୨. ସେହି ସ୍ଥାନକୁ ।

**ସେଲଗେ** ***ଅ.*** ସେହି ସ୍ଥାନରେ, ସେଠାରେ ।

**ସେଲାଗି** ***ଅ.*** ସେଥିପାଇଁ, ସେଇ ସକାଶେ ।

**ସେଲିବା** ***କ୍ରି.*** ୧. ଘଷିବା, ଘୁଷୁଡ଼ି ଘୁଷୁଡ଼ିଯିବା ୨. ଘୋଷାଡ଼ି ଟାଣିହୋଇ ଗତି କରିବା ୩. ବାରମ୍ବାର ବା ଅନେକ ଦିନ ଧରି ବ୍ୟବହାର କରିବା ।

**ସେଲୁନ୍** ***ବି.*** ବାଳକଟା ଘର ବା କୋଠରି ।

**ସେଲୁଲଏଡ୍** ***ବି.*** ରାସାୟନିକ ପ୍ରକ୍ରିୟାଦ୍ୱାରା ପ୍ରସ୍ତୁତ ସ୍ଥିତିସ୍ଥାପକ କଠିନ ପଦାର୍ଥ ବିଶେଷ ।

**ସେହି** ***ସ.*** ସେଇ, ସେ, ତାହା ।

**ସେହୁଣ୍ଡ** ***ବି.*** ସିଝୁ, କ୍ୟାକ୍‌ଟସ୍ ।

**ସେହ୍ନା** ***ବି.*** ୧. ସନ୍ନାହା, ଅସ୍ତ୍ରର ଆଘାତରୁ ରକ୍ଷା ପାଇବା ପାଇଁ ଛାତିରେ ପିନ୍ଧା ଯାଉଥିବା ଧାତବ ଆବରଣ, ସାଞ୍ଜୁ ୨. କବଚ ।

**ସୈକତ** ***ବିଂ.*** ବାଲୁକାମୟ ; ***ବିଂ.*** ନଈ ବା ସମୁଦ୍ର କୂଳର ।

**ସୈନିକ** ***ବି.*** ଦେଶର ସୁରକ୍ଷା ପାଇଁ ଯୁଦ୍ଧ କରୁଥିବା ବ୍ୟକ୍ତି, ଯବାନ୍, ସିପାହୀ, ଫଉଜି ।

**ସୈନ୍ଧବ** ***ବିଂ.*** ସମୁଦ୍ରଜାତ, ସାମୁଦ୍ରିକ ; ***ବି.*** ସିନ୍ଧୁଦେଶୀୟ ଅଶ୍ୱ ।

**ସୈନ୍ଧବ ଲବଣ** ***ବି.*** ପଥର ଭଳି ଦେଖାଯାଉଥିବା ଖଣିଜ ଲୁଣ ।

**ସୈନ୍ୟ** ***ବି.*** ସେନା, ଫଉଜ, ଦେଶର ସୁରକ୍ଷାକାରୀ ସେନାଦଳ ।

**ସୈନ୍ୟବାହିନୀ** ***ବି.*** ସୈନ୍ୟଦଳ ।

**ସୈନ୍ୟସାମନ୍ତ** ***ବି.*** ସୈନ୍ୟବାହିନୀ ସହିତ ସହାୟକ ଅନ୍ୟ ଅଧିକାରୀ, ଯୋଦ୍ଧା ବା କର୍ମଚାରୀ ।

**ସୈବାଳ** ***ବି.*** ଶୈବାଳ, ଓଦା ମାଟି, ପଥର ଅଥବା କୌଣସି ପଦାର୍ଥ ଉପରେ ଜନ୍ମ ନେଉଥିବା ବିଭିନ୍ନ ପ୍ରକାର ଓ ଆକାରର ଶିଉଳି ।

**ସୈୟଦ** ***ବି.*** ସୟଦ୍, ହଜରତ୍ ମହମ୍ମଦଙ୍କ ନାତି ଇମାମ୍ ହୋସେନଙ୍କ ବଂଶଜ ମୁସଲମାନମାନଙ୍କ ପଦବୀ, ସମ୍ଭ୍ରାନ୍ତ ମୁସଲମାନମାନଙ୍କ ଉପାଧି ।

**ସୌଁଠ୍** ***ବି.*** ଶୁଖିଲା ଅଦା, ଶୁଣ୍ଠି ।

**ସୋକ୍ କରିବା** ***କ୍ରି.*** ୧. ପାଣି ଜକେଇବା ୨. କୌଣସି ତରଳ ପଦାର୍ଥରେ ଭିଜାଇ ବା ବୁଡ଼ାଇ ରଖିବା ।

**ସୋକ୍‌ପିଟ୍** ***ବି.*** ଭୂମିତଳେ ତିଆରି ପାଇଖାନାର ମଇଳା ପାଣି ରଖା ଆଧାର ।

**ସୋଜ୍** ***ବିଂ.*** ୧. ସହଜ, ସରଳ ୨. ନିରର୍ଥକ, ବୃଥା, ମାହାଳିଆ; ***କ୍ରି.ବିଂ.*** ବିନା କାରଣ ବା ଉଦ୍ଦେଶ୍ୟରେ ।

**ସୋଜା** ***ବିଂ.*** ୧. ସହଜ, ସରଳ ୨. ସିଧା ।

**ସୋଠ** ***ବି.*** ରାସ୍ତାତଳେ ପାଣିଯିବାପାଇଁ ବ୍ୟବହୃତ ପୋଡ଼ାମାଟି ବା ସିମେଣ୍ଟର ନଳା, ଶଙ୍ଖ ।

**ସୋଠା** ***ବି.*** ୧. ମୋଟା ଠେଙ୍ଗା ବା ଲାଠି ୨. ସୁଟା, ତମାଖୁ ପତ୍ର ଦିଆ ମୋଟା ବିଡ଼ି ।

**ସୋଠା ସରଦାର** ***ବି.*** ରାଜା ବା ବିଶିଷ୍ଟ ବ୍ୟକ୍ତିଙ୍କ ଅଙ୍ଗରକ୍ଷକ ଭାବେ ସାଙ୍ଗରେ ଥିବା ଠେଙ୍ଗୁଆଳ ବା ଲାଠିଆଳ, ଠେଙ୍ଗା ଧରି ଥିବା ପ୍ରହରୀ ।

**ସୋଡ଼କା** ***ବି.*** ସଡ଼ ସଡ଼ ଶବ୍ଦ କରି ତରଳ ଖାଦ୍ୟ ପେଟକୁ ନେବା, ହାପୁଡ଼ା ।

**ସୋଡ଼କାଏ** ***ବିଂ.*** ହାପୁଡାଏ, ଅଳ୍ପ ଟିକିଏ ।

**ସୋଡ଼କିବା** ***କ୍ରି.*** ସଡ଼ ସଡ଼ ଶବ୍ଦକରି ଶୋଷି ଖାଇବା ।

**ସୋଡ଼ା** ***ବି.*** ୧. ଖାର, ସଫା କରାଯାଇଥିବା କ୍ଷାର ବିଶେଷ ୨. ଜୀର୍ଣ୍ଣକାରକ ଦ୍ରବ୍ୟ ବିଶେଷ ୩. ବୋତଲରେ ଭର୍ତ୍ତି ସୋଡ଼ା ମିଶା ସୁସ୍ୱାଦୁ ପାନୀୟ ।

**ସୋଦର** ***ବି.*** ସହୋଦର, ଏକ ମାଆ ପେଟରୁ ଜାତ ଭାଇ; ***ସ୍ତ୍ରୀ.*** ସୋଦରା ।

**ସୋଦରିମା** ***ବି.*** ଭ୍ରାତୃତ୍ୱ, ଭ୍ରାତୃଭାବ, ବନ୍ଧୁତାପୂର୍ଣ୍ଣ ଆଚରଣ ।

**ସୋପ୍** ***ବି.*** ସାବୁନ ।

**ସୋପାନ** ***ବି.*** ୧. ପାହାଚ, ଶ୍ରେଣୀ ୨. ନିଶୁଣି, ଶିଢ଼ି ୩. ସ୍ତର ୪. ଥାକ ୫. ଅଧ୍ୟାୟ ।

**ସୋଫା** ***ବି.*** ବୈଠକଘରର ଗଦିଲଗା ବଡ଼ ଚୌକି ।

**ସୋଭେନିର୍** ***ବି.*** ୧. ସ୍ମାରକୀ, ସ୍ମରଣୀୟ ବସ୍ତୁ ୨. କୌଣସି ବିଶେଷ ଅବସରରେ ପ୍ରକାଶ କରାଯାଉଥିବା ପତ୍ରିକା, ସ୍ମରଣିକା ।

**ସୋମ** ***ବି.*** ୧. ଶିବ ୨. ଚନ୍ଦ୍ର ୩. କୁବେର ୪. ବାୟୁ ୫. ଯମ ୬. ସୋମଲତା ୭. ସୋମଲତାର ରସ ୮. ଅମୃତ ୯. ଯଜ୍ଞବିଶେଷ ।

**ସୋମବାର** ***ବି.*** ରବିବାର ପର ଦିନ, ସପ୍ତାହର ପ୍ରଥମ ଦିବସ ।

**ସୋୟାବିନ୍** ***ବି.*** ସୋୟା ନାମକ ତୃଣର ଛୁଇଁ ବା ସେଙ୍ଗା, ତାର ମଞ୍ଜି ।

**ସୋର୍** ***ବି.*** ୧. ସ୍ମରଣ ୨. କୋଳାହଳ ।

**ସୋର୍ କରିବା** ***କ୍ରି.*** ମନେ ପକାଇବା, ସ୍ମରଣ କରିବା, ହେତାଇବା ।

**ସୋର୍ ଧରିବା** ***କ୍ରି.*** ୧. ଅଭ୍ୟସ୍ତ ହେବା ୨. ଆବୃତ୍ତି କରିବା ।

**ସୋର୍ ପଡ଼ିବା** ***କ୍ରି.*** ମନେ ପଡ଼ିବା, ସ୍ମୃତିରେ ସଜାଗ ହେବା ।

**ସୋର୍ ପାଇବା** ***କ୍ରି.*** ସୂଚନା ବା ଇଙ୍ଗିତ ମିଳିବା, ସଙ୍କେତ ପାଇବା ।

**ସୋର୍ ବୁଡ଼ିବା** ***କ୍ରି.*** ଚେତା ହରାଇବା ।

**ସୋର୍‌ସୁର୍‌ତା** ***ବି.*** ୧. ଚେତା, ଚୈତନ୍ୟ ୨. ହିତାହିତ ଜ୍ଞାନ ୩. ସ୍ମରଣ ଶକ୍ତି ।

**ସୋର୍ ହଜିବା** ***କ୍ରି.*** ବୁଦ୍ଧିବଣା ହେବା, ବୁଦ୍ଧି ନପାଇବା ।

**ସୋରଗୋଳ** ***ବି.*** ପାଟିତୁଣ୍ଡ, ଉଚ୍ଚଶବ୍ଦ, ଗଣ୍ଡଗୋଳ ।

**ସୋରଶବଦ** ***ବି.*** ୧. ଧ୍ୱନି ୨. ଠିକଣା, ଖୋଜଖବର ।

**ସୋରା** ***ବି.*** ସୋଡ଼ା, ସୋଡ଼ାଖାର ।

**ସୋରାଏ** ***ବିଂ.*** ଅଳ୍ପ ଟିକେ, ଚିରୁଡାଏ ।

**ସୋରି** ***ବି.*** ଗୋଟାଏ ଗୋଟାଏ ରେଖାରେ ଅଙ୍କିତ ଭାଗ; ***ବିଂ.*** ରେଖା ସଦୃଶ ଅଙ୍କିତ ।

**ସୋରିଆ** ***ବିଂ.*** ୧. ସ୍ନେହୀ ୨. ଗେହ୍ଲା ୩. ସରାଗିଆ ।

**ସୋରିଷ** ***ବି.*** ୧. ହଳଦିଆ ଫୁଲ ଫୁଟୁଥିବା ଓ ଛୁଇଁ ବା ସେଙ୍ଗା ଦେଉଥିବା ଛୋଟ ବୁଦାଳିଆ ଉଦ୍‌ଭିଦ ବିଶେଷ, ଯାହାର ମଞ୍ଜି ମସଲା ଓ ତୈଳବୀଜ ଭାବେ ବ୍ୟବହୃତ ହୁଏ, ସୋରସୋ, ସର୍ଷପ ।

**ସୋରିଷିଆ** ***ବିଂ.*** ୧. ସୋରିଷ ଆକାରର ୨. ସୋରିଷ ଫୁଲ ରଙ୍ଗର ୩. ସୋରିଷ ଗନ୍ଧବିଶିଷ୍ଟ; ***ବି.*** ୧. କଣ୍ଠହାର ୨. (ଚଉକାଠ, ସିନ୍ଦୁକ ଆଦିର) କୁହୁଣ୍ଡା ।

**ସୋରୁଅ** ***ବି.*** ପାଚିଲା ପଣସ ବା ତାଳର ଚକଟା ରସ ।

**ସୋରେଇ** ***ବି.*** ସୁରେଇ ; ***କ୍ରି.ବିଂ.*** ଲହରେଇ ଲହରେଇ ।

**ସୋରେଇବା** ***କ୍ରି.*** ୧. ଲାଳାୟିତ ହେବା ୨. ଜକାଇବା ୩. ସ୍ପୃହା ବା ଆଗ୍ରହ ଜାତ ହେବା ।

**ସୋଲ୍ *ବି.*** ୧. ଜୋତା ତଳଭାଗରେ ଥିବା ମୋଟା ଚମଡ଼ା ୨. ଆତ୍ମା।

**ସୋଲ *ବି.*** ୧. ପାଣି ଭିତରେ ଓ ସନ୍ତସନ୍ତିଆ ଜାଗାରେ ବଢୁଥିବା ତୃଣ, ଯାହାର ନରମ ଓ ହାଲୁକା କାଣ୍ଡ ପାଣି ଉପରେ ଭାସେ ୨. ସ୍ୱାଦ ୩. ଶୀତଳତା।

**ସୋଲପ *ବି.*** ଛୋଟ ଜାହାଜ।

**ସୋଲା *ବି.*** ବୁଟ, ଚଣା, ନାକ୍‌ଚନା ; ***ବିଂ.*** ହାଲୁକା।

**ସୋଷି *ବି.*** ଗଛଗଣ୍ଡିର ମଝିରେ ଥିବା ସରୁ ପୋଲା ଅଂଶ।

**ସୋସିଆଲ୍ ଓ୍ୱାର୍କ୍ *ବି.*** ସମାଜ ସେବା।

**ସୋହାଗ *ବି.*** ସୁହାଗ, ସ୍ନେହ, ଆଦର।

**ସୋହାଗା *ବି.*** ଟାଙ୍ଗଣା, ଟଙ୍କଣ, କ୍ଷାର ଲବଣ ବିଶେଷ।

**ସୌକର୍ଯ୍ୟ *ବି.*** ଅନାୟାସରେ ସମ୍ପାଦିତ କାର୍ଯ୍ୟ, ସହଜରେ କରାଯାଇ ପାରୁଥିବା କାର୍ଯ୍ୟ, ସହଜ କାର୍ଯ୍ୟକାରିତା।

**ସୌକୁମାର୍ଯ୍ୟ *ବି.*** ୧. ଲାଳିତ୍ୟ, କୋମଳତା ୨. କମନୀୟତା, ସୁନ୍ଦରତା।

**ସୌଖୀନ *ବିଂ.*** ୧. ସଉକଯୁକ୍ତ ୨. ରୁଚିସମ୍ପନ୍ନ ୩. ବିଳାସୀ ୪. ଆରାମପ୍ରଦ, ସୁଖଦାୟକ।

**ସୌଜନ୍ୟ *ବି.*** ୧. ସୁଜନତା, ଭଦ୍ରତା, ସୁବ୍ୟବହାର ୨. ମାର୍ଜିତ ଆଚରଣ ୩. ପୃଷ୍ଠପୋଷକତା।

**ସୌଦା *ବି.*** ୧. ସଉଦା, ଦୋକାନ ବଜାରରୁ କିଣାଯାଇ ଅଣାଯାଉଥିବା ବିଭିନ୍ନ ନିତ୍ୟବ୍ୟବହାର୍ଯ୍ୟ ପଦାର୍ଥ ୨. ମୂଲଚାଲ।

**ସୌଦାଗର *ବି.*** ବଡ଼ ବ୍ୟବସାୟ କରିବା ବ୍ୟକ୍ତି।

**ସୌଦାଗରି *ବି.*** ସଉଦାଗରି, ବ୍ୟବସାୟୀର କାର୍ଯ୍ୟ ; ***ବିଂ.*** ସଉଦାଗରିଆ।

**ସୌଦାପତ୍ର *ବି.*** ସଉଦାପତ୍ର, କିଣାଯାଉଥିବା ନିତ୍ୟବ୍ୟବହାର୍ଯ୍ୟ ପଦାର୍ଥ।

**ସୌଦାମନୀ, ସୌଦାମିନୀ *ବି.*** ଆକାଶର ବାଦଲ ସହିତ ବାଦଲର ଅକସ୍ମାତ ଘର୍ଷଣରୁ ସୃଷ୍ଟ ଉଜ୍ଜ୍ୱଳ ଆଲୋକ ରେଖା, ବିଦ୍ୟୁତ୍, ବିଜୁଳି।

**ସୌଧ *ବି.*** ୧. ଚୂନ ଧଉଳା କୋଠା ୨. କୋଠାଘର, ବହୁତଳ ପ୍ରାସାଦ ୩. ସୁନ୍ଦର ଓ ରୁଚିପୂର୍ଣ୍ଣ ବଡ଼କୋଠା।

**ସୌନ୍ଦର୍ଯ୍ୟ *ବି.*** ସୁନ୍ଦରତା, ସୁଦୃଶ୍ୟତା, ଶୋଭା, ରୂପବତ୍ତା।

**ସୌମ୍ଫ *ବି.*** ସୌଁଫ, ପାନମହୁରୀ, ପାନମଧୁରୀ।

**ସୌଭାଗ୍ୟ *ବି.*** ୧. ଅନୁକୂଳ ଭାଗ୍ୟ ୨. ଭଲଯୋଗ ୩. ସଧବାତ୍ୱ।

**ସୌମ୍ୟ *ବିଂ.*** ୧. ସୁନ୍ଦର ୨. ପ୍ରଶାନ୍ତ ୩. ନିଖୁଣ ଓ ରୁଚିକର।

**ସୌମ୍ୟା *ବି.*** ୧. ଦୁର୍ଗା ୨. ସୁନ୍ଦରୀ, ରୂପ ଓ ଗୁଣବତୀ।

**ସୌର *ବିଂ.*** ୧. ସୂର୍ଯ୍ୟ ସମ୍ପର୍କୀୟ ୨. ସୂର୍ଯ୍ୟଜାତ ୩. ସୂର୍ଯ୍ୟ ଉପାସକ ; ***ବି.*** ୧. ଯମ ୨. ଶନି ୩. କର୍ଣ୍ଣ ୪. ସୁଗ୍ରୀବ।

**ସୌରଗଣନା *ବି.*** ସୂର୍ଯ୍ୟଙ୍କ ଗତି ଉପରେ ପର୍ଯ୍ୟବସିତ ଦିନ, ବାର, ମାସ ଓ ବର୍ଷାଦିର ବିଚାର।

**ସୌରଜଗତ୍ *ବି.*** ସୂର୍ଯ୍ୟ ଓ ତାହାର ଗ୍ରହ, ଉପଗ୍ରହ।

**ସୌରଦିବସ *ବି.*** କ୍ରାନ୍ତିବୃତ୍ତର ଏକାଂଶ ପରିକ୍ରମଣରେ ସୂର୍ଯ୍ୟକୁ ଲାଗୁଥିବା ସମୟ, ପ୍ରାୟ ଚବିଶ ଘଣ୍ଟା।

**ସୌରବର୍ଷ *ବି.*** ସୂର୍ଯ୍ୟର ବାରରାଶିକୁ ଥରେ ଭୋଗ କରିବା ସମୟ, ଏକବର୍ଷ, ୩୬୫ ଦିନ।

**ସୌରଭ *ବି.*** ୧. ସୁଗନ୍ଧ, ସୁବାସ ୨. କୁଙ୍କୁମ ୩. ଆମ୍ବ।

**ସୌରମଣ୍ଡଳ *ବି.*** ସୂର୍ଯ୍ୟମଣ୍ଡଳ, ସୂର୍ଯ୍ୟଙ୍କୁ କେନ୍ଦ୍ରକରି ଘୂରୁଥିବା ଗ୍ରହ, ଉପଗ୍ରହ; ସୌରଜଗତ।

**ସୌରମାନ *ବିଂ.*** ସୂର୍ଯ୍ୟର ଗତିଦ୍ୱାରା ପରିମିତ (ସମୟ)।

**ସୌରମାସ *ବି.*** ସୂର୍ଯ୍ୟର ଏକ ରାଶିରେ ଅବସ୍ଥିତିଦ୍ୱାରା ନିର୍ଦ୍ଦିଷ୍ଟ ମାସ, ଗୋଟିଏ ସଂକ୍ରାନ୍ତି ପରଠାରୁ ପରବର୍ତ୍ତୀ ସଂକ୍ରାନ୍ତି ପର୍ଯ୍ୟନ୍ତ ସମୟ ସୀମା।

**ସୌରାଜ୍ୟ *ବି.*** ସୁଶାସନ, ଉତ୍ତମ ରାଜତ୍ୱ।

**ସୌରିବାସର *ବି.*** ଶନିବାର।

**ସୌଷ୍ଠବ *ବି.*** ସୁଗଠନ, ଉତ୍କର୍ଷ, ସୌନ୍ଦର୍ଯ୍ୟ, ଗୋଟିଏ ଚାଉଳରେ ଗଢ଼ା କୃତି।

**ସୌସାଦୃଶ୍ୟ *ବି.*** ଖାପ୍ ଖାଉଥିବା ରୂପ, ଠିକ୍ ମେଳ, ଉତ୍ତମ ମେଳ, ଅନୁରୂପ।

**ସୌହାର୍ଦ୍ଦ୍ୟ *ବି.*** ବନ୍ଧୁତ୍ୱ, ସୌଜନ୍ୟ, ସୋଦରପଣ, ହୃଦୟବତ୍ତା।

**ସ୍କନ୍ଦ *ବି.*** ୧. ଗତି ୨. ଦେବତାଙ୍କ ସେନାପତି କାର୍ତ୍ତିକେୟ ୩. ପୁରାଣ ଭେଦ ୪. ବିଦ୍ୱାନ ବ୍ୟକ୍ତି ୫. ରାଜା।

**ସ୍କନ୍ଧ *ବି.*** ୧. କାନ୍ଧ ୨. ଦେହ ୩. ଶରୀରର ଗଣ୍ଠି ୪. ଗଛର କାଣ୍ଡ ୫. ଷଣ୍ଢର ଚୂଳ ୬. ବ୍ୟୂହ ୭. ସେନାବିଭାଗ ବିଶେଷ ୮. ଗ୍ରନ୍ଥର ଭାଗ ବା ଅଧ୍ୟାୟ ୯. ଯୁଦ୍ଧ ୧୦. ରାଜା ୧୧. ଗୃହର କକ୍ଷ ୧୨. ପଥ।

**ସ୍କଲାର୍‌ସିପ୍ *ବି.*** ୧. ଛାତ୍ରବୃତ୍ତି, ମେଧାବୃତ୍ତି ୨. ପାଣ୍ଡିତ୍ୟ, ବିଦ୍‌ବତ୍ତା।

**ସ୍କାଇଲାଇଟ୍ *ବି.*** କୋଠା ଛାତତଳେ ଓ କାଛ ଉପର ଭାଗରେ ରଖାଯାଉଥିବା ଛୋଟ ଝରକା।

**ସ୍କାଉଟ୍ *ବି.*** ବାଳଚର, ସେବାକାର୍ଯ୍ୟରେ ପ୍ରଶିକ୍ଷିତ ବାଳକବାଳିକା।

**ସ୍କାନିଂ *ବି.*** ୧. ବିଶେଷ ଉପକରଣ ସାହାଯ୍ୟରେ କମ୍ପ୍ୟୁଟର ଦ୍ୱାରା ଛବି ଓ ଲେଖା ଆଦିର ଚିତ୍ର ଅଭିଲେଖନ ୨. ଶକ୍ତିଶାଳୀ ଯନ୍ତ୍ର ସାହାଯ୍ୟରେ ଶରୀର ବା ଅନ୍ୟ ବସ୍ତୁର ନେଗେଟିଭ ଚିତ୍ର ଗ୍ରହଣ।

**ସ୍କାଣ୍ଡାଲ୍ *ବି.*** ଅପବାଦ, ଅପପ୍ରଚାର, କୁତ୍ସା ।

**ସ୍କିଟ୍ *ବି.*** ଛୋଟ ନାଟକ ବା ଏକାଙ୍କିକା, ଲଘୁ ନାଟକ ।

**ସ୍କୁଟର୍ *ବି.*** ଇଞ୍ଜିନ୍‌ଯୁକ୍ତ ଦୁଇଚକିଆ ସ୍ୱୟଂଚାଳିତ ଯାନ ।

**ସ୍କୁଟର୍ ରିକ୍ସା *ବି.*** ସ୍କୁଟରର ଇଞ୍ଜିନଯୁକ୍ତ ତିନିଚକିଆ ଗାଡ଼ି, ଅଟୋରିକ୍ସା।

**ସ୍କୁଟି *ବି.*** ଦୁଇଚକିଆ ଯନ୍ତ୍ରଚାଳିତ ଛୋଟ ଯାନ ।

**ସ୍କୁଲ୍ *ବି.*** ୧. ବିଦ୍ୟାଳୟ, ପାଠଶାଳା ୨. ସାହିତ୍ୟ, ଦର୍ଶନ ଆଦିରେ କୌଣସି ମତରେ ବିଶ୍ୱାସୀ ଗୋଷ୍ଠୀ ।

**ସ୍କ୍ରୁ *ବି.*** ପେଚକଣ୍ଟା ।

**ସ୍କ୍ରୁ ଡ୍ରାଇଭର୍ *ବି.*** ପେଚକସ୍, ସ୍କ୍ରୁଭିଡ଼ା ଯନ୍ତ୍ରଦଣ୍ଡ ।

**ସ୍କେଟ୍ *ବି.*** କପଡ଼ା ଜୋତା ।

**ସ୍କେଟିଂ *କ୍ରି.*** ବରଫ ଉପରେ ଯୋତା ସାହାଯ୍ୟରେ ଚାଲିବା ଖେଳ ।

**ସ୍କେଲ୍ *ବି.*** ୧. ଇଞ୍ଚ, ସେଣ୍ଟିମିଟର, ଆଦି ମାପ ଚିହ୍ନିତ ପତଳା ପଟା ୨. ଗାଇବା ବେଳେ ସ୍ୱରର ଆରୋହ ଓ ଅବରୋହର ପରିସର ।

**ସ୍କୋପ୍ *ବି.*** ୧. ସମ୍ଭାବନାର ସୀମା ୨. ସୁଯୋଗ ୩. ପରିସର ।

**ସ୍କୋର୍ *ବି.*** କ୍ରିକେଟ୍ ଆଦି ଖେଳରେ ଅର୍ଜିତ ପଏଣ୍ଟ ବା ରନ୍ ସଂଖ୍ୟା, ପ୍ରତିଯୋଗିତା କିମ୍ବା ପରୀକ୍ଷାରେ ରଖିଥିବା ନମ୍ବର।

**ସ୍କୋୟାର *ବି.*** ୧. ବର୍ଗ ୨. ବର୍ଗକ୍ଷେତ୍ର ୩. ଛକ ଜାଗା ।

**ସ୍ଖଳନ *ବି.*** ୧. ପତନ ୨. ଚ୍ୟୁତି ୩. ଖସଡ଼ି ପଡ଼ିବା ୪. ଅବାଟକୁ ଯିବା ୫. ଝୁଣ୍ଟିପଡ଼ିବା ୬. ପ୍ରତିଘାତ ୭. ବିକଳତା ୮. ଭାରସାମ୍ୟ ହାରିବା ।

**ସ୍ତନ *ବି.*** ୧. ସନ୍ତାନର ଦୁଗ୍ଧପାନ ପାଇଁ ନାରୀର ଛାତିରେ ଥିବା ଦୁଧ ୨. କୁଚ ୩. ଗାଈ ଆଦି ମାଈ ପଶୁଙ୍କ ପହ୍ନା ।

**ସ୍ତନନ୍ଧୟ *ବି.*** ୧. ଦୁଧଖିଆ ଛୁଆ ୨. ସ୍ତନର ଦୁଧ ଖାଇ ବଞ୍ଚୁଥିବା ଶିଶୁ ।

**ସ୍ତନବୃନ୍ତ, ସ୍ତନାଗ୍ର, ସ୍ତନମୁଖ *ବି.*** ଚୁଚୁକ, ସ୍ତନର ଭୁଣ୍ଡି ।

**ସ୍ତନିତ *ବିଂ.*** ଶବ୍ଦିତ; ***ବି.*** ୧. ମେଘଗର୍ଜନ ୨. ଯୌନସମ୍ଭୋଗ ସମୟରେ ଧ୍ୱନି ।

**ସ୍ତନ୍ୟ *ବି.*** ସ୍ତନରୁ ନିର୍ଗତ ରସ, ମା' କ୍ଷୀର ।

**ସ୍ତନ୍ୟପାୟୀ *ବିଂ.ବି.*** ୧. ମାଆକ୍ଷୀର ଖାଉଥିବା ଛୁଆ ୨. ସ୍ତନ୍ୟପାନ କରୁଥିବା ପ୍ରାଣୀ।

**ସ୍ତବ *ବି.*** ୧. ସ୍ତୁତି ୨. ଦେବମାହାତ୍ମ୍ୟ କୀର୍ତ୍ତନ ୩. ସ୍ତୋତ୍ର ୪. ଚାଟୁ ୫. ପ୍ରଶଂସା ଗାନ ।

**ସ୍ତବକ *ବି.*** ୧. ଗୁଚ୍ଛ, ଗୋଛା ତୋଡ଼ା, ପେଛା, ପେଣ୍ଡା ୨. ସମୂହ, ସମଷ୍ଟି ୩. ଗ୍ରନ୍ଥର ପରିଚ୍ଛେଦ; ***ବିଂ.*** ସ୍ତାବକ, ଖୋସାମତିଆ, ସ୍ତବକାରୀ ।

**ସ୍ତବକିତ *ବିଂ.*** ୧. ତୋଡ଼ାବନ୍ଧା ୨. ଗୁଚ୍ଛୀକୃତ ।

**ସ୍ତବ୍ଧ *ବିଂ.*** ୧. ଚକିତ ୨. ଜଡ଼, ନିର୍ବାକ ୩. ନିଶ୍ଚଳ, ଅଚଳ ୪. ଥମ୍‌ଥମ୍, କିଂକର୍ତ୍ତବ୍ୟବିମୂଢ଼, ଉପାୟଶୂନ୍ୟ ।

**ସ୍ତବ୍ଧୀଭୂତ *ବିଂ.*** ସ୍ତବ୍ଧ ହୋଇ ଯାଇଥିବା, ଚକିତ, ବିଚଳିତ ।

**ସ୍ତମ୍ଭ *ବି.*** ୧. ଖୁଣ୍ଟ, ଖମ୍ବ ୨. ପତ୍ରପତ୍ରିକାରେ ବିଷୟ ଅନୁସାରେ ବିଭିନ୍ନ କଲମ୍ ୩. ସଂଯମ ୪. ଜଡ଼ତା ବା ସ୍ଥିରତା ୫. ମନ୍ତ୍ରାଦି ଦ୍ୱାରା ସ୍ୱାଭାବିକ ଶକ୍ତିର ନିରୋଧ ୬. ସାତ୍ତ୍ୱିକ ବିକାର ୭. ଗଛର ଗଣ୍ଡି ।

**ସ୍ତମ୍ଭକାର *ବି.*** ପତ୍ରପତ୍ରିକାର ସ୍ୱତନ୍ତ୍ର ପ୍ରସଙ୍ଗରେ ନିୟମିତ ଚର୍ଚ୍ଚାକାର ବା ଆଲୋଚକ ।

**ସ୍ତମ୍ଭନ *ବି.*** ୧. ସ୍ତମ୍ଭପରି ସ୍ଥିର କରିଦେବା ୨. ସୌନ୍ଦର୍ଯ୍ୟ ବା ରୂପରେ ଅଭିଭୂତ କରିବା ୩. ତନ୍ତ୍ର ପ୍ରୟୋଗ ମାଧ୍ୟମରେ ବଶୀଭୂତ କରିବା ୪. ଦୃଢ଼ୀକରଣ ୫. କନ୍ଦର୍ପର ବାଣ ।

**ସ୍ତମ୍ଭିତ *ବିଂ.*** ୧. ଜଡ଼ୀଭୂତ, ଜଡ଼ୀକୃତ ୨. ବିସ୍ମୟ ହେତୁ ଆକସ୍ମିକ ହତବାକ୍ ୩. ଖୁଣ୍ଟପରି ସ୍ଥିର ।

**ସ୍ତମ୍ଭୀଭୂତ *ବିଂ.*** ସ୍ତମ୍ଭିତ ।

**ସ୍ତର *ବି.*** ୧. ଥାକ ୨. ପରସ୍ତ ୩. ପାହାଚ, ସୋପାନ ।

**ସ୍ତାବକ *ବିଂ.*** ସ୍ତୁତିକାରୀ, ଖୋସାମତିଆ, ଅଯଥା ପ୍ରଶଂସକ, ଚାଟୁକାର ।

**ସ୍ତାବକତା *ବି.*** ଖୋସାମତି, ସ୍ତୁତିପାଠ, ଚାମଚାଗିରି ।

**ସ୍ତିମିତ *ବିଂ.*** କ୍ଷୀଣ, ଝାପସା, ଅସ୍ପଷ୍ଟ, ମିଞ୍ଜିମିଞ୍ଜି ।

**ସ୍ତୁତି *ବି.*** ସ୍ତବ, ଦେବପ୍ରଶଂସା, ଗୁଣଗାନ ।

**ସ୍ତୁତିକାରୀ *ବି.*** ୧. ସ୍ତୁତି କରିବା ବ୍ୟକ୍ତି ୨. ଭାଟ, ଚାଟୁକାର ।

**ସ୍ତୂପ *ବି.*** ୧. ପୁଞ୍ଜ ୨. ଗଦା ୩. ରାଶି, ସମୂହ ୪. ବୌଦ୍ଧ ଧର୍ମାବଲମ୍ବୀମାନଙ୍କ ଦ୍ୱାରା ନିର୍ମିତ ପାହାଡ଼ ଆକୃତିର ପୀଠ ।

**ସ୍ତୂପାକାର, ସ୍ତୂପାକୃତି *ବିଂ.*** ସ୍ତୂପଭଳି, ଗଦାଳିଆ ।

**ସ୍ତୂପୀକୃତ *ବିଂ.*** ୧. ରାଶିକୃତ, ଠୁଳ ହୋଇଥିବା ୨. ଗଦାଇ ଦିଆ ଯାଇଥିବା ।

**ସ୍ତୋକ *ବି.*** ୧. ମିଛ ଆଶ୍ୱାସନା ୨. ଚାତକ ୩. ଜଳବିନ୍ଦୁ; ***ବିଂ.*** ଅଳ୍ପ, ଈଷତ୍, ସାମାନ୍ୟ ।

**ସ୍ତୋତ୍ର *ବି.*** ୧. ମାହାତ୍ମ୍ୟ ବର୍ଣ୍ଣନାମୂଳକ ପଦ୍ୟ, ସ୍ତବ ୨. ବନ୍ଦନା ୩. ମନ୍ତ୍ର ।

**ସ୍ତ୍ରୀ *ବି.*** ୧. ନାରୀ, ମାଏଝି, ମାଇପି, ମାଇପିଲା, ରମଣୀ ୨. ଭାର୍ଯ୍ୟା, ପତ୍ନୀ ।

**ସ୍ତ୍ରୀତ୍ୱ, ସ୍ତ୍ରିତ୍ୱ *ବି.*** ୧. ନାରୀସୁଲଭ ଗୁଣ ୨. ନାରୀଧର୍ମ ୩. ନାରୀ ଲକ୍ଷଣ ୪. ସ୍ତ୍ରୀଲିଙ୍ଗ ୫. ସ୍ତ୍ରୀଜନୋଚିତ ଆଚରଣ ।

**ସ୍ତ୍ରୀଧନ ବି.** ୧. ପତ୍ନୀ ଉପାର୍ଜିତ ସମ୍ପତ୍ତି ୨. ସ୍ତ୍ରୀର ବିବାହ କାଳରେ ପ୍ରାପ୍ତ ସମ୍ପତ୍ତି ।

**ସ୍ତ୍ରୀଧର୍ମ ବି.** ୧. ନାରୀର କର୍ତ୍ତବ୍ୟ, ନାରୀ ଜନୋଚିତ ଆଚାର ବିଚାର ୨. ସ୍ତ୍ରୀ ବା ଧର୍ମପତ୍ନୀଙ୍କ କର୍ତ୍ତବ୍ୟ ।

**ସ୍ତ୍ରୀଲିଙ୍ଗ ବି.** ୧. ଯୋନି ୨. ସ୍ତ୍ରୀବାଚକ ଶବ୍ଦ ୩. *ବ୍ୟାକରଣ* ନାରୀମାନଙ୍କୁ ବୁଝାଉଥିବା ଲିଙ୍ଗ ବିଭାଗ ।

**ସ୍ତ୍ରୀଲୋକ ବି.** ନାରୀ, ମହିଳା, ମାଇପିଲୋକ ।

**ସ୍ତ୍ରୈଣ ବିଂ.** ପତ୍ନୀର ବାଧ୍ୟ, ପତ୍ନୀ ଅନୁଗତ ।

**ସ୍ଥଗିତ ବିଂ.** ୧. ନିବୃତ୍ତ, କ୍ଷାନ୍ତ ୨. ଅଟକିଥିବା ।

**ସ୍ଥପତି ବି.** ୧. ଘରବାଡ଼ିର ନକ୍ସା ତିଆରି କରୁଥିବା ବିଶେଷଜ୍ଞ, ନିର୍ମାଣ ଶିଳ୍ପୀ, ଆର୍କିଟେକ୍ଟ ୨. ରାଜମିସ୍ତ୍ରୀ ୩. କରତିଆ ୪. ସୂତ୍ରଧର ୫. ଭାସ୍କର ୬. ବିଶ୍ୱକର୍ମା ୭. କଞ୍ଚୁକୀ ୮. ଅଧିପତି ୯. କୁବେର ।

**ସ୍ଥବିର ବିଂ.** ୧. କାମକରିବାକୁ ଅସମର୍ଥ ୨. ଚଳତ୍‌ଶକ୍ତିହୀନ, ଅଥର୍ବ ୩. ଅତ୍ୟନ୍ତ ବୃଦ୍ଧ; **ବି.** ୧. ଦଶବର୍ଷରୁ ଊର୍ଦ୍ଧ୍ୱର ବୌଦ୍ଧଭିକ୍ଷୁ ୨. ବ୍ରହ୍ମା ।

**ସ୍ଥବିରତା ବିଂ.** ୧. ଚଳତ୍‌ଶକ୍ତିହୀନତା ୨. ବୃଦ୍ଧାବସ୍ଥା ।

**ସ୍ଥଳ ବି.** ୧. ଭୂମି, ଥଳ ୨. ସ୍ଥାନ, ଜାଗା ୩. ବିଷୟ ୪. ଅବସ୍ଥା ୫. କ୍ଷେତ୍ର ୬. ପଦ, ଅଧିକାର ।

**ସ୍ଥଳକମଳ, ସ୍ଥଳପଦ୍ମ ବି.** ମନ୍ଦାରଜାତୀୟ ଗଛ ଓ ତାହାର ଫୁଲବିଶେଷ ।

**ସ୍ଥଳକୁମୁଦ ବି.** କରବୀର ଫୁଲ ।

**ସ୍ଥଳଚର ବିଂ.** ୧. ଭୂମିଉପରେ ବିଚରଣକାରୀ ୨. କେବଳ ସ୍ଥଳ ଭାଗରେ ରହୁଥିବା ।

**ସ୍ଥଳପଥ ବି.** ଭୂମି ଉପର ପଥ (ଜଳପଥ ବା ଆକାଶ ପଥ ନୁହେଁ) ।

**ସ୍ଥଳଭାଗ ବି.** ଭୂଭାଗ ।

**ସ୍ଥଳାଭିଷିକ୍ତ ବିଂ.** କୌଣସି ପଦରେ ବା ସ୍ଥାନରେ ଅଧିଷ୍ଠିତ ।

**ସ୍ଥଳୀ ବି.** ୧. ସ୍ଥାନ ୨. ଜମି, କ୍ଷେତ୍ର ୩. ମୁଣି, ଥଳି ୪. ଥାଳି ୫. ପୀଠ ।

**ସ୍ଥାଣୁ ବି.** ୧.ଶିବ ୨. ଖମ୍ବ ୩. କିଳା, ଗୋଜ ୪. ଥୁଣ୍ଟାଗଛ ୫. ବଲମ ; **ବିଂ.** ସ୍ଥବିର, ସ୍ଥିର, ଅଚଳ ।

**ସ୍ଥାନ ବି.** ୧. ଥାନ, ଜାଗା, ଠା ୨. ଅଞ୍ଚଳ, ଭୂଖଣ୍ଡ ୩. ଅଙ୍ଗପ୍ରତ୍ୟଙ୍ଗ ୪. ଅଧିଷ୍ଠାନ, କ୍ଷେତ୍ର ୫. ପଦବୀ ୬. ପୀଠ ୭. ଆଧାର ।

**ସ୍ଥାନଚ୍ୟୁତ ବିଂ.** ୧. କୌଣସି ସ୍ଥାନରୁ ବାହାରି ଯାଇଥିବା ୨. ପଦବୀରୁ ବହିଷ୍କୃତ ।

**ସ୍ଥାନାଧିପ, ସ୍ଥାନାଧ୍ୟକ୍ଷ ବି.** ୧. ଥାନପତି, କୌଣସି ସ୍ଥାନର ଅଧିପତି ୨. ଠା'ର ମାଲିକ ୩. ରାଶିର ଅଧିପତି ଗ୍ରହ ।

**ସ୍ଥାନାନ୍ତର ବି.** ୧. ଅନ୍ୟସ୍ଥାନ, ଭିନ୍ନ ସ୍ଥାନ ୨. ସ୍ଥାନ ପରିବର୍ତ୍ତନ ୩. ସ୍ଥାନଚ୍ୟୁତି ।

**ସ୍ଥାନାନ୍ତରିତ ବିଂ.** ୧. ଗୋଟିଏ ସ୍ଥାନ ବା ପଦବୀରୁ ବଦଳି ହୋଇଥିବା, ଏକ କର୍ମକ୍ଷେତ୍ରରୁ ଅନ୍ୟତ୍ର ଯାଇଥିବା ୨. ସ୍ଥାନ ପରିବର୍ତ୍ତିତ ।

**ସ୍ଥାନାବରୋଧକତା ବି.** ଜଡ଼ ବସ୍ତୁର ସ୍ଥାନବିଶେଷକୁ ବ୍ୟାପି ରହିବାର ଗୁଣ ।

**ସ୍ଥାପକ ବି.ବିଂ.** ଥାପନ କରିଥିବା(ବ୍ୟକ୍ତି), ପ୍ରତିଷ୍ଠାତା ।

**ସ୍ଥାପତ୍ୟ ବି.** ୧. ଘରବାଡ଼ିର ନକ୍ସା ବା ଯୋଜନା ତିଆରି ୨. ଶିଳ୍ପକଳା, କାରୁକଳା ୩. ଘର ନିର୍ମାଣ କାମ ୪. କୋଠାବାଡ଼ି, ମନ୍ଦିର ଆଦି ନିର୍ମାଣର କଳା ଓ କୌଶଳ ।

**ସ୍ଥାପନ ବି.** ୧. ଥାପନା, ଥାପିବା ୨. ଥୋଇବା, ରଖିବା ।

**ସ୍ଥାପନା ବି.** ୧. ଥାପନା, ପ୍ରତିଷ୍ଠା ୨. ନିବେଶ ୩. ବିନ୍ୟାସ ୪. ଅର୍ପଣ ।

**ସ୍ଥାପନିକ ବିଂ.** ଅମାନତ ରୂପେ ରକ୍ଷିତ ।

**ସ୍ଥାପନୀ ବି.** ପୂଜା ଆଦି ସମୟରେ ଆବାହନୀ ମୁଦ୍ରାବିଶେଷ ।

**ସ୍ଥାପୟିତା ବି.ବିଂ.** ସ୍ଥାପନକାରୀ, ଥାପନାକାରୀ ।

**ସ୍ଥାପିତ ବିଂ.** ୧. ଥୁଆଯାଇଥିବା, ରଖାଯାଇଥିବା ୨. ପ୍ରତିଷ୍ଠିତ, ପ୍ରତିଷ୍ଠା କରାହୋଇଥିବା ୩. ରଖାଯାଇଥିବା, ରକ୍ଷିତ ୪. ଗଚ୍ଛିତ ୫. ଅର୍ପିତା ।

**ସ୍ଥାବର ବିଂ.** ୧. ଜଡ଼, ଅଚଳ ୨. ସ୍ଥିତିଶୀଳ ; **ବି.** ୧. ଗଛ, ବୃକ୍ଷ ୨. ପାହାଡ଼ ୩. ପର୍ବତ ୪. ଭୂସମ୍ପତ୍ତି ।

**ସ୍ଥାବର ସମ୍ପତ୍ତି ବି.** ଘରବାଡ଼ି, କ୍ଷେତ, ଗଛ ପ୍ରଭୃତି ଅଚଳନ୍ତି ସମ୍ପତ୍ତି ।

**ସ୍ଥାୟିତ୍ୱ ବି.** ୧. ଚିରକାଳ ବା ଦୀର୍ଘକାଳ ରହିବା ଆଶା ବା ଯୋଜନା ୨. ସ୍ଥିରତା, ଅପରିବର୍ତ୍ତନୀୟତା ।

**ସ୍ଥାୟିଭାବ ବି.** ୧. ମନର ସ୍ୱଭାବଗତ ଅନୁଭୂତି ୨. ଅଳଙ୍କାର ଶାସ୍ତ୍ରରେ ରତି, ଶୋକ, କ୍ରୋଧ, ହାସ୍ୟ, ଉତ୍ସାହ, ଶଙ୍କା, ଘୃଣା, ବିସ୍ମୟ ଓ ନିର୍ବେଦ ମଣିଷର ଏହି ନଅ ପ୍ରକାର ଭାବ ।

**ସ୍ଥାୟୀ ବିଂ.** ୧. ଯାହା ବହୁଦିନ ବା ଚିରକାଳ ରହେ ୨. ସ୍ଥିର ୨. ଅବିଚଳ ୩. ସ୍ଥିତିଶୀଳ ୪. ଅପରିବର୍ତ୍ତନୀୟ ୫. ସୁଦୃଢ଼ ୬. ପକ୍କା ୭. ପ୍ରତିଷ୍ଠିତ ୮. ବଦ୍ଧମୂଳ ୯. ଯାହା କାମଚଳା ବା ସାମୟିକ ନୁହେଁ ।

**ସ୍ଥିତ ବିଂ.** ୧. ଥିବା ୨. ଯାହା ଅଛି ବା ଥାଏ, ସ୍ଥିର ।

**ସ୍ଥିତପ୍ରଜ୍ଞ ବି.ବିଂ.** ୧. ଯାହାର ବୁଦ୍ଧି ସ୍ଥିର, ପରିପକ୍ୱ ବୁଦ୍ଧି, ବୁଦ୍ଧିମାନ ୨. ଭଗବତ ସାଧନାରେ ନିଷ୍ଠା ରଖିଥିବା, ବ୍ରହ୍ମନିଷ୍ଠ ।

**ସ୍ଥିତାବସ୍ଥା** *ବି.* ଯେଉଁପରି ଅଛି ସେହିପରି ରହିବା, ଅବସ୍ଥାର ଅପରିବର୍ତ୍ତନୀୟତା ।

**ସ୍ଥିତି** *ବି.* ୧. ରହିବା, ଅବସ୍ଥାନ, ବିଦ୍ୟମାନତା, ଅସ୍ତିତ୍ୱ ୨. ଅବିଚଳିତ ଭାବ ୩. ସ୍ଥିରତା ୪. ଅବସ୍ଥା ୫. ମର୍ଯ୍ୟାଦା ୬. ସ୍ଥାନ ୭. ଜୀବିକା, ସଂସ୍ଥାନ, ପେସା, ବୃତ୍ତି ୮. ଜଡ଼ ପଦାର୍ଥର ଏକ ସ୍ଥାନରେ ସ୍ଥିର ହୋଇ ରହିବା ଗୁଣ ।

**ସ୍ଥିତିବାନ୍** *ବିଂ.* ୧. ସ୍ଥାୟୀ ଅଧିକାର ଥିବା ୨. ଜମିର ସ୍ୱତ୍ୱ ଥିବା, ସ୍ଥାୟୀଭାବରେ ବସବାସ କରୁଥିବା ବା ଭୋଗ ଦଖଲରେ ଥିବା ।

**ସ୍ଥିତିସ୍ଥାପକ** *ବିଂ.* ଅବସ୍ଥାନ୍ତର ଘଟିଲେ ବି ପୁନର୍ବାର ପୂର୍ବାବସ୍ଥାକୁ ଫେରି ପାଉଥିବା ।

**ସ୍ଥିତିସ୍ଥାପକତା** *ବି.* ପଦାର୍ଥର ସଂକୋଚନ ବା ପ୍ରସାରଣ ପରେ ପୁଣି ପୂର୍ବାବସ୍ଥାକୁ ଫେରି ଆସିବାର ଗୁଣ ।

**ସ୍ଥିର** *ବିଂ.* ୧. ଯାହା ଅସ୍ଥିର ନୁହେଁ, ନିଶ୍ଚଳ, ଅଚଞ୍ଚଳ ୨. ଅଚଳ ୩. ସ୍ଥାୟୀ ୪. ଅକ୍ଷୟ ୫. ଅବିଚଳ, ଦୃଢ଼ ୭. ଠିକ୍ ୮. ଧାର୍ଯ୍ୟ, ନିର୍ଦ୍ଧାରିତ ; *ବି.* ୧. ଗଛ, ବୃକ୍ଷ ୨. ପର୍ବତ ୩. ମୋକ୍ଷ ୪. ଦେବତା ।

**ସ୍ଥିରା** *ବି.* ପୃଥିବୀ ।

**ସ୍ଥିରୀକରଣ** *ବି.* ସ୍ଥିର କରିବା, ନିର୍ଦ୍ଧାରଣ, ଧାର୍ଯ୍ୟକରଣ ।

**ସ୍ଥୂଳ** *ବିଂ.* ୧. ମୋଟା, ପୃଥୁଳ, ପୁଷ୍କଳ ୨. ଚେପଟା ୩. ବହଳା, ବେଧଯୁକ୍ତ, ମୋଟାଳିଆ ୪. ଯାହା ସୂକ୍ଷ୍ମ ନୁହେଁ ୫. ଇନ୍ଦ୍ରିୟ ଗ୍ରାହ୍ୟ, ଦେଖାଯାଉଥିବା ବା ଅନୁଭବ କରିହେଉଥିବା ୬. ପ୍ରକାଣ୍ଡ ।

**ସ୍ଥୂଳକୋଣ** *ବି.* ସମକୋଣ(୯୦°) ଠାରୁ ବଡ଼ କିନ୍ତୁ ଦୁଇ ସମକୋଣ ବା ୧୮୦°ରୁ ସାନ କୋଣ ।

**ସ୍ଥୂଳକୋଣୀ** *ବିଂ.* ସ୍ଥୂଳକୋଣ ବିଶିଷ୍ଟ ।

**ସ୍ଥୂଳତଃ** *କ୍ରି.ବିଂ. ଅ.* ମୋଟାମୋଟି ଭାବେ, ମୋଟ ଉପରେ, ବସ୍ତୁତଃ ।

**ସ୍ଥୂଳତା** *ବି.* ୧. ବିଶାଳତା ୨. ଦୃଶ୍ୟମାନତା ।

**ସ୍ଥୂଳଦର୍ଶୀ** *ବିଂ.* ମୋଟାବୁଦ୍ଧିଆ, ଅବିବେକୀ, ପରିସ୍ଥିତି ଜାଣିପାରୁନଥିବା ; *ବି.* ସ୍ଥୂଳଦର୍ଶିତା ।

**ସ୍ଥୂଳବୁଦ୍ଧି** *ବି.* ମୋଟା ବୁଦ୍ଧି, ସହଜରେ ବୁଝିପାରୁନଥିବା ବ୍ୟକ୍ତି; *ବିଂ.* ମୋଟାବୁଦ୍ଧିଆ, ଗବା, ନିର୍ବୋଧ ।

**ସ୍ଥୂଳଶରୀର** *ବି.* ୧. ଜଡ଼ ଦେହ, ପଞ୍ଚଭୂତରେ ଗଠିତ ଦେହ ୨. ମୋଟା ଶରୀର ।

**ସ୍ଥୂଳୋଦର** *ବି.* ବଡ଼ ବା ଥନ୍ତଲ ପେଟ ; *ବିଂ.* ବଡ଼ପେଟିଆ, ଥନ୍ତଲପେଟା ।

**ସ୍ନାତ** *ବିଂ.* ୧. ଗାଧୋଇଥିବା ୨. ଧୁଆ ହୋଇଥିବା ୩. ଅଭିଷିକ୍ତ ।

**ସ୍ନାତକ** *ବି.* ୧. ବିଶ୍ୱବିଦ୍ୟାଳୟର ଉପାଧିଧାରୀ, ଗ୍ରାଜୁଏଟ୍ ୨. ଗାଧେଇଥିବା ବା ଗାଧେଇବାକୁ ଚାହୁଁଥିବା ବ୍ୟକ୍ତି ୩. ଗୁରୁଘରେ ଅଧ୍ୟୟନ ସମାପ୍ତ କରିଥିବା ଛାତ୍ର ୪. ବ୍ରହ୍ମଚର୍ଯ୍ୟ ଶେଷ ପରେ ଗୃହସ୍ଥାଶ୍ରମକୁ ପ୍ରବେଶ କରୁଥିବା ଶିଷ୍ୟ ।

**ସ୍ନାତକୋତ୍ତର** *ବିଂ.* ସ୍ନାତକ ପାଠ୍ୟକ୍ରମର ପରବର୍ତ୍ତୀ, ପୋଷ୍ଟ ଗ୍ରାଜୁଏଟ, ମାଷ୍ଟର ଡିଗ୍ରୀ ସମ୍ବନ୍ଧିତ ।

**ସ୍ନାନ** *ବି.* ୧. ଗାଧୁଆ, ଗାତ୍ରମାର୍ଜନ, ଦେହ ପରିଷ୍କାର ୨. ଦେବତାଙ୍କ ଅଭିଷେକ, ମାଜଣା ।

**ସ୍ନାନପୂର୍ଣ୍ଣିମା** *ବି.* ୧. ଜ୍ୟେଷ୍ଠ ପୂର୍ଣ୍ଣିମା ୨. ଏହି ଦିନ ପାଳିତ ହେଉଥିବା ଶ୍ରୀଜଗନ୍ନାଥଙ୍କ ସ୍ନାନ ଉତ୍ସବ ।

**ସ୍ନାନବେଦୀ, ସ୍ନାନମଣ୍ଡପ** *ବି.* ଜ୍ୟେଷ୍ଠ ପୂର୍ଣ୍ଣିମାରେ ଜଗନ୍ନାଥଙ୍କ ସ୍ନାନବିଧି ସମ୍ପାଦନ ହେବା ମଣ୍ଡପ ।

**ସ୍ନାନଯାତ୍ରା** *ବି.* ଜ୍ୟେଷ୍ଠ ପୂର୍ଣ୍ଣିମାରେ ଜଗନ୍ନାଥଙ୍କର ସ୍ନାନ ଉତ୍ସବ ।

**ସ୍ନାନାଗାର** *ବି.* ଗାଧୁଆଘର, ବାଥ୍‌ରୁମ୍ ।

**ସ୍ନାୟବିକ, ସ୍ନାୟବୀୟ** *ବିଂ.* ସ୍ନାୟୁ ସମ୍ବନ୍ଧୀୟ ।

**ସ୍ନାୟବିକ ଦୁର୍ବଳତା** *ବି.* ସ୍ନାୟୁର ଦୁର୍ବଳତା, ସେଥିଯୋଗୁଁ ହେବା ଅସୁସ୍ଥତା ।

**ସ୍ନାୟୁ** *ବି.* ଦେହରେ ଥିବା ସ୍ନାୟୁ ସମୂହ ଯାହା ଜରିଆରେ ମସ୍ତିଷ୍କ ଏବଂ ଅଙ୍ଗ ପ୍ରତ୍ୟଙ୍ଗ ମଧ୍ୟରେ ଅନୁଭବ ସଞ୍ଚରିତ ହୁଏ ।

**ସ୍ନାୟୁମଣ୍ଡଳ** *ବି.* ଶରୀରରେ ପରସ୍ପର ସହିତ ସଂଯୁକ୍ତ ସ୍ନାୟୁସମୂହ ।

**ସ୍ନିଗ୍ଧ** *ବିଂ.* ୧. ସ୍ନେହ ସହିତ, ସସ୍ନେହ, ସ୍ନେହଭରା ୨. ସୁଖକର, ଶାନ୍ତିଦାୟକ, ଆରାମଦାୟକ ୩. କୋମଳ ୪. ତୈଳଯୁକ୍ତ, ତେଲିଆ ୫. ସ୍ନେହପଦାର୍ଥ ଯୁକ୍ତ ୬. ଚିକ୍କଣ, ମସୃଣ ; *ବି.* ୧. ମହମ, ମହଣ ୨. ପେଜ, ଭାତମଣ୍ଡ ୩. ଦୁଧସର ୪. ଏରଣ୍ଡ, ନାଲି ଜଡ଼ାଗଛ ।

**ସ୍ନେହ** *ବି.* ୧. ବୟସରେ ସାନ ବା ତଳିଆ ଲୋକ ପ୍ରତି ଆଦର, ଲାଡ଼, ଗେଲ ୨. ପ୍ରୀତିଭାବ ୩. ତେଲ, ଘିଅ, ଲହୁଣି, ଚର୍ବି ଆଦି ଚିକଣା ପଦାର୍ଥ ।

**ସ୍ନେହଭାଜନ** *ବିଂ.* ସ୍ନେହର ପାତ୍ର, ସ୍ନେହାସ୍ପଦ ।

**ସ୍ନେହସାର** *ବି.* ଚିକଣା ବା ଚର୍ବିଜାତୀୟ ଖାଦ୍ୟ ।

**ସ୍ନେହିତ** *ବିଂ.* ୧. ସ୍ନେହଯୁକ୍ତ ୨. ଚିକଣା, ତୈଳଯୁକ୍ତ ୩. ସ୍ନେହାସ୍ପଦ ।

**ସ୍ନେହୀ** *ବିଂ.* ୧. ଆଦରକାରୀ, ସ୍ନେହଶୀଳ ୨. ଚିକଣା, ତେଲିଆ ; *ବି.* ସମବୟସୀ ସାଙ୍ଗ, ବୟସ୍ୟ ବନ୍ଧୁ ।

**ସ୍ନୋ** *ବି.* ୧. ବରଫ ୨. ଧଳାରଙ୍ଗର ମୁଖ ପ୍ରସାଧନ ମଲମ ।

**ସ୍ପଞ୍ଜ୍** *ବି.* ୧. ସଂକୋଚନ ଓ ପ୍ରସାରଣ ଗୁଣଥିବା ଯୌଗିକ ବସ୍ତୁ, ନରମ କୋମଳ ବହୁ ଛିଦ୍ରଯୁକ୍ତ ପଦାର୍ଥ, ଗଦି ପ୍ରଭୃତିରେ ବ୍ୟବହୃତ ହାଲୁକା ସାମଗ୍ରୀ ୨. ଜଳଚର ଜୀବକୋଷ ବିଶେଷ, ଯାହାର ଦେହ ଛିଦ୍ରମୟ, କୋମଳ ଏବଂ ସ୍ଥିତିସ୍ଥାପକ ।

**ସ୍ପଟ୍ ଲାଇଟ୍ ବି.** ନିର୍ଦ୍ଦିଷ୍ଟ ଲକ୍ଷ୍ୟଭେଦୀ ଉଜ୍ଜ୍ୱଳ ଆଲୋକପାତ ।

**ସ୍ପନ୍ଦନ ବି.** ୧. ଈଷତ୍ କମ୍ପନ, ଥରିବା ୨. ହୃତପିଣ୍ଡ, ନାଡ଼ି ଆଦିର ନିୟମିତ କମ୍ପନ ଓ ସଞ୍ଚାଳନ ୩. ସ୍ଫୁରଣ, ଫଡ଼କିବା ।

**ସ୍ପନ୍ଦିତ ବିଂ.** କମ୍ପିତ, ଅଳ୍ପ ଥରୁଥିବା ।

**ସ୍ପର୍ଦ୍ଧା ବି.** ୧. ଦର୍ପ, ବଡ଼େଇ ୨. ଦୁଃସାହସ ୩. ଆତ୍ମମ୍ଭରିତା ୪. ଦାମ୍ଭିକତା ୫. ଅସାଧ୍ୟ ସାଧନ ପାଇଁ ଆହ୍ୱାନ, ଚାଲେଞ୍ଜ ।

**ସ୍ପର୍ଦ୍ଧିତ ବିଂ.** ୧. ଗର୍ବିତ, ଦର୍ପିତ ୨. ଦ୍ୱନ୍ଦ୍ୱ ବା ପ୍ରତିଯୋଗିତା ପାଇଁ ଆହୁତ ।

**ସ୍ପର୍ଦ୍ଧୀ ବିଂ.** ୧. ସ୍ପର୍ଦ୍ଧାକାରୀ, ଦ୍ୱନ୍ଦ୍ୱ ବା ପ୍ରତିଦ୍ୱନ୍ଦ୍ୱପାଇଁ ଆହ୍ୱାନକାରୀ ୨. ଦୁଃସାହସୀ, ଆସ୍ଫାଳକ, ଦାମ୍ଭିକ ।

**ସ୍ପର୍ଶ ବି.** ୧. ଛୁଆଁ, ଛୁଇଁବା, ପରଶ ୨. ସମ୍ପର୍କ, ସଂସର୍ଗ ୩. ବର୍ଗ୍ୟବର୍ଣ୍ଣ ।

**ସ୍ପର୍ଶବର୍ଣ୍ଣ ବି.** କ ଠାରୁ ମ ପର୍ଯ୍ୟନ୍ତ ବର୍ଗ୍ୟବର୍ଣ୍ଣ ।

**ସ୍ପର୍ଶମଣି ବି.** ପରଶ ପଥର, କଳ୍ପିତ ପଥର ବିଶେଷ, ଯାହା ଲାଗିଲେ ଯେ କୌଣସି ଧାତୁ ସୁନା ପାଲଟି ଯାଏ ।

**ସ୍ପର୍ଶିବା କ୍ରି.** ଛୁଇଁବା, ସ୍ପର୍ଶ କରିବା ।

**ସ୍ପର୍ଶୀ ବିଂ.** ୧. ଛୁଇଁବା ବାଲା ୨. ଛୁଆଁ ହୋଇଥିବା ୩. ଲାଗିଥିବା ।

**ସ୍ପର୍ଶେନ୍ଦ୍ରିୟ ବି.** ତ୍ୱକ୍, ଚମ ।

**ସ୍ପଷ୍ଟ କ୍ରି.ବିଂ.** ୧. ଖୋଲାଖୋଲି ଭାବରେ ୨. ବିଶଦ ଭାବରେ ; **ବିଂ.** ୧. ପରିସ୍ଫୁଟ, ପ୍ରକାଶିତ ୨. ଖୋଲା, ମୁକ୍ତ, ଫିଟା ।

**ସ୍ପଷ୍ଟତଃ କ୍ରି.ବିଂ. ଅ.** ସ୍ପଷ୍ଟ ରୂପେ, ଖୋଲାଖୋଲି ଭାବରେ ।

**ସ୍ପଷ୍ଟଭାଷୀ, ସ୍ପଷ୍ଟବାଦୀ ବିଂ.** ଖୋଲାକଥା କହୁଥିବା, ନିର୍ଭୀକ ଭାବେ ନିଜ ମତ ଦେଉଥିବା ।

**ସ୍ପଷ୍ଟାକ୍ଷର ବି.** ଭଲଭାବରେ ପଢ଼ି ହେଉଥିବା ଅକ୍ଷର ବା ଲିପି ; **ବିଂ.** ସ୍ପଷ୍ଟ ବୁଝିହେଉଥିବା ।

**ସ୍ପଷ୍ଟୀକରଣ ବି.** କାମ, କଥା, ବିଚାର ଆଦି ସମ୍ପର୍କରେ ସଫେଇ, କୈଫିୟତ ।

**ସ୍ପାର୍କ୍ ବି.** ୧. ବିଦ୍ୟୁତ୍ ତାର ସଂଘର୍ଷରୁ ବାହାରୁଥିବା ନିଆଁ ଝୁଲ ୨. ଚମକ, ଝୁଲ ।

**ସ୍ପିକର୍ ବି.** ୧. ସଭା ସମିତିର ବକ୍ତା ୨. ସଂସଦର ବାଚସ୍ପତି ୩. ଲାଉଡ୍ ସ୍ପିକର, ଡାକବାଜି ।

**ସ୍ପିଚ୍ ବି.** ବକ୍ତବ୍ୟ, ଭାଷଣ, ଉକ୍ତି ।

**ସ୍ପିଡ୍ ବି.** ଗତି, ବେଗ ।

**ସ୍ପିରିଟ୍ ବି.** ୧. ସୁରାସାର, ଆଲ୍କୋହଲ୍ ୨. ପ୍ରେତାତ୍ମା, ଅଶରୀରୀ, ଅଦୃଶ୍ୟରୂପ ବା ବାୟବୀୟ ରୂପ ୩. ଉଦ୍ଦୀପନା, ପ୍ରଚଣ୍ଡ ଇଚ୍ଛା ଶକ୍ତି ।

**ସ୍ପ୍ରିଙ୍ଗ୍ ବି.** ଚାପଯୋଗୁଁ ସଂକୁଚିତ ଓ ପ୍ରସାରିତ ହୋଇପାରୁଥିବା କୁଣ୍ଡଳୀମୟ ତାରରେ ତିଆରି ପଦାର୍ଥ ।

**ସ୍ପୃଶ୍ୟ ବିଂ.** ଛୁଆଁ, ଛୁଇଁବାପାଇଁ ଉପଯୁକ୍ତ ।

**ସ୍ପୃହଣୀୟ ବିଂ.** ୧. ଗ୍ରହଣୀୟ ୨. ରୁଚିକର ୩. କାମ୍ୟ ।

**ସ୍ପୃହା ବି.** ୧. ଇଚ୍ଛା, କାମନା ୨. ଆକାଂକ୍ଷା, ଅଭିଳାଷ ୩. ରୁଚି ୪. ମନୋରଥ ।

**ସ୍ପେଲିଂ ବି.** ବନାନ ।

**ସ୍ପେଶାଲ ବି.** ସ୍ୱତନ୍ତ୍ର, ବିଶିଷ୍ଟ ।

**ସ୍ପେଶାଲ୍ ବ୍ରାଞ୍ଚ ବି.** ସ୍ୱତନ୍ତ୍ର ତଦନ୍ତକାରୀ ପୋଲିସ ସଂସ୍ଥା ।

**ସ୍ପେଶାଲିଷ୍ଟ ବିଂ.** ବିଶେଷଜ୍ଞ ।

**ସ୍ପେସ୍ ବି.** ୧. ସ୍ଥାନ, ଜାଗା ୨. ମହାକାଶ ୩. ଶୂନ୍ୟସ୍ଥାନ ।

**ସ୍ପେସିମେନ୍ ବି.** ନମୁନା ।

**ସ୍ପ୍ରେ ବି.** ୧. ଛିଞ୍ଚା, ଛିଞ୍ଚିବା ୨. ଛଞ୍ଚା ହେବା ତରଳ ପଦାର୍ଥ ।

**ସ୍ପ୍ରେୟର ବି.** ଛିଞ୍ଚା ଯନ୍ତ୍ର ।

**ସ୍ଫଟିକ ବି.** ୧. ସୂର୍ଯ୍ୟକାନ୍ତ ମଣି ୨. ସ୍ୱଚ୍ଛ ଓ ବର୍ଣ୍ଣହୀନ ପଥର ବିଶେଷ, ଫଟିକ ପଥର ୨. ଫିଟିକରି ।

**ସ୍ଫୀତ ବିଂ.** ୧. ଫୁଲି ଉଠିଥିବା, ଫାମ୍ପି ଉଠିଥିବା ୨. ପିଚିକି ଉଠିଥିବା ।

**ସ୍ଫୀତି ବି.** ୧. ଫୁଲା, ଶୋଥ ୩. ବୃଦ୍ଧି, ବ୍ୟାପ୍ତି, ପ୍ରସାରଣ ।

**ସ୍ଫୁଟ ବିଂ.** ୧. ସ୍ପଷ୍ଟ ୨.ବିଶଦ ୩. ବ୍ୟକ୍ତ ୪. ଫୁଟା, ବିକଶିତ ୫. ପ୍ରକାଶିତ ।

**ସ୍ଫୁରଣ ବି.** ୧. ପ୍ରକାଶ ୨. ଉଦ୍ରେକ ୩. ଉଦୟ ।

**ସ୍ଫୁରିତ ବିଂ.** ୧. ଉଚ୍ଚାରିତ ୨. ଦୀପ୍ତ ୩. ପ୍ରକାଶିତ, ଅଭିବ୍ୟକ୍ତ ।

**ସ୍ଫୁରିବା କ୍ରି.** ୧. ପଇଟିବା ୨. ଉଚ୍ଚାରିତ ହେବା ୩. ବାହାରି ପଡ଼ିବା ୪. ପ୍ରକାଶିତ ହେବା ୫. ଫଡ୍ ଫଡ଼େଇବା ।

**ସ୍ଫୁର୍ତ୍ତ ବିଂ.** ୧. ପ୍ରକାଶିତ ୨. ବିକାଶ ପ୍ରାପ୍ତ ।

**ସ୍ଫୁର୍ତ୍ତି ବି.** ୧. ବିଶେଷ ଉତ୍ସାହ ଓ ଚଞ୍ଚଳତା ୨. ସ୍ଫୁରଣ, ପ୍ରକାଶ ୩. ବିକାଶ ୪. ପ୍ରକଟନ ।

**ସ୍ଫୁଲିଙ୍ଗ ବି.** ଅଗ୍ନିକଣା, ନିଆଁର ଝୁଲ ।

**ସ୍ଫୋଟକ ବି.** ୧. ଫୋଟକା ୨. ଛୋଟ ବ୍ରଣ ବା ବଥ ।

**ସ୍ୱଃ ବି.** ସ୍ୱର୍ଗ, ସରଗ ।

**ସ୍ୱ ବି.** ସ୍ୱୟଂ, ନିଜେ ; **ବିଂ.** ନିଜ, ନିଜର, ଆପଣାର, ସ୍ୱକୀୟ ।

**ସ୍ୱକୀୟ ବିଂ.** ନିଜର, ଆପଣାର ।

**ସ୍ୱକୀୟା ବି.** ପରିଣିତା, ପତ୍ନୀ ।

**ସ୍ୱଗତ ବି.** ମନକୁ ମନ କୁହାହୋଇଥିବା, ନିଜକୁ ନିଜେ କହିବା ।

**ସ୍ୱଗତୋକ୍ତି ବି.** ମନକଥା ଅସ୍ପଷ୍ଟ ସ୍ୱରରେ ପ୍ରକାଶ କରିବା ବା ମନେ ମନେ କହିବା ।

**ସ୍ୱଚ୍ଛ ବିଂ.** ୧. ଅତି ନିର୍ମଳ, ପରିଷ୍କାର, ଆବିଳତାହୀନ ୨. ପ୍ରତିବିମ୍ବଧାରଣକ୍ଷମ ୩. ଦୃଷ୍ଟିଶକ୍ତି ବା ଆଲୋକ ଭେଦି ପାରୁଥିବା ।

**ସ୍ୱଚ୍ଛନ୍ଦ ବିଂ.** ୧. ଅବାଧ ୨. ସ୍ୱାଧୀନ ୩. ରୁଚି ଅନୁଯାୟୀ ୪. ପ୍ରତିରୋଧହୀନ ।

**ସ୍ୱଚ୍ଛନ୍ଦ ମରଣ ବି.** ସୁଖମରଣ ।

**ସ୍ୱଚ୍ଛଳ ବିଂ.** ପର୍ଯ୍ୟାପ୍ତ, ଅଭାବହୀନ ।

**ସ୍ୱଜନ ବି.** ଆତ୍ମୀୟ, ନିଜଲୋକ, ଜ୍ଞାତି, ନିକଟ ସମ୍ପର୍କୀୟ ।

**ସ୍ୱଜାତି ବି.** ନିଜ ଜାତି ବା ଶ୍ରେଣୀର ଲୋକ ।

**ସ୍ୱଜାତୀୟ ବି.** ୧. ନିଜ ଜାତିର ୨. ନିଜ ଜାତି ସମ୍ବନ୍ଧୀୟ ।

**ସ୍ୱତଃ ଅ. କ୍ରିବିଂ.** ଅବାଧ, ଆପେ ଆପେ, ଛାଏଁ ଛାଏଁ ।

**ସ୍ୱତଃପ୍ରବୃତ୍ତ ବିଂ.** ନିଜ ଇଚ୍ଛାରେ କରିଥିବା ।

**ସ୍ୱତଃସିଦ୍ଧ ବି.** ୧. ଯାହା ଅନ୍ୟର ବିନା ସହାଯ୍ୟରେ ସ-ନ୍ନ, ସ୍ୱଭାବସିଦ୍ଧ ୨. ଯାହା ଏପରି ସୁସ୍ପଷ୍ଟ ଏବଂ ଜ୍ଞାତ ଯେ ତାକୁ ସିଦ୍ଧ କରିବା ଆବଶ୍ୟକତା ନାହିଁ, ସ୍ୱୟଂସିଦ୍ଧ ।

**ସ୍ୱତଃସ୍ଫୂର୍ତ୍ତ ବିଂ.** ଅନ୍ୟର ଚେଷ୍ଟା ବିନା ଆପଣା ଛାଏଁ ପ୍ରକାଶିତ ।

**ସ୍ୱତନ୍ତ୍ର ବିଂ.** ୧. ନିଜ ଅଧୀନ, ସ୍ୱାୟତ୍ତ, ସ୍ୱାଧୀନ ୨. ପୃଥକ୍, ଅଲଗା ୩. ଅଭିନବ ।

**ସ୍ୱତ୍ୱ ବି.** ନିଜ ଅଧିକାର, ସ୍ୱାମିତ୍ୱ, ମାଲିକାନା ।

**ସ୍ୱତ୍ୱାଧିକାର ବି.** ମାଲିକାନାର ନ୍ୟାୟସଙ୍ଗତ ଅଧିକାର ।

**ସ୍ୱତ୍ୱାଧିକାରୀ ବି.** ମାଲିକ, ଅଧିକାରୀ ।

**ସ୍ୱଦଳୀୟ ବିଂ.** ୧. ନିଜ ଦଳର ୨. ସମାନମତବାଦୀ ୩. ସହଯୋଗୀ, ସାହାଯ୍ୟକାରୀ ।

**ସ୍ୱଦେଶ ବି.** ନିଜଦେଶ, ଜନ୍ମଭୂମି, ମାତୃଭୂମି ।

**ସ୍ୱଦେଶପ୍ରୀତି ବି.** ମାତୃଭୂମି ପ୍ରତି ମମତା ।

**ସ୍ୱଦେଶହିତୈଷୀ ବିଂ.** ନିଜ ଦେଶର କଲ୍ୟାଣକାମୀ ।

**ସ୍ୱଦେଶୀ ବିଂ.** ୧. ନିଜ ଦେଶରେ ତିଆରି ବା ଜାତ ୨. ନିଜ ଦେଶ ସମ୍ପର୍କିତ ।

**ସ୍ୱଦେଶୀ ଆନ୍ଦୋଳନ ବି.** ନିଜ ଦେଶ ଉତ୍ପାଦିତ ଦ୍ରବ୍ୟ ବ୍ୟବହାର ପାଇଁ ଜନଚେତନା ସୃଷ୍ଟି ।

**ସ୍ୱଦେଶୀୟ ବିଂ.ବି.** ନିଜ ଦେଶ ସମ୍ପର୍କିତ ।

**ସ୍ୱଧର୍ମ ବି.** ୧. ନିଜର ଆଚରଣ, ବିଚାର, ଚଳଣି ୨. ଶାସ୍ତ୍ରନିର୍ଦ୍ଦିଷ୍ଟ କର୍ତ୍ତବ୍ୟ ୪. ନିଜର ବୃତ୍ତି ବା ପେସା, ପୈତୃକ ଧର୍ମ ।

**ସ୍ୱଧା କ୍ରି.** ୧. ପିତୃଲୋକ ଉଦ୍ଦେଶ୍ୟରେ ଜଳ ବା ତିଳ ତର୍ପଣ କିମ୍ବା ପିଣ୍ଡଦାନ ୨. ଦେବତା ବା ପୂର୍ବପୁରୁଷଙ୍କ ପାଖକୁ ଅଗ୍ନି ମାଧ୍ୟମରେ ପଠାଇବା ବିଧି, ସେଥିରେ ଉଚ୍ଚାରିତ ମନ୍ତ୍ର ; **ବି.** ଅଗ୍ନିଙ୍କ ପତ୍ନୀ (ସ୍ୱଧା ଓ ସ୍ୱାହା ଅଗ୍ନିଙ୍କର ଦୁଇ ପତ୍ନୀ) ।

**ସ୍ୱନ ବି.** ସ୍ୱର, ଶବ୍ଦ, ଧ୍ୱନି, ରବ, ନାଦ ।

**ସ୍ୱନକ୍ଷତ୍ର ବି.** ୧. ନିଜର ଜନ୍ମନକ୍ଷତ୍ର ୨. ଜନ୍ମଦିନ ।

**ସ୍ୱନାମଖ୍ୟାତ ବିଂ.** ନିଜର ଯୋଗ୍ୟତାରେ ପରିଚିତି ବା ପ୍ରସିଦ୍ଧି ଲାଭ କରିଥିବା ।

**ସ୍ୱନାମୀ ବିଂ.** ନିଜ ନାମ ଭୁକ୍ତ, ଅଧିକାରଗତ ।

**ସ୍ୱପନ ବିଂ.** ସପନ, ସ୍ୱପ୍ନ ।

**ସ୍ୱପକ୍ଷ ବି.** ନିଜ ଦଳ ବା ନିଜପକ୍ଷ, ନିଜ ସହଯୋଗୀ ।

**ସ୍ୱପକ୍ଷୀୟ ବିଂ.** ନିଜ ପକ୍ଷଭୁକ୍ତ ।

**ସ୍ୱପ୍ନଦୋଷ ବି.** ସ୍ୱପ୍ନ ଦେଖିବା ଅବସ୍ଥାରେ ରେତ ସ୍ଖଳନ ବା ବୀର୍ଯ୍ୟପାତ ।

**ସ୍ୱପ୍ନାଦିଷ୍ଟ ବି.** ସପନରେ ଆଦେଶ ପ୍ରାପ୍ତ ।

**ସ୍ୱପ୍ନାଦେଶ ବିଂ.** ସ୍ୱପ୍ନରେ ପାଇବା କଥିତ ଦୈବାଦେଶ ।

**ସ୍ୱପ୍ନାବିଷ୍ଟ ବିଂ.** ୧. ନିଦବେଳେ ସ୍ୱପ୍ନବିଭୋର ୨. ମଧୁର କଳ୍ପନାରେ ବିଭୋର ।

**ସ୍ୱବଶ ବିଂ.** ନିଜ ଅଧୀନ, ସ୍ୱାଧୀନ, ନିଜ ନିୟନ୍ତ୍ରିତ ; **ବି.** ଆତ୍ମନିୟନ୍ତ୍ରଣ ।

**ସ୍ୱଭାବ ବିଂ.** ୧. ପ୍ରକୃତି, ଚରିତ୍ର ୨. ନିସର୍ଗ ୩. ସ୍ୱରୂପ ୪. ଆଚରଣ ୫. ପ୍ରକୃତିଗତ ଧର୍ମ ବା ଗୁଣ ।

**ସ୍ୱଭାବକବି ବି.** ସ୍ୱାଭାବିକ ବା ଜନ୍ମଗତଭାବେ କବିତ୍ୱ ଶକ୍ତିସମ୍ପନ୍ନ ବ୍ୟକ୍ତି ।

**ସ୍ୱଭାବଗତ ବିଂ.** ୧. ସ୍ୱଭାବ ଯୋଗୁଁ କରୁଥିବା ୨. ଅଭ୍ୟାସଗତ ।

**ସ୍ୱଭାବଚରିତ୍ର ବି.** ଚାଲିଚଳଣ ଓ ଆଚାରବିଚାର ।

**ସ୍ୱଭାବତଃ କ୍ରି.ବିଂ. ଅ.** ସ୍ୱାଭାବିକ୍ ଭାବରେ, ପ୍ରକୃତି ବଶରେ ।

**ସ୍ୱଭାବବିରୁଦ୍ଧ ବିଂ.** ସ୍ୱଭାବର ପ୍ରତିକୂଳ ବା ବିପରୀତ ।

**ସ୍ୱଭାବସିଦ୍ଧ ବିଂ.** ପ୍ରକୃତିଗତ, ସ୍ୱାଭାବିକ ।

**ସ୍ୱଭାବସୁଲଭ ବିଂ.** ସ୍ୱଭାବତଃ, ସହଜରେ ମିଳିଥିବା ।

**ସ୍ୱଭାବେ କ୍ରି.ବିଂ.** ସ୍ୱଭାବତଃ, ସାଧାରଣ ନିୟମରେ ।

**ସ୍ୱଭାବୋକ୍ତି *ବି.*** ବାସ୍ତବ ବା ଯଥାର୍ଥ ବର୍ଣ୍ଣନାଯୁକ୍ତ ଅର୍ଥାଳଙ୍କାର ବିଶେଷ ।

**ସ୍ୱୟଂ *ଅ.*** ୧. ଆପେ, ନିଜେ ୨. ସାକ୍ଷାତ୍ ।

**ସ୍ୱୟଂକୃତ *ବିଂ.*** ନିଜଦ୍ୱାରା କରାଯାଇଥିବା ।

**ସ୍ୱୟଂଚାଳିତ *ବିଂ.*** ୧. ଆପଣା ଆପେ ଚାଲିବାରେ କ୍ଷମ, ଅଟୋମେଟିକ ୨. ପ୍ରଥମେ କେହି ଚଳାଇବା ପରେ ଯେଉଁ ଯନ୍ତ୍ର ଛାଏଁ ଚାଲେ ।

**ସ୍ୱୟଂପ୍ରକାଶ *ବିଂ.*** କାହାରି ବିନା ସାହାଯ୍ୟରେ ଆପେ ଆପେ ପ୍ରକାଶିତ, ଆପେ ଦୀପ୍ତ ।

**ସ୍ୱୟଂପ୍ରଭ *ବିଂ.*** ଆପଣା ଜ୍ୟୋତିରେ ଆପେ ଆଲୋକିତ ବା ଉଜ୍ଜ୍ୱଳ ।

**ସ୍ୱୟଂ ପ୍ରମାଣ *ବିଂ.*** ଅନ୍ୟ କୌଣସି ପ୍ରମାଣର ସାହାଯ୍ୟ ବିନା ଯାହା ଆପଣା ଛାଏଁ ପ୍ରମାଣିତ ।

**ସ୍ୱୟଂବର *ବି.*** କନ୍ୟା ନିଜ ଇଚ୍ଛାରେ ଅନେକଙ୍କ ମଧ୍ୟରୁ ନିଜ ମନ ପସନ୍ଦ ବର ବାଛିବା ।

**ସ୍ୱୟଂବରା *ବିଂ.*** ସମବେତ ନିମନ୍ତ୍ରିତ ଯୋଗ୍ୟପାତ୍ର ମଧ୍ୟରୁ ଜଣକୁ ପତି ରୂପେ ବରଣକାରିଣୀ ।

**ସ୍ୱୟଂଭୁ *ବି.*** ବ୍ରହ୍ମା, ବିଷ୍ଣୁ, ଶିବ ; ***ବିଂ.*** ଆପଣାଛାଏଁ ସୃଷ୍ଟ, ଇଚ୍ଛାରେ ଶରୀର ଧାରୀ ।

**ସ୍ୱୟଂସିଦ୍ଧ *ବିଂ. ବି.*** ପ୍ରମାଣ ବା ଯୁକ୍ତି ବିନା ଯାହା ଆପେ ସିଦ୍ଧ ।

**ସ୍ୱୟଂସେବକ *ବି.*** ନିଜ ଇଚ୍ଛାରେ ସେବକ, ସ୍ୱେଚ୍ଛାସେବକ ।

**ସ୍ୱର *ବି.*** ୧. ଗଳାର ଆବାଜ ୨. ଧ୍ୱନି ୩. ସଙ୍ଗୀତର ସାତ ସ୍ୱର ୪. ସ୍ୱରବର୍ଣ୍ଣ (ଅ ଠାରୁ ଔ) ୫. ବେଦର ଉଦାତ୍ତ, ଅନୁଦାତ୍ତ ଓ ସ୍ୱରିତ-ଏଇ ତିନି କଣ୍ଠ ଧ୍ୱନି ।

**ସ୍ୱରଗ୍ରାମ *ବି.*** ସାରିଗାମାପାଧାନି (ଷଡ୍‌ଜ, ଋଷଭ, ଗାନ୍ଧାର, ମଧ୍ୟମ, ପଞ୍ଚମ, ଧୈବତ, ନିଷାଦ-ଏଇ ସାତଗୋଟି ସ୍ୱର)।

**ସ୍ୱରଚିତ *ବିଂ.*** ନିଜଦ୍ୱାରା ରଚିତ, ନିଜଦ୍ୱାରା ରଚନା କରାଯାଇଥିବା ।

**ସ୍ୱରବର୍ଣ୍ଣ *ବି.*** ଅନ୍ୟ ବର୍ଣ୍ଣର ବିନା ସାହାଯ୍ୟରେ ଉଚ୍ଚାରିତ ଅ ଠାରୁ ଔ ପର୍ଯ୍ୟନ୍ତ ବର୍ଣ୍ଣ ।

**ସ୍ୱରଭଙ୍ଗ *ବି.*** ୧. କୌଣସି କାରଣରୁ କଣ୍ଠସ୍ୱର ବିକୃତ ହେବା ୨. ଅଷ୍ଟ ସାତ୍ତ୍ୱିକ ବିକାର ମଧ୍ୟରୁ ଗୋଟିଏ ବିକାର ।

**ସ୍ୱରଭଙ୍ଗି *ବି.*** ସ୍ୱରଚାତୁରୀ, ସ୍ୱରର ଶୋଭା ।

**ସ୍ୱରମଣ୍ଡଳ *ବି.*** ତାର ବାଦ୍ୟ ଯନ୍ତ୍ର ବିଶେଷ ।

**ସ୍ୱରଲିପି *ବି.*** ସଙ୍ଗୀତର ସ୍ୱର, ତାଳ, ଲୟ ପ୍ରଭୃତିର ସାଙ୍କେତିକ ଲିପି ବା ଚିହ୍ନ, ନୋଟେସନ୍ ।

**ସ୍ୱରସଙ୍ଗତି *ବି.*** ୧. ହାର୍ମୋନି, ଐକ୍ୟତାନ, ବହୁ ସୁରର ଶ୍ରୁତିସୁଖକର ମିଳନ ୨. ଶବ୍ଦ ମଧ୍ୟରେ ପରବର୍ତ୍ତୀ ବା ପୂର୍ବବର୍ତ୍ତୀ ସ୍ୱରଧ୍ୱନିର ପ୍ରଭାବରେ ଅନ୍ୟବର୍ଣ୍ଣର ସ୍ୱରଧ୍ୱନିର ପରିବର୍ତ୍ତନ ।

**ସ୍ୱରସନ୍ଧି *ବି.*** *ବ୍ୟାକରଣ* ସ୍ୱରବର୍ଣ୍ଣ ସହିତ ସ୍ୱରବର୍ଣ୍ଣର ସଂଯୋଗ (ଯଥା-ଲମ୍ବ-ଉଦର । ଏଥିରେ 'ଅ' + 'ଉ' ହୋଇ 'ଓ' ହୁଏ ଏବଂ ନିଷ୍ପନ୍ନ ହୁଏ ଲମ୍ବୋଦର) ।

**ସ୍ୱରାଜ *ବି.*** ରାଜନୀତିକ ସ୍ୱାଧୀନତା, ନିଜ ଶାସନ ନିଜେ କରିବା ।

**ସ୍ୱରାଜ୍ୟ *ବି.*** ସ୍ୱାଧୀନରାଜ୍ୟ ବା ସରକାର, ନିଜ ରାଜ୍ୟ, ଲୋକେ ନିଜେ ଶାସନ କରୁଥିବା ରାଜ୍ୟ ବା ସେହି ଶାସନ ଅବସ୍ଥା ।

**ସ୍ୱରାଷ୍ଟ୍ର *ବି.*** ୧. ସରକାରଙ୍କ ଗୃହ ବା ଘରୋଇ ବିଭାଗ, ଯାହା ଅଧୀନରେ ପୋଲିସ, ଜେଲ ପ୍ରଭୃତି ସଂସ୍ଥା କାର୍ଯ୍ୟ କରନ୍ତି ୨. ସ୍ୱରାଜ୍ୟ ।

**ସ୍ୱରୂପ *ବି.*** ୧. ପ୍ରକୃତ ବା ନିଜସ୍ୱ ରୂପ ୨. ପ୍ରକୃତି, ସ୍ୱାଭାବିକ ଅବସ୍ଥା ୩.ତୁଲ୍ୟ ବା ସଦୃଶ ରୂପ ; ***ବିଂ.*** ୧. ବିଜ୍ଞ ୨. ସୁନ୍ଦର ୩. ଯଥାଯଥ ୪. ସଦୃଶ ।

**ସ୍ୱରୂପତା *ବି.*** ୧. ବିଜ୍ଞତା ୨. ପାଣ୍ଡିତ୍ୟ ୩. ସୁନ୍ଦରତା ୪. ସାଦୃଶ୍ୟ ।

**ସ୍ୱରୂପୀ *ବିଂ.*** ୧. ସ୍ୱରୂପଧାରୀ ୨. ସାଦୃଶ୍ୟବିଶିଷ୍ଟ ।

**ସ୍ୱର୍ଗ *ବି.*** ୧. ଆକାଶ ୨. ସର୍ବ ସୁଖମୟ ସ୍ଥାନ ୩. ପରଲୋକ ୪. ଦେବତାମାନେ ରହୁଥିବା ପୁରାଣବର୍ଣ୍ଣିତ ସ୍ଥାନ ୫. ଚିରନ୍ତନ ସୁଖ ।

**ସ୍ୱର୍ଗଦ୍ୱାର *ବି.*** ୧. ସ୍ୱର୍ଗ ପ୍ରବେଶର ଦ୍ୱାର ୨. ଶ୍ରୀକ୍ଷେତ୍ରରେ ସମୁଦ୍ରତୀରସ୍ଥ ଶ୍ମଶାନଭୂମି ।

**ସ୍ୱର୍ଗସୁଖ *ବି.*** ୧. ସ୍ୱର୍ଗର ଦେବତାମାନେ ଭୋଗ କରୁଥିବା ସୁଖମୟ ଜୀବନ ୨. ଅତ୍ୟନ୍ତ ସୁଖ ବା ଆନନ୍ଦର ଅନୁଭୂତି ।

**ସ୍ୱର୍ଗାରୋହଣ *ବି.*** ୧. ମୃତ୍ୟୁ ୨. ଦେବଲୋକ ଗମନ ୩. ସ୍ୱର୍ଗପ୍ରାପ୍ତି ।

**ସ୍ୱର୍ଗୀୟ *ବିଂ.*** ୧. ସ୍ୱର୍ଗଗତ ବା ମୃତ ୨. ପବିତ୍ର ୩. ଅତ୍ୟନ୍ତ ସୁନ୍ଦର ୪. ଅତ୍ୟନ୍ତ ଆନନ୍ଦକର ୫. ସ୍ୱର୍ଗ ସମ୍ବନ୍ଧୀୟ ।

**ସ୍ୱର୍ଣ୍ଣ *ବି.*** ୧. ହଳଦୀ ବର୍ଣ୍ଣର ମୂଲ୍ୟବାନ ଧାତୁ ବିଶେଷ, ସୁନା, ସୁବର୍ଣ୍ଣ ୨. ଷୋଳ ମସା ଓଜନର ପୁରୁଣା ସ୍ୱର୍ଣ୍ଣମୁଦ୍ରା ୩. ନାଗକେଶର ୪. ଚମ୍ପାକଦଳୀ ।

**ସ୍ୱର୍ଣ୍ଣକମଳ *ବି.*** ୧. ରକ୍ତପଦ୍ମ ୨. ସୁନାର ପଦ୍ମଫୁଲ ।

**ସ୍ୱର୍ଣ୍ଣକାର *ବି.*** ବଣିଆ, ସୁନାରି ।

**ସ୍ୱର୍ଣ୍ଣଜୟନ୍ତୀ *ବି.*** ସୁବର୍ଣ୍ଣ ଜୟନ୍ତୀ, ପଚାଶ ବର୍ଷ ପୂର୍ତ୍ତି ଓ ତାହାର ଉତ୍ସବ ।

**ସ୍ୱର୍ଣ୍ଣପ୍ରସୂ *ବିଂ.*** ଅତିଶୟ ଉର୍ବରା, ସୁନା ଫଳୁଥିବା, ଖୁବ୍ ଭଲ ଫସଲ ହେଉଥିବା ।

**ସ୍ୱର୍ଣ୍ଣାଚଳ *ବି.*** ପୁରାଣବର୍ଣ୍ଣିତ ସ୍ୱର୍ଣ୍ଣଗିରି, ସୁମେରୁ ପର୍ବତ ।

**ସ୍ୱର୍ଣ୍ଣାଭ *ବିଂ.*** ସୁନେଲି, ସୁନାଭଳି (ଉଜ୍ଜ୍ୱଳ) ; ***ବି.*** ହରିତାଳ ।

**ସ୍ୱର୍ଣ୍ଣାକ୍ଷର *ବି.*** ଅତି ଉଜ୍ଜ୍ୱଳ ଓ ଚିରସ୍ଥାୟୀ ଅକ୍ଷର ।

**ସ୍ୱଳ୍ପ *ବିଂ.*** ଅତି କମ୍, ସାମାନ୍ୟ ଟିକେ, ଅତି ଅଳ୍ପ ।

**ସ୍ୱସ୍ତି *ବି.*** ୧. ମନର ଶାନ୍ତି ୨. ଆରାମ ୩. 'ମଙ୍ଗଳ ହେଉ' ଏହି ଆଶୀର୍ବାଦସୂଚକ ମନ୍ତ୍ର ; ***ବିଂ.*** ଶୁଭ, ମଙ୍ଗଳ ।

**ସ୍ୱସ୍ତିକ *ବି.*** ୧. ଚାଉଳ ଚୂନା ବା ପିଠଉରେ ପ୍ରସ୍ତୁତ ମାଙ୍ଗଳିକ ଦ୍ରବ୍ୟ ୨. ପିଠଉ ୩. ଯୋଗାସନ ବିଶେଷ ୪. ମଙ୍ଗଳର ପ୍ରତୀକ ବଜ୍ର ଚିହ୍ନ ୫. ଚାରି ଅବୟବ ବିଶିଷ୍ଟ ବସ୍ତୁ (ଚଉତରା, ଚାରିକୋଣିଆ ଅଗଣା ଆଦି), ଚତୁଷ୍କ ୬. ରସୁଣ ୭. ସାପର ଫଣା ।

**ସ୍ୱସ୍ତିବଚନ *ବି.*** ଆଶୀର୍ବାକ୍ୟ, ଆଶୀର୍ବାଦ ଦେବା ପାଇଁ ବା ଶୁଭ କାମ ବେଳେ କୁହାଯାଉଥିବା ବାକ୍ୟ ।

**ସ୍ୱସ୍ତିବାଚନ *ବି.*** ମଙ୍ଗଳ କର୍ମାରମ୍ଭରେ 'ମଙ୍ଗଳ ହେଉ' ବୋଲି ଉଚ୍ଚାରଣ ।

**ସ୍ୱସ୍ତ୍ୟୟନ *ବି.*** ୧. ଗ୍ରହଯୋଗ ୨. ପାପ ମୋଚନ ପ୍ରଭୃତି କାମନାରେ ଅନୁଷ୍ଠାନ ବିଶେଷ ।

**ସ୍ୱସ୍ଥ *ବିଂ.*** ୧. ନିରୋଗ, ସୁସ୍ଥ ୨. ନିରୁଦ୍‌ବେଗ, ପ୍ରକୃତିସ୍ଥ ।

**ସ୍ୱସ୍ଥାନ *ବି.*** ୧. ନିଜ ବାସସ୍ଥଳ ୨. ନିଜପାଇଁ ଉଦ୍ଦିଷ୍ଟ ସ୍ଥାନ ବା ପଦ ।

**ସ୍ୱାଗତ *ବି.*** ୧. ଶୁଭାଗମନ ୨. ଅଭିନନ୍ଦନ ୩. ଅଭ୍ୟର୍ଥନା ।

**ସ୍ୱାଗତିକା *ବି.*** ୧. ସ୍ୱାଗତଗୀତିକା ୨. ସ୍ୱାଗତ ବା ଅଭିନନ୍ଦନ ଜଣାଇ ବୋଲାଯାଉଥିବା କଥା ବା ଗୀତ ।

**ସ୍ୱାଚ୍ଛନ୍ଦ୍ୟ *ବି.*** ସ୍ୱଚ୍ଛନ୍ଦତା, ଇଚ୍ଛାଅନୁସାରେ ବା ସ୍ୱାଧୀନଭାବରେ ଚଳିବା ଅବସ୍ଥା ।

**ସ୍ୱାତନ୍ତ୍ର୍ୟ *ବି.*** ୧. ସ୍ୱତନ୍ତ୍ରତା ୨. ସ୍ୱାଧୀନତା ୩. ଅନ୍ୟଠାରୁ ପୃଥକ୍ ସ୍ଥିତି ।

**ସ୍ୱାତି *ବି.*** ୧. ସତେଇଶି ନକ୍ଷତ୍ର ମଧ୍ୟରୁ ପଞ୍ଚଦଶ ନକ୍ଷତ୍ର ୨. ପୁରାଣବର୍ଣ୍ଣିତ ସୂର୍ଯ୍ୟପତ୍ନୀ ।

**ସ୍ୱାଦ *ବିଂ.*** ୧. କୌଣସି ବସ୍ତୁ ଜିଭରେ ବାଜିଲେ ହେଉଥିବା ଅନୁଭବ ୨. ଚାଖିବା ୩. ରସାନୁଭବ; ***ବିଂ.*** ସୁଆଦିଆ, ସ୍ୱାଦିଷ୍ଟ ।

**ସ୍ୱାଦିଷ୍ଟ *ବିଂ.*** ସୁଆଦିଆ, ସୁସ୍ୱାଦୁ ।

**ସ୍ୱାଦୁ *ବିଂ.*** ୧. ଜିଭରେ ଚାଖିଲେ ହେଉଥିବା ଅନୁଭବ; ***ବିଂ.*** ମିଠା, ମଧୁର, ସ୍ୱାଦଯୁକ୍ତ ; ***ବି.*** ୧. ମଧୁର ରସ ୨. ମିଷ୍ଟତା ୩. ଗୁଡ଼ ୪. ଦ୍ରାକ୍ଷା ।

**ସ୍ୱାଦ୍ୟ *ବିଂ.*** ୧. ଚଖା ହେବାର ଯୋଗ୍ୟ ୨. ରସାନୁଭବର ଯୋଗ୍ୟ ।

**ସ୍ୱାଧିକାର *ବି.*** ୧. ନିଜର ଅଧିକାର ବା ପଦ ୨. ନିଜର ପଦ, ପ୍ରଭୁତ୍ୱ ବା କର୍ତ୍ତୃତ୍ୱର ସୀମା ୩. ନିଜର ଦଖଲ ।

**ସ୍ୱାଧିଷ୍ଠାନ *ବି.*** ୧. ତନ୍ତ୍ରଶାସ୍ତ୍ରର ଦ୍ୱିତୀୟ ଚକ୍ର ୨. ଲିଙ୍ଗମୂଳସ୍ଥ ସୁଷୁମ୍ନା ନାଡ଼ି ଅନ୍ତର୍ଗତ କଳ୍ପିତ ଷଡଦଳ ପଦ୍ମ ।

**ସ୍ୱାଧୀନ *ବିଂ.*** ୧. ସ୍ୱତନ୍ତ୍ର ୨. ଆତ୍ମବଶ ୩. ଅବାଧ ୪. ସ୍ୱଚ୍ଛନ୍ଦ ।

**ସ୍ୱାଧୀନତା *ବି.*** ୧. ପରର ଅଧୀନରେ ନଥିବା ଅବସ୍ଥା, ସ୍ୱତନ୍ତ୍ରତା, ସ୍ୱାଚ୍ଛନ୍ଦ୍ୟ ୨. ଅନ୍ୟ ଦେଶର ଶାସନରୁ ମୁକ୍ତି ।

**ସ୍ୱାଧୀନତା ଦିବସ *ବି.*** ୧. ପରାଧୀନତାରୁ ଦେଶ ସ୍ୱାଧୀନ ହେବା ଦିନ, ଅଗଷ୍ଟ ମାସ ପନ୍ଦର ତାରିଖ ୨. ସେହିଦିନର ଉତ୍ସବ ।

**ସ୍ୱାଧ୍ୟାୟ, ସ୍ୱାଧ୍ୟାୟନ *ବି.*** ୧. ନିଜର ଅଧ୍ୟୟନ ୨. ବେଦାଧ୍ୟୟନ ୩. ଶାସ୍ତ୍ର ପାଠ ୪. ଆବୃତ୍ତି କରି ବେଦପାଠ ୫. ମନ୍ତ୍ରାଦିର ଜପ ।

**ସ୍ୱାଧ୍ୟାୟୀ *ବିଂ.*** ୧. ବେଦାଧ୍ୟୟନକାରୀ ୨. ଅଧ୍ୟୟନକାରୀ ।

**ସ୍ୱାବଲମ୍ବନ *ବି.*** ଆତ୍ମନିର୍ଭରଶୀଳତା, ନିଜ ଶକ୍ତିଦ୍ୱାରା କାର୍ଯ୍ୟସାଧନ ।

**ସ୍ୱାବଲମ୍ବୀ *ବିଂ.*** ଆତ୍ମନିର୍ଭରଶୀଳ, ଅନ୍ୟ କାହାରି ଉପରେ ନିର୍ଭର ନ କରି ନିଜ ଉଦ୍ୟମରେ ବା ନିଜର ସଂସାଧନ ସାହାଯ୍ୟରେ ଚଳି ପାରୁଥିବା (ଲୋକ, ଅନୁଷ୍ଠାନ, ଦେଶ) ।

**ସ୍ୱାଭାବିକ *ବିଂ.*** ୧. ସ୍ୱଭାବକୁ ନେଇ, ସ୍ୱଭାବ ଅନୁସାରେ ୨. ପ୍ରାକୃତିକ ୩. ସ୍ୱଭାବଜାତ ୪. ପ୍ରକୃତିଗତ ୫. ସ୍ୱଭାବସଙ୍ଗତ ୬. ଅବିକୃତ ୭. ଅକୃତ୍ରିମ ।

**ସ୍ୱାମିତ୍ୱ *ବି.*** ୧. ମାଲିକାନା ୨. ପ୍ରଭୁତ୍ୱ ୩. ରାଜତ୍ୱ ୪. ଅଧିକାର ୫. ସ୍ୱତ୍ୱ ୬. ସ୍ତ୍ରୀ ଉପରେ ସ୍ୱାମୀର ଅଧିକାର ।

**ସ୍ୱାମୀ *ବି.*** ୧. ଗେରସ୍ତ, ପତି ୨. ମୁନିବ, ଖାମିଦ, ମାଲିକ ୩. ରାଜା, ସାଆନ୍ତ ୭. ବିଦ୍ୱାନ ସନ୍ନ୍ୟାସୀଙ୍କ ଉପାଧି ।

**ସ୍ୱାୟତ୍ତ *ବିଂ.*** ୧. ନିଜେ ନିଜର ଆୟତ୍ତରେ ଥିବା ୨. ସ୍ୱବଶ, ନିଜଦ୍ୱାରା ନିୟନ୍ତ୍ରିତ ।

**ସ୍ୱାୟତ୍ତ ଶାସନ *ବି.*** ୧. ଯେଉଁ ବ୍ୟବସ୍ଥାରେ ନାଗରିକମାନେ ନିଜ ଇଚ୍ଛା ମୁତାବକ ପ୍ରତିନିଧି ନିର୍ବାଚନ କରିଥାନ୍ତି, ସ୍ୱାଧୀନ ଭାବରେ ଦେଶର ଶାସନ ନିର୍ବାହ ୨. ପୌର ସଂସ୍ଥା, ପଞ୍ଚାୟତ ପ୍ରଭୃତି ଶାସନ ପଦ୍ଧତି ।

**ସ୍ୱାର୍ଥ *ବି.*** ୧. ନିଜର ପ୍ରୟୋଜନ ବା ଆବଶ୍ୟକତା ୨. ନିଜର ଇଷ୍ଟ ବା ମଙ୍ଗଳ ୩. କେବଳ ନିଜର ଭଲ ପାଇଁ ଇଚ୍ଛା ।

**ସ୍ୱାର୍ଥତ୍ୟାଗ *ବି.*** ଅନ୍ୟର ଉପକାରପାଇଁ ନିଜର ଲାଭ ବା ମଙ୍ଗଳ ପରିତ୍ୟାଗ ।

**ସ୍ୱାର୍ଥତ୍ୟାଗୀ *ବିଂ.*** ପରର ସ୍ୱାର୍ଥ ପାଇଁ ନିଜର ମଙ୍ଗଳ ତ୍ୟାଗକାରୀ ।

**ସ୍ୱାର୍ଥପର *ବିଂ.*** ଅନ୍ୟର ଭଲ ମନ୍ଦ ବିବେଚନା ନ କରି ଯେ କେବଳ ନିଜର ସୁବିଧା ସୁଯୋଗ ହାସଲରେ ତତ୍ପର; ***ବି.*** ସ୍ୱାର୍ଥପରତା ।

**ସ୍ୱାର୍ଥସାଧନ, ସ୍ୱାର୍ଥସିଦ୍ଧି *ବି.*** ଅନ୍ୟର ଭଲମନ୍ଦ ବିଚାର ନ କରି କେବଳ ନିଜ ମଙ୍ଗଳ ପାଇଁ କାର୍ଯ୍ୟସାଧନ ।

**ସ୍ୱାର୍ଥାନ୍ଧ *ବିଂ.*** ନ୍ୟାୟଅନ୍ୟାୟ ବିବେଚନା ନ କରି ଯେ କେବଳ ଆପଣାର ସ୍ୱାର୍ଥ ସାଧନକରେ ।

**ସ୍ୱାର୍ଥାନ୍ୱେଷୀ *ବିଂ.*** ନିଜ ସୁଖସୁବିଧା ପାଇଁ ଯେ ସବୁବେଳେ ସୁଯୋଗ ଉଣ୍ଡି ବୁଲୁଥାଏ ।

**ସ୍ୱାର୍ଥୀ *ବିଂ.*** ସ୍ୱାର୍ଥପର ।

**ସ୍ୱାସ୍ଥ୍ୟ *ବି.*** ୧. ଦେହପା, ଦେହର ଅବସ୍ଥା ୩. ସୁଖ, ସ୍ୱସ୍ତି ।

**ସ୍ୱାସ୍ଥ୍ୟକର *ବି.*** ୧. ଭଲ ସ୍ୱାସ୍ଥ୍ୟ ପାଇଁ ଯାହା ସହାୟକ ୨. ପୁଷ୍ଟିବର୍ଦ୍ଧକ ।

**ସ୍ୱାସ୍ଥ୍ୟନିବାସ *ବି.*** ୧. ଉତ୍କୃଷ୍ଟ ଜଳବାୟୁଯୁକ୍ତ ସ୍ୱାସ୍ଥ୍ୟକର ସ୍ଥାନ ୨. ସ୍ୱାସ୍ଥ୍ୟପ୍ରଦ ସ୍ଥାନରେ ଥିବା ଘର ।

**ସ୍ୱାସ୍ଥ୍ୟଭଙ୍ଗ *ବି.*** ଦିହପା ବିଗିଡ଼ିଯିବା, ସ୍ୱାସ୍ଥ୍ୟ ନଷ୍ଟ ହେବା ।

**ସ୍ୱାସ୍ଥ୍ୟରକ୍ଷା *ବି.*** ୧. ସ୍ୱାସ୍ଥ୍ୟର ରକ୍ଷା ୨. ଶରୀରକୁ ସୁସ୍ଥ ବା ନିରୋଗ ରଖିବାର ବିବିଧ ଉପାୟ ।

**ସ୍ୱାହା *ବି.*** ପୁରାଣ ଅନୁସାରେ ଅଗ୍ନିଙ୍କ ପତ୍ନୀ; ***ଅ.*** ହୋମ, ଯଜ୍ଞରେ ଘୃତ ଦାନ କାଳରେ ଉଚ୍ଚାରିତ ଶବ୍ଦ ।

**ସ୍ୱାହା କରିଦେବା *କ୍ରି.*** ସବୁ ଗିଳିଦେବା ବା ଖାଇଯିବା, ସବୁ ସାରିଦେବା ।

**ସ୍ୱାକ୍ଷର *ବି.*** ନିଜ ହାତରେ ନାଁ ଲେଖିବା, ଦସ୍ତଖତ, ସହି, ସନ୍ତକ, ସିଗ୍ନେଚର୍ ।

**ସ୍ୱାକ୍ଷରିତ *ବିଂ.*** ଦସ୍ତଖତ କରାଯାଇଥିବା ।

**ସ୍ୱୀକାର *ବି.*** ୧. ବିବାହ ପୂର୍ବର ନିର୍ବନ୍ଧ ୨. ମାନିନେବା ୩. ଗ୍ରହଣ ୪. ରାଜି , ସମ୍ମତି ୫. ଅଙ୍ଗୀକାର, ପ୍ରତିଶ୍ରୁତି ୬. ସହିବା, ସହ୍ୟକରଣ ।

**ସ୍ୱୀକାର୍ଯ୍ୟ *ବିଂ.*** ଗ୍ରହଣୀୟ, ସ୍ୱୀକାରଯୋଗ୍ୟ ।

**ସ୍ୱୀକୃତ *ବି.*** ୧. ରାଜି ହୋଇଥିବା ୨. ସମ୍ମତ ୩. ଗୃହୀତ ।

**ସ୍ୱୀକୃତି *ବି.*** ୧. ସମ୍ମତି, ରାଜି ୨. ଗ୍ରହଣ ୩. ପ୍ରତିଶ୍ରୁତି ୪. ଅନୁମତି ପ୍ରଦାନ ।

**ସ୍ୱୀୟ *ବିଂ.*** ନିଜର, ସ୍ୱକୀୟ ।

**ସ୍ୱୀୟା *ବି.*** ପତିପ୍ରତି ଅନୁରକ୍ତା ସ୍ତ୍ରୀ ।

**ସ୍ୱେଚ୍ଛା *ବି.*** ନିଜର ଇଚ୍ଛା, ସ୍ୱାଧୀନ ଇଚ୍ଛା ।

**ସ୍ୱେଚ୍ଛାକ୍ରମେ *କ୍ରି.ବିଂ.*** ନିଜ ଇଚ୍ଛାର ବଶବର୍ତ୍ତୀ ହୋଇ ।

**ସ୍ୱେଚ୍ଛାଚାର *ବି.*** ୧. ନିଜ ଖୁସି ଅନୁସାରେ କରାଯାଉଥିବା କାମ ୨. ଯଥେଚ୍ଛାଚାର, ଉଚ୍ଛୃଙ୍ଖଳତା ୩. ନିଜ ଇଚ୍ଛା ମାଫିକ ଆଚରଣ ।

**ସ୍ୱେଚ୍ଛାଚାରୀ *ବିଂ.ବି.*** ସ୍ୱୈରାଚାରୀ, କାହାକୁ ଖାତିର ନ କରି ନିଜ ଇଚ୍ଛାରେ କାର୍ଯ୍ୟକରୁଥିବା ବ୍ୟକ୍ତି ।

**ସ୍ୱେଚ୍ଛାଧୀନ *ବିଂ.*** ନିଜ ଇଚ୍ଛାର ଅଧୀନ, ସ୍ୱାଧୀନ ।

**ସ୍ୱେଚ୍ଛାନୁବର୍ତ୍ତୀ *ବିଂ.*** ନିଜ ଇଚ୍ଛାରେ କାର୍ଯ୍ୟ କରୁଥିବା ବ୍ୟକ୍ତି ।

**ସ୍ୱେଚ୍ଛାପ୍ରଣୋଦିତ *ବିଂ.*** ନିଜ ଇଚ୍ଛାବଶରୁ ପ୍ରବୃତ୍ତ, ଆପେ କରିବାକୁ ଇଚ୍ଛୁକ ।

**ସ୍ୱେଚ୍ଛାମରଣ, ସ୍ୱେଚ୍ଛାମୃତ୍ୟୁ *ବି.*** ଆପଣା ଇଚ୍ଛା ଅନୁଯାୟୀ ମରଣ ।

**ସ୍ୱେଚ୍ଛାସେବକ *ବି.*** ନିଜ ଇଚ୍ଛାରେ ବିନା ପାରିଶ୍ରମିକରେ ଜନସେବା କରୁଥିବା ବ୍ୟକ୍ତି, ଭଲେଣ୍ଟିଅର ।

**ସ୍ୱେଦ *ବି.*** ଦେହରୁ ବାହାରୁଥିବା ଜଳୀୟ ପଦାର୍ଥ, ଝାଳ, ଘର୍ମ ।

**ସ୍ୱେଦନ *ବି.*** ୧. ତାପ ବା ବାମ୍ଫ ଦେବା, ବାମ୍ଫଆଣି ବା ସେକ ପ୍ରଦାନ ୨. ଏଭଳି କରି ଝାଳ ବାହାରକରାଇବା ।

**ସ୍ୱେଦାକ୍ତ *ବିଂ.*** ଘର୍ମାକ୍ତ, ଝାଳ ଜୁଡୁବୁଡୁ, ଝାଳ ଗମଗମ ।

**ସ୍ୱୈର *ବି.*** ସ୍ୱେଚ୍ଛାଚାର,ଯଥେଚ୍ଛାଚାର, ଅସଂଯତ ଆଚରଣ; ***ବିଂ.*** ୧. ଇଚ୍ଛାଚାରୀ ୨. ଅସଂଯତ ୩. ସ୍ୱଚ୍ଛନ୍ଦ ।

**ସ୍ୱୈର(ରା)ଚାର *ବି.*** ୧. ନିଜ ଇଚ୍ଛାରେ କାର୍ଯ୍ୟ କରୁଥିବା, ବ୍ୟଭିଚାର ୨. ସ୍ୱେଚ୍ଛାଚାର ।

**ସ୍ୱୈର(ରା)ଚାରିଣୀ *ବିଂ.*** ୧. ସ୍ୱେଚ୍ଛାଚାରିଣୀ ୨. ସ୍ୱତନ୍ତ୍ରା; ***ବି.*** ବ୍ୟଭିଚାରିଣୀ ନାରୀ ।

**ସ୍ୱୈର(ରା)ଚାରିତା *ବି.*** ୧. ବ୍ୟଭିଚାରିତା ୨. ସ୍ୱେଚ୍ଛାଚାରିତା ।

**ସ୍ୱୈରତନ୍ତ୍ର *ବି.*** ନିରଙ୍କୁଶ ଓ ଏକଛତ୍ରବାଦୀ ଶାସନ, ନିୟମହୀନ ଶାସନ ।

**ସ୍ୱୈରତାନ୍ତ୍ରିକ *ବିଂ.*** ଏକଛତ୍ରବାଦୀ ଓ ନିୟମହୀନ ଭାବରେ ଶାସିତ ।

**ସ୍ୱୈରନ୍ଧ୍ରୀ, ସ୍ୱୈରିନ୍ଧ୍ରୀ *ବି.*** ପରଘରେ ସ୍ୱାଧୀନ ଭାବେ ରହି ଶିଳ୍ପ ଓ କେଶ ରଚନାଦି କର୍ମଦ୍ୱାରା ଜୀବିକା ନିର୍ବାହ କରୁଥିବା ନାରୀ ।

**ସ୍ୱୈରିଣୀ *ବି.*** ବହୁ ପୁରୁଷ ସହ ସମ୍ପର୍କ ରଖିଥିବା ନାରୀ, କୁଳଟା ବା ବ୍ୟଭିଚାରିଣୀ ନାରୀ ; ***ବିଂ.*** ସ୍ୱତନ୍ତ୍ରା, ବ୍ୟଭିଚାରିଣୀ ।

**ସ୍ୱୋପାର୍ଜନ *ବିଂ.*** ନିଜ ଶ୍ରମରେ ରୋଜଗାର ।

**ସ୍ୱୋପାର୍ଜିତ *ବିଂ.*** ନିଜ ପରିଶ୍ରମ ବା ଚେଷ୍ଟାରେ ଅର୍ଜିତ ।

**ସ୍ମର *ବି.*** ୧. କନ୍ଦର୍ପ ୨. ସ୍ମରଣ ୩. ବେଦବ୍ୟାଖ୍ୟାତା ; ***ବିଂ.*** ସ୍ମରଣକାରୀ ।

**ସ୍ମରଣ *ବି.*** ୧. ସ୍ମୃତି ୨. ମନେମନେ ଅତୀତ ଘଟନାଦିର ପୁନରାବୃତ୍ତି ୩. ମନେମନେ ଅନ୍ୟର ଆଗମନ କାମନା ।

**ସ୍ମରଣାତୀତ *ବିଂ.*** ଅତି ପୁରୁଣା, ଯାହା ମନେ ପକାଇଲେ ବି ମନେ ପଡ଼େ ନାହିଁ ।

**ସ୍ମରଣିକା *ବି.*** ସ୍ମୃତିରକ୍ଷା ନିମିତ୍ତ ସଂକଳିତ ପତ୍ରିକା ବା ଗ୍ରନ୍ଥ ।

**ସ୍ମରଣୀୟ *ବିଂ.*** ସ୍ମରଣଯୋଗ୍ୟ ।

**ସ୍ମରିବା *କ୍ରି.*** ସ୍ମରଣ କରିବା, ମନେ ପକାଇବା, ସୁର୍‌ତା କରିବା ।

**ସ୍ମାରକ *ବିଂ.*** ସ୍ମୃତିର ଉଦ୍‌ବୋଧକ; ***ବି.*** ଅନ୍ତରାଳରେ ରହି ଅଭିନେତାକୁ ନାଟକର ସଂଳାପ ମନେ ପକାଇବାରେ ସହାୟକ ବ୍ୟକ୍ତି, ପ୍ରମ୍ପ୍‌ଟର୍ ।

**ସ୍ମାରକପତ୍ର** *ବି.* ସ୍ମରଣ କରାଇ ଦେବା ଲେଖା, ମେମୋରେଣ୍ଡମ୍ ।
**ସ୍ମାରକୀ** *ବି.* ବସ୍ତୁ, ଚିହ୍ନ ବା ସଙ୍କେତ, ଯାହା ମନେ ପକାଇଦିଏ ।
**ସ୍ମାର୍ତ୍ତ** *ବିଂ.* ସ୍ମୃତିଶାସ୍ତ୍ରାନୁମୋଦିତ ; *ବି.ବିଂ.* ସ୍ମୃତିଶାସ୍ତ୍ରଜ୍ଞ ।
**ସ୍ମିତ** *ବି.* ମୃଦୁ ହାସ୍ୟ ; *ବିଂ.* ଦରହାସଯୁକ୍ତ ।
**ସ୍ମୃତ** *ବିଂ.* ଯାହା ସ୍ମରଣର ବିଷୟ ହୋଇସାରିଛି ।
**ସ୍ମୃତି** *ବି.* ୧. ଅତୀତ ଅନୁଭୂତିର ସ୍ମରଣ ୨. ଅତୀତକୁ ମନେ ପକାଇବା ୩. ଧ୍ୟାନ ୪. ସ୍ମରଣଶକ୍ତି ୫. ସ୍ମାରକଚିହ୍ନ ୬. ମନୁ, ଯାଜ୍ଞ୍ୟବଲ୍କ୍ୟ ଆଦିଙ୍କ କୃତ ଧର୍ମସଂହିତା ।
**ସ୍ମୃତିପଥାରୂଢ଼** *ବିଂ.* ଯାହା ମନେ ପଡ଼ିଥାଏ, ସ୍ମୃତିଗୋଚର ।
**ସ୍ମୃତିବାର୍ଷିକୀ** *ବି.* ଠିକ୍ ବର୍ଷ ଶେଷରେ ଅତୀତ ଘଟଣା ସ୍ମରଣ ନିମିତ୍ତ ଅନୁଷ୍ଠିତ ଉତ୍ସବ ।
**ସ୍ମୃତିବିଭ୍ରମ** *ବି.* ସ୍ମରଣ ଶକ୍ତିର ବିପର୍ଯ୍ୟୟ ।
**ସ୍ମୃତିବିରୁଦ୍ଧ** *ବିଂ.* ଧର୍ମଶାସ୍ତ୍ରବିରୋଧୀ ।
**ସ୍ମୃତିଭ୍ରଂଶ** *ବି.* ସ୍ମରଣ ଶକ୍ତିର ବିଲୟ ବା କ୍ଷୟ ।
**ସ୍ମୃତିଭ୍ରଷ୍ଟ** *ବିଂ.* ଭୁଲି ଯାଇଥିବା, ବିସ୍ମୃତ ।
**ସ୍ମୃତିରକ୍ଷା** *ବି.* ମୃତ ବ୍ୟକ୍ତି ବା ବିଗତ ଘଟଣାକୁ ମନେ ପକାଇବା ବ୍ୟବସ୍ଥା ବା ଅନୁଷ୍ଠାନ ।
**ସ୍ମୃତିଶକ୍ତି** *ବି.* ମନେ ରଖିବାର କ୍ଷମତା ।
**ସ୍ମୃତିଶାସ୍ତ୍ର** *ବି.* ମନୁ ପ୍ରଭୃତିଙ୍କଦ୍ୱାରା ରଚିତ ଧର୍ମଶାସ୍ତ୍ର ।
**ସ୍ମୃତିସ୍ତମ୍ଭ** *ବି.* ୧. ସ୍ମାରକ ସ୍ତମ୍ଭ ୨. ମୃତ ବ୍ୟକ୍ତି ଅଥବା ବିଜୟାଦିକୁ ସ୍ମରଣୀୟ କରିବା ନିମିତ୍ତ ନିର୍ମିତ ସ୍ତମ୍ଭ ।
**ସ୍ୟନ୍ଦନ** *ବି.* ୧. ରଥ ୨.ବାୟୁ ୩. ଜଳ ୪. କ୍ଷରଣ ୫. ଗମନ ୬. ବେଗ ।
**ସ୍ୟାହି** *ବି.* ସାହି, ଲେଖିବା କାଳି ।
**ସ୍ୟାହିଘଡ଼ି** *ବି.* କାଳିଘଡ଼ି, ଦୁଆତ ।
**ସ୍ରବଣ** *ବି.* ୧. କ୍ଷରଣ, ଗଳନ ୨. ଝର, ଉତ୍ସ ୩. ପ୍ରବାହ ୪. ଗର୍ଭପାତ ୫. ପରିସ୍ରା, ପ୍ରସ୍ରାବ ।
**ସ୍ରବିବା** *କ୍ରି.* ଝରିବା, ଧାରାକ୍ରମେ ବହିବା ।
**ସ୍ରଷ୍ଟା** *ବିଂ.ବି.* ୧. ସୃଷ୍ଟିକର୍ତ୍ତା ୨. ନିର୍ମାତା ୩. ରଚନାକାରୀ ; *ବି.* ବ୍ରହ୍ମା ।
**ସ୍ରଷ୍ଟୃତ୍ୱ** *ବି.* ୧. ସୃଷ୍ଟିକର୍ମ ୨. ସ୍ରଷ୍ଟାର କର୍ମ ।
**ସ୍ରାବ** *ବି.* ୧. ସ୍ରବ ୨. କ୍ଷରଣ ୩. ଭ୍ରଂଶ ୪. ପତନ ।
**ସ୍ରାବକ** *ବି.ବିଂ.* ଯାହା କ୍ଷରିତ କରାଏ ।
**ସ୍ରାବଣ** *ବି.* କ୍ଷରଣ କରାଇବା, ଝରାଇବା ।
**ସ୍ରାବ୍ୟ** *ବିଂ.* କ୍ଷରିତ କରାହେବା ଯୋଗ୍ୟ ।
**ସ୍ରୁକ୍, ସ୍ରୁଚ୍, ସ୍ରୁଚା** *ବି.* ଯଜ୍ଞ ପ୍ରଭୃତିରେ ଘିଅ ଢ଼ାଳିବା ପାଇଁ ଖଇର ବା ପଲାଶ କାଠରେ ନିର୍ମିତ ପ୍ରଶସ୍ତ ମୁଖବାଲା ବେଣ୍ଟଥିବା କାଠ ପାତ୍ର ।
**ସ୍ରୁବ, ଶ୍ରୁବ** *ବି.* ହୋମ, ଘିଅ ଆହୁତି ଦେବାପାଇଁ ବ୍ୟବହୃତ ଖଇର ବା ପଲାଶ କାଠ ନିର୍ମିତ ବେଣ୍ଟଥିବା ଗୋଲମୁହାଁ ଚାମଚ ଭଳି ଉପକରଣ ବିଶେଷ ।
**ସ୍ରୋତ** *ବି.* ୧. ପ୍ରବାହ, ଧାରା, ସୁଅ, ଜଳପ୍ରବାହ ୨. ଦେହର ବିଭିନ୍ନ ଇନ୍ଦ୍ରିୟପଥ ।
**ସ୍ରୋତସ୍ୱତୀ, ସ୍ରୋତସ୍ୱିନୀ** *ବି.* ନଦୀ ; *ବିଂ.* ସ୍ରୋତଯୁକ୍ତା ।
**ସ୍ଲିପ୍** *ବି.* ଛୋଟ କାଗଜ ଖଣ୍ଡ, ଚିର୍କୁଟି ।
**ସ୍ଲିପ୍ କରିବା** *କ୍ରି.* ଖସିଯିବା ।
**ସ୍ଲିପର୍** *ବି.* ୧. ଚଟି ୨. ସିଲପଟ, ରେଳ ଧାରଣା ତଳେ ଥିବା କାଠ କଡ଼ି ।
**ସ୍ଲେଜ୍** *ବି.* ବରଫ ଉପରେ ଚାଳିତ ଚକହୀନ କୁକୁରଟଣା ଗାଡ଼ି ।
**ସ୍ଲେଟ୍** *ବି.* ବିଶେଷତଃ ପିଲାମାନେ ଲେଖିବାପାଇଁ ବ୍ୟବହୃତ କଳାରଙ୍ଗର ଛୋଟ ଉପକରଣ, ସିଲଟ ।
**ସ୍ଲୋ** *ବିଂ.* ୧. ମନ୍ଥର, ଧୀରଗତିଶୀଳ ୨. ମାନ୍ଦା ୩. କମ୍ ବେଗବିଶିଷ୍ଟ ।

# ହ

**ହ ବି.** ବର୍ଣ୍ଣମାଳାର ପଇଁତିରିଶତମ ବ୍ୟଞ୍ଜନ ବର୍ଣ୍ଣ ।

**ହଁ ଅ.** ୧. ହଇ, ହଏ, ହୁଏ – ସମ୍ମତି, ସ୍ୱୀକୃତି ବା ଅନୁମୋଦନ ସୂଚକ ଉତ୍ତର ୨. ଅନ୍ୟର ଡାକ ଶୁଣିପାରି ଦେବା ଉତ୍ତର ୩. ଅନ୍ୟର ପ୍ରଶ୍ନ ବା କଥା ଶୁଣିବା ପାଇଁ ପ୍ରସ୍ତୁତ – ଏହି ଭାବସୂଚକ ଧ୍ୱନି ।

**ହଁକ୍ ବିଂ.** ନିଜର, ହକ୍ (ହଁକ୍ କକା, ହଁକ୍ ମାଏସି) ; **ବି.** ୧. ଈର୍ଷା, ପରଶ୍ରୀକାତରତା ୨. ଅହମିକା ।

**ହଁକ୍‌ପିତ୍ ବି.** ଉନ୍ମାଦ, ଉତ୍ତେଜନା ।

**ହଁକ୍‌ରିଆ ବିଂ.** ପରଶ୍ରୀକାତର, ଅଁକ୍‌ରିଆ, ଈର୍ଷାଳୁ ।

**ହଁକାବାଜି ବି.** ହକାବାଦି, ପଣ, ମୁକାବିଲା ମନୋଭାବ, ପ୍ରତିଯୋଗିତାର ମନୋଭାବ ।

**ହଁକାହଁକି ବି.** ଅନ୍ୟପ୍ରତି ଈର୍ଷାଳୁ ହୋଇ ପ୍ରତିଯୋଗିତାମୂଳକ ଭାବେ ସାମନା କରିବା, ସ୍ପର୍ଦ୍ଧା କରିବା ।

**ହଁତା ଅ.** ଅନିର୍ଦ୍ଦିଷ୍ଟ ବସ୍ତୁ ବା ବ୍ୟକ୍ତି ପରିବର୍ତ୍ତେ ବ୍ୟବହୃତ ଶବ୍ଦ, ଇଏ, ଇହା, କହିବାବେଳେ ମନେ ନ ପଡ଼ିଲେ ବସ୍ତୁ ବା ବିଷୟ ପରିବର୍ତ୍ତେ ବ୍ୟବହୃତ ଶବ୍ଦ ।

**ହଂ ବି.** ୧. ଅଳି, ଜିଗର, କଟାଳ ୨. ଅଭିମାନ ୩. ରୁଷିବା ୪. ବଳପ୍ରୟୋଗ ୫. ଲୁଣ୍ଠନ ୬. ଶରୀର ସାଧନା ନିମିତ୍ତ ଯୋଗ ।

**ହଂକାରୀ ବି.ବିଂ.** ୧. ଆଗପଛ ନ ବିଚାରି କାମ କରୁଥିବା ଲୋକ ୨. ଏକଜିଦିଆ ଓ ଅଭଦ୍ର ୩. ଜୋର୍‌ଜବର୍‌ଦସ୍ତି ବା ଜିଦ୍‌କରି କାର୍ଯ୍ୟ ହାସଲ କରିବାକୁ ଚାହୁଁଥିବା ଲୋକ ୪. ଅହଂକାରୀ ।

**ହଂଯୋଗ ବି.** ପ୍ରାଣ ଓ ଅପାନ ବାୟୁ ନିୟନ୍ତ୍ରଣ କରି ସାଧନ କରାଯାଉଥିବା ଯୋଗ ସାଧନା ।

**ହଂସ ବି.** ୧. ମୁଖ୍ୟତଃ ଜଳଚର, କିନ୍ତୁ ସ୍ଥଳଭାଗରେ ଗୃହପାଳିତ ଭାବେ ରହିପାରୁଥିବା ପକ୍ଷୀ, ବତକ, ମରାଳ ୨. ଅଜପା ମନ୍ତ୍ର ୩. ହଂସା, ପ୍ରାଣବାୟୁ ୪. ପରଂବ୍ରହ୍ମ; **ବିଂ.** ଶ୍ରେଷ୍ଠ, ପ୍ରଧାନ, ବିଶୁଦ୍ଧ ।

**ହଂସକ ବି.** ୧. ପାଦ ଆଭରଣ ବିଶେଷ, ନୂପୁର ୨. ରାଜହଂସ ।

**ହଂସଗାମିନୀ ବି.** ୧. ହଂସଭଳି ଗମନ କରୁଥିବା ନାରୀ ୨. ବ୍ରାହ୍ମଣୀ ।

**ହଂସଦାହନ ବି.** ୧. ଅଗୁରୁ ୨. ସୁଗନ୍ଧି କାଷ୍ଠ ବିଶେଷ ।

**ହଂସନାଦିନୀ ବି.** ସୁନ୍ଦରୀ ତନୁପାତଳୀ ନାରୀ, ଯାର ସ୍ୱର କୋକିଳ ପରି ଏବଂ ଗତି ହସ୍ତୀ ପରି ।

**ହଂସପାଦ ବି.** ହିଙ୍ଗୁଳ ।

**ହଂସପୁର ବି.** ସାଧାରଣତଃ ରାଜ ପରିବାରର ନାରୀମାନଙ୍କ ପାଇଁ ଉଦ୍ଦିଷ୍ଟ ବସବାସ ସ୍ଥାନ, ଅନ୍ତଃପୁର ।

**ହଂସମାଳା ବି.** ପାତିହଂସଦଳ, ଯେଉଁମାନେ ମାଳାପରି ଭାସୁଥାନ୍ତି ।

**ହଂସରାଳି, ହଂସରାଳୀ ବି.** ଏକ ଜାତୀୟ ଛୋଟ ଆକାରର ହଂସ, କଳହଂସ, ହଁସ୍‌ରେଲ୍, ଶରାଳି ।

**ହଂସା ବି.** ୧. ଫାକାସି ୨. ପ୍ରାଣ, ପ୍ରାଣବାୟୁ ।

**ହଂସିଆ, ହଂସୁଆ ବି.** ୧. କଟୁରି, ଭୁଜାଲି ୨. ହାତୀପାଇଁ ମାହୁନ୍ତ ବ୍ୟବହାର କରୁଥିବା ଅଂକୁଶର ମୁନିଆ ଓ ବଙ୍କା ଅଂଶ ।

**ହଂସୁରୀ ବି.** ହଂସୀ, ମାଈ ହଂସ ।

**ହଂସୁଲି ବି.** ୧. ହଂସର କୋମଳ ଲୋମ ବା ପର ୨. ସୁନା ବା ରୁପା ନିର୍ମିତ ଅର୍ଦ୍ଧବୃତ୍ତାକାର ଗଳାହାର ; **ବିଂ.** ହଂସର ଲୋମ ବା ପରରେ ତିଆରି (ଶେଯ ପ୍ରଭୃତି ) ।

**ହଂସୁଲି ତୁଳି ବି.** ହଂସର ରୋମ ବା ପରରେ ତିଆରି କଅଁଳ (ନରମ) ଗଦି ବା ଶେଯ ।

**ହଂସୁଲି ହାଡ଼ ବି.** ବେକର ସାମ୍ନା ପଟର ଦୁଇ ପାଖରେ ଥିବା ଧନୁ ଆକାରର ହାଡ଼, କଣ୍ଠାସ୍ଥି ।

**ହ ଅ.** ୧. ରହ, ବଳଦ ପ୍ରଭୃତିକୁ ଅଟକାଇବା ପାଇଁ ନିର୍ଦ୍ଦେଶ ୨. *ସମ୍ବୋଧନ* ଅର୍ଥବୋଧକ ପଦ ୩. ହଁ, ସ୍ୱୀକାରାତ୍ମକ ଉଚ୍ଚାରଣ ।

**ହ, ହଅ ଅ.** ୧. ହେୟଜ୍ଞାନ ବା ଗୁରୁତ୍ୱ ହ୍ରାସ ଉଦ୍ଦେଶ୍ୟରେ ଉଚ୍ଚାରିତ ଧ୍ୱନି ୨. ଗୋରୁଗାଈ ପ୍ରଭୃତିଙ୍କୁ ଚାଲୁଥିବା ବେଳେ ଠିଆ କରାଇବା ପାଇଁ ଡାକ ।

**ହଇ ଅ.** ୧. ହଁ, ହଏ ୨. ବିସ୍ମୟ ବା ପ୍ରଶ୍ନସୂଚକ ଉଚ୍ଚାରଣ ।

**ହଇଓ, ହଇରେ, ହଇହେ, ହଇହୋ, ହଇଗୋ, ହଇଲୋ ଅ.** ସମ୍ବୋଧନସୂଚକ ଡାକ ।

**ହଇଚଇ ବି.** ଚହଳ, ଆନ୍ଦୋଳନ, ଚାଞ୍ଚଲ୍ୟ, ଚମକ ।

**ହଇଜା ବି.** ଝାଡ଼ା, ବାନ୍ତି ଓ ଜଳହୀନତା ପ୍ରଭୃତି ମିଶ୍ରିତ ଲକ୍ଷଣ ଥିବା ରୋଗ, ଏହା ସାଧାରଣତଃ ମହାମାରୀ ଭାବେ ବ୍ୟାପିଥାଏ, ବାଡ଼ିରୋଗ, ବିସୂଚିକା, ମହାମାରୀ ।

**ହଇରାଣ ବି.** ଅସୁବିଧା ପରିସ୍ଥିତି, ଦହଗଞ୍ଜ ; **ବିଂ.** ବ୍ୟର୍ଥ ପରିଶ୍ରମ ବା କାର୍ଯ୍ୟ ଯୋଗୁଁ କ୍ଳାନ୍ତ ବା ବିବ୍ରତ ।

**ହଇରାଣିଆ ବିଂ.** ଯାହା ହଇରାଣ କରେ, ଅସୁବିଧାଜନକ, ଅକାରଣ କ୍ଳାନ୍ତିଦାୟକ ।

**ହଉ, ହେଉ ଅ.** ରାଜି, ସମ୍ମତି, ତୃପ୍ତି, ସନ୍ତୋଷ ବା ସ୍ୱୀକୃତି ଭାବବୋଧକ ଶବ୍ଦ ।

**ହଏ, ହୋଏ *ଅ.*** ୧. ହଁ, ରାଜି ୨. ହଇ, ଆହେ ।

**ହଏ ଗା *ଅ.*** ସମବୟସ୍କା ପ୍ରତି ଆଦରସୂଚକ ପଦ, ଆଚ୍ଛା ।

**ହଏ ଗୋ *ସ.*** ୧. ସ୍ତ୍ରୀର ସ୍ୱାମୀ ପ୍ରତି ବା ସ୍ୱାମୀର ସ୍ତ୍ରୀ ପ୍ରତି ସ୍ନେହର ସମ୍ବୋଧନ ୨. ପରସ୍ପର ଆଦର ସୂଚକ ସମ୍ବୋଧନ ।

**ହଏଷ୍ଟିଂ *ବି.*** ଉତ୍ତୋଳନ, ଅଳ୍ପ ଉଚ୍ଚରେ ଉଡାଇବା ।

**ହକ୍ *ବିଂ.*** ୧. ନ୍ୟାୟୋଚିତ ୨. ଅଧିକାର ସମ୍ମତ ୩. ଠିକ୍ ୪. ଖାଣ୍ଟି ୫. ରୋକଠୋକ୍ ; ***ବି.*** ନ୍ୟାଯ୍ୟ ବା ଅଧିକାର ସମ୍ମତ ପ୍ରାପ୍ୟ ।

**ହକ୍‌ଦାର *ବିଂ.*** ନ୍ୟାଯ୍ୟ ଭାବରେ ବା ଆଇନ୍ ଅନୁସାରେ ଦାବିଦାର୍ ବା ଅଧିକାରୀ ।

**ହକ୍‌ଲାବା *କ୍ରି.*** ଧୋଇବା, ଅଁଖ୍‌ଲାଇବା, କେବଳ ପାଣିରେ ଲୁଗା ପ୍ରଭୃତି ଧୋଇବା ।

**ହକ *ବି.*** ୧. ହାତୀର ଡାକ, ବୃଂହଣ ୨. ହାତୀକୁ ମାହୁନ୍ତର ନିର୍ଦ୍ଦେଶମୂଳକ ଡାକ ; ***ବିଂ.*** ଯଥାର୍ଥ, ନ୍ୟାଯ୍ୟ ।

**ହକର *ବି.*** ବୁଲାବିକାଳୀ, ବିକାଳୀ, ଫେରିବାଲା ।

**ହକରା *ବି.*** ୧. ନିମନ୍ତ୍ରଣ ୨. ନିମନ୍ତ୍ରଣ ଜଣାଉଥିବା ଦୂତ ବା ବାର୍ତ୍ତାବହ ; ***କ୍ରି.*** ହକାରିବା ।

**ହକଳା *ବି.*** ଦେହରୁ କାଢ଼ିବା ଓ ଧୋଇବା କାମ ; ***ବିଂ.*** ଧୁଆ ହୋଇଥିବା (ଲୁଗାପଟା ପ୍ରଭୃତି) ।

**ହକହକ *ବି.*** ହକର ହକର, ବିଶେଷ ଆଗ୍ରହ ପ୍ରକାଶ ; ***କ୍ରି.ବିଂ.*** ଅଯଥା ଉତ୍ସାହ ବା ଆବେଗ ଦେଖାଇବା ।

**ହକା *ବି.*** ହାକ, ଡାକ, ଆହ୍ୱାନ, ଡକରା, ବଡ ପାଟିରେ ଡାକିବା କାମ ।

**ହକାବାଦୀ *ବି.*** ପ୍ରତିଯୋଗିତାପୂର୍ବକ କାମ ।

**ହକାରିବା *କ୍ରି.*** ୧. ହାକିବା ୨. ଆହ୍ୱାନ କରିବା ୩. ପାଖକୁ ଡାକିବା ୪. ବୋଇତ ବା ଜାହାଜର ପାଲ ଟାଣିବା ।

**ହକାଳିବା *କ୍ରି.*** ୧. ପାଣିରେ ଧୋଇବା, ଧୁଆଧୁଇ କରିବା, ଅଁକାଳିବା ୨. ଉତାରିବା, ଖୋଲିବା ।

**ହକାଲିବା *କ୍ରି.*** ଘଉଡ଼ିବା, ଘଉଡ଼ି ବାହାର କରିଦେବା, ତଡ଼ିବା ।

**ହକି *ବି.*** ବଙ୍କା ଅଗ ଥିବା ବାଡ଼ିରେ କଠିନ ପେଣ୍ଡୁକୁ ଆଘାତ କରି ଖେଳାଯାଉଥିବା ଖେଳ ।

**ହକିଅତ୍ *ବି.*** ଅଧିକାର, ଦାବି, ସ୍ୱତ୍ୱ, ସ୍ୱତ୍ୱାଧିକାର ।

**ହକିଅତି *ବିଂ.*** ହକିଅତ ସମ୍ବନ୍ଧୀୟ ।

**ହକିଅତି ମାମଲା *ବି.*** ସ୍ୱତ୍ୱାଧିକାର ସାବ୍ୟସ୍ତ ନିମନ୍ତେ ମୋକଦ୍ଦମା ।

**ହକିଆତି *ବି.*** ଜମିବାଡ଼ିପ୍ରଭୃତି ଭୂସମ୍ପତ୍ତି ।

**ହକିମ *ବି.*** ୟୁନାନୀ ଚିକିତ୍ସକ, ବୈଦ୍ୟ ।

**ହକିମି *ବି.*** ୟୁନାନୀ ଚିକିତ୍ସା ବା ସେହି ବୃତ୍ତି ।

**ହକିମୀ *ବିଂ.*** ୟୁନାନୀ ଚିକିତ୍ସା ବା ଚିକିତ୍ସାବ୍ୟବସ୍ଥା ସମ୍ବନ୍ଧୀୟ ।

**ହକେଇ ଚକେଇ *ବି.*** ୧. ଏକ ପ୍ରକାର ଦୋଳନ ବା ଝୁଲିବା ୨. ଥେଇକିଥାକଡ଼ ।

**ହଗ୍‌ରା, ହଗ୍‌ରୁ, ହଗୁରା *ବି. ବିଂ.*** ୧. ବାରମ୍ବାର ଝାଡ଼ା ଫେରୁଥିବା ଲୋକ, ହଗୁରା ୨. ଡରକୁଳା, ଭୀରୁ, ଛେରୁଆ, ଡରୁଆ; ***ସ୍ତ୍ରୀ.*** ହଗ୍‌ରି, ହଗୁରୀ ।

**ହଗ୍ ହଗ୍ *ବି.*** ଜୋରରେ ଝାଡ଼ା ମାଡ଼ିବା ଅବସ୍ଥା, ମଳତ୍ୟାଗ ପାଇଁ ଉଦ୍‌ବେଗ, ଅତର୍ଛିଆ ।

**ହଗ *ବି.*** ମଳତ୍ୟାଗ, ଝାଡ଼ା ।

**ହଗଣା *ବି.*** ଅତିରିକ୍ତ ଝାଡ଼ା ।

**ହଗତ୍‌ମୁତତ୍ *କ୍ରି. ବିଂ.*** ହଗାମୁତା, ଅତର୍ଛ, ବ୍ୟସ୍ତବିବ୍ରତ ଭାବେ ।

**ହଗରା *ବିଂ.*** ୧. ବାରମ୍ବାର ଝାଡ଼ା ଯାଉଥିବା ଲୋକ, ହଗ୍‌ରୁ ୨. ଅତିସାର ବା ଆମାଶୟ ରୋଗ ପୀଡ଼ିତ ।

**ହଗା *ବି.*** ଝାଡ଼ା, ଝାଡ଼ା ମାଡ଼ିବା, ଝାଡ଼ାହେବା ।

**ହଗାନଗା କରିବା *କ୍ରି.*** ଅଥୟ କରିବା, ବ୍ୟତିବ୍ୟସ୍ତ କରିବା, ଉଠେଇ ବସେଇ ନଦେବା ।

**ହଗାମୁତା *ବି.*** ୧. ଅତ୍ୟଧିକ ବ୍ୟସ୍ତ ଓ ବିବ୍ରତ ଅବସ୍ଥା ୨. ଆତଙ୍କିତ ଅବସ୍ଥା ।

**ହଗାଲଗା *ବି.*** ପ୍ରଚଣ୍ଡ ଚାପ, ଅତି ଆକ୍ରାନ୍ତ ଅବସ୍ଥା ; ***କ୍ରି.ବିଂ.*** ତରବର, ବ୍ୟସ୍ତବିବ୍ରତ, ଭୟାକୁଳ ।

**ହଗି ପକେଇବା *କ୍ରି.*** ୧. ଭୟଭୀତ ହେବା ୨. ହଠାତ୍ ଝାଡ଼ାଫେରି ପକେଇବା ।

**ହଗିବା *କ୍ରି.*** ଝାଡା ଫେରିବା, ମଳ ତ୍ୟାଗ କରିବା ।

**ହଗୁଣା *ବିଂ.ବି.*** ଅତିସାର ବା ଆମାଶୟ ରୋଗୀ (*ସ୍ତ୍ରୀ.* ହଗୁଣୀ) ।

**ହଗୁରା *ବିଂ.*** ୧. ବାରମ୍ବାର ମଳତ୍ୟାଗ କରୁଥିବା ୨. ଭୟାଳୁ, ଛେରୁଆ, ଛେରକୁରା, ହଗ୍‌ରୁ (*ସ୍ତ୍ରୀ.* ହଗୁରୀ) ।

**ହଚକେଇ ଯିବା *କ୍ରି.*** ହତବୁଦ୍ଧି ହେବା, ବିବ୍ରତ ହୋଇ ପଡ଼ିବା ।

**ହଜ୍ *ବି.*** ମୁସଲମାନମାନଙ୍କର ବିଶେଷ ତିଥିରେ ମକ୍‌କା ତୀର୍ଥ ଦର୍ଶନ ଓ ଅନ୍ୟାନ୍ୟ ଧର୍ମାନୁଷ୍ଠାନ ପାଳନ ।

**ହଜ୍‌ରା *ବିଂ.*** ଅସନ୍ତୁଷ୍ଟ ।

**ହଜ୍‌ରି** ***ବି.*** ଗାମୁଛା ।

**ହଜ୍‌ରିବା, ହଦ୍‌ରିବା** ***କ୍ରି.*** ୧. ଅସନ୍ତୁଷ୍ଟ ହେବା ୨. କୌଣସି କାର୍ଯ୍ୟ ପାଇଁ ଉତ୍ସାହ ନ ଦେଖାଇବା, କାମ କରିବାକୁ ନିଃସ୍ପୃହ, ପଛଘୁଞ୍ଚା ଦେଉଥିବା ।

**ହଜ୍‌ହଜ୍** ***ବି.*** ଆନନ୍ଦମୟ କୋଳାହଳ ।

**ହଜ୍‌ହଜିଆ** ***ବିଂ.*** ୧. ଚଗଲା ୨. ଅସ୍ଥିର ୩. ଚଞ୍ଚଳ ସ୍ୱଭାବସମ୍ପନ୍ନ ୪. ଅସ୍ଥିରମତି ।

**ହଜମ** ***ବି.*** ଜୀର୍ଣ୍ଣ, ଖାଦ୍ୟ ଜୀର୍ଣ୍ଣ ହେବା ।

**ହଜମ କରିବା** ***କ୍ରି.*** ୧. ପାକସ୍ଥଳିରେ ଖାଦ୍ୟ ଜୀର୍ଣ୍ଣ ହେବା ୨. ଆତ୍ମସାତ କରିନେବା ୩. ବିନା ପ୍ରତିବାଦରେ ଅନ୍ୟାୟ ବା ଅପମାନ ସହିବା ୪. (ପାଠ) ସମ୍ପୂର୍ଣ୍ଣ ବୁଝିଯିବା ୫. ଆତ୍ମସ୍ଥ କରିନେବା ।

**ହଜମି, ହଜମୀ** ***ବିଂ.*** ଜୀର୍ଣ୍ଣକାରୀ, ହଜମରେ ସହାୟକ ହେଉଥିବା ; ***ବି.*** ଜୀର୍ଣ୍ଣକାରକ ଔଷଧ, ଖାଦ୍ୟ ହଜମ ବା ଜୀର୍ଣ୍ଣ କରିବା ପାଇଁ ଖିଆଯିବା ଔଷଧ ।

**ହଜରତ୍** ***ବି.*** ୧. ମହାପୁରୁଷ (ମହମ୍ମଦ), ପୈଗମ୍ବର ୨. ଅତ୍ୟନ୍ତ ସମ୍ମାନନୀୟ ବ୍ୟକ୍ତି ୩. ମାଲିକ, ପ୍ରଭୁ ।

**ହଜରା** ***ବି.*** ହରଗଉରା ଫୁଲ ଓ ଗଛ ।

**ହଜହଜ** ***ବି.*** ଚଞ୍ଚଳ ସ୍ୱଭାବ ।

**ହଜାଇବା** ***କ୍ରି.*** ୧. କୌଣସି ବସ୍ତୁ ହରାଇଦେବା ୨. ଚିରଦିନ ପାଇଁ ହରାଇଦେବା, ଆଉ ଖୋଜି ନପାଇବା ।

**ହଜାମ** ***ବି.*** ବାରିକ, ଭଣ୍ଡାରି ।

**ହଜାମତ** ***ବି.*** ଦାଢ଼ିକଟା, ଖିଅର, କ୍ଷୌରକର୍ମ, କ୍ଷୌର ।

**ହଜାର** ***ବି.ବିଂ.*** ଏକ ହଜାର, ୧୦୦୦ ସଂଖ୍ୟା ବା ପରିମାଣ, ଏକ ସହସ୍ର, ଦଶଶହ ।

**ହଜାରମାରୁ** ***ବିଂ.*** ୧. ଶଠ, ଠକ ୨. ବହୁ ଉପଭୋଗ୍ୟା ।

**ହଜାର ହଜାର** ***ବିଂ.*** ଅସଂଖ୍ୟ, ଅଗଣିତ ।

**ହଜିବା** ***କ୍ରି.*** ୧. ନ ମିଳିବା, ଲୁପ୍ତହେବା ୨. ଖୋଜି ନ ପାଇବା ୩. ନଷ୍ଟ ହେବା ୪. ଅଜାଣତରେ କେଉଁଠି ପଡ଼ିଯିବା ।

**ହଜିଲା** ***ବିଂ.*** ଖୋଜି ଖୋଜି ମିଳୁ ନ ଥିବା ।

**ହଜୁର** ***ବି.*** ୧. ପ୍ରଭୁ, ସ୍ୱାମୀ, ମାଲିକ ୨. ସମ୍ମାନନୀୟ ବା କ୍ଷମତାଶାଳୀ ବ୍ୟକ୍ତି ୩. ଛାମୁ ୪. ଛାମୁ ବା ପ୍ରଭୁଙ୍କ ସମ୍ମୁଖ ବା ସାନ୍ନିଧ୍ୟ ; ***ଅ.*** ବିଚାରପତି, ମୁନିବ, ମାଲିକ ପ୍ରଭୃତିଙ୍କ ପ୍ରତି ସମ୍ମାନ ସୂଚକ ସମ୍ବୋଧନ ।

**ହଟ୍, ହଟ, ହଟା** ***ବି.*** ଜିଦ୍, ଜିଦି, ଅଭିମାନ, କୌଣସି ବସ୍ତୁ ପାଇଁ ଅଳି ବା ଜିଗର, ଜିଗର ।

**ହଟ୍ କରିବା** ***କ୍ରି.*** ଜିଦି ଧରିବା ।

**ହଟ୍‌କିବା** ***କ୍ରି.*** ହାରିବା, ହାରିଯିବା, ପରାଜିତ ହେବା ।

**ହଟ୍ ଲାଇନ୍** ***ବି.*** ତ୍ୱରିତ ଗତିରେ ପ୍ରତ୍ୟକ୍ଷ ଯୋଗାଯୋଗ ମାଧ୍ୟମ ।

**ହଟ୍‌ଲି** ***ବି.*** ଛୋଟ ହାଟ, ଦୈନିକ ହାଟ ।

**ହଟ** ***ବି.*** ୧. ଚାତୁରି ୨. କୌତୁକ ୩. ଅଳି, କଟାଳ, ଜିଗର ।

**ହଟକାରିଆ** ***ବିଂ.*** ହଟିଆ, କୌତୁକପ୍ରିୟ, ମଜାକିଆ, ରଙ୍ଗିଆ, ଦୁନ୍ଦରିଆ, ମଜାଳିଆ ।

**ହଟଚମକ** ***ବି.*** ଭେଲିକି, ବିସ୍ମୟ ସୃଷ୍ଟି କରୁଥିବା କୌଣସି ଘଟଣା ।

**ହଟଚମଟ** ***ବି.*** ଭେଲିକି, ଚମକ, ଅକସ୍ମାତ୍ ଚହଳ ।

**ହଟନଟ, ହଟନାଟ** ***ବି.*** ଥଟ୍ଟାମଜା, ହାସପରିହାସ ।

**ହଟହଟା** ***ବି.*** ୧. ଲୋକହସା, ଉପହସିତ ଅବସ୍ଥା ୨. ଅସୁବିଧାଜନକ ବା ଅପବାଦଜନକ ପରିସ୍ଥିତି ।

**ହଟା** ***ବି.*** ୧. ଅଳି, କଟାଳ, ଜିଗର, ଜିଦ ୨. ଲୋକହସା, ଅପବାଦ ୩. ସାଧାରଣରେ ପ୍ରଚାର, ପ୍ରଘଟ ୪. ପଛଘୁଞ୍ଚା, ପଛକୁ ଘୁଞ୍ଚିବା ; ***କ୍ରି.*** ବିଦା କର ।

**ହଟା କରିବା** ***କ୍ରି.*** ଜିଦ୍ କରିବା, ଅଡ଼ି ବସିବା ।

**ହଟାଣ** ***ବି.*** ୧. ହଟାଇବା ୨. ପରାସ୍ତ କରିବା ୩. ବାଟରୁ ଘୁଞ୍ଚାଇଦେବା ।

**ହଟାପସରା** ***ବି.*** ଅପବାଦ, ଲୋକହସା, ହଟହଟା ।

**ହଟା ବସାବା** ***କ୍ରି.*** ଗୋଳମାଳ ବା ବିଶୃଙ୍ଖଳା ସୃଷ୍ଟି କରିବା ।

**ହଟାବା, ହଟାଇବା** ***କ୍ରି.*** ୧. ପରାସ୍ତ କରିବା, ହରାଇବା ୨. ସ୍ଥାନରୁ ଘୁଞ୍ଚାଇ ଦେବା, ଅପସାରିତ କରିବା ।

**ହଟାରି** ***ବି.*** ହାଟରେ ପଣ୍ୟଦ୍ରବ୍ୟ ବିକୁଥିବା ଲୋକ, ହାଟୁଆ ।

**ହଟାହଟି** ***ବି.*** ଜିଦିବାଦି, ପ୍ରତିଯୋଗିତା, ମୁକାବିଲା ମନୋଭାବ ।

**ହଟି** ***ବି.*** ଅଳି, କଟାଳ, ଜିଗର ।

**ହଟିଆ** ***ବିଂ.*** ୧. କୌତୁକକାରୀ, ରଙ୍ଗରସକାରୀ, ରଙ୍ଗିଆ, ନଟକୁଟିଆ ୨. ଏକଜିଦିଆ ।

**ହଟିବା** ***କ୍ରି.*** ୧. ରୁଷିବା, ଅଭିମାନ କରିବା ୨. ହାରିବା, ପଶ୍ଚାତ୍‌ପଦ ହେବା ୩. ଅପସୃତ ବା ଅପସାରିତ ହେବା ୪. ହ୍ରାସ ପାଇବା, କମିଯିବା ୫. ନିଅଣ୍ଟ ହେବା ୬. କ୍ଷାନ୍ତ ହେବା ।

**ହଟୁଆ** ***ବି.*** ହଟାରି, ହାଟୁଆ ।

**ହଟ୍ଟଗୋଳ** ***ବି.*** ୧. ପାଟିତୁଣ୍ଡ, ଗୋଳମାଳ ୨. ହାଟଭଳି ପାଟିତୁଣ୍ଡ ବା କୋଳାହଳ, ସୋରଗୋଳ ।

**ହଠ** ***ବି.*** ୧. ବଳାତ୍କାର ୨. ଲୁଟ ୩. ଜିଦ୍ ୪. ଯୋଗ ବିଶେଷ, କାୟା ସାଧନା ।

**ହଠାତ୍ *ଅ. କ୍ରି.ବିଂ.*** ଅକସ୍ମାତ, ସହସା, ଅତର୍କିତ ଭାବରେ, ଆଗରୁ କୌଣସି ସୂଚନା ବା ଆଭାସ ନ ଥାଇ ।

**ହଡ଼କମ୍ପ *ବି.*** ୧. ଛାନିଆ ୨. ଭୟ ବା ଆଶଙ୍କା ଯୋଗୁଁ ହୃତ୍‌କମ୍ପ, ହରଡ଼କମ୍ପ ।

**ହଡ଼କା *ବି.*** ୧. ଆକସ୍ମିକ ବାଧା ବା ଧକ୍‌କା ୨. ହଠାତ୍ ଆକର୍ଷଣ ।

**ହଡ଼ନ୍, ହଲନ୍ *ବି.*** ହଳନ୍ଦ, ଏକ ପ୍ରକାର ଗଛ ।

**ହଡ଼ପ *ବି.*** ୧. ଆତ୍ମସାତ କରିବା ବା ଅକ୍ତିଆର କରିନେବା, ତୋଷରପାତ ୨. ପାନବଟା, ପାନଡବା, ପାନଖିଲ ତିଆରିର ବିଭିନ୍ନ ଉପାଦାନ ଥିବା ଡବା ।

**ହଡ଼ପମୁଣା *ବି.*** ପାନ ବଟୁଆ, ବଟୁଆ ।

**ହଡ଼ବଡ଼ *ବିଂ.*** ଘାବରା, କିଂକର୍ତ୍ତବ୍ୟବିମୂଢ଼ ।

**ହଡ଼ବଡ଼ାଇବା *କ୍ରି.*** ଘାବରା ହେବା, ତ୍ରସ୍ତ ହେବା, ଭୟରେ ବିଚଳିତ ଭାବ ।

**ହଡ଼ରା *ବିଂ.*** ହାଡୁଆ, କଂକାଳସାର, ଅସ୍ଥିଚର୍ମସାର, *ସ୍ତ୍ରୀ.* ହଡ଼ରୀ ।

**ହଡ଼ା *ବି.*** ୧. ବୁଢ଼ା ବଳଦ ୨. ବୃଦ୍ଧ ଓ ଅସମର୍ଥ ଲୋକ, *ସ୍ତ୍ରୀ.* ହଡ଼ୀ, ହାଡ଼ୀ ।

**ହଡ଼ାଖିଆ *ବିଂ.*** ମଲା ଗୋରୁ ଖାଉଥିବା ଲୋକ, କାଙ୍ଗାଳ, ନୀଚସ୍ତରର ଲୋକ ।

**ହଡ଼ାଗାଣ୍ଡି *ବି.*** ଭୂଇଁରେ ଛକ କାଟି ଗୋଡ଼ି ବା ଖପରାରେ ଖେଳାଯାଉଥିବା ଖେଳ ।

**ହଡ଼ା ବେପାରୀ *ବି.*** ୧. ହଡ଼ା ଗାଈଗୋରୁ କିଣାବିକା କରୁଥିବା ଲୋକ ୨. କାମ୍ପି, ଅତ୍ୟନ୍ତ କୃପଣ ୩. ଲୋଭୀ ।

**ହଡ଼ାଳିଆ *ବିଂ.*** ୧. ବୃଦ୍ଧ ଅବସ୍ଥା ଆଡ଼କୁ ଯାଉଥିବା, ଦରବୁଢ଼ା ୨. ହଡ଼ା ଭଳି ଦେଖାଯାଉଥିବା, ହଡ଼ା ଭଳି ଅବସ୍ଥା ବିଶିଷ୍ଟ, ଦୁଃସ୍ଥ ।

**ହଡ଼ି *ବି.*** ୧. ଯୂପ କାଠ, ହରିକାଠ ୨. କଏଦୀ ବା ଅପରାଧୀକୁ ଗୋଡ଼ ଓ ବେକ ବାନ୍ଧି ଅଚଳ କରି ରଖିଦେବାରେ ବ୍ୟବହୃତ କାଠ ଛାଞ୍ଚ ।

**ହଡ଼ିକ, ହଡ୍ଡକ, ହଡ୍ଡିକ *ବି.*** ଝାଡୁଦାର।

**ହଡ୍ଡ *ବି.*** ଅସ୍ଥି, ହାଡ଼ ।

**ହଣା *ବି.*** ୧. ମୁନିଆ ବା ଧାରୁଆ ଅସ୍ତ୍ରର ଆଘାତ ୨. ହନନ, ଛେଦନ ୩. ହଣ୍ଡା ୪. ଅନେକରୁ ଏକ ଅଂଶ; ***ବିଂ.*** ୧. ମୁନିଆ ବା ଧାରୁଆ ଅସ୍ତ୍ରଦ୍ୱାରା ଆଘାତ ବା ହତ୍ୟା କରାଯାଇଥିବା ୨. କଟା ଯାଇଥିବା (ଗଛ ପ୍ରଭୃତି)

**ହଣାମରା *ବି.*** ପରସ୍ପର ଅସ୍ତ୍ରଶସ୍ତ୍ର ଦ୍ୱାରା ଆଘାତ କରିବା, ହଣାକଟା, ହଣାହଣି ।

**ହଣାହଣି *ବି.*** ପରସ୍ପରକୁ ଅସ୍ତ୍ର ଦ୍ୱାରା ହାଣିବା, କଟାକଟି ।

**ହଣ୍ଟାଳ *ବି.*** ବାଘ, ସିଂହ ପ୍ରଭୃତି ହିଂସ୍ର ଶ୍ୱାପଦଙ୍କ ଗର୍ଜନ ।

**ହଣ୍ଟାଳିବା *କ୍ରି.*** ବାଘ, ସିଂହ ପ୍ରଭୃତି ପଶୁ ଗର୍ଜନ କରିବା ।

**ହଣ୍ଡା *ବି.*** ୧. ଧାତୁନିର୍ମିତ ବଡ଼ ହାଣ୍ଡି ୨. ପେଟ ।

**ହଣ୍ଡା ଆଲୁଅ *ବି.*** କିରୋସିନରେ ଜଳୁଥିବା ଉଜ୍ଜ୍ୱଳ ଆଲୋକ ଉତ୍ସ, ଡେ ଲାଇଟ ।

**ହଣ୍ଡିକା, ହଣ୍ଡି *ବି.*** ୧. ମାଟିରେ ତିଆରି ପାତ୍ରବିଶେଷ, ହାଣ୍ଡି ୨. ପିତ୍ତଳ ହାଣ୍ଡି ।

**ହତ୍‌ଗତ୍ *ବି.*** ଜୀବନର ଶେଷ ଅବସ୍ଥା, ମର-ନ-ମର ଅବସ୍ଥା ।

**ହତ୍‌ନି *ବି.*** ୧. ହସ୍ତିନୀ, ମାଈ ହାତୀ ୨. ମୋଟୀ ସ୍ତ୍ରୀଲୋକ ।

**ହତ୍‌ଲା *ବି.*** ହାତ ଆଞ୍ଜୁଳାରେ ଥରକରେ ଧରି ହେଉଥିବା ପରିମାଣ, ଆଞ୍ଜୁଳାଏ ।

**ହତ୍‌ଲା ମାରିବା *କ୍ରି.*** ହାତ ଲଗେଇ ହାଣ୍ଡି ବା ପାତ୍ରରୁ ଖାଇବା ଜିନିଷ ଅଧିକ ପରିମାଣରେ ନେଇଯିବା ।

**ହତ୍ ହେବା *କ୍ରି.*** ବୃଥା ହେବା, ପଣ୍ଡ ହେବା, ଫଳ ନ ଫଳିବା ।

**ହତ *ବିଂ.*** ୧. ହତ୍ୟା ବା ବଧ କରିବା ଦ୍ୱାରା ମୃତ ୨. ନାଶପ୍ରାପ୍ତ ୩. ଲୋପ ପାଇଯାଇଥିବା, ଲୁପ୍ତ, ହରେଇ ଦେଇଥିବା ୪. ବିଫଳ, ବିଫଳୀକୃତ; ***ବି.*** ହତ୍ୟା ।

**ହତଚକିତ *ବିଂ.*** ୧. ଚକିତ, ବିସ୍ମିତ ୨. ବ୍ୟଥିତ ।

**ହତଚେତନ *ବିଂ.*** ଚେତା ବୁଡ଼ିଯାଇଥିବା, ଚେତନା ହରାଇଥିବା, ମୂର୍ଚ୍ଛିତ, ଅଚେତ, ଅଚେତା ।

**ହତଜ୍ଞାନ *ବିଂ.*** ୧. ହତଚେତନ ୨. ବୁଦ୍ଧିବିବେକଶୂନ୍ୟ ।

**ହତବାକ୍ *ବିଂ.*** ସ୍ତବ୍ଧ, ଆଶ୍ଚର୍ଯ୍ୟାନ୍ୱିତ, ଚକିତ ।

**ହତବୀର୍ଯ୍ୟ *ବିଂ.*** ୧. ଶକ୍ତିହୀନ, ସାମର୍ଥ୍ୟ ହରାଇଥିବା ୨. ମାନସିକ ଓ ଶାରୀରିକ ସ୍ତରରେ ଦୁର୍ବଳ ।

**ହତବୁଦ୍ଧି *ବିଂ.*** ବୁଦ୍ଧି ହରାଇଥିବା, କିଂକର୍ତ୍ତବ୍ୟବିମୂଢ଼, ମୁଣ୍ଡ କାମ ନ କରିପାରିବା ।

**ହତଭମ୍ବ, ହତମ୍ଭୟ *କ୍ରି.ବିଂ.*** ବିସ୍ମୟ ବା ଆକସ୍ମିକ ମାନସିକ ଆଘାତ ଯୋଗୁଁ ସ୍ତବ୍ଧ, ଅପ୍ରତ୍ୟାଶିତ ଘଟଣା ଯୋଗୁଁ ବ୍ୟତିବ୍ୟସ୍ତ, କିଂକର୍ତ୍ତବ୍ୟ ବି ମୂଢ଼, ହତ ବୁଦ୍ଧି ।

**ହତଭାଗ, ହତଭାଗା *ବିଂ.*** ଅଭାଗା, ଭାଗ୍ୟହୀନ, ଦୁର୍ଭାଗା, ହୀନକପାଳିଆ, *ସ୍ତ୍ରୀ.* ହତଭାଗିନୀ, ହତଭାଗୀ ।

**ହତଲକ୍ଷ୍ମୀ *ବିଂ.*** ଅଭାଗା, ଭାଗ୍ୟହୀନ, ଲକ୍ଷ୍ମୀଛଡ଼ା ।

**ହତସିରିଆ** ***ବିଂ.*** ହତଶ୍ରୀ(ବ୍ୟକ୍ତି), ଦୁର୍ଭାଗା, ଲକ୍ଷ୍ମୀଛଡ଼ା ।

**ହତଶ୍ରୀ** ***ବିଂ.*** ୧. ଶୋଭାହୀନ ୨. ଲକ୍ଷ୍ମୀଛଡ଼ା ।

**ହତା** ***ବି.*** ୧. ବାଡ଼, ଚୌହଦୀ ୨. ପରଷିବାରେ ବ୍ୟବହୃତ ଲୁହା ବା ପିତ୍ତଳର ବଡ଼ ଚଟୁ ।

**ହତାଦର** ***ବି.*** ଅସମ୍ମାନ, ଅମର୍ଯ୍ୟାଦା, ଉପେକ୍ଷା; ***ବିଂ.*** ଆଦରଶୂନ୍ୟ, ଉପେକ୍ଷିତ ।

**ହତାଶ** ***ବିଂ.*** ଆଶାଶୂନ୍ୟ, ଆଶା ନ ଥିବା, ନିରାଶ ।

**ହତାଶା** ***ବି.*** ନୈରାଶ୍ୟ, ଆଶାଶୂନ୍ୟତା ।

**ହତାଶିଆ** ***ବିଂ.*** ନୈରାଶ୍ୟଜର୍ଜର, ହତାଶ, ସମସ୍ତ ଆଶା ଭରସା ହରାଇଥିବା ; ***ବି.*** ନକାରାତ୍ମକ ମନୋଭାବ ପୋଷଣ କରୁଥିବା ବ୍ୟକ୍ତି ।

**ହତାଶିବା** ***କ୍ରି.*** ହତାଶ କରିବା, ନିରାଶ କରିବା ।

**ହତାହତ** ***ବିଂ.*** ହତ ଓ ଆହତ, ମୃତ ତଥା ଆଘାତପ୍ରାପ୍ତ ; ***ବି.*** ମରିବା ଲୋକ ଓ ଆହତ ହୋଇଥିବା ଲୋକ ।

**ହତିଆ କର୍‌ବା** ***କ୍ରି.*** ଜିଦ୍ କରିବା, ଅଡ଼ି ବସିବା ।

**ହତିଆର** ***ବି.*** ୧. ଅସ୍ତ୍ରଶସ୍ତ୍ର, ମାରଣାସ୍ତ୍ର ୨. କାରିଗର, ମିସ୍ତ୍ରୀ, ଡାକ୍ତର ପ୍ରଭୃତିଙ୍କ ଦ୍ୱାରା ବ୍ୟବହୃତ ଯନ୍ତ୍ରପାତି ।

**ହତ୍ୟା** ***ବି.*** ବଧ, ବିନାଶ, ହିଂସା, ମାରିବା ।

**ହଦେଇବା** ***କ୍ରି.*** **ପଛେଇବା, ପଛଘୁଞ୍ଚା ଦେବା।**

**ହନ୍ଦାଳିବା** ***କ୍ରି.*** ଘାଣ୍ଟିବା, ଘୁନ୍ଦାଳିବା ।

**ହନନ** ***ବି.*** ୧. ବଧ, ହତ୍ୟା, ମାରଣ ୨. ଗୁଣନ ୩. ପୂରଣ ।

**ହନୁ, ହନୂ** ***ବି.*** ୧. ଗଣ୍ଡଦେଶର ଉପରିଭାଗ ୨. ମାଙ୍କଡ, ବାନର ।

**ହନ୍ତ** ***ବି.*** ବିଷାଦ, ଖେଦ, ଦୁଃଖବୋଧ ।

**ହନ୍ତବ୍ୟ** ***ବିଂ.*** ବଧଯୋଗ୍ୟ, ମାରିବାର ଯୋଗ୍ୟ ।

**ହନ୍ତା** ***ବିଂ.*** ହତ୍ୟାକାରୀ, ବଧକାରକ, ଘାତକ ; ***ଅ.*** **ହଁତା,** କୌଣସି ନାମ ଉଚ୍ଚାରଣ ନକରି ପ୍ରଯୁକ୍ତ ଶବ୍ଦ ।

**ହନ୍ତାଚାପଡ଼, ହତାଚାପର** ***ବିଂ.*** ଠିଆ ହୋଇ ଉପରକୁ ହାତଟେକିଲେ ହେବା ଉଚ୍ଚତାବିଶିଷ୍ଟ ।

**ହପ୍** ***ବି.*** ହବ୍, ବାଇସାଇକେଲ୍‌ର ଫ୍ରେମ୍‌ର ନିମ୍ନ ଭାଗରେ ପେଡାଲ୍ ଲାଗିଥିବା ଅଂଶ ।

**ହପ୍‌ପା** ***ବି.*** ୧. ଧୁମଧାମ ୨. ଗୁଜବ ।

**ହପ୍‌ପିନ୍** ***ବି.*** ହବ୍ ପିନ୍, ସାଇକେଲ୍ ପେଡାଲ୍ ବାର ସହିତ ସଂଯୁକ୍ତ ଅଂଶରେ ଲାଗିଥିବା କିଳା ।

**ହପସପ** ***କ୍ରି.ବିଂ.*** କୁଚୁକୁଚୁ ।

**ହପା ଉପରେ ହପା** ***କ୍ରି.ବିଂ.*** ନଈବଢ଼ିରେ ସୁଅର ତୋଡ଼, ହାବୁକା ପରେ ହାବୁକା ।

**ହପ୍ତା** ***ବି.*** ୧. ସାତଦିନ, ସପ୍ତାହ ୨. ସପ୍ତାହକୁ ଥରେ ପାଇବା ପାଉଣା; ***ବିଂ.*** ସାପ୍ତାହିକ ପ୍ରାପ୍ୟ ଦିବସ ।

**ହବ** ***ବି.*** ୧. ହୋମ ୨. ଯଜ୍ଞ; ***କ୍ରି.*** ହେବ ।

**ହବିଃ** ***ବି.*** ୧. ଘିଅ ୨. ପାଣି ୪. ହୋମ ।

**ହବି** ***ବି.*** ୧. ସୌଖୀନ ଅଭ୍ୟାସ ୨. ବୃତ୍ତି ୩. ଘିଅ ।

**ହବିଷ୍ୟ** ***ବି.*** ୧. ପାରଣା, ପାରାୟଣ ୨. ଘୃତାନ୍ନ ।

**ହବିଷ୍ୟାନ୍ନ** ***ବି.*** ୧. କାର୍ତ୍ତିକ ମାସରେ ବ୍ରତ ପାଳନ କରୁଥିବା ବିଧବା ଓ ଅନ୍ୟମାନଙ୍କର ବେଳିକିଆ ପାରାୟଣ ବା ସାତ୍ତ୍ୱିକ ଭୋଜନ ୨. ସଂକଳ୍ପପୂର୍ବକ ବ୍ରତ କରୁଥିବା ବ୍ୟକ୍ତିର ଓଳିକିଆ ବା ଦିନକୁ ଥରେ କରୁଥିବା ନିରାମିଷ ଭୋଜନ।

**ହବ୍ୟ** ***ବି.*** ୧. ଘିଅ ୨. ହବନୀୟ ଦ୍ରବ୍ୟ, ହବିଃ, ହୋମାର୍ଥ ବସ୍ତୁ ୩. ହୋମ ; ***ବିଂ.*** ହୋମଯୋଗ୍ୟ ।

**ହମହମ** ***କ୍ରି.ବିଂ.*** ୧. ଉପରେ ପଡ଼ି କାମରେ ଭାଗନେବାକୁ ଆଗେଇ ଯିବା ୨. ଆଗ କାମ ମାଗିନେବା ।

**ହମ୍** ***ବି.*** ରାସ୍ତଉପରେ ଗତିରୋଧକ ହିଡ଼ ନିର୍ମାଣ ।

**ହମ୍ବା, ହମ୍ମା** ***ବି.*** ଗାଈର ଡାକ, ଗାଈର ରଡ଼ି ।

**ହୟ** ***ବି.*** ୧. ଘୋଡା, ଅଶ୍ୱ ୨. ଇନ୍ଦ୍ର ୩. ସଂଖ୍ୟା ।

**ହୟରାନ** ***ବି.*** ହଇରାଣ, କ୍ଲାନ୍ତ, ବ୍ୟତିବ୍ୟସ୍ତ ।

**ହୟାନ୍ତ** ***ବିଂ.*** ବିରାଟ, ବହୁତ ବଡ଼ ।

**ହର୍‌ପିସ** ***ବି.*** ଭୂତାଣୁ ଜନିତ ଚର୍ମରୋଗ ବିଶେଷ ।

**ହର** ***ବି.*** ୧. ଶିବ ୨. ଅଗ୍ନି ; ***ବିଂ.*** ବହନକାରକ, ହରଣକାରକ ।

**ହରକତ୍** ***ବି.*** ହଇରାଣ, ଧାଧଡ଼ୋଳ, ବ୍ୟସ୍ତତା ।

**ହରକରା** ***ବି.*** ସରକାରୀ ବା ବେସରକାରୀ ଚିଠି ପତ୍ରାଦିର ବାହକ, ସମ୍ବାଦବାହକ ।

**ହରକିସମ** ***ବିଂ.*** ସବୁ ପ୍ରକାରର ।

**ହରଗୌରା** ***ବି.*** ଫୁଲଗଛ, ଯାହାର ଫୁଲ ନଖ ଓ ପାପୁଲି ରଙ୍ଗେଇବାରେ ବ୍ୟବହୃତ ହୁଏ ।

**ହରଘଡ଼ି** ***ବି., କ୍ରି.ବିଂ*** ସବୁବେଳେ, ଅବିଶ୍ରାନ୍ତ, ଲଗାତାର, ଅହରହ, ସର୍ବଦା, ନିରନ୍ତର ।

**ହରଡ଼ଘଣା** ***ବି.*** ଅସୁବିଧାଜନକ ପରିସ୍ଥିତି ।

**ହରଣ** ***ବି.*** ୧. ଗ୍ରହଣ ୨. ଚୋରି, ଅପହରଣ ୩. ବହନ ୪. ହରିବା, ଭାଗକରଣ ୫. ଭୁଜ, ବାହୁ ୬. ଯୌତୁକ ୭. ଗୁରୁଦକ୍ଷିଣାଦି ଦାନ ।

**ହରପ, ହରଫ** *ବି.* ୧. ବର୍ଣ୍ଣମାଳାର ଅକ୍ଷର ୨. ପଦାତିକ ।

**ହରଫ୍** *ବି.* ଅକ୍ଷରର ପ୍ରକାର ଭେଦ ।

**ହରବର** *ବି.* ୧. ତରବର ୨. ହଇରାଣ, ବ୍ୟସ୍ତତା ୩. ଶିବାନୁଗ୍ରହ ।

**ହରଲୁଟ୍, ହରିଲୁଟ୍** *ବି.* ଅସଦୁପାୟରେ ନେଇଯିବା ।

**ହରି** *ବି.* ୧. ବିଷ୍ଣୁ ୨. ଶିବ ୩. ବ୍ରହ୍ମା ୪. ଇନ୍ଦ୍ର ୫. କାମଦେବ ୬. ବାୟୁ ୭. ଅଗ୍ନି ୮. ଚନ୍ଦ୍ର ୯. ସୂର୍ଯ୍ୟ ୧୦. ସିଂହ ୧୧. କିରଣ ୧୨. ଘୋଡ଼ା ୧୩. ଶୁଆ ୧୪. ବାନର ୧୫. ସାପ ୧୬. ବେଙ୍ଗ ୧୭. କୋଇଲି ୧୮. ମୟୂର ୧୯. ପଶୁ ୨୦. ହଂସ ; *ବିଂ.* ହରିତ୍ ବର୍ଣ୍ଣ, ପିଙ୍ଗଳବର୍ଣ୍ଣ ।

**ହରିକାଠ** *ବି.* ଉପର ଦୁଇ କାଠ ମଝିରେ ମୁଣ୍ଡ ଗଳାଇ ଓ ତଳ ଦୁଇ କାଠର କଣାରେ ଦୁଇ ପାଦ ଗଳାଇ ଦୋଷୀ ପ୍ରତି କରାଯିବା ଠିଆ ଦଣ୍ଡ ବିଧାନ ପାଇଁ ବ୍ୟବହୃତ କାଠଯନ୍ତ୍ର ବିଶେଷ ।

**ହରିକେନ** *ବି.* ଝଡ଼ ବତାସୀ ।

**ହରିଚନ୍ଦନ** *ବି.* ୧. ଦେବବୃକ୍ଷ ବିଶେଷ ୨. ପୀତବର୍ଣ୍ଣ ସୁଗନ୍ଧକାଷ୍ଠ ବିଶେଷ ୩. ଶ୍ୱେତଚନ୍ଦନ ୪. କୁଙ୍କୁମ ୫. ଚନ୍ଦ୍ରିକା ୬. ପଦ୍ମକେଶର ।

**ହରିଣ** *ବି.* ୧. ମୃଗ, ହେରନ୍ଦା ୨. ପାଣ୍ଡୁରବର୍ଣ୍ଣ ୩. ବିଷ୍ଣୁ ୪. ଶିବ ୫. ସୂର୍ଯ୍ୟ ୬. ହଂସ ।

**ହରିଣାକ୍ଷୀ** *ବି. ସ୍ତ୍ରୀ.* ୧. ହରିଣର ଆଖିପରି ସୁନ୍ଦର ଆଖି ୨. ଗନ୍ଧଦ୍ରବ୍ୟ ବିଶେଷ ।

**ହରିଣୀ** *ବି.* ୧ ମୃଗୀ, ପଦ୍ମିନୀ ପ୍ରଭୃତି ଚତୁର୍ବିଧ ସ୍ତ୍ରୀ ମଧ୍ୟରେ ଏକ ପ୍ରକାର ସ୍ତ୍ରୀ, ଚିତ୍ରିଣୀ ସ୍ତ୍ରୀ, ୨. ଅପ୍ସରା ବିଶେଷ ୩. ତରୁଣୀ ୪. ହରିତ୍ ବର୍ଣ୍ଣା ବା ଚମ୍ପାଗୋରୀ ସ୍ତ୍ରୀ ।

**ହରିତ** *ବି.* ୧. ନୀଳ ପୀତ ମିଶ୍ରିତ ବର୍ଣ୍ଣ, ସବୁଜ ବର୍ଣ୍ଣ ୨. ବେଗବାନ ଅଶ୍ୱ ୩. ସୂର୍ଯ୍ୟ ୪. ବିଷ୍ଣୁ ୫. ସିଂହ ; *ବିଂ.* ହରିତ ବର୍ଣ୍ଣ ବିଶିଷ୍ଟ ।

**ହରିତକ** *ବି.* ୧. ହରିତ୍‌ବର୍ଣ୍ଣ ତୃଣ ୨. ଶାଗ ।

**ହରିତକୀ** *ବି.* ୧. ହରିଡ଼ା, ଔଷଧୀୟ ଫଳବିଶେଷ ୨. ଦୂବ, ଦୂର୍ବା ।

**ହରିତାଳ** *ବି.* ୧. ହଳଦିଆ ରଙ୍ଗର ଉପ ଧାତୁବିଶେଷ ୨. ହରଡ଼ ଚଢ଼େଇ ।

**ହରିତାଳ ଭୂଇଁ** *ବିଂ.* ଶ୍ରୀମୁଖର ପୀତରଞ୍ଜିତ ଅଂଶ ।

**ହରିତାଳିକା** *ବି.* ଗଣେଶ ଚତୁର୍ଥୀ, ଗଣେଶ ପୂଜା, ଭାଦ୍ର ଶୁକ୍ଳ ଚତୁର୍ଥୀ ।

**ହରିତାଳୀ** *ବି.* ୧. ଦୂବଘାସ ୨. ଛାୟାପଥ ।

**ହରିଦ୍ରା** *ବି.* ହଳଦୀ ।

**ହରିଦ୍ରାଭ** *ବିଂ.* ପୀତବର୍ଣ୍ଣ, ହଳଦୀ ରଙ୍ଗର ।

**ହରିପ୍ରିୟ** *ବି.* ୧. କଦମ୍ବଗଛ ୨. ପୀତ ଭୃଙ୍ଗରାଜ ୩. ବିଷ୍ଣୁକନ୍ଦ ୪. ଶଙ୍ଖ ୫. ବନ୍ଧୁକ ୬. ଶିବ ୭. ବାତୁଳ ୮. ଯେଉଁ ବ୍ୟକ୍ତି ହରିକୁ ଭଲ ପାଏ ।

**ହରିବଂଶ** *ବି.* ୧. ଶ୍ରୀକୃଷ୍ଣଙ୍କର ବଂଶ ୨. ମହାଭାରତର ଅନ୍ତର୍ଗତ ବ୍ୟାସକୃତ ପୁରାଣ ବିଶେଷ ।

**ହରିବଲ୍ଲଭା** *ବି.* ୧. ଜୟା ୨. ତୁଳସୀ ୩. ଲକ୍ଷ୍ମୀ ।

**ହରିବୋଲ** *ବି.* ୧. ଶ୍ରୀହରିଙ୍କ ନାମକୀର୍ତ୍ତନ ୨. କାର୍ଯ୍ୟସମାପ୍ତି ଘୋଷଣା ।

**ହରିବୋଲ ପକାଇବା** *କ୍ରି.* କଲ୍ୟାଣ ବାଞ୍ଛିବା, ଶୁଭ ମନାସିବା ।

**ହରିବୋଲିଆ** *ବିଂ.* ୧. କୁଢ଼ି ୨. କର୍ମକୁଣ୍ଠ ।

**ହରିଶୟନ** *ବି.* ବିଷ୍ଣୁଙ୍କର ବିଶ୍ରାମ, ଆଷାଢ଼ ମାସର ଶୁକ୍ଳ ଦ୍ୱାଦଶୀ ଠାରୁ କାର୍ତ୍ତିକ ମାସର ଶୁକ୍ଳଦ୍ୱାଦଶୀ ପର୍ଯ୍ୟନ୍ତ ଚାରିମାସ କାଳ ।

**ହରିହାଟ** *ବି.* ୧. ସଂକଳ୍ପପୂର୍ବକ ସାତ ଦିନ କାଳ ହରିବଂଶ, ଭାଗବତ ଆଦି ପାଠକରି ସପ୍ତମ ଦିନ କରାଯାଉଥିବା ଉଦ୍‌ଯାପନ ଉତ୍ସବ ୨. ଉଦ୍ୟାପନ, ବ୍ରତ ଉଜେଇଁବା ବା ଉଦୁଏଁଇବା ।

**ହରେଇବା** *କ୍ରି.* କୌଣସି ଜିନିଷ, ପ୍ରାଣୀ, ଧନ, ମାନସମ୍ମାନ ଆଦି କ୍ଷତିପ୍ରାପ୍ତ ହେବା, ପୁଣି ଫେରି ନ ପାଇବା ।

**ହରେକ** *ବିଂ.* ୧. ପ୍ରତ୍ୟେକ ୨. ବିଭିନ୍ନ ପ୍ରକାରର, ବିଭିନ୍ନଜାତୀୟ ।

**ହରେକ ମାଲ** *ବି.* ପ୍ରତ୍ୟେକ ଜିନିଷ ।

**ହର୍ତ୍ତା** *ବିଂ.* ୧. ହରଣକାରୀ ୨. ବହନକାରକ ୩. ସଂହାରକାରକ ୪. ସଂଗ୍ରହକାରକ ; *ବି.* ୧. ସୂର୍ଯ୍ୟ ୨. ଚୋର ।

**ହର୍ତ୍ତାକର୍ତ୍ତା** *ବି.* ଯେ ସୃଷ୍ଟି ଓ ବିନାଶକାରୀ, ମାରିବା ଓ ତାରିବା ବ୍ୟକ୍ତି; ଏକମାତ୍ର ସାହା ଭରସା ।

**ହର୍ମ୍ୟ** *ବି.* ଧନୀମାନଙ୍କର ବାସଭବନ, ପ୍ରାସାଦ, ସୌଧ ।

**ହର୍ଯ୍ୟକ୍ଷ** *ବି.* ୧. ସିଂହ ୨. କୁବେର ।

**ହର୍ଷ** *ବି.* ଆନନ୍ଦ, ପୁଲକ, ସୁଖ, ଆମୋଦ ।

**ହଳ** *ବି.* ୧. ଜମି ଚାଷ କରିବାରେ ବ୍ୟବହୃତ ଯୁଆଳି ସହିତ ଯୋଚା ବଳଦ ଓ ଲଙ୍ଗଳ ୨. ଦୁଇଟି ଏକତ୍ର, ଯୋଡ଼ି ।

**ହଳ କରିବା** *କ୍ରି.* ୧. ଜମି ଚାଷକରିବା ୨. ଅନ୍ୟକୁ ଅଯଥା ବା ବିରକ୍ତିକର କାର୍ଯ୍ୟରେ ଲଗାଇବା ।

**ହଳଦିବସନ୍ତ** *ବି.* ହଳଦିଆ ପକ୍ଷୀବିଶେଷ, ପିଲୁ ।

**ହଳଦୀ** *ବି.* ହଳଦି, ହରିଦ୍ରା ।

**ହଳଦୀ ପାଣି** *ବି.* ୧. ଶ୍ରୀକ୍ଷେତ୍ରରେ ବାହାର ଚନ୍ଦନର ଶେଷ ଦିନ ୨. ବିବାହ ସମୟର ଏକ ଅନୁଷ୍ଠାନ ।

**ହଳଧର** *ବି.* ୧. ଲାଙ୍ଗଳୀ, ବଳଦେବ ୨. କୃଷକ ।

**ହଳ ଧରିବା** *କ୍ରି.* ହଳବଳଦ ନେଇ ଚାଷପାଇଁ ଜମି କଷିବା ।

**ହଳନ୍ତ** *ବି.* ସ୍ୱରବର୍ଣ୍ଣବିହୀନ ଉଚ୍ଚାରଣପାଇଁ ବ୍ୟଞ୍ଜନ ବର୍ଣ୍ଣରତଳେ ଲାଗିବା ଚିହ୍ନ ( ୍ )।

**ହଳଲଙ୍ଗଳ** *ବି.* ଚାଷ ଉପକରଣ ।

**ହଳା** *ବି.* ୧. କଟା ଧାନଗୋଛା ୨. ସଖୀକୁ ସମ୍ବୋଧନ ।

**ହଳାହଳ** *ବି.* ଉତ୍କଟ ବିଷ ।

**ହଳିଆ** *ବି.* ଚାଷୀ, ଖେତ ଚାଷକରୁଥିବା ବ୍ୟକ୍ତି ।

**ହଳୁ** *ବିଂ.* କାଣ୍ଡଜ୍ଞାନଶୂନ୍ୟ, ନିର୍ବୋଧ, ମୂଢ଼ ।

**ହଳୁଆ** *ବି.* ୧. ଯେ ଖେତ ବାଡ଼ିରେ ହଳ କରେ ୨. ଗାଈ ପାଗିବା ବା ସାଙ୍ଗିବା ।

**ହଳୁଆ ବାହ୍ମଣ** *ବି.* ବଳରାମ ଗୋତ୍ରୀ ବ୍ରାହ୍ମଣ, ଜମି ଚାଷ କରୁଥିବା ବ୍ରାହ୍ମଣ ଗୋଷ୍ଠୀ ।

**ହଲଚଲ** *ବି.* ୧. ହଲିବା, ଅସ୍ଥିରତା ୨. ଚହଳ ; **ବିଂ.** ଅସ୍ଥିର ।

**ହଲପ୍** *ବି.* ଶପଥ, ପ୍ରତିଜ୍ଞା, ରାଣ ଖାଇବା ।

**ହଲପାଏ** *ଅ.* ଦଲ୍‌କାଏ (ପବନ) ।

**ହଲର୍** *ବି.* ଚାଉଳ, ଗହମ, ରବିଜାତୀୟ ଶସ୍ୟ ଆଦି ପେଷାକଳ ।

**ହଲର୍ ହଲର୍** *କ୍ରି.ବିଂ.* ଦୋହଲୁଥିବା, ହଲୁଥିବା ।

**ହଲାନ୍ତଲ** *ବିଂ.* କାଛ ନ ଥିବା ସ୍ୱତନ୍ତ୍ର ବାରଣ୍ଡାଘର ।

**ହଲାପଟା** *ବି.* ବ୍ୟସ୍ତ ବିବ୍ରତ ବା ହଇରାଣ (କରିବା) ।

**ହଲାଲ** *ବି.* ଇସ୍‌ଲାମୀୟ ନୀତି ଅନୁସାରେ ପ୍ରସ୍ତୁତ ଖାଦ୍ୟ ।

**ହଲିବା** *କ୍ରି.* ଦୋହଲିବା, ଏପଟ ସେପଟ ହେବା, ଚହଲିବା ।

**ହଲିଲା** *ବିଂ.* ୧. ଦୋହଲୁଥିବା ୨. ଏପଟସେପଟ ହେବା ।

**ହଷ୍ଟେଲ୍** *ବି.* ଛାତ୍ରାବାସ, ସାମୟିକ ଆବାସ ।

**ହସକୁରା** *ବିଂ.* ହସୁଥିବା (ଲୋକ), ଖୁସି ମିଜାଜର; *ସ୍ତ୍ରୀ.* ହସକୁରୀ ।

**ହସନ୍** *ବିଂ.* ହାସ୍ୟକାରୀ, ଯେ ହସେ ।

**ହସନୀମଣି** *ବି.* ଅଗ୍ନି, ବହ୍ନି, ଅନଳ, ନିଆଁ ।

**ହସ ହସ** *ବି.* ହାସ୍ୟ, ମୁହଁର ଆନନ୍ଦସୂଚକ ଅଭିବ୍ୟକ୍ତି; **ବିଂ.** ସ୍ମିତ ହସ ହସୁଥିବା।

**ହସିତ** *ବିଂ.* ହସୁଥିବା, ହସହସ ; *ବି.* ହାସ୍ୟ ।

**ହସିବା** *କ୍ରି.* ଓଠରେ ବା ଶବ୍ଦ ସହକାରେ ଆନନ୍ଦର ଭାବ ଫୁଟାଇବା ।

**ହସ୍ତା** *ବି.* ୧. ତ୍ରୟୋଦଶ ନକ୍ଷତ୍ର (ଏହାର ଆକାର ହାତପରି) ୨. ସମୂହ ୩. ହାତ ।

**ହସ୍ତିନଖ** *ବି.* ଘର ଆଗରେ ଥିବା ମାଟିକୁଦ ।

**ହସ୍ତିଶୁଣ୍ଡା** *ବି.* ୧. ହାତୀର ଶୁଣ୍ଢପରି ଧଳା ଫୁଲ ଫୁଟୁଥିବା ଛୋଟ ଗଛ ୨. ହାତୀର ଶୁଣ୍ଢ ।

**ହା, ହାହା** *ଅ.* ଆକସ୍ମିକ ଦୁଃଖ, ଶୋକ, ଆନନ୍ଦ ବିସ୍ମୟ, ସଂଭ୍ରମ, ବିଷାଦ, ଶୋକ, ପୀଡ଼ା ଇତ୍ୟାଦିର ସୂଚକ ଧ୍ୱନି ।

**ହାଇଁପାଇଁ** *କ୍ରି.ବିଂ.* ଆତୁର, ଆକୁଳ, ବ୍ୟତିବ୍ୟସ୍ତ, ବିକଳ ।

**ହାଇ** *ବି.* କ୍ଲାନ୍ତି ବା ନିଦ ଯୋଗୁଁ ପାଟିବାଟ ଦେଇ ପବନ ପଦାକୁ ଆସିବା, ଜୃମ୍ଭଣ ।

**ହାଇକମାଣ୍ଡ୍** *ବି.* ସର୍ବୋଚ୍ଚ କ୍ଷମତାଶାଳୀ ବ୍ୟକ୍ତି ।

**ହାଇକମିଶନ୍** *ବି.* ଉଚ୍ଚାୟୁକ୍ତ, ଇଂଲଣ୍ଡରେ ଥିବା ଭାରତୀୟ ରାଷ୍ଟ୍ରପ୍ରତିନିଧି ।

**ହାଇଜାକ୍** *ବି.* ବଳପୂର୍ବକ ଉଡ଼ାଜାହାଜ (ବା ଅନ୍ୟ କୌଣସି ଯାନ) ଅପହରଣ ।

**ହାଇଜିନ୍** *ବି.* ସ୍ୱାସ୍ଥ୍ୟରକ୍ଷା ।

**ହାଇଟ୍** *ବି.* ଉଚ୍ଚତା ।

**ହାଇଟାଇମ୍** *ବି.* ୧. ଉଚିତ ବେଳ ୨. ଚୂଡ଼ାନ୍ତ ସମୟ ।

**ହାଇଟେକ୍** *ବିଂ.* ଅତ୍ୟାଧୁନିକ ବୈଷୟିକ ଜ୍ଞାନ କୌଶଳସମ୍ପନ୍ନ ।

**ହାଇଡ୍ରୋଜେନ୍** *ବି.* ଉଦ୍‌ଯାନ ବାଷ୍ପ ।

**ହାଇ ପଡ଼ିବା** *ବି.* ନିଃଶ୍ୱାସ ପଡ଼ିବା, ଅଭିଶାପଗ୍ରସ୍ତ ହେବା ।

**ହାଇ ପିଚ୍** *ବି.* ଉଚ୍ଚ/ତୀବ୍ର ସ୍ୱର ।

**ହାଇ ପ୍ରୋଫାଇଲ** *ବିଂ.* ବଡ଼ବଡ଼ିଆ, ସମ୍ମାନାସ୍ପଦ, ଅତି ଶକ୍ତିଶାଳୀ।

**ହାଇଫାଇ** *ବି.ବିଂ.* ବଡ଼ବଡ଼ିଆ, ଅତ୍ୟାଧୁନିକ ଦେଖେଇ ହେଉଥିବା ।

**ହାଇଫେନ୍** *ବି.* ବ୍ୟବଧାନ, ଲେଖାରେ ବ୍ୟବଧାନସୂଚକ ଚିହ୍ନ (-)।

**ହାଇବ୍ରିଡ୍** *ବି.ବିଂ.* ସଙ୍କରଜାତୀୟ ପଶୁପକ୍ଷୀ ବା ଉଦ୍‌ଭିଦ ।

**ହାଇ ମାରିବା** *କ୍ରି.* କ୍ଲାନ୍ତି ବା ନିଦ୍ରା ଯୋଗୁଁ ନିଃଶ୍ୱାସ ଛାଡ଼ିବା, ଥକାମାରିବା ।

**ହାଇ ରେଟ୍** *ବି.* ଉଚ୍ଚଦର ।

**ହାଇଲାଇଟ୍** *ବି.* ଅଧିକ ଦୃଷ୍ଟି ଆକର୍ଷଣ ।

**ହାଇ ଲେଭଲ୍** *ବିଂ.* ଉଚ୍ଚସ୍ତରୀୟ ।

**ହାଇୱେ** *ବି.* ରାଜପଥ, ସଡ଼କ ।

**ହାଇହିଲ୍ ଚପଲ** *ବି.* ଯେଉଁ ଚପଲର ଗୋଇଠି ତଳ ଅଂଶ ଉଚ୍ଚ ।

**ହାଉଁ** *ବି.* ୧. ଶୀଘ୍ର ଶୀଘ୍ର ଖାଇଦେବା ୨. ବଡ଼ପାଟି ।

**ହାଉଁହାଉଁ** *ବି.* ଖାଇବା ପାଇଁ ଅତ୍ୟଧିକ ଉତ୍କଣ୍ଠା ପ୍ରକାଶ କରିବା ।

**ହାଉଁହାଉଁଆ** *ବିଂ.* ୧. ଆତୁର ୨. ବଡ଼ ପାଟିଆ ।

**ହାଉ** *ବି.* ୧. ପ୍ରାଣ ପବନ ୨. ଆକସ୍ମିକ ବିପଦ ୩. ଶୋକାଦିଜନିତ ଉଦ୍‌ବେଗ ।

**ହାଉ କରିବା** *କ୍ରି.* ୧. ଜୋରରେ ପାଟିକରିବା, ଚିତ୍କାର କରିବା ୨. ଅଯଥା ବିଭ୍ରାଟ ସୃଷ୍ଟି କରିବା ।

**ହାଉଡ଼ା** *ବି.ବିଂ.* ଯାହା କଥାରେ ବିଶ୍ୱାସ କରି ହୁଏ ନାହିଁ ; **ବିଂ.** ଦୁଣ୍ଡାଳିଆ ।

**ହାଉଦା** *ବି.* ହାତୀ ପିଠିରେ ପଡ଼ିଥିବା ଆସନ ବା ଅମାରୀ, ଚୌକି ।

**ହାଉ ପଳେଇବା** *କ୍ରି.* ଜୀବନ ଛାଡ଼ିଯିବା, ପ୍ରାଣ ପଳେଇବା ।

**ହାଉଯାଉ** *ବିଂ.କ୍ରି.ବିଂ.* ବହୁତ, ଅନେକ, ବିକ୍ଷିପ୍ତ, ପ୍ରଚୁର, ଇତସ୍ତତଃ ବହୁ ସଂଖ୍ୟାରେ;*ବି.* ଗୋଳମାଳ, ହୋହଲ୍ଲା ।

**ହାଉଳି** *ବି.* ଭୟଭାବ, ବିକଳ ଭାବ ।

**ହାଉଳିଆ** *ବିଂ.* କୌଣସି କଥା ସ୍ପଷ୍ଟଭାବରେ କହିପାରୁ ନ ଥିବା ବା ମନେ ରଖିପାରୁ ନଥିବା ।

**ହାଉଳି ଖାଇବା** *କ୍ରି.* ୧. ଉଚ୍ଛନ୍ନ ହେବା, ବ୍ୟସ୍ତ ବିବ୍ରତ ହେବା ୨. ଭୟରେ ପାଟି କରିବା, ହଠାତ୍ ଚିତ୍କାର କରିବା ।

**ହାଉଲେ** *କ୍ରିବିଂ.* ଧୀରେ, ଆସ୍ତେ ।

**ହାଉସ୍** *ବି.* ୧. ଘର ୨. ପ୍ରତିନିଧିମାନଙ୍କ ସଭାକକ୍ଷ ୩. ସଂସଦ ।

**ହାଉସ୍‌ଓ୍ୱାଇଫ୍** *ବି.* ହୋମ୍‌ମେକର, ଘରଣୀ, ଗୃହିଣୀ ।

**ହାଉସ୍‌ଫୁଲ** *ବିଂ.* ଘରଭର୍ତ୍ତି, ଯେଉଁ କକ୍ଷରେ ଲୋକମାନଙ୍କର ବସିବା ପାଇଁ ଆଉ ସଂରକ୍ଷିତ ସ୍ଥାନ ନ ଥାଏ ।

**ହାଉସିଂବୋର୍ଡ** *ବି.* ଗୃହନିର୍ମାଣ ସମିତି ।

**ହାଉଯାଉ** *ବି.* ଭିଡ଼ ବା ଗହଳି, ଅଳ୍ପ ଜାଗାରେ ବହୁ ଲୋକଙ୍କର ଗହଳି ।

**ହାଏ** *ବି.* ସ୍ୱାଗତକାଳୀନ ସଂବୋଧନ ।

**ହାଏ କରିବା** *କ୍ରି.* ୧. ଭାରମୁକ୍ତ ଅନୁଭବ କରିବା ୨. ଉଶ୍ୱାସ ଲାଗିବା।

**ହାଏଷ୍ଟ** *ବି.* ସର୍ବାଧିକ, ସବୁଠୁ ଅଧିକ, ବେଶି, ସବୁଠୁ ଉଚ୍ଚ ।

**ହାଓୟା, ହାବା** *ବି.* ୧. ପବନ, ବାୟୁ ୨. ଗୁଜବ ।

**ହାଓ୍ୱାନି, ହାଓ୍ୱାନ୍, ହାଓ୍ୱାଇ** *ବି.* ଅଧାହାତି ବା ଅଧା ଅସ୍ତିନ୍ ଖୋଲା ଜାମା ।

**ହାକିମ** *ବି.* ୧. ବିଚାରକ ୨. ଶାସନକର୍ତ୍ତା ୩. ରାଜକୀୟ ଉଚ୍ଚପଦସ୍ଥ ବ୍ୟକ୍ତି ।

**ହାକିମଗିରି** *ବି.* ବାବୁଆନି, ମାଲିକପଣିଆ ।

**ହାକିମତି, ହାକିମାତି** *ବି.* ଆସ୍ଫାଳନ ବା ବଡ଼ିମା, ହାକିମି ।

**ହାକିମ ହୁକୁମା** *ବି.* ଉଚ୍ଚ ଅଧିକାରୀ, ବିଚାରପତି ।

**ହାକିମି ଦେଖାଇବା** *କ୍ରି.* ବଡ଼ପଣିଆ ଜାହିର କରିବା ।

**ହାକୁଡ଼** *ବି.* ଷଣ୍ଢ ପିଠି ଉପରେ ଥିବା କୁଦ ।

**ହାଙ୍ଗ୍‌ଓଭର୍** *ବି.* ୧. ପୂର୍ବ ଘଟଣା ଯୋଗୁଁ ମାନସିକ ଅବସ୍ଥା ୨. କୌଣସି ଘଟଣାର ପରବର୍ତ୍ତୀ ପ୍ରତିକ୍ରିୟା ୩. ନିଶା ଖାଇବା ପରଦିନର ଅସ୍ୱସ୍ତି ।

**ହାଙ୍ଗର୍** *ବି.* ୧. ହିଂସ୍ର ଜଳଜନ୍ତୁ ବିଶେଷ ୨. ଉଡ଼ାଜାହାଜ ରହିବା ସ୍ଥାନ ୩. ଜାମା, ପ୍ୟାଣ୍ଟ ଆଦି ଝୁଲାଇ ରଖିବା ପାଇଁ ଉପକରଣ ।

**ହାଚେରି** *ବି.* କୁକୁଡ଼ା ଅଣ୍ଡାଫୁଟାଇବା ଜାଗା, କୁକୁଡ଼ା ପ୍ରଜନନ କେନ୍ଦ୍ର ।

**ହାଜିର** *ବିଂ.* ଉପସ୍ଥିତ, ପ୍ରସ୍ତୁତ, ଇଚ୍ଛୁକ ।

**ହାଜିରଜବାବ** *ବି.* ପ୍ରତ୍ୟୁତ୍ପନ୍ନମତି ବ୍ୟକ୍ତି, ସବୁ କଥାର ଉତ୍ତର ସାଙ୍ଗେସାଙ୍ଗେ ଦେଇପାରିବା ଲୋକ ।

**ହାଜିରା** *ବି.* ଉପସ୍ଥିତି ।

**ହାର୍ଟ୍** *ବି.* ୧. ହୃଦୟ, ହୃତ୍‌ପିଣ୍ଡ, ହୃଦ୍‌ଯନ୍ତ୍ର ୨. ହାଟ ।

**ହାର୍ଟ୍ ଆଟାକ୍** *ବି.* କୌଣସି କାରଣରୁ ହୃତପିଣ୍ଡର କାର୍ଯ୍ୟକ୍ଷମତା ବ୍ୟାହତ ହେବା, ହୃଦ୍‌ଘାତ ।

**ହାର୍ଟ୍ ଫେଲ୍** *ବି.* ହୃଦଯନ୍ତ୍ରକ୍ରିୟା ହଠାତ୍ ବନ୍ଦ ହେବା ।

**ହାର୍ଟ୍ ଷ୍ଟ୍ରୋକ୍** *ବି.* ହୃତ୍‌ସ୍ପନ୍ଦନ ବନ୍ଦ ହେବା ଅବସ୍ଥା ।

**ହାଟ** *ବିଂ.* ବଜାର, କ୍ରୟବିକ୍ରୟ ସ୍ଥାନ, ହଟ୍‌ଲି ।

**ହାଟକ** *ବିଂ.* ସୁନାତିଆରି ; *ବି.* ସୁନା ।

**ହାଟକମୟ** *ବିଂ.* ସ୍ୱର୍ଣ୍ଣମୟ, ସୁନା ତିଆରି ।

**ହାଟ୍ରିକ** *ବି.* କ୍ରମାଗତ ତିନିଥର ଜିତିବା, ତିନିଟା ଗୋଲ ଦେବା ବା ଓ୍ୱିକେଟ୍ ନେବା ।

**ହାଡ଼** *ବି.* ଅସ୍ଥି , ପ୍ରାଣୀମାନଙ୍କର ଦେହର କଠିଣ ଢାଞ୍ଚା ଯାହା ଉପରେ ମାଂସ ଓ ଚମ ଲାଗିଥାଏ।

**ହାଡ଼ଗିଲା** *ବିଂ.* ୧. ଅସ୍ଥିଭକ୍ଷକ ପକ୍ଷୀ ବିଶେଷ ୨. ଅତ୍ୟନ୍ତ ଲୋଭୀ।

**ହାଡ଼ଫୁଟି** *ବି.* ବାୟୁବାହିତ ସଂକ୍ରାମକ ରୋଗ, ଚିକେନ୍‌ପକ୍ସ ।

**ହାଡ଼ଭଙ୍ଗା** *ବିଂ.* ୧. ଅତି କଷ୍ଟକର, ଆୟାସସାଧ୍ୟ ୨. ଅସହ୍ୟ (ଶୀତ) ।

**ହାଡ଼ମାଳ** *ବିଂ.* ୧. ଅସ୍ଥିକଙ୍କାଳସାର (ବ୍ୟକ୍ତି) ୨. ଅତ୍ୟନ୍ତ ରୋଗିଣା ।

**ହାଡ଼ିବାଜା** *ବି.* ଢୋଲ, ପେଁକାଳି, ତେଲିଙ୍ଗିବାଜା ପ୍ରଭୃତି ବାଦ୍ୟ ।

**ହାଡୁଆ** *ବିଂ.* ୧. ହାଡ଼ଭର୍ତ୍ତି, ହାଡ଼ମାଳ ୨. ଟାଣୁଆ ୩. କଠିନ ।

**ହାଡ଼େହାଡ଼େ** *ବିଂ.* ଠିକିନିଖି, ମର୍ମେମର୍ମେ, ଭଲଭାବେ ।

**ହାର୍ଡ଼କପି** *ବି.* କାଗଜରେ ଛାପା ପ୍ରତିଲିପି ।

**ହାର୍ଡ଼ଓ୍ୱେର୍** *ବି.* ୧. ଲୁହା ଲକଡ଼ି ୨. ଯନ୍ତ୍ରପାତି ।

**ହାର୍ଡ଼ଓ୍ୱେର୍ ଷ୍ଟୋର** *ବି.* ଲୁହା ଲକଡ଼ି, ରଙ୍ଗ ଆଦିର ଦୋକାନ ।

**ହାଣ** *ବି.* ୧. ହାଣିବା ବା ହତ୍ୟାକରିବା କାର୍ଯ୍ୟ ୨. ଆଘାତ ।

**ହାଣକାଟ** *ବି.* ମରାହଣା ।

**ହାଣ ମୁହଁ** *ବି.* ବିପଦର ଆଶଙ୍କା ବା ମୃତ୍ୟୁଭୟ ଥିବା ସ୍ଥାନ।

**ହାଣ ମୁହଁକୁ ଯିବା** *କ୍ରି.* ବିପଦ ଆଡ଼କୁ ଠେଲିହୋଇଯିବା ।

**ହାଣମୁହାଁ** *ବିଂ.* ହାଣମୁହଁକୁ ଯାଉଥିବା, ବିପଦ ବା ମରଣ ଆଡ଼କୁ ଯାଉଥିବା ।

**ହାଣ୍ଟୋଳ** *ବି.* ବାଘ ଗର୍ଜନ, ହେଣ୍ଟାଳ ।

**ହାଣ୍ଡ୍** *ବି.* ହାତ ।

**ହାଣ୍ଡ୍‌ଓଭର** *ବି.* ହସ୍ତାନ୍ତର ।

**ହାଣ୍ଡ୍‌କପ୍** *ବି.* ହାତକଡ଼ା ।

**ହାଣ୍ଡ୍‌କରଚିଫ୍** *ବି.* ରୁମାଲ ।

**ହାଣ୍ଡ୍‌ବଲ୍ ବି.** ୧. ହାତରେ ଖେଳାଯାଉଥିବା ପେଣ୍ଡୁ ୨. ଫୁଟବଲ ଖେଳରେ ବଲ୍‌ରେ ହାତ ବାଜିବା ଦୋଷ ।

**ହାଣ୍ଡ୍‌ବିଲ୍ ବି.** ୧. ହାତଲେଖା ରସିଦ୍ ୨. ବିଜ୍ଞାପନ ।

**ହାଣ୍ଡ୍‌ବ୍ରେକ୍ ବି.** ହାତଦ୍ୱାରା ଚାଳିତ ଗତି ନିରୋଧକ ।

**ହାଣ୍ଡ୍‌ମେଡ୍ ବି.** ହାତ ତିଆରି ।

**ହାଣ୍ଡରାଇଟିଂ ବି.** ହସ୍ତାକ୍ଷର ।

**ହାଣ୍ଡ୍‌ଲିଂ ବି.** ପରିଚାଳନା ।

**ହାଣ୍ଡ୍‌ଲୁମ୍ ବି.** ୧. ହସ୍ତତନ୍ତ ୨. ହସ୍ତତନ୍ତ ବୁଣା (ଶାଢ଼ି, ଲୁଗା ଆଦି)।

**ହାଣ୍ଡ୍‌ସେକ୍ ବି.** ହାତ ସହିତ ହାତ ମିଳାଇବା, କରମର୍ଦ୍ଦନ ।

**ହାଣ୍ଡ୍‌ସେଟ୍ ବି.** ହାତରେ ଧରି ବ୍ୟବହାର କରାଯାଇ ପାରୁଥିବା ଫୋନ ଇତ୍ୟାଦି ।

**ହାଣ୍ଡଲ୍ ବି.** ହେଣ୍ଡଲ୍, ସାଇକେଲ, ରିକ୍ସା ଇତ୍ୟାଦି ଗତିର ଦିଗ ଓ ସମତା ରକ୍ଷା ନିମିତ୍ତ ବ୍ୟବହୃତ ଯନ୍ତ୍ରାଂଶ ।

**ହାଣ୍ଡି ବି.** ୧. ରୋଷଇ କରିବା ଅଥବା ବିଭିନ୍ନ ପଦାର୍ଥ ରଖିବାପାଇଁ ବ୍ୟବହୃତ ଚଉଡ଼ାମୁହାଁ ମାଟି ଅଥବା ଧାତୁ ତିଆରି ପାତ୍ର ୨. ଭାଣ୍ଡ ୩. ଶଗଡ଼ ଚକର ତୁମ୍ବ ।

**ହାଣ୍ଡିଆ ବି.** ଚାଉଳରୁ ତିଆରି ମଦ; **ବିଂ.** ହାଣ୍ଡିଭଳି ।

**ହାଣ୍ଡିକ୍ରାଫ୍ଟ୍ ବି.** ହସ୍ତଶିଳ୍ପ ।

**ହାଣ୍ଡିକ୍ୟାପ୍ ବି.** ୧. ଅକ୍ଷମତା ୨. ଅସୁବିଧା, ସମସ୍ୟା ।

**ହାଣ୍ଡିକ୍ୟାମ୍ ବି.** ଛୋଟ କେମେରା ।

**ହାଣ୍ଡିଧରା ବି.** ଗରମ ଅଥବା କଳା ହାଣ୍ଡି ଧରିବାପାଇଁ ବ୍ୟବହୃତ କନା ।

**ହାଣ୍ଡିମଜା ବି.** ବାସନପତ୍ର ରଗଡ଼ି ସଫା କରିବା ପାଇଁ ବ୍ୟବହୃତ ଉପକରଣ ।

**ହାଣ୍ଡିମାରା ହେବା କ୍ରି.** ୧. ପରିବାର ଅଥବା ଜ୍ଞାତିକୁଟୁମ୍ବମାନଙ୍କ ପରିବାରରେ କୌଣସି ସଦସ୍ୟଙ୍କ ଜନ୍ମ ଓ ମୃତ୍ୟୁ ଯୋଗୁଁ ଶୁଦ୍ଧ ହେବା ପୂର୍ବରୁ ଅଥବା ରୋଷେଇ ଘରେ କୁକୁର, ବିଲୁଆ ଆଦି ଜୀବ ପ୍ରବେଶ ଯୋଗୁଁ ହାଣ୍ଡି ପବିତ୍ରତା ବା ଶୁଦ୍ଧତା ହରାଇବା ୨. କୌଣସି ପଦାର୍ଥର ଶୁଦ୍ଧତା ନଷ୍ଟ ହେବା ୩. ନାରୀର ସତୀତ୍ୱ ଚାଲିଯିବା ।

**ହାଣ୍ଡିଶାଳ ବି.** ରୋଷେଇ ଘର, ଦେଇପିଣ୍ଡି ।

**ହାତ ବି.** କର, ଭୁଜ, ପାଣି ।

**ହାତ ଉଠେଇବା ବି.** ୧. ହାତକୁ ଉଠେଇ ଧମକେଇବା ୨. ମାଡ଼ ମାରିବା ।

**ହାତକଟା ଜାମା ବି.** ହାଓ୍ୱାଇନ୍ ଜାମା ।

**ହାତ କରିବା ବି.** ୧. କଳବଳ କୌଶଳ କରି ଅନ୍ୟକୁ ନିଜର ଅକ୍ତିଆରକୁ ନେବା ୨. ଭଣ୍ଡେଇ ଭାଣ୍ଡେଇ ନିଜର ଅନୁଗତ କରିନେବା ।

**ହାତକାମ ବି.** ହାତ ତିଆରି ଜିନିଷ ।

**ହାତକୋରଣା ବି.** ଛୋଟ ଲୁହା କୋରଣା ଯାହା ହାତରେ ଧରି ଫାଳ ନଡ଼ିଆ, ପାଣି କଖାରୁ ପ୍ରଭୃତି କୋରାଯାଏ ।

**ହାତଗୁଞ୍ଜା ବି.** ରିସ୍‌ପତ, ଲାଞ୍ଚ ।

**ହାତଚିକ୍‌କଣ ବି.** ଅନ୍ୟାୟ ଭାବରେ ଧନ ଉପାର୍ଜନ କରିବା ।

**ହାତତିଆରି ବିଂ.** ମେସିନ୍ ପରିବର୍ତ୍ତେ ହାତରେ ଗଢ଼ାଯାଇଥିବା ।

**ହାତଦେଖା ବି.** ସାମୁଦ୍ରିକ ଶାସ୍ତ୍ର, ହସ୍ତରେଖା ଦେଖି ଫଳାଫଳ ଜାଣିବା ।

**ହାତ ପଇଠ ବି.** ୧. ଅକ୍ତିଆର କରିବା, ହସ୍ତଗତ ହେବା ୨. କୌଶଳରେ ନିଜର କରିବା ୩. ଶ୍ରୀମନ୍ଦିରର କେତେକ ବିଶେଷ ନୀତିରେ ତଳିଛ ଓ ପ୍ରଧାନୀ ହାତରେ ହାତ ରଖି ଯିବା ବିଧି ।

**ହାତ ପଇଠ କରିବା କ୍ରି.** ନିଜ ପାଇଁ ହାସଲ କରିବା, ପରର ସମ୍ପତ୍ତି ଆଦି ନିଜର କରିନେବା।

**ହାତପାଆନ୍ତି ବିଂ.** ହାତ ନିକଟରେ ରଖିବା ବା ଥିବା ।

**ହାତପାଣ୍ଠି ବି.** ୧. ବ୍ୟକ୍ତିଗତ ଧନ ୨. ପ୍ରିଭିପର୍ସ ।

**ହାତପୂରା ବିଂ.** ୧. ଉପୁରି ୨. ଜୋର ଜବରଦସ୍ତ ।

**ହାତବସ୍ତାନି ବି.** କୋଥଳି, ବୁଜୁଳି ।

**ହାତବାରିଶି ବି.** ଅନୁଗତ ବ୍ୟକ୍ତି, ବୋଲକରା ।

**ହାତରେଖା ବି.** ସାମୁଦ୍ରିକ ବିଦ୍ୟା ।

**ହାତଲେଖା ବି.** ହସ୍ତାକ୍ଷର, ମୁଦ୍ରିତ ହୋଇ ନ ଥିବା ପାଠ୍ୟ; **ବିଂ.** ହାତରେ ଲେଖା ହୋଇଥିବା ।

**ହାତସଫେଇ ବି.** ଠକେଇବା।

**ହାତାହାତି ବି.** ବାଡ଼ିଆପିଟା ।

**ହାତିଆଳ ବି.** ୧. ଘର ପଛପାଖରେ ଥିବା ଅଣଓସାରିଆ ରାସ୍ତା ୨. ମାହୁନ୍ତ, ହସ୍ତିପାଳ ।

**ହାତୀ ବି.** କରୀ, ହସ୍ତୀ, ଗଜ ।

**ହାତୀଅନ୍ଧ ବି.** ଘରର ଦୁଇଟି ଚାଳ ମଝିରେ ସରୁ ଗଳି, କୁଲ୍‌କୁଲି ।

**ହାତୁଡ଼ି, ହାତୁଡ଼ା ବି.** ମାରତୁଲ, ଆଘାତ ଦେବା ପାଇଁ ବ୍ୟବହୃତ ଲୁହାତିଆରି ଯନ୍ତ୍ର ବିଶେଷ ।

**ହାତେ ବିଂ.** ଏକ ହାତ ପରିମିତ; **କ୍ରି.ବିଂ.** ହାତରେ ।

**ହାତେଇବା କ୍ରି.** ଚତୁରତାର ସହ ନିଜ ଦଖଲକୁ ଆଣିବା ।

**ହାନି ବି.** ୧. କ୍ଷତି, ଅପଚୟ ୨. ନାଶ ।

**ହାନିଲାଭ ବି.** ଲାଭକ୍ଷତି, ପୁଷ୍ଟିନଷ୍ଟି ।

**ହାନୋଳା ବି.** ଦୋଳା, ବିମାନ ।

**ହାପ୍‌କି ନେବା କ୍ରି.** ଶୂନ୍ୟେଶୂନ୍ୟେ ମାରିନେବା, ଉପରେଉପରେ ପାଇଯିବା।

**ହାପ୍ରିବା** *କ୍ରି.* ହାପୁଡ଼ିବା, ତରଳ ଖାଦ୍ୟପଦାର୍ଥକୁ ପାପୁଲିରେ ଧରି ସଶବ୍ଦ ଖାଇବା।

**ହାପ୍‌ସି ହେବା, ହାବ୍‌ସି ହେବା** *କ୍ରି.* ୧. ଦୁଃଖ ବା କ୍ରୋଧରେ ବାଡ଼େଇ କଚାଡ଼ି ହେବା ୨. ଝୁଣ୍ଟି ପଡ଼ିବା।

**ହାପର୍** *ବି.* ଅପସ୍ମାର, ବାତରୋଗ ବିଶେଷ ।

**ହାପି** *ବିଂ.* ଖୁସି, ଆନନ୍ଦିତ ।

**ହାପିଯିବା** *କ୍ରି.* ୧. ହାରିଯିବା ୨. ପଛେଇଯିବା ୩. ଅଣନିଃଶ୍ୱାସୀ ହୋଇଯିବା ।

**ହାପୁ କରିବା** *କ୍ରି.* ତରଳ ପଦାର୍ଥ ସଡ଼ସଡ଼କରି ଚାଟି ଖାଇବା ।

**ହାପୁଡ଼ି ଖାଇବା, ହାଫ୍‌ରିବା** *ବି.* ବହଳ ପଦାର୍ଥକୁ ହାତରେ ଶୋଷି ଖାଇବା ।

**ହାଫ୍** *ବିଂ.* କୌଣସି ପଦାର୍ଥର ଅଧା, ଅର୍ଦ୍ଧ ।

**ହାଫ୍‌ଛୁଟି** *ବି.* ଅଧାଛୁଟି ।

**ହାଫ୍ ଟାଇମ୍** *ବି.* ୧. ଖାଇବାଛୁଟି ୨. ମଧ୍ୟାନ୍ତର ୩. ଅଧାସମୟ ।

**ହାଫ୍‌ପ୍ୟାଣ୍ଟ୍** *ବି.* ଆଣ୍ଠୁ ଉପରକୁ ପିନ୍ଧା ଯାଉଥିବା ପ୍ୟାଣ୍ଟ, ଛୋଟ ପ୍ୟାଣ୍ଟ ।

**ହାଫ୍‌ପ୍ଲେଟ୍** *ବି.* ଅଧଥାଳିଆ ।

**ହାଫ୍‌ରେଟ୍** *ବି.* ଅଧାଦାମ୍ ।

**ହାଫ୍‌ସାର୍ଟ** *ବି.* ଅଧା ହାତ ଥିବା ଜାମା ।

**ହାଫର, ହାଫଡ଼** *ବି.* ହାପର, ଅପସ୍ମାର ବାତ ।

**ହାଫିଯିବା** *କ୍ରି.* ହାରିଯିବା, ପରାସ୍ତ ହେବା ।

**ହାବ** *ବି.* ୧. ସ୍ତ୍ରୀମାନଙ୍କର ଶୃଙ୍ଗାର ଭାବ ଜାତ ବିଳାସ ୨. ବିଲୋଳ, ବିଭ୍ରମ, ହେଳା, ଲୀଳା- ଏହି ସକଳ କ୍ରିୟାବିଶେଷ ୩. ଅନୁଭବର ଆଂଶିକ ପ୍ରକାଶ, ଅନୁରାଗଜନିତ ଲାସ୍ୟ ବା ବିଳାସ ଭଙ୍ଗୀ ।

**ହାବଭାବ** *ବି.* ୧. ଚାଲିଚଳନ ୨. ଖୋଇ ୩. ଗତି ୪. ଆଚାର ବ୍ୟବହାର ।

**ହାବିଟ୍** *ବି.* ଅଭ୍ୟାସ, ଅଭ୍ୟାସଗତ ପ୍ରକୃତି ।

**ହାବୁକା** *ବି.* ୧. ଧକ୍କା ୨. ବେଗରେ ବହୁଥିବା ପବନ ବା ପାଣିର ଢେଉ ।

**ହାବୁକା ମାରିବା** *କ୍ରି.* ୧. ତରଳପଦାର୍ଥ ଉପରକୁ ଉଠିବା ୨. ପେଲିହୋଇ ବାହାରକୁ ଆସିବା ।

**ହାବୁଡ୍** *ବି.* ଆକସ୍ମିକ ଭେଟ, ଧକ୍କା ।

**ହାବୁଡ୍ ପଡ଼ିବା** *କ୍ରି.* ୧. ଧରାପଡ଼ିବା ୨. ନଜରକୁ ଆସିବା ।

**ହାବୁଡ଼ା** *ବି.* ୧. ଆକସ୍ମିକ ଭେଟ ୨. ହାଓ୍ୱାଡ଼ା (ହାର୍‌ବର୍) ଶବ୍ଦର ଲୋକକଥିତ ରୂପ, ହାବଡ଼ା ପୋଲ ।

**ହାବୁଡ଼ାଝଟକା** *ବିଂ.* ଅବାଞ୍ଛିତ, ଅପ୍ରତ୍ୟାଶିତ (ଆଗନ୍ତୁକ) ।

**ହାବୁଡ଼ାହାବୁଡ଼ି** *ବି.* ଅକସ୍ମାତ ମୁହାଁମୁହିଁ, ହଠାତ୍ ସାକ୍ଷାତ ।

**ହାବୁଡ଼ିବା** *କ୍ରି.* ଅକସ୍ମାତ ଭେଟ ପଡ଼ିବା ।

**ହାବେଲି** *ବି.* ୧. ବାସସ୍ଥାନ ୨. ସୌଧ ୩. ବାଣବିଶେଷ ।

**ହାର୍ବର୍** *ବି.* ଜାହାଜ ନିରାପଦରେ ରହୁଥିବା ସ୍ଥାନ, ବନ୍ଦର।

**ହାର୍ଭେଷ୍ଟିଙ୍ଗ୍** *ବି.* ଅମଳ (ଫସଲ, ଜଳ ଆଦି) ।

**ହାମ୍‌ବଡ଼ା** *ବି.* ଦର୍ପ, ଅହଂକାର, ଫୁଟାଣି, ବଢ଼େଇ ।

**ହାମର୍** *ବି.* ହାତୁଡ଼ି, ମାର୍ତ୍ତୁଲ, ଛେଚଣା, ପିଟଣା ।

**ହାମୁ କରିବା** *କ୍ରି.* ଖାଇବା ।

**ହାମୁଡ଼ା** *ବି.* ଆଣ୍ଠୁମାଡ଼ି ଚାଲିବା ।

**ହାମୁଡ଼େଇବା** *ବି.* ଗୁରୁଣ୍ଡିବା, ଆଣ୍ଠୁମାଡି ଓ ହାତରେ ଭରା ଦେଇ ଗତିକରିବା ।

**ହାମ୍ପର୍** *ବି.* ହାନି, ବାଧା ।

**ହାୟ** *ଅଂ.* ଶୋଚନା ବା ଖେଦ ପ୍ରକାଶକ ଶବ୍ଦ ।

**ହାର୍‌ଲି ହେବା** *କ୍ରି.* ହଇରାଣ ହେବା, ନୟାନ୍ତ ହେବା।

**ହାର** *ବି.* ୧. ଫୁଲ ବା ବିଭିନ୍ନ ଧାତୁରେ ତିଆରି ମାଳା ୨. ଭାଗ ୩. ପରାଜୟ ।

**ହାରକ** *ବି.* ଭାଜକ ଅଙ୍କ ; *ବିଂ.* ୧. ବାହକ ୨. ହରଣକାରୀ ୩. ଦ୍ୟୂତକାର ।

**ହାରମନିଆ, ହାରମୋନିୟମ୍** *ବି.* ସଙ୍ଗୀତ ସ୍ୱର ସୃଷ୍ଟିକାରୀ ଯନ୍ତ୍ର, ନିୟନ୍ତ୍ରିତ ପବନଦ୍ୱାରା କାମ କରିବା ସ୍ୱରଯନ୍ତ୍ର ।

**ହାରାକିରି** *ବି.* ଅତୀତରେ ଜାପାନରେ ପ୍ରଚଳିତ ଏକ ଆତ୍ମହତ୍ୟା ରୀତି-ଯେଉଁଥିରେ ଜଣେ ଧାରୁଆ ଅସ୍ତ୍ରରେ ନିଜ ପେଟ ଚିରିଦେଇଥାଏ ।

**ହାରାମଜାଦା** *ବି.ବିଂ.* ୧. ଜାରଜ ୨. ବିଶ୍ୱାସଘାତକ, କୃତଘ୍ନ ।

**ହାରାମି** *ବି.ବିଂ.* କୃତଘ୍ନତା, ଅନ୍ୟର ବନ୍ଧୁତ୍ୱ, ତ୍ୟାଗ ବା ଭଲ ପାଇବାକୁ ଅସ୍ୱୀକାର କରୁଥିବା ।

**ହାରାହାରି** *ବିଂ.* ଏକାଧିକ ପରିମାଣର ମଝିଆମଝି, ମୋଟାମୋଟି, ଆନୁପାତିକ।

**ହାରି, ହାରୀ** *ବି.* ୧. ପରାଭବ ୨. ପଥିକ ପରିବାର, ପଥିକଶ୍ରେଣୀ; *ବିଂ.* ମନୋହର; ପଶ୍ଚାତ୍ ପ୍ରତ୍ୟୟ ବିଶେଷ (ଲିଆହାରି, ଚୁଡ଼ିହାରି) ।

**ହାରିକେନ** *ବି.* ୧. ହାର୍‌କିନି, ଲଣ୍ଠନ ୨. ବାତ୍ୟା, ସାମୁଦ୍ରିକ ଝଡ଼ ।

**ହାରିତ** *ବିଂ.* ୧. ପରାଜିତ ୨. ଅପହାରିତ ୩. ହରିତ୍‌ବର୍ଣ୍ଣଯୁକ୍ତ ।

**ହାରିଦ୍ର** *ବିଂ.* ହରିଦ୍ରା ବା ହଳଦିଆ ବର୍ଣ୍ଣର ; *ବି.* ୧. କଦମ୍ବବୃକ୍ଷ ୨. ବିଷବିଶେଷ ।

**ହାରିବା** *କ୍ରି.* ୧. ପରାଜିତ ହେବା ୨. ନିଜର ଅସହାୟତାକୁ ସ୍ୱୀକାର କରିବା ।

**ହାରୀ** *ବିଂ.* ୧. ମନୋହର ୨. ବାହକ ୩. ଅପହାରକ ୪. ହାରବିଶିଷ୍ଟ, ହାରଯୁକ୍ତ ।

**ହାରେମ୍** *ବି.* ପୂର୍ବକାଳରେ ଥିବା ରାଜା ମହାରାଜାଙ୍କର ଅନ୍ତଃପୁର, ରାଣୀହଂସପୁର।

**ହାର୍ଦ୍ଦ, ହୃଦ୍ୟ** *ବି.* ୧. ହୃଦ୍ୟତା ୨. ପ୍ରଣୟ ; *ବିଂ.* ପ୍ରୀତିକର, ଗ୍ରହଣଯୋଗ୍ୟ ।

**ହାଳିକ** *ବିଂ.* ହଳୁଆ, ହଳସମ୍ବନ୍ଧୀୟ, ଲଙ୍ଗଳଧାରୀ, ଚଷା ।

**ହାଲ୍** *ବି.* ସନ, ବର୍ଷ, ସାଲ; *କ୍ରି.ବିଂ.* ଏଇ ମାତ୍ର, ଏବେ ।

**ହାଲ୍କା** *ବିଂ.* ହାଲୁକା, ଉଶ୍ୱାସ।

**ହାଲ୍କା ଚିଲ୍କା** *ବି.* କ୍ଷତ ବା ଆଘାତ ଯୋଗୁଁ ରହି ରହି ହେଉଥିବା ପୀଡ଼ା।

**ହାଲ୍କିବା** *କ୍ରି.* ୧. (କୁକୁର ଆଦି) କାମୁଡ଼ିବା ୨. ଓଟାରିବା, ଭିଡ଼ିବା।

**ହାଲ୍‌ଚାଲ୍** *ବି.* ଖବରଅନ୍ତର, ବାର୍ତ୍ତା, ସମ୍ବାଦ ।

**ହାଲ୍‌ପା** *ବି.* ଥଣ୍ଡାଳିଆ ପାଗ ।

**ହାଲତ** *ବି.* ଶାରୀରିକ ବା ମାନସିକ ଅବସ୍ଥା ।

**ହାଲହଇକତ** *ବି.* ଗୁପ୍ତଖବର, ଭିତିରକଥା ।

**ହାଲ ହଇଲତ** *ବି.* ଖବରଟବର, ସମ୍ବାଦ ।

**ହାଲି** *ବି.* ନିକଟ ଅତୀତ, ନଗଦାନଗଦି ।

**ହାଲିଆ** *ବି.ବି.* କ୍ଳାନ୍ତି, ଥକ୍‌କା, ଅବସନ୍ନତା ; *ବିଂ.* କ୍ଳାନ୍ତ ଶ୍ରାନ୍ତ ।

**ହାଲୁକ** *ବି.* ୧. କଲିଜା ୨. ସାହସ ।

**ହାଲୁକ ଶୁଖିବା** *କ୍ରି.* ଆତଙ୍କିତ ହେବା, ଭୟ ପାଇବା।

**ହାଲୁକା** *ବିଂ.* ଉଶ୍ୱାସ, କମ୍ ଓଜନିଆ ।

**ହାଲୋ** *ବି.* ସଂବୋଧନସୂଚକ ଧ୍ୱନି ।

**ହାଲୋଳମୟ** *ବିଂ.* ଉଜ୍ଜ୍ୱଳ, ଅତି ତୋଫା ।

**ହାଓ୍ୱା** *ବି.* ୧. ପବନ, ବାତ ୨. ପାପ ୩. ତୁହା, ହଷା, ଗୁଜ ।

**ହାଓ୍ୱାଇ ଚପଲ** *ବି.* ଫିତାଲଗା ସ୍ପଞ୍ଜ ଚପଲ ।

**ହାଓ୍ୱା ଦେବା** *କ୍ରି.* ଗାଡ଼ିର ଚକରେ ପବନ ପୂରାଇବା ।

**ହାଓ୍ୱାନି ସାର୍ଟ** *ବି.* ହାପସାର୍ଟ, ଛାତି ଖୋଲା ଓ ଅଧା ହାତ ଥିବା ଜାମା ।

**ହାସ୍‌ପାତାଳ** *ବି.* ଡାକ୍ତରଖାନା, ଚିକିତ୍ସାଳୟ ।

**ହାସ** *ବି.* ମୁହଁରେ ଆନନ୍ଦ ଭାବର ପ୍ରକାଶ, ହସ ।

**ହାସପରିହାସ** *ବି.* ଥଟ୍ଟାମଜା, ଥଟ୍ଟାତମସା, ବେହେଲ ଭାବ, ଖୋଲାମନରେ ଖୁସିଭାବ ।

**ହାସଲ କରିବା** *କ୍ରି.* ଅଧିକାରକୁ ଆଣିବା, ଅକ୍ତିଆର କରିବା ।

**ହାସ୍ୟ** *ବି.* ୧. ହସ ୨. କାବ୍ୟର ରସବିଶେଷ ; *ବିଂ.* ପରିହସନୀୟ ।

**ହାହା** *ଅଂ.* ଦୁଃଖ, ଶୋକ, ବିସ୍ମୟ, ସମ୍ଭ୍ରମ ସୂଚକ ଶବ୍ଦ, ଶୋକଧ୍ୱନି ।

**ହାହାକାର** *ବି.* ୧. ଶୋକଧ୍ୱନି, କାତରତା ହେତୁ କଳରବ ୨. ଯୁଦ୍ଧ କଳରବ ୩. ଅଶ୍ୱାଦି ପ୍ରେରଣ ଧ୍ୱନି ।

**ହିଁକ୍‌ରିବା** *କ୍ରି.* ଆଶା କରିଥିବା ବା ଇଚ୍ଛା କରିଥିବା ବସ୍ତୁ ନ ପାଇ ବା ଦୁଶ୍ଚିନ୍ତା ଯୋଗୁଁ ସ୍ୱାସ୍ଥ୍ୟହାନି ହେବା।

**ହିଂସକ** *ବି.* ୧. ହିଂସ୍ରଜନ୍ତୁ ୨. ଶତ୍ରୁ ୩. ଅଥର୍ବ ବେଦବେତ୍ତା ବ୍ରାହ୍ମଣ; *ବିଂ.* ୧. ହିଂସ୍ର, ହିଂସାକାରକ ୨. ଘାତକ ୩. ପରଶ୍ରୀକାତର, ଈର୍ଷା ପରାୟଣ।

**ହିଂସା** *ବି.* ୧. ହତ୍ୟା, ବଧ, ହନନ ୨. ଅପକାର, କ୍ଷତି ୩. ହିଁସା, ଦ୍ୱେଷ, ଈର୍ଷା ।

**ହିଂସାଳୁ, ହିଂସିକା** *ବିଂ.ବି.* ୧. ହିଂସାଶୀଳ, ଘାତକ ୨. ଅସନ୍ତୁଷ୍ଟ ୩. ଅପକାର ବା ହିଂସା କରିବା ଯାହାର ସ୍ୱଭାବ ।

**ହିଂସିତ** *ବିଂ.* ହତ, ନାଶିତ, ଯାହାକୁ ହିଂସା କରା ହୋଇଅଛି ।

**ହିଂସ୍ର, ହିଂସ୍ରକ** *ବିଂ.* ୧. ହିଂସାଶୀଳ ୨. ହନନକାରକ, ଘାତକ ୩. ଅପକାରକ ୪. ହିଂସାକାରକ।

**ହି** *ଅଂ.* ହେତୁ, ନିଶ୍ଚୟ, ଅବଧାରଣ ।

**ହିଆ** *ବି.* ହୃଦୟ, ଛାତି , ବକ୍ଷ।

**ହିକ୍କା** *ବି.* ୧. ହିଚ୍‌କି, ହୁଟ୍‌କି ୨. ଶ୍ୱାସଜନିତ ରୋଗର ଉପସର୍ଗ ବିଶେଷ ।

**ହିକ୍କା ଉଠିବା** *କ୍ରି.* ୧. ଶରୀର ମଧ୍ୟସ୍ଥ ପବନ ବାରମ୍ବାର ବାଧାପାଇ ଶବ୍ଦକରି ବାହାରକୁ ଆସିବା ୨. ମୃତ୍ୟୁପୂର୍ବରୁ ଘନଘନ ନିଃଶ୍ୱାସପ୍ରଶ୍ୱାସ ନେବା ।

**ହିଙ୍ଗୁ** *ବି.* ହେଙ୍ଗୁ ।

**ହିଙ୍ଗୁଳ** *ବି.* ଖଣିଜ ଦ୍ରବ୍ୟ ବିଶେଷ, ହେଙ୍ଗୁଳ, ନାଲିରଙ୍ଗର ଖଣିଜ ଦ୍ରବ୍ୟ ଯେଉଁଥିରୁ ପାରଦ ବାହାର କରାଯାଏ ।

**ହିଚ୍‌କି** *ବି.* ହିକ୍‌କା, ହୁଟ୍‌କା।

**ହିଟ୍‌ବା** *କ୍ରି.* ଫିଟିବା, ଖୋଲିବା ।

**ହିଟ୍ ହେବା** *କ୍ରି.* ୧. ଚଳଚ୍ଚିତ୍ର, ସଙ୍ଗୀତ ଆଦି ଜନପ୍ରିୟ ହେବା ୨. ସଫଳ ହେବା।

**ହିଟର୍** *ବି.* ବିଦ୍ୟୁତ୍ ବା ଅନ୍ୟ କୌଣସି ଶକ୍ତି ଦ୍ୱାରା ଚାଳିତ ଉତ୍ତାପ ସୃଷ୍ଟିକାରୀ ଉପକରଣ।

**ହିଟାବା** *କ୍ରି.* ଖୋଲିବା, ଫିଟାଇବା।

**ହିଟି ପଡ଼ିବା** *କ୍ରି.* ୧. ତଳେ ଖସି ପଡ଼ିବା ୨. ପଡ଼ିଯିବା।

**ହିଞ୍ଚରି ଯିବା** *କ୍ରି.* ୧. ଦୁର୍ବଳ ବା ଶୀର୍ଣ୍ଣକାୟ ହେବା ୨. କୌଣସି ବାଞ୍ଛିତ ବସ୍ତୁ ନ ପାଇ ବା ସମସ୍ୟାର ସମାଧାନ ନ ହେବାରୁ ଚିନ୍ତାଗ୍ରସ୍ତ ହୋଇ କ୍ଷୀଣ ଓ ଦୁର୍ବଳ ହେବା।

**ହିଡ଼** *ବି.* ବିଲର ବେଢ଼ା, ଆଡ଼ି ।

**ହିଡ଼କଟି** *କ୍ରି.* ଓସାରିଆ ହିଡ଼କୁ କାଟି ସରୁ କରିବା ।

**ହିଡ଼ିମିଚ, ହିଡ଼ିମିଚିକା** *ବି.* ହିଡ଼ କଡ଼ରେ ଉଠୁଥିବା ଔଷଧୀୟ ଶାଗ ବିଶେଷ ।

**ହିତ** *ବିଂ.* ୧. ଉପକାରକ ୨. ଯୋଗ୍ୟ, ଉପଯୁକ୍ତ ।

**ହିତକର, ହିତକାରୀ** *ବିଂ.* ମଙ୍ଗଳଦାୟକ, ଉପକାରକ ।

**ହିତବାଦୀ** *ବିଂ.* ମଙ୍ଗଳପ୍ରଦ କଥା କହୁଥିବା ସତ୍‌ପରାମର୍ଶଦାତା ।

**ହିତାର୍ଥୀ** *ବିଂ.* ମଙ୍ଗଳପ୍ରାର୍ଥୀ, ଶୁଭଚିନ୍ତକ ।

**ହିତାଧିକାରୀ** *ବିଂ. ବି.* ୧. ସରକାରୀ ଅନୁଦାନ ପାଉଥିବା ଦାରିଦ୍ର୍ୟର ସୀମାରେଖାତଳେ ଥିବା (ବ୍ୟକ୍ତି) ୨. ସରକାର ପ୍ରଦତ୍ତ ଲୋକହିତକର ଯୋଜନାର ସୁଯୋଗ ନେଉଥିବା ।

**ହିତେଇ ହେବା** *କ୍ରି.* ଭଲେଇ ହେବା, ଗୋଟାପଣେ ନିଜର ବୋଲି ଦେଖାଇ ହେବା ।

**ହିତୈଷୀ** *ବିଂ.* ମଙ୍ଗଳକାମୀ, ହିତାଭିଳାଷୀ ।

**ହିତୋକ୍ତି** *ବି.* ପ୍ରିୟବଚନ, ହିତକର ବାକ୍ୟ ।

**ହିତୋପଦେଶ** *ବି.* ୧. ସତ୍‌ପରାମର୍ଶ ୨. ବିଷ୍ଣୁଶର୍ମାକୃତ ପଞ୍ଚତନ୍ତ୍ର ଗ୍ରନ୍ଥ ।

**ହିନ୍ଦୁ** *ବି.* ସନାତନ ଧର୍ମ ବିଚାର ବିଶ୍ୱାସୀ ଜନସମୁଦାୟ; *ବିଂ.* ସନାତନ ଧର୍ମୀୟ ।

**ହିନ୍ଦୁସ୍ତାନ, ହିନ୍ଦୁସ୍ଥାନ** *ବି.* ଭାରତ ।

**ହିନ୍ଦୁସ୍ଥାନୀ** *ବି.* ୧. ଉର୍ଦ୍ଦୁ ମିଶ୍ରିତ ହିନ୍ଦୀ ଭାଷା ୨. ଭାରତର ଅଧିବାସୀ ।

**ହିନ୍ଦୋଳ** *ବି.* ୧. ଦୋଳଝୁଲଣ, ଝୁଲଣଯାତ୍ରା ୨. ଯାନବିଶେଷ ୩. ରାଗବିଶେଷ ।

**ହିପ୍‌ପି** *ବି.* ବାରବୁଲା, ଯାଯାବରପରି ଘରଦ୍ୱାର ଛାଡ଼ି ନିଶାଗ୍ରସ୍ତ ହୋଇ ବୁଲୁଥିବା ଲୋକ ।

**ହିପ୍‌ପି କଟ୍** *ବି.* ବାବୁରି ବାଳ ।

**ହିମ** *ବି.* ୧. ତୁଷାର, ବରଫ ୨. ଚନ୍ଦନ ୩. ଶୀତଳତା, ଶୀତଳସ୍ପର୍ଶ; *ବିଂ.* ଶୀତଳ ।

**ହିମକର** *ବି.* ୧. ଚନ୍ଦ୍ର ୨. କର୍ପୂର; *ବିଂ.* ଶୀତଳସ୍ପର୍ଶ ବିଶିଷ୍ଟ ।

**ହିମଗିରି** *ବି.* ହିମାଳୟ ପର୍ବତମାଳା ।

**ହିମପ୍ରସ୍ଥ** *ବି.* ହିମାଳୟପର୍ବତ, ହିମମଣ୍ଡଳ, ହିମକଟିବନ୍ଧ ।

**ହିମବାନ** *ବି.* ହିମାଳୟ ପର୍ବତ; *ବିଂ.* ଶୀତଳ, ଥଣ୍ଡା ।

**ହିମଶିଳା** *ବି.* ତୁଷାର, ବରଫ ।

**ହିମାଂଶୁ** *ବି.* ୧. ଶୀତଳକିରଣ ୨. ଚନ୍ଦ୍ର ୩. କର୍ପୂର ।

**ହିମାଳୟ** *ବି.* ଭାରତବର୍ଷର ଉତ୍ତର ସୀମାରେ ଥିବା ଅତ୍ୟୁଚ୍ଚ ପର୍ବତଶ୍ରେଣୀ ।

**ହିର୍** *ବି.* ହିଡ଼ ।

**ହିର୍‌ପିନ୍** *ବି.* ହେୟାରପିନ୍ ।

**ହିରଣ୍ମୟ** *ବିଂ.* ସ୍ୱର୍ଣ୍ଣମୟ; *ବି.* ବ୍ରହ୍ମା ।

**ହିରଣ୍ୟ** *ବି.* ୧. ସୁବର୍ଣ୍ଣ ୨. ରୌପ୍ୟ ୩. ଧନ ୪. ରେତଃ ୫. ଧୁସ୍ତୁର ୬. ପରିମାଣବିଶେଷ ।

**ହିରି** *ବି.* କାଠ, ବାଉଁଶ ଆଦିର ଛୋଟ ମୁନିଆ କୁଟା।

**ହିଲ୍ଲୋଳ** *ବି.* ୧. ଦୋଳନ ୨. ତରଙ୍ଗ, ଢେଉ ୩. ରତିବନ୍ଧବିଶେଷ ।

**ହିଷ୍ଟ୍ରି** *ବି.* ଇତିହାସ, ପଛଦିନ କଥା ।

**ହିଷ୍ଟ୍ରିଆ** *ବି.* ଉନ୍ମାଦ, ମାନସିକ ବିକୃତି ।

**ହିସାବ** *ବି.* ଗଣନା, ଗଣତି ।

**ହିସାବକିତାବ** *ବି.* ୧. ବିସ୍ତୃତ ବା ତନ୍ନତନ୍ନ ହିସାବ ୨. ଆୟବ୍ୟୟର ସୂଚନା ବା ତାଲିକା ।

**ହିସାବ ନିକାଶ** *ବି.* ଆୟବ୍ୟୟର ସଠିକ ଓ ଚୂଡ଼ାନ୍ତ ନିର୍ଦ୍ଧାରଣ ।

**ହିସାବରକ୍ଷକ** *ବିଂ. ବି.* ଆୟବ୍ୟୟ, ଦେୟ ଓ ପ୍ରାପ୍ୟର ବିବରଣୀ ରଖୁଥିବା ବ୍ୟକ୍ତି ।

**ହିସାବୀ, ହିସାବିଆ** *ବି. ବିଂ.* ଜଗିରଖି ଖର୍ଚ୍ଚ କରୁଥିବା ।

**ହିହି** *ଅଂ.* ଆହ୍ଲାଦସୂଚକ ଶବ୍ଦ, ହସିବା ଧ୍ୱନି ।

**ହୀନ** *ବିଂ.* ୧. ଅଧମ ୨. ନୀଚ ୩. ନିନ୍ଦନୀୟ ୪. ରହିତ ୫. ପରିତ୍ୟକ୍ତ ୬. ବର୍ଜିତ ୭. ଅଭାବ ୮. ଶୂନ୍ୟ ।

**ହୀନକପାଳିଆ** *ବିଂ.* ୧. ମନ୍ଦଭାଗା, ଦୁର୍ଭାଗ୍ୟ, ଅଭାଗା ୨. ହୀନକର୍ମା, *ସ୍ତ୍ରୀ.* ହୀନକପାଳୀ ।

**ହୀନତା, ହୀନତ୍ୱ** *ବି.* ୧. ନୀଚତା, ନ୍ୟୂନତା ୨. ଅଭାବ ୩. ସାତିଶୟ ବିନୟ ।

**ହୀନବୁଦ୍ଧି** *ବିଂ.* ମନ୍ଦବୁଦ୍ଧି, ମୂଢ଼ମତି, ନିର୍ବୋଧ ; *ବି.* କ୍ଷୀଣ ବୁଦ୍ଧି, ନୀଚ ମତି ।

**ହୀନମତି** *ବିଂ.* ମୂଢ଼ମନା, ନୀଚମନା ; *ବି.* ନୀଚ ମନ, ମନ୍ଦ ବା ଗର୍ହିତ ଇଚ୍ଛା ।

**ହୀନମାନିଆ** *ବିଂ.* ଅପମାନିତ, ଅନାଦୃତ, ମନ୍ଦ ବ୍ୟବହାରପ୍ରାପ୍ତ ।

**ହୀନଯାନ** *ବି.* ବୌଦ୍ଧଧର୍ମର ପ୍ରାଚୀନ ଶାଖା, ପାଲିଶାସ୍ତ୍ରବର୍ଣ୍ଣିତ ବୌଦ୍ଧ ମତ ।

**ହୀନସ୍ତା** *ବି.* ୧. ଦୁର୍ଦ୍ଦଶା, ଦହଗଞ୍ଜ ୨. ହଟହଟା ୩. ଅପମାନିତ ବା ଅପଦସ୍ତ ହେବା ।

**ହୀନା** *ବିଂ.* ୧. ଛୋଟ ନଜରିଆ ୨. କୃପଣ ।

**ହୀନାବସ୍ଥ** *ବିଂ.* ଦରିଦ୍ର, ଦୁର୍ଦ୍ଦଶାପନ୍ନ ; *ବି.* ହୀନାବସ୍ଥା ।

**ହୀନିମାନ** *ବି.* ଅପମାନ, ହୃତାଦର ।

**ହୀନିମାନୀ** *ବି.* ନିରିମାଖୀ, ହଇରାଣ ହେଉଥିବା ନାରୀ ।

**ହୀରକ** *ବି.* ହୀରା, ଉଜ୍ଜ୍ୱଳ ଓ ବହୁମୂଲ୍ୟ ରତ୍ନ ବିଶେଷ ।

**ହୀରକ ଜୟନ୍ତୀ** *ବି.* ପଞ୍ଚସ୍ତରୀ ବର୍ଷ ପୂର୍ଣ୍ଣ ହେବା ଉପଲକ୍ଷରେ ଅନୁଷ୍ଠିତ ଉତ୍ସବ ।

**ହୀରା** ***ବିଂ.ବି.*** ୧. ହୀରକ ନାମକ ରତ୍ନ ୨. ଶ୍ରେଷ୍ଠ ବ୍ୟକ୍ତି ବା ବସ୍ତୁ ୩. ଲକ୍ଷ୍ମୀ ।

**ହୀରାକଣି** ***ବି.*** କ୍ଷୁଦ୍ର ହୀରାଖଣ୍ଡ ।

**ହୁଁ** ***ଅ.*** ୧. ସ୍ୱୀକାର, ସମ୍ମତି, ସନ୍ଦେହ ଆଦି ସୂଚକ ଶବ୍ଦ ୨. ଠାରୁ, ଅପେକ୍ଷା ।

**ହୁଁଚୁ/ଉଁଚୁ ନ ହେବା** ***କ୍ରି.*** ଚୁପ୍ ରହିଯିବା, ପ୍ରତିକ୍ରିୟାହୀନ ହେବା ।

**ହୁଁହାଁ** ***ବି.*** ପର୍ବତ ଓ ଜଙ୍ଗଲରେ ରହୁଥିବା ପେଚାଜାତୀୟ ବଡ଼ ଚଢ଼େଇ ବିଶେଷ ।

**ହୁଁ** ***ବି.*** ତନ୍ତ୍ରୋକ୍ତ ବୀଜମନ୍ତ୍ରବିଶେଷ ।

**ହୁଂ** ***ଅ.*** ବେଖାତିର ଭାବ ।

**ହୁଂକାପିଟା** ***ବିଂ.*** ଯେ ଆଗପଛ ନ ବିଚାରି କାର୍ଯ୍ୟ କରେ, ଅସାବଧାନ ।

**ହୁଂକାର, ହୁଂକାର, ହୁଙ୍କାର, ହୁଂକୃତି, ହୁଂକୃତି, ହୁହୁଙ୍କୃତି** ***ବି.*** ଦର୍ପର ସହିତ ଉଚ୍ଚଶବ୍ଦ, ଆସ୍ଫାଳନାଦି ଜନିତ ଧ୍ୱନି, ହୁହୁମ୍ - ଏହି ଧ୍ୱନି ।

**ହୁଂକୃତ, ହୁଂକୃତି** ***ବି.*** ହୁଙ୍କାର ।

**ହୁଆ** ***ଅ.*** ୧. ବିଲୁଆଙ୍କ ସମ୍ମିଳିତ ଡାକ ୨. ମନ୍ଦା ୩. ମଞ୍ଜି ପୋତିବା ପାଇଁ ଗାତ ।

**ହୁଆହୁଟା** ***ବି.*** ୧. ପାଟିଗୋଳ ୨. କଳିକଜିଆ ।

**ହୁଇମ୍** ***ବି.*** ବ୍ୟକ୍ତିଗତ ଇଚ୍ଛା ବା ଜିଦି ।

**ହୁଇମ୍‌ବାଜ୍** ***ବି.*** ଜିଦିଖୋରିଆ ।

**ହୁଇଲ୍** ***ବି.*** ୧. ଚକ ୨. ହୋଲି, ହୋରି ଖେଳ ।

**ହୁଇଲ୍‌ଚେୟାର୍** ***ବି.*** ଚକ-ଲଗା ଚେୟାର, ଅସମର୍ଥ ବା ରୋଗିଣାମାନେ ଯିବା ଆସିବା ପାଇଁ ବ୍ୟବହାର କରୁଥିବା ଚକଲଗା ଚଉକି ।

**ହୁଇସିଲ୍** ***ବି.*** ସୁସୁକାରି, ସୁସୁରି ।

**ହୁଏତ** ***ଅ.*** ସମ୍ଭବତଃ (ଅନୁମାନ ଅର୍ଥରେ ବ୍ୟବହୃତ) ।

**ହୁକ୍ ପକାଇବା** ***କ୍ରି.*** ବେନିୟମ ଭାବରେ ବିଜୁଳି ଯୋଗାଣ ତାର ଉପରେ ଅନ୍ୟ ଏକ ତାର ପକେଇ ବିଦ୍ୟୁତ୍ ଶକ୍ତି ଚୋରାଇ ବ୍ୟବହାର କରିବା ।

**ହୁକ୍‌ରି** ***ବି.*** ଗଧିଆ, ଗଧ, ବାଘ ।

**ହୁକ** ***ବି.*** ଲୌହାଦି ନିର୍ମିତ ଅଙ୍କୁଶ ବା ଅଗ ବଙ୍କାଥିବା କଣ୍ଟା ।

**ହୁକା** ***ବି.*** ତମାଖୁଧୂଆଁ ପିଇବାରେ ବ୍ୟବହୃତ ନଳୀ ।

**ହୁକିନା** ***ଅ.କ୍ରି. ବିଂ.*** ଅଚାନକ, ହଠାତ୍, ଅକସ୍ମାତ୍ ।

**ହୁକୁମ** ***ବି.*** ୧. ଆଜ୍ଞା, ଆଦେଶ ୨. ଅନୁମତି ।

**ହୁକୁମଜାରି** ***ବି.*** ଆଦେଶ ପ୍ରଚାର ।

**ହୁକୁମତ୍** ***ବି.*** ପ୍ରଶାସନ, ସରକାର, ପ୍ରଭୁତ୍ୱ, ଅଧିକାର, ରାଜତ୍ୱ ।

**ହୁକୁମତି** ***ବି.*** ଭୟଦେଖାଇ ସାଧାରଣ ଲୋକଙ୍କୁ ବା ଅଧୀନସ୍ଥ କର୍ମଚାରୀମାନଙ୍କୁ ଜବତ କରିବା ।

**ହୁକୁମନାମା** ***ବି.*** ଆଦେଶପତ୍ର, ପରୁଆନା ।

**ହୁକୁମା** ***ବିଂ.*** ଶାସ୍ତି ଓ ଭୟମୂଳକ ଆଦେଶଦ୍ୱାରା ଶାସନକାରୀ ହାକିମ ।

**ହୁକୁହୁକୁ** ***ଅ.*** ୧. ପେଚାର ରାବ ୨. ଜଳସ୍ରୋତର ଧୀର ପ୍ରବାହର ଶବ୍ଦ ।

**ହୁକେ, ହୁକେହୁଆ, ହୁକେହୋ** ***ଅ.*** ବିଲୁଆଙ୍କ ସମ୍ମିଳିତ ବୋବାଳି ।

**ହୁଗାଳିବା** ***କ୍ରି.*** ହୁଗୁଳା କରିବା, ଢ଼ିଲା କରିବା ।

**ହୁଗୁଳା** ***ବି.ବିଂ.*** ଶିଥିଳ, ଢ଼ିଲା ।

**ହୁଗୁଳିବା** ***କ୍ରି.*** ଢ଼ିଲା ବା ଶିଥିଳ ହେବା ।

**ହୁଙ୍କା** ***ବି.*** ଉଇମାନଙ୍କ ଦ୍ୱାରା ନିର୍ମିତ ମାଟିର ସ୍ତୂପ, ବିନୋମୁଢ଼ି, ବଲ୍ମୀକ ।

**ହୁଙ୍କାପିଟା** ***ବିଂ.*** ନିରଙ୍କୁଶ, ବିଚାରଶୂନ୍ୟ, ଜୋରଜବରଦସ୍ତିଆ ।

**ହୁଙ୍କାମାଟି** ***ବି.*** ଉଇ ହୁଙ୍କାର ନରମ ଉର୍ବର ମାଟି ।

**ହୁଙ୍କାର, ହୁଙ୍କୃତ, ହୁଙ୍କୃତି** ***ବି.*** ୧. ହୁମ୍-ଏହି ଶବ୍ଦ ଉଚ୍ଚାରଣ , ଗର୍ଜନ ୨. ବଳପ୍ରକାଶମୂଳକ ଉଚ୍ଚଶବ୍ଦରେ ଆହ୍ୱାନ ୩. ପ୍ରଭୁତ୍ୱବ୍ୟଞ୍ଜକ ଗର୍ଜନ ୪. ମାଙ୍କଡ଼ ଓ ବଣ ବାରହାର ଧ୍ୱନି ।

**ହୁଙ୍କାରିତ** ***ବିଂ.*** ହୁଙ୍କାରଯୁକ୍ତ, ଗର୍ଜନର ଧ୍ୱନିରେ ପରିପୂର୍ଣ୍ଣ ।

**ହୁଙ୍କାରିବା** ***କ୍ରି.*** ହୁଙ୍କାର କରିବା ।

**ହୁଙ୍କିବା** ***କ୍ରି.*** ସାମାନ୍ୟ ଚଳିତ ହେବା ବା ହଲିବା, ଚଙ୍କିବା ।

**ହୁଜତି, ହୁଜୁତି** ***ବି.*** ରାଗରେ ପରସ୍ପର ପ୍ରତି ଉକ୍ତିପ୍ରତ୍ୟୁକ୍ତି ।

**ହୁଜ[ଜୁ]ତିଆ, ହୁଜ[ଜୁ]ତୀ** ***ବିଂ.*** ହୁଜୁତିକାରୀ, ହୁଜୁତି ସଂକ୍ରାନ୍ତ ।

**ହୁଞ୍ଚୁଡ଼ିବା** ***କ୍ରି.*** ବଳାତ୍କାରରେ ଅନ୍ୟଠାରୁ ଝିଙ୍କି ଛଡ଼ାଇନେବା ।

**ହୁଟ୍‌କି** ***ବି.*** ହିଚ୍‌କି, ହିକ୍କା ।

**ହୁଡ୍** ***ବି.*** ରିକ୍ସା ଇତ୍ୟାଦି ଯାନର ପଛସିଟ୍ ଉପରେ ରହିଥିବା ଖରା ବର୍ଷାରୁ ରକ୍ଷା ପାଇବା ପାଇଁ କେରପାଲ୍ ଘୋଡ଼ଣି ।

**ହୁଡ଼** ***ବି.*** ୧. ବାଜି ବା ପଣ ୨. ଭ୍ରାନ୍ତି, ଭୁଲ ୩. ବିସ୍ମରଣ ୪. ଦୋଷ, ଅପରିଶୁଦ୍ଧତା ୫. ଲୌହଦଣ୍ଡ ୬. ସେନାଦଳ ।

**ହୁଡ଼କକ, ହୁଡ଼ୁକକ** ***ବି.*** ୧. ମଦମତ୍ତ ବ୍ୟକ୍ତି ୨. ଡାହୁକ ପକ୍ଷୀ ।

**ହୁଡ଼କା, ହୁଡ଼ୁକ, ହୁଡ଼ୁକା** ***ବି.*** କବାଟ କିଳିବାର ଅର୍ଗଳ ବା କାଷ୍ଠଦଣ୍ଡ, ଅରଗଡ଼ା, କିଳିଣି ।

**ହୁଡ଼ରା** ***ବିଂ.*** ଡରକା; ***ବି.*** ଶସ୍ୟ କ୍ଷେତ୍ରରେ ଫସଲ ଖାଇଯାଉଥିବା ପଶୁପକ୍ଷୀଙ୍କୁ ଭୟଭୀତ କରିବା ପାଇଁ ପୋତା ଯାଇଥିବା କଣ୍ଟାବାଉଁଶ ।

**ହୁଡ଼ା ବି.** ୧. ପୋଖରୀ ଓ ବିଲର ଚାରିପାଖର ମାଟିବନ୍ଧ ୨. ମାଟି ବେଢ଼ଣ ୩. ଗାଳି, ଭର୍ତ୍ସନା ୪. ଅକଥ୍ୟଭାଷଣ, କୁବାକ୍ୟ ପ୍ରୟୋଗ ; **ବିଂ.** କୁବାକ୍ୟଭାଷୀ; *ସ୍ତ୍ରୀ.* ହୁଡେଇ ।

**ହୁଡ଼ାଇବା କ୍ରି.** ୧. ଘଉଡାଇବା ୨. ଧପାଇବା ।

**ହୁଡ଼ାହୁଡ଼ା ବିଂ.** ଢେଉଢେଉକା ।

**ହୁଡ଼ାହୁଡ଼ି ବି.** ପରସ୍ପର କୁବାକ୍ୟରେ ଗାଳି ଦିଆଦେଇ ।

**ହୁଡ଼ି ବି.** ଅଳ୍ପ ଉଚ୍ଚର ପ୍ରାକୃତିକ ମାଟିଗଦା ।

**ହୁଡ଼ି[ଲି] ବି.** ୧. ହୁରି, କୋଳାହଳ ୨. ଛୋଟ ପାହାଡ଼ ୩. ଛୋଟ ବାଣିଜ୍ୟ ଜାହାଜ ।

**ହୁଡ଼ିବା କ୍ରି.** ୧. ଭ୍ରମ ବା ଭୁଲ କରିବା ୨. ବିସ୍ମରିବା ୩. ଭର୍ତ୍ସନା କରିବା, କୁବାକ୍ୟ କହିବା ୪. ମର୍ଯ୍ୟାଦା ଲଙ୍ଘିବା ୫. ହୁଡ଼ ବା ବାଜି ରଖିବା ।

**ହୁଡୁକ, ହୁଡୁକା ବି.** ହୁଡ଼କା ।

**ହୁଡୁତ ଅ.** ଷଣ୍ଢର ରଡ଼ି ।

**ହୁଡୁମ, ହୁଡୁମ୍ବ ବି.** ଓଦା ଅବସ୍ଥାରେ ଚୁଡ଼ାକୁ ଭାଜି ତହିଁରୁ ପ୍ରସ୍ତୁତ କରାଯାଉଥିବା ଲଘୁପାକ ଖାଦ୍ୟବିଶେଷ, ଚିରିଲିଆ ।

**ହୁଡୁମା ବିଂ.** ଅତି ଦୁଷ୍ଟ, ଅଖାଡୁଆ, କାଣ୍ଡଜ୍ଞାନଶୂନ୍ୟ; *ସ୍ତ୍ରୀ.* ହୁଡୁମୀ ।

**ହୁଡୁମ୍ବ ବି.** ହୁଡୁମ୍, ଚିରିଲିଆ, ଧାନରୁ ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ ଚୁଡ଼ାଭଜା ।

**ହୁଣ୍ଡ ବି.** ୧. ବାଘ ୨. ମେଣ୍ଢା ୩. ନିର୍ବୋଧ ବା ହୁଣ୍ଡା ବ୍ୟକ୍ତି ୪. ରାକ୍ଷସ ।

**ହୁଣ୍ଡା ବିଂ.** ନିର୍ବୋଧ, ମୂର୍ଖ, କାଣ୍ଡଜ୍ଞାନହୀନ ; **ବି.** ନିର୍ବୋଧ ବ୍ୟକ୍ତି ; *ସ୍ତ୍ରୀ.* ହୁଣ୍ଡୀ ।

**ହୁଣ୍ଡା ତମସୁକ ବି.** ଅଲେଖା ବା ସାଦା ତମସୁକ ।

**ହୁଣ୍ଡାମି ବି.** ହୁଣ୍ଡାପଣ, ନିର୍ବୋଧତା, ମୂର୍ଖପଣିଆ, କାଣ୍ଡଜ୍ଞାନଶୂନ୍ୟତା ।

**ହୁଣ୍ଡା ମୂଲ/ଦର/ଦାମ/ଭାଉ ବି.** ଆନୁମାନିକ ଦାମ୍ ବା ଭାଉ ।

**ହୁଣ୍ଡାର ବି.** ଗଧିଆବାଘ ।

**ହୁଣ୍ଡାଳ ବି.** ଚିତାବାଘ ।

**ହୁଣ୍ଡାଳିଆ ବିଂ.** ହୁଣ୍ଡାବ୍ୟକ୍ତିସୁଲଭ, ନିର୍ବୋଧ ବ୍ୟବହାର ବା ଆଚରଣ କରୁଥିବା ।

**ହୁଣ୍ଡି ବି.** ୧. ଋଣପରିଶୋଧର ପ୍ରତିଶ୍ରୁତିପତ୍ର ୨. ହାଣ୍ଡନୋଟ, ଟଙ୍କା ଦେବାର ବରାଦିପତ୍ର ବା ନିର୍ଦ୍ଦେଶଲିପି, ୩. ଦେବ ମନ୍ଦିରରେ ରଖାଯାଇଥିବା ବାକ୍ସ ଯେଉଁଥିରେ ଭକ୍ତମାନେ ସ୍ୱଇଚ୍ଛାରେ ଅର୍ଥଦାନ କରନ୍ତି ।

**ହୁଣ୍ଡୀ ବିଂ.** ୧. ଚଗଲୀ ୨. ଲଗାମଛଡ଼ା, ମାନଇଜ୍ଜତ ପ୍ରତି ସଚେତନ ନ ଥିବା ୩. ଅସଣ୍ଠଣୀ, ଅଳ୍ପ ବୁଦ୍ଧିମତୀ ।

**ହୁତ୍‌ହୁତ୍ କ୍ରି.ବିଂ.** ସାମାନ୍ୟ ପରିମାଣରେ ଅଗ୍ନିର ଶିଖା ଉଠିବା।

**ହୁତ ବିଂ.** ଦେବୋଦ୍ଦେଶ୍ୟରେ ମନ୍ତ୍ରୋଚ୍ଚାରଣ ପୂର୍ବକ ଅଗ୍ନିରେ କ୍ଷିପ୍ତ ବା ଅର୍ପିତ ; **ବି.** ହୋମାଗ୍ନି, ହୋମ, ହୋମରେ ବ୍ୟବହୃତ ପଦାର୍ଥ ।

**ହୁତଭୁକ୍ ବି.** ୧. ଅଗ୍ନି ୨. ଦେବତା ୩. ସୁର ।

**ହୁତାଗ୍ନି ବି.** ହୋମାଗ୍ନି, ଅଗ୍ନିଶିଖା ।

**ହୁତାଶ ବି.** ହତାଶା, ଦୁର୍ଭାବନା, ଆତଙ୍କ, ଖେଦାଦିଜନିତ ଦାରୁଣ କାତରତା; **ବିଂ.** ହୁତାଶିଆ, ହୁତାଶୀ ।

**ହୁତାଶ, ହୁତାଶନ ବି.** ଅଗ୍ନି, ଅନଳ, ନିଆଁ ।

**ହୁତୁ ହୁତୁ ଜଳିବା କ୍ରି.** ଜୋରରେ ଜଳି ଉଠିବା ।

**ହୁଦସ୍ତ ଅ.କ୍ରି.ବିଂ.** ହଠାତ୍, ଚଟ୍‌କିନା, ଆଗପଛ ବିଚାର ନକରି ।

**ହୁଦା ବି.** ୧. ଅଧିକାରର ବା କାର୍ଯ୍ୟକ୍ଷେତ୍ରର ସୀମା ୨. ପଦବୀ ସୂଚକ ଧାତୁଫଳକ ବା ନିଦର୍ଶନ ୩. ଦଳ, ପଲ, ଗୋଷ୍ଠୀ ୪. ବାଡ଼ିର ଅଗ୍ରଭାଗ ।

**ହୁନ୍ଦର ବି.** ୧. ଛଇ ଛଟକ ୨. ଅଭିଭୂତ କରିବା ପରି ଆଚରଣ ୩. ଛଳ ।

**ହୁନ୍ଦରିଆ ବିଂ.** ଛଇଛଟକ ଦେଖାଉଥିବା ।

**ହୁପା ବିଂ.ବି** ୧. ଅମାନିଆ ୨. ଦୁଃସାହସୀ ।

**ହୁବ ବି.** ସ୍ମରଣ, ଖିଆଲ, ଆତ୍ମପ୍ରତ୍ୟୟ, ସାହସ, ହିମ୍ମତ ।

**ହୁମ୍ ଅ.** ହୁଁ, ଅସନ୍ତୋଷ, କ୍ରୋଧ, କ୍ଷୋଭ, ନିଷେଧ, ସ୍ମୃତି, ବିତର୍କ, ସଂଶୟ, ପ୍ରଶ୍ନ, ସମ୍ମତି ପ୍ରଭୃତି ବୋଧକ ଧ୍ୱନି ।

**ହୁମ୍‌ଢ଼େଇ ବିଂ.** ନିଜ ଘରେ ନ ରହି ଗାଆଁର ୟାଘରେ ତାଘରେ ସଦା ବୁଲିବାରେ ଅଭ୍ୟସ୍ତ (ନାରୀ) ।

**ହୁମ୍‌ଧୁମ୍ ବି.** ୧. କୋଳାହଳ ୨. ଜୋରଜବରଦସ୍ତ ।

**ହୁମୋ ବି.** ବାଳିକାମାନେ ଗୀତ ଗାଇ ଖେଳିବା ଖେଳ।

**ହୁର୍‌ଦୁଙ୍ଗା ବିଂ.** ୧. ଗଣ୍ଡଗୋଳିଆ ୨. ଛୋଟ ଜାତିର ।

**ହୁର୍‌ମୁଖିଆ ବିଂ.ବି.** ଆଗପଛ ନ ଭାବି କାମ କରିବା ବ୍ୟକ୍ତି।

**ହୁର୍‌ରେ ବି.** ଆନନ୍ଦସୂଚକ ମିଳିତ ଧ୍ୱନି ।

**ହୁରବ, ହୂରବ ବି.** ଶୃଗାଳ, ଶିଆଳ, ବିଲୁଆ ।

**ହୁରି, ହୁଡ଼ି ବି.** ଉଚ୍ଚସ୍ୱରରେ ଡାକ, ଚହଳ, କୋଳାହଳ ; **ବିଂ.** ହୁରିଆ ।

**ହୁରିଆ ବିଂ.** ୧. ଉଚ୍ଚସ୍ୱରରେ ଡାକୁଆ ୨. ଉଦ୍‌ଘୋଷକ ୩. ରାଜଉଆସର ପାଇକ; **ବି.** ଥଟ୍ଟାପରିହାସ ।

**ହୁରିବା କ୍ରି.** ୧. ଗାଳି ଦେବା ୨. ଗାତ ଆଦିରେ ବାଉଁଶ ପୂରାଇବା।

**ହୁରିବାଟ୍ ବି.** ଶଗଡ଼ ଯିବା ରାସ୍ତା।

**ହୁରୁଡ଼ା, ହୁଡୁରା ବି.** ହୁରୁଡ଼ାଇବା କାର୍ଯ୍ୟ, ଉଚ୍ଚ ଶବ୍ଦ ଆଦି ଦ୍ୱାରା ଚମକାଇ ତଡ଼ିବା ବା ଭୟଦେଖାଇ ଘଉଡ଼ାଇବା ; **ବିଂ.** ସାମାନ୍ୟ କାରଣରେ ଚମକି ବା ଭୟପାଇ ପଳାୟନଶୀଳ ।

**ହୁରୁଡ଼ିବା** ***କ୍ରି.*** ଚମକି ବା ଭୟ ପାଇ ପଳାଇବା ବା ଦଉଡ଼ିବା ।

**ହୁରୁମ୍ ବି. ହୁରୁମା, ହୁଡୁମା, ହୁଡୁମ୍, ଚିରିଲିଆ।**

**ହୁରୁମା** ***ବିଂ*** ହୁଡୁମା ।

**ହୁରୁହୁର** ***କ୍ରି.ବିଂ.*** ୧. ତରତର ୨. ଫୁରୁଫୁରୁ ।

**ହୁଳ** ***ବି.*** ୧. ସୂକ୍ଷ୍ମ ଅଗ୍ରଭାଗ ୨. ଧନୁର କୋଟି ।

**ହୁଳହୁଳି, ହୁଳହୁଳୀ ବି. ଦେବୀ ବିଶେଷ ।**

**ହୁଲୁହୁଲା** ***ବି.*** ରାତିରେ ରାବୁ ଥିବା ପେଚା ଜାତୀୟ ପକ୍ଷୀ, ହୁଁ ହାଁ ଚଢ଼େଇ ।

**ହୁଳହୁଳା(ଳି), ହୁଳାହୁଳି, ହୁଲୁହୁଳା(ଳି)** ***ବି.*** ହୁଳହୁଳି, ହୁଲ୍‌ହୁଲି ।

**ହୁଳହୁଳୀ** ***ବି.*** ହୁଳହୁଳି, ବାହା, ବ୍ରତ, ପୂଜାଆଦି ମଙ୍ଗଳକାର୍ଯ୍ୟରେ ହିନ୍ଦୁନାରୀମାନଙ୍କର ଜିହ୍ୱାଚାଳନଜନିତ ଧ୍ୱନି, ହୁଲ୍‌ହୁଲି ।

**ହୁଳହୁଳୀ ପତ୍ର** ***ବି.*** ଶୁଭକାର୍ଯ୍ୟରେ ଲାଗୁଥିବା ବରକୋଳି ପତ୍ର ।

**ହୁଳହୁଳୀ ବାଉଁଶିଆ** ***ବି.*** ମାଙ୍ଗଳିକ କାର୍ଯ୍ୟରେ ବ୍ୟବହୃତ ବାଉଁଶ ତିଆରି ଉପକରଣ ।

**ହୁଳା** ***ବି.*** ୧. ଅଗ୍ନିଶିଖା ୨. ନିଆଁବଡ଼ିଆ, ଦିହୁଡ଼ି ବିଶେଷ ୩. ଉତ୍ତପ୍ତ ସ୍ଥାନ ବା ଦ୍ରବ୍ୟରୁ ବାହାରୁଥିବା ଭୀଷଣ ତାପ ୪. ଜ୍ୱାଳା ।

**ହୁଲ୍‌ହୁଲି ବି.** ୧. ହୁଳହୁଳି ୨. ମଳୟ ପବନ, ଧୀର ବାୟୁ ।

**ହୁଲର, ହୁଲ୍ଲର** ***ବି.*** କୋଳାହଳ, ଡକାବୋବାଳି, ହଇଚଇ, ହୁରି, ଚହଳ, ଚିତ୍କାର, ହଲ୍ଲା, ହାଲୋଳ ।

**ହୁଲରିଆ, ହୁଲ୍ଲରିଆ** ***ବିଂ*** ହୁରିଆ, ଯେ ହୁଲର କରେ; ***ସ୍ତ୍ରୀ.*** ହୁଲରୀ ।

**ହୁଲସ୍ଥୁଲ** ***ବି.*** ଚାଞ୍ଚଲ୍ୟ, ଅସ୍ତବ୍ୟସ୍ତ ଅବସ୍ଥା, ଚହଳ ।

**ହୁଲା ବି.** ୧. ନିଆଁହୁଲା, ଅଗ୍ନିଶିଖା ୨. ମନ୍ଦା, ଗଛମୂଳରେ ପାଣି ଦେବା ପାଇଁ ଘେର ।

**ହୁଲା ଉଠ୍‌ବା** ***କ୍ରି.*** ଭୀଷଣ ତାପ ହେବା, ନିଆଁ ଜଳିବା ସ୍ଥାନରୁ ଉତ୍ତାପ ବ୍ୟାପିବା।

**ହୁଲି** ***ବି.*** ଅତି ଅପ୍ରଶସ୍ତ ଛୋଟ ନାଆ(ଡଙ୍ଗା) ବିଶେଷ ।

**ହୁଲିଆଜାରି** ***ବି.*** ପଳାତକ ଅପରାଧୀକୁ ଧରିବାପାଇଁ ବା ନିରୁଦ୍ଦିଷ୍ଟ ଲୋକର ସନ୍ଧାନପାଇଁ ତା'ର ଚେହେରା ବିଷୟରେ ପ୍ରଚାର ।

**ହୁସ, ହୋସ** ***ବି.*** ଚେତନା, ସଂଜ୍ଞା, ଚେତା, ଜ୍ଞାନ, ଖିଆଲ, ସତର୍କତା ।

**ହୁସିଆର** ***ବିଂ*** ୧. ସଚେତନ, ସତର୍କ, ଚତୁର, ଜାଗତିଆର, ଚାଲାକ ୨. ବୟସବୃଦ୍ଧି ଜନିତ ବିଚାର ବିବେଚନା ଶକ୍ତି ପ୍ରାପ୍ତ ୩. ଜ୍ଞାନପ୍ରାପ୍ତା (ବାଳିକା) ; ***ଅ.*** ସାବଧାନ ହୁଅ – ଏହି ଚେତାବନୀ ।

**ହୁସିଆରି** ***ବି.*** ହୁସିଆରପଣ, ସତର୍କତା, ଚତୁରତା ।

**ହୁସିଆରୀ** ***ବିଂ*** ସତର୍କତାମୂଳକ, ଚତୁରତାପୂର୍ଣ୍ଣ ।

**ହୁହୁ** ***ଅ.*** ୧. ଉଚ୍ଚରେ ଅଗ୍ନିଶିଖା ଉଠିବା ୨. ପ୍ରବଳ ବେଗରେ ବା ଗତିରେ ପବନ ବହିବାର ଶବ୍ଦ ୩. ଯାତନା, ଅନ୍ତର୍ଦାହ, ନୈରାଶ୍ୟ ପ୍ରଭୃତି ସୂଚକ ଭାବ; ***କ୍ରି.ବିଂ.*** ୧. ଅତିମାତ୍ରାରେ ୨. ଅତି ଅଧିକ ପରିମାଣରେ ୩. ଖୁବ୍ ତୀବ୍ରଭାବରେ ୪. ଅତି ପ୍ରବଳଭାବରେ, ଖୁବ୍ ଶୀଘ୍ରଶୀଘ୍ର ; ***ବି.*** ଗନ୍ଧର୍ବବିଶେଷ ।

**ହୁହାଁ** ***ବି.*** ପେଚାଜାତୀୟ ରାତ୍ରିଚର ପକ୍ଷୀ ।

**ହୂତି** ***ବି.*** ଡାକ, ଆହ୍ୱାନ ।

**ହୃତ୍‌କମ୍ପ** ***ବି.*** ଭୟ, ଆବେଗ ବା ଉତ୍କଣ୍ଠା ଜନିତ କମ୍ପନ, ଛାତିଥରା, ଛାତି ଧଡ଼ଧଡ଼ ।

**ହୃତ୍‌ପିଣ୍ଡ** ***ବି.*** ୧. ଶରୀରର ରକ୍ତ ସଂଚାଳନକାରୀ ପ୍ରତ୍ୟଙ୍ଗ ୨. ହୃଦୟ ।

**ହୃତ୍‌ସ୍ପନ୍ଦନ** ***ବି.*** ୧. ହୃତ୍‌ପିଣ୍ଡରେ ରକ୍ତରେ ପ୍ରବାହଜନିତ କମ୍ପନ ୨. ଛାତିଥରା ।

**ହୃତ** ***ବିଂ*** ୧. ଚୋରିହୋଇଯାଇଥିବା, ଲୁଣ୍ଠିତ ୨. ଅନ୍ୟାୟପୂର୍ବକ ଗୃହୀତ ୩. ନଷ୍ଟ, ଛିନ୍ନ ।

**ହୃତଗୌରବ** ***ବିଂ*** ଯାହାର ଅତୀତର ମାନମର୍ଯ୍ୟାଦା ନଷ୍ଟ ହୋଇଯାଇଛି, ***ସ୍ତ୍ରୀ.*** ହୃତଗୌରବା ।

**ହୃତସର୍ବସ୍ୱ** ***ବିଂ*** ଯାହାର ଯାବତୀୟ ଧନସମ୍ପତ୍ତି ଲୁଟ ହୋଇଯାଇଛି ବା ଛଡ଼େଇ ନିଆଯାଇଛି, ***ସ୍ତ୍ରୀ.*** ହୃତସର୍ବସ୍ୱା ; ***ବି.*** ହୃତସର୍ବସ୍ୱତା ।

**ହୃତି** ***ବି.*** ଅପହରଣ, ନାଶ, ଲୁଣ୍ଠନ, ଆକର୍ଷଣ ; ***ବିଂ*** ହୃତ ।

**ହୃଦ୍‌ବୋଧ** ***ବି.*** ୧. ବିଶ୍ୱାସ ୨. ଅନୁଭବ ।

**ହୃଦ୍‌ରୋଗ** ***ବି.*** ହୃତ୍‌ପିଣ୍ଡର ରୋଗ, ହୃଦଘାତ, ହାର୍ଟ ଡ଼ିଜିଜ୍ ।

**ହୃଦୟଗତ** ***ବିଂ*** ହୃଦଗତ, ଅନ୍ତରଗତ ।

**ହୃଦୟଙ୍ଗମ** ***ବିଂ*** ୧. ବୋଧଗମ୍ୟ ୨. ମନରେ ପ୍ରବିଷ୍ଟ ୩. ହୃଦଗତ।

**ହୃଦୟଗ୍ରାହୀ** ***ବିଂ*** ୧. ରୁଚିକର ୨. ମନୋରମ ୩. ଚିତ୍ତାକର୍ଷକ; ***ସ୍ତ୍ରୀ.*** ହୃଦୟଗ୍ରାହିଣୀ ।

**ହୃଦୟବତ୍ତା** ***ବି.*** ହୃଦୟର ଉଦାରତା, ସମଦର୍ଶିତା, ସହାନୁଭୂତିଶୀଳତା; ***ବିଂ*** ହୃଦୟବାନ୍ ।

**ହୃଦୟବଲ୍ଲଭ** ***ବି.*** ୧. ସ୍ୱାମୀ ୨. ପ୍ରାଣପ୍ରିୟ ୩. ପ୍ରଣୟୀ ।

**ହୃଦୟବଲ୍ଲଭା** ***ବିଂ*** ପ୍ରାଣପ୍ରିୟା, ପ୍ରଣୟିନୀ ; ***ବି.*** ପତ୍ନୀ, ପ୍ରେମିକା ।

**ହୃଦୟବାନ** ***ବିଂ.ବି.*** ୧. ଉଦାର ୨. ମହାପ୍ରାଣ ୩. ସମଦର୍ଶୀ ୪. ମହାନୁଭବ ୫. ସହୃଦୟ ୬. ସହାନୁଭୂତିଶୀଳ, ***ବିପ.*** ହୃଦୟହୀନ ।

**ହୃଦୟବିଦାରକ** ***ବିଂ*** ୧. ମର୍ମଭେଦୀ ୨. ଛାତିଫଟା ୩. ଅତୀବ ଦୁଃଖଜନକ ୪. କରୁଣ ।

**ହୃଦୟଭେଦୀ** ***ବିଂ*** ୧. ମର୍ମଘାତୀ ୨. ମର୍ମାନ୍ତିକ ୩. ମର୍ମଭେଦୀ ୪. ମର୍ମପୀଡ଼ାଦାୟକ ୫.ବାଧକ ।

**ହୃଦୟହୀନ** ***ବିଂ*** ନିର୍ଦ୍ଦୟ, ନିର୍ମମ, କଠୋରଚିତ୍ତ, ଦୟାମାୟାବିରହିତ ; ***ବି.*** ହୃଦୟହୀନତା ।

**ହୃଦୟସ୍ପର୍ଶୀ** ***ବିଂ*** ୧. ମନଛୁଆଁ ୨. ମର୍ମସ୍ପର୍ଶୀ ୩. ଯାହା ହୃଦୟର ଗଭୀରତମ ପ୍ରଦେଶକୁ ଅଭିଭୂତ କରେ ।

**ହୃଦୟହାରୀ** ***ବିଂ.*** ୧. ମନୋମୁଗ୍ଧକାରୀ, *ସ୍ତ୍ରୀ.* ହୃଦୟହାରିଣୀ ।

**ହୃଦୟେଶ, ହୃଦୟେଶ୍ୱର** ***ବି.*** ପ୍ରାଣେଶ୍ୱର, ପ୍ରିୟ ।

**ହୃଦୟେଶ୍ୱରୀ** ***ବି.*** ପ୍ରିୟା, ପ୍ରେମିକା ।

**ହୃଦ୍ଗତ୍** ***ବିଂ.*** ଅନ୍ତରଗତ, ମନୋଗତ, ଆନ୍ତରିକ ।

**ହୃଦ୍ୟ** ***ବିଂ.*** ୧. ମନୋରମ, ରୁଚିକର, ହୃଦୟଗ୍ରାହ୍ୟ ୨. ପ୍ରିୟ, ମନୋହର ୩. ମନଲାଖି, ଆନ୍ତରିକତାଭରା ୪. ପ୍ରୀତିକର; *ସ୍ତ୍ରୀ.* ହୃଦ୍ୟା ।

**ହୃଷୀକେଶ** ***ବି.*** ୧. କୃଷ୍ଣ, ନାରାୟଣ ୨. ପଞ୍ଚଜ୍ଞାନେନ୍ଦ୍ରିୟର ଈଶ ।

**ହୃଷ୍ଟ** ***ବିଂ.*** ୧. ଅତ୍ୟନ୍ତ ତୃପ୍ତ ୨. ଆନନ୍ଦିତ ।

**ହୃଷ୍ଟତା** ***ବି.*** ତୃପ୍ତି, ପୁଲକ, ଆନନ୍ଦ, ହରଷ ।

**ହୃଷ୍ଟପୁଷ୍ଟ** ***ବିଂ.*** ୧. ମାନସିକ ଓ ଶାରୀରିକ ଭାବରେ ସୁସ୍ଥ ଓ ସବଳ ୨. ମୋଟାସୋଟା ।

**ହେଁ** ***ଅ.*** ୧. ତଥାପି, ସୁଦ୍ଧା, ମଧ୍ୟ, ଅବା, ଭଲା ୨. ଉପହାସ, ଅସୂୟା ବା ଅବଜ୍ଞା ସୂଚକ ଶବ୍ଦ ୩. ଯାକ, ଜାଣ ।

**ହେଁସ** ***ବି.*** ବେଡ଼ୁଆଁରେ ତିଆରି ମୋଟା ଓ ବଡ଼ ଆକାରର ମଶିଣା ।

**ହେଁହେଁ** ***ଅ.*** ଅଶାଳୀନ ଓ ଅଭଦ୍ରୋଚିତ ହସ, ନେଫଡା ହସ, ଲଜ୍ଜାହୀନ ହସ ।

**ହେଁହେଁଇଆ** ***ବିଂ.*** ହେଁ ହେଁ କରି ହାସ୍ୟକାରୀ, ଅତି ସାଧାରଣ ଉଲ୍ଲାସ ପର୍ଯ୍ୟାୟଭୁକ୍ତ(ହସ) ।

**ହେଁ ହେଁ ଫେଁ ଫେଁ** ***ବି.*** ଅଶାଳୀନ ଭାବରେ ଉଚ୍ଚ ଶବ୍ଦରେ ହସାହସି ।

**ହେ** ***ଅ.*** ୧. ଆବୃତ୍ତିରେ ଛନ୍ଦର ମାତ୍ରା ବଜାୟ ରଖିବା ପାଇଁ ପାଦପୂରକ ରୂପେ ବ୍ୟବହୃତ ସମ୍ବୋଧନ ସୂଚକ ବିଶେଷ ୨. ସମ୍ବୋଧନ- ଆହ୍ୱାନ ୨. ତୁଚ୍ଛ ବା ଅବଜ୍ଞାସୂଚକ ଭାବ; ***ସ.*** ସେ ।

**ହେଇ, ହେଇଟି** ***ଅ.*** ଦୃଷ୍ଟିଆକର୍ଷଣ ସୂଚକ ଶବ୍ଦ ।

**ହେଉ** ***କ୍ରି.*** ୧. ଆଚ୍ଛା ୨. ହେଲା ୩. ଘଟୁ ; ***ଅ.*** ସ୍ୱୀକୃତି ଓ ସମ୍ମତିସୂଚକ ଶବ୍ଦ ।

**ହେଉଡ଼ି** ***ବି.*** ୧. ଏଉଡ଼ି, ହାକୁଟି, ଖାଦ୍ୟ ପାନୀୟ ଗ୍ରହଣ ପରେ ଉଠୁଥିବା ପବନ ୨. ଗୋରୁଙ୍କ ଏକପ୍ରକାର ଧ୍ୱନି ।

**ହେକ୍‌ଟର** ***ବି.*** ୧୦ ଏକର ପରିମିତ ଭୂମି ।

**ହେକା, ହିକା** ***ବି.*** ମରିବା ପୂର୍ବରୁ ଉଠୁଥିବା ନିଃଶ୍ୱାସ ।

**ହେଙ୍କଡ଼, ହେଙ୍କଡିଆ** ***ବିଂ.*** ଅବାଗିଆ, ଉଦ୍ଧତ, ଅବଜ୍ଞା ପ୍ରଦର୍ଶନକାରୀ, ତେଢ଼ା, ବେଖାତିରିଆ ।

**ହେଙ୍କଡ଼ାମି** ***ବି.*** ହେଙ୍କଡପଣ, ଔଦ୍ଧତ୍ୟପୂର୍ଣ୍ଣ ଆଚରଣ, ବଦମାସି, ଅବଜ୍ଞାଭରା ଆଚରଣ, ତେଢ଼ାଖୋଇ ।

**ହେଙ୍ଗା** ***ବିଂ.*** କାମ କରୁନଥିବା, ନିକମା, *ସ୍ତ୍ରୀ.* ହେଙ୍ଗୀ ।

**ହେଙ୍ଗୁ** ***ବି.*** ହିଙ୍ଗୁ, ବୃକ୍ଷବିଶେଷର କଟୁଗନ୍ଧ ନିର୍ଯ୍ୟାସ ।

**ହେଙ୍ଗୁଳ** ***ବି.*** ଲାଲରଙ୍ଗ, ରସସିନ୍ଦୂର ।

**ହେଙ୍ଗୁଳା** ***ବି.*** ଗରମ ପବନ, ଝାଞ୍ଜିପବନ ।

**ହେଙ୍ଗୁ ସୁଙ୍ଘାଇବା** ***କ୍ରି.*** ୧. ଭୁଲେଇ ଦେବା, ବାଆଁରେଇଦେବା ୨. ଜଣକୁ ମାଧ୍ୟମ କରି କାର୍ଯ୍ୟ ହାସଲ ପରେ ଦୂରେଇ ଦେବା ।

**ହେଜ, ହେଜା** ***ବି.*** ୧. ହେତୁ ବା ସ୍ମରଣ ୨. ଅନୁମାନ ୩. ତର୍କଣା ୪. କଳନା ୫. ଧାରଣା ; ***ବିଂ.*** ହେଜା ।

**ହେଜତା** ***ବିଂ.*** ମାଗିଖିଆ, ଭିକ୍ଷାଜୀବୀ, ରଙ୍କୁଣା; *ସ୍ତ୍ରୀ.* ହେଜତୀ ।

**ହେଜାଇବା** ***କ୍ରି.*** ଚେତାଇବା, ସତର୍କ କରିଦେବା ।

**ହେଜିବା** ***କ୍ରି.*** ୧. ସ୍ମରଣ କରିବା, ମନେପକାଇବା ୨. ଅନୁମାନ ବା କଳନା କରିବା ୩. ଚେତିବା ୪. ଗୁରୁତ୍ୱ ଦେଇ ବିଚାରିବା ବା ଭାବିବା ।

**ହେଜୁଆ** ***ବିଂ.*** ଚେତୁଆଳ ।

**ହେଞ୍ଜଡ଼ା, ହେଞ୍ଜୋଡ଼ା** ***ବିଂ.*** ହିଂଜଡ଼ା, ତୃତୀୟଲିଙ୍ଗୀ; ***ବି.*** ବିନାକାରଣରେ ହସୁଥିବା ବ୍ୟକ୍ତି ।

**ହେଞ୍ଜଳୀ, ହେଞ୍ଜୋଳୀ** ***ବି.*** ସ୍ତ୍ରୀତ୍ୱହୀନା ନାରୀ, ଚଣ୍ଡୀ ; ***ବିଂ.*** ସ୍ତ୍ରୀତ୍ୱହୀନା ।

**ହେଟ୍** ***ଅ.*** ଅବଜ୍ଞାରେ ଘଉଡାଇ ଦେବାପାଇଁ ଧ୍ୱନି ।

**ହେଟ, ହେଠ** ***ବିଂ.*** ଆନତ, ଅବନତ, ନତ, ନିମ୍ନମୁଖ ; ***କ୍ରି.*** ହେଟା (ଟେ)ଇବା, ହେଠା(ଠେ)ଇବା ।

**ହେଟା, ହେଟାବାଘ** ***ବି.*** ଗଧିଆ, ହୁଣ୍ଡାବାଘ, ଗିଡୁଆ, ରାମସିଆଳ, ହୁଣ୍ଡାଳ, ଲେଙ୍କଡା ।

**ହେଠାଜମି** ***ବି.*** ପୂର୍ବେ ଖଜଣା ଆଦାୟକାରୀକୁ ମିଳୁଥିବା ନିଷ୍କର ଜମି ।

**ହେଡ୍** ***ବିଂ.*** ପ୍ରଧାନ, ମୁଖ୍ୟ ; ***ବି.*** ମୁଣ୍ଡ ।

**ହେଡ୍ ଅଫିସ୍** ***ବି.*** ମୁଖ୍ୟ ଦପ୍ତର, ମୁଖ୍ୟ କାର୍ଯ୍ୟାଳୟ ।

**ହେଡ୍ ଆଜ୍ଞା** ***ବି.*** ପ୍ରଧାନଶିକ୍ଷକ ।

**ହେଡ୍ କନେଷ୍ଟବଲ୍** ***ବି.*** ମୁଖ୍ୟ ପୁଲିସ୍ ସିପାହୀ ।

**ହେଡ୍ କରିବା** ***ବି.*** ୧. ଫୁଟବଲ୍ ଖେଳରେ ବଲ୍‌କୁ ମୁଣ୍ଡରେ ଆଘାତ କରିବା ୨. ବିଭାଗ ମୁଖ୍ୟ ହେବା ।

**ହେଡ୍ କ୍ଲାର୍କ** ***ବି.*** ମୁଖ୍ୟ କିରାଣି, ବଡ଼ବାବୁ ।

**ହେଡ୍‌କ୍ୱାଟରସ୍** ***ବି.*** ୧. କୌଣସି ପ୍ରାଶାସନିକ ଅଞ୍ଚଳର ସଦର ମହକୁମା ୨. କର୍ମଚାରୀଙ୍କ ମୁଖ୍ୟ କାର୍ଯ୍ୟସ୍ଥଳ ।

**ହେଡ୍‌ମାଷ୍ଟର** ***ବି.*** ପ୍ରଧାନଶିକ୍ଷକ ।

**ହେଡ୍‌ମିଷ୍ଟ୍ରେସ୍** ***ବି.*** ପ୍ରଧାନ ଶିକ୍ଷୟତ୍ରୀ ।

**ହେଡ୍‌ମିସ୍ତ୍ରୀ** ***ବି.*** ପ୍ରଧାନ ମିସ୍ତ୍ରୀ ।

**ହେଡ୍‌ଲାଇନ୍** ***ବି.*** ଶିରୋନାମା, ସମ୍ବାଦପତ୍ରର ମୁଖ୍ୟପୃଷ୍ଠାର ପ୍ରଧାନ ଖବର, ପ୍ରମୁଖ ସମ୍ବାଦ ।

**ହେଡ୍‌ସ୍କାର୍ଫ** ***ବି.*** ଶିଶୁ ଓ ନାରୀମାନଙ୍କ ମୁଣ୍ଡବନ୍ଧା ମଫଲର୍ ।
**ହେଡ୍ଡା** ***ବି.*** ୧. ଗୋରୁମାଂସ ୨. ନିକୃଷ୍ଟ ଜୀବର ମାଂସ ।
**ହେଡ୍ଡାଖିଆ** ***ବିଂ.*** ଗୋମାଂସଭୋଜୀ (ଗାଳି); ***ସ୍ତ୍ରୀ.*** ହେଡ୍ଡାଖାଇ ।
**ହେଡ଼ିଙ୍ଗ୍** ***ବି.*** ଶୀର୍ଷକ, ଶିରୋନାମା ।
**ହେଙ୍ଗା** ***ବିଂ.*** ବେଖାତିରିଆ, ଅବାଧ୍ୟ ; ***ବି.*** ଅବଜ୍ଞା ।
**ହେଙ୍କାର, ହେଙ୍କାଳ** ***ବି.*** ବାଘ ଓ ସିଂହର ଗମ୍ଭୀର ଗର୍ଜନ, ବିକଟ ଶବ୍ଦ ; ***କ୍ରି.*** ହେଙ୍କାରି(ଳି)ବା ।
**ହେଙ୍ଗିବା** ***କ୍ରି.*** ଅବଜ୍ଞା ବା ବେଖାତର କରିବା, ପାସଙ୍ଗରେ ନ ପକାଇବା, ତେଡ଼ିବା ।
**ହେଣ୍ଡା** ***ବିଂ.*** ମୂର୍ଖ, ଜ୍ଞାନହୀନ ; ***ବି.*** ଖାଇପିଇ କୌଣସି ଦାୟିତ୍ୱ କଥା ନ ଭାବି ଅଚିନ୍ତାରେ ଦିନକାଟିବା ଲୋକ; ***ସ୍ତ୍ରୀ.*** ହେଣ୍ଡୀ ।
**ହେଣ୍ଡା(ହେଣ୍ଡି) ମାରିବା** ***କ୍ରି.*** ଗୋଟିଏ କାଖସନ୍ଧିରେ ଅନ୍ୟ ହାତର ପାପୁଲି ରଖି ଚାପିବା ଯୋଗୁଁ ସୃଷ୍ଟ ଧ୍ୱନି ।
**ହେଣ୍ଡି** ***ବି.*** ୧. କାଖ ପିଟିବା ୨. କେଳାଙ୍କ ହାବୁଡ଼ା ।
**ହେଣ୍ଡିଆ** ***ବିଂ.*** ଯେ ହେଣ୍ଡିଦ୍ୱାରା ଶବ୍ଦ କରେ, ହାବୁଡାମରାଳି ।
**ହେଣ୍ଡି ମାରିବା** ***କ୍ରି.*** ବିନା ଦକରେ ଖୁସି ରହିବା, ଖାଲି ଖାଇ ପିଇ ଫୁର୍ତ୍ତି କରିବା ।
**ହେଣ୍ଡୁଆ** ***ବି.*** ଶୁଖିଲା ବାଉଁଶ କରଡ଼ିର ଗୁଣ୍ଡ ।
**ହେତ୍** ***ଅ.*** ବାରଣ, ନିଷେଧ, ଅସନ୍ତୋଷାଦିସୂଚକ ଶବ୍ଦ ।
**ହେତ୍‌କି** ***ଅ.*** ସେତିକି ।
**ହେତ୍‌ତେରିକା** ***ଅ.*** ବିରକ୍ତିସୂଚକ ଉଚ୍ଚାରଣ ।
**ହେତା** ***ବି.*** ହଳିଆ ବା କୋଠିଆଙ୍କୁ ଏବଂ ଗ୍ରାମର ସେବକଙ୍କୁ ଦିଆଯାଇଥିବା ଜାଗିରି, ଠିକାକାମର ବୃତ୍ତି ।
**ହେତାବା** ***କ୍ରି.*** ମନେ ପକାଇବା, ସ୍ମରଣ କରିବା ।
**ହେତାର** ***ସ.*** ତାହାର ।
**ହେତି** ***ବି.*** ଅସ୍ତ୍ରଶସ୍ତ୍ର, ଆୟୁଧ; ***କ୍ରି.*** ହୁଅନ୍ତି ।
**ହେତିବା** ***କ୍ରି.*** ହେତୁ କରିବା, ସ୍ମରଣ କରିବା, ଚେତିବା, ହେଜିବା ।
**ହେତୁ** ***ଅ.*** କାରଣ, ଯୋଗୁଁ ; ***ବି.*** ୧. ହୋବ, ହେଜ, ସ୍ମରଣ ୨. ଜ୍ଞାନ, ବୋଧଶକ୍ତି, ବିବେକଶକ୍ତି ୩. ଯୁକ୍ତି, କାରଣ ୪. ନିମିତ୍ତ, ମୂଳ ଉଦ୍ଦେଶ୍ୟ ୫. ପ୍ରୟୋଜନ ।
**ହେତୁ ଉଦୟ** ***ବି.*** ଜ୍ଞାନପ୍ରାପ୍ତି, ଚେତନା ଉଦୟ ।
**ହେତୁବାଦ** ***ବି.*** ୧. ଯୁକ୍ତିବାଦ ୨. ହେତୁକଥନ, କାରଣ ଉଲ୍ଲେଖକରଣ ୩. ତର୍କବିଦ୍ୟା ।
**ହେତୁବାଦୀ** ***ବିଂ.*** ଯୁକ୍ତିବାଦୀ, ତାର୍କିକ; ***ସ୍ତ୍ରୀ.*** ହେତୁବାଦିନୀ ।
**ହେତୁରୁ** ***ଅ.*** କାରଣରୁ ।
**ହେତୁଶାସ୍ତ୍ର** ***ବି.*** ତର୍କଶାସ୍ତ୍ର, ନ୍ୟାୟଶାସ୍ତ୍ର ।
**ହେଦେ, ହାଦେ** ***ଅ.*** ହେଇଟି, ହେଇ ଦେଖ ।
**ହେନ୍ତା** ***ଅ.*** ସେମିତି, ସେହିପରି ।
**ହେନା** ***ବି.*** ସୁଗନ୍ଧ ଫୁଲ ବିଶେଷ ଓ ତାର ଗୁଳ୍ମ ।
**ହେନ୍ତାଳବନ** ***ବି.*** ସମୁଦ୍ରକୂଳର ସନ୍ତସନ୍ତିଆ ଓ ଲୁଣାମାଟିରେ ଦେଖାଯାଉଥିବା ଘଞ୍ଚ ଦୃଢ଼ ଚେର ଥିବା ଗଛର ବଣ ।
**ହେନ୍ତେଇ** ***ଅ.*** ସେମିତି ।
**ହେପାଜତ୍, ହେପାଦସ୍ତ** ***ବି.*** ଦାୟିତ୍ୱ, ରକ୍ଷଣାବେକ୍ଷଣ, ତତ୍ତ୍ୱାବଧାନ, ଜିମାଦାରି, ଯତ୍ନନେବା ।
**ହେପାଜତିଆ, ହେପାଦସ୍ତିଆ** ***ବିଂ.*** ଯେ ହେପାଜତ କରେ, ଯେ ଯତ୍ନର ସହିତ ରଖେ ବା ବୁଝାଶୁଝା କରେ ।
**ହେବ୍‌ଲିବା** ***କ୍ରି.*** ଠେଲିବା, ପେଲିବା, ଧକ୍‌କା ମାରିବା
**ହେବା** ***କ୍ରି.*** ୧. ଘଟିବା ୨. ଜନ୍ମିବା ୩. ଉତ୍ପନ୍ନ ହେବା ୪. ଖେପିବା ୫. ମିଳିବା ବା ଜୁଟିବା ୬. ଅଣ୍ଟିବା ୭. ଅଧିକାରକୁ ଆସିବା ୮. ଅନୁରୂପ ବା ଯୋଗ୍ୟ ହେବା ୯. ଉପଯୁକ୍ତ ହେବା ୧୦. ଅତିକ୍ରାନ୍ତ ହେବା ୧୧. ଫଳିବା ।
**ହେବାଗେବା** ***ବିଂ.*** ୧. ଆବୁଡାଖାବୁଡ଼ା, ଖାଲଢ଼ିପ ୨. ବିଶୃଙ୍ଖଳ ୩. ତେଢ଼ାମେଢ଼ା ୪. ଢ଼ିଲା ୫. ଅନିୟମିତ ।
**ହେମ** ***ବି.*** ୧. ସୁନା ୨. ଏକମଷା ଓଜନ ୩. କଳାଘୋଡା ୪. ବୁଧ ୫. ଧୁତୁରା ୬. କେଶର ।
**ହେମକାନ୍ତି** ***ବି.*** ୧. ସୁନାର ରଙ୍ଗ ୨. ଦାରୁହରିଦ୍ରା ; ***ବିଂ.*** ସ୍ୱର୍ଣ୍ଣାଭ, ସୁନେଲି ।
**ହେମକୂଟ, ହେମଗିରି** ***ବି.*** ସୁମେରୁ ପର୍ବତ, ସ୍ୱର୍ଣ୍ଣାଦ୍ରି ।
**ହେମଗୋରୀ** ***ବିଂ*** କନକଗୋରୀ, ସୁନାଗୋରୀ, ଯେଉଁ ନାରୀର ଦେହର ରଙ୍ଗ ସୁନାପରି ।
**ହେମତ, ହେମନ୍ତ** ***ବି.*** ୧. ହିମ୍ମତ, ମାନସିକ ସାମର୍ଥ୍ୟ, ଦମ୍ଭ ୨. ପୌରୁଷ ୩. ନିର୍ଭୀକତା, ଦୁଃସାହସ ୪. ଅସାଧ୍ୟ କର୍ମ ସ-ାଦନ ପାଇଁ ମାନସିକ ପ୍ରସ୍ତୁତି ୫. ଛାତିପତା, ଦାମ୍ଭିକତା ।
**ହେମତି** ***ଅ.*** ସେହିପରି, ସେପରି, ତଥା ।
**ହେମତିଆ, ହେମନ୍ତିଆ** ***ବିଂ.*** ସାହସିକ, ଅକୁତୋଭୟ, ଦୁଃସାହସୀ, ଉଦ୍ଦାମ ।
**ହେମଦସ୍ତା** ***ବି.*** ଶୁଖିଲା ଓ ଟାଣ ପଦାର୍ଥ ଗୁଣ୍ଡ କରିବାପାଇଁ ଲୁହାର ଖଲ (କୁଣ୍ଡି)ଓ ପୁଆ ।
**ହେମନ୍ତ** ***ବି.*** ୧. ହିମଋତୁ, କାର୍ତ୍ତିକ-ମାର୍ଗଶିର ମାସଯୁକ୍ତ ଋତୁ, ଶିଶିର ଓ ବସନ୍ତର ମଧ୍ୟବର୍ତ୍ତୀ ଦୁଇମାସ କାଳ ୨. ହିମାଳୟ ।

**ହେମପୁଷ୍ପ** *ବି.* ୧. ଅଶୋକଫୁଲ ୨. ଚମ୍ପାଫୁଲ ।
**ହେମସାଗର** *ବି.* ୧. ଘିକୁଆଁରୀ ଭଳି ମାଂସଳ ପତ୍ର ବିଶିଷ୍ଟ ଗୁଳ୍ମ ବିଶେଷ ୨. ଏକ ଜାତୀୟ ଆମ୍ବ ।
**ହେମସାର** *ବି.* ଟାଙ୍ଗଣା, ତୁତିଆ, ତୁତ୍ଥ ।
**ହେମାଜୋରି** *ବି.* ୧. ଜବରାଣ, ଜବରଦସ୍ତି, ଚାପ ୨. ଅକାରଣ ବଳପ୍ରୟୋଗ ।
**ହେମାନେ** *ସ.* ସେମାନେ ।
**ହେମାରଡ଼ି, ହେମାର[ରା]ବ** *ବି.* ୧. ଗୋରୁଙ୍କ ହମ୍ବାଳ ବା ହମ୍ବାରଡ଼ି ୨. ଉଚ୍ଚ ଡାକ, ଉଚ୍ଚସ୍ୱରରେ କାନ୍ଦିବା ।
**ହେମାଳ** *ବିଂ.ବି.* କୋଲମରା ଅତିଥଣ୍ଡା, କାଲୁଆ, ହେମନ୍ତକାଳ ।
**ହେମାଳ ପବନ** *ବି.* କନକନିଆ ଥଣ୍ଡା ପବନ, ହାଡ଼କମ୍ପା ପବନ ।
**ହେମାଳିଆ** *ବିଂ.* ୧. ଶୀତୁଆ ୨. ବଳପୂର୍ବକ ଅପହୃତ ୩. ଦଳଗତ ଭାବେ ଲୁଣ୍ଠିତ ।
**ହେମାଲ୍** *ବି.* ପିଠିରେ ବସ୍ତା ବୋହିବା ମଜୁରିଆ।
**ହେୟ** *ବିଂ.* ୧. ନଗଣ୍ୟ, ତୁଚ୍ଛ ୨. ଅପାଙ୍‌କ୍ତେୟ ୩. ପାସଙ୍ଗରେ ନ ପକାଇବା ଯୋଗ୍ୟ ।
**ହେର୍‌ନା** *ବି.* ହରିଣ, ମୃଗ।
**ହେର୍‌ଫେର** *ବି.* ୧. କୌଣସି ପଦାର୍ଥ କିଣାବିକା ବା ବ୍ୟବହାରରେ ଏପଟ ସେପଟ ୨. ଜାଲିଆତି, ହାତ ସଫେଇ ।
**ହେର** *ବି.* ୧. ଆସୁରୀ ମାୟା ୨. ହଳଦୀ, ହରିଦ୍ରା ।
**ହେରଣ, ହେରଣା** *ବି.* ଦେଖଣା, ଦର୍ଶନ ।
**ହେରମ୍ବ** *ବି.* ୧. ଗଣେଶ ୨. ମହିଷ ୩. ଶୌର୍ଯ୍ୟ ।
**ହେରସା** *ବିଂ.* ନିର୍ଲଜ୍ଜଭାବରେ (ଘୋଡାପରି) ଉଚ୍ଚହାସ୍ୟକାରୀ, ଭେରସା; *ସ୍ତ୍ରୀ.* ହେରେସୀ।
**ହେରସାମି** *ବି.* ହେରସାପଣ, ବେହ୍ୟାମି, ଭାଡୁଆମି ।
**ହେରା** *ବି.* ଦର୍ଶନ, ଦେଖା।
**ହେରାପଞ୍ଚମୀ** *ବିଂ.* ଗୁଣ୍ଡିଚାଯାତ୍ରାର ପଞ୍ଚମ ଦିବସ, ଏହି ଦିନ ଅନୁଷ୍ଠିତ କ୍ରୋଧିତା ମହାଲକ୍ଷ୍ମୀଙ୍କର ଜଗନ୍ନାଥଙ୍କ ରଥଭଙ୍ଗା ।
**ହେରିକ** *ବି.* ଦର୍ଶକ, ଦେଖଣାହାରୀ ।
**ହେରିକା** *ଅ.* ହରିକା, ଆଦି, ପ୍ରଭୃତି, ସମୁଦାୟ ।
**ହେରିବା** *କ୍ରି.* ନିରିଖିବା, ଦେଖିବା, ଚାହିଁବା ।
**ହେରେସା** *ବିଂ.* ଇତର ଶ୍ରେଣୀର କୌତୁକପ୍ରିୟ, ଭାଣ୍ଡିଆ ।
**ହେଳଣ, ହେଳଣା** *ବି.* ହେଳା, ଅବଜ୍ଞା, ଅନାଦର, ହତାଦର, ବିରାଗ, ଅଶ୍ରଦ୍ଧା, ଅବହେଳା ।
**ହେଳମେଳ, ହେଳମେଳା** *ବି.* ଆସଙ୍ଗ, ସମ୍ପର୍କ ସ୍ଥାପନପାଇଁ ବାରମ୍ବାର ମିଳାମିଶା, ରଞ୍ଜଘଷ ।
**ହେଳା** *ବି.* ୧. ବେଖାତିର ୨. ଢିଲା ୩. ଅବଜ୍ଞା ୪. ଅଶ୍ରଦ୍ଧା ୫. ଅନାଦର ୬. ଅନାୟାସ ୭. ଡେରି, ବିଳମ୍ବ ।
**ହେଳା କରିବା** *କ୍ରି.* ୧. କୌଣସି କାର୍ଯ୍ୟ ପାଇଁ ଗୁରୁତ୍ୱ ନ ଦେବା ୨. ଡେରି କରିବା, ବିଳମ୍ବ କରିବା ୩. ମନଯୋଗ ନ ଦେବା ୪. ଅନାଦର କରିବା ୫. ଯତ୍ନ ନ ନେବା ।
**ହେଳାଦସ୍ତି, ହେଳାଦସ୍ତୁର** *ବି.* ଅଭ୍ୟାସଗତ ମଠ ବା ଦୀର୍ଘସୂତ୍ରିତା ; *ବିଂ.* ହେଳାଦସ୍ତିଆ, ହେଳାଦସ୍ତୁରିଆ ।
**ହେଳିବା** *କ୍ରି.* ଅବଜ୍ଞା କରିବା ।
**ହେଳୁ, ହେଳୁଆ** *ବିଂ.* ଦୀର୍ଘସୂତ୍ରୀ, ହେଳାଦସ୍ତୁରିଆ ।
**ହେଳେ** *କ୍ରି.ବିଂ.* ୧. ଅକ୍ଲେଶରେ ୨. ଅତିସହଜରେ, ଅତି ଅଳ୍ପ ଚେଷ୍ଟାରେ ୩. ଟିକିଏ ହେଲେ ।
**ହେଲ୍‌ଥ୍** *ବି.* ସ୍ୱାସ୍ଥ୍ୟ ।
**ହେଲ୍‌ଥ୍ ଇନ୍‌ସ୍‌ପେକ୍ଟର** *ବି.* ସ୍ୱାସ୍ଥ୍ୟ ନିରୀକ୍ଷକ ।
**ହେଲ୍‌ଥ୍ ଡିପାର୍ଟମେଣ୍ଟ** *ବି.* ସ୍ୱାସ୍ଥ୍ୟ ବିଭାଗ ।
**ହେଲ୍‌ଥ୍ ମିନିଷ୍ଟର** *ବି.* ସ୍ୱାସ୍ଥ୍ୟ ମନ୍ତ୍ରୀ ।
**ହେଲ୍‌ଥ୍ ସୁପରଭାଇଜର୍** *ବି.* ସ୍ୱାସ୍ଥ୍ୟ ପରିଦର୍ଶକ ।
**ହେଲ୍‌ଥ୍ ସେଣ୍ଟର** *ବି.* ସ୍ୱାସ୍ଥ୍ୟକେନ୍ଦ୍ର ।
**ହେଲ୍‌ଥ୍ ଓ୍ୱାର୍କର** *ବି.* ସ୍ୱାସ୍ଥ୍ୟକର୍ମୀ ।
**ହେଲ୍‌ପ୍** *ବି.* ସାହାଯ୍ୟ, ସହାୟତା ।
**ହେଲ୍‌ପ୍‌ଲାଇନ** *ବି.* ଅସୁବିଧା ବେଳେ ପୀଡ଼ିତମାନଙ୍କର ସହାୟତା ନିମିତ୍ତ ମାଗଣା ଯୋଗାଯୋଗ ବ୍ୟବସ୍ଥା ।
**ହେଲିକୋପ୍‌ଟର** ବି. ଛୋଟ ଉଡ଼ାଜାହାଜ ।
**ହେଲେ** *ଅ.* ସମ୍ଭାବନା, ସୁଦ୍ଧା, ତଥାପି, ମାତ୍ର, ତେବେ ସୁଦ୍ଧା ।
**ହେଲେ ହେଁ** *ଅ.* ହୋଇଥିଲେ ମଧ୍ୟ, ହେଲେ ସୁଦ୍ଧା ।
**ହୋଃ-ହୋଃ** *ଅ. ବି.* ଅଟ୍ଟହାସର ଶବ୍ଦ ।
**ହୋ** *ବି.* ୧. ଆଦିବାସୀ ଜନଜାତି ବିଶେଷ ଓ ସେମାନଙ୍କ ଭାଷା ୨. କାରଣ ବା ଉଦ୍ଦେଶ୍ୟ ନ ବୁଝି ସମବେତ ଭାବରେ କରାଯାଉଥିବା ଆନ୍ଦୋଳନ ବା ଗୋଳମାଳ ୩. ଗୋଳ ୪. ଚାଞ୍ଚଲ୍ୟ; *ଅ.* ସମ୍ବୋଧନ, ବିସ୍ମୟ ବା ଆହ୍ୱାନ ସୂଚକ ଶବ୍ଦ ।
**ହୋଇ** *ଅ. କ୍ରି.ବିଂ.* ୧. ପକ୍ଷସମର୍ଥନ କରି ୨. ପ୍ରତିନିଧି ରୂପେ ୩.ବାଟ ଦେଇ ୨. ପଥ ମଧ୍ୟରେ କୌଣସି ସ୍ଥାନ ଅତିକ୍ରମ କରି କିମ୍ବା ସେଠାରେ ଅଳ୍ପ ସମୟ ରହି ୪. ସବୁ ମିଶି, *ଅ.* (ସମ୍ମତି ସୂଚକ) ହଁ, *ବିପ.* ନୋହି, ନାହିଁ ।

**ହୋଇବା** ***କ୍ରି.*** ସାଧ୍ୟ ହେବା, ସମ୍ଭବପର ହୋଇପାରିବା, *ବିପ.* ନୋହିବା ।

**ହୋ ଉଠିବା** ***କ୍ରି.*** ହୁଲୁର, ଗୁଜବ ରଟିବା ।

**ହୋଏ, ହଏ** ***ଅ.*** ହଁ, ହଇ ।

**ହୋଟଲ, ହୋଟେଲ** ***ବି.*** ଭୋଜନାଳୟ, ଦାମ୍ ଦେଇ ଯେଉଁଠାରେ ପାନ ଭୋଜନ କରାଯାଏ ବା ସାମୟିକ ଭାବରେ ବିଶ୍ରାମ ବା ବାସ କରାଯାଏ ।

**ହୋଡ଼, ହୋଢ଼** ***ବି.*** ୧. ଢୁଲିଡଙ୍ଗା ୨. ଚୋରିଜିନିଷ ।

**ହୋଡ଼ା, ହୋଢ଼ା** ***ବି.*** ଚୋର ।

**ହୋଡ଼ିଙ୍ଗ୍** ***ବି.*** ୧. ରାସ୍ତା କଡ଼ରେ ଦିଆଯାଉଥିବା ବଡ଼ ବଡ଼ ବିଜ୍ଞାପନ ଫଳକ ୨. ବେଆଇନ ଭାବରେ ଦ୍ରବ୍ୟ ଗଚ୍ଛିତ ରଖିବା ।

**ହୋତା** ***ବିଂ. ବି.*** ୧. ଯଜ୍ଞକାରୀ, ହୋମକର୍ତ୍ତା, ପୁରୋହିତ ବା ଯଜମାନ ୨. ବ୍ରାହ୍ମଣଙ୍କ ଉପାଧି ବିଶେଷ ; *ସ୍ତ୍ରୀ.* ହୋତ୍ରୀ ।

**ହୋତି** ***କ୍ରି.*** ହେବାକଥା, ହୁଅନ୍ତା, ହୋଇଥାନ୍ତା ।

**ହୋତ୍ର** ***ବି.*** ୧. ହୋମ ୨. ହବିଃ, ଯଜ୍ଞଘିଅ ।

**ହୋତ୍ରୀ** ***ବିଂ.*** ହୋମକାରୀ, ଯାଜ୍ଞିକ ।

**ହୋତ୍ରୀୟ** ***ବିଂ.*** ଯଜମାନ(ହୋତୃ) ସମ୍ବନ୍ଧୀୟ, ହୋମ ବା ଯଜ୍ଞ ସମ୍ବନ୍ଧୀୟ ; ***ବି.*** ହବିର୍ଗୃହ, ଯଜ୍ଞଘୃତ ରହିବାର ଗୃହ ।

**ହୋଵ୍** ***ବି.*** ସ୍ମରଣ ବା ହେତୁ, ହଜା, ଚେତା, ଧାରଣା ।

**ହୋବା, ହେବାଳିଆ** ***ବିଂ.*** ଭଡ଼ଭଡ଼ିଆ, କଥା ନ ବୁଝି ବା ଶୁଣି ବଡ଼ ବଡ଼ ବା ୟାତୁସ୍ୟାତୁ କଥା କହୁଥିବା ।

**ହୋମ୍** ***ବି.*** ୧. ଘର, ଗୃହ ୨. ଆବାସ, ଆଶ୍ରମ ୩. ପାଠଶାଳା ୪. ଘରୋଇ, ଗୃହ ବା ସ୍ୱରାଷ୍ଟ୍ର ବିଭାଗ ।

**ହୋମ୍ ଡିପାର୍ଟ୍‌ମେଣ୍ଟ୍** ***ବି.*** ସରକାରଙ୍କ ଗୃହ ବା ଘରୋଇ ବିଭାଗ, ସ୍ୱରାଷ୍ଟ୍ର ବିଭାଗ ।

**ହୋମ୍‌ମେକର୍** ***ବି.*** ଘରର ଘରଣୀ ଯିଏ ପରିବାରର ସମସ୍ତ ଦାୟିତ୍ୱ ତୁଲାଇଥାନ୍ତି ।

**ହୋମ** ***ବି.*** ମନ୍ତ୍ର ଉଚ୍ଚାରଣ କରି ନିଆଁରେ ଘିଅ ଦେବା ।

**ହୋମଘର** ***ବି.*** ୧. ଆଶୀର୍ବାଦଘର ୨. ପୁଆଣିଘର ଉତ୍ସବ ୩. ବନ୍ଦାପନାଘର ।

**ହୋମଧାନ୍ୟ** ***ବି.*** ୧. ତିଳ, ଖସା ୨. ଧଳାଧାନ ।

**ହୋମାଗ୍ନି, ହୋମାନଳ** ***ବି.*** ଯଜ୍ଞରେ ବ୍ୟବହୃତ ନିଆଁ (ଦୁଇ ଅରଣି କାଠ ଘଷିଲେ ଏଇ ନିଆଁ ବାହାରେ) ।

**ହୋମିଓପାଥ** ***ବି.*** ହାନିମାନଙ୍କଦ୍ୱାରା ପ୍ରଚଳିତ ହୋମିଓପାଥି ପ୍ରଣାଳୀର ଚିକିତ୍ସକ ବା ଡାକ୍ତର ।

**ହୋମିଓପାଥି** ***ବି.*** ହାନିମାନ ପ୍ରବର୍ତ୍ତିତ ରୋଗ ଚିକିତ୍ସା ପ୍ରଣାଳୀ ।

**ହୋମିଓପାଥିକ୍** ***ବିଂ.*** ହୋମିଓପାଥି ଚିକିତ୍ସା ଅନୁଯାୟୀ ।

**ହୋରି, ହୋଲି** ***ବି.*** ୧. ଅବିର ଖେଳ ୨. ଫଗୁଖେଳ ଉତ୍ସବ ୩. ବସନ୍ତୋତ୍ସବ ।

**ହୋଲିକା, ହୋଲିକା** ***ବି.*** ୧. ମଦନୋତ୍ସବ, ହୋରି ୨. ହୋଲିକା ନାମକ ରାକ୍ଷସୀ (ଦୋଳପୂର୍ଣ୍ଣିମା ପରଦିନ ଯାହାର ପ୍ରତୀକକୁ ପୋଡାଯାଏ) ୩. ଘଷିନିଆଁ ।

**ହୋଲ୍** ***ବି.*** ଗାତ, କଣା, ଛିଦ୍ର ; ***ବିଂ.*** ପୂରା ।

**ହୋଲ୍ଡ଼** ***ବି.*** ୧. କ୍ଷମତାଶାଳୀ ବା ଉଚ୍ଚ ପଦାଧୀକାରୀମାନଙ୍କ ସହିତ ସମ୍ପର୍କ ୨. ସାମର୍ଥ୍ୟ ୩. କରାମତି, ବଳ ।

**ହୋଲ୍ଡ଼ର୍** ***ବି.*** କୌଣସି ପଦାର୍ଥକୁ ଧରାଧରି କରିବା ବା ଧରି ରଖିବା ପାଇଁ ବ୍ୟବହୃତ ଉପକରଣ ।

**ହୋଲ୍ଡ଼ିଂ** ***ବି.*** ସହରରେ ଥିବା ଆବାସସ୍ଥଳ ବା ବାସଗୃହ ।

**ହୋଲ୍ଡ଼ିଂ ଟ୍ୟାକ୍ସ** ***ବି.*** ପୌରପାଳିକାକୁ ଘର ବାବଦକୁ ଦିଆଯାଉଥିବା ଟିକସ ।

**ହୋଲ୍ଡ଼ିଂ ନମ୍ବର** ***ବି.*** ପୌରପାଳିକା ବ୍ୟବସ୍ଥା ଅନୁଯାୟୀ ଗୃହ କ୍ରମାଙ୍କ ।

**ହୋଲ୍‌ସେଲ୍** ***ବି.*** ଗଦି ବ୍ୟବସାୟ, ଥୋକ କାରବାର, ଗୋଟିଏ ଅଞ୍ଚଳ ପାଇଁ ମୂଳ ବ୍ୟବସାୟ ବ୍ୟବସ୍ଥା ।

**ହୋଲ୍‌ସେଲର** ***ବି.*** ଗଦିୟାନ, ବଡ଼ ବେପାରି ।

**ହୋଲେ ନା ତୋଲେ** ***ଅ.*** ଯାଏ କେତେ ନା ଆସେ କେତେ ।

**ହୋସ୍** ***ବି.*** ଚେତା, ଜାଗ୍ରତ ଅବସ୍ଥା, ଦମ୍ ।

**ହୋସ୍ ବୁଡ଼ିଯିବା** ***କ୍ରି.*** ଚେତା ହରାଇବା ।

**ହୋସିଆରି** ***କ୍ରି.*** ଅନ୍ତଃବସ୍ତ୍ର ଉତ୍ପାଦନକାରୀ ପ୍ରତିଷ୍ଠାନ ।

**ହୋହା** ***ଅ. ବି.*** ୧. ପାଟିଗୋଳ, ଉଚ୍ଚସ୍ୱରରେ ଅସ୍ପଷ୍ଟ ଶବ୍ଦ ଉଚ୍ଚାରଣ ୨. ଆନନ୍ଦର ମିଳିତ ଉଚ୍ଚସ୍ୱର ବା କୋଳାହଳ ୩. ଉଚ୍ଚହାସର ଶବ୍ଦ ।

**ହୋହୋ** ***ଅ.*** ପାଟିତୁଣ୍ଡ ।

**ହୌ, ହଉ** ***ଅ.*** ସମ୍ମତି, ସହମତି ସୂଚକ ।

**ହ୍ୱାଇଟ୍** ***ବିଂ.*** ଧଳା ।

**ହ୍ୱାଇଟ୍ ହାଉସ** ***ବି.*** ଆମେରିକା ରାଷ୍ଟ୍ରପତିଙ୍କ ସରକାରୀ ବାସଗୃହ ଓ ଆବାସିକ କାର୍ଯ୍ୟାଳୟ ।

**ହ୍ୱିପ୍** ***ବି.*** ୧. ନିର୍ଦ୍ଦେଶନାମା ୨. ଚାବୁକ ।

**ହ୍ୱିସିଲ** ***ବି.*** ୧. ସୁସୁରି, ସିଟି ୨. ସାଇରନ ।

**ହ୍ରଦ** ***ବି.*** ବୃହତ୍ ଓ ଗଭୀର ପ୍ରାକୃତିକ ଜଳାଶୟ ।

**ହ୍ରସ୍ୱ** ***ବିଂ.*** ୧. ଲଘୁ ୨. ହାଲୁକା ୩. ଏକ ମାତ୍ରାବ୍ୟାପୀ ଉଚ୍ଚାରଣ ବିଶିଷ୍ଟ (ଅ, ଇ, ଉ, ର) ୪. ଅଳ୍ପ, କମ୍ ୫. ଖର୍ବକାୟ ; ***ବି.*** ୧. ଖର୍ବକାୟ ପୁରୁଷ ୨. ଏକମାତ୍ରାକାଳରେ ଉଚ୍ଚାରଣ କରାହେବା ସ୍ୱରବର୍ଣ୍ଣ ଏବଂ ହ୍ରସ୍ୱ ସ୍ୱରଯୁକ୍ତ ବ୍ୟଞ୍ଜନବର୍ଣ୍ଣ ।

**ହ୍ରସ୍ୱତା, ହ୍ରସ୍ୱତ୍ୱ** ***ବି.*** ୧. କ୍ଷୁଦ୍ରତ୍ୱ ୨. ଲଘୁତ୍ୱ ୩. ଖର୍ବତା ୪. ଅଳ୍ପତ୍ୱ ୫. ନ୍ୟୂନତା ।

**ହ୍ରାସ** ***ବି.*** ୧. କ୍ଷୟ ୨. କମତି ୩. ନ୍ୟୂନତା ।

**ହ୍ରାସପ୍ରାପ୍ତ** ***ବିଂ.*** କମି ଯାଇଥିବା ବା ଯାଉଥିବା ।

**ହ୍ରାସବୃଦ୍ଧି** ***ବି.*** କମିବା ଓ ବଢ଼ିବା ।

**ହ୍ରୀ** ***ବି.*** ୧. ଲାଜ, ବ୍ରୀଡ଼ା ୨. *ପୁରାଣ* ଦକ୍ଷକନ୍ୟା ଓ ଧର୍ମଙ୍କ ପତ୍ନୀ ।

**ହ୍ରେଷା** ***ବି.*** ଅଶ୍ୱଧ୍ୱନି, ଘୋଡାର ହିଁ-ହିଁ ଶବ୍ଦ ।

**ହ୍ଲାଦ** ***ବି.*** ୧. ଆନନ୍ଦ, ହର୍ଷ ୨. ତୃପ୍ତି ।

**ହ୍ଲାଦକ** ***ବିଂ.*** ହର୍ଷଜନକ, ଆନନ୍ଦ ଉତ୍ପାଦକ ।

**ହ୍ଲାଦନ** ***ବି.*** ହର୍ଷ, ଆନନ୍ଦ, ହର୍ଷୋତ୍ପାଦନ ।

**ହ୍ଲାଦିନୀ** ***ବିଂ.*** ସହର୍ଷା, ଆନନ୍ଦଦାୟିକା, ଚିତ୍ଶକ୍ତି ; ***ବି.*** ୧. ଚପଳା ବା ବିଦ୍ୟୁତ୍, ଅଶନି ୨. ଯେଉଁ ସ୍ୱରୂପଶକ୍ତି ଯୋଗେ ଭଗବାନ ନିଜେ ଆନନ୍ଦିତ ହୁଅନ୍ତି ଓ ଅନ୍ୟ ସମସ୍ତଙ୍କୁ ଆନନ୍ଦିତ କରନ୍ତି ୩. ଶ୍ରୀକୃଷ୍ଣଙ୍କର ଆନନ୍ଦ ଆସ୍ୱାଦନର ଶକ୍ତି ଶ୍ରୀରାଧା ।

# କ୍ଷ

**କ୍ଷ** *ବି.* ଓଡ଼ିଆ ବର୍ଣ୍ଣମାଳାର ଶେଷ ଅକ୍ଷର (କେତେକଙ୍କ ମତରେ ଏହା କ୍ + ଷ ଯୁକ୍ତାକ୍ଷର ହୋଇଥିବାରୁ କ ବର୍ଣ୍ଣର ଶେଷରେ ସ୍ଥାନିତ ହୋଇଥାଏ) ।

**କ୍ଷଣ** *ବି.* ୧. ମୁହୂର୍ତ୍ତ ୨. ସମୟର ସୂକ୍ଷ୍ମତମ ଅଂଶ ।

**କ୍ଷଣକାଳ** *ବି.* ୧. ଅଳ୍ପ ସମୟ ୨. ମୁହୂର୍ତ୍ତ ।

**କ୍ଷଣକୋପୀ** *ବିଂ.* ଟିକିଏ କଥାରେ ରାଗିଯାଉଥିବା ।

**କ୍ଷଣଜନ୍ମା** *ବିଂ.* ଅଳ୍ପକାଳ ବଞ୍ଚିଥିବା ।

**କ୍ଷଣପ୍ରଭା** *ବି.* ବିଜୁଳି ।

**କ୍ଷଣଭଙ୍ଗୁର** *ବିଂ.* ୧. ଅଳ୍ପ ସମୟ ପରେ ନଷ୍ଟ ହୋଇଯାଉଥିବା ୨. ଯାହା ସହଜରେ ଭାଙ୍ଗିଯାଏ ।

**କ୍ଷଣସ୍ଥାୟୀ** *ବିଂ.* ଅଳ୍ପକାଳ ରହୁଥିବା ।

**କ୍ଷଣକ୍ଷଣକୁ** *ଅ.କ୍ରି. ବିଂ.* ମୁହୂର୍ତ୍ତକୁ ମୁହୂର୍ତ୍ତ, ବେଳକୁ ବେଳ ।

**କ୍ଷତ** *ବି.* ଦେହରେ ଆଘାତ ଯୋଗୁଁ ସୃଷ୍ଟି ହେବା ଅବସ୍ଥା, ଖଣ୍ଡିଆ ।

**କ୍ଷତଚିହ୍ନ** *ବି.* ଆଘାତଦ୍ୱାରା ସୃଷ୍ଟ ଦାଗ ।

**କ୍ଷତବିକ୍ଷତ** *ବିଂ.* ଖଣ୍ଡିଆଖାବରା ।

**କ୍ଷତି** *ବି.* ୧. ହାନି ୨. ନାଶ ୩. ଲୋକସାନି ।

**କ୍ଷତିକାରକ** *ବିଂ.* ହାନିକର, ଅହିତକର, ଦେହ ଓ ମନକୁ ସୁହାଉ ନଥିବା ।

**କ୍ଷତିଗ୍ରସ୍ତ** *ବିଂ.* କ୍ଷତି ଭୋଗିଥିବା, ଲୋକସାନରେ ପଡ଼ିଥିବା ।

**କ୍ଷତିପୂରଣ** *ବି.* କ୍ଷତି ବା ହାନିର ଭରଣା ।

**କ୍ଷତ୍ରିୟ, କ୍ଷତ୍ରୀ** *ବି.* ୧. ଯୁଦ୍ଧ ବିଦ୍ୟାରେ ପାରଙ୍ଗମ ସୈନିକ, ସମରବୀର ୨. ପାରମ୍ପରିକ ବର୍ଣ୍ଣ ବ୍ୟବସ୍ଥାରେ ଉଚ୍ଚ ଜାତିବିଶେଷ ।

**କ୍ଷମ** *ବିଂ.* ୧. ଯୋଗ୍ୟ, ସମର୍ଥ, ନିପୁଣ, ଦକ୍ଷ ୨. କ୍ଷମା ।

**କ୍ଷମତା** *ବି.* ୧. ଅଧିକାର ୨. ସାମର୍ଥ୍ୟ, ଯୋଗ୍ୟତା ୩. ଦକ୍ଷତା ।

**କ୍ଷମତାପତ୍ର** *ବି.* ଅଧିକାରୀଙ୍କ ପ୍ରତିନିଧି ରୂପରେ କାର୍ଯ୍ୟସମ୍ପାଦନ ପାଇଁ ବିଧିସମ୍ମତ ଆଦେଶ ପତ୍ର ।

**କ୍ଷମତାପ୍ରାପ୍ତ** *ବିଂ.* କ୍ଷମତା ବା ଅଧିକାର ପାଇଥିବା ।

**କ୍ଷମା** *ବି.* ଅପରାଧମାର୍ଜନା, ଦୋଷ ନ ଘେନିବା, ମାଫି ।

**କ୍ଷୟ** *ବି.* ୧. ହ୍ରାସ, ହାନି ୨. ପ୍ରଳୟ ୩. ନଷ୍ଟ ୪. ଅବସାନ ୫. ଯକ୍ଷ୍ମାରୋଗ ।

**କ୍ଷୟକାରୀ** *ବିଂ.* ବିନାଶକାରୀ, ଧ୍ୱଂସକାରୀ, ନଷ୍ଟକରୁଥିବା ।

**କ୍ଷୟିତ** *ବିଂ.* ହ୍ରାସପ୍ରାପ୍ତ , କମିଆସୁଥିବା, ଊଣା ହୋଇଆସୁଥିବା ।

**କ୍ଷୟିଷ୍ଣୁ** *ବିଂ.* ହ୍ରାସ ପାଉଥିବା, ନଷ୍ଟ ହୋଇଯାଉଥିବା, ଊଣା ହେଉଥିବା, କମିଯାଉଥିବା ।

**କ୍ଷର** *ବିଂ.* ମରଣଶୀଳ, ନଶ୍ୱର, ଅସ୍ଥାୟୀ ।

**କ୍ଷରଣ** *ବି.* ନିଃସରଣ, ସ୍ରବଣ, ଝରଣ ।

**କ୍ଷରିତ** *ବିଂ.* ନିଃସରିତ, ବହିଯାଉଥିବା, ଝରୁଥିବା ।

**କ୍ଷରିବା** *କ୍ରି.* ଝରିବା, ସ୍ରବିବା, ତଳକୁ ବୋହିଆସିବା ।

**କ୍ଷାନ୍ତ** *ବିଂ.* ୧. ବିରତ, ନିବୃତ୍ତ ୨. ସହିଷ୍ଣୁ ।

**କ୍ଷାନ୍ତି** *ବି.* ବିରତି, ନିବୃତ୍ତି ।

**କ୍ଷାର** *ବି.* ଖାର, ପାଉଁଶ ।

**କ୍ଷାଳନ** *ବି.* ୧. ଧୋଇବା ୨. ଶୋଧନ, ପରିଷ୍କରଣ ୩. ମୋଚନ ।

**କ୍ଷାଳିତ** *ବିଂ.* ଧୁଆଯାଇଥିବା, ଧୌତ, ପରିଷ୍କୃତ ହୋଇଥିବା ।

**କ୍ଷିଅର** *ବି.* ୧. କ୍ଷୌର, ଖିଅର, ଖୁରରେ ମୁଣ୍ଡର ବାଳ ଓ ମୁହଁର ନିଶ ଦାଢ଼ି ପରିଷ୍କାର କରିବା ୨. ଚୂଡ଼ାକରଣ ।

**କ୍ଷିଅର କରିବା** *କ୍ରି.* ୧. ଖିଅର କରିବା, ଦାଢ଼ିକାଟିବା, କେଶ କାଟିବା ୨. ଭଣ୍ଡିଦେବା, ଠକିବା ।

**କ୍ଷିତି** *ବି.* ୧. ପୃଥିବୀ ୨. ବାସସ୍ଥାନ ।

**କ୍ଷିତିଈଶ, କ୍ଷିତୀଶ, କ୍ଷିତିପତି** *ବି.* ୧. ରାଜା ୨. ଶାସକ ୩. ସଂସାରର ସୃଷ୍ଟିକର୍ତ୍ତା, ବ୍ରହ୍ମା ୪. ବିଷ୍ଣୁ ।

**କ୍ଷିତିଜ** *ବିଂ.* ପୃଥିବୀ ବା ମାଟିରୁ ଜାତ; *ବି.* ଦିଗନ୍ତ, ଦିଗ୍‌ବଳୟ ।

**କ୍ଷିତିଧର** *ବି.* ୧. ପୃଥିବୀକୁ ଧାରଣ କରିଥିବା ବାସୁକୀ ୨. ପର୍ବତ ୩. ରାଜା ।

**କ୍ଷିପ୍ତ** *ବିଂ.* ୧. ନିକ୍ଷିପ୍ତ, ଫୋପଡ଼ା ଯାଇଥିବା ୨. ପ୍ରେରିତ, ପଠାଯାଇଥିବା ୩. ପାଗଳ ୪. ବିଚଳିତ ।

**କ୍ଷିପ୍ର** *ବିଂ.* ଅତି ଶୀଘ୍ର, ଦ୍ରୁତ, ସତ୍ୱର ।

**କ୍ଷିପ୍ରତା** *ବି.* ସତ୍ୱରତା, ଚଞ୍ଚଳତା, ଦ୍ରୁତଗତି ।

**କ୍ଷିପ୍ରହସ୍ତ** *ବିଂ.* ୧. ଶୀଘ୍ର କାମ କରିବାରେ ବିଚକ୍ଷଣ ୨. ଦକ୍ଷ, ସୁନିପୁଣ ।

**କ୍ଷୀଣ** *ବିଂ.* ୧. କୃଶ, ଦୁର୍ବଳ, ଶୀର୍ଣ୍ଣ ୨. ଅସ୍ପଷ୍ଟ, ଅନୁଚ୍ଚ ।

**କ୍ଷୀଣକଟି** *ବିଂ.* ସରୁ ଅଣ୍ଟାଥିବା, କୃଶକଟୀ ।

**କ୍ଷୀଣକାୟ** *ବିଂ.* ଦୁର୍ବଳ ଶରୀର, ପତଳା ଦେହ ଥିବା ।

**କ୍ଷୀଣଜୀବୀ** *ବିଂ.* ଅଳ୍ପକାଳ ବଞ୍ଚୁଥିବା, ଅଳ୍ପାୟୁ ।

**କ୍ଷୀଣସ୍ୱର** *ବି.* ଧୀର ସ୍ୱର, ଅନୁଚ୍ଚ ସ୍ୱର ।

**କ୍ଷୀର** *ବି.* ୧. ଦୁଧ, ଦୁଗ୍ଧ, ଗୋରସ, ନିତ୍ୟାନି ୨. ଗଛର ରସ ।

**କ୍ଷୀରକୋଳି** *ବି.* ଦୁଧ ଭଳି ରସଯୁକ୍ତ ଖଜୁରୀ ଆକୃତିର ଓ ହଳଦିଆ ବର୍ଣ୍ଣର ଏକ ପ୍ରକାର ମିଠା କୋଳି ।

**କ୍ଷୀରଖିଆ** *ବିଂ.* ଦୁଧ ଖାଉଥିବା ।

**କ୍ଷୀରିକୋଳି ବି.** ଏକ କଣ୍ଟାଜାତୀୟ ଗଛର କୋଳି ।

**କ୍ଷୀରିସା ବି.** କ୍ଷୀରରେ ଛେନା ପଡ଼ି ପ୍ରସ୍ତୁତ ଏକପ୍ରକାର ଖାଦ୍ୟ ।

**କ୍ଷୀରୀ, କ୍ଷିରି ବିଂ.** ପାୟସ; ଚାଉଳ, ଦୁଗ୍ଧ ଓ ଚିନିରେ ତିଆରି ଏକ ପ୍ରକାର ବହଳ ଓ ସ୍ୱାଦିଷ୍ଟ ଖାଦ୍ୟ, ଖିରି ।

**କ୍ଷୀରୋଦରି ପାଟ ବି.** କ୍ଷୀରସାଗର, ପାଟଲୁଗା ।

**କ୍ଷୀରୋଦ୍ରା ବି.** ଧନ ଓ ସୌଭାଗ୍ୟର ଦେବୀ, ଲକ୍ଷ୍ମୀ ।

**କ୍ଷୁଣ୍ଣ ବିଂ.** ୧. କ୍ଷୁବ୍ଧ, ଦୁଃଖିତ ୨. ସନ୍ତପ୍ତ, ଅନୁତପ୍ତ ୩. ଆଘାତପ୍ରାପ୍ତ, ଖଣ୍ଡିତ ୪. ବିଚଳିତ ।

**କ୍ଷୁଦ୍ର ବିଂ.** ୧. ସାନ, ଛୋଟ ୨. ଅପ୍ରଶସ୍ତ ୩. ଅଳ୍ପ, କମ୍ ୪. ନୀଚ ।

**କ୍ଷୁଦ୍ରକାୟ ବିଂ.** ସାନ, ଛୋଟ ଦେହଥିବା ।

**କ୍ଷୁଧା ବି.** ୧. ଖାଇବାର ଇଚ୍ଛା, ଭୋକ ୨. ଆସକ୍ତି ।

**କ୍ଷୁଧାତୃଷା ବି.** ଭୋକଶୋଷ ।

**କ୍ଷୁଧାର୍ତ୍ତ ବିଂ.** ଭୋକରେ ଆଉଟପାଉଟ, ଭୋକରେ ଛଟପଟ ହେଉଥିବା ।

**କ୍ଷୁଧିତ ବିଂ.** ଖାଇ ନ ଥିବା, ଭୋକିଲା ।

**କ୍ଷୁବ୍ଧ ବିଂ.** ୧. ବ୍ୟାକୁଳ, ବିଚଳିତ ୨. ରୁଷ୍ଟ ୩. କାତର ୪. ଦୁଃଖିତ ।

**କ୍ଷୁର ବି.** ନିଶ ଦାଢ଼ି କାଟିବାପାଇଁ ବ୍ୟବହୃତ ଧାରୁଆ ଅସ୍ତ୍ରବିଶେଷ, ଖୁର, ଖୁରା ।

**କ୍ଷେଇ ବି.** ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ସେବାର ପ୍ରାପ୍ୟଭାବରେ ମିଳୁଥିବା ଭୋଗର ଅଂଶ, ଖେଇ ।

**କ୍ଷେତ ବି.** ଖେତ, କିଆରି, ବିଲ, ଫସଲ କରିବା ଉଦ୍ଦେଶ୍ୟରେ ଆବଦ୍ଧ ଭୂମି ।

**କ୍ଷେତଉଠା ବିଂ.ବି.** ଫସଲ ଅମଳର ଶେଷ ପର୍ଯ୍ୟାୟ ।

**କ୍ଷେତବନ୍ଧା ବି.** ଫସଲ କଟା ଶେଷ ହେବା ପୂର୍ବରୁ ଜମିର ଏକ କୋଣରେ ଅକଟା ରହିଥିବା ଗଛର ପୂଜା ଅର୍ଚ୍ଚନା ।

**କ୍ଷେତବାରି ବି.** ୧. ଜମି ବାଡ଼ି ୨. ଚାଷ କାମ ।

**କ୍ଷେତ୍ର ବି.** ୧. ସ୍ଥାନ ୨. ଭୂମି ୩. ତୀର୍ଥ ସ୍ଥାନ ୪. ପରିସର ୫. ଇନ୍ଦ୍ରିୟ ୬. ଖେତ, ଚାଷ ଜମି ।

**କ୍ଷେତ୍ର ଅଧିପତି ବି.** ୧. ପ୍ରଭୁ, ମାଲିକ ୨. ତୀର୍ଥକ୍ଷେତ୍ରର ପ୍ରଧାନ ଦେବତା ।

**କ୍ଷେତ୍ରଜ ବିଂ.** ନିଜ ପତ୍ନୀ ଗର୍ଭରୁ ଅନ୍ୟ ପୁରୁଷ ସଙ୍ଗମଦ୍ୱାରା ଜନ୍ମିତ ।

**କ୍ଷେତ୍ରଜଗିଆ ବି.** ତୀର୍ଥସ୍ଥାନର ଜଗୁଆଳି ।

**କ୍ଷେତ୍ରଜ ତତ୍ତ୍ୱ ବି.** ଜ୍ୟାମିତି ।

**କ୍ଷେତ୍ରଫଳ ବି.** କୌଣସି ଭୂମିର ବର୍ଗଫଳ ବା ଆୟତନ ।

**କ୍ଷେତ୍ରଶ୍ରୀ ବି.** ପୁରୀଧାମ, ଶ୍ରୀକ୍ଷେତ୍ର ।

**କ୍ଷେପ ବି.** ୧. ଫିଙ୍ଗା ୨. ପରିତ୍ୟାଗ ୩. ଅପସାରଣ ୪. ଖେପ, ଥର ବା ଦଫା ୫. ପ୍ରେରଣ, ଚାଳନ ; **କ୍ରି.ବିଂ.** ଖେପ, ଥରେ, ବାରେ ।

**କ୍ଷେପକ ବିଂ.** ୧. ଫୋପଡ଼ା ଯାଉଥିବା ୨. ଫୋପାଡୁ ଥିବା, କ୍ଷେପଣକାରୀ ।

**କ୍ଷେପଣ ବି.** ଫିଙ୍ଗିବା, ଫୋପାଡ଼ିବା ।

**କ୍ଷେପଣୀ ବି.** ଡଙ୍ଗାର ଆହୁଲା ।

**କ୍ଷେପଣୀୟ ବିଂ.** ୧. ଫିଙ୍ଗିବାର ଯୋଗ୍ୟ ୨. ଯାହା ଫୋପଡା ଯାଏ ।

**କ୍ଷେପା ବି.** ଖେପା, ଡ଼ିଆଁ, କୁଦା ।

**କ୍ଷେପାଜାଲ ବି.** ମାଛ ଧରିବାପାଇଁ ବ୍ୟବହୃତ ଫିଙ୍ଗାଜାଲ, ଭଉଁରୀ ଜାଲ ।

**କ୍ଷୋଦନ ବି.** କାଠ ବା ପଥରରେ ଖୋଦନ ବା ଖୋଦେଇ ।

**କ୍ଷୋଦିତ ବିଂ.** ଖୋଦିତ, ଖୋଦନରୁ ରୂପାୟିତ, ଖୋଦନରୁ ସୃଷ୍ଟ ।

**କ୍ଷୋଭ ବି.** ୧. ମନସ୍ତାପ ୨. ଗଭୀର ଅସନ୍ତୋଷ ୩. ଆଲୋଡ଼ନ, ଚିତ୍ତଚାଞ୍ଚଲ୍ୟ ।

**କ୍ଷୋଭିତ ବିଂ.** କ୍ଷୁବ୍ଧ, ଆଲୋଡ଼ିତ, ଆନ୍ଦୋଳିତ ।

**କ୍ଷୌର ବି.** ଖିଅର, ଛଅର, ନିଶଦାଢ଼ି କାଟିବା ।

**କ୍ଷୌରକର୍ମ ବି.** ୧. ମୁଣ୍ଡନ କାର୍ଯ୍ୟ ୨. ଲଣ୍ଡାହେବା କାର୍ଯ୍ୟ ୩. ଦାଢ଼ି ବନେଇବା, ଭଦରହେବା ୪. ଚୂଡ଼ାକରଣ ।

**କ୍ଷୌରିକ ବି.** ବାରିକ, ଭଣ୍ଡାରି, ନାପିତ ।